ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

ସ

ସ — ସ — ବର୍ଣ୍ଣମାଳାର ଦ୍ୱାତ୍ରିଂଶ ବ୍ୟଞ୍ଜନ ବର୍ଣ୍ଣ—The 32nd letter Sa স स of the Oriya consonants. [ଦ୍ର—ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ଏହା ଉଷ୍ମ ବା ଅଳ୍ପପ୍ରାଣ ବର୍ଣ୍ଣର ତୃତୀୟ ଅକ୍ଷର । ଜିହ୍ୱାର ଅଗ୍ର ଦନ୍ତମୂଳକୁ ନାମମାତ୍ର ସ୍ପର୍ଶ କଲେ ଏହି ଅକ୍ଷର ଉଚ୍ଚାରିତ ହୁଏ । ଏ ବର୍ଣ୍ଣ ଦାନ୍ତର ସାହାଯ୍ୟରେ ଉଚ୍ଚାରିତ ହେଉଥିବାରୁ ଦନ୍ତହୀନ ଶିଶୁମାନେ ଓ ବୃଦ୍ଧମାନେ 'ସ' ଭଲକରି ଉଚ୍ଚାରଣ କରି ପାରନ୍ତି ନାହିଁ । ଏହା ଇଂରାଜୀ 'S' ଓ ଫାରସୀ 'ସିନ୍' ଓ 'ସେ' ଅକ୍ଷରର ଉଚ୍ଚାରଣ ପରି । କିନ୍ତୁ ଭାଷାରେ ଏହା ଉଚ୍ଚାରିତ ହେଲାବେଳେ ତାଲୁ ଓ ମୂର୍ଦ୍ଧାଅଡ଼କୁ ଟଳି ଯାଏ । ଏଥିପାଇଁ ଏହା ଶ (ଇଂ. ss) ଓ ଷ (ଇଂ, sh) ପରି ଉଚ୍ଚାରିତ ହୁଏ । ସାଧାରଣତଃ କଥାଭାଷାରେ ତାଳବ୍ୟ ଶ, ମୂର୍ଦ୍ଧନ୍ୟ ଷ ଓ ଦନ୍ତ୍ୟ ସ ମଧ୍ୟରେ ପ୍ରଭେଦ ରକ୍ଷିତ ହୁଏ ନାହିଁ, ଅର୍ଥାତ୍ ଶ, ଷ, ସ ବର୍ଣ୍ଣଯୁକ୍ତ ଶବ୍ଦମାନ ପ୍ରାୟ ଏକ ପ୍ରକାର ଉଚ୍ଚାରିତ ହୁଏ । 'ପ୍ରାକୃତ'ରେ ମଧ୍ୟ ଦେଖାଯାଏ ଯେ, ତାଳବ୍ୟ ଶ, ମୂର୍ଦ୍ଧନ୍ୟ ଷ ଓ ଦନ୍ତ୍ୟ ସ-ଯୁକ୍ତ ସଂସ୍କୃତମୂଳକ ଶବ୍ଦମାନ କେବଳ ମାତ୍ର ଦନ୍ତ୍ୟ ସ-ଯୁକ୍ତ ହୋଇ ଲେଖାଯାଏ । କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମତ ଏହି ଯେ, ଓଡ଼ିଆ ଭାଷା ସଂସ୍କୃତମୂଳକ ଥିବାରୁ ସଂସ୍କୃତର ଯେଉଁ ଶବ୍ଦରୁ ଓଡ଼ିଆ ଭାଷାର ପ୍ରଚଳିତ ଦେଶୀୟ ଶବ୍ଦଟି ଆସିଅଛି, ତାକୁ ସେହି ମୌଳିକ ଅକ୍ଷର (ଶ, ଷ ବା ସ) ଯୁକ୍ତ କରି ଭାଷାରେ ଲେଖିବାକୁ ହେବ ଓ ଅନ୍ୟ ପ୍ରକାରେ ଲେଖିଲେ ତାହା ଅଶୁଦ୍ଧ ହେବ । ଯଥା— ଶିଆଳ (ସଂ ଶୃଗାଳ), ଶୁଆ (ସଂ ଶୁକ), ଷଣ୍ଢ (ସଂ. ଷଣ୍ଡ ବା ଷଣ୍ଢ), ସଖୀ (ସଂ ସଖୀ), ସୁଅ (ସଂ. ସ୍ରୋତ), ଶୋଇବା (ସଂ. ଶୀ ଧାତୁ), ଶିଖିବା (ସଂ. ଶିକ୍ଷ୍ ଧାତୁ) ଇତ୍ୟାଦି ।

କିନ୍ତୁ ଓଡ଼ିଆ ଭାଷା ସାକ୍ଷାତ୍ ସଂସ୍କୃତରୁ ନ ଆସି 'ପ୍ରାକୃତ'ରୁ ଆସିଥିବାର ଭୂରି ଭୂରି ପ୍ରମାଣ ଥିବାସ୍ଥଳେ ଏପରି କଟକଣା କେତେଦୂର ଯୁକ୍ତିଯୁକ୍ତ, ତାହା ଶିକ୍ଷିତ-ସାଧାରଣ ବିଚାର କରିବେ । ଅଦ୍ଭୁତ ଦେଖାଯାଏ ଯେ, ସଂସ୍କୃତରେ ମଧ୍ୟ ଏ କୁହେଳିକା ଛଡ଼ିନାହିଁ । ଉଦାହରଣ ସ୍ୱରୂପ ଦେଖାଯାଏ ଯେ, ସଂସ୍କୃତରେ ଅନେକ ଶବ୍ଦ 'ଶ' ଓ ବିକଳ୍ପରେ 'ସ' ଅକ୍ଷରବିଶିଷ୍ଟ ହୁଏ ଏବଂ କେତେକ 'ସ' ଯୁକ୍ତ ଧାତୁରୁ ନିଷ୍ପନ୍ନ ଶବ୍ଦ 'ଶ' ଓ 'ଷ' ଯୁକ୍ତ ହୁଏ । ଏପରି ସ୍ଥଳେ ଓଡ଼ିଆରେ ଲେଖିଲାବେଳେ 'ଶିଆଳ' ଶୁଦ୍ଧ କି 'ସିଆଳ' ଶୁଦ୍ଧ ଏହା ନିର୍ଣ୍ଣୟ କରିବା ସହଜ ନୁହେ । ଅନ୍ତଃସ୍ଥ 'ଯ', ବର୍ଗ୍ୟ 'ଜ' ଓ ହ୍ରସ୍ୱ 'ଇ', ଦୀର୍ଘ 'ଈ' ସମ୍ବନ୍ଧରେ ମଧ୍ୟ ଏହାହିଁ ଦେଖାଯାଏ । ଉଦାହରଣ ସ୍ୱରୂପ ଦେଖାଯାଉ ଯେ, ସଂସ୍କୃତ ଶବ୍ଦଭେଦପ୍ରକାଶ, ନାନାର୍ଥ ସଂଗ୍ରହ, ଭୂରିପ୍ରୟୋଗକୋଷ, ନାନାର୍ଥସମୁଚ୍ଚୟ, କଳ୍ପଦ୍ରୁମ, ତ୍ରିକାଣ୍ଡ କୋଷାଦି ଗ୍ରନ୍ଥମାନଙ୍କରେ ନିମ୍ନରେ ଲେଖାଯାଉଥିବା ଶବ୍ଦମାନଙ୍କର ଭିନ୍ନ ଭିନ୍ନ ଆକାର ଅଛି ଏବଂ ଏଗୁଡ଼ିକର ଓଡ଼ିଆ ଆକାର ଅଶୁଦ୍ଧ ବୋଲି ବୋଲିବା ଆମ୍ଭମାନଙ୍କ ପକ୍ଷରେ ମୂର୍ଖତା ହେବ । ଯଥା—

ଶବ୍ଦ	ରୂପାନ୍ତର
କୋଷ	କୋଶ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ'ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ଗା' ନ ପାଇଲେ 'ଅର୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଷଣ୍ଢ(ଣ୍ଡ)	ଷଣ୍ଡ(ଣ୍ଢ)
ବେଶ	ବେଷ
ଶୂକର	ସୂକର
ଶୃଗାଳ	ସୃଗାଲ
ମୁସଳ	ମୁଶଳ ମୁଷଳ
କଳଶ	କଳସ
ସୀହୁଣ୍ଡ (ସ୍ତୁଢ଼)	ସିହୁଣ୍ଡ, ଶୋହୁଣ୍ଡ
ସୁନାସୀର	ଶୁନାଶୀର, ଶୁନାସୀର, ସୁନାଶୀର
ଶୂନା	ସୁନା
ପାଂଶୁ	ପାଂସୁ
କଶଳୟ	କସଲୟ, କସଲ
କୁଶୀଦ	କୁଷୀଦ, କୁସୀଦ
ଶର(କାଣ୍ଡ)	ସର
ଶୁକ	ସୁକ
ସ୍ରୋତଃ	ଶ୍ରୋତଃ
ସୂର	ସୁର
ଶୃଙ୍ଗ	ସୃଙ୍ଗ
ସୁରଙ୍ଗ	ଶୁରଙ୍ଗ
କିଂଶୁକ	କିଂସୁକ

ଏଠାରେ ଶତ ଶତ ଦ୍ୱ୍ୟାକାରବିଶିଷ୍ଟ ଶବ୍ଦମଧ୍ୟରୁ କେବଳ କେତୋଟି ମାତ୍ର ଉଦାହରଣରୂପେ ଦିଆଗଲା । ଏଥିରୁ ଏହା ବୁଝିବାକୁ ହେବ ନାହିଁ ଯେ, ସଂସ୍କୃତ ଭାଷାରେ ଦନ୍ତ୍ୟ ସ, ତାଲବ୍ୟ ଶ ଓ ମୂର୍ଦ୍ଧନ୍ୟ ଷ ପ୍ରୟୋଗରେ ଶୁଦ୍ଧି ଓ ଅଶୁଦ୍ଧି ଧରାଯାଏ ନାହିଁ । କିନ୍ତୁ ଏହି 'ଶୁଦ୍ଧି' 'ଅଶୁଦ୍ଧି' ବାର ଠିକଣା କରିବା ପାଇଁ ଯେତେ 'ସଂସ୍କୃତ-ଭାଷା-ପାଣ୍ଡିତ୍ୟ' ଦରକାର, ତାହା ଓଡ଼ିଆ ଭାଷା ବ୍ୟବହାରକାରୀ କେତେ ଜଣଙ୍କର ଅଛି ? ପୁଣି ସଂସ୍କୃତରେ ମଧ୍ୟ ଏହି ସମସ୍ୟାର ଶେଷ ହୋଇ ପାରି ନାହିଁ; ଯଥା—

ସନ୍ ଧାତୁ=ଦେବା, ଭାଣ୍ଡିବା, ସେବା କରିବା+ତ ପ୍ରତ୍ୟୟ ହୋଇ ପଦ ବାହାରିଲା ଶଣ୍ଡ ଓ ଷଣ୍ଡ (=ବୃଷ, ନପୁଂସକ)

ସୋ ଧାତୁ=ନାଶ କରିବା+ଡ୍ୱୃନ୍=ଷଣ୍ଢ (ଛଅ)

ଏଣୁ ଏଠାରେ ବକ୍ତବ୍ୟ ଏହି କି, ସଂସ୍କୃତ ଭାଷା ପାଇଁ ଯେତେ ପାଣ୍ଡିତ୍ୟ ଅବଶ୍ୟକ, ପ୍ରାକୃତ ଓ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସେତେ ପାଣ୍ଡିତ୍ୟ ଲୋଡ଼ା ନ ଥାଏ । ଏଥି ପାଇଁ 'ପ୍ରାକୃତ'ରେ ଗୋଟିଏ 'ସ' ରଖି ଏ ସବୁ ଗୋଳମାଳକୁ ଏଡ଼ିବାକୁ ହୋଇଅଛି । ଓଡ଼ିଆ ଭାଷାରେ ମଧ୍ୟ ସେହି ଅଡ଼କୁ ଲକ୍ଷ୍ୟ ରହିଲେ ଭଲ ହୁଅନ୍ତା ବୋଲି କେତେକ ବ୍ୟକ୍ତିଙ୍କ ମତ ଅଟେ ।

ଅତ ଏବଂ କରଣୀ ଲେଖା, କଟକିଆ ଲେଖା 'ଅଶୁଦ୍ଧ' ବୋଲି ଶବ୍ଦକୋଷମାନଙ୍କରେ ସ୍ଥାନ ପାଇଁ ନାହିଁ, ଶତାବ୍ଦୀ ପରେ ସେ ସବୁ ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ହାତରେ ପଡ଼ିଲେ ସେମାନେ ଉକ୍ତ ଶବ୍ଦାବଳୀର ଅର୍ଥ କାଢ଼ିବାକୁ ବାଧ୍ୟ ହେବେ । ଯାହା ଭାଷାରେ ଓ ବ୍ୟବହାରରେ ଚଳୁଅଛି ଓ ପୂର୍ବରୁ ଚଳି ଆସିଅଛି, ତାକୁ ଶବ୍ଦକୋଷର ସୀମାରୁ ତଡ଼ିଦେବା ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ । ଉତ୍କଳର ପ୍ରାଚୀନ କବିମାନଙ୍କ ଲେଖାରେ ଏଥିର ଭୂରି ଭୂରି ପ୍ରମାଣ ରହିଅଛି । ସେମାନଙ୍କ ମଧ୍ୟରୁ ଅନେକ ସଂସ୍କୃତ ଜାଣି ନ ଥିଲେ ବୋଲି ଭୁଲ କରିଥିବେ; କିନ୍ତୁ ସେମାନେ ଉକ୍ତ 'ଅଶୁଦ୍ଧ' ଶବ୍ଦମାନଙ୍କୁ 'ଶୁଦ୍ଧ' ସଂସ୍କୃତମୂଳକ ଶବ୍ଦମାନଙ୍କ ଅର୍ଥରେ ଯେ ବ୍ୟବହାର କରିଅଛନ୍ତି, ଏ ବିଷୟୁ ମନା କରିବାର 'ଜୁ' ନାହିଁ ।

ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର "ଓଡ଼ିଆ ସାହିତ୍ୟ ପରିଚୟ"ନାମକ ତିନି ଖଣ୍ଡ ଗ୍ରନ୍ଥରେ ଯେଉଁ ଯେଉଁ ଗଦ୍ୟ ଓ ପଦ୍ୟମାନ ଉଦ୍ଧାର କରିଅଛନ୍ତି ଓ ଅଧ୍ୟାପକ ରାୟସାହେବ ଆର୍ତ୍ତବଲ୍ଲଭ ମହାନ୍ତି ଯେଉଁ କେତେଖଣ୍ଡି ଗ୍ରନ୍ଥ ପ୍ରକାଶ କରିଅଛନ୍ତି, ସେଥିରେ ଓ ଓଡ଼ିଆର ପ୍ରାଚୀନ ତାଳପତ୍ରଶାମାନଙ୍କରେ ମଧ୍ୟ ଏଥିର ଭୂରି ଭୂରି ପ୍ରମାଣ ମିଳେ । ଏଠାରେ କେବଳମାତ୍ର ଗୋଟିକେତେ ଉଦାହରଣ ଦେଲେ ଯଥେଷ୍ଟ ହେବ ।

ସଂସ୍କୃତ	ରୂପାନ୍ତର
ଅଙ୍କୁଶ୍	ଅଙ୍କଶ
ଦେଶ	ଦେସ
ଜଗ୍ଧେଶ୍ୱର	ଜଗ୍ଧେସର
ସିଦ୍ଧେଶ୍ୱର	ସୀଧେସ୍ୱର
ସାମନ୍ତସିଂହାର	ସାନ୍ତସିଂହାର
ଶତ୍ରୁଞ୍ଜୟ	ଶତ୍ରୁଜୟ
ଶୂନ୍ୟ	ଶୁନ୍ୟ

ଭାଷାରେ ଦେଶୀୟ ଓ ଅପଭ୍ରଂଶ ଶବ୍ଦମାନଙ୍କରେ ୩ ଗୋଟି ଶ, ଷ ଓ ସ ର ବ୍ୟବହାରରେ ପାର୍ଥକ୍ୟ ରଖାଯାଇ ନ ଥିବାରୁ ଏବଂ ଇଂରେଜୀ, ପାରସୀ ଆଦି ଅନ୍ୟ ଭାଷାଗତ ଶବ୍ଦମାନଙ୍କୁ ଲେଖକମାନେ ନିଜ ରୁଚି ଅନୁସାରେ ଶ, ଷ ଓ ସ ଯୁକ୍ତ କରି ବ୍ୟବହାର କରୁଥିବାରୁ ଏହି ଭାଷା କୋଷରେ ଏହି ସାଧାରଣ ନିୟମ ଅନୁସୃତ ହୋଇଅଛି ଯେ, ସଂସ୍କୃତ ଓ ସଂସ୍କୃତମୂଳକ ଶବ୍ଦମାନ ଯେଉଁ ଅକ୍ଷର (ଶ, ଷ, ସ) ବିଶିଷ୍ଟ, ସେମାନଙ୍କୁ ସେହି ଶ, ଷ, ବା ସ ବର୍ଣ୍ଣ ତଳେ ଲେଖା ଯାଇଅଛି ଓ ତାହା ଛଡ଼ା 'ସ' ଉଚ୍ଚାରଣଯୁକ୍ତ ଅନ୍ୟ ଶବ୍ଦମାନ ଏହି ଦନ୍ତ୍ୟ 'ସ' ତଳେ ଦିଆ ଯାଇଅଛି । ଯଦି କୌଣସି ସ୍ଥଳରେ 'ଶ' 'ଷ' ବିଶିଷ୍ଟ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଜ୍ଞ	ଇୟୁ	ଉଅ	ଲ୍ଲ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଇଅ	କ୍ଷ	ନ୍

ଦେଶୀୟ ଶବ୍ଦମାନ ଏ ଭାଷାକୋଷରେ ସେହି ସେହି ଅକ୍ଷର ତଳେ ନ ମିଳିବ, ତେବେ ସେଗୁଡ଼ିକୁ ଏହି 'ସ' ତଳେ ଖୋଜିବାକୁ ହେବ । କେବଳ ହସ୍ତ ଭର 'ଶବ୍ଦ ବିଧାନ' ଅନୁସାରେ 'ସ୍ପ' ଓ 'ଷ୍ଟ' ଯୁକ୍ତ ବିଦେଶାଗତ ଶବ୍ଦମାନ 'ଷ' ତଳେ ଲେଖା ଯାଇଥିଲେହେଁ, ତାହା କେତେକ ଶିଷ୍ଟ ଲେଖକ ସ୍ପ, ସ୍ଟ ଆକାରରେ ମଧ୍ୟ ବ୍ୟବହାର କରୁଥିବା ଦେଖାଯାଏ ।

ସ ର	କରଣୀ	ଆକାର	
ସା	,,	,,	[illegible]
ସି	,,	,,	[illegible]
ସୀ	,,	,,	[illegible]
ସୁ	,,	,,	[illegible]
ସେ	,,	,,	[illegible]
ସୋ	,,	,,	[illegible]

—ଇତ୍ୟାଦି ।]

ସ—ସଂ. ବି. (ସୋ ଧାତୁ=ଗତି କରିବା, ନାଶ କରିବା ଇତ୍ୟାଦି+ କର୍ତ୍ତୃ.ଅ=ଯେ ଗମନ କରେ ବା ନାଶ କରେ ଇତ୍ୟାଦି)—
Sa
୧ । ଶିବ; ମହାଦେବ—1. God Śiba. ୨ । ବିଷ୍ଣୁ—2. God Bishṇu. ୩ । ଚନ୍ଦ୍ର—3. The moon. ୪ । ବାୟୁ—4. Air; wind. ୫ । ଜୀବାତ୍ମା—5. The Living Soul; the Spirit inhabiting the body of a living being. ୬ । ଜ୍ଞାନ—6 Krowledge. ୭ । ଚିନ୍ତା—7. Thought. ୮ । କାନ୍ତି—8. Lustre. ୯ । ସର୍ପ—9. Serpent. ୧୦ । ଭୃଗୁ; ପର୍ବତାଦିର ଢାଲୁ ପ୍ରଦେଶ—10. Mountain-slope; precipice. ୧୧ । ପର୍ବତୋପରସ୍ଥ ଉଚ୍ଚ ସମତଳ ପ୍ରଦେଶ—11. Table-land. ୧୨ । ଭୃଗୁମୁନି; ଶୁକ୍ରାଚାର୍ଯ୍ୟ-12. The sage Bhṛugu; the preceptor of the Demons. ସଂ. ବିଣ (ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୁଏ ଓ ଉକ୍ତ ରୂପେ ବହୁବ୍ରୀହି ପଦ ବିଶେଷଣ ହୁଏ)—୧ । (ଅମୁକ) ସହିତ ବର୍ତ୍ତମାନ; ସହିତ ମିଶ୍ରିତ—1. Present with; accompanied with or by; mixed with (something). (ଯଥା—ସପୁତ୍ର, ସଟୀକ, ସଶର୍କର ।) ୨ । (ଅମୁକ) ସହିତ ସମାନ; ଠାରୁ ଅଭିନ୍ନ—2. Equal in (something); having the same or similar (something). (ଯଥା—ସଗୋତ୍ର, ସଜାତି, ସଧର୍ମ ।) ୩ । ଯହିଁରେ (ଅମୁକ) ଉପସ୍ଥିତ ଥାଏ—3. In which (such a thing) is present. (ଯଥା—ସଜୀବ, ସବଳ, ସଫଳ ।) ଦେ. ବି—ସ (ସଃ)—(ବଡ଼ବଅ ସାଙ୍କେତିକ) ସରେଜମିନ (ମକଦ୍ଦମା)—Original (suit).

ସଅଁ—ଦେ. ବି (ବୈଦ୍ୟକ)—ଏକପ୍ରକାର ଅରଣ୍ୟ ଗୁଳ୍ମ—
Sa-añ A kind of wild plant.

ସଅଁ କରିବା—ପ୍ରାଦେ. (ଦେଙ୍କାନାଳ) କ୍ରି (ସଂ. ସମ)—ସମାନ
Sa-añ karibā କରିବା; ଚିକ୍କଣ କରିବା—To plane; to smooth.

ସଅଁତିରିଶ(ଶି)—ଦେ. ବି ଓ ବିଣ (ସଂ. ସପ୍ତତ୍ରିଂଶତ୍)—ସଇଁତ୍ରିଶ
Sa-añtiriśa(śi) (ଦେଖ)—Saiñtriśa. (See)
স(সা)ইঁত্রিশ सैंतिस [ସଅଁତ୍ରିଶ(ଶି)—ଅନ୍ୟରୂପ]

ସଅଁପି ଦେବା—ଗ୍ରା. କ୍ରି. (ଗ୍ରାମ୍ୟ) (ସଂ. ସମର୍ପଣ)-ସଁପି ଦେବା (ଦେଖ)
Sa-añpi debā Sañpi debā. (See)
সঁপেদেওয়া सौंपदेना

ସଅଁବାର—ଗ୍ରା. ବି (ସଂ. ସୋମବାର)—୧ । ସୋମବାର—
Sa-añbāra 1. Monday. ୨ । ଶିବଙ୍କ ଉଦ୍ଦେଶ୍ୟରେ (ସଂବାର, ସଁବାର—ଅନ୍ୟରୂପ) ଅନୁଷ୍ଠିତ ସୋମବାର ଉପବାସ
সোমবার सोमवार ବା ବ୍ରତବିଧି—2. Fast observed on Monday.

ସଅଁବାରି(ରୀ)—ଗ୍ରା. ବି. ପୁଂ ଓ ସ୍ତ୍ରୀ—ସୋମବାର ଦିନ ଜାତ ଲୋକଙ୍କ
Sa-añbāri(rī) ନାମ—A name given to persons born on Mondays.

ସଅଁବାରିଆ(ୟା)—ଗ୍ରା. ବିଣ—୧ । ସୋମବାର ସମ୍ବନ୍ଧୀୟ—
Sa-añbāriā(yā) 1. Relating to Monday. ୨।ସୋମ-
সোমবারের ବାରରେ ଘଟିବା—2. Happening on Mon-
सोमवारिया day; recurring on Monday. (ଯଥା—
(ସଅଁବାରେଣି—ସ୍ତ୍ରୀ) ସଅଁବାରିଆ ହାଟ) ପୁଂ—୧ । ସୋମବାରରେ ଜାତ ବ୍ୟକ୍ତିର ନାମ—1. A name given to a person born on Monday. ୨ । ଯେଉଁମାନେ ସୋମବାର ବ୍ରତ କରନ୍ତି—2. Those who observe fast on Mondays.

ସଅଁରାଜ—ଦେ. ବି (ସଂ. ସୋମରାଜୀ)—ସୋମରାଜୀ (ଦେଖ)
Sa-añrāja Somarāji. (See)

ସଅଁ ସଅଁ—ଦେ. ଅ (ଧ୍ୱନ୍ୟନୁକରଣ)—ସଁ ସଁ (ଦେଖ)
Sa-añ sa-añ Sañ sañ. (See)

ସଅକ(କ) ବଅକ(କ)—ବୈଦେ. ବି (ଫା. ସକ୍=ଦୋଷ; ତ୍ରୁଟି)—
Sa-ak(ka) ba-ak(ka) ୧ । ଖାଇଲ୍; ଦୋଷ; ତ୍ରୁଟି—
দোষ 1. Fault; shortcoming. (ଯଥା—ଏ କାମରେ
सक मोर ସଅକ ବଅକ ହୋଇଗଲା ।) ୨ । ଭୁଲ୍;
ভুল ভ্রান্তি भुल चूक ଭ୍ରମ—2. Mistake; wrong.

ସଅଣ ଣି,ଣୀ,ଣିକ)—ଦେ. ବ ଓ ବଣ—ସବଣ ଇତ୍ୟାଦ (ଦେଖ)
Sa-aṇa(ṇi,ṇī,ṇika) Sabaṇa etc (See)
ସଅପ—ଦେ. ବ—ସପ (ଦେଖ)
Sa-apa Sapa. (See)
ସଅ(ହରଜ)—ଦେ. ବ (ସଂ. ସୋମରାଜୀ)—ସୋମରାଜି (ଦେଖ)
Sa-a(ha)rāja Somarāji. (See)
ସଅଲ (ଇତ୍ୟାଦ)—ଦେ. କି. ବଣ. ଓ ବଣ (ସଂ. ସରଳ)—ସହଳ
Sa-aḷa (etc) ଇତ୍ୟାଦ (ଦେଖ)—Sahaḷa etc. (See)
शिगगीर **जल्दी** ୧ । ଜଲଦ; ଶୀଘ୍ର; ଚଞ୍ଚଳ—1. Soon. ୨ ।
सकाल सकाल **सबेरे** ସତ୍ୱର—2. Hastily. ୩ । (ସଂ.ସଦ୍ୟଃ
सरल କାଲ)—ପ୍ରତ୍ୟୁଷରେ—3. Early. ୪ । (ସଂ. ସରଳ)
सरल ସରଳ; ସହଜ—4. Easy. ୫ । ସିଧା—
5. Straight.
ସଅଲିଆ(ୟା)—ଦେ. ବଣ (ସଂ. ସରଳ)—୧ । ସରଳ; ସହଜ—
Sa-aḷiā(yā) 1. Easy. ୨ । ସିଧା—2. Straight. ୩ ।
सरल ସତ୍ୱର; ତ୍ୱରିତ—3. Hasty. ୪ । ସାଧାରଣ ସମୟର
जल्दबाज ଅପେକ୍ଷାକୃତ ପୂର୍ବେ ଘଟିବା—4. Early.
ସଅଳେ—ଦେ. ଅ—ଶୀଘ୍ର—Promptly. [ଉ—ସଅଳେ ସଅଳେ
Sa-aḷe ଗୃହସ୍ଥ ଖାଇ ଦେଇ ଶୋଇ ପଡୁଥାଏ । ଫକୀରମୋହନ
शिगीर **जल्दी जल्दी** ଛମାଣ ଆଠଗୁଣ୍ଠ ।]
ସଇ(ଈ)—ଦେ. ବ. ସ୍ତ୍ରୀ. (ହ. ସଖୀ; ପ୍ରା. ସସ୍ସୀ)—ସହି (ଦେଖ)—
Sai(ī) Sahī. (See). [ଉ—ସରସ୍ୱରେ ଭସିବେ, ଦେଖ ଗୋ
सई ସଇ । ରାଧାନାଥ ମେଘଦୂତ. ।] ବୈଦେ. ଅ (ଅ)—ସହ
सखा, सहेली (ଦେଖ)—Sahi. (See)
सई **सही**
ସଇଅଦ୍—ବୈଦେ. ବ—ସୈୟଦ୍ (ଦେଖ)
Saiad Saiyad. (See)
[ସଇୟଦ୍, ସଏ(ୟ)ଦ୍—ଅନ୍ୟରୂପ]
ସଇଁ—ଦେ. ଅ(ଧ୍ୱନ୍ୟନୁକରଣ)—ଶ୍ରାନ୍ତିଜ ପରିଶ୍ରମଜନିତ ଘନ ନିଶ୍ୱାସ—
Saiñ Hard and repeated hissing sighs due to
[ସଇଁ ସଇଁ—ଅନ୍ୟରୂପ] exertion. ଗ୍ରା. ବ—ସ୍ୱାଇଁ ଉପାଧିଧାରୀ
साँई साँई ବ୍ୟକ୍ତିର ଡାକ ନାମ—The nickname of
हक हक person bearing the title of Swāiñ.
ସଇଁଆ(ଆଁ)—ଦେ. ବଣ—ସୟାଁ (ଦେଖ)
Saiñā(āñ) Sayāñ (See).
ସଇକତ—ଦେ. ବ. (ପଦ୍ୟ)—ସୈକତ (ଦେଖ)
Saikata Saikata (See).
ସଇଁଗା—ପ୍ରାଦେ (ଗଡ଼ଜାତ) ବ—ଏକପ୍ରକାର ବନ୍ୟ ଅଳୁ—
Saigā A kind of wild yam.
ସଇତ(ତି,ତୁ)—ଗ୍ରା. ବ. ପୁଂ (ସ. ସତ୍ୟବାଦୀ)—(ଅଦରାର୍ଥକ)—
Saita(ti,tu) ସତ୍ୟବାଦୀର ଡାକନାମ—Name for
calling 'Satyabādi.
ସଇତା, ସଇତିଆ, ସଇତୁଆ }—ଅନାଦରାର୍ଥକ ରୂପ

ସଇତମ୍ବା(ମ୍ବା)—ପ୍ରାଦେ (ବିଡ଼ଭୂମ୍) ବ—ପିଜୁଳି—
Saitambā(mā) Guava.
(ସୋଇତମା—ଅନ୍ୟରୂପ)
ସଇ(ଏ, ୟ)ତାନ୍—ବୈଦେ. ବ (ଅ. ଶୈତାନ୍; ଇ. ସାଟାନ୍)—
Sai(e, ya)tān ୧ । ଖ୍ରୀଷ୍ଟାନ୍, ୟିହୁଦୀ ଓ ମୁସଲମାନଙ୍କ
সয়তান **शैतान** ଧର୍ମଶାସ୍ତ୍ରବର୍ଣ୍ଣିତ ଈଶ୍ୱରଦ୍ରୋହୀ ସ୍ୱର୍ଗଦୂତ—
1. Satan. [ଦ୍ର—ଏ ଈଶ୍ୱରଙ୍କ କର୍ତ୍ତୃତ୍ୱ ନ
ମାନିବାରୁ ଈଶ୍ୱର ଏହାକୁ ସ୍ୱର୍ଗରୁ ଦୁର୍ଗନ୍ଧମୟ ଓ
ଗନ୍ଧକାଗ୍ନିପୂର୍ଣ୍ଣ ନରକକୁ ତଡ଼ିଦେଲେ । ଏ ସେଠାରୁ
ବାହାରି ଈଶ୍ୱରଙ୍କ ସୃଷ୍ଟ ଇହଜଗତକୁ ଛଳରଖାର କରି
ଈଶ୍ୱରଙ୍କୁ ସନ୍ତପ୍ତ କରିବାପାଇଁ ତତ୍ସୃଷ୍ଟ ଆଦମ ଦମ୍ପତି
(ଆଡାମ୍ ଓ ଇଭ୍)ଙ୍କୁ ପ୍ରଲୋଭନ ଦେଖାଇ 'ଜ୍ଞାନବୃକ୍ଷ'ର
ନିଷିଦ୍ଧ ଫଳକୁ ଖୁଆଇଲା ଓ ସେମାନଙ୍କ ବଂଶଧର-
ମାନଙ୍କୁ ତତ୍ପରବର୍ତ୍ତୀ ସମସ୍ତ ମନୁଷ୍ୟଙ୍କୁ) ଅଭିଶାପ ଓ
ପାପଗ୍ରସ୍ତ କରାଇଲା । ତତ୍ପରେ ଈଶ୍ୱର ଜନ୍ମତଃ ପାପୀ
ମାନବମାନଙ୍କୁ ଉଦ୍ଧାର କରିବା ପାଇଁ ନିଜ ପୁତ୍ର
ଯୀଶୁଖ୍ରୀଷ୍ଟଙ୍କୁ ପୃଥିବୀକୁ ଅବତାରରୂପେ ପଠାଇଲେ ଏବଂ
ସିଏ ନିଜର ପ୍ରାର୍ଥନା, ଅନୁତାପ ଓ ରକ୍ତଦାନଦ୍ୱାରା
ଭକ୍ତ ମାନବମାନଙ୍କୁ ପାପରୁ ଉଦ୍ଧାର କଲେ । ତେବେ
ମନୁଷ୍ୟମାନେ ଆଦମଦମ୍ପତିକୃତ ପାପରୁ ଯେପରି ମୁକ୍ତ
ହେବେ ସେଥିପାଇଁ ଯୀଶୁ ଗୋଟିଏ ଶରେତ୍ କରି ଯାଇ
ଅଛନ୍ତି; ତାହା ଏହି :—ଯେଉଁ ନରନାରୀ ଈଶ୍ୱରଙ୍କୁ,
ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରାରେ ଭଜିବେ, ସେମାନେ କେବଳ
ପାପମୁକ୍ତ ହେବେ, ଆଉ ଅନ୍ୟମାନେ ମୃତ୍ୟୁ ପରେ ନରକରେ
ପଡ଼ି ଅନନ୍ତକାଳ ଯାଣ୍ଡି ହେବେ ।] ୨ । ଭୂତ; ମୃତ
ବ୍ୟକ୍ତିର ପ୍ରେତ—2. The ghost of a deceased
person. ୩ । ପଠାଣ ଭୂତ—3. The ghost
of a deceased Mahomedan. ୪ । (ଲକ୍ଷଣାର୍ଥ)
କ୍ରୂର, ପାପୀ ଓ ଦୁରାଚାର ବ୍ୟକ୍ତି—4. A very
wicked and sinful person.
ସଇତାନ୍ ଚରଖା(ଖି)—ବୈଦେ. ବ (ଫା. ଶଇତାନ୍, ଅ. ଚର୍ଖ୍=
Saitān charakhā(khi) ମସାଲ ବା ହ. ଚକ; ସଇତାନର
সয়তানেরযন্ত্র **सैतानका चिराग** ଅସ୍ତ୍ର ବା ମସାଲ, ଅର୍ଥାତ୍
ସଇତାନ ଯେଉଁ ଅସ୍ତ୍ର ବା ମସାଲ ସାହାଯ୍ୟରେ ନର-
ନାରୀଙ୍କୁ ପାପଆଡ଼କୁ ପ୍ରଲୋଭିତ କରି ଟାଣିନିଏ ବା ବାଟ
ଦେଖାଏ ।) ୧ । ସଇତାନର ଉଦ୍ଭାବିତ ଯନ୍ତ୍ର ବା ବସ୍ତୁ-
1. A devilish or cursed instrument or
thing. ୨ । (ବ୍ୟଙ୍ଗୋକ୍ତି)—ଶୂନ୍ୟଗାଡ଼ି;ବାଇସାଇକଲ୍—
Bycycle. ବଣ—ଅତି ପାପିଷ୍ଠ (ବ୍ୟକ୍ତି)—
Very sinful (person).
ସଇ(ଏ,ୟ)ତାନି—ବୈଦେ. ବ (ଅ)—ଶଳତା; ଦୁଷ୍ଟାମି—
Sai(e,ya)tāni Wickedness. ବଣ—୧ । ସଇତାନ-
সয়তানী **शैतानी** ସମ୍ବନ୍ଧୀୟ—1. Devilish; satanic.
୨ । ଅସୁରିକ—2. Demoniac. ୩ । ଖଳ; ଦୁଷ୍ଟତା
ଯୁକ୍ତ—3. Wicked. ୪ । ମନ୍ଦ—4. Evil.

ସଇ(ଏ,ୟ)ତାନଅ—ଦେ. ବଣ—୧ । ସଇତାନ ପରି ଖଳ
Sai(e,ya)taniā ବି(ବଂଚ୍ଛ)—1. Wicked; satanic;
सयतानी शैतानी devilish [person]. ୨ । ଅସୁରୋଚିତ
(କାର୍ଯ୍ୟ)—2. Satanical; devilish [act].
୩ । ଅତି ମନ୍ଦ—3. Very bad or evil [act or thing].

ସଇତାନି କରିବା(କାଢ଼ିବା)—ଦେ. କ୍ରି—ଦୁଷ୍ଟାମି ବା ଖଳତା ପ୍ରକାଶ
Saitāni karibā[kāṛhibā] କରିବା—To show
सयतानि करा शैतानी करना or exhibit satanic propensities; to do wicked acts.
ସଇତାନି ଦେଖା(ଖେ)ଇବା }
ସଇତାନି ବାହାର କରିବା } —ଅନ୍ୟରୂପ

ସଇତାନି ଥଣ୍ଡା କରିବା—ଦେ. କ୍ରି—କୌଣସି ଦୁଷ୍ଟ ବ୍ୟକ୍ତିକୁ ଦଣ୍ଡାଦି
Saitāni thaṇḍā karibā ଦ୍ୱାରା ଶାନ୍ତ
सइतानि ठांडा करा सैतानी ठंडा करना କରିବା—
[ସଇତାନି ଛଡ଼ାଇଦେବା—ଅନ୍ୟରୂପ] To check a person's wickedness; to punish a wicked person and make him discontinue his wicked acts.

ସଇଁତି(ତ୍ରି)ଶ(ଶି)—ଦେ. ବି. ଓ ବଣ (ସଂ. ସପ୍ତତ୍ରିଂଶତ୍)—
Saiṅti(tri)śa[śi] ସପ୍ତତ୍ରିଂଶ; ୩୭—Thirty-seven.
[ସଇଁତିରିଶ (ଶି)—ଅନ୍ୟରୂପ]
सईत्रिश सैंतिस

ସଇ(ଏ,ନ,ନ୍ୟ)—ଗ୍ରା. ବ (ସଂ. ସୈନ୍ୟ,)—୧ । ସେନା;
Sai[e]na[ni,nya] ଫଉଜ—1. Army. [ଉ—
सैन्य सेना ଯୁବକଲେ କୁରୁ ପାଣ୍ଡବ ସଇନ—କୃଷ୍ଣସିଂହ.
ମହାଭାରତ. ଅଦି] ୨ । ବହୁ ଲୋକ—2. A multitude of persons.

ସଇନ(ନି,ନ୍ୟ) ସାମନ୍ତ—ଗ୍ରା. ବ—ସୈନ୍ୟ ସାମନ୍ତ (ଦେଖ)
Saina(ni,nya) sāmanta Sainya sāmanta. (See)
सैन्यासामन्त सैन्यसामन्त

ସଇନ୍ଦୁ—ଦେ. (ପ୍ରାଚୀନ) ବଣ—(ପୁରାଣାଦି ବର୍ଣ୍ଣିତ) ଏକାମର
Saindu ଅବ୍ୟବହିତ ପରେ ଜନ୍ମିଷ୍ଟ (ସନ୍ତାନ)—(a child said in the mythologies to have been) Born immediately after coition or conception. [ଉ—ସମ୍ଭୋଗାନ୍ତେ ସୁନ୍ଦରୀ ଯେ ନ ପାରଇ
ଚଳି, ସଇନ୍ଦୁ ପୁତ୍ରକ ହୋଇ ଛଡ଼ିଲ ବୋଲାଇ.
ସାରଳା. ମହାଭାରତ. ଅଦି ।]

ସଇନ୍ଦ୍ରୀ(ନ୍ଧ୍ରୀ)—ଗ୍ରା. (ପଦ୍ୟ) ବି. ସ୍ତ୍ରୀ (ସଂ. ସୈରନ୍ଧ୍ରୀ)—ଅନ୍ତଃପୁରସ୍ଥା
Saindri(ndhri) ରାଣୀ ପ୍ରଭୃତିଙ୍କର ସେବାକାରିଣୀ ଭୃତ୍ୟା—
दासी A maid servant of the harem; a maid-in-
अंतःपुरकी दासी waiting for queens. [ଉ—ସଇନ୍ଦ୍ରୀକି
ବୋଇଲେ ପଣ ସାର ଅଣ, ଚନ୍ଦନ ପଣ୍ଡା ଭୁଲିରେ ଲେଖିବୁ
ଏପଣ । କୃଷ୍ଣସିଂହ. ମହାଭାରତ. ବିରାଟ ।]

ସଇନ୍ଦ୍ରୀ ସେବା—ଗ୍ରା: ବ (ସଂ. ସୈରନ୍ଧ୍ରୀ+ସେବା)—ଦାସୀଙ୍କ ପରି
Saindri sebā କୌଣସି ସ୍ତ୍ରୀଙ୍କ ଶୁଶ୍ରୂଷାସେବା କର୍ମ—
दासीर सेवा Rendering of personal services to a
अं'तःपुरदासीकी सेवा lady. [—ଶାଶୁ ବୋହୂକୁ ଦାନରୂପ
ସଇନ୍ଦ୍ରୀ ସେବା ଶିଖିଥାଏ । ଗୀତାମୃତ. ଦାନ୍ତର ବାବୁ ।]

ସଇନ୍ଧ(ନ୍ଦ)ବ—ଗ୍ରା. ବ (ସଂ. ସୈନ୍ଧବ)—ସୈନ୍ଧବ (ଦେଖ)
Saindha(nda)ba सैंधव सोंधानमक Saindhaba. (See)
[ସଇନ୍ଧବ ଲୁଣ—ଅନ୍ୟରୂପ]

ସଇପ(ପି,ଫ,ଫି)ନ୍—ବୈଦେ. ବ (ଇଂ)—ସାଇପନ (ଦେଖ)
Saipa(pi,pha,phi)n Sāipan. (See)
[ସଇପ(ପି)ନ୍(କ) ପୋଲ୍—ଅନ୍ୟରୂପ]

ସଇ ବସିବା—ଦେ. କ୍ରି--(ଅନ୍ୟ ସଙ୍ଗେ) ସହିରୂପ ବନ୍ଧୁତା ସ୍ଥାପନ କରିବା--
Sai basibā To set up friendship with a
सई पाता सखी होना,सहेलीहोना person.

ସଇମୋହର(ରି)—ବୈଦେ. ବ (କଚେରୀ) (ଫା ସହି+ମୋହର୍)
Sai mohara(ri) ସ୍ୱାକ୍ଷର ଓ କର୍ମଚାରୀଙ୍କ ସ୍ୱାକ୍ଷର ଓ ଅଫିସ୍‌ର
सहिमोहर ମୋହର ଥିବା ସରକାରୀ କାଗଜ-
सैमोहर ପତ୍ରର ଅବିକଳ ନକଲ—Certified copy of an official paper. [ଉ— ଡାକ୍ତରଖାନାର ରିପୋର୍ଟର
ଏକ ପ୍ରସ୍ତ ସଇମୋହର ନକଲ ଦାଖଲ କରିଅଛୁଁ ।
—ଫକୀରମୋହନ, ଛମାଣ ଅଠଗୁଣ୍ଠ]

ସଇ(ଏ,ୟ)ରାତ୍—ବୈଦେ. ବ. [ଫା. ସାଏର୍]—ଜମିଦାରୀର
Sai (e, ya) rāt ଅନ୍ତର୍ଗତ ଭୂମିର ସ୍ଥାୟୀ ଖଜଣା ଛଡ଼ା
सयरात ମତ୍ସ୍ୟଘାଟ, ବନକର, ଫଳକର ଆଦି ଅସ୍ଥାୟୀ ଖଜଣା;
सायर ଅତିରିକ୍ତ କର—Sair; any fluctuating or additional rent payable for fishery, forests etc besides the fixed rent payable for land.
ସଇ[ଏ]ର, }
ସଇ[ଏ]ରାତ୍ ଜମା }

ସଇରନ୍ଦ୍ରୀ(ନ୍ଧ୍ରୀ)—ଗ୍ରା(ପଦ୍ୟ) ବ.—[ସଂ ସୈରନ୍ଧ୍ରୀ]--ସଇନ୍ଦ୍ରୀ(ଦେଖ)—
Sairindri (ndhri) Saindri (See) [ଉ—
दासी अंतःपुरकी दासी ଅନ୍ତଃପୁରକୁ ପ୍ରବେଶ ସଇରନ୍ଧ୍ରୀ ବୃତ୍ତେ
ଦେଇଁ ଦେଲ ବେଗେ ଯେ ।—ଉଷ. ବୋଳିବନ୍ଧାଣ୍ଡ ସୁନ୍ଦର]

ସଇଲ—ଗ୍ରା. କ୍ରି—୧ । ସହିବା କ୍ରିୟାର ବର୍ତ୍ତମାନସାମୀପ୍ୟ ଭୂତ
Sailā କାଳର ତୃତୀୟ ପୁରୁଷ ଏକବଚନ (ସେ) 'ସରିଲ'ର
फुराल खतम हुआ ଅନ୍ୟରୂପ—1. Another form
खतमहुआ of 'Sarilā', past tense, third person, singular of the verb 'Saribā'. [ମୋ
କଥାଟି ସଇଲ, ଫୁଲ ଗଛଟି ମଇଲ ।—କଥାର କଥା]
୨ । 'ସହିବା' କ୍ରିୟାର ବର୍ତ୍ତମାନ ସାମୀପ୍ୟଭୂତ କାଳ,
ତୃତୀୟ ପୁରୁଷ, ଏକବଚନ 'ସହିଲ'ର ଅନ୍ୟରୂପ । 2.
Another form of 'Sahilā'.

ସଇ(ହି) ସମ(ମ୍ଭା)ଳି—ଦେ. କ୍ରି. ବିଣ. ୧ । ସାବଧାନ ହୋଇ—1. Cautiously. ୨ । ଅଗ ପଛ ବିଚାର କରି—2. After mature consideration. ୩ । ଅପେକ୍ଷାପୂର୍ବକ—3. After waiting.
Sai(hi) samā(mbhā)li
সামলে सँभालकर

ସଇ(ହି) ସମା[ମ୍ଭା]ଳି କଥା କହିବା—ଦେ. କ୍ରି—ସାବଧାନ ହୋଇ କଥା କହିବା—To be cautious in the use of one's words or talk.
Sai(hi) samā (mbhā)li kathā kahibā
সামলে কথাবলা सँभालकर बोलना

ସଇ(ଏ)ସ—ବୈଦେ. ବି [ପା: ସାଇସ୍; ତୁଳ. ସଂ. ଅଶ୍ୱପାଳ] ୧ । ଅଶ୍ୱପାଳକ—1. A groom. ୨ । ଘୋଡ଼ାର ଖବର ବୁଝିବା ଚାକର—2. A horse-keeper.
Sai(e)sa
সাইস साईस

ସଇସି—ବୈଦେ. ବି (ପା)—ସଇସର କାମ—The post or duty of a groom. ବୈଦେ. ବିଣ—ସଇସିଆ [ଦେଖ]—Saisiā (See)
Saisi
সইসি साइसी

ସଇସିଆ—ଦେ. ବିଣ: ୧ । ସଇସର ଯୋଗ୍ୟ—1 Befitting a groom. ୨ । ସଇସ ସମ୍ବନ୍ଧୀୟ—2. Relating to a groom.
Saisiā
সইসি सईसिया

ସଇ ସଙ୍ଗାତ—ଦେ. ବି. ପୁଂ—ସହି ସଙ୍ଗାତ (ଦେଖ)
Sai saṅgāta Sahi saṅgāta (See)
সই সাঙ্গাত সাখী सहेली [ସଇ(ହି) ସଙ୍ଗାତୁଣୀ—ସ୍ତ୍ରୀ]

ସଉ(ଓ)ଆ—ଦେ. ବି. (ସଂ. ସପାଦ=୧+୧; ପାଦ=¼; ୧+¼=୧¼)—କୌଣସି ପୂର୍ଣ୍ଣ ଓ ତହିଁ ସଙ୍ଗେ ତହିଁରୁ ¼—One and one fourth. (ସୱା—ଅନ୍ୟରୂପ) ବିଣ—୧¼ ପରିମିତ—1¼ as much. (ଯଥା—ସଉଆ ସେର=୧¼ ସେର; ସଉଆ ଘଣ୍ଟା=୧¼ ଘଣ୍ଟା ।)
Sau(o)ā
সওয়া सवा

ସଉଆ ମହଣ—ଦେ. ବି.—୧¼ ମହଣ—One and one fourth maund. (ଦ୍ର—ଏହିପରି ସଉଆ ସେର, ସଉଆ ଘଣ୍ଟା ଆଦି ଶବ୍ଦ ହୁଏ)
Sauā mahaṇa
সউআমন सवामन

ସଉ(ଓ)ଆର୍—ବୈଦେ ବି.—(ପା. ସବାର୍; ତୁଳ. ସଂ ଅଶ୍ୱବାର) Sau(o) ār—ଯେ ଯାନାଦିରେ ଚଢେ; ଅଶ୍ୱାରୋହୀ—A rider.
সওয়ার सवार (ସୱାର୍=ଅନ୍ୟରୂପ)

ସଉଆର୍ ହେବା—ଦେ. କ୍ରି—(ଯାନାଦି) ଚଢ଼ିବା—To ride.
Sauār hebā সওয়ার হওয়া सवार होना

ସଉ(ଓ)ଆରି—ଦେ. ବି. ଓ. ବିଣ—ସବାରି (ଦେଖ)
Sau(o)āri Sabāri (See)
সওয়ারি सवारी

ସଉଆଲ୍ (ଇତ୍ୟାଦି) ବୈଦେ. ବି.—[ଅ]—ସବାଲ୍ ଇତ୍ୟାଦି (ଦେଖ)
Sauāl [etc] Sabāl etc [See]
সওয়াল सवाल

ସଉଆ ଶଅ(ହ,ହେ)—ଦେ.ବି ଓ ବିଣ (ସଂ.ସପାଦ+ଶତ)—ଏକ ଶତ ପଚିଶ; ୧୨୫—One hundred and twenty five.
Sauā śa-a(ha,he)
(ସଉଆ ଶ—ଅନ୍ୟରୂପ)
সওয়া শত सवासौ

ସଉଆ ସେର—ଦେ. ବି ଓ ବିଣ—ଏକ ସେର ଓ ଏକ ପାଅ; ପାଞ୍ଚ ପାଅ, ୧¼ ସେର ବା ୧। ସେର—1¼ seer. (ଯଥା—ମୁଁ ଗିରଳ୍କୁ ସଉଆ ସେର କିରଣ ଯାଉଛି ।)
Sauā sera
সওয়াসের सवासेर

ସଉକ୍(ଖ,କି,ଖି)—ଦେ. ବିଣ (ଫ. ସୌଖୀନ୍, ତୁଳ. ଅ ସୌକ୍)—୧ । ଯେ କୌଣସି ବିଶେଷ ବସ୍ତୁ ବା ପୋଷାକପ୍ରତି ସର୍ବଦା ବିଶେଷ ଅନୁରାଗଯୁକ୍ତ—1. Having a fancy or special liking for a particular thing or dress. ୨ । ବିଳାସପୂର୍ଣ୍ଣ—2. Luxurious; sportive. ୩ । ଉଜ୍ଜ୍ୱଳ ପୋଷାକ ଆଦର ପ୍ରିୟ—3. Very fond of gala dress. ୪ । ବିଳାସପ୍ରିୟ—4. Gallant; fond of luxury. ୫ । ରସଜ୍ଞ;ରସିକ—5. Witty; humorous. ୬ । ସୁଖେଚ୍ଛୁ—6. Seeking pleasure; desirous of pleasure. ୭ । ଫୁଲ୍ ବସିକ—7. Foppish. ଦେ. ବି (ଫ. ସୌଖ୍ୟ, ଅ. ସୌକ୍=ଅଗ୍ରହ)—୧ । କୌଣସି ବିଶେଷ ବସ୍ତୁ ପ୍ରତି ଅନୁରାଗ ବା ଆଦର—1. Special liking or fancy to any particular thing. ୨ । ମଉଜ ବା ଆମୋଦ; ସୁଖଭୋଗ; ବିଳାସ—2. Ease; enjoyment; luxurious living. ୩ । (ପୁଂ. ଓ ସ୍ତ୍ରୀ) ରସିକ ବ୍ୟକ୍ତି—3. A fop; a gallant; a beaux or belle. ୪ । ବିଳାସୀ ବ୍ୟକ୍ତି—4. A person given to dalliance or luxury.
Sauk(kh,ki,khi)
ସଉକି(ଖି)ନ୍ (ନ) } —ଅନ୍ୟରୂପ
ସଉକ(ଖି)ନିଆ }
সখী शौक
সখ सौकी

[ଦ୍ର—ସେଉଁମାନେ ବିଶେଷ (ପୁରୁଷ ବା ସ୍ତ୍ରୀଙ୍କର) ବିଶେଷ ବସ୍ତୁ (ଯଥା—ପୋଷାକ, ସାଜ, ଅଳଙ୍କାର, ପାଗଡ଼ି ଗାମୁଛା, ପାଲଙ୍କ ଆଦି ବସ୍ତୁପ୍ରତି 'ସଉକ' ଥିବା ଦେଖାଯାଏ ।

'ପୋଷାକ ସଉକି'ମାନେ ଚକଚକିଆ ପୋଷାକ ପିନ୍ଧିବା ଓ ଦେଖାଇ ହେବାପାଇଁ ବ୍ୟଗ୍ର ହୁଅନ୍ତି ।

'ବାଳ ସଉକି'ମାନେ ନାନାପ୍ରକାରେ କେଶବିନ୍ୟାସ କରି ଓ ବାଳକୁ ଭିନ୍ନ ଭିନ୍ନ ପ୍ରକାରେ ମାଙ୍ଗ କାଟି ପାନିଆ ସାହାଯ୍ୟରେ ତେଲାଦି ଦ୍ରବ୍ୟ ସହିତ କରିବାରେ ମାତି ଥାଆନ୍ତି ।

ଏହିପରି 'ଲୁଗା ସଉକି' 'ଜୋତା ସଉକି' 'ନୋଳ ସଉକି' 'କୁଣ୍ଡ ସଉକି' 'ଦାଢ଼ି ସଉକି' 'ମୁଣ୍ଡ ସଉକି' ଦେଖାଯାଆନ୍ତି ।

'ଦାନ୍ତ ସଉକି'ମାନେ ପାନ ଖାଇବାପାଇଁ ରଙ୍ଗିନ କଣ୍ଠରେ ଲୁଗାର ଦୁଗୁଡ଼ିକୋଣ ଭଣ୍ଡି ଲଗାଇ ଉକ୍ତ

ବାହୁଅରୁ ଉଣ୍ଡାରେ ଖୋସି ସର୍ବସାଧାରଣଙ୍କ ଦୃଷ୍ଟି ତାହାପ୍ରତି ଆକର୍ଷଣ କରନ୍ତି ।

'ମୃଦ ସଉକ'ମାନେ କଥା କହିଲେ ହାତର ମୃଦୁ ଭାଷ୍ୟକୁ ଅଙ୍ଗୁଳିମାନଙ୍କୁ ଲୋକଙ୍କ ଆଗରେ ହଲାଇ ହୁଅନ୍ତି ଏବଂ ନୋଳସଉକମାନେ କଥା କହୁ କହୁ ବା ବାଦ୍ୟ ବଜାଉ ବଜାଉ ମୁଣ୍ଡକୁ ଇତସ୍ତତଃ ସଞ୍ଚାଳିତ କରି ଆପଣା ନୋଳ ପ୍ରତି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । 'ପାଟଲି ଗାମୁଛା ସଉକ' ମାନେ ଗାମୁଛା ପରିଷ୍କାର (ଅର୍ଥାତ୍ ପାଣି, ଚୋଭାଣି, ସୋରିଷ ତେଲ, ପରିତ ପାଣି, ସପୁରି ତୃପ୍ତଦ୍ରାବସ, ମନ୍ଥ ଆଦି ସାହାଯ୍ୟରେ ରଙ୍ଗାଇବା) ପାଇଁ ବହୁ କଷ୍ଟ ଓ ବ୍ୟୟ ସ୍ୱୀକାର କରନ୍ତି, ଦେହରେ ସୋରିଷ ତେଲ ଛଡ଼ା ଅନ୍ୟ ତେଲ ଲଗାଇଲେ ପାଟଲି ଗାମୁଛାରେ ଦାଗ ଲାଗିଯିବ [ଧଳାଚାଳି ବା କଳାଚାଳି ମାରିଯିବ] ବୋଲି ପ୍ରାଣାନ୍ତେ ସୁଦ୍ଧା ଦେହରେ ସୋରିଷ ତେଲ ଛଡ଼ା ଅନ୍ୟ ତେଲ ଲଗାନ୍ତି ନାହିଁ ଓ ଉକ୍ତ ରଞ୍ଜିତ ଗାମୁଛାରେ ଦାଗ ଲାଗିଗଲେ ସେମାନଙ୍କ ମନରେ ପୁତ୍ରଶୋକରୁ ବଳି ଶୋକ ଜାତ ହୁଏ ।

ଏହିପରି ନାନାପ୍ରକାର ସଉକ ଅଛନ୍ତି । କେହି ଘର ସଜାଇବାରେ, କେହି ବା ଜୀବଜନ୍ତୁ ପାଳିବାରେ 'ସଉକ' ହୁଅନ୍ତି । ଘୋଡ଼ା ସଉକ, ପାରି ସଉକ, ଗୋବରା ଚଢ଼େଇ ସଉକ, ମେଣ୍ଢା ସଉକ ପ୍ରଭୃତି କେତେକେତେ ସଉକ ଅଛନ୍ତି ।

'ମାଇପି ସଉକ' ଓ 'ବେଶ୍ୟା ସଉକ'ମାନେ ନିଜେ ଘର ଜମା ପିନ୍ଧି ଓ ପୈତୃକ ସମ୍ପତ୍ତି ନଷ୍ଟ କରି ମଧ୍ୟ ନିଜ ନିଜର ପ୍ରଣୟିଣୀମାନଙ୍କୁ ଆସୁରେ ରଖାଇବାପାଇଁ ପ୍ରାଣ ଉତ୍ସର୍ଗ କରନ୍ତି ।

'ନାତୁଆ ସଉକ'ମାନେ ନାତୁଆ ପିଲାଙ୍କୁ ଆପଣା ସ୍ତ୍ରୀ-ବାଳକଙ୍କ ଅପେକ୍ଷା ବେଶି ଆଦର ଓ ସ୍ନେହ କରିବା ଦେଖାଯାଏ ।

ଏ ସବୁ ଛଡ଼ା ବିଶେଷ ବିଶେଷ ଆମୋଦର ମଧ୍ୟ ସଉକ [ପ୍ରିୟ] ଲୋକ ଦେଖାଯାଆନ୍ତି । ଯଥା—ନାଚ ସଉକ, ପାଲା ସଉକ, ଆଖଡ଼ା ସଉକ, ପଶାଖେଳ ସଉକ, ଗୀତ ସଉକ ଇତ୍ୟାଦି ।]

ସଉକ୍ କରିବା—ଦେ. କ୍ରି—କୌଣସି ବସ୍ତୁ ପ୍ରତି ବିଶେଷ ଆଗ୍ରହ ବା ଆଦର କରିବା—To have a liking or fancy for a particular article (e. g. of dress or show or luxury).
Sauk karibā
সখ করা
शौककरना

ସଉକ୍(ଖ୍, କି, ଖି)ରେ ରଖିବା—ଦେ. କ୍ରି—କୌଣସି ଦ୍ରବ୍ୟ, ବସ୍ତୁ, ଜୀବ ବା ଭୃତ୍ୟ ଆଦିଙ୍କୁ ଅତି ଆଦର ଓ ଆସୁରେ ରଖିବା—To maintain a thing or person in luxury and with great care.
Sauk (kh, ki, khi)re rakhibā
সখেরাখা
शौकसेरखना
[ସଉକି(ଖି)ନରେ ରଖିବା—ଅନ୍ୟରୂପ]

ସଉକି(ଖି)ନ(ନି)—ବୈଦେ. ବିଣ—(ଅ: ସୌଖିନ୍)—୧ । କୌଣସି ବିଷୟ ପ୍ରତି ଅଭିଳାଷୀ—1. Desirous for anything. ୨ । ରସିକତା-ବିଶିଷ୍ଟ—2. Gallant. ୩ । ବିଳାସୀ—3. Sportive. ୪ । ଯେ ନିଜର ମନର ସାଧ ମେଣ୍ଟାଇବା ପାଇଁ କୌଣସି ବ୍ୟବସାୟ ବା କର୍ମ କରନ୍ତି—4. Amateur. ବି—୧ । ରସିକ ବ୍ୟକ୍ତି—1. A gallant. ୨ । ସଉକ୍ (ଦେଖ)— . Sauk (See).
Sauki(khi)n(ni)
সোখীন
शौखिन

ସଉକି(ଖି)ନ୍ ସେନା—ଦେ. ବି—ଭଲଣ୍ଟିଅର୍ ସେନା; ଯେଉଁ ସୈନ୍ୟମାନେ ସବୁଦିନେ ସୈନ୍ୟବୃତ୍ତି କରନ୍ତି ନାହିଁ, କିନ୍ତୁ ଅସମୟରେ ଯୁଦ୍ଧ ଓ ଦେଶରକ୍ଷା କରିବା ପାଇଁ ସ୍ୱେଚ୍ଛାବଦ୍ଧ ହୋଇ କରନ୍ତି—Volunteer corps.
Sauki(khi)n senā
সোখীনসেনা
शौखीन सेना

ସଉକି(କୁ)ନିଆଁ—ଦେ. ବିଣ—ସଉକ୍ (ଦେଖ)—Sauk (See)
Sauki(ku)niāñ

ସଉଖ୍ୟ—ଗ୍ରା. ବି.—(ସଂ. ସୌଖ୍ୟ)—ସୌଖ୍ୟ (ଦେଖ) Saukhya (See)
Saukhya

ସଉଣ୍ଡ[ଣ୍ଡା]—ଦେ. ବିଣ.—[ସଂ. ଶୌଣ୍ଡ]—କୌଣସି ବିଷୟରେ ପଟୁ ବା ନିପୁଣ—Expert in anything.
Saunda [ndā]
ধুরন্ধর
निपुण
[ଉ—ପାଣ୍ଡୁପୁତ୍ରମାନେ ସମର-ସଉଣ୍ଡା—କୃଷ୍ଣସିଂହ ମହାଭାରତ ଉଦ୍ଯୋଗ]

ସଉତୁଣିଆ(ଆଁ)—ଦେ.ବିଣ—୧ । ସପତ୍ନୀ ସମ୍ବନ୍ଧୀୟ—1. Relating to a co-wife. ୨ । ସପତ୍ନୀର ଉଦର-ଜାତ (ସନ୍ତାନ)—2. (Child) Born of a co-wife.
Sautuniā (āñ)
সতীনের
सौतेला

ସଉତୁଣିଆ(ଆଁ) କଥା—ଦେ. ବି—ସପତ୍ନୀର ଉପଯୁକ୍ତ ବିଷୟ—A matter befitting a co-wife.
Sautuniā (āñ) kathā
সতীনের কথা
सौतिनिया बात

ସଉତୁଣିଆ(ଆଁ) ଘର—ଦେ. ବି.—ଯେଉଁ ପରିବାରରେ ଜଣଙ୍କର ଏକାଧିକ ପତ୍ନୀ ଥାନ୍ତି—A family in which there are co-wives.
Sautuniā (āñ) ghara
সতীনের ঘর
सौतिनिया घर

ସଉତୁଣିଆ(ଆଁ) ପୁଅ—ଦେ. ବି. ପୁଂ—ସପତ୍ନୀ ପୁତ୍ର; ସାବତ ପୁଅ—Step-son.
Sautuniā (āñ) pua
(ଉପସ୍ତ୍ରୀଲିଙ୍ଗ—ସଉତୁଣିଆ ଝିଅ; ସଉତୁଣି ପୁଅ—ଅନ୍ୟରୂପ)
সতীনপো, সতীনপো
सौतेला लड़का

ସଉତୁଣୀ—ଦେ.ବି.ସ୍ତ୍ରୀ (ସଂ. ସପତ୍ନୀ)—ସମାନପତିକା ସ୍ତ୍ରୀ—Co-wife; one of two or more wives of a person. [ଉ—ସ୍ତ୍ରୀଗତ ସଉତୁଣୀ ସମ୍ପତ୍ତି ନ ସହେ । କୃଷ୍ଣସିଂହ. ମହାଭାରତ. ସଭା]
Sautuni
সতনী, সতিন্
सौतीन

ସଉତୁଣୀ ଖଟା(ଟେ)ଇବା—ଦେ. କ୍ରି—ଅପେ ଥାଉ ଥାଉ (ଅପଣାର Sautuṇi khaṭā(ṭe)ibā ସ୍ବାମୀ) ଅନ୍ୟ ପତ୍ନୀକୁ ବିବାହ অন্য বিবাহ করা କରିବା—To marry more wives **सौतिन लाना** in the lifetime of the first. [ଉ—କୁମ୍ଭଠାରେ ମୂର୍ଖ କ ଦୋଷ ଭଲ ଯେ, ସଉତୁଣୀ ଖଟାଇଲ—ପ୍ରଥମା ପତ୍ନୀଙ୍କର ସ୍ବାମୀଙ୍କ ପ୍ରତି ଖେଦୋକ୍ତି ।]

ସଉଦା—ବୈଦେ. ବି (ଫା. ସୌଦା)—୧ । କିଣାବିକା ବେପାର; Saudā କାରବାର; ପଣ୍ୟ ଦ୍ରବ୍ୟର କ୍ରୟ ବିକ୍ରୟ—1. Sale সওদা and purchase of merchandise; trading. **सौदा** ୨ । (ଲକ୍ଷଣାର୍ଥ) ସଂସାରର କାର୍ଯ୍ୟ—2. Business of the world. [ଉ—କାଶ୍ମୀର୍ଯାନରେ ବାଉଡ଼ନ୍ତି ଦେବେ ଏଣେ ତେଣେ ସଉଦାରେ । ଉପେନ୍ଦ୍ରଭଞ୍ଜ. ଗର୍ମସ୍ତ ।] ୩ । ପଣ୍ୟ ଦ୍ରବ୍ୟ—3. Merchandise. ୪ । ଦୋକାନ ବା ବେପାରୀଠାରୁ କିଣାଯିବା ପଣ୍ୟ ଦ୍ରବ୍ୟ—4. Any merchandise purchased from a trader or shop-keeper. ୫ । ପଣ୍ୟଦ୍ରବ୍ୟର କ୍ରୟ—5. Purchase of any commodity. ୬ । ପଣ୍ୟଦ୍ରବ୍ୟର କ୍ରୟବିକ୍ରୟର ଚୁକ୍ତି—6. Contract for the purchase ar sale of a commodity.

ସଉଦା କରିବା—ଦେ. କ୍ରି—୧ । ପଣ୍ୟଦ୍ରବ୍ୟ କିଣିବା—1. To Saudā karibā purchase commodities. ୨ । କ୍ରୟ সওদা করা বিক্রয় কারବାର କରିବା—2. To transact **सौदा करना** a business of sale and purchase.

ସଉଦାଗର—ବୈଦେ. ବି (ଫା. ସୌଦାଗର)—ବଡ଼ ବଣିକ— Saudāgara A big merchant. সওদাগর, সদাগর **सौदागर**

ସଉଦାଗରି—ବୈଦେ. ବି (ଫା. ସୌଦାଗରୀ)—ବଣିଗ୍‌ବୃତ୍ତି; ବାଣିଜ୍ୟ Saudāgari ବ୍ୟବସାୟ; କାରବାର—Trade. ବିଣ— সওদাগরি, সদাগরি ୧ । ସଉଦାଗର ସମ୍ବନ୍ଧୀୟ—1. Rela- **सौदागरी** ting to a merchant. ୨ । ବାଣିଜ୍ୟ ସମ୍ବନ୍ଧୀୟ—2. Relating to trade.

ସଉଦାଗରିଆ—ବୈଦେ. ବି. ବିଣ (ଫା)—ସଉଦାଗର ସମ୍ବନ୍ଧୀୟ— Saudāgaria Relating to a trader. সওদাগরি **सौदागरिया**

ସଉଦାଗରି ଜାହାଜ—ବୈଦେ. ବି (ଫା. ସୌଦାଗରୀ ଓ ଜହାଜ୍)— Saudāgari jāhāja ଯେଉଁ ଜାହାଜରେ ଜଳପଥ ଦ୍ବାରା সওদাগরি জাহাজ ବିଦେଶରୁ ପଣ୍ୟମାନ ଅସେ—Merchant- **सौदागरिजहाज** ship; trading ship. [ସଉଦାଗର ସୁଲ୍ପ୍—ସୁଦ୍ କାହାଜ]

ସଉଦା ପଟିବା—ଦେ. ବି—ବେତା ଓ ବିକେତାଙ୍କ ମଧ୍ୟରେ କୌଣସି Saudā paṭibā ପଣ୍ୟ ଦ୍ରବ୍ୟର ଭାଉ ଛିଣ୍ଡିବା—The settle- সওদা পটা ment of the sale transaction of any **सौदा पटना** commodity after higgling and haggling.

ସଉଦା ପତର[ପତ୍ର, ପାତି]—ଦେ. ବି (ସଉଦା । ଏଠାରେ 'ପତର' ଶବ୍ଦର୍ଥ Saudā patara [patra, pāti] ସହଚର)— সওদাপত্র ୧ । ଦୋକାନରୁ କିଣାଯିବା ନାନାପ୍ରକାରର ପଣ୍ୟଦ୍ରବ୍ୟ; **सौदापाती** ପଣ୍ୟଦ୍ରବ୍ୟ ସମୂହ—1. Many sorts of articles or commodities purchased from a shop. ୨ । ନାନାପ୍ରକାର ପଣ୍ୟଦ୍ରବ୍ୟର କ୍ରୟ—2. Purchase of many commodities.

ସଉଦାମଣି(ଣୀ)—ଗ୍ରା. ବି. ସ୍ତ୍ରୀ (ସ. ସୌଦାମିନୀ, ସୌଦାମନୀ, Saudāmaṇi(ṇī) ସୌଦାମ୍ନୀ)—ସୌଦାମିନୀ ନାମ୍ନୀ ସ୍ତ୍ରୀର ଡାକ- সৌদামিনী ନାମ—Name for calling a woman of **सौदामनी** the name of 'Saudāmini'. [ସଉଦାମିନ(ଣୀ)—ଅନ୍ୟରୂପ]

ସଉଦା ହେବା—ଦେ. ବି—ପଣ୍ୟଦ୍ରବ୍ୟର କ୍ରୟ ବିକ୍ରୟ ନିଷ୍ପନ୍ନ ହେବା— Saudā hebā The completion of a trade transac- সওদা হওয়া **सौदा होना** tion or negotiation.

ସଉଧ—ଗ୍ରା. (ପଦ୍ୟ) ବି. (ସ. ସୌଧ)—ସୌଧ (ଦେଖ)— Saudha Saudha, (See) সৌধ **सौध**

ସଉଧ ସଦନ—ଦେ. (ପଦ୍ୟ) ବି (ସ. ସୌଧ+ସଦନ)—କୋଠା ଘର Saudha sadana Building. [ଉ—ବିହର ସଉଧ ସଦନେ পাকা বাড়ী ବିହରୁ ଶଉକ ସଦନେ ଧନ । ଭଞ୍ଜ. ବୈଦେହୀଶବିଳାସ । **राजमहल**

ସଉନ୍ଦର୍ଯ୍ୟ—ଗ୍ରା. (ଦେ୍ୟ) ବି. (ସ. ସୌନ୍ଦର୍ଯ୍ୟ)—ସୁନ୍ଦରତା; ଶୋଭା— Saundarjya Beauty. সৌন্দর্য **सुन्दरता**

ସଉପ—ଦେ. ବି—ସପ (ଦେଖ) Saupa Sapa. (See)

ସଉପ ଚଟା(ଟେ)ଇ—ଦେ. ବି—ସପ ମସିଣା (ଦେଖ) Saupa chaṭā(ṭe)i Sapa masiṇā. (See) (ସଉପ ମସି[ସି]ଣା—ଅନ୍ୟରୂପ)

ସଉବଳ—ଗ୍ରା. ବି (ପଦ୍ୟ) (ସଂ. ସୌବଳ)—ସୌବଳ (ଦେଖ) Saubaḷa Saubaḷa. (See) [ଉ—ଗ୍ରୀଷ୍ମ ଦ୍ରୋଣ କର୍ଣ୍ଣ ଯେ ନୃପ ସଉବଳ, ଏମାନେ ଯେ ବୋଲାଉଛନ୍ତି ମହାବଳ । କୃଷ୍ଣସିଂହ. ମହାଭାରତ. ବନ ।]

ସଉଭାଗୀ—ଗ୍ରା. ବିଣ. ସ୍ତ୍ରୀ (ସଂ. ସୌଭାଗ୍ୟବତୀ)—୧ । ସୌଭାଗ୍ୟ- Saubhāgī ବତୀ—1. Fortunate. ୨ । ପତିଙ୍କ ସ୍ନେହ- সোহা(য়া)গিনী, সৌভাগ্যা ଭାଜନା—2. Beloved or fond- **सोहागिन** led by one's husband. [ଉ—ସରଭ ଗଜ ବିହରଣାକ୍ଷୀବୃନ୍ଦରୁ, ଶ୍ୟାମ ସଉଭାଗୀ ଯଶ । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ]

ସଉଭାଗ୍ୟ—ଗ୍ରା. [ପଦ୍ୟ ବି. (ସଂ ସୌଭାଗ୍ୟ)—ସୌଭାଗ୍ୟ (ଦେଖ)
Saubhāgya Saubhāgya (See). (ଉ —ସୁଖ ସଉଭାଗ୍ୟର
সৌভাগ্য **सौभाग्य** ହୋଇଲେ ଭାଜନ—ରସକୁଳ୍ୟା ଉପେନ୍ଦ୍ରଭଞ୍ଜ
ଭଞ୍ଜ. 'ଷ' ଗୀତ ।
ଫଳ ହେଲେ କର୍ମଖେଳେ, ସଉଭାଗ୍ୟ ଅସେ ହାତେ—
ବାଳକୃଷ୍ଣ ଲକାପୁଅ ଲଜାଇଅ ।]

ସଉରଭ—ଗ୍ରା. (ପଦ୍ୟ) ବି. (ସଂ. ସୌରଭ)—ସୌରଭ (ଦେଖ)—
Saurabha Saurabha. (See) ବିଣ-ସୁଗନ୍ଧଯୁକ୍ତ; ସୁଗନ୍ଧ—
সৌরভ **सौरभ** [ଉ—ଘନସାର ମୃଗନାଭି, ଘନସାର ସଉରଭ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]

ସଉରି(ରୀ) –ଦେ. ବି. ପୁଂ ଓ ସ୍ତ୍ରୀ (ସଂ. ସୌରି)—୧ । ପୁରୁଷ ଓ ସ୍ତ୍ରୀଙ୍କ
Sauri(rī) ନାମ—1. Name given to males and
সৌরি females. ୨ । ତୀର୍ଥ ବିଶେଷ—2. Name of a
सौरि sacred place of pilgrimage. [ଉ—ବଉଳ
କ୍ଷେତ୍ର କୂର୍ମ ନାଥ, ସଉରି ନାରାୟଣ ପଥ । ଭୂପତି.
ପ୍ରେମପଞ୍ଚାମୃତ ।] ୩ । (ପଦ୍ୟ) ଶନି ଗ୍ରହ—
3. Planet Saturn. [ଉ—ମଙ୍ଗଳ ସଉରି, ଅବକ୍ର
ନ ହେଉ, ମୋ ସଦାଶିବ ଗଉରୀ । ଭଞ୍ଜ. ପ୍ରେମ
ସୁଧାନିଧି ।]

ସଏନ୍‌ବାର୍—ପ୍ରାଦେ. (ଗଞ୍ଜାମ) ବି—ଶନିବାର—
Saen-bār Saturday.

ସଏମ୍ବର—ଗ୍ରା. ବି. (ସଂ. ସ୍ୱୟମ୍ବର)—ସ୍ୱୟମ୍ବର (ଦେଖ)
Saembara Swayambara. (See)

ସଏର୍—ବୈଦେ. ବି. (ଫା. ସାଏର୍)—ସଇରାତ୍ (ଦେଖ)
Saer Sairāt. (See)

ସଏରତା–ବୈଦେ. ବି (ଫା. ସରୌତା)—ଗୁଆକାତି—
Saert-ā Betel-nut cracker.
গুয়াকাতী **सरौता, सरोता**

ସଂ—ଦେ. ବି (ସାଙ୍କେତିକ)—୧ । ସଂସ୍କୃତ—1. Abbreviation
Sam for 'Sanskrit'. ୨ । ସଂଜ୍ଞା—2. Abbreviation for
সং **सं** 'definition'. ୩ । ବିଶେଷ୍ୟ ପଦ—3. Abbrevia-
tion for 'Noun'. ୪ । (ଜିଲ୍ଲାର ସାଂକେତିକ) ସବ୍
ଡିଭିଜନ—4. Abbreviation for Sub-divi-
sion. [ବି—'ସମ୍' ଉପସର୍ଗଯୁକ୍ତ ସନ୍ଧିବଦ୍ଧ ସଂସ୍କୃତ
ପଦମାନ 'ସଂ' ଓ 'ସଙ୍' ଅବ ଯୁକ୍ତ ହୋଇ ଲେଖାଯାଏ;

ଯଥା—ସଂକର ସଙ୍କର
ସଂକ୍ରମଣ ସଙ୍କ୍ରମଣ
ସଂକୁଳ ସଙ୍କୁଳ
ସଂଘାତ ସଙ୍ଘାତ
ସଂଗ୍ରହ ସଙ୍ଗ୍ରହ ଇତ୍ୟାଦି ।]

ସଂଅ—ଦେ. ବି (ସଂ. ଶ୍ୟାମା—ସୁଅଁ) ତୃଣ—A kind of weed;
Sama Panicum Frumentacea. [ଉ—ହିଂସ୍ରକ ବାଂଶ
সোম **साँवाँ** ସଂଅ ଅଙ୍କୁଳ ବଦର । କୃଷ୍ଣସିଂହ. ମହାଭାରତ.
ବନ ।]

ସଂକଟ—ସଂ.ବିଣ. (ସମ୍=ସମ୍ୟକ୍+ କଟ୍ ଧାତୁ=ଆବରଣ କରିବା+
Samkata କର୍ତ୍ତୃ. ଅ)—୧ । ନିବିଡ଼—1. Thick-set. ୨ ।
(ସଙ୍କଟ—ଅନ୍ୟରୂପ) ଜନତାଯୁକ୍ତ—2. Crowded. ୩ ।
[ସଂକଟା—ସ୍ତ୍ରୀ] ଅଭେଦ୍ୟ—3. Impervious. ୪ । ଅନୁ-
ତ୍ତୀର୍ଣ୍ଣ; ଅନତିକ୍ରମ୍ୟ—4. Impassable; that
which cannot be crossed over. ୫। ଅପ୍ରଶସ୍ତ;
ସଂକୀର୍ଣ୍ଣ; ଅଳ୍ପପ୍ରସ୍ଥ; ସରୁ—5. Narrow; contra-
cted. ୬ । କଷ୍ଟମୟ—6. Full of troubles or
difficulties. ୭ । ବିପଜ୍ଜନକ—7. Dangerous;
risky. ସଂ. ବି—୧ । ବିପଦ; ଆପଦ—1. Cala-
mity; danger. ୨ । ଆସନ୍ନ ବିପଦ—2. Impen-
ding danger. ୩ । ଭିଡ଼; ଜନତା—3. Crowd.
୪ । ଆଶଙ୍କିତ ବିପଦ—4. Risk. ୫ । ଦୁଃଖ;
କ୍ଳେଶ—5. Trouble; suffering. ୬ । ବିଷମ
ଅବସ୍ଥା; ଅଣଓ; ଅସଜ—6. Straits; difficult
position; awkward position; crisis.
ଦେ. ବି—ଗିରି ସଂକଟ—Pass. [ଉ—ଅଛି ସେ
ସଂକଟ ଯଦ୍ଧି ମ୍ଲେଚ୍ଛ ଥାଟେ କରିଲେ 'ପ୍ରତାପ' ମରଣ
ନିଶ୍ଚି । ନନ୍ଦକିଶୋର—କୃଷ୍ଣକୁମାରୀ]।

ସଂକଟ କାଳ—ସଂ. ବି. (ମ. ଷ. କ୍ଲେ.) ୧ । ବିପତ୍କାଳ—1. Time of
Samkata kāla danger. ୨ । ଆଶଙ୍କିଅ ବେଳ—3.
Critical moment.

ସଂକଟ ତାରଣ—ସଂ. ବି (୫ମୀ ତତ୍)—ବିପଦରୁ ଉଦ୍ଧାର କରିବା—
Samkata tāraṇa Delivering a person from
(ସ୍ତ୍ରୀ—ସଙ୍କଟତାରଣୀ) danger. ବିଣ. ପୁଂ—ସଙ୍କଟରୁ
ଉଦ୍ଧାରକର୍ତ୍ତା—Delivering a person from
danger; deliverer from danger.

ସଂକଟ ତାର(ରେ)ଣୀ—ଗ୍ରା. ସ୍ତ୍ରୀ (ସଂ. ସଙ୍କଟତାରଣୀ)—ସଙ୍କଟାଇ
Samkata tāra(re)ṇi (ଦେଖ)—Samkatāi
(see)

ସଂକଟ ପୂର୍ଣ୍ଣ—ସଂ. ବିଣ. (୩ୟା ତତ୍)—ବିପତ୍ପୂର୍ଣ୍ଣ—
Samkata pūrṇṇa Besec with or full of danger.
[ସଙ୍କଟମୟ—ଅନ୍ୟରୂପ]

ସଂକଟ ସଂକୁଳ—ସଂ. ବିଣ. (୩ୟା ତତ୍) -ଯେଉଁ ସ୍ଥାନରେ ବା
Samkata samkula ଅବସ୍ଥାରେ ମନୁଷ୍ୟକୁ ବା ପ୍ରାଣୀକୁ
ଘୂରିଅଛି ବିପଦ ଘେରିଥାଏ—(a place or state)
Beset with or surrounded by danger;
full of danger.

ସଂକଟ ସ୍ଥଳ—ସଂ. ବି. (ମ.ପ.ଲୋ.)—୧ । ବିପଦାପନ୍ନ ସ୍ଥାନ—1. A
Samkata sthala place beset with dangers. ୨ ।
(ସଙ୍କଟସ୍ଥାନ—ଅନ୍ୟରୂପ) ବିପତ୍ପୂର୍ଣ୍ଣ ବିଷୟ—2. Dangerous or risky matter. ୩ । (ଭୂଗୋଳ ପରିଭାଷା) ଯୋଜକ—3. Isthmus. ୪ । ଭୂବିବର—4 A deep and narrow hole in the ground; abyss.

ସଂକଟା—ସଂ. ବି. ସ୍ତ୍ରୀ (ସଙ୍କଟ+ଅ)—୧ । ଦେବୀ ବିଶେଷ;
Samkatā ସଙ୍କଟାଇ ଠାକୁରାଣୀ; ଦୁର୍ଗାଙ୍କ ଗ୍ରାମ ପୂଜିତା ମୂର୍ତ୍ତି ବିଶେଷ—1. Name of a Goddess, a popular form of 'Durgā'. ୨ । ଅଷ୍ଟଯୋଗିନୀଙ୍କ ମଧ୍ୟରୁ ଏକତମା; ଦୁର୍ଗାଙ୍କର ସହଚରୀ ଦେବୀ ବିଶେଷ—2. One of the eight companions of Durgā. (ଦ୍ର—ଅଷ୍ଟଯୋଗିନୀଙ୍କ ନାମ, ଯଥା—"ମଙ୍ଗଳା, ପିଙ୍ଗଳା, ଧନ୍ୟା, ଭ୍ରାମରୀ, ଭଦ୍ରିକା ତଥା; ଉଲ୍କା, ସିଦ୍ଧିଃ, ସଂକଟା ଚ ଯୋଗିନ୍ୟୋଽଷ୍ଟୌ ପ୍ରକୀର୍ତ୍ତିତାଃ ।" ୩ । କାଶୀରେ ପ୍ରତିଷ୍ଠିତା ଓ ପୂଜିତା ଦେବୀ ପ୍ରତିମା—3. Name of the image of Durgā worshipped at
(ସଙ୍କଟା=ଅନ୍ୟରୂପ) Benares.

ସଂକଟା(ଟେ)ଇ—ଦେ. ବି. ସ୍ତ୍ରୀ (ସଂ. ସଂକଟା) ୧ । ଗ୍ରାମଦେବତା
Samkatā(te)i ବିଶେଷ—1. Name of a popular
সঙ্কটতারিণী संकटा Goddess. (ଦ୍ର—ସନ୍ତାନ କାମନାରେ ସ୍ତ୍ରୀମାନେ ଏ ଦେବୀଙ୍କୁ ଭୋଗ ମାନସ କରି 'ସଂକଟେଇ ମୁଦି' ପିନ୍ଧନ୍ତି ।) ୨ । ସଂକଟା (ଦେଖ)—2. Samkata (See) ୩ । ସଂକଟେଇ ମୁଦି (ଦେଖ)—3. Samkatei mudi (See)

ସଂକଟାକୀର୍ଣ୍ଣ—ସଂ. ବିଣ. (ଅନ୍ୟ ।ତତ୍)—ସଂକଟାପନ୍ନ (ଦେଖ)—
Samkatākirnna Samkatāpanna (See)
(ସଂକଟାକୀର୍ଣ୍ଣା—ସ୍ତ୍ରୀ)

ସଂକଟାକ୍ଷ—ସଂ ବି: (ସମ୍+କଟାକ୍ଷ)—୧ । ତୀବ୍ର କଟାକ୍ଷ—
Samkatāksha 1. A very frowning look. ୨ । ଧବଳ ବୃକ୍ଷ; ଅର୍ଜୁନ ବୃକ୍ଷ—2. Name of a tree; Terminalia Arjuna. ବିଣ—କଟାକ୍ଷ ସହିତ; କଟାକ୍ଷ ଯୁକ୍ତ (ଦୃଷ୍ଟି)—Ogling (look); (ସଙ୍କଟାକ୍ଷ—ଅନ୍ୟରୂପ) accompanied with side glances.

ସଂକଟାପନ୍ନ—ସଂ. ବିଣ (ଅନ୍ୟ ।ତତ୍)—୧ । ବିପତ୍ସଂକୁଳ
Samkatāpanna (ଅବସ୍ଥା ବା ସ୍ଥାନ)—1. Very
(ସଂକଟାପନ୍ନା)—ସ୍ତ୍ରୀ dangerous; beset with danger (place or condition); straitened (circumstances) ୨ । ଯେଉଁ ବ୍ୟକ୍ତିକୁ ଗୁରୁତର ବିପଦ ଘେରିଥାଏ; ବିପନ୍ନ—(a person) Surrounded by or overwhelmed with danger; fallen in straits.

ସଂକଟେଇ ମୁଦି—ଦେ. ବି. (ସଂ. ସଙ୍କଟା+ମୁଦ୍ରିକା)—ସନ୍ତାନକାମୀ
Samkatei mudi ସ୍ତ୍ରୀମାନେ ସନ୍ତାନ ଲାଭପାଇଁ ମାନସିକ
সংকট তারিণীর আংগটী କରି, ଓ ସନ୍ତାନ ହେଲେ ସଂକଟେଇ
संकटाकी अंगुठी ଦେବୀଙ୍କୁ ଭୋଗ ଦେବେ ବୋଲି ସଂକଳ୍ପ କରି, ଡାହାଣ ହାତର ବଣି ଅଙ୍ଗୁଠି ଓ ମଝି ଅଙ୍ଗୁଠି, ଏ ଦୁଇ ଅଙ୍ଗୁଠିରେ ଛନ୍ଦକରି ପିନ୍ଧିବା ପରସ୍ପରସଂଲଗ୍ନ ୦ ଆକାରର ଧାତୁମୟ ମୁଦ୍ରିକା—A double ring worn by females desiring offspring. [ଦ୍ର—ଏହାକୁ ପିନ୍ଧିଥିବା ସ୍ତ୍ରୀର ଉକ୍ତ ଦୁଇ ଅଙ୍ଗୁଠିଯାକ ଏକ ସମୟରେ ଶୃଙ୍ଖଳିତ ହୁଏ । ମାନସିକ କରିଥିବା ସ୍ତ୍ରୀର ସନ୍ତାନ ହେଲେ ଉକ୍ତ ସନ୍ତାନ ବଡ଼ ହୋଇ ଯେଉଁଦିନ ମାଆକୁ ପଚାରିବ, "ମା ! ଏ ମୁଦି କିଆଁ ପିନ୍ଧିଛୁ ?" ସେହି ଦିନ ଏ ବ୍ରତ ଉଦ୍ୟାପନ ହେବ ଏବଂ ମାଆ ନିଜ ହାତରୁ ଉକ୍ତ ମୁଦି କାଢ଼ି ସଂକଟେଇଙ୍କଠାରେ ମନାସିଥିବା ଭୋଗରାଗ କରିବେ ।]

ସଂକଥନ—ସଂ. ବି. (ସମ୍+କଥ୍ଧାତୁ+ଭାବ ଅନ)—୧ । କଥୋପ-
Samkathana କଥନ—1. Conversation. ୨ ।
(ସଙ୍କଥନ, ସଂକଥା—ଅନ୍ୟରୂପ) ବାକ୍ୟାଳାପ—2. Dialogue.

ସଂକର—ସଂ. ବି. (ସମ୍=ସମ୍ୟକ୍ରୂପେ+କୃ ଧାତୁ=କରିବା+ଭାବଅ)
Samkara ୧ । ଏକାଧିକ ବସ୍ତୁର ମିଶ୍ରଣ—1. Intermix-
(ସଙ୍କର—ଅନ୍ୟରୂପ) ture; mixture. ୨ । ବିରୁଦ୍ଧ ପଦାର୍ଥମାନଙ୍କର ମିଶ୍ରଣ—2. Mixture of opposite or incompatible things. ୩ । ବର୍ଣ୍ଣସଙ୍କର ଜାତି ବା ବ୍ୟକ୍ତି—3. A person of mixed blood; hybrid; half caste; mixed caste. ୪ । (ସମ୍+କୃ ଧାତୁ=ବିକ୍ଷେପ କରିବା+କର୍ମ ଅ) ଅବର୍ଜନା; ସମ୍ମାର୍ଜନୀ-କ୍ଷିପ୍ତ ଧୂଳ୍ୟାଦି-4. Sweepings; scourings. ୫ । ଶାଙ୍କୁଚ ମାଛ—5. Rayfish; the stingray. ୬। ଅର୍ଥାଳଂକାର ବିଶେଷ—5. A figure of speech (ଦ୍ର—ଯେଉଁଠାରେ ଏକାଧିକ ଅଳଂକାର ଏକ ବାକ୍ୟରେ ଏକତ୍ର ମିଳିତ ହୋଇ ସାପେକ୍ଷ ଭାବରେ ରହନ୍ତି, ସେଠାରେ 'ସଂକର ଅଳଂକାର' ହୁଏ । ଯଥା—ଶୋଭି ସେ ଲଲିତ ଅପ୍ସରୀ ତନ୍ୱୀ ଶୋଭିକୁ ବନ, ଫୁଟିଲା ଲାବଣ୍ୟ ସରରେ ନବ କମଳବନ । (ରାଧାନାଥ-ଚନ୍ଦ୍ରଭାଗା)(ଅଳଂକାର ତରଙ୍ଗିଣୀ-ଚୂଳାମଣି) ଦେ.ବି.ପୁ.—ସଙ୍କର୍ଷଣ ନାମକ ବ୍ୟକ୍ତିର ଡାକନାମ—A name for calling Sankarshana.

ସଂକରା—ଦେ. ବି.—(ସଂ. ସଂକର=ମିଶ୍ରଜାତୀୟ)-ଏକ ପ୍ରକାର କଣୁଆ
Samkarā କଦଳୀ; ସଙ୍କରା କଦଳୀ—A sort of inferior
কাঁঠালীকলা plantain or banana. ଗ୍ରା. ବି.—୧ ।
निकृष्ट केला (ଗାଳି) ବର୍ଣ୍ଣ ସଂକର—1. (a term of abuse)
সঙ্কর A person of mixed caste ୨ । ସଂକର୍ଷଣର
संकर ଅନାଦରାର୍ଥକ ଡାକନାମ—2. Name for calling
(ସଙ୍କରା—ଅନ୍ୟରୂପ) 'Samkarshana in disregard.

ସଂକର କଦଳୀ—ଦେ. ବି. —ଏକ ପ୍ରକାର ନିକୃଷ୍ଟ କଦଳୀ (ଦ୍ର—ଏହା Samkarā kadalī ଗାଠିଥିବା କଦଳୀ ଜାତୀୟ ଏବଂ ତାହାଠାରୁ କାଁଠାଳୀକଳା ଆକାରରେ ଛୋଟ ଓ ଖାଇବାକୁ ଅସ୍ୱାଦୁ । ଏହାକୁ ନିକୃଷ୍ଟ କେଳା ବନ୍ୟ କଦଳୀ କୋଲି ଯାଇପାରେ)—A species of inferior wild plantain.

ସଂକର ଧଣ୍ଡ—ଦେ. ବି.—ଏକ ପ୍ରକାର ପାଣିଧଣ୍ଡ ସାପ—A sort of Samkarā dhanda water snake. ଟୋଁଟା ଢୌଁଡ଼

ସଂକରାନୁଭୂତି—ସଂ. ବି.—କାବ୍ୟାଲଂକାର ବିଶେଷ (ଏହା ଚତୁର୍ବିଧ)— Samkarānubhūti A kind of figure in rhetoric. (ଉ—ଅବସର ଯୋଗୀ ହେବେ ଭ୍ରମର ଚକୋର, ଅର୍କ ମୁଦ୍ରନେ ସୁମନ ହେବେ ସବିସ୍ତର । ଅରୁଣ ଲୋକନେ ମୁଦ କୁମୁଦ ହୋଇବ, ବିପରୀତ କଥାରେ ସୁମତି ନ ମିଳିବ । ଅଭିମନ୍ୟୁ—ବିଦଗ୍ଧ ଚିନ୍ତାମଣି)

ସଂକରାନ୍ତି—ଗ୍ରା॰ ବି॰ (ପଦ୍ୟ) —ସଂକ୍ରାନ୍ତି (ଦେଖ) Samkarānti Samkrānti (See) (ଉ—ଏ ସଂକରାନ୍ତିରେ ପୁଣି ଉଦୟ ଯେବେ ଭାନୁ । (ସଙ୍କରାନ୍ତି—ଅନ୍ୟରୂପ) ପ୍ରାଚୀ—ଶିବ ସ୍ୱରୋଦୟ)

ସଂକରୀ—ସଂ ବି. ସ୍ତ୍ରୀ. (ସଂକର+ଈ)—ନବଦୂଷିତା କନ୍ୟା; ଯେଉଁ Samkarī କନ୍ୟା ଅଳ୍ପ ଦିନ ହେଲା ଭ୍ରଷ୍ଟା ହୋଇଅଛି— A newly spoilt girl; a recently deflowered girl.

ସଂକରୀକରଣ—ସଂ. ବି (ସଂକର+ଅଭୂତତଦ୍ଭାବେ ଚି+କୃ ଧାତୁ+ Samkarīkarana ଭାବ॰ ଅନ)—୧ । ନାନାବିଧ ପାପାନ୍ତର୍ଗତ ପାପ ବିଶେଷ; ଖର, ଅଶ୍ୱ, ଉଷ୍ଟ୍ର, ମୃଗ, ହସ୍ତୀ, ମେଷ, ଛାଗଳ, ମତ୍ସ୍ୟ, ଅହି, ମହିଷ, ଏହି ଜନ୍ତୁମାନଙ୍କର ବଧ); ଗ୍ରାମ୍ୟ ଓ ଆରଣ୍ୟ ପଶୁମାନଙ୍କ ବଧ—1. A sort of sin (amongst the nine kinds of sins enumerated in the Hindu Śāstras) commited by killing of certain animals. ୨ । ବହୁ ଦ୍ରବ୍ୟର ଏକତ୍ର ମିଶ୍ରଣ—2. Mixing up of many things. ୩ । ଦୁଇ ବିଭିନ୍ନ ଜାତୀୟ ପଶୁ ବା ବୃକ୍ଷାଦିକୁ ଯୋଡ଼ କରାଇ ଦୁଇ ଜାତିର ଗୁଣବିଶିଷ୍ଟ ଜୀବ ବା ବୃକ୍ଷାଦି ଉତ୍ପାଦନ କରାଇବା କ୍ରିୟା—3. Cross-breeding. ୪ । ଜାତିଭ୍ରଂଶକରଣ—4. Causing a person to lose his caste.

ସଂକ(କୁ)ରୁ—ଦେ.ବି॰ (ଆଦରାର୍ଥକ)—ସଂକର୍ଷଣର ଡାକନାମ—Name Samka(ku)ru for calling 'Samkarshana. ସଙ୍କର ସଙ୍କୁର

ସଂକର୍ଷଣ—ସଂ.ବି. (ସମ୍+କୃଷ୍ ଧାତୁ+ଭାବ. ଅନ)—୧। ସମ୍ପୂର୍ଣ୍ଣରୂପେ Samkarshana କର୍ଷଣ; ଆକର୍ଷଣ—1. Attraction. (ସଙ୍କର୍ଷଣ—ଅନ୍ୟରୂପ) ୨ । (+କର୍ମ. ଅନ) କୃଷିକର୍ମ— 2. Cultivation; agriculture; ploughing up. ୩ । (+କର୍ତ୍ତୃ. ଅନ) ବଳରାମ; ବଳଦେବ; ଶ୍ରୀକୃଷ୍ଣାଗ୍ରଜ (ଦ୍ର—ଏହାଙ୍କର ହଳ ଆୟୁଧ)—3. Balarāma. ୪ । ଶିବ-4. God Śiba. ୫ । ବିଷ୍ଣୁଙ୍କର ଭାବ ବିଶେଷ—5. A phase of Bishnu. [ଉ—ବିରସ ମାସ ପ୍ରହର ଦଣ୍ଡ ଯେ ମୁହୂର୍ତ୍ତ, ସଂକର୍ଷଣ ଅଟ ଫଳ ହୋଇଛି ବିଦିତ— ପ୍ରାଚୀ. ଶିବସ୍ୱରୋଦୟ ।) ଦେ. ବି. ପୁଂ—ଲୋକଙ୍କ ନାମ—A name of males.

ସଂକଳ—ସଂ॰ ବି (ସମ୍+କଲ୍ ଧାତୁ=ଗଣନା, ସଂଗ୍ରହ କରିବା+ Samkala ଭାବ. ଅ)—୧ । ସଂଗ୍ରହ—1. Collection. (ସଙ୍କଳ, ସଂକଳନ—ଅନ୍ୟରୂପ) ୨ । ବହୁ ସଂଖ୍ୟକ ଓ ବସ୍ତୁର (ବ୍ୟବକଳନ—ବିପରୀତ) ବସ୍ତୁର ଏକତ୍ରୀକରଣ—2. Compilation; heaping up. ୩ । (ଗଣିତ) ଯୋଗ; ମିଶ୍ରଣ—3. (mathematics) Addition.

ସଂକଳପ—ଗ୍ରା॰ (ପଦ୍ୟ) ବି॰ (ସଂ. ସଂକଳ୍ପ)—ସଂକଳ୍ପ (ଦେଖ)— Samkalapa amkalpa (See) [ଉ—ନୋହେ ସଙ୍କଳ୍ପ ସଂକଲ୍ପ ସଂକଳପ ମାନସେ ରହେ, ହେଲା ନୋହେ (ସଙ୍କଳପ—ଅନ୍ୟରୂପ) ଯତନରେ ଗୋ ଦେହେ—କବିସୂର୍ଯ୍ୟ॰ ସଙ୍ଗୀତ ।]

ସଂକଳୟିତା—ସଂ. ବିଣ. ଓ ବି ପୁଂ (ସମ୍+କଲ୍ ଧାତୁ=ସଂଗ୍ରହ Samkalayitā କରିବା+କର୍ତ୍ତୃ. ତୃ; ସଂକଳୟିତୃ ଶବ୍ଦ, ୧ମା. (ସଂକଳୟିତ୍ରୀ—ସ୍ତ୍ରୀ) ୧ବ)—ସଂକଳନକାରୀ; ସଂଗ୍ରହକର୍ତ୍ତା— (ସଙ୍କଳୟିତା—ଅନ୍ୟରୂପ) Collector; compiler.

ସଂକଳିତ—ସଂ॰ ବିଣ (ସମ୍+କଲ ଧାତୁ=ସଂଗ୍ରହ କରିବା+କର୍ମ; Samkalita ତ)—୧ । ସଂଗୃହୀତ—1. Gathered up. collected. ୨ । ଏକତ୍ର ଯୋଗ କରାଯାଇଥିବା (ସଂଖ୍ୟାମାନ)—2. Added up (numbers).

ସଂକଳ୍ପ—ସଂ॰ ବି (ସମ୍+କୢପ୍ ଧାତୁ=କଳ୍ପନା କରିବା+ଭାବ. ଅ — Samkalpa ୧ । ବାଞ୍ଛା; ମନୋରଥ; ମନୋବାଞ୍ଛା; ଇଚ୍ଛା; (ସଙ୍କଳ୍ପ—ଅନ୍ୟରୂପ) ଅଭିପ୍ରାୟ—1. Wish; desire, volition. ୨ । ମନରେ କରାଯାଇଥିବା ପ୍ରତିଜ୍ଞା— 2. Mental determination; resolve. ୩ । ଧର୍ମକର୍ମ ଓ ବ୍ରତାଦି କରିବା ପୂର୍ବରୁ ମନରେ ଯେଉଁ ଫଳ-ବାଞ୍ଛା କରାଯାଏ—3. The wished-for aim for which any religious rite is performed. ୪ । ବ୍ରତ ଓ ପୂଜାଦି କରିବା ନିମନ୍ତେ ସଂକଳିତ ଉଦ୍ଦେଶ୍ୟ ସଂବଳିତ ଯେଉଁ ମନ୍ତ୍ରାଦି ବା ବଚନ ଉଚ୍ଚାରଣ କରନ୍ତି—4. An avowal or utterance of the formula embodying the object and nature of the rite performed by a Hindu. [ଦ୍ର—ଭିନ୍ନ ଭିନ୍ନ ଉଦ୍ଦେଶ୍ୟ, ପୂଜା, ହୋମ, ବ୍ରତାଦି କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ସଂକଳ୍ପ ବାକ୍ୟ ଉଚ୍ଚାରଣ କରିବାକୁ ହୁଏ । ଏଥିରେ ପ୍ରଥମେ ବିଷ୍ଣୁ ଆଦି ଦେବତାଙ୍କ ନାମ ସ୍ମରଣ ଓ ତୀର୍ଥମାନଙ୍କୁ ଆବାହନ କରି, ବ୍ରତାଦି ଅନୁଷ୍ଠାନ କରାଯାଉଥିବା ସ୍ଥାନ ଓ ବର୍ଷ, ମାସ, ତିଥି, ବାର, ନକ୍ଷତ୍ରାଦିର ନାମୋଲ୍ଲେଖ, ତତ୍ପରେ ସଂକଳ୍ପ କରିବା ବ୍ୟକ୍ତିଙ୍କର ଗୋତ୍ର ଓ ନାମ, କି ଉଦ୍ଦେଶ୍ୟରେ ବା

ବା ଅଭିଷ୍ଟଲାଭ ପାଇଁ ବ୍ରତାଦି ଅନୁଷ୍ଠିତ ହେଉଅଛି ଓ କି ବ୍ରତ, ପୂଜା, ପ୍ରାୟଶ୍ଚିତ୍ତ ବା ହୋମାଦି ହେଉଅଛି, ତାହା ସବୁ ସଂସ୍କୃତ ଭାଷାରେ ବୋଲିବାକୁ ହୁଏ । ସଂକଳ୍ପ-ବାକ୍ୟର ଉଚ୍ଚାରଣ ପରେ ଅନୁଷ୍ଠିତ କର୍ମ ଆରମ୍ଭ କରାଯାଏ । ଦୁର୍ଗାପୂଜା, ଶିବପୂଜା, ବସ୍ତୁପୂଜା, ହୋମ, କାର୍ତ୍ତିକ ବ୍ରତ, ପ୍ରାୟଶ୍ଚିତ୍ତ, ତୀର୍ଥସ୍ନାନ, ଶ୍ରାଦ୍ଧ, ଜଳାଶୟାଦି ପ୍ରତିଷ୍ଠା ପ୍ରଭୃତି ପାଇଁ ଭିନ୍ନ ଭିନ୍ନ ସଂକଳ୍ପ ବାକ୍ୟ ଅଛି । ଶାସ୍ତ୍ରରେ ଅଛି ଯେ, ବିନା ସଂକଳ୍ପରେ କରାଯିବା କାର୍ଯ୍ୟର ଫଳ ବୃଥା; ତଦ୍ଦ୍ୱାରା ଧର୍ମର କ୍ଷୟ ହୁଏ । ହାତରେ ତାମ୍ରପାତ୍ର ଧରି ତହିଁ ମଧ୍ୟରେ ଜଳ, କୁଶତ୍ରୟ, ଦୁବ, ପୁଷ୍ପ, ଫଳ, ତିଳ ରଖି ପୂର୍ବମୁଖ ବା ଉତ୍ତରମୁଖ ହୋଇ ସଂକଳ୍ପ ବାକ୍ୟ ଉଚ୍ଚାରଣ କରିବା ଓ ଉକ୍ତ ଜଳକୁ ପାତ୍ରରୁ ଢାଳି ଦେବା ବିଧିକୁ ସଂକଳ୍ପ ବୋଲାଯାଏ ।]

ସଂକଳ୍ପ ଗୁଆ—ଦେ. ବି—କୌଣସି ଦୈବୀକର୍ମ କରିବା ପାଇଁ ଯଜମାନ **Samkalpa guā** ସଂକଳ୍ପ ବାକ୍ୟ ପଢ଼ି ପୁରୋହିତ ହାତକୁ **সঙ্কল্পের সুপারী** ଯେଉଁ ଗୁଆଟି ବଢ଼ାଇଦିଏ—The betel nut **संकल्प सुपारी** which is handed over to the priest by a Jajamāna after he has recited the Sankalpa formula before beginning the rite. (ଦ୍ର—ଚଣ୍ଡୀପାଠ କମନ୍ତେ ବାବୁଙ୍କ ହାତରୁ ସଂକଳ୍ପ ଗୁଆ ଟେକି ନେଇ ଓହ୍ଲାଇ ଆସିଲେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ସଂକଳ୍ପଜ—ସଂ. ବିଣ (ସଂକଳ୍ପ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । **Samkalpaja** ଇଚ୍ଛାରୁ ଉତ୍ପନ୍ନ-1. Born of desire; resulting from desire. ୨ । ପ୍ରଥମେ ସଂକଳ୍ପ ଉଚ୍ଚାରଣ କରି କରାଯିବା (କାର୍ଯ୍ୟ)—2. (Rite) Done after uttering the requisite formula.

ସଂକଳ୍ପ ଜନ୍ୟ, ସଂକଳ୍ପ ପ୍ରଭବ, ସଂକଳ୍ପ ମୂଳ } ଅନ୍ୟରୂପ

ସଂକଳ୍ପଜା, ସଂକଳ୍ପଜନ୍ୟା, ସଂକଳ୍ପ ପ୍ରଭବା, ସଂକଳ୍ପମୂଳା } ସ୍ତ୍ରୀ

ସଂକଳ୍ପଜନ୍ମା—ସଂ. ବି (ବହୁବ୍ରୀହି; ସଂକଳ୍ପ+ଜନ୍ମନ୍; ୧ମା. ୧ବ)—**Samkalpajanmā** ମନସିଜ; କନ୍ଦର୍ପ; କାମ—Cupid.

ସଂକଳ୍ପ ବଚନ(ବାକ୍ୟ)—ସଂ. ବି—ଧର୍ମକାର୍ଯ୍ୟ ଉଦ୍ଦେଶ୍ୟରେ **Samkalpa bachana(bākya)** ବୋଲାଯିବା ମାନସିକ ଅଭିଳାଷସୂଚକ ସଂସ୍କୃତ ବାକ୍ୟ—The formula avowing the object and nature of the rite to be performed.

ସଂକଳ୍ପ ବିକଳ୍ପ—ସଂ. ବି (ସହଚର))—ଅଭିଳାଷ ଓ ସନ୍ଦେହ—**Samkalpa bikalpa** Determination and doubt.

ସଂକଳ୍ପ ଭବ—ସଂ. ବି (ସଂକଳ୍ପ+ଭୂ ଧାତୁ+କର୍ତ୍ତୃ. ଅ)—ସଂକଳ୍ପ ଜନ୍ମା; **Samkalpa bhaba** କାମ; ମଦନ—Cupid. ସଂ. ବିଣ—ସଂକଳ୍ପଜ (ଦେଖ)—Samkalpaja. (See)

ସଂକଳ୍ପ ଯୋନି—ସଂ. ବି (ସଂକଳ୍ପ+ଯୋନି=ଉତ୍ପତ୍ତି, ହେତୁ; **Samkalpa joni** ବହୁବ୍ରୀହି)—କାମ; କନ୍ଦର୍ପ—Cupid.

ସଂକଳ୍ପ ରମଣୀ—ସଂ. ବି (ମ. ପ. ଲୋ)—ମନୋରଥ ନାୟିକା; ମାନସୀ **Samkalpa ramaṇī** ନାୟିକା—The lover (lady) the picture of whom is in one's desire or imagination. [ଉ—ସଂକଳ୍ପ ରମଣୀ ସଙ୍ଗେ ସଲ୍ଲୋକରେ ବାହୁଲେ କୁମରୀ ରଥ ।

ରାଧାନାଥ. ଉର୍ବଶୀ ।]

ସଂକଳ୍ପ ସିଦ୍ଧ—ସଂ. ବିଣ—୧ । (ତୃତୀୟା ତତ୍) ଯାହା ମାନସିକ ଅଭିଳାଷ **Samkalpa siddha** ଦ୍ୱାରା ନିଷ୍ପନ୍ନ ହୋଇଅଛି—1. Accomplished by mental resolve or will. ୨ । (ସଂକଳ୍ପସିଦ୍ଧା—ସ୍ତ୍ରୀ) ଯେ ମାନସିକ ବଳଦ୍ୱାରା ଅତିମାନୁଷ ଶକ୍ତି ଲାଭ କରିଅଛନ୍ତି—2. One who has gained supernatural power through the strength of will.

ସଂକଳ୍ପ ସିଦ୍ଧି—ସଂ. ବି (୬ଷ୍ଠୀ ତତ୍)—ମନୋବାଞ୍ଛାର ପୂର୍ତ୍ତି—The **Samkalpa siddhi** fulfilment of one's desire.

ସଂକଳ୍ପିତ—ସଂ. ବିଣ (ସମ୍+କୃପ ଧାତୁ+କର୍ମ. ତ)—**Samkalpita** ୧ । ଅଭିଳଷିତ; ବାଞ୍ଛିତ—1. Wished-for; desired. ୨ । କର୍ତ୍ତବ୍ୟରୂପେ ସ୍ଥିରୀକୃତ—2. Resolved to be done as a duty. ୩ । ଯାହା (କର୍ମାଦି) ସଂକଳ୍ପବାକ୍ୟଦ୍ୱାରା ଅବଧୃତ ହୋଇଅଛି—3. (Rite) Formally avowed. ୪ । ଚିନ୍ତିତ—4. Thought of. ୫ । ଖ୍ୟାତ—5. Famed.

ସଂକଳ୍ପିତାର୍ଥ—ସଂ. ବି. (କର୍ମଧା)—ସଂକଳ୍ପିତ ଉଦ୍ଦେଶ୍ୟ; ଅଭିଳଷିତ **Samkalpitārtha** ବିଷୟ—Wished for object.

ସଂକଳ୍ପିତାର୍ଥ ଫଳପ୍ରାପ୍ତି (ସିଦ୍ଧି ଲାଭ)—ସଂ. ବି. (ବହୁବ୍ରୀହି, କର୍ମଧା, ୬ଷ୍ଠୀ-**Samkalpitārtha phalaprāpti** ତତ୍) ବାଞ୍ଛିତ ଫଳର ଲାଭ—**(siddhi lābha)** The attainment of one's wished for object.

ସଂକସୁକ—ସଂ. ବି. (ସମ୍+କସ୍ ଧାତୁ=ଯିବା+କର୍ତ୍ତୃ ଉକ)—**Samkasuka** ୧ । ଅସ୍ଥିର; ଚଞ୍ଚଳ—1. Restless. ୨ । (ସଙ୍କସୁକ—ଅନ୍ୟରୂପ) ସଂକୀର୍ଣ୍ଣ—2. Narrow. ୩ । ଅନିତ୍ୟ (ସଂକସୁକା—ସ୍ତ୍ରୀ) —3. Transient. ୪ । ଅପବାଦକାରକ—4. Defaming; vilifying; scandalising. ୫ । ଦୁର୍ବଳ—5. Weak. ୬ । ଦୁର୍ଜନ; ଖଳ—6. Wicked.

ସଂକାର—ସଂ. ବି.—(ସମ୍+କୃ ଧାତୁ=ବିକ୍ଷେପ କରିବା+କର୍ମ **Samkāra** ଅ)—ସମ୍ମାର୍ଜନୀକ୍ଷିପ୍ତ ଧୂଳି ଆଦି; ଝାଡ଼ଣୀରେ (ସଙ୍କାର—ଅନ୍ୟରୂପ) ଓଳିଆ ହୋଇ ଗଦା କରି ଯାଇଥିବା ଅଳିଆ—Sweepings.

ସଂକାରୀ—ସଂ. ବି. ସ୍ତ୍ରୀ.—(ସଂକାର+ଈ)—ସଂକରୀ, ନବଦୂଷିତା **Samkārī** କନ୍ୟା—A recently deflowered or ravished girl.

ସଂକାଶ—ସଂ. ବଣ.—(ସମ୍ + କାଶ ଧାତୁ = ପ୍ରକାଶ ପାଇବା + Saṁkāśa କର୍ତ୍ତୃ. ଅ) ୧ । (ଶବ୍ଦର ପରବର୍ତ୍ତୀ ହେଲେ) (ସଙ୍କାଶ—ଅନ୍ୟରୂପ) ତୁଲ୍ୟ; ସଦୃଶ (ଯଥା—ପ୍ରଳୟସଂକାଶ, (ସଂକାଶା—ସ୍ତ୍ରୀ) ଚନ୍ଦ୍ରେନ୍ଦୁସଂକାଶ)—1. Equal to; similar to. ୨ । ସମାନ ବର୍ଣ୍ଣ ବା କାନ୍ତି ବିଶିଷ୍ଟ—2. Of a like colour or lustre; resemblin .

[ଉ—ସେହି ପ୍ରଳୟସଂକାଶ ଭୟଙ୍କର ହବଃରେ ସେଇ୍ସବୁ ଘଟନାମାନ ଘଟିଥିଲ, ମଧୁସୂଦନ. ଲୟବନଭୂମିବର୍ଣ୍ଣ]

୩। ସମୀପବର୍ତ୍ତୀ; ନିକଟବର୍ତ୍ତୀ—3. Near; adjacent.

ସଂକିଲ—ସଂ.ବି. (ସମ୍ + କିଲ୍ ଧାତୁ = ଶୁକ୍ଳବର୍ଣ୍ଣ ହେବା + କର୍ତ୍ତୃ. Saṁkila ଅ) ୧ । ଅଗ୍ନିଗୋଲ୍ଲା; ଅଗ୍ନିପିଣ୍ଡ—1. Fire-ball. ୨ । ମଶାଲ—2. Torch. ୩ । ଜ୍ୱଳନ୍ତ ଅଗ୍ନି—3. Burning fire; flame.

ସଙ୍କୀର୍ଣ୍ଣ—ସଂ. ବଣ (ସମ୍ + କୃ ଧାତୁ + କର୍ମ.କ୍ତ) ୧ । ଅପ୍ରସର; ଅପ୍ରଶସ୍ତ—Saṁkīrṇṇa 1. Narrow; strait. ୨ । କ୍ଷୁଦ୍ର; ସୀମାବଦ୍ଧ; (ସଙ୍କୀର୍ଣ୍ଣ—ଅନ୍ୟରୂପ) ସରୁ; ଛୋଟ—2. Limited; small. [ସଙ୍କୀର୍ଣ୍ଣା—ସ୍ତ୍ରୀ] ୩ । ସଙ୍କୁଚିତ—3. Contracted. ୪ । ଉଦାରଭାଶୂନ୍ୟ; ଅନୁଦାର (ହୃଦୟ, ମତ)—4. Not liberal; narrow (view). ୫ । ନିବିଡ଼; ଘନ—5. Dense. ୬ । ଜନତାଯୁକ୍ତ; ବହୁ ଲୋକ ସମାକୀର୍ଣ୍ଣ—6. Crowded. ୭ । ସମାକୀର୍ଣ୍ଣ; ପରିବ୍ୟାପ୍ତ—7. Overspread; diffused; pervaded; spread over. ୮ । ଗୋଳିଆ ମେଳିଆ; ବିକ୍ଷିପ୍ତ—8. Confused. ୯ । ନାନାବସ୍ତୁ ମିଳିତ—9. Mixed together. ୧୦ । ଅପବିତ୍ର—10. Impure. ୧୧ । ନାନା ଜାତିର ମିଶ୍ରଣରେ ଜାତ—11. Hybrid; of mixed blood. ୧୨ । ଦୁଇସ୍ୱର ବିଜାତୀୟ (ବସ୍ତୁ)—12. Heterogenous. ୧୩ । ସଂକଟମୟ—13. Dangerous; full of dangers. ସଂ ବି— ୧ । ବର୍ଣ୍ଣସଂକର ଜାତି—1. Mixed caste. ୨ । (ସଂଗୀତ) ମିଶ୍ର ରାଗ—2. A mixed tune. ୩ । ସଂକଟ—3. Straits; difficulties.

ସଙ୍କୀର୍ଣ୍ଣ କଣ୍ଠ—ସଂ. ବି (କର୍ମଧା)—ସଂକୁଚିତ କଣ୍ଠ—Contracted Saṁkīrṇṇa kaṇṭha throat. ବଣ. ପୁଂ—(ବହୁବ୍ରୀହି) ସଂକୁଚିତ କଣ୍ଠ ବିଶିଷ୍ଟ—Having a contracted throat. [ସଂକୀର୍ଣ୍ଣକଣ୍ଠୀ, ସଂକୀର୍ଣ୍ଣକଣ୍ଠା—ସ୍ତ୍ରୀ]

ସଙ୍କୀର୍ଣ୍ଣ ଗ୍ରୀବ—ସଂ. ବଣ. ପୁଂ (ବହୁବ୍ରୀହି; ସଂକୀର୍ଣ୍ଣ + ଗ୍ରୀବା)—ଯାହାର Saṁkīrṇṇa griba ବେକ ସରୁ; ସରୁବେକା; (ସଂକୀର୍ଣ୍ଣ ଗ୍ରୀବା—ସ୍ତ୍ରୀ) ଲମ୍ବିବେକା—Having a narrow neck.

ସଙ୍କୀର୍ଣ୍ଣ ଗ୍ରୀବା—ସଂ. ବି (କର୍ମଧା)—ସରୁ ବେକ—Narrow neck. Saṁkīrṇṇa gribā ସଂ. ବଣ. ସ୍ତ୍ରୀ (ବହୁବ୍ରୀହି)—ସଂକୀର୍ଣ୍ଣଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Saṁkīrṇṇa-griba.

ସଙ୍କୀର୍ଣ୍ଣ ଚିତ୍ତ—ସଂ. ବି(କର୍ମଧା)—ନୀଚ ହୃଦୟ; ନୀଚ ମନ—A mean Saṁkīrṇṇa chitta mind. ସଂ. ବଣ—ସଂକୀର୍ଣ୍ଣମନାଃ [ସଂକୀର୍ଣ୍ଣଚିତ୍ତା—ସ୍ତ୍ରୀ] (ଦେଖ)—Saṁkīrṇṇamanāḥ. (See)

ସଂକୀର୍ଣ୍ଣ ଚେତା—ଦେ. ବଣ (ସଂ. ସଂକୀର୍ଣ୍ଣ ଚେତାଃ)—ସଂକୀର୍ଣ୍ଣଚେତାଃ Saṁkīrṇṇa chetā (ଦେଖ)—Saṁkīrṇṇa chetaḥ (See) সংকীর্ণচেতা संकीर्णचेता

ସଂକୀର୍ଣ୍ଣ ଚେତାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସଂକୀର୍ଣ୍ଣ + ଚେତସ୍; Saṁkīrṇṇa chetāḥ ୧ମା. ୧ବ)-ସଂକୀର୍ଣ୍ଣମନାଃ (ଦେଖ)—Saṁkīrṇṇamanāḥ. (See)

ସଂକୀର୍ଣ୍ଣ ଜାତି—ସଂ. ବି (କର୍ମଧା)—ବର୍ଣ୍ଣସଂକର ଜାତି—Saṁkīrṇṇa jāti Mixed caste.

ସଂକୀର୍ଣ୍ଣତା(ତ୍ୱ)—ସଂ. ବି (ସଂକୀର୍ଣ୍ଣ + ଭାବାର୍ଥେ. ତା, ତ୍ୱ)—Saṁkīrṇṇatā(twa) ୧। ଅପ୍ରସରତା—1. Narrowness. ୨ । (ମନର) ଅନୁଦାରତା—2. Want of liberality (of mind); narrowness (of mind). ୩ । ସାଂକର୍ଯ୍ୟ—3. The state of being of mixed blood. ୪ । ଭିଡ଼; ଜନତା—4. Crowd; state of being crowded.

ସଂକୀର୍ଣ୍ଣ ଦେହ—ସଂ. ବି (କର୍ମଧା)—୧ । ସଂକୁଚିତ ଶରୀର—Saṁkīrṇṇa deha 1. Contracted body. ୨ । କ୍ଷୁଦ୍ର ଦେହ—2. Small body. ବଣ. ପୁଂ—୧ । (ବହୁବ୍ରୀହି) କ୍ଷୁଦ୍ର ଦେହ ବିଶିଷ୍ଟ—1. Small-bodied. ୨ । ସଂକୁଚିତକାୟ; ଯାହାର ଶରୀର ସଂକୁଚିତ ହୋଇଅଛି—2. With contracted body.
(ସଂକୀର୍ଣ୍ଣାଙ୍ଗ, ସଂକୀର୍ଣ୍ଣକାୟ, ସଂକୀର୍ଣ୍ଣବିଗ୍ରହ—ଅନ୍ୟରୂପ; ସଂକୀର୍ଣ୍ଣଦେହା, ସଂକୀର୍ଣ୍ଣାଙ୍ଗୀ, ସଂକୀର୍ଣ୍ଣ କାୟା, ସଂକୀର୍ଣ୍ଣବିଗ୍ରହା—ସ୍ତ୍ରୀ)

ସଙ୍କୀର୍ଣ୍ଣ ନୀତି—ସଂ. ବି (କର୍ମଧା)—୧ । ଅନୁଦାର ନୀତି—1. Illiberal or narrow policy or Saṁkīrṇṇa nīti principle. ୨ । ନୀଚ ନୀତି—2. Mean policy.

ସଙ୍କୀର୍ଣ୍ଣ ପଥ—ସଂ. ବି (କର୍ମଧା)—ସରୁ ବାଟ—Saṁkīrṇṇa patha Narrow path.

ସଙ୍କୀର୍ଣ୍ଣ ମତ—ସଂ. ବି (କର୍ମଧା)—ଅନୁଦାର ମତ—Saṁkīrṇṇa mata Illiberal view.

ସଙ୍କୀର୍ଣ୍ଣ ମନ—ସଂ. ବି (କର୍ମଧା)—ଅନୁଦାର ମନ—Saṁkīrṇṇa mana Narrow mind.

ସଂକୀର୍ଣ୍ଣ ମନା—ଦେ. ବଣ (ସଂ. ସଂକୀର୍ଣ୍ଣମନାଃ)—ସଂକୀର୍ଣ୍ଣମନାଃ (ଦେଖ) Saṁkīrṇṇa manā Saṁkīrṇṇamanāḥ. (See) সংকীর্ণমনা संकीर्णमना

ସଂକୀର୍ଣ୍ଣ ମନାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସଂକୀର୍ଣ୍ଣ + ମନସ୍; Saṁkīrṇṇa manāḥ ୧ମା. ୧ବ)—୧ । ନୀଚମନାଃ—1. Mean-minded. ୨। କ୍ଷୁଦ୍ର ଚେତାଃ; ଅନୁଦାରମନାଃ; ଯାହାର ମନ ଉଦାରଭାବାପନ୍ନ ନୁହେଁ—2. Narrow-minded. ୩ । ସ୍ୱାର୍ଥପର—3. Selfish.

ସଙ୍କୀର୍ଣ୍ଣ ମୁଖ—ସଂ. ବି (କର୍ମଧା)—୧ । ସରୁ ମୁହଁ—1. Narrow
Saṁkīrṇṇa mukha mouth. ୨ । ସଙ୍କୁଚିତ ମୁହଁ; କୁଞ୍ଚ ମୁହଁ—2. Contracted mouth. ସଂ. ବିଣ—(ବହୁବ୍ରୀହି)—୧। ସରୁ ମୁହାଁ; କୁଞ୍ଚ ମୁହାଁ—1. Narrow-
(ସଙ୍କୀର୍ଣ୍ଣମୁଖା—ସ୍ତ୍ରୀ) mouthed. ୨ । ଅପ୍ରଶସ୍ତ ଦ୍ୱାର ବିଶିଷ୍ଟ—2. Having a narrow outlet.

ସଂକୀର୍ଣ୍ଣ ଯୋନି—ସଂ. ବି. (କର୍ମଧା)—ନୀଚ ଜାତି—Low caste.
Saṁkīrṇṇa joni ବିଣ. (ବହୁବ୍ରୀହି)—ନୀଚଜାତି; ନୀଚ ଜାତୀୟ—Of low class; low born.

ସଂକୀର୍ଣ୍ଣ ହୃଦୟ—ସଂ. ବି. ଓ ବିଣ (କର୍ମଧା ଓ ବହୁବ୍ରୀହି)—ସଂକୀର୍ଣ୍ଣଚିତ୍ତ
Saṁkīrṇṇa hṛudaya (ଦେଖ)—Saṁkīrṇṇa chitta (See).
(ସଂକୀର୍ଣ୍ଣହୃଦୟା—ସ୍ତ୍ରୀ)

ସଂକୀର୍ଣ୍ଣାତ୍ମା—ସଂ. ବି. ଓ ବିଣ (କର୍ମଧା ଓ ବହୁବ୍ରୀହି)—ସଂକୀର୍ଣ୍ଣଚିତ୍ତ(ଦେଖ)
Saṁkīrṇṇātmā Saṁkīrṇṇachitta (See).

ସଂକୀର୍ଣ୍ଣାୟତନ—ସଂ. ବି (କର୍ମଧା)—କ୍ଷୁଦ୍ର ସ୍ଥାନ—1. Small
Saṁkīrṇṇāyatana space or area. ସଂ ବିଣ (ବହୁବ୍ରୀହି)—୧ । ଅପ୍ରଶସ୍ତ ଆକାର ବିଶିଷ୍ଟ—1. Of small or limited area. ୨ । ସଂକୁଚିତ—2. Contracted. ୩ । ଅପ୍ରଶସ୍ତ—3 Narrow.

ସଂକୀର୍ଣ୍ଣାବସ୍ଥ—ସଂ. ବିଣ (ବହୁବ୍ରୀହି; ସଂକୀର୍ଣ୍ଣ+ଅବସ୍ଥା)—୧ । ସଂକୁଚିତ
Saṁkīrṇṇābastha ଅବସ୍ଥାଯୁକ୍ତ—1. Of contracted state. ୨ । ହୀନଦଶା ପ୍ରାପ୍ତ; ହୀନାବସ୍ଥାଯୁକ୍ତ—2. Of low or mean condition.

ସଂକୀର୍ଣ୍ଣାବସ୍ଥା—ସଂ. ବି. (କର୍ମଧା)—୧ । ହୀନଦଶା—1. Low or
Saṁkīrṇṇābasthā mean condition. ୨ । ସଂକୁଚିତ ଅବସ୍ଥା—2. Contracted state. ୩ । ଅପରିସର ଅବସ୍ଥା—3. Narrow state.

ସଂକୀର୍ଣ୍ଣାୟମାନ—ସଂ. ବିଣ (ସଂକୀର୍ଣ୍ଣ+ଅଭୂତ ତଦ୍ଭାବେ ଯ=
Saṁkīrṇṇāyamāna ସଂକୀର୍ଣ୍ଣାୟ ନାମଧାତୁ+କର୍ତ୍ତୃ ଅନ)—କ୍ରମଶଃ ସଂକୀର୍ଣ୍ଣ ହେଉଥିବା—Gradually narrowing.
(ସଂକୀର୍ଣ୍ଣାୟମାନା—ସ୍ତ୍ରୀ)

ସଂକୀର୍ଣ୍ଣୀକରଣ—ସଂ. ବି—ସଂକରୀକରଣ; ଗ୍ରାମ୍ୟ ଓ ଅରଣ୍ୟ ପଶୁବଧ—
Saṁkīrṇṇīkaraṇa ଜନିତ ପାପ—Sin of killing wild and domestic animals.

ସଂକୀର୍ତ୍ତନ (ନା)—ସଂ. ବି (ସମ୍+କୃତ୍ ଧାତୁ+ଭାବ ଅନ+ସ୍ତ୍ରୀ ଆ)—
Saṁkīrttana(nā) ୧ । ଦେବତାଦିଙ୍କ ନାମୋଚ୍ଚାରଣ ପୂର୍ବକ ସ୍ତୁତିଗାନ; ସମ୍ୟକ୍ ପ୍ରକାରରେ ଦେବତାଦିଙ୍କ ନାମ ଉଚ୍ଚାରଣ ପୂର୍ବକ ଗାନ—1. Songs sung in
[ସଙ୍କୀର୍ତ୍ତନ (ନା)—ଅନ୍ୟରୂପ] praise of God or Deities; chanting of hymns or psalms. ୨ । ଗୁଣାନୁକଥନ; ପ୍ରଶଂସା କରିବା—2. Praising; eulogising. ୩ । ବର୍ଣ୍ଣନ—3. Describing. ୪ । ଉଚ୍ଚାରଣ—4. Uttering. ଦେ. ବି—ରାଧା,

সংকীর্ত্তন, কীর্ত্তন, **সংকীর্তন** କୃଷ୍ଣ ଓ ଶ୍ରୀ ଚୈତନ୍ୟଙ୍କ ସମ୍ବନ୍ଧୀୟ ଖୋଳ କରତାଳ ଓ ନୃତ୍ୟାଦି ସହିତ ଗୀତ ଗାନ—Songs in praise of Rādhā, Kṛushṇa and Chaitanya sung in accompaniment of music. [ଦ୍ର—ଭଗବାନ ଓ ଦେବତାଦିଙ୍କ ନାମସଂକୀର୍ତ୍ତନର ମାହାତ୍ମ୍ୟ ଭାଗବତ, ନାରଦ ପଞ୍ଚରାତ୍ର, ବୃହନ୍ନାରଦୀୟ ପୁରାଣାଦିରେ ବର୍ଣ୍ଣିତ ହୋଇଅଛି; କିନ୍ତୁ ଶ୍ରୀ ଚୈତନ୍ୟ ଦେବଙ୍କ ଅମଳରୁ ଖୋଳ କରତାଳ ସହିତ ବହୁ ଲୋକଙ୍କର ସମ୍ମିଳିତ ଗାନ ଓ ବିଶେଷତଃ ଶ୍ରୀରାଧାକୃଷ୍ଣ ସମ୍ବନ୍ଧୀୟ ଗାନ ବା ସଂକୀର୍ତ୍ତନ ପ୍ରତି ବୈଷ୍ଣବମାନଙ୍କର ବିଶେଷ ଆଗ୍ରହ ଜନ୍ମିଅଛି । ଚୈତନ୍ୟଦେବ ପ୍ରଚାର କଲେ ଯେ, କଳିଯୁଗରେ ହରିନାମ ସଂକୀର୍ତ୍ତନହିଁ ମୁକ୍ତିଲାଭାର୍ଥ ମନୁଷ୍ୟର ଏକମାତ୍ର ଅବଲମ୍ବନ । କୀର୍ତ୍ତନୀୟ ନାମ ଯଥା—"ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍ କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।" ଯେଉଁଠାରେ ନାମ ସଂକୀର୍ତ୍ତନ ହୁଏ, ତାହା ପ୍ରଧାନତମ ତୀର୍ଥ ଓ ସଂକୀର୍ତ୍ତନକାରୀ ବ୍ୟକ୍ତିଙ୍କ ପାଦରଜ ଯେଉଁଠାରେ ପଡ଼େ, ସେ ସ୍ଥାନ ପବିତ୍ର ହୁଏ । ଏହି କୀର୍ତ୍ତନଧ୍ୱନିରେ ପାପ ସବୁ ରାଜ୍ୟ ଛାଡ଼ି ପଳାନ୍ତି ଏବଂ ସଂକୀର୍ତ୍ତନ ଦ୍ୱାରା ଶ୍ରୋତା ଓ ଗାୟକଙ୍କର ଉପର ଓ ତଳର ସାତ ପୁରୁଷ ଉଦ୍ଧାର ପାଆନ୍ତି । ଶାସ୍ତ୍ରରେ ମଧ୍ୟ ଅଛି ଯେ, ସତ୍ୟଯୁଗରେ ତୀର୍ଥ, ତ୍ରେତାରେ ଯଜ୍ଞ, ଦ୍ୱାପରରେ ଦାନ ଓ କଳିରେ ନାମ ସଂକୀର୍ତ୍ତନହିଁ ଯୁଗଧର୍ମ । ପୁଣି କଥିତ ଅଛି ଯେ, ଦାନ, ବ୍ରତ, ତପସ୍ୟା, ଯଜ୍ଞ, ଏ ସମସ୍ତ ଅପେକ୍ଷା ସଂକୀର୍ତ୍ତନ ଅଧିକତର ଫଳପ୍ରଦ ଓ ମୁକ୍ତିପ୍ରଦ ଅଟେ ଏବଂ ସଂକୀର୍ତ୍ତନ-ବିରହିତ ଦାନାଦି କାର୍ଯ୍ୟ ନିଷ୍ଫଳ ହୁଏ । ଶ୍ରୀ ଚୈତନ୍ୟ ଦେବ ପ୍ରଧାନତଃ ନିମ୍ନଲିଖିତ ପଦଗୁଡ଼ିକ ଘୋଷି ଖୋଳ କରତାଳ ସାହାଯ୍ୟରେ ବହୁ ସହଚରଙ୍କ ସମଭିବ୍ୟାହାରରେ ସଂକୀର୍ତ୍ତନ କରୁଥିଲେ । ପଦମାନ ଯଥା—

୧ । ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

୨ । କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ହେ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ହେ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ପାହି ମାଂ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ରକ୍ଷ ମାଂ ।

୩ । କୃଷ୍ଣ କେଶବ କୃଷ୍ଣ କେଶବ କୃଷ୍ଣ କେଶବ ପାହି ମାଂ
ରାମ ରାଘବ ରାମ ରାଘବ ରାମ ରାଘବ ରକ୍ଷ ମାଂ ।

ଭାଗବତବର୍ଣ୍ଣିତ ଶ୍ରୀକୃଷ୍ଣ ଓ ରାଧାଙ୍କର ଭିନ୍ନ ଭିନ୍ନ ଲୀଳା ଓ ଚରିତକୁ ମଧ୍ୟ ଶ୍ରୀଚୈତନ୍ୟଦେବ ସମୟସମୟରେ ଗାନ କରୁଥିଲେ । ପରେ ଚୈତନ୍ୟଙ୍କ ଭକ୍ତମାନେ ଓ ବିଶେଷତଃ ସ୍ୱର୍ଗୀୟ ଶ୍ରୀ ରାଧାରମଣ ଚରଣ ଦାସ

"(ଭଜ) ନିତାଇ ଗଉର ରାଧେ ଶ୍ୟାମ
(ଜପ) ହରେ କୃଷ୍ଣ ହରେ ରାମ"

ଏହି ପଦକୁ ସଂକୀର୍ତ୍ତନ କଲେ ଏବଂ ଏହାହିଁ ବର୍ତ୍ତମାନ କେତେ ବୈଷ୍ଣବଙ୍କର ସଂକୀର୍ତ୍ତନର ପ୍ରଧାନ ପଦ। ସଂକୀର୍ତ୍ତନରେ ଶ୍ରୀଚୈତନ୍ୟ ଦେବଙ୍କ ଜୀବନଚରିତ ମଧ୍ୟ ଗୀତ ହୁଏ।

ଚୈତନ୍ୟ ଦେବ ପୁରୀରେ ବହୁକାଳ ଅବସ୍ଥିତି କରି ଉତ୍କଳରେ ବୈଷ୍ଣବଧର୍ମର ବଶିଷ୍ଠ ପ୍ରଚାରକ ହୋଇଥିଲେ। ଓଡ଼ିଶାରେ କେବଳ ପୁରୀର ଶାସନୀ ବ୍ରାହ୍ମଣମାନଙ୍କ ଛଡ଼ା ଅନ୍ୟ ସବୁ ଜାତି ଶ୍ରୀଚୈତନ୍ୟ ଦେବଙ୍କ ପ୍ରବର୍ତ୍ତିତ ସଂକୀର୍ତ୍ତନକୁ ଗ୍ରହଣ କରିଅଛନ୍ତି ଏବଂ ଉତ୍କଳର ଗ୍ରାମେ ଗ୍ରାମେ ବଙ୍ଗଳା ଭାଷାର ସଂକୀର୍ତ୍ତନ (ବଙ୍ଗ ଭାଷା ଜାଣି ନ ଥିବା ଅଶିକ୍ଷିତ ଓଡ଼ିଆଙ୍କ ମୁହଁରେ ବିକୃତ ରୂପ ଧାରଣ କରି ସୁଦ୍ଧା) ଏପର୍ଯ୍ୟନ୍ତ ଖୋଳ କରତାଳ ସାହାଯ୍ୟରେ ଗୀତ ହେଉଅଛି। ଶ୍ରୀକୃଷ୍ଣ ଲୀଳା ଓ ଶ୍ରୀଚୈତନ୍ୟ ଲୀଳା ଏହି ସଂକୀର୍ତ୍ତନମାନଙ୍କ ବିଷୟ। ଦୋଳ ଦଶହରା ଆଦି ଜାତ ଯାତ୍ରାଦିରେ, ଦେବତାମାନଙ୍କ ଶୋଭାଯାତ୍ରାରେ ଓ ଦେବ ମେଳନରେ ଏକାଧିକ ସଂକୀର୍ତ୍ତନ ମଣ୍ଡଳ ଖୋଳ କରତାଳ ସହିତ ସଂକୀର୍ତ୍ତନ କରନ୍ତି ଏବଂ ଚୈତନ୍ୟଦେବଙ୍କ ଅମଳରୁ ଅଦ୍ୟପର୍ଯ୍ୟନ୍ତ ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷରେ ଠିଆ ହୋଇଥିବା ରଥମାନଙ୍କ ଆଗରେ ଉତ୍କଳୀୟ ଓ ବଙ୍ଗୀୟ ସଂକୀର୍ତ୍ତନମଣ୍ଡଳୀମାନେ ସଂକୀର୍ତ୍ତନ କରି କରି ଅଗ୍ରସର ହେଉଥାଆନ୍ତି। ଓଡ଼ିଶାରେ ସଂକୀର୍ତ୍ତନ ବଙ୍ଗୀୟ କୀର୍ତ୍ତନର ମାଧୁରୀ ହରାଇ ପ୍ରାୟ ହାତେ ବ୍ୟାସବିଶିଷ୍ଟ ଝାଞ୍ଜ ଓ ଦୁଇ ହାତ ଲମ୍ବର ମୃଦଙ୍ଗବାଦନଧ୍ୱନି ମିଶ୍ରିତ ହୋଇ ଅତି କର୍କଶ ହୋଇଅଛି। ଯେଉଁଠାରେ ଶିକ୍ଷିତ ଦଳ ବଙ୍ଗୀୟ ସଂକୀର୍ତ୍ତନର ବାଦ୍ୟ (ଛୋଟ ମୃଦଙ୍ଗ ଓ ଛୋଟ ଝାଞ୍ଜ ବା କରତାଳ) ସାହାଯ୍ୟରେ ସଂକୀର୍ତ୍ତନ କରିବାକୁ ଶିକ୍ଷି-ଅଛନ୍ତି, ତାହା ଶ୍ରୁତିମଧୁର; ନଚେତ୍ ଉତ୍କଳର ମଫସଲରେ ସଂକୀର୍ତ୍ତନର ଅର୍ଥ ୬।୭ଟି ମୃଦଙ୍ଗର କାଧ୍ମା ବାଡ଼ିଆ ଓ ୧୦।୧୨ ଯୋଡ଼ା ଝାଞ୍ଜର ଘୋର ଝିଙ୍ଗାଡିବା ସଦୃଶ ନାଦ। ଏହି ମାଡ଼ର ଚାଲୁରେ ଅନେକ ସମୟରେ ମୃଦଙ୍ଗମାନ ଫାଟିଯାଏ, ଝାଞ୍ଜମାନ ଦଦରା ହୁଏ ଓ ବହୁଙ୍କ କର୍ଣ୍ଣର ବଧିର କନାଦରେ ପାଏ ବାଃଯାକେ ଲୋକେ ଅସ୍ଥିର ହୋଇଉଠନ୍ତି। ଓଡ଼ିଶାର ସଂକୀର୍ତ୍ତନରେ ଝାଞ୍ଜ ମୃଦଙ୍ଗ ବଜା ହୁଏ ନାହିଁ, ବାଡ଼ିଆ ହୁଏ। ଓଡ଼ିଶାରେ ଠାକୁରମାନଙ୍କର ଓ ସଂକୀର୍ତ୍ତନମଣ୍ଡଳୀମାନଙ୍କର 'ମେଳନ'ରେ ଉଚ୍ଚ ଭକ୍ତ ଗାୟକଙ୍କ ଗୀତର ମାଧୁରୀ ପରୀକ୍ଷା କରା ଯାଏ ନାହିଁ, କିନ୍ତୁ ମୃଦଙ୍ଗର ବେଢ଼ାର ତାଳ ଓ ମୃଦଙ୍ଗ ଏବଂ ଝାଞ୍ଜ ବାଡ଼ିଆରେ ଯେଉଁ ପକ୍ଷ ଅନ୍ୟ ପକ୍ଷଙ୍କୁ ଟପିଗଲେ, ଏହାହିଁ ପରୀକ୍ଷା କରାଯାଏ।

ସଂକୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗକୁ 'ଖୋଳ' ଓ ଝାଞ୍ଜକୁ 'କରତାଳ' କୁହାଯାଏ। ସଂକୀର୍ତ୍ତନ ଶେଷରେ ଖୋଳ କରତାଳକୁ ଭୋଗ ଓ ନୂତନ ବସ୍ତ୍ର ଅର୍ପିତ ହୋଇ ପୂଜା କରାଯାଏ।]

ସଂକୀର୍ତ୍ତନ ଅଖ(ଖୋ)ଡ଼ା—ଦେ. ବି: ୧। ସଂକୀର୍ତ୍ତନ ଶିକ୍ଷା କରିବାର ଗୃହ Saṁkirttana akha(khe)ṛā —1 A room where କীର୍ତ୍ତନେର ଆଖଡ଼ା Saṁkirttana is taught. [ଦ୍ର— **সংকীর্তনআখড়া** ଉତ୍କଳରେ ପ୍ରାୟ ପ୍ରତ୍ୟେକ ଗ୍ରାମରେ (ଶାସନୀ ବ୍ରାହ୍ମଣ-ପ୍ରଧାନ ଗ୍ରାମ ବ୍ୟତୀତ) ସଂକୀର୍ତ୍ତନ ଅଖଡ଼ା ପାଇଁ ଗୋଟିଏ ସ୍ୱତନ୍ତ୍ର ଗୃହ ଥାଏ। ଯେଉଁ ଗ୍ରାମରେ 'ଭାଗବତ-ଟୁଙ୍ଗୀ' ଥାଏ, ସେହି ଟୁଙ୍ଗୀ ମଧ୍ୟ 'ସଂକୀର୍ତ୍ତନ ଅଖଡ଼ା' ରୂପେ ବ୍ୟବହୃତ ହୁଏ। ଏହି ଅଖଡ଼ା ଘର ଗ୍ରାମବାସୀଙ୍କର ସାଧାରଣ ଗୃହ ଓ ଏଥିରେ ଗ୍ରାମବାସୀମାନେ ପ୍ରତିଦିନ ସନ୍ଧ୍ୟା ସମୟରେ ଏକତ୍ର ହୋଇ ସଂକୀର୍ତ୍ତନ ଅଭ୍ୟାସ କରନ୍ତି ଏବଂ ଏହି ଘରେ ଗ୍ରାମବାସୀମାନଙ୍କର ଖୋଳ କରତାଳମାନ ରଖାଯାଏ। ଗ୍ରାମବାସୀମାନେ ସଂକୀର୍ତ୍ତନ ଶିଖିବା ପାଇଁ ଶ୍ରଦ୍ଧା ଉଠାଇ 'ଗୁରୁ' ରଖନ୍ତି।] ୨। ସଂକୀର୍ତ୍ତନକାରୀ ଦଳ— 2. A company of Saṁkirttana chanters.

ସଂକୀର୍ତ୍ତନ ଗୁରୁ—ଦେ. ବି—ସଂକୀର୍ତ୍ତନର ଗୀତ ଓ ବାଦ୍ୟ ଶିଖାଇବା Saṁkirttana guru ନିମନ୍ତେ ନିଯୁକ୍ତ ଶିକ୍ଷକ— କୀର୍ତ୍ତনের ଗୁରୁ A teacher who teaches songs and **সংকীর্তনগুরু** music relating to Saṁkirttana.

ସଂକୀର୍ତ୍ତନ ମଣ୍ଡଳ[ଳି]—ଦେ. ବି—୧। ସଂକୀର୍ତ୍ତନକାରୀ ଦଳ ବା Saṁkirttana maṇḍaḷa[ḷi] ଝଙ୍କା—1. A band or କୀର୍ତ୍ତনের ଦଳ choir of persons who perform Saṁkirttana, (some singing, some **সংকীর্তন মণ্ডলী** striking the drums and other cymbals). ୨। ମେଳନ ଆଦି ଉପଲକ୍ଷରେ ବହୁ ସ୍ଥାନରୁ ଆସି ଏକ ସ୍ଥାନରେ ଉପସ୍ଥିତ ବହୁ ସଂକୀର୍ତ୍ତନ ଦଳ—2. A number of Saṁkirttana parties assembled at a particular place on a particular occasion.

ସଂକୀର୍ତ୍ତନ ମେଳନ(ଣ)—ଦେ. ବି—ପ୍ରତିଯୋଗିତା ପାଇଁ ବା ବିଶେଷ Saṁkirttana meḷana(ṇ) ଉପଲକ୍ଷରେ କୌଣସି ସ୍ଥାନରେ କୀର୍ତ୍ତନମେଲା ଏକାଧିକ ସଂକୀର୍ତ୍ତନ ଦଳଙ୍କର ସମ୍ମେଳନ— **সংকীর্তনমেলা** A gathering of more than one (ସଂକୀର୍ତ୍ତନ ମେଳ[ଳା]—ଅନ୍ୟରୂପ) party of Saṁkirttana chanters at a particular place for competition or on some special occasion.

ସଂକୀର୍ତ୍ତନିଆ(ଆଁ)—ଦେ. ବି—ସଂକୀର୍ତ୍ତନକାରୀ ଦଳର ବ୍ୟକ୍ତି— Saṁkirttania(añ) A member of a choir of সংকীর্তনিয়া, কীর্তনীয়া, সংকীর্তনে Saṁkirttana-**সংকীর্তনিয়া** chanters.

ସଂକୀର୍ତ୍ତିତ—ସଂ. ବଣ (ସମ୍+କୃତ୍ ଧାତୁ+କର୍ମ. ତ)—
Samkirttita ୧ । ସମ୍ୟକ୍ ବା ଉଚ୍ଚୈଃସ୍ୱରରେ ଉଚ୍ଚାରିତ—
(ସଂକୀର୍ତ୍ତିତା—ସ୍ତ୍ରୀ) 1. Uttered loudly. ୨ । ସଂସ୍ତୁତ—
2. Solicited. ୩ । ପ୍ରଶଂସିତ - 3. Praised;
eulogised. ୪। ବର୍ଣ୍ଣିତ—4. Described.

ସଂକୁଚ୍ ଚେ଼ଇବା—ଦେ. (ପଦ୍ୟ) କ୍ରି—ସଂକୁଚିବାର ଣିଜନ୍ତରୂପ—
Samkuchā(che)ibā Causative of Samkuchibā.
সংকুচান **সুকুচ করবানা**

ସଂକୁଚିତ—ସଂ. ବଣ (ସମ୍+କୁଚ୍ ଧାତୁ=ଗୋଠାଇ ନେବା; ଗୁଡ଼ାଇ
Samkuchita ନେବା+କର୍ମ. ତ)—୧ । ସଂକୀର୍ଣ୍ଣ;ଯେଉଁ ବସ୍ତୁ
(ସଙ୍କୁଚିତ—ଅନ୍ୟରୂପ) ପଦାର୍ଥକୁ ଗୋଠାଇ କଥ ଯାଇଥାଏ—
(ସଂକୁଚିତା—ସ୍ତ୍ରୀ) 1. Contracted. ୨ । ମୁଦ୍ରିତ;
ନିମୀଳିତ—2. Closed. ୩ । ଗୁଡ଼ିଅ ହୋଇଥିବା—
3. Wound up. ୪ । ଅପ୍ରସାରିତ – 4. Not
spread out or expanded. ୫। କୁଣ୍ଠିତ; ସଂକୋଚ
ପ୍ରାପ୍ତ—5. Hesitating. ୬ । ସଂକ୍ଷିପ୍ତ—6. Abridged.
୭ । କୁଞ୍ଚ କୁଞ୍ଚ ହୋଇଥିବା—7. Shrivelled
up; wrinkled.

ସଂକୁଚିତ କରିବା—ଦେ. କ୍ରି (ସଂ. ସଙ୍କୁଚିତ)—୧। ଢାଙ୍କିବା—1.To
Samkuchita kariba contract. ୨ । ସଂକ୍ଷିପ୍ତ କରିବା
সংকুচিত করা —2.To shorten. [ଉ—ସିନ୍ଧୁଗର୍ଭେ ପ୍ରବେଶିଲେ
সুকুচানা ସଂକୋଚ ସ୍ୱବପୁ—ସୁଧାନାଥ. ମହାଯାତ୍ରା]

ସଂକୁଚିବା—ଦେ. କ୍ରି (ସଂ. ସଂକୁଚିତ)—୧ । ସଂକୁଚିତ ହେବା—
Samkuchibā 1. To be contracted. ୨ । ଲଜ୍ଜାରେ
সংকুচিত হওয়া ଛନ୍ନ ହେବା—2. To be overtaken
সুকুচনা with modesty or bashfulness. [ଉ—
ଶ୍ରୀମତୀ ସଂକୁଚିଲେ ଲଜ୍ଜାଭରେ—ଜଦୁମଣି. ସଙ୍ଗୀତ ।]

ସଂକୁଟନ—ସଂ. ବି (ସମ୍+କୁଟ୍ ଧାତୁ=କୁଟିଳତା ପ୍ରକାଶ କରିବା+
Samkuṭana ଭାବ. ଅନ)—ମୃତ୍ୟୁ—Death.
(ସଙ୍କୁଟନ—ଅନ୍ୟରୂପ)

ସଂକୁର୍ଡ଼ି—ଦେ. ବି—ସଙ୍କୁର୍ଡ଼ି (ଦେଖ)
Samkurḍi Sankurḍi (See)

ସଂକୁନ—ଦେ. ବି—ସଙ୍କୁନ (ଦେଖ)—
Sankuna Samkuna (See)

ସଂକୁ(ଖୁ)ରି—ଗ୍ରା. ବି. ଓ ବଣ—(ଅଶୁଦ୍ଧ; ଇତର ବ୍ୟବହୃତ)—
Samku(khu)ri ସଂଖୁର୍ଡ଼ି (ଦେଖ)--Samkhurḍi (See)

ସଂକୁଳ—ସଂ. ବଣ (ସମ୍=ଏକତ୍ର+କୁଳ୍ ଧାତୁ=ଗ୍ରନ୍ଥି କରିବା
Samkuḷa +କର୍ମ. ଅ) ୧ । ବ୍ୟାପ୍ତ; ସମାକୀର୍ଣ୍ଣ; ପୂର୍ଣ୍ଣ;
(ସଙ୍କୁଳ—ଅନ୍ୟରୂପ) ବହୁଳ—1. Full of; surrounded
(ସଂକୁଳା—ସ୍ତ୍ରୀ) by; overspread with. ୨ । ଯୁକ୍ତ;
ଏକତ୍ର ବିଦ୍ୟମାନ; ମିଶ୍ରିତ—2. Mixed up; united;
compounded. ୩ । ଗୋଳମାଳ ପୂର୍ଣ୍ଣ—
3. Tumultuous. [ଉ—ସେହୁ କାଳେ ସଂକୁଳ
ହୋଇଲା ସମର, ମସ୍ତମର୍ଦ୍ଦ ହୋଇ କହୁତ ମଲେ ନର ।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ] ୪ । ସଂକୀର୍ଣ୍ଣ—4.
Narrow; close. ୫ । ବହୁଲୋକସମାକୀର୍ଣ୍ଣ—
5. Crowded. ବି—୧ । ଦ୍ୱନ୍ଦ୍ୱ; ଯୁଦ୍ଧ—1. Contest;
fight; affray. ୨ । ଜନତା—
2. Crowd. ୩ । ପରସ୍ପରର ବିରୁଦ୍ଧ ବାକ୍ୟାଳାପ;
କଳି—3. Altercation; quarrel. ୪ । ବହୁ
ଲୋକଙ୍କ ସ୍ୱରଜନିତ ଗୋଳମାଳ—4. Hubbub;
tumult. [ଦ୍ର—ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ
ସଙ୍କୁଳ ଶବ୍ଦ ମିଶି ସମାସ ହୁଏ; ଯଥା—ଶ୍ୱାପଦସଙ୍କୁଳ;
ବିପତ୍ତିସଙ୍କୁଳ, ସଂକଟସଂକୁଳ ଇତ୍ୟାଦି ।]

ସଂକୁଳନ—ସଂ. ବି—ସଙ୍କୁଳନ (ଦେଖ)
Samkuḷana Sankuḷana. (See)

ସଂକୁଳ ଯୁଦ୍ଧ—ସ. ବି (କର୍ମଧା)—ଗୋଳମାଳିଆ ବା ଅବ୍ୟବସ୍ଥିତ ଯୁଦ୍ଧ—
Samkuḷa juddha Confused fight; guerilla
warfare.

ସଂକୁଳା—ଦେ. ବି ଓ ବଣ—ସଙ୍କୁଳା (ଦେଖ)
Samkuḷā Sankuḷā. (See)

ସଂକୁଳାନ (ଇତ୍ୟାଦି)—ଦେ. ବି ଓ ବଣ—ସଙ୍କୁଳାନ ଇତ୍ୟାଦି (ଦେଖ)
Samkuḷāna (etc) Sankuḷāna etc. (See)

ସଂକୁଳିଆ—ଦେ. ବି—ସଙ୍କୁଳିଆ (ଦେଖ)
Samkuḷiā Sankuḷiā. (See)

ସଂକୁଳିତ—ସଂ. ବଣ (ସମ୍+କୁଳ୍ ଧାତୁ+କର୍ମ. ତ)—ଏକତ୍ରୀଭୂତ;
Samkuḷita ସଂଗୃହୀତ—Collected; gathered up.

ସଂକୁଳିବା—ଦେ. କ୍ରି—ସଙ୍କୁଳିବା (ଦେଖ)
Samkuḷibā Sankuḷibā. (See)

ସଂକେ(ଖେ)ଇବା—ପ୍ରାଦେ. (ବାଲେଶ୍ୱର) କ୍ରି—ସଙ୍କେ(ଙ୍ଖେ)ଇବା
Samke(khe)ibā (ଦେଖ)—Sanke(ṅkhe)ibā. (See)

ସଂକେତ—ସଂ. ବି (ସମ୍=ସଂକ୍ଷେପ+କିତ୍. ଧାତୁ=ଜାଣିବା+ଭାବ.
Samketa ଅ)—୧ । ସଂକ୍ଷେପରେ ଅଭିପ୍ରାୟ ପ୍ରକାଶ କରିବାର
ଚେଷ୍ଟା; ଇସାରା; ଇଙ୍ଗିତ—1. Indication; hint.
୨ । ନେତ୍ର ବକ୍ତ୍ର ହସ୍ତାଦି ଦ୍ୱାରା ମନୋଭାବବ୍ୟଞ୍ଜକ ଚେଷ୍ଟାବିଶେଷ—2.
An endeavour to express
thoughts by the movement of the eyes,
face and hands; gesture. ୩ । (+କରଣ.ଅ)
(ସଙ୍କେତ—ଅନ୍ୟରୂପ) କୌଣସି ବସ୍ତୁ ବା ବିଷୟ ଜ୍ଞାପକ ଚିହ୍ନ—3.
Indication; sign; signal; symbol. ୪। ଶବ୍ଦର
ଅର୍ଥବୋଧକ ଶକ୍ତି—4.The power of a word to
convey a meaning. ୫ । ଠାର; ଅନେକଗୁଡ଼ିଏ
ବିଷୟକୁ ବା ବାକ୍ୟକୁ ବା ଅନେକାକ୍ଷରଯୁକ୍ତ ଶବ୍ଦକୁ ଅଳ୍ପରେ
ପ୍ରକାଶ କରିବାର ଚିହ୍ନ—5. A symbolical sign;
cypher. ୬ । (+ଅଧିକରଣ. ଅ) ନାୟକ ନାୟିକାଙ୍କର
ନିର୍ଦ୍ଦିଷ୍ଟ ମିଳନ ସ୍ଥାନ—6. A place of meeting

of lovers; a trysting place. ୭ । ବୋଧ—7. Understanding. ୮ । ସନ୍ଧାନ; ଅନୁମାନ—8. Guess. ୯ । ସୂତ୍ର—9. A clue. ୧୦ । ବ୍ୟାକରଣାଦିର ସୂତ୍ର—10. Aphorism; axiom; maxim. ୧୧ । ଗୁପ୍ତ ସ୍ଥାନ—11. A place of assignment; a place of appointment; a secret place. ୧୨ । ନିୟମ—12. Rule; regulation. [ଦ୍ର—ସାଧାରଣତଃ କଥାବାର୍ତ୍ତା ଦ୍ୱାରା ଲୋକେ ଅନ୍ୟ ଲୋକଠାରେ ଯେଉଁସବୁ ମନୋଗତ ଭାବ ପ୍ରକାଶ କରନ୍ତି, ତାହା ଅପେକ୍ଷା ସୂକ୍ଷ୍ମତର ଭାବରେ କିମ୍ବା ମସ୍ତକ ସଞ୍ଚାଳନ, ନେତ୍ର ଚାଳନ, ବକ୍ତ୍ର ଓ ମୁଖଭଙ୍ଗୀ, ହସ୍ତଭଙ୍ଗୀ ଦ୍ୱାରା ଭାବ ପ୍ରକାଶକୁ ସଂକେତ ବୋଲାଯାଏ । ଯାହା ଅନେକ ବାକ୍ୟରେ ପ୍ରକାଶିତ ହୁଏ, ତାହାକୁ ଅଳ୍ପ ବାକ୍ୟ ଦ୍ୱାରା ପ୍ରକାଶ କରିବା ମଧ୍ୟ ସଂକେତ । ଯାହା ସାଧାରଣବୋଧ୍ୟ ବାକ୍ୟରେ ପ୍ରକାଶିତ ହୁଏ, ତାକୁ ଅନ୍ୟ ଆକାରରେ ପ୍ରକାଶ କରିବା ମଧ୍ୟ ସଂକେତ ।]

ସଂକେତ କରିବା—ଦେ. କ୍ରି—୧ । ଇସାରା ଦ୍ୱାରା ମନର ଭାବ ପ୍ରକାଶ କରିବା—1. To express one's mind by guestures or signs. ୨ । ଠାରିବା—2. To beckon.
Saṁketa karibā
সংকেত করা
संकेत करना

ସଂକେତକାରୀ—ସଂ. ବିଣ. ପୁଂ—ଯେ ଇସାରା କରେ—Giving hints; beckoning; making gestures.
Saṁketakārī
(ସଂକେତକାରିଣୀ—ସ୍ତ୍ରୀ)

ସଂକେତ ଦେବା—ଦେ. କ୍ରି—୧ । ପ୍ରେରକକୁ ଚିହ୍ନିବାର କୌଣସି ଚିହ୍ନ ଦୂତ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କ ନିକଟକୁ ପଠାଇବା—1. To give a token of identification to a messenger. ୨ । ନାୟକ ନାୟିକାଙ୍କ ସଂକେତ ସ୍ଥଳ ନିରୂପଣ କରିବା—2. To appoint or assign a place of meeting between lovers. (ଉ—କେ ଯିବ ପରା, ଅସ ଅସ, ପ୍ରାଣସଙ୍ଗିନୀ ! ଦେଇଛନ୍ତି ସଂକେତ ସେ ମୁରଲୀଧର । ସଂଗୀତ ।)
Saṁketa debā
সংকেতদেওয়া
संकेत देना

ସଂକେତଜ୍ଞ—ସଂ. ବିଣ. ପୁଂ—ଯେ ସଂକେତ ବା ଠାର ଜାଣେ—Conversant with signs or cyphers.
Saṁketajña
(ସଂକେତଜ୍ଞା—ସ୍ତ୍ରୀ; ସଂକେତଜ୍ଞତା—ବି)

ସଂକେତ ଜ୍ଞାପକ—ସଂ. ବିଣ (ସଂକେତ+ଜ୍ଞା. ଧାତୁ ଣିଚ=ଜ୍ଞପି. ଧାତୁ+କର୍ତ୍ତି. ଅକ)—ସାଙ୍କେତିକ—Symbolical; suggestive.
Saṁketa jñāpaka
(ସଂକେତଜ୍ଞାପିକା—ସ୍ତ୍ରୀ)
[ସଂକେତଜ୍ଞାପନ—ବି]

ସଂକେତ ଧ୍ୱନି—ସଂ. ବି (ମ. ପ. ଲୋ)—ସଂକେତସୂଚକ ଧ୍ୱନି—A symbolical sound.
Saṁketa dhwani

ସଂକେତ ପାଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଠାରୁ ଇସାରା ପାଇବା—To get a hint or sign from another.
Saṁketa pāibā
সংকেত পাওয়া
संकेत पाना

ସଂକେତ ବାକ୍ୟ—ସଂ. ବି (ମ. ପ. ଲୋ)—୧ । ଠାର କଥା—1. Cypher words. ୨ । ସାଂକେତିକ ବାକ୍ୟ—2. Symbolical expression.
Saṁketa bākya

ସଂକେତ ସ୍ଥଳ(ସ୍ଥାନ)—ସଂ. ବି—ଯେଉଁ ସ୍ଥାନରେ ଦୁଇ ବା ତତୋଧିକ ବ୍ୟକ୍ତି ଗୁପ୍ତ ଭାବରେ ମିଳିତ ହେବା ପାଇଁ ପୂର୍ବରୁ ସ୍ଥିର କରାଯାଇଥାଏ—Place of assignment; a secret place of meeting by appointment; rendezvous.
Saṁketa sthaḷa(sthāna)

ସଂକେତାଗ୍ନି—ସଂ. ବି (ମ. ପ. ଲୋ)—କୌଣସି ସ୍ଥଳର ବା ବିପଦର ଅସ୍ତିତ୍ୱସୂଚନା କରିବାପାଇଁ ପ୍ରଜ୍ୱାଳିତ ଅଗ୍ନି—Beacon.
Saṁketāgni

ସଂକେତାଲୋକ—ସଂ. ବି (ମ. ପ. ଲୋ)—ସଂକେତଜ୍ଞାପକ ଆଲୋକ—Beacon light; signal given by means of showing different lights.
Saṁketāloka

ସଂକେତିତ—ସଂ. ବିଣ (ସଂକେତ+ଯୁକ୍ତାର୍ଥେ. ଇତ)—୧ । କୃତ-ସଂକେତ—1. Having made gestures or signs. ୨ । ସଂକେତ ଦ୍ୱାରା ପ୍ରକାଶିତ—2. Hinted; expressed by signs. ୩ । ଅଭିଧାଶକ୍ତି ଦ୍ୱାରା ବୋଧିତ—3. Suggested; understood by suggestion.
Saṁketita

ସଂକୋଚ—ସଂ. ବି. (ସମ୍+କୁଚ୍ ଧାତୁ=କୁଞ୍ଚିତ ହେବା+ଭାବ. ଅ)—୧ । ବିସ୍ତୃତ ପଦାର୍ଥର କ୍ଷୀଣୀଭାବ ବା କ୍ଷୁଦ୍ରୀଭାବ; ଅଳ୍ପୀଭାବ—1. Contraction. ୨ । ସଂକ୍ଷେପ—2. Abridgement. ୩ । କୁଣ୍ଠା; କୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ବା ପଶ୍ଚାତ୍ପଦ ହେବାର ମାନସିକ ଅବସ୍ଥା; ଜଡ଼ୀଭାବ—3. Hesitation. ୪ । ଲଜ୍ଜାଶୀଳତା; ଲଜ୍ଜା—4. Shyness; modesty; sensitiveness. ୫ । ବଡ଼ ପଦାର୍ଥ ଗୁଡ଼େଇ ଗାଡ଼େଇ ହୋଇ କିମ୍ବା କୁଞ୍ଚିତ ହୋଇ ଛୋଟ ଆକାର ଧାରଣ କରିବା ଅବସ୍ଥା—5. Becoming crisp or wrinkled; shrivelling; wrinkling. ୬ । ବହୁ ବାକ୍ୟଯୁକ୍ତ ପଦକୁ ଅଳ୍ପ ପଦରେ ପ୍ରକାଶ କରିବା—6. Expressing a big sentence by a smaller one; expressing much in a smaller compass. ୭ । ଅପ୍ରସ୍ଫୁଟନ; ମୁଦ୍ରଣ; ମୁଦ ହୋଇଯିବା ବା ବୁଜି ହୋଇଯିବା—7. Closing up; the state of not being expanded or blown. ୮ । ବନ୍ଧନ—8. Binding. ୯ । (ବୈଦ୍ୟକ) କୁଙ୍କୁମ; ଜାଫ୍‌ରାନ—9. Saffron. ୧୦ । ମତ୍ସ୍ୟ ବିଶେଷ; ଶାଙ୍କୁଚ ମାଛ—10. Ray fish;
Saṁkocha
(ସଙ୍କୋଚ—ଅନ୍ୟରୂପ)

(Raia Sankar). ୧୧ । ରୋଧ—11. Obstruction; prevention. ବେ. ବିଣ—୧ । ସଙ୍କୁଚିତ—1. Contracted. ୨ । ମୁଦ୍ରିତ—2. Closed. [ଉ—ସେ କାଳ ଅଗମନ ଦେଖି, ସଙ୍କୋଚ କଲେ ନେତ୍ର ଅଗ୍ନି ।—ଜଗନ୍ନାଥ. ଭାଗବତ] (ସଙ୍କୁଚିତ, ସଂକୋଚ୍ୟ, ସଂକୋଚକ—ବିଣ) (ପ୍ରସାର—ବିପରୀତ)

ସଙ୍କୋଚକ—ସ.ବିଣ. ପୁଂ (ସମ୍+କୁଚ୍ ଧାତୁ=କୁଞ୍ଚିବା+କର୍ତ୍ତୃ.ଅକ)—Samkochaka ଯାହା ସଙ୍କୁଚିତ କରାଏ—Contracting; causing contraction. (ପ୍ରସାରକ—ବିପରୀତ) (ସଙ୍କୋଚିକା—ସ୍ତ୍ରୀ)

ସଙ୍କୋଚ କରିବା—ଦେ. କ୍ରି—୧ । (କୌଣସି କାର୍ଯ୍ୟ କରିବାକୁ) Samkocha karibā କୁଣ୍ଠିତ ବା ପଶ୍ଚାତ୍ପଦ ହେବା—সংকোচকরা संकोच करना 1. To hesitate (to do anything). ୨ । (କୌଣସି କାର୍ଯ୍ୟ କରିବାକୁ) ଲାଜ କରିବା—2. To feel shy (of a matter).

ସଙ୍କୋଚ ତ୍ୱକ୍—ସଂ. ବି. (ଅଧୁନିକ ଚିକିତ୍ସାବିଜ୍ଞାନର ପରିଭାଷା) Samkocha twak ୧ । ଶରୀରର ଯେଉଁ ଅଂଶର ଚର୍ମ ମୁଡି ହୋଇଯାଏ (ଯଥା—ଗୁହ୍ୟ ଦ୍ୱାରର, ଓଠର ଇତ୍ୟାଦି)—1. Skin which contracts; Paniculus Carnosus. ୨ । କୁଞ୍ଚିତ ଚର୍ମ—2. Wrinkled skin.

ସଂକୋଚନ—ସଂ. ବି. (ସମ୍+କୁଚ୍ ଧାତୁ ଣିଚ=କୁଚି ଧାତୁ=କୁଞ୍ଚିତ Samkochana ହେବା)+ଭାବ. ଅନ)—୧ । ସଂକୁଚିତ (ପ୍ରସାରଣ-ବିପରୀତ) କରିବା; ସଙ୍କୋଚକରଣ—1. Act of contracting. ୨ । ଚିପି ଛୋଟ କରିବା—2. Compressing. ୩ । ମୁଦ୍ରଣ; ମୁଦ୍ରିତ କରିବା—3. Act of closing up.

ସଂକୋଚନୀ—ସଂ. ବି. ସ୍ତ୍ରୀ (ସମ୍+କୁଚଧାତୁ ଣିଚ=କୁଚିଧାତୁ+କର୍ତ୍ତୃ-Samkochanī ଅନ+ଈ)—(ବୈଦ୍ୟକ)—ଲଜ୍ଜାଳୁ ଲତା; ଲାଜକୁଳି ଲତା—The mimosa creeper; Mimosa Pudica.

ସଂକୋଚନୀୟ—ସଂ. ବିଣ (ସମ୍+କୁଚ୍ ଧାତୁ+କର୍ମ ଅନୀୟ)—Samkochanīya ସଂକୋଚ୍ୟ (ଦେଖ)—Samkochya (See).

ସଂକୋଚ ପିଶୁନ—ସଂ. ବି. (ଭାବପ୍ରକାଶ) କୁଙ୍କୁମ; ଜାଫରାନ୍—Samkocha piśuna Saffron.

ସଙ୍କୋଚ ବୋଧ କରିବା—ଦେ. କ୍ରି.—୧ । କୌଣସି କାର୍ଯ୍ୟ କରିବାକୁ Samkocha bodha karibā କୁଣ୍ଠା ବୋଧ କରିବା—1. সংকোচ বোধকরা To feel hesitation for doing संकोच मालूम करना some thing. ୨ । ଲଜ୍ଜା ବୋଧ କରିବା; ଲାଜଲାଜ ହେବା—2. To feel shy.

ସଙ୍କୋଚା(ଚେ)ଇବା—ଦେ. କ୍ରି—ସଙ୍କୋଚିବାର ଣିଜନ୍ତ ରୂପ—Samkochā(che)ibā Causative of Samkochibā. সংকুচিত করান संकोच करवाना [ଉ—ଏ ଅନ୍ତେ ରତ୍ନପର୍ଣ୍ଣ ତନୁ ସଂକୋଚୁର । କୃଷ୍ଣସିଂହ, ମହାଭାରତ ବନ]

ସଙ୍କୋଚିବା—ଦେ. କ୍ରି (ସ. ସଂକୁଚିତ)—ଲଜ୍ଜିତ ହେବା—To be Samkochibā ashamed; to feel delicate. সংকুচিত হওয়া संकोच करना [ଉ—ପଶୁପ-ମହେନ୍ଦ୍ର-ନନ୍ଦନ-ଭାରତୀ-ରସେ ରାଧା ସଂକୋଚିଲେ । କବିସୂର୍ଯ୍ୟ—ସଙ୍ଗୀତ]

ସଙ୍କୋଚି ହେବା—ଦେ. କ୍ରି.—(ସଂ. ସଂକୁଚିତ) ଲଜ୍ଜାରେ ସଂକୁଚିତ Samkochi hebā ହେବା—To shrink in shame. সংকুচিত হওয়া संकोचित होना

ସଙ୍କୋଚୀ—ସଂ.ବିଣ.ପୁଂ (ସଂକୋଚ+ଇନ୍; ୧ମା.୧ବ.) ୧ । ସଙ୍କୋଚ Samkochī ଯୁକ୍ତ; ସଂକୁଚିତ—1. Contracted. ୨ । (ସଂକୋଚିନୀ—ସ୍ତ୍ରୀ, ପ୍ରସାରୀ—ବିପରୀତ) ଜଡ଼ୀଭୂତ; କୁଣ୍ଠିତ—2. Hesitating. ୩ । ଲାଜକୁଳା—3. Shy; modest.

ସଙ୍କୋଚ୍ୟ—ସଂ ବିଣ. (ସମ୍+କୁଚ୍ ଧାତୁ+କର୍ମ ଯ)—ସଂକୋଚନ Samkochya କରିବାର ଯୋଗ୍ୟ; ଯାହାକୁ ଚିପିକରି ଛୋଟ (ସଂକୋଚ୍ୟା—ସ୍ତ୍ରୀ) କରାଯାଇପାରେ; ସଂକୁଚିତ ହେବାର ଯୋଗ୍ୟ—Fit to be compressed; compressible; capable of being contracted.

ସଙ୍କୋଚ୍ୟତା—ସଂ ବି. (ବିଜ୍ଞାନ ପରିଭାଷା)—ଜଡ଼ ପଦାର୍ଥର ଗୁଣବିଶେଷ; Samkochyatā ଯେଉଁ ଗୁଣ ଥିବାରୁ କେତେକ ଜଡ଼ ପଦାର୍ଥକୁ ଚିପିଦେଲେ ତାହା ଛୋଟ ହୋଇଯାଏ—(Physics) Compressibility of some solid things.

ସଙ୍କ୍ରନ୍ଦନ—ସ.ବି.—୧ । (ସମ୍=ସମ୍ୟକ୍+କ୍ରନ୍ଦନ)—ଅତ୍ୟନ୍ତ କ୍ରନ୍ଦନ; Samkrandana କାନ୍ଦୁଣା; ଅତିରୋଦନ—1. Lamentation; excessive weeping; bewailing. (ସକ୍ରନ୍ଦନ—ଅନ୍ୟରୂପ) ୨ । (ସମ୍+କ୍ରନ୍ଦ୍ ଧାତୁ ଣିଚ୍, କ୍ରନ୍ଦି-ଧାତୁ=କନ୍ଦାଇବା+କର୍ତ୍ତୃ ଅନ; ଯେ ଶତ୍ରୁକୁ କନ୍ଦାନ୍ତି) ଦେବରାଜ; ଇନ୍ଦ୍ର—2. Indra; the king of Hindu Gods.

ସଂକ୍ରମ—ସଂ. ବି. (ସମ୍+କ୍ରମ୍ ଧାତୁ=ଗମନ କରିବା+ଭାବ ଅ) ୧ । Samkrama ସଂଚାର; ଗମନ—1. Act of going; walking. (ସକ୍ରମ—ଅନ୍ୟରୂପ) ୨ । ପର୍ଯ୍ୟଟନ—2. Travelling. [ସଂକ୍ରାମକ, ସଂକ୍ରାନ୍ତ, ସଂକ୍ର(କ୍ରା)ମିତ—ବିଣ] ୩ । ଗତି—3. Motion; movement. ୪ । ଏକ ସ୍ଥାନରୁ ସ୍ଥାନାନ୍ତରକୁ ଗମନ—4. Act of moving from one place to another. ୫ । (ଜ୍ୟୋତିଷ) ଗ୍ରହମାନଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗତି—5. (Astrology) The passing of a planet from one zodiacal sign to another. ୬ । (ଜ୍ୟୋତିଷ) ରବି ସଂକ୍ରମଣ; ସଂକ୍ରାନ୍ତି; ସୂର୍ଯ୍ୟଙ୍କର

ରାଶ୍ୟନ୍ତର ପ୍ରବେଶ—6. (Astrology) The passage of the sun from one sign to another. ୭ । ପ୍ରତିହତ ଗତି; ବାଧାପ୍ରାପ୍ତ ଗତି—7 Obstructed motion. ୮ । ଅତିକ୍ରମ; ବାଟଦେଇ ଯିବା—8. Passing by. ୯ । ପାରହେବା; ଉପର ଦେଇ ଯିବା—9. Crossing over. ୧୦ । ସମସାମୟିକତା; ଏକ ସମୟରେ ଦୁଇଟି ଘଟଣା ଘଟିବା—10. Concurrence; the state of being contemporaneous. ୧୧ । ପ୍ରାପ୍ତି—11. Receipt; gain; acquisition. ୧୨ । (+କରଣ ଅ) ଦୁର୍ଗ-ସଂଚର; ପ୍ରବେଶ କରିବାର ପୋଲ—12. A bridge leading to a fort. ୧୩ । ସାଙ୍ଗ; ସେତୁ; ପୋଲ—13. Bridge. ୧୪ । ସୋପାନ—14. Steps. ୧୫ । (+ଭାବ ଅ) (ରୋଗର) ଏକ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ଆକ୍ରମଣ କରିବା—15. Infection of desease (from one person to another) ୧୬ । କାର୍ଯ୍ୟ-ସାଧନର ଉପାୟ—16. Resources; means adopted to attain some end. ୧୭। ପ୍ରତିବିମ୍ବନ; ପ୍ରତିବିମ୍ବପାତ—17. State of being reflected; (on water or glass etc).

ସଙ୍କ୍ରମଣ— ସଂ.ବି (ସମ୍+କ୍ରମ ଧାତୁ+ଭାବ. ଅନ)—ସଂକ୍ରମ (ଦେଖ)—
Samkramana Sāmkrama (See)
(ଉ—ଅୟନଶେଷ ଭୂଲ ସଂକ୍ରମଣ ଦିନ, ଯେ ଦାନ ଦେଇଛ ତା ଫଳ ଅକଳନ—କୃଷ୍ଣସିଂହ ମହାଭାରତ ବନ ।)

ସଙ୍କ୍ରମ ସ୍ୱର —ସଂ.ବି—(ସ୍ୱରୋଦୟ ଶାସ୍ତ୍ର) ଏକସମୟରେ ପୂର୍ଣ୍ଣଭାବରେ
Samkrama swara ଉଭୟ ନାକପୁଡ଼ାରେ ବହୁଥିବା ଚନ୍ଦ୍ରସ୍ୱର ଓ ସୂର୍ଯ୍ୟସ୍ୱର—The two kinds of breaths blowing at one and the same time through both the nostrils (ଉ—ଦୁଇ ସ୍ୱର ପୂର୍ଣ୍ଣାନ୍ତରେ ବହୁଥାଇ ଯେବେ, ଦୁଇ ପକ୍ଷ ଉପୁଜଇ ଜାଣ ଭୁ ଗୋ ଏବେ । ଏହାକୁ ସଂକ୍ରମ ସ୍ୱର କହି ଗୋ ଭବାନି । × × ପ୍ରାଚୀ. ଶିବସ୍ୱରୋଦୟ ।)

ସଂକ୍ରମିତ— ସ. ବିଣ (ସମ୍+କ୍ରମ ଧାତୁ ଣିଚ୍=କ୍ରମି ଧାତୁ+କର୍ମ ତ)-
Samkramita ୧ । ପ୍ରବେଶିତ—1. Caused to enter into. ୨ । ଭର୍ତ୍ତି କରାଯାଇଥିବା—2. Thrust into. ୩ । ନିବେଶିତ—3. Engaged in; devoted to. ୪ । ସ୍ଥାନାନ୍ତର ଗମିତ; ସ୍ଥାନାନ୍ତରିତ—4. Removed; transfered from one place to another. ୫ । ପ୍ରତିବିମ୍ବିତ—5. Reflected.
ସଙ୍କ୍ରମିତ, ସଂକ୍ରାମିତ, ସଙ୍କ୍ରାମିତ } ଅନ୍ୟରୂପ

ସଂକ୍ରମିବା— ଦେ. କି (ପଦ୍ୟ)—ବ୍ୟାପ୍ତହେବା; ବ୍ୟାପିବା—
Samkramibā To spread; to pervade.
সংক্রমা ফৈলনা (ଉ—ରହିବ ସଂକ୍ରମି ଏ ଧରାପୃଷ୍ଠ—ମଧୁସୂଦନ କବିତାବଳି ।)

ସଂକ୍ରା(କ୍ରି,କ୍ରୁ)—ଗ୍ରା. ବି. ପୁଂ—ସଂକର୍ଷଣର ଡାକ ନାମ—
Samkrā(kri,kru) A name for calling Samkarshana.

ସଂକ୍ରାଇବା—ପ୍ରାଦେ. (ସମ୍ବଲପୁର) କି—(ସଂ. ସଂକୁଚନ)—ସଂକୁଚିତ
Samkrāibā କରିବା; ଜାକିବା—To contract. [ଯଥା—ଧୁତି ସଂକ୍ରାଇ ପାଏନେ ପଣ=ଅର୍ଥାତ୍ (ସଙ୍କ୍ରାଇବା, ସଁକ୍ରାଇବା—ଅନ୍ୟରୂପ) ଲୁଗାକୁ ଜାକ ପାଣିରେ ପଶ ।]

ସଂକ୍ରାନ୍ତ—ସଂ. ବିଣ (ସମ୍+କ୍ରମ୍ ଧାତୁ+କର୍ତ୍ତ୍ରି ତ)—୧ ।
Samkrānta ସଂବନ୍ଧୀୟ; ସଂସର୍ଗୀୟ—(ଯଥା—ରାଜ୍ୟ-
(ସଂକ୍ରାନ୍ତା—ସ୍ତ୍ରୀ) ସଂକ୍ରାନ୍ତ ବିଷୟ, ଧନସଂକ୍ରାନ୍ତ ବିବାଦ, ଯୁଦ୍ଧସଂକ୍ରାନ୍ତ ସମ୍ବାଦ)—1. Relating to; appertaining to; concerning (any matter). ୨ । ସଂକ୍ରାନ୍ତିଯୁକ୍ତ (ମାସ)—2. (month) Having a samkrānti related to it. [ଦ୍ର—ବର୍ଷର ଅନ୍ୟ ସମସ୍ତ ସୌରମାସ ସଂକ୍ରାନ୍ତ ଅଟେ । କିନ୍ତୁ ଅଧିମାସ ବା ମଳମାସ ସଙ୍କ୍ରାନ୍ତ ନୁହେଁ । ଅର୍ଥାତ୍ 'ଅଧିମାସ'ରେ ସଙ୍କ୍ରାନ୍ତି ନ ଥାଏ ।] ୩ । ପ୍ରାପ୍ତ—3. Attained; received. ୪ । (ହିନ୍ଦୁସ୍ମୃତି) କ୍ରମାଗତ (ଧନାଦି); କୌଣସି ବ୍ୟକ୍ତି ଦ୍ୱାରାରେ ପ୍ରାପ୍ତ ହୋଇଥିବା—4. (Hindu law) (Property) Coming through some person; received through; inherited through.

ସଂକ୍ରାନ୍ତି—ସଂ. ବି (ସମ୍+କ୍ରମ୍ ଧାତୁ=ଗମନ କରିବା+ଭାବ ତି)
Samkrānti ୧ । ସଂକ୍ରମଣ—1. Advance. ୨ । (ଜ୍ୟୋତିଷଶାସ୍ତ୍ର) ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ; ରବି ସଂକ୍ରମଣ—2. The transition of the sun from one sign of the zodiac to another. ୩ । ବିସ୍ତାର—3. Extension. ୪ । ବ୍ୟାପ୍ତି—4. Overspreading; pervading; diffision. ୫ । କାଳର ସୂକ୍ଷ୍ମଅଂଶ ବିଶେଷ, ଯେଉଁ ସମୟରେ ସୂର୍ଯ୍ୟ ଏକ ରାଶିରୁ ଅନ୍ୟ ରାଶିକୁ ଗତିକରେ—5. The minutest division of time at which the sun passes from one sign of zodiac to another. ୬ । ପ୍ରତିବିମ୍ବନ—6. Reflection ୭ । ଅବସ୍ଥାନ୍ତର ପ୍ରାପ୍ତି—7. Change of condition; attainment of a different condition. ୮ । ପ୍ରତିକରଣ; ଭାଣ; କାହନା—8. Feigning; imposition. ୯ । ରବି ସଂକ୍ରମଣ ଦିବସ—9. The day of the transition of the sun from one sign to another. [ଦ୍ର—ସଂକ୍ରାନ୍ତି ଦିବସକୁ ବଙ୍ଗ ଦେଶରେ ପ୍ରଚଳିତ ପୂର୍ବବର୍ତ୍ତୀ ସୌର ମାସର ଶେଷ ଦିନ ବୋଲି ଗଣନା

କରନ୍ତି; କିନ୍ତୁ ଉତ୍କଳରେ ସଂକ୍ରାନ୍ତିର ପରବର୍ତ୍ତୀ ସୌର ମାସର ପ୍ରଥମ ଦିନ ବୋଲି ଗଣନା କରନ୍ତି; ଯଥା— ଓଡ଼ିଆ ପାଞ୍ଜିରେ ୧୩୩୩ ସାଲର କକଡ଼ା (ସୌର ଶ୍ରାବଣ) ମାସର ପ୍ରଥମ ଦିନ ଏବଂ ବଙ୍ଗଳା ପାଞ୍ଜିରେ ୧୩୩୩ ସାଲର ମିଥୁନ (ସୌର ଆଷାଢ଼) ମାସର ୩୧ଶ ଦିନ ଦକ୍ଷିଣାୟନ ସଂକ୍ରାନ୍ତି ବୋଲି ଲେଖାଅଛି । ସଂକ୍ରାନ୍ତିର ପରଦିନ ଠାରୁ ବଙ୍ଗ ଦେଶରେ ପରବର୍ତ୍ତୀ ସୌର ମାସର ପ୍ରଥମ ଦିନ ଆରମ୍ଭ ହୁଏ । ଅର୍ଥାତ୍ ଉତ୍କଳର ଯାହା 'ମାସାନ୍ତି' ଦିବସ, ତାହା ବଙ୍ଗ ଦେଶରେ ସଂକ୍ରାନ୍ତି ବୋଲିଯାଏ । କିନ୍ତୁ ବିଚାର କରିବାକୁ ଗଲେ ବଙ୍ଗୀୟ ଗଣନାପଦ୍ଧତି ଠିକ୍ ନୁହେଁ ବୋଲି ଦେଖାଯିବ । କାରଣ, ସଂକ୍ରାନ୍ତିର ନାମକରଣ ପରବର୍ତ୍ତୀ ମାସର ନାମ ଅନୁସାରେ କରାଯାଏ; ଯଥା—ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି । ଓଡ଼ିଆରେ ଧନୁସଂକ୍ରାନ୍ତି ଧନୁ ମାସର ପ୍ରଥମ ଦିନ; କିନ୍ତୁ ବଙ୍ଗଳାରେ ଏହା ବିଛା ମାସର ଶେଷ ଦିନ ବୋଲି ଧରାଯାଏ ।

ଧନୁ (ପୌଷ), ମିଥୁନ (ଆଷାଢ଼), କନ୍ୟା (ଆଶ୍ୱିନ) ଓ ମୀନ (ଚୈତ୍ର) ସଂକ୍ରାନ୍ତିକୁ 'ଷଡ଼ଶୀତି' ସଂକ୍ରାନ୍ତି ବୋଲିଯାଏ । ବୃଷ (ଜ୍ୟେଷ୍ଠ), ବୃଶ୍ଚିକ (ମାର୍ଗଶିର), ସିଂହ (ଭାଦ୍ର) ଓ କୁମ୍ଭ (ଫଗୁଣ) ସଂକ୍ରାନ୍ତିକୁ 'ବିଷ୍ଣୁପଦୀ' ସଂକ୍ରାନ୍ତି ବୋଲିଯାଏ । ମକର (ମାଘ) ସଂକ୍ରାନ୍ତିକୁ 'ଉତ୍ତରାୟଣ' ଓ କକଡ଼ା (ଶ୍ରାବଣ) ସଂକ୍ରାନ୍ତିକୁ 'ଦକ୍ଷିଣାୟନ' ସଂକ୍ରାନ୍ତି ବୋଲିଯାଏ ।

ମେଷ (ବୈଶାଖ) ସଂକ୍ରାନ୍ତିକୁ 'ମହା ବିଷୁବ' ସଂକ୍ରାନ୍ତି ଓ ତୁଳା (କାର୍ତ୍ତିକ) ସଂକ୍ରାନ୍ତିକୁ 'ଜଳବିଷୁବ' ସଂକ୍ରାନ୍ତି ବୋଲିଯାଏ ।

ଭିନ୍ନ ଭିନ୍ନ ନକ୍ଷତ୍ରରେ ସୂର୍ଯ୍ୟଙ୍କ ସଂକ୍ରମଣ ଘଟିବା ଯୋଗୁଁ ସଂକ୍ରାନ୍ତିମାନଙ୍କୁ ୭ ଭାଗରେ ବିଭକ୍ତ କରାଯାଇ ଅଛି; ଯଥା—୧ । ମନ୍ଦା, ୨ । ମନ୍ଦାକିନୀ, ୩ । ଧ୍ୱାଂକ୍ଷୀ, ୪ । ଘୋରା, ୫ । ମହୋଦରୀ, ୬ । ରାକ୍ଷସୀ, ୭ । ମିଶ୍ରିତା ।

ରବିସଂକ୍ରମଣ ସମୟ ଅତ୍ୟନ୍ତ ପୁଣ୍ୟକାଳ । ଏହି ସମୟରେ ସର୍ବୌଷଧିମିଶ୍ରିତ ଜଳରେ ସ୍ନାନ କରି ହୋମ ଦାନାଦି ଓ ବିଷ୍ଣୁମନ୍ତ୍ର ଜପ କରିବାଦ୍ୱାରା ପୁଣ୍ୟ ସଞ୍ଚୟ ହୁଏ; ୧ ତ୍ରୁଟିର ସହସ୍ର ଭାଗରୁ ଏକ ଭାଗ କାଳ ରବିସଂକ୍ରମଣ ସମୟ (୧ ନିମିଷର ବା ୧ ଲବର ଅର୍ଦ୍ଧେକ=୧ ତ୍ରୁଟି); ସଂକ୍ରାନ୍ତିଦିନ ସ୍ତ୍ରୀ, ତୈଳ ଓ ଆମିଷାଦି ବର୍ଜନୀୟ । ସଂକ୍ରାନ୍ତିକୁ ନିରଂଶ ଦିବସ ବୋଲିଯାଏ । ସେଥିପାଇଁ ଏ ଦିନ ଯାତ୍ରାଦି ଶୁଭକର୍ମ ନିଷିଦ୍ଧ । ସଂକ୍ରାନ୍ତି ଦିନ ସାୟଂସନ୍ଧ୍ୟା ନିଷିଦ୍ଧ । ଶୁକ୍ଳପକ୍ଷ ସପ୍ତମୀ ଦିନ ସଂକ୍ରାନ୍ତି ହେଲେ ତାହାର ନାମ 'ମହାଜୟା' ହୁଏ । ଉକ୍ତ ଦିନ ସୂର୍ଯ୍ୟପୂଜା ଓ ଦାନାଦି ପୁଣ୍ୟପ୍ରଦ ।

କେଉଁ ସଂକ୍ରାନ୍ତିରେ କି କି ପୂଜା ବା କାର୍ଯ୍ୟ ଅନୁଷ୍ଠିତ ହୁଏ, ତାହା ନିମ୍ନରେ ଦିଆଗଲା । ଯଥା —

୧ । ଚୈତ୍ରର ଷଡ଼ଶୀତି ସଂକ୍ରାନ୍ତି—ଏ ଦିନ ଘଣ୍ଟାକର୍ଣ୍ଣ ପୂଜା ହୁଏ ।

୨ । ବୈଶାଖର ମହାବିଷୁବ ସଂକ୍ରାନ୍ତି—ଏହାର ଅନ୍ୟ ନାମ ପଣାସଂକ୍ରାନ୍ତି । ଏଥିରେ ବ୍ରାହ୍ମଣଙ୍କୁ ପଣା, ଜଳପାତ୍ର, ଘଟ, ଛତୁଆ, ବ୍ୟଞ୍ଜନ, ଛତା ଓ ପାଦୁକା ଦିଆଯାଏ । ଏ ଦିନ ସୂର୍ଯ୍ୟ ବିଷୁବ ରେଖାକୁ ପାର ହୋଇ ଉତ୍ତର ଅଡ଼କୁ ଅର୍ଥାତ୍ କର୍କଟ କ୍ରାନ୍ତି ଅଡ଼କୁ ଗତି କରନ୍ତି । ଏହି ଦିନ ମସୁର ଓ ନିମ୍ବପତ୍ର ଖାଇଲେ ବର୍ଷକଯାକ ସର୍ପ ଓ ବିଷଭୟ ନ ଥାଏ ।

୩ । ଜ୍ୟେଷ୍ଠର ବିଷ୍ଣୁପଦୀ ସଂକ୍ରାନ୍ତି—

୪ । ଆଷାଢ଼ର ଷଡ଼ଶୀତି ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି— ଏ ଦିନ ଜଗନ୍ନାଥଙ୍କ ଯାତ୍ରା ଉତ୍ସବ ହୁଏ । ମାସାନ୍ତିଠାରୁ ସଂକ୍ରାନ୍ତି ପରଦିନ ଯାଏ ପୃଥିବୀ ୩ ଦିନ ପର୍ଯ୍ୟନ୍ତ ରଜସ୍ୱଳା ରହେ; ଏଣୁ ଏହି ସମୟରେ କୃଷିକର୍ମ ଓ ଭୂମିଖନନାଦି ନିଷିଦ୍ଧ । ଏସମୟରେ ସ୍ତ୍ରୀଲୋକମାନେ ପିଷ୍ଟକାଦି ଭକ୍ଷଣ କରି କ୍ରୀଡ଼ାଦି ଉତ୍ସବରେ ମାତନ୍ତି । ରଜରେ ସ୍ତ୍ରୀ ଓ ବାଳକ ବାଳିକାଙ୍କ ଦୋଳୀ ଖେଳ ସମଗ୍ର ଉତ୍କଳରେ ପ୍ରସିଦ୍ଧ ।

୫ । ଶ୍ରାବଣ ମାସର ଦକ୍ଷିଣାୟନ ସଂକ୍ରାନ୍ତି—ଏ ଦିନ ସୂର୍ଯ୍ୟ କର୍କଟ କ୍ରାନ୍ତିରୁ ବିଷୁବ ରେଖା ଅଡ଼କୁ ଗତି କରନ୍ତି । ଏହି ଦିନଠାରୁ ୩ ଦିନ ପର୍ଯ୍ୟନ୍ତ ନଦୀମାନେ ରଜସ୍ୱଳା ହୁଅନ୍ତି ।

୬ । ଭାଦ୍ର ମାସର ବିଷ୍ଣୁପଦୀ ସଂକ୍ରାନ୍ତି—

୭ । ଆଶ୍ୱିନର ଷଡ଼ଶୀତି ସଂକ୍ରାନ୍ତି ବା କନ୍ୟା ସଂକ୍ରାନ୍ତି— ଏ ଦିନ କେବଳ ଦେବୀପୂଜାର ବର୍ଷାରମ୍ଭ ।

୮ । କାର୍ତ୍ତିକର ଜଳବିଷୁବ ସଂକ୍ରାନ୍ତି—ଏହାର ଅନ୍ୟ ନାମ ଗର୍ଭଣା ସଂକ୍ରାନ୍ତି । ଏ ଦିନ ଗର୍ଭଣା ଡାଳ ବା କାଠିକୁ ପୂଜା କରି ଧାନ କ୍ଷେତରେ ପୋତିବାକୁ ହୁଏ । ସୂର୍ଯ୍ୟ ବିଷୁବ ରେଖାକୁ ଟପି ଏହିଦିନ ଦକ୍ଷିଣ ଅଡ଼କୁ ଅର୍ଥାତ୍ ମକର ସଂକ୍ରାନ୍ତି ଅଡ଼କୁ ଗତି ଆରମ୍ଭ କରନ୍ତି ।

୯ । ମାର୍ଗଶିରର ବିଷ୍ଣୁପଦୀ ସଂକ୍ରାନ୍ତି—

୧୦ । ପୁଷ ମାସର ଷଡ଼ଶୀତି ସଂକ୍ରାନ୍ତି ବା ଧନୁ ସଂକ୍ରାନ୍ତି— ଏ ଦିନ ଦେବତାଙ୍କୁ ଧନୁମୁଆଁ ଭୋଗ ହୁଏ ଏବଂ ଜଗନ୍ନାଥଙ୍କର ପହିଲି ଭୋଗ ଆରମ୍ଭ ହୁଏ ।

୧୧ । ମାଘ ମାସର ଉତ୍ତରାୟଣ ସଂକ୍ରାନ୍ତି—ଏହି ଦିନ ସୂର୍ଯ୍ୟ ମକର କ୍ରାନ୍ତିରୁ ଉତ୍ତର ଦିଗକୁ ଫେରନ୍ତି । ଦେବତାଙ୍କୁ ମକର ଚାଉଳ ଓ ତିଲୁଆ ଖଜା ଭୋଗ ହୁଏ । ଏହାକୁ ତିଲୁଆ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏ ଦିନ ବାସ୍ତୁପୂଜା କରାଯାଏ ଏବଂ ଜଗନ୍ନାଥଙ୍କ ଓ ଲିଙ୍ଗରାଜଙ୍କ ଯାତ୍ରା ହୁଏ ।

୧୨ । ଫଗୁଣର ବିଷ୍ଣୁପଦୀ ସଂକ୍ରାନ୍ତି—

ସଂକ୍ରାନ୍ତିମାନଙ୍କରେ ଆଚରଣୀୟ ନାନାପ୍ରକାର କର୍ମାନୁଷ୍ଠାନ ବିଷୟ ପୁରାଣରେ ଉଲ୍ଲିଖିତ ଅଛି । ଯଥା.—

୧ । କାର୍ତ୍ତିକେୟ ବ୍ରତ (ସ୍କନ୍ଦପୁରାଣ)—ମାର୍ଗଶିର ମାସ ସଂକ୍ରାନ୍ତିରେ ସ୍ତ୍ରୀମାନେ ପୁତ୍ରଲାଭାର୍ଥ ସନ୍ଧ୍ୟାଠାରୁ ୪ ପ୍ରହର ମଧ୍ୟରେ ୪ ଥର ସ୍ନାନ କରି କାର୍ତ୍ତିକେୟ ପୂଜା-ପୂର୍ବକ କାର୍ତ୍ତିକେୟ ବ୍ରତ କରନ୍ତି ।

୨ । ଜଳ ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ବିଷୁବ ସଂକ୍ରାନ୍ତିରୁ ଆରମ୍ଭ କରି ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ସଂକ୍ରାନ୍ତିରେ ବ୍ରାହ୍ମଣଙ୍କୁ ଜଳପୂର୍ଣ୍ଣ ଘଟ ଦାନ କରାଯାଏ ।

୩ । ଦାନ ସଂକ୍ରାନ୍ତି ବ୍ରତ (ବ୍ରହ୍ମ ପୁରାଣ)—ବିଷୁବ ସଂକ୍ରାନ୍ତିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ବ୍ରାହ୍ମଣଙ୍କୁ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଦାନ କରାଯାଏ ।

୪ । ଦଧି ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ଉତ୍ତରାୟଣ ସଂକ୍ରାନ୍ତିଠାରୁ ଆରମ୍ଭ କରି ଏକ ବର୍ଷ ଦଧି ଓ ନୈବେଦ୍ୟ ଦାନ କରାଯାଏ ।

୫ । ଅନ୍ନ ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ମହାବିଷୁବ ସଂକ୍ରାନ୍ତିଠାରୁ ୧ ବର୍ଷ ପର୍ଯ୍ୟନ୍ତ ଅନ୍ନଦାନ କରାଯାଏ ।

୬ । ଫଳସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ) ମହାବିଷୁବ ସଂକ୍ରାନ୍ତିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ସଂକ୍ରାନ୍ତିରେ ନିର୍ଦ୍ଦିଷ୍ଟ ଫଳ ଦାନ କରାଯାଏ ।

୭ । ମଙ୍ଗଳ ସଂକ୍ରାନ୍ତି ବ୍ରତ—ମଙ୍ଗଳବାର ଦିନ ସଂକ୍ରାନ୍ତି ପଡ଼ିଲେ ମଙ୍ଗଳ ଚଣ୍ଡୀଙ୍କର ପୂଜା କରାଯାଏ ।

୮ । ଯମପୁଷ୍କରିଣୀବ୍ରତ (ଭବିଷ୍ୟ ପୁରାଣ)—ସ୍ତ୍ରୀମାନେ କୌଣସି ସଂକ୍ରାନ୍ତିଠାରୁ ଆରମ୍ଭ କରି ପ୍ରତି ସଂକ୍ରାନ୍ତିରେ ୪ ବର୍ଷ ପର୍ଯ୍ୟନ୍ତ ଯମପୂଜା ଓ ଦାନ କରନ୍ତି ।

୯ । ଧର୍ମଘଟ ବ୍ରତ—ବୈଶାଖ ସଂକ୍ରାନ୍ତିଠାରୁ ଜ୍ୟେଷ୍ଠ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଲେଖାଏଁ ୪ ବର୍ଷ ଜଳପୂର୍ଣ୍ଣ ଘଟ ବ୍ରାହ୍ମଣଙ୍କୁ ଦାନ କରାଯାଏ । ଏହା ଛଡ଼ା ମହାବିଷୁବ ସଂକ୍ରାନ୍ତିରେ ବିଷ୍ଣୁ, ଇଷ୍ଟଦେବତା ଓ ପିତୃମାନଙ୍କ ଉଦ୍ଦେଶ୍ୟରେ ଜଳପୂର୍ଣ୍ଣ ଘଟ ଉତ୍ସର୍ଗ କରିବାକୁ ହୁଏ ।]

ସଂକ୍ରାନ୍ତି ଚକ୍ର—ସଂ. ବି. (ଫଳିତ ଜ୍ୟୋତିଷ)—ପ୍ରତ୍ୟେକ ମନୁଷ୍ୟର Samkrānti chakra ଶୁଭାଶୁଭ ଜ୍ଞାପକ ନକ୍ଷତ୍ରାଙ୍କିତ (ସଂକ୍ରାନ୍ତି ପୁରୁଷ—ଅନ୍ୟରୂପ) ନରାକାର ଚକ୍ର—(Astrology) A figure of man, in the different limbs of which the 27 asterisms are placed and from which the good or evil of persons born under particular asterisms (during the coming month) is predicted. [ଦ୍ର—ସଂକ୍ରାନ୍ତି ଚକ୍ରକୁ ଗୋଟିଏ ମନୁଷ୍ୟ ରୂପରେ ଲେଖି ଉକ୍ତ ମନୁଷ୍ୟର ମସ୍ତକ, ମୁଖ, ହୃଦୟ, ଦକ୍ଷିଣ ଓ ବାମହସ୍ତ, ଦକ୍ଷିଣ ଓ ବାମ ପାଦ, ଦକ୍ଷିଣ ଓ ବାମ ନେତ୍ର ଏବଂ ଗୁହ୍ୟ ସ୍ଥାନମାନଙ୍କରେ ନିର୍ଦ୍ଦିଷ୍ଟ ନକ୍ଷତ୍ରମାନ ଲେଖିବାକୁ ହୁଏ । ଉକ୍ତ ବିଭିନ୍ନ ନକ୍ଷତ୍ରମାନଙ୍କର ଉକ୍ତ ପୁରୁଷର ବିଭିନ୍ନ ଅଙ୍ଗରେ ଅବସ୍ଥିତିଦ୍ୱାରା ଫଳିତ ଜ୍ୟୋତିଃଶାସ୍ତ୍ରୋକ୍ତ ଶୁଭାଶୁଭ ଫଳ ଜଣାଯାଏ । କୌଣସି ମନୁଷ୍ୟର ଜନ୍ମ ନକ୍ଷତ୍ର ଉକ୍ତ ଚକ୍ରର ଯେଉଁ ଅଙ୍ଗରେ ଥାଏ, ସେହି ମନୁଷ୍ୟର ତଦ୍ରୂପ ନିର୍ଦ୍ଦିଷ୍ଟ ଶୁଭାଶୁଭ ଫଳ ଲାଭ ହୁଏ । ସୂର୍ଯ୍ୟ ଯେଉଁ ନକ୍ଷତ୍ରରେ ଚଳନ୍ତି, ତତ୍ପରବର୍ତ୍ତୀ ନକ୍ଷତ୍ର-ଠାରୁ ଆରମ୍ଭ କରି ୨୭ ନକ୍ଷତ୍ରଙ୍କୁ ଉକ୍ତ ପୁରୁଷର ଯଥା-କ୍ରମେ ମସ୍ତକାଦିରେ ଲେଖି ଫଳ ଜାଣିବାକୁ ହୁଏ । ମହାବିଷୁବ, ଜଳ ବିଷୁବ, ଉତ୍ତରାୟଣ, ଦକ୍ଷିଣାୟନ, ବିଷ୍ଣୁପଦୀ ଓ ଷଡ଼ଶୀତି ସଂକ୍ରାନ୍ତିରେ ନକ୍ଷତ୍ରମାନଙ୍କୁ ଉକ୍ତ ପୁରୁଷର ଭିନ୍ନଭିନ୍ନ ଅଙ୍ଗରେ ସନ୍ନିବେଶିତ କରାଯାଏ । ଉଦାହରଣ ସ୍ୱରୂପ—ମହାବିଷୁବ ସଂକ୍ରାନ୍ତିରେ ରବି 'ଅଶ୍ୱିନୀ' (୧ନକ୍ଷତ୍ର)କୁ ଚଳିଲେ । ଅତଏବ ଉକ୍ତ ପୁରୁଷର ମସ୍ତକରେ ୭ଟି ନକ୍ଷତ୍ର (୨।୩।୪।୫।୬।୭।୮), ମୁଖରେ ୩ଟି (୯।୧୦।୧୧), ହୃଦୟରେ ୫ଟି (୧୨।୧୩।୧୪.୧୫।୧୬), ଦକ୍ଷିଣ ହସ୍ତରେ ୩ଟି (୧୭।୧୮।୧୯), ବାମ ହସ୍ତରେ ୩ଟି (୨୦।୨୧।୨୨), ଦକ୍ଷିଣ ପାଦରେ ୩ଟି (୨୩।୨୪।୨୫) ବାମ ପାଦରେ ୩ଟି (୨୬।୨୭।୧) ଲେଖି ଜ୍ୟୋତିଃଶାସ୍ତ୍ର-ମତେ ଫଳ ଜାଣିବାକୁ ହେବ; ଯଥା—ମସ୍ତକେ ରାଜପୂଜା, ମୁଖେ ପଟୁତା, ହୃଦୟେ ଧନଲାଭ, ଦକ୍ଷିଣହସ୍ତେ ଅର୍ଥପ୍ରାପ୍ତି, ବାମ ହସ୍ତେ ଦୁଃଖ, ଦକ୍ଷିଣ ପାଦେ ସୁଖ, ବାମ ପଦେ ଭ୍ରମଣ ।]

ସଂକ୍ରାନ୍ତି ଚଳନ—ସଂ. ବି—ମନୁଷ୍ୟର ଜାତକର ଗ୍ରହ ଓ ନକ୍ଷତ୍ରାନୁସାରେ Samkrānti chalana ସୂର୍ଯ୍ୟଙ୍କର ଶୁଭ ବା ଅଶୁଭଜନକ ସଂକ୍ରମଣ (ଏହା ସଂକ୍ରାନ୍ତିଚକ୍ର ଗଣନାରୁ ଧରା ପଡ଼େ)—(ସଂକ୍ରାନ୍ତି ଚଳିବା—ଦେଶଜରୂପ) Auspicious or in-auspicious transition of the sun (as far as a person is concerned). [ଦ୍ର—ସଂକ୍ରାନ୍ତି ଚଳନ ଅଶୁଭ ହେଲେ, ଅର୍ଥାତ୍ ସଂକ୍ରାନ୍ତିଚକ୍ରରେ ନିଜ ଜନ୍ମ ନକ୍ଷତ୍ରର ଅବସ୍ଥାନର ଫଳ ଜ୍ୟୋତିଃଶାସ୍ତ୍ର ଅନୁସାରେ ଅଶୁଭସୂଚକ ହେଲେ ଧୁସ୍ତୁର ବୀଜମିଶ୍ରିତ ସର୍ବୌଷଧି ଜଳରେ ସ୍ନାନ, ବିଷ୍ଣୁମନ୍ତ୍ର ଜପ ଓ ହୋମଦାନାଦି କଲେ ଅଶୁଭ ଫଳ କଟିଯାଏ ।]

ସଂକ୍ରାମ—ସଂ. ବି (ସମ୍+କ୍ରମ୍ ଧାତୁ+ଭାବ. ଅ)—ସଂକ୍ରମ (ଦେଖ) Samkrāma Samkrama. (See) (ସଙ୍କ୍ରାମ—ଅନ୍ୟରୂପ)

ସଂକ୍ରାମକ—ସଂ. ବିଣ (ସମ୍+କ୍ରମ୍. ଧାତୁ=ଗମନ କରିବା+କର୍ତ୍ତୃ. Samkrāmaka ଅକ)—୧ । ବ୍ୟାପକ—1. Spreading. ୨ । ସଂଚାରକ—2. Diffused; pervading. ୩ । (ସଂକ୍ରାମିକା—ସ୍ତ୍ରୀ) ସଂକ୍ରମଶୀଳ; ଗତିଶୀଳ—3. Full of transition; transitory. ୪ । ଏକ ସ୍ଥାନରେ ପ୍ରବେଶକାରକ ଓଅଁ (ରୋଗ)—4. Contagious, infectious (disease).

ସଂକ୍ରାମକତା(ତ୍ୱ)—ସଂ. ବି—ରୋଗର ସଂକ୍ରାମକ ଗୁଣ; ଯେଉଁ ଗୁଣଦ୍ୱାରା Saṁkrāmakatā(twa) ରୋଗ ଏକ ବ୍ୟକ୍ତିଠାରୁ ବ୍ୟକ୍ତ୍ୟନ୍ତରକୁ ଯାଏ—Contagiousness of a disease.

ସଂକ୍ରାମକ ରୋଗ(ବ୍ୟାଧି)—ସଂ. ବି—ଛୁଆଁ ରୋଗ; ଯେଉଁ ରୋଗ Saṁkrāmaka roga(byādhi) ରୋଗୀର ସଂସର୍ଗଦ୍ୱାରା ବ୍ୟକ୍ତ୍ୟନ୍ତରକୁ ସଂକ୍ରମଣ କରେ—Infectious or contagious disease.

ସଂକ୍ରାମଣ—ଦେ, ବି (ସଂ. ସଂକ୍ରମ ବା ସଂକ୍ରମଣ)—ସଂକ୍ରମ (ଦେଖ) Saṁkrāmaṇa Saṁkrama. (See)

ସଂକ୍ରାମିକ - ଦେ. ବିଣ (ସଂ. ସାଂକ୍ରାମିକ)—ସାଂକ୍ରାମିକ (ଦେଖ) Saṁkrāmika Sāṁkrāmika. (See)

ସଂକ୍ରାମିତ - ସଂ. ବିଣ (ସମ୍ + କ୍ରମ୍. ଧାତୁ, ଣିଚ + କର୍ତ୍ତୃ. ତ)—Saṁkrāmita ସଂକ୍ରମିତ (ଦେଖ)—Saṁkramita. (ସଂକ୍ରାମିତା—ସ୍ତ୍ରୀ) (See)

ସଂକ୍ରାମିତା(ତ୍ୱ)—ସଂ. ବି (ସଂକ୍ରାମିନ୍ + ତା, ତ୍ୱ)—ସଂକ୍ରାମକତା Saṁkrāmitā(twa) (ଦେଖ)—Saṁkrāmakatā. (See)

ସଂକୀର୍ତ୍ତନ—ଗ୍ରା. ବି (ଅଶୁଦ୍ଧ)—ସଂକୀର୍ତ୍ତନ (ଦେଖ) Saṁkritana Saṁkīrttana. (See)

ସଂକ୍ଳେଦ—ସଂ. ବି (ସମ୍ + କ୍ଳିଦ୍. ଧାତୁ=ଓଦା ହେବା + ଭାବ. Saṁkleda ଅ)—ଆର୍ଦ୍ରତା—Dampness. (ସଙ୍କ୍ଳେଦ—ଅନ୍ୟରୂପ)

ସଂକ୍ଷୟ—ସଂ. ବି (ସମ୍ + କ୍ଷି. ଧାତୁ + ଭାବ. ଅ)-୧ । ବିନାଶ; ଧ୍ୱଂସ—Saṁkshaya 1. Ruin; destruction. ୨ । ପ୍ରଳୟ—[ସଙ୍କ୍ଷୟ—ଅନ୍ୟରୂପ] 2. Dissolution. ୩ । ସମୂଳବିନାଶ—3. Eradication.

ସଂକ୍ଷିପ୍ତ—ସଂ. ବିଣ (ସମ୍ = ଏକତ୍ର + କ୍ଷିପ୍. ଧାତୁ=ଫୋପାଡ଼ Saṁkshipta କରିବା + କର୍ମ. ତ)—୧ ଇତସ୍ତତଃ ବିକ୍ଷିପ୍ତ; [ସଙ୍କ୍ଷିପ୍ତ—ଅନ୍ୟରୂପ] କ୍ଷିପ୍ତ—1. Thrown about; (ସଂକ୍ଷିପ୍ତା—ସ୍ତ୍ରୀ) scattered. ୨ । ସଂକୁଚିତ—2. Con-[ସଂକ୍ଷେପ—ବି] tracted. ୩ । ଅଳ୍ପୀକୃତ—3. Concise; condensed; abridged; compressed. ୪ । ସଂଚିତ—4. Gathered; stored up. ୫ । ସଂକଳିତ; ଏକତ୍ରୀକୃତ—5. Accumulated; compiled. ୬ । ପରିତ୍ୟକ୍ତ—6. Abandoned; relinquished; deserted. ୭ । ଗୃହୀତ—7. Received; obtained. ୮ । ଅଟକ କରାଯାଇଥିବା; ବାଧାପ୍ରାପ୍ତ—8. Obstructed; hindered.

ସଂକ୍ଷିପ୍ତ ସାର—ସଂ. ବିଣ (ବହୁବ୍ରୀହି; ସଂକ୍ଷିପ୍ତ ହୋଇଅଛି ସାର Saṁkshipta sāra ଯହିଁରେ ବା ଯାହାର)—ଯାହାର ସାରାଂଶ ସଂକ୍ଷିପ୍ତ କରାଯାଇଅଛି—Having the parts abridged or condensed. ବି—କ୍ରମଦୀଶ୍ୱରଙ୍କ ସଂକଳିତ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ବିଶେଷ—The title of a Sanskrit Grammar by Kramadiśwara.

ସଂକ୍ଷିପ୍ତାତ୍‌ସଂକ୍ଷିପ୍ତ—ସଂ. ବିଣ (ସଂକ୍ଷିପ୍ତାତ୍ = ସଂକ୍ଷିପ୍ତ ଅପେକ୍ଷା + Saṁkshiptāt-saṁkshipta ସଂକ୍ଷିପ୍ତ)—ଅତି କ୍ଷିପ୍ତ—Very much abridged or concise.

ସଂକ୍ଷୀୟମାଣ—ସଂ. ବିଣ (ସମ୍ + କ୍ଷି. ଧାତୁ=କ୍ଷୟ ପାଇବା + କର୍ମ. Saṁkshiyamāṇa ଅନ)—କ୍ଷୟ ପ୍ରାପ୍ୟମାଣ; ଯାହା କ୍ଷୟ [ସଙ୍କ୍ଷୀୟମାଣ—ଅନ୍ୟରୂପ] ପାଉଅଛି—Decaying. [ସଂକ୍ଷୀୟମାଣା—ସ୍ତ୍ରୀ]

ସଂକ୍ଷୁବ୍ଧ—ସଂ. ବିଣ (ସମ୍ + କ୍ଷୁଭ୍. ଧାତୁ + କର୍ତ୍ତୃ ତ)—୧ । ସଞ୍ଚାଳିତ—Saṁkshubdha 1. Caused to move. ୨ । ଉଦ୍ବେଳିତ—[ସଙ୍କ୍ଷୁବ୍ଧ—ଅନ୍ୟରୂପ] 2. Agitated. ୩ । ଆକୁଳ—[ସଂକ୍ଷୁବ୍ଧା—ସ୍ତ୍ରୀ] 3. Troubled.

ସଂକ୍ଷେପ—ସଂ. ବି (ସମ୍ + କ୍ଷିପ୍. ଧାତୁ=ଫୋପାଡ଼ିବା + ଭାବ. ଅ)—Saṁkshepa ୧ । ସଂକୋଚ—1. Contraction. ୨ । [ସଙ୍କ୍ଷେପ—ଅନ୍ୟରୂପ] ଅଳ୍ପୀକରଣ—2. Abridgement; condensing. ୩ । ସଂକ୍ଷିପ୍ତ ବର୍ଣ୍ଣନ—3. Condensed description. ୪ । ଚୁମ୍ବକ—4. Abstract; compendium. ଦେ. ବିଣ—ସଂକ୍ଷିପ୍ତ—Concise.

ସଂକ୍ଷେପକ—ସଂ. ବିଣ (ସମ୍ + କ୍ଷିପ୍ ଧାତୁ + କର୍ତ୍ତୃ. ଅକ)—ସଂକୋଚକ Saṁkshepaka —Contracting; condensing. ବି—(ସଂକ୍ଷେପିକା—ସ୍ତ୍ରୀ) ଯେ କୌଣସି ବିଷୟକୁ ସଂକ୍ଷିପ୍ତ କରେ—One who abridges.

ସଂକ୍ଷେପଣ—ସଂ. ବି. (ସମ୍ + କ୍ଷିପ୍ ଧାତୁ + ଭାବ. ଅନ)—ସଂକ୍ଷିପ୍ତ Saṁkshepaṇa କରଣ; ଚୁମ୍ବକ କରିବା—Abridging; (ସଂକ୍ଷିପ୍ତ—ବିଣ) condensing.

ସଂକ୍ଷେପତଃ—ସଂ. କ୍ରି. ବିଣ—(ସଂକ୍ଷେପ + ତସ୍)—ସଂକ୍ଷିପ୍ତ Saṁkshepataḥ ଭାବରେ—In a condensed manner; concisely.

ସଂକ୍ଷେପିବା—ଦେ. (ପଦ୍ୟ) କ୍ରି—ସଂକ୍ଷିପ୍ତ କରିବା—To condense; Saṁkshepibā to make concise. (ବ—ସଂକ୍ଷେପ କରା ଜଣାଇଲେ । ସଂକ୍ଷେପି ସମସ୍ତ କହିଲେ—ଜଗନ୍ନାଥ. ହି—संक्षेप करना ଭାଗବତ ।)

ସଂକ୍ଷୋଭ—ସଂ. ବି (ସମ୍ + କ୍ଷୁଭ୍. ଧାତୁ=କ୍ଷୁବ୍ଧହେବା + ଭାବ. ଅ)—Saṁkshobha ୧ । ଚାଞ୍ଚଲ୍ୟ—1. Disturbance; fickleness. ୨ । ଅସ୍ଥିରତା—2. Restlessness; instability. ୩ । ମନଶ୍ଚାଞ୍ଚଲ୍ୟ—3. Caprice; (ସଙ୍କ୍ଷୋଭ—ଅନ୍ୟରୂପ) unsteadiness; mental agita-(ସଂକ୍ଷୁବ୍ଧ, ସଂକ୍ଷୋଭିତ—ବିଣ) tion. ୪ । ଧର୍ଷଣ—4. The daring of a person to combat. ୫ । ମନସ୍ତାପ; ଅତି କ୍ଷୋଭ—5. Mental affliction; perturba-

tion. ୬। ଗର୍ବ—6. Arrogance; egotism. ୭। ଭୟଚକିତତା—7. The state of being alarmed.

ସଂଖ (ଇତ୍ୟାଦ)—ଦେ. ବ—ସଙ୍ଖ ଇତ୍ୟାଦ (ଦେଖ)
Saṁkha (etc) Saṅkha etc (See)

ସଂଖଡ଼ା—ପ୍ରାଦେ. (କଟକ) ବ ଓ ବଣ —ସଙ୍ଖଡ଼ା (ଦେଖ)
Saṁkhar̤ā Saṅkhar̤ā (See)

ସଂଖଳନା—ଦେ. ବ—ସଙ୍ଖଳନା (ଦେଖ)
Saṁkhaḻanā Saṅkhaḻanā (See)

ସଂଖଳା—ଦେ. ବ—ସଙ୍ଖଳା (ଦେଖ)
Saṁkhaḻā Saṅkhaḻā (See)

ସଂଖା (ଇତ୍ୟାଦ)—ଦେ. ବ—ସଙ୍ଖା ଇତ୍ୟାଦ (ଦେଖ)
Saṁkhā (etc) Saṅkhā etc (See)

ସଂଖାମୁଠା—ଦେ. ବ—ସଙ୍ଖାମୁଠା (ଦେଖ)
Saṁkhāmuṭhā Saṅkhāmuṭhā (See)

ସଂଖାଳି—ଦେ. ବ—ସଙ୍ଖାଳି (ଦେଖ)
Saṁkhāḻi Saṅkhāḻi (See)

ସଂଖୁଅ—ଦେ. ବ—ସଙ୍ଖୁଅ (ଦେଖ)
Saṁkhuā Saṅkhuā (See)

ସଂଖୁଡ଼ି (ଇତ୍ୟାଦ)—ଦେ. ବ—ସଙ୍ଖୁଡ଼ି ଇତ୍ୟାଦ (ଦେଖ)
Saṁkhur̤i (etc) Saṅkhur̤i etc (See)

ସଂଖୁରି—ଗ୍ରା. ବ ଓ ବଣ—ସଙ୍ଖୁରି (ଦେଖ)
Saṁkhuri Saṅkhuri (See)

ସଂଖୁ(ଖୋ)ଳା—ଦେ. ବ—ସଙ୍ଖୁଳା (ଦେଖ)
Saṁkhu(kho)ḻā Saṅkhuḻā (See)

ସଂଖ୍ୟ—ସଂ. ବ (ସମ୍+ଖ୍ୟା ଧାତୁ=ସମ୍ଯକ ନାମୋଚ୍ଚାରଣ କରିବା+ଅଧିକରଣ. ଅ)—ଯୁଦ୍ଧ; ସଂଗ୍ରାମ—Battle; fight; contest.
Saṁkhya
(ସଙ୍ଖ୍ୟ—ଅନ୍ୟରୂପ)

ସଂଖ୍ୟକ—ସଂ. ବଣ—(ସଂଖ୍ୟା ଶବ୍ଦ ବହୁବ୍ରୀହି ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ 'କ' ଯୁକ୍ତ ହେଲେ ସଂଖ୍ୟ ଆକାର ଧାରଣ କରେ, ଯଥା—ବହୁ ସଂଖ୍ୟକ, ଅଳ୍ପ ସଂଖ୍ୟକ)—
Saṁkhyaka
୧। ସଂଖ୍ୟାଯୁକ୍ତ—1. Numbered; numbering. ୨। ଗଣିତ; ଗଣା ଯାଇଥିବା—2. Counted; numbered. ୩। ଗଣନୀୟ—3. Countable; which can be counted.

ସଂଖ୍ୟା—ସଂ. ବ (ସମ୍+ଖ୍ୟା ଧାତୁ=ଗଣିବା, କହିବା+ଭାବ. ଅ+ସ୍ତ୍ରୀ. ଆ)—୧। ସୁମାରି; ଗଣନା; ଗଣତି—
Saṁkhyā
(ସଂଖ୍ୟାତ—ବଣ) 1. Counting; calculation; reckoning. (ଉ—ଜଗନ୍ନାଥ ତୋହର ମହିମା। ସଂଖ୍ୟାରେ କେ କରିବ ସୀମା—ଜଗନ୍ନାଥ. ଭାଗବତ।) ୨। ବିଚାର—2. Consideration; deliberation. ୩। (ଗଣିତ) ରାଶି; ଅଙ୍କ (୧, ୨, ୩, ୪ ଆଦ)—3. (arithmetic) Number; notation. ୪। ଗଣନାଦ୍ୱାରା ଜଣାଯିବା ରାଶି ବା ପରିମାଣ—4. A number arrived at after counting. ୫। କୌଣସି ବିଷୟର ତଦନ୍ତ—5. Investigation. [ଦ୍ର—ଏକ ସଂଖ୍ୟାଠାରୁ କ୍ରମଶଃ ଦଶଗୁଣ ବୃଦ୍ଧି ହୋଇଥିବା ସଂଖ୍ୟାମାନଙ୍କର ନାମ ସମ୍ବନ୍ଧରେ ବ୍ରହ୍ମାଣ୍ଡପୁରାଣର ଗୋଟିଏ ଶ୍ଳୋକ ମନେ ରଖିଲେ ଦଶଗୁଣୋତ୍ତର ସଂଖ୍ୟାମାନଙ୍କ ନାମ ଓ ଗଣନାରେ ବିଶେଷ ସୁବିଧା ହୁଏ। ଯଥା—

ଏକଂ ଦଶଂ ଶତଂ ଚୈବ ସହସ୍ରମଯୁତଂ ତଥା
ଲକ୍ଷଂ ଚ ନିୟୁତଂ ଚୈବ କୋଟିରର୍ବୁଦମେବ ଚ।
ବୃନ୍ଦଃ ଖର୍ବୋ ନିଖର୍ବଶ୍ଚ ଶଙ୍ଖ ପଦ୍ମୌ ଚ ସାଗରଃ
ଅନ୍ତ୍ୟଂ ମଧ୍ୟଂ ପରାର୍ଦ୍ଧଂ ଚ ଦଶବୃଦ୍ଧ୍ୟା ଯଥୋତ୍ତରମ୍।

ଏକରେ ଗୋଟିଏ ଶୂନ୍ୟ ଯୋଗ କଲେ ୧୦ (ଦଶ), ଦୁଇଟି ଶୂନ୍ୟଦେଲେ ୧୦୦ (ଶତ ବା ସହ), ତିନୋଟି ଶୂନ୍ୟଦେଲେ ୧୦୦୦ (ସହସ୍ର ବା ହଜାର) ହେବ। ଏହିପରି ୧୭ଟି ଶୂନ୍ୟରେ ୧୦୦୦୦୦୦୦୦୦୦୦୦୦୦୦୦୦୦ (ଏକ ପରାର୍ଦ୍ଧ) ହୁଏ। କେହି କେହି ପରାର୍ଦ୍ଧ ପରେ କ୍ରମେ ଦଶଗୁଣୋତ୍ତର କ୍ଷୌଣି, ଋକ୍ଷୌଣି, ଗାଳ, ମହାଗାଳ ଓ କାଟି ଗଣନା କରନ୍ତି ଏବଂ କାଟିଠାରୁ ସଂଖ୍ୟା ହୃଦ୍ ବୋଲି କହନ୍ତି।] ଦେ. ବଣ (ସଂ. ସଂଖ୍ୟ, ସଂଖ୍ୟକ)—ସଂଖ୍ୟାଯୁକ୍ତ—Numbered;. (ଉ—ସହସ୍ର ସଂଖ୍ୟା ମୋର ପ୍ରାୟେ। କାଞ୍ଚିରୁ କରନ୍ତି ଉଦୟେ—ଭୂପତି. ପ୍ରେମପଞ୍ଚାମୃତ।) [ଦ୍ର—ସାଧାରଣ ଲୋକେ ଅସଂଖ୍ୟ, ବହୁସଂଖ୍ୟକ ଆଦ ସ୍ଥାନରେ 'ଅସଂଖ୍ୟା', 'ବହୁ ସଂଖ୍ୟା', 'ଶତ ସଂଖ୍ୟକ', ସହସ୍ର ସଂଖ୍ୟକ ସ୍ଥାନରେ 'ଶହ ସଂଖ୍ୟା', 'ହଜାର ସଂଖ୍ୟା' ଏବଂ ଏହିପରି 'ଲକ୍ଷ ସଂଖ୍ୟା', 'କୋଟି ସଂଖ୍ୟା' ଓ 'ଖର୍ବ ସଂଖ୍ୟା' ଶବ୍ଦମାନ ବ୍ୟବହାର କରନ୍ତି।] ଦେ. ବ—(ଯୁବକ ସ୍ୱାଧୀନଶ୍ୱାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନବିଶେଷ) ନିଜ ନିଜର ସଂଖ୍ୟା ଗଣନାକର—An order of Drill—'Number'.

ସଂଖ୍ୟା କରିବା—ଦେ. କ୍ର (ସଂ. ସମ୍+ଖ୍ୟା ଧାତୁ)—ଗଣତି କରିବା; ଗଣିବା; ସୁମାରି କରିବା—
Saṁkhyā karibā
সংখ্যা করা संख्या करना To count; to reckon.

ସଂଖ୍ୟା-ଚାର୍-ଗଣ୍—ଦେ. ବ—ଯୁବକ ସ୍ୱାଧୀନଶ୍ୱାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନ—
Saṁkhyā-chār-gaṇ
A term of drill; By fours in number

ସଂଖ୍ୟାତ—ସଂ. ବଣ (ସମ୍+ଖ୍ୟା ଧାତୁ+କର୍ମ ତ)—୧। ଗଣିତ; ସଂଖ୍ୟ; ଗଣିତ—1. Counted. ୨।
Saṁkhyāta
(ସଂଖ୍ୟାତା—ସ୍ତ୍ରୀ) ବିବେଚିତ—2. Considered. ୩। ବିଖ୍ୟାତ; ପ୍ରସିଦ୍ଧ—3. Celebrated; famous.

ସଂଖ୍ୟା ଦୁଇ-ଗଣ୍—ଦେ. ବି—ସ୍ୱର୍ଗତ ରାଧାଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍-
Samkhyā-dui-gaṇ ସମ୍ବନ୍ଧୀୟ ଆଦେଶ ବଚନ—
A term of drill "By twos-number"

ସଂଖ୍ୟାନ—ସଂ. ବି (ସମ୍+ଖ୍ୟା ଧାତୁ+ଭାବ ଅନ)—୧ । ଗଣନା;
Samkhyāna ଗଣତି କରିବା—1. Counting. ୨ ।
(ସଙ୍ଖ୍ୟାନ—ଅନ୍ୟରୂପ) ସଂଖ୍ୟା—2. Number.

ସଂଖ୍ୟାପନ(ନା)—ସଂ. ବି (ସମ୍+ଖ୍ୟା ଧାତୁ ଣିଚ୍, ଖ୍ୟାପି ଧାତୁ+
Samkhyāpana(nā) ଭାବ ଅନ;+ସ୍ତ୍ରୀ ଆ)—
[ସଙ୍ଖ୍ୟାପନ(ନା)—ଅନ୍ୟରୂପ] ୧ । ସଂଖ୍ୟା ନିର୍ଦ୍ଧାରଣ—
1. Ascertainment of the number.
୨ । ନିର୍ଦ୍ଧାରଣ; ସ୍ଥିରୀକରଣ—2. Ascertainment; attestation.

ସଂଖ୍ୟାବାନ୍—ସଂ. ବି. ପୁଂ (ସଂଖ୍ୟା=ବିଚାରବୁଦ୍ଧି+ଅସ୍ତି ଅର୍ଥରେ
Samkhyābān ବତ୍ ୧ମା ୧ବ)—୧ । ପଣ୍ଡିତ—
[ସଂଖ୍ୟାବତୀ—ସ୍ତ୍ରୀ] 1. A learned man. ୨ । ପ୍ରାଜ୍ଞ
ବ୍ୟକ୍ତି—2. A wise man. ବିଣ. ପୁଂ—୧ । ପ୍ରାଜ୍ଞ—
1. Wise. ୨ । ବିଦ୍ୱାନ୍—2. Learned.

ସଂଖ୍ୟାବିଦ୍—ସଂ. ବି. ପୁଂ (ସଂଖ୍ୟା+ବିଦ୍ ଧାତୁ=ଜାଣିବା+କର୍ତ୍ତ୍ରି
Samkhyābid କ୍ୱିପ୍; ସଂଖ୍ୟାବିଦ୍ ଶବ୍ଦ ୧ମା ୧ବ)—
[ସଂଖ୍ୟାବିଦ—ଦେଶଜରୂପ] ୧ । ଅଙ୍କ ବିଦ୍ୟାରେ ପାରଙ୍ଗମ
ବ୍ୟକ୍ତି—1. Arithmetician; mathematician.
୨ । ପଣ୍ଡିତ—2. Learned man.

ସଂଖ୍ୟା ବିଦ୍ୟା(ବିଜ୍ଞାନ,ଶାସ୍ତ୍ର)—ସଂ. ବି—ଅଙ୍କ ଶାସ୍ତ୍ର; ଗଣିତ ଶାସ୍ତ୍ର—
Samkhyā bidyā(bijñāna,śāstra) Arithmetic; mathematics; the science of numbers.

ସଂଖ୍ୟାବେତ୍ତା—ସଂ. ବିଣ. ପୁଂ (ସଂଖ୍ୟା+ବିଦ ଧାତୁ+କର୍ତ୍ତ୍ରି ତୃ;
Samkhyā bettā ସଂଖ୍ୟାବେତ୍ତୃ ଶବ୍ଦ, ୧ମା ୧ବ)—
(ସଂଖ୍ୟାବେତ୍ତ୍ରୀ—ସ୍ତ୍ରୀ) ସଂଖ୍ୟାବାନ୍ (ଦେଖ)—Samkhyābān (See)

ସଂଖ୍ୟାଲଘିଷ୍ଠ ସଂପ୍ରଦାୟ—ସଂ. ବି—(ଅଧୁନିକ ପ୍ରୟୋଗ) ଦେଶରେ
Samkhyā laghishṭha sampradāya ଯେଉଁ
(ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ—ବିପରୀତ) ସଂପ୍ରଦାୟର ସଂଖ୍ୟା
ଅନ୍ୟ ସମ୍ପ୍ରଦାୟମାନଙ୍କ ସଂଖ୍ୟା ଅପେକ୍ଷା କମ୍—
Minority community of a country.

ସଂଖ୍ୟେୟ—ସଂ. ବିଣ (ସମ୍+ଖ୍ୟା ଧାତୁ+କର୍ମ ଯ)—୧ । ଗଣନୀୟ;
Samkhyeya ଗଣ୍ୟ—Countable; which can
(ସଂଖ୍ୟେୟା—ସ୍ତ୍ରୀ) be counted. ୨ । ସଂଖ୍ୟାଯୋଗ୍ୟ—
2. Numerable; calculable.

ସଂଗ (ଇତ୍ୟାଦି)—ସଂ. ବି—ସଙ୍ଗ ଇତ୍ୟାଦି (ଦେଖ)
Samga (etc) Saṅga etc (See)

ସଂଗଡ଼—ଦେ. ବିଣ—ସଙ୍ଗଡ଼ [ଦେଖ]
Samgaṛa Saṅgaṛa (See)

ସଂଗଡ଼ିବା—ଦେ. କ୍ରି—ସଙ୍ଗଡ଼ିବା [ଦେଖ]
Samgaṛibā Saṅgaṛibā (See)

ସଂଗଣିକା—ସଂ. ବି (ସମ୍+ଗଣ୍ ଧାତୁ=ଗଣନା କରିବା+କରଣ
Samgaṇikā ଅକ+ସ୍ତ୍ରୀ. ଆ)—ଅନୁପମ କଥୋପକଥନ—
[ସଙ୍ଗଣିକା—ଅନ୍ୟରୂପ] Unparalleled conversation.

ସଂଗତ—ସଂ. ବିଣ (ସମ୍+ଗମ୍ ଧାତୁ+କର୍ତ୍ତ୍ରି ତ)—୧ । ଉପଯୁକ୍ତ;
Samgata ସମୁଚିତ; ଉଚିତ—1. Suitable; fit;
[ସଙ୍ଗତ—ଅନ୍ୟରୂପ] proper. ୨ । ଯଥେଷ୍ଟ—2. Adequate; appropriate.
(ସଙ୍ଗତା—ସ୍ତ୍ରୀ) ୩ । ଯୁକ୍ତିଯୁକ୍ତ; ଯୌକ୍ତିକ—3. Reasonable. ୪ । ସମ୍ମିଳିତ; ମିଳିତ—4. United. [ଉ—ଦିନ ଅସ୍ତ ସମୟେ କାହ୍ନୁ ମୋର ସୁତ, ମୋ ପାଶରେ ଆସିଣ ହୋଇବେ ସଂଗତ । କୃଷ୍ଣସିଂହ. ମହାଭାରତ. ଆଦି ।] ୫ । ସଂଯୁକ୍ତ—5. Joined; attached. ୬ । ସଂବଦ୍ଧ; ସଂବନ୍ଧଯୁକ୍ତ—6. Connected; related. ୭ । ସାକ୍ଷାତ୍କୃତ—7. Interviewed; met with. ୮ । ମିତ୍ର ବା ସହଚରରୂପେ ମିଳିତ—8. Associated or met as friends. ୯ । ସଂଚିତ; ଏକତ୍ରୀକୃତ—9. Collected; accumulated. ୧୦ । ସହବାସ ବା ସଙ୍ଗମ ଦ୍ୱାରା ପରସ୍ପର ସଙ୍ଗେ ମିଳିତ—10. Joined to each other in coition. [ଉ—ଦୁହେଁ ହେବା ସଙ୍ଗତ ମୁଁ ହେବି ମଙ୍ଗଳିତ, ମହେନ୍ଦ୍ର ବିଜୟରେ । କବିସୂର୍ଯ୍ୟ. ସଂଗୀତ ।] ୧୧ । ଦୃଷ୍ଟ—11. Seen; viewed. ବି—(ଭାବ. ତ)—୧ । ମିତ୍ରତା—1. Friendship. ୨ । ସୌହାର୍ଦ୍ଦ—2. Close friendship; intimacy. ୩ । ମିଳନ—3. Junction. ୪ । ସଂଯୋଗ—4. Conjunction. ୫ । ସହଚରତ୍ୱ—5. Companionship. [ଉ—କୁନ୍ତୀ ମଧ୍ୟ ତାହାଙ୍କ ସଙ୍ଗତରେ ଗଲେ । କୃଷ୍ଣସିଂହ. ମହାଭାରତ. ଆଦି ।] ୬ । (ଜ୍ୟୋତିଷ) ଗ୍ରହମାନଙ୍କର ସମସୂତ୍ରରେ ଅବସ୍ଥାନ ବା ମିଳନ—6. (astrology) The conjunction of planets; a position of planets in parallel lines. ୭ । (ସଂଗୀତ) ଗୀତ, ବାଦ୍ୟ, ସ୍ୱର ଓ ତାଳର ମିଳନ—7. (Music) Harmony produced by the combination of song, music, tunes and symphony. ଦେ. ବି—

সংগত
सं गत
୧ । ଶିଖମାନଙ୍କର ଧର୍ମଚର୍ଚ୍ଚାର୍ଥ ବୈଠକ ବା ବନ୍ଧୁ ସମ୍ମିଳନ—1. A religious meeting of the Sikhs. [ଦ୍ର—ବ୍ରାହ୍ମମାନଙ୍କର ସାପ୍ତାହିକ ବା ପାକ୍ଷିକ ଧର୍ମପ୍ରସଙ୍ଗାଲୋଚନାର୍ଥ ବନ୍ଧୁସମ୍ମିଳନକୁ ମଧ୍ୟ ସଙ୍ଗତ ବୋଲାଯାଏ ।] ପ୍ରାଦେ. (ଯାଜପୁର). ବି—ଭିନ୍ନ ଭିନ୍ନ ସ୍ଥାନର କୌଣସି ଧର୍ମାବଲମ୍ବୀ ଲୋକମାନଙ୍କର ଉପାୟ ଶାସ୍ତ୍ରାଲୋଚନାର୍ଥ ଅଦ୍ଭୁତ ସଭା—A meeting

convened for discussion of religious topics amongst people hailing from different localities and professing a particular religion.

ସଂଗତ କରିବା—ଦେ. କ୍ରି—୧। ଗୀତ ସଙ୍ଗେ ଗୀତକୁ ମିଳାଇ ତାଳ Saṁgata karibā ଅନୁସାରେ ବାଜା ବଜାଇବା—1. To সংগত করা keep time with a song by music.(e. g **सं'गत करना** by beating a drum) ୨। ଏକତ୍ର ବସି ଧର୍ମ ସଂବନ୍ଧରେ ଆଲୋଚନା କରିବା—2. To discuss religious matters in company.

ସଂଗତ କାରଣ—ଦେ· ବ—ସମୀଚୀନ ହେତୁ—Saṁgata kāraṇa Reasonable cause or ground. সংগতকারণ **पुष्टकारण**

ସଂଗତ ସଭା—ଦେ· ବ—ଧର୍ମଚର୍ଚ୍ଚା ନିମନ୍ତେ ଭେଳେଭେଳିଆ ବ୍ୟକ୍ତିଙ୍କ Saṁgata sabhā ସମ୍ମେଳନ—A religious gathering. সংগত সভা **सं'गत सभा**

ସଂଗତି—ସଂ. ବ (ସମ୍+ଗମ୍ ଧାତୁ+ଭାବ. ତି)—୧। ମିଳନ—Saṁgati 1. Union; meeting; junction. (ଉ—(ସଙ୍ଗତି—ଅନ୍ୟରୂପ) ବୋଲନ୍ତେ କୃଷ୍ଣ ଶୁଣ ଦାହିଁ କ ମୋ ଅସ୍ଥିତ କେମନ୍ତେ ବାନର ସଂଗତ । ଉତ୍ତ. ବୈଦେହୀଶବିଳାସ ।) ୨। ମିଶ୍ରଣ—2. Mixing up; mixture. ୩। ସହବାସ; ସଙ୍ଗରେ ଚଳ ପ୍ରଚଳନ ହେବା; ସଂପର୍କ—3. Society; intercourse. [ଉ—ଅବା ଶ୍ୟାମ ସଙ୍ଗତ ଲଭି ସୁବର୍ଣ୍ଣବର୍ଣ୍ଣ ମଣ୍ଡଳେ ଚେତାଇବ ଛନ୍ଦ ଗୋ । ଉପେନ୍ଦ୍ର ଭଞ୍ଜ. ସଂଗୀତ. ।] ୪। ସାହଚର୍ଯ୍ୟ—4. Association; companionship. ୫। ସଂଗମ—5. Co-habitation; contact. ୬। ସଂଭୋଗ; ରତି; ମୈଥୁନ—6. Coition; sexual intercourse. [ଉ—ବେଶ୍ୟା ସଂଗତି ପାଇଲେ ରସିକ ପୁଂସ, କଳନ୍ତି ବ ସ୍ଵଳ୍ପସ୍ଵରେ ତାର ମାନସ । ଉତ୍ତ. ବୈଦେହୀଶବିଳାସ ।] ୭। ଯୋଗ୍ୟତା; କ୍ଷମତା—7. Competence; fitness. ୮। ସଂଚୟ—8. Storing up. ୯। ଜ୍ଞାନ—9. Knowledge. ୧୦। ବୋଧ—10. Understanding. ୧୧। ବୈଷୟିକ ସ୍ଵାଚ୍ଛନ୍ଦ୍ୟ; ସଂସ୍ଥାନ—11. A person's means or competence; easy worldly circumstances. ୧୨। ଉପଯୋଗିତା—12. Appropriateness; applicability. ୧୩। ଯୋଗାଡ଼—13. Collection of materials; preparation. ୧୪। ସଂବନ୍ଧ—14. Relationship; connection. ୧୫। ପରସ୍ପର ସଂବନ୍ଧ—15. Correlation. ୧୬। ଔଚିତ୍ୟ—16. Propriety. ୧୭। ସାମଞ୍ଜସ୍ୟ—17. Consistency; congruity. ୧୮। ଅବସର; ସୁଯୋଗ—18. Opportunity. ୧୯। (ନ୍ୟାୟଶାସ୍ତ୍ର) ଅନନ୍ତର ବକ୍ତବ୍ୟତ୍ଵ—19. (Logic) Sequence in conversation or argument. ୨୦। (ନ୍ୟାୟଶାସ୍ତ୍ର) କଥାର ପ୍ରସଙ୍ଗ—20. (Logic) Connection of a topic; course of talk; logical sequence of a discourse or subjet. ଦେ. ବ—সংগীত (ସଂ. ସଂଗୀତ)—୧। ସଂଗୀତ—1. Song. ୨। ବାଦ୍ୟାଦି ସହ ସଙ୍ଗୀତ ଗାନ—2. Singing of songs accompanied with music. ୩। ସଙ୍ଗୀ—3. Companion. [ଉ—ଶୋଇଲେ ଏକଲୁଅ ହୋଇ, ସଙ୍ଗେ ସଙ୍ଗତ ନାହିଁ କେହୁ । —ଜଗନ୍ନାଥ. ଭାଗବତ]

ସଂଗତି କରିବା—ଦେ· କ୍ରି—୧। ସଙ୍ଗରେ ବାସ କରିବା—1.To Saṁgati karibā live with. ୨। ସହବାସ କରିବା সহবাসকরা 2. To cohabit to.

ସଂଗତିପନ୍ନ—ସ. ବଣ. ପୁଂ (ବହୁ ବ୍ରୀ; ସଂଗତି+ପନ୍ନ=ଯୁକ୍ତ)—Saṁgatipanna ୧। ସାଂସାରିକ ସ୍ଵଚ୍ଛଳ ଅବସ୍ଥାଯୁକ୍ତ—(ସଂଗତିସଂପନ୍ନ, ସଂଗତିଶାଳୀ—ଅନ୍ୟରୂପ) 1. Well-to-do, (ସଂଗତିପନ୍ନା, ସଂଗତିସଂପନ୍ନା; ସଂଗତିଶାଳିନୀ—ସ୍ତ୍ରୀ) (man) of (ସଂଗତିସଂପନ୍ନତା, ସଂଗତିଶାଳିତା—ବ) easy circumstances. ୨। ଧନୀ—2.Affluent; rich.

ସଂଗତିବିହୀନ—ସଂ. ବଣ. ପୁ· (ବହୁ ବ୍ରୀ)—ଧନହୀନ; ସମ୍ବଳ-Saṁgati bihīna ହୀନ—Very poor; of straiten-(ସଂଗତିହୀନ, ସଂଗତିଶୂନ୍ୟ, ସଂଗତିରହିତ—ଅନ୍ୟରୂପ) ed circumstances of poor means.
ସଂଗତିବିହୀନା, ସଂଗତିହୀନା, ସଂଗତିଶୂନ୍ୟା, ସଂଗତିରହିତା }—ସ୍ତ୍ରୀ
(ସଂଗତିବିହୀନତା, ସଂଗତିହୀନତା, ସଂଗତିଶୂନ୍ୟତା, ସଂଗତିରାହିତ୍ୟ }—ବ)

ସଂଗତି ସାଧକ—ସଂ. ବଣ. ପୁ·—ଯାହା ସଂଗତି ବା ସୁଯୋଗ ଘଟାଏ—Saṁgati sādhaka Causing or bringing out (ସଂଗତିସାଧିକା—ସ୍ତ୍ରୀ) (ସଂଗତିସାଧନ—ବ) 'Saṁgati'.

ସଂଗତେ—ଦେ· କ୍ରି· ବଣ. ଓ ଅ.—ସଙ୍ଗତେ (ଦେଖ)—Saṁgate Saṅgate (See)

ସଂଗବ—ସଂ. ବ.—ସଙ୍ଗବ (ଦେଖ)—Saṁgaba Saṅgaba (See)

ସଂଗମ(ଇତ୍ୟାଦି)—ସଂ. ବ.—ସଙ୍ଗମ ଇତ୍ୟାଦି (ଦେଖ)—Saṁgama(etc) Saṅgama etc (See)

ସଂଗର—ସଂ. ବ—ସଙ୍ଗର (ଦେଖ)—Saṁgara Saṅgara (See)

ସଂଗା(ଇତ୍ୟାଦି)—ଦେ. ବ.—ସଙ୍ଗା ଇତ୍ୟାଦି (ଦେଖ)—Saṁgā(etc) Saṅgā etc. (See)

ସଂଗା(ଗେ, ଗୋ)ଇବା — ଦେ. କ୍ରି — ସଙ୍ଗାଇବା (ଦେଖ) —
Samgā(ge, go)ibā — Saṅgāilā (See)

ସଂଗାଡ଼ି — ଦେ. ବି — ସଙ୍ଗାଡ଼ି (ଦେଖ) —
Samgāṛdi — Saṅgārdi (See)

ସଂଗାତ(ଇତ୍ୟାଦି) — ଦେ. ବି — ସଙ୍ଗାତ ଇତ୍ୟାଦି (ଦେଖ) —
Samgāta(etc) — Saṅgāta etc (See)

ସଂଗାତୁଣୀ — ଦେ. ବି. ସ୍ତ୍ରୀ. — ସଙ୍ଗାତୁଣୀ (ଦେଖ) —
Samgātuṇi — Saṅgātuṇī (See)

ସଂଗିତ(ତା) — ସଂ. ଓ ଦେ. ବି. ପୁଂ — ସଙ୍ଗିତ(ତା) (ଦେଖ) —
Samgita(tā) — Saṅgita(tā) (See)

ସଂଗିନ୍ (ଇତ୍ୟାଦି) — ବୈଦେ. ବି. ଓ ବଣ — ସଙ୍ଗିନ୍ ଇତ୍ୟାଦି (ଦେଖ)
Samgin(tc) — Saṅgin etc (See)

ସଂଗିନୀ — ସଂ. ବି. ସ୍ତ୍ରୀ — ସଙ୍ଗିନୀ (ଦେଖ) —
Samgini — Saṅginī (See)

ସଂଗିବା — ଦେ. କ୍ରି — ସଙ୍ଗିବା (ଦେଖ) —
Samgibā — Saṅgibā (See)

ସଂଗିରମାଣ — ସଂ. ବଣ. ପୁଂ — ସଙ୍ଗିରମାଣ (ଦେଖ) —
Samgirmāṇa — Saṅgiramāṇa (See)

ସଂଗୀ — ସଂ. ବି. ପୁଂ — ସଙ୍ଗୀ (ଦେଖ) —
Samgi — Saṅgī (See)

ସଂଗୀତ — ସଂ. ବଣ — (ସମ୍ = ସମ୍ୟକ୍ + ଗୈ ଧାତୁ + କର୍ମ ତ) ୧ । ନୃତ୍ୟ ବାଦ୍ୟ ସହକାରେ ଗୀତ—1. Sung in accompaniment with dance and music. ୨ । ସମ୍ୟକ୍ ପ୍ରକାରେ ଗୀତ—2. Sung in chorus; well sung (song). ସଂ. ବି.—(+ଭାବ ତ) ୧ । ବହୁମିଳିତ ଗାନ—1. Chorus; ch .r l song. ୨ । ତୌର୍ଯ୍ୟତ୍ରିକ; ପ୍ରେକ୍ଷାର୍ଥ ନୃତ୍ୟ ଗୀତ ଓ ବାଦ୍ୟ—2. Concert; music consisting of dancing, singing and playing on musical instruments. (ଦ୍ର—ହିନ୍ଦୁମାନଙ୍କ ଦେବାରାଧନରେ ସଂଗୀତ ଗୋଟିଏ ପ୍ରଧାନ ଉପକରଣ ବା ଅଙ୍ଗ । ଦେବତାମାନଙ୍କ ସମ୍ମୁଖରେ ନୃତ୍ୟଗୀତ ବାଦ୍ୟଯୁକ୍ତ ସଂଗୀତ କରାଯାଏ । ଦେବସ୍ଥାନବିଶେଷରେ ଏଥିପାଇଁ ଦେବଦାସୀ ଓ ନର୍ତ୍ତକୀମାନେ ମଧ୍ୟ ରଖାଯାଆନ୍ତି । "ଗୀତଂ ବାଦ୍ୟଂ ତଥା ନୃତ୍ୟଂ ତ୍ରୟଂ ସଂଗୀତମୁଚ୍ୟତେ" — ସଂଗୀତ ରତ୍ନାକର । ଗୀତ, ବାଦ୍ୟ ଓ ନୃତ୍ୟ ଏହି ତିନୋଟିର ସମାହାରକୁ ସଂଗୀତ ବୋଲାଯାଏ ।]

୩ । ତାଳ, ଲୟ, ଛନ୍ଦ ସମନ୍ୱିତ ସରସ ହୃଦୟଗ୍ରାହୀ ରଚନା—3. Enchanting song sung in complete accordance of time, tune, metric and other accompaniments. ଦେ. ବି.—୧ । ଗୀତ—1. Song. ୨ । ଅଦିରସଯୁକ୍ତ ଓ ରାଧାକୃଷ୍ଣ ଲୀଳା ବା ନାୟକ ନାୟିକା ବିଷୟକ ଗୀତ—2. Love song; song depicting the adventures of love between Krushna and Rādhikā. [ଦ୍ର—(୧) ଅଧୁନାତନ ଓଡ଼ିଶାରୁ ପ୍ରାଚୀନ (classical) ଓଡ଼ିଆ ସଙ୍ଗୀତର ଚର୍ଚ୍ଚା ଏକପ୍ରକାର ଉଠିଯିବାର ଉପକ୍ରମ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷିତ ଉତ୍କଳୀୟମାନେ ବଙ୍ଗୀୟ, ହିନ୍ଦୁସ୍ଥାନୀ ଓ ଓ ପାରସୀ ସଂଗୀତର ଅନୁକରଣରେ ସଂଗୀତ ରଚନା ଓ ଗାନ କରୁଥିବା ଦେଖାଯାଏ । ଉପେନ୍ଦ୍ର, ବନମାଳୀ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ପ୍ରଭୃତି ଉତ୍କଳର ପ୍ରାଚୀନ କବିମାନଙ୍କର ସଂଗୀତମାନ ଅନ୍ତରସାତ୍ମକ ଥିଲେହେଁ ତହିଁର ରାଗରାଗିଣୀମାନଙ୍କର ବିଶିଷ୍ଟତା ଓ ବୈଶିଷ୍ଟ୍ୟ ଅଛି । ପ୍ରାଚୀନ ଓଡ଼ିଆ ସଂଗୀତର ଚର୍ଚ୍ଚା କେବଳ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଅବଦ୍ଧ ଥିବାରୁ ପ୍ରାଚୀନ ଓଡ଼ିଆ ସଂଗୀତକୁ 'ଦକ୍ଷିଣୀ' ସଂଗୀତ ନାମ ଦିଆ ଯାଇଅଛି । ଓଡ଼ିଶୀ ସଂଗୀତ ଚର୍ଚ୍ଚା ପାଇଁ ମଫସଲରେ ସ୍ଥାନେ ସ୍ଥାନେ 'ସଂଗୀତ ଅଖଡ଼ା' ଓ 'ଗୋଟିପୁଅ' ନାଚୁଆ ଦଳ ଥିଲେ । ଗୋଟିପୁଅ ପ୍ରଥା କ୍ରମଶଃ କମିବା ସଙ୍ଗେ ସଙ୍ଗେ ଓଡ଼ିଶୀ ସଂଗୀତର ଚର୍ଚ୍ଚା ଓଡ଼ିଶାରୁ ଲୋପ ପାଉଅଛି ବୋଲିବାକୁ ହେବ । ଓଡ଼ିଶୀ ସଂଗୀତରେ ପାରଦର୍ଶିତା ଲାଭ କରିବା ପାଇଁ ଯେତେ ସାଧନା ଓ ତାଳଜ୍ଞାନ ଦରକାର, ବଙ୍ଗୀୟ ଓ ହିନ୍ଦୁସ୍ଥାନୀ ଗୀତ ବୋଲିବା ପାଇଁ ସେତେ ପରିଶ୍ରମ ଲୋଡ଼ା ହେଉ ନ ଥିବାରୁ ଅନେକ ଶିକ୍ଷିତମାନେ ଓଡ଼ିଶୀ ସଂଗୀତ ପ୍ରତି ଯଥେଷ୍ଟ ମନୋଯୋଗ ଦେଉ ନ ଥିବା ଦେଖାଯାଏ ।

ସଂଗୀତ ମୁହଁଦ୍ୱାରା ବୋଲାଯାଏ, ତାଳ ବାଦ୍ୟଦ୍ୱାରା ସୂଚିତ ହୁଏ ଓ ନୃତ୍ୟ ହସ୍ତପଦାଦିଦ୍ୱାରା ସଂଫଳ ହୁଏ । ସଂଗୀତଜ୍ଞବ୍ୟକ୍ତି ନୃତ୍ୟବିଦ୍ୟାରେ ପାରଦର୍ଶୀ ହୋଇ ନ ପାରନ୍ତି; କିନ୍ତୁ ତାଳ ଓ ବାଦ୍ୟରେ ପାରଦର୍ଶୀ ନ ହେଲେ ସଂଗୀତ ବିଦ୍ୟାରେ ପାରଙ୍ଗମ ହେବା ଅସମ୍ଭବ ।]

[ଦ—୨ । ସାମବେଦାଦିଦଂ ଗୀତଂ ସଂଜଗ୍ରାହ ପିତାମହଃ ।
—ସଂଗୀତରତ୍ନାକର ।

ଗୀତଂବାଦ୍ୟଂ ନର୍ତ୍ତନଂ ଚ ତ୍ରୟଂ ସଂଗୀତମୁଚ୍ୟତେ ।
—ସଙ୍ଗୀତ ଦର୍ପଣ ।

ରାଗଃ ସ୍ୱରଶ୍ଚ ତାଳଶ୍ଚ ତ୍ରିଭିଃ ସଂଗୀତମୁଚ୍ୟତେ ।
—ଗାନଭାସ୍କର ।

ସଂଗୀତ ବେଦର ଗୋଟିଏ ପ୍ରଧାନ ଅଙ୍ଗ କହିଲେ ଚଳେ । କାରଣ ସଂଗୀତ ଓ ତାଳ ନ ଜାଣିଲେ ବେଦ ପାଠ ସୁରରୁ ସ୍ୱରରେ ହୋଇ ପାରେ ନାହିଁ । ଅତି ସଂଗୀତର ଅଙ୍ଗମାନଙ୍କ ବ୍ୟତୀତ ଜଗତର କୌଣସି ପ୍ରାଣୀ ଗତି ସୃଷ୍ଟି କରି ପାରେ ନାହିଁ । ଅମର ଏହି ଦେଶରେ ଜୀବନର ପ୍ରତି ମୁହୂର୍ତ୍ତରେ ଲୋକ ସଂଗୀତର ଅପେକ୍ଷା କରେ । ଦେବପୂଜାର ସ୍ତୋତ୍ର ଏବଂ ଆରତି ମଧ୍ୟ

ସଂଗୀତକୁ ଅପେକ୍ଷା କରେ । ପୂର୍ବକାଳରେ ରାଜାମାନଙ୍କର ଗୋଟିଏ ଗୋଟିଏ ନୌବତ୍‌ଖାନା ଥିଲା । ପ୍ରହରାନ୍ତରରେ ନୌବତ୍ ବାଜିଲେ ଲୋକେ ସମୟ ଜାଣି ପାରୁଥିଲେ । ଅଧୁର ମଧ୍ୟ ଏପରି ଅନେକ ଯନ୍ତ୍ର ଅଛି, ଯହିଁର ବାଦନ ମାତ୍ରେ ଲୋକଙ୍କ ହୃଦୟରେ ବିଭିନ୍ନ ଭାବର ଉଦ୍ରେକ ହୁଏ ।(ଯଥା—ଶଙ୍ଖ, ଭେରୀ, କାହାଳୀ, ନାଗସ୍ୱ, କେନ୍ଦରା ଇତ୍ୟାଦି ।)

ସାମାଜିକ ବ୍ୟାପାର ବ୍ୟବହାରରେ ତଥା ଦୈନନ୍ଦିନ ଜୀବନରେ ସଂଗୀତ ହିନ୍ଦୁମାନଙ୍କର ଦୈନିକ କର୍ମ ଥିଲା । କେବଳ ଏତିକି ନୁହେଁ, ସଂଗୀତର ପ୍ରଭାବ ଲୋକର ହାବ ଭାବରେ, ବିଶେଷତଃ ଲଳନାମାନଙ୍କ ଗତି ଭଙ୍ଗୀ ପ୍ରଭୃତିରେ ମଧ୍ୟ ଦେଖା ଯାଉଥିଲା । ପୂର୍ବେ ଆବାଳବୃଦ୍ଧବନିତା ସମସ୍ତେ ଏହାର ଚର୍ଚ୍ଚା କରୁଥିଲେ ଏବଂ ରାଜାଧିରାଜଙ୍କଠାରୁ ଆରମ୍ଭ କରି କୁଟୀରବାସୀ କୃଷକ ପର୍ଯ୍ୟନ୍ତ ସମସ୍ତେ ଏହି ସଙ୍ଗୀତର ସମାଦର କରୁଥିଲେ ଓ ତହିଁର ପ୍ରଭାବରେ ମୁଗ୍ଧ ଓ ଚକିତ ହେଉଥିଲେ ।

ସଙ୍ଗୀତ ନାସିକଣ୍ଠରେ ଅତି ସଂକ୍ଷୋଭନରୂପେ ପ୍ରକାଶ ପାଏ । ଜଣାଯାଏ ଏହା ନାସିକାନ୍ଧର ସ୍ୱଭାବ-ସିଦ୍ଧ ଦୈବଦତ୍ତ ଗୁଣ । ଏହା ସର୍ବବାଦୀସମ୍ମତରୂପେ ସ୍ୱୀକୃତ ହୋଇଅଛି ଯେ, ସଂଗୀତ ମାନବହୃଦୟରେ ନୂତନ ଚୈତନ୍ୟ ଉତ୍ପାଦନ କରି ପାରେ । ଶିକ୍ଷିତ ଲୋକମାନଙ୍କ ଦ୍ୱାରା ମଧ୍ୟ ବର୍ତ୍ତମାନ ସିଦ୍ଧାନ୍ତ ହୋଇଅଛି ଯେ, ଏକାଗ୍ରତା ଓ ସଂଯମ ଦ୍ୱାରା ମାନସିକ ବ୍ୟାଧି ତଥା ଶ୍ୱାସୋଚ୍ଛ୍ୱାସ କିମ୍ବା ଦ୍ୱାରା ଶାରୀରିକ ବ୍ୟାଧି ଦୂର କରିବାକୁ ହେଲେ ସଙ୍ଗୀତ ବିଶେଷ ଆବଶ୍ୟକ ।

ନାଦେନ ବ୍ୟଜ୍ୟତେ ବର୍ଣ୍ଣଃ ପଦଂ ବର୍ଣ୍ଣାତ୍ ପଦାଦ୍ବଚଃ
ବଚସୋ ବ୍ୟବହାରୋଽୟଂ ନାଦାଧୀନମତୋଜଗତ୍ ।

ଏହି ଶ୍ଳୋକରୁ ଜଗତ୍ ଯେ ନାଦାତ୍ମକ, ଏହା ସ୍ପଷ୍ଟ ପ୍ରମାଣିତ ହୁଏ । ଏହି ନାଦ ପୁଣି ଦୁଇ ପ୍ରକାର—ଆହତ ଓ ଅନାହତ । ସଂଗୀତ ଯୋଗଠାରୁ କୌଣସି ଅଂଶରେ ନ୍ୟୁନ ନୁହେଁ । ଯୋଗ ନୀରସ—ଏହା ସରସ; ତାହା କଷ୍ଟସାଧ୍ୟ—ଏହା ସୁସାଧ୍ୟ ।

Heard melodies are sweet,
But those unheard are sweeter—
Shelley.

ପୂର୍ବକାଳରେ ଏହି ସଂଗୀତ ଦ୍ୱାରା ବୃଷ୍ଟି, ଅଗ୍ନି ଇତ୍ୟାଦି ଉତ୍ପାଦିତ ହେଉଥିଲା । ଏହା ଅଶ୍ରଦ୍ଧେୟ ବିଷୟ ନୁହେଁ; କାରଣ, ସଂଗୀତର ସେପରି ଅଦ୍ଭୁତ ଶକ୍ତି ଅଛି । କେଳାର ସ୍ୱସ୍ୱର ଶ୍ରବଣରେ ବର୍ତ୍ତମାନ ମଧ୍ୟ ବିଷଧର ସର୍ପ ଗର୍ତ୍ତରୁ ବାହାରି ଅସି ସୁମଧୁର ସଂଗୀତ ଧ୍ୱନିରେ ମୋହିତ ହୋଇ ସ୍ଥିର ହୋଇ ରହେ ।

ଗୃହ ପଦାରଥ ଦେଇ ହେ ନାଦବନ୍ଧୁ ସୁଖଦାନ
ପଶୁ ଶିଶୁ ମୃଗଲୀଳ ଜନ୍ତୁ ବଶ ଜାତେ ସଦାପ୍ରମାନ ।
ହରିହରଦାସ ।

[ଏଥିର ମର୍ମ ନାଦବନ୍ଧୁ ପଶୁ, ଶିଶୁ, ମୃଗ ଓ ଲୀଳାଜନ୍ତୁଙ୍କୁ ସୁଖ ଦିଏ ଓ ବଶୀଭୂତ କରେ ।]

ସଂଗୀତୋପଯୋଗୀ ନାଦ ତିନି ସ୍ଥାନରୁ, ଅର୍ଥାତ୍ ହୃଦୟରୁ, କଣ୍ଠରୁ ଓ ଶିରରୁ ବାହାରିଥାଏ । ତାହାକୁ ଉଦାରା, ମୁଦାରା ଓ ତାରା ବୋଲି କୁହାଯାଏ ।

ଯେଉଁ ନାଦ ସଂଗୀତରେ ଉପଯୋଗୀ ହୋଇପାରେ ଓ ଶୁଣା ଯାଇପାରେ, ତାହାକୁ ଶ୍ରୁତି କହନ୍ତି । "ଶ୍ରୁୟତେ ଇତି ଶ୍ରୁତି ।" ସ୍ୱରରେ ଯେପରି 'ମଧୁରତା' ଓ 'ରାଗୋତ୍ପତ୍ତି' ଏ ଦୁଇ ଅଙ୍ଗ ପ୍ରଧାନ, ଶ୍ରୁତିରେ ମଧ୍ୟ ସେହିପରି 'ଗୀତୋପଯୋଗିତ୍ୱ' ଓ 'ଅରଞ୍ଜକତ୍ୱ' ଏହି ଦୁଇ ଅଙ୍ଗ ଆବଶ୍ୟକ ହୋଇଥାଏ । ତାହା ନ ହେଲେ ରାଗର ପୃଥକ୍‌କରଣ କରାଯାଇ ପାରେ ନାହିଁ । ଶ୍ରୁତି ଅସଂଖ୍ୟ; କିନ୍ତୁ ସଂଗୀତରେ ଶ୍ରୁତିର ଦ୍ୱାବିଂଶତି ମାତ୍ର ବ୍ୟବହାର ଦେଖାଯାଏ । ତାହା ଗୋଟିଏ 'ସପ୍ତକ'ରେ ଅର୍ଥାତ୍ 'ସା-ରି-ଗ-ମ-ପ-ଧ ନୀ'ରେ ଥାଏ; ଯଥା—

ଚତୁଶ୍ଚତୁଶ୍ଚତୁଶ୍ଚୈବ ଷଡ୍‌ଜ ମଧ୍ୟମ ପଞ୍ଚମାଃ
ଦ୍ୱେ ଦ୍ୱେ ନିଷାଦଗାନ୍ଧାରୌ ତ୍ରିସ୍ତ୍ରୀ ଋଷଭ ଧୈବତୌ ।

ସେହି ଶ୍ରୁତିମାନଙ୍କ ମଧ୍ୟରୁ ସ୍ୱରର ଉତ୍ପତ୍ତି ହୋଇଥାଏ । ଯଥା—'ସ୍ୱୟଂ ଯୋ ରାଜତେ ନାଦଃ ସସ୍ୱରଃ ପରି-କୀର୍ତ୍ତିତଃ ।' ଏହି ସ୍ୱର ସବୁ ମଧ୍ୟ ରସାଦିରେ ବ୍ୟବହୃତ ହୋଇଥାଏ ।

'ସ-ରୀ' ବୀରେଽଦ୍ଭୁତେ ରୌଦ୍ରେ
'ଧୋ' ବୀଭତ୍ସ ଭୟାନକେ
କାର୍ଯ୍ୟୌ 'ଗ-ନୀ' ତୁ କରୁଣେ
ହାସ୍ୟ ଶୃଙ୍ଗାର ୟୋ 'ମ-ପୌ' ।

ସେହି ସ୍ୱରମାନଙ୍କ ମଧ୍ୟରେ ସା ଓ ପ ସ୍ୱର ସ୍ଥାୟୀ ବା ଅଚଳ ଏବଂ ଅନ୍ୟଗୁଡ଼ିକ ଚଳ ବା ବିକୃତ ହୁଅନ୍ତି । ଏହାକୁ ସଂଗୀତଶାସ୍ତ୍ରରେ କୋମଳ, ତୀବ୍ର ଆଖ୍ୟା ଦିଆଯାଏ; ଯଥା—ରେ କୋମଳ; ପ କୋମଳ ।

ସ୍ୱର ସବୁ କ୍ରମରେ ଉଚ୍ଚ ସ୍ୱରକୁ ଗତି କଲେ ଆରୋହ ଓ ନିମ୍ନସ୍ୱରକୁ ଫେରି ଆସିଲେ ଅବରୋହ ନାମରେ କଥିତ ହୁଏ ।

ଶୁଦ୍ଧ ଓ ବିକୃତ ଭେଦରେ ଦ୍ୱାଦଶ ଗୋଟି ସ୍ୱର ଅଛି । ସେହି ସ୍ୱରର ଭିନ୍ନ ଭିନ୍ନ ସମନ୍ୱୟରେ ବହୁ ରାଗାଦିର ମେଳ ରଚନା ହୋଇଥାଏ । ଯେଉଁ ସ୍ୱର ରଚନା ମନୋ-ମୋହକାରୀ ଓ ଚିତ୍ତରଞ୍ଜକ ହୋଇପାରେ, ତାହାର ନାମ ରାଗ । ଏହି ରାଗ ପୁଣି ମାର୍ଗ ଓ ଦେଶୀ ଭେଦରେ ଦୁଇ ପ୍ରକାର । ଯାହା ଭରତାଦି ଗାନ କରିଥିଲେ ତାହା ମାର୍ଗ ଓ ଯାହା ଦେଶଭେଦରେ ଦେଶବାସୀଙ୍କ ରୁଚି ଅନୁଯାୟୀ ଗୀତ ହୁଏ, ତାହା ଦେଶୀ ।

ଦେଶେ ଦେଶେ ଜନାନାଂ ଯଦ୍ରୁଚ୍ୟା ହୃଦୟରଞ୍ଜନଂ
ଗାନଂ ଚ ବାଦନଂ ନୃତ୍ୟଂ ତଦ୍ଦେଶୀତ୍ୟଭିଧୀୟତେ ।
—ସଙ୍ଗୀତରତ୍ନାକର ।

ଏହି ରାଗମାନଙ୍କୁ ମଧ୍ୟ ତିନି ପ୍ରକାରରେ ବର୍ଗୀକରଣ କରାଯାଏ । "ଶୁଦ୍ଧାଚ୍ଛାୟାଲଗାଃ ପ୍ରୋକ୍ତାଃ ସଂକୀର୍ଣ୍ଣ ଇତୀରିତ ।" ଯାହାକୁ ଶାସ୍ତ୍ରୋକ୍ତ ରୀତିରେ ଗାନ କରି ମନୋରଞ୍ଜନ କରାଯାଏ, ତାହା 'ଶୁଦ୍ଧ' । ଶୁଦ୍ଧ ରାଗ ସହିତ ସାମାନ୍ୟ ପରିବର୍ତ୍ତନରେ ଯାହା ଗାନ କରାଯାଏ, ତାହା 'ଛାୟାଲଗ' ଏବଂ ଶୁଦ୍ଧ ଓ ଛାୟାଲଗ ମିଶ୍ରଣରେ ଯାହା ଗାନ କରାଯାଏ, ତାହା 'ସଂକୀର୍ଣ୍ଣ ।'

ରାଗ ଛଅଗୋଟି । କେତେକଙ୍କ ମତରେ—

ଶ୍ରୀରାଗୋଽଥ ବସନ୍ତଶ୍ଚ ଭୈରବଃ ପଞ୍ଚମସ୍ତଥା
ମେଘ ରାଗୋ ବୃହନ୍ନାଟଃ ଷଡ଼େତେ ପୁରୁଷାହ୍ୱୟାଃ ।

ଅନ୍ୟ କେତେକଙ୍କ ମତରେ—

ଭୈରବଃ କୌଶିକଶ୍ଚୈବ ହିନ୍ଦୋଲୋ ଦୀପକସ୍ତଥା
ଶ୍ରୀରାଗୋ ମେଘରାଗଶ୍ଚ ଷଡ଼େତେ ପୁରୁଷାହ୍ୱୟାଃ ।

ପୁଣି ପ୍ରତ୍ୟେକ ରାଗର କାହାରି କାହାରି ମତରେ ପାଞ୍ଚ ଓ ଅନ୍ୟ କାହାରି କାହାରି ମତରେ ଛଅ ରାଗିଣୀ ଥିବା ବର୍ଣ୍ଣିତ ଅଛି ।

ରାଗରାଗିଣୀ ଗାନ କରିବାକୁ ଗଲେ ଯେଉଁ ଯେଉଁ ରାଗରାଗିଣୀରେ ଯେଉଁ ଯେଉଁ ସ୍ୱର ଓ ଶ୍ରୁତି ବ୍ୟବହାର କରିବାର ନିୟମ ଅଛି, ତାହା ବ୍ୟତୀତ ଅନ୍ୟ ସ୍ୱର ବ୍ୟବହାର କରିବାକୁ ହେବ ନାହିଁ । ଋତୁ ଓ ସମୟ ଅନୁଯାୟୀ ଗାନ କରିବ । ୫ ସ୍ୱର ବିଶିଷ୍ଟ ଔଡ଼ବ, ୬ସ୍ୱର ବିଶିଷ୍ଟ ଷାଡ଼ବ ଓ ୭ ସ୍ୱର ବିଶିଷ୍ଟ ସଂପୂର୍ଣ୍ଣ ଆଦି ଭେଦରେ ରାଗର ଯେଉଁ 'ଜାତି' ଅଛି, ସେ ବିଷୟରେ ପୂର୍ଣ୍ଣ ଜ୍ଞାନ ହେବା ଆବଶ୍ୟକ । ରାଗରାଗିଣୀରେ ବାଦୀ, ସଂବାଦୀ ପ୍ରୟୋଗ କରି ରାଗର ସ୍ୱରୂପ ନଷ୍ଟ ନ କରିବାର ଜ୍ଞାନ ମଧ୍ୟ ଥିବା ଦରକାର । ଗ୍ରହନ୍ୟାସର ଜ୍ଞାନ ମଧ୍ୟ ଆବଶ୍ୟକ । 'ଗ୍ରାମ' ସଙ୍ଗୀତର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବିଷୟ । ଏ ବିଷୟରେ ମଧ୍ୟ ଅନୁଭବ ଥିବା ଉଚିତ । ମନୁଷ୍ୟର ପୋଷାକ ପରିଚ୍ଛଦ ପରି ରାଗରାଗିଣୀର ଭୂଷଣ ହେଉଛି ମୂର୍ଚ୍ଛନା, ତାନ, ଗମକ ଆଦି । ଏଣୁ ଏହି ଅଳଙ୍କାରଗୁଡ଼ିକ ପ୍ରୟୋଗ କରିବାରେ କୁଶଳତା ଅର୍ଜନ କରିବା ଦରକାର । ଗୀତରେ କେବଳ ବିନ୍ୟସ୍ତ ପଦ ଉତ୍ତମ ହେଲେ ଚଳିବ ନାହିଁ । ସେଥିରେ ସମୟ ଓ ଋତୁ ଆଦିର ରସ ଓ ଭାବ ଥିବା ଆବଶ୍ୟକ । ଏହି ସବୁ ପ୍ରତି ଧ୍ୟାନ ରଖି ରାଗ ଓ ରାଗିଣୀର ଭାବ ଓ ରସ ଅନୁସାରେ ଲୟ ଓ ତାଳ ଅନୁସାରେ ଗାନ ଓ ବାଦନ କରିବା ଉଚିତ ।

ଗାୟନ୍ ସୁଭଦ୍ରାଣି ରଥାଙ୍ଗ ପାଣେ
ର୍ଜନ୍ମାନି କର୍ମାଣି ଚ ଯାନି ଲୋକେ,
ଗୀତାନି ନାମାନି ତଦର୍ଥକାନି
ଗାୟନ୍ ବିଲଜ୍ଜୋ ବିଚରେଦସଙ୍ଗଃ ।

ଓଡ଼ିଆରେ ଛାନ୍ଦ, ଚଉପଦୀ ଓ ଚମ୍ପୂ ଇତ୍ୟାଦି ରୂପରେ ସଙ୍ଗୀତ ପ୍ରକାଶିତ ହୋଇଅଛି । ଯେଉଁ ରାଗାଳି ଅନିର୍ଦ୍ଦେଶ୍ୟ ମାତ୍ରାରେ ପ୍ରକାଶ କରାଯାଏ, ତାହା ଛାନ୍ଦ । ଏହି ଶବ୍ଦ ଛନ୍ଦଃ ଶବ୍ଦର ଅପଭ୍ରଂଶ ହୋଇ ଥିବାରୁ ତାହା କୌଣସି ନା । କୌଣସି ତାଳରେ ଅବଚ୍ଛିନ୍ନ । ତାହା ଚଉପଦୀ ପରି ତାନ ବା ମୂର୍ଚ୍ଛନାରେ ସେତେଦୂର ଅଳଂକୃତ ନୁହେ । ତାହାକୁ ଧୀରେ ଧୀରେ ସ୍ୱରବିନ୍ୟାସ କରି ଗାନ କଲେ ସେହି ସେହି ରାଗର ଆସ୍ୱାଦ ମିଳିବ ।

ହିନ୍ଦୁସ୍ଥାନ (ଉତ୍ତର ପଶ୍ଚିମ ଭାରତ) ଅଞ୍ଚଳର ଚଉପଦୀ ଧ୍ରୁପଦ ବା ଚୌତାଳ ଚାରି ପଦରେ ଶୋଭିତ । ତାହାର ପଦମାନଙ୍କରେ ମଧ୍ୟ ଭିନ୍ନ ଭିନ୍ନ ନାମ ଅଛି । ଯଥା :—୧ ସ୍ଥାୟୀ, ୨ ଅନ୍ତରା, ୩ ସଞ୍ଚାରୀ, ୪ ଆଭୋଗ । ଆଉ ମଧ୍ୟ ସେଗୁଡ଼ିକ ସେହି ସେହି ରାଗକୁ ପ୍ରକାଶ କରି ଭିନ୍ନ ଭିନ୍ନ ଢଙ୍ଗରେ ଗୀତ ହୋଇଥାଆନ୍ତି । ମାତ୍ର ଓଡ଼ିଆ ଚଉପଦୀ ସେପରି ନୁହେ । ଏଥିରେ କେବଳ ସ୍ଥାୟୀ ଓ ଅନ୍ତରା ଥାଏ । କିନ୍ତୁ କୌଣସି କୌଣସି ଚଉପଦୀ ଚାରିପଦ ଛାଡ଼ିକି, ସାତ ଆଠ ପଦରେ ମଧ୍ୟ ଶୋଭିତ ହୋଇଥାଏ ।

ରାଗ ସମ୍ବନ୍ଧରେ ଦେଖିବାକୁ ଗଲେ ଉତ୍କଳର ସଙ୍ଗୀତ ଭଣ୍ଡାର କମ୍ ଐଶ୍ୱର୍ଯ୍ୟଶାଳୀ ନୁହେ ।

ଏ ଘନ ଘର୍ଘ, ଗର୍ଜ୍ଜି, ବର୍ଷିକ ଏ କାଳେ......
ଏ ଘୋର ବରଷାକାଳ......
ମୋ କଳାମାଣିକରେ......
ସରି ଯିବନି ଜୀବନେ କଣେଶ୍ୱ .....
ଫାଟି ପଡ଼ିବାର ନିକୁଞ୍ଜସଞ୍ଚାର......

ଏହା ବ୍ୟତୀତ ଉତ୍କଳୀୟ ସଙ୍ଗୀତରେ ଅନ୍ୟାନ୍ୟ ଦେଶର ସଙ୍ଗୀତ ପରି ତାଳ ଫେରନ୍ତା ହୁଏ, ଅର୍ଥାତ୍ ଗୋଟିଏ ଗୀତରେ ପଦଗୁଡ଼ିକ ବିଭିନ୍ନ ତାଳରେ ବାଦିତ ହୋଇ ପୁନର୍ବାର ସେହି ପୂର୍ବ ତାଳରେ ଆସି ମିଳିଯାଏ । ଯଥା—

"ଭଲେ ଅଇ ତୋ ରୀତି ରେ, ପଙ୍କଜନୟନା !"

'ଚତୁରଙ୍ଗ'ରେ ଗୀତ, ସ୍ୱର, ମୃଦଙ୍ଗାଦିର ଶବ୍ଦ ଓ ଆଳାପର ଶବ୍ଦ ଶୋଭିତ । ଆମ ଓଡ଼ିଶାରେ ମଧ୍ୟ ଏପରି ଗାନର ଅଭାବ ନାହିଁ । ଯଥା—

'ନାଚେ ନାଗରବର ନାଗରୀ ସଙ୍ଗେ ।'

ଏହିପରି ରସ ଓ କାଳାଦି ସମ୍ବନ୍ଧରେ ନାନା ପ୍ରକାରର ଗୀତ ଅଛି । କିନ୍ତୁ ସେ ସବୁ ଆଦିରସାତ୍ମକ ବୋଲି ଆଧୁନିକ ଶିକ୍ଷିତମାନଙ୍କ ସମାଜରେ ଆଦୃତ ହେଉ ନାହିଁ । ଆଦିରସର ଅବିର୍ଭାବ ନ ହେଲେ ଅନ୍ୟାନ୍ୟ ରସର ପ୍ରସ୍ଫୁଟନ ହେବ ନାହିଁ—ଏହା ଭାବି ବୋଧହୁଏ ପୂର୍ବ-କାଳୀନ ଲୋକେ ସେହି ରସକୁ ପ୍ରଥମ ସ୍ଥାନ ଦେଇଥିଲେ ।

'ଚମ୍ପୂ' ଗଦ୍ୟପଦ୍ୟାତ୍ମକ ସଂସ୍କୃତ କାବ୍ୟବିଶେଷ । ଉତ୍କଳରେ ଚମ୍ପୂ ମଧ୍ୟ ଏହି ରୀତିରେ ଲିଖିତ । ଏଥିରେ

କେତେକ ଚଉପଦୀ ଅଛି ଏବଂ ସମ୍ପ୍ରତି ଶାସ୍ତ୍ରର ମଧ୍ୟ କେତେକ ଗଦ୍ୟ ଅଛି ।

'ବାଦ୍ୟ'—ତା, ଧେତ୍, ଥୁନ୍, ନା, ଏହିପରି କେତେକ ଶବ୍ଦ ସଂଯୋଗରେ 'ବାଦ୍ୟ' ଅର୍ଥାତ୍ ପଖାଉଜ ବା ତବଲାଦି ଯନ୍ତ୍ରରେ ବାଦନ କରିବାକୁ ହୁଏ ଏବଂ ଯେଉଁ ଯେଉଁ ତାଳରେ ଗାନ ହେଉଥାଏ, ତହିଁ ସଙ୍ଗରେ ବାଦନକୁ ମିଳାଇବାକୁ ହୁଏ । ଉତ୍କଳରେ ମଧ୍ୟ ଅନ୍ୟାନ୍ୟ ଦେଶର ତାଳ ପରି ଝିପଠା, ଝୁମ୍ପ, ଝମ୍ପା, ଆଠତାଳି ପ୍ରଭୃତି ଅଛି ।

'ନୃତ୍ୟ'—ନୃତ୍ୟ ବାଦ୍ୟର ଅନୁଗତ । ବାଦ୍ୟରେ ତା, ଧେତ୍, ଥୁନ୍ ଓ ନା ନାମକ ଯେଉଁ ଗୁଡ଼ିଏ ପ୍ରଧାନ 'ବୋଲ' ଅଛି, ସେହି ଗୁଡ଼ିକ ଶବ୍ଦ ନୃତ୍ୟରେ ବ୍ୟବହୃତ ହୋଇଥାଏ ।

ସଲୀଳସାଙ୍ଗବିକ୍ଷେପୋ ନୃତ୍ୟମିତ୍ୟୁଚ୍ୟତେ ବୁଧୈଃ
— ରାଗ ସର୍ବସ୍ୱ ।

ଗେୟାଦୁତ୍ତିଷ୍ଠତେ ବାଦ୍ୟଂ
ବାଦ୍ୟାଦୁତ୍ତିଷ୍ଠତେ ଲୟଃ,
ଲୟାଶ୍ରିତଂ ସମାରବ୍ଧଂ
ତତୋ ନୃତ୍ୟଂ ପ୍ରବର୍ତ୍ତତେ—
ସଙ୍ଗୀତ ଦର୍ପଣ ।

ପ୍ରଥମରେ ନର୍ତ୍ତକ ଉଭୟ ପଦତଳକୁ ସମଭାବରେ ରଖି ଦକ୍ଷିଣ ପାଦ ଅପେକ୍ଷା ବାମ ପାଦକୁ ଅର୍ଦ୍ଧ ହସ୍ତ ଦୂରରେ ରଖି ଠିଆ ହେବେ, ପରେ ଦକ୍ଷିଣ ପାଦକୁ ବାମ ପାଦର ବୃଦ୍ଧାଙ୍ଗୁଷ୍ଠର ସମସୂତ୍ର ପର୍ଯ୍ୟନ୍ତ ନେଇ ସେହି ପଦର ବୃଦ୍ଧାଙ୍ଗୁଷ୍ଠ ଦ୍ୱାରା କୋମଳ ଆଘାତ କଲେ 'ତା', ପୁଣି ସେହି ପାଦକୁ ପୂର୍ବ ସ୍ଥାନକୁ ଆଣି ଗୁଳ୍ଫ ସାହାଯ୍ୟରେ ଆଘାତ କଲେ 'ଧେତ୍' ଏବଂ ବାମ ପାଦର ଗୁଳ୍ଫ ଭୂତଳ ସହିତ ସଂଲଗ୍ନ ରଖି ସେହି ପାଦର ପୂର୍ବାର୍ଦ୍ଧଦ୍ୱାରା ଦୁଇଥର ଆଘାତ କଲେ 'ଥୁନ୍' ଓ 'ନା' ଶବ୍ଦ ବାହାରିବ । ଏହି ଶବ୍ଦ ବାହାର କଲାବେଳେ ସମାନ ମାତ୍ରା ରଖିବା ଉଚିତ । ଅନ୍ୟ ମଧ୍ୟ ଅନ୍ୟାନ୍ୟ ତାଳ ସହିତ ମାତ୍ରାର ହ୍ରସ୍ୱ, ଦୀର୍ଘ, ପ୍ଲୁତ ଇତ୍ୟାଦି ଭେଦରେ ସେହି ଶବ୍ଦକୁ ସଜାଇ ପାରିଲେ ନୃତ୍ୟ କରାଯାଇ ପାରିବ ଏବଂ ତତ୍ ସଙ୍ଗେ ହାବ, ଭାବ, କଟାକ୍ଷ ଓ ନାନାପ୍ରକାର 'ମୁଦ୍ରା' ସହିତ ଯଥା ନିୟମରେ ପଦବିକ୍ଷେପ କରି ପାରିଲେ ଅସଂଖ୍ୟ ନୃତ୍ୟର ସର୍ଜନ ହୋଇ ପାରିବ । ଅଭିନୟ ଯଥା—

ଉତ୍ଫୁଲ୍ଲାନନନେତ୍ରଂ ଚ
ଗଣ୍ଡେ ବିକସିତେ ରଥ,
କଂଟକ୍ତିତଦନ୍ତଂ ଚ
ହସିତଂ ତ ବିଧୀୟତେ ।
ଅଲକ୍ଷିତଦ୍ୱିଜଗଣଂ ଯତ୍
ସ୍ମିତଂ ଚ ମଧୁରଂ ତଥା,
କାଲାଗତଂ ସାସ୍ୟ ରାଗଂ
ତଦ୍‌ବୈ ବିହସିତଂ ଭବେତ୍ ।

ଏହିପରି ଅନେକ ପ୍ରକାର ହାବ ଭାବର ଅଭିନୟ ଅଛି । ତାହା ହସ୍ତ ଓ ମୁଖଦ୍ୱାରା ଦେଖାଇ ନୃତ୍ୟ କରାଯାଏ ।

ସଙ୍ଗୀତ ସାହିତ୍ୟ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃ ପୁଚ୍ଛବିଷାଣହୀନଃ,
ତୃଣଂ ନ ଖାଦନ୍ନପି ଜୀବମାନ-
ସ୍ତଦ୍ଭାଗଧେୟଂ ପରମଂ ପଶୂନାମ୍ ।

The man that has no music in himself nor is not moved with concord of sweet sounds is fit for treason—
Shakespeare.

(ସନ୍ଦର୍ଭ ଲେଖକ—ମଧୁପୁର ପଞ୍ଚାୟତ ଶ୍ରୀ ବଳଭଦ୍ର ଧୀର)

[ଦ୍ର-(୩)—ବୀଣାପାଣୀଙ୍କର ଅପାର କରୁଣା ବଳରୁ ପ୍ରାଚୀନ ଭାରତ କଳାବିଦ୍ୟାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲା । କଳାବିଦ୍ୟା ୬୪ ପ୍ରକାର । ଶାସ୍ତ୍ର କହେ କଳାବିଦ୍ୟା ଶିକ୍ଷା କଲେ ରାଜା ଅମରଶକ୍ତି ଲାଭ କରନ୍ତି । "ସକଳ କଳା ପାରଂଗତୋଽମର ଶକ୍ତିମାନ୍ ରାଜା ।" ଶୈବତନ୍ତ୍ରରେ ୬୪ କଳାବିଦ୍ୟା ବିଷୟ ବିଶେଷଭାବରେ ଲେଖା ଅଛି । ଶ୍ରୀମଦ୍ଭାଗବତ ଟୀକାକାରର ଶ୍ରୀଧର ସ୍ୱାମୀ ମେହି ୬୪ କଳାର ପରିଚୟ ଦେଇଛନ୍ତି । ତହିଁ ମଧ୍ୟରେ ଗୀତ, ବାଦ୍ୟ, ନୃତ୍ୟ ଓ ନାଟ୍ୟ ଅଛି ।

କାଳିଦାସ କହିଅଛନ୍ତି —
"ସଙ୍ଗୀତ ସାହିତ୍ୟ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃ ପୁଚ୍ଛବିଷାଣହୀନଃ
ତୃଣଂ ନ ଖାଦନ୍ନପି ଜୀବମାନ-
ସ୍ତଦ୍ଭାଗଧେୟଂ ପରମଂ ପଶୂନାମ୍ ।"

ସଙ୍ଗୀତ ସାହିତ୍ୟ ଯେ ନ ଜାଣେ ସେ ସାକ୍ଷାତ୍ ପଶୁ—ବରଂ ପଶୁଠାରୁ ଅଧିକ ହୀନ । ପଶୁମାନେ ସଙ୍ଗୀତ ଗାଇ ନ ଜାଣିଲେ ମଧ୍ୟ ସଙ୍ଗୀତ ସ୍ୱର ଶୁଣି ତଦ୍ଦ୍ୱାରା ଆକୃଷ୍ଟ ହୁଅନ୍ତି । ପତ୍ରତୋଳା ଗୀତ ଶୁଣିଲେ ସର୍ପ ମୋହିତ ହୁଏ । ଶିଶୁମାନେ ଗୀତ ଶୁଣି ମୋହିତ ହୁଅନ୍ତି । ନଦୀର କଳକଳ ନାଦରେ ସଙ୍ଗୀତ ଅଛି । ପବନ ବହିବାରେ ସଙ୍ଗୀତ ଅଛି । ସଙ୍ଗୀତ ନାହିଁ କେଉଁଠି ? ଏ ଚରାଚର ଜଗତରେ ବ୍ରହ୍ମ ସର୍ବତ୍ର ଅଛନ୍ତି । ନାଦକୁ ବ୍ରହ୍ମ ବୋଲି ମଧ୍ୟ କୁହାଯାଏ । ନାଦ ବ୍ରହ୍ମ ସର୍ବତ୍ର ବିଦ୍ୟମାନ । ସେହି ନାଦକୁ ତାଳ ସ୍ୱର ସହିତ ଗାଇଲେ ସଙ୍ଗୀତ ହୁଏ । ଯନ୍ତ୍ର ସାହାଯ୍ୟରେ ଏହି ନାଦବ୍ରହ୍ମ ନାନା ମୂର୍ତ୍ତି ଧାରଣ କରେ । ମାନବର କଣ୍ଠ ପ୍ରଧାନ ଯନ୍ତ୍ର ଏବଂ ମାନବ ନିଜ ବୁଦ୍ଧି-ବଳରେ ନାନା ପ୍ରକାର ବାଦ୍ୟ ଯନ୍ତ୍ର ଆବିଷ୍କାର କରି ସେହି ଯନ୍ତ୍ରମାନଙ୍କ ସାହାଯ୍ୟରେ ନାଦକୁ ଝଙ୍କୃତ କରିଅଛି । ସଙ୍ଗୀତର ବିଭିନ୍ନ ମୂର୍ତ୍ତି ରାଗ ରାଗିଣୀ ନାମରେ ପରିଚିତ ।

ସଙ୍ଗୀତ ମାନବର ସହଜାତ । ପ୍ରତ୍ୟେକ ମାନବ ଊଣା ଅଧିକରେ ସଙ୍ଗୀତପ୍ରିୟ । ସମ୍ପଦ, ବିପଦ, ଦୁଃଖ ଓ ଆନନ୍ଦରେ, ପରିଶ୍ରମ କଲାବେଳେ, ଶାନ୍ତିରେ ବସିଲାବେଳେ ସଙ୍ଗୀତ ସ୍ୱତଃ ମନରୁ ବାହାରି ଆସେ । ସେହି ସଙ୍ଗୀତର ରାଗ ରାଗିଣୀ ଭାରତର ନାନା ପ୍ରଦେଶରେ ନାନା ଆକାର ପ୍ରକାର ଧାରଣ କରିଅଛି । ସଙ୍ଗୀତ ବିଷୟରେ ନାନା ଗ୍ରନ୍ଥ ମଧ୍ୟ ଲେଖାଯାଇ ଅଛି ।

ସଙ୍ଗୀତର ପ୍ରଥମ ନିଦର୍ଶନ ବେଦ । ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱର ସହଯୋଗରେ ସାମଗାନ ଗୀତ ହେଉଥିଲା । ସାମ ଶବ୍ଦର ଅର୍ଥ ଗୀତ । ଶବର ସ୍ୱାମୀ ତାଙ୍କ ମୀମାଂସା-ଦର୍ଶନରେ ଲେଖିଅଛନ୍ତି —

"ସାମ ଶବ୍ଦ ବାଚ୍ୟସ୍ୟ ଗାନସ୍ୟ ସ୍ୱରୂପ ମୃଗପରେଷୁ, କ୍ରୁଷ୍ଟାଦିଭିଃ ସପ୍ତଭିଃ ସ୍ୱରୈଃ ଅକ୍ଷରବିକାରାଦିଭିଶ୍ଚ ନିଷ୍ପାଦ୍ୟତେ । କ୍ରୁଷ୍ଟଃ ପ୍ରଥମଃ, ଦ୍ୱିତୀୟଃ, ତୃତୀୟଃ, ଚତୁର୍ଥଃ, ପଞ୍ଚମଃ, ଷଷ୍ଠସ୍ତ୍ୱରତ୍ୟେତେ ସପ୍ତ ସ୍ୱରାଃ" । ପୁରାଣରୁ ଦେଖାଯାଏ ଯେ "ଋଗ୍‌ଭିଃ ପାଠ୍ୟ ମଦଭୂଦ୍‌ଗୀତଂ ସାମଭ୍ୟଃ ସମପଦ୍ୟତ ଯଜୁର୍ଭ୍ୟୋଭିନୟା ଜାତା ବାଶ୍ଚାଥର୍ବଣ ସ୍ମୃତା ।" ବେଦ ଗାନ ସମୟରୁ ସା, ରି, ଗା, ମା ପ୍ରଭୃତି ସପ୍ତ ସ୍ୱରର ପ୍ରବର୍ତ୍ତନ ହୋଇଅଛି । ସାମ ବେଦର ଗୋଟିଏ ଉପବେଦ ଥିଲା । ସେହି ଉପବେଦର ନାମ ଗାନ୍ଧର୍ବ ବେଦ । ଏହି ଗାନ୍ଧର୍ବ ବେଦରେ ଗୀତ ବାଦ୍ୟ ନୃତ୍ୟ ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଥିଲା । ଏହି ଉପବେଦ ଲୁପ୍ତପ୍ରାୟ । ଭରତ ମୁନି ଏହି ବେଦର ପ୍ରବର୍ତ୍ତକ ଥିଲେ । ସେହି ଗାନ୍ଧର୍ବ ବେଦର ମତ ପରବର୍ତ୍ତୀ ସଙ୍ଗୀତଶାସ୍ତ୍ରମାନଙ୍କରେ ପ୍ରତିଫଳିତ ହୋଇ-ଅଛି । ମହର୍ଷି ବାଲ୍ମୀକିଙ୍କ ସମୟରେ ମହାମୁନି ଭରତ ସଙ୍ଗୀତ ବିଦ୍ୟାର ପ୍ରଧାନ ଅଧ୍ୟାପକ ଥିଲେ । ତାଙ୍କ ସମୟରେ ନାଟକାଭିନୟ ଉତ୍କର୍ଷ ଲାଭ କରିଥିଲା । ଗାନ୍ଧର୍ବ ବେଦପ୍ରଣେତା ଭରତ ମୁନି ଏକବ୍ୟକ୍ତି କି ବହୁ ବ୍ୟକ୍ତି ସେକଥା ନିଶ୍ଚୟ ରୂପେ କୁହାଯାଇ ପାରିବ ନାହିଁ । ନୃତ୍ୟ ବାଦ୍ୟ-ଗୀତ-ନାଟ୍ୟାଭିନୟ ପ୍ରଭୃତି ସଂଗୀତଶାସ୍ତ୍ରର ଅନ୍ତର୍ଗତ । "ଗୀତ ବାଦ୍ୟନୃତ୍ୟାନାଂ ତ୍ରୟଂ ସଂଗୀତ ମୁଚ୍ୟତେ । ଗୀତଂ ବାଦ୍ୟଂ ନର୍ତ୍ତନଞ୍ଚ ତ୍ରୟଂ ସଂଗୀତ ମୁଚ୍ୟତେ" । ଏ ତିନି ବିଷୟ ମଧ୍ୟରେ କଣ୍ଠସଂଗୀତ ପ୍ରଧାନ, ସୁତରାଂ ସଂଗୀତ ଶବ୍ଦ ସାଧାରଣତଃ କଣ୍ଠସଂଗୀତକୁ ବୁଝାଏ । ସଂଗୀତ ବିଶାରଦମାନେ ସଂଗୀତକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ଯଥା — କଣ୍ଠ ସଂଗୀତ ଓ ଯନ୍ତ୍ର ସଂଗୀତ । ଶାସ୍ତ୍ରାନୁସାରେ ନାଦହିଁ ସଂଗୀତର ମୂଳ । ଏକାଧିକ ବସ୍ତୁର ସଂଘର୍ଷରେ ଆକାଶରୁ ନାଦର ଉତ୍ପତ୍ତି ହୁଏ । ନାଦ ଦୁଇପ୍ରକାର,-ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ । ଦୁଇଟି ବସ୍ତୁର ଘାତ ପ୍ରତିଘାତରେ ଯେଉଁ ନାଦ ବାହାରେ ତାହା ଧ୍ୱନ୍ୟାତ୍ମକ । ମନୁଷ୍ୟାଦିଙ୍କ କଣ୍ଠ ଓ ତାଳୁର ଘାତ ପ୍ରତିଘାତରେ ଯେଉଁ ସ୍ୱର ଜନ୍ମେ ତାହା ବର୍ଣ୍ଣାତ୍ମକ । ସୋମେଶ୍ୱର, ଭରତ, ହନୁମାନ୍ ଓ କଲ୍ଲିନାଥ, ଏମାନେ ପୂର୍ବକାଳରେ ସଙ୍ଗୀତବିଶାରଦ ଥିଲେ । ସଙ୍ଗୀତ ଶାସ୍ତ୍ର ସମ୍ବନ୍ଧରେ ଏମାନଙ୍କର ଚାରି ପ୍ରକାର ମତ ପ୍ରଚଳିତ ଥିଲା । ସେକାଳରେ ସଙ୍ଗୀତଶାସ୍ତ୍ର ସାଧାରଣତଃ ୭ଭାଗରେ ବିଭକ୍ତ ହୋଇଥିଲା । (୧) ସ୍ୱରାଧ୍ୟାୟ (୨) ରାଗାଧ୍ୟାୟ (୩) ନୃତ୍ୟାଧ୍ୟାୟ (୪) ତାଳାଧ୍ୟାୟ (୫) ଭାବାଧ୍ୟାୟ (୬) କୋକାଧ୍ୟାୟ (୭) ହସ୍ତାଧ୍ୟାୟ । ସେ ସବୁ ପ୍ରାଚୀନ ଗ୍ରନ୍ଥ ଆଉ ମିଳୁନାହିଁ, ସୁତରାଂ କି ପ୍ରଣାଳୀରେ ସେ କାଳରେ ସଙ୍ଗୀତ ତତ୍ତ୍ୱ ଆଲୋଚିତ ହେଉଥିଲା, ତାହା ଜଣା ପଡୁନାହିଁ । ଏ ସବୁ ଗ୍ରନ୍ଥପରେ ସଙ୍ଗୀତ ବିଦ୍ୟା ଶିକ୍ଷା ଦେବା ପାଇଁ ଅସଂଖ୍ୟ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ତହିଁ ମଧ୍ୟରୁ ଅଧିକାଂଶ ଗ୍ରନ୍ଥର ନାମ ସୁଦ୍ଧା ଲୋପ ହୋଇ ସାରିଲାଣି । ଆଉ ଯେଉଁ କେତେଖଣ୍ଡ ଗ୍ରନ୍ଥର ପରିଚୟ ମିଳୁଛି ତାହା ନିମ୍ନରେ ଦିଆଗଲା—

ଗ୍ରନ୍ଥକାର	ଗ୍ରନ୍ଥ
ଶୁଭଙ୍କର	ସଙ୍ଗୀତ ଦାମୋଦର
ବୀର ନାରାୟଣ	ସଙ୍ଗୀତ ନିର୍ଣ୍ଣୟ
ହରି ଭଟ୍ଟ	ସଙ୍ଗୀତ ସାର ସଙ୍ଗୀତାର୍ଣ୍ଣବ ସଙ୍ଗୀତ ରତ୍ନାବଳୀ
ଶିଲ୍ୟନ	ରାଗ ସର୍ବସ୍ୱ ସାର
ଅହୋବଳ ଭଟ୍ଟ	ତାଣ୍ଡବ ରଙ୍ଗେଶ୍ୱର ଗୀତ ସିଦ୍ଧାନ୍ତ ଭାସ୍କର
ବିଶ୍ୱାବସୁ	ଧ୍ୱନି ମଞ୍ଜରୀ ରାଗାର୍ଣ୍ଣବ
ଶାର୍ଙ୍ଗଦେବ	ସଙ୍ଗୀତ ରତ୍ନାକର
ସିଂହ ଭୂପାଳ	ସଙ୍ଗୀତ ଦର୍ପଣ ରାଗ ମାଳିକା
ହରି ନାରାୟଣ	ସଙ୍ଗୀତ ସାର ନାରଦ ସମ୍ବାଦ ନାରଦ ସୂତ୍ର ରତ୍ନମାଳା ସଙ୍ଗୀତ କୌସ୍ତୁଭ
ଦାମୋଦର	ସଙ୍ଗୀତ ଦର୍ପଣ
ଅବହନ	ସଙ୍ଗୀତ ପାରିଜାତ

ଏ ସବୁ ଗ୍ରନ୍ଥ ମଧ୍ୟରୁ ସଙ୍ଗୀତ ଦାମୋଦର ଓ ସଙ୍ଗୀତ ଦର୍ପଣ ଗ୍ରନ୍ଥ ଦ୍ୱୟର ଉଲ୍ଲେଖ ନାନା ସ୍ଥଳରେ ଦେଖାଯାଏ । ସଙ୍ଗୀତ ପ୍ରତି ଅନୁରକ୍ତି ଜନ୍ମେ କାହିଁକି ? ସଙ୍ଗୀତବିଶାରଦ-ମାନେ ଏଥିର ସାତ ଗୋଟି କାରଣ ଦେଇଛନ୍ତି—

ଶାରୀରଂ ନାଦ ସମ୍ଭୂତଃ ସ୍ଥାନାନି ଶ୍ରୁତୟୋ ସ୍ତଥା
ତତଃ ଶୁଦ୍ଧାଃ ସ୍ୱରାଃ ସପ୍ତ ବିକୃତାଃ ଦ୍ୱାଦଶାପ୍ୟମୀ
ବାଦ୍ୟାଦି ଭେଦା ଶ୍ଚତ୍ୱାରୋ ରାଗୋତ୍ପାଦନ ହେତବଃ ॥

(୧) ଶରୀର ସଞ୍ଚାଳନ, (୨) ନାଦସମ୍ଭୂତ, (୩) ସ୍ଥାନ ବା ତାଳ ଶ୍ରବଣ, (୪) ଶ୍ରୁତି, (୫) ଶୁଦ୍ଧ ସପ୍ତ ସ୍ୱର, (୬) ବିକୃତ ଦ୍ୱାଦଶ ସ୍ୱର, (୭) ବାଦ୍ୟାଦି ଚତୁର୍ବିଧ ଭେଦ ସଙ୍ଗୀତ

ଅନୁରାଗୋତ୍ପତ୍ତିର କାରଣ । ଶୁଦ୍ଧ ୭ସ୍ୱର ଯଥା—ଷଡ଼୍‌ଜ, ଋଷଭ,ଗାନ୍ଧାର,ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ । ଏହି ସପ୍ତ ସ୍ୱରକୁ ରାଗ ରାଗିଣୀର ମୂଳ ସା, ର, ଗା, ମା, ପା, ଧା,ନି-ରୂପେ ଗ୍ରହଣ କରାଯାଇଅଛି । ଏହି ସପ୍ତ ସ୍ୱରର କେଉଁଠାରୁ ଉତ୍ପତ୍ତି ହୋଇଅଛି ? ସାତ ପ୍ରକାର ଜନ୍ତୁଙ୍କ କଣ୍ଠ ସ୍ୱର ଏହି ସପ୍ତ ସ୍ୱରର ମୂଳଉତ୍ପତ୍ତି । କେଉଁ ଜନ୍ତୁର କଣ୍ଠ ସ୍ୱରରୁ କେଉଁ ସ୍ୱର ନିଆଯାଇଛି, ଏ ବିଷୟରେ ମତାନ୍ତର ଅଛି । କିନ୍ତୁ ସାଧାରଣତଃ ମୟୂର, ବୃଷ, ଅଜ, କ୍ରୌଞ୍ଚ, କୋକିଳ, କୁଞ୍ଜର, ଅଶ୍ୱ, ଏହି ସାତ ଜନ୍ତୁଙ୍କ ସ୍ୱରରୁ ଯଥାକ୍ରମେ ସା ର ଗା ମା ପା ଧା ନି ସ୍ୱର ନିଆ ଯାଇଅଛି ବୋଲି ଜଣାଯାଏ ।

ଉକ୍ତ ପ୍ରକାର ସାତ ସ୍ୱରର ନାନା ପ୍ରକାର ସଂଯୋଗ ଦ୍ୱାରା ପ୍ରଧାନତଃ ୬ ରାଗ ଓ ୩୬ ରାଗିଣୀ ଓ ତହିଁରୁ ଅସଂଖ୍ୟ ଉପରାଗ ଓ ଉପରାଗିଣୀର ଉତ୍ପତ୍ତି । ସଂଗୀତ-ଦାମୋଦର ଗ୍ରନ୍ଥରୁ ଜଣାଯାଏ ଯେ—ଶ୍ରୀକୃଷ୍ଣଙ୍କ ନିକଟରେ ଗୋପୀମାନେ ୧୬ ସହସ୍ର ରାଗର ଆଳାପ କରିଥିଲେ ।

ଗୋପୀଭିଃ ଗୀତ ମାରବ୍ଧ ମେକୈକଂ କୃଷ୍ଣ ସନ୍ନିଧୌ
ତେନ ଜାତାନି ରାଗାଣାଂ ସହସ୍ରାଣି ତୁ ଷୋଡ଼ଶଃ ॥

ପ୍ରଧାନ ୬ ରାଗ—(୧) ଭୈରବ, (୨) କୌଶିକ, (୩) ହିନ୍ଦୋଳ, (୪) ଦୀପକ, (୫) ଶ୍ରୀରାଗ, (୬) ମେଘ । ଏହି ରାଗମାନଙ୍କ ନାମ ସମ୍ବନ୍ଧରେ ନାନା ପ୍ରକାର ମତଭେଦ ଦେଖାଯାଏ । ଭିନ୍ନ ଭିନ୍ନ ପ୍ରଦେଶରେ ରାଗମାନଙ୍କର ଭିନ୍ନ ଭିନ୍ନ ନାମ ମଧ୍ୟ ଦେଖଯାଏ । ରାଜପୁତାନାରେ କୌଶିକ ରାଗର ନାମ ମାଲକୋଷ । ସୋମେଶ୍ୱର ଓ କଲ୍ଲିନାଥଙ୍କ ମତରେ ୬ ରାଗର ନାମ—ଶ୍ରୀରାଗ, ବସନ୍ତ, ପଞ୍ଚମ, ଭୈରବ ମେଘ ଓ ନଟ ନାରାୟଣ । ନାରଦସଂହିତାରେ ୬ ରାଗର ନାମ - ମାଳବ, ମଲ୍ଲାର, ଶ୍ରୀ, ବସନ୍ତ, ହିନ୍ଦୋଳ ଓ କର୍ଣ୍ଣାଟ । ପୂର୍ବେ ଯେଉଁ ସାତ ସ୍ୱରର କଥା କୁହାଯାଇଅଛି ସେହି ସାତ ସ୍ୱରର ଯୋଜନାର ପରିବର୍ତ୍ତନ ଅନୁସାରେ ଗୋଟିଏ ଗୋଟିଏ ରାଗର ଉତ୍ପତ୍ତି ହୁଏ । ନିମ୍ନଲିଖିତ ଉଦାହରଣରୁ ପାଠକ ନିମ୍ନଲିଖିତ ରାଗମାନଙ୍କ ସ୍ୱର-ଯୋଜନା ବିଷୟ ଅବଗତ ହେବେ—

ଶ୍ରୀରାଗ—ସା ରେ ଗା ମା ପା ଧା ନି ସା ରେ ।
ଭୈରବ—ଧା ନି ସା ଗା ମା ଧା ।
ପଞ୍ଚମ—ସା ରେ ଗା ମା ଧା ନି ସା ।
ମେଘ—ଧା ନି ସା ରେ ଗା ମା ପା ଧା ।
ନଟ ନାରାୟଣ—ସା ରେ ଗା ମା ପା ଧା ନି ସା ।

ଏହି ୬ ରାଗର ୩୬ଟି ରାଗିଣୀ ଅଛି । ପ୍ରତ୍ୟେକ ରାଗର ୬ ଗୋଟି ଆଶ୍ରିତା ରାଗିଣୀ । ଉଦାହରଣ ସ୍ୱରୂପ ଗୋଟିଏ ଦୁଇଟି ରାଗର ଆଶ୍ରିତ ରାଗିଣୀ ନିମ୍ନରେ ଦିଆଗଲା ।

ଶ୍ରୀରାଗର ରାଗିଣୀଗଣ—ମାଲଶ୍ରୀ, ତ୍ରିବେଣୀ, ଗୌରୀ, କେଦାରୀ, ମଧୁମାଧବୀ, ପାହାଡ଼ୀ; ବସନ୍ତ ରାଗର—ଦେଶୀ, ଦେବଗିରି, ବରାଟୀ, ତୋଡ଼ିକା, ଲଳିତା, ହିନ୍ଦୋଳୀ; ଭୈରବୀ ରାଗର—ଭୈରବୀ, ଗୁର୍ଜ୍ଜରୀ, ରାମକରୀ, ଗୁଣକରୀ, ବଙ୍ଗାଳୀ, ସୈନ୍ଧବୀ ଇତ୍ୟାଦି ।

ଏହି ରାଗ ରାଗିଣୀଙ୍କ ପୁତ୍ର, ବଧୂ, କନ୍ୟା, ସଖା, ସହଚରରୂପେ କଳ୍ପିତ ଅସଂଖ୍ୟ ଉପରାଗିଣୀ ଅଛି । କେଉଁ ରସ ପ୍ରକାଶ କରିବା ପାଇଁ କେଉଁ ସ୍ୱର ଆବଶ୍ୟକ ତାହା ମଧ୍ୟ ସଙ୍ଗୀତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି ।

'ସ-ରି' ବୀରେଽଦ୍ଭୁତେ ରୌଦ୍ରେ 'ଧୋ' ବୀଭତ୍ସେ
ଭୟାନକେ
କାର୍ଯ୍ୟୌ 'ଗନି'ତୁ କରୁଣେ ହାସ୍ୟ ଶୃଙ୍ଗାରୟୋ
'ମପୌ' ॥

ସଙ୍ଗୀତର କେତେଗୁଡ଼ିଏ ଅଙ୍ଗ ଅଛି—ମୂର୍ଚ୍ଛନା, ତାନ, ତାଳ, ମାନ, ଗମକ । ଏ ସବୁ ଦ୍ୱାରା ରାଗ ରାଗିଣୀର ସ୍ୱରୂପତତ୍ତ୍ୱ ନିର୍ଦ୍ଦିଷ୍ଟ ହୁଏ । କେଉଁ ରାଗ କେତେବେଳେ ବୋଲିବା ଉଚିତ ତାହା ମଧ୍ୟ ନିର୍ଦ୍ଦିଷ୍ଟ ଅଛି । ଭାରତ-ବର୍ଷରେ ସଙ୍ଗୀତବିଦ୍ୟା ଏତେ ଉନ୍ନତି ଲାଭ କରିଥିଲା ଯେ—ରାଗରାଗିଣୀର ଶକ୍ତିଦ୍ୱାରା ପ୍ରକୃତି ପରିବର୍ତ୍ତିତ ହୋଇ ପାରୁଥିଲା । ସଂଗୀତର ଅସୀମ ଶକ୍ତି । ସଂଗୀତର ମୋହିନୀ ଶକ୍ତି ଅଛି । ସଙ୍ଗୀତ ଶାସ୍ତ୍ରରୁ ଦେଖାଯାଏ ଯେ, ଦୀପକ ରାଗ ଠିକ୍ ନିୟମାନୁସାରେ ଆଳାପ କରାଯିବା ଦ୍ୱାରା ନିର୍ବାପିତ ଦୀପ ଶିଖାରେ ଅନଳ ସଞ୍ଚାରିତ ହେଉଥିଲା, ଏବଂ ସଙ୍ଗୀତ ଆଳାପନକାରୀ ସେହି ଅଗ୍ନିରେ ଦଗ୍ଧ ହୋଇ ଯାଉଥିଲା । ମେଘ ମଲ୍ଲାର ରାଗ ଆଳାପ ଦ୍ୱାରା ଅନାବୃଷ୍ଟି ସମୟରେ ମେଘ ସଞ୍ଚାର ହେଉଥିଲା ଏବଂ ବାରିବର୍ଷଣ ହେଉଥିଲା । ଭୈରବ ରାଗର ଆଳାପ କରାଗଲେ ଉଷାର ଆବିର୍ଭାବ ହେଉଥିଲା ଓ ମୃଦୁ ମେଘ ଓ ଗନ୍ଧବାହୀ ବାୟୁର ସଞ୍ଚାର ହେଉଥିଲା ଓ ବିହଙ୍ଗମ କଳରବ ଏବଂ ପ୍ରଭାତର ସ୍ୱର୍ଣ୍ଣସ୍ପର୍ଶ ଦ୍ୱାରା ପ୍ରାଣ ନାଚି ଉଠୁଥିଲା । ହିନ୍ଦୋଳ ରାଗର ଆଳାପ ଦ୍ୱାରା ନବବସନ୍ତର ସମାଗମ ହୋଇ ନବ ମୁକୁଳିତ କୁସୁମ ସୌରଭରେ ଦିଗ୍ ଦିଗନ୍ତ ଆମୋଦିତ ହୋଇ ଉଠୁଥିଲା । ଶ୍ରୀରାଗ ଆଳାପ କଲେ ପ୍ରଦୋଷ କାଳର ସମାଗମ ଅନୁଭୂତ ହେଉଥିଲା ଏବଂ ପଶ୍ଚିମାକାଶରେ ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ବର୍ଣ୍ଣ ବିକଶିତ ହେଉଥିଲା । ମାଳବ ରାଗର ଆଳାପ କରାଗଲେ ପ୍ରାଣରେ ଅଭିନବ ଉତ୍ତେଜନା ଜାଗ୍ରତ ହୋଇ ଉଠୁଥିଲା । କାର୍ଯ୍ୟକାରିଣୀ ଶକ୍ତି ଅନୁସାରେ ରାଗର ନାମ-କରଣ କରାଯାଇଅଛି । ବେହାଗ ରାଗ ଆଳାପ କରାଗଲେ ପ୍ରାଣରେ ଉଦାସୀନତା ଆସେ ଏବଂ ଅପୂର୍ବ ରସ ଉପସ୍ଥିତ ହୁଏ । ରାଗରାଗିଣୀର ଆଳାପ ଲାଗି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅଛି । ପ୍ରାତଃକାଳଠାରୁ ଦିନ ପ୍ରହରକ ପର୍ଯ୍ୟନ୍ତ ଭୈରବ, ମେଘ, ବସନ୍ତ, ପଞ୍ଚମ ପ୍ରଭୃତି ରାଗ ଏବଂ ଭୈରବୀ, ଭୂପାଳୀ, ଧନାଶ୍ରୀ, ମଲ୍ଲାରୀ ପ୍ରଭୃତି ରାଗିଣୀ ଆଳାପ କରାଯାଏ । ଦ୍ୱିପ୍ରହର ସମୟରେ ରାମକରୀ, ଗୁଣକରୀ ଏବଂ ଭୈରବୀ ଆଳାପ କରାଯାଏ । ତୃତୀୟ ପ୍ରହର ମଧ୍ୟରେ ବେରାଟୀ, ତୋଡ଼ି, କାମୋଦୀ ପ୍ରଭୃତି ଗାଇବାର

ବିଧି ଅଛି । ଏ ସମ୍ବନ୍ଧରେ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ନାନା ପ୍ରକାର ମତ ଭେଦ ଅଛି । କେବଳ ଏତିକି ନୁହେଁ, କେଉଁ ଋତୁରେ କେଉଁ ରାଗ ଅଳାପଣୀୟ ତାହା ମଧ୍ୟ ସଙ୍ଗୀତ ଶାସ୍ତ୍ର ନିର୍ଦ୍ଦେଶ କରି ଦେଇଅଛି । ୬ ଋତୁରେ ୬ ରାଗ—ପ୍ରତ୍ୟେକ ଋତୁରେ ଗୋଟିଏ ଗୋଟିଏ ରାଗ ଅଳାପ କରିବା ବିଧେୟ । ବସନ୍ତ ଋତୁରେ ସପତ୍ନୀକ ବସନ୍ତ ରାଗ, ଗ୍ରୀଷ୍ମ ଋତୁରେ ସପତ୍ନୀକ ଭୈରବ ଇତ୍ୟାଦି । ଭିନ୍ନ ଭିନ୍ନ ରାଗର ଭିନ୍ନ ଭିନ୍ନ ଅଧିଷ୍ଠାତ୍ରୀ ଦେବଦେବୀ କଳ୍ପିତ ହୋଇ ଅଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରାଗରାଗିଣୀର ଅଧିଷ୍ଠାତୃ ଦେବଦେବୀଙ୍କ ଧ୍ୟାନରେ ତନ୍ମୟ ହୋଇ ସେହି ରାଗ ରାଗିଣୀମାନ ଅଳାପ କଲେ ତାହାର ପ୍ରତ୍ୟକ୍ଷ ସାକ୍ଷାତ୍ ଦେଖାଯାଏ । କେଉଁ ସ୍ୱରର କିଏ ଅଧିଷ୍ଠାତୃ ଦେବ, ତାହାଁର ପରିଚୟ ନିମ୍ନରେ ଦିଆଗଲା । ସା—ଅଗ୍ନି, ରେ—ବ୍ରହ୍ମା, ଗା—ସରସ୍ୱତୀ, ମା—ମହାଦେବ, ପା—ଲକ୍ଷ୍ମୀ, ଧା—ଗଣେଶ, ନି—ସୂର୍ଯ୍ୟ ।

ମୋଗଲ ସମ୍ରାଟ ଅକବରଙ୍କ ଦରବାରରେ ତାନସେନ ସଙ୍ଗୀତର ଅଭିନବ ଶକ୍ତି ପ୍ରଦର୍ଶନ କରି ପାରିଥିଲେ । ତାନସେନଙ୍କ ଗୁରୁ ହରିଦାସ ସ୍ୱାମୀ । ସେ ସଂସାର ତ୍ୟାଗୀ ସନ୍ନ୍ୟାସୀ ଥିଲେ । ସଂଗୀତ ସାଧନା ବଳରେ ନିର୍ବାଣ ଲାଭ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାନସେନ ଦିନେ ତାଙ୍କୁ ଅକବରଙ୍କ ଦରବାରକୁ ନେଇ ଯାଇ ଥିଲେ। ହରିଦାସ ସଭାରେ ଗୋଟିଏ ଦୁଇଟି ରାଗ ରାଗିଣୀ ଅଳାପ କରି ଦର୍ଶକମାନଙ୍କୁ ଦେବମୂର୍ତ୍ତି ଦେଖାଇ ଦେଇଥିଲେ । ବାଦସାହା ସଂଗୀତର ଶକ୍ତି ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସମ୍ରାଟ ଏଥିର କାରଣ ଅନୁସନ୍ଧାନ କରିବାରୁ ହରିଦାସ କହିଲେ ଯେ, ବିଜ୍ଞାନ ସମ୍ମତ ପ୍ରଣାଳୀରେ ରାଗ ରାଗିଣୀ ଅଳାପ କରାଗଲେ ଅଧିଷ୍ଠାତୃ ଦେବତାମାନେ ସ୍ୱରୂପ ପରିଗ୍ରହ କରି ଅବତୀର୍ଣ୍ଣ ହୁଅନ୍ତି। ତାନସେନ ନିଜେ ମଧ୍ୟ ସଂଗୀତ ବିଶାରଦ ଥିଲେ । ଦୀପକ ରାଗ ଅଳାପ କରି ସେ ଅଗ୍ନି ଜଳି ଉଠିବା ଦେଖାଇଥିବାର ଏବଂ ମେଘମଲ୍ଲାର ରାଗ ଅଳାପ କରି ବୃଷ୍ଟି କରାଇ ଥିବାର ପ୍ରବାଦ ଅଛି । ତାନସେନ ଗୋୟାଲିଅରର ଗୌଡ଼ୀୟ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରିଥିଲେ (୧୫୫୮ ଖ୍ରୀ); ତାଙ୍କର ମୌଳିକ ନାମ ଥିଲା ରାମତନୁ ପାଣ୍ଡେ । ୧୮ ବର୍ଷ ବୟସ ବେଳେ ଜଣେ ମୁସଲମାନ ଯୁବତୀଙ୍କ ପ୍ରେମରେ ପଡ଼ି ସେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ସେ ସଂଗୀତ ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ଅକବର ତାଙ୍କଠାରୁ ସଂଗୀତ ଶୁଣି ମୁଗ୍ଧ ହୋଇଥିଲେ ଏବଂ ତାଙ୍କୁ ତାନସେନ ଉପାଧି ଦେଇଥିଲେ । ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଅଛି ଯେ, ସଂଗୀତ ମୁକ୍ତିର ଗୋଟିଏ ପ୍ରଧାନ ସୋପାନ ।

"ଜପାତ୍ କୋଟୀ ଗୁଣଂ ଧ୍ୟାନଂ ଧ୍ୟାନାତ୍ କୋଟୀ ଗୁଣଂ ଲୟଃ
ଲୟାତ୍ କୋଟୀ ଗୁଣଂ ଗାନଂ ଗାନାତ୍ ପରତରଂ ନହି"

ପୁନଶ୍ଚ—

"ପୂର୍ଣ୍ଣଂ ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ ।
ଇମଂତୁ ପଞ୍ଚମଂ ବେଦଂ ସଂଗୀତାଖ୍ୟ ମକଳ୍ପୟତ୍"

ଭଗବାନ ନିଜେ କହି ଅଛନ୍ତି—

"ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ
ମଦ୍ଭକ୍ତାଂ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।"

ଦେବାଦିଦେବ ମହାଦେବ ପ୍ରଥମେ ସଙ୍ଗୀତ ଶାସ୍ତ୍ର ପ୍ରଚାର କରିଥିଲେ । ସେହି ମହାଯୋଗୀ ଯେଉଁ ଭଗବନ୍ମହିମା କୀର୍ତ୍ତନ କରିଥିଲେ ତାହାହିଁ ମୌଳିକ ସଙ୍ଗୀତ । ବ୍ରହ୍ମା ମହାଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଦେବଲୋକରେ ଦୁର୍ଗା, ସରସ୍ୱତୀ, ନାଗଲୋକରେ ବାସୁକୀ, ଗନ୍ଧର୍ବ ଲୋକରେ ଚିତ୍ରାଙ୍ଗଦ, ସାରିଦତ୍ତ, ତୁମ୍ବୁରୁ, କୋହଳ, ହାହା, ହୁହୁ, ଋଷିଲୋକରେ ନାରଦ, ଭରତ, କଶ୍ୟପ, ରାକ୍ଷସଙ୍କ ମଧ୍ୟରେ ରାବଣ, କପି ମଧ୍ୟରେ ହନୁମାନ, ମାନବ ମଧ୍ୟରେ ଅର୍ଜ୍ଜୁନ ସଙ୍ଗୀତ ଶାସ୍ତ୍ର ପ୍ରଚାର କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସଂଗୀତ ଭାରତର ଅତି ପ୍ରାଚୀନ କାଳର ସମ୍ପତ୍ତି । ଅମରାବତୀରେ ଅମର ସଦନରେ ଅପ୍ସରାମାନେ ନୃତ୍ୟ ଗୀତ କରୁଥିବା କଥା ତ ଅତି କାହାଣୀ । ବାଲ୍ମୀକି ରାମାୟଣ ଗାଇଥିଲେ । ଲବ କୁଶ ଅଯୋଧ୍ୟାରେ ସେହି ରାମାୟଣ ଗାଇଥିଲେ । ବୃନ୍ଦାବନରେ ଗୋପାଙ୍ଗନାମାନେ କୃଷ୍ଣ ଲୀଳା କୀର୍ତ୍ତନ କରିଥିଲେ । ପ୍ରତି ଯୁଗରେ ସଙ୍ଗୀତ ପ୍ରତିଷ୍ଠା ଲାଭ କରି ମୁସଲମାନଙ୍କର ଏବଂ ଅଲେକ୍‌ଜାଣ୍ଡରଙ୍କ ଭାରତାଗମନ ପରେ ନାନା ରାଜନୀତିକ ଘାତ ପ୍ରତିଘାତ ପାଇ ସଙ୍ଗୀତ ବିଦ୍ୟା ଅବନତି ପ୍ରାପ୍ତ ହୋଇଥିଲା । ମୁସଲମାନମାନଙ୍କ ଶାସନ ଭାରତରେ ସୁଶୃଙ୍ଖଳ ହେବାପରେ ଆଉ ଥରେ ସଂଗୀତ ବିଦ୍ୟାର ଉନ୍ନତି ପାଇଁ ଚେଷ୍ଟା କରା ଯାଇଥିଲା । ଗିୟାସୁଦ୍ଦିନ୍-ଚୌଲୁକଙ୍କ ରାଜତ୍ୱ ସମୟରେ ଗୋପାଳ ନାୟକ ସଂଗୀତ ବିଦ୍ୟାରେ ପ୍ରସିଦ୍ଧି ଲାଭ କରିଥିଲେ ।

ସକଳ ଦେଶର ସକଳ ମନୁଷ୍ୟ ସମାଜରେ ଗୀତ ବାଦ୍ୟ ନୃତ୍ୟ ଆଦିମ କାଳରୁ ପ୍ରଚଳିତ ଅଛି । ସଭ୍ୟ, ଅସଭ୍ୟ ସକଳ ସମାଜ ମଧ୍ୟରେ ନୃତ୍ୟ ଗୀତର ପ୍ରଚଳନ ଅଛି । ଯେଉଁ ସମାଜ ଯେତେ ଉନ୍ନତ ସେ ସମାଜର ନୃତ୍ୟାଦି ସେତେଦୂର ବିଜ୍ଞାନସମ୍ମତ । ଭାରତରେ ସଂଗୀତ ବିଦ୍ୟା ଏପରି ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ଯେ, ତହିଁର ଯେଉଁ ଶେଷ ସୃଷ୍ଟି ଅଛି ତାହା ସହିତ ପୃଥିବୀର ଅନେକ ସଭ୍ୟ ଜାତିର ସଂଗୀତ ସମକକ୍ଷ ହୋଇ ପାରିବ ନାହିଁ । ସର୍ ୱିଲିୟମ୍ ଜୋନସ୍ ସାହେବ ହିନ୍ଦୁମାନଙ୍କ ସଂଗୀତ ସହିତ ଇଂରେଜର ସଂଗୀତ ବିଦ୍ୟାର ତୁଳନା କରି କହିଛନ୍ତି ଯେ, ହିନ୍ଦୁମାନଙ୍କ ସଂଗୀତବିଜ୍ଞାନ ଅଧିକତର ଶୃଙ୍ଖଳାବଦ୍ଧ । ସେ ପୁନଶ୍ଚ କହିଛନ୍ତି ଯେ, ହିନ୍ଦୁମାନଙ୍କ ଆବିଷ୍କୃତ ସା ରି ଗା ମା ପା ଧା ନି ସପ୍ତସ୍ୱରର ଆଦର୍ଶରେ ପ୍ରଥମେ ପାରସ୍ୟରେ, ପରେ ଆରବରେ ଏବଂ ପରିଶେଷରେ ଇଂରେଜରେ ସ୍ୱରଗ୍ରାମର ପ୍ରବର୍ତ୍ତିନ ହୋଇ

ଅଛି । ସର୍ ୱିଲିୟାମ୍ ହେଜ୍‌ର ଏବଂ ଅଧ୍ୟାପକ ଷେବାର୍ ବହୁ ଆଲୋଚନା ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏକାଦଶ ଶତାବ୍ଦୀ ପ୍ରାରମ୍ଭରେ ଇଟାଲିର ଟସ୍କାନି ପ୍ରଦେଶରେ ଗୁଇଡୋ ଅରେଜୋ ଇଉରୋପରେ ସ୍ୱରସାହିତ୍ୟର ପ୍ରଚଳନ ଆରମ୍ଭ କଲେ । ଐତିହାସିକ ଷ୍ଟ୍ରାବୋ ବହୁକାଳ ପୂର୍ବେ ଲେଖିଥିଲେ ଯେ, ଗ୍ରୀସ୍ ଦେଶ ଭାରତରୁ ସଂଗୀତ ବିଜ୍ଞାନର ଅଧିକାଂଶ ତତ୍ତ୍ୱ ଗ୍ରହଣ କରିଥିଲା । ହ୍ୱିଟନ୍ ସାହେବ ପ୍ରାଚୀନ ଜାତିମାନଙ୍କ ସଂଗୀତ ବିଦ୍ୟା ବିଷୟରେ ଏକ ପୁସ୍ତକ ଲେଖି ଅଛନ୍ତି । ସେ ପୁସ୍ତକରେ ଭାରତର ରାଗ ରାଗିଣୀର ଶକ୍ତି ବିଷୟ ଆଲୋଚନା କରିଛନ୍ତି । ସେହି ପ୍ରସଙ୍ଗରେ ସେ ଗିୟାସୁଦ୍ଦିନ୍ ତୋଗଲକଙ୍କ ରାଜତ୍ୱ କାଳର ଗୋପାଳ ନାୟକଙ୍କର ସଂଗୀତ ବିଦ୍ୟାରେ ଅଦ୍ଭୁତ ପାଣ୍ଡିତ୍ୟ ବିଷୟ ଉଲ୍ଲେଖ କରିଛନ୍ତି । ପ୍ରବାଦ ଅଛି, ଗୋପାଳ ଯମୁନା-ଜଳରେ ଆକଣ୍ଠ ବୁଡ଼ି ଦୀପିକରାଗ ଆଳାପ କରିଥିଲେ, ତଥାପି ସେହି ରାଗର ଫଳରେ ଜାତ ଅଗ୍ନି ଦ୍ୱାରା ତାଙ୍କ ଶରୀର ଦଗ୍ଧ ହୋଇ ଯାଇଥିଲା । ଉକ୍ତ ପୁସ୍ତକରେ ଉଲ୍ଲେଖ ଅଛି, ତାନ୍‌ସେନ୍ ଦିନେ ଦ୍ୱିପ୍ରହର ବେଳେ ଶ୍ରୀରାଗ ଆଳାପ କରିଥିଲେ ଏବଂ ଯେତେ ଦୂର ପର୍ଯ୍ୟନ୍ତ ସେ ରାଗ ଶୁଣା ଯାଇଥିଲା ସେତେଦୂର ପର୍ଯ୍ୟନ୍ତ ଆକାଶ ଅନ୍ଧକାରାଚ୍ଛନ୍ନ ହୋଇଥିଲା । ପ୍ରବାଦ ଅଛି, ସମ୍ରାଟ ଅକବର ଅନ୍ୟ ଏକ ସଙ୍ଗୀତଜ୍ଞ ବୈଜୁଙ୍କ ପରାମର୍ଶ ଅନୁସାରେ ତାନ୍‌ସେନ୍‌ଙ୍କୁ ଦୀପକ ରାଗ ଆଳାପ କରିବାକୁ ଆଦେଶ ଦେଇଥିଲେ । ତାନ୍‌ସେନ୍‌ଙ୍କୁ ଦୀପକ ରାଗର ପ୍ରଭାବରୁ ବଞ୍ଚାଇବା ପାଇଁ ବୈଜୁ ମେଘମଲ୍ଲାର ରାଗ ଆଳାପ କରିବେ ବୋଲି ସ୍ଥିର ହେଲା । ତାନ୍‌ସେନ୍ ଦୀପକ ରାଗ ଆଳାପ କରି ପୋଡ଼ିଗଲେ, ମାତ୍ର ବୈଜୁଙ୍କ ମନରେ ତାନ୍‌ସେନ୍‌ଙ୍କ ପ୍ରତି ଈର୍ଷାଭାବ ଥିବାରୁ ସେ ମେଘମଲ୍ଲାର ରାଗକୁ ପୂର୍ଣ୍ଣ ମାତ୍ରାରେ ଗାଇଲେ ନାହିଁ, ଅତଏବ ତାନ୍‌ସେନ୍‌ଙ୍କୁ ରକ୍ଷା କରିବା ପାଇଁ ସେ ସମୟରେ ମେଘ ବର୍ଷା ହୋଇ ପାରିଲା ନାହିଁ । ସମ୍ରାଟ୍ ଏ ଘଟନା ଦେଖି ବଡ଼ କ୍ଷୁବ୍ଧ ହୋଇ-ଥିଲେ । ଏ କଥାମାନ ଅତି ସ୍ୱପ୍ନ ପରି ଜଣା ଯାଇ ପାରେ କିମ୍ବା କବି କଳ୍ପନା ବା ଗାଲ ଗଳ୍ପ ବୋଲି ଲୋକେ ଭାବି ପାରନ୍ତି, ମାତ୍ର ଭାରତ ଯେ ଦିନେ ସଙ୍ଗୀତ ଆଲୋଚନାରେ ଜଗତରେ ଶୀର୍ଷସ୍ଥାନ ଅଧିକାର କରିଥିଲା ଏହା ଅସ୍ୱୀକାର କରି ହେବ ନାହିଁ ।

ପୂର୍ବେ କୁହା ଯାଇଅଛି, ସଙ୍ଗୀତ ଦୁଇ ପ୍ରକାର । କଣ୍ଠ ସଙ୍ଗୀତ ବିଷୟ ଉପରେ ସଂକ୍ଷେପରେ କୁହା ଯାଇଅଛି, ଯନ୍ତ୍ର ସଙ୍ଗୀତ ଚାରି ଶ୍ରେଣୀରେ ବିଭକ୍ତ । ଯନ୍ତ୍ର ସଙ୍ଗୀତର ଅପର ନାମ ବାଦ୍ୟ ।

ବଂଶ୍ୟାଦିକନ୍ତୁ ଶୁଷିରଂ କାଂସ୍ୟ ତାଳାଦିକଂ ଘନଂ,
ତତଃ ବୀଣାଦିକଂ ବାଦ୍ୟମାନଦ୍ଧଂ ମୁରଜାଦିକମ୍ ।

ଯେଉଁ ଯନ୍ତ୍ରରେ ଛିଦ୍ର ଅଛି ତାକୁ ଶୁଷିର କହନ୍ତି, ଯଥା—ଶିଙ୍ଗା, ଶଙ୍ଖ, ମୁରଲୀ; ଘନଯନ୍ତ୍ର—ମନ୍ଦିରା, କରତାଳ, ଘଣ୍ଟା, ଦଣ୍ଡି; ତନ୍ତ୍ର ବା ତାର ସଂଯୁକ୍ତ ଯନ୍ତ୍ର -ବୀଣା, ସାରଙ୍ଗ, ସୀତାର, ତାନପୁରା ଚର୍ମରେ ମୁହଁବନ୍ଧା (ଆନଦ୍ଧ) ବାଦ୍ୟ—ଢକ୍କା, ଢୋଲ, ତବଲା, ପଖାଉଜ, ମୃଦଙ୍ଗ । ପୁରୁଷମାନଙ୍କ ନୃତ୍ୟକୁ ତାଣ୍ଡବ ଓ ସ୍ତ୍ରୀମାନଙ୍କ ନୃତ୍ୟକୁ ଲାସ୍ୟ ବୋଲାଯାଏ ।

ତାଣ୍ଡବ ଦୁଇ ପ୍ରକାର—ପୁରତ ଓ ଯୌବତ । ପୁରାଣମାନଙ୍କରୁ ଜଣାଯାଏ ତ୍ରିପୁରାସୁର ବଧ ପରେ ଦେବତାମାନେ ଆନନ୍ଦରେ ନୃତ୍ୟ କଲେ । ସେତେବେଳେ ବ୍ରହ୍ମା ମୃତ୍ତିକାଦ୍ୱାରା ମୃଦଙ୍ଗ ପ୍ରସ୍ତୁତ କରିଥିଲେ । ମୃଦଙ୍ଗର ମାଟି ଖୋଲ ପୋଡ଼ା ହୁଏ ଓ ସେ ଖୋଲ ଉପରେ ଚମଡ଼ାର ସରୁ ପଟିମାନ ଗୁଡ଼ା ହୁଏ । ତହିଁର ବର୍ତ୍ତି ନାଳି ଦେଖାଯାଏ । ଏହା ସେହି ତ୍ରିପୁରାସୁର ଦେହର ସ୍ନାୟୁତନ୍ତ୍ର ବୋଲି ଅନୁମିତ ହୁଏ । ମୃଦଙ୍ଗ ନାନାପ୍ରକାର ଅଛି । ଦେବଲୋକରେ ଅପ୍ସରାମାନଙ୍କ ନୃତ୍ୟ ଗୀତ ବିଷୟ ପୁରାଣବିଦିତ । ରାମାୟଣରେ ରାବଣର ନୃତ୍ୟଶାଳାରେ ନର୍ତ୍ତକୀମାନଙ୍କ ନୃତ୍ୟ ଗୀତ ବିଷୟ ବର୍ଣ୍ଣିତ ଅଛି । ଭାଗବତରେ ନୃତ୍ୟ ବିଷୟ ମଧ୍ୟ ବର୍ଣ୍ଣିତ ହୋଇଅଛି । ରାସମଣ୍ଡଳରେ ଗୋପୀମାନେ ନୃତ୍ୟ କରିଥିଲେ । ଅର୍ଜୁନ ପ୍ରସିଦ୍ଧ ନର୍ତ୍ତକ ଓ ନୃତ୍ୟାଚାର୍ଯ୍ୟ ଥିଲେ । ପାଣ୍ଡବମାନଙ୍କ ଅଜ୍ଞାତବାସ ବେଳେ ସେ ବିରାଟ ରାଜକନ୍ୟାଙ୍କୁ ନୃତ୍ୟ ଗୀତ ବାଦ୍ୟ ଶିକ୍ଷା ଦେଇଥିଲେ । ଗୀତ, ବାଦ୍ୟ, ନୃତ୍ୟ ମାନବର ଜନ୍ମରୁ ସହଚର । ତାଣ୍ଡବର ଓ ଲାସ୍ୟର ନାନା ଉପବିଭାଗ ଅଛି । ତହିଁର ବିସ୍ତୃତ ବର୍ଣ୍ଣନା ସଙ୍ଗୀତ ଦାମୋଦର ଆଦି ଗ୍ରନ୍ଥରେ ବର୍ଣ୍ଣିତ ଅଛି; କେଉଁ ନୃତ୍ୟରେ କିପରି ଅଙ୍ଗଭଙ୍ଗୀ ଓ ଶରୀର ଚାଳନା ଆବଶ୍ୟକ ତାହା ବିଶଦଭାବରେ ବର୍ଣ୍ଣିତ ଅଛି । ପ୍ରାଚୀନ ଭାରତରେ ନାଟ୍ୟ-ଭିନୟର ଉତ୍କର୍ଷ ପାଶ୍ଚାତ୍ୟ ପଣ୍ଡିତ ଜୋନସ୍ ସାହେବ ପ୍ରଭୃତି ସ୍ୱୀକାର କରିଅଛନ୍ତି । କାଳର ଘାତ ପ୍ରତିଘାତରେ ଅତି ପ୍ରାଚୀନ ଭାରତୀୟ ନାଟକଗ୍ରନ୍ଥମାନ ଲୁପ୍ତ ହୋଇ ଯାଇଅଛି । କେବଳ ପରବର୍ତ୍ତୀ କାଳର କାଳିଦାସ, ଭବ-ଭୂତି, ବିଶାଖାଦତ୍ତ, ଶୂଦ୍ରକ ପ୍ରଭୃତି କବିମାନଙ୍କ ରଚିତ କେତେ ଖଣ୍ଡ ନାଟକ ଦେଖିବାକୁ ମିଳୁଅଛି । ଗୌତମ ବୁଦ୍ଧଙ୍କ ସମୟରେ ନାଟକାଭିନୟ ସାଧାରଣ କଥା ଥିଲା । ମୌଦ୍‌ଗଲ୍ୟାୟନ, କାତ୍ୟାୟନ, ଉପତିସ୍ୟ ପ୍ରଭୃତି ବୁଦ୍ଧ-ଦେବଙ୍କ ଶିଷ୍ୟମାନେ ନାଟକାଭିନୟ କରୁଥିଲେ ।

ଭାରତରେ ସଙ୍ଗୀତ ସାହିତ୍ୟ ବିଶେଷ ଉତ୍କର୍ଷ ଲାଭ କରିଥିଲା । ଉତ୍କଳ ମଧ୍ୟ ସଙ୍ଗୀତ ଚର୍ଚ୍ଚାରେ ପଶ୍ଚାତ୍‌ପଦ ନ ଥିଲା । ଉତ୍କଳର ଅଧିକାଂଶ ପ୍ରାଚୀନ ସାହିତ୍ୟ ପଦ୍ୟରେ ଲେଖା ହୋଇଅଛି । ପଦ୍ୟସାହିତ୍ୟର ବହୁଳତା ଉତ୍କଳରେ ସଙ୍ଗୀତ ବିଦ୍ୟାର ଉତ୍କର୍ଷତା ପ୍ରମାଣ କରୁଅଛି । ଉତ୍କଳର ସଙ୍ଗୀତରେ ସ୍ୱାତନ୍ତ୍ର୍ୟ ଥିଲା । ଓଡ଼ିଶୀ ସଙ୍ଗୀତ ଅନ୍ୟାନ୍ୟ

ପ୍ରାଦେଶିକ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଓଡ଼ିଶାର ଛାନ୍ଦ ଲେଖା ପରି ଲେଖା ଅନ୍ୟତ୍ର ବିରଳ । ସଙ୍ଗୀତ ଓଡ଼ିଶାରେ ନାନା ଆକାର ପ୍ରକାରରେ ଦେଖାଯାଏ । ଶାଗଡ଼ିଆ ଗୀତ, ହୁଳହୁଳି ଗୀତ, ଧାଙ୍ଗଡ଼ା ଗୀତ, ନଉକା ଖେଳ ଗୀତ, ଚଇତିଘୋଡ଼ା ଗୀତ, ଘାଣ୍ଟୁଆ ଗୀତ, ପୁଚି ଖେଳ ଗୀତ, ଶିଶୁରଞ୍ଜନ ଓ ଶିଶୁକ୍ରୀଡ଼ା ଗୀତଠାରୁ ଆରମ୍ଭ କରି ଚଉପଦୀ, ଚଉତିଶା, ଭଜନ, ଜଣାଣ, ଛାନ୍ଦ, ସଙ୍ଗୀତ ପ୍ରଭୃତି ନାନା ସ୍ୱରର ଓ ନାନା ଛନ୍ଦର ସଙ୍ଗୀତର ଅବତାରଣା ଉତ୍କଳରେ ହୋଇଥିଲା—ସନ୍ଦର୍ଭ ଲେଖକ—ଶ୍ରୀ ଜଗବନ୍ଧୁ ସିଂହ; ଉତ୍କଳ ସାହିତ୍ୟ—୪ର୍ଥ ଭାଗ ୪ର୍ଥ ସଂଖ୍ୟାରୁ ସଙ୍କଳିତ ।]

ସଂଗୀତ ଅଖଡ଼ା—ଦେ· ବି—ଗୀତ ଓ ବାଦ୍ୟ ସହିତ ନୃତ୍ୟ କରିବା
Samgita ākhardā ପାଇଁ ଗଠିତ ଦଳ—A company
গানের দল formed of singers, musicians and
গানকী মণ্ডলী dancers. [ଦ୍ର—ବଙ୍ଗଦେଶରେ ସଙ୍ଗୀତ ଅଖଡ଼ା ଅନୁଷ୍ଠାନ ନାହିଁ ବୋଲି କହିଲେ ଚଳେ । ଦକ୍ଷିଣ ଓଡ଼ିଶାରେ ଓ ଓଡ଼ିଆଗଡ଼ଜାତରେ ନର୍ତ୍ତକମାନେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ସଙ୍ଗୀତ ଗାଇ ନୃତ୍ୟ କରନ୍ତି । ଦକ୍ଷିଣରେ ଆଜି ସୁଦ୍ଧା ଓଡ଼ିଆ ସଙ୍ଗୀତ ବିଦ୍ୟାର ଚର୍ଚ୍ଚା ତୁଟି ନାହିଁ । ଉତ୍କଳର କଟକ ଓ ପୁରୀ ଜିଲ୍ଲାରେ, ବିଶେଷତଃ ପୁରୀ ଜିଲ୍ଲାରେ ଓଡ଼ିଆ ସଙ୍ଗୀତ ଓ ନୃତ୍ୟବାଦ୍ୟାଦି ପାଇଁ ନାଚୁଆ ପିଲା ବା 'ଗୋଟିପୁଅ'ଙ୍କ ଦଳମାନ ଥିଲା; କିନ୍ତୁ ତାହା ବର୍ତ୍ତମାନ କମି ଯାଉଅଛି । ଏଥିରେ ଗୋଟିଏ ପିଲା ନାଚେ ଓ ସଙ୍ଗୀତ ଗାନକରେ; ଆଉ ଦୁଇ ତିନିଟି ଲୋକ ଭିନ୍ନ ଭିନ୍ନ ବାଦ୍ୟ ଯନ୍ତ୍ର (ଯଥା—ଗିନି, ପଖୋଜ ବା ତୁରୀ ତବଲା, ବେହେଲା) ବଜାନ୍ତି ଓ ତା ସଙ୍ଗେ ଗୀତ ବୋଲନ୍ତି ବା ନର୍ତ୍ତକର ଗୀତ ପଦମାନଙ୍କରେ ପୁନରାବୃତ୍ତି କରନ୍ତି । ଏହିପରି ଚାରି ପାଞ୍ଚୋଟି ଲୋକ ସମନ୍ୱିତ ଅଖଡ଼ାକୁ 'ସଙ୍ଗୀତ ଅଖଡ଼ା' ବୋଲାଯାଏ ।]

ସଂଗୀତ କରିବା—ଦେ. କ୍ରି—୧ । ନୃତ୍ୟବାଦ୍ୟାଦି ସହ ସଙ୍ଗୀତ
Samgita karibā ବୋଲିବା—1. To sing songs to
সংগীত করা the accompaniment of music and
সংগীত করো dance. ୨ । ସଙ୍ଗୀତ ରଚନା କରିବା—
2. To compose songs.

[ସଙ୍ଗୀ]ତ କଳା (ବିଦ୍ୟା)—ସଂ. ବି—ସଙ୍ଗୀତ ଗାନରୂପ ବିଶିଷ୍ଟ ବିଦ୍ୟା—
Samgita kaḷā(bidyā) The art of singing; the musical art.

ସଂଗୀତ ଗୁରୁ—ସଂ· ବି—ସଙ୍ଗୀତ ବିଦ୍ୟାର ଶିକ୍ଷକ; ସଙ୍ଗୀତାଚାର୍ଯ୍ୟ—
Samgita guru Music master; teacher of Sangita.

ସଂଗୀତ ଚର୍ଚ୍ଚା—ସଂ. ବି—ସଙ୍ଗୀତ ବିଦ୍ୟାର ଆଲୋଚନା—
Samgita charchchā Cultivation of vocal music.

ସଂଗୀତଜ୍ଞ—ସଂ. ବି. ପୁଂ—ସଙ୍ଗୀତବିଶାରଦ; ଯେ ସଙ୍ଗୀତ ବିଦ୍ୟାରେ
Samgitajña ପାରଙ୍ଗମ—Proficient or versed in
(ସ୍ତ୍ରୀ ଜ୍ଞା—ଜ୍ଞୀ) music and song.

ସଂଗୀତ ତରଙ୍ଗ—ସଂ· ବି—ସଙ୍ଗୀତ ଲହରୀ (ଦେଖ)
Samgita taranga Samgita lahari (See)

ସଙ୍ଗୀତ ତାନ—ସଂ· ବି (୬ଷ୍ଠୀ ତତ୍)—ସଙ୍ଗୀତ ପ୍ରବାହ (ଦେଖ)
Samgita tāna Samgita prabāha (See)

ସଂଗୀତ ତାଳ—ସଂ. ବି (୬ଷ୍ଠୀ ତତ୍)—ସଙ୍ଗୀତରେ କାଳ ବା ସମୟ
Samgita tāḷa ଜ୍ଞାପକ ସ୍ୱର—The measure of a song.

ସଂଗୀତ ଦର୍ପଣ—ସଂ. ବି—ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ରାଜତ୍ୱ
Samgita darpana କାଳରେ (ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀର ଆଦ୍ୟ ପାଦରେ) ଓଡ଼ିଆ ଦାମୋଦର ମିଶ୍ରଙ୍କ ରଚିତ ସଙ୍ଗୀତ ବିଷୟକ ସଂସ୍କୃତ ଗ୍ରନ୍ଥବିଶେଷ—(ମୟୂରଭଞ୍ଜ କାଗଜ ୧୯୩୭ ଜୁଲାଇ ସଂଖ୍ୟା)—Title of a Sanscrit treatise on Hindu music.

ସଂଗୀତ ଦାମୋଦର—ସଂ· ବି—ହିନ୍ଦୁ ସଙ୍ଗୀତ ବିଷୟକ ଶୁଭଙ୍କରଙ୍କ
Samgita dāmodara ପ୍ରଣୀତ ଗ୍ରନ୍ଥ—Title of a treatise on Hindu music by Śubhankara.

ସଂଗୀତ ଧ୍ୱନି—ସଂ. ବି—(୬ଷ୍ଠୀ ତତ୍)—ସଙ୍ଗୀତର ଶବ୍ଦ—The
Samgita dhwani sound of vocal music or singing.

ସଂଗୀତ ନିର୍ଣ୍ଣୟ—ସଂ. ବି.—ବୀରନାରାୟଣ ବିରଚିତ ହିନ୍ଦୁ ସଙ୍ଗୀତ ଗ୍ରନ୍ଥ
Samgita nirṇṇaya ବିଶେଷ—Title of a book on Hindu music, composed by Bira-nārāyaṇa

ସଂଗୀତ ପିଲା—ଦେ· ବି.—ଗୋଟିପୁଅ; ନୃତ୍ୟସହ ସଂଗୀତ ଗାଇବା
Samgita pilā ବାଳକ—A dancing boy singing
নাটুয়া ছোকরা **নটুআ** and dancing to music.
[ଦ୍ର—ଉତ୍କଳରେ ବାଳକମାନଙ୍କୁ ସ୍ତ୍ରୀବେଶରେ ସଜ୍ଜିତ କରି ନାଚ ଓ ଗୀତ ଶିଖାନ୍ତି । ନାଚ ଦୁଇ ପ୍ରକାର ହୁଏ, ଯଥା—ସଙ୍ଗୀତ ଓ ଲୀଳା । ମହାଭାରତ (ଭାରତଲୀଳା), ରାମାୟଣ (ରାମଲୀଳା) ଓ ଭାଗବତ (କୃଷ୍ଣଲୀଳା)ର ବିଶେଷ ବିଶେଷ ଘଟଣାକୁ ଅବଲମ୍ବନ କରି ଯେଉଁ ନାଚ ଓ ଗୀତ ହୁଏ ତାହାକୁ ଲୀଳାନାଟ ବୋଲାଯାଏ । ଏଥିରେ ବାଳକମାନେ ଶ୍ରୀକୃଷ୍ଣ, ବଳରାମ, ରାଧିକା ଆଦିଙ୍କ ବେଶ ପିନ୍ଧି ତତ୍ତତ୍ ବିଷୟକ ଗୀତ ବୋଲନ୍ତି ଓ ବୟଃସ୍ଥ ମନୁଷ୍ୟମାନେ ପୁରାଣୋକ୍ତ ଋଷି, ରାଜା, ମନ୍ତ୍ରୀ, ଦ୍ୱାରୀ ଆଦିଙ୍କ ବେଶ ବା ସୁଆଙ୍ଗ ସାଜି ନାଚନ୍ତି । 'ଲୀଳା' ପାଇଁ ଯେଉଁ ଦଳ ଗଠିତ ହୁଏ, ସେଥିରେ ପୁରାଣୋକ୍ତ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସୁଆଙ୍ଗ ସାଜିବା ପାଇଁ ୧୦।୧୫ ଜଣ ଲୋକ ଓ ଏକାଧିକ ନାଚୁଆପିଲା ଲୋଡ଼ା ହୁଅନ୍ତି ।

କିନ୍ତୁ 'ସଂଗୀତ' କରିବା ପାଇଁ ସ୍ତ୍ରୀ ବେଶଧାରୀ ଗୋଟିଏ ମାତ୍ର ବାଳକ ଓ ତା ସଙ୍ଗେ ଢୁଆ ଧରିବାକୁ ଓ ବାଜା ବଜାଇବାକୁ ଆଉ ଚାରିଟି ବୟଃସ୍ଥ ମନୁଷ୍ୟ ଲୋଡ଼ା ହୁଅନ୍ତି । 'ସଂଗୀତ-ଅଖଡ଼ା'ରେ ନାଚିବା ପିଲା ଗୋଟିଏ ମାତ୍ର ଥିବାରୁ ତାକୁ 'ଗୋଟିପୋ' ବା 'ଗୋଟିପୁଅ' କୁହାଯାଏ । ଏହି ଗୋଟିପୁଅମାନେ ମୁହଁରେ ସଂଗୀତ ବୋଲି ନେତ୍ର ବକ୍ଷାଦିର ଭଙ୍ଗୀ, ଇଙ୍ଗିତ, ହସ୍ତଦ୍ୱାରା ଅବଲମ୍ବ ବା ପାରିଜା(ସଂକେତ) କରି ଉକ୍ତ ଗୀତର ଅର୍ଥକୁ ଠାରଦ୍ୱାରା ବୁଝାଇଥାଆନ୍ତି । ଉକ୍ତ ସଂଗୀତମାନ ଅଧିକାଂଶ ସ୍ଥଳରେ ଅଦିରସାଶ୍ରିତ ବା ରାଧାକୃଷ୍ଣ ଲୀଳାଶ୍ରିତ । ଗୋଟିପୁଅ ମୁହଁରେ ଗୀତ ବୋଲୁଥାଏ ଓ ସଙ୍ଗେ ସଙ୍ଗେ ଉକ୍ତ ଗୀତର ଅର୍ଥ ଓ ଭାବପର୍ଯ୍ୟ ଯଥୋପଯୁକ୍ତ ଅଙ୍ଗଭଙ୍ଗୀ ଓ ଅବଲମ୍ବ ଦ୍ୱାରା ପ୍ରକାଶ କରୁଥାଏ ଓ ସଙ୍ଗୀତ ବୋଲି ବନ୍ଦ ହେବା ଅବସରରେ ନାନା ଅଙ୍ଗ ଚାଳନ-ବିଶିଷ୍ଟ ଅଭ୍ୟାସସାଧ୍ୟ ନୃତ୍ୟ କରୁଥାଏ । ଗୋଟିପୁଅଙ୍କୁ ଗୀତ, ନୃତ୍ୟ ଓ ପାରିଜା ଶିଖାଇବା ପାଇଁ ଯେଉଁ ଗୁରୁ ରହନ୍ତି, ସେମାନେ ମଧ୍ୟ ଗୀତାର୍ଥ ଓ ସଂକେତରେ ପଣ୍ଡିତ ଅଟନ୍ତି । କାରଣ, ପ୍ରାଚୀନ ଓଡ଼ିଆ ସଂଗୀତମାନ ବୁଝିବାକୁ ହେଲେ ସଂସ୍କୃତରେ ଜ୍ଞାନଥିବା ଆବଶ୍ୟକ ।

ଗୋଟିପୁଅଙ୍କ ନୃତ୍ୟ ସଙ୍ଗେ ସଙ୍ଗେ ଆଉ ଗୋଟିଏ ନୂତନ ପ୍ରଥା ଚଳୁଥିଲା । ଗୋଟିପୁଅମାନେ 'ବନ୍ଧ' ଭାଙ୍ଗୁଥିଲେ । ଏ 'ବନ୍ଧ'ର ସୂଚନାର୍ଥ ଷୋଡ଼ଶ ପ୍ରକାର 'ରତିବନ୍ଧ' । ଏ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଅତି ଦୁଃସାଧ୍ୟ ଓ ତଦ୍ୱାରା ଉକ୍ତ ବାଳକମାନଙ୍କର ଅବୟବ ବିଭିନ୍ନ ଆକାର ଧାରଣ କରେ । ଏହି ବନ୍ଧମାନ ଏପରି ଚମତ୍କାର ଯେ, ନ ଦେଖିଥିବା ବ୍ୟକ୍ତି କଦାପି ବିଶ୍ୱାସ କରି ପାରିବେ ନାହିଁ ଯେ, ବାଳକମାନଙ୍କର କୋମଳ ଅଙ୍ଗ ଏତେଦୂର ନମନୀୟ ହୋଇପାରେ । ଏହା ଦେଖି ଦର୍ଶକମାନେ ସୁଖ ଭୋଗ କରନ୍ତି ସତ୍ୟ, କିନ୍ତୁ ଉକ୍ତ ବାଳକଟିର ଅବୟବ ନିଷ୍ପିଷ୍ଟ ହୋଇ ଯିବା ଫଳରେ ସେ ବିଶେଷ କଷ୍ଟ ଓ ଶ୍ରମ ଅନୁଭବ କରୁଥାଏ । ଗୋଟିପୁଅ-ମାନଙ୍କୁ 'ବନ୍ଧ' ଭଙ୍ଗାଇ ଶିଖାଇବାର ରୀତି କ୍ରମଶଃ ଓଡ଼ିଶାରୁ ଲୁପ୍ତ ହେଉଅଛି ଓ ସର୍କସ୍ ଦଳର ଅଭିନେତୃବର୍ଗ ଏ 'ବନ୍ଧ'ମାନ ଦେଖାଉଅଛନ୍ତି ।

ସଂଗୀତ ପ୍ରବାହ—ସଂ. ବି.—(୬ଷ୍ଠୀତତ୍)—ସଙ୍ଗୀତର ସ୍ରୋତ; ଅବିରତ
Samgita prabāha ବୋଲାଯିବା ସଂଗୀତ—Flow of musical singing.

ସଂଗୀତ ପ୍ରିୟ—ସଂ.ବିଣ.ପୁଂ—(ବହୁବ୍ରୀହି; ସଂଗୀତ ଅଟେ ପ୍ରିୟ ଯାହାର)
Samgita priya ସଂଗୀତାନୁରାଗୀ—Fond of vocal music; philo-musical.
(ସଂଗୀତପ୍ରିୟା—ସ୍ତ୍ରୀ, ସଂଗୀତ ପ୍ରିୟତା—ବି)

ସଂଗୀତବିଦ୍—ସଂ. ବିଣ. ପୁ.—(ସଂଗୀତ+ବିଦ୍ ଧାତୁ+କର୍ତ୍ତୃ କ୍ୱିପ୍;
Samgitabid ସଙ୍ଗୀତବିଦ୍; ୧ମା. ୧ବ) ସଂଗୀତଜ୍ଞ—
(ସଂଗୀତବେତ୍ତା—ଅନ୍ୟରୂପ) Versed in music & songs.

ସଂଗୀତ ବିଦ୍ୟା—ସଂ. ବି.—ସଂଗୀତ ବିଷୟକ ଅଭିଜ୍ଞତା ବା କଳା—
Samgita bidyā The art of singing with music; the art of vocal music.

ସଂଗୀତ ବିଶାରଦ—ସଂ. ବିଣ. ପୁ.—(୭ମୀତତ୍) ସଂଗୀତ ବିଦ୍ୟାରେ
Samgita bisārada ପାରଙ୍ଗମ—Versed in the art of singing.
(ସଂଗୀତ ବିଶାରଦା—ସ୍ତ୍ରୀ)

ସଂଗୀତ ରଚକ(ରଚୟିତା)—ସଂ. ବିଣ ଓ ବି. ପୁ —ଯେ ସଂଗୀତ ରଚନା
Samgita rachaka(rachayitā) କରେ; ସଂଗୀତର କବି —The composer of a song.
(ସଂଗୀତ ରଚିକା, ସଂଗୀତରଚୟିତ୍ରୀ—ସ୍ତ୍ରୀ)

ସଂଗୀତ ରଚନ(ନା)—ସଂ. ବି—(୬ଷ୍ଠୀତତ୍)—ସଂଗୀତ ଯୋଡ଼ିବା—
Samgita rachana(nā) Composition of songs.

ସଂଗୀତ ରତ୍ନାକର—ସଂ. ବି —ଶାର୍ଙ୍ଗଦେବଙ୍କ ବିରଚିତ ହିନ୍ଦୁ ସଂଗୀତ-
Samgita ratnākara ଗ୍ରନ୍ଥ ବିଶେଷ—The title of a work on Hindu songs by Sāraṅgadeba.

ସଂଗୀତ ରତ୍ନାବଳୀ—ସଂ. ବି.—ହରିଭଟ୍ଟ ବିରଚିତ ହିନ୍ଦୁ ସଂଗୀତ ଗ୍ରନ୍ଥ-
Samgita ratnābaḷi ବିଶେଷ—The title of a work on Hindu songs by Hari Bhaṭṭa.

ସଂଗୀତରା—ଦେ. ବି.—(ସଂ. ସଂଗୀତ ରାଟ୍)—ସଂଗୀତଜ୍ଞ ବ୍ୟକ୍ତିଙ୍କୁ ପଦତ୍ତ
Samgitarā ରାଜୋପାଧି ବିଶେଷ—A title bestowed on expert singers by Rājās.
[ସଂଗୀତରାଏ(ୟ)—ଅନ୍ୟରୂପ]

ସଂଗୀତ ରାଗ—ସଂ. ବି. (୬ଷ୍ଠୀତତ୍)—ସଂଗୀତର ରାଗ ଓ ରାଗିଣୀ—
Samgita rāga The tune of a song.
[ଦ୍ର—ରାଗ ରାଗିଣୀ ତଳେ ଟୀକା ଦେଖ]
(ସଂଗୀତ ରାଗିଣୀ—ଅନ୍ୟରୂପ) Rāga rāgiṇi (See)

ସଂଗୀତ ରାଗମାଳିକା—ସଂ.ବି.—ହରିଭଟ୍ଟ ବିରଚିତ ହିନ୍ଦୁ ସଂଗୀତବିଷୟକ
Samgita rāgamāḷikā ଗ୍ରନ୍ଥ ବିଶେଷ—The title of a work on Hindu songs by Hari Bhaṭṭa

ସଂଗୀତ ଲହରୀ (ତରଙ୍ଗ)—ସଂ. ବି. (୬ଷ୍ଠୀତତ୍)—ସଂଗୀତର ପ୍ରବାହ;
Samgita lahari(taraṅga) ଲହରୀ ପରି ଉପର୍ଯ୍ୟୁପରି ଧାରାବାହିକରୂପେ ଉଠୁଥିବା ସଂଗୀତର ଉଚ୍ଛ୍ୱାସ—Continuous flow of songs accompanied with music.

ସଂଗୀତ ଶାସ୍ତ୍ର—ସଂ. ବି—୧ । ସଂଗୀତ ବିଷୟକ ଗ୍ରନ୍ଥ; ଯେଉଁ ଶାସ୍ତ୍ରରେ
Samgita Śāstra ଗାନ,ବାଦ୍ୟ ଓ ନୃତ୍ୟର ପ୍ରକରଣମାନ ସମ୍ୟକ୍ ରୂପେ ଆଲୋଚିତ ହୋଇଥାଏ—1. The science of music. ୨ । ନୃତ୍ୟ ଗୀତବାଦ୍ୟର ଶାସ୍ତ୍ର—2. The science dealing with dancing, singing and music. [ଦ୍ର—ଏହା ଚତୁର୍ଦ୍ଦଶ ନାମାନୁସାରେ ଚତୁର୍ବିଧ । ଯଥା—ସୋମେଶ୍ୱର, ଭରତ, ହନୁମାନ ଓ କଲ୍ଲିନାଥ । ଏମାନଙ୍କର ନାନା ସ୍ଥାନରେ ମତଭେଦ ରହିଅଛି । ସଂଗୀତ ଶାସ୍ତ୍ର ୭ ଅଧ୍ୟାୟରେ ବିଭକ୍ତ ।

ଯଥା—୧ । ସ୍ୱରାଧ୍ୟାୟ । ୨ । ରାଗାଧ୍ୟାୟ । ୩ । ତାଳାଧ୍ୟାୟ । ୪ । ନୃତ୍ୟାଧ୍ୟାୟ । ୫ । ଭାବାଧ୍ୟାୟ । ୬ । କୋକାଧ୍ୟାୟ । ୭ । ହସ୍ତାଧ୍ୟାୟ ।]

ସଂଗୀତସାର—ସଂ. ବ—ହରିଭଟ୍ଟ ରଚିତ ହିନ୍ଦୁ ସଙ୍ଗୀତ ବିଷୟକ Samgitasāra ଗ୍ରନ୍ଥବିଶେଷ—A work on Hindu songs by Hari bhatta. [ଦ୍ର—ଓଡ଼ିଆରେ ବହୁ ଲେଖକଙ୍କର ଜନପ୍ରିୟ ସଂଗୀତ ସଂକଳନ କରି 'ସଙ୍ଗୀତ ସାର' ନାମକ ପୁସ୍ତକ ପ୍ରକାଶ କରୁ ଅଛନ୍ତି । ଏ ଶ୍ରେଣୀର କେତେକ ପୁସ୍ତକର ନାମ ଶୁଣିଲେ ହସ ମାଡ଼େ ଯଥା—ସଙ୍ଗୀତ ରସଗୋଲ୍ଲା, ସଙ୍ଗୀତ ଛେନାପୁଡ଼, ସଙ୍ଗୀତ ଚଟିଣି ଚକଳି ।]

ସଂଗୀତ ସାଗର—ସଂ.ବ. (ରୂପକ)—ସାଗର ସଙ୍ଗେ ତୁଳନୀୟ ଅପରମେୟ Samgita sāgara ସଂଗୀତ—Music or song compared to the sea in its vastness. ଦେ. ବ.—ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକଙ୍କ ସଙ୍କଳିତ ୬ ଖଣ୍ଡ ଓଡ଼ିଆ ପ୍ରଚଳିତ ସଂଗୀତ ସଂଗ୍ରହ ପୁସ୍ତକ—Six books containing a collection of well-known Oriya songs compiled by the late Dāmodara Pattanāyaka.

ସଂଗୀତ ସୁଧାକର—ସଂ. ବ—ସିଂହଭୂପାଳ ବିରଚିତ ହିନ୍ଦୁ ସଂଗୀତ Samgita sudhākara ବିଷୟକ ଗ୍ରନ୍ଥ—The title of a work on Hindu songs by Simha Bhupāla.

ସଂଗୀତାଚାର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—ସଂଗୀତ ଶିକ୍ଷକ—Samgitāchārjya Music master; professor of music.

ସଙ୍ଗୀତାନୁରାଗ—ସଂ. ବ (୭ମୀ ତତ୍)—ସଂଗୀତ ବିଷୟରେ ଶ୍ରଦ୍ଧା—Samgitanurāga Love for vocal music.

ସଙ୍ଗୀତାନୁରାଗୀ—ସଂ. ବଣ. ପୁଂ (୭ମୀ ତତ୍)—ସଂଗୀତ ଶାସ୍ତ୍ର ବା Samgitānurāgi ସଂଗୀତ ବିଦ୍ୟା ପ୍ରତି ଶ୍ରଦ୍ଧାଯୁକ୍ତ—Fond (ସଂଗୀତ ନୁରକ୍ତିଣୀ—ସ୍ତ୍ରୀ) of or attached to vocal music; philo-musical.

ସଙ୍ଗୀତି—ସଂ. ବ (ସମ୍+ଗୈ. ଧାତୁ+ଭାବ. ତି)—୧ । ସଂଗୀତ Samgiti (ଦେଖ)—1. Samgita. (See) ୨ । ଆଳାପ; (ସଙ୍ଗୀତି—ଅନ୍ୟରୂପ) କଥୋପକଥନ—2. Conversation; discourse. ୩ । ତନ୍ତ୍ରର ଶାଖା ବିଶେଷ—3. A branch of the Tantras.

ସଂଗୀର୍ଣ୍ଣ—ସଂ. ବଣ. (ସମ୍+ଗୃ. ଧାତୁ=ପ୍ରତିଜ୍ଞା କରିବା+କର୍ମ. ତ)—Samgirnna ପ୍ରତିଜ୍ଞାତ; ଅଙ୍ଗୀକୃତ—Promised. (ସଙ୍ଗୀର୍ଣ୍ଣ—ଅନ୍ୟରୂପ)

ସଂଗୁପ୍ତ—ସଂ. ବଣ—(ସମ୍+ଗୁପ୍. ଧାତୁ=ଲୁଚାଇବା+କର୍ମ. ତ)—Samgupta ୧ । ଲୁକ୍କାୟିତ—1. Concealed; hidden. (ସଙ୍ଗୁପ୍ତ—ଅନ୍ୟରୂପ) ୨ । ସୁରକ୍ଷିତ—2. Well protected; carefully guarded; watched well.

ସଂଗୁପ୍ତି—ସଂ. ବ (ସମ୍+ଗୁପ୍. ଧାତୁ+ଭାବ. ତି)—୧ । ସଂଗୋପନ Samgupti (ଦେଖ)—1. Samgopana. (See) ୨ । ଲୁଚିବା ଅବସ୍ଥା—2. The state of being hidden.

ସଂଗୂଢ଼—ସଂ. ବଣ (ସମ୍+ଗୁହ୍. ଧାତୁ=ଲୁଚାଇବା+କର୍ମ. ତ)—Samgūrdha ୧। ସଂଗୁପ୍ତ (ଦେଖ)—1. Samgupta. (See) (ସଙ୍ଗୂଢ଼—ଅନ୍ୟରୂପ) ୨ । ଉତ୍ତମରୂପେ ଆଚ୍ଛାଦିତ; ସଂବୃତ—2. Well covered. ୩ । ରାଶୀକୃତ—3. Heaped up; piled up. ୪ । ସଂକଳିତ—4. Collected; compiled.

ସଂଗୃହୀତ—ସଂ. ବଣ (ସମ୍+ଗୃହୀତ)—୧ । ଅର୍ଜିତ; ଏକତ୍ରୀକୃତ—Samgruhita 1. Collected; gathered up. ୨ । (ସଙ୍ଗୃହୀତ—ଅନ୍ୟରୂପ) ସଂକଳିତ—2. Compiled.

ସଂଗେ (ଇତ୍ୟାଦି—ଦେ· କ୍ରି. ବଣ—ସଙ୍ଗେ ଇତ୍ୟାଦି (ଦେଖ) Samge (etc) Samge etc. (See)

ସଂଗେଇ ଦେବା—ପ୍ରାଦେ· (ଜୟପୁର) କ୍ରି—ସଙ୍ଗେଇ ଦେବା (ଦେଖ) Samgei debā Samgei debā. (See)

ସଂଗେଣ—ଦେ. କ୍ରି. ବଣ (ଅବ୍ୟ)—ସଙ୍ଗେଣ (ଦେଖ) Samgena Samgena. (See)

ସଂଗେ ସଂଗ—ପ୍ରାଦେ· ଅ (ଭଙ୍ଗି ଭାଷା)—ସଙ୍ଗେ ସଙ୍ଗ (ଦେଖ) Samge samg Sange sang. (See)

ସଂଗୋପକ—ସଂ. ବଣ. ପୁଂ (ସମ୍+ଗୁପ୍. ଧାତୁ+କର୍ତ୍ତୃ. ଅକ)—Samgopaka ୧ । ସଂଗୋପନକାରୀ—1. Concealing; (ସଙ୍ଗୋପକ—ଅନ୍ୟରୂପ) hiding. ୨ । ରକ୍ଷାକାରୀ—[ସଂଗୋପିକା—ସ୍ତ୍ରୀ] 2. Guarding; protecting.

ସଂଗୋପନ—ସଂ. ବ (ସମ୍+ଗୋପନ)—୧ । ସମ୍ୟକ୍‌ରୂପେ Samgopana ଲୁଚାଇବା—1. Careful concealment. ୨ । ସମ୍ୟକ୍ ରକ୍ଷଣ—2. Guarding; protecting.

ସଂଗ୍ରହ—ସଂ. ବ (ସମ୍=ସମ୍ୟକ୍, ଏକତ୍ର, ସମ୍ପୂର୍ଣ୍ଣ+ଗ୍ରହ୍. ଧାତୁ= Samgraha ଗ୍ରହଣ କରିବା+ଭାବ. ଅ)—୧ । ଇତସ୍ତତଃ (ସଙ୍ଗ୍ରହ—ଅନ୍ୟରୂପ) ଦ୍ରବ୍ୟମାନଙ୍କର ଏକତ୍ରୀକରଣ—[ସଂଗୃହୀତ—ବଣ] 1. Gathering of things scattered about. ୨ । ଗୋଟାଇବା; ଆହରଣ—2. Collecting. ୩ । ସଂକଳନ—3. Compiling; blending; addition. ୪ । ତୋଳିବା; ଚୟନ—4. Plucking. ୫ । ସଂକ୍ଷେପ—5. Abridgement; condensing. ୬ । ସଂଚୟ—6. Storing. ୭ । ସମୁଚ୍ଚୟ; ରାଶୀକରଣ; ଗଦା କରିବା—7. Heaping up; piling up. ୮ । ଉଚ୍ଚତା—8. Height. ୯ । ମହୋଦ୍ୟମ—9. A great endeavour. ୧୦ । ଆଲିଙ୍ଗନ—10. Embrace. ୧୧ । ମୁଷ୍ଟିବନ୍ଧ—11. Closing of the fistclenching of the fist. ୧୨ । ନାନା ଗ୍ରନ୍ଥରୁ ବିଷୟମାନ ଉଦ୍ଧାର

କରି ଏକ ଗ୍ରନ୍ଥରେ ସନ୍ନିବେଶିତ କରିବା—12. Compilation; compiling of passages or articles from different sources and putting them at one place. ୧୩ । (+ଅଧିକରଣ. ଅନ) ବ୍ୟାକରଣ ଗ୍ରନ୍ଥବିଶେଷ—13. Title of a Sanscrit grammatical compilation. ୧୪ । ଗ୍ରହଣ—14. Acceptance. [ଉ—ତେଣୁ କରି ତାଙ୍କୁ ଅମ୍ଭେ ସଂଗ୍ରହ କଲୁଁ; ଏବେ ଜନ ମୁଖେ ଅପବାଦ ପାଇଲୁଁ । ବିଶ୍ୱନାଥ. ବିଚିତ୍ର ରାମାୟଣ ।]

ସଂଗ୍ରହ କରିବା—ଦେ. କ୍ରି—୧ । ଏକତ୍ର କରିବା—1. To collect; to gather. ୨ । ସଂକଳନ କରିବା—2. To compile.
Samgraha karibā
সংগ্রহ করা **संग्रह करना**

ସଂଗ୍ରହକାରୀ(ରୀ)—ସଂ. ବିଣ. ପୁଂ (ସଂଗ୍ରହ+କୃ. ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ; +କର୍ତ୍ତୃ. ଅ)—ଯେ ଗୋଟିଏ ବା ଏକତ୍ର କରେ—Gathering; collecting. ବି—ଏକତ୍ର କରିବା ବ୍ୟକ୍ତି; ସଂକଳୟିତା—Compiler; collector; gatherer.
Samgrahakāri(ra)
(ସଂଗ୍ରହକାରିଣୀ—ସ୍ତ୍ରୀ)

ସଂଗ୍ରହ ଗ୍ରନ୍ଥ—ସଂ. ବି (ସଂଗ୍ରହପୂର୍ଣ୍ଣ ଗ୍ରନ୍ଥ; ମ. ପ. ଲୋ)—ଯେଉଁ ପୁସ୍ତକରେ ନାନା ସ୍ଥାନରୁ ସଂଗୃହୀତ ବିଷୟମାନ ଥାଏ—Compendium; compilation.
Samgraha grantha

ସଂଗ୍ରହଣ—ସଂ. ବି (ସମ୍+ଗ୍ରହ୍. ଧାତୁ+ଭାବ. ଅନ)—୧ । ସଂଗ୍ରହ (ଦେଖ)—1. Samgraha. (See) ୨ । ସଂଗ୍ରହ କରିବା କାର୍ଯ୍ୟ—2. The act of collecting or compiling.
Samgrahaṇa

ସଂଗ୍ରହଣୀ—ସ. ବି (ସମ୍+ଗ୍ରହ ଧାତୁ+କରଣ ଅନ+ସ୍ତ୍ରୀ ଈ) ୧ । ଗ୍ରହଣୀ ରୋଗ—1. Chronic dysentery. ୨ । ଭୟଙ୍କର ବା ବହୁକାଳସ୍ଥାୟୀ ଉଦରାମୟ; ଅତିସାର—2. An acute form of diarrhoea; chronic diarrhoea. ୩ । ସଙ୍ଗ୍ରହ (ଦେଖ)— 3. Samgraha (See)
Samgrahaṇi
(ସଙ୍ଗ୍ରହଣୀ—ଅନ୍ୟରୂପ)

ସଂଗ୍ରହାଧ୍ୟାୟ—ସଂ. ବି—ଗ୍ରନ୍ଥର ଯେଉଁ ଯେଉଁ ଅଧ୍ୟାୟରେ କି କି ବିଷୟ ଓ କେତେ ଶ୍ଳୋକ ଅଛି, ଗ୍ରନ୍ଥ ମୂଳରେ ଯେଉଁ ଅଧ୍ୟାୟରେ ଏହା ଏକତ୍ର ସୂଚିତ ହୋଇଥାଏ—The index chapter of a book; the chapter of a book dealing with the contents of the successive chapters.
Samgrahādhyāya

ସଂଗ୍ରହିବା—ଦେ. କ୍ରି (ପଦ୍ୟ)—ସଙ୍ଗ୍ରହ କରିବା—To collect [ଉ—କୃଷ୍ଣ ପ୍ରେମ ପାଇବାରେ ସଙ୍ଗହିଲ ଯିନା ରତ୍ନ ବୋଲି ଶୁଣି ।—ଚନ୍ଦ୍ରାମଣି. ବିଦଗ୍ଧମାଧବ୍ୟ
Samgrahibā
সংগ্রহকরা **संग्रहकरना**

ସଂଗ୍ରହିତା—ସ. ବିଣ. ପୁଂ (ସମ୍+ଗ୍ରହ ଧାତୁ+କର୍ତ୍ତୃ ତୃ ୧ମା ୧ବ)—ସଙ୍ଗ୍ରହକାରୀ—Collecting; compiling. ବି—ସଙ୍ଗ୍ରହକାରୀ ବ୍ୟକ୍ତି—Collector; compiler.
Samgrahitā
(ସଙ୍ଗ୍ରହିତ୍ରୀ—ସ୍ତ୍ରୀ)

ସଂଗ୍ରାମ—ସ. ବି—(ସମ୍+ଗ୍ରାମ୍ ଧାତୁ=ଯୁଦ୍ଧ କରିବା+ଭାବ ଅ)—ସମର; ଯୁଦ୍ଧ; ଆହବ—Fight; battle; contest; war.
Samgrāma
(ସଙ୍ଗ୍ରାମ—ଅନ୍ୟରୂପ)

ସଂଗ୍ରାମ କ୍ଷେତ୍ର—ସ. ବି (ଷଷ୍ଠୀ ତତ୍)—ଯୁଦ୍ଧକ୍ଷେତ୍ର—Field of battle.
Samgrāma kshetra

ସଂଗ୍ରାମ ପଟହ—ସଂ. ବି (ସଂଗ୍ରାମରେ ବାଦିତ ପଟହ; ମଧ୍ୟପଦଲୋପୀ) ରଣଢକ୍କା; ଜଗଝମ୍ପ—Battle-drum.
Samgrāma paṭaha

ସଂଗ୍ରାମ ପ୍ରିୟ—ସଂ. ବିଣ. ପୁଂ (ବହୁବ୍ରୀହି)—ଯୁଦ୍ଧପ୍ରିୟ—War-like; fond of fighting; martial.
Samgrāma priya
(ସଂଗ୍ରାମପ୍ରିୟା—ସ୍ତ୍ରୀ) (ସଂଗ୍ରାମପ୍ରିୟତା—ବି)

ସଂଗ୍ରାମ ସିଂହ—ଦେ. ବି (ନାମ) ରାଜପୁତାନା ଅନ୍ତର୍ଗତ ଚିତୋରର ସୁପ୍ରସିଦ୍ଧ ରାଣା (ରାଜା)—Name of a famous king of Chitor in Rājputānā.
Samgrāma simha
(ରାଣା ସଂଗ୍ରାମ ସିଂହ—ଅନ୍ୟରୂପ)
সংগ্রামসিংহ **संग्रामसिंह**

[ଉ—ପ୍ରଥମେ ଚିତୋର ରାଜା ରାଣା ସଂଗ୍ରାମ ସିଂହ ଭାରତର ପଠାଣ ସମ୍ରାଟ ଇବ୍ରାହିମ ଲୋଦିଙ୍କ ଅତ୍ୟାଚାରରେ ବିରକ୍ତ ହୋଇ ବିଦ୍ରୋହୀ ହେଲେ ଏବଂ ଇବ୍ରାହିମ୍‌ଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ସଂଗ୍ରାମ ସିଂହ କାବୁଲର ରାଜା ବାବରଙ୍କୁ ଆହ୍ୱାନ ପୂର୍ବକ ତାହାଙ୍କ ସଙ୍ଗେ ମିଶି ପ୍ରଥମ ପାଣିପଥ ଯୁଦ୍ଧ (୧୫୨୬ ସାଲରେ) କରି ଇବ୍ରାହିମ ଲୋଦିଙ୍କୁ ପରାସ୍ତ କଲେ । କିନ୍ତୁ ବାବର ଏ ଯୁଦ୍ଧ ପରେ ନିଜ ରାଜଧାନୀ କାବୁଲକୁ ଫେରି ନ ଯାଇ ଭାରତରେ ରହି ଦିଲ୍ଲୀଠାରେ ରାଜଧାନୀ କରି ମୋଗଲ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କଲେ । ଫଳରେ ଭାରତ ସମ୍ରାଜ୍ୟ ଗୋଟିଏ ହୀନବଳ ମୁସଲମାନ ରାଜବଂଶ (ଲୋଦୀ)ଙ୍କ ହାତରୁ ଯାଇ ପ୍ରବଳତର ଅନ୍ୟ ଏକ ମୁସଲମାନ ରାଜବଂଶ (ମୋଗଲ)ଙ୍କ କରାୟତ୍ତ ହେଲା । ପରେ ସଂଗ୍ରାମ ସିଂହ ବାବରଙ୍କର ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା ରୂପ ଗୂଢ ଉଦ୍ଦେଶ୍ୟ ବୁଝି ପାରି ଅନେକ ମୁସଲମାନ ରାଜାଙ୍କ ସଙ୍ଗେ ଯୋଗ ଦେଇ ବାବରଙ୍କୁ ଦିଲ୍ଲୀରୁ ତଡ଼ିବା ପାଇଁ ତାଙ୍କ ସଙ୍ଗେ ଯୁଦ୍ଧ କଲେ । କିନ୍ତୁ ଶିକ୍ରୀ ନାମକ ରଣକ୍ଷେତ୍ରରେ (୧୫୨୭ ସାଲରେ) ନିଜେ ପରାଜିତ ହୋଇ ପରବର୍ତ୍ତୀ ମୃତ ହେଲେ ।

ଗୁଜୁରାଟର ସୁଲତାନ ବାହାଦୁର ଶାହା ୧୫୩୪ ସାଲରେ ଚିତୋର ଦୁର୍ଗ ଆକ୍ରମଣ କରିବାରୁ ସଂଗ୍ରାମସିଂହଙ୍କ ବିଧବା ରାଣୀ 'କର୍ଣ୍ଣାବତୀ' ବାବରଙ୍କ ପୁତ୍ର ସମ୍ରାଟ ହୁମାୟୁନଙ୍କ ନିକଟକୁ (ରାଜପୁତ ଜାତୀୟ ଭ୍ରାତୃବନ୍ଧନ ପ୍ରଥାନୁମୋଦିତ) ରାଖୀ ପଠାଇ ବାହାଦୁର ସାହାଙ୍କ

ସଙ୍ଗେ ଯୁଦ୍ଧ କରିବାକୁ ହୁମାୟୁନଙ୍କୁ ଆମନ୍ତ୍ରଣ କଲେ; କିନ୍ତୁ ହୁମାୟୁନ ଠିକ୍ ବେଳରେ ସୈନ୍ୟସହ ନ ପହଞ୍ଚିବାରୁ ବାହାଦୁର ସାହା ଚିତୋର ଦୁର୍ଗକୁ ଅଧିକାର କଲେ। ମାତ୍ର ୧୫୩୭ ସାଲରେ ହୁମାୟୁନ ବାହାଦୁର ସାହାଙ୍କୁ ପରାସ୍ତ କରି ଚିତୋର ଦୁର୍ଗ ଅଧିକାର କଲେ।]

ସଂଗ୍ରାହ — ସଂ. ବି (ସମ୍+ଗ୍ରହ୍ ଧାତୁ+ଭାବ ଅ) ୧। ସଂଗ୍ରହ Samgrāha (ଦେଖ)—1. Samgraha (See) ୨। (ସଙ୍ଗ୍ରାହ—ଅନ୍ୟରୂପ) (+କରଣ ଅ) ଅସ୍ତ୍ରାଦିର ମୁଠା—2. The handle of a weapon. ୩। ମୁଷ୍ଟି ଫଳକର ମୁଷ୍ଟି; ଢାଲର ମୁଠା—3. The handle of a shield. ୪। ମୁଷ୍ଟିଦ୍ୱାରା ବନ୍ଧନ—4. Binding with the fist. ୫। ମୁଷ୍ଟି—5. Fist.

ସଂଗ୍ରାହକ — ସଂ. ବିଣ. ପୁଂ (ସମ୍+ଗ୍ରହ ଧାତୁ+କର୍ତ୍ତୃ ଅକ)—ସଂଗ୍ରହ-Samgrāhaka କାରୀ; ସଂଗ୍ରାହୀ—Collecting; compi (ସଙ୍ଗ୍ରାହକ—ଅନ୍ୟରୂପ) ling. ବି—୧। ଯେ ସଂଗ୍ରହ କରେ (ସଂଗ୍ରାହିକା—ସ୍ତ୍ରୀ) 1. Collector. ୨। ସଂକଳନକାରୀ—2. Compiler.

ସଂଗ୍ରାହୀ — ସଂ. ବିଣ. ପୁଂ—(ସମ୍+ଗ୍ରହ ଧାତୁ+କର୍ତ୍ତୃ ଇନ୍; ୧ମା. Samgrāhī ୧ବ.)—ସଂଗ୍ରାହକ (ଦେଖ)—Samgrāhaka (ସଙ୍ଗ୍ରାହୀ—ଅନ୍ୟରୂପ) (See) ବି—(ବୈଦ୍ୟକ) କୁଟଜ ବା (ସଂଗ୍ରାହିଣୀ—ସ୍ତ୍ରୀ) ପିତାକୋରୁଅ ଗଛ—Wrightia Anti-Dysenterica (plant). [ଦ୍ର—ଏହା ସଂଗ୍ରହଣୀ ରୋଗର ପ୍ରଧାନ ଔଷଧ ଥିବାରୁ ଏହାର ଏପରି ନାମ ହୋଇଅଛି।]

ସଂଘ — ସଂ ବି—(ସମ୍+ହନ୍ ଧାତୁ—ବଧ କରିବା, ସମ୍ମିଳିତ ହେବା+ Samgha କର୍ମ. ଅ) ୧। ସମୂହ; ଭିଡ଼; ଗଦା—1. Collec-(ସଙ୍ଘ; ସଙ୍ଘ—ଅନ୍ୟରୂପ) tion; heap. ୨। ସମିତି; ସଭା; ସମାଜ—2. An association. ୩। ଜନତା; ଲୋକଗହଳ; ଗହଳ—3. Crowd. ୪। ସଜାତୀୟ ଓ ବିଜାତୀୟ ବହୁ ମନୁଷ୍ୟ ବା ଜନ୍ତୁମାନଙ୍କର ମିଳିତ ଗଣ—4. A company of men or animals (of the same and different class). ୫। ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କ ସମାଜ—5. The society of Buddhist monks and nuns. ୬। ଦଳ; ଝାଙ୍କ; ବୃନ୍ଦ; ଦଳ—6. Flock; multitude. ୭। ବୌଦ୍ଧମାନଙ୍କର ସମାଜ ବା ଦଳ; ବୌଦ୍ଧ ସଂପ୍ରଦାୟ—7. The aggregate of all the Buddhists; the whole sect of the Buddhists. ୮। ବୌଦ୍ଧ ଧର୍ମର ତ୍ରିରତ୍ନ ମଧ୍ୟରୁ ଏକତମ (ଅନ୍ୟ ଦୁଇଟି—ଧର୍ମ ଓ ବୁଦ୍ଧ)—8. One of the 3 gems or Trinity of the Buddhist religion.

ସଂଘଚାରୀ — ସ.ବି.ପୁଂ—(ସଂଘ+ଚରଧାତୁ+କର୍ତ୍ତୃ ଇନ୍; ୧ମା. ୧ବ.) Samghachāri —ଯେ ଦଳବଦ୍ଧ ହୋଇ ବିଚରଣ କରନ୍ତି—Moving in flocks; gregarious. (ସଂଘଚାରିଣୀ—ସ୍ତ୍ରୀ) ବି.—ମତ୍ସ୍ୟ—Fish.

ସଂଘଜୀବୀ — ସଂ ବି. (ସଂଘ=ଦଳ, ଜନତା+ଜୀବନ୍=ଯେ ଜୀବିକା Samghajibī ନିର୍ବାହ କରେ,୧ମା. ୧ବ)—୧। ମୂଲିଆ; ଦିନମଜୁରିଆ; —1. A day labourer. ୨। କୁଲି; ବୋହୁଆ—2. A common carrier; cooly.

ସଂଘଟ — ଦେ. ବି.—ଓଡ଼ଚଷାମାନଙ୍କର ବିବାହାଦିରେ ଗୁଡ଼ୁଲ, ଡାଲି, Samghata ପରିବା ଆଦି ମିଶି ସିଝାଯାଇ ପ୍ରସ୍ତୁତ ହୋଇଥିବା ଘଣ୍ଟ ଖିଚିଡ଼ି ଜାତିଅ ଖାଦ୍ୟବିଶେଷ, ଯାହା ସେମାନଙ୍କର ଜାତିଅଣ ପଙ୍କ୍ତିରେ ନିମନ୍ତ୍ରିତ ଜାତିଭାଇମାନଙ୍କ ପତ୍ରରେ ଦିଆଯାଏ—A hotchpot prepared on the occasion of caste dinner amongst the Orda chashās of Orissa. ବିଣ—ଯଥେଷ୍ଟ; ଯଥେଷ୍ଟ ବସ୍ତ୍ର ପର୍ଯ୍ୟାପ୍ତ—Sufficient; enough. ସଂ. ବି.—
ସଙ୍ଘଟ
ସଙ୍ଘଟ୍ଟ
ସଙ୍ଘଟନ(ନା)
ସଙ୍ଘଟ୍ଟନ(ନା)
ସଂଘଟନ(ନା)
—ଅନ୍ୟରୂପ
(ସମ୍+ଘଟ ଧାତୁ=ଚେଷ୍ଟା କରିବା +ଭାବ. ଅ) ୧। ମେଳନ; ସଂଯୋଜନ—1. Meeting; coming together; joining together. ୨। ମିଶ୍ରଣ—2. Combination. ୩। ଗଠନ—୩. Formation. ୪। ଘଟଣା—4. Event. ୫। ଘଟିବା—5. Happening. ୬। ବିବରଣ; ବୃତ୍ତାନ୍ତ—6. Description. [ଦ୍ର—ତାହାର ସଂଘଟନ ଯେତେ, ବୁଝାଇ କହ ମୋ ଅଗ୍ରତେ। ଜଗନ୍ନାଥ—ଭାଗବତ।]

ସଂଘଟା(ଟ୍ଟା) — ସଂ. ବି—(ସଂଘଟ+ଆ)—ଲତା; ବଲ୍ଲୀ—Samghatā(ttā) Creeper. [ସଙ୍ଘ(ଙ୍ଘ)ଟା(ଟ୍ଟା)—ଅନ୍ୟରୂପ]

ସଂଘଟିତ — ସଂ. ବିଣ—(ସମ୍+ଘଟଧାତୁ+କର୍ମ. ତ) ୧। ସଂଯୋଜିତ-Samghatita 1. Joined together, united, [ସଙ୍ଘ(ଙ୍ଘ)ଟିତ—ଅନ୍ୟରୂପ] connected. ୨। ନିର୍ମିତ—2. Built. ୩। ଘଟିଥିବା—3. Happened; taken place.

ସଂଘଟ୍ଟ — ସଂ. ବି. (ସମ୍+ଘଟ୍ଟ ଧାତୁ=ଘର୍ଷଣ କରିବା+ଭାବ. ଅ) ୧। Samghatta ସଂଘର୍ଷ—1. Adherence; cohesion.
ସଙ୍ଘଟ୍ଟ
ସଙ୍ଘଟ୍ଟ
ସଂଘଟ୍ଟନ(ନା)
ସଙ୍ଘ(ଙ୍ଘ)ଟ୍ଟନ(ନା)
—ଅନ୍ୟରୂପ
୨। ପରସ୍ପର ଘର୍ଷଣ—2. Rubbing together; friction. ୩। ଘୋଟିବା; ମର୍ଦ୍ଦନ—3. Act of rubbing or pounding. (ସଂଘଟ୍ଟିତ—ବିଣ) ୪। ପରସ୍ପର ଆଘାତ ଲାଗିବା—4. Clashing together; collision. ୫। ବାଦାନୁବାଦ—5. Conflict; encounter. ୬। ମିଳନ; ସଂଯୋଜନ—6. Meeting; joining. ୭। ଆଲିଙ୍ଗନ—7. Embracing. ୮। ନିକଟ ସଂପର୍କ—8. Close contact.

୯। ଚାଳନ—9. Causing to move; moving.
୧୦। ମାଲମାନଙ୍କର ଲୁଦ୍ଧିକାଳୀନ ପଞ୍ଝା ପଚାପଚ କି ବାହା ଭିଡ଼ାଭିଡ଼—10. Intertwining of two wrestlers in a bout of wrestling.
୧୧। ହାତାହାତି; ଭେଟାଭେଟି—11. Encounter.

ସଂଘର୍ଡ଼(ଢ଼)—ଦେ. ବଣ—ସଙ୍ଘଡ଼ (ଦେଖ)
Samgharda(rdha) Sanghardا (See)

ସଂଘ ତଳ—ସଂ ବ —(ବହୁବ୍ରୀହି)—ଯୁକ୍ତ କରତଳଦ୍ୱୟ; ଅଞ୍ଜଳି;
Sangha tala ଅଞ୍ଜଳି ବନ୍ଧନ—The two hands with the open palms brought together.
(ସଙ୍ଘତଳ—ଅନ୍ୟରୂପ) ସଂ. ବଣ ପୁ.—କୃତାଞ୍ଜଳି; ଅଞ୍ଜଳି
(ସଂଘତଳା—ସ୍ତ୍ରୀ) କରିଥିବା (ବ୍ୟକ୍ତି)—(a person) With folded palms.

ସଂଘନ—ସଂ. ବଣ—(ସମ୍+ଘନ)—ଦୁର୍ଭେଦ୍ୟ
Samghana Impervious; impenetrable.

ସଂଘମିତ୍ରା—ଦେ. ବ—(ନାମ)—ଅଶୋକଙ୍କ କନ୍ୟାର ନାମ—Name
Samghamitrā of the daughter of king Asoka.
संघमित्रा सं घमित्रा [ଦ୍ର—ସଂଘମିତ୍ରା ଓ ତାହାଙ୍କ ଭାଇ ମହେନ୍ଦ୍ର ବୌଦ୍ଧଧର୍ମ ପ୍ରଚାର କରିବା ପାଇଁ ଅଶୋକଙ୍କ କର୍ତ୍ତୃକ ସିଂହଳକୁ ପ୍ରେରିତ ହୋଇଥିଲେ ।]

ସଂଘର୍ଷ—ସଂ. ବ—(ସମ୍+ଘୃଷ୍ ଧାତୁ=ଘଷିବା+ଭାବ. ଅ)—୧। ପର-
Samgharsha ସ୍ପର ପରସ୍ପରକୁ ଯୁଦ୍ଧାର୍ଥ ସ୍ପର୍ଦ୍ଧା ସହିତ ଅହ୍ୱାନ—Mutual defiance; mutual challenge. ୨। ବାଜି ରଖିବା—2. Laying a wager. ୩। ପରସ୍ପର ଘର୍ଷଣ—3. Rubbing together; friction. ୪। ମର୍ଦ୍ଦନ; ଘୋଟିବା—4. Pounding; pestling. ୫। ଧୀରେ ଧୀରେ ଗମନ—5 Going gently; gliding ୬। ଧୀରେ ଧୀରେ ବହିବା (ପାଣି, ପବନ)—6. Gentle flowing of water, or blowing of wind. ୭। ଡଙ୍ଗା ବୋହିବା—7. The steering of a ship; the plying of a boat. ୮। ପ୍ରତିଦ୍ୱନ୍ଦ୍ୱିତା—Rivalry; emulation (Apte). ୯। ଈର୍ଷା—9. Jealousy; envy (Apte). ୧୦। ଯୁଦ୍ଧ; ଦ୍ୱନ୍ଦ—10. Contest; fighting; duel.

ସଂଘର୍ଷଣ—ସଂ. ବ—(ସମ୍+ଘୃଷ ଧାତୁ+ଭାବ.ଅନ)—ସଂଘର୍ଷ (ଦେଖ)
Samgharshana Samgharsha (See)
(ସଙ୍ଘର୍ଷଣ—ଅନ୍ୟରୂପ)

ସଂଘଶଃ—ସଂ. କ୍ରି. ବଣ—(ସଂଘ+ଶସ୍) ୧। ଦଳେ ଦଳେ—1. In
Samghasah crowds; in multitudes; ୨। ବହୁଶଃ 2. Much; in great numbers.

ସଂଘସ—ସ. ବ.—(ସମ୍+ଘସ୍ ଧାତୁ=ଖାଇବା+ଭାବଅ)—୧।
Samghasa ଭୋଜନ—1. Eating; taking meals. ୨। (+କର୍ମଅ) ଭୋଜ୍ୟ ଦ୍ରବ୍ୟ—2. Meal; eatables.

ସଂଘା(ଇତ୍ୟାଦି)—ଦେ. ବ ଓ ବଣ—ସଙ୍ଘା ଇତ୍ୟାଦି (ଦେଖ)
Samghā etc Sanghā etc (See)

ସଂଘା(ଘେ,ଘୋ)ଇବା—ଦେ. କ୍ରି—ସଙ୍ଘାଇବା (ଦେଖ)
Samghā (ghe,gho) iba Sanghāibā (See)

ସଂଘାଟିକା—ସଂ ବ.—(ସମ୍+ଘଟ୍ ଧାତୁ=ମିଳିତ ହେବା+କର୍ତ୍ତୃଅକ
Samghātikā +ଆ) ୧। ଯୋଡ଼ା; ଯୁଗ୍ମ—1 Pair
(ସଙ୍ଘାଟିକା—ଅନ୍ୟରୂପ) couple. ୨। ଘ୍ରାଣ—2. Scent; smell. ୩। କୁଟ୍ଟନୀ; କୁଟୁଣୀ—3. A panderess; a procuress. ୪। ଜଳ କଣ୍ଟକ; ସିଂଘଡ଼ା—4. Water.

ସଂଘାଡ଼ି—ଦେ. ବ—ସଙ୍ଘାଡ଼ି (ଦେଖ)
Samghārdi Sanghārdi (See)

ସଂଘାଡ଼ିବା—ଦେ. କ୍ରି—ସଙ୍ଘାଡ଼ିବା (ଦେଖ)
Samghārdibā Sanghārdibā (See)

ସଂଘାଣକ—ସଂ. ବ—ସିଂଘାଣି—
Samghānaka The mucus of the nose (Apte.)

ସଂଘାତ—ସ. ବ—(ସମ୍+ହନ୍ ଧାତୁ+ଭାବ. ଅ)—୧। ଅଘାତ—
Samghāta 1. Strike; blow. ୨। ହତ୍ୟା; ବଧ—2. Killing; slaughter. ୩। କଠିନତା; ଘନତ୍ୱ—3. Solidity; density; thickness; compactness. ୪। ସମୂହ—4. Collection; multitude; assemblage. ୫। ଦଳ—5. Crowd. ୬। କଠିନ ସଂଯୋଗ; ଜମାଟ ବାନ୍ଧିବା—6. Crystallisation; coagulation; combination. ୭। ପରସ୍ପର ସଙ୍ଗେ ମିଳନ; ସମ୍ମିଳନ—7. Union; combination (Apte). ୮। (+କର୍ତ୍ତୃ. ଅ) କଫ—8. Phlegm. ୯। (+ଅଧିକରଣ. ଅ) ନରକବିଶେଷ—9. Name of a part of the hell. ୧୦। ନାଟକାଭିନୟରେ ଗତିବିଶେଷ ବା ଏକପ୍ରକାର ଗତି—10. A kind of walking (in dramatic performance). ଗ୍ରା. ବ—ସଙ୍ଗାତ; ମିତ୍ର—A dear friend. [ଉ—ଗୁଣୀ ବୋଇଲା ଶୁଣ ସଙ୍ଗାତ, କଷ୍ଟେ ଜାଣିଲେ ମୋହର ଜାତି—ଭକ୍ତଚରଣ ମଥୁରାମଙ୍ଗଳ ।] ଦେ. ବଣ—ମୃତ—Dead. [ଉ—କାଳେ ସେ ଦେଖନ୍ତି ସଂଘାତ କାଳଦଣ୍ଡେ । ଅବଶ୍ୟ ହୁଅନ୍ତି ସଘାତ—ସନାତନ. ଉପ-ଚନ୍ଦ୍ରୋଦୟ ।]

ସଂଘାତ କଠିନ—ସଂ. ବଣ—କଠିନ ସଂଯୋଗ ଯୋଗୁଁ ଘନ—
Samghāta kathina Solid; hard like a solid.

ସଂଘାତ ପତ୍ରିକା—ସଂ. ବ (ବୈଦ୍ୟକ)—ଶତପୁଷ୍ପା; ଶଲୁପ—
Samghāta patrikā Dill seed (plant).

ସଂଘାତ ବଳ—ଦେ. ବ (ପଦାର୍ଥବିଜ୍ଞାନର ପାରିଭାଷିକ ଶବ୍ଦ)—ଏକ
Samghāta bala ବସ୍ତୁ ପ୍ରତି ଭିନ୍ନ ଭିନ୍ନ ଦିଗରୁ ଦୁଇ ବା
संघात बल ତତୋଧିକ ବଳ ପ୍ରୟୋଗ କରାଗଲେ ସେହି ଉଭୟ

ସଂଘାତ ବଳ ବଳର ଫଳସ୍ୱରୂପ ଉତ୍ପନ୍ନ ନୂତନ ବଳ—(physics) The resultant of two or more forces acting on a thing at one point.

ସଂଘାତୀ—ଦେ. ବଣ ଓ ବ—ଘାତକ—Murderous; murderer
Samghāti [ଦ୍ର—ବଙ୍ଗଳା ମୁଖେ ବଳବେ କୃଷଣେ ଗୋହରୀ **সংঘাতী** ଘାତୀ **संघात करनेवाला** ହୋଇଥିଲା—ଭଞ୍ଜ. ବୈଦେହୀଶବିଳାସ ।]

ସଂଘାର - ଗ୍ରା· ବ (ସଂ. ସଂହାରର ଅଶୁଦ୍ଧ ଉଚ୍ଚାରଣ)—ସଂହାର
Samghāra (ଦେଖ)—Samhāra (See)

ସଂଘାରାମ—ସଂ· ବ (ସଂଘ+ଅାରାମ; ୬ଷ୍ଠୀ ତତ୍)—ବୌଦ୍ଧ ସନ୍ନ୍ୟାସୀ-
Samghārāma ମାନଙ୍କର ମଠ—The math of Buddhist mendicants.

ସଂଘାରିବା—ଗ୍ରା. (ପଦ୍ୟ) କ୍ରି (ସଂ. ସଂହାର)—ସଂହାରିବା
Samghāribā (ଦେଖ)—Samhāribā (See)
সংহার করা **संहार करना** [ଦ୍ର—ଅଧର ସଂଘାର ଉତ୍ତର ବାଳି—ପ୍ରତାପ. ଶଶିସେଣା ।]

ସଂଘିବା—ଦେ. କ୍ରି—ସଙ୍ଘିବା (ଦେଖ)
Samghibā Sanghibā (See)

ସଂଘୁଷିତ—ସଂ. ବଣ (ସମ୍ +ଘୁଷ୍ ଧାତୁ=ଘୋଷଣା କରିବା+କର୍ମ
Samghushita ତ)—୧ । ସମ୍ୟକ୍‌ରୂପେ ପ୍ରଚାରିତ ବା ଉଦ୍‌ଘୋଷିତ—1. Very widely proclaimed; published broadcast. ୨ । ଶବ୍ଦିତ—2 Sounded; resounded. ସଂ. ବ—୧ । (+ଭାବ ତ) ଶବ୍ଦ—1. Sound. ୨ । ଘୋଷଣା—2. Proclamation.

ସଂଘୁଷ୍ଟ—ସଂ· ବଣ (ସମ୍ +ଘୁଷ୍ ଧାତୁ+କର୍ମ· ତ)—ସଂଘୁଷିତ
Samghushta (ଦେଖ)—Samghushita (See)

ସଂଘୃଷ୍ଟ—ସଂ. ବଣ (ସମ୍ +ଘୃଷ୍ ଧାତୁ=ଘଷିବା+କର୍ମ. ତ)—
Samghrushta ୧ । ଉତ୍ତମରୂପେ ମର୍ଦ୍ଦିତ—1. Well rubbed; well pounded. ୨ । ଚକ୍କଣ ହୋଇ ବଟା ଯାଇଥିବା—2. Well bruised; reduced to a fine paste.

ସଂଘେନି—ଗ୍ରା. ଅ—ସଙ୍ଘେନି (ଦେଖ)
Samgheni Sangheni (See)

ସଂଚ—ସଂ· ବ—ସଞ୍ଚ (ଦେଖ)
Samcha Sancha (See)

ସଂଚ ଘଂଚ—ଦେ. ବଣ (ସହଚର)—ସଞ୍ଚ ଘଞ୍ଚ (ଦେଖ)
Samcha ghamcha Sancha ghancha (See)

ସଂଚତ୍—ସଂ. ବଣ—ସଞ୍ଚତ୍ (ଦେଖ)
Samchat Sanceat (See)

ସଂଚନ—ଦେ· ବ (ପ୍ରାଚୀନ ପଦ୍ୟ) - ସଞ୍ଚନ (ଦେଖ)
Samchana Sanchana (See)

ସଂଚପ—ଦେ. ବ ଓ ବଣ—ସଞ୍ଚପ (ଦେଖ)
Samchapa Sanchapa (See)

ସଂଚପି କହିବା—ଦେ· କ୍ରି—ସଞ୍ଚପି କହିବା (ଦେଖ)
Samchapi kahibā Sanchapi kahibā (See)

ସଂଚପିବା—ଦେ. କ୍ରି—ସଞ୍ଚପିବା (ଦେଖ)
Samchapibā Sanchapibā (See)

ସଂଚୟ (ଇତ୍ୟାଦି)—ସଂ· ବ—ସଞ୍ଚୟ ଇତ୍ୟାଦି (ଦେଖ)
Samchaya (etc) Sanchaya etc (See)

ସଂଚୟନ—ସଂ. ବ—ସଞ୍ଚୟନ (ଦେଖ)
Samchayana Sanchayana (See)

ସଂଚୟନୀୟ—ସଂ. ବଣ—ସଞ୍ଚୟନୀୟ (ଦେଖ)
Samchayaniya Sanchayaniya (see)

ସଂଚୟୀ—ସଂ. ବଣ. ପୁଂ—ସଞ୍ଚୟୀ (ଦେଖ)
Samchayi (ସଂଚୟିନୀ—ସ୍ତ୍ରୀ) Sanchayi (See)

ସଂଚର—ସଂ. ବ—ସଞ୍ଚର (ଦେଖ)
Samchara [ସଞ୍ଚରଣ—ଅନ୍ୟରୂପ] Sanchara (See)

ସଂଚରା(ରେ)ଇବା—ଦେ. କ୍ରି—ସଞ୍ଚରାଇବା (ଦେଖ)
Samcharā(re)ibā Sancharāibā (ee)

ସଂଚରିତ—ସଂ· ବଣ—ସଞ୍ଚରିତ (ଦେଖ)
Samcharita Sancharita (See)

ସଂଚରିବା—ଦେ. କ୍ରି—ସଞ୍ଚରିବା (ଦେଖ)
Samcharibā Sancharibā (See)

ସଂଚରିଷ୍ଣୁ—ସଂ· ବଣ—ସଞ୍ଚରିଷ୍ଣୁ (ଦେଖ)
Samcharishnu Sancharishnu (See)

ସଂଚଳନ—ସଂ· ବ—ସଞ୍ଚଳନ (ଦେଖ)
Samchalana Sanchalana (See)

ସଂଚା—ସଂ. ବ ଓ ବଣ—ସଞ୍ଚା (ଦେଖ)
Samchā Sanchā (See)

ସଂଚା(ଚେ)ଇବା—ଦେ. କ୍ରି—ସଞ୍ଚାଇବା (ଦେଖ)
Samchā(che)ibā Sanchāibā (See)

ସଂଚାଣ—ଦେ ବ ଓ ବଣ—ସଞ୍ଚାଣ (ଦେଖ)
Samchāna Sanchāna (See)

ସଂଚାଣି—ଦେ· ବ ଓ ବଣ—ସଞ୍ଚାଣି (ଦେଖ)
Samchāni Sanchāni (See)

ସଂଚାଣୀ—ଦେ. ବ. ସ୍ତ୍ରୀ—ସଞ୍ଚାଣୀ (ଦେଖ)
Samchāni Sanchāni (See)

ସଂଚାନ—ସଂ· ବ—ସଞ୍ଚାନ (ଦେଖ)
Samchāna Sanchāna (See)

ସଂଚାଯ୍ୟ—ସଂ. ବ—ସଞ୍ଚାଯ୍ୟ (ଦେଖ)
Samchājya Sanchājya (See)

ସଂଚାର (ଇତ୍ୟାଦି)—ସଂ· ବ—ସଞ୍ଚାର ଇତ୍ୟାଦି (ଦେଖ)
Samchāra Sanchāra (See)

ସଂଚାରକ—ସଂ. ବଣ· ପୁଂ—ସଞ୍ଚାରକ (ଦେଖ)
Samchāraka Sanchāraka (See)

ସଂଚାରଣ - ସଂ· ବ—ସଞ୍ଚାରଣ (ଦେଖ)
Samchārana Sanchārana (See)

ସଂଚାରିକା—ସଂ. ବି—ସଞ୍ଚାରିକା (ଦେଖ)
Samchārikā Sanchārikā (See)
ସଂଚାରିଣୀ—ସଂ. ବି ଓ ବିଣ—ସଞ୍ଚାରିଣୀ (ଦେଖ)
Samchāriṇī Sanchāriṇī (See)
ସଂଚାରିତ - ସଂ. ବିଣ—ସଞ୍ଚାରିତ (ଦେଖ)
Samchārita Sanchārita (See)
ସଂଚାରିବା—ଦେ. କି—ସଞ୍ଚାରିବା (ଦେଖ)
Samchāribā Sanchāribā (See)
ସଂଚାରୀ (ଇତ୍ୟାଦି) – ସଂ. ବି. ଓ ବିଣ—ସଞ୍ଚାରୀ ଇତ୍ୟାଦି (ଦେଖ)
Samchārī (etc) (ସଂଚାରିଣୀ—ସ୍ତ୍ରୀ) Sanchārī etc (See)
ସଂଚାର୍ଯ୍ୟ—ସଂ. ବିଣ—ସଞ୍ଚାର୍ଯ୍ୟ (ଦେଖ)
Samchārjya Sanchārjya (See)
ସଂଚାଳନ - ସଂ. ବି—ସଞ୍ଚାଳନ (ଦେଖ)
Samchāḻana (ସଂଚାଳିତ—ବିଣ) Sanchāḻana. (See)
ସଂଚାଳୀ—ସଂ. ବି ଓ ବିଣ. ପୁଂ—ସଞ୍ଚାଳୀ (ଦେଖ)
Samchāḻī (ସଂଚାଳିନୀ—ସ୍ତ୍ରୀ) Sanchāḻī (See)
ସଂଚିଆ—ଦେ. ବିଣ. ପୁଂ—ସଞ୍ଚିଆ (ଦେଖ)
Samchiā (ସଂଚେଇ—ସ୍ତ୍ରୀ) Sanchiā. (See)
ସଂଚିତ୍ ମାରିବା—ପ୍ରାଦେ (ସମ୍ବଲପୁର) କି—ସଞ୍ଚିତ୍ ମାରିବା (ଦେଖ)
Samchit māribā Sanchit māribā. (See)
ସଂଚିତ (ଇତ୍ୟାଦି)—ସଂ. ବିଣ—ସଞ୍ଚିତ ଇତ୍ୟାଦି (ଦେଖ)
Samchita (etc) Sanchita etc. (See)
ସଂଚିତ୍ରା—ସଂ. ବି—ସଞ୍ଚିତ୍ରା (ଦେଖ)
Samchitrā Sanchitrā. (See)
ସଂଚିନ୍ତିତ—ସଂ. ବିଣ—ସଞ୍ଚିନ୍ତିତ (ଦେଖ)
Samchintita Sanchintita. (See)
ସଂଚିବା—ଦେ. କି—ସଞ୍ଚିବା (ଦେଖ
Samchibā Sanchibā. (See
ସଂଚିଲା (ଇତ୍ୟାଦି)—ଦେ. ବିଣ—ସଞ୍ଚିଲା ଇତ୍ୟାଦି (ଦେଖ)
Samchilā (etc) Sanchilā etc. (See)
ସଂଚୂର୍ଣ୍ଣନ—ସଂ. ବି—ସଞ୍ଚୂର୍ଣ୍ଣନ (ଦେଖ)
Samchūrṇṇana Sanchūrṇṇana (See)
[ସଂଚୂର୍ଣ୍ଣିତ—ବିଣ]
ସଂଚେତବ୍ୟ—ସଂ. ବିଣ—ସଞ୍ଚେତବ୍ୟ (ଦେଖ)
Samchetabya Sanchetabya (See)
[ସଚେୟ—ଅନ୍ୟରୂପ]
ସଂଜ (ଇତ୍ୟାଦି)—ସଂ. ଓ ଦେ. ବି—ସଞ୍ଜ ଇତ୍ୟାଦି (ଦେଖ)
Samja (etc) Sañja etc. (See)
ସଂଜନ—ସଂ. ବି—ସଞ୍ଜନ (ଦେଖ)
Samjana Sañjana. (See)
ସଂଜବନ—ସଂ ବି—ସଞ୍ଜବନ (ଦେଖ)—
Samjabana Sañjabana (See)
ସଂଜବ(ମ)ଣି ପୁର(ରୀ)(ଇତ୍ୟାଦି)—ଦେ. ବି—ସଞ୍ଜବଣି ପୁର (ଇତ୍ୟାଦି)
Samjaba(ma)ṇi pura (rī) (etc) (ଦେଖ)-Sañjabaṇi pura etc (See)

ସଂଜୟ—ସଂ. ବି (ନାମ)—ସଞ୍ଜୟ (ଦେଖ)—
Samjaya Sañjaya (See)
ସଂଜା (ଇତ୍ୟାଦି)—ସଂ ଓ ଦେ. ବି—ସଞ୍ଜା ଇତ୍ୟାଦି (ଦେଖ)
Samjā (etc) Sañjā etc (See)
ସଂଜାଇ—ଦେ. ବି.ସ୍ତ୍ରୀ—ସଞ୍ଜାଇ (ଦେଖ)—
Samjāī Sañjaī (See)
ସଂଜାତ—ସଂ. ବିଣ.—ସଞ୍ଜାତ (ଦେଖ)—
Samjāta Sañjāta (See)
ସଂଜାତି—ଦେ. ବିଣ—ସଞ୍ଜାତି (ଦେଖ)—
Samjāti Sañjati (See)
ସଂଜାପ(ବ)—ବୈଦେ. ବି—ସଞ୍ଜାପ (ଦେଖ)—
Samjāpa(ba) Sañjāpa (See)
ସଂଜିଆ—ଗ୍ରାଂ ବି—ସଞ୍ଜିଆ (ଦେଖ)
Samjiā Sañjiā (See)
ସଂଜିହୀର୍ଷା—ସଂ. ବି—ସଞ୍ଜିହୀର୍ଷା (ଦେଖ)—
Samjihīrshā Sañjihīrshā (See)
ସଂଜିହୀର୍ଷୁ—ସଂ. ବିଣ—ସଞ୍ଜିହୀର୍ଷୁ (ଦେଖ)—Sañjihīrshu (See)
Samjihīrshu
ସଂଜୀବନ—ସଂ. ବି—ସଞ୍ଜୀବନ (ଦେଖ)
Samjībana Sañjībana (See)
ସଂଜୀବଣୀ(ଇତ୍ୟାଦି)—ଦେ. ବିଣ.—ସଞ୍ଜୀବଣୀ ଇତ୍ୟାଦି (ଦେଖ)
Samjībaṇī (etc) Sañjībaṇī etc (See)
ସଂଜୁଆ—ଦେ. ବିଣ.—ସଞ୍ଜୁଆ ଦେଖ
Samjuā Sañjuā (See)
ସଂଜୁ(ଜୋ)ଗ(ଟ, ତ)—ଦେ. ବି—ସଞ୍ଜୁଗ ଦେଖ—
Samju(jo)g(ṭ, t) Sañjug (See)
ସଂଜ୍ଞ—ସଂ. ବିଣ. ପୁ—(ଅନ୍ୟ ଶବ୍ଦ ପରେ ସମାସରେ 'ସଂଜ୍ଞା' ଶବ୍ଦ
Samjña ଅକାରାନ୍ତ ହୋଇ 'ସଂଜ୍ଞ' ହୁଏ)—
[ସଞ୍ଜ୍ଞ, ସଂଜ୍ଞକ—ଅନ୍ୟରୂପ] ୧ । ସଂଜ୍ଞାଯୁକ୍ତ—1. Having
[ସଂଜ୍ଞା, ସଂଜ୍ଞକା—ସ୍ତ୍ରୀ] the definition of; styled as.
୨ । ଉପାଧିଯୁକ୍ତ—2. Having the title of.
୩ । ଗୃଳିଲାବେଳେ ଯାହାର ଦୁଇ ଅଣ୍ଟୁ ପରସ୍ପର ସାଙ୍ଗେ ବାଜେ—3. Knock-kneed. (Apte) ୪ । ଅମୁକ ନାମରେ ନାମିତ—4. Named; called. (Apte).
ସଂ. ବି—ଏକ ପ୍ରକାର ହଳଦିଆ ସୁଗନ୍ଧ କାଠ—A yellow fragrant wood. (Apte)

ସଂଜ୍ଞପନ—ସଂ. ବି (ସମ୍ + ଜ୍ଞା. ଧାତୁ, ଣିଚ୍—ଜ୍ଞପି. ଧାତୁ = ଜଣାଇବା + ଭାବ. ଅନ)—୧ । ମାରଣ; ବଧ—1. Slaughter; killing. ୨ । ଜଣାପନ—2. Notifying; proclamation.
Samjñapana
ସଞ୍ଜ୍ଞପନ, ସଂଜ୍ଞପ୍ତି, ସଞ୍ଜ୍ଞପ୍ତି—ଅନ୍ୟରୂପ
ସଂଜ୍ଞା—ସଂ. ବି (ସମ୍ + ଜ୍ଞା. ଧାତୁ + କରଣ. ଅ + ସ୍ତ୍ରୀ. ଆ; ଯାହାଦ୍ୱାରା ବସ୍ତୁ ଅବ ଚିହ୍ନାଯାଏ)—୧ । ଅଭିଧା; ଆଖ୍ୟା—1. Appellation. ୨ । ନାମ—
Samjñā
[ସଞ୍ଜ୍ଞା—ଅନ୍ୟରୂପ]

2. Name; designation. ୩। [ବସ୍ତୁର ବା ପ୍ରାଣୀର] ବିଶିଷ୍ଟତାବୋଧକ ଶବ୍ଦ—3. Technical name; a term denoting a particular thing or animal. ୪। ଉପାଧି—4. Title. ୫। ଜ୍ଞାନ—5. Knowledge; sensation; intelligence. ୬। ଚେତନା; ଚୈତନ୍ୟ—6. Consciousness; animation; sense-perception. ୭। ବୁଦ୍ଧି—7. Intellect. ୮। ସଂକେତ; ହସ୍ତାଦି ଦ୍ଵାରା ଅର୍ଥ-ସୂଚନା—8. A sign; a significant sign; gesture. ୯। [ବ୍ୟାକରଣ] ବିଶେଷ୍ୟ ପଦ—9. (grammar] A noun. ୧୦। (ବ୍ୟାକରଣ) —ବିଶିଷ୍ଟ ଅର୍ଥ ବୋଧକ ବିଶେଷ୍ୟ ବା ନାମ; ବ୍ୟକ୍ତି ବା ସ୍ଥାନବିଶେଷର ନାମ—10. (grammar) Name or noun having a special meaning; proper name (Apte). ୧୧। (ବ୍ୟାକରଣ) ପ୍ରତ୍ୟୟର ବ୍ୟାକରଣଗତ ନାମ—11. (grammar) A technical name for an affix (Apte). ୧୨। ବେଦମାତା ଗାୟତ୍ରୀ ଦେବୀ; ଗାୟତ୍ରୀ ମନ୍ତ୍ର—12. The mystic formula 'Gāyatri' said to be the mother of the Bedas. ୧୩। ସୂର୍ଯ୍ୟପତ୍ନୀ (ସୂର୍ଯ୍ୟଙ୍କ ଅନ୍ୟ ପତ୍ନୀଙ୍କ ନାମ ଛାୟା)—13. Name of one of the two wives of the Sun-god [ଦ୍ର—ସଂଜ୍ଞା ବିଶ୍ଵକର୍ମାଙ୍କ କନ୍ୟା। ସୂର୍ଯ୍ୟ ଦେବ ଏହାଙ୍କ ପାଣି ଗ୍ରହଣ କରିଥିଲେ। କଥିତ ଅଛି ଯେ, ଏ ସୂର୍ଯ୍ୟଙ୍କର ପ୍ରଖର ତେଜ ସହିବାକୁ ଅକ୍ଷମା ହୋଇ ଅପଣା ଭଳି ଛାୟା ନାମ୍ନୀ ଏକ ରମଣୀଙ୍କୁ ସୃଷ୍ଟି କରି ତାଙ୍କୁ ସୂର୍ଯ୍ୟଙ୍କ ନିକଟରେ ରଖିଦେଇ ନିଜେ ଗୋପନରେ ପିତ୍ରାଳୟକୁ ପ୍ରସ୍ଥାନ କଲେ। ଏହି ଛାୟାଙ୍କ ଗର୍ଭରେ ଶନି ଗ୍ରହଙ୍କର ଜନ୍ମ ହେଲା। ପରେ ବିଶ୍ଵକର୍ମା ଏହା ଅବଗତ ହୋଇ ତାଙ୍କୁ ତିରସ୍କାର କରିବାରୁ ସେ ଅଭିମାନରେ ପିତୃଗୃହ ପରିତ୍ୟାଗ କରି ଉତ୍ତର କୁରୁବର୍ଷ ଦେଶରେ ଅଶ୍ଵିନୀ (ଘୋଟକୀ) ରୂପ ଗ୍ରହଣ କରି ବିଚରଣ କଲେ। ଅନନ୍ତର ସୂର୍ଯ୍ୟଦେବ ତପୋବଳରେ ଏହା ଜାଣିପାରି ନିଜେ ଅଶ୍ଵରୂପ ଧାରଣ-ପୂର୍ବକ ସେହି ସ୍ଥାନରେ ଯାଇ ଅଶ୍ଵିନୀରୂପଧାରିଣୀ ସଂଜ୍ଞାଙ୍କ ସଙ୍ଗେ ମିଳିତ ହେଲେ ଏବଂ ସେଠାରେ ତାଙ୍କ ଔରସରେ ସଂଜ୍ଞାଙ୍କ ଗର୍ଭରୁ ଯମଜ ପୁତ୍ର ଅଶ୍ଵିନୀ-କୁମାର ଦ୍ଵୟ ଜାତ ହେଲେ। ଅଶ୍ଵିନୀରୂପ ଧାରଣ କରିବା ପୂର୍ବରୁ ସଂଜ୍ଞାଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସରେ ବୈବସ୍ଵତ ମନୁ, ଯମ ଓ ଯମୁନାଙ୍କର ଜନ୍ମ ହୋଇଥିଲା।] ଦେ. ବି—

ସଂଜ୍ଞା ୧। ବଂଶୋପାଧି—1. Family-title. ୨। ବିଜ୍ଞାନ,

ସଂଜ୍ଞା ଶାସ୍ତ୍ରାଦିରେ ବ୍ୟବହୃତ ଶବ୍ଦମାନଙ୍କର ସ୍ଵରୂପ ବର୍ଣ୍ଣନା—2. The definition of technical and scientific terms.

ସଂଜ୍ଞାନ—ସଂ. ବି (ସମ୍ + ଜ୍ଞା ଧାତୁ + ଭାବ. ଅନ)—୧। ଜ୍ଞାନ—
Samjnāna 1. Knowledge; sensation. ୨। ଚେତନା—
(ସଞ୍ଜ୍ଞାନ—ଅନ୍ୟରୂପ) 2. Consciousness. ୩। ସଂକେତ—
3. Sign; gesture.

ସଂଜ୍ଞାପନ—ସଂ. ବି (ସମ୍ + ଜ୍ଞା ଧାତୁ ଣିଚ ଜ୍ଞପି ଧାତୁ = ଜଣାଇବା + ଭାବ. ଅନ)—ବିଜ୍ଞାପନ; ଜଣାଇବା—Notifying;
Samjnāpana
(ସଞ୍ଜ୍ଞାପନ—ଅନ୍ୟରୂପ) the making of a thing known.
[ସଂଜ୍ଞାପିତ, ସଂଜ୍ଞାପନୀୟ, ସଂଜ୍ଞପ୍ୟ—ବିଣ]

ସଂଜ୍ଞା ବିଘାତୀ—ସଂ. ବି (ସଂଜ୍ଞା + ବି + ହନ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—ଯାହା ଚୈତନ୍ୟ ଲୋପ କରେ—Causing loss of consciousness.
Samjnā bighāti
[ସଂଜ୍ଞାବିଘାତିନୀ—ସ୍ତ୍ରୀ]

ସଂଜ୍ଞା ବିପର୍ଯ୍ୟ(ର୍ଯ୍ୟ)ୟ—ସଂ. ବି (୬ଷ୍ଠୀ ତତ୍)—ଚେତନାର ନାଶ—
Samjnā biparjya(rja)ya Loss of consciousness (Apte)

ସଂଜ୍ଞା ଲବ୍ଧ—ସଂ. ବିଣ. ପୁଂ—ଲବ୍ଧସଂଜ୍ଞ; ଲବ୍ଧଚେତନ—
Samjnā labdha One who has regained consciousness.
[ସଂଜ୍ଞାଲବ୍ଧା—ସ୍ତ୍ରୀ]

ସଂଜ୍ଞା ଲାଭ—ସଂ. ବି (୬ଷ୍ଠୀ ତତ୍)—ଚେତନା ଲାଭ—
Samjnā lābha Regaining of consciousness.

ସଂଜ୍ଞା ଲୋପ—ସଂ. ବି (୬ଷ୍ଠୀ ତତ୍)—ଚେତନା ବୁଡ଼ିଯିବା; ବେହୋସ ହେବା ଅବସ୍ଥା—Loss of consciousness; becoming senseless.
Samjnā lopa

ସଂଜ୍ଞା ଶୂନ୍ୟ—ସଂ. ବିଣ. ପୁଂ (୩ୟା ତତ୍)—ଅଚେତନ—Unconscious; devoid of sense.
Samjnā śūnya
[ସଂଜ୍ଞାହୀନ—ଅନ୍ୟରୂପ] (ସଜ୍ଞଶୂନ୍ୟା, ସଂଜ୍ଞାହୀନା—ସ୍ତ୍ରୀ)

ସଂଜ୍ଞା ସୁତ—ସଂ. ବି—୧। ଯମ—1. The God of death. ୨। ବୈବସ୍ଵତ ମନୁ—2. Baibaswata Manu.
Samjnā suta
୩। ଅଶ୍ଵିନୀକୁମାର ଦ୍ଵୟ—3. The twin Aświnikumars. ୪। ଶନିଗ୍ରହ (ପ୍ରକୃତିବାଦ)—4. The planet- Saturn.

ସଂଜ୍ଞା ସୁତା—ସଂ. ବି—ଯମୁନା (ନଦୀ)—
Samjnāsutā The river Jamunā.

ସଂଜ୍ଞିତ—ସଂ. ବିଣ. ପୁଂ— (ସଂଜ୍ଞା + ସଂଜାତ. ଅର୍ଥରେ. ଇତ)—ସଂଜ୍ଞାରେ ବା ନାମରେ ଅଭିହିତ—Named as; known as; called.
Samjnita
(ସଂଜ୍ଞିତା—ସ୍ତ୍ରୀ)
[ସଞ୍ଜ୍ଞିତ—ଅନ୍ୟରୂପ] [ଯଥା—କର୍ମସଂଜ୍ଞିତ = ଯାହାକୁ ଲୋକେ 'କର୍ମ' ନାମରେ ଡାକନ୍ତି।]
[ଦ୍ର—ଏହି ଶବ୍ଦ କେବଳ ଅନ୍ୟ ନାମ ବା ବିଶେଷ୍ୟ ସହିତ ସମାସରେ ଯୁକ୍ତ ହୁଏ, ଯଥା ଗୋପାଳସଂଜ୍ଞିତ।]

ସଂଜ୍ଞୁ—ସଂ. ବିଣ (ବହୁବ୍ରୀହି; ସମ୍ = ମିଳିତ + ଜାନୁ; ଜାନୁ ସ୍ଥଳରେ 'ଜ୍ଞୁ' ଆଦେଶ; ମିଳିତ ହୋଇଅଛି ଜାନୁଦ୍ଵୟ ଯାହାର)—୧। ଯାହାର ଦୁଇଟି ଯାକ ଆଣ୍ଠୁ ପରସ୍ପର ସହିତ ମିଳି ଯାଇଅଛି—1. (a person)
Samjnu
(ସଞ୍ଜ୍ଞୁ—ଅନ୍ୟରୂପ)

Having the two knees joined together.
୨ । ଗୁଳ୍ଫଲବେଳେ ଯାହାର ଦୁଇ ଆଣ୍ଠୁ ପରସ୍ପର ସଙ୍ଗେ ବାଜେ—2. Knock-kneed. (Apte)

ସଂଜ୍ୱର—ସଂ. ବ—ସଞ୍ଜ୍ୱର (ଦେଖ)— añjwara, (See)
Samjwara (ସଞ୍ଜ୍ୱର—ଅନ୍ୟରୂପ)

ସଂଜ୍ୟା—ଗ୍ରା. ବ—ସଞ୍ଜ୍ୟା (ଦେଖ)—Sañjyā. (See)
Samjyā (ସଞ୍ଜ୍ୟା—ଅନ୍ୟରୂପ)

ସଂଟା(ଟେ)ଇବା—ସଣ୍ଟାଇବା (ଦେଖ)
· Samṭā(ṭe)ibā Saṇṭāibā (See)

ସଂଠ—ପ୍ରାଦେ· (ଅଠମଲ୍ଲିକ) ବଣ—ସଣ୍ଠ (ଦେଖ)
Samṭha Saṇṭha. (See)

ସଂଠଣ(ଣା)—ଦେ· ବ ଓ ବଣ—ସଣ୍ଠଣ (ଦେଖ)—Saṇṭhaṇa.
Samṭhaṇa (ṇā) (ସଂଠଣା—ଅନ୍ୟରୂପ) (See)

ସଂଡ—ସଂ. ବ—ସଣ୍ଡ (ଦେଖ)—Saṇḍa. (See)
Samḍa (ସଞ୍ଜ୍ଡ—ଅନ୍ୟରୂପ)

ସଂଡା(ଡେ)ଇବା—ଦେ· କ୍ରି—ସଣ୍ଡେଇବା (ଦେଖ)
Samḍā(ḍe)ibā Saṇḍeibā (See)

ସଂଡାଶ(ଶି)—ବୈଦେ. ବ—ସଣ୍ଡାଶ (ଦେଖ)
Samḍāś(śi) Saṇḍāś (See)

ସଂଡାଶି—ଦେ. ବ—ସଣ୍ଡାଶି (ଦେଖ)
Samḍāśi Saṇḍāśi. (See)

ସଂଡିଶ—ସଂ. ବ—ସଣ୍ଡିଶ (ଦେଖ)—Saṇḍiśa. (See)
Samḍiśa (ଞ୍ଜ ଡିଶ—ଅନ୍ୟରୂପ)

ସଂଡୀନ—ସଂ. ବ· ଓ ବଣ—ସଣ୍ଡୀନ (ଦେଖ)—Saṇḍīna. (See)
Samḍīna (ସଞ୍ଜ ଡୀନ—ଅନ୍ୟରୂପ)

ସଂଡୁଆଶି—ଦେ. ବ—ସଣ୍ଡୁଆଶି (ଦେଖ)
Samḍuāśi Saṇḍuāśi. (See)

ସଂଡୁଆସ—ପ୍ରାଦେ· (ଉତ୍ତର ବାଲେଶ୍ୱର) ବ—ସଣ୍ଡୁଆସ (ଦେଖ)
Samḍuāsa Saṇḍuāsa, (See)

ସଂଡେ (ଇତ୍ୟାଦ)—ବୈଦେ· ବ—ସଣ୍ଡେ ଇତ୍ୟାଦ (ଦେଖ)
Samḍe (etc) Saṇḍe etc. (See)

ସଂଢିଆ—ଦେ. ବ—ସଣ୍ଢିଅ (ଦେଖ)—Saṇḍhiā. (See)
Samḍhiā [ସଂଢିଅଳ—ଅନ୍ୟରୂପ]

ସଂତ(ଇତ୍ୟାଦ)—ସ. ଓ ଦେ-ବ—ସନ୍ତ ଇତ୍ୟାଦ (ଦେଖ)
Samta (etc) Santa etc (See)

ସଂତକ(ଇତ୍ୟାଦ)—ଦେ. ବ—ସନ୍ତକ ଇତ୍ୟାଦ (ଦେଖ)
Samtaka(etc) Santaka etc (See)

ସଂତତ(ଇତ୍ୟାଦ)—ସ. ବଣ ଓ କ୍ରି. ବଣ—ସନ୍ତତ ଇତ୍ୟାଦ (ଦେଖ)
Samtata (etc) Santata etc (See)

ସଂତତି—ସଂ. ଓ ଦେ. ବ—ସନ୍ତତି (ଦେଖ)
S mtati Santati (See)

ସଂତତେ—ଦେ. ଅ—ସନ୍ତତେ (ଦେଖ)
Samtate Santate (See)

ସଂତପତ(ନ୍ତ, ନ୍ଥ)—ଗ୍ରା. ବଣ—ସନ୍ତପଠ (ଦେଖ)
Samtapata (nta, ntha) Santapata (See)

ସଂତପତି—ଦେ. ବ—ସନ୍ତପତି (ଦେଖ)
Samtapati Santapati (See)

ସଂତପ୍ତ—ସଂ ବଣ ପୁଂ—ସନ୍ତପ୍ତ (ଦେଖ) Santapta (See)
Samtapta (ସନ୍ତପ୍ତା—ସ୍ତ୍ରୀ; ସନ୍ତପ୍ତି, ସନ୍ତାପ—ବ)

ସଂତମସ—ସଂ. ବ—ସନ୍ତମସ (ଦେଖ)
Samtamasa Santamasa (See)

ସଂତରଣ (ଇତ୍ୟାଦ)—ସଂ. ବ—ସନ୍ତରଣ ଇତ୍ୟାଦ (ଦେଖ)
Samtaraṇa (etc) Santaraṇa etc (See)

ସଂତର ପଂତର—ଦେ· ବଣ—ସନ୍ତର ପନ୍ତର (ଦେଖ)
Samtara pamtara Santara pantara (See)

ସଂତରା(ଇତ୍ୟାଦ)—ଦେ. ବ—ସନ୍ତରା ଇତ୍ୟାଦ (ଦେଖ)
S mtarā (etc) Santarā etc(See)

ସଂତରିବା—ଦେ· କ୍ରି (ପଦ୍ୟ)—ସନ୍ତରିବା (ଦେଖ)—
Samtaribā Santaribā (See)

ସଂତର୍ପଣ(ଇତ୍ୟାଦ)—ସଂ. ବ—ସନ୍ତର୍ପଣ ଇତ୍ୟାଦ (ଦେଖ)—
Samtarpaṇa (etc) Santarpaṇa etc (See)

ସଂତସଂତିଆ—ଦେ: ବଣ—ସନ୍ତ ସନ୍ତିଆ (ଦେଖ)—
Samtasamtiā Santasantiā (See)

ସଂତା—ଦେ. ବଣ ଓ ବ—ସନ୍ତା (ଦେଖ)—
Samtā Santā (See

ସଂତା(ତେ)ଇବା—ଦେ: କ୍ରି—ସନ୍ତାଇବା (ଦେଖ)—
Samtā(te)ibā Santāibā (See)

ସଂତା(ତେ)ଇ ହେବା—ଦେ. କ୍ରି—ସନ୍ତାଇ ହେବା (ଦେଖ)—
Samtā(te)i hebā Santāi hebā (See)

ସଂତାନ(ଇତ୍ୟାଦ)—ସଂ. ବ—ସନ୍ତାନ ଇତ୍ୟାଦ (ଦେଖ)—
Samtāna (etc) santāna etc (see)

ସଂତାନକ—ସଂ: ବ—ସନ୍ତାନକ (ଦେଖ)—
Samtānaka Santānaka (see)

ସଂତାନିକା—ସଂ: ବ—ସନ୍ତାନିକା (ଦେଖ)—
Samtānikā Santānikā (See)

ସଂତାନିତ—ସଂ: ବଣ. ପୁ.—ସନ୍ତାନିତ (ଦେଖ)
Samtānita (ସନ୍ତାନିତା—ସ୍ତ୍ରୀ) Santānita (See)

ସଂତାନି ପଂତାନି(ଇତ୍ୟାଦ)—ଦେ: ବ—ସନ୍ତାନି ପନ୍ତାନି ଇତ୍ୟାଦ(ଦେଖ)
Samtāni pamtāni(etc) Santāni pantāni etc(See)

ସଂତାପ (ଇତ୍ୟାଦ)—ସଂ; ବ—ସନ୍ତାପ ଇତ୍ୟାଦ (ଦେଖ)
Samtāpa (etc) Santāpa etc (See)

ସଂତାପନ—ସଂ· ବ—ସନ୍ତାପନ (ଦେଖ)—
Samtāpana Santāpana (See)

ସଂତାପନୀୟ—ସଂ. ବଣ—ସନ୍ତାପନୀୟ (ଦେଖ)—
Samtapanīya Santāpanīya (See)

ସଂତାପିତ—ସଂ. ବଣ—ସନ୍ତାପିତ (ଦେଖ)—
S mtāpita Santāpita (See)

ସଂତାପି ହେବା—ଦେ: କ୍ରି—ସନ୍ତାପି ହେବା (ଦେଖ)—
Samtāpi hebā Santāpi hebā (See)

ସଂତାପୀ—ସଂ· ବଣ—ସନ୍ତାପୀ (ଦେଖ)—
Samtāpī (ସନ୍ତାପିନୀ—ସ୍ତ୍ରୀ) Santāpī (See)

ସଂତି—ସଂ. ବି—ସନ୍ତି (ଦେଖ)—
Samti Santi (See)

ସଂତିଆ—ଦେ. ବିଣ: ପୁଂ—ସନ୍ତିଆ (ଦେଖ)—
Samtiā (ସନ୍ତେଇ—ସ୍ତ୍ରୀ) Santiā (See)

ସଂତୁ(ତୋ)ଳା—ଦେ. ବି ସନ୍ତୁଳା (ଦେଖ)—
Samtu(to)lā Santulā (See)

ସଂତୁଳା(ଳେ)ଇବା—ଦେ. କ୍ରି—ସନ୍ତୁଳାଇବା (ଦେଖ)—
Samtuḷā (ḷe) ibā Santuḷāibā (See)

ସଂତୁଳିବା—ଦେ. କ୍ରି—ସନ୍ତୁଳିବା (ଦେଖ)
Samtuḷibā Santulibā (See)

ସଂତୁଳି ହେବା—ଦେ: କ୍ରି—ସନ୍ତୁଳି ହେବା (ଦେଖ)—
Samtuḷi hebā Santuli heba (See)

ସଂତୁଷ୍ଟ(ଇତ୍ୟାଦ)—ସଂ. ବିଣ. ପୁଂ—ସନ୍ତୁଷ୍ଟ ଇତ୍ୟାଦ (ଦେଖ)—
Samtushṭa (etc) (ସଂତୁଷ୍ଟା—ସ୍ତ୍ରୀ) Santushṭa etc (See)

ସଂତୁଷ୍ଟି (ଇତ୍ୟାଦ)—ସଂ. ବି—ସନ୍ତୁଷ୍ଟି ଇତ୍ୟାଦ (ଦେଖ)—
Samtushṭi (etc) Santushṭi etc (See)

ସଂତୋଳନ—ସଂ: ବି—ସନ୍ତୋଳନ (ଦେଖ)—
Samtoḷana Santoḷana (See)

ସଂତୋଷ(ଇତ୍ୟାଦ)—ସଂ ବି—ସନ୍ତୋଷ ଇତ୍ୟାଦ (ଦେଖ)—
Samtosha (etc) Santosha etc (See)

ସଂତୋଷଣୀୟ—ସଂ: ବିଣ.—ସନ୍ତୋଷଣୀୟ (ଦେଖ)—
Samtoshaṇiya Santoshaṇiya (See)

ସଂତୋଷିବା—ଦେ. କ୍ରି (ପଦ୍ୟ)—ସନ୍ତୋଷିବା (ଦେଖ)—
Samtoshibā santoshibā (See)

ସଂତୋଷୀ—ସଂ: ବିଣ. ପୁଂ—ସନ୍ତୋଷୀ (ଦେଖ)—
Samtoshī (ସନ୍ତୋଷିଣୀ—ସ୍ତ୍ରୀ) Santoshī (See)

ସଂତ୍ରସ୍ତ—ସଂ. ବିଣ. ପୁଂ—ସନ୍ତ୍ରସ୍ତ (ଦେଖ)—
Samtrasta (ସନ୍ତ୍ରସ୍ତା—ସ୍ତ୍ରୀ) Santraasta (See)

ସଂତ୍ରା—ଦେ: ବି: ଓ ବିଣ—ସନ୍ତ୍ରା (ଦେଖ)—
Samtrā Santrā (See)

ସଂତ୍ରାସ—ସଂ: ବି—ସନ୍ତ୍ରାସ (ଦେଖ)—
Samtrāsa Santrāsa (See)

ସଂତ୍ରାସିତ—ସଂ. ବିଣ. ପୁଂ—ସନ୍ତ୍ରାସିତ (ଦେଖ)
Samtrāsita (ସଂତ୍ରାସିତା—ସ୍ତ୍ରୀ) Santrāsita (See)

ସଂଥ(ଇତ୍ୟାଦ)—ଦେ. ବି—ସନ୍ଥ (ଇତ୍ୟାଦ)
Samtha (etc) Santha etc (see)

ସଂଥା—ଦେ: ବି—ସନ୍ଥା (ଦେଖ)—
Samthā Santhā (See)

ସଂଦ—ବୈଦେ. ବି—ସନ୍ଦ (ଦେଖ)
Samda Sanda (See)

ସଂଦଂଶ (ଇତ୍ୟାଦ)—ସଂ. ବି—ସନ୍ଦଂଶ ଇତ୍ୟାଦ (ଦେଖ)
Samdamśa (etc) Sandamśa etc, (See)

ସଂଦରସ୍—ବୈଦେ. ବି—ସନ୍ଦରସ୍ (ଦେଖ)
Samdaraś Sandaras (See)

ସଂଦର୍ଭ—ସଂ. ବି—ସନ୍ଦର୍ଭ (ଦେଖ)
Samdarbha Sandarbha (See)

ସଂଦର୍ଶନ—ସଂ. ବି—ସନ୍ଦର୍ଶନ (ଦେଖ)
Samdarśana Sandaraśana (See)

ସଂଦଷ୍ଟ (ଇତ୍ୟାଦ)—ସଂ. ବିଣ—ସନ୍ଦଷ୍ଟ ଇତ୍ୟାଦ (ଦେଖ)
Samdashṭa (etc). Sandashṭa etc. (See)

ସଂଦାଡ଼—ପ୍ରାଦେ. (ବାଲେଶ୍ୱର) ବି—ସନ୍ଦାଡ଼ (ଦେଖ)
Samdārḍa Sandārḍa (See)

ସଂଦାନ—ସଂ. ବି—ସନ୍ଦାନ (ଦେଖ)
Samdāna (ସଂଦିତ—ବିଣ) Sandāna (See)

ସଂଦାନିତ—ସଂ. ବିଣ—ସନ୍ଦାନିତ (ଦେଖ)
Samdānita Sandānita (See)

ସଂଦାନିନୀ—ସଂ. ବି—ସନ୍ଦାନିନୀ (ଦେଖ)
Samdāninī Sandāninī (See)

ସଂଦାବ—ସଂ. ବି—ସନ୍ଦାବ (ଦେଖ)
Samdāba Sandāba (See)

ସଂଦି—ଗ୍ରା. ବି—ସନ୍ଦି (ଦେଖ)
Samdi Sandi (See)

ସଂଦିଆ (ଇତ୍ୟାଦ)—ଗ୍ରା. ବି—ସନ୍ଧିଆ ଇତ୍ୟାଦ (ଦେଖ)
Samdia (etc.) Sandhiā etc. (See)

ସଂଦିଆସି—ଗ୍ରା. ବି—ସନ୍ଦିଆସି (ଦେଖ)
Samdiāsi Sandiāsi (See)

ସଂଦିଗ୍ଧ (ଇତ୍ୟାଦ)—ସଂ. ବି—ସନ୍ଦିଗ୍ଧ ଇତ୍ୟାଦ (ଦେଖ)
Samdigdha (etc)· (ସଂଦିଗ୍ଧା—ସ୍ତ୍ରୀ) · Sandigdha etc, (See)

ସଂଦିଗ୍ଧତା—ସଂ. ବି—ସନ୍ଦିଗ୍ଧତା (ଦେଖ)
Samdigdhatā Sandigdhatā (See)

ସଂଦିତ—ସଂ. ବିଣ—ସନ୍ଦିତ (ଦେଖ)
Samdita Sandita (See)

ସଂଦିଶା—ଗ୍ରା. ବି—ସନ୍ଦିଶା (ଦେଖ)
Samdiśā Sandiśā (See)

ସଂଦିଷ୍ଟ (ଇତ୍ୟାଦ)—ସଂ. ବିଣ. ପୁଂ—ସନ୍ଦିଷ୍ଟ ଇତ୍ୟାଦ (ଦେଖ)
Samdishṭa (etc) Sandishṭa etc. (See)

ସଂଦିହାନ—ସଂ. ବିଣ. ପୁଂ—ସନ୍ଦିହାନ (ଦେଖ)
Samdihāna (ସନ୍ଦିହାନା—ସ୍ତ୍ରୀ) Sandihāna (see)

ସଂଦୀ—ସଂ. ବି. ସ୍ତ୍ରୀ—ସନ୍ଦୀ (ଦେଖ)
Samdī Sandī (See)

ସଂଦୀପ୍ୟ—ସଂ. ବି. (ବୈଦ୍ୟକ)—ସନ୍ଦୀପ୍ୟ (ଦେଖ)
Samdipya Sandīpya (See)

ସଂଦୃବ୍ଧ—ସଂ. ବିଣ—ସଂଦୃବ୍ଧ (ଦେଖ)
Samdṛubdha Sandṛubdha (See)

ସଂଦେ—ପ୍ରାଦେ. (ବାଲେଶ୍ୱର) ବି—ସନ୍ଦେ (ଦେଖ)
Samde Sande (See)

ସଂଦେଶ (ଇତ୍ୟାଦ)—ସଂ. ବି—ସନ୍ଦେଶ ଇତ୍ୟାଦ (ଦେଖ)
Samdeśa (etc) Sandeśa etc. (See)

ସଂଦେହ (ଇତ୍ୟାଦି)—ସଂ. ବି—ସନ୍ଦେହ ଇତ୍ୟାଦି (ଦେଖ)
Saṁdeha (etc.) Sandeha etc. (see)

ସଂଦେହୀ—ସଂ ଓ ଦେ. ବି ଓ ବିଣ—ସନ୍ଦେହୀ (ଦେଖ)
Saṁdehī Sandehī (see)

ସଂଦୋହ—ସଂ. ବି—ସନ୍ଦୋହ (ଦେଖ)
Saṁdoha Sandoha (see)

ସଂଦ୍ରାବ—ସଂ ଓ ଦେ. ବି—ସନ୍ଦ୍ରାବ (ଦେଖ)
Saṁdrāba Sandrāba (see)

ସଂଧା (ଇତ୍ୟାଦି)—ସଂ. ବି. ଦେ. ବି ଓ ବିଣ—ସନ୍ଧା ଇତ୍ୟାଦି (ଦେଖ)
Saṁdhā (etc). Sandhā etc. (see)

ସଂଧା(ଧେ)ଇବା—ଦେ. କ୍ରି—ସନ୍ଧାଇବା (ଦେଖ)
Saṁdhā(dhe)ibā Sandhāibā (see)

ସଂଧାତବ୍ୟ—ସଂ. ବିଣ—ସନ୍ଧାତବ୍ୟ (ଦେଖ)
Saṁdhātabya Sandhātabya (see)

ସଂଧାନ (ଇତ୍ୟାଦି)—ସଂ. ବି—ସନ୍ଧାନ ଇତ୍ୟାଦି (ଦେଖ)
Saṁdhāna etc. Sandhāna etc. (see)

ସଂଧାନି—ଦେ. ବି ଓ ବିଣ—ସନ୍ଧାନି (ଦେଖ)
Saṁdhān Sandhān (see)
(ସଂଧାନିଆ — ଅନ୍ୟ ବିଣ ରୂପ)

ସଂଧାନିକା—ସଂ. ବି—ସନ୍ଧାନିକା (ଦେଖ)
Saṁdhānikā Sandhānikā (See)

ସଂଧାନିତ—ସଂ. ବିଣ—ସନ୍ଧାନିତ (ଦେଖ)
Saṁdhānita Sandhānita (see)

ସଂଧାନୀ—ସଂ. ବିଣ. ପୁଂ—ସନ୍ଧାନୀ (ଦେଖ)
Saṁdhānī (ସଂଧାନିନୀ—ସ୍ତ୍ରୀ) Sandhānī (See)

ସଂଧି (ଇତ୍ୟାଦି)—ସଂ. ଓ ଦେ. ବି—ସନ୍ଧି ଇତ୍ୟାଦି (ଦେଖ)
Saṁdhi (etc). Sandhi etc. (see)

ସଂଧିଆ (ଇତ୍ୟାଦି)—ଦେ ଓ ଗ୍ରା ବି—ସନ୍ଧିଆ ଇତ୍ୟାଦି (ଦେଖ)
Saṁdhiā (etc) Sandhiā etc. (see)

ସଂଧିଆସୀ—ଗ୍ରା. ବି—ସନ୍ଧିଆସୀ (ଦେଖ)
Saṁdhiāsī Sandhiāsī (see)

ସଂଧିକା—ସଂ ବି—ସନ୍ଧିକା (ଦେଖ)
Saṁdhika Sandhika (see)

ସଂଧିକ—ସଂ ବି—ସନ୍ଧିକ (ଦେଖ)
Saṁdhikā Sandhikā (see)

ସଂଧିଜ—ସଂ. ବିଣ—ସନ୍ଧିଜ (ଦେଖ)
Saṁdhija Sandhija (see)

ସଂଧିତ୍ସା—ସଂ. ବି—ସନ୍ଧିତ୍ସା (ଦେଖ)
Saṁdhitsā Sandhitsā (see)

ସଂଧିତ୍ସୁ—ସଂ ବିଣ—ସନ୍ଧିତ୍ସୁ (ଦେଖ)
Saṁdhitsu Sandhitsu (see)

ସଂଧିତ—ସଂ ବିଣ—ସନ୍ଧିତ (ଦେଖ)
Saṁdhita Sandhita (see)

ସଂଧିନୀ—ସଂ. ବି. ସ୍ତ୍ରୀ—ସନ୍ଧିନୀ (ଦେଖ)
Saṁdhinī Sandhinī (see)

ସଂଧିବା—ଦେ. କ୍ରି—ସନ୍ଧିବା (ଦେଖ)
Saṁdhibā Sandhibā (see)

ସଂଧିଳା—ସଂ. ବି—ସନ୍ଧିଳା (ଦେଖ)
Saṁdhiḷā Sandhiḷā (see)

ସଂଧୁକ୍ଷଣ—ସଂ. ବି—ସନ୍ଧୁକ୍ଷଣ (ଦେଖ)
Saṁdhukshaṇa Sandhukshaṇa (see)

ସଂଧୁକ୍ଷିତ—ସଂ. ବି—ସନ୍ଧୁକ୍ଷିତ (ଦେଖ)
Saṁdhukshita Sandhukshita (see)

ସଂଧେଅ—ଗ୍ରା. ବି (ଅଶୁଦ୍ଧ ଉଚ୍ଚାରଣ)—ସନ୍ଧେଅ (ଦେଖ)
Saṁdhea Sandhea (see)

ସଂଧେୟ—ସଂ. ବିଣ—ସନ୍ଧେୟ (ଦେଖ)
Saṁdheya Sandheya (see)

ସଂଧ୍ୟା (ଇତ୍ୟାଦି)—ସଂ. ବି—ସନ୍ଧ୍ୟା ଇତ୍ୟାଦି (ଦେଖ)
Saṁdhyā (etc) Sandhyā etc (see)

ସଂନତ—ସଂ. ବିଣ—ସନ୍ନତ (ଦେଖ)
Saṁnata Sannata (see)

ସଂନତି—ସଂ. ବି—ସନ୍ନତି (ଦେଖ)
Saṁnati Sannati (see)

ସଂନଦ୍ଧ—ସଂ. ବିଣ. ପୁଂ—ସନ୍ନଦ୍ଧ (ଦେଖ)
Saṁnaddha Sannaddha (see)

ସଂନମନ—ସଂ. ବି—ସନ୍ନମନ (ଦେଖ)
Saṁnamana Sannamana (see)

ସଂନୟ—ସଂ. ବି—ସନ୍ନୟ (ଦେଖ)
Saṁnaya Sannaya (see)

ସଂନହନ—ସଂ. ବି—ସନ୍ନହନ (ଦେଖ)
Saṁnahana Sannahana (see)

ସଂନାହ—ସଂ. ବି—ସନ୍ନାହ (ଦେଖ)
Saṁnāha Sannāha (see)

ସଂନାହ୍ୟ—ସଂ. ବିଣ. ଓ ବି—ସନ୍ନାହ୍ୟ (ଦେଖ)
Saṁnāhya Sannāhya (see)

ସଂନିକଟ—ସଂ. ବିଣ—ସନ୍ନିକଟ (ଦେଖ)
Saṁnikaṭa Sannikaṭa (see)

ସଂନିକର୍ଷ—ସଂ. ବି—ସନ୍ନିକର୍ଷ (ଦେଖ)
Saṁnikarsha Sannikarsha (see)

ସଂନିକର୍ଷଣ—ସଂ. ବି—ସନ୍ନିକର୍ଷଣ (ଦେଖ)
Saṁnikarshaṇa Sannikarshaṇa (see)

ସଂନିକୃଷ୍ଟ—ସଂ. ବିଣ—ସନ୍ନିକୃଷ୍ଟ (ଦେଖ)
Saṁnikṛushṭa Sannikṛushṭa (see)

ସଂନିଧ—ସଂ. ବି—ସନ୍ନିଧ (ଦେଖ)
Saṁnidha Sannidha (see)

ସଂନିଧାନ—ସଂ. ବି—ସନ୍ନିଧାନ (ଦେଖ)
Saṁnidhāna Sannidhāna (see)

ସଂନିଧାପନ(ନା)—ସଂ. ବି—ସନ୍ନିଧାପନ (ଦେଖ)
Saṁnidhāpana(nā) Sannidhāpana (see)

ସଂନିଧାପନୀ ମୁଦ୍ରା—ସଂ. ବ—ସନ୍ନିଧାପନୀ ମୁଦ୍ରା (ଦେଖ)
Samnidhāpanī mudrā Sannidhāpanī mudrā (see)

ସଂନିଧି (ଇତ୍ୟାଦ)—ସଂ. ବ—ସନ୍ନିଧି ଇତ୍ୟାଦ (ଦେଖ)
Samnidhi (etc) Sannidhi etc (see)

ସଂନିପତନ—ସଂ. ବ—ସନ୍ନିପତନ (ଦେଖ)
Samnipatana Sannipatana (see)

ସଂନିପତିତ—ସଂ. ବଣ—ସନ୍ନିପତିତ (ଦେଖ)
Samnipatita Sannipatita (see)

ସଂନିପାତ (ଇତ୍ୟାଦ)—ସଂ. ବ—ସନ୍ନିପାତ ଇତ୍ୟାଦ (ଦେଖ)
Samnipāta (etc) Sannipāt etc (see)

ସଂନିପାତନ—ସଂ. ବ—ସନ୍ନିପାତନ (ଦେଖ
Samnipātana Sannipātana (see)

ସଂନିବଦ୍ଧ—ସଂ. ବଣ—ସନ୍ନିବଦ୍ଧ (ଦେଖ)
Samnibaddha Sannibaddha (see)

ସଂନିବନ୍ଧ—ସଂ. ବ—ସନ୍ନିବନ୍ଧ (ଦେଖ)
Samnibandha Sannibandha (see)

ସଂନିବନ୍ଧନ—ସଂ. ବ—ସନ୍ନିବନ୍ଧନ (ଦେଖ
Samnibandhana Sannibandhana (see)

ସଂନିବିଷ୍ଟ—ସଂ. ବଣ—ସନ୍ନିବିଷ୍ଟ (ଦେଖ)
Samnibishṭa Sannibishṭa (see)

ସଂନିବୃତ୍ତ—ସଂ. ବଣ—ସନ୍ନିବୃତ୍ତ ଦେଖ)
Samnibṛutta Sannibṛutta (see)

ସଂନିବୃତ୍ତି—ସଂ. ବ—ସନ୍ନିବୃତ୍ତି (ଦେଖ)
Samnibṛutti Sannibṛutti (see)

ସଂନିବେଶ—ସଂ. ବ—ସନ୍ନିବେଶ (ଦେଖ)
Samnibeśa (ସନ୍ନିବିଷ୍ଟ—ବଣ) Sannibeśa (see)

ସଂନିଭ—ସଂ. ବଣ—ସନ୍ନିଭ (ଦେଖ)
Samnibha Sannibha (see)

ସଂନିହିତ—ସଂ. ବଣ—ସନ୍ନିହିତ (ଦେଖ)
Samnihita Sannihita (see)

ସଂନ୍ୟସ୍ତ—ସଂ. ବଣ—ସନ୍ନ୍ୟସ୍ତ (ଦେଖ)
Samnyasta Sannyasta (see)

ସଂନ୍ୟାସ (ଇତ୍ୟାଦ)—ସଂ. ବ—ସନ୍ନ୍ୟାସ ଇତ୍ୟାଦ (ଦେଖ)
Samnyāsa(etc) Sannyāsa etc (see)

ସଂନ୍ୟାସନ—ସଂ. ବ—ସନ୍ନ୍ୟାସନ (ଦେଖ)
Samnyāsana Sannyāsana (see)

ସଂନ୍ୟାସିନୀ—ସଂ. ବଣ. ଓ ବ. ସ୍ତ୍ରୀ.—ସନ୍ନ୍ୟାସିନୀ (ଦେଖ)
Samnyāsinī Sannyāsinī (see)

ସଂନ୍ୟାସୀ—ସଂ. ଓ ଦେ. ବଣ ଓ ବ ପୁଂ—ସନ୍ନ୍ୟାସୀ (ଦେଖ)
Samnyāsī Sannyāsī (see)

ସଂପତ୍ [ଇତ୍ୟାଦ]—ଦେ. ବ—ସମ୍ପତ୍ ଇତ୍ୟାଦ (ଦେଖ)
Sampat [etc] Sampat etc (see)

ସଂପତି—ଗ୍ରା. ବ—ସମ୍ପତ୍ତି (ଦେଖ)
Sampati Sampatti (see)

ସଂପତ୍ତି [ଇତ୍ୟାଦ]—ସଂ. ବ—ସମ୍ପତ୍ତି ଇତ୍ୟାଦ (ଦେଖ)
Sampatti [etc] Sampatti etc (see)

ସଂପତ୍ତି(ତି)ଆ—ଦେ. ବଣ—ସମ୍ପତ୍ତିଆ (ଦେଖ)
Sampatti(ti)ā Sampattiā (see)

ସଂପଦ୍ (ଇତ୍ୟାଦ)—ସଂ. ବ—ସମ୍ପଦ୍ ଇତ୍ୟାଦ (ଦେଖ)
Sampad (etc Sampad etc (see)

ସଂପଦ—ଦେ. ବ—ସମ୍ପଦ (ଦେଖ)
Sampada Sampada (see)

ସଂପଧି—ଗ୍ରା. ବ (ପ୍ରାଚୀନ ପଦ୍ୟ)—ସମ୍ପଧି (ଦେଖ)
Sampadhi Sampadhi (see)

ସଂପନ୍ନ—ସଂ. ବଣ—ସମ୍ପନ୍ନ (ଦେଖ)
Sampanna Sampanna (see)

ସଂପରାୟ—ସଂ. ବ—ସମ୍ପରାୟ (ଦେଖ)
Samparāya Samparāya (see)

ସଂପରାୟ[ୟି]କ—ସଂ. ବ—ସମ୍ପରାୟକ (ଦେଖ)
Samparāya(yi)ka Samparāyaka (see)

ସଂପରିଗ୍ରହ—ସଂ. ବ—ସମ୍ପରିଗ୍ରହ (ଦେଖ)
Samparigraha Samparigraha (see)

ସଂପର୍କ [ଇତ୍ୟାଦ]—ସଂ. ବ—ସମ୍ପର୍କ ଇତ୍ୟାଦ (ଦେଖ)
Samparka [etc] Samparka etc (see)

ସଂପର୍କୀ—ସଂ. ବଣ. ପୁଂ—ସମ୍ପର୍କୀ (ଦେଖ)
Samparkī (ସଂପର୍କୀଣୀ—ସ୍ତ୍ରୀ) Samparkī (see)

ସଂପର୍କୀୟ—ସଂ. ବଣ. ପୁଂ—ସମ୍ପର୍କୀୟ ଦେଖ)
Samparkīya Samparkīya (see)

ସଂପର୍ଦା—ଗ୍ରା. ବ (ସଂ. ସଂପ୍ରଦାୟ)—ସମ୍ପର୍ଦା (ଦେଖ)
Sampardā Sampardā (see)

ସଂପର୍ଦାନ—ଗ୍ରା. ବ (ସଂ. ସଂପ୍ରଦାନ)—ସମ୍ପର୍ଦାନ (ଦେଖ)
Sampardāna Sampardāna(see)

ସଂପା[ଇତ୍ୟାଦ]—ସଂ.ବ. ଓ ଦେ.ବ ଓ ବଣ—ସମ୍ପା ଇତ୍ୟାଦ (ଦେଖ)
Sampā [etc] Sampā etc (see)

ସଂପା[ପେ]ଇବା—ଦେ. କି—ସମ୍ପାଇବା (ଦେଖ)
Sampā[pe]ib Sampāibā (see)

ସଂପାକ—ସଂ. ବଣ ପୁଂ—ସମ୍ପାକ ଦେଖ)—Sampāka (see)
Sampāka ଦେ. ବ (ସଂ. ସୁପାକ)—ଭଲ ରାନ୍ଧଣା—Nice cooking. [ଉ ସବୁଦିନ ସେ ଭଲ ରନ୍ଧା ଏକଠାରେ ଶିଖାଇଲେ । ନଳ ବନ୍ଧୁ ରାଜାଙ୍କୁ ସଂପାକ କରିଲେ—ପ୍ରାଚୀ. ନଳଚରିତ ।]

ସଂପାଗ—ଦେ. ବ—ପାକ; ରୋଷେଇ—Cooking. (ଉ—ତରଣ
Sampāga ପଶୁଙ୍କ ଚରଇ ବାଲି । ତହିଁ ସଂପାଗ ମନ ହୁଅଇ
ପାକ ରସୋଇ —ପ୍ରତାପ. ଶଶିସେଣା ।)

ସଂପାଗୀ—ଦେ. ବଣ—ଯେ ନିଜର ଖାଦ୍ୟ ଦ୍ରବ୍ୟ ନିଜ ହାତରେ
Sampāgī ପ୍ରସ୍ତୁତ କରେ—One who cooks his
ଯେ ସ୍ୱୟଂ পাককরে স্বয়ংপাকী food own with his own hands.

ସଂପାଟ—ସ. ବ.—ସମ୍ପାଟ (ଦେଖ)
Sampāṭa Sampāṭa (see)

ସଂପାତ(ଇତ୍ୟାଦ)—ସ. ବ—ସମ୍ପାତ ଇତ୍ୟାଦ (ଦେଖ)
Sampāta (etc) Sampāta etc (see)

ସଂପାତି—ସ. ବ (ନାମ)—ସମ୍ପାତି ଦେଖ)
Sampāti Sampāti (see)

ସଂପାତିକ—ସ. ବ—ସମ୍ପାତିକ (ଦେଖ)
Sampātika Sampātika (see)

ସଂପାଦ(ଇତ୍ୟାଦ)—ଗ୍ରା. ବ (ସ. ସବାଦ)—ସମ୍ପାଦ ଇତ୍ୟାଦ (ଦେଖ)
Sampāda (etc) Sampāda etc (see)

ସଂପାଦକ—ସ. ବଣ ଓ ବ. ପୁଂ—ସମ୍ପାଦକ (ଦେଖ)
Sampādaka (ସଂପାଦକା—ସ୍ତ୍ରୀ) Sampādaka (see)

ସଂପାଦକତା(ତ୍ୱ)—ସ: ବ—ସମ୍ପାଦକତା (ଦେଖ)
Sampādakatā (twa) Sampādakatā (see)

ସଂପାଦକୀୟ (ଇତ୍ୟାଦ)—ସ. ବଣ—ସମ୍ପାଦକୀୟ ଇତ୍ୟାଦ (ଦେଖ)
Sampādakīya (etc) Sampādakīya etc (see)

ସଂପାଦନ (ଇତ୍ୟାଦ)—ସ. ବ—ସମ୍ପାଦନ ଇତ୍ୟାଦ (ଦେଖ)
Sampādana (etc) Sampādana etc (see)

ସଂପାଦନୀୟ—ସ. ବଣ—ସମ୍ପାଦନୀୟ (ଦେଖ)
Sampādanīya Sampadanīya (see)

ସଂପାଦୟିତା—ସ ବଣ. ପୁଂ—ସମ୍ପାଦୟିତା (ଦେଖ)
Sampādayitā Sampādayitā (see)
[ସଂପାଦୟିତ୍ରୀ—ସ୍ତ୍ରୀ]

ସଂପାଦ (ଧାତୁ)—ସ—ସମ୍ପାଦ ଧାତୁ (ଦେଖ)
Sampādi (root) ampādi root (see)

ସଂପାଦିତ—ସ. ବଣ—ସମ୍ପାଦିତ (ଦେଖ)
Sampādita Sampādita (see)

ସଂପାଦିବା—ଦେ. କ୍ରି—ସମ୍ପାଦିବା (ଦେଖ)
Sampadibā Sampādibā (see)

ସଂପାଦ୍ୟ—ସ. ବଣ ଓ ବ—ସମ୍ପାଦ୍ୟ (ଦେଖ).
Sampādya Sampādya (see)

ସଂପି ଦେବା—ଦେ. କ୍ରି—ସମ୍ପି ଦେବା (ଦେଖ)
Sampi debā Sampi debā (see)

ସଂପିବା—ଦେ. କ୍ରି—ସମ୍ପିବା (ଦେଖ)
Sampibā Sampibā (see)

ସଂପୀ—ଦେ. ବଣ. ସ୍ତ୍ରୀ—ସମ୍ପୀ (ଦେଖ
Sampī (ସଂପେଇ—ଅନ୍ୟରୂପ) Sampī (see)

ସଂପୀଡ଼୍ (ଧାତୁ)—ସ—ସମ୍ପୀଡ଼୍ (ଧାତୁ) (ଦେଖ)
Sampīṛd (root) Sampīṛd root (see)

ସଂପୀଡ଼—ସ ବ—ସମ୍ପୀଡ଼ (ଦେଖ)
Sampīṛda (ସଂପୀଡ଼ନ—ଅନ୍ୟରୂପ) Sampsṛda (see)

ସଂପୀଡ଼ନୀୟ—ସଂ. ବଣ—ସମ୍ପୀଡ଼ନୀୟ (ଦେଖ)
Sampīṛdanīya Sampīṛdanīya (see)

ସଂପୀଡ଼ିତ—ସଂ. ବଣ—ସମ୍ପୀଡ଼ିତ (ଦେଖ)
Sampīṛdita Sampīṛdita (se)

ସଂପୀଡ୍ୟମାନ—ସଂ. ବଣ—ସମ୍ପୀଡ୍ୟମାନ (ଦେଖ)
Sampīdyamāna Sampīdyamāna (see)

ସଂପୀତି—ସଂ. ବ—ସମ୍ପୀତି (ଦେଖ)
Sampīti Sampīti (see)

ସଂପୁଟ (ଇତ୍ୟାଦ)—ସଂ. ବ ଓ ବଣ—ସମ୍ପୁଟ ଇତ୍ୟାଦ (ଦେଖ)
Samputa (etc). Samputa etc. (see)

ସଂପୁଟକ—ସଂ. ବ—ସମ୍ପୁଟକ (ଦେଖ)
Sampūṭaka Sampūṭaka (see)

ସଂପୁଟିତ—ସ. ବଣ—ସମ୍ପୁଟିତ (ଦେଖ)
Sampūṭita Sampūṭita. (see)

ସଂପୁନ୍ନ(ନ୍ୟ)—ଗ୍ରା. ବଣ. (ସଂ. ସମ୍ପୂର୍ଣ୍ଣ)—ସମ୍ପୁନ୍ନ (ଦେଖ)
Sampunna(nya) Sampunna (see)

ସଂପୂର୍ଣ୍ଣ (ଇତ୍ୟାଦ)—ସ. ବଣ—ସମ୍ପୂର୍ଣ୍ଣ ଇତ୍ୟାଦ (ଦେଖ)
Sampūrṇṇa (etc) Sampūrṇṇa etc. (see)

ସଂପୂର୍ଣ୍ଣତୟା—ସଂ. କ୍ରି. ବଣ—ସମ୍ପୂର୍ଣ୍ଣତୟା (ଦେଖ)
Sampūrṇṇatayā Sampūrṇṇatayā. (see)

ସଂପୂର୍ଣ୍ଣତର(ମ)—ସଂ. ବଣ—ସମ୍ପୂର୍ଣ୍ଣତର (ଦେଖ
Sampūrṇṇatara(ma) Sampūrṇṇatara. (see)

ସଂପୂର୍ଣ୍ଣତା[ତ୍ୱ]—ସଂ. ବ—ସମ୍ପୂର୍ଣ୍ଣତା (ଦେଖ)
Sampūrṇṇatā[twa] Sampūrṇṇatā. (see)

ସଂପୂର୍ଣ୍ଣା—ସଂ. ବଣ ଓ ବ ସ୍ତ୍ରୀ—ସମ୍ପୂର୍ଣ୍ଣା (ଦେଖ)
Sampūrṇṇā Sampūrṇṇā. (see)

ସଂପୃକ୍ତ—ସଂ. ବଣ—ସମ୍ପୃକ୍ତ (ଦେଖ)
Samprukta Samprukta. (see)

ସଂପେଇ ଦେବା—ପ୍ରାଦେ. (ଯାଜପୁର) କ୍ରି—ସମ୍ପେଇ ଦେବା (ଦେଖ)
Sampei debā Sampei debā. (see)

ସଂପେଇବା—ଦେ. କ୍ରି—ସମ୍ପେଇବା (ଦେଖ)
Sampeibā Sampeibā. (see)

ସଂପୋଡ଼—ଦେ. ବ—ସମ୍ପୋଡ଼ (ଦେଖ)
Samporḍa Samporḍa. (See)

ସଂପୋଡ଼େ—ଦେ. କ୍ରି. ବଣ—ସମ୍ପୋଡ଼େ (ଦେଖ)
Samporḍe Samporḍe. (see)

ସଂପୋଷ୍ୟ—ସଂ. ବଣ—ସମ୍ପୋଷ୍ୟ (ଦେଖ)
Samposhya Samposbyn. (see)

ସଂପ୍ରତି—ସଂ. ଅ—ସମ୍ପ୍ରତି (ଦେଖ)
Samprati Samprati. (see)

ସଂପ୍ରତିପତ୍ତି—ସଂ. ବ—ସମ୍ପ୍ରତିପତ୍ତି (ଦେଖ)
Sampratipatti Sampratipatti. (see)

ସଂପ୍ରତିରୋଧ—ସଂ. ବ—ସମ୍ପ୍ରତିରୋଧ (ଦେଖ)
Sampratirodha Sampratirodha. (see)
(ସଂପ୍ରତିରୁଦ୍ଧ, ସଂପ୍ରତିରୋଧିତ—ବଣ)

ସଂପ୍ରତିରୋଧକ—ସଂ. ବଣ ଓ ବ. ପୁଂ—ସମ୍ପ୍ରତିରୋଧକ (ଦେଖ)
Sampratiradhaka Sampratirodhaka. (see)

ସଂପ୍ରତୀତ—ସ. ବଣ—ସମ୍ପ୍ରତୀତ (ଦେଖ)
Sampratīta Sampratīta (see)

ସଂପ୍ରଗାଢ—ସଂ. ବ—ସମ୍ପ୍ରଗାଢ (ଦେଖ)
Sampratiti Sampratiti (see)
ସଂପ୍ରଦା—ଗ୍ରା. ବ—ସମ୍ପ୍ରଦା (ଦେଖ)
S mpradā Sampradā (see)
ସଂପ୍ରଦାତା—ସଂ ବଣ ଓ ବ. ପୁଂ—ସମ୍ପ୍ରଦାତା (ଦେଖ)
Sampradātā [ସଂପ୍ରଦାତ୍ରୀ—ସ୍ତ୍ରୀ] Sampradātā (see)
ସଂପ୍ରଦାନ—ସଂ. ବ—ସମ୍ପ୍ରଦାନ (ଦେଖ)
S mpradāna (ସଂପ୍ରଦତ୍ତ—ବଣ) Sampradāna (see)
ସଂପ୍ରଦାନୀୟ—ସଂ. ବଣ—ସମ୍ପ୍ରଦାନୀୟ (ଦେଖ)
S mpradāniya Sampradāniya (see)
ସଂପ୍ରଦାୟ (ଇତ୍ୟାଦ)—ସମ୍ପ୍ରଦାୟ ଇତ୍ୟାଦ (ଦେଖ)
S mpradāya (etc) Sampradāya etc (see)
ସଂପ୍ରଧାରଣ ଣା)—ସଂ. ବ—ସମ୍ପ୍ରଧାରଣ (ଦେଖ)
S mpradhāran [nā] Sampradhārana (see)
ସଂପ୍ରପଦ—ସଂ. ବ—ସମ୍ପ୍ରପଦ (ଦେଖ)
S mprapada Samprapada (see)
ସଂପ୍ରଯୁକ୍ତ—ସଂ. ବଣ—ସମ୍ପ୍ରଯୁକ୍ତ (ଦେଖ)
S mprajukta Samprajukta (see)
[ସଂପ୍ର-ଯୁକ୍ତ-ଶିକ୍ତ କ୍ରିୟାତ୍ମକ—ବଣ]
ସଂପ୍ରଯୋ(ୟୋ)ଗ—ସଂ. ବ. ପୁଂ—ସମ୍ପ୍ରଯୋଗ (ଦେଖ)
S mpraj(vo)ga S mprajyoga (see)
ସଂପ୍ରଯୋ(ୟୋ)ଗୀ—ସଂ. ବଣ—ସମ୍ପ୍ରଯୋଗ (ଦେଖ)
S mprajo(yo)gi Samprajogi (see)
ସଂପ୍ରଯୋ(ୟୋ)ଜକ—ସଂ. ବଣ. ପୁଂ—ସଂପ୍ରଯୋଜକ (ଦେଖ)
S mprajo(yo)jaka Samprajojaka (see)
[ସଂପ୍ରଯୋ(ୟୋ)ଜକା—ସ୍ତ୍ରୀ]
ସଂପ୍ରଯୋ(ୟୋ)ଜନ(ନ)—ସଂ ବ—ସମ୍ପ୍ରଯୋଜନ (ଦେଖ)
S mprajo(yo)jana(nā) S mprajojana (see)
ସଂପ୍ରସାଦ—ସଂ. ବ—ସମ୍ପ୍ରସାଦ (ଦେଖ)
S mprasāda Samprasāda (see)
ସଂପ୍ରସାରଣ—ସଂ. ବ—ସମ୍ପ୍ରସାରଣ (ଦେଖ)
S mprasārana Samprasārana (see)
[ସଂପ୍ରସାରିତ—ବଣ]
ସଂପ୍ରସ୍ଥିତ—ସଂ ବଣ—ସମ୍ପ୍ରସ୍ଥିତ (ଦେଖ)
S mprsthita [ସଂପ୍ରସ୍ଥାନ—ବ] S mprasthita (see)
ସଂପ୍ରହାର—ସଂ. ବ—ସମ୍ପ୍ରହାର (ଦେଖ)
S mprahār (ସଂପ୍ରହୃତ—ବଣ, S mprahāra (see)
ସଂପ୍ରାପତ—ଦେ. ବଣ—ସମ୍ପ୍ରାପତ (ଦେଖ)
Samprāpata S mprāpata (see)
ସଂପ୍ରାପ୍ତ—ସଂ ବଣ—ସମ୍ପ୍ରାପ୍ତ (ଦେଖ)
S mprāpta (ସଂପ୍ରାପ୍ତି—ବ) Samprāpta (see)
ସଂପ୍ରୀତ—ସଂ. ବଣ—ସମ୍ପ୍ରୀତ ଦେଖ
Samprita (ସଂପ୍ରୀତି—ବ) Samprita (see)
ସଂପ୍ରୈଷ—ସଂ. ବ—ସମ୍ପ୍ରୈଷ (ଦେଖ)
S mpraisha Sampraisha (see)

ସଂପ୍ଲବ—ସଂ. ବ—ସମ୍ପ୍ଲବ (ଦେଖ)
Samplaba (ସଂପ୍ଲୁତ, ସଂପ୍ଲାବିତ—ବଣ) Samplaba (see)
ସଂଫାଲ—ସଂ. ବ—ସମ୍ଫାଲ (ଦେଖ)
S mphāla Samphāla (see)
ସଂଫୁଲ୍ଲ—ସଂ. ବଣ—ସମ୍ଫୁଲ୍ଲ (ଦେଖ)
S mphulla Samphulla (see)
ସଂବ (ଧାତୁ)—ସମ୍ବ (ଧାତୁ) (ଦେଖ)
S mb root Samb root (see)
ସଂବ—ସଂ. ବ—ସମ୍ବ (ଦେଖ)
S mba Samb see
ସଂବଚ୍ଛର—ଗ୍ରା. ବ (ସଂ. ସଂବତ୍ସରର ଅଶୁଦ୍ଧ ଉଚ୍ଚାରଣ)—ସମ୍ବତ୍ସର
S mbachchhara (ଦେଖ)—Sambatsara(see)
ସଂବତ୍—ସଂ. ବ—ସମ୍ବତ୍ (ଦେଖ)
Sambat Sambat (see)
ସଂବତ୍ସର—ସଂ. ବ—ସମ୍ବତ୍ସର (ଦେଖ)
Sambatsara Sambatsara (see)
ସଂବଦନ—ସଂ. ବ—ସମ୍ବଦନ (ଦେଖ)
S mbadana Sambadana (see)
ସଂବଦ୍ଧ—ସଂ. ବଣ—ସମ୍ବଦ୍ଧ (ଦେଖ)
S mbaddha Sambaddha (see)
ସଂବନନ—ସଂ. ବ—ସମ୍ବନନ (ଦେଖ)
S mbanana Sambanana (see)
ସଂବନ୍ଧ (ଇତ୍ୟାଦ)—ସଂ. ବ—ସମ୍ବନ୍ଧ ଇତ୍ୟାଦ (ଦେଖ)
S mbandha (etc.) Sambandha etc. (see)
ସଂବନ୍ଧା ସଂବନ୍ଧୀ—ଦେ. ବ—ସମ୍ବନ୍ଧା ସମ୍ବନ୍ଧୀ (ଦେଖ)
Sambandhā sambandhi
Sambandhā sambandhi (see)
ସଂବନ୍ଧିନୀ—ସଂ. ବ ଓ ବଣ: ସ୍ତ୍ରୀ—ସମ୍ବନ୍ଧିନୀ (ଦେଖ)
S mbandhini S mbandhini (see)
ସଂବନ୍ଧୀ—ସଂ. ବଣ. ଓ ବ. ପୁଂ—ସମ୍ବନ୍ଧୀ (ଦେଖ)
S mbandhi Sambandhi (see)
ସଂବନ୍ଧୀୟ—ସଂ. ବଣ—ସମ୍ବନ୍ଧୀୟ (ଦେଖ)
S mbandhiya Sambandhiya (see)
ସଂବର (ଇତ୍ୟାଦ)—ସଂ. ବ—ସମ୍ବର ଇତ୍ୟାଦ (ଦେଖ)
S mbara (etc) Sambara etc (see)
ସଂବରଣ (ଇତ୍ୟାଦ)—ସଂ. ବ.—ସମ୍ବରଣ ଇତ୍ୟାଦ (ଦେଖ)
S mbarana (etc) Sambarana etc (see)
ସମ୍ବରି(ଇତ୍ୟାଦି)—ଦେ. ବଣ. (ସଂ.ସାମଗ୍ରୀ)—ସମ୍ବରି ଇତ୍ୟାଦି (ଦେଖ)
Sambari (etc) Sambari etc (see)
ସଂବରିତ—ସଂ ବଣ.—ସମ୍ବରିତ (ଦେଖ)
S mbarita Sambarita (see)
ସଂବରିବା—ଦେ. କ୍ରି—(ସଂ. ସଂବରଣ)—ସମ୍ବରିବା (ଦେଖ)
S mbaribā Sambaribā (see)
ସଂବରୀ—ସଂ. ବ. (ବୈଦ୍ୟକ)—ସମ୍ବରୀ (ଦେଖ)
S mbari Sambari (see)

ସଂବର୍ତ୍ତି—ସଂ. ବ—ସମ୍ବର୍ତ୍ତ (ଦେଖ)
Sambartta Sambartta (See)

ସଂବର୍ତ୍ତକ—ସଂ. ବ—ସମ୍ବର୍ତ୍ତକ (ଦେଖ)
Sambarttaka Sambarttaka (See)

ସଂବର୍ତ୍ତକୀ—ସଂ. ବ—ସମ୍ବର୍ତ୍ତକୀ (ଦେଖ)
Sambarttakī Sambarttakī (See)

ସଂବର୍ତ୍ତି—ସଂ. ବ—ସମ୍ବର୍ତ୍ତି (ଦେଖ)
Sambartti (ସଂବର୍ତ୍ତିକା—ଅନ୍ୟରୂପ) Sambartti (See)

ସଂବର୍ଦ୍ଧକ—ସଂ. ବଣ. ପୁଂ—ସମ୍ବର୍ଦ୍ଧକ (ଦେଖ)
Sambarddhaka Sambarddhaka (See)
(ସଂବର୍ଦ୍ଧିକା—ସ୍ତ୍ରୀ)

ସଂବର୍ଦ୍ଧନ(ନା)—ସଂ. ବ—ସମ୍ବର୍ଦ୍ଧନ (ଦେଖ)
Sambardhhana(nā) Samfarddhana (See)

ସଂବର୍ଦ୍ଧିତ (ଇତ୍ୟାଦି)—ସଂ. ବଣ—ସମ୍ବର୍ଦ୍ଧିତ ଇତ୍ୟାଦି (ଦେଖ)
Sambarddhita (etc) Sambardhita etc. (See)

ସଂବର୍ମ(ର୍ମ୍ମି)ତ—ସଂ. ବଣ—ସମ୍ବର୍ମ୍ମିତ (ଦେଖ)
Sambarmi(rmmi)ta Sambarmmita (See)

ସଂବଳ (ଇତ୍ୟାଦି)—ସଂ. ବ—ସମ୍ବଳ ଇତ୍ୟାଦି (ଦେଖ)
Sambaḷa (etc) Sambaḷa etc. (See)

ସଂବଳା (ଇତ୍ୟାଦି)—ଦେ. ବ ଓ ବଣ—ସମ୍ବଳା ଇତ୍ୟାଦି (ଦେଖ)
Sambaḷā (etc) Sambaḷā etc. (See)

ସଂବଲ୍ପ—ଦେ. ବ (ନାମ)—ସମ୍ବଲ୍ପ (ଦେଖ)
Sambalā Sambalā (See)
[ସଂବଲ୍ପ(ଲେ)ଈ, ସବଲେଶ୍ୱରୀ—ଅନ୍ୟରୂପ]

ସଂବଲ୍ପ(ଲେ)ଈ ଗଣ୍ଡ—ଦେ. ବ—ସମ୍ବଲ୍ପଈ ଗଣ୍ଡ (ଦେଖ)
Sambalā(le)ī gaṇḍa Sambalāī gaṇḍa (See)

ସଂବଳିତ—ସଂ. ବଣ—ସମ୍ବଳିତ (ଦେଖ)
Smabaḷita Sambaḷita (See)

ସଂବସଥ—ସଂ. ବ—ସମ୍ବସଥ (ଦେଖ)
Smabasatha Sambasatha (See)

ସଂବହ—ସଂ. ବ. (ବୈଦ୍ୟକ)—ସମ୍ବହ (ଦେଖ)
Sambaha Sambaha (See)

ସଂବହିକା—ସଂ. ବ—ସମ୍ବହିକା (ଦେଖ)
Sambahikā Sambahikā (See)

ସଂବା(ବେ)ଇବା—ଦେ. କ୍ରି—ସମ୍ବାଇବା (ଦେଖ)
Sambā(be)ibā Sambāibā (See)

ସଂବାକୃତ—ସଂ. ବ ଓ ବଣ—ସମ୍ବାକୃତ (ଦେଖ)—Sambākṛuta
Sambākṛuta (ଶଂବାକୃତ—ଅନ୍ୟରୂପ) (See)

ସଂବାଦ(ଇତ୍ୟାଦି)—ସଂ. ବ—ସମ୍ବାଦ ଇତ୍ୟାଦି (ଦେଖ)
Sambāda (etc) Sambāda etc. (See)

ସଂବାଦୀ—ସଂ. ବଣ. ପୁଂ—ସମ୍ବାଦୀ (ଦେଖ)
Sambādī [ସମ୍ବାଦିନୀ—ସ୍ତ୍ରୀ] Sambādī (See)

ସଂବାଧ—ସଂ. ବ—ସମ୍ବାଧ (ଦେଖ)
Sambādha Sambādha (See)

ସଂବାଧନ—ସଂ. ବ—ସମ୍ବାଧନ (ଦେଖ)
Sambādhana (ସଂବାଧିତ—ବଣ) Sambādhana (See)

ସଂ(ସଁ)ବାର—ଗ୍ରା. ବ—ସମ୍ବାର (ଦେଖ)
Sam(sañ)bāra Sambāra (See)

ସଂ(ସଁ)ବାରିଆ—ଗ୍ରା. ବଣ ଓ ବ. ପୁଂ—ସମ୍ବାରିଆ (ଦେଖ)
Sam(sañ)bāriā [ସଂ(ସଁ)ବାରୁଣୀ—ସ୍ତ୍ରୀ] Sambāriā (See)

ସଂବାଳ—ଦେ. ବ ଓ ବଣ—ସମ୍ବାଳ (ଦେଖ)
Sambāḷa Sambāḷa (See)

ସଂ(ସଁ)ବାଳି(ଳୁ)ଆ—ଦେ. ବ—ସମ୍ବାଳିଆ (ଦେଖ)
Sam(sañ)bāḷi(ḷu)ā Sambāḷiā (See)

ସଂବାଳିବା—ଦେ. କ୍ରି—ସମ୍ବାଳିବା (ଦେଖ)
Sambāḷibā Sambāḷibā (See)

ସଂବାସ—ସଂ. ବ—ସମ୍ବାସ (ଦେଖ)
Sambāsa Sambāsa (See)

ସଂବାହ—ସ. ବ—ସମ୍ବାହ (ଦେଖ
Sambāha Sambāha (See)

ସଂବାହକ—ସଂ. ବ. ଓ ବଣ. ପୁଂ—ସମ୍ବାହକ (ଦେଖ)
Sambāhaka (ସଂବାହିକା—ସ୍ତ୍ରୀ) Sambāhaka (See)

ସଂବାହନ—ସଂ. ବ—ସମ୍ବାହନ (ଦେଖ)
Sambāhana Sambāhana (See)

ସଂବାହିତ—ସଂ. ବଣ—ସମ୍ବାହିତ (ଦେଖ)
Sambāhita Sambāhita (See)

ସଂବିଗ୍ନ—ସଂ. ବଣ—ସମ୍ବିଗ୍ନ (ଦେଖ)
Sambigna Sambigna (ee)

ସଂବିତ୍—ସଂ. ବ—ସମ୍ବିତ୍ (ଦେଖ)
Sambit Sambit (See)

ସଂବିତ୍ତି—ସଂ. ବ—ସମ୍ବିତ୍ତି (ଦେଖ)
Sambitti Sambitti (See)

ସଂବିଦ୍‌ବ୍ୟତିକ୍ରମ—ସଂ. ବ—ସମ୍ବିଦ୍ ବ୍ୟତିକ୍ରମ (ଦେଖ)
Sambid-byatikrama Sambid-byatikrama (See)

ସଂବିଦା(ଇତ୍ୟାଦି)—ସଂ. ବ—ସମ୍ବିଦା ଇତ୍ୟାଦି (ଦେଖ)
Sambidā(etc) Sambidā etc. (See)

ସଂବିଦିତ—ସଂ. ବଣ—ସମ୍ବିଦିତ (ଦେଖ)
Sambidita Sambidita (See)

ସଂବିଧା—ସଂ. ବ—ସମ୍ବିଧା (ଦେଖ)
Sambidhā (ସଂବିଧାନ—ଅନ୍ୟରୂପ) Sambidhā (See)

ସଂବିଭକ୍ତ—ସଂ: ବଣ—ସମ୍ବିଭକ୍ତ (ଦେଖ)
Sambibhakta (ସଂବିଭାଗ—ବ) Sambibhakta (See)

ସଂବିଷ୍ଟ—ସଂ. ବଣ—ସମ୍ବିଷ୍ଟ (ଦେଖ
Sambishṭa (ସଂବେଶ—ବ) Sambishṭa (See)

ସଂବୀକ୍ଷଣ—ସଂ ବ.—ସମ୍ବୀକ୍ଷଣ (ଦେଖ)
Sambīkshaṇa (ସଂବୀକ୍ଷିତ—ବଣ) Sambīkshaṇa (See)

ସଂବୀତ—ସଂ. ବଣ—ସମ୍ବୀତ (ଦେଖ)
Sambīta Sambīta (See)

ସଂବୁଦ୍ଧ—ସଂ. ବଣ—ସମ୍ବୁଦ୍ଧ (ଦେଖ)
Sambuddha — Sambuddha (See)

ସମ୍ବୁଦ୍ଧି—ସଂ. ବି—ସମ୍ବୁଦ୍ଧି (ଦେଖ)
Sambuddhi — Sambuddhi (See)

ସମ୍ବୃତ—ସଂ. ବଣ—ସମ୍ବୃତ (ଦେଖ)
Sambṛuta — Sambṛuta (See)

ସମ୍ବୃତି—ସଂ. ବି—ସମ୍ବୃତି (ଦେଖ)
Sambṛuti — ambṛuti (See)

ସମ୍ବୃତ୍ତ—ସଂ. ବଣ—ସମ୍ବୃତ୍ତ (ଦେଖ)
Sambṛutta — Sambṛutta (See)

ସଂବୃତ୍ତି—ସଂ. ବି—ସମ୍ବୃତ୍ତି (ଦେଖ)
Sambṛutti — Sambṛutti (See)

ସଂବେଗ—ସଂ. ବି—ସମ୍ବେଗ (ଦେଖ)
Sambega — Sambega (See)

ସଂବେଦ—ସଂ. ବି—ସମ୍ବେଦ (ଦେଖ)
Sambeda — Sambeda (S ee)

ସଂବେଦନ(ନା)—ସଂ. ବି—ସମ୍ବେଦନ (ଦେଖ)
Sambedana(nā) — Sambedana (See)

ସଂବେଦ୍ୟ—ସଂ. ବଣ—ସମ୍ବେଦ୍ୟ (ଦେଖ)
Sambedya — Sambedya (See)

ସଂବେଶ—ସଂ. ବି—ସମ୍ବେଶ (ଦେଖ)
Sambeṣa — Sambeṣa (See)

ସଂବେଶନ—ସଂ. ବି—ସମ୍ବେଶନ (ଦେଖ)
S-mbeṣana — Sambeṣana (See)

ସଂବୋଧ—ସଂ. ବି—ସମ୍ବୋଧ (ଦେଖ)
Sambodha — Sambodha (See)

ସଂବୋଧନ (ଇତ୍ୟାଦି)—ସଂ. ବି—ସମ୍ବୋଧନ ଇତ୍ୟାଦି (ଦେଖ)
Sambodhana (etc) — Sambodhana etc. (See)
[ସଂବୋଧିତ—ବଣ]

ସଂବୋଧିବା—ଦେ. କ୍ରି. (ପଦ୍ୟ)—ସମ୍ବୋଧିବା (ଦେଖ)
Sambodhibā — Sambodhibā (See)

ସଂବ୍ୟାନ—ସଂ. ବି—ସମ୍ବ୍ୟାନ (ଦେଖ)
Sambyāna — Sambyāna (See)

ସଂଭବ (ଇତ୍ୟାଦି)—ସଂ. ବି—ସମ୍ଭବ ଇତ୍ୟାଦି (ଦେଖ)
Sambhaba (etc) — Sambhaba etc. (See)

ସଂଭବତଃ—ସଂ. ଅ—ସମ୍ଭବତଃ (ଦେଖ)
Sambhabataḥ — Sambhabataḥ (See)

ସଂଭବିବା—ଦେ. କ୍ରି. (ପଦ୍ୟ)—ସମ୍ଭବିବା (ଦେଖ)
Sambhabibā — Sambhabibā (See)

ସଂଭବୀ—ଦେ. ବଣ—ସମ୍ଭବୀ (ଦେଖ)
S mbhabī — Sambhabī (See)

ସଂଭବ୍ୟ—ସଂ. ବଣ—ସମ୍ଭବ୍ୟ (ଦେଖ)
Sambhabya — Sambhabya (See)

ସଂଭର(ର୍ବ)—ଦେ. ବି—ସମ୍ଭର (ଦେଖ)
Sambhara(rba) — Sambhara (See)
[ସଂଭରିବ—ଅନ୍ୟରୂପ]

ସଂଭରବେ—ଦେ. କ୍ରି. ବଣ—ସମ୍ଭରବେ (ଦେଖ)
Sambharabe — Sambharabe (See)

ସଂଭରିବା—ଦେ. କ୍ରି—ସମ୍ଭରିବା (ଦେଖ)
Sambharibā — Sambharibā (See)

ସଂଭଳ—ସଂ. ବି (ନାମ)—ସମ୍ଭଳ (ଦେଖ)
Sambhaḷa — Sambhaḷa (See)

ସଂଭଳା (ଇତ୍ୟାଦି)—ଦେ. ବି—ସମ୍ଭଳା ଇତ୍ୟାଦି (ଦେଖ)
Sambhaḷ (etc) — Sambhaḷā etc. (See)

ସଂଭଳୀ—ସଂ. ବି ସ୍ତ୍ରୀ—ସମ୍ଭଳୀ (ଦେଖ)
Sambhaḷī — Sambaḷī (See)

ସଂଭା(ଭେ)ଇବା—ଦେ. କ୍ରି—ସମ୍ଭାଇବା (ଦେଖ)
S-mbhā(bhe)ibā — Sambhāibā (See)

ସଂଭାବନ—ସଂ. ବି—ସମ୍ଭାବନ (ଦେଖ)
Sambhābana — Sambhābana (See)

ସଂଭାବନା (ଇତ୍ୟାଦି)—ସଂ. ବି—ସମ୍ଭାବନା ଇତ୍ୟାଦି (ଦେଖ)
Sambhābanā (etc) — Sambhābanā etc (See)

ସଂଭାବନୀୟ—ସଂ. ବଣ—ସମ୍ଭାବନୀୟ (ଦେଖ)
Sambhābanīya — Sambhābanīya (See)

ସଂଭାବିତ—ସଂ. ଓ ଦେ. ବଣ—ସମ୍ଭାବିତ (ଦେଖ)
Sambhābita — Sambhābita (See)

ସଂଭାବ୍ୟ—ସଂ. ବଣ—ସମ୍ଭାବ୍ୟ (ଦେଖ,—Samhbābya (See)
Sambhābya (ସଂଭାବନୀୟ—ଅନ୍ୟରୂପ)

ସଂଭାର—ସଂ. ବି—ସମ୍ଭାର (ଦେଖ)
Sambhāra — Sambhāra (See)

ସଂଭାରେ—ଦେ. କ୍ରି. ବଣ—ସମ୍ଭାରେ (ଦେଖ)
Sambhāre — Sambhāre (See)

ସଂଭାଳ (ଇତ୍ୟାଦି)—ଦେ. ବଣ—ସମ୍ଭାଳ ଇତ୍ୟାଦି (ଦେଖ)
Sambhāḷa (etc) — Sambhāḷa etc (See)

ସଂଭାଳନ୍ତା—ଦେ. ବଣ—ସମ୍ଭାଳନ୍ତା (ଦେଖ)
Sambhāḷantā — Sambhāḷantā (See)

ସଂଭାଳିଆ—ଗ୍ରା. ବଣ ଓ ବି—ସମ୍ଭାଳିଆ (ଦେଖ)
Sambhāḷiā — Sambhāḷiā (See)

ସଂଭାଳି ନେବା—ଦେ. କ୍ରି—ସମ୍ଭାଳି ନେବା (ଦେଖ)
Sambhāḷi nebā — Sambhḷi nebā (See)

ସଂଭାଳିବ—ଦେ. କ୍ରି—ସମ୍ଭାଳିବା (ଦେଖ)
Sambhāḷibā — Sambāhaḷibā (See)

ସଂଭାଳି ଯି(ହେ)ବା—ଦେ. କ୍ରି—ସମ୍ଭାଳି ଯିବା (ଦେଖ)
Sambhāḷi ji(he)bā — Sambhāḷi jibā (See)

ସଂଭାଳୁଆ—ଗ୍ରା. ବି—ସୁଆଁବାଳି (ଦେଖ)
Sambhāḷuā — Suāṅbāḷi (See)

ସଂଭାଷ(ଷା)—ସଂ. ବି—ସମ୍ଭାଷ (ଦେଖ)
Sambhāsha(shā) — Sambhāsha (See)

ସଂଭାଷଣ(ଣା)—ସଂ. ବି—ସମ୍ଭାଷଣ (ଦେଖ)
Sambhāshaṇa(ṇā) — *Sambhāshaṇa (See)

ସଂଭାଷଣା ଦେବା—ଦେ. କ୍ରି—ସମ୍ଭାଷଣା ଦେବା (ଦେଖ)
Sambhāshaṇā debā Sambhāsaṇā debā (See)
ସଂଭାଷିବା - ଦେ. କ୍ରି (ପଦ୍ୟ)—ସମ୍ଭାଷିବା (ଦେଖ)
Sambhāshibā. Sambhāshibā (See)
ସଂଭାଷୀ—ସଂ. ବିଣ. ପୁଂ—ସମ୍ଭାଷୀ (ଦେଖ)
Sambhāshī (ସଂଭାଷିଣୀ – ସ୍ତ୍ରୀ) Sambhāshī (See)
ସଂଭିନ୍ନ – ସ. ବିଣ—ସମ୍ଭିନ୍ନ (ଦେଖ)
Sambhinna Sambhinna (See)
ସଂଭୁ—ସଂ.ବିଣ—ସମ୍ଭୁ (ଦେଖ)
Sambhu Sambhu (See)
ସଂଭୁକ୍ତ—ସଂ. ବିଣ—ସମ୍ଭୁକ୍ତ (ଦେଖ)
Sambhukta Sambhukta (See)
ସଂଭୂତ (ଇତ୍ୟାଦ)—ସଂ. ବିଣ—ସମ୍ଭୂତ ଇତ୍ୟାଦ (ଦେଖ)
Sambhūta(etc) Sambhūta etc (See)
ସଂଭୂତି—ସଂ. ବି—ସମ୍ଭୂତି (ଦେଖ)
Sambhūti Sambhūti (See)
ସଂଭୂୟ—ସଂ. ଅ—ସମ୍ଭୂୟ (ଦେଖ)
Sambhūya Sambhūya (See)
ସଂଭୂୟକାରୀ – ସଂ. ବିଣ. ପୁଂ—ସମ୍ଭୂୟକାରୀ (ଦେଖ)
Sambhūyakārī(ସଭୂୟକାରିଣୀ—ସ୍ତ୍ରୀ)Sambhūyakārī(See)
ସଂଭୂୟ ସଂଧାନ—ସଂ, ବିଂ—ସମ୍ଭୂୟ ସନ୍ଧାନ (ଦେଖ)
Sambhūya samdhāna Sambhūya sandhāna (See)
ସଂଭୂୟ ସମୁତ୍ଥାନ—ସଂ.ବି—ସମ୍ଭୂୟ ସମୁତ୍ଥାନ (ଦେଖ)
Sambhūya samutthāna
(ସଭୂୟସମୁତ୍ଥିତ—ବିଣ) Sambhūya samutthāna (See)
ସଂଭୃତ—ସଂ. ବିଣ—ସମ୍ଭୃତ (ଦେଖ)
Sambhṛuta Sambhṛuta (See)
ସଂଭୃତି—ସଂ. ବି—ସମ୍ଭୃତି (ଦେଖ)
Sambhṛuti Sambhṛuti (See)
ସଂଭେଦ – ସଂ. ବି—ସମ୍ଭେଦ (ଦେଖ)
Sambheda (ସଂଭିନ୍ନ—ବିଣ) Sambheda (See)
ସଂଭୋଗ (ଇତ୍ୟାଦ)—ସଂ. ବି—ସମ୍ଭୋଗ ଇତ୍ୟାଦ (ଦେଖ)
Sambhoga (etc) Sambhoga etc. (See)
ସଂଭୋଗୀ – ସ. ବିଣ. ପୁଂ – ସମ୍ଭୋଗୀ (ଦେଖ)
Sambhogī (ସଂଭୋଗିନୀ—ସ୍ତ୍ରୀ) Sambhogī (See)
ସଂଭ୍ରମ (ଇତ୍ୟାଦ)—ସଂ. ବି—ସମ୍ଭ୍ରମ ଇତ୍ୟାଦ (ଦେଖ)
Sambhrama (etc) Sambhrama etc. (See)
ସଂଭ୍ରାନ୍ତ (ଇତ୍ୟାଦ)—ସଂ. ବିଣ—ସମ୍ଭ୍ରାନ୍ତ ଇତ୍ୟାଦ (ଦେଖ)
Sambhrānta (etc) Sambhrānta etc. (See)
ସଂମତ (ଇତ୍ୟାଦ)—ସଂ. ବିଣ—ସମ୍ମତ ଇତ୍ୟାଦ (ଦେଖ)
Sammata (etc) Sammata etc. (See)
ସଂମତି (ଇତ୍ୟାଦ)—ସଂ. ବିଣ – ସମ୍ମତି ଇତ୍ୟାଦ (ଦେଖ)
Sammati (etc) Sammati etc. (See
ସଂମଦ—ସଂ. ବିଣ—ସମ୍ମଦ (ଦେଖ)
Sammada Sammada (See)
ସଂମର୍ଦ୍ଦ(ର୍ଦ୍ଦ)—ସଂ. ବି—ସମ୍ମର୍ଦ୍ଦ (ଦେଖ)
Sammarda(rdda) Sammarda (See)
ସଂମାତୁର—ସଂ. ବି. ପୁଂ—ସମ୍ମାତୁର (ଦେଖ)
Sammātura Sammātura (See)
ସଂମାଦ—ସଂ. ବି—ସମ୍ମାଦ (ଦେଖ)
Sammāda Sammāda (See)
ସଂମାନ (ଇତ୍ୟାଦ)—ସ. ବି—ସମ୍ମାନ ଇତ୍ୟାଦ (ଦେଖ)
Sammāna (etc) Sammāna etc. (See)
ସଂମାନନ(ନା)—ସଂ. ବି— ସମ୍ମାନନ (ଦେଖ)
Sammānana(nā) Sammānana (See)
ସଂମାନନୀୟ—ସଂ. ବିଣ. ପୁଂ—ସମ୍ମାନନୀୟ (ଦେଖ)
Sammānanīya Sammānanīya (See)
ସଂମାନିତ – ସଂ. ବିଣ—ସମ୍ମାନିତ (ଦେଖ)
sammānita Sammanita (See)
ସଂମାର୍ଜ(ର୍ଜ୍ଜ)କ—ସ. ବିଣ. ପୁଂ – ସମ୍ମାର୍ଜ୍ଜକ (ଦେଖ)
Sammārja(rjja)ka Sammārjaka (see)
[ସଂମାର୍ଜି(ର୍ଜ୍ଜି)କା—ସ୍ତ୍ରୀ]
ସଂମାର୍ଜ(ର୍ଜ୍ଜ)ନ(ନା)—ସଂ. ବି—ସମ୍ମାର୍ଜ୍ଜନ (ଦେଖ)
Sammārja(rjja)na(nā) sammārjjana (see)
[ସଂମାର୍ଜି(ର୍ଜ୍ଜି)ତ, ସଂମାର୍ଜ(ର୍ଜ୍ଜ)ନୀୟ—ବିଣ]
ସଂମାର୍ଜ(ର୍ଜ୍ଜ)ନୀ—ସଂ. ବି—ସମ୍ମାର୍ଜ୍ଜନୀ (ଦେଖ)
Sammārja(rjja)nī sammārjanī (See)
ସଂମିତ—ସଂ. ବିଣ—ସମ୍ମିତ (ଦେଖ)
Sammita Sammita (See)
ସଂମିଳନ(ନୀ) (ଇତ୍ୟାଦ)—ସଂ. ବି—ସମ୍ମିଳନ ଇତ୍ୟାଦ (ଦେଖ)
Sammilana(ni) (etc) Samilana etc. (See)
ସଂମିଳିତ (ଇତ୍ୟାଦ) – ସଂ. ବିଣ – ସମ୍ମିଳିତ ଇତ୍ୟାଦ (ଦେଖ)
Sammilita (etc) Sammilita etc. (See)
ସଂମିଶ୍ର—ସଂ. ବିଣ—ସମ୍ମିଶ୍ର (ଦେଖ)
Sammiśra Sammiśra (See)
ସଂମିଶ୍ରଣ—ସଂ. ବି—ସମ୍ମିଶ୍ରଣ (ଦେଖ)
Sammiśraṇa Sammiśraṇa (See)
ସଂମୁଖ (ଇତ୍ୟାଦ)—ସଂ. ବି—ସମ୍ମୁଖ ଇତ୍ୟାଦ (ଦେଖ)
Sammukha (etc) Sammukha etc. (See)
ସଂମୁଖୀନ (ଇତ୍ୟାଦ)—ସଂ. ବିଣ—ସମ୍ମୁଖୀନ ଇତ୍ୟାଦ (ଦେଖ)
Sammukhīna (etc) Sammukhīna (See)
ସଂମୁଗ୍ଧ—ସଂ. ବିଣ ପୁଂ—ସମ୍ମୁଗ୍ଧ (ଦେଖ)
Sammugdha (ସଂମୁଗ୍ଧା—ସ୍ତ୍ରୀ) Sammugdha (See)
ସଂମୂଢ଼—ସଂ. ବିଣ—ସମ୍ମୂଢ଼ (ଦେଖ)
Sammūrḍha (ସଂମୋହ—ବି) Sammūrḍha (See)
ସଂମୂର୍ଚ୍ଛଦ—ସ. ବି. (ବୈଦ୍ୟକ)—ସମ୍ମୂର୍ଚ୍ଛଦ (ଦେଖ)
Sammūrchchhada Sammūrchchhada (See)
ସଂମୂର୍ଚ୍ଛନ(ନା) (ଇତ୍ୟାଦ)—ସଂ. ବି—ସମ୍ମୂର୍ଚ୍ଛନ ଇତ୍ୟାଦ (ଦେଖ)
Sammūrchchhana(nā) (etc) Sammūrchchhana etc. (See)
(ସଂମୂର୍ଚ୍ଛିତ—ବିଣ)

ସଂମୂଳ—ଦେ.ବଣ—ସମ୍ମୂଳ (ଦେଖ)
Sammūla Sammūla (See)

ସଂମୃଷ୍ଟ—ସଂ ବଣ—ସମ୍ମୃଷ୍ଟ (ଦେଖ)
Sammrushta Sammrushta (See)

ସଂମେଳନ(ଣି)—ସଂ. ବି.—ସମ୍ମେଳନ (ଦେଖ)
Sammelana(ni) Sammelana (See)

ସଂମୋଦ—ସଂ. ବି.—ସମ୍ମୋଦ (ଦେଖ)
Sammoda Sammoda (See)

ସଂମୋହ—ସଂ. ବି.—ସମ୍ମୋହ (ଦେଖ)
Sammoha Sammoha (See)
[ସଂମୁଗ୍ଧ, ସଂମୋହିତ—ବଣ]

ସଂମୋହନ—ସଂ ବି—ସମ୍ମୋହନ (ଦେଖ)
Sammohana Sammohana (See)

ସଂଯ—ସଂ. ବି—(ସମ୍ =ଏକତ୍ରେ+ଯମ୍ ଧାତୁ=ନିବୃତ୍ତି କରିବା+ Samja କର୍ତ୍ତି.ଅ; ମ. ଲୋପ)—ପ୍ରାଣୀର ଦେହମଧ୍ୟସ୍ଥ ଯଥାବତ ଅବସ୍ଥିତ ସମୁଦାୟ ଅସ୍ଥି କଙ୍କାଳ—Skeleton.

ସଂଯତ୍—ସଂ. ବି—(ସମ୍+ଯମ୍ ଧାତୁ+ଅଧି.କ୍ୱିପ୍)—୧ । ସଂଗ୍ରାମ; Samjat ଯୁଦ୍ଧ—Battle; fight. ୨ । ସଂଶୟ—Doubt.

ସଂଯତ୍—ଦେ. ବି—(ସୁବକ ସୈନ୍ୟମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ Sam-jat ଆଦେଶ ବଚନ)—ଧୀରସ୍ଥିର ସ୍ୱରରେ ଶୁଣ ବୋଲିବା ସଂଯତ **চৌকসী** ଲମ୍ବାଇ ଠିଆ ହୁଅ—Attention! (as used in drill).

ସଂଯତ—ସଂ. ବଣ. ପୁଂ—(ସମ୍+ଯମ୍ ଧାତୁ+କର୍ମ ତ) ୧ । ବଦ୍ଧ— Samjata 1. Bound. ୨ । ଅବରୁଦ୍ଧ—2. Confined. (ସଂଯତା—ସ୍ତ୍ରୀ) ୩ । ନିବୃତ୍ତ; ରୁଦ୍ଧ; ବୃତସଂଯମ—3. Re- (ସଂଯମ, ସଂଯାମ, ସଂଯମନ—ବି) strained; checked. ୪ । ଯେ ଇନ୍ଦ୍ରିୟାଦିକୁ ବଶ କରିଅଛି; ଜିତେନ୍ଦ୍ରିୟ— 4. Self-controlled. ୫ । ନିୟମିତ; ନିଯନ୍ତ୍ରିତ— 5. Controlled; regulated; moderated. ୬ । ବଶୀଭୂତ—6. Kept under control; over-powered. ୭ । ତୃପ୍ତିମିତ— 7. Statiated.

ସଂଯତ ଚିତ୍ତ—ସଂ. ବଣ. ପୁ—(ବହୁବ୍ରୀହି, ସଂଯତ ଚିତ୍ତ ଯାହାର)— Samjata chitta. ସଂଯତାତ୍ମା (ଦେଖ)—Samjatātmā (ସଂଯତ ଚିତ୍ତବୃତ୍ତି, ସଂଯତଚେତାଃ—ଅନ୍ୟରୂପ) (See) [ସଂଯତ ଚିତ୍ତା, ସଂଯତ ଚିତ୍ତବୃତ୍ତି, ସଂଯତଚେତାଃ—ସ୍ତ୍ରୀ]

ସଂଯତ ବ୍ରତ—ସଂ. ବଣ. ପୁଂ(ବହୁବ୍ରୀହି)—ବ୍ରତସଂଯମ; ନିୟମବଶିଷ୍ଟ— Samjata brata One who has taken the vow of self control; practising self-restraint. (ସଂଯତ ବ୍ରତା—ସ୍ତ୍ରୀ)

ସଂଯତାଚାର—ସଂ. ବଣ. ପୁ—(ବହୁବ୍ରୀହି)—ମିତାଚାର— Samjatāchāra Moderate in conduct. [ସଂଯତାଚାରା—ସ୍ତ୍ରୀ]

ସଂଯତାହାର—ସଂ ବଣ. ପୁ—(ବହୁବ୍ରୀହି)—ପରିମିତାହାର— Samjatāhāra Moderate in food; abstemious (ସଂଯତାହାରା—ସ୍ତ୍ରୀ) in food.

ସଂଯତାତ୍ମା—ସଂ. ବଣ. ପୁ ଓ ସ୍ତ୍ରୀ—(ବହୁବ୍ରୀହି, ସଂଯତ ହୋଇଅଛି Samjatātmā ଆତ୍ମା ଯାହାର; ୧ମା. ୧ବ)—ସ୍ଥିରମନା; ଯେ ଆପଣାର ଇନ୍ଦ୍ରିୟମାନଙ୍କୁ ଓ ମନକୁ ବଶୀଭୂତ କରିଅଛି— Self-controlled; one who has subdued his passions.

ସଂଯତେନ୍ଦ୍ରିୟ—ସଂ ବଣ. ପୁଂ—(ବହୁବ୍ରୀହି, ସଂଯତ ହୋଇଅଛି ଇନ୍ଦ୍ରିୟ Samjatendriya ଯାହାର)—ଯେ ଆପଣାର ଇନ୍ଦ୍ରିୟମାନଙ୍କୁ (ସଂଯତେନ୍ଦ୍ରିୟା—ସ୍ତ୍ରୀ) ବଶୀଭୂତ କରିଅଛି—One who has subdued or controlled his organs of (ସଂଯତେନ୍ଦ୍ରିୟତା—ବି) sense.

ସଂଯଦ୍ବର—ସଂ ବି. ପୁଂ—(ସଂଯତ୍=ସଂଗ୍ରାମ+ବର=ଶ୍ରେଷ୍ଠ; ୭ମୀ Samjad-bara ତତ୍)—ରାଜା, ନୃପ—King.

ସଂଯନ୍ତା—ସଂ. ବଣ. ପୁଂ—(ସମ୍+ଯମ୍ ଧାତୁ+କର୍ତ୍ତି.ତୃ; ୧ମା. ୧ବ.)— Samjantā ସଂଯମକାରୀ; ନିୟନ୍ତା—Controlling; (ସଂଯନ୍ତ୍ରୀ—ସ୍ତ୍ରୀ) regulating.

ସଂଯ(ଯା)ମ—ସଂ. ବି. (ସମ୍+ଯମ୍ ଧାତୁ+ଭାବ. ଅ)—୧ । ବନ୍ଧନ— Samja(jā)ma 1. Binding; confinement; im- (ସଂଯମନ—ଅନ୍ୟରୂପ) prisonment. ୨ । ନିୟମ; ବ୍ରତପାଳନ—2. Observance of a religious vow or fast. ୩ । ନିରୋଧ; ରୋଧ—3. Restraint. ୪ । ଇନ୍ଦ୍ରିୟ ନିରୋଧ; ଇନ୍ଦ୍ରିୟ ନିଗ୍ରହ—4. Self-control; subduing one's passions. ୫ । ବ୍ରତାଦିର ପୂର୍ବ ଦିନ ହବିଷ୍ୟ ଭୋଜନ ଓ ଇନ୍ଦ୍ରିୟ ନିଗ୍ରହାଦି ରୂପ ବିଧି; ଏକଭକ୍ତ—5. Moderation in diet etc. observed on the day previous to the day of fasting. ୬ । ସମାଧି ଯୋଗ; ଧ୍ୟାନ—6. Deep meditation or abstraction; contemplation of the Infinite Supreme Being. ୭ । (+କର୍ମ ଅ) ଚତୁଃଶାଳ ଗୃହ; ଚକବନ୍ଦୀ ଘର—7. Four houses built continuously round a square or courtyard. ୮ । (+କର୍ତ୍ତି.ଅ) ଯମଦେବ—8. The আলিঙ্গন God of death. ଦେ. ବି—ଗାଢ଼ ଆଲିଙ୍ଗନ— গাঢ় Tight embrace.
[ଉ—ଉଭୟ ସଂଯମେ ପୟୋଧର ଉପରେ ପୀଡ଼, ମଦନ ରସ ସ୍ୱଭାବେ ଭୁଜେ ଭୁଜ ଭିଡ଼ । ପ୍ରାଚୀ. ରସକାରିଧ ।]

ସଂଯମଣୀ—ସଂ. ବି. (ସମ୍+ଯମ୍ ଧାତୁ+ଅଧି.ଅନ+ସ୍ତ୍ରୀ. ଈ)— Samjamanī ଯମପୁରୀ—The abode of the God of (ସଂଯମଣୀପୁରୀ—ଅନ୍ୟରୂପ) death. [ଉ—ସୁଯୋଧନ ରାଜନ ସ୍ୱାମସେବ ଲୋକ, ସୁଲଭ ଯାଇ ଭର ବସିବେ ସଂଯମଣୀ । ବୃନ୍ଦାବ. ମହାଭାରତ. ବନ ।]

ସଂଯମଣିପୁର ଦେଖା(ଖେ)ଇବା—ଦେ. କ୍ରି—ମାରି ପକାଇବା—To kill.
Samjamanipura dekhā(khe)ibā
ଯମপুর দেখান **यमपुर दिखलाना**

ସଂଯମଣିପୁର ଦେଖିବା—ଦେ. କ୍ରି—ଯମପୁରକୁ ଯିବା; ମରିବା—To die; (lit.) to go to the abode of death.
Samjamanipura dekhibā
যমপুর দেখা **यमपुर देखना**

ସଂଯମଣିପୁରକୁ ପଠା(ଠେ)ଇବା—ଦେ. କ୍ରି—ମାରି ଦେବା; ହତ୍ୟା କରିବା—To kill.
Samjamanipuraku paṭhā(ṭhe)ibā
(ସଂଯମଣିପୁରକୁ ପେଷିବା—ଅନ୍ୟରୂପ)
যমপুর পাঠান **यमपुर पहुँचाना**

ସଂଯମିତ—ସଂ. ବିଣ. (ସମ୍+ଯମ୍ ଧାତୁ ଣିଚ=ଯମି ଧାତୁ+କର୍ମ. ତ)—୧ । ଦମିତ—1. Restrained; controlled. ୨ । ରୁଦ୍ଧ—2. Bound; checked. ୩ । ନିୟମିତ—3. Regulated. ୪ । କୃତ ସଂଯମ—4. Self-controlled.
Samjamita

ସଂଯମିବା—ଦେ. କ୍ରି. (ସଦ୍ୟ)—ସଂଯତ କରିବା—To restrain; to check; to regulate. [ଉ—ଧ୍ୟାନ ଧାରଣା ବୃଦ୍ଧି ସନେ, ସଂଯମି ଚିତ୍ତ ସାବଧାନେ । ଜଗନ୍ନାଥ. ଭାଗବତ ।]
Samjamibā
সংযত করা **संयत करना**

ସଂଯମୀ—ସଂ. ବିଣ. ପୁଂ (ସଂଯମ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—୧ । ଇନ୍ଦ୍ରିୟ ସଂଯମ ଯୁକ୍ତ—1. Having the passions under control. ୨ । ଯୋଗରତ, ସମାଧିରତ—2. Engaged in abstract meditation. ସଂ. ବି. ପୁଂ—୧ । ମୁନି; ଯୋଗୀ—1. A sage. ୨ । ଜିତେନ୍ଦ୍ରିୟ ବ୍ୟକ୍ତି—2. A person who has the passions and senses under control.
Samjami
(ସଂଯମିନୀ—ସ୍ତ୍ରୀ)

ସଂଯାତ୍ରା—ସଂ. ବି(ସମ୍+ଯା.ଧାତୁ=ଯିବା+ଭାବ.ତ୍ର+ଅ)—୧ । ସଂଯାନ (ଦେଖ)—1. Samjāna. (See) ୨ । ଅନୁଯାତ୍ରା; ବହୁ ଲୋକଙ୍କର ଏକତ୍ର ଗମନ—2. A travelling of many persons together. ୩ । ଜଳପଥରେ ଦଳବଦ୍ଧ ହୋଇ ଗମନ—3. Starting of many persons together in a voyage. ୪ । ଏକ ଦ୍ୱୀପରୁ ଦ୍ୱୀପାନ୍ତରକୁ ଗମନ—4. A voyage or sailing from one island to another; transportation.
Samjātrā

ସଂଯାତ୍ରିକ—ସଂ. ବିଣ (ସମ୍+ଯା. ଧାତୁ=ଯିବା+ତ୍ର+ଇକ)—ଏକ ସଙ୍ଗରେ ଯିବା ଯାତ୍ରିଗଣ—Pilgrims travelling together.
Samjātrika
(ସଂଯାତ୍ରିକା—ସ୍ତ୍ରୀ)

ସଂଯାନ—ସଂ. ବି (ସମ୍+ଯା. ଧାତୁ=ଯିବା+ଭାବ. ଅନ)—୧ । ସମ୍ୟକ୍ ଗମନ (ଯଥା—ଶୋଭାଯାତ୍ରା)—1. A special starting (e. g. a procession) ୨ । ବହୁ ଲୋକଙ୍କର ଏକତ୍ର ଗମନ; ସହଯାତ୍ରା—2. Travelling in a body; a pilgrimage in company. ୩ । (+କର୍ତ୍ତୃ.ଅନ) ସୂଚୀ—3. A needle. ୪ । ଛାଞ୍ଚ—4. A mould. ୫ । (+କର୍ମ.ଅନ) ସମ୍ମେଳନ—5. A conference; an association.
Samjāna

ସଂଯାବ—ସଂ. ବି (ସମ୍+ଯୁ. ଧାତୁ=ମିଶ୍ରିତ କରିବା+କର୍ମ. ଅ)—ଘୃତ, କ୍ଷୀର, ଗୁଡ଼ ଆଦି ଦ୍ୱାରା ପକ୍ୱ ଗୋଧୂମଚୂର୍ଣ୍ଣର ପିଠା; ଏକ ପ୍ରକାର ଖାଦ୍ୟ, ମିଷ୍ଟପିଷ୍ଟକ ବିଶେଷ; ପୁରଦିଆ ପିଠା ବା ନାନମାନ—A sort of sweet wheaten cake or sandwich. [ଦ୍ର—ଭାବ ପ୍ରକାଶରେ ଏହାର ପାକକ୍ରିୟା ସମ୍ବନ୍ଧରେ ଏହିପରି ଲେଖା ଅଛି :—
Samjāba
(ଅନ୍ୟ ସଂ ନାମ—ମଣ୍ଡକ)

କୋରା ନଡ଼ିଆରେ କପୂର, ଲବଙ୍ଗ, ଅଳାଇଚ ଗୁଣ୍ଡ ଆଦି ମିଶାଇ ତାହାକୁ ଚକଟି କରି ଘିଅରେ ଭୃଥିଇ 'ପୁର' ପ୍ରସ୍ତୁତ କରିବ । ତା ପରେ ଘିଅର ମୟାନ ଦେଇ ମଇଦାର ରୁଟି ତିଆରି କରି ତହିଁ ମଧ୍ୟରେ ଏହି ପୁରକୁ ଭର୍ତ୍ତି କରି ଦୃଢ଼ ଭାବରେ ମୁଦିବ । ତା ପରେ ତାହାକୁ ପ୍ରଚୁର ଘିଅରେ ପାକ କରିବ । ଏହା ମଣ୍ଡକ (ମଣ୍ଡା) ଅଟେ ।

ଏହା ମଧୁରରସ, ଶୀତବୀର୍ଯ୍ୟ, ଗୁରୁପାକ, ପୁଷ୍ଟିକର, ବଳକାରକ, ଶୁକ୍ରବର୍ଦ୍ଧକ ଓ କଫଜନକ ।]

ସଂଯାମ—ସଂ. ବି (ସମ୍+ଯମ୍: ଧାତୁ+ଭାବ. ଅ)—ସଂଯମ (ଦେଖ) Samjāma. (See)
Samjāma

ସଂଯୁଜ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ସମ୍+ଯୁଜ୍. ଧାତୁ=ଯୁକ୍ତ ହେବା+କର୍ତ୍ତୃ. କ୍ୱିପ୍; ସଂଯୁକ୍ ଶବ୍ଦ ୧ମା. ୧ବ)—୧ । ଗୁଣବାନ୍—1. Full of good qualities; possessed of good qualities. ୨ । ମିତ୍ରବତ୍ସଳ—2. Fond of friends. ୩ । ସଂଯୁକ୍ତ—3. Conjoined; joined with. ସଂ. ବି—ଜାମାତା—Son-in-law.
Samjuk

ସଂଯୁକ୍ତ—ସଂ. ବିଣ. ପୁଂ (ସମ୍+ଯୁଜ୍. ଧାତୁ=ଯୁକ୍ତ ହେବା+କର୍ମ. ତ)—୧ । ସଂଯୋଗ ବିଶିଷ୍ଟ—1. Connected with. ୨ । ସମ୍ମିଳିତ—2. Joined together. ୩ । ସଂଲଗ୍ନ; ସଂସୃଷ୍ଟ—3. Attached to
Samjukta
(ସଂଯୁକ୍ତା—ସ୍ତ୍ରୀ)
[ସଂଯୋଗ—ବି]

ସଂଯୁକ୍ତା—ଦେ. ବି. ସ୍ତ୍ରୀ(ନାମ)—କାନ୍ୟକୁବ୍ଜର ଅଧିପତି ରାଠୋରବଂଶୀୟ ରାଜା ଜୟଚନ୍ଦ୍ରଙ୍କ କନ୍ୟା ଏବଂ ଦିଲ୍ଲୀ ଓ ଅଜମୀରର ଅଧିପତି ଚୌହାନବଂଶୀୟ ପୃଥ୍ୱୀରାଜଙ୍କ ମହିଷୀ—Name of the queen of king Pruthwirāja of Delhi. [ଦ୍ର—ସଂଯୁକ୍ତା ଅଶେଷ ରୂପଲାବଣ୍ୟ ଓ ଗୁଣରେ ଭୂଷିତା ଥିଲେ; ଦିଲ୍ଲୀର ଓ ଅଜମୀରର ଚୌହାନବଂଶୀୟ ନରପତି ପୃଥ୍ୱୀରାଜ ମଧ୍ୟ ଅସାଧାରଣ ବୀର ଥିଲେ । ଉଭୟେ ଉଭୟଙ୍କର ଯଶୋରାଶି ଶ୍ରବଣ କରି ପରସ୍ପରଙ୍କ ପ୍ରତି ଅନୁରକ୍ତ ହୋଇଥିଲେ । କିନ୍ତୁ ଜୟଚନ୍ଦ୍ର ଓ ପୃଥ୍ୱୀରାଜଙ୍କ ମଧ୍ୟରେ ବିଶେଷ ଶତ୍ରୁତା ଥିବାରୁ 'ଜୟଚନ୍ଦ୍ର' ସଂଯୁକ୍ତାଙ୍କୁ ପୃଥ୍ୱୀରାଜଙ୍କ ହସ୍ତରେ ସମର୍ପଣ ନ କରି କନ୍ୟାର ସ୍ୱୟମ୍ବର ପାଇଁ ପ୍ରସ୍ତୁତ ହେଲେ । ସେ ୧୧୭୦ ଖ୍ରୀ: ଅ: ରେ
Samjuktā
সংযুক্তা **संयुक्ता**

ଗୋଟିଏ ରାଜସୂୟ ଯଜ୍ଞ ଅନୁଷ୍ଠାନ କରି ସେହି ଅନୁଷ୍ଠାନରେ ଯଜ୍ଞରୁ ନିମନ୍ତ୍ରିତ ରାଜାମାନଙ୍କର ଗୋଡ଼ ଧୋଇଦେବା ପାଇଁ ବହିର୍ଦ୍ୱାରରେ ଦ୍ୱାରୀରୂପେ ରହିବାକୁ ପୃଥ୍ୱୀରାଜଙ୍କୁ ନିମନ୍ତ୍ରଣ କଲେ । ପୃଥ୍ୱୀରାଜ ଏହି ଅପମାନସୂଚକ ନିମନ୍ତ୍ରଣକୁ ଘୃଣାସହକାରେ ପ୍ରତ୍ୟାଖ୍ୟାନ କଲେ । ଏହି ଯଜ୍ଞ ଉପଲକ୍ଷରେ ନିମନ୍ତ୍ରିତ ରାଜାମାନଙ୍କୁ ନେଇ ଜୟଚନ୍ଦ୍ର ସଂଯୁକ୍ତାଙ୍କ ସ୍ୱୟମ୍ବର ସଜ୍ଜ କଲେ ଏବଂ ପୃଥ୍ୱୀରାଜ ଆସି ନ ଥିବାରୁ ଜୟଚନ୍ଦ୍ର ପୃଥ୍ୱୀରାଜଙ୍କୁ ଅନ୍ୟ ରାଜାଙ୍କ ଚକ୍ଷୁରେ ହୀନ ଓ ଅପମାନିତ କରିବା ପାଇଁ ତାଙ୍କର ଗୋଟିଏ ବିକୃତ ମାଟିର ପ୍ରତିମା ନିର୍ମାଣ କରି ଉକ୍ତ ପ୍ରତିମାକୁ ଦ୍ୱାରୀରୂପେ ବହିର୍ଦ୍ୱାରରେ ସ୍ଥାପନ କଲେ ।

ଏଣେ ପୃଥ୍ୱୀରାଜ ସଂଯୁକ୍ତାଙ୍କ ସ୍ୱୟମ୍ବର ସଜ୍ଜା ଦେଖିବା ପାଇଁ ଗୁପ୍ତଏ ସୈନ୍ୟ ସହ କାନ୍ୟକୁବ୍ଜକୁ ଆସି ସୈନ୍ୟମାନଙ୍କୁ କିଛି ଦୂରରେ ଲୁଚାଇ ରଖି ଅପେ ଛଦ୍ମ ବେଶରେ ସ୍ୱୟମ୍ବର ମଣ୍ଡପ ନିକଟରେ ରହିଥାଆନ୍ତି । ଏହି ସମୟରେ ପୂର୍ବରୁ ପୃଥ୍ୱୀରାଜଙ୍କଠାରେ ଅର୍ପିତଚିତ୍ତା ସଂଯୁକ୍ତା ସ୍ୱୟମ୍ବର ସଭାକୁ ଆସି ସେଠାରେ ପୃଥ୍ୱୀରାଜଙ୍କୁ ନ ଦେଖି ଦ୍ୱାର ନିକଟକୁ ଯାଇ ସେଠାରେ ସ୍ଥାପିତ ପୃଥ୍ୱୀରାଜଙ୍କ ପ୍ରତିମାର ଗଳାରେ ବରଣମାଳା ଅର୍ପଣ କଲେ । ଏହି ଘଟଣା ଦେଖି ପୃଥ୍ୱୀରାଜ ଲୁଚିଥିବା ସ୍ଥାନରୁ ବାହାରି ପଡ଼ି ସଂଯୁକ୍ତାଙ୍କୁ ନିଜର ପଛଅଡ଼େ ଅଶ୍ୱପୃଷ୍ଠରେ ବସାଇ ଘୋଡ଼ା ଦଉଡ଼ାଇ ଚାଲିଗଲେ । ଜୟଚନ୍ଦ୍ର ଏଥିରେ କ୍ରୋଧାନ୍ଧ ହୋଇ ସଦଳବଳ ପୃଥ୍ୱୀରାଜଙ୍କ ପଶ୍ଚାଦ୍ଧାବନ କଲେ । କିନ୍ତୁ ପୃଥ୍ୱୀରାଜ ଓ ତାଙ୍କର ସେନାଦ୍ୱାରା ବାଟରେ ଜୟଚନ୍ଦ୍ର ବାରମ୍ବାର ପରାସ୍ତ ହୋଇ ୬ ଦିନ ପରେ ନିଜ ରାଜଧାନୀ ଦିଲ୍ଲୀରେ ପହଞ୍ଚିଲେ । ଜୟଚନ୍ଦ୍ର ନିଜେ ପୃଥ୍ୱୀରାଜଙ୍କୁ ଜିଣି ନ ପାରି କାବୁଲରୁ ମହମ୍ମଦ ଘୋରୀଙ୍କୁ ଦିଲ୍ଲୀ ଆକ୍ରମଣ କରିବାକୁ ନିମନ୍ତ୍ରଣ କଲେ ଓ ମହମ୍ମଦ ଘୋରୀ ଏହି ସୁଯୋଗ ଦେଖି ଭାରତ ଆକ୍ରମଣ କଲେ । ଏଠାରୁ ଭାରତବର୍ଷରେ ଯବନାଧିକାରର ପ୍ରଥମ ସୂତ୍ରପାତ । ପ୍ରଥମ ଯୁଦ୍ଧରେ ତିରୌରୀ ବା ଥାନେଶ୍ୱର ନାମକ ଯୁଦ୍ଧକ୍ଷେତ୍ରରେ ମହମ୍ମଦ ଘୋରୀ ପୃଥ୍ୱୀରାଜଙ୍କ ସଙ୍ଗେ ଯୁଦ୍ଧ କରି ତହିଁରେ ଆହତ ଓ ପରାଜିତ ହୋଇ ପଳାଇଗଲେ (୧୧୯୧) ସାଲ । କିନ୍ତୁ ସେ ଭାରତ ତ୍ୟାଗ ନ କରି ଲାହୋରରେ ରହି ଦ୍ୱିତୀୟଥର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ଓ ୧୧୯୩ ସାଲରେ ପୁଣି ଦିଲ୍ଲୀ ଆକ୍ରମଣ କରି ପୂର୍ବୋକ୍ତ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କଲେ । ଏହି ଯୁଦ୍ଧରେ ଦୈବକ୍ରମେ ପୃଥ୍ୱୀରାଜ ନିହତ ହେଲେ ଓ ହିନ୍ଦୁଙ୍କର ରାଜ୍ୟଲକ୍ଷ୍ମୀ ବସ୍ତୁତଃ ଭାରତକୁ ତ୍ୟାଗ କଲେ । ପୃଥ୍ୱୀରାଜ ହତ ହୁଅନ୍ତେ ସଂଯୁକ୍ତା ପ୍ରଜ୍ୱଳିତ ହୁତାଶନରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ୧୧୯୪ରେ ମହମ୍ମଦ ଘୋରୀ ଜୟଚନ୍ଦ୍ରଙ୍କୁ ଚନ୍ଦୱାର ଯୁଦ୍ଧକ୍ଷେତ୍ରରେ ପରାଜିତ କଲେ ଓ କାନ୍ୟକୁବ୍ଜ ଅଧିକାର କଲେ—ପ୍ରୋଫେସର ସାହେବଙ୍କ ସ୍କୁଲ ପାଠ୍ୟ ଭାରତ ଇତିହାସ ।]

ସଂଯୁଗ—ସଂ. ବି (ସମ୍+ଯୁଜ୍ ଧାତୁ+ଅଧି. ଅ)—୧ । ଯୁଦ୍ଧ; Samjuga ସଂଗ୍ରାମ—1. Fight; battle. ୨ । (+ଭାବ. ଅ) ସଂଯୋଗ (ଦେଖ)—2. Samjoga (See) ୩ । ଯୋଗାଡ଼ ଯତ୍ନ—3. Preparation.

ସଂଯୁଗ ଗୋଷ୍ପଦ—ସଂ. ବି (ଗୋଷ୍ପଦ ବା ଗୋରୁର ଖୋଜ ବିଷୟରେ ସଂଯୁଗ ବା ଯୁଦ୍ଧ; ଷଷ୍ଠୀତତ୍ପୁରୁଷ)—Samjuga goshpada ସାମାନ୍ୟ ବିଷୟ ନେଇ ବାଦ ବିବାଦ—A quarrel or contest over a trifling matter; tempest in a tea-pot.

ସଂଯୁତ—ସଂ. ବିଣ (ସମ୍+ଯୁଜ୍ ଧାତୁ+କର୍ମ. ତ)—ସଂଯୁକ୍ତ Samjuta (ଦେଖ)—Samjukta (See) (ସଂଯୁତା—ସ୍ତ୍ରୀ)

ସଂଯୋଗ—ସଂ ବି (ସମ୍+ଯୁଜ୍ ଧାତୁ+ଭାବ ଅ)—୧ । ସମ୍ମେଳନ; Samjoga ମିଳିତ ହେବା; ପରସ୍ପର ସହିତ ମିଳନ—Meeting; [ବିଯୋ(ୟୋ)ଗ—ବିପରୀତ] union; association; conjunction. ୨ । (ନ୍ୟାୟଦର୍ଶନ) ଦୂରସ୍ଥ ବା ଅପ୍ରାପ୍ତ ବସ୍ତୁଦ୍ୱୟର ପରସ୍ପର ପ୍ରାପ୍ତି ବା ଯୋଗ—2. (Nyāya-Philosophy) The junction of two things which were hereto separated. [ଦ୍ର—ନ୍ୟାୟ ଦର୍ଶନ ମତରେ ଏହା ଅପ୍ରାପ୍ତ ବସ୍ତୁଦ୍ୱୟର ପ୍ରାପ୍ତିରୂପ ସମ୍ବନ୍ଧ । ଏହା ତ୍ରିବିଧ; ଯଥା—୧ । ଏକ କର୍ମଜନ୍ୟ (ଯେଉଁଠାରେ ଦୁଇଙ୍କ ମଧ୍ୟରୁ ଏକ ବସ୍ତୁ ଅନ୍ୟ ବସ୍ତୁର ନିକଟକୁ ଆସେ; ଯଥା—ପର୍ବତରେ ପକ୍ଷୀ ସଂଯୋଗ ।) ୨ । ଉଭୟ କର୍ମଜନ୍ୟ (ଯେଉଁଠାରେ ଉଭୟ ବସ୍ତୁ ପରସ୍ପର ନିକଟକୁ ଆସନ୍ତି; ଯଥା—ପକ୍ଷୀଦ୍ୱୟ ସଂଯୋଗ ।) ୩ । କର୍ମଜନ୍ୟ ସଂଯୋଗ (ଯେଉଁଠାରେ କୌଣସି କର୍ମଯୋଗୁ ଏକ ବସ୍ତୁରେ ଅନ୍ୟ ପଦାର୍ଥର ସଂଯୋଗ ଘଟେ; ଯଥା—ଅଙ୍ଗୁଳିଦ୍ୱାରା ବୀଣାରେ ଶବ୍ଦଯୋଗ ।)] ୩ । ସଂଘଟ୍ଟନ—3. Cohesion. ୪ । ମିଶ୍ରଣ—4. Mixing up. ୫ । (ଗଣିତ) ଏକାଧିକ ରାଶିକୁ ଯୋଗ କରିବା; ମିଶାଣ—5. (arithmetic) Addition of numbers. ୬ । ସମ୍ପର୍କ—6. Connection; contact. ୭ । ସଙ୍ଗମ; ମୈଥୁନ—7. Copulation. ୮ । ଅଳଙ୍କାର ବା ଆଭରଣାଦିର ଏକସାଜ 8. A set (of ornaments or dress) (Apte). ୯ । ପରସ୍ପରଙ୍କ ସାଧାରଣ ଉଦ୍ଦେଶ୍ୟ ସାଧନାର୍ଥ ଦୁଇରାଜାଙ୍କ ମଧ୍ୟରେ ସଖ୍ୟ ସ୍ଥାପନ—9. Alliance between two kings or powers for a common object (Apte) ୧୦ । (ଜ୍ୟୋତିଷ) ଦୁଇ ଜ୍ୟୋତିଷ୍କଙ୍କ ମିଳନ—10. (Astronomy) The conjunction of two

heavenly bodies (Apte) ୧୧ । (ବ୍ୟାକରଣ) ସ୍ୱରବର୍ଣ୍ଣ ସଙ୍ଗେ ମିଳି ଉଚ୍ଚାରିତ ବ୍ୟଞ୍ଜନବର୍ଣ୍ଣ (ଯଥା— 'ଅ' ସ୍ୱରବର୍ଣ୍ଣ ସଙ୍ଗେ ମିଳି ଉଚ୍ଚାରିତ କ)—11. (Grammar) A conjunct consonant (Apte) ୧୨ । ଶିବ—12. Siba (Apte). ଦେ. ବ.—

সংযোগ संयोग ୧ । ସୁଯୋଗ—1. Good opportunity. ୨ । ଦୈବଯୋଗ—2. Luck; chance. [ଉ— ସଂଯୋଗେ ଅସିଥିଲେ ମୁକ, ପ୍ରଶନ କଲ ନୃପମଣି । —ଭୂପତି. ପ୍ରେମପଞ୍ଚାମୃତ] ୩ । ବିଧାନ; ଘଟନ—3. Ordainment; decree. [ଉ—ବିଧି ଏହାକୁ ସଂଯୋଗ କରିଅଛି ତୁମ୍ଭର କ୍ଷେତ୍ର କମନ୍ତେ—ବିଶ୍ୱନାଥ:—ବିଚିତ୍ର ରାମାୟଣ ।] ଦେ. ବିଣ—ସଂଯୁକ୍ତ—Joined; attached. [ଉ— ସନ୍ଧାଣ ସମ୍ବାଦ ବୁଝେଁ ହୋଇବେ ସଂଯୋଗ ।—ପ୍ରାଚୀ-ଭୂଞ୍ଜକରୂପଣଗୀତା]

ସଂଯୋଗ କାରକ—ସଂ. ବିଣ—(ସଂଯୋଗ+କୃ ଧାତୁ+କର୍ତ୍ତୃ ଅକ) Samjoga kāraka ଯାହା ଦୁଇ ବସ୍ତୁକୁ ବା ଦୁଇ ବ୍ୟକ୍ତିଙ୍କୁ ମିଳିତ କରାଏ—Causing union (of two things or two persons.)
(ସଂଯୋଗକାରୀ—ଅନ୍ୟରୂପ)
(ସଂଯୋଗକାରିକା; ସଂଯୋଗକାରିଣୀ—ସ୍ତ୍ରୀ)

ସଂଯୋଗ ବିଯୋଗ—ସଂ. ବି (ବିପରୀତାର୍ଥକ ସହଚର) ୧ । ମିଳନ Samjoga bijoga ଓ ବିଚ୍ଛେଦ—1. Meeting and separation. ୨ । (ଗଣିତ) ରାଶିମାନଙ୍କ ମିଶାଣ ଓ ଫେଡ଼ାଣ—2. (Methematics) Addition and subtraction. ୩ । (ବିଜ୍ଞାନ) ଦୁଇଟି ବସ୍ତୁର ମିଶ୍ରଣ ଓ ପୃଥକ୍କରଣ—3. (science) Synthesis and analysis.

ସଂଯୋଗ ବିରୁଦ୍ଧ—ସଂ. ବିଣ.—(ବୈଦ୍ୟକ)—ଯେଉଁ ଖାଦ୍ୟଦ୍ରବ୍ୟାଦି Samjoga biruddha ପରସ୍ପର ସହିତ ସଂଯୁକ୍ତ ବା ମିଳିତ ବା ରକ୍ଷିତ ହେଲେ ବ୍ୟବହାରକାରୀର ରୋଗ ଘଟାଏ କିମ୍ବା ବିଷପରି ଫଳ ଜାତ କରେ—(articles) Which cause sickness or become poisonous when mixed up or used or taken together. [ଉ—ଗୋରସ ଓ ଅମିଷ, ତୈଳ ଓ ଘୃତ, ମଧୁ ଓ ଘୃତ, ଗଇଡ଼ପାଣି ଓ କର୍ପୂର, ଗୁଡ଼ ଓ କୋଚିଲା, ତାମ୍ରପାତ୍ର ଓ ଅମ୍ଳ ପଦାର୍ଥ ଏମାନ ସଂଯୋଗ ବିରୁଦ୍ଧ ବସ୍ତୁ ଅଟେ ।]

ସଂଯୋଗ ସାଧକ—ସଂ. ବିଣ. ପୁଂ—ଯେ ସଂଯୋଗ ବା ମିଳନ ଘଟାଏ— Samjoga sādhaka Causing or bringing about union.
(ସଂଯୋଗ ସାଧିକା—ସ୍ତ୍ରୀ)

ସଂଯୋଗ ସାଧନ—ସଂ. ବି. (ଷଷ୍ଠୀ ତତ୍)—ଦୁଇ ପୃଥକ୍ ବସ୍ତୁକୁ ବା Samjoga sādhana ବ୍ୟକ୍ତିଙ୍କୁ ପରସ୍ପର ସହିତ ମିଳାଇବା କାର୍ଯ୍ୟ—The act of uniting two persons or things.

ସଂଯୋଗାତ୍ମକ—ସଂ. ବିଣ. ପୁଂ (ବହୁବ୍ରୀହି; ସଂଯୋଗ+ଆତ୍ମନ୍+କ)— Samjogātmaka ସଂଯୋଗ ବା ମିଳନହିଁ ଯହିଁର ପ୍ରଧାନଦ୍ୟ (ସଂଯୋଗାତ୍ମିକା—ସ୍ତ୍ରୀ) ବିଷୟ—Aiming at union; dealing with Union.

ସଂଯୋଗାନ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି; ସଂଯୋଗ=ମିଳନ ଅନ୍ତ Samjogānta ଅନ୍ତ ଯାହାର)—ଯେଉଁ ନାଟକର ବା (ସଂଯୋଗାନ୍ତା—ସ୍ତ୍ରୀ) ଉପନ୍ୟାସାଦିର ଶେଷରେ ଗଳ୍ପୋକ୍ତ ବ୍ୟକ୍ତି- (ବିଯୋଗାନ୍ତ—ବିପରୀତ) ମାନଙ୍କର ବା ନାୟକ ନାୟିକାଙ୍କର ମିଳନ ହୁଏ—(A drama or story or moral or poem or plot) Ending with union; concluding with the union of the hero and heroine or of the characters.
[ଉ—ସଂଯୋଗାନ୍ତ ନାଟକ, ସଂଯୋଗାନ୍ତ ଉପନ୍ୟାସ; ସଂଯୋଗାନ୍ତ ପଦ୍ୟ; ସଂଯୋଗାନ୍ତ ଗଳ୍ପ ।]

ସଂଯୋଗାନ୍ତ ନାଟକ—ସଂ. ବି—ଯେଉଁ ନାଟକର ଶେଷରେ ନାଟକୀୟ Samjogānta nāṭaka ବ୍ୟକ୍ତିଗଣଙ୍କର ମିଳନ ଘଟେ— (ବିଯୋଗାନ୍ତ ନାଟକ—ବିପରୀତ) A drama which ends in the union of the hero and heroine or of its characters.

ସଂଯୋଗିବା—ଦେ କ୍ରି. (ପଦ୍ୟ) —୧ । ସଂଯୁକ୍ତ କରିବା; ଲଗାଇବା— Samjogibā 1. To connect; to attach. সংযোগ করা ୨ । ବ୍ୟବସ୍ଥା କରିବା—2. To arrange. संयोग करना [ଉ—ରଚା ସଂଯୋଗି ବେଗକଲେ, ସେ କଳେ ଚକ୍ରରେ ଏକାଲେ । ଜଗନ୍ନାଥ. ଭାଗବତ ।]

ସଂଯୋଗୀ—ସଂ. ବିଣ. ପୁଂ (ସଂଯୋଗ+ଅସ୍ତ୍ୟର୍ଥରେ, ଇନ୍ ୧ମା. ୧ବ) Samjogi — ୧ । ସଂଯୋଗକାରକ—1. Joining; uniting. (ସଂଯୋଗିନୀ—ସ୍ତ୍ରୀ) ୨ । ସଂଯୋଗ ବିଶିଷ୍ଟ; ସଂଯୋଜିତ— (ବିଯୋଗୀ—ବିପରୀତ) 2. Connected; united; conjoined.

ସଂଯୋଗେ—ଦେ କ୍ରି. ବିଣ—୧ । ଯୋଗେ; ଯୋଗୁଁ—1. For. Samjoge ୨ । କାରଣରୁ—2. On account of; owing যোগে to. [ଉ—ଔଷଧ ଯେତେକେ କ ରୁଚିଲା, ବାଧ୍ य हेतुसे ସଂଯୋଗେ ବଳେ ଖାଇ । ଭୂପତି. ପ୍ରେମପଞ୍ଚାମୃତ ।] ୩ । ସଂଯୋଗର କାରଣରୁ -3. As a result of union.

ସଂଯୋଜକ - ସଂ. ବିଣ. ପୁଂ (ସମ୍+ଯୁଜ୍ ଧାତୁ, ଣିଚ୍+କର୍ତ୍ତୃ. ଅକ)— Samjojaka ସଂଯୋଗକାରକ; ଯେ ମିଳନ ଘଟାଏ— (ସଂଯୋଜିକା—ସ୍ତ୍ରୀ) Uniting; causing union.
(ବିଯୋଜକ—ବିପରୀତ)

ସଂଯୋଜନ—ସଂ. ବି (ସମ୍+ଯୁଜ୍ ଧାତୁ=ଯୋଗ କରିବା+ଭାବ. Samjojana ଅନ)—୧ । ସଂଯୋଗକରଣ; ଏକତ୍ରୀକରଣ; (ବିଯୋଜନ—ବିପରୀତ) ମିଶ୍ରଣ—1. Mixing up; uniting.

୨ । ମୈଥୁନ—2. Copulation; sexual union. ୩ । ସହବାସ କରାଇବା; ଜୋଡି ଯୁଆଇବା—3. Causing or bringing about cohabitation; the act of bringing a male animal and a female animal together for breeding. ୪ । ଯୋଚିବା କର୍ମ—4. Act of yoking. ୫ । ଯୋଖିବା—5. Attaching.

ସଂଯୋଜନା—ସଂ. ବି (ସଂଯୋଜନ+ଆ)—୧ । ସଂଯୋଜନ (ଦେଖ) Samjojanā 1. Samjojana (See) ୨ । ଆୟୋଜନ—(ସଂଯୋଜିତ—ବିଣ) 2. Preparation.

ସଂଯୋଜିତ—ସଂ. ବିଣ. (ସମ୍+ଯୁଜ ଧାତୁ ଣିଚ୍=ଯୋଜ ଧାତୁ=Samjojita ଯୋଗ କରାଇବା+କର୍ମ. ତ)—୧ । ସଂମେଳିତ; ମିଶ୍ରିତ—1. Compounded; united; mixed up; joined together. ୨ । ଏକ ପଦାର୍ଥରୁ ବିୟୋଗ କରାଯାଇ ଅନ୍ୟ ପଦାର୍ଥରେ ଯୋଗ କରା ଯାଇଥିବା—2. Caused to be joined with a thing after having been dissociated from another. ୩ । ସହବାସାର୍ଥ ଏକତ୍ରୀକୃତ—3. Brought together for the purpose of cohabitation or breeding. ୪ । ଯୋଚା ଯାଇଥିବା—4. Yoked to. ୫ । ଯୋଗା ଯାଇଥିବା—5. Supplied.

ସଂରକ୍ତ—ସଂ. ବିଣ (ସମ୍+ରଂଜ୍ ଧାତୁ+କର୍ମ. ତ)—୧ । ରଙ୍ଗା Samrakta ଯାଇଥିବା—1. Coloured; dyed. ୨ । ଚୋପା ନାଲି; ଗାଢ଼ ରକ୍ତ—2. Bright red; scarlet. ୩ । ଭାବୋଦ୍ରେକିତ—3. Fired with passion; impassioned (Apte). ୪ । ଅତି କ୍ରୁଦ୍ଧ; କ୍ରୋଧରେ ଜଳୁଥିବା—4. Inflamed with anger (Apte). ୫ । ମୋହିତ—5. Enamoured; charmed (Apte). ୬ । (+କର୍ତ୍ତୃ.ତ) ସୁନ୍ଦର; ମନୋହର—6. Charming; beautiful (Apte).

ସଂରକ୍ଷ—ସଂ. ବି. (ସମ୍+ରକ୍ଷ୍ ଧାତୁ=ରକ୍ଷା କରିବା+ଭାବ. ଅ Samraksha —୧ । (ବିପଦାଦିରୁ, ବିନାଶରୁ ବା ଧ୍ୱଂସରୁ) (ସଂରକ୍ଷିତ—ବିଣ) ରକ୍ଷା କରିବା—1. Act of saving or protecting; conservating. ୨ । ତତ୍ତ୍ୱାବଧାରଣ—2. Superintendence; supervision. ୩ । ଯତ୍ନପୂର୍ବକ ସମ୍ପାଦିବା—3. Preservation; care. ୪ । ପୂର୍ବପ୍ରଥାମାନ ଅକ୍ଷୁଣ୍ଣ ରଖିବା—4. Conservatism; preserving of the old customs. ୫ । ଜଗା ରଖା; ରଖିବାର ଭାର ଗ୍ରହଣ—5. Custody; charge (Apte).

ସଂରକ୍ଷକ—ସଂ. ବିଣ ଓ ବି. ପୁଂ. (ସମ୍+ରକ୍ଷ୍ ଧାତୁ=ରକ୍ଷା କରିବା+Samrakshaka କର୍ତ୍ତୃ. ଅକ)—ଯେ ରକ୍ଷା କରେ; ରକ୍ଷାକାରୀ—(ସଂରକ୍ଷିକା—ସ୍ତ୍ରୀ) Protector.

ସଂରକ୍ଷଣ—ସଂ. ବି. (ସମ୍+ରକ୍ଷ ଧାତୁ+ଭାବ.ଅନ)—ସଂରକ୍ଷ (ଦେଖ) Samrakshaṇa Samraksha (See)

ସଂରକ୍ଷଣ ନୀତି—ସଂ. ବି. (ଆଧୁନିକ ପ୍ରୟୋଗ)—୧ । ପ୍ରାଚୀନ ରାଜSamrakshaṇa niti ନୈତିକ ଓ ସାମାଜିକ ପ୍ରଥାମାନ ଲୁପ୍ତ ନ କରି ତାହା ବଜାୟ ରଖିବାର ପଦ୍ଧତି—1. Conservatism (in politics and society). ୨ । ଯେଉଁ ନୀତି ସାହାଯ୍ୟରେ ବାଣିଜ୍ୟାଦି ଦ୍ୱାରା ଦେଶର ସ୍ୱାର୍ଥ ରକ୍ଷା କରାଯାଏ—2. Protection of the interests of a country in trade matters.

ସଂରକ୍ଷଣ ନୈତିକ (ବ୍ୟକ୍ତି, ଦଳ ବା ସଂପ୍ରଦାୟ)—ସଂ. ବିଣ. (ଆଧୁନିକ Samrakshaṇa nitika ପ୍ରୟୋଗ)—ଯେଉଁମାନେ ସଂରକ୍ଷଣ ନୀତିର ପକ୍ଷପାତୀ—Conservative in politics; protectionist in trade.

ସଂରବ୍ଧ—ସଂ. ବିଣ. (ସମ୍+ରଭ୍ ଧାତୁ=ଶବ୍ଦ କରିବା; କ୍ରୋଧ Samrabdha କରିବା+କର୍ତ୍ତୃ. ତ)—୧ । କ୍ରୁଦ୍ଧ; କ୍ରୋଧାନ୍ୱିତ; (ସଂରମ୍ଭ—ବି) କ୍ରୋଧାଭିଭୂତ—1. Enraged; impassioned; inflamed with anger. ୨ । ବିଶେଷ ଶବ୍ଦ ବିଶିଷ୍ଟ—2. Tumultuous. ୩ । ବ୍ୟାକୁଳ—3. Excited; irritated; agitated. ୪ । (+କର୍ମ. ତ)—ଉତ୍ସାହିତ (ପ୍ରବୃତ୍ତିବାଦ)—4. Encouraged. ୫ । ବର୍ଦ୍ଧିତ; ବୃଦ୍ଧି ପ୍ରାପ୍ତ—5. Augmented (Apte). ୬ । ଫୁଲି ଯାଇଥିବା—6. Swelled (Apte). ୭ । ଉଦ୍ବେଳିତ—7. Overwhelmed. ୮ । ଲଗାଲଗି; ପରସ୍ପର ସଂଯୁକ୍ତ—8. Closely joined; hand in hand (Apte).

ସଂରମ୍ଭ—ସଂ. ବି. (ସମ୍+ରଭ୍ ଧାତୁ=ଶବ୍ଦ କରିବା, ରାଗିବା+Samrambha ଭାବ. ଅ)—୧ । କ୍ରୋଧ; ରାଗ—1. Anger; (ସଂରମ୍ଭ—ଅନ୍ୟରୂପ) fury; wrath; rage. ୨ । ଅସନ୍ତୋଷ—2. Resentment. ୩ । ପାଟି କରି କାନ୍ଦିବା; କାନ୍ଦଣା—3. Lamentation; wailing. ୪ । ଗର୍ବ; ଅହଂକାର—4. Pride; arrogance; hauteur. ୫ । ମନର ଆବେଗ; ବିଷୟ ପ୍ରତିରେ ସ୍ଥାୟୀ ଉଦ୍ବେଗ—5. Enduring eagerness or attachment for a particular object. ୬ । ସଂଭ୍ରମ—6. Honour; respect. ୭ । ବେଗ—7. Force; velocity. ୮ । ଆହବ; ସଂଗ୍ରାମ; ଯୁଦ୍ଧ—8. Fight; battle; conflict. ୯ । (ଯାଜପୁର ଅଞ୍ଚଳ) ବିଶେଷ ଘଟଣାଦି ଉପଲକ୍ଷରେ ହେବା ମେଳା—9. A pompous or tumultuous crowd; a crowd collected on a particular occasion. ୧୦ । ଗୋଳମାଳ; ହୋହା—10. Tumult; noise; hubbub. ୧୧ । ଆଡ଼ମ୍ବର; ଆଟୋପ—11. Ado; show. ୧୨ । ଦଙ୍ଗା ହେଙ୍ଗାମା—12. Turbulence (Apte). ୧୩ ।

ଲାଳସା—13. Hankering; ardent desire; (Apte). ୧୪ । ଉଦ୍‌ବେଗ—14. Eagerness; anxiety (Apte). ୧୫ । ମନର ବ୍ୟାକୁଳତା ବା ଅସ୍ଥିରତା—15. Agitation; excitement; flurry (Apte). ୧୬ । ଉତ୍ତାପ ସହ ଫୁଲା—16. Swelling with heat and inflammation (Apte). ୧୭ । ଉତ୍ସାହ—17. Energy; zeal (Apte).

ସଂରମ୍ଭୀ—ସ. ବଣ. ପୁଂ (ସଂରମ୍ଭ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ)—Samrambhī (ସଂରମ୍ଭିଣୀ—ସ୍ତ୍ରୀ) ୧ । ଅତି କ୍ରୁଦ୍ଧ—1. Wrathful. ୨ । ବେଗବାନ୍—2. Full of force. ୩ । ଗୋଳମାଳପୂର୍ଣ୍ଣ—3. Tumultuous; noisy. ୪ । ବ୍ୟାକୁଳ—4. Excited; agitated. ୫ । ଗର୍ବୀ—5. Proud; arrogant (Apte).

ସଂରାଧନ(ନା)—ସ. ବି (ସମ୍+ରାଧ୍ ଧାତୁ=ସିଦ୍ଧ କରିବା+ଭାବ. ଅନ; +ଆ)—୧ । ଆରାଧନା; ବିଶେଷ Samrādhana(nā) (ସଂରାଧିତ, ସଂରାଧକ—ବି) ଜାକଜମକ ସହିତ ଅନୁଷ୍ଠିତ ପୂଜା—1. Worship accompanied with pomp. ୨ । ଆରାଧନାଦ୍ୱାରା ସନ୍ତୋଷବିଧାନ—2. Propitiation; conciliation (Apte). ୩ । ସମାଧାନ—3. Accomplishment. ୪ । ଗଭୀର ଧ୍ୟାନ—4. Deep meditation (Apte).

ସଂରାବ—ସଂ. ବି (ସମ୍+ରୁ ଧାତୁ=ଶବ୍ଦ କରିବା+ଭାବ. ଅ)—Samrāba ୧ । ଆରାବ; ଉଚ୍ଚ ଶବ୍ଦ—1. High sound; clamour. ୨ । ହୋହା; ଗୋଳମାଳ—2. Noise; tumult; uproar.

ସଂରାବୀ—ସଂ. ବଣ. ପୁଂ (ସମ୍+ରୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇନ୍)—୧ । ଶବ୍ଦବିଶିଷ୍ଟ—1. Resounding. Samrābī (ସଂରାବିଣୀ—ସ୍ତ୍ରୀ) ୨ । ଶବ୍ଦକାରକ—2. Sonorous. ୩ । ଗୋଳମାଳକାରୀ—3. Noisy; tumultuous.

ସଂରିହାଣ—ସଂ. ବଣ. ପୁଂ (ସମ୍+ଲିହ୍ ଧାତୁ+କର୍ତ୍ତୃ. ଅନ)—Samrihāṇa (ସଂରିହାଣା—ସ୍ତ୍ରୀ) ସ୍ନେହରେ ଗୃହୁଥିବା (ଯେପରି ବାଛୁରୀକୁ ଗାଈ; ମୃଗିଣୀକୁ ମୃଗ)—Affectionately licking (as a cow licking her calf (Apte .

ସଂରୁଗ୍ଣ—ସଂ. ବଣ (ସମ୍+ରୁଜ୍ ଧାତୁ+କର୍ମ. ତ)—ଚୂର୍ଣ୍ଣବିଚୂର୍ଣ୍ଣିତ, Samrugṇa ଖଣ୍ଡବିଖଣ୍ଡିତ—Shattered; broken to pieces (Apte).

ସଂରୁଦ୍ଧ—ସଂ. ବଣ (ସମ୍+ରୁଧ୍ ଧାତୁ=ରୋଧ କରିବା+କର୍ମ. ତ)—୧ । ବଦ୍ଧ—1. Bound. ୨ । Samruddha (ସଂରୁଦ୍ଧା—ସ୍ତ୍ରୀ) ଅବରୁଦ୍ଧ—2. Beseigend; blockaded. (ସଂରୋଧକ—ବି) ୩ । ନିରୁଦ୍ଧ—3. Obstructed; restrained. ୪ । କାରାରୁଦ୍ଧ—4. Imprisoned; confined; shut up. ୫ । ବାଧାପ୍ରାପ୍ତ—5. Checked; impeded (Apte). ୬ । ପରିପୂରିତ—6. Blocked up; filled up (Apte). ୭ । ଆଚ୍ଛାଦିତ; ଆବୃତ—7. Covered over; concealed (Apte). ୮ । ସ୍ଥଗିତ; ନିଷିଦ୍ଧ—8. Refused; withheld (Apte).

ସଂରୂଢ଼—ସଂ. ବଣ. ପୁଂ (ସମ୍+ରୁହ୍ ଧାତୁ=ଉତ୍ପନ୍ନ ହେବା; ଚଢ଼ିବା+କର୍ତ୍ତୃ. ତ)—୧ । ଆରୂଢ଼—1. Mounted. Samrūḍha (ସଂରୂଢ଼ା—ସ୍ତ୍ରୀ) ୨ । ଅଙ୍କୁରିତ; ଗଜା ମାରିଥିବା—2. Sprouted; germinated; budded. ୩ । ଜାତ—3. Born. ୪ । ପ୍ରବୃଦ୍ଧ—4. Well-grown; well developed. ୫ । ପୂରି ଯାଇଥିବା (ବ୍ରଣାଦି)—5. Cicatriced; healed (sore) (Apte). ୬ । ଏକତ୍ର ବର୍ଦ୍ଧିତ—6. Grown together (Apte). ୭ । ଦୃଢ଼ରୂପେ ସଂଲଗ୍ନ ବା ଚେରେଇ ଥିବା—7. Firmly grown; striking root (Apte). ୮ । ସାହସୀ—8. Bold (Apte). ୯ । ଆତ୍ମବିଶ୍ୱସ୍ତ—9. Confident (Apte).

ସଂରୋଧ—ସଂ. ବି (ସମ୍+ରୁଧ୍ ଧାତୁ=ଅଟକାଇବା+ଭାବ. ଅ)—Samrodha ୧ । ରୋଧନ; ନିରୋଧ; ପ୍ରତିବନ୍ଧ; ପ୍ରତିରୋଧ—1. Obstruction; hindrance. ୨ । ଅଟକ; ନିବାରଣ—2. Restraint; prevention. ୩ । ବନ୍ଧନ—3. Binding down. ୪ । ଶତ୍ରୁଦ୍ୱାରା ନଗରାଦି ବେଷ୍ଟନ—4. Seige; blockade. ୫ । କାରାରୋଧ—5. Confinement. ୬ । ନିକ୍ଷେପ—6. Throwing (Apte). ୭ । (+କରଣ. ଅ) ବେଡ଼ି; ବନ୍ଧନ ସାଧନ—7. Bond; fetters (Apte). ୮ । ସ୍ଥଗିତକରଣ—8. Stopping.

ସଂରୋଧକ—ସଂ. ବଣ. ପୁଂ (ସମ୍+ରୁଧ୍ ଧାତୁ=ଅଟକାଇବା+କର୍ତ୍ତୃ. ଅକ)—ସଂରୋଧକାରୀ—Confining; Samrodhaka (ସଂରୋଧିକା—ସ୍ତ୍ରୀ) restraining; preventing.

ସଂରୋଧନ—ସଂ. ବି (ସମ୍+ରୁଧ୍ ଧାତୁ+ଭାବ. ଅନ)—ଅଟକାଇବା; Samrodhana ସଂରୁଦ୍ଧ କରିବା—Act of restraining or confining or binding or preventing etc. (ସଂରୁଦ୍ଧ, ସଂରୋଧ, ସଂରୋଧକାରୀ—ବଣ)

ସଂରୋହ—ସଂ. ବି (ସମ୍+ରୁହ୍ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ଅ)—୧ । ଅଙ୍କୁର; ଗଜା—1. Germ; sprout; Samroha seed-bud. ୨ । (+ଭାବ. ଅ) ଜନ୍ମ; ଉତ୍ପତ୍ତି—2. Birth; production.

ସଂଲକ୍ଷଣ—ସଂ. ବି (ସମ୍+ଲକ୍ଷ୍ ଧାତୁ+ଭାବ. ଅନ)—ବିଶେଷ Samlakshaṇa ଭାବରେ ଚିହ୍ନିତକରଣ—Characterising; marking; distinguishing (Apte).

ସଂଲଗ୍ନ—ସଂ. ବଣ (ସମ୍ + ଲଗ୍ ଧାତୁ = ଲାଗିଯିବା + କର୍ତ୍ତି. ତ)—
Saṁlagna ୧ । ସଂଯୁକ୍ତ—1. Attached to; connec-
(ସଂଲଗ୍ନା—ସ୍ତ୍ରୀ) ted with. ୨ । ନିକଟରେ ଅବସ୍ଥିତ—
2. Contiguous to. ୩ । ଏକୀଭୂତ; ମିଳିତ—
3. Brought into; mixed up. ୪ । ଏକତ୍ର
ଲାଗି ଯାଇଥିବା—4. Stuck together; adhering
to. ୫ । ପରସ୍ପର ଅଘାତ ପ୍ରତିଘାତ କରୁଥିବା—
5. Come to close contact (Apte). ୬ ।
ମାତ୍ର ମସ୍ତମନ୍ଦ ହେଉଥିବା—
6. Coma to blows (Apte).

ସଂଲଗ୍ନିକ—ଦେ. ବଣ (ସଂ. ସଂଲଗ୍ନ)—୧ । ବନ୍ଧୁତା ଦ୍ୱାରା ସମ୍ବନ୍ଧଯୁକ୍ତ
Saṁlagnika (ବ୍ୟକ୍ତି)—1. (A person) Related to
ভায়াদ another. ୨ । ସଗୋତ୍ର—2. An agnate;
সংবন্ধিক kindred. (ଉ—ସେ ମୋର ସଂଲଗ୍ନିକ ପୁରୁଷ
ଅଟନ୍ତି ।)

ସଂଲୟ—ସଂ. ବ (ସମ୍ + ଲୀ. ଧାତୁ = ଜଡ଼େଇ ଯିବା, ମିଶିଯିବା +
Saṁlaya ଭାବ. ଅ)—୧ । ନିଦ୍ରା—1. Sleep. ୨ । ପ୍ରଳୟ—
(ସଂଲୟନ—ଅନ୍ୟରୂପ) 2. Dissolution of Nature;
universal destruction. ୩ । ବିଲୟ; ବିନାଶ—
3. Destruction; ruin.

ସଂଲାପ—ସଂ. ବ (ସମ୍ + ଲପ୍ ଧାତୁ = କହିବା + ଭାବ. ଅ)—
Saṁlāpa ୧ । ପରସ୍ପର ଭାଷଣ; କଥାଭାଷା କଥୋପକଥନ—
[ସଂଲାପନ(ନା)—ଅନ୍ୟରୂପ] 1. Conversation; dis-
(ସଂଲାପିତ—ବଣ) course. ୨ । ଅନ୍ୟୋନ୍ୟ ପ୍ରୀତିଭାଷଣ;
ବିରୋଧରହିତ କଥୋପକଥନ; ପରସ୍ପର ଦୁଃଖସୁଖ
ହେବା—2. Friendly conversation; pleas-
ant discourse. ୩ । ଦୁଇ ଜଣଙ୍କର ବିସ୍ରମ୍ଭାଳାପ; ଗୁପ୍ତ
ସମ୍ଭାଷଣ—3. Confidential talk; secret
conversation. ୪ । ଉକ୍ତି ପ୍ରତ୍ୟୁକ୍ତି—
4. Dialogue.

ସଂଲୀନ —ସଂ. ବଣ (ସମ୍ + ଲୀ. ଧାତୁ = ଜଡ଼େଇବା + କର୍ତ୍ତି. ତ)—
Saṁlīna ୧ । ସଂଯୋଜିତ—1. Joined together.
୨ । ଲାଗିଯାଇଥିବା —2. Clung; adhered to.
(Apte). ୩ । ଲୁକ୍କାୟିତ —3. Hidden; conceal-
ed. (Apte). ୪ । ସଂକୁଚିତ—4. Contracted;
shrunk. ୫ । ଭୂମିରେ ଲେସଟି ଯିବା—5. Cower-
ing down.

ସଂଲୋଡ଼ନ—ସଂ. ବ (ସମ୍ + ଲୁଡ଼. ଧାତୁ. ଣିଚ୍, ଲୋଡ଼. ଧାତୁ =
Saṁloḍana ଘାଣ୍ଟିବା + ଭାବ. ଅନ)—ଘଣ୍ଟା ଚକଟା—
Disturbing. (Apte). ଗୋଳାଇବା—Confus-
ing. (Apte)

ସଂଶାଏ(ୟେ)—ଗ୍ରା. ପ୍ରାଚୀନ ପଦ୍ୟ) ବ—ସଂଶୟ (ଦେଖ)—
Saṁśae(ye) Saṁśaya (See). [ଉ—ଦାନପୁଣ୍ୟ କରିବାକୁ
ନ ଥିବ ସଂଶଏ । ପ୍ରାଚୀ. ବ୍ରହ୍ମଭୂଗୋଳ ଗୀତା ।]

ସଂଶପ୍ତକ—ସଂ. ବ. ପୁଂ (ସମ୍ + ଶପ୍ତ = ଶପଥ କରିଥିବା, ପ୍ରତିଜ୍ଞା
Saṁśaptaka କରିଥିବା + କ; ପୂର୍ବରୁ ଶପଥ କରିଥିବାଯୋଗୁଁ ଯେ
ସଂଗ୍ରାମରୁ ଅପରାଙ୍ମୁଖ ବା ଅପଳାୟମାନ ଅଟେ)—
୧ । ଯେଉଁ ଯୋଦ୍ଧା ଯୁଦ୍ଧଭୂମିରୁ ପଳାଇବ ନାହିଁ ବୋଲି
ଶପଥ କରିଥାଏ—1. A warrior who has
vowed not to desert the battle-field.
୨ । (ନାମ) ନାରାୟଣୀ ସେନା ବିଶେଷ—2. Name
of an invincible army of Bishṇu (which
is bound by vow not to flee from the
battle-field.) ୩ । ବଛା ବଛା ପ୍ରଧାନ ଯୋଦ୍ଧା (ଯେଉଁ-
ମାନେ ଯୁଦ୍ଧ ଭୂମିରେ ଜୟୀ ବା ନିହତ ହେବା ନିମନ୍ତେ
ଦୃଢ଼ ପ୍ରତିଜ୍ଞ)—3. 'Forlorn-hope'; picked or
chosen soldiers (those who have vowed to
win or die.) ୪ । ଯୁଦ୍ଧଭୂମିରୁ ପଳାଇବାକୁ ଉଦ୍ୟତ
ଯୋଦ୍ଧାଙ୍କୁ ପଳାଇବାକୁ ଛାଡ଼ି ନଦେବା ପାଇଁ ରଖାଯାଇଥିବା
ଯୋଦ୍ଧା—4. A warrior kept in the battle-
field to prevent the flight of others.
(Apte). ୫ । ସହଯୋଦ୍ଧା—5. A brother in
arms. (Apte). ୬ । ଅନ୍ୟକୁ ହତ୍ୟା କରିବାପାଇଁ ଶପଥ
କରିଥିବା ଷଡ଼ଯନ୍ତ୍ରକାରୀ ବ୍ୟକ୍ତି—6. A conspirator
who has taken an oath to kill another.
(Apte).

ସଂଶବ୍ଦ—ସଂ. ବ (ସମ୍ + ଶବ୍ଦ)—ଉଲ୍ଲେଖ—
Saṁśabda Mention; reference. (Apte)

ସଂଶବ୍ଦନ—ସଂ. ବ (ସମ୍ + ଶବ୍ଦ. ଧାତୁ + ଭାବ. ଅନ)—
Saṁśabdana ୧ । ପ୍ରଶଂସା କରିବା—1. Praising. ୨ ।
ଶବ୍ଦ ଉତ୍ପାଦନ—2. Making a sound. ୩ । କିଛି
ପାଇଁ ଡାକ ଦେବା—3. Calling out to. (Apte)
୪ । ଉଲ୍ଲେଖକରଣ—4. Refering to.
(Apte).

ସଂଶୟ—ସଂ. ବ (ସମ୍ + ଶୀ. ଧାତୁ = ଶୋଇବା; ସନ୍ଦେହ କରିବା +
Saṁśaya ଭାବ. ଅ)—୧ । ସନ୍ଦେହ; ସନ୍ଦେହାତ୍ମକ
ଜ୍ଞାନ—1. Doubt; hesitation; suspicion.
୨ । ଉଭୟ ସମସ୍ୟା; ହଁ କି ନାଁ, ଏହିପରି ଦୋଚାଳ;
ଧୋକା —2. Dilemma. ୩ । ଦୋଦୋ ପାଞ୍ଚ; ଦ୍ୱୈଧୀ-
ଭାବ—3. Feeling of uncertainty; scepti-
cism; irresolution. ୪ । ବିପଦ—4. Danger;
risk. (Apte). ୫ । ସମ୍ଭାବନା—5. Possibility.
(Apte). ୬ । (ନ୍ୟାୟଦର୍ଶନ) ଏକଧର୍ମୀରେ ବିରୁଦ୍ଧ
ଭାବାଭାବ ପ୍ରକାରକ ଜ୍ଞାନ; ସଂଶୟ—6. (Nyaya
philosophy) Indecision.

ସଂଶୟ କରିବା—ଦେ. କ୍ରି—୧ । ସନ୍ଦେହ କରିବା—1. To
Saṁśaya karibā doubt. ୨ । ଦୋ ଦୋ ପାଞ୍ଚ ହେବା—
সংশয় কর সংশয়করনা, শক করনা 2. To hesitate.

ସଂଶୟ ଗ୍ରସ୍ତ—ସଂ. ବଣ. ପୁଂ (ନ୍ୟୁଇଁଭତ)—ସଂଶୟାକୁଳ (ଦେଖ) Samśaya grasta Samśayākuḷa. (See) (ସଂଶୟଗ୍ରସ୍ତା—ସ୍ତ୍ରୀ)

ସଂଶୟଚ୍ଛେଦ—ସଂ. ବ (୬ଷ୍ଠୀ ତତ୍; ସଂଶୟ+ଛେଦ; ସନ୍ଧି ଯୋଗୁଁ ଚ୍ଛ)—ସନ୍ଦେହର ବିମୋଚନ—Removal of doubt; the solution of a doubt. Samśayachchheda (ସଂଶୟଚ୍ଛେଦନ—ଅନ୍ୟରୂପ) [ସଂଶୟଚ୍ଛେଦକ—ବଣ]

ସଂଶୟଚ୍ଛେତ୍ତା—ସଂ. ବଣ. ପୁଂ (ଉପପଦ; ସଂଶୟକୁ ଛେଦନ କରେ ଯେ, ସଂଶୟ+ଛିଦ୍ ଧାତୁ+କର୍ତ୍ତୃ ତୃ; ସଂଶୟଚ୍ଛେତ୍ତୃ, ୧ମା. ୧ବ)—ସନ୍ଦେହ-ନାଶ-କାରୀ—Dispelling doubt; clearing all doubt. Samśayachchhettā (ସଂଶୟଚ୍ଛେତ୍ତା—ଅନ୍ୟରୂପ) ସଂଶୟଚ୍ଛେତ୍ତ୍ରୀ } ସ୍ତ୍ରୀ ସଂଶୟଚ୍ଛେଦିନୀ }
(ଉ—ଅଟଇ ତ ସଂଶୟଚ୍ଛେତ୍ତା ଏ ଜଗତେ, ମୋହର ସଂଶୟକୁ ନାଶ ତ କରିବେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।)

ସଂଶୟ ଜନକ—ସଂ. ବଣ (ସଂଶୟ+ଜନ୍ ଧାତୁ+କର୍ତ୍ତୃ. ଅକ)—ସନ୍ଦେହଉତ୍ପାଦକ—Creating suspicion; raising doubt in the mind. Samśaya janaka

ସଂଶୟ ଜନିତ—ସଂ. ବଣ—ସନ୍ଦେହରୁ ଉତ୍ପନ୍ନ—Resulting from doubt or suspicion. Samśaya janita (ସଂଶୟଜନ୍ୟ—ଅନ୍ୟରୂପ)

ସଂଶୟ ଜ୍ଞାନ—ସଂ. ବ—୧ । ସନ୍ଦେହବୋଧ; ମନରେ ସନ୍ଦେହ ପୋଷଣ—Entertainment of a doubt or suspicion in the mind. ୨ । ଦୁଇ ବସ୍ତୁ ମଧ୍ୟରୁ କୌଣସି ଗୋଟିଏ ହେବାରୂପ ସନ୍ଦେହ—2. The state of mind in which either of two alternatives has the appearance of truth when weighed in it. Samśaya jnāna [ଦ୍ର—ଗୋଟିଏ ରଜ୍ଜୁକୁ ରଜ୍ଜୁ ବୋଲି ଜାଣିବାକୁ 'ନିଶ୍ଚୟ-ଜ୍ଞାନ', ରଜ୍ଜୁକୁ ସର୍ପ ବୋଲି ବୁଝିବାକୁ 'ଭ୍ରମଜ୍ଞାନ' ଏବଂ ରଜ୍ଜୁକୁ ଦେଖି ଏହା ରଜ୍ଜୁ କି ସର୍ପ, ଏପରି ସନ୍ଦେହରେ ପଡ଼ିବାକୁ ହେଲେ ତାକୁ 'ସଂଶୟ-ଜ୍ଞାନ' କହନ୍ତି ।]

ସଂଶୟ ଦୋଳା—ସଂ. ବ (ରୂପକ କର୍ମଧାରୟ)—ସଂଶୟରୂପ ଦୋଳା—Hesitation or doubt compared to a swing or pendulum. Samśaya doḷā

ସଂଶୟ ମୂଳକ—ସଂ. ବଣ (ବହୁବ୍ରୀହି)—ସନ୍ଦେହାତ୍ମକ—Originating from doubt. Samsaya mūḷaka

ସଂଶୟ ସାଗର—ସଂ. ବ (ରୂପକ)—ସଂଶୟରୂପ ସମୁଦ୍ର—Doubt compared to the billowy sea. Samśaya sāgara

ସଂଶୟସ୍ଥ—ସଂ. ବଣ. ପୁଂ—ସନ୍ଦେହଯୁକ୍ତ; ସଂଶୟାପନ୍ନ; ସନ୍ଦିହାନ—Doubtful; hesitating (Apte) Samśayastha (ସଂଶୟସ୍ଥା—ସ୍ତ୍ରୀ)

ସଂଶୟାକୁଳ—ସଂ. ବଣ. ପୁଂ (ନ୍ୟୁ ତତ୍)—ସନ୍ଦିଗ୍ଧ; ଯାହା ସନ୍ଦେହଦ୍ୱାରା ଅଭିଭୂତ—Doubtful; (mind) distracted by doubt. Samśayākuḷa (ସଂଶୟାକୁଳିତ, ସଂଶୟାକ୍ରାନ୍ତ, ସଂଶୟାପନ୍ନ—ଅନ୍ୟରୂପ) (ସଂଶୟାକୁଳା, ସଂଶୟାକୁଳିତା, ସଂଶୟାକ୍ରାନ୍ତା, ସଂଶୟାପନ୍ନା—ସ୍ତ୍ରୀ)

ସଂଶୟାତ୍ମା—ସଂ.ବଣ.ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ସଂଶୟାତ୍ମନ୍, ୧ମା,୧ବ)—ସନ୍ଦିହାନ—Of a hesitating nature; of a suspicious nature; sceptic. Samśayātmā ସଂ. ବ—ସନ୍ଦେହପୂର୍ଣ୍ଣ ଆତ୍ମା, ସନ୍ଦେହଯୁକ୍ତ ମନ—Doubtful mind.

ସଂଶୟାନ—ସଂ. ବଣ. ପୁଂ. (ସମ୍+ଶୀ ଧାତୁ=ସନ୍ଦେହ କରିବା+କର୍ତ୍ତୃ. ଅନ)—ସଂଶୟାଳୁ (ଦେଖ)—Samśayāḷu (See) Samśayāna (ସଂଶୟାନା—ସ୍ତ୍ରୀ)

ସଂଶୟାନ୍ୱିତ—ସଂ. ବଣ. ପୁଂ (ନ୍ୟୁ ତତ୍)—୧ । ସଂଶୟଯୁକ୍ତ; ସନ୍ଦେହପୂର୍ଣ୍ଣ—1. Doubtful. ୨ । ଉଭୟଚିତ୍ତ—2. Irresolute. Samśayānwita (ସଂଶୟାନ୍ୱିତା—ସ୍ତ୍ରୀ)

ସଂଶୟାଳୁ—ସଂ. ବଣ. ପୁଂ ଓ ସ୍ତ୍ରୀ. (ସମ୍+ଶୀ ଧାତୁ+କର୍ତ୍ତୃ. ଆଳୁ; ଶୀଳାର୍ଥେ)—ସନ୍ଦେହରତ; ସନ୍ଦିହାନ; ସନ୍ଦେହୀ—Suspicious; hesitating. Samśayāḷu

ସଂଶୟିତ—ସଂ. ବ. (ସମ୍+ଶୀ ଧାତୁ+କର୍ତ୍ତୃ. ତ)—୧ । ସନ୍ଦେହାକ୍ରାନ୍ତ—1. Doubtful. ୨ । ଅନିଶ୍ଚିତ—2. Uncertain. ୩ । ବିପଦ୍‌ଗ୍ରସ୍ତ—3. Supposed to be in peril or danger; endangered (Apte). ୪ । (+କର୍ମ. ତ)—ଯେଉଁ ବିଷୟରେ ସନ୍ଦେହ କରା ଯାଉଅଛି—4. Doubted; questioned (Apte). Samśayita

ସଂଶୟିତା—ସଂ. ବଣ. ପୁଂ (ସମ୍+ଶୀ ଧାତୁ=ସନ୍ଦେହ କରିବା+କର୍ତ୍ତୃ. ତୃ; ୧ମା. ୧ବ)—ସନ୍ଦିହାନ—Doubting; hesitating. Samśayitā (ସଂଶୟିତ୍ରୀ—ସ୍ତ୍ରୀ)

ସଂଶୟୋପେତ—ସଂ. ବଣ. ପୁଂ (ବହୁବ୍ରୀହି)—ସଂଶୟାନ୍ୱିତ—Doubting; hesitating Samśayopeta (ସଂଶୟୋପେତା—ସ୍ତ୍ରୀ)

ସଂଶରଣ—ସଂ.ବ. (ସମ୍+ଶୃ ଧାତୁ=ହିଂସା କରିବା+ଭାବ. ଅନ)—ଯୁଦ୍ଧୋପକ୍ରମ; ଯୁଦ୍ଧାରମ୍ଭ—Beginning of hostilities; commencement of battle. Samśaraṇa

ସଂଶିତ—ସଂ. ବଣ. ପୁଂ (ସମ୍+ଶୋ ଧାତୁ=ନାଶ କରିବା; ନିର୍ଣ୍ଣୟ କରିବା+କର୍ମ. ତ)—୧ । ନିର୍ଣ୍ଣୀତ; ନିର୍ଦ୍ଧାରିତ; ସ୍ଥିରୀକୃତ; ନିରୂପିତ—1. Ascertained, settled; fixed; decided; determined. ୨ । ସୂଚିତ—2. Hinted; indicated; attended to. ୩ । ସମ୍ପୂର୍ଣ୍ଣ—3. Completed; finished. ୪ । ନିର୍ବାହିତ; ସଂଗାଦିତ—4. Accomplished; effected. ୫ । ସମ୍ୟକ୍ ଶାଣିତ; ଧାର ଶୀକୃତ—5. Whetted; sharpened. ୬ । ନିଷ୍ଠାବାନ୍; Samśita (ସଂଶିତା—ସ୍ତ୍ରୀ)

ବ୍ରତ ପାଳନରେ ସଂପୂର୍ଣ୍ଣ ରୂପେ ଯତ୍ନବାନ୍—6. Careful or resolved to duly perform a religious vow. ୭ । ସମାପ୍ତ—7. Completed. ୮ । ତୀକ୍ଷ୍ଣ—8. Sharp (Apte).

ସଂଶିତ ବ୍ରତ—ସଂ. ବଣ. ପୁଂ (ବହୁବ୍ରୀହି; ସଂଶିତ ହୋଇଅଛି ବ୍ରତ **Samśita brata** ଯାହାର ବା ସଂଶିତ ଅଟେ ବ୍ରତରେ ଯେ)—(ସଂଶିତବ୍ରତା—ସ୍ତ୍ରୀ) ୧ । ବ୍ରତନିଷ୍ଠ; ଯଥା ନିୟମରେ ବ୍ରତ-ଅନୁଷ୍ଠାନକାରୀ—1. Performing religious vows regularly and properly; regular in the performance of religious vows. ୨ । ଯେ ବ୍ରତ ପାଳନ କରି ସାରଅଛି—2. One who has fulfilled his vow.

ସଂଶିତାତ୍ମା—ସଂ.ବଣ.ପୁଂ. (ବହୁବ୍ରୀହି; ସଂଶିତ+ଅତ୍ମନ୍; ୧ମା.୧ବ)-**Samśitātmā** ଯାହାର ମନ ଉତ୍ତମରୂପେ ସଂଯତ ଓ ପରିପକ୍ୱ ହୋଇଅଛି—One whose mind is thoroughly matured and disciplined (Apte).

ସଂଶୀତି—ସଂ. ବି. (ସମ୍+ଶୀ ଧାତୁ+ଭାବ. ତି)—ସଂଶୟ; ସନ୍ଦେହ—**Samśiti** Doubt (Apte).

ସଂଶୁଦ୍ଧ—ସଂ. ବଣ. ପୁଂ (ସମ୍+ଶୁଧ୍ ଧାତୁ+କର୍ମ. ତ)—୧ । ସମ୍ପୂର୍ଣ୍ଣ-**Samśuddha** ରୂପେ ପବିତ୍ରୀକୃତ—1. Completely (ସଂଶୁଦ୍ଧା—ସ୍ତ୍ରୀ) purified. ୨ । ପରିଶୋଧିତ; ମାର୍ଜିତ—2. Polished; refined ୩ । ପ୍ରାୟଶ୍ଚିତ୍ତଦ୍ୱାରା ଅପଗତପାପ—3. Expiated. ୪ । ଅପରାଧ ବା ଅଭିଯୋଗରୁ ମୁକ୍ତ—4. Accquitted (of a charges) ୫ । ଦାୟିତ୍ୱରୁ ବା ଋଣରୁ ଉନ୍ମୁକ୍ତପ୍ରାପ୍ତ—5. Freed or released of a debt or liability. ୬ । ସମ୍ପୂର୍ଣ୍ଣ ରୂପେ ପରିଷ୍କୃତ—7. Thoroughly cleansed.

ସଂଶୁଦ୍ଧି—ସଂ. ବି (ସମ୍+ଶୁଦ୍ଧି)—୧ । ମାର୍ଜନ; ସମ୍ୟକ୍ ଶୋଧନ—**Samśuddhi** 1. Thorough cleansing or scouring; (ସଂଶୁଦ୍ଧ—ବଣ) complete purification. ୨ । ସମ୍ୟକ୍ ଶୁଦ୍ଧି—2. Purity; cleanness. ୩ । ସ୍ନାନଦ୍ୱାରା ଦେହ ମାର୍ଜନ—3. Cleansing of the body by ablution. ୪ । ସଂଶୋଧନ; ସୁଧାର—4. Correction; rectification. ୫ । ଋଣ-ପରିଶୋଧ—5. Aquittance of debt. ୬ । ଅପରାଧରୁ ବା ଅଭିଯୋଗରୁ ମୁକ୍ତିଲାଭ—6. Acquittance from a charge.

ସଂଶୋଧକ—ସଂ. ବଣ. ପୁଂ (ସମ୍+ଶୁଧ୍ ଧାତୁ=ଶୋଧନ କରିବା **Samśodhaka** +କର୍ତ୍ତି. ଅକ)—୧ । ପରିଷ୍କାରକ—(ସଂଶୋଧିକା—ସ୍ତ୍ରୀ) 1. Purifying; cleansing. ୨ । ସଂଶୋଧନକାରୀ—2. Correcting; reforming. ସଂ. ବି. ପୁଂ—୧ । ସଂଶୋଧନ କର୍ତ୍ତା—1. Purifier; cleanser. ୨ । ସଂସ୍କାରକ—2. Reformer.

ସଂଶୋଧନ—ସଂ. ବି (ସମ୍+ଶୁଧ୍ ଧାତୁ=ପରିଷ୍କାର କରିବା+ଭାବ. **Samśodhana** ଅନ)—୧ । ପରିଷ୍କରଣ; ପରିମାର୍ଜନ—(ସଂଶୋଧିତ, ସଂଶୁଦ୍ଧ—ବଣ) 1. Cleansing; purifying. ୨ । ଭ୍ରମାଦି ଶୋଧନ; ଭ୍ରାନ୍ତି ଦୂରୀକରଣ—2. Correcting; rectification. ୩ । ସଂସ୍କାର କରିବା—3. Reformation.

ସଂଶ୍ୱତ୍—ସଂ. ବି—୧ । ଇନ୍ଦ୍ରଜାଲ—1. Trick; jugglery **Samśwat** (Apte). ୨ । ମାୟା—2. Illusion (Apte) ୩ । ଐନ୍ଦ୍ରଜାଲିକ; ଜାଦୁକର—3. A juggler (Apte).

ସଂଶ୍ୟାନ—ସଂ. ବଣ—୧ । ସଙ୍କୁଚିତ—1. Contracted; shrunk **Srmśyāna** (Apte). ୨ । ଘନୀଭୂତ—2. Frozen; congealed (Apte). ୩ । ଗୁଡ଼ା ହୋଇଥିବା—3. Rolled up (Apte). ୪ । ମୃତ ହୋଇ ପାଉ-ଥିବା—4. Collapsed (Apte)

ସଂଶ୍ରଦ୍ଧ—ଦେ. ବି—୧ । ଅତ୍ୟନ୍ତ ସ୍ନେହ—1. Excessive love. **Samśra ddha** ୨ । ଆଦର—2 Fondness. [ଉ—ମୁଁ आदर पसार ଯେ ସଂଶ୍ରଦ୍ଧରୁ ଧରୁ ପଡ଼ୁଁ କ ବସ୍ତ୍ରରୁ ଗୁରୁଜାନ୍ତ ଗଲ ମୋ ହୋଡ଼ରୁ ତରୁ—ଭକ୍ତ. ପ୍ରେମସୁଧାନିଧି ।]

ସଂଶ୍ର (ସ୍ର, ଶ୍ରା, ସ୍ରା)ବ—ସଂ. ବି (ସମ୍+ଶ୍ରୁ ଧାତୁ=ଅଙ୍ଗୀକାର, **Samśra (sra, śrā, srā)ba** କରିବା, ଗମନ କରିବା, ଶୁଣିବା ଇତ୍ୟାଦି+ଭାବ. ଅ)—୧ । ସମ୍ପର୍କ—1. Connection; relationship. ୨ । ସମ୍ବନ୍ଧ—2. Relation. ୩ । ପ୍ରତିଜ୍ଞା—3. Promise. ୪ । ଅଙ୍ଗୀକାର—4. Agreement; engagement. ୫ । ସଙ୍ଗମ; ମିଳନ—5. Meeting, union. ୬ । ମନୋଯୋଗପୂର୍ବକ ଶ୍ରବଣ—6. Hearing attentively (Apte).

ସଂଶ୍ରବଣ—ସଂ. ବି (ସମ୍+ଶ୍ରୁ ଧାତୁ+ଅନ)—୧ । (+କରଣ. **Samśrabaṇa** ଅନ) କାନ—1. The ear (Apte). ୨ । (+ଭାବ. ଅନ) ଶୁଣିବା—2. Hearing (Apte).

ସଂଶ୍ରୟ—ସଂ. ବି (ସମ୍+ଶ୍ରି ଧାତୁ=ସେବା କରିବା, ପାଇବା, **Samśraya** ଅବଲମ୍ବନ କରିବା+କର୍ମ. ଅ)—୧ । ଅବଲମ୍ବନ; ଆଶ୍ରୟସ୍ଥଳ—1. Refuse; asylum, resort. ୨ । (+ଭାବ. ଅ) ପ୍ରାପ୍ତି—2. Acquisition. ୩ । ବ୍ୟାପ୍ତି—3. Overspreading; pervading. ୪ । (+କର୍ମ. ଅ) କାରଣ—4. Cause; reason. ୫ । ବାସସ୍ଥାନ; ଗୃହ—5. A resting or dwelling place (Apte). ୬ । (+ଭାବ. ଅ) ରକ୍ଷା; ଆଶ୍ରୟ—6. Protectio n; shelter (Apte). ୭ ।

(ରାଜନୀତି) ରାଜ୍ୟରକ୍ଷାର୍ଥ ରାଜାଙ୍କର ପାଳନୀୟ ଛଅ ଗୁଣରୁ ଏକ, ଅନ୍ୟ ରାଜାଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ—7. (Politics) A proper course of action; an expedient to be used by a king in foreign politics (Apte). [ଦ୍ର—ରାଜ୍ୟରକ୍ଷା ପାଇଁ ରାଜାଙ୍କ ପାଳନୀୟ ଛଅ ଗୁଣ ବା ଉପାୟ ଯଥା— ସନ୍ଧି, ବିଗ୍ରହ, ଯାନ, ଆସନ, ସଂଶ୍ରୟ ଓ ଦ୍ୱୈଧ ।] ସ. ବିଣ. (ଅନ୍ୟ ଶବ୍ଦ ପରେ ସମାସରେ ଲଗେ)—୧ । ଅମୁକ ସଙ୍ଗେ ବାସ କରୁଥିବା (ଯଥା—ଅଛିକୁଳେକସଂଶ୍ରୟ)— 1. Dwelling or residing with. ୨ । ଅମୁକ ସଙ୍ଗେ ସଂପୃକ୍ତ ବା ସମ୍ବନ୍ଧ—2. Pertaining to. (ଯଥା—ନୈମିତ୍ତସଂଶ୍ରୟ) ୩ । (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ, ଯଥା—ବୀର ସଂଶ୍ରୟ) ବନ୍ଧୁତା ବା ଆଶ୍ରୟ ଲୋଡ଼ୁଥିବା—3. Forming or seeking alliance with; seeking protection or shelter of (Apte).

ସଂଶ୍ରିତ—ସ. ବିଣ. ପୁଂ (ସମ୍+ଶ୍ରି ଧାତୁ+କର୍ତ୍ତୃ. ତ)—୧ । ଆଶ୍ରିତ; Samśrita ଶରଣାପନ୍ନ—1. Taking shelter under; (ସଂଶ୍ରିତା—ସ୍ତ୍ରୀ) gone to for refuge (Apte). ୨ । ସଂଯୁକ୍ତ—2. United; joined; attached (Apte). ୩ । ଆଶ୍ରୟ ପ୍ରାପ୍ତ—3. Supported; sheltered (Apte). ବି—୧ । ଆଶ୍ରିତ ବ୍ୟକ୍ତି— 1. A dependant (Apte). ୨ । ଅନୁଚର— 2. Follower; servant (Apte).

ସଂଶ୍ରୁତ—ସ. ବିଣ (ସମ୍+ଶ୍ରୁ ଧାତୁ=ଶ୍ରବଣ କରିବା ଇତ୍ୟାଦି+କର୍ମ. Samśruta ତ)—୧ । ପ୍ରତିଶ୍ରୁତ; ପ୍ରତିଜ୍ଞାତ—1. Promised; agreed to. ୨ । ଉତ୍ତମ ରୂପେ ଶ୍ରୁତ—2. Well-heard (Apte).

ସଂଶ୍ଲିଷ୍ଟ—ସ. ବିଣ (ସମ୍+ଶ୍ଲିଷ୍ ଧାତୁ=ଆଲିଙ୍ଗନ କରିବା+କର୍ମ; Samślishṭa ତ)—୧ । ଆଲିଙ୍ଗିତ—1. Embraced clasped; pressed together. ୨ । ମିଳିତ— 2. United with; joined. ୩ । ସଂଯୁକ୍ତ; ସଂପର୍କ-ଯୁକ୍ତ—3. Connected with; related to. ୪ । ନିକଟବର୍ତ୍ତୀ; ସନ୍ନିହିତ—4. Contiguous; adjacent, adjoining; lying close to. ୫ । (ଅମୁକ ବିଷୟ ବା ଗୁଣ ଦ୍ୱାରା) ଯୁକ୍ତ—5. Having been furnished with, endowed with (Apte).

ସଂଶ୍ଲେଷ—ସଂ. ବି. (ସମ୍+ଶ୍ଲିଷ୍ ଧାତୁ=ଆଲିଙ୍ଗନ କରିବା+ଭାବ. Samślesha ଅ)—୧ । ଆଲିଙ୍ଗନ—1. Embrace. ୨ । ମିଳନ—2. Union, association. ୩ । ସମ୍ପର୍କ— 3. Connection; relation. ୪ । ଲାଗିରହିବା; ଗାଢ଼ ସଂଯୋଗ—4. Contact.

ସଂଶ୍ଲେଷଣ—ସଂ. ବି. (ସମ୍+ଶ୍ଲିଷ୍ ଧାତୁ+ଭାବ. ଅନ)—୧। ଆଲିଙ୍ଗନ Samśleshaṇa କରିବା—1. Embracing. ୨ । ପରସ୍ପର ସଙ୍ଗେ ଯୁଡ଼ିବା—2. Pressing together. ୩ । (+କରଣ. ଅନ) ବନ୍ଧନସାଧନ; ଯାହା ଦ୍ୱାରା ଏକାଧିକ ବସ୍ତୁକୁ ଏକତ୍ର ବନ୍ଧାଯାଏ—3. Means of binding together (Apte). ୪। ସମ୍ପର୍କ—4. Connection. ୫ । ବାନ୍ଧୁଣୀ—5. Bond; tie (Apte).

ସଂସକାର—ଗ୍ରା. ବି. (ପଦ୍ୟ) (ସଂ. ସଂସ୍କାର)—ସଂସ୍କାର (ଦେଖ) Samsakāra Saṁskāra (See) [ଦ୍ର—ଠାବ ଖଣ୍ଡିଲେ ସଂସକାର କଲ । ପ୍ରଭାତ. ଶଶୀରେଖା ।]

ସଂସକୃତ—ଗ୍ରା. ବି. (ସଂ. ସଂସ୍କୃତ)—ସଂସ୍କୃତ ଭାଷା—The Samsakṛuta Sanskrit language. [ଦ୍ର—ଯେବେ ନ ସଂସ୍କୃତ **संस्कृत** ଥାଇ କୃଷ୍ଣରସ ସେ ସଂସକୃତେ କାର୍ଯ୍ୟ କସ ? ଭୂପତି. ପ୍ରେମ ପଞ୍ଚାମୃତ ।]

ସଂସକ୍ତ—ସ. ବିଣ. (ସମ୍+ସନଜ୍ ଧାତୁ=ଆସକ୍ତ ହେବା+କର୍ତ୍ତୃ. Samsakta ତ)—୧ । ସଂଲଗ୍ନ; ଲାଗି ଯାଇଥିବା— 1. Attached to, adhered; stuck together. ୨ । ସନ୍ନିକଟବର୍ତ୍ତୀ—2. Adjoining; contiguous, near. ୩ । ସଂଶ୍ଲିଷ୍ଟ; ସଂଯୁକ୍ତ; ପରସ୍ପର ସଙ୍ଗେ ମିଳିତ—3. Combined with; united to; joined or linked together. ୪ । ଆସକ୍ତ—4 Devoted to; enamoured of. ୫ । ସମନ୍ତାତ୍ ବିସ୍ତୃତ—5. Spread on all sides. ୬ । ଗୋଳେଇ ହୋଇ ମିଶି ଯାଇଥିବା—6. Blended, mingled; confused (Apte). ୭ । (ଅମୁକ) ବିଶିଷ୍ଟ; ଯୁକ୍ତ—7. Having; endowed with; possessed of (Apte). ୮ । ନିରୁଦ୍ଧ—8. Restrained (Apte). ୯ । ଅମୁକ କାର୍ଯ୍ୟପାଇଁ ଦୃଢ଼ସଂକଳ୍ପ 9. Intent on; bent on (Apte). ୧୦ । ବଦ୍ଧ; ବନ୍ଧା ହୋଇଥିବା—10. Fastened (Apte).

ସଂସକ୍ତି—ସଂ. ବି. (ସମ୍+ସନଜ୍ ଧାତୁ+ଭାବ. ତି)—୧ । ନିକଟ-Samsakti ବର୍ତ୍ତିତା—1. Contiguity; proximity. ୨ । ଦୃଢ଼ମିଳନ—2. Close association, union. ୩ । (ବିଜ୍ଞାନ) ପଦାର୍ଥର ଗୁଣବିଶେଷ; ଯେଉଁ ଗୁଣ ଦ୍ୱାରା ପଦାର୍ଥ ମଧ୍ୟସ୍ଥ ପରସ୍ପର ନିକଟବର୍ତ୍ତୀ ପରମାଣୁ-ଗୁଡ଼ିକ ପରସ୍ପର ସହିତ ମିଳିତ ହୁଏ—3. Chemical affinity. ୪ । ଲାଗିରହିବା ଅବସ୍ଥା—4. Close adherence. ୫ । ସହବାସ— 5. Intercourse. ୬ । ଘନିଷ୍ଠତା—6. Intimacy; intimate acquaintance (Apte). ୭ । ଏକତ୍ର ବନ୍ଧନ— 7. Tying; fastening together (Apte). ୮ । କୌଣସି ବିଷୟ ପ୍ରତି ଲିପ୍ତ ହେବା ଅବସ୍ଥା; ଏକାନ୍ତ ଆସକ୍ତି—7. Devotion; addiction to any thing.

ସଂଶକ୍ତ ମନାଃ—ସଂ. ବଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ସଂଶକ୍ତ+ମନସ୍; Samśakta manāḥ ସମା. ୧ବ)—କୌଣସି କର୍ମ କରିବାକୁ ସ୍ଥିର ସଂକଳ୍ପ କରିଥିବା—With the mind fixed or attached (to a particular object (Apte).

ସଂଶକ୍ତ ଯୁଗ—ସଂ. ବଣ. (ବହୁବ୍ରୀହି; ସଂଶକ୍ତ ହୋଇଅଛି ଯୁଗ Samśakta juga ଯାହାଠାରେ)—ଯୁଅଳିରେ ଯୋଗୁ ଯାଇଥିବା—Yoked; harnessed (Apte)

ସଂସଦ୍—ସଂ. ବି.—(ସମ୍+ସଦ୍ ଧାତୁ=ଗମନ କରିବା+ଅଧିକରଣ. Samsad କ୍ୱିପ୍) ୧। ସଭା; ସମାଜ; ଏକତ୍ର ବସିବା—1. Association; assembly; meeting; congregation; society. ୨। ଧର୍ମାଧିକରଣ; ବିଚାରାଳୟ—2. A court of justice (Apte).

ସଂସର—ଦେ. ବି—ସମସର (ଦେଖ)—
Samsara Samasara (See)

ସଂସରଣ—ସଂ. ବି (ସମ୍+ସୃ ଧାତୁ=ଗମନ କରିବା+ଭାବ. ଅନ) Samsaraṇa ୧। ବିନା ବାଧାରେ ସେନାଙ୍କର ଗମନ ବା ଯାତ୍ରା—1. Unobstructed march of a band of soldiers; unresisted march of troops. ୨। ଗମନ—2. Going; proceeding. ୩। ସଂସାର; ସାଂସାରିକ ବିଷୟ—3. The worldly concerns. ୪। ସମ୍ପଦ—4. A person's worldly circumstances or means. ୫। (+ଅଧି ଅନ) ପ୍ରଧାନ ପଥ; ବଡ଼ ରାସ୍ତା; ରାଜଦାଣ୍ଡ—5. Main road, high-way. ୬। ସଂସାରରେ ଜନ୍ମ ଓ ପୁନର୍ଜନ୍ମ—6. Birth and rebirth (Apte) ୭। ଯୁଦ୍ଧର ଆରମ୍ଭ—7. The commencement of battle (Apte). ୮। ନଗରର ଫାଟକ ନିକଟରେ ଥିବା ପଥିକଙ୍କ ବିଶ୍ରାମ ସ୍ଥାନ—8. A resting place for travellers near the gates of a city (Apte)

ସଂ(ସଁ)ସରା—ଗ୍ରାଦେ. (ସାକସୁର) ବଣ.—ସବୁବେଳେ ସଁ ସଁ ହେଉଥିବା Sam(sañ)sarā (ବଳଦ)—(A bullock) Which is always breathing with a hissing sound. [ବି—ସସରା ବଳଦ]

ସଂସର୍ଗ—ସଂ. ବି (ସମ୍+ସୃଜ ଧାତୁ=ସୃଷ୍ଟି କରିବା, ସହବାସ କରିବା+ Samsarga ଭାବ. ଅ) ୧। ସମ୍ପର୍କ; ସମ୍ବନ୍ଧ—1. Connection; relationship. ୨। କୌଣସି ବ୍ୟକ୍ତି ସଙ୍ଗେ ଘନିଷ୍ଠ ଭାବରେ ବସବାସ କରିବା—2. Keeping company with anybody; familiar intercourse; familiarity. ୩। ଏକତ୍ର ବାସ; ଏକତ୍ର ଅବସ୍ଥାନ—3. Association; living together; co-existence. ୪। ମୈଥୁନ; ଅଭିଗମନ; ସହବାସ—4. Sexual intercourse; cohabitation; copulation. ୫। ସଙ୍ଗ—5. Company. ୬। ପରସ୍ପର ସଙ୍ଗେ ମିଶ୍ରଣ; ମିଳନ—6. Commixure, junction; union (Apte). ୭। ସାହଚର୍ଯ୍ୟ—7. Association (Apte). ୮। ନୈକଟ୍ୟ—8. Proximity (Apte). ୯। ସ୍ପର୍ଶ—9. Contact, touch (Apte)
(ସଂସୃଷ୍ଟ—ବଣ)

ସଂସର୍ଗଜ—ସଂ.ବି. (ସଂସର୍ଗ+ଜନ୍ ଧାତୁ+କର୍ତ୍ତ୍ରି.ଅ)—ସଂସର୍ଗରୁ ଜାତ—Samsargaja Due to or resulting from relationship or contact.
(ସଂସର୍ଗଜା—ସ୍ତ୍ରୀ)

ସଂସର୍ଗଜା ଦୋଷଗୁଣା ଭବନ୍ତି—ସଂ. ପ୍ରବଚନ—ମନୁଷ୍ୟର ଦୋଷ ବା Samsargajā dosha guṇā bhabanti ଗୁଣ ସଂସର୍ଗରୁ ଘଟେ—A man becomes good or bad as a result of the company he keeps.

ସଂସର୍ଗ ଦୋଷ—ସଂ. ବି. (ଷଷ୍ଠୀ ତତ୍) ୧। ଦୋଷଯୁକ୍ତ ସଂସର୍ଗ Samsarga dosha ମନ୍ଦ ସଂସର୍ଗ—1. Bad company, evil association. ୨। ସଂସର୍ଗର ଦୋଷ—2. The fault of intercourse. ୩। (ମ. ପ. ଲୋ) ସଂସର୍ଗଜନିତ ଦୋଷ—3. Evil consequences resulting from (bad) association; the fault resulting from keeping company with bad people.

ସଂସର୍ଗ ଲିପ୍ସା—ସଂ. ବି. (ଷଷ୍ଠୀ ତତ୍)—ସହବାସ ପାଇଁ ଇଚ୍ଛା—Samsarga lipsā Hankering or desire for association or sexual intercourse.
(ସଂସର୍ଗ ଲିପ୍ସୁ—ବଣ)

ସଂସର୍ଗାଭାବ—ସଂ, ବି (ଷଷ୍ଠୀ ତତ୍, ସଂସର୍ଗ+ଅଭାବ) ୧। Samsargābhāba ସଂସର୍ଗର ଅଭାବ—1. Want of familiar intercourse. ୨। (ନ୍ୟାୟ ଦର୍ଶନ) ତ୍ରିବିଧ ଅଭାବ [ଯଥା—ପ୍ରାଗଭାବ (antecedent non-existence), ପ୍ରଧ୍ୱଂସାଭାବ (Emergent non-existence) ଓ ଅତ୍ୟନ୍ତାଭାବ (=absolute non-existence)] 2. (Nyāya philosophy) Three kinds of want of connection or non existence (i.e. 2 kinds of relative non-existence and one kind of absolute non-existence.)

ସଂସର୍ଗୀ—ସଂ. ବି. ପୁଂ (ସଂସର୍ଗ+ଅସ୍ତ୍ୟର୍ଥରେ ଇନ୍, କିମ୍ବା ସମ୍ Samsargī ସୃଜ୍ ଧାତୁ+କର୍ତ୍ତ୍ରି. ଇନ୍ ଶୀଳାର୍ଥେ)—୧। ସମ୍ବନ୍ଧୀ (ସଂସର୍ଗିଣୀ—ସ୍ତ୍ରୀ) 1. Relative to; intimate with. ୨। ସହବାସକାରୀ—2. Associating or cohabiting. ୩। ସଂଯୁକ୍ତ—3. United; associated with. (Apte). ୪। (ଅମୁକର) ସଙ୍ଗେ ସଂସର୍ଗକାରୀ—4. Keeping

company with; familiar. ସ. ବି. ପୁଂ— ୧ । ସଙ୍ଗୀ; ସହଚର—1. Companion. ୨ । ସହଯୋଗୀ; ସହକର୍ମୀ—2. An associate.

ସଂସର୍ଜନ—ସଂ. ବି (ସମ୍ + ସୃଜ୍. ଧାତୁ + ଭାବ. ଅନ)—୧ । ଏକତ୍ର
Samsarjana ମିଶାଇବା—1. Commingling. (Apte). ୨ । ତ୍ୟାଗକରଣ—2. Leaving; abandoning (Apte). ୩ । ଉତ୍ସର୍ଗକରଣ—3. Voiding; discharging. (Apte).

ସଂସର୍ପ—ସଂ. ବି (ସମ୍ + ସୃପ୍. ଧାତୁ=ଗମନ କରିବା + ଭାବ. ଅ)—
Samsarpa ୧ । ସମ୍ୟକ୍ ପ୍ରକାରେ ଗମନ—1. Particular
(ସଂସର୍ପୀ—ବିଣ. ପୁଂ) kind of going. ୨ । ସର୍ପବତ୍ ଗତି— 2. Serpentine motion; movement like a snake. ୩ । ପ୍ରସାରଣ; ବିସ୍ତାର—3. Spreading; extending; diffusion. ୪ । ଧୀରଗମନ; ଗୁରୁଣ୍ଡି କରି ଯିବା—4. Creeping along; gliding; gentle motion. (Apte). ୫। (+ ଅଧିକରଣ.ଅ) କ୍ଷୟ ମାସ ଭଣିଷ୍ଟ ବର୍ଷର ମଳମାସ—5 The intercalary month accruing in a year in which there occurs a Kshyaya māsa. (Apte)

ସଂସର୍ପଣ—ସଂ. ବି (ସମ୍ + ସୃପ୍. ଧାତୁ + ଭାବ. ଅନ)—୧ । ଗୁରୁଣ୍ଡି
Samsarpaṇa ଗୁରୁଣ୍ଡି ଯିବା—1. Creeping along. ୨ । ଅପ୍ରତ୍ୟାଶିତ ଆକ୍ରମଣ—2. Surprise; unexpected attack; rally. (Apte).

ସଂସର୍ପୀ—ସଂ. ବିଣ. ପୁଂ (ସମ୍ + ସୃପ୍. ଧାତୁ + କର୍ତ୍ତୃ. ଇନ୍; ୧ମା. ୧
Samsarpi ବ)—୧। ଗୁରୁଣ୍ଡି କରି ଯାଉଥିବା—1. Creep-
(ସଂସର୍ପିଣୀ—ସ୍ତ୍ରୀ) ing. ୨ । ଧୀର ଗତି କରୁଥିବା—2. Moving slowly. ୩ । ବକ୍ରଗତି କରୁଥିବା—3. Winding. (Apte)

ସଂସାଦ୍—ସଂ. ବି (ସମ୍ + ସଦ୍. ଧାତୁ + ଅଧି. କ୍ୱିପ୍)—ସଂସଦ୍ (ଦେଖ)
Samsād Samsad. (See)

ସଂସାଧନ—ସଂ. (ସମ୍ + ସାଧ୍. ଧାତୁ + ଭାବ. ଅନ)—୧ । ସମାଧାନ;
Samsādhana ନିଷ୍ପାଦନ—1. Accomplishment;
(ସଂସାଧିତ—ବିଣ) completion. ୨ । ପ୍ରାପ୍ତି—2. Obtaining; getting; acquisition. ୩ । ବ୍ୟବସ୍ଥା—3. Settlement arrangement. ୪। ବଧ;ମାରଣ —4. Killing. ୫ । ନିର୍ବାପନ—5. Extinguishing.

ସଂସାର—ସଂ. ବି (ସମ୍ + ସୃ. ଧାତୁ=ଗମନ କରିବା + ଅଧି. ଅ;
Samsāra ଯେଉଁଠାରେ ପ୍ରାଣିଗଣ ଗମନାଗମନ କରନ୍ତି)— ୧ । ଜଗତ୍; ପୃଥିବୀ; ମରଲୋକ; ମର୍ତ୍ତ୍ୟଲୋକ; ଇହଲୋକ- 1. The world; the earth; the creation; the mortal world; course of worldly existence; earthly existence. ୨ । ମାୟାପୂରିତ ଜଗତ୍—2. The world which is full of illusion. ୩ । ଅବିଦ୍ୟାବନ୍ଧନ; ମାୟାବନ୍ଧନ— 3. Fascination of the world; the worldly ties. ୪ । ମାୟାଜନ୍ୟ ବ୍ୟସନ—4. Idealism; the state of being addicted to delusive pursuits. ୫ । ସାଂସାରିକ ବିଷୟ— 5. Worldy affairs; worldy concern. ୬ । ସ୍ତ୍ରୀ ପୁତ୍ର କନ୍ୟା ସମ୍ବଳିତ ପରିବାର—6. One's family (consisting of wife, children etc.) ୭ । ଗାର୍ହସ୍ଥ୍ୟ; ଘରକରଣା—7. One's house-hold; eking out one's existence with family. ୮ । ଜନସମାଜ—8. Human society; the mankind. [ଉ—ସଂସାର ଘରେରେ ଜନ୍ମ, ସାଧୁଙ୍କ ଘରେରେ ଜନମ । କମଳଲୋଚନ. ଚଉତିଶା ।) ୯ । ପୁନର୍ଜନ୍ମ; ବାରମ୍ବାର ମୃତ୍ୟୁପରେ ଜନ୍ମାନ୍ତର— 9. Transmigration; metempsychosis; succession of births. (Apte).

ଦେ. ବି—ସ୍ତ୍ରୀ—Wife. [ଯଥା—ଯୌବନ
সংসার संसार ବୟସରେ ଗୃହଣୀ ହେଲେ ମନୁଷ୍ୟଙ୍କୁ ସ୍ତ୍ରୀ କି ବାୟୁ ସଂସାରର ଯୋଗାଡ଼ କରିବାକୁ ପଡ଼େ ।]

[ଉ—ସଂସ୍କୃତରେ ମଧ୍ୟ ବଚନ ଅଛି—"ଗୃହିଣୀ ଗୃହମୁଚ୍ୟତେ" ଅର୍ଥାତ୍ ଗୃହିଣୀଙ୍କ ଯୋଗୁଁ ସିନା ଗୃହ; ତେଣୁ ଗୃହିଣୀଙ୍କୁ ଗୃହ ବୋଲି କହିଲେ ଚଳେ । ଏହି ଅନୁକରଣରେ ମଧ୍ୟ ଆମ ଭାଷାରେ ଆପଣା ସ୍ତ୍ରୀଙ୍କୁ ଲୋକ 'ଘରେ', 'ଘରଅଡ଼େ', 'ସଂସାର', 'ପରିବାର' ଆଦି ଆଖ୍ୟା ଦେଇ କଥାଭାଷା କରନ୍ତି ଏବଂ ସ୍ତ୍ରୀମାନେ 'ଭିତର' (ଅନ୍ତଃପୁର) ବୋଲି କହନ୍ତି ।]

ସଂସାର କରିବା—ଦେ. କ୍ରି—ସଂସାରୀ ହେବା; ସ୍ତ୍ରୀପୁତ୍ରାଦିଙ୍କ ସହିତ
Samsāra karibā ଘରକରଣା କରିବା; ଗାର୍ହସ୍ଥ୍ୟ ଅବଲମ୍ବନ
সংসারকরা संसार करना କରିବା—1. To be a householder, to lead a family life (with one's wife and children); to be a man of the world ୨ । ଜନ ସମାଜରେ ଚଳିବା— 2. To live and move in the society. ୩ । ବିବାହ କରିବା—3. To marry.

ସଂସାର କାନନ—ସଂ. ବି (ରୂପକ କର୍ମଧା)—ଅରଣ୍ୟ ପରି ଅଗମ୍ୟ ଓ
Samsāra kānana ଅପଦ୍ ସଙ୍କୁଳ ସଂସାର—The world compared to a forest (which is impassable and beset with dangers,)

ସଂସାର କାମନା(ବାସନା)—ସଂ. ବି. (ଷଷ୍ଠୀ ତତ୍)—୧ । ପାର୍ଥିବ
Samsāra kāmanā (bāsanā) ଭୋଗବାସନା—1. The desire for the enjoyment of the world

୨ । ସାଂସାରିକ ବାସନା; ବିଷୟ ବାସନା—2. Worldly desire.

ସଂସାର କାମୀ—ସଂ. ବିଣ. ପୁଂ—ସଂସାରିକ ଭୋଗବାସନା ପାଇଁ Saṁsāra kāmī ଲାଳାୟିତ ; ସଂସାରିକ ଭୋଗେଚ୍ଛୁ— (ସଂସାର କାମିନୀ—ସ୍ତ୍ରୀ) Desirous of worldly enjoyment.

ସଂସାର କାରା—ସଂ.ବି. (ରୂପକ କର୍ମଧା)—ଜେଲଖାନା ସଙ୍ଗେ Saṁsāra kārā ତୁଳିତ ସଂସାର—The world compared to a prison or dunge on (as a man of the world is sorrounded with the fetters of illusions, delusions and unrealities.)

ସଂସାର କୂପ—ସଂ. ବି. (ରୂପକ କର୍ମଧା)—(ଲୋକେ କୂଅରେ Saṁsāra kūpa ପଡିବା ଲୋକପରି ସଂସାରରେ ଲୋକେ ବିପଦ ଓ କଷ୍ଟପାଇ ହୋଇ ଥିବାରୁ)—ସଂସାର ରୂପ କୂପ—The world compared to a well.

ସଂସାର(ରା) ଗମନ—ସଂ ବି. (୬ଷ୍ଠୀତତ୍) ମୃତ୍ୟୁ ପରେ ପୁନର୍ଜନ୍ମ—Saṁsāra(rā) gamana Re-birth after death(Apte)

ସଂସାର ଗୁରୁ—ସଂ. ବି. (୬ଷ୍ଠୀତତ୍)—୧ । ପରମେଶ୍ୱର—1. Saṁsāra guru God; (lit) the preceptor of the world. ୨ । କାମଦେବ; କନ୍ଦର୍ପ—2. Cupid. lust personified. [ଉ—ସ୍ୱରୂପ ଭୁଲେ କି ଲୋକରୁ ସଂସାରଗୁରୁ-ସମର-ପ୍ରାଙ୍ଗଣେ—କବିସୂର୍ଯ୍ୟ. ସଙ୍ଗୀତ ।] ୩ । ସମସ୍ତ ଜନସମାଜର ଗୁରୁ ବା ଶିକ୍ଷାଦାତା, ସମସ୍ତ ଜନସମାଜର ଗୁରୁସ୍ଥାନୀୟ ବ୍ୟକ୍ତି; ଜଗଦ୍‌ଗୁରୁ—3. World-teacher. ୪ । ସମସ୍ତ ଜଗତର ପୂଜ୍ୟ ବ୍ୟକ୍ତି—4. A personage revered by the whole mankind.

ସଂସାର ଚକ୍ର—ସଂ. ବି (ରୂପକ କର୍ମଧାରୟ)—୧ । ସୁଦର୍ଶନଚକ୍ରମେ Saṁsāra chakra ଚକ୍ର ପରି ଘୂରୁଥିବା ସଂସାର—1. The world or worldly existence compared to a revolving wheel. ୨ । ବାରମ୍ବାର ଜନ୍ମ ଓ ମରଣ—2; Succession of births and deaths of a living being (Apte);

ସଂସାରଜ୍ଞ—ସଂ. ବିଣ. ପୁଂ (ସଂସାର+ଜ୍ଞା ଧାତୁ=ଜାଣିବା+କର୍ତ୍ତି. Saṁsārajña ଅ)—୧ । ସଂସାର ବିଷୟରେ ଅଭିଜ୍ଞ ବା (ସଂସାରଜ୍ଞା—ସ୍ତ୍ରୀ) ଅନୁଭବୀ—1. A person having worldly knowledge or experience. ୨ । ସଂସାରର ଚଳଚାଳ ଯେ ଜାଣିଛନ୍ତି ଲୋକେ—2. Worldly (man); worldly-wise.

ସଂସାର ଜ୍ଞାନ—ସଂ.ବି(୬ଷ୍ଠୀ ବା ୭ମୀ ତତ୍)—ସଂସାର ସମ୍ବନ୍ଧରେ ଜ୍ଞାନ Saṁsāra jñāna ବା ଅଭିଜ୍ଞତା—Worldly knowledge or experienc; worldly wisdom; expediency.

ସଂସାର ତରଙ୍ଗ—ସଂ. ବି (ରୂପକ କର୍ମଧା)—ଚଞ୍ଚଳତା ଅର୍ଥାତ୍ Saṁsāra taraṅga ଅସ୍ଥିରତା ଯୋଗୁ ତରଙ୍ଗ ସଙ୍ଗେ ତୁଳନା କରି ଯାଉଥିବା ସଂସାର—The worldd compared to waves.

ସଂସାର ତାଡ଼ନା—ସଂ. ବି (ରୂପକ କର୍ମଧା)—ସଂସାରୀ ଲୋକଙ୍କର Saṁsāra tāṛanā ଅନୁଭୂତ କଷ୍ଟ—The buffetings of the world, the sorrows or tribulations of the world.

ସଂସାର ଦୁଃଖ } ଅନ୍ୟରୂପ
ସଂସାର ଯନ୍ତ୍ରଣା
ସଂସାର ଯାତନା

(ସଂସାର ତାଡ଼ିତ—ବିଣ)

ସଂସାର ତୃଷ୍ଣା—ସଂ. ବି—ସାଂସାରିକ ଭୋଗବିଳାସ ପାଇଁ ଅତ୍ୟଧିକ Saṁsāra tṛushṇā ବାସନା—Inordinate desire for enjoyment of worldly pleasures

ସଂସାର ଧର୍ମ—ସଂ. ବି (ସଂସାରରେ ବାସ କରିବା ବ୍ୟକ୍ତିର କରଣୀୟ Saṁsāra dharma ଧର୍ମ)—୧ । ଗୃହସ୍ଥର କର୍ତ୍ତବ୍ୟକର୍ମ—1. The duties of a householder. ୨ । ସଂସାରୀ ବ୍ୟକ୍ତିର ଗୁଣ ବା ଅବସ୍ଥା; ଗାର୍ହସ୍ଥ୍ୟ—2. The state or qualities required of a man of the world.

ସଂସାର ପଥ (ମାର୍ଗ)—ସଂ. ବି—୧ । (ମ. ପ. ଲୋ.) (ସଂସାରକୁ Saṁsāra patha (mārga) ଆସିବାର ପଥ)—ମାତୃଯୋନି (ସଂସାର ମାର୍ଗ—ଅନ୍ୟରୂପ) (ଯେଉଁ ପଥରେ ଜୀବ ପୃଥିବୀରେ ଭୂମିଷ୍ଠ ହୁଏ)—1. The mother's generative organ. ୨ । (ରୂପକ କର୍ମଧା) ସଂସାର ଯାତ୍ରା-ପଥ ବା ମାର୍ଗ ସଙ୍ଗେ ତୁଳିତ ସଂସାର ବା ଇହଜଗତ—2. The world compared to a road; worldly existence. ୩ । ଇହଜଗତର ଘଟଣା-ଚକ୍ର—3. The course of worldly affairs (Apte).

ସଂସାର ପ୍ରାନ୍ତର—ସଂ. ବି (ରୂପକ କର୍ମଧା)—ବିସ୍ତୀର୍ଣ୍ଣ ପଡ଼ିଆ ସଙ୍ଗେ Saṁsāra prāntara ତୁଳିତ ସଂସାର—The world compared to a vast waste or wilderness. [ଦ୍ର—ଏହିପରି ସଂସାରାରଣ୍ୟ ହୁଏ ।]

ସଂସାର ବନ୍ଧନ—ସଂ. ବି (୬ଷ୍ଠୀ ତତ୍)—୧ । ସଂସାରୀ ବ୍ୟକ୍ତିକୁ Saṁsāra bandhana ବାନ୍ଧିଥିବା ମାୟା; ମାୟାବନ୍ଧନ—1. The worldly bond or ties. ୨ । ସଂସାରର ଆକର୍ଷଣ—2. The attraction of the world

ସଂସାର ବାସ—ସଂ. ବି—୧ । ସଂସାରରେ ଜନ୍ମଗ୍ରହଣ କରି ବଞ୍ଚିବା— Saṁsāra bāsa 1. Worldly life or existence. (ସଂସାରବାସୀ—ବିଣ) ୨ । ପରିବାର ଓ ବିଷୟ ସମ୍ପତ୍ତି ଅଧିକ ସେବା ପରିଚାଳନା କରିବା—2. Worldliness; the life of a worldly person.

ସଂସାର ବିତୃଷ୍ଣା—ସଂ. ବି (୭ମୀ ତତ୍; ସାଂସାରିକ ବିଷୟ ପ୍ରତି Saṁsāra bitṛushṇā ବୈରାଗ୍ୟ; ସଂସାରର ଭୋଗବିଳାସ

ସଂସାର ବିରାଗ, ସଂସାର ବିରକ୍ତି, ସଂସାର ବୈରାଗ୍ୟ } ଅନ୍ୟରୂପ
ସଂସାର ବିରକ୍ତ; ସଂସାର ବିରାଗୀ, ସଂସାର ବୈରାଗୀ } ପୁଂ. ବିଣ
ବା ମାୟାମମତା ପ୍ରତି ଉଦାସୀନ୍ୟ— Disregard for worldly concerns.

ସଂସାର ଭିତରେ ଘର କରିବା—ଦେ. କ୍ରି— ସଂସାର କରିବା Samsara bhitare ghara karibā ୧ ଓ ୨ (ଦେଖ)— Samsāra karibā 1 and 2 (See)
সংসারে ঘর করা, সংসারে চলা
सं'सारमे घर करना
ସଂସାରେ ଚଳିବା, ସଂସାରେ ଘର କରିବା } ଅନ୍ୟରୂପ
[ଉ—ଅଣ୍ଟ ଭୁଲୁଥିଲେ ଚକ ଚଳୁଥାଏ ଗଣ୍ଡ ପଡ଼ୁଥାଏ ପଛ, ସଂସାର ଭିତରେ ଘର କରୁଥିଲେ ପଥର ପଡ଼ିଲେ ସହ— ପ୍ରବଚନ ।]

ସଂସାର ମରୁ—ସଂ. ବି (ରୂପକ କର୍ମଧା)—ବିପଦ୍ରିବସ୍ତୁତ ବିପଦ୍ Samsāra maru ସଙ୍କୁଳ ବିଶାଳ ମରୁଭୂମି ସହିତ ତୁଳିତ ସଂସାର—The world compared to a vast desert.

ସଂସାର ମୋକ୍ଷ (ମୋକ୍ଷଣ)—ସଂ. ବି (୫ମୀ ତତ୍)—୧ । ସଂସାରରୁ Samsāra moksha (mokshaṇa) ମୁକ୍ତି—1. Emancipation from worldly life. ୨ । ପୁନର୍ଜନ୍ମରୁ ମୁକ୍ତି—2. Emancipation from future re-births.

ସଂସାର ଯାତ୍ରା—ସଂ. ବି—୧ । (ରୂପକ କର୍ମଧା) ଯାତ୍ରା ବା ଭ୍ରମଣ Samsāra jātrā ସଙ୍ଗେ ତୁଳିତ ସଂସାର—1. The worldly existence compared to a journey. ୨ । (୬ଷ୍ଠୀ ତତ୍) ଜୀବନଯାତ୍ରା—2. Livelihood.

ସଂସାର ଲୀଳା—ସଂ. ବି (ରୂପକ କର୍ମଧାରୟ)—୧ । ଖେଳ ସଙ୍ଗେ Samsāra līlā ତୁଳିତ ସଂସାର—1. The world compared to a pastime or game. ୨ । (୬ଷ୍ଠୀ ତତ୍) ଜୀବଲୀଳା; ସଂସାରରେ ଜାତ ହୋଇ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ମନୁଷ୍ୟର କରିବା କାର୍ଯ୍ୟ ଓ ଅନୁଭବମାନ—2. Existence in this world. ୩ । ସଂସାରୀ ଲୋକର ଖେଳ କୌତୁକ ଓ ଭୋଗ ବିଳାସ— 3. The enjoyment of the world; worldly pleasures or pastimes. ୪ । ଜୀବନଯାତ୍ରା; ଅପଣାକୁ ଓ ପୋଷ୍ୟବର୍ଗଙ୍କୁ ପୋଷିବାରୂପ କ୍ରିୟା— 4. Livelihood. ୫ । ଜୀବନଧାରଣ; ବଞ୍ଚିବା— 5. Living; being alive.

ସଂସାର ଲୀଳା ସାଙ୍ଗ ହେବା—ଦେ. କ୍ରି—ମରିବା; ମୃତ୍ୟୁ; ମରଣ— Samsāra līlā sānga hebā Dying; death.
সংসার লীলা সাঙ্গ হওয়া सं'सार लीला शेष होना
ସଂସାର ଲୀଳା ଶେଷ ହେବା, ସଂସାର ଲୀଳା ସମାପ୍ତ ହେବା } ଅନ୍ୟରୂପ

ସଂସାରସମୁଦ୍ର (ସାଗର)—ସଂ. ବି (ରୂପକ କର୍ମଧାରୟ)—ସମୁଦ୍ର Samsāra samudra (sāgara) ପରି ବିସ୍ତୀର୍ଣ୍ଣ, ଅକୂଳ, (ସଂସାରାର୍ଣ୍ଣବ—ଅନ୍ୟରୂପ) ଗମ୍ଭୀର ଓ ତରଙ୍ଗାକୁଳ ସଂସାର— The world compared to the billowy, deep and wide ocean.

ସଂସାର ସୁଖ—ସଂ. ବି (୬ଷ୍ଠୀ ତତ୍)—୧ । ପାର୍ଥିବ ସୁଖ— Samsāra sukha 1. Worldly happiness. ୨ । ସଂସାରୀ ବ୍ୟକ୍ତି, (ଇନ୍ଦ୍ରିୟାଦିର ତୃପ୍ତି ଯୋଗୁଁ) ଯେଉଁ ସୁଖ ଭୋଗ କରେ—2. The pleasure or happiness of the senses (enjoyed by a worldly person)

ସଂସାର ସେବା—ସଂ. ବି (୬ଷ୍ଠୀ ତତ୍)—ଜଗତର ଜୀବମାନଙ୍କ Samsāra sebā ଉପକାର—Service to the beings on earth. [ଉ—ଶୀଖ୍ୟ ମନ୍ତ୍ର ପାଶ ନେବା ଗୋ, ଜାତିବର୍ଣ୍ଣଧର୍ମଭେଦ ଭାବ ଭୁଲି ଧରିବା ସଂସାର ସେବା ଗୋ—ବାଳକୃଷ୍ଣ. ଗୁରୁଳବଙ୍ଗଲତା ।]

ସଂସାର ସ୍ରୋତଃ—ସଂ. ବି (ରୂପକ କର୍ମଧା; ସଂସାରର ମାୟା ସଂସାରୀ Samsāra srotaḥ ବ୍ୟକ୍ତିକୁ ଯାହା ଆଡ଼ ଅଡ଼କୁ ଟାଣି ନେଉଥିବାରୁ) (ସଂସାର ସ୍ରୋତ—ଦେଶଜରୂପ) —ସ୍ରୋତ ସଙ୍ଗେ ତୁଳିତ ସଂସାର—The world compared to a current.

ସଂସାର ହାଟ—ଦେ. ବି (ସଂ. ସଂସାର + ହଟ୍ଟ)—ହାଟରୂପେ କଳ୍ପିତ Samsāra hāṭa ସଂସାର—The world compared to a market. [ଉ—ଓଳାଅ ଜୀବନ ବାଟ ଗୋ, ସତ୍ୟର ଲକ୍ଷ୍ମୀ ଧରଣ ହାତରେ ଛାଡିବା ସଂସାର ହାଟ ଗୋ—ବାଳକୃଷ୍ଣ. ଫୁଲ ବଉଳବେଣୀ ।]

ସଂସାର ହେତୁ—ସଂ. ବି—ମାୟା; ସଂସାରରେ ଜନ୍ମଗ୍ରହଣର କାରଣ Samsāra hetu ବା ଅବିଦ୍ୟା—Illusion; delusion. [ଉ—ମୁଁ ଯେତେ କହିଲି ବିଶ୍ୱାସେ, ଏଣେ ସଂସାରହେତୁ ନାଶେ—ଜଗନ୍ନାଥ. ଭାଗବତ ।]

ସଂସାରାନୁରକ୍ତ—ସଂ.ବିଣ.ପୁଂ (୭ମୀ ତତ୍)—ସାଂସାରାସକ୍ତ (ଦେଖ)— Samsārānurakta Sāmsārāsakta (See)
(ସଂସାରାନୁରାଗୀ—ଅନ୍ୟରୂପ) (ସଂସାର ବିରକ୍ତ—ବିପରୀତ)
(ସଂସାରାନୁରକ୍ତା—ସ୍ତ୍ରୀ)

ସଂସାରାନୁରକ୍ତି—ସଂ. ବି (୭ମୀ ତତ୍)—ସଂସାରାସକ୍ତି (ଦେଖ) Samsārānurakti Samsārāsakti (See)

ସଂସାରାରଣ୍ୟ—ସଂ. ବି (ରୂପକ କର୍ମଧା)—ସଂସାର କାନନ (ଦେଖ)— Samsārāraṇya Samsāra kānana (See)

ସଂସାରାଶ୍ରମ—ସଂ. ବି (ରୂପକ)—୧ । ସାଂସାରିକ ଅବସ୍ଥିତି— Samsārāsrama 1. Worldly existence. ୨ । ଗୃହୀର ଅବସ୍ଥା; ଗୃହସ୍ଥାଶ୍ରମ—2. The living or state of a householder or worldly man,

ସଂସାରାସକ୍ତ—ସଂ. ବଣ. ପୁଂ. (୭ମୀ ତତ୍; ସଂସାର+ଆସକ୍ତ= Samsārāsakta ଅନୁରକ୍ତ) —୧ । ଯେ ସାଂସାରିକ ବିଷୟରେ (ସଂସାରାନାସକ୍ତ, ସଂସାରବିରକ୍ତ—ବିପରୀତ) ଗାଢ଼ରୂପେ ମଜ୍ଜିଥାଏ—(ସଂସାରାସକ୍ତା—ସ୍ତ୍ରୀ) 1. Engrossed in worldly concerns. ୨ । ସାଂସାରିକ ବିଷୟ ପ୍ରତି ଅନୁରାଗୀ—2. Addicted to worldly affairs.

ସଂସାରାସକ୍ତ ଚିତ୍ତ—ସଂ. ବଣ. ପୁଂ (୭ମୀ ତତ୍ ଓ ବହୁବ୍ରୀହି)—Samsārāsakta chitta ଯାହାର ଚିତ୍ତ ସଂସାର ପ୍ରତି ଅନୁରକ୍ତ—Having the mind engrossed with worldly concerns.
ସଂସାରାସକ୍ତ ଚେତାଃ, ସଂସାରାସକ୍ତ ମନାଃ, ସଂସାରାସକ୍ତ ହୃଦୟ } ଅନ୍ୟରୂପ
ସଂସାରାସକ୍ତ ଚିତ୍ତା, ସଂସାରାସକ୍ତ ଚେତାଃ, ସଂସାରାସକ୍ତମନାଃ, ସଂସାରାସକ୍ତ ହୃଦୟା } —ସ୍ତ୍ରୀ

ସଂସାରାସକ୍ତି—ସଂ. ବି (୭ମୀ ତତ୍; ସଂସାର+ଆସକ୍ତି)—ସାଂସାରିକ Samsārsāakti ବିଷୟ ବା ଭୋଗାଦି ପ୍ରତି ଆସକ୍ତି ବା ଅନୁରକ୍ତି—Being addicted to or engrossed with worldly concerns

ସଂସାରି—ଦେ. ବଣ (ସଂ. ସଂସାରୀ)—ସାଂସାରିକ—Worldly. Samsāri ଦେ. ବି—ସଂସାରୀ (ଦେଖ)—Samsārī. (See)
সংসারী संसारी

ସଂସାରିକ(କା)—ଦେ. ବଣ. (ସଂ. ସାଂସାରିକ)—ସାଂସାରିକ (ଦେଖ) Samāsrika(kā) Sāmsārika (See) ଦେ. ବି—ଗୃହସ୍ଥ ବ୍ୟକ୍ତି—A house-holder. (ଉ—ସଂସାରିକା ଘରେ ଛୁଟ ବସ ଅଛୁ ଅଛ । ପୀତାମ୍ବର ନୃସିଂହ ପୁରାଣ ।)
সাংসারিক संसारिक

ସଂସାରିକ(କା) ଧର୍ମ—ଦେ. ବି. (ସଂ. ସାଂସାରିକ ଧର୍ମ)—ଗୃହସ୍ଥ ଧର୍ମ; Samsārika(kā) dharma ଗାର୍ହସ୍ଥ୍ୟ—Worldliness; the duty of a house-holder (ଉ—ସଂସାରିକା ଧର୍ମ ଛେବେ ନ ଛତ୍ରକ୍ତି ମୁନି । ପୀତାମ୍ବର. ନୃସିଂହ ପୁରାଣ ।)
সংসার ধর্ম, সাংসারিক ধর্ম संसारका धम

ସଂସାରିକା ମତ—ଦେ. ବି. (ସଂ. ସାଂସାରିକ ମତ)—୧ । ଲୋକ-Samsārikā mata ସମାଜରେ ଚଳୁଥିବା ମତ—1. Opinion of the human society. ୨ । ସାମାଜିକ ମତ—2. Worldly intents and purposes; opinion of the society in which a person moves and lives.
সংসারের মত, সাংসারিক মত संसारका मत

ସଂସାରୀ—ସଂ. ବି. ପୁଂ. (ସଂସାର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—Samsārī ୧ । ବିଷୟୀ ଲୋକ—1. A man of business. (ସଂସାରିଣୀ—ସ୍ତ୍ରୀ) ୨ । ଗୃହସ୍ଥ ବ୍ୟକ୍ତି—2. A householder. ୩ । ସଂସାରାସକ୍ତ ବ୍ୟକ୍ତି—3. A worldly man; a man of the world. ୪ । ପ୍ରାଣୀ; ଚେତନା ବିଶିଷ୍ଟ ଜୀବ—4. A sentient being; creature (Apte). ୫ । ଜୀବାତ୍ମା—5. The embodied spirit; the individual soul. ସଂ. ବଣ. ପୁ—୧ । ସଂସାରରେ ବାସ କରୁଥିବା—1. Living in the world. ୨ । ସଂସାରାସକ୍ତ (ଦେଖ)—2. Samsārāsakta (See). ୩ । ଜଗତସ୍ଥ—3. Of the world. ୪ । ସଂସାର ସମ୍ବନ୍ଧୀୟ; ସାଂସାରିକ—4. Worldly; mundane.

ସଂସାରୀ ପାନୁ—ପ୍ରାଦେ (ଗଞ୍ଜାମ) ବି—ଇନ୍‌କମ୍ ଟିକସ; ଆୟ ଉପରେ Samāsārī pānu ସରକାର ନେଉଥିବା ଟିକସ-Income tax.

ସଂସିକ୍ତ—ସଂ. ବଣ. (ସମ୍+ସିଚ୍ ଧାତୁ+ଓଦା କରିବା+କର୍ମ. ତ)—Samsikta ୧ । ସମ୍ପୂର୍ଣ୍ଣ ରୂପେ ବା ସମ୍ୟକ୍ ରୂପେ ଆର୍ଦ୍ର—(ସଂସିକ୍ତା—ସ୍ତ୍ରୀ) 1. Completely moistened or wet. (ସଂସେକ—ବି) ୨ । ଓଦା ସରସର—2. Very damp. ୩ । ସିକ୍ତ; ଯହିଁରେ ପାଣି ଛିଞ୍ଚା ଯାଇଥାଏ ବା ମଡ଼ା ଯାଇଥାଏ—3. Sprinkled; watered.

ସଂସିଦ୍ଧ—ସଂ. ବଣ. (ସମ୍+ସିଧ୍ ଧାତୁ+କର୍ତ୍ତୃ. ତ)—୧ । ସମ୍ପୂର୍ଣ୍ଣ-Samsiddha ରୂପେ ସିଦ୍ଧ—1. Well boiled; fully boiled. ୨ । ସମ୍ୟକ୍ ନିଷ୍ପନ୍ନ; ସୁସଂଘଟିତ; ସୁସମାହୃତ—2. Well accomplished. ୩ । ସମ୍ପୂର୍ଣ୍ଣରୂପେ ସିଦ୍ଧି-ପ୍ରାପ୍ତ—3. One who has attained unqualified success; perfected. ୪ । ସ୍ୱଭାବସିଦ୍ଧ—4. Natural; accomplished or perfected by nature. ସଂ. ବି—ସିଦ୍ଧି ପ୍ରାପ୍ତ ବ୍ୟକ୍ତି—A man who has attained moral perfection by practices during several cycles of existence. [ଦ୍ର—ଭଗବଦ୍ ଗୀତା ଆଦି ଶାସ୍ତ୍ରରେ ଅଛି ଯେ, ଯୋଗଭ୍ରଷ୍ଟ ମହାପୁରୁଷ ନିଜକୃତ କର୍ମଫଳରେ ପର ଜନ୍ମରେ ଶୁଚି ଓ ଶ୍ରୀମାନ୍ ବ୍ୟକ୍ତିମାନଙ୍କ ପରିବାରରେ ଜନ୍ମ ଗ୍ରହଣ କରନ୍ତି ଏବଂ ପୂର୍ବ ଜନ୍ମରୁ ଅଧା ବା ଖଣ୍ଡିଆ ହୋଇ ଥିବା ଯୋଗକୁ ସେହି ଅଧା ଜାଗାରୁ ସାଧନା କରନ୍ତି । ଏହିପରି ଜନ୍ମ ଜନ୍ମ ବହୁକାଳର ଯୋଗ ସାଧନା ବଳରେ ଉକ୍ତ ବ୍ୟକ୍ତି ସଂସିଦ୍ଧି ଲାଭ କରି ପରାଗତି ବା ମୋକ୍ଷ ପ୍ରାପ୍ତ ହୋଇ ଆଉ ସଂସାରକୁ ଫେରି ଆସନ୍ତି ନାହିଁ, ଅର୍ଥାତ୍ ସାଯୁଜ୍ୟ ପ୍ରାପ୍ତ ହୋଇ ପୁନର୍ଜନ୍ମ ରୂପ ସଂସାର ବନ୍ଧନରୁ ଚିରକାଳ ପାଇଁ ମୁକ୍ତିଲାଭ କରନ୍ତି ।]

ସଂସିଦ୍ଧି—ସଂ. ବି. (ସମ୍=ସମ୍ୟକ୍+ସିଧ୍ ଧାତୁ+ଭାବ. ତି)—Samsiddhi ୧ । ସ୍ୱଭାବ; ପ୍ରକୃତି—1. Nature; natural quality. ୨ । ସ୍ୱାଭାବିକ ବା ପ୍ରାକୃତିକ ଅବସ୍ଥା—2. Natural state or condition. ୩ । ସମାପ୍ତି-3. Completion; accomplishment. ୪। ସିଦ୍ଧି-4. Perfection; success. ୫ । ନିଷ୍ପତ୍ତି—5. Final decision. ୬ । ମତ୍ତ ସ୍ତ୍ରୀ—6. An inebriate woman. ୭ । ମୋକ୍ଷ; ପରମୁକ୍ତି—7. The final

liberation of the soul from the material body; beatitude.

ସଂସୃତି — ସଂ. ବି. (ସମ୍ + ସୃ ଧାତୁ = ଗମନ କରିବା + ତି)— Samsṛuti ୧ । (+ ଅଧିକରଣ. ତି) ସଂସାର—1. The (ସଂସୃତ—ବିଣ) world; worldly condition; worldliness. ୨ । (+ଭାବ. ତି ପ୍ରବାହ; ସ୍ରୋତ—2. Current; flow. ୩ । ସହଗମନ—3. Going together or with; accompanying. ୪ । ସତୀଙ୍କର ସ୍ୱାମୀଙ୍କ ସଙ୍ଗେ ମରଣ—4. The voluntary dying of a Hindu woman with the death of the husband; the practice of Suttee; self-immolation of Hindu wives on the death of their husbands.

ସଂସୃଷ୍ଟ— ସଂ. ବିଣ. (ସମ୍ + ସୃଜ୍ ଧାତୁ + କର୍ତ୍ତୃ. ତ)— ୧ । ସଂଯୁକ୍ତ; Samsṛushṭa ସଂସର୍ଗବିଶିଷ୍ଟ—1. Connected or joined to. ୨ । ମିଳିତ; ମିଶ୍ରିତ—2. Combined; mixed with. ୩ । କୃତସହବାସ; ରମିତ—3. Cohabited by. ୪ । କୃତସଂସର୍ଗ—4. Having had relationship. ସଂ. ବି. (+ଭାବ ତ) ସମ୍ବନ୍ଧ—Connection; relation.

ସଂସୃଷ୍ଟି—ସଂ. ବି. (ସମ୍ + ସୃଜ୍ ଧାତୁ + ଭାବ. ତି)—୧ । ସହବାସ—Samsṛushṭi 1. Intercourse; cohabitation. ୨ । ସାହଚର୍ଯ୍ୟ—2. Companionship; association. ୩ । ମିଳନ—3. Junction. ୪। ସଂସ୍ରବ—4. Connection; relationship. ୫ । ଏକତ୍ର ମିଶ୍ରଣ—5. Amalgamation. ୬ । ଏକାଳବାସ; ଏକାନ୍ନବର୍ତ୍ତିତା—6. Coparcenery; jointness in property. ୭ । କାବ୍ୟାଳଙ୍କାର ବିଶେଷ; କାବ୍ୟର ସ୍ଥାନବିଶେଷରେ ବା ଅଂଶବିଶେଷରେ ଏକାଧିକ ଅଳଂକାରର ଏକତ୍ର ସମାବେଶ—7. (A figure of speech which is an) Indication of the mixture of several figures of speech in any part of a literary composition. [ଦ୍ର— ଯେଉଁଠାରେ ଏକାଧିକ ଅଳଂକାର ଏକ କାବ୍ୟରେ ପରସ୍ପର ନିରପେକ୍ଷ ଭାବରେ ରହନ୍ତି, ସେଠାରେ ସଂସୃଷ୍ଟି ଅଳଂକାର ହୁଏ; ଯଥା —

ସୁମୁଖୀ-ଚନ୍ଦ୍ରମା- ମୁଖ ଦେଖି ମୁଗଧ
ମାନସ ଏସନ ଯାଏଁ,
କଣ୍ଠକାନ୍ତ ସାର କୋଇ ଅବା ମାର
ଡାକଅଛି ପ୍ରେମ-ଛନ୍ଦେ । କୁଳମଣି. ଅଳଙ୍କାର-
ତରଙ୍ଗିଣୀରେ ଉଦ୍ଧୃତ ରାଧାନାଥ—ଯଯାତିକେଶରୀ ।]

ସଂସୃଷ୍ଟୀ — ସଂ.ବିଣ. ପୁଂ (ସଂସୃଷ୍ଟ + ଅସ୍ତି ଅର୍ଥରେ ଇନ୍, ୧ମା ୧ବ)—୧ । Samsṛushṭī ଏକତ୍ର ସହବାସକାରୀ—1. Living together; (ସଂସୃଷ୍ଟିନୀ—ସ୍ତ୍ରୀ) cohabiting. ୨ । ଏକାନ୍ନବର୍ତ୍ତୀ—2. Joint in food. ୩ । ବିଭାଗାନନ୍ତର ପୁନର୍ମିଳିତ; ଯେଉଁ ଅଂଶୀଦାର ଥରେ ପୃଥକ୍ ହେଲା ପରେ ପୁଣି ଏକାନ୍ନବର୍ତ୍ତୀ ହୁଅନ୍ତି—3. Reunited after separation (with one's coparceners or relatives or cosharers.)

ସଂସେକ—ସଂ. ବି (ସମ୍ + ସିଚ୍ ଧାତୁ + ଭାବ. ଅ)—୧। ପାଣି ସିଞ୍ଚିବା— Samseka 1. Sprinkling. (Apte) ୨ । ପାଣି ମଡ଼ାଇବା— 2. Watering. (Apte).

ସଂସ୍କରଣ—ସଂ. ବି (ସମ୍ + କୃ. ଧାତୁ + ଭାବ ଅନ; ସ ଆଗମ)— Samskaraṇa ୧ । ସଂସ୍କାର; ସଂସ୍କାର କ୍ରିୟା; ପବିତ୍ରୀକରଣ— 1. Purification; reformation. ୨ । ଜୀର୍ଣ୍ଣ ଦ୍ରବ୍ୟର ମରାମତି—2. Repair. ଦେ. ବି—୧ । ଛପା ସଂস্করণ ପୁସ୍ତକର ପ୍ରକାଶ—1. Editing of a printed संस्करण book. ୨ । କୌଣସି ପୁସ୍ତକର ମୁଦ୍ରଣର ଥର— 2. The edition of a book.

ସଂସ୍କର୍ତ୍ତା—ସଂ. ବିଣ. ପୁଂ (ସମ୍ + କୃ. ଧାତୁ + କର୍ତ୍ତୃ. ତୃ; ସ ଆଗମ)— Samskarttā ୧। ସଂସ୍କାରକାରୀ—1. Reforming; refin- (ସଂସ୍କର୍ତ୍ତ୍ରୀ—ସ୍ତ୍ରୀ) ing. ୨ । ପବିତ୍ରକାରୀ—2. Purifying. ୩ । ପାଚକ; ଜୀର୍ଣ୍ଣକର—3. Digestive. ୪ । ମରାମତକାରୀ —4. Repairing. ସଂ. ବି. ପୁଂ—୧ । ସଂସ୍କାରକାରୀ ବ୍ୟକ୍ତି—1. Reformer; refiner. ୨ । ପବିତ୍ର କରିବା ବ୍ୟକ୍ତି—2. Purifier. ୩। ପାଚକ; ପୂଜାହାରୀ— 3. A cook. ୪ । ଯେ ମରାମତି କରେ— 4. A repairer.

ସଂସ୍କାର - ସଂ. ବି (ସମ୍ + କୃ ଧାତୁ + ଭାବ. ଅ; ସ ଆଗମ)— Samskāra ୧ । ନିର୍ମଳୀକରଣ—1. Purifying; refining. ୨ । ପରିଷ୍କରଣ—2. Cleansing. ୩ । ମରାମତି; ଜୀର୍ଣ୍ଣୋଦ୍ଧାର—3. Repair. ୪ । ପ୍ରସ୍ତୁତୀକରଣ— 4. Preparation. ୫ । ଶୁଦ୍ଧି—5. Purity. ୬ । ଶୋଧନ; ଶୁଦ୍ଧିକ୍ରିୟା—6. Purification; rectifying. ୭ । ମାର୍ଜନ; ମାଜିବା—7. Polishing; rubbing; scouring. ୮ । ଭୂଷିତ କରିବା; ଅଳଂକରଣ—8. Embellishment; adorning. ୯ । ଭ୍ରମ ସଂଶୋଧନ—9. Correcting o rectification of mistakes. ୧୦। ବ୍ୟାକରଣଗତ ଶୁଦ୍ଧତା —10.Grammatical correction;grammatical correctness. ୧୧ । ରନ୍ଧନ—11. Cooking; dressing. ୧୨। ସିଦ୍ଧ କରିବା;ସିଝାଇବା—12. Boiling.୧୩। ଶାସ୍ତ୍ରାଭ୍ୟାସଜନ୍ୟ ବ୍ୟୁତ୍ପତ୍ତି;ଶିକ୍ଷା—13. Proficiency due; to study or learning; refinement; education. ୧୪ । ବ୍ୟାକରଣ ଶାସ୍ତ୍ରରେ

ବ୍ୟୁତ୍ପତ୍ତି—14. Proficiency in grammar. ୧୫। ବେଗ—15. Velocity. ୧୬ । ଦ୍ରବ୍ୟର ସ୍ଥିତିସ୍ଥାପକତା—16. Elasticity. ୧୭ । ଧାରଣା—17. Impression. ୧୮। ସିଦ୍ଧାନ୍ତ; ବଦ୍ଧମୂଳ ବିଶ୍ୱାସ—18. A fixed idea; 'Ide fixe'. ୧୯। ପୂର୍ବ ଜନ୍ମସମ୍ବନ୍ଧୀୟ ଜ୍ଞାନ; ପୂର୍ବ ଜନ୍ମର ବାସନାଜନିତ କର୍ମ; ଜନ୍ମାନ୍ତରୀଣ ଜ୍ଞାନ; ପ୍ରାକ୍ତନ କର୍ମ—19. Subconscious recollection of the events and actions of one's past birth; instinct or idea or impression left on the mind about one's previous birth (before the present life.) ୨୦ । (ଦର୍ଶନଶାସ୍ତ୍ର) ସ୍ମୃତିହେତୁକ ମନୋବୃତ୍ତି; ଗୁଣବିଶେଷ (ପ୍ରକୃତିବାଦ)—20. (Hindu philosophy) Mental faculty due to memory. [ଦ୍ର—ଏହା ତ୍ରିବିଧ:—ବେଗାଖ୍ୟ ସଂସ୍କାର, ସ୍ଥିତିସ୍ଥାପକ ସଂସ୍କାର ଓ ଭାବନାଖ୍ୟ ସଂସ୍କାର ।] ୨୧ । (ଦର୍ଶନ ପରିଭାଷା)—ପ୍ରାଣୀର ସହଜ ପ୍ରବୃତ୍ତି; ସ୍ୱାଭାବିକ ଜ୍ଞାନ; ସହଜ ବାସନା; ଜୀବ ଜନ୍ମ ଲଭିବା ସଙ୍ଗେ ସଙ୍ଗେ ତା ମନରେ ଜାତ ହେବା କେତେକ ଧାରଣା (ଯଥା—ମାତୃ ସ୍ତନ୍ୟପାନ)—21. Instinct; animal instinct. ୨୨ । ମନ୍ତ୍ରପାଠ ଦ୍ୱାରା ଦ୍ରବ୍ୟାଦି ଶୋଧନ—22. Purifying an article by uttering mystic formula. ୨୩ । ପ୍ରୋକ୍ଷଣ; ଅଭିମନ୍ତ୍ରିତ ଜଳସେଚନ—23. Sprinkling with hallowed or consecrated water. ୨୪ । ଦ୍ୱିଜାତିମାନଙ୍କର ଦେହଶୁଦ୍ଧିବିଧାୟକ ଦଶବିଧ କର୍ମ; ଦଶ କର୍ମ; ଦ୍ୱିଜାତିଙ୍କର ଜାତକର୍ମାଦି ଦଶବିଧ ଅନୁଷ୍ଠାନ—24. The specific religious ceremonies or purificatory rites which consecrate the body of a Hindu belonging to the three higher or twice born castes. [ଦ୍ର—ଦ୍ୱିଜାତିଙ୍କର ଦଶ କର୍ମ ବା ଦଶବିଧ ସଂସ୍କାର; ଯଥା—

୧ । ଗର୍ଭାଧାନ (ସାଧାରଣ କଥାବାର୍ତ୍ତାରେ ପୁନର୍ବିବାହ; ଅଶୀର୍ବାଦ ଘର; ଦୁବାନଡ଼ ଘର); ସ୍ତ୍ରୀ ଋତୁମତୀ ହେବା ପରେ ସ୍ୱାମୀର ପ୍ରଥମ ସହବାସ ଉପଲକ୍ଷରେ ଅନୁଷ୍ଠିତ କର୍ମ ।

୨ । ପୁଂସବନ—ଗର୍ଭର ୩ୟ ମାସ ଆରମ୍ଭରେ ଗର୍ଭସ୍ଥ ସନ୍ତାନର ମଙ୍ଗଳ ଉଦ୍ଦେଶ୍ୟରେ ଅନୁଷ୍ଠିତ କର୍ମ ।

୩ । ସୀମନ୍ତୋନ୍ନୟନ; (ସାଧାରଣ କଥାରେ ସାଧଖିଆ ବା ଚଉଠିଖିଆ)—ଗର୍ଭିଣୀର ୪ର୍ଥ, ୬ଷ୍ଠ ବା ୮ମ ମାସରେ କର୍ତ୍ତବ୍ୟ କର୍ମବିଶେଷ । ଏଥିରେ ଗର୍ଭିଣୀର ସୀମନ୍ତ ବା କପୋଳ ଉପରର କେଶକୁ ଉପରକୁ ଟେକିବାକୁ ହୁଏ ।)

୪ । ଜାତକର୍ମ—ସନ୍ତାନର ଜନ୍ମ ପରେ କର୍ତ୍ତବ୍ୟ କର୍ମ ବିଶେଷ ।

୫ । ନାମକରଣ—ଜନ୍ମର ପ୍ରଥମ ବା ଦ୍ୱିତୀୟ ମାସରେ ସନ୍ତାନର ନାମ ଦେବା ଉପଲକ୍ଷରେ ଅନୁଷ୍ଠିତ କର୍ମବିଶେଷ ।

୬ । ନିଷ୍କ୍ରମଣ—୪ର୍ଥ ମାସରେ ସନ୍ତାନର ଗୃହର ବାହାରକୁ ବାହାରିବା ଉପଲକ୍ଷରେ ଅନୁଷ୍ଠେୟ କର୍ମ ।

୭ । ଅନ୍ନପ୍ରାଶନ; (ଖିରିଖିଆ)—ଜନ୍ମର ୬ମାସ ପରେ ସନ୍ତାନକୁ ପ୍ରଥମେ ଭାତ ଛୁଆଇବା ଉପଲକ୍ଷରେ ଅନୁଷ୍ଠେୟ କର୍ମ । (ଏଥିରେ ସାଧାରଣତଃ ଶିଶୁର ପାଟିରେ ଖିରି ଟିକେ ଦିଆଯାଇଥାଏ; କାରଣ ସେତେବେଳେ ତାର ଭାତ ଖାଇ ହଜମ କରିବାର ଶକ୍ତି ଆସି ନ ଥାଏ ।)

୮ । ଚୂଡ଼ାକରଣ ବା କର୍ଣ୍ଣବେଧ; (ସାଧାରଣ କଥାରେ କାନଫୋଡ଼ା ବା ବିଦ୍ୟାରମ୍ଭ); ସନ୍ତାନର ତୃତୀୟ ବର୍ଷ ପୂର୍ଣ୍ଣ ମାତ୍ର ପୂର୍ବଦିନରେ ପ୍ରଥମ କ୍ଷୌରକର୍ମ, ବିଦ୍ୟାରମ୍ଭ ଓ କାନଫୋଡ଼ା କର୍ମ ।

୯ । ଉପନୟନ ବା ବ୍ରତ—୭ ଠାରୁ ୧୬ ବର୍ଷ ବୟସ ମଧ୍ୟରେ ଯଜ୍ଞୋପବୀତ ଧାରଣରୂପ ଅନୁଷ୍ଠାନ । (ପୂର୍ବେ ବାଳକମାନେ ଉପନୟନ ପରେ ବିଦ୍ୟାଶିକ୍ଷା ପାଇଁ ଗୁରୁଗୃହକୁ ଯାଉଥିଲେ । ଏବେ ତାର ଅତି କ୍ଷୀଣ ସ୍ମୃତି ମାତ୍ର ଅଛି ।)

୧୦ । ସମାବର୍ତ୍ତନ ବା ବିବାହ—ଗୁରୁଗୃହରେ ବେଦାଧ୍ୟୟନ ଶେଷ କରିବା ପରେ ବ୍ରହ୍ମଚର୍ଯ୍ୟାଶ୍ରମ ତ୍ୟାଗ କରି ବାଳକର ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପାଇଁ ଅନୁଷ୍ଠେୟ କର୍ମ ।

କୌଣସି କୌଣସି ଶାସ୍ତ୍ରରେ 'ବିବାହ' ଦଶବିଧ ସଂସ୍କାରର ଅନ୍ତର୍ଗତ ବୋଲି ଉଲ୍ଲିଖିତ ଅଛି । ଉକ୍ତ ଶାସ୍ତ୍ରକାରମାନେ 'ନିଷ୍କ୍ରମଣ'କୁ ସଂସ୍କାର ମଧ୍ୟରେ ଗ୍ରହଣ କରି ନାହାନ୍ତି । ଅଧିକ ମଧ୍ୟ କେହି କେହି 'ବିବାହ' 'ନିଷ୍କ୍ରମଣ' ଓ 'କେଶାନ୍ତ' ସହିତ ସଂସ୍କାର ୧୨ ପ୍ରକାର ବୋଲି କହନ୍ତି; କୌଣସି କୌଣସି ଶାସ୍ତ୍ରରେ ଦ୍ୱିଜାତିଙ୍କର ସଂସ୍କାରର ସଂଖ୍ୟା ୧୬ ବୋଲି ଯାଇଅଛି ।

ପୂର୍ବେ ଦ୍ୱିଜାତି ବାଳକମାନଙ୍କର ଯଥାକାଳରେ ଉପର୍ଯ୍ୟୁକ୍ତ ଅନୁଷ୍ଠାନମାନ ସମ୍ପାଦିତ ହେଉଥିଲା । ଆଜିକାଲି ଅଧିକାଂଶ ଦ୍ୱିଜାତି ଏଥିମଧ୍ୟରୁ ଅନେକଗୁଡ଼ିଏ ସଂସ୍କାର ଯଥାସମୟରେ ନ କରି ଉପନୟନକାଳରେ ପ୍ରଥମୋକ୍ତ ୯ଟି କର୍ମକୁ ରଙ୍ଗମଞ୍ଚର ଦୃଶ୍ୟ ଅଭିନୟ ପରି ନାମମାତ୍ର ସମ୍ପାଦନ କରନ୍ତି ।

ଶାସ୍ତ୍ରରେ ଅଛି—"ଜନ୍ମନା ଜାୟତେ ଶୂଦ୍ରଃ,
ସଂସ୍କାରାଦ୍ଦ୍ୱିଜ ଉଚ୍ୟତେ;
ବେଦାଭ୍ୟାସାଦ୍ ଭବେଦ୍ ବିପ୍ରୋ,
ବ୍ରହ୍ମ ଜାନାତି ବ୍ରାହ୍ମଣଃ ।"

ଜନ୍ମବେଳେ ଦ୍ୱିଜକୁଳଜାତ ବାଳକ ଶୂଦ୍ର ହୋଇଥାଏ ଓ ସଂସ୍କାରଦ୍ୱାରା ଦ୍ୱିଜପଦବାଚ୍ୟ ହୁଏ । ଉକ୍ତ ଜନ୍ମ ପୂର୍ବରୁ କେତେଗୋଟି ସଂସ୍କାର କରିବାର ବିଧି ଥିବା ସ୍ଥଳେ ଏହି ଶ୍ଳୋକଟି ଆକ୍ଷରିକ ଅର୍ଥରେ ବ୍ୟବହୃତ ହୋଇଥିବା ପରି

ଅନୁମିତ ହୁଏ ନାହିଁ ।] ୨୫ । ସଂସ୍କ୍ରିୟା; ମୃତବ୍ୟକ୍ତିର ଶବଦାହ ଓ ମରଣାଶୌଚ ସଂପୃକ୍ତ ଶୁଦ୍ଧିକ୍ରିୟା—25. Obsequial rites. (Apte) ଦେ. ବି—୧। ଶବଦାହ କ୍ରିୟା—1. Cremation. ୨। ସଂସ୍କୃତ ଭାଷା—
সংস্কার 2. The Sanskrit language. (ଉ—ବେଦ
संस्कार ପୁରାଣ ଅବ ଯେତେ, ସଂସ୍କାର ପ୍ରାକୃତ ସହିତେ । ଜଗନ୍ନାଥ•
সংস্কৃত ଭାଗବତ ।) ଦେ ବିଣ (ପ୍ରାଚୀନ ପଦ୍ୟ)—(ସଂ. ସଂସ୍କୃତ)
संस्कार ପବିତ୍ର; ଶୁଦ୍ଧ—Purified. (ଉ—ଶୁଣି ଅର୍ଜୁନ ଶିରେ କର ଦେଇ, ତରଣେ ପଡ଼ିଲ ସଂସ୍କାର ହୋଇ । ପ୍ରାଚୀ. ପରତେ ଗୀତା ।)

ସଂସ୍କାରକ—ସଂ. ବିଣ ଓ ବି. ପୁଂ (ସମ୍+କୃ ଧାତୁ+କର୍ତ୍ତୃ. ଅକ)—୧ ।
Samskāraka ସଂସ୍କର୍ତ୍ତା; ଯେ ସଂସ୍କାର କରେ—1. One
(ସଂସ୍କାରିକା—ସ୍ତ୍ରୀ) who performs or initiates reforms; reformer. ୨ । ପାଚକ—2. A cook. ୩ । ଯେ ମରାମତି କରେ—3. Repairer. ୪ । ଯେ ପରିଷ୍କାର କରେ—4. Cleaner. ୫ । ଯେ ଶୋଧନ କରେ—5. Purifier; refiner.

ସଂସ୍କାର କରିବା—ଦେ. କ୍ରି—୧ । ବଘାରିବା—1. To flavour
Samskāra karibā water-boiled curry by
ফোড়নদেওয়া बघारना frying it with spices in oil or ghee. [ଉ—ଘରେ ଏଥିରେ ଘିଅ ଲବଣ ସଂଯୋଗ କରି ସଂସ୍କାର କରିବ—ଦ୍ରବ୍ୟଗୁଣ କଳ୍ପଦ୍ରୁମ] ୨ । ଶୁଦ୍ଧ ବା ପବିତ୍ର କରିବା—2. To purify. ୩ । ମରାମତି କରିବା—3. To repair.

ସଂସ୍କାରଜ—ସଂ. ବିଣ. (ସଂସ୍କାର+ଜନ୍ ଧାତୁ+କର୍ତ୍ତୃ. ଅ)—ସଂସ୍କାର
Samskāraja ଦ୍ୱାରା ଘଟିତ ବା ଉତ୍ପନ୍ନ—Due to or pro-
(ସଂସ୍କାରଜନିତ, ସଂସ୍କାରଜନ୍ୟ—ଅନ୍ୟରୂପ) duced by reforms; resulting from reforms.

ସଂସ୍କାର ଜନକ—ସଂ ବିଣ.—୧ । ସଂସ୍କାରର ଉତ୍ପାଦକ—1. Caus-
Samskāra janaka ing or producing recollection of one's past existence. ୨ । ଶୁଦ୍ଧିଜନକ—2. Purifying; producing purity.

ସଂସ୍କାର ପୂତ—ସଂ. ବିଣ. ପୁଂ.—(୩ୟା ତତ୍)—ସଂସ୍କାର ଦ୍ୱାରା
Samskāra pūta ପବିତ୍ରୀକୃତ—Purified by purifi-
(ସଂସ୍କାରପୂତା—ସ୍ତ୍ରୀ) catory rites or refinement.

ସଂସ୍କାର ବର୍ଜିତ(ରହିତ)—ସଂ. ବିଣ. ପୁଂ. (୩ୟା ତତ୍)—ଦଶ ସଂସ୍କାର
Samskāra barjita (rahita) ହୀନ; ଉପନୟନାଦି ସଂସ୍କାର
(ସଂସ୍କାରବର୍ଜିତା—ସ୍ତ୍ରୀ) ବିହୀନ (ଅର୍ଥାତ୍ ଶୂଦ୍ର; ଯେ ଦ୍ୱିଜାତି ନୁହେଁ)—One who has not undergone the purificatory rites.

ସଂସ୍କାର ବିହୀନ(ହୀନ)—ସଂ. ବିଣ. ପୁଂ. (୩ୟା ତତ୍)—ବ୍ରାତ୍ୟ; ଯେଉଁ
Samskāra bihīna(hīna) ଦ୍ୱିଜାତି ଦ୍ୱିଜାତିବିହିତ ସଂସ୍କାରକୁ
(ସଂସ୍କାର ବିହୀନା—ସ୍ତ୍ରୀ) ବର୍ଜନ କରିଥିବା ହେତୁରୁ ପତିତ ହୋଇଥାଏ—(A person of a twice born caste) Who has lost his purity by giving up the purificatory ceremonies. [ଦ୍ର—ଯେଉଁ ବ୍ରାହ୍ମଣ ୧୦ ବର୍ଷ ବା ୫ ବର୍ଷ କାଳ ବ୍ରାହ୍ମଣର କର୍ତ୍ତବ୍ୟ କର୍ମ ତ୍ୟାଗ କରେ ଓ ୧୬ ବର୍ଷ ପର୍ଯ୍ୟନ୍ତ ବ୍ରତ ହୁଏ ନାହିଁ, ତାହାର ସାବିତ୍ରୀ ପତନ ବା ସଂସ୍କାରହୀନତା ଘଟେ; ସଂସ୍କାରବିହୀନ ଦ୍ୱିଜାତିକୁ ବ୍ରାତ୍ୟ ବୋଲାଯାଏ ।]

ସଂସ୍କୃତ—ସଂ. ବିଣ. ପୁଂ (ସମ୍+କୃ ଧାତୁ+କର୍ମ. ତ; ସ ଆଗମ)—
Samskṛuta ୧ । ପରିଶୋଧିତ; ପରିଶୁଦ୍ଧ—1. Purified;
(ସଂସ୍କୃତା—ସ୍ତ୍ରୀ) rectified. ୨ । ସଂପାଦିତ; ସଂପନ୍ନ; ନିଷ୍ପନ୍ନ—2. Accomplished. ୩ । ଶୁଦ୍ଧୀକୃତ; ପବିତ୍ରୀକୃତ—3. Consecrated; hallowed. ୪ । ସଜ୍ଜିତ; ଭୂଷିତ; ଅଳଂକୃତ—. Decorated; embellished; furnished; adorned. ୫ । ପରିଷ୍କୃତ—5. Cleansed. ୬ । ପରିମାର୍ଜିତ; ମାର୍ଜିତ—6. Polished; scoured; refined. ୭ । ସିଦ୍ଧ—7. Boiled. ୮ । ପକ୍ୱ—8. Ripened. ୯ । ମନ୍ତ୍ରପୂତ—9. Consecrated by means of mystic incantations. ୧୦ । ଦୋଷଶୂନ୍ୟ ବା ଭ୍ରାନ୍ତିଶୂନ୍ୟ କରାଯାଇଥିବା—10. Corrected; rectified. ୧୧ । ନିର୍ଦ୍ଦୋଷୀକୃତ—11. Perfected; made faultless. ୧୨ । ସାଧୁ; ବ୍ୟାକରଣସିଦ୍ଧ (ଶବ୍ଦ)—12. (word) Formed by following correct grammatical rules; grammatical. ୧୩ । ବିଶୁଦ୍ଧରୂପେ ପ୍ରସ୍ତୁତ—13. Carefully prepared with a view to produce a purified article. ୧୪ । ରନ୍ଧା ଯାଇଥିବା—14. Cooked; dressed. ୧୫ । ଉତ୍କୃଷ୍ଟ; ଶ୍ରେଷ୍ଠ—15. Best; excellent. ୧୬ । ଯେଉଁ ଦ୍ୱିଜାତି ବ୍ୟକ୍ତିର ଶାସ୍ତ୍ରବିହିତ ସଂସ୍କାରମାନ କରାଯାଇଅଛି—16. (a person of a twice born caste) Who has undergone due purificatory rites. ୧୭ । ଗୃହସ୍ଥାଶ୍ରମରେ ପ୍ରବିଷ୍ଟ; ବିବାହିତ—17. Initiated with worldly life, married (Apte) ସଂ. ବି—୧ । ଦେବ ଭାଷା; ଭାରତୀୟ
(ପ୍ରାକୃତ—ବିପରୀତ) ଆର୍ଯ୍ୟମାନଙ୍କ ବ୍ୟବହୃତ ବିଶୁଦ୍ଧ ଭାଷା—1. The Sanskric language, the language used by the Aryans of ancient India, (which is a refined and highly polished language). [ଦ୍ର—ସଂସ୍କୃତ ଭାଷାକୁ ଅନୁଶୀଳନ କରି କେତେକ ଆଧୁନିକ ୟୁରୋପୀୟ ପଣ୍ଡିତ ମତ ବ୍ୟକ୍ତ କରନ୍ତି ଯେ, ଏକ କାଳରେ ସଂସ୍କୃତ ଭାଷା ହିଁ ପୃଥିବୀର ଏକମାତ୍ର ଭାଷା ଥିଲା । ଏହା ଗ୍ରୀକ୍ ଓ ଲାଟିନ୍ ଆଦି ଭାଷା ଅପେକ୍ଷା ପୂର୍ଣ୍ଣାବୟବସଂପନ୍ନ, ଅଧିକତର ଭାବଦ୍ୟୋତକ, ଶବ୍ଦପ୍ରଚୁର ଓ ସୌନ୍ଦର୍ଯ୍ୟଶାଳୀ ଅଟେ ।

ପ୍ରାକୃତ ବା ସାଧାରଣ ଲୋକଙ୍କ କଥିତ ଭାଷା । 'ପ୍ରାକୃତ' ଏବଂ ବେଦାଦି ଶାସ୍ତ୍ରରେ ତଥା ତଦାଶାନ୍ତନ ସଭ୍ୟ ସମାଜରେ ବ୍ୟବହୃତ ଭାଷାକୁ 'ସଂସ୍କୃତ' ବୋଲି ଯାଉଥିଲା । ପଣ୍ଡିତମାନେ ଅନୁମାନ କରନ୍ତି ଯେ, ପ୍ରଥମେ 'କଥିତ ଭାଷା'ର ସୃଷ୍ଟି ଏବଂ ସେହି କଥିତ ଭାଷାରୁ ଲଳିତ ଭାଷାର ବା ସାହିତ୍ୟର ଓ ବ୍ୟାକରଣର ସୃଷ୍ଟି ହେଲା । ସେହିପରି ପ୍ରଥମେ 'ପ୍ରାକୃତ ଭାଷା'ର ସୃଷ୍ଟି, ଏବଂ ପରେ ସେହି ପ୍ରାକୃତ ଭାଷାର ଦୋଷ ଓ ପ୍ରମାଦ ।ନ ଶୋଧିତ ବା ସଂସ୍କୃତ ହୋଇ 'ସଂସ୍କୃତ' ଭାଷାର ସୃଷ୍ଟି ହେଲା । "ପ୍ରଥମେ ବୀଜର ବା ମଞ୍ଜିର ସୃଷ୍ଟି ? ନା ପ୍ରଥମେ ବୃକ୍ଷର ସୃଷ୍ଟି ?" ଏହି ପ୍ରଶ୍ନ ପରି "ପ୍ରାକୃତ ସଂସ୍କୃତରୁ ଆସିଅଛି, କି ସଂସ୍କୃତ ପ୍ରାକୃତରୁ ଉତ୍ପନ୍ନ ହୋଇଅଛି ?" ଏହା ମଧ୍ୟ ସେହିପରି ଗୋଟିଏ ବିଷମ ସମସ୍ୟା । ଉଭୟମତବାଦୀ ପଣ୍ଡିତମାନେ ନିଜ ନିଜର ମତ ସମର୍ଥନ କରିବାକୁ ବ୍ୟଗ୍ର ।

ଯେବେ ସଂସ୍କୃତକୁ 'ଦେବ ଭାଷା' ବା 'ଆଦି ଭାଷା' ବୋଲି ସ୍ୱୀକାର କରାଯିବ, ତେବେ ତେଣିକି ଆଉ ଗୋଳମାଳ କିଛି ରହିବ ନାହିଁ; କାରଣ ଦେବତାମାନେ ସର୍ବଜ୍ଞ ଓ ଜ୍ଞାନୀ ଥିବାରୁ 'ବ୍ରହ୍ମା ବଇବଲେଇଲେ ବେଦ ବାହାରିବା' ଯୋଗୁଁ ଦେବତାଙ୍କ ମୁଖରୁ ପରିଶୁଦ୍ଧ ଓ ମାର୍ଜିତ ଭାଷା ପ୍ରଥମରୁ ଉତ୍ପନ୍ନ ହେଲା ବୋଲି ବୋଲାଯିବ । ତତ୍ପରେ ଆଦିମ ଆର୍ଯ୍ୟମାନଙ୍କ ବଂଶଧରମାନେ କ୍ରମଶଃ ଭାରତର ଚତୁର୍ଦ୍ଦିଗକୁ ଯାଇ ସେହି ଅଞ୍ଚଳମାନଙ୍କରେ ଉପନିବେଶ ସ୍ଥାପନ କଲାରୁ ମୂଳ ଭାଷାକୁ ଭୁଲିଗଲେ । ସେହିମାନଙ୍କର ଅଜ୍ଞତା, ଜଳବାୟୁ, ଦୈହିକ ଗଠନ ଆଦି, ନାନା କାରଣରୁ ଆଦି ଭାଷା କ୍ରମଶଃ ବିକୃତ ହୋଇ ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକମୁଖରେ 'ପ୍ରାକୃତ' ବା ଲୌକିକ ରୂପ ଧାରଣ କଲା । (ମଗଧରେ 'ମାଗଧୀ', ମିଥିଳାରେ 'ମୈଥିଳୀ' ଇତ୍ୟାଦି ।)

କିନ୍ତୁ ଗଭୀର ଅନୁଶୀଳନ କଲେ ଜଣାଯିବ ଯେ, ପ୍ରାକୃତ ବା ଲୋକକଥିତ ଭାଷାମାନ 'ସଂସ୍କୃତ' ବ ପରିମାର୍ଜିତ ଓ ନିୟମାଧୀନ କରାଯାଇ ସଂସ୍କୃତ ଭାଷାର ସୃଷ୍ଟି ହୋଇଅଛି ଏବଂ ଯେଉଁଠାରେ ବ୍ୟବହାରବହୁଳତା ଯୋଗୁଁ ନିୟମର ବ୍ୟତିକ୍ରମ ଦେଖାଗଲା, ସେଠାରେ ତାକୁ 'ବିକଳ୍ପ', 'ନିପାତନ', 'ଆର୍ଷ' ଆଦି ପ୍ରୟୋଗ ରୂପେ ସମର୍ଥନ କରା ଯାଇଅଛି ।

ଏପରି ସ୍ଥଳରେ ଯେଉଁ ବିଭିନ୍ନ 'ପ୍ରାକୃତ' ଭାଷାରୁ 'ସଂସ୍କୃତ' ଭାଷା ସୃଷ୍ଟ ହେଲା, ସେହି ପ୍ରାକୃତ ଭାଷାମାନଙ୍କରୁ ଅଧୁନା ପ୍ରଚଳିତ ଲୌକିକ ଭାଷାମାନ (ଯଥା—ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜରାଟୀ, ମରହଟ୍ଟୀ) ଜନ୍ମଲାଭ କଲା । ଏପରି ଅନୁମାନ ନ କଲେ ନିମ୍ନଲିଖିତ ଶବ୍ଦମାନଙ୍କରେ ଏକ ସମାନ ବା ସମକାଳୀୟ ବ୍ୟୁତ୍ପତ୍ତିରୁ ଉତ୍ପନ୍ନ ହେବାର ଅବାରିତ କାରଣ ନିର୍ଣ୍ଣୀତ ହୋଇ ପାରିବ ନାହିଁ ।

୧ । କୁକୁର—କୁକ୍କୁର, କୁକ୍କୁର, ୨ । ଜୋଇଁ—ଯାମାତା, ଜାମାତା, ୩ । ଗୃହ—ଆଗାର, ଅଗାର, ୪ । ବଙ୍କା—ବକ୍ର, ବଙ୍କ, ୫ । ଭାଲୁ—ଭଲ୍ଲୁକ, ଭାଲୁକ, ଭଲ୍ଲୂକ, ଭାଲ୍ଲୂକ, ୬ । ଆକାଶ—ଅନ୍ତରୀକ୍ଷ, ଅନ୍ତରୀକ୍ଷ, ୭ । ବିଷ—ହଲାହଲ, ହାଲାହଲ, ୮ । ଚୋରି—ସହଚର, ସହାଚର, ୯ । କୃଷ୍ଣବର୍ଣ୍ଣ—ଶାମଳ, ଶ୍ୟାମଳ, ୧୦ । ଶାଳର ପୁଅ—ମୁଷଳ, ମୁଶଳ, ମୁଷଳ, ୧୧ । ଲକ୍ଷ୍ମଣ—ଲକ୍ଷଣ, ଲକ୍ଷ୍ମଣ, ୧୨ । ଇନ୍ଦ୍ର—ସୁନାଶୀର, ଶୁନାଶୀର, ଶୁନାସୀର, ୧୩ । ବିଦ୍ୟୁତ୍—ସୌଦାମିନୀ, ସୌଦାମନୀ, ସୌଦାମ୍ନୀ, ୧୪ । ମୁହୂର୍ତ୍ତ—ନିମିଷ, ନିମେଷ, ୧୫ । ଜୋକ—ଜଲୋକା, ଜଲୌକା, ଜଲୌକସ୍, ଜଳୂକା, ଜଳାଲୋକା, ଜଳୁକା, ଜଳାୟୁକା, ୧୬ । କହୁଣି—କଫୋଣି, କଫଣି, କପୋଣି, କପଣି, କଫାଣି, ୧୭ । ବିଷ୍ଣୁ—ନାରାୟଣ, ନରାୟଣ, ୧୮ । ସ୍ତନ—କୁଚ, କୂଚ, ୧୯ । ବାଲି—ବାଲୁକା, ବାଲିକା, ୨୦ । ବରୁଡ଼ ବା ଭରୁଡ଼—ବରଟା, ବରଲା, ବରଠା, ବାରକା, ବାରଟା, ବରଟୀ, ୨୧ । ପାରା—ପାରଦ, ପାରତ, ୨୨ । ଟଭା—ମାତୁଲଙ୍ଗ, ମାତୁଳିଙ୍ଗ, ମାତୁଲୁଙ୍ଗ, ୨୩ । ନଡ଼ିଆ—କଲଶ, କଶଲସ୍ତୁ, କଶଲସ୍ତୁ, ୨୪ । ଭଉଣୀ—ଭଗିନୀ, ଭଗ୍ନୀ, ୨୫ । ମଥୁରା—ମଥୁରା, ମଧୁରା, ୨୬ । ପିଅଦା—ପଦାତି, ପାଦାତି, ପାଦାତ, ପଦାତିକ, ପତ୍ତି, ପଦାତ, ୨୭ । ଲାଉ—ଅଲାବୁ, ଅଲାବୂ, ଲାବୁ, ଲାବୂ, ଅଲାମ୍ବୁ, ଆଲାବୁ, ଅଲାବୁକ, ଲାବୁକ, ୨୮ । ସମୁଦ୍ର—ପାରାବାର, ପାରାବର, ପାରପାର, ୨୯ । ସୂର୍ଯ୍ୟ—ମିହିର, ମହିର, ୩୦ । ଲାଙ୍ଗୁଡ଼—ଲାଙ୍ଗୁଲ, ଲାଙ୍ଗୂଲ, ଲଙ୍ଗୂଲ, ୩୧ । ଶିବଧନୁ—ଅଜଗବ, ଅଜଗାବ, ଅଜକାବ, ଅଜକବ, ଅଜଗବ, ୩୨ । ନାକ—ନାସା, ନାସିକା, ନସ୍ୟା, ନସ୍ନା, ନସା, ୩୩ । କାଣ୍ଡ—ଶର, ସର, ୩୪ । ପଳାଶ—କିଂଶୁକ, କିଂସୁକ, ୩୫ । ଘୁଷୁରି—ଶୂକର, ସୂକର, ୩୬ । ବିଲୁଆ—ଶୃଗାଳ, ସୃଗାଳ ।

ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ ଭେଦରେ ସଂସ୍କୃତ ଦୁଇ ପ୍ରକାର । ବେଦରେ ବ୍ୟବହୃତ ସଂସ୍କୃତ ଭାଷାର ନାମ ବୈଦିକ ସଂସ୍କୃତ, ଏବଂ ସାଧାରଣ ସଂସ୍କୃତର ନାମ ଲୌକିକ ସଂସ୍କୃତ । କାବ୍ୟ, ନାଟକ, ପୁରାଣ, ସ୍ମୃତି ଆଦିରେ ଲୌକିକ ସଂସ୍କୃତ ବ୍ୟବହୃତ ହୋଇଅଛି । ଏହା ବୈଦିକ ସଂସ୍କୃତ ଅପେକ୍ଷା ନବ୍ୟ । ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ ମଧ୍ୟରେ ଶବ୍ଦଗତ ଓ ବ୍ୟାକରଣଗତ ଅନେକ ପ୍ରଭେଦ ଲକ୍ଷିତ ହୁଏ । ବୈଦିକ ସଂସ୍କୃତର ବ୍ୟାକରଣ ନିୟମ ଲୌକିକ ସଂସ୍କୃତର ବ୍ୟାକରଣ ନିୟମଠାରୁ ସ୍ୱତନ୍ତ୍ର ।]

୨ । ବ୍ୟାକରଣ ନିୟମ ଅନୁସାରେ ରଚିତ ଶବ୍ଦ—
2. A word formed regularly according to the rules of grammar; a regular

derivative word (Apte). ୩ । ଯେଉଁ ଦ୍ୱିଜବର୍ଣ୍ଣର ବେଦବିହିତ ସଂସ୍କାରମାନ ସମ୍ପନ୍ନ ହୋଇଅଛି-3. A person of one of the three high-castes in respect of whom all the purificatory rites have been performed (Apte). ୪ । ବିଜ୍ଞ ବ୍ୟକ୍ତି; ବିଦ୍ୱାନ୍ ବ୍ୟକ୍ତି; ପଣ୍ଡିତ—4. A learned man (Apte). ୫ । ବୈଦିକ ନୈବେଦ୍ୟ—5. An offering; Vedic oblation (Apte). ୬ । ଶାସ୍ତ୍ରବିହିତ ବିଧି—6. A sacred usage (Apte).

ସଂସ୍କୃତି—ସଂ. ବି (ଅଧୁନିକ ପ୍ରୟୋଗ)—(ସମ୍ + କୃ ଧାତୁ + ଭାବ ତି; ସ ଆଗମ)—ସଭ୍ୟତା; ଶିକ୍ଷା; ଭଦ୍ରତା ଓ ସାମାଜିକତା ଆଦିରେ ଧାରାବାହିକ ଅନୁଧ୍ୟାନ, ଅନୁଶୀଳନ ଓ ଅନୁଗମନ—Culture.
Saṁskṛuti

ସଂସ୍କୃତ୍ତ୍ରିମ—ସଂ. ବିଣ (ସମ୍ + କୃତ୍ରିମ; ସ ଆଗମ)—୧ । ସଂସ୍କୃତ (ଦେଖ)—1. Saṁskṛuta (See) ୨ । ସଂସ୍କାରଦ୍ୱାରା ନିବୃତ୍ତ—2. Restrained by purification.
Saṁskṛuttrima

ସଂସ୍କ୍ରିୟା—ସଂ. ବି (ସମ୍ + କ୍ରିୟା; ସ ଆଗମ)—୧ । ସଂସ୍କାର ଦେଖ)—1. Saṁskāra (See). ୨ । ଶବଦାହ କ୍ରିୟା—2. Cremation of dead bodies.
Saṁskriyā

ସଂସ୍ତବ—ସଂ. ବି (ସମ୍ + ସ୍ତବ)—୧ । ସମ୍ୟକ୍ ପ୍ରଶଂସା; ସ୍ତୁତି—1. Eulogy; applause; panegyric. ୨ । ଖୋସାମତ—2. Flattery. ୩ । ପରିଚୟ—3. Acquaintance; familiarity. ୪ । ଆଳାପ—4. Conversation; introduction. ୫ । ପରସ୍ପର ମନର ମେଳ—5. Harmony; agreeing together (Apte).
Saṁstaba

ସଂସ୍ତବାନ—ସଂ. ବି. ପୁଂ. (ସମ୍ + ସ୍ତୁ ଧାତୁ = ସ୍ତୁତି କରିବା + କର୍ତ୍ତୃ. ଅନ)—୧ । (ପୁଂ) ବାଗ୍ମୀ; ସଦ୍‌ବକ୍ତା—1. Orator. ୨ । ଉଦ୍‌ଗାତା; ବେଦମନ୍ତ୍ରଗାୟକ ପୁରୋହିତ—2. A class of priests singing the mantras at Vedic sacrifices. ୩ । (+ଭାବ. ଅନ) ହର୍ଷ—3. Delight; joy (Apte). (ସଂସ୍ତବାନା—ସ୍ତ୍ରୀ) ସଂ. ବିଣ. ପୁଂ—୧ । ବାଗ୍ମୀ—1. Eloquent. ୨ । ଯଥାର୍ଥରୂପେ ପ୍ରଶଂସାକାରୀ—2. Praising properly (Apte).
Saṁstabāna

ସଂସ୍ତମ୍ଭ—ସଂ. ବି (ସମ୍ + ସ୍ତମ୍ଭ୍ ଧାତୁ = ସ୍ତବ୍ଧ କରିବା + ଭାବ. ଅ) —୧ । ପ୍ରତିବନ୍ଧ—1. Obstruction. (ସଂସ୍ତମ୍ଭନ—ଅନ୍ୟରୂପ) ୨ । ଦୃଢ଼ୀକରଣ—2. Making a thing steady or firm; strengthening. (ସଂସ୍ତବ୍ଧ—ବିଣ) ୩ । ନିବାରଣ—3. Prevention. ୪ । ଦମନ—4. Controlling; checking; restraint. ୫ । ସ୍ତମ୍ଭିତ ବା ସ୍ଥଗିତ କରିବା-5. Stoppyng. ୬ । ଜଡ଼ ଭାବ—6. Stupefaction; paralysis (Apte). ୭ । ସ୍ଥିରୀଭାବ—7. Stop; stay (Apte). ୮ । ଅନୁମୋଦନ—8. Confirming (Apte). ୯ । (+ କରଣ. ଅ) ଯାହାଦ୍ୱାରା କୌଣସି ବସ୍ତୁକୁ ଟେକି ଧରାଯାଏ; ଠେକ—9. Support; prop (Apte)
Saṁstambha

ସଂସ୍ତର—ସଂ. ବି (ସମ୍ ସ୍ତୃ ଧାତୁ = ବିସ୍ତାରିବା + କର୍ମ. ଅ)—୧ । ଶଯ୍ୟା, ବିଛଣା—1. Bed; bedding (ସଂସ୍ତରଣ—ଅନ୍ୟରୂପ) ୨ । ପତ୍ରଦ୍ୱାରରେ ରଚିତ ଆସ୍ତରଣ—2. A bed of leaves ୩ । (+ ଅଧି. ଅ) ହୋମ; ଯଜ୍ଞ—3. Vedic sacrifice; oblations to fire. [ଦ୍ର—ଏଥିରେ ପ୍ରଥମେ ଭୂମି ଉପରେ କୁଶ ଓ ଦାଳ ଆଦିର ଶଯ୍ୟା ରଚିତ ହୁଏ, ତତ୍ପରେ ଅଗ୍ନି ସ୍ଥାପିତ ହୁଏ ।
Saṁstara

ସଂସ୍ଥା—ଦେ. ବି. (ସଂ. ସଂସ୍ଥା) ୧ । ସଚଳ ଅବସ୍ଥା—1. Worldly competence; state of being well-to-do. ୨ । ଧନ; ବିଷୟ ସମ୍ପତ୍ତି—2. Property. ୩ । ଭୂସମ୍ପତ୍ତି—3. Landed property.
Saṁstā
সংস্থান **সংস্থা**

ସଂସ୍ତାବ—ସଂ. ବି—(ସମ୍ + ସ୍ତୁ ଧାତୁ + ଅଧି ଅ)—୧ । ଯଜ୍ଞ ବେଦୀରେ ବ୍ରାହ୍ମଣମାନେ ଯେଉଁ ସ୍ଥାନରେ ବସି ମିଳିତ ଭାବରେ ସ୍ତବ ଗାନ କରନ୍ତି—A place where Brahmanas collectively chant hymns during a Vedic sacrifice at or near the altar. ୨ । (+ଭାବ. ଅ) ପରିଚୟ 2. Acquaintance; familiarity. ୩ । ସ୍ତୁତି 3. Eulogy. ୪ । ସଂକୀର୍ତ୍ତନ—4. Hymning in chorus (Apte)
Saṁstāba
(ସଂସ୍ତାବକ—ଅନ୍ୟରୂପ)

ସଂସ୍ଥା ବାଡ଼ି—ଦେ. ବି—(ସହରର)—(ସଂ. ସଂସ୍ଥା + ବାଟିକା) ୧ । ଜମିବାଡ଼ି—1. Landed property. ୨ । ଧନ ଓ ଭୂମି—2. Movable and immovable property.
Saṁstā bāṛdi
(ସଂସ୍ଥାବୃତ୍ତି—ଅନ୍ୟରୂପ)
বিষয়আশয় **সংস্থাবাড়ি**

ସଂସ୍ତାର—ସଂ. ବି—(ସମ୍ + ସ୍ତୃ ଧାତୁ = ବିସ୍ତାରିବା + ଭାବ. ଅ)—୧ । ବିସ୍ତାରିବା—1. Spreading out; (Apte). ୨ । ବିସ୍ତାର—2. Extension (Apte).
Saṁstāra

ସଂସ୍ତୁତ—ସଂ. ବିଣ—(ସମ୍ + ସ୍ତୁ ଧାତୁ = ସ୍ତବ କରିବା + କର୍ମ. ତ)—୧ । ସ୍ତୁତିପ୍ରାପ୍ତ; ଯାହାକୁ ବିଶେଷ ଭାବରେ ସ୍ତୁତି କରାଯାଏ—1. Eulogised. ୨ । ପ୍ରଶଂସିତ—2. Praised. ୩ । ପୂଜିତ—3. Worshipped. ୪ । ଯାହାକୁ ପ୍ରାର୍ଥନା କରାଯାଏ—4. Solicited. ୫ । ସୁପରିଚିତ—5. Acquainted, intimate, familiar (Apte) ୬ । ଏକତ୍ର ବା ଯୁଗପତ୍
Saṁstuta

ପ୍ରଶଂସିତ—6. Praised together. ୭। ପରସ୍ପର ସମ୍ମତ ମେଳଥିବା—7. Agreeing together; harmonious (Apte). ୮। ଅଭିପ୍ରେତ; ଲକ୍ଷିତ 8. Intended; aimed at (Apte).

ସଂସ୍ତ୍ୟାୟ—ସଂ. ବି—(ସମ୍+ସ୍ତ୍ୟୈ ଧାତୁ=ସଂହତ ହେବା+ଭାବ. ଅ) Samstyāya —୧। ସଂସ୍ଥାନ; ଉଦ୍ଭବ ସନ୍ନିବେଶ; ସଂଘାତ—1. Accumulation. ୨। ସମୂହ—2. Multitude; assemblage. ୩। ବିସ୍ତାର—3. Extension; spreading; diffusion. ୪। ଗୃହ—4. Residence; house habitation. ୫। ପରିଚୟ; ଆଳାପ—5. Familiarity; family talk. ୬। ରାଶି; ଗଦା—6. Heap. ୭। ନୈକଟ୍ୟ—7. Vicinity (Apte)

ସଂସ୍ଥ—ସଂ. ବିଶ. ପୁଂ—(ସମ୍+ସ୍ଥା ଧାତୁ+କର୍ତ୍ତୃ. ଅ)—୧। Samstha ଅବସ୍ଥିତ—1. Settled; seated. ୨। ସମାପ୍ତ—2. Finished. ୩। ମୃତ—3. Dead. (ସଂସ୍ଥା—ସ୍ତ୍ରୀ) ୪। ସଦୃଶ—4. Similar, ସଂ. ବି. ପୁଂ ୧। ଚର—1. A spy. ୨। କଳିପ୍ରସୂତ ଚର—2. An imformer ୪। ସ୍ୱଦେଶ ବାସୀ—2. An inhabitant of one's country; a countryman.

ସଂସ୍ଥା—ସଂ. ବିଶ. ସ୍ତ୍ରୀ—'ସଂସ୍ଥ 'ର ସ୍ତ୍ରୀ ଲିଙ୍ଗ—Feminine of Samsthā Samstha. (ସମ୍+ସ୍ଥା ଧାତୁ+ଭାବ. ଅ+ଆ) (ସଂସ୍ଥିତ—ବିଶ) ସଂ. ବି.—୧। ନ୍ୟାୟ ପଥରେ ଅବସ୍ଥାନ—1. Continuance in the right way. ୨। ମର୍ଯ୍ୟାଦା—2. Respectability. ୩। ସତ୍ ଚରିତ୍ର; ସଦାଚରଣ—3. Proper or good conduct. ୪। ସ୍ଥିତି; ଅବସ୍ଥିତି; ଅବସ୍ଥାନ—4. Situation; staying. ୫। ସାଦୃଶ୍ୟ—5. Resemblance, similarity, likeness. ୬। ଧ୍ୱଂସ; ନାଶ—6. Destruction; ruin. ୭। ମୃତ୍ୟୁ—7. Death, demise. ୮। ବ୍ୟବସ୍ଥା—8. Arrangement. ୯। ସମାପ୍ତି—9. Completion; accomplishment. ୧୦। ଶେଷ—10. End. ୧୧। ସଙ୍ଗ; ସମାଜ—11. Meeting, association; society. ୧୨। ପ୍ରଚଳିତ ରୀତି; ବ୍ୟବସ୍ଥା—12. Established custom, usage. ୧୩। ପ୍ରଚଳିତ ରୀତି ସଂବନ୍ଧରେ ପ୍ରକାଶିତ ମତ—13. An expressed declaration of law; a statement of law or usage. ୧୪। ଜୀବନ କାଳ—14. Life-time; period of life. ୧୫। ବ୍ୟକ୍ତି—15. Person; individual. ୧୬। ଯଜ୍ଞ ବିଶେଷ—16. A sort of Vedic sacrifice. [ବି—ଏହା ଚାରି ପ୍ରକାର; ଯଥା—୧। ନିତ୍ୟ—Daily. ୨। ନୈମିତ୍ତିକ—Occasional. ୩। ପ୍ରାକୃତିକ—Natural. ଏବଂ ୪। ଆତ୍ୟନ୍ତିକ—Excessive.] ୧୭। ପ୍ରଳୟ—17. Dissolution of nature. [ବି—ଏହା ମଧ୍ୟ ନିତ୍ୟ, ନୈମିତ୍ତିକ, ପ୍ରାକୃତିକ ଓ ଆତ୍ୟନ୍ତିକ ଭେଦରେ ଚାରି ପ୍ରକାର।] ୧୮। ପ୍ରକାଶ—18. Manifestation; revelation ୧୯। ମୂର୍ତ୍ତି; ଆକୃତି—19. Shape; image. ୨୦। ଆକାର—20. Form. ୨୧। ରାଜାଜ୍ଞା—21. Royal command; edict. ୨୨। ପ୍ରଣିଧି; ଚର; ଦୂତ—22. Ambassador; messenger. ୨୩। ପୁରାଣର ଦଶ ଗୋଟି ଲକ୍ଷଣମଧ୍ୟରୁ ଏକତମ—23. One of the ten characteristics of the Purāṇas. [ବି—ଶ୍ରୀମଦ୍ଭାଗବତ ଦ୍ୱାଦଶ ସ୍କନ୍ଧର ସପ୍ତମ ଅଧ୍ୟାୟରେ ଏହି ଲକ୍ଷଣାବଳୀ ବିଶଦଭାବରେ ବର୍ଣ୍ଣିତ ହୋଇଅଛି।]

ଦେ ବି—୧। ଧନ ସମ୍ପତ୍ତି—1. Property. ୨। ସଂସ୍ଥାନ ସଂସ୍थान ସଚ୍ଛଳ ଅବସ୍ଥା—2. State of being well-to-do; worldy competence.

ସଂସ୍ଥାନ—ସଂ. ବି. (ସମ୍+ସ୍ଥା ଧାତୁ+ଭାବ. ଅନ)—୧। ସନ୍ନିବେଶ—Samsthāna 1. Situation; position. ୨। ନୈକଟ୍ୟ—(ସଂସ୍ଥିତ—ବିଶ) 2. Vicinity; nearness. ୩। ଚତୁଷ୍ପଥ—3. Cross-road. ୪। ଅନେକ ସଂଘାତ; ଭିନ୍ନ ଭିନ୍ନ ଅଙ୍ଗର ସନ୍ନିବେଶ ବା ସମାବେଶ—4. Aggregation of different limbs forming a body or shape. ୫। ଆକୃତି—5. Shape; form; configuration. ୬। ମୃତ୍ୟୁ—6. Death. ୭। ବିନାଶ—7. Ruin; destruction. ୮। ଚିହ୍ନ—8. Sign. ୯। ନିର୍ମାଣ—9. Fabrication; construction. ୧୦। ସମ୍ୟକ୍ ଅବସ୍ଥିତି—10. Particular existence or position. ୧୧। ବିନ୍ୟାସ—11. Orderly arrangement. ୧୨। ବ୍ୟବସ୍ଥା—12. Arrangement; provision. ୧୩। ଜୀବିକା ନିର୍ବାହର ଉପାୟ—13. Means of livelihood; means of subsistence. ୧୪। ଧନାଦି ସଞ୍ଚୟ—14. A stock of goods or cash. ୧୫। ସମୂହ; ଗଦା—15. Heap; collection; multitude; assemblage. ୧୬। ପରିମାଣ—16. Quantity. ୧୭। ଗୃହ—17. Abode; residence.

ସଂସ୍ଥାପକ—ସଂ. ବିଶ. ଓ ବି ପୁଂ (ସମ୍+ସ୍ଥାପି. ଧାତୁ+କର୍ତ୍ତୃ. ଅକ)—Samsthāpaka ୧। ଯେ ସଂସ୍ଥାପନ କରେ; ଯେ ସ୍ଥିର କରେ—(ସଂସ୍ଥାପିକା—ସ୍ତ୍ରୀ) 1. Establishing; settling; fixing. ୨। ପ୍ରତିଷ୍ଠାତା—2. Founder.

ସଂସ୍ଥାପନ(ନା)—ସଂ. ବ (ସମ୍ + ସ୍ଥା. ଧାତୁ ଣିଜନ୍ତ=ସ୍ଥାପି. ଧାତୁ= Samsthāpana(nā) ରଖିବା + ଭାବ. ଅନ)—୧ । ସ୍ଥିର-(ସଂସ୍ଥାପନୀୟ, ସଂସ୍ଥାପ୍ୟ, ସଂସ୍ଥାପିତ—ବିଣ) କରଣ— 1. Settlement; settling. ୨ । ପ୍ରତିଷ୍ଠା କରିବା— 2. Establishing. ୩ । ଦୃଢ଼ ଭିତ୍ତି ଉପରେ ସ୍ଥାପନ— 3. Placing on a sure footing.

ସଂସ୍ଥାପିତ—ସଂ. ବିଣ (ସମ୍ + ସ୍ଥା. ଧାତୁ ଣିଜନ୍ତ=ସ୍ଥାପି. ଧାତୁ + Samsthāpita କର୍ମ. ତ)—୧ । ପ୍ରତିଷ୍ଠିତ—1. Established. ୨ । ସ୍ଥାୟୀରୂପେ ଆରବ୍ଧ—2. Commenced on a regular or sure footing; opened; founded. ୩ । ସ୍ଥିରୀକୃତ—3. Fixed; settled.

ସଂସ୍ଥିତ—ସଂ. ବିଣ (ସମ୍ + ସ୍ଥା. ଧାତୁ + କର୍ତ୍ତି. ତ)—୧ । ସମ୍ୟକ୍ ସ୍ଥିତ— Samsthita 1. Well established; well placed. ୨ । ମୃତ—2. Dead; deceased. ୩ । ସମାପ୍ତ— 3. Completed; finished; done with. ୪ । ସନ୍ନିବିଷ୍ଟ—4. Arranged; bent upon; intent on.

ସଂସ୍ଥିତି—ସଂ. ବ—(ସମ୍ + ସ୍ଥିତି)—ସଂସ୍ଥାନ (ଦେଖ) Samsthiti Samsthāna. (See)

ସଂସ୍ପର୍ଶ—ସଂ. ବ—(ସମ୍ + ସ୍ପୃଶ. ଧାତୁ=ଛୁଇଁବା + ଭାବ. ଅ)— Samsparsa ୧ । ସମ୍ୟକ୍ ସ୍ପର୍ଶ—1. Close contact. (ସଂସ୍ପୃଷ୍ଟ—ବିଣ) ୨ । ମିଳନ—2. Union. ୩ । ବସ୍ତୁର ତ୍ୱଗିନ୍ଦ୍ରିୟ-ଗ୍ରାହ୍ୟ ଗୁଣ—3. An attribute of sensation arising from touch; the attribute of matter perceptible by the sense of touch.

ସଂସ୍ପୃଷ୍ଟ—ସଂ. ବିଣ (ସମ୍ + ସ୍ପୃଶ୍. ଧାତୁ=ଛୁଇଁବା + କର୍ମ. ତ)— Samsprushta ୧ । ସଂଯୁକ୍ତ—1. United; brought into contact. ୨ । ଦୃଢ଼ରୂପେ ଛୁଆଁ ହୋଇଥିବା— 2. Grasped; closely touched.

ସଂସ୍ଫାଳ—ସଂ. ବ (ସମ୍ + ସ୍ଫଲ୍. ଧାତୁ=ଚଳିତ ହେବା + କର୍ତ୍ତି. ଅ)— Samsphāla ମେଣ୍ଢା; ମେଷ—Sheep; lamb.

ସଂସ୍ଫୁଟ—ସଂ. ବିଣ (ସମ୍ + ସ୍ଫୁଟ)—ସମ୍ୟକ୍ ବିକସିତ; ପ୍ରସ୍ଫୁଟିତ (ପୁଷ୍ପ)— Samsphuta Expanded (flower).

ସଂସ୍ଫେ(ସ୍ଫୋ)ଟ—ସଂ. ବ (ସମ୍ + ସ୍ଫିଟ୍. ଧାତୁ=ବଧ କରିବା, ସ୍ଫୁଟ. Samsphe(spho)ta ଧାତୁ=ଫଟାଇବା + ଅଧି. ଅ)—ସଂଗ୍ରାମ; ଯୁଦ୍ଧ—Fight; conflict.

ସଂସ୍ୱେଦଜ—ସଂ. ବ (ବୈଦ୍ୟକ)—ଭୂଇଁଛତୁ—Mushrooms or Samswedaja fungii growing out of the earth ଭୂଇଁ ଛାତା etc. [ଦ୍ର—ଏହା ଭୂମିରେ, ଗୋମୟରେ, କାଠରେ ଓ ସାଁପକୀଛତ୍ରୀ, ଛତା, ଛତୋନା ବୃକ୍ଷାଦରେ ହୁଏ । ଏମାନଙ୍କ ମଧ୍ୟରୁ ଅନ୍ୟ ସଂ. ନାମ—ଭୂମିଚ୍ଛତ୍ର, ଅଧିକାଂଶ ବିଷାକ୍ତ ଓ ଦୋଷକାରକ । ଶିଲୀନ୍ଧ୍ର । ଯେଉଁ ଛତୁ ଶୁଚି ପ୍ରଦେଶରେ, କାଠରେ, ଗୋବରରେ ବା ବାଉଁଶରେ ଜନ୍ମେ ଓ ଯାହା ଶ୍ୱେତବର୍ଣ୍ଣ, ତାହା ଅଳ୍ପଦୋଷ ଦୋଷକାରକ ନୁହେଁ । ଛତୁ ଶୀତସ୍ପର୍ଶ, ତ୍ରିଦୋଷଜନକ, ପିଚ୍ଛଳ, ଗୁରୁ ଏବଂ ବମି, ଜ୍ୱର ଓ କଫରୋଗଜନକ ।]

ସଂସ୍ମରଣ—ସଂ. ବ. (ସମ୍ + ସ୍ମରଣ)—୧ । ସମ୍ୟକ୍ ସ୍ମରଣ— Samsmarana 1. Clear recollection; remembrance. (ସଂସ୍ମୃତ—ଅନ୍ୟରୂପ) ୨ । ପୂର୍ବଜନ୍ମ ସଂସ୍କାରଜ ସଂସ୍ମୃତ } ବିଣ ସଂସ୍ମରଣୀୟ } ଜ୍ଞାନ—2. Subconcious perception due to previous birth; impression left on the mind by the acts of one's previous existence.

ସଂସ୍ର(ସ୍ରା)ବ—ସଂ. ବ. (ସମ୍ + ସ୍ରୁ. ଧାତୁ=ଗମନ କରିବା, ମିଳିତ Samsra(srā)ba ହେବା + ଭାବ. ଅ)—୧ । ସଂବନ୍ଧ; ସଂପର୍କ—1. Connection; relationship. ୨ । ମିଳନ—2. Union; association.

ସଂସ୍ରବ ରହିତ—ସଂ ବିଣ. (ଷଷ୍ଠୀ ତତ୍)—ଅସଂପର୍କ; ସଂବନ୍ଧଶୂନ୍ୟ. Samsraba rahita Unconnected.

ସଂହତ—ସଂ. ବିଣ. (ସମ୍ + ହନ୍ ଧାତୁ + କର୍ମ. ତ)—୧ । ଦୃଢ଼— Samhata 1. Firm; strongly set; close set. [ସଂହତତା(ତ୍ୱ)—ବ] ୨ । ଲଗ୍ନ—2. Attached to. ୩ । ମିଳିତ—3. Joined; united. ୪ । ଜବଡ଼ ରୂପେ ସଂଯୁକ୍ତ—4. Closely joined together. [ଉ—ସଂହତ ମନ୍ମଥ-ଶରଙ୍କ ଶନ୍ତ ହେଲେ ଯଥା—ରାଧାନାଥ-ମହାଯାତ୍ରା ।] ୫ । ଏକତ୍ର—5. Collected together; assembled; accumulated. ୬ । ଘନୀଭୂତ; ଜମାଟ ବାନ୍ଧିଥିବା—6. Compact; hardened; coagulated; solidified. ୭ । ସଞ୍ଚିତ— 7. Stored; hoarded. ୮ । ଅହତ; ଅଘାତ ପ୍ରାପ୍ତ— 8. Wounded; struck. ୯ । ସମ୍ୟକ୍ ହତ— 9. Killed. ୧୦ । ଘନ—10. Solid.

ସଂହତ ଛତ୍ରିବା—ସଂ. ବ. (ସଂହତ=ଦୃଢ଼; ଜବଡ଼ + ଛତ୍ର + ବ + Samhata chhātribā ସ୍ତ୍ରୀ. ଅ; ଏହାର ଡେଙ୍ଗରୁ ବାହାରିବା ପୁଷ୍ପଗୁଚ୍ଛ ଜବଡ଼ ଛତା ପରି ଦେଖାଯାଏ)—ଶତପୁଷ୍ପା; ଶଲୁପ—Dill seed; Anethum Graveyolens.

ସଂହତ ଜାନୁ—ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ବ୍ୟକ୍ତିର Samhata jānu ଅଣ୍ଟୁ ଦୁଇଟି ଚାଲିଲା ବେଳେ ଲାଗିଯାଏ; (ସଂହତ ଜାନୁକ—ଅନ୍ୟରୂପ) ସଂଙ୍କୁ; ସଂଜ୍ଞ—Knock-kneed (ସଂହତ ଜାନୁକା—ସ୍ତ୍ରୀ) having the knees knocking with each other while walking.

ସଂହତ ତଳ—ସଂ. ବ. (ସଂହତ=ମିଳିତ + ତଳ=କରତଳ)— Samhata tala (କର୍ମଧା) ମିଳିତ କରତଳଦ୍ୱୟ—The two (ସଂହତ ତଳା—ବିଣ. ସ୍ତ୍ରୀ) palms folded together. ସଂ. ବିଣ. ପୁଂ—ଦୁଇକର ତଳକୁ ଯୋଡ଼ିଥିବା (ବ୍ୟକ୍ତି)— (a person) With the hands folded.

ସଂହତଭ୍ରୂ—ସଂ. ବଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ବ୍ୟକ୍ତି Saṁhata bhrū ଭ୍ରୂ ଯୁଗଳକୁ ସଂକୁଚିତ ବା ସନ୍ନିହିତ କରିଅଛି —(a person) Knitting the eyebrows (Apte).

ସଂହତସ୍ତନା—ସଂ. ବଣ. ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ସ୍ତ୍ରୀର ସ୍ତନଦ୍ୱୟ Saṁhatastana ଖୁବ୍ ସନ୍ନିହିତ—(a woman) Whose breasts are very close to each other (Apte).

ସଂହତି—ସଂ. ବି. (ସମ୍+ହନ୍ ଧାତୁ+ଭାବ. ତି)—୧ । ସଂଘ; Saṁhati ସମୂହ—1. Assemblage; multitude. ୨ । ସଂଘାତ; ଗଦା—2. Heap. ୩ । ଜଡ଼ତ୍ୱ; ସଂଯୋଗ; ସମ୍ମିଳନ—3. Close union; close connection; firm contact. ୪ । ସମ୍ୟକ୍ ବଧ—4. Killing; slaughter. ୫ । ବହୁ ବସ୍ତୁର ଏକତ୍ରୀଭାବ—5. Aggregation of many things. ୬ । (ବିଜ୍ଞାନ) ଜଡ଼ ବସ୍ତୁର ଗୁଣବିଶେଷ, ଯଦ୍ୱାରା ପଦାର୍ଥର ପରମାଣୁ ଗୁଡ଼ିକ ଘନ ଭାବରେ ପରସ୍ପର ସହିତ ମିଳିତ ହୋଇ ରହେ—6. (science) A quality of solid bodies; adhesion, molecular attraction. [ବି—ଜଡ଼ ପଦାର୍ଥର ଯେଉଁ ଗୁଣ ଯୋଗୁଁ ତାହାର ଅଣୁ ସକଳ ଏକତ୍ର ସଂବଦ୍ଧ ହୋଇ ଜମାଟ ବାନ୍ଧେ, ତାହା ସଂହତି । ସଂହତିର ଅଧିକ୍ୟରେ ବାୟବୀୟ ପଦାର୍ଥ ତରଳ ହୁଏ ଏବଂ ଅଳ୍ପର ଅଧିକ୍ୟ ହେଲେ ତାହା ଘନୀଭୂତ ହୋଇଯାଏ । ପୁଣି ଉତ୍ତାପାଦି ଦ୍ୱାରା ସଂହତି କମିଗଲେ ଘନ ପଦାର୍ଥ ତରଳ ହୁଏ ଓ ଅଳ୍ପର କମିଗଲେ ତାହା ବାଷ୍ପ ହୁଏ । ଯେଉଁ ଘନ ପଦାର୍ଥ ବାଷ୍ପ ହୋଇ ନ ପାରେ, ସଂହତି କମିଗଲେ ତାହା ଚୂନା ହୋଇ ଫିଟି ଯାଏ ।] ୭ । ମିଳନ—7. Union; combination (Apte). ୮ । ଦୃଢ଼ତା—8. Firmness; campactness (Apte). ୯ । ଏକତ୍ରୀଭୂତ ରାଶି—9. Mass; bulk (Apte). ୧୦ । ମେଳ—10. Agreement; harmony (Apte). ୧୧ । (+କରଣ. ତି) ବଳ—11. Strength (Apte). ୧୨ । (+ଅଧିକରଣ. ତି) ଦେହ—12. Body (Apte).

ସଂହନନ—ସଂ. ବି. (ସମ୍+ହନ୍ ଧାତୁ=ଅଘାତ କରିବା+ଭାବ. Saṁhanana ଅନ)—୧ । ସମ୍ୟକ୍ ଅଘାତ—1. Heavy blow. ୨ । (+ଅଧିକରଣ. ଅନ) ଶରୀର; ଦେହ—2. Body. ୩ । ସମୂହ; ସଂଘାତ—3. Multitude; heap; collection. ୪ । ବଧ—4. Killing. ୫ । (+କରଣ. ଅନ) ବଳ—5. Strength (Apte).

ସଂହରଣ—ସଂ. ବି. (ସମ୍+ହୃ ଧାତୁ+ଭାବ. ଅନ)—୧ । ସଂହାର Saṁharaṇa କରିବା—1. Killing. ୨ । ବିନାଶ—2. Destruction. ୩ । ସଂଗ୍ରହ କରିବା—3. Accumulating. ୪ । ଗଦା କରିବା—4. Heaping up. ୫ । ସଂକ୍ଷେପ—5. Abridgement; compendium. ୬ । ନାନା ଗ୍ରନ୍ଥରୁ ଅଣି ଏକତ୍ର କରିବା—6. Compiling; compilation. ୭ । ସଂକୋଚ—7. Contraction.

ସଂହରିବା—ଦେ. କ୍ରି (ପଦ୍ୟ) (ସଂ. ସଂହାରଣ)—୧ । ସଂହାରିବା Saṁharibā (ଦେଖ)—1. Saṁhāribā (See)
সংহার করা संहार करना ୨ । ବଧ କରିବା—2. To kill.
ছাড়া छोड़ना ୩ । ତ୍ୟାଗ କରିବା—3. To give up.
দমন করা रोकना ୪ । ଦମନ କରିବା—4. To control [ଉ—ଯେଉଁ ଲୋକ କ୍ରୋଧ ହୋଇଲେ ସଂହରୁଛି; ଅଶେଷ ହୋଇ କଥା ତାର ତାହିଁ ଅଛି—କୃଷ୍ଣସିଂହ. ମହାଭାରତ. ସଭା ।] ୫ । ସମ୍ଭାଳିବା; ରଖିବା—5. To contain;
সামলান संभालना to keep. [ଉ—ଅନ୍ତର୍ଗତ କଥା ଅଦ୍ଭେ ସଂହରି—
বন্দ করা, ପ୍ରାଚୀ. ଉଦ୍ଧବସଂମଞ୍ଜରୀ ।] ୬ । ବୁଜିବା—6. To
বুজা मूंदना close; to shut up. [ଉ—ଶୌନକ ବାକ୍ୟ ଶୁଣି ମୁନି, ଚକ୍ଷୁ ସଂହରି ହେଲେ ଭୂନି—ପ୍ରାଚୀ. କର୍ଣ୍ଣଣ
রোধ করা ମାହାତ୍ମ୍ୟ ।] ୭ । ନିରୋଧ କରିବା—7. To enclose.
संहरना [ଉ—ଅସ୍ଥିରେ ଅସ୍ଥି ସ୍ଥିର କରି, ପବନ ଅନ୍ତରେ
সংযত করা ସଂହରି—ଜଗନ୍ନାଥ. ଭାଗବତ ।] ୮ । ସଂଯତ କରିବା—
रोकना 8. To restrain. [ଉ—କରନ୍ତେ ପ୍ରାଣାୟାମ କରି ଇନ୍ଦ୍ରିୟ ସମୂହ ସଂହରି—ଜଗନ୍ନାଥ. ଭାଗବତ ।] ୯ ।
সামলান ଦମନ କରିବା; ବଶୀଭୂତ ରଖିବା—9. To check;
सम्भालना to control. [ଉ—ଯୁଦ୍ଧେ ହାରିବା ହୋଇବାରମ୍ଭେ ସଂହର ରଣେ ବଳ, ଉଦ୍ୟମେ—ଜଗନ୍ନାଥ. ଭାଗବତ ।]
বদলান ୧୦ । ବଦଳାଇବା—10. To change. [ଉ—
बदलना ଅମୃତ ଦେବଗଣେ ଦେଇ, ସେ ମାୟାରୂପ ସଂହରିଲ—ଜଗନ୍ନାଥ. ଭାଗବତ ।]

ସଂହର୍ତ୍ତା—ସଂ. ବଣ. ପୁଂ (ସମ୍+ହୃ ଧାତୁ+କର୍ତ୍ତୃ. ତୃ; ସଂହର୍ତ୍ତୃ ଶବ୍ଦ; ୧ମା. Saṁharttā ୧ବ)—୧ । ସଂହାରକାରୀ—1. Destroying.
(ସଂହର୍ତ୍ତ୍ରୀ—ସ୍ତ୍ରୀ) ୨ । ବଧକାରୀ—2. Slaughtering. ୩ । ନିରୋଧକାରୀ; ଦମନକାରୀ—3. Controlling; restraining; checking. ସଂ. ବି—ସଂହାରକର୍ତ୍ତା—Destroyer; slaughterer.

ସଂହର୍ଷ—ସଂ. ବି (ସମ୍+ହୃଷ୍ ଧାତୁ=ହୃଷ୍ଟ ହେବା+ଭାବ. ଅ)—Saṁharṣha ୧ । ଅମୋଦ; ପ୍ରମୋଦ—1. Amusement; glee. ୨ । ଅନ୍ୟଂଶୁଭଦ୍ୱେଷ; ପରଶ୍ରୀକାତରତା—2. Envy; spite. ୩ । ପରସ୍ପର ସ୍ପର୍ଦ୍ଧା—3. Mutual defiance. ୪ । ଘର୍ଷଣ—4. Friction. ୫ । ରୋମାଞ୍ଚ; ରୋମହର୍ଷ—5. Horripilation. ୬ । (+କର୍ତ୍ତୃ. ଅ) ବାୟୁ—6. Air.

ସଂହାର—ସଂ. ବି (ସମ୍+ହୃ ଧାତୁ=ହରଣ କରିବା; ବିନାଶ କରିବା
Samhāra +ଘଞ୍. ଅ)—୧ । ଧ୍ୱଂସ; ବିନାଶ—1. Destruction; ruin; ruination. ୨ । ସୃଷ୍ଟିର ପ୍ରଳୟ—2. The dissolution of the world. ୩ । ସଂକ୍ଷେପ—3. Abridgement; compendium. ୪ । ଅହରଣ; ସଂଗ୍ରହ; ସଂକଳନ—4. Collection; gathering up; compilation. ୫ । ସଂକୋଚ—5. Contraction. ୬ । ପ୍ରତ୍ୟାକର୍ଷଣ—6. Mutual attraction. ୭ । ସଂଯମନ; ଦମନ—7. Restraining; checking. ୮ । ବଶୀକରଣ—8. Controlling. ୯ । ବଧ—9. Slaughter. ୧୦ । ଦୁଇ ବସ୍ତୁକୁ ଯୋଡ଼ିବା—10. Joining together of two things. ୧୧ । (+କର୍ତ୍ତୃ. ଅ) ଅଷ୍ଟ ସଂଖ୍ୟକ ଭୈରବବିଶେଷ—11. Name of a class of eight attendants of Siba. [ଦ୍ର—ଏମାନେ କୃଷ୍ଣାଙ୍ଗ, ଚଣ୍ଡ, କ୍ରୋଧୋନ୍ମତ୍ତ, କପାଳୀ ଓ ଭୀଷଣ ଅଟନ୍ତି । ଏମାନେ ଶିବଙ୍କ ସୃଷ୍ଟ ସଂହାରମୂର୍ତ୍ତି ।] ୧୨ । (ଅଧିକରଣ. ଅ) ନରକବିଶେଷ—12. Name of a part of the hell. ୧୩ । ତନ୍ତ୍ରୋକ୍ତ ପୂଜାକାଳୀନ ମୁଦ୍ରାବିଶେଷ, ସଂହାରମୁଦ୍ରା (ଦେଖ)—13. A posture or figure made by the hands and fingers during worship. ଦେ, ବିଣ—
সংহার ନିହତ—Killed. [ଉ—ମହା ବଳିଷ୍ଠ ଅସୁର,
संहार କେମନ୍ତେ ହେବ ସଂହାର—ବିଶ୍ୱନାଥ. ବିଚିତ୍ର ରାମାୟଣ ।]

ସଂହାରକ—ସଂ. ବିଣ. ପୁଂ (ସମ୍+ହୃ ଧାତୁ+କର୍ତ୍ତୃ. ଅକ)—
Samhāraka ୧ । ଧ୍ୱଂସକାରକ—1. Destructive;
(ସଂହାରିକା—ସ୍ତ୍ରୀ) destroying. ୨ । ଯେ ସଂକୋଚନ କରେ—2. Cantracting. ୩ । ବଧକାରୀ—3. Slaughtering. [ଦ୍ର—ଜୟ ଖଳ ଦୂଷଣ ରାବଣସଂହାରୀ—କୃଷ୍ଣସିଂହ. ମହାଭାରତ. ବନପର୍ବ ।]
ସଂହାରକାରୀ, ସଂହାରକାରକ, ସଂହାରୀ } ଅନ୍ୟରୂପ

ସଂହାର କରିବା—ଦେ. କ୍ରି—ସଂହାରିବା (ଦେଖ)
Samhāra kariba Samhāriba (See)
সংহার করা संहार करना

ସଂହାର କାର୍ଯ୍ୟ (କର୍ମ)—ସଂ. ବି—୧ । ଧ୍ୱଂସକ୍ରିୟା—1. Act of
Samhāra kārjya (karma) destruction. ୨ । ଦମନ ବା ନିରୋଧନ—2. The act of controlling or restraining.

ସଂହାର କାଳ—ସଂ. ବି—୧ । ସର୍ବନାଶର ସମୟ—1. A time of
Samhāra kāla ruin. ୨ । ପ୍ରଳୟକାଳ—2. A time of dissolution. ୩ । ଦେଶରେ ମହା ବିପଦ (ଯଥା—ଦୁର୍ଭିକ୍ଷ, ମହାମାରୀ, ଜଳପ୍ଲାବନ, ଅଗ୍ନିଦାହ, ଆଦି)ର ଉପସ୍ଥିତି—3. Time of great calamity (i.e. famine, plague, flood, fire etc)
ସଂହାର ବେଳ(ଳା), ସଂହାର ସମୟ } ଅନ୍ୟରୂପ

ସଂହାରଣୀ—ଗ୍ରା. ବିଣ, ସ୍ତ୍ରୀ (ସଂ. ସଂହାରିଣୀ)—ସଂହାରକାରିଣୀ—
Samhārani (famale) Destroying. (ଉ—
সংহারিনী संहारिनी ସଂହାରଣୀ ପାଳଣୀ ଧାରଣୀ ସଂସାର, ପ୍ରକୃତିକାରଣୀ ସର୍ବ ଭୂତେ ବିସ୍ତାର—ପାଠ୍ୟ. ରହସ୍ୟମଞ୍ଜରୀ ।)

ସଂହାର ମୁଦ୍ରା—ସଂ. ବି—୧ । ପୂଜା ସମୟରେ ଦେବତାଙ୍କ ସନ୍ମୁଖରେ
Samhāra mudrā ପ୍ରଦର୍ଶିତ କରମୁଦ୍ରାବିଶେଷ—1. A particular pose of the fingers used during worship. [ଦ୍ର—ଦୁଇ କରପୃଷ୍ଠକୁ ପରସ୍ପରର ସମ୍ମୁଖୀନ କରି ଉପରୁ ପର ରଖି ଦୁଇ ହାତର ଅଙ୍ଗୁଠିମାନ ଛନ୍ଦିବା ପରେ ଛନ୍ଦା କରପୃଷ୍ଠମାନଙ୍କୁ ବାହାର ଅଡ଼କୁ ବୁଲାଇଦେବା ଦ୍ୱାରା ଯେଉଁ ମୁଦ୍ରା ହୁଏ, ତାହାର ନାମ ସଂହାରମୁଦ୍ରା । ଅର୍ପଣ ଉପଲକ୍ଷରେ ଏହି ମୁଦ୍ରା ବ୍ୟବହୃତ ହୁଏ ।] ୨ । ଭୈରବ ବିଶେଷ—2. Name of a Bhairaba.

ସଂହାର ମୂର୍ତ୍ତି(ରୂପ)—ସଂ. ବି—୧ । ଶିବଙ୍କର ମୂର୍ତ୍ତି ବିଶେଷ; ଯେଉଁ
Samhāra mūrtti(rūpa) ମୂର୍ତ୍ତି ଧାରଣ କରି ମହାଦେବ ସୃଷ୍ଟିକୁ ସଂହାର କରନ୍ତି—1. The form or incarnation of Siba which destroys the Universe. ୨ । (ଲକ୍ଷଣାର୍ଥ) ଭୟଙ୍କର ରୂପ—2. A frightful shape.

ସଂହାରିବା—ଦେ. କ୍ରି—୧ । (ସଂ. ସଂହାର) ସଂହାର କରିବା; ବଧ
Samhāribā କରିବା—1. To kill. (ଉ—ଯେତେ ଗଲେ
সংহার করা ସଂହାରିବା କେମନ୍ତେ, ତାଙ୍କୁ ମାଇଲେ ଗୋବଧ ଲାଗୁଛେ. संहार करना ଉତ୍ତରକାଣ୍ଡ. ମଥୁରାମଙ୍ଗଳ ।) ୨ । (ସଂ. ସଂହରଣ)
ছাড়া ତ୍ୟାଗ କରିବା—2. To give up. ୩ । (କ୍ରୋଧ ଅବଳୁ)
ছাড়ানা ନିବର୍ତ୍ତାଇବା; ଦମନ କରିବା—3. To restrain; to
থামান check. ୪ । (ଦୃଷ୍ଟି) ଫେରାଇବା—4. To turn
रोकना away (one's eyes). (ଉ—ସଂହାରି ନେଇ ତା ବ
ফিরান नजरफिरना ଠଠାରେ ଗୋଲାଗଞ୍ଜନ ଲେଉଟା ଅଣି । ରାଧାନାଥ. ଯଯାତିକେଶରୀ ।)

ସଂହିତ—ସଂ. ବିଣ. ପୁଂ (ସମ୍+ଧା. ଧାତୁ=ଧାରଣ କରିବା+କର୍ମ
Samhita ତ)—୧ । ମିଳିତ—1. Joined together.
(ସଂହିତା—ସ୍ତ୍ରୀ) ୨ । ଏକତ୍ରୀଭୂତ; ରାଶୀକୃତ—2. Heaped
[ସଂଧାନ—ବି] up. ୩ । ସଂଗୃହୀତ—3. Collected. ସଂ.ବି—(ଗଣିତ)+;ଯୋଗ ଚିହ୍ନ—(Mathematics) The sign of addition; the plus sign; +.

ସଂହିତ ପୁଷ୍ପିକା—ସଂ. ବି (ବହୁବ୍ରୀହି; ସଂହିତ+ପୁଷ୍ପ+କ+ସ୍ତ୍ରୀ. ଅ;
Samhita pushpikā ସଂହିତ=ଏକତ୍ରୀଭୂତ ଅଟେ ପୁଷ୍ପ ଯାହାର)—ମିଶ୍ରେୟା; ପାନମହୁରି—Aniseed; Ane-

thum Panmcrium. ବଣ. ସ୍ତ୍ରୀ—ଯନ୍ତ୍ରର ଫୁଲମାନ (ସଂହତ ପୁଷ୍ପକ—ପୁଂ) ପେନ୍ଥା ପେନ୍ଥା ହୋଇଥାଏ—Flowering in clusters.

ସଂହିତା—ସଂ. ବ (ସମ୍‌+ଧା. ଧାତୁ+କର୍ମ. ତ+ଆ)—୧। ନାନା Samhitā ସ୍ଥଳରୁ ସଂଗୃହୀତ ବା ସଂକଳିତ ଗ୍ରନ୍ଥ—1. A compilation. ୨। ମନ୍ୱାଦି ସ୍ମୃତି; ସ୍ମୃତି ଶାସ୍ତ୍ର—2. The compilation or code of law by Manu and others. [ଦ୍ର—ମନ୍ୱାଦି ସମସ୍ତ ସଂହିତାର ସଂଖ୍ୟା କୋଡ଼ିଏ। ଏହି ସ୍ମୃତି ଗ୍ରନ୍ଥମାନଙ୍କର ନାମ, ଯଥା—
୧। ମନୁ, ୨। ଅତ୍ରି, ୩। ବିଷ୍ଣୁ, ୪। ହାରୀତ, ୫। ଯାଜ୍ଞବଲ୍କ୍ୟ, ୬। ଉଶନା, ୭। ଅଙ୍ଗିରା, ୮। ଯମ, ୯। ଆପସ୍ତମ୍ବ, ୧୦। ସମ୍ବର୍ତ୍ତ, ୧୧। କାତ୍ୟାୟନ, ୧୨। ବୃହସ୍ପତି, ୧୩। ପରାଶର, ୧୪। ବ୍ୟାସ, ୧୫। ଶଙ୍ଖ, ୧୬। ଲିଖିତ, ୧୭। ଦକ୍ଷ, ୧୮। ଗୌତମ, ୧୯। ଶାତାତପ, ୨୦। ବଶିଷ୍ଠ।
ଏମାନଙ୍କ ମଧ୍ୟରୁ ମନୁ, ଯାଜ୍ଞବଲ୍କ୍ୟ ଓ ପରାଶରଙ୍କ ସଂହିତାରେ ଲିଖିତ ବର୍ତ୍ତମାନ ଦେଶରେ ପ୍ରଚଳିତ ହେଉଅଛି। ଭୃଗୁଙ୍କ ନାମ ସ୍ମୃତିକାରଙ୍କ ମଧ୍ୟରେ ନ ଥିଲେହେଁ ସେ ଜଣେ ସଂହିତାକାର ଅଟନ୍ତି।] ୩। ବେଦର ଶାଖାବିଶେଷ—3. Vedic texts arranged into codes. ୪। ବୈଦିକ କର୍ମକାଣ୍ଡ—4. The body of religious ceremonies and rites enjoined in the Vedas.

ସଂହୂତି—ସଂ. ବ (ସମ୍‌+ହ୍ୱେ. ଧାତୁ=ଆହ୍ୱାନ କରିବା+ଭାବ. ତି)—Samhūti ହୁଲିରୁ; ବହୁଲୋକଙ୍କର ମିଳିତ ସମକାଳୀନ ଆହ୍ୱାନ; ହୋ—A halloo or loud cry of many persons.

ସଂହୃତ—ସଂ. ଣ (ସମ୍‌+ହୃ ଧାତୁ+କର୍ମ. ତ)—୧। ହୃତସଂହାର; Samhṛuta ବିନାଶିତ—1. Destroyed; annihilated. (ସଂହୃତ—ବ) ୨। ଆକ୍ରାନ୍ତ—2. Attacked. ୩। ସଙ୍କଳିତ; ସଂଗୃହୀତ—3. Collected; compiled. ୪। ସଂଚିତ—4. Stored. ୫। ରୁଦ୍ଧ; ବାଧାପ୍ରାପ୍ତ—5. Obstructed. ୬। ପ୍ରତ୍ୟାହୃତ—6. Drawn towards; withdrawn. ୭। ସଂକୁଚିତ—7. Contracted. ୮। ସଂକ୍ଷିପ୍ତ—8. Abridged. ୯। ଦମିତ; ସଂଯତ—9. Controlled; checked.

ସଂହୃଷ୍ଟ—ସଂ. ବଣ (ସମ୍‌+ହୃଷ୍ଟ)—ସମ୍ୟକ୍ ଆନନ୍ଦିତ—Much plea-Samhṛushta (ସଂହର୍ଷ—ବ) sed; very delighted.

ସଂହ୍ରାଦ—ସଂ. ବ. (ସମ୍‌+ହ୍ରାଦ୍ ଧାତୁ=ଶବ୍ଦ କରିବା+ଭାବ.ଅ)—Samhrāda ଗୋଳମାଳ; ଘୋର ଗର୍ଜ୍ଜନ; ବଡ଼ ପାଟି—Tumult; noise; uproar.

ସଂହ୍ରାଦୀ—ସଂ. ବଣ. ପୁଂ—ଘୋର ଶବ୍ଦଯୁକ୍ତ; ଘୋର ଗର୍ଜ୍ଜନକାରୀ—Samhrādī Tumultuous; uproarious. (ସଂହ୍ରାଦିନୀ—ସ୍ତ୍ରୀ)

ସଂହ୍ରୀଣ—ସଂ. ବଣ (ସମ୍‌+ହ୍ରୀ ଧାତୁ=ଲଜ୍ଜିତ ହେବା+କର୍ତ୍ତୃ. ତ)—Samhrīṇa ୧। ଲଜ୍ଜାଶୀଳ; ଲାଜୁଆ—1. Bashful; coy; (ସଂହ୍ରୀଣା—ସ୍ତ୍ରୀ) modest. ୨। ଲଜ୍ଜିତ—2. Ashamed.

ସଂହ୍ଲାଦ—ସଂ. ବ (ସମ୍‌+ହ୍ଲାଦ୍. ଧାତୁ=ସନ୍ତୁଷ୍ଟ ହେବା+ଭାବ. Samhlāda ଅ)—ଆହ୍ଲାଦ—Delight; joy; exulta-(ସଂହ୍ଲାଦକ—ବଣ) tion; mirth; exhilaration.

ସଃ—ଦେ. ବ (ଇଂରାଜୀ ସାଙ୍କେତିକ)—ସବ୍‌ଡିଭିଜନ୍ ଶବ୍ଦର Sah ସାଙ୍କେତିକ—The abbreviated form of (ସଂ—ଅନ୍ୟରୂପ) Sub-division.

ସଃ ରେଃ(ରେ)—ଦେ. ବ (ଇଂରାଜୀ ସାଙ୍କେତିକ)—ସବ୍ ରେଜିଷ୍ଟ୍ରାର Sah reh(re) ଶବ୍ଦର ସାଙ୍କେତିକ—The abbreviated ସଃ ରେଃ ସଃ ରଃ form of Sub-Registrar.

ସଁ—ଦେ. ଅ (ଧ୍ୱନ୍ୟନୁକରଣ)—୧। କଠିନ ପରିଶ୍ରମଜନିତ ଘନଘନ San ବା ଶର ନିଶ୍ୱାସ ନେବାର ଓ ଛାଡ଼ିବାର ଶବ୍ଦ; ଧଁସଁ—(ସଁଅଁ, ସଁଅଁ ସଁଅଁ, ସଁସଁ—ଅନ୍ୟରୂପ) 1. Sound of hard repeated gaspings due to hard labour ହାଇଁପାଇଁ or exertion. ୨। ଥଣ୍ଡା ବା ଶ୍ୱାସ ଯୋଗୁଁ ନାକବାଟେ ସଁସଁ ଶୁଣାଯିବା ଶବ୍ଦ—2. Sound of repeated nasal breathing of a person suffering from cold or catarrh. ୩। କ୍ରନ୍ଦନଯୁକ୍ତ ଦୀର୍ଘନିଶ୍ୱାସର ଶବ୍ଦ—3. Sound of sighs accompanied with crying. [ଦ୍ର—ସାଇଁ ସାଇଁ, ସୁଁ ସୁଁ, ସେଁ ସେଁ ଇତ୍ୟାଦି ଧ୍ୱନି ଏହି ସଁସଁ ଶବ୍ଦରୁ ଉତ୍ପନ୍ନ ଓ ଏହା ସଙ୍ଗେ ଅଳ୍ପାଧିକ ମାତ୍ରାରେ ପ୍ରାୟ ସମାନ।
ସାଇଁ ସାଇଁ—ସଁସଁଠାରୁ ସ୍ପଷ୍ଟତର ଓ ଦୃଢ଼ତର ଶବ୍ଦ;
ସୁଁ ସୁଁ—ସଁସଁଠାରୁ କ୍ଷୁଦ୍ରତର ଶବ୍ଦ
ସେଁ ସେଁ—ସଁସଁ ଅପେକ୍ଷା ବହୁକାଳ ସ୍ଥାୟୀ ସ୍ୱର।]

ସଁଇଁସଁଇଁ—ଦେ. ଅ (ଧ୍ୱନ୍ୟର୍ଥକ)—ସାଇଁ ସାଇଁ (ଦେଖ)—Sanin sanin Sain sain. (See)

ସଁଗୋତ୍ର(ତ୍ରୀ)—ଗ୍ରା. ବଣ (ସଂ. ସମଗୋତ୍ର ବା ସଗୋତ୍ର)—ଜ୍ଞାତି Sangotra(tri) ଗୋତ୍ରୀୟ (ବ୍ୟକ୍ତି)—Agnate. (ସଅଁଗୋତ୍ର[ତ୍ରୀ]—ଅନ୍ୟରୂପ) ସଗୋତ୍ର(ତ୍ରୀ) **ସଗୋତ୍ର**

ସଁଘା—ପ୍ରାଦେ (ସିଂହଭୂମ୍) ବ—(ଭୂମ. ହ. ସଗାଇ—ଶୂଦ୍ରାଣୀ ବିଧବାର Sangha ବିବାହ; ଦୁଟିଆ—Second marriage of a Sūdra widow. ଦେ. ବ—ସଙ୍ଘା (ଦେଖ)—Sangha. (See)

ସଁଧୂପ—ଗ୍ରା. ବ (ସଂ. ସନ୍ଧ୍ୟା+ଧୂପ)—ସଞ୍ଜ ଧୂପ (ଦେଖ)—San dhūpa Sanja dhūpa. (See) (ସଅଁଧୂପ—ଅନ୍ୟରୂପ)

ସଁପା—ଗ୍ରା. ବ—ସମ୍ପା (ଦେଖ)—Sanpā Sampā (See).

ସଂପି ଦେବା—ଦେ. କ୍ରି—ସମ୍ପି ଦେବା (ଦେଖ)—
Sañpi debā Sampi debā. (See)

ସଂପିବା—ଦେ. କ୍ରି—ସମ୍ପିବା (ଦେଖ)—
Sañpibā Sampibā. (See)

ସଂବାର—ଗ୍ରା ବି (ସଂ. ସୋମବାର)—ସୋମବାର (ଦେଖ)—
Sañbāra Somabāra. (See)
(ସଅଁବାର—ଅନ୍ୟରୂପ)

ସଂବାରିଆ—ଗ୍ରା. ବିଣ—ସୋମବାର ସମ୍ବନ୍ଧୀୟ Relating to
Sañbāriā monday. ଗ୍ରା. ବି. ପୁଂ—ସୋମବାରରେ ଜନ୍ମ
(ସଂବାରି—ସ୍ତ୍ରୀ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଦିଆଯିବା ନାମ—
संवारि A name given to some persons born on
सोमवारि a monday.

ସଂରଜ—ଗ୍ରା. ବି (ସଂ. ସୋମରାଜ)—ସୋମରାଜି (ଦେଖ)—
Sañrāja Somarāji. (See)
(ସଅଁରଜ—ଅନ୍ୟରୂପ)

ସଂହାତି—ଗ୍ରା. ବିଣ (ସଂ. ସୁହୃଦ୍)—ସହାତି (ଦେଖ)—
Sañhāti Sahāti (See)
(ସଂହାତିଆ—ଅନ୍ୟରୂପ)

ସକ୍ (ଖ୍)—ବୈଦେ. ବି. (ଫା. ସକ୍; ହି. ଶକ୍)—୧ । ମନୋଦୁଃଖ
Sak (kh) —1. Grief; sorrow; melancholia.
सक ୨ । ସନ୍ଦେହ—2. Doubt; suspicion. ୩ । (ଫା.
शक ସଉକ୍, ସୌକ୍=ଅଗ୍ରହ; ଝୁଲନ, ସଂ. ଶୌର୍ଯ୍ୟ)—
सख ସଉକ୍; ଅଗ୍ରହ—3. Liking. ୪ । ପସନ୍ଦ—
शौक 4. Choice. ୫ । ଖ୍ୟାତି—5. Celebrity. ୬ ।
पच्छन्द पसन्द ବାବୁଗିରି—6. Foppishness.

ସକ୍ କରିବା—ଦେ. କ୍ରି. (ଅ. ସୌକ)—୧ । ପସନ୍ଦ କରିବା—
Sak karibā 1. To choose; to like. ୨ । ଅଭିଳାଷ
पच्छन्द करना କରିବା—2. To hanker after. ୩ । ସଉକ୍
पसन्द करना କରିବା (ଦେଖ)—3. Sauk karibā (See)
सक करा इच्छा करना सक करा शौक करना

ସକ୍ ବକ୍—ଦେ. ବି—୧ । ଭାଇଲ୍ ମାଇଲ୍; ଭ୍ରମ ଓ ଦୋଷ—
Sak bak 1. Mistake and fault. ୨ । ଅଭାବ
भुल भ्रान्ति भूल दोष ଅସୁବିଧା—2. Want; disadvan-
अभाव असुविधा tage. [ଢ଼—ସକ୍ ବକ୍‌ରେ ପଡ଼ିଲେ ଅଧେ କଥଣ
अभाव असुविधा ଉଛି ଗଲେ ଭୂବ ନାହିଁ ।]
[ସକ୍ ବଅ(ହ)କ୍,ସଅବକଅ (ହ) କ—ଅନ୍ୟରୂପ]

ସକ୍‌ବା—ପ୍ରାଦେ. (ଲରଅ) କ୍ରି. (ସଂ. ଶକ୍ ଧାତୁ)—ପାରିବା;
Sak—bā (କୌଣସି କାର୍ଯ୍ୟ କରିବାକୁ) ସମର୍ଥ ହେବା; ସକିବା—
To be able; (to do a thing.)
[ଢ଼—'ଏ ବାଡ଼ିକି ଡିଆଁଏଲ୍ ସକ୍‌ବେ ?'=ଏ ବାଡ଼ିକୁ
ଡେଇଁ ପାରିବୁ ?]

ସକ୍ ସକ୍—ଦେ. ବି—୧ । ସକାଇ କାନ୍ଦିବା—1. Whimper-
Sak sak ing; cry with restrained or bated
घ्यान घ्यानानो breathings; sobbing cry; cry
सुसुक सुसुक accompanied with restrained sobs.
स'ात सेंते ୨ । ଭୂମିର ଅର୍ଦ୍ରତା—2. Wetness or
कीचड़ dampness of the soil. ଦେ. ବିଣ—୧ । ସକାଇ
घ्यान घेने କାନ୍ଦୁଥିବା—1. Whimpering; crying with
सुसुक सुसुक रोनेवाला bated breath or with res-
स'ात सेंते trained sobs. ୨ । (ସଂ. ସିକ୍ତ) ଅର୍ଦ୍ର—
कीचड वाला, गीला 2. Wet; damp. ୩ । (ଫା. ସୌକ୍)
हाईपाई ଅଗ୍ରହାନ୍ୱିତ; ଲାଳାୟିତ; ହାଇଁପାଇଁ—3. Cove-
लालची tous; extremely eager.

ସକ୍ ସକ୍ ହେବା—ଦେ. କ୍ରି—୧ । ସକାଇ କାନ୍ଦିବା—1. To cry
Sak sak hebā with suppressed sobs; to whim-
घ्यान घ्यान करा per; to snivel. ୨ । (ଫା. ସୌକ୍
सुसुक सुसुक होना =ଅଗ୍ରହ) କୌଣସି ବସ୍ତୁ ବା ବିଷୟ ପାଇଁ
ଅଳି ଲଗାଇ କାନ୍ଦିବା—2. To whimper for
anything; to weep or sob plainti-
लालची होना vely. ୩ । କୌଣସି ବିଷୟ ପାଇଁ ଅଗ୍ରହାନ୍ୱିତ
ବା ଲାଳାୟିତ ହେବା; ହାଇଁପାଇଁ ହେବା—
3. To hanker after anything. ୪ । (ସଂ.
स'ात स'ात करा ସିକ୍ତ) ଅର୍ଦ୍ର ହେବା—4. To be damp.
गिला होना

ସକ୍ ସକା—ଦେ. ବିଣ. ପୁଂ—ଯେ ସକାଇ କରି କାନ୍ଦିବାରେ ଅଭ୍ୟସ୍ତ—
Sak—sakā Given to sobbing cry; habituated
घ्यान घेने to weep with sobs; whimpering;
ठुनकनेवाला (ସକ୍ ସକଅ—ଅନ୍ୟରୂପ) snivelling.
(ସକ୍ ସକି, ସକ୍ ସକା(କେ)ଇ—ସ୍ତ୍ରୀ)

ସକ୍ ସକା(କେ)ଇବା ଦେ. କ୍ରି—ସକ୍ ସକ୍ ହୋଇ କାନ୍ଦିବା;
Sak—sakā(ke)ibā ସକେଇ କାନ୍ଦିବା—To weep or
घ्यान घ्यान करा cry with suppressed sobs; to
सुसुक सुसुक रोना whimper; to whine; to snivel.

ସକ୍ ସକାଣ ଦେ. ବି—ସକାଣ (ଦେଖ)
Sak—sakāṇa Sakāṇa (See)

ସକ୍ ସକିଆ—ଦେ ବିଣ—୧ । (ସଂ. ସିକ୍ତ) ସନ୍ତସନ୍ତିଆ; ଜଳସିକ୍ତ;
Sak—sakiā ଅର୍ଦ୍ର; ଓଦା (ଭୂମି)—1. Damp (soil).
स'ातसे'ते गिला ୨ । ସକ୍‌ସକା (ଦେଖ)—2. Sak-sakā
(See)

ସକ—ବୈଦେ. ବି—ସକ୍ (ଦେଖ)—Sak (See) (ଢ଼—
Saka ଏହାର ମୃତ୍ୟୁ ବିଷୟରେ ଅନ୍ୟପ୍ରକାର ସକ କଥା ଦାଖ-
ଦାବା ନ ଥିବା ଏକ ହସ୍ତୋର୍ଦ୍ଧ ଚେଡ଼ା ଅଧା ଦାଖିଲା
କରିବାକୁ ପଠାଇ ମାମଲା ଖତମ କଲେ—ସର୍ବ ମେ'ରନ.
ଭ୍ରମଣ ଅଠଗଡ଼ ।)

ସକଇ କାନ୍ଦିବା—ଦେ. କ୍ରି—ସକାଇ କାନ୍ଦିବା (ଦେଖ)
Sakai kāndibā Sakāi kāndibā (See)

ସକଇବା—ଦେ. କ୍ରି—ସକାଇବା (ଦେଖ)
Sakaibā Sakāibā (See)

ସକଟ—ସ. ବଣ. (ସ=ସହିତ+କଟ=ଅଧମ; ଶଠ)—ଅଧମ; **Sakaṭa** ଶଠ; ଖଳ (ବ୍ୟକ୍ତି)—Vile; base; abominable; wicked (person). ସଂ. ବି—ଶାଖୋଟ ବୃକ୍ଷ; ଶାହାଡ଼ା ଗଛ—Streblus Asper (tree).

ସକଟା—ପ୍ରାଦେ· (ସମ୍ବଲପୁର) ବି—ଗୁଲୁବାସ (ଦେଖ) **Sakaṭā** Gulubāsa (See) ଦେ· ବି—ଶକଟା (ଦେଖ)—Śakaṭā (See)

ସକଟାନ୍ନ—ସ. ବି. (ସକଟ=ଅଧମ+ଅନ୍ନ)—ଅଶୁଦ୍ଧ ଅନ୍ନ—**Sakaṭānna** Defiled or impure food.

ସକଣ୍ଟକ—ସ. ବଣ. (ସହାର୍ଥ ବହୁବ୍ରୀହି; ସ=ସହ, ସହିତ+କଣ୍ଟକ)-**Sakanṭaka** ୧ । କଣ୍ଟାଳିଆ; କଣ୍ଟକଯୁକ୍ତ—1. Thorny; (କ୍ଲୀବ—ବିପରୀତ) prickly. ୨ । (ଲକ୍ଷଣାର୍ଥ) ବାଧାଯୁକ୍ତ—2. (figurative) Set with obstacles. ୩ । (ଲକ୍ଷଣାର୍ଥ) ଶତ୍ରୁ ବେଷ୍ଟିତ—3. (figurative) Infested or surrounded by enemies. [ଯଥା—ସକଣ୍ଟକ ରାଜ୍ୟ ଭୋଗ ।] ସ. ବି—(ବୈଦ୍ୟକ)—୧ । ସୂକ୍ଷ୍ମ କଣ୍ଟକବତ ଅଂଶୁ ବିଶିଷ୍ଟ ଜଳୀୟ ଶାକ ବିଶେଷ; ଶୈବାଳ—1. Valisneria of several species; Conferia; moss. ୨ । କରଞ୍ଜ ବିଶେଷ; ପୂତି କରଞ୍ଜ; ବଟଫୋଲ—2. A species of thorny Karañja tree; Cæsalpinia Bonducella. ୩ । ଡଙ୍ଗା କରଞ୍ଜ; କରଡା କୋଳି; କରମର୍ଦ୍ଦ—3. A thorny plant; Carissa Carandas.

ସକ(ଖ)ତ୍—ବୈଦେ. ବଣ ଓ କ୍ରି. ବଣ. (ଅ. ସଖ୍ତ୍)—ଅତ୍ୟନ୍ତ; **Saka(kha)t** शक्त सख्त. ଶକ୍ତ;ଭାରି—Very; much.

ସକର—ସ. ବଣ. ପୁଂ. (ସହାର୍ଥ ବହୁବ୍ରୀହି; ସ=ସହ, ଯୁକ୍ତ+କର=ହସ୍ତ) **Sakara** —୧ । ହସ୍ତଯୁକ୍ତ—1. Having hands; armed; (ସକରା—ସ୍ତ୍ରୀ) furnished with arms. ୨ । ରାଜସ୍ୱଯୁକ୍ତ; (କ୍ଲୀବ—ବିପରୀତ) ଯାହା ପାଇଁ କର ବା ରାଜସ୍ୱ ଦେବାକୁ ହୁଏ (ଭୂମି)—2. (land) For which rent or revenue is payable. ୩ । ଶୁଣ୍ଢଯୁକ୍ତ—3. Having a trunk (like an elephant). ୪ । କିରଣ ବିଶିଷ୍ଟ—4. Having rays.

ସକରୁଣ—ସ.ବଣ.ପୁଂ. (ସହାର୍ଥ ବହୁବ୍ରୀହି; କରୁଣା ସହିତ ବର୍ତ୍ତମାନ)—**Sakaruṇa** ୧ । କରୁଣାଯୁକ୍ତ; କରୁଣାଶୀଳ; ଦୟାଳୁ—(ସକରୁଣା—ସ୍ତ୍ରୀ) 1. Kind; having pity. ୨ । ଯାହା (କ୍ଲୀବରୁଣ—ବିପରୀତ) ଦର୍ଶକର ବା ଶ୍ରୋତାର ମନରେ କରୁଣାର ବା ଦୟାର ଉଦ୍ରେକ କରେ; କାରୁଣ୍ୟ ମୂର୍ତ୍ତି—2. Pitiful; pitiable; compassionate; exciting pity or compassion.

ସକରୁଣ ସ୍ୱର—ସ. ବି—କାରୁଣ୍ୟ ବ୍ୟଞ୍ଜକ ସ୍ୱର; ଯେଉଁ ସ୍ୱରକୁ ଶୁଣିବା **Sakaruṇa swara** ବ୍ୟକ୍ତିଙ୍କ ମନରେ କରୁଣା ଜନ୍ମେ—Pitiful voice.

ସକର୍ଣ୍ଣ—ସ. ବଣ. ପୁଂ. (ସହାର୍ଥ ବହୁବ୍ରୀହି; ସ+କର୍ଣ୍ଣ)—୧ । ଶ୍ରବଣ-**Sakarṇna** ଶୀଳ; ଶୁଣିବା ତତ୍ପର—1. Ready to hear. (ସକର୍ଣ୍ଣା—ସ୍ତ୍ରୀ) ୨ । କର୍ଣ୍ଣଯୁକ୍ତ—2. Having ears.

ସକର୍ମକ—ସ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+କର୍ମ+କ)—**Sakarmaka** ୧ । କର୍ମ ସମନ୍ୱିତ; କର୍ମଯୁକ୍ତ—1. Having (ସକର୍ମିକା—ସ୍ତ୍ରୀ) work; engaged. ୨ । (ବ୍ୟାକରଣ) ଯେଉଁ କ୍ରିୟାର କର୍ମ ଥାଏ—2. (grammar) Having an object; governing an object; transitive (verb).

ସକର୍ମକ କ୍ରିୟା—ସ. ବି. (ବ୍ୟାକରଣ)—ଯେଉଁ କ୍ରିୟା କୌଣସି **Sakarmaka kriyā** କର୍ମକୁ ଅନ୍ୱିତ କରେ—(grammar) Transitive or active verb. [ଦ୍ର—କ୍ରିୟା ତିନି ପ୍ରକାରର; ଯଥା—ସକର୍ମକ, ଦ୍ୱିକର୍ମକ ଓ ଅକର୍ମକ । ସକର୍ମକ ଯଥା—ରାମ ଭାତ ଖାଉଛି । ଦ୍ୱିକର୍ମକ—ମାଆ ରାମକୁ ଭାତ ଖୁଆଉଛନ୍ତି । ଅକର୍ମକ—ରାମ ଶୋଇଅଛି ।]

ସକଳ—ସ. ବଣ. ପୁଂ. (ସହାର୍ଥ ବହୁବ୍ରୀହି; ସ=ସହିତ+କଳା=**Sakala** ଅଂଶ; ଯାହା ସମସ୍ତ କଳା ସହିତ ବର୍ତ୍ତମାନ, ଅର୍ଥାତ୍ (ସକଳା—ସ୍ତ୍ରୀ) ଯହିଁରୁ କୌଣସି ଅଂଶ ନ୍ୟୂନ ହୋଇ ନ ଥାଏ)—(କେବଳ, କ୍ଲୀବଳ—ବିପରୀତ) ୧ । ସବୁ; ସମସ୍ତ—1. All. ୨ । ନିଖିଳ; ସମଗ୍ର; ସମୁଦାୟ—2. Whole. ୩ । ସଂପୂର୍ଣ୍ଣ—3. Full; entire. [ଦ୍ର—'ସକଳ' ଶବ୍ଦ ଓଡ଼ିଆ ଭାଷାରେ ବିଶେଷ୍ୟର ପୂର୍ବରେ ଓ ପରେ ଉଭୟ ସ୍ଥାନରେ ପ୍ରଯୁକ୍ତ ହୁଏ । ଯଥା—'ସକଳ ବନ୍ଧୁ ଉପସ୍ଥିତ ଥିଲେ' ଓ 'ବନ୍ଧୁ ସକଳ ଉପସ୍ଥିତ ଥିଲେ' । ମାତ୍ର ଏଥିରେ ଅର୍ଥର ସାମାନ୍ୟ ପାର୍ଥକ୍ୟ ସୂଚିତ ହୁଏ । 'ବନ୍ଧୁ ସକଳ' କହିଲେ ସାଧାରଣ ଭାବରେ ବନ୍ଧୁମାନେ ବା କେତେକ ବନ୍ଧୁ ବୁଝି ଯାଏ; କିନ୍ତୁ 'ସକଳ ବନ୍ଧୁ' କହିଲେ ବନ୍ଧୁମାନେ ସମସ୍ତେ—କେହି ବାଦ୍ ପଡ଼ି ନାହାନ୍ତି, ଏହି ଅର୍ଥ ବୁଝାଯାଏ ।] ୪ । (ସହାର୍ଥ ବହୁବ୍ରୀହି; କଳା=ସୂକ୍ଷ୍ମ କାରୁକାର୍ଯ୍ୟ ସହିତ ବର୍ତ୍ତମାନ)—ସୂକ୍ଷ୍ମ କାରୁକାର୍ଯ୍ୟବିଶିଷ୍ଟ; ସୂକ୍ଷ୍ମ ଶିଳ୍ପଯୁକ୍ତ—4. Artistic; having fine sculpture. ୫ । କଳାଯୁକ୍ତ (ଚନ୍ଦ୍ର)—5. (moon) With digits. [ଦ୍ର—ସୁରଙ୍କୁ ବାରୁଣୀ ସେବା କରାଇଲ ବଳେ, ସକଳ ହୋଇ ରୁଚର ଅଖଣ୍ଡ ମଣ୍ଡଳେ । ଭଞ୍ଜ ପ୍ରେମସୁଧାନିଧି ।]

ସକଳଙ୍କ—ସ. ବଣ. ପୁଂ. (ସହାର୍ଥ ବହୁବ୍ରୀହି)—୧ । କଳଙ୍କଯୁକ୍ତ; **Sakalanka** ଦାଗ ଥିବା; ଦାଗ ବିଶିଷ୍ଟ—1. Full of (ସକଳଙ୍କା—ସ୍ତ୍ରୀ) stains; stained. ୨ । କଳଙ୍କିତ—(କ୍ଲୀବଳଙ୍କ—ବିପରୀତ) 2. Contaminated; defiled.

ସକଳ ପ୍ରିୟ—ସ. ବି. (ଷଷ୍ଠୀ ତତ୍)—(ବୈଦ୍ୟକ)—ଚଣା; ବୁଟ; **Sakala priya** ଚଣକ—Gram; chickpea. (ଅନ୍ୟ ସଂସ୍କୃତ ନାମ—ଚଣକ, ହରିମନ୍ଥ) ହୋଲା चना, चेना, बुँट ପା. ନକୁଦ୍, ଅ· ହୁମସ୍, ତେ· ଶନଗାଲୁ

ସକଲେ—ଦେ, ସବ. ବହୁବଚନ—୧ । ସମସ୍ତେ—1. All. ୨ ।
Sakale ସମସ୍ତ ବ୍ୟକ୍ତି—2. All persons.
সকালি সকলে सबआदमीओं, सबकोइ

ସକଳ୍ପନ—ଦେ. ବି—(ଅଧ୍ୟାପକ ଶ୍ରୀ ବିପିନ ବିହାରୀ ରାୟଙ୍କ ଉଦ୍ଭାବିତ
Sakalpana 'ଉଦ୍‌ଭାବନ' ର ପାରିଭାଷିକ ଶବ୍ଦ) (ନ୍ୟାୟଦର୍ଶନ)
কল্পিত कल्पित କଳ୍ପିତ—(Logic) Hypothetical.

ସକଳ୍ପନ ବାକ୍ୟ—ଦେ. ବି (ନ୍ୟାୟ)—କଳ୍ପିତ ବାକ୍ୟ—(Logic)
Sakalpana bakya Hypothetical sentence.
কল্পিতবাক্য कल्पितवाक्य

ସକଲ୍ୟାଣ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି)—କଲ୍ୟାଣଯୁକ୍ତ—
Sakalyāṇa Prosperous; blissful.
(ସକଲ୍ୟାଣା—ସ୍ତ୍ରୀ)

ସକ(ଖ)ସ—ଦେ. ବି. (ଫା. ସଖ୍ସ୍=ବ୍ୟକ୍ତି)—୧ । ଶକ୍ତିଶାଳୀ
Saka(kha)s ବ୍ୟକ୍ତି—1. Powerful person. ୨ ।
শক্তিমন্ত লোক, সকস. मजबुतआदमि ବଳୁଆ ବ୍ୟକ୍ତି—
2. Strong person. [ଭ୍ରି-ମୋ ବସ୍ତ୍ର ସକସ୍]
୩ । ଧୈର୍ଯ୍ୟଶାଳ ବ୍ୟକ୍ତି—3. Patient man. [ଯଥା—
ଭଲୀ ସକସ ହେଲେ ସୁଦା, ତା କଥାରେ ବିରକ୍ତ ହେବ ।]
୪ । ଧୈର୍ଯ୍ୟ—4. Patience. ୫ । ଶାରୀରିକ ବଳ;
ସମତା—5. Strength; power.

ସକା—ଦେ. ବି—ସକାଇ କାନ୍ଦିବା—Cry accompanied
Sakā by suppressed sobs; whimper; sni-
ঘ্যান ঘ্যান ठनकना velling. ଦେ. ବିଣ. ପୁଂ—
ଯେଉଁ ବ୍ୟକ୍ତି ସକ୍ ସକ୍ ହୋଇ କାନ୍ଦେ; ସକାଇ
ছিঁচ কাঁদুনে सुसुक सुसुक रोने वाला କାନ୍ଦୁଥିବା—Given
[ସକା(କେ)ଈ—ସ୍ତ୍ରୀ] to crying with suppressed
sobs; whimpering; snivelling.

ସକା(କେ)ଇ କାନ୍ଦିବା—ଦେ. କ୍ରି—ସକ୍ ସକ୍ ହୋଇ କାନ୍ଦିବା; ଘନ
Sakā(ke)i kāndibā ଘନ ରୁଦ୍ଧ ନିଃଶ୍ୱାସ ତ୍ୟାଗପୂର୍ବକ
নাকেকাঁদা सुसुक सुसुक रना କାନ୍ଦିବା—To cry
ସକା(କେ)ଇବା—ଅକର୍ମକ with restrained or suppressed
sobs; to whimper; to snivel. [ଭ୍ରି—ଭୂଇଁ
ବସି ସକାଇ କାନ୍ଦୁ ଅଛୁ କେତେ ।
— କୃଷ୍ଣସିଂହ. ମହାଭାରତ. ବିରାଟ]

ସକା(କେ)ଈ—ଦେ. ବିଣ. ସ୍ତ୍ରୀ—ସକେଇ ସକେଇ କାନ୍ଦୁଥିବା (ସ୍ତ୍ରୀ)—
Sakā(ke)ī Whmipering (woman).
ছিচকাঁদুনে सुसुक सुसुक रोने वाली

ସକା(କେ)ଈ ନାନୀ—ଦେ. ବି. ସ୍ତ୍ରୀ (ବ୍ୟଙ୍ଗ)—ଯେଉଁ ବାଳିକା ସକେଇ
Sakā(ke)ī nāni କାନ୍ଦେ--A girl given to sobbing
ছিচ কাঁদুনী ठनकीलड़की cry; a whimpering girl.

ସକାଣ—ଦେ. ବି—ସକା କାନ୍ଦଣା; ସକାଇ କାନ୍ଦିବା—Weeping
Sakāṇa accompanied by suppressed sob-
নাকেকান্না सुसुक सुसुक रोना bings; whimpering.

ସକାମ—ସ. ବିଣ. ପୁଂ (ସହାର୍ଥ. ବହୁବ୍ରୀହି; କାମ=କାମନା ସହିତ
Sakāma ବର୍ତ୍ତମାନ)—୧ । କାମନାଯୁକ୍ତ; ବାସନାଯୁକ୍ତ;
(ସକାମା—ସ୍ତ୍ରୀ) ଅଭିଳାଷ (ବ୍ୟକ୍ତି)—(ଯଥା—ସକାମ ଗୃହସ୍ଥ)
(ନିଷ୍କାମ, ଅକାମ—ବିପରୀତ)—1. Having desires; having an ultimate object in mind. ୨ ।
ଯାହା ଫଳ କାମନାପୂର୍ବକ କରାଯାଏ—2. (a work)
Done with some ultimate motive or
end in view. ୩ । କାମୀ—3. Lustful. ୪ ।
ସନ୍ତୁଷ୍ଟ—4. Content; satisfied. ୫ । ସୁଖୀ—
5. Happy.

ସକାମ କର୍ମ (ର୍ମ୍ମ)—ସ ବି. (କର୍ମଧା)—ଯେଉଁ କର୍ମ କୌଣସି ବିଶେଷ
Sakāma karma (rmma) ଫଳଲାଭ କରିବା ଉଦ୍ଦେଶ୍ୟରେ
କରାଯାଏ—A work done with some ultimate motive or aim or object in view;
act done for gaining some difinite object.

ସକାମ ଧର୍ମ (ର୍ମ୍ମ)—ସଂ. ବି. (କର୍ମଧା)—ଯେଉଁ ଧର୍ମସାଧନରେ
Sakāma dharma (rmma) ସାଧକର ଫଳଲାଭର ଆଶା
(ନିଷ୍କାମ ଧର୍ମ—ବିପରୀତ) ଥାଏ—Religion or conduct
in the observance of which the
devotee has some ulterior object in
view.

ସକାରାଦି(ଦ୍ୟ)—ସ. ବିଣ (ବହୁବ୍ରୀହି; ସକାର='ସ' ଅକ୍ଷର
Sakārādi(dya) ଆଦିରେ ବା ଆଦ୍ୟରେ ଯାହାର)—ଯେଉଁ
ଶବ୍ଦର ଆଦ୍ୟରେ 'ସ' ଅକ୍ଷର ଥାଏ—(Word)
Beginning with the letter 'S'.

ସକାରାନ୍ତ—ସ. ବିଣ. (ବହୁବ୍ରୀହି; ସକାର='ସ' ଅକ୍ଷର ଅନ୍ତରେ
Sakārānta ଯାହାର)—ଯେଉଁ ଶବ୍ଦର ଶେଷରେ 'ସ'
ଅକ୍ଷର ଥାଏ—(Word) Ending with the
letter 'S'.

ସକାଲ—ପ୍ରାଦେ. (ସମ୍ବଲପୁର) ବି.—ସକାଳ (ଦେଖ)—
Sakāl Sakāla (See)

ସକାଳ—ସ. ବିଣ. (ସହାର୍ଥ ବହୁବ୍ରୀହି)—ସମୟୋପଯୋଗୀ—
Sakāla Seasonable; opportune (Apte) ସ. କ୍ରି.
ବିଣ—୧ । ଉପଯୁକ୍ତ ସମୟରେ—1. Seasonably
(Apte). ୨ । ପ୍ରତ୍ୟୁଷରେ—2. Early in the
morning (Apte). ୩ । ଶୀଘ୍ର—3. Betimes
(Apte). ଦେ. ବି (ସ. ସଦ୍ୟଃ କାଳ)—୧ । ପ୍ରାତଃକାଳ
—1. Morning. ୨ । ପୂର୍ବାହ୍ଣ—2. Forenoon.
প্রাত, সকাল, প্রাতঃকাল ଦେ. ବିଣ.—ପୂର୍ବାହ୍ଣରେ କୃତ ବା
सुबह, सवेर ଅନୁଷ୍ଠିତ—Done or held in the
forenoon. [ଭ୍ରି—ସକାଳ ସ୍କୁଲ; ସକାଳ
ଭୋଜି]

ସକାଳ ଓଳି—ଦେ. ବି—ସକାଳ ବେଳା (ଦେଖ)—
Sakāḷa oḷi Sakāḷa beḷā (See)
সকালবেলা सुबह

ସକାଳ ଖିଆ—ଦେ. ବି—ପ୍ରାତର୍ଭୋଜନ—Breakfast. ଦେ· ବିଣ—ପ୍ରାତର୍ଭୋଜୀ; ଯେଉଁ ଲୋକର ସକାଳେ ଖାଇବା ଅଭ୍ୟାସ—Habituated to taking meals early in the morning. (ଯଥା—ସକାଳ ଖିଆ ଲୋକର ଅଙ୍କ ମୁଣ୍ଡ ଉପରୁ ବେଳ ଗଡ଼ଲଣି, ଏତେବେଳଯାଏ ଖାଧୁଅ ହୋଇ ନାହିଁ ।)
Sakāḷa khiā
সকালবেলা খাওয়া
सुबहका खाना
যে সকালে খায়
सुबहमें खानेवाला
(ସକାଳ ଖାଇବା—ଅନ୍ୟରୂପ)

ସକାଳ ଗାଧୁଆ—ଦେ· ବି-ପ୍ରାତଃସ୍ନାନ—Morning bath. (ଉ—ସକାଳ ଗାଧୁଆ ପଖାଳ ଖିଆ, ବଡ଼ରେ ଯେବେ ଯାଏ । ଭଗ ।) ଦେ. ବିଣ—ପ୍ରାତଃସ୍ନାୟୀ; ସକାଳେ ଗାଧୋଉଥିବା (ବ୍ୟକ୍ତି)—Taking bath early in the morning.
Sakāḷa gādhuā
সকাল নাওয়া
सुबह स्नान
সকাল নাওয়া सुबहस्नान करनेवाला

ସକାଳ ପଖାଳ—ଦେ. ବି—ପ୍ରତ୍ୟୁଷରେ ପଖାଳଭତ ଭୋଜନ—Taking stale watered rice early in the morning.
Sakāḷa pakhāḷa
সকালবেলা পান্তাভাত খাওয়া सुबह पक्खाल खाना

ସକାଳ ପବନ—ଦେ. ବି—ପ୍ରାତାକାଳୀନ ବାୟୁ; ପ୍ରତ୍ୟୁଷରେ ବହୁଥିବା ମୃଦୁ ଶୀତଳ ବାୟୁ—Morning breeze.
Sakāḷa pabana
সকালের হাওয়া सुबहकी हवा

ସକାଳ ପାଇ(ହି)ବା—ପ୍ରାଦେ (ଗଡ଼ଜାତ) ବି—ପ୍ରାତଃକାଳ ହେବା; ସୁବ ପାହିବା—Day-break; the breaking of day.
Sakāḷa pāi(hi)bā

ସକାଳ ବରଷା—ଦେ· ବି—ସକାଳ ହେବା ସଙ୍ଗେ ସଙ୍ଗେ ବା ତତ୍ପୂର୍ବରୁ ଆରମ୍ଭ ହୋଇଥିବା ଝଡ଼ ବା ବର୍ଷା—A shower of rain or storm begun along with daybreak.
Sakāḷa barashā
সকাল বৃষ্টি
सुबह बर्षा
(ସକାଳ ଝଡ଼—ଅନ୍ୟରୂପ)

ସକାଳ ବେଳ(ଳା)—ଦେ. ବି—ପୂର୍ବାହ୍ଣ—Fore noon.
Sakāḷa beḷa(ḷa)
সকালবেলা सुबहका समय

ସକାଳ ମଣିଷ—ଦେ. ବି—ଯେଉଁ ବ୍ୟକ୍ତି ସକାଳୁ ଅସିବାର କଥା—A man who is expected in the morning. (ଯଥା—ସକାଳ ମଣିଷ ଅସି ବନ ବପହରେ ପହଞ୍ଚୁଛି ।)
Sakāḷa maṇisha
সকালের লোক
सुबहआनेवाला आदमि

ସକାଳ(ଳେ) ସକାଳ(ଳେ)—ଦେ. ଅ—୧ । ଅତି ପ୍ରତ୍ୟୁଷରେ—1. Early in the morning. ୨ । ଅତି ଶୀଘ୍ର—2. Very soon.
Sakāḷa(ḷe) Sakāḷa(ḷe)
সকাল সকাল सुबहसे, सुबह

ସକାଳୁ(ଳୁ)—ଦେ· ଅ—୧ । ପ୍ରାତଃକାଳରୁ—1. From the morning. ୨ । ପ୍ରାତଃକାଳରେ—2. In the morning.
Sakāḷu(ḷuṅ)
সকালে सुबहसे

ସକାଳୁଆ—ଦେ. ବି—ପ୍ରାତଃକାଳ—Morning. ଦେ. ବିଣ—୧ । ପ୍ରାତଃକାଳୀନ—1. Held or happening in the morning. ୨ । ପୂର୍ବାହ୍ଣକାଳୀନ—2. Held in the forenoon.
Sakāḷuā
সকাল सुबह
সকালের सुबहका

ସକାଳୁଆ ଅଫିସ୍(ସି)—ଦେ. ବି—ଗ୍ରୀଷ୍ମକାଳରେ ପୂର୍ବାହ୍ଣରେ ବସିବା କାର୍ଯ୍ୟାଳୟ—Morning office.
Sakāḷuā aphis(si)
সকাল আফিস सुबहका आफिस

ସକାଳୁଆ ଇସ୍କୁଲ—ଦେ. ବି—ଗ୍ରୀଷ୍ମକାଳରେ ପୂର୍ବାହ୍ଣରେ ବସିବା ବିଦ୍ୟାଳୟ—Morning school.
Sakāḷuā iskula
সকাল ইস্কুল सुबहका स्कूल
(ସକାଳ ଇସ୍କୁଲ, ସକାଳ ସ୍କୁଲ, ସକାଳୁଆ ସ୍କୁଲ—ଅନ୍ୟରୂପ)

ସକାଳୁଆ କଚ(ଚେ)ରି—ଦେ· ବି—୧ । ଗ୍ରୀଷ୍ମକାଳରେ ପୂର୍ବାହ୍ଣରେ ବସିବା ବିଚାରାଳୟ—Morning court. (ସକାଳ କଚ(ଚେ)ରି—ଅନ୍ୟରୂପ) ୨ । ସକାଳୁଆ ଅଫିସ୍ (ଦେଖ) 2. Sakāḷuā aphis. (See)
Sakāḷuā kachi(che)ri
সকাল কাচারী सुबहकी कचहरी

ସକାଳୁଆ ଖରା—ଦେ. ବି—ସୂର୍ଯ୍ୟୋଦୟର ଅଳ୍ପ ସମୟ ପରେ ହୋଇଥିବା ତୀକ୍ଷ୍ଣ ଖରା—Strong rays of the sun felt on some days soon after sunrise.
Sakāḷuā kharā
সকালবেলার রোদ
सुबहकी धूप

ସକାଳେ—ଦେ. ଅ—୧ । ପ୍ରାତଃକାଳରେ—1. In the morning. ୨ । (ବଙ୍ଗଳାରୁ ଅନୁକୃତ) ଶୀଘ୍ର—2. Soon. ୩ । (ବଙ୍ଗଳାରୁ ଅନୁକୃତ) ନିରୂପିତ କାଳ ଅପେକ୍ଷା ଚଞ୍ଚଳ—3. Earlier than usual
Sakāḷe
সকালে
सुबहमे

ସକାଶ—ସଂ. ବି. (ସ=ସହିତ+କାଶ୍ ଧାତୁ=ଦୀପ୍ତି ପାଇବା+ଅ)—ସାମୀପ୍ୟ; ନିକଟବର୍ତ୍ତିତା—Proximity; vicinity (Apte). ସଂ. ବିଣ—୧। କାଶ (ଗୁଳ୍ମ ଓ ଫୁଲ) ଯୁକ୍ତ—2. Having Kāsa (plant and flower). ୨ । (ଅମୁକ) ପରି ଦେଖା ଯାଉଥିବା—2.Having the appearance of (Apte). ୩ । ଦୃଶ୍ୟ—3. Visible (Apte). ୪ । ନିକଟ—4. Near (Apte). ୫ । ଉପସ୍ଥିତ; ବର୍ତ୍ତମାନ—5. Present (Apte). ଦେ ଅ—୧ । ନିକଟକୁ—1.To;near. [ଉ—ମୁଁ ଉତ୍ତର= ସକାଶ ପେରିତ ହୋଇଅଛି ।] ୨ । ସକାଶାତ୍; ନିକଟରୁ—2. From. (ଉ—ସର୍ବ ପୁରାଣ ଇତିହାସ; ଶୁଣିଲି ତୁମ୍ଭର ସକାଶ ।—ଜଗନ୍ନାଥ· ଭାଗବତ) ୩ । ନିମିତ୍ତ; ପାଇଁ (ବାବୁଆ ଚଳ)—3. For.
Sakāsa
(ସକାଶେ—ଅନ୍ୟରୂପ)

ସକାଶରୁ—ଦେ. ଅ. (ସ ସକାଶାତ୍)—ଯୋଗୁ; ହେତୁରୁ—Owing to; on account of; for. (ଉ—ତୁମ୍ଭ ସକାଶରୁ ବ୍ରାହ୍ମଣେ ପଡ଼ନ୍ତି—କୃଷ୍ଣସିଂହ· ମହାଭାରତ. ବନ ।)
Sakāsaru
জন্যে कारणसे

ସକାଶାତ୍—ସଂ. ଅ—୧ । (ଅମୁକର) ନିକଟରୁ—1. From; from the presence of (Apte). [ଯଥା—ତାଙ୍କ ସକାଶାତ୍ ମୁଁ ଏ ସମ୍ବାଦ ପ୍ରାପ୍ତ ହେଲି ।] ୨ । ନିକଟରେ—2. Near (Apte . ଦେ. ଅ—ସକାଶୁ (ଦେଖ)—Sakāsu See)
Sakāsāt
କାଛଥେକେ
ସେ

ସକାଶୁ (ଶୁଁ, ଶେ)—ଦେ. ଅ (କାରଣସୂଚକ)—୧ । ଯୋଗୁଁ; ହେତୁ—1. Owing to; by reason of, [ଉ—ମାଳଗା ନଗରର ସକାଶୁଁ ସେ ଅଶ୍ରମ ହୋଇଣ ଅଛି ଅତି ମନୋହର ଧାମ—କୃଷ୍ଣ-ସିଂହ. ମହାଭାରତ. ବନ ।) ୨। କାରଣରୁ —2. Due to; resulting from. [ଯଥା—ଗୃହସ୍ଥର ଅସାବଧାନତା ସକାଶୁଁ ଘରେ ନିଆଁ ଲାଗିଗଲା ।] ୩ । ଯେଣୁ; ପାଇଁ; ନିମିତ୍ତ; ନିମନ୍ତେ—3. For. (ଉ—ଏହି ସକାଶରୁ ଯେ ନ ବସିଲି ତାଳ—କୃଷ୍ଣସିଂହ. ମହାଭାରତ ଅଦି ।) ୪ । ଉଦ୍ଦେଶ୍ୟରେ—4. With the object of. (ଉ—ସେ ତ ସକାଶୁଁ ଏଠାକୁ ଅସିଛ ।) ୫ । ଅଭିପ୍ରାୟରେ—5. With the intention of. (ଯଥା—ତୁମ୍ଭଙ୍କୁ ସାହାଯ୍ୟ କରିବା ସକାଶେ ମୁଁ ଏ ସାଙ୍ଗ ନେଇ ଅଛି ।) ୬ । ନିକଟରୁ—6. From.
Sakāsu (sun, se)
ଜନ୍ୟ, ଜନ୍ୟି, ଜନ୍ୟେ
बदौलत
(ସକାଶରୁ—ଅନ୍ୟରୂପ)

ସକାଶେ—ଦେ. ଅ (ସଂ. ସକାଶ)—୧ । ସକାଶୁ (ଦେଖ)—1. Sakāsu (See). ୨ । ନିକଟରେ; ପାଖରେ—2. Near. (ଉ—ଭୃଷ୍ଟା-ପଣ ଦେଖି ଏ ଦଣ୍ଡ ବହିଲେ କହିଲେ ଲୋକ ସକାଶେ—ରାଧାନାଥ. ପାର୍ବତୀ ।) ୩ । ପାର୍ଶ୍ୱରେ; ପାଖରେ—3. By the side of. (ଉ—ମୁହୂର୍ତ୍ତି ଅନ୍ତରେ ହେଲେ ଉପନିତ ଯାଇ ନୃପତି ସକାଶେ—ଚନ୍ଦ୍ରାମଣି. ଜନମାଦତ୍ୟ ।)
Sakāse ଜନ୍ୟେ बदौलत
সকাশে
नजदीकमें

ସକି—ଦେ. ଦେ. ବିଣ (ଅ. ସକ୍)—୧ ସଉକି (ଦେଖ)—1. Sauki (See). ୨। ଶରସ ପ୍ରକୃତିର; ଅଭିମାନୀ;ଯେ ସାମାନ୍ୟ କଥାରେ ମନରେ ଦୁଃଖ କରେ; —2. Of sad temperament; prone to take offence. ୩। ସନ୍ଦେହାନ ପ୍ରକୃତିବିଶିଷ୍ଟ—3. Suspicious.
Saki
অভিমানী
सकी

ସକୁକ୍ଷି—ସଂ ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସ=ସମାନ ଅଟେ କୁକ୍ଷି=ମାତୃଗର୍ଭ ଯାହାଙ୍କର)—ଏକମାତାଙ୍କ ଗର୍ଭରୁ ଉତ୍ପନ୍ନ (ଭାଇ ବା ଭଉଣୀ)—Uterine;born of the same mother (Apte).
Sakukshi

ସକୁର୍ଡି—ଦେ. ବି ଓ ବିଣ—ସଙ୍କୁର୍ଡ଼ି (ଦେଖ) Sankurdi (See)
Sakurdi

ସକୁରଣ୍ଡ—ସଂ. ବି (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷ—A kind of wild tree. (ଦ୍ର-ବୈଦ୍ୟକ ମତରେ ଏହା କଷା, ଷଡକ,ତୁବରକର, ସାରକ, ଲଘୁ, ଶ୍ଳେଷ୍ମନାଶକ । ଏହାଦ୍ୱାରା ବସ୍ତ୍ର ରଞ୍ଜନ କରାଯାଏ ।)
Sakuranda
ଅନ୍ୟ ସଂ-ନାମ—ଗ୍ରନ୍ଥିଫଳ, ବିକଟ, ବସ୍ତ୍ରଭୂଷଣ, କୁରୁଣ୍ଟ, ବର୍ବରି ଫଳ
সাকুরুণ্ড ମ. ସାଖୁରୁଣ୍ଡ

ସକୁଳ—ସଂ. ବି—୧ । (ଶକ ଧାତୁ+କଉଳ୍.ଉଣ୍ଡ; ନିପାତନ)—ଶକୁଳ ମତ୍ସ୍ୟ; ଶେଉଳ ମାଛ—1. Ophecephalus Striatus; a kind of fish. ୨ । (ସ=ସମାନ ଅଟେ କୁଳ ଯାହାର)—ଏକବଂଶରେ ଜାତ ବ୍ୟକ୍ତି; କୁଟୁମ୍ବୀ ବ୍ୟକ୍ତି—2. A kinsman (Apte). ସଂ. ବିଣ. ପୁଂ—(ବହୁବ୍ରୀହି; ସ+କୁଳ)—୧ । ଏକ ପରିବାରର (ବ୍ୟକ୍ତି)—1. Of the same family (Apte). ୨ । ସତ୍କୁଳପ୍ରସୂତ—2. Belonging to a noble family (Apte). ୩ । ପରିବାର ବିଶିଷ୍ଟ—3. Having a family (Apte). ୪ । ପରିବାର ସହିତ—4. Along with or accompanied by one's family (Apte).
Sakula
(ଶକୁଳ—ଅନ୍ୟରୂପ)
(ସକୁଳା—ସ୍ତ୍ରୀ)

ସକୁଲାର୍ଭକ—ସଂ. ବି (୬ଷ୍ଠୀ ତତ; ସକୁଳ+ଅର୍ଭକ)—ଗଡ଼ଶାମାଛ; ସାନ ଶେଉଳ; ଶେଉଳଚିଡ଼ା—A small Seula fish.
Sakularbhaka

ସକୁଳି—ସଂ. ବି (ସକୁଳ+ଇ)—ସାକୁଳି ୧ (ଦେଖ)—Sākuli 1 (See)
Sakuli

ସକୁଲ୍ୟ—ସ. ବି. ପୁ (ବହୁବ୍ରୀହି; ସ=ସମାନ+କୁଲ୍ୟ=କୁଳ, ବଂଶ ଯାହାର)—୧ । ସଗୋତ୍ର ବ୍ୟକ୍ତି; ଏକ ବଂଶୀୟ ବ୍ୟକ୍ତି—1. One of the same family; one's distant kinsman between the 7th and 10th degrees from a person. ୨ । ଅପଣା ବଂଶର ସପିଣ୍ଡମାନଙ୍କର ଊର୍ଦ୍ଧ୍ୱତନ ୩ ପୁରୁଷ ଓ ନିମ୍ନତନ ୩ ପୁରୁଷର ବ୍ୟକ୍ତିଗଣ—2. One's distant kinsmen 3 generations abov'e ones Sapinda ancestors and 3 generations below one's Sapinda descendants. ୩ । ଅପଣାର ଉପରର ୬ ପୁରୁଷର ଊର୍ଦ୍ଧ୍ୱତନ ୩ପୁରୁଷର ଓ ନିମ୍ନର ୬ ପୁରୁଷର ନିମ୍ନତନ ୩ ପୁରୁଷର ବ୍ୟକ୍ତି—3. One's distant kinsmen in the 7th to 9th generation above and below a person i. e. the 7th, 8th and9th degrees. ୪। ବଂଶର ଦୂରବର୍ତ୍ତୀ ପୂର୍ବପୁରୁଷ ଓ ବଂଶଧରଗଣ—4. One's distant agnates in general. (Apte) [ଦ୍ର—ଅପଣାର 'ସପିଣ୍ଡ' ବ୍ୟକ୍ତିଙ୍କର ଊର୍ଦ୍ଧ୍ୱତନ ୩ ପୁରୁଷ ଓ ଅଧସ୍ତନ ୩ ପୁରୁଷଙ୍କ ସୀମା ମଧ୍ୟର ବ୍ୟକ୍ତି 'ସକୁଲ୍ୟ' ଅଟନ୍ତି । ଅପଣାର ଊର୍ଦ୍ଧ୍ୱତନ ଓ ଅଧସ୍ତନ ୩ ପୁରୁଷ ସୀମା ମଧ୍ୟସ୍ଥ ବ୍ୟକ୍ତି 'ସପିଣ୍ଡ' ଅଟନ୍ତି । ସପିଣ୍ଡଙ୍କ ଉପରର ଓ ତଳର ତିନି ପୁରୁଷଙ୍କୁ 'ସକୁଲ୍ୟ' ବୋଲଯାଏ । ଅର୍ଥାତ୍ ଅପଣାର ଊର୍ଦ୍ଧ୍ୱତନ ଓ ଅଧସ୍ତନ ୪ର୍ଥ ପୁରୁଷଠାରୁ ୬ଷ୍ଠ ପୁରୁଷ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ 'ସକୁଲ୍ୟ' କହନ୍ତି । କେହି କେହି ଅପଣାର ଉପରେ ଓ ତଳେ ୭ମ, ୮ମ ଓ ୯ମ ପୁରୁଷର ବ୍ୟକ୍ତିଙ୍କୁ ସକୁଲ୍ୟ କହନ୍ତି । ସକୁଲ୍ୟଙ୍କ ବହିର୍ଭୂତ ବ୍ୟକ୍ତିମାନଙ୍କୁ 'ସଗୋତ୍ର' ବୋଲଯାଏ । ଅପଣାର
Sakulya

ସପିଣ୍ଡ ବ୍ୟକ୍ତି ମୃତ ହେଲେ ୧୦ ଦିନ ଓ ସକୁଲ୍ୟଙ୍କ ମୃତ୍ୟୁରେ ୩ ଦିନ ଅଶୌଚ ପାଳିବାକୁ ହୁଏ; ଓ ଗୋତ୍ରଜଙ୍କ ମୃତ୍ୟୁରେ ସଦ୍ୟସ୍ନାନ କରି ଶୁଦ୍ଧି ଲାଭ କରୁଯାଏ ।]

ସକୃତ୍—ସଂ. ଅ (ଏକ+ବାରାର୍ଥେ. ସ; ନିପାତନ)—୧ । ଏକବାର; Sakṛut ଥରେ ମାତ୍ର—1. Once only. ୨ । ସର୍ବଦା—2. Always. ୩ । ସହିତ—3. With; together with; along with. ୪ । ଏକଦା; ପୂର୍ବେ କୌଣସି କାଳରେ—4. Once; at one time; on one occasion; formerly. (Apte) ୪। ତତ୍‌କ୍ଷଣାତ୍—4. At once. (Apte) ଦ. ନ—ବିଷ୍ଠା—Fœcus; night-soil.

ସକୃତ୍ ଗର୍ଭା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ସକୃତ୍+ଗର୍ଭ+ଅ; ଯେ Sakṛut-garbhā ଥରେ ମାତ୍ର ଗର୍ଭ ଧାରଣ କରି ସନ୍ତାନ ପ୍ରସବାନ୍ତେ ମରଯାଏ)—୧ । ଖେଷର; ଖଚର; ଅଶ୍ୱତର; ଖଚର୍—1. Mule. (Apte) ୨ । ଯେଉଁ ସ୍ତ୍ରୀ ଥରେ ମାତ୍ର ଗର୍ଭିଣୀ ହୋଇଅଛି—2. A woman who has once been pregnant. ସଂ. ବିଣ. ସ୍ତ୍ରୀ—ଥରେ ମାତ୍ର ଗର୍ଭଧାରଣକାରିଣୀ (ସ୍ତ୍ରୀ)—(a woman) Who has conceived once.

ସକୃତପ୍ରଜ—ସଂ. ବିଣ. ପୁଂ (ବହୁବ୍ରୀହି; ସକୃତ୍=ଥରେ ମାତ୍ର+ପ୍ରଜା= Sakṛut-praja ସନ୍ତାନ+ଅ)—ଯେ ଥରେ ମାତ୍ର ପ୍ରସବ (ସକୃତ୍ ପ୍ରଜା—ସ୍ତ୍ରୀ) କରେ—Begetting once only. ସଂ. ବି—କାକ; କୁଅ; ବାୟସ—Crow.

ସକୃତ୍ ପ୍ରଜା—ସଂ. ବି. ସ୍ତ୍ରୀ (ବହୁବ୍ରୀହି)—ଯେଉଁ ସ୍ତ୍ରୀ ଥରେ ମାତ୍ର Sakṛut prajā ସନ୍ତାନ ଜନ୍ମ କରିଅଛି; ଏକବଅଣୀ ସ୍ତ୍ରୀ—A woman who has once given birth to a child. ସଂ. ବିଣ. ସ୍ତ୍ରୀ—ସକୃତ ପ୍ରଜର ସ୍ତ୍ରୀଲିଙ୍ଗ—Feminine of Sakṛut-praja.

ସକୃତ୍ ପ୍ରସୂତା—ସଂ. ବିଣ. ସ୍ତ୍ରୀ—(ସକୃତ୍+ପ୍ରସୂତା)—ଯେଉଁ ସ୍ତ୍ରୀ Sakṛut-prasūtā କେବଳ ଗୋଟିଏ ସନ୍ତାନ ପ୍ରସବ କରେ; (ସକୃତ ପ୍ରସୂତିକା—ଅନ୍ୟରୂପ) କାକବନ୍ଧ୍ୟା—(a woman) Who bears only one child. ସଂ. ବି. ସ୍ତ୍ରୀ—୧ । କାକବନ୍ଧ୍ୟା ସ୍ତ୍ରୀ—1. A woman who bears only one child. ୨ । ଯେଉଁ ଗାଈ ଥରେ ମାତ୍ର ପ୍ରସବ କରିଅଛି—2. A cow that has calved once.

ସକୃତ୍-ଫଳା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ସକୃତ=ଥରେ ମାତ୍ର+ଫଳ Sakṛut-phalā +ଅ; ଯାହାର ଥରେ ମାତ୍ର ଫଳ ହୁଏ)—କଦଳୀ ଗଛ—Plantain tree; Musa Sapientum.

ସକୃଦ୍ଦୁଃଖକର—ସଂ. ବ. ପୁଂ—ଯେ ବା ଯାହା ଥରେ ମାତ୍ର ଦୁଃଖ Sakṛuddukhakara ଦିଏ (ଯାହା ସର୍ବଦା ବା ସଦେ ସଦେ (ସକୃଦ୍ଦୁଃଖପ୍ରଦ—ଅନ୍ୟରୂପ) ଦୁଃଖପ୍ରଦ ହୁଏ)—Producing (ସକୃଦ୍ଦୁଃଖକରୀ, ସକୃଦ୍ଦୁଃଖପ୍ରଦା—ସ୍ତ୍ରୀ) grief once for all.

ସକୃଦ୍ଵୀର—ସଂ. ବ (ଉଦ୍ଭିଦ୍ୟକ)—ବନ୍ୟ ବୃକ୍ଷବିଶେଷ—Name of Sakṛudbīra a wild tree. (ଦ୍ର—ଏହା କଟୁରସ, ଅନ୍ୟ ସଂ. ନାମ— ଉଷ୍ଣବୀର୍ଯ୍ୟ, ମଳ୍ଭେଦନକ, ବାତକଫନ୍ତ ମହାବୀର, ସଦ୍ବୀରକ ସ୍ତମ୍ଭୀକେଧବଳ୍ ବେଦନାର ଉପଶମକ ଏବଂ (ସୁକୃଦ୍‌ବୀର—ଅନ୍ୟରୂପ) ଗୁଧ୍ରସୀ, କଟିଶୂଳ ଓ ଅସ୍ଥିଭଙ୍ଗଜନ୍ୟ ବେଦନାର ନିବାରକ ।)

ସକୃଦ୍ଵୀରା—ସଂ. ବ (ବୈଦ୍ୟକ)—ଏକସାର; ଲକ୍ଷ୍ମୀଫଳଙ୍କୋଟକ; Sakṛudbīrā ଅଷାଢ଼ିଆ (ଲୁଳ)—A plant producing a bitter fruit which is fried तितकाकड़ी and eaten. झाँकखकसा ମ- ଝିଙ୍କାକଙ୍କୋଲୀ ଓ, ଅଷାଢ଼ୁଆ

ସକୃପଣ—ସଂ. ବିଣ. ପୁଂ—ଦୁଃସ୍ଥ; ଦୁଃଖଗ୍ରସ୍ତ—Miserable; wretSakṛupaṇa (ସକୃପଣା—ସ୍ତ୍ରୀ) ched (Apte).

ସକେଶ—ସଂ. ବିଣ ପୁଂ (ସହାର୍ଥ; ବହୁବ୍ରୀହି, ସ+କେଶ)—୧ । Sakeśa କେଶମୟ—1. Hairy; shaggy. ୨ । କେଶ ମିଶ୍ରିତ—2. Having hairs mixed with it.

ସକୈତବ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+କୈତବ)—Sakaitaba କପଟୀ; ଛଳନାମୟ—Deceitful; fraudu- (ସକୈତବା—ସ୍ତ୍ରୀ) lent.

ସକୋପ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; କୋପ ସହିତ ବର୍ତ୍ତମାନ Sakopa ଯେ)—କ୍ରୋଧାନ୍ୱିତ; କ୍ରୁଦ୍ଧ—Angry; wrathful. (ସକ୍ରୋଧ, ସରୋଷ—ଅନ୍ୟରୂପ) (ସକୋପା, ସକ୍ରୋଧା, ସରୋଷା—ସ୍ତ୍ରୀ)

ସକ୍ରୋଧା—ଦେ. ବିଣ (ସଂ. ସକ୍ରୋଧ)—ସକୋପ (ଦେଖ)—Sakrodhā Sakopa (See) (ଉ—ବଧା; ବନ୍ଧୁ ମାରୁଛି ହୋଇ ସକ୍ରୋଧା—ଭଞ୍ଜ. ବୈଦେହୀଶବିଳାସ ।)

ସକ୍କା—ବୈଦେ. ବ (ଫା)—ଭିସ୍ତି; ଚର୍ମନିର୍ମିତ ଥଳିର ଅଳରେ ପାଣି Sakkā ବୋହିବା ବ୍ୟକ୍ତି—A carrier of water in a सक्का सक्का leathern bag.

ସକ୍ତ—ସଂ. ବିଣ. ପୁଂ (ସଞ୍ଜ୍ ଧାତୁ=ଆସକ୍ତ ହେବା+କର୍ମ୍ମ. କ୍ତ)—Sakta ୧ । ଅର୍ପିତ—1. Deposited; offered. ୨ । (ସକ୍ତା—ସ୍ତ୍ରୀ) ନିର୍ଦ୍ଦିଷ୍ଟ—2. Fixed; specified. ୩ । ଆସକ୍ତ—3. Devoted to; attached to; engaged. ୪ । ମନୋଯୋଗୀ—4. Attentive to. ୫ । ସଂଲଗ୍ନ; ଲାଗି ଯାଇଥିବା—5. Connected with; securely joined to; stuck to.

ସକ୍ତି—ସଂ. ବି (ସଜ୍ ଧାତୁ+ଭାବ. ତି)—୧ । ଆସକ୍ତି—
Sakti 1. Attachment; love for any thing or person. ୨ । ସଂଯୋଗ—2. Union; junction. ୩ । ଅଭିନିବେଶ—3. Attention; devotion to any matter.

ସକ୍ତୁ—ସଂ. ବି (ସଚ୍ ଧାତୁ=ସେଚନ କରିବା+କର୍ମ. ତୁ)—ଶକ୍ତୁ; ଛତୁଅ—Corn flour; corn meal.
Saktu

ସକ୍ତୁକ—ସଂ. ବି (ସକ୍ତୁ+ସ୍ୱାର୍ଥେ. କ)—୧ । ସକ୍ତୁ (ଦେଖ)—
Saktuka Saktu (S:e) ୨ । ବିଷବୃକ୍ଷବିଶେଷ (ଯାହାର ଗଣ୍ଠି ସକ୍ତୁ ତୁଲ୍ୟ ଚୂର୍ଣ୍ଣ ପଦାର୍ଥରେ ପୂର୍ଣ୍ଣ)—2. A sort of poisonous plant the nodes of wich are full of powdery matter.

ସକ୍ତୁଫଳ(ଳୀ)—ସଂ. ବି (ବୈଦ୍ୟକ)—ଶମୀ ବୃକ୍ଷ (ଦେଖ)
Saktuphala(li) Sami bruksha (See)

ସକ୍ଥି—ସଂ. ବି (ସନ୍ଜ ଧାତୁ=ଆସକ୍ତ ହେବା+ଥି)—୧ । ଊରୁ
Sakthi ଊରୁସନ୍ଧି; ଜଙ୍ଘ—1. The thigh. ୨ । ଶକଟର (ସକ୍ଥ—ଅନ୍ୟରୂପ) ଅଙ୍ଗବିଶେଷ—2. A part of a cart. (ଉ—ବଦ୍ୟମିନ ମୁନି ମିନକତି ହନୁମନ୍ତ ପ୍ରଭୁ ସକ୍ଥଭାବ —ଭଞ୍ଜ. ବୈଦେହୀଶବିଳାସ ।)

ସକ୍ରେଟିସ୍—ବୈଦେ. ବି (ନାମ)—ପ୍ରାଚୀନ ଗ୍ରୀସ୍ ଦେଶର ଜଣେକ
Sakretis ଦାର୍ଶନିକ ପଣ୍ଡିତ—Socrates; the famous
সক্রেটিস Greek philosopher. (ଦ୍ର—ସକ୍ରେଟିସ୍
सक्रेटिस ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀର ଲୋକ । ଏ ପ୍ରଥମେ ସୈନିକ ଥାଇ ବୀରତ୍ୱ ଦେଖାଇ ଥିଲେ । ପରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରି ମହାପଣ୍ଡିତ ହୋଇ କାମ, କ୍ରୋଧ ଆଦି ରିପୁମାନଙ୍କୁ ଦମନ କରିଥିଲେ । ଦେବତାଙ୍କୁ ମାନୁ ନ ଥିବା ଅଭିଯୋଗରେ ରାଜାଦେଶରେ ବିଷପାନ କରି ସେ ପ୍ରାଣତ୍ୟାଗ କରିଥିଲେ । ଏହାଙ୍କ ସ୍ତ୍ରୀ ଭାରି ଦୁଷ୍ଟା ଥିଲେ ଓ ତାଙ୍କୁ ନାନା କଷ୍ଟ ଦେଉଥିଲେହେଁ ସେ ତାହା ନିର୍ବିକାର ହୃଦୟରେ ସହି ଯାଉଥିଲେ ।

ସକ୍ରେଟିସ୍‌ଙ୍କ ଧୈର୍ଯ୍ୟ ସମ୍ବନ୍ଧରେ ଗୋଟିଏ ପ୍ରବାଦ ଅଛି; ଏହାଙ୍କ ସ୍ତ୍ରୀ ଜ୍ୟାନ୍ଥିପୀ (Xanthipe) ଅତି ଉଗ୍ରଚଣ୍ଡୀ ଥାଇ ସର୍ବଦା ସ୍ୱାମୀଙ୍କୁ ଗଞ୍ଜଣା ଦେଉଥିଲେ । ଦିନେ ସକ୍ରେଟିସ୍ ସ୍ତ୍ରୀଙ୍କ ବାକ୍ୟବାଣ ଓ ଗର୍ଜନରୁ ଅବ୍ୟାହତି ଲାଭ କରିବା ପାଇଁ ଘରୁ ବାହାରି ଯାଇ ବାହାରେ ବସି ପୁସ୍ତକ ପାଠ କଲେ । ଏହା ଦେଖି ତାଙ୍କ ସ୍ତ୍ରୀ ଅଧିକ ରାଗି ଯାଇ କୋଠା ଉପରକୁ ଯାଇ ବାଲଟିଏ ମଇଳା ପାଣି ଆଣି ଏହାଙ୍କ ଉପରେ ଅଜାଡ଼ି ଦେଲେ । ଏଥିରେ ମୁଦ୍ଧା ସକ୍ରେଟିସ୍ ଧୈର୍ଯ୍ୟ ନ ହରାଇ ସ୍ମିତବଦନରେ କହିଲେ, "ଏତେ ବଡ଼ ମେଘ ଗର୍ଜନ ପରେ ଅସରାଏ ବୃଷ୍ଟିପାଣି ବର୍ଷା ହୋଇ ନ ଥିଲେ ଶୋଭା ପାଇ ନ ଥାନ୍ତା ।)"

ସକ୍ଷମ—ଦେ. ବିଣ (ଅଶୁଦ୍ଧ) (ସଂ. କ୍ଷମ; ସଂସ୍କୃତ 'ଅକ୍ଷମ' ଶବ୍ଦର
Sakshama ବିପରୀତାର୍ଥକ ଅଶୁଦ୍ଧ ବ୍ୟବହାର)—ପାରଗ;
सक्षम समर्थ ସମର୍ଥ—Able; competent. (ଦ୍ର—'ସକ୍ଷମ' ଶବ୍ଦଟି ବ୍ୟାକରଣନିୟମାନୁଯାୟୀ ଅଶୁଦ୍ଧ ହେଲେ ମୁଦ୍ଧା ଅନେକ ଲେଖକ ଏହାକୁ ସଂସ୍କୃତ ଶବ୍ଦଜ୍ଞାନରେ ବ୍ୟବହାର କରିଥାଆନ୍ତି । ଏପରି କି, ଓଡ଼ିଶାର କେତେକ ପ୍ରତିଷ୍ଠିତ, ପଣ୍ଡିତ ଲେଖକ ମଧ୍ୟ ଏହି ଦୋଷରୁ ଅବ୍ୟାହତି ପାଇ ପାରି ନାହାନ୍ତି । ସକ୍ଷମ ନ ଲେଖି 'କ୍ଷମ' ବା 'ସମର୍ଥ' ଲେଖିବା ଉଚିତ; 'କ୍ଷମା ସହ ବର୍ତ୍ତମାନ' ବା 'କ୍ଷମାଶୀଳ' ଅର୍ଥରେ 'ସକ୍ଷମ' ଶବ୍ଦ ବ୍ୟବହାର କରାଯାଇ ପାରେ । ମାତ୍ର ସେହି ଅର୍ଥରେ ଏହା କେହି ବ୍ୟବହାର କରନ୍ତି ନାହିଁ; ଏହା ପ୍ରଚଳିତ ନୁହେ ।)

ସକ୍ଷମତା—ଦେ. ବି (ଅଶୁଦ୍ଧ) (ସଂ. କ୍ଷମତା)—ପାରଗତା; ସାମର୍ଥ୍ୟ—
Sakshamatā Ability; competence.
सक्षमता योग्यता

ସକ୍ଷମା—ଦେ. ବିଣ (ପ୍ରାଚୀନ ପଦ୍ୟ)—କ୍ଷମା ପ୍ରଦାନରେ ସମର୍ଥ—
Sakshamā Able to forgive.
(ଉ—ସକ୍ଷମା ତନ୍ତ୍ରକୁ ଅଟେ ସେବ ଶ୍ରୀହସ୍ତରେ ।
ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।)

ସଖ୍ (ଇତ୍ୟାଦି)—ବୈଦେ. ବି—ସକ୍ ଇତ୍ୟାଦି (ଦେଖ)
Sakh (etc) Sak etc. (See)
सक् सक्

ସଖ—ସଂ. ବି ଓ ବିଣ. ପୁଂ—[ଅନ୍ୟ ଶବ୍ଦ ସଙ୍ଗେ 'ସଖା' ଶବ୍ଦ ସମାସରେ
Sakha ଯୁକ୍ତ ହେଲେ 'ସଖ' ହୁଏ (ଯଥା—ଇନ୍ଦ୍ରସଖ, ବାୟୁସଖ)] ସଖା; ବନ୍ଧୁ Friend; The form of word 'Sakhā' when compounded with another word.]

ସଖା—ସଂ. ବି. ପୁଂ (ସଖୀ ଶବ୍ଦ ୧ମା. ୧ବ.; ସ=ସମାନ+ଖ୍ୟା.
Sakhā ଧାତୁ=କହିବା+କର୍ତ୍ତୃ. ଇ; ଯାହାଙ୍କୁ ଲୋକେ ସମାନ (ସଖୀ—ସ୍ତ୍ରୀ) ବୋଲି କହନ୍ତି)—୧ । ବୟସ୍ୟ—1. A friend of the same age. ୨ । ମିତ୍ର-2. Friend. (ଉ—ସଖୀଗଣେ ତାକୁ ଦିନେ ନୃପତନୟା, ମୁହେଁ ମୁଲୋଚନା ଲଭିବାର ଉପାୟ । ଗୋଲୋକ. ଇନ୍ଦୁରେଖା ।) [ଦ୍ର—ବନ୍ଧୁ, ସୁହୃଦ୍, ମିତ୍ର ଓ ସଖା ମଧ୍ୟରେ ପ୍ରଭେଦ ନିମ୍ନ ଉକ୍ତିରେ ବ୍ୟକ୍ତ ହୋଇଅଛି :—
ଅତ୍ୟାଗସହନୋ ବନ୍ଧୁଃ, ସଦୈବାନୁମତଃ ସୁହୃତ୍ ।
ଏକକ୍ରିୟଂ ଭବେନ୍ମିତ୍ରଂ, ସମପ୍ରାଣଃ ସଖା ମତଃ ॥
ଅର୍ଥାତ୍ ଯେ ମିତ୍ରର ବିଚ୍ଛେଦ ସହି ନ ପାରନ୍ତି, ସେ ବନ୍ଧୁ; ଯେ ସର୍ବଦା ଅନୁମତ ବା ଏକମତ ଥାଆନ୍ତି, ସେ ସୁହୃଦ୍; ଯାହାଙ୍କ କାର୍ଯ୍ୟକଳାପ ମିତ୍ରଙ୍କ କାର୍ଯ୍ୟକଳାପ ସଙ୍ଗେ ସମାନ, ସେ ମିତ୍ର ଏବଂ ଯେ ମିତ୍ରଙ୍କୁ ସ୍ୱୀୟ ପ୍ରାଣତୁଲ୍ୟ ମଣନ୍ତି, ସେ ସଖା ।] ୩ । ସୁହୃଦ୍—3. Bosom-friend. ୪ । ସହଚର—4. Companion.

ସଖା ଭବ—ଦେ· ବ—ସଖିଭବ (ଦେଖ)
Sakhā bhaba Sakhibhāba. (See)

ସଖାଳ (ଇତ୍ୟାଦ)—ଦେ· ବ—ସକାଳ ଇତ୍ୟାଦ (ଦେଖ)
Sakhāḻa (etc) Sakāḻa etc (See)
(ଉ—ସେ ଦ୍ୱାଦଶୀ ଦନ ବଡ଼ ସଖାଳେ ଭୁଲା ବାସନ ମାଜେ। ଫକୀରମୋହନ· ଛମାଣ ଅଠଗୁଣ ।)

ସଖାଳୁ(ଳୁ)—ଦେ· କି· ବଣ—ସକାଳୁ (ଦେଖ)
Sakhāḻu(ḻuṅ) Sakāḻu. (See)

ସଖାଳୁଅ (ଇତ୍ୟାଦ)—ଦେ· ବ. ଓ ବଣ—ସକାଳୁଅ ଇତ୍ୟାଦ (ଦେଖ)
Sakhāḻuā (etc) Sakhāḻuā etc. (See)

ସଖାଳେ—ଦେ. କି. ବଣ—ସକାଳେ (ଦେଖ)
Sakhāḻe Sakāḻe (See)

ସଖା ସୋଦର—ଦେ. ବ—ବନ୍ଧୁ କୁଟୁମ୍ବ—Friends and relatives. (ଉ—ସଖା ସୋଦର ମୋର ନାହିଁ, ମୁଁ କମା ଥିବ ଏକା ହୋଇ ? ପ୍ରାଚୀ· କବୁଁଶ ମାହାତ୍ମ୍ୟ ।]
Sakhā sodara सखा सोदर माईबन्धु

ସଖି—ସଂ· ବ ପୁଂ (ଶବ୍ଦ) (ସ=ସମାନ+ଖ୍ୟା·ଧାତୁ=କହିବା+କର୍ମ·ଇ;
Sakhi ଯାହାକୁ ଲୋକେ ସମାନ ବୋଲି କହନ୍ତି; ଏହି ଶବ୍ଦର ପ୍ରଥମା ବଚନ୍ତ ଯୁକ୍ତ ପଦ 'ସଖା' ବାକ୍ୟରେ ବ୍ୟବହୃତ ହୁଏ)—ବୟସ୍ୟ; ମିତ୍ର; ବନ୍ଧୁ; ସହଚର; ସୁହୃତ୍—Companion; bosom friend. (ଉ—ଏ ବାହାରେ ଭ୍ରମର ସଖି ଚକ୍ରପାଣି । କୃଷ୍ଣସିଂହ· ମହାଭାରତ· ଉଦ୍‌ଯୋଗ ।) ସଂ. ବ. ସ୍ତ୍ରୀ—(ସଖୀ ଶବ୍ଦର ସ୍ତ୍ରୀ ସମ୍ବୋଧନ) (ସଖେ—ପୁଂ) ସଖୀ ପ୍ରତି ସମ୍ବୋଧନ—Oh friend ! (addressed to a female friend). ଦେ. ବ—(ସଖୀ—ଅନ୍ୟରୂପ) (ସଂ. ସଖୀ)—୧ । ପୁତ୍ତଳିକା; ପୁତୁଳିକା; ପିତୁଳ—1. An image; doll; puppet. ୨ । ସଖୀ ବା ପିତୁଳା ପରି ସୁନ୍ଦରୀ ବାଳିକା—2. A very beautiful girl. ଦେ. ବଣ—(ସ. ସଖୀ) ସଖୀ ବା ପିତୁଳା ପରି ସୁନ୍ଦରୀ (ବାଳିକା)—Very beautiful (girl). ବୈଦେ. ବଣ—ସକ୍ଷ (ଦେଖ)—Saki.(See) ପ୍ରାଦେ (ଯାଜପୁର) ବ—ବନ୍ଧୁ; ସଙ୍ଗ ସୁଖ—Friend.
पुतुल कनियापुतरा परी सखा

ସଖିଜନ—ସ. ବ—ବନ୍ଧୁବାନ୍ଧବ; ମିତ୍ରବର୍ଗ—
Sakhijana A friend.
(ସଖୀଜନ ?—ସ୍ତ୍ରୀ)

ସଖିତା(ତ୍ୱ)—ସଂ. ବ (ସଖି+ଭବ· ତା, ତ୍ୱ—ମିତ୍ରତା; ସୌହାର୍ଦ୍ଦ୍ୟ;
Sakhitā(twa) ସଖ୍ୟ—Close friendship.

ସଖିନାଟ—ଦେ. ବ—କେଳାମାନେ ପିତୁଳା ପଛରେ ଘୋଡ଼ାବାଳ ଲଗେଇ ସେହି ଘୋଡ଼ାବାଳକୁ ଗୁଳଡ଼ କରି ପିତୁଳାମାନଙ୍କୁ କରୁଥି ଅଭିନୟ କରିବା ଗୋପଲୀଳା; କଣ୍ଢେଇ ନାଚ—A puppet dance in which puppets are made to dance by pulling the attached horse-hair from behind.
Sakhināṭa पुतुल बाजि, पुतुल नाच पुतरी नाच

ସଖୀ—ସଂ. ବ. ସ୍ତ୍ରୀ—(ସଖି ଶବ୍ଦର ସ୍ତ୍ରୀଲିଙ୍ଗ; ସଖି+ସ୍ତ୍ରୀ· ଈ)—
Sakhī ୧ । ବୟସ୍ୟା—1. A female companion. ୨ । ସ୍ତ୍ରୀଲୋକର ସ୍ତ୍ରୀ ସହଚରୀ—2. A lady's maid or companion.

ସଖୀ ନାଟ—ପ୍ରାଦେ (ଗଞ୍ଜାମ) ବ—ସ୍ତ୍ରୀ ବେଶରେ ସଜ୍ଜିତ ନାଟୁଆପିଲାଙ୍କ
Sakhī nāṭa ନାଚ—Dancing of boys in the garb of girls.

ସଖୀ ପିଲା—ଦେ. ବ—ଗ୍ରାମଲୀଳା, ଭାରତଲୀଳା, କୃଷ୍ଣଲୀଳା ଆଦରେ ଯେଉଁ ବାଳକ ସଖୀ ବା ସ୍ତ୍ରୀବେଶରେ ନାଚେ—The boy who takes female part in country dance.
Sakhī pilā ये सखी साजे सखी बालक
(ସଖୀ ପୁଅ—ଅନ୍ୟରୂପ)

ସଖୀ ଭବ—ଦେ ବ (ବୈଷ୍ଣବ ସମ୍ପ୍ରଦାୟ ବ୍ୟବହୃତ ଶବ୍ଦ)—ବୟସ୍ୟ ଭବ; ଶ୍ରୀକୃଷ୍ଣଙ୍କ ପ୍ରତି ବୟସ୍ୟା ବା ସହଚରୀର ଭବ—The state of being a bosom friend; the condition of thinking one's self as the 'Sakhā' or 'Sakhī' of Sri Krushna. [ଦ୍ର—ଶ୍ରୀଚୈତନ୍ୟଦେବ ଏହି 'ସଖୀ ଭବ'ରେ ଓ ବଶେଷତଃ 'ସହଚରୀ'ଭୁବେ ଶ୍ରୀକୃଷ୍ଣଙ୍କ ଭକ୍ତି କଲେ କୃଷ୍ଣପ୍ରାପ୍ତି ହୁଏ ବୋଲି ପ୍ରଚାର କଲେ; ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ ତାଙ୍କର ସଖାମାନେ (ସୁଦାମା, ସୁବଳ ପ୍ରଭୃତ) ଓ ସଖୀମାନେ (ରାଧିକା, ଲଳିତା, ବଶାଖା ଆଦ) ଯେଉଁ ମଧୁରଭାବପୂର୍ଣ୍ଣ ସଖ୍ୟ ଭାବରେ ଭକ୍ତି କରୁଥିଲେ, ସେହିପରି ମାଧୁର୍ଯ୍ୟପୂର୍ଣ୍ଣ ଭକ୍ତି କଲେ ଭଗବତ୍-ପ୍ରାପ୍ତି ହୁଏ ।]
Sakhī bhāba सखी भाव सखी भाव

ସଖୁର୍ଦ୍ଦି—ଦେ. ବ ଓ ବଣ—ସଙ୍ଖୁର୍ଦ୍ଦି (ଦେଖ)
Sakhurḏi Saṅkhurḏi. (See)

ସଖେ—ସଂ. ପୁଂ (ସଖି ଶବ୍ଦର ପୁଂଲିଙ୍ଗ ସମ୍ବୋଧନ)—ହେ ସଖେ ! ହେ ମିତ୍ର !—Oh friend! (addressed to a male friend.)
Sakhe
(ସଖି—ସ୍ତ୍ରୀ)

ସଖ୍ୟ-ସଂ. ବ (ସଖି+ଭବ· ଯ)—୧ । ମୈତ୍ରୀ; ସୌହାର୍ଦ୍ଦ—
Sakhya 1. Close friendship. ୨ । ଘନିଷ୍ଠତା—2. Intimacy.
[ଦ୍ର—ଏହାକୁ କେହି କେହି ଅଶୁଦ୍ଧ ଆକାରରେ 'ସଖ୍ୟତା' ଲେଖୁଥିବା ଦେଖାଯାଏ]

ସଖ୍ୟ ଭବ—ସଂ· ବ—ବନ୍ଧୁଗତ ଅନୁରାଗ—
Sakhya bhāba Friendly attachment.

ସଖ୍ୟ ସ୍ଥାପନ—ସଂ. ବ (୬ଷ୍ଠୀ ତତ୍)—କୌଣସି ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା ବା ଘନିଷ୍ଠତା କରିବାର ଉପାୟ-କରଣ—Establishment of close friendship with a person.
Sakhya sthāpana

ସଗ—ଦେ. ବଣ—ସଗା (ଦେଖ)
Saga Sagā. (See)

ସଗଣ—ସଂ. ବିଣ (ବହୁବ୍ରୀହି; ସ=ସହିତ+ଗଣ=ଅନୁଚର; ଅପଣା
Sagana ଜାତୀୟ ବନ୍ଧୁ ବା ବ୍ୟକ୍ତି)—୧ । ଅନୁଚର—1. Accompanied with one's retinue; attended by one's followers. ୨ । ସଦଳ; ଅପଣା ଦଳୀୟ ବା ଜାତୀୟ ବନ୍ଧୁମାନଙ୍କ ବା ବ୍ୟକ୍ତିମାନଙ୍କ ସହିତ—2. Accompanied with the members of one's own class. ୩ । (ସ=ସମାନ ଅଛେ ଗଣ ଯାହାର;) ଅପଣା ଜାତୀୟ, ଏକ-ଜାତୀୟ—3. Of the same class. ୪ । ଯେଉଁ ତିନୋଟି ବର୍ଣ୍ଣ ଛନ୍ଦରେ ବ୍ୟବହୃତ ହୋଇଥାଏ—The three letters that are used in a metrical composition. [ଦ୍ର—ଏହି ତିନୋଟି ବର୍ଣ୍ଣ ମଧ୍ୟରୁ ପ୍ରଥମ ଦୁଇ ବର୍ଣ୍ଣ ଲଘୁ ଓ ଶେଷ ବର୍ଣ୍ଣଟି ଗୁରୁ ।] ଦେ. କ୍ରି. ବିଣ-
ସଗଣେ ସଦଳବଳ ହୋଇ—In company with one's
गण सहित attendants and companions. [ଯଥା—ସଗଣେ ବସିଲେ ସୁନ୍ଦର ରଥେ । ମଧୁସୂଦନ, ଭକ୍ତିଭାବଳୀ] (ସଗଣେ—ଅନ୍ୟ କ୍ରି. ବିଣରୂପ)

ସଗନ୍ଧ—ସଂ. ବିଣ. (ବହୁବ୍ରୀହି; ସ=ସହିତ+ଗନ୍ଧ)—୧ । ଗନ୍ଧଯୁକ୍ତ;
Sagandha ସୁବାସିତ—1. Scented; smelling; perfumed; fragrant. ୨ । ଗର୍ବଯୁକ୍ତ—2. Proud; arrogant. ୩ । ଏକ ବଂଶଜାତ—3. Born of the same family; kindred. ଦେ. ବି—ଜ୍ଞାତି; କୁଟୁମ୍ବ—Kinsman; kin.

ସଗର—ସଂ. ବି. (ବହୁବ୍ରୀହି; ସ=ସହିତ+ଗର=ଗରଳ; ବିଷ)—
Sagara ବିଷଯୁକ୍ତ; ବିଷାକ୍ତ—Mixed with poison. ସଂ. ବି. ପୁଂ. (ନାମ) (ସ=ସହିତ+ଗର=ବିଷ ବିଷ ସହିତ ମାତୃ ଗର୍ଭରୁ ଜନ୍ମ ଥିବାରୁ)—ସୂର୍ଯ୍ୟବଂଶୀୟ ନରପତି ବିଶେଷ—Name of a king of the Solar dynasty of ancient India. (ଉ—ଗରଳ ସଙ୍ଗେ ଜନ୍ମ ଯେଣୁ, ସଗର ନାମ ହେଲା ତେଣୁ । ଜଗନ୍ନାଥ, ଭାଗବତ ।) [ଦ୍ର—ଏ ସୂର୍ଯ୍ୟବଂଶୀୟ 'ବାହୁକ' ନାମକ ନରପତିଙ୍କ ପୁତ୍ର । ସଗରଙ୍କ ପିତା ବାହୁକ ହୃତରାଜ୍ୟ ଓ ହୃତସର୍ବସ୍ୱ ହୋଇ ବନକୁ ପ୍ରସ୍ଥାନ କଲେ ଓ ସେହି ବନରେ ତାଙ୍କର ମୃତ୍ୟୁ ହେଲା । ଏହି ସମୟରେ ଏହାଙ୍କ ରାଣୀ ଯାଦବୀ ଗର୍ଭବତୀ ହୋଇଥିଲେ । ଯାଦବୀଙ୍କୁ ତାଙ୍କ ସପତ୍ନୀ ଖାଦ୍ୟଦ୍ରବ୍ୟ ସଙ୍ଗେ ଗରଳ ଖାଇବାକୁ ଦେଲେ, ତଥାପି ତାଙ୍କର ଗର୍ଭପାତ ହେଲା ନାହିଁ ଏବଂ ଯଥା—କାଳରେ ଔର୍ବ ମୁନିଙ୍କ ଆଶ୍ରମରେ ତାଙ୍କ ଗର୍ଭରୁ 'ସଗର' ଜାତ ହେଲେ ଓ ତାଙ୍କ ସଙ୍ଗେ ସଙ୍ଗେ ଯାଦବୀଙ୍କୁ ତାଙ୍କ ସପତ୍ନୀ ଦେଇଥିବା ଗରଳ ମଧ୍ୟ ଗର୍ଭରୁ ପଡ଼ିଲା । ବିଷ ସହିତ ମାତୃଗର୍ଭରୁ ଜନ୍ମ ହୋଇଥିବାରୁ ଏହାଙ୍କର ଏପରି ନାମ ହେଲା ।

ସଗର ଉକ୍ତ ଔର୍ବ ମୁନିଙ୍କ ଆଶ୍ରମରେ ବଢ଼ି ବୟଃପ୍ରାପ୍ତ ହୋଇ ହୃତ ପୈତୃକ ରାଜ୍ୟକୁ ପୁନରୁଦ୍ଧାର କରି ଧର୍ମ-ପାଳନ-ପୂର୍ବକ ପୁତ୍ରନିର୍ବିଶେଷରେ ପ୍ରଜାଙ୍କୁ ପାଳନ କଲେ । ଏହାଙ୍କର ଏକ ରାଣୀ 'ଶୈବ୍ୟାଙ୍କ' ଗର୍ଭରୁ 'ଅସମଞ୍ଜ' ନାମକ ଏକ ପୁତ୍ର ଓ ଏକ କନ୍ୟା ଜନ୍ମ ହେଲେ । ସଗରଙ୍କ ଅନ୍ୟତମା ରାଣୀ 'ବୈଦର୍ଭୀ'ଙ୍କ ଗର୍ଭରୁ ଗୋଟିଏ ମାଂସପିଣ୍ଡ ଜାତ ହେଲା ଓ ସେହି ମାଂସପିଣ୍ଡରୁ ଷାଠିଏ ହଜାର ପୁତ୍ର ଜାତ ହେଲେ । ସଗର ୯୯ଟି ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କରି ଇନ୍ଦ୍ରତ୍ୱ ଲାଭ କରିବା ପାଇଁ ଶତତମ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଇନ୍ଦ୍ର ଏଥିରେ ଭୀତ ହୋଇ ଉକ୍ତ ଅଶ୍ୱକୁ ନେଇ ପାତାଳରେ କପିଳ ମୁନିଙ୍କ ଆଶ୍ରମରେ ବାନ୍ଧି ରଖିଲେ । ଅଶ୍ୱ ହଜିବା ଦେଖି ସଗରଙ୍କର ଷାଠିଏ ହଜାର ପୁଅ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଧୁଣ୍ଡି ପକାଇଲେ ଏବଂ ଭୂପୃଷ୍ଠକୁ ଏପରି ଖୋଳି ପକାଇଲେ ଯେ, ଉକ୍ତ ଗର୍ତ୍ତର ଖାତ 'ସାଗର' ବା ସମୁଦ୍ରରେ ପରିଣତ ହେଲା । (ସଗର ରାଜାଙ୍କ ପୁତ୍ରମାନଙ୍କ ଦ୍ୱାରା ଖୋଳା ହୋଇଥିବାରୁ ସମୁଦ୍ରର ନାମ 'ସାଗର' ହେଲା ।) ସଗରଙ୍କ ପୁତ୍ରମାନେ ଭୂପୃଷ୍ଠ ଖୋଳି ଖୋଳି ପାତାଳରେ ପଶି କପିଳ ମୁନିଙ୍କ ଆଶ୍ରମରେ ଯଜ୍ଞୀୟ ଅଶ୍ୱକୁ ଦେଖି କପିଳ ମୁନିଙ୍କୁ ଉକ୍ତ ଅଶ୍ୱର ଅପହର୍ତ୍ତା ବୋଲି ବିଚାରି ମୁନିଙ୍କ ପ୍ରତି କଟୂକ୍ତି ପ୍ରୟୋଗ କରି ତାଙ୍କୁ ଦଣ୍ଡ ଦେବାକୁ ଉଦ୍ୟତ ହୁଅନ୍ତେ କପିଳଙ୍କ ଅଭିଶାପରେ ଏ ୬୦ ହଜାର ଯାକ ପୁଅ ପୋଡ଼ି ଭସ୍ମ ହୋଇଗଲେ । ଅତଃପର ସଗରଙ୍କ ପୌତ୍ର ଅଂଶୁମାନ୍ ପାତାଳକୁ ଗମନପୂର୍ବକ ତପସ୍ୟା ଓ ସ୍ତବ ଦ୍ୱାରା ମୁନିଙ୍କୁ ତୁଷ୍ଟ କରାଇ ଉକ୍ତ ଅଶ୍ୱକୁ ଆଣି ପିତାମହଙ୍କ ଆରବ୍ଧ ଯଜ୍ଞକୁ ଶେଷ କରାଇଲେ । ଉତ୍ତରକାଳରେ ଏହି ସୂର୍ଯ୍ୟବଂଶର ବଂଶଧର 'ଭଗୀରଥ' ସ୍ୱର୍ଗରୁ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣି (ଏଥିପାଇଁ ଗଙ୍ଗାଙ୍କର ଅନ୍ୟ ନାମ 'ଭାଗୀରଥୀ' ହୋଇ ଅଛି ।) ଗଙ୍ଗାଙ୍କୁ ବାଟ ଦେଖାଇ ଦେଖାଇ କପିଳ ମୁନିଙ୍କ ଆଶ୍ରମ ବାଟେ ନେଇ ସମୁଦ୍ରରେ ମିଶାଇଲେ ଓ କପିଳ ମୁନିଙ୍କ ଆଶ୍ରମରେ ସଗରଙ୍କ ୬୦ ହଜାର ପୁତ୍ରଙ୍କ ଭସ୍ମ ଗଙ୍ଗା-ଜଳ ଦ୍ୱାରା ପ୍ଲାବିତ ହେବାରୁ ସେମାନେ ଉଦ୍ଧାର ପାଇଲେ । ଅଦ୍ୟାବଧି ଗଙ୍ଗାର ସମୁଦ୍ର ସଙ୍ଗେ ମିଳିତ ହୋଇଥିବା ମୁହାଣ (ଗଙ୍ଗାସାଗର ସଙ୍ଗମ) ହିନ୍ଦୁମାନଙ୍କର ମହାତୀର୍ଥରୂପେ ପରିଗଣିତ ହେଉଅଛି ଓ ସେଠାରେ ପ୍ରତିବର୍ଷ ମକରସଂକ୍ରାନ୍ତି ସମୟରେ ସହସ୍ର ସହସ୍ର ହିନ୍ଦୁ ସ୍ନାନ କରନ୍ତି । ଏହାଛଡ଼ା ସେଠାରେ ଗୋଟିଏ ବଡ଼ ମେଳା ମଧ୍ୟ ହୁଏ ।]

ସଗର୍ବ—ସଂ. ବିଣ. ପୁଂ. (ସ+ଗର୍ବ; ବହୁବ୍ରୀହି) ୧ । ଗର୍ବିତ
Sagarba (ବ୍ୟକ୍ତି)—1. Proud; arrogant. ୨ ।
(ସଗର୍ବା—ସ୍ତ୍ରୀ) ଗର୍ବପୂର୍ଣ୍ଣ (ବାକ୍ୟ ବା ବ୍ୟବହାର)—2. (word or act) Full of arrogance.

ସଗର୍ବ(ର୍ବେ)—ଦେ. କ୍ରି. ବିଣ (ସଂ. ସଗର୍ବଂ)—ଗର୍ବ ସହକାରେ;
Sagarba(rbe) ଗର୍ବିତଭାବରେ—Proudly; arrogant
সগর্বে सगर्व ly; with arrogance. [ଯଥା—ମୁ

(ସଗର୍ବରେ—ଅନ୍ୟରୂପ) ସଗର୍ବରେ କହିପାରେ ଯେ, ମୋ ସାଥିରେ କିଏ ଲଢ଼ି ଅଛନ୍ତି ।)

ସଗର୍ଭ—ସଂ. ବିଣ. ପୁଂ (ବହୁବ୍ରୀହି, ସ=ସହିତ+ଗର୍ଭ=ଉଦର)
Sagarbha ୧ । ଅଭ୍ୟନ୍ତରରେ ସୂକ୍ଷ୍ମପତ୍ରାଦି ଯୁକ୍ତ (କୁଶ ଦୁର୍ବାଦି)—
(ସଗର୍ଭା—ସ୍ତ୍ରୀ) (a blade of Kusa grass) Enclosing a small leaf within it. ୨ । ଗର୍ଭଯୁକ୍ତ; ଉଦରଯୁକ୍ତ—2. Having a garbha i.e. belly; bellied; having an uterus. ସଂ. ବି. ପୁଂ (ବହୁବ୍ରୀହି, ସ=ସମାନ+ଗର୍ଭ=ମାତୃଗର୍ଭ, ଯେ ଏକ ମାତୃଗର୍ଭରୁ ଜାତ) ଭାଇ; ସହୋଦର—One's full brother; uterine brother.

ସଗର୍ଭା—ସଂ. ବିଣ. ସ୍ତ୍ରୀ (ସଗର୍ଭ+ଆ) ଗର୍ଭବତୀ—Pregnant;
Sagarbhā big with child. ସଂ. ବି. ସ୍ତ୍ରୀ—ସହୋଦରା; ଏକମାତାଙ୍କ ଗର୍ଭଜାତ କନ୍ୟା; ଆପଣାର ଭଉଣୀ—One's full sister or uterine sister.

ସଗର୍ଭ୍ୟ—ସଂ. ବି ଓ ବିଣ ପୁଂ. (ସଗର୍ଭ+ଯ)—ସଗର୍ଭ (ଦେଖ)—
Sagarbhya Sagarbha (See)
(ସଗର୍ଭ୍ୟା—ସ୍ତ୍ରୀ)

ସଗର୍ଭ୍ୟା—ସଂ. ବି ଓ ବିଣ. ସ୍ତ୍ରୀ—(ସଗର୍ଭ+ଯ+ସ୍ତ୍ରୀ ଆ)—ସଗର୍ଭା
Sagarbhyā (ଦେଖ)—Sagarbhā (See)

ସଗା—ଦେ. ବିଣ [ସଂ. ସଗାତ୍ର (ସ=ସହିତ ବା ସଂଲଗ୍ନ+ଗାତ୍ର=
Sagā ଦେହ); ଚୋଡ଼ ଅଧର ବେଣ୍ଟ, କୋଡ଼ିର ଗାତ୍ର
ନୀଚୁମୁଖୋ ବା ଦେହର ସଂଲଗ୍ନ ହେଉଥିବାରୁ]—ଯେଉଁ
सेब କୋଡ଼ିର ବା କାଙ୍କର ମୂଳର କଣା (ଯହିଁ
ଭୁଲ } ବିପରୀତ ଭିତରେ ବେଣ୍ଟ ପଶେ) ଏପରି ହୋଇଥାଏ
ଭୁଲା ଯେ, ତହିଁରେ ପୂରାଯିବା ବେଣ୍ଟଟି କୋଡ଼ିର ମୁହଁ ପାଖକୁ ଲାଗିଯାଏ—(the eye of a spade) Constructed in such a manner that the handle which is passed through it comes very close to its blade or body.

ସଗା(ଗେ)ଇବା—ଦେ. କି—(କୋଡ଼ିର ମୂଳର କଣାକୁ) ସଗା
Sagā(ge)ibā କରିବା; କୋଡ଼ିର ମୂଳର କଣାକୁ ଏପରି ଭାବରେ
नीचुमुखो करना ଛିଦ୍ର କରିବା, ଯେପରିକି କୋଡ଼ିର
सेब करना ବେଣ୍ଟ କୋଡ଼ିର ମୁହଁଆଁକୁ ଲାଗିଗଲା ପରି ହୋଇ
ଭୁଲାଇବା } ରହେ—To shape the eye of
ଭୁଲ କରିବା } ବିପରୀତ a spade in such a manner
ଭୁଲେଇବା } that the handle passed through it will be very near (making an acute angle with) the blade.

ସଗୁଣ—ସଂ. ବିଣ (ବହୁବ୍ରୀହି, ସ=ସହ+ଗୁଣ)—୧ । ଗୁଣଯୁକ୍ତ—
Saguna 1. Possessed of attributes. ୨ । ଉତ୍ତମ
(ନିର୍ଗୁଣ—ବିପରୀତ) ଗୁଣଯୁକ୍ତ—2. Possessed of good attributes or qualities. ୩ । ସତ୍ତ୍ୱ, ରଜଃ ଓ ତମଃ ଏହି ଗୁଣତ୍ରୟବିଶିଷ୍ଟ—3. Possessing the three worldly attributes (ସତ୍ତ୍ୱ—good, ରଜଃ—indifferent, ତମଃ—bad). ୪ । ସାଂସାରିକ—4. Worldly. ୫ । ଗୁଣ ବା ଦଉଡ଼ି ଲାଗିଥିବା (ଧନୁ); ଯେଉଁ ଧନୁରେ ଗୁଣ ଚଢ଼ିଥାଏ—5. Stringed (bow). ୬ । ସାକାର; ଶରୀରୀ—
6. Corporeal; having a form.

ସଗୁଣା—ସଂ. ବି—ଭକ୍ତିବିଶେଷ—A kind of devotion. [ଉ—
Sagunā ସର୍ବତ୍ର ଦେଖଇ ସମାନ, ସାତ୍ତ୍ୱିକ ଭକ୍ତି ତାକୁ ଜାଣ । ଏହି ପ୍ରକାରେ ନବ ନବ, ସଗୁଣା ଏକାଦଶୀ ଭାବ—ଜଗନ୍ନାଥ; ଭାଗବତ ।] [ଦ୍ର—ସାତ୍ତ୍ୱିକ, ରାଜସ ଓ ତାମସ, ଏହି ତ୍ରିବିଧ ଭକ୍ତିଯୋଗ ମଧ୍ୟରେ ମୃଦୁ, ମଧ୍ୟ ଓ ଉତ୍ତମ ଭେଦରେ ନଅ ପ୍ରକାର ଭେଦ ଅଛି । ଏହି ନଅ ପ୍ରକାର ମଧ୍ୟରେ ପ୍ରତ୍ୟେକର ଶ୍ରବଣ କୀର୍ତ୍ତନାଦି ଭେଦରେ ନବଧା ଭେଦ ଥିବାରୁ ସଗୁଣା ଭକ୍ତି ଏକାଦଶୀ ପ୍ରକାର ଅଟେ ।]

ସଗୁଣୋପାସନା—ସଂ. ବି (ସଗୁଣ+ଉପାସନା; କର୍ମଧାରୟ)—୧ ।
Sagunopāsanā ଈଶ୍ୱରଙ୍କ ସଗୁଣ ବା ଶରୀରୀ କଳ୍ପନାରେ ଆରାଧନା—1. Worshipping God as manifesting Himself in a visible body having attributes, human and divine. ୨ । ସାକାର ଉପାସନା—2. Image-worship; idolatry; worship of God considered as possessed of different attributes and assuming different bodies. [ଦ୍ର—ସୃଷ୍ଟିକର୍ତ୍ତା ରୂପରେ 'ବ୍ରହ୍ମା', ପାଳନକର୍ତ୍ତାରୂପରେ 'ବିଷ୍ଣୁ' ଓ ସଂହାରକ ରୂପରେ 'ଶିବ'—ଈଶ୍ୱରଙ୍କ ଏହିପରି କଳ୍ପନାପୂର୍ବକ ଆରାଧନା କରିବା ସଗୁଣୋପାସନାର ବିଧି ।]

ସଗୋତ୍ର—ସଂ. ବିଣ. ପୁଂ (ବହୁବ୍ରୀହି; ସ=ସମାନ; ଏକ+ଗୋତ୍ର
Sagotra =ବଂଶ ଯାହାର)—୧ । ଏକ ଗୋତ୍ରରୁ ଜାତ—
(ସଗୋତ୍ରା—ସ୍ତ୍ରୀ) 1. Born of the same clan. ୨ ।
(ଅସଗୋତ୍ର—ବିପରୀତ) ଏକ ବଂଶୀୟ—2. Of the same kin; kindred. ସଂ. ବି—୧ । କୁଳ; ବଂଶ—1. Lineage; pedigree; family. ୨ । ଜ୍ଞାତି; କୁଟୁମ୍ବ—2. Kinsman; kindred; kinsfolk. ୩ । ଯେଉଁ ବ୍ୟକ୍ତିର ଗୋତ୍ର ଅନ୍ୟ ବ୍ୟକ୍ତିର ଗୋତ୍ର ଏକ (ଅର୍ଥାତ୍ ଯେଉଁ ଦୁଇ ଜଣଙ୍କର କୁଳପ୍ରବର୍ତ୍ତକ ମୁନି ଜଣେ; ଅର୍ଥାତ୍ ଯେଉଁମାନେ ଜଣେ ଗୋତ୍ରପ୍ରବର୍ତ୍ତକ ମୁନିଙ୍କ ବଂଶଧର ଅଟନ୍ତି)—3. Persons descended from one and the same progenitor (sage). [ଦ୍ର—ସଗୋତ୍ରଙ୍କ ମଧ୍ୟରେ ବିବାହ ନିଷିଦ୍ଧ । ଯେଉଁ ବର ବା କନ୍ୟା ଆପଣାର ବାପା ଆପଣା ମାତାମହଙ୍କ ସଗୋତ୍ର, ତାକୁ ବିବାହ କରିବା ନିଷିଦ୍ଧ ।]

ସଗୋତ୍ର ବିବାହ—ସଂ. ବି (ତତ୍)—ସଗୋତ୍ର ବ୍ୟକ୍ତିଙ୍କୁ ବିବାହ
Sagotra bibāha କରିବା—Marriage with an agnate or kinsfolk. [ଦ୍ର—ଏହା ହିନ୍ଦୁ ସ୍ମୃତି ଅନୁସାରେ ନଷିଦ୍ଧ ଓ ନିନ୍ଦ୍ୟ ।]

ସଗୋତ୍ର ସପିଣ୍ଡ—ସଂ. ବି (ସ୍ମୃତି)—ଯେଉଁ ସଗୋତ୍ରମାନଙ୍କ ସଙ୍ଗେ
Sagotra sapiṇḍa କୌଣସି ବ୍ୟକ୍ତିର ପିଣ୍ଡଦାନଦ୍ୱାରା ସମ୍ବନ୍ଧ ଅଛି—Persons of the same kin connected with a person by the offering of funeral cakes. (ଦ୍ର—ଜୀବିତ ବ୍ୟକ୍ତି ଆପଣାର ପିତାଙ୍କୁ, ପିତାମହଙ୍କ ଓ ପ୍ରପିତାମହଙ୍କୁ ପିଣ୍ଡଦାନ କରେ ଏବଂ ମୃତ ବ୍ୟକ୍ତି ଆପଣାର ପୁତ୍ର, ପୌତ୍ର ଓ ପ୍ରପୌତ୍ରଙ୍କଠାରୁ 'ପିଣ୍ଡ' ପାଏ । ଏପରି ସ୍ଥଳରେ ନିଜର ଉପରସ୍ଥ ୩ ପୁରୁଷ ଓ ତଳର ୩ ପୁରୁଷ ମୋର ସଗୋତ୍ର ସପିଣ୍ଡ ଅଟନ୍ତି ।
ଯେଉଁମାନେ ଆପଣା ଗୋତ୍ରର ନୁହନ୍ତି, ଅଥଚ ମୋଠାରୁ ପିଣ୍ଡ ପାଆନ୍ତି ଓ ମୋତେ ପିଣ୍ଡ ଦେବେ, ସେମାନେ ମୋର ଅସଗୋତ୍ର ସପିଣ୍ଡ ଅଟନ୍ତି । ଯଥା—ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ ଏବଂ ଦୌହିତ୍ର, ଦୌହିତ୍ରପୁତ୍ର ଓ ଦୌହିତ୍ରପୌତ୍ର । ଅପରା ଗୋତ୍ରର ଯେଉଁ ବ୍ୟକ୍ତିମାନଙ୍କ ସଙ୍ଗେ ମୋର ପିଣ୍ଡସମ୍ପର୍କ ନାହିଁ, ସେମାନେ ମୋର ଅସପିଣ୍ଡ ସଗୋତ୍ର ଅଟନ୍ତି । ଯଥା—ପ୍ରପିତାମହଙ୍କ ଊର୍ଦ୍ଧ୍ୱତନ ପୁରୁଷଗଣ ଓ ପ୍ରପୌତ୍ରର ଅଧସ୍ତନ ପୁରୁଷଗଣ ।]

ସଗୋତ୍ରା—ସଂ. ବିଣ ଓ ବି. ସ୍ତ୍ରୀ (ସଗୋତ୍ର+ସ୍ତ୍ରୀ. ଆ)—'ସଗୋତ୍ର'ର
Sagotrā ସ୍ତ୍ରୀଲିଙ୍ଗ—Feminine form of 'Sagotra'.

ସଗୋତ୍ରୀ—ଦେ. ବିଣ ଓ ବି (ସଂ. ସଗୋତ୍ର)—ସଗୋତ୍ର (ଦେଖ)
Sagotrī Sagotra. (See)
ସଗୋତ୍र(ত্রী) ସଗୋତ୍ରୀ (ସଅଁଗୋତ୍ରୀ—ଅନ୍ୟରୂପ)

ସଗ୍ଧି—ସଂ. ବି.-[ସ=ସହ+ଜଗ୍ଧି=ଅଦ ଧାତୁ=ଭୋଜନ କରିବା+
Sagdhi ଭାବ. ତି]—୧ । ସହ ଭୋଜନ; ଏକତ୍ର ଭୋଜନ—1. Dining together; taking meals together; act of eating together. ୨ । ଅନ୍ୟ ବ୍ୟକ୍ତି ସଙ୍ଗେ ଏକ ପଙ୍କ୍ତିରେ ଭୋଜନ—2. Act of dining with others in the same row in caste feast.

ସଘନ—ସଂ. ବିଣ (ସ=ସହିତ+ଘନ=ନୃତ୍ୟ ବିଶେଷ; ବହୁବ୍ରୀହି)—
Saghana ନୃତ୍ୟଶୀଳ—Dancing. ଦେ. କି. ବିଣ
ସଘନ, ଘନ ଘନ (ପଦ୍ୟ) (ସଂ. ଘନର ଅଶୁଦ୍ଧ ପ୍ରୟୋଗ)—ଘନଘନ;
ବାରଂବାର ବାରମ୍ବାର—Repeatedly; over and over.
ଘନ ଦେ. ବିଣ (ପଦ୍ୟ) (ସଂ. 'ଘନ'ର ଅଶୁଦ୍ଧ ପ୍ରୟୋଗ)—ଘନ—
ଘନ Dense. (ଉ—ବନ ସଘନେ ରହେ ଜନ୍ତୁ; ସେ ନିଜ ଶବଦ ଶୁମନ୍ତି । ଭୂପତି. ପ୍ରେମ ପଞ୍ଚାମୃତ ।)

ସଙ୍କଟ (ଇତ୍ୟାଦି)—ସଂ. ବିଣ—ସଙ୍କଟ ଇତ୍ୟାଦି (ଦେଖ)
Saṅkaṭa (etc) Saṁkaṭa etc. (See)

ସଙ୍କଟା—ସଂ. ବି. ସ୍ତ୍ରୀ—ସଂକଟା (ଦେଖ)
Saṅkaṭā Saṁkaṭā. (See)

ସଙ୍କଟା(ଟେ)ଇ (ଇତ୍ୟାଦି)—ଦେ. ବି. ସ୍ତ୍ରୀ—ସଂକଟା(ଟେ)ଇ ଇତ୍ୟାଦି
Saṅkaṭā(ṭe)ī (etc) (ଦେଖ)—Saṁkaṭā(ṭe)ī etc. (See).

ସଙ୍କଟାକ୍ଷ—ସଂ. ବି—ସଂକଟାକ୍ଷ (ଦେଖ)
Saṅkaṭāksha Saṁkaṭāksha. (See)

ସଙ୍କଥନ—ସଂ. ବି—ସଂକଥନ (ଦେଖ)
Saṅkathana Saṁkathana. (See)
(ସଂକଥା—ଅନ୍ୟରୂପ)

ସଙ୍କର—ସଂ. ବି—ସଂକର (ଦେଖ)
Saṅkara Saṁkara. (See)

ସଙ୍କରା (ଇତ୍ୟାଦି)—ଦେ. ବି- ସଂକରା ଇତ୍ୟାଦି (ଦେଖ)
Saṅkarā (etc) Saṁkarā etc. (See)

ସଙ୍କରାନୁଭୂତି—ସଂ. ବି—ସଂକରାନୁଭୂତି (ଦେଖ)
Saṅkarānubhūti Saṁkarānubhūti. (See)

ସଙ୍କରାନ୍ତି—ଗ୍ରା. ବି (ପଦ୍ୟ)—ସଂକରାନ୍ତି (ଦେଖ)
Saṅkarānti Saṁkarānti. (See)

ସଙ୍କରୀ—ସଂ. ବି. ସ୍ତ୍ରୀ—ସଂକରୀ (ଦେଖ)
Saṅkarī Saṁkarī. (See)

ସଙ୍କରୀକରଣ—ସଂ. ବି—ସଂକରୀକରଣ (ଦେଖ)
Saṅkarīkaraṇa Saṁkarīkaraṇa. (See)

ସଙ୍କରୁ—ଦେ. ବି—ସଂକରୁ (ଦେଖ)
Saṅkaru Saṁkaru. (See)

ସଙ୍କର୍ଷଣ—ସଂ. ବି—ସଂକର୍ଷଣ (ଦେଖ)
Saṅkarshaṇa Saṁkarshaṇa. (See)

ସଙ୍କଳ—ସଂ. ବି—ସଂକଳ (ଦେଖ)
Saṅkaḷa Saṁkaḷa. (See)

ସଙ୍କଳପ—ଗ୍ରା. (ପଦ୍ୟ) ବି—ସଂକଳପ (ଦେଖ)
Saṅkaḷapa Saṁkaḷapa. (See)

ସଙ୍କଳୟିତା—ସଂ. ବିଣ. ପୁଂ—ସଂକଳୟିତା (ଦେଖ)
Saṅkaḷayitā Saṁkaḷayitā. (See)

ସଙ୍କଳିତ—ସଂ. ବିଣ—ସଂକଳିତ (ଦେଖ)
Saṅkaḷita Saṁkaḷita. (See)

ସଙ୍କଳ୍ପ (ଇତ୍ୟାଦି)—ସଂ. ବି—ସଂକଳ୍ପ ଇତ୍ୟାଦି (ଦେଖ)
Saṅkaḷpa (etc) Saṁkaḷpa etc. (See)

ସଙ୍କଳ୍ପିତ (ଇତ୍ୟାଦି)—ସଂ. ବିଣ—ସଂକଳ୍ପିତ ଇତ୍ୟାଦି (ଦେଖ)
Saṅkaḷpita (etc) Saṁkaḷpita etc. (See)

ସଙ୍କସୁକ—ସଂ. ବିଣ—ସଂକସୁକ (ଦେଖ)
Saṅkasuka Saṁkasuka (See)

ସଙ୍କାର—ସଂ. ବି—ସଂକାର (ଦେଖ)
Saṅkāra Saṁkāra (See)

ସଙ୍କାରୀ—ସଂ. ବି. ସ୍ତ୍ରୀ—ସଂକାରୀ (ଦେଖ)
Saṅkārī Saṁkārī (See)

ସଙ୍କାଶ – ସଂ. ବଣ—ସଂକାଶ (ଦେଖ)
Saṅkāsa Saṁkāsa (See)

ସଙ୍କିଳ—ସଂ. ଵ—ସଂକିଳ (ଦେଖ)
Saṅkila Saṁkila (See)

ସଙ୍କୀର୍ଣ୍ଣ (ଇତ୍ୟାଦ)—ସଂ. ବଣ—ସଂକୀର୍ଣ୍ଣ ଇତ୍ୟାଦ (ଦେଖ)
Saṅkirṇṇa (etc) Saṁkirṇṇa etc (See)

ସଙ୍କୀର୍ତ୍ତନ(ନା) (ଇତ୍ୟାଦ)—ସଂ. ବ—ସଂକୀର୍ତ୍ତନ(ନା) ଇତ୍ୟାଦ (ଦେଖ)
Saṅkirttana(nā) (etc) Saṁkirttana(nā) etc (See)

ସଙ୍କୀର୍ତ୍ତିତ—ସଂ. ବଣ—ସଂକୀର୍ତ୍ତିତ (ଦେଖ)
Saṅkirttita Saṁkirttita. (See)

ସଙ୍କୁଚ(ଚେ)ଇବା—ଦେ. କ୍ରି—ସଂକୁଚ(ଚେ)ଇବା (ଦେଖ)
Saṅkuchā(che)ibā Saṁkuchā(che)ibā. (See)

ସଙ୍କୁଚିତ (ଇତ୍ୟାଦ)—ସଂ. ବଣ—ସଂକୁଚିତ ଇତ୍ୟାଦ (ଦେଖ)
Saṁkuchita (etc) Saṁkuchita etc. (See)

ସଙ୍କୁଚିବା—ଦେ. କ୍ରି—ସଂକୁଚିବା (ଦେଖ)
Saṅkuchibā Saṁkuchibā. (See)

ସଙ୍କୁଟନ—ସଂ. ବ—ସଂକୁଟନ (ଦେଖ)
Saṅkuṭana Saṁkuṭana. (See)

ସଙ୍କୁଡ଼ି(ଇତ୍ୟାଦ)—ଦେ. ବ ଓ ବଣ—ସଙ୍ଖୁଡ଼ି ଇତ୍ୟାଦ (ଦେଖ)
Saṅkurḍi(etc) Saṁkhurḍi. etc (See)

ସଙ୍କୁନ—ଦେ. ବ (ସଂ ଶକୁନ)-ସଂକେତ—To ken; sign. (ଉ—
Saṅkuna ହିଦେ ସଙ୍କୁନ ଦେଇ ସବୁ କଥା ଅମ୍ଭମାନଙ୍କଠାରୁ ଶୁଣିଯାଅ । ପଞ୍ଚାରମୋହନ. ଛମାଣ ଅଠଗୁଣ୍ଠ ।)

ସଙ୍କୁରି—ଗ୍ରା. ବ ଓ ବଣ—ସଂକୁରି (ଦେଖ)
Saṅkuri Saṁkuri. (See)

ସଙ୍କୁଳ (ଇତ୍ୟାଦ)—ସଂ. ବଣ—ସଂକୁଳ ଇତ୍ୟାଦ (ଦେଖ)
Saṅkuḷa (etc) Saṁkuḷa etc. (See)

ସଙ୍କୁଳନ—ସଂ. ବ—(ସମ୍+କୁଳ୍ ଧାତୁ=ଏକଜ କରିବା+ଭାବ.
Saṅkuḷana ଅନ)—୧ । ଏକତ୍ରୀକରଣ—1. Gathering; heaping up. ୨ । ସଂଗ୍ରହ କରିବା; ଯୋଗାଡ଼ କରିବା—2. Act of getting up many things together.

ସଙ୍କୁଳା—ଦେ. ବ ଓ ବଣ—ସଙ୍ଖୁଳା (ଦେଖ)
Saṅkuḷā Saṁkhuḷā. (See)

ସଙ୍କୁଳାନ—ଦେ. ବ (ସଂ. ସମ୍+କୁଳ. ଧାତୁ=ଏକଜ କରିବା)—
Saṅkuḷāna ପର୍ଯ୍ୟାପ୍ତି—Sufficiency. ବଣ ୧ । ପର୍ଯ୍ୟାପ୍ତ—
सङ्कुलान 1. Sufficient. ୨ । ଯଥେଷ୍ଟ—2. Enough.
यथेष्ट [ଅକୁଳାନ—ବିପରୀତ]

ସଙ୍କୁଳାନ ହେବା—ଦେ. କ୍ରି—୧ । କୁଳାଇବା; ପର୍ଯ୍ୟାପ୍ତ ହେବା;
Saṅkuḷāna hebā କାର୍ଯ୍ୟକୁ ପାଇବା—1. To suffice.
सङ्कुलान हओया ୨ । ଯଥେଷ୍ଟ ହେବା—
यथेष्टहोना 2. To be enough.

ସଙ୍କୁଳିଆ(ୟା)—ଦେ. ବ—ସଂଖୁଳିଆ[ୟା] (ଦେଖ)
Saṅkuḷiā(yā) Saṁkhuḷiā(yā). (See)

ସଙ୍କୁଳିତ—ସଂ. ବଣ—ସଂକୁଳିତ (ଦେଖ)
Saṅkuḷita Saṁkuḷita. (See)

ସଙ୍କୁଳିବା—ଦେ. କ୍ରି—ସଙ୍ଖୁଳିବା (ଦେଖ)
Saṅkuḷibā Saṁkhuḷibā. (See)

ସଙ୍କେ(ଙ୍ଖେ)ଇବା—ପ୍ରାଦେ (ବାଲେଶ୍ୱର) କ୍ରି—ଧାନ କୁଟା ଯିବା ସମୟରେ
Saṅke(ṅkhe)ibā କୁଟା ହେଉଥିବା ଧାନର ସବୁ ଅଂଶ ଉପରେ ସେଂକୁର ଦେଖା ଓ ଠିକ୍‌ର ପାଡ଼ାର ସମାନ ଭାବରେ ପଡ଼ିବା ଲାଗି ମଝିରେ ମଝିରେ ହାତରେ ବା ଲମ୍ବା ଯଷ୍ଟି ସାହାଯ୍ୟରେ ଧାନକୁ ଓଲଟାଇ ଦେବା—To turn upside down the contents of the pit with the help of the palm or a rod while paddy is being husked.

ସଙ୍କେତ (ଇତ୍ୟାଦ)—ସଂ. ବ—ସଂକେତ ଇତ୍ୟାଦ (ଦେଖ)
Saṅketa (etc) Saṁketa etc. (See)

ସଙ୍କୋଚ (ଇତ୍ୟାଦ)—ସଙ୍କୋଚ ଇତ୍ୟାଦ (ଦେଖ)
Saṅkocha (etc) Saṁkocha etc. (See)

ସଙ୍କୋଚନ—ସଂ. ବ—ସଂକୋଚନ (ଦେଖ)
Saṅkochana Saṁkochana. (See)

ସଙ୍କୋଚନୀ—ସଂ. ବ—ସଂକୋଚନୀ (ଦେଖ)
Saṅkochaṇī Saṁkochaṇī. (See)

ସଙ୍କୋଚନୀୟ—ସଂ. ବଣ—ସଂକୋଚନୀୟ (ଦେଖ)
Saṅkochaṇīya Saṁkochaṇīya. (See)

ସଙ୍କୋଚ(ଚେ)ଇବା—ଦେ କ୍ରି—ସଂକୋଚାଇବା (ଦେଖ)
Saṅkochā(che)ibā Saṁkochāibā (See)

ସଙ୍କୋଚିବା—ଦେ. କ୍ରି—ସଂକୋଚିବା (ଦେଖ)
Saṅkochibā Saṁkochibā (See)

ସଙ୍କୋଚି ହେବା—ଦେ. କ୍ରି—ସଂକୋଚି ହେବା (ଦେଖ)
Saṅkochi hebā Saṁkochi hebā (See)

ସଙ୍କୋଚୀ – ସଂ. ବଣ – ସଂକୋଚୀ (ଦେଖ)
Saṅkochī Saṁkochī (See)

ସଙ୍କୋଚ୍ୟ (ଇତ୍ୟାଦ)—ସଂ. ବଣ—ସଂକୋଚ୍ୟ ଇତ୍ୟାଦ (ଦେଖ)
Saṅkochya (etc) Saṁkochya etc (See)

ସଙ୍କ୍ରନ୍ଦନ—ସଂ. ବ—ସଂକ୍ରନ୍ଦନ (ଦେଖ)
Saṅkrandana Saṁkrandana (See)

ସଙ୍କ୍ରମ (ଇତ୍ୟାଦ)—ସଂ. ବ—ସଂକ୍ରମ ଇତ୍ୟାଦ (ଦେଖ)
Saṅkrama (etc) Saṁkrama etc (See)

ସଙ୍କ୍ରମିତ—ସଂ. ବଣ—ସଂକ୍ରମିତ (ଦେଖ)
Saṅkramita Saṁkramita (See)

ସଙ୍କ୍ରମିବା—ଦେ. କ୍ରି—ସଂକ୍ରମିବା (ଦେଖ)
Saṅkramibā Saṁkramibā (See)

ସଙ୍କ୍ରା(କ୍ରି, କ୍ରୁ)—ଦେ. କ୍ରି—ସଂକ୍ରା (ଦେଖ)
Saṅkrā(ṅkri, ṅkru) Saṁkrā (See)

ସଙ୍କ୍ରା(କ୍ରେ)ଇବା—ଦେ. କ୍ରି—ସଂକ୍ରାଇବା (ଦେଖ)
Saṅkrā(ṅkre)ibā Saṁkrāibā (See)

ସଙ୍କ୍ରାନ୍ତ—ସଂ. ବଣ—ସଂକ୍ରାନ୍ତ (ଦେଖ)
Sankrānta Samkrānta (See)

ସଙ୍କ୍ରାନ୍ତି (ଇତ୍ୟାଦି)—ସଂ. ବି—ସଂକ୍ରାନ୍ତି ଇତ୍ୟାଦି (ଦେଖ)
Sankrānti (etc) Samkrānti etc. (See)

ସଙ୍କ୍ରାମ—ସଂ. ବି—ସଂକ୍ରାମ (ଦେଖ)
Sankrāma Samkrāma (See)

ସଙ୍କ୍ରାମକ (ଇତ୍ୟାଦି)—ସଂ. ବଣ—ସଂକ୍ରାମକ ଇତ୍ୟାଦି (ଦେଖ)
Sankrāmaka (etc) Samkrāmaka etc (See)

ସଙ୍କ୍ରାମଣ—ସଂ. ବି—ସଂକ୍ରାମଣ (ଦେଖ)
Sankrāmaṇa Samkrāmaṇa (See)

ସଙ୍କ୍ରାମିକ—ଦେ. ବଣ—ସଂକ୍ରାମିକ (ଦେଖ)
Sankrāmika Samkrāmika (See)

ସଙ୍କ୍ରାମିତ—ସଂ. ବଣ—ସଂକ୍ରାମିତ (ଦେଖ)
Sankrāmita Samkrāmita (See)

ସଙ୍କ୍ରାମିତା(ତ୍ୱ)—ସଂ. ବି—ସଂକ୍ରାମିତା (ଦେଖ)
Sankrāmita(twa) Samkrāmita (See)

ସଙ୍କି(ଙ୍କୀ)ର୍ତନ—ଗ୍ରା. ବି (ଅଶୁଦ୍ଧ)—ସଂକି(କୀ)ର୍ତନ (ଦେଖ)
Sankri(nkrī)tana Samkri(krī)tana (See)

ସଙ୍କ୍ଲେଦ—ସଂ. ବି—ସଂକ୍ଲେଦ (ଦେଖ)
Sankḷeda Samkḷeda (See)

ସଙ୍କ୍ଷୟ—ସଂ. ବି—ସଂକ୍ଷୟ (ଦେଖ)
Sankshaya Samkshaya (See)

ସଙ୍କ୍ଷିପ୍ତ (ଇତ୍ୟାଦି)—ସଂ. ବଣ—ସଂକ୍ଷିପ୍ତ ଇତ୍ୟାଦି (ଦେଖ)
Sankshipta (etc) Samkshipta etc (See)

ସଙ୍କ୍ଷୀୟମାଣ—ସଂ. ବଣ—ସଂକ୍ଷୀୟମାଣ (ଦେଖ)
Sankshīyamāṇa Samkshīyamāṇa (See)

ସଙ୍କ୍ଷୁବ୍ଧ—ସଂ. ବଣ—ସଂକ୍ଷୁବ୍ଧ (ଦେଖ)
Sankshubdha Samkshubdha (See)

ସଙ୍କ୍ଷେପ (ଇତ୍ୟାଦି)—ସଂ. ବି—ସଂକ୍ଷେପ ଇତ୍ୟାଦି (ଦେଖ)
Sankshepa (etc) Samkshepa etc (See)

ସଙ୍କ୍ଷେପକ—ସଂ. ବଣ—ସଂକ୍ଷେପକ (ଦେଖ)
Sankshepaka Samkshepaka (See)

ସଙ୍କ୍ଷେପଣ—ସଂ. ବି—ସଂକ୍ଷେପଣ (ଦେଖ)
Sankshepaṇa Samkshepaṇa (See)

ସଙ୍କ୍ଷେପିବା—ଦେ. କି—ସଂକ୍ଷେପିବା (ଦେଖ)
Sankshepibā Samkshepibā (See)

ସଙ୍କ୍ଷୋଭ—ସଂ. ବି—ସଂକ୍ଷୋଭ (ଦେଖ)
Sankshobha Samkshobha (See)

ସଙ୍ଖ—ଦେ. ବି (ସଂ. ସଂକ୍ରମ)—ପୋଲ; ସେତୁ—
Sankha সাঁকো पुल Bridge.

ସଙ୍ଖଡ଼ା—ପ୍ରାଦେ. ବି (କଟକ)—ଭୁକ୍ତାବଶିଷ୍ଟ ଦ୍ରବ୍ୟ; ସଙ୍ଖୁଡ଼ି—
Sankharḍā 1. Food left after being par taken of by somebody. ବଣ—ସଙ୍ଖୁଡ଼ି ଖାଦ୍ୟ; ଉଚ୍ଛିଷ୍ଟ ଖାଦ୍ୟ—(articles of food) Left on the plate after taking meal in it.

ସଙ୍ଖ ପୋଲ—ଦେ. ବି (ସଂ. ସଂକ୍ରମଣ)—ପୋଲ—
Sankha pola সাঁকোপুল पुल Bridge.

ସଙ୍ଖଳନା—ଦେ. ବି—ସଙ୍ଖୋଳା; କୁଶଳ ପ୍ରଶ୍ନ—Accosting; personal enquiry as to how a person is doing. [ଉ—ମୋହ ପର ବନ୍ଧୁଭ ମୂକ ତାଙ୍କଠାକୁ, ଅସୁଅଛନ୍ତି ସଙ୍ଖଳନା କରିବାକୁ—କୃଷ୍ଣସିଂହ. ମହାଭାରତ. ବନ ।]
Sankhaḷanā
তত্ত্ব লওয়া
कुशल प्रश्न

ସଙ୍ଖଳା—ଦେ. ବି—ଶଙ୍ଖୁଳା (ଦେଖ)—Śankhuḷā (See) [ଉ—ତାଠାରେ ଏହା କହି କରିବା ସଙ୍ଖଳା—କୃଷ୍ଣସିଂହ. ମହାଭାରତ. ସଭା ।]
Sankhaḷā
তত্ত্ব कुशलप्रश्न

ସଙ୍ଖା (ଇତ୍ୟାଦି)—ଦେ. ବି—(ସଂ. ଶଙ୍ଖ; ପୂର୍ବେ ଏହା ଶଙ୍ଖରେ ତିଆରି ହେଉଥିବାରୁ)—ଶଙ୍ଖା ଇତ୍ୟାଦି (ଦେଖ)—Śankhā etc (See)
Sankhā (etc)

ସଙ୍ଖା ମୁଠା—ପ୍ରାଦେ. (ଚିଲିକାଅଞ୍ଚଳ) ବି—ଚିଲିକାରେ ମିଳିବା ଏକପ୍ରକାର ଚିଙ୍ଗୁଡ଼ି—A kind of shrimp found in the Chilka lake.
Sankhā muṭhā

ସଙ୍ଖାଳି(ଳୀ)—ଦେ. ବି—୧ । ଧନ ରତ୍ନ—1. Riches and gems. [ଉ—ଘରେ ଯାହା ସଙ୍ଖାଳିମାନ ରଖିଥିଲେ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ଧନରତ୍ନ ପରି ପ୍ରିୟ ବସ୍ତୁ—2. One's beloved or prized article. [ଉ—କମିଷଙ୍କରେ ଙ୍କାଳା, ଜନ୍ମାଏ ଛଣି ହାଳାହଳକୁ ଯେ ସଙ୍ଖାଳି ମହାକାଳେ—କବିସୂର୍ଯ୍ୟ. ଚମ୍ପୂ ।] ୩ । ଧନରତ୍ନ ପରି ମନୁଷ୍ୟର ପ୍ରିୟତମ ବ୍ୟକ୍ତି; ଜୀବନସର୍ବସ୍ୱ—3. One's dearest person. [ଉ—ସଙ୍ଖାଳି ହସାଇ ପ୍ରାଣରଙ୍କ ହେବ—ରାଧାନାଥ ।] [ଦ୍ର—ଆପଣାର ପ୍ରିୟତମ ବ୍ୟକ୍ତିକୁ ଧନରତ୍ନ ନାମରେ ସମ୍ବୋଧନ କରାଯାଏ । ଯଥା—ଧନ, ରତନ, ମାଣିକ, ମଣି । ଏହି ସ୍ଥଳରେ ମଧ୍ୟ ସଙ୍ଖାଳି ପ୍ରୟୋଗ କରାଯାଏ । ଯଥା—ନ ବହିର ଗୋପ-ସଙ୍ଖାଳି ଏ ପାପ ଗହନରେ କହି ଦନ—କବିସୂର୍ଯ୍ୟ. କଶୋଶ୍ଚନ୍ଦ୍ରାନନ୍ଦଚମ୍ପୂ ଙ ଗୀତ । ଏଠାରେ 'ଗୋପ-ସଙ୍ଖାଳି'ର ଅର୍ଥ ଗୋପବାସୀଙ୍କର ଜୀବନସର୍ବସ୍ୱ ବା ପ୍ରିୟତମ ବ୍ୟକ୍ତି ।] ୪ । ପାଣ୍ଠି; ସଞ୍ଚିତ ଧନ—4. A hoard. ୫ । ବାଣିଜ୍ୟାଦିରେ ମୂଳ ଧନ; ମୂଳ ପାଣ୍ଠି—5. The capital or stock in trade. ୬ । [ମନୁଷ୍ୟ ସଞ୍ଚିତ ଧନଦ୍ୱାରା ଭବିଷ୍ୟତରେ ଆପଣାର ଜୀବନ ରକ୍ଷା କରିବାକୁ ଆଶା କରେ ଭଳି, ମନୁଷ୍ୟ (ପିତା ମାତା) ଯାହା (ପୁତ୍ର) ଦ୍ୱାରା ଭବିଷ୍ୟତରେ ପୋଷି ହେବା ପାଇଁ ପୂର୍ଣ୍ଣ ଆଶା ରଖିଥାଏ; ଏକମାତ୍ର ଭରସାର ସ୍ଥାନ—6. One by whom a person hopes to be maintained in future; one in whom another's future hopes are centred. [ଉ—ଧୋବା ମଲେ, ସଙ୍ଖାଳି କରିଛି ଝିଅ ହଳକ—ତଗ ।]
Sankhāḷi(ḷī)
আঁচলের নিধি
लाल
সম্বল রাখা ধন
পুংজি
पूँजी
ভরসা
आसरा

ସଙ୍ଖୁଆ—ଦେ; ବି—ନଦୀ ବା ପୋଖରୀ ଆଦିରୁ ପାଣି ବୋହିଯିବା ପାଇଁ
Sankhuā ନିର୍ମିତ ପୋଲ; କ୍ଷୁଦ୍ର ସେତୁ—Small bridge
শাঁকো with sluices underneath to drain
छोटा पुल water from a river or pond.

ସଙ୍ଖୁଡ଼ି ଦେ· ବି (ସଂ. ସଙ୍କର, ସଙ୍କାର=ସମ୍ମାର୍ଜନୀକ୍ଷିପ୍ତ ଧୂଳି,
Sankhuṛdi ଅବର୍ଜନା; କିମ୍ବା ସମ୍ + କୃ ଧାତୁ=ପାକ କରିବା,
সাঁকড়ি ସିଦ୍ଧ କରିବା ଅର୍ଥ ଯୁକ୍ତ 'ସଂସ୍କାର' ଶବ୍ଦଜାତ, କିମ୍ବା
सकरा; सकरि; सखरी ସଂ. ସଂସ୍କାର)—୧ । ଜଳପକ୍ୱ ଖାଦ୍ୟ
ଅସଙ୍ଖୁଡି } (ଭାତ, ଡାଲି, ତରକାରୀ, ଜଳପକ୍ୱ ପିଠା
ନିସଙ୍ଖୁଡ଼ି } ବିପରୀତ ପ୍ରଭୃତି)—1. Any food boiled in
ଅମୃଣିଅ } water (i. e. rice, curry etc).
୨ । ଉଚ୍ଛିଷ୍ଟ ଖାଦ୍ୟ—2. Rice and curry which has already been partaken of and left on the dish. ବିଣ—୧ । ରନ୍ଧା ହୋଇଥିବା (ଅନ୍ନ ବ୍ୟଞ୍ଜନାଦି)—1. Boiled (rice, curry etc). ୨ । ସଙ୍ଖୁଡ଼ି ରଖା ଯାଇଥିବା (ବାସନ)— 2. (a pot) In which rice etc, have been kept, after taking of the meal. [ଦ୍ର—ସାଧାରଣତଃ ଜଳରେ ସିଦ୍ଧ ଖାଦ୍ୟକୁ ସଙ୍ଖୁଡି ଓ ଜଳରେ ସିଦ୍ଧ ନ ହୋଇ ଘୃତାଦିରେ ପକ୍ୱ ହୋଇଥିବା ଖାଦ୍ୟକୁ ନିସଙ୍ଖୁଡ଼ି ବୋଲିଯାଏ । ଉଦାହରଣସ୍ୱରୂପ ଭାତ, ଡାଲି, ତରକାରୀ, ମଣ୍ଡା, ଏଣ୍ଡୁରି, ଚକୁଳି, ଗୁଡ଼ଜଳଖିରି ଆଦି ସଙ୍ଖୁଡ଼ି; ଏବଂ ମିଠେଇ, କାକରା, ଆରିସା, ଗହମ-ଖିରି, ଚୂଡ଼ା, ଭୂଜା, ଉଖୁଡ଼ା, ଗହମ ତିଆରି ଘୃତପକ୍ୱ ପିଠା ପ୍ରଭୃତି ଜଳଖିଆ ସାମଗ୍ରୀ ନିସଙ୍ଖୁଡ଼ି । ସଙ୍ଖୁଡ଼ି ଜିନିଷକୁ ଅନ୍ୟ ଲୋକ ବା ଶୂଦ୍ରାଦି ଛୁଇଁ ଦେଲେ ତାହା ମାରି ହୋଇଯାଏ; କିନ୍ତୁ ନିସଙ୍ଖୁଡ଼ି ପଦାର୍ଥରେ ସ୍ପର୍ଶ ଦୋଷ ଲାଗେ ନାହିଁ । ଏ ସଙ୍ଖୁଡ଼ି ନିସଙ୍ଖୁଡ଼ିର କାରଣ ସମ୍ବନ୍ଧରେ କେତେଗୁଡ଼ିଏ ବିଚିତ୍ର ବେଖାପୁର ମଧ୍ୟ ଚଳେ । ଯଥା— ଭଜା କିମ୍ବା ତରକାରୀ ଲୁଣ ପଡ଼ି ରନ୍ଧା ହୋଇଥିଲେ ତାହା ସଙ୍ଖୁଡି (ସଂ. ସଂସ୍କାର) ହୋଇଥାଏ, ଲୁଣ ନ ପଡ଼ିଲେ ତାହା ନିସଙ୍ଖୁଡି ଥାଏ । ଗୁଡ଼ଜଳର ଓ ଖିରିର ପିଠା ସଙ୍ଖୁଡିରେ ଗଣ୍ୟ ହୁଏ; କିନ୍ତୁ ଗହମ ଅଟାର ପିଠା ଓ ଲୁଚି ନିସଙ୍ଖୁଡି ଅଟେ । ସଙ୍ଖୁଡି ପଦାର୍ଥକୁ ଖାଇବା ପୂର୍ବରୁ ବ୍ରାହ୍ମଣ ଚଳୁ କରେ; କିନ୍ତୁ ନିସଙ୍ଖୁଡ଼ି ଖାଦ୍ୟ ପାଇଁ ଚଳୁର ଆବଶ୍ୟକତା ପଡ଼େ ନାହିଁ । ସଙ୍ଖୁଡି ହେଉ ବା ନିସଙ୍ଖୁଡି ହେଉ, କୌଣସି ଖାଦ୍ୟକୁ ଜଣେ ବ୍ୟକ୍ତି ପ୍ରଥମେ ଖାଇଲେ ଅବଶିଷ୍ଟ ଖାଦ୍ୟ ଅଇଁଠା (ଉଚ୍ଛିଷ୍ଟ) ହୁଏ । କିନ୍ତୁ ସଙ୍ଖୁଡି ପଦାର୍ଥ ଅଇଁଠା ହେବାର ନିୟମ ବଡ଼ କଡ଼ା । ନିସଙ୍ଖୁଡ଼ି ପଦାର୍ଥ ଅଇଣ୍ଠା ହେବା ସମ୍ବନ୍ଧରେ ସେତେ କଡ଼ା ନିୟମ ନାହିଁ ।]

ସଙ୍ଖୁଡ଼ି ଉଠା(ଠେ)ଇବା—ଦେ· କ୍ରି—ଭୂମିରେ ପଡ଼ିଥିବା ଅନ୍ନ ଆଦିର
Sankhuṛdi uṭhā(ṭhe)ibā କଣାକୁ ଓ ସଙ୍ଖୁଡ଼ି ବାସନ ଆଦିକୁ
সাকড়ি ওঠান ଭୂମିରୁ ଉଠାଇନେବା—To remove utensils
सखरी उठाना or clear the ground where food has been eaten.

ସଙ୍ଖୁଡ଼ି କରିବା—ଦେ. କ୍ରି—୧ । କୌଣସି ପାତ୍ରରେ ସଙ୍ଖୁଡ଼ି ଜିନିଷ
Sankhuṛdi karibā (ଅନ୍ନ ପ୍ରଭୃତି) ଲଗାଇବା—1. To
সঁকড়ি করা,সকড়ি করা touch any utensil with eaten
सखरी करना food etc. ୨ । ପାତ୍ରସ୍ଥ ଅନ୍ନାଦିରୁ ଅଂଶମାତ୍ର ଖାଇବା ଯୋଗୁଁ ଅନ୍ନାଦିକୁ ଅଇଁଠା ବା ଉଚ୍ଛିଷ୍ଟ କରିବା— 2. To pollute rice etc by partaking of a part of it from the same pot.

ସଙ୍ଖୁଡ଼ି ଚିଜ (ଜିନିଷ, ପଦାର୍ଥ, ଦରବ)—ଦେ. ବି—ଜଳପକ୍ୱ ଅନ୍ନ
Sankhuṛdi chija(jinisa, padārtha, daraba) ବ୍ୟଞ୍ଜନ
সকড়ি জিনিষ ଓ ପିଷ୍ଟକାଦି—Rice, curry and cakes
सखरी चिज boiled in water.

ସଙ୍ଖୁଡ଼ି ଧୋଇବା—ଦେ. କ୍ରି—ସଙ୍ଖୁଡ଼ି ବାସନକୁ ଜଳଦ୍ୱାରା ସଫା
Sankhuṛdi dho-ibā କରିବା—To wash utensils
সঁকড়ি ধুয়া soiled with particles of eaten
सखरी धोना rice etc.

ସଙ୍ଖୁଡ଼ି ପକା(କେ)ଇବା—ଦେ.କ୍ରି—୧। ଭୂମିରେ ସଙ୍ଖୁଡ଼ି ଚିଜ ବିଞ୍ଚିବା--
Sankhuṛdi pakā(ke)ibā 1.To strew particles
সাঁকড়ি ফেলা of partaken rice etc. on the ground.
सखरी फेँकना ୨ । ସଙ୍ଖୁଡ଼ି ବାସନକୁ ନ ଉଠାଇ ସେହି ସ୍ଥାନରେ ଛାଡ଼ିଦେବା--2. To leave unwashed utensils at the place of meal.

ସଙ୍ଖୁଡ଼ି ପଡ଼ିବା (ପଡ଼ି ରହିବା)—ଦେ. ବି—ସଙ୍ଖୁଡ଼ି ହୋଇଥିବା
Sankhuṛdi paṛdibā (paṛdi rahibā) କୌଣସି ସ୍ଥାନ
সাঁকড়ি পড়া ବା ବାସନ ପରିଷ୍କୃତ ନ ହୋଇ ପୂର୍ବ ସ୍ଥାନରେ
सखरी रखाहुआ ରହିଥିବା—The utensils and place used in eating rice etc, being left uncleansed or unswept.

ସଙ୍ଖୁଡ଼ି ପ୍ରସାଦ (ଭୋଗ)—ଦେ. ବି— ଅବଢ଼ା ବା ଅନ୍ନ ତରକାରୀ ପ୍ରସାଦ;
Sankhuṛdi prasāda (bhoga) ଦେବତାଙ୍କ ନୈବେଦ୍ୟ ଅନ୍ନ
সকড়ি ভোগ ବ୍ୟଞ୍ଜନାଦି—Rice, curry etc. offered
सखरी प्रसाद to a Deity.
[ଦ୍ର—ଜଗନ୍ନାଥଙ୍କ ଅବଢ଼ା (ଅନ୍ନ ତରକାରୀ)ରେ ସଙ୍ଖୁଡ଼ି ଦୋଷ ଲାଗେ ନାହିଁ । ଅନ୍ୟ ଦେବତାଙ୍କ ଭୋଗ ସଙ୍ଖୁଡ଼ି ହୁଏ ।]

ସଙ୍ଖୁଡ଼ି ବରତନ(ବାସନ)—ଦେ. ବି—ଯେଉଁ ବାସନରେ ସଙ୍ଖୁଡ଼ି
Sankhuṛdi baratana(bāsana) ଜିନିଷ ଲାଗିଥାଏ—
শঁকড়ি বাসন Utensils containing served rice etc.
सखरी बरतन (ଦ୍ର—ଏହିପରି ସଙ୍ଖୁଡ଼ିପତର ହୁଏ ।)

ସଙ୍ଖୁଡ଼ି ଲଗା(ଗେ)ଇବା—ଦେ. କ୍ରି—ସଙ୍ଖୁଡ଼ି ହୋଇଥିବାର ସ୍ଥାନରେ
Sankhuṛdi lagā(ge)ibā ପାଣି ଓ ଗୋବର ଲଗାଇ ତାହା
সকড়ি লাগান ପରିଷ୍କାର କରିବା—To wash a place
सखरी साफ करना clean of the particles of rice etc. strewn there.

ସଙ୍ଖୁଡ଼ି ହେବା—ଦେ. କ୍ରି—ଅପେ ଅନ୍ନ ଆଦକୁ ଛୁଇଁବା—
Sankhurdi heba To touch rice etc.
সঁকড়ি হওয়া [ବ୍ର—ଭାତ ଆଦକୁ ଛୁଇଁଲେ ବା ହାଣ୍ଡିରୁ କାଢ଼ିଲେ
सखरी होना ବା ଅନ୍ୟ ବ୍ୟକ୍ତିକୁ ପରିବେଷଣ କଲେ ଛୁଇଁବା ବ୍ୟକ୍ତିର ହାତ ସଙ୍ଖୁଡ଼ି ହୁଏ; କିନ୍ତୁ ସଙ୍ଖୁଡ଼ି ପଦାର୍ଥକୁ ଖାଇଲେ ଉକ୍ତ ପଦାର୍ଥ ଅଇଁଠା ବା ଉଚ୍ଛିଷ୍ଟ ହୁଏ ଏବଂ ଉକ୍ତ ମନୁଷ୍ୟର ହାତ ମଧ୍ୟ ଅଇଁଠା ହେଲା ବୋଲି କୁହାଯାଏ । କୌଣସି ବ୍ୟକ୍ତି ଭାତ ଖାଇ ବସି କିଛି ନ ଖାଇଲେ କିମ୍ବା ସାମାନ୍ୟ ମାତ୍ର ଆହାର କଲେ ଲୋକେ କହୁଥାଅନ୍ତି—'ସେ ଖାଲି ସଙ୍ଖୁଡ଼ି ହେଲା ମାତ୍ର'—ଅର୍ଥାତ୍ ସେ ସଙ୍ଖୁଡ଼ି ହୋଇ ଉଠିଲା, ଅଇଁଠା ହେଲା ନାହିଁ ଅର୍ଥାତ୍ ଖାଇଲା ନାହିଁ ।]

ସଙ୍ଖୁରି—ଗ୍ରା. ବ ଓ ବଣ. (ଗଡ ଜାତଙ୍କ ଉଚ୍ଚାରଣ) (ସଂ. ସଙ୍କର,
Sankhuri ସଙ୍କାର)—ସଙ୍ଖୁଡ଼ି (ଦେଖ)—Sankhurdi
সঁকড়ী सखरी (See) [ବ୍ର—ଏ ଶବ୍ଦ ପ୍ରାୟଶଃ ଗଡଜାତୀୟ ଶୂଦ୍ରମାନଙ୍କ ଦ୍ୱାରା ବ୍ୟବହୃତ ହୁଏ, ଏବଂ 'ସଙ୍ଖୁଡ଼ି' ଶବ୍ଦର ଅଶୁଦ୍ଧ ଆକାର; କିନ୍ତୁ ଦେଖିବାକୁ ଗଲେ ଏହା 'ସଙ୍ଖୁଡ଼ି' ଅପେକ୍ଷା ମୂଳ ସଂସ୍କୃତ ଶବ୍ଦର ନିକଟତର ଅପଭ୍ରଂଶ । ବଙ୍ଗ ଦେଶରେ ଅର୍ଥାତ୍ ଉତ୍ତର ପଶ୍ଚିମ ଓ ଦକ୍ଷିଣ ବଙ୍ଗରେ 'ସକଡ଼ି' ଓ ଢାକା ଓ ପୂର୍ବ ବଙ୍ଗରେ 'ସକରି' ପ୍ରୟୋଗ ହୁଏ; ହିନ୍ଦୀରେ ମଧ୍ୟ 'ସଖରୀ' ବୋଲଯାଏ ।]

ସଙ୍ଖୁ(ଙ୍ଖୋ)ଳା—ଦେ. ବ—ସଙ୍ଖୁଳା (ଦେଖ)
Sankhu(nkho)la Sankhula (See)
[ବ୍ର—ସଙ୍ଖୁଳା ଦିବା ସମୟରେ 'ଶଙ୍ଖ' ବାଜିବା ପ୍ରଥା ଅମ ଦେଶର ପ୍ରାଚୀନ ପ୍ରଥା ଥିଲା । ତେଣୁ ଓଡ଼ିଆ ଭାଷାରେ 'ସଙ୍ଖୁଳା' ଶବ୍ଦ ସାଧାରଣତଃ 'ସ' ଲିଖିତ ହେଉଥିଲେହେଁ ଏହି କାରଣରୁ ଉକ୍ତ ଶବ୍ଦ ଓ ତତ୍ସମ୍ପର୍କୀୟ ଅନ୍ୟାନ୍ୟ ଦେଶଜ ଶବ୍ଦ 'ଶ' ଅକ୍ଷରରେ ପ୍ରଚଳିତ ହୋଇଅଛି ।]

ସଙ୍ଖ୍ୟ—ସଂ. ବ ଓ ବଣ—ସଂଖ୍ୟ (ଦେଖ)
Sankhya Samkhya (See)

ସଙ୍ଖ୍ୟକ—ସଂ. ବଣ—ସଙ୍ଖ୍ୟକ (ଦେଖ)
Sankhyaka Samkyaka (See)

ସଙ୍ଖ୍ୟା (ଇତ୍ୟାଦି)—ସଂ. ବ—ସଂଖ୍ୟା ଇତ୍ୟାଦି (ଦେଖ)
Sankhyā (etc) Samkhyā etc. (See)

ସଙ୍ଖ୍ୟାତ—ସଂ. ବଣ—ସଂଖ୍ୟାତ (ଦେଖ)
Sankhyāta Samkhyāta (See)

ସଙ୍ଖ୍ୟାନ—ସଂ. ବ—ସଂଖ୍ୟାନ (ଦେଖ)
Sankhyāna Samkhyāna (See)

ସଙ୍ଖ୍ୟାପନ—ସଂ. ବ—ସଂଖ୍ୟାପନ (ଦେଖ)
Sankhyāpana Samkhyāpana (See)

ସଙ୍ଖ୍ୟେୟ—ସଂ. ବଣ—ସଂଖ୍ୟେୟ (ଦେଖ)
Sankhyeya Samkhyeya (See)

ସଙ୍ଗତି—ପ୍ରାଦେ. (ସମ୍ବଲପୁର)ବ—ସାଥି; ସାହଚର୍ଯ୍ୟ—Companion-
Sang-ti ship. [ଉ—କୁସଙ୍ଗତିର ସଙ୍ଗ ହେଲେ ଲୁହାର ଘଣ୍ଟି ବାଜେ; ସୁସଙ୍ଗତିର ସଙ୍ଗ ହେଲେ ସୁନାର ଘଣ୍ଟି ବାଜେ—ଲୋକ ।]

ସଙ୍ଗ—ସଂ. ବ (ସନ୍ଜ୍ ଧାତୁ=ଆସକ୍ତ ହେବା+ଭାବ. ଅ)—
Sanga ୧ । ସଂସ୍ରବ; ସଂସର୍ଗ—1. Association; society. ୨ । ସହବାସ—2. Living together; intercourse. ୩ । ମିଳନ—3. Meeting together; union. ୪ । ସଂଯୋଗ—4. Connection. ୫ । ଆସକ୍ତି; ଅନୁରାଗ—5. Attachment; love; affection; devotion. ୬ । ବିଷୟାନୁରାଗ—6. Attachment for worldly affairs. ୭ । ସଂପର୍କ; ସଂବନ୍ଧ—7. Relationship. ୮ । ସାହଚର୍ଯ୍ୟ; ସହଯୋଗ—8. Co-operation. ୯ । ସଙ୍ଗମ; ମୈଥୁନ—9. Cohabitation; sexual intercourse. ୧୦ । ଦୁଇ ନଦୀ କିମ୍ବା ନଦୀ ଓ ସମୁଦ୍ରର ମିଳନ ସ୍ଥାନ—10. Junction of two rivers or junction of a river with the sea. ୧୧ । ମିତ୍ରତା; ବନ୍ଧୁତା—11. Friendship. ୧୨। ପ୍ରତିବନ୍ଧ—12. Obstruction. ଦେ. ବ. (ସଂ. ସଙ୍ଗୀ)—
সংগী ୧ । ସଙ୍ଗୀ; ସାଙ୍ଗ; ସହଚର—1. Companion; an
संगी associate. [ଉ—ଗୁରୁବେଶାର ମୁହିଁ ଅନ୍ତରଙ୍ଗ, ଚଉପଦୀ ଗୀତ ରଚନା ସଙ୍ଗ । କବିସୂର୍ଯ୍ୟ. କବିତା ।] ୨ । ସାହଚର୍ଯ୍ୟ—2. Companionship; company. [ଉ—ଏବେ ତୁମ୍ଭ ସଙ୍ଗ ପାଇଲି ମୁନିବର । କୃଷ୍ଣସିଂହ. ମହାଭାରତ. ବନ ।] ୩ । ବୀରଶ୍ରେଣୀ ରାଜପୁତ ବୀର ରାଣା ସଙ୍ଗ୍ରାମସିଂହ—3. Rānā Samgrāma Simha, the
সংগ Rajput warrior. [ବ୍ର—ଏହି ବୀର ପୁରୁଷ ମୋଗଲ
संग ସମ୍ରାଟ୍ ବାବରଙ୍କ ସହିତ ଯୁଦ୍ଧ କରିଥିଲେ ।] ଦେ. ବଣ—
আসক্ত ଆସକ୍ତ—Devoted; attached. [ଉ—ସେ କର୍ମ
आसक्त ଫଳେ ନୋହୁ ସଙ୍ଗ, ଦର୍ପଣେ ଯେଉଁପେ ଛାୟା ଅଙ୍ଗ । ଜଗନ୍ନାଥ. ଭାଗବତ ।]

ସଙ୍ଗ କରିବା—ଦେ. କ୍ରି—ସଙ୍ଗମ କରିବା; ସହବାସ କରିବା—
Sanga kariba To cohabit; to have sexual
সংগম করা, সংগ করা intercourse. [ଉ—ବଶିଷ୍ଠ ସଙ୍ଗେ
संगम करना ସଙ୍ଗ କରି, ଗର୍ଭ ହୋଇଲା ତାର ନାରୀ । ଜଗନ୍ନାଥ. ଭାଗବତ ।]

ସଙ୍ଗ ଚ୍ୟୁତ—ସଂ. ବଣ. (୫ମୀ ତତ୍)—ସଙ୍ଗ ଛଡ଼ା (ଦେଖ)
Sanga chyuta Sanga chardā (See)
(ସଙ୍ଗଚ୍ୟୁତି—ଅନ୍ୟରୂପ) (ସଙ୍ଗଚ୍ୟୁତ—ବ)(ସଙ୍ଗ ଚ୍ୟୁତା—ସ୍ତ୍ରୀ.ବଣ)

ସଙ୍ଗ ଛଡ଼ା—ଦେ. ବଣ—୧ । ସଂସ୍ରବ ଶୂନ୍ୟ—1. Devoid of
Sanga chhardā association or company; dis-
সঙ্গছাড়া sociated from society. ୨ । ଯେଉଁ ବ୍ୟକ୍ତି
संग रहित ସହଚରମାନଙ୍କଠାରୁ ପୃଥକ୍ ହୋଇ ରହିଥାଏ; ସଙ୍ଗ-

ଭ୍ରଷ୍ଟ—2. One who has been separated from his companions. ୩ । ସେ ଦଳ ଛାଡ଼ି ପଛରେ ପଡ଼ିଥାଏ—3. Straggling. ୪ । ଯାହାକୁ ସଙ୍ଗୀମାନେ ଏକଘରକିଆ କରିଥାନ୍ତି—4. Ostracised; excommunicated.

ସଙ୍ଗ ଛାଡ଼ିବା—ଦେ. କ୍ରି—କୌଣସି ବ୍ୟକ୍ତିର ସାହଚର୍ଯ୍ୟ ତ୍ୟାଗ କରିବା—
Sanga chhardiba To give up the company of
সঙ্গছাড়া संगछोड़ना a person.

ସଙ୍ଗ(ଘ)ଡ଼—ଦେ. ବିଣ (ସଂ. ସଂଘଟ୍ଟିତ=ଘୋଟା ହୋଇଥିବା;
Sanga(ngha)rda ମିଶ୍ରିତ)—୧ । ଭଲ ଭଲ ସିଝିବା
সুসিদ্ধ मिलाहुआ ସୁସିଦ୍ଧ ହୋଇ ଏକାଠି ମିଶି ଯାଇଥିବା (ବ୍ୟଞ୍ଜନ)—1. (Curry) In which the component vegetables or materials have been well boiled and become mixed up with one another. ୨ । (ସଂ—
সুবিধাজনক, মনের মতন ସଂଘଟିତ) ସୁନ୍ଦର; ସୁବିଧାଜନକ—
सुविधावाला 2. Convenient; congenial. ୩ ।
সুছান संभालाहुआ ଠିକଣା; ସୁବିନ୍ୟସ୍ତ—3. Well
संयत arranged; well set. ୪ ।
[ଅସଙ୍ଗଡ଼(ଘାଡ଼ି)—ବିପରୀତ] ସଂଯତ—4. Restrained.

ସଙ୍ଗ(ଙ୍ଗା,ଙ୍ଘା)ଡ଼ିବା—ଗ୍ରାଦେ. କ୍ରି. (ଜାହାଜଆ ଭାଷା) ବାନ୍ଧିବା—
Sanga(nga,ngha)rdiba To tie together.
বাঁধা बाँधना [ଉ—ଖଲସିମାନେ ଗୁରୁଖଣ୍ଡ ପାଗଡ଼ି [ସଙ୍ଗଡ଼ ପଡ଼ା(ଳେ)ଇବା—ଅନ୍ୟରୂପ] ସିମିତ ଫୋପାଡ଼ି ଦେଇ-ଅଛନ୍ତି, ଭୂରକମାନେ ଧରି ଜାହାଜକୁ ସଙ୍ଗଡ଼ି ପକାଇଲେ ।
—ଫକୀରମୋହନ. ଗଳ୍ପସ୍ୱଳ୍ପ]

ସଙ୍ଗଣିକା—ସଂ. ବିଣ—ସଂଗଣିକା (ଦେଖ)—
Sanganika Samganika (See)

ସଙ୍ଗତ(ଇତ୍ୟାଦି)—ସଂ. ବିଣ—ସଂଗତ ଇତ୍ୟାଦି (ଦେଖ)—
Sangata (etc) Samgata etc (See)

ସଙ୍ଗତି(ଇତ୍ୟାଦି)—ସଂ. ବି ସଂଗତି ଇତ୍ୟାଦି (ଦେଖ)—
Sangati (etc) Samgati etc (See)

ସଙ୍ଗତେ—ଦେ. (ପଦ୍ୟ)କ୍ରି.ବିଣ—ସଙ୍ଗେ (ଦେଖ)—
Sangate Sange (See)
সঙ্গে संगमे [ଉ—ବାପାଙ୍କ ସଙ୍ଗତେ ତ ଅସିଥିଲ ସେହି ।
କୃଷ୍ଣସିଂହ. ମହାଭାରତ. ବନ.
মত ऐसा ଦେ. ଅ—ପରି; ସଦୃଶ—Like. [ଉ—ବୋଲନ୍ତି ଯେ ଜଗତେ ସହିସ୍ୟୁ ଏ ସଙ୍ଗତେ ଗତେ ନ ଥିଲା ହୋଇ ଧନ୍ୟ ସେ ।
—ଭଞ୍ଜ. ବୈଦେହୀଶବିଳାସ]

ସଙ୍ଗ ଦୋଷ—ସଂ. ବି—୧ । ମନ୍ଦବ୍ୟକ୍ତି ସଙ୍ଗେ ସଂସର୍ଗ—1. Associa-
Sanga dosha tion with bad people. ୨ । ସଂସର୍ଗ ଦୋଷ—2. Defective or sinful association. ୩ । ଅସତ୍‌ସଙ୍ଗ—3. Keeping bad company. ୪ । ଅସତ୍‌ସଙ୍ଗଜନିତ ମନ୍ଦ ଫଳ—4. Evils due to evil association. ୫ । ଅପବିତ୍ର ବା ଅବିଶୁଦ୍ଧ ବସ୍ତୁର ବା ବ୍ୟକ୍ତିର ସହବାସ ଜନିତ ଦୋଷ; ସଂସ୍ପର୍ଶ ଦୋଷ—5. Fault due to contact with bad things or persons. ୬ । ସାଂସାରିକ ଆସକ୍ତି ଜନିତ ଦୋଷ—6. Evils due to association with worldly concerns.

ସଙ୍ଗବ—ସଂ. ବି—(ସମ୍+ଗୌ+ଅ; ଯେଉଁ ସମୟରେ ଗୋ ଦୋହନ
Sangaba ସଙ୍ଗତ ହୁଏ)—ପ୍ରାତଃକାଳୀନ ପ୍ରଥମ ତିନି ମୁହୂର୍ତ୍ତ—The first three moments of the morning. [ଦ୍ର—ସନ୍ଧ୍ୟା ପୂର୍ବର ତିନି ମୁହୂର୍ତ୍ତକୁ ସାୟଂ ବେଳା ବୋଲାଯାଏ ।]

ସଙ୍ଗ ଭଙ୍ଗ—ସଂ. ବି.—୧ । ସଙ୍ଗୀ ବା ସଙ୍ଗିମାନଙ୍କ ବିଚ୍ଛେଦ—1.
Sanga bhanga Separation of a person from company. ୨ । ମେଳନର ଭଙ୍ଗ—2. Breaking up of any association.

ସଙ୍ଗମ—ସଂ. ବି (ସମ୍+ଗମ୍ ଧାତୁ+ଭାବ. ଅ)—୧। ଏକାଧିକ ନଦୀର
Sangama ବା ନଦୀର ଓ ସମୁଦ୍ରର ମିଳନ ସ୍ଥାନ(ଯଥା—ଗଙ୍ଗା ଯମୁନା ସଙ୍ଗମ)—1. The junction of rivers or of a river with the sea; the mouth of a river. ୨ । ରତି; ମୈଥୁନ—2. Copulation; cohabitation; coition; sexual union. ୩ । ସାହଚର୍ଯ୍ୟ—3. Association. ୪ । ସ୍ତ୍ରୀ ପୁରୁଷଙ୍କର ମିଥୁନୀଭାବ—4. Conjunction of a male with a female; meeting of lovers. [ଦ୍ର—ଶାସ୍ତ୍ରମତରେ ସଙ୍ଗମ ତ୍ରିବିଧ—(୧) ପୁରୁଷର ସ୍ତ୍ରୀ ସଙ୍ଗେ କଟାକ୍ଷ, ଭୂଷଣ, ଓ ହାସ୍ୟ, (୨) ଗନ୍ଧ, ମାଲ୍ୟ, ଧୂପ, ଭୂଷଣ ଓ ବସ୍ତ୍ରାଦି ପ୍ରେରଣ ଏବଂ ଅନ୍ନପାନାଦି ଦ୍ୱାରା ପ୍ରଲୋଭନ (୩) ନିର୍ଜ୍ଜନରେ ଉଭୟଙ୍କର ପରସ୍ପର ସମାଶ୍ରୟ ଓ କେଶାକେଶି ଗ୍ରହ ।] ୫ । ସମ୍ଭୋଗ—5. Enjoyment.

ସଙ୍ଗମ ଋତୁ—ସ. ବି—ଯେଉଁ ଋତୁରେ ଜୀବମାନେ ମୈଥୁନ କରନ୍ତି—
Sangama rutu Paring season.

ସଙ୍ଗମ କରିବା—ଦେ. କ୍ରି—ସମ୍ଭୋଗ କରିବା—To copulate.
Sangama kariba সংগম করা संगम करना

ସଙ୍ଗମକାରୀ—ସଂ. ବିଣ. ପୁଂ—ଯେ ମୈଥୁନ କରେ; ମୈଥୁନକାରୀ—
Sangamakari Copulating.
(ସଙ୍ଗମକାରିଣୀ—ସ୍ତ୍ରୀ)

ସଙ୍ଗମ କାଳ—ସଂ. ବି—ମୈଥୁନର ସମୟ—
Sangama kala Time of copulation.

ସଙ୍ଗମ ରହିତ—ସଂ. ବିଣ (ଷଷ୍ଠୀ ତତ୍)—୧ । ସଙ୍ଗରହିତ (ଦେଖ)
Sangama rahita 1. Sangarahita (See). ୨ । ମୈଥୁନ ଶୂନ୍ୟ—2. Having no sexual union.

ସଙ୍ଗମ ଲିପ୍ସା—ସଂ. ବି. (୬ଷ୍ଠୀ ତତ୍)—ସହବାସ କାମନା—
Sangama lipsā A desire to copulate.

ସଙ୍ଗ ମେଳ—ଦେ. ବି—ବହୁ ବ୍ୟକ୍ତିଙ୍କର ସଙ୍ଗ ବା ମେଳ—
Sanga mela Company of many persons.
পাঁচ জনের সঙ্গ संग मेल

ସଙ୍ଗର—ସଂ. ବି. (ସମ୍+ଗୃ ଧାତୁ=ଯୁଦ୍ଧ କରିବା ଇତ୍ୟାଦି+ଅଧି-
Sangara ଅ)—୧ । ଯୁଦ୍ଧ—1. Fight; contest; war.
(ସଙ୍ଗରିଷ୍ଠ—ଣ) [ଢ଼—ବୃଷ୍ଟି ଗଦା ମୁଦ୍ଗର, ଭଲ୍ଲ ଶୂଳ ସଙ୍ଗର, ନଗ ନଗର ପାତ ସେ । ଭଞ୍ଜ· ବୈଦେହୀଶବିଳାସ ।] ୨ । ଅବସ୍ଥାନ—2. Residence. ୩ । ବିପଦ; ଆପଦ—3. Calamity· misfortune. ୪ । ସଂପଦ—4. Prosperity; good fortune. ୫ । (+ଙ୍ଗୀ. ଅ) ଅଙ୍ଗୀକାର; ପ୍ରତିଜ୍ଞା—5· Promise; solemn declaration. ୬ । ଜ୍ଞାନ—6. Knowledge. ୭ । ବିଷ—7. Poison. ୮ । କ୍ରୟ ବିକ୍ରୟ ନିର୍ଦ୍ଧାରଣ—8. Completion of a sale transaction. ୯ । ପ୍ରଶ୍ନ—9. Question. ୧୦ । ନିୟମ—10. Rule. ୧୧ । (…+ଗୃ. ଅ) କର୍ମକରଣ—11. Performance; doing. ୧୨ । ଯୁଦ୍ଧ କରିବା-12. Fighting. ୧୩ । (ବୈଦ୍ୟକ) ଶମୀ ବୃକ୍ଷ—13. Acacia Suma tree. ୧୪ । ଶମୀ ବୃକ୍ଷର ଫଳ—14. Fruits of the Acacia Suma tree

ସଙ୍ଗେ ସାଥ — ଦେ.କ୍ରି.ବିଣ. (ପଦ୍ୟ)—ସଙ୍ଗରେ—In the company.

ସଙ୍ଗ ରହିତ—ସଂ. ବିଣ. ପୁଂ (୩ୟା ତତ୍)—୧ । ସାଂସାରିକ ସଂପର୍କ-
Sanga rahita ଶୂନ୍ୟ—1. Free from worldly concern. ୨ । ଏକାକୀ—2. Lonely; solitary. ୩ । ଆସକ୍ତିରହିତ—3. Free from any attachment.
(ସଙ୍ଗଶୂନ୍ୟ, ସଙ୍ଗ ହୀନ, ସଙ୍ଗ ବିରହିତ } ଅନ୍ୟରୂପ)

ସଙ୍ଗରେ—ଦେ. କ୍ରି. ବିଣ—ସଙ୍ଗେ (ଦେଖ)
Sangare Sange (See)

ସଙ୍ଗ(ଙ୍ଗୀ) ସାଥୀ—ଦେ. ବି. (ଏକାର୍ଥ ସହଚର)—ସଙ୍ଗୀ ଓ ସହଚର—
Sanga(ngi) sāthi Companions.
সংগ(গী)সাথি संगी साथी

ସଙ୍ଗ ସୋହ(ହୋ)ବତ(ତ)—ଦେ. ବି—୧ । ସଙ୍ଗୀମାନଙ୍କ ଅନୁରୋଧ—
Sanga soha(ho)bat(ta) 1. Request of one's companions. ୨ । ସଙ୍ଗୀମାନଙ୍କ ସଙ୍ଗ—2. Company of friends. [ଢ଼—କେବେ ସଙ୍ଗ ସୋହବତରେ ପଡ଼ି ମଦପିଅ ଅଭ୍ୟାସ କରନ୍ତି ।] ୩ । ସଙ୍ଗୀମାନଙ୍କ ମନ ରକ୍ଷା—3. Sensibility for not wounding the feelings of one's friends.
সঙ্গীদের কথা संग सोहबत

ସଙ୍ଗା(ଙ୍ଘା)—ଦେ. ବି. (ସଜ୍ଜ୍ ଧାତୁ=ସଂଲଗ୍ନ ହେବା)—୧ । ଗୃହ
Sangā(nghā) ଭିତରେ ଓ ଚାଳର ଉପରେ ବାଉଁଶ ପକାଇ ଦ୍ରବ୍ୟାଦି ରଖିବା ନିମନ୍ତେ କରିଥିବା ଭଡ଼—1. A scaffolding made of bamboos inside the triangular thatch. [ଢ଼-ବରଷାରେ ଚାଳ ଲଗି ହେଲିଁ ତରବର, ସଙ୍ଗାରେ ଥିଲି ସେ ତାକୁ ଦେଖିଲି ମାଇପ, ସବୁଯାକ ଚାଳକୁଳ ଧାନ୍ଦ ଦେଲି ଭଡ଼ । ଉପାସ୍ୟା. କଳିକଲିହସ୍ୟ ।] ୨ । (ସଂ. ସଙ୍ଗମ) ସଙ୍ଗିବା; ପଶୁମାନଙ୍କର ମୈଥୁନ—2. Copulation of beasts (i. e. a bull—copulating with a cow). ପ୍ରାଦେ. (ସିଂହଭୂମ) ବି—୧ । ଘରର ଭଡ଼—1. The cross-beam of a thatched house. ୨ । (ତୁଳ. ହି. ସଗାଇ)—(କାଲେଶ୍ୱର, ଧଳଭୂମ, ମେଦିନୀପୁର) ବି—ଶୂଦ୍ରମାନଙ୍କ 'ଚୁଡ଼ାଗିରି' ବିବାହ ପ୍ରଥା—2. Widow marriage amongst the Sūdras. ଦେ. ବିଣ. ପୁଂ—୧ । ଶକଟ ବହନକାରୀ—1. A bullock which draws carts. ୨ । (ପୁଂ ଓ ସ୍ତ୍ରୀ) ଯେଉଁ ପଶୁ ମୈଥୁନ କରି ଅଛି; କୃତସଙ୍ଗମ—2. (a beast) Which has already copulated.
মাচান, সাঙা মचान
জোড় লাগা, পাল पशु संगम
(ଅସଙ୍ଗା—ବିପରୀତ)

ସଙ୍ଗାଇ ଦେବା—ପ୍ରାଦେ. (ପାଟଣା) କ୍ରି—ଥୋଇ ଦେବା—
Sangāi debā To place; to put.

ସଙ୍ଗାଇବା—ପ୍ରାଦେ. (ପାଟଣା) କ୍ରି (ସ. ସଂଗ୍ରହ)—ରଖିବା—
sangāibā To keep.

ସଙ୍ଗା(ଙ୍ଗେ, ଙ୍ଗୋ)ଇବା—ଦେ. କ୍ରି—ସଙ୍ଘାଇବା (ଦେଖ)
Sangā(nge, ngo)ibā Sanghāibā (See)

ସଙ୍ଗା ଗାଈ—ଦେ. ବି—ଯେଉଁ ଗାଈ ବୃଷ-ସଂଗମ ପାଇଅଛି—
Sangā gāi A cow which has been co-habited or crossed by a bull.
পালধরান গাঈ बाही हुई गाय

ସଙ୍ଗାଡ଼ି—ଦେ· ବି—ସଙ୍ଘାଡ଼ି (ଦେଖ)
Sangārdi Sanghārdi (See)

ସଙ୍ଗାଡ଼ିବା—ଦେ. ବି—ସଙ୍ଘାଡ଼ିବା (ଦେଖ)
Sangārdibā Sanghārdibā (See)

ସଙ୍ଗାତ—ଦେ. ବି ପୁଂ ଓ ସ୍ତ୍ରୀ. (ସଂ. ସଙ୍ଗ=ସାହଚର୍ଯ୍ୟ; ସଙ୍ଗତ=
Sangāta ମିତ୍ରତା; ସଂଘାତ=ମିଳନ; କୃତ୍ୟା ସମଗାଝ=ଯେ ଦୁହେଁ ପରସ୍ପରର ଗାତକୁ ଅପରର ବୋଲି ବିଗୁରନ୍ତି ନାହିଁ)—୧ । ପରସ୍ପରର ସଙ୍ଗେ ଘନିଷ୍ଟ ବନ୍ଧୁତା ଦ୍ୱାରା ଧର୍ମତଃ ଆବଦ୍ଧ ବ୍ୟକ୍ତି—1. A person connected with another; a close friend-by the establishment of a solemn friendship; a sort of god-relationship or relationship of warm friends; god-brother. ୨ । ଘନିଷ୍ଠ ବନ୍ଧୁ ; ମିତ୍ର; ସୁହୃଦ୍—2. A very close and intimate friend. [ଟୀ—ଭିନ୍ନ ଭିନ୍ନ, ରକ୍ତସଂପର୍କ ବା ବିବାହ ଦ୍ୱାରା ସଂବନ୍ଧଯୁକ୍ତ ହୋଇ ନ ଥିବା ବ୍ୟକ୍ତିମାନେ ଧର୍ମରୁ, ଇଷ୍ଟ ଦେବତାଙ୍କ
সা(সে)ঙাত मित
(ସଙ୍ଗାତୁଣୀ—ସ୍ତ୍ରୀ)

ବା ମହାପ୍ରସାଦକୁ କିମ୍ବା ତୁଳସୀ ଆଦି ପବିତ୍ର ବସ୍ତୁଙ୍କୁ ସାକ୍ଷୀ ରଖି ପରସ୍ପର ମଧ୍ୟରେ ନାନାପ୍ରକାର ମିତ୍ରତା ସ୍ଥାପନ କରନ୍ତି । ତହିଁ ମଧ୍ୟରୁ 'ସଙ୍ଗାତ' ମିତ୍ରତା ଏକତମ । ଯେଉଁ ଦୁଇ ଜଣଙ୍କର ନାମ ଏକ, ସେମାନେ ପରସ୍ପର ସଙ୍ଗେ 'ମିତ' ବସନ୍ତି । ଏହାଛଡ଼ା ସଖି, ସଙ୍ଗାତ ଆଦି ମଧ୍ୟ ବସନ୍ତି । ଆମ ଦେଶରେ 'ସଙ୍ଗାତ' ବସିବାଟା ଅନ୍ୟାନ୍ୟ ମିତ୍ରତା ସ୍ଥାପନ ଅପେକ୍ଷା ବେଶି ।

ସାଧାରଣତଃ ବାଲ୍ୟକାଳରେ ଦୁଇ ଜଣଙ୍କ ମଧ୍ୟରେ (ଦୁଇ ଜଣ ବାଳକଙ୍କ ମଧ୍ୟରେ କିମ୍ବା ଦୁଇ ଜଣ ବାଳିକାଙ୍କ ମଧ୍ୟରେ) 'ସଙ୍ଗାତ' ମିତ୍ରତାର ସୂତ୍ରପାତ କରାଯାଏ ।

ପୁଣି ବଉଳ ଅମାବାସ୍ୟାଦିନ ବଉଳ, ଅଶୋକାଷ୍ଟମୀ ଦିନ ଔଷଧ କଳି, କୁମାରପୂର୍ଣ୍ଣିମା ଦିନ ଚନ୍ଦ୍ର ନୈବେଦ୍ୟ ଗୁଡ଼, ଗଙ୍ଗାଜଳ, ଗୋଦାବରୀଜଳ, ତୁଳସୀ, ପଦ୍ମଲି କ୍ଷେତ୍ର ପ୍ରସାଦ, ଅଭଡ଼ା, ସରପୁଳି, ମହାପ୍ରସାଦ ପରସ୍ପର କୁଆଖୋଇ ହୋଇ ଦୁଇ ବ୍ୟକ୍ତି ଯଥାକ୍ରମେ ବଉଳ, ଔଷଧ, ଗୁଡ଼, ଗଙ୍ଗାଜଳ, ଗୋଦାବରୀ, ତୁଳସୀ, ପଦ୍ମଲିଭୋଗ, ଅଭଡ଼ା, ସରପୁଳି, ମହାପ୍ରସାଦ ବସନ୍ତି ।

ଆଜି କାଲି ଲୋକେ ମହୁଲ, ଗୁଜରାତି, ଫୁଲ, ଗୋଲାପ ଆଦି ମଧ୍ୟ ବଦଳେଇ ହୋଇ ସେହି ନାମରେ ପରସ୍ପରକୁ ଡକାଡକି ହେବା ଦେଖାଯାଏ ।

ସଙ୍ଗାତ ବସିଥିବା ସ୍ତ୍ରୀ ଓ ପୁରୁଷମାନେ ପରସ୍ପରକୁ ସଙ୍ଗାତ, ସମ୍ବୋଧନ କରନ୍ତି; କିନ୍ତୁ ସଙ୍ଗାତଙ୍କ ସ୍ତ୍ରୀଙ୍କୁ 'ସଙ୍ଗାତୁଣୀ' ବୋଲି ଡକାଯାଏ, ମଧ୍ୟ ଉଲ୍ଲେଖ କରାଯାଏ ।

ସଙ୍ଗାତ ବସିବା ବନ୍ଧୁମାନଙ୍କ ମଧ୍ୟରେ ବିବାହ ଆଦି ଉତ୍ସବରେ ବେଭାର ନିମନ୍ତ୍ରଣ ଆଦି ଚଳେ । ମୋ ସଙ୍ଗାତଙ୍କ ପୁଅ ମୋର ପୁତୁରା ଅଟେ ଏବଂ ମୋତେ ମୋ ସଙ୍ଗାତଙ୍କ ପୁଅ 'ମଉସା' ବୋଲି ଡାକିବ । 'ସଙ୍ଗାତ' ଆଦି ବସିଥିବା ବନ୍ଧୁମାନେ ପରସ୍ପରର ନାମ ଧରି ଡକାଡକି ହୁଅନ୍ତି ନାହିଁ ।] ପ୍ରାଦେ (ବାମଣ୍ଡା) ବି—କୌଣସି ପୁରୁଷର ଅପଣା ଶାଳୀକି ସମ୍ବୋଧନ କଲାବେଳେ ବ୍ୟବହୃତ ଡାକ—
A term used by a male in addressing his wife's younger sister.

ସଙ୍ଗାତ ବସିବା—ଦେ. କ୍ରି—(ଦୁଇ ଜଣ) ପରସ୍ପର ମଧ୍ୟରେ ମହାପ୍ରସାଦ
Sangāta basibā ବଦଳେଇ ହୋଇ 'ସଙ୍ଗାତ' 'ମିତ୍ରତା'
সাঙ্গাত পাতান ସ୍ଥାପନ କରିବା—To open a solemn god-
मित होना, दोस्तहोना। relationship between each other.

ସଙ୍ଗାତ ବାପା—ପ୍ରାଦେ (ଗଡ଼ଜାତ) ବି—ଅପଣା ସଙ୍ଗାତଙ୍କ ପିତା—
Sangāta bāpā Father of one's god-friend.
সাঁগাতের বাবা [ଦ୍ର—ଓଡ଼ିଶାରେ ଏହାଙ୍କୁ 'ମଉସା' ବୋଲି
मित बाप ଡାକନ୍ତି ।]

ସଙ୍ଗାତ ବେଭାର—ଦେ. ବି—ଦୁଇ ସଙ୍ଗାତଙ୍କ ମଧ୍ୟରେ ବଦଳେଇ
Sangāta bebhāra ହେବା ବେଭାର ବା ଉପଢୌକନ—
সাঁগাত তত্ত্ব Gifts or presents exchanged between
दोस्ती व्यवहार two god-friends.

ସଙ୍ଗାତ ମଇତ୍ର—ଦେ. ବି (ଏକାର୍ଥକ ସହଚର)—ମହାପ୍ରସାଦ ବନ୍ଧୁତା—
Sangāta maitra সাংগাত মিতা दोस्ती मैत्री Sworn friendship
(ସଙ୍ଗାତ ମିତ—ଅନ୍ୟରୂପ)

ସଙ୍ଗାତ ମର୍ଯ୍ୟାଦା—ଦେ. ବି—ବିବାହାଦି ଉପଲକ୍ଷରେ ନିମନ୍ତ୍ରିତ
Sangāta marjyādā ସଙ୍ଗାତଙ୍କୁ ଦିଆଯିବା ବସ୍ତ୍ରୋପହାର—
সাংগাতের মান(মর্যাদা) Present of cloth made to
दोस्तकि मान मर्यादा a god-friend on festive occasions.

ସଙ୍ଗାତୁଣୀ—ଦେ. ବି. ସ୍ତ୍ରୀ—୧ । ସଙ୍ଗାତଙ୍କ ସ୍ତ୍ରୀ—1. The wife of
Sangātuṇī one's god-friend. [ଦ୍ର—ସ୍ତ୍ରୀ ସଙ୍ଗାତଙ୍କ
সাঙ্গাতী, সাঙ্গাৎনী ସ୍ୱାମୀଙ୍କୁ ମଧ୍ୟ 'ସଙ୍ଗାତ' ବୋଲାଯାଏ ।]
संघातिनी ୨ । ପ୍ରେୟସୀ—2. A beloved lady.

ସଙ୍ଗା ବଳଦ—ଦେ. ବି (ସଂ. ସଙ୍ଗ+ବଲୀବର୍ଦ୍ଦ)—ଶଗଡ଼ଟଣା
Sangā balada ବଳଦ—A draft bullock; a
যোতা বলদ गाड़ीबैल bullock drawing the cart.

ସଙ୍ଗିତ—ଦେ. ବି. ପୁଂ (ସଂ. ସଙ୍ଗ)—ସହଗାମୀ; ଏକ ସଙ୍ଗରେ
Sangita ବିଚରଣକାରୀ—Travelling or moving
সঙ্গী संगी together. (ଉ—ଅସଙ୍ଗରେ ସଙ୍ଗିତ(ତା),
(ସଙ୍ଗିତା—ସ୍ତ୍ରୀ) ଅସଙ୍ଗରେ ସଙ୍ଗ କଲେ କାଠଘଣ୍ଟ ଲମ୍ବିତ(ତା)—
ଛଗ ।)

ସଙ୍ଗିନ୍(ନି)—ବୈଦେ, ବି (ଫା. ସଙ୍ଗୀନ୍)—ବନ୍ଧୁକର ଅଗରେ
Sangin(ni) ନଳର ପାର୍ଶ୍ୱରେ ଗୁଞ୍ଜା ହୋଇଥିବା ମୁନିଆଁ
সঙ্গীন ବର୍ଚ୍ଛପରି ଅସ୍ତ୍ର (ଏଥିରେ ଭୁସାଯାଏ); ବନ୍ଧୁକ ସଲଗ୍ନ
संगीन ଛୁରୀ—Bayonet. (ଉ—ବାସ୍ତଲେ ନ ବାନ୍ଧି ପ୍ରଜାଙ୍କର ଚିତ୍ତ, ବଦେଶି-ସଙ୍ଗିନେ କଲ ତାଙ୍କୁ ହତ—ରାଧାନାଥ, ଦରବାର ।) ବୈଦେ. ବିଣ (ଫା. ସଙ୍ଗୀନ୍ = ପଥରରେ ତିଆରି, ତେଣୁ ଦୃଢ଼)—୧ । ଗୁରୁତର—
সঙ্গীন 1. Serious. (ଉ—ସଙ୍ଗିନ୍ ମକଦ୍ଦମା ।) ୨ । ଖୁବ୍
संगीन ଭାରୀ—2. Heavy; weighty. (ଉ—ସଙ୍ଗିନ ବୋଝ ।) ୩ । ଅତି କଠୋର—3. Very hard. (ଉ—ସଙ୍ଗିନ୍ ସଜା ।) ୪ । କଷ୍ଟ ସାଧ୍ୟ—4. Difficult. (ଉ—ସଙ୍ଗିନ୍ କାମ ।) ୫ । ଦାୟିତ୍ୱପୂର୍ଣ୍ଣ—5. Full of responsibility. (ଉ—ସଙ୍ଗିନ ଗୃହକର୍ମ ।) ୬ । ଅସାଧାରଣ—6. Extraordinary. (ଉ—ସଙ୍ଗିନ ଘଟଣା ।) ୭ । ମୋଟ ଓ ମଜଭୁତ—7. Coarse and strong. (ଉ—ସଙ୍ଗିନ୍ ଲୁଗା ।) ୮ । ଖୁବ୍ ମଜଭୁତ; ସୁଦୃଢ଼—8. Very strong. (ଉ—ସଙ୍ଗିନ୍ ମୂଲଦୁଆ ।)

ସଙ୍ଗିନ୍ ଅବସ୍ଥା—ଦେ. ବି—ଅତି ସାଂଘାତିକ ବା ଗୁରୁତର ଅବସ୍ଥା—
Sangin abasthā Very fatal or serious
সঙ্গীন অবস্থা संगीन अवस्था condition.

ସଙ୍ଗିନ୍ କାର୍ଯ୍ୟ(କାମ)—ଦେ. ବ—ଅତି କଷ୍ଟରେ ସାଧ୍ୟ କାର୍ଯ୍ୟ—
Sangin kārjya(kāma) An uphill work.
সঙ্গীন কাজ संगीन काम

ସଙ୍ଗିନ୍ ଧାରୀ—ଦେ· ବଣ· ପୁଂ (ଫା. ସଙ୍ଗିନ୍+ସ. ଧାରନ୍)—
Sangindhārī ବନ୍ଧୁକର ଛୋଟ ଧରିଥିବା (ସୈନିକ)—
(ସଙ୍ଗିନ୍ଧାରିଣୀ—ସ୍ତ୍ରୀ) Armed with bayonets.
সঙ্গীনধারী संगीनधारी

ସଙ୍ଗିନ୍ ବେଳ(ଳା)—ଦେ. ବ—ଭାରି ବିପଦ ଅଶଙ୍କା କରାଯାଉଥିବା
Sangin bela(lā) ସମୟ—Critical moment.
সঙ্কট সময় विपद् समय

ସଙ୍ଗିନ୍ ମକଦ୍ଦମା(ମାମଲା)—ବୈଦେ. ବ (ଫା. ସଙ୍ଗୀନ୍+ମୁକଦ୍ଦମା;
Sangin makaddamā(māmalā) ମୁଆମିଲା)--ଗୁରୁତର
(ସଙ୍ଗିନ୍ ଦେଖ୍—ଅନ୍ୟରୂପ) ମକଦ୍ଦମା—Serious case. (ଉ—
সঙ্গীন মকদ্দমা, সঙ্গীন মামলা ···ଏବଂ ମାମଲା ଭାରି ସଙ୍ଗିନ୍ ଥିବା
संगीन मुकद्दमा ଲଜ୍ଜାଇ । ଫକୀରମୋହନ, ଛମାଣ ଆଠଗୁଣ୍ଠ ।)

ସଙ୍ଗିନୀ—ସ. ବ· ସ୍ତ୍ରୀ (ସଙ୍ଗିନ୍+ସ୍ତ୍ରୀ. ଈ)—୧ । ସଙ୍ଗୀର ସ୍ତ୍ରୀଲିଙ୍ଗ—
Sangini 1. Feminine of 'Sangi'. (ଉ—କୁହରି
(ସଙ୍ଗୀ—ପୁଂ) କେବଳ ମୁହିଁ ସମ୍ପଦ-ସଙ୍ଗିନୀ ପାଣ୍ଡବର । ରାଧାନାଥ,
ମହାଯାତ୍ରା ।] ୨ । ବୟସ୍ୟା; ସହଚରୀ—2. A female
companion. (ଉ—କ ନାଦରେ ପ୍ରାଣସଙ୍ଗିନୀ । ଶୁଭୁଛ
କବୁଞ୍ଜବନେ । ସଙ୍ଗୀତ ।)

ସଙ୍ଗିବା—ଦେ. କି (ସଂ. ସଙ୍ଗ)—ସଙ୍ଘିବା (ଦେଖ)
Sangibā Sanghibā. (See)

ସଙ୍ଗିରମାଣ—ସ. ବଣ. ପୁଂ (ସମ୍+ଗୃ. ଧାତୁ=ପ୍ରତିଜ୍ଞା କରିବା+
Sangiramāṇa କର୍ତ୍ତି· ଅନ) ପ୍ରତିଜ୍ଞାକାରୀ—Promising.
(ସଙ୍ଗିରମାଣା—ସ୍ତ୍ରୀ)

ସଙ୍ଗୀ—ସ. ବ. ପୁଂ (ସଙ୍ଗ+ଅସ୍ତ୍ୟ ଅର୍ଥରେ. ଇନ୍; ୧ମା. ୧ବ)—
Sangi ୧ । ସହଚର; ବୟସ୍ୟ; ସଙ୍ଗାତ—1. Companion.
(ସଙ୍ଗିନୀ—ସ୍ତ୍ରୀ) ୨ । କର୍ମସଙ୍ଗୀ; ଯେଉଁମାନେ ଏକ ସଙ୍ଗରେ
କାର୍ଯ୍ୟ କରନ୍ତି—2.Fellow-worker. ୩। ପଢ଼ାସଙ୍ଗୀ;
ଶିକ୍ଷା ସହଚର—3. Class-friend; fellow
student. ୪ । ଖେଳସଙ୍ଗ; କ୍ରୀଡ଼ା ସହଚର—
4. Play-mate; play-fellow. ସ. ବଣ—
୧ । ସମ୍ପର୍କାନ୍ୱିତ; ସଙ୍ଗବିଶିଷ୍ଟ—1. Accompanying; having the companionship of. ୨ ।
ଆସକ୍ତ—2. Devoted to; attached to. ୩ ।
କୌଣସି ବସ୍ତୁରେ ଆସକ୍ତ—3. Attached to anything.

ସଙ୍ଗୀତ (ଇତ୍ୟାଦି)—ସ. ବଣ ଓ ବ—ସଂଗୀତ ଇତ୍ୟାଦି (ଦେଖ)
Sangita (e Samgita etc. (See)

ସଙ୍ଗୀତି—ସ. ବ—ସଂଗୀତି (ଦେଖ)
Sangiti Samgiti. (See)

ସଙ୍ଗୀର୍ଣ୍ଣ—ସଂ. ବଣ—ସଂଗୀର୍ଣ୍ଣ (ଦେଖ)
Sangirṇṇa Samgirṇṇa. (See)

ସଙ୍ଗୁପ୍ତ—ସଂ. ବଣ—ସଂଗୁପ୍ତ (ଦେଖ)
Sangupta Samgupta. (See)

ସଙ୍ଗୁପ୍ତି—ସଂ. ବ—ସଂଗୁପ୍ତି (ଦେଖ)
Sangupti Samgupti. (See)

ସଙ୍ଗୂଢ଼—ସଂ. ବଣ—ସଂଗୂଢ଼ (ଦେଖ)
Sangūrḍha Samgūrḍha. (See)

ସଙ୍ଗୃହୀତ—ସଂ. ବଣ—ସଂଗୃହୀତ (ଦେଖ)
Sangṛuhita Samgṛuhita. (See)

ସଙ୍ଗେ—ଦେ. କି: ବଣ. (ସ· ସଙ୍ଗ)—୧ । ସହ; ସହିତ; ସଙ୍ଗରେ—
Sange 1. With; along with. [ଉ—ଶ୍ରୀମ ଦୁଃଶାସନ
সঙ্গে ସଙ୍ଗେ ଗଦା ଯୁଦ୍ଧ କଲେ ।] ୨ । ମିଳିତ ହୋଇ;
साथमें ମିଶ୍ରିତ ହୋଇ—2. Together with; mixed
with. [ଉ—କଫ ହେଲେ ପିପ୍ପଳ ଗୁଣ୍ଡ ସଙ୍ଗେ ମଧୁ
ଖାଇବା] ୩ । ସମ୍ପର୍କାନ୍ୱିତରେ—3. In the
company of. [ଉ—ମୁଁ ରାଜାଙ୍କ ସଙ୍ଗେ ଯିବି ।]

ସଙ୍ଗେଇ ଦେବା—ପ୍ରାଦେ· (ସମ୍ବଲପୁର) କି—କୌଣସି ପଦାର୍ଥକୁ
Sangei debā ସଯତ୍ନରେ ରଖିବା; ସାଇତିବା—To keep
a thing carefully.

ସଙ୍ଗେ କରି—ଦେ. ଅ—ସଙ୍ଗରେ ନେଇ—Taking one into
Sange kari company. [ଉ—ମିଥ ବସିଲୁ ତା ଅବୋଧ,
সঙ্গে করে, সঙ্গে নিয়ে ମୃତ୍ୟୁ ଦେବତା ସଙ୍ଗେ କରି । ଜଗନ୍ନାଥ.
साथ करके ଭାଗବତ ।]

ସଙ୍ଗେଣ—ଦେ. କି. ବଣ. (ପଦ୍ୟ)—ସଙ୍ଗେ (ଦେଖ)—Sange
Sangeṇa (See) [ଉ—ମାତା କହନ୍ତେ ବଚନ । ଯୁକ ସେ
ମାତାଙ୍କ ସଙ୍ଗେଣ । ପ୍ରାଚୀ. ପ୍ରେମଭକ୍ତି ବ୍ରହ୍ମଗୀତା ।]

ସଙ୍ଗେ ସଙ୍ଗ—ପ୍ରାଦେ· ଅ. (ଉତ୍ତର ଭାଗ)—ସାଙ୍ଗେ ସାଙ୍ଗେ (ଦେଖ)
Sange sang With; along with.

ସଙ୍ଗେ ସଙ୍ଗେ—ଦେ· ଅ—ସାଙ୍ଗେ ସାଙ୍ଗେ (ଦେଖ)
Sange sange Sānge sānge (See)

ସଙ୍ଗୋପକ—ସ. ବଣ. ପୁଂ—ସଂଗୋପକ (ଦେଖ)
Sangopaka Samgopaka (See)

ସଙ୍ଗୋପନ—ସଂ. ବ—ସଂଗୋପନ (ଦେଖ)
Sangopana Samgopana (See)

ସଙ୍ଗ୍ରହ (ଇତ୍ୟାଦି)—ସଂ. ବ—ସଂଗ୍ରହ ଇତ୍ୟାଦି (ଦେଖ)
Sangraha (etc) Samgraha etc. (See)

ସଙ୍ଗ୍ରହଣ—ସଂ. ବ—ସଂଗ୍ରହଣ (ଦେଖ)
Sangrahaṇa Samgrahaṇa (See)

ସଙ୍ଗ୍ରହଣୀ—ସଂ. ବ—ସଂଗ୍ରହଣୀ (ଦେଖ)
Sangrahaṇi Samgrahaṇi (See)

ସଙ୍ଗ୍ରହିବା—ଦେ. କି. (ପଦ୍ୟ)—ସଂଗ୍ରହିବା (ଦେଖ)
rahibā সংগ্রহ Samgrahibā (See)

ସଙ୍ଗ୍ରାହିତା—ସ ବଣ. ପୁଂ—ସଂଗ୍ରାହିତା (ଦେଖ)
Sangrahitā Samgrahitā (See)

ସଙ୍ଗ୍ରାମ (ଇତ୍ୟାଦି)—ସଂ. ବି—ସଂଗ୍ରାମ ଇତ୍ୟାଦି (ଦେଖ)
Saṅgrāma (etc) Saṁgrāma etc. (See)

ସଙ୍ଗ୍ରାହ—ସଂ. ବି—ସଂଗ୍ରାହ (ଦେଖ)
Saṅgrāha Saṁgrāha (See)

ସଙ୍ଗ୍ରାହକ—ସଂ. ବିଣ. ପୁଂ—ସଂଗ୍ରାହକ (ଦେଖ)
Saṅgrāhaka (ସଙ୍ଗ୍ରାହିକା—ସ୍ତ୍ରୀ) Saṁgrāhaka (See)

ସଙ୍ଗ୍ରାହୀ—ସଂ. ବିଣ. ପୁଂ—ସଂଗ୍ରାହୀ (ଦେଖ)
Saṅgrāhī (ସଙ୍ଗ୍ରାହିଣୀ—ସ୍ତ୍ରୀ) Saṁgrāhī (See)

ସଙ୍ଘ (ଇତ୍ୟାଦି)—ସଂ. ବି—ସଂଘ ଇତ୍ୟାଦି (ଦେଖ)
Saṅgha (etc) Saṁgha etc. (See)

ସଙ୍ଘଟ—ଦେ ଓ ସଂ. ବି—ସଂଘଟ (ଦେଖ)
Saṅghaṭa Saṁghaṭa (See)

ସଙ୍ଘଟା—ସଂ. ବି—ସଂଘଟା (ଦେଖ)
Saṅghaṭā Saṁghaṭā (See)

ସଙ୍ଘଟିକା—ସଂ. ବି—ସଂଘଟିକା (ଦେଖ)
Saṅghaṭikā Saṁghaṭikā (See)

ସଙ୍ଘଟିତ—ସଂ. ବିଣ—ସଂଘଟିତ (ଦେଖ)
Saṅghaṭita Saṁghaṭita (See)

ସଙ୍ଘଟ୍ଟ—ସଂ. ବି—ସଂଘଟ୍ଟ (ଦେଖ)
Saṅghaṭṭa Saṁghaṭṭa (See)

ସଙ୍ଘର୍ଡ—ଦେ. ବିଣ—ସଂଘର୍ଡ (ଦେଖ)
Saṅgharḍa Saṅgharḍa (See)
(ଅସଙ୍ଘର୍ଡ—ବିପରୀତ)

ସଙ୍ଘନ—ସଂ. ବିଣ—ସଂଘନ (ଦେଖ)
Saṅghana Saṁghana (See)

ସଙ୍ଘର୍ଷ—ସଂ. ବି—ସଂଘର୍ଷ (ଦେଖ)
Saṅgharsha Saṁgharsha (See)

ସଙ୍ଘସ—ସଂ. ବି—ସଂଘସ (ଦେଖ)
Saṅghasa Saṁghasa (See)

ସଙ୍ଘା—ଦେ. ବି—୧ । (ସଂ ସନ୍‌ଜ୍ ଧାତୁ=ସଂଲଗ୍ନ ହେବାରୁ ଉତ୍ପନ୍ନ Saṅghā 'ସଙ୍ଘ' ଶବ୍ଦ; କାରଣ ସଙ୍ଘାରେ ଏକ ସଙ୍ଗେ ଅନେକ ସାଁଗା, ମାଁଚା ଗୁଡ଼ିଏ ବାଉଁଶ ପଡ଼ିଥାଏ; କିମ୍ବା ସଂ ସଙ୍ଘ=ସମୂହ ମଚାନ କାରଣ ଅନେକ ବା । ଶ ପକାଇ ସଙ୍ଘା ତିଆରି କରାଯାଏ)—ଖୁଞ୍ଜ ଘରର ଏକୋଣାକାର ଖୁଞ୍ଜର ତଳେ ଓ ପରସ୍ପର ବିପରୀତ କାନ୍ଥମାନଙ୍କ ଉପରେ ଗୁଡ଼ିଏ ବାଉଁଶକୁ ଲଗାଲଗି କରି ଅନ୍ତଭାଗରେ ପକାଇ ତିଆରି କରିଥିବା ଭଣ୍ଡ—1. A scaffolding or staging consisting of bamboos put below the triangular portion of the thatch and plaited together, on the tops of opposite walls crosswise and used to store fuel etc. [ଦ୍ର—ଏହି ସଙ୍ଘାରେ ଶୁଖିଲା ନଡ଼ିଆ ରଖି ଦେଲେ ବଡ଼ା-ବେଳେ ବାଦ୍ ନଡ଼ିଆମାନଙ୍କରୁ ପାଣି ମରିଯାଇ ଉକ୍ତ ନଡ଼ିଆମାନ 'ଶୁଳୁଙ୍ଗ' ହୋଇଯାଏ । ଗୁହାଳ ଘରେ ଓ ରୋଷେଇ ଘରେ ସଙ୍ଘା ତିଆରି କରାଯାଏ । କାରଣ ସେଥିରେ ରଖାଯିବା କାଳ କାଠ ଓ ଘସି ଆଦି ଉକ୍ତ ଗୃହ ମଧ୍ୟସ୍ଥ ଚୁଲିରୁ ଓ ନିଆଁରୁ ଉଠିବା ଧୂଆଁ ଦ୍ୱାରା ଶୀଘ୍ର ଶୁଖିଯାଏ ।] ୨ । ଗଛରୁ ତୋଳାଯିବା ନଡ଼ିଆମାନଙ୍କୁ ଶୁଖାଇବା ଉଦ୍ଦେଶ୍ୟରେ ଧାଡ଼ି ଧାଡ଼ି ହୋଇ ପୋତାଇଥିବା ବାଉଁଶ—2. Rows of single bamboos erected on the floor, to which pairs of whole cocoanuts are attached (one pair over the other) so as to cause the newly plucked cocoanuts to become dry. [ଦ୍ର—ଗଛରୁ ତୋଳା ଯାଇଥିବା ନଡ଼ିଆ ସବୁକୁ ଚୋପା ଲଗିଥିବା ଅବସ୍ଥାରେ ଆଣି ଉକ୍ତ ଚୋପାରୁ ଟିକିଏ ଲେଖାଏଁ ଛେଲି ବା ଲସିକୁ କାଢ଼ି ଦୁଇଟି ନଡ଼ିଆର ଲସିକୁ ଗଣ୍ଠିଠାଇ ଉକ୍ତ ନଡ଼ିଆ ଦୁଇଟିକୁ ପରସ୍ପର ସହିତ ସଂଲଗ୍ନ କରାଯାଏ । ଏହି କାର୍ଯ୍ୟକୁ 'ସିନ୍ଦୋଳିବା' କହନ୍ତି । ଏହିପରି ସିନ୍ଦୁଳା ହୋଇଥିବା ନଡ଼ିଆର ଯୋଡ଼ାମାନଙ୍କୁ ଭୂଇଁରେ ପୋତା ହୋଇଥିବା ବାଉଁଶ (ସଙ୍ଘା) ଦେହରେ ଉପର୍ଯ୍ୟୁପରି ଛନ୍ଦି ରଖାଯାଏ । ଏପରି ରଖିବା ଦ୍ୱାରା ନଡ଼ିଆ ସବୁ ଶୁଖିବାକୁ ଅଳ୍ପସମୟ ଲାଗେ ।] ୩ (ସଂ. ସଂଗମ)—ସଙ୍ଘିବା; ଗାଈ ସହିତ ବୃଷର ସଂଗମ—3. Cohabitation of a bull with a cow. ଦେ. ବିଣ—୧ । (ସଂ.ସଙ୍ଘ; ଶଗଡ଼ ସଙ୍ଗେ ବଳଦ ସଂଯୋଜିତ ହେଉଥିବାରୁ) —ଶକଟବାହୀ (ବଳଦ)—1. Drawing a cart (bull). ୨ । ସ୍ତ୍ରୀ (ସଂ.ସଙ୍ଗମ) ବୃଷ ସହିତ ସହବାସ କରିଥିବା ଗାଈ-2. Having been cohabited by a bull (cow). ୩ । ପୁଂ. (ସଂ. ସଙ୍ଗମ) ଗାଈ (ଅସଙ୍ଘା—ବିପରୀତ) ସଙ୍ଗେ ସହବାସ କରିଥିବା(ବୃଷ)-3. Having cohabited with a cow (bull). ପ୍ରାଦେ—୧ । (ସମ୍ବଲପୁର) କାନ୍ଥକୁଳୁ—1. Wall-niche. ୨ । (ସିଂହଭୂମ) ସଙ୍ଘା (ଦେଖ)—2. Saṅgā (See) ୩ । (ସମ୍ବଲପୁର) ଜିନିଷ ରଖିବା ପାଇଁ କାନ୍ଥରେ ମରା ଯାଇଥିବା ପଟା—3. A wooden plate attached to a wall and used as bracket.

(Margin glosses: ସାଁଗା, ମାଁଚା, ମଚାନ; খুঁটি; पाल धरा, संग; जोता, शकटबाही; पाल धरान, सँढियाई हुई)

ସଙ୍ଘା(ଙ୍ଘେ, ଙ୍ଘୋ)ଇବା—ଦେ. କ୍ରି—୧ । 'ସଙ୍ଘିବା' କ୍ରିୟାର ଣିଜନ୍ତ Saṅghā(ṅghe, ṅgho)ibā ରୂପ—1. The causative form of 'Saṅghibā'. ୨ । ଗାଈକୁ ବୃଷ ସଙ୍ଗେ ସଙ୍ଗମ କରାଇବା—2. To cause a cow to be cohabited by a bull. ୩ । (ସଂ. ସନଜ୍ ଧାତୁ) ସଂଯୋଜିତ କରାଇବା—3. To cause to be joined. ୪ । ମିଳାଇବା; ମିଳିତ କରାଇବା—4. To cause to meet.

(Margin glosses: पाल धरान, सँढियाना; मेलान, संयोग कराना)

ସଙ୍ଘା କାଠ—ପ୍ରାଦେ. (ସିଂହଭୂମ) ବି—ଖୁଞ୍ଜ ତଳେ ଥିବା ଘରର Saṅghā kāṭha ପ୍ରଧାନ ମୋଟ କାଠ; ଭିତ—Beam of a house over which perpendicular props are erected to heald up the thatch.

୯	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଂ	ଇୟ	ଉଅ	ଃ
୬	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଃ	ନ୍ନ

ସଙ୍ଘାଡ଼ି—ଦେ. ବି (ସଂ. ସଙ୍ଘଟିକା, ପ୍ରା· ସଂଘାଡ଼ି=ଯୋଡ଼ା)—୧ । Sanghārdi ଯଜ୍ଞୋପବୀତ ତିଆରି କରିବା ପାଇଁ ସୂତାକଟା ଯୋଡ଼ା, ଜୁଦଓୗ ହୋଇ ମୋଡ଼ା ହୋଇଥିବା ପଇତା ସୂତାର ଦୁଇପଟ ଜୋଡ଼ା ବା ଦୁଇଟି ମୋଡ଼ା—1. Two rolls of thread twisted for being prepared into a Brahman's sacred thread. [ଦ୍ର—ଜୀବତ୍‌ପିତୃକ ବ୍ରାହ୍ମଣମାନେ ଏକ ସଂଘାଡ଼ି ବା ଦୁଇ ପଟ ପଇତାସୂତାଦ୍ୱାରା ଛଅଖିଅ ଉପବୀତ ତିଆରି କରି ପିନ୍ଧନ୍ତି । ଯେଉଁମାନେ ଶ୍ରାଦ୍ଧ ତର୍ପଣାଦି କରନ୍ତି ଓ ମୃତପିତୃକ, ସେମାନେ ଦେଢ଼ ସଙ୍ଘାଡ଼ି ବା ତିନି ପଟ ପଇତାସୂତାରେ ନଅ ଖିଅ ଉପବୀତ ତିଆରି କରି ପିନ୍ଧନ୍ତି । ଏହି ନଅ ଖିଅ ମଧ୍ୟରୁ ଛଅ ଖିଅ ଉପବୀତ ଓ ଅନ୍ୟ ତିନି ଖିଅ ଉତ୍ତରୀୟରୂପେ କଳ୍ପିତ ହୁଏ ।] ୨। (ସଂ·ସଙ୍ଘଟ,ସଙ୍ଘଟନ-ମିଶ୍ରଣ, ଯୋଜନ) ଏକାଥରକେ ଚିତାଗ୍ନିରେ ମୁହାଁଯିବା ତାଡ଼ା କାଷ୍ଠଖଣ୍ଡମାନ—2. A quantity of fuel which is sufficient to maintain the cremation fire at a time. ୩ । (ସଂ. ସଙ୍ଘଟିକା=ଯୁଗ୍ମ, ଯୋଡ଼ା) ଯୋଡ଼ା ମଞ୍ଜି ଶୁକୁଆର ବା ମାଛମଞ୍ଜିର ଦୁଇଟି ନୋଳା—3 A pair of fish-roes; two tubes of fish spawn. [ଦ୍ର—ମାଛର ମଞ୍ଜିଟି ଦୁଇ ଫାଳିଆ, ଅର୍ଥାତ୍‌ ଦୁଇଟି ନୋଳାଯୁକ୍ତ । ଏହି ନୋଳାଦ୍ୱୟକୁ 'ସଙ୍ଘାଡ଼ି' ବୋଲାଯାଏ । ପ୍ରତ୍ୟେକ ନୋଳା ଗୋଟିଏ ସୂକ୍ଷ୍ମ ଚର୍ମାବରଣ ମଧ୍ୟରେ ଥାଏ ଏବଂ ଦୁଇଟିଯାକ ନୋଳା ଏକ ସ୍ଥାନରେ ପରସ୍ପର ସହିତ ସୂକ୍ଷ୍ମଚର୍ମାବରଣ ଦ୍ୱାରା ସଂଲଗ୍ନ ହୋଇ ଥାଏ । ସେହି ସଂଯୋଜକ ଚର୍ମାବରଣକୁ ଛିଣ୍ଡାଇ ଦେଲେ ତାହା ପୃଥକ୍ ହୋଇ ସ୍ୱତନ୍ତ୍ର ଦୁଇଟି ନୋଳା ହୁଏ ।]

ସଙ୍ଘାଡ଼ିବା—ଦେ. କ୍ରି. (ସଂ. ସଙ୍ଘଟ)—୧ । ବହୁ ପଦାର୍ଥକୁ ବା ବହୁ Sanghārdibā ଉପାଦାନକୁ ଏକତ୍ର ମିଶ୍ରିତ କରିବା—1. To ମିଶାଇଏ ଦେଓ୍ୱା, ମେଶାନ mix up many materials. ମିଲାନା ୨ । ତିଅଣରେ ପଡ଼ିଥିବା ଭିନ୍ନ ଭିନ୍ନ ପ୍ରକାରର ପରିବା ଆଦି ସିଝିଗଲା ପରେ ତାହାକୁ ଗୋଳାଇ ବା ଘାଣ୍ଟି ମିଶାଇ ଦେବା; ତିଅଣକୁ ଘୋଟିବା ବା ଘୋଟିବା—2. To reduce the boiling curry into a consistent mixture by agitating the boiled ingredients. ୩ । ନବପ୍ରସୂତା ଗାଈ ନିଜ ବାଛୁରିକୁ ନ ଅଦରିଲେ ବା ସ୍ତନରୁ ଦୁଧ ଦୁହାଁଇ ନ ଦେଲେ, କିମ୍ବା ଗାଈର ବାଛୁରି ମରିଗଲେ ତାଠାରୁ ଦୁଧ ଦୁହିଁବା ପାଇଁ ତା ନିଜର ବାଛୁରି ପରି ଅନ୍ୟ ଗାଈର ବାଛୁରିକୁ ଅଥବା ବାଛୁରିର ଗୋଟିଏ ମୂର୍ତ୍ତି କରି ତାକୁ ଗାଈ ଆଗରେ ସୁଧାରାନ ଠିଆ କରାଇ ସେହି ନକଲି ବାଛୁରି ଦେହରେ ମହୁ, ଲୁଣ ସଂଘରାନା ଆଦି ଲେହ୍ୟଭକ୍ଷ୍ୟ ପଦାର୍ଥ ଲଗାଇ ଗାଈକୁ ଚଟାଇ ଓ ଚୁଚୁକାଳି ମାରି ଗାଈକୁ ଅଉଁସିବା, କୋମଳ କଥା କହିବା ଓ ଏତଦ୍ଭିନ୍ନ ଅନ୍ୟ ଉପାୟ ପ୍ରୟୋଗ କରିବା; ଗାଈକୁ ସୁଧାରିବା—3. To employ various means to a milch-cow which is not allowing herself to be milked, in order that she can be easily milked. ୪ । ଦୁଇଟି ଯୋଡ଼ାବାଁଧା ଗୋରୁଙ୍କୁ ପଘାରେ ପରସ୍ପର ସହିତ ଛନ୍ଦି ଜଙ୍ଗଲରେ ବା ଜୋଡ଼ନା ପଡ଼ିଆରେ ଚରିବା ପାଇଁ ଛାଡ଼ି ଦେବା—4. To tie two cattle together and leave them for grazing in jungle or field.

ସଙ୍ଘାତ (ଇତ୍ୟାଦି)—ସଂ. ବି—ସଂଘାତ ଇତ୍ୟାଦି (ଦେଖ) Sanghāta (etc) Samghāta etc. (See)

ସଙ୍ଘାତି—ଦେ. ବିଣ—ସଂଘାତି (ଦେଖ) Sanghāti Samghāti. (See)

ସଙ୍ଘାର—ଦେ. ବି—ସଂଘାର (ଦେଖ) Sanghāra Samghāra. (See)

ସଙ୍ଘାରିବା—ଦେ. କ୍ରି—ସଂଘାରିବା (ଦେଖ) Sanghāribā Samghāribā. (See)

ସଙ୍ଘିବା—ଦେ. କ୍ରି (ସଂ. ସଙ୍ଗ, ସଙ୍ଗମ=ମୈଥୁନ)—(ବୃଷ) ଗାଈକୁ Sanghibā ମୈଥୁନ କରିବା—(a bull) To copulate ପାଲଦେଓ୍ୱା with a cow. [ଦ୍ର—ଗାଈର ଋତୁକାଳ ହେଲେ ନାଁଘନା ଗାଈ 'ବଳଦ ପଡୁଛି' ବୋଲି କହନ୍ତି । ବଳଦ ପଡ଼ିବା ଗାଈକୁ ଷଣ୍ଢ ସଙ୍ଗମ କଲେ ତାକୁ ଗାଈ 'ବଏ ଗଲା' (ବ. ପାଲ ନିଲ) ବୋଲି କହନ୍ତି । ଗାଈ ଥରେ ବଏ ଯିବା ପରେ ଗର୍ଭବତୀ ନ ହେଲେ ଗାଈ 'ଲେଉଟାଇଲା' ବୋଲି କହନ୍ତି ।]

ସଙ୍ଘୁଷିତ—ସଂ. ବିଣ—ସଂଘୁଷିତ (ଦେଖ) Sanghushita Samghushita. (See)

ସଙ୍ଘୃଷ୍ଟ—ସଂ. ବିଣ—ସଂଘୃଷ୍ଟ (ଦେଖ) Sanghushta Samghrushta. (See)

ସଙ୍ଘୃଷ୍ଟ—ସଂ. ବିଣ—ସଂଘୃଷ୍ଟ (ଦେଖ) Sanghrushta Samghrushta. (See)

ସଙ୍ଘେନିବା—ଗ୍ରା· କ୍ରି—ସଙ୍ଗେ ଘେନିବା ବା ନେବା—To take Sanghenibā with; to be accompanied by. ସଙ୍ଗେ ଲଓ୍ୱା ସାଥମେ ଲେନା

ସଚ୍ (ଧାତୁ)—ସଂ—୧ । ସମ୍ବନ୍ଧ କରିବା—1. To form connec- Sach (root) tion. ୨ । ଅନୁସ୍ୟୂତ କରିବା—2. To please; to oblige.

ସଚକିତ—ସଂ. ବିଣ (ସ=ସହିତ+ଚକିତ=ଭୟ, ଉଦ୍‌ବେଗ; Sachakita ଚକିତାଦି)—୧ । ତ୍ରସ୍ତ; ଅସ୍ୱସ୍ଥୀଭୂତ—1. Startled; frightened. ୨। ସାବଧାନ; ଜାଗ୍ରତ—2. Vigilant. ୩ । ଭୀରୁ—3. Timid.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସଚକିତ ନୟନ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; କର୍ମଧାରୟ; ସ+ **Sachakita nayana** ଚକିତନୟନ; ଜମା ସଚକିତ+ (ସଚକିତ ଦୃଷ୍ଟି—ଅନ୍ୟରୂପ) ନୟନ; ସହାର୍ଥ ବହୁବ୍ରୀହି ବା [ସଚକିତ ନୟନା, ସଚକିତ ଦୃଷ୍ଟି—ସ୍ତ୍ରୀ] ବହୁବ୍ରୀହି)—ସଭୟ ଦୃଷ୍ଟି; ଯାହାର ନୟନ ଭୟଯୁକ୍ତ ହୋଇଥାଏ—Having a frightened look.

ସଚଞ୍ଚଳ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ଚଞ୍ଚଳ= **Sachañchaḷa** ବାୟୁ)—ବାୟୁଯୁକ୍ତ; ପବନଯୁକ୍ତ—Airy; windy. ଦେ. ବିଣ. (ସଂ. 'ଚଞ୍ଚଳ'ର ଅଶୁଦ୍ଧ ପ୍ରୟୋଗ)—ଚଞ୍ଚଳ—Restless.

ସଚଟ୍(ଠ)—ଦେ. ବିଣ—ସଚୋଟ (ଦେଖ) **Sachaṭ(ṭa)** Sachoṭa. (See)

ସଚରାଚର—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ଚରାଚର= **Sacharāchara** ସ୍ଥାବରାସ୍ଥାବର)—ସ୍ଥାବରାସ୍ଥାବର ସହିତ ବର୍ତ୍ତମାନ; ସ୍ଥାବର ଓ ଜଙ୍ଗମଯୁକ୍ତ (ପୃଥିବୀ)—(the world) Comprising all the moveable and the immoveable things. ଦେ. ବିଣ—
सचराचर ୧ । ସମସ୍ତ; ସମଗ୍ର—1. All. ୨ । ଜଗତରେ ସର୍ବତ୍ର
সচরাচর ଦେଖାଯିବା—2. Universal. ଦେ. ବି—୧ । ବିଶ୍ୱସୃଷ୍ଟି; ବ୍ରହ୍ମାଣ୍ଡ—1. The Creation; the Universe. ୨ । ସୃଷ୍ଟ ସମସ୍ତ ପଦାର୍ଥ; ସ୍ଥାବର ଓ ଜଙ୍ଗମ ବସ୍ତୁଚୟ—2. All created things, moving and lifeless. [ଉ—ସଚରାଚର କହେ ଯହିଁ, ସେ ବସ୍ତୁ ପ୍ରତିମା ଯେ ହୋଇ—ଜଗନ୍ନାଥ. ଭାଗବତ ।] ଦେ. କ୍ରି. ବିଣ—୧ । ସାଧାରଣତଃ—1. Ordinarily; commonly ୨ । ଏହି ପୃଥିବୀରେ—2. In this world. ୩ । ଏହି ସୃଷ୍ଟିରେ—3. In the creation. (ଯଥା—ସଚରାଚର ଏହା ଦେଖାଯାଏ ଯେ, ବୃଦ୍ଧ ପିତାମାତାଙ୍କୁ ବୟଃପ୍ରାପ୍ତ ଯୋଗ୍ୟ ସନ୍ତାନ ପାଳନ କରନ୍ତି ।)

ସଚଳ—ସଂ. ବିଣ (ସ=ସହ+ଚଳ=ଗତିଶୀଳତା, ଗୃହଳକ୍ଷ୍ମୀ; ସହାର୍ଥ **Sachaḷa** ବହୁବ୍ରୀହି)—ଚଳନଶୀଳ; ଗତିଶୀଳ—Moving (ଅଚଳ—ବିପରୀତ) সচল ଦେ. ବିଣ—ସଙ୍ଗତିସମ୍ପନ୍ନ (ଅବସ୍ଥା)—
অবস্থাপন্ন, সম্পন্ন Well-to-do. (ଉ—ତାଙ୍କର ବର୍ତ୍ତମାନ ଅବସ୍ଥା ବେଶ୍ ସଚଳ ।)

ସଚଳ ଜାତି—ଦେ. ବି—ପାଣିଛୁଆଁ ଜାତି; ଉଚ୍ଚ ଜାତି—**Sachaḷa jāti** জলচল জাতি **सचल जाति** High caste.

ସଚ ଲବଣ—ଦେ. ବି (ସଂ. ସୌବର୍ଚ୍ଚଳ ଲବଣ)—ପଞ୍ଚ ଲବଣ ମଧ୍ୟରୁ **Sacha labaṇa** ଏକତମ—Sochal salt; Una- (ସଂ. ପର୍ଯ୍ୟାୟ—ରୁଚକ,ଅକ୍ଷ,ପାକ୍ୟ) qua Sodium chloride.
सचल नून, सचल लवन [ଦ୍ର-ଏହି ଲୁଣ ଖଣିଜ ଅଟେ । ଏହା
साँचर लवण କଟୁ ଓ ଲବଣରସଯୁକ୍ତ, ଉଷ୍ଣବୀର୍ଯ୍ୟ,
ଫା. ନମକ୍‌ସିୟା ଲଘୁପାକ, ଅଗ୍ନିବର୍ଦ୍ଧକ, ହର୍ଷଦାୟକ,
ଅ. ମଲହୁଲ୍ ଯଜାଜ୍ ରୁଚିକର, ଭେଦକ, ପାଚକ, ସ୍ନିଗ୍ଧ,
ସଚଲୁଣ, ସଚଳ ଲବଣ, ସଚଳ ଲୁଣ } ଅନ୍ୟରୂପ ବାୟୁନାଶକ, କଂଚିତ୍ ପିତ୍ତକର ଓ ଉଦ୍‌ଗାର ଶୁଦ୍ଧିକାରକ । ଏହା ବିବନ୍ଧ, ଆନାହ, ଶୂଳ, ଗୁଳ୍ମ, କୃମି, ଊର୍ଦ୍ଧ୍ୱବାୟୁ ଓ ଆମ ଦୋଷରେ ଉପକାରୀ ।)

ସଚ୍ଚ (ଇତ୍ୟାଦି)—ଦେ. ବି ଓ ବିଣ—ସଚ୍ଚା ଇତ୍ୟାଦି (ଦେଖ) **Sachā (etc)** Sachchā etc (See)

ସଚ୍ଚ(ଚେ)ଇ—ଦେ. ବି—ସଚ୍ଚାଇ (ଦେଖ) **Sachā(che)i** Sachchāi (See)

ସଚ୍ଚ(ଚେ)ଈ—ଦେ. ବିଣ. ସ୍ତ୍ରୀ—ସଚ୍ଚାଈ (ଦେଖ) **Sachā(che)ī** Sachchāī (See)

ସଚି(ଚୀ)—ସଂ.ବି.ସ୍ତ୍ରୀ (ସଚ୍ ଧାତୁ=ଅପ୍ୟାୟିତ କରିବା+କର୍ମ. ଇ, ଈ; **Sachi(chī)** ଯାହାଙ୍କୁ ଇନ୍ଦ୍ର ଅପ୍ୟାୟିତ କରନ୍ତି; ଶଚି ବା ଶଚୀର ବିକଳ୍ପ ରୂପ)—ଶଚୀ ଇତ୍ୟାଦି (ଦେଖ) Śachī etc (See)

ସଚିନ୍ତ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି, ସ=ସହ+ଚିନ୍ତା)—**Sachinta** ଚିନ୍ତାଯୁକ୍ତ; ଭାବନାଯୁକ୍ତ—Anxious; full of (ସଚିନ୍ତା—ସ୍ତ୍ରୀ) cares.

ସଚିନ୍ତିତ—ଗ୍ରା ବିଣ (ସଂ. ସଚିନ୍ତର ଅଶୁଦ୍ଧ ପ୍ରୟୋଗ)—ସଚିନ୍ତ (ଦେଖ) **Sachintita** Sachinta (See)

ସଚିବ—ସଂ.ବି. ପୁଂ (ସଚ୍ ଧାତୁ=ସମ୍ବନ୍ଧ କରିବା+କର୍ତ୍ତୃ. ଇବ)—୧ । **Sachiba** ମନ୍ତ୍ରୀ; ଅମାତ୍ୟ—1. Minister. ୨ । ସହାୟ—2. Help. ୩ । ସାହାଯ୍ୟକାରୀ ବ୍ୟକ୍ତି—3. An assistant; a secretary. ୪ । (ବୈଦ୍ୟକ) କୃଷ୍ଣଧସ୍ତୁରକ; କଳାଧାତୁରୀ—4. The black species of Dhtura plant.

ସଚିବାମୟ—ସଂ.. ବି (ଆଧୁନିକ ପ୍ରୟୋଗ)—ବିସର୍ପ ରୋଗ; ଘାଅ ବା **Sachibāmaya** ବ୍ରଣ ଅଧିକ ବିସର୍ପିଯିବା—Erysipelas.

ସଚିଲ୍ଲକ—ସଂ. ବିଣ. ପୁଂ (ସ=ସହିତ+ଚିଲ୍ଲକ=କ୍ଲିନ୍ନ ଚକ୍ଷୁ; **Sachillaka** ବହୁବ୍ରୀହି)—୧ । କ୍ଲିନ୍ନଚକ୍ଷୁବିଶିଷ୍ଟ—1. Having (ସଚିଲ୍ଲକା—ସ୍ତ୍ରୀ) moistened or bleared eyes. ୨। ଚିଲ୍ଲ-ଆଖିଆ—2. Having the pupils of the eyes greenish.

ସଚୀ—ସଂ. ବି—ସଚି (ଦେଖ)—Sachi (See) ଦେ. ବି. ଓ **Sachī** ବିଣ. ସ୍ତ୍ରୀ—ସଚ୍ଚୀ (ଦେଖ)—Sachchī (See) (ସଚ୍ଚ—ପୁଂ. ବିଣ) ଦେ. ବି. ସ୍ତ୍ରୀ (ନାମ)—ଶ୍ରୀ ଚୈତନ୍ୟଦେବଙ୍କ (ସଚୀ ଦେବୀ—ଅନ୍ୟରୂପ) ମାତା—Name of the mother

সচী **सची** of Sri Chaitanya. ଦେ. ବି. ପୁଂ—ସଚୀନ୍ଦ୍ରନାଥଙ୍କ ଡାକ ନାମ—Nickname of Sachīndranātha. ସଂ. ବି. ସ୍ତ୍ରୀ—ଶଚୀ (ଦେଖ) Sachī (See)

ସଚୀ ନନ୍ଦନ—ଦେ. ବି—ଶ୍ରୀ ଚୈତନ୍ୟ ଦେବ—Sri Chaitanya.
Sachī nandana সচী নন্দন **सची नन्दन**

ସଚୀନ୍ଦ୍ର—ସଂ. ବି—୧ । (୬ଷ୍ଠୀ ତତ୍)—ଇନ୍ଦ୍ର—1. Indra. ୨ ।
Sachīndra (ଦ୍ୱନ୍ଦ୍ୱ)—ଶଚୀ ଓ ଇନ୍ଦ୍ର—2. Sachī and
সচীন্দ্র **सचीन्द्र** Indra. ଦେ. ବି. ପୁଂ—ପୁରୁଷଙ୍କ ନାମ—
(ସଚୀନ୍ଦ୍ରକୁମାର, ସଚୀନ୍ଦ୍ରନାଥ—ଅନ୍ୟରୂପ) A name given to males. ଗ୍ରା. ବିଣ—ଛଚିନ୍ଦ୍ର (ଦେଖ) Chhachindra (See)

ସଚେଇ—ଦେ. ବି—ସଚ୍ଚେଇ (ଦେଖ)—
Sachei Sachchei (See)

ସଚେଇ ହ(ହେ)ବା—ଦେ. କ୍ରି—ସଚ୍ଚେଇ ହବା (ଦେଖ)
Sachei ha(he)bā Sachchei habā (See)

ସଚେଇ—ଦେ. ବି ଓ ବିଣ. ସ୍ତ୍ରୀ—ସଚ୍ଚେଇ (ଦେଖ)
Sacheī Sachcheī (See)

ସଚେତ(ନ୍, ତା)—ଦେ. ବିଣ (ସଂ. ସଚେତନ)—୧ । ଚେଇଁ ଥିବା; Sachet(ta, tā) ଅନିଦ୍ରିତ; ଜାଗ୍ରତ—1. Watching. ୨ ।
সচেত ଚେତାଳ; ସାବଧାନ; ହୁସିଆର—2. Watchful;
सचेत vigilant. ୩ । ସଜ୍ଞାନ—3. Conscious. ୪ ।
[ଅଚେତ(ନ, ତା)—ଅନ୍ୟରୂପ] ପୁନଃ ଚେତନାପ୍ରାପ୍ତ—4. Brought back into sense. [ଉ—ମୂର୍ଚ୍ଛା ହୋଇଲେ ଜାତ ସଚେତ, ଜାମ୍ବବନ୍ତ ପୁନଃ ସେ ସୃଷ୍ଟି କରନ୍ତେ—ଉଞ୍ଜ. ବୈଦେହୀଶବିଳାସ ।]

ସଚେତ(ନ) ନିଦ—ଦେ. ବି—୧ । ଯେଉଁ ସବୁକୁ; ଯେଉଁ ନିଦରେ
Sachet(ta) nida ମନୁଷ୍ୟ ବା ଜୀବ ହୁସିଆର ଥାଏ, ଅର୍ଥାତ୍
সচেত নিদ্রা ହିଳିଏ ଶବ୍ଦ ଶୁଣିଲେ ଜାଗ୍ରତ ହୁଏ—1. Watch-
सचेत निंद ful or waking sleep. [ଉ—କୁକୁର (ଅଚେତ ନିଦ—ବିପରୀତ) ମାନଙ୍କର ସଚେତ ନିଦ; କେଣେ କେଣେ ମନୁଷ୍ୟଙ୍କର ସଚେତ ନିଦ ଓ କେତେକଙ୍କର ଅଚେତ ବା ଗାଢ଼ ନିଦ ।] ୨ । ସ୍ୱଳ୍ପ ନିଦ୍ରା; ଯାହା ଗାଢ଼ ନିଦ୍ରା ନୁହେଁ —2. Light sleep; nap.

ସଚେତନ—ସଂ. ବି. ପୁଂ (ସ=ସହ+ଚେତନ; ସହାର୍ଥ ବହୁବ୍ରୀହି)—
Sachetana ୧ । ଚୈତନ୍ୟଯୁକ୍ତ—1. Sentient. ୨ ।
(ସଚେତନା—ସ୍ତ୍ରୀ) ସଜୀବ; ଜୀବନ୍ତ—2. Living; animate.
(ଅଚେତନ—ବିପରୀତ) ୩ । ହୁସିଆର; ସତର୍କ—
3. Watchful; vigilant.

ସଚେତନ ଜୀବ (ପ୍ରାଣୀ)—ସଂ. ବି (କର୍ମଧା)—ସଜୀବ ପ୍ରାଣୀ—
Sachetana jība (prāṇī) Living being; sentient being.

ସଚେତନ ଦୃଷ୍ଟି—ସଂ. ବି (କର୍ମଧା)—୧ । ତୀକ୍ଷ୍ଣଦୃଷ୍ଟି—1. Sharp
Sachetana drushṭi look. ୨ । ସତର୍କ ଦୃଷ୍ଟି—
2. Watchful eyes. ସଂ. ବିଣ (ବହୁବ୍ରୀହି)—୧ । ତୀକ୍ଷ୍ଣଦୃଷ୍ଟିଶକ୍ତି ବିଶିଷ୍ଟ—1. Having sharp eye-sight. ୨ । ସତର୍କ ଦୃଷ୍ଟିବିଶିଷ୍ଟ—2. Having watchful or vigilant eyes.

ସଚେଲ—ସଂ. ବିଣ. ପୁଂ (ସ=ସହିତ+ଚେଲ=ବସ୍ତ୍ର; ସହାର୍ଥ
Sachela ବହୁବ୍ରୀହି)—ସହବସ୍ତ୍ରବସ୍ତ୍ର; ସବସ୍ତ୍ର—Wearing
(ସଚେଳକ—ଅନ୍ୟରୂପ) cloth; with clothes on
(ସଚେଲା—ସ୍ତ୍ରୀ) [ଯଥା—ଯାକାରୁଡ଼ ଯଢ଼ଙ୍କୁ ଓ ଶବ୍ଦାରୂଢ଼ା ରଜସ୍ୱଳାକୁ ଦେଖିଲେ ସଚେଲ ସ୍ନାନ କରିବା ଶାସ୍ତ୍ରର ବିଧାନ ଅଟେ ।]

ସଚେଲ ସ୍ନାନ—ସଂ. ବି—ସବସ୍ତ୍ର ସ୍ନାନ; ଲୁଗା ପିନ୍ଧି ଗାଧୋଇବା—
Sachela snāna Taking a bath with clothes on.

ସଚେଷ୍ଟ—ସଂ. ବିଣ. ପୁଂ (ସ=ସହିତ+ଚେଷ୍ଟା; ସହାର୍ଥ ବହୁବ୍ରୀହି)—
Sacheshṭa ୧ । ଚେଷ୍ଟାଯୁକ୍ତ; ଚେଷ୍ଟାନ୍ୱିତ—1. Exerting;
(ସଚେଷ୍ଟା—ସ୍ତ୍ରୀ) endeavouring; striving. ୨ । ଉଦ୍ୟୋଗୀ—2. Energetic. ସଂ. ବି—ଆମ୍ବ; ଆମ୍ର—Mango.

ସଚ୍ଚୋଟ(ଟ)—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ସତ୍)—୧ । ସାଧୁ; ସତ୍—
Sachoṭ(ṭa) 1. Honest. ୨ । ପ୍ରଭୁଭକ୍ତ—2. Dutiful;
সাচ্চা, সাঁচা loyal. ୩ । (ସଂ. ସତ୍ୟ) (ପୁଂ) ସତ୍ୟବାଦୀ—
सच्चा 3. Truthful. ୪ । (ସ୍ତ୍ରୀ) ସତୀ—4. (a wife) Faithful to the husband; chaste. ଦେ. ବି—ସଚ୍ଚୋଟପଣ—Honesty.

ସଚ୍ଚୋଟ ଦେଖା(ଖେ)ଇ ହ(ହେ)ବା—ଦେ. କ୍ରି—ସଚ୍ଚୋଟପଣ ଦେଖାଇ—
Sachoṭ dekhā(khe)i ha(he)bā ହେବା—To simul-
স(সা)চ্চা দেখান ate honesty or truthfulness.
सच्चा दिखलाना

ସଚ୍ଚୋଟ ପଣ—ଦେ. ବି—୧ । ସାଧୁତା—1. Honesty ୨ । ସତ୍ୟ
Sachoṭ paṇa ବାଦିତା—2. Truthfulness.
সাচ্চা পনা,, সাঁচ্চা পানা **सच्चा पन**
(ସଚୋଟ, ପଣିଆ—ଅନ୍ୟରୂପ

ସଚ୍ଚୋଟ ପଣ ଦେଖା(ଖେ)ଇ ହେବା—ଦେ.କ୍ରି—ସଚ୍ଚୋଟ ଦେଖାଇହେବା
Sachoṭ paṇa dekhā(khe)i hebā (ଦେଖ)—Sochoṭ dekhāi hebā (See)

ସଚ୍ଚୋଟି—ଦେ. ବି—ସଚ୍ଚୋଟ ପଣ (ଦେଖ)—
Sachoṭi Sachoṭ paṇa (See)
(ସଚ୍ଚୋଟିଆ—ବିଣ)

ସଚ୍ଚଟ (ଇତ୍ୟାଦି)—ଦେ. ବି ଓ ବିଣ. ପୁଂ ଓ ସ୍ତ୍ରୀ (ସଂ. ସତ୍)—
Sachchaṭ (etc) ସଚ୍ଚୋଟ ଇତ୍ୟାଦି (ଦେଖ)
Sachoṭ etc (See

ସଚ୍ଚଟିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ—ସଚ୍ଚୋଟ (ଦେଖ)
Sachchaṭiā Sachoṭ (See)

ସଚ୍ଚଟିଆ ପଣ—ଦେ. ବି—ସଚ୍ଚୋଟ ପଣ (ଦେଖ)
Sachchaṭiā paṇa Sachoṭ paṇa (See)
[ସଚ୍ଚଟିଆ ପଣିଆ, ସଚ୍ଚଟ ପଣ, ସଚ୍ଚଟ ପଣିଆ—ଅନ୍ୟରୂପ]

ସଚ୍ଚା—ଦେ. ବିଣ. ପୁଂ (ସ୍ତ୍ରୀ ଅପ୍ରଚଳିତ)—୧ । ସଚ୍ଚୋଟ୍ (ଦେଖ)
Sachchā 1. Sachoṭ (See) ୨ । (ସଂ. ସତ୍ୟ) ଅସଲ;
সাচ্চা, সাঁচা ଖାଣ୍ଟି; ଅକୃତ୍ରିମ; ଅମିଶ୍ର; ପ୍ରକୃତ—1. Genuine,
सच्चा pure; unadulterated; unmixed; real
[ସଚ୍ଚେଇ, ସଚ୍ଚୀ—ସ୍ତ୍ରୀ] (article). ଦେ. ବି—ସଚ୍ଚାପଣ—
[ସୁଚ୍ଚା—ଅପ୍ରଚଳିତ] Honesty; truthfulness.

ସଚ୍ଚାଇ (ଇତ୍ୟାଦି)—ଦେ· ବି—ସଚ୍ଚେଇ ଇତ୍ୟାଦି (ଦେଖ)
Sachchāi (etc) Sachchei etc (See)

ସଚ୍ଚାଈ—ଦେ. ବିଣ. ସ୍ତ୍ରୀ—ସଚ୍ଚାର ସ୍ତ୍ରୀଲିଙ୍ଗ (ଦେଖ)
Sachchāī (ସଚ୍ଚା—ପୁଂ) Feminine of Sachchā (See)

ସଚ୍ଚା ଜରି—ଦେ. ବି (ସଂ· ସତ୍ୟ+ପା· ଜରି)—ଅସଲ ସୁନାରୁ
Sachchā jari ବା ରୁପାରୁ ନିର୍ମିତ ଜରି—Lace of pure
স[সাঁ]চ্চা জরি असली जरी gold or silver.
[ସୁଚ୍ଚା ଜରି—ଅପ୍ରଚଳିତ]

ସଚ୍ଚା ଦେଖା[ଖେ]ଇ ହ[ହେ]ବା—ଦେ. କ୍ରି—ସଚ୍ଚୋଟ୍ ଦେଖାଇ
Sachchā dekhā[khe]i ha[he]bā ହେବା (ଦେଖ)—
সাচ্চা দেখান सच्चा दिखलाना Sachoṭ dekhāi hebā
(See)

ସଚ୍ଚା ପଣ—ଦେ. ବି—ସଚ୍ଚୋଟ୍ ପଣ [ଦେଖ]—Sachoṭ paṇa
Sachchā paṇa সাচ্চাপন(না) सच्चापन [See]
[ସଚ୍ଚା ପଣିଆ, ସଚ୍ଚାଗିରି—ଅନ୍ୟରୂପ]

ସଚ୍ଚାପଣ ଦେଖା[ଖେ]ଇ ହ[ହେ]ବା—ଦେ. କ୍ରି—(ମନ୍ଦାର୍ଥ)—
Sachchāpaṇa dekhā[khe]i ha(he)bā ୧ । ଲୋକଙ୍କୁ
সাচ্চাপানা দেখান ଦେଖାଇବା ପାଇଁ ନିଜର ସାଧୁତାର ବା
सच्चापन दिखलाना ସତ୍ୟବାଦିତାର ବାହାନା କରିବା—
1. To feign honesty or truthfulness; to affect honesty or truthfulness.
୨ । ନିଜର ସତ୍ୟବାଦିତା, ସାଧୁତା ବା ସତୀତ୍ୱ ବିଷୟରେ ଲୋକସମାଜରେ ଅସ୍ଫାଳନ କରିବା—2. To brag or boast of one's honesty, chastity or truthfulness.

ସଚ୍ଚା ମାଲ—ଦେ. ବି—ଖୁବ୍ ପବିତ୍ର ଓ ବିଶୁଦ୍ଧ ପଦାର୍ଥ; ଉତ୍ତମ ବସ୍ତୁ;
Sachchā māla ଖାଣ୍ଟି ଜିନିଷ; ଅସଲ ଚିଜ—
স(সা)চ্চা মাল असली माल Genuine article.

ସଚ୍ଚାର୍ବା—ସଂ. ବି (ବୈଦ୍ୟକ)—ହରିଦ୍ରା; ହଳଦୀ—
Sachcharbā Turmeric.

ସଚ୍ଚିତ୍—ସଂ· ବି (ସତ୍+ଚିତ୍; ଯେ ସତ୍=ନିତ୍ୟ ଓ ଚିତ୍=
Sachchit ଜ୍ଞାନମୟ ଅଟନ୍ତି)—ପରଂବ୍ରହ୍ମ; ବ୍ରହ୍ମ—The Divine Essence or the Universal Soul.

ସଚ୍ଚିଦ ଆନନ୍ଦ—ଗ୍ରା. ବି (ପଦ୍ୟ) (ସଂ· ସଚ୍ଚିଦାନନ୍ଦର ଅଶୁଦ୍ଧ ପ୍ରୟୋଗ)
Sachchida ānanda —ସଚ୍ଚିଦାନନ୍ଦ (ଦେଖ)
সচ্চিদ আনন্দ Sachchidānanda (See)
सच्चिद आनन्द [ଉ—ଚୌଦିଗେ ସଚ୍ଚିଦ ଆନନ୍ଦ, ସ୍ୱରୂପ ଅଟନ୍ତି ଗୋବିନ୍ଦ—ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।]

ସଚ୍ଚିଦାନନ୍ଦ—ସଂ. ବି (ସତ୍+ଚିତ୍+ଆନନ୍ଦ; ଯେ ସତ୍=ନିତ୍ୟ
Sachchidānanda ଚିତ୍=ଜ୍ଞାନମୟ ଓ ଆନନ୍ଦ=ଆନନ୍ଦମୟ ଅଟନ୍ତି)—୧ । ବ୍ରହ୍ମ—1. The Divine Essence or the Universal Soul. ୨ । ବିଷ୍ଣୁ—2. Bishṇu. ୩ । ପରମେଶ୍ୱର—3. God. ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ—ଦେ. ବି (ନାମ)—ବାମଣ୍ଡାର ସ୍ୱନାମ-
Sachidānanda tribhubana deba ଧନ୍ୟ ସ୍ୱର୍ଗତ ରାଜା—
Name of late illusrious Raja of Bamra State of Orissa.

[ଦ୍ର—ସଚ୍ଚିଦାନନ୍ଦତ୍ରିଭୁବନ ଦେବ—ବାମଣ୍ଡା ରାଜ୍ୟର ସ୍ୱର୍ଗୀୟ ଅଧିଶ୍ୱର । ଜନ୍ମ—୩।୫।୧୮୭୨; ଲୋକାନ୍ତର—୧୧।୩।୧୯୧୬ ।

ଊନବିଂଶ ଶତାବ୍ଦୀର ଉତ୍କଳୀୟ ଦେଶୀୟ ରାଜାଗଣଙ୍କ ଅଗ୍ରଣୀ ଗଙ୍ଗବଂଶ ଭାସ୍କର ଲୋକୋତ୍ତର ପ୍ରତିଭାନ୍ୱିତ ବାମଣ୍ଡାଧିପ ପ୍ରଥିତଯଶା ସର୍ ବାସୁଦେବ ସୁଢଳଦେବଙ୍କର ଯୋଗ୍ୟ ଜ୍ୟେଷ୍ଠାତ୍ମଜ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ପବିତ୍ର ନାମ ଉତ୍କଳର ପ୍ରତିପଲ୍ଲୀରେ ଗୃହେ ଗୃହେ କୀର୍ତ୍ତିତ । ପିତୃପଦାଙ୍କ ଅନୁସରଣ କରି ବାମଣ୍ଡାର ନରପତି ରୂପେ ଉତ୍କଳରେ ସେ ଯେଉଁ ମହାଦର୍ଶ ପ୍ରତିଷ୍ଠା କରିଯାଇଅଛନ୍ତି, ତାହାର ପଟାନ୍ତର ଉତ୍କଳରେ ନାହିଁକି, ଭାରତରେ ବିରଳ । ଏକାଧାରରେ ସୁଶାସକ, ସୁକବି, ସୁଲେଖକ, ସୁବକ୍ତା, ବୈଜ୍ଞାନିକ, ଯୋଦ୍ଧା, ମୃଗୟୁ, ଚିତ୍ରକର, ସଙ୍ଗୀତଜ୍ଞ ଓ ବେଦାଧ୍ୟାୟୀ ହେବା ଶତେହେଁ ହଜାରକେ ଜଣେ ଜଣେ ନରପତିଙ୍କ ଭାଗ୍ୟରେ ଘଟିଥାଏ । ଆଜ ପିତା ପୁତ୍ର ଦୁହେଁ ଉତ୍କଳକୋଳରୁ ବିଦାୟ ଘେନି ଦିବ୍ୟଧାମକୁ ଚାଲିଯାଇଅଛନ୍ତି ସତ୍ୟ, କିନ୍ତୁ ଦୁହିଙ୍କ ଗୁଣାବଳୀର ଦିବ୍ୟସୌରଭ ପୂର୍ବ ପରି ଉତ୍କଳର ଗଗନ-ପବନକୁ ପୁଲକିତ କରି ରଖିଅଛି । ପ୍ରଦୀପରୁ ପ୍ରଦୀପ ଜାତ ହୋଇ ଧ୍ୱାନ୍ତ ନାଶ କଲାପରି ପୁଣ୍ୟାତ୍ମା ସ୍ୱର୍ଗୀୟ ସଚ୍ଚିଦାନନ୍ଦ ସର୍ ବାସୁଦେବଙ୍କଠାରୁ ଜାତ ହୋଇ ଉତ୍କଳ ଖଣ୍ଡକୁ ନିଜର କୀର୍ତ୍ତିସୁଧାରେ ଧବଳିତ କରିଥିଲେ ଏବଂ ବାମଣ୍ଡାର ଭାଗ୍ୟାକାଶ ତାଙ୍କୁ ପୂର୍ଣ୍ଣିମା ସୁଧାକର ରୂପେ ଲାଭ କରି ଧନ୍ୟ ହୋଇଥିଲା ।

ରାଜା ସର୍ ବାସୁଦେବ ସୁଢଳଦେବଙ୍କ ପଟ୍ଟମହିଷୀ କଳାହାଣ୍ଡି ମହାରାଜକୁମାରୀ ସତୀ ସାଧ୍ୱୀ ସ୍ୱର୍ଗତା ଚିତ୍ରରଞ୍ଜନକୁମାରୀଙ୍କ ଗର୍ଭରେ ୧୮୭୨ ଖ୍ରୀଷ୍ଟାବ୍ଦ ମେ ମାସ ୩ ତାରିଖ ଦିନ ସଚ୍ଚିଦାନନ୍ଦଙ୍କର ଆବିର୍ଭାବ ହୋଇଥିଲା । ସଚ୍ଚିଦାନନ୍ଦ ଦୁଇଟି ମାତ୍ର ବର୍ଷ ମାତୃସ୍ନେହ ଭୋଗ କରିଥିଲେ, କାରଣ ଦାରୁଣ ନିୟତିର ନିର୍ମମ ବ୍ୟବସ୍ଥାରେ ତାଙ୍କର ମାତା ନିଖିଳ ଗୁଣବତୀ ଚିତ୍ରରଞ୍ଜନକୁମାରୀ ବାମଣ୍ଡା ରାଜାନ୍ତଃପୁରକୁ ଘୋର ତମସାଚ୍ଛନ୍ନ କରି ଏବଂ ଅନୁରାଗୀ ପତିଙ୍କ ହୃଦୟକୁ ଶତଧା ଭଗ୍ନ କରି ସ୍ୱର୍ଗାରୋହଣ କଲେ । ତେଣୁ ସଚ୍ଚିଦାନନ୍ଦ ଅଶୈଶବ ମାତୃସ୍ନେହ ଓ ମାତୃ-

ବାତ୍ସଲ୍ୟରୁ ବଞ୍ଚିତ । ତାଙ୍କ ସ୍ନେହମୟୀ ପିତାମହୀ ମାତାଙ୍କ ସ୍ଥାନ ଅଧିକାର କରି ସଚ୍ଚିଦାନନ୍ଦଙ୍କୁ ଲାଳନପାଳନ କରିଥିଲେ ସୁଦ୍ଧା ମାତୃବିରହଜନିତ ଶୋକର ମୁର୍ମୁରଦାହ ସଚ୍ଚିଦାନନ୍ଦଙ୍କ କବି-ହୃଦୟକୁ ଆମରଣ ଦଗ୍ଧ କରିଥିଲା । ନିଜର ସ୍ନେହମୟୀ ଜ୍ୟେଷ୍ଠା କନ୍ୟା ମହାଦେବୀଙ୍କୁ 'ମା', 'ମା' ବୋଲି ସମ୍ବୋଧନ କରି ସେ କଥଞ୍ଚିତ୍ ଶାନ୍ତିଲାଭ କରୁଥିଲେ, କିନ୍ତୁ ନିଦାରୁଣ ବିଧାତା ଏ ଜେମାଙ୍କୁ ମଧ୍ୟ ଶୈଶବାବସ୍ଥାରେ ସଚ୍ଚିଦାନନ୍ଦଙ୍କ କୋଳରୁ ମୃତ୍ୟୁର କରାଳ ହସ୍ତଦ୍ୱାରା ଅପସାରିତ କରି ନେଇଗଲେ ।

"ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ"ର ଉତ୍ସର୍ଗ ପତ୍ରରେ ସ୍ୱର୍ଗତା ଜନନୀଙ୍କୁ ଉଦ୍ଦେଶ୍ୟ କରି କବି ସଚ୍ଚିଦାନନ୍ଦ ଯାହା ଲେଖି-ଯାଇଅଛନ୍ତି ତହିଁରେ ତାଙ୍କ ଜନନୀପ୍ରୀତି ଉଦ୍‌ବେଳ ହୋଇ ଆତ୍ମପ୍ରକାଶ କରିଅଛି ।

"ମା ! ନାହିଁ ମୋର ମନେ, ପୁଣି ତାହା ନାହିଁ ତୋରେ
'ମା'—ବୋଲି ଦୁର୍ଲ୍ଲଭ ସଦା ମୋହର ଭାଗ୍ୟରେ
'ମା', ଏମନ୍ତେ ହଳାହଳ ଏ ଅମିୟ ବାଣୀ;
ତୋଷିବାକୁ ଦୁଃଖମୟ ଜୀବନ ମୋହର
ଡାକୁଥିଲି ତବ ନାମେ, ତନୟେ 'ମା' 'ମା' ବୋଲି ।
ଉଷର ହୃଦୟେ ଦିବ୍ୟ ଶାନ୍ତି ସ୍ୱରୂପିଣୀ
ମନୋଜ୍ଞା କୋମଳକଳା ତନୟାକୁ ମୋର ।
\+ \+ \+
"ମଙ୍ଗଳିଙ୍କ ଅକାଳରେ ସେ ଶର-ପରଶେ
ପରାଣତୋଷିଣୀ ରମ୍ୟା କୁସୁମକଳିକା
ଅଧଫୁଟା ଆଜି ସେହି ତବ ବାମକୋଡ଼େ
ପାତ ରଖି ଅଛ ତବ ତନୟ ପାଇଁ କି ।"

ସଚ୍ଚିଦାନନ୍ଦଙ୍କ ଜନ୍ମପତ୍ରିକାରେ ଗ୍ରହମାନଙ୍କ ସମୁଚ୍ଚ ଅବସ୍ଥାନ ଦେଖି ଜ୍ୟୋତିଷୀମାନେ କହିଥିଲେ ଯେ, ସେ ଜଣେ ଚକ୍ରବର୍ତ୍ତୀ ନରପତି ହେବେ ଏବଂ ମେଧାବିତା ଓ ପାଣ୍ଡିତ୍ୟରେ ବିଦ୍ୱତ୍‌ଜଗତରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିବେ । ଯଥା-କାଳରେ ସେମାନଙ୍କର ଉକ୍ତ ବାଣୀ ସଫଳ ହୋଇଥିଲା ।

କୁମାରଙ୍କ ବ୍ରତୋପନୟନ ପରେ ରାଜା ସର୍ ସୁଦଳ ଦେବ ଗୃହଶିକ୍ଷକ ନିଯୁକ୍ତ କରି ସଚ୍ଚିଦାନନ୍ଦଙ୍କର ବାଲ୍ୟଶିକ୍ଷା ଆରମ୍ଭ କରାଇଲେ । ମେଦିନୀପୁର ନିବାସୀ ୰ ଈଶ୍ୱରଚନ୍ଦ୍ର ମିଶ୍ର ସଚ୍ଚିଦାନନ୍ଦଙ୍କର ଆଦ୍ୟ ଶିକ୍ଷକ ଥିଲେ । ଶିକ୍ଷାସମାପ୍ତି ପରେ ସୁଦ୍ଧା ସଚ୍ଚିଦାନନ୍ଦଙ୍କର ସେ ମହାଶୟଙ୍କ ପ୍ରତି ଅଚଳା ଭକ୍ତି ରହିଥିଲା । ସଚ୍ଚିଦାନନ୍ଦ ତାଙ୍କୁ ଆମରଣ ଟ ୩୦୯ ଲେଖାଏଁ ପେନ୍‌ସନ୍ ଦେଉଥିଲେ ଏବଂ ତାଙ୍କ ବିଧବା ପତ୍ନୀ ମଧ୍ୟ ଏପର୍ଯ୍ୟନ୍ତ ସଚ୍ଚିଦାନନ୍ଦଙ୍କ ପ୍ରଦତ୍ତ ବୃତ୍ତିରେ ପ୍ରତିପାଳିତା ହୋଇ ବାମଣ୍ଡାରେ ଅବସ୍ଥାନ କରୁଅଛନ୍ତି । ଶ୍ରୀଯୁକ୍ତ ଈଶ୍ୱରଚନ୍ଦ୍ର ମିଶ୍ରଙ୍କ ପରେ କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁରବାସୀ ବାବୁ ଜଗନ୍ନାଥ ପଟ୍ଟନାୟକ, ବାଲେଶ୍ୱର ନିବାସୀ ବାବୁ ଭୋଳାନାଥ ସାମନ୍ତରାୟ ଏବଂ ବଙ୍ଗଦେଶର ବାବୁ ରାମଲାଲ ମିଶ୍ର, ବାବୁ ଦୈବେଶଚନ୍ଦ୍ର ଘୋଷ, ବାବୁ ବିଜୟଚନ୍ଦ୍ର ମଜୁମଦାର, ବାବୁ ଗୋପାଳଚନ୍ଦ୍ର ବନ୍ଦୋପାଧ୍ୟାୟ, ବାବୁ ରେବତୀମୋହନ ଦାସ ଏମ୍. ଏ ଓ ଢେଙ୍କାନାଳର ବାବୁ ଗଣେଶ୍ୱର ପଟ୍ଟନାୟକ ବି. ଏ. ସଚ୍ଚିଦାନନ୍ଦଙ୍କର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ।

ଯୁବରାଜଙ୍କୁ ପ୍ରଜାପୁତ୍ରମାନଙ୍କ ସହିତ ଏକ ବିଦ୍ୟାଳୟରେ ଶିକ୍ଷାଦେବା ସର୍ ବାସୁଦେବଙ୍କର ନୀତି ଥିଲା । ଭବିଷ୍ୟତର ରାଜା ଓ ଭବିଷ୍ୟତର ପ୍ରଜା ପରସ୍ପର ସହିତ ଆଗରୁ ମିଶିବାର ଅବକାଶ ପାଇଲେ ପରିଚୟ, ସହଯୋଗ ଓ ସହାନୁଭୂତିର ସୁଯୋଗ ମିଳିବ, ଏହି ଉଦ୍ଦେଶ୍ୟ ରଖି ସର୍ ବାସୁଦେବ ସଚ୍ଚିଦାନନ୍ଦ-ଙ୍କର ଦେବଗଡ଼ ରାଜକୁମାର ହାଇ ସ୍କୁଲରେ ନାମ ଲେଖାଇ ଦେଲେ । ସେତେବେଳକୁ ବାମଣ୍ଡାରେ ପ୍ରଜାସାଧାରଣଙ୍କ ମଧ୍ୟରେ ଉଚ୍ଚ ଶିକ୍ଷାପ୍ରତି ଆଦୌ ଆଦର ଲକ୍ଷିତ ହେଉ ନ ଥିଲା । ଯୁବରାଜ ସଚ୍ଚିଦାନନ୍ଦ ସ୍କୁଲରେ ପଢ଼ୁଅଛନ୍ତି ଓ ସ୍କୁଲରେ ପଢ଼ିଲେ ପିଲାଙ୍କୁ ତାଙ୍କ ସାହଚର୍ଯ୍ୟ ମିଳିବ, ଏହି ଆଶାରେ ଅଭିଭାବକମାନେ ଉଚ୍ଚ ଶିକ୍ଷା ଲାଭ ନିମନ୍ତେ ନିଜର ପିଲାମାନଙ୍କୁ ସ୍କୁଲକୁ ପଠାଇଲେ ଏବଂ ଦିନକୁ ଦିନ ରାଜକୁମାର ହାଇ ସ୍କୁଲର ଛାତ୍ର ସଂଖ୍ୟା ବଢ଼ିଲା । ପାଠଦଶାରେ ସଚ୍ଚିଦାନନ୍ଦ ନିଜର ସୌଜନ୍ୟମୟ ବିନୀତ ବ୍ୟବହାର ଦ୍ୱାରା ସହାଧ୍ୟାୟୀମାନଙ୍କୁ ମୁଗ୍ଧ କରୁଥିଲେ ଓ ତାଙ୍କ ଯୁବରାଜ ପଦବୀକୁ ଭୁଲି ତାଙ୍କୁ ଜଣେ ସାଧାରଣ ସହାଧ୍ୟାୟୀ ବୋଲି ଜ୍ଞାନ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଉଥିଲେ । ସାଧାରଣ ବ୍ୟକ୍ତି ପରି ସେ ସହାଧ୍ୟାୟୀମାନଙ୍କ ସହିତ ନିର୍ଦ୍ଦୋଷ ଆମୋଦ ପ୍ରମୋଦରେ ବ୍ୟାପୃତ ରହୁଥିଲେ । ତାଙ୍କ ସହାଧ୍ୟାୟୀମାନଙ୍କ ମଧ୍ୟରୁ ଯେଉଁମାନେ ଜୀବିତ ଅଛନ୍ତି ସେମାନେ ଆଜି ସୁଦ୍ଧା ସେମାନଙ୍କ ଜୀବନର ସେହି ସୁଦିନର ସ୍ମୃତିକୁ ଦୀର୍ଘ ନିଃଶ୍ୱାସ ପକାଇ ସ୍ମରଣ କରିଥାଆନ୍ତି । ରାଜକୁମାର ହାଇ ସ୍କୁଲର ସାପ୍ତାହିକ ସାହିତ୍ୟାଲୋଚନା ସଭା ଛାତ୍ର ସଚ୍ଚିଦାନନ୍ଦଙ୍କର ସୃଷ୍ଟି ଏବଂ ତାହା ଆଜି ସୁଦ୍ଧା ବିଦ୍ୟମାନ । ଏହି ସଭା ନିମନ୍ତେ ସନ୍ଦର୍ଭଲେଖା ଅଭ୍ୟାସ କରିବା ଦ୍ୱାରା ଦେବଗଡ଼ରେ ବହୁ ସାହିତ୍ୟ ସେବକଙ୍କ ସାହିତ୍ୟ ଜୀବନର ମୂଳଦୁଆ ପଡ଼ି ପାରିଥିଲା ଓ ବାମଣ୍ଡା ରାଜଧାନୀ 'ବୁଧହଂସ କେଳିସର' ରୂପେ ଉତ୍କଳ ଖଣ୍ଡରେ ନିଜର ଟେକକୁ ଅଟୁଟ ରଖିଥିଲା । ସଚ୍ଚିଦାନନ୍ଦ ଭବିଷ୍ୟତରେ ଯେ ଜଣେ ସାହିତ୍ୟରଥୀ ହେବେ, ଏଥିର ସୂଚନା ମଧ୍ୟ ଏହି ଆଲୋଚନା ସଭା ପାଇଁ ଉଦ୍ଦିଷ୍ଟ ତାଙ୍କ ପ୍ରବନ୍ଧାବଳି ଓ ପଦ୍ୟାବଳୀରୁ ମିଳିଥିଲା ।

୧୮୯୦ ଖ୍ରୀଷ୍ଟାବ୍ଦରେ ମିଡ଼ିଲ୍ ଇଂଲିଶ୍ ପରୀକ୍ଷା ଦେଇ ସଚ୍ଚିଦାନନ୍ଦ ଦେଶାଟନପ୍ରେମିକ ପିତାଙ୍କ ନିର୍ଦ୍ଦେଶରେ ଭାରତ ଭ୍ରମଣରେ ବହିର୍ଗତ ହେଲେ । ଭ୍ରମଣରୁ ଫେରିଆସି ସେ "ସମ୍ବଲପୁର ହିତୈଷିଣୀ"ରେ 'ବମ୍ବେଇ ଭ୍ରମଣ ବୃତ୍ତାନ୍ତ' ନାମରେ ଗୋଟିଏ ସନ୍ଦର୍ଭ ପ୍ରକାଶ କରିଥିଲେ । ଅଳ୍ପ ବୟସରେ ଲିଖିତ ଉକ୍ତ ପ୍ରବନ୍ଧରୁ ସଚ୍ଚିଦାନନ୍ଦଙ୍କ ଭବିଷ୍ୟତ ଜୀବନର ସୂଚନା ମିଳିଥିଲା । ତାଙ୍କ ବହୁମୁଖୀ ପ୍ରତିଭା ବାଲ୍ୟକାଳରୁ ସୁଦ୍ଧା ତାଙ୍କୁ ପାରିପାର୍ଶ୍ୱିକ ଘଟଣାବଳି ଓ ଦୃଶ୍ୟା-ବଳୀକୁ ସୂକ୍ଷ୍ମାନୁସୂକ୍ଷ୍ମ ରୂପେ ପର୍ଯ୍ୟବେକ୍ଷଣ କରିବାକୁ ପ୍ରେରଣା ପ୍ରଦାନ କରିଥିଲା । ଛାତ୍ରଜୀବନରେ ତାଙ୍କ ବିଶାଳ ପ୍ରତିଭା-ବୃକ୍ଷର ଅଙ୍କୁରୋଦ୍‌ଗମ ହୋଇଥିଲା ।

ବିଦ୍ୟାଳୟଗତ ଶିକ୍ଷା ଛଡ଼ା ସର୍ ବାସୁଦେବ ଇଂରାଜୀ, ସଂସ୍କୃତ ଓ ଓଡ଼ିଆ ଭାଷାରେ ସଚ୍ଚିଦାନନ୍ଦଙ୍କର ସବିଶେଷ ବ୍ୟୁତ୍ପତ୍ତି ଲାଭ ନିମନ୍ତେ ଯଥୋଚିତ ବ୍ୟବସ୍ଥା କରିଥିଲେ । ଏ ସବୁ ଭାଷାରେ ସେହି ଯୁଗର ଶ୍ରେଷ୍ଠ କୃତବିଦ୍ୟ ମନୀଷୀମାନେ ସଚ୍ଚିଦାନନ୍ଦଙ୍କ ଗୃହଶିକ୍ଷକ ପଦରେ ନିର୍ବାଚିତ ହୋଇଥିଲେ । ରାଜକୁମାରଙ୍କ ସାହିତ୍ୟଶିକ୍ଷା ଛଡ଼ା ବିଜ୍ଞାନଶିକ୍ଷା ନିମନ୍ତେ ମଧ୍ୟ ସର୍ ବାସୁଦେବଙ୍କ ଦ୍ୱାରା ନାନା ବ୍ୟବସ୍ଥା କରି ଯାଇଥିଲା । ବିଜ୍ଞାନ ଶିକ୍ଷାର ତାବତୀୟ ବହୁମୂଲ୍ୟ ଉପକରଣ 'ବିଜ୍ଞାନାଗାର' ନାମକ ଗୃହରେ ସଜ୍ଜିତ ହୋଇ ରଖା ହୋଇଥିଲା ଓ ବେତନପ୍ରାପ୍ତ ଜଣେ ଶିକ୍ଷକଙ୍କ ଛଡ଼ା କଟକ ରେଭେନ୍‌ସା କଲେଜର ତତ୍କାଳୀନ ବିଜ୍ଞାନାଧ୍ୟାପକ ରାୟବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ଏମ୍. ଏ. ରାଜା ବାସୁଦେବଙ୍କ ନିମନ୍ତ୍ରଣ ରକ୍ଷା କରି ବାମଣ୍ଡାରେ କେତେକାଳ ଅବସ୍ଥାନ ପୂର୍ବକ ସଚ୍ଚିଦାନନ୍ଦଙ୍କ ବିଜ୍ଞାନଚର୍ଚ୍ଚାରେ ସହାୟତା କରୁଥିଲେ ।

ସଙ୍ଗୀତ, ଚିତ୍ରାଙ୍କନ ପ୍ରଭୃତି ଲଳିତ କଳା ମଧ୍ୟ ସଚ୍ଚିଦାନନ୍ଦ ଅବହିତ ଚିତ୍ତରେ ଆୟତ୍ତ କରିଥିଲେ । ତାଙ୍କର ସଙ୍ଗୀତଜ୍ଞାନ ଉଜ୍ଜୀବନରେ ତାଙ୍କୁ ବହୁତ ସହାୟତା କରିଥିଲା । କଲିକତାର ତତ୍କାଳୀନ ବିଖ୍ୟାତ ସଙ୍ଗୀତ ସମାଜ ସଚ୍ଚିଦାନନ୍ଦଙ୍କୁ ଆଗ୍ରହ ସହକାରେ ସଭ୍ୟ ପଦରେ ବରଣ ପୂର୍ବକ ତାଙ୍କ ଠାରୁ ଟ ୫୦୦୯ ଦାନ ଗ୍ରହଣ କରି ନିଜର ଆର୍ଥିକ ଅବସ୍ଥାର ଉନ୍ନତି ବିଧାନ କରିଥିଲେ । ସଚ୍ଚିଦାନନ୍ଦଙ୍କ ହସ୍ତାଙ୍କିତ ନାନା ଚିତ୍ର ଉତ୍କଳୀୟ ଓ ବଙ୍ଗୀୟ ମାସିକ ପତ୍ରିକାମାନଙ୍କରେ ମୁଦ୍ରିତ ହୋଇଥିଲା ଓ ବଙ୍ଗଳାର ବିଖ୍ୟାତ ଚିତ୍ରକର ଓ. ସି. ଗାଙ୍ଗୁଲି ପ୍ରଭୃତି ସୁଧୀବର୍ଗ ସଚ୍ଚିଦାନନ୍ଦଙ୍କ ଚିତ୍ରାଙ୍କନ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ ।

ଏ ସବୁ ଛଡ଼ା କ୍ଷତ୍ରିୟୋଚିତ ଅସ୍ତ୍ରଶସ୍ତ୍ରବିଦ୍ୟାରେ ମଧ୍ୟ ସଚ୍ଚିଦାନନ୍ଦ ଅସାମାନ୍ୟ ନିପୁଣତା ଅର୍ଜ୍ଜନ କରିଥିଲେ । ଅବ୍ୟର୍ଥସନ୍ଧାନୀ ମୃଗୟୁ ରୂପେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା ଓ "ଅଘୋର" ବାମଣ୍ଡାର ହିଂସ୍ର ଶ୍ୱାପଦବର୍ଗଙ୍କ ଉପଦ୍ରବ ସଚ୍ଚିଦାନନ୍ଦଙ୍କ ମାରଣତତ୍ପରତା ଯୋଗୁଁ ବାମଣ୍ଡାରାଜ୍ୟବାସିଗଣ ଏକାବେଳେକେ ବିସ୍ମୃତ ହୋଇ ଯାଇଥିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ କଲିକତାର ରୟାଲ୍ ଏସିଆଟିକ୍ ସୋସାଇଟି ତାଙ୍କ ଜ୍ଞାନଗରିମାର ପରିଚୟ ପାଇ ତାଙ୍କୁ ସଭ୍ୟ ପଦରେ ବରଣ କରିଥିଲେ ।

ଦେବଗଡ଼ରେ ସାହିତ୍ୟ ଆଲୋଚନା ନିମନ୍ତେ 'ଆଲୋଚନା ସଭା' ନାମରେ ଯେଉଁ ସମିତି ସଂସ୍ଥାପିତ ହୋଇଥିଲା ସେହି ସମିତିପକ୍ଷରୁ ଟୀକାଏତ ସଚ୍ଚିଦାନନ୍ଦଙ୍କ ଅର୍ଥାନୁକୂଲ୍ୟରେ "ଆଲୋଚନା" ନାମକ ପତ୍ରିକା ପ୍ରକାଶିତ ହେଉଥିଲା । ଏ ପତ୍ରିକାରେ ନାନାବିଧ ବିଷୟରେ ସ୍ୱରଚିତ ପ୍ରବନ୍ଧମାନ ପ୍ରକାଶ କରି ଯୁବକ ସଚ୍ଚିଦାନନ୍ଦ ତାଙ୍କ ପ୍ରତିଭାମୟ ଭବିଷ୍ୟତ ସାହିତ୍ୟିକ ଜୀବନର ସୂଚନା ପ୍ରଦାନ କରିଥିଲେ । ସଚ୍ଚିଦାନନ୍ଦ ଯେ ଜଣେ ପ୍ରତିଭାଶାଳୀ କବି ହେବେ ଏହା ମଧ୍ୟ "ଆଲୋଚନା"ରେ ପ୍ରକାଶିତ ତାଙ୍କ ପଦ୍ୟାବଳୀରୁ ସ୍ପଷ୍ଟ ସୂଚିତ ହେଉଥିଲା ।

ସଚ୍ଚିଦାନନ୍ଦଙ୍କ ଷୋଡ଼ଶବର୍ଷ ବୟଃକ୍ରମ ବେଳେ ସର୍ ବାସୁଦେବ ତାଙ୍କର ଶୁଭ ବିବାହପାଇଁ ଆୟୋଜନ କଲେ । କାଶୀପୁର ରାଜପରିବାର ଆଭିଜାତ୍ୟରେ ଓଡ଼ିଶା ରାଜପରିବାରମାନଙ୍କ ମଧ୍ୟରେ ସମୁଚ୍ଚ ସ୍ଥାନର ଅଧିକାରୀ । ସେ ରାଜପରିବାରର ଜେମାଙ୍କ ପାଣିଗ୍ରହଣ ଉତ୍କଳର ରାଜନ୍ୟ ମହଲରେ ଶ୍ଳାଘ୍ୟ ବୋଲି ବିବେଚିତ । ସେ ସମୟରୁ କାଶୀପୁରର ମହାରାଜା ବୈଦ୍ୟନାଥସିଂହ ଦେବ ସ୍ୱର୍ଗାରୋହଣ କରିଥିଲେ ଓ ରାଜ୍ୟଶାସନଭାର ତାଙ୍କର ସୁଯୋଗ୍ୟା ବୁଦ୍ଧିମତୀ ରାଣୀ ସ୍ୱର୍ଣ୍ଣକୁମାରୀ ଦେବୀ ଗ୍ରହଣ କରିଥିଲେ । ସ୍ୱର୍ଣ୍ଣକୁମାରୀଙ୍କ ଜ୍ୟେଷ୍ଠା ଜେମା ରୂପୈଶ୍ୱର୍ଯ୍ୟଶାଳିନୀ ଅତୀବ ଗୁଣବତୀ ଡମରୁଧରପ୍ରିୟା ଦେବୀ ସଚ୍ଚିଦାନନ୍ଦଙ୍କ ସହଧର୍ମିଣୀରୂପେ ସର୍ ବାସୁଦେବଙ୍କଦ୍ୱାରା ମନୋନୀତା ହେଲେ ଏବଂ ୧୮୮୯ ଖ୍ରୀଷ୍ଟାବ୍ଦରେ ମହାସମାରୋହରେ ସଚ୍ଚିଦାନନ୍ଦଙ୍କ ଶୁଭ-ବିବାହୋତ୍ସବ କାଶୀପୁରଠାରେ ଅନୁଷ୍ଠିତ ହେଲା । ଏ ବିବାହୋତ୍ସବକୁ ଉତ୍କଳର ବହୁଗୁଣୀ ଓ ସୁଧୀ ଦେବଗଡ଼କୁ ନିମନ୍ତ୍ରିତ ହୋଇ ଉପଯୁକ୍ତ ପୁରସ୍କାରଦ୍ୱାରା ସମ୍ମାନିତ ହୋଇଥିଲେ ଏବଂ ସେ ସ୍ମୃତି ଆଜି ସୁଦ୍ଧା ଅନେକଙ୍କ ହୃଦୟପଟରୁ ଅପସାରିତ ହୋଇ ନାହିଁ ।

ସଚ୍ଚିଦାନନ୍ଦ ଆଦର୍ଶ ଯୁବରାଜ, ଆଦର୍ଶପୁତ୍ର ଓ ଆଦର୍ଶ ଭ୍ରାତାରୂପେ ବାମଣ୍ଡା ରାଜପରିବାରକୁ ନିଜର ଦୃଷ୍ଟାନ୍ତଦ୍ୱାରା ପ୍ରଭାବିତ କରୁଥିଲେ । କଳାହାଣ୍ଡିର ଜେମା (ସର୍ ବାସୁଦେବଙ୍କ ପ୍ରଥମା ପତ୍ନୀ)ଙ୍କ ବିୟୋଗ ପରେ ସେ ଆଉ ତିନି ଜଣ ରାଜକୁମାରୀଙ୍କ ପାଣିଗ୍ରହଣ କରିଥିଲେ ଓ ସେମାନଙ୍କ ଗର୍ଭରୁ ଆଠ ଜଣ କୁମାର ଓ ତିନି କୁମାରୀ ଭୂମିଷ୍ଠ ହୋଇଥିଲେ । ବିମାତାମାନଙ୍କ ପ୍ରତି ସଚ୍ଚିଦାନନ୍ଦଙ୍କ ଭକ୍ତି ମାତୃଭକ୍ତି-ଠାରୁ କୌଣସି ଅଂଶରେ ନ୍ୟୂନ ନ ଥିଲା । ବୈମାତ୍ରେୟ ଭ୍ରାତା ଓ ଭଗିନୀମାନେ ତାଙ୍କଠାରୁ ସୋଦରୋଚିତ ବାତ୍ସଲ୍ୟ ଲାଭ କରି କୃତାର୍ଥ ହେଉଥିଲେ ଏବଂ ଅଯୋଧ୍ୟାର ପ୍ରଜାବର୍ଗ ଯୁବରାଜ ରାମଚନ୍ଦ୍ରଙ୍କ ପ୍ରତି ଅନୁରକ୍ତ ଥିଲା ପରି ବାମଣ୍ଡାର ପ୍ରକୃତିବର୍ଗ ସେମାନଙ୍କ ଭାବୀ ଭାଗ୍ୟବିଧାତାଙ୍କ ପ୍ରତି ଅନୁରକ୍ତ ହୋଇ ପଡ଼ିଥିଲେ । ଦୂରଦ୍ରଷ୍ଟା ବିଚକ୍ଷଣ ସର୍ ବାସୁଦେବ ଟୀକାଏତ ସଚ୍ଚିଦାନନ୍ଦଙ୍କୁ ରାଜ୍ୟଶାସନର ବିଭିନ୍ନ ବିଭାଗ ପରିଚାଳନ କରିବା ଭାର ଅର୍ପଣ କରି ନିଜେ କେବଳ ଅପିଲ୍ ବୁଝିବା ଭାର ଗ୍ରହଣପୂର୍ବକ ଯୁବରାଜଙ୍କ ଭବିଷ୍ୟତ ରାଜଜୀବନ ଗଠନର ସୂତ୍ରପାତ କରି ଦେଇଥିଲେ ଏବଂ ସର୍ ବାସୁଦେବଙ୍କ ତିରୋଧାନ ବେଳକୁ ରାଜ୍ୟଶାସନର ମହାଦାୟିତ୍ୱ ଗ୍ରହଣ କରିବାପାଇଁ ସଚ୍ଚିଦାନନ୍ଦ ପୂର୍ଣ୍ଣ ଯୋଗ୍ୟତା ଅର୍ଜ୍ଜନ କରି ପାରିଥିଲେ । ୧୮୯୧ ଖ୍ରୀଷ୍ଟାବ୍ଦରେ ସଚ୍ଚିଦାନନ୍ଦଙ୍କର ଜ୍ୟେଷ୍ଠାତ୍ମଜ କୁଳପାବନ ଦିବ୍ୟଶଙ୍କରଙ୍କର ଜନ୍ମ ହୋଇଥିଲା । ସର୍ ବାସୁଦେବ ବାମଣ୍ଡା ରାଜ୍ୟର ସ୍ୱର୍ଗ

ଉତ୍ସବଶେଷରେ ଏହି ପୌଷ୍ଟିକ ଅବସରରେ ସର୍ବସାଧାରଣଙ୍କ ତୃପ୍ତି ଲାଭ କରି ଏହି ମହୋତ୍ସବ ଉପଲକ୍ଷରେ ଅଜସ୍ର ଧନ ବିତରଣ କରିଥିଲେ । ୧୮୯୬ ଅବ୍ଦରେ ବାମଣ୍ଡାର ବର୍ତ୍ତମାନ ରାଜପିତୃବ୍ୟ ଶ୍ରୀମାନ୍ ହୃଦୟନାଥ ଦେବ ଜନ୍ମଗ୍ରହଣ କରିଥିଲେ ଓ ଦୁଇ ବର୍ଷ ପରେ ପୁରୀର ବର୍ତ୍ତମାନ ଗଜପତି ମହାରାଜା ଲାଲମୋହନ ମୋହନ ଦେବ ଜନ୍ମ ପରିଗ୍ରହ କଲେ । ତତ୍ପରେ ସ୍ୱର୍ଗତ ତରଙ୍ଗିଣୀ (ବର୍ତ୍ତମାନ କଳାହାଣ୍ଡି ରାଜ୍ୟର ସୌଭାଗ୍ୟବତୀ ମହାରାଣୀ) ଏବଂ ୧୯୦୫ ଅବ୍ଦରେ ସର୍ବ କନିଷ୍ଠା କନ୍ୟା ମନ୍ଦାକିନୀଙ୍କର ଜନ୍ମ । ଏହି କନ୍ୟା ମନ୍ଦାକିନୀଙ୍କୁ ମା ମା ବୋଲି ଡାକି ସଚ୍ଚିଦାନନ୍ଦ ମାତୃ ଆବାହନ ସୁଖ ଲାଭ କରୁଥିଲେ, କିନ୍ତୁ ଏ ଅକାଳରେ ସ୍ୱର୍ଗାରୋହଣ କଲେ ।

୧୯।୧୧।୧୯୦୩ ତାରିଖ ଦିନ ବାମଣ୍ଡା ତଥା ସମଗ୍ର ଉତ୍କଳଖଣ୍ଡକୁ ଶୋକତମସାଚ୍ଛନ୍ନ କରି ଦେଇ ରାଜର୍ଷି ସର ବାସୁଦେବ ଯୋଗିଜନେଷ୍ଟ ପରଲୋକକୁ ପ୍ରୟାଣ କଲେ । ପ୍ରୟାଣର ଅର୍ଦ୍ଧଘଣ୍ଟିକା ପୂର୍ବରୁ ସେ ସଚ୍ଚିଦାନନ୍ଦଙ୍କୁ ନିକଟକୁ ଡାକି ଶେଷ ଆଶିଷ ପ୍ରଦାନ ପୂର୍ବକ କହିଲେ, "ଟୀକାଏତ ବାବୁ ! ଆମ୍ଭେ ଗଲୁଁ । ତୁମ୍ଭେ ଅଖଣ୍ଡଭାବରେ ରାଜ୍ୟ ପାଳନ କରି ଯଶସ୍ୱୀ ହୁଅ । ଚତୁର୍ଦ୍ଦିଗକୁ ଲକ୍ଷ୍ୟ ରଖି ହିତଏ ବିବେଚନା ସହିତ ରାଜକାର୍ଯ୍ୟ ପରିଚାଳନା କଲେ ତୁମ୍ଭର କୌଣସି ଅସୁବିଧା ହେବ ନାହିଁ । ଯେଉଁ ମାର୍ଗରେ ଗତି କଲେ ସର୍ବାଙ୍ଗୀନ କଲ୍ୟାଣ ସାଧିତ ହେବ, ଆମ୍ଭ ସଙ୍ଗେ ଏକଯୋଗରେ ରାଜ-କାର୍ଯ୍ୟରେ ସହାୟତା କରି ତୁମ୍ଭର ସେ ଜ୍ଞାନ ମଧ୍ୟ ଯଥେଷ୍ଟ ଜନ୍ମିଅଛି ।"

ପିତୃଭକ୍ତ ସଚ୍ଚିଦାନନ୍ଦ ରାଜର୍ଷିପ୍ରତିମ ଜନକଙ୍କ ତିରୋଧାନରେ ପ୍ରଥମେ ଶୋକରେ ମୁହ୍ୟମାନ ହୋଇ ପଡ଼ିଲେ । ପରେ କର୍ତ୍ତବ୍ୟବୋଧର ତାଡ଼ନାରେ ଧୈର୍ଯ୍ୟଧାରଣ କରି ରାଜ୍ୟଶାସନର ଚିନ୍ତାରେ ଆପଣାକୁ ନିୟୋଜିତ କଲେ । ୭।୧୨।୧୯୦୩ ଦିନ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରି ସ୍ୱର୍ଗତ ଜନକଙ୍କ ଆଶୀର୍ବାଣୀକୁ ସମସ୍ତ ମଙ୍ଗଳର ବିଧାନ ଭାବି ସେହି ଦିନ ସେ ନିଜ ଅଭିଷେକୋତ୍ସବର ଆୟୋଜନ କଲେ ଏବଂ ମହାସମାରୋହରେ ଏ ଉତ୍ସବ ଅନୁଷ୍ଠିତ ହେଲା ।

୭।୧୨।୧୯୦୩ ଠାରୁ ସଚ୍ଚିଦାନନ୍ଦଙ୍କ ରାଜଜୀବନର ପ୍ରାରମ୍ଭ । ଏହି ଦିନଠାରୁ ୧୯୮୮ ବର୍ଗମାଇଲ ପରିମିତ ବାମଣ୍ଡା ରାଜ୍ୟର ଶାସନଭାର ପ୍ରତ୍ୟକ୍ଷଭାବରେ ତାଙ୍କ ଉପରେ ନ୍ୟସ୍ତ ହେଲା । ବାମଣ୍ଡାର ଲୋକେ ନବଯୁଗର ଅବତାରଣା ନିମନ୍ତେ ସଚ୍ଚିଦାନନ୍ଦଙ୍କ ଆଡ଼କୁ ସତୃଷ୍ଣନୟନରେ ଅନାଇଁ ରହିଲେ ।

ଶାସନଭାର ଗ୍ରହଣ କଲା ପରେ ସଚ୍ଚିଦାନନ୍ଦଙ୍କୁ କେତେକ ଗୋଟି ପାରିବାରିକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିବାକୁ ପଡ଼ିଥିଲା । ତନ୍ମଧ୍ୟରେ ଅଷ୍ଟମା ଭଗ୍ନୀଙ୍କର ଓ ଭଗ୍ନୀଙ୍କ ବିବାହ ଓ ଟୀକାଏତ ହିରଣ୍ୟଗର୍ଭଙ୍କ ବ୍ରତୋପନୟନ ସର୍ବପ୍ରଧାନ । ଏ ସବୁ କାର୍ଯ୍ୟ ସଚ୍ଚିଦାନନ୍ଦ ବାମଣ୍ଡା ରାଜପରିବାରର ଚିରାଚରିତ ଆଡ଼ମ୍ବର ସହିତ ସମ୍ପାଦନ କରିଥିଲେ ଓ ବିବାହିତା କନ୍ୟାମାନଙ୍କୁ ଅକୁଣ୍ଠିତ ଚିତ୍ତରେ ଅଜସ୍ର ଯୌତୁକ ପ୍ରଦାନ କରିଥିଲେ ।

ଟୀକାଏତଙ୍କ ବ୍ରତୋପନୟନ ଉତ୍ସବରେ ସଚ୍ଚିଦାନନ୍ଦ ପୂର୍ବକାଳୀନ ଗତାନୁଗତିକତା ପରିହାର କରିଥିଲେ ଓ ଏ ଉତ୍ସବର ଆଦର୍ଶକୁ ନିମ୍ନଲିଖିତ ପ୍ରକାରେ ଧାର୍ଯ୍ୟ କରିଥିଲେ ।

"ବାହ୍ୟ ଆଡ଼ମ୍ବର ଓ ଐଶ୍ୱର୍ଯ୍ୟ ଦେଖାଇ ଅଜସ୍ର ଅର୍ଥ ବ୍ୟୟ କରିବା ଭଲ ନୁହେଁ । ଏପରି ଭାବରେ ଏ ଉତ୍ସବ ସମାଧା କରିବାକୁ ହେବ, ଯାହା ସାଧାରଣଙ୍କ ଦ୍ରଷ୍ଟବ୍ୟ ଓ ତୃପ୍ତି-ଦାୟକ ହେବ ଓ ତହିଁରେ ଦେଶର ଶିକ୍ଷାପ୍ରଦ ବିଷୟ ନିହିତ ଥିବ ।"

ଉପନୟନ ଉତ୍ସବର କର୍ମନିର୍ଘଣ୍ଟର ଚଠା ମଧ୍ୟ ସଚ୍ଚିଦା-ନନ୍ଦ ସ୍ୱହସ୍ତରେ ପ୍ରସ୍ତୁତ କରିଥିଲେ ।

ରାଜା ସଚ୍ଚିଦାନନ୍ଦ ଏହି ବ୍ରତୋପନୟନ ଉତ୍ସବକୁ ଯେଉଁ କେତୋଟି ବଶିଷ୍ଟତାରେ ମଣ୍ଡିତ କରିଥିଲେ, ତନ୍ମଧ୍ୟରେ ଉତ୍କଳର ବିଭିନ୍ନ ନରପତିମାନଙ୍କ ନିକଟକୁ ନିଜେ ଯାଇ ସେମାନଙ୍କୁ ନିମନ୍ତ୍ରଣ କରି ଆଣି ଦେବଗଡ଼ରେ ଏକତ୍ର କରିବା ସର୍ବପ୍ରଧାନ । ପୂର୍ବେ ଓଡ଼ିଶାର ରାଜାମାନେ ନିଜ ନିଜର ପ୍ରାଧାନ୍ୟ ଓ ଅଭିଜାତ୍ୟରେ ବାଧା ପଡ଼ିବା ଭୟରେ ଅନ୍ୟ ରାଜାଙ୍କ ରାଜଧାନୀକୁ ଯାଇ ଆତିଥ୍ୟ ଗ୍ରହଣ କରୁ ନ ଥିଲେ । ଯାତାୟାତର ପଥ ମଧ୍ୟ ସେତେବେଳେ ସୁଗମ ନ ଥିଲା; କିନ୍ତୁ ରାଜା ସଚ୍ଚିଦାନନ୍ଦ ଏ ସବୁକୁ ଭ୍ରୂକ୍ଷେପ ନ କରି ବାମଣ୍ଡା ରାଜଧାନୀରେ ଏ ଉତ୍ସବ ଉପଲକ୍ଷରେ ଯେଉଁ ରାଜନ୍ୟ ସମ୍ମିଳନୀ ଘଟାଇଲେ, ତାହା ବର୍ତ୍ତମାନ ହେଲା ଉତ୍କଳରେ ଅଶ୍ରୁତପୂର୍ବ ଓ ଅଦୃଷ୍ଟପୂର୍ବ ଥିଲା । ଉତ୍ସବର କର୍ତ୍ତାରୂପେ ରାଜା ସଚ୍ଚିଦାନନ୍ଦ ପ୍ରତ୍ୟେକ ରାଜଧାନୀକୁ ନିଜେ ଗମନପୂର୍ବକ ରାଜାମାନଙ୍କୁ ଯଥାବିଧି ନିମନ୍ତ୍ରଣ ଦେଇ ଆସିଥିଲେ । ବିଭିନ୍ନ ରାଜଧାନୀରେ ଓ ପଥ ମଧ୍ୟରେ ପ୍ରଧାନ ପ୍ରଧାନ ନଗରମାନଙ୍କରେ ରାଜା ସଚ୍ଚିଦା-ନନ୍ଦଙ୍କୁ ଅଭିନନ୍ଦନ କରିବା ପାଇଁ ଯେଉଁ ଆୟୋଜନ ସବୁ ହୋଇଥିଲା, ତହିଁରୁ ବାମଣ୍ଡା ରାଜପରିବାର ଓ ତହିଁର ଚନ୍ଦ୍ରମା-ସ୍ୱରୂପ ଏହି ସଚ୍ଚିଦାନନ୍ଦଙ୍କୁ ସମଗ୍ର ଉତ୍କଳ କିପରି ଆଗ୍ରହଯୁକ୍ତ ନେତ୍ରରେ ଚାହିଁ ରହିଥିଲା, ଏହା ସ୍ପଷ୍ଟୀକୃତ ହେଉଥିଲା । ଏ ଉତ୍ସବସଂକ୍ରାନ୍ତ ରାଜଦରବାର, ପଣ୍ଡିତ ସଭା, ମହୋତ୍ସବ ଓ ଅକାତର ଧନ ବିତରଣ ଆଦି ଯେଉଁମାନେ ସ୍ୱଚକ୍ଷୁରେ ଦେଖି ଅଛନ୍ତି, ସେମାନେ ଶତମୁଖରେ ସଚ୍ଚିଦାନନ୍ଦଙ୍କ ବିଶାଳ କଳ୍ପନା ଓ ପ୍ରଶସ୍ତ ହୃଦୟବତ୍ତାର ପ୍ରଶଂସା କରି ଥାଆନ୍ତି । 'ବ୍ରତୋତ୍ସବ' ନାମକ ବୃହତ୍ ପୁସ୍ତକରେ ଶ୍ରୀଯୁକ୍ତ ପାନବନ୍ଧୁ ପ୍ରଧାନ ଯେଉଁ ଘଟନାବଳି ଉଲ୍ଲେଖ କରିଅଛନ୍ତି, ସେ ସବୁ ଯେ କୌଣସି ରାଜପରିବାର ପକ୍ଷରେ ପ୍ରଶଂସନୀୟ ବୋଲିବାକୁ ହେବ । ଏହି ଉତ୍ସବରେ ନାନା ଗତାନୁଗତିକତା ମୂଳରେ କୁଠାରାଘାତ କରି ରାଜା ସଚ୍ଚିଦାନନ୍ଦ ତାଙ୍କ କଳ୍ପନାର ପ୍ରଗତିଶୀଳତାର ଯଥେଷ୍ଟ

ପରିଚୟ ପ୍ରଦାନ କରିଥିଲେ ଓ ବାମଣ୍ଡାରେ ନବଯୁଗର ପ୍ରବର୍ତ୍ତନା ଏହି ବ୍ରତୋପନୟନଠାରୁ ଆରମ୍ଭ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାମଣ୍ଡାରୁ ଅଜ୍ଞାନାନ୍ଧକାର ବିଦୂରିତ କରିବା ପାଇଁ ସଚ୍ଚିଦାନନ୍ଦ ୧୨୪ ଗୋଟି ପ୍ରାଥମିକ ବିଦ୍ୟାଳୟ ନୂଆ କରି ବସାଇଥିଲେ ଓ ଗୌନ୍ତିଆମାନଙ୍କ ଜ୍ୟେଷ୍ଠପୁତ୍ରମାନଙ୍କ ପକ୍ଷରେ ଉଚ୍ଚ ଶିକ୍ଷା ବାଧ୍ୟତାମୂଳକ କରି ଦେଇଥିଲେ । ସେ ଶିକ୍ଷକମାନଙ୍କୁ ତାଲିମ କରିବା ପାଇଁ 'ପ୍ରାଞ୍ଚ ସ୍କୁଲ୍' ନାମରେ ଗୋଟିଏ ଟ୍ରେନିଂ ସ୍କୁଲ ବସାଇଥିଲେ । ମଫସଲରେ ଶିକ୍ଷକମାନଙ୍କ ଜୀବନକୁ ଅଭାବର କବଳରୁ ରକ୍ଷା କରିବା ନିମନ୍ତେ ସେ ସେମାନଙ୍କ ବେତନର ହାର ବଢ଼ାଇ ଦେଇଥିଲେ । କ୍ଷତ୍ରିୟ ବାଳକମାନଙ୍କୁ କ୍ଷତ୍ରିୟୋଚିତ ଶିକ୍ଷା ଦେବାର ମଧ୍ୟ ସେ ବିହିତ ବ୍ୟବସ୍ଥା କରିଥିଲେ । ରାଜ୍ୟର ଆଦିମ ଅଧିବାସୀମାନଙ୍କ ଶିକ୍ଷା ପାଇଁ ମଧ୍ୟ ସେ ବୃତ୍ତି ଆଦି ଖଞ୍ଜି ସେମାନଙ୍କୁ ପାଠ୍ୟସରଞ୍ଜାମମାନ ମାଗଣା ଯୋଗାଇ ଦେଇଥିଲେ । ସ୍ୱର୍ଗତା ରାଜକୁମାରୀ ମନ୍ଦାକିନୀଙ୍କ ସ୍ମୃତିରକ୍ଷା କଳ୍ପେ ସେ ଦେବଗଡ଼ରେ 'ମନ୍ଦାକିନୀ ବାଳିକା ବିଦ୍ୟାଳୟ' ସ୍ଥାପନ କରିଥିଲେ ।

ବିଶ୍ୱବିଦ୍ୟାଳୟଙ୍କ ନିର୍ଦ୍ଦେଶମତେ ସେ ରାଜକୁମାର ହାଇ ସ୍କୁଲର ଘରକୁ ଲାହୋର ଇସ୍‌ଲାମିଆ କଲେଜ୍‌ଘରର ଆଦର୍ଶରେ ପୁନର୍ଗଠନ କରାଇ ଦେଇଥିଲେ । ଯୁବରାଜ ଦିବ୍ୟଶଙ୍କର ଏହି ସ୍କୁଲରୁ ମାଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ସଚ୍ଚିଦାନନ୍ଦଙ୍କ ରାଜତ୍ୱକାଳରେ ବାମଣ୍ଡା ରାଜ୍ୟର ରାଜପଥ ସବୁ ଉନ୍ନତ ଧରଣରେ ପ୍ରସ୍ତୁତ କରା ଯାଇଥିଲା ।

ମଡ଼ଙ୍ଗାଲୀ ନଦୀ ଉପରେ ଯେଉଁ ପୋଲ ତିଆରି କରା ହୋଇଥିଲା ଏକା ତହିଁରେ ଦଶ ହଜାର ଟଙ୍କା ବ୍ୟୟ ହୋଇଥିଲା ।

ସଚ୍ଚିଦାନନ୍ଦଙ୍କ ସହଧର୍ମିଣୀ ରାଣୀ ଡମରୁଧରପ୍ରିୟା ଚିରକାଳ କୃଷକମାନଙ୍କର ଅକୃତ୍ରିମ ବନ୍ଧୁ । ଜଳସେଚନର ବ୍ୟବସ୍ଥା ନିମନ୍ତେ ସେ ସ୍ୱୀୟ ସ୍ତ୍ରୀଧନରୁ ବହୁଧନ ବ୍ୟୟ କରି ବାରକୁଠ ଅଞ୍ଚଳରେ ୩୦ ମାଇଲ୍ ଲମ୍ବ ଗୋଟିଏ କେନାଲ ଖୋଳାଇ ପ୍ରାୟ ୧୦୦ ବର୍ଗମାଇଲ ଭୂମି ଉପରେ ଜଳ ସେଚିତ ହେବାର ବ୍ୟବସ୍ଥା କରିଅଛନ୍ତି । ସ୍ୱୀୟ ସହଧର୍ମିଣୀଙ୍କ ପ୍ରସ୍ତାବ ଓ ବ୍ୟୟରେ ଓ ବହୁ ବ୍ୟୟସାଧ କୁଲ୍ୟା ହୋଇଥିବାରୁ ରାଣୀଙ୍କ ନାମ ଅନୁସାରେ ଉକ୍ତ କେନାଲ୍‌କୁ ରାଜା ସଚ୍ଚିଦାନନ୍ଦ "ଡମରୁଧରପ୍ରିୟା କେନାଲ୍" (D. P. Canal) ନାମ ଦେଇଥିଲେ । ଏହି କୁଲ୍ୟାଦ୍ୱାରା ୧୦୦ ବର୍ଗମାଇଲ ଭୂମିର ଜଳକଷ୍ଟ ଦୂର ହୋଇଥିବାରୁ ରାଣୀ ଡମରୁଧରପ୍ରିୟାଙ୍କର ଓ ସଚ୍ଚିଦାନନ୍ଦଙ୍କ ପୁଣ୍ୟସ୍ମୃତି ବାମଣ୍ଡାର ପ୍ରଜାମଣ୍ଡଳଙ୍କ ହୃଦୟରେ ଚିରକାଳ ଜୀଇଁ ରହିବ । ରାଣୀ ମହୋଦୟାଙ୍କ ଚରିତରେ ଏଥିର ବିସ୍ତୃତ ଆଲୋଚନା କରାଯିବ ।

ରାଜା ସଚ୍ଚିଦାନନ୍ଦ ଅନେକ ଖମାର ନିର୍ମିତ କରାଇଥିଲେ ଏବଂ ଲୁଗାବୁଣାକଳ ଓ ତେଲ ତିଆରି କଳ ବାମଣ୍ଡାରେ ଅବସ୍ଥାପିତ କରିଥିଲେ । ଏ କାରଖାନାର ଅଖୁପେଡ଼ାକଳରେ ପ୍ରଜାମାନେ ବିନା ଖର୍ଚ୍ଚରେ ନିଜ ନିଜର ଅଖୁ ପେଡ଼ି ନେଇ ପାରୁଥିଲେ । ବଙ୍ଗ ସରକାର ବାମଣ୍ଡା ନରେଶଙ୍କର ଏ ସବୁ କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଜସ୍ର ପ୍ରଶଂସା କରିଥିଲେ ।

ସଚ୍ଚିଦାନନ୍ଦ ଓଡ଼ିଶାକୁ ସର୍ବପ୍ରଥମେ ବିଦ୍ୟୁତ୍ ଆଲୋକ ଆଣିଥିଲେ ଓ ବାମଣ୍ଡାରେ ବିଦ୍ୟୁତ୍‌ଚାଳିତ ପ୍ରେସ୍ ବସାଇଥିଲେ ।

ପ୍ରଧାନପାଟ ପ୍ରପାତରୁ ଦେବଗଡ଼କୁ ଜଳ ଆଣିବା ଯନ୍ତ୍ରର ଉଦ୍ଭବ, ପ୍ରଧାନପାଟ ପର୍ବତର ସାନୁଦେଶରେ 'ବସନ୍ତ ନିବାସ' ନାମକ ଉପଭୋଗ୍ୟ ରାଜପ୍ରାସାଦ ବା ବିଶ୍ରାମାଗାର ନିର୍ମାଣ କର୍ମ ମଧ୍ୟ ସଚ୍ଚିଦାନନ୍ଦଙ୍କ ଜୀବନର ବର୍ଣ୍ଣନୀୟ ଘଟନା ଅଟେ । 'ବସନ୍ତ ନିବାସ'ର ଭିତର ଭିନ୍ନ ଭିନ୍ନ ଅଂଶରେ ନୀତି ଓ ପ୍ରକୃତିପୂଜା ବିଷୟରେ ଗୁଡ଼ିଏ ଲେଖା ଶୁଭ୍ର ମର୍ମର ପ୍ରସ୍ତରରେ ଖୋଦିତ ହୋଇ ମରା ହୋଇଅଛି । ବସନ୍ତ ନିବାସର ଲୁହା ରେଲିଂଦ୍ୱାରା ସୁରକ୍ଷିତ ବରଣ୍ଡାରେ ବସିଲେ, ତତ୍‌ସନ୍ନିହିତ ଘୋରବନର ପଶୁମାନଙ୍କ ସ୍ୱଚ୍ଛନ୍ଦ ବିଚରଣ ଦର୍ଶକର ଉପଭୋଗ୍ୟ ହୋଇଥାଏ ।

ନବୀନ ସଭ୍ୟତାର ନବଆଲୋକ ଆଣି ଯେଉଁମାନେ ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଅଛନ୍ତି, ବାମଣ୍ଡା ଅବନୀର ଅଦର୍ଶ ନରପତି ପୁଣ୍ୟଶ୍ଳୋକ ସର୍ ବାସୁଦେବ ଓ ସଚ୍ଚିଦାନନ୍ଦ ସେମାନଙ୍କ ନେତୃସ୍ଥାନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଦୁହିଁଙ୍କର ପୃଷ୍ଠପୋଷକତାରେ ଉତ୍କଳରେ ନବଯୁଗର କେତେ ଅନୁଷ୍ଠାନ ଓ ସୁଧୀ ବ୍ୟକ୍ତି ଯେ ପୁଷ୍ଟ ଓ ଉତ୍ସାହିତ ହୋଇଅଛନ୍ତି, ତାହାର କଳନା ନାହିଁ । ଏ ଦୁହେଁ ନବଯୁଗର ମାର୍ତ୍ତଣ୍ଡ ଓ ସୁଧାକରରୂପେ ଉତ୍କଳର ଧ୍ୱାନ୍ତ ନାଶ କରି ଉତ୍କଳକୁ ପ୍ରଗତିପଥର ପଥିକ କରାଇଅଛନ୍ତି । ଏ ପୁଣ୍ୟଶ୍ଳୋକ ନରପତିଦ୍ୱୟ ଉତ୍କଳର ପ୍ରତି ଗୃହରେ ପ୍ରାତଃସ୍ମରଣୀୟ ହୋଇଅଛନ୍ତି ।

ସନ ୧୯୧୭ ମସିହାରେ ସଚ୍ଚିଦାନନ୍ଦ ତାଙ୍କ ପାଟଜେମା ସୁରତରଙ୍ଗିଣୀ ଦେବୀଙ୍କୁ କଳାହାଣ୍ଡିର ମହାରାଜ ବ୍ରଜମୋହନ ଦେବଙ୍କ ହସ୍ତରେ ଅର୍ପଣ କରିଥିଲେ । ଏହି ବିବାହ ଉପଲକ୍ଷରେ ଉତ୍କଳଖଣ୍ଡର ଓ ବଙ୍ଗ-ବିହାର, ବାରଣସୀ ଆଦିର ଶତ ଶତ ଗୁଣୀ ଓ ପଣ୍ଡିତ ଦେବଗଡ଼କୁ ନିମନ୍ତ୍ରିତ ହୋଇ ଆସିଥିଲେ । ବିବାହର ସମାରୋହ, ଅତିଥିମାନଙ୍କ ଚର୍ଚ୍ଚା ଓ ସଦାବ୍ରତ, ରାଜ୍ୟର ପ୍ରଜାମାନଙ୍କୁ ଓ ଦରିଦ୍ର, ଅନ୍ଧ, ଖଞ୍ଜ ଓ ଛତ୍ରଛନ୍ଦୀମାନଙ୍କୁ ଭୂରିଭୋଜନ ଦେବା, ବ୍ୟାୟାମ, କ୍ରୀଡ଼ା, ଆତସବାଜି, ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ (ଯଥା—ଖମାର, କେନାଲ୍, ଅଖୁକଳ, ଧାନକଳ, ସ୍ଲିପର୍ କରତ ହେବା କାରଖାନା, ଉଦ୍ୟାନ ଆଦି)ମାନଙ୍କର ସମାଗତ ଅତିଥିମାନଙ୍କ ଦ୍ୱାରା ପରିଦର୍ଶନ, ସମାଗତ ଅତିଥିମାନଙ୍କୁ ବାମଣ୍ଡା ଷ୍ଟେସନରୁ ୬୦ ମାଇଲ୍ ବାଟ ଦେବଗଡ଼କୁ ଆଣିବା ଓ ସେଠାରୁ ଫେରାଇ ପଠାଇବା ଓ ଜାମାତାଙ୍କୁ ଅଗଣିତ ଯାନବାହନାଦି ଯୌତୁକ ଦାନ ଆଦିର ଯେଉଁ ବ୍ୟବସ୍ଥା ସଚ୍ଚିଦାନନ୍ଦ କରିଥିଲେ, ସେପରି ବ୍ୟବସ୍ଥା ତଦବଧି ଉତ୍କଳର ଅନ୍ୟ କୌଣସି ଉତ୍ସବରେ ଦେଖାଯାଇ ନାହିଁ । ଓଡ଼ିଶାରୁ ରାମଶଙ୍କର, ସୁଦାମଚରଣ,

ବିଶ୍ୱନାଥ କର, ଶଶିଭୂଷଣ, ଫକୀରମୋହନ ଓ ଏ ଗ୍ରନ୍ଥର ସମ୍ପାଦକ ସେହି ଉପଲକ୍ଷରେ ନିମନ୍ତ୍ରିତ ହୋଇଥିଲେ । ସେହି ସମୟରେ ଦେବଗଡ଼ରେ ଗୋଟିଏ ସାଧାରଣ ସଭା କରି ରାଜା ସଚ୍ଚିଦାନନ୍ଦ ଫକୀରମୋହନଙ୍କୁ 'ସରସ୍ୱତୀ' ଉପାଧିରେ ମଣ୍ଡିତ କରିଥିଲେ ।

ଦୁଃଖର ବିଷୟ ଏହି ଯେ, ଏହାପରେ କେତେକ ଦିନ ପରେ ସଚ୍ଚିଦାନନ୍ଦ ମରଧାମ ତ୍ୟାଗ କଲେ ।

ସଚ୍ଚିଦାନନ୍ଦଙ୍କ ବହୁତୋମୁଖୀ ପ୍ରତିଭା ବର୍ଣ୍ଣନ କରି ତଦୀୟ ଗୁଣୋପାସକ ଶ୍ରୀଯୁକ୍ତ ଶଶିଭୂଷଣ ରାୟ "ନବୀନ" ପତ୍ରିକା (୧୦।୧।୩୫)ରେ ଯାହା ପ୍ରକାଶ କରିଥିଲେ ତାହା ଏଠାରେ ଉଦ୍ଧୃତ ହେଲା—

"୧୯୦୩ ସାଲରେ ୰ ରାଜା ସର୍ ବାସୁଦେବଙ୍କ ତିରୋଧାନ ଉତ୍ତାରୁ ୰ ସଚ୍ଚିଦାନନ୍ଦ ବାମଣ୍ଡାର ଶାସନ ଓ ପାଳନ ଭାର ଗ୍ରହଣ କଲେ । ଯୁବରାଜ ଅବସ୍ଥାରେ ଏ ମହୋଦୟ ସାହିତ୍ୟ ଓ ବିଜ୍ଞାନର ପ୍ରଭୂତ ଆଲୋଚନା କରୁଥିଲେ । ଓଡ଼ିଶାରେ ସର୍ବପ୍ରଥମ Kinematograph (ପାଶ୍ଚାତ୍ୟ ଚଳଚ୍ଚିତ୍ର), ସର୍ବପ୍ରଥମ ରଞ୍ଜନରଶ୍ମି (X'ray), ସର୍ବପ୍ରଥମ ବୈଦ୍ୟୁତିକ ଆଲୋକ (Electric light) ଏହାଙ୍କ କର୍ତ୍ତୃକ ଆନୀତ ହୋଇଥିଲା । ୧୮୯୯ ମସିହାରେ ଯୁବରାଜ ସଚ୍ଚିଦାନନ୍ଦଙ୍କଦ୍ୱାରା ଟେଲିଫୋନ୍ ଯନ୍ତ୍ର ସର୍ବପ୍ରଥମରେ ଯେତେବେଳେ ବାମଣ୍ଡାରେ ବସିଲା ସେତେବେଳେ ଭାରତର ସୁବିଖ୍ୟାତ ସମ୍ବାଦପତ୍ର ଷ୍ଟେଟ୍ସମ୍ୟାନ୍ "Statesman" ଘୋଷଣା କରିଥିଲା, "The longest telephone in India"; ଅର୍ଥାତ୍, ବାମଣ୍ଡାର ଗୋବିନ୍ଦପୁରଠାରୁ ବାରକୋଟ ପର୍ଯ୍ୟନ୍ତ ୮୦ ମାଇଲ୍ ଦୀର୍ଘତାବିଶିଷ୍ଟ ଟେଲିଫୋନ୍ ସେ ସମୟରେ ଭାରତରେ କୁତ୍ରାପି ବସି ନଥିଲା । ସଚ୍ଚିଦାନନ୍ଦଙ୍କ ସହିତ ଲେଖକର ପ୍ରଗାଢ଼ ଘନିଷ୍ଠତା ଓ ଆତ୍ମୀୟତା ଏହାଙ୍କ ତିରୋଧାନ ପର୍ଯ୍ୟନ୍ତ ପରିପୂର୍ଣ୍ଣ ଭାବରେ ଥିଲା । ଲେଖକ ଇଂରେଜୀ ଅଭିଧାନରେ Many—sidedness (ବହୁତୋମୁଖତା) ଶବ୍ଦ ଦେଖିଅଛି; ମାତ୍ର ଏ ଶବ୍ଦର ପ୍ରକୃତାର୍ଥ ସଚ୍ଚିଦାନନ୍ଦଙ୍କ ଜୀବନରେ ମୂର୍ତ୍ତିଭାବରେହିଁ ଦେଖିଥିଲା । ଦୂରରୁ ଯେଉଁମାନେ ରାଜା ବାମଣ୍ଡାର ଅଧୀଶ୍ୱରରୂପେ ସଚ୍ଚିଦାନନ୍ଦଙ୍କ ଗୁଣ ଶୁଣି ଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ପ୍ରଚଳିତ ପ୍ରବାଦ ଅନୁରୂପ ଭାବିଥିବେ,—'ନାମ୍ ବଡ଼ା, ଦର୍ଶନ୍ (କାମ୍) ଥୋଡ଼ା' । ମାତ୍ର ତାହାଙ୍କ ସଙ୍ଗେ ଘନିଷ୍ଠତା ହୋଇଗଲେ ପ୍ରତ୍ୟେକ ଲୋକ ବିଚାରୁଥିଲେ, "ନାମ୍ ଥୋଡ଼ା, କାମ୍ ବଡ଼ା" । ଲେଖକ ତାହାଙ୍କ ସହିତ ସବୁବେଳେ ଘନିଷ୍ଠଭାବ ସୂତ୍ରରେ ଆବଦ୍ଧ ହୋଇ ତାହାଙ୍କୁ ତନ୍ତୀ, କୁମ୍ଭାର, ଚିତ୍ରକାର, କମାର, ମାଳୀ, ଜ୍ୟୋତିଷୀ, ସ୍ଥପତି, ବଢ଼େଇ, କୃଷକ, ଶିକାରୀ ଓ କୁଲି ରୂପରେ ଅନେକ ଥର ଦେଖିଥିଲା; ଘୋଡ଼ା, ହାତୀର ପରୀକ୍ଷକ ଏବଂ ରତ୍ନାଳଙ୍କାର ଓ ବସ୍ତ୍ର ପରୀକ୍ଷକରୂପେ କେତେ ଥର ଦେଖିଅଛି, ଚିକିତ୍ସକ, ଦାର୍ଶନିକ, ବୈଦାନ୍ତିକ, ନୈୟାୟିକ ଓ କବିରୂପେ ଦେଖି ପୁଣି ପରମୁହୂର୍ତ୍ତରେ ନବ୍ୟ ପେସନ୍‌ର ଉଦ୍ଭାବକ ଓ ପରୀକ୍ଷକ ରୂପରେ ମଧ୍ୟ ଦେଖିଛି । ସେ ବାମଣ୍ଡାର ଶାସକ ଓ ବିଚାରକ ହୋଇ ସର୍ବପ୍ରଧାନ ବୈଜ୍ଞାନିକରୂପରେ ବାମଣ୍ଡାର ଇଞ୍ଜିନିଅର୍, ଫଟୋଗ୍ରାଫର୍, ଇଞ୍ଜିନ୍ ଡ୍ରାଇଭର୍, ଟେଲିଫୋନ୍ ଅପରେଟର୍ ପ୍ରଭୃତି କର୍ମ କରୁଥିଲେ । ଯନ୍ତ୍ର ସାହାଯ୍ୟରେ ପ୍ରଜାମାନଙ୍କୁ ବୃଷ୍ଟି ଓ ବାତ୍ୟା ପ୍ରଭୃତିର ପୂର୍ବସଙ୍କେତ ଜଣାଇ ସେମାନଙ୍କର କୃଷି-କାର୍ଯ୍ୟରେ ସହାୟତା କରିବା ତାହାଙ୍କର ସବୁବେଳେ ଅଭ୍ୟାସ ରହିଥିଲା । ତାହାଙ୍କ ପ୍ରଣୀତ ବୃଷ୍ଟିବିଜ୍ଞାନ ନାମକ ପୁସ୍ତକ ବୃଷ୍ଟି ସମ୍ବନ୍ଧୀୟ ପ୍ରଗାଢ଼ ଅଭିଜ୍ଞତାରେ ପରିପୂର୍ଣ୍ଣ ।

ପ୍ରତ୍ୟେକ ଶ୍ରେଣୀର ବିଭିନ୍ନ ବ୍ୟକ୍ତିଙ୍କ ସହିତ ସେମାନଙ୍କ ବ୍ୟବସାୟ ସମ୍ବନ୍ଧୀୟ ଅଭିଜ୍ଞତାପୂର୍ଣ୍ଣ କଥାବାର୍ତ୍ତା ଲେଖକ କେବଳ ରାଜା ସଚ୍ଚିଦାନନ୍ଦଙ୍କ ଜୀବନରେହିଁ ଦେଖିଥିଲା । ଜଣେ ସାପ ଖେଳାଇବାକୁ ଗଲେ ସର୍ପର ପ୍ରତ୍ୟେକ ବିଶେଷତ୍ୱ ସମ୍ବନ୍ଧରେ ସେ କଥାବାର୍ତ୍ତା କରୁଥିଲେ, ଅଥଚ ଜଣେ ତାର୍କିକ ପଣ୍ଡିତ ଗଲେ ତାହାଙ୍କ ତର୍କ ଓ ଯୁକ୍ତିକୁ ସେ ପ୍ରସିଦ୍ଧ ପ୍ରସିଦ୍ଧ ପୁସ୍ତକରୁ ଉଦାହରଣ ଉଲ୍ଲେଖ କରି ଖଣ୍ଡନ କରୁଥିଲେ । ସବୁ ବିଷୟରେ ଏଭଳି ଅସାଧାରଣ ଅଭିଜ୍ଞତା ଲେଖକ ବୋଧହୁଏ ଆଉ କାହାରି ନିକଟରେ ଦେଖି ନାହିଁ ।"

ମସ୍ତିଷ୍କର ଏସବୁ ଗୁଣ ସହିତ ହୃଦୟର ଦୟା, ଦାକ୍ଷିଣ୍ୟ, ମହତ୍ତ୍ୱାଦି ନାନାଗୁଣରେ ସଚ୍ଚିଦାନନ୍ଦ ବିଭୂଷିତ ଥିଲେ । ସ୍ୱଦେଶର ଓ ବିଦେଶର ବହୁ ବହୁ ପଣ୍ଡିତ ଓ ଗୁଣୀ ତାଙ୍କର ଅନନ୍ୟସାଧାରଣ ଅମାୟିକତା ଓ ସାରଲ୍ୟମଣ୍ଡିତ ସୌଜନ୍ୟରେ ମୁଗ୍ଧ ହୋଇ ବହୁମୁଖରେ ତାଙ୍କର ପ୍ରଶଂସା କରିଯାଇଅଛନ୍ତି । ତାଙ୍କର ପ୍ରଜାପ୍ରୀତି ଅନନ୍ୟସୁଲଭ । ସେ ପୂର୍ବ-ପ୍ରଚଳିତ ଅନେକ କର ଉଠାଇ ଦେଇଥିଲେ ଓ ଦୁର୍ଭିକ୍ଷ ସମୟରେ ନାଗପୁର ଅଞ୍ଚଳରୁ ଟଙ୍କାକୁ ୮ସେର ଭାଉରେ ଚାଉଳ କିଣି ଆଣି ବାମଣ୍ଡା ରାଜ୍ୟରେ ୧୬।୧୮ ସେର ଭାଉରେ ବିକ୍ରି କରାଇ ଥିଲେ ।

ବାମଣ୍ଡା ଷ୍ଟେସନ୍‌ଠାରୁ ଦେବଗଡ଼ ପର୍ଯ୍ୟନ୍ତ ସର୍ ବାସୁଦେବ ସୁଢ଼ଳଦେବଙ୍କଦ୍ୱାରା ୬୪ ମାଇଲ୍ ଲମ୍ବ ଯେଉଁ ରାସ୍ତା ହୋଇଥିଲା ତାହାକୁ ମଟର୍ ଚଳିବା ଉପଯୋଗୀ କରି ପକ୍କା ଓ ବେଶୀ ଚଉଡ଼ା କରିବାରେ ରାଜା ସଚ୍ଚିଦାନନ୍ଦ ଅକାତର ଭାବରେ ବହୁ ସହସ୍ର ଟଙ୍କା ବ୍ୟୟ କରିଥିଲେ ।

ବାମଣ୍ଡା ଜେଲ୍‌ରେ ଉତ୍କୃଷ୍ଟ ଦରି, ଆସନ ଓ ବସ୍ତ୍ର ବୁଣା ହେବାର ବ୍ୟବସ୍ଥା ମଧ୍ୟ ସେ କରିଥିଲେ ।

୧୯୦୮।୯ ରେ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିବାରୁ ସଚ୍ଚିଦାନନ୍ଦ ୩୦ ହଜାର ଟଙ୍କାର ଧାନ ବିଦେଶରୁ କିଣି ଆଣି ଶସ୍ତା ଦରରେ ପ୍ରଜାମାନଙ୍କୁ ବିକ୍ରି କରାଇ ଥିଲେ ଏବଂ ତତ୍ପରେ ସର୍ବତ୍ର ଶସ୍ୟ-ଗୋଲାମାନ କରାଇ ପ୍ରଜାମାନଙ୍କୁ ଭବିଷ୍ୟତ୍ ଦୁର୍ଭିକ୍ଷ ହାତରୁ ରକ୍ଷା କରିଥିଲେ ।

ବହୁ ସହସ୍ର ଟଙ୍କା ବ୍ୟୟରେ ଦେବଗଡ଼ରେ ଦରବାର ମନ୍ଦିର, ବଡ଼ ବଡ଼ ନଈ ଉପରେ ଭିତର ଗୋଟିଏ ଦୀର୍ଘ ପୋଲ

ଓ ୨୭୦ ଫୁଟ୍ ଲମ୍ବ ଓ ୧୬ ଫୁଟ୍ ଚଉଡ଼ା ଗୋଟିଏ ସ୍କୁଲ ଘର ମଧ୍ୟ ତିଆରି ହୋଇଥିଲା । ହସ୍ତଶିଳ୍ପ ଶିକ୍ଷାଶାଳା ଓ ବିଦ୍ୟୁତ୍ ପରିଚାଳିତ ମୁଦ୍ରାଯନ୍ତ୍ର ମଧ୍ୟ ପ୍ରତିଷ୍ଠିତ ହୋଇଥିଲା ।

ଡି. ପି. ରେଳ୍ ଲାଇନ୍ ଡମରୁଧର ପ୍ରିୟାଙ୍କ କୀର୍ତ୍ତି ଅଟେ । ଏହାଛଡ଼ା ୨୦୦୦ ଏକର୍ ଭୂମିରେ ଜଳସେଚନପାଇଁ ରାଜା ସଚ୍ଚିଦାନନ୍ଦ ପାର୍ବତ୍ୟ ନଦୀମାନ ବନ୍ଧାଇ ଜଳାଶୟ ଓ କୁଲ୍ୟାମାନ ଖୋଳାଇଥିଲେ ।

ମାଛଚାଷ ପାଇଁ ପାଳି ମାଛ ବଢ଼ାଇ ବ୍ୟବସାୟ କରିବା ପାଇଁ ସେ ଗୋଟିଏ ବଡ଼ ଜଳାଶୟ ଖୋଳାଇଥିଲେ । ଟାଇଲ୍ ତିଆରି କାରଖାନା, ମଦ୍ୟ ତିଆରି ବ୍ୟବସ୍ଥା, ଲୁଗାକଳ, ଡଳକଳ, ରମ୍ପେଇ ଖମାର ଆଦି ବହୁ ମଙ୍ଗଳମୟ କର୍ମ ଏହାଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

କାଳେ ପ୍ରଜାମାନଙ୍କ ଗୃହପାଳିତ ପଶୁମାନଙ୍କୁ ମାଂସାଶୀୟ ଚମଡ଼ା ଲୋଭୀମାନେ ମାରି ପକାଇବେ, ଏହି ଆଶଙ୍କାରେ ସେ ତାଙ୍କ ରାଜ୍ୟର ଚମଡ଼ା ଠିକା ବନ୍ଦ କରିଦେଇ ଲକ୍ଷାଧିକ ଟଙ୍କାର ଆୟ ପ୍ରତି ମାୟା ତ୍ୟାଗ କରିଥିଲେ । ଗୋଟି ଗୋଟି କରି ତାଙ୍କର ମହାମାନବତାବ୍ୟଞ୍ଜକ ଗୁଣାବଳୀ ବର୍ଣ୍ଣନା କଲେ ସେ ବର୍ଣ୍ଣନାରେ ଏକାଧିକ ପ୍ରକାଣ୍ଡ ପୁସ୍ତକ ପୂର୍ଣ୍ଣ ହୋଇଯିବ ।

୧୯୦୩ ମସିହାରେ ରାଜା ସଚ୍ଚିଦାନନ୍ଦ ଭାଇସ୍‌ରୟ (ବଡ଼ଲାଟ୍) ଲର୍ଡ୍ ହାର୍ଡିଞ୍ଜ୍‌ଙ୍କର କଟକ ଆଗମନୋପଲକ୍ଷରେ ହୋଇଥିବା ଦରବାରକୁ ଆସିଥିଲେ । ସେ ସମୟରେ ଅର୍ଥାଭାବରୁ ମ୍ରିୟମାଣ କଟକର ଉତ୍କଳ-ସାହିତ୍ୟସମାଜକୁ ଦୃଢ଼ ଆର୍ଥିକ ଭିତ୍ତି ଉପରେ ପ୍ରତିଷ୍ଠିତ କରିବାପାଇଁ ସମବେତ ରାଜନ୍ୟବର୍ଗଙ୍କର ଯେଉଁ ସଭା ହୋଇଥିଲା ସେଥିରେ ଉକ୍ତ ସମାଜର ସ୍ଥାୟୀ ପାଣ୍ଠିକୁ ରାଜା ସଚ୍ଚିଦାନନ୍ଦ ଟ [illegible] ଦାନ କରିଥିଲେ ।

କିନ୍ତୁ ଏସବୁ କୀର୍ତ୍ତି ଛଡ଼ା ସଚ୍ଚିଦାନନ୍ଦ ଯେଉଁ ଅକ୍ଷର-ସମ୍ବନ୍ଧୀ କୀର୍ତ୍ତିରେ ଉତ୍କଳ-ଭାରତୀଙ୍କ ମନ୍ଦିରକୁ ସଜ୍ଜିତ କରିଯାଇ-ଅଛନ୍ତି ସେ ସବୁ ତାଙ୍କର ନାମକୁ କାଳର ସର୍ବଗ୍ରାସୀ ମୁଖରୁ ରକ୍ଷା କରିବ । ବାମଣ୍ଡା ରାଜପରିବାରରେ ସାଗରଦୁହିତାଙ୍କ ଅଖଣ୍ଡ ରାଜତ୍ୱ ମଧ୍ୟରେ ସୁଦ୍ଧା ସାରଦା ସପତ୍ନୀସୁଲଭ ବୈର ପରିତ୍ୟାଗ କରି ସର୍ବଦା ବିରାଜିତା । ରାଜା ସଚ୍ଚିଦାନନ୍ଦ ରାଜାଧୀଶ୍ୱର ଅପେକ୍ଷା କବି ରୂପରେ ବୋଧହୁଏ ଅଧିକ ବଡ଼ । ତାଙ୍କର ପ୍ରତ୍ୟେକ କାବ୍ୟ ଉତ୍କଳ ଭାରତୀଙ୍କ ଗଳାର ଗୋଟିଏ ଗୋଟିଏ ଅମୂଲ୍ୟ ହାର । ତାଙ୍କ "କାଦମ୍ବରୀ" କାବ୍ୟ, "ବୈଦିକ ପ୍ରକୃତି" କାବ୍ୟ, "ବୀରଗାଥା" କାବ୍ୟ, "ପ୍ରକୃତିଖଣ୍ଡ" କାବ୍ୟ, "ଚନ୍ଦ୍ର" କାବ୍ୟ, "ଭୀଷ୍ମ" ଓ "ମାୟାଶବରୀ" କାବ୍ୟ, ଏ ପ୍ରତ୍ୟେକେ ଉତ୍କଳ-ସାହିତ୍ୟଭଣ୍ଡାରର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ । "ଯୌବନନିବାରଣ", "ତ୍ରିଟଗ୍ ବିଜୟ", "ଆବାହନ", ଏ କେତେକ ଖଣ୍ଡି ଖଣ୍ଡକାବ୍ୟ ଓ କବିତାଗ୍ରନ୍ଥ ମଧ୍ୟ ଅତୁଲ୍ୟ ସାହିତ୍ୟ—ସୁଷମାରେ ମଣ୍ଡିତ । ତାଙ୍କ ରଚିତ "ବୃଷ୍ଟିବନ୍ଧନ" ଗଳ୍ପର ବିଜ୍ଞାନବେତ୍ତାରୂପେ ତାଙ୍କୁ ସ୍ମରଣୀୟ କରି ରଖିବ । ତାଙ୍କ ରଚିତ "ଅଲଙ୍କାର ସାର" ଆଜି ପର୍ଯ୍ୟନ୍ତ ଉତ୍କଳର ଉଚ୍ଚ ଶ୍ରେଣୀମାନଙ୍କରେ ପାଠ୍ୟପୁସ୍ତକରୂପେ ବ୍ୟବହୃତ । ତାଙ୍କ ରଚିତ "ବୀରଗାଥା" ନାମକ କାବ୍ୟ ତାଙ୍କ ପରଲୋକ ପ୍ରାପ୍ତି ପରେ ତାଙ୍କ ଦ୍ୱିତୀୟ କୁମାର ଶ୍ରୀ ହୃଦୟନାଥ ଦେବଙ୍କଦ୍ୱାରା ପ୍ରକାଶିତ । ଏହିରୁ ତାଙ୍କର ଭାରତ ଇତିହାସର ଗଭୀର ଅଧ୍ୟୟନର ପ୍ରକୃଷ୍ଟ ପରିଚୟ ମିଳେ । ଭାରତର ବଡ଼ଲାଟ ଲର୍ଡ୍ ହାର୍ଡିଞ୍ଜ୍‌ଙ୍କ କଟକ ଦର୍ଶନ ଓ ଦରବାର ଉପଲକ୍ଷରେ ୧୯୧୨ ମସିହାରେ ରଚିତ "ଆବାହନ" କବିତାରେ ସେ ବାମଣ୍ଡା ରାଜବଂଶର ଇତିହାସର ଉଲ୍ଲେଖ କରିଅଛନ୍ତି । ଏସବୁ ଗ୍ରନ୍ଥର ପ୍ରକୃତ ସାହିତ୍ୟିକ ମୂଲ୍ୟ ଯାହା, ତାହା ଅପେକ୍ଷା ଏସବୁ ଅଧିକ ମୂଲ୍ୟବିଶିଷ୍ଟ, କାରଣ ଏସବୁ ଜଣେ ଜାତି—ଶାସନକାର୍ଯ୍ୟ-ବ୍ୟାପୃତ, କର୍ମଠ, ପ୍ରଜାପ୍ରାଣ ନରପତିଙ୍କର ଅବସରହୀନ ଜୀବନର କୃତି । ସଚ୍ଚିଦାନନ୍ଦ ଉତ୍କଳକୁ ଯେଉଁ ରାଜାଦର୍ଶ ଦେଇଯାଇ ଅଛନ୍ତି ତାହା ଅପେକ୍ଷା ତାଙ୍କ କବିତାଦର୍ଶ ବହୁଗୁଣରେ ଉଚ୍ଚ । ତାଙ୍କ କବିତାରାଜି ତାଙ୍କ ଅଗାଧ ପାଣ୍ଡିତ୍ୟ ଓ ଶବ୍ଦଯୋଜନା ପାଟବର ପ୍ରକୃଷ୍ଟ ପରିଚାୟକ । ଅନ୍ୟାନ୍ୟ କାବ୍ୟ-କବିତା କଥା ଛାଡ଼ି ଦେଲେ ତାଙ୍କ "ସୁନ୍ଦରୀ ଚୌତିଶା" ରୂପ କ୍ଷୁଦ୍ର ଗୀତିକାରେ ଯେଉଁ ପ୍ରସାଦଗୁଣ ଲକ୍ଷିତ ହୁଏ ତାହା ଆଧୁନିକ ସାହିତ୍ୟରେ କ୍ୱଚିତ୍ ଦୃଷ୍ଟ ହୋଇଥାଏ । ବାମଣ୍ଡାକୁ "ବୁଧହଂସ କେଳିସର" କରି ପିତାପୁତ୍ର ଦୁହିଁ ସାରସ୍ୱତ ଆରାଧନାର ଯେଉଁ ଅଭିନବ ଆୟୋଜନ କରିଥିଲେ ତାହାର ଚିରସ୍ଥାୟୀ ସ୍ମାରକରୂପେ ସଚ୍ଚିଦାନନ୍ଦଙ୍କ କାବ୍ୟ-କବିତାବଳୀ ଉତ୍କଳରେ ସମ୍ପୂଜିତ ହେଉଥିବ । ସଚ୍ଚିଦାନନ୍ଦଙ୍କ ମୃଣ୍ମୟ ଶରୀର ଶ୍ମଶାନ ଗ୍ରାସ କରିଅଛି, ତାଙ୍କର ଅନ୍ୟାନ୍ୟ ନଶ୍ୱର କୀର୍ତ୍ତି ସମୟଗର୍ଭରେ ଅବଶ୍ୟ କାଳକବଳିତ ହୋଇ ପାରିବ, କିନ୍ତୁ ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ କାଳକୀଟ ଦଶନକୁ ପରାଭୂତ କରି ସଗର୍ବ ଦଣ୍ଡାୟମାନ ରହିବ । ମରଣ ପରେ ଉତ୍କଳର ବାଣୀସେବକମାନଙ୍କଠାରୁ ସଚ୍ଚିଦାନନ୍ଦ ଆଜି ଯେଉଁ ପୂଜା ଲାଭ କରିବାର ଅଧିକାରୀ ହୋଇଅଛନ୍ତି ଓ ଉତ୍କଳର ବାଣୀସେବକଙ୍କଠାରୁ ତାଙ୍କର ସ୍ୱର୍ଗତ ଆତ୍ମା ଯେଉଁ ନୈବେଦ୍ୟ ଲାଭ କରୁଅଛି ତାହା ତାଙ୍କର ସାକ୍ଷାତ୍ ପ୍ରେରଣା-ରୂପିଣୀ ଦେବୀକଳ୍ପା ସହଧର୍ମିଣୀ ଶ୍ରୀମତୀ ଡମରୁଧର ପ୍ରିୟା ପାଟମହାଦେବୀ ସ୍ୱଚକ୍ଷୁରେ ଦେଖି ଯାଉଅଛନ୍ତି । ଏ ପୂଜାର ଅନ୍ତ ନାହିଁ । ଅନନ୍ତକାଳ ପରି ଏ ପୂଜା ମଧ୍ୟ ଅନ୍ତହୀନ ।

ପୂର୍ବରୁ କଥିତ ହୋଇଅଛି ଯେ, ସଚ୍ଚିଦାନନ୍ଦ ଓଡ଼ିଶାର ପ୍ରଧାନ ସାହିତ୍ୟ ପୀଠ "ଉତ୍କଳ ସାହିତ୍ୟସମାଜ"କୁ ଓଡ଼ିଶାର ରାଜନ୍ୟମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଟ [illegible] ଦାନ କରିଥିଲେ । କହିବା ବାହୁଲ୍ୟ ଯେ "ଉତ୍କଳ ସାହିତ୍ୟ ସମାଜ"ର ବର୍ତ୍ତମାନ ରୂପ ତାଙ୍କର ବିରାଟ କଳ୍ପନାରୁ ଉଦ୍ଭୂତ ।

ସଚ୍ଚିଦାନନ୍ଦ ୧୯୧୬ ମସିହା ମାର୍ଚ୍ଚ ମାସ ୧୧ ତାରିଖ ଦିନ କଲିକତାରେ ନଶ୍ୱର ଦେହ ତ୍ୟାଗ କରି ଦିବ୍ୟଧାମକୁ ପ୍ରୟାଣ କରିଥିଲେ । ତାଙ୍କ ମରଣରେ ଉତ୍କଳ ଘନତର ହୋଇ ପଡ଼ିଲା ଓ ଦେଶବ୍ୟାପୀ ଶୋକର ପ୍ରବଳ ବାତ୍ୟା ବହିଗଲା । ତାଙ୍କ ମରଣ ଉପଲକ୍ଷରେ ରାଧାନାଥ, ମଧୁସୂଦନ ଓ

ନିମ୍ନୋକ୍ତ ଅନେକଙ୍କଦ୍ୱାରା ରଚିତ ଶୋକଗୀତିକାମାନଙ୍କରୁ ଦେଖାଯାଏ ଯେ, ସଚ୍ଚିଦାନନ୍ଦ ଏକାଧାରରେ ରାଜନୀତିଜ୍ଞ, ସାହିତ୍ୟିକ, କବି, ବୈଜ୍ଞାନିକ, ଭାଷାତତ୍ତ୍ୱଜ୍ଞ ମହାପଣ୍ଡିତରୂପେ ଉତ୍କଳମାତାଙ୍କ ସନ୍ତାନ ସନ୍ତତିଙ୍କ ହୃଦୟରେ ଉନ୍ନତ ବରିଷ୍ଠ ସ୍ଥାନ ଅଧିକାର କରିଥିଲେ ଓ ଓଡ଼ିଆ ଜାତି ବଞ୍ଚିଥିବା ପର୍ଯ୍ୟନ୍ତ ସେ ସ୍ଥାନ ଅଧିକାର କରିଥିବେ ।

———

ରାଣୀ ଶ୍ରୀମତୀ ଡମରୁଧରପ୍ରିୟା ଦେବୀ

ରାଜା ସଚ୍ଚିଦାନନ୍ଦଙ୍କ ଜୀବନ ଚରିତରେ ତାଙ୍କ ସହଧର୍ମିଣୀ ରାଣୀ ଶ୍ରୀମତୀ ଡମରୁଧରପ୍ରିୟା ଦେବୀଙ୍କ ଉଲ୍ଲେଖ ନ ରହିଲେ ଉକ୍ତ ଜୀବନ ଚରିତ ଅପୂର୍ଣ୍ଣାଙ୍ଗ ହେବ ।

ପୂର୍ବେ ରାଜା ସଚ୍ଚିଦାନନ୍ଦଙ୍କ ପ୍ରସଙ୍ଗକ୍ରମେ ରାଣୀ ଶ୍ରୀମତୀ ଡମରୁଧରପ୍ରିୟାଙ୍କ ନାମ ଉଲ୍ଲେଖ ହୋଇଅଛି ।

କଳାହାଣ୍ଡି ରାଜ୍ୟର ଅନ୍ତର୍ଗତ କାଶୀପୁରର ରାଜା ବୈଦ୍ୟନାଥ ସିଂହ ଦେବଙ୍କ ସ୍ୱର୍ଗାରୋହଣ ସମୟରେ ତଦୀୟ ରାଜକୁମାର ଇନ୍ଦ୍ରପ୍ରତାପ ସିଂହ ଅପ୍ରାପ୍ତବୟସ୍କ ହୋଇଥିବାରୁ ତାଙ୍କ ରାଣୀ ଶ୍ରୀମତୀ ସୁବର୍ଣ୍ଣମଣି ଦେବୀ ସ୍ୱୟଂ ରାଜକାର୍ଯ୍ୟ ପରିଚାଳନାର ଭାର ଗ୍ରହଣ କରିଥିଲେ । ତାଙ୍କର ରାଜକାର୍ଯ୍ୟ ପରିଚାଳନାରେ ତୀକ୍ଷ୍ଣ ବୁଦ୍ଧି, ଅତିଥି ଅଭ୍ୟାଗତ ସେବା, ପ୍ରଜାଙ୍କୁ ପୁତ୍ର ନିର୍ବିଶେଷରେ ପାଳନ, ଧର୍ମପ୍ରାଣତା, ମାତୃଭୂମି ଓ ମାତୃଭାଷା ପ୍ରତି ଅନୁରାଗ, ଦରିଦ୍ରପରାୟଣତା, ସାଧୁସନ୍ଥମାନଙ୍କ ସେବା ଓ ଦୁଃସ୍ଥ ବ୍ୟକ୍ତିଙ୍କ ଦୁଃଖାପନୋଦନ ଆଦି ଯଶଃସୌରଭ ଉତ୍କଳର ସର୍ବତ୍ର ପ୍ରସାରିତ ହୋଇଥିଲା ଓ ତତ୍କାଳୀନ ରାଜନ୍ୟବର୍ଗ ରାଣୀ ସୁବର୍ଣ୍ଣମଣିଙ୍କୁ ସମ୍ମାନ ଓ ଭକ୍ତି କରୁଥିଲେ । ରାଜା ସର୍ ବାସୁଦେବ ସୁଢଳ ଦେବ କାଶୀପୁରର ସ୍ୱର୍ଗତ ରାଜା ବୈଦ୍ୟନାଥ ସିଂହଙ୍କ ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ଡମରୁଧରପ୍ରିୟା ଜେମାମଣିଙ୍କ ଅଶେଷ ସୁଗୁଣ ଓ ଶିକ୍ଷା ଆଦିର ସମ୍ବାଦ ପାଇ ବାମଣ୍ଡାର ଭାବୀ ଅଧୀଶ୍ୱର ଟିକାଏତ ସଚ୍ଚିଦାନନ୍ଦଙ୍କ ପାଇଁ ତାଙ୍କୁ ନିଜର ପୁତ୍ରବଧୂରୂପେ ବରଣ କରିବା ସ୍ଥିର କଲେ ଓ ଏ ବିବାହ ପ୍ରସଙ୍ଗର ସ୍ଥିରୀକରଣ ପାଇଁ ବିଶ୍ୱାସୀ 'ଭଲଲୋକ' କାଶୀପୁରର ବିଧବା ରାଣୀଙ୍କ ନିକଟକୁ ପଠାଇ ଏ ବିବାହ ପ୍ରସଙ୍ଗ ସ୍ଥିର କଲେ ଏବଂ କୁମାରଙ୍କ ସହିତ ସ୍ୱୟଂ କାଶୀପୁର ରାଜଧାନୀରେ ଉପସ୍ଥିତ ହୋଇ ସେହିଠାରେ ୧୮୮୯ ସାଲରେ [ଟିକାଏତଙ୍କୁ ୧୭ ବର୍ଷ ବୟସ ହୋଇଥିବା ସମୟରେ] ସପ୍ତାହାଧିକ କାଳ ଅବସ୍ଥାନ କରି ଟିକାଏତଙ୍କ ମଙ୍ଗଳକୃତ୍ୟ ସମାପନ କରାଇ ବିବାହାନ୍ତେ ଆତ୍ମୀୟ ସ୍ୱଜନ, ବରବଧୂ, ଯୌତୁକ ସମ୍ଭାର ସହ ମହାସମାରୋହସହକାରେ ଦେବଗଡ଼କୁ ପ୍ରତ୍ୟାବର୍ତ୍ତନ କଲେ ଓ ଦେବଗଡ଼ରେ ମଧ୍ୟ ଯୁବରାଜଙ୍କ ବିବାହର ପରବର୍ତ୍ତୀ ଉତ୍ସବମାନ ମହାସମାରୋହ ଓ ବହୁ ବ୍ୟୟ ସହକାରେ ସମ୍ପାଦନ କଲେ । କାଶୀପୁରର ରାଜକୁମାରୀ ତିନି ଜଣଙ୍କ ମଧ୍ୟରୁ ଜ୍ୟେଷ୍ଠା ପ୍ରଥମେ ବାମଣ୍ଡାର ଯୁବରାଣୀ, ତତ୍ପରେ ପଟ୍ଟମହିଷୀ, ତତ୍ପରେ ରାଜମାତା ଓ ବର୍ତ୍ତମାନ ରାଜପିତାମହୀରୂପେ ବିରାଜିତା । ଦ୍ୱିତୀୟା ରାଜକୁମାରୀ ଗାଙ୍ଗପୁରର ଯୁବରାଣୀ ହେଲେ । ତାଙ୍କର ପୁତ୍ର ଗାଙ୍ଗପୁରର ସ୍ୱର୍ଗତ ଭବାନୀଶଙ୍କର ଶେଖରଙ୍କ ଜନ୍ମର ତୃତୀୟ ଦିବସରେ ସେ ସୂତିକା ରୋଗରେ ସ୍ୱର୍ଗତା ହୋଇଥିଲେ । ତୃତୀୟ ରାଜକୁମାରୀ ସୋନପୁରର ଯୁବରାଣୀ, ପରେ ମହାରାଣୀ ଓ ବର୍ତ୍ତମାନ ମହାରାଜ-ଜନନୀରୂପେ ବିରାଜିତା ।

ଯୁବରାଣୀ ଓ ଯୁବରାଜରୂପେ ଦାମ୍ପତ୍ୟ ଜୀବନର ସୁଖ ଉପଭୋଗ କରୁଥିଲେହେଁ ରାଜନୀତିଜ୍ଞ ସର୍ ବାସୁଦେବଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଯୁବରାଜ ସଚ୍ଚିଦାନନ୍ଦ ରାଜ୍ୟଶାସନ କର୍ମରେ ତାଲିମ୍ ହେଲେ ଓ ପୁତ୍ରବଧୂ ଶ୍ରୀମତୀ ଯୁବରାଣୀ, ଓଡ଼ିଆ, ବଙ୍ଗଳା, ଇଂରାଜୀ, ହିନ୍ଦୀଭାଷାରେ ବହୁ ପ୍ରବୀଣତା ଓ ପାଣ୍ଡିତ୍ୟ ଲାଭ କଲେ । ରାଜା ସର୍ ବାସୁଦେବ କ୍ରମେ କ୍ରମେ ରାଜ୍ୟଶାସନର ସମୁଦାୟ ଭାର ଟିକାଏତଙ୍କ ଉପରେ ଅର୍ପଣ କରି କେବଳ ଅପିଲ୍ ଅଦାଲତର କାର୍ଯ୍ୟ ଆପଣା ହାତରେ ରଖିଥିଲେ । ଏଥିପାଇଁ ସଚ୍ଚିଦାନନ୍ଦ ଯୁବରାଜ ଥାଇ ସ୍ୱୟଂ ରାଜକର୍ମରେ, ରାଜଦରବାରରେ ଓ ଧର୍ମାଧିକରଣରେ ବହୁକାଳ ବ୍ୟାପୃତ ରହିଥିଲେ । ସେହି ସମୟରେ ଯୁବରାଣୀ ଚିତ୍ରକଳା, ସଙ୍ଗୀତ ଓ ସାହିତ୍ୟର ଚର୍ଚ୍ଚାରେ ବ୍ୟାପୃତା ରହୁଥିଲେ ।

ସଚ୍ଚିଦାନନ୍ଦ ସାକ୍ଷାତ୍ ସରସ୍ୱତୀସ୍ୱରୂପା ଡମରୁଧରପ୍ରିୟାଙ୍କୁ ପାଇବାରୁ ଦୁହିଁଙ୍କ ଜୀବନ ସାହିତ୍ୟ ସେବା ଓ ସରସ୍ୱତୀଙ୍କ ଆରାଧନାରେ ଯୁକ୍ତ ହେଲା । ସତେ ଯେପରି ପ୍ରଭୁ ଏ ରାଜଦମ୍ପତିଙ୍କ ବିବାହ ବନ୍ଧନଦ୍ୱାରା ଭବିଷ୍ୟତ ମିଳନର ସୂଚନା କରି ଦୁହିଁଙ୍କୁ ଏକା ଛାଞ୍ଚରେ ଗଢ଼ିଥିଲେ ।

୧୧ ବର୍ଷକାଳ ଯୌବରାଜ୍ୟ ଭୋଗ କରିବା ପରେ ସର୍ ବାସୁଦେବଙ୍କ ସ୍ୱର୍ଗପ୍ରାପ୍ତି ଯୋଗୁଁ ରାଜ୍ୟଶାସନର ସମସ୍ତ ଭାର ୧୯୦୩ ସାଲରେ ସଚ୍ଚିଦାନନ୍ଦଙ୍କ ଉପରେ ପଡ଼ିଲା ଏବଂ ରାଜଦମ୍ପତି ଏକାଙ୍ଗ ହୋଇ ଲକ୍ଷ୍ମୀସେବା (ରାଜ୍ୟଶାସନ) ଓ ସରସ୍ୱତୀ ସେବା (ମାତୃଭାଷା ଓ ସାହିତ୍ୟାଲୋଚନା)ରେ ଜୀବନକୁ ଧନ୍ୟ ଓ ମଧୁମୟ କଲେ । ରାଜ୍ୟଶାସନର ପଣ୍ଡିତ୍ୱର ବହନ କରିବାରୂପ ଦୁର୍ବହ ଭାର ରାଣୀ ଶ୍ରୀମତୀ ଡମରୁଧରପ୍ରିୟାଙ୍କ ସାହଚର୍ଯ୍ୟ, ସହକର୍ମିତା, ସହଧର୍ମିଣୀତ୍ୱ ଓ ପରାମର୍ଶ ଯୋଗୁଁ ରାଜା ସଚ୍ଚିଦାନନ୍ଦ ଅକୁତୋଭୟରେ ବହନ କରିବାକୁ ସମର୍ଥ ହୋଇଥିଲେ । ଏ ଭାର ବହନ କରି ମଧ୍ୟ ରାଜଦମ୍ପତି ଅବସର ସମୟରେ ଏକତ୍ର ବାଣୀ ଆରାଧନା କରୁଥିଲେ । ରାଜା ସଚ୍ଚିଦାନନ୍ଦଙ୍କ ରଚିତ ଗ୍ରନ୍ଥମାନଙ୍କ ପାଣ୍ଡୁଲିପିମାନ ପ୍ରଥମେ ରାଣୀଙ୍କଦ୍ୱାରା ସମାଲୋଚିତ ଓ ସମର୍ଥିତ ହେବା ପରେ ସେମାନ ମୁଦ୍ରାଯନ୍ତ୍ର ସାହାଯ୍ୟରେ ଲୋକଲୋଚନଗୋଚର ହେଉଥିଲା । ରାଜା ସଚ୍ଚିଦାନନ୍ଦଙ୍କର କି ବିଜ୍ଞାନ, କି ଚିତ୍ରକଳା, କି କବିତା, କି ସଙ୍ଗୀତ, ବାଦ୍ୟ, କି ବୈଦିକ ଅଧ୍ୟୟନ, କି ସଂସ୍କୃତ ସାହିତ୍ୟ, କି ବ୍ୟାକରଣଶାସ୍ତ୍ର, କି ଅଳଙ୍କାରଶାସ୍ତ୍ର, ସବୁ ଦିଗରେ ବହୁତୋମୁଖୀ ପ୍ରତିଭାର ଫଳସ୍ୱରୂପ ତାଙ୍କ ଲେଖନୀରୁ ନିଃସୃତ ସନ୍ଦର୍ଭ ଓ କବିତାମାନଙ୍କ ସମାଲୋଚନା ପାଇଁ ଗଭୀର ପାଣ୍ଡିତ୍ୟ ଲୋଡ଼ା । ଏଥିରୁ ରାଣୀ ଡମରୁଧରପ୍ରିୟାଙ୍କ ବିଦ୍ୱତ୍ତା ସହଜେ ଅନୁମିତ

ଦେବ । ଏପରି ବିଦୁଷୀ, ସର୍ବଗୁଣସମ୍ପନ୍ନା, ଧୀ ସହଧର୍ମଣୀଙ୍କୁ ଲାଭ କରି କେବଳ ବାମଣ୍ଡା ନରପତି ସଚ୍ଚିଦାନନ୍ଦ ଧନ୍ୟ ହୋଇ ନ ଥିଲେ, ବାମଣ୍ଡା ରାଜ୍ୟ ଓ ରାଜ୍ୟର ପ୍ରକୃତିପୁଞ୍ଜ ମଧ୍ୟ କୃତାର୍ଥ ହୋଇଅଛନ୍ତି । ରାଜ୍ୟଶାସନରେ ଓ ସାହିତ୍ୟଚର୍ଚ୍ଚା ବିଷୟରେ ରାଜା ସଚ୍ଚିଦାନନ୍ଦଙ୍କ ଦକ୍ଷିଣହସ୍ତରୂପେ କର୍ମ କରି ରାଣୀ ମହୋଦୟା ସନ୍ତୁଷ୍ଟା ରହି ନ ଥିଲେ; ତାଙ୍କ ବ୍ୟକ୍ତିଗତ ବ୍ୟୟ ପାଇଁ ରାଜକୋଷରୁ ତାଙ୍କୁ ଯେଉଁ ଧନ ମିଳୁଥିଲା ଓ ତାଙ୍କ ପାଇଁ ରଖାଯାଇଥିବା ବୃତ୍ତିରୁ ଯାହା ଲାଭ ମିଳୁଥିଲା, ତହିଁରୁ ଅଧିକାଂଶ ଧନ ଗରିବ ପ୍ରଜାଙ୍କୁ ସାହାଯ୍ୟ ଦେବା, ଜଙ୍ଗଲ ଅଞ୍ଚଳରେ କୂପ, ତଡ଼ାଗାଦି ଖୋଳାଇ ଦେବା, କନ୍ୟାଦାୟଗ୍ରସ୍ତ ବ୍ୟକ୍ତିଙ୍କୁ କନ୍ୟାଦାୟରୁ ମୁକ୍ତ କରିବା, ଅଲ୍ପବୟସ୍କ ବାଳକଙ୍କ ଉପନୟନ ବ୍ୟୟ ନିର୍ବାହ, ମରୁଡ଼ି, ବନ୍ୟା, ଗୃହଦାହ ଆଦିରେ କ୍ଲିଷ୍ଟ ପ୍ରଜାମାନଙ୍କୁ ସାହାଯ୍ୟ ଦାନ ଓ କେତେକ ସ୍ଥାନରେ ଦେବମନ୍ଦିର ପ୍ରତିଷ୍ଠାରେ ବ୍ୟୟ ହେଉଥିଲା ଓ ଏ ବ୍ୟୟର ଅଧିକାଂଶ ରାଜା ସଚ୍ଚିଦାନନ୍ଦଙ୍କ କାନରେ ମଧ୍ୟ ପଡ଼ୁ ନ ଥିଲା । ଇଂରାଜୀରେ ଗୋଟିଏ ଉପଦେଶ ଅଛି, "Let not your left hand know what your right hand bestoweth" ଅର୍ଥାତ୍, ତୁମ୍ଭ ଡାହାଣ ହାତରେ ପ୍ରଦତ୍ତ ଦାନର ବିଷୟ ତୁମ ବାମହାତ ସୁଦ୍ଧା ନ ଜାଣୁ—ଏ ଉପଦେଶ ରାଣୀ ଡମରୁଧରପ୍ରିୟାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରତିପାଳିତ ହୋଇଅଛି ।

ସର୍ ବାସୁଦେବ ସୁଢ଼ଳଦେବଙ୍କ ଅମଳରୁ ରାଜକୁମାରୀମାନଙ୍କର ବିଦ୍ୟାଶିକ୍ଷା, ସାହିତ୍ୟଚର୍ଚ୍ଚା, ସଙ୍ଗୀତ, କଳ ଅଙ୍ଗଶୃଙ୍ଖଳାଦିର ଶିକ୍ଷାପାଇଁ ବିଦ୍ୟାଳୟ ରାଜନଅରରେ ପ୍ରତିଷ୍ଠି ହୋଇଥିଲା । ତହିଁର ଫଳରେ ବାମଣ୍ଡାର ରାଜକୁମାରୀମାନଙ୍କ ପ ସୁଶିକ୍ଷିତା ଓ ସରସ୍ୱତୀସେବିକା ଉତ୍କଳଖଣ୍ଡରେ ଅନନ୍ୟ ଥିଲେ । ରାଜକୁମାରୀମାନଙ୍କ ଶିକ୍ଷାର ଭାର ଉପଯୁକ୍ତ ଶିକ୍ଷୟିତ୍ରୀମାନଙ୍କଠାରେ ନ୍ୟସ୍ତ ଥିଲା । ରାଜକୁମାରମାନଙ୍କ ଶିକ୍ଷା ପାଇଁ ରାଜନଅରର ବହିର୍ଦ୍ଦେଶରେ ପ୍ରତିଷ୍ଠିତ ବିଦ୍ୟାଳୟର ନିୟନ୍ତା (ସୁପରିଣ୍ଟେଣ୍ଡେଣ୍ଟ) ଥିଲେ ଯୁବରାଜ ଓ ପରେ ରାଜା ସଚ୍ଚିଦାନନ୍ଦ । ରାଜକୁମାରୀମାନଙ୍କ ଶିକ୍ଷାପାଇଁ ରାଜନଅରର ମଧ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟର ନିୟନ୍ତ୍ରୀ ଥିଲେ ଯୁବରାଣୀ ଓ ପରେ ରାଣୀ ଶ୍ରୀମତୀ ଡମରୁଧରପ୍ରିୟା ଦେବୀ । ଏଥିରୁ ମହାଦେବୀଙ୍କ ବିଦ୍ୱତ୍ତା ଓ ନେତ୍ରୀତ୍ୱର ଆଭାସ ମିଳିବ ।

ରାଜା ସଚ୍ଚିଦାନନ୍ଦ ଓ ରାଣୀ ଡମରୁଧରପ୍ରିୟାଙ୍କ କୋଳରେ ପ୍ରଭୁ ତିନିଗୋଟି ସୁକୁମାର ଓ ଦୁଇଗୋଟି ସୁକୁମାରୀଙ୍କୁ ଦେଇ ଥିଲେ । ଜ୍ୟେଷ୍ଠପୁତ୍ର ବାମଣ୍ଡାର ସ୍ୱର୍ଗତ ରାଜା ଦିବ୍ୟଶଙ୍କର, ତତ୍କନିଷ୍ଠ ବଡ଼କୁମାର ଶ୍ରୀ କୁଦ୍ରନାଥ ଦେବ ଓ ତତ୍କନିଷ୍ଠ କୁମାର ଶ୍ରୀ ଲଲ ମୋହିନୀମୋହନ ଦେବ (ଯେ ବର୍ତ୍ତମାନ ସ୍ୱର୍ଗତ ପୁରୀ ରାଜା ମୁକୁନ୍ଦ ଦେବଙ୍କ ଦତ୍ତକ ସନ୍ତାନରୂପେ ଉତ୍କଳର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର, ବୀରଶ୍ରୀ ବୀରବର ପ୍ରତାପ ଶ୍ରୀ ଗଜପତି ମହାରାଜାଙ୍କ ଯୋଗ୍ୟ ଦାୟାଦରୂପେ ପୁରୀର ବଳଗାଦିର ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ନାମରେ ଶୋଭିତ ଓ ମହିମାନ୍ୱିତ କରୁଅଛନ୍ତି)। ସଚ୍ଚିଦାନନ୍ଦ ଦମ୍ପତିଙ୍କ କୁମାରୀ ଜ୍ୟେଷ୍ଠା ଜେମାମଣି ଶ୍ରୀମତୀ ସୁରତରଙ୍ଗିଣୀ ଦେବୀଙ୍କୁ ରାଜଦମ୍ପତି କଳାହାଣ୍ଡିର ମହାରାଜ ଶ୍ରୀ ବ୍ରଜମୋହନ ଦେବଙ୍କ ହସ୍ତରେ ଅର୍ପଣ କରି ଯାଇଅଛନ୍ତି ଓ ଆଜି ମହାରାଣୀ ଶ୍ରୀମତୀ ସୁରତରଙ୍ଗିଣୀ ୨ଟି ରାଜକୁମାର ଓ ୩ ଗୋଟି ରାଜକୁମାରୀଙ୍କୁ ଲାଭ କରି ରାଜକୁମାରୀମାନଙ୍କ ଉଦ୍ୱାହକ୍ରିୟା ସମାହିତ କରୁଅଛନ୍ତି । ସଚ୍ଚିଦାନନ୍ଦଙ୍କ କନିଷ୍ଠା ରାଜକୁମାରୀ ମନ୍ଦାକିନୀ ବାଲ୍ୟକାଳରେ ଇହଲୀଳା ସାଙ୍ଗ କରିଥିଲେ ।

ବାମଣ୍ଡା ରାଜ୍ୟର ସହସ୍ର ସହସ୍ର ଏକର୍ ଜଙ୍ଗଲ ଜମିରେ ଜଳ ମଡ଼ାଇବାପାଇଁ ବାରକୋଟ ସବ୍‌ଡିଭିଜନ୍‌ରେ ୩୦ ମାଇଲ୍ ଲମ୍ବ କେନାଲ୍ ଓ ଆନିକଟ୍ (ସେତୁ)ର ନିର୍ମାଣ ଓ ଉଦ୍‌ଘାଟନ କର୍ମ ରାଜା ସଚ୍ଚିଦାନନ୍ଦଙ୍କ ରାଜତ୍ୱର ଗୋଟିଏ ବିଶିଷ୍ଟ ଉଲ୍ଲେଖ-ଯୋଗ୍ୟ ଘଟଣା ଅଟେ । ଏହି କେନାଲ୍ ବିଷୟ ରାଜା ସଚ୍ଚିଦାନନ୍ଦଙ୍କ ଜୀବନଚରିତରେ ଲେଖା ହୋଇଅଛି । ଏହି କେନାଲ୍ ଖୋଲା ହେବାଦ୍ୱାରା ବାମଣ୍ଡା ରାଜ୍ୟର ପ୍ରାୟ ୧୦୦ ବର୍ଗ ମାଇଲ୍ ବ୍ୟାପୀ ଅଞ୍ଚଳର ସହସ୍ର ସହସ୍ର ଏକର୍ ଜମି ଆବାଦ ହୋଇ ପାରୁଅଛି ଓ ସହସ୍ର ସହସ୍ର ପ୍ରଜା ଅନାବୃଷ୍ଟି 'ମରୁଡ଼ି' ଜନିତ ଶସ୍ୟହାନିରୁ ରକ୍ଷା ପାଇଁ ମୁକ୍ତକଣ୍ଠରେ ଅହର୍ନିଶ ସଚ୍ଚିଦାନନ୍ଦ ରାଜଦମ୍ପତିଙ୍କର ଯଶୋଗାନ କରୁଅଛନ୍ତି । ଏ କେନାଲର କଳ୍ପନା ରାଣୀ ଶ୍ରୀମତୀ ଡମରୁଧରପ୍ରିୟା ଦେବୀଙ୍କ ଦ୍ୱାରା ହୋଇଥିଲା ଓ ଏହି ପରିକଳ୍ପନା ରାଜା ସଚ୍ଚିଦାନନ୍ଦଙ୍କ-ଦ୍ୱାରା ଅନୁମୋଦିତ ହେବାରୁ ରାଣୀ ଡମରୁଧରପ୍ରିୟା ନିଜର ସ୍ତ୍ରୀଧନରୁ ବହୁ ଅର୍ଥ ଏହି କେନାଲ୍ ଖନନ କର୍ମରେ ବ୍ୟୟ କରୁଥିଲେ । ଉକ୍ତ କେନାଲ୍ ଖନନ ଓ ଆନିକଟ୍ ନିର୍ମାଣ କର୍ମ ସଙ୍ଗେ ଷ୍ଟେଟ୍‌ର କିଛି ସମ୍ପର୍କ ନ ଥିଲା । ରାଣୀ ମହୋଦୟା ସେଥିପାଇଁ ସ୍ୱତନ୍ତ୍ର ଇଞ୍ଜିନିଅର୍, କର୍ମଚାରୀ ଓ ମୂଲିଆ ନିଯୁକ୍ତ କରି ସେମାନଙ୍କର ସମସ୍ତ ବ୍ୟୟ ନିଜେ ବହନ କରୁଥିଲେ । ଏଥିପାଇଁ ରାଜା ସଚ୍ଚିଦାନନ୍ଦ ଉକ୍ତ କେନାଲ୍‌ର ରାଣୀ ଡମରୁଧରପ୍ରିୟାଙ୍କୁ ସ୍ୱତ୍ୱବତୀରୂପେ ସ୍ୱୀକାର କରୁଥିଲେ ଓ ଉକ୍ତ କେନାଲର ଜଳସେଚନ ଯୋଗୁଁ ଉର୍ବର ହୋଇଥିବା ଜମିରୁ ଉତ୍ପନ୍ନ ଆୟ ରାଣୀ ଡମରୁଧରପ୍ରିୟା ଭୋଗ କରି ଆସୁଅଛନ୍ତି ଓ ତାଙ୍କ ନାମ ଅନୁସାରେ ଉକ୍ତ କେନାଲର ନାମ ଡମରୁଧରପ୍ରିୟା କେନାଲ୍ D. P. Canal ହୋଇଅଛି । ଏହି କାର୍ଯ୍ୟରୁ ରାଣୀ ସାହେବାଙ୍କ ବ୍ୟାବହାରିକ ମନୋବୃତ୍ତି (Business mentality)ର ପ୍ରାଖର୍ଯ୍ୟ ଓ ଉଜ୍ଜ୍ୱଳ ଦୂରଦୃଷ୍ଟିର ସ୍ପଷ୍ଟ ପ୍ରମାଣ ମିଳୁଅଛି । ସ୍ୱନାମ-ଧନ୍ୟା ଉକ୍ତ ରାଣୀ ସାହେବା (ଯେ ସ୍ୱର୍ଗତ ରାଜା ଦିବ୍ୟଶଙ୍କରଙ୍କ ରାଜତ୍ୱ କାଳରେ ରାଜମାତା ଓ ରାଜା ଭାନୁଗଙ୍ଗଙ୍କ ରାଜତ୍ୱକାଳରେ ରାଜପିତାମହୀ ବା ବଡ଼ ଜେଜେମାତାରୂପେ ସର୍ବତ୍ର ପ୍ରଖ୍ୟାତା ହୋଇଅଛନ୍ତି) ଉକ୍ତ କେନାଲର ଭବିଷ୍ୟତ୍ ସୁରକ୍ଷା, ସଂସ୍କାର, ପରିଚାଳନ, ସ୍ୱତ୍ୱାଧିକାର ଓ ଆୟଭୋଗର ବ୍ୟବସ୍ଥା ମଧ୍ୟ କରିଅଛନ୍ତି ।

ତାଙ୍କର ଜ୍ୟେଷ୍ଠ କୁମାର [ଅଧୁନା ସ୍ୱର୍ଗତ [ବାମଣ୍ଡା ନରପତି ରାଜା ଦିବ୍ୟଶଙ୍କରଙ୍କ ପାଇଁ ରାଣୀ ନଷ୍ଟିଲ୍ୟା ଥାଇ ତାଙ୍କର ଅନ୍ୟ ଦୁଇ କୁମାର, ପଟ୍ଟାଏତ (ବର୍ତ୍ତମାନ ସିନ୍ନିଅର୍ ବଡ଼ କୁମାର) ଶ୍ରୀ ହୃଦୟନାଥ ଦେବ ଓ ସ୍ୱର୍ଗତ ଶ୍ରୀ ମୋହିନୀ-ମୋହନ ଦେବ (ବର୍ତ୍ତମାନ ପୁରୀର ଗଜପତି ମହାରାଜ ଶ୍ରୀ ରାମଚନ୍ଦ୍ର ଦେବ) ଓ ସେମାନଙ୍କ ଦାୟାଦମାନେ ଏ କେନାଲ୍‌ର ସୁରକ୍ଷା ଓ ସଂସ୍କାର ଆଦି କରି ଷ୍ଟେଟର କର୍ତ୍ତୃପକ୍ଷଙ୍କୁ କେନାଲ୍‌ଦ୍ୱାରା ସେଚିତ ସୀମାନିର୍ଦ୍ଦିଷ୍ଟ ଜମି ପାଇଁ ନିମ୍ନଲିଖିତ ରୂପେ ନିର୍ଦ୍ଧାରିତ ରାଜସ୍ୱ ଦେଉଥିବେ ଓ କେନାଲ୍ ସେଚିତ ଭୂମିର ଉତ୍ପନ୍ନ ଓ ଆୟ ଯାବଚ୍ଚନ୍ଦ୍ରାର୍କ ଭୋଗ କରିବେ, ଏହି ମର୍ମରେ ରାଣୀ ଡମରୁଧରପ୍ରିୟା ଦେବୀ ଗୋଟିଏ ୱିଲ୍ (Will) ସମ୍ପାଦନ କରିଅଛନ୍ତି; ଓ ଉକ୍ତ ୱିଲ୍ ସ୍ୱର୍ଗତ ସଚ୍ଚିଦାନନ୍ଦ ଦେବଙ୍କ ରାଜତ୍ୱ ସମୟରେ ଷ୍ଟେଟ୍‌ର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଓ ସ୍ୱୀକୃତ ହୋଇଅଛି । ଏହି କେନାଲର ରକ୍ଷଣାବେକ୍ଷଣ ଓ ସ୍ୱତ୍ୱାଧିକାର ବିଷୟରେ ଭବିଷ୍ୟତରେ ଷ୍ଟେଟ୍ କର୍ତ୍ତୃପକ୍ଷଙ୍କୁ କୌଣସି ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ନ ପଡ଼ିବ, ତହିଁର ମଧ୍ୟ ସୁବ୍ୟବସ୍ଥା ହୋଇଅଛି ଓ ଅଦ୍ୟପର୍ଯ୍ୟନ୍ତ ଷ୍ଟେଟ୍ କର୍ତ୍ତୃପକ୍ଷ ଏହି ବ୍ୟବସ୍ଥାକୁ ଅନୁମୋଦନ ଓ ପାଳନ କରି ଆସୁଅଛନ୍ତି ।

ଏହି ବ୍ୟବସ୍ଥା ଅନୁସାରେ ଶ୍ରୀମତୀ ରାଣୀ ଡମରୁଧରପ୍ରିୟା ଦେବୀ ଉକ୍ତ କେନାଲର ଭୋଗଦଖଲସ୍ୱତ୍ୱାଧିକାରିଣୀ ଅଛନ୍ତି ଓ ତାଙ୍କ ସମ୍ପାଦିତ ଦଲିଲର ସର୍ତ୍ତ ଅନୁସାରେ ତାଙ୍କ ଅନ୍ତେ ତାଙ୍କର ଉକ୍ତ କୁମାର ଦ୍ୱୟ ଏବଂ ସେମାନଙ୍କ ଉତ୍ତରାଧିକାରୀମାନେ ସ୍ୱତ୍ୱାଧିକାରୀ ହେବେ । ବର୍ତ୍ତମାନ ରାଣୀ ଡମରୁଧରପ୍ରିୟା ଓ ତାଙ୍କ ଅନ୍ତେ ତାଙ୍କ ଉକ୍ତ କୁମାରଦ୍ୱୟ ଓ ସେମାନଙ୍କ ଉତ୍ତରାଧିକାରୀଗଣ କେନାଲ୍ ଖୋଲା ହେବା ଆରମ୍ଭ କାଳରୁ ଏକଶତ ବର୍ଷ ଉକ୍ତ କେନାଲକୁ ଓ କେନାଲ୍‌ଦ୍ୱାରା ଉପକୃତ ଭୂଖଣ୍ଡକୁ ନିଷ୍କରରୂପେ ଭୋଗ କରିବେ ଓ ଏକଶତ ବର୍ଷ ପରେ ଷ୍ଟେଟକୁ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ରାଜସ୍ୱ ଦେବେ ।

ଏହି କେନାଲ୍ ଓ ଆନିକଟ୍ (ଜଳଭଣ୍ଡାର ଓ ସେତୁ)ର ରଚନ କର୍ମ ସମାପନାନ୍ତେ ରାଜା ସଚ୍ଚିଦାନନ୍ଦ ଏହି ଉପଲକ୍ଷେ ନିମନ୍ତ୍ରିତ ରାଜ୍ୟର ଓ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଓଡ଼ିଶା ଗଡ଼ଜାତ ସମୂହର ତଦାନୀନ୍ତନ ପୋଲିଟିକାଲ୍ ଏଜେଣ୍ଟ ଶ୍ରୀଯୁକ୍ତ କବ୍‌ଡେନ୍ ରାମ୍‌ସେ, ସି.ଆଇ.ଇ, ଆଇ.ସି.ଏସ୍. ମହୋଦୟ କେନାଲ୍‌କୁ ଉଦ୍‌ଘାଟନ କଲେ । ତଦୁପଲକ୍ଷେ ସାହେବ ମହୋଦୟ ଏ କେନାଲ୍‌ର ପରିକଳ୍ପନା, ତହିଁର ବ୍ୟୟନିର୍ବାହ, ସୁରକ୍ଷା ଓ ଭବିଷ୍ୟତ୍ ସ୍ୱତ୍ୱାଧିକାରର ସୁବ୍ୟବସ୍ଥା କରିଥିବା ଯୋଗୁଁ ଶ୍ରୀମତୀ ରାଣୀଙ୍କ ଭୂୟୋଦର୍ଶନ, ବ୍ୟବସାୟାତ୍ମକ ପରିକଳ୍ପନା, ସ୍ଥାପତ୍ୟ ଜ୍ଞାନ, ଜନହିତ କାମନା, ଦୂରଦୃଷ୍ଟି ଆଦି ଅସାଧାରଣ ଗୁଣମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଏହି ଡ.ପି. କେନାଲ୍‌ଦ୍ୱାରା ବାମଣ୍ଡା ରାଜ୍ୟର ୧୦୦ ବର୍ଗମାଇଲ୍ ଅଞ୍ଚଳ ଚିରକାଳ ପାଇଁ ଅନାବୃଷ୍ଟି ଜନିତ ଶସ୍ୟହାନି (ମରୁଡ଼ି)ରୁ ରକ୍ଷା ପାଇବ ଓ ଏହି ପଦ୍ଧତିର ଅନୁସରଣ କରାଯାଇ ଷ୍ଟେଟ୍‌ର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ କୂଲ୍ୟମାନ ଷ୍ଟେଟ୍‌ଦ୍ୱାରା ଖୋଦିତ ହେଲେ ସମଗ୍ର ରାଜ୍ୟ ଦିନେ ସୁଜଳା,ସୁଫଳା,ଶସ୍ୟଶ୍ୟାମଳା ହୋଇ ହସି ଉଠିବ ଓ ଷ୍ଟେଟ୍‌ବାସୀ ସହସ୍ର ସହସ୍ର ପ୍ରଜା ଅନ୍ନାଭାବ ଜର୍ଜ୍ଜରିତ ହେବେ ନାହିଁ, ଯେଉଁ ବିଦୁଷୀ ମହାମନା ରାଣୀ ଏପରି ଉଚ୍ଚ ଆଦର୍ଶ ରାଜ୍ୟରେ ପ୍ରତିଷ୍ଠିତ କରିଅଛନ୍ତି ସେ ସ୍ୱନାମକୁ (ଡମରୁଧରପ୍ରିୟା ଅର୍ଥାତ୍ ଅନ୍ନପୂର୍ଣ୍ଣା ନାମକୁ) ସାର୍ଥକ କରିଅଛନ୍ତି, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ । ଦୈବଦୁର୍ବିପାକରୁ ରାଣୀଙ୍କୁ, ପୁନଃ ବିଶେଷରେ ପାଳିତ ଲକ୍ଷାଧିକ ପ୍ରଜାଙ୍କୁ ଓ ରାଜପରିବାରଙ୍କୁ ଗଭୀର ଶୋକାର୍ଣ୍ଣବରେ ଭସାଇ ରାଜା ସଚ୍ଚିଦାନନ୍ଦ ଦେବ ୧୯୧୬ ସାଲରେ ୪୪ ବର୍ଷ ମାତ୍ର ବୟସରେ ନିତ୍ୟଧାମକୁ ବିଜେ କଲେ ।

ସଚ୍ଚିଦାନନ୍ଦଙ୍କ ଅନ୍ତେ ଯୁବରାଜ ଦିବ୍ୟଶଙ୍କର ସୁଦ୍ଧଳଦେବ ପିତୃଦେବଙ୍କ ସିଂହାସନାରୋହଣ କଲେ । ଦାରୁଣ ବିଧି ତାଙ୍କୁ ୪ ବର୍ଷ ମାତ୍ର ରାଜତ୍ୱ ପରେ ୨୯ ବର୍ଷ ବୟସରେ ୧୯୨୦ ସାଲ-ରେ ଇହ ସଂସାରରୁ ନେଇଗଲା; ଏବଂ ସେ ସମୟରେ ଦିବ୍ୟ-ଶଙ୍କରଙ୍କ ଯୁବରାଜ ଭାନୁଗଙ୍ଗ ନାବାଳଗ ଥିବାରୁ ଷ୍ଟେଟ୍ ଦୀର୍ଘ ୧୫ ବର୍ଷକାଳ ସରକାରଙ୍କ ସାକ୍ଷାତ୍ ତତ୍ତ୍ୱାବଧାନରେ ରହିଲା । ରାଜା ଭାନୁଗଙ୍ଗ ନାବାଳଗ ଅବସ୍ଥାରେ ଉପଯୁକ୍ତ ଶିକ୍ଷା ଦୀକ୍ଷା ଲାଭକରି ସାବାଳଗ ହେବାରୁ ୧୯୩୫ ସାଲ ଅଦ୍ୟରେ ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ ରୂପେ ସରକାରଙ୍କଠାରୁ ନିଜ ପୈତୃକ ରାଜ୍ୟର ଶାସନଭାର ଗ୍ରହଣ କରିଅଛନ୍ତି । ରାଜା ସଚ୍ଚିଦାନନ୍ଦ ଯେଉଁପରି ସ୍ୱୀୟ ପିତୃପଦାଙ୍କ ଅନୁସରଣ କରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତିରେ ମନ ପ୍ରାଣ ଢାଳି ଦେଇଥିଲେ ଓ ସ୍ୱର୍ଗତ ରାଜା ଦିବ୍ୟଶଙ୍କର ମଧ୍ୟ ପିତୃ ପିତାମହଙ୍କ ପଦାଙ୍କ ଅନୁସରଣ କରି ରାଜ୍ୟର ସମ୍ୟକ୍ ଚତୁର୍ଦ୍ଦିଗ ଉନ୍ନତିରେ ଲାଗିଥିଲେ, ବର୍ତ୍ତମାନ ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ ମଧ୍ୟ ପିତୃପିତାମହଙ୍କ ପଦାଙ୍କ ଅନୁସରଣ ଓ ଅନୁକରଣ କରି ନିଜ ରାଜ୍ୟର, ରାଜ-ପରିବାରଙ୍କର, ପ୍ରଜାଗଣଙ୍କର, ମାତୃଭୂମିର, ମାତୃଭାଷାର, ଓଡ଼ିଆ ସାହିତ୍ୟର ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରୁଅଛନ୍ତି ଓ 'ତୁଳସୀ ଦୁଇ ପତ୍ରରୁ ବାସିବା' ଭଳି ଏହି ସ୍ୱଳ୍ପ ୪ ବର୍ଷ ମଧ୍ୟରେ ଭାନୁଗଙ୍ଗ ସ୍ୱଦେଶବତ୍ସଳତା, ସମ୍ରାଟ୍ ଭକ୍ତି, ସ୍ୱଜାତି ପ୍ରୀତି, ମାତୃଭାଷାର ମଙ୍ଗଳ କାମନା, ସାହିତ୍ୟାନୁରାଗ ହୃଦୟବତ୍ତା, ପ୍ରଜା ପ୍ରୀତି, ସରସ୍ୱତୀ ସେବା ଓ ଦାତୃତ୍ୱର ଯେଉଁ ସୂଚନା ଦେଇଅଛନ୍ତି, ଆଶା କରାଯାଏ ଯେ, ସେ ଅଚିରେ ଉତ୍କଳ ମଣ୍ଡଳରେ ଆଦର୍ଶ ନରପତି ଶ୍ରେଣୀରେ ଗୋଟିଏ ଅସାଧାରଣ ଓ ଉଚ୍ଚ ସ୍ଥାନର ଅଧିକାରୀ ହେବେ ଓ ଦୟାପର ଏବଂ ଗୁଣଗ୍ରାହୀ ଭାରତ ସମ୍ରାଟଙ୍କ ଦ୍ୱାରା ଉପଯୁକ୍ତ ରୂପେ ସମ୍ମାନିତ ଓ ସମ୍ମାନିତ ହେବେ ।

ରାଜା ସଚ୍ଚିଦାନନ୍ଦଙ୍କ ଲୋକାନ୍ତର ପରେ ରାଜାନ୍ତଃ-ପୁରର ପୂର୍ଣ୍ଣ ପରିଚାଳନାର ଦାୟିତ୍ୱ ରାଣୀ ଡମରୁଧରପ୍ରିୟାଙ୍କ ଉପରେ ପଡ଼ିଲା । ତତ୍ପରେ ପୁଣି ଦିବ୍ୟଶଙ୍କରଙ୍କ ଲୋକାନ୍ତରଦ୍ୱାରା ଦିବ୍ୟଶଙ୍କରଙ୍କର ଅଳ୍ପବୟସ୍କା, ବୈଧବ୍ୟବଧୂରା

ରାଣୀ କନକମଞ୍ଜରୀଙ୍କୁ ସାନ୍ତ୍ୱନା ଦେବା ଛଡ଼ା ରାଜାନ୍ତଃପୁରର ଓ ରାଜପରିବାରଙ୍କ ନିକଟକୁ ଦେବଗଡ଼କୁ ସମାଗତ ଅତିଥିମାନଙ୍କ ପରିଚର୍ଯ୍ୟାର ଭାର ମଧ୍ୟ ତାଙ୍କ ଉପରେ ପଡ଼ିଲା । ପୂର୍ବେ ରାଜା ସର୍ ବାସୁଦେବଙ୍କ ଓ ସଚ୍ଚିଦାନନ୍ଦଙ୍କ ରାଜତ୍ୱରେ ବାମଣ୍ଡାର ଧନଭଣ୍ଡାରର ଦ୍ୱାର ଉତ୍କଳର ଓ ବଙ୍ଗଦେଶ ଆଦିର ପଣ୍ଡିତ, ବ୍ରାହ୍ମଣ, ଦୁଃସ୍ଥ ଓ ଆତୁର ବ୍ୟକ୍ତିମାନଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ରହିଥିଲା । ବାମଣ୍ଡା ରାଜଦ୍ୱାରରୁ କୌଣସି ପ୍ରାର୍ଥୀ ପୂର୍ଣ୍ଣମନୋରଥ ନ ହୋଇ ଫେରୁ ନ ଥିଲେ । ରାଜା ଦିବ୍ୟଶଙ୍କରଙ୍କର ୪ ବର୍ଷ ବ୍ୟାପୀ ରାଜତ୍ୱରେ ମଧ୍ୟ ବାମଣ୍ଡାର ରାଜଭଣ୍ଡାରରୁ ଦାନସ୍ରୋତ ତାଙ୍କ ପିତୃପିତାମହଙ୍କ ଅମଳ ପରି ବହୁଥିଲା । ଷ୍ଟେଟ୍‌ର କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ପରିଚାଳନାକୁ ଆସିବା ସମୟରେ ଏ ସ୍ରୋତର ଗତି ମନ୍ଦ ହେଲା । ଏହା ଦେଖି ରାଣୀ ଡମରୁଧରପ୍ରିୟାଙ୍କ ସତତ ଦାନପୂତ ମନରେ ଆଘାତ ଲାଗିଲା । ସେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କୁ ବାରମ୍ବାର ଜଣାଇ ଖଇରାତ୍ ଓ ସାହାଯ୍ୟଦାନ ପାଇଁ ରାଜକୋଷରୁ ଅର୍ଥସଂସ୍ଥାନର ବ୍ୟବସ୍ଥା କରାଇଥିଲେ ଓ ଯେଉଁଠାରେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ପ୍ରଦତ୍ତ ସାହାଯ୍ୟ ବାମଣ୍ଡା ରାଜବଂଶର ପ୍ରତିଷ୍ଠା ଓ ସୁନାମ ତୁଳନାରେ ଯଥେଷ୍ଟ ବୋଲି ସେ ବିବେଚନା କରୁ ନ ଥିଲେ, ସେ ସ୍ଥଳରେ ସେ ନିଜର ବ୍ୟକ୍ତିଗତ ବ୍ୟୟ ନିମନ୍ତେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଦ୍ୱାରା ଖଞ୍ଜା ଧନରୁ ଅପଣା ଶ୍ରୀହସ୍ତବାକ୍ସରୁ ଧନ କାଢ଼ି ସେ ଦାନ ବା ସାହାଯ୍ୟକୁ ପୂର୍ଣ୍ଣାଙ୍ଗ କରୁଥିଲେ । ଏମନ୍ତ କି, ନିଜର ବ୍ୟକ୍ତିଗତ ସୌଖ୍ୟ ଓ ବ୍ୟବହାର୍ଯ୍ୟ ବସ୍ତ୍ରାଦି ପାଇଁ ଖଞ୍ଜା ଥିବା ଧନକୁ ଉତ୍ତମ କାର୍ଯ୍ୟରେ ବ୍ୟୟ କରି ପଣ୍ଡିତ ଓ ଦୁଃସ୍ଥମାନଙ୍କ ସହାୟରେ ତାହା ପ୍ରସନ୍ନାନ୍ତଃକରଣରେ ବିନିଯୋଜିତ କରୁଥିଲେ ଓ ଯେଉଁ ସ୍ଥାନରେ ଜଳର ଅଭାବ ଥିବା କଥା ତାଙ୍କ କାନରେ ପଡ଼ୁଥିଲା ସେଠାରେ କୂପ, ତଡ଼ାଗାଦି ନିଜ ବ୍ୟୟରେ କରି ଦେଉଥିଲେ । ସାଧାରଣତଃ ଦେଖାଯାଏ ଯେ, ରାଜାଙ୍କ ମୃତ୍ୟୁ ପରେ ଓ ନାବାଳଗ ରାଜାଙ୍କ ରାଜ୍ୟପ୍ରାପ୍ତି ପୂର୍ବରୁ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଅମଳରେ ପାରିବାରିକ ଅନେକ କଥା ପାଇଁ କୋର୍ଟ୍‌ଅଫ୍ ୱାର୍ଡ୍‌ସ୍‌ଙ୍କ ନିଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ଓ ରାଜପରିବାରଙ୍କ ମଧ୍ୟରେ ମତଭେଦ ଓ ବିବାଦ ଘନତା ଓ ଜଟିଳତା ଧାରଣ କରେ; କିନ୍ତୁ ରାଣୀ ଡମରୁଧରପ୍ରିୟାଙ୍କ ଦୂରଦୃଷ୍ଟି, କର୍ମକୁଶଳତା ଓ ସରକାରଙ୍କ ସଙ୍ଗେ ଅଳି କରିବାରେ ନୈପୁଣ୍ୟ ଓ କୌଶଳ ଯୋଗୁଁ ବାମଣ୍ଡା ରାଜବଂଶର ଦାତୃତ୍ୱଯଶଃ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଅମଳରେ କଳଙ୍କିତ ହୋଇ ପାରି ନ ଥିଲା । ଶ୍ୱଶ୍ରୂଙ୍କ ଆଦର୍ଶ, ଆଚାର ଓ ଆଚରଣରେ ପ୍ରଭାବିତ ହୋଇ ବଧୂ [ଦିବ୍ୟଶଙ୍କରଙ୍କ ରାଣୀ ଶ୍ରୀମତୀ କନକମଞ୍ଜରୀ ଦେବୀ ବର୍ତ୍ତମାନ ରାଜମାତା] ମଧ୍ୟ ଦୟା ଦାକ୍ଷିଣ୍ୟାଦି ସମସ୍ତ ଗୁଣରେ ବିଭୂଷିତା ହୋଇଅଛନ୍ତି । ସଚ୍ଚିଦାନନ୍ଦଙ୍କ ନାମକୁ ସ୍ମରଣୀୟ କରିବା ପାଇଁ ରାଜା ଦିବ୍ୟଶଙ୍କର ଦେବଗଡ଼ରେ ଯେଉଁ 'ସଚ୍ଚିଦାନନ୍ଦ ଲାଇବ୍ରେରୀ' ସ୍ଥାପନ କରିଥିଲେ, ତାହାର ମୂଳରେ ରାଜମାତା ଡମରୁଧରପ୍ରିୟାଙ୍କ ପ୍ରେରଣା ବିଦ୍ୟମାନ ଥିଲା । ଦିବ୍ୟଶଙ୍କରଙ୍କ ଦେହତ୍ୟାଗ ପରେ ଉକ୍ତ ଲାଇବ୍ରେରୀର ପୁଷ୍ଟି ଓ ଉନ୍ନତି ପାଇ ରାଜପିତାମହୀ [ଡମରୁଧରପ୍ରିୟା] ଓ ରାଜମାତା [କନକମଞ୍ଜରୀ] ସର୍ବଦା ସଦୟ ଦୃଷ୍ଟି ରଖି ଅଛନ୍ତି । ଏପରି ବଧୂନୁରାଗିଣୀ ଶ୍ୱଶ୍ରୂ ଓ ଶ୍ୱଶ୍ରୂଙ୍କ ପ୍ରତି ପ୍ରେମଭକ୍ତିମୟୀ ବଧୂ, ରାଜସଂସାର କଥା ଛାଡ଼ନ୍ତୁ, ସମାଜରେ ଅନ୍ୟତ୍ର ମଧ୍ୟ ଦୁର୍ଲଭ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସବୁ ବିଷୟରେ ପରାମର୍ଶ କରି କର୍ମ କରନ୍ତି । ଶ୍ରୀମତୀ ଡମରୁଧରପ୍ରିୟା ମହାଦେବୀ ଓ ଶ୍ରୀମତୀ କନକମଞ୍ଜରୀ ମହାଦେବୀଙ୍କ ବିଦ୍ୟାନୁରାଗ, ମାତୃଭାଷାନୁରାଗ ଓ ସାହିତ୍ୟାନୁରାଗ ଫଳରେ ବହୁ ପଣ୍ଡିତ, ଲେଖକ ଓ ଗ୍ରନ୍ଥକାର ଅର୍ଥସାହାଯ୍ୟ ପାଇ ଅଛନ୍ତି ଓ ଅନେକ ଦୁଃସ୍ଥ ଲେଖକ ସେମାନଙ୍କ ଗ୍ରନ୍ଥମାନ ମୁଦ୍ରିତ କରିପାରିଅଛନ୍ତି । କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍ ଅମଳରେ ବାମଣ୍ଡା ରାଜବଂଶର ପୂର୍ବତନ ଦାତୃତ୍ୱର ଯଶଃସୌରଭ ଅକ୍ଷୁଣ୍ଣ ହୋଇ ଦେବଗଡ଼କୁ ସମାଗତ କୌଣସି ପ୍ରାର୍ଥୀ ଶୂନ୍ୟହସ୍ତରେ ବାହୁଡ଼ି ଯିବେ, ଏକଥା ରାଜମାତା ଓ ରାଜପିତାମହୀ ଉଭୟଙ୍କୁ ଅସହ୍ୟ ହେଉଥିଲା ଓ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଅମଳରେ ବିମୁଖ ହୋଇ ଫେରୁଥିବା କୌଣସି ଅନୁସରଣିଆଁଙ୍କ ସମ୍ବାଦ ଏହି ଦୁଇ ଦାନୀଙ୍କ କାନରେ ପଡ଼ିବା ମାତ୍ରେ ଅନ୍ତଃପୁରରୁ ତାଙ୍କ ପାଇଁ ଯଥୋଚିତ ବିଦାକ, ବାଟଖରଚ ଓ ସିଧାସଞ୍ଚା ଅନତିବିଳମ୍ବେ ପ୍ରେରିତ ହେଉଥିଲା ।

ଭଗବାନଙ୍କ ଅପାର କରୁଣାରୁ ରାଜପିତାମହୀ ଡମରୁଧରପ୍ରିୟା ପୁତ୍ର, ପୁତ୍ରୀ, ଜାମାତା, ବଧୂ, ପୁତୁରା, ପୌତ୍ର, ପୌତ୍ରୀ, ପ୍ରପୌତ୍ର, ପ୍ରପୌତ୍ରୀ, ଦୌହିତ୍ର, ଦୌହିତ୍ରୀ ଆଦିଙ୍କ ଦ୍ୱାରା ପରିବେଷ୍ଟିତା ହୋଇ ସେମାନଙ୍କୁ ଲାଳନ ପାଳନ କରି ରାଜବାଟିର ପୁଣ୍ୟଶ୍ରୀ ବର୍ଦ୍ଧନ କରୁଅଛନ୍ତି । ରାଜା ଦିବ୍ୟଶଙ୍କର ଓ ରାଜା ଭାନୁଗଙ୍ଗ ରାଜକାର୍ଯ୍ୟ ଓ ରାଜନୀତିକ ବିଷୟରେ ମଧ୍ୟ ମାତାଙ୍କର ଓ ପିତାମହୀଙ୍କ ପରାମର୍ଶ ନେଉଥିଲେ ଓ ନେଉଅଛନ୍ତି ।

ବର୍ତ୍ତମାନ ରାଜପିତାମହୀ ପଅଁଶଠି ବର୍ଷ ବୟସରେ ନିଜର ଦୈନନ୍ଦିନ ଜୀବନକୁ ଯେଉଁପରି କର୍ମମୟ ଓ ଆଳସ୍ୟହୀନ କରିଅଛନ୍ତି, ତାହା ଶୁଣିଲେ ତାଙ୍କ ପ୍ରତି ଭକ୍ତି ଓ ବିସ୍ମୟ ଯୁଗପତ୍ ମନରେ ଉଦିତ ହୁଏ ।

ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତର ବହୁ ପୂର୍ବରୁ, ଅର୍ଥାତ୍ ଭୋର୍ ୩ଟା ସମୟରେ ଶଯ୍ୟାତ୍ୟାଗ କରି ରାତି ୧୦ଟା ବେଳେ ସେ ପୁଣି ଶଯ୍ୟା ଆଶ୍ରୟ କରନ୍ତି । ଶଯ୍ୟାତ୍ୟାଗ କରି ରାଜପରିବାରର ଆବାଲବୃଦ୍ଧବନିତା ଓ ଦାସଦାସୀ ପରିଜନ ଓ ପୋଷ୍ୟବର୍ଗଙ୍କ ସ୍ୱାସ୍ଥ୍ୟ ଓ କୁଶଳ ସ୍ୱୟଂ ପରିଦର୍ଶନ କରି ରୁଗ୍ଣବ୍ୟକ୍ତିଙ୍କ ପାଇଁ ଚିକିତ୍ସା, ଔଷଧ ଓ ପଥ୍ୟାଦିର ବ୍ୟବସ୍ଥା କରି ନିଜର ଦୈନନ୍ଦିନ ଶୌଚାଦି ସମାପନାନ୍ତେ ସ୍ନାନ କରି ସେ ଦେବାର୍ଚ୍ଚନରେ ନିଯୁକ୍ତା ହୁଅନ୍ତି ; ତତ୍ପରେ ରାଜକୀୟ ପାକଶାଳାରେ ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଓ ରୋଗୀମାନଙ୍କ ପାଇଁ ପଥ୍ୟାଦି ପ୍ରସ୍ତୁତ କରାଯିବାର ବ୍ୟବସ୍ଥା କରି, ଗୃହପାଳିତ ପଶୁପକ୍ଷୀ ଓ ଗୋମହିଷାଦିଙ୍କ ତତ୍ତ୍ୱ ନିଅନ୍ତି । ତତ୍ପରେ ରାଜଦ୍ୱାରକୁ ସମାଗତ ଅତିଥି, ଅଭ୍ୟାଗତ, ସାଧୁ, ସନ୍ଥ, ପଣ୍ଡିତ ଓ ବନ୍ଧୁମାନଙ୍କ ସମ୍ବାଦ ଓ ଚର୍ଚ୍ଚା ବୁଝନ୍ତି ଓ ସେମାନଙ୍କ ପାଇଁ ସିଧା, ସଞ୍ଚା,

ବଢ଼, ଅଗୁର, ଢାଇଁବାଛ ଆଦି ପଠାନ୍ତି; ତତ୍‌ପରେ ରାଜ-ପରିବାରର ସମସ୍ତ ବ୍ୟକ୍ତିଙ୍କର ଭୋଜନ କିମ୍ବାର ତନଖି ନିଜେ କରନ୍ତି ଏବଂ ରାଜବାଟୀର ଭିତରେ ଏବଂ ବାହାରେ ସମସ୍ତଙ୍କର ଭୋଜନାଦିର ସମାପ୍ତି ପରେ 'ଦିବସସ୍ୟାଷ୍ଟମେଭାଗେ' ବେଳ ଗଡ଼ିଲା ବେଳକୁ ହବିଷ୍ୟାନ୍ନ ପ୍ରଭୁଙ୍କୁ ନିବେଦନ କରି ଜୀବନ-ମାତ୍ର-ଧାରଣୋପଯୋଗୀ ମାତ୍ରାରେ ସେବା କରନ୍ତି । ତତ୍‌ପରେ ତାଙ୍କ ନିକଟକୁ ଆସିଥିବା ପତ୍ର ଆଦି ପାଠ କରି ସ୍ୱହସ୍ତରେ ପତ୍ରମାନଙ୍କ ଉତ୍ତର ଲେଖନ୍ତି ଓ ସମ୍ବାଦପତ୍ର ପତ୍ରିକା ଆଦି ପାଠ କରନ୍ତି । ଅପରାହ୍ଣରେ ପୁଣି ରାଜପରିବାରର ବ୍ୟକ୍ତି ଓ ରାଜାତିଥି ଓ ଅଭ୍ୟାଗତ ଓ ସମାଗତ ବନ୍ଧୁବାନ୍ଧବମାନଙ୍କ ତତ୍ତ୍ୱ ବୁଝି ଓ ସେମାନଙ୍କ ରାତ୍ରିଭୋଜନ ପାଇଁ ବ୍ୟବସ୍ଥା କରି ସାହିତ୍ୟାଲୋଚନା କରନ୍ତି; ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦି ଆଦି ଭାଷାରେ ବହୁ ଉପାଦେୟ ଗ୍ରନ୍ଥ, ପୁରାଣ, ଶାସ୍ତ୍ର, ବିଜ୍ଞାନ, ଚିତ୍ରକଳା, ଚିକିତ୍ସା, ଗୋପାଳନ, ସଙ୍ଗୀତବିଦ୍ୟା ଆଦିର ଚର୍ଚ୍ଚା କରନ୍ତି; ସନ୍ଧ୍ୟା ପୂର୍ବରୁ ରାଜପାଳିତ ହସ୍ତୀ, ଅଶ୍ୱ, ଗୋମହିଷାଦିଙ୍କ ଭୋଜନ କଥା ରାଜବାଟୀର ଦ୍ୱିତଳରେ ନିଜେ ରହି ସ୍ୱଚକ୍ଷୁରେ ଦେଖନ୍ତି; ସନ୍ଧ୍ୟାବେଳେ ଦେବାରାଧନ, ପୁରାଣ ଶ୍ରବଣ, ନାମ-କୀର୍ତ୍ତନରେ କେତେକ ସମୟ ବ୍ୟୟ କରନ୍ତି । ତତ୍‌ପରେ ରାଜ୍ୟ-ଶାସନ ଓ ପ୍ରଜାମାନଙ୍କ ମଙ୍ଗଳ ସମ୍ବନ୍ଧେ ସମ୍ବାଦମାନ ସ୍ୱପୁତ୍ର-ପୌତ୍ରାଦିଙ୍କଠାରୁ ତଥା ଭାରପ୍ରାପ୍ତ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ବୁଝି ଆବଶ୍ୟକ ସ୍ଥଳରେ ସେମାନଙ୍କୁ ଯଥୋଚିତ ଉପଦେଶ ମଧ୍ୟ ଦିଅନ୍ତି; ତତ୍‌ପରେ ରାଜବାଟୀର ରୋଗୀମାନଙ୍କ ଚିକିତ୍ସା, ସେବା ଓ ପଥ୍ୟ ଆଦି ଓ ରାଜପରିବାରର ଆବାଲବୃଦ୍ଧବନିତାଙ୍କର ରାତ୍ରିଭୋଜନ ବିଷୟ ବୁଝନ୍ତି ଓ ସିଂହଦ୍ୱାରରେ ଉପସ୍ଥିତ ଖାଦ୍ୟାର୍ଥୀ ଅଭ୍ୟାଗତଙ୍କ ତତ୍ତ୍ୱ ବୁଝନ୍ତି । କଥିତ ଅଛି, କାଶୀରେ ମା ଅନ୍ନପୂର୍ଣ୍ଣାଙ୍କ କରୁଣାବଳରୁ ରାତିରେ କେହି ଜଣେ ଉପବାସୀ ରହନ୍ତି ନାହିଁ । ସେହିପରି ବାମଣ୍ଡାର ଅନ୍ନପୂର୍ଣ୍ଣାରୂପିଣୀ ରାଜ-ପିତାମହୀଙ୍କ ତୀକ୍ଷ୍ଣ ଦୃଷ୍ଟି ଫଳରେ ରାଜବାଟୀର ଚତୁଃସୀମାରେ ଓ ସିଂହଦ୍ୱାରକୁ ସମାଗତ କୌଣସି ବ୍ୟକ୍ତି ଉପବାସୀ ରହନ୍ତି ନାହିଁ ।

ସମସ୍ତଙ୍କ କାର୍ଯ୍ୟ ବୁଝା ହେବା ପରେ ରାତ୍ରି ୧୦ଟା ବେଳେ ରାଜପିତାମହୀ ବିଶ୍ରାମାର୍ଥ ନିଦ୍ରାଦେବୀଙ୍କ ଆଶ୍ରୟ ଗ୍ରହଣ କରନ୍ତି । ଏକାଧାରରେ ରାଜନୀତିଜ୍ଞା, ରାଜକାର୍ଯ୍ୟାଭିଜ୍ଞା, ପରାମର୍ଶ-ଦାତ୍ରୀ, ଧାତ୍ରୀ, ରକ୍ଷକ, ଅନ୍ତଃପୁର ପରିଚାଳିକା, ପ୍ରଜାପାଳିକା, ବାଣୀଅର୍ଥିକା ଆଦିଙ୍କ କର୍ମ ଜଣେ ମହିଳାଙ୍କଦ୍ୱାରା ସନ୍ତୋଷ-ଜନକରୂପେ ସମାହିତ ହେବାର ଉଦାହରଣ, ଏହା ଉତ୍କଳରେ ନାହିଁ, ଭାରତରେ ବିରଳ । ତାଙ୍କ ପରି ଆଦର୍ଶଚରିତ୍ରା, ଗୁଣବତୀ, ବୁଦ୍ଧିମତୀ, ବିଦୁଷୀ, ବିଦ୍ୟାନୁରାଗିଣୀ, ଦାତ୍ରୀ, କର୍ମପଟୁ ଜେଜେମାତାଙ୍କୁ ପାଇ ରାଜା ଭାନୁଗଙ୍ଗ ଭାଗ୍ୟବାନ୍ ହୋଇ-ଅଛନ୍ତି । ତାଙ୍କ ପରି ଶାଶୁଙ୍କୁ ପାଇ ରାଜମାତା ସୁଖ ଓ ଶାନ୍ତି ଲାଭ କରୁଅଛନ୍ତି । ଭୀଷ୍ମ ଯେଉଁ ପରି ରାଜ୍ୟର ସମସ୍ତଙ୍କର ପିତାମହ ଥିଲେ, ଉମାରୁଦ୍ରପ୍ରିୟା ସେହିପରି ବାମଣ୍ଡା ରାଜ୍ୟର ଆବାଲ-ବୃଦ୍ଧବନିତାଙ୍କ 'ଜେଜେମାତା' ରୂପେ ଓ ରାଜ୍ୟର ରାଜ୍ୟଶ୍ରୀରୂପେ ବାମଣ୍ଡାର ଅନ୍ତଃପୁରକୁ ସ୍ୱୀୟ ଅସାଧାରଣ ଗୁଣରାଶିର ଗରିମାରେ ଓ ଔଜ୍ଜ୍ୱଲ୍ୟରେ ଉଦ୍ଭାସିତ କରିଅଛନ୍ତି । ଏ ସନ୍ଦର୍ଭର ଲେଖକ ସପ୍ତାହାଧିକକାଳ ଏକାଧିକ ଥର ବାମଣ୍ଡା ରାଜବଂଶର ତଥା ଜେଜେମାତାଙ୍କ ଆତିଥ୍ୟ ଓ ଦାତୃତ୍ୱ ଲାଭ କରି ତାଙ୍କର ଦୈନିକ କାର୍ଯ୍ୟନିର୍ଘଣ୍ଟକୁ ଲକ୍ଷ୍ୟ କରିବାର ସୁବିଧା ପାଇଅଛି । ଆଳସ୍ୟ, କ୍ଳାନ୍ତି, ଅବସାଦ, ଏ ଶବ୍ଦମାନ ଉମାରୁଦ୍ରପ୍ରିୟାଙ୍କ ଅଭିଧାନରେ ନାହିଁ । ତାଙ୍କ ଆଦର୍ଶରେ ଅନୁପ୍ରାଣିତା ପୁତ୍ରବଧୂ (ରାଜମାତା) ଓ ପୌତ୍ରବଧୂ (ରାଣୀସାହେବା) ଆଦର୍ଶ ରମଣୀ ହୋଇଅଛନ୍ତି; ଏହା ସ୍ୱତଃସିଦ୍ଧ ।

ସନ୍ଦର୍ଭ ଲେଖକ
ଏ ଗ୍ରନ୍ଥର
ସମ୍ପାଦକ ।

ସଚ୍ଚିଦାନନ୍ଦ ମଠ—ଶ୍ରୀଚୈତନ୍ୟ ଦେବଙ୍କ ନିଜଜନ ବସ୍ତୁ ପାଦ ଶ୍ରୀମତ୍
Sachchidānanda maṭha ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁରଙ୍କ ନାମାନୁସାରେ ଶ୍ରୀଚୈତନ୍ୟପଦାଙ୍କିତ ଭୂମି କଟକରେ ଖ୍ରୀଷ୍ଟାବ୍ଦ ୧୯୨୬ ସାଲ ୧୧ ତାରିଖ ଜୁଲାଇ ଦିବସ ଶ୍ରୀଗୌଡ଼ୀୟମଠାଚାର୍ଯ୍ୟ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁର ଏହି ମଠ ସ୍ଥାପନ କରିଥିଲେ। ଏହି ମଠ ଶ୍ରୀଧାମ ମାୟାପୁର ନବଦ୍ୱୀପ ଶ୍ରୀଚୈତନ୍ୟ ମଠର ଗୋଟିଏ ଶାଖାମଠ ଓ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ସଭ୍ୟବୃନ୍ଦଙ୍କଦ୍ୱାରା ପରିଚାଳିତ। ଶ୍ରୀମତ୍ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର ୧୮୬୮ ସାଲରେ କଟକକୁ ଆଗମନ କରି ସ୍ଥାନୀୟ ଶିକ୍ଷିତ ସମାଜରେ ଶ୍ରୀଚୈତନ୍ୟମହାପ୍ରଭୁଙ୍କର କଥା କୀର୍ତ୍ତନ କରିଥିଲେ। କିଛି ଦିନ ପରେ ଭଦ୍ରକରେ ଅବସ୍ଥାନ କାଳରେ "ମଠ୍ସ୍ ଅଫ୍ ଓଡ଼ିଶା" (Maths of Orissa) ନାମକ ପୁସ୍ତକ ଲେଖିଲେ। ଇଂରାଜୀ ୧୮୭୧ ସାଲରେ ପୁଣି ଠାକୁର କଟକ ଓ ପୁରୀରେ ଅବସ୍ଥାନ କରି ଶ୍ରୀଜଗନ୍ନାଥ ମନ୍ଦିରର ଅଧ୍ୟକ୍ଷତା, ଅଭକ୍ତ ମତବାଦନିରାସ ଓ ଭାଗବତ ସଂସଦ୍ ସ୍ଥାପନ କରି ଶୁଦ୍ଧଭକ୍ତିର କଥା ପ୍ରଚାର କରିଥିଲେ। ଭକ୍ତିବିନୋଦ ଧାରାରେ ସଚ୍ଚିଦାନନ୍ଦ ସେବାର କଥା ପ୍ରଚାର କରିବା ପାଇଁ ଶ୍ରୀଗୌଡ଼ୀୟମଠାଚାର୍ଯ୍ୟ ଓଡ଼ିଶାର ରାଜଧାନୀ କଟକ ନଗରରେ ଏହି ମଠ ସ୍ଥାପନ କରି ଯାଇଅଛନ୍ତି।

ପ୍ରଥମେ କାଠଯୋଡ଼ୀନଦୀତୀରସ୍ଥ ଗଣେଶଘାଟରେ, ତତ୍ପରେ ହରିହରଘାଟରେ ମଠାଳୟ ପ୍ରତିଷ୍ଠିତ ହୋଇଥିଲା। ଏହିଠାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ବିଗ୍ରହ ପ୍ରତିଷ୍ଠାପିତ ହୋଇଥିଲେ। ସେହିଠାରୁ ମଠାଳୟ ଓଡ଼ିଆବଜାରକୁ ସ୍ଥାନାନ୍ତରିତ ହେବାରୁ ସଚ୍ଚିଦାନନ୍ଦ ମଠରେ ୨୬ ଜୁନ ୧୯୨୮ ସାଲରେ ଶ୍ରୀ ଶ୍ରୀ ବିନୋଦରମଣ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠିତ ହେଲେ। ଏହି ସମୟରେ ଶ୍ରୀଯୁକ୍ତ ଚିନ୍ତାମଣି ନାୟକ ନାମକ ଜଣେ ବ୍ୟକ୍ତି ନିଜ ଗୃହରେ ଅଷ୍ଟପ୍ରହର ଛଡ଼ାକୀର୍ତ୍ତନର ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଆବଜାର ସଚ୍ଚିଦାନନ୍ଦ ମଠକୁ ଆସି ଶ୍ରୀଗୌଡ଼ୀୟମଠାଚାର୍ଯ୍ୟଙ୍କର ଅନୁଗତ ତଦାନୀନ୍ତନ ମଠରକ୍ଷକଙ୍କ ନିକଟରେ ଛଡ଼ାକୀର୍ତ୍ତନର ସିଦ୍ଧାନ୍ତ ବିରୋଧ ଓ ରସାଭାସ ଦୋଷର କଥା ସଦ୍ୟୁକ୍ତି ଓ ଶାସ୍ତ୍ରବାକ୍ୟ ଓ ମହାଜନବାକ୍ୟର ପ୍ରମାଣ ସହିତ ଶ୍ରବଣ କରିଥିଲେ। ଚିନ୍ତାମଣି ବାବୁ ଦିନେ ସ୍ୱପ୍ନରେ ଦେଖିଲେ ଯେ, ସଚ୍ଚିଦାନନ୍ଦ ମଠର ଶ୍ରୀଗୌରବିନୋଦରମଣ ଜୀଉ ତାଙ୍କ ଘରେ ଉପସ୍ଥିତ ହୋଇଛନ୍ତି। ଏହି ସ୍ୱପ୍ନ ଦେଖି ସେ ତାଙ୍କ କାଶୀକେଳ ଉଦ୍ୟାନସ୍ଥିତ, ପୁଷ୍କରିଣୀ ସହ ଏକ ଏକର ଜମି ସଚ୍ଚିଦାନନ୍ଦ ମଠ ନାମରେ ସମର୍ପଣ କରିବାକୁ କୃତସଂକଳ୍ପ ହେଲେ। ପରେ କଟକର ସ୍ୱର୍ଗଗତ ରାଜକୃଷ୍ଣ ସରକାରଙ୍କର ଭକ୍ତିମତୀ ସହଧର୍ମିଣୀ ଶ୍ରୀଯୁକ୍ତା ବିନୋଦିନୀ ଦାସୀ ଏହି ଜମିରେ ଗୋଟିଏ ଛୋଟ ମନ୍ଦିର ନିର୍ମାଣ କରାଇ ଦେଇଅଛନ୍ତି। ରସୁଲକୁଣ୍ଡାର ବର୍ତ୍ତମାନ ବ୍ୟବସାୟୀ ଶ୍ରୀଯୁକ୍ତ ରାଜଗୋପାଳ ସ୍ୱରୂପ ଭକ୍ତ ମଠ ସଂଲଗ୍ନ ଭକ୍ତସଙ୍ଘାରାମ ନିର୍ମାଣ ବ୍ୟୟ ବହନ କରିଅଛନ୍ତି।

ସଚ୍ଚିଦାନନ୍ଦ ମଠରୁ ଶ୍ରୀଗୌଡ଼ୀୟମଠାଚାର୍ଯ୍ୟଙ୍କର ଆଦେଶରେ ଉତ୍କଳ ଭାଷାରେ ଭକ୍ତିଗ୍ରନ୍ଥସମୂହ ମୁଦ୍ରିତ ଓ ପ୍ରଚାରିତ ହେଉଅଛି। ହରିନାମ ଚିନ୍ତାମଣି, ଗୀତାବଳୀ, ଶରଣାଗତି ଓ କଲ୍ୟାଣ କଳ୍ପତରୁ ପ୍ରଭୃତି ଗ୍ରନ୍ଥ ପରମାର୍ଥ ସାହିତ୍ୟର ଏକ ଅବଦାନ। ୧୮ ମଇ, ୧୯୩୨ ସାଲରୁ ଏହି ମଠରୁ "ପରମାର୍ଥୀ" ନାମକ ପାକ୍ଷିକ ପତ୍ର ପ୍ରକାଶିତ ହେଉଅଛି। ଗଞ୍ଜାମ ବ୍ରହ୍ମପୁରର ପ୍ରସିଦ୍ଧ କବିରାଜ ଶ୍ରୀ ମଧୁସୂଦନ ଶର୍ମା ମହୋଦୟ 'ପରମାର୍ଥୀ' ଓ ପରମାର୍ଥ-ସାହିତ୍ୟ ପ୍ରଚାର ପାଇଁ ଗୋଟିଏ ମୁଦ୍ରାଯନ୍ତ୍ର ଦାନ କରିଅଛନ୍ତି। ଏହି 'ପରମାର୍ଥୀ ପ୍ରିଣ୍ଟିଙ୍ଗ୍ ୱାର୍କସ୍' ସଚ୍ଚିଦାନନ୍ଦ ମଠର ଭକ୍ତିସାହିତ୍ୟ ମୁଦ୍ରଣ ଓ ପ୍ରଚାରାଳୟ ଅଟେ। ବାହୁଡ଼ା ଦଶମୀଠାରୁ ଏହି ମଠରେ ଏକପକ୍ଷବ୍ୟାପୀ ବାର୍ଷିକ ହରିକୀର୍ତ୍ତନ-ମହାମହୋତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟହ ପଲ୍ଲୀରେ ପଲ୍ଲୀରେ ଶୁଦ୍ଧ ହରିକଥା ପ୍ରଚାର ଓ ପ୍ରତ୍ୟହ ଶ୍ରୀଚୈତନ୍ୟ ଭାଗବତ, ଶ୍ରୀଗୀତା ଓ ଶ୍ରୀଚୈତନ୍ୟଚରିତାମୃତ ପାଠ ଓ ବ୍ୟାଖ୍ୟା ହୋଇଥାଏ। ସମୟ ସମୟରେ ଶ୍ରୀଗୌଡ଼ୀୟ ମଠାଚାର୍ଯ୍ୟ ଏଠାକୁ ଆଗମନ କରି କଟକବାସୀ ସଜ୍ଜନବୃନ୍ଦଙ୍କ ନିକଟରେ ହରିକଥାମୃତ ବିତରଣ କରିଥାଆନ୍ତି। କଟକ ରେଭେନ୍ସା କଲେଜର ପ୍ରବୀଣ ଅଧ୍ୟାପକ ଆଚାର୍ଯ୍ୟ ଶ୍ରୀଯୁକ୍ତ ନିଶିକାନ୍ତ ସାନ୍ୟାଲ୍, ଏମ୍. ଏ. ଭକ୍ତିସୁଧାକର, ଭକ୍ତିଶାସ୍ତ୍ରୀ ମହୋଦୟ ବର୍ତ୍ତମାନ ଶ୍ରୀ ସଚ୍ଚିଦାନନ୍ଦ ମଠର ମଠରକ୍ଷକ।

(ଲେଖକ—ମହାମହୋପଦେଶକ ଶ୍ରୀ ସୁନ୍ଦରାନନ୍ଦ ବିଦ୍ୟାବିନୋଦ ବି. ଏ.)।

ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀ—ଓଡ଼ିଶା ଗଡ଼ଜାତ ରାଜ୍ୟ ମଧ୍ୟରୁ ନୟାଗଡ଼
Sachhidānanda Saraswati swāmi ରାଜ୍ୟସ୍ଥ ନିଜଗଡ଼ ରଥଗଡ଼ା ସାସ୍ନ ପରିହାଟ (ଭଟ୍ଟ ମିଶ୍ର) ଉଚ୍ଚ ବୈଦିକ ବ୍ରାହ୍ମଣକୁଳରେ ସନ ୧୩୧୧ ସାଲ ମେଷ ୧୩ ଦିନ ବୈଶାଖ ଶୁକ୍ଳ ନବମୀ ତିଥିରେ ଏ ଜନ୍ମଗ୍ରହଣ କରିଥିଲେ।

ଏହାଙ୍କ ପୂର୍ବପୁରୁଷମାନଙ୍କର ଆଦ୍ୟ ବାସସ୍ଥାନ ପୁରୀ ଜିଲ୍ଲାର ରାହାଙ୍ଗ ପ୍ରଗଣାର ବୀରନରସିଂହପୁର ଶାସନର ପ୍ରଥମ ଶ୍ରେଣୀରେ ଥିଲା।

ଏହାଙ୍କ ପିତା ସ୍ୱର୍ଗୀୟ ବାଇଧର ମିଶ୍ର ଓ ମାତା ସ୍ୱର୍ଗୀୟା ଅପସ୍ୱରା ଦେବୀ।

ମାତା ଅପସ୍ୱରା ଦେବୀ ସ୍ୱର୍ଗତ ୬କବିସୂର୍ଯ୍ୟ ବଳଦେବ ରଥଙ୍କ ନାତୁଣୀ ଥିଲେ, ଅର୍ଥାତ୍ ବଳଦେବ ରଥଙ୍କ ପୁତ୍ର ବିଶ୍ୱନାଥ ରଥଙ୍କର କନ୍ୟା।

ସଚ୍ଚିଦାନନ୍ଦଙ୍କର ବାଲ୍ୟାବସ୍ଥାରେ ପିତୃବିୟୋଗ ଘଟିବାରୁ ବିଧବା ମାତା ଏହାଙ୍କୁ ପ୍ରତିପାଳନ କରିଥିଲେ; ଏବଂ ସଂସ୍କୃତ, ପ୍ରାକୃତ, ଜ୍ୟୋତିଷ, ଆୟୁର୍ବେଦ, ତନ୍ତ୍ର,

ମନ୍ତି, ଶୈଶବାବସ୍ଥାରେ ମାତାଙ୍କର ସ୍ନେହ ଥିବାରୁ ଏହାଙ୍କ ବାଲ୍ୟଶିକ୍ଷା ମାତାଙ୍କ ଦ୍ୱାରା ହୋଇପାରିଥିଲା । ଏ ପରେ ନୟାଗଡ଼ ମାଇନର୍ ସ୍କୁଲରେ ଓ ସଂସ୍କୃତ ଟୋଲରେ ଅଧ୍ୟୟନ କରିଥିଲେ ।

ନୟାଗଡ଼ ରାଜାଙ୍କ ଅନୁଗ୍ରହରୁ ଏହାଙ୍କ ପରିବାର ସ୍ୱଚ୍ଛନ୍ଦରେ ଚଳି ପାରୁ ଥିଲେ । ମାତ୍ର ସ୍ୱର୍ଗତ ନୟାଗଡ଼ ରାଜା ଓ ରାଣୀଙ୍କର ବିୟୋଗ ଘଟିବା ସମୟରୁ ସଚ୍ଚିଦାନନ୍ଦଙ୍କର ମାତା ଓ ଜ୍ୟେଷ୍ଠ ଭାଇଙ୍କର ବିୟୋଗ ଘଟିବାରୁ ଏ ଅଗତ୍ୟା ଉକ୍ତ ରାଜ୍ୟ ଛାଡ଼ି ପୁରୁଷୋତ୍ତମ କ୍ଷେତ୍ରରେ ଆସି ପ୍ରଥମେ ବେଦକର୍ମକାଣ୍ଡ ବିଦ୍ୟାଳୟରେ କିଛିକାଳ ଅଧ୍ୟୟନ କରି ତଦନନ୍ତର ପୁରୀ ନରସିଂହଦାସଙ୍କ ମଠସ୍ଥ ଟୋଲରେ ପଣ୍ଡିତ ରାମଚନ୍ଦ୍ର ମହାପାତ୍ର ବ୍ୟାକରଣତୀର୍ଥ ମହାଶୟଙ୍କ ପାଖରେ ସଂସ୍କୃତ ବ୍ୟାକରଣ ଓ ସାହିତ୍ୟର ମଧ୍ୟମାପରୀକ୍ଷାପାଇଁ ପଢୁଥିଲେ ।

ଇତ୍ୟବସରରେ ଦୈବୀପ୍ରେରଣା (ପ୍ରାରବ୍ଧକର୍ମ) ବଶତଃ ପୁରୀ ଶଙ୍କରାନନ୍ଦ ମଠର ମଠାଧୀଶ ୮ ଶିବାନନ୍ଦ ସରସ୍ୱତୀ ସ୍ୱାମୀଙ୍କଠାରୁ ସନ୍ନ୍ୟାସଦୀକ୍ଷା ୧୬।୭।୨୪ ତାରିଖରେ ୨୦ ବର୍ଷ ବୟସରେ ଗ୍ରହଣ କରିଥିଲେ ଏବଂ ଗୁରୁପାଦ ଏହାଙ୍କୁ ଉତ୍ତରାଧିକାରୀ ମୁହନ୍ତରେ ମନୋନୀତ କରି, "ସଚ୍ଚିଦାନନ୍ଦ ସରସ୍ୱତୀ" ନାମ ଦେଇ ଏହାଙ୍କ ନାମରେ ଉଇଲ୍ ରେଜଷ୍ଟ୍ରୀ କରି ଦେଇଥିଲେ ।

ଗୁରୁ ଶିବାନନ୍ଦଙ୍କର ୬।୧।୨୭ରେ ନାରାୟଣ ପ୍ରାପ୍ତି ହେବାରୁ ସମ୍ପାଦିତ ଉଇଲ୍‌ବଳରେ ଔରସ ସୂତ୍ରରେ ଏ ଶଙ୍କରାନନ୍ଦ ମଠରେ ମଠାଧୀଶତ୍ୱ ପ୍ରାପ୍ତ ହେଲେ ।

କିନ୍ତୁ ଅହରହଃ ମଠପରିଚାଳନରୂପ ବୈଷୟିକ ବ୍ୟାପାରରେ ଲିପ୍ତ ରହିବାରେ ସନ୍ନ୍ୟାସୋଚିତ ଧର୍ମ କର୍ମରେ ବାଧା ପଡ଼ିବାରୁ ଗୁରୁଭାଇ ବାଳ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ନାମରେ ୧।୪।୩୧ ତାରିଖରେ ଏକ କଡ଼ା କ୍ଷମତାପତ୍ର ରେଜଷ୍ଟ୍ରୀ କରି ତାଙ୍କୁ ମଠ ପରିଚାଳନା ଭାର ଦେଇ ଏ ବିଷୟ ଚର୍ଚ୍ଚାରୁ କ୍ଷାନ୍ତ ହୋଇ ତୀର୍ଥ ପର୍ଯ୍ୟଟନ କରିବା ସଙ୍ଗେ ସଙ୍ଗେ ସମସ୍ତ ଉତ୍କଳ ଦେଶ ଭ୍ରମଣ କରୁ ଧର୍ମପ୍ରଚାର କରୁ-ଅଛନ୍ତି ଏବଂ ଉତ୍କଳ ଦେଶରେ ଭୁବନେଶ୍ୱରଠାରେ ପ୍ରାଚୀନ ରୀତିରେ ଗୋଟିଏ ଗୁରୁକୁଳ ବ୍ରହ୍ମଚର୍ଯ୍ୟାଶ୍ରମ ସ୍ଥାପନ କରିବାକୁ ପ୍ରୟାସ କରୁଅଛନ୍ତି ।

ଷୋଡ଼ଶ ସର୍ଗବିଶିଷ୍ଟ ସଂସ୍କୃତ ଶଙ୍କରଦିଗ୍‌ବିଜୟ ଗ୍ରନ୍ଥକୁ ଉତ୍କଳଭାଷାରେ ପଦ୍ୟାନୁବାଦ କରି ଅନୁବାଦ ଗ୍ରନ୍ଥକୁ ଦୁଇଭାଗରେ ବିଭକ୍ତ କରି ସ୍ୱାମୀଜୀ ତହିଁର ପ୍ରଥମଭାଗ ପ୍ରକାଶ କରିଅଛନ୍ତି ଏବଂ "ଭାଷାଜ୍ୟୋତିଷ" ନାମରେ ଗୋଟିଏ ସରଳ ସୁବୋଧ ଜ୍ୟୋତିଷ ଗ୍ରନ୍ଥ ଓଡ଼ିଆରେ ସଂକଳନ କରିଅଛନ୍ତି । ଏହାଛଡ଼ା ଧର୍ମଶିକ୍ଷା, ନୀତିଶିକ୍ଷା ପ୍ରଭୃତି ବିଷୟରେ ଅନେକଗୁଡ଼ିଏ ଛୋଟ ଛୋଟ ଉପାଦେୟ ପୁସ୍ତକ ଲେଖିଅଛନ୍ତି ଓ ଏପୁସ୍ତକମାନ ପ୍ରକାଶିତ କରି ଉତ୍କଳବାସୀଙ୍କୁ ବିତରଣ କରିବେ ବୋଲି ସଂକଳ୍ପ କରିଅଛନ୍ତି । ତାଙ୍କର ବର୍ତ୍ତମାନ (୧୯୩୮ ସାଲରେ) ବୟସ ୩୪ ବର୍ଷ ଅଟେ । ଏ ଦୀକ୍ଷା ଗ୍ରହଣ କରିବା ପୂର୍ବରୁ ବିବାହ କରି ନ ଥିଲେ । ଉତ୍କଳର ସ୍ଥାନେ ସ୍ଥାନେ ଭ୍ରମଣ କରି ଲୋକଙ୍କୁ ଧର୍ମଶିକ୍ଷା ଦେବା ଓ ସ୍ଥାନେ ସ୍ଥାନେ ବ୍ରହ୍ମଚର୍ଯ୍ୟପାଳନାର୍ଥ ବିଦ୍ୟାଳୟମାନ ସ୍ଥାପନ କରିବାପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ଏହାଙ୍କ ଜୀବନର ବ୍ରତ ହୋଇଅଛି । ଏ ନିରଭିମାନ, ନିରହଙ୍କାର ଓ ବିନୀତ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ନିର୍ବିଘ୍ନ ସମାପ୍ତି ପାଇଁ ପ୍ରତିଦିନ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ଓ ଭୁବନେଶ୍ୱରଠାରେ ଗୁରୁକୁଳ ବ୍ରହ୍ମଚର୍ଯ୍ୟବିଦ୍ୟାଳୟ ସ୍ଥାପନ କରିବା ଏହାଙ୍କ ପବିତ୍ର ଜୀବନର ବ୍ରତ ହୋଇଅଛି । ହିନ୍ଦୁ ଧର୍ମଶାସ୍ତ୍ରରେ ଏହାଙ୍କର ଗଭୀର ପ୍ରବେଶ ଅଛି ଓ ଏହାଙ୍କ ବାଗ୍ମିତା ସହସ୍ର ସହସ୍ର ଲୋକଙ୍କୁ ମୁଗ୍ଧ କରିଅଛି । ଭାଷାକୋଷର ଅହରହଃ ମଙ୍ଗଳକାମୀରୂପେ ଏହାଙ୍କ ପ୍ରତିକୃତି ଭାଷାକୋଷରେ ସ୍ଥାନ ପାଇଅଛି ।] (ସନ୍ଦର୍ଭଲେଖକ—ବିଚ୍ଛନ୍ଦଚରଣ ପଟ୍ଟନାୟକ) ।

ସଚ୍ଚିନ୍ତା—ସଂ. ବି (କର୍ମଧା; ସତ୍+ଚିନ୍ତା)—ଧର୍ମ ସମ୍ବନ୍ଧୀୟ ବା ଶୁଭକର
Sachchintā ଚିନ୍ତା—Good or pious thoughts.

ସଚ୍ଚୀ—ଦେ. ବିଣ. ସ୍ତ୍ରୀ (ସଂ. ସତ୍ୟା)—୧ । ସାଧ୍ୱୀ; ସତୀ—1. Chaste
Sachchī (woman). ୨ । ସାଧୁତାଯୁକ୍ତା—2. Honest
সা(সাঁ)চ্চা (woman). ୩ । ସତ୍ୟବାଦିନୀ—3. Truthful
सच्ची (woman). ଦେ. ବି—ସଚ୍ଚୋଟ୍ ପଣ (ଦେଖ)
(ସଚ୍ଚା—ପୁଂ. ବିଣ) —Sachoṭ paṇa (See).

ସଚ୍ଚୀ ପଣ—ଦେ. ବି (ସ୍ତ୍ରୀ ସମ୍ପର୍କରେ ବ୍ୟବହୃତ)—୧ । ସତୀତ୍ୱ—
Sachchī paṇa 1. Chastity. ୨ । ସାଧୁତା—
সাচ্চাপনা 2. Honesty. ୩ । ସତ୍ୟବାଦିତା—
सच्चापन 3. Truthfulness.
(ସଚ୍ଚୀ ପଣିଆ, ସଚ୍ଚେଇ ପଣ, ସଚ୍ଚେଇ ପଣିଆ—ଅନ୍ୟରୂପ) ।

ସଚ୍ଚେଇ—ଦେ. ବି—୧ । ସତୀତ୍ୱ—1. Chastity. ୨ । ସାଧୁତା
Sachchei সা(সাঁ)চ্চাই सच्चाई —2. Honesty.
୩ । ସତ୍ୟବାଦିତା—3. Truthfulness.

ଦେ. ବିଣ. ସ୍ତ୍ରୀ—ସଚ୍ଚୀ (ଦେଖ)—Sachchi (See)

ସଚ୍ଚେଇ ହେବା—ଦେ. କ୍ରି—ସଚ୍ଚାପଣ ଦେଖାଇ ହେବା—To make
Sachchei hebā a show of honesty.
সা(সাঁ)চ্চাই হওয়া सच्चाई दिखलाना

ସଚ୍ଚୋଟ (ଇତ୍ୟାଦି)—ଦେ. ବି ଓ ବିଣ—ସଚ୍ଚୋଟ ଇତ୍ୟାଦି (ଦେଖ)
Sachchoṭa (etc) Sachoṭa etc (See)

ସଚ୍ଚୋଟି—ଦେ. ବି—ସଚ୍ଚୋଟି (ଦେଖ)
Sachchoṭi (ସଚ୍ଚୋଟିଆ—ବିଣ) Sachoṭi (See)

ସଚ୍ଛ—ଗ୍ରା. ବି (ସଂ. ସ୍ୱଚ୍ଛ)—ମନର ସ୍ୱଚ୍ଛତା—Purity of mind.
Sachchha ଗ୍ରା. ବିଣ—ସ୍ୱଚ୍ଛ; ଚିନ୍ତା ବା ଅସନ୍ତୋଷରହିତ—
স্বচ্ছ स्वच्छ Free from discontent or hesitation.

ସଚ୍ଛ(ଚ୍ଛ)ନ୍ଦ—ଗ୍ରା. ବିଣ (ସଂ. ସ୍ୱଚ୍ଛନ୍ଦ)—ସ୍ୱଚ୍ଛନ୍ଦ—Unrestrained;
Sachchha(chha)nda contented; happy. ଗ୍ରା. ବି—
স্বচ্ছন্দ स्वच्छन्द ୧। ସ୍ୱଚ୍ଛନ୍ଦତା—1. Ease ୨। ସୁଖ;ସନ୍ତୋଷ—

2. Happiness; contentment. କ୍ରି. ବିଣ—୧ । ସୁଚ୍ଛନ୍ଦତାସହକାରେ—1. Happily; with ease. ୨ । ସ୍ୱଇଚ୍ଛାରେ—2. Voluntarily ୩ । ସହଜରେ—3. Easily.

ସଚ୍ଛ(ଛ)ଳ—ଦେ. ବିଣ (ସଂ. ସଚ୍ଛୀଳ=ଶୀଳଯୁକ୍ତ, ଦାତା; ବା ସ. ସଚ୍ଛଳ; ବା ସଂ. ଶସ୍ୟଳ)—୧ । ସଙ୍ଗତି-
Sachchha(chh)la
ସଚ୍ଛଲ ଚଲତା ପୁର୍ଜା ସଂପନ୍ନ
(ଅସଚ୍ଛଳ—ବିପରୀତ)
ସଂପନ୍ନ (ଅବସ୍ଥା)—1. Well-to-do (condition). (ବ୍ୟବହାର—ସଚ୍ଛଳଅବସ୍ଥା) ୨। ସମ୍ପନ୍ନ ବର୍ଦ୍ଧିଷ୍ଣୁ ବା ଧନୀ—2. Rich; affluent. (ଉ—ସଚ୍ଛଳ ଲୋକ) । [ଦ୍ର-ଭିନ୍ନ ଭିନ୍ନ ଲେଖକଙ୍କ ଲେଖାରେ ମଧ୍ୟ ଏ ଶବ୍ଦର ବ୍ୟବହାର ଦେଖାଯାଏ]

ସଚ୍ଛ(ଛ)ଳତା—ଦେ. ବି—୧ । ସଙ୍ଗତିସମ୍ପନ୍ନ ଅବସ୍ଥା—
Sachchha(chha)latā
ସଚ୍ଛଲତା ସଂପନ୍ନତା
(ଅସଚ୍ଛଳତା—ବିପରୀତ)
1. Ease; well-to-do condition. ୨ । ସମ୍ପଦ; ଧନବାନ୍ ଅବସ୍ଥା—2. Affluence; rich or affluent circumstances. ୩ । ଅର୍ଥସଙ୍ଗତି; ଅର୍ଥପ୍ରାଚୁର୍ଯ୍ୟ—3. Sufficience in money matters.

ସଚ୍ଛାତ୍ର—ସଂ.ବି (କର୍ମଧା;ସତ୍+ଛାତ୍ର)-ଭକ୍ତିମାନ୍,ଆଜ୍ଞାକାରୀ,କର୍ତ୍ତବ୍ୟପରାୟଣ ଓ ସଦାଚରଣଯୁକ୍ତ ଶିଷ୍ୟ—A dutiful student or disciple.
Sachchhātra
(ସଚ୍ଛିଷ୍ୟ—ଅନ୍ୟରୂପ)
(ସଦ୍‌ଗୁରୁ—ବିପରୀତ)

ସଚ୍ଛିଦ୍ର—ସଂ. ବିଣ (ସ+ଛିଦ୍ର; ସନ୍ଧି ଯୋଗୁ ଦ୍ୱିତ୍ୱ)—ଛିଦ୍ରଯୁକ୍ତ—
Sachchhidra Having holes; perforated;

ସଜ୍‌ଜ୍ଞାନ—ସଂ. ବି (ସତ୍+ଜ୍ଞାନ)—ଧର୍ମ ବା ଈଶ୍ୱରସମ୍ବନ୍ଧୀୟ ଜ୍ଞାନ; ପାରମାର୍ଥିକ ଜ୍ଞାନ—Philosophical knowledge; spiritual knowledge.
Saj-jnāna
(ସଜ୍‌ଜ୍ଞାନୀ—ବିଣ)
[ଦ୍ର—ଓଡ଼ିଆରେ ଉଚ୍ଚାରଣଦୋଷରୁ 'ଜ୍ଞାନ' ଶବ୍ଦଟି 'ଗ୍ୟାନ'ରୂପେ ଉଚ୍ଚାରିତ ହେଉଥିବାରୁ ଅନେକେ ଭ୍ରମରେ 'ସତ୍+ଜ୍ଞାନ'ରୁ ସନ୍ଧି କରି 'ଗ' ପରେ ଥିବାରୁ 'ତ୍' ସ୍ଥାନରେ ବର୍ଗର ତୃତୀୟ ବର୍ଣ୍ଣ "ଦ୍"କରି'ସଦ୍‌ଜ୍ଞାନ'ଶବ୍ଦ ନିଷ୍ପନ୍ନ କରନ୍ତି । କିନ୍ତୁ ପାଣିନିଙ୍କର ୮।୪।୪୦ "ସ୍ତୋଃଶ୍ଚୁନାଶ୍ଚୁଃ" ସୂତ୍ରାନୁସାରେ ସନ୍ଧିରେ 'ସତ୍+ଜ୍ଞାନ'ର 'ସତ୍' ସ୍ଥାନରେ 'ସଜ୍' ହୋଇ ଶବ୍ଦଟି 'ସଜ୍‌ଜ୍ଞାନ' ହେବ । ଏହିପରି ତତ୍+ଜ୍ଞାନ='ତଜ୍‌ଜ୍ଞାନ', ଏତତ୍+ଜ୍ଞାନ='ଏତଜ୍‌ଜ୍ଞାନ' ଇତ୍ୟାଦି ହୁଏ ।]

ସଜ—ଦେ. ବି (ସଂ. ସଜ୍ଜା)—୧ । ଶିଳ୍ପୀର ଶିଳ୍ପଯନ୍ତ୍ର ; କାରିଗରର ଯନ୍ତ୍ରତନ୍ତ୍ର—1. Apparatus or implements of an artisan. [ଦ୍ର—ଚଷାର ହଳ, ନଙ୍ଗଳ-ଲୁହା ଆଦି; ଭଣ୍ଡାରିର ଖୁର, କଞ୍ଚି ଆଦି; ବଣିଆର ସୁନାରୁପାସମ୍ବନ୍ଧୀୟ ହତିଆର; ବଢ଼େଇର ହତିଆର, ଛୁଆଳର ଖଜୁରିଗଛକଟା କଟୁରି, ଦଉଡ଼ି ଆଦି; କମାରର ହତିଆର; ଧୋବାର କୁସୁଡ଼ି ଓ ଚମାରର ଛାଲ ଗଛ କଟା କଟୁରି ଓ ଦଉଡ଼ିକୁ ସଜ କହନ୍ତି ।] ୨ । (ସଂ. ସଜ୍ଜା ବା ସାଧନ) ବ୍ୟବସାୟୀର ବ୍ୟବସାୟ ପାଇଁ ଦରକାରୀ ସଜ୍ଜା ବା ସାଧନ—2. The fittings or equipments of a trader. [ଦ୍ର—ଦୋକାନୀର ସେର, ତରାଜୁ, ମାଣ ଆଦି; ଗଉଡ଼ୁଣୀର ଦୁଧ ହାଣ୍ଡି, ଦହି ହାଣ୍ଡି, ଟୋକେଇ, ପାଥି ଆଦି; ଗଉଡ଼ଙ୍କ ଶିକା, ବାହୁଙ୍ଗୀ, ନଉଡ଼ି ଆଦି ଓ ତେଲିର ତେଲ ଘଡ଼ି, ମାପପାତ୍ର ଆଦିକୁ ସଜ କୁହାଯାଏ] ୩ । (ଗଉଡ଼ୁଣୀ,ତେଲି ଆଦିଙ୍କ) ପସରା—3. The basket or tray in which commodities are hawked. [ଦ୍ର—ଜୀବିକାନିର୍ବାହାର୍ଥ କାରିଗର, ବେପାରୀ, ମୂଲିଆ ଆଦି ଯେଉଁ ଯେଉଁ ଯନ୍ତ୍ର, ପାତ୍ର, ମାପପାତ୍ରାଦି ବ୍ୟବହାର କରନ୍ତି, ତାକୁ ସଜ ବୋଲାଯାଏ । ଦଶହରା ଆଦି ପର୍ବ ଉତ୍ସବ ଉପଲକ୍ଷରେ ପ୍ରତ୍ୟେକ କାରିଗର ତାହାର ସଜକୁ ପୂଜା କରେ । ଗଉଡ଼ ଗଉଡ଼ୁଣୀମାନେ ଦୋଳପୂର୍ଣ୍ଣିମା ସମୟରେ ତାଙ୍କ ସଜକୁ ପୂଜା କରନ୍ତି । ଫଳତଃ ପ୍ରତ୍ୟେକ ପ୍ରକାରର କାର୍ଯ୍ୟ, ଶିଳ୍ପ, ବ୍ୟବସାୟ, ଓ ଗୃହ ଆଦିର ଆବଶ୍ୟକ ସଜ୍ଜା, ସମ୍ଭାର, ସାଧନ, ଉପକରଣ, ଉପାଦାନ, ଯନ୍ତ୍ର, ଅସ୍ତ୍ର, ପରିଚ୍ଛଦ, ଅଳଂକାର, ବେଶ, ପାତ୍ରାଦିକୁ 'ସଜ' ବୋଲାଯାଏ ।] ୪ । (ସଂ. ସଜ୍ଜ) ଗୃହର ଉପକରଣ—4. Domestic furniture. ୫ । ଗୃହର ବାସନ ବର୍ତ୍ତନ—5. Domestic tusenils. ୬ । ପଥରଘଅଙ୍କର ପଥର ହାଣିବା ନିହାଣ—6. Stone-cutter's chisel. ୭ । ପୁସ୍ତକ, ଅଳଂକାର ଓ ଯନ୍ତ୍ର ଆଦିର ଏକ ସେଟ୍ ବା ଏକ ସାରି—7. One set (of books, instruments, ornaments). ୮ । (ସ. ସହଜ) ସୁବିଧା—8. Convenience. ୯ । ସୁଯୋଗ; ଦାଉ; 9. Opportunity. ୧୦ । (ସଂ. ସଜ୍ଜ) ଘୋଡ଼ାର ବ୍ୟବହାରାର୍ଥ ସଜ୍ଜିତ କରିବାର ପଦାର୍ଥସମୂହ; ଅଶ୍ୱ ସଜ୍ଜା (ଯଥା—ଜିନ୍, ଗୁରିଜାମା, ଝୁମୁରୁ)—10. Harness for a horse; the trappings and saddle etc. of a horse. ୧୧ । ଅଳଂକାରସମୂହ; ଭୂଷଣ—11. Ornaments. ୧୨ । ସଜ୍ଜା—12. Equipments; trappings. [ଉ—ପ୍ରକଟ ଶୋଣିତାକ୍ତ ଅଙ୍ଗେ ଭରି ସଜ—କୃଷ୍ଣସିଂହ ମହାଭାରତ. ବନ ।] ୧୩ । (ସଂ. ସଦ୍ୟ)—ସଜ ଲୁଗା; ସଜ କରୁ ହୋଇଥିବା ଲୁଗା—13. A cloth which has been washed by the washerman and returned to the owner on the same dya

(Hindi/Bengali equivalents in margin: ସାଜ ସଜା; ସାଜ ସାମଗ୍ରୀ; ଔଜାର ସେଟ ସେଟ; ସୁବିଧା ସୁଭୀତା; ସାଜ ସାଜ; ସାଜ ଟଟକା (ବାସି—ବିପରୀତ); ଶାସ ତାରକୁନ)

when it is given to him for washing ୧୪ । (ସଂ. ଶସ୍ୟ)—କଞ୍ଚା ତାଳ ମଧ୍ୟରେ ଥିବା କୋମଳ ପଦାର୍ଥ; ତାଳସଜ—14. The soft kernel inside the unripe palm-fruit.

সহজ सहज ୧୫ । (ସଂ. ସହଜ) ସହଜ ବିଷୟ—15. An easy matter. ୧୬ । ଅବସ୍ଥା—16. Condition;

অবস্থা हालत state. [ଉ—ଅପଣ ଯେଉଁ ସଜେ ଅଛନ୍ତି, ସେହି ସଜେ ଅଯୋଧ୍ୟାକୁ ଫେରି ଯିବାକୁ ହେବ । ଗୋଲକଣ୍ଠ-ପିଲ୍ଲଙ୍କ ରାମାୟଣ ।] ଦେ· ବିଣ (ସଂ. ସଜ୍ଜ=ସଜ୍ଜିତ)—

সজ্জিত सज्जित ୧ । ସଜ୍ଜିତ—1. Furnished; equipped. [ଉ—ରାଜଅଜ୍ଞା ପାଇ ରାଜପୁରଜନ ସେହିକ୍ଷଣି ହେଲେ ସଜ । ରାଧାନାଥ. ପାର୍ବତୀ ।] ୨ । ଅଳଙ୍କୃତ—2. Decorated. ୩ । କୌଣସି କାର୍ଯ୍ୟ କରିବାକୁ ଉଦ୍ୟତ ବା

তৈয়ার तैयार ପ୍ରସ୍ତୁତ; ସଜ୍ଜିତ; କୃତାୟୋଜନ—3. Ready or prepared to do a thing. (ଉ—ଯେବେ ପାଇଥାଏ ଘଇତା ବୃକ୍ଷ, ସଜ ହୋଇଥାଏ ବାଘ ଘରକୁ । ଭଗ ।) ୪ ।(ସଂ. ସଦ୍ୟଃ)ଟଟକା—4. Fresh. (ଯଥା—

সাজ टटका ସଜ ଫୁଲ, ସଜ ଗୋବର, ସଜ ଦହି; ସଜ ପଖାଳ, ସଜ ମଣ୍ଡା, ସଜ କଳସୀ, ସଜ କ୍ରିୟା ।) [ଉ—ତଥାପି ସେ ସଜ-ସରୋଜ-ବଦନ ଶୋକେ ହୋଇଅଛୁ ଫିକା । ରାଧାନାଥ. ପାର୍ବତୀ ।] ୫ । ଏକାଦିନକେ ଧୋବ କରି ଯାଇଥିବା (ବସ୍ତ୍ର)—5. (cloth) Washed, cleansed and returned to the owner in the course of one day (ଯଥା—

সহজ सहज ସଜ ଲୁଗା ।) ୬ । (ସଂ. ସହଜ) ସହଜ; ସୁସାଧ୍ୟ; ସୁବୋଧ—6. Easy. (ଉ—ସଜବାଟ; ସଜପାଠ ।) ୭ । ସୁବିଧାଜନକ—7. Convenient. ୮ । ସୁଯୋଗ

সুবিধাজনক उपयोगी ଯୁକ୍ତ—8. Opportune. ୯ । ଉପଯୋଗୀ—9. Suitable.

ସଜ ଅସଜ—ଦେ. ବି (ବିପରୀତାର୍ଥକ ସହଚର)—୧ । ସୁବିଧା ଓ Saja asaja ଅସୁବିଧା—1. Convenience and in-

সুবিধা অসুবিধা सुविधा असुविधा convenience. ୨ । ସୁଯୋଗ ଓ ଦୁର୍ଯୋଗ; ଶଙ୍କ ଓ ଅଶଙ୍କ—2. Opportunities and want of opportunities. ଦେ· ବିଣ—

সুবিধাজনক सुविधाजनक ୧ । ସୁବିଧାଜନକ ଓ ଅସୁବିଧାଜନକ (କାର୍ଯ୍ୟ ବା ସମୟ ବା ଘଟଣା)—1. Convenient and inconvenient (things); opportune and inopportune (times). ୨ । ସହଜ ଓ କଷ୍ଟ—2. Easy and difficult.

ସଜ ଉଠା(ଠେ)ଇବା—ଦେ. କ୍ରି—ଦଶହରା ସମୟରେ ଧୋବା Saja uthā(the)ibā ଭଣ୍ଡାରୀ ଆଦି ପୂଜା କରିବା ପାଇଁ (ସଜ ବସାଇବା—ବିପରୀତ) ବସାଇଥିବା ଡାଙ୍କର ଯନ୍ତ୍ରାଦିକୁ

সাজউ(ও)ঠান औजार उठाना ଦଶହରା ବାସିଦିନ ପୂଜା ସରି ପରେ ପୂଜାପୀଠରୁ ଉଠାଇବା—To remove the implements (of barbers and washermen etc) from the place of worship after Dasaharā.

[ଦ୍ର—ଦଶହରା ବାସିଦିନ ଧୋବା ଭଣ୍ଡାରୀମାନେ ସଜ ଉଠାଇ ପ୍ରଥମେ ସଜର 'ଅନୁକୂଳ' କରନ୍ତି ଅର୍ଥାତ୍ ସଜ ଦ୍ୱାରା ପ୍ରଥମେ କାମ କରନ୍ତି;ଓ ସେହି ଦିନର ଫଳ ବା ଆୟ ଅନୁସାରେ ବର୍ଷକର ସୁଖଦୁଃଖ ବା ଲାଭାଲାଭର କଳ୍ପନା କରନ୍ତି ।]

ସଜ ଉଠିବା—ଦେ· ବି—ପୂଜା ହେବା ପାଇଁ ଦଶହରା ସମୟରେ Saja uṭhibā ସ୍ଥାପିତ ହୋଇଥିବା ବଢେଇ, କମାର ଆଦିଙ୍କ (ସଜ ବସିବା—ବିପରୀତ) ଯନ୍ତ୍ରାଦିର ପୂଜା ପରେ ପୂଜା ସ୍ଥାନରୁ

সাজউঠা औजारका उठना ଉଠାଯିବାରୂପ କର୍ମ—The ceremony of taking out the instruments from the place of worship.

ସଜ ଉଣ୍ଡିବା—ଦେ· କ୍ରି—ଖଞ୍ଜ ଉଣ୍ଡିବା; କୌଣସି କାର୍ଯ୍ୟ କରିବା Saja uṇḍibā ପାଇଁ ଉପଯୁକ୍ତ ସୁଯୋଗ ଅନ୍ୱେଷଣ କରିବା—(ସଜ ଖୋଜିବା—ଅନ୍ୟରୂପ) To be on the look-out

সুবিধাখোঁজা सुयोग देखना for an opportunity.

ସଜ କଚ୍ଚା—ଦେ. ବି—ଲୁଗାକୁ ଏକ ଦିନ ମଧ୍ୟରେ କାମ ଚଳିବା ଭଳି Saja kachā ସଫା କରିକାଚିବା; ଲୁଗାକୁ ସଜ ଧୋବ କରିବା—

সাজ কাচা टटका धुलाइ The washing of cloth in a day; ordinary washig of cloth (in contra-(ବାସିକଚ୍ଚା—ବିପରୀତ) distinction with that which is cleansed with more care and iron).

সাজধোয়া टटका धोयाहुआ ଦେ. ବିଣ—ସଜ ଧୋବ; ସଜ କଚ୍ଚା ଯାଇଥିବା (ଲୁଗା)—(cloth) Washed in the course of one day. [ଦ୍ର—ମଇଳା ଲୁଗା ଯେଉଁ ଦିନ ଧୋବାକୁ କାଚିବା ନିମନ୍ତେ ଦିଆଯାଏ, ସେହିଦିନ ଧୋବା ଉକ୍ତ ଲୁଗାକୁ କ୍ଷାର (କଦଳୀ ବାସୁଙ୍ଗାର ପାଉଁଶରୁ ଉତ୍ପାଦିତ କ୍ଷାର)ରେ ସିଝାଇ କାମ ଚଳିବାଭଳି ସାମାନ୍ୟ ମାତ୍ରାରେ ପରିଷ୍କାର କରି ସେହି ଦିନ ଅଣି ବସ୍ତ୍ରସ୍ୱାମୀଙ୍କୁ ଫେରାଇ ଦେବା ରୀତିକୁ 'ସଜକଚ୍ଚା' ବୋଲାଯାଏ । ଏଥିରେ ଲୁଗା ସାମାନ୍ୟ ପରିଷ୍କୃତ ବା 'ସଜଧୋବ' ହୁଏ ।

ଯେଉଁ ଲୁଗାକୁ ବିଶେଷ ଯତ୍ନ ସହିତ ସାବୁନପାଣି ଦେଇ ସିଝାଇ (ଭୂଷି କରି)ଉତ୍ତମରୂପେ କାଚକୁଚ ସଫା କରି ସେଥିରେ ଭାତର ମଣ୍ଡ ଓ ନେଳ ଆଦି ଲେପି ଉଗ କରି ଇସ୍ତ୍ରି କରାଯାଏ, ତାକୁ 'ବାସି କଚ୍ଚା' କହନ୍ତି । ଲୁଗାକୁ 'ବାସି ଧୋବ' କରିବା ପାଇଁ ଏକ ଦିନରୁ ବେଶି କାଳ ଲାଗେ । ବାସିଧୋବ ଲୁଗା ସଜଧୋବ ଲୁଗାଠାରୁ ବେଶି ପରିଷ୍କୃତ ଓ ଶୁଭ୍ରତର ହୁଏ ।]

ସଜ କଚ୍ଛ(ଚେ)ଇବା—ଦେ· କ୍ରି—ଅପଣା ଲୁଗାକୁ ଧୋବାଦ୍ୱାରା ସଜ ଧୋବ କରାଇବା—To have one's clothes washed in the ordinary manner in one day·
Saja kachā(che)ibā
সাজ কাচান
टटका धुलाना
(ବାସି କରାଇବା—ବିପରୀତ)

ସଜ କରିବା—ଦେ. କ୍ରି—୧ । ସଜ କାଚିବା (ଦେଖ)—1. Saja kāchibā. (See) ୨ । ସଜ୍ଜିତ କରିବା—2. To equip; to furnish. (ଉ—ତୁମାକୁ ପୁଷ୍ପ ଶେଜ ଦେଲେ, ସ୍ୱହସ୍ତେ କୃଷ୍ଣ ସଜ କଲେ । କୁପଣ୍ଡ. ପ୍ରେମପଞ୍ଚାମୃତ ।] ୩ । ଅଳଙ୍କାର ଓ ବସ୍ତ୍ରାଦିଦ୍ୱାରା ବେଶ କରିବା—3. To equip with dress and ornaments. ୪ । ମରାମତ କରିବା—4. To set right; to repair. ୫ । ଅଭିପ୍ରେତ କାର୍ଯ୍ୟ ପାଇଁ ପ୍ରସ୍ତୁତ କରିବା—5. To keep or set anything ready. ୬ । ଇତସ୍ତତଃ ହୋଇଥିବା ପଦାର୍ଥକୁ ଯଥାସ୍ଥାନରେ ରଖିବା—6. To place an article in its proper place out of a medley, to put in proper order.
Saja karibā
সাজকরা
सजाना
সাজিএ দেওয়া
ঠীককরা
मरम्मत करना
তৈয়ার করা
तैयार करना
সজিয়ে রাখা
सजाना
(ଉ—ଲଳିମ ଅଧ ଭୁଷା ସଜ କର । କବିସୂର୍ଯ୍ୟ. କୈଶୋର ଚମ୍ପୂ, ଲ. ଗୀତ ।)

ସଜ କାଚିବା—ଦେ· କ୍ରି—ଲୁଗାକୁ ସଜ ଧୋବ କରିବା, ଅର୍ଥାତ୍ ସାଧାରଣଭାବରେ ଏକା ଦିନକେ କାଚି ପରିଷ୍କାର କରିବା—To wash a cloth in the ordinary manner in the course of one day.
Saja kāchibā
সাজ কাচা
टटका धोना
(ବାସି କାଚିବା—ବିପରୀତ)

ସଜ କ୍ରିୟା—ଦେ·ବି (ସଂ·ସଦ୍ୟଃ କ୍ରିୟା)—ମୃତ ବ୍ୟକ୍ତିର ମୃତ୍ୟୁ ଦିବସଠାରୁ ଦଶ ଦିନ ପର୍ଯ୍ୟନ୍ତ ପ୍ରଚଳିତ କରାଯିବା ପ୍ରେତକର୍ମ—Funeral rites commenced to be performed from the day of death for ten days. [ବି—ଅକ୍ଷମ ଓ ନିର୍ଧନ ବ୍ୟକ୍ତିମାନେ ଅସୁବିଧା ଓ ଧନାଭାବରୁ ମୃତବ୍ୟକ୍ତିଙ୍କର ମୃତ୍ୟୁ ଦିବସରୁ ୧୦ ଦିନଯାକେ ପ୍ରଚଳିତ ଶାସ୍ତ୍ରବିହିତ ଅନ୍ତ୍ୟେଷ୍ଟି-କ୍ରିୟାମାନ କରି ନ ପାରି ୪ର୍ଥ, ୭ମ ବା ୯ମ ଦିନଠାରୁ ଆରମ୍ଭ କରନ୍ତି ଏହାକୁ 'ବାସିକ୍ରିୟା' ବୋଲାଯାଏ ।
Saja kriyā
সদ্যক্রিয়া
सद्यप्रेतकर्म

ସଜ ଗ(ଗା, ଗେ, ଗୋ)ଜ—ଦେ. ବି. ଓ ବିଣ—ସଜବାଜ (ଦେଖ) Sajabāja (See)
Saja ga(gā, ge, go)ja
সাজ গোজ

ସଜ ଗୋବର—ଦେ· ବି (ସଂ· ସଦ୍ୟଃ+ଗୋମୟ)—ସଦ୍ୟୋଜାତ ଗୋମୟ—Recently discharged cowdung. [ଉ—କୃଷି ପଣେ, ଉର୍ଦ୍ଧ୍ୱ ନ ଦଣେ, ଉତ୍ତର ମେଘ ଦକ୍ଷିଣେ ପଣେ, ସଜ ଗୋବରରେ ଅଂଶେଇ ବସେ, ତେବେ ଜାଣ ପୂରା ! କହେ ବରପେ—କୃଷି ବଚନ ।]
Saja gobara
সাজ গোবর
टटका गोबर

ସଜ ଘାଆ—ଦେ, ବି—ସଦ୍ୟୋଜାତ କ୍ଷତ—A new or fresh wound.
Saja ghā-ā
টাটকা ঘা
टटका घावा

ସଜଡ଼ା—ଦେ· ବି (ସଂ.ସଜ୍ଜା)—୧ । ସଜାଡ଼ିବା କ୍ରିୟା—1. The act of setting right. ୨ । ମରାମତ କରିବା—2. Act of repairing. ୩ । ସଜ୍ଜିତ କରିବା—3. Act of equipping. ଦେ. ବିଣ—୧ । ମରାମତ ହୋଇଥିବା—1. Repaired. ୨ । ସଜ୍ଜିତ ହୋଇଥିବା—2. Equipped. ୩ । ବିନ୍ୟସ୍ତୀକୃତ; ସୁସଜ୍ଜିତ—3. Set right; well-arranged. [ଉ—ସଜଡ଼ା ହୋଇ ଜନେ ପଢ଼ନ୍ତି ଦୋପଡ଼ା--କୃଷ୍ଣସିଂହ· ମହାଭାରତ, ବନ ।]
Sajarḍā
সাজান, সাজড়ান
सजावट, मरम्मत
সারা, সারান
मरम्मत किया हुआ
সাজা सजाया हुआ

ସଜଡ଼ା(ଡ଼େ)ଇବା—ଦେ. କ୍ରି (ସଜାଡ଼ିବା କ୍ରିୟାର ଣିଜନ୍ତ ରୂପ)—୧ । (ସଜାଡ଼ିବାର ଣିଜନ୍ତ ରୂପ—1. Causative of Sajārḍibā. ୨ । ଅନ୍ୟଦ୍ୱାରା ଭଙ୍ଗା ଜିନିଷ ମରାମତି କରାଇବା—2. To get a broken article repaired by another. [ଉ—ଦେଇ ମୁଁ ଧନ ଧନଭାବ କଣରେ ଗୃହମାନ ସଜାଇବି—ଭଞ୍ଜ, ପ୍ରେମସୁଧାନିଧି ।] ୩ । ସଜ୍ଜିତ କରାଇବା—3. To arrange; to put in order. [ଉ—ବର୍ଦ୍ଧକୀ ଡକାଇ ସଜଡ଼ାଇ ଦିଅ ନାବ—ଭଞ୍ଜ· ବୈଦେହୀଶବିଳାସ ।]
Sajarḍā(rḍe)ibā
সাজান, সারান
बनाना

ସଜଡ଼ା ସଜଡ଼ି—ଦେ, ବି—୧ । ମରାମତି—1. Act of repairing. ୨। ସଜ୍ଜିତ କରିବା କର୍ମ—2. Act of setting right or equipping.
Sajarḍā sajarḍi
सजाना उजाना

ସଜଡ଼ା ହେବା—ଦେ. କ୍ରି—୧ । ମରାମତ ହେବା—1. To be repaired. ୨ । ସଜ୍ଜିତ ହେବା—2. To be arranged.
Sajarḍā hebā
সারান
सजावट होना

ସଜ ତୋରା(ଡ଼ା)ଣି—ଦେ· ବି (ସଂ· ସଦ୍ୟଃ+ତୋୟାନ୍ନ)—ସଜ ପଖାଳର ତୋରାଣି—The water of freshly watered cooked rice.
Saja torā(rḍā)ṇi
সাজ আমানি
टटका भातका पानी
[ବାସି ତୋରା(ଡ଼ା)ଣି, ଅମ୍ବିଲ ତୋରା(ଡ଼ା)ଣି—ବିପରୀତ]

ସଜ ଦଇ(ହି)—ଦେ, ବି—ସଦ୍ୟୋମଥିତ ଦଧି—Fresh whey.
Saja dai(hi) সাজ দই टटका दही

(ମତେ) ସଜ ଦେଖା ପଡ଼ିବା—ଦେ· କ୍ରି—ସୁବିଧାଜନକ ବୋଧ ହେବା; କୌଣସି ବିଷୟରେ ବା କାର୍ଯ୍ୟରେ ସହଜ ବା ସୋଜା ଦେଖାଯାଓୟା সুবিধা বা সুযোগ জনাযিবা— To appear or seem convenient or opportune.
Saja dekhā parḍibā
सहज मालूम होना
(ସଜ ଦେଖାଯିବା—ଅନ୍ୟରୂପ)

ସଜ ଧୋବ—ଦେ. ବି—୧ । ସଜ କଚ୍ଛ ପାଇ ପରିଷ୍କୃତ ହୋଇଥିବା ବସ୍ତ୍ର—1. Cloth washed in a day in the ordinary process. ୨ । ସଜ କଚ୍ଛ
Saja dhoba
সাজ কাচা

टटका धुलाइ (ଦେଖ)— . Saja kachā (See) ଦେ. (ବାସି ଧୋବ—ଅନ୍ୟରୂପ) ବଣ—ଏକଦିନେ ପରିଷ୍କୃତ (ବସ୍ତ୍ର)—(cloth) Washed in a day.

ସଜନା—ଦେ. ବ—ଶଜନା (ଦେଖ)
Sajanā — Sajanā (See)

ସଜନା ପତୁରିଆ—ପ୍ରାଦେ (ଗଡ଼ଜାତ) ବ—ଚକୁଣ୍ଡା (ଦେଖ)
Sajanā paturiā — Chākundā (See)

ସଜନା ପତୁରିଆ ଟିଣିଆ—ପ୍ରାଦେ (ଗଡ଼ଜାତ) ବ—ବଡ଼ ବକଲା
Sajanā paturiā ṭiniā (ଦେଖ)—Barḍa bakalā (See)

ସଜନିତ—ଦେ. ବଣ (ସ. ସଜନିତ)—ସଂଜାତ—Born. [ଉ—ସଜନାର ଗୁଛି ରଚି ସଜ । ସଜନିତ ଚଣ୍ଡେ ମାନସଜ—ଭଞ୍ଜ. ପ୍ରେମସୁଧାନିଧି ।]
Sajanita; संजात पैदा

ସଜନୀ—ଦେ. ବ. ସ୍ତ୍ରୀ (ସଂ. ସଜନ, ସୁଜନ=ଅସ୍ମିସୁ)—୧ । ବୟସ୍ୟା; ସହଚରୀ; ସଙ୍ଗିନୀ; ସଖୀ—1. A female companion. ୨ । ମିତ୍ରସ୍ଥାନୀୟା ସ୍ତ୍ରୀ—2. A female friend. ୩ । ପ୍ରଣୟିନୀ; ପ୍ରେମିକା—3. A man's beloved woman; lady-love; one's sweet-heart (lady). ୪ । ସ୍ତ୍ରୀ; ଭାର୍ଯ୍ୟା—4. Wife. ୫ । ନାରୀ—5. Woman. [ଦ୍ର—ସ୍ତ୍ରୀମାନେ ସହଚରୀଙ୍କୁ ଏବଂ ପୁରୁଷମାନେ ସ୍ତ୍ରୀଙ୍କୁ ଓ ପ୍ରେମିକାଙ୍କୁ, ବିଶେଷତଃ ଗୀତରେ, 'ସଜନୀ' ବୋଲି ସମ୍ବୋଧନ କରନ୍ତି । ଯଥା—ଯେତେ କାଳ ଥିଲୁ ସଙ୍ଗରେ ଦିଅ । ସୁନ୍ଦର ବଶ୍ୟଥିଲ ସଜନୀ ଦହ—ଚଗ ।]
Sajani; সজনী; सजनी

ସଜ ନୁଗା—ଗ୍ରା. ବ (ଅଶୁଦ୍ଧ)—ସଜ ଲୁଗା (ଦେଖ)
Saja nugā — Saja lugā (See)

ସଜ ପକା(କେ)ଇବା—ଦେ. କ୍ରି—ସଜ ଧୋଇ କରିଦେବା ପାଇଁ ଧୋବାକୁ ମଇଳା ଲୁଗା ଦେବା—To give soiled cloth to the washerman for cleansing by ordinary process and returning it the very day.
Saja pakā(ke)ibā; সাজ দেওয়া; टटका धोनेको देना

ସଜ ପଖଳା—ଦେ. ବଣ—ଅଳ୍ପ ରନ୍ଧା ହୋଇ ପାଣି ମିଶା ଯାଇଥିବା (ଭାତ)—(boiled rice) Freshly mixed with water.
Saja pakhalā; সাজ পান্তা; टटका पक्खाला हुआ

ସଜ ପଖାଳ—ଦେ. ବ (ସଂ. ସଦ୍ୟଃ+ପ୍ରକ୍ଷାଳନ)—ରନ୍ଧା ଯାଇଥିବା ଭାତରେ ପାଣି ସାଙ୍ଗେ ସାଙ୍ଗେ ମିଶାଯାଇ ଥିବା ପଖାଳ—Moistened rice prepared by mixing water with fresh boiled rice and which in only one day old. [ଦ୍ର—ତତଲା ଭାତରେ ପାଣି ମିଶାଇଲେ 'ପଖାଳ' ହୁଏ । ଅଳ୍ପ ସମୟ ହୋଇଥିବା ଭାତକୁ 'ସଜପଖାଳ' କହନ୍ତି । ସଜପଖାଳ ଏକ ଦିନରୁ ବେଶି ରହିଗଲେ ତାକୁ 'ବାସିପଖାଳ' ବା 'ଅମ୍ବିଳ ପଖାଳ' କହନ୍ତି । ବାସି ପଖାଳର ସ୍ୱାଦ ଖଟା ହୁଏ ଓ ତହିଁର ତୋରାଣି ମଧ୍ୟ ଖଟା ଲାଗେ । ବାସି ତୋରାଣି ବହୁ ଦିନ ରହିଲେ ତାହା କାଞ୍ଜି ପାଣି ହୁଏ । କାଞ୍ଜି ପାଣିରେ ମୂଳା ଆଦି ଦେଇ ସିଝାଇଲେ ତାହା କାଞ୍ଜି ହୁଏ ।]
Saja pakhāla; সাজ পান্তাভাত; टटका पक्खाल

ସଜ ପଡ଼ି(ଡ଼ି)ବା—ଦେ. କ୍ରି—୧ । ସୁବିଧା ହେବା—1. Being convenient. ୨ । ଖଞ୍ଜ ପଡ଼ିବା; ସୁଯୋଗ ଘଟିବା—2. Happening of an opportunity.
Saja paṭi(ṛdi)bā; সুবিধা হওয়া, ফাঁক মিলা; सुविधा होना

ସଜ ଫୁଲ—ଦେ. ବ (ସଂ. ସଦ୍ୟଃ+ପୁଷ୍ପ)—୧ । ସଦ୍ୟଃ ପ୍ରସ୍ଫୁଟିତ ପୁଷ୍ପ—1. Newly blown flower. ୨ । ଅଳ୍ପ ଛିଣ୍ଡା ଯାଇଥିବା ଫୁଲ—2. Freshly plucked flower. (ଉ—ସଜ ଫୁଲ ବାସି ହେଲେ କାହିଁ ମଜାରେ । ଗୀତ ।) (ବାସି ଫୁଲ—ବିପରୀତ)
Saja phula; টাটকা ফুল; टटका फुल

ସଜ ବସା(ସେ)ଇବା—ଦେ. କ୍ରି—ଦଶହରା, ଶ୍ରୀପଞ୍ଚମୀ, ଦୋଳପୂର୍ଣ୍ଣିମା ଆଦି ଉତ୍ସବରେ ନିଜ ନିଜର ଜୀବିକା-ସାଧନ ଦ୍ରବ୍ୟ ଓ ଯନ୍ତ୍ରାଦି (ଯଥା—କ୍ଷତ୍ରିୟ, ଖଣ୍ଡାୟତ ଓ ଶିଳ୍ପୀମାନେ ଦୁର୍ଗାପୂଜାରେ ନିଜ ନିଜର ଅସ୍ତ୍ରାଦି; ମସୀଜୀବୀମାନେ ଶ୍ରୀପଞ୍ଚମୀ ଓ ଗଣେଶଚତୁର୍ଥୀ ଦିନ ପୁସ୍ତକ, କଲମ ଆଦି; ଗଉଡ଼ମାନେ ଦୋଳପୂର୍ଣ୍ଣିମା ଦିନ ଶିକା, ବାଡ଼ୁଣୀ, ଦଧି ଦୁଗ୍ଧ ଭାଣ୍ଡମାନ ପୂଜା କରିବା ପାଇଁ) ପୂଜା-ପୀଠ ଉପରେ ସ୍ଥାପନ କରିବା—To place one's professional implements for being worshipped on special festivals. (ସଜ ଉଠାଇବା—ବିପରୀତ)
Saja basā(se)ibā; সাজ বসান; औजार बैठना

ସଜ ବସିବା—ଦେ. କ୍ରି—ଶିଳ୍ପୀ ଆଦିଙ୍କ ଯନ୍ତ୍ର ଓ ଉପକରଣାଦି ପର୍ବୋପଯୁକ୍ତ ଉତ୍ସବ ଉପଲକ୍ଷରେ ପୀଠ ଉପରେ ପୂଜାର୍ଥ ସ୍ଥାପିତ ହେବା—The placing of the implements of artisans on a platform for worshipping on particular festival days. (ସଜ ଉଠିବା—ବିପରୀତ)
Saja basibā; সাজ বসা; औजार बैठना

ସଜବାଜ—ଦେ. ବଣ—୧ । କୌଣସି କାର୍ଯ୍ୟ ପାଇଁ ବେଶ ହୋଇ ପ୍ରସ୍ତୁତ ହୋଇଥିବା; ସୁସଜ୍ଜିତ—1. Fully equipped for any work. (ଉ—ବାଜାବାଲା ଅଭ ବରଯାତ୍ରୀଏ ସଜବାଜ ହେଉଁ ହେଉଁ ....ପାଲିଙ୍କି ଗାଁ । କାହାର ଗଣ୍ଠିର ବଳରେ ଦାଖଲ—ଫକୀରମୋହନ. ଗଳ୍ପସ୍ୱଳ୍ପ ।) ୨ । ଅଳଙ୍କାରାଦି ଦ୍ୱାରା ସୁସଜ୍ଜିତ—2. Fully adorned. (ଉ—ଏହା କହି ଝିଅକୁ ସଜବାଜ କରି, ଗାଲବଙ୍କୁ ସମର୍ପି ଦେଲେ ହାତ ଧରି । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।) ଦେ. ବ—(ସହଚର)—୧ । ସାଜସଜ୍ଜା—1. Equipments. ୨ । କାର୍ଯ୍ୟସାଧନ ଯନ୍ତ୍ରାଦି—2. Implements. ୩ । ଅଳଙ୍କାର ଦ୍ୱାରା ସଜ୍ଜା—3. Decoration. ପ୍ରାଦେ (ଯାଜପୁର) ବ—ରଜର ପୂର୍ବ ଦିନ—The day before the 'Raja' festival.
Sajabāja; সাজগোজ হওয়া; सजाधजा; সাজগোজ; सजधज; साज; औंजार; साजा; सजधज

ସଜ ବାସି—ଦେ· ବଣ—୧ । ସଦ୍ୟଃ ଓ ପର୍ଯ୍ୟୁଷିତ (ବସ୍ତୁ ଅବ)—
Saja bāsi 1. Fresh and stale (article). ୨ । ଅଳ୍ପ
টাটকাবাসি, সাজবাসি ବାସିଧୋବ କରାଯାଇଥିବା (ଲୁଗା)—
(Cloth) Which has been washed in a day.
टटकाबासि ଦେ. ବ—ସଜ ଧୋବ କରାଯାଇଥିବା ଓ ବାସିଧୋବ କରାଯାଇଥିବା ଲୁଗାମାନ—Clothes some of which have been washed by ordinary process and others by the extraordinary process, including ironing.

ସଜ ବିଛଣା—ଦେ· ବ (ସଂ. ସଦ୍ୟ+ବିସ୍ତରଣ)—ଅଳ୍ପ ପଡ଼ିଥିବା
Saja bichhaṇā ଶଯ୍ୟା—Freshly spread bed.
(ସଜ ଶେଯ, ସଜ ଶେଯ୍ୟା—ଅନ୍ୟରୂପ) (ବାସି ବିଛଣା—ବିପରୀତ)
সাজ বিছানা टटकाबिछौना

ସଜ ମଡ଼ା—ଦେ· ବ—୧ । ସଦ୍ୟୋମୃତ ଜୀବର ଶବ—1. The
Saja maṛdā carcass of a recently dead
সাজমড়া animal. ୨ । ସଦ୍ୟୋମୃତ ବ୍ୟକ୍ତିର ଶବ—2. The
टटका मुर्दा corpse of a recently deceased person.
(ବାସିମଡ଼ା—ବିପରୀତ) ୩ । ମୃତ୍ୟୁର ସଙ୍ଗେ ସଙ୍ଗେ ଦାହାର୍ଥ ଶ୍ମଶାନକୁ ନୀତ ଶବ—3. Dead body taken to the cremation ground immediately after death. [ଦ୍ର—ଯେଉଁ ଶବକୁ ମରିବାଦିନ ଶ୍ମଶାନକୁ ନିଆ ନ ଯାଏ, ତାକୁ 'ବାସିମଡ଼ା' କହନ୍ତି ।]

ସଜ ମାଉଁସ—ଦେ· ବ (ସଂ. ସଦ୍ୟଃ+ମାଂସ)—ସଦ୍ୟୋମୃତ ଜୀବର
Saja māuṅsa ମାଂସ (ଯାହା ସଢ଼ିଯାଇ ନ ଥାଏ)—
সাজমাংস टटकामांस Fresh meat.

ସଜ ମାଉଁସରେ ଅଂଶେଇ ପକା(କେ)ଇବା—(ନ୍ୟାୟ) ଦେ· କ୍ରି—
Saja māuṅsare aṁsei pakā(ke)ibā (ଲକ୍ଷଣାର୍ଥ)—
टटका मांसमे कीड़ा लगाना ନିର୍ଦ୍ଦୋଷ ବା ନିଷ୍କଳଙ୍କ ବ୍ୟକ୍ତି ଠାରେ କଳଙ୍କାରୋପ କରିବା—(figurative) To defame a really innocent person.
ସଜ ମାଉଁସରେ ଅଂଶେଇ ବସା(ସେ)ଇବା }
ସଜ ମାଉଁସରେ ପୋକ ପକା(କେ)ଇବା } ଅନ୍ୟରୂପ
ସଜ ମାଉଁସରେ ପୋକ ବସା(ସେ)ଇବା }
[ଦ୍ର—ସଦ୍ୟୋମୃତ ପ୍ରାଣୀର ମାଂସ ବାସି ହେଲେ ବା ଏକାଧିକ ଦିନ ଯାଏ ରହିଲେ ତାହା ସଢ଼ିଯାଏ ଓ ତହିଁରେ ଅଂଶେଇ ବା ପୋକ ପଡ଼ନ୍ତି; ସଜ ମାଂସରେ ପୋକ ପଡ଼ନ୍ତି ନାହିଁ । ଏଣୁ ସ୍ଥଳରେ ସଜ ମାଂସରେ ପୋକ ପକାଇବାର ଲକ୍ଷଣାର୍ଥ=ଅଦୂଷିତ ପଦାର୍ଥକୁ ଦୂଷିତ ପଦାର୍ଥ ପରି କରିବା, ଅର୍ଥାତ୍ ନିର୍ଦ୍ଦୋଷ ବା ନିଷ୍କଳଙ୍କ ବ୍ୟକ୍ତିଠାରେ କଳଙ୍କ ଆରୋପ କରିବା ବା ନିର୍ଦ୍ଦୋଷ ବ୍ୟକ୍ତିଠାରେ କଳଙ୍କ ଲଗାଇବା ।]

ସଜମ୍ବାଳ—ସଂ. ବଣ (ସ=ସହ+ଜମ୍ବାଳ=ପଙ୍କ; ସହାର୍ଥ ବହୁବ୍ରୀହି)-
Sajambāla ପଙ୍କିଳ—Muddy.

ସଜରସ—ଦେ. ବ (ସଂ. ସର୍ଜରସ)—ସର୍ଜରସ; ଝୁଣା—Resin.
Sajarasa (ଦ୍ର—ଘୃତ ଛଣ ସଜରସ ଅଗିରେ କାଳ ନା-
ধুনা धूना ଭକ୍ତଚରଣ ମଥୁରାମଙ୍ଗଳ ।)

ସଜଳ—ସଂ. ବଣ. ପୁଂ (ସ=ସହିତ+ଜଳ, ସହାର୍ଥ ବହୁବ୍ରୀହି)—୧ ।
Sajala ଜଳଯୁକ୍ତ—1. Watery. ୨ । ଜଳ ପୂର୍ଣ୍ଣ—
(ସଜଳା—ସ୍ତ୍ରୀ) 2. Full of water; brimming with water. ୩ । ଆର୍ଦ୍ର—3. Moist; wet.

ସଜଳ ନୟନ—ସଂ. ବ (କର୍ମଧା)—୧ । ଲୋତକାର୍ଦ୍ର ନେତ୍ର—
Sajala nayana 1. Eyes wet with tear.
ସଜଳନେତ୍ର } ଅନ୍ୟରୂପ ୨ । ଲୋତକପୂର୍ଣ୍ଣ ଚକ୍ଷୁ—
ସଜଳଲୋଚନ } 2. Tearful eyes.
ସଂ. ବଣ. ପୁଂ (ବହୁବ୍ରୀହି)—ଅଶ୍ରୁପୂର୍ଣ୍ଣ ନେତ୍ରଯୁକ୍ତ (ବ୍ୟକ୍ତି)—
ସଜଳନୟନା }
ସଜଳନେତ୍ରା } —ସ୍ତ୍ରୀ (a person) With tearful eyes.
ସଜଳଲୋଚନା }

ସଜଳସ—ଦେ. ବ (ସଂ. ସର୍ଜ୍ଜରସ)—ସର୍ଜରସ; ଝୁଣା—
Sajalasa Resin used as incense.
ধুনা धूना

ସଜଳସ୍ଥଳ—ସଂ. ବଣ (ସ=ସହିତ+ଜଳସ୍ଥଳ, ସହାର୍ଥ ବହୁବ୍ରୀହି)—
Sajalasthala ଜଳଭାଗ ଓ ସ୍ଥଳଭାଗ ସମନ୍ୱିତ (ପୃଥିବୀ)—(the world) Consisting of the land and water.
সমুদায় পৃথিবী ଦେ. ବ—ସମୁଦାୟ ପୃଥିବୀ—1. The
जलस्थल whole world including land and water

ସଜ ଲାଗିବା—ଦେ. କ୍ରି—୧ । ସୁବିଧାଜନକ ବୋଧ ହେବା—
Saja lāgibā 1. To seem convenient.
সহজ বা সেজা লাগা ୨ । ସହଜ ବୋଧ ହେବା—
उपयोगी होना ठिक होना 2. To seem easy.
୩ । ଉପଯୋଗୀ ବୋଧ ହେବା—3. To seem suitable; to suit.

ସଜ ଲୁଗା—ଦେ. ବ—ସଜ କରା ଲୁଗା—Cloth washed in
Saja lugā the course of one day only.
সাজ কাপড় टटका धोया हुआ कपडा

ସଜ ଶଉଚ—ଗ୍ରା. ବ—(ସଂ. ସଦ୍ୟଃ ଶୌଚ)—ସଦ୍ୟଃ ଶୌଚ; ସଦ୍ୟଃ
Saja saucha ସ୍ନାନାଦି ଦ୍ୱାରା ଅଶୌଚରୁ ମୁକ୍ତିଲାଭ କରିବା
(ସଜ ଶୌଚ—ଅନ୍ୟରୂପ) ଅବସ୍ଥା—Purfication
সদ্যশৌচ सद्यशौच attained or performed just after the happening of an impurity in some cases (as ordained by the Śāstras).

ସଜ ସାଜ—ଦେ. ବ. (ସଂ. ସଜ୍ଜା)—ସାଜସଜ୍ଜା—
Saja sāja সাজসজ্জা सजधज Equipments

ସଜ ହ(ହେ)ବା—ଦେ· କ୍ରି (ସଂ. ସଜ୍ଜିତ)—୧ । ସଜ୍ଜିତ ହେବା—
Saja ha (he) bā 1. To be fitted up.
সজা तैयार होना ୨ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବା.
2. To get ready for any work
(ଦ୍ର—ସଜ ହୋଇ ସବୁ ସରଦାର ଅବା ଆସେ—
ଚକ୍ରବର୍ତ୍ତୀ କଣୋରଚନ୍ଦ୍ରାନନ୍ଦ ଚମ୍ପୂ ।)
সাজা सजाधजा होना ୩ । ବେଶଭୂଷାଦିଦ୍ୱାରା ଅଳଂକୃତ

ହେବା—3. To be adorned or dressed up
(ଉ—ସଜ ହେଲେ ସେହୁସଣି ଅରଣ୍ୟକ ବେଶେ—
ସହଜ ହওয়া सुविधाजनक होना ରାଧାନାଥ, ମହାଯାତ୍ରା ।)
୪ । ସୁବିଧାଜନକ ହେବା—4 To suit

ସଜା—ଦେ. ବି (ସଂ. ସଜ୍ଜା)— ସଜ୍ଜିତକରଣ—Decoration;
Sajā ornamentation. ବୈଦେ, ବି—୧ । ବନ୍ଦୀ—
সাজন सजावट 1. Imprisonment; jail.
(ସଜାଏ—ଅନ୍ୟରୂପ) ୨ । (ଫା, ସଜାଏ) ଦଣ୍ଡ; ଶାସ୍ତି—
সাজা सजा 2. Punishment. (ଉ—ଅସି
ଚୁକ ଦେଣ, ହାତ ବାନ୍ଧି ଲେଣ,ନ ହେଲେ ଭୋଗିବ କଠିଣ
ସଜା—ଉକ୍ଳାଗଡ଼ଜଣ ଗୀତଲହରୀ ।) ଦେ. ବିଣ—
সাজা सजावट ୧ । ସଜ୍ଜିତ—1 Furnished.
୨ । ମିଥ୍ୟା ପ୍ରମାଣ ଦ୍ଵାରା ରଚିତ (ମକଦମା)—
2. Fabricated; got up (case). ଗ୍ରାଦେ(ବାଲେଶ୍ଵର)
ବି—ବସା ଦହି କରିବା ନିମନ୍ତେ ଅଉଟା ଦୁଧରେ ମିଶାଇ
ଦିଆଯିବା ମହି—The whey which is added
to boiled milk to turn the latter
into curd.

ସଜା(ଜେ)ଇବା—ଦେ. କି (ସ. ଣିଜନ୍ତ ସସ୍ଜ୍ ଧାତୁ ବା ସଜ୍ଜ୍ ଧାତୁ)—
Sajā(je)ibā ୧ । ସଜ୍ଜିତ କରିବା—1. To furnish.
সাজান सजाना (ଉ—ଏବେ ଉପବନେ ତରୁ ଲତା
ଭାଳେ ସଜାଇ ଯତନେ ଅଛି—ମଧୁସୂଦନ ଛନ୍ଦମାଳା ।)
୨ । ସୁସଜ୍ଜିତ କରିବା—2. To furnish well.
(ଉ—ବଗ୍ରହ ବଚନମାନଙ୍କୁ ଶୁଣିଲେ ସୁଗ୍ରୀବ ସୈନ୍ୟ
ସଜାଇ—ଭକ୍ତ ବୈଦେହୀଶବିଳାସ) ୩ । ଅନ୍ୟ
ବ୍ୟକ୍ତିକୁ ବେଶ କରିବା—3. To decorate or
adorn a person. ୪ । ମକଦ୍ଦମାର ପ୍ରମାଣାଦି
ଉପଯୁକ୍ତରୂପେ ସଜ୍ଜିତ କରିବା; ମିଛ ମକଦମା ରଚନ
କରିବା—4. To fabricate a case; to get up
a case falsely.

ସଜାଇବା ମକଦ(ଦ୍ଦ)ମା—ଦେ. ବି—ମିଥ୍ୟା ଓ ରଚିତ ମକଦମା—
Sajāibā makada(dda)mā A got-up case.
সাজান মকদ্দমা झूठा मुकदमा (ସଜାଇବା ମାମଲ—ଅନ୍ୟରୂପ)

ସଜାଉ—ଦେ. ବି (ସ. ସଜ୍ଜା) ବାଦ୍ୟବିଶେଷ; ଢୋଲ—A sort of
Sajāu musical instrument; drum. (ଉ—
ঢোল ढोल ବାଜିଲା ସଜାଉ ଅରୁ ଡମରୁ ଢମାଣ—
ସାରଳା ମହାଭାରତ, ସଭା ।)

ସଜା(ସଜାଏ) ଖଟିବା—ଦେ. କି.—୧ । ଦଣ୍ଡ ଭୋଗ କରିବା—1.
Sajā(Sajāe) khaṭibā To undergo a sentence
সাজাখাটা of punishment. ୨ । ଜେଲ ଭୋଗିବା—
सजा खटना 2. To undergo imprisonment. [ସଜା
(ସଜାଏ) ଖଟିବା (ଭୋଗ କରିବା, ଭୋଗିବା)—ଅନ୍ୟରୂପ]

ସଜାଗ—ଦେ. ବିଣ (ସଂ. ଜାଗ୍ରତ; ସ=ସହଶବ୍ଦଜ+ଜାଗ=ଜାଗରଣ
Sajāga ଶବ୍ଦଜ)—ଜାଗ୍ରତ; ସଚେତ (ବ୍ୟକ୍ତି ବା ବୁଦ୍ଧି)
সজাগ सचेत Watchful; vigilant.

ସଜାଗ ନିଦ—ଦେ. ବି. (ଅଶୁଦ୍ଧ)—ସଚେତ ନିଦ—Waking
Sajāga nida sleep; wakeful sleep.
সজাগঘুম सचेत निंद

ସଜାଡ଼—ଦେ. ବିଣ. (ସଂ. ସଜ୍ଜିତ) ୧ । ସୁସଜ୍ଜିତ—1. Ship-
Sajāṛda shape; well equipped. ୨ । ସୁବିଧା-
সুসজ্জিত ଜନକ—2. Convenient. ୩ । ଅରୋଗ୍ୟ ପ୍ରାପ୍ତ-
सजायाहुआ 3. Recovered. ୪ । ଜୀର୍ଣ୍ଣସଂସ୍କୃତ—4.
Repaired. ୫ । ପୁନର୍ନବୀକୃତ ପ୍ରାପ୍ତ—5. Renovated.
ଦେ. ବି.—(ସଂ. ସଜ୍ଜା) ୧ । ସଜ୍ଜିତ ଅବସ୍ଥା—
সাজাবস্থা 1. Equipped or furnished condition.
सजावट ୨ । ଜୀର୍ଣ୍ଣ ସଂସ୍କୃତ ଅବସ୍ଥା—2. Repaired condi-
সারা, সারন, মেরামত) tion; renovated condition
मरम्मत ୩ । ରୁଗ୍ଣ ଦେହର ଅରୋଗ୍ୟ; ରୋଗ ମୁକ୍ତ ପୂର୍ବକ
সারা, সুস্থহওয়া ଶରୀରର ପୂର୍ବାବସ୍ଥା ପ୍ରାପ୍ତି; ଅରୋଗ୍ୟ—3.
नीरोग Convalescence; recovery from an
illness; regaining of one's previous
health. [ଉ—ଏତେ ଦିନ ଉପବାସ କରିବାରୁ ମୋ
ଦେହ ସଜାଡ଼କୁ ଆସିଲା ।] ୪ । ରାଜା, ବଶିଷ୍ଟ ବ୍ୟକ୍ତି,
ডালা, ডালি ଅତିଥି ଅଦଙ୍କ ନିକଟକୁ ଉପହାର ସ୍ଵରୂପ ପ୍ରେରିତ
रसद ଖାଦ୍ୟ ଦ୍ରବ୍ୟ ସମ୍ଭାର; ଡାଲି; ସଞ୍ଜା—4. A present
of food to a guest (consisting of many
varieties) [ଉ—ବଶିଷ୍ଟ ଯାତ୍ରୀମାନଙ୍କୁ ପୁରୀର ଓ
ଭୁବନେଶ୍ଵରର ପଣ୍ଡାମାନେ ଅନ୍ନ, ଡାଲି, ପିଠା ମହା-
ପ୍ରସାଦର 'ସଜାଡ଼' ଦିଅନ୍ତି ।] [ଉ—ବଶିଷ୍ଟ ବ୍ୟକ୍ତିଙ୍କୁ
ଦିଆଯିବା କଞ୍ଚା ପରିବା, ଘିଅ, ଡାଲି ଆଦି ଉପହାର
ସମ୍ଭାରକୁ 'ସଞ୍ଜା' ବା 'ସିଧା' ବା 'ଡାଲି' କୋହାଯାଏ ।
ଜଗନ୍ନାଥ, ମହାପ୍ରସାଦ, ମିଷ୍ଟାନ୍ନ, ପକ୍ୱାନ୍ନ ଆଦି
ସଦ୍ୟଃଭୋଜ୍ୟ ଉପହାରକୁ 'ସଜାଡ଼' କୋହାଯାଏ ।]
୫ । ଯଥାଯୋଗ୍ୟ
সাজ सजावट ସଜ୍ଜା—5. Proper or suitable equip-
ment. ୬ । ଯତ୍ନ—6. Care. ୭ । ପରିଷ୍କୃତ ଓ
ପରିଚ୍ଛନ୍ନ ଅବସ୍ଥା—7. Neat and clean condi-
tion. ୮ । ଉପଯୁକ୍ତ ବା ସୁବିଧାଯୁକ୍ତ ଅବସ୍ଥା—
8. Proper or convenient state.

ସଜାଡ଼ କରିବା—ଦେ. କି—ସଜାଡ଼ିବା (ଦେଖ)—
Sajāṛda karibā Sajāṛdibā (See).

(ଦେହ)ସଜାଡ଼କୁ ଆସିବା—ଦେ. କି.— (ରୁଗ୍ଣ ଶରୀର) ଅରୋଗ୍ୟ-
Sajāṛdaku āsibā ଲାଭ ପୂର୍ବକ ସୁସ୍ଥାବସ୍ଥା ପ୍ରାପ୍ତ ହେବା—
সেরে যাওয়া, সারিয়া যাওয়া To recover one's strength
नीरोगहोना and health after illness.

ସଜାଡ଼ୁଆ—ଦେ. ବିଣ. (ସଂ. ସଜ୍ଜିତ)—୧ । ସୁସଜ୍ଜିତ—1. Well-
Sajāṛdiā equipped ୨ । ଜୀର୍ଣ୍ଣ ସଂସ୍କୃତ—2.
সাজান सजायाहुआ Repaired. ୩ । ପୂର୍ବ ସ୍ଵାସ୍ଥ୍ୟ
(ବିଗାଡ଼ିଆ—ବିପରୀତ) ପ୍ରାପ୍ତ; ଅରୋଗ୍ୟ ପ୍ରାପ୍ତ—3. Recovered;
convalescent. ଦେ.ବି. ସୁବିଧାଜନକ—4. Con-

venient. ୫ । କୌଣସି କାର୍ଯ୍ୟ ବା ଅବସ୍ଥାକୁ ଯେ ସଜାଡ଼େ—Repairer; one who sets things right.

ସଜାଡ଼ିବା—ଦେ: କ୍ରି. (ସଂ. ସଜ୍ ଧାତୁ)—୧ । ସଜ୍ଜିତ କରିବା—1. To furnish. ୨ । ସୁସଜ୍ଜିତ କରିବା—2. To equip; to fit up.
Sajārdibā
ସାଜାନ **सजाना, बनाना**
(ସଜାଡ଼ିବା—ବିପରୀତ) [ଉ—ଅଶିଥିଲ ଲୁଗା କେତେ କଥା, (ସଜାଡ଼ାଇବା—ଣିଜନ୍ତ ରୂପ) ଲଳିତକୁ ଭୂଷଣରେ ଅଙ୍ଗ ଯତନେ ସଜାଡ଼ରେ । କବିସୂର୍ଯ୍ୟ. ସଙ୍ଗୀତ ।] ୩ । ନିର୍ମାଣ କରିବା—3. To build. (ଉ—ଶୂନ୍ୟ ସଉଧେ ସଜାଡ଼ ନିବାସ, ଉତ୍କ୍ରୁଷ୍ଟ ଖାଲ ବାଅରେ—ଉପେନ୍ଦ୍ର-
बनाना ଚରଣ. ଗୀତଲହରୀ ।] ୪ । ସୃଷ୍ଟି କରିବା—4. To create. (ଉ—ନାରୀକୁ ରୂପରକୁ ବନ୍ଧେ ବ୍ରହ୍ମ କରି, ସଜାଡ଼ିଥିଲେ ଜୁମ୍ବ କାହା କି ପୁଚିରି । ଭୂପତିସିଂହ. ମହାଭାରତ.
ସାରା, ସାରান ବନ ।) ୫ । ମରାମତି କରିବା; ସୁସଂସ୍କୃତ କରିବା—5. To repair. ୬ । ବିଶୃଙ୍ଖଳ ବସ୍ତୁକୁ
सजाना
ସୁଶୃଙ୍ଖଳ କରିବା—6. To set right. ୭ । ସୁବିନ୍ୟସ୍ତ କରିବା; ଯଥାସ୍ଥାନାବସ୍ଥିତ ବା ଯଥାବସ୍ଥାବସ୍ଥିତ କରିବା—7. To arrange well. ୮ । ରୁଗ୍ଣ ଶରୀରକୁ ରୋଗମୁକ୍ତ କରିବା—8. To cure (a person of illness). ୯ । ପରିଷ୍କୃତ ପରିଚ୍ଛନ୍ନ କରିବା—9. To make neat and clean. ୧୦ । ଅଣ୍ଟି ଯାଇଥିବା ବାଳ, ଲୁଗା ପଟା ଆଦିକୁ ସୁବିନ୍ୟସ୍ତ କରିବା—10. To re-arrange the hair or dress which has been out of order. ୧୧ । ଅସୁବିଧାଗ୍ରସ୍ତ ବିଷୟକୁ ସୁବିଧାଜନକ କରିବା—11. To set matters right. ୧୨ । ଯତ୍ନପୂର୍ବକ କୌଣସି କାର୍ଯ୍ୟ କରିବା—12. To do a thing with care.

ସଜାତି—ସଂ. ବିଣ. (ସ=ସହ+ଜାତି)—ସମଶ୍ରେଣୀୟ—Belonging to the same class or caste. ସଂ. ବି—ଏକ ଜାତୀୟ ସ୍ତ୍ରୀ ପୁରୁଷଙ୍କ ସନ୍ତାନ—Offspring of parents belonging to the same species or caste. ଦେ. ବିଣ—(ସ.
Sajāti
[ସଜାତିଆ—ଅନ୍ୟରୂପ] ସଜାତୀୟ) ୧ । ସଜାତୀୟ (ଦେଖ)—1. Sajātiya (See) ୨ । ସ୍ୱଜାତୀୟ; ଆପଣାର ଜାତୀୟ—2. Belonging to one's own class or genus or species or caste or nationality.
ସଜାତୀୟ **सजाति**

ସଜାତୀୟ—ସଂ. ବିଣ. (ସ=ସହିତ+ଜାତୀୟ)—୧ । ଏକ ଜାତୀୟ—1. Of the same class or species or caste. ୨ । ସମାନ ଜାତୀୟ—2. Of similar class or caste or species. ୩ । ସବର୍ଣ୍ଣ—Of the same caste. ୪ । ଏକଧର୍ମ—4. Of the same kind. ୫ । ଏକଧର୍ମାବଲମ୍ବୀ—5. Of the same religion or attribute. ୬ । ସଦୃଶ; ତୁଲ୍ୟ—6. Similar; like.
Sajātiya
(ସଜାତୀୟା—ସ୍ତ୍ରୀ)

ସଜା ଦିଆଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ଦଣ୍ଡିତ ହେବାର ଉପାୟ କରିବା—To cause to be punished.
Sajā diāibā
ସାজা দেওয়ান **सजा दिलाना**
(ସଜାଏ ଦିଆଇବା—ଅନ୍ୟରୂପ)

ସଜା ଦେବା—ଦେ. କ୍ରି—୧ । ଦଣ୍ଡ ଦେବା—1. To inflict punishment. ୨ । ଦଣ୍ଡାଦେଶ କରିବା—To sentence a man to punishment; to convict a person.
Sajā debā
সাজাদেওয়া **सजा देना**
(ସଜାଏ ଦେବା—ଅନ୍ୟରୂପ)

ସଜା ପାଇବା—ଦେ. କ୍ରି—୧ । ଦଣ୍ଡିତ ହେବା—1. To be punished ୨ । ଦଣ୍ଡାଜ୍ଞା ପ୍ରାପ୍ତ ହେବା—2. To be convicted.
Sajā pāibā
সাজাপাওয়া **सजा पाना**
(ସଜାଏ ପାଇବା—ଅନ୍ୟରୂପ)

ସଜାରି—ପ୍ରାଦେ. (ସିଂହଭୂମି) ବି.—ସାଝଦାର; ଭାଗୁଆଳି—A partner.
Sajāri

ସଜାରି ଚାଷ—ପ୍ରାଦେ (ସିଂହଭୂମି) ବି.—ଦୁଇ ଜଣଙ୍କ ସାଝରେ କରିଥିବା ଚାଷ—Joint cultivation.
Sajāri chāsha

ସଜାରୁ—ଦେ. ବି (ସଂ. ଶଲ୍ଲକୀ, ଛେଦାର)—ଝିଙ୍କ—Porcupine
Sajāru [ବ—କେହି କେହି 'ଶଜାରୁ' ମଧ୍ୟ
সজারু **साही** ଲେଖନ୍ତି]

ସଜା ହୁକୁମ୍—ଦେ. ବି—୧ । ଦଣ୍ଡାଜ୍ଞା—1. Sentence of punishment. ୨ । ଜେଲ ଯିବାର ହୁକୁମ—2. Sentence of imprisonment.
Sajā hukum
সাজা হুকুম, সাজার হুকুম **सजाहुक्म**
(ସଜାଏ ହୁକୁମ—ଅନ୍ୟରୂପ)

ସଜିଆ—ଦେ. ବିଣ ୧ । (ସ. ସଜ୍ଜା)—ସୁବିଧାଜନକ—1. Convenient. ୨ । (ସ. ସହଜ) ସହଜ—2. Easy.
Sajiā
সোজা **सहज** (ଅସଜିଆ—ବିପରୀତ)

ସଜିଲ(ଲ,ଲି)—ଦେ. ବିଣ (ସ. ସଜ୍ଜିତ)—୧ । ସୁସଜ୍ଜିତ—1. Well equipped; ship-shape; nicely arranged. ୨ । ପ୍ରସ୍ତୁତ; ଉଦ୍ୟତ—2. Prepared; ready. ୩ । ଅବ୍ୟୋଜିତ—3. Arranged. ୪ । ସୁବିଧାଜନକ—4. Convenient. ୫ । ସଂଗୃହୀତ—5. Gathered; collected. ୬ । ସୁଯୋଗଯୁକ୍ତ—6. Opportune. ଦେ. ବି—୧ । ସୁବିଧା; ସଜ—1. Convenience. ୨ । ସୁଯୋଗ—2. Opportunity. ୩ । ସୁସଜ୍ଜିତ ଅବସ୍ଥା—3. Well-equipped condition. ୪ । ସ୍ଥାନ; ବନ୍ଦୋବସ୍ତ—4. Arrangement. ୫ । ଯୋଗାଡ଼—5. Preparation. ୬ । ଉପକରଣର ସଂଗ୍ରହ—6. Gathering of materials.
Sajil(la,li)
সাজা **तैयार**
সোজা **सुबिधा**

ସଜିଲ୍ (ଲି) କରିବା—ଦେ. କ୍ରି—୧ । ସୁସଜ୍ଜିତ କରିବା—1. To equip; to fit up; to arrange
Sajil(li) kariba
সাজান well. ୨ । ଅବଶ୍ୟକ ଧନ, ଉପକରଣାଦି ସଂଗ୍ରହ ବା
सुविधा करना ଅଯୋଜନ କରିବା—2. To get or collect the requisite funds or materials. ୩ । ସୁବିଧା କରିବା; ବନ୍ଦୋବସ୍ତ କରିବା—3. To arrange. ୪ । ପ୍ରସ୍ତୁତ କରିବା; ଯୋଗାଡ଼ କରିବା—4. To prepare; to make preparations.

ସଜିଲ୍ (ଲି) ପଡ଼ିବା—ଦେ. କ୍ରି—ସଜ ପଡ଼ିବା (ଦେଖ)
Sajil(li) patiba Saja patiba. (See)
সজিল হওয়া सुविधा होना

ସଜିଲ୍ (ଲି) ସାତ୍(ତି)—ଦେ. ବି ଓ ବିଣ (ସହଚର)—ସଜିଲ୍ (ଦେଖ)
Sajil(li) sāt(ti) Sajil. (See)

ସଜିଲ୍ (ଲି) ହେବା—ଦେ. କ୍ରି—୧ । (ଧନ ଆଦି) ଅଯୋଜିତ ହେବା—1. To be got up. [ଯଥା—ମକଦ୍ଦମା ଖରଚ ପାଇଁ ଟଙ୍କା ସଜିଲ ହେଉ ନାହିଁ ।]
Sajil(li) heba
যোগাড় হওয়া
सुविधा होना ୨ । ବନ୍ଦୋବସ୍ତ ହେବା—2. To be arranged. (ଯଥା—ମକଦ୍ଦମା ଚଳିବାର ଭଲ ନ ହେଲେ ଅମର ସର୍ବନାଶ ହେବ ।) ୩ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ବା ଉଦ୍ୟତ ହେବା—3. To make preparations or arrangements to do a thing; to get ready; to be ready to do a thing. (ଯଥା—ମୁଁ ତୀର୍ଥଯାତ୍ରା କରିବାକୁ ସଜିଲ ହେଉଅଛି ।) ୪ । ସୁବିଧାଜନକ ହେବା—4. To be convenient. (ଯଥା—ମତେ ଏଠାରେ ରହିବାକୁ ସଜିଲ ହେଉ ନାହିଁ ।)

ସଜିଲ୍ ସାଜ(ଜି)ଲ୍—ଦେ.ବି—(ଏକାର୍ଥକ ସହଚର) ବନ୍ଦୋବସ୍ତ; ଯୋଗାଡ଼—Arrangement. (ଉ—କରେ
Sajil sāja(ji)l
যোগাড়যন্ত্র ଦେଖି ! ତୁ କେବେ ସଜିଲସାଜିଲ କରି ସାରିଲୁଣି ?—
सुविधा ଉପେନ୍ଦ୍ରଭଞ୍ଜ, ରସିକହାରାବଳୀ, ଚୌପଦୀ)

ସଜିଲତ—ଦେ. ବି ଓ ବିଣ—ସଜିଲ୍ (ଦେଖ)
Sajilat Sajil (See)

ସଜୀବ—ସଂ. ବିଣ (ସ=ସହ+ଜୀବ=ଜୀବନ; ସହାର୍ଥ ବହୁବ୍ରୀହି)—
Sajiba ୧ । ଜୀବିତ; ସଚେତନ; ଯାହାର ଜୀବନ ଅଛି—(ନିର୍ଜୀବ—ବିପରୀତ) 1. Alive; living; animated; sentient. ୨ । (ଲକ୍ଷଣାର୍ଥ) ତାଜା; ସତେଜ—2. Vigorous.

ସଜୀବତା(ତ୍ୱ)—ସଂ. ବି—୧ । ସଚେତନତ୍ୱ—1. Animation.
Sajībatā(twa) ୨ । ତେଜସ୍ୱୀ ଭାବ—2. Vigorousness. ୩ । ତେଜଃ—3. Vigour.

ସଜୁଆଣି କଦଳୀ—ଦେ. ବି—ଯେଉଁ କଦଳୀ ଅତି କଞ୍ଚା ନୁହେଁ କମ୍ଭା ଅତି ପାକଳ ନୁହେଁ—Plantain which is neither very mature nor very raw.
Sajuāni kadali
अजोह केला

ସଜୁନା—ପ୍ରାଦେ (ଉତ୍ତର ବାଲେଶ୍ୱର) ବି—ଶଜନା (ଦେଖ)
Sajunā Sajunā. (See)

ସଜୁଷ୍—ସଂ. ବିଣ (ସ=ସହ+ଜୁଷ୍ ଧାତୁ=ସେବା କରିବା+କର୍ତ୍ତି. କ୍ୱିପ୍)—୧ । ପ୍ରୀତିଯୁକ୍ତ—1. Loving; cheerful. ୨ । ସେବାକାରୀ—2. Tending; serving. ୩ । ଏକତ୍ର ସେବାକାରୀ—3. Serving together. ସଂ. ବି—ତାପସ—A sage.
Sajush

ସଜୁ(ଜ୍ୱା)ସ୍—ସଂ. ଅ (ସହ+ଜୁଷ୍ ଧାତୁ=ତୁଷ୍ଟ ହେବା+କର୍ତ୍ତି. କ୍ୱିପ୍)—ସହ; ସହିତ—With; along with. [ଦ୍ର—ଓଡ଼ିଆରେ ଏ ଶବ୍ଦର ବ୍ୟବହାର ନାହିଁ ।]
Saju(jwa)s
(ସଜୂଃ, ସଜ୍ୱଃ—ଅନ୍ୟରୂପ)

ସଜେ—ଦେ. ବି ଓ ବିଣ—ଏକ ପ୍ରସ୍ଥ—
Saje One set; one set of.
এক সেট एक सेट

ସଜେଇବା—ଦେ. କ୍ରି—ସଜାଇବା (ଦେଖ)
Sajeiba Sajāibā. (See)

ସଜୋର—ଦେ. ବିଣ (ସ=ସହ ଶବ୍ଦଜ+ଫା. ଜୋର=ବଳ)—ବଳିଷ୍ଠ—Strong; forcible. ଦେ. କ୍ରି. ବିଣ—୧ । ବଳପୂର୍ବକ—1. Strongly; forcibly. ୨ । ଜୋର କରି—2. With force; violently.
Sajor
জোরাল
बलवान, जोरदार
সজোরে जोरसे]
(ସଜୋରେ—ଅନ୍ୟରୂପ)

ସଜ୍ଜ—ସଂ. ବିଣ (ସସଜ୍ ଧାତୁ=ସଜ୍ଜିତ ହେବା+କର୍ତ୍ତି. ଅ)—
Sajja ୧ । ସଜ୍ଜିତ; ସଜ୍ଜା ହୋଇଥିବା—1. Equipped; furnished; fitted up. ୨ । ଭୂଷିତ—2. Adorned. ୩ । ପ୍ରସ୍ତୁତ—3. Prepared; got ready. ୪ । ଉଦ୍ୟତ—4. Ready. ୫ । ସନ୍ନଦ୍ଧ; ସାଞ୍ଜୁ ପିନ୍ଧିଥିବା—5. Armed; armoured; accoutred. ୬ । ପ୍ରାଚୀରଦ୍ୱାରା ସୁରକ୍ଷିତ—6. Well protected by walls (a town, a fort). ୭ । ଯେ ବେଶଭୂଷା ପରିଧାନ କରିଥାଏ—7. Dressed; accoutred.

ସଜ୍ଜକ୍ରମ—ସଂ. ବିଣ (ସଜ୍ଜ+କ୍ରମ)—ପ୍ରସ୍ତୁତ; ସଜ୍ଜିତ—
Sajjakrama Equipped; arranged.

ସଜ୍ଜନ—ସଂ. ବିଣ (କର୍ମଧାରୟ; ସତ୍=ସାଧୁ+ଜନ)—୧ । ସତ୍ତ୍ୱ;ସାଧୁ; ସୁଜନ—1. Good; virtuous. ୨ । ସଚ୍ଚରିତ୍ର—2. Of good character or morals. ୩ । ସୁଜାତ; ସତ୍‌କୁଳୋଦ୍ଭବ—3. Of noble family; respectable, noble. ସଂ. ବି—୧ । ସାଧୁବ୍ୟକ୍ତି—1. A good man. ୨ । ସଚ୍ଚରିତ୍ର ବ୍ୟକ୍ତି—2. A man of good moral character. ୩ । (ସସଜ୍ ଧାତୁ+ଭାବ. ଅନ)—ସଜ୍ଜନା (ଦେଖ)—Sajjanā (See)
Sajjana

ସଜ୍ଜନା—ସଂ. ବି (ସସଜ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—୧ । ସଜ୍ଜନ; ସଜ୍ଜୀକରଣ—1. Act of fitting up; equipping. ୨ । ସାଜସଜ୍ଜା—2. Equipage; trappings. ୩ । ରକ୍ଷୀ ସୈନିକଙ୍କ ଅବସ୍ଥିତି ସ୍ଥାନ—3. A resting place for guards; a sentries' post. ୪ । ଚୌକି; ଥାନା; ଘାଟ; ଘାଟୀ—4. Out-post; military out-post. ୫ । ବିପତ୍‌ସଙ୍କୁଳ ସ୍ଥାନମାନଙ୍କରେ ପ୍ରହରୀସନ୍ନିବେଶ—5. Act of putting guards at places or points of danger. ୬ । ଘାଟ—6. Landing place; wharf. ୭ । ବନ୍ଦର—7. Port; quay. ୮ । ଯୁଦ୍ଧ ପାଇଁ ସୈନ୍ୟ ସ୍ଥାପନ—8. Battle array; cohort. ୯ । ସାଜ; ବେଶ; ପୋଷାକ—9. Dress; accoutrements. ୧୦ । ଘରର ଅସବାବପତ୍ର—10. Furniture. ୧୧ । ଅଳଂକରଣ—11. Adorning; decorating. ୧୨ । ଆୟୋଜନ; ବନ୍ଦୋବସ୍ତ—12. Arrangement; settlement; preparation. ୧୩ । ବେଶ କରିବା—13. Adorning; decorating. ୧୪ । ଘୋଡ଼ାକୁ ସଜାଇବା—14. Harnessing a horse. ୧୫ । ହାତୀକୁ ସଜାଇବା—15. Act of fitting up an elephant.
Sajjanā

ସଜ୍ଜନିତ—ସଂ. ବିଣ (ସତ୍+ଜନ୍ ଧାତୁ ଣିଜନ୍ତ ଜନ ଧାତୁ+କର୍ମ. ତ)- ୧ । ଉତ୍ତମରୂପେ ବା ଭାବରେ ପ୍ରସୂତ—1. Well born. ୨ । ସାଧୁତାଜନିତ—2. Due to honesty. (ଉ—ବହୁତହୁତ ବୋଷଜସଜନିତ ଏହି ଯେ—ଭଞ୍ଜ. ବୈଦେହୀଶବିଳାସ ।)
Sajjanita

ସଜ୍ଜା—ସଂ. ବି (ସସଜ୍ ଧାତୁ+ଭାବ. ଅ+ଆ)—୧ । ସାଜ; ବେଶଭୂଷା; ପୋଷାକ—1. Accoutrements; dress; ornaments. ୨ । ସନ୍ନାହ; ସାଞ୍ଜୁ—2. Arms; armour; coat of mail. ୩ । ଆୟୋଜନ—3. Preparation; arrangement. ୪ । ସଜ୍ଜୀଭୂତ ଅବସ୍ଥା—4. Equipped state.
Sajjā

ସଜ୍ଜା ଗୃହ—ସଂ. ବି—ନଟ୍ଟକଳଭିନ୍ନମାନଙ୍କ ବେଶ ହେବାର ଗୃହ—Green-room; dressing room.
Sajjā gṛuha

ସଜ୍ଜିତ—ସଂ. ବିଣ. ପୁଂ (ସସଜ୍ ଧାତୁ+କର୍ତ୍ତି. ତ ବା ସଜ୍ଜା+ଇତ)—୧ । ସଜ୍ଜୀକୃତ—1. Furnished; equipped. ୨ । ଭୂଷିତ—2. Adorned; decorated. ୩ । ବେଶପରିହିତ—3. Dressed. ୪ । ବର୍ମ୍ମିତ—4. Armed. ୫ । ସନ୍ନଦ୍ଧ—5. Accoutred. ୬ । ଆୟୋଜିତ—6. Arranged. ୭ । ଉଦ୍ୟତ—7. Ready; prepared. ୮ । ଉଦ୍‌ଯୁକ୍ତ—8. Prepared for action; set ready for use.
Sajjita
(ସଜ୍ଜିତା—ସ୍ତ୍ରୀ)

ସଜ୍ଜୀକୃତ—ସଂ. ବିଣ ପୁଂ (ସଜ୍ଜା+ଅଭୂତ ତଦ୍ଭାବେ ଚ୍ୱି+କୃତ)—ଯେ ପ୍ରଥମେ ଅସଜ୍ଜିତ ଥାଇ ପରେ ସଜ୍ଜିତ ହୁଏ—[ସଜ୍ଜୀକୃତା—ସ୍ତ୍ରୀ] (ସଜ୍ଜୀକରଣ—ବି). Adorned; fitted up.
Sajjīkṛuta

ସଜ୍ଜୀଭୂତ—ସଂ. ବିଣ (ସଜ୍ଜା+ ଅଭୂତ ତଦ୍ଭାବେ ଚ୍ୱି+ଭୂତ)—ପୂର୍ବେ ସଜ୍ଜିତ ନ ଥାଇ ବର୍ତ୍ତମାନ କାଳେ ଯେ ସଜ୍ଜିତ ହୋଇଥାଏ—Having dressed up; wearing dress; arranged presently.
Sajjībhūta

ସଜ୍ୱର—ସଂ. ବିଣ. ପୁଂ (ସ=ସହିତ+ଜ୍ୱର; ସହାର୍ଥ ବହୁବ୍ରୀହି)—ଜ୍ୱରଯୁକ୍ତ—Feverish; suffering from fever
Sajwara
(ସଜ୍ୱରା—ସ୍ତ୍ରୀ)

ସଜ୍ୟ—ସଂ. ବିଣ (ସ=ସହିତ+ଜ୍ୟା; ସହାର୍ଥ ବହୁବ୍ରୀହି)—ଅବେଷ୍ଟିତ ମୌର୍ବୀକ; ଜ୍ୟାଯୁକ୍ତ—Furnished with a bow-string.
Sajya
(ସଜ୍ୟା—ସ୍ତ୍ରୀ)

ସଞ୍ଜା—ଦେ. ବି (ସଂ. ସ୍ୱାମୀ)—ସାଇଁ; ସ୍ୱାମୀ; ପ୍ରଭୁ—Master; lord.
Sañjā

ସଞ୍ଚ—ସଂ. ବି (ସମ୍+ଚି ଧାତୁ=ଏକତ୍ର କରିବା+ଅଧି ଅ)—ପୋଥି ବା ପୁସ୍ତକ ଲେଖିବା ପାଇଁ ପ୍ରସ୍ତୁତ ପତ୍ରଚୟ; ପୋଥିର ଖଞ୍ଜ—A collection of palm leaves cut and moulded ready for being written on to be used as a palm leaf manuscript.
Sañcha

ସଞ୍ଚ ଦାଗ ଦେ. ବି—୧ । (ସଂ. ସଞ୍ଚ) ଦାଗ; ସଞ୍ଚା; ଚିହ୍ନ—1. Mark left on a thing. [ଉ—ଦଶନ ସଞ୍ଚ ଗଣ୍ଡସ୍ଥଳେ—ଭୂପତି. ପ୍ରେମପଞ୍ଚାମୃତ ।] ୨ । ଗଣ୍ଠି; ଗଣ୍ଡି—2. Knot. ୩ । (ସଂ. ସଞ୍ଚା) ଶୋଭା; ସୌନ୍ଦର୍ଯ୍ୟ—3. Beauty. ୪ । ସୁଢ଼ଳତା—4. Symmetry. ଦେ. ବିଣ—୧ । ସୁନ୍ଦର; ଶୋଭାସମ୍ପନ୍ନ—1. Beautiful. [ଉ—ସେହି ବନର ଗଛମାନେ ଅତି ଉଚ୍ଚ । ହୋଇଅଛନ୍ତି ଫୁଲ ଫଳେ ସଞ୍ଚ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ସୁଢ଼ଳ; ସୁଠାମ—2. Symmetrical. [ଉ—ଦେବଙ୍କ ସଞ୍ଚଅଧସ୍ତଭୂତ ଧରି ଧାଇଁଛ ବେଗେ—ଭକ୍ତଚରଣ. ମଥୁରାମଙ୍ଗଳ ।]
खूब सुरती, सुडौल
सुन्दर
खूब सुरत, सुडौल

ସଞ୍ଚ ଘଞ୍ଚ—ଦେ. ବିଣ (ଯୁଗ୍ମ ସହଚର)—ସାନ୍ଦ୍ରଭାବରେ ପୁଷ୍ଟଳ; ସୁନ୍ଦର ଓ ଘନ—Densely thick; beautiful and dense. [ଉ—ବନରେ ଅଛନ୍ତି ସଞ୍ଚ ଘଞ୍ଚ ସୁନ-ତଳ ଲତା—ରାଧାନାଥ. ଚିଲ୍କା]
Sañcha ghañcha
थलथले
सान्द्र, घन

ସଞ୍ଚତ—ସଂ. ବିଣ (ସମ୍ +ଚ ଧାତୁ+କର୍ତ୍ତି. ଅତ୍)—୧ । ପ୍ରତାରକ; ବଞ୍ଚକ—1. Deceitful. ୨ । ଠକ—2. Cheating.
Sañchat
(ସଞ୍ଚତା—ସ୍ତ୍ରୀ)

ସଞ୍ଚନ—ଗ୍ରା. ବି (ପ୍ରାଚୀନ ପଦ୍ୟ) (ସଂ. ସଞ୍ଚୟନ)—ସଞ୍ଚୟ (ଦେଖ) Sanchaya (See) [ଉ—ଧନ ସଞ୍ଚନେ ମନ ଦୃଢ଼ । ଗର୍ବିତା ପଣ ତାର ବଢ଼—ପ୍ରାଚୀ. କର୍ତ୍ତିକମାହାତ୍ମ୍ୟ ।]
Sañchana

ସଞ୍ଚପ—ଗ୍ରା. ବ (ସଂ. ସଂକ୍ଷେପ)—ସଂକ୍ଷେପ (ଦେଖ)—Saṁkshepa
Sañchapa (See) ଦେ. ବିଣ—ସଂକ୍ଷିପ୍ତ (ଦେଖ) Saṁkshipta (See)

ସଞ୍ଚପି କହିବା—ଦେ. କ୍ରି (ସଂ. ସଂକ୍ଷେପ)—ସଂକ୍ଷେପରେ କହିବା—
Sañchapi kahibā To speak concisely.
সংক্ষেপে বলা **संक्षेपमे कहना**

ସଞ୍ଚପିବା—ଦେ. କ୍ରି—୧ । (ସଂ. ସଂକ୍ଷେପ)—ସଂକ୍ଷେପ କରିବା—
Sañchapibā সংক্ষেপ করা **संक्षेप करना** 1. To abridge.
জমান **संचय करना** ୨ । (ସଂ. ସଞ୍ଚୟ) ସଞ୍ଚୟ କରିବା—
2. To store. ୩ । ସଂଗ୍ରହ କରିବା—3. To gather. ୪ । ରାଶୀକୃତ କରିବା; ଗଦା କରିବା—
4. To heap up; to amass.

ସଞ୍ଚୟ—ସଂ. ବ (ସମ୍+ଚି ଧାତୁ=ଏକତ୍ର କରିବା+ଭାବ. ଅ)—
Sañchaya ୧ । ସମୂହ—1. Multitude. ୨ । ସଂଗ୍ରହ—2. Collection. ୩ । ସଂଗୃହୀତ ବସ୍ତୁଚୟର ରାଶୀକରଣ—3. Heaping of collected things. ୪ । ରାଶି; ଗଦା—4. Heap; accumulation. ୫ । ରାଶୀକୃତ ଧନ—5. Hoard; stored wealth. ୬ । ଜମା; ପାଣ୍ଠି—6. Stock; store.

ସଞ୍ଚୟ କରିବା—ଦେ. କ୍ରି—୧ । ସଂଗ୍ରହ କରି ରଖି କରିବା—
Sañchaya karibā 1. To collect and store.
সঞ্চয়করা, জমান ୨ । ଧନ ଜମା କରିବା—2. To hoard
संचय करना wealth.

ସଞ୍ଚୟ କାରୀ—ସ. ବିଣ. ପୁଂ (ସଞ୍ଚୟ+କୃ ଧାତୁ+କର୍ତ୍ତୃ. ଇନ୍) ଯେ
Sañchaya kārī ଜମା କରେ—Hoarding, storing up.
(ସଞ୍ଚୟକାରିଣୀ—ସ୍ତ୍ରୀ)

ସଞ୍ଚୟ ଗୃହ—ସ: ବ (୬ଷ୍ଠୀ ତତ୍) ସଞ୍ଚୟ ବସ୍ତୁ ରଖିବାର ଘର;
Sañchaya gṛuha ଭଣ୍ଡାର—Stock room.

ସଞ୍ଚୟନ—ସଂ. ବ (ସମ୍+ଚି ଧାତୁ+ଭାବ. ଅନ)—୧ । ସଂଗ୍ରହ-
Sañchayana କରିବା—1. Act of collecting; collection. ୨ । ରାଶୀକରଣ—2. Act of storing up; heeping up.

ସଞ୍ଚୟ ନିରତ—ସ: ବିଣ. ପୁଂ (୭ମୀ ତତ୍) ଯେ ସର୍ବଦା ସଞ୍ଚୟ
Sañchaya nirata କରିବାରେ ଲାଗିଥାଏ—Engaged
(ସଞ୍ଚୟରତ—ଅନ୍ୟରୂପ) in storing up or hoarding.
ସଞ୍ଚୟନିରତା, ସଞ୍ଚୟରତା—ସ୍ତ୍ରୀ)

ସଞ୍ଚୟନୀୟ—ସଂ. ବିଣ (ସମ୍+ଚି ଧାତୁ+କର୍ମ. ଅନୀୟ) ସଞ୍ଚିତ
Sañchanīya ହେବାର ଯୋଗ୍ୟ—Capable of being stored; fit to be hoarded.

ସଞ୍ଚୟଶୀଳ—ସ. ବିଣ. ପୁଂ (ବହୁବ୍ରୀହି) ସଞ୍ଚୟୀ; ଯେ ସର୍ବଦା
Sañchayaśīla ସଞ୍ଚୟ କରେ; ସଞ୍ଚୟ କରିବାରେ ଅଭ୍ୟସ୍ତ—
(ସଞ୍ଚୟଶୀଳା—ସ୍ତ୍ରୀ) Habituated to storing up;
(ସଞ୍ଚୟଶୀଳତା—ବ) Having a tendency to hoard.

ସଞ୍ଚୟାକାଂକ୍ଷା—ସଂ. ବ (୬ଷ୍ଠୀ ବା ୭ମୀ ତତ୍) ସଞ୍ଚୟ କରିବାର
Sañchayākāṅkshā ଇଚ୍ଛା—Desire to store up.
[ସଞ୍ଚୟାଭିଳାଷ—ଅନ୍ୟରୂପ]
[ସଞ୍ଚୟାକାଂକ୍ଷୀ, ସଞ୍ଚୟାଭିଳାଷୀ—ବିଣ. ପୁଂ]

ସଞ୍ଚୟାଗାର—ସଂ ବ (୬ଷ୍ଠୀତତ୍) ଭଣ୍ଡାର ଘର; ଗୋଦାମଘର—
Sañchayāgāra Store room; godown.

ସଞ୍ଚୟାର୍ଥୀ—ସଂ. ବିଣ. ପୁଂ (ଉପପଦ ତତ୍, ସଂଚୟ+ଅର୍ଥ ଧାତୁ=
Sañchayārthī ଅଭିଳାଷ କରିବା=କର୍ତ୍ତୃ. ଇନ୍) ସଞ୍ଚୟ
[ସଞ୍ଚୟାର୍ଥିନୀ—ସ୍ତ୍ରୀ] କରିବା ପାଇଁ ଅଭିଳାଷୀ—Desirous of hoarding up.

ସଞ୍ଚୟୀ—ସଂ. ବିଣ. ପୁଂ (ସମ୍+ଚି ଧାତୁ+କର୍ତ୍ତୃ. ଇନ୍, ୧ମା ୧ବ)
Sañchayī ଯେ ସଞ୍ଚୟ କରେ—Storing; hoading.
ସଞ୍ଚୟିନୀ—ସ୍ତ୍ରୀ)

ସଞ୍ଚର—ସଂ. ବ (ସମ୍+ଚର୍ ଧାତୁ+ଭାବ. ଅ)—୧ । ଚଳନ;
Sañchara ଗମନ—1. Moving, motion. ୨ ।
(ସଞ୍ଚଳନ—ଅନ୍ୟରୂପ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ—
2. Moving from one place to another. ୩। ସ୍ପନ୍ଦନ—3. Vibration. ୪। କମ୍ପନ-4. Trembling; quaking. ୫ । (+କରଣ. ଅ); ଶଙ୍କୁ; ସେତୁ; ପୋଲ—5. Bridge. ୬ । ଅମ୍ବୁପଥ—6. An opening or passage for water. ୭ । (+ଅଧିକରଣ. ଅ) ପଥ—7. Way. ୮ । (ଅଧିକରଣ. ଅ) ଶରୀର, ଦେହ—8. Body.

ସଞ୍ଚର(ରେ)ଇବା—ଦେ. କ୍ରି (ସଂ. ସମ୍+ଚର୍ ଧାତୁ)—୧। ସଞ୍ଚରିବା
Sañcharā(re)ibā କ୍ରିୟାର ଣିଜନ୍ତ ରୂପ—1. Causative form of Sañ-
সঞ্চারিতকরা **चालित करवाना** charibā. ୨ । ଚାଳିତ କରିବା—2. To cause to move. [ଉ—ତୁମ୍ଭେ ଯେ ଆକାଶରେ ସଞ୍ଚରାଅ ଘନ ।
—କୃଷ୍ଣସିଂହ. ମହାଭାରତ. ଅଦି]

ସଞ୍ଚରିତ—ସଂ. ବିଣ (ସମ୍+ଚର୍ ଧାତୁ+କର୍ତ୍ତୃ. ତ)—୧ । ପ୍ରସ୍ଥିତ-
Sañcharita 1. Gone away. ୨ । ପ୍ରଚଳିତ—
2. Moving; Current. ୩ । ଗତ—3. Gone; past.

ସଞ୍ଚରିବା—ଦେ. କ୍ରି (ସମ୍+ଚର୍ ଧାତୁ)—୧ । ଗତି କରିବା; ଗତି-
Sañcharibā ବିଶିଷ୍ଟ ହେବା—To move. [ଉ—ପକ୍ଷୀ
চালিত হওয়া **चलना** ମନ କରେ ଉଡ଼ି ନ ପାରଇରେ, ସଞ୍ଚରୁ ଥାଏ ସେ କେବଳ ଆକାଶରେ । କୃଷ୍ଣସିଂହ, ମହାଭାରତ. ସଭା ।] ୨ । ବିଚରଣ କରିବା—2. To move to and fro. ୩ । ପାଦଗତି କରିବା; ଭ୍ରମଣ କରିବା—
3. To walk. [ଉ—କବରୀ ସଞ୍ଚରିବା ନ ସହନ୍ତୁ, କର ଉପରେ ସେବେ ଅବେହନ୍ତୁ ।—କବିସୂର୍ଯ୍ୟ: ସଂଗୀତ]
রোমাঞ্চ হওয়া **रोमांच होना** ୪ । (ରୋମ) ଠାକୁରିବା—4. To stand on end (said of the hairs).

জাতহওয়া पैदाहोना (ଉ—ସାତପୁଲ ପର ପ୍ରେମ ସଞ୍ଚରଇ ଅନ୍ତରେ । —ସଙ୍ଗୀତ) ୫ । (ଦେହରେ) ସଞ୍ଚାରିତ ହେବା; ଜାତ ହେବା; ଉପୁଜିବା—5. To pervade; to prevail; to be produced. (ଉ—ବ୍ୟାଧି ଅଳପ ହୋଇ ସଞ୍ଚରଇ, ହେଲା ମାତ୍ରକେ ପଶୁଣେ ମାରଇ ।—ଭକ୍ତଚରଣ. ମଥୁରାମଙ୍ଗଳ) ୬ । ଅତଯାତ ହେବା—6. To frequent. (ଉ—ଏ ଅସ୍ଥା କର୍ମବନ୍ଧ ହୋଇ, ନାନାବି ଘଟେ ସଞ୍ଚରଇ ।—ଭୂପତି. ପ୍ରେମ ପଞ୍ଚାମୃତ) ।
যাতায়াতকরা आनाजानाकरना

ସଞ୍ଚରିଷ୍ଣୁ—ସଂ. ବିଣ—(ସମ୍ + ଚର ଧାତୁ + ଶୀଳାର୍ଥେ କର୍ତ୍ତି ଇଷ୍ଣୁ)—
Sañcharishṇu ସଞ୍ଚରଣଶୀଳ; ଗତିଶୀଳ; ଭ୍ରମଣକାରୀ—Moving; walking; having a tendency to move.

ସଞ୍ଚଳନ—ସଂ. ବି— (ସମ୍ + ଚଳ ଧାତୁ + ଭାବ ଅନ)—
Sañchalana ୧ । କମ୍ପନ—1 Trembling; shaking; quivering. ୨। ଦୋଳନ—2. Oscillation. ୩ । ପ୍ରଚଳନ—3. Currency; prevalence. ୪ । ଗତି କରିବା; ଚଳିବା—4. Moving; motion. [ଦ୍ର—ସଞ୍ଚଳନ=ନିଜେ ଚଳିବା; ସଞ୍ଚାଳନ=ଅନ୍ୟଦ୍ୱାରା ଚାଳିତ ଗତି ।] (ସଞ୍ଚଳିତ—ବିଣ)

ସଞ୍ଚା—ସଂ. ବି—ସଞ୍ଚ (ଦେଖ)—Sañcha (See) ଦେ. ବି—
Sañchā ୧ । ଚକ୍ତ; ଅଳଙ୍କାରର ଚାପରେ ଦେହରେ ରହି ଯାଇଥିବା ଦାଗ—1. Marks left on the body by the pressure of ornaments (ଉ— ଶୋଭା ଅଳଙ୍କାର ଚୂଡ଼ି ସଞ୍ଚା ଦେହରେ ବସେ । ପ୍ରାଚୀ. ଶିଶୁଶଙ୍କର. ଉଷା ଅଭିଳାଷ ।) ୨ । ଶୋଭା; ସୌନ୍ଦର୍ଯ୍ୟ—2. Beauty; grace. ୩ । ରକ୍ତାଦିର ବିନ୍ଦୁ ବା ଦାଗ; ଛିଟା—3. Stain or spots (of blood etc) on a thing. (ଉ—ବସ୍ତ୍ରରେ ପଡ଼ିଲା ରୁଧିର ସଞ୍ଚା, ବହିଥିଲା ପୁଷ୍ପ ପରିପ୍ରେ ସଞ୍ଚା—ଭଞ୍ଜ. ବୈଦେହୀଶବିଳାସ) । ୪ । (ସଂ. ସଂଚୟ) ସାମଗ୍ରୀ; ଉପକରଣ—4. Materials. ୫ । ଅଭ୍ୟାଗତ, ଅତିଥି ଓ ବରଯାତ୍ରୀ ବ୍ୟକ୍ତିମାନଙ୍କୁ ଖାଦ୍ୟପାକାର୍ଥ ଦିଆଯିବା ଚାଉଳ, ଡାଲି, ପରିବା ଆଦି ସାମଗ୍ରୀ; ସିଧା; ଖାଦ୍ୟସମ୍ଭାର—5. Victuals presented to guests; materials for cooking meal sent to guests who cook their own food. (ଉ—ଅନ୍ନ ଦେବ ଯେବେ, ମଣୋହି ସଞ୍ଚା ଦିଆଇବ ତେବେ—ପ୍ରାଚୀ. ପ୍ରତାପ ଶଶିରେଖା ।) ୬ । ସଞ୍ଚୟ; ସମଷ୍ଟି—6. Collection. ୭ । ଏକତ୍ରୀକରଣ; ଗଦା—7. Heaping up. ୮ । ବନ୍ଦୋବସ୍ତ; ବ୍ୟବସ୍ଥାନ—8. Arrangement. [ଉ—ଭୁ ଯଜ୍ଞ ସଞ୍ଚା ବେଗେ କର, ଯେମନ୍ତେ ଜଣିବୁ ଅମର । ଜଗନ୍ନାଥ. ଭାଗବତ ।] ଦେ.ବିଣ—୧।ଦୃଢ଼; କଠିନ—1. Hard. ୨ । (ସଂ. ସଞ୍ଚୟୀ) ପୁଂ—ସଞ୍ଚୟଶୀଳ—2. Storing; hoarding. ୩ । କୃପଣ—3. Miserly. (ସଞ୍ଚୀ, ସଞ୍ଚେଇ—ସ୍ତ୍ରୀ)
দাগ दाग শোভা ছিটা दाग সামগ্রী रसद সংগ্রহ संग्रह কঠীন, শক্ত দৃঢ় সঞ্চয়ী संचयी

ସଞ୍ଚା(ଞ୍ଚେ)ଇବା—ଦେ. କ୍ରି—ସଞ୍ଚିବା କ୍ରିୟାର ଣିଜନ୍ତ ରୂପ—
Sañchā(ñche)ibā Causative form of Sañchibā.
সঞ্চয় করান संचय करवाना

ସଞ୍ଚାଣ—ଦେ. ବି. (ସଂ. ସଞ୍ଚୟନ)—୧ । ସଞ୍ଚୟ କରିବା କର୍ମ—
Sañchāṇa 1. Act of storing or hoarding. ୨ । (ସଂ. ସଞ୍ଚାନ)—ଶ୍ୟେନ ପକ୍ଷୀ—2. Hawk. [ଉ—ଫିଟି ଭୁଟି ଯାଉଛ କାଣ୍ଡିଲ, ସଞ୍ଚାଣର ତଣ୍ଟପୁଟ ଭଳି । କବିସୂର୍ଯ୍ୟ. ସଙ୍ଗୀତ ।] ଦେ. ବିଣ. (ସଂ. ସଞ୍ଚୟୀ) (ସଞ୍ଚାଣିଆ—ଅନ୍ୟ ବିଣ. ରୂପ) ସଞ୍ଚୟକାରୀ (ବ୍ୟକ୍ତି); ଯେଉଁ ବ୍ୟକ୍ତି (ସଞ୍ଚାଣୀ—ସ୍ତ୍ରୀ) ଧନ ବା ପଦାର୍ଥମାନ ଭବିଷ୍ୟତ ପାଇଁ ସଞ୍ଚୟ କରି ରଖେ—1. Habitually hoarding or storing riches or articles for future use.
সঞ্চয় করান সঞ্চয় করান संचय संचान সঞ্চয়কারী संचय करनेवाला

ସଞ୍ଚାଣି—ଦେ. ବି. (ସଂ. ସଞ୍ଚୟନ)—ସଞ୍ଚୟ (ଦେଖ)
Sañchāṇi Sañchaya (See) ଦେ. ବିଣ—୧ । ସଞ୍ଚିତ—1. Stored. ୨ । ନିର୍ଦ୍ଧାରିତ—2. Settled; fixed. ୩ । ବ୍ୟବସ୍ଥିତ—3 Arranged.
সঞ্চিত संचित

ସଞ୍ଚାଣୀ—ଦେ. ବିଣ ଓ ବି. ସ୍ତ୍ରୀ—ସଞ୍ଚୟକାରିଣୀ ସ୍ତ୍ରୀ—A woman given to hoarding. (ସଞ୍ଚା, ସଞ୍ଚାଣ, ସଞ୍ଚାଣିଆ—ପୁଂ. ବିଣ) (ସଞ୍ଚାଣେଇ—ଅନ୍ୟରୂପ)
Sañchāṇi সঞ্চয়কারিণী संचय करनेवाली

ସଞ୍ଚାନ—ସଂ. ବି. (ସମ୍ + ଚ ଧାତୁ=ଛଣ୍ଡିବା + କର୍ତ୍ତି. ଅନ)—
Sañchāna ଶ୍ୟେନ ପକ୍ଷୀ; ସଞ୍ଚାଣ—Hawk.

ସଞ୍ଚାଯ୍ୟ—ସଂ. ବି, (ସମ୍ + ଚି ଧାତୁ + କର୍ମ. ଯ)—ଯଜ୍ଞ ବିଶେଷ—
Sañchājya A sort of vedic sacrifice.

ସଞ୍ଚାର—ସଂ, ବି. (ସମ୍ + ଚର ଧାତୁ + ଭାବ. ଅ)—୧ । ଗମନ;
Sañchāra ଗତି—1. Moving; motion. [ଉ—ନାନା ବର୍ଣ୍ଣ ହୋଇଣ କରଣ ଭ୍ରମର, ତନ୍ତ୍ର ଲେଖ ଯାକରେ କରନ୍ତି ସଞ୍ଚାର । କୃଷ୍ଣସିଂହ. ମହାଭାରତ, ଆଦି ।] ୨ । (+କରଣ. ଅ)—ସଞ୍ଚର; ପୋଲ; ସେତୁ—2. A bridge. ୩ । (+ ଅଧିକରଣ. ଅ)—ପଥ—3. Way; passage; road. ୪ । (+ଭାବ, ଅ) ସଂକ୍ରମଣ; ଗ୍ରହମାନଙ୍କର ରାଶ୍ୟନ୍ତରକୁ ଗମନ—4. Transition of a planet from one zodiacal sign to another. ୫ । ବୃଦ୍ଧି—5. Increase; growth. ୬ । ବିସ୍ତାର—6. Expansion; diffusion; cir-

culation. ୭ । କଷ୍ଟଗତ—7. Difficult predicament. ୮ । କଷ୍ଟ; ଦୁଃଖ;ବିପଦ—8. Trouble; calamity. ୯ । ପଥପ୍ରଦର୍ଶନ—9. Leading the way. ୧୦ । ଉତ୍ତେଜନ—10. Exciting; urging; instigating. ୧୧। ଗମନ;ଚଳାଇବା କର୍ମ—11. Causing to move. ୧୨ ।(+ କରଣ. ଷ; ଏଥିର ଅଲୋକ ସାହାଯ୍ୟରେ ସର୍ପ ଅନ୍ଧକାରରେ ଗତି କରି ପାରେ) ସର୍ପମଣି—12. A gem on the hood of a venomous serpent. ୧୩। (+ଭାବ ଅନ) ସଂକ୍ରମଣ; ସଂକ୍ରାମକ ରୋଗାକ୍ରାନ୍ତ ରୋଗୀର ଦେହରୁ ଦେହାନ୍ତରକୁ ରୋଗର ଅଭିଗମନ—13. Infection; communication by contagion. ଦେ. ବି—୧ । ଛାଉଣୀ; ପଦାର୍ଥ ଉପରେ ମଡ଼ାଯିବା ଘୁଞ୍ଚ—1. Covering; plating.

छाउनी, ढाका [ଉ—ବହୁମାନଙ୍କରେ ସୁନା ଦଶର ସଞ୍ଚାର । ପ୍ରୀତି. ବୃନ୍ଦାବନଭୂଷଣ. ଗୀତ ।] ୨ । ବାଦ୍ୟର
छावनी ଆଦ୍ୟ ତାନ—2. The introductory tunes

सं'चार of a musical instrument.
[ଉ—ମୃଦଙ୍ଗ ବାଜିଲା ଆଦ୍ୟ ସଞ୍ଚାରକୁ ଫେରି । କୃଷ୍ଣଙ୍କ ମହାଭାରତ ।]

ସଞ୍ଚାରକ—ସଂ. ବି. ପୁଂ. (ସମ୍ +ଚର ଧାତୁ ଣିଜନ୍ତ ଘ୍ରୂ ଧାତୁ+ Sañchāraka ଣ୍ଵୁଳ୍.ଅକ)—୧ । ବିସ୍ତାରକ—1. Spread- (ସଞ୍ଚାରିକା—ସ୍ତ୍ରୀ) ing. ୨ । ସଂକ୍ରାମକ—2. Contagious; infectious. ୩। ଗମକ; ଯାହା ଅନ୍ୟକୁ ଗତି କରାଏ—3. Moving; causing motion. ୪ । ପଥପ୍ରଦର୍ଶକ—4. Leading the way; guiding.

ସଞ୍ଚାର ଜୀବୀ—ସଂ. ବଣ. ପୁଂ. (ସଞ୍ଚାର=ବିପଦ; ଦୁଃଖ+ଜୀବ୍ ଧାତୁ Sañchāra jībi +ଣିନ୍. କର୍ତ୍ତୃ; ୧ମା. ୧ବ)— (ସଞ୍ଚାର ଜୀବିନୀ—ସ୍ତ୍ରୀ) ୧ । ଶରଣାପନ୍ନ—1. Having taken shelter or refuge under. ୨ । ଦୁ ଖଗ୍ରସ୍ତ; ଦୁରବସ୍ଥାଗ୍ରସ୍ତ—2. Fallen into misfortune or danger.

ସଞ୍ଚାରଣ—ସ. ବି. (ସମ୍ +ଚର୍ ଧାତୁ+ଭାବ. ଅନ)—୧ । ସଞ୍ଚାର Sañchārana କ୍ରିୟା—1. Act of moving. ୨ । ସଞ୍ଚାର (ଦେଖ)—2. Sañchāra (See)

ସଞ୍ଚାର ଫଳ—ସ.ବି. (ଫଳିତ ଜ୍ୟୋତିଷ)—ଗ୍ରହମାନଙ୍କର ସଞ୍ଚାର ଜନିତ Sañchāra phala ଶୁଭାଶୁଭ ଫଳ—Good or bad results happening (to persons born under different zodiacal signs or to the world) as the result of the transition of different planets from one sign to another.
[ଦ୍ର—ରବି ସଞ୍ଚାର ଫଳ 'ସଂକ୍ରାନ୍ତି ଚକ୍ର' ତଳେ ଦେଖ ।]

ସଞ୍ଚାରିକା—ସଂ. ବି. ସ୍ତ୍ରୀ. (ସମ୍ +ଚର୍ ଧାତୁ+ଣ୍ଵୁଳ୍. ଅକ+ସ୍ତ୍ରୀ.ଆ)- Sañchārikā ୧ । ଯୁଗ୍ମ; ଯୋଡ଼ା—1. A pair; couple. (ସଞ୍ଚାରକ—ପୁଂ) ୨ । ଦୂତୀ—2. A procuress. ୩ । ଘ୍ରାଣ—3. Scent; smell. ୪ । ବାୟୁ—4. The air; atmosphere. ସଂ. ବଣ. ସ୍ତ୍ରୀ—ସଞ୍ଚାରକର ସ୍ତ୍ରୀଲିଙ୍ଗ—Feminine of Sanchāraka.

ସଞ୍ଚାରିଣୀ—ସଂ. ବି. (ବୈଦ୍ୟକ)—ହଂସପଦୀ ନାମକ ଅନୁପ୍ତକ ଗୁଳ୍ମ— Sañchārinī A kind of fern; Maiden-hair fern. (ସଞ୍ଚାରୀ—ପୁଂ.ବଣ) [ଦ୍ର—ଏହା କର୍ଦ୍ଦମ ତଳେ ଓଦା ପାଚେରୀ ଆଦି ଉପରେ ମାଡ଼େ ।] ସଂ. ବଣ. ସ୍ତ୍ରୀ—ସଞ୍ଚାରୀର ସ୍ତ୍ରୀଲିଙ୍ଗ—Feminine of Sanchāri.

ସଞ୍ଚାରିତ—ସଂ.ବଣ. ପୁଂ (ସମ୍ +ଚରଧାତୁ ଣିଜନ୍ତ ଘ୍ରୂଧାତୁ+କର୍ମ.ତ)- Sañchārita ୧ । ଇତସ୍ତତଃ ଗମିତ—Caused to move to and fro. ୨ । କମ୍ପିତ; ଦୋଳାୟିତ— (ସଞ୍ଚାରିତା—ସ୍ତ୍ରୀ) Rocked.

ସଞ୍ଚାରିବା—ଦେ. କି—(ସଂ ସଞ୍ଚାର)—ସଞ୍ଚାରିତ କରିବା; ବିସ୍ତାର Sañchāribā କରିବା—To diffuse; to spread.
सञ्चारकरना फैलाना (ଉ—ଶରୀର ଏ ମହାଅଗ୍ନି ଅମୃତ ସଞ୍ଚାରି । ମଧୁସୂଦନ. କବିତାବଳୀ)

ସଞ୍ଚାରିଭାବ—ସଂ. ବି—(କର୍ମଧା; ଦ୍ର—ସମସ୍ତପଦ ହେଲେ ସଞ୍ଚାରିଭାବ ଓ Sañchāribhāba ପୃଥକ୍ ପଦଦ୍ୱୟ ହେଲେ ସଞ୍ଚାରୀ ଭାବ ହୁଏ)— ସଞ୍ଚାରୀଭାବ (ଦେଖ)—Sanchāribhāba (See)

ସଞ୍ଚାରୀ—ସ. ବଣ. ପୁ·—(ସମ୍ +ଚରଧାତୁ+ଣିନ୍. କର୍ତ୍ତୃ; ୧ମା ୧ବ) Sañchāri ୧ । ସଞ୍ଚରଣଶୀଳ—1. Walking, ୨। ଗତିଶୀଳ (ସଞ୍ଚାରିଣୀ—ସ୍ତ୍ରୀ) 2. Moving. ୩ । ଅସ୍ଥାୟୀ; ପରିବର୍ତ୍ତନଶୀଳ—3. Temporary; passing; fleeting; subject to change. ୪ । ବିସ୍ତାରଶୀଳ—4. Expanding. ୫ । ଆଗନ୍ତୁକ (ଶବ୍ଦକୋଷ)—5. Adventitious; casual. ସ. ବି—୧ । ସଞ୍ଚାରୀ ଭାବ (ଦେଖ) Sañchāri bhāba (See). ୨ । ବାୟୁ—2. Air ୩ । ଧୂପ—3. Incense. ୪ । (ସଙ୍ଗୀତ) ଗୀତ ବା ରାଗ ଅଳାପର ଚାରି ପାଦ ମଧ୍ୟରୁ ତୃତୀୟ ପାଦ [ଦ୍ର—ପ୍ରତି ଶ୍ଳୋକରେ, ସଙ୍ଗୀତରେ ବା ଛନ୍ଦରେ ଯେପରି ୪ ଗୋଟି ଚରଣ ଥାଏ, ସେହିପରି ଅଳାପରେ ମଧ୍ୟ ଚାରିଟି ଚରଣ କଳ୍ପିତ ଅଛି; ପ୍ରଥମ ଚରଣର ନାମ ଅସ୍ଥାୟୀ, ଦ୍ୱିତୀୟ ଚରଣର ନାମ ଅନ୍ତରା, ତୃତୀୟ ଚରଣର ନାମ ସଞ୍ଚାରୀ ଓ ଚତୁର୍ଥ ଚରଣର ନାମ ଅଭୋଗ ।] 4. The third of the four parts of a song

दूती सं'चारिका or musical air. ଦେ. ବି. ସ୍ତ୍ରୀ- ଦୂତୀ—A female go-between. ଦେ. ବଣ, ପୁଂ-
सञ्चरणकारी सं'चारी ସଞ୍ଚରଣକାରୀ—Moving;

walking to and fro. (ଉ—ଜୟ ସୂର୍ଯ୍ୟବଂଶୟ୍ୟ କଟଃ ସଞ୍ଚାରୀ—ଭୃଷ୍ଟବଂଶ ମହାଭାରତ, ବନ୍ଧ ।)

ସଞ୍ଚାରୀ ଭାବ—ସଂ ବ [ଦ୍ର—ସମାସ ହେଲେ ଏ ଭୂର ପଦ ପରି 'ସଞ୍ଚାର- Sañchari bhāba ଭାବ' ଆକାର ଧାରଣ କରେ ।] ୧ । ଭାବ୍ୟାଦବର୍ତ୍ତିତ ଭରମାଜନକ ଭାବୋଦ୍‌, ଅନେକ ଅଚ୍ଛ ଅସ୍ଥାୟୀ ବ୍ୟଭିଚାରୀ ଭାବ—Some fleeting mental conditions resulting from sentiments (in literature). [ଦ୍ର— ସ୍ଥାୟୀଭାବ, ସାତ୍ତ୍ୱିକ ଭାବ ଓ ସଞ୍ଚାରୀ ଭାବ ଭେଦରେ ଭାବ ଅନେକ ପ୍ରକାରର; ନାନାଭଳିୟ ସମ୍ବନ୍ଧେ ଶୃଙ୍ଗାରାଦି ରସକୁ ଭାବିତ କରେ ବୋଲି ତାହାକୁ ଭାବ କୋଲଯାଏ । ଯେଉଁଠିରେ ଏହି ଭାବ ନାନା ବିଷୟରେ ସଞ୍ଚାରଣଶୀଳ ହୁଏ, ସେଠାରେ ସଞ୍ଚାରୀ ଭାବ ହୁଏ । ଶୃଙ୍ଗାର ରସରେ ସ୍ଥାୟୀ ଭାବ, ସାତ୍ତ୍ୱିକଭାବ ଓ ସଞ୍ଚାରୀ ଭାବ ଅଛି । ବାତ୍ସଲ୍ୟ- ରସରେ ଅନିଷ୍ଟ ଶଙ୍କା, ହର୍ଷ ଓ ଗର୍ବାଦି ସଞ୍ଚାରୀ ଭାବ । ଧୀର ରସରେ ଧୃତି, ମତି, ଗର୍ବ, ସ୍ମୃତି, ତର୍କ, ଉଗ୍ରମାଦ ସଞ୍ଚାରୀ ଭାବ ଅଟେ । ଏହିସବୁ ସଞ୍ଚାରୀ ଭାବଦ୍ୱାରା ସ୍ଥାୟୀ ଭାବର ପୁଷ୍ଟି ହୁଏ—ବଙ୍ଗଳା ବିଶ୍ୱକୋଷ । 'ବ୍ୟଭିଚାରୀ ଭାବ' ଦେଖ—]

ସଞ୍ଚାର୍ଯ୍ୟ—ସଂ. ବିଣ.—(ସମ୍+ଚର୍ ଧାତୁ+କର୍ମ. ଯ)— Sañchāriya ସଂକ୍ରମଣୀୟ—Communicable by contact; contagious; infectious.

ସଞ୍ଚାଳନ—ସଂ. ବ (ସମ୍+ଚଲ ଧାତୁ+ଭାବ, ଅନ)—୧ । ସଂକ୍ରମଣ- Sañchālana 1. Traversing. ୨ । ଚାଳନ; (ସଞ୍ଚାଳିତ, ସଞ୍ଚାଳକ, ସଞ୍ଚାଳୀ—ବିଣ) ଚଳାଇବା— 2. Causing to move. ୩ । ଇତସ୍ତତଃ ଚାଳନ; ଦୋଳାଇବା—3. Causing to move to and fro; rocking.

ସଞ୍ଚାଳୀ—ସଂ. ବ (ସମ୍+ଚଲ ଧାତୁ+କର୍ତ୍ତୃ. ଅ+ଈ ସ୍ତ୍ରୀ)— Sañchāli ଗୁଞ୍ଜା; କାଇଞ୍ଚ—The black-tipped red seed of Abrus Precatorius. (ସଞ୍ଚାଳନଶୀଳ—ସ୍ତ୍ରୀ-ବିଣ) ସଂ. ବିଣ ପୁଂ—ଯାହା ଇତସ୍ତତଃ ଚାଳିତ କରେ Rocking; causing to move.

ସଞ୍ଚିଆ—ଦେ. ବିଣ. ପୁଂ (ସଂ. ସଞ୍ଚୟୀ)—୧ । ସଞ୍ଚୟଶୀଳ— Sañchiā 1. Hoarding. ୨ । କୃପଣ—2. Miserly. (ସଞ୍ଚୀ, ସଞ୍ଚେଇ—ସ୍ତ୍ରୀ) सञ्चयशीलस संचयशील

ସଞ୍ଚିକୀ(ଚୀ)ଷୁ—ସଂ. ବିଣ (ସମ୍+ଚି ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—ସଞ୍ଚୟ କରିବାକୁ ଇଚ୍ଛୁକ— Sañchikī(chī)shu [ସଞ୍ଚିକୀ(ଚୀ)ଷା—ବ] Wishing to hoard up or heap up.

ସଞ୍ଚିକ୍ଷିପ୍ସୁ—ସ. ବିଣ (ସମ୍+କ୍ଷିପ୍ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ ଉ)- Sañchikshipsu ସଂକ୍ଷେପ କରିବାକୁ ଅଭିଳାଷୀ— (ସଞ୍ଚିକ୍ଷିପ୍ସା—ବ) Desirous of abridging.

ସଞ୍ଚିତ୍—ପ୍ରାଦେ. (ସମ୍ବଲପୁର) ବ—ଦୁଇ ଚିତ୍; ମାଙ୍କଡ଼ଚିତ— Sañchit Somersault. (କ୍ୟବହାର—ସଞ୍ଚିତ୍ ମାରିବା)

ସଞ୍ଚିତ—ସଂ, ବିଣ (ସମ୍+ଚି ଧାତୁ+କର୍ମ. ତ)—୧ । ସଂଗୃହୀତ— Sañchita 1. Collected. ୨ । ରାଶୀକୃତ; ଏକତ୍ରୀକୃତ— 2. Heaped up; hoarded; accumulated. सञ्चित ଦେ. ବିଣ—୧ । ଅବସ୍ଥାପିତ—1. Placed; station- संचित ed. [ଉ—ରାଜାଙ୍କ ଭଳି ପଦ୍ମଧାରଥେ । ମଧ୍ୟେ ସଞ୍ଚିତ ହୋଇ ମୋତେ—ଜଗନ୍ନାଥ. ଭାଗବତ ।] ୨ । ପାଳିତ— पालित 2. Nurtured. [ଉ—ଦୁଃଖେ ସଞ୍ଚିତ ଦାସୀ ସୁତ— पालित ଜଗନ୍ନାଥ ଭାଗବତ ।] ୩ । ସୃଷ୍ଟ—3. Created सृष्ट [ଉ—ବ୍ରହ୍ମା-ସଞ୍ଚିତ ସୃଷ୍ଟି ମଧ୍ୟେ । ବ୍ରାହ୍ମଣ ବଂଶର पैदा हुआ ଅନନ୍ତ—ଜଗନ୍ନାଥ. ଭାଗବତ ।]

ସଞ୍ଚିତ ଧନ—ସ. ବ (କର୍ମଧାରୟ)—ଜମା କରାଯାଇଥିବା ଧନ— Sañchita dhana Hoarded wealth. ସ. ବିଣ. ପୁଂ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ଧନ ସଞ୍ଚୟ କରିଅଛି— (ସଂଚିତଧନା—ସ୍ତ୍ରୀ) Having hoarded wealth.

ସଞ୍ଚିତି—ସଂ. ବ (ସମ୍+ଚି ଧାତୁ+ଭାବ ତି)—୧ । ସ୍ତରେ ସ୍ତରେ Sañchiti ସଜାଇବା (ଶବ୍ଦକୋଷ)—1. Arrangement in layers. ୨ । ଗ୍ରନ୍ଥନ (ଶବ୍ଦକୋଷ) ଗୁନ୍ଥା— 2. Stringing together.

ସଞ୍ଚିତ୍ରା—ସଂ. ବ—ମୂଷିକକର୍ଣ୍ଣୀ ନାମକ ଶାକବିଶେଷ; ମୂଷାକାନ— Sañchitrā Salvinia Cucllata (plant).

ସଞ୍ଚିନ୍ତିତ—ସଂ. ବିଣ (ସମ୍+ଚିନ୍ତ ଧାତୁ+କର୍ତ୍ତୃ. ତ)—ସମ୍ୟକ୍ Sañchintita ଚିନ୍ତାଯୁକ୍ତ—Vary anxious. [ଉ— ଭାରତ ମହାଭାଗବତ । ଉପବେ ହୋଇ ସଞ୍ଚିନ୍ତିତ— ଜଗନ୍ନାଥ. ଭାଗବତ ।] (ସଞ୍ଚିନ୍ତିତା—ସ୍ତ୍ରୀ) ୨ । (+କର୍ମ ତ) ସମ୍ୟକ୍ ଚିନ୍ତିତ—2. Well thought of.

ସଞ୍ଚିନ୍ତ୍ୟ—ସଂ. ବିଣ (ସମ୍+ଚିନ୍ତ୍ ଧାତୁ+କର୍ମ. ଯ)—ସମ୍ୟକ୍- Sañchintya ରୂପେ ଚିନ୍ତନୀୟ—Deserving to be (ସଞ୍ଚିନ୍ତନୀୟ—ଅନ୍ୟରୂପ) thought of carefully.

ସଞ୍ଚିବା—ଦେ, କ୍ରି (ସମ୍+ଚି ଧାତୁ) ୧ । ସଞ୍ଚୟ କରିବା—1 To Sañchibā store up; to hoard. ୨ । ରକ୍ଷାକରିବା- संचयकरना संचयकरना 2. To guard; to protect. पालनकरा पालनकरना ୩ । ଯତ୍ନ ସହିତ ସାଇତିବା; ସମ୍ଭାଳିବା; ରଖିବା—3. To store up with care. ୪ । ପାଳିବା; ପୋଷିବା—4. To maintain. ୫ । ନିର୍ମାଣକରିବା-5. To build. (ଉ—ସେ ହର ଅସ୍ତ୍ର ମାୟା निर्माणकरा निर्माणकरना କଲେ, ବୃଷ୍ଟି ସଞ୍ଚିଲେ ଏ ଶସ୍ତ୍ରଳେ— ଜଗନ୍ନାଥ, ଭାଗବତ) ୬ । ସୃଷ୍ଟି କରିବା—6. To निर्धारणकरा सिद्धांतकरना create. (ଉ—ଉଦର ବ୍ରହ୍ମାଣ୍ଡ ଚିତ୍ତ ସଞ୍ଚର ।—ପାଠୀ ସରତେ ଗୀତା) ୭ । ଦୃଢ଼ରୁ

ଉଦ୍ଧାରଣ କରିବା—7. To preordain. (ଉ—
ସ୍মরণরাখা सम्मान्य करना ଜନ୍ମ ସଞ୍ଚ ପ୍ରଜାପତି, ବାକ୍ତ ତାକୁ
ଯେତେ ଗତି ।—ଜଗନ୍ନାଥ ଭାଗବତ) ୮ । ସ୍ମରଣରେ
ରଖିବା—8. To cherish in memory. (ଉ—
ସେ ରସାନ୍ତରେ ସ୍ୱେଦ ଭାବରେ
ସ୍ନେହ ଚିତ୍ତରେ ସଞ୍ଚେ ।—ଭକ୍ତ, ପ୍ରେମସୁଧାନିଧି ।)

ସଞ୍ଚିଲା—ଦେ· ବିଣ (ସଂ, ସଞ୍ଚିତ)—୧ । ସଞ୍ଚିତ—1. Hoarded;
Sanchila gathered up. ୨ । ସୃଷ୍ଟ—2. Created. (ଉ-
সঞ্চিত संचित ଔଷଧି ବନସ୍ପତି ଯେତେ, ତାହା ସଞ୍ଚିଲା
ଏ ଜଗତେ ।—ଜଗନ୍ନାଥ ଭାଗବତ) ।

ସଞ୍ଚିଲା ଜନ—ଦେ, ବି—ପାଳିତ ବ୍ୟକ୍ତି—A person who has
Sanchila jana been maintained or brought
পালিতব্যক্তি আশ্রিতলোক up by another. (ଉ—ପୁତ୍ର
पालितव्यक्ति ପାଳିଲୁ ସଞ୍ଚିଲା ଜନ ହେ ।—ବିଶ୍ୱନାଥ· ଖୁଣ୍ଟିଆ ରାମାୟଣ)

ସଞ୍ଚିଲା ଧନ—ଦେ, ବି—ସଞ୍ଚିତ ସମ୍ପତ୍ତି—
Sanchila dhana Hoarded wealth hoard.
সঞ্চিত ধন संचितधन

ସଞ୍ଚୂର୍ଣ୍ଣନ—ସଂ, ବି—(ସମ୍+ଚୂର୍ଣ୍ଣଧାତୁ+ଭାବ ଅନ)—୧। ଉତ୍ତମ ରୂପେ
Sanchurnnana ଚୂରିବା—1. Pulverising (Apte) ୨ ।
ଦାଢ଼ିବା; ମଳିବା—Crushing; bruising. (Apte)
(ସଞ୍ଚୂର୍ଣ୍ଣିତ—ବିଣ)

ସଞ୍ଚେତବ୍ୟ—ସଂ. ବିଣ. (ସମ୍+ଚି ଧାତୁ+କର୍ମ. ତବ୍ୟ)—
Sanchetabya ୧ । ସଞ୍ଚୟ କରିବାର ଯୋଗ୍ୟ; ସଞ୍ଚିତ
ସଞ୍ଚେୟ } ଅନ୍ୟରୂପ ହେବାର ଯୋଗ୍ୟ—1. Fit to be
ସଞ୍ଚୟନୀୟ } stored. ୨। ସଂଗ୍ରାହ୍ୟ—2. Collect-
able; fit to be collected or gathered.

ସଞ୍ଚୋଦନ—ସଂ. ବି. (ସମ୍+ଚୋଦ୍ ଧାତୁ+ଭାବ. ଅନ)—ପ୍ରେରଣ
Sanchodana (ଅଣବୋଧ)—Sending; deputing.
(ସଞ୍ଚୋଦିତ, ସଞ୍ଚୋଦନୀୟ—ବିଣ)

ସଞ୍ଜ୍ (ଧାତୁ)—ସଂ. (ସଜ୍ଜ୍ ଧାତୁ)—ଆସକ୍ତ ହେବା—To be atta-
Sanj (root) ched to; to stick to.

ସଞ୍ଜ(ଝ)—ସଂ. ବି. (ସମ୍=ସମାନ ରୂପେ+ଜନ୍ ଧାତୁ=ସୃଷ୍ଟି କରିବା
Sanja (njha) +କରଣ. ଅ; ଯାହାଙ୍କ ଦ୍ୱାରା ସମସ୍ତ ଜଗ
ସମାନ ରୂପେ ସୃଷ୍ଟ ହୋଇ ଅଛନ୍ତି)—୧ । ବ୍ରହ୍ମା—
1. Brahma. ୨ । ଶିବ; ମହାଦେବ—2. Siba.
ଦେ. ବି. (ସଂ. ସନ୍ଧ୍ୟା; ପ୍ରା. ସଂଜ୍ଝା)—୧ । ସନ୍ଧ୍ୟା;
সাঁজ(ঝ) ସାୟଂକାଳ—1. Evening; nightfall. [ଉ—
साँझ ଜନ୍ତୀ ଫୁଲର ଅଳି(ଯୁ)ଷ ପାଅ, ସଞ୍ଜେ ଫୁଟି ସକାଳେ
ଯାଅ । ଅଭଣାପ ବାକ୍ୟ ଓ ବ୍ୟଙ୍ଗୋକ୍ତି ।] ୨ । ସନ୍ଧ୍ୟା-
କାଳରେ ଦେବତାଙ୍କ ଉଦ୍ଦେଶ୍ୟରେ ବସାଯିବା ବତି;
ସଞ୍ଜବତୀ—2. A wick lighted and set in the
সাঁজো(ঝো)র evening and dedicated to a Deity. ଦେ,
साँझका ବିଣ—ସନ୍ଧ୍ୟାକାଳୀନ—Pertaining to or
happening in the evening. [ଉ—ସଞ୍ଜ
କୁମୁଦ ସମ ହାସ ବଳାଏ । କବିସୂର୍ଯ୍ୟ. ସଙ୍ଗୀତ ।]

ସଞ୍ଜ ଆଳ(ର)ତି—ଦେ, ବି, (ସଂ, ସନ୍ଧ୍ୟା+ଆରାତ୍ରିକ)—ସନ୍ଧ୍ୟା
Sanja ala(ra)ti ସମୟରେ ଦେବତାଙ୍କ ସମ୍ମୁଖରେ ପ୍ରଜ୍ୱଳିତ-
সাঁজ(ঝ) আরতি ବର୍ତ୍ତିକା ସଂଯୁକ୍ତ କରି କରାଯିବା ଆରାତ୍ରିକ—
साँझ आरती The ceremony of waving lighted
wicks before idols in the evening.

ସଞ୍ଜ କରିବା—ଦେ, କ୍ରି—ସଞ୍ଜ ବୁଡ଼ାଇବା (ଦେଖ)
Sanja kariba Sanja burdaiba (See)

ସଞ୍ଜ ଘଣ୍ଟ(ଣ୍ଟା,ଣ୍ଟି)—ଦେ,ବି (ସଂ. ସନ୍ଧ୍ୟା+ଘଣ୍ଟା)—ସନ୍ଧ୍ୟାଘଣ୍ଟା; ସନ୍ଧ୍ୟା
Sanja ghanta(nta, nti) ଆରତି ସମୟରେ ଠାକୁରଙ୍କ
সাঁঝঘণ্টা साँझकाघंटा ନିକଟରେ ବଜାଯିବା ଘଣ୍ଟା—Gongs
sounded in the evening when lights are
waved before Idols

ସଞ୍ଜ ଦୀପ—ଦେ. ବି (ସଂ. ସନ୍ଧ୍ୟା ଦୀପ)—ସନ୍ଧ୍ୟା ଦୀପ (ଦେଖ)—
Sanja dipa Sandhya dipa (See)
সাঁজপ্রদীপ दियाबती, साँजबती

ସଞ୍ଜ ଦେବା—ଦେ. କ୍ରି—ସନ୍ଧ୍ୟାବେଳେ ଦେବତାଙ୍କ ଉଦ୍ଦେଶ୍ୟରେ
Sanja deba ଜଳନ୍ତା ବତି ବସାଇବା—To set a
সন্ধ্যাদেওয়া साँजदेना lighted wick in the
evening by offering it to the Deity.
(ଉ—ପ୍ରତିଦିନ ସନ୍ଧ୍ୟାବେଳେ ଗୋଟାଏ ବଳତା ଜାଳି ଅଣି
ଠାକୁରାଣୀ ସ୍ଥାନରେ ସଞ୍ଜ ଦଏ—ଫକୀରମୋହନ· ଛ ମାଣ
ଆଠଗୁଣ୍ଠ ।) [ଦ୍ର—ସନ୍ଧ୍ୟାବେଳେ ଦେବାଳୟରେ,
ତୁଳସୀଚଉରା ମୂଳେ, ଦାଣ୍ଡଙ୍କ ଘରେ, ହିନ୍ଦୁଙ୍କ ଦାଣ୍ଡ-
ଦୁଆରେ ଓ ଗୃହର ପ୍ରତ୍ୟେକ ପ୍ରକୋଷ୍ଠରେ, ବିଶେଷତଃ
ଭଣ୍ଡାରଘରେ ଗୋଟିଏ ଲେଖାଏଁ ସଞ୍ଜବତୀ ଦେବତାଙ୍କ
ଉଦ୍ଦେଶ୍ୟରେ ଜଳାଯାଏ ।]

ସଞ୍ଜ ଧୂପ—ଦେ· ବି (ସଂ ସନ୍ଧ୍ୟା+ଧୂପ)—ସନ୍ଧ୍ୟାଧୂପ; ସନ୍ଧ୍ୟା ପରେ
Sanja dhupa ଦେବତାଙ୍କ ନିକଟରେ ଅର୍ପିତ ଭୋଗ ଓ
সাংঝধূপ साँझधूप ପୂଜା, ଧୂପ ପ୍ରଭୃତି—Worship
and offerings of food and incense to
an Idol after evening; evening service
of an Idol.

ସଞ୍ଜଧୂପ ବେଶ—ଦେ, ବି (ସଂ ସନ୍ଧ୍ୟା+ଧୂପ+ବେଶ)—ସନ୍ଧ୍ୟାଧୂପ
Sanja dhupa besa ବେଳେ ଦେବମୂର୍ତ୍ତିଙ୍କୁ ଯେଉଁ
সাঁঝ ধূপের বেশ साँझधूपकावेश ବେଶ ପିନ୍ଧାଯାଏ—
The dress put on an Idol for the even-
ing service.

ସଞ୍ଜନ—ସଂ ବି (ସଜ୍ଜ୍ ଧାତୁ=ଆସକ୍ତ ହେବା+ଭାବ ଅନ)—୧ ।
Sanjana ବନ୍ଧନ—1. Confining; binding.
୨ । ସଙ୍ଘଟନ—2. Occurrence; meeting.

ସଞ୍ଜ ବତି—ଦେ. ବ (ସଂ ସନ୍ଧ୍ୟା+ବର୍ତ୍ତି)—ସନ୍ଧ୍ୟାବତି (ଦେଖ)—
Sanja bati Sandhyā bati (See)
সাঁঝবাতী সেঁজতি সেঁজুতি दियाबती, साँजबती
(ସଞ୍ଜବଳତା—ଅନ୍ୟରୂପ)

ସଞ୍ଜବତି ଲଗିବା—ଦେ॰ ବ—୧ । ସନ୍ଧ୍ୟା ସମୟରେ ଦେବତା-
Sanja bati lāgibā ମନ୍ଦିରରେ, ଗୃହରେ ବା ତୁଳସୀ-
সাঁঝবাতীলাগা दियाबती लगाना ଚଉରା ମୂଳେ
[ସଞ୍ଜବତୀଲଗା(ଗେ)ଇବା—କ୍ରିୟାରୂପ] ଜଳନ୍ତା ବତି ଜଳାଯିବା—1. Offering of lighted wicks in the evening in temples and houses before idols.
୨ । ସନ୍ଧ୍ୟା ବୁଡ଼ିବା ବେଳ; ସନ୍ଧ୍ୟା—2. Lamplight; nightfall.

ସଞ୍ଜବ(ମ)ନ—ସଂ ବ (ସମ୍+ଜୁ ଧାତୁ=ଗମନ କରିବା+ଅଧିକରଣ
Sanjaba(ma)na ଅନ)—ଚତୁଃଶାଳ; ପରସ୍ପରସମ୍ମୁଖୀ ଗୃହ-ଚତୁଷ୍ଟୟ—A suite of four houses facing one another built on the four sides of a quadrangle.

ସଞ୍ଜବ(ମ)ଣୀ ପୁର(ରୀ)—ଦେ. ବ (ସଂ ସଞ୍ଜୀବନ)—ଯମପୁରୀ—
Sanjaba(ma)nī pura(rī) The abode of the
সঞ্জীবনীপুর संजमनी God of death.

ସଞ୍ଜବଣୀପୁର ପଠା(ଠେ)ଇବା—ଦେ॰ କ୍ରି—ଯମପୁରକୁ ପଠାଇବା;
Sanjabanīpura pathā(the)ibā ମୃତ୍ୟୁମୁଖକୁ ପଠାଇବା;
যমপুরেপাঠান संजमनीपुरभेजना ବଧ କରିବା—
To kill (a being)
(ଉ—କେଉଁ ମୃଗମାନଙ୍କୁ ପ୍ରହାର ଶକ୍ତିବର, ପଠିଅଇ ଦେଲେ ସେ ସଞ୍ଜମଣୀପୁର—କୃଷ୍ଣସିଂହ ମହାଭାରତ
(ସଞ୍ଜବଣୀପୁରକୁ ପଠିଅଇବା—ଅନ୍ୟରୂପ) ଅଦି ।)

ସଞ୍ଜ ବସା(ସେ)ଇବା—ଦେ॰ କ୍ରି—ସଞ୍ଜ ଦେବା; ସନ୍ଧ୍ୟାବତୀକୁ ଜାଳି
Sanja basā(se)ibā ଦେବମୂର୍ତ୍ତିଙ୍କ ସମ୍ମୁଖରେ,
সন্ধ্যাদেওয়া साँझबतीदेना ତୁଳସୀମୂଳେ ବା ଦାଣ୍ଡ ଦୁଆରରେ ରଖିବା—To set lighted wicks before Idols or Tulsi plants in the evening.
[ଦ୍ର—ସଞ୍ଜବତି ଦେବତାଙ୍କ ଆଗରେ ବସାଇବା ବେଳେ ସ୍ତ୍ରୀଲୋକମାନେ ଧର୍ମଦେବତାଙ୍କୁ ତାଙ୍କ ମିତ୍ର ଓ ପ୍ରିୟ ବ୍ୟକ୍ତି-ମାନଙ୍କର ମଙ୍ଗଳକାମନା କରନ୍ତି ଏବଂ ଶତ୍ରୁ ଓ ଅପକାରୀ-ମାନଙ୍କ ନାମ ଉଚ୍ଚାରଣ କରି ସେମାନେ ଧର୍ମଦେବତାଙ୍କ ଦ୍ୱାରା ଦଣ୍ଡିତ ହେବାପାଇଁ ପ୍ରାର୍ଥନା କରନ୍ତି । ଅତଏବ "ସେ ଅମୁକ ନାଆଁରେ ସଞ୍ଜ ବା ସଞ୍ଜବତି ବସାଉଛି"ର ଅର୍ଥ—ସେ ଅମୁକର ଅଶୁଭ ପ୍ରାର୍ଥନା କରୁଛି । ଏହିପରି ମଧ୍ୟ ସକାଳେ ସ୍ନାନ କଲାବେଳେ ମାଇପେ 'ଧର୍ମଦେବତାଙ୍କୁ' ତାଙ୍କ ପାଣି ଅଞ୍ଜୁଳା ଟେକନ୍ତି ବା ଦଅନ୍ତି ଏବଂ ସେଥିରେ ମଧ୍ୟ ଶତ୍ରୁର ଅମଙ୍ଗଳ ପ୍ରାର୍ଥନା କରନ୍ତି । ଏଥିପାଇଁ "ଅମୁକ ନାଆଁରେ ପାଣି ଟେକିବା, ପାଣିଅଞ୍ଜୁଳା ଟେକିବା, ପାଣି ଅଞ୍ଜୁଳି ଦେବା" ମଧ୍ୟ ଅମୁକଶତ୍ରୁର ଅମଙ୍ଗଳକାମନା କରିବା ଏହି ଅର୍ଥରେ ବ୍ୟବହୃତ ହୁଏ ।]

ସଞ୍ଜ ବୁଡ଼(ବେଳ)—ଦେ. ବ (ସଂ. ସନ୍ଧ୍ୟା+ବେଳା)—ବେଳବୁଡ଼;
Sanja burda(bela) ସନ୍ଧ୍ୟାବେଳ—Nightfall; sunset.
সাংজবেলা সন্ধ্যাবেলা साँझसमय (ଉ—ସଞ୍ଜବେଳରୁ ଜଞ୍ଜ
(ସଞ୍ଜ ବୁଡ଼ିବାବେଳ—ଅନ୍ୟରୂପ) ଫୁଟିବାଯାଏ—କବିସୂର୍ଯ୍ୟ) ।

ସଞ୍ଜ ବୁଡ଼ା(ଡ଼େ)ଇବା ଦେ, କ୍ରି.—୧ । ସନ୍ଧ୍ୟା ହେବାର ପରବର୍ତ୍ତୀ
Sanja burdā(rde)ibā କାଳଯାଏ କୌଣସି କାର୍ଯ୍ୟ
সন্ধ্যা বাহান କରିବା—1. To do any work till after
साँझकरना evening. ୨ । ସନ୍ଧ୍ୟାକାଳ ଅତିବାହିତ କରି କାର୍ଯ୍ୟ କରିବା ବା ବିଳମ୍ବ କରିବା—2. To delay a work till after evening. ୩ । ସନ୍ଧ୍ୟାବତୀକୁ ତେଲରେ ବା ଘିଅରେ ବୁଡ଼ାଇବା—To immerse the wick to be lighted in the evening, in oil or ghee.

ସଞ୍ଜ ବୁଡ଼ିବା—ଦେ. କ୍ରି.—୧ । ସନ୍ଧ୍ୟାବେଳ ହେବା— The
Sanja burdibā coming of the evening; night-
সন্ধ্যা হওয়া fall. ୨ । ସନ୍ଧ୍ୟାକାଳ ଅତୀତ ହେବା—
संध्याबीतना 2. It being past evening.

ସଞ୍ଜୟ— ସଂ. ବି. ନାମ—ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କ ମନ୍ତ୍ରୀ— Name
Sanjaya of the minister of the blind King Dhrutarāshtra, who narrated the story of the great battle of Kurukshetra in all its details to Dhrutarāshtra.
[ଦ୍ର—କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ବିବାଦ ଓ ଯୁଦ୍ଧ ନ ଘଟିବା ପାଇଁ ସଞ୍ଜୟ ବହୁ ଚେଷ୍ଟା କରି ବିଫଳ-ମନୋରଥ ହୋଇଥିଲେ । ବ୍ୟାସଦେବଙ୍କ କୃପାରୁ ସେ ଦିବ୍ୟ ଚକ୍ଷୁ ଲାଭ କରି ମହାଭାରତ ଯୁଦ୍ଧର ଦୈନନ୍ଦିନ ବିବରଣ ଯଥାଯଥ ଭାବରେ ଧୃତରାଷ୍ଟ୍ରଙ୍କ ନିକଟରେ ବର୍ଣ୍ଣନା କରୁଥିଲେ ଏବଂ ଶ୍ରୀକୃଷ୍ଣାର୍ଜ୍ଜୁନ ସଂବାଦ (ଭଗବଦ୍-ଗୀତା) ଧୃତରାଷ୍ଟ୍ରଙ୍କୁ କହିଥିଲେ । କୁରୁ ସୈନ୍ୟ ଧ୍ୱସ୍ତ ହେବା ପରେ ସାତ୍ୟକୀ ସଞ୍ଜୟଙ୍କୁ ନିଧନ କରିବାକୁ ଉଦ୍ୟତ ହେବାରୁ ବ୍ୟାସଦେବ ତାଙ୍କ ପ୍ରାଣରକ୍ଷା କଲେ । ଯୁଦ୍ଧାନ୍ତେ ସେ ଧୃତରାଷ୍ଟ୍ରଙ୍କ ସହିତ ୧୫ ବର୍ଷ ପାଣ୍ଡବମାନଙ୍କ ଆଶ୍ରୟରେ ରହି ଶେଷରେ ଧୃତରାଷ୍ଟ୍ରଙ୍କ ସଙ୍ଗେ ବାନପ୍ରସ୍ଥ କରିଥିଲେ । ଧୃତରାଷ୍ଟ୍ର ଦାବାନଳରେ ଦଗ୍ଧ ହେବାରୁ ସଞ୍ଜୟ ହିମାଳୟକୁ ଯାଇ ତପଶ୍ଚରଣ ପୂର୍ବକ ଅବଶିଷ୍ଟ ଜୀବନ ଯାପନ କଲେ ।]

ସଞ୍ଜ ଲଗା (ଗେ) ଇବା—ଦେ କ୍ରି.—ସନ୍ଧ୍ୟା ହେବା ପରେ ସଞ୍ଜଦୀପ
Sanja lagā(ge)ibā ଜାଳିବା—To light the evening
সন্ধ্যা দেওয়া साँझबती लगाना lamp after nightfall.

ସଞ୍ଜ ଲାଗିବା—ଦେ. କ୍ରି-ସନ୍ଧ୍ୟା ବୁଡ଼ିବା ଘରେ ଦୀପ ଜାଳିବା (ବେଳ)—
Sañja lāgibā Lamplight; the lighting of the
सन्ध्यावेला साँझबतीजलना evening lamp after dusk.

ସଞ୍ଜ ସକାଳ—ଦେ. ବି—ସନ୍ଧ୍ୟା ଓ ପ୍ରାତଃକାଳ—
Sañja sakāḻa Morning and evening; day-
साँझसकाल, सन्ध्यासकाल साँझभुरहर break and dusk.

ସଞ୍ଜ ସକାଳ(ଳେ)—ଦେ. କ୍ରି. ବିଣ—ପ୍ରତ୍ୟହ ସକାଳେ ଓ
Sañja sakāḻa(ḻe) ସନ୍ଧ୍ୟାବେଳେ—In the morning
साँझसकाले साँझभुरहरमे and evening daily.

ସଞ୍ଜା—ସଂ. ବି—(ସଞ୍ଜ ଧାତୁ=ଆସକ୍ତ ହେବା+କର୍ତ୍ତୃ.ଅ+ସ୍ତ୍ରୀ.ଆ)—
Sañjā ଛାଗୀ;ମାଈ ଛେଳି (ତ୍ରିକାଣ୍ଡ ଶେଷ)—A she-goat.
साँझा ଦେ.ବି—(ସଂ.ସନ୍ଧା=ପ୍ରତିଜ୍ଞା, ସ୍ୱୀକାର; ଯାହା ପ୍ରତିଜ୍ଞାତ ବା
मनखप ସ୍ୱୀକୃତ ହୋଇଥାଏ; ଚୁକ୍ତି)—୧ । ଜମିର ନଗଦ ଖଜଣା ପରିବର୍ତ୍ତିରେ ଚାଷୀର ଜମିଦାରକୁ ଶସ୍ୟର ନିର୍ଦ୍ଧାରିତ ପରିମାଣ ଦେବା ପାଇଁ ଜମିଦାରସଙ୍ଗେ ପୂର୍ବରୁ କରିଥିବା ଚୁକ୍ତି—1. Contract for payment of rent in kind fixed beforehand (i.e. before the crop is harvested) and payable to the landlord by the cultivator in lieu of cash rent. ୨ । ସଞ୍ଜା ପ୍ରଥା ଦ୍ୱାରା ନିର୍ଦ୍ଧାରିତ ଶସ୍ୟାଂଶରୂପ କର—2. Stipulated produce-rent settled or previously fixed; rent-in-kind paid by the cultivator to the landlord.
[ଦ୍ର—ନଗଦ ଖଜଣା ପରିବର୍ତ୍ତିରେ ପ୍ରଜାର ଜମିଦାରକୁ ଶସ୍ୟର ଅଂଶ ଦେବା ପ୍ରଥାକୁ 'ଭାଗ' ଦେବା ପ୍ରଥା ବୋଲି-ଯାଏ । ଏହା ଦୁଇ ପ୍ରକାର—୧ । ଧୂଳିଭାଗ, ୨ । ସଞ୍ଜା ଭାଗ । ଧୂଳିଭାଗକୁ ଲୋକେ ସାଧାରଣତଃ 'ଭାଗ' ଓ ସଞ୍ଜା-ଭାଗକୁ 'ସଞ୍ଜା' ବୋଲି କହନ୍ତି । ଉଭୟ ପ୍ରଥାର ମୂଳରେ ଭୂମିରୁ ଉତ୍ପନ୍ନ ଶସ୍ୟର ଅଂଶ (ଭାଗ) ଜମିଦାରଙ୍କୁ ଦଅଯିବା କଥା ବିଦ୍ୟମାନ । 'ଭାଗ'ରେ ଜମିରୁ ଶସ୍ୟାଦି ଯେତେ ଉତ୍ପନ୍ନ ହେଲା, ଶସ୍ୟ ଅମଳ ହୋଇ ଦେଖାଗଲା ପରେ ତହିଁର ଅର୍ଦ୍ଧେକ ଅଂଶ କୃଷକର (ଚଷା ଭାଗ ବା କୃଷିଭାଗ) ଓ ଅପରାର୍ଦ୍ଧ ଜମିଦାରଙ୍କର (ରଜାଭାଗ ବା ରାଜଭାଗ) ବୋଲି ସ୍ଥିର ହୁଏ । କିନ୍ତୁ 'ସଞ୍ଜା' ରେ ଭୂମିରୁ ଅମଳ ହେବା ପୂର୍ବରୁ ତହିଁର ଉତ୍ପନ୍ନ ଶସ୍ୟର ଅର୍ଦ୍ଧେକ ପରିମାଣ ଅଟକଳ ବା ଅନୁମାନ କରାଯାଏ । ସଞ୍ଜା ପ୍ରଥା 'ଦରୀ' ବା ରଜା ପ୍ରଜା ମଧ୍ୟରେ 'ଚୁକ୍ତି' ଉପରେ ନିର୍ଭର କରେ; ଅର୍ଥାତ୍ ପ୍ରଜା ଚାଷ କରିଥିବା ଜମିରୁ ଅନ୍ଦାଜ ଏତେ ଧାନ ଅମଦାନି ହେବ, ଏହା ଧାନ କଟା ହେବା ପୂର୍ବରୁ ଅଟକଳ ବା ଅନ୍ଦାଜ ଦ୍ୱାରା ସ୍ଥିରୀକୃତ ହୁଏ ଏବଂ ଉକ୍ତ ପରିମିତ ଧାନ ଜମିଦାରଙ୍କୁ ପ୍ରଜା ଦେବା କଥାଟିକୁ ପୂର୍ବରୁ ଅଙ୍ଗୀକାର (ସନ୍ଧା) ବା ଚୁକ୍ତି କରେ । ଏଥିରୁ ଦେଖାଯିବ ଯେ 'ଭାଗ ପ୍ରଥା' ଜମିର ପ୍ରକୃତ ଉତ୍ପାଦନ ଉପରେ ଓ 'ସଞ୍ଜା ପ୍ରଥା' ଅନୁମାନିକ ଉତ୍ପାଦନ ଅନୁସାରେ ରଜା ପ୍ରଜା ମଧ୍ୟରେ ହେବା ଚୁକ୍ତି ଉପରେ ନିର୍ଭର କରେ । 'ଭାଗ' ପ୍ରଥାରେ ଜମିରୁ ମିଳିବା ଧାନରୁ ଅଧେ ଜମିଦାର ନିଅନ୍ତି ଓ ଅଧେ ପ୍ରଜା ନିଅନ୍ତି; 'ଧୂଳିଭାଗ' ପ୍ରଥାରେ ଜମିରୁ ଯେତେ ଯେତେ ପଦାର୍ଥ (ଧାନ, ନଡ଼ା, କୁଟା, ଏପରି କି 'ଧୂଳି' ସୁଦ୍ଧା) ମିଳେ, ତହିଁରୁ ଅଧେ ଜମିଦାର ତାହାଙ୍କର ପ୍ରାପ୍ୟ 'ରାଜଭାଗ' ନିଅନ୍ତି ଓ ଅନ୍ୟ ଅର୍ଦ୍ଧକ ପ୍ରଜା ତାର 'ଚଷାଭାଗ' ପାଆନ୍ତି । ଭାଗ ବା ଧୂଳିଭାଗରେ ରଜା ପ୍ରଜା ଉଭୟେ ଥାଇ ଧାନ କଟା ହୁଏ, ଅଟିବା ଧାନବିଡ଼ା ଓ ନଡ଼ାଗାଦି ଗଣତି କରି ପ୍ରଜା ଅଧେ ଧାନବିଡ଼ା ଓ ନଡ଼ା ନିଅନ୍ତି ଏବଂ ଜମିଦାର ଅନ୍ୟ ଅର୍ଦ୍ଧକ ନିଅନ୍ତି; କିମ୍ବା ସବୁ ବିଡ଼ା ଓ ନଡ଼ା ଏକା ଜାଗା (ଜମିଦାରଙ୍କ ଖଳା ବା ଉଭୟର ଖଳା କିମ୍ବା ଉଭୟଙ୍କ ମନୋନୀତ କୌଣସି 'ଭଲ ଲୋକ'ଙ୍କ ଖଳା)କୁ ନିଆଯାଇ ସେଠାରେ ବେଙ୍ଗଲା ପଡ଼େ ଏବଂ ବେଙ୍ଗଲା ପରେ ଯାହା ଯାହା ମିଳେ (ଧାନ, ଅଗାଡ଼ି, ଚଷୁ, କୁଟା) ସେ ସବୁଥିରୁ ଜମିଦାର ଅଧେ ଓ ପ୍ରଜା ଅଧେ ନିଅନ୍ତି । ଏହାକୁ 'ଧୂଳିଭାଗ' ବୋଲିଯାଏ । ସଞ୍ଜାର ନାନା ପ୍ରକାର ମଧ୍ୟ ପ୍ରଚଳିତ ଅଛି । ଯଥା—୧ । ସାଧାରଣ ସଞ୍ଜା, ୨ । ମୁକରରି ସଞ୍ଜା, ୩ । ଦେଖାମଣା ସଞ୍ଜା ।

୧ । ସାଧାରଣ ସଞ୍ଜା—ଜମିଦାର ପ୍ରଜାକୁ ଜମି ପଟ୍ଟା ଦେଲା ବେଳେ ଜମିଦାର ଓ ପ୍ରଜା ଉଭୟେ ଅନୁମାନ ଦ୍ୱାରା ସ୍ଥିର କରନ୍ତି ଯେ, ଏ ଜମିରେ ଏତେ ଧାନ ଫଳିବ; ସେହି ଅନୁମାନ ଉପରେ ନିର୍ଭର କରି ଶସ୍ୟର ଉକ୍ତ ଅନୁମାନିକ ପରିମାଣରୁ ଅଧେ ଜମିଦାରଙ୍କୁ ଦେବା ପାଇଁ ପ୍ରଜା ଚୁକ୍ତି କରନ୍ତି । ପ୍ରଜାଙ୍କ କର୍ମରୁ ଯେବେ ଉକ୍ତ ଜମିରେ ଅନୁମିତ ପରିମାଣରୁ ଅଧିକ ଶସ୍ୟ ଫଳେ, ତାହା ହେଲେ ଚୁକ୍ତି ହୋଇଥିବା ପରିମାଣରୁ ଅଧିକ ଶସ୍ୟ ଜମିଦାର ପ୍ରଜା-ଠାରୁ ଦାବି କରି ପାରନ୍ତି ନାହିଁ; ପୂର୍ବରୁ ଯେତିକି 'ସଞ୍ଜା' ନିର୍ଦ୍ଧାରିତ ହୋଇଥାଏ, ଜମିଦାର ସେତିକି ମାତ୍ର ଶସ୍ୟ ପାଆନ୍ତି । ଆଉ ଯାହା ବେଶୀ ଫଳେ ଓ ନଡ଼ା ପ୍ରଭୃତି ଯାହା ହୁଏ, ସେ ସମସ୍ତ ପ୍ରଜା ନିଅନ୍ତି । ପୁଣି ଯଦି ପ୍ରଜାଙ୍କ ଦୁର୍ଭାଗ୍ୟରୁ ଉକ୍ତ ଜମିରୁ ଅନୁମିତ 'ସଞ୍ଜା' ଅପେକ୍ଷା କମ୍ ଶସ୍ୟ ମିଳେ, ତେବେ ପ୍ରଜା ଘରୁ ଓଜନରେ ପୂର୍ବରୁ ଚୁକ୍ତି କରିଥିବା ପରିମାଣର 'ସଞ୍ଜା' ଧାନ ଜମିଦାରଙ୍କୁ ଦେବାକୁ ବାଧ୍ୟ ହୁଅନ୍ତି । ଯେବେ ଧୋଇ ବା ମରୁଡ଼ି ଯୋଗୁଁ ଫସଲ ନୋକସାନ ହୋଇଯାଏ କିମ୍ବା କିଛି ନ ଫଳେ, ଅଥବା ପ୍ରଜା ଉକ୍ତ ଜମିକୁ ପଡ଼ିଆ ପକାନ୍ତି, ତେବେ ସୁଦ୍ଧା ପ୍ରଜା ନିର୍ଦ୍ଧାରିତ 'ସଞ୍ଜା' ଜମିଦାରଙ୍କୁ ଦେବାକୁ ବାଧ୍ୟ । ସାଧାରଣ 'ସଞ୍ଜା'ରେ ଧୋଇ, ମରୁଡ଼ି, ପଡ଼ିଆ, ଛଟିଆ, ନୋକସାନ ଆଦିର ଓଜର ଆପତ୍ତି ନାହିଁ ।

୨ । ମୁକରରି ସଞ୍ଜା ବା ଚିରସ୍ଥାୟୀ ସଞ୍ଜା—ଏ ସଞ୍ଜାର ପରିମାଣ ଅବଶ୍ୟ ଅନୁମାନିକ ଉତ୍ପନ୍ନ ଶସ୍ୟର ଅଧେ

ବୋଲି କପୋଷ୍ଟ କରାଯାଏ; କିନ୍ତୁ ଏହା ଜମିଦାର ଓ ପ୍ରଜା ମଧ୍ୟରେ ଚିରସ୍ଥାୟୀ ରୂପେ ନିର୍ଦ୍ଧାରିତ ହୋଇଥାଏ। ଉକ୍ତ ପରିମାଣର 'ସଞ୍ଜା' ପ୍ରଜା ପୁରୁଷାନୁକ୍ରମେ ଜମିଦାରଙ୍କୁ ଦିଅନ୍ତି। ଏଥିରେ ମଧ୍ୟ ଧୋଇ, ମରୁଡି ଲୋକସାନ ଅଧିକ ଓଜର ପ୍ରଜା କରି ନ ପାରେ।

୩। ଦେଖାମଣା ସଞ୍ଜା ବା କୁତ ସଞ୍ଜା—ଏହା ପ୍ରତି ବର୍ଷ ପ୍ରତି ଫସଲର ପରିମାଣ ଅନୁସାରେ କମ୍ ବେଶୀ ହୁଏ। ଜମିରେ ପାଚିଲା ଫସଲ ମହଜୁଦ ଥିଲା ବେଳେ ଜମିଦାର ଓ ପ୍ରଜା ଉଭୟେ କେତେଜଣ ଭଲଲୋକଙ୍କୁ ସଙ୍ଗରେ ନେଇ ଜମି ଉପରକୁ ଯାଆନ୍ତି ଏବଂ ସେଠାରେ ମହଜୁଦ ଥିବା ଫସଲକୁ ବା ଚଷକୁ 'ଦେଖା ମଣା' କରନ୍ତି, ଅର୍ଥାତ୍ ଅନୁମାନ କରନ୍ତି ଯେ, ଉକ୍ତ ଫସଲ ଅମଳ ହେଲେ ପ୍ରଜାଙ୍କୁ ଏତେ ପରିମିତ ଶସ୍ୟ ମିଳିବ। ଏହି ଅନୁମାନ କରିବାକୁ 'କୁତ' କରିବା ବା କୁତିବା (ଗଞ୍ଜାମରେ ଗୁତା ବା ଗୁତ୍ତି) କହନ୍ତି। ଏହି ଅନୁମିତ ଉତ୍ପନ୍ନ ଦ୍ରବ୍ୟରୁ ଅଧେ ଜମିଦାରଙ୍କୁ ଦେବା ପାଇଁ ପ୍ରଜା ସେହିଠାରେ 'ମଣନ୍ତି' ଅର୍ଥାତ୍ ଅଙ୍ଗୀକାର କରନ୍ତି। ଜମିଦାର ଓ ପ୍ରଜା ଉଭୟେ ଜମିର ଫସଲକୁ ଦେଖିବା ପରେ ଜମିଦାରଙ୍କ ପ୍ରାପ୍ୟକୁ ପ୍ରଜା ମଣିବାରୁ (ଅଙ୍ଗୀକାର କରିବାରୁ) ଏ ସଞ୍ଜାର ନାମ 'ଦେଖାମଣା'। ତାପରେ ଫସଲ କଟା ହେବାବେଳେ ଜମିକୁ ଆସିବା ଜମିଦାରଙ୍କର ଆବଶ୍ୟକ ହୁଏ ନାହିଁ। ପ୍ରଜା ଫସଲ କାଟି ଅମଳ କରନ୍ତି ଏବଂ 'ଦେଖାମଣା' ହୋଇଥିବା ପରିମାଣରୁ ପ୍ରଜାଙ୍କୁ ବେଶୀ ମିଳୁ ବା କମ୍ ମିଳୁ, ସେ ଜମିଦାରଙ୍କୁ ପୂର୍ବ ସ୍ୱୀକୃତ 'ଦେଖାମଣା ସଞ୍ଜା' ଦେବାକୁ ବାଧ୍ୟ ଅଟନ୍ତି। ଏହି ଦେଖାମଣା ସଞ୍ଜାର ପରିମାଣ ଧୋଇ ମରୁଡ଼ି ଆଦି ଅନୁଯାୟୀ ଫସଲର ଅବସ୍ଥା ଉପରେ ନିର୍ଭର କରେ।

ଜମିରେ ଆବାଦ କରାଯିବା ନାନାବିଧ ଶସ୍ୟ (ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ, ଚଣା) ସମ୍ବନ୍ଧରେ ମଧ୍ୟ ସଞ୍ଜା ନିର୍ଦ୍ଧାରିତ ହୁଏ। କିନ୍ତୁ 'ମୁକରର ସଞ୍ଜା'ରେ ଓ 'ସାଧାରଣ ସଞ୍ଜାରେ' ଯାହା ପୂର୍ବରୁ ନିର୍ଦ୍ଧାରିତ ବା ଲିପିବଦ୍ଧ ହୋଇଥିବ, ପ୍ରଜା ତଦପେକ୍ଷା ବେଶୀ ପାଇଲେ କିମ୍ବା ତହିଁରୁ ଅଧିକ ପ୍ରକାରର ଫସଲ ସେ ଜମିରେ ଆବାଦ କଲେ ଜମିଦାର ମୁକରରି ଜମାରୁ ବେଶୀ ପ୍ରଜାଠାରୁ ଦାବୀ କରି ପାରନ୍ତି ନାହିଁ।

ଗଞ୍ଜାମର ଜମିଦାର (ଅର୍ଥାତ୍ ରାଜା ଉପାଧିଧାରୀ) ମାନେ ପ୍ରଜାଙ୍କଠାରୁ ଏହି 'ଗୁତ୍ତି' ପ୍ରଥାରେ ଫସଲରୁ ଅଧେ ନିଅନ୍ତି ଏବଂ ଅନେକ ସ୍ଥଳରେ ବହୁ ଗ୍ରାମରୁ ଏହି 'ସଞ୍ଜା' ଆଦାୟ କରିବାର ଅଧିକାରକୁ ଜମିଦାରମାନେ ଜଣେ ତୃତୀୟ ବ୍ୟକ୍ତିଙ୍କୁ 'ଗୁତ୍ତି' ଦିଅନ୍ତି; ଅର୍ଥାତ୍ ଉକ୍ତ ତୃତୀୟ ବ୍ୟକ୍ତି ଜମିଦାରଙ୍କୁ ନିର୍ଦ୍ଧାରିତ ନଗଦ ଟଙ୍କା ଅଗରୁଆ ଦେଇ ପରେ ସରଜମିନ୍‌ରେ ପ୍ରଜାଙ୍କଠାରୁ 'ଦେଖାମଣା ସଞ୍ଜା' ଆଦାୟ କରି ନିଅନ୍ତି। ଓଡ଼ିଶାର ଜମିଦାରୀମାନଙ୍କରେ ଜମିଦାର ବା ପ୍ରଜା କଲେକ୍ଟର କିମ୍ବା ବନ୍ଦୋବସ୍ତ ହାକିମଙ୍କ ପାଖେ ଦରଖାସ୍ତ କଲେ ହାକିମ 'ସଞ୍ଜା' ବା 'ଭାଗ' ପରିବର୍ତ୍ତିରେ ଉକ୍ତ ଜମି ଉପରେ 'ନଗଦ ଖଜଣା' ଧାର୍ଯ୍ୟ କରି ଦିଅନ୍ତି। କେବଳ କେତେକ ଶ୍ରେଣୀର ଅନନ୍ୟୋପାୟ ଜମିଦାରମାନଙ୍କ (ଯେଉଁ ଦେବତା-ଜମିଦାରଙ୍କ 'ଭୋଗ' ବସ୍ତୁ, ଯଥା, ଖଇ, ଛତୁଆ, ଚୂଡ଼ା, ଖିରି ଆଦି ଜମିରୁ ଉତ୍ପନ୍ନ ଶସ୍ୟରୁ ପ୍ରସ୍ତୁତ ହୁଏ, ଅଥବା ଜମିଦାର, ନାବାଳଗ ଜମିଦାର, ବ୍ରାହ୍ମଣ, କ୍ଷତ୍ରିୟ ଓ କରଣ ଜାତୀୟ ଜମିଦାର, ଯେଉଁମାନେ ନିଜେ ସାମାଜିକ ପ୍ରଥା ଅନୁସାରେ ହଳ ଧରି ନିଜେ ଭୂମି ଚଷି ପାରିବେ ନାହିଁ—ଏହିମାନଙ୍କ) ଅଧୀନ ରଇତି ଜମିର 'ସଞ୍ଜା' 'ନଗଦ ଖଜଣା'ରେ ବଦଳା ଯାଇ ପାରିବ ନାହିଁ। (୧୯୧୩ ସାଲର ୨ ଆଇନ ଓଡ଼ିଶା ପ୍ରଜାସତ୍ତ୍ୱ ଆଇନର ୭୭ ଦଫା)। ଯେବେ 'ସଞ୍ଜା' ବା 'ଧୂଳିଭାଗ' ନିର୍ଣ୍ଣୟ କରିବାକୁ ଜମିଦାର ବା ପ୍ରଜା ଜମି ଉପରକୁ ନ ଆସନ୍ତି ଓ ଏଣେ ପାଚିଲା ଫସଲ ଉଜୁଡ଼ି ଯିବାର ଆଶଙ୍କା ଥାଏ, କିମ୍ବା ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଫସଲ ନେବା ବିଷୟରେ ବିବାଦ ବା କଳହ ହେବାର ଆଶଙ୍କା ଥାଏ, ତେବେ ଏଥିଯୋଗୁଁ ଅସନ୍ତୁଷ୍ଟ ପକ୍ଷ (ରଇତ ବା ଜମିଦାର) କଲେକ୍ଟରଙ୍କ ପାଖେ ଦରଖାସ୍ତ ଦେଲେ କିମ୍ବା ଏଥିର ସମ୍ବାଦ କଲେକ୍ଟରଙ୍କୁ ମିଳିଲେ କଲେକ୍ଟର ଜଣେ ସରକାରୀ ବ୍ୟକ୍ତି (କାନୁନ୍‌ଗୋଇ, ନାଜର ପିଅଦା ବା ପୁଲିସ କର୍ମଚାରୀ)ଙ୍କୁ ସରଜମିନ୍‌କୁ ପଠାଇ ଶସ୍ୟକୁ କୁତ କରାଇ ଦିଅନ୍ତି, କିମ୍ବା କଟାଇ ଅମଳ କରାଇ ଉପସ୍ଥିତ ପକ୍ଷର ପ୍ରାପ୍ୟ ଶସ୍ୟାଂଶ ତାକୁ ଦିଆଇ ଦିଅନ୍ତି ଓ ଅନୁପସ୍ଥିତ ପକ୍ଷର ପ୍ରାପ୍ୟ ଫସଲକୁ ଭଲଲୋକଙ୍କ ଜିମାରେ ରଖାଇ ଦେଇ ଆସନ୍ତି; ଅଥବା ଉଜୁଡ଼ି ଯିବା ପଦାର୍ଥ ହେଲେ ତାକୁ ପ୍ରକାଶ୍ୟ ନିଲାମ ଦ୍ୱାରା ଜମି ଉପରେ ବା ନିକଟବର୍ତ୍ତୀ ହାଟରେ ବିକି ଦେଇ ତହିଁରୁ ମିଳିବା ନଗଦ ଟଙ୍କା ଆଣି ସରକାରୀ ଖଜଣା ଖାନାରେ ଡିପୋଜିଟ୍ କରି ଦିଅନ୍ତି। ଅନୁପସ୍ଥିତ ପକ୍ଷ କଚେରୀରେ ହାଜର ହୋଇ ଦରଖାସ୍ତ କଲେ ଉକ୍ତ ଜମା ଥିବା ଶସ୍ୟ ବା ଟଙ୍କା ତାକୁ ମିଳେ ଓ ସେ ଭବିଷ୍ୟତରେ ଉକ୍ତ ଫସଲ, ସଞ୍ଜା ବା ଭାଗ ଅପର ପକ୍ଷଙ୍କଠାରୁ ଦାବୀ କରି ପାରେ ନାହିଁ। (୧୯୧୩ ସାଲର ଓଡ଼ିଶା ପ୍ରଜାସତ୍ତ୍ୱ ଆଇନର ୭୯ ଦଫା)

ଭାଗ ଓ ସଞ୍ଜା ସମ୍ବନ୍ଧେ ଏ ସନ୍ଦର୍ଭ ଲେଖା ହେବା ପରେ ନୂଆ ଓଡ଼ିଶା ପ୍ରଦେଶ ପାଇଁ ଅଧିକ ସଂଖ୍ୟକ କଂଗ୍ରେସୀ ମେମ୍ବରଙ୍କ ଦ୍ୱାରା ପ୍ରଭାବିତ ଓଡ଼ିଶା ବ୍ୟବସ୍ଥାପକ ସଭା ନୂଆ ପ୍ରଜାସତ୍ତ୍ୱ ଆଇନ ୧୯୩୭-୩୮ ରେ ପେଶ୍ ଓ ପାଶ୍ କରି ଅଛନ୍ତି। ଏଥିରେ ପ୍ରଜାମାନଙ୍କଠାରୁ ଜମିଦାରଙ୍କର ଉତ୍ପନ୍ନ ଫସଲର ଅର୍ଦ୍ଧାଂଶ ପାଇବା ପରିବର୍ତ୍ତେ ନଗଦ ଖଜଣା ଧାର୍ଯ୍ୟ ହେବା ପାଇଁ ମଧ୍ୟ ନିଟକଣା କରା ଯାଇଅଛି।]

ସଞ୍ଜାଈ—ଦେ. ବି. ସ୍ତ୍ରୀ. (ସଂ. ସନ୍ଧ୍ୟା ଦେବୀ)—ସନ୍ଧ୍ୟାଦେବୀ; ଦେବତା ରୂପେ କଳ୍ପିତା ସନ୍ଧ୍ୟା—The evening personified as a Deity. [ଉ—ବିନ୍ଧ୍ୟେଶ୍ୱରୀ, ସୁରେଶ୍ୱରୀ, ସଞ୍ଜାଈ, ସାରଳା । ପୀତାମ୍ବର. ନୃସିଂହପୁରାଣ ।] [ଦ୍ର—ସଞ୍ଜବତୀ ବସାଇଲା ବେଳେ ସ୍ତ୍ରୀ ଲୋକମାନେ ଏହି ଦେବତାଙ୍କୁ ଡାକନ୍ତି ଓ କୌଣସିଠାରେ ଏ ସ୍ତ୍ରୀଲୋକ 'ଗ୍ରାମ ଦେବତୀ' ରୂପେ ମଧ୍ୟ ପ୍ରତିଷ୍ଠିତା ।]
Sanjāi
সন্ধ্যা দেবী, সন্ধ্যা রাণী
सं'ध्या देवी

ସଞ୍ଜା କବୁଲିୟ(ଥି)ତ—ଦେ. ବି—ସଞ୍ଜା ଜମି ପାଇଁ ଜମିଦାରଙ୍କୁ ପ୍ରଜାଙ୍କ ଲେଖି ଦେବା ଚୁକ୍ତିପତ୍ର—A written agreement executed by a royat in favour of the landlord for payment of rent-in-kind.
Sanjā kabuliya(a)ta
সাঁজা কবুলিয়ত
मनखप कबूलियत

ସଞ୍ଜା କରିବା—ଦେ. କ୍ରି—୧ । ରଇତ ଜମିର ସଞ୍ଜା ଖଜଣା ଦେବା ପାଇଁ ଜମିଦାର ସଙ୍ଗେ (ପ୍ରଜା) ଚୁକ୍ତି କରିବା 1. To contract with the landlord to pay the estimated rent-in-kind. ୨ । ସଞ୍ଜା ଖଜଣା ଦେବାର ଚୁକ୍ତି କରି ଜମିଦାରଙ୍କଠାରୁ (ପ୍ରଜା) ପଟ୍ଟା ନେବା—2. To take lease of a Sanjā-rent-paying holding. ୩ । ସଞ୍ଜା ଖଜଣା ଦେବାର ସର୍ତ୍ତରେ ଜମିଦାରଙ୍କ ଠାରୁ ରଇତି ଜମି ପଟ୍ଟା ନେଇ ଚାଷ କରିବା; ସଞ୍ଜା ଧରିବା—3. To hold or cultivate a holding on Sanjā-rent. ୪ । ସଞ୍ଜା ଦେଖିବା (ଦେଖ) 4. Sanjā dekhibā (See)
Sanjā karibā
সাঁজা করা
मनखप लिखदेना

ସଞ୍ଜା ଖଜଣା—ଦେ. ବି—ଜମିରେ ଫସଲ ଉତ୍ପାଦନ କରି ରଇତ ଜମିଦାରଙ୍କୁ ନଗଦ ଖଜଣା ନ ଦେଇ ଜମିଦାରଙ୍କ ସହିତ ପୂର୍ବ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଫସଲର ଯେଉଁ ଅର୍ଦ୍ଧାଂଶ ତାଙ୍କୁ ଦିଅନ୍ତି—Rent-in-kind payable to the landlord by a tenant on the estimated value of a portion (generally half) of the crop.
Sanjā khajaṇā
সাঁজা খাজনা
मनखप

ସଞ୍ଜା ଚଷିବା—ଦେ. କ୍ରି—ସଞ୍ଜା ଧରିବା—To hold land on the Sanjā system.
Sanjā chashibā
সাঁজা চাষ করা
मनखप जोतना

ସଞ୍ଜା ଚା(ତା)ଷ—ଦେ. ବି—୧ । ଜମିଦାରଙ୍କୁ ସଞ୍ଜା ଖଜଣା ଦେବା ସର୍ତ୍ତରେ କରାଯିବା କୃଷି—1. Cultivation of land on Sanjā rent. ୨ । ସଞ୍ଜା ଜମି (ଦେଖ)—2. Sanjā jami (See)
Sanjā chā(tā)sha
সাঁজা চাষ
मनखप चास

ସଞ୍ଜା ଜମି—ଦେ. ବି—ପ୍ରଜା ଯେଉଁ ରଇତି ଜମି ପାଇଁ ଜମିଦାରଙ୍କୁ ନଗଦ ଖଜଣା ପରିବର୍ତ୍ତରେ ସଞ୍ଜା ଦିଅନ୍ତି—A holding for which Sanjā (rent-in-kind) is payable by the cultivator.
Sanjā jami
সাঁজা জমি
मनखप जमीन

ସଞ୍ଜାତ—ସଂ. ବିଣ. ପୁଂ (ସମ୍ + ଜନ୍ ଧାତୁ + କ୍ତ. କ)—୧ । ଜାତ; ଉତ୍ପନ୍ନ—1. Born; produced. ୨ । ପ୍ରାପ୍ତ (ଶବ୍ଦକୋଷ)—2. Got; attained.
Sanjāta
(ସଞ୍ଜାତା—ସ୍ତ୍ରୀ)

ସଞ୍ଜାତ—ଗ୍ରା. ବିଣ (ସଂ. ସ୍ୱଜାତୀୟ; ସଜାତୀୟ)—୧ । ସ୍ୱଜାତୀୟ; ନିଜ ଜାତୀୟ (ବ୍ୟକ୍ତି)—1. Belonging to one's own caste. ୨ । ସମଜାତୀୟ ବ୍ୟକ୍ତି—2. Belonging to the same caste.
Sanjāta
স্বজাতি
सजाती

ସଞ୍ଜା ଦେବା—ଦେ. କ୍ରି—୧ । ସଞ୍ଜା ଲଗାଇବା; ରଇତ ଜମିକୁ ସଞ୍ଜା ଖଜଣାରେ ପ୍ରଜାଙ୍କୁ ବିଲି କରିବା ବା ପଟ୍ଟା ଦେବା—1. To let out a holding to a cultivator on Sanjā-rent. ୨ । ସଞ୍ଜା ଧାନ ଜମିଦାରଙ୍କୁ ଅଦାୟ ଦେବା—2. To pay the fixed rent-in-kind to the landlord.
Sanjā debā
সাঁজা দেওয়া,
সাঁজা বিলি করা
मनखप देना

ସଞ୍ଜା ଧରିବା—ଦେ. କ୍ରି—ଜମିଦାରଙ୍କଠାରୁ କୌଣସି ଜମିକୁ ସଞ୍ଜା ଖଜଣା ଦେବାକୁ ଚୁକ୍ତି କରି ଚାଷ କରିବା—To hold a land on Sanjā rent. (ସଞ୍ଜାରେ ଧରିବା—ଅନ୍ୟରୂପ)
Sanjā dharibā
সাঁজায় ধরা
मनखप करना

ସଞ୍ଜା ଧାନ—ଦେ. ବି—ସଞ୍ଜା ଖଜଣାରୂପେ ଜମିଦାରଙ୍କୁ ଦେୟ ଧାନ—Paddy payable to the landlord by the cultivator as Sanjā or rent fixed in kind. [ଦ୍ର—ଏହିପରି ସଞ୍ଜା ମୁଗ, ସଞ୍ଜା ମାଣ୍ଡିଆ, ସଞ୍ଜା ବୋଲଥି, ସଞ୍ଜା ବିରି ଆଦି ହୁଏ ।]
Sanjā dhāna
সাঁজা ধান
मनखप धान

ସଞ୍ଜାପ(ବ)—ବୈଦେ. ବି (ଫା. ସଞ୍ଜାଫ୍)—୧ । କୁର୍ତ୍ତା, ରେଜେଇ ଆଦିର ଧାରରେ ସିଲାଇ କରାଯିବା କନାର ସରୁ ବଟ ବା ଧଡ଼—1. Thin border sewn to a garment or quilt. ୨ । ପୋଷାକ ଭିତରେ ଦିଆଯିବା ପତଳା ଲୁଗା; ଅସ୍ତର—2. Lining put below a dress.
Sanjāpa(ba)
সঞ্জাব
सं'जाफ

ସଞ୍ଜା ପଟା(ଟ୍ଟା)—ଦେ. ବି—ପ୍ରଜାଙ୍କୁ ସଞ୍ଜା ସର୍ତ୍ତରେ ଜମି ବିଲି କରିବା ଉପଲକ୍ଷରେ ଜମିଦାରଙ୍କର ପ୍ରଜାଙ୍କୁ ଲେଖି ଦେବା ପଟ୍ଟା—A written lease granted to a royat on a fixed rent-in-kind by the landlord.
Sanjā paṭā(ṭṭā)
সাঁজা পটা
मनखप पटा

ସଞ୍ଜା ପ୍ରଜା—ଦେ. ବି—ସଞ୍ଜା ରଇତ (ଦେଖ)
Sanjā prajā — Sanjā raita (See)

ସଞ୍ଜା ବିଲ—ଦେ. ବି—ସଞ୍ଜା ଜମି (ଦେଖ)—
Sanjā bila — Sanjā jami (See)
(ସଞ୍ଜା ଭୂମି, ସଞ୍ଜା ଜୋତ, ସଞ୍ଜା କ୍ଷେତ—ଅନ୍ୟରୂପ)

ସଞ୍ଜା ବିଲି—ଦେ. ବି—ପ୍ରଜାଙ୍କୁ ରଇତି ଜମି ସଞ୍ଜା ସର୍ତ୍ତରେ ଲଗାଇବା ବା ଦେବା—The leasing out of land to a royat on a fixed rent-in-kind.
Sanjā bili
সাঁজা বিলি
मनखप लगाव

ସଞ୍ଜା ବିଲ କ(ଧା)ରିବା—ଦେ· କ୍ରି—ଜମିକୁ ସଞ୍ଜା ସର୍ତ୍ତରେ ଗ୍ରହଣ କରିବାକୁ ଜମିଦାରଙ୍କଠାରୁ ନେବା—
Sanjā bila ka(dha)ribā
साँजाय जमि नओया
मनखप ले·ा
To take on lease a royati land on fixed rent in kind.

ସଞ୍ଜା ଭାଗ—ଦେ· ବି—୧ । ଜମିଦାରଙ୍କ ପ୍ରାପ୍ୟ ସଞ୍ଜାରୂପ ଜମିରୁ ଉତ୍ପନ୍ନ ଶସ୍ୟର ଅଂଶ—1. The portion of the produce of a holding payable to the landlord or rent in kind.
Sanja bhāga
साँजा भाग
मनखप हिस्सा
୨ । ସଞ୍ଜା ଖଜଣା ଓ ଧାନଭାଗ ଖଜଣା—2. Fixed produce rent and half the actual produce payable as rent.

ସଞ୍ଜା ରଇ(ଏ, ୟ)ତ—ଦେ· ବି—ଜମିଦାରଙ୍କଠାରୁ ସଞ୍ଜା ଖଜଣାରେ ଜମି ଗ୍ରହଣ କରୁଥିବା ପ୍ରଜା—A royat or tenant holding land from a landlord on a stipulated rent in kind.
Sanjā rai(e, ya)ta
साँजा रयत
मनखप रैयत

ସଞ୍ଜା ରଇ(ଏ, ୟ)ତି—ଦେ· ବିଣ—ସଞ୍ଜା ରୟତ ସମ୍ବନ୍ଧୀୟ—Relating to a tenant paying stipulated rent in kind.
Sanjā rai(e, ya)ti
साँजा रायति
मनखप रैयती
ଦେ. ବି—ଜମିକୁ ସଞ୍ଜାରେ ଧରିବାର ରୟତି ସ୍ୱତ୍ୱ—The right of occupancy accruing to a tenant holding land on stipulated rent in kind.

ସଞ୍ଜା ଲଗା(ଗେ)ଇବା—ଦେ· କ୍ରି—ସଞ୍ଜା ବିଲ କରିବା (ଦେଖ)
Sanjā lagā(ge)ibā Sanjā bili kariba (See)
साँजा बिलि करा मनखप लगाना

ସଞ୍ଜିଆ—ଗ୍ରା· ବି (ସ. ସନ୍ଧ୍ୟା)—୧ । ସଞ୍ଜ; ସନ୍ଧ୍ୟା—1. Evening; nightfall.
Sanjiā साँझ साँझ
सेंझबती
साँझबत्ति
୨ । ସଞ୍ଜବତୀ; ସଞ୍ଜଦୀପ; ସନ୍ଧ୍ୟାଦୀପ—2. Wick lighted in the house or before a Deity in the evening.

ସଞ୍ଜିଘୃକ୍ଷୁ—ସ. ବିଣ (ସମ୍+ଗ୍ରହ ଧାତୁ+ଇଚ୍ଛାର୍ଥେ ସନ୍+ଉ)—
Sanjighrukshu ଗ୍ରହଣ କରିବାକୁ ଇଚ୍ଛୁକ—Desirous of accepting.
(ସଞ୍ଜିଘୃକ୍ଷା—ବି)

ସଞ୍ଜିହୀର୍ଷା—ସ. ବି. (ସମ୍+ହୃ ଧାତୁ ସନନ୍ତ=ଜିହୀର୍ଷ ଧାତୁ=
Sanjihīrshā ସଂହାର କରିବାକୁ ଇଚ୍ଛା କରିବା+ଭାବ. ଅ+ଆ)—ସଂହାର କରିବାର ଇଚ୍ଛା—Desire to slaughter.

ସଞ୍ଜିହୀର୍ଷୁ—ସ. ବିଣ. (ସମ୍+ହୃ ଧାତୁ ସନନ୍ତ=ଜିହୀର୍ଷ ଧାତୁ+
Sanjihīrshu କର୍ତ୍ତୃ. ଉ)—ସଂହାର କରିବାକୁ ଇଚ୍ଛୁକ—Desirous of destroying or killing.

ସଞ୍ଜୀବ—ସ. ବିଣ (ସମ୍+ଜୀବ ଧାତୁ+କର୍ତ୍ତୃ. ଅ)—ପୁନର୍ଜୀବନ-
Sanjība ଦାନକାରୀ (ଶବ୍ଦକୋଷ)—Restoring to life.
ସ. ବି. (+ଭାବ. ଅ)—୧ । ପୁନର୍ଜୀବନଦାନ (ଶବ୍ଦକୋଷ)—1. Restoration to life. ୨ । ନରକ ବିଶେଷ (ବୌଦ୍ଧ ମତେ)—2. Name of a hell according to the Buddhists.

ସଞ୍ଜୀବକ—ସ. ବିଣ. ପୁଂ (ସମ୍+ଜୀବ ଧାତୁ ଣିଚ୍+କର୍ତ୍ତୃ. ଅକ)—
Sanjībaka ଜୀବନଦାନକାରୀ; ଯେ ମୃତ ବ୍ୟକ୍ତିକୁ ବଞ୍ଚାଇ ପାରେ—Restoring the dead to life.
(ସଞ୍ଜୀବୀ—ଅନ୍ୟରୂପ)
(ସଞ୍ଜୀବିକା, ସଞ୍ଜୀବନୀ—ସ୍ତ୍ରୀ)

ସଞ୍ଜୀବ କରଣୀ—ଦେ. ବି—ସଞ୍ଜୀବନୀ (ଦେଖ)
Sanjība karaṇī Sanjībanī (See)
[ଉ—ତାଙ୍କୁ ବ ପ୍ରକାରେ ଥିବ ଜାଣି ଭଣି, ତଙ୍କ ସଞ୍ଜୀବ କରଣୀ ଦିଅଇ । କବି ସ୍ୱ. ରହସ୍ୟମଞ୍ଜରୀ ।]

ସଞ୍ଜୀବନ—ସ. ବି. (ସମ୍+ଜୀବ୍ ଧାତୁ ଣିଚ୍+ଭାବ ଅନ)—
Sanjībana ୧ । ବଞ୍ଚାଇବା; ଜୀବିତ କରାଇବା—1. Animating; reviving of life. ୨ । ଜୀବ ଦାନ କରିବା; ଜୀବନୀ ଶକ୍ତି ଦେବା—2. Infusing vitality. ୩ । ସମ୍ୟକ୍ ପ୍ରକାରେ ପ୍ରାଣ ଧାରଣ (ଶବ୍ଦକୋଷ)—3. Living excellently. ୪ । ୨୧ ନରକ ମଧ୍ୟରୁ ଏକତମ (ମନୁ ୪।୮୯)—4. One of the 21 hells according to Manu. ସ. ବିଣ. ପୁଂ (+କର୍ତ୍ତୃ. ଅନ)—୧ । ଯାହା ବଞ୍ଚାଏ ବା ଜୀବିତ କରାଏ; ଜୀବିତକାରୀ—1. Animating; reviving; infusing vitality. ୨ । ମୃତ ବ୍ୟକ୍ତିକୁ ଯାହା ପୁଣି ବଞ୍ଚାଏ—2. Restoring life to the dead; resusciation.
(ସଞ୍ଜୀବନୀ—ସ୍ତ୍ରୀ)

ସଞ୍ଜୀବନୀ—ସ. ବି. ସ୍ତ୍ରୀ (ସଞ୍ଜୀବନ+ସ୍ତ୍ରୀ. ଈ)—୧ । ମୃତ ବ୍ୟକ୍ତିକୁ
Sanjībanī ବଞ୍ଚାଇବାର ଦ୍ରବ୍ୟ ବା ଔଷଧ—1. Anything which restores the dead to life. ୨। ଯେଉଁ ବିଦ୍ୟାବଳରେ ମୃତପ୍ରାଣୀ ବଞ୍ଚି ଉଠେ—2. The art or lore by which the dead is restored to life. (ଉ—ସଞ୍ଜୀବନୀ ବିଦ୍ୟାବଳରେ ଶୁକ୍ର ମୃତ, ଜୀବନ ଦାନ ତାଙ୍କୁ ଦିଅନ୍ତି ପୁଣି । କୃଷ୍ଣସିଂହ· ମହାଭାରତ· ଆଦି ।)

ସଞ୍ଜୀବନୀ ପୁର(ରୀ)—ସ. ବି—ଯମପୁର; ଯମାଳୟ—The abode
Sanjībanī pura(rī) of the God of death.
(ଉ—ଶୁଳୀ ଯେ ମହା-କିଣୂଳ ପ୍ରେରିଲ ଛାଟକେ, ଦୁର୍ବର୍ଷ କି ପୁରରେଷେ ସଞ୍ଜୀବନୀ ପୁରେ । ଚନ୍ଦ୍ରମଣି. ବଜ୍ରନାଭବଧ ।)

ସଞ୍ଜୀବନୀ ସୁଧା—ସ. ବି (କର୍ମଧା)—ମଲ୍ଲ ମନୁଷ୍ୟକୁ ବଞ୍ଚାଇ ଦେବା,
Sanjībanī sudhā ଅମୃତ—Elixir of life.

ସଞ୍ଜୀବୟିଷୁ—ସ. ବିଣ (ସମ୍+ଜୀବ ଧାତୁ· ଣିଚ୍; ଜୀବ ଧାତୁ+
Sanjībayishu ଇଚ୍ଛାର୍ଥେ. ସନ୍+ଉ)—ଅନ୍ୟକୁ ବଞ୍ଚାଇବାକୁ ଇଚ୍ଛୁକ—Desirous to restore another's life.
(ସଞ୍ଜୀବୟିଷା—ବି)

ସଞ୍ଜୀବିଷୁ—ସଂ. ବଣ (ସମ୍+ଜୀବ. ଧାତୁ+ଇଚ୍ଛାର୍ଥେ ସନ୍+ଉ)—
Sañjibishu ଜୀବିତ ରହିବାକୁ ଇଚ୍ଛୁକ—Desirous to live.
(ସଞ୍ଜୀବୀଷା—ବି)

ସଞ୍ଜୁଆ—ଦେ. ବଣ (ସଂ. ସନ୍ଧ୍ୟା)—୧ । ସନ୍ଧ୍ୟାକାଳ ସମ୍ବନ୍ଧୀୟ—
Sañjuā 1. Relating to evening. ୨ । ସନ୍ଧ୍ୟାବେଳେ
সেঁঝো, সাঁঝের ଘଟିବା; ସନ୍ଧ୍ୟାକାଳୀନ—2. Happening
साँझका at dusk. ଦେ. ବି—ଝଞ୍ଜ (ଦେଖ)—S ñja.
(See)

ସଞ୍ଜୁ(ଞ୍ଜୋ)ଗ(ତ୍,ତ)—ଦେ. ବି (ସଂ. ସଂଯୋଗ)—୧ । ଅଯୋଜନ
Sañju(ñjo)g(ṭ,t) ବ୍ୟବସ୍ଥା—1. Arrangement. ୨ ।
সঞ্জুগ ଉପକରଣାଦି ପ୍ରସ୍ତୁତ ରଖିବା 2. Collection of
उद्योग materials; keeping the materials ready-
সঞ্জুগ ଦେ. ବଣ (ସଂ.ସଯୁକ୍ତ)—୧ । ଅୟୋଜିତ—1.Arrang-
उद्योगकिया हुआ ed. ୨ । ଉପକରଣାଦି ପ୍ରସ୍ତୁତ ଥିବା—
2. With the materials collected and
kept ready.

ସଞ୍ଜ୍ୱର—ସଂ. ବି (ସମ୍+ଜ୍ୱର)—୧ । ତେଜ—1. Great heat.
Sañjwara ୨ । ବିଶେଷ ଜ୍ୱର—2. High fever.

ସଞ୍ଜ୍ୱରବାନ୍ } ପୁଂ } ବଣ
ସଞ୍ଜ୍ୱରୀ
ସଞ୍ଜ୍ୱରବତୀ } ସ୍ତ୍ରୀ
ସଞ୍ଜ୍ୱରିଣୀ

ସଞ୍ଜ୍ୟା(ଝ୍ୟା)—ଗ୍ରା. ବି (ସଂ· ସନ୍ଧ୍ୟା)—ଝଞ୍ଜ (ଦେଖ)
Sañjyā(ñjhyā) Sañja. (See)

ସଟ୍ (ଧାତୁ)—ସଂ—୧ । ଅଂଶ କରିବା—1.To divide into
Saṭ (root) parts. ୨ । ଖଣ୍ଡିତ ହେବା—2. To be cut
or riven. ୩ । ଅବୟବ ବା ଅଙ୍ଗ ହେବା—3. To
be a part or limb of.

ସଟ୍‌କଲା—ପ୍ରାଦେ (ସମ୍ବଲପୁର) କ୍ରି. ବଣ—ଶୀଘ୍ର—Soon.
Saṭ-kalā

ସ(ସା)ଟ୍‌କିନା(ନି)—ଦେ. ଅ (ଧ୍ୱନ୍ୟନୁକରଣ)—୧ । ହଠାତ୍ ଚଟ
Sa(sā)ṭ-kinā(ni) ଶବ୍ଦ କରି—1. Suddenly, by
সট্ করে, সটান emitting a cracking sound. ୨ ।
सट्से ହଠାତ୍—2. Suddenly. ୩ । ଶୀଘ୍ର—3. Shortly;
(ଝଟ୍‌କ[ନ]ି, ସଟ୍ କରି—ଅନ୍ୟରୂପ) soon.

ସଟ୍‌ଚାଳିଶ(ଶି)—ଦେ. ବି ଓ ବଣ—ସତଚାଳିଶ (ଦେଖ)
Saṭ-chāḷisa(śi) Satachāḷisa. (See)

ସଟ୍‌ତିରିଶ(ଶି)—ଦେ. ବି ଓ ବଣ—ସଇଁତିରିଶ (ଦେଖ)
Saṭ-tirisa(śi) Saiñtrisa. (See)

ସଟ(ଟା)—ସଂ. ବି (ସଟ୍· ଧାତୁ=ଅବୟବ ହେବା+କର୍ତ୍ତୃ. ଅ,ଆ)—
Saṭa(ṭā) ୧ । ସିଂହ ଓ ଅଶ୍ୱାଦିଙ୍କ ବେକ ଉପରର କେଶର—
1. The manes on the neck of lion or
horse. ୨ । ଋଷିଙ୍କ ଜଟା—2. Matted hair of
sages. ୩ । ବରଗଛର ଓହଳ—3. The aerial
roots of banian tree. ୪ । ଶିଖା—4.Flame.
୫ । ଚୂଳ; ଶିଖା—5. Crest; a tuft of hair on
the crown. ୬ । ପର୍ବତ ଶୃଙ୍ଗ—6. Mountain-
peak. ୭ । ଶିଖା; ବୈଷ୍ଣବମାନେ ବା ବ୍ରାହ୍ମଣମାନେ ମୁଣ୍ଡ
ଉପରେ ରଖିଥିବା ଚୁଟି ବା ଚରକ—7. Pigtail
grown on the head.

ସଟର୍‌ସେଁ—ଦେ. ବି (ଧ୍ୱନ୍ୟନୁକରଣ)—ଡୋର ବନ୍ଧାଯାଇ ସେଁ ସେଁ
Saṭar-señ ଶବ୍ଦ କରୁଥିବା କାଠର ଏକପ୍ରକାର କଳ ବା
ଖେଳନା—A wooden contrivance or
plaything tied with a string and
producing a simmering sound.

ସଟେରା—ଦେ. ବି—ପୁରୀର ସାହିଯାତରେ ଏରା ପକ୍ଷୀର ପର ଓ ମାଳ
Saṭarā ପିନ୍ଧି ନାଗଙ୍କ ସଙ୍ଗେ ବାହାରିବା ସନ୍ନ୍ୟାସୀ-
সঙ୍ जोगिया, सटरा ମାନଙ୍କ ସଦୃଶ ନାଚକ-
ଛଦ୍ମବେଶଧାରୀ ବ୍ୟକ୍ତି—A person wearing the
feather of the Era bird and beads and
accompanying the Nāgās in the
pantomines (sāijāta) of Puri town.
[ଟି—ଏମାନେ ହିନ୍ଦୀ ଭାଷାରେ ଗୀତ ଗାଆନ୍ତି । ବଙ୍ଗର
ଅଞ୍ଚଳରେ ଡୋଲଯାତ୍ରା ସମୟରେ ଏହିପରି ବେଶଧାରଣ
କରି ଯାହାରେ ବାହାର ଗୀତ ବୋଲିବା ବ୍ୟକ୍ତିଙ୍କୁ 'ସଙ୍ଗେ'
ବା 'ଯୋଗିଆ' କହନ୍ତି ।]

ସଟାଙ୍କ—ସଂ. ବି (ସଟ, ସଟା=କେଶର ଅଟେ ଅଙ୍କ = ଚିହ୍ନ
Saṭāṅka ଯାହାର; ବହୁବ୍ରୀହି)—ସିଂହ; କେଶରୀ—
Lion.

ସଟାଙ୍କ(ଙ୍ଗ)କିନା(ନି)—ଦେ.କ୍ରି. ବଣ(ଧ୍ୱନ୍ୟନୁକରଣ)—୧। ହଠାତ—
Saṭāṅk(ṅg)kinā(ri) 1. Suddenly; abruptly.
(ସଟାଙ୍କେନା—ଅନ୍ୟରୂପ) ୨ । ସିଧା ହୋଇ ଲମ୍ବାଳିଆରେ—
সটান্ सटसे 2. In straight and long
manner; straightaway; straight-
forwardly

ସଟାଟୋପ—ଦେ. ବି—ପଟାଟୋପ (ଦେଖ)
Saṭaṭop Paṭāṭop (See).

ସଟାବଟା—ଦେ. ବଣ—ଅସୁନ୍ଦର ଭାବରେ ବା ଯେନତେନ ପ୍ରକାରେ
Saṭābaṭā କରାଯାଇଥିବା (କର୍ମ)—(act) Done clum-
sily anyhow. ଦେ. ବି—ଭଣ୍ଡାଭଣ୍ଡି—Inveigl-
ing.

ସଟାମ—ପ୍ରାଦେ (ଲକ୍ଷ୍ୟ) ବି—ଦୁଆଶ ଗାଡ଼ି—An office jaun
Saṭām (carriage).

ସଟାଳ—ସଂ. ବି (ସଟା+ବିଶିଷ୍ଟାର୍ଥେ ଅଲ)—ସିଂହ (କେଶୋରୀ)—
Saṭāḷa Lion.

ସଟି(ଟି)—ସଂ. ବି—ଶଟୀ (ଦେଖ)—
Saṭi(ṭi) Saṭī (See).
(ଷଟିକା—ଅନ୍ୟରୂପ)

ସଟୀକ—ସଂ. ବ (ସ=ସହ+ଟୀକା; ସହାର୍ଥ ବହୁବ୍ରୀହି)—୧ ।
Saṭīka ଟୀକାଯୁକ୍ତ—1. Annotated. ୨ । ମନ୍ତବ୍ୟଯୁକ୍ତ—2. Joined with or furnished with remarks or notes.

ସଟେନ—ପ୍ରାଦେ (ଲଠଅ) ବ—ଖାଉଁ ଖାଉଁ କାଶିବା—
Saṭen Coughing during meal.

ସଟ୍ (ଧାତୁ)—ସ—୧ । ବଧକରିବା—1. To kill. ୨। କ୍ଷତିକରିବା
Saṭṭ(root) 2. To injure.

ସଟ୍ଟକ—ସ. ବ (ସଟ୍ ଧାତୁ=ଖଣ୍ଡିତକରିବା +କର୍ମ.ଅକ)—ପ୍ରାକୃତ
Saṭṭaka ଭାଷାରେ ନାଟକବିଶେଷ—A sort of drama in 'Prākruta' or ancient vulgar language of India [ଦ୍ର—ଏଥିରେ ପ୍ରବେଶକ ଓ ବିଷ୍କମ୍ଭକ ନ ଥାଏ ଓ ବହୁ ପ୍ରାକୃତ ଶବ୍ଦ ଥାଏ । ଏଥିରେ ପ୍ରଚୁର ପରିମାଣରେ ଅଦ୍ଭୁତ ରସ ବର୍ଣ୍ଣିତ ହୁଏ । ଏଥିର ଅଙ୍କମାନ ଯବନିକା ନାମରେ ଖ୍ୟାତ—କର୍ପୂରମଞ୍ଜରୀ ।]

ସଟ୍ଟା—ଦେ. ବ—ଅଗରୁଥି ସଉଦା କରିବାରୂପ ଜୁଆଖେଳ—
Saṭṭā (सट्टा) Speculation on advance contract.

ସଠ୍ (ଧାତୁ)—ସ—ଠକିବା—
Saṭh(root) To cheat; to deceive.

ସଠ (ଇତ୍ୟାଦି)—ଦେ. ବ ଓ ବଣ—ଶଠ ଇତ୍ୟାଦି (ଦେଖ)
Saṭha (etc) Śaṭha etc. (See)

ସଠା (ଇତ୍ୟାଦି)—ଦେ. ବ—୧ । ଷଠା ଇତ୍ୟାଦି (ଦେଖ)—
Saṭhā (etc) 1. Shaṭha etc. (See) ୨ । ଶଠା ଇତ୍ୟାଦି (ଦେଖ)—2. Śaṭhā etc. (See)

ସଠା(ଠେ)ଇବା—ଦେ. କ୍ରି—ବଣ୍ଠ ଇବା—
Saṭhā(ṭhe)ibā To inveigle.

ସଠାସଏ(ହେ)—ଦେ. ବ ଓ ବଣ—ଏକଶତ ଷାଠିଏ—
Saṭhāsae(he) One hundred and sixty.

ସଠାସଠି—ଦେ. ବ—ବଣ୍ଠାବଣ୍ଠି; ବଣ୍ଠାଇବା କର୍ମ—
Saṭhāsaṭhi Inveigling.

ସଠିକ—ଦେ. ବଣ—୧ । (ହିଂ. ସଟୀକ)—ସଟୀକ (ଦେଖ)—
Saṭhika 1. Satika (See). ୨ । (ହିଂ. सठीक ଠୁଗ୍ ଧାତୁଜ ଦେଶଜ 'ଠିକ୍'ରେ ଅଶୁଦ୍ଧ সঠীক ठिक ପ୍ରୟୋଗ)—ଠିକ୍; ସୁନିଶ୍ଚିତ—(ବେଠିକ୍—ବିପରୀତ)2. Certain ୩ । ଅଭ୍ରାନ୍ତ—3. Correct. [ଦ୍ର—ଅନେକ ଲୋକମାନେ ଓଡ଼ିଆ ଲେଖକଙ୍କ ଲେଖାରେ ଏ ଅଶୁଦ୍ଧ ପ୍ରୟୋଗ ବହୁଶଃ ଦୃଷ୍ଟିଗୋଚର ହୁଏ ।]

ସଠିକ ଖବର(ସମ୍ବାଦ)—ଦେ. ବ. (ଠିକ୍ ଖବରର ଅଶୁଦ୍ଧ ପ୍ରୟୋଗ)-
Saṭhika khabara(sambāda) ୧ । ସତ୍ୟମୂଳକ ସମ୍ବାଦ- সঠীক খবর ठिक खबर 1. Correct or true news. ୨ । ସବିଶେଷ ବୃତ୍ତାନ୍ତ—2. Detailed news.

ସଠୀ—ସଂ. ବ—ଶଠୀ (ଦେଖ)—
Saṭhī Saṭī (See).
ଦେ. ବ—ଷଠୀ ଇତ୍ୟାଦି (ଦେଖ)—Shaṭhī etc. (See)

ସଡ଼୍‌କିନା(ନି)—ଦେ. ଅ—ସଟ୍‌କିନା (ଦେଖ)—Saṭ-kinā (See)
Saṛd-kinā(ni) [ଦ୍ର—ବ୍ୟବହାରରେ ସଟ୍ ଓ ସଡ଼୍ ଶବ୍ଦ ମଧ୍ୟରେ ସଡ଼ାକ୍‌କିନା(ନି), ସଡ଼ାଡ୍‌କିନା(ନି) ସଡ଼ାକ୍, ସଡ଼୍ ସଡ଼୍ } —ଅନ୍ୟରୂପ ପାର୍ଥକ୍ୟ ଅଛି । ବୋଉଲରେ ଖୁବ ଜୋରରେ ହୋଇ ବସିଥିବା ଚିପିଟ ସଟ୍‌କିନ ବାହାରେ; କିନ୍ତୁ ଫୁଲିଥିବା ଚିପିଟ ସଡ଼୍‌କିନ ବାହାରେ ।]

ସଡ଼୍‌କି-ପଲମ—ପ୍ରାଦେ (ଯାଜପୁର) ବ—ଚକୁଳିପିଠା ଓ ରୁଟି ଆଦି
Saṛd-ki palama କରିବାପାଇଁ ମାଟିର ଚଟକା କେତେଲୀ—Flat earthen frying pan used in preparing pancake or chakuli and bread roll.

ସଡ଼(ଢ଼) ଇତ୍ୟାଦି—ଦେ. ବଣ—ଶଡ଼(ଢ଼) ଇତ୍ୟାଦି (ଦେଖ)—
Saṛda(ṛdha)etc Śaṛda(ṛdha) etc (See).

ସଡ଼ (ଇତ୍ୟାଦି)—ଦେ ବ ଓ ବଣ—ଷଡ଼ ଇତ୍ୟାଦି (ଦେଖ)
Saṛda (etc) Sharda etc. (See)

ସଡ଼କ—ଦେ. ବ (ଫ. ସଡ଼କ; ସରଣୀ)—୧ । ରାଜଦାଣ୍ଡ—
Saṛdaka 1. Highway. ୨ । ରାସ୍ତା— সড়ক রাস্তা सड़क 2. Road. ୩ । ତିଆରି ହୋଇଥିବା ବା ନିର୍ମିତ ରାସ୍ତା—3. A constructed road. [ଦ୍ର—ଏ ଶବ୍ଦର ପୂର୍ବେ ଅନ୍ୟ ଶବ୍ଦ ବ୍ୟବହୃତ ହୋଇ ଯେଉଁସବୁ ଶବ୍ଦ ନିର୍ମିତ ହୁଏ ସେହିସବୁ ଯୁକ୍ତ ଶବ୍ଦ ମାନଙ୍କପାଇଁ ରାସ୍ତା ତଳେ ଦେଖ ।]

ସଡ଼କ ଦାଣ୍ଡ(ଣ୍ଡି)—ଦେ. ବ (ଏକାର୍ଥକ ସମାସ)—୧ । ଲମ୍ବା ସଡ଼କ-
Saṛdaka dāṇḍa(ṇḍi) 1. A long road. (ସଡ଼କ ରାସ୍ତା—ଅନ୍ୟରୂପ) ୨ । ସଡ଼କ; ରାଜଦାଣ୍ଡ—2. A road; highway.

ସଡ଼କା(ଙ୍ଗ,ଙ୍ଗା)—ଦେ. ବଣ. ଓ ବ—ଶଡ଼କା (ଙ୍ଗ,ଙ୍ଗା) (ଦେଖ)—
Saṛdakā(ṅga,ṅgā) Śaṛdakā (ṅga, ṅgā) (See)

ସଡ଼ ଦି(ଦେ)ବାଲ(ଲି)—ବିଦେ. ବ (ଫା. ସର୍‌ଦିବାଲ୍)—
Saṛda di(de)bāla(li) ସର୍ ଦିଉଆଲ (ଦେଖ) (ସଡ଼ ଦେଉଆଲ[ଲି]—ଅନ୍ୟରୂପ) Sar-diuāla (See)

ସଡ଼ପ—ଦେ. ବ—୧ । (ଫ. ସଡ଼କ) ସଡ଼କ—1. Road. ୨ ।
Saṛdapa (ସଂ. ତାଳଫଳ=ତାଳଗଛ) ସାଗୁ ବା ଗୁଆଗଛ সরপ, গোলসাগু ଜାତୀୟ ଏକପ୍ରକାର ଗଛ—2. A sort of palm tree; Uaryota Curens. [ଦ୍ର—ଏହା ଗୁଆ ଗଛ ଶ୍ରେଣୀର; କିନ୍ତୁ ଏଥିର କାଣ୍ଡ କ୍ଷୁଦ୍ର ଗଛ ପରି ମୋଟା । ଏଥିର ପତ୍ର ମଝିରେ ଖଜୁରି ଭଳି माड़ ଫର କଢ଼ା ହୋଇ ନ ଲମ୍ବ ଲମ୍ବ ପେଣ୍ଡା ପେଣ୍ଡା ହୋଇ ଫଳେ ଓ ଏହି ଗଛର ଦେହରୁ ବର୍ଷକୁ କଷ ଗୁଆ ଖୋଳପା ଭଳ ଶୁଖିଲ ବାହୁଙ୍ଗା ଝଡ଼େ । ଏଥିର ଫଳ

ଓ ମଞ୍ଜି ଏକ । ଫଳ ଶୁଖିଗଲେ କଳା ଦେଖାଯାଏ । ଏବ ତାହାକୁ ଗୁଅବାଡ଼ରେ କାଟିଲେ ଭିତର ବର୍ଣ୍ଣ ଓ ସ୍ୱାଦ ଅବିକଳ ଗୁଅ ପରି ଲାଗେ । ପରୀକ୍ଷା କରି ଦେଖା ଯାଇଅଛି ଯେ,ଏହି ଗୁଅକୁ କାଟି ପାନ ସଙ୍ଗେ ସାଧାରଣ ଗୁଅ ପରି ଖିଆ ଯାଇ ପାରେ । ଏହା ଏ ଦେଶର ଗଛ ନୁହେଁ; କିନ୍ତୁ ଶୋଭା ସମ୍ପାଦନ ପାଇଁ ସଉକ ଓ ବଡ଼-ଲୋକମାନେ ଏ ଗଛକୁ ଆଣି ବଗିଚାରେ ଓ ବାଟର ଦୁଇ ପାଖରେ ଲଗାନ୍ତି । ଏ ଗଛଗୁଡ଼ିକ ବଡ଼ ହୋଇଗଲେ ମନୋରମ ଦେଖାଯାଏ । ଏହା ଅବିକଳ ସାଗୁ ଗଛ ପରି ଓ ସାଗୁ ଗଛର ଅନ୍ତରୁ ଯେଉଁ ପରି ସାଗୁଦାନା ପ୍ରସ୍ତୁତ କରାଯାଏ, ଏହାର ଅନ୍ତରୁ ମଧ୍ୟ ସେହିପରି ଏକପ୍ରକାର ଦାନା ପ୍ରସ୍ତୁତ କରାଯାଏ ।

ଅସାମରେ ଏହିପ୍ରକାର ଗଛକୁ 'ସରଲ' ବୋଲି କହନ୍ତି । ଓଡ଼ିଶା ଗଡ଼ଜାତର ଜଙ୍ଗଲରେ ଅନେକ ସଡ଼ପ ଗଛ ଦେଖାଯାଏ । ଗରିବ ଲୋକେ ଏହାର ମଞ୍ଜିରୁ ପାଳୁଅ (ଅୀ) ବାହାର କରି ପିଠା ଓ ଖିରି କରି ଖାଆନ୍ତି । କିନ୍ତୁ ଏହା ସାଗୁ ପରି ଲଘୁପାକ ନ ହୋଇ ଗୁରୁପାକ ଅଟେ ।]

ସଡ଼ପ କୋଳି(ଗୁଆ)—ଦେ. ବି—ସଡ଼ପ ଗଛରୁ ଉତ୍ପନ୍ନ କଳା କଳା Sardapa koli(guā) ଫଳ—Nut-like fruit of the Sardapa tree. (ସଡ଼ପ ଶବ୍ଦେ ନୋଟ୍ ଦେଖ)
सलपकुल सुपाछिरफुल माड्काफल

ସଡ଼ସଡ଼—ଦେ. ଅ (ଧ୍ୱନ୍ୟନୁକରଣ)—୧। ପାଣିଆ ଖାଦ୍ୟକୁ କିମ୍ବା Sardasarda ଜଳମିଶ୍ରିତ ଖାଦ୍ୟ (ଯଥା ଡାଲି, ପଖାଳ ଭାତ)କୁ ଦାଣ୍ଡିରେ ଖାଇବାର ଶବ୍ଦ—1. The chuckling sound produced by eating watery food. ୨। (ସ. ଶଟ୍ ଧାତୁ= ଭେଦ କରିବା, ଅବସନ୍ନ ହେବା) ବ୍ରଣ ହେବା ସ୍ଥାନରେ (ବେଢ଼ ଫୋଡ଼ ହେବା ବା ଫାଟି ପଡ଼ିବା ପରି) ବେଦନାର ଅନୁଭୂତି; ସର୍ ସର୍—2. An uneasy and aching sensation felt at the part of the limb where there is a big sore or boil or ulcer. ୩। ପୂର୍ବେ ଅନୁଭବ ବା ଉପଭୋଗ କରିଥିବା ସୁଖପ୍ରଦ ବସ୍ତୁକୁ ଦେଖିଲେ ପୁଣି ତାହା ଭୋଗ କରିବାର ଲାଳସା ବା ମନର ଗଲ୍ ବା କଣ୍ଡୁ—3. A hankering after or itching for a thing which has once been enjoyed with pleasure; mental itching. ୪। ନଳଅଦମଧ୍ୟରେ ନାଡ଼ୁଅ ବା ଢୁକୁଳା କରୁପ ଢୁକୁଳା ହୋଇ ଯିବା ଅଟକା କରିବାର ଅବସ୍ଥା—4 The state of a loose or slimy thing passing up and down a hole.
सपासप सड़सड़ चड़चड़ सड़सड़ चटपट सड़सड़ सड़सड़ सड़सड़ सरसर

୫। ସଲସଲ; ଗଲଗଲ; ଦେହରେ କୌଣସି ହାଲୁକା ବସ୍ତୁ ଗୁଲଗିବା ବେଳର ଅନୁଭୂତି; ଗଲ୍—5. A creeping sensation felt in the body when a light thing passes over the skin. ୬। କୁତୁକୁତୁ ଅନୁଭୂତି; ସଲ୍ ସଲ୍—6. Tickling or tingling sensation in the body. ୭। ସର୍ ସର୍ (ଦେଖ)—7. Sar-sar (See)

ସଡ଼ସଡ଼ ହେବା—ଦେ. କ୍ରି—(ଘାଆ ବା ବଥ) ଅଢ଼ଣସ୍ତ କଥାଇବାହାସ୍ତ Sarda sarda hebā ବେଦନା ହେବା—To ache with pain (said of a sore or boil).
सड़सड़करा चड़चड़ाना

ସଡ଼ସଡ଼ି—ଦେ. ବଣ—୧। ଜଳଯୁକ୍ତ—1. Watery ୨। ଢ଼ୁକୁଳା—Sardasardi 2. Slack. ୩। ଗାଳୁଆ—3. Slippery; slimy. ୪। ନରମ—4. Soft. ୫। ଶୁଷ୍କ—5. Dry. ୬। କର୍ଦ୍ଦମମୟ—6. Clayey, muddy.
सेंतसेते गीला टिला ढिला लालामय लाबोला नरम कोमल नीरस नीरस ज्याटभेटे, भड़भड़े कीचड़वाला
(ସଡ଼ସଡ଼ିଆ—ଅନ୍ୟ ରଣ ରୂପ)

ସଡ଼ା(ଢ଼ା) (ଇତ୍ୟାଦି)—ଦେ. ବଣ—ଶଢ଼ା ଇତ୍ୟାଦି (ଦେଖ) Sardā(rdha) (etc) Sardā etc. (See)

ସଡ଼ା(ଢ଼ା, ଡ଼େ, ଢ଼େ)ଇ (ଇତ୍ୟାଦି)—ଦେ. ବ—ଶଢ଼ାଇ ଇତ୍ୟାଦି Sardā (rdha, rde, rdhe)i (etc) (ଦେଖ)—Sardhai etc. (See)

ସଡ଼ା(ଡ଼େ)ଇବା—ଦେ. କ୍ରି—ଶଡ଼ାଇବା (ଦେଖ) Sarda(rde)ibā Sardaibā (See)

ସ: ଡ: ଓ:—ବୈଦେ. ବ (ଇଂ. ଏସ୍. ଡ଼ି. ଓ. ର ସାଙ୍କେତିକ)—Sa: di: o: ସବ୍‌ଡିଭିଜନାଲ୍ ଅଫିସର୍‌ର ସଂକ୍ଷିପ୍ତ ଆକାର—S. D. O; Sub-divisional Officer.
एस. डि. ओ. एस. डि. ओ.

ସଡ଼(ଢ଼ି)ଙ୍ଗ(ଙ୍ଗା, ଙ୍ଗି)—ଦେ. ବ—ଶଢ଼ଙ୍ଗ(ଙ୍ଗା) (ଦେଖ) Sardi(rdhi)nga(ngā, ngi) Sardinga(ngā) (See)

ସ: ଡ: ମ:—ବୈଦେ. ବ (ଇଂ. ଏସ୍. ଡ. ଏମ୍.ର ସାଙ୍କେତିକ)—Sa: di: mā: ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍‌ର ସଂକ୍ଷିପ୍ତ ଆକାର—Abbreviation for Sub-divisional Magistrate.
एस. डि. एम एस. डि. एम्

ସଡ଼ି(ଢ଼ି)ବା—ଦେ. କ୍ରି—୧। ଶଡ଼ିବା (ଦେଖ)—1. Sardibā Sardi(rdhi)bā (See). ୨। (ଲକ୍ଷଣାର୍ଥ) କାହାର ସୁରୁଷାର୍ଥକୁ ବା କର୍ମଠ ପଣକୁ କାମରେ ନ ଲଗାଇ ଅଳସ୍ୟରେ ବା ନିଜ ଭିତରରେ ବନ୍ଧ ରଖିବାକୁ ବୃଥା ନଷ୍ଟ କରିବା—(figurative) To rot; to while away one's time without doing work; to idle away one's life by keeping oneself away from public field of action.

[ଭୃ—ଘରର କୋଣେ କ ସଡ଼ୁ ଗୋ ! ଅର୍ଦ୍ଧ ନାରୀଙ୍କର ଚରିତ ଚହିଁଣ ନଜ ଗାବନକୁ ଗଲ ଗୋ । କାଳକୁଷ୍ଣ ଫୁଲ କରୁଲକେଶୀ ।]

ସଡ଼ୁ(ଢ଼ୁ)—ଦେ. ବି [ସଂ ସବୋଢ଼ା (ସ=ସମାନ+ବୋଢ଼ା= Sardu(rdhu) ବିବାହକର୍ତ୍ତା); ଅଥବା ଶ୍ୟାଳୀବୋଢ଼ୁ (ଶ୍ୟାଳୀ ভায়(য়ে)রাভাই =ଶାଳୀ+ବୋଢ଼ୁ=ବିବାହକର୍ତ୍ତା [Beames] **সাঢ়ু** —(ପୁରୁଷ ପକ୍ଷରେ) ନଜ ସ୍ତ୍ରୀଙ୍କ ଭଉଣୀଙ୍କ ସ୍ୱାମୀ— One's wife's sister's husband.

[ଦ୍ର—ପୁରୁଷ ପକ୍ଷରେ ନଜ ସ୍ତ୍ରୀଙ୍କ ଭଉଣୀ (ପୁରୁଷର ଶାଳୀ ବା ଦେଢ଼ଶାଶୁ)ଙ୍କୁ ବିବାହ କରିଥିବା ବ୍ୟକ୍ତି ଉକ୍ତ ପୁରୁଷର 'ସଢ଼ୁ' ଅଟନ୍ତି ।

ସ୍ତ୍ରୀ ପକ୍ଷରେ ନଜ ସ୍ୱାମୀଙ୍କ ଭଉଣୀ (ନଣନ୍ଦ)ଙ୍କୁ ବିବାହ କରିଥିବା ବ୍ୟକ୍ତି 'ନଣନ୍ଦେଇ' ଅଟନ୍ତି ।

ବଡ଼ ସଢ଼ୁଙ୍କ ସ୍ତ୍ରୀ ଅପଣାର 'ଦେଢ଼ଶାଶୁ' ଓ ସାନ ସଢ଼ୁଙ୍କ ସ୍ତ୍ରୀ ଅପଣାର 'ଶାଳୀ' ଅଟନ୍ତି ।]

ସଣ—ସଂ. ବି ('ଶଣ' ଶବ୍ଦର ବିକଳ୍ପ ରୂପ; ସ୍ୱାମୀମୁକୁଟ କୃତ ଅମର Sana ଟୀକା)—ଶଣ (ଦେଖ)—Śaṇa (See)

ସଣ ପଟ—ଦେ. ବି. (ସ. ଶଣ+ପାଟ)—ଶଣପଟ; ଶଣ— Saṇa paṭa Flex of Saṇa hemp; hemp; hem- শণ্ **सनपटुआ** pen fibres.

ସଣ ଭ(ସ)ଣ—ଦେ. ଅ (ସ. ସ୍ୱନ୍ ଧାତୁ=ଶବ୍ଦ କରିବା)— Saṇa bha(sa)ṇa ୧ । (ଧ୍ୱନ୍ୟର୍ଥକ) ସାଲୁ ସାଲୁ; ଭଣଭଣ; শণ শণ্, ভ্যাণ্ ভ্যাণ্ ଖାଦ୍ୟାଦିରୁ ମାଛି ଗୁଡ଼ାଏ ବା ଛାଟମାନେ **मनमन** ବେଢ଼ିବା ଅବସ୍ଥା; ଘାଅରେ କୃମି ବେଢ଼ିବା ଅବସ୍ଥା; ମୁଣ୍ଡରେ ଉକୁଣି ସାଲୁ ସାଲୁ ହେବା ଅବସ୍ଥା— 1. The state of (food etc) being infested with fleas, maggots etc. ୨ । କୌଣସି ସ୍ଥାନରେ ପଙ୍କ ବା ବିଷ୍ଠା ଆଦି ଚୂରିବା ଅବସ୍ଥା— 2. The state of a place being strewn with mud, nightsoil or filth. ୩ । ପଚୁ କାଦୁଅ ଓ ମଇଳା ଆଦି ଦୁର୍ଗନ୍ଧ ହେବା ଯୋଗୁଁ କୌଣସି ପଦାର୍ଥ ବା ସ୍ଥାନ ଗନ୍ଧାଇବା ଅବସ୍ଥା—3. The state of a place being full of putrid and foul smell. [ଭୃ—ରଚା ପୁଅ ଯାଇ ମୂଷା ମାଛି ଭଣଭଣ, ବଲେଇ ଗୁଡ଼ ସଣସଣ, ଗୋଟାଏ ସରେ କବାଟ କଳ ମଢ଼ୁଁ ମାଡ଼ ଶୋଇଲୁ—କାହାଣୀ] ଦେ. ବଣ— [ସଣ ଭ(ସ)ଣିଆ—ଅନ୍ୟ ବଣ ରୂପ] ୧ । ମଛିକା, ବିଷ୍ଠା,ଛାଟ, ମଇଳା শণ্ শণে ଆଦି ଦ୍ୱାରା ପୂର୍ଣ୍ଣ (ସ୍ଥାନ)—1. (a place) Full of filth, maggots, nightsoil etc.; Filthy (place). ୨ । ପୂତି ଗନ୍ଧମୟ ସ୍ଥାନ— 2. (place) Full of putrid and foul smell.

ସଣର୍ ମଣର୍—ପ୍ରାଦେ. (ଗଡ଼ଜାତ) ବଣ—ସାଲୁ ସାଲୁ (ଦେଖ) Saṇar maṇar Sālu sālu (See)

ସଣ ସୂତ୍ର—ସ. ବ—ଶଣ ସୂତ୍ର (ଦେଖ) Saṇa sūtra Śaṇa sūtra (See)

ସଣ୍ଟା—ଦେ. ବ—ସାଣ୍ଟିବା କର୍ମ; ସାଣ୍ଟିବା (ଦେଖ) Santā The act of Sāṇṭibā (See) ফেনি দেওয়া, ঘুঁটে দেওয়া ଦେ. ବଣ—ଫେଣ୍ଟା ହୋଇଥିବା— **घोंटा हुआ** Mixed up thoroughly.

ସଣ୍ଟା(ଣ୍ଟେ)ଇବା—ଦେ. କି—୧ । ଶଣ୍ଡାଇବା (ଦେଖ)— Saṇṭā(ṇṭe)ibā 1. Saṇḍāibā (See) ୨ । ସାଣ୍ଟିବା (ଦେଖ)—2. Sāṇṭibā (See) ୩ । ସାଣ୍ଟିବାର ଣିଜନ୍ତ ରୂପ—3. Causative of Sāṇṭibā (See)

ସଣ୍ଠ—ପ୍ରାଦେ. (ଏଠମଲ୍ଲିକ) ବଣ—କୃପଣ— Saṇṭha Niggardly.

ସଣ୍ଠଣ(ଣା)—ଦେ. ବ (ସ. ସଂସ୍ଥାନ)—୧ । ଉତ୍ତମ ଚାଲିଚଳଣ— Saṇṭhaṇa(ṇā) 1. Good conduct or deportment. (ସଣ୍ଠା—ଅନ୍ୟରୂପ) ୨ । ମର୍ଯ୍ୟାଦା—2. Respect; eti- চালিচলণ quette. ୩ । ସୁସଜ୍ଜିତ ଅବସ୍ଥା—3. Well- **सुचाली** arranged condition. ୪। ସୁବ୍ୟବସ୍ଥିତ ଅବସ୍ଥା— 4. Well regulated or equipped condition. ୫ । ପରିପାଟୀ; ପାରିପାଟ୍ୟ—5. The condition of being methodical. ୬ । ସୁଶୃଙ୍ଖଳା— 6. Fine arts. ୭ । କାରୁକାର୍ଯ୍ୟ—7. Fine [ଅସଣ୍ଠଣ(ଣା), ଅସଣ୍ଠୁଣା—ବିପରୀତ] work. ୮ । କଳାବିଦ୍ୟା-ସାଧନଜନକ କର୍ମ (ଯଥା—ଚିତ୍ର ଅଙ୍କିବା, ମୂରୁଜ ଦେବା ଇତ୍ୟାଦି)—8. Acts done as a result of one's proficiency in fine arts (e.g. painting, drawing). ଦେ. ବଣ—୧ । সাজান গুছান ସୁବ୍ୟବସ୍ଥିତ—1. Orderly; methodical; **सुचालीवाला** properly arranged. ୨ । ସୁନ୍ଦର— 2. Elegant. ୩ । ମର୍ଯ୍ୟାଦାଯୁକ୍ତ—3. Respect- (ସଣ୍ଠଣୀ, ସଣ୍ଠୁଣୀ—ସ୍ତ୍ରୀ) able. ୪ । ଭଦ୍ର ସମାଜୋଚିତ ମର୍ଯ୍ୟାଦା-ସମ୍ପନ୍ନ—4. Well-behaved; conforming to the etiquette of polished society. ୫ । ଯେଉଁ ବ୍ୟକ୍ତି ପରିପାଟୀରୂପେ ବେଶ ଆଦି ପିନ୍ଧେ ବା ବସେ— 5. One who is elegant in the mode of dressing or sitting.

ସଣ୍ଡ—ସ. ବ (ସନ୍ ଧାତୁ=ସେବା କରିବା+କର୍ତ୍ତୃ. ଡ ଶଣ୍ଡ ଓ ଷଣ୍ଡର Sanda ବିକଳ୍ପରୂପ—ଅମର ଟୀକା)—ଶଣ୍ଡ (ଦେଖ) Śaṇḍa (See)

ସଣ୍ଡା(ଣ୍ଡେ)ଇବା—ଦେ. କି—ସନ୍ଧାଇବା (ଦେଖ) Saṇḍā(ṇḍe)ibā Sandhāibā (See)

ସଣ୍ଡାସ୍—ବୈଦେ. ବ (ଫା. ସଣ୍ଡାସ୍)—ପକ୍କା ଏକମହଲା ପାଇଖାନା—A pucca ground-privy. [ଦ୍ର— Saṇḍās সাঁড়াশি ଏଥିରେ ମନୁଷ୍ୟ ଝାଡ଼ା ଫେର ବସିବା ବେଳେ ଦୁଇ **संडास** ଗୋଡ଼ ରଖିବା ସ୍ଥାନରେ ଦୁଇଖଣ୍ଡି ଇଟା ବା ପଥର ପଡ଼ି ତହିଁର ତଳେ ଚୂନକାମ ବା ପକ୍କା କରି ଯାଇଥାଏ ।]

ସଣ୍ଡାଶି—ଦେ. ବି (ସଂ, ସଣ୍ଡିଶ; ସନ୍ଦଂଶ)—ସଣ୍ଡୁଆଶି (ଦେଖ)
Saṇḍāśi ସଁାଡ଼ାଶି Saṇḍuāśi (See)

ସଣ୍ଡିଶ—ସଂ. ବି—ସନ୍ଦଂଶ; ସଣ୍ଡୁଆଶି—
Saṇḍiśa Pincers; pair of tongs.

ସଣ୍ଡୀନ—ସଂ. ବି (ସମ୍=ସଙ୍ଗତ+ଡୀ ଧାତୁ=ଉଡ଼ିବା+ଭାବ.କ୍ତ)—
Saṇḍīna ପକ୍ଷୀମାନଙ୍କର ଉଡ଼ିବାର ପ୍ରକାରବିଶେଷ; ପକ୍ଷୀମାନଙ୍କର ଉଡ଼ି କରି ବୃକ୍ଷାଦିରେ ପତନ—A kind of bird's flight consisting of alighting on trees. [ଦ୍ର—ପକ୍ଷୀମାନଙ୍କର ବସିବା ସ୍ଥାନରୁ ଉଡ଼ିବାକୁ ଉଦ୍ୟମର ନାମ ଡୀନ, ପ୍ରଥମେ ଉଡ଼ିବା କ୍ରିୟାର ନାମ 'ପ୍ରଡୀନ', ଆକାଶକୁ ଉଠିବା କ୍ରିୟାର ନାମ 'ଉଡ୍ଡୀନ' ଓ ଉଡ଼ି କରି ବୃକ୍ଷାଦିରେ ପତନ କ୍ରିୟାର ନାମ 'ସଣ୍ଡୀନ'—ଶବ୍ଦକୋଷ, ଭରତ ।] ସଂ. ବିଣ. ପୁଂ—ଗୋଟିଏ ସ୍ଥାନରୁ ବୃକ୍ଷାଦିରେ ବସିବା ଉଦ୍ଦେଶ୍ୟରେ ଉଡ଼ୁଥିବା (ପକ୍ଷୀ)—(bird) Flying from one place to a tree.

ସଣ୍ଡୁଆଶି—ଦେ, ବି (ସଂ. ସନ୍ଦଂଶ; ସଣ୍ଡିଶ)—ବଣିଆ ଓ କମାର-
Saṇḍuāśi ମାନଙ୍କର ଦ୍ୱିବାହୁକ ଯନ୍ତ୍ରବିଶେଷ (ଯାହାଦ୍ୱାରା
ସଁାଡ଼ାଶି କୌଣସି ଦ୍ରବ୍ୟକୁ ପାଟିରେ କାମୁଡ଼ିଲା ପରି ଧରାଯାଇ
संडसी ପାରେ)—A pair of pincers or tongs; pincers. [ଦ୍ର—ଚିମୁଟାର ଅଣ୍ଟା ଦୁଇଟି ସିଧା; ମାତ୍ର ସଣ୍ଡୁଆଶିର ଅଣ୍ଟା ବଙ୍କା ।]

ସଣ୍ଡୁଆସ—ପ୍ରାଦେ· (ଉତ୍ତର ବାଲେଶ୍ୱର) ବି—ଗୁଳ ଘରରେ ଦିଆ
Saṇḍuāsa ଯିବା ବତା ବାଡ଼ିର କାମଡ଼ା—The pairs of split bamboos which keep the sloping rafters of a thatched roof in position,

ସଣ୍ଡେ—ବୈଦେ. ବି (ଇଂ· ସନ୍‌ଡେ)—ରବିବାର—
Saṇḍe সণ্ডে संडे Sunday.

ସଣ୍ଡେ ଇସ୍କୁଲ୍—ବୈଦେ. ବି (ଇଂ. ସନ୍‌ଡେ ସ୍କୁଲ୍)—ପାଦ୍ରୀମାନଙ୍କ
Saṇḍe iskul ଦ୍ୱାରା ଖ୍ରୀଷ୍ଟଧର୍ମ ଶିକ୍ଷାର୍ଥ ସ୍ଥାପିତ ରବିବାରିଆ
সণ্ডে স্কুল संडे स्कूल ବିଦ୍ୟାଳୟ—Sunday school.
(ସଣ୍ଡେ ସ୍କୁଲ୍—ଅନ୍ୟରୂପ)

ସଣ୍ଢିଆ—ଦେ. ବି (ସଂ. ସନ୍ଧି କୀଳକ)—ଶଗଡ଼ ଚକର ପହିରେ
Saṇḍhiā ଥିବା ପୁଟିଖଣ୍ଡମାନଙ୍କୁ ପରସ୍ପର ସହିତ ଯୋଡ଼ି ଖୋଇ
পোয়া কীল ଦୃଢ଼ଭାବରେ ସଲଗ୍ନ କରାଇବାର ଘର ବା ଗର୍ତ୍ତର
(ସଣ୍ଢିଆ କିଲା—ଅନ୍ୟରୂପ) ଭିତରେ ଦିଆଯିବା କାଠର ଖିଲ—Wooden pins wedged in between the tennons and mortices of the pieces (arcs) of the rim of a cart. [ଦ୍ର—ଏହି ଖିଲମାନଙ୍କ ଯୋଗୁ ପୁଟିଖଣ୍ଡମାନ ପରସ୍ପର ସହିତ ଦୃଢ଼-ସଲଗ୍ନ ହୁଏ ।]

ସତ୍—ସଂ. ବିଣ—[ଅସ୍ ଧାତୁ=ହେବା+କର୍ତ୍ତୃ· ଅତ୍ (ଶତୃ); ସତ୍
Sat ଶବ୍ଦ ପୁଂ, ୧ମା· ୧ବ.]—ସନ୍ ଓ ସ୍ତ୍ରୀ—ସତୀ; କ୍ଳୀବ.
(ସତୀ—ସ୍ତ୍ରୀ) ସତ୍)—୧ । ବିଦ୍ୟମାନ; ବର୍ତ୍ତମାନ—1. Exis-
(ଅସତ୍—ବିପରୀତ) ting; existent. ୨ । ସତ୍ୟ—2. True. ୩ । ପ୍ରକୃତ—3. Actual; real. ୪ । ସାଧୁ—4. Honest; righteous. ୫ । ଉତ୍ତମ—5. Good. ୬ । ଉତ୍କୃଷ୍ଟ—6. Excellent. ୭ । ପ୍ରଶସ୍ତ—7. Wide. ୮ । ଧୀର—8. Patient. ୯ । ସୁନ୍ଦର; ଶୋଭନ—9. Beautiful. ୧୦ । ଚିରସ୍ଥାୟୀ—10. Permanent. ୧୧ । ମାନନୀୟ; ପୂଜ୍ୟ—11. Venerable; honourable. ୧୨ । ଜ୍ଞାନୀ; ବିଦ୍ୱାନ୍—12. Wise; learned. ବି—ବ୍ରହ୍ମା—God; the Divine Essence. [ଦ୍ର—ସଂସ୍କୃତରେ 'ସତ୍' ଶବ୍ଦର ପୁଂଲିଙ୍ଗ ୧ମା. ଏକ ବଚନରେ 'ସନ୍' ଓ କ୍ଳୀବଲିଙ୍ଗରେ 'ସତ୍' ଓ ସ୍ତ୍ରୀଲିଙ୍ଗରେ 'ସତୀ' ହୁଏ । ଅନ୍ୟପଦ ସଙ୍ଗେ ସମାସ ବା ସନ୍ଧି ହେଲେ 'ସତ୍' ରୂପ ରହେ, କିନ୍ତୁ ପୁଂଲିଙ୍ଗରେ ଏକାକୀ ବ୍ୟବହାର ହେଲେ ସଂସ୍କୃତରେ ସନ୍ ଓ ଭାଷାରେ ସତ୍ ବ୍ୟବହାର ହୁଏ । ଯଥା—ସେ ଅଛି ସତ୍ ଲୋକ । ସତ୍ ଶବ୍ଦ ଦର୍ଶନଶାସ୍ତ୍ରର ଗୋଟିଏ ପାରିଭାଷିକ ଶବ୍ଦ । ଯାହା ନିତ୍ୟ ବର୍ତ୍ତମାନ, ଯାହାର କ୍ଷୟ ବା ପରିବର୍ତ୍ତନ ଘଟେ ନାହିଁ ତାହା ସତ୍ । ଏହି ଶବ୍ଦ ଇଂରାଜୀରେ Being ବା Reality ଅର୍ଥସୂଚକ; ଅର୍ଥାତ୍ ଯାହା ଅସ୍ତିତ୍ୱଜ୍ଞାପକ (Existential), ଯାହା ପ୍ରତି ନାସ୍ତିତ୍ୱ ଅର୍ଥ କଦାପି ଆରୋପ କରାଯାଇ ନ ପାରେ । ଶଙ୍କର-ବେଦାନ୍ତରେ ବ୍ରହ୍ମ ଏକା ସତ୍, ଅନ୍ୟ ସମସ୍ତ ଅସତ୍ । ସଂସାର ପରିବର୍ତ୍ତନଶୀଳ ଏବଂ ଯାହା ପରିବର୍ତ୍ତନଶୀଳ ତାହା ଅସତ୍ (Non-being) । 'ଓଁ ତତ୍ ସତ୍'ରେ 'ସତ୍' ଶବ୍ଦ ଏହି ଅର୍ଥରେ ବ୍ୟବହୃତ । ଏତଦ୍‌ବ୍ୟତୀତ 'ସତ୍'ର ଅନ୍ୟ ଗୋଟିଏ ଅର୍ଥ ମଧ୍ୟ ଅଛି । ଏହି ଅର୍ଥରେ ସତ୍ ଉତ୍ତମତାସୂଚକ (=The good) । 'ସାତ୍ତ୍ୱିକ' ଶବ୍ଦର ଉତ୍ପାଦକ 'ସତ୍' ଏହି ଅର୍ଥବୋଧକ । ସାଧାରଣ ଭାଷାରେ ଏହି ଅର୍ଥର ପ୍ରୟୋଗ ବିଶେଷଭାବରେ ଦୃଷ୍ଟ ହୁଏ । ଯଥା—ସତ୍ ଓ ଅସତ୍ ଲୋକ । ଭଗବାନ୍ ସଚ୍ଚିଦାନନ୍ଦ; ଏବଂ ସଚ୍ଚିଦାନନ୍ଦ ଶବ୍ଦରେ ସତ୍ ଶବ୍ଦ ଉଭୟ ଅର୍ଥରେ ନିଆଯାଇ ପାରେ । ସତ୍ (=all good) ଚିତ୍ (all knowing), ଆନନ୍ଦ (all happy) ଅଥବା ଭଗବାନ୍ ସତ୍ (= being), କାରଣ ସେ ନିତ୍ୟ, ଅନ୍ୟ ସମସ୍ତ ଅନିତ୍ୟ ଅତଏବ ଅସତ୍—ସନ୍ଦର୍ଭ ଲେଖକ ପ୍ରୋଫେସର୍ କପିଳ-ପ୍ରସାଦ ରାୟ ଏମ୍. ଏ. ।]

ସତ୍‌କଥକ—ସଂ. ବିଣ. ପୁଂ (କର୍ମଧା)—ସଦ୍‌ବକ୍ତା—Eloquent;
Sat-kathaka fluent. ବି—ଯେ ଭଲ ବକ୍ତୃତା କରି ପାରନ୍ତି—A fluent or eloquent speaker;

ସତ୍‌କଥା—ସଂ·ବି (କର୍ମଧା)—୧। ଭଲ କଥା—1. Good words.
Sat kathā ୨ ଧର୍ମଚର୍ଚ୍ଚା—2. Religious discussion.

ସତ୍‌କଦମ୍ବ—ସଂ. ବି—କେଳିକଦମ୍ବ; ଗୌରକଦମ୍ବ; ବୃକ୍ଷ ଗଛ—
Sat-kadamba Neuclea Cordifolia (tree).

ସତ୍‌କବି—ସଂ. ବ(କର୍ମଧା)—ଶ୍ରେଷ୍ଠ ବା ଉତ୍ତମ କବି—
Sat-kabi An eminent or good poet.

ସତ୍‌କର୍ତ୍ତବ୍ୟ—ସଂ.ବଣ ପୁଂ. (ସତ୍‌+କୃ ଧାତୁ+କର୍ମ. ଯ)—ସତ୍‌କୃତ
Sat-karttabya ହେବାର ଯୋଗ୍ୟ—
(ସତ୍‌କର୍ତ୍ତବ୍ୟା—ସ୍ତ୍ରୀ) Fit to be tended or entertained.

ସତ୍‌କର୍ତ୍ତା—ସଂ.ବଣ. ପୁଂ—୧ । ସତ୍‌କର୍ମକାରୀ—1. Doing good
Sat kartta works. ୨ । ସତ୍‌କାରକାରୀ—2. Enter-
(ସତ୍‌କର୍ତ୍ତ୍ରୀ—ସ୍ତ୍ରୀ) taining (guests). ବି. ପୁଂ—ବିଷ୍ଣୁ
(ବହୁସ୍ତ୍ର ନାମୋକ୍ତ)—An epithet of Bishnu.

ସତ୍‌କର୍ମ—ସଂ.ବ—୧। ବେଦବିହିତ କର୍ମ-1.Ceremonies or acts
Sat-karma prescribed by the Vedas. [ଦ୍ର—
ପ୍ରଶସ୍ତ କର୍ମ ପ୍ରତି ସତ୍‌ ଶବ୍ଦପ୍ରୟୋଗ କରାଯାଏ । ସଦ୍ଭାବ
ଓ ସାଧୁଭାବରେ ସତ୍‌ ଶବ୍ଦ ପ୍ରଯୁକ୍ତ ହୁଏ । ଯଜ୍ଞ, ତପସ୍ୟା
ଓ ଦାନ ସମ୍ବନ୍ଧୀୟ କର୍ମକୁ ସତ୍‌କର୍ମ ବୋଲାଯାଏ ।
ଅଶ୍ରଦ୍ଧାରେ ଯାହା ହୁତ, ଦତ୍ତ, ତପ୍ତ, ଓ କୃତ ହୁଏ ତାହାକୁ
ଅସତ୍‌ ବୋଲାଯାଏ--ଭଗବଦ୍‌ଗୀତା—୧୭ଅଧ୍ୟାୟ;୨୬-୨୮
ଶ୍ଳୋକ ।] ୨ । ସାଧୁ କାର୍ଯ୍ୟ; ଉତ୍ତମ କାର୍ଯ୍ୟ—
2. Good acts. ୩ । ପୁଣ୍ୟଜନକ କାର୍ଯ୍ୟ—3. Pious
act ; virtuous act. ୪ । ଧର୍ମ କାର୍ଯ୍ୟ—
4. Religious act. ୫ । ପରୋପକାର—
5.Charitable acts;good service rendered to others.

ସତ୍‌କାବ୍ୟ—ସଂ. ବ (କର୍ମଧା)—ଯେଉଁ କାବ୍ୟ ଅଦୋଷଗୁଣ-
Sat-kabya ବିଶିଷ୍ଟ ଅଳଙ୍କାରଦ୍ୱାରା ଅଳଂକୃତ ଓ
ରସଯୁକ୍ତ (ଶବ୍ଦକୋଷ)—An excellent literary production.

ସତ୍‌କାଞ୍ଚନାର—ସଂ.ବ—ରକ୍ତ କଞ୍ଚନ ଗଛ—The red-flowered
Sat kanchanara species of Kanchana tree.

ସତ୍‌କାଣ୍ଡ—ସଂ. ବ—୧ । ଚିଲପକ୍ଷୀ—1. Indian kite. ୨ ।
Sat-kanda ଶ୍ୟେନ; ଛଞ୍ଚାଣ (ଶବ୍ଦକୋଷ)—2. Hawk.

ସତ୍‌କାର—ସଂ. ବ (ସତ୍‌+କୃ ଧାତୁ+ଭାବ. ଅ)—୧ । ସମାଦର;
Sat-kara ପରିଚର୍ଯ୍ୟା—1. Showing respect;tending;
(ସତ୍କୃତି—ଅନ୍ୟରୂପ) attending; respectful or
reverential treatment; welcome, entertainment. ୨ । ପୁରସ୍କାର—2. Reward. ୩ ।
ପୂଜା—3. Worship. ୪ । ଶବସଂସ୍କାର; ଶବ-
ଦାହାଦି କର୍ମ—4. The act of burning or
ସତ୍‌କୃତ-ବଣ disposing of the dead body;
funerals; obsequies.

ସତ୍‌କାର କରିବା—ଦେ. କ୍ରି—୧ । ଶବ ଦାହ କରିବା—
Sat-kara kariba 1.To burn a dead body.
সত কার করা सत्कार करना

୨ । କୌଣସି ବ୍ୟକ୍ତିଙ୍କୁ ସାଦର ପରିଚର୍ଯ୍ୟା କରିବା—
2. To welcome or entertain a person.

ସତ୍‌କାରଣ—ସଂ. ବ (କର୍ମଧା)—ବିଦ୍ୟମାନ କାରଣ—Existing
Satkarana cause. ସଂ. ବଣ (ବହୁବ୍ରୀହି)—ଯାହାର କାରଣ
ବିଦ୍ୟମାନ—Whose cause is in existence.

ସତ୍‌କାର୍ଯ୍ୟ—ସଂ. ବ (କର୍ମଧା)—ସତ୍‌କର୍ମ (ଦେଖ)—Satkarma
Sat-karjya (See) ସଂ. ବଣ ପୁଂ—(ସତ୍‌+କୃ ଧାତୁ
+କର୍ମ ଯ)—ସତ୍‌କର୍ତ୍ତବ୍ୟ (ଦେଖ)—Sat-
(ସତ୍‌କାର୍ଯ୍ୟା—ସ୍ତ୍ରୀ. ବଣ) karttabya (See)

ସତ୍‌କାର୍ଯ୍ୟ ବାଦ—ସଂ.ବ—ସାଙ୍ଖ୍ୟଦର୍ଶନ ମତରେ ଏ ଜଗତ୍‌ ସତ୍‌କାରଣ
Sat-karjya bada ବା ସତ୍‌ପଦାର୍ଥରୁ ଉତ୍ପନ୍ନ ହୋଇଅଛି,
ଏହି ମତ ସତ୍‌ବାଦ—(Samkhya Philosophy)
The theory that the universe has been created out of some existing matter.

ସତ୍‌କୁଳ—ସଂ. ବ (କର୍ମଧା)—ସଦ୍‌ବଂଶ; ଉଚ୍ଚ ବଂଶ—
Sat-kula Noble family; respectable family.

ସତ୍‌କୁଳଜ—ସଂ. ବଣ. ପୁଂ—ସଦ୍‌ବଂଶଜାତ—Born of a
Sat-kulaja high or noble family, respectable.
ସତ୍‌କୁଳଜାତ
ସତ୍‌କୁଳପ୍ରସୂତ }—ଅନ୍ୟରୂପ
ସତ୍‌କୁଳୀନ
(ସତ୍‌କୁଳଜା, ସତ୍‌କୁଳଜାତା, ସତ୍‌କୁଳପ୍ରସୂତା, ସତ୍‌କୁଳୀନା—ସ୍ତ୍ରୀ)

ସତ୍‌କୃତ—ସଂ. ବଣ (ସତ୍‌+କୃ ଧାତୁ+କର୍ମ. ତ)—୧
Sat-kruta ସମ୍ମାନିତ;ସମାଦୃତ—1. Respected;
(ସତ୍‌କୃତା—ସ୍ତ୍ରୀ) honoured; hospitably entertained. ୨ । ପୁରସ୍କୃତ—2. Rewarded. ୩ । ପୂଜିତ—3. Worshipped; revered.
ବି (ବହୁସ୍ତ୍ରନାମୋକ୍ତ) ବିଷ୍ଣୁ—An epithet of Bishnu.

ସତ୍‌କୃତି—ସଂ. ବ (ସତ୍‌+କୃ ଧାତୁ+ଭାବ.ତି)—ସତ୍‌କାର (ଦେଖ)
Sat-kruti Sat-kara (See)

ସତ୍‌କ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି; ସତ୍‌+କ୍ରିୟା)—୧ ।
Sat-kriya ସତ୍‌କର୍ମକାରୀ—1. Doing good or
(ସତ୍‌କ୍ରିୟା—ସ୍ତ୍ରୀ) pious acts. ୨ । ଧାର୍ମିକ—
2. Virtuous; pious.

ସତ୍‌କ୍ରିୟା—ସଂ. ବ (କର୍ମଧା; ସତ୍‌+କ୍ରିୟା)—୧ । ସତ୍‌କର୍ମ (ଦେଖ)
Sat-kriya 1. Sat-karma (See) ୨ । ସତ୍‌କାର
(ଦେଖ)—2. Satkara (See) [ଦ୍ର—ଲକ୍ଷଣ
ଦେଖାଇ ଜଗତେ ଯୋଗ୍ୟତା, ସତ୍‌କ୍ରିୟାରୂପେ ଏ
ରୂପକଳ୍ପଲତା—ସୁଧାନାଥ, ଚଳିବା ।] ସଂ. ବଣ
ସ୍ତ୍ରୀ—ସତ୍‌କ୍ରିୟର ସ୍ତ୍ରୀଲିଙ୍ଗ — Feminine of Sat-kriya.

ସତ୍ ଚାକର—ଦେ. ବ—୧ । ଲୁଣହରାମ ନ ହେବା ଭୃତ୍ୟ—1. A servant
Sat-chākara true to his salt. ୨। ଯେଉଁ ଚାକର
বিশ্বাসী চাকর **नमकहलाल नौकर** ସ୍ୱାମୀଙ୍କ ଧନାଦି ଚୋରି
କରେ ନାହିଁ—2. Honest servant.

ସତ୍ ନାରଣ—ଗ୍ରା. ବ—ସତ୍ୟନାରାୟଣ (ଦେଖ)
Sat-nārana Satyanārāyana (See)
(ସତ୍ ନାରାୟଣ—ଅନ୍ୟରୂପ)

ସତ୍ ପତ୍ର—ସଂ. ବ—ପଦ୍ମର ନବଦଳ (ଶବ୍ଦଚନ୍ଦ୍ରିକା)—
Sat-patra The new petals of a lotus.

ସତ୍ପଥ—ସଂ. ବ—୧ । ସୁପଥ; ସୁରାସ୍ତା; ସନ୍ମାର୍ଗ; ଉତ୍ତମ ମାର୍ଗ—
Sat-patha 1. A good road. ୨। ସଦାଚରଣ—
2. Good or virtuous practice or conduct.

ସତ୍(ତ)ପଥୀ(ସ୍ତୀ)—ଗ୍ରା. ବ (ସଂ. ଶତପଥୀ)—ବ୍ରାହ୍ମଣମାନଙ୍କର
Sat-(ta)pathī(stī) ବଂଶୋପାଧିବିଶେଷ—A family-title of Brāhmans.

ସତ୍ ପରାମର୍ଶ—ସଂ. ବ(କର୍ମଧା)—ଉତ୍ତମ ବା ମଙ୍ଗଳମୟ ବା ସମୟୋ-
Sat-parāmarśa ପଯୋଗୀ ପରାମର୍ଶ—Good counsel; beneficial or opportune advice.

ସତ୍ ପଶୁ—ସଂ. ବ—ଯଜ୍ଞୀୟ ପଶୁ; ଯଜ୍ଞ ବଳି—
Sat-paśu A victim for a Vedic sacrifice.

ସତ୍ ପାତ୍ର—ସଂ. ବ (କର୍ମଧା; ସତ୍+ପାତ୍ର)—୧ । ଦାନଗ୍ରହଣ
Sat-pātra କରିବାର ଉପଯୁକ୍ତ ବ୍ୟକ୍ତି—1. A person deserving of charity or gift. ୨ । (କନ୍ୟାକୁ)
ବିବାହ କରିବାର ଉପଯୁକ୍ତ ବ୍ୟକ୍ତି—2. A person deserving to be given a bride.
୩। ଶୁଦ୍ଧ ପାତ୍ର—3. A holy or pure pot or receptacle. ୪ । ସତ୍ଶିଷ୍ୟ—4. A good and dutiful disciple.

ସତ୍ ପିତା—ସଂ. ବ (କର୍ମଧା; ସତ୍+ପିତା)—ପୁତ୍ର ପ୍ରତି ଦୟାଳୁ
Sat-pitā ଓ ଉତ୍ତମ ବ୍ୟବହାରକାରୀ ପିତା—
A good and kind father.

ସତ୍ ପିର୍—ଗ୍ରା. ବ—୧ । ସତ୍ୟପିର (ଦେଖ)—1. Satyapira
Sat-pir (See) ୨ । (ପୁଂ) ଲୋକଙ୍କୁ ଦିଆଯିବା ନାମ—
2. A name given to males.

ସତ୍ ପୁତ୍ର—ସଂ. ବ (କର୍ମଧା; ସତ୍+ପୁତ୍ର)—ସୁପୁତ୍ର—
Sat-putra A good and dutiful son.
(ସତ୍ ପୁତ୍ରୀ—ସ୍ତ୍ରୀ)

ସତ୍ ପ୍ରତିଗ୍ରହ—ସଂ. ବ (କର୍ମଧା)—ସାଧୁଜନଠାରୁ ଦ୍ରବ୍ୟର ଗ୍ରହଣ—
Sat-pratigraha Acceptance of gifts from a good person.

ସତ୍ ପ୍ରତିଜ୍ଞା—ସଂ. ବ (କର୍ମଧା)—ସତ୍‌କାର୍ଯ୍ୟ କରିବାପାଇଁ ସଂକଳ୍ପ—
Sat-pratijñā Vow to do a good act.

ସତ୍ ପ୍ରତିପକ୍ଷ—ସଂ. ବ (କର୍ମଧା)—୧ । ତୁଲ୍ୟ ପ୍ରତିଯୋଗୀ—1. A
Sat-pratipaksha suitable rival. ୨। (ନ୍ୟାୟଶାସ୍ତ୍ର)
ସାଧାରଣ ବ୍ୟାପ୍ୟବତ୍ ପକ୍ଷ; ପ୍ରକୃତ ବା ଯୁକ୍ତିଯୁକ୍ତ କାରଣ
ଉପରେ ସ୍ଥାପିତ ଅନୁମାନ—2. (Logic) A guess based on reasoning; reasonable proposition

ସତ୍ ପ୍ରସଙ୍ଗ—ସଂ.ବ(କର୍ମଧା)—ଉତ୍ତମ ବା ଧର୍ମବିଷୟକ କଥାବାର୍ତ୍ତା—
Sat-prasanga Religious topic or discussion.

ସତ୍ ଫଳ—ସଂ. ବ (କର୍ମଧା; ସତ୍+ଫଳ)—୧ । ସୁଫଳ—
Sat-phala 1. Good result. ୨। (ବହୁବ୍ରୀହି; ବୈଦ୍ୟକ)
ଡାଳିମ୍ବବୃକ୍ଷ—2. Pomegranet tree.

ସତ୍ ବ୍ୟକ୍ତି—ଦେ. ବ (ସମସ୍ତ ପଦ ହେଲେ ସଦ୍ବ୍ୟକ୍ତି ହେବ)—
Sat-byakti ୧ । ସଚ୍ଚରିତ୍ର ବ୍ୟକ୍ତି; ସାଧୁବ୍ୟକ୍ତି—1. Good
(ସତ୍ ମନୁଷ୍ୟ, ସତ୍ ଲୋକ—ଅନ୍ୟରୂପ) man. ୨ । ଯେ
साधुलोक **सद्‌व्यक्ति** ଉତ୍କୋଚ ଆଦି ନିଏ ନାହିଁ—
2. Honest.

ସତ୍(ତ)ରଙ୍ଗ(ଙ୍କି,ଞ୍ଜ,ଞ୍ଜି)—ଦେ. ବ—ସତରଞ୍ଜ (ଦେଖ)
Sat(ta)ranga(ṅki)ñj,ñji Sataranga (See)

ସତ୍ ସଂକଳ୍ପ—ସ. ବ—ସତ୍ ପ୍ରତିଜ୍ଞା—Promise or determination to do good; good resolution.
Sat samkalpa
(ସତ୍‌ସଙ୍କଳ୍ପ—ଅନ୍ୟରୂପ)

ସତ୍ ସଂସର୍ଗ—ସ. ବ—ସାଧୁ ବ୍ୟକ୍ତିଙ୍କ ସହବାସ—
Sat samsarga Mixing with good people.
(ସତ୍ ସଂସର୍ଗ—ଶବ)

ସତ୍ ସଙ୍ଗ—ସଂ. ବ—୧ । ସାଧୁସଙ୍ଗ; ସଜ୍ଜନ ସହବାସ; ଉତ୍ତମ ବ୍ୟକ୍ତିର
Sat-sanga ସଙ୍ଗ—1. Mixing in good company.
୨ । ଧର୍ମଚର୍ଚ୍ଚା କରିବା ବ୍ୟକ୍ତିମାନଙ୍କର ସହବାସ—
2. Passing time with pious and religiously-minded persons. ୩ । ଅନେକ ଲୋକ
ମିଳିତ ହୋଇ ପାରମାର୍ଥିକ ବିଷୟ ଚର୍ଚ୍ଚା କରିବା—
3. Discussion on religious subjects in
সৎসঙ্গ Company. ଦେ. ବ—ଅଣାଚାର ଓ ଅଲେଖ ଆଦି
सत्‌सङ्ग ବିଷୟରେ ପାଞ୍ଚ ଜଣ ବସି ଚର୍ଚ୍ଚା କରିବା ସଭା—A meeting where people assemble and talk about a popular form of religion.
[ଦ୍ର—ସଙ୍ଗ ତଳେ ନୋଟ ଦେଖ ।]

ସତ୍ ସଙ୍ଗୀ—ସଂ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସତ୍ ସଙ୍ଗ କରେ—
Sat-sangī 1 One who does 'Sat sanga'. ୨।ସଚ୍ଚରିତ୍ର
(ସତ୍ ସଙ୍ଗିନୀ—ସ୍ତ୍ରୀଲିଙ୍ଗ) ସହଚର—2. A good and
সৎসঙ্গী **सत सं‍गी** virtuous companion.

ସତ୍ ସାର—ସଂ. ବ (ବହୁବ୍ରୀହି)—ଉତ୍ତମ ସାରଯୁକ୍ତ—Having
Sat-sāra good essence or pith. ବ—୧ । ବୃକ୍ଷ
ବିଶେଷ—1. Name of a tree. ୨ । ଚିତାଗାରୁ

(ଦେଖ)—2. Chitāpāru. (See) ୩ । କବି—3. Poet, ୪ । ଚିତ୍ରକର—4. A painter; an artist.

ସତ୍ ସାହସ—ଦେ· ବି (କର୍ମଧା)—୧ । ସତ୍କାର୍ଯ୍ୟ କରିବା ବିଷୟରେ କର୍ତ୍ତବ୍ୟତା—1. Courage to do good things. ୨ । ସତ୍ୟ କହିବା ବିଷୟରେ ନିର୍ଭୀକତା—2. Courage of one's convictions; courage to speak out truth or one's feelings.
Sat-sāhasa
সৎসাহস
सत् साहस

ସତ୍ ସେବା—ସଂ. ବି.—(ଷଷ୍ଠୀ ତତ୍)—ସାଧୁଜନ ପ୍ରଭୃତିଙ୍କ ସେବା—Serving under a good person; attending on a good man.
Sat sebā

ସତ—ଦେ· ବି. (ସଂ—ସତ୍ୟ)—୧ । ସତ୍ୟ; ଶପଥ; ପ୍ରତିଜ୍ଞା—1. Promise; truth. (ଉ—ଅପଣା ପ୍ରତିଜ୍ଞା ରଖିବ, (ମିତ୍ର—ଉପସ୍ଥିତ) ତୁମ୍ଭର ସତ ଛଡ଼ାଇବ । ଭୂପତି. ପ୍ରେମ ପଞ୍ଚାମୃତ ।) ୨ । ସତ୍ୟକଥା—2. Truth. ୩ । ବିଶ୍ୱାସ; ଆସ୍ଥା—3. Faith ୪ । ସତ୍ୟଯୁଗ—4. The Golden Age of truth; the millenium ୫ । ସତ୍ତ୍ୱଗୁଣ (ଦେଖ)—5. Sattwa guna. (See) ବିଣ—୧ । ସତ୍; ସାଧୁ—1. Honest. (ଉ—ଅସମ୍ଭବ ମନ ଯେବେ ହେଉ, ଯାଇଛି ଗୋବିନ୍ଦ ସଙ୍ଗତ । ଭୂପତି ପ୍ରେମପଞ୍ଚାମୃତ ।) ୨ । ସତ୍ୟବାଦୀ—2. Truthful. ୩ । ଯାହା ମିଥ୍ୟା ନୁହେଁ; ପ୍ରକୃତ—3. True. (ଉ—ଭରତ ସୁତ ଯୋଗ ସତ ସ୍ୱରୂପା । ଉପେ. ବୈଦେହୀଶ-ବିଳାସ ।) ୪ । ପ୍ରତିଜ୍ଞାପାଳକ—4 True to promise. ୫ । ବିଶ୍ୱାସୀ—5. Faithful. ଦେ· ଅ—ସଦା (ନିଶ୍ଚୟାର୍ଥକ); ନିଶ୍ଚେ—Certainly. (ଉ—ପଣ୍ଡିତ ହୋଇ ଦୂରରେ ଥିଲେ ତେଡ଼େ ଭଣ୍ଡିତ ଥିବାର ସତ । ଉପେ. ବୈଦେହୀଶ ବିଳାସ. ଗୀତ ।) [ଦ୍ର—ଏ କଥା ମତେ ସତ ଲାଗେ (ତୁମକୁ) ମିଛ—ଦେ. ବାକ୍ୟ—
Sata
সত্য
सत्य
সৎ
सत्, सच्चा

କୌଣସି ଅସମ୍ଭବ ବା ଅବିଶ୍ୱସନୀୟ ଘଟଣାକୁ ସ୍ୱଚକ୍ଷୁରେ ଦେଖିଥିବା ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ ଆଗରେ ବର୍ଣ୍ଣନା କଲାବେଳେ କହିବା ବାକ୍ୟ; ଅର୍ଥାତ୍ 'ଏହା ମୁଁ ଦେଖିଛି ବୋଲି ମୁଁ ଏ କଥା ସତ୍ୟ ବୋଲି ଜାଣିଛି, କିନ୍ତୁ ତୁମ୍ଭେମାନେ ଏହା ଦେଖି ନାହିଁ ବୋଲି ଏହାକୁ ସତ୍ୟ ମଣିବ ନାହିଁ ।]

ସତ ଉପୁଜିବା—ଦେ. କ୍ରି—ପୃଥିବୀରେ ସତ୍ୟଯୁଗ ଆବିର୍ଭୂତ ହେବା—The appearance or dawning of the millenium or the Golden Age in the world. [ଉ—ଭରତ ଥିବୁ ଦେଖିବୁ, ଉତ୍କଳ ପଦର ଦେହ ନ ରହିବେ, ସତ ଉପୁଜିବ ସଭିଙ୍କୁ । ମାଳିକା ପ୍ରବଚନ ।]
Sata upujibā
সত্য উপজাত হওয়া
सत् युगका आगमन

ସତ କଥା—ଦେ. ବି. (ସଂ. ସତ୍ୟ+କଥା)—୧ । ସତ୍ୟ ବାକ୍ୟ—1. True words. ୨ । ପ୍ରକୃତ ଘଟଣା; ପ୍ରକୃତ ବିଷୟ—2. Actual fact.
Sata kathā
সত্যি কথা
सच्चि बात

ସତ କରିବା—ଦେ·କ୍ରି—୧ । କୌଣସି ବାକ୍ୟରେ ବା କଥାରେ ବିଶ୍ୱାସ ରଖିବା; ଆସ୍ଥା ସ୍ଥାପନ କରିବା; ସତ ମଣିବା—1. To believe a thing to be true. [ଉ—ବାତୁଳ ଶୁଣିଣ ବୋଇଲେ ଏହା ମୁହିଁ, ନ ଗଣିଲେ କେବେ ସତ କରିବ ନାହିଁ । କୃଷ୍ଣସିଂ. ମହାଭାରତ, ବନ ।] ୨ । ସତ୍ୟ କରିବା; ଧର୍ମତଃ ପ୍ରତିଜ୍ଞା କରିବା—2. To promise or vow to do a thing solemnly.
Sata karibā
বিশ্বাস করা
सच मानना
সত্যি করা
सत् करना

ସତ୍ୟ କହିବା—ଦେ. କ୍ରି—ସତ୍ୟ କଥା କହିବା—To speak the truth. [ଉ—ଶଠଥ ଶତ ଅଛୁ କହୁବଟି ସତ ! କବିସୂର୍ଯ୍ୟ, କଣୋଶଚମ୍ପୂ. ଶ ଗୀତ ।]
Satya kahibā
সত্যি বলা
सच कहना

ସତ କହିଲି—ଦେ. ବାକ୍ୟ—କୌଣସି ବ୍ୟକ୍ତି ଛିଙ୍କିଲା ବେଳେ ନିକଟସ୍ଥ ବ୍ୟକ୍ତିଙ୍କର ଉଚ୍ଚାରିତ ପଦ; ସତ୍ୟଂଜୀବ—An expression uttered by person present when another person sneezes.
Sata kahilā
সত্যি সত্যি
सत् जीव

ସତକା(କୁ) ସତ—ଦେ· କ୍ରି ବିଣ—ପ୍ରକୃତରେ; ବାସ୍ତବରେ—Actually; truly. [ଉ—ସତକୁ ସତ ସ୍ୱବଣ ଯାହା କହିଥିଲା ସେଇୟା ହେଲା । ଗୋଲକଣ୍ଠ ଦାଶ ପିଲାଙ୍କ ରାମାୟଣ ।]
Satakā(ku) sata
সত্যি সত্যি
सचका सच

ସତ ଘଣ୍ଟା ବାଜିଲା—ଦେ· ବାକ୍ୟ—ଲୋକେ ବସି କଥାବାର୍ତ୍ତା ହେଉଥିବା ବେଳେ କୌଣସି ପ୍ରସଙ୍ଗ ବା କଥା କୌଣସି ଲୋକ ମୁହଁରୁ ବାହାର ପଡ଼ିବା ବେଳେ ଯେବେ ନିକଟରେ ଘଣ୍ଟା ବା ଘଣ୍ଟାର ଧ୍ୱନି ଶୁଣାଯାଏ ତେବେ ଲୋକେ ଏହା କହି ଥାଆନ୍ତି; ଅର୍ଥାତ୍, ଏ କଥାର ସତ୍ୟତା ସମ୍ବନ୍ଧେ 'ଘଣ୍ଟା ବାଜିବା' ସାକ୍ଷ୍ୟ ଦେଉଅଛି—An expression meaning 'The truth of my saying is testified to by the sounding of the bell at this moment'.
Sata ghantā bājilā
সত্য ঘণ্টা বাবল
सचका घण्टा बजा

ସତ ଚାଳିଶ(ଶି)—ଦେ· ବି ଓ ବିଣ (ସଂ. ସପ୍ତ ଚତ୍ୱାରିଂଶତ୍)—ଚାଳିଶରୁ ଅଧିକା ସାତ; ୪୭—Fortyseven.
Sata chālisa(si)
সাতচল্লিশ
सैंतालिस

ସତତ—ସଂ. ବିଣ—ନିରନ୍ତର; ନିରନ୍ତର—Constant; uninterrupted. କ୍ରି. ବିଣ (ସମ୍ ଉପସର୍ଗ+ତନ୍ ଧାତୁ =ବିସ୍ତାର କରିବା+ତ)—୧। ସର୍ବଦା—1. Always. ୨ । ନିରନ୍ତର—2. Incessantly.
Satata

ସତତ ଜ୍ୱର—ସଂ. ବି—ସନ୍ତତ ଜ୍ୱର (ଦେଖ)—Santata jwara (See)
Satata jwara

ସତ ତିରଶ—ଦେ. ବ (ସଂ. ସପ୍ତ ତ୍ରିଂଶତ୍)—ତିରଶରୁ ଅଧିକ ସାତ; Sata tirisa ୩୭—Thirty seven. [ଉ—ସତ ତିରଶେ
ସାଇଁତ୍রিশ ଜନେ ଜାଣ, ଯବଣାଗତ ଯାଳ ଗୁଣ । ପ୍ରାଚୀ. सैंतिस ପୂର୍ଣ୍ଣତମ. ଚନ୍ଦ୍ରୋଦୟ ।]

ସତତ୍ତ୍ୱ—ସଂ. ବ. (ସ=ସମାନ+ତତ୍ତ୍ୱ=ପ୍ରକୃତି)—ପ୍ରକୃତି; ସ୍ୱଭାବ—Satattwa Nature; tendency; natural temperament.

ସତନ୍ତର—ପାଦେ. (ଲରିଅ) ଣଣ—ସ୍ୱତନ୍ତ୍ର—Satantara Separate.

ସତପଥୀ(ଥି, ସ୍ତି, ସ୍ଥି)—ସ୍ତ୍ରୀ. ବ—ସତ୍‌ପଥୀ (ଦେଖ) Satapati(thi, sti, sthi) Sat-pathi (See)

ସତନାମି—ଦେ. ବ—ଛତିଶଗଡ଼ର ଚମାର ଜାତିମାନଙ୍କର କଥିତ Sata nāmi ଛତିଶଗଡ଼ି ବା ଲରିଅ ଭାଷାର ରୂପାନ୍ତର—
সতনামী Chhatisgari or Laria language सतनामी spoken by the 'Chamāra's in Chhatisgarh.

ସତ ଫଳା(ଳେ)ଇ କହିବା—ଦେ. କି—କହିବା କଥା ସତ୍ୟ ବୋଲି Sata phalā(le)i kahibā ଲୋକଙ୍କ ବିଶ୍ୱାସ କରାଇ
সত্য ফলিয়ে বলা କହିବା—To speak a thing, so as सचके जैसा कहना to make people believe it to be true.

ସତ ଫଳା(ଳେ)ଇବା—ଦେ. କି—୧ । ମିଛ କଥାକୁ ସତ୍ୟ ବୋଲି Sata phalā(le)ibā ବିଶ୍ୱାସ କରାଇ କଥା କହିବା—
সত্য ফলান 1. To depict a false or untune सचके जैसा कहना matter as if it were true.
୨ । ଆପଣାର କଥାକୁ ସତ୍ୟ ରୂପେ ପ୍ରମାଣିତ କରିବା—2. To prove one's words to be true; to substantiate one's sayings.

(ମୋର) ସତ ବଳା(ଳେ)ଇବା—ଦେ.କି—କୌଣସି ବିଷୟର ସତ୍ୟତା Sata balā(le)ibā ଉପରେ ବିଶ୍ୱାସ ସ୍ଥାପନ—1. Belief in
(ସତ ବଳିବା—ଅନ୍ୟରୂପ) the truth of a thing. ୨ ।
সত্য বুঝা (କୌଣସି ବ୍ୟକ୍ତିଠାରେ) ଅସ୍ଥା ସ୍ଥାପିତ ହେବା—2. सच समझना Having confi dence on a person. ୩ ।
সত্য নির্ভর করা କୌଣସି କାର୍ଯ୍ୟ କରିବାକୁ ସାହସ ହେବା—3. सच स्थापित होना Having the boldness to do a
সাহস হওয়া thing; venturing to do a thing. हिम्मत होना (ଯଥା—ଭୂତଅଣି ପିଙ୍କିଠାକୁ ସାତ ସମୁଦ୍ର ଲଙ୍କା ପାରିକୁ
মন লাগা ପଠାଇବାକୁ ମୋର ସତ ବଳୁ ନାହିଁ ।) ୪ । ମନ
इच्छा होना ହେବା; ଇଚ୍ଛା ଜାତ ହେବା—4. Desire to do a thing. [ଉ—ଏ ଗାଛ ତୋର ନ ଥିଲି ଗୋ ! ପୋଷି
ଥିବା ପକ୍ଷୀ ମାରିବାକୁ ତୋର ସତ କେମନ୍ତେ ବଳିଲା ଗୋ—ଭଞ୍ଜ. ଲାବଣ୍ୟବତୀ ।]

ସତ ମଣିବା—ଦେ. କି—ସତ୍ୟ ବୋଲି ବିଶ୍ୱାସ କରିବା—To believe a thing to be true. Sata manibā
সত্য বুঝা सच समझना

ସତମସ—ଦେ. ବଣ (ସଂ. ସ+ତମସ୍)—୧ । ଅନ୍ଧକାରଯୁକ୍ତ—Satamasa 1. Dark. ୨ । ରାହୁଗ୍ରହଯୁକ୍ତ—2. Over-
অাঁধারে ঢাকা shadowed by the planet Rāhu.
सान्धकार [ଉ—ସତ ମଙ୍ଗଳ ସେ ସେକ ଉପୁଜେ, ସତମସ ଡ
ଉଦ୍‌ରେ ଉଦୁଜେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ସତ ମିଛ—ଦେ.ବଣ (ସହଚର ଶବ୍ଦ; ସଂ. ସତ୍ୟ, ମିଥ୍ୟା)—୧ । ସତ୍ୟ Sata michha ଓ ମିଥ୍ୟା—2. True and false.
সত্যিমিথ্যা ୨ । ପ୍ରକୃତ ଓ ଅପ୍ରକୃତ—2. Real and unreal.
सच्चामूठा ବ—୧ । ସତ କଥା ଓ ମିଥ୍ୟା କଥା—2. Truth
সত্যি মিথ্যা and falsehood. ୨ । ପ୍ରକୃତ ବିଷୟ ଓ ଅପ୍ରକୃତ
सचमूठ ବିଷୟ—2. Real matter and unreal matter.

ସତ ମିଛ ଲଗା(ଗେ)ଇ କହିବା—ଦେ. କି—ଚୁଗୁଲି କରିବା; Sata michha lagā(ge)i kahibā କୌଣସି ବ୍ୟକ୍ତି ନାମରେ
চুগুলি কাটা କେତେକ ସତ୍ୟ ଓ କେତେକ ମିଥ୍ୟା କଥା
चुगुली खाना ମିଶାଇ ଅନ୍ୟ ଆଗେ କହିବା—To backbite a person.

ସତ ଯତ—ଦେ. ବଣ—ଯତ ସତ (ଦେଖ)—Jata sata (See) Sata jata [ଉ—ସତ ଯତ ପ୍ରାଣୀମାନେ ଜଳରେ ବହନ—
ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।]

ସତର—ଦେ. ବ ଓ ବଣ (ସଂ. ସପ୍ତଦଶ)—ଦଶରୁ ଅଧିକ ସାତ Satara ସଂଖ୍ୟା; ୧୭—Seventeen. ବଣ—ବହୁ ସଂଖ୍ୟକ—
সতের सतरह Many.

ସତର ଉତର ଶହେ—ଦେ. ବ—ଏକଶତ ସତର; ୧୧୭—One Satara utara śahe hundred and seventeen;
একশ সতের एकसौ सतरह 117.

ସତର ଉତର ଦୁଇ ଶହ—ଦେ. ବ—ଦୁଇଶ ସତର; ୨୧୭—Satara utara dui śaha Two hundred and
দুশ সতের seventeen; 217. [ଦ୍ର—ଏହିପରି ସତର
दोसौ सतरह ଉତର ତିନି ଶହ, ଚାରି ଶହ ଆଦି ହୋଇ ପାରେ ।]

ସତରକ—ଦେ. ବଣ (ସଂ. ସତର୍କ)—ସତର୍କ (ଦେଖ)—Satarka Sataraka (See) ଦେ. ବ (ସଂ. ସପ୍ତଦଶ)—ସତର
সতেরর ঘর ଘର ପଣିକିଆର ୧୦ ଧାଡ଼ି—Arithmetical
सतरहकी पट्टी tables from 17×1 to 17×10.

ସତର କଥାରେ ସତୀ ଭୁଲେ—ଦେ. (ପ୍ରବଚନ)—୧ । ସ୍ୱାମୀଙ୍କ ପ୍ରତି Satara kathāre sati bhule ଭକ୍ତିମତୀ ସ୍ତ୍ରୀ ଲୋକମୁଖରୁ
ସ୍ୱାମୀଙ୍କ ସମ୍ବନ୍ଧରେ (ସତର) ନାନା ଦୁର୍ନାମ ଶୁଣିଲେ ଉକ୍ତ ସ୍ତ୍ରୀର ମନ ମଧ୍ୟ ଭୁଲିଯାଏ ବା ସ୍ୱାମୀଙ୍କ ପ୍ରତି ବିମୁଖ ହୁଏ—1. Even a devoted woman becomes prejudiced against her husband on hearing many bad reports against her husband. ୨ । ସ୍ୱାମୀଙ୍କ ପ୍ରତି ଏକାନ୍ତ ଅନୁରକ୍ତା ସ୍ତ୍ରୀକୁ ସତର (ଅର୍ଥାତ୍ ନାନା ପ୍ରକାରେ ବା ବହୁବାର)ପ୍ରଲୋଭନଯୁକ୍ତ କଥା କହିଲେ

ସେ ମଧ୍ୟ ସତୀତ୍ୱରୁ ବିଚଳିତା ହୁଏ—2. Even a chaste woman is led astray from the path of virtne by many honeyed and tempting words.

ସତରଙ୍ଗ(ଙ୍ଗି, ଞ୍ଜ, ଞ୍ଜି)—ଦେଶଜ. ବି (ଅ. ଶତ୍‌ରଞ୍ଜୀ)—ଅନେକ
Satara͘nga(ṅgi, n̄ja. n̄ji) ରଙ୍ଗ ପାଲି ପରି ଘର ଘର
সতরঞ্জি सतरंजी ହୋଇ ବୁଣା ହୋଇଥିବା ମୋଟା ସୂତାର
(ଷତର[ରେ]ଙ୍ଗି—ଅନ୍ୟରୂପ) ବିଛଣା; ଦରି—Durry; a carpet made of cotton thread. ଦେ. ବି
সতরঞ্জ (ସ.ଚତୁରଙ୍ଗ)—(ଏହି ଶବ୍ଦରୁ ଅ. ଓ ଫା. ସାଦ୍‌ରଞ୍ଜ୍ ଶେଳ
सतरंज सतरंज ଉତ୍ପନ୍ନ ହୋଇଅଛି; ଆରବୀ ଭାଷାରେ ସତ୍—୧୦୦ ଲୋକଙ୍କୁ ଯେ ରଞ୍ଜେ ବା ଆନନ୍ଦିତ କରାଏ (ରାଜା ରାଧାକାନ୍ତଦେବଙ୍କ ଶବ୍ଦକଳ୍ପଦ୍ରୁମ)—ଚତୁରଙ୍ଗ ବା ନ୍ୟାୟବଳ ଖେଳ—The game of chess. [ଦ୍ର—ସତରଞ୍ଜ ଖେଳରେ ଉଭୟ ପକ୍ଷରେ ଚତୁରଙ୍ଗ ସେନା (ହସ୍ତୀ, ଅଶ୍ୱ, ରଥ ଓ ପଦାତି)ଙ୍କୁ ନେଇ ମନ୍ତ୍ରୀ ଓ ରାଜା, ଦୁଇ ଜଣଙ୍କ ମଧ୍ୟରେ ଯୁଦ୍ଧର ଅନୁକରଣରେ ଖେଳ ହୁଏ । ଏହି ଖେଳରେ ୬୪ଟି ଘର ବା କୋଠି କଟା ହୋଇଥିବା ପାଲି ବା ପଟା (chess board) ଉପରେ ରାଜା ମନ୍ତ୍ରୀ ଓ ଚତୁରଙ୍ଗବଳରୂପ ଗୋଟିମାନଙ୍କୁ ଦୁଇ ଜଣ ଖେଳାଳି ଚାଳନ କରି ଖେଳନ୍ତି । ପ୍ରତି ଖେଳାଳିଙ୍କ ଗୋଟିର ରଙ୍ଗ ଭିନ୍ନ ଭିନ୍ନ କରାଯାଇଥାଏ । ପ୍ରତି ପକ୍ଷରେ ଜଣେ ରାଜା ଓ ତାହାଙ୍କ ବଳ, ଯଥା—ଜଣେ ମନ୍ତ୍ରୀ (ଫା. ଦାବା, ଇଂ. Queen), ଦୁଇଟି ହାତୀ, (ଫା. ଫିଲ୍, ଇଂ. Bishop), ଦୁଇଟି ଅଶ୍ୱ (ଫା· ଘୋଡ଼ା, ଇଂ Knight). ଦୁଇଟି ରଥ ବା ନୌକା (ଫା· କସ୍ତି ବା ରୋଖ୍, ଇଂ, Rook or castle) ଏବଂ ଆଠଜଣ ପଦାତି (ଫା. ବଡ଼ିୟା, ଇଂ. Pawn), ଏପରି ପ୍ରତି ପକ୍ଷରେ ୧୬ଟି ଗୋଟିରେ ଖେଳାଯାଏ । ବିପକ୍ଷ ଦଳର ଆକ୍ରମଣରୁ ରାଜାଙ୍କୁ ରକ୍ଷିବା ପାଇଁ ସ୍ୱପକ୍ଷର ବଳମାନଙ୍କୁ ଚଳାଇବାକୁ ହୁଏ । ଅପର ପକ୍ଷ ରାଜାଙ୍କୁ ଆକ୍ରମଣ କରନ୍ତି । ପଦାତିମାନେ ସାମନାରେ ଗୋଟିଏ ଘର ମାତ୍ର ଅଗ୍ରସର ହେବେ । ଅନ୍ୟ ବଳମାନଙ୍କର ବିଭିନ୍ନ ଗତି ନିର୍ଦ୍ଦିଷ୍ଟ । ମନ୍ତ୍ରୀର ଗତି ଅବାଧିତ । 'ବଳ'ମାନେ ବିପକ୍ଷର ବଳଦ୍ୱାରା ପରାଜିତ ହେଲେ ରାଜା କ୍ରମଶଃ 'ହୀନବଳ' ହୁଅନ୍ତି ଏବଂ ବିପକ୍ଷ ବଳ ଉକ୍ତ ଦୁର୍ବଳ ରାଜାଙ୍କୁ ଆକ୍ରମଣ କରନ୍ତି । ଏହିରୂପ ଆକ୍ରମଣକୁ 'କସ୍ତି' ବୋଲିଯାଏ । କସ୍ତି ହେଲାକ୍ଷଣି ରାଜାଙ୍କୁ ବିପକ୍ଷ ବଳର ଆକ୍ରମଣରୁ ଘୁଞ୍ଚାଇନେବାକୁ ହୁଏ । କିନ୍ତୁ ଦୁର୍ବଳ ରାଜାଙ୍କୁ ଯେତେବେଳେ ଅପର ପକ୍ଷର ବଳ ଏପରି ଘେରି ଯାଆନ୍ତି ଯେ, ରାଜାଙ୍କୁ ଆଉ ଘୁଞ୍ଚିବାକୁ ଘର ନ ଥାଏ, ତେବେ ରାଜା 'ବନ୍ଦୀ' ହୁଅନ୍ତି । ଏହାକୁ 'କସ୍ତିମାତ୍' ବୋଲିଯାଏ । ତାହାହେଲେ ବିପକ୍ଷ ପକ୍ଷର ଖେଳାଳି ଜିତନ୍ତି । ରାଜା ଆତ୍ମରକ୍ଷା ପାଇଁ ହାତୀର ଗୃହକକ୍ଷରେ ବୁଲିଲେ 'ଗୁଲ୍‌ଫୀ' (ବା ଗଜଚକ୍ର) ଓ ପଦାତିର ଗୃହ ପାଖରେ ବୁଲିଲେ ଚତୁରଙ୍ଗ (ବା ଚତୁର) ଓ ଅଶ୍ୱର ଗୃହପାଖେ ବୁଲିଲେ 'ଅଷ୍ଟଚକ୍ର' (ଅଶ୍ୱଚକ୍ର) ହାର୍ ହୁଏ । ଏ ଖେଳରେ ବିଶେଷ ମସ୍ତିଷ୍କ ଚାଳନା ଦରକାର ହୁଏ ଓ ଏଥିରେ ମାତିବା ଲୋକେ ହିତାହିତଜ୍ଞାନଶୂନ୍ୟ ହୁଅନ୍ତି । ଏ ଖେଳର ଉତ୍ପତ୍ତି ଭାରତରେ ହୋଇଥିଲା । ଭାରତରୁ ପାରସ୍ୟ ଓ ପାରସ୍ୟରୁ ଇଉରୋପକୁ ପ୍ରଚାରିତ ହୋଇ ଏହା ପାଶ୍ଚାତ୍ୟ ସଭ୍ୟ ସମାଜର ପ୍ରଧାନ ମସ୍ତିଷ୍କଚାଳନାମୂଳକ ଖେଳରେ ପରିଣତ ହୋଇଅଛି । ଏହାକୁ ନ୍ୟାୟବଳ ଖେଳ ବୋଲିଯାଏ । ଏ ଖେଳର ମାଦକତା ବା ବ୍ୟସନ ସମ୍ପର୍କରେ ଆମ ଓଡ଼ିଆରେ ଗୋଟିଏ ପ୍ରବଚନ ଅଛି—ଜୁଆ, ଫଟିକା,ପାଶାରଙ୍ଗ, ପଶା, ନ୍ୟାୟବଳ, ବେଶ୍ୟା ସଙ୍ଗ । ଏ ଛଅରସେ ଯେଉଁ ମୁଏ ଥାଏ, ତେବେ ମରି ଠାକୁର ଖାଏ ।]

ସତରଙ୍ଗ(ଙ୍ଗି, ଞ୍ଜ, ଞ୍ଜି) ପକା(କେ)ଇବା—ଦେ. କ୍ରି—ଭୂମିରେ ସତ-
Sataraṅga(ṅgi, n̄ja, n̄ji) pakā(ke)ibā ରଞ୍ଜ ବିସ୍ତୃତ
সতরঞ্জি পাতা, সতরঞ্জি বিছান କରିବା—To spread a
सतरंजी बिछाना durry on the ground.
(ସତରଙ୍ଗ ପାରିବା, ସତରଙ୍ଗ ବିଛା[ଛେ]ଇବା—ଅନ୍ୟରୂପ)

ସତରଞ୍ଜ ଗୁଡ଼ି—ପ୍ରାଦେ. (ବାଲେଶ୍ୱର) ବି—ନାନା ରଙ୍ଗର ଅନେକ
Satarañja guṛi ଖଣ୍ଡ କାଗଜ ଯୋଡ଼ି ଯେଉଁ ଗୁଡ଼ି ତିଆରି ହୋଇଥାଏ—A kite which is made of pieces of paper of varions colours. [ଦ୍ର—ଏହା ଦେଖିବାକୁ ସତରଞ୍ଜି ପରି ହୋଇଥିବାରୁ ଏପରି ନାମ ହୋଇଅଛି ।]

ସତର ପନ୍ଦର—ଦେ. ବିଣ—୧ । ବହୁ ସଂଖ୍ୟକ—1. A many.
Satara pandara ୨ । ଅନିର୍ଦ୍ଦିଷ୍ଟ ସଂଖ୍ୟକ—2. Of un-
বার রকম ascertained number. ୩ । ଅନିଶ୍ଚିତ—
बारह बात 3. Uncertain. ବି—୧ । ଅନିଶ୍ଚିତତା; ଅନିର୍ଦ୍ଦେଶ—1. Uncertainty ୨ । ସନ୍ଦେହ—2. Doubt.

ସତର ପନ୍ଦର କରିବା—ଦେ. କ୍ରି—୧ । ମନରେ କୌଣସି କଥା ସ୍ଥିର
Satara pandara karibā କରି ନ ପାରିବା; ସନ୍ଦେହ
সাত পাঁচ ভাবা କରିବା—1. To be in doubt. ୨ । ଧନ୍ଦ
उधेड़बुन करना ହେବା—2. To be in dilemma,

ସତର ଫଳା—ଦେ. ବିଣ—ଓଡ଼ିଆର ଯେଉଁ ବ୍ୟଞ୍ଜନବର୍ଣ୍ଣମାନଙ୍କର
Satara phaḻā ଫଳକ ବା 'ଫଳା'ମାନ ଅନ୍ୟ ବ୍ୟଞ୍ଜନବର୍ଣ୍ଣ ସଙ୍ଗେ
ফলা ମିଶି ଯୁକ୍ତାକ୍ଷର ହୁଏ, ସେହି ଫଳକ ଚିହ୍ନିତ ଅକ୍ଷରମାନ—
युक्ताक्षर The signs representing the consonants while forming dipthongs with other consonants. [ଦ୍ର—ଯେଉଁ ବ୍ୟଞ୍ଜନ ଅକ୍ଷରମାନ ଅନ୍ୟ ବ୍ୟଞ୍ଜନବର୍ଣ୍ଣ ସଙ୍ଗେ ଯୁକ୍ତ ହେଲେ ସଂଯୁକ୍ତ ବର୍ଣ୍ଣରେ ମୂଳଅକ୍ଷର ରହେ ତାକୁ ଫଳା ବୋଲିଯାଏ ନାହିଁ, ଯଥା—କ+ଯ=କ୍ୟ, କ+ସ=କ୍ସ, ଗ+ଭ=ଗ୍ଭ); ବ୍ୟଞ୍ଜନ

ବର୍ଣ୍ଣରେ ଯୁକ୍ତ ହେବା, ସ୍ୱରବର୍ଣ୍ଣର ଚିହ୍ନମାନଙ୍କୁ 'ମାତ୍ରା' ବୋଲାଯାଏ । (ଯଥା—କ+ଆ=କା; ଗ+ଇ=ଗି) । ଦ୍ୱିତ୍ୱ ବ୍ୟଞ୍ଜନକୁ ଫଳା ବୋଲାଯାଏ ନାହିଁ । ଯଥା—କ୍କ, ଚ୍ଚ, ଜ୍ଜ, ଟ୍ଟ, ଡ୍ଡ, ତ୍ତ, ଦ୍ଦ, ପ୍ପ, ବ୍ବ, ଲ୍ଲ, ଶ୍ଶ, ସ୍ସ, ଣ୍ଣ, ନ୍ନ । ଅନୁନାସିକ ବର୍ଣ୍ଣ ସଙ୍ଗେ ସେହି ବର୍ଗର ବ୍ୟଞ୍ଜନବର୍ଣ୍ଣ ଯୁକ୍ତ ହେଲେ ତାହାକୁ ମଧ୍ୟ ଫଳା ବୋଲାଯାଏ ନାହିଁ । (ଯଥା—ଙ+କ=ଙ୍କ ବା ଙ୍କ, ଙ+ଖ=ଙ୍ଖ ବା ଙ୍ଖ, ଙ+ଗ=ଙ୍ଗ ବା ଙ୍ଗ, ଙ+ଘ=ଙ୍ଘ ବା ଙ୍ଘ, ଞ+ଚ=ଞ୍ଚ, ଞ+ଛ=ଞ୍ଛ, ଞ+ଜ=ଞ୍ଜ, ଞ+ଝ=ଞ୍ଝ, ଣ+ଟ=ଣ୍ଟ, ଣ+ଠ=ଣ୍ଠ, ଣ+ଡ=ଣ୍ଡ, ଣ+ଢ=ଣ୍ଢ, ନ+ଦ=ନ୍ଦ, ନ+ଧ=ନ୍ଧ, ମ+ପ=ମ୍ପ, ମ+ଫ=ମ୍ଫ)

ନିମ୍ନଲିଖିତ ୧୭ଟି ଫଳା ଓଡ଼ିଆ ବର୍ଣ୍ଣ ପରିଚୟରେ ପିଲାମାନେ ଶିଖନ୍ତି—

୧ । କ ଫଳା=୍କ ଯଥା—ଙ୍କ, ସ୍କ ।
୨ । ଟ ଫଳା=୍ଟ, ଯଥା—ଷ୍ଟ, ଷ୍ଟ ।
୩ । (କ) ତ ଫଳା (ବର୍ଣ୍ଣର ପରେ)=୍ତ, କ୍ତ, ପ୍ତ, ସ୍ତ, ପ୍ତ, ସ୍ତ ।
(ଖ) (ବର୍ଣ୍ଣର ପୂର୍ବେ) ତ ଫଳା=ତ୍, ଯଥା=ତ୍କ, ତ୍ସ ।
୪ । ଥ ଫଳା=୍ଥ, ଯଥା—ନ୍ଥ, ସ୍ଥ ।
୫ । ନ ଫଳା=୍ନ, ଯଥା—କ୍ନ, ତ୍ନ, ଗ୍ନ, ପ୍ନ ।
୬ । ବ ଫଳା=୍ୱ, ଯଥା=କ୍ୱ, ଜ୍ୱ, ତ୍ୱ, ଦ୍ୱ, ନ୍ୱ ।

[ଦ୍ର—ମ ଓ ଦ ଅକ୍ଷର ଛଡ଼ା ଅନ୍ୟ ଅକ୍ଷର ସଙ୍ଗେ 'ବ' ଫଳା ଯୁକ୍ତ ହେଲେ ଉକ୍ତ 'ବ' ଫଳା ଅବର୍ଗ୍ୟ ୱରୂପେ ଉଚ୍ଚାରିତ ହୁଏ । 'ମ'ରେ 'ବ' ଫଳା ଯୁକ୍ତ ହେଲେ ଉକ୍ତ ଫଳା 'ବର୍ଗ୍ୟ ବ' ଓ 'ଅବର୍ଗ୍ୟ ୱ'ରୂପେ ଉଚ୍ଚାରିତ ହୁଏ, ଯଥା—୧ । ଅମ୍ବର (ବର୍ଗ୍ୟ ବ ଉଚ୍ଚାରଣ), ୨ । ଦିମ୍ୱାହରଣ (ଅବର୍ଗ୍ୟ ୱ ଉଚ୍ଚାରଣ); 'ଦ'ରେ 'ବ'ଫଳା ଯୁକ୍ତ ହେଲେ ମଧ୍ୟ ଉଭୟ ପ୍ରକାରେ ଉଚ୍ଚାରିତ ହୁଏ,ଯଥା—୧ । ଦ୍ୱନ୍ଦ୍ୱ (ବର୍ଗ୍ୟ ବ ଉଚ୍ଚାରଣ) ଓ ୨ । ଅଦ୍ୱୈତ (ଅବର୍ଗ୍ୟ ୱ ଉଚ୍ଚାରଣ)

୭ । ମ ଫଳା=୍ମ, ଯଥା—କ୍ମ, ଷ୍ମ, ଗ୍ମ, ଦ୍ମ, ଧ୍ମ, ଲ୍ମ, ମ୍ମ ।
୮ । ଯ ଫଳା=୍ୟ, ଯଥା—କ୍ୟ, ଖ୍ୟ, ଗ୍ୟ, ଚ୍ୟ, ଜ୍ୟ ।
୯ । ର ଫଳା (ବର୍ଣ୍ଣର ପରେ)=୍ର ଯଥା—କ୍ର, ଗ୍ର, ତ୍ର ।
୧୦ । ର ଫଳା (ବର୍ଣ୍ଣର ପୂର୍ବେ)=ର୍, ଯଥା—ର୍କ, ର୍ଣ, ର୍ଗ ।

[ଦ୍ର—ବର୍ଣ୍ଣର ପୂର୍ବେ ର ଯୁକ୍ତ ହେଲେ ଉକ୍ତ ବର୍ଣ୍ଣ ବିକଳ୍ପେ ଦ୍ୱିତ୍ୱ ହୁଏ । ଯଥା—ର୍ଚ୍ଚ, ର୍ଜ୍ଜ, ର୍ତ୍ତ, ର୍ଦ୍ଧ, ର୍ବ ।]

୧୧ । ଲ ଫଳା=୍ଲ ଯଥା—କ୍ଲ, ଫ୍ଲ, ଗ୍ଲ, ପ୍ଲ
ଲ ଫଳା=୍ଲ ଯଥା—ମ୍ଲ, ଶ୍ଲ
୧୨ । ରେଫ୍+କ ଫଳା ଯଥା—ର୍କ
୧୩ । ରେଫ୍+ଯ ଫଳା ଯଥା—ର୍ଯ୍ୟ
୧୪ । ରେଫ୍+ମ ଫଳା ଯଥା—ର୍ମ
୧୫ । ରେଫ୍+ବ ଫଳା ଯଥା—ର୍ବ
୧୬ । ରେଫ୍—ର ଫଳା ଯଥା—ର୍ତ୍ର
୧୭ । ରେଫ୍+ଲ ଫଳା ଯଥା—ର୍ଲ

ଅତଏବ ଦେଖାଯାଏ ଯେ, ସତର ଫଳାର ଫଣ୍ଡ୍ୟ-ବିଭାଗ କୌଣସି ନିୟମ ଅନୁସାରେ ଚଳି ନାହିଁ; ସୁତରାଂ ଫଳା ଓ ଯୁକ୍ତାକ୍ଷର ନ ଶିଖିଲେ ଯୁକ୍ତବର୍ଣ୍ଣର ଜ୍ଞାନ ସମ୍ପୂର୍ଣ୍ଣ ହୁଏ ନାହିଁ । ଏଥିପାଇଁ ଗୁରୁଶାଳ ପାଠୁଅମାନେ ଯୁକ୍ତାକ୍ଷର ବିଷୟରେ ଅନେକ ସାଗ୍ରାରେ ଘୂର୍ଣ୍ଣନ୍ତି । ଉ ଓ ଊ ସ୍ୱରବର୍ଣ୍ଣ ହେଲେ ସୁଦ୍ଧା ବ୍ୟଞ୍ଜନ ବର୍ଣ୍ଣ ସହିତ ମିଶିଲେ ତାକୁ କେତେ ଲୋକ ଫଳା କହନ୍ତି । ବଙ୍ଗଳାରେ ଦଶଟି ଫଳା ଯଥା—ଯ, ର, ଲ, ବ, ଣ, ନ, ମ, ଋ, ଊ, ଛ ।]

ସତରେ—ଦେ. କି. ବିଣ—୧ । ପ୍ରକୃତରେ—1. Actually.
Satare ୨ । ବିଶ୍ୱାସପୂର୍ବକ—2. With confidence.
সত্যি वास्तवमे

ସତର୍କ—ସ. ବିଣ. ପୁଂ (ବହୁବ୍ରୀହି; ସ=ସହିତ+ତର୍କ=ଯୁକ୍ତି ଦ୍ୱାରା Satarka ବିଶ୍ଳେଷଣ)—୧ । ବିବେଚକ; ତର୍କଭାଷୀ—(ସତର୍କା—ସ୍ତ୍ରୀ) 1. Reasoning; reasonable. ୨ । (ସତର୍କତା—ବି) ସାବଧାନ; ହୁସିଆର; ଜାଗ୍ରତଅର—2. Watchful; careful; guarded; vigilant, cautious. ୩ । ଯେ ଆଗ ପଛ ତର୍କଣା କରି କାମ କରେ—3. Acting after due deliberation; sagacious. ୪ । ଯତ୍ନଶୀଳ—4. Diligent; strenuous. ୫ । ମନୋଯୋଗଶୀଳ—5. Attentive.

ସତର୍କ କରିବା—ଦେ. କି—କୌଣସି ବ୍ୟକ୍ତିକୁ ଆସନ୍ନ ବିପଦାଦ Satarka karibā ବିଷୟରେ ଆଗରୁ ସାବଧାନ କରି ଦେବା
সতর্ক করা বা চেতাই দেবা—To warn a person
सतर्क करना about an impending danger; to caution a person.

ସତର୍କତା—ସ. ବି (ସତର୍କ+ଭାବ. ତା)—ସାବଧାନତା; ହୁସିଆର—
Satarkatā Sagacity; watchfulness.

ସତର୍କତାବଲମ୍ବନ—ସ. ବି (୬ଷ୍ଠୀ ତତ୍; ସତର୍କତା+ଅବଲମ୍ବନ)—
Satarkatābalambana ସତର୍କତାର ଆଶ୍ରୟ ନେବା—
Having recourse to due deliberation or sagacity.

ସତର୍କ ହେବା—ଦେ. କି—ସାବଧାନ ହେବା—
Satarka hebā To be careful or vigilant.
সতর্ক হওয়া सतर्क होना

ସତଳ—ଦେ. ବିଣ (ସ. ସମତଳ)—ସମତଳ; ଉଭରସ—
Satala Level; levelled.
সমতল समतल

ସତ ଷଠା ଶଏ(ହେ)—ଦେ. ବି ଓ ବିଣ (ସଂ.ସପ୍ତଷଷ୍ଟ୍ୟୁତ୍ତରଶତ)—
Sata shathā sae(he) ଏକଶ ସତଷଠି; ୧୬୭—One
এক সাতষটি hundred sixty seven; 167. [ଦ୍ର—ଏହୁପରି
एकसौ सरसठ ସତଷଠା ଦୁଇଶହ ହୁଏ=୨୬୭ ।]

ସତଷଠୀ—ଦେ. ବି ଓ ବିଣ (ସଂ. ସପ୍ତ ଷଷ୍ଟୀ)—ଷାଠିଏରୁ ଅଧିକ
Satashathī ସାତ; ୬୭—Sixty seven; 67.
সাতষটি **सरसठ**

ସତସତିଆ—ଦେ. ବି—ଝିଟିପିଟି—The house lizard. [ଦ୍ର—
Satasatiā କୌଣସି କଥାପ୍ରସଙ୍ଗ ପଡ଼ୁଥିବା ବେଳେ ଝିଟିପିଟି
টিকিটিকি ରାବକଲେ ଲୋକେ କହନ୍ତି 'ସତ ସତିଆ ବା ସତିଆ
छिपकली ଡାକଲାଣି, ଏ କଥା ନିଶ୍ଚେ ସତ ହେବ ।']

ସତସା—ସଂ. ବି—ଏକ ପ୍ରକାର ନାଗବଲ୍ଲୀ ବା ପାନ—
Satasā A kind of betol.

ସତସ୍ତ(ସ୍ତୁ)ରି—ଦେ. ବି ଓ ବିଣ (ସଂ. ସପ୍ତ ସପ୍ତତି)—ସାତ ଅଧିକ
Satasta(stu)ri ସତୁରି; ୭୭—Seventy seven; 77.
সাতাত্তর **सतहत्तर**

ସତସ୍ତୁରା ଶଏ(ହେ)—ଦେ. ବି ଓ ବିଣ (ସଂ. ସପ୍ତସପ୍ତତ୍ୟୁତ୍ତରଶତ)—
Satasturā sae(he) ଏକଶ ସତସ୍ତୁରି; ୧୭୭—One
একশ সাতাত্তর hundred seventy seven; 177.
एकसौ सतहत्तर [ଦ୍ର—ଏହୁପରି ସତସ୍ତୁରା ଦୁଇଶହ=୨୭୭ ହୁଏ]

ସତ ହ(ହେ)ବା—ଦେ. କି—କୌଣସି ବ୍ୟକ୍ତିର ବର୍ଣ୍ଣିତ ବିଷୟ ବା
Sata ha(he)bā ବାକ୍ୟ କାର୍ଯ୍ୟତଃ ସତ୍ୟ ବୋଲି ଦେଖାଯିବା;
সত্য হওয়া (କହିବା କଥା) ସତରେ ସତରେ ଘଟିବା—
सतय होना To come to pass; to actually happen.
(ସତ ଫଳିବା—ଅନ୍ୟରୂପ) (ଯଥା—ତୁମ୍ଭ ଆଶୀର୍ବଚନ ସତ ହେଉ ।)

ସତା—ଦେ. ବି—୧ । ସନ୍ତା (ଦେଖ)—1. Santā (See) ୨ ।
Satā (ସଂ. ସତ୍ତ୍ୱ) ସାର; ବଳ; ପରାକ୍ରମ—2. Strength.
সত্তা ୩ । ସାମର୍ଥ୍ୟ—3. Power. ୪ । ସତ୍ତା—4. Existence; presence.
सार, सत्ता

ସତାଅଶି—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସଂ. ସପ୍ତାଶୀତି)—
Satā-asi ସତାଶି; ସାତ ଅଧିକ ଅଶି; ୮୭—Eighty-
(ସତାଶି—ଅନ୍ୟରୂପ) সাতাশি **सतासी** seven; 87.

ସତାଅଶିଆ ଶଏ(ହେ)—ଦେ. ବି ଓ ବିଣ—ଏକଶ ସତାଅଶି; ୧୮୭—
Satā-asiā sae(he) One hundred eightyseven;
একশ সাতাশি 187. [ଦ୍ର—ଏହୁପରି ସତାଅଶିଆ ଦୁଇଶହ
एकसौ सतासी =୨୮୭ ହୁଏ ।]

ସତା(ତେ)ଇ ପତା(ତେ)ଇବା—ଦେ. କି (ସକର୍ମକ) (ସଂ. ସନ୍ତପ୍ତ)—
Satā(te)i patā(te)ibā ସନ୍ତାଇବା ୨ (ଦେଖ)
[ସତା(ତେ)ଇ ପତା(ତେ)ଇ ହେବା—ଅକର୍ମକରୂପ] Santāibā
[ସତା(ତେ)ଇ ପତା(ତେ)ଇ ମାରିବା—ଅନ୍ୟରୂପ] 2 (See)
কষ্ট দেওয়া **सन्ताप देना**

ସତା(ତେ)ଇବା—ଦେ. କି—ସନ୍ତାଇବା (ଦେଖ)
Satā(te)ibā Santāibā (See)

ସତା(ତେ)ଇଶ(ଶି)—ଦେ. ବି ଓ ବିଣ (ସଂଖ୍ୟା; ସଂ. ସପ୍ତବିଂଶ;
Satā(te)isa(si) ସପ୍ତବିଂଶତି)—ସପ୍ତବିଂଶତି; ସାତ ଅଧିକ
সাতাশ, সাতাইশ କୋଡ଼ିଏ—Twentyseven; 27.
सताइस [ଉ— ସତାଇଶି କନ୍ୟା ପାଇଲେ କଳାକର—
କୃଷ୍ଣସିଂହ. ମହାଭାରତ. ଆଦ ।]

ସତାଇଶ(ଶି) ନକ୍ଷତ୍ର—ଦେ. ବି—ଜ୍ୟୋତିଷଶାସ୍ତ୍ରୋକ୍ତ ସପ୍ତବିଂଶ
Satāis(si) nakshatra ନକ୍ଷତ୍ର—Tho 27 asterisms
সাতাশ নক্ষত্র or groups of stars taken as the
सताइस नक्षत्र bases of calculation of time and the motions of the planets and of the sun in Hindu astrology. [ଦ୍ର—ଏମାନଙ୍କର ନାମ ଯଥା—(୧) ଅଶ୍ୱିନୀ, (୨) ଭରଣୀ ବା ଦ୍ୱିଜା, (୩) କୃତ୍ତିକା, (୪) ରୋହିଣୀ, (୫) ମୃଗଶିରଃ ବା ମୃଗଶିର, (୬) ଆର୍ଦ୍ରା, (୭) ପୁନର୍ବସୁ, (୮) ପୁଷ୍ୟ ବା ପୁଷ୍ୟା, (୯) ଅଶ୍ଳେଷା, (୧୦) ମଘା, (୧୧) ପୂର୍ବଫାଲ୍ଗୁନୀ, (୧୨) ଉତ୍ତରଫାଲ୍ଗୁନୀ, (୧୩) ହସ୍ତା, (୧୪) ଚିତ୍ରା, (୧୫) ସ୍ୱାତି, (୧୬) ବିଶାଖା, (୧୭) ଅନୁରାଧା, (୧୮) ଜ୍ୟେଷ୍ଠା, (୧୯) ମୂଳା, (୨୦) ପୂର୍ବାଷାଢ଼ା, (୨୧) ଉତ୍ତରାଷାଢ଼ା, (୨୨) ଶ୍ରବଣା, (୨୩) ଧନିଷ୍ଠା, (୨୪) ଶତଭିଷା, (୨୫) ପୂର୍ବଭାଦ୍ରପଦ, (୨୬) ଉତ୍ତର ଭାଦ୍ରପଦ, (୨୭) ରେବତୀ ।

କେହି କେହି ଜ୍ୟୋତିର୍ବିଦ୍ ଏହି ୨୭ ନକ୍ଷତ୍ର ସଙ୍ଗେ 'ଅଭିଜିତ୍' (Vega) ନାମକ ନକ୍ଷତ୍ରକୁ ମିଶାଇ ୨୮ ନକ୍ଷତ୍ର ଗଣନା କରନ୍ତି । ଉତ୍ତରାଷାଢ଼ାର ଶେଷ ୧୫ ଦଣ୍ଡ ଓ ଶ୍ରବଣାର ପ୍ରଥମ ୪ ଦଣ୍ଡକୁ ଅଭିଜିତ୍ ନକ୍ଷତ୍ର କହନ୍ତି—ଋଗ୍ବେଦ ।]

ସତା(ତେ)ଇଶ(ଶି) ପୁରୁଷ—ଦେ· ବି—କୌଣସି ବ୍ୟକ୍ତିର ଊର୍ଦ୍ଧ୍ୱତନ
Satā(te)isa(si) purusha ଓ ଅଧସ୍ତନ ବହୁପୁରୁଷ—
চৌদ্দ পুরুষ Many generations of a man's proge-
सताइस पुरुष nitors and successors. (ଯଥା—ଏ କଥା ତ ଆମ ସତାଇଶ ପୁରୁଷରେ ଦେଖା ନ ଥିଲା ।)

ସତା(ତେ)ଇଶ(ଶି) ଯୋଗ—ଦେ. ବି—ଜ୍ୟୋତିଷୋକ୍ତ ସପ୍ତବିଂଶ ଶୁଭ-
Satā(te)isa(si) joga ଶୁଭ ଯୋଗମାନ—The 27
সাতাশ যোগ astrological conjunction. [ଦ୍ର—
सताइस योग ୨୭ ଯୋଗ ଯଥା—୧ ବିଷ୍କୁମ୍ଭ, ୨ ପ୍ରୀତି, ୩ ଆୟୁଷ୍ମାନ୍, ୪ ସୌଭାଗ୍ୟ, ୫ ଶୋଭନ, ୬ ଅତିଗଣ୍ଡ, ୭ ସୁକର୍ମା, ୮ ଧୃତି, ୯ ଶୂଳ, ୧୦ ଗଣ୍ଡ, ୧୧ ବୃଦ୍ଧି, ୧୨ ଧ୍ରୁବ, ୧୩ ବ୍ୟାଘାତ, ୧୪ ହର୍ଷଣ, ୧୫ ବଜ୍ର, ୧୬ ଅସୃକ୍, ୧୭ ବ୍ୟତୀପାତ, ୧୮ ବରୀୟାନ୍, ୧୯ ପରିଘ, ୨୦ ଶିବ, ୨୧ ସାଧ୍ୟ, ୨୨ ସିଦ୍ଧି, ୨୩ ଶୁଭ, ୨୪ ଶୁକ୍ଳ, ୨୫ ବ୍ରହ୍ମ, ୨୬ ଇନ୍ଦ୍ର, ୨୭ ବୈଧୃତି ।]

ସତା(ତେ)ଇଶ(ଶି) ହଜାରି—ଦେ. ବିଣ—ଅତି ଧନୀ (ବ୍ୟକ୍ତି);
Satā(te)isa(si) hajāri (ଯେ ନଗଦ ୨୭ ହଜାର ଟଙ୍କା
সাতাশ হাজারি ଗଣି ଦେଇ ପାରେ)—Very rich (man).

लाखपती   ବ—୧ । ଅତି ଧନୀ ବ୍ୟକ୍ତି—1. A very rich man. ୨ । ପୁରୀ ରାଜାଙ୍କ ମାରଫତଦାରୀରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ସେବା ପାଇଁ ଖଞ୍ଜା ପୁରୀଜିଲ୍ଲାରେ ଅବସ୍ଥିତ ଜମିଦାରୀ—2. Name of a Zamindary or estate in the Puri district which has been endowed for the worship of the Deity Jagannath of Puri. [ଦ୍ର,—ଏହାର ଆୟ ୨୭ ହଜାର ଟଙ୍କା ଥିବା ହେତୁ ପୂର୍ବେ ବନ୍ଦୋବସ୍ତ କରାଯାଇଥିବାରୁ ଏହି ନାମ ହୋଇଅଛି । ଏହାକୁ ପୂର୍ବେ ଇଂରାଜ ଗଭର୍ଣ୍ଣମେଣ୍ଟ ନିଜେ ହସ୍ତବୁଦ ବା ଖାସ୍ ତହସିଲ୍ ଅଧୀନ କରି ଏଥିର ଖଜଣା ଆଦାୟ କରି ପୁରୀର ରାଜାଙ୍କୁ ଜଗନ୍ନାଥଙ୍କ ସେବା ଖରଚ ପାଇଁ ୨୭ ହଜାର ଟଙ୍କା ନଗଦ ଦେଉଥିଲେ । କିନ୍ତୁ ପରେ ଏ ଜମିଦାରୀକୁ ରାଜାଙ୍କୁ ଛାଡ଼ି ଦେଲେ ଓ ବର୍ତ୍ତମାନ ଏ ଜମିଦାରି ମାହାଲକୁ ପୁରୀ ରାଜା ନିଜେ ବୁଝୁଅଛନ୍ତି । ଏହି ଜମିଦାରୀର ଗୋଟିଏ ବିଶେଷତ୍ୱ ଏହି ଯେ, ଏଥିର କେତେକ ଜମିର ଖଜଣାରୁ ରଇତ ଓ ମଧ୍ୟସତ୍ତ୍ୱାଧିକାରୀମାନେ ବାଣ୍ଟି କରି ପୁରୀ ରାଜାଙ୍କୁ ଦିଅନ୍ତି ଓ କେତେକ ଅଂଶ ସେହାଙ୍କ ଜମିଦାରୀର ଜମିଦାର ପାଇକପଡ଼ା ଷ୍ଟେଟ୍‌ର ମାଲିକଙ୍କୁ ଦିଅନ୍ତି । ଖଜଣାର ଯେଉଁ ଅଂଶକୁ ରଇତ ପୁରୀ ରାଜାଙ୍କୁ ଦିଏ ତାକୁ 'ସତେଇଶି ହଜାରି' ଜମା ବୋଲାଯାଏ ।]

ସତା(ତେ)ଇଶ(ଶି) ହଜାରିଆ—ଦେ. ବଣ—୧ । ଧନୀ (ବ୍ୟକ୍ତି)—
Satā(te)iśa(śi) hajāriā 1. Very rich. ୨ । ଯାହାର
সাতাশ হজারি अनेक ହଜାର ଟଙ୍କା ସଞ୍ଚିତ ଅଛି—2. Hav-
लाखपती ing a rich hoard or cash.

ସତା(ତେ)ଇଶ(ଶି) ହଜାରି ମାହାଲ୍—ଦେ. ବ—ସତାଇଶ ହଜାରି
Satā(te)iśa(śi) hajāri māhāl ୨ (ଦେଖ)—
Satāiśa hajāri 2 (See)

ସତା(ତେ)ଇଶ ଶଏ(ଅ, ହ, ହେ)—ଦେ. ବ ଓ ବଣ (ସଂଖ୍ୟାବାଚକ,
Satā(te)iśā śae(a, ha, he) ସଂ. ସପ୍ତବିଂଶତି + ଶତ)—
একশ সতাশি ଏକ ଶହରୁ ସତାଇଶ ଅଧିକ ସଂଖ୍ୟା—
एकसौ सातासी One hundred twenty seven.
(ସତା[ତେ]ଇଶିଅ ଶଏ[ଅ,ହ,ହେ]—ଅନ୍ୟରୂପ) [ଦ୍ର—ଏହିପରି
ସତା(ତେ)ଇଶ ଦୁଇ ଶହ (୨୨୭) ହୁଏ ।]

ସତାଁ—ଦେ. କ୍ରି. ବଣ—ସପ୍ତ ଗୁଣିତ ବା ସାତଦ୍ୱାରା ଗୁଣିତ ହେଲେ—
Satāñ Multiplied by seven. [ଦ୍ର—ଏହା ପଣି-
সাতা सताँ କଥାର ସପ୍ତମ ଖଣ୍ଡ ଅଟେ । ଯଥା—୧୨ ସତାଁ । ୮୪
ପଣ ୪ କାହାଣ ଗୁରୁ ପଣ ।]

ସତା(ତାଁ)ଣ(ନ, ନ୍ନ, ଲ, ଲ୍ଲ)ବେ—ଦେ. ବ. ଓ ବଣ (ସଂଖ୍ୟାବାଚକ;
Satā(tāñ)ṇa(na, nna, la, lla)be ସଂ. ସପ୍ତନବତି)—
সাতানবই सतानबे ସାତ ଅଧିକ ନବେ; ୯୭—Ninety-
[ସତା(ତାଁ,)ଣୋ(ନୋ, ଲୋ, ଲୋ)ଇ—ଅନ୍ୟରୂପ] seven; 97.

ସତା(ତାଁ)ଣୁ(ନୁ, ନ୍ନୁ, ଲୁ)ଆ ଶଏ(ହେ)—ଦେ. ବ. ଓ ବଣ (ସଂଖ୍ୟା-
Satā(tāñ)ṇu(nu, nnu, lu)ā śae(he) ବାଚକ)—
একশ সাতানবই ଏକ ଶତ ସତାଣବେ; ୧୯୭—One hundred
एकसौ सतानबे ninety-seven; 197.
ସତାନ(ଲ)ଉଅ ଶଏ(ହେ)
ସତାନ(ଲ)ବା ଶଏ(ହେ) } ଅନ୍ୟରୂପ

ସତାନ—ଦେ. ବ. ଓ ବଣ (ସଂଖ୍ୟାବାଚକ)—ସତାବନ; ୫୭—
Satāna সতান सतावन Fifty seven; 57.
[ଦ୍ର—ସତାନ ଗୁଣେ ବେଣୁଧର; କୋଟିବ୍ରହ୍ମାଣ୍ଡ କଲେ-
ବର—ପ୍ରାଚୀ. ପୁରୁଷୋତ୍ତମ ଚନ୍ଦ୍ରୋଦୟ ।]

ସତାନନ୍ଦ—ସଂ. ବ (ନାମ)—ଗୌତମ ମୁନିଙ୍କ ପୁତ୍ର ଓ ଜନକ ରାଜାଙ୍କ
Satānanda ପୁରୋହିତ—Name of the son of
(ଶତାନନ୍ଦ—ଅନ୍ୟରୂପ) Sage Gautama and priest
of king Janaka.

ସତାନ(ନ୍ନ,ଲ,ଲ୍ଲ)ବେ ପୁରୁଷ—ଦେ ବ—କୌଣସି ବ୍ୟକ୍ତିର ଊର୍ଦ୍ଧ୍ୱତନ
Satāna(nna,la,lla)be purusha ଓ ଅଧସ୍ତନ ଅସଂଖ୍ୟ
সাতানববই পুরুষ ପୁରୁଷ—Countless generations of
सतानबे पुरुस a person's progenitors and
descendants.

ସତାନି ପତାନି—ଦେ. ବ—ସତାଇଶ ପୁରୁଷ (ଦେଖ)
Satāni patāni Satāiśa purusha. (See)

ସତାନି ପତାନି ଉଝାଳିବା—ଦେ. କ୍ରି—କୌଣସି ବ୍ୟକ୍ତିର ଊର୍ଦ୍ଧ୍ୱତନ
Satāni patāni ujhāḷibā ଓ ଅଧସ୍ତନ ବହୁ ପୁରୁଷଙ୍କ ଲକ୍ଷ୍ୟ
ସତାନି ପତାନି ଶୋଧିବା
ସତାନି ପତାନି ଶ୍ରାଦ୍ଧ କରିବା
ସତାନି ପତାନି ଧରି ଉଝାଳିବା
ସତାନି ପତାନି ଧରି ଶୋଧିବା
ସତାନି ପତାନି ଧରି ଶ୍ରାଦ୍ଧ କରିବା
ସତାନି ପତାନି ଲଗା(ଗେ)ଇ ଉଝାଳିବା
ସତାନି ପତାନି ଲଗା(ଗେ)ଇ ଶୋଧିବା
ସତାନି ପତାନି ଲଗା(ଗେ)ଇ ଶ୍ରାଦ୍ଧ କରିବା } ଅନ୍ୟରୂପ]
କରି ଗାଳି ଦେବା—To abuse a person by alluding to innumerable genera-
চউদ্দ পুরুষ উদ্ধার করা tions of his progenitors and
सतानबे पुरुस उखेलना descendants.

ସତାବନ—ଦେ. ବ ଓ ବଣ (ସଂଖ୍ୟାବାଚକ)—(ସଂଖ୍ୟା; ସଂ. ସପ୍ତ
Satābana ପଞ୍ଚାଶତ୍)—ସପ୍ତପଞ୍ଚାଶତ୍; ସାତ ଅଧିକ ପଚାଶ; ୫୭—
সাতান্ন सतावन Fifty seven; 57.

ସତାବନ ପୁରୁଷ—ଦେ. ବ—ସତାଇଶ ପୁରୁଷ (ଦେଖ)
Satābana purusha Satāisa purusha. (See)

ସତାବନାଶଏ(ହେ)—ଦେ. ବ ଓ ବଣ—(ସଂଖ୍ୟା; ସଂ. ସପ୍ତ-
Satābanaśae(he) ପଞ୍ଚାଶଦୁତ୍ତର ଶତ)—ଏକଶ ସତାବନ;
একশসাতান্ন ୧୫୭—One hundred fifty-seven;
एकसौसतावन 157.

ସତାର୍—ବୈଦେ. ବ (ଫା)—୧ । ଅପେକ୍ଷା କରିବା—1. Waiting.
Satār ୨ । କାଳ ବିଳମ୍ବ—2. Deferring; postpone-
সবুরকরা सबूर ment.

ସତାର୍ କରିବା—ଦେ. କ୍ରି—୧ । କେତେକ ସମୟ ପାଇଁ ଅପେକ୍ଷା କରିବା—1. To wait for some time. ୨ । କୌଣସି କାର୍ଯ୍ୟରେ ବିଳମ୍ବ ସହ୍ୟ କରିବା; ସମ୍ଭାଳିବା—2. To brook delay; to acquiesce in a matter being delayed for some time. ୩ । ସମୟ ଦେବା; ମହଲତ ଦେବା—3. To grant time; to adjourn; to grant adjournment.
Satār karibā
सबुरकरना
सबुर करना

ସତାର ମଦାର୍—ବୈଦେ. ବି (ଫା· ସବ୍ରର ଶବ୍ଦ)—ସହି ସମ୍ଭାଳିବା; କାଳ ବିଳମ୍ବ—Waiting: deferring of a matter to some future time. [ଦ୍ର—'ସତାର'ର ଅର୍ଥ କାଳ ବିଳମ୍ବ ପାଇଁ ଅପେକ୍ଷା ଓ 'ମଦାର'ର ଅର୍ଥ କୌଣସି କାର୍ଯ୍ୟସାଧନାର୍ଥ ଅନ୍ୟ ବ୍ୟକ୍ତି ଉପରେ ଭାର ଦେବା । ଉଭୟ କାର୍ଯ୍ୟରେ ଫଳତଃ କାର୍ଯ୍ୟସାଧନରେ ବିଳମ୍ବ ଘଟେ ।]
Satār madār
सामने सबुरकरे
सबुरउबुर

ସତାର ମଦାର୍ କରିବା—ଦେ. କ୍ରି—୧ । କୌଣସି କାର୍ଯ୍ୟସାଧନାର୍ଥ କାଳ ବିଳମ୍ବକୁ ସମ୍ଭାଳିବା ବା ମହଲତ ଦେବା—1. To brook delay; to grant postponement. ୨ । କୌଣସି କାର୍ଯ୍ୟସାଧନ ପାଇଁ ମହଲତ ବା ସମୟ ନେବା—2. To take time; to get time by praying for postponement.
Satār madār karibā
सामनेसबुर करे करना
सबुर उबुर करना

ସତାର—ସଂ. ବିଣ (ବହୁବ୍ରୀହି)—୧ । (ସ+ତାରା) ତାରା ସହିତ ବିଦ୍ୟମାନ ବା ଯୁକ୍ତ—1. Having or furnished with stars ୨ । (ସ+ତାର) ସତନ୍ତ୍ର (ବିଶ୍ୱକୋଷ)—2. Furnished with strings.
Satāra

ସତାରିଆ—ଦେ. ବିଣ—୧ । ଯେଉଁ ବ୍ୟକ୍ତି କାଳ ବିଳମ୍ବକୁ ସହ୍ୟ କରେ ବା ସମ୍ଭାଳେ—1.Brooking delay. ୨ । ଧୈର୍ଯ୍ୟଶୀଳ—2 Patient.
Satāriā
सबुरकरना **सबुरकरनेवाला**

ସତାରିବା—ଦେ. କ୍ରି—ସବୁର କରିବା; କାଳ ବିଳମ୍ବ ସହିବା; ଅପେକ୍ଷା କରିବା—To wait; to brook delay.
Satāribā
सबुर करना **सबुर करना**

ସତା(ତାଁ)ଳବେ—ଗ୍ରା. ବି ଓ ବିଣ (ସଂଖ୍ୟାବାଚକ)—ସତାନବେ (ଦେଖ)—Satānabe. (See)
Satā(tāṅ)labe
[ସତା(ତାଁ) ଲୋ(ଲୋ)ଇ—ଅନ୍ୟରୂପ]

ସତାସମ—ଦେ. ବି—ସତ୍ତା—Existence. [ଉ—ଜନଗାହି । ସତାସମ କହିବେ ନାହିଁ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]
Satāsama
(ସତା ସମ୍ବନ୍ଧି—ଅନ୍ୟରୂପ)

ସତି—ସଂ. ବି (ସନ୍. ଧାତୁ=ଦାନ କରିବା+ଭାବ. ତି; ନ ଲୋପ)—୧ । ଦାନ—1. Gift. ୨ । (ଷୋ. ଧାତୁ=ନାଶ କରିବା+ଭାବ. ତି; କର୍ମବାଚ୍ୟ) ଅବସାନ; ବିନାଶ—2. Decline; extinction; end.
Sati

ସତିଅ (ଇତ୍ୟାଦି)—ଗ୍ରା. ବି ଓ ବିଣ—ସତ୍ୟ ଇତ୍ୟାଦି (ଦେଖ) Satya etc. (See)
Satiā

ସତିଆ—ଦେ. ବିଣ. ପୁଂ (ସଂ. ସତ୍ୟବାଦୀ)—ସତ୍ୟବାଦୀ—Ttruthful (person). (ଉ—ସତିଅ ପୁରୁଷ ମୁଣ୍ଡରେ କଟ, ଦୁଅ ଦିଶି ଦିଏ ଲଟପଟ । ଢଗ ।) ବି—୧ । ସତ୍ୟବାଦୀର ଡାକ ନାମ—1. Name for calling 'Satyabādi'. ୨ । ଝିଟିପିଟି; ଗୃହଗୋଧିକା; ପଲ୍ଲୀ—2. The common house-lizard. [ଦ୍ର—ହିନ୍ଦୁଶାସ୍ତ୍ର ମତରେ ଝିଟିପିଟି ମନୁଷ୍ୟ ଉପରେ ଅଙ୍ଗବିଶେଷରେ ଖସି ପଡିଲେ କିମ୍ବା ମନୁଷ୍ୟ ଅବସ୍ଥାନ କରୁଥିବା ସ୍ଥାନର ଭିନ୍ନ ଭିନ୍ନ ଦିଗରେ ଟିକ୍ ଟିକ୍ ଶବ୍ଦ କଲେ, ତହିଁରୁ ଭବିଷ୍ୟତ୍ ଶୁଭାଶୁଭ ଫଳ ଜଣାପଡେ । ଏଥିପାଇଁ ପକ୍ଷୀ ସତ କହେ ବୋଲି ଏହାର ନାମ 'ସତିଅ' । କଥାବାର୍ତ୍ତା ହେଉଥିବେଳେ ଜଣେ ବ୍ୟକ୍ତି କୌଣସି ପ୍ରସଙ୍ଗ କହୁଥିବା ସମୟରେ ଯେବେ ଝିଟିପିଟି ଟିକ୍ ଟିକ୍ ଶବ୍ଦ କରେ, ତେବେ ଉକ୍ତ ପ୍ରସଙ୍ଗ ସତ୍ୟଥିବାର ସୂଚିତ ହୁଏ ବୋଲି ଲୋକେ ବିଶ୍ୱାସ କରି ସେହି ସମୟରେ କହନ୍ତି 'ସତିଅ ସତ କହିଲା' ।]
Satiā
सत्यवादी **सचबोलनेवाला**
टिकिटिकि **छिपकली**

ସତିଆ ଆମ୍ବ(ମ୍ବା)—ଦେ. ବି (ସଂ. ସତ୍ୟାମ୍ର)—ସତ୍ୟ ଅମ୍ବ (ଦେଖ) Satya āmba (See)
Satiā āmba(mbā)
(ସତି ଅମ୍ବା—ଅନ୍ୟରୂପ)

ସତିଆନାଶ (ଇତ୍ୟାଦି)—ଗ୍ରା. ବି—ସତ୍ୟାନାଶ ଇତ୍ୟାଦି (ଦେଖ) Satyānāśa etc (See)
Satiānāśa (etc)

ସତିଆନାଶିଆ—ଗ୍ରା· ବିଣ. ପୁଂ—ସତ୍ୟାନାଶିଆ (ଦେଖ)—Satyānāśiā (See)
Satiānāśiā
(ସତିଅନାଶୀ—ସ୍ତ୍ରୀ)

ସତିଆ ପୁରୁଷ—ଦେ· ବି (ସଂ. ସତ୍ୟବାଦୀ ପୁରୁଷ)—୧ । ସତ୍ୟବାଦୀ ବ୍ୟକ୍ତି—1. A truthful person. ୨ । ସତ୍ୟଯୁଗର ପୁରୁଷ ପରି ନିଷ୍କପଟ ଓ ଧାର୍ମିକ ପୁରୁଷ—2. A truthful and upright man (like a person of the Golden Age). ୩ । (ବ୍ୟଙ୍ଗ୍ୟ) ମିଥ୍ୟାବାଦୀ ବ୍ୟକ୍ତି—3. A liar. ୪ । (ବ୍ୟଙ୍ଗ୍ୟ) କପଟାଚାରୀ ବ୍ୟକ୍ତି—4. A hypocrite.
Satiā purusha
साच्चा लोक
सच्चा आदमी

ସତିଆ ସତ କହିଲା—ଦେ. ବାକ୍ୟ—(କୌଣସି ଗୃହରେ କଥାପ୍ରସଙ୍ଗ ଚାଲୁଥିବା ସମୟରେ ଗୃହର କୌଣସି ଅଂଶରେ ଝିଟିପିଟି ବୋବାଇବାର ଶବ୍ଦ ଶୁଣାଗଲେ କଥିତ ବିଷୟ ସତ୍ୟ ବୋଲି କହି ଏ ବାକ୍ୟ ଉଚ୍ଚାରଣ କରଯାଏ; ଏଥିର ତାତ୍ପର୍ଯ୍ୟ—) ମୋ ବାକ୍ୟର ସତ୍ୟତା ଏହି 'ସତିଅ'ର ଅର୍ଥାତ୍ ଝିଟିପିଟିର ରାବଦ୍ୱାରା ପ୍ରମାଣିତ ହେଉଅଛି—(A sentence exclaimed by a speaker in asserting the truth of his statement when the ticking of a lizard is heard while he is making a statement;. It
Satiā sata kahilā
टिकिटिकि पाड़ल

means—) The truth of my statement is borne out by the ticking of the truthful animal. i, e. the lizard.

ସତିକ(କା, କେ)ଇ—ଦେ. ବି. ସ୍ତ୍ରୀ (ସଂ. ସତ୍ୟବାଦିନୀ)—୧ । ସତ୍ୟବାଦିନୀ —1. A truthful woman. ୨ । (ସଂ. ସତୀ) ସତୀ; ସାଧ୍ୱୀ ସ୍ତ୍ରୀ—2. A chaste woman. [ଦ୍ର—ସତିକଇ ପୁରସ୍ତ୍ରମ ଗଳ୍ପ । ପାଦ ଦଳନ୍ତି ଦଳନ୍ତି ମଲ୍ଲ—ଭଗ ।]
Satika(kā, ke)ī
সত্যবাদিনী স্ত্রী
सच्चीस्त्री
(ସତିକା—ଅନ୍ୟରୂପ)

ସତିକାପଣ—ଦେ. ବି—ସତୀପଣ (ଦେଖ)—Satipaṇa (See) Satikāpaṇa
সতীপানা
[ସତିକାପଣିଆ, ସତିକ(କା, କେ)ଇପଣ—ଅନ୍ୟରୂପ]

ସ(ସଁ)ତିରିଶ(ଶି)—ଦେ. ବି ଓ ବିଣ (ସଂଖ୍ୟାବାଚକ; ସଂ. ସପ୍ତତ୍ରିଂଶତ୍) —ସପ୍ତତ୍ରିଂଶତ୍; ତିରିଶରୁ ଅଧିକ ସାତ—Thirty seven; 37.
Sa(sañ)tirisa(śi)
সাঁইত্রিশ
सैंतिस
[ସଁତିଶ(ଶି), ସଂତ୍ରିଶ(ଶି), ସନ୍ତିଶ(ଶି)—ଅନ୍ୟରୂପ]

ସ(ସଁ)ତିରିଶାଏ(ହେ)—ଦେ. ବି. ଓ ବିଣ (ସଂଖ୍ୟାବାଚକ; ସଂ. ସପ୍ତତ୍ରିଂଶୋତ୍ତରଶତ)—ଏକଶ ସତତିରିଶ; ୧୩୭—One hundred thirty seven; 137. (ଯଥା—ଏହିପରି ସତିରିଶା ଗୁଣିଲେ ୧୩୭ ହୁଏ ।)
Sa(sañ)tirisāśae(he)
একশ সাঁইত্রিশ
एकसौ सैंतिस
ସଅଁତିରିଶାଏ(ହେ), ସନ୍ତିରିଶାଏ(ହେ), ସଁତିଶାଏ(ହେ), ସନ୍ତିଶାଏ(ହେ) } ଅନ୍ୟରୂପ

ସତୀ—ସଂ, ବିଣ. ସ୍ତ୍ରୀ—[ଅସ୍ ଧାତୁ + କର୍ତ୍ତି. ଅତ୍ (ଶତୃ) + ସ୍ତ୍ରୀ. ଈ; ସତ୍ ଶବ୍ଦର ପୁଂଲିଙ୍ଗ ସନ୍; ସ୍ତ୍ରୀଲିଙ୍ଗ ସତୀ]—୧ । ବିଦ୍ୟମାନା—1. Existent (female). ୨ । ସତ୍ସ୍ୱଭାବା; ଉତ୍ତମା; ସଚ୍ଚରିତ୍ରା—2. Good (woman); virtuous. ୩ । ସାଧ୍ୱୀ; ପତିବ୍ରତା—3. Chaste (woman). ବି—[ସୋ. ଧାତୁ = ନାଶ କରିବା + କର୍ତ୍ତି. ଅତ୍ (ଶତୃ) + ଈ; ଯାହାଙ୍କୁ ଦର୍ଶନ କରିବା ମାତ୍ରେ ପାପ ନାଶ ହୁଏ]—୧ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ସଙ୍ଗେ ଚିତାନଳରେ ନିଜ ଦେହକୁ ଦାହ କରେ; ସ୍ୱାମୀଙ୍କ ସହମୃତା ସ୍ତ୍ରୀ—1. A woman who burns herself on her husband's funeral pyre. [ଦ୍ର—ଇଂରେଜ ଗଭର୍ଣ୍ଣମେଣ୍ଟ ହିନ୍ଦୁମାନଙ୍କ ସତୀଦାହ ପ୍ରଥା ଉଠାଇ ଦେବା କାଳରୁ ଯେଉଁ ସ୍ତ୍ରୀମାନେ ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ମରନ୍ତି କିମ୍ବା ସ୍ୱାମୀଙ୍କ ମୃତ୍ୟୁର ଅବ୍ୟବହିତ ପରେ ଆତ୍ମହତ୍ୟା କରନ୍ତି ତାଙ୍କୁ ସାଧାରଣତଃ ସ୍ତ୍ରୀମାନେ ସତୀ ବୋଲି କହନ୍ତି ।]
Sati
২ । ସାଧ୍ୱୀ ସ୍ତ୍ରୀ; ପତିଗତପ୍ରାଣା ସ୍ତ୍ରୀ; ପତିବ୍ରତା ସ୍ତ୍ରୀ—2. A chaste woman; a woman devoted to the loving service of her husband; a woman who has consecrated or offered her body and soul to her husband (even unto death). ୩ । ଦାନ—3. Gift. ୪ । ଅବସାନ—4. Extinction; end. ୫ । ସୌରାଷ୍ଟ୍ର ମୃତ୍ତିକା—5. A kind of coloured earth. ୬ । ଚତୁରକ୍ଷର ସଂସ୍କୃତ ଛନ୍ଦୋବିଶେଷ—6. Name of a Sanskrit metre of 4 syllables. ୭ । (ନାମ) ସାବିତ୍ରୀ (ସତ୍ୟବାନଙ୍କ ସ୍ତ୍ରୀ)—7. Sābitrī; the wife of Satyabān. ୮ । (ନାମ) ଉମା; ପାର୍ବତୀ; ଦୁର୍ଗା; ଦକ୍ଷକନ୍ୟା; ମହାଦେବଙ୍କ ପତ୍ନୀ—8. The daughter of Daksha and wife of Śiba. [ଦ୍ର—ଏ ଦକ୍ଷପ୍ରଜାପତିଙ୍କ କନ୍ୟା ଥାଇ ମହାଦେବଙ୍କୁ ବିବାହ କରିଥିଲେ; କିନ୍ତୁ ମହାଦେବ ପ୍ରଣାମାଦି ଦ୍ୱାରା ଦକ୍ଷଙ୍କୁ ସମ୍ମାନ ପ୍ରଦର୍ଶନ ନ କରିବାରୁ ଦକ୍ଷ ତାଙ୍କ ଉପରେ ବିରକ୍ତ ହୋଇ ତାଙ୍କୁ ଅପମାନ ଦେବା ପାଇଁ ଏକ ଯଜ୍ଞ ଆରମ୍ଭ କଲେ; ସେହି ଯଜ୍ଞକୁ ଦକ୍ଷ ତ୍ରିଲୋକର ଅନ୍ୟ ସମସ୍ତଙ୍କୁ ନିମନ୍ତ୍ରଣ କଲେ, ମାତ୍ର ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ନିମନ୍ତ୍ରଣ କରିବାର ଭାର ନାରଦ ମୁନିଙ୍କ ଉପରେ ଥିଲା । ସେ ଗୋପନରେ କୈଳାସକୁ ଯାଇ ଏ ଯଜ୍ଞର ସମ୍ବାଦ ସତୀଙ୍କୁ ଦେଲେ । ସତୀ ଅନିମନ୍ତ୍ରିତା ହୋଇ ସୁଦ୍ଧା ପିତୃଯଜ୍ଞ ଦେଖିବାକୁ ଯାଇ ପିତୃଗୃହରେ ଦକ୍ଷଙ୍କ ମୁଖରୁ ସ୍ୱାମୀଙ୍କ ନିନ୍ଦା ଶୁଣି ତାହା ସହି ନ ପାରି ଯଜ୍ଞକୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ସତୀଙ୍କ ସଙ୍ଗେ ଯାଇଥିବା ନନ୍ଦୀ ସତୀଙ୍କ ମୃତ୍ୟୁସମ୍ବାଦ ନେଇ କୈଳାସରେ ପହଞ୍ଚିବାରୁ ମହାଦେବ ସତୀଙ୍କ ବିୟୋଗବାର୍ତ୍ତା ଶୁଣି କ୍ରୋଧ ଓ ଦୁଃଖାବେଗରେ ଜର୍ଜ୍ଜରିତ ହୋଇ ସ୍ୱୀୟ ଜଟା ଛେଦନ ପୂର୍ବକ ତହିଁରୁ ବୀରଭଦ୍ର ନାମକ ଭୈରବକୁ ସୃଷ୍ଟି କରି ପ୍ରମଥ ସମଭିବ୍ୟାହାରରେ ଦକ୍ଷଗୃହରେ ପହଞ୍ଚିଲେ । ଶିବାନୁଚରମାନେ ନାନା ଅତ୍ୟାଚାର କରି ଦକ୍ଷଯଜ୍ଞକୁ ନଷ୍ଟ କଲେ ଓ ଦକ୍ଷଙ୍କୁ ବଧ କଲେ । ପରେ ବ୍ରହ୍ମାଙ୍କ ଅନୁରୋଧରେ ଦକ୍ଷଙ୍କ ଗଣ୍ଡିରେ ଛିନ୍ନ ମସ୍ତକ ପରିବର୍ତ୍ତିରେ ଗୋଟିଏ ଛାଗ ମୁଣ୍ଡ ଯୋଜନ କରି ମହାଦେବ ଦକ୍ଷଙ୍କୁ ବଞ୍ଚାଇଲେ । ମହାଦେବ ସତୀଙ୍କ ମୃତ ଦେହକୁ ତ୍ରିଶୂଳ ଉପରେ ଧାରଣ କରି ବ୍ରହ୍ମାଣ୍ଡଯାକ ବୁଲିଲେ । ଏହା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ର ପେଷି ଉକ୍ତ ଦେବୀଙ୍କ ଶବକୁ ଖଣ୍ଡଖଣ୍ଡ କଲେ ଓ ଉକ୍ତ ଶବର ଭିନ୍ନ ଭିନ୍ନ ଅଙ୍ଗ ଯେଉଁ ଯେଉଁଠାରେ ପଡ଼ିଲା, ସେହି ସେହି ସ୍ଥାନମାନ ଗୋଟିଏ ଲେଖାଏଁ ପୀଠ ଓ ଉପପୀଠରେ ପରିଣତ ହେଲା । ଉକ୍ତ ପୀଠମାନ ହିନ୍ଦୁମାନଙ୍କର ମହାତୀର୍ଥ ରୂପେ ଅଦ୍ୟାବଧି ଭାରତର ଭିନ୍ନ ଭିନ୍ନ ସ୍ଥାନରେ ବିଦ୍ୟମାନ ଅଛି । (ପୀଠ ଶବ୍ଦ ଦେଖ ।) ଅତଃପର ସତୀ ପରଜନ୍ମରେ ହିମାଳୟଙ୍କ ସ୍ତ୍ରୀ ମେନକାଙ୍କ ଗର୍ଭରୁ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କରି କଠୋର ତପଃସାଧନ ପୂର୍ବକ ପୁଣି ଶିବଙ୍କୁ ସ୍ୱାମୀ ରୂପେ ପାଇଲେ ।]
ଦେ. ବିଣ—ସତ୍ୟବାଦିନୀ (ସ୍ତ୍ରୀ)—Truthful (woman). ବି—୧ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ମୃତା ହୁଅନ୍ତି—1. A woman who
সতী
सती

predeceases her husband. ୨ । ସତ୍ୟବାଦିନୀ ସ୍ତ୍ରୀ —2. A truthful woman.

ସତୀ ଖଡ଼ୁ—ଦେ. ବି—ମୃତ ସ୍ୱାମୀଙ୍କ ସଙ୍ଗେ ସହମୃତା ହୋଇଥିବା ସ୍ତ୍ରୀଙ୍କ ହସ୍ତର ବଳୟ (ଓ ଏହି କାଳ ସତୀଦାହ ପ୍ରଥା ଉଠି ଯିବାରୁ ସ୍ୱାମୀ ଥାଇଁ ଥାଇଁ ଯେଉଁ ସ୍ତ୍ରୀ ମୃତା ହୁଅନ୍ତି ତାଙ୍କ ହାତର ଖଡ଼ୁ)— The wristlet of a woman who predeceases or dies with her husband. [ଦ୍ର—ଏହାକୁ ସଧବା ସ୍ତ୍ରୀମାନେ ସଶ୍ରଦ୍ଧ ଭକ୍ତି ଆଦର ସହିତ ପିନ୍ଧନ୍ତି ।]
Sati khardu
सती ननायँ, सतीबाला
सतीकी अंगेली

ସତୀ ଚଉରା—ଦେ. ବି. (ସ. ସତୀ ଓ ଚତ୍ୱର)—୧ । ସହମୃତା ସ୍ତ୍ରୀଙ୍କ ସମାଧି ମନ୍ଦିର; ସତୀଙ୍କ ଚିତାଭସ୍ମ ଉପରେ ନିର୍ମିତ ଚତ୍ୱର ବା ମଣ୍ଡପ—1. A platform raised in her honour, on the ashes of a woman who died with her husband. ୨ । କଟକ ସହରର ପଶ୍ଚିମ ପ୍ରାନ୍ତସ୍ଥ କାଠଯୋଡ଼ୀ ନଦୀ କୂଳର ଶ୍ମଶାନର ନାମ (ସମ୍ଭବତଃ ଏଠାରେ କୌଣସି ପ୍ରସିଦ୍ଧା ସତୀ ସ୍ତ୍ରୀଙ୍କର ମଣ୍ଡପ ଥିଲା)—2. Name of a cremation ground on the bank of the Kāthajordi river just to the west of the town of Cuttack. [ଦ୍ର—ଏହିଠାରେ କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ବିଶ୍ୱନାଥ କର, ଗୋଲମଣି ବିଦ୍ୟାରତ୍ନ, ମୃତ୍ୟୁଞ୍ଜୟ ରଥ, ଅର୍ତ୍ତତ୍ରାଣ ଶତପଥୀଙ୍କ ଦାହସ୍ଥ ଚିତା ଉପରେ ସମାଧି ମନ୍ଦିରମାନ ନିର୍ମିତ ହୋଇଅଛି ଓ ଏହି ଶ୍ମଶାନରେ ଅଉ କେତେଗୁଡ଼ିଏ ପୁରାତନ ଓ ନୂତନ ସମାଧି-ଚଉରା ବିଦ୍ୟମାନ ।]
Sati chaurā
सती समाधि
सती चौरा

ସତୀ ଡେଙ୍ଗୁରା—ଦେ. ବି—ସତୀ ନାଗରା (ଦେଖ)
Sati dengurā Sati nāgarā. (See)

ସତୀତ୍ୱ(ତା)—ସଂ. ବି (ସତୀ+ଭାବ. ତ୍ୱ, ତା)—ସତୀ ସ୍ତ୍ରୀଙ୍କ ଧର୍ମ; ପାତିବ୍ରତ୍ୟ; ପରପୁରୁଷସଂସର୍ଗହୀନତା— Chastity; female purity.
Satitwa(tā)

ସତୀତ୍ୱ ଧର୍ମ—ସଂ. ବି (ରୂପକ; ସତୀତ୍ୱ+ଧର୍ମ)-ପାତିବ୍ରତ୍ୟରୂପ ବ୍ରତ— The vow of chastity observed by a woman.
Satitwa dharma

ସତୀତ୍ୱ ନାଶ (ଭଙ୍ଗ)—ସଂ. ବି—ସ୍ତ୍ରୀର ସତୀତ୍ୱ ନଷ୍ଟ କରିବା; ପରପୁରୁଷ ଦ୍ୱାରା ସତୀସ୍ତ୍ରୀର ରମଣ— The violation of the chastity of a woman; ravishment or rape of a chaste woman.
Satitwa nāsa (bhanga)

ସତୀତ୍ୱ ରକ୍ଷା (ପାଳନ)—ସଂ. ବି—୧ । ପାତିବ୍ରତ୍ୟ ଧର୍ମ ପାଳନ— 1. The observance of chastity by a woman. ୨ । ସତୀ ସ୍ତ୍ରୀର ସତୀତ୍ୱ ନାଶ କରିବା ବ୍ୟକ୍ତିର ଆକ୍ରମଣରୁ ସତୀକୁ ରକ୍ଷା କରିବା—2. Saving a chaste woman from ravishment.
Satitwa rakshā (pālana)

ସତୀ ଦାହ—ସଂ. ବି—ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଚିତାଗ୍ନିରେ ସତୀର ଜୀବନୋତ୍ସର୍ଗ; ସହମରଣ; ଅନୁମରଣ—The voluntary immolation or burning of the wife on the funeral pyre of the husband. [ଦ୍ର—ଅତି ପ୍ରାଚୀନକାଳରୁ ଭାରତୀୟ ହିନ୍ଦୁରମଣୀ ପତିଙ୍କ ଚିତାନଳରେ ଆରୋହଣପୂର୍ବକ ମୃତା (ସହମୃତା) ହେଉଥିଲେ, କିମ୍ବା ଦୂରରେ ମୃତ ପତିଙ୍କ ଶବ ନ ମିଳିଲେ ପତିଙ୍କ ମୃତ୍ୟୁ ପରେ ଚିତାରୋହଣପୂର୍ବକ ମୃତା (ଅନୁମୃତା) ହେଉଥିଲେ । ମୋଗଲ ସମ୍ରାଟ୍ ସତୀଦାହ ବିରୁଦ୍ଧରେ ହସ୍ତକ୍ଷେପ ପ୍ରଚୁର କରିଥିଲେ, କିନ୍ତୁ ଏହି ପ୍ରଥା ଛଡ଼ାଇ ଦେଇ ପାରି ନ ଥିଲେ । ଇଂରେଜ ରାଜତ୍ୱରେ ଭାରତର ବଡ଼ଲାଟ ଲର୍ଡ୍ ୱିଲିୟମ୍ ବେଣ୍ଟିକ୍ ବଙ୍ଗୀୟ ସମାଜସଂସ୍କାରକ ରାଜା ରାମମୋହନ ରାୟଙ୍କ ସାହାଯ୍ୟରେ (ଅନେକ ରକ୍ଷଣଶୀଳ ହିନ୍ଦୁଙ୍କ ଆପତ୍ତି ସତ୍ତ୍ୱେ) ଏ ପ୍ରଥା ରହିତ କରି ୧୮୧୯ ସାଲରେ ଗୋଟିଏ ଆଇନ୍ ପ୍ରଣୟନ କଲେ ଓ ତହିଁରେ ଏପରି ବିଧାନ କଲେ ଯେ, ଯେଉଁ ବ୍ୟକ୍ତିମାନେ ସତୀଦାହ କାର୍ଯ୍ୟରେ ସହାଯ୍ୟ କରିବେ ସେମାନେ ନରହତ୍ୟା ଅପରାଧରେ ଦଣ୍ଡିତ ହେବେ । ସେହି ସମୟରୁ ଭାରତରୁ ସତୀଦାହ ପ୍ରଥା ଉଠି ଯାଇଅଛି ।
Sati dāha

ସତୀଦାହ ଦୁଇ ପ୍ରକାର—

୧ । ସହମରଣ—ପତିଙ୍କ ମୃତ୍ୟୁ ସଙ୍ଗେ ସ୍ତ୍ରୀ ପତିଙ୍କ ଚିତାରେ ଆରୋହଣ କରି ପତିଙ୍କ ଶବକୁ ଆଲିଙ୍ଗନ କରି ଚିତାନଳରେ ଦଗ୍ଧ ହେଉଥିଲେ ।

୨ । ଅନୁମରଣ—ପତିଙ୍କର ଦୂରଦେଶରେ ମୃତ୍ୟୁ ହେଲେ ବା ପତିଙ୍କ ଶବ ନ ମିଳିଲେ କିମ୍ବା ପତିଙ୍କ ମୃତ୍ୟୁ କାଳରେ ସ୍ତ୍ରୀ ଗର୍ଭବତୀ ଥିଲେ (ଗର୍ଭରୁ ମୁକ୍ତା ହେଲେ) ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କର ବ୍ୟବହୃତ କୌଣସି ବସ୍ତୁକୁ ବା ପଳାଶପତ୍ରାଦି ରଚିତ ସ୍ୱାମୀଙ୍କ କଳ୍ପିତ ମୂର୍ତ୍ତିକୁ ସଙ୍ଗକରୂପେ ଧାରଣ କରି ବିଧବା ସ୍ୱତନ୍ତ୍ର ଚିତାରେ ଆରୋହଣ କରୁଥିଲେ ।]

ସତୀ ଧର୍ମ—ସଂ. ବି—ସତୀତ୍ୱ (ଦେଖ)
Sati dharma Satitwa. (See)

ସତୀ ଧର୍ଷଣ—ସଂ. ବି (୬ଷ୍ଠୀ ତତ୍)—ସତୀର ସତୀତ୍ୱ ନଷ୍ଟ କରିବା— Outraging the chastity of a woman.
Sati dharshana

ସତୀନ—ସଂ. ବି (ବୈଦ୍ୟକ)—୧ । କଳାୟ; ମଟର—1. Pea; field pea; Pisum Sativum. [ଦ୍ର—ଏହା ଅନ୍ୟ ସଂ. ନାମ—କଳାପ୍ୱ, ମଧୁର, କଷାୟରସ, ମଧୁର ବିପାକ, ରୁକ୍ଷ, ଶୀତବୀର୍ଯ୍ୟ, ବାୟୁବର୍ଦ୍ଧକ, ଅମ୍ଲଦୋଷକାରକ, ପିତ୍ତ, ଦାହ ଓ କଫ ନିବାରକ ।] ୨। (ସତ+ସଂ. ଧାତୁ+ଅ; କ) ସତୀଲ (ଦେଖ)— 2. Satila. (See)
Satina
ବର୍ତ୍ତୁଳ, ହରେଣୁ ।
मटर
केराव, मटर
ତେ. ସେଉରଙ୍କ
(ସତୀନକ—ଅନ୍ୟରୂପ)

ସତୀ ନାଗରା—ଦେ. ବି—ପୂର୍ବେ ସହମୃତା ବା ଅନୁମୃତା ହେବାକୁ ଶ୍ମଶାନକୁ ଯାତ୍ରା କରୁଥିବା ସତୀ ସ୍ତ୍ରୀଙ୍କ ଯାତ୍ରା ସମୟରେ ବଜା ଯାଉଥିବା ନାଗରା; (କିନ୍ତୁ ବର୍ତ୍ତମାନ ସତୀଦାହ ପ୍ରଥା ରହିତ ହେବାରୁ,ସ୍ୱାମୀ ବଞ୍ଚି ଥାଇଁ ଥାଇଁ ମୃତା ସ୍ତ୍ରୀଙ୍କ ଶବ ଦାହାର୍ଥ ଶ୍ମଶାନକୁ ନିଆଯିବା ବେଳେ ଶବଯାତ୍ରା ସଙ୍ଗେ ବାଜିବା ବାଦ୍ୟ—
Sati nāgarā
सतीडंका, सतीनागरा
सतीनगारा

Drum accompanying the corpse of a wife who predeceases her husband and of a woman who jumped with the funeral pyre of her husband (when this custom had not been prevented by law.)

ସତୀନାଥ—ସଂ. ବ (ଷଷ୍ଠୀ ତତ୍)—ମହାଦେବ; ଶିବ—Siba. ଦେ. Sati nātha ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name सतीनाथ **सतीनाथ** given to males. (ସତୀନ୍ଥ—ଅନ୍ୟରୂପ)

ସତୀପଣ—ଦେ. ବ—୧ । ସତୀତ୍ୱ—1. Chastity. ୨ । ସତୀତ୍ୱର Satīpaṇa ବଡ଼ାଇ—2 Boasting about one's (ସତୀପଣିଆ—ଅନ୍ୟରୂପ) chastity. ୩ । (ସ୍ତ୍ରୀ ଲୋକର) सतीपणा ସତ୍ୟବାଦିତା—3. Truthfulness of a **सतीपण** woman). ୪ । (ସ୍ତ୍ରୀ ଲୋକର) ସାଧୁତା—4. Honesty (of a woman).

ସତୀ ପୀଠ—ସଂ. ବ (ନାମ)—୧ । ବଇତରଣୀ କ୍ଷେତ୍ର; ଯାଜପୁରର ଏକ Sati piṭha ନାମ—1. A name of Jajapura (which is one of the places where parts of the body of Satī fell). [ଦ୍ର—କଥିତ ଅଛି—ମହାଦେବଙ୍କ ସ୍ତ୍ରୀ ସତୀଙ୍କ ଶବ ସୁଦର୍ଶନ ଚକ୍ର ଦ୍ୱାରା ୫୧ ଖଣ୍ଡ ହୋଇ, ଭାରତବର୍ଷର ବିଭିନ୍ନ ସ୍ଥାନମାନଙ୍କରେ ପଡ଼ିଥିଲା । ଯେଉଁ ଖଣ୍ଡ ତମ୍ପକ ବନରେ ପଡ଼ିଥିଲା ତାହା 'ବିରଜା' ନାମରେ ବିଦିତ ଓ ସେ ସ୍ଥାନ ସତୀପୀଠ ବା ବିରଜାକ୍ଷେତ୍ର ନାମରେ ପ୍ରସିଦ୍ଧି ଲାଭ କରିଥିଲା ।

ଶୈବ ପୁରାଣମତରେ—ଯାଜପୁର କାଳୀଙ୍କର ଏକ ପୀଠ । ଶିବଙ୍କ ସ୍ତ୍ରୀ ସତୀଙ୍କ ମୃତ୍ୟୁରେ ଶିବ ବାତୁଳ ହୋଇ ପୃଥିବୀର ଚାରିଆଡ଼େ ବୁଲିଲେ । ତାଙ୍କର ବାତୁଳତା ନାଶ କରିବା ପାଇଁ ବିଷ୍ଣୁ ନିଜର ସୁବିଖ୍ୟାତ ସୁଦର୍ଶନ ଚକ୍ରରେ ଉକ୍ତ ଶବକୁ ୫୧ ଖଣ୍ଡ କଲେ । ଯେଉଁ ସବୁ ସ୍ଥାନରେ ଏହା ଖଣ୍ଡ ଖଣ୍ଡ ହୋଇ ପଡ଼ିଲା, ସେ ସବୁ ସ୍ଥାନ ସତୀପୀଠ ନାମରେ ପରିଚିତ ହେଲା । ବିରଜା ନାମରେ ସତୀଙ୍କର ଗୋଟିଏ ମନ୍ଦିର ଯାଜପୁରରେ ଅଛି । ଯେଉଁ ସ୍ଥାନରେ ଏ ମନ୍ଦିର ବିଦ୍ୟମାନ, ସେଠାରେ ସତୀଙ୍କର ଶବରୁ ଖଣ୍ଡେ ପଡ଼ିଥିଲା ବୋଲି କଥିତ । ଲେଖକ—ଚନ୍ଦ୍ରଶେଖର ଦାସ ।]

୨ । ଯେଉଁ ଯେଉଁ ସ୍ଥାନରେ ସତୀଙ୍କ ଶବର ଅଂଶମାନ ପଡ଼ିଥିଲା (ପୀଠ ତଳେ ଟୀକା ଦେଖ)—2. Places where parts of the corpse of Sati fell. (See note under Piṭha)

ସତୀ ଯିବା—ଦେ. କ୍ରି (ବର୍ତ୍ତମାନ ଏ ପ୍ରଥା ରହିତ)—ସ୍ୱାମୀଙ୍କ ସହ- Sati jibā ମୃତା ହେବା—To commit suicide on the सतीतेयाओया, सतीहओया cremation pyre of the **सती होना** husband. (ସତୀରେ ଯିବା, ସତୀ ହେବା—ଅନ୍ୟରୂପ)

ସତୀର୍ଥ(ର୍ଥ୍ୟ)—ସଂ. ବ (ସ=ସମାନ+ତୀର୍ଥ=ଗୁରୁ ଯାହାର; ସତୀର୍ଥ= Satīrtha(rthya) ସମାନ ଗୁରୁ;+ସ୍ୱାର୍ଥେ. ଯ)—ସମକାଳରେ ଏକ ଗୁରୁଙ୍କ ନିକଟରେ ଅଧ୍ୟୟନ କରୁଥିବା ଶିଷ୍ୟ; ସହାଧ୍ୟାୟୀ; ସହପାଠୀ—Fellow student; a fellow disciple; a co-disciple under the same preceptor.

ସତୀଲ—ସଂ. ବ (ସତୀ=ସାଧ୍ୱୀ+ଲ ଧାତୁ=ଧାରଣ କରିବା+କର୍ତ୍ତୃ.ଅ; Satīla ଯାହା ସାଧ୍ୱୀ କୁଳବଧୂମାନଙ୍କୁ ଧାରଣ (ସତୀଲକ—ଅନ୍ୟରୂପ) କରେ)—୧ । ବଂଶ; କୁଳ—1. Family; race. ୨ । (ସ=ସମାନ+ତିଳ= ଶସ୍ୟ; ଶସ୍ୟପରି କୃଷ୍ଣବର୍ଣ୍ଣ) ମାଷ; ବିରି—2. Kidney bean; Phasolus Radiatus. ୩ । ମଟର; କଳାୟ—Pea; field pea; Pisum Sativum.

ସତୀ ଲକ୍ଷ୍ମୀ—ଦେ. ବ. ସ୍ତ୍ରୀ (ସଂ. ସତୀ, ଲକ୍ଷ୍ମୀ; ସ୍ତ୍ରୀମାନଙ୍କ ପ୍ରତି Sati lakshmi ଆଶୀର୍ବଚନ)—ଲକ୍ଷ୍ମୀଙ୍କ ପରି ସତୀ ଓ ଗୁଣବତୀ सतीलक्ष्मी ସଧବା ସ୍ତ୍ରୀ—A chaste and good woman **सतीलक्ष्मी** (whose husband is alive); a paragon among wives.

ସତୀଲା(ଳା)—ସଂ. ବ (ସତୀଲ+ଆ)—କଳିପୁଷ୍ଟି; ଖେସାରି; ତଣା—Satilā(ḷā) A species of kidney bean; Lathyrus Sativus.

ସତୀଶ—ସଂ. ବ (ସତୀ=ପାର୍ବତୀ+ଈଶ=ସ୍ୱାମୀ; ଷଷ୍ଠୀ ତତ୍)—Satīśa ମହାଦେବ; ଶିବ—Siba. ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ସତୀ ସାଧବୀ—ଦେ. ବି. ସ୍ତ୍ରୀ (ଏକାର୍ଥକ ସହଚର;ଆଶୀର୍ବାଦ (ସତୀ ସ୍ତ୍ରୀ— Sati sādhabī A chaste woman; a paragon सतीसाध्वी **सतीसाधवी** among women. (ସତୀ ସାଧ୍ୱୀ—ଅନ୍ୟରୂପ)

ସତୀ ସାବିତ୍ରୀ—ଦେ. ବ (ଆଶୀର୍ବାଦ)—ସାବିତ୍ରୀଙ୍କ ପରି ସତୀ— Sati Sabitri A woman as chaste as Sābitrī; a सती सावित्री **सतीसावित्री** paragon among women.

ସତୁଆ—ଦେ. ବଣ. ପୁଂ—ସତ୍ୟବାଦୀ—Truthful. [ଉ—କନ୍ୟାକୁ Satuā ଯେତେବେଳେ ଦେଖିବୁ, ବୁଝିବୁ ଅଛି ସତୁଆ କି ମିଛୁଆ । साच्चा **सच्चा** ଫକୀରମୋହନ. ଗଳ୍ପସ୍ୱଳ୍ପ ।] (ସତେ[ତୋ]ଇ—ସ୍ତ୍ରୀ) [ମିଛୁଆ—ବିପରୀତ]

ସତୁରାଶଏ(ହେ)—ଦେ. ବ ଓ ବଣ (ସଂଖ୍ୟା; ସଂ. ସପ୍ତତ୍ୟୁତ୍ତର ଶତ)— Saturāsae(he) ଏକ ଶହ ସତୁରି; ୧୭୦—One hundred एकश सत्तर and seventy; 170. (ଯଥା—୧୭ ଦର୍ଶା ସତୁରି. **पैंकसौ सत्तर** ଶହେ ପଣ ଦଶ ବାହାଣ ଦଶ ପଣ—ପଣକିଆ ।) [ଦ୍ର—ଏହିପରି ସତୁରି ଦୁଇଶ=୨୭୦ ।]

ସତୁରି—ଦେ. ବଣ. ଓ ବ (ସଂଖ୍ୟା; ସଂ. ସପ୍ତତି; ପ୍ରା. ସତ୍ତରି)—ସପ୍ତତି; Saturi ୭×୧୦; ୬୦ ସଂଖ୍ୟାରୁ ଅଧିକ ୧୦; ୭୦— सत्तर **सत्तर** Seventy; 70.

ସତୁଲ—ପ୍ରାଦେ (ସିଂହଭୂମି) ବ. (ଭିତରେ ଅଞ୍ଚଳରେ ଅଭୁଲ)—ହସ୍ତ- Satula ଭୂଷଣ ଖଡ଼ୁ; ଦାନ୍ତଥିବା ହାତ ଖଡ଼ୁ—Toothed wristlet.

ସତୁଷ—ସଂ. ବଣ (ସହାର୍ଥେ; ବହୁବ୍ରୀହି; ସ=ସହିତ+ତୁଷ)—ତୁଷ- Satusha ଯୁକ୍ତ (ଶସ୍ୟ)—(grain) Chaffed; having chaff. ବ—ଧାନ୍ୟ—Paddy.

ସତୃଟ୍—ସ. ବଣ. ପୁଂ (ସ+ତୃଷ୍; ସତୃଷ୍ ଶବ୍ଦ ୧ମା. ୧ବ)—ସତୃଷ୍ଣ; Satrut (ସତୃଷା—ସ୍ତ୍ରୀ) ତୃଷିତ—Thirsty.

ସତୃଷ୍ଣ—ସଂ. ବଣ (ସ+ତୃଷ୍ଣା; ସହାର୍ଥ ବହୁବ୍ରୀହି)—୧ । ତୃଷାଯୁକ୍ତ; Satrushna ପିପାସୁ——1. Thirsty. ୨ । ସତୃଷ୍ଣ— (ସତୃଷ୍ଣା—ସ୍ତ୍ରୀ) 2. Full of hankering. ୩ । ସାଗ୍ରହ; ଅତ୍ୟନ୍ତ ଆଗ୍ରହଯୁକ୍ତ (ଦୃଷ୍ଟି)—3. Very eager(look).

ସତୃଷ୍ଣ ଦୃଷ୍ଟି—ସଂ. ବ (କର୍ମଧା; ସତୃଷ୍ଣ+ଦୃଷ୍ଟି)—୧ । ସାଗ୍ରହ Satrushna drushti ନୟନ—1. Eager eyes; (ସତୃଷ୍ଣ ନୟନ—ଅନ୍ୟରୂପ) wistful eyes. ୨ । ଲାଳସାଯୁକ୍ତ ଦୃଷ୍ଟି—2. Hankering look; hungering look. ସ. ବଣ (ବହୁବ୍ରୀହି) ସାଗ୍ରହ ଦୃଷ୍ଟିଯୁକ୍ତ—With wistful look.

ସତେ—ଦେ. ଅ—୧ । ସତରେ; ସତ୍ୟରେ; ପ୍ରକୃତରେ— Sate 1. Truly; actually. (ଉ—ମୋ ପୀରତି ସତେ, କି (ସତେକି, ସତେକେ, ସତେ ସତେ—ଅନ୍ୟରୂପ) ପଦାର୍ଥ କହି ସତ୍ୟି सच ପଣ୍ଡିତେ ମତେ । କବିସୂର୍ଯ୍ୟ. ବଳଭଦ୍ର ।) ୨ । (କାମନା ଓ ପ୍ରଶ୍ନାର୍ଥକ) ପ୍ରକୃତରେ ବା ଫଳତଃ ଏହାକି ଘଟିବ ?—2. (conjunction) Will it so happen ?; will it come to pass ? ୩ । (ପ୍ରଶ୍ନାର୍ଥକ) ଏହା କି ସତ୍ୟ ? ଭଲ ?—3. (Interjection) Pray ! Is it true ? (ଉ—ଦେହିକି ଲଞ୍ଚନ ସତେ, ଭ୍ରମର ଚଳୁସି ମତେ, ଲହରାଇ ପଶୁରଲୁ କହି । କବିସୂର୍ଯ୍ୟ. କଳୋଶା ଚମ୍ପୂ. ଚ ଗୀତ ।) ୪ । (ବସ୍ତୁସ୍ଥାର୍ଥକ) ପ୍ରକୃତରେ; ବାସ୍ତବରେ—5. Actually; in fact. (ଉ—ପୁଷ୍ପ ମଲ୍ଲୀହାସିରେ । ସତେ ଭୁ ତ ସାହସୀରେ । ଦୀନକୃଷ୍ଣ. ସଙ୍ଗୀତ ।) ୬ । ଫଳତଃ— 6. In the long run. (ଉ—ସତେ ସତେ ସେହି ବାଣୀ ହୋଇଲା ବିଫଳ । ମଧୁସୂଦନ. କାଳସମାଗୃଣ ।)

ସତେଇ ହେ(ହ)ବା—ଦେ. କି—୧ । ଭଲେଇ ହେବା; ଆପଣାର ସାଧୁତା Satei he(ha)bā ଦେଖାଇ ହେବା ବା କହି ହେବା—1. To সাচা হওয়া show off one's honesty; to boast of सच्चा होना one's honesty. ୨ । ନିଜର କଳଙ୍କଲେଶ ନାହିଁ ବୋଲି କହି ବୁଲିବା—2. To boast that one has no blemishes or secrets to be ashamed of. ୩ । ଆପଣାର ସତୀତ୍ୱ ଦେଖାଇ ହେବା—3. To boast of on'es chastity. (ଉ—ସତୀ ଲୋ ! ସତେଇ ହଉଛୁ କେତେ ! ତୋହୋ ଘର କଥା ଅଣ୍ଟାରେ ଦୂରେଇ, ସତେଇ ହଉଛୁ ମତେ !—ଢଗ ।)

ସତେଜ—ଦେ. ବଣ (ସ+ତେଜଃ=ସତେଜସ୍ ୧ମା. ୧ବ; Sateja ସତେଜାଃ)—୧ । ପ୍ରଖର; ତେଜସ୍ୱୀ)—1. Vigor- সতেজ ous; energetic; sharp. ୨ । ବୀର୍ଯ୍ୟଶୀଳ; तेजो ବଳବାନ୍—2. Strong. ୩ । ସଜୀବ—3. Healthy; lively; hale. ୪ । ହୃଷ୍ଟପୁଷ୍ଟ—4. Well-developed; hale and hearty.

ସତେଜାଃ—ସ. ବଣ (ସ+ତେଜଃ=ସତେଜସ୍ ୧ମା. ୧ବ)—ସତେଜ Satejāh (ଦେଖ)—Sateja (See)

ସତେର—ଦେ. ବ—ତୁଷ (ଶସ୍ୟପ୍ରକାର ଉପରର ତୁଷ)— Satera Chaff of grains.

ସତ୍କଥନ—ସ. ବ ଓ ବଣ—ସତ୍‌କଥନ (ଦେଖ)—Sat-kathana Satkathana (See) [ଦ୍ର—ସତ୍ ଶବ୍ଦର ତ୍+କ (କ୍ତ) ଥବା ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦମାନଙ୍କ ପାଇଁ ସତ୍ ତଳେ ଦିଆ ଯାଇଥିବା ଶବ୍ଦମାନ ଦେଖ ।]

ସତ୍ତ—ଦେ. ବ. ଓ ବଣ (ସ. ସତ୍ୟ)—ସତ୍ୟ (ଦେଖ)— Satta Satya (See) ବଣ (ସ. ସତ୍)—ସତ୍ (ଦେଖ) Sat (See)

ସତ୍ତମ—ସ. ବଣ (ସତ୍=ଉତ୍ତମ+ଅତିଶୟାର୍ଥେ ତମ)—୧ । ଅତି Sattama ଉତ୍ତମ; ସର୍ବୋତ୍ତମ; ଉତ୍କୃଷ୍ଟ—1. Best; very (ସତ୍ତମା—ସ୍ତ୍ରୀ) good. ୨ । ପୂଜ୍ୟତମ—2. Most venerable. [ଦ୍ର—ଏହା ବିଶେଷ୍ୟ ପରେ ଯୁକ୍ତ ହୁଏ; ଯଥା—ଦ୍ୱିଜସତ୍ତମ, ନୃପସତ୍ତମ, ନାରୀସତ୍ତମା ।]

ସତ୍ତା—ସ. ବ (ସତ୍+ଭାବେ. ତା)—୧ । ବିଦ୍ୟମାନତା; ସ୍ଥିତି— Sattā 1. Presence; existence; being. ୨ । ଉତ୍ପତ୍ତି —2. Birth; origin; production. ୩ । ସାଧୁତା—3. Honesty. ୪ । ଉତ୍କର୍ଷ—4. Excellence. [ଦ୍ର—ଏହା ଦର୍ଶନଶାସ୍ତ୍ରର ପାରିଭାଷିକ ଶବ୍ଦ । ଯାହା ପଦାର୍ଥର ସାର ବିଷୟ, ଯାହା ପଦାର୍ଥର ପଦାର୍ଥତ୍ୱ ନିର୍ଦେଶକ, ତାହା ଉକ୍ତ ପଦାର୍ଥର ସତ୍ତା । ସତ୍ (ବା ସ୍ଥିତିବିଶିଷ୍ଟ) ପଦାର୍ଥ ମାନେ ସତ୍ତାବିଶିଷ୍ଟ ଏବଂ ଏକ ପଦାର୍ଥର ସତ୍ତା ଅନ୍ୟ ପଦାର୍ଥର ସତ୍ତାଠାରୁ ଭିନ୍ନ । ବେଦାନ୍ତ ମତରେ ବ୍ରହ୍ମ ଏକା ବ୍ରହ୍ମାଣ୍ଡର ସତ୍ତା । ଜୀବାତ୍ମା (Human Soul) ଏବଂ ପରମାତ୍ମା (World Soul) ଏକ ସତ୍ତାବିଶିଷ୍ଟ । ଜାଗତିକ ପରିବର୍ତ୍ତନ ମାୟା ଅଟେ । ଯଦି ମାୟାବାଦ ସ୍ୱୀକୃତ ନ ହୁଏ, ଅର୍ଥାତ୍ ସାଂସାରିକ ପରିବର୍ତ୍ତନର ସତ୍ୟତା ଗୃହୀତ ହୁଏ, ତେବେ ମଧ୍ୟ ସତ୍ତାର ଏକତ୍ୱ ସଂସ୍ଥିତ ରହେ । ଏହି ଅର୍ଥରେ ସାରା ଜାଗତିକ ପରିବର୍ତ୍ତନ (evolution) ଏକ ସତ୍ତାର ବିକାଶ =ଭେଦ ମାତ୍ର । ସାଂଖ୍ୟ ମତରେ ଜଗତ୍ ପ୍ରକୃତି (=body) ଏବଂ ପୁରୁଷ (=soul), ଏହିରୂପ ଦୁଇ ସତ୍ତାଯୁକ୍ତ । ବୈଶେଷିକ ଦର୍ଶନରେ ଜଗତ୍ ପରମାଣୁରୁ ସୃଷ୍ଟ । ପରମାଣୁ ଅନେକ ଏବଂ ଭିନ୍ନ । ପ୍ରତ୍ୟେକ ସତ୍ତା ଯେପରି ଏକ ପଦାର୍ଥ ଅନ୍ୟଠାରୁ ଭିନ୍ନ—ସନ୍ଦର୍ଭ ଲେଖକ. ପ୍ରୋଫେସର ଵପିନବିହାରୀ ରାୟ ଏମ୍. ଏ. ।] ଦେ. ବ— চিহ্ন ଚିହ୍ନ; ଲକ୍ଷଣ—Trace; indication. (ଯଥା— चिह्न ସେ ମୋତେ ଅମୁକ ବିଷୟର ସତ୍ତା ଦେଖାଇଲା ନାହିଁ ।)

ସତ୍ତେ—ଗ୍ରା. ଅବ୍ୟୟ (ବଙ୍ଗଳାରୁ ଅନୁକୃତ. ସଂ. ସତ୍ ଶବ୍ଦୋତ୍ପନ୍ନ ସତ୍ତ୍ୱ)— Satte କୌଣସି ବିଷୟର ଉପସ୍ଥିତି ଥାଇ ମଧ୍ୟ— সত্বে सत्वे (conjunction) In spite of; in the (ସତ୍ତ୍ୱେଓ—ଅନ୍ୟରୂପ) face of; notwithstanding.

ସତ୍ତ୍ୱ—ସଂ. ବ (ସତ୍+ଭାବ. ତ୍ୱ)—୧ । ବିଦ୍ୟମାନତା— Sattwa 1. Presence. ୨ । ସ୍ଥିତି—2. Existence; being. ୩ । ଚେତନ ପଦାର୍ଥ—3. Sentient being. ୪ । ଜୀବ; ପ୍ରାଣୀ; ଜନ୍ତୁ—4. Animal. ୫ । ସତ୍ତ୍ୱଗୁଣ; ସୃଷ୍ଟିର ବା ପ୍ରକୃତିର ତିନି ଗୁଣ ମଧ୍ୟରୁ

ପ୍ରଧାନ ବା ଉତ୍ତମ ବା ଶ୍ରେଷ୍ଠ ଗୁଣ—5. Moral goodness; the best of the 3 qualities in the material Nature; the aggregate of moral good qualities. [ଦ୍ର—ଏହି ଗୁଣରୁ ସତ୍ୟ, ଧର୍ମ, ଦୟା, ସଦ୍‌ବୃତ୍ତି, ପ୍ରେମ, ନ୍ୟାୟ, ପରୋପକାର, ପବିତ୍ରତା, ଈଶ୍ୱର ଭକ୍ତି ଆଦି ଭାବ ଜନ୍ମେ ।
ମହାଭାରତ ମତରେ ସତ୍ତ୍ୱଗୁଣର ଧର୍ମ ୭ ଗୋଟି; ଯଥା—ପ୍ରସାଦ, ହର୍ଷ, ପ୍ରୀତି, ଅସନ୍ଦେହ, ଧୃତି ଓ ସ୍ମୃତି ।] ୬ । ଦ୍ରବ୍ୟ; ପଦାର୍ଥ—6. Article; thing. ୭ । ମନଃ; ଅନ୍ତଃକରଣ; ଚିତ୍ତ—7. Mind; the intellectual faculty of mind; intelligence; sensation; feeling. ୮ । ସ୍ୱଭାବ; ପ୍ରକୃତି—8. Nature; disposition; natural propensities. ୯ । ବ୍ୟବସାୟ; ବ୍ୟବହାର—9. Trade; business. ୧୦ । ସ୍ୱାଭାବିକ ଅବସ୍ଥା—10. Natural condition. ୧୧ । ବଳ; ଶକ୍ତି; କ୍ଷମତା—11. Strength; power; ୧୨ । ପରାକ୍ରମ—12. Force; might. ୧୩ । ଧୈର୍ଯ୍ୟ—13. Patience; coolness. ୧୪ । ତେଜଃ—14. Vigour; energy. ୧୫ । ଉତ୍ସାହ—15. Eagerness; exertion. ୧୬ । ଧନ—16. Wealth. ୧୭ । ଜୀବନ; ପ୍ରାଣ—17. Life; vitality. ୧୮ । ଜୀବନଧାରଣ—18. State of living; livelihood. ୧୯ । ଜୀବନକାଳ; ଆୟୁଃ—19. Life-time. ୨୦ । ଚୈତନ୍ୟ—20. Consciousness; sensation. ୨୧ । ଆତ୍ମା—21. Spirit; soul. ୨୨ । ସାହସ—22. Courage; boldness. ୨୩ । ଜଳୀୟ; ରସ—23. Juice; fluid. ୨୪ । ସାର—24. Essence. ୨୫ । ଭବ; ମନୋଗତ ଭାବ—25. Sentiment; passion. ୨୬ । କୁବେର—26. The God of wealth. ୨୭ । ପିଶାଚାଦି—27. Aerial beings; demigods. ଦେ.ବ (ଜତରଅ) (ସଂ·ସ୍ୱତ୍ତ୍ୱ)—ସ୍ୱତ୍ୱ ଅର୍ଥରେ

ସ୍ୱତ୍ୱ
ହକ
ସ୍ୱାମୀର ଅଧିକାର; ସ୍ୱାମିତ୍ୱ, ସ୍ୱତ୍ୱ—Proprietory right over a thing; ownership.

ସତ୍ତ୍ୱ ଗୁଣ—ସଂ. ବ—ସତ୍ତ୍ୱ ୫ (ଦେଖ)—Sattwa 5 (See)
Sattwa guṇa [ଦ୍ର—ସତ୍ତ୍ୱ, ରଜଃ ଓ ତମଃ—ଏହି ତିନିଗୋଟି ପ୍ରକୃତିର ଗୁଣ; ଜୀବାତ୍ମା ଏହି ଗୁଣତ୍ରୟ ଦ୍ୱାରା ସଂସାରରେ ଆବଦ୍ଧ ହୁଏ । ଏହି ସତ୍ତ୍ୱଗୁଣ ନିର୍ମଳ, ପ୍ରକାଶକ ଓ ଅନାମୟ; ଏହା ମନୁଷ୍ୟକୁ ସର୍ବଦା ସୁଖରେ ଓ ଜ୍ଞାନରେ ଆବଦ୍ଧ କରି ରଖେ । ଯେଉଁ ପଦାର୍ଥ ଦ୍ୱାରା ପରମାୟୁ, ସତ୍ତ୍ୱ, ବଳ, ଆରୋଗ୍ୟ, ସୁଖ ଓ ପ୍ରୀତି ବଢ଼େ ଓ ଯାହା ରସମୟ, ହୃଦୟଗ୍ରାହୀ, ସ୍ଥିର ଓ ସ୍ନିଗ୍ଧ ଖାଦ୍ୟପଦାର୍ଥ, ତାହା ସାତ୍ତ୍ୱିକ ପ୍ରକୃତିବିଶିଷ୍ଟ ଲୋକର ପ୍ରିୟ]

ସତ୍ତ୍ୱବାନ୍—ସଂ. ବଣ. ପୁଂ—(ସତ୍ତ୍ୱ+ଅସ୍ତି ଅର୍ଥରେ ବତ୍; ୧ମା ୧ବ)—Sattwabān ୧ । ସତ୍ତ୍ୱଗୁଣ ବିଶିଷ୍ଟ—1. Possessing (ସତ୍ତ୍ୱବତୀ—ସ୍ତ୍ରୀ) moral goodness. ୨ । ସ୍ଥାୟୀ—2. Permanent. ୩ । ସ୍ୱାଭାବିକ—3. Natural. ୪ । ଧାର୍ମିକ—4. Virtuous; pious. ୫ । ନିଷ୍ପାପ—5. Sinless. ଦେ ବଣ (ଜତରଅ)—ସତ୍ତ୍ୱବାନ୍ (ଦେଖ)—Satwabān (See).

ସତ୍ତ୍ୱସ୍ଥ—ସଂ. ବଣ—(ସତ୍ତ୍ୱ+ସ୍ଥା ଧାତୁ+କର୍ତ୍ତୃ ଅ)—ସତ୍ତ୍ୱଗୁଣ ପ୍ରଧାନ Sattwastha (ବ୍ୟକ୍ତି)—(a person) In whom (ସତ୍ତ୍ୱସ୍ଥା—ସ୍ତ୍ରୀ) moral virtues predominate.

ସତ୍ତ୍ୱେ—ଦେ. ଅ—(ସଂ. ସତ୍ ଶବ୍ଦର ୭ମୀ ବିଭକ୍ତି ସତି)—ଥାଇ ମଧ୍ୟ; Sattwe ଅବସ୍ଥିତ ଥିଲେ ମଧ୍ୟ; ହେଲେ ମଧ୍ୟ; ବି; ହେଲେହେଁ—ସତ୍ୱେ; ସତ୍ୱେ (ଅବ୍ୟୟ) ବିଦ୍ୟମାନତା ଥାଇ ସୁଦ୍ଧା—Even though; even if; inspite of; in the presence of. [ଉ—ଶକ୍ତିସତ୍ତ୍ୱେ କ୍ଷମାଗୁଣ ପରକାଶି—(ସତ୍ତ୍ୱେଓ—ଅନ୍ୟରୂପ) ବୁଧାନାଥ—ମହାଶ୍ରୀ ଭକ୍ତୋରଥ୍ୟା]

ସତ୍ର (ତ୍ର)—ସଂ. ବ—(ସଦ୍. ଧାତୁ=ଗମନ କରିବା+ଅଧିକରଣ. ତ୍ର)—Sattra(tra) ୧ । ଯଜ୍ଞ-1. Vedic sacrifice or offering of oblations to the Deities through fire. ୨ । ସତତ ଅନ୍ନପାନାଦି ଦାନ—2. Act of free and constant distribution of food and drink. ୩ । ସଦାବ୍ରତ; ଛତ୍ରବ୍ରତ; ସଦା ଦାନ—3. Charity; act of giving gifts continuously. ୪ । ବନ; ଅରଣ୍ୟ—4. Forest. ୫ । ଗୃହ—5. House; abode; residence. ୬ । ଧନ—6. Riches. ୭ । ଆଚ୍ଛାଦନ—7. Covering. ୮ । କୈତବ; ଛଳ—8. Deceit; fraud; cheating. ୯ । ସରୋବର—9. Tank; pond. ୧୦ । (ବିଷ୍ଣୁସହସ୍ର ନାମ) ବିଷ୍ଣୁଙ୍କର ଏକନାମ—10. A name of Bishṇu. ୧୧ । ଯେଉଁଠାରେ ଅନ୍ନପାନାଦି ଲୋକଙ୍କୁ ବିତରଣ କରାଯାଇ ଥାଏ—11. A place where food or drink or both is distributed free. [ଦ୍ର—ଏହି ସତ୍ର ଶବ୍ଦ ଅପଭ୍ରଷ୍ଟ ହୋଇ ଓଡ଼ିଆରେ ଛତ୍ର ବା ଛତ୍ରରେ ପରିଣତ ହୋଇଅଛି । ଜଳଛତ୍ର=ଜଳଦାନ ଓ ଜଳଦାନ ଦିଆଯିବାର ସ୍ଥାନ; ଅନ୍ନଛତ୍ର=ଅନ୍ନ ଦିଆଯିବାର ସ୍ଥାନ ।]

ସତ୍ରଶାଳା—ସଂ. ବ—୧ । ଯଜ୍ଞଶାଳା—1. A room or shed Sattra śālā where vedic sacrifice is performed. ୨ । ଅନ୍ନ ଦାନାଦିର ଗୃହ; ଯେଉଁ ଗୃହରେ ଅନ୍ନଦାନାଦି ଦିଆଯାଏ—2. A house where food is freely distributed; a free kitchen.

ସତ୍ରା(ତ୍ରା)ଜିତ୍—ସଂ.ବ. (ନାମ)(ସତ୍ର+ଆ+ଜି.ଧାତୁ+କର୍ତ୍ତୃ.କ୍ୱିପ୍)—Sattrā(trā)jit ଶ୍ରୀକୃଷ୍ଣଙ୍କ ଶ୍ୱଶୁର; ଶ୍ରୀକୃଷ୍ଣଙ୍କ ଅଷ୍ଟ ମହଷୀଙ୍କ ମଧ୍ୟରୁ ଏକତମା ସତ୍ୟଭାମାଙ୍କ ପିତା—Name of a father-in-law of Srikrushṇa. [ଦ୍ର—ସୂର୍ଯ୍ୟଦେବ ସନ୍ତୁଷ୍ଟ ହୋଇ ଏହାଙ୍କୁ 'ସ୍ୟମନ୍ତକ' ମଣି ଦାନ କରିଥିଲେ । ଏ ପୁଣି ନିଜ ସହୋଦର ପ୍ରସେନଜିତଙ୍କୁ ଏହା ଦେଇଥିଲେ; ପ୍ରସେନଜିତ୍ ମୃଗୟାରେ ସିଂହ କର୍ତ୍ତୃକ ହତ ହେବାରୁ, ଏହାକୁ ଜାମ୍ବବାନ୍ ପାଇଥିଲେ । ଜାମ୍ବବାନ୍‌ଙ୍କୁ ପରାଜିତ କରି ଶ୍ରୀକୃଷ୍ଣ ପୁଣି ଏ ମଣିକୁ ଆଣି

ସତ୍ତ୍ରାଜିତ୍‌ଙ୍କୁ ଦେଲେ । ଅକ୍ରୂରଙ୍କ ପ୍ରରୋଚନାରେ ଶତଧନ୍ୱା ସତ୍ରାଜିତ୍‌ଙ୍କୁ ବଧ କରି ଏ ମଣିକୁ ହରଣ କଲେ ।]

ସତ୍ତ୍ରାନ୍ନ—ସଂ. ବି—(ସ. ପ. ଲୋ; ସତ୍ତ୍ର+ଅନ୍ନ)—ସତ୍ତ୍ରରେ ପ୍ରଦତ୍ତ
Sattrānna ଅନ୍ନ; ଅନ୍ନଛତ୍ରରେ କ୍ଷୁଧିତ ବ୍ୟକ୍ତିମାନଙ୍କୁ ଦିଆଯିବା ପକ୍ୱାନ୍ନ—Boiled rice distributed to the famished people who come to a public free kitchen.

ସତ୍ତ୍ରାନ୍ନଭୋଜୀ—ସଂ. ବି ଓ ବିଣ. ପୁଂ—ଛତ୍ରଖିଆ; ଯେଉଁ ବ୍ୟକ୍ତି ଅନ୍ନ-
Sattrānnabhojī ଛତ୍ରରେ ଖଇରାତ୍ ଦିଆଯିବା ଅନ୍ନ ଖାଏ—
(ସତ୍ତ୍ରାନ୍ନଭୋଜିନୀ—ସ୍ତ୍ରୀ) A person partaking of
(ସତ୍ତ୍ରାନ୍ନଭୁକ୍—ଅନ୍ୟରୂପ) boiled rice distributed free in a public kitchen.

ସତ୍ତ୍ରି—ସଂ.ବି.(ସଦ୍.ଧାତୁ=ଗମନ କରିବା; ହିଂସା କରିବା+କର୍ତ୍ତୃ.କ୍ରି)-
Sattri ୧ । ମେଷ; ମେଣ୍ଢା—1. Sheep. ୨ । ହସ୍ତୀ—2. Elephant. ବିଣ—ଜୟଶୀଳ—Conquering; victorious.

ସତ୍ତ୍ରୀ—ସଂ. ବିଣ. ପୁଂ—(ସତ୍ତ୍ର+ଇନ; ୧ମା ୧ ବ)—ଯାଗଶୀଳ—
Sattrī Habitually performing vedic sacrifices. ବି. ୧ । ସଦାଗୃହସ୍ଥ ଗୃହସ୍ଥ—1. A dutiful or pious householder. ୨ । ଦୂତ—2. An ambassador.

ସତ୍ପଥ—ସଂ.ବି.—ସତ୍‌ପଥ (ଦେଖ)—Sat-patha (See)
Satpatha [ଦ୍ର—ସତ୍ ଶବ୍ଦ ପୂର୍ବକ ତ+ପ (ପ୍ର) ଅବ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦମାନଙ୍କ ପାଇଁ ସତ୍ ଶବ୍ଦ ପରେ ଦିଆଯାଇ ଥିବା ଶବ୍ଦ ମାଳ ଦେଖ ।]

ସତ୍ୱ—ସଂ. ବି—(ସତ୍+ଭାବେ. ତ୍ୱ; ତ ଲୋପ)—ସତ୍ତ୍ୱ (ଦେଖ)—
Satwa Sattwa (See). ଦେ.ବି. (ସଂ.ସ୍ୱତ୍ୱ) (ଜଟଭିଆ) ବସ୍ତୁରେ ବା ସମ୍ପତ୍ତିରେ ସ୍ୱାମିତ୍ୱ; ଅଧିକାର; ସ୍ୱତ୍ୱ—Right and title; ownership; interest; proprietory right. [ଦ୍ର—ଅସ୍ମମାନଙ୍କ ଦେଶରେ ଭୂସମ୍ପତ୍ତିରେ ଭିନ୍ନ ଭିନ୍ନ ପ୍ରକାର ସତ୍ୱର ନାମ ପ୍ରଚଳିତ ଅଛି ଯଥା—ଅସ୍ଥାୟୀସତ୍ୱ, ଖରିଦାସତ୍ୱ, ଚିରସ୍ଥାୟୀ ସତ୍ୱ, ଜୀବନ ସତ୍ୱ, ଦଖଲ(ସ୍ଥିତିବାନ)ସତ୍ୱ, କଟ୍ଟେ ସତ୍ୱ, କବୁଲି ସତ୍ୱ, ପ୍ରଜା (ରଇତି) ସତ୍ୱ, ଭୂସତ୍ୱ, ମଉରସୀ ସତ୍ୱ, ମଧ୍ୟ ସତ୍ୱ, ଲଖରାଜ ସତ୍ୱ, ସିକମି ସତ୍ୱ, ଜମିଦାରି ସତ୍ୱ, ମକଦମି ସତ୍ୱ, ବାଜେଇ ସତ୍ୱ ଇତ୍ୟାଦ ।]

ସତ୍ୱ ଉଚ୍ଛେଦ—ଦେ. ବି. (ଜଟଭିଆ)—ସ୍ୱତ୍ୱର ଲୋପ—
Satwa uchchheda Extinction of title.
सत्व उच्छेद **सत्व लोप, हक मारना**

ସତ୍ୱ ଉଦ୍ଭବ—ଦେ. ବି. (ଜଟଭିଆ)—ଖରିଦ ବା ବହୁକାଳ ଦଖଲ
Satwa udbhaba ବା ଉତ୍ତରାଧିକାରିତ୍ୱ ବା ଦାନଗ୍ରହଣ
सत्व उद्भव ଜରିଥିବା ବ୍ୟକ୍ତିର ଭୂମି ସମ୍ପତ୍ତିରେ ସ୍ୱତ୍ୱର ଉତ୍ପତ୍ତି—
सत्व उद्भव, हकप्राप्त Accrual of title to land by purchase or long possession or inheritance or gift.

ସତ୍ୱ ଦଖଲ—ଦେ. ବି.—(ଜଟଭିଆ; ସତ୍ୱଚର ଶବ୍ଦ)—କୌଣସି
Satwa dakhala ବ୍ୟକ୍ତିର ସ୍ୱତ୍ୱ ଓ ଭୂମି ସମ୍ପତ୍ତିର ଭୋଗ
सत्व दखल Title and possession in a property.
सत्व दखल हक दखल

ସତ୍ୱ ଦାବି—ଦେ. ବି. (ଜଟଭିଆ)—ସମ୍ପତ୍ତିରେ ସ୍ୱାମିତ୍ୱ ବା ଅଧିକାର
Satwa dābi ପାଇବାପାଇଁ ଦାବି—Claim of title to a
सत्वदावि **सत्व दावी, हक दावी** property.

ସତ୍ୱ ଦାୟୀ—ଦେ. ବି. (ଜଟଭିଆ)—ସମ୍ପତ୍ତିରେ ଯାହାର ସ୍ୱତ୍ୱ ବା
Satwa dāyī ସ୍ୱାମିତ୍ୱ ଅଛି; ସ୍ୱତ୍ୱବାନ୍ (ବ୍ୟକ୍ତି)—(A person)
स्वत्ववान् Having title or interest in a property.
सत्वदायी, हक्‌दार

ସତ୍ୱ ପ୍ରଚାର—ଦେ. ବି. (ଜଟଭିଆ)—କୌଣସି ସମ୍ପତ୍ତିରେ ବାଦୀର
Satwa prachāra ସ୍ୱାମିତ୍ୱ ଥିବା ବିଷୟ ଅଦାଲତଦ୍ୱାରା
सत्वप्रचार ଘୋଷଣା—Judicial declaration of one's
सत्व घोषणा, हककी डिक्री title to a property.

ସତ୍ୱ ବାନ୍—ବିଣ.—ସତ୍ତ୍ୱବାନ୍ (ଦେଖ)
Satwabān Sattwabān (See)
सत्ववान् ଦେ. ବିଣ (ଜଟଭିଆ; ସଂ ସ୍ୱତ୍ୱବାନ୍)—ଯାହାର ସମ୍ପତ୍ତିରେ
सत्ववान्, हकदार ସ୍ୱତ୍ୱ ବା ସ୍ୱାମିତ୍ୱ ଥାଏ; ହକ୍‌ଦାର୍—
Having title to any property.

ସତ୍ୱ ବୁଡ଼ା(ଢ଼େ)ଇବା—ଦେ. କ୍ରି. (ଜଟଭିଆ)—ଅନ୍ୟ ବ୍ୟକ୍ତିର
Satwa burdā (rde) ibā ସ୍ୱତ୍ୱକୁ ବା ସ୍ୱାମିତ୍ୱକୁ ଯବରଦସ୍ତି
सत्व डुबान अଧିକାର ଦ୍ୱାରା ଲୋପ କରିବା—To extinguish
सत्व मिटाना, हक मारना a person's title by forcible possession.

[ସତ୍ୱ ବୁଡ଼ିବା (ବୁଡ଼ିଯିବା)—ବିଶେଷ୍ୟରୂପ] [ଦ୍ର—କେତେ କାଳ ଅନ୍ୟର ସମ୍ପତ୍ତିକୁ ବଳପୂର୍ବକ ଅଧିକାର କଲେ ଦମ୍ପତ୍ତିସ୍ୱାମୀଙ୍କର ଭୂମି ସମ୍ପତ୍ତିରେ ସତ୍ୱ ବୁଡ଼ଯାଏ ବା ସତ୍ୱଲୋପ ହୁଏ, ତାହା ତମାଦି ଅଇନରେ ନିର୍ଦ୍ଦିଷ୍ଟ ହୋଇଅଛି ।]

ସତ୍ୱର—ସଂ. କ୍ରି. ବିଣ—(ବହୁବ୍ରୀହି) (ସ=ସହିତ+ତ୍ୱରା)—
Satwara ଅବିଳମ୍ବେ; ଶୀଘ୍ର—Soon; speedily; hastily. ବିଣ—ଶୀଘ୍ର; ତ୍ୱରିତ; ଅବିଳମ୍ବ—Speedy; hasty.

ସତ୍ୱର ଗତି—ସଂ. ବି.—ସଂ.ବି. (କର୍ମଧା; ସତ୍ୱର+ଗତି) ଶୀଘ୍ର ଗମନ—
Satwara gati Speedy movement. ବିଣ (ବହୁବ୍ରୀହି) ତ୍ୱରିତ ଗତି ବିଶିଷ୍ଟ—Moving speedily.

ସତ୍ୱରତା(ତ୍ୱ)—ସଂ ବି—(ସତ୍ୱର+ଭାବେ. ତା)—ଶୀଘ୍ରତା—
Satwaratā (twa) Swiftness; speediness; quickness.

ସତ୍ୱ ଲାଭ—ଦେ. ବି. (ଜଟଭିଆ)—୧ । ସତ୍ୱ ଉଦ୍ଭବ (ଦେଖ)
Satwa lābha Satwa udbhaba (See). ୨ । ସମ୍ପତ୍ତିରେ
सत्वलाभ ଜନ୍ମିଥିବା ସବୁ ପ୍ରକାରର ସ୍ୱତ୍ୱ—2. All rights
सत्वलाभ, हकलाभ which have accrued in a property. (ଦ୍ର—କବଲାରେ ଲେଖାଯାଏ—ଏ ସମ୍ପତ୍ତି ଓ ତହିଁର ସମସ୍ତ ସତ୍ୱଲାଭ ସହିତ ମୁଁ କାଲୋଚିତ ମୂଲ୍ୟ ପ୍ରମାଣେ ଆପଣଙ୍କ ହସ୍ତେ ବିକି କଲି) ।

ସତ୍ୱ ଲୋପ—ଦେ. ବି. (ଜଟଭିଆ)—ଜଣେ ବା ନିର୍ଦ୍ଦିଷ୍ଟ କାଳ ଅପେକ୍ଷା
Satwa lopa ବେଶି ସମୟ ବେଦଖଲ ଅବ ଦ୍ୱାରା ସମ୍ପତ୍ତିରେ
सत्वलोप ସମ୍ପତ୍ତିସ୍ୱାମୀର ଥିବା ସ୍ୱାମିତ୍ୱର ନାଶ—Extinction

सत्वलोप, हक्कालोप of one's title to a property by sale or long dispossession.

ସତ୍ୱ ସାବ୍ୟସ୍ତ—ଦେ. ବ. (ଜଡ଼ରୂପ)—ସମ୍ପତ୍ତିରେ କୌଣସି ବ୍ୟକ୍ତିର **Satwa sābyasta** ସ୍ୱତ୍ୱ ଥିବା ସମ୍ବନ୍ଧେ ଅଦାଲତଙ୍କ ଦ୍ୱାରା ସত্বসাব্যস্ত ବିଚାରପୂର୍ବକ ନିର୍ଦ୍ଧାରଣ—Declaration or **सत्व निर्द्धारण** establishment of one's title to a property by a court of justice.

ସତ୍ୱସାବ୍ୟସ୍ତ ମକଦ୍ଦମା—ଦେ. ବ (ଜଡ଼ରୂପ)—କୌଣସି ସମ୍ପତ୍ତିରେ Satwasābyasta makaddamā ବାଦୀର ସ୍ୱାମିତ୍ୱ ଥିବା সত্বসাব্যস্ত মোকদ্দমা ବିଷୟ ନିର୍ଦ୍ଧାରଣ କରିବା ପାଇଁ କରାଯିବା **सत्वनिर्द्धारण मुकद्मा** ମକଦ୍ଦମା—Suit for establishment and declaration of one's title to a property.

ସତ୍ୱ ହାନି—ଦେ. ବ (ଜଡ଼ରୂପ)—୧ । ସ୍ୱତ୍ୱ ସମ୍ବନ୍ଧେ କ୍ଷତି—1. Loss Satwa hāni of one's title. ୨ । ସ୍ୱତ୍ୱ ସମ୍ବନ୍ଧେ ବାଧା—সত্বহানি **सत्वहानि, हकनुकसान** 2. Detriment to one's title.

ସତ୍ୱାସତ୍ୱ—ଦେ· ବ (ଜଡ଼ରୂପ)—ସ୍ୱତ୍ୱ ସମ୍ବନ୍ଧୀୟ ବିଷୟ; ବାଦୀ ଓ **Satwāsatwa** ପ୍ରତିବାଦୀ ଦୁଇ ଜଣଙ୍କ ମଧ୍ୟରୁ କାହାର ଦାବୀକୃତ সত্বাসত্ব ସମ୍ପତ୍ତିରେ ସତ୍ୱ ଅଛି ଓ କାହାର ନାହିଁ, ଏହି ବିଷୟ—**सत्वासत्व, हकवेहक** Title of one party and want of title of the other party in a disputed property, the subject matter of a title suit.

ସତ୍ୱାସତ୍ୱ ମକଦ୍ଦମା—ଦେ. ବ (ଜଡ଼ରୂପ)—ଯେଉଁ ମକଦ୍ଦମାରେ **Satwāsatwa makaddamā** ସମ୍ପତ୍ତି (ବିଶେଷତଃ সত্বাসত্ব মোকদ্দমা ଭୂସମ୍ପତ୍ତି)ରେ ବାଦୀ ପ୍ରତିବାଦୀ ଉଭୟଙ୍କ ମଧ୍ୟରୁ **सत्वासत्व मुकद्मा, हकवेहक मुकद्मा** କାହାର ସତ୍ୱ ଅଛି କାହାର ନାହିଁ, ଏହି ପ୍ରଶ୍ନର ମୀମାଂସା କରାଯାଏ—Title suit.

ସତ୍ୟ—ସଂ. ବଣ (ସତ୍ + ଯ)—୧ । ପ୍ରକୃତ; ଯଥାର୍ଥ—**Satya** 1. Actual. ୨ । ଯାହା ଭ୍ରମାତ୍ମକ ନୁହେଁ; ଠିକ୍—2. Right. ୩ । ଯାହା ମିଥ୍ୟା ନୁହେ—3. True. ୪ । ନିତ୍ୟ; ଅବିନାଶୀ—4. Permanent; indestructible. ୫ । ନିଃସନ୍ଦେହ; ନିଶ୍ଚିତ—5. Certain; sure. କ୍ରି· ବଣ (ସଂ, ସତ୍ୟଂ)—୧ । ଯଥାର୍ଥରେ—1. Really. ୨ । ପ୍ରକୃତରେ—2. Actually. ୩ । ନିଶ୍ଚେ—3. Certainly; verily. ବି—୧ । ନିତ୍ୟତା; ଅନଶ୍ୱରତା—1. Permanence; indestructibility. ୨ । ଯାଥାର୍ଥ୍ୟ—2. Reality. ୩ । ଯଥାର୍ଥ କଥନ; ଅମିଥ୍ୟା; ପ୍ରକୃତ ଘଟନାର ବର୍ଣ୍ଣନା—3. Speaking what is true; truth. ୪ । ପବିତ୍ରତା—4. Purity. ୫ । ପୁଣ୍ୟ—5. Virtue. ୬ । ଯଥାର୍ଥ ଜ୍ଞାନ—6. True knowledge. ୭ । ବିଜ୍ଞାନ—7. Science; scientific knowledge. ୮ । ସିଦ୍ଧାନ୍ତ—8. Conclusion; resolution. ୯ । ବୈଜ୍ଞାନିକ ବା ପ୍ରାକୃତିକ ଅପରିବର୍ତ୍ତନୀୟ ନିୟମ—9. Natural or scientific rules or maxims or truths; axiomatic truths; scientific maxims. ୧୦ । ଧର୍ମତଃ ପ୍ରତିଜ୍ଞା; ଶପଥ—10. Vow; solemn declaration. [ଦ୍ର—ହିନ୍ଦୁଶାସ୍ତ୍ର ମତରେ ସତ୍ୟ କହିବାଠାରୁ ଓ ସତ୍ୟପାଳନ ବା ପ୍ରତିଜ୍ଞାପାଳନଠାରୁ ବଳି ଆଉ ଧର୍ମ ସଂସାରରେ ନାହିଁ । ଶାସ୍ତ୍ରରେ ଅଛି, ସତ୍ୟଠାରୁ ବଳି ଧର୍ମ ନାହିଁ, ମିଥ୍ୟା ବା ଅନୃତଠାରୁ ବଳି ପାତକ ନାହିଁ; ମାତାଙ୍କଠାରୁ ବଳି ବନ୍ଧୁ ନାହିଁ, ମନ୍ତ୍ରଦାତାଙ୍କଠାରୁ ବଳି ଗୁରୁ ନାହାନ୍ତି; ଯେ ସତ୍ୟ କହେ ଓ ସତ୍ୟ ପାଳନ କରେ ସେ ସମସ୍ତ ଧର୍ମକାର୍ଯ୍ୟର ଫଳ ପାଏ; ସତ୍ୟ ଯୋଗୁଁ ଏ ସୃଷ୍ଟି ରହିଅଛି । ସତ୍ୟରକ୍ଷା ବା ପ୍ରତିଜ୍ଞା ପାଳନହିଁ ମନୁଷ୍ୟର ପ୍ରାଣାନ୍ତେ ମଧ୍ୟ କର୍ତ୍ତବ୍ୟ; ଯେ ମିଥ୍ୟା କହେ ଓ ପ୍ରତିଜ୍ଞା ଭଙ୍ଗ କରେ ତାଠାରୁ ବଳି ପାତକୀ ଏ ବ୍ରହ୍ମାଣ୍ଡରେ ନାହିଁ; ମହାପୁରୁଷମାନେ ପ୍ରାଣାନ୍ତେ ସୁଦ୍ଧା ମିଥ୍ୟା କହନ୍ତି ନାହିଁ କିମ୍ବା ସତ୍ୟ (ପ୍ରତିଜ୍ଞା) ଲଙ୍ଘନ୍ତି ନାହିଁ ।] ୧୧ । ସତ୍ୟଯୁଗ; କୃତଯୁଗ; ସୃଷ୍ଟିର ୪ଯୁଗ ମଧ୍ୟରୁ ପ୍ରଥମ ଯୁଗ—11. The first of the four ages of the creation according to the Hindu mythology. [ଦ୍ର—ଏହାର କାଳ ୧୦ କୋଟି ୭ ଲକ୍ଷ ୨୮ ହଜାର ବର୍ଷ; ମତାନ୍ତରରେ ୧୭ ଲକ୍ଷ ୨୮ ହଜାର ବର୍ଷ ।

ସୃଷ୍ଟିର ପ୍ରଥମରେ ସତ୍ୟଯୁଗ ଆରମ୍ଭ ହୁଏ । ତତ୍ପରେ ତ୍ରେତା, ଦ୍ୱାପର ଓ କଳିଯୁଗ ଶେଷ ହେଲାପରେ ପୁଣି ସତ୍ୟଯୁଗ ଆରମ୍ଭ ହୁଏ । ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା ଦିନ ସତ୍ୟଯୁଗର ଉତ୍ପତ୍ତି । ଏଯୁଗର ପରିମାଣ ୧୭ ଲକ୍ଷ ୨୮ ହଜାର ବର୍ଷ; ମନୁଷ୍ୟମାନଙ୍କ ପରମାୟୁ ଲକ୍ଷେ ବର୍ଷ; ମନୁଷ୍ୟ ଉଚ୍ଚରେ ୨୧ ହାତ ବଡ଼ନ୍ତି; ମଜ୍ଜାଗତ ପ୍ରାଣ; ଇଚ୍ଛାମୃତ୍ୟୁ; ବ୍ୟବହାରପାତ୍ର ସୁବର୍ଣ୍ଣ; ସାମବେଦର ଅଧିକାର; ତୀର୍ଥନାମ ପୁଷ୍କର; ଲୋକେ ସତ୍ୟଧର୍ମରତ ଓ ତୀର୍ଥାଶ୍ରୟୀ । ସତ୍ୟଯୁଗରେ ୬ଜଣ ଚକ୍ରବର୍ତ୍ତୀ ରାଜତ୍ୱ କରିଥିଲେ—ବଳି; ବେଣୁ, ମାନ୍ଧାତା, ପୁରୁରବାଃ, ଧୁନ୍ଧୁମାର, କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ, ତାରକବ୍ରହ୍ମନାମ—ନାରାୟଣପରାବେଦାଃ ନାରାୟଣ ପରାକ୍ଷରାଃ । ନାରାୟଣ ପରାମୁକ୍ତି ର୍ନାରାୟଣ ପରା ଗତିଃ ।
ପଞ୍ଚିକୋଦ୍ଧୃତ ବଚନ ।)

୧୨ । ବ୍ରହ୍ମଲୋକ; ସପ୍ତଲୋକର ବା ସପ୍ତ ଭୁବନର ଉଚ୍ଚତମ ଲୋକ—12. The highest of the 7 upper worlds of the Hindu mythology. [ଦ୍ର—ଏହି ଲୋକରେ ବିଷ୍ଣୁ ଓ ବ୍ରହ୍ମା ବାସ କରନ୍ତି । ଯେଉଁମାନେ ମୃତ୍ୟୁପରେ ନିଜ ନିଜର ପୁଣ୍ୟଫଳରେ ସତ୍ୟଲୋକରେ ପହଞ୍ଚନ୍ତି ସେମାନେ ଆଉ ସଂସାରରେ ପୁନର୍ଜନ୍ମ ଲାଭ କରନ୍ତି

ନାହିଁ ।] ୧୩ । (ସହସ୍ର ନାମ) ବିଷ୍ଣୁ—13. A name of Bishṇu. ୧୪ । (ଶବ୍ଦରତ୍ନାବଳୀ) ଶ୍ରୀରାମଚନ୍ଦ୍ର—14. A name of Rāmachandra. ୧୫ । (ରାଜନିର୍ଘଣ୍ଟ) ଅଶ୍ୱତ୍ଥ ବୃକ୍ଷ—15. The religious fig tree. ୧୬ । ନାନ୍ଦୀମୁଖ ଶ୍ରାଦ୍ଧରେ ଅର୍ଚ୍ଚିତ ଦେବତା—16. The Deity invoked in the Nāndimukha Srāddha. ଦେ. ବି.—ତଥ୍ୟ; ବିଜ୍ଞାନ ବା ଦର୍ଶନାଦି

সত্য सत्य ଶାସ୍ତ୍ରମତେ ଅପରିବର୍ତ୍ତନୀୟ ବିଷୟ; ସ୍ୱତଃସିଦ୍ଧ, ସ୍ୱାର୍ଥ—Scientific; philosoplical or religious truths; axioms; axiomatic truths.

ସତ୍ୟ(ତ୍ୟା) ଅମ୍ବ(ମ୍ବା)—ଦେ. ବି—(ସ ସତ୍ୟ ଓ ଅମ୍ବ)—ନାଗେଶ୍ୱରାଦି ବର୍ଗର ପ୍ରାଠାମ ଶ୍ୟାମଳ ଗଛ; ଵଶେଷ—Garcina Xanthochymus (a tree). [ଦ୍ର—ଏ ଗଛ ତମାଳ ଗଛ ପରି ଘନଶ୍ୟାମଳ ଓ ସ୍ଥୂଳ-ସ୍କନ୍ଧ ଗଛ । ଏଥିର ଫଳ ନେଙ୍ଗଡ଼ା ଅମ୍ବ ବା ଡେଙ୍ଗ ଫଳ ପରି ଗୋଲ । କଞ୍ଚା ଫଳ ଖଟା; ଫଳ ପାଚିଲେ ଈଷତ୍ ମିଠା ଓ ଖଟା ଲାଗେ ଓ ହଳଦିଆ ବା ନାରଙ୍ଗୀ ବର୍ଣ୍ଣ ବା ପାଚିଲା ଅମ୍ବର ବର୍ଣ୍ଣ ଧରେ । ପତ୍ର ଗୁଡ଼ିକ ଅମ୍ବ ପତ୍ରଠାରୁ ବଡ଼, ବହୁତ ମୋଟା ଓ ଚିକ୍କଣ । ଫୁଲ ଧଳା ଓ ସୁଗନ୍ଧ । ବସନ୍ତ କାଳରେ ଫୁଲ ଫୁଟେ । ବର୍ଷା ଓ ଶରତ୍ କାଳରେ ଫଳ ପାଚେ । ପାଚିଲା ଫଳକୁ ଗରିବ ଲୋକେ ଖାଆନ୍ତି ଏବଂ ଅମ୍ଳ ତରକାରି କରନ୍ତି । କଞ୍ଚା ଫଳକୁ କେହି କେହି କାଟି ଅଗୁର କରନ୍ତି । ଫଳ ଭିତରେ ଗୁଡ଼ିଏ ଖୋସା ବା ଚଇଁତା ଥାଏ ଓ ବହୁଳ ମଞ୍ଜିଠାରୁ ବଡ଼ ଓ କଳା କଳା ଅନେକଗୁଡ଼ିଏ ଲମ୍ବ ମଞ୍ଜି ଥାଏ । ଏହାର ଡାଳମାନ ଘନ ଓ ପତ୍ରମାନ ମଧ୍ୟ ଘନସନ୍ନିବଦ୍ଧ । ଓଡ଼ିଶାର ସ୍ଥାନେ ସ୍ଥାନେ ଓ ଗଡ଼ଜାତରେ ଏ ଗଛ ମଳନ୍ତି । ଚଟ୍ଟଗ୍ରାମ, ଆସାମ, ବ୍ରହ୍ମଦେଶ ଓ ଦାକ୍ଷିଣାତ୍ୟରେ ଏ ଗଛ ହୁଏ ।

Satya (tyā)āmba(mbā)

[ସତ୍ୟାମ୍ବ(ମ୍ବା)—ଅନ୍ୟରୂପ]

ସଂ. ବନାମ୍ର, ରକ୍ତାମ୍ର, ସୁଗନ୍ଧକ

दाम्पल

दम्पल

म, ढाड़ी अम्बा

ତେ. ନୁଦ୍ରମାଚୁ

ଏହାର ଅପକ୍ୱ ଫଳ ଅମ୍ଳ,ଧାରକ, ବାୟୁନାଶକ, ଉଷ୍ଣବୀର୍ଯ୍ୟ, ଗୁରୁ ଓ ପିତ୍ତ ବର୍ଦ୍ଧକ । ଏହାର ପକ୍ୱ ଫଳ—ପାଚକ, ରୁଚିଜନକ, ଲଘୁ, ଉଷ୍ଣବୀର୍ଯ୍ୟ, କଫ ଓ ବାୟୁନାଶକ ।

ଏହାର ବୀଜର ତୈଳ ତିକ୍ତ, ଅମ୍ଳ—ମଧୁର, ପାଚକ, ରୁଚିକାରକ, ବଳକର, ସାରକ; କୃମି, କୁଷ୍ଠ ଓ ବ୍ରଣ ରୋଗରେ ଉପକାରକ ।] ୨ । କୁସୁମ ୨ (ଦେଖ)

2. Kusuma 2. (See)

ସତ୍ୟଂକାର—ସଂ. ବି—ସତ୍ୟଙ୍କାର (ଦେଖ)

Satyamkāra　Satyankāra (See)

ସତ୍ୟକ—ସଂ. ବି (ସତ୍ୟ+କ)—ସତ୍ୟଙ୍କାର (ଦେଖ)

Satyaka　Satyankāra (See)

ସତ୍ୟ କଥନ—ସଂ. ବି (୬ଷ୍ଠୀ ତତ୍)—ସତ୍ୟ କହିବା—

Satya kathana　Speaking of truth.

ସତ୍ୟକଥା—ଦେ. ବି—ଅମିଥ୍ୟା; ପ୍ରକୃତ ଘଟଣାର ବର୍ଣ୍ଣନ—

Satya kathā　Truthful speech.

সত্যি কথা　**सच्चि बात**

ସତ୍ୟ କରଣ—ସଂ. ବି—୧ । ସତ୍ୟଙ୍କାର (ଦେଖ)—1. Satyankāra (See) ୨ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରତିଜ୍ଞା କରିବା—2. A resolution to do something. ୩ । ଶପଥ; ଧର୍ମତଃ ପ୍ରତିଜ୍ଞା—3. Vow; promise on oath.

Satya karaṇa

ସତ୍ୟ କରିବା—ଦେ. କି—କୌଣସି କାର୍ଯ୍ୟ କରିବା ପାଇଁ ଧର୍ମତଃ ପ୍ରତିଜ୍ଞା କରିବା—To take a solemn vow to do some thing.

Satya karibā

সত্য করা　**सत्य करना**

ସତ୍ୟ କହିବା—ଦେ. କି—ସତ୍ୟ ବାକ୍ୟ କହିବା—

Satya kahibā　To speak the truth.

সত্য বলা　**सच कहना**

ସତ୍ୟକାର—ସଂ. ବି—ସତ୍ୟଙ୍କାର (ଦେଖ)

Sātyakāra　Satyankāra (See)

(ସତ୍ୟ କିମ୍ବା—ଅନ୍ୟରୂପ)

ସତ୍ୟ କିଙ୍କର—ସଂ. ବି ଓ ବିଣ (୬ଷ୍ଠୀ ତତ୍;ସତ୍ୟ+କିଙ୍କର)—ସତ୍ୟର ଦାସ; ସତ୍ୟବ୍ରତପରାୟଣ—A servant of truth; practising truthfulness.

Satya kinkara

ସତ୍ୟକୁ ଆସିବା—ଦେ. କି—ସତ୍ୟ ରୂପେ ଘଟିବା—

Satyaku āsibā　To come to be true.

সত্য হওয়া　**सच होना**

ସତ୍ୟଙ୍କାର—ସଂ. ବି (ସତ୍ୟଂ+କୃ ଧାତୁ+ଭାବ. ଅ)—୧ । କୌଣସି ଦ୍ରବ୍ୟ କ୍ରୟ କରିବା ପାଇଁ ଅଙ୍ଗୀକାର—1. The conclusion or ratification of a bargain; agreement or promise to purchase a thing. ୨ । ଉପସ୍ଥିତ କାର୍ଯ୍ୟର ଅବଶ୍ୟ-କିମ୍ବା ସାଧନ କରିବା ପର ହସ୍ତରେ ସାମୟିକ ବସ୍ତୁ ବା ବ୍ୟକ୍ତି (ପ୍ରକୃତିବାଦ)—2. Any person or thing given as security for the performance of an act.

Satyankāra

ସତ୍ୟଙ୍କାର କୃତ—ସଂ. ବି—କୌଣସି ଦ୍ରବ୍ୟ କିଣିବା ନିମନ୍ତେ କଥା ସ୍ଥିର ହେବାପରେ ବିକ୍ରେତାକୁ ଅଗରୁଆ ଦିଆ ଯିବା ଧନ; ବଇନା—Advance made towards the settled consideration-money for the purchase of an article.

Satyankāra kruta

ସତ୍ୟ ଛଡ଼ା—ଦେ. ବିଣ—ମିଥ୍ୟାବାଦୀ—Liar. [ଉ—ଅହେ ନୃପ ନୋହୁଣ ତୁମ୍ଭେ ସତ୍ୟଛଡ଼ା, ସାହିଲଭ କାର୍ଯ୍ୟ, ଦଅ ଅମୂଲ ଘୋଡ଼ା । କୃଷ୍ଣସିଂହ.ମହାଭାରତ.ବନ]

Satya chhardā

সত্যছাড়া

सच छोड़ा

ସତ୍ୟ ଜଳ୍ପନ—ସଂ. ବି (୬ଷ୍ଠୀ ତତ୍)—ସତ୍ୟକଥନ; ସତ୍ୟ କହିବା—

Satya jalpana　Speaking of truth.

ସତ୍ୟତପାଃ—ସଂ. ବି. ପୁ—(ସତ୍ୟ+ତପସ୍, ୧ମା ୧ବ)—
Satya tapāh ମୁନି ବିଶେଷ — Name of a sage. [ବି—ଏ ପ୍ରଥମେ ବ୍ୟାଧ ଥିଲେ, ପରେ ତପସ୍ୟା ଦ୍ୱାରା ଦୁର୍ବାସାଙ୍କ ବରରେ ଏହି ନାମଧାରୀ ସର୍ବଶାସ୍ତ୍ରଜ୍ଞ ମୁନି ହୋଇଥିଲେ । (ବରାହ ପୁରାଣ ସତ୍ୟତପାଃ-ଉପାଖ୍ୟାନାଧ୍ୟାୟ)]

ସତ୍ୟ ଦେବ—ସଂ. ବି—ସତ୍ୟ ନାରାୟଣ (ଦେଖ)
Satya deba Satya nārāyaṇa (see)

ସତ୍ୟଧର୍ମ—ସଂ. ବି. (ରୂପକ)—ପ୍ରତିଜ୍ଞା ପାଳନରୂପ ଧର୍ମ; ସତ୍ୟବ୍ରତ-
Satya dharma The vow of keeping one's promise.

ସତ୍ୟଧର୍ମ ପରାୟଣ—ସଂ. ବିଣ. ପୁ.—ସତ୍ୟବ୍ରତପାଳନତତ୍ପର—
Satyadharma parayāṇa Always true to one's promise.
(ସତ୍ୟ ଧର୍ମ ପରାୟଣା—ସ୍ତ୍ରୀ)
(ସତ୍ୟଧର୍ମପରାୟଣତା—ବି)

ସତ୍ୟ ଧୃତି—ସଂ. ବି.—ମୁନି ବିଶେଷ—Name of a sage.
Satya dhruti [ବି—ଏ ଗୌତମଙ୍କ ଔରସରେ ଅହଲ୍ୟାଙ୍କ ଗର୍ଭରୁ ଜାତ ହୋଇ ବେଦବିଦ୍ୟା ପାରଙ୍ଗମ ହୋଇଥିଲେ]

ସତ୍ୟ ନାରାୟଣ—ସଂ. ବି—ବିଷ୍ଣୁ ବା ନାରାୟଣ—Bishṇu.
Satya nārāyaṇa [ବି—ବାଞ୍ଛାସିଦ୍ଧି କାମନାରେ ଏହାଙ୍କ ପୂଜାପଦ୍ଧତି ଓ ବ୍ରତ ଓ ସେହି ବ୍ରତର ବିଧାନ ଓ ଫଳ-ଲାଭ ସମ୍ବନ୍ଧେ ଉପଦେଶ ସ୍କନ୍ଦପୁରାଣ ରେବା ଖଣ୍ଡରେ ସତ୍ୟ ନାରାୟଣ କଥା ନାମକ ୪ ଗୋଟି ଅଧ୍ୟାୟରେ ଅଛି । ଏହା ଭବିଷ୍ୟ ପୁରାଣୋକ୍ତ ବୋଲି କେହି କେହି କହନ୍ତି । ଭଗବାନ୍ ନାରଦଙ୍କୁ ଏହା କହିଥିଲେ; ନାରଦ ଶୁକଙ୍କୁ କହିଥିଲେ ଓ ଶୁକ ନୈମିଷାରଣ୍ୟରେ ଶୌନକାଦିଙ୍କୁ କହିଥିଲେ । ଭାରତରେ ମୁସଲମାନ୍ ରାଜତ୍ୱକାଳରେ ଏହି ସତ୍ୟନାରାୟଣ ବା ବିଷ୍ଣୁଙ୍କୁ ହିନ୍ଦୁମାନେ 'ସତ୍ୟପୀର' ନାମ ଦେଇ ମୁସଲମାନ ପ୍ରତିବେଶୀମାନଙ୍କ ନିକଟରେ ହିନ୍ଦୁ ଧର୍ମର ସାର୍ବଭୌମିକତା ଦେଖାଇଅଛନ୍ତି ।

ପୁରାଣରେ ଲିଖିତ ଅଛି, ସତ୍ୟନାରାୟଣ ବୃଦ୍ଧ ବ୍ରାହ୍ମଣ ବେଶରେ କଥାବର୍ଣ୍ଣିତ ଜଣେ ବ୍ରାହ୍ମଣଙ୍କୁ ଦେଖା ଦେଇଥିଲେ । ହିନ୍ଦୁମାନେ ଉକ୍ତ ବୃଦ୍ଧ ବ୍ରାହ୍ମଣ ବେଶଧାରୀ ସତ୍ୟନାରାୟଣଙ୍କୁ ବୁଢ଼ା ଶ୍ମଶ୍ରୁଧାରୀ ଫକୀର ରୂପରେ ଓ ପୁରାଣ କଥିତ ଏକୀକୃତ ପକ୍ୱ ରମ୍ଭାଫଳ, ଘୃତ, ଦୁଗ୍ଧ, ଶର୍କରା ଓ ଗୋଧୂମ ଚୂର୍ଣ୍ଣ ବା ଶାଳୀ ତଣ୍ଡୁଳ ଚୂର୍ଣ୍ଣ ବା 'ଅମୃତକୁଣ୍ଡ'କୁ ମୁସଲମାନଙ୍କ ଶିର୍ଣ୍ଣୀ ରୂପରେ ଓ ସତ୍ୟ-ନାରାୟଣଙ୍କ ପୂଜାକୁ ସତ୍ୟପୀରଙ୍କ ପାଲା ରୂପରେ ନାମକରଣ କରି ପୁରାଣ ବର୍ଣ୍ଣିତ ୪ ଗୋଟି କାହାଣୀର ଅଙ୍ଗ ବୃଦ୍ଧି କରି ୧୬ ଗୋଟି ଗଳ୍ପ ବା ୧୬ ପାଲାରେ ପରିଣତ କରିଅଛନ୍ତି । ଏ ସବୁ ନାମକରଣ ମୁହେଁ ମୁହେଁ ହୁଏ, କିନ୍ତୁ ଉକ୍ତ ସତ୍ୟପୀରଙ୍କ ପାଲା ଗୀତ ବୋଲାଯିବା ପୂର୍ବରୁ ପୁରାଣୋକ୍ତ ବିଧିରେ ପଞ୍ଚଦେବତା (ଗଣେଶ, ଶିବ, ଦୁର୍ଗା, ସୂର୍ଯ୍ୟ ଓ ବିଷ୍ଣୁ)ଙ୍କର ଓ ନବଗ୍ରହଙ୍କର ଓ ଦଶ ଦିଗପାଳାଦିଙ୍କର ଅର୍ଚ୍ଚନା କରି "ଧ୍ୟାୟେତ୍ ସତ୍ୟଂଗୁଣାତୀତଂ ଗୁଣତ୍ରୟସମନ୍ୱିତଂ, ଲୋକନାଥଂ ତ୍ରିଲୋକେଶଂ ପୀତାମ୍ବରଧରଂ ହରିଂ, ଇନ୍ଦୀବରଦଳଶ୍ୟାମଂ ଶଙ୍ଖଚକ୍ରଗଦାଧରଂ, ସତ୍ୟ-ଦେବଂ ଚତୁର୍ବାହୁଂ ଶ୍ରୀବତ୍ସପଦଭୂଷିତଂ, ଗୋବିନ୍ଦଂ, ଗୋକୁଳାନନ୍ଦଂ ଜଗତଃ ପିତରଂ ଗୁରୁମ୍" ଧ୍ୟାନ ଦ୍ୱାରା ଓ 'ଶ୍ରୀମତ୍ ସତ୍ୟନାରାୟଣ ଗୋବିନ୍ଦାୟ ନମଃ' ମନ୍ତ୍ରଦ୍ୱାରା ଉକ୍ତ ନୈବେଦ୍ୟକୁ ଉତ୍ସର୍ଗ କରନ୍ତି ଓ "ଅଚ୍ୟୁତଂ ପୁଣ୍ଡରୀକାକ୍ଷଂ ନୃସିଂହଂ ଦୈତ୍ୟସୂଦନଂ, ହୃଷୀକେଶଂ ଜଗନ୍ନାଥଂ ବାଗୀଶଂ ବରଦାୟକଂ, ଗୁଣତ୍ରୟଂଗୁଣାତୀତଂ ଗୋବିନ୍ଦଂ ଗରୁଡ଼ଧ୍ୱଜଂ, ଜନାର୍ଦ୍ଦନଂ ଜନାନନ୍ଦଂ ଜାନକୀ ବଲ୍ଲଭଂ ଜୟଂ, ପ୍ରଣମାମି ସଦା ସତ୍ୟନାରାୟଣଂମତଃପରଂ" ଏହି ସ୍ତବ ଦ୍ୱାରା ପୂଜା ଶେଷ କରି ତତ୍ପରେ ବୁଢ଼ା ଫକୀରଙ୍କ କରାମତ୍ ବର୍ଣ୍ଣନାତ୍ମକ ୧୬ ଗୋଟି ବଙ୍ଗଳା ପଦ୍ୟରେ ରଚିତ ଗଳ୍ପ ମଧ୍ୟରୁ ଗୋଟିଏ ଗଳ୍ପ ବା ପାଲା ବୋଲନ୍ତି । ଭାରତର ଅନ୍ୟ ଅଞ୍ଚଳର ହିନ୍ଦୁମାନେ ପୁରାଣୋକ୍ତ ବିଧିରେ ମଧ୍ୟ ସତ୍ୟନାରାୟଣ ପୂଜା କରନ୍ତି; ଉତ୍କଳରେ ଓ ବଙ୍ଗରେ ତାହାହିଁ ହୁଏ; କିନ୍ତୁ ସତ୍ୟପୀରଙ୍କ ପାଲା ଉତ୍କଳ ଓ ବଙ୍ଗ ଛଡ଼ା ଅନ୍ୟତ୍ର ଦେଖାଯାଏ ନାହିଁ ।

ସ୍କନ୍ଦ ପୁରାଣରେ ଲେଖାଅଛି ଯେ, କଳିଯୁଗରେ ନାରାୟଣଙ୍କୁ 'ସତ୍ୟନାରାୟଣ' ରୂପେ ପୂଜା କରି ବ୍ରତ ପାଳିବାହିଁ ଶ୍ରେୟସ୍କର ଓ ଏତଦ୍ଦ୍ୱାରା ବାଞ୍ଛାସିଦ୍ଧି, ଦାରିଦ୍ର୍ୟ-ନାଶ, ପୁତ୍ର କନ୍ୟା ଲାଭ, ନଷ୍ଟଧନ ପ୍ରାପ୍ତି, ପୁଣ୍ୟଲାଭ, ଜୟଲାଭ, ଶ୍ରୀଲାଭ, କାରାରୁ, ପୀଡ଼ାରୁ ଓ ବନ୍ଧନାଦିରୁ ମୁକ୍ତି-ଲାଭ ହୁଏ ଏବଂ ମରଣାନ୍ତେ ସତ୍ୟ ଲୋକ ବା ସ୍ୱର୍ଗପ୍ରାପ୍ତି ହୁଏ ।]

ସତ୍ୟନାରାୟଣ କଥା—ସଂ. ବି—୧ । ସ୍କନ୍ଦପୁରାଣ ରେବାଖଣ୍ଡର ୪ଟି
Satyanārāyaṇa kathā ଅଧ୍ୟାୟରେ ବର୍ଣ୍ଣିତ 'ସତ୍ୟନାରାୟଣ' ବ୍ରତ ଓ ପୂଜା ଏବଂ ଉକ୍ତ ବ୍ରତାଶ୍ରୟୀ ବ୍ୟକ୍ତିଙ୍କ କାହାଣୀ ବା ଗଳ୍ପ—1. The story (four in number) of the effect of worshipping the Deity Satyanārāyaṇa as narrated in the Purāṇas. [ବି—ସ୍କନ୍ଦ ପୁରାଣରେ ଲିଖିତ ନିମ୍ନୋକ୍ତ କଥା ବା ଗଳ୍ପକୁ ସତ୍ୟ ନାରାୟଣଙ୍କ ପୂଜା ଶେଷରେ ଶ୍ରବଣ କରି ବନ୍ଧୁ ବାନ୍ଧବ କୁଟୁମ୍ବ ପରିବାରଙ୍କ ସଙ୍ଗେ ପ୍ରସାଦ ଭକ୍ଷଣ କଲେ ପୁଣ୍ୟଲାଭ ହୁଏ ଓ ମନୋବାଞ୍ଛାର ସିଦ୍ଧି ହୁଏ ।

୧ । କାଶୀପୁରରେ ଗୋଟିଏ ଦରିଦ୍ର ଭିକ୍ଷୁକ ବ୍ରାହ୍ମଣ ଅତି କଷ୍ଟରେ ଦିନ ଯାପନ କରୁଥିଲେ । ଦିନେ ସତ୍ୟ-ନାରାୟଣ ଦେବ ବୃଦ୍ଧ ବ୍ରାହ୍ମଣ ବେଶ ଧାରଣ କରି ଉକ୍ତ ବ୍ରାହ୍ମଣଙ୍କୁ ଦେଖା ଦେଇ ସତ୍ୟନାରାୟଣ ପୂଜା ଓ ବ୍ରତ କରିବା ପାଇଁ ତାଙ୍କୁ ପରାମର୍ଶ ଦେଇ ଅନ୍ତର୍ଦ୍ଧାନ ହେଲେ । ବ୍ରାହ୍ମଣ ତହିଁ ଆରଦିନ ସକାଳୁ ଉଠି ଭିକ୍ଷା କରିବାକୁ ଗଲେ;

ଓ ପ୍ରଭୁଙ୍କ ଦୟାରୁ ସେ ଦିନ ପ୍ରଚୁର ଧନ ଭିକ୍ଷା ପାଇ ଉକ୍ତ ବ୍ରତ ଆଚରଣ କରି ପ୍ରତି ମାସରେ ସତ୍ୟନାରାୟଣ ପୂଜା କଲେ । ଏଥିର ଫଳରେ ତାହାଙ୍କର ଦାରିଦ୍ର୍ୟ ନାଶ ହୋଇ ସେ ସର୍ବସମ୍ପତ୍ତିସମନ୍ୱିତ ଓ ସର୍ବପାପମୁକ୍ତ ହୋଇ ଦେହାନ୍ତେ ମୋକ୍ଷ ଲାଭ କଲେ । (ରେବାଖଣ୍ଡ—ସତ୍ୟନାରାୟଣ-ବ୍ରତ—ନାମକ—ପ୍ରଥମ ଅଧ୍ୟାୟ ।)

୨ । ଉକ୍ତ ବ୍ରାହ୍ମଣ ଆଉ ଦିନେ ଉକ୍ତ ବ୍ରତ ଉତ୍ସବ କରୁଥିବା ସମୟରେ ତାଙ୍କ ଘରେ 'କାଷ୍ଠକେତୁ' ନାମକ ଜଣେ କାଠୁରିଆ ଅତି କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ହୋଇ ଆସି ପହଞ୍ଚି ସେଠାରେ ଜଳପାନ ଓ ପ୍ରସାଦ ସେବନ ପୂର୍ବକ ଏ ବ୍ରତର ବିଧାନ ଓ ଫଳ ବ୍ରାହ୍ମଣଠାରୁ ଶୁଣି କାଠ ବିକିବାକୁ ଗଲା ଓ ସେ ଦିନ କାଠ ବିକି କରି ବହୁ ଧନ ପ୍ରାପ୍ତ ହୋଇ ବଜାରରୁ ପାଚିଲା କଦଳୀ, ଘିଅ, ଦୁଧ, ଗୁଡ଼ ଓ ଗହମ ଅଟା କିଣି ଆଣି 'ଅମୃତ କୁଣ୍ଡ' କରି ସତ୍ୟନାରାୟଣଙ୍କୁ ପୂଜା କଲା ଓ ବନ୍ଧୁ ବାନ୍ଧବମାନଙ୍କୁ ଡାକି ବ୍ରତ ଓ ଉତ୍ସବ କଲା । ଏଥିର ଫଳରେ କାଠୁରିଆ ଧନପୁତ୍ର ସମନ୍ୱିତ ହୋଇ ଦେହାନ୍ତେ 'ସତ୍ୟପୁର'କୁ ଗଲା । (୨ୟ ଅଧ୍ୟାୟ)

୩ । ଉଲ୍କାମୁଖ ନାମରେ ଜଣେ ବଳବାନ୍ ରାଜା ଥିଲେ ଓ ସେ ତାଙ୍କ ଭାର୍ଯ୍ୟା ସହିତ ସତ୍ୟନାରାୟଣ ବ୍ରତ ଆଚରଣ କରୁଥିଲେ । ସେଠାରେ ଜଣେ ନିଃସନ୍ତାନ ବଣିକ ଉପସ୍ଥିତ ହୋଇ ରାଜାଙ୍କଠାରୁ ଶୁଣିଲା ଯେ, ଏ ବ୍ରତ କଲେ ସନ୍ତାନ ଲାଭ ହୁଏ । ସାଧବ ନିଜ ଘରକୁ ଫେରି ଯାଇ ନିଜର ସ୍ତ୍ରୀ ଲୀଳାବତୀକୁ ଏ କଥା କହି ପ୍ରତିଜ୍ଞା କଲା,—ମୋର ସନ୍ତାନ ଲାଭ ହେଲେ ମୁଁ ଏ ବ୍ରତ କରିବି । ସତକୁ ସତ କିଛିଦିନ ପରେ ସାଧବର କଳାବତୀନାମ୍ନୀ ଗୋଟିଏ କନ୍ୟା ଜାତ ହେଲା । କିଛିଦିନ ପରେ ଲୀଳାବତୀ ସାଧବକୁ ପ୍ରତିଜ୍ଞାତ ବ୍ରତ କରିବାକୁ କହିବାରୁ ସାଧବ କହିଲା,—ଏ କନ୍ୟାର ବିବାହ ସମୟରେ ବ୍ରତ କରିବି । ଏହା କହି ବର ଖୋଜାଇ କାଞ୍ଚନ ନଗରବାସୀ ଗୋଟିଏ ସୁନ୍ଦର ଯୁବା ସଙ୍ଗେ କନ୍ୟାର ବିବାହ ଦେଲା, କିନ୍ତୁ ଦୈବ ଯୋଗୁଁ ସାଧବ ଏ ବ୍ରତ କଥା ଭୁଲିଗଲା । ଶେଷରେ ଜାମାତା ସହିତ ସିନ୍ଧୁତୀରସ୍ଥ ରତ୍ନସାର ପୁରକୁ ଯାଇ ସେଠାରେ ବାଣିଜ୍ୟ କରି ପୁରି ନିର୍ମାଣ କରି ରହିଲା । ସାଧବ ବ୍ରତ ନ କରିବାରୁ ସତ୍ୟନାରାୟଣ କୁପିତ ହୋଇ ତାକୁ ଅଭିଶାପ ଦେଲେ,—ତୋର ମହାଦୁଃଖ ଉପସ୍ଥିତ ହେଉ । ଦିନେ ଜଣେ ଚୋର ସେ ଦେଶର ରାଜା ଚନ୍ଦ୍ରକେତୁଙ୍କ ଘରୁ ଚୋରି କରି ଧନ ନେଇ ପଳାଇ ଯାଉ ଯାଉ ରାଜଦୂତମାନଙ୍କୁ ଦେଖି ଭୟରେ ଧନଯାକ ସାଧବର ଘରେ ପକାଇ ଦେଇଗଲା । ରାଜଦୂତମାନେ ସାଧବ ଘରେ ହୃତଧନକୁ ଦେଖି ସାଧବକୁ ଓ ତାହାର ଜାମାତାକୁ ଚୋର ବୋଲି ସ୍ଥିର କରି ରାଜାଙ୍କ ନିକଟକୁ ନେଲେ ଓ ରାଜାଜ୍ଞାରେ ସେ ଦୁହିଁଙ୍କୁ କାରାବଦ୍ଧ କଲେ ଓ ରାଜା ସାଧବର ସମସ୍ତ ଧନ ଗ୍ରହଣ କଲେ । ଏଣେ ସାଧବର ନିଜ ଗ୍ରାମରେ ଥିବା ସ୍ତ୍ରୀ ଓ କନ୍ୟାଙ୍କ ନିକଟରୁ ମଧ୍ୟ ଚୋରମାନେ ସମସ୍ତ ଧନ ଅପହରଣ କଲେ ଓ ସେମାନେ ଶେଷକୁ ରୋଗାର୍ତ୍ତ ହୋଇ ଭିକ୍ଷା କଲେ । ଦିନେ ସାଧବକନ୍ୟା ଜଣେ ବ୍ରାହ୍ମଣ ଘରକୁ ଯାଇ ସେଠାରେ ବ୍ରତ ହେଉଥିବା ଦେଖି ମାଆଙ୍କୁ ଆସି କହିବାରୁ ମାତା ଓ କନ୍ୟା ଦୁହେଁ ଉକ୍ତ ବ୍ରତ କରି, ସାଧବ ଓ ଜାମାତା ଫେରି ଆସନ୍ତୁ ବୋଲି ସତ୍ୟନାରାୟଣଙ୍କୁ ପ୍ରାର୍ଥନା କଲେ । ସତ୍ୟନାରାୟଣ ଏଥିରେ ସନ୍ତୁଷ୍ଟ ହୋଇ ଚନ୍ଦ୍ରକେତୁ ରାଜାଙ୍କୁ ସ୍ୱପ୍ନରେ ଦେଖାଦେଇ, ସାଧବ ଓ ଜାମାତା ନିର୍ଦ୍ଦୋଷୀ ଅଟନ୍ତି ବୋଲି ଆଦେଶ ଦେବାରୁ ରାଜା ତହିଁଆର ଦିନ ସକାଳୁ ସାଧବକୁ ଓ ଜାମାତାଙ୍କୁ ବନ୍ଧନରୁ ମୁକ୍ତ କରି ତାଙ୍କୁ ଦ୍ୱିଗୁଣ ଧନ ଦେଇ ତାଙ୍କ ଦେଶକୁ ବିଦାୟ କଲେ । ଏମାନେ ନୌକାରେ ଧନ ରତ୍ନ ବୋଝାଇ କରି ଘରକୁ ଆସୁ ଆସୁ ବାଟରେ ସତ୍ୟନାରାୟଣ ପ୍ରଭୁ ବୃଦ୍ଧ ଦଣ୍ଡୀ ବେଶରେ ଦେଖାଦେଇ ସାଧବକୁ ପଚାରିଲେ;—ଏ ଡଙ୍ଗାରେ କଅଣ ଅଛି ? ସାଧବ ଲୋଭପରବଶ ହୋଇ କହିଲା,—ହେ ଦଣ୍ଡି ! ତୁମ୍ଭେ ମୋ ଡଙ୍ଗାର ଧନରତ୍ନ ନେବାକୁ ଲୋଭ କରି ମନେ ପଚାରୁଛ; ଏ ଡଙ୍ଗାରେ ଧନରତ୍ନ କିଛି ନାହିଁ, କେବଳ ଗୁଡ଼ାଏ ଲତାପତ୍ର ଅଛି । ଏହା ଶୁଣି ଦଣ୍ଡୀ କହିଲେ—ତଥାସ୍ତୁ । ସତକୁ ସତ ସାଧବ ଯାଇ ଡଙ୍ଗା ଦେଖିଲାବେଳକୁ ଧନରତ୍ନ କୁଆଡ଼େ ଉଭେଇ ଯାଇଅଛି ଓ ଡଙ୍ଗାଟି ଯାକ ଲତା ପତ୍ରରେ ପୂର୍ଣ୍ଣ ହୋଇଅଛି । ସାଧବ ଏହା ଦେଖି କାନ୍ଦି ବୋବାଇ ଅସ୍ଥିର ହେଲା । ଜାମାତା ସାଧବକୁ କହିଲା,—ତୁମ୍ଭେ ସେ ଦଣ୍ଡୀଙ୍କୁ ଅପମାନିତ କରିବାରୁ ତାଙ୍କ ଶାପରେ ଏପରି ହେଲା; ଚାଲ ତାଙ୍କର ଶରଣାପନ୍ନ ହେବା । ଏହା କହି ଦୁହେଁ ଯାଇ ଦଣ୍ଡୀଙ୍କଠାରେ ଶରଣ ପଶିବାରୁ ଦଣ୍ଡୀ କହିଲେ,—ତୁ ସତ୍ୟନାରାୟଣ ବ୍ରତ କରିବା ପ୍ରତିଜ୍ଞା ଭଙ୍ଗ କରିବାରୁ ଦୁଃଖ ପାଉଅଛୁ । ସାଧବ ପ୍ରତିଜ୍ଞା କଲା ଯେ, ଘରକୁ ଯାଇ ବ୍ରତ କରିବ । ଦଣ୍ଡୀରୂପଧାରୀ ଜନାର୍ଦ୍ଦନ ତା ଉପରେ ସନ୍ତୁଷ୍ଟ ହେଲେ ଓ ସାଧବ ଯାଇ ଦେଖିଲାବେଳକୁ ନୌକା ପୂର୍ବପରି ଧନରତ୍ନ ଭରି ହୋଇଅଛି । ସାଧବ ଓ ଜାମାତା ଆପଣା ଗ୍ରାମ ନିକଟରୁ ଖଣ୍ଡେ ଦୂରରୁ ତାଙ୍କ ଆସିବା ଖବର ସ୍ତ୍ରୀ ଓ କନ୍ୟାଙ୍କ ନିକଟକୁ ପଠାଇବାରୁ ସ୍ତ୍ରୀ ସତ୍ୟ-ନାରାୟଣଙ୍କ ପୂଜାକରି ପ୍ରସାଦ ସେବା କରି ସ୍ୱାମୀଙ୍କ ନିକଟକୁ ଆସିଲା । କିନ୍ତୁ ତାହାର କନ୍ୟା ନିଜର ପତିଙ୍କୁ ଦେଖିବା ଲୋଭରେ ସତ୍ୟନାରାୟଣଙ୍କ ପ୍ରସାଦ ଭୋଜନ ନ କରି ନିଜ ପତିଙ୍କ ନିକଟକୁ ଆସିଲାବେଳକୁ ସତ୍ୟନାରାୟଣ ମାୟା କରି ନୌକାକୁ ଓ ତାର ସ୍ୱାମୀକୁ ପାଣିରେ ବୁଡ଼ାଇ ଦେଲେ । ସାଧବ ଓ ତାର ସ୍ତ୍ରୀ ଏହା ଦେଖି ଅବାକ୍ ହେଲେ । କନ୍ୟା କାନ୍ଦି କାନ୍ଦି ଅନୁମୃତା ହେବାକୁ ବସିଲା । ସାଧବ ସତ୍ୟ-ନାରାୟଣଙ୍କୁ ପ୍ରାର୍ଥନା କରିବାରୁ ସତ୍ୟନାରାୟଣ ବୃଦ୍ଧବ୍ରାହ୍ମଣ ବେଶରେ ଦେଖା ଦେଇ କହିଲେ,—ତୋ କନ୍ୟା ମୋ ପ୍ରସାଦକୁ ଲଙ୍ଘନ କରି ସ୍ୱାମି-ଦର୍ଶନାର୍ଥ ଆସିବାରୁ ତାକୁ ଏ ଦଣ୍ଡ ହୋଇଅଛି; ସେ ଘରକୁ ଯାଇ ମୋ ପ୍ରସାଦକୁ ଖାଇ

ପୁଣି ଆସିଲେ ତା ପତିକୁ ପାଇବ । ତଦନୁସାରେ କନ୍ୟା ଘରକୁ ଫେରିଯାଇ ସେଠାରେ ଛାଡ଼ି ଆସିଥିବା ପ୍ରସାଦକୁ ଖାଇ ଫେରି ଆସି ଦେଖେ ଯେ, ନଷ୍ଟସ୍ୱାମୀ ଓ ନଷ୍ଟନୌକା ମିଳି ଅଛନ୍ତି । ସମସ୍ତେ ଆନନ୍ଦରେ ଘରକୁ ଗଲେ । ସାଧବ ସତ୍ୟନାରାୟଣ ପୂଜା କରି ଓ ପୂର୍ଣ୍ଣିମୀରେ ଓ ସଂକ୍ରାନ୍ତିରେ ଯଥାବିଧି ଏ ବ୍ରତ କରି ଇହଲୋକରେ ସୁଖଭୋଗ କରି ଦେହାନ୍ତେ ସତ୍ୟଲୋକକୁ ଗଲା (୩ୟ ଅଧ୍ୟାୟ) ।

୪ । ବଂଶଧ୍ୱଜ ନାମକ ଜଣେ ରାଜା ଥିଲେ, ସେ ମୃଗୟାରୁ ଫେରିଲାବେଳେ ବାଟରେ ଦେଖିଲେ ଯେ, ଗୁଡ଼ିଏ ଗୋପାଳ ସବାନ୍ଧବ ସତ୍ୟନାରାୟଣ ପୂଜା କରୁଅଛନ୍ତି । ରାଜା ଗର୍ବରେ ହାତୀରୁ ଓହ୍ଲାଇଲେ ନାହିଁ ଓ ଗୋପମାନେ ରାଜାଙ୍କୁ ସତ୍ୟନାରାୟଣଙ୍କ ପ୍ରସାଦ ଯାଚିବାରୁ ରାଜା ତାହାକୁ ଲଙ୍ଘନ କରି ଚାଲି ଆସିଲେ । ଏଥିପାଇଁ ପ୍ରଭୁ ସତ୍ୟନାରାୟଣ ରାଜାଙ୍କ ଉପରେ କୁପିତ ହେବାରୁ ରାଜାଙ୍କର ଶତ ପୁତ୍ର ମଲେ ଓ ଧନ ସମ୍ପତ୍ତି ସମୁଦାୟ ନଷ୍ଟ ହେଲା । ରାଜା ଏହା ଦେଖି ପୁଣି ସେହି ଗୋପାଳମାନଙ୍କ ନିକଟକୁ ଯାଇ ତାଙ୍କ ପୂଜାରେ ଯୋଗ ଦେଇ ତାଙ୍କଠାରୁ ପ୍ରସାଦ ଖାଇ ଫେରି ଆସି ନିଜେ ସତ୍ୟନାରାୟଣ ବ୍ରତ କଲେ ଓ ନଷ୍ଟପୁତ୍ର ଓ ଧନାଦି ପୁନଃପ୍ରାପ୍ତ ହୋଇ ପରକାଳରେ ସତ୍ୟଲୋକ ପ୍ରାପ୍ତ ହେଲେ (୪ର୍ଥ ଅଧ୍ୟାୟ) ।

ସତ୍ୟନାରାୟଣଙ୍କ ପୂଜା କରି ବନ୍ଧୁବାନ୍ଧବମାନଙ୍କ ସହିତ ଏ କଥା ଶୁଣି ପ୍ରସାଦ ସେବନ କଲେ ଇହକାଳରେ ଧନ, ସମ୍ପତ୍ତି, ସନ୍ତାନଲାଭ, ଶତ୍ରୁନାଶ, ଜୟ, ବାଞ୍ଛିତଫଳସିଦ୍ଧି ଓ ପରକାଳରେ ମୋକ୍ଷଲାଭ ଓ ବିଷ୍ଣୁଲୋକ ବା ସତ୍ୟଲୋକ ପ୍ରାପ୍ତ ହୁଏ ବୋଲି ସ୍କନ୍ଦ ପୁରାଣରେ ଉକ୍ତ ଅଛି ।]

୨ । ବଙ୍ଗ ଦେଶରେ ଏ ଯୁଗରେ ରଚିତ ଏବଂ ବଙ୍ଗ-ଦେଶରୁ ଓଡ଼ିଶାକୁ ଆଗତ ଦରଖଣ୍ଡିଆ ବଙ୍ଗୋତ୍କଳ ଭାଷାରେ ବଙ୍ଗ ଭାଷାନଭିଜ୍ଞ ଓଡ଼ିଆଙ୍କଦ୍ୱାରା ପୋଥି ଧରି ବୋଲାଯିବା (ପୋଥିପୂଜା) ଓ ନୃତ୍ୟଗୀତାଦି ସହିତ ବୋଲାଯିବା (ଠିଆପୂଜା) ପଦ୍ୟାତ୍ମକ ୧୬ଟି ଗଳ୍ପ ବା ପାଲା—2. The stories of the effect of worshipping 'Satyapira' as depicted in Bengalee rhymes and also sung in Oriya (in Bengalee mixed with Oriya language). (The stories are 16 in number). [ଦ୍ର—ଅଧୁନିକ ବଙ୍ଗୀୟମାନେ ସତ୍ୟ-ନାରାୟଣ ବ୍ରତର ୪ ଗୋଟି କଥା ସ୍ଥାନରେ ୧୬ ଗୋଟି କଥା ସୃଷ୍ଟି କରିଅଛନ୍ତି । ସେହି ୧୬ ଟି କଥା ମଧ୍ୟରୁ ଉକ୍ତ ୪ ଗୋଟି କଥା ପୁରାଣରେ ଅଛି, ଅନ୍ୟ ୧୨ ଗୋଟି ନାହିଁ । ସେମାନଙ୍କର ନାମ ନିମ୍ନରେ ଦିଆଗଲା । ଏସବୁ କବିକର୍ଣ୍ଣଙ୍କ କପୋଳକଳ୍ପିତ ରଚନା; ଏବଂ ପୀର, ଫୋକିର, ଦରଗା, ବାଦସାହା ଆଦି କେତେକ ଫାରସୀ ଶବ୍ଦର ପ୍ରୟୋଗ ଏ ସବୁ କଥାରେ ଅଛି । ଏହାଙ୍କ ଦେଖାଦେଖି ବଙ୍ଗଳାରେ ଭୃଗୁରାମ ନାମକ ଜଣେ କବି ଓ ଓଡ଼ିଶାର କେତେକ ବ୍ୟକ୍ତି ବଙ୍ଗଳା ଛନ୍ଦରେ ମଧ୍ୟ ପାଲା ରଚନା କରିଅଛନ୍ତି । ସାଧାରଣତଃ କବିକର୍ଣ୍ଣଙ୍କ ରଚିତ ନିମ୍ନଲିଖିତ ୧୬ଟି ଗଳ୍ପାତ୍ମକ ପଦ୍ୟକୁ ଷୋଳ ପାଲା ବୋଲାଯାଏ । ଯଥା—

୧ । ଜନ୍ମପାଲା—ଏକ ବାଦଶାହକନ୍ୟାଙ୍କ ଗର୍ଭରେ ସତ୍ୟପୀରଙ୍କର, ଅବତାର । ମୃତ ବାଳକର ପୁନର୍ଜୀବନଲାଭ ।

୨ । ପଦ୍ମଲୋଚନ ପାଲା—ପଦ୍ମଲୋଚନ ନାମକ ଏକ ଅପୁତ୍ରକ ରାଜାଙ୍କର ସତ୍ୟନାରାୟଣଙ୍କ କୃପାରୁ ପୁତ୍ର-ଲାଭ ।

୩ । ମର୍ଦ୍ଦଗାଜି ଜନ୍ମ ପାଲା—ଅରଣ୍ୟମଧ୍ୟ ମୃତ ଅପୁତ୍ରକ ପରୀକ୍ଷିତ ରାଜାଙ୍କର ଫକୀରବେଶଧାରୀ ସତ୍ୟପୀରଙ୍କ କୃପାରୁ ପୁତ୍ରଲାଭ ।

୪ । ମର୍ଦ୍ଦଗାଜି ବିଭା ପାଲା—ଗଜେନ୍ଦ୍ର ନାମକ ରାଜାଙ୍କର ଏକ ମାତ୍ର ପୁତ୍ର ମର୍ଦ୍ଦଗାଜିର ବିଦେଶ ଗମନ ଓ ବିବାହ ।

୫ । ବିଦ୍ୟାଧର ପାଲା—ଭୈରବ ଦେଶର ନୃସିଂହ ରାଜାଙ୍କ ଗଳ୍ପ ।

୬ । ମଦନସୁନ୍ଦରି ପାଲା—ରତ୍ନାକର ନାମକ ରାଜାଙ୍କର ଓ ଦୁଇଟି ବଣିକ ସାନନ୍ଦ ଓ ବିନୋଦଙ୍କ ସାନ ଭାଇ ମଦନ ସୁନ୍ଦରର ଗଳ୍ପ ।

୭ । ସଦାନନ୍ଦ ସୌଦାଗର ପାଲା ବା ଧନା ସୌଦାଗର ପାଲା—ଉକ୍ତ ମଦନ ସୁନ୍ଦରର ଗଳ୍ପ ।

୮ । ଶ୍ୱେତ ବସନ୍ତ ପାଲା—ନୀଳଧ୍ୱଜ ରାଜାଙ୍କ ପୁତ୍ର ଶ୍ୱେତ ବସନ୍ତର ଗଳ୍ପ ବା ଫାସିଅରା ବା ମନୋହର ଫାସିଅରା ପାଲା—ଏକ ଡକାଇତ ହସ୍ତରୁ ରାଜପୁତ୍ରର ପ୍ରାଣରକ୍ଷା ।

୯ । ଶଙ୍କର ବୁଢ଼ିଆ ପାଲା—କାଞ୍ଚନପୁର ବାସୀ ଶଙ୍କର ନାମକ ଜଣେ ନାସ୍ତିକ ବୁଢ଼ିଆର ଓ ତାହାର ଛଅ ପୁତ୍ରଙ୍କର ଗଳ୍ପ ।

୧୦ । ଦୁର୍ଜ୍ଜନସିଂହ ପାଲା ବା ଚନ୍ଦ୍ରାଜିତ୍ ପାଲା—ଅମ୍ବିକା ନଗରର ଦୁର୍ଜନ ନାମକ ନାସ୍ତିକ ରାଜାଙ୍କର ଗଳ୍ପ ।

୧୧ । ହାରଗୁନ ପାଲା—ମାଣିକା ସହରର ଅପୁତ୍ରକ ରାଜା ସନାତନର ଗଳ୍ପ ।

୧୨ । ହରି ଅର୍ଜ୍ଜୁନ ପାଲା—ସନାତନ ନାମକ ଜଣେ ଅପୁତ୍ରକ ରାଜା ଓ ତାଙ୍କର ଦୁଇରାଣୀଙ୍କ ଗଳ୍ପ । ମୃତ କୁମାରର ପୁନର୍ଜୀବନ ଲାଭ ବା ଉତ୍ତରାରୀ ପାଲା ।

୧୩ । କାଠୁରିଆ ପାଲା—ସତ୍ୟ ନାରାୟଣ ପୂଜକ ଗୋଟିଏ ଗରିବ ବ୍ରାହ୍ମଣ. କୃଷ୍ଣଦାସର ପୂଜା ଦେଖି ଜଣେ କାଠୁରିଆର ଉତ୍କ୍ରାନ୍ତ ପାଇନ ଓ ବିଭବଲାଭ ।

୧୪ । ଲକ୍ଷ୍ମଣକୁମର ପାଲା—ବନାସୁକ ଦେଶର ଶିଲପ ରାଜାଙ୍କ ଗଳ୍ପ ।]

୧୫ । ଅଭଲମଦନ ପାଲା ବା ଚନ୍ଦ୍ରାଙ୍କତ ପାଲ—ବୀରସିଂହ ନାମକ ଜଣେ ରାଜାଙ୍କ ଗଳ୍ପ ।

୧୬ । ସ୍ୱର୍ଗାରୋହଣ ପାଲ—ବରୁଣ ସହରର ରାଜା ପଦ୍ମଲୋଚନଙ୍କ ଗଳ୍ପ । (ଏଥିରେ କବିକଣ୍ଠ ବିରଚିତ ୧୬ଟି ପାଲର ନାମ ଦିଆଯାଇ ଅଛି ।]

ସତ୍ୟନାରାୟଣ ପାଲ—ଦେ, ବି. (ସଂ ସତ୍ୟନାରାୟଣ ଓ ପାଲ, Satyanārāyaṇa pāla ଓଡ଼ିଆ ପାଲ, পালা; ପାଲ ଶବ୍ଦ সত্যনারায়ণপালা ବଙ୍ଗଳାରୁ ଆଗତ) —

सत्यनारायण पूजा ସତ୍ୟନାରାୟଣଙ୍କ ମାହାତ୍ମ୍ୟ ବର୍ଣ୍ଣନାପୂର୍ବକ ୧୬ ଗୋଟି ପାଲା ବା ଗଳ୍ପକୁ ଗୀତ ଦ୍ୱାରା ବର୍ଣ୍ଣନ—The chanting of the doings of the Deity Satyanārāyana in 16 poems. [ଦ୍ର—ଓଡ଼ିଶାରେ ବୋଲା ଯାଉଥିବା 'ପାଲ' ମାନ 'କବିକଣ୍ଠ' ବିରଚିତ ବଙ୍ଗଳା ପାଞ୍ଚାଳି ଛନ୍ଦରେ ରଚିତ ବଙ୍ଗଳା ଗୀତର ବିକୃତ ମାତ୍ର । ସଂ ପାଳ, ଓ. ପାଳି ବଂ. ପାଲ ଶବ୍ଦର ଅର୍ଥ ପର୍ଯ୍ୟାୟ ବା କ୍ରମ । ପାଲଶବ୍ଦ ବଙ୍ଗଳା ଭାଷାରୁ ଆଗତ । ଜଣେ 'ଗାୟକ' ଗୀତ ବୋଲନ୍ତି ଓ ତାଙ୍କ ସଙ୍ଗେ ଅନ୍ୟ ଜଣେ ବାଦ୍ୟ ବଜାନ୍ତି ଓ କେତେ ଗୁଡ଼ିଏ ଲୋକ ପାଳି ଧରନ୍ତି ବୋଲି ଏହାର ନାମ ପାଲ ହୋଇଅଛି । 'ଗାୟକ' ଗୀତ ବୋଲନ୍ତି 'ବାୟକ' ମୃଦଙ୍ଗ ବଜାନ୍ତି । ଗାୟକ ଏକୁଟିଆ ଗୀତ ବୋଲି ଥକି ଗଲେ ତାଙ୍କୁ ସାହାଯ୍ୟ କରିବାକୁ କିମ୍ବା ଗୀତର ପ୍ରସଙ୍ଗରେ କଥୋପକଥନସ୍ଥଳରେ ଗାୟକଙ୍କୁ ଉତ୍ତର ଦେବାକୁ ଗାୟକଙ୍କ ସଙ୍ଗେ 'ଶିରୀ ପାଳିଆ' ବା 'ଡାହାଣ ପାଳିଆ' ବା 'ଶ୍ରୀ ପାଳିଆ' ଥାଆନ୍ତି । ଗାୟକଙ୍କ ଡାହାଣ ହାତରେ 'ମନ୍ଦିରା' ବା ଗିନି ବନ୍ଧା ହୋଇଥାଏ ଓ କାଖରେ ଚଅଁର ମୁଠା ଥାଏ । ଶ୍ରୀପାଳିଆ ଝାଞ୍ଜ ଧରିଥାଆନ୍ତି । କିନ୍ତୁ ଗାୟକ ଗୀତ ବୋଲିବା ବେଳେ ଶ୍ରୀପାଳିଆ ଝାଞ୍ଜ ବଜାନ୍ତି ନାହିଁ । ପାଳିଆମାନେ ପାଳି ଧରିବା ବେଳେ ଶ୍ରୀପାଳିଆ ଅନ୍ୟ ପାଳିଆମାନଙ୍କ ସହିତ ଝାଞ୍ଜ ବଜାନ୍ତି ଓ ବାୟକ ଗାୟକଙ୍କ ସଙ୍ଗେ ଓ ପାଳିଆଙ୍କ ସଙ୍ଗେ ମୃଦଙ୍ଗ ବଜାନ୍ତି ।

ଗୋଟିଏ ପାଲଦଳ ଦୁଇଟି ପଙ୍କ୍ତିରେ ବସନ୍ତି । ଗାୟକଙ୍କ ବୋଲିବା ଗୀତର ପାଳି ଧରିବାକୁ ୬ ଜଣ 'ପାଳିଆ' ଥାଆନ୍ତି । ଗାୟକଙ୍କ ଗୀତର ଶେଷାଂଶ ବା ଚୁଆ ବା ଘୋଷାକୁ ଏମାନେ ବୋଲନ୍ତି ଓ ଝାଞ୍ଜ ବଜାନ୍ତି ।

ପାଲବାଲାମାନେ ନାନାପ୍ରକାର ବେଶରେ (ଅର୍ଥାତ୍ ମୁଣ୍ଡରେ ପଗଡ଼ି, ଦେହରେ ଚପ୍‌କନ୍ ପରି କଳ ଲୁଗା ଅଣ୍ଟାରେ ଘାଗରା ଓ ଗୋଡ଼ରେ ବଳା ବା ଘାଗୁର ପିନ୍ଧି ନାଚନ୍ତି ।

ପୁସ୍ତକ ସାହାଯ୍ୟରେ ଯେଉଁ ପାଲ ବୋଲାଯାଏ ଓ ପୂଜା କରାଯାଏ ତାକୁ ପୋଥିପାଲ ବା ପୋଥିପୂଜା ବୋଲାଯାଏ ।

ପୁସ୍ତକର ବିନା ସାହାଯ୍ୟରେ ଗାୟକ ଓ ନର୍ତ୍ତକମାନେ ବାଜା ବଜାଇ ଯାହାକୁ ବୋଲି ଅଭିନୟ କରନ୍ତି ତାକୁ ଠିଆପୂଜା ବା ଠିଆପାଲ ବୋଲାଯାଏ ।

ଏକ ଦଳ ପାଲବାଲା ପାଲ ଅଭିନୟ କଲେ ତାକୁ 'ଗୋଟିକିଆ ପାଲ' କହନ୍ତି ।

ଦୁଇଦଳ ପ୍ରତିଦ୍ୱନ୍ଦୀ ହୋଇ ପାଲ ଅଭିନୟ କଲେ ତାକୁ 'ଜାଉଁଳ ପାଲ' ବା 'ଜାଉଳ ପୂଜା' କହନ୍ତି । ଏକାଧିକ ଦଳ ପ୍ରତିଦ୍ୱନ୍ଦୀ ହୋଇ ପାଲ କଲେ ତାକୁ 'ବାଦୀ ପାଲ' ବା 'ଲଢ଼େଇ ପାଲ' ବୋଲାଯାଏ ।

ପାଲ ଅଭିନୟକାରୀମାନଙ୍କ ମଧ୍ୟରେ ଜଣେ 'ଗାୟକ', ଜଣେ 'ବାୟକ', ଜଣେ 'ଶିରିପାଳିଆ' ଓ ଦୁଇ ବା ୩ ଜଣ 'ପାଳିଆ' ଥାଆନ୍ତି ।

କବିକଣ୍ଠଙ୍କ ରଚିତ 'ପାଲ'ମାନଙ୍କ ଭାଷା ବଙ୍ଗଳା ଓ ଉକ୍ତ ଭାଷାରେ ଫାରସୀ ଶବ୍ଦର ବହୁଳତା (ଯଥା—ବାଦସା, ଉଜୀର, କାଲାମ୍, ମୋଲାକାତ, ସଲାମ୍, ହଜରତ, ଦଲଦୋସ ଓ ହାସିଲ ଇତ୍ୟାଦି ଶବ୍ଦ) ଦେଖାଯାଏ ଓ ବେଳେ ବେଳେ ଫାରସୀ ଭାଷାର ବାକ୍ୟ ମଧ୍ୟ ଦେଖାଯାଏ । କବିକଣ୍ଠଙ୍କ ବିରଚିତ ବଙ୍ଗଳା ପାଲ ବଙ୍ଗଳା ଓ ଉର୍ଦ୍ଦୁ ଭାଷାର 'ଖେଚୁଡ଼ି'; ତାହା ପୁଣି ବଙ୍ଗଳା ଅନଭିଜ୍ଞ ଓଡ଼ିଆଙ୍କ ମୁହଁରେ ବଙ୍ଗଳା, ଉର୍ଦ୍ଦୁ ଓ ଓଡ଼ିଆ ମିଶା 'ପଇଡ଼' ହୁଏ । ତହିଁରୁ କେତେଗୁଡ଼ିଏ ଧାଡ଼ିର ଉଦାହରଣ କ୍ରମରେ ଦିଆଗଲା—

ଶୁନ ସର୍ବେ ବିବାଦରେ ପୀରେର କାଲାମ୍
ନିଯୁତ ହାସଲ୍ ହୁଏ, ଫତେ ହୁଏ କାମ୍ ।
ଇୟାର୍ ପିୟାର୍ ଭାଇ ସକଲେ ଶୁନତ
ଯେଉଁ ରୂପେ ଶ୍ୱେତ ବସନ୍ତ ପାଲ ହଜରତ ।
ହରି ହରି ବୋଲ ଦିଅ ସବୁ ସଜ୍ଜନ
ବିପତ୍ତି ପଡ଼ିଲେ ରକ୍ଷେ ସତ୍ୟ ନାରାୟନ ।

× × ×

ଯାର ଘରେ ହୁଏ ପୂଜା ସାହେବେର ନାମ୍
ବଢ଼ାଏ ଦୌଲତ ତାର ଫତେ କରେ କାମ୍ ।
ଶ୍ରୀ କବି କର୍ଣ୍ଣେତେ ଗାଏ ନାରାୟନେର ପାୟ୍
ହରି ହରି ବୋଲ ସର୍ବେ ପାଲ ହଇଲ ସାୟ୍ ।

ସାଧାରଣତଃ 'ପାଲ ଗୀତ' ପ୍ରତ୍ୟେକ ୧୪ଅକ୍ଷର ଯୁକ୍ତ ଦୁଇଟି ଧାଡ଼ିରେ ରଚିତ, କିନ୍ତୁ ମଝିରେ ମଝିରେ ଏକାଦାଣ୍ଡିଆ (monotony) ଭାଙ୍ଗିବା ପାଇଁ—

'ଉଜଗାର ଅବଶେଷେ ଗ୍ରାମର ଭିତରେ ପଶେ
ଚନ୍ଦ୍ରହାସ ରାଜାର କୁମାର'

୮ ଅକ୍ଷରର ୨ ପାଦ ଓ ୧୦ ଅକ୍ଷରର ଏକପାଦ ଯୁକ୍ତ 'ତ୍ରିପଦୀ' ବୃତ୍ତ ସମ୍ବଳିତ ଗୀତ ମଧ୍ୟ ବୋଲାଯାଏ ।

ଗଳ୍ପର ପ୍ରସଙ୍ଗ ଓ ଅବସର କ୍ରମେ ପାଲବାଲାମାନେ ଏଥିରେ ଯମକ, ଅନୁପ୍ରାସ, ବ୍ୟାଜସ୍ତୁତି, ଶ୍ଳେଷ ଯୁକ୍ତ, ଅବନା ଆଦି ଶବ୍ଦ କସରତ୍ ପୂର୍ଣ୍ଣ ପ୍ରାଚୀନ ଓ ନବ୍ୟ ସଙ୍ଗୀତ, ଚଉପଦୀ, ଜାହକା, ଭଜନ, ବନ୍ଦନା ଆଦି ଲଗାଇ 'ପାଲକୁ' ଜମକ୍ କରନ୍ତି ଓ କେତେକ ଗାୟକଙ୍କର ଅଭିଧାନ, ଅଲଙ୍କାର, କାବ୍ୟନାଟକ, ଚମ୍ପୂ ଆଦିରେ

ଅସାଧାରଣ ପାଣ୍ଡିତ୍ୟ ଦେଖାଯାଏ ଓ କେତେକଙ୍କଠାରେ ଅଶ୍ଳୀଳତା ମଧ୍ୟ ଲକ୍ଷିତ ହୁଏ ।]

ସତ୍ୟନାରାୟଣ ପୂଜା—ଦେ. ବି—୧ । ସ୍କନ୍ଦ ପୁରାଣାନ୍ତର୍ଗତ ରେବା **Satyanārāyaṇa pūjā** ଖଣ୍ଡର ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ **সত্যনারায়ণ পূজা**; ସତ୍ୟନାରାୟଣ ବା ସତ୍ୟଦେବ ବା ବିଷ୍ଣୁଙ୍କର **सत्यनारायण पूजा** ପୂଜା—1. The worship of Satyanārāyaṇa or Bishṇu according to the instructions given in the Skandapurāṇa. [ଦ୍ର—ଏଥିରେ ପାଚିଲା କଦଳୀକୁ ସମପରିମିତ ବା କିଛି ଦୁଧ, ଘିଅ ଓ ଗୁଡ଼ ବା ଚିନି ସଙ୍ଗେ ଚକଟି ତହିଁରେ ଗହମ ଚୂନା ବା ଗୁଆଳ ଚୂନା ମିଶାଇ ଓ ମସଲାଗୁଣ୍ଡ ଦେଇ ପ୍ରସ୍ତୁତ କରାଯିବା 'ଚକଟା' ବା 'କଦଳୀ ଚକଟା' ବା ଅମୃତକୁଣ୍ଡ ଭୋଗ ଦିଆଯାଏ । ଗୋଟିଏ ପୀଠ ଉପରେ ଆସନ ପକାଇ ଶାସ୍ତ୍ର ବିଧିମତେ ସ୍ୱସ୍ତିବାଚନ ଓ ସଙ୍କଳ୍ପ ଓ ଆବାହନାଦିପୂର୍ବକ ସେଥିର ଚାରି କୋଣରେ କଳ୍ପିତ ଚାରି ଦେବତା (ଗଣେଶ, ଶିବ, ଦୁର୍ଗା ଓ ସୂର୍ଯ୍ୟ)ଙ୍କୁ ସ୍ଥାପନକରି କେନ୍ଦ୍ରରେ 'ସତ୍ୟନାରାୟଣ'ଙ୍କୁ (ଶାଳଗ୍ରାମଶିଳା ରଖି କିମ୍ବା ପୁଷ୍ପାଦି ସ୍ଥାପନ କରି ବିଷ୍ଣୁଙ୍କୁ କଳ୍ପନା କରି) ଅର୍ଚ୍ଚନା କରି ଉକ୍ତ କଦଳୀ ଚକଟାକୁ ବିଷ୍ଣୁ ମନ୍ତ୍ରରେ ନୈବେଦ୍ୟ କରାଯାଏ । ତତ୍ପରେ ଆପଣାର ଗ୍ରାମବାସୀ ଓ ବନ୍ଧୁ କୁଟୁମ୍ବଙ୍କୁ ନିମନ୍ତ୍ରଣ କରି ପୁରାଣୋକ୍ତ ସତ୍ୟନାରାୟଣଙ୍କ କଥା ଶୁଣାଇବାକୁ ହୁଏ; ନାରାୟଣଙ୍କ ସ୍ତବ ପାଠ କରି ମନୋବାଞ୍ଛା ସିଦ୍ଧ୍ୟର୍ଥ ପ୍ରାର୍ଥନା କରାଯାଏ ଓ ପୂଜକଙ୍କୁ ଦକ୍ଷିଣାଦ୍ୱାରା ସନ୍ତୁଷ୍ଟ କରି ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସଙ୍ଗେ ଓ ସ୍ୱପରିବାରର ବ୍ୟକ୍ତିମାନଙ୍କ ସଙ୍ଗେ ଉକ୍ତ ପ୍ରସାଦ ସେବା କରିବାକୁ ହୁଏ । ପୋଥି ଧରି ଉକ୍ତ 'କଥା' ବୋଲାଗଲେ ତାକୁ ପୋଥିପୂଜା ବୋଲାଯାଏ । ପଞ୍ଚଦେବତା ସ୍ଥାପିତ ହୋଇଥିବା ପୀଠରେ ବା ପୀଢ଼ାର ଚାରି କୋଣରେ ୪ଖଣ୍ଡି ମୟୂରଚନ୍ଦ୍ରିକାଯୁକ୍ତ 'କାଣ୍ଡସର'ର କାଣ୍ଡ ପୋତା ଯାଇ ତା ଉପରେ ଫୁଲର ବା ଲୁଗାର ଚାନ୍ଦୁଆ ଟଣା ଯାଏ । ଏହାହିଁ ପୁରାଣୋକ୍ତ ସତ୍ୟନାରାୟଣ ପୂଜା ପଦ୍ଧତି । ଉକ୍ତ ପୁରାଣରେ ଏହି ବ୍ରତର ନିୟମ ଓ ପାଳନ ବିଧି ମଧ୍ୟ ଲେଖାଅଛି, ଯଥା—'ନିଶାମୁଖରେ ଅର୍ଥାତ୍ ସନ୍ଧ୍ୟାବେଳେ ଏ ପୂଜା କରିବ । କଦଳୀ ଚକଟାକୁ ନିବେଦନ କରି ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ, ବନ୍ଧୁବାନ୍ଧବଙ୍କ ସହିତ ସତ୍ୟନାରାୟଣ କଥା ଶୁଣି ଉକ୍ତ ପ୍ରସାଦ ସମସ୍ତେ ସେବନ କରିବେ; ତତ୍ପରେ 'ନୃତ୍ୟଗୀତାଦି' କରିବେ । ଏହି ନୃତ୍ୟଗୀତାଦିରୁ, ଆଧୁନିକ 'ଠିଆପାଲା'ର ସୂତ୍ରପାତ ହୋଇଥିବା ବୋଧହୁଏ । ଆଧୁନିକ 'ପାଲା'ରେ ପୁରୋହିତ ପୁରାଣୋକ୍ତ ବିଧିରେ ପୂଜା କରି ସାରିବା ପରେ ଲୋକ ମୁଖରେ 'ପୂଜା' ନାମରେ ଆଖ୍ୟାତ 'ସତ୍ୟପୀର ପାଲା' ପୁସ୍ତକର ସାହାଯ୍ୟରେ (ପୋଥିପୂଜା) ଗୀତ ବୋଲାଯାଏ ବା ନାଚ, ଗୀତ ଓ ବାଦ୍ୟ ଦ୍ୱାରା (ଠିଆପୂଜା) ଅଭିନୀତ ହୁଏ ।] ୨ । ବଙ୍ଗଦେଶରୁ ଉତ୍କଳକୁ ଆଗତ 'କବିକର୍ଣ୍ଣ' ରଚିତ ବଙ୍ଗଳା ଭାଷାର ପାଞ୍ଚାଳି ଛନ୍ଦର (୧୪ ଅକ୍ଷରିଆ) (ଯଥା—

ଶୁନ ଶୁନ ସଜ୍ଜନ କରି ନିବେଦନ
କାଟୁରିୟା ପାଲା ଆମି କରିବ ଗାୟନ)

୧୬ ଗୋଟି ଭିନ୍ନ ଭିନ୍ନ ଗଳ୍ପ ବର୍ଣ୍ଣନାତ୍ମକ ୧୬ଟି ପୃଥକ୍ ନାମରେ ଆଖ୍ୟାତ ପାଲା ମଧ୍ୟରୁ ନିର୍ଦ୍ଧାରିତ ଗୋଟିଏ ଚରିତର ଗୀତକୁ ପୁସ୍ତକ ସାହାଯ୍ୟରେ କିମ୍ବା ନୃତ୍ୟବାଦ୍ୟାଦି ସାହାଯ୍ୟରେ ବୋଲିସିବାରୂପ କ୍ରିୟା—2. The performance of dancing and singing (accompanied with drum and cymbals by a party of choristers) in chorus, of one of the 16 stories relating to the prowess of the Deity Satyanārāyaṇas. [ଦ୍ର—ପୁରାଣୋକ୍ତ 'ସତ୍ୟନାରାୟଣ ପୂଜା' ଭାରତର ଉତ୍ତର ପଶ୍ଚିମାଞ୍ଚଳ, ମଧ୍ୟପ୍ରଦେଶ, ଗୁଜରାଟ, ବମ୍ବେ ଓ ଦାକ୍ଷିଣାତ୍ୟରେ ଅନୁଷ୍ଠିତ ହୁଏ । କିନ୍ତୁ ସତ୍ୟନାରାୟଣ ପାଲା କେବଳ ବଙ୍ଗଦେଶରେ ଓ ବଙ୍ଗଦେଶରୁ ଆଣାଯାଇ ଓଡ଼ିଶାରେ ଦେଖାଯାଏ । ସ୍କନ୍ଦ ପୁରାଣରେ ଥିବା ୪ଟି ଉପାଖ୍ୟାନ ଛଡ଼ା ଅନ୍ୟ କେତେଗୁଡ଼ିଏ ଗଳ୍ପକୁ ମିଶାଇ ବଙ୍ଗର 'କବିକର୍ଣ୍ଣ' ୧୪ ଅକ୍ଷରିଆ ଛନ୍ଦ (ଯେଉଁ ଛନ୍ଦରେ ଓଡ଼ିଆ ନୃସିଂହ ପୁରାଣ, ଶାରଳା ମହାଭାରତ ଆଦି ରଚିତ ତହିଁ)ରେ ୧୬ଟି ପଦ୍ୟ ରଚନା କରିଥିଲେ । ସେହି ଗୁଡ଼ିକର ପ୍ରତ୍ୟେକର ଗୋଟିଏ ଗୋଟିଏ ନାମ ଅଛି । ଲୋକେ ମନୋବାଞ୍ଛା ସିଦ୍ଧ ହେବାର କାମନା କରି 'ପୂଜା' କରନ୍ତି, କିମ୍ବା ମନୋବାଞ୍ଛା ସିଦ୍ଧ ହେଲେ ୧ଥର ବା ୪ଥର ବା ୮ଥର ବା ୧୬ ଥର ପୂଜା କରିବେ ବୋଲି ଯାଚନ୍ତି ବା ମନାସନ୍ତି । ଏହି ପୂଜାରେ ଦେଖାଯାଏ ଯେ, ପ୍ରତିବେଶୀ ମୁସଲମାନମାନଙ୍କ, ହିନ୍ଦୁଧର୍ମାବଲମ୍ବୀଙ୍କର ମୁସଲମାନଙ୍କ ଧର୍ମ ପ୍ରତି ଆସ୍ଥା ଥିବା ବିଷୟ ଦେଖାଇବା ପାଇଁ 'ସତ୍ୟନାରାୟଣ'ଙ୍କୁ 'ସତ୍ୟପୀର', ପୂଜାକୁ 'ପାଲା', 'ନୈବେଦ୍ୟ'କୁ 'ଶିରଣି' ରୂପେ ଆଖ୍ୟାତ କରାଯାଇଅଛି । ସତ୍ୟପୀରଙ୍କୁ ମୁସଲମାନଙ୍କ ଭାଷାରେ 'ସତ୍ଅସେର୍ ଶିରଣି', 'ସତ୍ଅମହଣ ଶିରନୀ', 'ସତ୍ଅସଣ୍ଢ ବୋଲି' ଯଦ୍ୱାରାଏ । ପୁରାଣବର୍ଣ୍ଣିତ 'ଅମୃତକୁଣ୍ଡ ବା କଦଳୀଚକଟାକୁ' 'କଞ୍ଚା ଶିରନୀ' ନାମ ଦେଇ ମୁସଲମାନଙ୍କ ପ୍ରିୟ ଗହମ ଅଟାର ଛଅରି ରୁଟିଆ ଓ ମିଠାଇକୁ 'ପକ୍କାଶିରନୀ' ନାମ ଦେଇ 'ସତ୍ୟପୀର'ଙ୍କଠାରେ ପୂଜା କରାଯାଏ । ପୁରାଣରେ ସତ୍ୟନାରାୟଣ ଦେବ 'ବୃଦ୍ଧବ୍ରାହ୍ମଣ' ବା ବୃଦ୍ଧଦଣ୍ଡୀ ବେଶରେ ମନୁଷ୍ୟମାନଙ୍କୁ ଦେଖା ଦେଇଥିଲେ । କବିକର୍ଣ୍ଣ ରଚିତ ପାଲାରେ ସତ୍ୟନାରାୟଣ ଦେବ 'ବୁଢ଼ା ଫକୀର' ବେଶରେ ଦେଖା ଦେଇଥିବା ବର୍ଣ୍ଣିତ ଅଛି । ପୀଢ଼ା ଉପରେ ଆବାହନ କରି ସ୍ଥାପିତ ହୋଇଥିବା ପଞ୍ଚଦେବତାଙ୍କ ମଧ୍ୟରୁ କେନ୍ଦ୍ରସ୍ଥ ସତ୍ୟନାରାୟଣ ବା ସତ୍ୟପୀରଙ୍କ

ନିମନ୍ତେ ଅଉପ୍ରେତ ନୈବେଦ୍ୟ ଗୋଟିଏ ବଡ଼ ପାତ୍ରରେ ରଖାଯାଇଥାଏ ଓ ଅନ୍ୟ ୪ ଦେବତାଙ୍କ ପ୍ରତ୍ୟେକଙ୍କ ନିକଟରେ ପାନ, ଗୁଆ ସହିତ ସାମାନ୍ୟ ପରିମାଣରେ ନୈବେଦ୍ୟ ବା ଗୋଟିଏ କଦଳୀ ପୃଥକ୍ ପୃଥକ୍ ରଖାଯାଏ । ଉକ୍ତ ନୈବେଦ୍ୟକୁ 'ମୁକାମ୍' ବା 'ମୁକା' ବା 'ମୋକାମ୍' କହନ୍ତି । (ଫା, ମକାନ୍ = ବାସସ୍ଥାନ)

ଶାସ୍ତ୍ରୋକ୍ତ ବିଧିଦ୍ୱାରା ସତ୍ୟନାରାୟଣଙ୍କ ପୂଜା ଶେଷ କରି ବଙ୍ଗଳାଭାଷାରେ ରଚିତ 'ପୂଜା' ବା ପାଲାଗୀତ ଆରମ୍ଭ କରାଯାଏ ।

ସତ୍ୟନାରାୟଣଙ୍କ ପୂଜାବିଧି ଉକ୍ତ ପୁରାଣରେ ଅଛି ଓ ସତ୍ୟନାରାୟଣ କଥାଶ୍ରବଣ ଓ ନୃତ୍ୟଗୀତାଦି କରିବା କଥା ଉଲ୍ଲେଖ ଅଛି; କିନ୍ତୁ ଅଧୁନା ପ୍ରଚଳିତ 'ପାଲା'ର କଥାମାନ ପୁରାଣରେ ମିଳେ ନାହିଁ । ଏହି ପୂଜାକୁ ଯେ କୌଣସି ଦିନ 'ନିଶାମୁଖ'ରେ ଅର୍ଥାତ୍ ରାତ୍ରିର ପ୍ରଥମ ପ୍ରହରରେ କରିବାର ବିଧି ଅଛି । ସତ୍ୟନାରାୟଣ ଦେବଙ୍କୁ ନୈବେଦ୍ୟ ଅର୍ପଣ କରାଇ, ପୂଜକଙ୍କୁ ଦକ୍ଷିଣା ଦେଇ, ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ସତ୍ୟନାରାୟଣଙ୍କ କଥା ଶୁଣି, ସେମାନଙ୍କ ସଙ୍ଗେ (ସମପାଦ ପକ୍ୱରମ୍ଭା, ଦୁଧ, ଘୃତ, ଶର୍କରା ଓ ଗୋଧୂମଚୂର୍ଣ୍ଣ—ଅଭାବେ ଶାଳି ତଣ୍ଡୁଳଚୂର୍ଣ୍ଣ ମିଶ୍ରଣଦ୍ୱାରା ପ୍ରସ୍ତୁତ ଓ ସତ୍ୟନାରାୟଣଙ୍କୁ ନିବେଦିତ) ଉକ୍ତ ପ୍ରସାଦ ସେବନ କରି ନୃତ୍ୟଗୀତାଦି କରିବ । ଏହା କଲେ ବାଞ୍ଛାସିଦ୍ଧି ହୁଏ । କଳିଯୁଗରେ ଏହା ଛଡ଼ା ମୋକ୍ଷଲାଭର ପ୍ରକୃଷ୍ଟତର ଉପାୟ ନାହିଁ । ଆମ ଦେଶରେ ସାଧାରଣତଃ ଶିରୁର ଏକୋଇଶିଆରେ 'ସତ୍ୟନାରାୟଣ ପୂଜା' କରାଯାଏ । ଅକ୍ଷମ ବ୍ୟକ୍ତି ଗୋଟିଏ ପୂଜା କରେ ଓ କ୍ଷମ ବ୍ୟକ୍ତି 'ଠିଅଁପୂଜା', 'ଭାଙ୍ଗିଁକିପୂଜା' 'ବାଘାପୂଜା' ଆଦି କରନ୍ତି । ଯେଉଁମାନେ ଏକାଧିକ ପୂଜା ଯାଚି ଥାଆନ୍ତି, ସେମାନେ ପ୍ରତି ବର୍ଷରେ ପିଲାର ଜନ୍ମଦିନ ଗୋଟିଏ ଲେଖାଏଁ ପୂଜା କରି ମାନସିକ ଅନୁସାରେ ୪, ୮ ବା ୧୬ ପାଲା ଶେଷ କରନ୍ତି ।]

ସତ୍ୟନାରାୟଣ ବ୍ରତ—ସଂ· ବି—ମନୋବାଞ୍ଛାସିଦ୍ଧି ହେବା ପାଇଁ
Satyanārāyaṇa brata ଅନୁଷ୍ଠିତ ସତ୍ୟନାରାୟଣଙ୍କ ପୂଜା କିମ୍ବା ବାଞ୍ଛାସିଦ୍ଧି ହେଲେ ସତ୍ୟନାରାୟଣ ପୂଜା କରିବା ପାଇଁ ମନୁଷ୍ୟ ଯେଉଁ ସଙ୍କଳ୍ପ (ମାନସିକ) କରିଥାଏ, ବାଞ୍ଛାସିଦ୍ଧି ପରରେ ଉକ୍ତ ପୂଜା କରିବା ଓ ବନ୍ଧୁ କୁଟୁମ୍ବ ସହିତ ସତ୍ୟନାରାୟଣ କଥା ଶୁଣିବା ଓ ପ୍ରସାଦ ସେବନ କରିବାରୂପ ବ୍ରତ—The vow or promise for the worship of Satyanārāyaṇa and the carrying out of the same vow. [ଦ୍ର—ସ୍କନ୍ଦ ପୁରାଣରେ ଲେଖାଅଛି ଯେ, ଯେ କୌଣସି ଦିନ ଓ ବିଶେଷତଃ ସଂକ୍ରାନ୍ତି, ପୂର୍ଣ୍ଣିମା ଆଦି ପୁଣ୍ୟ ଦିବସରେ 'ନିଶାମୁଖ'ରେ ବା ରାତ୍ରିର ପ୍ରଥମ ପ୍ରହରରେ ଏ ପୂଜା କରିବ ଏବଂ କଳିଯୁଗରେ ଯେଉଁ ବ୍ୟକ୍ତି ଏ ବ୍ରତ କରିବ, ତାହାର ସର୍ବ ବାଧା ପ୍ରଶମନ, ସର୍ବ କାମ ସିଦ୍ଧି, ଇହଲୋକରେ ବିଭବ ଓ ପରଲୋକରେ ବୈକୁଣ୍ଠ ପ୍ରାପ୍ତି ହେବ । ବଚନ ଯଥା—

ଧନଧାନ୍ୟାଦିକଂ ତସ୍ୟ ଭବେତ୍ ସତ୍ୟ ପ୍ରସାଦତଃ,
ଦରିଦ୍ରୋ ଲଭତେ ବିତ୍ତଂ ବଦ୍ଧୋମୁଚ୍ୟେତ ବନ୍ଧନାତ୍ ।
ଭୀତୋଭୟାତ୍ ପ୍ରମୁଚ୍ୟେତ ସତ୍ୟମେତତ୍ ନସଂଶୟଃ
ଈପ୍ସିତଂଚ ଫଳଂ ଭୁକ୍ତ୍ୱା ଗୃହେ ସତ୍ୟପୁରଂ ବ୍ରଜେତ୍ ।
ଓ
ଏବଂ କୃତେ ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବଂ
ବିଶେଷତଃ କଳିଯୁଗେ ନାନ୍ୟୋପାୟୋଽସ୍ତି ଭୂତଲେ—
ସ୍କନ୍ଦପୁରାଣ ରେବାଖଣ୍ଡ, ୪ର୍ଥ ଓ ୧ମ ଅଧ୍ୟାୟ ।]

ସତ୍ୟନାଶ—ଦେ· ବି—ସତ୍ୟାନାଶ (ଦେଖ)
Satyanāsa Satyānāśa (See)

ସତ୍ୟନିଷ୍ଠ—ସଂ. ବିଣ. ପୁଂ (ବହୁବ୍ରୀହି; ସତ୍ୟ + ନିଷ୍ଠା; ସତ୍ୟରେ ନିଷ୍ଠା ଯାହାର)—୧ । ସତ୍ୟବାଦୀ; ଯେ ସର୍ବଦା ସତ୍ୟ କହିବାକୁ ଦୃଢ଼ ବ୍ରତ କରିଥାଏ—1. Resolved to speak the truth. ୨ । ସତ୍ୟ ବା ପ୍ରତିଜ୍ଞା ପାଳନ କରିବାକୁ ଦୃଢ଼ବ୍ରତ—2. Resolved to keep one's vow or solemn promise. ୩ । ସତ୍ୟାନୁରାଗୀ – 3. Attached to truth; devoted to the cause of truth.
Satyanishṭha
(ସତ୍ୟନିଷ୍ଠା—ସ୍ତ୍ରୀ)
(ସତ୍ୟନିଷ୍ଠତା—ବି)

ସତ୍ୟ ନିଷ୍ଠା—ସଂ.ବିଣ. ସ୍ତ୍ରୀ (ସତ୍ୟନିଷ୍ଠ + ଆ)—ସତ୍ୟନିଷ୍ଠର ସ୍ତ୍ରୀଲିଙ୍ଗ—
Satya nishṭhā The feminine of Satyanishṭha.
ବି. (୭ମୀ ତତ୍; ସତ୍ୟରେ ନିଷ୍ଠା)—ସତ୍ୟରେ ବା ସତ୍ୟ ବିଷୟରେ ନିଷ୍ଠା—Rigidity or constancy in the observance of Satya (truth or one's solemn vow).

ସତ୍ୟ ପରାୟଣ—ସଂ. ବିଣ. ପୁଂ (ବହୁବ୍ରୀହି; କର୍ମଧା. ସତ୍ୟ + ପର + ଅୟନ)—ସତ୍ୟନିଷ୍ଠ (ଦେଖ)—Satyanishṭha (See)
Satya parāyaṇa
(ସତ୍ୟପରାୟଣା—ସ୍ତ୍ରୀ)
(ସତ୍ୟପରାୟଣତା—ବି)

ସତ୍ୟପାଠ—ଦେ. ବି (କଟକୀ)—ସତ୍ୟ ପ୍ରତିଜ୍ଞା ୩ (ଦେଖ)
Satyapāṭha Satya pratijnā 3 (See)

ସତ୍ୟ ପାଳନ—ସଂ. ବି (୬ଷ୍ଠୀ ତତ୍)—ପ୍ରତିଜ୍ଞାପାଳନ; ସତ୍ୟରକ୍ଷା—
Satya pālana Carrying out of one's vows.
(ସତ୍ୟପାଳକ, ସତ୍ୟପାଳୟିତା—ବିଣ. ପୁଂ)
(ସତ୍ୟପାଳନା—ଦେ. ରୂପ)

ସତ୍ୟ ପାଳିବା—ଦେ· କ୍ରି—ସତ୍ୟ ବା ଧର୍ମତଃ କରାଯାଇଥିବା ଅଙ୍ଗୀକାରକୁ କାର୍ଯ୍ୟରେ ପରିଣତ କରିବା—
Satya pāḷibā
সত্য পালা सत्य पालना To carry out one's vow; to keep one's promise.

ସତ୍ୟପୀର—ଦେ. ବି—୧ । ସତ୍ୟନାରାୟଣ (ଦେଖ)—1. Satyanārāyaṇa (See). ୨ । (ପୁଂ) ଲୋକଙ୍କୁ ଦିଆଯିବା ନାମ—A name given to males.
Satyapira
সত্যপীর
(ସତ ପୀର ଗୋସ [ସ୍ୱେଁ] ଇଁ—ଅନ୍ୟରୂପ)

ସତ୍ୟପୁର—ସଂ. ବି—ସତ୍ୟଲୋକ (ଦେଖ)
Satyapura Satyaloka (See)

ସତ୍ୟପ୍ରତିଜ୍ଞ—ସଂ. ବିଣ. ପୁଂ (ବହୁବ୍ରୀହି; ସତ୍ୟ+ପ୍ରତିଜ୍ଞା; ସତ୍ୟ ଅଟେ Satyapratijña ପ୍ରତିଜ୍ଞା ଯାହାର)—୧ । ଯେ ପ୍ରତିଜ୍ଞାପାଳନ (ସତ୍ୟପ୍ରତିଜ୍ଞା—ସ୍ତ୍ରୀ) ବିଷୟରେ ଅଟଳ—1. Rigid or unalterable in the keeping of one's promise. ୨ । ଦୃଢ଼ପ୍ରତିଜ୍ଞ—2. Resolute.

ସତ୍ୟ ପ୍ରତିଜ୍ଞା—ସଂ ବିଂ. ସ୍ତ୍ରୀ (ସତ୍ୟ ପ୍ରତିଜ୍ଞ+ସ୍ତ୍ରୀ, ଅ)—ସତ୍ୟପ୍ରତିଜ୍ଞର Satyapratijñā ସ୍ତ୍ରୀଲିଙ୍ଗ—The feminine of Satyapratijña. ଦେ. ବି (କଚିଗଅ)—୧ । ଶପଥ; ମୁଁ ଯାହା କହୁଛି ଏହା ସତ୍ୟ ବୋଲି ଶପଥ କରିବା; ହଲପ—1. Swearing to the truth of one's statement; statement on oath. ୨ । ଏଫିଡେଭିଟ୍; ସ୍ୱକୃତିପତ୍ର; ଲିଖିତ ଦଲିଲରେ ଲେଖାଥିବା ବିଷୟ ସତ ଥିବା ବିଷୟରେ ଲେଖକର ଶପଥ—2. Affidavit; sworn testimony. ୩ । ମକଦମାରେ ପକ୍ଷମାନେ (ଅର୍ଥାତ୍ ବାଦୀ ତାହାର ଆରଜିର ଶେଷରେ, ପ୍ରତିବାଦୀ ତାହାର ଜବାବର ଶେଷରେ ଓ ଦରଖାସ୍ତକାରୀ ତାହାର ଦରଖାସ୍ତର ଶେଷରେ) କଚିହରେ ଦାଖଲ କରିବା ଅରଜି ଆଦିର ପ୍ରାନ୍ତରେ ଲେଖିବା ଧର୍ମତଃ ଶପଥ ବାକ୍ୟ; ସତ୍ୟପାଠ—3. Verification at the end of a plaint or a written statement or of a petition filed in court.

ଦ୍ର—ଆଇନ୍ ଅନୁସାରେ ନିମ୍ନଲିଖିତ ଆକାରରେ ସତ୍ୟପ୍ରତିଜ୍ଞା ବା ସତ୍ୟପାଠ ଲେଖାଯାଏ—

ଆମ୍ଭେ ଅମୁକ ଅଙ୍କ ଅମୁକ ତାରିଖରେ ଅମୁକ ମୁକାମରେ ଉପସ୍ଥିତ ହୋଇ ଧର୍ମତଃ ପ୍ରତିଜ୍ଞା କରୁଅଛୁଁ କି, ଏଥି ଲିଖିତ ଅମୁକ ଅମୁକ ଦଫାର ବିଷୟମାନ ଆମ୍ଭ ଜ୍ଞାନମତେ ସତ୍ୟ ଅଟେ ଓ ଅମୁକ ଅମୁକ ଦଫାର ବିଷୟମାନ ଆମ୍ଭର ବିଶ୍ୱାସମତେ ସତ୍ୟ ଅଟେ ।

ବିଶିଷ୍ଟରୂପେ କ୍ଷମତାପ୍ରାପ୍ତ ନ ହେଲେ କୌଣସି ମୋକ୍ତିଆରକାର ବା ଏଜେଣ୍ଟ୍ ସ୍ୱାମୀ (Prinoipal)ଙ୍କ ପକ୍ଷରୁ ସତ୍ୟପ୍ରତିଜ୍ଞାରେ ଦସ୍ତଖତ୍ କରି ପାରନ୍ତି ନାହିଁ ।]

ସତ୍ୟପ୍ରସନ୍ନ ସିଂହ—ଦେ. ବି (ନାମ)—ସ୍ୱର୍ଗତ ମାନ୍ୟବର ଲର୍ଡ Satyaprasanna simha ଏସ୍. ପି, ସିଂହ ବା ଲର୍ଡ ସିନ୍ହା—The late Lord S. P. Sinha of Raipur. [ଦ୍ର—ଏ ବଙ୍ଗ ପ୍ରଦେଶରେ ବୀରଭୂମି ଜିଲ୍ଲାର ରାଏପୁର ଗ୍ରାମରେ ବଙ୍ଗୀୟ କାୟସ୍ଥ ବଂଶରେ ୧୮୬୩ ସାଲରେ ଜନ୍ମଗ୍ରହଣ କରି ଏଫ୍. ଏ. ପାଶ୍ କରି ବିଲାତ ଯାଇ ସେଠାରେ ଲିନ୍‌କଲ୍‌ନ୍‌ସ୍ ଇନ୍ (Lincoln's Inn) ନାମକ ବାରିଷ୍ଟରୀ ଶିକ୍ଷା-ଭବନରୁ ୧୮୮୬ ରେ ବାରିଷ୍ଟରୀ ପାଶ୍ କରି କଲିକତା ହାଇକୋର୍ଟରେ ବାରିଷ୍ଟର ବ୍ୟବସାୟ କଲେ, ଓ ୧୯୦୪ ସାଲରେ ହାଇକୋର୍ଟରେ ପ୍ରଥମ Standing Council (ସରକାରୀ ପରାମର୍ଶଦାତା) ଓ ତତ୍ପରେ Advocate General (ପ୍ରାଦେଶିକ ସରକାରଙ୍କ ପ୍ରଧାନତମ ବାରିଷ୍ଟର) କାର୍ଯ୍ୟରେ ନିଯୁକ୍ତ ହୋଇ ୧୯୦୬ ସାଲରେ ବଡ଼ଲାଟଙ୍କ ଶାସନ ସଭା (Executive Council) ର (Law member) ଆଇନ୍ ସଚିବ ରୂପେ ନିଯୁକ୍ତ ହେଲେ । ଭାରତୀୟମାନଙ୍କ ମଧ୍ୟରେ ଏ ପ୍ରଥମେ ଏହି ଉଚ୍ଚ ପଦ ଲାଭ କରିଥିଲେ । ତତ୍ପରେ ବିଲାତର ପାର୍ଲିଅମେଣ୍ଟ୍ ସଭାରେ ଭାରତର ସହକାରୀ ସଚିବ (Under Secretary) ରୂପେ କାର୍ଯ୍ୟ କରି ସେଠାରେ ସମ୍ରାଟଙ୍କଠାରୁ (Lord Sinha of Raipur) ଲର୍ଡ ଉପାଧି ପାଇ ଭାରତକୁ ଆସି ବିହାର ଓଡ଼ିଶାର ଲାଟ୍ (Governor) ହେଲେ । ଏ ଉତ୍କୃଷ୍ଟ ପଦବୀ ମଧ୍ୟ ଭାରତବାସୀଙ୍କ ମଧ୍ୟରୁ ଏ ପ୍ରଥମ ପାଇଥିଲେ ଓ ଅଦ୍ୟାବଧି ଅନ୍ୟ କେହି ଭାରତୀୟ ଏ ଲର୍ଡ ପଦବୀ ପାଇ ନାହାନ୍ତି । ତତ୍ପରେ ଶାରୀରିକ ଅସୁସ୍ଥତା ବଶତଃ ଲାଟ ପଦରୁ ଅବସର ନେଇ କେତେକ ଦିନ ବଙ୍ଗଦେଶରେ ଓ କେତେକ ଦିନ ବିଲାତରେ ଏ ରହିଥିଲେ । ଏ ବାରିଷ୍ଟରୀ କରିବା ସମୟରେ ଭାରତର ଜାତୀୟ ମହାସଭା କଂଗ୍ରେସ (Indian National Congress) ର ସଭାପତି ରୂପେ ଭାରତବାସୀଙ୍କୁ ରାଜକୀୟ ଓ ସାମରିକ ବିଭାଗର ଉଚ୍ଚ ପଦରେ ନିଯୁକ୍ତ କରିବା ପାଇଁ ମତ ପ୍ରକାଶ କରିଥିଲେ । ଏ ମଧ୍ୟ ଇଉରୋପର ଅନ୍ତର୍ଜାତୀୟ ସଙ୍ଘ (League of Nations) ରେ ଭାରତୀୟ ଜନସାଧାରଣ (The people of India) ଙ୍କ ପ୍ରତିନିଧି ରୂପେ ବଡ଼ଲାଟଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଲର୍ଡ ମର୍ଲି ଓ ମିଣ୍ଟୋଙ୍କ ଅମଳରେ ଭାରତକୁ ଯେଉଁ ଶାସନ-ସଂସ୍କାରମାନ ବିଲାତ ପାର୍ଲିଅମେଣ୍ଟ୍ ପ୍ରଦାନ କରିଥିଲେ, ତତ୍ସମ୍ବନ୍ଧେ ଏ ବହୁତ ଆୟୋଜନ କରିଥିଲେ ଓ ଉକ୍ତ ସଂସ୍କାର ସମ୍ବନ୍ଧୀୟ ଆଇନକୁ ବିଲାତର ପାର୍ଲିଅମେଣ୍ଟର ଲର୍ଡସଭା (House of Lords) ରେ ଏ ପେଶ୍ କରିଥିଲେ । ପାର୍ଲିଅମେଣ୍ଟର ଲର୍ଡସଭା (House of Lords) ର ସଭ୍ୟ ରୂପେ ଏହାଙ୍କୁ ସମ୍ରାଟ ଗ୍ରହଣ କରିଥିଲେ।

ତତ୍ପରେ ଏ ବିଲାତର ପ୍ରିଭିକାଉନ୍ସିଲ୍ ବା ଉଚ୍ଚତମ ବିଚାରାଳୟର ବିଚାରପତି ରୂପେ ସମ୍ରାଟଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ ।

ଏହାଙ୍କର ଭାଇ ମେଜର୍ ଏନ୍. ପି. ସିନ୍ହା ବିଲାତରୁ ଡାକ୍ତରୀ ବିଭାଗୀୟ ଉଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସିଭିଲ୍ ସର୍ଜନ୍ (Civil Surgeon) ବା ଲୁର ସାହେବ କାର୍ଯ୍ୟ କରି ଅବସର ଗ୍ରହଣ କରି ଅଛନ୍ତି । ଏହାଙ୍କ ପୁତ୍ର ଲର୍ଡ ସିଂହ ଉପାଧି ପାଇଅଛନ୍ତି ।]

ସତ୍ୟପ୍ରସାଦ ସର୍ବାଧିକାରୀ—ଦେ. ବ. (ନାମ)—ବଙ୍ଗ ଦେଶର ଜଣେ Satyaprasāda Sarbādhikārī ପ୍ରଚୀନପ୍ରସିଦ୍ଧ ସ୍ୱର୍ଗୀୟ ବ୍ୟକ୍ତି Name of a late celebrated Bengalee doctor. [ବି—ଏ ହୁଗୁଳି ଜିଲ୍ଲାରେ ୧୮୫୮ ରେ ଜନ୍ମଗ୍ରହଣ କରିଥିଲେ । ଏ କଲିକତା ମେଡ଼ିକାଲ୍ କଲେଜରୁ ପାଶ୍ କରି କଲିକତାରେ ଡାକ୍ତରି କରୁଥିଲେ । ଏ କଲିକତାର ପ୍ରସିଦ୍ଧ ସଫର ମେମ୍ବର ଶଙ୍କାଚର ହୋଇ—ପୃଥିବୀ ବିଖ୍ୟାତ ଫ୍ରୀ ମାସନ୍ (Free mason) ନାମକ ସାର୍ବଜନୀନ ଉଦାର ଧର୍ମ ସମ୍ପ୍ରଦାୟରେ ଗୋଟିଏ ଉଚ୍ଚପଦ (Part-assistant Grand Director of Ceremonies of England) ଲାଭ କରିଥିଲେ । ଅନ୍ୟ ଭାରତବାସୀଙ୍କ ଭାଗ୍ୟରେ ଏ ସାମ୍ପ୍ରଦାୟିକ ଉଚ୍ଚ ପଦବୀ ଅଦ୍ୟାପି ଘଟିନାହିଁ ।]

ସତ୍ୟପ୍ରାଣ—ସ.ବି.ପୁଂ—(ବହୁବ୍ରୀହି, ସତ୍ୟ ଅଟେ ପ୍ରାଣ ଯାହାଙ୍କର)—Satyaprāṇa ସତ୍ୟୈକନିଷ୍ଠ; ଯେ ସତ୍ୟ କହିବା ଓ ସତ୍ୟ (ସତ୍ୟପ୍ରାଣା—ସ୍ତ୍ରୀ) ପାଳନ କରିବା ପାଇଁ ଜୀବନକୁ ଉତ୍ସର୍ଗ କରିଅଛନ୍ତି—A person whose life is dedicated to the pursuit of truth and to the performance of his vows.

ସତ୍ୟପ୍ରିୟ—ସ. ବିଣ.ପୁଂ—(ବହୁବ୍ରୀହି; ସତ୍ୟ ଅଟେ ପ୍ରିୟ ଯାହାର)—Satyapriya ୧ । ସତ୍ୟବାଦୀ—1. Truthful. ୨ । (ସତ୍ୟପ୍ରିୟା—ସ୍ତ୍ରୀ) ସତ୍ୟାନୁରାଗୀ—2. Attached to (ସତ୍ୟପ୍ରିୟତା—ବି) truth.

ସତ୍ୟଫଳ—ସ. ବି—ବିଲ୍ୱବୃକ୍ଷ; ଶ୍ରୀଫଳ—The Bael tree; Satyaphala Aegle Marmelos.

ସତ୍ୟବକ୍ତା—ସଂ. ବିଣ. ପୁଂ—ସତ୍ୟବାଦୀ—Satyabaktā Truthful. (ସତ୍ୟବକ୍ତ୍ରୀ—ସ୍ତ୍ରୀ) (ସତ୍ୟବକ୍ତୃତା—ଦେ· ରୂପ)

ସତ୍ୟ ବଚନ—ସ. ବି (କର୍ମଧା)—ସତ୍ୟକଥା—Satya bachana True words.

ସତ୍ୟବଚାଃ—ସଂ. ବିଣ. ପୁ ଓ ସ୍ତ୍ରୀ (ବହୁବ୍ରୀହି; ସତ୍ୟ+ବଚସ୍; ସତ୍ୟ Satyabachāḥ ଅଟେ ବଚସ୍=ବାକ୍ୟ ଯାହାର)—(ସତ୍ୟବାକ୍—ଅନ୍ୟରୂପ) ସତ୍ୟବାଦୀ—Truthful. ବି—ଋଷି; ମୁନି—A sage; hermit.

ସତ୍ୟବତୀ—ସ. ବିଣ. ସ୍ତ୍ରୀ (ସତ୍ୟବତ୍ +ସ୍ତ୍ରୀ. ଈ; ସତ୍ୟବତ୍ ଶବ୍ଦର Satyabatī ସ୍ତ୍ରୀ ଲିଙ୍ଗ)—ସତ୍ୟବାଦିନୀ—The feminine of satyabat; Truthful (woman). ବି. ସ୍ତ୍ରୀ—୧ । ବ୍ୟାସ ଜନନୀ; ଶାନ୍ତନୁଙ୍କର ଦ୍ୱିତୀୟା ପତ୍ନୀ—1. Name of the 2nd wife of 'Sāntanu' and mother of sage 'Byāsa'. [ବି—ବ୍ୟାସଜନନୀଙ୍କର ବାଲ୍ୟ ନାମ ମତ୍ସ୍ୟଗନ୍ଧା । ଏ ବସୁରାଜଙ୍କ ଔରସରେ ମତ୍ସ୍ୟରୂପା ଅଦ୍ରିକା ନାମ୍ନୀ ଅପ୍ସରାଙ୍କ ଗର୍ଭରୁ ଜନ୍ମିଥିଲେ । ମତ୍ସ୍ୟର ଗର୍ଭରୁ ଜନ୍ମିଥିବାରୁ ଏହାଙ୍କ ଦେହରେ ମତ୍ସ୍ୟଗନ୍ଧ ଥିଲା । (ସେଥିପାଇଁ ଏହାଙ୍କ ନାମ ମତ୍ସ୍ୟଗନ୍ଧା) । ଜନ୍ମ ପରେ ବସୁରାଜ ଏହାଙ୍କୁ ଲାଳନପାଳନାର୍ଥ ଦାସରାଜ (କୈବର୍ତ୍ତ)ଙ୍କୁ ଅର୍ପଣ କରିଥିଲେ । ଏ ବୟଃପ୍ରାପ୍ତା ହେବାରୁ ଦାସରାଜ ଏହାଙ୍କୁ ଯମୁନା ନଦୀ ଘାଟର ଡଙ୍ଗା ଚଳାଇବାର କର୍ମରେ ରଖିଲେ । ଏହି ଅବସ୍ଥାରେ ଥରେ ପରାଶର ମୁନି ଯମୁନା ନଦୀ ପାର ହେବା ସମୟରେ ଏହାଙ୍କ ରୂପରେ ମୁଗ୍ଧ ହୋଇ ସଙ୍ଗମ ଲାଳସାରେ ଯୋଗ ମହିମା-ବଳରେ ଏହାଙ୍କ ଦେହରୁ ମତ୍ସ୍ୟଗନ୍ଧ ଦୂରୀଭୂତ କରି ଏହାଙ୍କ ଦେହକୁ ପଦ୍ମଗନ୍ଧମୟ କଲେ । ପରାଶରଙ୍କ ଔରସରେ ଏହାଙ୍କ ଗର୍ଭରୁ ବ୍ୟାସଦେବ ଜନ୍ମ ହୋଇଥିଲେ । ଏହା ସତ୍ୟବତୀଙ୍କ ଜୀବନର ପ୍ରଥମ ଅଧ୍ୟାୟ ।

କେତେ ଦିନ ପରେ ଗଙ୍ଗା ଦେବୀଙ୍କ ସ୍ୱାମୀ ଓ ଦେବବ୍ରତ (ପରବର୍ତ୍ତୀ ନାମ ଭୀଷ୍ମ)ଙ୍କ ପିତା ଶାନ୍ତନୁରାଜ ସତ୍ୟବତୀଙ୍କ ଦେହର ପଦ୍ମଗନ୍ଧ ଦ୍ୱାରା ଆକୃଷ୍ଟ ହୋଇ ଏହାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ କରି ଦାସରାଜଙ୍କ ନିକଟରେ ଉପସ୍ଥିତ ହେବାରୁ ଦାସରାଜ ଶାନ୍ତନୁଙ୍କୁ କହିଲେ—ଆପଣ ଯେବେ ଆପଣଙ୍କ ଔରସରେ ଏହି କନ୍ୟା ଗର୍ଭରୁ ଜାତ ସନ୍ତାନକୁ ଆପଣଙ୍କ ଅନ୍ତେ ସିଂହାସନର ଅଧିକାରୀ କରିବାକୁ ସତ୍ୟ କରିବେ ତେବେ ଏ କନ୍ୟାକୁ ଆପଣଙ୍କ ହସ୍ତରେ ଅର୍ପଣ କରିବି; କିନ୍ତୁ ପ୍ରଥମା ପତ୍ନୀ ଗଙ୍ଗାଙ୍କ ଗର୍ଭଜାତ 'ଦେବବ୍ରତ' ଥାଉଁ ଥାଉଁ ଶାନ୍ତନୁ ଏପରି ପ୍ରତିଜ୍ଞା କରିବାକୁ ଅସମର୍ଥ ହୋଇ ବିମର୍ଷ ହୃଦୟରେ ରାଜ୍ୟକୁ ଫେରି ଆସିଲେ । ଏଣେ ପିତୃଭକ୍ତ ଦେବବ୍ରତ ପିତାଙ୍କ ମନୋ-ଦୁଃଖର କାରଣ ଅନୁସନ୍ଧାନ ଦ୍ୱାରା ଜାଣି ପାରି ସ୍ୱୟଂ ଦାସରାଜଙ୍କ ନିକଟରେ ଉପସ୍ଥିତ ହୋଇ ଏହିପରି ପ୍ରତିଜ୍ଞା କଲେ ଯେ,ଦାସରାଜଙ୍କ ଅଭିଳାଷ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେ ପିତାଙ୍କ ମୃତ୍ୟୁ ପରେ କେବେ ପିତୃ ସିଂହାସନ ଅଧିକାର ନ କରି ସତ୍ୟବତୀଙ୍କ ପୁତ୍ରମାନଙ୍କୁ ଉକ୍ତ ସିଂହାସନରେ ବସାଇବେ ଓ ସ୍ୱୟଂ ଚିରକୁମାର ରହିବେ । ଦେବବ୍ରତ ଏହି'ଭୀଷ୍ମ ପ୍ରତିଜ୍ଞା' କରି ତାହା ପାଳନ କରିଥିବାରୁ ତଦବଧି ତାଙ୍କ ନାମ ଭୀଷ୍ମ ହେଲା । ଦାସରାଜ ଏ ପ୍ରତିଜ୍ଞା ଶୁଣି ସତ୍ୟବତୀଙ୍କୁ ଭୀଷ୍ମଙ୍କ ହସ୍ତରେ ପ୍ରଦାନ କଲେ ଓ ଭୀଷ୍ମ ସତ୍ୟବତୀଙ୍କୁ ଆଣି ପିତୃଦେବଙ୍କ ଚରଣରେ ଅର୍ପଣ କଲେ । କାଳକ୍ରମେ ସତ୍ୟବତୀଙ୍କ ଗର୍ଭରୁ ଶାନ୍ତନୁଙ୍କ ଔରସରେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇଟି ପୁତ୍ର ଜନ୍ମ ହେଲେ । ଶାନ୍ତନୁଙ୍କ ଅନ୍ତେ ଭୀଷ୍ମ ଚିତ୍ରାଙ୍ଗଦଙ୍କୁ ରାଜ-ପଦରେ ବସାଇଲେ, କିନ୍ତୁ ଚିତ୍ରାଙ୍ଗଦ ଅଳ୍ପଦିନ ପରେ ନିଃସନ୍ତାନ ହୋଇ ମୃତ ହେବାରୁ ଭୀଷ୍ମ ତାଙ୍କ କନିଷ୍ଠ ବିଚିତ୍ରବୀର୍ଯ୍ୟଙ୍କୁ ରାଜା କଲେ । ପରେ କାଶୀରାଜାଙ୍କ କନ୍ୟା ଅମ୍ବାଲିକାଙ୍କୁ ଓ ଅମ୍ବିକାଙ୍କୁ ସ୍ୱୟମ୍ବର ସଭାରୁ ହରଣ କରି ଆଣି ବିଚିତ୍ରବୀର୍ଯ୍ୟଙ୍କୁ ବିବାହ ଦେଲେ । ଦୈବଗତ୍ୟା ବିଚିତ୍ରବୀର୍ଯ୍ୟ ମଧ୍ୟ ନିଃସନ୍ତାନ ହୋଇ ମୃତ ହେଲେ । ଅପଣାର କୁଳ ଲୋପ ହେବା ଦେଖି ସତ୍ୟବତୀ ଅତି ଦୁଃଖିତା ହୋଇ ଭୀଷ୍ମଙ୍କ ପରାମର୍ଶରେ ସ୍ୱୀୟ କାନୀନ ପୁତ୍ର

ବ୍ୟାସ ଦେବଙ୍କୁ ନିମନ୍ତ୍ରଣ କରି ତାଙ୍କ ସାହାଯ୍ୟରେ ନିୟୋଗ ବିଧି ଦ୍ୱାରା ମୃତ ବିଚିତ୍ରବୀର୍ଯ୍ୟଙ୍କ କ୍ଷେତ୍ରରେ (ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭରେ) ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ କୁମାର-ଦ୍ୱୟଙ୍କୁ ଉତ୍ପାଦିତ କରାଇ ଶାନ୍ତନୁଙ୍କ କୁଳ ରକ୍ଷା କଲେ । ପୌତ୍ରଦ୍ୱୟ ବୟଃପ୍ରାପ୍ତ ହେବା ପର୍ଯ୍ୟନ୍ତ ସତ୍ୟବତୀ ଭୀଷ୍ମଙ୍କ ଆଶ୍ରୟରେ ରହିଥିଲେ । ଧୃତରାଷ୍ଟ୍ର ବଡ଼ ପୁଅ ଥିଲେହେଁ ଜନ୍ମାନ୍ଧ ଥିବାରୁ କନିଷ୍ଠ ପାଣ୍ଡୁ ରାଜା ହେଲେ, କିନ୍ତୁ ଦୈବ-ଗତ୍ୟା 'ଅକାଳକାଣ୍ଡ' ଘଟାଇଲେ ବାଣ୍ଡବାରୁ ପାଣ୍ଡୁ ଅଳ୍ପ ବୟସରେ ମୃତ ହେଲେ । ପାଣ୍ଡୁଙ୍କ ମୃତ୍ୟୁ ପରେ ସତ୍ୟବତୀ ପୁତ୍ରବଧୂ ଦ୍ୱୟଙ୍କ ସହ ବନବାସ ଆଶ୍ରୟ କରି ତପଶ୍ଚରଣରେ ନିଯୁକ୍ତା ହୋଇ ଦେହ ତ୍ୟାଗ କଲେ ।] ୨ । ନାରଦ ମୁନିଙ୍କ ପତ୍ନୀ—2. Name of the wife of sage 'Nārada'. ୩ । ବିଶ୍ୱାମିତ୍ରଙ୍କ ଭଗ୍ନୀ; ରୁଚୀକ ଋଷିଙ୍କ ପତ୍ନୀ ଓ ଶୁନଃଶେଫ ଋଷିଙ୍କ ମାତା—3. The sister of 'Biswāmitra' and wife of sage 'Ruchika'. [ଦ୍ର—ତପୋବଳରେ ଏ ଦେହାନ୍ତେ ସଶରୀର ସ୍ୱର୍ଗାରୋହଣ କରିବା ପରେ ପୃଥିବୀର ହିତ କାମନାରେ ସ୍ରୋତସ୍ୱତୀ ରୂପେ ହିମାଳୟରୁ ପ୍ରବାହିତ ହୋଇ 'କୌଶିକୀ' ନାମ ଧାରଣ କଲେ । କୌଶିକୀ ହିମାଳୟରୁ ପ୍ରବାହିତ ହେଉଥିବା ବିହାର ପ୍ରଦେଶାନ୍ତର୍ଗତ ନଦୀବିଶେଷ । ଏହା ଭାଗଲପୁରର କିଛି ଦୂର ତଳେ ପୂର୍ବରେ ଗଙ୍ଗା ନଦୀ ସଙ୍ଗେ ମିଶି ଅଛି ।]

ସତ୍ୟବତୀ ସୁତ—ସଂ. ବି. ପୁଂ (୬ଷ୍ଠୀ ତତ୍)—ବ୍ୟାସ ଦେବ—
Satyabatī suta The sage Byāsa.

ସତ୍ୟବନ୍ତ—ଦେ. ବିଣ. (ସଂ. ସତ୍ୟବତ୍ ଶବ୍ଦର ୧ମା ବିଭକ୍ତି, ବହୁ
Satyabanta ବଚନରେ ଅକାର 'ସତ୍ୟବନ୍ତଃ')—
[ସତ୍ୟବନ୍ତା(ନ୍ତୀ)—ସ୍ତ୍ରୀ] ୧ । ସତ୍ୟବାଦୀ—1. Truthful.
সত্যবন্ত ୨ । ଯେ ସତ୍ୟ ପାଳନ କରେ—2. True to one's
सत्यवादी promise or vow. [ଉ—ଭରତ ବଂଶେ ହେଲେ ଏପରି ନୃପତି, ସତ୍ୟବନ୍ତ ଯେ ମହାରଥ ସେ
সত্যবান্ ଅଟନ୍ତି । କୃଷ୍ଣସିଂହ. ମହାଭାରତ ଆଦି ।] ବି. ପୁଂ—
सत्यवान ସତ୍ୟବାନ୍; ସାବିତ୍ରୀଙ୍କ ସ୍ୱାମୀ—Satyabān; the husband of 'Sābitrī.' [ଉ—ଏ ରୂପେ ବରଷ ସମ୍ପୂର୍ଣ୍ଣେ ସତ୍ୟବନ୍ତ, ଦେହରେ କାଳ ଆସି ହେଲା ଉପଗତ । କୃଷ୍ଣସିଂହ, ମହାଭାରତ, ବନ ।]

ସତ୍ୟବନ୍ତା—ଦେ. ବିଣ ପୁଂ. ଓ ସ୍ତ୍ରୀ—ସତ୍ୟବନ୍ତ (ଦେଖ)
Satyabantā Satyabanta (See)

ସତ୍ୟବାକ୍—ସଂ. ବିଣ. ପୁଂ (ବହୁବ୍ରୀହି; ସତ୍ୟ ଅଟେ ବାକ୍ ଯାହାର)—
Satyabāk ସତ୍ୟବାଦୀ—Truthful. ବି—୧ । ମୁନି; ଋଷି—
(ସତ୍ୟବାଚୀ—ସ୍ତ୍ରୀ) 1. Sage. ୨ । ବାୟସ; କାକ—
(ସତ୍ୟବାକ—ଦେ. ରୂପ) 2. Crow.

ସତ୍ୟବାଦୀ—ସଂ. ବିଣ (ସତ୍ୟବାଦିନ୍ ଶବ୍ଦ; ସତ୍ୟ+ବଦ୍. ଧାତୁ+
Satyabādī କର୍ତ୍ତୃ. ଇନ୍)—ସତ୍ୟଭାଷୀ; ଯେ ସତ୍ୟ କହେ—
(ସତ୍ୟବାଦିନୀ—ସ୍ତ୍ରୀ) Truthful; speaking the truth
সত্যবাদী ବି—୧ । ମୁନି—1. Sage. ୨ । ବାୟସ; କାକ—
सत्यवादी 2. Crow. ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା ନାମ—1. A name given to males. ୨ । ପୁରୀ ଜିଲ୍ଲା ଅନ୍ତର୍ଗତ ରହାଙ୍ଗ ପ୍ରଗଣାର ସୁପ୍ରସିଦ୍ଧ ଗ୍ରାମ—2. Name of a village in Puri district. [ଦ୍ର—ଏହା ପୁରୀଠାରୁ କଟକ ଅଭିମୁଖେ ଆସିଥିବା ଜଗନ୍ନାଥ ସଡ଼କର ନିକଟରେ ପୁରୀଠାରୁ ୧୦ ମାଇଲ ଦୂରବର୍ତ୍ତୀ ଜୟପୁର ନାମକ ଗ୍ରାମର ଅଧମାଇଲ ପଶ୍ଚିମରେ ଅବସ୍ଥିତ । ଏଠାରେ ଶ୍ରୀ ଗୋପୀନାଥ ବା ସାକ୍ଷୀଗୋପାଳ ନାମକ ଶ୍ରୀକୃଷ୍ଣବିଗ୍ରହଙ୍କ ମନ୍ଦିର ଅଛି । ଏଥିପାଇଁ ଏ ସ୍ଥାନର ନାମ ମଧ୍ୟ ସାକ୍ଷୀଗୋପାଳ ହୋଇଅଛି ଓ ଏହି ଗ୍ରାମର ପ୍ରସିଦ୍ଧି ଯୋଗୁଁ ଜୟପୁର ମୌଜାରେ ଅବସ୍ଥିତ ଡାକ୍ତରଖାନା, ଡାକଘର, ଥାନା ଆଦି ପୂର୍ବରୁ ସତ୍ୟବାଦୀ ଶବ୍ଦ ଲଗାଇ କୁହାଯାଏ । ଏଠାରେ ଦେବତା 'ସାକ୍ଷୀଗୋପାଳ'ଙ୍କୁ 'ସତ୍ୟବାଦୀ ଗୋପୀନାଥ' ଓ 'ଗୋପାଳଜୀଉ' ବା 'ଗୋପାଳଜୀ' ବୋଲି ଲୋକେ ଡାକନ୍ତି । ଏହି ବିଗ୍ରହଙ୍କୁ ପୁରୁଷୋତ୍ତମଦେବ କାଞ୍ଚିବିଜୟ କରି ସେଠାରୁ ଆଣି କଟକରେ ରଖିଥିଲେ ଓ ଶ୍ରୀ ଚୈତନ୍ୟଦେବ ଏହାଙ୍କୁ କଟକଠାରେ ଦେଖିଥିଲେ । ତତ୍ପରେ କେତେକ ଦିନ ଏ ବିଗ୍ରହ ପୁରୀଜିଲ୍ଲାର ରଥିପୁର ଓ କନ୍ତିଲବାଇରେ ରଖାଯାଇଥିଲେ ଓ ସେଠାରେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଠାକୁରଙ୍କର ଭଙ୍ଗା ଓ ଭଙ୍ଗା ଦେଉଳମାନ ଅଛି । ଏହାଙ୍କର ବର୍ତ୍ତମାନ ମନ୍ଦିର ସତ୍ୟବାଦୀଠାରେ ଏକ ପ୍ରକାଣ୍ଡ (୯ ବାଟି ୯ ମାଣ ୯ ଗୁଣ୍ଠ ୯ ବିଶ୍ୱା ଜମିରେ ଥିବା) ବକୁଳ ଉପବନ ମଧ୍ୟରେ ଅନ୍ୟୁନ ଅନ୍ଦାଜ ୧୫୦ ବର୍ଷ ହେବ ନିର୍ମିତ ହୋଇଅଛି । ପୂର୍ବେ ଏ ମନ୍ଦିରର ଚତୁଃପାର୍ଶ୍ୱରେ ଗୃହ ଓ ବସତି ଆଦି ନ ଥିଲା । ଏପରି କି, ଏହାଙ୍କ ସେବକମାନଙ୍କ ବସତି ଦେଉଳଠାରୁ ଅଧମାଇଲ୍ ଦୂରରେ ଅବସ୍ଥିତ । ଏ ଦେବତାଙ୍କ ସେବା ନିମନ୍ତେ ଓ ସେବକଙ୍କ ଜାଗିର ନିମନ୍ତେ ଓଡ଼ିଶାର ରାଜାମାନେ ଅନେକ ଭୂସମ୍ପତ୍ତି ଦେଇ ଯାଇଅଛନ୍ତି ଓ ପୂର୍ବେ ଏହାର ତତ୍ତ୍ୱାବଧାରଣର ଭାର ଜଣେ ରାଜ-ବଂଶଧର (ରାଏ ସାହେବ)ଙ୍କ ଉପରେ ଥିଲା, କିନ୍ତୁ ସେ ମନ୍ଦିରର କାର୍ଯ୍ୟରେ ବିଶୃଙ୍ଖଳା ଦେଖାଇବାରୁ ଇଂରେଜ ଗଭର୍ଣ୍ଣମେଣ୍ଟ ଏ ମନ୍ଦିରର ପରିଚାଳନାର୍ଥ ୧୮୬୩ ସାଲର ୨୦ ଆଇନ ଅନୁସାରେ ପ୍ରଥମେ ୩ ଜଣ ଓ ବର୍ତ୍ତମାନ ୫ ଜଣ ମେମ୍ବର ସମ୍ବଳିତ ଗୋଟିଏ ପରିଚାଳନ କମିଟି (Endowment Committee or Temple Committee)ମୁକରର କରିଅଛନ୍ତି । ବର୍ତ୍ତମାନ ଉକ୍ତ ଦେବତାଙ୍କ ସମ୍ପତ୍ତିର ବାର୍ଷିକ ଆୟ ପ୍ରାୟ ୨୦ ହଜାର ଟଙ୍କା ।

ବର୍ତ୍ତମାନ ଏ ଦେଉଳର ଚାରିପାଖେ ଅନେକଗୁଡ଼ିଏ ଘର, ଦୋକାନ, ବଜାର, ମନ୍ଦିରଅଫିସ୍, ଧର୍ମଶାଳା, ନିର୍ମିତ ହେବାରୁ ସ୍ଥାନଟି ବସତିପୂର୍ଣ୍ଣ ଓ ଜନତାମୟ

ହୋଇଅଛି । ଦେଉଳର ପଶ୍ଚିମ ପାଖେ ବକୁଳ ତୋଟା ମଧ୍ୟରେ କେତେଗୁଡ଼ିଏ ଦେଶକର୍ମୀ ଉଚ୍ଚଶିକ୍ଷିତ ବ୍ୟକ୍ତି ୧୫ ବର୍ଷ କାଳ ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ଗୋଟିଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରି ସୁଖ୍ୟାତି ସହିତ ତାହା ପରିଚାଳନ କରିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭାରତର ନନ୍-କୋ-ଅପରେସନ୍‌ର ତେଜରେ ଏ ବିଦ୍ୟାଳୟଟି ବନ୍ଦ ହେବା ପାଇଁ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇ ପରେ ଧ୍ୱଂସ ପ୍ରାୟ ହୋଇ ଯାଇଥିଲା; କିନ୍ତୁ ପରେ କେତେକ ଭଦ୍ର ବ୍ୟକ୍ତିଙ୍କ ଯତ୍ନରେ ଏବେ ଗୋଟିଏ ସରକାରୀ ସାହାଯ୍ୟପ୍ରାପ୍ତ ହାଇ ସ୍କୁଲରେ ଏହା ପରିଣତ ହୋଇଅଛି ।

ଏହି ସ୍ଥାନଟି ପୁରୀ ଜିଲ୍ଲାବାସୀ ସ୍ୱର୍ଗୀୟ ଗୋପବନ୍ଧୁ ଦାସ, ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଆଦି ଦେଶକର୍ମୀମାନଙ୍କର ଜାତୀୟ କର୍ମସାଧନାର କେନ୍ଦ୍ରସ୍ଥଳୀ ଥିଲା ଓ ଏଠାରେ ଗୋପବନ୍ଧୁଙ୍କ ପ୍ରବର୍ତ୍ତିତ ସାପ୍ତାହିକ, ପରେ ଦୈନିକ, ସମ୍ବାଦପତ୍ର ପତ୍ର 'ସମାଜ'ର ଜନ୍ମ । ସ୍ଥାନଟି ପୁରୀ ଜିଲ୍ଲାର ସୀହାଙ୍ଗ ବ୍ରାହ୍ମଣ ଶାସନମାନଙ୍କର ପ୍ରାୟ କେନ୍ଦ୍ରସ୍ଥଳରେ ଅବସ୍ଥିତ ।

ଏହାର ସନ୍ନିକଟବର୍ତ୍ତୀ ଶ୍ରୀରାମଚନ୍ଦ୍ରପୁର ଶାସନରେ ଅନେକ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କର ବାସ ଓ ଗୋପାଳପୁର ପାଟଣାରେ ଏ ଅଞ୍ଚଳର ପ୍ରସିଦ୍ଧ ଗଡ଼ଜାତରବାଳ ମହାଜନ 'ଓଝା'ବଂଶର ଓ ନିକଟସ୍ଥ ଜୟପୁର ଗ୍ରାମରେ ସ୍ଥାନୀୟ ଅନ୍ୟ ମହାଜନ 'ଶତପଥୀ'ବଂଶଙ୍କ ବାସସ୍ଥାନ ଅଛି । ସତ୍ୟବାଦୀରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ, ଥାନା, ପୋଷ୍ଟ ଓ ଟେଲିଗ୍ରାଫ୍ ଅଫିସ, ଡାକବଙ୍ଗଳା, ବେଙ୍ଗଲ ନାଗପୁର ରେଲୱେର ପୁରୀ ଶାଖାର ଗୋଟିଏ ଷ୍ଟେସନ, ଇଉନିୟନ୍ କମିଟି, କେତେ ମାରୁଆଡ଼ି ଓ ମେମନ୍ ମହାଜନଙ୍କ ଗୋଦାମ ଓ ସୀହାଙ୍ଗର ଜମିଦାର ପାଇକପଡ଼ା ଷ୍ଟେଟ୍‌ର 'ଲାଲବାବୁ'ଙ୍କ କଚେରି ଓ ଗୋଟିଏ ସୁରମ୍ୟ ଧର୍ମଶାଳା ଅଛି । ଏହା ମଧ୍ୟ ନଡ଼ିଆ ବ୍ୟବସାୟର ଗୋଟିଏ ପ୍ରଧାନ କେନ୍ଦ୍ରସ୍ଥଳ ଓ ପ୍ରତିବର୍ଷ ଏଠାରୁ ନଡ଼ିଆ-ମହାଜନମାନେ ବହୁ ଲକ୍ଷ ଟଙ୍କାର ନଡ଼ିଆ ବିଭିନ୍ନ ଦେଶକୁ ରେଲଦ୍ୱାରା ପଠାନ୍ତି ।

ସତ୍ୟବାଦୀ କମି(ମେ)ଟି—ଦେ. ବି—ସତ୍ୟବାଦୀ ମନ୍ଦିର ପରିଚାଳନାର୍ଥ
Satyabādi kami(me)ṭi ଜିଲ୍ଲାଜଜ୍‌ଙ୍କ ଦ୍ୱାରା ୧୮୬୩
ସତ୍ୟବାଦୀ ମନ୍ଦିର କମି(ମେ)ଟି } ଅନ୍ୟରୂପ ସାଲର ୨୦ ଆଇନ
ସତ୍ୟବାଦୀ ଟେମ୍ପଲ କମି(ମେ)ଟି } ଅନୁସାରେ ନିଯୁକ୍ତ
(ବର୍ତ୍ତମାନ ୫ ଜଣ ମେମ୍ବର ସମ୍ବଳିତ) ସମିତି—The Sākhigopāl Endowment Committee appointed by the District Judge under Act 20 of 1863. [ଦ୍ର—ସତ୍ୟବାଦୀଠାରେ ଇଉନିୟନ୍ କମିଟି, ଡାକ୍ତରଖାନା କମିଟି ଆଦି ଅନ୍ୟ କମିଟିମାନ ଥିଲେ ସୁଦ୍ଧା, 'ମନ୍ଦିର କମିଟି' ପ୍ରସିଦ୍ଧ ଥିବାରୁ ସତ୍ୟବାଦୀ କମିଟି କହିଲେ ସାଧାରଣତଃ ସତ୍ୟବାଦୀ ମନ୍ଦିର କମିଟି ବୋଲି ଲୋକେ ବୁଝନ୍ତି ।]

ସତ୍ୟବାଦୀ ଗୋପୀନାଥ—ଦେ. ବି—ସତ୍ୟବାଦୀରେ ବିରାଜିତ 'ସାକ୍ଷୀ-
Satyabādi gopinātha ଗୋପାଳ' ବା 'ଗୋପାଳଜୀ'
ସତ୍ୟବାଦୀ ଗୋପୀନାଥ ଜୀଉ(ଜୀ) } ଅନ୍ୟରୂପ ନାମକ ଶ୍ରୀକୃଷ୍ଣଙ୍କ ବିଗ୍ରହ-
ସତ୍ୟବାଦୀ ଗୋପୀନାଥ ଦେବ } The Deity Gopi-
সাক্ষীগোপাল **सत्यबादी गोपीनाथ** nātha at Sākhigopāl.
(ଦ୍ର—ଏ କଳାମୁଗୁନି ପଥରରେ ନିର୍ମିତ ମନୁଷ୍ୟପ୍ରମାଣ ମୂର୍ତ୍ତି ଅଟନ୍ତି । ଏହାଙ୍କ ବାମ ପାର୍ଶ୍ୱରେ ସମକୋଣ ସୃଷ୍ଟି କରି ପିତ୍ତଳପ୍ରଧାନ ଧାତୁମୟ ରାଧିକା ବା ଠାକୁରାଣୀ ମୂର୍ତ୍ତି ବିରାଜିତା । କିମ୍ବଦନ୍ତୀ ଅଛି ଯେ, ଏ ମୂର୍ତ୍ତି ପ୍ରଥମେ ବୃନ୍ଦାବନରେ ଥିଲେ । ସେଠାକୁ ଦାକ୍ଷିଣାତ୍ୟର ଗୋଟିଏ ବୃଦ୍ଧ ବ୍ରାହ୍ମଣ ଓ ଗୋଟିଏ ଯୁବକ ତୀର୍ଥ କରିବାକୁ ଯାଇଥିଲେ । ସେମାନେ ଏହି ମୂର୍ତ୍ତିଙ୍କୁ ମନ୍ଦିରରେ ଦର୍ଶନ କରୁଥିବାବେଳେ ବୃଦ୍ଧ ବ୍ରାହ୍ମଣ ଆପଣା କନ୍ୟାକୁ ଯୁବକଙ୍କୁ ବିବାହ ଦେବାପାଇଁ 'ସତ୍ୟ' କରିଥିଲେ । ଏହି ଅଙ୍ଗୀକାରକୁ କେବଳ ଗୋପୀନାଥ ମୂର୍ତ୍ତିଙ୍କ ଛଡ଼ା ଅନ୍ୟ କେହି ଶୁଣି ନ ଥିଲେ । କାଳକ୍ରମେ ବ୍ରାହ୍ମଣଦ୍ୱୟ ସ୍ୱଦେଶକୁ ଫେରି ଆସିବାପରେ କେତେକ କାରଣରୁ ବୃଦ୍ଧ ଆପଣାର ସତ୍ୟ ରକ୍ଷା ନ କରିବାରୁ ଯୁବକ ପଞ୍ଚାୟତଙ୍କ ନିକଟରେ ଫେରାଦ ହେଲେ; ପଞ୍ଚାୟତ ଯୁବକଙ୍କୁ ସାକ୍ଷୀ ତଲବ କଲେ । ଯୁବକଙ୍କର ଅନ୍ୟ କେହି ସାକ୍ଷୀ ନ ଥିବାରୁ ବୃନ୍ଦାବନର ଗୋପୀନାଥ ମୂର୍ତ୍ତି ତାହାଙ୍କ ସାକ୍ଷୀଥିବା କଥା କହି ଓ ଦୃଢ଼ ବିଶ୍ୱାସରେ ପ୍ରଣୋଦିତ ହୋଇ ତାଙ୍କୁ ବୃନ୍ଦାବନରୁ ଏଠାକୁ ସଶରୀରରେ ଆଣିବାପାଇଁ ଯୁବକ ବୃନ୍ଦାବନ ଗଲେ ।

ଦେବମୂର୍ତ୍ତିଙ୍କୁ ସ୍ୱଗ୍ରାମକୁ ଆଣିବା ପାଇଁ ଯୁବକ ଅନାହାରରେ ମନ୍ଦିରରେ ଅଧା ପଡ଼ି ଯେତେବେଳେ ମୃତପ୍ରାୟ ହୋଇ ଗଲେ, ସେତେବେଳେ ଶ୍ରୀଗୋପାଳ ଆଉ ସହି ନ ପାରି କହିଲେ,—ମୁଁ ତୋ ପାଇଁ ସାକ୍ଷ୍ୟ ଦେବାକୁ ତୋ ପଛେ ପଛେ ତୋ ଗ୍ରାମକୁ ଯିବି; ତୁ ଆଗେ ଆଗେ ଯାଉଥିବୁ ଓ ମୋ ଝୁମୁକ ନଠାକୁର ଝୁମୁଝୁମୁ ଶବ୍ଦ ତୋ କାନକୁ ଶୁଭୁଥିବ । ସେହି ଶବ୍ଦରୁ ତୁ ଠଉରାଉଥିବୁ ଯେ, ମୁଁ ତୋ ପଛେ ପଛେ ଯାଉଅଛି; ତୁ ବାଟରେ ପଛ ଆଡ଼କୁ ଫେରି ଯଦି ଚାହିଁବୁ, ତେବେ ମୁଁ ସେହି ସ୍ଥାନରେ ପାଷାଣ ପାଲଟି ଯାଇ ଅଚଳ ହୋଇଯିବି । ଯୁବକଙ୍କୁ ଗୋପୀନାଥ ଏତେ ପ୍ରକାର ସାବଧାନ କରାଇଥିଲେହେଁ ସେ ଅସୁ ଅସୁ କାବେରୀ ନଦୀ ବାଲିରେ ଗୋପୀନାଥଙ୍କ ଝୁମୁକ ନଠାକୁ ବାଲିରେ ପୋତି ହୋଇ ଯାଇ ଝୁମଝୁମଶବ୍ଦ ନ ଶୁଭିବାରୁ ଧୈର୍ଯ୍ୟ ଧରି ନ ପାରି ଯୁବକ ପଛ ଆଡ଼କୁ ମୁହଁ ବୁଲାଇ ଚାହିଁ ଦେଲେ । ଦେଖିଲାବେଳକୁ ସେହିଠାରେ ଶ୍ରୀଗୋପୀନାଥ ସତକୁସତ ପାଷାଣମୟ ଅଚଳ ବିଗ୍ରହ ପାଲଟି ଗଲେ ଓ ଆଉ ସେହି ସ୍ଥାନରୁ ଟଳିଲେ

ନାହିଁ । ଯୁବକ ଏହା ଦେଖି ନିଜର ଭାଗ୍ୟକୁ ନିନ୍ଦା କରି ରହିଲେ । ଶ୍ରୀଗୋପୀନାଥ ଦେବ ବ୍ରାହ୍ମଣ ଯୁବକ ପାଇଁ ସାକ୍ଷ୍ୟ ଦେବାକୁ ବୃନ୍ଦାବନରୁ ଆସିବାରୁ ତଦବଧି ତାଙ୍କ ନାମ 'ସାକ୍ଷୀଗୋପାଳ' ବା 'ସାକ୍ଷୀ ଗୋପୀନାଥ' ହେଲା । ଏ ବିଗ୍ରହ ପୂର୍ବେ କାଞ୍ଚି ରାଜ୍ୟରେ ଥିଲେ, ପରେ କାଞ୍ଚି ବିଜୟ ସମୟରେ କାଞ୍ଚିରୁ ରାଜା ପୁରୁଷୋତ୍ତମଦେବଙ୍କ ଦ୍ୱାରା କଟକକୁ, ସେଠାରୁ ଖୋରଧାର ରଥିପୁରକୁ, ପରେ କନ୍ତଲବାଇକୁ ସ୍ଥାନାନ୍ତରିତ ହୋଇ ବାବା ବ୍ରହ୍ମଗିରିଙ୍କ ଦ୍ୱାରା ଆନୀତ ହୋଇ ବର୍ତ୍ତମାନ ପ୍ରସିଦ୍ଧ, ସାହାଙ୍ଗ ପ୍ରଗନା, ସତ୍ୟବାଦୀ ମଉଜା 'ଫୁଲ ଅଲସା' ବକୁଳ ତୋଟାରେ ପ୍ରତିଷ୍ଠିତ ହୋଇ ପୂଜା ପାଉଅଛନ୍ତି । ଏଠାରେ ପ୍ରତିଷ୍ଠିତ ଗୋପୀନାଥ 'ସତ୍ୟବାଦୀ' ଥିବାରୁ ଏ ସ୍ଥାନର ନାମ 'ସତ୍ୟବାଦୀ' ହୋଇଅଛି । ଏହାଙ୍କ ମନ୍ଦିର ପୁରାତନ ନୁହେଁ । ଏହାକୁ ପ୍ରାୟ ୧୦୦ ବର୍ଷ ହେଲା ବାବା ବ୍ରହ୍ମଗିରି ନିର୍ମାଣ କରାଇଥିଲେ । ଏହାର ଗୃହ ପାଖରେ ୯ ବାଟି ୯ ମାଣ ୯ ଗୁଣ୍ଠ ଓ ୯ ବିଶ୍ୱା ପରିମିତ ଗୋଟିଏ ବକୁଳବନ (ବଉଳ ତୋଟା) ଅଛି । ଏ ତୋଟାଟି ବଉଳ ଓ ଝୁରିଅନା ଗଛରେ ପରିପୂର୍ଣ୍ଣ । ଏହି ତୋଟା ମଧ୍ୟରେ ଗୋପୀନାଥଙ୍କ ବେଢ଼ାର ପଶ୍ଚିମ ପଟ ପଡ଼ରେ 'ସତ୍ୟବାଦୀ ସ୍କୁଲ' ପ୍ରତିଷ୍ଠିତ ହୋଇ-ଅଛି । ଏ ବିଗ୍ରହ ମୁଗୁନି ପଥରରେ ତିଆରି, କିନ୍ତୁ ଏହାଙ୍କ ନିକଟରେ ସ୍ଥାପିତ ଶ୍ରୀରାଧିକାଙ୍କ ବିଗ୍ରହ ଧାତୁ ନିର୍ମିତ । କଥିତ ଅଛି ଯେ, ଏ ବିଗ୍ରହ କେତେକ ଦିନ ଏଠାରେ ଏକାକୀ ରହିବାପରେ କୌଣସି ଯୋଗେ ମନୁଷ୍ୟ ରୂପଧରି ଗୋଟିଏ ଅସାଧାରଣ ରୂପବତୀ ବ୍ରାହ୍ମଣ-ସେବକ-ବାଳିକା ନିକଟକୁ ଯିବା ଆସିବା କଲେ । ଉକ୍ତ ବ୍ରାହ୍ମଣ କନ୍ୟା ନିକଟକୁ କୌଣସି ପୁରୁଷ କଣାଯୋଗେ ଯିବା ଆସିବା କରୁଥିବାକଥା ରାଷ୍ଟ୍ର ହେବାରୁ ଓ ସକାଳୁ କନ୍ୟାର ଶେଯରେ ଶ୍ରୀଜୀଉଙ୍କ ପରିହିତ ଫୁଲ ମାଳ ଓ ବଂଶୀ ପଡ଼ିଥିବା ଦେଖା-ଯିବାରୁ, ଗୋପୀନାଥଦେବ ସ୍ୱପ୍ନରେ ତତ୍କାଳୀନ ରାଜ-ବିଦ୍ୱରଙ୍କୁ ଦେଖାଦେଇ ତାଙ୍କ ନିକଟରେ ରାଧାଙ୍କର ବିଗ୍ରହ ନ ଥିବାରୁ ଏପରି ଲୀଳା ଘଟିଥିବା ବିଷୟ ନିଜେ ସ୍ୱପ୍ନାଦେଶ କଲେ । ରାଧାଙ୍କର ଧାତୁମୟୀ ପ୍ରତିମା ନିର୍ମିତ ହୋଇ ଗୋପୀନାଥଙ୍କ ବିଗ୍ରହର ବାମ ପାର୍ଶ୍ୱରେ ପ୍ରତିଷ୍ଠିତ ହେବେ, ଏବଂ ଏହି ଧାତୁ ପ୍ରତିମାଙ୍କଠାରେ ମନ୍ତ୍ରଦ୍ୱାରା ଜୀବନ୍ୟାସ କରାଯିବା ମୁହୂର୍ତ୍ତରେ ପୂର୍ବୋକ୍ତ ବ୍ରାହ୍ମଣ କନ୍ୟାଟି ସ୍ୱତଃ ଦେହତ୍ୟାଗ କଲେ ।

କଥିତ ଅଛି ଯେ, ଏହି 'ଫୁଲଅଲସା' ନାମକ ବକୁଳବନ ରାଧାକୃଷ୍ଣଙ୍କର ଲୀଳାଭୂମି ଥିବାରୁ ରାତିରେ ଏହି ସୀମା ମଧ୍ୟରେ କୌଣସି ଜନପ୍ରାଣୀଙ୍କୁ ରଖାଯାଉ ନ ଥିଲା । ଏମନ୍ତ କି, ରାତିରେ ଏହି ଚକଡ଼ା ମଧ୍ୟରେ ବାନର ଓ ପକ୍ଷୀଆଦି ରହିବେ ନାହିଁ ବୋଲି ସନ୍ଧ୍ୟାବେଳେ ସେମାନଙ୍କୁ ଏହି ତୋଟାରୁ ହୁରୁଡ଼ାଇ ତଡ଼ିଦେବା ପାଇଁ ଜାଗିରଖିଆ ଲୋକ (ଚାକର) ଥିଲେ । ବର୍ତ୍ତମାନ ଏହି ତୋଟା ମଧ୍ୟରେ ଦୋକାନ, ବଜାର, ସ୍କୁଲ, ଅଫିସ ଆଦି ନିର୍ମିତ ହୋଇଅଛି ।

ଏ ଦେବତାଙ୍କ ନିକଟରେ କୌଣସି ସଙ୍କୁଡ଼ି-ଭୋଗ (ଅନ୍ନ ବ୍ୟଞ୍ଜନ) ଲଗେ ନାହିଁ; ଖଇ, ଖଇଚୁନା, ଗହମ ଚୁନାରେ ତିଆରି କାକରା, ଚୁଡ଼ା ପଖାଳ, ଡାଲମ୍, ସରପୁଳି, ସର, ଲବଣୀ, ଦୁଧ, କଦଳୀ ଆଦି ଭୋଗ କରାଯାଏ । କେବଳ କାକଡ଼, କଦଳୀ ଓ ଦେଶୀ ଅମ୍ବିଳ ଭଜା ଏଥି ସଙ୍ଗେ ଭୋଗ ଲାଗେ ।

ସତ୍ୟବାନ୍—ସଂ.ବିଣ· ପୁଂ.—(ସତ୍ୟ+ଅସ୍ତି ଅର୍ଥରେ ବତ୍, ସତ୍ୟବତ୍) Satyabān ୧ । ସତ୍ୟଗୁଣଯୁକ୍ତ; ସତ୍ୟବାଦୀ—1. Truthful. (ସତ୍ୟବତୀ—ସ୍ତ୍ରୀ) ୨ । ସତ୍ୟବ୍ରତ—2. Determined to carry out a vow or solemn promise. ୩ । ସତ୍ୟଯୁକ୍ତ; ସତ୍ୟ ଉପରେ ପ୍ରତିଷ୍ଠିତ—3. Based on truth. ବି—୧ । ମୁନି ବିଶେଷ—Name of a sage ୨ । ଶାଲ୍ୱ ଦେଶର ଦ୍ୟୁମତ୍ସେନ ରାଜାଙ୍କର ପୁତ୍ର, ନୃପ ବିଶେଷ; ସାବିତ୍ରୀଙ୍କ ସ୍ୱାମୀ—2. Name of a king, husband of Sābitri.

[ଦ୍ର—ଶାଲ୍ୱଦେଶର ରାଜା ଦ୍ୟୁମତ୍ସେନଙ୍କ ଔରସରେ ତତ୍ପତ୍ନୀ ଶୈବ୍ୟାଙ୍କ ଗର୍ଭରୁ ଏ ଜନ୍ମଗ୍ରହଣ କରିଥିଲେ । ଦୈବଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାବସ୍ଥାରେ ଦ୍ୟୁମତ୍ସେନ ଅନ୍ଧ ହୋଇଗଲେ ଓ ଭ୍ରଷ୍ଟରାଜ୍ୟ ହୋଇ ପତ୍ନୀ ଓ ପୁତ୍ରଙ୍କ ସହିତ ବନବାସୀ ହେଲେ । ସତ୍ୟବାନ୍ ବନରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତିସହକାରେ ପିତାମାତାଙ୍କର ସେବା କରୁଥାଆନ୍ତି । ଏକଦା ଅଶ୍ୱପତି ରାଜାଙ୍କ ଦୁହିତା 'ସାବିତ୍ରୀ' ପିତାଦେଶରେ ସ୍ୱୀୟ ମନୋମତ ପତି ଅନ୍ୱେଷଣାର୍ଥେ ଭ୍ରମଣ କରୁ କରୁ ଏହି ବନରେ ଆସି ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି ଓ ଧର୍ମପରାୟଣତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟଭୋଗଲାଳସା ତ୍ୟାଗ କରି ଏହାଙ୍କ ସଙ୍ଗରେ ବନରେ ମୁନିବୃତ୍ତି ଓ ଦାରିଦ୍ର୍ୟକୁ ଚିରସହଚର କରି ଜୀବନଯାପନ କରିବା ପାଇଁ ସଂକଳ୍ପ କରି ଏହାଙ୍କୁ ପତିରୂପେ ବରଣ କଲେ । ଉଭୟ ପକ୍ଷଙ୍କ ପିତାମାତାଙ୍କ ଅନୁମତିକ୍ରମେ ଏ ଦୁହିଙ୍କର ବିବାହ ହେଲା । ଦୈବ ନିର୍ବନ୍ଧରେ ସତ୍ୟବାନ୍ ସାବିତ୍ରୀଙ୍କ ସଙ୍ଗେ ବନରୁ କାଷ୍ଠ ଆହରଣ କରିବାକୁ ଯାଇଥିବା ସମୟରେ ମୃତ୍ୟୁମୁଖରେ ପତିତ ହୁଅନ୍ତେ, ସାବିତ୍ରୀ ନିଜ ସ୍ୱାମୀଙ୍କ ମୃତଦେହକୁ କୋଳରେ ରଖି ସେହିଠାରେ ବସିରହିଲେ । ଯମଦୂତ-ମାନେ ସତ୍ୟବାନଙ୍କ ଶବକୁ ନେବାପାଇଁ ଆସିଲାରୁ ସାବିତ୍ରୀ ଉକ୍ତ ଶବକୁ ଛାଡି ଦେଲେ ନାହିଁ । ସେମାନେ ଯାଇ ଏ ବିଷୟ ଯମଙ୍କୁ କହିବାରୁ ଯମ ନିଜେ ଆସି ସେଠାରେ ପହଞ୍ଚିଲେ । ସାବିତ୍ରୀ ଯମଙ୍କୁ ସ୍ତବ କରି ମୃତପତିଙ୍କ ପ୍ରାଣ ଭିକ୍ଷା କଲେ । ଯମରାଜ ଏହାଙ୍କ ପତିଭକ୍ତି ଓ ସ୍ତବରେ ତୁଷ୍ଟ ହୋଇ ଏହାଙ୍କ ପତିଙ୍କୁ ପୁନରୁଜ୍ଜୀବିତ କଲେ ଓ ତତ୍ପରେ ଯମଙ୍କ ବରଦ୍ୱାରା ଏହାଙ୍କ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ

ଓ ହୃତ ରାଜ୍ୟ ପୁନଃପ୍ରାପ୍ତ ହେଲ । ସାବିତ୍ରୀ ସତ୍ୟବାନଙ୍କ ସହିତ ସୁଖରେ ବାସ କରି ଅପତ୍ୟାଦି ଲଭ କରି ବହୁ ବର୍ଷ ସୁଖରେ କଟାଇ ପ୍ରାଣତ୍ୟାଗ କଲେ ।

ସାବିତ୍ରୀ ସାଧ୍ୱୀ ନାରୀଙ୍କର ଆଦର୍ଶ; ତେଣୁ ଅଦ୍ୟାବଧି ଏ ଦେଶର ସଧବା ସ୍ତ୍ରୀମାନେ ସାବିତ୍ରୀଙ୍କ ପରି ସାଧ୍ୱୀ ହେବେ ବୋଲି ସାବିତ୍ରୀ ଅମାବାସ୍ୟା ଦିନ ନିରାହାର ରହି ସାବିତ୍ରୀ-ବ୍ରତ ପାଳନ କରନ୍ତି ।]

ଦେ. ବି. (ପୁଂ) ଲୋକଙ୍କୁ ଦିଆଯିବା ନାମ
A name given to males.

ସତ୍ୟବ୍ରତ—ସଂ. ବିଣ. ପୁଂ—(ବହୁବ୍ରୀହି; ସତ୍ୟ ଅଟେ ବ୍ରତ ଯାହାର) Satyabrata ସତ୍ୟନିଷ୍ଠ (ଦେଖ)—Satyanistha (See) (ସତ୍ୟବ୍ରତା—ସ୍ତ୍ରୀ) ବି—୧ । ଭୀଷ୍ମଙ୍କର ନାମାନ୍ତର—1. A name of a Bhishma. ୨ । ସୂର୍ଯ୍ୟବଂଶୀୟ ଜଣେକ ରାଜା—2. Name of a king of the Solar dynasty. ଦେ.ବି. ପୁଂ—ଲୋକଙ୍କ ନାମ—
A name given to males.

ସତ୍ୟ ଭଙ୍ଗ—ସଂ. ବି (୬ଷ୍ଠୀତତ)—ପ୍ରତିଜ୍ଞାଭଙ୍ଗ; ଅଙ୍ଗୀକାର ଅନୁସାରେ Satya bhanga କାର୍ଯ୍ୟ ନ କରିବା—Breach of faith; breach of promise.

ସତ୍ୟଭାମା—ସଂ.ବି.ସ୍ତ୍ରୀ—(ସତ୍ୟ+ଭାମ=ସୁନ୍ଦର+ଆ)—ସତ୍ରାଜିତ୍ Satyabhāmā ରାଜାଙ୍କର କନ୍ୟା; ଶ୍ରୀକୃଷ୍ଣଙ୍କର ୮ ଜଣ ମହିଷୀଙ୍କ ମଧ୍ୟରୁ ଏକତମା—Name of one of the eight Ranees of Srikrushna and daughter of king Satrājit. [ଦ୍ର—ଏହାଙ୍କ ଅନୁରୋଧ ପୂରଣ କରିବା ପାଇଁ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରି ସ୍ୱର୍ଗରୁ ଇନ୍ଦ୍ରଙ୍କ ନନ୍ଦନକାନନରୁ ପାରିଜାତ ବୃକ୍ଷକୁ ଆଣି ଏହାଙ୍କୁ ଉପହାର ଦେଇଥିଲେ । ଏ ପୁଣ୍ୟକ ବ୍ରତ ଅନୁଷ୍ଠାନ କରି ଶ୍ରୀକୃଷ୍ଣଙ୍କୁ ପାରିଜାତ ବୃକ୍ଷରେ ବନ୍ଧନ କରିଥିଲେ । ଏହାଙ୍କ ଗର୍ଭରେ ଶ୍ରୀକୃଷ୍ଣଙ୍କ ଔରସରେ ଭାନୁଆଦି ସାତପୁତ୍ର ଜାତ ହୋଇଥିଲେ । ଯଦୁବଂଶର ଧ୍ୱଂସ ଓ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ଯଦୁବଂଶୀୟା ଅନ୍ୟ ମହିଳାମାନଙ୍କ ସଙ୍ଗେ ଅର୍ଜୁନ ଏହାଙ୍କୁ ଦ୍ୱାରକାରୁ ହସ୍ତିନାପୁରକୁ ନେଇ ଯାଇଥିଲେ । ପରେ ଏ ବନବାସିନୀ ହୋଇ ତପସ୍ୟାଚରଣପୂର୍ବକ ଜୀବନର ଶେଷ ଅଂଶ ଅତିବାହିତ କଲେ ।

ଶ୍ରୀକୃଷ୍ଣଙ୍କ ଅଷ୍ଟ ପଟ୍ଟମହିଷୀଙ୍କ ନାମ ଯଥା—୧ । ରୁକ୍ମିଣୀ, ୨ । ସତ୍ୟଭାମା; ୩ । କାଳନ୍ଦୀ, ୪ । ଶୁଚସ୍ମିତା, ୫ । ମିତ୍ରବିନ୍ଦା, ୬ । ଜାମ୍ବବତୀ, ୭ । ନାଗ୍ନଜିତୀ; ୮ । ସୁଲକ୍ଷଣା]

ସତ୍ୟଭାରତ—ସଂ. ବି (ବହୁବ୍ରୀହି; ସତ୍ୟ+ଭାରତ=ମହାଭାରତ)—Satyabhārata ମହାଭାରତ ପ୍ରଣେତା ବେଦବ୍ୟାସ--Name of Byāsa; the author of the Mahābhārata.

ସତ୍ୟ ଭାଷଣ—ସଂ. ବି. (୬ଷ୍ଠୀ ତତ୍)—ସତ କହିବା; ସତ୍ୟ କଥନ—Satya bhāshana Speaking of truth; truthfulness.

ସତ୍ୟଭାଷୀ—ସଂ. ବିଣ. ପୁଂ (ସତ୍ୟଭାଷିନ୍ ଶବ୍ଦ; ସତ୍ୟ+ଭାଷ୍ ଧାତୁ—Satya bhāshī କହିବା+କର୍ତ୍ତ୍ରି. ଇନ୍)—ସତ୍ୟବାଦୀ—(ସତ୍ୟଭାଷିଣୀ—ସ୍ତ୍ରୀ) Truthful; speaking the truth. [ସତ୍ୟଭାଷିତା—ବି]

ସତ୍ୟଭ୍ରଷ୍ଟ—ସଂ. ବିଣ. ପୁଂ (୫ମୀ ତତ୍; ସତ୍ୟ+ଭ୍ରଷ୍ଟ)—ଯେ ସତ୍ୟ Satya bhrashta ଲଙ୍ଘନ କରିଅଛି—One who has (ସତ୍ୟଭ୍ରଷ୍ଟା—ସ୍ତ୍ରୀ) plighted his truth.

ସତ୍ୟମ୍—ସଂ. ଅ (ସତ୍+ଯମ୍)—୧ । ସ୍ୱୀକାରାର୍ଥ ହଁ—1. Yes; I Satyam agree. ୨ । ପ୍ରତିଜ୍ଞାସୂଚକ ହଁ—2. Yes; I (ସତ୍ୟଂ—ଅନ୍ୟରୂପ) promise. ୩ । ପ୍ରଶ୍ନାର୍ଥ-ସୂଚକ; ଏହା କି ସତ୍ୟ—3. Is it so ? Is it true ? ବି—ସତ୍ୟ ଲୋକ (ଦେଖ)—Satyaloka. (See)

ସତ୍ୟମୂଳକ—ସଂ. ବି (ବହୁବ୍ରୀହି; ସତ୍ୟ+ମୂଳ+କ, ସତ୍ୟ ଅଛି Satyamūlaka ମୂଳରେ ଯାହାର)—ସତ୍ୟ ଉପରେ ପ୍ରତିଷ୍ଠିତ—Based on truth.

ସତ୍ୟଯୁଗ—ସଂ. ବି—କୃତଯୁଗ; ସୃଷ୍ଟିର ୪ଟି ଯୁଗ ମଧ୍ୟରୁ ପ୍ରଥମ ଯୁଗ—Satya juga The first of the 4 ages or cycles of the creation according to the Hindu mythology. [ଦ୍ର—ଏ ଯୁଗର ପରିମାଣ ୧୭ ଲକ୍ଷ ୨୮ ହଜାର ବର୍ଷ । ମତାନ୍ତରରେ ୧ କୋଟି ୭ ଲକ୍ଷ ୨୮ ହଜାର ବର୍ଷ । ସୃଷ୍ଟିର ପ୍ରଥମେ ସତ୍ୟଯୁଗ, ତହିଁରେ ତ୍ରେତା, ଦ୍ୱାପର ଓ ଶେଷରେ କଳିଯୁଗ, ଏହି କ୍ରମ ଅନୁସାରେ ଯୁଗମାନ ହୁଏ । ବୈଶାଖ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା) ଦିନ ସତ୍ୟଯୁଗର ଉତ୍ପତ୍ତି ଏହି ଯୁଗରେ ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ ଏହି ୪ ଗୋଟି ଅବତାର; କୁରୁକ୍ଷେତ୍ର ତୀର୍ଥ; ମନୁଷ୍ୟମାନେ ସତ୍ୟପରାୟଣ ଓ ଅସ୍ଥିଗତ ପ୍ରାଣ, ରୋଗଶୂନ୍ୟ, ଇଚ୍ଛାମୃତ୍ୟୁ; ଉଚ୍ଚରେ ୨୧ ହାତ ବଡ଼ନ୍ତି । ପରମାୟୁ ୧ ଲକ୍ଷ ବର୍ଷ । ସତ୍ୟ ଯୁଗରେ ବଳି, ବେଣୁ, ମାନ୍ଧାତା, ପୁରୂରବାଃ, ଧୁନ୍ଧୁମାର, କାର୍ତ୍ତବୀର୍ଯ୍ୟ ଏହି ୬ଜଣ ଚକ୍ରବର୍ତ୍ତୀ ରାଜା ଥିଲେ ।

ସତ୍ୟଯୁଗର ତାରକ ବ୍ରହ୍ମ ନାମ—

ନାରାୟଣ ପରାବେଦାଃ, ନାରାୟଣ ପରାକ୍ଷରାଃ
ନାରାୟଣ ପରା ମୁକ୍ତିଃ, ନାରାୟଣ ପରା ଗତିଃ"

ଏହି ଯୁଗରେ ଧର୍ମ ଚତୁଷ୍ପାଦ । ଦେବତାମାନେ ପୃଥିବୀରେ ସର୍ବଦା ବିଚରଣ କରି ଲୋକଙ୍କୁ ସଦ୍ୟଃଫଳ ଦେଉଥିଲେ । ବସୁମତୀ ସର୍ବଶସ୍ୟପ୍ରଦା ଓ ହୃଷ୍ଟପୁଷ୍ଟଜନାବୃତ ଥିଲା ।]

ସତ୍ୟ ଯୌବନ—ସଂ. ବି, ପୁଂ (ସତ୍ୟ=ଚିରସ୍ଥାୟୀ ଅଟେ ଯୌବନ Satya Jaubana ଯାହାର; ଯେ ଚିର ଯୁବା)—ବିଦ୍ୟାଧର; (ସତ୍ୟ ଯୌବନା—ସ୍ତ୍ରୀ) ଦେବଯୋନି ବିଶେଷ—A class of demigods (literally, of unfading youth).

ସତ୍ୟ ରକ୍ଷା—ସଂ. ବି. (୬ଷ୍ଠୀ ତତ୍)—ସତ୍ୟ ପାଳନ (ଦେଖ) Satya rakshā Satya pālana (See)

ସତ୍ୟର ଦାସ—ଦେ. ବ ଓ ବିଣ—୧ । ଯେ ସତ୍ୟ ପାଇଁ ସର୍ବସ୍ୱ ତ୍ୟାଗ କରି ପାରେ—1. A servant of truth; a person who is ready to sacrifice everything for truth or for keeping his vow. ୨ । ସତ୍ୟନିଷ୍ଠ (ବ୍ୟକ୍ତି)—2. One who has dedicated his life to the service of truth. ୩ । ସତ୍ୟପ୍ରତିଜ୍ଞ—3. True to one's vows.
Satyara dāsa
সত্যের দাস
सतरका दास
(ସତ୍ୟଦାସ, ସତ୍ୟକିଙ୍କର—ସ. ରୂପ)

ସତ୍ୟ ଲଙ୍ଘନ—ସ. ବ. (୬ଷ୍ଠୀ ତତ୍)—ସତ୍ୟ ଭଙ୍ଗ (ଦେଖ) Satya bhanga (See)
Satya lamghana

ସତ୍ୟ ଲଙ୍ଘିବା—ଦେ. କି—ସତ୍ୟ ଭଙ୍ଗ କରିବା; ପ୍ରତିଜ୍ଞା ପାଳନ ନ କରିବା—To break one's promise; to plight one's truth.
Satya lamghibā
সত্য লংঘন করা
सतर कांघना

ସତ୍ୟ ଲୋକ—ସ. ବ (କର୍ମଧା; ସତ୍ୟ=ଅବିନଶ୍ୱର ଅଟେ ଯେଉଁ ଲୋକ ବା ଭୁବନ)—ସପ୍ତଲୋକାନ୍ତର୍ଗତ ଉଚ୍ଚତମ ଲୋକ; ବ୍ରହ୍ମଲୋକ; ବିଷ୍ଣୁଲୋକ—The highest of the 7 worlds according to the Hindu mythology. [ଦ୍ର—ସପ୍ତଲୋକ; ଯଥା—ଭୂଃ; ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ । ଏହି ସତ୍ୟଲୋକରେ ବ୍ରହ୍ମା ଓ ବିଷ୍ଣୁ ବାସ କରନ୍ତି । ଏହି ଲୋକକୁ ଦେହାନ୍ତେ ବିଷ୍ଣୁଭକ୍ତ, ସତ୍ୟବ୍ରତ ବ୍ୟକ୍ତିମାନେ ଯାଆନ୍ତି । ଏଠାରୁ ଗଲେ ଆଉ ମନୁଷ୍ୟ ପୃଥିବୀରେ ଜନ୍ମଗ୍ରହଣ କରନ୍ତି ନାହିଁ ।]
Satya loka

ସତ୍ୟ ସଙ୍ଗର—ସ. ବିଣ. ପୁଂ. (ସତ୍ୟ+ସମ୍+ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ. ଅ)—ସତ୍ୟପ୍ରତିଜ୍ଞ—True to one's vows. ବ—କୁବେର—The God of wealth.
Satya sangara
(ସତ୍ୟସଙ୍ଗରା—ସ୍ତ୍ରୀ)

ସତ୍ୟସଜ୍ଜା—ସ. ବ ସ୍ତ୍ରୀ(ସତ୍ୟ+ସଜ୍ଜା; ସ୍ତ୍ରୀ.ଅ; ସତ୍ୟ ଅଟେ ସଜ୍ଜା ଯାହାର)—ପାଣ୍ଡବ ମହିଷୀ; ଦ୍ରୌପଦୀ—The consort of the five Pāndaba brothers.
Satya sajjā

ସତ୍ୟ ସତ୍ୟ ସତ୍ୟ—ଦେ. ଅ—କୌଣସି ପ୍ରତିଜ୍ଞାକୁ ପାଳନ କରିବା ପାଇଁ ଧର୍ମତଃ ପ୍ରତିଜ୍ଞାପୂର୍ବକ 'ସତ୍ୟ' ଶବ୍ଦର ୩ଥର ଉଚ୍ଚାରଣ—(Interjection) Repetition of the word Satya to emphasise a person's vowing to act up to his promise, by saying—'I vow', 'I vow','I vow'; 'I vow thrice'.
Satya satya satya
সত্যি সত্যি সত্যি
सतर सतर सतर

ସତ୍ୟସନ୍ଧ—ସ. ବିଣ. ପୁଂ (ବହୁବ୍ରୀହି; ସତ୍ୟ+ସନ୍ଧା=ପ୍ରତିଜ୍ଞା ଯାହାର)—୧ । ସତ୍ୟ ପ୍ରତିଜ୍ଞ; ସତ୍ୟ ପାଳନ କରିବା ନିମନ୍ତେ ଦୃଢ଼ସଂକଳ୍ପ—1. One who has determined to keep his vows; true to one's vows. ୨ । ସଫଳ ପ୍ରତିଜ୍ଞ—2. One who has carried out his vow. ବ. ପୁଂ—୧ । ଭରତ—1. Bharata. ୨ । (ପିତୃ ସତ୍ୟ ପାଳନ କରିଥିବାରୁ) ରାମଚନ୍ଦ୍ର—2. An epithet of Rāmachandra. ୩ । ରାଜା ପରୀକ୍ଷିତଙ୍କ ପୁତ୍ର ଜନମେଜୟ—3. Janamejaya; a king of the Lunar dynasty. [ଦ୍ର—ପିତୃହନ୍ତା ତକ୍ଷକ ନାଗର ବଂଶ ଲୋପ କରିବା ପାଇଁ ଏହାଙ୍କ ପିତାଙ୍କ କରିଥିବା ସତ୍ୟକୁ ଏ ପାଳନ କରିଥିଲେ ।]
Satyasandha
(ସତ୍ୟସନ୍ଧା—ସ୍ତ୍ରୀ)

ସତ୍ୟା—ସ. ବିଣ. ସ୍ତ୍ରୀ (ସତ୍ୟ+ସ୍ତ୍ରୀ: ଆ)—ସତ୍ୟର ସ୍ତ୍ରୀ ଲିଙ୍ଗ—The feminine of Satya. ବ. ସ୍ତ୍ରୀ—୧ । ସତ୍ୟବତୀ; ବ୍ୟାସ ଜନନୀ—1. A name of the mother of Byāsa. ୨ । ସତ୍ୟଭାମା (ଦେଖ)—2. Satyabhāmā (See). ୩ । ରାମଜାୟା ସୀତା—3. Sitā, the wife of Rāmachandra. ୪ । ଦୁର୍ଗା—4. Goddess Durgā.
Satyā

ସତ୍ୟାଅମ୍ବ(ମ୍ବା)—ଦେ. ବ—ସତ୍ୟଅମ୍ବ (ଦେଖ)—Satya āmba (See)
Satyā āmba(mbā)

ସତ୍ୟାକୃତି—ସ. ବ (ସତ୍ୟ+ଆ+କୃ ଧାତୁ+ଭାବ ତି)—ସତ୍ୟଙ୍କାର (ଦେଖ)—Satyankāra (See)
Satyākṛuti

ସତ୍ୟାଗ୍ନି—ସ: ବ—(ସତ୍ୟ=ଚିରସ୍ଥାୟୀ ଅଟେ ଅଗ୍ନି=ପକ୍ଷାଗ୍ନି ଯାହାଙ୍କର)—ଅଗସ୍ତ୍ୟ ମୁନି—Sage Agastya.
Satyāgni

ସତ୍ୟାଗ୍ରହ—ସ. ବ—ସତ୍ୟପ୍ରତି ଆଗ୍ରହ; ସତ୍ୟନିଷ୍ଠା; ସତ୍ୟାନୁରାଗ—Attachment to the truth. ଦେ: ବ—ହିଂସାଶୂନ୍ୟ ଓ ଶାନ୍ତ ହୋଇ ମିଥ୍ୟା ସଙ୍ଗେ ଯୁଦ୍ଧ କରିବା ରୀତି; ମହାତ୍ମା ଗାନ୍ଧିଙ୍କ ପ୍ରଚାରିତ କର୍ମନୀତି—The line of conduct preached by Mahātmā Gāndhi; unrevengeful or peaceful passive resistence to untruth; the doctrine of passive resistence or non-co-operation preached by Mahātmā Gāndhi. [ଦ୍ର—ଯାହାକୁ ସତ୍ୟ ବୋଲି ଜାଣିବ ତାହା ଅବଲମ୍ବନ କରିବା ପାଇଁ କୌଣସି କଷ୍ଟ ବା କର୍ତ୍ତାଜନକୁ ଡରିବ ନାହିଁ । ଏମନ୍ତ କି, ସତ୍ୟର ପକ୍ଷ ଅବଲମ୍ବନ କରିବା ପାଇଁ ନିଜ ପ୍ରାଣକୁ ସୁଦ୍ଧା ଉତ୍ସର୍ଗ କରିବ ଓ ଏପରି କରିବା ସଙ୍ଗେ ସଙ୍ଗେ ମନରୁ ଓ କାର୍ଯ୍ୟରୁ ସବୁ ପ୍ରକାରର ହିଂସାଭାବ ପରିତ୍ୟାଗ କରିବ ଓ ଅସତ୍ୟ ପର ବ୍ୟକ୍ତିକୁ କୌଣସି ପ୍ରକାରେ ସାହାଯ୍ୟ କରିବ ନାହିଁ ଓ ପ୍ରାଣାନ୍ତେ ଅନ୍ୟାୟ ଆଦେଶ ପାଳନ କରିବ ନାହିଁ । ଏହି ନୀତି ପାଳନ କରିବା ବ୍ୟକ୍ତିମାନଙ୍କ ପାଇଁ ଅହମଦାବାଦ ଉପକଣ୍ଠରେ ସାବରମତୀରେ ମହାତ୍ମା ଗୋଟିଏ ଆଶ୍ରମ ସ୍ଥାପନ କରିଥିଲେ ।]
Satyāgraha
সত্যাগ্রহ
सतयाग्रह

ସତ୍ୟାଗ୍ରହୀ—ଦେ. ବ ଓ ବିଣ—ଯେଉଁମାନେ ମହାତ୍ମା ଗାନ୍ଧିଙ୍କ ପ୍ରଚାରିତ ସତ୍ୟାଗ୍ରହ ବ୍ରତ ଅବଲମ୍ବନ କରିଅଛନ୍ତି—The followers of the
Satyāgrahī
সত্যাগ্রহী
सत्याग्रही

doctrine of Satyāgraha preached by Mahātmā Gāndhi. ଦେ. ବ—ସତ୍ୟାଗ୍ରହୀ ସେନା (ଦେଖ)—Satyāgrahī senā (See)

ସତ୍ୟାଗ୍ରହୀ ସେନା—ଦେ· ବ—ମହାତ୍ମା ଗାନ୍ଧିଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ—The political party formed by Mahātmā Gāndhi. [ଦ୍ର—୧୯୩୦ ସାଲର ଏପ୍ରିଲ୍ ଓ ମଇ ମାସରେ ଏମାନେ ଲବଣ ଆଇନ ଅମାନ୍ୟ କରିବା ପାଇଁ ପ୍ରଥମେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଲୁଣମରା ଆରମ୍ଭ କରିଥିଲେ ।]
Satyāgrahī senā
সত্যাগ্রহীসেনা सत्याग्रहीसेना

ସତ୍ୟାଚରଣ—ସଂ. ବ (୬ଷ୍ଠୀ ତତ୍)—୧ । ସତ କହିବା; ସତ୍ୟବାଦିତା—1. Truthfulness. ୨ । (ସତ୍ୟାଗ୍ରହ—ଅନ୍ୟରୂପ) ସତ୍ୟପାଳନ—2. Carrying out of one's promise.
Satyācharaṇa
(ସତ୍ୟାଚାରୀ—ବଣ· ପୁଂ)

ସତ୍ୟାନାଶ—ଦେ· ବ—(ସଂ: ସତ୍ୟ ଓ ନାଶ)—୧ । ସର୍ବନାଶ—1. Utter ruin or destruction. ୨ । ସତ୍ୟଭଙ୍ଗ—2. Breach of faith.
Satyānaśa
সর্ব্বনাশ सब्बनाश
सत्यानाश

ସତ୍ୟାନାଶ କରିବା—ଦେ· କ୍ରି—୧ । ସର୍ବନାଶ ଘଟାଇବା—1. To cause utter ruin; to bring about destruction. ୨ । କୌଣସି ବିଷୟ ନଷ୍ଟ କରିବା—2. To spoil a thing. ୩ । ସତ୍ୟଭଙ୍ଗ କରିବା—3. To break one's vow.
Satyānāśa karibā
সর্ব্বনাশকরা सब्बनाशकरा
सतयानाशकरना

ସତ୍ୟାନାଶିଆ—ଦେ. ବଣ. ପୁଂ (ଗାଳି)—୧ । ଯେ ସର୍ବନାଶ ଘଟାଏ—1. One who causes ruin; one who brings about destruction. ୨ । ନାଶକାରୀ—2. One who spoils any thing. ୩ । ସତ୍ୟଭଙ୍ଗକାରୀ—3. One who breaks his vow or promise.
Satyānāśiā
(ସତ୍ୟାନାଶୀ—ସ୍ତ୍ରୀ)
সবনেশে सबनेशे
सतयानाशी

ସତ୍ୟାନୁରାଗ—ସଂ. ବ (୭ମୀ ତତ୍; ସତ୍ୟ+ଅନୁରାଗ; ସତ୍ୟରେ ଅନୁରାଗ)—ସତ୍ୟନିଷ୍ଠା (ଦେଖ)—Satyanisṭhā (See)
Satyānurāga
(ସତ୍ୟାନୁରକ୍ତ, ସତ୍ୟାନୁରାଗୀ—ବଣ)

ସତ୍ୟାନୁସନ୍ଧାନ—ସଂ· ବ (୬ଷ୍ଠୀ ତତ୍; ସତ୍ୟ+ଅନୁସନ୍ଧାନ)—ସତ କଥାକୁ ବା ପ୍ରକୃତ ତଥ୍ୟକୁ ଖୋଜିବା—Search after truth.
Satyānusandhāna
(ସତ୍ୟାନ୍ୱେଷଣ—ଅନ୍ୟରୂପ)
(ସତ୍ୟାନୁସନ୍ଧାୟୀ; ସତ୍ୟାନ୍ୱେଷୀ—ବଣ)

ସତ୍ୟାନୁସନ୍ଧିତ୍ସା—ସଂ: ବ—(ସତ୍ୟ+ଅନୁସନ୍ଧିତ୍ସା)—ସତ୍ୟ ବା ତଥ୍ୟ ଅନୁସନ୍ଧାନ କରିବା ପାଇଁ ଇଚ୍ଛା—A desire to seek after the truth.
Satyānusandhitsā
(ସତ୍ୟାନୁସନ୍ଧିତ୍ସୁ—ବଣ)

ସତ୍ୟାନୃତ—ସଂ. ବଣ—(ଦ୍ୱନ୍ଦ୍ୱସମାସ ସହଚର ଶବ୍ଦ)—୧ । ସତ୍ୟ ଓ ମିଥ୍ୟା—1. True and false. ୨ । ସତ୍ୟ ଓ ମିଥ୍ୟା ମିଶ୍ରିତ—2. Partly true and partly false. ବ—୧ । ସତ ଓ ମିଛ କଥା—1. Truth and falsehood; mixturs of truth and falsehood. ୨ । (ଲକ୍ଷଣାରେ; ସତ୍ୟ ଓ ଅନୃତ ଅନ୍ତର୍ଭୁକ୍ତ ହୋଇଥିବାରୁ)—ବାଣିଜ୍ୟ; ବ୍ୟବସାୟ—2. Trade; commerce [ଦ୍ର—ଏଥିରେ ସତ୍ୟର ଓ ମିଥ୍ୟାର ଆଶ୍ରୟ ନିଆ ନ ଗଲେ ଏହା ଚଳି ପାରେ ନାହିଁ ।]
Satyānṛuta

ସତ୍ୟାପନ(ନା)—ସଂ· ବ—(ସତ୍ୟ+ଣିଚ୍=ସତ୍ୟାପି ନାମ ଧାତୁ+ଭାବ ଅନ; +ଆ)—ସତ୍ୟଂକାର (ଦେଖ)—Satyaṅkāra (See)
Satyāpana(nā)

ସତ୍ୟାର୍ଥ ପ୍ରକାଶ—ଦେ. ବ (ନାମ)—ସ୍ୱର୍ଗୀୟ ସ୍ୱାମୀ ଦୟାନନ୍ଦଙ୍କ ପ୍ରଣୀତ ସୁନାମଖ୍ୟାତ ଗ୍ରନ୍ଥ—The title of a treatise composed by Swāmi Dayānanda. [ଦ୍ର—ଏଥିରେ ବେଦୋକ୍ତ ସୂକ୍ତ ଓ ମନ୍ତ୍ରମାନଙ୍କର କେତେକ ବ୍ୟାଖ୍ୟା ଦିଆଯାଇ ଅଛି ।]
Satyārtha prakāśa
সত্যার্থ প্রকাশ
सत्यार्थ प्रकाश

ସତ୍ୟାଶ୍ରିତ—ସଂ. ବଣ (ସତ୍ୟ+ଆଶ୍ରିତ)—ସତ୍ୟ ଯାହାକୁ ଆଶ୍ରୟ କରିଅଛି; ସତ୍ୟମୂଳକ—Based on truth. (ଯଥା—ସତ୍ୟାଶ୍ରିତ ଘଟନା, ସତ୍ୟାଶ୍ରିତ ବର୍ଣ୍ଣନ ।)
Satyāśrita

ସତ୍ୟାସତ୍ୟ—ସଂ. ବ (ସହଚର ଶବ୍ଦ; ଦ୍ୱନ୍ଦ୍ୱ; ସତ୍ୟ ଓ ଅସତ୍ୟ)—୧ । ସତ୍ୟ ଓ ମିଥ୍ୟା—1. Truth and falsehood. ୨ । କୌଣସି ବିଷୟ ସତ୍ୟ ଅଟେ କି ନା, ଏହି ବିଷୟ—2. The truth or otherwise of any matter. [ଦ୍ର—ଗୋଟିଏ ବିଷୟ ଲୋକମୁଖରୁ ଶୁଣିଲେ ତହିଁର ସତ୍ୟାସତ୍ୟ ନିରୂପଣ ନ କରି ଶୁଣା କଥା ଉପରେ କାର୍ଯ୍ୟ କରିବା ମୂର୍ଖତା ଅଟେ ।]
Satyāsatya

ସତ୍ୟେନ୍ଦ୍ରନାଥ ଠାକୁର—ଦେ. ବ (ନାମ)—କଲିକତା ଯୋଡ଼ାସାଙ୍କୋର ଖ୍ୟାତ ଠାକୁର ବଂଶୀୟ ଜମିଦାର ସ୍ୱର୍ଗୀୟ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ସ୍ୱର୍ଗତ ଦ୍ୱିତୀୟ ପୁତ୍ର—The 2nd son of Maharshi Debendranāth Tagore; who was the first Indian who passed the I. C. S. examination in England and was District Magistrate and Sessions Judge in the Bombay Presidency; and was the author of some Bengalee hymns. [ଦ୍ର—ଏ ବିଲାତକୁ ଯାଇ ସେଠାରେ 'ସିଭିଲ୍ ସର୍ଭିସ୍' ପରୀକ୍ଷାରେ ପାଶ୍ କରି ବୋମ୍ବାଇ ପ୍ରଦେଶରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ସେସନସ୍ ଜଜ୍ ହୋଇଥିଲେ । ଭାରତୀୟମାନଙ୍କ ମଧ୍ୟରେ ଏ ପ୍ରଥମ "ସିଭିଲିଅନ୍" ଥିଲେ । ଏ ବଙ୍ଗୀୟ ସାହିତ୍ୟାନୁରାଗୀ ଥିଲେ ଓ ଅନେକଗୁଡ଼ିଏ ସୁଲଳିତ ବଙ୍ଗଳା ଭଜନ ରଚନା କରିଥିଲେ ।]
Satyendranātha ṭhākura

ସତ୍ୟୋଦ୍ୟ—ସଂ. ବିଶ. ପୁଂ (ସତ୍ୟ+ବଦ୍ ଧାତୁ=କହିବା+କର୍ତ୍ତୃ. ଯ)—ସତ୍ୟବାଦୀ—Truthful.
Satyodva
(ସତ୍ୟୋଦ୍ୟା—ସ୍ତ୍ରୀ)

ସତ୍ର—ସଂ. ବି—ସତ୍ତ୍ର (ଦେଖ)—
Satra Sattra (See)

ସତ୍ରଙ୍ଗ(ଙ୍ଗି, ଞ୍ଜ, ଞ୍ଜି)—ଦେ. ବି—ସତରଙ୍ଗ (ଦେଖ)—
Satranga(ngi, ñja, ñji) Sataranga (See)
(ସତ୍ରା[ଙ୍ଗି,ଞ୍ଜ][ଞ୍ଜି]—ଅନ୍ୟରୂପ)

ସତ୍ର ସମାପତ—ଦେ. ବି (ସଂ. ସତ୍ର ସମାପ୍ତି)—ହିନ୍ଦୁମାନଙ୍କର ତୀର୍ଥ-
Satra samāpati ବିଶେଷ—Name of a place of Hindu pilgrimage. [ଦ୍ର—ସତ୍ର ସମାପତ ସ୍ଥାନରୁ ଜୈନ ଭୂଇ, ଯାହ ଦେଖିଥିବ ପାତକ ତାର ନାହିଁ (ସତ୍ରସମାପ୍ତି—ସଂ. ରୂପ)—କୃଷ୍ଣସିଂହ. ମହାଭାରତ. ବନ ।]

ସତ୍ରା—ସଂ. ଅ—୧ । ସହିତ—1. With. ୨ । ସଙ୍ଗେ; ସମ-
Satrā ଭିବ୍ୟାହାରରେ—2. Along with; together with.
(ଦ୍ର—ଏ ଶବ୍ଦର ବ୍ୟବହାର ଓଡ଼ିଆରେ ନାହିଁ ।)

ସତ୍ରାଜିତ—ସଂ. ବି—ସତ୍ତ୍ରାଜିତ୍ (ଦେଖ)—Sattrājit (See)
Satrājit (ସତ୍ରାଜିତ—ଦେ. ରୂପ)

ସତ୍ରାନ୍ନ—ସଂ. ବି (ମ. ପ. ଲୋ.)—ସତ୍ତ୍ରାନ୍ନ (ଦେଖ)
Satrānna Sattrānna (See)

ସତ୍ରିଜାତକ—ସଂ. ବି (ବୈଦ୍ୟକ; ସ=ସହିତ+ତ୍ରିଜାତକ=ଡାଳ-
Satrijātaka ଚିନି, ଅଳାଇଚ ଓ ତେଜପତ୍ର)—ମାଂସ ତର-
କାରୀବିଶେଷ—A kind of meat-curry. [ଦ୍ର—ମାଂସକୁ ବହୁପରିମିତ ଘୃତରେ ଭାଜିବା ଅବସ୍ଥାରେ ତହିଁ ଉପରେ ମୁହୁର୍ମୁହୁ ପାଣି ଛିଞ୍ଚୁଥିବ ଓ ତହିଁରେ ଗାଈ ଅବ ମରିଚର ଗୁଣ୍ଡ ଛିଞ୍ଚୁଥିବ । ଏପରି ଭାବରେ ସନ୍ତୁଳା ହୋଇଥିବା ଶୁଖିଲ ମାଂସକୁ "ପରିଶୁଷ୍କ" କହନ୍ତି । ଏହିପରି ଶୁଷ୍କ ମାଂସକୁ ଘୃତ ଓ ତକ୍ରରେ ବଘାର ତ୍ରିଜାତକ (ଡାଳଚିନି, ଅଳାଇଚ ଓ ତେଜପତ୍ର) ମିଶାଇ ତଥିର କରୁଥିବା ତରକାରୀର ନାମ ସତ୍ରିଜାତକ—ଶବ୍ଦଚନ୍ଦ୍ରିକା ।]

ସତ୍ରୀ—ସଂ. ବିଶ. ଓ ବି—ସତ୍ତ୍ରୀ (ଦେଖ)
Satrī Sattrī (See)

ସତ୍ସଂସର୍ଗ—ସଂ. ବି—ସତ୍‌ସଂସର୍ଗ (ଦେଖ)—Sat-saṁsarga (See)
Satsaṁsarga [ଦ୍ର—ସତ୍ ଶବ୍ଦପୂର୍ବକ ତ+ସ(ସ୍ତ୍ର) ଅବ ସ୍ବାକ୍ଷର ବିଶିଷ୍ଟ ଶବ୍ଦମାନ ସତ୍ ଶବ୍ଦ ଯୁକ୍ତ ଶବ୍ଦମାନଙ୍କ ପରେ ଦେଖ ।]

ସଦ୍ (ଧାତୁ)—ସଂ—୧ । ଗମନ କରିବା—1. To go. ୨ । ଭ୍ରମଣ
Sad (root) କରିବା—2. To walk. ୩ । ଗତି କରିବା—3. To move. ୪ । ଲଭିବା; ପ୍ରାପ୍ତ ହେବା —4. To get; to acquire.

ସଦ୍‌ଗତି—ସଂ. ବି (ସତ୍+ଗତି; କର୍ମଧା)—୧ । ଉତ୍ତମ ଗତି—
Sad-gati 1. Good motion. ୨ । ମନ୍ଦ ଅବସ୍ଥାରୁ
(ସଦ୍‌ଗତି—ଅନ୍ୟରୂପ) ଉତ୍ତମ ଅବସ୍ଥା ପ୍ରାପ୍ତି—2. Attainment of a better condition. ୩ । ଉତ୍ତମ ଅବସ୍ଥା-
ଲାଭ—3. Attainment of a good condition. ୪ । ସଦ୍‌ବ୍ୟବହାର—4. Good behaviour; good treatment. ୫ । ଉତ୍ତମ ପରିଣାମ; ସୁଖମୟ ପରିଣାମ—5. Good result; good and happy end. ୬ । ମୁକ୍ତି—6. Liberation; emancipation. ୭ । ମୋକ୍ଷ; ନିର୍ବାଣ—7. Final beatitude. ୮ । ସଚ୍ଚରିତ୍ର—8. Good conduct. ୯ । ମୃତ୍ୟୁ ପରେ ମୃତ ବ୍ୟକ୍ତିର ଆତ୍ମାର ମୋକ୍ଷଲାଭ—9. The emancipation of the soul from matter after death.

ସଦ୍‌ଗନ୍ଧ—ସଂ. ବି (କର୍ମଧା; ସତ୍+ଗନ୍ଧ)—ଉତ୍ତମ ବା ମନୋମୋହ-
Sad-gandha କର ଗନ୍ଧ; ସୁଗନ୍ଧ—Good smell; sweet odour.
(ସଦ୍‌ଗନ୍ଧ—ଅନ୍ୟରୂପ)

ସଦ୍‌ଗୁଣ—ସଂ. ବି (କର୍ମଧା; ସତ୍+ଗୁଣ)—ସୁଗୁଣ; ଉତ୍ତମଗୁଣ—
Sad-guṇa Good quality; noble quality. ବିଶ.
(ସଦ୍‌ଗୁଣ—ଅନ୍ୟରୂପ) ପୁଂ (ବହୁବ୍ରୀହି)—ଉତ୍ତମଗୁଣବିଶିଷ୍ଟ—
(ସଦ୍‌ଗୁଣା—ସ୍ତ୍ରୀ. ବିଶ) Good; having good qualities; noble.

ସଦ୍‌ଗୁରୁ—ସଂ. ବି (କର୍ମଧା; ସତ୍+ଗୁରୁ)—ଉପଯୁକ୍ତ ବା ଯୋଗ୍ୟ
Sad-guru ବା ଜ୍ଞାନୀ ଗୁରୁ—A good or wise precep-
(ସଦ୍‌ଗୁରୁ—ଅନ୍ୟରୂପ) tor; a fit or capable teacher.

ସଦ୍‌ଗୁରୁ ବୋଧଗମ୍ୟ—ସଂ. ବିଶ (କର୍ମଧା; ସତ୍+ଗୁରୁ; ତୃତୀୟା ତତ୍;
Sad-guru bodhagamya ସଦ୍‌ଗୁରୁଙ୍କଦ୍ୱାରା ବୋଧଗମ୍ୟ)—ଯେଉଁ ବିଷୟ ସଦ୍‌ଗୁରୁଙ୍କ ସାହାଯ୍ୟରେ ବୁଝିବାକୁ ଶିଷ୍ୟ କ୍ଷମ ହୁଏ—(a subject) Capable of being clearly explained by a fit preceptor.

ସଦ୍ ଗୃହ—ସଂ. ବି.—(କର୍ମଧା; ସତ୍+ଗୃହ)—ଉତ୍ତମ ଘର—
Sad-gṛuha A good or excellent house.
(ସଦ୍‌ଗୃହ—ଅନ୍ୟରୂପ)

ସଦ୍ ଗୋପ—ଦେ. ବି—୧ । ଧଳଭୂମିର ଓଡ଼ିଆ ଗୋପ ବା ଗଉଡ଼-
Sad-gopa ମାନଙ୍କ ଜାତିର ଶାଖା ବିଶେଷ—1. A sub
(ସଦ୍‌ଗୋପ—ଅନ୍ୟରୂପ) caste amongst the cowherds
ସଦ୍‌ଗୋପ of Dhalbhum. [ଦ୍ର—ଏମାନେ ଓଡ଼ିଶାର
सद्गोप ଶୂଦ୍ରମାନଙ୍କ ପରି ମୃତକାଶୌଚରେ ୧୦ ଦିନରେ ଶୁଦ୍ଧ ହୁଅନ୍ତି । ଏମାନଙ୍କର କୁଳପୁରୋହିତ ଓଡ଼ିଆ ବ୍ରାହ୍ମଣ ।] ୨ । ବଙ୍ଗଦେଶର ଶୂଦ୍ର ବା ବୈଶ୍ୟ ଜାତି ବିଶେଷ—2. A caste of Sudras or Baiśyas in Bengal.

ସଦ୍ ଗ୍ରାମ—ସଂ. ବି (କର୍ମଧା; ସତ୍+ଗ୍ରାମ)—ସଦ୍‌ବ୍ୟକ୍ତି ବା ଉଚ୍ଚ-
Sad-grāma ଜାତୀୟ ବ୍ୟକ୍ତି ବା ଭଦ୍ର ବ୍ୟକ୍ତିମାନଙ୍କ ଅଧ୍ୟୁଷିତ
(ସଦ୍‌ଗ୍ରାମ—ଅନ୍ୟରୂପ) ଗ୍ରାମ—A village inhabited by good or high-caste people.

ସଦ୍ ଜ୍ଞାନ—ଦେ. ବି—ସଜ୍ ଜ୍ଞାନ (ଦେଖ)—Saj-jñāna (See)
Sad-jñāna [ଦ୍ର—ସଂସ୍କୃତ ନିୟମାନୁସାରେ 'ସତ୍+ଜ୍ଞାନ' ସନ୍ଧି
(ସଦ୍ ଜ୍ଞାନ—ବିଶ) ହେଲେ 'ସଜ୍ ଜ୍ଞାନ' ହୁଏ, ତେଣୁ 'ସଦ୍

ଜ୍ଞାନ' ବ୍ୟାକରଣ ମତେ ଅସିଦ୍ଧ । 'ସଜ୍‌ଜ୍ଞାନ' ତଳେ ଦେଖ ।]

ସଦ୍‌ବଂଶ—ସଂ. ବି (କର୍ମଧା)—ଉତ୍ତମ ବା ଉଚ୍ଚ କୁଳ; ସତ୍କୁଳ—Sad-bamsa Noble family; high family. (ସଦ୍‌ବଂଶଜ, ସଦ୍‌ବଂଶୀୟ—ବିଣ) (ସଦ୍ବଂଶ—ଅନ୍ୟରୂପ)

ସଦ୍‌ବକ୍ତା—ସଂ. ବି ଓ ବିଣ. ପୁଂ (କର୍ମଧା)—ସୁବକ୍ତା; ବାଗ୍ମୀ—Sad-baktā Eloquent speaker. (ସଦ୍ବକ୍ତା—ଅନ୍ୟରୂପ) (ସଦ୍‌ବକ୍ତ୍ରୀ—ସ୍ତ୍ରୀଲିଙ୍ଗ)

ସଦ୍‌ବନ୍ଧୁ—ସଂ. ବି (କର୍ମଧା; ସତ୍‌+ବନ୍ଧୁ)—୧ । ସଦ୍‌ବନ୍ଧୁ; ଉତ୍ତମ ବନ୍ଧୁ—1. A good friend. ୨ । ଉପକାରୀ (ସଦ୍ବନ୍ଧୁ—ଅନ୍ୟରୂପ) ବା ପ୍ରକୃତ ବନ୍ଧୁ—2. A real friend.

ସଦ୍‌ବସଥ—ସଂ. ବି—(ସତ୍‌+ବସ୍‌ ଧାତୁ+ଅଧିକରଣ. ଅଥ)—Sad-basatha (ସଦ୍ବସଥ—ଅନ୍ୟରୂପ) ଗ୍ରାମ—Village.

ସଦ୍‌ବିଚାର—ସଂ. ବି (କର୍ମଧା; ସତ୍‌+ବିଚାର)—ସୁବିଚାର; ନ୍ୟାୟ୍ୟ ବିଚାର—Good judgment; just consideration; equitable adjudication. Sad-bichāra (ସଦ୍ବିଚାର—ଅନ୍ୟରୂପ) (ଅସଦ୍‌ବିଚାର—ବିପରୀତ) (ସଦ୍‌ବିଚାରକ—ବିଣ. ପୁଂ)

ସଦ୍‌ବିଦ୍ୟା—ସଂ. ବି (କର୍ମଧା)—୧ । ଉତ୍ତମ ବିଦ୍ୟା—1. A good learning. ୨ । ଯେଉଁ ବିଦ୍ୟା ବା ବିଜ୍ଞାନ ଦ୍ୱାରା ଜଗତର ଉପକାର ହୁଏ—2. A science which benefits society. ୩ । ପାରମାର୍ଥିକ ବିଦ୍ୟା—3. Metaphysical learning. Sad-bidyā (ସଦ୍ବିଦ୍ୟା—ଅନ୍ୟରୂପ)

ସଦ୍‌ବିବେକ—ସଂ. ବି—୧ । ଉତ୍ତମ ବିବେକ—1. A pure or good conscience. ୨ । ସଦ୍‌ବିବେଚନ (ଦେଖ)—2. Sad-bibechana (See) Sad-bibeka (ସଦ୍ବିବେକ—ଅନ୍ୟରୂପ) (ସଦ୍ବିବେକୀ—ବିଣ. ପୁଂ)

ସଦ୍‌ବିବେଚନ(ନା)—ସଂ. ବି—୧ । ସୁବିବେଚନା; ଉତ୍ତମ ବିବେଚନା—1. Good or just consideration. ୨ । ଭଲ ମନ୍ଦ ବାଛିବା ବିଷୟରେ ନିପୁଣତା—2. Proper discrimination. Sad-bibechana(nā) (ସଦ୍ବିବେଚନା—ଅନ୍ୟରୂପ) (ସଦ୍‌ବିବେଚକ—ବିଣ, ପୁଂ)

ସଦ୍‌ବୃତ୍ତ—ସଂ. ବି (କର୍ମଧା; ସତ୍‌+ବୃତ୍ତ)—୧ । ସତ୍‌ବ୍ୟବହାର—1. Good behaviour. ୨ । ସଚ୍ଚରିତ୍ର—2. Good conduct. ବିଣ. (ସତ୍‌ ଅଟେ ବୃତ୍ତ=ବ୍ୟବହାର ଯାହାର; ବହୁବ୍ରୀହି)—୧ । ସଚ୍ଚରିତ୍ର ବିଶିଷ୍ଟ—1. Of good conduct. ୨ । ସମ୍ପୂର୍ଣ୍ଣ ରୂପେ ଗୋଲ; ସୁଗୋଲ—2. Well-rounded; fully circular. Sad-brutta (ଅସଦ୍‌ବୃତ୍ତ—ବିପରୀତ) (ସଦ୍ବୃତ୍ତ—ଅନ୍ୟରୂପ)

ସଦ୍‌ବୃତ୍ତି—ସଂ. ବି (କର୍ମଧା; ସତ୍‌+ବୃତ୍ତି)—୧ । ସଦ୍ବ୍ୟବହାର—1. Good conduct. ୨ । ଉତ୍ତମ ଜୀବିକା—2. Noble profession or livelihood; honest business. ୩ । ଶଙ୍କରାଚାର୍ଯ୍ୟଙ୍କ ଗ୍ରନ୍ଥ ବିଶେଷ—3. A very good commentary. ୪ । ଉତ୍ତମ ଚରିତ; ଉତ୍ତମ ଲୋକମାନଙ୍କ ସମ୍ବନ୍ଧେ ବିବରଣ—4. A commentary containing descriptions of good people. Sad-brutti (ଅସଦ୍‌ବୃତ୍ତି—ବିପରୀତ) (ସଦ୍ବୃତ୍ତି—ଅନ୍ୟରୂପ)

ସଦ୍‌ବୃତ୍ତିଭାକ୍—ସଂ. ବିଣ. ପୁଂ (ସଦ୍‌ବୃତ୍ତି+ଭଜ୍‌ ଧାତୁ=ପାଇବା+କ୍ୱିପ୍; ସଦ୍‌ବୃତ୍ତିଭାକ୍‌ ଶବ୍ଦ; ୧ମା. ୧ବ)—୧ । ସଦ୍‌ବୃତ୍ତି ବିଶିଷ୍ଟ—2. Of good conduct. ୨ । ଉତ୍ତମ ଜୀବିକା ଅବଲମ୍ବନକାରୀ—2. Pursuing a noble or honest profession. Sad-brutti bhāk (ସଦ୍ବୃତ୍ତିଭାକ୍—ଅନ୍ୟରୂପ)

ସଦ୍‌ବ୍ୟବହାର—ସଂ. ବି (କର୍ମଧା)—୧ । ସମୁଚିତ ବ୍ୟବହାର—1. Good or proper use. ୨ । ଉତ୍ତମ ବ୍ୟବହାର—2. Good treatment. ୩ । ଉତ୍ତମ ଆଚରଣ—3. Good conduct. ୪ । ପ୍ରଶଂସ୍ୟ କାରବାର ବା ଜୀବିକା—4. A noble profession; a laudable or honest business. Sad-byabahāra (ସଦ୍ବ୍ୟବହାର—ଅନ୍ୟରୂପ)

ସଦ୍‌ବ୍ୟୟ—ସଂ. ବି. (କର୍ମଧା; ସତ୍‌+ବ୍ୟୟ)—ସତ୍କାର୍ଯ୍ୟରେ ବ୍ୟୟ—Expenses incurred for good purposes. Sad-byaya (ଅସଦ୍‌ବ୍ୟୟ—ବିପରୀତ) (ସଦ୍ବ୍ୟୟ—ଅନ୍ୟରୂପ)

ସଦ୍‌ବ୍ୟାଖ୍ୟାନ—ସଂ. ବି—୧ । ଉତ୍ତମ ରୂପେ ବ୍ୟାଖ୍ୟାକରଣ—1. Good and clear explanation. ୨ । ସଚ୍ଚରିତ୍ର ବ୍ୟକ୍ତିମାନଙ୍କ ବିବରଣ—2. Description of good people. Sad-byākhyāna (ସଦ୍ବ୍ୟାଖ୍ୟାନ—ଅନ୍ୟରୂପ)

ସଦ୍‌ଭାବ—ସଂ. ବି (କର୍ମଧା; ସତ୍‌+ଭାବ)—୧ । ପ୍ରଣୟ; ବନ୍ଧୁତା; ଘନିଷ୍ଠତା—1. Good feeling (between persons); friendship; good terms (between 2 persons); intimacy. ୨ । ଭଲ ମନୋଭାବ—2. Good disposition. ୩ । ସାଧୁତା—3. Honesty; uprightness. ୪ । ଶିଷ୍ଟତା; ଭଦ୍ରତା—4. Gentlemanliness; civility; courtesy. ୫ । ସତ୍ତା; ସ୍ଥିତି—5. Existence; being. ୬ । ସଦ୍‌ବୃତ୍ତ (ଦେଖ)—6. Sad-brutta (See) ୭ । ସଦ୍‌ବୃତ୍ତି (ଦେଖ)—7. Sad-brutti (See) Sad-bhāba (ଅସଦ୍‌ଭାବ—ବିପରୀତ) (ଅଭାବ—ବିପରୀତ) (ସଦ୍ଭାବ—ଅନ୍ୟରୂପ)

ସଦ୍‌ଭୂତ—ସଂ. ବିଣ—(ସତ୍‌+ଭୂତ)—୧ । ସତ୍ୟ—1. True. ୨ । ଯଥାର୍ଥ—2. Real Sadbhūta (ଅସଦ୍‌ଭୂତ—ବିପରୀତ) (ସଦ୍ଭୂତ, ସଦ୍ଭୂତ—ଅନ୍ୟରୂପ)

ସଦ—ସଂ. ବି (ସଦ୍‌ ଧାତୁ=ଯିବା+ଭାବ. ଅ)—୧ । ଲାଭ—1. Profit; acquisition. ୨ । (+କର୍ମ. ଅ)—କ୍ଷେତ୍ରଫଳ—2. Area. ଦେ. ବିଣ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା ସଦ୍ୟ ଶବ୍ଦରୁ ଅନ୍ୟ ଶବ୍ଦ ସଙ୍ଗେ

ସନ୍ଧ ଦ୍ୱାରା ଉତ୍ପନ୍ନ ସଦ୍‌ର ଅଶୁଦ୍ଧ ଉଚ୍ଚାରଣ (ଯଥା—ସଦଜ୍ଞାନ)—ଉତ୍ତମ; ସାଧୁ—Good; noble. (ଉ—ସଦ ଅସଦ ପରେ ସ୍ଥିତ। ଜଗନ୍ନାଥ. ଭାଗବତ।) ୨—ସଧ ୩ (ଦେଖ)—Sadha 3. (See)

ସଦଂଶ—ସଂ. ବିଣ (ବହୁବ୍ରୀହି; ସ=ସହିତ+ଦଂଶ=ଦାନ୍ତ)—Sadamsa ଦନ୍ତଯୁକ୍ତ—Having teeth; toothed. ବି—୧। ସଣ୍ଡୁଆସି—1. A pair of tongs. ୨। (କର୍ମଧା; ସତ୍+ଅଂଶ) ଉତ୍ତମଭାଗ—1. A good portion.

ସଦଂଶକ—ସଂ. ବିଣ (ସ=ସହିତ+ଦଂଶ=ଦାନ୍ତ+କ)—ଦନ୍ତଯୁକ୍ତ—Sadamsaka Having tooth; toothed. ବି—୧। କଙ୍କଡ଼ା—1. Crab. ୨। ସଣ୍ଡୁଆସି—2. Tong

ସଦଂଶ ବଦନ—ସଂ. ବି (ବହୁବ୍ରୀହି; ସଦଂଶ=ଦନ୍ତଯୁକ୍ତ ବଦନ Sadamsa badana ଯାହାର)—(ଏହାର ମୁହଁ ସଣ୍ଡୁଆସିପରି ଲମ୍ବ ଓ ବଙ୍କା ଥିବାରୁ)-କଙ୍କ ପକ୍ଷୀ; ବଗ୍‌ଡ଼ିଆବାଙ୍କ—Crane; heron.

ସଦଃ—ସଂ. ବି (ସ୍ତ୍ରୀ ଓ କ୍ଲୀ)—(ସଦସ୍ ଶବ୍ଦ; ସଦ୍ ଧାତୁ=ଗମନ Sadah କରିବା+ଅଧିକରଣ. ଅସ୍; ଯେଉଁଠାକୁ ଅନେକ ଲୋକ ଯାଆନ୍ତି)—ସମିତି; ସଭା; ପରିଷଦ୍—Meeting; association; committee; assembly.

ସଦଗତି—ଦେ. (ପଦ୍ୟ) ବି. (ସଂ. ସଦ୍‌ଗତି)—ସଦ୍‌ଗତି (ଦେଖ)—Sadagati Sad-gati. (See) (ଉ—ତାବତ ନୋହେ ସଦଗତି, ଯାବତ ଧର୍ମେ ନ ରତନ୍ତି। ଜଗନ୍ନାଥ. ଭାଗବତ।)

ସଦଜ୍ଞାନ—ଗ୍ରା. (ପଦ୍ୟ) ବି—(ସଂ. ସଜ୍ଜ୍ଞାନ)—ସଜ୍ଜ୍ଞାନ (ଦେଖ)—Sadajnana Saj-jnana. (See)

ସଦଜ୍ଞାନୀ—ଗ୍ରା. ବିଣ—ସଜ୍ଜ୍ଞାନ ବିଶିଷ୍ଟ; ପାରମାର୍ଥିକ ଜ୍ଞାନବିଶିଷ୍ଟ—Sadajnani Having spiritual wisdom; versed सद्‌ज्ञानी सदज्ञानी in metaphysics or philosophy.

ସଦନ—ସଂ. ବି (ସଦ୍. ଧାତୁ=ଯିବା+ଅଧିକରଣ କିମ୍ବା କର୍ମ ଅନ; Sadana ଯେଉଁ ସ୍ଥାନକୁ ଲୋକେ ବାସ କରିବାକୁ ଯାଆନ୍ତି)—୧। ଘର; ଗୃହ; ଆଳୟ; ବାସସ୍ଥାନ—1. House; residence; abode. ୨। (+କର୍ତ୍ତି. ଅନ) ଜଳ—2. Water. ୩। (+ଭାବ. ଅନ) ମନୋଦୁଃଖ;ବିଷାଦ—3. Sorrow; grief; dejection.

ସଦନୁଷ୍ଠାନ—ସଂ. ବି (କର୍ମଧା; ସତ୍+ଅନୁଷ୍ଠାନ)—୧। ସତ୍‌କାର୍ଯ୍ୟ—Sadanushthana 1. Good work. ୨। ଲୋକହିତକର (ସଦନୁଷ୍ଠାତା—କର୍ତ୍ତି. ବିଣ) କାର୍ଯ୍ୟ ବା ଅନୁଷ୍ଠାନ—2. A [ସଦନୁଷ୍ଠିତ—କର୍ମ. ବିଣ] work or establishment of public utility; a public institution.

ସଦନ୍ତଃକରଣ—ସଂ. ବି (କର୍ମଧା)—ସାଧୁ ଚିତ୍ତ—Pious or good Sadantahkarana heart. ବିଣ. ପୁଂ (ବହୁବ୍ରୀହି)—ସାଧୁ (ସଦନ୍ତଃକରଣା—ସ୍ତ୍ରୀ) ହୃଦୟଯୁକ୍ତ—Having a good heart.

ସଦୟ—ସଂ. ବିଣ (ବହୁବ୍ରୀହି; ସ=ସହିତ+ଦୟା; ଦୟା ସହିତ Sadaya ବର୍ତ୍ତମାନ)—୧। ଦୟାମୟ; ଦୟାଳୁ; ଦୟାଶୀଳ; (ସଦୟା—ସ୍ତ୍ରୀ) କୃପାଳୁ—1. Kind; merciful. ୨। ପରର [ନିର୍ଦ୍ଦୟ—ବିପରୀତ] ଦୁଃଖରେ କାତର—2. Compassionate; sympathetic. ୩। ଦୟାଯୁକ୍ତ—3. Full of kindness. ବି—(ସତ୍=ଉତ୍ତମ+ଅୟ=ବିଧାନ)—ଶୁଭକର ବିଧି—A good or beneficial rule.

ସଦୟତା—ସଂ. ବି (ସଦୟ+ଭାବ. ତା)—ଦୟାଶୀଳତା—Sadayata Mercifulness.

ସଦୟପ୍ରକୃତି—ସଂ. ବି (କର୍ମ. ଧା)—ଦୟାଳୁ ସ୍ୱଭାବ—Sadaya prakruti Kind nature.

ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ସଦୟ ପ୍ରକୃତିକ (ଦେଖ) Sadaya prakrutika.

ସଦୟ ପ୍ରକୃତିକ—ସଂ. ବିଣ. ପୁ.—(କର୍ମଧା)—ଦୟାଳୁ ସ୍ୱଭାବ ବିଶିଷ୍ଟ Sadaya prakrutika (ବ୍ୟକ୍ତି)—Compassionate; (ସଦୟ ପ୍ରକୃତିକା—ସ୍ତ୍ରୀ) of kind or merciful nature.

ସଦୟ ବ୍ୟବହାର—ସଂ. ବି.—(କର୍ମଧା)—ଦୟାଯୁକ୍ତ ବ୍ୟବହାର—Sadaya byabahara Kind or sympathetic treatment.

ସଦୟ ଭାବ—ସଂ. ବି.—(କର୍ମଧା) ୧। କୃପାଳୁ ଅବସ୍ଥା—Sadaya bhaba 1. Merciful condition. ୨। ଦୟାଯୁକ୍ତ ବ୍ୟବହାର—2. Kind treatment.

ସଦୟ ହୃଦୟ—ସଂ. ବି.—(କର୍ମଧା)—ଦୟାମୟ ଚିତ୍ତ—Kind Sadaya hrudaya heart. ବିଣ. ପୁଂ—(ବହୁବ୍ରୀହି) ଯାହାର (ସଦୟ ହୃଦୟା—ସ୍ତ୍ରୀ) ହୃଦୟ ଦୟାପୂର୍ଣ୍ଣ ଅଟେ—Of a kind heart; kind-hearted.

ସଦୟେ—ଗ୍ରା. ବିଣ—(ପଦ୍ୟ) ସଦୟ (ଦେଖ) Sadaya (see) Sadaye [ଉ—ବଧୂ ମହେଶ୍ୱର ବଚନ ତ ଶୁଣିଲ ସେ ମୁହିଁ କଲ୍ଲ दया ପ୍ରାୟେ, ବସୁଧା ପରେ ଜନ୍ମ ଧନ୍ୟ ସେ ରୂପେ ମୋଠାରେ दया ପ୍ରଭୁ ସଦୟେ। ଭଞ୍ଜ ବୈଦେହୀଶବିଳାସ] ବି—ଦୟା—Kindness [ଉ—ଲୋକଙ୍କ ମଧ୍ୟକର ପ୍ରାୟେ, ଖେ ମୁନ କରିବା ସଦୟେ। ଜଗନ୍ନାଥ ଭାଗବତ।]

ସଦର—ବୈଦେ. ବିଣ—(ଅ. ସଦର୍)—୧। ପ୍ରଧାନ; ଶ୍ରେଷ୍ଠ—Sadara 1. Chief. ୨। ପ୍ରକାଶ୍ୟ; ବ୍ୟକ୍ତ; ଯାହା ଗୁପ୍ତ ନୁହେଁ; सदर ଯାହା ସମସ୍ତଙ୍କ ଦୃଷ୍ଟିରେ ପଡ଼େ—2. Public; patent; सद्र that which is visible to the public. ୩। ରାଜ୍ୟଶାସନ ସମ୍ପର୍କରେ କେନ୍ଦ୍ରସ୍ଥାନୀୟ ରାଜଧାନୀ ସମ୍ବନ୍ଧୀୟ; ଶାସନକେନ୍ଦ୍ରିକ; ରାଜଧାନୀରେ ଅବସ୍ଥିତ—3. Central (in respect of the administration of a country); relating to the capital or head quarters of a country; situated at the capital. ୪। ବାହ୍ୟସ୍ଥ—4. Outward; outer; external. ୫। ଘରର ବାଣ୍ଡଅଡ଼େ ଅବସ୍ଥିତ—5. Situated on the

outside or exterior of a residence ୫. ବଣ. (ବହୁବ୍ରୀ; ସ+ଦର=ଭୟ)—ଭୟଯୁକ୍ତ [ଭି· ମନ ହସ ଭଲ ଲାଗୁ ଦର, ଅମୃତ ମଧ୍ୟ କରଣ ସଦର । ଭକ୍ତ ପ୍ରେମସୁଧାନିଧି ।] ବୈଦେ· ବ—୧। ଜିଲ୍ଲାର, ରାଜ୍ୟର ବା ପ୍ରଦେଶର ରାଜକାର୍ଯ୍ୟ ପରିଚାଳନାର କେନ୍ଦ୍ର (ମଫସଲ—ବିପରୀତ) ସ୍ଥାନ—1. Administrative headquarters of a District or Division or (ମଫସଲ—ବିପରୀତ) Province. ୨। ରାଜଧାନୀ—2. Capi-(ଅନ୍ଦର—ବିପରୀତ) tal. ୩। ଘରର ବାହ୍ୟ ପାଖ—3. Exterior of a residence. ୪। ପିନ୍ଧା ଲୁଗାର ବା (ମଫସଲ—ବିପରୀତ) ପୋଷାକର ଯେଉଁ ପାଖ ବାହାରକୁ ଥାଏ; ଲୁଗାର ଅଗ ପାଖ—4. The outer side or exterior of a cloth or dress. ୫। ସହର—5. A town [ଦ୍ର—ଏହି ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ବ୍ୟବହୃତ ହେଉଛି—Sadar)

ସଦର ଅନ୍ଦର—ବୈଦେ· ବ—(ଅ; ଦ୍ୱନ୍ଦ୍ୱାର୍ଥ ସମାସ)—୧। ଗୃହର Sadara andara ଦାଣ୍ଡପାଖ ଓ ସ୍ତ୍ରୀଲୋକମାନଙ୍କ ରହିବା সদরঅন্দর **सदरअन्दर** ପାଖ—1. The outer and inner apartments of a house. ୨। କୌଣସି ବସ୍ତୁର ବାହାର ପାଖ ଓ ଭିତର ପାଖ—2. Outside and inside of a thing.

ସଦର ଅଫିସ୍—ବୈଦେ. ବ—(ଅ· ସଦର୍ ଓ ଇ· ଅଫିସ) ସଦର Sadara aphis ମହକୁମାର କାର୍ଯ୍ୟାଳୟ—The office সদরআফিস **सदरआफिस** at the head quarters.

ସଦର ଅଫିସର୍—ବୈଦେ. ବ—(ଅ ସଦର ଓ ଇ· ଅଫିସର୍)—Sadara aphisar ସଦର ହାକିମ; ସଦର ମହକୁମାର ଉଚ୍ଚ-সদরঅফিসর **सदरअफिसार** କର୍ମଚାରୀ—An officer at the headquarters.

ସଦର ଅ(ଆ)ମଲା—ବୈଦେ. ବ—(ଅ: ସଦର୍ ଓ ଫା. ଅମଲା)—Sadara a(ā)malā ଜମିଦାରଙ୍କ ସଦର କଚେରୀରେ ବା সদরআমলা **सदरअमला** ଜିଲ୍ଲାର ସଦର କଚେରୀରେ ନିଯୁକ୍ତ ଅମଲା ବା କର୍ମଚାରୀ—The ministerial officer at the headquarter.

ସଦର ଅମୀନ—ବୈଦେ. ବ—(ଅ. ସଦର୍ ଓ ଫା. ଅମୀନ)—Sadara amina ୧। ଜମି ମାପ କରିବାପାଇଁ ନିଯୁକ୍ତ ଅମୀନ-সদর আমীন, **सदर अमीन** ମାନଙ୍କ ମଧ୍ୟରେ ପ୍ରଧାନ ଅମୀନ—1. The head surveyor. ୨। ଜମିଦାରଙ୍କ ସଦର କଚେରୀରେ ଥିବା ଅମୀନ—2. The surveyor who works at the headquarters of a Zamindar. ୩। ମୋଗଲ ଅମଳରେ ଦେୱାନୀ ମକଦ୍ଦମା ବୁଝିବା ନିମନ୍ତେ ନିଯୁକ୍ତ କର୍ମଚାରୀ (ବର୍ତ୍ତମାନ ମୁନସଫ)—The civil judges who were exercising the jurisdiction (under the Moghal government), now vested in the Munsifs.

ସଦର ଅମୀନ ଆଲ୍ଲା (ଲ୍ଲା)—ବୈଦେ· ବ—(ଫା.)—ମୋଗଲ Sadara amina ālā(llā) ବାଦଶାହାଙ୍କ ଅମଳରେ ଜିଲ୍ଲାର সদর আমিন আলা **सदर अमीन आल्ला** ସଦର ମହକୁମାରେ ନିଯୁକ୍ତ ଭୂମିସଂକ୍ରାନ୍ତ ବିଷୟର ବିଚାରର ପ୍ରଧାନ ହାକିମ—The Chief Revenue Judge of a District under the Moghals.

ସଦର ଆଲା (ଲ୍ଲା)—ବୈଦେ. ବ—(ଅ. ସଦର ଓ ଫା. ଆଲ୍ଲା)—Sadara ālā (llā) ଜିଲ୍ଲାର ସଦରରେ ବା କେନ୍ଦ୍ରରେ ନିଯୁକ୍ତ সদর আলা, **सदर आला** ଦେୱାନୀ ବିଚାରର ସର୍ବୋଚ୍ଚ ହାକିମ—[ସଦରଆଲ (ଲ୍ଲା)—ଅନ୍ୟରୂପ] The highest Civil Judge at the District headquarters under the Moghals.

(ଦ୍ର—ବଙ୍ଗ, ବିହାର, ଓଡ଼ିଶାର 'ଦେୱାନୀ'କୁ ଇଂରେଜ-ମାନେ ମୋଗଲ ସମ୍ରାଟଙ୍କଠାରୁ ପ୍ରଥମେ ଲାଭ କଲାବେଳେ ସେସମୟରେ ଏ ରାଜ୍ୟର ଖଜଣା ଅସୁଲର ଭାରପ୍ରାପ୍ତ କର୍ମଚାରୀଙ୍କୁ ଇଂରେଜମାନେ ନିଯୁକ୍ତ କରିଥିଲେ । ଉକ୍ତ କର୍ମଚାରୀଙ୍କ ନାମ 'କଲେକ୍ଟର' ବା ତହସିଲଦାର ଥିଲା । ବର୍ତ୍ତମାନର 'କଲେକ୍ଟର'ମାନେ ସେହି ତହସିଲଦାର-ମାନଙ୍କ ସ୍ଥଳାଭିଷିକ୍ତ ଅଟନ୍ତି । ସେମାନେ ଖଜଣା ଅସୁଲ କରୁଥିଲେ ଓ ଖଜଣା (ମାଲ୍=Revenue) ସଂକ୍ରାନ୍ତ ବିଷୟମାନ କଲେକ୍ଟରମାନେ ବୁଝୁଥିଲେ । ସେ ସମୟରେ ମୋଗଲ ବାଦଶାହାଙ୍କ ନିଯୁକ୍ତ ବିଚାରକମାନେ ଦେୱାନୀ (Civil) ଓ ଫଉଜଦାରୀ (Criminal) ମକଦ୍ଦମା ବୁଝୁଥିଲେ । ମଫସଲରେ ସ୍ଥାନେ ସ୍ଥାନେ ଯେଉଁ ବିଚାରକମାନେ ରହୁଥିଲେ ସେମାନଙ୍କୁ 'କାଜି', ସହରର ଛୋଟ ହାକିମଙ୍କୁ ସଦର ଅମିନ୍ ଓ ଜିଲ୍ଲାର ସଦରରେ ଯେଉଁ ପ୍ରଧାନ ବିଚାରପତି ରହୁଥିଲେ ତାଙ୍କୁ ସଦର ଆଲା ବୋଲାଯାଉଥିଲା ଓ ସର୍ବୋପରି କଲିକତାରେ ସଦର ଦେୱାନୀ ଅଦାଲତ ଥିଲା । କ୍ରମଶଃ ବଙ୍ଗବିହାର ଓଡ଼ିଶାର ଅନ୍ୟାନ୍ୟ ଶାସନ ଓ ବିଚାର ବିଭାଗକୁ ଇଂରେଜ-ମାନେ ହସ୍ତଗତ କରି ଏହାକେତେ ବିଚାରକମାନଙ୍କର ପୂର୍ବ ଉପାଧି ରଖିଥିଲେ ଓ ପରେ ସେ ବିଚାରକମାନଙ୍କର ଉପାଧି ପରିବର୍ତ୍ତନ କଲେ । ସାବକର ସଦର ଅମୀନମାନେ ବର୍ତ୍ତମାନ ମୁନସଫ; ସାବକର 'ସଦର ଆଲା'ମାନେ ବର୍ତ୍ତମାନ 'ସବଜଜ୍' ଅଟନ୍ତି ଓ ସାବକର ସଦର 'ଦେୱାନୀ ଅଦାଲତ' ବର୍ତ୍ତମାନ 'ହାଇକୋର୍ଟ' ଅଟେ । ସାବକର 'କାଜି' (village Munsiff) ପ୍ରଥା ବର୍ତ୍ତମାନ ବଙ୍ଗ ବିହାର ଓଡ଼ିଶାରୁ ଉଠିଯାଇଅଛି ।]

ସଦର ଇ(ଏ)ଲାକା—ବୈଦେ. ବ (ଅ. ସଦର ଓ ଫା. ଏଲକା)—Sadara i(e)lākā ଜିଲ୍ଲାର ରାଜଧାନୀର ନିକଟବର୍ତ୍ତୀ ବା ସଂଲଗ୍ନ সদর ইলাকা **सदर एलाका** ଅଞ୍ଚଳ—Part of the country adjoining the capital of a district.

ସଦର କଚି(ଚେ)ରୀ —ବୈଦେ. ବି (ଅ. ସଦର ଓ ଫା· କଚହରୀ)—
Sadara kachi(che)ri ସଦର ଅଫିସ୍; ସଦର ମଫସଲମାନରେ
সদর কাচারী ଥିବା ରାଜକୀୟ କାର୍ଯ୍ୟାଳୟ—The court or
सद्र कचहरी office at the headquarters.

ସଦର କାନ(ନୁ)ଗୋଇ—ବୈଦେ. ବି—(ଅ. ସଦର ଓ ଫା.
Sadar kāna(nu)goi କାନୁନ୍‌ଗୋ)—ଜିଲ୍ଲାର ସଦରରେ ବା
ସଦର କାନୁନ୍ ଗୋ } —ଅନ୍ୟରୂପ ରାଜଧାନୀରେ ନିଯୁକ୍ତ ପ୍ରଧାନ
ସଦର କାନୁନ୍ ଗୋଇ } କାନୁନଗୋ—Sudder
সদর কানুনগো **सद्र कानून गो** Kanungo.
[ଦ୍ର—ଓଡ଼ିଶାର ଭୂରାଜସ୍ୱ ଓ ଭୂମି ସମ୍ବନ୍ଧେ ସଂବାଦ ସରବରାହ ଓ ନାନାବିଧ ପ୍ରୟୋଜନୀୟ ତଥ୍ୟ ସଂଗ୍ରହ, ଫାଇଲ ଜୋରଖ ଆଦି କାର୍ଯ୍ୟ କରିବା ପାଇଁ ମୋଗଲ ବାଦ-ଶାହାଙ୍କ ଅମଳରେ କାନୁନ୍‌ଗୋ ପଦ ଧାରୀମାନେ ନିଯୁକ୍ତ ଥିଲେ । କ୍ରମଶଃ ଇଂରାଜଙ୍କ ଅମଳରେ ଓଡ଼ିଶାରେ ପ୍ରତ୍ୟେକ ପରଗଣାରେ ଜଣେ ଲେଖାଏଁ କାନୁନଗୋ ନିଯୁକ୍ତ ହେଲେ ଓ ପଦ ଆଉ ପ୍ରଥା ରହିତ ହେଲା । ବର୍ତ୍ତମାନ କାନୁନଗୋ-ମାନଙ୍କ ସଂଖ୍ୟା କମିଅଛି ଓ ଏକାଧିକ ପରଗଣା ଜଣେ ଜଣେ କାନୁନ୍‌ଗୋଙ୍କ ତତ୍ତ୍ୱାବଧାନରେ ଅଛି । ପ୍ରତ୍ୟେକ କାନୁନଗୋଙ୍କ ଅଧୀନ ଇଲାକାକୁ 'ଚକଲା' କୁହାଯାଏ ଓ ମଫସଲର କାନଗୋଇମାନଙ୍କୁ 'ଚକଲା କାନଗୋଇ' ବୋଲାଯାଏ । ସେମାନଙ୍କ କାଗଜ ପତ୍ର ଓ କାର୍ଯ୍ୟ ଓ ରିପୋର୍ଟମାନ ତନଖି କରି କଲେକ୍ଟର ସାହେବଙ୍କ ନିକଟ ତାହା ପେଶ କରିବା ନିମନ୍ତେ ସଦର ମଫସଲମାନରେ ଯେଉଁ କାନୁନଗୋ ଥାଆନ୍ତି ତାଙ୍କୁ ସଦର କାନୁନ୍‌ଗୋଇ ବୋଲାଯାଏ ।]

ସଦର ଗୁ(ଗୋ)ମାସ୍ତା—ବୈଦେ· ବି —(ଅ ସଦର ଓ ଫା ଗୋମସ୍ତା)
Sadara gu (go) māstā ୧ । ଜମିଦାରଙ୍କ ବାସସ୍ଥାନରେ
সদরগোমাস্তা ବା ରାଜଧାନୀରେ ନିଯୁକ୍ତ ଗୁମାସ୍ତା ବା ମୋହରିର—
सद्र गुमाश्ता 1. The clerk at the suddar or head-quarters. ୨ । ପ୍ରଧାନ ଗୁମାସ୍ତା—2 Head-mohorir [ଦ୍ର—ଏହିପରି ସଦର ତହସିଲଦାର, ସଦର ମୋହରିର, ସଦର ପିଅନ, ଆଦି ଶବ୍ଦ ବ୍ୟବହୃତ ହୁଏ ।]

ସଦର ଜମା—ବୈ. ଦେ.—(ଅ ସଦର ଓ ଫା. ଜମାହ୍)—ଜମିଦାର
Sadara jamā ଗଭର୍ଣ୍ଣମେଣ୍ଟଙ୍କୁ ଯାହା ରାଜସ୍ୱ ଦିଅନ୍ତି—
সদর জমা The revenue payable by the Zamindar
सद्र जमा to the Government.
[ଦ୍ର—ପୂର୍ବେ ମୋଗଲ ଓ ମରହଟ୍ଟା ଅମଳରେ ପ୍ରଜା ମାନଙ୍କଠାରୁ ଖଜଣା ଅଦାୟ କରିବା ପାଇଁ ଯେଉଁମାନେ ନିଯୁକ୍ତ ହୋଇଥିଲେ ସେମାନେ ପ୍ରଜାଙ୍କଠାରୁ ଅଦାୟ କରିବା ଖଜଣାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପାରି-ଶ୍ରମିକ କାଟି ରଖି ବାକି ଧନ ରାଜସ୍ୱ ରୂପେ ସରକାରଙ୍କ-ଠାରେ ଦାଖଲ କରୁଥିଲେ । ସେତେବେଳେ ଜମିଦାରମାନେ କେବଳ ମାତ୍ର ତହସିଲଦାର ବା ପ୍ରଜାଙ୍କଠାରୁ ଖଜଣା ଅସୁଲ କରିବା କର୍ମଚାରୀ ମାତ୍ର ଥିଲେ ଓ ସରକାର ଆପଣା ଇଚ୍ଛା ଅନୁସାରେ ସେମାନଙ୍କୁ ମୁକରର ଓ ବରଖାସ୍ତ କରି ପାରୁଥିଲେ । ଇଂରାଜମାନେ ଓଡ଼ିଶା ଅଧିକାର କରିବା ପରେ ଯେଉଁମାନେ ସାବିକ ସରକାରଙ୍କ ଅଧୀନ ତହସିଲଦାର ଥିଲେ ସେମାନଙ୍କୁ 'ଜମିଦାର' ବୋଲି ସ୍ୱୀକାର କରି ସେମାନଙ୍କୁ ଯେ ଯାହାର ଅସୁଲ ଇଲାକାର 'ମାଲିକ' କଲେ । ପ୍ରଜାମାନଙ୍କଠାରୁ ଜମିଦାରମାନେ ଯେଉଁ ଖଜଣା ଅଦାୟ କରିବେ, ତାହା ପାଇଁ ଜମିଦାର-ମାନଙ୍କ ସଙ୍ଗେ ବନ୍ଦୋବସ୍ତ (Settlement) କରାଗଲା । ଉକ୍ତ ମଫସଲଜମାରୁ ଜମିଦାର ତାଙ୍କ ପାରିଶ୍ରମିକ ବା 'ମାଲିକାନା' ଶତକଡ଼ା ୫୬ ଠାରୁ ୫୦ ପର୍ଯ୍ୟନ୍ତ କାଟି ରଖି ବାକି ଟଙ୍କା ଗଭର୍ଣ୍ଣମେଣ୍ଟଙ୍କୁ ବର୍ଷକୁ ବର୍ଷ ଯାହା ଦେବେ ବୋଲି ସ୍ଥିର କରି କବୁଲିୟତ ଲେଖି ଦେଲେ ଉକ୍ତ ଦେୟର ନାମ 'ସଦରଜମା' ବା 'ମାଲଗୁଜାରି' ଅଟେ । କାଳକ୍ରମେ ଗଭର୍ଣ୍ଣମେଣ୍ଟ ଥରକୁଥର ରାଜସ୍ୱ ବନ୍ଦୋବସ୍ତ (Revenue Settlement) କରି ଜମିଦାରୀର ଜମିମାନଙ୍କ ପାଇଁ ପ୍ରଜାଙ୍କଠାରୁ କେତେ ଖଜଣା ଅଦାୟ ହେବ, ତାହା ତଦନ୍ତ କରି ସେଥିରୁ ଜମିଦାରଙ୍କ ପ୍ରାପ୍ୟ ମାଲିକାନା କାଟି ବାକି ଗଭର୍ଣ୍ଣମେଣ୍ଟଙ୍କୁ ଦେୟ 'ସଦର ଜମା' ପ୍ରତିବର୍ଷ ଇନ୍‌ଷ୍ଟଲମେଣ୍ଟ (କିସ୍ତି) ମୁତାବକ ଗଭର୍ଣ୍ଣମେଣ୍ଟଙ୍କ ଠାରେ ଦାଖଲ କରିବା ନିମନ୍ତେ ଜମିଦାରମାନଙ୍କଠାରୁ ପ୍ରତି ସେଟଲମେଣ୍ଟ ଶେଷରେ କବୁଲିୟତ୍ ଲେଖାଇ ନେଇଅଛନ୍ତି । କବୁଲିୟତରେ ଯେଉଁ ସର୍ତ୍ତମାନ ଥାଏ ତାହା ଜମିଦାର ପାଳନ କରିବାକୁ ବାଧ୍ୟ ଅଟନ୍ତି; ତାହା ପାଳନ ନ କଲେ ଜମିଦାରଙ୍କ ଠାରୁ ସରକାର ଉକ୍ତ ଜମିଦାରୀ ଛଡ଼ାଇ ନେବେ ।]

ସଦର ଥାନା—ଦେ. ବି—ଜିଲ୍ଲାର ରାଜଧାନୀର ବା ସଦରର ସଂଲଗ୍ନ
Sadara thānā ଅଞ୍ଚଳର ଶାନ୍ତିରକ୍ଷା, ଅପରାଧପ୍ରତିରୋଧ ଆଦି ପାଇଁ
সদর থানা ନିଯୁକ୍ତ ପୁଲିସ କର୍ମଚାରୀମାନେ ଯେଉଁ ସ୍ଥାନରେ ରହନ୍ତି—
सद्र थाना The Police station having jurisdiction over the tract of country adjoining the district headquarters.

ସଦର ଦର(ରୋ)ଜା—ବୈଦେ. ବି (ଅ. ସଦର ଓ ଦରୱାଜା)—
Sadara dara(ro)jā ଘରର ଦାଣ୍ଡ ପାଖରେ ଥିବାର ଦ୍ୱାର;
(ସଦର ଦୁଆର—ଅନ୍ୟରୂପ) ଯେଉଁ ଦ୍ୱାର ବାଟେ ସଦରରୁ ବା
সদর দরজা ଦାଣ୍ଡରୁ ଲୋକେ ଘର ଭିତରକୁ ଯାଆନ୍ତି—
सद्र दरवाजा The main door or entrance of a house.

ସଦର ଦି(ଦେ)ବାନି ଅଦାଲତ—ବୈଦେ. ବି (ଅ. ସଦର+ଫା·
Sadara di(de)bāni adalata ଦେୱାନୀ+ଅଦାଲତ)—
ସଦର ଦେଉଆନି ଅଦାଲତ } ଅନ୍ୟରୂପ— ଇଂରେଜମାନେ ପ୍ରଥମେ
ସଦର ଦେୱାନି ଅଦାଲତ } ବଙ୍ଗ ବିହାର ଓଡ଼ିଶାର
সদপদেওয়ানি আদালত ରାଜସ୍ୱର ଇଜାରା (ଦେୱାନୀ) ମୋଗଲ
सद्र दिवानी अदालत ବାଦସାହାଙ୍କଠାରୁ ନେବା ସମୟରେ କଲିକତାରେ ସ୍ଥାପିତ ହୋଇଥିବା ଦେୱାନି ମକଦମାମାନଙ୍କ

ବଙ୍ଗଦେଶରେ ସର୍ବୋଚ୍ଚ ଅଦାଲତ (ପରେ ଯାହା କଲିକତା ହାଇକୋର୍ଟରେ ପରିଣତ ହେଲା)—The name of the former highest civil court in Bengal, Bihar and Orissa, which has now been replaced by the Calcutta High Court.

ସଦର ପିଟିକା - ଦେ. ବି (ଅ. ସଦର+ସଂ. ପୁସ୍ତକ)—ତାଳପତ୍ର Sadara pithikā ପାଞ୍ଜି ବହିର ସର୍ବ ପ୍ରଥମ ବା ଉପରର ପତ୍ର— সদর পিঠিকা The outermost leaf of a bundle of सदर पिठिका palm-leaf manuscript account book (which is the front cover of the book).

ସଦର ଫି(ଫେ)ରସ୍ତ—ବୈଦେ. ବି (ଅ. ସଦର ଓ ଫା. ଫିଏରସ୍ତ)— Sadara phi(phe)rasta କୌଣସି ଖାତାର ଆଦ୍ୟରେ ଥିବା সদরফিরিস্তি ସୂଚିପତ୍ର; ଖାତା ମଧ୍ୟରେ ଲେଖାଥିବା ବିଷୟର ସୂଚୀ- सदर फिरिस्त ପତ୍ର, ଯାହା ଖାତାର ଆଦ୍ୟରେ ସଂଯୁକ୍ତ ହୋଇଥାଏ— The index attached at the beginning to a book; the table of contents of a book attached to it.

ସଦର ବୋର୍ଡ଼(ଡ଼) - ବୈଦେ. ବି (ଅ. ସଦର ଓ ଇଂ. ବୋର୍ଡ଼)— Sadara bord(rd) ପ୍ରଦେଶର ରାଜଧାନୀରେ ପ୍ରତିଷ୍ଠିତ ରାଜସ୍ୱ সদরবোর্ড সম্বন্ধীয় বিষয়মানଙ୍କର ସର୍ବପ୍ରଧାନ ବିଚାରକ ସମିତି— सदरबोर्ड The Board of Revenue in the capital (ସଦର ବୋରଡ଼[ଡି]—ଗ୍ରାମ୍ୟ ରୂପ) of a Province.

ସଦର ମଫ(ଫ)ସଲ—ବୈଦେ. ବି (ଅ. ସଦର+ଅ. ମୁଫସ୍‌ସଲ; Sadara mapa(pha)sala ବିପରୀତାର୍ଥକ ସହଚର)— সদর মফস্বল ୧। ଜିଲ୍ଲାର ରାଜଧାନୀ ଓ ମଫସଲ; ସହର ଓ सदर मुफस्सल ଦେଶ—1. The town and the country; the headquarters and the interior of a District. ୨। ଲୁଗାର ବା ପୋଷାକର ବାହାର ପାଖ ଓ ଭିତର ପାଖ—2. The outside and inside of a garment or cloth.

ସଦର ମହକୁମା—ବୈଦେ. ବି (ଅ. ସଦର ଓ ଫା. ମହକମା)— Sadara mahakumā ୧। ଜିଲ୍ଲାର ରାଜଧାନୀସ୍ଥ ରାଜସ୍ୱ সদর মহকুমা ବିଚାରାଳୟ ଓ କାର୍ଯ୍ୟାଳୟ ଆଦି ଦପ୍ତରଖାନା सदर मुहकमा ଅନୁଷ୍ଠାନମାନ—1. The offices and courts in the headquarters of a District. ୨। ଜିଲ୍ଲାର ରାଜଧାନୀ—2. The headquarters of a District. ୩। ସଦର ସବ୍‌ଡିଭିଜନ୍; ଯେଉଁ ସବ୍‌ଡିଭିଜନରେ ଜିଲ୍ଲାର ରାଜଧାନୀ ଅବସ୍ଥିତ—3. The Sudder Subdivision of a District; the Headquarters Subdivision of a District.

ସଦର ମାଲଗୁଜାର--ପ୍ରାଦେ·(ସମ୍ବଲପୁର) ବୈଦେ·ବି-ଲମ୍ବରଦାର(ଦେଖ) Sadara mālagujār Lambaradār (See) (ସଦର ମାଲଗୁଜାର୍‌ଦାର୍—ଅନ୍ୟରୂପ)

ସଦର ମାଲଗୁଜାରୀ—ପ୍ରାଦେ. (ସମ୍ବଲପୁର) ବି—ସଦର ଜମା (ଦେଖ) Sadara mālagujāri Sadara jamā (See)

ସଦର ଲୋକାଲ୍ ବୋର୍ଡ଼(ଡ଼) – ବୈଦେ.ବି—(ଅ. ସଦର ଓ ଇଂ. Sadara lokāl bord (bord) ଲୋକାଲବୋର୍ଡ଼)—ଜିଲ୍ଲାର সদর লোকাল বোর্ড ସଦର ସବ୍‌ଡିଭିଜନ୍ ଇଲାକାର ସ୍ୱାୟତ୍ତଶାସନ सदर लोकाल बोर्ड ବିଭାଗର ପରିଚାଳନକାରୀ ସ୍ଥାନୀୟ ସମିତି—The Local Board at the head-quarters of a District. [ଦ୍ର-ସ୍ଥାନୀୟ ସ୍ୱାୟତ୍ତ ଶାସନ (Local self-Government) ଆଇନ ଅନୁସାରେ ସହରମାନଙ୍କର ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା, ରାସ୍ତା ଆଦିର କାର୍ଯ୍ୟ ବୁଝିବା ନିମନ୍ତେ ସରକାର 'ମିଉନିସିପାଲିଟି' (Municipality) ସୃଷ୍ଟି କରିଅଛନ୍ତି ଓ ମଫସଲର ସେହି କାର୍ଯ୍ୟମାନ ବୁଝିବା ପାଇଁ ଡିଷ୍ଟ୍ରିକ୍ଟବୋର୍ଡ଼ (District Board) ସୃଷ୍ଟି କରିଅଛନ୍ତି। ଗୋଟିଏ ଜିଲ୍ଲାର ମଫସଲର ସ୍ୱାୟତ୍ତଶାସନ ବିଭାଗର ପରିଚାଳନ ଡିଷ୍ଟ୍ରିକ୍ଟ ବୋର୍ଡ଼ ଉପରେ ନ୍ୟସ୍ତ ଥାଏ। ଗୋଟିଏ ଜିଲ୍ଲା ଏକାଧିକ ସବ୍‌ଡିଭି-ଜନ୍‌ରେ ବିଭକ୍ତ। ଜିଲ୍ଲାବୋର୍ଡ଼ର ଅଧୀନତାରେ ପ୍ରତ୍ୟେକ ସବ୍‌ଡିଭିଜନ୍‌ର ସ୍ୱାୟତ୍ତ ଶାସନ ସମ୍ବନ୍ଧୀୟ ବିଷୟମାନଙ୍କ ପରିଚାଳନ ଭାର ଲୋକାଲ୍ ବୋର୍ଡ଼ (Local Board) ଉପରେ ନ୍ୟସ୍ତ ହୋଇଥାଏ। ଜିଲ୍ଲାର ସଦର ସବ୍‌ଡିଭିଜନର ଭାରପ୍ରାପ୍ତ ଲୋକାଲ୍ ବୋର୍ଡ଼କୁ ସଦର ଲୋକାଲ୍‌ବୋର୍ଡ଼ କୁହାଯାଏ।]

ସଦର ସବ୍‌ଡିଭି (ବି) ଜନ୍—ବୈଦେ· ବି—(ଅ. ସଦର୍ ଓ ଇଂ, Sadara sab-dibhi(bi)jan ସବ୍‌ଡିଭିଜନ୍) — ଜିଲ୍ଲାର সদর সবডিভিজন, सदर सबडिवीजन ରାଜଧାନୀ ଯେଉଁ ସବ୍-ଡିଭିଜନର ଅନ୍ତର୍ଗତ— The Sub-division of a District which is directly administered by the authorities stationed at the head-quarters of the District.

ସଦର ସବ୍‌ରେଜି(ଜେ)ଷ୍ଟ୍ରି ଅଫିସ୍ (କଚିରି)—ବୈଦେ.ବି (ଅ· ସଦର; Sadara sab-reji(je)shtari aphis (kachiri) ଇଂ.ରେଜିଷ୍ଟ୍ରୀ সদর সবরেজিষ্টারী অফিস +ଇଂ. ଅଫିସ୍; ଫା, କଚହରି) — सदर सबरेजिस्टरी अफिस ଜିଲ୍ଲାର ରାଜଧାନୀରେ ସ୍ଥାପିତ ଯେଉଁ ସଦର ସବ୍‌ରେଜିଷ୍ଟ୍ରେସନ ଅଫିସ୍ / ସଦର ରେଜି(ଜେ)ଷ୍ଟ୍ରି ଖାନା } ଅନ୍ୟରୂପ କଚେରିରେ ଦଲିଲ-ପତ୍ର ରେଜିଷ୍ଟ୍ରି କରାଯାଏ—Sadar Subregistration Office.

ସଦର ସବ୍‌ରେଜିଷ୍ଟ୍ର(ଷ୍ଟ୍ର, ଷ୍ଟ୍ରା)ର୍—ବୈଦେ. ବି (ଅ. ସଦର ଓ ଇଂ. Sadra sab- rejishtra(shta, shtrā)r ସବ୍‌ରେଜିଷ୍ଟ୍ରାର୍) সদর সবরেজিষ্টার —ଜିଲ୍ଲାର ରାଜଧାନୀରେ ଯେଉଁ କର୍ମଚାରୀ सदर सबरजिस्टार ଦଲିଲମାନ ରେଜିଷ୍ଟ୍ରି କରନ୍ତି—The Subregistrar of deeds stationed at the headquarters of a District; the District Subregistrar. [ଦ୍ର—ଜିଲ୍ଲାର ରାଜଧାନୀରେ ଯେଉଁ ଉଚ୍ଚ ପାହ୍ୟାର କର୍ମଚାରୀ ଜିଲ୍ଲାର ସମସ୍ତ ସବ୍-

ରେଜିଷ୍ଟ୍ରୀ ଅଫିସର କାର୍ଯ୍ୟ ତଦାରଖ କରିବା ପାଇଁ ଓ ସବୁ ସବ୍‌ରେଜିଷ୍ଟ୍ରାର୍‌ମାନଙ୍କ ଅଦେଶ କରୁଥିବେ ଅଫିସ୍ ବୁଝିବା କମନ୍ତେ ନିଯୁକ୍ତ ହୁଅନ୍ତି ତାଙ୍କୁ ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର (District Registrar) ବୋଲାଯାଏ ।]

ସଦର୍ ସବ୍‌ରେଜିଷ୍ଟ୍ରୀ—ବୈଦେ· ବି (ଅ ସଦର ଓ ଇଂ· ରେଜିଷ୍ଟ୍ରେସନ୍)—ଜିଲ୍ଲାର ସ୍ଥଳ-
Sadara sabrejistrī
(ସଦରସବରେଜିଷ୍ଟ୍ରି—ଅନ୍ୟରୂପ) ଧାମାରେ ଥିବା ଦଲିଲମାନ
সদরসবরেজিস্তরি ରେଜିଷ୍ଟ୍ରି କରିବା ଘର—The Regis-
सद्‌रसबरेजिष्ट्री tration office at the head-quarters a district.

ସଦର ସର୍(ର)ବରାକାର—ଦେ· ବି (ପ୍ରାଚୀନ)—ଯେଉଁ ପଦ ଗ୍ରାମରୁ
Sadara sar(ra)barākāra ରାଜସ୍ୱ ଅଦାୟ କରୁଥିବା
সদরতহসিলদার ମଫସଲର ସରବରାକାରମାନଙ୍କଠାରୁ ରାଜସ୍ୱ
सद्‌रतहसिलदार ଅଦାୟ କରି କଚ୍ଛାରୀମାନଙ୍କ ନିକଟରେ
(ସଦର ସର୍ବରାକାର—ଅନ୍ୟରୂପ) ଦାଖଲ କରୁଥିବା ରାଜସ୍ୱ କର୍ମଚାରୀ—The Revenue Officer who used to collect the sums realised by Moffassal Sarbarakars and remit it to the Sadar Treasury.

ସଦର ସିରସ୍ତା—ବୈଦେ· ବି (ଅ· ସଦର ଓ ଫା. ସେରସ୍ତା)—
Sadara sirastā ଜମିଦାରଙ୍କ ସଦର କଚେରୀର କାର୍ଯ୍ୟାଳୟ
সদরসেরেস্তা सद्‌रसिरस्ता ଓ କାଗଜପତ୍ର—The office and accounts kept at the headquarters of a Zamindar.

ସଦର ହାକିମ—ବୈଦେ.ବି—ରାଜଧାନୀର ସଦର ଅଫିସରେ ନିଯୁକ୍ତ ସର୍ବ-
Sadara hākima ପ୍ରଧାନ ହାକିମ—The Officer of
সদরহাকিম सद्‌रहाकिम Head of any department stationed at the headquarters or the capital.

ସଦରି—ଦେ, ବିଣ—ସଦର ବା ରାଜଧାନୀ ସମ୍ବନ୍ଧୀୟ—Relating
Sadari to the headquarters.
(ସଦରିଆ—ଅନ୍ୟରୂପ)
সদরিআ सद्‌रका

ସଦରି କୋରୁଆ—ଦେ· ବି—ମଧ୍ୟପ୍ରଦେଶର ଯାଶପୁରର କୋରୁଆ
Sadari koruā ଜାତିର କଥିତ ଛତିଶଗଡ଼ି ଓ ଲରିଆ ଭାଷାର ରୂପାନ୍ତର—A form of Chhatisigardi or Loriā language spoken by Koruās in Jāspur in C. P.

ସଦରି କୋଲ(ହ୍ଲ)—ଦେ·ବି—ବାମଣ୍ଡାର କୋହ୍ଲ ଜାତୀୟ ଲୋକଙ୍କ କଥିତ
Sadari kola(hla) ମଗାହି ଭାଷାର ରୂପାନ୍ତର—A form of Eastern Magābi dialect spoken by the Kolhas in the Bamra State of the Eastern States Agency.

ସଦର୍ଜନ—ସଂ. ବି—(କର୍ମଧା· ସତ୍+ଅର୍ଜନ)—ସଦୁପାୟ ଦ୍ୱାରା
Sadarjana ଧନାର୍ଜନ—Honest acquisition or earning.

ସଦର୍ଜିତ—ସଂ· ବିଣ—(ସତ୍+ଅର୍ଜିତ)—ସଦୁପାୟ ଦ୍ୱାରା ଅର୍ଜିତ—
Sadarjita Honestly acquired or earned.

ସଦର୍ପ—ସଂ. ବିଣ—(ସହାର୍ଥ ବହୁବ୍ରୀହି ସ=ସହିତ+ଦର୍ପ)—
Sadarpa ଅହଙ୍କାର ଯୁକ୍ତ—Arrogant; full of pride.

ସଦର୍ପରେ—ଦେ. କ୍ରି. ବିଣ (ସଂ. ସଦର୍ପ)—ଦର୍ପ ସହକାରେ—
Sadarpare Arrogantly; with pride.
(ସଦର୍ପେ—ଅନ୍ୟରୂପ)
সদর্পে सदर्पमे

ସଦଳ—ସଂ.ବିଣ—(ସହାର୍ଥ ବହୁବ୍ରୀହି ସ=ସହିତ+ଦଳ)—୧। ପତ୍ରଯୁକ୍ତ
Sadaḷa —1. With leaves attached to it.
୨। ପାଖୁଡ଼ାଯୁକ୍ତ—2. With petals attached.
୩। ଅପଣାର ଗୋଷ୍ଠୀ ସହିତ—3. Accompanied with one's party or retinue.

ସଦଳବଳ—ସଂ. ବିଣ—(ସ=ସହିତ+ଦଳବଳ—ଅପଣାର ଦଳ-
Sadaḷabaḷa ବଳ ସହିତ—Accompanied with one's party and retinue.

ସଦଳସ—ଦେ. ବି—(ସଂ. ସର୍ଜରସ)—ଝୁଣା—
Sadaḷasa Resin.
ধূনা धूपधूना

ସଦଶିଷ୍ୟ—ଦେ. ବି—(ପ୍ରାଚୀନ ପଦ୍ୟ)—(ସଂ· ସତ୍+ଶିଷ୍ୟ)—
Sadaśishya ସୁଶିଷ୍ୟ—Honest disciple. [ଦ୍ର—
সংশিষ্য सद्‌शिष्य ସଦଗୁରୁ ମିଳିଲେ ସେ ସଦଶିଷ୍ୟ ପାଏ —ପ୍ରାଚୀ, ଶ୍ରୀ ସୁବୁଦ୍ଧି ଗୀତା ।]

ସଦସଜ୍ଜ୍ଞାନ—ସଂ. ବି—ସଦସତ୍ ବିବେକ (ଦେଖ)—
Sadasaj-jñāna Sadasat-bibeka (See)
(ସଦସଜ୍ଜ୍ଞ—ବିଣ) (ସଦସଦ୍‌ଜ୍ଞାନ—ଦେ· ରୂପ)

ସଦସତ୍—ସଂ. ବିଣ (ଦ୍ୱନ୍ଦ୍ୱ ସଦସତ୍; ସତ୍+ଅସତ୍)—୧। ସତ୍ ଓ ଅସତ୍; ଭଲ ଓ ମନ୍ଦ—1. Good and bad.
Sadasat
সতঅসত सद्‌सत
୨। (ବେଦାନ୍ତ) ସ୍ଥୂଳ ଓ ସୂକ୍ଷ୍ମ (ବସ୍ତୁ)—2. (Vedānta) Material and etherial. [ଦ୍ର—ଯେଣୁ ଏ ସଦସତ୍ ରୂପ ପ୍ରାଣୀଙ୍କ ହୃଦରେ କଳିତ ।—ଜଗନ୍ନାଥ ଭାଗବତ] ବି—ଭଲ କଥା ଓ ମନ୍ଦକଥା—Good and bad things; thingsgood and bad.

ସଦସଦ୍ ବିଚାର—ସଂ. ବି (ସଦସତ୍+ବିଚାର; ଷଷ୍ଠୀ)—ଉତ୍ତମ ଓ ମନ୍ଦ
Sadasad-bichāra ବସ୍ତୁର ବିଚାର; କଏ ଉତ୍ତମ କଏ ମନ୍ଦ
(ସଦସଦ୍ ବିଚାରକ—ବିଣ) ଏଥିର ବିଚାର—Discrimination between good and evil.

ସଦସଦ୍ ବିବେକ—ସଂ. ବି. (ସଦସତ୍+ବିବେକ)—ସଦସତ୍ ଜ୍ଞାନ; Sadasad-bibeka ଭଲ ମନ୍ଦ ବା ସତ ଓ ଅସତ ସମ୍ବନ୍ଧେ ଜ୍ଞାନ— (ସଦସଦ୍ ବିବେକୀ—ବିଣ. ପୁଂ) Knowledge about or discrimination between good and evil; power of discrimination between good and evil.

ସଦସଦ୍ ବିବେଚନା—ସଂ. ବି (ସଦସତ୍+ବିବେଚନା)—ସଦସତ୍ Sadasad-bibechanā ବିବେକ; ଉତ୍ତମ ଓ ମନ୍ଦ ମଧ୍ୟରେ ପ୍ରଭେଦ (ସଦସଦ୍ ବିବେଚକ—ବିଣ. ପୁଂ) ସମ୍ବନ୍ଧେ ବିଚାର ବା ସିଦ୍ଧାନ୍ତ— Ascertaining what is good and what is evil; discriminating the good from the evil.

ସଦସ୍—ସ. ବି—୧ । ସଦଃ (ଦେଖ)—1. Sadaḥ (See) Sadas ୨ । ସଭା—2. Assembly.

ସଦସ୍ୟ—ସଂ. ବିଣ (ସଦସ୍ =ସଭା+ସ୍ୱାର୍ଥେ. ଯ)—୧ । ସଭା Sadasya ସମ୍ବନ୍ଧୀୟ—1. Relating to an assembly. ୨ । ସାମାଜିକ—2. Social. ସଂ.ବି ପୁଂ (ସଦସ୍+ସାଧୁ ବା କୁଶଳ ଅର୍ଥରେ. ଯ)—୧ । ସଭାସଦ; ସଭାର ସଭ୍ୟ— 1. Member of an assembly or association. ୨ । ଯଜ୍ଞାଦି ସ୍ଥଳରେ ଦର୍ଶକ ବ୍ୟକ୍ତି, ଯଜ୍ଞସ୍ଥଳରେ ଉପସ୍ଥିତ ଯେଉଁ ବ୍ୟକ୍ତି ଯଜ୍ଞର ଅନୁଷ୍ଠାନ କରୁଥିବା ପୁରୋହିତମାନଙ୍କର ଭ୍ରମାଦି ସଂଶୋଧନ କରନ୍ତି— (ସଦସ୍ୟା—ସ୍ତ୍ରୀ) 2. A person whose duty is to point out the mistakes, if any, committed by persons performing Vedic sacrifices.

[ଦ୍ର—ପ୍ରତ୍ୟେକ ଯଜ୍ଞାନୁଷ୍ଠାନରେ ସେତେଷୋଳ ଏ ପୁରୋହିତ ବା ଯାଜକ ନିଯୁକ୍ତ ହୁଅନ୍ତି, ତାଙ୍କ ମଧ୍ୟରୁ ସଦସ୍ୟ ଏକତମ; ଏହାଙ୍କ ନାମାନ୍ତର 'ପ୍ରଶ୍ନକର୍ତ୍ତା' ।'କର୍ତ୍ତା' ହୋମାଦି କରନ୍ତେ, ପୁରୋହିତ ବା 'ହୋତା' ତାଙ୍କୁ ମନ୍ତ୍ରାଦି ବତାଇ ଦେଉଥିବେ ଓ ସାହାଯ୍ୟ କରୁଥିବେ; ଅନ୍ୟ ଜଣେ 'ବ୍ୟକ୍ତି' ପୁସ୍ତକାଗୁର୍ଥ ବା 'ଉଦ୍ଧାରକ' ପୋଥି ଧରି ପୁରୋହିତଙ୍କ ସାହାଯ୍ୟ କରୁଥିବେ । ଅନ୍ୟ ଜଣେ ବ୍ୟକ୍ତି ପ୍ରଶ୍ନକର୍ତ୍ତା ବା 'ସଦସ୍ୟ' ଦେଖୁଥିବେ ଯେ, ବେଦୋକ୍ତ ବିଧି କେଉଁଠାରେ ନ୍ୟୁନାଧିକ ହେଲ, କେଉଁଠାରେ ହୋତା ଓ ଉଦ୍ଧାରକ କଅଣ ଭୁଲି ଗଲେ ।] ଦେ. ବି—ବ୍ରାହ୍ମଣମାନଙ୍କ ବଂଶୋପାଧି ବିଶେଷ— A family-title of Brāhmaṇas. [ଦ୍ର—ଫଳତଃ ଦେଖାଯାଏ ଯେ, ଯେଉଁମାନଙ୍କ କୌଣସି ପୂର୍ବପୁରୁଷ ପୂର୍ବେ ଯଜ୍ଞରେ 'ସଦସ୍ୟ' ରୂପେ ବରିତ ହୋଇ ସେହି ଉପାଧି ପାଇଥିଲେ, ତାଙ୍କର ବଂଶଧରମାନେ ସେହି ସଦସ୍ୟ ଉପାଧି ଆପଣା ନାମ ସଙ୍ଗେ ଅଦ୍ୟାବଧି ରକ୍ଷା କରନ୍ତି; ମାତ୍ର ଦୁଃଖର କଥା, ଏମାନଙ୍କ ମଧ୍ୟରୁ ଅନେକଙ୍କ ପକ୍ଷରେ 'ସଦସ୍ୟ'ର ଅର୍ଥ ଜାଣିବା ଅତି ଦୁରୂହବ୍ୟାପାର ହୋଇଅଛି ।]

ସଦା—ସ. ଅ—(ସର୍ବ+କାଳାର୍ଥେ. ଦା)—୧ । ସର୍ବଦା; ସବୁବେଳେ— Sadā 1. Always. ୨ । ଅବିଶ୍ରାନ୍ତ ରୂପେ—2. Continually. ୩ । ଚିରକାଳ ସକାଶେ— (ସଦାଇ—ଅନ୍ୟରୂପ) सदा **सदा** 3. Perpetually; in perpetuity. ଦେ. ବି—୧ । (ପୁଂ) ସଦାନନ୍ଦ ଓ ସଦାଶିବର ଅନାଦରାର୍ଥକ ଡାକନାମ 1. Name for calling Sadānanda and Sadāśiba in familiarity. ୨ । ସଧା (ଦେଖ)—2. Sadhā (See) ପ୍ରାଦେ. (ଇତର) ବିଣ—ଶାଦା—White.

ସଦା କାଳ—ଦେ. ବି—୧ । ସବୁ ସମୟ—1. All time. ୨ । Sadā kāḷa ଚିରକାଳ—2. Perpetuity. ଦେ. କ୍ରି. (ସଦାକାଳେ—ଅନ୍ୟ କ୍ରି. ବିଣ. ରୂପ) ବିଣ—୧ । ନିତ୍ୟ; ସର୍ବଦା सदाकाल **हमेशा** —1. Always. ୨ । ଚିରକାଳ—ପାଇଁ 2. Perpetually.

ସଦା ଗତି—ସଂ. ବିଣ (ସଦା=ସର୍ବଦା+ଗତି ଯାହାର; ବହୁବ୍ରୀହି)— Sadā gati ସର୍ବଦା ଗତିଶୀଳ—Perpetually moving; सदागति **सदागति** always moving. ସ. ବି—୧ । ବାୟୁ; ପବନ—1. Air. ୨ । ସୂର୍ଯ୍ୟ—2. Sun. ୩ । ଆତ୍ମା— 3. The soul; the spirit. ୪ (ଅବ୍ୟୟୀଭାବ) ମୁକ୍ତି— 4. Freedom. ୫ । ମୋକ୍ଷ—5. Final beatitude. ୬ । (ବହୁବ୍ରୀହି) ପରମେଶ୍ୱର—6. God. ଦେ. ବି— ଅବିଶ୍ରାନ୍ତ ଗମନ—Continual motion. [ଦ୍ର— ବଚନ କୋକିଳ ସଦାଗତି ମେଳ ହୋଇ । ଉଷ୍ଣ- ବୈଦେହୀଶବିଳାସ ।] ଦେ. ବିଣ—ମୁକ୍ତି ବହନକାରୀ— Carrying or causing liberation or final beatitude. [ଦ୍ର—ବହେ ଅଗତି, ବହେ ଯତ୍ନରେ ସଦାଗତି । ଉଷ୍ଣ. ବୈଦେହୀଶବିଳାସ ।]

ସଦାଗର—ବୈଦେ. ବି (ଫା. ସୌଦାଗର୍)—ବଣିକ; ସଉଦାଗର— Sadāgara Trader; merchant. सदागर **सौदागर**

ସଦାଗରି—ବୈଦେ. ବି (ଫା. ସୌଦାଗରୀ)—ସଉଦାଗରି; ବାଣିଜ୍ୟ; Sadāgari ବେପାର—Business of a merchant; सदागरि **सौदागरी** trade; commerce. ବୈଦେ. ବିଣ—ବାଣିଜ୍ୟ ସମ୍ବନ୍ଧୀୟ—Relating to trade.

ସଦାଚରଣ—ସଂ. ବି (କର୍ମଧା; ସତ୍+ଆଚରଣ)—୧ । ସାଧୁ Sadācharaṇa ବ୍ୟବହାର; ଉତ୍ତମ ସ୍ୱଭାବ—1. Good (ଅସଦାଚରଣ—ବିପରୀତ) conduct. ୨ । ଶାନ୍ତ ଓ ଶିଷ୍ଟ ବ୍ୟବହାର—2. Gentle conduct; good behaviour.

ସଦାଚରଣ ଜାମିନ(ନି)—ଦେ. ବି (ସଂ. ସଦାଚରଣ+ଫା. ଜାମିନ୍) Sadācharaṇa jāmin(ni) (ଚଳିତ)—ବିଚାରାଳୟରେ କାହା सदाचरण जामिन ପ୍ରତି ଅଭିଯୋଗ ନ କରି ଶାନ୍ତ ଓ ଶିଷ୍ଟ ଭାବରେ **सदाचरण जामीन** ଚଳିବା ପାଇଁ ଦୁଷ୍ଟ ଓ ଅପରାଧୀ ବ୍ୟକ୍ତିଠାରୁ

ମାଜିଷ୍ଟ୍ରେଟ୍ ଯେଉଁ ଜାମିନ୍ ଗ୍ରହଣ କରନ୍ତି—Bail or security taken by a magistrate from a wicked person to be of good behaviour.

ସଦାଚରଣ ମୁ(ମୋ)ଚ୍ଲକା—ଦେ. ବି (ତତ୍ପୁରୁଷ; ସଂ. ସଦାଚରଣ + ଫା. Sadācharaṇa mu(mo)chālikā ମୁଚଲ୍କା)—ଦୁଷ୍ଟ ବ୍ୟକ୍ତି ସଦାଚରଣ ମୁଚଲିକା ବା ଅପରାଧୀ ଭବିଷ୍ୟତରେ ଦୁଷ୍କାର୍ଯ୍ୟ ସଦାଚରଣ मुचलिका କରିବ ନାହିଁ ବୋଲି ମାଜିଷ୍ଟ୍ରେଟଙ୍କୁ ଦେଲେ ଯେଉଁ ଏକରାରନାମା ଲେଖି ଦିଏ—An agreement or recognisance bond executed by a wicked person before a magistrate to be of good behaviour in future.

ସଦାଚାର—ସଂ. ବି (କର୍ମଧା• ସତ୍=ସାଧୁ+ଆଚାର)—୧ । ସାଧୁ Sadāchāra ବ୍ୟବହାର—1. Good conduct. ୨ । (ଅସଦାଚାର—ବିପରୀତ) ଶାସ୍ତ୍ରବିହିତ ବିଧି ବା ରୀତି—2. Approved usage. ୩ । ଶାସ୍ତ୍ରବିହିତ ଆଚାର—3. Conduct approved or enjoined by the scriptures. ୪ । ଧର୍ମାନୁମୋଦିତ ଆଚରଣ—4. Virtuous course of action. ୫ । ସାଧୁ ବ୍ୟକ୍ତି ଓ ମହାପୁରୁଷମାନଙ୍କ ଅନୁଷ୍ଠିତ ଆଚରଣ—5. The conduct or course of action of good and great men. [ଦ୍ର—ମନୁସଂହିତାରେ ଅଛି ଯେ, ସରସ୍ୱତୀ ଓ ଦୃଷଦ୍ୱତୀ ନାମକ ଦେବନଦୀଦ୍ୱୟର ମଧ୍ୟବର୍ତ୍ତୀ ଦେବନିର୍ମିତ ଦେଶକୁ 'ବ୍ରହ୍ମାବର୍ତ୍ତ' ବୋଲାଯାଏ; ସେହି ଦେଶରେ ପରମ୍ପରାକ୍ରମେ ବର୍ଣ୍ଣମାନଙ୍କର ପାରମ୍ପର୍ଯ୍ୟକ୍ରମାଗତ ଆଚାରକୁ 'ସଦାଚାର' ବୋଲାଯାଏ । ସତ୍ ଅର୍ଥାତ୍ ସାଧୁବ୍ୟକ୍ତିମାନଙ୍କ ଆଚରଣକୁ ସଦାଚାର ବୋଲାଯାଏ । "ମହାଜନୋ ଯେନ ଗତଃ ସ ପନ୍ଥାଃ"; ମହାଜନମାନେ ଯେଉଁ କାର୍ଯ୍ୟମାନ କରି ଯାଇଅଛନ୍ତି, ସେହି ଅନୁସାରେ କରାଯିବା ଆଚରଣକୁ ସଦାଚାର କହନ୍ତି । ଶାସ୍ତ୍ର, ପୁରାଣ ଓ ସଂହିତାରେ ବ୍ରାହ୍ମଣର କର୍ତ୍ତବ୍ୟ ସଦାଚାର, ଗୃହସ୍ଥର କର୍ତ୍ତବ୍ୟ ସଦାଚାର ଆଦି ବର୍ଣ୍ଣିତ ଅଛି । ଯଥା—ବେଦାଧ୍ୟୟନ, ହୋମ, ପୂଜା, ଶ୍ରାଦ୍ଧ, ବୈଶ୍ୱଦେବ, ବଳିଦାନ, ସ୍ନାନ, ଜପାଧ୍ୟାପନ, ଶାରଦୀୟା ଦୁର୍ଗାପୂଜା, ପୃଷ୍ପାଭିଷେକ, ଶ୍ରୀପଞ୍ଚମୀ ପୂଜା, ମୃତବ୍ୟକ୍ତିର ଧନରେ ଉତ୍ତରାଧିକାରିତ୍ୱ, ନିତ୍ୟକର୍ମ, ବ୍ରତ, ଯଜ୍ଞ, ଦଶବିଧ ସଂସ୍କାର, ଶୌଚାଶୌଚ, ଖାଦ୍ୟାଖାଦ୍ୟ, ସ୍ପୃଶ୍ୟାସ୍ପୃଶ୍ୟ, ଅନ୍ତ୍ୟେଷ୍ଟିକ୍ରିୟା, ବର୍ଣ୍ଣାଶ୍ରମଧର୍ମ, କର୍ତ୍ତବ୍ୟାକର୍ତ୍ତବ୍ୟ ଇତ୍ୟାଦି । ମନୁସଂହିତା, କାଳିକାପୁରାଣ—୮୨, ୮୯ ଅଧ୍ୟାୟ, ବାମନପୁରାଣ ୧୪ଶ ଅଧ୍ୟାୟ, ପଦ୍ମପୁରାଣ ସ୍ୱର୍ଗଖଣ୍ଡ, ବିଷ୍ଣୁପୁରାଣର ୧୧ଶ ଅଧ୍ୟାୟ, ମାର୍କଣ୍ଡେୟ ପୁରାଣର ସଦାଚାର ନାମକ ଅଧ୍ୟାୟରେ ସଦାଚାର ବିଶେଷରୂପେ ବର୍ଣ୍ଣିତ ହୋଇଅଛି ।]

ସଦାଚାର ନିରତ—ସଂ. ବିଣ. ପୁଂ (୭ମୀ ତତ୍)—ଯେ ସର୍ବଦା ସଦାଚାରରେ ରତ ହୋଇଥାଏ—Pursuing a virtuous course of action. Sadāchāra nirata

ସଦାଚାର ରତ; ସଦାଚାର ନିଷ୍ଠ, ସଦାଚାର ପରାୟଣ, ସଦାଚାର ଶୀଳ } ଅନ୍ୟରୂପ

ସଦାଚାର ରତା, ସଦାଚାର ନିରତା, ସଦାଚାର-ନିଷ୍ଠା, ସଦାଚାର ପରାୟଣା, ସଦାଚାର ଶୀଳା } ସ୍ତ୍ରୀ

ସଦାଚାର ନିଷ୍ଠା—ସଂ. ବିଣ. ସ୍ତ୍ରୀ (ସଦାଚାରନିଷ୍ଠ+ଆ)—ସଦାଚାର-Sadāchāra nishṭhā ନିଷ୍ଠର ସ୍ତ୍ରୀଲିଙ୍ଗ—The feminine form of Sadāchāra nishṭha ସଂ ବି (ସଦାଚାର +ନିଷ୍ଠା; ୭ମୀ ତତ୍)—ସଦାଚାର ପ୍ରତି ଅନୁରାଗ—Reverence or respect for approved course of conduct.

ସଦାଚାର ବାନ୍—ସଂ. ବିଣ. ପୁଂ (ସଦାଚାର+ଅସ୍ତି ଅର୍ଥରେ ବତ୍; Sadāchāra bān ୧ମା. ୧ବ)—ସଦାଚାରୀ (ଦେଖ) (ସଦାଚାରବତୀ—ସ୍ତ୍ରୀ) Sadāchārī (See)

ସଦାଚାର ବିଗର୍ହିତ—ସଂ. ବିଣ (୩ୟା ତତ୍)—ସଦାଚାରର ପ୍ରତିକୂଳ Sadāchāra bigarhita (କାର୍ଯ୍ୟ)—Opposed to (ସଦାଚାର ବିରୁଦ୍ଧ—ଅନ୍ୟରୂପ) approved usage.

ସଦାଚାର ବିହିତ—ସଂ. ବିଣ (୩ୟା ତତ୍)—ସଦାଚାର ଅନୁସାରେ Sadāchāra bihita କୃତ—Conformable to approved usage or conduct. (ସଦାଚାର ସଙ୍ଗତ, ସଦାଚାର ସମ୍ମତ—ଅନ୍ୟରୂପ)

ସଦାଚାର ବିହୀନ—ସଂ. ବିଣ. ପୁଂ (୩ୟା ତତ୍)—ଯେ ସଦାଚାର Sadāchāra bihīna ପାଳନ କରେ ନାହିଁ—Devoid of (ସଦାଚାର ବିହୀନତା—ବି) virtuous actions. (ସଦାଚାର ରହିତ, ସଦାଚାର ହୀନ—ଅନ୍ୟରୂପ) (ସଦାଚାର ବିହୀନା, ସଦାଚାର ରହିତା, ସଦାଚାର ହୀନା—ସ୍ତ୍ରୀ)

ସଦାଚାର ଭ୍ରଷ୍ଟ—ସଂ. ବିଣ. ପୁଂ (୫ମୀ ତତ୍)—ସଦାଚାରରୁ ସ୍ଖଳିତ; Sadāchāra bhrashṭa ଯେଉଁ ବ୍ୟକ୍ତି ସଦାଚରଣ ତ୍ୟାଗ (ସଦାଚାର ଭ୍ରଷ୍ଟା—ସ୍ତ୍ରୀ) କରିଅଛି—One who has deviated from virtuous line of conduct.

ସଦାଚାରୀ—ସଂ. ବିଣ. ପୁଂ (ସଦାଚାର+ଅସ୍ତି ଅର୍ଥରେ ଇନ୍; ୧ମା. Sadāchārī ୧ବ)—ଯେ ସଦାଚାର ବା ସାଧୁ ଆଚରଣ କରେ— (ସଦାଚାରିଣୀ—ସ୍ତ୍ରୀ) Practising or following a virtuous course of action.

ସଦା ଜଏ(ୟେ)—ଗ୍ରା. ବିଣ—ସର୍ବଦା ଜୟଯୁକ୍ତ—Always victorious. ଦେଶ. ବି ଓ ଅ, — ସର୍ବଦା ଜୟ— Sadā jae(ye) सदा जय सदा जय Constant victory. [ଦ୍ର—ଓଡ଼ିଶାର ପ୍ରାଚୀନ ପୋଥିର ଅନ୍ତ୍ୟରେ ଲେଖକମାନେ ଶୁଭକାମନା ରୂପେ ଏ ବାକ୍ୟ ଲେଖିଥିବା ଦେଖାଯାଏ ।]

ସଦା ଜୟ—ଦେ• ବି (ନାମ)—ପ୍ରାଚୀନ ଓଡ଼ିଆ କବି ବିଶେଷ—Sadā jaya सदा जय सदा जय The name of an ancient Oriya poet. [ଦ୍ର—ଏହି କବି ଶାରଳା ସ୍ତୁତି, ମଙ୍ଗଳା ସ୍ତୁତି ଓ କମଳାସ୍ତୁତି ଲେଖିଥିଲେ—ତାରିଣୀ. ଉତ୍କଳ ସାହିତ୍ୟର ଇତିହାସ ।]

ସଦାତନ—ସଂ. ବଣ. ପୁଂ (ସଦା + ଘଟିବା ବା ହେବା ଅର୍ଥରେ ତନ)—
Sadātana ୧। ଚିରସ୍ଥାୟୀ; ନିତ୍ୟ; ସନାତନ—1. Permanent; perpetual; eternal.
(ସଦାତନୀ—ସ୍ତ୍ରୀ) ୨। ଅବିଶ୍ରାନ୍ତ—2. Continual; incessant. ସଂ. ବି—ବିଷ୍ଣୁଙ୍କର ଏକ ନାମ—An epithet of Bishnu.

ସଦା ତୋୟା—ସଂ. ବି. ସ୍ତ୍ରୀ (ସଦାତୋୟ + ସ୍ତ୍ରୀ. ଆ)—୧। ରାସ୍ନା
Sadā toyā (ଦେଖ)—1. Rāsnā (See). ୨। ସଦା ନୀରା (ଦେଖ)—2. Sadā nirā (See)

ସଦାତ୍ମା—ସଂ. ବଣ. ପୁଂ (ବହୁବ୍ରୀହି; ସତ୍ ଅଟେ ଅନ୍ତଃ=ଆତ୍ମା
Sadātmā ଯାହାର; ୧ମା. ୧ବ)—ସାଧୁ; ସଚ୍ଚରିତ୍ରଲକ୍ଷଣ—Having a good or noble heart.

ସଦା ଦାନ—ସଂ. ବି (ବହୁବ୍ରୀହି; ସଦା=ସର୍ବଦା + ଦାନ=ମଦବାରି
Sadā dāna ବହେ ଯାହାଠାରୁ)—୧। ମତ୍ତହସ୍ତୀ—1. An infuriated elephant; an elephant in his ruts. ୨। ଐରାବତ ହସ୍ତୀ—2. Indra's elephant. ୩। ଗଣେଶ—3. The elephant-headed son of Śiba. ୪। (ଅବ୍ୟୟୀଭାବ; ସଦା + ଦାନ) ସଦାବ୍ରତ; ଖଇରାତ—4. Charity; distribution of alms.

ସଦା ଦିନ(ନେ)—ଦେ. କ୍ରି. ବଣ—୧। ସବୁଦିନେ—1. Every
Sadā dina(ne) day. ୨। ସବୁ ସମୟରେ—2. Al-
সব দিন ways. [ଦୃ—ଦିନ୍ତୁ ମୋ ଜୀବନ ଦିନ୍ତୁ ଠାକୁର,
सबरोज ଦିନ୍ତୁ ହୃଦରେ ସଦା ଦିନେ ଘର—ପ୍ରାଚୀ. ଅରଚେଗୀତା]

ସଦାନନ୍ଦ—ସଂ. ବଣ. ପୁଂ (ସଦା=ସର୍ବଦା + ଆନନ୍ଦ ଯାହାର;
Sadānanda ବହୁବ୍ରୀହି)—ନିତ୍ୟ ହର୍ଷଯୁକ୍ତ—Always
(ସଦାନନ୍ଦା—ସ୍ତ୍ରୀ) merry; perpetually joyful. ସଂ. ବି—୧। ବିଷ୍ଣୁ—1. Lord Bishnu. ୨। ଶିବ; ମହାଦେବ—2. Lord Śiba. ୩। ବ୍ରହ୍ମ; ପରମାତ୍ମା—3. The Divine Soul pervading the
সদানন্দ Universe. ଦେ. ବି. ପୁଂ—ପୁରୁଷଙ୍କ ନାମ—
सदानन्द A name of males.

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—ଦେ. ବି (ନାମ)—୧୮ଶ ଶତାବ୍ଦୀର
Sadānanda kabisūrjya brahmā ଶେଷ ଭାଗର ଗଡ଼ଜାତ ନୟାଗଡ଼ର କର୍ଣ୍ଣିକ ବ୍ରାହ୍ମଣ ବୈଷ୍ଣବ କବି—A Brahmana and Baishnaba poet of Nayāgarda state of 18th century A. D. [ଦ୍ର—ଏ 'ନାମଚିନ୍ତାମଣି', 'ପ୍ରେମତରଙ୍ଗିଣୀ' ଓ 'ପ୍ରେମଲହରୀ' ପ୍ରଭୃତି ଗ୍ରନ୍ଥର ପ୍ରଣେତା—ଜଗନ୍ନାଥଙ୍କ ପ୍ରାଚୀନ ଭକ୍ତ।]

ସଦାନନ୍ଦ ସଉଦାଗର—ଦେ. ବି. (ନାମ)—ସତ୍ୟପୀର ପାଲାରେ ବର୍ଣ୍ଣିତ
Sadānanda saudāgara ସଉଦାଗରର ବା ବଣିକ୍ ପୁତ୍ରର
(ସଦାନନ୍ଦ ସୌଦାଗର—ଅନ୍ୟରୂପ) ନାମ—Name of a
সদানন্দ সোদাগর trader mentioned in one of
सदानन्द सौदागर the 'Satya Pira Pālā' songs.

ସଦାନନ୍ଦ ହୃଦୟ—ସ. ବଣ. ପୁଂ (ବହୁବ୍ରୀହି; ସଦାନନ୍ଦ ଅଟେ ହୃଦୟ
Sadānanda hrudaya ଯାହାର)—ସର୍ବଦା ଆନନ୍ଦମୟ;
(ସଦାନନ୍ଦ ହୃଦୟା—ସ୍ତ୍ରୀ) ସବୁବେଳେ ପ୍ରଫୁଲ୍ଲ ଚିତ୍ତ—Always joyful; always merry.

ସଦାନର୍ତ୍ତ—ସ. ବି (ସଦା=ସବୁବେଳେ + ନର୍ତ୍ତ=ନର୍ତ୍ତକ)—
Sadānartta ଖଞ୍ଜନପକ୍ଷୀ; ଭଲଭଦ୍ର ଚଢ଼େଇ—The blue wagtail (bird) ସ. ବଣ. ପୁଂ—ସର୍ବଦା
(ସଦାନର୍ତ୍ତୀ—ସ୍ତ୍ରୀ) ନୃତ୍ୟକାରୀ—Constantly dancing.

ସଦାନୀରା—ସଂ. ବି (ବହୁବ୍ରୀହି; ସଦା=ସର୍ବଦା + ନୀର=ଜଳ
Sadānirā ଯାହିଁରେ)—ବଙ୍ଗ ଦେଶର କରତୋୟା ନଦୀ;
(ସଦାନୀରବହା—ଅନ୍ୟରୂପ) କରତୋୟା (ଦେଖ)—Karatoyā. (See) [ଦ୍ର—ପୁରାଣ ମତରେ ସବୁ ନଦୀ ଶ୍ରାବଣ ମାସରେ ରଜସ୍ୱଳା ହୁଅନ୍ତି; କିନ୍ତୁ ଏ ନଦୀ ରଜସ୍ୱଳା ହୁଏ ନାହିଁ।]

ସଦାନୁଗତ—ସଂ. ବଣ. ପୁଂ—ସର୍ବଦା ଅଧୀନ (ବ୍ୟକ୍ତି)—
Sadānugata Always subservient (person).
(ସଦନୁଗତା—ସ୍ତ୍ରୀ) (ସଦାନୁଗତ୍ୟ—ବି)

ସଦାପୁଷ୍ପ—ସଂ. ବି (ବହୁବ୍ରୀହି; ସଦା=ସବୁ ଋତୁରେ ପୁଷ୍ପ ଫୁଟେ
Sadāpushpa ଯାହାର; ସର୍ବଦା ପୁଷ୍ପଯୁକ୍ତ)—୧। ନାରିକେଳ ବୃକ୍ଷ; ନଡ଼ିଆଗଛ—1. Cocoanut tree. ୨। ଧଳା ଅର୍କ ଗଛ—2. The white variety of Calotropis Gigantea plant. ସଂ. ବଣ. ପୁଂ—
(ସଦାପୁଷ୍ପା—ସ୍ତ୍ରୀ) ସର୍ବଦା ପୁଷ୍ପଯୁକ୍ତ (ବୃକ୍ଷଲତାଦି); ସବୁ ଋତୁରେ ଯାହିଁର ଫୁଲ ଫୁଟେ—Flowering in all the seasons of the year.

ସଦାପୁଷ୍ପୀ—ସଂ. ବି (ସଦା ପୁଷ୍ପ + ଇନ୍. ଇନ୍; ୧ମା. ୧ବ)—ରକ୍ତାର୍କ
Sadāpushpi ବୃକ୍ଷ; ନାଲି ଅରଖ ଗଛ (ରତ୍ନମାଳା)—The red variety of Calotropis Gigantea plant.

ସଦାପ୍ରଭୁ—ଦେ. ବି (ଖ୍ରୀଷ୍ଟିୟାନ ଧର୍ମପ୍ରଚାରକମାନଙ୍କ ବାଇବଲ
Sadāprabhu ଅନୁବାଦ ଆଦିରେ ବ୍ୟବହୃତ ପଦ)—
সদাপ্রভু सदाप्रभु ପରମେଶ୍ୱର; ସନାତନ ପ୍ରଭୁ—The Eternal God.

ସଦା ପ୍ରସୂନ—ସଂ, ବଣ (ବୈଦ୍ୟକ)—(ବହୁବ୍ରୀହି, ସଦା=ସର୍ବଦା +
Sadā prasūna ପ୍ରସୂନ=ପୁଷ୍ପ ଯାହାର)—ସର୍ବଦା ପୁଷ୍ପଯୁକ୍ତ
(ସଦାପ୍ରସୂନା—ସ୍ତ୍ରୀ) (ବୃକ୍ଷ)—Always flowering. ସଂ. ବି—୧। ରୋହିତକ ବୃକ୍ଷ; ରୁଅମ ଗଛ—1. A timber tree; Indian redwood. ୨। ଅର୍କ ଗଛ—2. Calotropis Gigantea. ୩। କୁନ୍ଦ ଗୁଳ୍ମ (ବନ ଚମ୍ପକ)—3. A flowering shrub; Jasminum Multiflorum.

ସଦାଫଳ—ସଂ. ଏଣ. ସ୍ତ୍ର (ବହୁବ୍ରୀହି; ସଦା—ସବୁ ଋତୁରେ ଫଳ Sadāphala ହୁଏ ଯାହାର)—ସବୁ ଋତୁରେ ଫଳ ଧରୁଥିବା (ସଦାଫଳା—ସ୍ତ୍ରୀ) (ବୃକ୍ଷ)—(Tree) Bearing fruit in all seasons. ସଂ. ବି—୧ । ନାରିକେଳ; ନଡ଼ିଆ (ମେଦିନୀ)—1. Cocoanut. ୨ । ଉଡ଼ୁମ୍ବର (ମେଦିନୀ) —2. Fig. ୩ । ବେଲ୍; ବେଲ (ଜଟାଧର)— 3. Marmalos fruit and tree.

ସଦାଫଳା—ସଂ. ବି (ସଦାଫଳ+ଆ)—୧ । ନିଷ୍ପକ୍ଷପୁଷ୍ପ; ଏକ Sadā phalā ପ୍ରକାର ବାଇଗଣ, ଲମ୍ବା ବାଇଗଣ— ଅନ୍ୟ ସଂସ୍କୃତ ନାମ—1. A variety of brinjal; Sola- ଲୁଣୀ. ଲୁଖ୍ୟା, num Melonga—variety Escul- ବୃନ୍ତାକଫଳକା ents. [ଏହି ବାଇଗଣ ଲମ୍ବା, ବଡ଼ ସଦ୍ଦା বেগুন, কুলী বেগুন ଓ ଗାଢ଼ ରକ୍ତବର୍ଣ୍ଣ । ଏ ବାଇଗଣଗଛ দঁকো বেগুন, শিং খাবেগুন ସବୁ ଋତୁରେ ଫଳେ । ଏହା लम्बा बैगन ତ୍ରିଦୋଷଘ୍ନୀ, ରକ୍ତ ପିତ୍ତ ପ୍ରସାଦନୀ; ତଣ୍ଡା କଫ୍ଫୁଜ୍ଞା ।—ରାଜନିଘଣ୍ଟୁ] ୨ । ବୃହତୀ; ଭେଜ ବାଇଗଣ— 2. S olanum Indicum. ୩ । ଏକପ୍ରକାର ଫୁଲ— फगुनियाँ 3. A kind of flower. [ତୁ—ଏହା ନାଲି, ଅନ୍ୟ ସଂସ୍କୃତ ନାମ—ସାନ୍ଧ୍ୟକୁ- ସୁମା, ସନ୍ଧ୍ୟକଲୀ, ନିଷ୍ଫଳକୁସୁମା, ଦାଣ୍ଡା, ସୁକୁମାର, ସନ୍ଧ୍ୟା } ଧଳା ଓ କଳା ଭେଦରେ ତିନି ପ୍ରକାର । ବୈଦ୍ୟକମତରେ ଏହା ଭୂତବାଧକ ଏବଂ କଫ, ଜାଣ ଓ ତ୍ରିଦୋଷର ନାଶକ ।]

ସଦାବର୍ତ୍ତ—ଦେ. ବି. (ସଂ. ସଦାବ୍ରତ)—୧ । ସର୍ବଦା ଦାନ— Sadābartta 1. Constant bestowal of gifts. सदाव्रत, सदावर्त ୨ । ଛତ୍ରସତ୍ର—2. Giving of doles; charitable distribution of rice etc. ୩ । କଙ୍ଗାଳି, ଫକୀର ଓ ବୈରାଗୀମାନଙ୍କୁ ଆଶ୍ରୟ, ଭୋଜନ ଓ ଦାନ ଦେବାରୂପ ପୁଣ୍ୟ କର୍ମ—3. Pious act of giving shelter, food and alms to the poor, the beggars and mendicants;charities.

ସଦାବର୍ତ୍ତ (ର୍ତ୍ତି)ଦେବା—ଦେ. କ୍ରି.—ଭୋଜନ ଛତ୍ରସତ୍ର ଦେବା— Sadābart ta(rtti)debā To distribute food, सदाव्रत करना shelter, money and alms; charitably. सदावर्त देना

ସଦାବର୍ତ୍ତ (ର୍ତ୍ତି) ମଠ—ଦେ. ବି.—ଛତ୍ରସତ୍ର ମଠ; ଯେଉଁ ମଠରେ Sadābartta(rtti)matha ଅଭ୍ୟାଗତ ଅତିଥି ଓ ବୈରାଗୀ- सदाव्रतीमठ; सदावर्त मठ ମାନଙ୍କୁ ଆଶ୍ରୟ ଓ ଭୋଜନାଦି ଦେବା ନିମନ୍ତେ ସମ୍ପତ୍ତି ରହିଥାଏ—Charitable endowments.

ସଦାବର୍ତ୍ତ (ର୍ତ୍ତି) ସମ୍ପତ୍ତି—ଦେ.ବି.—ଯେଉଁ ସମ୍ପତ୍ତିର ଆୟ ଅଭ୍ୟାଗତ- Sadābartta(rtti) sampatti ମାନଙ୍କ ଭୋଜନାର୍ଥ ରଖା सदाव्रत सम्पत्ति,खयरातिसम्पत्ति ଯାଇଥାଏ—Property सदावर्त सम्पति endowed for charitable purposes; [ସଦାବ୍ରତ(ତ୍ତ) ସମ୍ପତ୍ତି—ଅନୁବାଦ] charitable endowment.

ସଦାବର୍ତ୍ତି—ଦେ. ବି.—ସର୍ବଦା କଙ୍ଗାଳି, ଯୋଗୀ,ଫକୀର ଓ ବୈରାଗୀ Sadābartti ମାନଙ୍କୁ ଛତ୍ରସତ୍ର ଦେବାରୂପ ଧର୍ମକାର୍ଯ୍ୟ— সদাব্রতী Pious act of giving shelter, food and सदावर्त alms to the poor and beggars and mendicants. ଦେ. ବିଣ.—ସଦାବ୍ରତ ସମ୍ବନ୍ଧୀୟ— সদাব্রতী, सदावर्ती Relating to charities;charitable.

ସଦାବର୍ତ୍ତିଆ—ଦେ. ବିଣ.—୧ । ସଦାବର୍ତ୍ତ ସମ୍ବନ୍ଧୀୟ—1. Rela- Sadābarttia সদাব্রতী; सदावर्ती ting to chari- সদাব্রতগ্রাহী, सदावर्तलेनेवाला ties. ୨ । ଛତ୍ରସତ୍ରଖିଆ; ଯେଉଁମାନେ ଅନ୍ୟଠାରୁ ଆଶ୍ରୟ, ଖାଦ୍ୟ ଓ ଟଙ୍କା ଗ୍ରହଣ କରନ୍ତି—2. Living on the charitable gifts from others.

ସଦା ବି(ବେ)ହାରୀ—ଦେ. ବି (ସଂ. ସଦା+ବିହାରୀ; ଏହା ସବୁ Sadā bi(behāri ଋତୁରେ ଫୁଟେ)—ଅର୍ଦ୍ଧବିକାଶ ଫୁଲ ଓ ফিকা টগর, সদাইস্থখী ଗୁଳ୍ମ—Myrtle; periwinkle. सदाबहार Vinca Minor; Vinca Alba and ଫା—ଗୁଲ୍-ଇ-ଫରଙ୍ଗ Vinca Rosea. [ତୁ— (ସଂସ୍କୃତ ନାମ—ଫିରଙ୍ଗୀଗଡର) ଏହି ଗୁଳ୍ମ ଦେଢ଼ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏହାର ଫୁଲ ଧଳା ଓ ଫିକା ନାଲି ଭେଦରେ ଦୁଇ ଜାତିର ଦେଖାଯାଏ । ଏହି ଗଛରୁ ଅନେକଗୁଡ଼ିଏ ଶାଖା ବାହାରେ । ସବୁ ଋତୁରେ ଏଥିରେ ଫୁଲ ଫୁଟେ । ପ୍ରତି ଫୁଲରୁ ତୁଳନ୍ତି ଲେଖାଏଁ ଫୁଲ ହୁଏ । ପ୍ରତି ଫୁଲରେ ପୁଣେହି ଲେଖାଏଁ ପାଖୁଡ଼ା ଥାଏ । ଏହି ଫୁଲର କୌଣସି ଗନ୍ଧ ନାହିଁ ।]

ସଦା ବେଳ—ଦେ. ବି. (ଅଶୁଦ୍ଧ ପ୍ରୟୋଗ)—ସବୁ କାଳ; ସଦାକାଳ— Sadā bela सर्वदा हमेशा All time.

ସଦାବେଳେ—ଦେ. କ୍ରି. ବିଣ—ସର୍ବଦା; ସବୁ ସମୟରେ— Sadābele Always; at all times. [ଉ—ଶୁଚିବନ୍ତ सर्वदाइ हमेशा ହୋଇ କରି ସଦାବେଳେ ଥିବ । ପ୍ରାଚୀ. ଶ୍ରୀମଦ୍ଭଗବଦ୍ ଗୀତା ।]

ସଦାବ୍ରତ—ସଂ. ବି (ସଦା=ସର୍ବଦା+ବ୍ରତ=ପୁଣ୍ୟକାର୍ଯ୍ୟ)— Sadābrata ୧ । ଅନ୍ନସତ୍ର—1. Charitable distribution of cooked rice to the needy. ୨ । ସଦାବର୍ତ୍ତ; ସଦାଦାନ; ଛତ୍ରସତ୍ର—2. Charitable distribution of rice and food and alms and giving shelter.

ସଦାବ୍ରତି—ଦେ. ବି. ଓ ବିଣ—ସଦାବର୍ତ୍ତି (ଦେଖ) Sadābrati Sadābartti. (See)

ସଦାବ୍ରତିଆ—ଦେ. ବିଣ—ସଦାବର୍ତ୍ତିଆ (ଦେଖ) Sadābratiā Sadābarttiā (See)

ସଦାଭଦ୍ରା—ସଂ. ବି—ଗମ୍ଭାରି ଗଛ (ଶବ୍ଦ ରତ୍ନମାଳା) (ଦେଖ) Sadābhadrā Gambhāri (tree), (See)

ସଦାଭବ—ସଂ. ବଣ (ସଦା+ଭୂ ଧାତୁ=ହେବା+କର୍ତ୍ତୃ ଅ)—
Sadābhaba ସଦାତନ (ଦେଖ)—Sadātana. (See)
(ସଦାଭବା—ସ୍ତ୍ରୀ)

ସଦାମୁନି—ସଂ. ବ—ଯେଉଁ ଗୃହସ୍ଥ ସର୍ବଦା ମୁନିବୃତ୍ତି ଅବଲମ୍ବନ କରନ୍ତି
Sadāmuni (ଅର୍ଥାତ୍ ମଦ୍ୟ ଓ ଆମିଷାଦ ଭକ୍ଷଣ ନ କରି, ବ୍ରହ୍ମଚର୍ଯ୍ୟ
(ସଦାଯୋଗୀ—ଅନ୍ୟରୂପ) ଅବଲମ୍ବନ କରନ୍ତି)—A householder who practises abstinence in food, drink and sexual matters; a householder practising continence.

ସଦା ଯୋଗୀ—ସଂ. ବ—୧ । ବିଷ୍ଣୁ (ତ୍ରିକାଣ୍ଡ ଶେଷ)—
Sadā jogī 1. An epithet of Bishṇu.
୨ । ସଦା ମୁନି (ଦେଖ)—2. Sadāmuni (See)

ସଦାର—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଦାର=ପତ୍ନୀ)—
Sadāra ୧ । ସପତ୍ନୀକ—1. Accompanied with or joined by one's wife. ୨ । ଯାହାର ସ୍ତ୍ରୀ ଜୀବିତା—2. Having one's wife living.

ସଦାଲାପ—ସଂ. ବ (କର୍ମଧା; ସତ୍+ଆଲାପ)—୧ । ଉତ୍ତମ ବା ଭଦ୍ର
Sadālāpa କଥାବାର୍ତ୍ତା—1. Polite talk; friendly
(ସଦାଲାପୀ—ବଣ ପୁଂ) conversation. ୨ । ସତ୍କଥା (ଦେଖ)—
(ସଦାଲାପିନୀ—ବଣ. ସ୍ତ୍ରୀ) 2. Sat-kathā. (See)

ସଦାଶଙ୍କିତ—ସଂ. ବଣ, ପୁ—ନିତ୍ୟ ଶଙ୍କାଯୁକ୍ତ—
Sadā śankita Always apprehensive.
[ସଦା ଶଙ୍କିତା—ସ୍ତ୍ରୀ]

ସଦାଶୟ—ସଂ. ବଣ. ପୁଂ (ବହୁବ୍ରୀହି; ସତ୍ ଅଛେ ଆଶୟ=ଚିତ୍ତ
Sadāśaya ଯାହାର)—ମହାଶୟ; ସହୃଦୟ; ଉଦାରଚେତାଃ—
(ସଦାଶୟା—ସ୍ତ୍ରୀ) Magnanimous; noble-minded;
[ସଦାଶୟତା—ବ] high-minded.

ସଦାଶିବ—ସଂ. ବ (ସଦା=ସର୍ବଦା+ଶିବ=ଶୁଭଦ)—ମହାଦେବ;
Sadāśiba ଶିବ—Śiba. ଦେ. ବ. ପୁଂ—ଲୋକଙ୍କ ନାମ—
सदाशिव সদাশিব A name of males.

ସଦାଶିବ ବିଦ୍ୟାଭୂଷଣ—ଦେ. ବ (ନାମ)—ଗଞ୍ଜାମ ବ୍ରହ୍ମପୁରବାସୀ
Sadāśiba bidyābhūshaṇa ସ୍ୱର୍ଗୀୟ ଉତ୍କଳୀୟ ବ୍ରାହ୍ମଣ ପଣ୍ଡିତ—A late Oriya Brahmin Pandit of Berhampur of Ganjam district.
[ବି—୧୮୬୨ ଖ୍ରୀଷ୍ଟାବ୍ଦରେ ଏହାଙ୍କର ଜନ୍ମ ଏବଂ ୧୯୩୦ ଖ୍ରୀଷ୍ଟାବ୍ଦରେ ପରଲୋକପ୍ରାପ୍ତି । ଏ ମାମୁଁଘରେ ବ୍ରହ୍ମପୁରଠାରେ ଜନ୍ମଗ୍ରହଣ କରି ମାମୁଁଙ୍କର ପୋଷ୍ୟପୁତ୍ର ହୋଇଥିଲେ । ଏହାଙ୍କ ଜନ୍ମଦାତା ପିତା ନାରାୟଣ ମିଶ୍ର ଅନ୍ଧ୍ର ପ୍ରଦେଶର ପାଲକୋଣ୍ଡା ରାଜ୍ୟବାସୀ ଥିଲେ । ଏହାଙ୍କ ମାତା ଅନ୍ନପୂର୍ଣ୍ଣା ସଂସ୍କୃତ, ଓଡ଼ିଆ ଓ ତେଲୁଗୁ ଭାଷାରେ ସୁପଣ୍ଡିତା ଥିଲେ । ଏହାଙ୍କ ପାଳକ ପିତା (ମାତୁଳ) ଚନ୍ଦ୍ରଶେଖର ରାୟଗୁରୁ ଟିକଲୀ ରାଜାଙ୍କ ସଭା-ପଣ୍ଡିତ ଥିଲେ । ବ୍ରହ୍ମପୁର କଲ୍ଲିକୋଟ୍ ସ୍କୁଲରେ ଏକ ବର୍ଷ ଅଧ୍ୟୟନ କରି କମ୍ ୪ର୍ଥ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବାପରେ ଏହାଙ୍କ ସ୍କୁଲ ଶିକ୍ଷା ସାଙ୍ଗ ହୋଇଥିଲା; କିନ୍ତୁ ଘରେ ବହୁ ଅଧ୍ୟୟନଶୀଳନ କରି ଏ କାବ୍ୟ, ନାଟକ, ସଙ୍ଗୀତ, ବ୍ୟାକରଣ ଆଦିରେ ପାଣ୍ଡିତ୍ୟ ଲାଭ କରିଥିଲେ । ଉତ୍କଳ ଭାଷା, ଉତ୍କଳ ସାହିତ୍ୟ ଓ ଉତ୍କଳୀୟ ସଙ୍ଗୀତ ଚର୍ଚ୍ଚାରେ ଆପଣାକୁ ନିୟୋଜିତ କରି ତାହାଙ୍କର ଉନ୍ନତିର ଓଡ଼ିଶା ସଙ୍ଗେ ଗଞ୍ଜାମର ମିଶ୍ରଣ ସମ୍ବନ୍ଧେ ଏ ସବିଶେଷ ଚେଷ୍ଟା କରିଥିଲେ । ଏ ଗଞ୍ଜାମସ୍ଥ ଟିକଲୀ ରାଜ୍ୟର ରାଜା ରାଧାମୋହନ ରାଜେନ୍ଦ୍ର ଦେବଙ୍କ ସଭାପଣ୍ଡିତ ଥାଇ ତାଙ୍କ ଅନେକଗୁଡ଼ିଏ ଓଡ଼ିଆ ନାଟକ ରଚନାରେ ଖୁବ୍ ସହାୟତା କରିଥିଲେ । ଏ ଇଂରାଜୀ, ବଙ୍ଗଳା, ହିନ୍ଦୀ, ତେଲୁଗୁ, ମରହଟ୍ଟୀ, ଗୁଜରାଟୀ, ତାମିଲ ପ୍ରଭୃତି ଭାଷାଭିଜ୍ଞ ଥିଲେ । ତେଲୁଗୁ, ଓଡ଼ିଆ, ବଙ୍ଗଳା, ସଂସ୍କୃତ ଓ ହିନ୍ଦିରେ ଏ ଅତି ସୁନ୍ଦରରୂପେ ବକ୍ତୃତା କରି ପାରୁଥିଲେ । ସଦାଶିବଙ୍କର ଜ୍ଞାନପିପାସା ଅତି ପ୍ରବଳ ଥିଲା । ଏ ବଙ୍ଗ, ବିହାର, ଓଡ଼ିଶା, ମାନ୍ଦ୍ରାଜ, ବମ୍ବେ ଆଦି ସ୍ଥାନ ପୁନଃ ପୁନଃ ପର୍ଯ୍ୟଟନ କରି ନିଜର ଜ୍ଞାନଭଣ୍ଡାର ବଢ଼ାଇଥିଲେ । ରଙ୍ଗମଞ୍ଚ ଓ ରଙ୍ଗଭୂମି ତାଙ୍କର ସବୁଠାରୁ ଅଧିକ ପ୍ରିୟସ୍ଥଳ ଥିଲା । ଏ ତେଲୁଗୁରେ ଓ ସଂସ୍କୃତରେ ଗୁଡ଼ିଏ ସଙ୍ଗୀତ ଓ ନାଟକ ରଚନା କରିଥିଲେ । ବାଲ୍ୟକାଳରୁ ଏହାଙ୍କର ନାଟକ ଅଭିନୟ ଦିଗରେ ସ୍ପୃହା ଥିଲା । ଯୌବନ ବୟସରେ ଏ ବ୍ରହ୍ମପୁରରେ ଗୋଟିଏ ଓଡ଼ିଆ ନାଟକଦଳ ଗଠନ କରିଥିଲେ । ବର୍ତ୍ତମାନ ବ୍ରହ୍ମପୁରରୁ ପ୍ରକାଶିତ 'ଓଡ଼ିଆ' ନାମକ ସାପ୍ତାହିକ ସମ୍ବାଦପତ୍ରର ସମ୍ପାଦକ ପଣ୍ଡିତ ଅନନ୍ତ ଅଗୃର୍ଥି ଏହାଙ୍କ ଭ୍ରାତୃପୁତ୍ର ଅଟନ୍ତି ।]

ସଦାଶିବ ମିଶ୍ର—ଦେ. ବ—(ନାମ)—ପୁରୀ ଜିଲ୍ଲାର ଜଣେକ ସ୍ୱର୍ଗୀୟ
Sadāśiba miśra କୁଳୀନ ବ୍ରାହ୍ମଣ ପଣ୍ଡିତ—Late Pandit Sadāśiba Misra, Brahmin Pandit of Puri district. [ବି—ଓଡ଼ିଶାରେ, ବିଶେଷତଃ ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ମଧ୍ୟରେ ଇଂରାଜୀ ଶିକ୍ଷା ପ୍ରଚଳନ କରାଇବା ପାଇଁ ଏ ବିଶେଷ ଯତ୍ନ କରି ଜିଲ୍ଲାର କର୍ତ୍ତୃପକ୍ଷମାନଙ୍କୁ ସବିଶେଷ ସାହାଯ୍ୟ କରିଥିଲେ । ଏହାଙ୍କ ଚେଷ୍ଟାରେ ପୁରୀଜିଲ୍ଲାର ବ୍ରାହ୍ମଣମାନେ ଆଧୁନିକ ଶିକ୍ଷା ପ୍ରତି ଅଗ୍ରହାନ୍ୱିତ ହୋଇଥିଲେ ।]

ସଦାଶିବ ମିଶ୍ର କାବ୍ୟକଣ୍ଠ(ମହାମହୋପାଧ୍ୟାୟ)—ଦେ. ବ (ନାମ)—
Sadāśiba miśra kābyakaṇṭha (mahāmahopādhyāya) ଓଡ଼ିଶାର ସମ୍ଭାରବାସୀ ଜଣେକ ପ୍ରସିଦ୍ଧ ସ୍ୱର୍ଗୀୟ ବ୍ରାହ୍ମଣ ପଣ୍ଡିତ—The late famous Brahmin Pandit of Orissa. [ବି—ଏ ପୁରୀ ସହରରୁ ପାଞ୍ଚ ମାଇଲ୍ ଦୂରବର୍ତ୍ତୀ ଶାସନ ଦାମୋଦରପୁରରେ ୧୮୫୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ ୭୩ ବର୍ଷ ବୟସରେ ତା ୧୭-୮-୧୯୨୯ ରେ

ଇତ୍ୟାଦି ଲୀଳା ସାଙ୍ଗ କଲେ । ଏ ବାଲ୍ୟକାଳରେ ଗ୍ରାମର ପ୍ରାଇମେରି ବିଦ୍ୟାଳୟରେ ପଢ଼ିସାରି ପୁରୀ ସଂସ୍କୃତ ସ୍କୁଲରେ ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୮୮୯ ଖ୍ରୀଷ୍ଟାବ୍ଦରେ ଶିକ୍ଷାବିଭାଗର ଅଧୀନତାରେ ସରକାରୀ ଚାକିରୀ ଗ୍ରହଣ କରି ପୁରୀ ଇଷ୍ଟାସ୍କୁଲର ହେଡ୍ ପଣ୍ଡିତ କାର୍ଯ୍ୟରେ ରହିଲେ । ଏହି କାର୍ଯ୍ୟରେ ସୁଦୀର୍ଘ ୩୫ ବର୍ଷ କାଳ ରହି ଏ ଖୁବ୍ ସୁନାମ ଅର୍ଜନ କରିଥିଲେ । ୧୯୦୯ ରେ ଏ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ ହୋଇଥିଲେ । ଏହାଛଡ଼ା ଭାରତ ଧର୍ମମହାମଣ୍ଡଳ ଆଦି ସଭା ତାଙ୍କୁ 'ସତ୍ୟୋପଦେଶକ', 'ବିଦ୍ୟାଭୂଷଣ' ଓ 'ଉତ୍କଳ ଭୂଷଣ' ଉପାଧିମାନ ଦେଇଥିଲେ ।

ଏ ଉତ୍କଳରେ ଶିକ୍ଷା ବିସ୍ତାର ଓ ବ୍ରାହ୍ମଣସମାଜର ଉନ୍ନତି ପାଇଁ ନାନା ଦେଶହିତକର ଅନୁଷ୍ଠାନରେ ଉଦ୍ୟୋକ୍ତା ରୂପେ ନିଜର ବହୁ ସମୟ ବିନିଯୋଗ କରିଥିଲେ । ଉତ୍କଳ ବ୍ରାହ୍ମଣ ସମିତି, ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା, ପୁରୀର କର୍ମକାଣ୍ଡ ବେଦ-ବିଦ୍ୟାଳୟ ଓ ଚନ୍ଦ୍ରଶେଖର ହାଇ-ଏହାଙ୍କ ପ୍ରତିଷ୍ଠାନମାନଙ୍କ ମଧ୍ୟରେ ପ୍ରଧାନ । ଏ ନିଜ ଗ୍ରାମରେ ଗୋଟିଏ ମାଇନର୍ ସ୍କୁଲ ବସାଇଥିଲେ । ଏହା ଛଡ଼ା ଏ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭାପତି, ବଙ୍ଗଳା ଏସିଆଟିକ୍ ସୋସାଇଟିର ସଦସ୍ୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଦସ୍ୟ, ବିହାର ଓଡ଼ିଶା ସଂସ୍କୃତ କାଉନ୍‌ସିଲ୍‌ର ମେମ୍ବର, ପାଟଣା ବିଶ୍ୱବିଦ୍ୟାଳୟର ସିନେଟ୍‌ର ମେମ୍ବର, ମଥୁରାର ବ୍ରଜମଣ୍ଡଳର ସଂସ୍କୃତ ବିଶ୍ୱବିଦ୍ୟାଳୟର ଗୁନ୍‌ସେଲର୍ ଏବଂ ପାଟଣା ଓ ବଙ୍ଗଳା ବିଶ୍ୱବିଦ୍ୟାଳୟମାନଙ୍କର ସଂସ୍କୃତ ପରୀକ୍ଷକ ଥିଲେ । ଏ ସଂସ୍କୃତ ଶିକ୍ଷା ସମ୍ବନ୍ଧୀୟ ଭାରତୀୟ ଅଧିକାଂଶ ଅନୁଷ୍ଠାନ ଓ ସଭା ସମିତିମାନଙ୍କ ସଙ୍ଗେ ସଂପୃକ୍ତ ଥିଲେ । ଏହାଙ୍କ ସମୟରେହିଁ ମୁକ୍ତିମଣ୍ଡପ ପଣ୍ଡିତ ସଭା ତରଫରୁ ବିହାରର ଲାଟ୍ ସର୍ ଏଡ୍‌ୱାର୍ଡ୍ ଗେଟ୍, କେ. ଏସ୍. ମାକ୍‌ଡୋନାଲ୍‌ଡ୍, ସୋନପୁରର ସ୍ୱର୍ଗତ ମହାରାଜ ଆଦିଙ୍କୁ ସମ୍ମାନସୂଚକ ଉପାଧିମାନ ପ୍ରଦତ୍ତ ହୋଇଥିଲା ।

ଏ ଉତ୍କଳପ୍ରଚଳିତ ସ୍ମୃତି ଶାସ୍ତ୍ରମାନଙ୍କରୁ ସାର ସଂଗ୍ରହ କରି 'କଲ୍ୟାପଦ୍ମ ସର୍ବସ୍ୱ' ନାମକ ଗୋଟିଏ ପ୍ରକାଣ୍ଡ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ଏହା ଛଡ଼ା ପୁରୁଷୋତ୍ତମ କ୍ଷେତ୍ର ତତ୍ତ୍ୱ, ଭାରତୀୟ ଆର୍ଯ୍ୟ ଦର୍ଶନ, ଜଗନ୍ନାଥ ମନ୍ଦିର, ବ୍ୟାକରଣାନୁଶୀଳନୀ, ମହାଷ୍ଟମୀ ବ୍ୟବସ୍ଥା ଆଦି ଗ୍ରନ୍ଥମାନ ମଧ୍ୟ ଏହାଙ୍କ ରଚନା ।

ସୋନପୁରର ସ୍ୱର୍ଗୀୟ ମହାରାଜ ସର ବୀରମିତ୍ରୋଦୟ ସିଂହ ଦେବ ଧର୍ମନିଧି ଜ୍ଞାନଗୁଣାକର K. C. I. E. ଙ୍କ ଅର୍ଥ ସାହାଯ୍ୟରେ ଏ କେତେ ଖଣ୍ଡ ସଂସ୍କୃତ ଗ୍ରନ୍ଥର ମୁଦ୍ରଣ କରାଇଥିଲେ ।

ଏ ସର୍ବଦା ଦେଶର ସାଧାରଣ କାର୍ଯ୍ୟରେ ପରିଶ୍ରମ କରୁଥିଲେ ଏବଂ ନିଜେ ଜଣେ ନୈଷ୍ଠିକ ବ୍ରାହ୍ମଣ ଥାଇ ମଧ୍ୟ ହିନ୍ଦୁ ସମାଜରେ ସମୟୋଚିତ ସଂସ୍କାରର ପକ୍ଷପାତୀ ଥିଲେ । ଏ ଇଂରାଜୀ ପଢ଼ି ନ ଥିଲେ; କିନ୍ତୁ ଆଧୁନିକ ସମାଜରେ ପ୍ରବର୍ତ୍ତିତ ବିଧବାବିବାହ, ସମୁଦ୍ରଯାତ୍ରା ଆଦି ସମ୍ବନ୍ଧରେ ଏହାଙ୍କ ମତ ସମସ୍ତ ରକ୍ଷଣଶୀଳ ପଣ୍ଡିତମାନଙ୍କ ମତ ଅପେକ୍ଷା ଉଦାରତର ଥିଲା । ଧର୍ମ, ସାହିତ୍ୟ ଓ ସମାଜ ସମ୍ବନ୍ଧୀୟ ଏହାଙ୍କର ବହୁ ପ୍ରବନ୍ଧ ସାମୟିକ ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା । ସରକାର ଭୁବନେଶ୍ୱର ମନ୍ଦିର ମରାମତି କାର୍ଯ୍ୟର ଭାର ଗ୍ରହଣ କରିବା ପୂର୍ବରୁ ଏ ସାଧାରଣ ଚାନ୍ଦାଦ୍ୱାରା ଉକ୍ତ ମନ୍ଦିରର ମରାମତି କାର୍ଯ୍ୟର ସୂତ୍ରପାତ କରିଥିଲେ । ଏହିରୂପେ ତାଙ୍କର ସମଗ୍ରଜୀବନ ସାମାଜିକ ନାନା କର୍ମକାଳରେ ସତତ ବିଜଡ଼ିତ ଥିଲା । ପୁରୀରେ ଏହାଙ୍କ ବିୟୋଗଜନିତ ଅଭାବ ଗତ ୧୦ ବର୍ଷ ମଧ୍ୟରେ ପୂର୍ଣ୍ଣ ହୋଇ ପାରି ନାହିଁ ।]

ସଦାଶ୍ରିତ—ସଂ. ବଣ. ପୁଂ (ସତ୍+ଆଶ୍ରିତ)—୧ । ଯେ ସାଧୁ ବ୍ୟକ୍ତିଙ୍କ
Sadāśrita ଆଶ୍ରୟ ଗ୍ରହଣ କରି ଅଛନ୍ତି—1. One who has
(ସଦାଶ୍ରିତା—ସ୍ତ୍ରୀ) taken shelter under a good man.
୨ । (ସଦା+ଆଶ୍ରିତ) (କୌଣସି ବ୍ୟକ୍ତିଙ୍କର) ସର୍ବଦା ଆଶ୍ରୟାଧୀନ—2. Always dependent on.

ସଦା ସର୍ବଦା—ଦେ. କି. ବଣ (ଏକାର୍ଥ ସହଚର)—୧ । ସଦା; ସର୍ବଦା;
Sadā sarbadā ସବୁ ବେଳେ—1. Always. ୨ । ନିରନ୍ତର
সদাসর্বদা सदासर्वदा —2. Constantly.

ସଦିଚ୍ଛା—ସଂ. ବି (କର୍ମଧା)—ସାଧୁ ଇଚ୍ଛା; ସାଧୁ ସଂକଳ୍ପ—A good
Sadichchhā wish; honest desire.

ସଦୁକ୍ତ—ସଂ. ବଣ (ସତ୍+ଉକ୍ତ)—୧ । ଉତ୍ତମ ରୂପେ କଥିତ—
Sadukta 1. Well spoken. ୨ । ଉପଯୁକ୍ତ ରୂପେ ଉକ୍ତ
—2. Properly or rightly said.

ସଦୁକ୍ତି—ସଂ. ବି. (କର୍ମଧା) -୧ । ସାଧୁକ୍ତି—1. Good saying.
Sadukti ୨ । ମହାପୁରୁଷମାନଙ୍କ ବଚନ—2. Sayings of great men.

ସଦୁତ୍ତର—ସଂ. ବି (ସତ୍+ଉତ୍ତର) (କର୍ମଧା)—୧ । ଉତ୍ତମ ଉତ୍ତର—
Saduttara 1. Good reply. ୨ । ଉପଯୁକ୍ତ ଉତ୍ତର—
2. Proper reply; fit answer.

ସଦୁଦ୍ଦେଶ୍ୟ—ସଂ. ବି. (କର୍ମଧା; ସତ୍+ଉଦ୍ଦେଶ୍ୟ)—1. Honest
Saduddeśya intention. ୨ । ମହତ୍ ଅଭିପ୍ରାୟ—
2. Noble aim.

ସଦୁପଦେଶ—ସଂ. ବି (କର୍ମଧା; ସତ୍+ଉପଦେଶ)—୧ । ଉତ୍ତମ
Sadupadeśa ଉପଦେଶ—1. Good advice or instruction. ୨ । ମଙ୍ଗଳକର ପରାମର୍ଶ—2. Salutary
(ସଦୁପଦେଶକ—ବଣ. ପୁଂ) advice.

ସଦୁପଦେଶ ଗର୍ଭ—ସଂ, ବଣ (ବହୁବ୍ରୀହି; ସଦୁପଦେଶ ଅଛି ଗର୍ଭରେ
Sadupadeśa garbha ଯାହାର)—ସଦୁପଦେଶ ପୂର୍ଣ୍ଣ
(ସଦୁପଦେଶ ଗର୍ଭିତ—ଅନ୍ୟରୂପ) (କାବ୍ୟ)—Full of salutary advice.

ସଦୁପାୟ—ସଂ. ବି (କର୍ମଧା)—୧ । ସତ୍ ଉପାୟ; ଉତ୍ତମ ଉପାୟ—
Sadupāya . 1. Good means. ୨ । ଉପଯୁକ୍ତ ଉପାୟ-
2. Proper means.

ସଦୃକ୍—ସଂ. ବିଣ. ପୁଂ (ସ=ସମାନ, ଅନୁରୂପ+ଦୃଶ୍ ଧାତୁ=
Sadṛuk ଦେଖିବା+କର୍ମ. କ୍ୱିପ୍; ସଦୃଶ୍ ଶବ୍ଦର ୧ମା.୧ବ)—
(ସଦୃଶୀ—ସ୍ତ୍ରୀ) ୧ । ସଦୃଶ; ତୁଲ୍ୟ; ଅନୁରୂପ—1. Similar.
୨ । ଉପଯୁକ୍ତ; ଯୋଗ୍ୟ—2. Fit; fitting.

ସଦୃକ୍ଷ—ସଂ. ବିଣ. ପୁଂ (ସ=ସମାନ+ଦୃଶ୍ ଧାତୁ+କର୍ମ. ସକ୍)—
Sadṛuksha ସମାନ; ତୁଲ୍ୟ—Similar to; resembling.
[ସଦୃକ୍ଷା, ସଦୃକ୍ଷୀ—ସ୍ତ୍ରୀ]

ସଦୃଶ୍—ସଂ. ବିଣ (ସ+ଦୃଶ୍ ଧାତୁ+କର୍ମ. କ୍ୱିପ୍)—ସଦୃକ୍ (ଦେଖ)
Sadṛus Sadṛuk. (See)

ସଦୃଶ—ସଂ. ବିଣ. ପୁଂ (ସ=ସମାନ+ଦୃଶ୍ ଧାତୁ+କର୍ମ. ଅ)—
Sadṛusa ୧ । ସମାନ; ତୁଲ୍ୟ—1. Equal to; similar
(ସଦୃଶୀ—ସ୍ତ୍ରୀ) to; same as; resembling. ୨ । ଉପଯୁକ୍ତ;
[ସାଦୃଶ୍ୟ, ସଦୃଶତା—ବି] ଯୋଗ୍ୟ—2. Fit; befitting;
fitting. ଦେ. ଅ.—ପରି—Like.

ସଦୃଶ ବ୍ୟବସ୍ଥା—ଦେ. ବି (ଅଧୁନାତନ ପ୍ରୟୋଗ)—ହୋମିଓପାଥି
Sadṛusa byabasthā ଚିକିତ୍ସା—Homeopathy;
सदृशव्यवस्था the system of Homoeopathic
होमियोपैथिक चिकित्सा treatment. [ଦ୍ର—ଏହି ଚିକିତ୍ସା-
ରୀତିରେ ବ୍ୟବସ୍ଥା ଏହି କି, ଯେଉଁ ଦ୍ରବ୍ୟ ସେବନ କଲେ
କୌଣସି ରୋଗ ବା ରୋଗର ଲକ୍ଷଣ ଉତ୍ପନ୍ନ ହୁଏ, ପୁଣି
ସେହି ଦ୍ରବ୍ୟର ଅଳ୍ପମାତ୍ରା ପ୍ରୟୋଗ ଦ୍ୱାରା ସେହି ରୋଗର
ନିବାରଣ ହୁଏ ।]

ସଦୃଶା—ଗ୍ରା. ବିଣ (ପ୍ରାଚୀନ ପଦ୍ୟ)—ସଦୃଶ (ଦେଖ)—
Sadṛusā Sadṛusa (See)
[ଉ—ଭରସି ଯିବାକୁ ନାହିଁ ଭରସା,
ଶଣ୍ଡାଧାର ବାଟ ସେହି ସଦୃଶା ।
—ପ୍ରାଚୀ. ପରତେ ଗୀତା]

ସଦୃଶି—ଗ୍ରା. ଅ (ପ୍ରାଚୀନ ପଦ୍ୟ)—ପରି; ସଦୃଶ—Alike;
Sadṛusi सदृश सदृश resembling.
[ଉ—ଚଳୀପଣ କୁମ୍ଭକର୍ଣ୍ଣ ମନ୍ଦର ନ ନାଶି,
ବଟ ମାର୍କଣ୍ଡେୟ ଜନ ପ୍ରଳୟ ସଦୃଶି ।
—ଉପେ. ବୈଦେହୀଶବିଳାସ]

ସଦୃଷ୍ଟାନ୍ତବାଦୀ—ସଂ. ବିଣ. ପୁଂ—ଉପଯୁକ୍ତ ଦୃଷ୍ଟାନ୍ତ ଦର୍ଶାଇବାକୁ ସମର୍ଥ—
Sadṛustānta bādī Able to cite similer in-
stances or similes in speech. ସଂ. ବି. ପୁଂ—
ଯେଉଁ ବ୍ୟକ୍ତି କଥାବାର୍ତ୍ତାରେ ଉପଯୁକ୍ତ ଦୃଷ୍ଟାନ୍ତ ବ୍ୟବହାର
କରନ୍ତି—A person who uses similes or
similar instances in ordinary conver-
sation.

ସଦେଇ—ଦେ.ବି.ପୁଂ—(ନାମ)—ସଦାନନ୍ଦ ବା ସଦାଶିବର ଆଦରାର୍ଥକ
Sadei ଡାକନାମ—Name for calling Sadānanda
सदाई सदानन्द or Sadāsiba.

ସଦେଶ—ସଂ. ବିଣ. (ବହୁବ୍ରୀହି; ସ=ସମାନ+ଦେଶ)—୧ । ଏକ
Sadesa ଦେଶସ୍ଥ—1. Of the same country. ୨ ।
ସମାନ ଦେଶୀୟ—2. Of a similar tract of
country. ୩ । (ସ=ସହିତ+ଦେଶ) ସମୀପସ୍ଥ;
ନିକଟବର୍ତ୍ତୀ—3. Contiguous; adjoining.

ସଦେଶଜ—ସଂ. ବିଣ (ସଦେଶ+ଜନ୍ ଧାତୁ+କର୍ତ୍ତୃ ଅ)—ଏକ
Sadesaja ଦେଶଜାତ—Born or produced in the
same country.

ସଦ୍ଧନ—ସଂ. ବି (ସତ୍+ଧନ; ସଦୁପାୟାର୍ଜ୍ଜିତ ଧନ; ମଧ୍ୟପଦଲୋପୀ)-
Saddhana ସଦୁପାୟରେ ଅର୍ଜିତ ଧନ—Wealth earned
honestly; honestly acquired wealth.

ସଦ୍ଧର୍ମ—ସଂ. ବି (କର୍ମଧା; ସତ୍+ଧର୍ମ)—୧ । ଶ୍ରେଷ୍ଠ ଧର୍ମ—1.
Saddharma An eminent religion. ୨ । ଉତ୍ତମ
କର୍ମାନୁଷ୍ଠାନ—2. A good observance. ୩ ।
ବୌଦ୍ଧ ଧର୍ମ—3. The Buddhistic religion;
Buddhism. [ଦ୍ର—ବୌଦ୍ଧ ଶାସ୍ତ୍ରୋକ୍ତ ତ୍ରିରତ୍ନ (ଯଥା,
ବୁଦ୍ଧ, ସଙ୍ଘ ଓ ଧର୍ମ) ମଧ୍ୟରେ ଧର୍ମ ଏକତମ ଅଟେ ।]

ସଦ୍ଧର୍ମ ବିଶାରଦ—ସଂ. ବିଣ. ପୁଂ (କର୍ମଧା, ୭ମୀ ତତ୍)—ବୌଦ୍ଧ-
Saddharma bisārada ଧର୍ମରେ ପାରଦର୍ଶୀ—Versed
(ସଦ୍ଧର୍ମ ବିଶାରଦା—ସ୍ତ୍ରୀ) in Buddhism. ସଂ. ବି—
ବୌଦ୍ଧ ସନ୍ନ୍ୟାସୀଙ୍କର ଉପାଧି ବିଶେଷ—One of the
titles of Buddhist saints.

ସଦ୍ଧେତୁ—ସଂ. ବି (ସତ୍+ହେତୁ)—(ନ୍ୟାୟଶାସ୍ତ୍ର)—ହେତ୍ୱାଭାସ
Saddhetu ଦୋଷ ରହିତ ପ୍ରତିଜ୍ଞା—(Logic) A propo-
sition to be proved in which the attri-
bute is inherent.

ସଦ୍ୱୀପ—ସଂ. ବିଣ. ପୁଂ (ସ=ସହିତ+ଦ୍ୱୀପ)—ଦ୍ୱୀପ ସମନ୍ୱିତ—
Sadwīpa Comprising or including the
(ସଦ୍ୱୀପା—ସ୍ତ୍ରୀ) islands; together with the
islands. (ଯଥା—ସଦ୍ୱୀପ ଭାରତବର୍ଷ; ସଦ୍ୱୀପା
ବସୁନ୍ଧରା)

ସଦ୍ମ—ସଂ. ବି. କ୍ଲୀ (ସଦ୍ ଧାତୁ=ଗମନ କରିବା+ଅଧିକରଣ ମନ୍;
Sadma ସଦ୍ମନ୍ ଶବ୍ଦର ୧ମା. ୧ବ; ମନୁଷ୍ୟମାନେ ବିଶ୍ରାମାର୍ଥ
ଯେଉଁଠାକୁ ଗମନ କରନ୍ତି)—୧ । ନିକେତନ; ଗୃହ;
ଘର—1. House; home. ୨ । ବାସଗୃହ—
2. Residence; abode. ୩ । ଭଦ୍ରାସନ; ପୈତୃକ
ବାସଗୃହ—3. Residential house; one's
ancestral house. ୪ । (+କର୍ତ୍ତୃ ମନ୍; ଯାହା
ଗତି କରେ) ଜଳ—4. Water.

ସଦ୍ୟ—ଦେ. ବିଣ (ସଂ. ସଦ୍ୟଃ)—ସଜ; ତଟକା—Fresh. ଦେ. ଅ:
Sadya ସଦ୍ୟଃ (ଦେଖ)—Sadyah (See) ୧ ।
सद्य सद्यः ତତ୍କ୍ଷଣାତ୍ (ବୃଦ୍ଧିକୋଷ)—1. Immedi-
ately. ୨ । ଅଳ୍ପକ୍ଷଣ ପୂର୍ବେ—2 Recently;
freshyl ୩ । ନୂତନହୋଇ—3. Newly.

ସଦ୍ୟ ଉଦ୍ଧୃତ—ସଂ.ବିଣ (ସଦ୍ୟଃ+ଉଦ୍ଧୃତ; ସନ୍ଧିଦ୍ୱାରା ବିସର୍ଗର ଲୋପ)—
Sadyauddhruta ସଦ୍ୟଃସମୁଦ୍ଧୃତ (ଦେଖ)—Sadyah-samuddhruta (See)

ସଦ୍ୟଃ—ସଂ. ଅ [ସ=ସମାନ+ଦ୍ୟସ୍ (ଦିବା ଶବ୍ଦ); ସମେ ଦିବସେ
Sadyah =ସେହି ଦିନ; ଏକା ଦିନରେ]—୧ । ସଦ୍ୟ; ତତ୍‌କ୍ଷଣେ; ସେହିକ୍ଷଣି; ତତ୍କାଳେ—1. Immediately; at once. ୨ । ସେହି ମୁହୂର୍ତ୍ତରେ—2. At that moment. ୩ । ବର୍ତ୍ତମାନ ସମୟରେ—3. At the present moment. ୪ । ଉପସ୍ଥିତ ଦିବସରେ—4. On the very day; the same day. [ଦ୍ର—ଏଥିର ଓଡ଼ିଆ ଅପଭ୍ରଂଶ 'ସଜ' ।]

ସଦ୍ୟଃକୃତ—ସଂ. ବିଣ—୧ । ଅଳ୍ପକ୍ଷଣ ପୂର୍ବେ କରା ଯାଇଥିବା—
Sadyahkruta 1. Recently done. ୨ । ତତ୍‌କ୍ଷଣାତ
(ସଦ୍ୟକୃତ—ଅନ୍ୟରୂପ, ଶବ୍ଦକୋଷ) —2. Done immediately. ସଂ. ବି—୧ । ଅଭିଧା—1. Appellation. ୨ । ସଂଜ୍ଞା—2. Definition. ୩ । ନାମ—3. Name.

ସଦ୍ୟଃକ୍ରିୟ—ସଂ. ବିଣ. ପୁଂ (ସଦ୍ୟଃ+କ୍ରିୟା ଯାହାର; ବହୁବ୍ରୀହି)—
Sadyahkriya ଯେ ତତ୍‌କ୍ଷଣାତ୍ କାର୍ଯ୍ୟ କରେ—Prompt
(ସଦ୍ୟଃ କ୍ରିୟା—ସ୍ତ୍ରୀ) in doing a work; prompt in
(ସଦ୍ୟଃ କ୍ରିୟତା—ବି) action.

ସଦ୍ୟଃ କ୍ରିୟା—ସଂ. ବି—ମୃତ ବ୍ୟକ୍ତିର ମରିବା ଦିନଠାରୁ ଆରମ୍ଭ କରି
Sadyah kriyā କରାଯିବା ଅନ୍ତ୍ୟେଷ୍ଟି କ୍ରିୟା; ସଜ କ୍ରିୟା—Funeral ceremonies commenced from the very day of death. ସଂ. ବିଣ. ସ୍ତ୍ରୀ—ସଦ୍ୟଃକ୍ରିୟର ସ୍ତ୍ରୀ ଲିଙ୍ଗ—Feminine of Sadyahkriya.

ସଦ୍ୟଃ କ୍ଷତ—ସଂ.ବିଣ—ଯାହା ତତ୍‌କ୍ଷଣାତ୍ କ୍ଷତ ହୋଇଅଛି(ଶବ୍ଦକୋଷ)
Sadyah kshata —Freshly wounded.

ସଦ୍ୟଃ ପକ୍ୱ—ସଂ. ବିଣ—୧ । ଅଳ୍ପକ୍ଷଣ ପୂର୍ବେ ପାଚିଥିବା—
Sadyah pakwa 1. Recently ripened. ୨ । ଅଳ୍ପକ୍ଷଣ ପୂର୍ବେ ପାକ କରା ଯାଇଥିବା—2. Freshly cooked or dressed.

ସଦ୍ୟଃ ପ୍ରସୂତ—ସଂ.ବିଣ.ପୁଂ—ଅତି ଅଳ୍ପକାଳ ହେଲା ଜାତ(ସନ୍ତାନ)—
Sadyah prasūta Newly born (baby).
(ସଦ୍ୟଃ ପ୍ରସୂତା—ସ୍ତ୍ରୀ)

ସଦ୍ୟଃ ପ୍ରସୂତି—ସଂ. ବିଣ ଓ ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ବର୍ତ୍ତମାନ ଅର୍ଥାତ୍
Sadyah prasūti କ୍ଷଣମାତ୍ର ପୂର୍ବେ ପ୍ରସବ କରିଅଛି—A woman who has been recently delivered of a child.

ସଦ୍ୟଃ ପ୍ରାଣକର—ସଂ. ବିଣ—ତତ୍‌କ୍ଷଣାତ୍, ଅର୍ଥାତ୍ ସେବନ ମାତ୍ରେ
Sadyah prāṇakara ବଳକାରକ—Immediately infusing strength or vigour or vitality. [ଦ୍ର—ସଦ୍ୟୋମାଂସଂ, ନବାନ୍ନଂ ଚ, ବାଳା ସ୍ତ୍ରୀ, କ୍ଷୀର ଭୋଜନଂ ଘୃତମୁଷ୍ଣୋଦକଂଚୈବ ସଦ୍ୟଃ ପ୍ରାଣକରାଣି ଷଟ୍—ଚାଣକ୍ୟ ।]
(ସଦ୍ୟଃ ପ୍ରାଣକରୀ—ସ୍ତ୍ରୀ)

ସଦ୍ୟଃ ପ୍ରାଣହର—ସଂ. ବି. ପୁଂ—୧ । ତତ୍‌କ୍ଷଣାତ୍ ପ୍ରାଣନାଶକ—
Sadyah praṇahāra 1. Causing instant death. ୨ । ସେବନ ମାତ୍ରେ ବଳ ଓ ଆୟୁଃକ୍ଷୟକର—2. Immediately causing loss of strength and vitality. [ଦ୍ର—ଶୁଷ୍କଂ ମାଂସଂ ସ୍ତ୍ରିୟୋ ବୃଦ୍ଧାଃ ବାଲାର୍କସ୍ତରୁଣଂ ଦଧି, ପ୍ରଭାତେ ମୈଥୁନଂ ନିଦ୍ରା ସଦ୍ୟଃ-ପ୍ରାଣହରାଣି ଷଟ୍—ଚାଣକ୍ୟ ।]
(ସଦ୍ୟଃପ୍ରାଣ ହାରୀ, ସଦ୍ୟଃପ୍ରାଣାପହାରୀ, ସଦ୍ୟଃପ୍ରାଣହାରକ, ସଦ୍ୟଃପ୍ରାଣାପହାରକ—ଅନ୍ୟରୂପ)
(ସଦ୍ୟଃପ୍ରାଣହରା, ସଦ୍ୟଃପ୍ରାଣହାରିଣୀ, ସଦ୍ୟଃପ୍ରାଣାପହାରିଣୀ ସଦ୍ୟଃପ୍ରାଣହାରିକା, ସଦ୍ୟଃପ୍ରାଣାପହାରିକା—ସ୍ତ୍ରୀ)

ସଦ୍ୟଃ ଶୁଦ୍ଧି—ସଂ. ବି—ସଦ୍ୟଃ ଶୌଚ (ଦେଖ)
Sadyah śuddhi Sadyah śaucha (See)

ସଦ୍ୟଃ ଶୋଥା—ସଂ. ବି (ସଦ୍ୟଃ+ଶୋଥସ୍=ଫୁଲା; ୧ମା. ୧ବ; ଯାହା ତତ୍‌କ୍ଷଣାତ୍ ଦେହକୁ ଫୁଲାଇ ଦିଏ)—
Sadyah śothā ବାଇଡଙ୍କ; କପିକଚ୍ଛୁ (ଶବ୍ଦ ଦେଖ)—Cowhage, cowage; Mucura Pruriens.

ସଦ୍ୟଃ ଶୌଚ—ସଂ. ବି—ତତ୍‌କ୍ଷଣାତ୍ ଶୁଦ୍ଧି; ଅଶୁଦ୍ଧ ହେବାର ପର
Sadyah śaucha କ୍ଷଣରେ ଶୁଦ୍ଧ ହେବା—Purification immediately after the attainment of impurity. [ଦ୍ର—ଯତି ମୃତ ହେଲେ ବା ବାଳକ ଦେଶାନ୍ତରରେ ମୃତ ହେଲେ ତନ୍ନିକଟସ୍ଥ ବ୍ୟକ୍ତିମାନେ ସ୍ନାନ ଦ୍ୱାରା ସଦ୍ୟଃ ଶୌଚ ହେବେ—ଗରୁଡ଼ ପୁରାଣ, ୧୦୭ ଅଧ୍ୟାୟ ।] ସଂ ବିଣ—ଯାହାର ଶୁଦ୍ଧି ଲାଭ କରିବା ପାଇଁ ବିଳମ୍ବ ଘଟେ ନାହିଁ; ଯେ ଅଶୁଚି ହେବା ମାତ୍ରକେ ଶୁଦ୍ଧିଲାଭ କରେ—One who becomes purified immediately after he becomes impure. [ଦ୍ର—ଶିଳ୍ପୀ, କାରୁ (ଅର୍ଥାତ୍ ସୂପକାରାଦି), ବୈଦ୍ୟ, ଦାସୀ, ଦାସ, ଭୃତ୍ୟ, ଅଗ୍ନିମାନ୍, ଶ୍ରୋତ୍ରିୟ, ନାପିତ, ରାଜା, ଏମାନେ ସଦ୍ୟଃଶୌଚ ଅଟନ୍ତି । ଏମାନେ ଅଶୁଚି ହେବା ମାତ୍ରେ ସ୍ନାନାଦି ଦ୍ୱାରା ଶୁଦ୍ଧିଲାଭ କରନ୍ତି—ଗରୁଡ଼ ପୁରାଣ, ୧୦୭ ଅଧ୍ୟାୟ ।

ବିବାହ, ବ୍ରତ ଓ ଯଜ୍ଞ ଆରମ୍ଭ କରିଥିବା ବ୍ୟକ୍ତିମାନେ, ବ୍ରତଧାରୀ ବ୍ୟକ୍ତିମାନେ, ହୋମାରମ୍ଭକାରୀ ବ୍ୟକ୍ତିମାନେ ସଦ୍ୟଃଶୌଚ ଅଟନ୍ତି—ବିଷ୍ଣୁ ପୁରାଣ ।

ଦୁର୍ଭିକ୍ଷ, ରାଷ୍ଟ୍ରବିପ୍ଳବ, ଅପଘାତ ଦ୍ୱାରା ବହୁ ଲୋକଙ୍କ ମୃତ୍ୟୁ ଘଟିବା କାଳରେ ଲୋକେ ସଦ୍ୟଃଶୌଚ ହୁଅନ୍ତି—କୂର୍ମ ପୁରାଣ ।

ଅମ୍ଭମାନଙ୍କ ଦେଶରେ ମଧ୍ୟ ଦେଖାଯାଏ ଯେ, ରାଜାଙ୍କ ମୃତ୍ୟୁ ଘଟିବା ପରେ ଉତ୍ତରାଧିକାରୀ ସଦ୍ୟଃଶୌଚ ବ୍ୟକ୍ତି

ଅବେତନ ହୋଇ ଶ୍ରାଦ୍ଧାଦିଶେଷ ଅନ୍ତ କର୍ମ କରନ୍ତି । ମୃତ ଲୋକଙ୍କ ପାଇଁ ପୂର୍ବରୁ କଥିତ 'ସୁଅ ବ୍ରାହ୍ମଣ' ଅଶୌଚ ଓ ଶ୍ରାଦ୍ଧ ପାଳନ କରନ୍ତି ।]

ସଦ୍ୟଃ ସମୁଦ୍ଧୃତ—ସଂ. ଵଣ—ଯାହା ଅଳ୍ପକ୍ଷଣ ହେଲା ଉଦ୍ଧୃତ ହୋଇଅଛି
Sadyaḥ samuddhṛuta —Which has been taken up or extracted recently.

ସଦ୍ୟଃ ସମୁଦ୍ଧୃତ ନବନୀତ—ସଂ.ବ—ଟାଟକା ଲହୁଣୀ—Fresh butter.
Sadyaḥ samuddhṛuta nabanīta [ଦ୍ର—ବୈଦ୍ୟକ ମତରେ ଏହା ମଧୁରରସ, ଧାରକ, ଶୀତସ୍ପର୍ଶ, ଲଘୁ ଓ ମେଧାଜନକ । ତକ୍ରାଂଶ ସଂଯୁକ୍ତ ଥିଲେ ଏହା କଷ୍ଟର କଷାୟାମ୍ଳରସ ଅଟେ ।]

ସଦ୍ୟଃ ସ୍ନାତ—ସଂ ବଣ. ପୁଂ—ତତ୍‌କ୍ଷଣାତ୍ ସ୍ନାନ କରିଥିବା (ବ୍ୟକ୍ତି)—
Sadyaḥ snāta Having bathed immediately; (ସଦ୍ୟଃ ସ୍ନାତା—ସ୍ତ୍ରୀ) recently washed.

ସଦ୍ୟଃ ସ୍ନାନ—ସଂ. ବ—ତତ୍‌କ୍ଷଣାତ୍ ସ୍ନାନ—Taking a bath
Sadyaḥ snāna immediately. [ଦ୍ର—ମୃତ ବ୍ୟକ୍ତିଙ୍କ ବନ୍ଧୁ ଓ ସଗୋତ୍ରମାନେ ସଦ୍ୟଃସ୍ନାନଦ୍ୱାରା ଶୁଦ୍ଧ ହେଉଛନ୍ତି ।]

ସଦ୍ୟଃ ସ୍ନାୟୀ—ସଂ. ବଣ. ପୁଂ—ଯେ ସଦ୍ୟ ସ୍ନାନ କରିଅଛନ୍ତି—
Sadyaḥ snāyī One who has taken a bath (ସଦ୍ୟଃ ସ୍ନାୟିନୀ—ସ୍ତ୍ରୀ) recently; just bathed.

ସଦ୍ୟ କ୍ରିୟା—ଦେ. ବ (ସଂ ସଦ୍ୟଃ କ୍ରିୟା)—ସଦ୍ୟଃ କ୍ରିୟା (ଦେଖ)
Sadya kriyā Sadyaḥ kriyā (See)

ସଦ୍ୟ କ୍ରିୟା ଧରିବା—ଦେ. କ୍ରି—ମୃତ ବ୍ୟକ୍ତିଙ୍କ ମରିବା ଦିନଠାରୁ
Sadya kriyā dharibā ଆରମ୍ଭ କରି ମୃତାହ କ୍ରିୟା କରିବା—
सद्य क्रिया धरा To perform the funeral cere-
सद्य प्रेतकर्म करना monies beginning from the day of a person's death.

ସଦ୍ୟ ଗର୍ଭ—ଦେ. ବ—ସହବାସ ସଙ୍ଗେ ସଙ୍ଗେ ଗର୍ଭାଧାନ—Concep-
Sadya garbha tion taking place immediately
सद्यगर्भ after the 1st coition. [ଦ୍ର—ସଦ୍ୟଗର୍ଭ
सद्यगर्भ ହୋଇଲେ ଅହେ ପୁତ୍ରବର, ସେରୂପେ ସଦ୍ୟଗର୍ଭ ହେବ ତାହାଙ୍କର—କୃଷ୍ଣସିଂହ. ମହାଭାରତ. ଅନ୍ତ ।]

ସଦ୍ୟ ପାତ(ତୀ)—ଦେ. ବଣ (ସଂ. ସଦ୍ୟଃ ପତିତ)—ତତ୍‌କ୍ଷଣାତ୍
Sadya pāti(tī) ପଡ଼ିଥିବା—Having fallen imme-
सद्यपड़ा diately; which has been just shed.
सद्य गिरा हुआ, [ଦ୍ର— ଦେବପାଙ୍କ ପଦ୍ମ ପାଠନ-ମଦନ୍ତ ପ୍ରେତ-
तत्का गिरा हुआ ଭୂତ ସନ୍ତର୍ପଣ—ଉପାଧ୍ୟାୟ. ପାର୍ବଣ ।]

ସଦ୍ୟ ପୁଷ୍ପ—ଦେ. ବ (ସଂ. ସଦ୍ୟଃ+ପୁଷ୍ପ)—ସଜ ଫୁଲ—Fresh
Sadya pushpa सद्यपुष्प **तत्का फुल** flower.

ସଦ୍ୟ ମୁକ୍ତି—ଦେ. ବ (ସଂ. ସଦ୍ୟୋମୁକ୍ତି)—ସଦ୍ୟୋମୁକ୍ତି (ଦେଖ)
Sadya mukti Sadyo mukti (See) [ଦ୍ର—ଯେ ସଦ୍ୟମୁକ୍ତି ଅମୁକ୍ତି, ସୁବ୍ରତସିଦ୍ଧ ହେବ ଗତି— ଜଗନ୍ନାଥ. ଭାଗବତ ।]

ସଦ୍ୟ ଶୌଚ—ଦେ. ବ (ସଂ ସଦ୍ୟଃ ଶୌଚ)—ସଦ୍ୟଃ ଶୌଚ (ଦେଖ)
Sadya śaucha Sadyaḥ śaucha (See)

ସଦ୍ୟସ୍କ—ସଂ. ବଣ. ପୁଂ (ସଦ୍ୟସ୍+କ)—୧ । ସଦ୍ୟୋଜାତ—
Sadyaska 1. Recently born. ୨ । ନୂତନ—
(ସଦ୍ୟସ୍କା—ସ୍ତ୍ରୀ) 2. New. ୩ । ଟାଟକା—3. Fresh.

ସଦ୍ୟୋ ଗୋମୟ—ସଂ. ବ (ସଦ୍ୟଃ+ଗୋମୟ)—ସଜ ଗୋବର—
Sadyo gomaya Recently discharged cowdung.

ସଦ୍ୟୋ ଜାଗରିତ—ସଂ. ବଣ (ସଦ୍ୟଃ+ଜାଗରିତ)—ଯେ ବର୍ତ୍ତମାନ
Sadyo jāgarita ନିଦରୁ ଉଠିଅଛି—Freshly awaken
(ସଦ୍ୟୋଜାଗ୍ରତ—ଅନ୍ୟରୂପ) from sleep.

ସଦ୍ୟୋ ଜାତ—ସଂ. ବଣ. ପୁଂ (ସଦ୍ୟଃ+ଜାତ)—୧ । ବର୍ତ୍ତମାନ
Sadyo jāta ଜନ୍ମ ହୋଇଥିବା—1. Recently born.
(ସଦ୍ୟୋଜ—ଅନ୍ୟରୂପ) ୨ । ନବୋତ୍ପନ୍ନ—2. Newly pro-
(ସଦ୍ୟୋଜାତା, ସଦ୍ୟୋଜା—ସ୍ତ୍ରୀ) duced. ସଂ. ବ—୧ । ନୂଆଁ ଜାତ ବାଛୁରି; ବତ୍ସ—1. A newly born calf. ୨ । ଶିବଙ୍କ ମୂର୍ତ୍ତିବିଶେଷ—2. One of the incarnations of Mahādeba. [ଦ୍ର—ଶିବଙ୍କର ଉତ୍ତରେ ଶିବସ୍ଥାନ ମନ୍ତ୍ର, ଯଥା—"ଓଁ ସଦ୍ୟୋଜାତାୟ ନମଃ ।"]

ସଦ୍ୟୋ ଦୁଗ୍ଧ—ସଂ. ବ (ସଦ୍ୟଃ+ଦୁଗ୍ଧ)—ଟାଟକା ଦୁଧ; ଉଷ୍ଣତା ନାହିଁ
Sadyo dugdha ପୂର୍ବେ ଦୁହାଁ ଯାଇଥିବା ଦୁଗ୍ଧ— Fresh milk.

ସଦ୍ୟୋ ବିଚ୍ୟୁତ—ସଂ. ବଣ (ସଦ୍ୟଃ+ବିଚ୍ୟୁତ)—ତତ୍‌କ୍ଷଣାତ୍
Sadyo bichyuta ପଡ଼ିତ—Recently fallen.
(ସଦ୍ୟଶ୍ଚ୍ୟୁତ—ଅନ୍ୟରୂପ) (ସଦ୍ୟୋବିଚ୍ୟୁତି, ସଦ୍ୟଶ୍ଚ୍ୟୁତି—ବ)

ସଦ୍ୟୋ ବୃଷ୍ଟି—ସଂ. ବ (ସଦ୍ୟଃ+ବୃଷ୍ଟି)—ତତ୍‌କ୍ଷଣାତ୍ ବର୍ଷା;
Sadyo brushṭi ଟାଟକା ଅସାର—Fresh shower of
(ସଦ୍ୟୋବର୍ଷ, ସଦ୍ୟୋବର୍ଷଣ—ଅନ୍ୟରୂପ) rain.

ସଦ୍ୟୋ ବ୍ରଣ—ସଂ. ବ (ସଦ୍ୟଃ+ବ୍ରଣ)—(ବୈଦ୍ୟକ) ନୂଆ
Sadyo braṇa ଘାଆ—Fresh wound.

ସଦ୍ୟୋ ଭାବୀ—ସଂ. ବ (ସଦ୍ୟଃ+ଭାବୀ)—ସଦ୍ୟୋଜାତ ବତ୍ସ;
Sadyo bhābī ନୂଆଁଲା ବାଛୁରି; ତର୍ଣ୍ଣକ (ଶବ୍ଦଚନ୍ଦ୍ରିକା)—
A newly born calf; a very young calf.

ସଦ୍ୟୋ ମନ୍ୟୁ—ସଂ. ବ (ସଦ୍ୟଃ+ମନ୍ୟୁ)—ସାଙ୍ଗେ ସାଙ୍ଗେ ଜାତ
Sadyo manyu ହେବା କ୍ରୋଧ—Anger which rises immediately or on sudden provocation.
ସଂ. ବଣ—ଯାହା ସାଙ୍ଗେ ସାଙ୍ଗେ କ୍ରୋଧ ଜାତ କରାଏ—
That which produces anger at sight; provocative of anger.

ସଦ୍ୟୋ ମରଣ—ସଂ. ବ (ସଦ୍ୟଃ+ମରଣ)—୧ । ଅଳ୍ପକ୍ଷଣ ପୂର୍ବେ
Sadyo maraṇa ଘଟିଥିବା ମୃତ୍ୟୁ—1. Recently
(ସଦ୍ୟୋ ମୃତ୍ୟୁ—ଅନ୍ୟରୂପ; occurred death. ୨ । ଅକ-
(ସଦ୍ୟୋମୃତ—ବଣ) ସ୍ମାତ ମୃତ୍ୟୁ—2. Death by accident.

ସଦ୍ୟୋ ମାଂସ—ସଂ. ବ (ସଦ୍ୟଃ+ମାଂସ)—ଅପର୍ଯ୍ୟୁଷିତ ମାଂସ; ସଜ
Sadyo māmsa ମାଉଁସ; ତାଜା ମାଉଁସ—Fresh meat.

ସଦ୍ୟୋ ମୁକ୍ତି—ସଂ. ବ (ସଦ୍ୟଃ+ମୁକ୍ତି)—ସଙ୍ଗେ ସଙ୍ଗେ ମୁକ୍ତ
Sadyo mukti ହେବା—Immediate delivery; recent release.
(ସଦ୍ୟୋମୁକ୍ତ—ବଣ)

ସଦ୍ୟୋ ମୃତ—ସଂ. ବଣ. (ସଦ୍ୟଃ+ମୃତ)—୧ । ଯେ ଅଳ୍ପକ୍ଷଣ ହେଲା
Sadyo mruta ମରିଅଛି—1 Recently dead.
(ସଦ୍ୟୋ ମୃତା—ସ୍ତ୍ରୀ) ୨ । ହଠାତ୍ ବା ଅପଘାତ ମୃତ—2. Suddenly dead

ସଦ୍ୟୋହତ—ସଂ. ବଣ. ପୁଂ (ସଦ୍ୟଃ+ହତ)—ଯେ ଅଳ୍ପକ୍ଷଣ
Sadyobata ହେଲା ହତ ହୋଇଅଛି—Recently killed
(ସଦ୍ୟୋହତା—ସ୍ତ୍ରୀ) (animal). ସଂ. ବ. ପୁଂ—ଅଳ୍ପକ୍ଷଣ ହେଲା ହତ ହୋଇଥିବା ପଶୁ—A recently killed animal.

ସଦ୍ୟୋହତ ମାଂସ—ସଂ. ବ (୬ଷ୍ଠୀ ତତ୍)—ସଦ୍ୟୋହତ ପଶୁର
Sadyohata māmsa ମାଂସ; ସଜ ମାଉଁସ—The flesh of a recently killed animal; fresh meat. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ସଦ୍ୟୋହତ ପଶୁର ମାଂସ ବ୍ୟାଧିନାଶକ, ବୟଃସ୍ଥାପକ, ପୁଷ୍ଟିକାରକ ଓ ରୁଚକର ।]

ସଦ୍ରୁ—ସଂ. ବଣ (ସଦ୍ ଧାତୁ=ଗମନ କରିବା+ଶୀଲାର୍ଥେ କ୍ରୁ.
Sadru ରୁ)—୧ । ଗମନଶୀଳ; ଗତିବିଶିଷ୍ଟ—1. Moving; going. ୨ । ଅବସନ୍ନ—2. Pulled down; tired. ୩ । ଅବସ୍ଥିତ—3. Situated.

ସଦ୍ରୂପ—ସଂ. ବ (କର୍ମଧା; ସତ୍+ରୂପ)—ସୁନ୍ଦର ରୂପ—
Sadrūpa A good form or shape; beautiful form.

ସଧ—ଦେ. ବ (ସ. ଶ୍ରଦ୍ଧା)—୧ । କୌଣସି ବସ୍ତୁ ପ୍ରତି ଅଭିଳାଷ;
Sadha ଇଚ୍ଛା—1 Desire for anything
ସାଧ (ଉ—ନ କର ଚହାଯୁଧ, ତହିର ବୋଲି ସଧ,
ସାଧ କରି ସଂଗ୍ରାମ ଅନୁଯାୟୀ ରେ । ଦଣ୍ଡିନୃପ୍ୟ. ସଙ୍ଗୀତ ।]
୨ । ଲାଳସା; ଅନୁରାଗ—2. Relish; hankering. (ଉ—ବଳଲୁ ଅଣ୍ଡା କଲେ ବଢ଼ ଅତି ସଧ । କୃଷ୍ଣସିଂହ. ମହାଭାରତ. ସଭା ।) ୩ । କାର୍ଯ୍ୟସାଧନାର୍ଥ ଉପାୟ—3. Expedients; means. ୪ । ସାଧ (ଦେଖ)—4. Sādha. (See) (ଉ—ଅହୁ ଯାପ ସଂଗୀତ ବଦ୍ୟାଧରେ ତଣ୍ଡୁ, ନ ଦେବ ବୋଲି କଲି ସଂକଳପ । କବିସୂର୍ଯ୍ୟ. ସଂଗୀତ ।) ୫ । (ସଂ, ଶ୍ରଦ୍ଧା ବା ସ୍ୱାଦ) ସ୍ୱାଦ; ଗର୍ଭିଣୀମାନଙ୍କ ଦୋହଦ ବାସନା—5. Desire of a pregnant woman for certain foods. ୬ । ମାୟା; ମମତା; ସ୍ନେହ; ଶ୍ରଦ୍ଧା—6. Love; affection; attachment. (ଉ—ହେତୁରେ ଅଛୁ ପଡ଼ିଏ ତୁମ୍ଭେ ଯୁବ, ତଲେ ଛାଡ଼ି ଦେବ ମୁଁ ପରାଣରୁ ସଧ । କୃଷ୍ଣସିଂହ. ମହାଭାରତ. ବନ୍ତ ।) ୭ । ଗର୍ଭିଣୀର ଦୋହଦ ଯୋଗୁଁ ଅଭିଳଷିତ ଖାଦ୍ୟ—7. Particular article of food hankered after by a pregnant woman.

ସଧ (ଇତ୍ୟାଦି)—ଦେ. ବ—ଶାଧ ଇତ୍ୟାଦି (ଦେଖ)
Sadha (etc) Sādha etc. (See)

ସଧନ—ସଂ. ବଣ. ପୁଂ (ବହୁବ୍ରୀହି; ସ+ଧନ)—ଧନଶାଳୀ;
Sadhana ଧନବାନ୍—Rich; wealthy.
(ସଧନା—ସ୍ତ୍ରୀ) [ନିର୍ଦ୍ଧନ—ବିପରୀତ]

ସଧବା—ସଂ. ବଣ. ସ୍ତ୍ରୀ (ସ=ସହିତ+ଧବ: ସହାର୍ଥ ବହୁବ୍ରୀହି)—
Sadhabā ସଭର୍ତ୍ତୃକା; ପତିବତୀ; ଜୀବତ୍-ସ୍ୱାମିକା; ଅହ୍ୟ;
(ବିଧବା—ବିପରୀତ) ଅହିଅ (ସ୍ତ୍ରୀ)—(A woman) Having her husband living.

ସଧର୍ମ(ର୍ମ୍ମ)—ସଂ. ବ (କର୍ମଧା)—୧ । ତୁଲ୍ୟ ଧର୍ମ—1. Same
Sadharma(rmma) religion. ୨। ସମାନ ଗୁଣ—2. Same quality.

ସଧର୍ମଚାରିଣୀ—ସଂ. ବ. ସ୍ତ୍ରୀ (ସ=ସହ+ଧର୍ମଚାରିଣୀ; ଯେ ପତିଙ୍କ
Sadharmchārini ସଙ୍ଗେ ଧର୍ମାଚରଣ କରନ୍ତି)—ସହଧର୍ମିଣୀ; ଧର୍ମ ପତ୍ନୀ—One's lawfully wedded wife.

ସଧର୍ମ(ର୍ମ୍ମ)ଣୀ—ସଂ. ବଣ ଓ ବ. ସ୍ତ୍ରୀ—ସଧର୍ମିଣୀ (ଦେଖ)
Sadharma(rmma)ṇī Sadharmiṇī. (See)

ସଧର୍ମା(ର୍ମ୍ମା)—ସଂ. ବଣ. ପୁଂ (ବହୁବ୍ରୀହି; ସ=ସମାନ ଅଟେ ଧର୍ମ ନ୍=
Sadharmā(rmmā) ଧର୍ମ ଯାହାର; ୧ମା. ୧ବ)—୧ । ଏକ
(ସଧର୍ମିଣୀ—ସ୍ତ୍ରୀ) ଧର୍ମାକ୍ରାନ୍ତ—1. Of the same religion.
[ବିଧର୍ମୀ—ବିପରୀତ] ୨ । ଏକ ଧର୍ମାବଲମ୍ବୀ—2. Professing the same religion, ୩। ଏକ ସ୍ୱଭାବକ ଗୁଣଯୁକ୍ତ—3. Possessing the same attribute or quality. ୪ । ଏକରୂପ; ସଦୃଶ; ତୁଲ୍ୟ—4. Similar

ସଧର୍ମି(ର୍ମ୍ମି)ଣୀ—ସଂ. ବଣ. ସ୍ତ୍ରୀ (ସଧର୍ମିନ୍+ସ୍ତ୍ରୀ. ଈ)—ଏକ ଧର୍ମାକ୍ରାନ୍ତ;
Sadharmi(rmmi)ṇi ସଧର୍ମା ଓ ସଧର୍ମୀର ସ୍ତ୍ରୀଲିଙ୍ଗ—
(ସଧର୍ମା, ସଧର୍ମୀ—ପୁଂ) Feminine of Sadharmā and Sadharmī. ସଂ. ବ. ସ୍ତ୍ରୀ—ଧର୍ମପତ୍ନୀ; ଭାର୍ଯ୍ୟା—One's better half; one's wedded wife.

ସଧର୍ମୀ(ର୍ମ୍ମୀ)—ସଂ. ବ. ପୁଂ (ସଧର୍ମ+ଇନ୍; ୧ମା. ୧ବ.)—ସଧର୍ମା
Sadharmī(rmmī) (ଦେଖ)—Sadharmā. (See)
(ସଧର୍ମିଣୀ—ସ୍ତ୍ରୀ) [ବିଧର୍ମୀ—ବିପରୀତ]

ସଧଲିଆ—ପ୍ରାଦେ (ଲରିଅ) ବଣ (ସଂ.ଶ୍ରଦ୍ଧାଳୁ)—ଇଚ୍ଛୁକ—
Sadhaliā Desirous.

ସଧା—ଦେ. ବ—(ସଂ. ସାଧ୍ ଧାତୁ)—୧ । ସାଧନ (ଦେଖ)—
Sadhā Sādhana (See) ୨ । ବହୁ ଲୋକଙ୍କଠାରୁ ଧନ
ସାଧା ସାଧନା ଅର୍ଥ ସଂଗ୍ରହ—2. Act of collecting money etc. from many persons; collection; realisation. ୩ । ସମସ୍ୟା ସାଧନ—3. Working up of a problem.

ସଧା(ଧେ)ଇବା—ଦେ. କି (ସଂ. ଣିଜନ୍ତ ସାଧ୍ ଧାତୁ ବା ସାଧ୍ ଧାତୁ)
Sadhā(dhe)ibā ସାଧିତ କରାଇବା; ସାଧିବା କ୍ରିୟାର ଣିଜନ୍ତ
সাধান साधन कराना ରୂପ—The causative form of the verb Sādhibā. [ଦ୍ର—ସଧାଇବାର ବଭିନ୍ନ ଅର୍ଥ ଜାଣିବା ପାଇଁ 'ସାଧିବା' ଶବ୍ଦର ବଭିନ୍ନ ଅର୍ଥ ଦେଖ ।]

ସଧି—ସଂ. ବ (ସ=ସହ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)
Sadhi —ଅନଳ; ଅଗ୍ନି; ଇଅଁ—Fire.

ସଧିଃ—ସଂ. ବ (ସହ୍ ଧାତୁ=ସହିବା+କର୍ତ୍ତୃ. ଇସ୍; ୧ମା ୧ବ)—
Sadhih ଷଣ୍ଢ; ବୃଷ—Bull.

ସଧୀର—ଦେ. ବଣ (ସଂ. ସଧୈର୍ଯ୍ୟ)—ଧୈର୍ଯ୍ୟଶୀଳ—
Sadhīra ধীর सधीर Patient.

ସଧୀରେ—ଦେ. କି ବଣ (ପଦ୍ୟ)—୧ । ଧୈର୍ଯ୍ୟ ସହକାରେ—
Sadhīre 1. Patiently. ୨ । ଅସ୍ତେ ଅସ୍ତେ; ଧୀରେ
ধীরেধীরে धीरेधीरे ଧୀରେ—2. Slowly.

ସଧେ—ଦେ. କି ବଣ(ପଦ୍ୟ)—ଶ୍ରଦ୍ଧାଭରେ; ଶ୍ରଦ୍ଧାରେ—Lovingly;
Sadhe affectionately. [ଭ—କର୍ମକର୍ମେ ପଞ୍ଚ ଭକ୍ତ
সাধে, শ্রদ্ধায় श्रद्धामें ପ୍ରକାଶଇ ସଧେ । ପ୍ରାଚୀ. ଶିବସ୍ୱରୋଦୟ]

ସଧୈର୍ଯ୍ୟ(ର୍ଯ୍ୟେ)—ଦେ. କି. ବଣ—(ସଂ ସଧୈର୍ଯ୍ୟ) ୧ । ଧୀରତା
Sadhairjya (rjye) ସହକାରେ—1. Slowly. ୨ । ଧୈର୍ଯ୍ୟ
সধৈর্য্য सधैर्य्य ସହକାରେ—2. Patiently.

ସଧ୍ରମ୍—ପ୍ରାଦେ (ଲରଅ) ବଣ—ସତ୍ୟବାନ୍—
Sadhram Truthful.

ସଧ୍ରୀଚୀ—ସଂ. ବ. ସ୍ତ୍ରୀ—(ସଧ୍ର୍ୟଚ୍+ସ୍ତ୍ରୀ. ଈ; ସଧ୍ର୍ୟଚ୍ ଶବ୍ଦର ସ୍ତ୍ରୀ ଲିଙ୍ଗ)
Sadhrichi ସହଚରୀ; ସଙ୍ଗିନୀ—A female companion.
(ସଧ୍ର୍ୟଙ୍—ପୁଂ)

ସଧ୍ର୍ୟଙ୍—ସଂ ବ. ପୁଂ—(ସ=ସହ+ଅନ୍ଚ୍ ଧାତୁ=ଗମନ କରିବା+
Sadhryan କର୍ତ୍ତୃ. କ୍ୱିପ୍; କଥାରେ ସଧ୍ର୍ୟଚ୍ ଶବ୍ଦ—୧ମା. ୧ବ;
(ସଧ୍ରୀଚୀ—ସ୍ତ୍ରୀ) ଯେ ସର୍ବଦା ସଙ୍ଗେ ସଙ୍ଗେ ଗମନ କରେ)—
୧। ସହଚର; ସଙ୍ଗୀ—1. Companion; associate; mate. ୨ । ସହାୟ; ସାହାଯ୍ୟକାରୀ—2. Assistant.

ସନ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ପବନ ଜୋରରେ ବୋହିବାର
San ଶବ୍ଦ; ବାୟୁ ସଞ୍ଚାଳନ ଶବ୍ଦ—1. The sound of brisk
(ସନ୍‌ସନ୍—ଅନ୍ୟରୂପ) blowing of wind. ୨ । ଶରର ବା
সন্, সন্‌সন सनसन ଶରର ମୁହୁର୍ମୁହୁଃ ମରିପିବାର ଶବ୍ଦ—2. The sound of arrows being discharged in quick succession. ୩ । ଦ୍ରୁତ ଗମନଜନିତ ଶବ୍ଦ—3. Sound of quick motion. ପ୍ରାଦେ. (ଲରଅ) ବ—ସ୍ୱର୍ଣ୍ଣ; ସୁନା—Gold. ପ୍ରଦେ (ସମ୍ବଲପୁର) ବ—ସନ (ଦେଖ) Sana (See)

ସନ୍(ଧାତୁ)—ସଂ.—୧ । ଦାନ କରିବା—1. To give; to
San (root) bestow. ୨ । ସେବା କରିବା—2. To tend; to serve. ୩ । ପୂଜା କରିବା—3. To worship.

ସନ୍ (ପ୍ରତ୍ୟୟ)—ସଂ—ଇଚ୍ଛାର୍ଥେ ଧାତୁର ପରେ ଲାଗିବା ପ୍ରତ୍ୟୟ— A
San (inflexion) suffix added to verbs meaning,- wishing to do an act. [ଦ୍ର—ଏହି ପ୍ରତ୍ୟୟ ଯୁକ୍ତ ହେବା ପରେ ଧାତୁକୁ 'ସନନ୍ତ' ଧାତୁ ବୋଲାଯାଏ । ସନନ୍ତ ହେଲେ ମୂଳ ଧାତୁର ଅଦ୍ୟାକ୍ଷର ପ୍ରାୟଶଃ ଦ୍ୱିତ୍ୱ-ପ୍ରାପ୍ତ ହୁଏ । ଯଥା—
କୃଧାତୁ=କରିବା+ସନ୍=ଚିକୀର୍ଷ୍ ଧାତୁ=କରିବାକୁ ଇଚ୍ଛା କରିବା, ପାଧାତୁ=ପିଇବା+ସନ୍=ପିପାସ୍ ଧାତୁ =ପିଇବାକୁ ଇଚ୍ଛା କରିବା, ଜ୍ଞାଧାତୁ=ଜାଣିବା+ସନ୍ =ଜିଜ୍ଞାସ୍ ଧାତୁ=ଜାଣିବାକୁ ଇଚ୍ଛା କରିବା । ଏହି ଧାତୁରେ ଭାବ ବାଚ୍ୟରେ 'ଅ' ପ୍ରତ୍ୟୟ କଲେ ନିଷ୍ପନ୍ନ ପଦ ପ୍ରାୟଶଃ ଆକାରାନ୍ତ ହୁଏ । ଯଥା—ଚିକୀର୍ଷା=କରିବା ଇଚ୍ଛା; ପିପାସା=ପିଇବା ଇଚ୍ଛା; ଜିଜ୍ଞାସା=ଜାଣିବା ଇଚ୍ଛା; ସନନ୍ତ ଧାତୁରେ 'ଉ' ପ୍ରତ୍ୟୟ ହେଲେ ଉକାରାନ୍ତ ବିଶେଷଣ ଶବ୍ଦ ହୁଏ । ଯଥା—ଚିକୀର୍ଷୁ=କରିବାକୁ ଇଚ୍ଛୁକ, ପିପାସୁ=ପିଇବାକୁ ଇଚ୍ଛୁକ, ଜିଜ୍ଞାସୁ=ଜାଣିବାକୁ ଇଚ୍ଛୁକ ।]

ସନ୍ବ (ଧାତୁ)—ସଂ—୧ । ଗମନ କରିବା—1. To go.
Sanba (root) ୨ । ଗତି କରିବା—2. To move.

ସନ୍ ବରସନ୍—ବୈଦେ. କି. ବଣ—ସନ ବରସନ (ଦେଖ)
San barasan Sana barasana (See)

ସନ—ସଂ. ବ. (ସନ୍ ଧାତୁ=ସେବା କରିବା+କରଣ. ଅ)—
Sana ୧ । ହସ୍ତିକର୍ଣ୍ଣାସ୍ଫାଳନ; ହାତୀର କାନ ହଲାଇବା—
1. The fanning or waving of the ears by an elephant. ୨ । ପଶ୍ମା ପାଟଲୀ ବୃକ୍ଷ—
2. A tree; Schebra Swieteniodes (tree)
সনাতন सन ଦେ. ବ. (ପୁଂ) -ସନାତନର ଡାକ ନାମ—Name for calling Sanātana. ଗ୍ରା. ବ. (ପଦ୍ୟ)-ସ୍ୱନ; ଶବ୍ଦ—Voice. [ଭ୍ର—ଭମ୍ବ ସନ ଘନ, ମଧୁ ଲୁବ୍ଧ ଅଳି କୁସୁମ ବନ । ପ୍ରାଚୀ. ପ୍ରତାପ—ଶଶିସେଣା]

ସନ—ବୈଦେ. ବ (ଅ. ସନ୍)—୧ । ସାଲ; ବର୍ଷ; ଅବ୍ଦ—
Sana 1. Year. [ଦ୍ର—ଯଯାତିକେଶରୀଙ୍କ ରାଜତ୍ୱକାଳରୁ
সন। ଉତ୍କଳରେ ଏକ ସନ ପ୍ରଚଳିତ ହୋଇ ଆସୁଅଛି । ଭାଦ୍ର
सन ମାସ ଶୁକ୍ଳ ଦ୍ୱାଦଶୀ ଦିନଠାରୁ ଏହି ସନର ବର୍ଷାରମ୍ଭ । ସେହିନ ସମଗ୍ର ଉତ୍କଳରେ 'ସୁନିଆଁ' ନାମରେ ଖ୍ୟାତ—କୃପାସିନ୍ଧୁ, ଉତ୍କଳ ଇତିହାସ ।
ଦେଶୀୟ ଅବ୍ଦ ଗଣନା ଓ ଇଂରାଜୀ ଅବ୍ଦ ଗଣନା ମତେ କୌଣସି ସଂଖ୍ୟକ ଅବ୍ଦ ପୂର୍ବେ 'ସନ' ଶବ୍ଦ ଲେଖାଯାଏ, ଏବଂ ସାଧାରଣତଃ ସବୁ ପ୍ରକାରର ଅବ୍ଦ ପରେ 'ସାଲ' ଶବ୍ଦ ଓ ଇଂରାଜୀୟ ପରେ 'ମସିହା' ଲେଖାଯାଏ । ଯଥା—(ଦେଶୀୟ) ସନ ୧୩୩୮ ସାଲ, ସନ ୧୯୨୬ ସାଲ ବା ସନ ୧୯୨୬ ମସିହା, (ଇଂରାଜୀ) ସନ ୧୯୩୮ ମସିହା । କରଣ ଓ ମୋହରିରମାନେ ଏହି 'ସନ' ଓ 'ସାଲ' ଶବ୍ଦକୁ ଯଥାକ୍ରମେ 'ସ' ଓ 'ସା' ବୋଲି ଲେଖନ୍ତି । ଯଥା—ସ ୧୩୩୮ ସା=ସନ ୧୩୩୮ ସାଲ ।]

୨ । ମୁଦ୍ରା ଉପରେ ଛପା ଥିବା ବର୍ଷର ସଂଖ୍ୟା ।
2. The number of the year stamped on a coin.

[ଦ୍ର—ସନ ଗଣନା ସମ୍ବନ୍ଧରେ ନାନା ଦେଶରେ ନାନା ପ୍ରକାରର ରୀତି ଓ ଭାରତର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭିନ୍ନ ପ୍ରଥା ପ୍ରଚଳିତ ଥିବା ଦେଖାଯାଏ । ଯଥା— ଯେଉଁଦିନ ୧-୯-୧୯୩୭, ସେଦିନ ସଂବତ ୧୯୯୪, ଶକାବ୍ଦ ୧୮୫୯, ଫସଲୀସ୍ତବ ୧୩୪୪, ଉତ୍କଳାବ୍ଦ ୧୩୪୪, ବଙ୍ଗାବ୍ଦ ୧୩୪୪, ଫସଲି ୧୩୪୪]

୧ । ସଂବତ୍ ବା ବିକ୍ରମାବ୍ଦ—କାଳକ୍ରମରେ ଦେଖିବାକୁ ଗଲେ ସଂବତ୍ ବା ବିକ୍ରମାବ୍ଦ ଭାରତରେ ଅଧୁନା ପ୍ରଚଳିତ ସବୁ ସନମାନଙ୍କ ମଧ୍ୟରେ ପୁରାତନ । ଏହା ଖ୍ରୀଷ୍ଟ ପୂର୍ବ ୫୭ ବର୍ଷଠାରୁ ଆରମ୍ଭ ହୋଇଥିଲା । ଏ ଅବ୍ଦ ପ୍ରଥମେ ମାଳବ ଦେଶରେ ଚଳୁଥିଲା । ବିକ୍ରମାଦିତ୍ୟ (ମତାନ୍ତରରେ ଚନ୍ଦ୍ରଗୁପ୍ତ) ଶକ ବା ହୂଣମାନଙ୍କୁ ପରାସ୍ତ କରି ଭାରତରେ ରାଜ୍ୟ ବିସ୍ତାର କରିବା ସମୟରେ ଏହି ଅବ୍ଦକୁ ରାଜ୍ୟରେ ଚଳାଇଲେ । ('ବିକ୍ରମାଦିତ୍ୟ' ତଳେ ନୋଟ୍ ଦେଖ); ଏହି ଅବ୍ଦକୁ ମାରୁଆଡ଼ୀ ଓ ପଣ୍ଡିତମାନେ ବ୍ୟବହାର କରନ୍ତି । ଏହା ପ୍ରତି ବର୍ଷ ଚୈତ୍ର ଶୁକ୍ଳପକ୍ଷ (ଶୁଦି) ପ୍ରତିପଦ ଦିନ ଆରମ୍ଭ ହୋଇ ପରବର୍ତ୍ତୀ ଚୈତ୍ର କୃଷ୍ଣପକ୍ଷ (ବଦି) ଅମାବାସ୍ୟା ଦିନ ଶେଷ ହୁଏ । ଏହି ବର୍ଷର ମାସମାନ ଗୌଣଚାନ୍ଦ୍ରମାନ ଅନୁସାରେ ଗଣା ହୁଏ । ମାରୁଆଡ଼ୀମାନେ ଏହି ଅନୁସାରେ ସନ ଗଣନା କରନ୍ତି; କିନ୍ତୁ ରାମନବମୀ (ଚୈତ୍ର ଶୁକ୍ଳ ନବମୀ) ଦିନ ସେମାନଙ୍କର ଖାତା ଆରମ୍ଭ କରନ୍ତି । ସୌରମାନ ବର୍ଷ ଗଣନା ସଙ୍ଗେ ଏହାକୁ ସମାନ କରିବାକୁ ଏଥିରେ ମଳ ମାସ ଗଣନା କରାଯାଏ । ଏ ବର୍ଷର ଦିନ ସଂଖ୍ୟା ୩୬୦ ଦିନ ।

୨ । ଇଂରେଜୀ ସନ ବା ଖ୍ରୀଷ୍ଟିଅନ୍ ସନ ବା ଖ୍ରୀଷ୍ଟାବ୍ଦ— ଯିଶୁଖ୍ରୀଷ୍ଟଙ୍କ ଜନ୍ମଠାରୁ ଏହା ଗଣା ହୋଇ ଆସୁଅଛି । ପାଶ୍ଚାତ୍ୟ ସଭ୍ୟ ଜଗତରେ ସର୍ବତ୍ର ଏହି ଅବ୍ଦ ଚଳୁଅଛି । ଏହା ଡିସେମ୍ବର ମାସ ୩୧ ତାରିଖରେ ଶେଷ ହୁଏ ଓ ଜାନୁଆରି ମାସ ପହିଲାରେ ଆରମ୍ଭ ହୁଏ । ଏ ବର୍ଷର ଦିନ ସଂଖ୍ୟା ୩୬୫ ଦିନ । ସୌର ବର୍ଷର ଦିନ ସଂଖ୍ୟା ୩୬୫¼ ଦିନ । ସୌର ବର୍ଷ ସଙ୍ଗେ ଏହାକୁ ସମାନ କରିବାପାଇଁ ପ୍ରତି ଚାରି ବର୍ଷରେ ପଡ଼ିବା ଗୋଟିଏ ଲେଖାଏଁ ଲିପ୍ ଇଅର୍ (Leap year) ବର୍ଷରେ ଫେବୃଆରୀ ମାସଟି ୨୮ ଦିନଆଁ ନ ହୋଇ ୨୯ ଦିନଆଁ ହୁଏ । ସେହି ବର୍ଷଟିର ଦିନ ସଂଖ୍ୟା ୩୬୬ ଦିନ ହୁଏ । ଏ ଇଂରାଜୀ ସନ ସୌର ଗଣନାକ୍ରମେ ଗୃହୀତ ହୁଏ, ଅର୍ଥାତ୍ ଏହା ସୌର ବର୍ଷ । ଅତଏବ ପ୍ରତି ବର୍ଷ ୫ ଦିନ ୧୦ ଦଣ୍ଡ ୩୧ ପଳ ୩୧ ବିପଳ ୨୪ ଅନୁପଳ ଶକାବ୍ଦରେ ଯୋଗ କଲେ ନାକ୍ଷତ୍ର ବର୍ଷ ହୁଏ । ଏହି ଅବ୍ଦଦ୍ୱାରା ଦଶା ଗଣନା କରିବାକୁ ହୁଏ ବୋଲି ବରାହାଚାର୍ଯ୍ୟ ଲେଖିଅଛନ୍ତି ।

୩ । ଶକାବ୍ଦ ବା ଶାଳିବାହନାବ୍ଦ— ଶକ ବା ସିଦିଅନ୍ (Scythian) ମାନେ ଭାରତରେ ରାଜତ୍ୱ କରିବା ସମୟରେ ଶକରାଜା ଶାଳିବାହନଙ୍କ ରାଜତ୍ୱ କାଳରୁ ଏହି ସନ ଗଣନାର ଆରମ୍ଭ ହୋଇଥିଲା । ଏହା ଖ୍ରୀଷ୍ଟାବ୍ଦଠାରୁ ୭୮ ବର୍ଷ କମ୍, ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୭୮ ମସିହାରେ ଏହା ଆରମ୍ଭ ହୋଇଥିଲା । ବର୍ତ୍ତମାନ ମଧ୍ୟ ଭାରତରେ ଏହା ଚଳୁଅଛି । ଶକାବ୍ଦ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ଦିନ ଆରମ୍ଭ ହୁଏ ।

୪ । ଫସଲୀସ୍ତବ— ଏହା ମୋଗଲ ବାଦସାହା ଅକବରଙ୍କ ଦ୍ୱାରା ଭାରତରେ ଚଳିଥିଲା ଏବଂ ଏବେ ମଧ୍ୟ ହିନ୍ଦୁମାନଙ୍କ ଗଣନାରେ ଚଳୁଅଛି । ଅକବର ବାଦସାହା ହିଜିରି ୯୬୩ ସାଲ= ୧୪୭୮ ଶକାବ୍ଦରେ ଏହା ପ୍ରବର୍ତ୍ତିତ କରିଥିଲେ । ସେ ସମୟରେ ଯେଉଁ ହିଜିରି ସନ (୯୬୩) ହୋଇଥିଲା, ସେହି ସନର ସଂଖ୍ୟାଗଣନାରୁ ଆରମ୍ଭ କରି ସୌର ଗଣନାକ୍ରମେ ଏ ସନ ଗଣା ହୋଇ ଆସୁଅଛି ଏବଂ ଭିନ୍ନ ଭିନ୍ନ ଦେଶରେ ଚାନ୍ଦ୍ର ଓ ସୌର ଗଣନାକ୍ରମେ ଚଳୁଅଛି ।

ହିଜିରି ସନ ଚାନ୍ଦ୍ରମାନ ଗଣନାକ୍ରମେ ହେଉଥିବାରୁ ତହିଁର ବର୍ଷକ=୩୫୪ ଦିନ ଓ ତାହା ହିନ୍ଦୁମାନଙ୍କ ସୌରମାନ ବର୍ଷଠାରୁ ୧୧ ଦିନ କମ ।

୫ । ଉତ୍କଳାବ୍ଦ ବା ଓଡ଼ିଆ ସନ— ଏହା ଫସଲୀସ୍ତବ; କିନ୍ତୁ ଏହା କନ୍ୟା (ଆଶ୍ୱିନ) ମାସରେ ଆରମ୍ଭ ହୁଏ । ଭାଦ୍ର ଶୁକ୍ଳ ଦ୍ୱାଦଶୀ (ସୁନିଆଁ) ଦିନ ଏହାର ଆରମ୍ଭ ହୁଏ, ଅର୍ଥାତ୍, ତହିଁର ପୂର୍ବରୁ ପଡ଼ିଥିବା ସୌର ଆଶ୍ୱିନ ମାସର ପୂର୍ବବର୍ତ୍ତୀ ଦିବସମାନ ଯଦି ୧୩୪୪ ସାଲ ହୋଇଥିବ, ତେବେ ତତ୍ପରବର୍ତ୍ତୀ ସୌର ଆଶ୍ୱିନର ଦିନମାନ ୧୩୪୫ ସାଲରେ ସୁମାର ହେବ । ଉଦାହରଣ ସ୍ୱରୂପ ଦେଖାଯାଉ ଯେ ୧୯୩୭ ଖ୍ରୀଷ୍ଟାବ୍ଦରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ ସୌର ଆଶ୍ୱିନର ୩ ଦିନ ସୁନିଆଁ । ସେହି ଆଶ୍ୱିନ ବା କନ୍ୟା ମାସର ୪ ଦିନଠାରୁ ୧୩୪୫ ସାଲ ଆରମ୍ଭ ହେଲା ଏବଂ ତହିଁର ପୂର୍ବଦିନ କନ୍ୟା ୩ ଦିନ ୧୩୪୪ ସନରେ ଗଣନା ହେଲା ଓ କନ୍ୟା ୪ ଦିନ ୧୩୪୫ ସନରେ ଗଣନା ହେଲା । ପୁରୀ ରାଜାଙ୍କର ନୂତନ ଅଙ୍କ ମଧ୍ୟ ସେହି ଦିନଠାରୁ ଗଣାଯାଏ ।

କିନ୍ତୁ ଦେବତାମାନଙ୍କ ପୂଜାରେ କନ୍ୟା ସଂକ୍ରାନ୍ତିଠାରୁ ନୂଆ ସନ ଗଣାଯାଏ । ଓଡ଼ିଶାରେ ପ୍ରଚଳିତ ସନକୁ ମଧ୍ୟ ଫସଲି ବା ବିଲାୟତି ବର୍ଷ ବୋଲାଯାଏ । (କିନ୍ତୁ ଜ୍ୟୋତିଷ ମତରେ ସୂର୍ଯ୍ୟଦେବଙ୍କର ବାର୍ଷିକ ଗତି ଓ ମନୁଷ୍ୟମାନଙ୍କର ପରମାୟୁ ବିସ୍ତାର ସୌର ଚୈତ୍ର ୩୦ ଦିନ ଶେଷ ହୋଇ ପଣାସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୁଏ ।

ଓଡ଼ିଶା ପ୍ରଜାସ୍ୱତ୍ୱ ଅଇନ ଅନୁସାରେ ବର୍ଷ ଗଣନା ମଧ୍ୟ ସୌର ବୈଶାଖ ୧ ଦିନଠାରୁ ଆରମ୍ଭ ହୋଇଥାଏ

୬ । ବଙ୍ଗାବ୍ଦ ବା ବଙ୍ଗୀୟ ସନ—ଏହା ମଧ୍ୟ ଅକବର ବାଦଶାହାଙ୍କ ପ୍ରବର୍ତ୍ତିତ ସନ । ଏହି ସନ ଓ ଚଟ୍ଟଗ୍ରାମରେ ପ୍ରଚଳିତ "ମଗୀ"ସନ ସୌରମାନ ଗଣନାରେ ଗୃହୀତ ହୁଏ । କିନ୍ତୁ ଏହା ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ନ ହୋଇ ତହିଁର ପରଦିନଠାରୁ ବୈଶାଖ ୧ ବୋଲି ଗଣାଯାଏ । ଓଡ଼ିଆ ସନରେ ସଂକ୍ରାନ୍ତି ସୌର ମାସର ୧ ଦିନ; କିନ୍ତୁ ବଙ୍ଗଳା ସନରେ ସଂକ୍ରାନ୍ତି ପୂର୍ବବର୍ତ୍ତୀ ସୌରମାସର ଶେଷ ଦିନ ଅଟେ ।

ଉଦାହରଣ ସ୍ୱରୂପ—ଖ୍ରୀ ୧୯୨୬ ସାଲର ୧୩ ତାରିଖ ଅପ୍ରେଲ ମହାବିଷୁବ ସଂକ୍ରାନ୍ତି ଓଡ଼ିଶାରେ ୧୩୩୩ ସାଲର ବୈଶାଖ ୧ ଦିନ (କାରଣ ଓଡ଼ିଶାରେ ୧୩୩୩ ସନ ଗତ କନ୍ୟା ବା ସୌର ଆଶ୍ୱିନରୁ ଆରମ୍ଭ ହୋଇଥିଲା); କିନ୍ତୁ ଖ୍ରୀ ୧୯୨୬ର ୧୩ ଅପ୍ରେଲ ବଙ୍ଗଳାରେ ୧୩୩୨ ସାଲର ଚୈତ୍ର ୩୦ ଦିନ ଅଟେ । ତହିଁଆରଦିନ ବଙ୍ଗାବ୍ଦର ଆରମ୍ଭ ଅର୍ଥାତ୍ ଖ୍ରୀ ୧୯୨୬ ସାଲ୍ ୧୪ ଅପ୍ରେଲ=ନୂତନ ବଙ୍ଗାବ୍ଦ ୧୩୩୩ର ବୈଶାଖ ୧ ଦିନ ହେଲା । ଏଥିରୁ ଦେଖାଯିବ ଯେ, ଓଡ଼ିଶାରେ ଅଶ୍ୱିନ [ସୁନିଆଁ]ଠାରୁ ଯେଉଁ ନୂଆ ସନ ଆରମ୍ଭ ହୋଇଥାଏ, ବଙ୍ଗଦେଶରେ ସେହି ନୂଆ ସନ ପରବର୍ତ୍ତୀ ବିଷୁବ ସଂକ୍ରାନ୍ତିର ପରଦିନଠାରୁ ଆରମ୍ଭ ହୁଏ । ଓଡ଼ିଶାରେ ସୁନିଆ ଦିନ ନବ ବର୍ଷାରମ୍ଭ, ବଙ୍ଗଦେଶରେ ମହାବିଷୁବ ସଂକ୍ରାନ୍ତି ବାର୍ଦ୍ଦିନ ନବ ବର୍ଷାରମ୍ଭ । ଖ୍ରୀଷ୍ଟାବ୍ଦ ୧୯୨୬ ସାଲ ସୁନିଆଁର ପୂର୍ବଦିନ [୧୮-୯-୨୬] ଓଡ଼ିଆ ୧୩୩୩ ସାଲର ଶେଷ ଦିନ, କିନ୍ତୁ ତତ୍ପରବର୍ତ୍ତୀ ବିଷୁବ ସଂକ୍ରାନ୍ତି [୧୩-୪-୨୭] ବଙ୍ଗଳା ୧୩୩୩ ସାଲର ଶେଷ ଦିନ ହୋଇଥିଲା ।

୭ । ଫସଲି ସନ ବା ଅମଲୀ ସନ—ଫସଲ ଅମଦାନି ବା ଶସ୍ୟକର୍ତ୍ତନ [ବା ଅମଲ] ଅନୁସାରେ ଏହି ବର୍ଷର ଗଣନା ହୁଏ । ବଙ୍ଗଦେଶରେ ମହାବିଷୁବ ସଂକ୍ରାନ୍ତିର ପରବର୍ତ୍ତୀ ଦିନଠାରୁ, ଓଡ଼ିଶାରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ (ସୁନିଆଁ) ଠାରୁ ଓ ଉତ୍ତରଭାରତରେ ୧ କୃଷ୍ଣ ଅଶ୍ୱିନଠାରୁ ଫସଲି ସନ ଗଣାଯାଏ । ଦେଖିବାକୁ ଗଲେ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାରରେ ଫସଲି ସନର ଗଣନା ହୁଏ ।

୮ । ବିଲାୟତି ସନ—ଯେଉଁ ଫସଲି ସନ ୧ ସୌର ଅଶ୍ୱିନ (କନ୍ୟା)ରୁ ଆରମ୍ଭ ହୁଏ, ତାହାର ନାମ ବିଲାୟତି ସନ । ଓଡ଼ିଶାରେ ଦେବପୂଜା ଆଦି ବିଲାୟତି ସନ ଗଣନାକ୍ରମେ ଧରାଯାଏ । ଏହାର ସଂଖ୍ୟା ଗଣନା ସମ୍ରାଟ ଅକବରଙ୍କ ପ୍ରବର୍ତ୍ତିତ ସନ ଅନୁସାରେ ହୁଏ ।

କିନ୍ତୁ ଉତ୍ତର ଭାରତରେ ଫସଲି ସନ ଅଶ୍ୱିନ କୃଷ୍ଣ ପ୍ରତିପଦଠାରୁ ଆରମ୍ଭ ହୁଏ ।

୯ । ହିଜିରି ସନ ବା ମୁସଲମାନି ସନ ବା ମହମ୍ମଦୀୟ ସନ—ମହମ୍ମଦ ଶତ୍ରୁମାନଙ୍କ ଅତ୍ୟାଚାରରେ ମକ୍କାଠାରୁ ମଦିନାକୁ ଯାତ୍ରା କରିବା ଦିନ (ଖ୍ରୀ, ୬୨୨ ଜୁଲାଇ ୧୦ ତାରିଖ) ଠାରୁ ଏହି ସନ ଗଣନା ଆରମ୍ଭ ହୋଇଥିଲା । ଏହି ସନ ଚାନ୍ଦ୍ରମାନ ବର୍ଷ । ୧୨ ଚନ୍ଦ୍ରୋଦୟରେ ଏକ ବର୍ଷ=୩୫୪ ଦିନ ।

ଅମାବାସ୍ୟା ପରେ ପ୍ରଥମେ ଯେଉଁ ଦିନ ସନ୍ଧ୍ୟାବେଳେ ଦ୍ୱିତୀୟାର ଚନ୍ଦ୍ର ଦେଖାଯାଆନ୍ତି, ସେହି ଦିନର ପର ଦିନଠାରୁ ମାସର ଗଣନା ଆରମ୍ଭ ହୋଇ ତତ୍ପରବର୍ତ୍ତୀ ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ପର୍ଯ୍ୟନ୍ତ ଏକ ମାସ ହୁଏ ।

ବଙ୍ଗାବ୍ଦ ଓ ଖ୍ରୀଷ୍ଟାବ୍ଦର ସୌର ଗଣନା କ୍ରମେ ୧ ବର୍ଷ =୩୬୫ ଦିନ । ଭାରତରେ ଚାନ୍ଦ୍ରମାନ ଗଣନା ଅନୁସାରେ ଯେଉଁ ବର୍ଷ ଗଣିତ ହୁଏ, ସେଥିରେ ପ୍ରତି ଚାନ୍ଦ୍ରବର୍ଷ ସୌରବର୍ଷଠାରୁ ୧୧ ଦିନ କମ୍ ହେବାରୁ ୩ ବର୍ଷ ଅନ୍ତରରେ ଗୋଟିଏ ଲେଖାଏଁ ମଳ ମାସ ବା ଅଧିମାସ ପୂରାଇ ଚାନ୍ଦ୍ର ବର୍ଷ ସଙ୍ଗେ ସୌର ବର୍ଷର ମେଳ କରାଯାଏ, ଓ ସେହି ହେତୁ ଏ ଦୁଇପ୍ରକାର ଗଣନାରେ ଋତୁର ସମତା ରକ୍ଷା କରାଯାଏ । କିନ୍ତୁ ହିଜିରି ସନ ଚାନ୍ଦ୍ର ବର୍ଷ ଥିବାରୁ ସେହି ଗଣନା ଅନୁସାରେ ସୌର ବର୍ଷ ଅପେକ୍ଷା ହିଜିରି ସନର ଯେଉଁ ୧୧ ଦିନ ପ୍ରତି ବର୍ଷ କମ୍ ହୁଏ, ତାହା ପୂରଣ କରା ନ ଯିବାରୁ ହିଜିରି ସନର ମାସମାନ ପ୍ରତିବର୍ଷ ଏକ ଋତୁରେ ପଡ଼େ ନାହିଁ; ସେଥିଯୋଗୁଁ ମୁସଲମାନଙ୍କ ପର୍ବମାନ ଭିନ୍ନ ଭିନ୍ନ ଋତୁରେ ପଡ଼େ । ଯଥା--ଥରେ ଗ୍ରୀଷ୍ମଦିନେ ମହରମ୍ ପଡ଼େ; ୨।୩ ବର୍ଷ ବାଦ ତାହା ବର୍ଷାଦିନେ ପଡ଼େ; ଫେର୍ ୨।୩ ବର୍ଷ ବାଦ ତାହା ଶରତ୍ କାଳରେ, ପରେ ଶୀତକାଳରେ, ପୁଣି କେତେବର୍ଷ ପରେ ବସନ୍ତ କାଳରେ ପଡ଼େ ।

ଅଧିକ ମଧ୍ୟ ଦେଖାଯାଏ ଯେ, ଅକବର ବାଦସାହା ତାଙ୍କ ରାଜତ୍ୱର ଆରମ୍ଭ ଅର୍ଥାତ୍ ୧୫୫୬ ଖ୍ରୀଷ୍ଟାବ୍ଦରେ =ଶକାବ୍ଦ ୧୪୭୮ରେ ଚଳୁଥିବା ହିଜିରି ୯୬୩ ସନକୁ ଭାରତରେ ସମାନ ସଂଖ୍ୟକ ସନ ୯୬୩ ବୋଲି ପ୍ରଥମେ ଚଳାଇଥିଲେ । ସେହି ଦିନଠାରୁ ୧।୧।୩୭ ପର୍ଯ୍ୟନ୍ତ ହିନ୍ଦୁଙ୍କ ଗଣନାକ୍ରମେ ୧୩୪୫ ହୋଇଥିଲା । କିନ୍ତୁ ହିଜିରି ସନ ହିନ୍ଦୁମାନଙ୍କ ସନଠାରୁ ପ୍ରତିବର୍ଷ ୧୧ ଦିନ କମ୍ ଥିବାରୁ ସେଦିନ ହିଜିରି ୧୩୫୬ ସନ=ଶକାବ୍ଦ ୧୮୫୯ =୧୯୩୭ ଖ୍ରୀଷ୍ଟାବ୍ଦରେ=ଓଡ଼ିଆ ସନ ବା ବିଲାୟତି ୧୩୪୪=ବିକ୍ରମାବ୍ଦ ୧୯୯୪ ହେଲା । ଅର୍ଥାତ୍, ଅକବର ବାଦସାହାଙ୍କ ରାଜତ୍ୱ ଆରମ୍ଭ (୧୫୫୬ ଖ୍ରୀଷ୍ଟାବ୍ଦଠାରୁ ହିନ୍ଦୁ ଓ ଖ୍ରୀଷ୍ଟାନ୍ ଗଣନା କ୍ରମେ ୩୮୧ ବର୍ଷ ଗତ ହୋଇଅଛି; କିନ୍ତୁ ମୁସଲମାନି ଗଣନାକ୍ରମେ ୩୯୩ ବର୍ଷ ଗତ ହୋଇଅଛି; ଅନ୍ୟ କଥାରେ କହିବାକୁ ଗଲେ, ହିନ୍ଦୁ ଓ ଖ୍ରୀଷ୍ଟାନଙ୍କ ଗଣନାକ୍ରମେ ୩୮୧ ବର୍ଷ=ହିଜିରି ଗଣନାକ୍ରମେ ୩୯୩

ବର୍ଷ, ଅର୍ଥାତ୍ ହିଜ୍‌ରୀର ୩୧ ବର୍ଷ=ହିଜ୍‌ରୀ ୩୨ ବର୍ଷ; କାରଣ, ମୁସଲମାନ୍ ବର୍ଷ ପ୍ରତିବର୍ଷ ହିନ୍ଦୁ ଓ ଖ୍ରୀଷ୍ଟାନ୍ ଗଣନା ଅନୁସାରେ ୧୧ ଦିନ ଲେଖାଏଁ କମି ହେବାରୁ ପ୍ରତି ୩୧ ବର୍ଷରେ ୩୬୫ ଦିନ ଲେଖାଏଁ କମିଯାଉଛି।

ହିଜ୍‌ରୀ ସନର ପ୍ରଥମ ମାସ ମହରମ ଓ ଶେଷମାସ ଜେଲ୍‌ହିଜ୍ଜ ଅଟେ।

୧୦। ପୁରୀ ଗଜପତିରାଜାଙ୍କ ଅଙ୍କ—

ପୁରୀର ରାଜାମାନେ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବ କୋଟି କର୍ଣ୍ଣାଟ କଳବର୍ଗେଶ୍ୱର" ଥିବା ସମୟରୁ ପ୍ରତି ରାଜାଙ୍କ ରାଜତ୍ୱର ଆରମ୍ଭରୁ ଏହି ଅଙ୍କ ଗଣନା କରାଯାଏ। ପୁରୀର ରାଜାମାନେ ବର୍ତ୍ତମାନ ସ୍ୱାଧୀନ ରାଜତ୍ୱ ହରାଇ ଅଛନ୍ତି। ଇଂରାଜ ଗଭର୍ଣ୍ଣମେଣ୍ଟ ପୁରୀର ପ୍ରତ୍ୟେକ ରାଜାଙ୍କୁ ବ୍ୟକ୍ତିଗତ ଭାବରେ 'ରାଜା' ଉପାଧି ଦିଅନ୍ତି। କିନ୍ତୁ ଉତ୍କଳବାସୀମାନେ ତାଙ୍କୁ 'ପୁରୀରାଜା' 'ଗଜପତି ମହାରାଜା' ବା 'ଠାକୁର ରଜା' ବୋଲି କହନ୍ତି।

ଏହି ଅଙ୍କ ପ୍ରତିବର୍ଷ ସୁନିଆଁ (ଭାଦ୍ର ଶୁକ୍ଳ ଦ୍ୱାଦଶୀ) ଠାରୁ ଗଣନା କରାଯାଏ; କିନ୍ତୁ ଏହାର ମାସର ଓ ଦିନର ଗଣନା ସୌରଗଣନା ଅଟେ। ଯଥା—

ଭାଦ୍ର, ଭାଦ୍ର ମାସ=ସୌର ସିଂହ ମାସ
ଆଶ୍ୱିନ=କନ୍ୟା
କାର୍ତ୍ତିକ=ତୁଳ

ଏହି ସନର ବିଶେଷତ୍ୱ ଏହି ଯେ, ସୌର କନ୍ୟା ମାସର ଯେଉଁ ଦିବସ (ଭାଦ୍ର ଶୁକ୍ଳ ଦ୍ୱାଦଶୀ) ସୁନିଆଁ ପଡ଼ିବ, ସେହି ଦିନ ସେହି ତାରିଖ ଧରିବାକୁ ହେବ। ତତ୍‌ପୂର୍ବଦିନ ପୂର୍ବବର୍ତ୍ତୀ ଅଙ୍କର ପୂର୍ବ ତାରିଖ ଧରାଯାଏ। ଯଥା—ଖ୍ରୀଃ ୧୯୨୭ର ସୁନିଆଁ (୧୯।୯।୧୯୨୭) ସୌର ଆଶ୍ୱିନ ବା କନ୍ୟା ମାସର ୪ ଦିନ ହୋଇଥିଲା ଏବଂ ସେହିଦିନଠୁ ପୁରୀର ନୂତନ (ବର୍ତ୍ତମାନ) ରାଜା ରାମଚନ୍ଦ୍ର ଦେବଙ୍କର ରାଜତ୍ୱର ୧ମ ବର୍ଷ ଅର୍ଥାତ୍ ୩ ଅଙ୍କ ବୋଲାଗଲା ଓ ହିନ୍ଦୁମାନଙ୍କ ବିଲ୍ଲାୟତି ୧୩୩୪ ସନ ମଧ୍ୟ ସେହିଦିନ ଆରମ୍ଭ ହେଲା।

ତାହାର ପୂର୍ବଦିନ (୧୮।୯।୧୯୨୭ରେ) ଲେଖା ଯାଇଥିଲା ୧୩୩୩ ସାଲ, ମୁକୁନ୍ଦଦେବଙ୍କ ୫୫ ଅଙ୍କ କନ୍ୟା (ଆଶ୍ୱିନ) ୩ ଦିନ ଓ ସେଦିନ (୧୯।୯।୧୯୨୭ରେ) ଲେଖାଗଲା ୧୩୩୪ ସାଲ ରାମଚନ୍ଦ୍ର ଦେବଙ୍କ (ରାଜତ୍ୱର ପ୍ରଥମ ବର୍ଷ ବା) ୩ ଅଙ୍କ କନ୍ୟା ୪ ଦିନ।

ଏହି ଅଙ୍କର ଗଣନାରେ ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ନୂଆ ରାଜାଙ୍କ ରାଜତ୍ୱର ୧ମ ବର୍ଷ ୩ ଅଙ୍କ ବୋଲି ଗଣାଯାଏ। ତତ୍‌ପରେ ୬, ୧୬, ୨୬, ୩୬, ୪୬, ୫୬ ଇତ୍ୟାଦି ସଂଖ୍ୟା ଗଣନା କରାଯାଏ ନାହିଁ, ଅର୍ଥାତ୍ ୫ ଅଙ୍କ ପରେ ୭ଅଙ୍କ, ୧୫ ଅଙ୍କ ପରେ ୧୭ ଅଙ୍କ, ୨୫ ଅଙ୍କ ପରେ ୨୭ ଅଙ୍କ ଗଣା ହୁଏ। ୧୦ଅଙ୍କ ଗଣାଯାଏ; କିନ୍ତୁ ୨୦, ୩୦,୪୦,୫୦,୬୦ ଆଦି ୧୦ର ଗୁଣିତକ ଅଙ୍କମାନଙ୍କ ସଂଖ୍ୟା ଗଣାଯାଏ ନାହିଁ; ଅର୍ଥାତ୍ ୧୯ ପରେ ୨୧ ଅଙ୍କ, ୨୯ ପରେ ୩୧ ଅଙ୍କ ଗଣାଯାଏ। ଉଦାହରଣ ସ୍ୱରୂପ ଦେଖାଯାଉ ଯେ, ୧୯୨୭ ସନ ସୁନିଆଁ ପୂର୍ବେ ସ୍ୱର୍ଗୀୟ ମୁକୁନ୍ଦଦେବ ମହାରାଜାଙ୍କର ୫୫ ଅଙ୍କ ହୋଇଥିଲା। ମୁକୁନ୍ଦଦେବ ବଞ୍ଚି ଥିଲେ ଏ ସୁନିଆ ପରେ ମୁକୁନ୍ଦଦେବଙ୍କର (୫୬ ଅଙ୍କ ନ ହୋଇ) ୫୭ ଅଙ୍କ ହୋଇଥାନ୍ତା; କିନ୍ତୁ ମୁକୁନ୍ଦଦେବ ସୁନିଆଁ ପୂର୍ବରୁ ମୃତ ହେବାରୁ ରାମଚନ୍ଦ୍ରଦେବ ରାଜା ହେଲେ। ସୁନିଆଁ ପୂର୍ବର ଦିନ ଅବସ୍ଥାଠାରୁ ମୁକୁନ୍ଦଦେବଙ୍କର ୫୫ ଅଙ୍କ ଚଳୁଥିଲା। ଏଥିମଧ୍ୟରେ ମୁକୁନ୍ଦଦେବ ସ୍ୱର୍ଗପ୍ରାପ୍ତ ହେଲେ ଓ ରାମଚନ୍ଦ୍ରଦେବ ରାଜା ହେଲେ ମଧ୍ୟ ସୁନିଆଁ ପର୍ଯ୍ୟନ୍ତ ସ୍ୱର୍ଗୀୟ ମୁକୁନ୍ଦଦେବଙ୍କର ୫୫ ଅଙ୍କ ଚଳିଥିଲା ଓ ସୁନିଆଁ ପରେ ନୂଆ ରାଜା (ରାମଚନ୍ଦ୍ରଦେବ)ଙ୍କ ରାଜତ୍ୱର ପ୍ରଥମ ବର୍ଷ ଅର୍ଥାତ୍ ରାମଚନ୍ଦ୍ରଦେବଙ୍କ ୩ ଅଙ୍କ ବୋଲି ଗଣାଗଲା। ନୂଆ ରାଜାଙ୍କର ୨ ଅଙ୍କ ଗଣାଗଲା ନାହିଁ।

ପୁରୀ ରାଜାଙ୍କର ବଂଶାନୁଗତ ନାମକରଣରେ ମଧ୍ୟ ବିଶେଷତ୍ୱ ଅଛି। ଯଥା—ପୁରୀର ଗଜପତି ରାଜାମାନେ ଯଥାକ୍ରମେ ରାମଚନ୍ଦ୍ର ଦେବ, ବୀରକେଶରୀ ଦେବ, ଦିବ୍ୟସିଂହ ଦେବ ଓ ମୁକୁନ୍ଦଦେବ ଏହି ନାମ ଚାରୋଟି ମାତ୍ର ଗ୍ରହଣ କରନ୍ତି। ଏହି ୪ଟି ନାମ ପର୍ଯ୍ୟାୟକ୍ରମେ ରାଜାମାନଙ୍କୁ ପ୍ରଦତ୍ତ ହୋଇ ଆସୁଅଛି।]

ସନ ଆଖର(ରି)—ବୈଦେ. ବି (ଫା. ସନ୍ ଓ ଆଖିର୍)—ବର୍ଷର ଶେଷ—The end of a year.
Sana ākhara(ri)
सन् आखिर **सन आखिर** (ସନ ଆଖିର—ଅବ୍ୟୟରୂପ)

ସନ ଆଦ୍ୟ—ଦେ. ବି (ଫା. ସନ୍ ଓ ସଂ. ଆଦ୍ୟ)—ବର୍ଷର ଆରମ୍ଭ—The beginning of a year.
Sana ādya
सन आरम्भ **सन आरम्भ**

ସନକ—ସଂ. ବି (ନାମ) (ସନ୍ ଧାତୁ=ସେବା କରିବା + କର୍ତ୍ତୃ-ଅକ)—ଜଣେକ ମୁନି; ବ୍ରହ୍ମାଙ୍କର ୭ଟି ମାନସ ପୁତ୍ର ମଧ୍ୟରୁ ଏକତମ; ବୈଶ୍ୱଦେବ ଓ ଶ୍ରାଦ୍ଧାଦିରେ ଯେଉଁ 'ସପ୍ତଦିବ୍ୟ ମନୁଷ୍ୟ'ଙ୍କ ତର୍ପଣ କରାଯାଏ, ସେମାନଙ୍କ ମଧ୍ୟରୁ ଏକତମ—Name of a progenitor of mankind. [ଦ୍ର—ସପ୍ତ ମନୁଷ୍ୟଙ୍କ ନାମ; ଯଥା—୧ ସନକ, ୨ ସନାତନ, ୩ କପିଳ, ୪ ବୋଢ୍ର, ୫ ଆସୁରି, ୬ ପଞ୍ଚଶିଖ ଓ ୭ ସନନ୍ଦ। ପୁରାଣ ମତରେ ଏମାନେ ମନୁଷ୍ୟମାନଙ୍କର ପୂର୍ବପୁରୁଷ ଓ ଜନଲୋକବାସୀ ଅଟନ୍ତି। ମତାନ୍ତରରେ ବ୍ରହ୍ମାଙ୍କର ୪ଗୋଟି ମାନସପୁତ୍ର ମଧ୍ୟରୁ ସନକ ଏକତମ—୪ ପୁତ୍ରଙ୍କ ନାମ; ଯଥା—ସନକ, ସନନ୍ଦ, ସନାତନ ଓ ସନତ୍କୁମାର; ଏମାନେ ବ୍ରହ୍ମାଙ୍କ ଆଦେଶ ଅନୁସାରେ ମନୁଷ୍ୟମାନଙ୍କ ସୃଷ୍ଟି କଲେ (ଭାଗବତୀୟ ୩ୟ ସ୍କନ୍ଧ ୧୨ ଅଧ୍ୟାୟ)। ନିବୀତ ହୋଇ ଅର୍ଥାତ୍ ପଇତାକୁ ମାଳି ପରି ବେକରେ ଲମ୍ବାଇ ଉତ୍ତରମୁଖ ହୋଇ ଏହି ସପ୍ତ ଦିବ୍ୟମନୁଷ୍ୟମାନଙ୍କୁ ଭଣ୍ଡ କୋଦକରେ ତର୍ପଣ କରିବାକୁ ହୁଏ।]

ସନକ୍ଷତ୍ର—ସ୍ତ୍ରୀ. ବି (ସଂ. ସ୍ୱନକ୍ଷତ୍ର)—ମନୁଷ୍ୟର ଜନ୍ମଦିନର ନକ୍ଷତ୍ର ଯେଉଁ ଦିବସରେ ପଡ଼େ—One's birthday.
Sanakshatra
सनक्षत्र **वर्षगाँठ**

ସନତ୍—ସଂ. ଅ (ସନ୍ ଧାତୁ—ଦାନ କରିବା + କର୍ତ୍ତୃ. ଅତ୍)—
Sanat ବ୍ରହ୍ମା—Brahmā. ସ. ଅ—ସଦା; ସର୍ବଦା—
Always; for ever.

ସନତ୍ କୁମାର—ସଂ.ବି (ନାମ) (ସନତ୍ = ବ୍ରହ୍ମାଙ୍କର + କୁମାର = ପୁତ୍ର)
Sanat kumāra —ଋଷି ବିଶେଷ; ବ୍ରହ୍ମାଙ୍କର ମାନସ ପୁତ୍ର-
ସଂ. ବେ ଧାତକ, ଧାତୃପୁତ୍ର, ବେଧାସୁ] ବିଶେଷ—Name of a
sage. [ଦ୍ର—ଏହାଙ୍କର ନାମ ମହାଭାରତର ହରିବଂଶରେ
ମିଳେ । ଏ ମହାତପାଃ ଓ ପରମଧାର୍ମିକ ଥିଲେ । ଏଥିପୋଇଁ
ଋଷିମାନେ ଏହାଙ୍କୁ ଶ୍ରଦ୍ଧା ଓ ବିଶ୍ୱାସ କରୁଥିଲେ । ରାଜର୍ଷି
ବୈଣ୍ୟଙ୍କ ଅଶ୍ୱମେଧ ଯଜ୍ଞ କାଳରେ ଗୌତମ ଓ ଅତ୍ରିଙ୍କ
ମଧ୍ୟରେ ବିତଣ୍ଡା ଉପସ୍ଥିତ ହେବାରୁ ତହିଁର ମୀମାଂସା ନିମନ୍ତେ
ଉଭୟ ପକ୍ଷ ଏହାଙ୍କୁ ମଧ୍ୟସ୍ଥ ମାନିବାରୁ ଏ ଉକ୍ତ ବିବାଦକୁ
ନିଷ୍ପତ୍ତି କରିଥିଲେ ।
ଧର୍ମଦେବଙ୍କ ଭାର୍ଯ୍ୟା ଅହିଂସାଙ୍କଠାରୁ ୪ଟି ପୁତ୍ର ଜାତ
ହୋଇଥିଲେ ଓ ପରେ ଏମାନଙ୍କୁ ବ୍ରହ୍ମା ଦତ୍ତକ ପୁତ୍ରରୂପେ
ଗ୍ରହଣ କରି ପ୍ରଜାସୃଷ୍ଟି କରାଇଲେ । ଏମାନଙ୍କ ନାମ
ଯଥାକ୍ରମେ ସନତ୍କୁମାର, ସନାତନ, ସନକ ଓ ସନନ୍ଦ
ବା ସନନ୍ଦନ । ଧର୍ମଙ୍କ ଔରସରେ ଅହିଂସାଙ୍କ ଗର୍ଭରେ
ଜନ୍ମ ହୋଇଥିବା ଅନ୍ୟ ୪ ଗୋଟି ପୁତ୍ରଙ୍କ ନାମ, ଯଥା—
କପିଳ, ବୋଢ଼ୁ, ଆସୁରି ଓ ପଞ୍ଚଶିଖ । ଏହି ୮ ଜଣଙ୍କ
ମଧ୍ୟରୁ ସନତ୍କୁମାରଙ୍କ ଛଡ଼ା ଅନ୍ୟ ୭ ଜଣଙ୍କୁ 'ସପ୍ତ
ମନୁଷ୍ୟ' ନାମରେ ଶ୍ରାଦ୍ଧ, ବୈଶ୍ୱଦେବ ଓ ତର୍ପଣରେ ଜଳ
ଓ ତିଳୋଦକାଦି ଦିଆଯାଏ । ଏମାନଙ୍କ ଆଖ୍ୟାନ
ମହାଭାରତୀୟ ହରିବଂଶ, ବାମନ ପୁରାଣ ୬୦।୬୮ ଅଧ୍ୟାୟ,
ବ୍ରହ୍ମବୈବର୍ତ୍ତ ପୁରାଣ, କୃଷ୍ଣଜନ୍ମଖଣ୍ଡ ୧୨୯ ଅଧ୍ୟାୟରେ
ବର୍ଣ୍ଣିତ ଅଛି ।] ୨ । ଜୈନ ବା ଜୈନଙ୍କ ମତରେ ଦ୍ୱାଦଶ
ସାର୍ବଭୌମମାନଙ୍କ ମଧ୍ୟରୁ ଏକତମ—2. One of the
12 famous universal saints according
to the Jainas.

ସନଦ—ଦେ.ବି. (ସଂ.ସନନ୍ଦ)—ସନନ୍ଦ ନାମକ ଋଷି; ସପ୍ତମନୁଷ୍ୟମାନଙ୍କ
Sanada ମଧ୍ୟରୁ ଏକତମ—Sage Sananda.
सनन्द सनंद ବୈଦେ. ବି—ସନନ୍ଦ (ଦେଖ)
Sananda (See)

ସନନ୍ଦ—ସଂ. ବିଣ. ପୁଂ (ସ = ସହିତ + ନନ୍ଦ = ଆନନ୍ଦ)—ଆନନ୍ଦଯୁକ୍ତ
Sananda —Joyous; merry. ସଂ. ବି. (ନାମ)—
(ସନନ୍ଦା—ସ୍ତ୍ରୀ) ବ୍ରହ୍ମାଙ୍କର ମାନସ ପୁତ୍ର ବିଶେଷ; ଋଷି ବିଶେଷ—
Name of a sage. [ଦ୍ର—ସନତ୍ କୁମାର ଦେଖ
ନୋଟ୍ ଦେଖ ।] ବୈଦେ. ବି.—(ଆ)—ବୌଣିସି
सनद सनन्द ; सनन्द ବ୍ୟକ୍ତିଙ୍କୁ ଭୂମି, ବୃତ୍ତି, ପଦ ବା ଉପାଧି ଆଦି
ଦିଆଗଲେ ତହିଁର ନିଦର୍ଶନ ସ୍ୱରୂପ ତାଙ୍କୁ ରାଜଦ୍ୱାରରୁ
ମିଳିବା ପରୁଆନା; ରାଜାଦେଶ ପତ୍ର; ରାଜାଙ୍କ ସ୍ୱାକ୍ଷର ଓ
ମୋହରଯୁକ୍ତ ଆଦେଶ ପତ୍ର; ଅନୁଜ୍ଞାପତ୍ର—Firman; a
grant; a written order signed and
sealed by a king; mandate of appointment. [ଉ—ଜମି ଭୋଗ ଦଖଲ କରିବା ନିମନ୍ତେ
ସରକାର ସୁବାଦାର ଭୀମାପାତ୍ରିଙ୍କ ସନଦ ଦେଇଅଛନ୍ତି ।
ଫକୀର ମୋହନ, ଛଅ ମାଣ ଅଠ ଗୁଣ୍ଠ]
[ଦ୍ର—ଏ ଶବ୍ଦ ଇଂରାଜୀରେ ମଧ୍ୟ 'Sanad' ବୋଲି
ବ୍ୟବହୃତ ହୁଏ ।

ସନନ୍ଦନ—ସଂ. ବି. (ସ + ନନ୍ଦନ = ଆନନ୍ଦ)—ବ୍ରହ୍ମାଙ୍କର ଏକତମ
Sanandana ମାନସ ପୁତ୍ର; ସନନ୍ଦଙ୍କର ନାମାନ୍ତର—
Another name of sage Sananda.

ସନ୍ ପଟ୍—ପ୍ରାଦେ (ଗଞ୍ଜାମ) ବି—ଶଣପଟ—
San-pat Sun-hemp; Crotolaria Juncea.

ସନ ବରସନ—ବୈଦେ. କ୍ରି. ବିଣ (ଅ. ସନ୍ = ବର୍ଷ ଓ ବର୍ ସନ୍ =
Sana barasana ବର୍ଷରେ)—ପ୍ରତିବର୍ଷ; ପ୍ରତି ସନ—Every
প্রতিবৎসর ফিবচ্ছর हरसाल year; annually.

ସନମତ—ଗ୍ରା. ବିଣ (ସଂ. ସମ୍ମତ)—ସମ୍ମତ (ଦେଖ)—
Sanamata Sammata (See) [ଦ୍ର—ହିନ୍ଦୀ ସନମତ ପୁଥିବା
सनमत सहमत ଭଳି ପାଠ୍ ଥିଲା ଏହ—ଭକ୍ତ. ବୈଦେଶିକ
सम्मति सम्मति ଭଳାସ] ଗ୍ରା. ବି—ସମ୍ମତି (ଦେଖ)—
Sammati (See) [ଉ—ଏ କଥା ଶୁଣି ଦ୍ୱିଜ
ସନମତ କଲେ । କୃଷ୍ଣସିଂହ.ମହାଭାରତ. ବନ]

ସନମତ(ତି) କରିବା—ଦେ. କ୍ରି—ସମ୍ମତ ହେବା; ରାଜିହେବା—To
Sanamata(ti) karibā agree; to consent.
सनमत हओया सहमत करना [ଉ—ପୁନ ତାହା ଶୁଣି
କରନ୍ତେ ସନମତ, ସେନାପତି କଲେ ତାହାଙ୍କୁ ପୁରୁହୁତ ।
କୃଷ୍ଣସିଂହ, ମହାଭାରତ. ବନ]

ସନମତି—ଗ୍ରା. ବି—(ସଂ. ସମ୍ମତି)—୧ । ସମ୍ମତି (ଦେଖ)—
Sanamati 1. Sammati (See) [ଉ—ସେ କଥାକୁ
सम्मति सम्मति ସନମତି ସେ କଲେ । କୃଷ୍ଣସିଂହ, ମହାଭାରତ,
ଆଦି] ୨ । କନ୍ୟା ସମାଜରେ ମହାପ୍ରସାଦ ନିର୍ବନ୍ଧ ପରେ
କନ୍ୟାଘରୁ ବରଘରକୁ ସିଜ୍ଞାର(ସ୍ୱୀକାର)ବେଶ୍ୱାର
ପଠାଯିବା ପରେ ବରଘରୁ କନ୍ୟାଘରକୁ କନ୍ୟାର
ବ୍ୟବହାର୍ଯ୍ୟ ପାଟଶାଢ଼ୀ, ଅଳଙ୍କାର ଓ ବାସନ ଆଦି ଯାହା
ଦେଇକରି ପଠାଯାଏ—2. Formal present of
cloth, ornaments etc for the use of the
bridegroom sent on receipt of the
presents from the bride's party after
formal betrothal. [ଦ୍ର—ମହାପ୍ରସାଦ ନିର୍ବନ୍ଧ
ପରେ ଏହା କନ୍ୟା ପକ୍ଷରୁ ସାମାଜିକ ଅଗ୍ରହଣୀୟ
ସ୍ୱୀକୃତ ଅଟେ ।]

ସନମାନ—ଗ୍ରା. ବି.—(ସଂ. ସମ୍ମାନ)—ସମ୍ମାନ—
Sanamāna Respect.
सनमान सम्मान [ଉ—ଏ ରୂପେ ସନମାନ କରି, ତା ପରେ
କାରିବା ପଣ୍ଡିତ । କୃଷ୍ଣଦାସ.ପ୍ରେମ ପଞ୍ଚାମୃତ]

ସନମୁଖ—ଗ୍ରା. ବି.—ସମ୍ମୁଖ (ଦେଖ)
Sanamukha Sammukha (See)

ସନ ମୁଣ୍ଡ—ଦେ. ବି.—ସନର ଅଗର; ବର୍ଷର ଶେଷ ଭାଗ—
Sana munda Year's end; the end of the year.
বছরের শেষ सनआखिर

ସନ ମୁଣ୍ଡେ—ଦେ. କି. ବିଣ—ବର୍ଷ ଶେଷରେ—
Sana munde At the end of the year.
বছরের শেষে सनशेषमें

ସନ ମୂଳ—ଦେ. ବି—ବର୍ଷର ଆରମ୍ଭ—
Sana mūla Beginning of the year.
সন আরম্ভ सन आरम्भ

ସନ ମୂଳେ—ଦେ. କି. ବିଣ—ବର୍ଷର ଆଦ୍ୟରେ—
Sana mūle At the beginning of the year.
সনমুলে, সনারম্ভে सन आरम्भमें

ସନଲ୍ଲ—ଦେ. ବି (ବଣିଅ ଶବ୍ଦ)—ପଠାଣଙ୍କ ବାହା ଘରେ ବର ତରଫରୁ
Sanalā କନ୍ୟାକୁ ଦଅଯିବା ଏକପ୍ରକାର ସୁନା ଗହଣା—
A sort of gold necklace given to the bridegroom's party during the marriage amongst the Mahomedans.

ସନ ସନ—ଦେ. ଅ (ଧ୍ୱନ୍ୟନୁକରଣ) (ବଙ୍ଗଳାରୁ ଅନୁକୃତ)—
Sana sana ୧ । ଅସ୍ତ୍ର ଚାଳନାର ଝନତ୍କାର ଶବ୍ଦ; ଝଣଝଣ—
সনসন 1. The rattling or clicking sound
सनसन produced by the active of weapons use.
୨ । ପବନ ଅଧ ବହିବାର ଶବ୍ଦ; ସାଇଁ ସାଇଁ—
2. Noise produced by the blowing of wind.

ସନ ସୂତ୍ର—ଦ. ବି (ଦ୍ୱୟୀ ତତ୍)—ଦୁଇଟି ଶିଅ ଶଣସୂତ୍ର ଦ୍ୱାରା
Sana sūtra ଗଠିତ ପଇତା; ଶଣସୂତ୍ର—The sacred thread (consisting of 2 strings of the sun-hemp fibre worn by Kshyatriyas.
[ଦ୍ର—ଏହା କ୍ଷତ୍ରିୟମାନଙ୍କ ପଇତାଧେୟ]

ସନ ହାଲ୍—ବୈଦେ. ବି (ପା. ସନ୍ + ହାଲ୍)—ଚଳିତ ସନ; ଏହି
Sana hāl ବର୍ଷ—Current year. ଦେ. ବିଣ—
সনহাল हालकासन ଚଳିତ ସନ ସମ୍ବନ୍ଧୀୟ—Relating
(ବଦେଶ୍ଯ, ସାବନ୍—ଵ୍ୟବସ୍ଥାତ) to the current year.
[ଯଥା—ଏ ପ୍ରଜା କୃଷରେ ଖଜଣା ସନହାଲ୍ ବାକି ଟ ୫୦
ଓ ସାବକ ବାକି ଟ ୫୦ ହେଉଅଛି ।]

ସନା—ସ. ଅ—୧ । ସତତ; ସର୍ବଦା—1. Always; constant-
Sanā ly; constant. ୨ । ସର୍ବକାଳେ—2. At all times. ୩ । ଚିରକାଳ—3. Eternally. ୪ । ସୃଷ୍ଟିର ଆଦ୍ୟରୁ—4. From time eternal.
ଦେ. ବି—(ଅନାଦ୍ୟର୍ଥକ) ସନାତନର ଡାକନାମ—
[ଦ୍ର—ସନାତନର ସନା, ସନ୍ତଅ-ଅନାଦ୍ୟର୍ଥକ ରୂପ ସନାଇ, ସନ୍ତ, ସନୁ, ସନେଇ—ଅନାଦ୍ୟର୍ଥକ ରୂପ ଅଟେ ।]

ଗ୍ରାଦେ (ପାଟଣା ଇଲାକା ଅଞ୍ଚଳର ପ୍ରଚଳିତ ଭାଷା) ବି—
ସୁନା—Gold.

ସନାଏତ୍—ଗ୍ରାଦେ (ସମ୍ବଲପୁର) ବି.—ଆପତ୍ତି—
Sanāet Objection.

ସନାକୁରୁ—ଦେ. ବି—କାଠ ବେଣ୍ଟରେ ବନ୍ଧା ଲୁହାର ଅଙ୍କୁଶି ଲାଗି-
Sanākuru ଥିବା ଅଙ୍ଗାରିଆ ଯନ୍ତ୍ର—An iron hook with a wooden handle used by bell metal workers to poke the fire of the oven; iron poker. [ଦ୍ର—ଏହାଦ୍ୱାରା ଅଙ୍ଗାର-ଖାଳର ନିଆଁକୁ କାରିଗର ଉଖାଉବାକୁ ହୁଏ ।]

ସନାକ୍ତ—ବୈଦେ. ବି (ପା. ସନାଖତ୍) (ଫରସିଆ)—ଅଭିଜ୍ଞାନ;
Sanākta ଚିହ୍ନିବା; ଚିହ୍ନୋଟ—Identification.
সনাক্ত सनाक्त

ସନାକ୍ତ କରିବା—ଦେ. କି. (ଫରସିଆ) କୌଣସି ବ୍ୟକ୍ତିକୁ ବା ବସ୍ତୁକୁ
Sanākta karibā ଚିହ୍ନିବା; ଚିହ୍ନୋଟ କରିବା—To
সনাক্ত করা सनाक्त करना identify a thing or a person. [ଦ୍ର—ସେହି ଲୋକ ଚନ୍ଦ୍ରଅଣି ଖାଉଅଛି ଥିବାର ଗୋଇନ୍ଦା କେତେ ସନାକ୍ତ କଲା । ଫକୀରମୋହନ.
ଛଅମାଣ ଅଠଗୁଣ୍ଠ]

ସନା(ନ୍ନା)ଟ ମାରିବା—ଗ୍ରାଦେ.(ବାଲେଶ୍ୱର) କି—ସନାଟି ଆସିବା (ଦେଖ)
Sanā(nnā)ṭa māribā Sanāṭi āsibā (See)
(ସନା(ନ୍ନା)ଟ ଦିବା—ଅନ୍ୟରୂପ) [ଦ୍ର—ଶୀତ ଖାଇଲା ପରେ ଦେହ ପ୍ରକୃତ ହେବାକେ ମାଠ ଖୁବ୍ ଜୋରରେ ସନାଟ ମାରନ୍ତି ।]

ସନାଟି ଆସିବା—ଗ୍ରାଦେ. (ବାଲେଶ୍ୱର) କି—୧ । ଅତି କ୍ଷିପ୍ର ଗତିରେ
Sanāṭi āsibā ଧାଇଁ ଆସିବା—To come with a very quick pace. [ଯଥା—ତା କୁକୁର ମୋ ଆଡ଼କୁ ସନାଟି ଆସିଲା] ୨ । ଖୁବ୍ ଜୋରରେ ଗତି କରିବା—2. To move very briskly.

ସନାତ୍—ସ. ଅ—ନିତ୍ୟ—Eternal. ପୁ. ବି—(ବିଷ୍ଣୁଙ୍କ ସହସ୍ର
Sanāt ନାମୋକ୍ତ) ବିଷ୍ଣୁଙ୍କର ନାମ—A name of Bishṇu.

ସନାତନ—ସଂ. ବିଣ (ସନା = ସଦା + ତନାର୍ଥେ ତନ)—୧ । ସଦା-
Sanātana ତନ; ନିତ୍ୟ; ଚିରସ୍ଥାୟୀ—1. Eternal; pre-
(ସନାତନୀ—ସ୍ତ୍ରୀ) petual; ever existing; incessant. ୨ । ସ୍ଥିରଶୀଳ—2. Unmoving; unchangeable. ୩ । ସୃଷ୍ଟିର ଆଦ୍ୟରୁ ଚଳି ଆସୁଥିବା 3. Current from time immemorial.
ସ. ବି. ପୁଂ—୧ । ବ୍ରହ୍ମାଙ୍କର ମାନସ ପୁତ୍ରବିଶେଷ—
1. Name of one of the adopted sons of Brahmā. (ଦ୍ର—ସନତ୍ କୁମାର ତଳେ ଦେଖ) ଦେ. ବି—୧ । ସନାତନ ଗୋସ୍ୱାମୀ (ଦେଖ)
1. Sanātana Goswāmī (See) ୨ । (ପୁଂ)
সনাতন सनातन ଲୋକଙ୍କ ନାମ—2. A name given to males.

ସନାତନ ଗୋସ୍ୱାମୀ—ଦେ· ବି—(ନାମ) ଶ୍ରୀ ଚୈତନ୍ୟ ଦେବଙ୍କ
Sanātana goswāmi ସମସାମୟିକ ସାଧୁଶୀଳ ବୈଷ୍ଣବ ଭକ୍ତ
Name of a very devout Baishnaba, contemporary of Chaitanya. (ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୪୮୮ ଓ ମୃତ୍ୟୁ ଖ୍ରୀ ୧୫୫୮ । ଏହାଙ୍କର ଗୃହସ୍ଥାଶ୍ରମରେ ନାମ ଥିଲା 'ଅମର' ଓ ବଙ୍ଗର ମୁସଲମାନ ରାଜା ହୁସେନ୍ ସାହାଙ୍କ ପ୍ରଦତ୍ତ ନାମ 'ସାକର ମଲ୍ଲିକ'; ଏହାଙ୍କ ଭାଇଙ୍କ ନାମ ରୂପ ଗୋସ୍ୱାମୀ । ଏ ଦୁଇ ଭାଇ ମୁସଲମାନ ରାଜାଙ୍କ ଅଧୀନ ଚାକିରି କରୁଥିଲେ; ମାତ୍ର ରୂପ ଧର୍ମସାଧନାର୍ଥ ଗୃହ ତ୍ୟାଗ କରି ବୈଷ୍ଣବ ଦୀକ୍ଷା ଗ୍ରହଣ କରି 'ରୂପ ଗୋସ୍ୱାମୀ' ନାମ ଧାରଣ କରି ବୃନ୍ଦାବନ ଠାରେ ତୀର୍ଥବାସ କଲେ ଓ ସନାତନ ରାଜକର୍ମଚାରୀ ଓ ସଂସାରୀ ହୋଇ ରହିଲେ । ସନାତନ ଏପରି ସଂସାରୀ ହୋଇଗଲେ ଯେ, ତାଙ୍କର ସଂସାର କର୍ମରେ ଧର୍ମାଧର୍ମ ଜ୍ଞାନ ରହିଲା ନାହିଁ । ଏହାଙ୍କ ଘରକୁ ଲାଗିକରି ଗୋଟିଏ ଗରିବ ବ୍ରାହ୍ମଣର ପୈତୃକ ଘରବାଡ଼ିକୁ ଆପଣାର ଘରବାଡ଼ି ସାମିଲ୍ କରିବାକୁ ଏ କୃତସଙ୍କଳ୍ପ ହୋଇ ବ୍ରାହ୍ମଣ ଉପରେ ନାନା ଅତ୍ୟାଚାର କରିବାରୁ ବ୍ରାହ୍ମଣ ବୃନ୍ଦାବନକୁ ଯାଇ ରୂପ ଗୋସ୍ୱାମୀଙ୍କ ଶରଣାପନ୍ନ ହେଲା । ରୂପ ଗୋସ୍ୱାମୀ ଉକ୍ତ ବ୍ରାହ୍ମଣ ହାତରେ ଖଣ୍ଡିଏ କାଗଜରେ "ଯ—ମ, ଦ—ଲା; ଇ—ବଂ; ନ—ସ୍ଥ" ଏହି ୮ଟି ଅକ୍ଷରକୁ ୪ ଟି ଧାଡ଼ିରେ ଲେଖି ସନାତନଙ୍କ ନିକଟକୁ ପଠାଇ ଦେଲେ । ସନାତନ ମଧ୍ୟ ରୂପଙ୍କ ପରି ଭଲେ ସଂସ୍କୃତରେ ମହାପଣ୍ଡିତ ଥିଲେ । ସେ ଏହି ୮ ଗୋଟି ଅକ୍ଷରଦ୍ୱାରା କ୍ରମନିର୍ମିତ ଶ୍ଳୋକଟି କଳ୍ପନା କରି ଭ୍ରାତାଙ୍କ ପ୍ରେରିତ ୮ଟି ଅକ୍ଷରର ମର୍ମ ବୁଝିନେଲେ ଯଥା—
"ଯଦୁପତେଃ କ୍ୱ ଗତା ମଥୁରାପୁରୀ, ରଘୁପତେଃ କ୍ୱ ଗତୋତ୍ତରକୋଶଳା; ଇତି ବିଚିନ୍ତ୍ୟ କୁରୁଷ୍ୱ ମନଃ ସ୍ଥିରଂ, ନ ସଦିଦଂ ଜଗଦିତ୍ୟବଧାରୟ ।" ଅର୍ଥାତ୍ ଯଦୁପତିଙ୍କର ମଥୁରାପୁରୀ ଓ ରଘୁପତିଙ୍କର ଅଯୋଧ୍ୟା ରାଜ୍ୟ କୁଆଡ଼େ ଲୋପ ପାଇଗଲାଣି । ଏହି କଥାକୁ ଭାବି ମନକୁ ସ୍ଥିର କର ଓ ଏ ସଂସାର ଅସତ୍ ବା ନଶ୍ୱର ବୋଲି ଅବଧାରଣ କର ।

ଶ୍ଳୋକର ମର୍ମାର୍ଥ ବୁଝି ସନାତନଙ୍କର ଚୈତନ୍ୟୋଦୟ ହେଲା ଓ ସେ ଗୃହତ୍ୟାଗ କରିବାକୁ କୃତସଂକଳ୍ପ ହୋଇ ରାଜକାର୍ଯ୍ୟରେ ମନ ନ ଦେଇ ଘରେ ବସି ଧର୍ମାଲୋଚନା କଲେ । ରାଜା ଏଥିପାଇଁ ତାଙ୍କୁ କାରାରୁଦ୍ଧ କଲେ । କିଛିକାଳ ପରେ ସେ କାରାଧ୍ୟକ୍ଷଙ୍କୁ ସାତ ହଜାର ଟଙ୍କା ଲାଞ୍ଚ ଦେଇ କାରାଗୃହରୁ ପଳାଇ ଚୈତନ୍ୟଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ବୃନ୍ଦାବନକୁ ଗଲେ ଓ ସେଠାରେ ଭାଇଙ୍କ ସଙ୍ଗେ ଦିନପାତ କଲେ । ଏ ଦୁଇ ଭାଇ ଅନେକ ବୈଷ୍ଣବ ଗ୍ରନ୍ଥ ଲେଖି ଯାଇଅଛନ୍ତି । ରୂପ ଗୋସ୍ୱାମୀଙ୍କର ମତାନ୍ତରରେ ଏହାଙ୍କ କୃତ ହଂସଦୂତ ଖଣ୍ଡ କାବ୍ୟ ସଂସ୍କୃତ ସାହିତ୍ୟ ଜଗତ୍‌ରେ ସୁପରିଚିତ ।

ସନାତନ ତମ—ସଂ. ବି—ବିଷ୍ଣୁଙ୍କର ନାମ ବିଶେଷ (ବିଷ୍ଣୁ ସହସ୍ର-
Sanātana tama ନାମୋକ୍ତ)—Bishnu.
ସଂ. ବଣ—(ସନାତନ+ତମ)—ପ୍ରାଚୀନତମ—Oldest.

ସନାତନ ଧର୍ମ—ସଂ. ବି—ପ୍ରାଚୀନ ଆର୍ଯ୍ୟମାନଙ୍କ ଅମଳରୁ ଚଳି ଆସୁଥିବା
Sanātana dharm ହିନ୍ଦୁ ଧର୍ମ (ଯାହା ସୃଷ୍ଟି ଆଦ୍ୟରୁ ପୃଥିବୀରେ ଚଳୁଅଛି ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି)—The Hindu religion (which is believed by the Hindus to have been current since the creation)

ସନାତନ ଧର୍ମ ସଭା—ସଂ. ବି—କାଶୀ ନଗରୀରେ ପ୍ରତିଷ୍ଠିତ ପୁରାତନ
Sanātana dharma sabhā ହିନ୍ଦୁ ମହାସଭା—An association of the Hindus long established in Benares.

ସନାତନୀ—ସଂ. ବଣ. ସ୍ତ୍ରୀ—ସନାତନର ସ୍ତ୍ରୀ ଲିଙ୍ଗ—Feminine of
Sanātani Sanātana. ସଂ. ବି· ସ୍ତ୍ରୀ—୧ । ଦୁର୍ଗା—1. Goddess Durgā. ୨ । ଲକ୍ଷ୍ମୀ—2. The Goddess of wealth. ୩ । ସରସ୍ୱତୀ—3. The Goddess of learning.

ସନାଥ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ନାଥ)—୧ । ଯାହାର ନାଥ
Sanātha ବା ପ୍ରଭୁ ବା ସ୍ୱାମୀ ଅଛନ୍ତି—1. Having an
(ସନାଥା—ସ୍ତ୍ରୀ) owner or lord or master.
(ଅନାଥ—ବିପରୀତ) ୨ । (ଅନ୍ୟ ଶବ୍ଦ ସଙ୍ଗେ ସମାସରେ) ସହିତ; ଯୁକ୍ତ—2. Connected with; accompanied by; joined with.

ସନାଥା—ସଂ. ବଣ· ସ୍ତ୍ରୀ (ସ=ସହିତ ବର୍ତ୍ତମାନ+ନାଥ=ଭର୍ତ୍ତା+ସ୍ତ୍ରୀ.
Sanāthā ଆ)—ସଧବା; ସଭର୍ତ୍ତୃକା—(a woman)
(ଅନାଥା—ବିପରୀତ) Having her husband living.

ସନାଭି—ସଂ· ବି (ସ=ସହିତ+ନାଭି)—ସପ୍ତ ପୁରୁଷାନ୍ତର୍ଗତ ସପିଣ୍ଡ;
Sanābhi ଜ୍ଞାତି; ସପିଣ୍ଡ (ଦେଖ)—Agnate (within 7 degrees). ସଂ· ବଣ—୧ । ସ୍ନେହଯୁକ୍ତ—1. Affectionate. ୨ । ସଦୃଶ—2. Similar.

ସନାମକ—ସଂ.ବଣ (ସ=ସମାନ+ନାମ+କ)—ସମାନ ନାମଯୁକ୍ତ—
Sanāmaka Having the same name.
(ସନାମିକା—ସ୍ତ୍ରୀ) ସଂ· ବି (ବୈଦ୍ୟକ)—ଶୋଭାଞ୍ଜନ; ସଜନା ଗଛ—A tree; Indian horse-radish tree; the Moringa tree.

ସନା ମନା—ଗ୍ରା· ବି (ସଂ. ସମ୍ମାନ)—ସମ୍ମାନ; ମର୍ଯ୍ୟାଦା—
Sanā manā Honour; respect.
সম্মান **सनमान** ଗ୍ରା. ବଣ—ସମ୍ମାନିତ—Honoured.
সম্মানিত

ସନାମନା କରିବା—ଗ୍ରା· କ୍ରି—ସମ୍ମାନିତ କରିବା—To honour;
Sanā manā karibā to show respect; to render homage.
সম্মানিত করা **सनमान करना**

ସନାରମ୍ଭ—ଗ୍ରାଦେ. (ଭାଳଚେର) ବି—ବର୍ଷର ଆରମ୍ଭ—
Sanārambha The beginning of the year.
[ଦ୍ର—ଏହା ବିଶୁବ ଦିନଠାରୁ ଆରମ୍ଭ ହୁଏ ।]

ସନାସି—ଗ୍ରାଦେ. (ଲଇଅ) ବି—(ସଂ. ସନ୍ଦଂଶ) ଚିମୁଟା—
Sanāsi A pair of tongs.
(ସନ୍ଦଂଶ—ଅପଭ୍ରଂଶ)

ସନି(ନୀ)—ସଂ. ବି (ସନ୍ ଧାତୁ+ଭାବ. ଇ)—୧ । ପୂଜା—
Sani(nī) 1. Worship. ୨ । ଦାନ—2. Charitable
(ସନ୍ତି,ସନେଇ—ନାମର ଅପଭ୍ରଂଶ) gift. ୩ । ପ୍ରାର୍ଥନା—3. Soli-
(ସନିଆ,ସନୁଆ,ସନା—ଅନାଦରାର୍ଥକ) citation. ୪ । ଅନ୍ବେଷଣ;
ଗୁରୁ ଓ ପୁରୋହିତାଦିଙ୍କୁ ପୁଷ୍ପାଦି ପ୍ରଦାନପୂର୍ବକ ସତ୍କାର
କରି କୌଣସି କାର୍ଯ୍ୟରେ ନିଯୋଜନ (ଯଥା—ହେ
ଗୁରୋ ! ଆପଣ ମତେ ବିଦ୍ୟା ଦାନ କରନ୍ତୁ)—
4. Formal solicitation made to a
priest or preceptor to show certain
favour to a person. ୫ । ଦିଗ୍; ଦିଗ—
5. A quarter of the earth. ୬ । ପ୍ରଦେଶ;
ଅଞ୍ଚଳ—6. Province; tract of country.
ଦେ. ବି (ଅନାଦରାର୍ଥକ)—ସନାତନର ଡାକନାମ—
Name for calling Sanātana.

ସନିତ—ସଂ. ବିଣ (ସନ୍ ଧାତୁ+କର୍ମ. ତ)—୧ । ପ୍ରକଟିତ—
Sanita 1. Accomplished; demonstrated.
୨ । ସୁପ୍ରସିଦ୍ଧ—2. Famous; celebrated.

ସନିଧ(ଧି,ଧ୍ୟ)—ଗ୍ରା. ବି (ସଂ. ସନ୍ନିଧି)—ସନ୍ନିଧି; ନିକଟ; ସମୀପ—
Sanidha(dhi,dhya) Nearness; propinquity.
[ଉ—ଦେଖିଣ ବିପଦ୍ୟ, ଲକ୍ଷ୍ମଣ ସନିଧ, ଦେଖି ଦାଣ୍ଡା
ସାନ୍निध सान्निध ପୂଜା ତୋଳି ଦେଲେ ପଦ୍ୟ ନାହିଁ; ବହଳ ଦେଇ
ଗ୍ରାସ, ମୁଦ ଦେଖି ଝୁଲାଇଲି । ବିଶ୍ୱନାଥ- ବିଚିତ୍ର ରାମାୟଣ ।]

ସନିଧା(ଧ୍ୟା)ନ—ଗ୍ରା. ବି (ସଂ. ସନ୍ନିଧାନ)—ସନ୍ନିଧାନ; ନିକଟ—
Sanidhā(dhyā)na Nearness; propinquity.
सन्निधान [ଉ—ତାହାଙ୍କ ମୋର ସନିଧାନ, ଅଛି ନ ଦେବ,
सन्निधान କଦାଚନ । ପ୍ରାଚୀ, ଜଗନ୍ନାଥଦାସ ।]

ସନିଧେ(ଧ୍ୟେ)—ଗ୍ରା. ଅ (ସଂ. ସନ୍ନିଧେ)—ଠାରୁ; ନିକଟରୁ—
Sanidhe(dhye) To; near to.
সন্নিধে सन्निधमें

ସନିପାତ—ଗ୍ରା. ବି (ସଂ. ସନ୍ନିପାତ)—ଜ୍ୱରର ବିଶେଷ ବିକାର—
Sanipāta Collapse or crisis in fever.
সনিপাত सन्निपात

ସନିର୍ବନ୍ଧ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ନିର୍ବନ୍ଧ=
Sanirbandha ବିଶେଷ ଜିଗର)—ଖୁବ୍ ଜିଗର ସହିତ
କରାଯିବା (ଅନୁରୋଧ)—Very importune
(request).

ସନିଷ୍ଠୀ(ଷ୍ଠେ)ବ—ସଂ. ବି (କ୍ଳୀ)—(ସହାର୍ଥ ବହୁବ୍ରୀହି; ସ=ସହିତ+
Sanishthi(shthe)ba ନିଷ୍ଠୀବ, ନିଷ୍ଠେବ=ଛେପ)—ଅସ୍ପଷ୍ଟ;
ନିଷ୍ଠୀବନଯୁକ୍ତ ବାକ୍ୟ (ମୁହଁରୁ ଛେପ ଛିଟିକା ଛାଡୁଥିବା
ଅବସ୍ଥାରେ କହାଯିବା କଥା)—Words uttered
while spitting.

ସନୀ—ସଂ. ବି (ସନ୍ ଧାତୁ+କରଣ. ଈ)—ହସ୍ତୀକର୍ଣ୍ଣ ଚାଳନ—
Sanī The fanning of the ears by an elephant.

ସନୀଡ଼—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ନୀଡ଼=ପକ୍ଷୀର
Sanīrda ବସା)—୧ । ନୀଡ଼ ଯୁକ୍ତ—1. Joined with
the nest. ୨ । ନିକଟବର୍ତ୍ତୀ; ସମୀପସ୍ଥ—2. Near;
adjacent. ୩ । ତୁଲ୍ୟ; ସମାନ—3. Equal;
similar.

ସନେ—ଦେ. ଅ—(ସଂ ସନାଥ; ବଙ୍ଗଳାରୁ ଅନୁକୃତ)—୧ । ସଙ୍ଗେ
Sane 1. —With. ୨ । ସମଭିବ୍ୟାହାରରେ—2. Along.
সনে साथमें with; together with. [ଉ—ସୁରଗେ
ଅମର ପୁରେ ଥାଇ ଦେବତାଙ୍କ ସନେ । ଉତ୍କଳ
ସାହିତ୍ୟରେ ପ୍ରଚଳିତ ଅଧିକତ ନଥିଲା ।]

ସନେଇ—ଦେ.ବି (ନାମ)—୧ । କଟକ ଜିଲ୍ଲାର ବାଙ୍କୀର ସୁବିଦିତ ସ୍ୱର୍ଗତ
Sanei ଚୋର—1. A notorious thief (now dead)
সনাই of the name, resident of Bānkī in the
सनाइ district of Cuttack. ୨ । ସନାତନର ଅନାଦରା-
ର୍ଥକ ଡାକନାମ—2. A name for calling
Sanātana

ସନେଟ୍—ବୈଦେ. ବି (ଇଂ)—ଚତୁର୍ଦ୍ଦଶ ଅକ୍ଷର ବିଶିଷ୍ଟ ଚତୁର୍ଦ୍ଦଶ
Sanet ପଦ ବା ପଂକ୍ତିଯୁକ୍ତ କବିତା—Sonnet. [ଦ୍ର—
সনেট सनेट ଏ ହା ଇଂରାଜୀ ସାହିତ୍ୟରେ ପ୍ରଥମେ ମିଲ୍‌ଟନ୍ କବି
ଲେଖିଥିଲେ ଓ କ୍ରମଶଃ ଏହା ବଙ୍ଗ ଓ ଉତ୍କଳର କବି-
ମାନେ ଲେଖୁଅଛନ୍ତି ।]

ସନ୍ତ—ସଂ.ବି—ସଂହତଳ; ଯୁକ୍ତକର; ଦୁଇ କରତଳ ଯୋଡ଼ା ହୋଇଥିବା
Santa ଅବସ୍ଥା—Folded palms. ଦେ. ବି (ସଂ. ସତ୍
সন্ত संत ଶବ୍ଦର ପୁଂଲିଙ୍ଗ ପ୍ରଥମା ବିଭକ୍ତି ବହୁବଚନ 'ସନ୍ତଃ';
ପ୍ରା. ସନ୍ତୁ)—୧ । ସନ୍ଥା; ଅଭ୍ୟାସ ବା ଅଭ୍ୟନ୍ତ କରିବା
ପାଇଁ ଗୁରୁଙ୍କଠାରୁ ଶିକ୍ଷାର ନେବା ନୂଆ ପାଠ—1. New
lesson taken from a teacher for preparation.
୨ । ସାଧୁ ବ୍ୟକ୍ତି; ସତ୍ପୁରୁଷ; ସଚ୍ଚରିତ୍ର ବ୍ୟକ୍ତି—
2. An honest man; a good person. ୩ ।
ଧାର୍ମିକ ଓ ପୁଣ୍ୟଶୀଳ ବ୍ୟକ୍ତି—3. A pious person;
a religiously minded person. ୪ । ସାଧାରଣ
ସାଧୁ; ବୈରାଗୀ; ବାବାଜୀ—4. An anchorite; a
recluse. [ଦ୍ର—ଓଡ଼ିଆ, ବଙ୍ଗଳା, ହିନ୍ଦୀ, ମରହଟ୍ଟୀ ଓ
ଆସାମୀ ଭାଷାରେ ଏହି ଶବ୍ଦ ପୂର୍ବୋକ୍ତ ଅର୍ଥମାନଙ୍କରେ
ବ୍ୟବହୃତ ହୁଏ ।] ୫ । (ପୁଂ) ଲୋକଙ୍କ ନାମ—
5. A name given to males.

ସନ୍ତକ—ଦେ. ବି—୧ । ନିଦର୍ଶନ ଦ୍ରବ୍ୟ; ସୂଚକ ଚିହ୍ନ—1. A thing
Santaka or sign which indicates some other
সম্বোধক thing. [ଉ—ବୁଢ଼ା ଅଷ୍ଟକ ପରେ, ତହିଁ ସନ୍ତକ

ନିଶାନ   କାଟିଲେ ହେଲେ ବସିବ—ଭଞ୍ଜ. ବୈଦେହୀଶ-ବିଳାସ ।] ୨ । ଅଭିଜ୍ଞାନ; ଯାହାଦ୍ୱାରା କୌଣସି ବସ୍ତୁର ବା ବ୍ୟକ୍ତିର ବଶିଷ୍ଟତା ସମ୍ବନ୍ଧେ ଜ୍ଞାନ ଜନ୍ମେ—2. A token. ୩ । ସ୍ମାରକ ବସ୍ତୁ—3. A memento. [ଉ—ସନ୍ତକ କରଣ ମଣି ମସ୍ତକୁଁ ଦେଲେ—ବଳରାମ. ଦାସଙ୍କ ରାମାୟଣ ।] ୪ । ଅକ୍ଷର ଲେଖି ଜାଣି ନ ଥିବା ବା ସ୍ୱାକ୍ଷର କରି ଜାଣି ନ ଥିବା ବ୍ୟକ୍ତିଙ୍କର କୌଣସି ଦଲିଲ ସମ୍ପାଦନ କରିବାର ନିଦର୍ଶନସ୍ୱରୂପ ଉକ୍ତ ଦଲିଲରେ ଦଲିଲ ସମ୍ପାଦନକାରୀଙ୍କଦ୍ୱାରା ଅଙ୍କିତ ଚିହ୍ନ—4 A mark put or drawn by an illiterate person on a document to indicate that he has executed the document. ୫ । ଜାତି ବା ବ୍ୟକ୍ତି-ବିଶେଷର ବିଶେଷତ୍ୱସୂଚକ ଚିହ୍ନ—5. The special mark by which the individuality of a particular individual, nation or caste is recognized. ୬ । ଦସ୍ତଖତ; ସହି; ସ୍ୱାକ୍ଷର—6. Signature. [ଉ—ଏ ବାଲ୍ଲ ସନ୍ତକ ଗୋବର୍ଦ୍ଧନ ଜେନାର ସହି—ଫକୀରମୋହନ. ଛମାଣ ଆଠ ଗୁଣ ।] [ବି—ଲେଖି ନ ଜାଣିବା ବ୍ୟକ୍ତିଙ୍କ କୌଣସି ଦଲିଲ ସମ୍ପାଦନ କରିବା ବା ଦଲିଲରେ ସାକ୍ଷୀ ପଡ଼ିବା ଆବଶ୍ୟକ ହେଲେ ସେ ନିଜର ନାମ ଦସ୍ତଖତ କରି ଜାଣି ନ ଥିବାରୁ ସେ ଚିହ୍ନ ଦଲିଲରେ ଆପଣାର ବିଶେଷତ୍ୱ-ଜ୍ଞାପକ ଗୋଟିଏ ଚିହ୍ନ କାଟି ଦିଅନ୍ତି, କିମ୍ବା ଦଲିଲ ଯେଉଁ କଲମରେ ଲେଖା ହୋଇଥାଏ ସେହି କଲମକୁ ଛୁଇଁ ଦିଅନ୍ତି ଏବଂ ଦଲିଲର ସମ୍ପାଦନକାରୀଙ୍କ ଅଙ୍କିତ ଚିହ୍ନ ତଳେ, କିମ୍ବା ଚିହ୍ନ ଅଙ୍କି ନ ଥିଲେ କଲମିଆ (ଲେଖକ) ନିଜେ ସମ୍ପାଦନକାରୀଙ୍କ ପାଇଁ ସମ୍ପାଦନକାରୀଙ୍କ ସନ୍ତକ-ଚିହ୍ନଟି ଦଲିଲରେ ଆଙ୍କି ଦିଅନ୍ତି ଓ ଏହି ତଳେ ଲେଖନ୍ତି—"ଏ ଅମୁକ ସନ୍ତକ ଶ୍ରୀ ଅମୁକଙ୍କର ସହି, ବକଲମ ବା । ଦ । କଲମିଆ ।"

ସାଧାରଣତଃ ସଧବା ବ୍ରାହ୍ମଣୀ ସ୍ତ୍ରୀମାନଙ୍କର ସନ୍ତକ 'ହାତ ମୁଦି' ଓ ବିଧବା ବ୍ରାହ୍ମଣୀମାନଙ୍କର ସନ୍ତକ 'ତୁଳସୀ ମାଳା' ଅଟେ । ଭିନ୍ନ ଜାତୀୟ ବ୍ୟକ୍ତିଙ୍କର ସନ୍ତକ ଭିନ୍ନ ଭିନ୍ନ । ଯଥା—

ଗଉଡ଼ଙ୍କର ସନ୍ତକ ନଉଡ଼ି 

କରଣଙ୍କର ଲେଖନୀ,

ବ୍ରାହ୍ମଣଙ୍କର କୁଶକାଠି

ବଢ଼େଇଙ୍କର ମୁଗୁର 

ଚଷାଙ୍କର ମଇ

ଗୁଡ଼ିଆଙ୍କର ଡାଡୁ

ଖଣ୍ଡାୟତଙ୍କର ଖଣ୍ଡା

କ୍ଷତ୍ରିୟଙ୍କର ଧନୁ

ମହାନ୍ତିମାନଙ୍କର କଟାରି

ବଣିଆଙ୍କର ନିକିତି 

ଭଣ୍ଡାରୀଙ୍କର ନହୁରୁଣୀ

କମାରଙ୍କର କୁରି

ତନ୍ତିଙ୍କର ସଢ଼ଙ୍ଗ

ପ୍ରତ୍ୟେକ ରାଜବଂଶର ମଧ୍ୟ ଭିନ୍ନ ଭିନ୍ନ ସନ୍ତକ ଅଛି, ଯଥା—
ମୟୂରଭଞ୍ଜ ରାଜବଂଶର—ମୟୂର, ଢେଙ୍କାନାଳ ରାଜବଂଶର—ମାଛ, ପାରଳାଖେମୁଣ୍ଡି ରାଜବଂଶର—ଶଙ୍ଖ, ପୁରୀ ଗଜପତି ରାଜବଂଶର—ସୁଦର୍ଶନଚକ୍ର, ବୌଦ୍ଧ ରାଜବଂଶର—ମୟୂର, ବାମଣ୍ଡା ରାଜବଂଶର—ଶଙ୍ଖ ।

ଏହିପରି ପ୍ରାଚୀନ ଓ ଅଧୁନାତନ ସଭ୍ୟ ଜଗତର ରାଜା ଓ ରାଜ୍ୟମାନଙ୍କର ମଧ୍ୟ ବିଶେଷ ବିଶେଷ ସନ୍ତକ ଅଛି । ଯଥା—
ଇଂରେଜଙ୍କର ସିଂହ (Lion), ରୁଷିଆର ଭାଲୁ (Bear), ମିଶର ଓ ତୁରସ୍କର ଖଣ୍ଡଚନ୍ଦ୍ର (Crescent), ଆମେରିକା ଯୁକ୍ତରାଜ୍ୟର ଇଗଲ୍ (Eagle), ଚୀନର ସାପ (Dragon); ବସ୍ତୁତଃ ଯେଉଁ ରାଜାଙ୍କର ବା ରାଜ୍ୟର ଯାହା ପ୍ରଧାନ ଅବଲମ୍ବନ ବା ଗୌରବ ବା ମୁଖ୍ୟ ବସ୍ତୁ ଅଟେ, ତାହାଙ୍କର ସେହି ପଦାର୍ଥ ସନ୍ତକରୂପେ ଲେଖାଯାଏ ।

୭ । ପୂର୍ବକାଳରେ ନିଜ ସ୍ୱାମୀଙ୍କଠାରୁ ଦୂରପ୍ରବାସରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଉକ୍ତ ବ୍ୟକ୍ତିଙ୍କର ସ୍ମାରକରୂପେ ଯେଉଁ ମୂର୍ତ୍ତିକୁ ବା ବସ୍ତୁକୁ ମୃତ ସ୍ୱାମୀଙ୍କ ଶବରୂପରେ କଳ୍ପନା କରି ତାକୁ ଆଲିଙ୍ଗନ କରି ଚିତାଗ୍ନିରେ ଝାସ ଦେଉଥିଲେ—7. An image or memento of a deceased husband which was embraced by the wife while consigning herself to the funeral pyre, on learning of the death of her husband in a far off country when the custom of self-imolation of Hindu women was in vogue.
[ବି—ପୂର୍ବେ ବିଦେଶରେ ମରିଯିବା ବ୍ୟକ୍ତିଙ୍କର ସ୍ତ୍ରୀ ସ୍ୱାମୀଙ୍କ ଶବର ଅଭାବରେ ତାଙ୍କର ଗୋଟିଏ ସନ୍ତକ (ତାଙ୍କର ଗୋଟିଏ କଳ୍ପିତ ମୂର୍ତ୍ତି ବା ଜୀବିତାବସ୍ଥାରେ ବ୍ୟବହୃତ ଦ୍ରବ୍ୟ, ଯଥା—ପଠାଉ, ଲୁଗା, ଯଷ୍ଟି) ଧରି ଚିତାଗ୍ନିରେ ଝାସ ଦେଉଥିଲେ । ଏହାକୁ 'ସନ୍ତକ ଧରି ସତୀ ହେବା' ବୋଲି ଯାଉଥିଲା ।]

ସନ୍ତକ କରିବା—ବେ. କ୍ରି—୧ । ଦଲିଲରେ ନିଜର ନାମ ଦସ୍ତଖତ କରିବା; ସ୍ୱାକ୍ଷର କରିବା—1. To sign one's name in a document. Santaka karibā
सन्तक करा निशान करना
୨ । ସନ୍ତକ କାଟିବା (ଦେଖ)—2. Santaka kāṭibā (See)

ସନ୍ତକ କାଟିବା—ଦେ. କ୍ରି—୧ । (ଅକ୍ଷର ଜ୍ଞାନ ଲେଖି ଜାଣି ନ
Santaka kāṭibā ଥିବା ବ୍ୟକ୍ତି) କୌଣସି ଦଲିଲରେ ଆପଣାର
सन्तक काटा 'ସନ୍ତକ'କୁ ଅଙ୍କିତ କରିବା—1. To put one's
निशान करना, mark on a document (in the case
निशान लगाना of an illiterate (person). ୨ । ନିରକ୍ଷର
ବ୍ୟକ୍ତି କଲମକୁ କେବଳ ଛୁଇଁ ଦେଲା ପରେ (କବଲିଦା)
ଦଲିଲସମ୍ପାଦନକାରୀଙ୍କ ସନ୍ତକକୁ ଦଲିଲରେ ଲେଖିବା—
2. (The deed-writer) To put an illiterate
person's mark on a document.

ସନ୍ତକ ଧରି ସତୀ ହେବା—ଦେ. କ୍ରି—ବିଦେଶରେ ମୃତ ହୋଇଥିବା
Santaka dhari sati hebā ସ୍ୱାମୀଙ୍କର ଶବଦଶାରେ
सन्तक धरे सती होना ବ୍ୟବହୃତ କୌଣସି ଦ୍ରବ୍ୟକୁ କମ୍ବା ପଲାଶ
निशान लेकर सती होना ପତ୍ରାଦିରେ ନିର୍ମିତ ମୂର୍ତ୍ତିକୁ ଆଲିଙ୍ଗନ
କରି (ବିଧବା) ଚିତାନଳରେ ଝାସ ଦେବା ବା ଅନୁମୃତ
ହେବା-To immolate one's self by jumping
into the funeral pyre of her husband by
embracing any article which her late
husband was using or his effigy (said
of a widow following her husband who
died abroad and whose dead body
could not be available to the widow,
when the practice of self immolation
of widows was in vogue.)

ସନ୍ତ ଖରଚ—ପ୍ରାଦେ. (ଗଞ୍ଜାମ) ବି. (ଗଞ୍ଜାମୀ ତେଲୁଗୁ ମହାଜନମାନଙ୍କ
Santa kharacha ବ୍ୟବହୃତ)—ମହାଜନଙ୍କର ବା ଦୋକାନୀଙ୍କର
ନିଜର ବସାଖରଚ ଓ ବ୍ୟକ୍ତିଗତ ଖରଚ—Private
expenses and fooding expenses incurred
by a trader or shop-keeper.

ସନ୍ତତ—ସଂ. ବିଣ (ସମ୍+ତନ୍. ଧାତୁ=ବିସ୍ତୃତ ହେବା+କର୍ତ୍ତୃ.କ୍ତ)—
Santata ୧ । ବିସ୍ତୃତ, ପରିବ୍ୟାପ୍ତ—1. Diffused; extended.
୨ । ସତତ; ନିତ୍ୟ; ନିରନ୍ତର—2. Constant.
୩ । ଅବିରତ—3. Continuous; incessant.
୪ । ବହୁଳ—4. Excessive. ୫ । ଅନାଦି; ଅନନ୍ତ—
5. Eternal. ୬ । ନିରନ୍ତର—6. Perpetual. କ୍ରି.
सतत ବିଣ—୧ । ସର୍ବଦା—1. Constantly; always.
सतत ୨ । ଅବିରତ; ଅବିଶ୍ରାନ୍ତରୂପେ—2. Uninterruptedly.
୩ । ନିରନ୍ତରରୂପେ—3. Perpetually; eternally.

ସନ୍ତତ ଜ୍ୱର—ସଂ. ବି—ସତତ ଜ୍ୱର; ଏକପ୍ରକାର ଭୟଙ୍କର ଜ୍ୱର;
Santata jwara ବିଷମଜ୍ୱର ବିଶେଷ—A kind of
remittent fever; a kind of typhoid
fever. [ଦ୍ର—ଏହି ଜ୍ୱର ଏକାଦିକ୍ରମେ ୭ ଦିନ, ୧୦
ଦିନ, ୧୨ ଦିନ, ୨୧ ଦିନ, ଏକମାସ, ଦୁଇ ମାସ ପର୍ଯ୍ୟନ୍ତ
ନିତ୍ୟ ଶରୀରରେ ରହେ ।]

ସନ୍ତତି—ସଂ. ବି (ସମ୍+ତନ୍. ଧାତୁ=ବିସ୍ତୃତ ହେବା+କରଣ. କ୍ତି—
Santati ଯାହାଙ୍କ ଦ୍ୱାରା ବଂଶ ବିସ୍ତୃତ ହୁଏ)—୧ । ଅପତ୍ୟ;
ସନ୍ତାନ; ପୁତ୍ରକନ୍ୟା—1. Offspring; progeny;
child; son and daughter; issue. ୨ । (+
ଭାବ. କ୍ତି) ବ୍ୟାପ୍ତି—2. Profusion; expansion;
extension. ୩ । (+କର୍ତ୍ତୃ. କ୍ତି) ଧାରା ବଂଶ; ଗୋତ୍ର—
2. Lineage; posterity; family. ୪ । ପଙ୍କ୍ତି;
ଶ୍ରେଣୀ—4. Line. ୫ । ପାରମ୍ପର୍ଯ୍ୟ—5. Continuity; succession. ୬ । ଧାରା—6. System;
custom; usage. ଦେ. ବି. ସ୍ତ୍ରୀ—କନ୍ୟା; ଝିଅ—
सन्तति Daughter. [ଭ୍ର—ସାତ ପାଠ ରୂପରେ ଅଧିଷ୍ଠାନୀ,
संतति ତୁମ୍ଭେ ଶ୍ରୀପୁର ରାଜାଙ୍କ ସନ୍ତତି । ପ୍ରାଚୀ. ରହସ୍ୟମଞ୍ଜରୀ]

ସନ୍ତତେ—ଦେ. କ୍ରି. ବିଣ (ସଂ. ସନ୍ତତ)—ସର୍ବଦା; ସବୁବେଳେ—
Santate always; everyday. (ଉ—ଯେଣୁ କରି ମୀନ-
हामेशा କେତନ କମଳା କୋମଳ କର-କମଳରେ କରନ୍ତି ସନ୍ତତେ
हमेशा ଯତନ । ପାନକୃଷ୍ଣ. ଜଗମୋହନ ।)

ସନ୍ତପତ(ନ୍ତ, ନ୍ଥ)—ଗ୍ରା. ବିଣ (ସଂ. ସନ୍ତପ୍ତ)—ସନ୍ତପ୍ତ (ଦେଖ)—
Santapata(nta,ntha) 1. Santapta. (See) ୨ । କ୍ଲିଷ୍ଟ;
सन्तपत, व्यतिव्यस्त ଦୁଃଖିତ—2. Afflicted; sorry. (ଉ—
संतपत କୁଟମ୍ବୀ ଜନ ମନ ପଡ଼ିଏ ବିକଳ ହୁଏ ସନ୍ତପନ୍ତ । ପାନକୃଷ୍ଣ.
(ସନ୍ତପନ୍ତ[ନ୍ତି,ନ୍ଥି]ଅ—ଅପଭ୍ରଂଶରୂପ) ଜଗମୋହନ ।) ୩ । ବ୍ୟତି-
ବ୍ୟସ୍ତ—3. Very much troubled; pestered;
harassed. (ଉ—ଘରକୁ କେବେ ନ କରିବ ସନ୍ତପନ୍ତ ।
କୃଷ୍ଣସିଂହ. ମହାଭାରତ. ଅଦି ।)

ସନ୍ତପତି(ନ୍ତି)—ଗ୍ରା. ବି (ସଂ. ସନ୍ତାପ, ସନ୍ତପ୍ତି)—ସନ୍ତାପ; କ୍ଲେଶ;
Santapati(nti) ଦୁଃଖ)—Grief; sorrow; affliction.
सन्ताप (ଉ—ପୂର୍ବକାଳେ ଶୈବ୍ୟ ନାମରେ ନୃପତି, ଥାଇଥିଲେ,
संताप ପୁତ୍ରଶୋକରେ ସନ୍ତପତି । କୃଷ୍ଣସିଂହ. ମହାଭାରତ.
ଅଦି ।) ୨ । ପରଦ୍ୱାରା ଉତ୍ପୀଡ଼ନ—2. Harassment
oppression.

ସନ୍ତପ୍ତ—ସଂ. ବିଣ. ପୁଂ (ସମ୍+ତପ୍. ଧାତୁ=ଉଷ୍ଣ ହେବା+କର୍ତ୍ତୃ.
Santapta କ୍ତ)—୧ । ସନ୍ତାପଯୁକ୍ତ; ଦୁଃଖିତ; କ୍ଲିଷ୍ଟ—
(ସନ୍ତପ୍ତା—ସ୍ତ୍ରୀ) 1. Distressed; grieved; afflicted.
୨ । ତାତିଲା; ଉତ୍ତପ୍ତ—2. Heated. ୩ । ଦଗ୍ଧ—
3. Scorched. ୪ । ପରିଶ୍ରାନ୍ତ; ପଥଶ୍ରମରେ କ୍ଲାନ୍ତ—
4. Fatigued with travel. ୫ । ଜ୍ୱରକାତର—
5. Feverish; suffering from fever.
୬ । ଜ୍ୱଳନ୍ତ—6. Burnt; burning. ୭ । ଅଗ୍ନିଦ୍ୱାରା
ବିଶୁଦ୍ଧ—7. Purified by fire.

ସନ୍ତମସ—ସଂ. ବି (ସମ୍=ସମ୍ୟକ୍+ତମସ୍=ଅନ୍ଧକାର+ଅ)—
Santamasa ୧ । ନିବିଡ଼ ଅନ୍ଧକାର—1. Dense darkness; utter darkness. ୨ । (ଲକ୍ଷଣାର୍ଥ) ଅଜ୍ଞାନ
ମୋହ ବା ମହାମାୟାରୂପ ଅନ୍ଧକାର; ମୋହାନ୍ଧକାର;

ମହାମୋହ—2. (figurative) Spiritual stupefaction (compared to darkness).

ସନ୍ତ ମହନ୍ତ—ଦେ. ବି. (ଷଡ଼ତର) (ବହୁବଚନ)—ବୈରାଗୀ ଓ ମହନ୍ତ; ବାବାଜୀ ବୈଷ୍ଣବ; ସାଧୁସନ୍ଥ—Anchorites and abbots.
Santa mahanta
सन्त महन्त संत महंथ

ସନ୍ତରଣ—ସଂ. ବି (ସମ୍=ସମ୍ୟକ୍+ତୃ ଧାତୁ=ପାରହେବା+ଭାବ. ଅନ)—୧ । ପହଁରିବା; ପାଣିରେ ନିଜର ଦେହକୁ ଭସାଇ ଗତି କରିବା—1. Swimming. ୨ । ନଦୀ ଅତିକ୍ରମ ପାରହେବା—2. Crossing of a river.
Santaraṇ

ସନ୍ତରଣକାରୀ—ସଂ.ବିଣ. ପୁଂ—(ସନ୍ତରଣ କାରିନ୍, ୧ମା. ୧ବ.)—ଯେ ପହଁରେ—Swimming.
Santaraṇa kāri
(ସନ୍ତରଣକାରିଣୀ—ସ୍ତ୍ରୀ)

ସନ୍ତରଣ କୁଶଳ—ସଂ.ବିଣ.ପୁଂ—(୭ମୀତତ୍ପୁରୁଷ)—ସନ୍ତରଣ ବିଷୟରେ ଦକ୍ଷ; ପହଁରିବା ବିଷୟରେ ପଟୁ—Expert in swimming.
Santaraṇa kuśaḻa
(ସନ୍ତରଣ ନିପୁଣ, ସନ୍ତରଣ ପଟୁ—ଅନ୍ୟରୂପ)
(ସନ୍ତରଣ ନିପୁଣା, ସନ୍ତରଣ କୁଶଳା—ସ୍ତ୍ରୀ)
(ସନ୍ତରଣ କୁଶଳତା, ସନ୍ତରଣ ପଟୁତା, ସନ୍ତରଣ ନିପୁଣତା—ବି)

ସନ୍ତରଣ କୌଶଳ—ସଂ. ବି (୭ମୀତତ୍ପୁରୁଷ)—ପହଁରିବାର କଳର—The art of swimming.
Santaraṇa kauśaḻa
(ସନ୍ତରଣ ନୈପୁଣ୍ୟ—ଅନ୍ୟରୂପ)

ସନ୍ତର ପନ୍ତର—ଗ୍ରା. ବିଣ.—ସନ୍ତପନ୍ତ (ଦେଖ)
Santara pantara Santapanta (See)

ସନ୍ତରା—ଦେ. ବି—୧ । (ସଂ. ସଂସ୍ତର) ଏକପ୍ରକାର ମାଂସଳ ତୃଣ—1. Elephant grass; Typha; a sort of aquatic reed grass used in weaving mats; Rambana. [ଭି—ପାଳ ଭଳି ଶ୍ୱେତ କଣ୍ଟକ ଗୁଚ୍ଛିତ ହରିତ ପତ୍ର ସନ୍ତରା । ରାଧାନାଥ. ଯଯାତିକେଶରୀ].
Santarā
ସଂ ଏରକା, ଗୁନ୍ଦ୍ରମୂଳା, ଶିବି, ଶର, ଗୁନ୍ଦ୍ରା
সাঁতরা, হোগলা गोंद, पतर
ମ—ମୋଥୀତୃଣ
ଅସା୍ମ—ଇକରା

[ଦ୍ର—ଏହା ଜଳ ଓ ନଦୀ ପ୍ରଭୃତିର ଧାରରେ ଓ ଜଳାଭୂମିରେ ଜନ୍ମେ । ଏହାର କାଣ୍ଡ ପତ୍ର ଓ ୫।୬ ଫୁଟ ପର୍ଯ୍ୟନ୍ତ ଲମ୍ବରେ ବଢ଼େ । ଏହାକୁ କାଟିଆଣି ଫଡ଼ା ଫଡ଼ା କରି ଖରେ ଶୁଖାଇ ଲୋକେ ପଲ୍ଲୀରେ ଛଇ ମସିଣା ଓ ଢେଂସ ବୁଣନ୍ତି । ଏହାର ଗଡ଼ଜାତ ନାମ ତେଲଙ୍ଗା ବା ତେଲେଙ୍ଗା ।

ଏହା ଦୁଇ ପ୍ରକାର । ଏକ ପ୍ରକାରର କାଣ୍ଡ ତିନି-କୋଣିଆ (କାଣ୍ଡ କାଣ୍ଡିଆ) ଓ ପତ୍ର ସରୁ (Typha Elephantina) । ଅନ୍ୟ ପ୍ରକାରର କାଣ୍ଡ ଅର୍ଦ୍ଧଗୋଲ (ସନ୍ତରା) ଓ ପତ୍ର ଚେପ୍ଟା (Typha Augustata) । ଗ୍ରନ୍ଥକାରଙ୍କ ମତରେ ଏଥିର ସଂସ୍କୃତ ନାମ ଏରକା, ବଙ୍ଗଳା ନାମ ହୋଗଲ୍, ହିନ୍ଦୀ ନାମ ପତର୍ ଓ ଇଂରେଜୀ ନାମ Rambana ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, ଶୁକ୍ରଜନକ, ଚକ୍ଷୁହିତକର ଓ ବାୟୁ ପ୍ରକୋପକ । ଏହା ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଦାହ, ପିତ୍ତ ଓ ରକ୍ତଦୋଷରେ ଉପକାରକ ।

ଆମ ଦେଶରେ ବେରୁଣ୍ଡା, ସଞ୍ଜରା, କାଣ୍ଡକାଣ୍ଡିଆ ଓ ତୃଣରେ ଢେଁସ ବୁଣା ଯାଏ; ସନ୍ତରାରେ ବୁଣାହେବା ମସିଣାକୁ ପରୁଡ଼ ମସିଣା ବୋଲାଯାଏ ।

କଥିତ ଅଛି ଯେ, ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ପରେ ଯଦୁ-ବଂଶୀୟମାନେ ସନ୍ତରା ବଣରେ ହଣାହଣି ହୋଇ ମଲେ । କଲିକତାର ଉପକଣ୍ଠସ୍ଥ ଜଳାଭୂମିରେ ଅନେକ ସନ୍ତରା ଗଛ ଅଛି । ଏହି ସନ୍ତରାରୁ ପରୁଡ଼ ମସିଣା ବୁଣାଯାଏ । କଲିକତା ନିକଟରେ "ସାନ୍ତରା ଗାଛି" ବୋଲି ଗୋଟିଏ ଗ୍ରାମ ଓ ରେଳ ଷ୍ଟେସନ ଅଛି । ଓଡ଼ିଆରେ ମଧ୍ୟ ଗୋଟିଏ ଢଗ ଅଛି—"ଘଇତା ଅଯୋଗ୍ୟ ପଣେ, ମାଇପ ଶୁଏ ସନ୍ତରା ବଣେ ।" ସନ୍ତରା ଗଛ ପାଣିକୂଳରେ ଆର୍ଦ୍ର ଭୂମିରେ ଜନ୍ମେ ଓ ସନ୍ତରା ବଣରେ ଅନେକ ପାଣିଧଣ୍ଡ ସାପ ରହନ୍ତି । ଏଥିପାଇଁ ଢଗ ବୋଲନ୍ତି—'ସନ୍ତରା ବଣରେ ଧଣ୍ଡ' ପଦ ଏଠାରେ ବହୁତ ଲୋକ ଅଛନ୍ତି ।] ୨ । (ସଂ. ଛତ୍ର) ଏକ ଜାତୀୟ ତୃଣ—2. Andropagen Hoenanthus. [ଦ୍ର—ବୈଦ୍ୟ ଶାସ୍ତ୍ରୋକ୍ତ 'ଭୂସ୍ତୃଣ'ର ଅନ୍ୟ ସଂସ୍କୃତ ନାମ 'ଛତ୍ର'ର ଅପଭ୍ରଂଶ 'ସନ୍ତରା' ଅଟେ । ଏହାର ଅନ୍ୟ ସଂସ୍କୃତ ନାମମାନ, ଯଥା—ଭୂସ୍ତୃଣ, ଗୁହ୍ୟବୀଜ, ଭୂତୀକ, ସୁଗନ୍ଧି, ଜମ୍ବୁକପ୍ରିୟ ଓ ମାଲାତୃଣ । ଏହା କଟୁତିକ୍ତ ରସ ଓ ବାତ, ସନ୍ତାପ, ଗ୍ରହଦୋଷ, କଫଦୋଷ ଓ ଭୂତ ଦୋଷର ନାଶକ ଏବଂ ବିରେଚକ ଅଟେ ।] ଦେ. ବିଣ. ପୁଂ—୧ । (ସଂ. ସିକ୍ତ) ସନ୍ତସନ୍ତିଆ; ଓଦା (ଭୂମି)—Wet; moist; damp (soil) ୨ । ଅପରିଷ୍କୃତ (ସ୍ଥାନ)—2. Unclean (place). ୩ । ଅମାର୍ଜିତ ଶରୀରଯୁକ୍ତ (ବ୍ୟକ୍ତି)—3. Having the body uncleansed. ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର କମଳା ଲେମ୍ବୁ—A kind of orange.
সেঁতসেঁতে गीला
(ସନ୍ତରୀ—ସ୍ତ୍ରୀ)
নোংরা गन्दा

ସନ୍ତରା ବଣ—ଦେ. ବି—୧ । ଅନେକ ସନ୍ତରାଗଛ ଜନ୍ମିଥିବା ଜଳାଭୂମି—1. A damp place overgrown with Santarā reed plants. ୨। ଅପରିଷ୍କୃତ ସ୍ଥାନ—2. An untidy or unclean or unswept place. [ଭି—ଘଇତା ଅଯୋଗ୍ୟ ପଣେ, ମାଇପ ଶୁଏ ସନ୍ତରା ବଣେ । ଢଗ]
Santarā baṇa
হোগলা বন गोंदका वन

ସନ୍ତରା ମସିଣା—ଦେ. ବି.—ପରୁଡ଼ ମସିଣା; ସନ୍ତରା ଘାସ ବୁଣା ହୋଇଥିବା ଢେଁସ—A mat woven with Santarā reeds.
Santarā masiṇā
হোগলা চটাই गोंदरी

ସନ୍ତରିବା—ଦେ. କ୍ରି. (ପଦ୍ୟ)—(ସଂ. ସନ୍ତରଣ)—ସନ୍ତରଣ କରିବା; ପହଁରିବା—To swim. [ଭି—ନରକାସୁର ଶୋକ-ସମୁଦ୍ର-ଜଳେ, ସନ୍ତରନ୍ତି ମୀନ ସମ ବହୁଳେ । ମଧୁସୂଦନ—ଛନ୍ଦମାଳା ।]
Santaribā
সাঁৎরান, সাঁতারকাটা तैरना

ସନ୍ତର୍ପଣ—ସଂ. ବି (ସମ୍+ତୃପ୍ ଧାତୁ, ଣିଚ୍+ଭାବ. ଅନ)—୧ । ତୃପ୍ତ କରିବା; ତୃପ୍ତିଦାନ—1. Satisfying; gratifying. ୨ । (+କର୍ତ୍ତୃ. ଅନ) ଦ୍ରାକ୍ଷାଦିଯୁକ୍ତ ତୃପ୍ତିଜନକ
Santarpaṇa

ମିଷ୍ଟ ଦ୍ରବ୍ୟବିଶେଷ-2. A sweetmeat made of grapes. (ସନ୍ତର୍ପିତ—ବିଣ) ୩ । ତୃପ୍ତି—3. Gratification; satisfaction. ସଂ. ବିଣ—୧ । (+କର୍ତ୍ତୃ. ଅନ) ପ୍ରୀତିଜନକ; ଆନନ୍ଦଜନକ—1. Pleasing. ୨ । ତୃପ୍ତିଜନକ—2. Gratifying. ଦେ· ବି—୧ । (ଲକ୍ଷ୍ୟାର୍ଥ) ସାବଧାନତା ଅବଲମ୍ବନ; ଯତ୍ନତା ଅବଲମ୍ବନ—1. Taking care; being careful. ୨ । ଯତ୍ନ—2. Care. ପ୍ରାଦେ. (ଗଞ୍ଜାମ) ବିଣ—ସାବଧାନ, ଜାଗ୍ରତ୍—Careful; watchful.

ସନ୍ତର୍ପନ — ସାବଧାନତା, হুসিআর

ସନ୍ତର୍ପଣ ସହକାରେ—ଦେ. କ୍ରି. ବିଣ—୧ । ଅତି ସାବଧାନତା ଅବଲମ୍ବନପୂର୍ବକ—1. Carefully; cautiously. ୨ । ଅତ୍ୟନ୍ତ କୋମଳତା ଓ ଯତ୍ନପୂର୍ବକ—2. With tender care. (ସନ୍ତର୍ପଣରେ—ଅନୁରୂପ) ୩ । ଅତ୍ୟନ୍ତ ପ୍ରୀତିଜନକ ଭାବରେ—3. Very pleasingly.

Santarpaṇa sahakāre — ସନ୍ତର୍ପଣେ — सन्तर्पणसे

ସନ୍ତସନ୍ତିଆ—ଦେ: ବିଣ (ସଂ. ସିକ୍ତ)—ଆର୍ଦ୍ର, ଓଦା; ଜଳସିକ୍ତ—Moist; damp.

Santasantiā — সেঁতসেঁতিয়া, সেঁতসেঁতে, সেঁতা — गीला

ସନ୍ତା—ଦେ. ବିଣ. (ସଂ. ସିକ୍ତ)—ଜଳାର୍ଦ୍ର; ଓଦା—Moist. ଦେ.ବି ସନ୍ଥା (ଦେଖ)—Santhā (See)

Santā — সেঁতা — गीला

ସନ୍ତା(ନ୍ତେ)ଇବା—ଦେ. କ୍ରି—୧ । (ସଂ. ସିକ୍ତ) (ଭୂମି) ଜଳାର୍ଦ୍ର ହେବା—1. To be damp; to be full of moisture. ୨ । (ସଂ. ସନ୍ତାପନ) କୌଣସି ବ୍ୟକ୍ତିକୁ ସନ୍ତାପିତ କରିବା ବା କଷ୍ଟ ଦେବା; କ୍ଳେଶ ଦେବା—2. To cause suffering to a person; to afflict or harass a person.

Santā(nte)ibā — সাঁতান সেঁতান — गीलाहोना — সন্তাপদেওয়া — सन्तापदेना

ସନ୍ତା(ନ୍ତେ)ଇ ମାରିବା—ଦେ. କ୍ରି—ଅତ୍ୟନ୍ତ ପୀଡ଼ା ଦେବା—To give too much pain; to harass much. [ଉ—ସେ ବେଶରାଜ ସନ୍ତେଇ ମାରୁଛନ୍ତି; ହଜାର ହଜାର ଲୋକଙ୍କ ଅସ୍ଥି ଜାଳୁଛି । ଫକୀରମୋହନ ଗଳ୍ପସ୍ବଳ୍ପ]

Santā(nte)i māribā — সেঁতিয়েমারা — सन्तापदेना

ସନ୍ତା(ନ୍ତେ)ଇ ହେବା—(ସଂ. ସନ୍ତାପିତ) ସନ୍ତାପିତ ହେବା—To suffer; to be afflicted.

Santā(nte)i hebā — সন্তাপিত হওয়া — सन्तापित होना

ସନ୍ତାନ—ସଂ. ବି (ସମ୍+ତନ୍ ଧାତୁ=ବିସ୍ତୃତ ହେବା+କରଣ ଅ) ୧ । ସନ୍ତତି (ଦେଖ)—1. Santati (See) ୨ । ବଂଶଧର—2. Descendant. ୩ । (+ଭାବ ଅ) ବିସ୍ତାର—3. Diffusion; spreading ୪ । (+କର୍ମ ଅ) ପ୍ରବନ୍ଧ—4. A connected narrative; essay. ୫ । ମୁଷଳ ଧାର ବର୍ଷାର ଟୋପାମାନ—5. Large drops of rain in a very heavy shower. ୬ । (+ଭାବ ଅ) ଅବିଚ୍ଛେଦ ପ୍ରବାହ—6. A continuous stream or current. ୭ । (+କର୍ତ୍ତୃ ଅ) ଦେବତରୁବିଶେଷ—7. A sort of mythical tree of the heaven. ଦେ. ବି (ସଂ)—ପୁତ୍ର; ପୁଅ—Son.

Santāna

ସନ୍ତାନକ—ସଂ ବି—(ସନ୍ତାନ+ସ୍ୱାର୍ଥେ କ)—୧ । କଳ୍ପବୃକ୍ଷ; ଦେବତରୁବିଶେଷ—1. Name of a mythical tree of the Hindus' heaven. ୨ । ସନ୍ତାନ (ଦେଖ)—2. Santāna (See) ସଂ. ବିଣ—ବିସ୍ତୃତ, ବ୍ୟାପନଶୀଳ—Extensive; diffusive.

Santānaka

ସନ୍ତାନ କାମନା—ସଂ. ବି—(ଷଷ୍ଠୀ ତତ୍)—ଅପତ୍ୟ ଲାଭ କରିବାର ଇଚ୍ଛା—Desire to have issue.

Santāna kāmanā

ସନ୍ତାନ କାମୀ—ସଂ. ବିଣ. ପୁଂ (ସନ୍ତାନକାମିନ୍; ୧ମା ୧ବ)—ଯେ ଅପତ୍ୟ ଲାଭ କରିବା ପାଇଁ କାମନା କରେ; ସନ୍ତାନଲାଭ କରିବା ପାଇଁ ଯେ ଇଚ୍ଛା କରେ—Desirous to have offsprings.

Santāna kāmi — (ସନ୍ତାନକାମିନୀ—ସ୍ତ୍ରୀ)

ସନ୍ତାନ ଗୋପାଳ ମନ୍ତ୍ର—ସଂ. ବି—ସନ୍ତାନ ଲାଭ କାମନାରେ ଜପ କରିବା ମନ୍ତ୍ର ବିଶେଷ—A mystic formula to be repeatedly recited by a person desirous of issue [ଦ୍ର—ଏହି ଉଦ୍ଦେଶ୍ୟରେ ସନ୍ତାନ ଗଣପତି ମନ୍ତ୍ର ମଧ୍ୟ ଜପ କରାଯାଏ ।]

Santāna gopāla mantra

ସନ୍ତାନ ଚର୍ଯ୍ୟା—ସଂ. ବି (ଷଷ୍ଠୀତତ୍)—ସନ୍ତାନ ପାଳନ (ଦେଖ)—Santān pālana (See)

Santāna charjyā

ସନ୍ତାନ ଜନକ—ସଂ. ବିଣ.ପୁଂ (ସନ୍ତାନ+ଜନ ଧାତୁ+କର୍ତ୍ତୃ ଅକ)—ସନ୍ତାନୋତ୍ପାଦକ (ଦେଖ)—Santānotpādaka (See) ସଂ. ବି. ପୁଂ—ସନ୍ତାନର ପିତା—Father of issues.

Santāna janaka — (ସନ୍ତାନଜନକା—ସ୍ତ୍ରୀ)

ସନ୍ତାନ ପରମ୍ପରା—ସଂ. ବି (ଷଷ୍ଠୀତତ୍)—ସନ୍ତାନାଦି କ୍ରମ; ସନ୍ତାନଙ୍କ ସନ୍ତାନ, ତାଙ୍କର ସନ୍ତାନ, ଏହିପରି ପର୍ଯ୍ୟାୟ—Successive generations of descendants.

Santāna parmparā

ସନ୍ତାନ ପାଦପ—ସଂ. ବି—ସନ୍ତାନ ୭ (ଦେଖ)—Santāna 7 (See) [ଉ—ସନ୍ତାନ ପାଦପ ମୂଳରେ, ମଣି ନିର୍ମିତ ବେଦୀ ପରେ—ପ୍ରାଚୀ.ପୂର୍ଣ୍ଣିମଚନ୍ଦ୍ର ଉଦ୍ବୋଧ]

Santāna pādapa

ସନ୍ତାନ ପାଳନ—ସଂ. ବି (ଷଷ୍ଠୀ ତତ୍)—ଅପତ୍ୟାଦିଙ୍କ ଲାଳନପାଳନ—Care of children; bringing up to children.

Santāna pālana

ସନ୍ତାନ ପ୍ରସବ—ସଂ. ବି (ଷଷ୍ଠୀ ତତ୍)—ଅପତ୍ୟ ଜନ୍ମ କରିବା—Bringing forth or begetting of children.

Santāna prasaba

ସନ୍ତାନବାନ୍—ସଂ. ବିଣ: ପୁଂ (ସନ୍ତାନ+ଅସ୍ତି ଅର୍ଥରେ ବତ୍) ସନ୍ତାନବତ୍, ୧ମା. ୧ବ)—ଯାହାର ଅପତ୍ୟ ଥାଏ—Having issues. (ସନ୍ତାନବତୀ—ସ୍ତ୍ରୀ) (ସନ୍ତାନବତ୍ତ୍ୱ—ବି) (ସନ୍ତାନସ୍ଥିତ, ସନ୍ତାନବତ୍ତିତ, ସନ୍ତାନବହୁଳ—ବିଶେଷଣ)

Santānabān

ସନ୍ତାନ ସନ୍ତତି—ସଂ. ବ (ଏକାର୍ଥକ ସହଚର) (ବହୁବ୍ରୀହି)—୧ । Santāna santati ପୁତ୍ରକନ୍ୟାଗଣ; ଅପତ୍ୟମାନେ—Offsprings male and female; a number of children. ୨ । ସନ୍ତାନ ପରମ୍ପରା—2. Successive generations of offsprings; successive descendants.

ସନ୍ତାନହୀନ—ସଂ. ବିଣ. ପୁଂ (ଷଷ୍ଠୀ ତତ୍)—ଯାହାର ଅପତ୍ୟ ନାହିଁ; Santānahīna ଅପତ୍ୟରହିତ—Issueless; childless. (ସନ୍ତାନହୀନତା—ବ) (ସନ୍ତାନହୀନା-ସ୍ତ୍ରୀ)

ସନ୍ତାନିକ—ସଂ. ବ,—(ସନ୍ତାନ+ଇକ)—ସନ୍ତାନବିଶିଷ୍ଟ—Santānika Having issues

ସନ୍ତାନିକା—ସଂ. ବ (ସନ୍ତାନ+କ+ସ୍ତ୍ରୀ. ଅ; ଯାହା ଦୁଗ୍ଧ ଉପରେ Santānikā ବିସ୍ତୃତ ହୁଏ)—୧ । ଦୁଧର ସର—1. Cream of milk. [ଗୁ—ଏହା ଗୁରୁପାକ, ଶୀତବୀର୍ଯ୍ୟ, ବଳଶକ୍ତିବର୍ଦ୍ଧକ, ରକ୍ତପିତ୍ତନାଶକ, ବାତଘ୍ନ, ତୃପ୍ତିକର, ପୁଷ୍ଟିକର, ସ୍ନିଗ୍ଧ, କଫଜନକ, ବଳକର ଓ ଶୁକ୍ରଜନକ ଅଟେ ।] ୨ । ଛୁରୀର ଧାର—2. The edge of a knife. ୩ । ଫେନ—3. Froth; foam. ୪ । ଲୂତାତନ୍ତୁ; ମାକଡ଼ସା ଜାଲ—4. Spider's web; cobweb.

ସନ୍ତାନିତ—ସଂ. ବିଣ (ସମ୍+ତନ୍ ଧାତୁ; ଣିଚ୍+ତ ବା ସନ୍ତାନ+ Santānita ଯୁକ୍ତାର୍ଥେ ଇତ୍)—ବିସ୍ତାରିତ କରାଯାଇଥିବା—Made to expand.

ସନ୍ତାନି ପନ୍ତାନି—ଗ୍ରା. ବ (ସଂ. ସନ୍ତାନ ସନ୍ତତି)—ସନ୍ତାନ ସନ୍ତତି (ଦେଖ) Santāni pantāni Santāna santati (See)

ସନ୍ତାନି ପନ୍ତାନି ଧରି ଶୋଧିବା—ଗ୍ରା. କ୍ରି—କୌଣସି ବ୍ୟକ୍ତିର ସନ୍ତାନ Santāni pantāni dhari śodhibā ସନ୍ତତିଙ୍କ ଲକ୍ଷ୍ୟ କରି ছেলে পিলে নাম ধরে গালি দেওয়া ଗାଳି ଦେବା—To abuse बाल बच्चेको गाली देना a person by calling (ସନ୍ତାନି ପନ୍ତାନି ଶୋଧିବା—ଅନ୍ୟରୂପ) names to his or her children.

ସନ୍ତାନୋଚିତ—ସଂ,ବିଣ(୬ଷ୍ଠୀତତ୍)—ପୁତ୍ର କନ୍ୟାଙ୍କର କରିବା ଉପଯୁକ୍ତ—Santānochita Befitting or becoming a child.

ସନ୍ତାନୋତ୍ପାଦକ—ସଂ. ବିଣ. ପୁଂ (୬ଷ୍ଠୀ ତତ୍; ସନ୍ତାନ+ଉତ୍ପାଦକ)—Santānotpādaka ଯାହା ସନ୍ତାନ ଜନ୍ମାଏ—Causing (ସନ୍ତାନୋତ୍ପାଦକା—ସ୍ତ୍ରୀ) production of children; (ସନ୍ତାନୋତ୍ପାଦକତା—ବ) produtive; generative of issues.

ସନ୍ତାନୋତ୍ପାଦିକା ଶକ୍ତି—ସଂ., ବ—ପୁରୁଷ ଓ ସ୍ତ୍ରୀଙ୍କର ସନ୍ତାନ Santānotpādikā śakti ଜନ୍ମାଇବାର କ୍ଷମତା—Productive or generative power in a male or female.

ସନ୍ତାନୋତ୍ପାଦୀ—ସଂ. ବିଣ. ପୁଂ (ସନ୍ତାନ+ଉତ୍+ପଦ୍ ଧାତୁ Santānotpādī +କର୍ତ୍ତୃ. ଇନ୍; ୧ମା ୧ବ)—(ସନ୍ତାନୋତ୍ପାଦିନୀ—ସ୍ତ୍ରୀ) ଯେ ସନ୍ତାନ ଜନ୍ମ କରେ;ସନ୍ତାନଜନକ-ଭାବ—Producing or bringing forth (ସନ୍ତାନୋତ୍ପାଦକତା—ବ) children.

ସନ୍ତାପ—ସଂ. ବ (ସମ୍+ତପ ଧାତୁ+ଭାବ. ଅ)—୧ । ଉତ୍ତାପ—santāpa 1. Heat. ୨ । ଜ୍ୱରଜନିତ ଶରୀରର ତାପ—Fever (ସନ୍ତପ୍ତ—ବିଣ) —2. heat. ୩ । ମନୋଦୁଃଖ; ମନସ୍ତାପ;ମର୍ମପୀଡ଼ା 3. Sorrow; grief; anguish; woe. ୪ । ପଶ୍ଚାତ୍ତାପ; ଅନୁଦର୍ଦ୍ଦାହ; ପଶ୍ଚାତ୍ତାପ, ଅନୁତାପ—4. Regret; repentance. ୫ । ଦେହରୁ ରିପୁ—5. The passions. ୬ । ଶତ୍ରୁ—6. Enemy. ଦେ. ବ সন্তাপ (ଲକ୍ଷଣାର୍ଥ)—ବଚନ ଓ ଦୁଃଖପୂର୍ଣ୍ଣ ବାକ୍ୟଦ୍ୱାରା ମନର सन्ताप ବେଦନା ପ୍ରକାଶ—(figurative) Giving vent to one's grief.

ସନ୍ତାପ କର—ସଂ. ବଣ (ସନ୍ତାପ+କୃ ଧାତୁ+କର୍ତ୍ତୃ. ଅ)—ଦୁଃଖ-Santāpa kara ଜନକ—Producing grief or sorrow. (ସନ୍ତାପଜନକ—ଅନ୍ୟରୂପ)

ସନ୍ତାପ କରିବା—ଦେ. କ୍ରି—ଦୁଃଖ ପ୍ରକାଶ କରିବା—To give Santāpa karibā vent to one's grief. সন্তাপ করা सन्ताप करना

ସନ୍ତାପ କ୍ଲିଷ୍ଟ—ସଂ. ବିଣ. ପୁଂ (ତୃତୀୟା ତତ୍)—ମର୍ମପୀଡ଼ା ଯୋଗୁ Santāpa klishṭa କାତର—Afflicted with grief. (ସନ୍ତାପକ୍ଲିଷ୍ଟା—ସ୍ତ୍ରୀ)

ସନ୍ତାପନ—ସଂ. ବ (ସମ୍+ତପ୍ ଧାତୁ ଣିଚନ୍ତ—ତାପି ଧାତୁ+ଭାବ Santāpana ଅନ)—୧ । ସନ୍ତାପ ଦାନ; କ୍ଲେଶ ଦେବା—1. Afflicting; giving pain. ୨ । ବସ୍ତୁରୁ ଉତ୍ତାପ ଦେବା—2. Transmitting heat to a a body. ୩ । (+କର୍ତ୍ତୃ. ଅନ) କାମଦେବଙ୍କର ପଞ୍ଚଶର ମଧ୍ୟରୁ ଏକତମ (ଯାହା ଅତୃପ୍ତକାମ ପ୍ରେମିକର ମନରେ ସନ୍ତାପ ଜନ୍ମାଏ)—3. Name of one of the five arrows of Cupid (which is said to infact pain on a disappointed lover). ସଂ. (ସନ୍ତାପନୀ—ସ୍ତ୍ରୀ) ବିଣ. ପୁଂ (କର୍ତ୍ତୃ)—୧ । ସନ୍ତାପଜନକ, ଦୁଃଖଜନକ—1. Producing grief; afflicting. ୨ । ଯାହା ଉତ୍ତପ୍ତ କରେ—2. Heating

ସନ୍ତାପ ନାଶ—ସଂ. ବ (୬ଷ୍ଠୀ ତତ୍)—ଦୁଃଖର ଶେଷ; ଦୁଃଖର Santāpa nāśa ଦୂରୀକରଣ—Removal of grief or sorrow.

ସନ୍ତାପନୀୟ—ସଂ. ବିଣ. ପୁଂ (ସମ୍+ତପ. ଧାତୁ ଣିଚ+କର୍ମ. Santāpanīya ଅନୀୟ)—ଯାହା ସନ୍ତାପିତ କରିବାର ଯୋଗ୍ୟ—(ସନ୍ତାପନୀୟା—ସ୍ତ୍ରୀ) Capable of being distressed or afflicted or heated.

ସନ୍ତାପାଗ୍ନି—ସଂ. ବ (ରୂପକ କର୍ମଧାରୟ)-ଅଗ୍ନି ପରି ଦାହକ ମନସ୍ତାପ—Santāpagni Sorrow compared to fire; burning grief. (ସନ୍ତାପବହ୍ନି, ସନ୍ତାପାନଳ—ଅନ୍ୟରୂପ)

ସନ୍ତାପିତ—ସଂ. ବଣ. (ସନ୍ତାପ+ସଞ୍ଜାତ ଅର୍ଥରେ ଇତ)—୧ । ଦୁଃଖିତ; **Santāpita** ସନ୍ତାପଯୁକ୍ତ—1. Afflicted; distressed; pained. ୨ । ତାପ ପ୍ରାପ୍ତ; ଅଗ୍ନି ଦ୍ୱାରା ଉତ୍ତପ୍ତିତ—2. Heated; scorched. ୩ । ଉତ୍ତେଜିତ—3. Excited.

ସନ୍ତାପି ହେବା—ଦେ. କ୍ରି.—୧ । ମନୋଦୁଃଖ ପ୍ରକାଶ କରିବା—**Santāpi hebā** 1. To give vent to one's grief. ସন্তাপকরা; **सन्तापित होना** ୨ । ଅନୁତାପ କରିବା—2. To repent; to express regret. [ଭୁ—କୃଷ୍ଣଙ୍କ ଅବଶ୍ୟ ଚରଣ କାତାପି । ଯମପୁରେ ବସିଣ ହୋଇବେ ସନ୍ତାପି ।—କୃଷ୍ଣସିଂ. ମହାଭାରତ. ବନ]

ସନ୍ତାପୀ—ସଂ. ବଣ. ପୁଂ—୧ । (ସନ୍ତାପ+ଅସ୍ତ୍ୟର୍ଥରେ ଇନ୍; ୧ମା. **Santāpī** ୧ବ.)—୧ । ସନ୍ତାପଯୁକ୍ତ—1. Grieving; (ସନ୍ତାପିନୀ—ସ୍ତ୍ରୀ) afflicted. ୨। (ସମ୍+ତପ ଧାତୁ ଣିଚ୍+କର୍ତ୍ତରି ଇନ୍; ୧ମା. ୧ବ)—ଯେ ଅନ୍ୟକୁ ସନ୍ତାପିତ କରେ—Afflicting.

ସନ୍ତାର—ସଂ. ବ—୧ । (ସମ୍+ତୃ ଧାତୁ+ଭାବ ଅ) ସନ୍ତରଣ—**Santāra** 1. Swimming. ୨ । (ସମ୍+ତୃ ଧାତୁ ଣିଚ୍)+ଭାବ ଅ) ନଦୀଆଦିକୁ ପାର କରାଇବା—2. Ferrying accross.

ସନ୍ତି—ସଂ. ବ.—(ସନ୍ ଧାତୁ+ଭାବ. ତି)—୧ । ଦାନ; ବିତରଣ—**Santi** 1. Distribution; bestowal of gift. ୨ । ଅବସାନ; ଶେଷ—2. Decline; extinction; close.

ସନ୍ତିଆ—ଦେ. ବଣ—୧ । (ସଂ. ସିକ୍ତ) ସନ୍ତସନ୍ତିଆ; ଓଦା; ଅର୍ଦ୍ର—**Santiā** 1. Wet; damp. ୨ । (ସଂ. ସନ୍ତ=ଅବସାଦ) সেঁতা, সেঁৎসেঁতে, **गीला** ଅପରିଷ୍କୃତ ଶରୀର ଯୁକ୍ତ—নোংরা, **गंदा** 2. Having unclean body. ୩ । ରୋଗ সেঁতা, রোগা, **दुबला** ଯୋଗୁଁ କ୍ଷୀଣକାୟ—3. Emaciated (ସନ୍ତେଇ—ସ୍ତ୍ରୀ) through disease. ୪ । ଦୁର୍ବଳ ଓ ଅକର୍ମଣ୍ୟ—4. Weak and worthless; impotent; unable to work. [ଭୁ—ପଇତା ପଡ଼ିଲେ ସନ୍ତିଆ ହଉ, ଲୁଗା ବଳ ଉହୁଁରିଅ ।—ଢଗ] ଦେ. ବ—ଦୁର୍ବଳ ଓ ଅକ୍ଷମ ବ୍ୟକ୍ତି—A weak and worthless person. [ଭୁ—ଚଢ଼ିବ ସନ୍ତିଅ, ମାଇବ ନାହିଁ; ସ୍ୱରେ ହେଉଥାଏ କହିଁ କହିଁ ।—ଢଗ]

ସନ୍ତୁଳା—ଦେ. ବ.—(ସଂ ସନ୍ତୋଳନ)—୧ । ସାମାନ୍ୟ ଘିଅ ତେଲ **Santulā** ଦ୍ୱାରା ଅର୍ଦ୍ଧଭର୍ଜିତ କରାଯାଇ ଅଳ୍ପ ଜଳ ଦ୍ୱାରା ସିଝ ଚড় চড়ি, **भाजातरकारी** ଝର୍ଜଳ ବ୍ୟଞ୍ଜନ; ତୁଣ୍ଠୁଣ୍ଡା—1. Curry slightly fried with oil and then boiled with a little water; waterless curry. (ଯଥା—ବାଇଗଣ ସନ୍ତୁଳା) ୨ । (ଲକ୍ଷଣାର୍ଥ) ଉତ୍ତପ୍ତ ହେବା; ବ୍ୟତିବ୍ୟସ୍ତ ହେବା—2. (Figurative) Being afflicted or pained; extreme botheration; harassment. ଦେ. ବଣ—ଅଳ୍ପ ତେଲ ଦ୍ୱାରା ଭର୍ଜିତ ଓ ପରେ ସାମାନ୍ୟ ଜଳ ଦ୍ୱାରା ସିଝ ଓ ନୀରସୀକୃତ—Fried with a little oil. (ଯଥା—ସନ୍ତୁଳାମାଛ) ।

ସନ୍ତୁଳା(ଳେ)ଇବା—ଦେ. କ୍ରି—ସନ୍ତୁଳିବା କ୍ରିୟାର ଣିଜନ୍ତ ରୂପ—**Santulā(le)ibā** The causative form of চড়চড়ি করান **भूनावाना** Santuḷiba.

ସନ୍ତୁଳିବା—ଦେ. କ୍ରି (ସଂ. ସନ୍ତୋଳନ)—୧ । କଞ୍ଚା ପରିବା ବା ମାଛ **Santuḷibā** ପ୍ରଭୃତିକୁ ସାମାନ୍ୟ ଘିଅରେ ବା ତେଲରେ ଭାଜିବା চড়চড়ি করা, সাঁতলান ପରେ ତହିଁରେ ଜଳ ମିଶାଇ କମା କଞ୍ଚା ଦ୍ରବ୍ୟରୁ **तलाना** ବାହାରିବା ଜଳ ଛଡ଼ା ତହିଁରେ ଅନ୍ୟ ଜଳ ଯୋଗ ନ କରି ତାହାକୁ ନିର୍ଜଳ କରି ସିଝ କରି ତରକାରୀ ପ୍ରସ୍ତୁତ କରିବା—1. To fry vegetable or fish with a little ghee or oil and then let it boil with a little or no water added to it. [ଦ୍ର—ମାଛ ଓ ମାଂସକୁ ରାନ୍ଧିବା ପୂର୍ବରୁ ପ୍ରଥମେ ସନ୍ତୁଳିବାକୁ ହୁଏ । ତାହା ସନ୍ତୁଳା ହୋଇ ସାରିଲା ପରେ ସେଥିରେ ବେସର ପାଣି ବା ମସଲାପାଣି ମିଶାଇ ତାକୁ ସିଝ କରି ମାଛ ବା ମାଂସର ଝୋଳ ବା ତିଅଣ ରନ୍ଧାଯାଏ । କେତେ ସନ୍ତୁଳା ମାଛ ମାଂସକୁ ବଟିଦେଇ ପରେ ତାହାଦ୍ୱାରା ତିଅଣ କରାଯାଏ । ଖରଡ଼ିବା ପଦାର୍ଥକୁ ସାମାନ୍ୟ ଘିଅ ବା ତେଲିଦ୍ୱାରା ନିଆଁ ଉପରେ ଥିବା ପାକ ମଧ୍ୟରେ ଡଡୁ ଦ୍ୱାରା ଘାଣ୍ଟି ତାହାକୁ ଅର୍ଦ୍ଧସିଝ ଓ ଶୁଷ୍କ ଅବସ୍ଥାରେ ନିଆଁରୁ ଓହ୍ଲାଯାଏ; (ଯଥା—ଶାଗ ଖରଡ଼ା) । ସନ୍ତୁଳିବା ପଦାର୍ଥକୁ ପ୍ରଥମେ ଖରଡ଼ି ସାରିବା ପରେ ତହିଁରେ ସାମାନ୍ୟ ଜଳ ଯୋଗକରି ଉତ୍ତମ ରୂପେ ସିଝାଇ ତାହା ସାମାନ୍ୟ ଜଳଯୁକ୍ତ ଥିବା ଅବସ୍ଥାରେ ତାକୁ ଚୂଲିଉପରୁ ଓହ୍ଲାଇ ନେବାକୁ ହୁଏ; (ଯଥା—ବଡ଼ି ସନ୍ତୁଳା, ମାଛ ସନ୍ତୁଳା, ବାଇଗଣ ସନ୍ତୁଳା) । ଭାଜିବା ପଦାର୍ଥକୁ ବହୁତ ପରିମିତ ଘିଅରେ ବା ତେଲରେ ସିଝକରି ତାହା ସମ୍ପୂର୍ଣ୍ଣରୂପେ ନିର୍ଜଳ ହେବା ପର୍ଯ୍ୟନ୍ତ ନିଆଁ ଉପରେ ବସାଯାଏ ।] ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅତ୍ୟନ୍ତ କଷ୍ଟ ଦେବା—2 (Figurative) To afflict or give much pain to a person; to barass. ପ୍ରାଦେ. (ସିଂହଭୂମି) କ୍ରି—ବଘାରିବା (ଦେଖ)—Baghāribā (See).

ସନ୍ତୁଳି ହେବା—ଦେ. କ୍ରି (ଲକ୍ଷଣାର୍ଥ)—୧ । ଦୁଃଖରେ କ୍ଲିଷ୍ଟ ହେବା—**Santuḷi hebā** 1. To be afflicated with pain. ভাজাভাজা হওয়া [ଭୁ—ସଂସାରର ଜ୍ୱାଳାରେ ମୁଁ ସନ୍ତୁଳି ହୋଇ **कष्ट पाना** ଗଲିଣି ।] ୨ । ଅତିଶୟ ଗ୍ରୀଷ୍ମ ଯୋଗୁଁ ବ୍ୟଥିତ ହେବା—2. To be afflicted with excessive heat. [ଯଥା—ଏ ବର୍ଷ ଖରା ଦିନରେ ଗ୍ରୀଷ୍ମ ଯୋଗୁଁ ଦିପହରେ ମୁଁ ଘର ଭିତରେ ପୁରା ସନ୍ତୁଳି ହୋଇଯାଉଛି ।]

ସନ୍ତୁଷ୍ଟ—ସ. ବଣ. ପୁଂ (ସମ୍=ସମ୍ୟକ୍+ତୁଷ୍ ଧାତୁ=ତୃପ୍ତ ହେବା+ Santushta କର୍ତ୍ତି. ତ)—୧ । ସନ୍ତୋଷଯୁକ୍ତ; ତୃପ୍ତ; ପ୍ରସନ୍ନ— (ସନ୍ତୁଷ୍ଟା—ସ୍ତ୍ରୀ) 1. Contented; gratified; satisfied; Pleased. (ଅସନ୍ତୁଷ୍ଟ—ବିପରୀତ) ୬ । ହୃଷ୍ଟ; ଅହ୍ଲାଦିତ—2. Overjoyed.

ସନ୍ତୁଷ୍ଟ କରିବା—ଦେ. କି—କୌଣସି ବ୍ୟକ୍ତିକୁ ତୃପ୍ତ କରାଇବା— Santushta kariba To please a person; to make সন্তুষ্ট করা संतुष्ट करना one satisfied or gratified. [ସନ୍ତୁଷ୍ଟ କରା(ରେ)ଇବା—ଅନ୍ୟରୂପ] [ଦ୍ର—'ସନ୍ତୁଷ୍ଟ କରାଇବା' ଅର୍ଥରେ ଓଡ଼ିଆ ଭାଷାରେ 'ସନ୍ତୁଷ୍ଟ କରିବା' ପ୍ରୟୋଗ କେତେକ ସ୍ଥାନରେ ଦେଖାଯାଏ । ମାତ୍ର ତାହା ବ୍ୟାକରଣର ନିୟମାନୁସାରେ ଅସିଦ୍ଧ; ସନ୍ତୁଷ୍ଟ କରାଇବା ଶୁଦ୍ଧ ପ୍ରୟୋଗ ।]

ସନ୍ତୁଷ୍ଟ ଚିତ୍ତ—ସ. ବି (କର୍ମଧାରୟ)—ତୁଷ୍ଟ ମନ—Contented Santushta chitta mind. ସ. ବଣ. ପୁଂ (ବହୁବ୍ରୀହି)— (ସନ୍ତୁଷ୍ଟ ଚିତ୍ତା—ସ୍ତ୍ରୀ) ତୃପ୍ତମନାଃ; ଯାହାର ମନସ୍ତୁଷ୍ଟି ହୋଇଅଛି— Inwardly pleased; gratified at heart.

ସନ୍ତୁଷ୍ଟ ଚେତା—ଦେ.ବଣ।(ସ. ସନ୍ତୁଷ୍ଟଚେତାଃ)—ସନ୍ତୁଷ୍ଟ ଚେତାଃ(ଦେଖ) Santushta cheta Santushta chetah (See)

ସନ୍ତୁଷ୍ଟ ଚେତାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସନ୍ତୁଷ୍ଟ ହୋଇଅଛି Santushta chetah ଚେତସ୍ ଯାହାର=ସନ୍ତୁଷ୍ଟ ଚେତସ୍; ୧ମା. ୧ବ)—ପ୍ରସନ୍ନମନାଃ—Gratified at heart; inwardly pleased.

ସନ୍ତୁଷ୍ଟ ମନ—ଦେ. ବି (କର୍ମଧାରୟ,ସନ୍ତୁଷ୍ଟ+ମନସ୍)—ଆନନ୍ଦିତ ମନ— Santushta mana Contented or satisfied mind. (ସନ୍ତୁଷ୍ଟ ମନଃ, ସନ୍ତୁଷ୍ଟ ମାନସ—ସଂସ୍କୃତ ଅନ୍ୟରୂପ) ଦେ. ବଣ. সন্তুষ্ট মন (ବହୁବ୍ରୀହି; ସଂ. ସନ୍ତୁଷ୍ଟ ମନାଃ) – ସନ୍ତୁଷ୍ଟମନାଃ (ଦେଖ) संतुष्ट मन Santushta manah (See) (ସନ୍ତୁଷ୍ଟ ମନା—ଅନ୍ୟ ବଣ ରୂପ)

ସନ୍ତୁଷ୍ଟ ମନାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସନ୍ତୁଷ୍ଟ+ମନସ୍ Santushta manah ଯାହାର;୧ମା. ୧ବ)—ସନ୍ତୁଷ୍ଟ ଚେତାଃ— ସନ୍ତୁଷ୍ଟ ମାନସ.ପୁଂ } ଅନ୍ୟରୂପ Gratified at heart; in- ସନ୍ତୁଷ୍ଟ ମାନସା.ସ୍ତ୍ରୀ } wardly pleased.

ସନ୍ତୁଷ୍ଟି—ସଂ. ବି (ସମ୍=ସମ୍ୟକ୍+ତୁଷ୍ଟି=ତୃପ୍ତି)—୧ । ସମ୍ପୂର୍ଣ୍ଣ Santushti ପରିତୃପ୍ତି—1. Contentment. ୨ । ମନୋତୋଷ —2. Satisfaction; gratification.

ସନ୍ତୁଷ୍ଟି କର—ସଂ. ବଣ. ପୁଂ (ସନ୍ତୁଷ୍ଟି+କୃ ଧାତୁ+କର୍ତ୍ତି. ଅ)— Santushti kara ଯାହା ମନୁଷ୍ୟଙ୍କୁ ସନ୍ତୁଷ୍ଟ କରାଏ— ସନ୍ତୁଷ୍ଟି କରୀ } ସ୍ତ୍ରୀ Gratifying; satisfactory. ସନ୍ତୁଷ୍ଟି ପ୍ରଦା } (ସନ୍ତୁଷ୍ଟି ପ୍ରଦ—ଅନ୍ୟରୂପ)

ସନ୍ତୋଳନ—ସଂ. ବି. (ସମ୍+ତୁଳ୍ ଧାତୁ+ଭାବ. ଅନ)—ସନ୍ତୁଳିବା Santolana କ୍ରିୟା—The act of frying any (ସନ୍ତୋଳନ—ବଣ) kitchen vegetable etc. to a point when it becomes almost waterless. (ସନ୍ତୋଳା – ଦେ. ବି; ସନ୍ତୋଳିବା—ଦେ.କି).

ସନ୍ତୋଷ—ସଂ. ବି. (ସମ୍+ତୁଷ୍ ଧାତୁ+ଭାବ. ଅ)—୧ । ପରିତୋଷ; Santosha ତୃପ୍ତି—1. Satisfaction; gratification; সন্তুষ্ট contentment. ୨ । ଅହ୍ଲାଦ; ଆନନ୍ଦ—2. Joy; संतुष्ट, सन्तोष pleasure. ଗ୍ରା· ବଣ—ସନ୍ତୁଷ୍ଟ—Satisfied, gratified. [ଦ୍ର—ସନ୍ତୋଷ ହେଲ ମାଗ ଯେ ଅଛ ମନରେ । କୃଷ୍ଣସିଂହ· ମହାଭାରତ. ବନ ।]

ସନ୍ତୋଷ କର—ସଂ. ବଣ (ସନ୍ତୋଷ+କୃ ଧାତୁ+କର୍ତ୍ତି. ଅ)— Santosha kara ତୃପ୍ତିକର; ଯାହା ଆନନ୍ଦ ଜନ୍ମାଏ— Gratifying; satisfying; pleasing; satisfactory. (ସନ୍ତୋଷ ଜନକ, ସନ୍ତୋଷ ପ୍ରଦ, ସନ୍ତୋଷ ପ୍ରଦାୟକ— ଅନ୍ୟରୂପ) (ସନ୍ତୋଷ କରୀ, ସନ୍ତୋଷ ଜନନୀ, ସନ୍ତୋଷ ପ୍ରଦା, ସନ୍ତୋଷ ପ୍ରଦାୟିକା—ସ୍ତ୍ରୀ)

ସନ୍ତୋଷ କରିବା—, ଗ୍ରା. କି—କୌଣସି ବ୍ୟକ୍ତିକୁ ସନ୍ତୁଷ୍ଟ କରାଇବା— Santosha kariba To please or gratify a person. সন্তোষ করা संतुष्ट करना

ସନ୍ତୋଷଣୀୟ—ସଂ. ବଣ (ସମ୍+ତୁଷ୍. ଧାତୁ ଣିଚ=ତୋଷି. Santoshaniya ଧାତୁ+କର୍ମ. ଅନୀୟ)—୧ । ଯାହାଙ୍କୁ ସନ୍ତୁଷ୍ଟ କରାଇବା ଉଚିତ—1. Fit to be pleased or gratified. ୨ । ଯାହାଙ୍କୁ ସନ୍ତୁଷ୍ଟ କରାଯାଇ ପାରେ— 2. Capable of being gratified.

ସନ୍ତୋଷ ବର୍ଦ୍ଧନ—ସଂ. ବି (ସନ୍ତୋଷ+ବୃଧ୍. ଧାତୁ+ଭାବ. ଅନ)— Santosha bardhana ତୃପ୍ତି ବଢ଼ାଇବା; ସନ୍ତୋଷକୁ କ୍ରମଶଃ ଅଧିକତର କରାଇବା—Increasing or promoting satisfaction or pleasure. ସଂ. ବଣ (+କର୍ତ୍ତି. ଅନ)—ଯେ ସନ୍ତୋଷ ବର୍ଦ୍ଧନ କରାଏ—Promoting satisfaction; (ସନ୍ତୋଷବର୍ଦ୍ଧିନୀ—ଅନ୍ୟ ବଣରୂପ) conducive of pleasure.

ସନ୍ତୋଷ ବୃଦ୍ଧି—ସଂ. ବି (ଷଷ୍ଠୀ ତତ୍)—କ୍ରମଶଃ ତୃପ୍ତି ବଢ଼ିବା— Santosha bruddhi Promotion of pleasure.

ସନ୍ତୋଷ ହେବା—ଗ୍ରା· କି—ପରିତୃପ୍ତ ହେବା; ସନ୍ତୁଷ୍ଟ ହେବା— Santosha heba To be pleased; to be contented. সন্তোষ হওয়া संन्तुष्टहो

ସନ୍ତୋଷିବା—ଦେ. କି (ପଦ୍ୟ)—ସନ୍ତୁଷ୍ଟ କରାଇବା— Santoshiba To please; to satisfy; to gratify. সন্তোষ (সন্তুষ্টকরা) (ଦ୍ର—ପାଶରେ ସନ୍ତୋଷିଲୁ ରମଣୀ ମନ । संन्तुष्ट करना ରଘୁନାଥ. ମେଘଦୂତ ।)

ସନ୍ତୋଷୀ—ସଂ. ବଣ ପୁଂ—୧ । (ସମ୍+ତୁଷ୍· ଧାତୁ ଣିଚ+କର୍ତ୍ତି· Santoshi ଇନ୍; ୧ମା. ୧ବ)—ଅହ୍ଲାଦକର—1. Pleasing; gratifying. ୨ । (ସନ୍ତୋଷ+ (ସନ୍ତୋଷିଣୀ—ସ୍ତ୍ରୀ) ଅସ୍ତି ଅର୍ଥରେ ଇନ୍; ୧ମା. ୧ବ) ସନ୍ତୁଷ୍ଟ—2. Contented. ୩ । ସ୍ୱଭାବ ସନ୍ତୁଷ୍ଟ ପ୍ରକୃତିର—3. Contented by nature.

ସନ୍ତ୍ରସ୍ତ—ସଂ. ବିଣ. ପୁଂ (ସମ୍=ବିଶେଷ ଭାବରେ+ତ୍ରସ୍ ଧାତୁ+ Santrasta କର୍ତ୍ତି. ତ)—ଅତ୍ୟନ୍ତ ଭୀତ; ଭୀତ ଚକିତ—Terrified; very much afraid. [ଦ୍ର—ଅତ୍ୟଦ୍ଧିକ ଭୀତିପ୍ରାପ୍ତ ବ୍ୟକ୍ତି ସ୍ଥଳରେ ସନ୍ତ୍ରାସିତ ଶବ୍ଦ ବ୍ୟବହୃତ ହୁଏ ।]

ସନ୍ତ୍ରା—ଗ୍ରା. ବି ଓ ବିଣ—ସନ୍ତରା (ଦେଖ) Santrā Santarā. (See)

ସନ୍ତ୍ରାସ—ସଂ. ବି (ସମ୍+ତ୍ରସ୍ ଧାତୁ+ଭାବ. ଅ)—ଅତ୍ୟନ୍ତ ଭୟ—Santrāsa Terror; much fright; great fear.

ସନ୍ତ୍ରାସିତ—ସଂ. ବିଣ ପୁଂ (ସମ୍+ତ୍ରସ୍ ଧାତୁ, ଣିଚ୍+କର୍ମ. ତ)—Santrāsita ଅନ୍ୟ ଦ୍ୱାରା ଭୀତିପ୍ରାପ୍ତ—Frightened; terrified. (ସନ୍ତ୍ରାସିତା—ସ୍ତ୍ରୀ) [ଦ୍ର—ସନ୍ତ୍ରସ୍ତ=ନିଜେ ଭୀତ; ସନ୍ତ୍ରାସିତ—ଅନ୍ୟଦ୍ୱାରା ଭୟପ୍ରାପ୍ତ ।]

ସନ୍ତ୍ରୀ—ବୈଦେ. ବି (ଇଂ. ସେଣ୍ଟ୍ରି)—ପହରାଦାର ସିପାହୀ—Santrī ସନ୍ତ୍ରୀ संत्री Sentry; sentinel.

ସନ୍ଥ—ଦେ. ବି. ପୁଂ (ସଂ. ସତ୍ ଶବ୍ଦର ପୁଂଲିଙ୍ଗ ପ୍ରଥମା ବିଭକ୍ତି ବହୁବଚନ Santha ସନ୍ତଃ; ପ୍ରା. ସନ୍ତୋ)—୧ । ସତ୍ପୁରୁଷ; ସଚ୍ଚରିତ୍ର ବ୍ୟକ୍ତି; ସନ୍ତ संत ସାଧୁ ବ୍ୟକ୍ତି—1. A good person. (ଉ—ପୁଣ୍ୟେ ଅଶେଷ ମୁକ୍ତ ସନ୍ଥେ, ମୋକ୍ଷ ହୋଇଲେ ସେହି ପଥେ । ଜଗନ୍ନାଥ. ଭାଗବତ ।) ୨ । ଧାର୍ମିକ ବ୍ୟକ୍ତି—2. A pious person. (ଉ—ଅଶାନ୍ତକୁ ଶାନ୍ତ ଯେ ଅସନ୍ତକୁ ସନ୍ଥ, କରୁଥିବାରୁ ଦଣ୍ଡ ବୋଲିନ୍ତି ଜଗତ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।) ୩ । ମହାପୁରୁଷ—3. A great man. ୪ । ସାଧାରଣ ବୈରାଗୀ; ବାବାଜି—4. A recluse; an anchorite. [ଦ୍ର—ଉପର୍ଯ୍ୟୁକ୍ତ ୪ ଅର୍ଥରେ ଏ ଶବ୍ଦର ସ୍ତ୍ରୀଲିଙ୍ଗ ଅବାର ଭାଷାରେ ବ୍ୟବହୃତ ହୁଏ ନାହିଁ ।] ୫ । ଅଭ୍ୟାସ ବା ଅଧ୍ୟୟନ ନୂତନ ପଢ଼ା ନୟା ପାଠ କରିବା ପାଇଁ ଗୁରୁଙ୍କଠାରୁ ଛାତ୍ରର ଗ୍ରହଣ କରିବା ନୂତନ ପାଠ—5. New lesson imparted or set to a student by a teacher for preparing it. (ଉ—ପ୍ରେମ-ଗୁରୁଠାରୁ ଶିଖିଲି ଯେ ଅସ୍ବସ୍ଥ ଚିତ୍ତର ଅଦ୍ୟ ସନ୍ଥ । ରାଧାନାଥ. ଯଯାତି ।) [ଦ୍ର—ସଂ. ସନ୍ଧି=ଭୁଲ ହାତକୁ ଯୋଡ଼ିବା ଅବସ୍ଥା । ସମ୍ଭବତଃ ଛାତ୍ର ଗୁରୁଙ୍କଠାରୁ 'ସନ୍ଥ' ଗ୍ରହଣ କଲାବେଳେ ଭୁଲ ହାତ ଯୋଡ଼ି କରି ତାଙ୍କ ଆଗରେ ଅବନତମସ୍ତକ ହୋଇ ଠିଆ ହେବାର ରୀତିରୁ ଏହି ଶବ୍ଦର ଏହି ଅର୍ଥ ଆସିଅଛି ।] ୬ । (ପୁଂ) ଲୋକଙ୍କ ଦିଆଯିବା ନାମ—6. A name given ସନ୍ତ संत to males. ଦେ. ବିଣ—ସାଧୁଶୀଳ; ସଚ୍ଛୀଳ—Honest; noble; good (person). (ଉ—ଦୁଷ୍ଟ ବୃତ୍ତିକି ଛାଡ଼ଣ ଯେ ସନ୍ଥବୃତ୍ତିଙ୍କ, ଆଗେ ଏହା କହିଲ ନ ଲିଭେ ଅନ୍ତଙ୍କ । କୃଷ୍ଣସିଂହ. ମହାଭାରତ. ବନ ।)

ସନ୍ଥ ଘେ(ଘି)ନିବା—ଦେ. କ୍ରି—ସନ୍ଥ ନେବା (ଦେଖ) Santha ghe(ghi)nibā Santha nebā. (See)

ସନ୍ଥ ଜନ—ଦେ. ବି (ସଂ. ସତ୍+ଜନ)—ସାଧୁ ବ୍ୟକ୍ତି—A good Santha jana person. (ଉ—ତେଣୁ ବୋଲନ୍ତି ସନ୍ଥଜନ ସନ୍ତ ଜନ संत आदमी କଢ଼ି, ସନ୍ଥଙ୍କ ବନ୍ଧୁ ଯେତେ ସବୁ ଜୀବ ପ୍ରାଣୀ ଉପେନ୍ଦ୍ରଭଞ୍ଜ ।

ସନ୍ଥ ଦେବା—ଦେ. କ୍ରି—ଛାତ୍ରକୁ ଅଭ୍ୟାସ କରିବା ପାଇଁ (ଗୁରୁ) ନୂତନ Santha debā ପାଠ ନିର୍ଦ୍ଦିଷ୍ଟ କରିବା—To set a new lesson ନୂତନ ପଢ଼ା ଦେଓୟା to a pupil to prepare it at नया पाठ देना home.

ସନ୍ଥ ନେବା—ଦେ. କ୍ରି—(ଛାତ୍ର) ଗୁରୁଙ୍କଠାରୁ ନୂଆ ପାଠ ଗ୍ରହଣ Santha nebā କରିବା—To take a new lesson ନୂତନ ପଢ଼ା ନେଓୟା नया पाठ लेना from a teacher.

ସନ୍ଥ ପଇଟା(ଟେ)ଇବା—ଦେ. କ୍ରି—ଗୁରୁଙ୍କ ପ୍ରଦତ୍ତ ନୂଆ ପାଠକୁ Santha paiṭā(ṭe)ibā ଅଭ୍ୟାସ ବା ମୁଖସ୍ଥ କରିବା—ନୂତନ ପଢ଼ା ମୁଖସ୍ଥ କରା To get by heart or prepare a नयापाठ याद् करना new lesson.

ସନ୍ଥପଣ—ଦେ. ବି—୧ । ସାଧୁତା—1. Nobility; goodness; Santhapaṇa honesty. ୨ । ଆଚରଣର ଧୀରତା; ଭଦ୍ରତା—ସନ୍ତପନା 2. Civility; gentleness of manners, सन्तता nobility of character. ୩ । ଭଦ୍ର ବ୍ୟବହାର—(ସନ୍ଥପଣିଆ—ଅନ୍ୟରୂପ) 3. Gentlemanly conduct; civil manners.

ସନ୍ଥ ମହନ୍ତ—ଦେ. ବି (ସମୂହ; ବହୁବଚନ)—ସାଧାରଣ ବୈରାଗୀ ଓ Santha mahanta ମଠାଧିକାରୀ ବୈରାଗୀମାନେ—Ordinary ସନ୍ତ ମହାନ୍ତ सन्त महन्थ anchorites and abbots.

ସନ୍ଥ ମେଳ(ଳା)—ଦେ. ବି-ସାଧୁ ବୈଷ୍ଣବମାନଙ୍କର ମିଳନମହୋତ୍ସବ—Santha meḷa(ḷā) A gathering of anchorites. ସନ୍ତ ସମ୍ମେଲନ सन्त सम्मेलन (ହ୍ରସ୍ୱମଳ୍ଳ-ଅନ୍ୟରୂପ)

ସନ୍ଥ ସାଧୁ—ଦେ. ବି (ଏକାର୍ଥକ ସମୂହ; ବହୁବଚନ)—ବାବାଜି-Santha sādhu ବୈଷ୍ଣବଗଣ—Anchorites. ସନ୍ତ ସାଧ୍ साधु सन्त

ସନ୍ଥା—ଦେ.ବି—ଘାଆର ବା ଫାଟିଥିବା କଥର ମୁହଁ ଯେପରି ବୁଜି ହୋଇ Santhā ନ ଯିବ ଓ ତହିଁ ମଧ୍ୟରୁ ପୂଜ ବାହାରି ଦୂଷିତ ଓ ପାଣି ଅଡ଼ ପଳିତା ବାହାରିଯିବ, ଏଥିପାଇଁ ତା ମୁହଁରେ ଦିଆଯିବା କାଠି ବା सलाई ପଲିତା—A probe or wick or plug thrust into the mouth of a sore or abcess, so that the purulent matter inside it will be drained out when the plug is taken out. [ଦ୍ର—ଏହାକୁ ଘାଆର ମୁହଁରୁ କାଢ଼ିଦେଲେ ସେହି ଛିଦ୍ରବାଟେ ପୂଜ ଅଡ଼ ବୋହିଯାଏ ।]

ସନ୍ଦ—ବୈଦେ. ବି (ଫା. ସନଦ୍)—ସନନ୍ଦ (ଦେଖ) Sanda Sananda. (See)

ସନ୍ଦଂଶ—ବି (ସମ୍+ଦନ୍ଶ୍ ଧାତୁ=କାମୁଡ଼ିବା+କର୍ତ୍ତି. ଅ; ଯେ Sandaṃśa ଅଚ୍ଛା କରି କୌଣସି ପଦାର୍ଥକୁ କାମୁଡ଼ି ଧରେ)—

୧ । ସଣ୍ଡୁଅଶି—1. A pair of tongs. ୨। ଚିମୁଟା—2. Pincers. ୩ । ଗୁଆକାଟି—3. Nut-cracker.

ସନ୍ଦଂଶ ପ୍ରାପିତ ନ୍ୟାୟ—ସଂ. ବି (ନ୍ୟାୟ)—ସଣ୍ଡୁଅଶିରେ ଧୃତ ବାଦାମ୍ ପରି
Sandaṁsa prāpita nyāya ଧୃତ ବସ୍ତୁକୁ ଯୁପିବା ପରି ଦୁଇ ଅଡୁ ଉଭୟରୂପେ ବା ଦୃଢ଼ ଭାବରେ ଧରା ହେବା ବସ୍ତୁ ବା ଦୁଇ ବଗରୁ ଅକାନ୍ତ ହୋଇଥିବା ବ୍ୟକ୍ତି ସମ୍ବନ୍ଧରେ—ଏହି ନ୍ୟାୟ ପ୍ରଯୁକ୍ତ ହୁଏ—A metaphorical expression or analogy used in the case of a person or thing tightly pressed from both sides, as by a vice, and thus being incapable of freeing himself or itself.

ସଦଂଶ ଯାତନା—ସଂ. ବି-(ବହୁବ୍ରୀହି)--ହିନ୍ଦୁମାନଙ୍କର ନରକ ବିଶେଷ—
Sadaṁsa jātanā Name of a part of the hell of the Hindu mythology.
[ଦ୍ର—ସଣ୍ଡୁଅଶି ଦ୍ୱାରା ଚିପିଲେ ମନୁଷ୍ୟର ଯେପରି କଷ୍ଟ ଅନୁଭୂତ ହୁଏ, ଏ ନରକରେ ପାପୀଙ୍କୁ ସେହିପରି ଯାତନା ଦିଆଯାଏ ବୋଲି ଏପରି ନାମ ହୋଇଅଛି ।]

ସନ୍ଦରସ—ଦେ. ବି.—(ଫ. ସନ୍ଦ୍‌ରସ୍; ଇଂ. ସାଣ୍ଡରାକ୍)—ବୃକ୍ଷବିଶେଷର
Sandarasa ଶୁଷ୍କ ନିର୍ଯ୍ୟାସ; ଏକ ପ୍ରକାର ଶାଳଗଛରୁ ଧୁନା; ଧୂଳା ବାହାରିବା ଝୁଣା; ଧଳା ଝୁଣା—Gum sandaras; a kind of resin; the dried juice of Vateria India. [ଦ୍ର—ଏହା ବାର୍ଣ୍ଣିଶ୍ ପ୍ରସ୍ତୁତ କରିବାରେ ଲାଗେ ।]

ସନ୍ଦର୍ଭ—ସଂ. ବି. (ସମ୍=ସମ୍ୟକ୍+ଦୃଭ୍ ଧାତୁ=ଗ୍ରନ୍ଥନ କରିବା+ଭାବ.
Sandarbha ଅ; ଶବ୍ଦ ଓ ଅର୍ଥ ସମ୍ୟକ୍‌ରୂପେ ଗ୍ରଥିତ ହୋଇଥିବା ରଚନା)—୧ । ରଚନା; ପ୍ରବନ୍ଧ—1. An essay; a composition; a thesis. ୨ । ପରସ୍ପର ସହିତ ସମ୍ୟକ୍‌ରୂପେ ସମ୍ବନ୍ଧ ରଚନା—2. A discourse in which the parts are well connected; a connected narrative. ୩ । ସଂଗ୍ରହ—3. Collection; compendium; compilation. ୪ । ସମ୍ବନ୍ଧ—4. Connection. ୫ । ଗ୍ରନ୍ଥନ—5. Arrangement. ୬ । (+କର୍ମ. ଅ) କୌଣସି ବିଷୟ ସମ୍ବନ୍ଧରେ ଗ୍ରନ୍ଥ ପୁସ୍ତକ—6. A treatise on a particular subject. ୭ । ବିସ୍ତାର—7. Expansion. ୮ । ରହସ୍ୟ; ଗୂଢ଼ାର୍ଥ—8. Secret or hidden meaning.
(ସଂଦର୍ଭ—ଅନ୍ୟରୂପ)

ସନ୍ଦର୍ଶନ—ସଂ. ବି.—(ସମ୍+ଦୃଶ୍ ଧାତୁ+ଭାବ.ଅନ)—୧ । ସମ୍ୟକ୍
Sandarśana ଦର୍ଶନ; ଅବଲୋକନ; ନିରୀକ୍ଷଣ—1. Observation; act of looking at a thing. ୨। ପରୀକ୍ଷା—2. Examination; scrutiny. ୩। ଦେଖିବା—3. Act of seeing. ୪ । ଜ୍ଞାନ—4. Knowledge; wisdom; idea. ୫ । ମୂର୍ତ୍ତି; ଆକୃତି—5. Form; shape; image.
(ସଂଦର୍ଶନ—ଅନ୍ୟରୂପ)

ସନ୍ଦଷ୍ଟ—ସଂ. ବିଣ. (ସମ୍+ଦଂଶ୍ ଧାତୁ+କର୍ମ ତ)—୧ । ଗୁରୁତର
Sandashta ଭାବରେ କାମୁଡ଼ା ହୋଇଥିବା—1. Severely bitten ୨ । ସଂଶ୍ଲିଷ୍ଟ—2. Brought into contact. ୩ । ଦୃଢ଼ରୂପେ ଲଗ୍ନ—3. Closely joined with; made to adhere to.
(ସଂଦଷ୍ଟ—ଅନ୍ୟରୂପ)

ସନ୍ଦଷ୍ଟୋଷ୍ଠ ପୁଟ—ସଂ. ବିଣ. ପୁଂ. (ବହୁବ୍ରୀହି; ସନ୍ଦଷ୍ଟ ହୋଇଅଛି ଯାହାର
Sandashṭostha puṭa ଓଷ୍ଠପୁଟ ଯାହା ଦ୍ୱାରା)—ଅତି କ୍ରୁଦ୍ଧ ହୋଇ ଯେ ରାଗରେ ନିଜର ଓଠକୁ ଖୁବ୍ ଜୋର୍‌ରେ ଦାନ୍ତରେ ଧରିଅଛି—One who has very firmly pressed his teeth on his own lips in a paroxysm of anger.
(ସନ୍ଦଷ୍ଟୋଷ୍ଠ ପୁଟା—ସ୍ତ୍ରୀ)

ସଦାଣ୍ଡ—ପ୍ରାଦେ. (ବାଲେଶ୍ୱର) ବି.—କାଠର ମୋଟା ଠେଙ୍ଗା—
Sandārda A thick cudgel of wood.

ସନ୍ଦାନ—ସଂ.ବି.—(ସମ୍+ଦୋ ଧାତୁ=ଛେଦନ କରିବା+ଭାବ.ଅନ)-
Sandāna ୧ । ସମ୍ୟକ୍ ଛେଦନ—1.Cutting through; tearing asunder. ୨। ବନ୍ଧନ—2. Binding. ୩ । (+କର୍ମ ଅନ) ଶୃଙ୍ଖଳ—3.Chain. ୪ । ରଜ୍ଜୁ—4. Rope; chord. ୫ । ବନ୍ଧନ ସାଧନ ବସ୍ତୁ—5. Bond. ୬ । (ସମ୍+ଦାନ=ଗଜଗଣ୍ଡ ଦାନ) ହସ୍ତୀର କପୋଳର ଊର୍ଦ୍ଧ୍ୱ ଦେଶ ଓ ଜାନୁଦ୍ୱୟର ଅଧୋଭାଗ, ଯେଉଁ ସ୍ଥାନରୁ ମଦ ଜଳ କ୍ଷରିତ ହୁଏ—6. The upper part of the brow and the lower part of the knees of an elephant from which a sweet-scented juice is exuded.
(ସଂଦାନ—ଅନ୍ୟରୂପ)

ସନ୍ଦାନିତ—ସଂ. ବିଣ. (ସନ୍ଦାନ+ସଞ୍ଜାତାର୍ଥେ ଇତ୍)—୧ । ଶୃଙ୍ଖଳିତ—
Sandānita 1. Enchained. ୨ । ବଦ୍ଧ—2. Bound. ୩ । ଛିନ୍ନ—3. Torn.
(ସଂଦାନିତ—ଅନ୍ୟରୂପ)

ସନ୍ଦାନିନୀ—ସଂ. ବି. ସ୍ତ୍ରୀ (ସନ୍ଦାନ+ଇନ୍+ସ୍ତ୍ରୀ. ଈ; ଯେଉଁଠାରେ
Sandānini ଗୋରୁଙ୍କୁ ବନ୍ଧାଯାଏ)—ଗୋଶାଳା; ଗୁହାଳ ଘର—Cow-shed; a place where cattle are tied.
(ସଂଦାନିନୀ—ଅନ୍ୟରୂପ)

ସନ୍ଦାବ—ସଂ. ବି (ସମ୍+ଦ୍ରୁ ଧାତୁ=ଗମନ କରିବା+ଭାବ. ଅ)—
Sandāba ୧ । ପଳାୟନ—1. Fleeing. ୨ । ହଟିଯିବା—2. Retiring.
(ସଂଦାବ—ଅନ୍ୟରୂପ)

ସନ୍ଦି—ଗ୍ରା. ବି (ସଂ. ସନ୍ଧି)—ସନ୍ଧି (ଦେଖ)
Sandi Sandhi (See)

ସନ୍ଦିଆ (ଇତ୍ୟାଦି)—ଗ୍ରା. ବି—ସନ୍ଧିଆ ଇତ୍ୟାଦି (ଦେଖ)
Sandiā (etc) Sandhiā etc. (See)

ସନ୍ଦିଆସି—ଗ୍ରା. ବି (ସଂ. ସନ୍ନ୍ୟାସୀ)—ସନ୍ନ୍ୟାସୀ ଦେଖ)
Sandiāsi Sannyāsi (See)

ସନ୍ଦିଗ୍ଧ—ସଂ. ବିଣ. ପୁଂ (ସମ୍+ଦିହ୍ ଧାତୁ=ସଂଶୟ କରିବା+କର୍ମ.
Sandigdha ତ)—ସନ୍ଦେହାତ୍ମକ; ସଂଶୟ ଯୁକ୍ତ—Suspicious; sceptic; doubtful.
(ସଂଦିଗ୍ଧ—ଅନ୍ୟରୂପ)

ସନ୍ଦିଗ୍ଧ ଚିତ୍ତ—ସଂ. ବି (କର୍ମଧାରୟ) —ସଂଶୟ ଯୁକ୍ତ ମନ—
Sandigdha chitta Suspicious mind.
(ସନ୍ଦିଗ୍ଧ ମନାଃ—ଅନ୍ୟ ଭଣ ରୂପ) ସଂ. ବିଣ. ପୁଂ (ବହୁବ୍ରୀହି)—
(ସନ୍ଦିଗ୍ଧ ଚିତ୍ତା—ସ୍ତ୍ରୀ) ସନ୍ଦିଗ୍ଧ ଚେତାଃ (ଦେଖ)
Sandigdha chetāḥ (See)

ସନ୍ଦିଗ୍ଧ ଚେତାଃ—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସନ୍ଦିଗ୍ଧ+ଚେତସ୍;
Sandigdha chetāḥ ୧ମା. ୧ବ)—ଯାହାର ମନ ସଂଶୟ-
[ସନ୍ଦିଗ୍ଧ ଚେତା—ଦେ. ରୂପ] ଯୁକ୍ତ ଅଟେ; ଯାହାର ମନରେ
ସନ୍ଦେହ ଭାବ ହୋଇଅଛି—Of a suspicious mind; doubting.

ସନ୍ଦିଗ୍ଧତା—ସଂ. ବି (ସଂ. ସନ୍ଦିଗ୍ଧ+ଭାବେ. ତା)—୧ । ସନ୍ଦେହ ଯୁକ୍ତତା;
Sandigdhatā ସନ୍ଦିଗ୍ଧ ଭାବ—1. Doubtfulness; hesitativeness. ୨ । ଅଳଙ୍କାର ଶାସ୍ତ୍ରରେ ଶବ୍ଦଦୋଷ—
ବିଶେଷ; ଶବ୍ଦର ପ୍ରୟୋଗ ଦ୍ୱାରା ଅର୍ଥର ଅବଗମରେ
ସନ୍ଦେହ ଭାବ ହେବା ଦୋଷ—2. A defect in composition consisting of the use of a word capable of conveying more that one sense.
[ଏଥିର ଉଦାହରଣ—
ଶୁଣ ଅହେ ବନ୍ଧୁଗଣ କପାଇଁ ଚଞ୍ଚଳ ମନ
ଏହି ଦେଶ ସୁରାଳୟ କର ଗମନ
ତହିଁ କଟ୍ୟ ସେବା କର ମନେ ପ୍ରମୁଦ୍ଧ ଅଟେ
ଏମେ ଅବଶ୍ୟ ବରିବ ଭୂମ୍ ମନର ।
କୁଳମଣି. ଅଳଙ୍କାର ତରଙ୍ଗିଣୀ ।]

ସନ୍ଦିଗ୍ଧ ମନାଃ—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି;ସନ୍ଦିଗ୍ଧ+ମନସ୍; ୧ମା.
Sandigdha manāḥ ୧ବ)—ସନ୍ଦିଗ୍ଧ ଚେତାଃ (ଦେଖ)
[ସନ୍ଦିଗ୍ଧ ମନା—ଦେଶଜ ରୂପ] Sandigdha chetāḥ (See)

ସନ୍ଦିତ—ସଂ. ବିଣ (ସମ୍+ଦୋ ଧାତୁ=ଛେଦନ କରିବା+କର୍ମ.ତ)-
Sandita ସଦାନିତ (ଦେଖ)—Sandānita (See)

ସନ୍ଦିଶା—ଗ୍ରାଂ ବି (ସଂ. ସନ୍ଦେଶ)—ଅଭିଳାଷ; ମନୋରଥ; ବାଞ୍ଛା—
Sandisā ଅଭିଲାଷ ସାଦିଚ୍ଛା Desire; wish.

ସନ୍ଦିଷ୍ଟ—ସଂ. ବିଣ; ପୁଂ (ସମ୍+ଦିଶ୍ ଧାତୁ=ଆଦେଶ କରିବା,
Sandishṭa କହିବା+କର୍ମ. ତ)—୧ । ଆଦିଷ୍ଟ; ଆଦେଶ ପ୍ରାପ୍ତ;
(ସନ୍ଦିଷ୍ଟା—ସ୍ତ୍ରୀ.ବିଣ) ଆଜ୍ଞପ୍ତ —1. Commanded; ordered.
୨ । କଥିତ—2. Spoken; told. ସଂ. ବି (+ଭାବ.ତ)
୧ । ଆଦେଶ—1. Order; command. ୨ । ବାର୍ତ୍ତା;
ସମ୍ବାଦ—2. News; information; intelligence.
(ସନ୍ଦିଷ୍ଟ—ଅନ୍ୟରୂପ)

ସନ୍ଦିଷ୍ଟାର୍ଥ—ସଂ. ବିଣ. ପୁଂ (ବହୁବ୍ରୀହି; ସନ୍ଦିଷ୍ଟ=ଆଦିଷ୍ଟ ହୋଇଅଛି;
Sandishṭārtha ଅର୍ଥ=ପ୍ରୟୋଜନ ବା ଉଦ୍ଦେଶ୍ୟ ଯାହାର)-
(ସନ୍ଦିଷ୍ଟାର୍ଥା—ସ୍ତ୍ରୀ) ବାର୍ତ୍ତାବହ; ଦୂତ—Messenger.

ସନ୍ଦିହାନ—ସଂ. ବିଣ. ପୁଂ (ସମ୍+ଦିହ୍ ଧାତୁ=ଲେପନ କରିବା,
Sandihāna ସଂଶୟ କରିବା+କର୍ତ୍ତୃ. ଅନ)—ସନ୍ଦେହାନ୍ୱିତ;
(ସନ୍ଦିହାନା—ସ୍ତ୍ରୀ) ସଂଶୟ ଯୁକ୍ତ; ଯାହାର ମନରେ ସନ୍ଦେହ ଭାବ
ହୋଇଅଛି—Suspicious; sceptic; doubtful.

ସନ୍ଦୀ—ସଂ. ବିଣ. ସ୍ତ୍ରୀ (ସମ୍+ଦୋ ଧାତୁ=ଛେଦନ କରିବା+କର୍ମ.
Sandī ଅ+ସ୍ତ୍ରୀ. ଈ)—୧ । ଶଯ୍ୟା—1. Bed. ୨ । ଖଟ—
2. Bedstead. ୩ । ଆସନ୍ଦୀ; ଚଉକି—3. A stool; a small chair.
(ସନ୍ଦି—ଅନ୍ୟରୂପ)

ସନ୍ଦୀପ୍ୟ—ସଂ. ବି. -(ବୈଦ୍ୟକ)—ମୟୂରଶିଖା ଗୁଳ୍ମ; ମୟୂରଚୂଳିଆ
Sandīpya ଗଛ—Name of a tree; Celesia
(ସନ୍ଦୀପ୍ୟ—ଅନ୍ୟରୂପ) Cristata.

ସଂନ୍ଦୃବ୍ଧ—ସଂ. ବିଣ—(ସମ+ଦୃନ୍ଭ୍ ଧାତୁ=ଗ୍ରନ୍ଥନ କରିବା+
Sandṛubdha କର୍ମ. ତ) ୧ । ଗ୍ରଥିତ—1. Sewn;orderly arranged. ୨ । ରଚିତ—2. Composed.

ସନ୍ଦେ—ଗ୍ରାଦେ. (ବାଲେଶ୍ୱର) ବି—ସନ୍ଦେହ—
Sande Doubt.

ସନ୍ଦେଶ—ସଂ. ବି. (ସମ୍+ଦିଶ୍ ଧାତୁ=ଆଜ୍ଞା କରିବା+କର୍ମ ଅ)
Sandeśa ୧ । ସମ୍ବାଦ; ବାର୍ତ୍ତା; ଖବର—1. News; intelligence.
সন্দেশ ୨ । ଅନ୍ୟର ନିକଟକୁ ପ୍ରେରିତ ସମ୍ବାଦ—
सन्देश 2. Message. ୩ । ଆଜ୍ଞା; ଆଦେଶ—3. Order;
(ସନ୍ଦେଶ୍ୟ—ବିଣ) command. ଦେ. ବି.—୧ । (ସଂ. ସନ୍ଦେଶ
=ବାର୍ତ୍ତା,ସଂବାଦ । ବନ୍ଧୁ ସଜ୍ଜନଙ୍କୁ କୁଶଳ ସଂବାଦ ବୁଝିବା
ପାଇଁ ଯେଉଁ ଦୂତ ପଠାଯାଏ, ତା ହାତରେ ସନ୍ଦେଶ ବା
ମିଷ୍ଟାନ୍ନ ପଠାଇବା ବଙ୍ଗ ଦେଶୀୟ ପ୍ରଥାରୁ ଏହି ବ୍ୟବହାର
ଆସିଅଛି ।)—ଗୁଡ଼ରେ ବା ଚିନିରେ ପାଗ କରି ଯାଇଥିବା
ନଡ଼ିଆ କୋରରେ ବା ଛେନାରେ ପ୍ରସ୍ତୁତ ମିଷ୍ଟାନ୍ନ ବିଶେଷ
—1.A sweetmeat made of the scrapings of cocoanut or cheese fried with sugar.
[ଦ୍ର—ବଙ୍ଗ ଦେଶରେ 'ତତ୍ତ୍ୱ' ପଠାଇବା ଉପଲକ୍ଷରେ ପୂର୍ବେ
ନଡ଼ିଆ କୋର ଓ ଗୁଡ଼ରେ ତିଆରି ସନ୍ଦେଶ ପଠାଯାଉଥିଲା;
ବର୍ତ୍ତମାନ ଦୁଧଛେନାରେ ତିଆରି ସନ୍ଦେଶ ନାମକ ମିଠେଇ
ପଠାଯାଏ । ଓଡ଼ିଶାରେ'ସଙ୍କୁଳି' ବୋଲି ସଙ୍ଗ ମୁଦିରେ,
ଉଖୁଡ଼ାରେ ଓ କୁଡୁମ୍ବରେ ତିଆରି ମୁଆଁ ଏବଂ ମନୋହର
ଆଦି ପଠାଯାଏ । ସନ୍ଦେଶର ମିଷ୍ଟାନ୍ନ ଅର୍ଥରେ ବ୍ୟବହାର
ବଙ୍ଗ ଦେଶର ଅନୁକରଣରେ ଓଡ଼ିଆରେ ଚଳିଅଛି ।] ୨ ।
କିର୍ଚ୍ଚିଲ ଦୁଧଛେନାସଙ୍ଗେ ଚିନି ମିଶାଯାଇ କଡ଼େଇରେ ସନ୍ତୁଳା
ହୋଇ ପ୍ରସ୍ତୁତ କରିଥିବା ମିଷ୍ଟାନ୍ନବିଶେଷ—2. A sweetmeat prepared by frying fresh cheese with sugar.[ଦ୍ର—ଘୃତ ପ୍ରୟୋଗ ପୂର୍ବକ ଦୁଧଛେନାରୁ
ପାଣିଯାକ ନିଗାଡ଼ି ଦେଇ ତହିଁରେ ଚିନି ମିଶାଇ ତାକୁ
ଉତ୍ତମରୂପେ ବାଟି କଡ଼େଇରେ ସନ୍ତୁଳିଲେ ସନ୍ଦେଶ ହୁଏ;
ପୁଣି ଉକ୍ତ ସନ୍ଦେଶକୁ ନାନାପ୍ରକାର ଛାଞ୍ଚରେ ଢାଳି ନାନା
ଆକୃତିର ସନ୍ଦେଶ ତିଆରି କରାଯାଏ । ଏହାଛଡ଼ା ନଡ଼ିଆ
କୋରକୁ ଚିନିରେ ମିଶାଇ ସନ୍ତୁଳିଲେ ମଧ ତହିଁରୁ
ସନ୍ଦେଶ ତିଆରି ହୁଏ । ବଙ୍ଗ ଦେଶରେ ଆମ୍ବ ସାହାଯ୍ୟରେ
ଆମ୍ବ ଆକାରରେ ପ୍ରସ୍ତୁତ ସନ୍ଦେଶକୁ 'ଆମ୍ବ ସନ୍ଦେଶ',
ଉପରେ ରାମନାମ ମୁଦ୍ରିତଥିବା ତଦାକୃତ ସନ୍ଦେଶକୁ

'ଗ୍ରାମଗୁଣ୍ଡ ସନ୍ଦେଶ', ଉପରେ ଛୋଟ ଛୋଟ ଚିହ୍ନ ଦିଆଯାଇ ତିଆର କରାଯିବା ସନ୍ଦେଶକୁ 'ଗୁଡ଼ୋ ବା କେଳୋ ସନ୍ଦେଶ', ନଡ଼ିଆକୋରାରେ ତିଆର ସନ୍ଦେଶକୁ 'ନାଡ଼ିକେଳ ସନ୍ଦେଶ' ବୋଲାଯାଏ । ଓଡ଼ିଶାରେ ଛେନାର ସନ୍ଦେଶକୁ କଖାରୁ ଗୋଲ୍ଲା (କାଁଚାଗୋଲ୍ଲା) ବୋଲାଯାଏ । ଏହାଛଡ଼ା ଭଣ୍ଡି ଭାବାର ସନ୍ଦେଶକୁ ବଙ୍ଗଳାରେ 'ଗୋଲ୍ଲା ବା ମୋଣ୍ଡା ବା ମଣ୍ଡା ସନ୍ଦେଶ', ଏବଂ ଚିକ୍କ ଚିକ୍କ ବାଦୁଲ ପର ଗୋଲା ହୋଇଥିବା ସନ୍ଦେଶକୁ 'ମୁଣ୍ଡ ସନ୍ଦେଶ,ବୋଲାଯାଏ ।] ଗ୍ରା. (ପଦ୍ୟ) ବି —ସନ୍ଦେହ—Doubt. (ଉ—ଏ କଥା ଶୁଣି ବ୍ୟାସ ଶିଷ୍ୟ, ଫିଟିବ ମନର ସନ୍ଦେଶ । —ପ୍ରାଚୀ· କାର୍ତ୍ତିକ-ମାହାତ୍ମ୍ୟ ।)

ସନ୍ଦେଶ ବହ—ସଂ. ବି. ପୁଂ—(ସନ୍ଦେଶ + ବହ୍ ଧାତୁ + କର୍ତ୍ତୃ. ଅ)—
Sandesa baha ଖବରବହ; ଦୂତ; ହରକରା—Messenger; news-bearer.
[ସନ୍ଦେଶହର(ହା)ର—ଅନ୍ୟରୂପ]
(ସନ୍ଦେଶବହା—ସ୍ତ୍ରୀ)

ସନ୍ଦେହ—ସଂ. ବି (ସମ୍ + ଦିହ୍ ଧାତୁ = ଦ୍ୱୈଧ ଭାବ କରିବା + ଭାବ. ଅ) ୧ । ସଂଶୟ; ଦ୍ୱୈଧଭାବ—1. Doubt; suspicion; suspense.
Sandeha
୨ । ଅର୍ଥାଳଙ୍କାର ବିଶେଷ—2. A figure of speech. [ବି—ଉପମେୟ ଓ ଉପମାନର ପାର୍ଥକ୍ୟ କରୁଥିଲେ ପ୍ରତିଭାମୂଳକ ସଂଶୟ କରାଗଲେ ସନ୍ଦେହ ଅଳଙ୍କାର ହୁଏ ।] କବିକଳ୍ପନାଉତ୍ଥ ସଂଶୟଯୁକ୍ତ ସନ୍ଦେହାଳଂକାର ବୋଲାଯାଏ । କୌଣସି ବସ୍ତୁକୁ ଦେଖି ତାକୁ ଏକାଧିକ ବସ୍ତୁ ମଧ୍ୟରୁ କାହା ସଙ୍ଗେ ତୁଳନା କରାଯିବ ଏବଂ ଭୁଲ ସନ୍ଦେହ କବିଙ୍କ ମନରେ ଜାତ ହେବା ସ୍ଥଳରେ ସନ୍ଦେହାଳଂକାର ହୁଏ ।
ଏଥିର ଉଦାହରଣ—

ସ୍ୱଚ୍ଛନ୍ଦ ଉଦ୍ଭବ ମାର, ଅଛ ଫୁଲ ଧନୁଶର,
ତୁମେ ସୁଧାକର, ଭଲି କଳଙ୍କ ଅଛୁ;
ଅବ ଦେବତାମାନଙ୍କ, ଦର୍ପ ଅଣିବ ମନକୁ,
ମୋହର ସୁକୃତ ଏ ପୁରୁଷ ହୋଇଛୁ
ମୋର ଧୃଣି ସୁକୃତ କେଁବେ
ଏମନ୍ତ ଶୋକ ଜାତ ହେବାରୁ ଜଗତେ ।
—ଉପେ. ଲାବଣ୍ୟବତୀ ।]

ସନ୍ଦେହ କରିବା—ଦେ. କ୍ରି—କୌଣସି ବିଷୟରେ ମନରେ ଦ୍ୱିଧାଭାବ
Sandeha karibā ପୋଷଣ କରିବା—To doubt; to suspect.
ସନ୍ଦେହ କରା सन्देह करना

ସନ୍ଦେହ ଜନକ—ସଂ ବିଣ—ଯାହା ମନୁଷ୍ୟ ମନରେ ସଂଶୟ ଜାତ
Sandeha janaka କରାଏ—Engendering doubt in one's mind; suspicious.

ସନ୍ଦେହ ଦୋଳା—ସଂ. ବି (ରୂପକ କର୍ମଧାରୟ)—ଦୋଳା ସଙ୍ଗେ
Sandeha dolā ଉପମିତ ସନ୍ଦେହ—Suspense; doubt compared to a swing

ସନ୍ଦେହ ଭଞ୍ଜନ—ସଂ. ବି. (ଷଷ୍ଠୀ ତତ୍)—ମନରୁ ସଂଶୟର ଦୂରୀ-
Sandeha bhañjana କରଣ—Removal of a doubt.

ସନ୍ଦେହ ସଙ୍କର—ସଂ. ବି—ଅର୍ଥାଳଙ୍କାର ବିଶେଷ—
Sandeha sankara A kind of figure of speech.
[ବି—ଯେଉଁଠାରେ ଦୁଇଟି ଅଳଙ୍କାର ମଧ୍ୟରେ କେଉଁଟି ପ୍ରଯୋଜ୍ୟ ବୋଲି ସନ୍ଦେହ ହୁଏ, ସେଠାରେ "ସନ୍ଦେହ ସଙ୍କର" ଅଳଙ୍କାର ହୁଏ; ଯଥା—"ମୁଖଚନ୍ଦ୍ର ଶୋଭା ପାଉଛି" । ଏହି ବାକ୍ୟରେ ଶୋଭା ପାଇବା ରୂପ ସାଧାରଣ ଧର୍ମ ମୁଖରେ ସମ୍ଭବପର,ପୁଣି ଚନ୍ଦ୍ରରେ ମଧ୍ୟ ସମ୍ଭବପର ହେଉ, ଏହା 'ରୂପକ' ହୋଇପାରେ, ପୁଣି 'ଉପମା' ମଧ୍ୟ ହୋଇ ପାରେ । ଏହିପରି ସ୍ଥଳରେ 'ସନ୍ଦେହ ସଙ୍କର' ଅଳଙ୍କାର ହେଲା ବୋଲି ବୁଝାଯାଏ ।]

ସନ୍ଦେହ ସଙ୍କୁଳ—ସଂ. ବିଣ (ତୃତୀୟା ତତ୍)—ସନ୍ଦେହପୂର୍ଣ୍ଣ; ସନ୍ଦେହ-
Sandeha samkula ଜନକ—Doubtful; suspicious.

ସନ୍ଦେହାକୁଳ—ସଂ. ବିଣ. (ତୃତୀୟା ତତ୍)—ସଂଶୟଦ୍ୱାରା ପୀଡ଼ିତ;
Sandehākula ସଂଦେହଗ୍ରସ୍ତ—Troubled with doubt
[ସନ୍ଦେହାକ୍ରାନ୍ତ—ଅନ୍ୟରୂପ]
(ସନ୍ଦେହାକୁଳା, ସନ୍ଦେହାକ୍ରାନ୍ତା—ସ୍ତ୍ରୀ)

ସନ୍ଦେହାଳଂକାର—ସଂ. ବି—ସନ୍ଦେହ ୨ (ଦେଖ)
Sandehālamkāra Sandeha 2. (See)

ସନ୍ଦେହୀ—ସଂ.ବିଣ.ପୁ—(ସମ୍ + ଦିହ୍ ଧାତୁ + କର୍ତ୍ତୃ. ଇନ୍ ବା ସନ୍ଦେହ
Sandehī + ଇନ୍ ୧ ମା. ୧ ବଚନ)—ସଂଶୟକାରୀ—
সন্দেহী Doubting; suspicious; sceptic. ଦେ ବିଣ.
सन्देही (କଚେରୀ)—ଯାହାପ୍ରତି କୌଣସି ବିଷୟରେ ମନରେ ସନ୍ଦେହ ଜାତ ହୁଏ—Suspected. (ଉ—ପୁଲିସ ସନ୍ଦେହୀ ଅସାମୀମାନଙ୍କ ଘର ତଲାସ କରି କେତେକ ଚୋରି ମାଲ ବରାମଦ୍ କଲେ ।)

ସନ୍ଦେହୀ ଆସାମୀ—ଦେ. ବି. (କଚେରୀ)—ଗ୍ରେପ୍ତାଦ ଅପରାଧ କରି-
Sandehī āsāmi ଥିବା ବିଷୟରେ ଯାହାକୁ ସନ୍ଦେହ କରା
সন্দেহীআসামী सन्देहीआसामी ଯାଉଥାଏ—A suspect.

ସନ୍ଦୋହ—ସଂ. ବି —(ସମ୍ + ଦୁହ୍ ଧାତୁ = ଦୁହିଁବା + ଭାବ, ଅ)—୧ ।
Sandoha ସମ୍ୟକ୍ ଦୋହନ; ଉତ୍ତମ ରୂପେ ଦୁହିଁବା—
1. Milching well. ୨ । (+କର୍ମ. ଅ) ଯାହା ସମ୍ୟକ୍ ଦୋହନ କରା ହୋଇଅଛି—2. That which has been milched well. ୩ । ଦୁଗ୍ଧ—3. Milk. ୪ । ସମୂହ—4. Multitude; assemblage. ୫ । ରାଶି—5. Heap.

ସନ୍ଦ୍ରାବ—ସଂ. ବି. (ସମ୍ + ଦ୍ରୁ ଧାତୁ = ବେଗରେ ଗମନ କରିବା +
Sandrāba ଭାବ. ଅ)—ବେଗରେ ଗମନ; ପଳାୟନ—
Fleeing away; flight.
[ଉ—ଚନ୍ଦ୍ରଚନ୍ଦ୍ର ମାନସ ହଁଶିବା ପ୍ରଭ ଶୁଣି,
ବାଳୁଙ୍କ ତ ନୂପୁର ସନ୍ଦ୍ରାବ ଗୋସାଇଁଣି ।
—ଉପେ. ବୈଦେହୀଶବିଳାସ]

ସନ୍ଧ—ଗ୍ରାଦେ. (ଲଇଥ) ବି.—ସୁଗନ୍ଧ ବିଶେଷ—
Sandha A kind of scent.

ସନ୍ଧା—ସଂ. ବି (ସମ୍ + ଧା ଧାତୁ = ଧାରଣ କରିବା + ଭାବ ଅ + ଈ. Sandhā ଅ)—୧ । ଅନୁସନ୍ଧାନ—1. Investigation; searching. ୨ । ପ୍ରତିଜ୍ଞା—2 Promise; vow. [ଦ୍ର—ଏହା ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ପୁଂଲିଙ୍ଗରେ 'ସନ୍ଧ' ରୂପ ଧାରଣ କରେ । ଯଥା—'ସତ୍ୟସନ୍ଧ'— ସଂ. ଗୁଣ—(ସତ୍ୟ = ଅଟଳ ଅଟେ ସନ୍ଧା = ପ୍ରତିଜ୍ଞା ଯାହାଙ୍କର; ବହୁବ୍ରୀହି) ପ୍ରତିଜ୍ଞା ପାଳନ କରିବା ବିଷୟରେ ଅଟଳ ।] ୩ । ସ୍ଥିତି—3. Staying; existence. ୪ । ସନ୍ଧି; ଯୋଡ଼—4. Space between two things; joint. ୫ । ମିଳନ—5. Meeting; mixing up; alliance; union. ୬ । ସନ୍ଧ୍ୟା—6. Evening. ଦେ ବି.—୧ । ସାନ୍ଧିବା; ଚକଟାନ ମିଲাব ଘାଣ୍ଟିବା—1. Intimately mixing କাংক, সাংধি ফাঁক up many things. ୨ ।ସନ୍ଧିସ୍ଥାନ— 2. Interstice; space between.

ସନ୍ଧା(ନ୍ଧେ)ଇବା—ଦେ' କି.—୧ । ସାନ୍ଧିବା କ୍ରିୟାର ଣିଜନ୍ତ ରୂପ;ଅନ୍ୟ Sandhā(ndhe)ibā ଦ୍ୱାରା ସାନ୍ଧିବା କ୍ରିୟା କରାଇବା— ଚକଟାନ সাঁতবানা 1. Causative form of গজান কজান জকিবালগানা 'Sāndhibā ୨ । ସାରୁର ମଞ୍ଜିରୁ ବା କନ୍ଦରୁ ଗଛ ବାହାରିବା ପାଇଁ ତାକୁ ଗୋଟିଏ ଗାତରେ ଏକାବେଳେ ପୋତିଦେବା—2. To put the arum seeds in a hole under the ground for sometime for causing them to sprout. [ଦ୍ର—ସାରୁ ମଞ୍ଜିରୁ ଗଛ ବାହାରିଲା ପରେ ତାହା କିଆରିରେ ଯୋତାଯାଏ]

ସନ୍ଧା ଘାଅ—ଗ୍ରାଦେ (ସାଉଥ) ବି.—ପାଣିରେ ବହୁତ ସମୟ ବୁଡ଼ି ହେବାରୁ ଅଙ୍ଗୁଳି ସନ୍ଧିରେ ହେବା ଘାଅ— Sandhā ghāa Eczima between two fingers due to the palms or the feet being drenched too often in water.

ସନ୍ଧାତବ୍ୟ—ସଂ. ଗୁଣ (ସମ୍ = ସମ୍ୟକ୍ + ଧା ଧାତୁ = ଧାରଣ କରିବା Sandhātabyā + କର୍ମ ତବ୍ୟ)—୧ । ଯାହା ସହିତ ସନ୍ଧି କରାଯିବା ଉଚିତ—1. (A person) Fit to be allied with; (a person) with whom an alliance should be formed. ୨ । ଯାହାକୁ ସନ୍ଧାନ କରିବା ଉଚିତ—2. Fit to be searched after.

ସନ୍ଧାନ—ସଂ. ବି.—(ସମ୍ = ସମ୍ୟକ୍ + ଧା ଧାତୁ = ଧାରଣ କରିବା + Sandhāna ଭାବ ଅନ)—୧ । ଖୋଜିବା; ଅନ୍ୱେଷଣ; ଖୋଜ; ତଲାସ—1. Searching; enquiry. ୨ । ଚୋରି ଯାଇଥିବା ବା ହଜି ଯାଇଥିବା ବସ୍ତୁକୁ ଖୋଜିବା— 2. Searching after a lost or stolen; thing. ୩ । ମିଶ୍ରଣ; ଏକତ୍ରୀକରଣ—3. Mixing up. ୪ । ମିଳନ; ସଂଯୋଜନ; ଯୋଡ଼ିବା—4. Joining. meeting; union; junction. ୫ । ସ୍ଥିତି— 5. Staying; situation ୬ । ସନ୍ଧି; ଦୁଇ ବସ୍ତୁର ଯୋଗସ୍ଥାନ—6 Joint; juncture; confluence ୭ । ପାଳନ—7. Supporting; bringing up; cherishing; fostering. ୮ । ବାଣ ଯୋଡ଼ିବା— ଧନୁରେ ଶର ଯୋଖିବା—8. Fixing or setting an arrow to the bow ୯ । ବନ୍ଧନ—9. Binding; bond. ୧୦ । ଅଭିଷବ; ମଦ୍ୟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଦ୍ରବ୍ୟ ବା ଉପାଦାନାଦିର ଯୋଗ—10. Mixing up the materials for wine; fermentation. ୧୧ । ମଦ୍ୟ; ମଦ; ସୁରା— 11. Wine; spirits. ୧୨ । କାଞ୍ଜି—12. Fermented or sour rice-gruel. ୧୩ । ସାଜସଜ୍ଜା; ସଜା—13. Equipments; accoutrements. ୧୪ । ମଦ୍ୟ ସନ୍ଧାନକରଣ—14. Act of distiling or fermenting spirituous liquor. ୧୫ । ଉପାୟ; କର୍ମକୌଶଳ—15. Expediency. ୧୬ । ଲକ୍ଷ୍ୟ—16. Aim. ଦେ. ବି.—୧ । ହଜିଥିବା ବା ସନ୍ଧান পত ଚୋରି ଯାଇଥିବା ଦ୍ରବ୍ୟ କିମ୍ବା ଅପରାଧ ସମ୍ବନ୍ଧରେ ତଥ୍ୟ ବା ଖବର; ସୁରାକ୍—1. Clue; information about a lost or stolen thing or সন্ধান গূহছিদ্র about an offence. ୨ । ପରିବାରର ଗୁପ୍ତ କଥା; ଗୃହଚ୍ଛିଦ୍ର—2. The mysteries or সন্ধান সঁধান secrets of a family. ଦେ. ଗୁଣ— ସଂଲଗ୍ନ; ସଂଯୋଜିତ—Attached.
[ଦ୍ର—ଦୁଇ ସନ୍ଧାନ ପାଦ କର
ତହିଁ ବସିଲେ ନରହରି ।
—ଜଗନ୍ନାଥ. ଶ୍ରୀମଦ୍ଭାଗବତ]

ସନ୍ଧାନ କରଣୀ—ସଂ. ବି—ମହୌଷଧ ବିଶେଷ—Name of a Sandhān karanī panacea.
[ଦ୍ର—ସନ୍ଧାନ କରଣୀ ଯେ ବିଶଲ୍ୟକରଣୀ
ମୃତସଞ୍ଜୀବନୀ ଯେ ସ୍ରାବଣୀ କରଣୀ ।
—କୃଷ୍ଣସିଂହ. ମହାଭାରତ. ବନ]

ସନ୍ଧାନ କରିବା—ଦେ କି.—୧ । ଖୋଜିବା—1. To search Sandhāna karibā after. ୨ । ତଲାସ କରିବା—2. সন্ধান করা পত লগানা To enquire into.

ସନ୍ଧାନ ଦେବା—ଦେ. କି.—କୌଣସି ବିଷୟର ତଥ୍ୟ ଅନ୍ୟ ବ୍ୟକ୍ତିକୁ Sandhāna debā ଜଣାଇବା—To suggest or point সন্ধান দেওয়া পতা দেনা out the clue to a person.

ସନ୍ଧାନ ନେବା—ଦେ. କ୍ରି—କୌଣସି ବିଷୟ ସମ୍ବନ୍ଧରେ ଜ୍ଞାତବ୍ୟ
Sandhāna nebā ସମ୍ବାଦ ବା ତଥ୍ୟ ଖୋଜିବା; ଅନୁସନ୍ଧାନରେ
सन्धान लेना ହେବା—To be on the look-out for a
पता लेना clue; to enquire into a matter; to
make enquires into a matter.

ସନ୍ଧାନ ପାଇବା—ଦେ. କ୍ରି—ସୁରାକ୍ ପାଇବା; କୌଣସି ବିଷୟ- ତଥ୍ୟ
Sandhāna pāibā ବା ସମ୍ବାଦ ଅବଗତ ହେବା—To get
सन्धान पाना a clue to a matter; to find out a
पता पाना clue.

ସନ୍ଧାନ ବର୍ଗ—ସଂ. ବି (ବୈଦ୍ୟକ)—ବୈଦ୍ୟଶାସ୍ତ୍ରୋକ୍ତ ନାନା ପ୍ରକାର
Sandhāna barga ମଦ୍ୟ (ଯଥା—ମଦ୍ୟ, ଗୌଡ଼ୀ, ମାଧ୍ବୀ,
ପୈଷ୍ଟୀ, କାଦମ୍ବରୀ, ମାଧୂକା, ମୈରେୟୀ, ମାର୍ଦ୍ଵୀକ, ସୁରା,
ସୀଧୁ)—The different sorts of wine mentioned in the Hindu medical treatises.

ସନ୍ଧାନ ମିଳିବା—ଦେ. କ୍ରି—ଖୋଜା ଯାଉଥିବା କୌଣସି ବିଷୟର
Sandhāna milibā ତଥ୍ୟ ଜଣା ପଡ଼ିବା—The clue to
सन्धान मेला a matter being found out.
पता मिलना

ସନ୍ଧାନ ସୂତ୍ର—ସଂ. ବି—ସୁରାକ୍; କୌଣସି ବିଷୟ ଖୋଜି କରି ପାଇବାର
Sandhāna sūtra ଉପାୟ—The clue to find out
[ସନ୍ଧାନ ସୁତ(ତ୍ରୁ)ର—ଦେ. ରୂପ] a thing which one
is searching for.

ସନ୍ଧାନିକା—ସଂ. ବି (ସନ୍ଧାନ+କ+ସ୍ତ୍ରୀ. ଆ)—ବିବିଧ ଫଳରୁ ପ୍ରସ୍ତୁତ
Sandhānikā ଅଚାର—Pickles prepared from
various fruits. [ଦ୍ର—ସାଧାରଣତଃ ଏହା ଅମ୍ଳ
ମଧୁର ରସ, ଶୀତବୀର୍ଯ୍ୟ, ମାରକ, ବିଦାହୀ ଓ କଫପିତ୍ତ-
ବର୍ଦ୍ଧକ ଅଟେ ।]

ସନ୍ଧାନିତ—ସଂ. ବିଣ (ସନ୍ଧାନ+ଯୁକ୍ତାର୍ଥେ. ଇତ)—୧ । ସଂଶ୍ଳିଷ୍ଟ—
Sandhānita 1. Mixed up. ୨ । ସମ୍ମିଳିତ—
2. Joined together. ୩ । ଯାହାର ସନ୍ଧାନ
ମିଳିଅଛି—3. Traced.

ସନ୍ଧାନୀ—ସଂ. ବିଣ. ପୁଂ (ସନ୍ଧାନ+ଅସ୍ତି ଅର୍ଥରେ ଇନ୍; ୧ମା. ବ)—
Sandhānī ୧ । ଅନୁସନ୍ଧାନକାରୀ—1. Searching. ୨ ।
(ସନ୍ଧାନିନୀ—ସ୍ତ୍ରୀ) ଲକ୍ଷ୍ୟକାରୀ—2. Aiming ସଂ. ବି (ସମ୍+
ଧା ଧାତୁ+ଭାବ. ଅନ+ସ୍ତ୍ରୀ. ଈ)—ସନ୍ଧାନ (ଦେଖ)
Sandhāna (See) ଦେ. ବିଣ (ଇତରଅ)—୧। ସନ୍ଧାନ
କରିବାରେ ସିଦ୍ଧହସ୍ତ—1 Expert or skilled in
tracing; having detective capacity.
୨ । ଅପରାଧ ଅବର ସନ୍ଧାନରେ ନିଯୁକ୍ତ—
2. Detective; engaged in detecting crimes.

ସନ୍ଧି—ସଂ. ବି (ସମ୍+ଧା ଧାତୁ=ଧାରଣ କରିବା+ଭାବ. ଇ)—
Sandhi ୧ । ସଂଯୋଗ; ମିଳନ—1. Meeting; union.
୨ । (+କର୍ମ. ଇ) ଦୁଇ ବସ୍ତୁ ମଧ୍ୟରେ ବ୍ୟବଧାନ; ଫାଙ୍କ
—2. Space between two things; interstice. [ଉ—କର୍ଣ୍ଣ ଅରଜୁନ ହୁଅନ୍ତେ ବକାବକି,
ଅକାଶ ଦେଖେ କିଛି ନ ରହିଲା ସନ୍ଧି । କୃଷ୍ଣସିଂହ.
ମହାଭାରତ, କର୍ଣ୍ଣ ।] ୩ । (+ଅଧି. ଇ) ମିଳନ ସ୍ଥାନ;
ଯୋଡ଼; ଗଣ୍ଠି—3. Junction; joint. ୪ । (+ଭାବ.
ଇ) ମୈତ୍ରୀକରଣ—4. Establishment of
friendship. ୫ । (+କରଣ. ଇ) (ରାଜନୀତି) ଯୁଦ୍ଧ
ପରେ ବିଜଗୀଷୁ ଓ ଅରିଙ୍କ ମଧ୍ୟରେ ବ୍ୟବସ୍ଥାପୂର୍ବକ
ମୈତ୍ରୀ ସ୍ଥାପନ—(political) 5. Treaty; alliance
set up between the rival parties after
war. [ଉ—ବିଗ୍ରହେ ସନ୍ଧି ଯେ ନ ସମ୍ବାଦ । ଉପେ.
ବୈଦେହୀଶବିଳାସ ।] [ଦ୍ର—ବିଷ୍ଣୁଶର୍ମାଙ୍କ କୃତ ହିତୋପ-
ଦେଶାଦି ଗ୍ରନ୍ଥରେ ୧୬ ପ୍ରକାର ସନ୍ଧିର ଉଲ୍ଲେଖ ଅଛି ।
ପରସ୍ପର ମଧ୍ୟରେ ଧନାଦି ଆଦାନ ପ୍ରଦାନ, ପୁତ୍ର କନ୍ୟାଦି
ଆଦାନ ପ୍ରଦାନ, ଉଭୟଙ୍କ ଶତ୍ରୁକୁ ଶାସନ କରିବା ପାଇଁ
ଅଙ୍ଗୀକାର, ପରସ୍ପରର ଉପକାର କରିବାର ଅଙ୍ଗୀକାର,
କ୍ଷତି ପୂରଣ ପ୍ରଦାନ, ଆପଣାର ସୈନ୍ୟ ଦ୍ୱାରା ମିତ୍ରର
ରକ୍ଷାକରଣ, ବାର୍ଷିକ କରଦାନର ଅଙ୍ଗୀକାର, ରାଜ୍ୟାଂଶ
ଦାନ ଇତ୍ୟାଦି ଉପାୟରେ ଦୁଇ ପକ୍ଷ ମଧ୍ୟରେ 'ସନ୍ଧି'
କରାଯାଏ ।] ୬ । (+କର୍ତ୍ତୃ. ଇ) (ପୁରାଣ) ଏକ ଯୁଗର
ଅବସାନ ଓ ଅନ୍ୟ ଯୁଗର ଆରମ୍ଭ ସ୍ଥଳ; ଦୁଇ ଯୁଗର
ପରସ୍ପର ମିଳନ କାଳ—6. The meeting space
between two ages; the period of time
between two successive ages. ୭ ।
(ଶରୀର ବିଦ୍ୟା) ଦେହର ଗ୍ରନ୍ଥି; ଅସ୍ଥି ବା ଶିରା ଦ୍ୱୟର
ମିଳନ ସ୍ଥଳ; ଗଣ୍ଠି—7 (Anatomy) The joints
of the body. [ଦ୍ର—ଜୀବ ଦେହରେ ୨୧୦ଟି ସନ୍ଧି
ଅଛି । ତନ୍ମଧ୍ୟରେ ହାତ ଓ ଗୋଡ଼ରେ ୬୮, କୋଷ୍ଠରେ
୫୯, ଗ୍ରୀବାର ଊର୍ଦ୍ଧ୍ୱ ଭାଗରେ ୮୩ । ସନ୍ଧି ସମୂହ ଦୁଇ
ଭାଗରେ ବିଭକ୍ତ; ଯଥା—ଚେଷ୍ଟାଶୀଳ ଓ ସ୍ଥିର । ଚେଷ୍ଟା-
ଶୀଳ ସନ୍ଧି ଦ୍ୱାରା ଅଙ୍ଗମାନ ଚାଳିତ ହୁଏ । ସ୍ଥିର ସନ୍ଧିମାନ
ଦେହର ଅନ୍ୟାନ୍ୟ ଅଂଶରେ ଥାଏ । ଆକୃତିଭେଦରେ
ସନ୍ଧିମାନଙ୍କ ୮ ଗୋଟି ନାମ ଅଛି; ଯଥା—କୋର,
ଉଦୂଖଳ, ସାମୁଦ୍ଗ, ପ୍ରତର, ତୁନ୍ନ ସେବନୀ, କାକତୁଣ୍ଡ,
ମଣ୍ଡଳ ଓ ଶଙ୍ଖାବର୍ତ୍ତ ।] ୮ । (+ଭାବ. ଇ) (ବ୍ୟାକରଣ)
ସନ୍ନିକଟସ୍ଥ ଦୁଇଟି ବର୍ଣ୍ଣର ସଂଯୋଗଜାତ ବିକାର; ବର୍ଣ୍ଣ-
ଦ୍ୱୟର ସଂଯୋଗଜାତ ରୂପାନ୍ତର—(grammar)
8 The resultant letter formed by the
blending of two letters (the last letter
of a word and the first letter of the
next word); conjunction of two letters.

[ଦ୍ର—ବ୍ୟାକରଣରେ ସନ୍ଧି ୩ ପ୍ରକାର—ସ୍ୱରସନ୍ଧି,
ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି । ସ୍ୱରବର୍ଣ୍ଣ ସଙ୍ଗେ ସ୍ୱରବର୍ଣ୍ଣ

ମିଳିତ ହେଲେ ସ୍ୱରସନ୍ଧି ହୁଏ, ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣ ମିଳିତ ହେଲେ ବ୍ୟଞ୍ଜନ ସନ୍ଧି ହୁଏ ଏବଂ ପ୍ରଥମ ପଦର ଶେଷରେ ଥିବା ବିସର୍ଗ ସଙ୍ଗେ ପରବର୍ତ୍ତୀ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣ ମିଳିତ ହେଲେ ବିସର୍ଗସନ୍ଧି ହୁଏ ।] ୯ । (+ଭକ୍ତି ଲ) (ଅଳଂକାର ଶାସ୍ତ୍ର) ନାଟକାଂଶ ବିଶେଷ; ନାଟକର ଦୁଇଟି ଅଙ୍କ ବା ଗର୍ଭାଙ୍କ (ଦୃଶ୍ୟ) ମଧ୍ୟର ବ୍ୟବଧାନ—9. Part of a drama between two acts or scenes. ୧୦। (+କରଣ ଲ) ସିନ୍ଧି ଗାତ; ଚୋର କରିବା ପାଇଁ ଚୋରମାନେ ଘର-ଭିତରକୁ ପୂରିବା ଗାତ—10. A hole bored into a house by house-breakers. ୧୧ । ସୁଡଙ୍ଗ; ସୁରଙ୍ଗ—11. Tunnel. ୧୨ । ଗାତ; ଖୋଲ—12. Hole; breach. ୧୩ । ଖଣିଗାତ—13. Mine; excavation; pit. ୧୪ । ଦ୍ୱାର—14. Door; entrance. ୧୫ । (+ଭକ୍ତି ଲ) ଭଗ; ଯୋନିଦ୍ୱାର—15. The vaginal orifice. ୧୬ । (+କରଣ ଲ) ବିଶ୍ରାମ—16. Rest; repose; recess ୧୭ । ସନ୍ଧିପୂଜା (ଦେଖ)—17. Sandhi-pūjā. (See) ୧୮ । (+କରଣ ଲ) ସାଧନ; କାର୍ଯ୍ୟ-ସାଧନାର୍ଥ ପ୍ରୟୋଜ୍ୟ ଉପାୟ—18. Means or instruments for the accomplishment of an act. ୧୯ । (+ଭାବ ଲ) ସନ୍ଧାନ; ଉଣ୍ଟି; ତଥ୍ୟ—19. Clue; information; the key to a matter. ୨୦ । (କର୍ମ ଲ) ଗୁପ୍ତ କଥା; ରହସ୍ୟ—20. Secret; mystery. ୨୧ । ରୋଗର ଅତି ବିଷମ ଅବସ୍ଥା (ଯେଉଁ ଅବସ୍ଥା ପରେ ରୋଗ କ୍ରମଶଃ କମିଯାଏ କିମ୍ବା ମାରାତ୍ମକ ହୁଏ)—21. Crisis of a disease. ଦେ.

ସନ୍ନିପାତ ବି—୧ । (ସଂ. ସନ୍ନିପାତ) ବିଶେଷ; ଜ୍ୱର ଅବରେ ବାତ, ପିତ୍ତ ଓ କଫର ପ୍ରକୋପଜନିତ ଅବସ୍ଥା— सन्निपात 1. Typhoid; state of collapse in fever, cholera etc. ୨ । (ଅଙ୍ଗ) ଛଳ; କପଟ—2. Conceit; deceit; hypocrisy. (ଦ୍ର—ଏମନ୍ତ ବୋଲି ଜାଣୁଥିଲ, ସନ୍ଧି ନ ହେଉ ପଣ୍ଡୁରକ । ପ୍ରାଚୀ. ହର୍ଷ-ମାହାତ୍ମ୍ୟ ।) ୩ । ଅତି ସଂକୀର୍ଣ୍ଣ ଗଳି—3. Narrow lane. ୪ । କଥାର ଗୁପ୍ତ ମର୍ମ ବା ରହସ୍ୟ—4. The hidden purport or meaning of any speech. (ଦ୍ର—କହିବା ଏଥିର ସନ୍ଧି ଯେ ଏଥି ବ୍ୟବସ୍ଥା । ପ୍ରାଚୀ. ଶ୍ରୀମଦ୍ଭଗବଦ୍ ଗୀତା ।) ୫ । କଥା କହିବାର ଢଙ୍ଗ ବା କୌଶଳ—5. The mode of expressing a matter. (ଦ୍ର—କଥାର ବୁଝ ଧାନ ଜାଏ ବୋଲୁଛୁ ବାଛି । ଭଗ ।)

[Hindi equivalents printed in the left margin beside this entry: छन्द, छल; सन्धि, तंगगली; रहस्य, सन्धि रहस्य; सन्धि ढङ्ग, कौशल]

ସନ୍ଧିଆ—ଗ୍ରା. ବି—୧ । (ସଂ. ସନ୍ଧ୍ୟା) ସନ୍ଧ୍ୟା (ଦେଖ)—Sandhiā 1. Sandhyā. (See) ୨ । (ସଂ. ସନ୍ଧି) ସନ୍ଧି (ଦେଖ)—2. Sandhi. (See) ଦେ. ବି—୧ । ଶଗଡ଼ ଚକର ପରିଧିର ୨ ଖଣ୍ଡ ଅଂଶର ଯୋଡ଼ ଜାଗା—1. The joint between the two arcs of the rim of a cart-wheel; the tenon or mortise by which the arcs of a cart wheel are joined together. ଦେ. ବିଣ—

सन्धि संधि

ସନ୍ଧିଯୁକ୍ତ संधियुक्त (ସଂ. ସନ୍ଧି) ଗ୍ରନ୍ଥିବିଶିଷ୍ଟ—Having joints.

ସନ୍ଧିଆ ପ(ପୋ)ଚରା—ଦେ. ବି—ଶଗଡ଼ଚକର ପରିଧିରେ ଥିବା ଭିନ୍ନ ଭିନ୍ନ ଖଣ୍ଡମାନଙ୍କୁ ମଜବୁତ କରିବା ପାଇଁ ବ୍ୟବହୃତ କିଲ ଓ ଖୋଲ—The tenon and mortise which secures the different arcs of a cart wheel; the holes and pins of the different pieces of the cart wheel.

Sandhiā pa(po)charā; सन्धिखिल, संधिका कीला

ସନ୍ଧିଆ ପ(ପୋ)ଚରା ମାରିବା—ଦେ. କ୍ରି—୧ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟକୁ ଖୁବ୍ ମଜବୁତ ଭାବରେ ସମାଧାନ କରିବା—1. To accomplish a work very strongly and securely. ୨ । ଶଗଡ଼ ଚକର ପରିଧିକୁ ଦୃଢ଼ କରିବା ପାଇଁ ଛିଦ୍ରରେ କିଲ ପ୍ରଭୃତି ମାରିବା—2. To make the rim of a cart wheel strong by securely putting the pins into the holes of the different arcs.

Sandhiā pa(po)charā māribā; सन्धिखिल ठोंकना, संधिमें कीला लगाना

ସନ୍ଧିଆସୀ—ଗ୍ରା. ବି (ସଂ. ସନ୍ନ୍ୟାସୀ)—ସନ୍ନ୍ୟାସୀ—An anchorite.

Sandhiāsi; सन्न्यासी, सन्निसी सनिआसी

ସନ୍ଧିକ—ସଂ. ବି (ସନ୍ଧି+ସ୍ୱାର୍ଥେ. କ)—ବୈଦ୍ୟଶାସ୍ତ୍ରୋକ୍ତ ତ୍ରୟୋଦଶ ସନ୍ନିପାତ ମଧ୍ୟରୁ ଏକତମ—One of the 13 kinds typhoid fever. [ଦ୍ର—ଏଥିରେ ରୋଗୀର ପରମାୟୁ ୭ଦିନ; କିନ୍ତୁ ଏହା ସାଧ୍ୟ ('ସନ୍ନିପାତ' ଶବ୍ଦର ଟିପ୍ପଣୀ ଦେଖ ।)]

Sandhika

ସନ୍ଧି କଥା—ଦେ. ବି (ସଂ. ସନ୍ଧି+କଥା)—୧ । ବିଷମ ସମସ୍ୟା—1. A dilemma. ୨ । ଗୁପ୍ତ କଥା; ରହସ୍ୟ—2. A secret; a mystery. ୩ । ଅଶାନ୍ତିଅ ଅବସ୍ଥା—3. A critical position.

Sandhi kathā; सन्धि कथा, दुविधा; रहस्य रहस्य

ସନ୍ଧି କର—ସଂ. ବିଣ. ପୁଂ (ସନ୍ଧି+କୃ ଧାତୁ+କର୍ତ୍ତୃ. ଅ)—ଯେଉଁ ବ୍ୟକ୍ତି ଦୁଇ ବିପକ୍ଷ ପକ୍ଷଙ୍କ ସନ୍ଧିଦ୍ୱାରା ମିଳନ (ସନ୍ଧିକରୀ—ସ୍ତ୍ରୀ) କରାଏ—(a person) Causing or bringing about alliance between two opposite parties.

Sandhi kara

ସନ୍ଧି କରିବା—ଦେ. କ୍ରି—ବିପକ୍ଷ ପକ୍ଷଙ୍କ ସଙ୍ଗେ ମୈତ୍ରୀ ସ୍ଥାପନ କରିବା—To enter into an alliance or to make a treaty with the enemy.

Sandhi karibā; सन्धि करना, संधि करना

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଡ଼	ଶ,ଷ	ଜ୍ଞ	ଇୟ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଙ୍କ	ନ

ସନ୍ଧିକା—ସଂ. ବି (ସନ୍ଧି+ସ୍ୱାର୍ଥେ. କ+ଆ)—ମଦ୍ୟ ସନ୍ଧାନ; ମଦର Sandhikā ଉପାଦାନଗୁଡ଼ିକୁ ବଧିପୂର୍ବକ ସଢ଼ାଇବା—Distillation; fermentation of the materials for distilling wine.

ସନ୍ଧି କାଳ—ଦେ. ବି ; (ସଂ. ସନ୍ଧି+କାଳ)—ପୂର୍ଣ୍ଣିମା ଓ ପ୍ରତିପଦ୍‌ର Sandhi kāla ମଧ୍ୟବର୍ତ୍ତୀ ଗ୍ରହଣ କାଳ—The time of সন্ধিকাল eclipse between the full moon and the संधि काल succeeding day. (ଉ—ଦ୍ୱାଦଶ-ଗୀପୂଷ ଘାଳ କରବେଲ ସନ୍ଧିକାଳ ହୋଇ ମେଳ ଯେ । ଭକ୍ତ. କୋଟି ବ୍ରହ୍ମାଣ୍ଡସୁନ୍ଦରୀ ।) ସଂ. ବି—ସନ୍ଧିକ୍ଷଣ (ଦେଖ)—Sandhikshaṇa. (See)

ସନ୍ଧି କ୍ଷଣ—ସଂ. ବି (୬ଷ୍ଠୀ ତତ୍)—୧ । ସନ୍ଧି ସମୟ; ଦୁଇଟି କାଳର Sandhi kshaṇa ବା ଦୁଇଟି ବିଷୟର ମିଳନ କାଳ—1. The period of transition between two periods or things. ୨ । ଆଶ୍ୱିନ ଓ ଚୈତ୍ର ଶୁକ୍ଲାଷ୍ଟମୀ ଓ ଶୁକ୍ଲନବମୀର ଯଥାକ୍ରମେ ଅନ୍ତିମ ଓ ପ୍ରଥମ ଦଣ୍ଡ (ଯହିଁରେ ସନ୍ଧି ପୂଜା ହୁଏ)—2. The 2 daṇdas of the 8th and 9th days of the bright lunar fortnights of Āswina and Chaitra.

ସନ୍ଧି ଗୁଳ୍ମ—ସଂ. ବି. (ବୈଦ୍ୟକ)—ବନ୍ୟଗୁଳ୍ମ ବିଶେଷ—Name Sandhi gulma of a plant; Laurns Lanceolaria

ସନ୍ଧି ଚୋର—ସଂ. ବି. (ବହୁବ୍ରୀହି ବା ମ. ପ. ଲୋ; ସନ୍ଧିଚୋର)—Sandhi chaura ଯେଉଁ ଚୋର ଘରେ ସିନ୍ଧି ଗାତ ଖୋଳି ଚୋରି କରେ—A house-breaker who enters into a house by boring a hole from out-side.

ସନ୍ଧି ଚୌର୍ଯ୍ୟ—ସଂ. ବି (୬ଷ୍ଠୀ ତତ୍)—ସିନ୍ଧିଗାତ ଖୋଳି ଘରେ ପଶି Sandhi chaurjya ଯେଉଁ ଚୋରି କରାଯାଏ—Theft committed by boring a hole into a house.

ସନ୍ଧି ଚ୍ୟୁତ—ସଂ. ବିଣ (୫ମୀ ତତ୍)—ହାଡ଼ଗଣ୍ଠିରୁ ଖସି ଯାଇଥିବା Sandhi chyuta (ହାଡ଼)—Dislocated (bone)

ସନ୍ଧି ଚ୍ୟୁତି—ସଂ. ବି—(୫ମୀ ତତ୍)—ହାଡ଼ଗଣ୍ଠିରୁ ହାଡ଼ଖସିଯିବା—Sandhi chyuti Dislocation of a bone from the joint.

ସନ୍ଧିଜ—ସଂ. ବି—(ସନ୍ଧି=ମଦ୍ୟସନ୍ଧାନ+ଜନ୍ ଧାତୁ=ଜନ୍ମିବା+ Sandhija କର୍ତ୍ତୃ. ଅ)—ବକଯନ୍ତ୍ରଦ୍ୱାରା ଚୂଆଁ ହୋଇ ପ୍ରସ୍ତୁତ ହେବା ମଦ୍ୟ; ସୁରା—Distilled spirit; fermented liquor.

ସନ୍ଧି ଜୀବକ—ସଂ. ବିଣ. ପୁଂ. (ସନ୍ଧି+ଜୀବ୍ ଧାତୁ=ବଞ୍ଚିବା+କର୍ତ୍ତୃ. Sandhi jībaka ଅକ)—୧ । ଯେଉଁ ବ୍ୟକ୍ତି ଶଠତାଦ୍ୱାରା ଜୀବିକା ନିର୍ବାହ କରେ—1. Earning one's (ସନ୍ଧିଜୀବିକା; ସନ୍ଧିଜୀବିନୀ—ସ୍ତ୍ରୀ) livelihood by pursuing (ସନ୍ଧିଜୀବୀ—ଅନ୍ୟରୂପ) unfair means. ୨ । ସନ୍ଧି ଚୌର୍ଯ୍ୟ କରି ଯେ ଜୀବିକା ନିର୍ବାହ କରେ—2. Earning livelihood by housebreaking. ସଂ. ବିଣ. ପୁ—୧ । ସନ୍ଧିଚୋର—1. A regular housebreaker by boring holes. ୨ । କୁଟ୍ଟିନୀ; ଭଡ଼ୁଆ—2. A panderer; a bawd; a procurer.

ସନ୍ଧି ଜୀବିକ—ସଂ. ବିଣ ବି. ପୁଂ (ବହୁବ୍ରୀହି; ସନ୍ଧି ଅଟେ ଜୀବିକା Sandhi jībika ଯାହାର)—ସନ୍ଧି ଜୀବକ (ଦେଖ)—Sandhi (ସନ୍ଧିଜୀବିକା—ସ୍ତ୍ରୀ) jībaka (See)

ସନ୍ଧିତ୍ସା—ସଂ. ବି.—(ସମ୍+ଧା. ଧାତୁ+ଇଚ୍ଛାର୍ଥେ ସନ୍. ଅ+ସ୍ତ୍ରୀ. Sandhit-sā ଆ)—ସନ୍ଧାନ କରିବାର ଇଚ୍ଛା—A desire (ସନ୍ଧିତ୍ସା—ଅନ୍ୟରୂପ) to enquire; inquisitiveness.

ସନ୍ଧିତ୍ସୁ—ସଂ. ବିଣ.—(ସମ୍+ଧା ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ ଉ) Sandhit-su ସନ୍ଧାନ କରିବାକୁ ଇଚ୍ଛୁକ—Inquisitive; (ସନ୍ଧିତ୍ସୁ-ଅନ୍ୟରୂପ) desirous of enquiry.

ସନ୍ଧିତ—ସଂ. ବିଣ.—(ସନ୍ଧା+ସଞ୍ଜାର୍ଥେ ଇତ)—୧ । ମିଳିତ—1. Sandhita United; joined together; mixed up. ୨ । (ବ୍ୟାକରଣ) ସନ୍ଧିଯୁକ୍ତ—2. (words) Combined into a composite word by the rules of 'Sandhi'. ୩ । ବଦ୍ଧ—3. Bound down. ୪ । ପୁନର୍ମିଳିତ—4. Re-united ୫ । ସନ୍ଧି ଦ୍ୱାରା ଅବଦ୍ଧ—5. Bound by treaty.

ସନ୍ଧିନୀ—ସଂ. ବି. ସ୍ତ୍ରୀ. (ସନ୍ଧା=ମିଳନ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ. ଈ) Sandhini ୧ । ବୃଷ ଦ୍ୱାରା ଆକ୍ରାନ୍ତା ଋତୁମତୀ ଗାଈ; ଯେଉଁ ଗାଈ ବଳ ପାଇଅଛି; ବୃଷାକ୍ରାନ୍ତା ଋତୁମତୀ ଗାଈ—1. A menstruated cow which has been copulated by a bull. ୨ । ଅକାଳରେ ଦୁଗ୍ଧଦାୟିନୀ ଗାଈ—2. A cow which is milked in wrong time without a calf. [ଦ୍—ଏ ଗାଈର ଦୁଗ୍ଧ ଅସେବନୀୟ—ଯାଜ୍ଞବଲ୍କ୍ୟ] ୩ । ପ୍ରେମ ଉଦ୍ଦୀପନାର ପ୍ରକାର ବିଶେଷ—3. A kind of indication for exciting love. [ଉ—ସନ୍ଧିନୀ ସମ୍ବନ୍ଧୀ ଅହ୍ଲାଦିନୀ, ବିକାର ତତ୍ତ୍ୱ ଗୁଣ ଅଛି ଯେତେ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି]

ସନ୍ଧି ପତ୍ର—ସଂ. ବି.—(ମ. ପ. ଲୋ)—ଯେଉଁ ପତ୍ରରେ ବା ଲେଖାରେ Sandhi patra ସନ୍ଧିକାରୀ ଉଭୟ ପକ୍ଷ ସ୍ୱାକ୍ଷର କରନ୍ତି—A document signed by the parties to a (ସନ୍ଧିଲେଖ—ଅନ୍ୟରୂପ) treaty.

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ'ଖୋଜିବେ; 'ମୂଢ' ନ ମିଳିଲେ 'ମୂଢ଼'ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ;'ଅଲବଡ' ନ ପାଇଲେ 'ଅଲ୍‌ବଡ଼'ଦେଖିବେ

ସନ୍ଧି ପୂଜା—ସଂ.ବି (ମ.ପ୍ର.ଲେ)—ଅଶ୍ୱିନ ଓ ଚୈତ୍ର ଶୁକ୍ଳାଷ୍ଟମୀ ଓ ନବମୀ
Sandhi pūjā ତିଥି ଦ୍ୱୟର ସନ୍ଧିକ୍ଷଣରେ ଅନୁଷ୍ଠିତ ଦୁର୍ଗା ପୂଜା; ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଅଦ୍ୟ ଦଣ୍ଡର ମଧ୍ୟକାଳୀନ ଦୁର୍ଗା ପୂଜା-The worship of Goddess Durgā which is done during the transitory moment between the 8th and 9th days of the bright lunar fortnights in the months of Āswina and Chaitra. [ଦ୍ର—ଶାସ୍ତ୍ର ବଚ୍ଚ ଅନୁସାରେ ଶାରଦୀୟା ଓ ବାସନ୍ତୀ ଦୁର୍ଗା ପୂଜାରେ ଏହି 'ସନ୍ଧି' କାଳହିଁ ଦେବୀଙ୍କ ଆଗମନ ଉପଯିବା ବିଷୟରେ ପ୍ରଶସ୍ତ; ଅଷ୍ଟମୀର ଶେଷ ଏକ ଦଣ୍ଡ ଓ ନବମୀର ପ୍ରଥମ ଏକ ଦଣ୍ଡ, ଏହି ଦୁଇ ଦଣ୍ଡ ସନ୍ଧିକାଳ; ଏହି କାଳରେ ସନ୍ଧି ପୂଜା କରାଯାଏ । ସପ୍ତମୀ ପୂଜାକୁ ପ୍ରଥମା ପୂଜା, ଅଷ୍ଟମୀ ପୂଜାକୁ ଦ୍ୱିତୀୟା ପୂଜା ଓ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭରେ କରାଯିବା ପୂଜାକୁ ତୃତୀୟା ପୂଜା ବା ସନ୍ଧି ପୂଜା କୁହାଯାଏ । ଅଷ୍ଟମୀ ଗତେ ନବମୀର ପ୍ରଥମ ଦଣ୍ଡରେ ବଳିଦାନ ପ୍ରଶସ୍ତ— ଶବ୍ଦକୋଷ ।]

ସନ୍ଧି ବଦ୍ଧ—ସଂ. ବଣ (ଙ୍ଗୀୟା ଭଣ)—ସନ୍ଧିସୂତ୍ରରେ ଅବଦ୍ଧ; ପରସ୍ପର
Sandhi baddha ମଧ୍ୟରେ ସନ୍ଧି ବନ୍ଧନ ଦ୍ୱାରା ମିଳିତ—Allied with each other by a treaty; mutually allied.

ସନ୍ଧି ବନ୍ଧ—ସଂ. ବି (ବୈଦ୍ୟକ)—୧ । ଭୂଇଁ ଚମ୍ପକ; ଭୂଇଁ ଚମ୍ପା।
Sandhi bandha (ଶବ୍ଦ ଚନ୍ଦ୍ରିକା)—1. A sort of flower; Koemferia Rotunda. ୨। ସନ୍ଧି ବନ୍ଧନ (ଦେଖ)—2. Sandhi bandhana (See)

ସନ୍ଧି ବନ୍ଧନ—ସଂ. ବି (ଙ୍ଗୀୟା ଭଣ)—୧ । ସନ୍ଧି ଦ୍ୱାରା ପରସ୍ପର
Sandhi bandhana ସହିତ ମିଳନ—1. Formation of alliance by a treaty. ୨ । (ଚିକିତ୍ସା) ଶିରା— 2. Vein; artery. [ଦ୍ର—ଏହି ଶିରା ଶରୀରର ସନ୍ଧି ସ୍ଥାନକୁ ବନ୍ଧନ କରି ରଖେ ।]

ସନ୍ଧିବା—ଦେ. କ୍ରି (ସଂ. ସନ୍ଧାନ)—୧ । ସନ୍ଧାନ କରିବା; ଖୋଜିବା;
Sandhibā ତଲାସିବା—1. To enquire; to search.
सन्धान करना ୨ । ଶକ୍ତି ରୂପକ ଅସ୍ତ୍ରର ସନ୍ଧାନ କରିବା—
पता लगाना 2. To aim the weapon Śakti at the
शर सन्धान करना target. [ଭ—ବୀର ସାଲୁକକୁ ଶକ୍ତି ସନ୍ଧି ।
अस्त्र संधान करना ଭକ୍ତ. ବୈକୁଣ୍ଠବିଳାସ ।] ୩ । ଶର ସନ୍ଧାନ କରିବା; ଫିଙ୍ଗିବା ପାଇଁ ଶରକୁ ଧନୁରେ ଯୋଡିବା—3. To fit the arrow to the bow. [ଭ—ସନ୍ଧିଲ ମାତେ ଛାଡ଼ିବ ଗୁଣ, କସ କରିବ ଯେ । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୪ । ସନ୍ଧିବା (ଦେଖ) 4. Sandhibā (See) ୫ । ସନ୍ଧାଇବା (ଦେଖ) 5. Sandhāibā (See) ୬ । ଯୋଜନା କରିବା;
सन्धान करना ପ୍ରୟୋଗ କରିବା—6. To attach. [ଭ—ଧନୁରେ
जोड़ना କାଣ୍ଡ ସନ୍ଧି ବନ୍ଧଣ ଶିଖଣ୍ଡୀ । କୃଷ୍ଣସିଂହ. ମହାଭାରତ.ବନ ।] ୭ । ଯୋଡିବା—7. To join together. [ଭ—କରି ଗ୍ରାସରୀ ଯେଣୁ ସନ୍ଧି ତାକୁ ଥିଲା, ଏଥିଁ ପୁତ୍ର ନାମ ଜରାସନ୍ଧ ହୋଇଲା । କୃଷ୍ଣସିଂହ. ମହାଭାରତ. ସଭା ।]

ସନ୍ଧି ବାତ—ସଂ. ବି (ସନ୍ଧି ସ୍ଥଳରେ ଜାତ ବାତ)—ଗଣ୍ଠିବାତ; ଦେହର
Sandhi bāta ଗଣ୍ଠିରେ ଜନ୍ମିବା ବାତ ରୋଗ—Rheumatism of the joints.

ସନ୍ଧି ବିଗ୍ରହ—ସଂ. ବି (ବିପରୀତାର୍ଥକ ସହଚର; ଦ୍ୱନ୍ଦ୍ୱ)—ସନ୍ଧି ଓ ଯୁଦ୍ଧ—
Sandhi bigraha Peace and war.

ସନ୍ଧି ବିଗ୍ରହକ—ସଂ. ବି (ସନ୍ଧିବିଗ୍ରହ+କ)—ସାନ୍ଧି ବିଗ୍ରହିକ; ରାଜ୍ୟର ସନ୍ଧି
Sandhi bigrahaka ଓ ଯୁଦ୍ଧ ସମ୍ପର୍କେ ଯେଉଁ ସଚିବ ପରାମର୍ଶ ଦିଅନ୍ତି (ଶବ୍ଦକୋଷ)—War-minister.

ସନ୍ଧି ବିଚ୍ଛେଦ—ସଂ. ବି—୧ । ସନ୍ଧି ଭଙ୍ଗ (ଦେଖ)—1. Sandhi
Sandhi bichchheda bhaṅga. (See) ୨ । (ବ୍ୟାକରଣ) ସନ୍ଧି ଦ୍ୱାରା ନିଷ୍ପନ୍ନ ପଦର ଭିନ୍ନ ଭିନ୍ନ ଅଂଶକୁ ପୃଥକ୍ କରିବା—2. (grammar) Taking to pieces the elements of a word formed by 'Sandhi' or grammatical combination, by separating its combined letters.

ସନ୍ଧି ବିସନ୍ଧି—ଦେ. ବି (କରଣ୍ଠାର୍ଥକ ସହଚର)—୧ । ବଡ଼ ଓ ଛୋଟ
Sandhi bisandhi ସମସ୍ତ ସନ୍ଧି—1. All the joints,
सन्धि विसन्धि big and small. ୨ । ବାହାରର ଓ ଭିତରର
रत्ती रत्ती ସମସ୍ତ ସ୍ଥାନ—2. All the spaces in and out. ୩ । ସାନ ବଡ଼ ସବୁ ଫାଙ୍କ—3. All the interstices, big and small.

ସନ୍ଧି ବେଳ—ଦେ. ବି—୧ । ସଙ୍କଟ ସମୟ; ଅଶଙ୍କିତ ସମୟ; ବିଷମ
Sandhi bela ଅବସ୍ଥା—1. Critical time. ୨ । ସନ୍ଧି
सन्धि काल ବେଳା (ଦେଖ)—2. Sandhi belā (See)
सांघातिक समय

ସନ୍ଧି ବେଳା—ସଂ. ବି—୧ । ଦିନ ଓ ରାତିର ମିଳନ କାଳ;
Sandhi belā ସନ୍ଧ୍ୟା—1. Evening. ୨ । ତିଥି ଦ୍ୱୟର ମିଳନ କାଳ—2. The meeting space between two lunar days. ୩। ସନ୍ଧି କ୍ଷଣ ୨ (ଦେଖ) 3. Sandhi kshaṇa 2 (See)

ସନ୍ଧି ଭଙ୍ଗ—ସଂ. ବ (୬ଷ୍ଠୀ ତତ୍‌)—୧ । ଦୁଇ ପକ୍ଷଙ୍କ ମଧ୍ୟରେ ହୋଇ ସାଇ-
Sandhi bhanga ଥିବା ସନ୍ଧିର ଲଙ୍ଘନ-1. Disruption of an alliance. ୨ । (ବୈଦ୍ୟକ) ସନ୍ଧି ଚ୍ୟୁତି; ଦେହର ଗଣ୍ଠି ଖସିଯିବା—2. Dislocation of a joint.

ସନ୍ଧି ରନ୍ଧ୍ରକା—ସଂ. ବ (ସନ୍ଧି+ରନ୍ଧ୍ର+ବୈଧାତୁ+ସ୍ୱାର୍ଥ. ଅ; ସ୍ତ୍ରୀ. ଆ)—
Sandhi randhrakā ସୁରୁଙ୍ଗା; ସୁଡ଼ଙ୍ଗ—A mine; a tunnel.

ସନ୍ଧି ରାଗ—ସଂ.ବ. (ବହୁବ୍ରୀହି; ସନ୍ଧି=ସନ୍ଧ୍ୟାର ରାଗ ପରି ରାଗ ଯାହାର)
Sandhi rāga —ସିନ୍ଦୁର—Red lead.

ସନ୍ଧିଲା—ସଂ. ବ (ସନ୍ଧି+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ.
Sandhilā ଆ)—୧। ସୁଡ଼ଙ୍ଗ—1. A tunnel. ୨। ସିନ୍ଧି ଗାତ —2. A hole made by house-breakers. ୩ । ନଦୀ—3. River. ୪ । (+ଅସ୍ଥ. ଅ) ମଦିରା—4. Wine; spirituous liquor.

ସନ୍ଧି ସର(ରେ)ତ୍‌—ଦେ. ବ—ସନ୍ଧିର ନିୟମମାନ—The condi-
Sandhi sara(re)t tions or terms of a treaty.
(ସନ୍ଧି ସର୍ତ୍ତ—ଅନ୍ୟରୂପ) সন্ধিসর্ত **सन्धि सर्त्त**

ସନ୍ଧି ସ୍ଥଳ—ସଂ. ବ—୧ । ଗଣ୍ଠି ଜାଗା—1. Joint. ୨ । ଯୋଡ଼-
Sandhi sthala ମୁହଁ—2. Juncture. ୩ । ସଙ୍କଟ ଅବସ୍ଥା-2. Critical position. ୪ । ଦୁଇ କାଳର ମିଳନ କାଳ—4. The juncture of two periods.

ସନ୍ଧି ହାରକ—ସଂ. ବ (ଉପପଦ ତତ୍‌; ସନ୍ଧି=ସିନ୍ଧି ଗାତ ଦ୍ୱାରା ହରଣ
Sandhi hāraka କରେ ଯେ)—ସିନ୍ଧିଆ ଚୋର; ସନ୍ଧିଚୋର—A thief who commits house-breaking by boring a hole into the house.

ସନ୍ଧୁକ୍ଷଣ—ସଂ. ବ (ସମ୍‌+ଧୁକ୍ଷ୍‌ ଧାତୁ=ସାନ୍ତ୍ୱ କରିବା+ଭାବ. ଅନ)—
Sandhukshana ୧ । ଅଗ୍ନି ପ୍ରଜ୍ୱାଳନ; ନିଆଁକୁ ଜଳାଇବା—1. Kindling of a fire. ୨ । ନିଆଁକୁ ତେଜିବା; ଉଦ୍ଦୀପନ; ଅଗ୍ନି ଉତ୍ତେଜନ—2. Trimming of a fire.

ସନ୍ଧୁକ୍ଷିତ—ସଂ. ବଣ (ସମ୍‌+ଧୁକ୍ଷ୍‌ ଧାତୁ=ଜଳାଇବା+କର୍ମ. ତ)
Sandhukshita ୧ । ପ୍ରଜ୍ୱାଳିତ—1. Kindled. ୨ । ତେଜା ଯାଇଥିବା; ଉତ୍ତେଜିତ—2. Trimmed (fire).

ସନ୍ଧେଅ—ଗ୍ରା. ବ (ଅଶୁଦ୍ଧ ଉଚ୍ଚାରଣ) (ସଂ. ସନ୍ଦେହ)—ସନ୍ଦେହ
Sandhea (ଦେଖ)—Sandeha (See)

ସନ୍ଧେୟ—ସଂ. ବଣ (ସମ୍‌+ଧା ଧାତୁ+କର୍ମ. ଯ)—୧ । ସନ୍ଧି
Sandheya କରିବାର ଯୋଗ୍ୟ—1. Fit to be allied with. ୨ । ଯାହା ଅନୁସନ୍ଧାନ କରିବାର ଯୋଗ୍ୟ—2. Fit to be enquired into. ୩ । ଲକ୍ଷ କରିବାର ଉପଯୁକ୍ତ—3. Fit to be aimed at (a target).

ସନ୍ଧ୍ୟ—ସଂ. ବଣ.—୧ । ସନ୍ଧିଜନିତ—1. Resulting from
Sandhya Sandhi. ୨ । ସନ୍ଧି ସମ୍ବନ୍ଧୀୟ—2. Relating to Sandhi (See)

ସନ୍ଧ୍ୟା ବେଳା—ସଂ. ବ—ଊଷା ଓ ସନ୍ଧ୍ୟାକାଳ (ଦ୍ୱନ୍ଦ୍ୱ)—
Sandhyā belā Dawn & dusk.

ସନ୍ଧ୍ୟର୍କ୍ଷ—ସଂ. ବ—(ସନ୍ଧି+ଋକ୍ଷ)—(ଜ୍ୟୋତିଷ) ଯେଉଁ ନକ୍ଷତ୍ରରେ
Sandhyarksha ଦୁଇଟି ରାଶିର ସନ୍ଧି ହୁଏ—(Astrono-
(ସନ୍ଧି ନକ୍ଷତ୍ର—ଅନ୍ୟରୂପ) my)—An asterism in which two zodiacal signs meet. [ଦ୍ର—କୃତ୍ତିକା ନକ୍ଷତ୍ରର ପ୍ରଥମପାଦ ମେଷରାଶି ଓ ଶେଷ ତିନ ପାଦ ବୃଷରାଶି । ଅତଏବ କୃତ୍ତିକା ନକ୍ଷତ୍ର ସନ୍ଧ୍ୟର୍କ୍ଷ ଅଟେ ।]

ସନ୍ଧ୍ୟା—ସଂ. ବ.—(ସନ୍ଧି=ଦିବା ରାତ୍ରିର ମିଳନ+ଯ+ସ୍ତ୍ରୀ ଆ; ଅଥବା
Sandhyā ସମ୍‌+ଧ୍ୟୈ ଧାତୁ=ଧ୍ୟାନ କରିବା+ଅଧିକରଣ ଅ+ଆ; ଯେଉଁ ସମୟରେ ଦେବାରାଧନା କରାଯାଏ ଅଥବା ସମ୍‌+ଧା ଧାତୁ+କର୍ତ୍ତୃ. ଯ+ଆ ଯାହା ମଙ୍ଗଳକୁ ଧାରଣ କରେ)—୧ । ଦିବା ଓ ରାତ୍ରିର ସନ୍ଧିକାଳ; ଦିନ ଓ ରାତିର ମିଳନ ସମୟ—1 The space of time between the day and the night; twilight; nightfall ; dusk [ଦ୍ର—ସାଧାରଣତଃ ସନ୍ଧ୍ୟା ଦ୍ୱିବିଧ; ଯଥା—ପ୍ରାତଃସନ୍ଧ୍ୟା (ଉଦ୍ଭୋର, ପ୍ରତ୍ୟୁଷ) ଓ ସାୟଂସନ୍ଧ୍ୟା (ମୁହଁସନ୍ଧ୍ୟା, ଗୋଧୂଳି) । କିନ୍ତୁ ଶାସ୍ତ୍ରାଦିରେ ସନ୍ଧ୍ୟା ତ୍ରିବିଧ; ଯଥା—୧ । ପ୍ରାତଃସନ୍ଧ୍ୟା (ଉଷାର ପୂର୍ବବର୍ତ୍ତୀ କାଳ; ରାତ୍ରିର ଶେଷ ଦଣ୍ଡ ଓ ଦିନର ପ୍ରଥମଦଣ୍ଡ)—
୨ । ମଧ୍ୟାହ୍ନ ସନ୍ଧ୍ୟା (ଠିକ୍‌ ଦିନ ଦୁଇପହର ବେଳ; ଯେତେବେଳେ ଆକାଶର ଠିକ୍‌ ମଧ୍ୟ ସ୍ଥଳରେ ସୂର୍ଯ୍ୟ ଥାଆନ୍ତି ।)
୩ । ସାୟଂସନ୍ଧ୍ୟା (ସୂର୍ଯ୍ୟାସ୍ତର ପରବର୍ତ୍ତୀ କାଳ; ଦିବସର ଶେଷଦଣ୍ଡ ଓ ରାତ୍ରିର ପ୍ରଥମ ଦଣ୍ଡ ।)
୨ । ପ୍ରାତଃସନ୍ଧ୍ୟା ଓ ସାୟଂସନ୍ଧ୍ୟା ସମୟରେ କରିବା ଉପାସନାଦି; ସନ୍ଧ୍ୟାହ୍ନିକ; ସନ୍ଧ୍ୟାବନ୍ଦନା—2. Worship or other rituals performed at dawn and evening; the morning and evening meditations. [ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତିଖଣ୍ଡରେ କଥିତ ଅଛି ଯେ, 'କାଳ'ର ୩ ଗୋଟି ସ୍ତ୍ରୀ; ଯଥା—ସନ୍ଧ୍ୟା, ରାତ୍ରି ଓ ଦିନ ।
'ସନ୍ଧ୍ୟା'ର କାଳ ତ୍ରିନାଡ଼ିକା ଅର୍ଥାତ୍‌ ଦୁଇ ଦଣ୍ଡ ମାତ୍ର । ସୂର୍ଯ୍ୟୋଦୟ, ମଧ୍ୟାହ୍ନ ଓ ସୂର୍ଯ୍ୟାସ୍ତର ପୂର୍ବର ଏକ ଦଣ୍ଡ ଓ ପରର ଏକ ଦଣ୍ଡ କାଳ ସନ୍ଧ୍ୟା ଅଟେ । 'ସନ୍ଧ୍ୟା' କାଳରେ ଭୋଜନ, ଶୟନ, ସ୍ନାନ ଆଦି ନିଷିଦ୍ଧ । ତ୍ରିସନ୍ଧ୍ୟା (ଅର୍ଥାତ୍‌ ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳ) ବ୍ରାହ୍ମଣମାନଙ୍କର ଉପାସନା କାଳ । ବ୍ରାହ୍ମଣ ପ୍ରତ୍ୟହ ନିୟମିତ ରୂପେ ସନ୍ଧ୍ୟା କଲେ ତାହାର ପୁଣ୍ୟ ବଢ଼େ ନାହିଁ; ପରନ୍ତୁ ସନ୍ଧ୍ୟା ନ କଲେ

ପାପ ହୁଏ । ସନ୍ଧ୍ୟା କଲେ ସମସ୍ତ ପାପ ନାଶ ହୁଏ । ଏହି ଉପାସନା ଭିନ୍ନ ଭିନ୍ନ ବେଦ ଅନୁସାରେ ପୃଥକ୍ ପୃଥକ୍ ଏବଂ ପ୍ରତି ବେଦୀୟ ବ୍ରାହ୍ମଣ ତତ୍ତତ୍ ବେଦୋକ୍ତ ବିଧିଦ୍ୱାରା ଉପାସନା କରନ୍ତି । ଏଥିରେ ଭଗବାନଙ୍କ ନାମ ସ୍ମରଣ, ଜଳଦ୍ୱାରା ମାର୍ଜନ, ଅଗ୍ନି ଦେବତା, ସୂର୍ଯ୍ୟ ଦେବତା, ଇନ୍ଦ୍ରାଦି ସମସ୍ତ ଦେବଙ୍କ ଓ ସବିତୃମଣ୍ଡଳ ମଧ୍ୟବର୍ତ୍ତୀ ପଦ୍ମାସନ ସନ୍ନିବିଷ୍ଟ ଶଙ୍ଖ-ଚକ୍ରଧାରୀ ନାରାୟଣଙ୍କ ଧ୍ୟାନ, ଉପାସନା ଆଦି ଥାଏ । ସ୍ଥୂଳତଃ ସନ୍ଧ୍ୟାର ପ୍ରଧାନ ଅଙ୍ଗ ୪ ଗୋଟି; ଯଥା—୧ । ଜଳଦ୍ୱାରା ମାର୍ଜନ, ୨ । ପ୍ରଣବ ଓ ପ୍ରାଣାୟାମ (ରେଚକ, ପୂରକ, କୁମ୍ଭକ), ୩ । ଗାୟତ୍ରୀ ଜପ ଓ ଧ୍ୟାନ ଏବଂ ୪ । ସୂର୍ଯ୍ୟୋପାସନା । ଏହି ସବୁର ଭିନ୍ନ ଭିନ୍ନ ମନ୍ତ୍ର ଅଛି । ଫଳତଃ ସନ୍ଧ୍ୟାରେ ସୂର୍ଯ୍ୟ ଦେବତା ଓ ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ଏବଂ ବାୟୁ, ଅଗ୍ନି, ଜଳ ଆଦି ଦେବତାଙ୍କର ଉପାସନା ଓ ପ୍ରାଣାୟାମ ବା ଶ୍ୱାସ-ବାୟୁର ସାଧନା କରାଯାଏ ।]

୩ । ପ୍ରାତଃସନ୍ଧ୍ୟା, ମଧ୍ୟାହ୍ନ ସନ୍ଧ୍ୟା ଓ ସାୟଂସନ୍ଧ୍ୟା କାଳରେ ଉପାସ୍ୟ ଦେବତା—3. The Deities worshipped at morning, noon and evening. [ଦ୍ର—ତ୍ରିସନ୍ଧ୍ୟାର ୩ ଟି ଉପାସ୍ୟ-ଦେବତା, ଯଥା—ପ୍ରାତଃସନ୍ଧ୍ୟାରେ 'ଗାୟତ୍ରୀ', ମଧ୍ୟାହ୍ନ ସନ୍ଧ୍ୟାରେ 'ସାବିତ୍ରୀ' ଓ ସାୟଂସନ୍ଧ୍ୟାରେ 'ସରସ୍ୱତୀ' । ଏହି ଗାୟତ୍ରୀ ଦେବମାତା ଅଟନ୍ତି । ଏହାଙ୍କ ଉପାସନା କଲେ ସମସ୍ତ ଦେବତାଙ୍କର ଉପାସନା ହୁଏ । ଏହି ତିନି ଦେବତାଙ୍କର ରୂପ ଓ ଧ୍ୟାନ ଭିନ୍ନ ଭିନ୍ନ । ଏମାନେ ସୂର୍ଯ୍ୟ-ମଣ୍ଡଳ ମଧ୍ୟସ୍ଥା । (୧) ଗାୟତ୍ରୀ ଦ୍ୱିଭୁଜା, ରକ୍ତବର୍ଣ୍ଣା, ହଂସ—ବାହନା, କୁମାରୀ ଓ ଅକ୍ଷମାଳା କମଣ୍ଡଳୁ ଧାରିଣୀ । (୨) ସାବିତ୍ରୀ ଚତୁର୍ଭୁଜା, ଶୁକ୍ଳବର୍ଣ୍ଣା, ଗରୁଡ଼ ବାହନା, ଯୁବତୀ ଓ ଶଙ୍ଖଚକ୍ର ଗଦାପଦ୍ମ ଧାରିଣୀ । (୩) ସରସ୍ୱତୀ ଦ୍ୱିଭୁଜା, କୃଷ୍ଣବର୍ଣ୍ଣା, ବୃଷ ବାହନା, ବୃଦ୍ଧା, ଡମରୁ ତ୍ରିଶୂଳ ଧାରିଣୀ । ଗାୟତ୍ରୀଙ୍କ ଅଧିପତି ବ୍ରହ୍ମା, ସାବିତ୍ରୀଙ୍କ ଅଧିପତି ବିଷ୍ଣୁ ଓ ସରସ୍ୱତୀଙ୍କ ଅଧିପତି ମହାଦେବ ଅଟନ୍ତି ।] ୪ । ତ୍ରିସନ୍ଧ୍ୟାରେ ଉପାସ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ଜପାଯିବା ମନ୍ତ୍ର—4. The mystic incantations uttered respectively at dawn, noon and evening. [ଦ୍ର—ଏହି ଉପାସ୍ୟ ମନ୍ତ୍ର ରୂପ ଦେବତାଗଣଙ୍କୁ ମଧ୍ୟ ସନ୍ଧ୍ୟା ବୋଲାଯାଏ ।] ୫ । ଯୁଗସନ୍ଧି; ଦୁଇ ଯୁଗର ମିଳନ କାଳ; ସନ୍ଧ୍ୟାଂଶ—5. The meeting of two successive ages. [ଦ୍ର—କାହାରି କାହାରି ମତରେ ଯୁଗର ଆଦ୍ୟକୁ ସନ୍ଧ୍ୟା ଓ ଯୁଗର ଶେଷ କାଳକୁ ସନ୍ଧ୍ୟାଂଶ ବୋଲାଯାଏ ।] ୬ । କାଳ—6. Time. ୭ । କାଳ ଦେବତାଙ୍କର ତିନି ସ୍ତ୍ରୀ ମଧ୍ୟରୁ ଏକତମା—7. One of the three wives of time deified. ୮ । ଉପାସନା—8. Worship; prayer; ritual. ୯ । ଧ୍ୟାନ—9. Religious or spiritual meditation. ୧୦ । ପ୍ରତିଜ୍ଞା—10. Promise; vow; declaration. ୧୧ । ସୀମା—11. Boundary. ୧୨ । ନଦୀ ବିଶେଷ; ସନ୍ଧ୍ୟାଚଳରୁ ନିର୍ଗତା ନଦୀ—12. Name of a river. ୧୩ । ପୁଷ୍ପ ବିଶେଷ (ହେମଚନ୍ଦ୍ର)—13. Name of a flower. ୧୪ । ପ୍ରତିଷ୍ଠା—14. Consecration; establisnment. ୧୫ । ଚିନ୍ତା—15. Contemplatioh ୧୬ । ସମ୍ବନ୍ଧ—16. Connection. ୧୭ । ସନ୍ଧାନ. (ଦେଖ)—17. Sandhāna. (See) ୧୮ । (ଲକ୍ଷଣାର୍ଥ) ଜୀବନର ଅବସାନ କାଳ; ମୃତ୍ୟୁର ପୂର୍ବ କାଳ—18. (figurative) The time before death; the time of impending death.

সাঁঝের দীপ ଦେ. ବି—୧ । ସନ୍ଧ୍ୟାଦୀପ (ଦେଖ)—
सांझ 1. Sandhyādipa. (See) ୨ । ସାୟଂକାଳ;
সাংঝ ଦିବାବସାନ—2. Evening; dusk. ପ୍ରାଦେ. (ଉତ୍ତର
सांझ ବାଲେଶ୍ୱର) ବି—ବିକାଳ; ଭୋଜନ ଅରି—Time of meal. (ଉ—ଭଳି ଘରେ ମୁଁ ଦୁଇ ସନ୍ଧ୍ୟା ଖାଇଲି ।)

ସନ୍ଧ୍ୟା ଆହ୍ନିକ—ଦେ. ବି (ସ. ସନ୍ଧ୍ୟାହ୍ନିକ) —ସନ୍ଧ୍ୟାହ୍ନିକ (ଦେଖ)
Sandhyā āhnika Sandhyāhnika. (See)
সন্ধ্যাআহ্নিক सन्ध्याह्निक

ସନ୍ଧ୍ୟା ଆଳ(ର)ତି—ଦେ. ବି (ସଂ. ସନ୍ଧ୍ୟା+ଆରାତ୍ରିକ)—
Sandhyā āla(ra)ti ସାୟଂକାଳରେ ଦେବତାଙ୍କ ନିକଟରେ
সন্ধ্যা আরতি ପ୍ରଜ୍ୱଳିତ ବର୍ତ୍ତୀ ଦ୍ୱାରା ଆରତିକରା—Evening
संध्या आरती service of a Deity accompanied by the waving of lighted wicks before It.

ସନ୍ଧ୍ୟାଂଶ—ସଂ. ବି—୧ । ଯୁଗସନ୍ଧି; ଦୁଇ ଯୁଗର ମଧ୍ୟବର୍ତ୍ତୀ କାଳ—
Sandhyāṁśa 1- The transitory period between two Ages. ୨ । ଯୁଗର ଶେଷ କାଳ—2. The closing period of an Age. [ଦ୍ର—ପୁରାଣ ଅନୁସାରେ ସତ୍ୟଯୁଗର ସନ୍ଧ୍ୟାଂଶ ୪୦୦୦ ମାନୁଷ ବର୍ଷ, ତ୍ରେତା ଯୁଗର ୩୦୦୦ ବର୍ଷ, ଦ୍ୱାପରଯୁଗର ୨୦୦୦ ବର୍ଷ ଓ କଳିଯୁଗର ୧୦୦୦ ବର୍ଷ । ମନୁ ।] ୩ । ପ୍ରତ୍ୟେକ ଯୁଗର ପ୍ରଥମ ଓ ଶେଷାଂଶ (ବିଶ୍ୱକୋଷ)—3. The first and last part of every mythological Age. [ଦ୍ର—ଦୈବ ପରିମାଣରେ ୪ ହଜାର ବର୍ଷ ସତ୍ୟ ଯୁଗର କାଳ । ଏଥିର ପ୍ରଥମ ୪ଶତ ବର୍ଷ ସନ୍ଧ୍ୟା ଓ ଶେଷ ୪ଶତ ବର୍ଷ ସନ୍ଧ୍ୟାଂଶ; ତ୍ରେତା ଯୁଗର କାଳ ୩ ହଜାର ବର୍ଷ; ଏଥିର ପ୍ରଥମ ୩ଶତ ବର୍ଷ ସନ୍ଧ୍ୟା ଓ ଶେଷ ୩ ଶତ ବର୍ଷ ସନ୍ଧ୍ୟାଂଶ; ଦ୍ୱାପର ଯୁଗର କାଳ ୨ ହଜାର ବର୍ଷ; ତହିଁର ପ୍ରଥମ ୨୦୦ ବର୍ଷ ସନ୍ଧ୍ୟା ଓ ଶେଷ ୨୦୦ ବର୍ଷ ସନ୍ଧ୍ୟାଂଶ; କଳିଯୁଗର କାଳ ୧ ହଜାର ବର୍ଷ; ତହିଁରୁ

ପ୍ରଥମ ୧୦୦ ବର୍ଷ ସନ୍ଧ୍ୟା ଓ ଶେଷ ୧୦୦ ବର୍ଷ ସନ୍ଧ୍ୟାଂଶ ଶବ୍ଦକୋଷ; ମନୁ ୧।୬୯—୭୦ ।]

ସନ୍ଧ୍ୟା କରିବା—ଦେ॰ କ୍ରି—୧ । ତ୍ରିସନ୍ଧ୍ୟାରେ ଅନୁଷ୍ଠେୟ ଉପାସନା Sandhyā karibā କରିବା—1. To perform the ସନ୍ଧ୍ୟା କରা rituals enjoined for the dawn and संध्या करना noon and evening. ୨ । ସନ୍ଧ୍ୟା ଲୁଚାଇବା; କୌଣସି କାର୍ଯ୍ୟକୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଳମ୍ବ କରିବା—2. To delay a work till nightfall.

ସନ୍ଧ୍ୟା କାଳ—ସଂ. ବି—୧ । ସାୟଂକାଳ; ଦିବାବସାନ—1. Evening. Sandhyā kāḻa ୨ । ସନ୍ଧ୍ୟାହ୍ନିକ କରିବାର ସମୟ; ତ୍ରିସନ୍ଧ୍ୟା—2. The three periods of the day in which daily worship is enjoined to be performed.

ସନ୍ଧ୍ୟାକାଳୀନ—ସଂ. ବିଣ (ସନ୍ଧ୍ୟାକାଳ+ଭବାର୍ଥେ ଈନ)—ସନ୍ଧ୍ୟା Sandhyākāḻina କାଳରେ ଘଟିତ—Happening in the evening.

ସନ୍ଧ୍ୟା କୃତ୍ୟ—ସଂ. ବି—ସନ୍ଧ୍ୟାହ୍ନିକ (ଦେଖ) Sandhyā kṛutya Sandhyāhnika. (See)

ସନ୍ଧ୍ୟାଗମ—ସଂ. ବି (୬ଷ୍ଠୀ ତତ୍) —ସନ୍ଧ୍ୟାର ପୂର୍ବବର୍ତ୍ତୀ କାଳ; Sandhyāgama ସୂର୍ଯ୍ୟାସ୍ତର ପୂର୍ବବର୍ତ୍ତୀ ସମୟ—The time just before sunset.

ସନ୍ଧ୍ୟା ଗାୟତ୍ରୀ—ସଂ.ବି—ତ୍ରିସନ୍ଧ୍ୟାରେ ଉପାସ୍ୟ ଦେବତାତ୍ରୟ (ଗାୟତ୍ରୀ, Sandhyā gāyatri ସାବିତ୍ରୀ ଓ ସରସ୍ୱତୀ)—The three Deities worshipped respectively during morning, noon and evening in the course of the daily Sandhyā.

ସନ୍ଧ୍ୟା ଘଣ୍ଟ(ଣ୍ଟା)—ଦେ. ବି—ସନ୍ଧ୍ୟାବେଳେ ଦେବମନ୍ଦିରରେ ଆରତି Sandhyā ghaṇṭa(ṇṭā) ହେବା ସମୟରେ ବଜାହେବା সন্ধ্যা ঘণ্টা ଘଣ୍ଟା—Gongs sounded in temples संध्याघंटा during the evening service.

ସନ୍ଧ୍ୟାଚଳ—ସଂ. ବି—ପୁରାଣୋକ୍ତ ପର୍ବତ ବିଶେଷ—Name of a Sandhyāchaḻa mythological mountain. [ଦ୍ର—କାଳିକା ପୁରାଣର ୫୦ ଓ ୮୧ ଅଧ୍ୟାୟରେ ଏହି ପର୍ବତର ଓ ଏହି ପର୍ବତରୁ ନିର୍ଗତ କାନ୍ତା ବା ସନ୍ଧ୍ୟାନାମ୍ନୀ ନଦୀର ବିଷୟ ଲିଖିତ ଅଛି । ବଶିଷ୍ଠ ଏହିଠାରେ 'ସନ୍ଧ୍ୟା' କରିଥିଲେ ବୋଲି ଏଥିର ଏପରି ନାମ ହୋଇଅଛି । ଏହି ପର୍ବତ 'କାମରୂପ' (ଆସାମ) ଦେଶରେ ଥିବାର ଉଲ୍ଲେଖ ଅଛି । ଏହି ପର୍ବତରୁ ବାହାରିଥିବା 'ସନ୍ଧ୍ୟା' ନଦୀରେ ସ୍ନାନ କଲେ ମନୁଷ୍ୟ ଦୀର୍ଘାୟୁଃ ଓ ନୀରୋଗ ହୁଏ ।]

ସନ୍ଧ୍ୟା ଦର୍ଶନ—ଦେ॰ ବି॰—ଆଷାଢ଼ ଶୁକ୍ଳ ନବମୀ ଦିନ ସନ୍ଧ୍ୟାବେଳେ Sandhyā darśana ଗୁଣ୍ଡିଚା ଘରେ ଜଗନ୍ନାଥ ମହାପ୍ରଭୁଙ୍କ সংধ্যা দর্শন ଦର୍ଶନ—Paying visit to Lord संध्या दरशन Jagannāth in the Guṇḍichāghara in the evening of the ninth dav of the bright lunar fortnight of Āsārḍha. [ଦ୍ର—ସନ୍ଧ୍ୟା ଦର୍ଶନର ଅନ୍ୟ ନାମ ନବମୀ ଦର୍ଶନ ।]

ସନ୍ଧ୍ୟା ଦୀପ—ସଂ. ବି॰—(ମ.ପ.ଲୋ; ସନ୍ଧ୍ୟାକାଳରେ ପ୍ରଜ୍ୱଳିତ ଦୀପ)—Sandhyā dīpa ସଞ୍ଜଦୀପ; ସାୟଂକାଳରେ ଗୃହରେ ବା ଦେବମନ୍ଦିରରେ ପ୍ରଜ୍ୱଳିତ ପ୍ରଦୀପ—Lamp lighted in a house or temple at nightfall.

ସନ୍ଧ୍ୟା ଦେବା—ଦେ॰ କ୍ରି—ସନ୍ଧ୍ୟାବେଳେ ଘରେ ବା ଦେବମନ୍ଦିରରେ Sandhyā debā ବା ତୁଳସୀଚଉରା ମୂଳେ ଅଳ୍ପେକ ଜାଳିବା সংধ্যা দেওয়া —To light a lamp or wick in the संध्या देना, सांझ देना house or temple or near the holy Basil plant in the evening.

ସନ୍ଧ୍ୟା ଧୂପ—ଦେ॰ ବି.—ସଞ୍ଜ ଧୂପ (ଦେଖ)— Sandhyā dhūpa Sañja dhūpa (See) সংধ্যা ধুপ सांझधूप

ସନ୍ଧ୍ୟାନାଟୀ—ସଂ ବି.—(ସନ୍ଧ୍ୟା+ନଟଧାତୁ+କର୍ତ୍ତି ଇନ୍; ୧ମା. ୧ବ.) Sandhyā nāṭi ଶିବ; ମହାଦେବ (ଶବ୍ଦକୋଷ)—Śiba.

ସନ୍ଧ୍ୟା ପହର—ଦେ. ବି.—(ସଂ. ସନ୍ଧ୍ୟା+ପ୍ରହର)—ସାୟଂକାଳର Sandhyā pahara ପରବର୍ତ୍ତୀ ପ୍ରହର; ରାତ୍ରିର ପ୍ରଥମପ୍ରହର— সংধ্যা প্রহর संध्या पहर The first watch (3hours) of the night.

ସନ୍ଧ୍ୟା ପୁଷ୍ପୀ—ସଂ.ବି.—(ସନ୍ଧ୍ୟା+ପୁଷ୍ପ+ଈ)—ଜାତି; ଜାଇଫୁଲ (ଗୁଜ Sandhyā pushpī ବର୍ଣ୍ଣିଆ)—A kind of single-petalled jasmine; Jasminum Grandiflorum.

ସନ୍ଧ୍ୟା ବତି(ବଳିତା)—ଦେ. ବି.—(ସଂ. ସନ୍ଧ୍ୟା+ବର୍ତ୍ତୀ)—ସନ୍ଧ୍ୟା Sandhyā bati (baḻitā) ବେଳେ ଗୃହରେ ବା ଦେବ- সংধ্যাবতী, সাঁঝেরবতী ମନ୍ଦିରରେ ଜଳାଯିବା ବର୍ତ୍ତିକା—Wick सांझबती lighted in the house or before a Deity in the evening.

ସନ୍ଧ୍ୟା ବନ୍ଦନ(ନା)—ସଂ. ବି.—ତ୍ରିସନ୍ଧ୍ୟାରେ ଅନୁଷ୍ଠେୟ ଉପାସନାଦି— Sandhyā bandana(nā) Worship or ritual enjoined to be daily performed during morn, moon and evening.

ସନ୍ଧ୍ୟା ବଳ—ସଂ ବି.--(ବହୁବ୍ରୀହି; ସନ୍ଧ୍ୟା=ସାୟଂକାଳ ଅଟେ ବଳ= Sandhyā baḻa ଶକ୍ତି ଯାହାର)—ରାକ୍ଷସ; ନିଶାଚର (ତ୍ରିକାଣ୍ଡ ଶେଷ)—Demon.

ସନ୍ଧ୍ୟା ବଳି—ସଂ ବି॰—ଶିବାଳୟସ୍ଥ ପାଷାଣମୃତ୍କାଷ୍ଠାଦି ନିର୍ମିତ ବୃଷ- Sandhyā baḻi ପ୍ରତିମା (ବାରବଳି)—The image of a bull (made of stone, earth or wood) kept in the temple of Śiba.

(ସନ୍ଧ୍ୟାକାଳ—ଅନନ୍ତରୂପ)

ସନ୍ଧ୍ୟା ବୁଡ଼—ଦେ. ବି.—ସନ୍ଧ୍ୟାବେଳ (ଦେଖ)
Sandhyā burda Sandhyā bela (See)
সংধ্যাবেলা सन्ध्या

ସନ୍ଧ୍ୟା ବୁଡ଼ିବା—ଦେ. ବି.—ସୂର୍ଯ୍ୟାସ୍ତ ପରେ ଅନ୍ଧକାର ଘୋଟିବା—It
Sandhyā burdibā being sunset; nightfall; the
সংধ্যা হএযাওয়া सन्ध्या होजाना sun being set and the earth being enveloped with darkness.

ସନ୍ଧ୍ୟା ବେଳ—ଦେ. ବି.—(ସ. ସନ୍ଧ୍ୟା+ବେଳା)—ସନ୍ଧ୍ୟା ସମୟ;
Sandhyā bela ସୂର୍ଯ୍ୟାସ୍ତର ପରବର୍ତ୍ତୀ କାଳ—Eventide;
সংধ্যা বেলা सन्ध्या समय evening; dusk.
(ସନ୍ଧ୍ୟାବେଳା—ସ. ରୂପ)

ସନ୍ଧ୍ୟାଭ୍ର—ସ. ବି—୧। (ସନ୍ଧ୍ୟା କାଳରେ ଅଭ୍ର ପରି ଦେଖାଯିବା;
Sandhyābhra ବହୁବ୍ରୀହି; ସନ୍ଧ୍ୟା+ଅଭ୍ର)—ସୁବର୍ଣ୍ଣ ଗୈରିକ
(ସ୍ୱର୍ଣ୍ଣ ବର୍ଣ୍ଣର)—1. A sort of golden ochre.
୨। (ଷଷ୍ଠୀ ତତ୍) ସନ୍ଧ୍ୟାକାଳୀନ ମେଘ (ଶବ୍ଦକୋଷ)—
2. Evening cloud.

ସନ୍ଧ୍ୟାଭ୍ରମ—ସଂ. ବି.—ମେଘ ଘୋଡ଼ାଇବା ଯୋଗୁଁ ସନ୍ଧ୍ୟା ନ ହୋଇଣ୍ଡ
Sandhyā bhrama ସନ୍ଧ୍ୟା ହେଲା ବୋଲି ମନରେ କଳ୍ପିବା
ଭ୍ରମ—Mistaking daytime for evening owing to cloudy weather.

ସନ୍ଧ୍ୟାମଣି—ଦେ. ବି.—କୃଷ୍ଣକେଳି ଫୁଲ; ରକ୍ତ ବର୍ଣ୍ଣ ପୁଷ୍ପ ବିଶେଷ;
Sandhyā mani ରଙ୍ଗଣୀ ଫୁଲ—A sort of red flower
सन्ध्याफुल, कृष्णकलि Mirabiles Jalapa; marvel of
সংধ্যামণি, কৃষ্ণক(কে)লি Peru. [ଦ୍ର—ଏହି ଫୁଲର ଅପର
ନାମ ଗୁଲ୍-ଇ-ଅବାସୀ। ଧଳା, ନାଲି ଓ ହଳଦିଆ
ଭେଦରେ ଏହା ୩ ପ୍ରକାର; ଏହା ସନ୍ଧ୍ୟାବେଳେ
ଫୁଟେ।]

ସନ୍ଧ୍ୟା ମୁଖ—ସଂ. ବି. (୬ଷ୍ଠୀ ତତ୍)—ସନ୍ଧ୍ୟାର ଆରମ୍ଭ ବେଳା—
Sandhyā mukha The beginning of the evening

ସନ୍ଧ୍ୟାମୁହାଁ—ଦେ. ବଣ (ସ.ସନ୍ଧ୍ୟା+ମୁଖ)—ସନ୍ଧ୍ୟା ବା ସାୟଂକାଳରେ
Sandhyā muhān ଆସି ପହଞ୍ଚିବା (ବାକ୍ୟ)—Reaching
সংধ্যামুখো a place at night fall. [ଯଥା—ମୁଁ ସନ୍ଧ୍ୟାମୁହାଁ
साँझमें आने ହୋଇ କଟକରେ ପହଞ୍ଚି ଗଲି।]

ସନ୍ଧ୍ୟାର(ରା)ତ୍ରିକ—ସ ବି.—(ମ.ପ.ଲୋ)-ସନ୍ଧ୍ୟାକାଳୀନ ଆଳତି; ଦେବ-
Sandhyāra(rā)trika ମନ୍ଦିରରେ ପ୍ରାତଃ ସନ୍ଧ୍ୟା ଓ ସାୟଂ
ସନ୍ଧ୍ୟାରେ କରାଯିବା ଆରତି—The ceremony of waving of lighted wicks before a Deity in the morning and evening.

ସନ୍ଧ୍ୟା ରାଗ—ସଂ. ବି. ୧। (ବହୁବ୍ରୀହି;ସନ୍ଧ୍ୟା ପରି ରାଗ=ରଙ୍ଗ ଯାହାର)
Sandhyā rāga ସିନ୍ଦୁର (ସ୍ୱର୍ଣ୍ଣ ବର୍ଣ୍ଣର)—1. Red lead;
vermillion. ୨। ସକାଳେ ପୂର୍ବାକାଶରେ ସୂର୍ଯ୍ୟୋଦୟ
ପୂର୍ବରୁ ଓ ସନ୍ଧ୍ୟାବେଳେ ପଶ୍ଚିମାକାଶରେ ସୂର୍ଯ୍ୟାସ୍ତ ପରେ
ଦେଖାଯିବା ଅରୁଣିମା—2. The red colour in the eastern sky (before sun-rise) and in the western sky (after sun-set).

ସନ୍ଧ୍ୟାରାମ—ସ.ବି. (ବହୁବ୍ରୀହି; ସନ୍ଧ୍ୟା+ଆରାମ;ସନ୍ଧ୍ୟାରେ ରମଣ ଯାହାଙ୍କର)
Sandhyārāma ପ୍ରଜାପତି; ବ୍ରହ୍ମା (ଶବ୍ଦରତ୍ନାବଳୀ)—
Brahmā; the Creator.

ସନ୍ଧ୍ୟା ଶଙ୍ଖ—ଦେ. ବି:—ସନ୍ଧ୍ୟାବେଳେ ଯେଉଁ ଶଙ୍ଖ ବଜାଯାଏ—
Sandhyā sankha Conch-shell sounded
সন্ধ্যাশঙ্খ सन्ध्याशङ्ख in the evening.

ସନ୍ଧ୍ୟାଶଙ୍ଖଧ୍ୱନି—ସ. ବି—ସନ୍ଧ୍ୟାକାଳରେ ବଜାଯିବା ଶଙ୍ଖର ଧ୍ୱନି—
Sandhyā sankha dhwani The sound of conchshells sounded in the evening.
[ଦ୍ର—ସନ୍ଧ୍ୟା କାଳରେ ଶଙ୍ଖ ବଜାଇଲେ ଅମଙ୍ଗଳ ନାଶ
ହୁଏ। ଯେତେଦୂର ପର୍ଯ୍ୟନ୍ତ ସେ ଶବ୍ଦ ଶୁଭେ ସେତେ-
ଦୂର ପର୍ଯ୍ୟନ୍ତ ଅଞ୍ଚଳରେ ଶୁଭ ହୁଏ ବୋଲି ଶାସ୍ତ୍ରରେ ଅଛି।
—ଶବ୍ଦକୋଷ]

ସନ୍ଧ୍ୟାହ୍ନିକ—ସଂ.ବି. (ସନ୍ଧ୍ୟା+ଆହ୍ନିକ)—ସନ୍ଧ୍ୟାବନ୍ଦନା; ତ୍ରିସନ୍ଧ୍ୟାରେ
Sandyāhnika ଅନୁଷ୍ଠେୟ ଉପାସନାଦି—Rituals and worship done in the morning, noon and evening.

ସନ୍ନ—ସ. ବଣ. ପୁ (ସଦ୍ ଧାତୁ=ଗମନ କରିବା+କର୍ତ୍ତୃ ତ)—୧।
Sanna କ୍ଷୀଣ—1. Thin; wasted; worn out. emaciated. ୨। ଶୂନ୍ୟ; ରହିତ—2. Destitute of; bereft of; devoid of. ୩। ଅବସନ୍ନ
3. Wearied; fatigued; ୪। ଗତ—4. Gone.
(ସନ୍ନା-ସ୍ତ୍ରୀ) ୫। ନଷ୍ଟ—5. Lost; exhausted; spoilt.
(ସ୍ୱାଦ—ବି) ୬। ଜଡ଼ ଓ ସ୍ଥାବର—6. Immoveable. ୭।
ଭଗ୍ନୋତ୍ସାହ—7. Dispirited; dejected. ସ. ବି
ପିୟାଲ ବୃକ୍ଷ—Name of a tree; Buchanonia Latifolia.

ସନ୍ନକ—ସ. ବଣ. ପୁଂ.—(ସନ୍ନ+ସ୍ୱାର୍ଥେ, କ)—ଖର୍ବ (ଭରତ)—
Sannaka (ସନ୍ନିକା—ସ୍ତ୍ରୀ) Dwarf.

ସନ୍ନକଦ୍ରୁ—ସ. ବି.=(ସନ୍ନକ=ଖର୍ବ+ଦ୍ରୁ=ବୃକ୍ଷ)—ପିୟାଲ ବୃକ୍ଷ
Sannakadru (ଅମର)—A tree; Buchanonia Latifolia.

ସନ୍ନତ—ସ. ବଣ.—(ସମ୍=ସମ୍ୟକ୍+ନମ୍ ଧାତୁ+କର୍ତ୍ତୃ ତ)—୧।
Sannata ପ୍ରଣତ—1. Making obeisance; prostrate. ୨। ସଶବ୍ଦ; ଧ୍ୱନିତ—2. Sounded; resounded. ୩। ବିନତ—3. Humbled;
[ଦ୍ର—ନତେ ନର୍ମପଦ୍ଥିବା=ସନ୍ନତ; ଅନ୍ୟଦ୍ୱାରା ନୁଆଁ
ଯାଇଥିବା=ସନ୍ନମିତ।]

ସନ୍ନତି—ସ.ବି. ଧାତୁ(ସମ୍=ସମ୍ୟକ୍+ନମ୍ ଧାତୁ=ନଇଁବା+ଭାବ. ତି)
Sannati ୧। ଅବନତି—1. Bending; prostration; lowliness. ୨। ପ୍ରଣତି; ପ୍ରଣାମ—2.

Obeisance; low salutation. ୩ । ନମ୍ରତା; ନମ୍ରଭାବ—3. State of being bent. ୪ । ବିନୟ—4. Humility; humbleness. ୫ । ଧ୍ୱନି—5. Sound; noise. ୬ । ହୋମ ବିଶେଷ—6. A form of offering oblations to fire.

ସନ୍ନଦ୍ଧ—ସଂ. ବି. ପୁଂ (ସମ୍=ସମ୍ୟକ୍+ନହ୍ ଧାତୁ=ବାନ୍ଧିବା+ କର୍ମ. ତ)—୧ । ସନ୍ନାହ ବିଶିଷ୍ଟ; ବର୍ମିତ, Sannaddha (ସନ୍ନଦ୍ଧା—ସ୍ତ୍ରୀ) ସାଞ୍ଜୁ ପିନ୍ଧିଥିବା; କବଚଧର; କୃତସନ୍ନାହ—1. Accoutred; girt with armour. (ସନ୍ନାହ, ସନ୍ନହନ—ବି) ୨ । ସାଜସଜ୍ଜା ପରିହିତ—2. Equipped with fittings; harnessed. (ସନ୍ନଦ୍ଧବ୍ୟ, ସନ୍ନାହ୍ୟ—ବିଣ) ୩ । ଶସ୍ତ୍ରସଜ୍ଜିତ—3. Armed. ୪ । ପୋଷାକ ପିନ୍ଧିଥିବା—4. Dressed. ୫ । ବ୍ୟୂହିତ; ବ୍ୟୂହବିନ୍ୟାସ ଯୁକ୍ତ; ବ୍ୟୂଢ—5. Arranged in battle order; arrayed. ୬। ଶ୍ରେଣୀବଦ୍ଧ—6. Arranged; in row or lines ୭ । ବଦ୍ଧ, ସଂବଦ୍ଧ—7. Well bound; connected; confined. ୮ । ଉତ୍ପନ୍ନ—8. Born; produced. ୯ । ଆତତାୟି ବଧାର୍ଥ ଉଦ୍ୟତ—9. Ready to kill the enemy. ୧୦ । ଯାହାର ବାହୁରେ କବଚ ବା ତେଣ୍ଡରିଆ ବନ୍ଧା ହୋଇଅଛି—10. Wearing an amulet ୧୧ । ମନ୍ତ୍ରାଦି ସଂଯୁକ୍ତ; ମନ୍ତ୍ରାଦି ରକ୍ଷିତ; ଅଭିମନ୍ତ୍ରିତ—11. Consecrated with mystic formula or charms.

ସନ୍ନ ଭାବ—ସଂ. ବି.—୧ । ଅବସନ୍ନତା—1. Weariness. ୨ । Sanna bhāba ଭୀରୁତା (ଶବ୍ଦକୋଷ)—2. Cowardice

ସନ୍ନମନ—ସଂ. ବି. (ସମ୍+ନମ୍ ଧାତୁ=ନଇଁବା+ଭାବ. ଅନ)— Sannamana ତଳକୁ ନଇଁବା—Bending down; (ସନ୍ନମିତ—ବିଣ) causing to bend low; lowering.

ସନ୍ନୟ—ସଂ. ବି. (ସମ୍=ସମ୍ୟକ୍+ନୀ ଧାତୁ=ନେବା, ପାଇବା+ Sannaya କର୍ମ ଅ)—୧ । ସମୂହ—1. Multitude; assemblage. ୨ । ପଶ୍ଚାଦ୍‌ଭାଗସ୍ଥ ସୈନ୍ୟ—2. Rearguard; soldiers placed at the rear of an army.

ସନ୍ନହନ—ସଂ.ବି. (ସମ୍=ସମ୍ୟକ୍+ନହ୍ ଧାତୁ=ପିନ୍ଧିବା+ଭାବ·ଅନ) Sannahana —୧। ବର୍ମ ପରିଧାନ—1. Putting on an armour. ୨ । ଦେହରେ ଅସ୍ତ୍ର ବାନ୍ଧିବା; ଅସ୍ତ୍ର ବନ୍ଧନ—2. Putting on of arms or weapons; arming one's body with weapons. ୩ । ରଣ ସଜ୍ଜା—3. Battle array; preparation for battle. ୪ । ଉଦ୍‌ଯୋଗ—4. Readiness for action; exertion; attempt.

ସନ୍ନା—ଦେ. ବି. (ସଂ. ସନ୍ଦଂଶ)—ଛୋଟ ସଣ୍ଡଶି; ଚିମୁଟା— Sannā ସନ୍ନା; ଚିମଟା Small pincers.

ସନ୍ନାଦ—ସଂ. ବି— (ସମ୍+ନଦ ଧାତୁ+ ଭାବ ଅ)—ଭୀଷଣ ଶବ୍ଦ Sannāda (ଶବ୍ଦକୋଷ)—Fierce sound. (ସନ୍ନାଦିତ—ବିଣ)

ସନ୍ନାମ—ସଂ. ବି. ୧ । (ସମ୍+ନମ ଧାତୁ+ଭାବ ଅ)—ନମ୍ରତା Sannāma (ଶବ୍ଦକୋଷ)·1.The state of being bent. ୨ । (ସତ୍+ନାମ)—ଉତ୍ତମ ନାମ—2. A good name

ସନ୍ନାମା—ସଂ.ବିଣ (ସତ୍+ନାମନ୍; ବହୁବ୍ରୀହି; ସନ୍ନାମନ୍; ୧ମା,୧ବ) Sannāmā ଉତ୍ତମ ନାମ ଯୁକ୍ତ—Having or bearing a good name.

ସନ୍ନାହ—ସଂ. ବି· (ସମ୍+ନହ୍ ଧାତୁ=ବାନ୍ଧିବା+କରଣ ବା କର୍ମ.ଅ) Sannāha —୧। କବଚ;ସାଞ୍ଜୁ; ବର୍ମ; ତନୁତ୍ର—1. Armour; coat of mail. ୨ । ପୋଷାକ; ପରିଚ୍ଛଦ—2. Dress. ୩ । ସାଜସଜ୍ଜା—3. Equipment; trappings. ୪ । (+ଭାବ.ଅ) ଉଦ୍ଯୋଗ—4. Readiness for action.

ସନ୍ନାହ୍ୟ—ସଂ. ବିଣ· (ସନ୍ନାହ+ଯୋଗ୍ୟାର୍ଥେ ଯ)—୧ । ସନ୍ନଦ୍ଧ Sannāhya ହେବାର ଯୋଗ୍ୟ—1. Fit to be armed or equipped. ୨ । ବର୍ମିତ—2. Armed; accoutred. ସଂ. ବି—ଯୁଦ୍ଧରେ ବ୍ୟବହୃତହେବାର ଉପଯୁକ୍ତ ହସ୍ତୀ; ସମରୋଚିତ ଗଜ—An elephant fit for being employed in war

ସନ୍ନିକଟ—ସଂ.ବିଣ. (ସମ୍=ସମ୍ୟକ୍+ନିକଟ)—୧ । ଅତି ନିକଟ— Sannikaṭa 1. Very near. ୨ । ଲଗାଲଗି—2. Adjacent; adjoining each other ୩ । ଆସନ୍ନ—3 Impending.

ସନ୍ନିକର୍ଷ—ସଂ. ବି.—(ସମ୍+ନି+କୃଷ ଧାତୁ=ଆକର୍ଷଣ କରିବା+ Sannikarsha ଭାବ. ଅ)—୧ । ସାନ୍ନିଧ୍ୟ; ନୈକଟ୍ୟ— Nearness; proximity; propinquity ୨ । (+ବର୍ତ୍ତି,ଅ) ଇନ୍ଦ୍ରିୟଗୋଚର ବିଷୟ—2. Matter; anything perceptible by the sense-organs. ୩ । (ନ୍ୟାୟ)ବିଷୟେନ୍ଦ୍ରିୟ ସମ୍ବନ୍ଧ—3. (Logic) The correlation or connection between matter and senses; preception of matter through the sense-organs[ନ୍ୟାୟ ଶାସ୍ତ୍ର ମତରେ ସନ୍ନିକର୍ଷ ବା ବିଷୟେନ୍ଦ୍ରିୟ ସମ୍ବନ୍ଧ ଦ୍ୱିବିଧ; ଯଥା—୧। ଲୌକିକ ସନ୍ନିକର୍ଷ, ୨ । ଅଲୌକିକ ସନ୍ନିକର୍ଷ; (୧) ଲୌକିକ ସନ୍ନିକର୍ଷ ୬ ପ୍ରକାରର—(କ) ଇନ୍ଦ୍ରିୟ ସଂଯୋଗ, (ଖ) ଇନ୍ଦ୍ରିୟ ସଂଯୋଗ ସମବାୟ, (ଗ) ଇନ୍ଦ୍ରିୟ ସଂଯୁକ୍ତ ସମବେତ ସମବାୟ, (ଘ) ଶ୍ରୋତ୍ରାଦି ସମବାୟ, (ଙ) ଶ୍ରୋତ୍ରାଦି ସମବେତ ସମବାୟ, (ଚ) ଉଭୟ ବିଶେଷଣତା । (୨) ଅଲୌକିକ ସନ୍ନିକର୍ଷ ତ୍ରିବିଧ—(କ) ସାମାନ୍ୟ ଲକ୍ଷଣା, (ଖ) ଜ୍ଞାନ ଲକ୍ଷଣା, (ଗ) ଯୋଗଜ ।] *(ନ୍ୟାୟ ଦର୍ଶନ)

ସାମାନ୍ୟ ଲକ୍ଷଣା, ଜ୍ଞାନ ଲକ୍ଷଣା ଓ ଯୋଗଜ, ଏହି ତିନିବିଧ ଅଲୌକିକ ପ୍ରତ୍ୟକ୍ଷ ସାଧନ ଉପାୟ—3. (Logic) The three supernatural methods of perceiving objects.

ସନ୍ନିକର୍ଷଣ—ସଂ. ବି (ସମ୍+ନି+କୃଷ୍ ଧାତୁ+ଭାବ. ଅନ)—
Sannikarshaṇa ୧। ସନ୍ନିଧାନ—1. Nearness; vicinity. ୨। ସମ୍ବନ୍ଧ—2. Relation.

ସନ୍ନିକୃଷ୍ଟ—ସଂ. ବିଣ (ସମ୍+ନି+କୃଷ୍ ଧାତୁ+କର୍ମ. ତ)—
Sannikṛushṭa ସନ୍ନିହିତ; ଅତିଶୟ ନିକଟବର୍ତ୍ତୀ—Very near; adjoining; proximate.

ସନ୍ନିଗ୍ରହ—ସଂ. ବି (ସମ୍+ନିଗ୍ରହ)—ଗୁରୁ ଦଣ୍ଡ ଦାନ—
Sannigraha Severe punishment (ସନ୍ନିଗୃହୀତ—ବିଣ)

ସନ୍ନିଧ—ସଂ. ବି (ସମ୍+ନି+ଧା ଧାତୁ+ଭାବ. ଅ)—ସନ୍ନିଧାନ
Sannidha (ଦେଖ)—Sannidhāna (See)
[ଉ—ଏହାଙ୍କ ସନ୍ନିଧରେ ସେ ସ୍ଥାନ ଯେ ଅଛଇ। ପ୍ରାଚୀ. ଗୁରୁଭକ୍ତି ଗୀତା।]

ସନ୍ନିଧାତା—ସଂ. ବି ଓ ବିଣ. ପୁଂ (ସମ୍+ନି ଧାତୁ+କର୍ତ୍ତୃ. ତୃ; ୧ମା.
Sannidhātā ୧ବ)—କର୍ତ୍ତା (ମନ୍ତ୍ର)—Doer; performer.
(ସନ୍ନିଧାତ୍ରୀ—ସ୍ତ୍ରୀ)

ସନ୍ନିଧାନ—ସଂ. ବି (ସମ୍+ନି+ଧା. ଧାତୁ=ଧାରଣ କରିବା+
Sannidhāna ଭାବ. ଅନ)—୧। ସାମୀପ୍ୟ; ନୈକଟ୍ୟ—
1. Nearness. ୨। ସମାଗମ; ଅବିର୍ଭାବ—2. Arrival; meeting; unfolding; appearance. ୩। ସ୍ଥିତି—3. Staying; continuance. ୪। (+ଅଧି. ଅନ) ଇନ୍ଦ୍ରିୟଗୋଚର ବିଷୟ—4. Things perceived by the senses. ୫। (କର୍ମ ଅନ) ଆଶ୍ରୟ—5. Shelter; refuge. ୬। ଅବସ୍ଥାନ—6. Situation.

ସନ୍ନିଧାପନ—ସଂ. ବି (ସମ୍+ନି+ଧା. ଧାତୁ, ଣିଚ୍=ଧାପି. ଧାତୁ
Sannidhāpana ଧରାଇବା+ଭାବ. ଅନ)—୧। ସଂସ୍ଥାପନ—
1. Act of placing. ୨। ନିକଟରେ ରଖିବା; କୌଣସି ପଦାର୍ଥକୁ ନିକଟକୁ ଆଣି ଥୋଇବା—2. Act of placing a thing near another.

ସନ୍ନିଧାପନୀ ମୁଦ୍ରା—ସଂ. ବି—ଦେବପୂଜାରେ ବ୍ୟବହୃତ ମୁଦ୍ରା ବା
Sannidhāpanī mudrā ଅଙ୍ଗୁଳିରଚନାବିଶେଷ—
A certain posture of the fingers used in worshipping Deities. [ଦ୍ର—ବାମ ହସ୍ତର ବୃଦ୍ଧାଙ୍ଗୁଳିକୁ ଡାହାଣ ହାତର ମୁଠାଦ୍ୱାରା ମୁଠାଇ ଧରି ଏହି ମୁଦ୍ରା ଦେଖାଇବାକୁ ହୁଏ।]

ସନ୍ନିଧି—ସଂ. ବି (ସମ୍+ନି+ଧା ଧାତୁ+ଭାବ. ଇ)—୧। ସାମୀପ୍ୟ,
Sannidhi ସନ୍ନିଧାନ—1. Nearness; vicinity; propinquity. ୨। (ସତ୍+ନିଧି, କର୍ମଧା)—ଉତ୍ତମ ନିଧି; ସମ୍ପତ୍ତି; ସଂପଦ—2. Good jem; riches. [ଉ—(୧ ଓ ୨ ଅର୍ଥ) ବେଦରେ ହୋଇଲୁ,ପରି ଏ ସନ୍ନିଧି,ସନ୍ନିଧି ଗତେ ପାବକ ଯେ। ଉଜ୍ଜ. ବୈଦେହୀଶବିଳାସ।] ୩। ଅବସ୍ଥାନ; ଅବସ୍ଥିତି—3. Staying; situation. ୪। ଇନ୍ଦ୍ରିୟଗ୍ରାହ୍ୟ ବିଷୟ—4. A thing perceived by the senses.

ସନ୍ନିଧିକୁ—ଦେ. କ୍ରି. ବିଣ—ନିକଟକୁ; ପାଖକୁ—To. [ଉ—ଏ ଚିଠାଉ ରାଜାଙ୍କ ସନ୍ନିଧିକୁ ପ୍ରେରିତ ହେବ।]
Sannidhiku
(ସନ୍ନିଧେ, ସନ୍ନିଧିକୁ—ଅନ୍ୟରୂପ) সন্নিধিতে, সন্নিধিকে समीपमे

ସନ୍ନିଧେ(ଧ୍ୟେ)—ଦେ. କ୍ରି. ବିଣ—ନିକଟରେ—At. [ଉ—ଅପଣା
Sannidhe(dhye) ସନ୍ନିଧେ ବସାଇ। ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମ ଗୀତା।]
(ସନ୍ନିଧି[ଧ୍ୟ]ରେ—ଅନ୍ୟରୂପ)
সন্নিধিতে समीपमें

ସନ୍ନିନ(ନା)ଦ—ସଂ. ବି (ସମ୍+ନିନଦ; ନିନାଦ)—୧। ଘୋରରବ—
Sannina(nā)da 1. Fierce; sound. ୨। ଉଚ୍ଚ ସ୍ୱର—2. Loud sound.

ସନ୍ନିପତନ—ସଂ. ବି (ସମ୍+ନିପତନ)—ସନ୍ନିପାତ (ଦେଖ)
Sannipatana Sannipāta (See)

ସନ୍ନିପତିତ—ସଂ. ବିଣ (ସମ୍+ନିପତିତ)—୧। ସମ୍ୟକ୍ ରୂପେ ପତିତ—
Sannipatita 1. Fallen completely. ୨। ଉପସ୍ଥିତ—2. Present. ୩। ଆଗତ—3. Come; arrived. ୪। ସମ୍ମିଳିତ; ଏକତ୍ର ମିଳିତ—4. Joined together; meeting together. ୫। ମିଶ୍ରିତ—5. Mixed together; mixed up. ୬। ଅବତୀର୍ଣ୍ଣ—6. Arrived at; descended; alighted. ୭। ମୃତ—7. Dead; deceased. ୮। ଏକୀଭୂତ—8. Unified.

ସନ୍ନିପାତ—ସଂ. ବି. (ସମ୍+ନି+ପତ୍ ଧାତୁ+ଭାବ ଅ)—୧।
Sannipāta ସମ୍ୟକ୍ ରୂପେ ପତନ—1. Falling completely. ୨। ବିନାଶ—2. Ruin; destruction. ୩। ଅବତରଣ—3. Descent. ୪। ଉପସ୍ଥିତି—4. Presence; arrival. ୫। ସମୂହ; ସମଷ୍ଟି—5. Aggregate; multitude. [ଉ—ଗୁଣସନ୍ନିପାତ ମଧ୍ୟରେ ଗୋଟିଏ ମାତ୍ର ଦୋଷ ବୁଡ଼ିଯାଏ। —କାଳିଦାସ ରଘୁବଂଶ] ୬। ସମୂହର ମିଳନ—6. The conglomeration of a multitude. ୭। (+ଅଧିକରଣ ଅ) ଯୁଦ୍ଧ; ସଂଗ୍ରାମ—7. War; battle. ୮। ସନ୍ନି; ବାତପିତ୍ତକଫର ପ୍ରକୋପଜନିତ ତ୍ରିଦୋଷଜ ବିକାର; ଜ୍ୱରରୋଗର ମାରାତ୍ମକ ଅବସ୍ଥା—8. State of collapse due to a morbid condition of the three humours of the body; fatal condition of fever. [ଦ୍ର—ଏହି ସମୟରେ କଫବାତପିତ୍ତର

ପ୍ରକୋପ ଅଧିକ ହୋଇଗଲେ ରୋଗୀର ଅସନ୍ନମୃତ୍ୟୁ ଅବସ୍ଥା ଘଟେ । ଏହାକୁ ସନ୍ନିପାତ ବା 'ତ୍ରିଦୋଷ' ବୋଲାଯାଏ ।

ବୈଦ୍ୟକ ତନ୍ତ୍ର (ଯଥା—ହଂସରାଜ ପ୍ରଣୀତ ଜ୍ୱରାନ୍ତକ ତନ୍ତ୍ର) ଅନୁସାରେ ସନ୍ନିପାତ ୧୩ ପ୍ରକାରର । ଯଥା— ସନ୍ଧିକ, ଅନ୍ତକ, ରୁଗ୍‌ଦାହ, ଚିତ୍ତବିଭ୍ରମ, ଶୀତାଙ୍ଗ, ତନ୍ଦ୍ରିକ, କଣ୍ଠକୁବ୍ଜ, କର୍ଣ୍ଣିକ, ଭୁଗ୍ନନେତ୍ର, ରକ୍ତଷ୍ଠୀବ, ପ୍ରଲାପକ, ଜିହ୍ୱକ ଓ ଅଭିନ୍ୟାସ । ସନ୍ଧିକରେ ୭ ଦିନ, ଅନ୍ତକରେ ୧୦ ଦିନ, ରୁଗ୍‌ଦାହରେ ୨୦ ଦିନ, ଚିତ୍ତବିଭ୍ରମରେ ୨୪ ଦିନ, ଶୀତାଙ୍ଗରେ ୧୫ ଦିନ, ତନ୍ଦ୍ରିକରେ ୨୫ ଦିନ, କଣ୍ଠକୁବ୍ଜରେ ୧୩ ଦିନ, କର୍ଣ୍ଣିକରେ ୩ ମାସ, ଭୁଗ୍ନନେତ୍ରରେ ୮ ଦିନ, ରକ୍ତଷ୍ଠୀବରେ ୧୦ ଦିନ, ପ୍ରଲାପକରେ ୧୪ଦିନ, ଜିହ୍ୱକରେ ୧୬ଦିନ, ଅଭିନ୍ୟାସରେ ୧୬ ଦିନ ପରମାୟୁ । ଏଥି ମଧ୍ୟରୁ ସନ୍ଧିକ, ତନ୍ଦ୍ରିକ, କର୍ଣ୍ଣିକ, କଣ୍ଠକୁବ୍ଜ, ଜିହ୍ୱକ ଓ ଚିତ୍ତବିଭ୍ରମ ଏହି ୬ଟି ସାଧ୍ୟ ଓ ଅନ୍ୟ ୭ଟି ମାରକ ।

'ଭାବପ୍ରକାଶ' ରେ ଏହି ତ୍ରୟୋଦଶ ସନ୍ନିପାତକୁ ଏକୋଲ୍ୱଣ, ଦ୍ୱ୍ୟୁଲ୍ୱଣ ଓ ତ୍ର୍ୟୁଲ୍ୱଣ ଏହି ତିନି ଶ୍ରେଣୀରେ ବିଭକ୍ତ କରି ଯାଇଅଛି ।

ତନ୍ତ୍ରାନ୍ତର ମତରେ ବିଷାରକ, ଆଶୁକାରୀ, କମ୍ପନ, ବଭ୍ରୁ, ଶୀଘ୍ରକାରୀ, ଭଲ୍ଲୁ, ସପ୍ତମ, କୂଟପାକଲ, ସଂମୋହନ, ପାକଳ, ଯାମ୍ୟ, କ୍ରକଚ, କର୍କଟକ, ବୈଦାରିକାଭିଧ— ସନ୍ନିପାତ ଏହି ୧୪ ପ୍ରକାରର ।]

ସନ୍ନିପାତ ଜ୍ୱର—ସଂ. ବି. (ବୈଦ୍ୟକ)—ତ୍ରିଦୋଷଜ ଜ୍ୱର— Sannipāta jwara Typhoid fever; Typhus; (ସନ୍ନିପାତଜ ଜ୍ୱର; ସାନ୍ନିପାତିକଜ୍ୱର—ଅନ୍ୟରୂପ) fever accompanied with collapse. [ଦ୍ର—ଏହାକୁ ଚଳିତ କଥାରେ 'ଜ୍ୱର ବିକାର' ବା 'ତ୍ରିଦୋଷ' କହନ୍ତି । ଏହି ଜ୍ୱରରେ କ୍ଷଣେ କ୍ଷଣେ ଦାହ, ପୁଣି ପରକ୍ଷଣରେ ଶୀତ ଏବଂ ଅସ୍ଥି ଓ ସନ୍ଧିସମୂହରେ ବେଦନା ଅନୁଭବ ହୁଏ; ନେତ୍ରଦ୍ୱୟ ଅଶ୍ରୁପୂର୍ଣ୍ଣ, ଅବିଳ, ରକ୍ତାଭ ଓ ବିସ୍ତାରିତ ବା କୁଟିଳ ହୁଏ; କର୍ଣ୍ଣରନ୍ଧ୍ରରେ ନାନା ପ୍ରକାରର ଶବ୍ଦ ଅନୁଭୂତ ହୁଏ; କଣ୍ଠନାଳ ମଧ୍ୟରେ ଧାନର ଶୁଅଁରେ ଫୋଡ଼ ଫୋଡ଼ ହେଲା ପରି ଜଣାଯାଏ; ଜିହ୍ୱା କୃଷ୍ଣବର୍ଣ୍ଣ, କର୍କଶ ଓ କଣ୍ଟକଯୁକ୍ତ ହୁଏ; ତନ୍ଦ୍ରା, ମୂର୍ଚ୍ଛା, ପ୍ରଲାପ, କାଶ, ଶ୍ୱାସ, ଅରୁଚି, ଭ୍ରମ, ତୃଷ୍ଣା ଓ ନିଦ୍ରାନାଶ ହୁଏ; ମଳ, ମୂତ୍ର ଓ ଘର୍ମର ରୋଧ ଏବଂ ଅତିସାର ଘଟେ; ମୁଖ, ନାସିକା, କର୍ଣ୍ଣ ଓ କଣ୍ଠ ମଧ୍ୟରେ ପାକ ହୁଏ ଏବଂ ଦେହରେ ଝିଙ୍କଟି ମାରିବା ପରି ଶୋଥ ଦେଖାଯାଏ । ଏହା ଛଡ଼ା ସନ୍ନିପାତ ଜ୍ୱରର କେତେଗୁଡ଼ିଏ ବିଶେଷ ଲକ୍ଷଣ ଦେଖାଯାଏ । ବକ୍ଷଃସ୍ଥଳରେ ବେଦନା ଓ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ବୋଧହୁଏ; କଣ୍ଠ ଭିତ ଶୁଖିଯାଏ; ଝାଡ଼ା ତରଳ ହୁଏ; କଣ୍ଠ ମଧ୍ୟରେ ନାନା-ପ୍ରକାର ଶବ୍ଦ ଅନୁଭୂତ ହୁଏ, କଣ୍ଠ ଙ୍କିକ (କଠିନ ଶ୍ଳେଷ୍ମା) ଦ୍ୱାରା ଅବୃତ ହେଲା ପରି ଅନୁଭୂତ ହୁଏ; ମୁହଁ ବାଟେ ସମସ୍ତ ସମୟରେ ରକ୍ତ ପଡ଼େ । ଏହାକୁ ଡାକ୍ତରମାନେ 'ନ୍ୟୁମୋନିଆ' (Pneumonia) କହନ୍ତି । ନ୍ୟୁମୋନିଆରେ ହୃଦୟ ମଧ୍ୟସ୍ଥ ଫୁସ୍‌ଫୁସ୍ ଦୂଷିତ ହୋଇ ଫାଟିଯାଏ । ସନ୍ନିପାତ ଜ୍ୱର କଷ୍ଟସାଧ୍ୟ । ୭, ୯, ୧୦, ୧୧, ୧୨, ୧୮, ୨୨ ବା ୨୪ ଦିନ ଏ ରୋଗର କାଳ । ଏହାପରେ ରୋଗୀ ଆରୋଗ୍ୟ ଲାଭ କରେ ବା ମୃତ ହୁଏ । ବାତ, ପିତ୍ତ, କଫ ଅତି ବୃଦ୍ଧିତ ହୋଇ ଜ୍ଞାନେନ୍ଦ୍ରିୟ ଓ ମନକୁ ବିକୃତ କଲେ ଏହି ଜ୍ୱରକୁ 'ଅଭିନ୍ୟାସ ଜ୍ୱର' କହନ୍ତି । ଏଥିରେ ରୋଗୀ ନିଶ୍ଚେଷ୍ଟ ହୁଏ ଏବଂ ରୋଗୀର ଶ୍ରବଣ, ଦର୍ଶନ, ସ୍ପର୍ଶନ, ସ୍ୱାଦନ ଓ ଘ୍ରାଣଶକ୍ତି ରହିତ ହୁଏ ଏବଂ ରୋଗୀ ଲୋକଙ୍କୁ ଚିହ୍ନିପାରେ ନାହିଁ; ସର୍ବଦା ମସ୍ତକ ସଞ୍ଚାଳନ କରି ଅସ୍ଥିର ହୁଏ । କେତେବେଳେ ସନ୍ନିପାତ ଜ୍ୱରରେ କାନମୂଳ, ବେକ ଓ ଗାଲପାଟି ଫୁଲି ବେଦନା-ଯୁକ୍ତ ହୁଏ । ଏହାକୁ "କୁମ୍ଭ ସନ୍ନିପାତ" ବୋଲାଯାଏ । ଅଭିନ୍ୟାସ ଜ୍ୱର ସର୍ବଥା ଅସାଧ୍ୟ ।

ସନ୍ନିପାତ ଜ୍ୱର ସଙ୍ଗେ ଅତିସାର ଘଟିଲେ ତାହାକୁ ସନ୍ନିପାତଜ ଜ୍ୱରାତିସାର ବା Typhoid fever କହନ୍ତି । ସାଧାରଣ ଲୋକେ ଏହାକୁ "ବାଇଶିଦିନିଆ ଜ୍ୱର" କହନ୍ତି ।]

ସନ୍ନିପାତନ—ସଂ.ବି. (ସମ୍ + ନି + ପତ୍ ଧାତୁ + ଭାବ ଅନ)—ସନ୍ନିପାତ Sannipātana (ଦେଖ)—Sannipāta (See)

ସନ୍ନିପାତ ମଳୁ(ରୋଗୀ)—ଦେ.ବି.—ସନ୍ନିପାତ ଦ୍ୱାରା ଅଚଳ ରୋଗୀ— Sannipāta maḷu(rogi) A patient in a state of collapse. ସନ୍ନିପାତରୋଗୀ ସନ୍ନିପାତରୋଗୀ

ସନ୍ନିପାତୀ—ସଂ. ବିଣ. ପୁଂ (ସନ୍ନିପାତ + ଇନ୍; ୧ମା ୧ବ)—ସନ୍ନିପାତ Sannipāti ରୋଗଗ୍ରସ୍ତ—Suffering from pneumonia. (ସନ୍ନିପାତିନୀ—ସ୍ତ୍ରୀ)

ସନ୍ନିବଦ୍ଧ—ସଂ. ବିଣ. (ସମ୍ + ନି + ବନ୍ଧ୍ ଧାତୁ + କର୍ମ. ତ)—୧ । Sannibaddha ଦୃଢ଼ ଭାବରେ ବଦ୍ଧ; ସମ୍ୟକ୍ ବନ୍ଧନଯୁକ୍ତ— Securely or very tightly bound. ୨ । ଗ୍ରଥିତ—2. Strung together. ୩ । ଘନ-ଭାବରେ ଶ୍ରେଣୀବଦ୍ଧ—3. Arranged in thick set rows; thickly set.

ସନ୍ନିବନ୍ଧ—ସଂ. ବି. (ସମ୍ + ନି + ବନ୍ଧ୍ ଧାତୁ = ଏକାଠି କରିବା + Sannibandha ଭାବ. ଅ)—୧ । ସନ୍ନିବେଶ—1. Arrangemnet; setting. ୨ । ଦୃଢ଼ ବନ୍ଧନ—2. Tight binding. ୩ । ଗ୍ରନ୍ଥନ; ଗୁନ୍ଥା—3. Stringing up. ୪ । ପ୍ରବନ୍ଧ ରଚନା—4. Composition of an essay.

ସନ୍ନିବନ୍ଧନ—ସ. ବି. (ସମ୍ + ନି + ବନ୍ଧ୍ ଧାତୁ + ଭାବ. ଅନ) ୧ । Sannibandhana ସଙ୍କଳନ—1. Compilation ୨ । ଗ୍ରଥନ—2. Stringing. ୩ । ଦୃଢ଼ ବନ୍ଧନ—3. Tight binding. ୪ । ରଚନା—4. Composi-

tion. ୫ । ଶୃଙ୍ଖଳା; ବିନ୍ୟାସ; ସୁଶୃଙ୍ଖଳ ବିନ୍ୟାସ—5. Orderly arrangement. ସଂ. ବିଣ.—(ବହୁବ୍ରୀହି; ସତ୍—ଉତ୍ତମ ହୋଇଅଛି ନିବନ୍ଧନ ଯାହାର) ୧ । ଉତ୍ତମ ଭାଷ୍ୟ ଗ୍ରନ୍ଥଯୁକ୍ତ—1. Excellently or profusely annotated. ୨ । ଉତ୍ତମ ପ୍ରୀତିଦାନଯୁକ୍ତ—2. Very pleasing.

ସନ୍ନିବପନ—ସଂ. ବି.—(ସମ୍+ନିବପନ)—ଉତ୍ତମରୂପେ ବୁଣିବା—
Sannibapana Sowing well.
(ସନ୍ନିବାପ—ଅନ୍ୟରୂପ)

ସନ୍ନିବାୟ—ସଂ. ବି.—୧ । ସମୁଦାୟ—1. Whole. ୨ । ସମଷ୍ଟି—
Sannibāya (ଶବ୍ଦକୋଷ)—2. Collection; multitude.

ସନ୍ନିବିଷ୍ଟ—ସଂ. ବିଣ. (ସମ୍+ନି+ବିଶ୍ ଧାତୁ=ପ୍ରବେଶ କରିବା+
Sannibishṭa କ୍ତି. ତ) ୧ । ଉପବିଷ୍ଟ; ଗୃହୀତାସନ—
1. Seated. ୨ । ସମ୍ମୁଖରେ ଉପସ୍ଥିତ—2. Appearing before. ୩ । ନିକଟସ୍ଥ; ସମୀପ—
3. Contiguous; adjoining. ୪ । ସମ୍ବନ୍ଧ—
(ସନ୍ନିବେଶ—ବି) 4. Relating to; pertaining to.

ସନ୍ନିବୃତ୍ତ—ସଂ. ବିଣ. (ସମ୍+ନି+ବୃତ୍ ଧାତୁ=ନିବୃତ୍ତ ହେବା+
Sannibṛutta କ୍ତି. ତ) ୧ । ବିରତ—1. Ceased. ୨ ।
ନିବୃତ୍ତ—2. Desisted; stopped. ୩ । ଅପଗତ—
(ସନ୍ନିବୃତ୍ତି, ସନ୍ନିବର୍ତ୍ତନ—ବି) 3. Departed. ୪। ପ୍ରତ୍ୟାଗତ—
4. Returned.

ସନ୍ନିବୃତ୍ତି—ସଂ. ବି. (ସମ୍+ନି+ବୃତ୍ ଧାତୁ=ନିବୃତ୍ତ ହେବା+
Sannibṛutti ଭାବ. ତି)—୧ । ବିରତି—1. Cessation.
୨ । ନିବୃତ୍ତି—2. Stoppage; relinquishment.
୩ । ଅପଗମ—3. Departure. ୪ । ପ୍ରତ୍ୟାଗମନ—
4. Returning.

ସନ୍ନିବେଶ—ସଂ. ବି. (ସମ୍+ନି+ବିଶ୍ ଧାତୁ=ପ୍ରବେଶ କରିବା+
Sannibesa ଅଧିକରଣ ଅ)—୧। ଆଶ୍ରମ—1. Hermitage;
a retreat. ୨ । ସ୍ଥାନ—2. Place; position.
୩ । ନୈକଟ୍ୟ—3. Nearness; propinquity.
୪ । ନଗରାଦିର ବହିଃସ୍ଥ ବିହାର ସ୍ଥାନ—4. A park or place of diversion or recreation outside a city. ୫ । ନଗରର ବହିଃସ୍ଥ ପ୍ରଦେଶ—
(ସନ୍ନିବିଷ୍ଟ, ସନ୍ନିବେଶିତ—ବିଣ.) 5. Place outside a town; precincts of a town. ୬। (ସମ୍+ନି+ବିଶ୍ ଧାତୁ ଣିଚ+ଭାବ ଅ) ଭିତରକୁ ପ୍ରବେଶ କରାଇବା—6. Act of thrusting inside. ୭ । (ସମ୍+ନି+ବିଶ ଧାତୁ+ଭାବ ଅ) ସମଷ୍ଟି—7. Total; aggegrate. ୮ । ସ୍ଥିତି—8. Continuance; permanence; staying. ୯ । ବିନ୍ୟାସ—9. Orderly arrangement. ୧୦ । ସ୍ଥାପନ—10 Establishment; placing. ୧୧ । ସଂଯୋଗ; ମିଳନ—11. Union; close contact;
(ସନ୍ନିବେଶନ-ଅନ୍ୟରୂପ) ୧୨ । ରଚନ—12. Composing. ୧୩ । ବସାଇବା—13. Placing; setting up.

ସନ୍ନିଭ—ସଂ. ବିଣ. (ସମ୍+ନିଭ=ତୁଲ୍ୟ ବା ସମ+ନି+ଭା ଧାତୁ
Sannibha —ଦୀପ୍ତି ପାଇବା+କ୍ତି. ଅ)—ତୁଲ୍ୟ; ସଦୃଶ—
Like; similar.

ସନ୍ନିରୁଦ୍ଧ—ସଂ. ବି (ସମ୍+ନି+ରୁଧ ଧାତୁ+କର୍ମ. ତ)—
Sanniruddha ଉତ୍ତମ ରୂପେ ନିରୁଦ୍ଧ—
(ସନ୍ନିରୋଦ୍ଧବ୍ୟ, ସନ୍ନିରୋଧନୀୟ—ଅନ୍ୟ ବିଣ ଆକାର) Well
(ସନ୍ନିରୋଧ, ସନ୍ନିରୋଧନ—ବି) obstructed or confined.

ସନ୍ନିରୁଦ୍ଧ ଗୁଦ—ସଂ. ବି (ବହୁବ୍ରୀହି)—ଦାରୁଣ କୋଷ୍ଠକାଠିନ୍ୟ ରୋଗ-
Sanniruddha guda ବିଶେଷ—A kind of very
painful constipation. [ବି—ମଳବେଗ ଧାରଣ ଦ୍ୱାରା କୁପିତ ଅପାନ ବାୟୁ ମଳବାହକ ସ୍ରୋତକୁ ସଙ୍କୁଚିତ କରି ଗୁହ୍ୟଦ୍ୱାରକୁ ସୂକ୍ଷ୍ମ କରେ । ଏଥିପାଇଁ ଅତି କଷ୍ଟ ଓ ଯନ୍ତ୍ରଣା ସହକାରେ ମଳନିର୍ଗମ ହୁଏ । ଏଥିର ନିରାକରଣାର୍ଥ ବାତଘ୍ନ ତୈଳ ଦ୍ୱାରା ପରିଷେକ ଓ ଘୃତ ତୈଳାଦି ମିଶ୍ରିତ ନୈତ୍ର ନଳ ଗୁହ୍ୟରେ ପୂରାଇ ମଳ ନିଃସାରଣ କରାଯାଏ—
ଶବ୍ଦକୋଷ ।]

ସନ୍ନିହିତ—ସଂ. ବିଣ (ସମ୍=ସମ୍ୟକ୍+ନି+ଧା ଧାତୁ+କର୍ମ. ତ)—
Sannihita ୧ । ସନ୍ନିବେଶିତ; ସଂସ୍ଥାପିତ—1. Placed;
(ସନ୍ନିଧାନ, ସନ୍ନିଧି—ବି) set up; ୨ । ସମୀପସ୍ଥ; ନିକଟବର୍ତ୍ତୀ—
2. Adjoining; neighbouring.
୩ । ଦୃଢ଼ ରୂପେ ସ୍ଥାପିତ—3. Firmly set. ସଂ. ବି—
(+ଭାବ. ତ) ସନ୍ନିଧାନ—Nearness.

ସନ୍ନ୍ୟ(ନ୍ୟ)—ଗ୍ରା· ବି (ସଂ. ସୈନ୍ୟ)—ସୈନ୍ୟ (ଦେଖ)—Sainya
Sannya(nya) (See) [ଉ—ଗ୍ରାମରେ ପଶି, ସନ୍ୟଙ୍କ ନାଶି, सैन्य सनय ମନୁଷ୍ୟ ମାରିଲ, ବଡ଼ ଭରସି । ପ୍ରତାପ. ଶଶିସେଣା ।]

ସନ୍ନ୍ୟସ୍ତ—ସଂ. ବିଣ (ସମ୍+ନି+ଅସ୍ ଧାତୁ=ତ୍ୟାଗ କରିବା+
Sannyasta କର୍ମ· ତ)—୧ । ଗଚ୍ଛିତ; ସଂରକ୍ଷିତ—
ସନ୍ନ୍ୟାସ } ସନ୍ନ୍ୟସନ } ବି 1. Deposited; kept for safe custody. ୨ । ସମର୍ପିତ—2. Entrusted; made over. ୩ । କ୍ଷିପ୍ତ—3. Thrown into.
୪ । ତ୍ୟକ୍ତ—4. Relinquished; reunnciated.

ସନ୍ନ୍ୟାସ—ସଂ. ବି (ସମ୍+ନି+ଅସ୍ ଧାତୁ=ତ୍ୟାଗ କରିବା+
Sannyāsa ଭାବ· ଅ)—୧ । ସଂସାର ବାସନା ତ୍ୟାଗ; ଭିକ୍ଷୁଧର୍ମ—1. Renunciation of worldly desires and pursuits; religious mendicancy. [ବି—ଭଗବାନଙ୍କଠାରେ ସମସ୍ତ କର୍ମର ନ୍ୟାସ ବା
(ସନ୍ନ୍ୟସ୍ତ, ସନ୍ନ୍ୟାସୀ—ବିଣ) ସମର୍ପଣକୁ 'ସନ୍ନ୍ୟାସ' ବୋଲାଯାଏ ।]
୨ । ନିଷ୍କାମ କର୍ମ; କାମ୍ୟ କର୍ମ ପରିତ୍ୟାଗ—2. Renunciation of acts done with a definite aim. [ବି—ସକଳ କର୍ମଫଳତ୍ୟାଗକୁ ସନ୍ନ୍ୟାସ

ବୋଲଯାଏ । କାମ୍ୟକର୍ମ ପରିତ୍ୟାଗର ନାମ ସନ୍ନ୍ୟାସ; ସର୍ବବିଧ କର୍ମ ଫଳର ତ୍ୟାଗର ନାମ ତ୍ୟାଗ (ଗୀତା—୧୮।୨) । ସ୍ୱର୍ଗାଦି ଫଳପ୍ରାପ୍ତ୍ୟର୍ଥ କାମନା ପୂର୍ବକ ଯେଉଁ କର୍ମ ଅନୁଷ୍ଠିତ ହୁଏ ତାହାକୁ କାମ୍ୟ କର୍ମ ଓ ସନ୍ଧ୍ୟା, ଉପାସନା, ନିତ୍ୟ ହୋମ, କର୍ତ୍ତବ୍ୟବୋଧରେ ତପସ୍ୟା ଓ ଦାନ ପ୍ରଭୃତିକୁ ନିତ୍ୟକର୍ମ ବୋଲଯାଏ । ସନ୍ନ୍ୟାସୀମାନେ କାମ୍ୟ-କର୍ମ ପରିତ୍ୟାଗ କରିବେ ବୋଲି ନିତ୍ୟକର୍ମ ପରିତ୍ୟାଗ କରିବେ ନାହିଁ; ଅନାସକ୍ତ ହୋଇ କର୍ତ୍ତବ୍ୟ ବୁଦ୍ଧିରେ ନିତ୍ୟ କର୍ମର ଅନୁଷ୍ଠାନ କରିବେ ।

କର୍ମ ସନ୍ନ୍ୟାସ (କର୍ମ ପରିତ୍ୟାଗ) ଓ କର୍ମ ଯୋଗ (ନିଷ୍କାମ ଭାବରେ ଜଗତର ଉପକାର ପାଇଁ କର୍ମାନୁଷ୍ଠାନ), ଏହି ଉଭୟ ବିଧ ଅନୁଷ୍ଠାନ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୋଇ ମାନବ ମୋକ୍ଷ ଲାଭ କରେ । କର୍ମ ସନ୍ନ୍ୟାସ ଓ କର୍ମ ଯୋଗ, ଏ ଉଭୟ ଆତ୍ମଜ୍ଞାନର ଦ୍ୱାର ସ୍ୱରୂପ ବୋଲି ଭଗବାନ୍ ଭଗବଦ୍ଗୀତାର ୫ମ ଅଧ୍ୟାୟରେ ପ୍ରତିପାଦନ କରିଅଛନ୍ତି ଓ ସଂସାରୀ ପକ୍ଷରେ କର୍ମ ସନ୍ନ୍ୟାସ (ସମସ୍ତ କର୍ମ ପରିତ୍ୟାଗ କରି କେବଳ ସର୍ବଦା ବ୍ରହ୍ମ ଚିନ୍ତନ) ଅପେକ୍ଷା କର୍ମ ଯୋଗ (କର୍ମର ଫଳର ଆଶା ନ ରଖି କର୍ତ୍ତବ୍ୟାନୁରୋଧରେ କର୍ମ କରଣ)କୁ ଶ୍ରେଷ୍ଠ ବୋଲି କହିଅଛନ୍ତି ।] ୩ । ହିନ୍ଦୁଙ୍କର ଚତୁର୍ଥ ଆଶ୍ରମ—3. The fourth stage of a Hindu's life. [ଦ୍ର—ବର୍ଣ୍ଣାଶ୍ରମ ଧର୍ମହିଁ ହିନ୍ଦୁ ଧର୍ମର ମୂଳ । ଉପନୟନ ପରେ ଗୁରୁଗୃହରେ ଅବସ୍ଥାନ ପୂର୍ବକ ଜୀବନର ଚତୁର୍ଥ ଭାଗ ବ୍ରହ୍ମଚର୍ଯ୍ୟାଶ୍ରମ, ତତ୍ପରେ ଗୁରୁଙ୍କ ଆଦେଶରେ ଜୀବନର ଏକ ଚତୁର୍ଥାଂଶ ଗୃହସ୍ଥାଶ୍ରମ, ତତ୍ପରେ ଗାତ୍ରଚର୍ମ ଶିଥିଳ, କେଶ ପକ୍ୱ ଓ ପୁତ୍ର ପୌତ୍ର ହେଲେ ଜୀବନର ଏକ ଚତୁର୍ଥାଂଶ ବାନପ୍ରସ୍ଥାଶ୍ରମ ଓ ତତ୍ପରେ ଜିତେନ୍ଦ୍ରିୟ ଓ ବିଷୟବିତୃଷ୍ଣା ଲାଭ ହେଲେ ଜୀବନର ଅବଶିଷ୍ଟ ଚତୁର୍ଥାଂଶ ସନ୍ନ୍ୟାସାଶ୍ରମ ଅବଲମ୍ବନ ଦ୍ୱିଜାତି ପକ୍ଷରେ କର୍ତ୍ତବ୍ୟ ।] ୪ । ନିକ୍ଷେପ—4. Act of throwing. ୫ । ସମର୍ପଣ—5. Entrusting. ୬ । ଗଚ୍ଛିତ ରଖିବା—6. Act of depositing. ୭ । (+କର୍ମ. ଅ) ଗଚ୍ଛିତ ଧନ—7. Deposit; something deposited on trust. ୮ । ଦେହତ୍ୟାଗ; ହଠାତ୍ ମୃତ୍ୟୁ—8. Sudden death. ୯ । ସନ୍ନ୍ୟାସ ରୋଗ (ଦେଖ)—9. Sanngāsa roya (See). [ଦ୍ର—ଏହି ରୋଗ ହଠାତ୍ ଉପସ୍ଥିତ ହୋଇ ଚୈତନ୍ୟ ଲୋପ କରେ ଓ ହୃଦ୍‌ପିଣ୍ଡର କ୍ରିୟା ବନ୍ଦ କରି କ୍ଷଣକାଳ ପରେ ମୃତ୍ୟୁ ଘଟାଏ, ଏହା ମୂର୍ଚ୍ଛା ରୋଗର ପ୍ରକାର ଭେଦ ।] ୧୦ । ତ୍ୟାଗ—10. Relinquishment. ୧୧ । ଜଟାମାଂସୀ—11. Indian spikenard. ୧୨ । ଶିବ-ପୂଜା ଉଦ୍ଦେଶ୍ୟରେ ମାନସିକୃତ ସନ୍ନ୍ୟାସବ୍ରତ ଅବଲମ୍ବନ ରୂପ ବ୍ରତ ବିଶେଷ (ବିଶ୍ୱକୋଷ)—12. A religious vow undertaken for the worship of Śiba. [ଦ୍ର—ଚୈତ୍ର ମାସ ଚଡ଼କ ପୂଜା (ପଣା ସଂକ୍ରାନ୍ତି) ପୂର୍ବରୁ ଏ ବ୍ରତ କରିହୋଇ ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପନ କରାଯାଏ । ବୃହଦ୍ଧର୍ମ ପୁରାଣ ଉତ୍ତର ଖଣ୍ଡ ୯ମ ଅଧ୍ୟାୟରେ ଏ ବ୍ରତର ବର୍ଣ୍ଣନ ଅଛି । ନୃତ୍ୟ ଗୀତାଦି ଦ୍ୱାରା ମହାଦେବଙ୍କ ଉଦ୍ଦେଶ୍ୟରେ ମହୋତ୍ସବ କରିବା ଆମ ଦେଶରେ ଏହି ବ୍ରତ ନୀଚ ଜାତୀୟ ବ୍ୟକ୍ତିମାନେ କରନ୍ତି । ଏ ସନ୍ନ୍ୟାସୀମାନଙ୍କୁ 'ପାଟୁଆ' ବୋଲଯାଏ । ଏମାନେ ଚୈତ୍ର ମାସସାରା ତ୍ରିସନ୍ଧ୍ୟା ସ୍ନାନ, ରାତିରେ ହବିଷ୍ୟ ଭୋଜନ କରି ଅନେକାର ଅଦ୍ଭୁତ ବାଦ୍ୟ ସାହାଯ୍ୟରେ ନୃତ୍ୟ ଗୀତ କରି ସଂକ୍ରାନ୍ତି ଦିନ ଉପବାସ ଓ ହୋମ କରି ଦେହକୁ ପୀଡ଼ା ଦେଇ ପିଠିକୁ ହୁକ ଲଗା କଣ୍ଟାରେ ଫୋଡି ବାଉଁଶରେ ଟଙ୍ଗା ହୋଇ ଶୂନ୍ୟରେ ଘୁରି ଯାଆନ୍ତି । ଏ ବ୍ରତରେ ଶଙ୍ଖବାଦ୍ୟ ଓ ଶଙ୍ଖଜଳ ବ୍ୟବହାର ନିଷିଦ୍ଧ—ବିଶ୍ୱକୋଷ ।]

ସନ୍ନ୍ୟାସ ଗ୍ରହଣ—ସ. ବି (୬ଷ୍ଠୀ ତତ୍)—ଗୃହସ୍ଥ ଧର୍ମ ପରିତ୍ୟାଗପୂର୍ବକ Sannyāsa grahaṇa ସନ୍ନ୍ୟାସ ବ୍ରତ ଅବଲମ୍ବନ—Act of entering into the order of a recluse. [ଦ୍ର—କେହି କେହି ବ୍ରହ୍ମଚର୍ଯ୍ୟାଶ୍ରମରୁ, କେହି କେହି ଗୃହସ୍ଥାଶ୍ରମରୁ ଓ କେହି କେହି ବାନପ୍ରସ୍ଥାଶ୍ରମରୁ ସନ୍ନ୍ୟାସଗ୍ରହଣ କରନ୍ତି ।]

ସନ୍ନ୍ୟାସ ଧର୍ମ—ସଂ. ବି—ସଂସାରବାସନା ପରିତ୍ୟାଗପୂର୍ବକ ଯୋଗ Sannyāsa dharma ସାଧନାରୂପ ଧର୍ମ—The act of (ସନ୍ନ୍ୟାସବ୍ରତ—ଅନ୍ୟରୂପ) practising 'joga' or spiritual exercise after renouncing the world. [ଦ୍ର—ଭଗବତ୍ ଗୀତାରେ ପଞ୍ଚମ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସନ୍ନ୍ୟାସଧର୍ମ ପାଳନ ଏବଂ ସନ୍ନ୍ୟାସୀର ଲକ୍ଷଣ ଓ ସାଧନ ସମ୍ବନ୍ଧରେ ଉପଦେଶ ଦେଇଅଛନ୍ତି ।]

ସନ୍ନ୍ୟାସନ—ସଂ. ବି (ସମ୍+ନି+ଅସ୍. ଧାତୁ+ଭାବ. ଅନ)—Sannyāsana ୧ । ସଂସାର ତ୍ୟାଗ କରିବା—1. Act of renouncing the world. ୨ । ଅନ୍ୟ ବ୍ୟକ୍ତି ନିକଟରେ ଧନାଦି ଗଚ୍ଛିତ ରଖିବା—2. Causing a thing or money to be deposited on trust. ୩ । ନିକ୍ଷେପ କରିବା—3. Act of throwing away. ୪ । ତ୍ୟଜନ—4. Relinquishment.

ସନ୍ନ୍ୟାସ ରୋଗ—ସ. ବି. (ବୈଦ୍ୟକ) ମାରାତ୍ମକ ମୂର୍ଚ୍ଛାରୋଗ ବିଶେଷ—Sannnyāsa roga Apopelxy; heart failure, [ଦ୍ର—ବାତାଦି ଦୋଷସମୂହ ଅତିମାତ୍ର କୁପିତ ହୋଇ ହୃତ୍‌ପିଣ୍ଡକୁ ଓ ମସ୍ତିଷ୍କକୁ ଆକ୍ରମଣ କରି ମନ ଓ ଇନ୍ଦ୍ରିୟ ସମୂହର କାର୍ଯ୍ୟକାରିତାକୁ ବିନଷ୍ଟ କରେ ଏବଂ ମନୁଷ୍ୟକୁ ମୂର୍ଚ୍ଛିତ କରେ । ଏହି ରୋଗ ଅତି ଭୟାନକ । ପୂର୍ବରୁ ରୋଗର ଲକ୍ଷଣ କିଛିମାତ୍ର ପ୍ରକାଶ ପାଏ ନାହିଁ ଓ ହଠାତ୍ ହୃତ୍‌ପିଣ୍ଡର କ୍ରିୟା ସ୍ଥଗିତ ହେବାରୁ ମୂର୍ଚ୍ଛା ଘଟି ମୃତ୍ୟୁ ହୁଏ । ମୂର୍ଚ୍ଛା, ଭ୍ରମ ଓ ସନ୍ନ୍ୟାସ ରୋଗମାନ ଏକଶ୍ରେଣୀୟ ରୋଗ ।

ରୋଗୀ ବସିଥାଏ ବା ଚାଲୁଥାଏ, ବା କାର୍ଯ୍ୟ କରୁଥାଏ, ହଠାତ୍ ତତ୍‌କ୍ଷଣାତ୍ ଅଚେତନ ହୁଏ ଓ କିଛିକ୍ଷଣ ପରେ ତାର ମୃତ୍ୟୁ ଘଟେ ।

ସନ୍ନ୍ୟାସ ରୋଗ ଜନିତ ମରଣ ଅନ୍ୟାନ୍ୟ ରୋଗ ଜନିତ ମରଣ ଅପେକ୍ଷା ଅତି ଅଳ୍ପ କଷ୍ଟପ୍ରଦ । ସନ୍ନ୍ୟାସୀ ଓ ଯୋଗୀମାନେ ଏହି ପ୍ରକାର ମୃତ୍ୟୁ କାମନା କରୁଥିବାରୁ ଏହାକୁ 'ସନ୍ନ୍ୟାସ' ରୋଗ ବୋଲିଯାଏ । ଏହି ରୋଗ ହଠାତ୍ ମସ୍ତିଷ୍କର ଓ ହୃତ୍‌ପିଣ୍ଡର କ୍ରିୟାକୁ ବନ୍ଦ କରିଦିଏ ।]

ସନ୍ନ୍ୟାସାଶ୍ରମ—ସଂ. ବି (ରୂପକ)—ହିନ୍ଦୁର ଚତୁର୍ଥ ଆଶ୍ରମ; ଭିକ୍ଷୁ ଧର୍ମ—
Sannyāsāśrama The 4th stage of the life of a Hindu house-holder.

ସନ୍ନ୍ୟାସିନୀ—ସ. ବିଣ. ସ୍ତ୍ରୀ (ସନ୍ନ୍ୟାସ+ଅସ୍ତି ଅର୍ଥେ ଇନ୍+ସ୍ତ୍ରୀ. ଈ)—
Sannyāsini ସନ୍ନ୍ୟାସଧର୍ମ ଗ୍ରହଣକାରିଣୀ; ସଂସାରବିରାଗିଣୀ—(Female) Renouncing the world. ସ.ବି—(ସନ୍ନ୍ୟାସୀ—ପୁଂ) ସନ୍ନ୍ୟାସାବଲମ୍ବିନୀ ନାରୀ; ସଂସାରତ୍ୟାଗିନୀ ନାରୀ—A female recluse.

ସନ୍ନ୍ୟାସୀ—ସଂ. ବିଣ. ପୁଂ (ସମ୍+ନି+ଅସ୍ ଧାତୁ=ତ୍ୟାଗ କରିବା+
Sannyāsi କର୍ତ୍ତୃ. ଇନ୍; ୧ମା. ୧ବ)—ସଂସାରବିରାଗୀ; ସଂସାର ବିରକ୍ତ—Renouncing the world. ସଂ. ବି—(ସନ୍ନ୍ୟାସିନୀ—ସ୍ତ୍ରୀ) ୧ । ସଂସାରବିରାଗୀ ବ୍ୟକ୍ତି; ଯେ ସଂସାର ଆଶ୍ରମ ଓ ବାନପ୍ରସ୍ଥ ଆଶ୍ରମ ତ୍ୟାଗ କରି ଭିକ୍ଷୁ ହୋଇଥାଆନ୍ତି—1. A person who has renounced the world; a recluse. ୨ । ଭିକ୍ଷୁ—2. A religious mendicant. ୩ । ଯୋଗୀ—3. A person who is practising spiritual concentration.

[ଦ୍ର—୧ । ସନ୍ନ୍ୟାସ ବ୍ରତ ଅବଲମ୍ବନକାରୀ ବ୍ୟକ୍ତି ମୁଣ୍ଡିତକେଶ ଏବଂ ଗୈରିକ ବସନ, କୌପୀନ ଓ ଦଣ୍ଡ-କମଣ୍ଡଳୁଧାରୀ ହୋଇ ଜୀବନରକ୍ଷାର୍ଥ ଭିକ୍ଷାବୃତ୍ତି ଅବଲମ୍ବନ ପୂର୍ବକ ନିର୍ଜନରେ ଯୋଗ ସାଧନା କରନ୍ତି । ସେ ନିଜର କୃତ ସମସ୍ତ କର୍ମକୁ ଭଗବାନଙ୍କଠାରେ ସମର୍ପଣ କରନ୍ତି । ସୁଖ-ଦୁଃଖ, ନିନ୍ଦା-ସ୍ତୁତି, ଶୀତୋଷ୍ଣ, ମାନାପମାନ, ଓ ଶତ୍ରୁ-ମିତ୍ର ଦ୍ୱାରା ସେ ବିଚଳିତ ହୁଅନ୍ତି ନାହିଁ । ସେ ସମସ୍ତ ରିପୁଙ୍କୁ ଜୟ କରିଥାଆନ୍ତି ।

ସନ୍ନ୍ୟାସୀ ଶବ୍ଦର ପର୍ଯ୍ୟାୟ:—ପାରାଶରୀ, ମସ୍କରୀ, କର୍ମନ୍ଦୀ, ଶ୍ରମଣ, ଭିକ୍ଷୁ, ଯତି । ବିଷୟ ବିତୃଷ୍ଣ ହୋଇ ଗୃହତ୍ୟାଗ, ସଂସାର ତ୍ୟାଗ, ସମାଜ ତ୍ୟାଗ, ସଙ୍ଗତ୍ୟାଗ, ମସ୍ତକ ମୁଣ୍ଡନ, ଗୈରିକ କୌପୀନ ଓ ଦଣ୍ଡ କମଣ୍ଡଳୁ ଧାରଣ କରି ଭିକ୍ଷାବୃତ୍ତିଦ୍ୱାରା ଜୀବନଧାରଣ କରି ନିର୍ଜନ ପ୍ରଦେଶରେ ଅବସ୍ଥାନ ପୂର୍ବକ କେବଳ ପରଂବ୍ରହ୍ମଙ୍କ ଉପାସନାକାରୀଙ୍କୁ ସନ୍ନ୍ୟାସୀ ବୋଲିଯାଏ । ସନ୍ନ୍ୟାସୀଙ୍କର ସଜ୍ଜନ, ଦୁର୍ଜନ, ଲୋଷ୍ଟ୍ର ଓ କାଞ୍ଚନରେ ସମବୁଦ୍ଧି । ସେ ନିତ୍ୟ ପ୍ରବାସୀ ହେବେ ଓ ଚତୁର୍ମାସ୍ୟା ଛଡ଼ା ଅନ୍ୟ ସମୟରେ ଏକ ସ୍ଥାନରେ ଅଧିକ ଦିନ ରହିବେ ନାହିଁ; ବ୍ରାହ୍ମଣଗୃହରେ ଅନ୍ନ ଭୋଜନ କରିବେ । କାହାଠାରୁ କିଛି ପ୍ରାର୍ଥନା କରିବେ ନାହିଁ; କ୍ରୋଧ ମୋହ ଅହଙ୍କାରବିରହିତ ହେବେ; ଅଯାଚିତଭାବେ ଯାହା ମିଳିବ ତାହା ଭୋଜନ କରିବେ, ସ୍ତ୍ରୀମାନଙ୍କ ମୁଖାବଲୋକନ ବା ନିକଟରେ ଅବସ୍ଥାନ କରିବେ ନାହିଁ । ସେ ମରଣ ବା ଜୀବନ ଅଭିଳାଷ କରିବେ ନାହିଁ, ଉପେକ୍ଷାଭାବେ ମୃତ୍ୟୁକାଳ ପାଇଁ ପ୍ରତୀକ୍ଷା କରିବେ । ଶତ୍ରୁ, ମିତ୍ର, ମାନ, ଅପମାନ, ଶୀତ, ଉଷ୍ଣ, ନିନ୍ଦା, ସ୍ତୁତିକୁ ସମଜ୍ଞାନ କରିବେ । ସେ ହିଂସାରୁ ଓ ସର୍ବପ୍ରକାର ଆସକ୍ତିରୁ ନିବୃତ୍ତ ହେବେ, ମୌନାବଲମ୍ବନ କରିବେ, ଜିତେନ୍ଦ୍ରିୟ ହେବେ । ଗୀତାରେ ଭଗବାନ୍ କହିଅଛନ୍ତି, ଯେ ଭଗବାନଙ୍କଠାରେ ସର୍ବକର୍ମାର୍ପଣ କରନ୍ତି ସେ ସନ୍ନ୍ୟାସୀ ।

ସ୍କନ୍ଦପୁରାଣରେ, କୂର୍ମପୁରାଣରେ ଓ ଅନ୍ୟାନ୍ୟ ପୁରାଣମାନଙ୍କରେ ସନ୍ନ୍ୟାସୀମାନଙ୍କର ବହୁ ଶ୍ରେଣୀ ଓ ଉପଶ୍ରେଣୀ ବିଭାଗ ବର୍ଣ୍ଣିତ ହୋଇଅଛି । ସୂତସଂହିତାରେ ଶୈବ-ସନ୍ନ୍ୟାସୀ ଓ ଭାଗବତ ୧୧ଶ ସ୍କନ୍ଧ ଅଷ୍ଟାଦଶ ଅଧ୍ୟାୟରେ ବୈଷ୍ଣବ ସନ୍ନ୍ୟାସୀମାନଙ୍କ ବିଷୟ ଲେଖା ଅଛି । ସନ୍ନ୍ୟାସୀମାନଙ୍କର ମଣ୍ଡଳୀ ଅଛି । ମଣ୍ଡଳୀର ଅଧ୍ୟକ୍ଷଙ୍କୁ ସ୍ୱାମୀ ବୋଲିଯାଏ । ବୃତ୍ତିଭେଦରେ ସନ୍ନ୍ୟାସୀଙ୍କର କୁଟୀଚକ, ବହୂଦକ, ହଂସ ଓ ପରମହଂସ ବିଭାଗ ଅଛି । ମହାନିର୍ବାଣତନ୍ତ୍ରରେ ତନ୍ତ୍ରମାର୍ଗାନୁସାରୀ ନାନାଶ୍ରେଣୀର ସନ୍ନ୍ୟାସୀଙ୍କର ଉଲ୍ଲେଖ ଅଛି । ଏହାଛଡ଼ା ଭାରତରେ ନାନାମତାବଲମ୍ବୀ, ନାନାମାର୍ଗାନୁସାରୀ, ନାନାତନ୍ତ୍ର-ମନ୍ତ୍ରୋପାସକ, ନାନାସାଧନରତ ବହୁପ୍ରକାରର ସନ୍ନ୍ୟାସୀ ଦେଖାଯାଆନ୍ତି, ଯଥା:—ଜ୍ୟୋତିର୍ମାର୍ଗ, ନାଗାସନ୍ନ୍ୟାସୀ, ଅଲେଖିଆ, ଦଙ୍ଗଲି, ଅଘୋରୀ, ଊର୍ଦ୍ଧ୍ୱବାହୁ, ଆକାଶମୁଖୀ, ନଖୀ, ଠାଢ଼େଶ୍ୱରୀ, ଊର୍ଦ୍ଧ୍ୱମୁଖ, ପଞ୍ଚଧୁନି, ମୌନୀ, ଜଳଶାୟୀ, ଜଳାଧାରତପସ୍ୱୀ, କଡ଼ାଲିଙ୍ଗୀ, ଫଳାହାରୀ, ଦୁଗ୍ଧାହାରୀ, ଅଲୁଣା, ଅଉଘଡ଼, ଟିକରନାଥ, ସ୍ୱର୍ଭଙ୍ଗୀ, ଘରବାରୀ, ତ୍ୟାଗୀ, ଆତୁର, ମାନସ ସନ୍ନ୍ୟାସୀ, ଅନ୍ତଃସନ୍ନ୍ୟାସୀ, ଓ ସ୍ତ୍ରୀସନ୍ନ୍ୟାସୀନୀ ଭୈରବୀ । ବିଶ୍ୱକୋଷ]

୨ । ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଦଶନାମୀ ସନ୍ନ୍ୟାସୀମାନଙ୍କ ବ୍ୟବହାର ପାଇଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଭାରତର ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କର ଚାରିଜଣ ଶିଷ୍ୟଙ୍କ ଅଧୀନ ଦଶଉପାଧିଧାରୀ ସନ୍ନ୍ୟାସୀଙ୍କ ପାଇଁ ଯଥାକ୍ରମେ ୪ଟି ମଠ ପ୍ରତିଷ୍ଠିତ ହୋଇଥିଲା ଯଥା—

୧ । ବିଶ୍ୱରୂପାଚାର୍ଯ୍ୟ............ { ୧ । ତୀର୍ଥ ଉପାଧିଧାରୀ
(ସାରଦାମଠ, ଦ୍ୱାରକା) { ୨ । ଆଶ୍ରମ

୨ । ପଦ୍ମପାଦାଚାର୍ଯ୍ୟ............ { ୩ । ବନ
(ଗୋବର୍ଦ୍ଧନ ମଠ, ପୁରୀ) { ୪ । ଅରଣ୍ୟ

୩ । ତୋଟକାଚାର୍ଯ୍ୟ............ { ୫ । ଗିରି
(ଜୋଶୀ ମଠ, ବଦରିକା) { ୬ । ପର୍ବତ
{ ୭ । ସାଗର

୪ । ପୃଥ୍ୱୀଧରାଚାର୍ଯ୍ୟ............ { ୮ । ସରସ୍ୱତୀ
(ଶୃଙ୍ଗେରୀ ମଠ, ରାମେଶ୍ୱର) { ୯ । ଭାରତୀ
{ ୧୦ । ପୁରୀ

୧ । ତୀର୍ଥ ଉପାଧିଧାରୀ ସନ୍ନ୍ୟାସୀ—
ତ୍ରିବେଣୀ ସଙ୍ଗମେ ତୀର୍ଥେ ତତ୍ତ୍ୱମସ୍ୟାଦି ଲକ୍ଷଣେ
ସ୍ନାୟାତ୍ ତତ୍ତ୍ୱାର୍ଥ ଭାବେନ ତୀର୍ଥନାମା ସ ଉଚ୍ୟତେ ।
୨ । ଆଶ୍ରମ ଉପାଧିଧାରୀ ସନ୍ନ୍ୟାସୀ—
ଆଶ୍ରମଗ୍ରହଣେ ପ୍ରୌଢ଼ ଆଶା ପାଶ ବିବର୍ଜିତଃ
ଯାତାୟାତବିନିର୍ମୁକ୍ତ ଏଷ ଆଶ୍ରମ ଉଚ୍ୟତେ ।
୩ । ବନ ଉପାଧିଧାରୀ ସନ୍ନ୍ୟାସୀ—
ସୁରମ୍ୟେ ନିର୍ଝର ସ୍ଥାନେ ବନେ ବାସଂ କରୋତି ଯଃ
ଆଶାବନ୍ଧ ବିନିର୍ମୁକ୍ତୋ ବନ ନାମା ସ ଉଚ୍ୟତେ ।
୪ । ଅରଣ୍ୟ ଉପାଧିଧାରୀ ସନ୍ନ୍ୟାସୀ—
ଅରଣ୍ୟେ ସଂସ୍ଥିତୋ ନିତ୍ୟଂ ଆନନ୍ଦେ ନନ୍ଦନେ ବନେ
ତ୍ୟକ୍ତ୍ୱା ସର୍ବମିଦଂ ବିଶ୍ୱମରଣ୍ୟଃ ପରିକୀର୍ତ୍ତ୍ୟତେ ।
୫ । ଗିରି ଉପାଧିଧାରୀ ସନ୍ନ୍ୟାସୀ—
ବାସୋ ଗିରିବନେ ନିତ୍ୟଂ ଗୀତାଧ୍ୟୟନ ତତ୍ପରଃ
ଗମ୍ଭୀରାଚଳବୁଦ୍ଧିଶ୍ଚ ଗିରିନାମା ସ ଉଚ୍ୟତେ ।
୬ । ପର୍ବତ ଉପାଧିଧାରୀ ସନ୍ନ୍ୟାସୀ—
ବସନ୍ ପର୍ବତମୂଲେଷୁ ପ୍ରୌଢ଼ିଂ ଜ୍ଞାନଂ ବିଭର୍ତ୍ତି ଯଃ
ସାରାସାରଂ ବିଜାନାତି ପର୍ବତଃ ପରିକୀର୍ତ୍ତ୍ୟତେ ।
୭ । ସାଗର ଉପାଧିଧାରୀ ସନ୍ନ୍ୟାସୀ—
ତତ୍ତ୍ୱସାଗର ଗମ୍ଭୀରେ ଜ୍ଞାନରତ୍ନ ପରିଗ୍ରହଃ
ମର୍ଯ୍ୟାଦାଃ ନୈବ ଲଙ୍ଘେତ ସାଗରଃ ପରିକୀର୍ତ୍ତ୍ୟତେ ।
୮ । ସରସ୍ୱତୀ ଉପାଧିଧାରୀ ସନ୍ନ୍ୟାସୀ—
ସ୍ୱରଜ୍ଞାନରତୋ ନିତ୍ୟଂ ସ୍ୱରବାଦୀ କବୀଶ୍ୱରଃ
ସଂସାର ସାଗରାସାର ହନ୍ତାସୌ ହି ସରସ୍ୱତୀ ।
୯ । ଭାରତୀ ଉପାଧିଧାରୀ ସନ୍ନ୍ୟାସୀ—
ବିଦ୍ୟାଭାରେଣ ସଂପୂର୍ଣ୍ଣଃ ସର୍ବଭାରଂ ପରିତ୍ୟଜନ୍
ଦୁଃଖଭାରଂ ନ ଜାନାତି ଭାରତୀ ପରିକୀର୍ତ୍ତ୍ୟତେ ।
୧୦ । ପୁରୀ ଉପାଧିଧାରୀ ସନ୍ନ୍ୟାସୀ—
ଜ୍ଞାନତତ୍ତ୍ୱେନ ସମ୍ପୂର୍ଣ୍ଣଃ ପୂର୍ଣ୍ଣତତ୍ତ୍ୱ ପଦେ ସ୍ଥିତଃ
ପରଂବ୍ରହ୍ମରତୋ ନିତ୍ୟଂ ପୁରୀ ନାମା ସ ଉଚ୍ୟତେ ।
ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ. ଙ୍କ ଉଦ୍ଧୃତ ।]
୪ । ବୌଦ୍ଧ ଭିକ୍ଷୁ—4. A Buddhist recluse.
୫ । ବାରାଣସୀ ନିବାସୀ ଏକଜାତୀୟ ଗୃହସ୍ଥ—5. A class of householders in Benares.
ଦେ. ବି.ପୁଂ—ଲୋକଙ୍କୁ ପ୍ରଦତ୍ତ ନାମ—A name given to males.

ସନ୍ମତ—ଗ୍ରା. ବି (ସଂ. ସମ୍ମତି)—୧ । ସମ୍ମତି; ସ୍ୱୀକାର—1. Agreement. (ଉ—ତୋ ବନ୍ଧୁ ଶୁଦ୍ଧ ନୋହୁଁ ଭଲ, ମୋର ସନ୍ମତ ହେଉ ଅଛି । ଯଶୋବନ୍ତ, ପ୍ରେମଭକ୍ତିଗୀତା ।) ୨ । ମତ; ଅଙ୍ଗୀକାର—2. Consent.
Sanmata
सम्मत सम्मत
ଗ୍ରା. ବିଣ. ସମ୍ମତ—Agreed

ସନ୍ମତି—ସଂ. ବି (କର୍ମଧା)— ଉତ୍ତମ ବୁଦ୍ଧି—Good intelligence.
Sanmati ଗ୍ରା.ବି ଓ ବିଣ—ସନ୍ମତ (ଦେଖ)—Sanmata (See)

ସନ୍ମତେ—ଗ୍ରା. କ୍ରି. ବିଣ.—ସମ୍ମତିକ୍ରମେ—With consent. (ଉ—ପୁରଜନମାନଙ୍କ ଉକତେ, ସାଧୁମାନଙ୍କର ସନ୍ମତେ । ପ୍ରାଚୀ. ପୂର୍ଣ୍ଣିମଚନ୍ଦ୍ରୋଦୟ) ।
Sanmate
सम्मते सम्मतिमे

ସନ୍ମାନ—ଗ୍ରା. ବି. (ସଂ ସମ୍ମାନ)—ସମ୍ମାନ (ଦେଖ)—Sammāna, Sanmāna (See). [ଦ୍ର—ଋଗ୍ବେଦର ପ୍ରାତିଶାଖ୍ୟରେ ସମ୍ମାନ ଅର୍ଥରେ ସନ୍ମାନ ଶବ୍ଦର ପ୍ରୟୋଗ ଅଛି ।] ସ. ବି—୧ । (ଷଷ୍ଠୀତତ୍) ସଦ୍ବ୍ୟକ୍ତିଙ୍କ ପ୍ରଦର୍ଶିତ ମର୍ଯ୍ୟାଦା—1. Esteem or regard of the good. ୨ । (ସପ୍ତମୀତତ୍) ସଦ୍ବ୍ୟକ୍ତିଙ୍କୁ ପ୍ରଦର୍ଶିତ ସମ୍ମାନ—2. Respect or honour shown to the good people.
सन्मान सनमान

ସନ୍ମାର୍ଗ—ସ. ବି (ସତ୍=ଉତ୍ତମ+ମାର୍ଗ=ପନ୍ଥା; କର୍ମଧା)—୧ । (ଲକ୍ଷଣାର୍ଥ) ସତ୍ପନ୍ଥା; ସଦାଚାର—1. Good conduct. ୨ । ସଦୁପାୟ—2. Honest means. ୩ । ସାଧୁମାନଙ୍କର ଅବଲମ୍ବିତ ପନ୍ଥା—3. The ways of the virtuous.
Sanmārga

ସନ୍ମିତ୍ର—ସ. ବି (କର୍ମଧା; ସତ୍=ଉତ୍ତମ+ମିତ୍ର)—୧ । ଉତ୍ତମ ବନ୍ଧୁ—1. A good friend. ୨ । ପ୍ରକୃତ ଉପକାରୀ ବନ୍ଧୁ—2. A real friend.
Sanmitra

ସନ୍ମିଳନ—ଗ୍ରା. ବି (ସ, ସମ୍ମିଳନ)—ସମ୍ମିଳନ (ଦେଖ) Sammiḷana. (See)
Sanmiḷana
सन्मिलन सनमीलन
ସ. ବି. (ଷଷ୍ଠୀ ତତ୍) ସାଧୁମାନଙ୍କ ମିଳନ—A meeting of good people.

ସନ୍ମିଳନୀ—ଗ୍ରା. ବି (ସଂ. ସମ୍ମିଳନୀ)—ସମ୍ମିଳନୀ (ଦେଖ) Sammiḷanī. (See)
Sanmiḷanī
सन्मिलनी सनमीलिनी

ସନ୍ମୁଖ—ଗ୍ରା. ବି (ସଂ. ସମ୍ମୁଖ)—ସମ୍ମୁଖ (ଦେଖ) Sammukha. (See)
Sanmukha
सन्मुख सनमुख
ଗ୍ରା. ବିଣ. ସାମନାରେ ଥିବା—Frontal.

ସପ୍ (ଧାତୁ)—ସଂ.—୧ । ଏକତ୍ର ହେବା—1. To be gathered or collected together. ୨ । ସମ୍ୟକ୍ ଅବରୋଧ କରିବା—2. To beseige.
Sap (root)

ସପ୍(ପ)—ବୈଦେ. ବି (ଅ. ସଫ୍; ପ. ଶଫ୍=ତୃଣ ବିଶେଷ)—ଶପ (ଦେଖ)—Sapa. (See)
Sap(pa)
सप सफ

ସପ୍(ପ)ଟା(ଟେ)ଇ ଧରିବା—ଦେ· କ୍ରି—ଜାବୁଡ଼ି କରି ଧରିବା—To hold tightly.
Sap-(pa)ṭā(ṭe)i dharibā
साप टेंधरा चिकेटना

ସପ୍(ପ)ଟା(ଟେ)ଇବା—ଦେ, କ୍ରି (ସଂ. ସର୍ପ ବା ସଂ. ସମ୍+ପୁଟ୍ ଧାତୁ)—୧ । କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥ ସଙ୍ଗେ ସଂଶ୍ଲେଷିତ କରିବା; ଲଗାଇବା; ଜଡ଼ିତ କରାଇବା—1. To cause any thing to adhere to another thing. ୨ । ଜାବୁଡ଼ି କରି ଧରିବା—2. To hold tightly. ୩ । ଗୁଡ଼େଇ ହେବା—3. To entwine.
Sap-(pa)ṭā(ṭe)ibā
सापटाना मिलाना
सापटिये धरा चिमटना
सापटाना लिपटना

ସପ୍(ପ)ଟା ସପ୍(ପ)ଟି କରିବା—ଗ୍ରାଦେ. (ସାକଗୁର) କି—ସାଲୁସ
Sap-(pa)ṭā sap-(pa)ṭi karibā ସାଲୁସ କରିବା; କହୁସ-ବହଲ କରିବା; ପଟାପଟି କରି ପ୍ରବର୍ତ୍ତାଇବା—To pursuade by coaxing; to cajole.

ସପ୍(ପ)ଟିବା—ଦେ. କି. (ସଂ. ସମ+ପୃଷ ଧାତୁ ଜମା ସର୍ଷ+ପୃଷ; Sap-(pa)ṭibā ସାପ ଗଛ ଅବର ଦେହରେ ଲଗି କରି ସୁଡ଼େଇ [ସପ୍(ପ)ଟିଯିବା—ଅନ୍ୟରୂପ] ତୋଉଥିବା ପରି) ୧। କୌଣସି ବସ୍ତୁର ସାପ୍‌ଟা ଦେହରେ ଲଗିକରି ଜଡ଼ିଯିବା—1. To closely ଜড়ানো adhere or cling to a thing. ୨। ସଙ୍କୁଚିତ ହେବା ଗুটিয়েযাওয়া —2. To shrink. [ଦ୍ର—ଗର୍ଜିତ ଦେହରେ ସঙ্কুচনা ହାତ ବଳାଇଲେ ତା ମୁଣ୍ଡ ସପଟ ଯାଏ ।] ୩। (ଶିକାର ଗুটিয়ে সুটিয়ে যাওয়া କରିବାକୁ ଯିବା ବେଳେ ଶିକାରୀସଣ୍ଡ) সুকুচনা ଲେଖ୍ଟେଇ ପଡ଼ିବା—3. To cringe; to crouch.

ସପକ୍ଷ—ସଂ. ବଣ. (ସ=ସମାନ+ପକ୍ଷ=ଦଳ ଯାହାର; ବହୁବ୍ରୀହି) Sapaksha ୧। ଏକ ପକ୍ଷାବଲମ୍ବୀ—1. Belonging to (ବିପକ୍ଷ—ବିପରୀତ) the same side or party; (ସପକ୍ଷକ—ଅନ୍ୟରୂପ) partisan. ୨। ସାହାଯ୍ୟକାରୀ—2. Helping; assisting. ୩। ଅନୁକୂଳ—3. Favourable. ୪। ତୁଲ୍ୟ—4. Similar; equal. ୫। (ସହାର୍ଥ ବହୁବ୍ରୀହି) ପକ୍ଷ ବା ଡେଣାଯୁକ୍ତ 5. Winged.

ସପକ୍ଷତା(ତ୍ୱ)—ସଂ.ବି. (ସପକ୍ଷ+ଭାବେ.ତା,ତ୍ୱ)—୧। ସହାୟତା; ସାହାଯ୍ୟ Sapakshatā(twa) —1. Help; assistance. ୨। ଏକ (ବିପକ୍ଷତା—ବିପରୀତ) ପକ୍ଷାବଲମ୍ବନ—2. Act of joining the same party; partisanship. ୩। ପକ୍ଷ ବା ଡେଣାଯୁକ୍ତ ଅବସ୍ଥା—3. The state of being winged. ୪। ଅନୁଗ୍ରହ; ଅନୁକୂଳ୍ୟ—4. Favour.

ସପଠ—ଦେ.ବଣ.—ପାଠୁଆ;ବିଦ୍ୱାନ୍—Learned; wise. [ଦ୍ର— Sapaṭha କୌଣ ପଢ଼ିଅଛ କି ଭୂଜନ ପାଠ, ଅତେ ଋଷି ତୁମ୍ଭେ বিদ্বান্, বা পড়াশুনা (লোক) ତ ଦେଉତେକ ସପଠ । —କୃଷ୍ଣସିଂହ পড়ুয়া ମହାଭାରତ ବନ]

ସପତ—ଗ୍ରା. ବ ଓ ବଣ (ତଦ୍‌.)— (ସ ସପ୍ତ) ସପ୍ତ; ସାତ—Seven Sapata in number. [ଦ୍ର—ଜନ୍ମ କଣ୍ଠେ ଥୋଇଛ ସପତ সাত ଅବଧ ସ୍ୱର । — ଶିଶୁଦେବର ଜଗାଭଲାପ] ବି. (ସଂ ଶପଥ) সাত ଶପଥ—Oath. [ଦ୍ର—ସପତଟି ମୋ'ରବେ, ସତ୍ୟ ଏହୁ দিব্যি ଥରରେ । —ଭକ୍ତମୂର୍ଣ୍ଣ ଦୋଷୋସ୍ତ ଜନ୍ମ.ସ ଗୀତ] সপথ

ସପତ କରିବା—ଦେ. କି—ଶପଥ କରିବା—
Sapata karibā To take oath.
দিব্যিকরা সপথ করনা

ସପତ ଜନମ—ଗ୍ରା. ବି.—ସପ୍ତ ଜନ୍ମ (ଦେଖ)
Sapata janama Sapta janma (See)
(ସପତ ଜନ୍ମ—ଅନ୍ୟରୂପ)
সপ্তজন্ম সাতজনম

ସପତଣୀ—ଦେ. ବି. ସ୍ତ୍ରୀ (ତଦ୍‌) (ସଂ-ସପତ୍ନୀ)—A co-wife; one Sapatani of the wives of the same husband. सतौन [ଦ୍ର—ସପତଣୀ ହଂସା ମୋଠାରୁ ଦୂରକର, ଛାଡ଼ ମୋ सौतिन ପତକି ବସ୍ତୁ କୋଳେ ଧର । —କୃଷ୍ଣସିଂହ ମହାଭାରତ ଶଲ୍ୟ]

ସପତ ପାତାଳ—ଗ୍ରା; ବ. (ତଦ୍‌)—ସପ୍ତ ପାତାଳ (ଦେଖ)
Sapata pātāla Sapta pātāla (see)
সপ্ত পাতাল सातपाताल

ସପତ ପୁରୁଷ—ଗ୍ରା. ବି. (ସଂ. ସପ୍ତ+ପୁରୁଷ)—ସପ୍ତପୁରୁଷ (ଦେଖ)
Sapata purusha Sapta purusha (see)
সাতপুরুষ सातपुरुष

ସପତ ଫେଣା(ଣି)—ଦେ. ବ. (ସଂ. ସପ୍ତ+ଫଣା, ଫଣୀ)—ସପ୍ତଫେଣି Sapata phenā (ṇi) ଗଛ—Cactus; Opuntia Dil- [ସପତ ଫେଣିଆ (ଅ) ଅନ୍ୟରୂପ] leni. [ଦ୍ର—ଏହା ଏକ ফেণিমনসা ফণামনসা ପ୍ରକାର ନାଗଫେଣିଆ ଗଛ । ନାଗଫେଣିଅର सपत फेनी ଶାଖା ଅଂଶଯୁକ୍ତ; କିନ୍ତୁ ସପତଫେଣିଅର ଶାଖା ଚେପ୍ଟା ।] ଦେ. ବଣ.—(ସଂ. ସପ୍ତଫଣୀ) ସପ୍ତଫେଣୀ; ସପ୍ତଫଣାଯୁକ୍ତ (ସର୍ପ)—Seven hooded (serpent).

ସପତ ଭୁବନ—ଗ୍ରା. ବ (ତଦ୍‌) —ସପ୍ତ ଭୁବନ (ଦେଖ)
Sapata bhubana Sapta bhubana (See)
সপ্ত ভুবন [ଦ୍ର—ଏହିପରି ପଡ଼ସିକ, ସପତ ସାଗର, ସପତ सात भुवन ଜନମ, ସପତ ଦ୍ୱୀପ ଅଦ ଶବ୍ଦ ବ୍ୟବହୃତ ହୁଏ ।]

ସପତମ—ଗ୍ରା. ବଣ (ତଦ୍‌) (ସଂ. ସପ୍ତମ)—ସପ୍ତମ (ଦେଖ)
Sapatama Saptama (See)
[ଦ୍ର—ସପତମ ଦନ ହୋଇଲ ପରବେଶ । କୃଷ୍ଣସିଂହ. ମହାଭାରତ. ଅଦ ।]

ସପତମ ଶୀତଳ—ଦେ. ବ—ମୃତାହର ସପ୍ତମ ଦନ ସ୍ୱଜନକୁଟୁମ୍ବଅଦଙ୍କୁ Sapatama śitaḷa ଦଆଯିବା ଜଳଖିଆ ଭୋଜନ—Light refreshment served to relatives and kinsmen on the 7th day of the funerals.

ସପତମୀ—ଗ୍ରା. ବଣ (ସଂ. ସପ୍ତମୀ)—ସପ୍ତମୀ (ଦେଖ)
Sapatam Saptamī (See)

ସପତ ସୁ(ସ୍ୱ)ରୀ(ରା)—ଦେ. ବଣ (ସଂ. ସପ୍ତସ୍ୱର)—ସପ୍ତସ୍ୱରା; ସପ୍ତସ୍ୱର Sapata su(swa)ri(rā) ଯୁକ୍ତ (ବାଦ୍ୟ)—(musical সপ্তস্বরা, instrument) Having seven tunes. सातसुरी ଦେ. ବ—ସପ୍ତସ୍ୱର ଯୁକ୍ତ ବାଜା—A musical instrument with seven tunes.

ସପତା (ଇତ୍ୟାଦ)—ଗ୍ରା. ବ (ସଂ. ସପ୍ତାହ)—ସପ୍ତା ଇତ୍ୟାଦ (ଦେଖ)
Sapatā (etc) Saptā etc (See)

ସପତ୍ନ—ସଂ. ବି. ପୁଂ (ସପତ୍ନୀ+ତୁଲ୍ୟାର୍ଥେ. ଅ; ଅଥବା ସ=ସହ+ପତ Sapatna ଧାତୁ=ପତ୍ର କରିବା+କର୍ତ୍ତ୍ତୃ. ନ; ଯାହା ବରୁଦ୍ଧରେ (ସପତ୍ନ—ଅନ୍ୟରୂପ) ଆପଣାର ଦଳ ସହ ଯତ୍ନ କରାଯାଏ)—ଶତ୍ରୁ; ରିପୁ; ବୈରୀ—An enemy; adversary; antagonist. ସଂ. ବଣ—ଶତ୍ରୁଭାବାପନ୍ନ—Inimical; antagonistic.

ସପତ୍ନଘ୍ନ—ସଂ. ବ ଓ ବଣ—ଶତ୍ରୁ ହନ୍ତୃକାରୀ—
Sapatnaghna Vanquisher of one's foes.
(ସପତ୍ନଜିତ୍, ସପତ୍ନ ଦୂଷଣ—ଅନ୍ୟରୂପ)

ସପତ୍ନାରି—ସଂ. ବ (ସପତ୍ନ+ଅରି)—ଏକ ପ୍ରକାର କାନ୍ଥିଆ; ଦଳୀ
Sapatnāri ବାଉଁଶ; ବେଉ ବାଉଁଶ—A species of
(ସତ୍ୱୋରି—ଅନ୍ୟରୂପ) thorny bamboo; Bambosa
বেউড় বাংশ Arundanacia

ସପତ୍ନୀ—ବେ. ବ. ସ୍ତ୍ରୀ (ସ=ସମାନ+ପତି=ସ୍ୱାମୀ ଯାହାର; ବହୁବ୍ରୀହି)
Sapatnī —ସମାନପତିକା ସ୍ତ୍ରୀ; ସଉତୁଣୀ—Co-wife;
(ସପତ୍ନୀ—ଅନ୍ୟରୂପ) one married to a man who has got another wife.

ସପତ୍ନୀକ—ସ. ବଣ. ପୁଂ (ସପତ୍ନୀ+କ)—୧। ଯାହାର ଏକାଧିକ
Sapatnika ବିବାହିତା ସ୍ତ୍ରୀ ଥାଆନ୍ତି—1. A person hav-
(ସପତ୍ନୀକ—ଅନ୍ୟରୂପ) ing more than one wife.
(ସପତ୍ନୀକ—ବିପରୀତ) ୨। (ସହାର୍ଥ ବହୁବ୍ରୀହି; ସ+ପତ୍ନୀ+କ)
ଯାହାର ସ୍ତ୍ରୀ ବଞ୍ଚିଥାଏ—2. A person having his wife living. ୩। ସସ୍ତ୍ରୀକ; ସ୍ତ୍ରୀକ ସମଭିବ୍ୟାହାରୀ—
3. Accompanied with one's wife.

ସପତ୍ନୀ ପୁତ୍ର—ସଂ. ବ. ପୁଂ (ଷଷ୍ଠୀ ତତ୍.)—ସଉତୁଣୀର ପୁଅ; ସପତ୍ନୀର
Sapatnī putra ପୁତ୍ର; ସାବତ ପୁଅ—The son of one's
(ସପତ୍ନୀ ତନୟ, ସପତ୍ନୀ ସୁତ—ଅନ୍ୟରୂପ) co-wife; stepson.

ସପତ୍ନୀ ପୁତ୍ରୀ—ସଂ. ବ. ସ୍ତ୍ରୀ—ସାବତ ଝିଅ; ସଉତୁଣୀର ଝିଅ—
Sapatnī putrī One's co-wife's daughter;
(ସପତ୍ନୀ ତନୟା—ଅନ୍ୟରୂପ) step-daughter.

ସପତ୍ର—ସଂ. ବଣ (ସ=ସହିତ+ପତ୍ର; ସହାର୍ଥ ବହୁବ୍ରୀହି)—
Sapatra ୧। ପତ୍ରଯୁକ୍ତ—1. Leaved; leafy; hav-
(ସପତ୍ରକ—ଅନ୍ୟରୂପ) ing leaves. ୨। ପକ୍ଷଯୁକ୍ତ—
2. Winged. ସଂ. ବ—ଶର; ବାଣ (ଶବ୍ଦକୋଷ)—
Arrow; dart.

ସପତ୍ର(ତ୍ରା)କୃତ—ସଂ. ବଣ (ସ=ସହିତ+ପତ୍ର=ବାଣର ପକ୍ଷ+କୃ
Sapatra(trā)kṛuta ଧାତୁ+କର୍ମ. କ୍ତ; ପକ୍ଷେ ଅ ଅଗମ)—
[ସପତ୍ର(ତ୍ରା)କୃତ—ବ] ୧। ବାଣବିଦ୍ଧ; ଶରବିଦ୍ଧ (ମୃଗାଦି)—
1. (animal) Pierced with arrow or dart.
୨। ଅତ୍ୟନ୍ତ କ୍ଳିଷ୍ଟ—2. Much oppressed; tortured; troubled; tormented.

ସପତ୍ରାକରଣ—ସଂ. ବ (ସ+ପତ୍ର=ବାଣର ପକ୍ଷ+କୃ ଧାତୁ+ଭାବ-
Sapatrākaraṇa ଅନ)—୧। ବାଣ ବା ଶର ଦ୍ୱାରା ବେଧନ—
(ସପତ୍ରାକୃତ—ଅନ୍ୟରୂପ) 1. Piercing with an arrow.
୨। ଅତ୍ୟନ୍ତ ପୀଡ଼ନ; କ୍ଳିଷ୍ଟକରଣ—2. Oppression; torturing; harassing; tormenting.

ସପଦି—ସଂ. ଅ (ସ=ସହ+ପଦ ଧାତୁ=ଗମନ କରିବା+କର୍ତ୍ତୃ. ଇ)—
Sapadi ୧। ତତ୍କ୍ଷଣାତ୍; ସଙ୍ଗେ ସଙ୍ଗେ; ଏକାବେଳକେ—
1. Immediately; instantly; at once; simultaneously. ୨। ଦ୍ରୁତ; ଶୀଘ୍ର—
2. Speedily; hastily.

ସପଦ୍ମ—ସଂ. ବ (ସହାର୍ଥ ବହୁବ୍ରୀହି)—ପଦ୍ମ ବିଶିଷ୍ଟ—
Sapadma Full of lotus flowers.

ସପନ (ଇତ୍ୟାଦି)—ଗ୍ରା. ବ (ସଂ. ସ୍ୱପ୍ନ)—୧। ସ୍ୱପ୍ନ ଇତ୍ୟାଦି (ଦେଖ)
Sapana (etc) 1. Swapna etc. (See)
सपन ୨। (ପୁଂ) ସ୍ୱପ୍ନେଶ୍ୱର ଡାକ ନାମ—2. (masculine)
सपन Name for calling Swapnaswara.
[ସପନା(କ), ସପନ(ନେ)ଶ(ଶ୍ୱ)ର—୨ୟ ଅର୍ଥରେ ଅନ୍ୟରୂପ]

ସପନ କଥା—ଗ୍ରା. ବ—୧। ସ୍ୱପ୍ନରେ ଦେଖାଯିବା ବିଷୟ; ସ୍ୱପ୍ନଦୃଷ୍ଟ
Sapana kathā ବିଷୟ—1. A thing seen in dream.
सपन कथा [ଉ—ସପନ କଥା କି ସତ, ମଣିବାର ଉଚିତ—
सपनेकि बात ସଙ୍ଗୀତ।] ୨। କାଳ୍ପନିକ ବା ଅବାସ୍ତବ ବିଷୟ—
2. Imaginary thing. ୩। ଆଶ୍ଚର୍ଯ୍ୟଜନକ ବିଷୟ
—3. Wonderful matter. ୪। ଯେଉଁ କଥାର ସତ୍ତା ନାହିଁ—4. Nonexistent thing.

ସପନ ଦୋଷ—ଗ୍ରା. ବ (ସଂ. ସ୍ୱପ୍ନଦୋଷ)—ସ୍ୱପ୍ନଦୋଷ (ଦେଖ)
Sapana dosha Swapna dosha (See)

ସପନା—ଦେ. ବ—୧। ସ୍ୱପ୍ନେଶ୍ୱର ନାମର ବ୍ୟଙ୍ଗର ଅନାଦରାର୍ଥକ
Sapanā ଡାକ ନାମ—1. A name for calling Swapneswara in contempt. ୨। ସପନାଇବା; ସ୍ୱପ୍ନରେ ଦେଖା ଦେବା—2. Appearing in dream.

ସପନା(ନେ)ଇବା—ଗ୍ରା. କ୍ରି. (ସଂ. ସ୍ୱପ୍ନ)—ସ୍ୱପ୍ନାଇବା (ଦେଖ)—
Sapanā(ne)ibā Swapnāibā (See)

ସପନାବତୀ—ଗ୍ରା. ବ.—ସ୍ୱପ୍ନ ସ୍ୱରୂପିଣୀ ଦେବୀ—The Goddess
Sapanābatī of dream; dream personified.
স্বপ্নদেবী स्वपनदेवी [ଉ—ଅଗୋ ଲୋ ସପନାବତୀ ! ସପନ
ଘାଟକୁ ପାଞ୍ଚ, ବଣ୍ଟାଇ ଲୋ ନେବୁ ଘାଞ୍ଚ, ଜନମାନଙ୍କୁ ।
(ସ୍ୱପ୍ନବତୀ—ଅନ୍ୟରୂପ) —ପ୍ରାଚୀ. ଉତ୍କଳ ମଞ୍ଜରୀ]

ସପ ମଶିଣା—ଦେ. ବ—ସପ ଘାସ; ଏକ ପ୍ରକାର ମସୃଣ ତୃଣଦ୍ୱାରା
Sapa masiṇā ବୁଣା ଯାଉଥିବା ମଶିଣା—A mat
सप, सप मंदूर सरकंडाई made of a kind of
[ସପମଶୁଣି, ସପଟେଠା(ଟେ)ର—ଅନ୍ୟରୂପ] slender reed. [ଦ୍ର—
ମେଦିନୀପୁର, କାନ୍ଥି ଓ ବାଲେଶ୍ୱରର ଉତ୍ତରାଞ୍ଚଳରେ
ମିଳିବା ଏକ ପ୍ରକାର ଜଳଜ ତୃଣର ଡଣ୍ଡାରୁ ସପ ମଶିଣା
ବୁଣା ହୁଏ। ଏହାର କାଠି ସରୁ ସରୁ କାଟି ସରୁ ଦଉଡ଼ି
ବା ଖୋଟନ ସରୁ ଦଉଡ଼ି ଦ୍ୱାରା ବୁଣାଯାଏ । ବୁଣିବାର
ଦଉଡ଼ି ଗୋଟିଏ ହୋଇ ଟଣା ଯାଉଥିଲେ ତାକୁ ସପ-
ମଶିଣାକୁ ଏକଡାର, ଯୋଡ଼ ହୋଇ ବଳା ଯାଉଥିଲେ
ଦୋଡାର ଓ ପୁଞ୍ଜା ପୁଞ୍ଜା ହୋଇ ବଳା ଯାଉଥିଲେ ତାକୁ
ଚଉଡାର ସପ ମଶିଣା ବୋଲଯାଏ ।]

ସପର(ଧାତୁ)—ସ.—ପୂଜା କରିବା—
Sapara(root) To worship; to adore.

ସପର ସଲେଇ ହେବା—ଦେ: କ୍ରି.—ଉପରେ ପଡ଼ି ଉପଦେଶ ଦେବା-
Sapara salei hebā To give advice gratis.
উপরে পড়ে উপদেশ দেওয়া बिना पूछे उपदेश देना

ସପରିତୋଷ—ସଂ. ବଣ. '(ବହ୍ୱାର୍ଥ ବହୁବ୍ରୀହି; ସ+ପରିତୋଷ)—
Saparitosha ପରିତୋଷ ସହିତ ବର୍ତ୍ତମାନ—With contentment or satisfaction; satisfied.

ସପରିବାର—ସଂ. ବଣ. (ସ=ସହିତ+ପରିବାର; ବହ୍ୱାର୍ଥ ବହୁବ୍ରୀହି)
Saparibāra ୧ । ପରିଜନ ବର୍ଗ ସମନ୍ୱିତ—1. Having a family. ୨ । ସ୍ତ୍ରୀ ପୁତ୍ରାଦି ପରିବାର ସହିତ ବର୍ତ୍ତମାନ—2. Being accompanied with one's family members. ସଂ. କ୍ରି. ବଣ.—ଆପଣାର ସ୍ତ୍ରୀ ପୁତ୍ରାଦି ପରିବାର ସହିତ (କୌଣସି କାର୍ଯ୍ୟ କରିବା)—Along with or accompanied by the members of one's family.
[ସପରିବାରେ, ସପରିବାରରେ—ଅନ୍ୟ କ୍ରି. ବଣ. ରୂପ]

ସପରିବାର ବିଦେଶ ବାସ—ସଂ. ବି—ଆପଣାର ସ୍ତ୍ରୀ ପୁତ୍ରାଦିଙ୍କ ସଙ୍ଗେ
Saparibāra bidesa bāsa ଯେଉଁ ବିଦେଶରେ ବାସ କରିବା—Living abroad with one's family. [ଦ୍ର—ପୂର୍ବେ ଓଡ଼ିଆମାନଙ୍କ ସମାଜରେ ସପରିବାର ବିଦେଶ ବାସ ନ ଥିବା ବୋଲି କହୁଲେ ଚଳେ; ଏପରି କି, ସପରିବାର ବିଦେଶକୁ ଯିବା ବ୍ୟକ୍ତି ସମାଜଚ୍ୟୁତ ହେଉଥିଲେ ଓ ବହୁତ ଫଳରେ ସମାଜଶାସନ ଯୋଗୁଁ ବାଧ୍ୟ ହୋଇ ବିଦେଶରେ ଏକାକୀ ରହିବା ବ୍ୟକ୍ତିମାନେ ଅବୈଧ ପରିବାରଙ୍କ ସୃଷ୍ଟି ଓ ସୁତପାତ କରୁଥିଲେ । ବର୍ତ୍ତମାନ ମଧ୍ୟ ନିମ୍ନଶ୍ରେଣୀସ୍ଥ ଅଶିକ୍ଷିତ ବ୍ୟକ୍ତିମାନଙ୍କ ସମାଜରେ ସପରିବାର ବିଦେଶବାସ ଚଳ ନାହିଁ; କିନ୍ତୁ ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ଓଡ଼ିଆମାନେ ସପରିବାର କର୍ମକ୍ଷେତ୍ରରେ ବାସ କରିବାକୁ ବେଶ୍ ଆରମ୍ଭ କରିଅଛନ୍ତି ।]

ସପରିଷତ୍କ—ସଂ. ବଣ ଓ କ୍ରି. ବଣ (ବହ୍ୱାର୍ଥ ବହୁବ୍ରୀହି; ସ+
Saparishat-ka ପରିଷଦ୍+କ)—ସଦଳ—Accompanied by one's party

ସପର୍ଯ୍ୟା—ସଂ. ବି—(ସପର ଧାତୁ=ପୂଜା କରିବା+ଯ୍ୟ, ଯ+ଅ+
Saparjyā ଆ)—ପୂଜା (ଅମର)—Worship.

ସପ(ପା)ସପ୍(ପ)—ଦେ· ଅ· (ଧ୍ୱନ୍ୟନୁକରଣ)—୧ । ଜୋତା
Sapa(pā)sap(pa) ମାଡ଼ି ଚାଲିଲେ ଶୁଭିବାର ଶବ୍ଦ—
सप सप, सपासप् फटफट 1. Sound of brisk walking with shoes on. ୨ । ଉପର୍ଯ୍ୟୁପରି ଦେହରେ ବେତ୍ରାଘାତର ଶବ୍ଦ—2. Sound of repeated canings inflicted on a person.
सपासप् सरसर ୩ । ଖିରରେ ଡାଲି ଗୋଳାଇ ଶୀଘ୍ରଶୀଘ୍ର ମୁଣ୍ଡାମୁଣ୍ଡା ଖାଇବାର ଶବ୍ଦ—3. The sound of briskly eating handfuls of rice mixed with dal. ୪ । ଫଟ୍‌ଫଟ୍; ଉପର୍ଯ୍ୟୁପରି ଓ ଶୀଘ୍ର ଶୀଘ୍ର—4. Repeatedly and hurriedly.

ସପାଟ୍(ମ୍)—ଦେ· କ୍ରି. ବଣ.—ହଠାତ୍; ଝଟ୍—
Sapāt(m) Swiftly; at once.
हठात् पेकापेक

ସପାଦ—ସଂ. ବଣ. (ସ=ସହିତ+ପାଦ=ଚରଣ, ଚତୁର୍ଥଭାଗ)—
Sapāda ୧ । ଚରଣଯୁକ୍ତ—1. Footed; legged. ୨ । ଚତୁର୍ଥ ଭାଗ ସହିତ—2. With one fourth. ୩ । ସଉଆ—3. One and one fourth of.

ସପାଦ ପୀଠ—ସଂ. ବି.—(ସ=ସହିତ+ପାଦ ପୀଠ)—ପାଦପୀଠଯୁକ୍ତ
Sapāda piṭha (ସିଂହାସନ)—Having a foot-stool attached to it.

ସପାଦ ଶିରଣୀ—ପ୍ରା· ଦେ. (ସାକ୍ଷୀଗୋପାଳ)ବି.—ସତ୍ୟନାରାୟଣ ପୂଜାରେ
Sapāda śiraṇi ୧୦୦ ପାଚିଲା କଦଳୀ ସଙ୍ଗେ ଏକସେର ଏକପାଅ ଘିଅ, ଏକସେର ଏକପାଅ ଦୁଧ, ଏକସେର ଏକପାଅ ଗହମଅଟା ମିଶାଇ ତିଆରି କରିଯିବା ଭୋଗ—A preparation made by mixing 1¼ seers each of ghee, sugar, milk and wheaten flour with 100 ripe plantains and offered to Satyanārāyaṇa.

ସପାଦୁକ—ସଂ. ବଣ. ପୁଂ—(ବହ୍ୱାର୍ଥ ବହୁବ୍ରୀହି; ସ+ପାଦୁକା ଦେଖ)
Sapāduka ଜୋତା ବା କଠଉ ସହିତ—With shoes & (ସପାଦୁକା—ସ୍ତ୍ରୀ) sandals on.

ସପିଣ୍ଡ—ସ. ବଣ. ପୁଂ. (ସ=ସମାନ ହୋଇଛି ପିଣ୍ଡ=ଶ୍ରାଦ୍ଧରେ
Sapinda ଦେୟ ଅନ୍ନ ଗୋଲକ ଯେଉଁମାନଙ୍କର; ବହୁବ୍ରୀହି)—
(ସପିଣ୍ଡା—ସ୍ତ୍ରୀ) ପିଣ୍ଡଦ୍ୱାରା ସଂବନ୍ଧ—Related with one another by the funeral oblations and cakes. (ସଂ. ବି.—ସନାଭି; ମନୁଷ୍ୟର ଉପର ୩ ପୁରୁଷ (ପିତା, ପିତାମହ ଓ ପ୍ରପିତାମହ ଏବଂ ଏମାନଙ୍କ ସ୍ତ୍ରୀମାନେ), ତଳ ୩ ପୁରୁଷ (ପୁତ୍ର, ନାତି ଓ ଅଣନାତି ଏବଂ ଏମାନଙ୍କ ସ୍ତ୍ରୀମାନେ) ଓ ନିଜେ, ଏପରି ୭ ପୁରୁଷ ଅନ୍ତର୍ଗତ ଜ୍ଞାତି; ପିଣ୍ଡଦ୍ୱାରା ସଂବନ୍ଧ ଏକବଂଶୀୟ ବ୍ୟକ୍ତିଗଣ—Agnates of a person within 7 generations (related with each other on account of the offering of funeral cakes) [ଦ୍ର—ଯେଉଁମାନଙ୍କୁ ମୁଁ ପିଣ୍ଡ ଦେବି (ଅର୍ଥାତ୍, ମୋ ପିତୃ ପିତାମହ ଓ ପ୍ରପିତାମହ ଏବଂ ସେମାନଙ୍କ ସ୍ତ୍ରୀମାନେ) ସେମାନେ ଓ ସେମାନଙ୍କୁ ଯେଉଁ ବଂଶଧରମାନେ (ଯଥା ମୋ ଭାଇ, ମୋ ପିତୃବ୍ୟ ଓ ପିତୃବ୍ୟଙ୍କ ପୁତ୍ରାଦି) ପିଣ୍ଡ ଦିଅନ୍ତି, ସେମାନେ ମୋର ସପିଣ୍ଡ; ଯେଉଁମାନେ ମୋତେ ପିଣ୍ଡ ଦେବେ (ଅର୍ଥାତ୍, ମୋ ପୁଅ, ନାତି ଓ ଅଣନାତି ଏବଂ ସେମାନଙ୍କ ସ୍ତ୍ରୀମାନେ), ସେମାନେ ପରସ୍ପର ସହିତ ବିବାହ ଓ ଦାୟାଦାଧିକାରରେ 'ସପିଣ୍ଡ'—ସଂପର୍କ ବୋଲି କଥିତ ହୁଅନ୍ତି; ଅର୍ଥାତ୍ ମୃତ ବ୍ୟକ୍ତିର ସପିଣ୍ଡମାନେ ପୂର୍ଣ୍ଣାଶୌଚ (ଅର୍ଥାତ୍ ୧୦ ଦିନ) ପାଳନ କରିବେ । ସପିଣ୍ଡମାନଙ୍କ ମଧ୍ୟରେ ବିବାହ ନିଷିଦ୍ଧ । ମୃତ ବ୍ୟକ୍ତିର ଜୀବିତ ଥିବା

ନିକଟତମ ସପିଣ୍ଡ ତାହାର ତ୍ୟକ୍ତ ସଂପତ୍ତିରେ ଅଧିକାରୀ ହୁଏ ।

ସ୍ୱାମୀ ଯାହାଙ୍କର 'ସପିଣ୍ଡ' ଅଟନ୍ତି, ସ୍ତ୍ରୀ ମଧ୍ୟ ତାଙ୍କର 'ସପିଣ୍ଡ' ଅଟନ୍ତି ।

ଅପଣା ବଂଶର (ଉପର ୬ ପୁରୁଷ, ସ୍ୱୟଂ ଓ ତଳ ୬ ପୁରୁଷ) ୭ମ ପୁରୁଷ ପର୍ଯ୍ୟନ୍ତ ବ୍ୟକ୍ତି 'ସପିଣ୍ଡ', ୧୪ଶ ପୁରୁଷ ପର୍ଯ୍ୟନ୍ତ 'ସମାନୋଦକ' ଓ ତହିଁରୁ ଊର୍ଦ୍ଧ୍ୱ ବା ଅଧଃ 'ସଗୋତ୍ର' ଅଟନ୍ତି ।

ସପିଣ୍ଡ ୨ ପ୍ରକାରର ; ଯଥା—ସଗୋତ୍ର ସପିଣ୍ଡ (ଅର୍ଥାତ ନିଜ ଗୋତ୍ରର ପିତୃ, ପିତାମହ, ପ୍ରପିତାମହ ଓ ପୁତ୍ର, ପୌତ୍ର ଓ ପ୍ରପୌତ୍ରାଦି) ଓ ଅସଗୋତ୍ର ସପିଣ୍ଡ (ଅର୍ଥାତ୍ ମାତାମହ, ପ୍ରମାତାମହ, ବୃଦ୍ଧ ଓ ପ୍ରମାତାମହ ଓ ଦୌହିତ୍ର, ଦୌହିତ୍ରପୁତ୍ର ଓ ଦୌହିତ୍ରପୌତ୍ରାଦି, ଯେଉଁମାନେ ମୋ ବଂଶଜ ନୁହନ୍ତି) ।

ଅଶୌଚ, ବିବାହ ଓ ଦାୟ ଭେଦରେ ସପିଣ୍ଡ ନିବଧ । ଅଶୌଚ ବିଷୟେ ଉପରତଳ ସପ୍ତମ ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ ନାମରେ ଅଭିହିତ । ତିନ ପୁରୁଷ ପର୍ଯ୍ୟନ୍ତ ପିଣ୍ଡଭୋଗୀ ଓ ତଦୂର୍ଦ୍ଧ୍ୱ ୩ ପୁରୁଷ ପିଣ୍ଡର ଲେପଭୋଗୀ; ଏହି ୬ ପୁରୁଷ ଓ ସ୍ୱୟଂ ପିଣ୍ଡଦାତା—ଏପରି ସାତପୁରୁଷ ସପିଣ୍ଡ ଅଟନ୍ତି । ଏହା ପୁରୁଷମାନଙ୍କ ବିଷୟରେ ଖଟେ । ସ୍ତ୍ରୀ ମାନଙ୍କ ପକ୍ଷରେ ବଶିଷ୍ଠ ବିଧାନ ଏହିକି, ଭର୍ତ୍ତାଙ୍କ ସପିଣ୍ଡ ଦତ୍ତା କନ୍ୟାର ସପିଣ୍ଡ ଅଟନ୍ତି । ଅଦତ୍ତା କନ୍ୟାର ପିତୃ, ପିତାମହ ଓ ପ୍ରପିତାମହ ସପିଣ୍ଡ; ତଦୂର୍ଦ୍ଧ୍ୱ ପୁରୁଷଙ୍କ ସହିତ ଅଦତ୍ତାକନ୍ୟାର ସପିଣ୍ଡତ୍ୱ ନାହିଁ । ସପିଣ୍ଡ ଜ୍ଞାତିଙ୍କ ମରଣରେ ବା ଜନ୍ମରେ ପୂର୍ଣ୍ଣ ଶୌଚ ପାଳିବାକୁ ହୁଏ । କିନ୍ତୁ କନ୍ୟାର ଜନ୍ମରେ ୩ ପୁରୁଷ ପର୍ଯ୍ୟନ୍ତ ପୂର୍ଣ୍ଣାଶୌଚ ହୁଏ; ତଦୂର୍ଦ୍ଧ୍ୱ ପୁରୁଷଙ୍କର ନବାହ ଅଶୌଚ ହୁଏ । ବିବାହ ବିଷୟରେ ପିତା ଓ ପିତାଙ୍କ ପିତୃଷୀ ପୁଅ ଭାଇଙ୍କ ଠାରୁ ସପ୍ତମ ପୁରୁଷ ପର୍ଯ୍ୟନ୍ତ ଓ ମାତାମହ ଓ ମାଉସୀ ପୁଅ ଭାଇଙ୍କ ଠାରୁ ପଞ୍ଚମ ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ ଅଟନ୍ତି । ବରର ଓ କନ୍ୟାର ପିତୃ ପକ୍ଷଠାରୁ ସପ୍ତମ ଓ ମାତୃ ପକ୍ଷଠାରୁ ପଞ୍ଚମ ପୁରୁଷ ବାଦ୍ ଦେଇ ବିବାହସ୍ଥିର କରିବା କର୍ତ୍ତବ୍ୟ । ଦାୟ ବିଷୟରେ ୩ ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ, ଅର୍ଥାତ୍ ଦାୟ ବିଷୟରେ ପିତା, ପିତାମହ ଓ ପ୍ରପିତାମହ ଓ ସେମାନଙ୍କ ପୁତ୍ର, ପୌତ୍ର, ପ୍ରପୌତ୍ର ଓ ମାତାମହ, ପ୍ରମାତାମହ ଓ ବୃଦ୍ଧପ୍ରମାତାମହ ଓ ସେମାନଙ୍କ ପୁତ୍ର, ପୌତ୍ର, ପ୍ରପୌତ୍ର ସପିଣ୍ଡ ଅଟନ୍ତି—ବିଶ୍ୱକୋଷ]

ସପିଣ୍ଡନ—ସଂ. ବି (ସ+ପିଣ୍ଡ, ଧାତୁ+ଭାବ. ଅନ)—ସପିଣ୍ଡୀକରଣ—
Sapiṇḍana The ritual of incorporating a deceased among the Sapiṇḍas of a person.

ସପିଣ୍ଡା—ସଂ. ବି ଓ ବିଣ. ସ୍ତ୍ରୀ—ସପିଣ୍ଡର ସ୍ତ୍ରୀଲିଙ୍ଗ—
Sapiṇḍā Feminine of Sapiṇḍa.

ସପିଣ୍ଡୀକରଣ—ସଂ. ବି (ସପିଣ୍ଡ+ଅଭୂତ ତଦ୍ଭାବେ ଚ୍ୱି+କୃ ଧାତୁ+
Sapiṇḍīkaraṇa ଭାବ. ଅନ)—ମୃତାହରେ ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ପ୍ରଦତ୍ତ ପିଣ୍ଡକୁ ପିତା, ପିତାମହ, ପ୍ରପିତାମହଙ୍କ ପିଣ୍ଡ ସଙ୍ଗେ ମିଶାଇବା ରୂପ କର୍ମ; ପିତୃପିଣ୍ଡ ସଙ୍ଗେ ପ୍ରେତପିଣ୍ଡର ମିଶ୍ରୀକରଣ—The ritual of admitting the deceased to the category of Sapiṇḍa and excluding the erstwhile eldest Sapiṇḍa from the category.

[ଦ୍ର—ଏହା ମୃତ୍ୟୁର ସଂବତ୍ସରାନ୍ତେ କର୍ତ୍ତବ୍ୟ । କୌଣସି ବ୍ୟକ୍ତିଙ୍କ ଜୀବିତ ଥିବା ସମୟରେ ସେ ତାହାଙ୍କ ଊର୍ଦ୍ଧ୍ୱତନ ୩ ପୁରୁଷଙ୍କୁ ଅର୍ଥାତ୍, ପିତୃ, ପିତାମହ ଓ ପ୍ରପିତାମହଙ୍କୁ ପିଣ୍ଡଦାନ କରନ୍ତି; କିନ୍ତୁ ସେ ମରିଗଲେ ତାଙ୍କ ପୁଅ ନିଜର ଉପରସ୍ଥ ତିନି ପୁରୁଷଙ୍କୁ (ଅର୍ଥାତ, ମୃତ ବ୍ୟକ୍ତି, ଏବଂ ମୃତ ବ୍ୟକ୍ତିଙ୍କ ପିତା ଓ ପିତାମହ, ଏହିପରି ୩ ପୁରୁଷଙ୍କୁ) ପିଣ୍ଡ ଦିଅନ୍ତି । ଏଥିଲାଗି ମୃତ ବ୍ୟକ୍ତିଙ୍କର ମରିବାର ଏକବର୍ଷ ପୂରିଲେ ମୃତ ବ୍ୟକ୍ତିଙ୍କ ଊପରସ୍ଥ ୩ ପୁରୁଷଙ୍କ ପାଇଁ ୩ ଗୋଟି ପିଣ୍ଡ ସ୍ଥାପିତ କରାଯାଏ ଓ ଉକ୍ତ ୩ ଗୋଟି ପିଣ୍ଡର ପାଖରେ ମୃତ ବ୍ୟକ୍ତିଙ୍କ ପ୍ରେତଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପିଣ୍ଡ ରଖାଯାଏ । ତତ୍ପରେ ଉକ୍ତ ପ୍ରେତପିଣ୍ଡକୁ ୩ ଭାଗ କରି ପୂର୍ବର ୩ ପିଣ୍ଡରେ ମିଶାଇ ଦିଆଯାଏ ଓ ମୃତ ବ୍ୟକ୍ତିଙ୍କ ପ୍ରପିତାମହ 'ସପିଣ୍ଡ' ଶ୍ରେଣୀରୁ କଟିଯାଆନ୍ତି ଓ ମୃତ ବ୍ୟକ୍ତି (ଯେ କି ଏପର୍ଯ୍ୟନ୍ତ ପ୍ରେତ ଥିଲେ) 'ସପିଣ୍ଡ' ଶ୍ରେଣୀଭୁକ୍ତ ହୁଅନ୍ତି । ଏହି କ୍ରିୟାକୁ 'ସପିଣ୍ଡୀ କରଣ' କୁହାଯାଏ । ଏହା ମୃତ୍ୟୁର ଏକ ବର୍ଷ ପୂରିଲେ କରାଯିବାର ବିଧି, କିନ୍ତୁ ସାଧାରଣତଃ ଲୋକେ ଏହାକୁ ଓ ବର୍ଷକ ମଧ୍ୟରେ କରାଯିବା ଅନ୍ୟ ଶ୍ରାଦ୍ଧମାନଙ୍କୁ ମୃତ୍ୟୁର ଦ୍ୱାଦଶଦିନ କରିନେଇ ଲୋକାଏ ଦାୟିତ୍ୱରୁ ମୁକ୍ତ ହୋଇ ଯାଆନ୍ତି । ଏପରି କରିବା ପାଇଁ ମଧ୍ୟ ଶାସ୍ତ୍ର ବଚନ ଅଛି । ସପିଣ୍ଡୀକରଣ ପରେ ମୃତ ବ୍ୟକ୍ତିଙ୍କ ଆତ୍ମା ପ୍ରେତଦେହତ୍ୟାଗକରି 'ଭୋଗ-ଦେହ' ବା ପିତୃ ଲୋକରେ ଧାରଣ କରାଯିବା ଦେହ ଲାଭ କରନ୍ତି । ସପିଣ୍ଡୀ କରଣ ପୂର୍ବରୁ ମୃତ ବ୍ୟକ୍ତି 'ଅମୋକ୍ଷ-ପ୍ରେତ' ହୋଇ ରହି ଥାଆନ୍ତି ଓ ସପିଣ୍ଡୀକରଣ ପରେ 'ପିତୃତ୍ୱ' ଲାଭ କରନ୍ତି ।]

ସପିଣ୍ଡୀକୃତ—ସଂ. ବିଣ. ପୁଂ—ଯେଉଁ ମୃତବ୍ୟକ୍ତିଙ୍କର ସପିଣ୍ଡୀକରଣରୂପ
Sapiṇḍīkṛuta କ୍ରିୟା କରା ଯାଇଅଛି—(a deceased)
(ସପିଣ୍ଡୀକୃତା—ସ୍ତ୍ରୀ) For whom the Sapiṇḍīkaraṇa rites have been performed, i. e. who has been admitted to the category of Sapiṇḍa by the Sapiṇḍīkaraṇa ritual.

ସପିନା—ବୈଦେ. ବି (ଇଂ. ସପିନା)—ବିଚାରାଳୟରେ ହାଜର ହେବା
Sapinā ପାଇଁ ପକ୍ଷ ବା ସାକ୍ଷୀଙ୍କ ପ୍ରତି କୋର୍ଟରୁ ବାହାରିବା
ସପିନା ସବିନା ସମନ୍—Subpœna; summons.

ସପିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଶପ୍, ଧାତୁ)—୧ । ସର୍ଜିବା, Sapibā ଗାଳି ଦେବା—1. To rebuke. ୨ । ଅଭିଶାପ ଦେବା—2. To curse.

ସପୀତକ—ସଂ. ବି (ସ+ପୀତ+କ) (ବୈଦ୍ୟକ)—୧ । ବବୁଲ; Sapītaka ବବୁର ଗଛ—1. Acacia Arabica (tree). ୨ । ରାଜକୋଷାତକୀ; ଜହ୍ନି (ରାଜନିର୍ଘଣ୍ଟ)—2. A kind of Luffa fruit.

ସପୀତି—ସଂ. ବି (ସ=ସହ+ପୀତି=ପାନ)—ଏକାଧିକ ବ୍ୟକ୍ତିଙ୍କର Sapīti ଏକତ୍ର (ମଦ୍ୟ ଓ ଜଳାଦି ଓ ଅନ୍ୟାନ୍ୟ ସୁରା, କାଫି) (ସହପୀତି—ଅନ୍ୟରୂପ) ପାନ କ୍ରିୟା; ସହପାନ; ବନ୍ଧୁ ଓ ଆତ୍ମୀୟଙ୍କ ସଙ୍ଗେ ବସି ଏକତ୍ର ପାନ କରିବା ରୂପ କ୍ରିୟା—The act of more than one person drinking together; drinking in company.

ସପୀତିକା—ସଂ. ବି (ବୈଦ୍ୟକ)—ହସ୍ତିଘୋଷ; ମହାକୋଶାତକୀ; Sapītikā ମଧୁର ତରଡ଼ା (ରାଜ ନିର୍ଘଣ୍ଟ)—The Luffa Aegyptica (fruit).

ସପୁତ୍ର—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ=ସହିତ+ପୁତ୍ର)—Saputra ୧ । ପୁତ୍ର ସହିତ ବିଦ୍ୟମାନ; ପୁତ୍ର ବିଶିଷ୍ଟ—(ସପୁତ୍ରକ—ଅନ୍ୟରୂପ) 1. Having a son. ୨ । ଯାହା ସଙ୍ଗେ [ସପୁତ୍ରା, ସପୁତ୍ରିକା—ସ୍ତ୍ରୀ] ପୁତ୍ର ଥାଏ—2. Attended with (ଅପୁତ୍ରକ—ବିପରୀତ) or accompanied by one's son.

ସ(ସୁ)ପୁର୍—ପ୍ରାଦେ. (ସମ୍ବଲପୁର, ପାଟଣା, ବୌଦ୍ଧ, କାମଣ୍ଡା). ବିଣ—Sa(su)pur ୧। ସରୁ; କ୍ଷୀଣ—1. Tender; fine. (ଯଥା—ସପୁର ଲୁଗା, ସପୁର୍ ଗୁହାଳ୍ ।) ୨ । ଅଣଓସାରିଆ—2. Narrow. ୩ । ଅତିକ୍ଷୁଦ୍ର—3. Tiny.

ସ(ସୁ)ପୁର୍ ଚକୁଲି—ପ୍ରାଦେ (କାମଣ୍ଡା) ବି—ସରୁ ଚକୁଳି—Sa(su)pur chakuli Thin Chakuli cake.

ସପୁରି—ବୈଦେ. ବି [ଅ. ସଫର୍=ବିଦେଶ; ସଫରୀ=ବିଦେଶାଗତ Sapuri (ଫଳ)]—ଅମ୍ଳ ମଧୁର ରସଯୁକ୍ତ ଫଳ ବିଶେଷ—আনারস **अानानस** Pineapple; Ananas Sativus. (ସମ୍ପୁରି, ସପୁରି ପଣସ —ଅନ୍ୟରୂପ) [ଦ୍ର—ଅମେରିକାର ବ୍ରାଜିଲ୍ (ସଂ. ବହୁନେତ୍ର ଫଳ; ଅନଂକାଶ) ଦେଶରୁ ଏହା ପ୍ରଥମେ ଭାରତକୁ ଅଣାଯାଇ ଓ ବର୍ତ୍ତମାନ ସର୍ବତ୍ର କୃଷିଦ୍ୱାରା ଉତ୍ପାଦିତ ହେଉଅଛି । ଆସାମର ଓ ବ୍ରହ୍ମଦେଶର ଜଙ୍ଗଲରେ ଏହା ପ୍ରଚୁର ଜନ୍ମେ । ଏହା କଅଁଳାକାର ସ୍ୱଳ୍ପ; ତାହାର ଶାଖାଗ୍ରରୁ ବହୁ ପୁଷ୍ପ ଜାତ ହୋଇ ତହିଁରେ ଏହି ଫଳ ଧରେ । ଏହା ଭାରତୀୟ ପ୍ରାଚୀନ ଗଛ ନୁହେଁ । ଏହାର ବ୍ରାଜିଲ୍ ଦେଶୀୟ ନାମ 'ନନସ୍' (Nanas) । ପର୍ତ୍ତୁଗୀଜ୍ (ଯେଉଁମାନେ ପ୍ରଥମେ ଅମେରିକାକୁ ଯାଇଥିଲେ ସେମାନେ)ଙ୍କ ଭାଷାର 'ଅନାନସ୍' (Ananas)=ପାଇନ୍ (Pine) ଗଛର ଫଳ ସହିତ ଏହି ଫଳର ସାଦୃଶ୍ୟ ଥିବାରୁ ଇଂରେଜମାନେ ଏହାକୁ ପାଇନ୍ ଆପ୍‌ଲ୍ (Pine apple) କହିଲେ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କୃମିଘ୍ନ, ମଧୁର ବଳକର, ବାତହର, ରୁଚ୍ୟ, ଶ୍ଳେଷ୍ମଳ, ତୃପ୍ତିପ୍ରଦ ଓ ଗୁରୁପାକ ଅଟେ । ଏହାର ରସ ଅମ୍ଳମଧୁର ଓ ଏହି ଫଳ ଉପରୁ ଚୋପା ଛଡ଼ାଇ, ତା ମଝିରେ ଥିବା ଟାଣୁଆ ଅଂଶକୁ ବାଦ୍ ଦେଇ ଚାକା ଚାକା କରି କାଟି କଞ୍ଚା ଅବସ୍ଥାରେ ଆମ୍ବିଳ କରାଯାଏ ଓ ପାଚିଲା ଅବସ୍ଥାରେ ଖିଆଯାଏ । ଏଥିରେ ମୁରବ୍ବା ମଧ୍ୟ ହୁଏ । ସପୁରିରସକୁ ଲୋକେ ପାଚିଲା ଗାମୁଣ୍ଡରେ ମଣ୍ଡାନ୍ତି ଓ ସପୁରି କନ୍ଦାର ରସକୁ କୃମିରୋଗଗ୍ରସ୍ତ ଶିଶୁଙ୍କୁ ଖୁଆନ୍ତି ।]

ସପୁରି ଆଖି—ଦେ. ବି—ସପୁରି ଫଳର ଦେହ ଉପରେ ବା ଚୋପାରେ Sapuri ākhi ଥିବା ଗୋଲାକାର ଚିହ୍ନମାନ—The eylets আনারসের চোখ or circular marks on the skin of **नसकी बिची** the pineapple fruit.

ସପୁରି କନ୍ଦା—ଦେ.ବି—ସପୁରି ଗଛର ଦଣ୍ଡର ମୂଳରେ ପତ୍ରର ପାଖୁଡ଼ା-Sapuri kandā ମାନଙ୍କ ଭିତରେ ଥିବା କୋମଳାଂଶ—আনারস গাছের মাঝ The soft kernal inside the **अानानस कन्द** stem of the pine apple plant near the root.

[ଦ୍ର—ଏହି କନ୍ଦାର ରସକୁ କୃମିରୋଗଯୁକ୍ତ ଶିଶୁଙ୍କୁ ଦେଲେ କୃମି ନଷ୍ଟ ହୋଇଯାଆନ୍ତି ଏବଂ ଶିଶୁ ନୀରୋଗ ଓ ସବଳ ହୁଅନ୍ତି ।]

ସପୁରି ମୁ(ମୋ)ରବା(ବ୍ବା)—ଦେ. ବି—ସପୁରିର ଚୋପା ଛଡ଼ାଯାଇ Sapuri mu(mo)rabā(bbā) ତହିଁର କୋମଳାଂଶକୁ ଚିନି আনারস মোরবা ସହିତ ପାକ କରାଯାଇ ପ୍ରସ୍ତୁତ କରାଯିବା ମିଷ୍ଟାନ୍ନ—**अानानसका मोरब्बा** Preserve or marmalade made from pineapple.

ସପୁର୍ଣ୍ଣି (ର୍ଣି)ଆ—ପ୍ରାଦେ, (ଗଡ଼ଜାତ) ବି—ଝଙ୍କାଳିଆ ବନ୍ୟଗୁଳ୍ମ-Sapurṇṇi(rni)ā ବିଶେଷ—Heptapleurum Venulosum (plant)—(Haines Botany of Bihar and Orissa).

ସପୁଷ୍ପ—ସ. ବିଣ. ପୁଂ (ସ=ସହିତ+ପୁଷ୍ପ; ସହାର୍ଥ ବହୁବ୍ରୀହି)—Sapushpa ପୁଷ୍ପଯୁକ୍ତ—Flowered; having flowers. (ସପୁଷ୍ପା—ସ୍ତ୍ରୀ)

ସପେଟା—ବୈଦେ. ବି (ଇଂ. ସପୋଟା)—ବକୁଳାଦିବର୍ଗର ତରୁ-Sapeṭā ବିଶେଷ ଓ ତହିଁର ସୁଖାଦ୍ୟ ଫଳ—Achras Sapota; সপেটা **सपेता** sapodilla. [ଦ୍ର—ଏହି ଗଛ ବିଦେଶୀ; ଜାମେକାଦ୍ୱୀପରୁ ପୁର୍ବେ ଭାରତକୁ ଆଣୀତ ହୋଇ ଅଧୁନା ଉଦ୍ୟାନରେ ଲଗି ଫଳ ଫଳୁଛି । ଏହାର ଫଳ କୁକ୍କୁଟ-ଡିମ୍ବାକୃତି ଓ ପାଚିଲେ ମାଂସଳ । ଏଥିମଧ୍ୟରେ ଚକୁଡ଼ା ଚକୁଡ଼ା ଈଷତ୍ ହରିଦ୍ ବର୍ଣ୍ଣ କୋମଳ ଶସ୍ୟ ମଧ୍ୟରେ ବକୁଳକୋଳି ଠାରୁ ଲମ୍ବ କଳା ମଞ୍ଜିମାନ ଥାଏ । ଏ ଫଳର ଉପର ଚୋପା କପିଶବର୍ଣ୍ଣ । ପାଚିଗଲେ ଏଥିର ଚୋପା ଉପରେ ବନ୍ଦୁ ବନ୍ଦୁ ଚିହ୍ନ ଦେଖାଯାଏ । ଅମେରିକା ମେକ୍ସିକୋ

ଦେଶର ଭାଷାରେ ଏଥିର ନାମ କୋଚିଟ୍ ଝାପୋଟେ (Cochit-Zapote) ଓ ସ୍ପେନ୍‌ଦେଶୀୟ ଭାଷାରେ ଜାପୋଟେ (Zapote) (ତାହାଣ ସ୍ପେନ୍‌ଦେଶବାସୀମାନେ ପ୍ରଥମେ ଏ ଫଳକୁ ଅମେରିକାରେ ଦେଖିଥିଲେ)। ଏଥିର ଫଳକୁ ଇଂରାଜୀରେ ସପୋଟା (Sapota; the Sapotilla plum) କହନ୍ତି।]

ସପ୍ତା(ପ୍ତେ)ଇବା—ଦେ କ୍ରି—ସପ୍‌ଟାଇବା (ଦେଖ)
Saptā(pte)ibā Sap-ṭāibā. (See)

ସପ୍ତିବା—ଦେ· କ୍ରି—ସପ୍‌ଟିବା (ଦେଖ)
Saptibā Sap-ṭibā. (See)

ସପ୍ତ—ବି. ଣ (ସଂଖ୍ୟାବାଚକ; ବହୁବଚନ) (ସପ୍‌ ଧାତୁ=ଏକତ୍ର Sapta ହେବା+କର୍ମ· ତନ୍‌; ସପ୍ତନ୍‌ ଶବ୍ଦ, ୧ମା,ବହୁବଚନ)—ସାତ (ସଂଖ୍ୟା)—Seven. ସଂ. ଣ—ସାତସଂଖ୍ୟକ—Seven in number. [ଦ୍ର—ସପ୍ତ ସଂଖ୍ୟାର ବ୍ୟବହାର ଅନେକ ସ୍ଥଳରେ ଓ ଅନେକ ଗଣନାରେ ଦେଖାଯାଏ ଏବଂ ପ୍ରାଚୀନ ଜାତିମାନଙ୍କ ମଧ୍ୟରେ ଏହି ସଂଖ୍ୟା ଶୁଭସୂଚକ ବୋଲି ବିବେଚିତ ହେଉଥିଲା। ଏହି ଶବ୍ଦ ବହୁବଚନାନ୍ତ। ସପ୍ତବାଚକ ବା ସପ୍ତସଂଖ୍ୟକ ବସ୍ତୁସୂଚକ କେତେକ ଶବ୍ଦ:—ସାତ ଭୁବନ, ଧାତୁ, ଋଷି, ମନୁଷ୍ୟ, ଦ୍ୱୀପ, ସିନ୍ଧୁ, ବାର, ସର୍ଯ୍ୟାଶ୍ୱ, ସ୍ୱର. ରଜାଙ୍ଗ, ଅଙ୍ଗ, ଗ୍ରହ, ବହ୍ନି, ଶିଖା, ପର୍ବତ।

ଅନ୍ୟାନ୍ୟ ଭାଷାରେ 'ସପ୍ତନ୍' ଶବ୍ଦର ସାଦୃଶ୍ୟ ଯଥା,—ସଂସ୍କୃତ ସପ୍ତ, ଇଂରେଜୀ—ସେଭେନ୍‌, ପାରସୀ—ହଫତ୍‌, ଗ୍ରୀକ୍‌—ହେପ୍ଟା, ଲାଟିନ—ସେପ୍‌ଟମ୍, ଜର୍ମାନ୍—ସେପ୍‌ଟ୍‌, ଓଡ଼ିଆ ଓ ହିନ୍ଦି ଓ ବଙ୍ଗଳା—ସାତ।]

ସପ୍ତକ—ସଂ· ବି. (ସପ୍ତନ+ସ୍ୱାର୍ଥେ କ)—୧। ସପ୍ତ ସଂଖ୍ୟା—1. The Saptaka number seven. ୨। ସାତ ଗୋଟି ବସ୍ତୁର ଏକତ୍ର ମିଳନ—2. The aggregate of seven things; a group of seven things. ୩। (ସଂଗୀତ) ସାତ ଗୋଟି ସ୍ୱରର ଏକତ୍ର ମିଳନ—3. The combination of the seven musical tunes. [ଦ୍ର—ସଂଗୀତର ୩ଟି ଗ୍ରାମ (ଯଥା—ଉଦାରା, ମୁଦାରା ଓ ତାରା) ରେ ଗୋଟିଏ ଲେଖାଏଁ ସପ୍ତକ ଅଛି। ଷଡ଼ଜ (ଷା), ଋଷଭ (ରି), ଗାନ୍ଧାର (ଗା), ମଧ୍ୟମ (ମା), ପଞ୍ଚମ (ପା), ଧୈବତ (ଧା), ନିଷାଦ (ନି), ଏହି ୭ଟି ସ୍ୱରରେ ଗୋଟିଏ ସପ୍ତକ ହୁଏ। ଇଂରାଜୀରେ ସ୍ୱରଗ୍ରାମକୁ Octave (ଅଷ୍ଟକ) ବୋଲାଯାଏ। କାରଣ ମୁଦାରାର 'ସା' ଉଦାରାର ସାତସ୍ୱର ସଙ୍ଗେ ଓ ତାରାର 'ସା' ଉଦାରାର ୭ ସ୍ୱର ସଙ୍ଗେ ଗଣାଯାଇ ୮ ବିବେଚିତ ହୁଏ।

ହିନ୍ଦୁ ସଂଗୀତର ୭ ଗୋଟି ମୌଳିକ ଧ୍ୱନି ଅଛି; ଯଥା, 'ସା, ରି, ଗା, ମା, ପା, ଧା, ନି'। ଏହି ସପ୍ତକ ପୁଣି ଗ୍ରାମ୍ ଭେଦରେ ଉଚ୍ଚ, ମଧ୍ୟ, ନିମ୍ନ ହେବାର ତିନ ଭାଗରେ ବିଭକ୍ତ। (୧) ମୁଦାରା, (୨) ଉଦାରା ବା ମନ୍ଦ୍ର, (୩) ତାରା।

ଏହି ସପ୍ତକ ମଧ୍ୟରେ ୫ ଗୋଟି ବିକୃତ ସ୍ୱର ଅଛି ଯଥା, ୨ ଓ ୩ ମଧ୍ୟରେ କୋମଳ ରେଖାବ୍(ରି), ୩ ଓ ୪ ମଧ୍ୟରେ କୋମଳ ଗାନ୍ଧାର (ଗା), ୪ ଓ ୫ ମଧ୍ୟରେ କଡ଼ି ମଧ୍ୟମ (ମା), ୬ ଓ ୭ ମଧ୍ୟରେ କୋମଳ ଧୈବତ୍ (ଧା), ୭ ପରେ କୋମଳ ନିଷାଦ (ନି)। 'ରାଗ' ତଳେ ନୋଟ୍ ଦେଖ।] ସଂ· ଣ—ସପ୍ତ ସଂଖ୍ୟକ—1. Numbering seven; consisting of seven. ୨। ସପ୍ତମ; ସାତର ପୂରଣ; ସପ୍ତ ସ୍ଥାନୀୟ—2. Seventh.

ସପ୍ତକାଣ୍ଡ—ସଂ. ବି.—ରାମାୟଣ ଗ୍ରନ୍ଥର ୭ ଗୋଟି କାଣ୍ଡ ବା ବିଭାଗ—Sapta kāṇḍa The seven books or parts of the Rāmāyaṇa.

ସପ୍ତକୀ—ସଂ· ବି. (ସପ୍ତକ=ସପ୍ତ ସଂଖ୍ୟକ+ଈ; ଯାହାର ୭ ଗୋଟି Saptakī ସରୁ ଥାଏ; ଅଥବା ସପ୍‌ ଧାତୁ=ଏକତ୍ର ହେବା+କର୍ତ୍ତୃ ତକ+ଈ; ଯାହା କଟିରେ ଏକତ୍ର ହୁଏ) ୧। କାଞ୍ଚୀ; ଅଣ୍ଟାସୂତା; ମେଖଳା; (ଅମର)—1. Waist-chain; girdle. ୨। ସାତ ସରଅ ଗୋଠ—2 A seven-stringed waist-chain. ଦେ· ବି· ବୀଣା—Harp [ଦ୍ର—ସପ୍ତକୀ କଳାନ୍ଦ, ଶୁଣି ମୁଁ ଅଜନ, ରସସାଗରେ ଭାସିବ।—ଅଭିମନ୍ୟୁ, ବଦସ୍ୱ ଚନ୍ଦ୍ରାମଣି]

ସପ୍ତକୋ(କ୍ରୋ)ଶୀ ଗଣ୍ଡ—ଦେ·ବି· ନାମ—(ସାତ କୋଶିଆ ଗଣ୍ଡ(ଦେଖ)
Sapta ko(kro)śi gaṇḍa Sāta kosiā gaṇḍa (see)

ସପ୍ତଗଙ୍ଗ—ସଂ ବି. (ସମାହାର ଦ୍ୱିଗୁ)—(ସପ୍ତନ୍+ଗଙ୍ଗା)—ସାତ ଗୋଟି Sapta gaṅga ନଦୀର ମିଳନ ସ୍ଥାନ—The junction of 7 rivers.

ସପ୍ତଗ୍ରନ୍ଥି ଶୁଣ୍ଡ—ସଂ·ବି· (ଜୀବବିଜ୍ଞାନ ପରିଭାଷା)—ଯେଉଁ ଜୀବମାନଙ୍କର Sapta granthi śuṇḍa ଶୁଣ୍ଡଦ୍ୱୟର ଅଗରେ ୭ଟି ଲେଖାଏ ଗ୍ରନ୍ଥି ଥାଏ (ଯଥା—ବୃଶ୍ଚିକ) The chilopoda.

ସପ୍ତଗ୍ରାମ—ଦେ. ବି. (ନାମ) ସାତଗାଁ। ନାମକ ବଙ୍ଗ ଦେଶର ପ୍ରାଚୀନ Saptagrāma ବିଖ୍ୟାତ ଅଞ୍ଚଳ ଓ ତହିଁର ରାଜଧାନୀ—Name of a province & its capital of ancient Bengal. (ଦ୍ର—ଏହି ସପ୍ତଗ୍ରାମନଗରର ଅଧୁନିକ ହୁଗୁଳି ସହରର ଉତ୍ତର ପଶ୍ଚିମରେ ପ୍ରାୟ ୧୯ କୋଶ ଦୂରରେ ତ୍ରିବେଣୀ ତୀର୍ଥ ନିକଟରେ ବର୍ତ୍ତମାନ ଲୁପ୍ତ ସରସ୍ୱତୀ ନାମକ ନଦୀ ଗର୍ଭରେ ଅବସ୍ଥିତ ଥିଲା। ହିନ୍ଦୁ ରାଜତ୍ୱରେ ଏହା ସମୃଦ୍ଧିଶାଳୀ ନଗର ଥିଲା। ଖ୍ରୀଃ ତ୍ରୟୋଦଶ ଶତାବ୍ଦୀ ପରେ ବଙ୍ଗ ମୁସଲମାନଙ୍କ ଅଧିକୃତ ହେବା ପରେ ମଧ୍ୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଗୋଟିଏ ପ୍ରଧାନ ଅନ୍ତର୍ଜାତିକ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର ଥିଲା। ମୁସଲମାନ୍ ମାନେ ଅନେକ ହିନ୍ଦୁ ମନ୍ଦିରକୁ ଭାଙ୍ଗି ତହିଁ ଉପରେ ମସଜିଦମାନ ନିର୍ମାଣ କଲେ। ଷୋଡ଼ଶ ଶତାବ୍ଦୀ ପୂର୍ବର ବହୁ ୟୁରୋପୀୟ ପର୍ଯ୍ୟଟକଗଣ ଏ ନଗରର ବାଣିଜ୍ୟ ସମୃଦ୍ଧି ବର୍ଣ୍ଣନା କରିଅଛନ୍ତି। କବିକଙ୍କଣ କୃତ ଚଣ୍ଡୀ, ବୃନ୍ଦାବନଦାସଙ୍କ

ଚୈତନ୍ୟ ଭାଗବତ ଓ କୃଷ୍ଣରାମଙ୍କ ଷଷ୍ଠୀମଙ୍ଗଳରେ ସପ୍ତଗ୍ରାମର ସମୃଦ୍ଧି ବର୍ଣ୍ଣନା ହୋଇଅଛି । ମୁସଲମାନ ରାଜତ୍ୱରେ ଏହା ଗୋଟିଏ ପ୍ରଧାନ ଅଦାଲତ କେନ୍ଦ୍ର (ପ୍ରଗନା ବା ସରକାର) ଥିଲା ଓ ଏଠାରେ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଟଙ୍କଶାଳା ଥିଲା । ସମ୍ରାଟ ଅକବରଙ୍କ ସମୟରେ ଏହାର ଅଧଃପତନ ହେଲା । ସେ ପର୍ତ୍ତୁଗୀଜମାନଙ୍କୁ ହୁଗୁଳୀରେ ସହର ନିର୍ମାଣ କରିବାକୁ ଆଦେଶ ଦେବାରୁ ହୁଗୁଳୀ ସହର ନିର୍ମିତ ହେଲା ଓ ସପ୍ତଗ୍ରାମ ଜନଶୂନ୍ୟ ହେଲା— ବିଶ୍ୱକୋଷ ।]

ସପ୍ତ ଚତ୍ୱାରିଂଶ—ସଂ. ବିଣ (ସପ୍ତ ଚତ୍ୱାରିଂଶତ୍ + ପୂରଣାର୍ଥେ ଅ)— Sapta chatwārimśa ୪୭ ସଂଖ୍ୟାର ପୂରଣ— Forty seventh.

ସପ୍ତ ଚତ୍ୱାରିଂଶତ୍—ସଂ. ବି (ସପ୍ତ ଅଧିକ ଚତ୍ୱାରିଂଶତ୍; ମଧ୍ୟପଦଲୋପୀ Sapta chatwārimśat କର୍ମଧାରୟ)—ସତଚାଳିଶ; ୪୭ ସଂଖ୍ୟା—Forty seven; 47. ସଂ. ବିଣ—ସତଚାଳିଶ ସଂଖ୍ୟକ—Numbering fortyseven.

ସପ୍ତ ଚତ୍ୱାରିଂଶତ୍ତମ—ସଂ. ବିଣ (ସପ୍ତ ଚତ୍ୱାରିଂଶତ୍ + ପୂରଣାର୍ଥେ Sapta chatwārimśattama ତମ)—୪୭ ସଂଖ୍ୟାର ପୂରଣ—Forty seventh.

ସପ୍ତଚ୍ଛଦ—ସଂ. ବି (ବହୁବ୍ରୀହି; ସପ୍ତନ୍ + ଛଦ=ପତ୍ର ଯାହାର; ସନ୍ଧି Saptachchadda ଯୋଗେ 'ଛ'ର ଦ୍ୱିତ୍ୱ; ଏହାର ପ୍ରତି ଛାତିମ୍(ନ୍) ଛତୀବନ ଗଣ୍ଠିରେ ୭ଟି ଲେଖାଏଁ ପତ୍ର ଡାଳକୁ ବେଢ଼ିଥାଏ)—ସପ୍ତପର୍ଣ୍ଣ; ଛତିଅନା (ଗଛ)— Alstonia Scholaris tree. ଛତିନା ୧ (ଦେଖ)

ଅନ୍ୟ ସଂ ନାମ—ଗୁଚ୍ଛପୁଷ୍ପ, ଯୁଗପର୍ଣ୍ଣ, ମଣିଚ୍ଛଦ, ବୃହତ୍ୱକ୍, ବହୁପର୍ଣ୍ଣ, ଶାଲ୍ମଳିପତ୍ରକ, ମଦାଢ୍ୟ, ଗନ୍ଧପର୍ଣ୍ଣ)

ସପ୍ତ ଜନ୍ମ—ସଂ. ବି—ସାତ ଥର ଦେହ ଧାରଣ କରିବା—Seven Sapta janma births in the world.

ସପ୍ତ ଜାଗର—ଦେ· ବି—ସାତ ଦୀପ (ଦେଖ) Sapta jāgara Sāta dipa (See)

ସପ୍ତ ଜିହ୍ୱ(ଜ୍ୱାଳ)—ସଂ. ବି (ସପ୍ତନ୍=୭ + ଜିହ୍ୱା, ଜ୍ୱାଳା=ଶିଖା ଯାହାର Sapta jihwa(jwāḷa) ବହୁବ୍ରୀହି)—ଅଗ୍ନି; ନିଆଁ—Fire. [ଦ୍ର—ଅଗ୍ନିଙ୍କର ୭ ଗୋଟି ଜିହ୍ୱାର ନାମ, ଯଥା—କାଳୀ, କରାଳୀ, ମନୋଜବା, ସୁଲୋହିତା, ସୁଧୂମ୍ରବର୍ଣ୍ଣା, ସ୍ଫୁଲିଙ୍ଗିନୀ ବା ଉଗ୍ରା, ବିଶ୍ୱରୂପିଣୀ ବା ବିଶ୍ୱନନ୍ଦା ବା ପ୍ରଦୀପ୍ତା । ମତାନ୍ତରରେ ସପ୍ତ ଜିହ୍ୱାର ନାମ, ଯଥା—ଆବହ, ପ୍ରବହ, ଉଦ୍‌ବହ, ସଂବହ, ବିବହ, ନିବହ, ପରିବହ । ଏହି ୭ ଗୋଟି ବାୟୁ ଅଗ୍ନିର ୭ ଗୋଟି ଜିହ୍ୱା ରୂପେ କଥିତ ।

କର୍ମ ବିଶେଷରେ ଏହି ସପ୍ତ ଜିହ୍ୱାଙ୍କର ନାମାନ୍ତର ମଧ୍ୟ ଅଛି, ଯଥା—(କ) ୧ ହିରଣ୍ୟା, ୨ କନକା, ୩ ରକ୍ତା, ୪ କୃଷ୍ଣା, ୫ ସୁପ୍ରଭା, ୬ ବହୁରୂପା, ୭ ଅତିରକ୍ତା । (ଖ) ୧ ଶ୍ୱେତ, ୨ ପୀତ, ୩ ରକ୍ତ, ୪ କୃଷ୍ଣ, ୫ ନୀଳ, ୬ ଧୂମ୍ର, ୭ ପାଟଳ ।]

ସପ୍ତ ତନ୍ତୁ—ସଂ. ବି (ବହୁବ୍ରୀହି; ସପ୍ତନ୍=ଅଗ୍ନିର ସପ୍ତ ଜିହ୍ୱା ବା ସପ୍ତ Sapta tantu ବିଧ ପ୍ରାର୍ଥନା + ତନ୍ ଧାତୁ + ଅଧିକରଣ· ତୁ; ଯହିଁରେ ଅଗ୍ନିର ସପ୍ତ ଜିହ୍ୱା ବିସ୍ତୃତ ହୁଏ)—ଯଜ୍ଞ; ଯାଗ; (ଅମର)—Vedic sacrifice. [ଦ୍ର—ତୁ ଦେବ ସପ୍ତତନ୍ତୁ ହେତୁ, ତନ୍ତୁର ହୋଇ ମୂଳତନ୍ତୁ । ଜଗନ୍ନାଥ, ଭାଗବତ ।]

ସପ୍ତ ତାଳ—ସଂ. ବି—ଏକ ଧାଡ଼ିରେ ବା ଏକତ୍ର ସ୍ଥିତ ୭ ଗୋଟି ତାଳଗଛ Sapta tāḷa —Seven palmyra trees standing together or in a row. [ଦ୍ର—ରାମଚନ୍ଦ୍ର ଏକ ଶର ଦ୍ୱାରା ସପ୍ତ (ସାତ) ତାଳଗଛ ଭେଦ କରିଥିଲେ ।]

ସପ୍ତତି—ସଂ. ବି ଓ ବିଣ [ସଂଖ୍ୟାବାଚକ; ସପ୍ତଦଶ + ପରିମାଣାର୍ଥେ ତି Saptati (ନିପାତନ); ଯାହାର ପରିମାଣ ସାତ × ୧୦]— ୭୦; ସତୁରି—70; Seventy.

ସପ୍ତତିତମ—ସଂ. ବିଣ (ସପ୍ତତି + ପୂରଣାର୍ଥେ ତମ)—୭୦ ର ପୂରଣ— Saptatitama Seventieth.

ସପ୍ତ ତ୍ରିଂଶ—ସଂ. ବିଣ (ସପ୍ତ ତ୍ରିଂଶତ୍ + ପୂରଣାର୍ଥେ ଅ)— Sapta trimśa ୩୭ ସଂଖ୍ୟାର ପୂରଣ—Thirtyseventh.

ସପ୍ତ ତ୍ରିଂଶତ୍—ସଂ. ବି (ସଂଖ୍ୟାବାଚକ; ସପ୍ତ ଅଧିକ ତ୍ରିଂଶତ୍)— Sapta trimśat ୩୦ ରୁ ସାତ ଅଧିକ ସଂଖ୍ୟା—Thirty-seven. ବିଣ—୩୭ ସଂଖ୍ୟକ—Numbering thirty seven.

ସପ୍ତ ତ୍ରିଂଶତି—ସଂ. ବିଣ (ସପ୍ତ ତ୍ରିଂଶତ୍ + ପୂରଣାର୍ଥେ ଇ)—୩୭ Sapta trimśati ସଂଖ୍ୟାର ପୂରଣ—Thirty seventh.

ସପ୍ତ ଦଶ—ସଂ. ବି (ସପ୍ତ ଦଶନ୍ ଶବ୍ଦ; ବହୁବଚନ; ସପ୍ତନ୍ + ଦଶନ୍; Sapta daśa ସପ୍ତ ଅଧିକ ଦଶ; ମଧ୍ୟପଦଲୋପୀ କର୍ମଧାରୟ)— (ସପ୍ତ ଦଶନ୍—ଅନ୍ୟରୂପ) ୧୭; ସତର—Seventeen; 17. ସଂ. ବିଣ—୧ । ସତର ସଂଖ୍ୟକ—1. Numbering seventeen. ୨ । ସତର ସଂଖ୍ୟାର ପୂରଣ— 2. Seventeenth.

ସପ୍ତ ଦଶମ—ସଂ. ବିଣ—ସତର ସଂଖ୍ୟାର ପୂରଣ (ବିଶ୍ୱକୋଷ)— Sapta daśama Seventeenth.

ସପ୍ତ ଦିବ୍ୟ ମନୁଷ୍ୟ—ସଂ. ବି—ସପ୍ତ ମନୁଷ୍ୟ (ଦେଖ) Sapta dibya manushya Sapta manushya (See)

ସପ୍ତ ଦୀଧିତି—ସଂ. ବି (ସପ୍ତନ୍ + ଦୀଧିତି=ପ୍ରଭା ଯାହାର; ବହୁବ୍ରୀହି)— Sapta dīdhiti ସପ୍ତଜିହ୍ୱ; (ତ୍ରିକାଣ୍ଡ ଶେଷ)—Fire.

ସପ୍ତ ଦୀପ—ସଂ. ବି—ସାତ ଦୀପ; ସାତ ଗୋଟି ମୁଖଯୁକ୍ତ ପ୍ରଦୀପ— Sapta dīpa A lamp with seven mouths. [ଦ୍ର—ଏହି ଦୀପରେ ୭ ଗୋଟି ବଳିତା ଦିଆଯାଇ ଦେବତା ଓ ବର କନ୍ୟାଙ୍କୁ ବନ୍ଦାପନା କରାଯାଏ ।]

ସପ୍ତ ଦ୍ୱୀପ—ସଂ. ବି (ଦ୍ୱିଗୁ)—ପୁରାଣୋକ୍ତ ପୃଥିବୀର ୭ ଗୋଟି ଦ୍ୱୀପ— Sapta dwīpa The seven islands comprising the earth according to the Hindu mythology.

[ଉଃ—ସେ ସ୍ୱାହାରଅଠକେ କରି
ହୋଇଲେ ଯେତେକ ସନ୍ତାନ ।
ତେଣୁ ସପତଟିକୁ ହୋଇ
ପୃଥ୍ୱୀ ସାତସ୍ୱର୍ଗ କଲେ ।
ଶାକ ଶାଲ୍ମଳ ଜମ୍ବୁ ପ୍ଲକ୍ଷ
କୁଶ ପୁଷ୍କର ଆଉ କ୍ରୌଞ୍ଚ ।
ଜଗନ୍ନାଥ ଭାଗବତ ।]

ଦ୍ର—ପୁରାଣୋକ୍ତ ଏହି ୭ଟି ଦ୍ୱୀପର ନାମ, ଯଥା—ଜମ୍ବୁ, ପ୍ଲକ୍ଷ, ଶାଲ୍ମଳୀ, କୁଶ, କ୍ରୌଞ୍ଚ, ଶାକ ଓ ପୁଷ୍କର । ଏମାନେ ପୁରାଣୋକ୍ତ ସପ୍ତସମୁଦ୍ର ମଧ୍ୟରେ ଯଥାକ୍ରମେ ଅବସ୍ଥିତ ଓ ଏମାନଙ୍କର ରାଜା ମଧ୍ୟ ଯଥାକ୍ରମେ ୭ ଜଣ । ଭାରତବର୍ଷ ଜମ୍ବୁଦ୍ୱୀପ ଅନ୍ତର୍ଗତ । ପ୍ରତ୍ୟେକ ଦ୍ୱୀପରେ କେତେଗୁଡ଼ିଏ ବର୍ଷ ବା ଦେଶ ଅଛି । ଏହି ସପ୍ତଦ୍ୱୀପ ମେରୁ ପର୍ବତକୁ ବେଷ୍ଟନ କରି ଅବସ୍ଥିତ । ଏହି ସପ୍ତଦ୍ୱୀପର ମଧ୍ୟ ସ୍ଥଳରେ ଜମ୍ବୁଦ୍ୱୀପ ଅବସ୍ଥିତ ।

ଆମ୍ଭେମାନେ ବର୍ତ୍ତମାନ ଭୂଗୋଳରେ ଦ୍ୱୀପ ଅର୍ଥରେ ଯାହା ବୁଝୁଁ, ଏ ଦ୍ୱୀପମାନ ତାହା ନୁହେଁ । ଯେଉଁ ଭୂଖଣ୍ଡ ଚତୁଅଡ଼େ ଜଳବେଷ୍ଟିତ, ତାହା ଦ୍ୱୀପ ଅଟେ, ଏହାହିଁ ଭୌଗୋଳିକ ସଂଜ୍ଞା । କିନ୍ତୁ ହିନ୍ଦୁ ପୁରାଣୋକ୍ତ ଏ ଦ୍ୱୀପମାନ ଗୋଲାକାର ପାଠୀ ଓ ତାହାର ଦୁଇ ବଗରେ ଜଳବେଷ୍ଟିତ ବଳୟ ବା ଅଙ୍ଗୁରୀୟତୁଲ୍ୟ ଭୂଭାଗ (rings) ଅବସ୍ଥିତ ।

ମେରୁଗିରିକୁ ବେଢ଼ି ଗୋଟିଏ ସମୁଦ୍ର ବଳୟ ଓ ତାକୁ ବେଢ଼ି ଗୋଟିଏ ଦ୍ୱୀପ ବଳୟ; ତାକୁ ବେଢ଼ି ପୁଣି ଗୋଟିଏ ସମୁଦ୍ର ବଳୟ ଓ ତାକୁ ବେଢ଼ି ପୁଣି ଗୋଟିଏ ଦ୍ୱୀପ ବଳୟ—ଏହିପରି ମେରୁଗିରିକୁ କେନ୍ଦ୍ର କରି ୭ ଗୋଟି ସମୁଦ୍ର ଓ ୭ ଗୋଟି ଦ୍ୱୀପ ବଳୟାକାରରେ ବେଢ଼ିଥିବା ପୁରାଣରେ ଲେଖାଅଛି ।

(ସପ୍ତ ଦ୍ୱୀପା—ସ୍ତ୍ରୀ) ସଂ. ବଣ (ବହୁବ୍ରୀହି)—ସପ୍ତଦ୍ୱୀପ ବିଶିଷ୍ଟ—Consisting of 7 islands.

ସପ୍ତ ଦ୍ୱୀପ ପତି—ସଂ, ବି (ସପ୍ତନ୍+ଦ୍ୱୀପ+ପତି)—ପୁରାଣୋକ୍ତ ସପ୍ତ Sapta dwipa pati ଦ୍ୱୀପମାନଙ୍କର ପୁରାଣୋକ୍ତ ନୃପଗଣ—The seven mythological kings of the seven mythological islands. [ଦ୍ର—ଏହି ସପ୍ତ ଦ୍ୱୀପପତିଙ୍କର ନାମ, ଯଥାକ୍ରମେ ଅଗ୍ନୀଧ୍ର, ମେଧାତିଥି, ବପୁଷ୍ମାନ୍, ଜ୍ୟୋତିଷ୍ମାନ୍, ଦ୍ୟୁତିମାନ୍, ଭବ୍ୟ ଓ ସବନ ।]

ସପ୍ତ ଦ୍ୱୀପା—ସଂ. ବଣ, ସ୍ତ୍ରୀ (ବହୁବ୍ରୀହି)—ସପ୍ତଦ୍ୱୀପ ବିଶିଷ୍ଟା—Sapta dwipā· Having seven islands.
ସଂ, ବି (ସପ୍ତଦ୍ୱୀପ ବିଶିଷ୍ଟା)—ପୃଥିବୀ; ଧରଣୀ—The earth.

ସପ୍ତଧା—ସଂ.କ୍ରି·ବଣ (ସପ୍ତ+ପ୍ରକାରବାଚ୍ୟର୍ଥେ· ଧା)—୧। ସାତ ପ୍ରକାରେ Saptadhā —1. In seven ways. ୨। ସାତ ଥର—2. Seven times. ୩। ସାତ ଦିଗରେ—3. In seven direcions. ୪। ସାତ ଅଂଶରେ—4. In seven parts.

ସପ୍ତ ଧାତୁ—ସଂ. ବି—ଶରୀରସ୍ଥ ସପ୍ତ ସଂଖ୍ୟକ ଧାତୁ ବା ସାର ବା Sapta dhātu ଉପାଦାନ—The seven ingredients of the body.

[ଉ—ହୃଦୟ ଅବୋଝର ଅଶେ
ଅସ୍ଥି ସଞ୍ଚିଲେ ପୃଷ୍ଠଦେଶେ ।
ଅସ୍ଥି ଉପରେ ମଜ୍ଜା କଲେ
ଉପରେ ମେଦ ଘଞ୍ଚଇଲେ ।
ତାର ଉପରେ ମାଂସ ଧରି
ରୁଧିର ଆବରଣ କରି ।
ତାର ଉପରେ ଦ୍ୱକ ଚର୍ମ
ମଜ୍ଜାର ମଧ୍ୟେ ରହେ ବ୍ୟୋମ ।
ଏମନ୍ତେ କରି ସପ୍ତଧାତୁ
ସେ ଭୂମି ଜଳ ତେଜ ହେତୁ ।
ଜଗନ୍ନାଥ ଭାଗବତ]

[ଦ୍ର—ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ଏହି ସପ୍ତଧାତୁ ଯୋଗୁଁ ଶରୀର ବଞ୍ଚି ରହେ । ଏମାନ ଶରୀରର ସ୍ଥୈର୍ଯ୍ୟପ୍ରଦ । ଏ ସପ୍ତଧାତୁ ଶରୀରକୁ ଧାରଣ କରିଛନ୍ତି ବୋଲି ଏମାନଙ୍କ ନାମ ଧାତୁ । ଅହାରର ସାର ପ୍ରଥମେ ରସରେ, ରସ ରକ୍ତରେ, ରକ୍ତ ମାଂସରେ, ମାଂସ ମେଦରେ, ମେଦ ଅସ୍ଥିରେ, ଅସ୍ଥି ମଜ୍ଜାରେ ଓ ମଜ୍ଜା ଶୁକ୍ରରେ ପରିଣତ ହୁଏ । ଖାଦ୍ୟର ଅସାର ଅଂଶ ମଳ, ମୂତ୍ର, ଘର୍ମ ଆଦି ରୂପରେ ଦେହରୁ ବାହାରି ଯାଏ । ସପ୍ତଧାତୁର ଉପଚୟରେ ଶରୀରର ଉପଚୟ ଓ କ୍ଷୟରେ ଶରୀରର କ୍ଷୟ ହୁଏ ।]

ସପ୍ତ ନବତ—ସଂ. ବଣ (ସପ୍ତ ନବତି+ପୂରଣାର୍ଥେ· ଅ)—ସତାନବେ Sapta nabata ସଂଖ୍ୟାର ପୂରଣ—Ninetyseven.
(ସପ୍ତ ନବତ ତମ—ଅନ୍ୟରୂପ)

ସପ୍ତ ନବତି—ସଂ. ବି ଓ ବଣ (ସଂଖ୍ୟାବାଚକ; ସପ୍ତନ୍+ଅଧିକାର୍ଥେ· Sapta nabati ନବତି)—ନବେଠାରୁ ସାତ ଅଧିକ ସଂଖ୍ୟା—Ninety seventh.

ସପ୍ତ ନବୟା—ଦେ. ବଣ (ସ. ସପ୍ତନ୍+ନବ+ବୟଃ)—ଷୋଡ଼ଶ Sapta nabayā ବର୍ଷୀୟା; ଷୋଡ଼ଶୀ—Sixteenyear old ଷୋଡ଼ଶୀ सोलह वर्षकी (female). [ଉ—ସପ୍ତ ନବୟା ଶୋଭିତ । ଅଉମନ୍ତ୍ୟ· ହୃଦୟ ଚନ୍ଦ୍ରମଣି ।]

ସପ୍ତ ନଳୀ—ସଂ. ବି—ସାତ ନଳୀ; ପକ୍ଷୀ ଧରିବା ପାଇଁ ଚେଲାଙ୍କ Sapta nalī ବ୍ୟବହୃତ ନଳ—Seven long hollow rods, the head of one fitting to the tail of the other, and used in catching birds.

ସପ୍ତନାଡ଼ିକ—ସ. ବଣ· ପୁଂ (ସପ୍ତନ୍+ନାଡ଼ୀ ଯାହାର; ବହୁବ୍ରୀହି; Sapta nāṛdika ସପ୍ତନ୍+ନାଡ଼ୀ+କ)—୧। ସାତ ଗୋଟି (ସପ୍ତ ନାଡ଼ିକା—ସ୍ତ୍ରୀ) ନାଡ଼ୀଯୁକ୍ତ—1. Having seven stems or veins. ୨। (ଜ୍ୟୋତିଷ) ସପ୍ତନାଡ଼ୀ ଚକ୍ର ବିଶିଷ୍ଟ—2. Having the astrological figure of Sapta nāṛdi chakra.

ସପ୍ତ ନାଡ଼ୀ ଚକ୍ର—ସଂ.ବି (ଜ୍ୟୋତିଷ)—ବୃଷ୍ଟିଜ୍ଞାନାର୍ଥ ଗ୍ରହନକ୍ଷତ୍ରାଙ୍କିତ
Sapta nāṛdī chakra ସପ୍ତନାଡ଼ୀକ ସର୍ପାକୃତି ଚକ୍ର ବିଶେଷ--An astrological circle set up with planets and asterisms indicating the amount of rain which will fall on the earth.
[ଦ୍ର—ସର୍ପଆକାରରେ ୨୮ ନାଡ଼ୀ ଅଙ୍କନ କରି ତହିଁରେ ଜ୍ୟୋତିଷ ଶାସ୍ତ୍ରର ଉପଦେଶ ଅନୁସାରେ ଗ୍ରହ-ନକ୍ଷତ୍ରାଦି ସଂସ୍ଥାପିତ କଲେ ସେହି ଗ୍ରହନକ୍ଷତ୍ରାଦିଙ୍କ ଅବସ୍ଥାନ ଅନୁସାରେ ଆଗାମୀ ବର୍ଷ ହେବା ବୃଷ୍ଟିର ପରିମାଣ ଓ କାଳ ଜଣା ପଡ଼େ । ଚତୁଷ୍ଟ ଲେଖାଏଁ ନକ୍ଷତ୍ରରେ ଗୋଟିଏ ନାଡ଼ୀ ହୁଏ । ସେ ନାଡ଼ୀମାନଙ୍କର ଭିନ୍ନ ଭିନ୍ନ ନାମ ଓ ଫଳ ଅଛି ।]

ସପ୍ତନାମା—ସଂ. ବି. (ବୈଦ୍ୟକ)—ଆଦିତ୍ୟ ଭକ୍ତା (ରାଜନିର୍ଘଣ୍ଟ); ଅଣ
Saptanāmā ସୋରିଷିଅ ଗୁଳ୍ମ; ବନ୍ୟ ଶାକ ବିଶେଷ—Cleome Viscosa (a plant).

ସପ୍ତ ପଞ୍ଚାଶ—ସଂ. ବିଣ (ସପ୍ତ ପଞ୍ଚାଶତ୍ + ପୂରଣାର୍ଥେ ଅ)—ସତାବନ
Sapta panchāśa ସଂଖ୍ୟାର ପୂରଣ—Fifty seventh.

ସପ୍ତ ପଞ୍ଚାଶତ୍—ସଂ.ବି ଓ ବିଣ (ସଂଖ୍ୟାବାଚକ; ସପ୍ତନ୍ ଅଧିକ ପଞ୍ଚାଶତ୍)
Sapta pañchāśat ପଚାଶ ଅପେକ୍ଷା ଅଧିକ ସାତ ସଂଖ୍ୟା Fifty seven.

ସପ୍ତପତ୍ର—ସଂ. ବି. (ବହୁବ୍ରୀହି)—୧ । (ବୈଦ୍ୟକ) ମୁଦ୍ଗର ବୃକ୍ଷ;
Sapta patra (ରାଜ ନିର୍ଘଣ୍ଟ); ମୁଗ୍ଧର ମଲ୍ଲୀ ଗୁଳ୍ମ—1. A flowering plant;Double Jasmine. ୨ । ସୁଗନ୍ଧରାଜ ଗୁଳ୍ମ—2. A flowering plant; Gardenia Florida. ୩ । (ସପ୍ତନ୍ + ପତ୍ର ପାହାର;
(ସପ୍ତପର୍ଣ୍ଣ—ଅନ୍ୟରୂପ) ବହୁବ୍ରୀହି) ସପ୍ତଚ୍ଛଦ (ଦେଖ)—3. Saptachhada (See).

ସପ୍ତପଦ—ସଂ. ବି.—(ଦ୍ୱିଗୁ; ସପ୍ତନ୍ + ପଦ)—୧ । ସାତ ପାହୁଣ୍ଡ;
Saptapada ସାତ ଥର ପଦ ବିକ୍ଷେପ—1. Seven steps ୨ । ବିବାହ କାଳରେ ବରଙ୍କୁ ଦେୟ ସାତ ଗୋଟି ବସ୍ତୁ (ଶବ୍ଦକୋଷ)—2. Seven items of articles given to the bridegroom at marriage. ୩ । ଯେଉଁ ମନ୍ତ୍ରର ଆଦ୍ୟରେ 'ସପ୍ତପଦୀ' ଶବ୍ଦ ଉକ୍ତ ହୋଇଅଛି (ଶବ୍ଦ କୋଷ)—3. A mystic formula beginning with the word Saptapadī.

ସପ୍ତ ପଦାର୍ଥ—ସଂ. ବି. (ଦ୍ୱିଗୁ; ସପ୍ତନ୍ + ପଦାର୍ଥ)—(ନ୍ୟାୟ ଓ
Sapta padārtha ବୈଶେଷିକ ଦର୍ଶନ)-ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ, ସମବାୟ ଓ ଅଭାବ, ବସ୍ତୁର ଏହି ୭ ଗୋଟି ବିଷୟ (ଶବ୍ଦକୋଷ)-(Nyāya & Baiśeshika philosophy) The seven articles or attributes of matter.

ସପ୍ତପଦୀ—ସଂ. ବି.—ସ୍ତ୍ରୀ (ସମାହାର ଦ୍ୱିଗୁ; ସପ୍ତନ୍=୭+ପଦ=
Sapta padī ପାହୁଣ୍ଡ+ସମାହାରାର୍ଥେ ଈ; ସପ୍ତ ପଦର ବା ସାତ ପାହୁଣ୍ଡର ମିଳନ)-ବିବାହ କାଳରେ ବରଙ୍କର ଓ କନ୍ୟାଙ୍କର ୭ଥର ଏକ ଏକ ମଣ୍ଡଳରେ ପାଦକ୍ଷେପ କରିଯିବା ରୂପ କ୍ରିୟା—The ceremony performed just after the rite of marriage when the bride steps on seven circles chalked on the ground beforehand and the bridegroom follows on her footsteps uttering mystic formulas. [ଦ୍ର—କନ୍ୟାସମ୍ପ୍ରଦାନ ପରେ ଓ ପାଣିଗ୍ରହଣ କର୍ମ ସରିଯିବା ପରେ ବିବାହବେଦୀରୁ ଉଠି ବର ପୁରୋହିତ ଦଗଲ୍ଲୁ ଯାଇ କନ୍ୟାଙ୍କ ହାତ ଧରି, ଉଭ ଭିନ୍ନ ଗାର୍ହସ୍ଥ୍ୟ ଧର୍ମ ପାଳନ କରିବା ବିଷୟରେ ବନ୍ଧ ପ୍ରତିଜ୍ଞ) ଭୂମିକୁ ବାଟ ଦେଖାନ୍ତି, ଏହି ମର୍ମର ୭ ଗୋଟି ମନ୍ତ୍ର ଉଚ୍ଚାରଣ ପୂର୍ବକ ଭୂମିରେ ପୂର୍ବରୁ ପିଠଉରେ ବା ମୁରୁଜରେ ଅଙ୍କିତ ହୋଇଥିବା ୭ ଗୋଟି ମଣ୍ଡଳ ବାଟେ କନ୍ୟାକୁ ବାଟ କଢ଼ାଇନେଇ ଯାଆନ୍ତି ଓ କନ୍ୟା ସେହି ମଣ୍ଡଳମାନଙ୍କରେ ଯଥାକ୍ରମେ ଗୋଡ଼ ପକାଇ କରି ଚାଲନ୍ତି । ତତ୍ପରେ କନ୍ୟା ପୁଣି ୭ ଗୋଟି ମନ୍ତ୍ର ଉଚ୍ଚାରଣ କରନ୍ତି ଓ କନ୍ୟା ଯେଉଁ ୭ ଗୋଟି ମଣ୍ଡଳରେ ପାଦ ପକାଇ ଯାଇଥାଆନ୍ତି, ବର ପୁଣି ସେହି ସାତ ଗୋଟି ମଣ୍ଡଳରେ ପାଦ ଦେଇ ତାଙ୍କ ଅନୁଗମନ କରି ଫେରି ଆସନ୍ତି । ଏହାକୁ 'ସପ୍ତପଦୀ ଗମନ' ବୋଲିଯାଏ ।]

ସପ୍ତପଦୀ ଗମନ—ସଂ.ବି—ବିବାହ ପରେ ମନ୍ତ୍ରୋଚ୍ଚାରଣ ପୂର୍ବକ ବରଙ୍କର
Saptapadī gamana ଓ କନ୍ୟାଙ୍କର ୭ଗୋଟି ମଣ୍ଡଳରେ ପାଦ ପକାଇ ଯିବାରୂପ କର୍ମ—The concluding ceremony of marriage consisting of the bride & the bridegroom walking seven steps together through seven circles drawn on the ground, chanting some mystic formulae.

ସପ୍ତ ପରାକ—ସଂ. ବି—୧ । ବାହ୍ୟ ବସ୍ତୁରୁ ପ୍ରବୃତ୍ତିକୁ ନିବୃତ୍ତ କରି ରଖିବା
Sapta parāka (ଶବ୍ଦକୋଷ)—1. Keeping the mind away from outer matters. ୨ । ଏକ ସପ୍ତାହ କାଳ ଉପବାସୀ ରହିବା (ଶବ୍ଦକୋଷ) 2. Fasting for a week continuously.

ସପ୍ତ ପର୍ଣ୍ଣ—ସଂ. ବି. (ବୈଦ୍ୟକ) ୧ । ଛତିନା ୧ (ଦେଖ)—
Sapta parṇṇa Astonia Scholaris (tree) (ସପ୍ତ ପର୍ଣ୍ଣକ, ସପ୍ତ ପଲାଶ —ପ୍ରଥମ ଅର୍ଥରେ ଅନ୍ୟରୂପ) (ପ୍ରଥମ ଅର୍ଥର ପର୍ଯ୍ୟାୟ—ବିଶାଲତ୍ୱକ୍, ଶାରଦୀ, ବିଷମଚ୍ଛଦ, ଶାବ୍ଦ, ଦେବ ବୃକ୍ଷ, ଦାନଗନ୍ଧ, ଶିରୋରୁହା, ଗ୍ରହନାଶ, ଗୁଚ୍ଛପର୍ଣ୍ଣୀ, ସୁଦାଶୀ, ଛତ୍ରଲୋଚନ, ଶୁକ୍ତିସପ୍ତ, ଗୁଚ୍ଛପୁଷ୍ପ, ଶତ୍ରୁପର୍ଣ୍ଣ, ସୁପର୍ଣ୍ଣକ, ବୃହତ୍ତ୍ୱକ୍ । (ବଂ) ଛାତିମ, (ହି) ଛତିବନ, (ମ) ସାତବଣ୍ଡୀ, ଏଡ଼ାକୁଳ, ଅଗ୍ନିଚୋଲୁ; (ତେ) ଛଟିଅନା, ଛତିନା,

(ତେ) ଏକ୍ଷେଲଗା। ଏହା ବ୍ରଣ, ଶ୍ଳେଷ୍ମା, ବାତ, କୁଷ୍ଠ, ରକ୍ତ-ଦୋଷ ଓ କୃମିନାଶକ; ପାପଚ, ଶ୍ୱାସଘ୍ନ, ଶୂଳଘ୍ନ, ସ୍ନିଗ୍ଧ ଓ ଉଷ୍ଣ—(ବୈଦ୍ୟକୋଷ) ୨। (ଏଥିରେ ଦ୍ରାକ୍ଷା, ଡାଳିମ୍ବ, ଖର୍ଜୁର, ଶର୍କରା, ଲଜଚୂର୍ଣ୍ଣ, ଘୃତ ଓ ମଧୁ, ଏହି ସାତଟି ଦ୍ରବ୍ୟ ମିଶା ଥିବାରୁ) ମିଷ୍ଟାନ୍ନ ବିଶେଷ; ଦ୍ରାକ୍ଷା, ଦାଡ଼ିମ୍ବ, ଖର୍ଜ୍ଜୁର, ଗୁଡ଼, ଘୃତ ଓ ମଧୁଦ୍ୱାରା ମିଶ୍ରିତ ଅମ୍ବ ଉପରେ ଖଇ ଚୂନା ଛିଞ୍ଚା ହୋଇଥିବା ମିଷ୍ଟାନ୍ନ (ଶବ୍ଦ ଚନ୍ଦ୍ରିକା)—2. A sort of sweetmeat prepared from grape, pomegranate, date, mango, mixed with molases, ghee & honey and sprinkled ver with the powder of fried paddy.

ସପ୍ତପର୍ଣ୍ଣୀ—ସଂ. ବି. (ବୈଦ୍ୟକ)— ଲଜ୍ଜାଳୁ ଲତା; ଲଜକୋଳି ଲତା Sapta parnnī (ରତ୍ନମାଳା, ରାଜନିର୍ଘଣ୍ଟ)—The Mimosa Pudica (creeper).

ସପ୍ତ ପାତାଳ—ସଂ. ବି—(ଦ୍ୱିଗୁ)—ସପ୍ତସଂଖ୍ୟକ ଅଧୋଭୁବନ—The Sapta pātāḷa seven nether worlds according to Hindu mythology. [ଦ୍ର—ଏହି ସପ୍ତ ପାତାଳର ନାମ, ଯଥା—ଅତଳ, ବିତଳ, ନିତଳ, ଗଭସ୍ତିମତ୍ ବା ତଳାତଳ, ମହାତଳ, ସୁତଳ ଓ ଅଗ୍ର। ମତାନ୍ତରରେ ଏହି ୭ଟିର ନାମ, ଯଥା—ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ।]

ସପ୍ତପିତୃକାମାବାସ୍ୟା—ସଂ· ବି—ସାତପୁଷା ଅମାବାସ୍ୟା; ଭାଦ୍ର ଅମାବାସ୍ୟା-Saptapitṛukāmābāsyā The new moon of the month of Bhādra. [ଦ୍ର—ଏହି ଅମାବାସ୍ୟାରେ ଜଗନ୍ନାଥ ଆଦି ମହାପ୍ରଭୁଙ୍କ ନିକଟରେ ସାତ ପ୍ରକାର ପୂରଦ୍ୱାରା ପ୍ରସ୍ତୁତ ପିଠା ପୂଜା ହୁଏ।]

ସପ୍ତ ପୁତ୍ର—ସଂ. ବି—(ଦ୍ୱିଗୁ)—ସାତଗୋଟି ସନ୍ତାନ—Seven sons. Sapta putra ସଂ. ବିଣ ଓ ବି· ପୁଂ—୧। (ବହୁବ୍ରୀହି) (ସପ୍ତପୁତ୍ରା—ସ୍ତ୍ରୀ) ଯାହାଙ୍କର ୭ଟି ପୁଅ ଅଛନ୍ତି—1. Father of seven sons. ୨। ସଂ· (ବହୁବ୍ରୀହି) ସପ୍ତଲୋକ ଯାହାଙ୍କ ପୁତ୍ର—2. Father of the seven worlds.

ସପ୍ତ ପୁତ୍ରସୂ—ସଂ. ବିଣ ଓ ବି. ସ୍ତ୍ରୀ.—(ସପ୍ତପୁତ୍ର+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—ସୁତବତ୍ସରା; ଯେଉଁ ସ୍ତ୍ରୀ ସାତ Sapta putrasū ଗୋଟି ପୁତ୍ର ଜନ୍ମ କରିଥାଆନ୍ତି—Mother of seven sons.

ସପ୍ତ ପୁରୁଷ—ସଂ. ବି—ମନୁଷ୍ୟର ଉପରର ଓ ତଳର, କିଂବା ଉପରକୁ, Sapta purusha ତଳକୁ ଓ ନିଜକୁ ମିଶାଇ ଗଣାଯିବା ସାତଜଣ ବଂଶଧର—Seven generations (above and below) and either including or excluding himself.

ସପ୍ତ ପ୍ରକୃତି—ସଂ· ବି (ହିନ୍ଦୁ ଦର୍ଶନ)—ପଞ୍ଚଭୂତ, ମହତ୍ ତତ୍ତ୍ୱ ଓ Sapta prakṛuti ଅହଂକାର—(Hindu philosophy)—The seven elements of nature e.g. the five elements, the Divine and the Human natures.

ସପ୍ତ ଫ(ଫେ)ଣା(ଣୀ)—ଦେ. ବି· (ସଂ. ସପ୍ତଫଣୀ, ଏହାର ଶାଖାମାନ Sapta pha(phe)ṇā(ṇī) ସର୍ପର ଫଣା ସଦୃଶ)—୧। [ସପ୍ତ ଫ(ଫେ)ଣିଆ(ଆଁ)—ଅନ୍ୟରୂପ] ନାଗଫେଣିଆ ଗଛ—फेणीमनसा, फणामनसा 1. A species of cactus; सपतफनी Apuntia Dillenii (plant) [ଦ୍ର—ସପ୍ତଫଣା ଏ ଦେଶୀୟ ଗଛ ନୁହେଁ। ପ୍ରାୟ ସାଢ଼େ ଶହେ ବର୍ଷ ପୂର୍ବେ ରଙ୍ଗ ବ୍ୟବସାୟୀମାନେ ଏହାକୁ ଦକ୍ଷିଣ ଅମେରିକାରୁ ଆଣି ଏ ଦେଶରେ ଲଗାଇଥିଲେ। ଏକପ୍ରକାର ରଙ୍ଗ ଉତ୍ପାଦନ କରୁଥିବା କୀଟ (cochineal insect) ସପ୍ତଫଣା ଗଛରେ ଜନ୍ମନ୍ତି ବୋଲି ସେମାନଙ୍କର ବିଶ୍ୱାସ ଥିଲା। ଏହି କୋଚନିଏଲ୍ ରଙ୍ଗ ପ୍ରସ୍ତୁତ କରୁଥିବା ବ୍ୟବସାୟୀମାନେ ସପ୍ତଫଣାକୁ ଆମ ଦେଶକୁ ଆଣି ଦେଖିଲେ ଯେ, ଏ ଗଛରେ କୌଣସି ରଙ୍ଗ ଉତ୍ପାଦନକାରୀ କୀଟ ଜନ୍ମନ୍ତି ନାହିଁ। ଏହାର ଇଂରାଜୀ ନାମ ପ୍ରିକ୍ଲି ପିଅର୍ (Prickly Pear)। ଏହାର ଶାଖାଗ୍ର ନାଗସାପର ଫଣାପରି ଦେଖାଯାଉଥିବାରୁ ଲୋକେ ଏହାକୁ ନାଗଫଣା ବୋଲି କହି ଆସିଅଛନ୍ତି।

ସପ୍ତଫଣା ଦୁଇପ୍ରକାର—କଣ୍ଟକଯୁକ୍ତ ଓ କଣ୍ଟକହୀନ। ଏହି ଗଛ ପାଇଁ ବେଶି ପାଣି ଲୋଡ଼ା ହୁଏ ନାହିଁ। ଶୁଖିଲା ଭୂଇଁରେ, ପାହାଡ଼ିଆ ଭୂମିରେ ଓ ବାଲିରେ ମଧ୍ୟ ଏହା ଗଜେଇ ପାରେ। ଏହାର ଫଣା ବା ଶାଖା ସବୁ ଏଡ଼େ ବହଳ ଯେ, ସୂର୍ଯ୍ୟକିରଣ ଏହାର ରସକୁ ଶୁଖାଇପାରେ ନାହିଁ। ଫଣାରେ ବହୁତ କଣ୍ଟା ଥିବାରୁ ପଶୁଆଦିଙ୍କ ଆକ୍ରମଣରୁ ଏହା ରକ୍ଷାପାଏ। ଏଗଛର ଡେର ମାଡ଼ ଡେରରୁ ନୂଆଁ ଦେଇ ଅତି ଅଳ୍ପ ସମୟରେ ଏଥିର ଦୁର୍ଭେଦ୍ୟ ବଣ ହୋଇଯାଏ। ଏଗଛ ମାଡ଼ିବା ଜାଗାରେ ଅନ୍ୟ ଫସଲ ହୁଏ ନାହିଁ।

ଭାରତର ତଥା ସପ୍ତଫଣାର ଆଦି ଜନ୍ମଭୂମି ଦକ୍ଷିଣ ଅମେରିକାର କୃଷକମାନେ ସପ୍ତଫଣା ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହେଉଅଛନ୍ତି। ଏଣୁ ଏଥିର ବଂଶ ଲୋପ ପାଇଁ ଔଷଧ-ପ୍ରୟୋଗାଦି ବହୁ ଉପାୟ ପ୍ରୟୋଗର ଚେଷ୍ଟା ହୋଇଅଛି; କିନ୍ତୁ କାହିଁରେ କିଛି ଫଳ ହେବା ଦେଖାଯାଇ ନ ଥିଲା।

ବହୁ ଚେଷ୍ଟା ପରେ ଏବେ ସେହି ଦକ୍ଷିଣ ଅମେରିକାରୁ ଏକ ଜାତୀୟ କୀଟ ଏଦେଶକୁ ଅଣା ହୋଇଅଛି। ସପ୍ତଫେଣା ଗଛର ଡାଳରେ ଏ କୀଟକୁ ଛାଡ଼ିଦେଲେ ଏକୀଟମାନଙ୍କ ବଂଶ ବୃଦ୍ଧି ହୁଏ ଓ ସେହି କୀଟମାନଙ୍କ ଧଳାସ୍ତର ଏ ଗଛର ଦେହସାର ମାଡ଼ିଯାଏ ଓ ଗଛକୁ ମାରିପକାଏ। ଏ କୀଟମାନଙ୍କର ସପ୍ତଫଣା ଗଛକୁ ନାଶ କରିବାରେ ଅଦ୍ଭୁତ ଶକ୍ତି ଅଛି। ମାନ୍ଦ୍ରାଜର ଦକ୍ଷିଣ ଜିଲ୍ଲାମାନଙ୍କରେ, ବିଶାଖାପାଟଣାରେ ଓ ଯୁଗରେ ଏହି କୀଟମାନଙ୍କ ସାହାଯ୍ୟରେ ସପ୍ତଫେଣାର ବଂଶ

ଧ୍ୱଂସ କରିବାର ଉପାୟ ଅବଲମ୍ବିତ ହୋଇଅଛି । ଏମାନଙ୍କୁ ସପ୍ତଫଣୀ ଗଛରେ ଅଣି ରଖିଦେଲେ ବଂଶ ବୃଦ୍ଧି ହୋଇ ଏମାନେ ଗଛର ଦେହସାକ ମାଡ଼ିଯାଆନ୍ତି ଓ ଗଛର ଡାଳ ଓ ଗଣ୍ଡିମାନ ଏକ ସପ୍ତାହ ମଧ୍ୟରେ ଝାଉଁଳି, ମଉଳି ଶୁଖିଯାଏ । ୩।୪ ମାସ ମଧ୍ୟରେ କଣାଖାପାଠଣାରେ ସପ୍ତଫଣୀ ବଂଶ ନିର୍ମୂଳ ହୋଇଥିବା ଦେଖାଯାଇଅଛି; ପୁରୀ ସହରର ଅନେକ ସ୍ଥାନରେ ସପ୍ତଫଣୀ ଗଛଯାକ ଏ ପୋକଙ୍କ ଯୋଗୁଁ ମରିଯାଉଥିବା ମଧ୍ୟ ଦେଖାଯାଉଅଛି ।] ୨ । ସାତଫେଣୀ ୨ (ଦେଖ)—
2. Sātapheṇi 2. (See)

ସପ୍ତଫଣୀ—ସଂ ବିଣ.—(ସପ୍ତ ଫଣା+ଇନ୍; ୧ମା· ୧ବ.)—ପୁରାଣୋକ୍ତ
Sapta phaṇi ସାତଟି ଫଣାଯୁକ୍ତ (ସର୍ପ)—(Mythological serpent) Having seven hoods.

ସପ୍ତ ବ୍ରାହ୍ମଣ—ସଂ ବି ୧ । (ସମାହାର ଦ୍ୱିଗୁ) ଏକସ୍ଥାନରେ ସାତଜଣ
Sapta brāhmaṇa ବ୍ରାହ୍ମଣଙ୍କ ସମ୍ମିଳନ—1. Seven Brāhmaṇas assembled at one place. ୨ । (ଦ୍ୱିଗୁ) ସପ୍ତର୍ଷି (ଦେଖ)—2. Saptarshi (See).

ସପ୍ତଭଦ୍ର—ସଂ. ବି (ବୈଦ୍ୟକ) (ବହୁବ୍ରୀହି; ସପ୍ତ=ସାତ+ଭଦ୍ର
Sapta bhadra ଶୁଭକର)—ଶିରିଷ ବୃକ୍ଷ (ଭଦ୍ର ଚନ୍ଦ୍ରିକା)- Acaciā Lebbec (tree).

ସପ୍ତ ଭୁବନ—ସଂ. ବି (ସମାହାର ଦ୍ୱିଗୁ)—ସପ୍ତଲୋକ (ଦେଖ)—
Sapta bhubana Saptaloka (See).

ସପ୍ତମ—ସଂ. ବିଣ—(ସପ୍ତନ୍+ପୂରଣାର୍ଥେ ମ) ସାତସଂଖ୍ୟାର ପୂରକ—
Saptama (ସପ୍ତମା ସପ୍ତମୀ—ସ୍ତ୍ରୀ) Seventh.

ସପ୍ତମ ଗୃହ(ସ୍ଥାନ)—ସଂ. ବି (ଜ୍ୟୋତିଷ)—ଜାତକରେ ଲଗ୍ନଠାରୁ
Saptama gṛuha (sthāna) ୭ମ ଗୃହର ଅବସ୍ଥିତି; ରାଶିଚକ୍ରରେ ଲଗ୍ନଠାରୁ ୭ମ ସ୍ଥାନ—(Astrology) The seventh room counted from one's natal sign; [ଦ୍ର—ଜାତକର ଏହି ଗୃହ ଉକ୍ତ ବ୍ୟକ୍ତିଙ୍କ ଜାୟା ସ୍ଥାନ ଅଟେ । ଏହି ଗୃହରେ ଥିବା ଗ୍ରହର ପ୍ରକୃତି ଅନୁସାରେ ଉକ୍ତ ବ୍ୟକ୍ତିଙ୍କ ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ଅବସ୍ଥା ସୂଚିତ ହୁଏ ।

ସପ୍ତ ମଙ୍ଗଳା—ଦେ· ବି.—(ସଂ. ସପ୍ତ+ମଙ୍ଗଳ)—ବିବାହର ସପ୍ତମ
Sapta maṅgalā ଦିବସ ଓ ସେ ଦିନ କର୍ତ୍ତବ୍ୟ କର-
সাতমঙ্গলা विवाहकासप्तमदिन ଣୀୟ ବନ୍ଦାପନାଦି କର୍ମ- The 7th day of the marriage and the ceremonies performed on that day.

ସପ୍ତ ମନୁଷ୍ୟ—ସଂ· ବି—ମନୁଷ୍ୟମାନଙ୍କର ପୁରାଣୋକ୍ତ ସାତଜଣ ଆଦି-
Sapta manushya ପୁରୁଷ—Names of seven pro
(ସପ୍ତମନୁଷ୍ୟଗଣ—ଅନ୍ୟରୂପ) genitors of mankind.
[ଦ୍ର—ଶ୍ରାଦ୍ଧ ଓ ତର୍ପଣାଦିରେ ଏହି ସପ୍ତ ଆଦିପୁରୁଷଙ୍କୁ ପିଣ୍ଡ ଓ ଜଳୋଦକାଦି ଦିଆଯାଏ । ଏମାନଙ୍କ ନାମ, ଯଥା—ସନକ, ସନନ୍ଦ, ସନାତନ, କପିଳ, ବୋଢ଼, ଆସୁରି ଓ ପଞ୍ଚଶିଖ । 'ସନକ ଓ ସନନ୍ଦ' ଶବ୍ଦ ଦେଖ]

ସପ୍ତ ମରୀଚ(ମନ୍ତ୍ର)—ସଂ· ବି (ବହୁବ୍ରୀହି)—ଅଗ୍ନି (ଵିଶ୍ୱକୋଷ)—
Sapta maricha(mantra) Fire.

ସପ୍ତ ମାତୃକା—ସଂ. ବି—(ଦ୍ୱିଗୁ) ତାନ୍ତ୍ରିକମାନଙ୍କର ସାତ ଦେବତା—
Sapta mātṛukā A class of seven female Deities worshipped in Tantric rites.
[ଦ୍ର—ଏମାନଙ୍କର ନାମ, ଯଥା—ବ୍ରହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା]

ସପ୍ତମାଧିପତି—ସଂ. ବି.—(ଜ୍ୟୋତିଷ) ଲଗ୍ନଠାରୁ ୭ମ ଗୃହରେ ଥିବା
Saptamādhipati ଗ୍ରହ—The planet which presides in the seventh compartment. counted from one's 'Lagna'.

ସପ୍ତମୀ—ସଂ. ବିଣ. ସ୍ତ୍ରୀ—(ସପ୍ତମ+ଈ)—'ସପ୍ତମ' ଶବ୍ଦର ସ୍ତ୍ରୀଲିଙ୍ଗ—
Saptamī Feminine of Saptama. ସଂ· ବି.—
(ସପ୍ତମ—ପୁଂ) ୧ । ସପ୍ତମର ପୂରଣୀ ତିଥି; ପୂର୍ଣ୍ଣିମାର ପରଦିନ (କୃଷ୍ଣ ପ୍ରତିପଦ୍) ଠାରୁ କିମ୍ବା ଅମାବାସ୍ୟାର ପରଦିନ (ଶୁକ୍ଲ ପ୍ରତିପଦ୍) ଠାରୁ ଗଣାଯିବା ସପ୍ତମ ତିଥି—1. The seventh day of the dark or bright lunar fortnight of a month; the seventh day after the full moon or new moon. [ଦ୍ର—କୃଷ୍ଣ ପକ୍ଷର ସପ୍ତମୀକୁ କୃଷ୍ଣା ସପ୍ତମୀ ଓ ଶୁକ୍ଳ ପକ୍ଷର ସପ୍ତମୀକୁ ଶୁକ୍ଳା ସପ୍ତମୀ ବୋଲାଯାଏ । ଭିନ୍ନ ଭିନ୍ନ ଶୁକ୍ଳ-ସପ୍ତମୀରେ ନାନା ବ୍ରତ ଆଚରଣ କରିବା ପାଇଁ ପୁରାଣରେ ଉପଦେଶ ଅଛି । ତନ୍ମଧ୍ୟରେ ନିମ୍ନ ସପ୍ତମୀମାନ ପ୍ରଧାନ । ସପ୍ତମୀ ସୂର୍ଯ୍ୟମୂର୍ତ୍ତି ପ୍ରକାଶିତ ତିଥି ଥିବାରୁ ସପ୍ତମୀମାନଙ୍କରେ ସୂର୍ଯ୍ୟପୂଜା ଓ ଉପବାସାଦି କରିବାର ବିଧି ଅଛି । ମତ୍ସ୍ୟ ପୁରାଣର ୭୧ ଅଧ୍ୟାୟଠାରୁ ୭୫ ଅଧ୍ୟାୟ ମଧ୍ୟରେ ଭିନ୍ନ ଭିନ୍ନ ସପ୍ତମୀର ନାମ ଓ ବ୍ରତବିଧି ଲେଖା ଅଛି । ଯଥା—୧ । କଲ୍ୟାଣସପ୍ତମୀ, ୨ । ବିଶୋକ ସପ୍ତମୀ; ୩ । ଶର୍କରା ସପ୍ତମୀ, ୪ । କମଳ ସପ୍ତମୀ, ୫ । ମନ୍ଦାର ସପ୍ତମୀ, ୬ । ଶୁଭ ସପ୍ତମୀ ।

ଏହାଛଡ଼ା ଅନ୍ୟାନ୍ୟ ପୁରାଣୋକ୍ତ ନିମ୍ନ ସପ୍ତମୀମାନ ମଧ୍ୟ ହିନ୍ଦୁମାନଙ୍କ ପର୍ବ ରୂପରେ ଗଣ୍ୟ ହୋଇ ଆସୁଅଛି । ଯଥା—

୧ । ଅଚଳେଶ୍ୱର ସପ୍ତମୀ, ବା ମାକରୀ ସପ୍ତମୀ ବା ମାଘ ସପ୍ତମୀ ବା ରଥ ସପ୍ତମୀ ବା ଅରୁଣୋଦୟ ସପ୍ତମୀ ବା ଚନ୍ଦ୍ରଭାଗା ସପ୍ତମୀ ବା ମାଘୀ ସପ୍ତମୀ—

ଏହି ସପ୍ତମୀରେ ପ୍ରାତଃସ୍ନାନ, ଉପବାସ, ସୂର୍ଯ୍ୟପୂଜା ଓ ତୀର୍ଥସ୍ନାନ କରାଯାଏ । ଏହି ଦିନ ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରିରେ ମେଳା ହୁଏ । ପୁଣି ପୁରୀଜିଲ୍ଲାର ସମୁଦ୍ରୋପକୂଳସ୍ଥ କୋଣାର୍କ ବା ଚନ୍ଦ୍ରଭାଗା ତୀର୍ଥରେ ଅରୁଣୋଦୟ ବେଳାରେ ସ୍ନାନ କରି ଉଦୟମାନ ସୂର୍ଯ୍ୟଙ୍କୁ ଦର୍ଶନ କଲେ ମହାପୁଣ୍ୟ ହୁଏ ବୋଲି ବହୁ ସହସ୍ର ନରନାରୀ ଚନ୍ଦ୍ରଭାଗାଠାରେ ମାଘ ସପ୍ତମୀ ଦିନ ସୂର୍ଯ୍ୟୋଦୟ ପୂର୍ବେ ଏକତ୍ର ହୁଅନ୍ତି ।

ମାଘସପ୍ତମୀଠାରୁ ଆରମ୍ଭ କରି ବର୍ଷେ ପର୍ଯ୍ୟନ୍ତ ୧୨ଟି ସପ୍ତମୀରେ (ମଳମାସର ସପ୍ତମୀକୁ ଛାଡ଼ି) ଉପବାସ, ପ୍ରାତଃସ୍ନାନ ଓ ସୂର୍ଯ୍ୟପୂଜା ସହ କରାଯିବା ବ୍ରତକୁ 'ଆରୋଗ୍ୟ ବ୍ରତ' ବୋଲାଯାଏ । ଏହି ବ୍ରତର ବିଧାନ ବରାହପୁରାଣ, ଭବିଷ୍ୟ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି । ଏହି ବ୍ରତରେ ଆଦିତ୍ୟଙ୍କୁ ବିଷ୍ଣୁ ରୂପରେ କଳ୍ପନା କରି ପୂଜା କରାଯାଏ ଏବଂ ଏ ବ୍ରତ କଲେ ମନୁଷ୍ୟ ସବୁପ୍ରକାର ରୋଗରୁ ମୁକ୍ତ ହୁଏ । ଏହି ସପ୍ତମୀରେ ସ୍ନାନଦାନାଦି ସୂର୍ଯ୍ୟ-ଗ୍ରହଣ କାଳରେ ଅନୁଷ୍ଠିତ ସ୍ନାନଦାନାଦି ତୁଲ୍ୟ ଫଳଯୁକ୍ତ ଅଟେ ।

ଏହି ବ୍ରତ ଏକପ୍ରକାର ତପଶ୍ଚରଣ । ଅର୍କ ଗଛର ଅଗ୍ର ବା ଅଙ୍କୁର, ଯବପରିମିତ ଗୋମୟ, ଷୋଳନ ମରିଚ, ଜଳ, ଅପକ୍ୱ କଦଳୀର କଣ ପରିମିତ ମଧୁଘୃତ, ଯବ-ପରିମିତ କୁଷ୍ମାଣ୍ଡ ଭୋଜନ, ନକ୍ତବ୍ରତାଚରଣ, ମୟୂର ଡିମ୍ବପରି ଏକ ଗ୍ରାସ ମାତ୍ର ଭୋଜନ, ଅର୍ଦ୍ଧକୋଷ ପରିମିତ ଦୁଗ୍ଧପାନ, ସ୍ନାନାନ୍ତେ ବାୟୁଭୋଜନ, ପୌଷମାସରେ ଅଞ୍ଜଳି ଘୃତ ଭୋଜନ, ଏହିପରି ମାଘ ମାସରୁ ଆରମ୍ଭ କରି ଏକବର୍ଷ ପର୍ଯ୍ୟନ୍ତ ପ୍ରତି ସପ୍ତମୀରେ କରାଯାଏ । ପରେ ଭକ୍ତିପୂର୍ବକ ବ୍ରାହ୍ମଣଭୋଜନ କରାଇ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ତତ୍ପରବର୍ତ୍ତୀ ଅଷ୍ଟମୀ ଦିନ ଏ ବ୍ରତର ପାରଣା କରାଯାଏ (ବିଶ୍ୱକୋଷ ଉଦ୍ଧୃତ ତିଥିତତ୍ତ୍ୱ) । ଏ ଦିନ ଭୁବନେଶ୍ୱର ଲିଙ୍ଗରାଜ ଦେବଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା ।

୨ । କୁକ୍କୁଟୀ ସପ୍ତମୀ ବା ଲଳିତା ସପ୍ତମୀ—

ଏହାକୁ ଭାଦ୍ର ଶୁକ୍ଳ ସପ୍ତମୀ ବା କୋକଟ ବ୍ରତ ମଧ୍ୟ ବୋଲାଯାଏ । ଏଥିରେ ପାର୍ବତୀଙ୍କୁ ଓ ମହାଦେବଙ୍କୁ ପୂଜା କରାଯାଏ । ଏଥିରେ ସ୍ତ୍ରୀଲୋକମାନେ ଗଣ୍ଠି ପଡ଼ିଥିବା 'ବ୍ରତ' ବାହୁରେ ପିନ୍ଧନ୍ତି । ସମ୍ଭବତଃ କୁକ୍କୁଟୀମାନଙ୍କ ପରି ବହୁ ସନ୍ତାନ ପ୍ରସବ କାମନାରେ ସ୍ତ୍ରୀଲୋକମାନେ ଏ ବ୍ରତ ଆଚରଣ କରନ୍ତି ବୋଲି ଏ ସପ୍ତମୀର ଏହି ନାମ ହୋଇଅଛି ।

୩ । ପୋଥିପୂଜାସପ୍ତମୀ ବା ନବ ପତ୍ରିକା ସପ୍ତମୀ ବା ମହାସପ୍ତମୀ—

ଏହା ଆଶ୍ୱିନ ଶୁକ୍ଳ ସପ୍ତମୀ ଅଟେ । ଏ ଦିନ ଦୁର୍ଗାଙ୍କର ତିନଦିନ କର୍ତ୍ତବ୍ୟ ପୂଜା ଆରମ୍ଭ ହୁଏ ଏବଂ ନବ ପତ୍ରିକା ପୂଜା ଓ ଅସ୍ତ୍ରଶସ୍ତ୍ର ପୁସ୍ତକାଦିର ପୂଜା ହୁଏ ।

୪ । ଜହ୍ନୁ ସପ୍ତମୀ—ଏହା ବୈଶାଖ ଶୁକ୍ଳ ସପ୍ତମୀ ଅଟେ । ଏ ଦିନ ଜାହ୍ନବୀ ବା ଗଙ୍ଗାଙ୍କ ପୂଜା ହୁଏ ।

୫ । ମିତ୍ର ସପ୍ତମୀ—ମାର୍ଗଶିର ମାସର ଶୁକ୍ଳ ସପ୍ତମୀ ଦିନ ଏହା ପଡ଼େ ।

୬ । ଚୈତ୍ର ସପ୍ତମୀ—ଏହା ଚୈତ୍ର ମାସର ଶୁକ୍ଳପକ୍ଷ ସପ୍ତମୀରେ ହୁଏ । ଏ ଦିନ ଦୁର୍ଗାଙ୍କର ବାସନ୍ତୀ ପୂଜା କରାଯାଏ ।

୭ । ବିଜୟା ସପ୍ତମୀ—କୌଣସି ମାସର ଶୁକ୍ଳପକ୍ଷ ସପ୍ତମୀ ତିଥି ରବିବାରରେ ପଡ଼ିଲେ, ସେହିଦିନ ବିଜୟା ସପ୍ତମୀ ହୁଏ । ଭବିଷ୍ୟ ପୁରାଣରେ ଏହି ସପ୍ତମୀର ବିଧାନ ଲିଖିତ ହୋଇଅଛି । ଏଦିନ ଖାଣ୍ଡତଣ୍ଡୁଳର ଘୃତପ୍ଳୁତ ଅନ୍ନ ରାନ୍ଧି ସୂର୍ଯ୍ୟଙ୍କୁ ଚରୁ ବା ନୈବେଦ୍ୟ ଦେବାକୁ ହୁଏ । ଉକ୍ତ ଅନ୍ନରେ ଯେତେଗୋଟି ତଣ୍ଡୁଳ ଥାଏ, ପୂଜକ ଦେହାନ୍ତେ ସେତେ ସହସ୍ର ବର୍ଷ ସୂର୍ଯ୍ୟଲୋକରେ ବାସ କରନ୍ତି ।]

୨ । (ବ୍ୟାକରଣ) ସପ୍ତମୀ ବିଭକ୍ତି; ଅଧିକରଣ କାରକର ବିଭକ୍ତି । ବିଶେଷ୍ୟ ଓ ସର୍ବନାମ ପଦର ବିଭକ୍ତି ବିଶେଷ— 2. (Grammar) The seventh case of nouns and pronouns. [ଦ୍ର—ସପ୍ତମୀ ବିଭକ୍ତିର ଚିହ୍ନ, —ରେ, ଠାରେ । ପୁଣି ଅକାରାନ୍ତ ଶବ୍ଦର ଶେଷାକ୍ଷରରେ ଏକାର ଯୋଗକରି ମଧ୍ୟ ଏହି ବିଭକ୍ତିଚିହ୍ନ ସ୍ଥଳେ ସ୍ଥଳେ ଦେଖାଇଦିଆଯାଏ; ଯଥା—ଘରେ (ଘରରେ) ଖାଦ୍ୟ ନାହିଁ । ଆଜି କାଲି ଓଡ଼ିଆ କବିମାନେ ଅକାରାନ୍ତ ଶବ୍ଦ ଛଡ଼ା ଅନ୍ୟ ଶବ୍ଦକୁ ଅକାରାନ୍ତରୂପେ କଳ୍ପନା କରି ଏକାର ଯୋଗ କରି ସପ୍ତମୀ ବିଭକ୍ତିକୁ ଚଳାଇଲେଣି; ଯଥା—ରାତିରେ, ସ୍କୁଲରେ ରାତେ । ଏପରି ବ୍ୟବହାର ଦୂଷ୍ୟ । ସପ୍ତମୀ ବିଭକ୍ତିର ପ୍ରୟୋଗ ଓଡ଼ିଆ ଭାଷାରେ ନାନା ସ୍ଥଳରେ ହୋଇଥାଏ । ଯଥା—

୧ । ବିଷୟାଧିକରଣରେ ସପ୍ତମୀ—ଖାଇବା(ବିଷୟ)ରେ ତାକୁ କେହି ଜିଣିବ ନାହିଁ ।

୨ । ସ୍ଥାନାଧିକରଣରେ ସପ୍ତମୀ—କଟକ(ସ୍ଥାନ)ରେ କଲେଜ ଅଛି ।

୩ । ନିର୍ଦ୍ଧାରଣାଧିକରଣରେ ସପ୍ତମୀ—ପଶୁମାନଙ୍କ ମଧ୍ୟ (ଶ୍ରେଣୀ)ରେ ସିଂହ ବଳବାନ୍ । ମନୁଷ୍ୟମାନଙ୍କରେ ରାଜା ଶ୍ରେଷ୍ଠ ।

୪ । କାଳାଧିକରଣରେ ସପ୍ତମୀ-ଖରାଦିନେ (ଗ୍ରୀଷ୍ମକାଳରେ) ଅମ୍ବ ପାଚେ ।

୫ । ପାରଙ୍ଗମ, ସାଧୁ, କୁଶଳ, ନିପୁଣ, ଉତ୍ସୁକ, ସାକ୍ଷୀ ପ୍ରଭୃତି ଶବ୍ଦର ପୂର୍ବରେ ଥିବା ବିଶେଷ୍ୟରେ ସପ୍ତମୀ— କାର୍ଯ୍ୟରେ ନିପୁଣ, ବିଦ୍ୟାରେ କୁଶଳ ।

୬ । ଭାବାଧିକରଣରେ ସପ୍ତମୀ—ସୂର୍ଯ୍ୟୋଦୟରେ (ସୂର୍ଯ୍ୟୋଦୟ ଭାବ ବା ଅବସ୍ଥା ଘଟିଲେ) ପଦ୍ମ ଫୁଟେ ।

୭ । ସମୀପାର୍ଥରେ ସପ୍ତମୀ—ଅଳ୍ପ ମୋଠାରେ ପଇସାଟାଏ ସୁଦ୍ଧା ନାହିଁ ।

୮ । ହେତ୍ୱର୍ଥକ ଶବ୍ଦର ପରେ—କି କାରଣରେ (କା ହେତୁରେ) ଆପଣ ମତେ ଡକାଇଲେ ? କି ଯୋଗେ ମତେ ଡାକିଲେ ?

୯ । ଦୂର ଓ ଅନ୍ତିକାର୍ଥ ଶବ୍ଦ ପରେ—ତାଙ୍କ ନିକଟରେ ବସ; ସେ ବହୁଦୂରରେ ଅଛନ୍ତି ।

୧୦ । ଆଧାରାର୍ଥରେ ସପ୍ତମୀ—ବାକ୍ସ(ଆଧାର)ରେ ଧନ ଅଛି; ପୋଖରୀରେ ମାଛ ଅଛି ।

୧୧ । ଏକଦେଶାର୍ଥ ବା ଏକକାଳାର୍ଥରେ ସପ୍ତମୀ— ନଈରେ (ନଈର ଏକ ଦେଶରେ) କୁମ୍ଭୀର ଅଛି; ବଣରେ

ବାସ ଅଛି; ଦ୍ୱାପର(ଦ୍ୱାପରର ଏକ ସମୟରେ)ରେ କୃଷ୍ଣ ଜନ୍ମିଥିଲେ ।

୧୨ । କ୍ୟାପ୍ତ୍ୟର୍ଥରେ ସପ୍ତମୀ—ଦୁଧରେ (ଦୁଧସାର ବ୍ୟାପି) ଶର୍କରା ଅଛି, ତିଳରେ ତୈଳ ଅଛି ।

ସପ୍ତମୀଜ—ସଂ. ବିଣ. ପୁଂ (ସପ୍ତମୀ+ଜନ୍. ଧାତୁ+କର୍ତ୍ତି. ଅ)— Saptamija ଯେଉଁ ବ୍ୟକ୍ତି ସପ୍ତମୀ ତିଥିରେ ଜନ୍ମଗ୍ରହଣ କରଅଛନ୍ତି—(ସପ୍ତମୀଜା—ସ୍ତ୍ରୀ) Born on the 7th day of the lunar fortnight. [ଦ୍ର—କୋଷ୍ଠୀପ୍ରଦୀପ ଗ୍ରନ୍ଥ ମତରେ ସପ୍ତମୀରେ ଜାତ ହେବା ବ୍ୟକ୍ତି ଉଦ୍ୟମପ୍ରିୟ, ବୈରିନାଶକ, ବିଶାଳନେତ୍ର, ଯଶସ୍ୱୀ, ଦେବଦ୍ୱିଜପୂଜକ ଓ ପିତୃଭକ୍ତିହୀନ ହୁଅନ୍ତି ।]

ସପ୍ତମୀ ତତ୍ପୁରୁଷ—ସଂ.ବି—ତତ୍ପୁରୁଷ ସମାସବିଶେଷ; ଯେଉଁ ତତ୍ପୁରୁଷ Saptami tat-purusha ସମାସରେ ସପ୍ତମୀବିଭକ୍ତିର ଚିହ୍ନର ଲୋପ ହୁଏ—A compound word in which one of the component parts has the 7th case-ending. (ଯଥା—ରଣରେ ପଣ୍ଡିତ—ରଣପଣ୍ଡିତ
ଜଳରେ ମଗ୍ନ—ଜଳମଗ୍ନ
ବାକ୍ୟରେ ପଟୁ—ବାକ୍ପଟୁ
ସୁପାଦରେ ନ୍ୟସ୍ତ—ସୁପାଦନ୍ୟସ୍ତ) ।

ସପ୍ତମୀ ପୂଜା—ସଂ. ବି—୧ । ସପ୍ତମୀ ତିଥିରେ ଅନୁଷ୍ଠିତ ସୂର୍ଯ୍ୟ, Saptami pūjā ଦୁର୍ଗା, ଶିବ ଓ ବିଷ୍ଣୁ ଆଦି ଦେବତାଙ୍କ ପୂଜା—1. The worship of certain Deities performable on the senventh days of lunar fortnight. ୨ । ଆଶ୍ୱିନ ଶୁକ୍ଳା ସପ୍ତମୀ ଦିନ ଆରମ୍ଭ ନବପତ୍ରିକା ଦୁର୍ଗାପୂଜା—2. The worship of the Goddess Durgā begun on the 7th day of the bright lunar fortnight of Āswina. ୩ । ଚୈତ୍ର ଶୁକ୍ଳା ସପ୍ତମୀ ଦିନ ଆରମ୍ଭ ବାସନ୍ତୀ ଦୁର୍ଗାପୂଜା—3. The worship of Durgā begun on the 7th day of the bright lunar fortnight of the month of Chaitra.

ସପ୍ତମୀ ବିଭକ୍ତି—ସ.ବି—(ବ୍ୟାକରଣ) ଅଧିକରଣ କାରକର ଚିହ୍ନ (ଏଥିର Saptami bibhakti ଚିହ୍ନ;—ରେ,ପରେ,ମଧ୍ୟରେ,ଥିରେ,ଠାରେ ଆଦି)—(Grammar) The signs of the seventh case-ending. [ଦ—'ସପ୍ତମୀ' ଶବ୍ଦର ଦ୍ୱିତୀୟ ଅର୍ଥ ତଳେ ନୋଟ୍ ଦେଖ ।]

ସପ୍ତ ରକ୍ତ—ସଂ. ବି—(ଦ୍ୱିଗୁ; ସପ୍ତନ୍+ରକ୍ତ=ରକ୍ତବର୍ଣ୍ଣ ଅବୟବ)— Sapta rakta ଶରୀରର ରକ୍ତବର୍ଣ୍ଣ ବା ରକ୍ତାଭ ସାତ ଗୋଟି ଅବୟବ (ଯଥା—କରତଳ, ପାଦତଳ, ନେତ୍ରପ୍ରାନ୍ତ, ଜିହ୍ୱା, ତାଳୁ, ଓଷ୍ଠ ଓ ନଖ)—The seven reddish parts of the body (e. g. palms; soles, ends of the eyes, tongue, palate, lips and nails.

ସପ୍ତ ରାତ୍ର—ସ.ବି (ସମାହାର ଦ୍ୱିଗୁ)—ସପ୍ତାହ; ଲଗେଲଗେ ସାତଦିନ ଓ Sapta rātra ସାତରାତ୍ରି ବ୍ୟାପୀ ସମୟ—A week.

ସପ୍ତର୍ଷି—ସଂ. ବି (ସପ୍ତନ୍+ଋଷି; ସମାହାର ଦ୍ୱିଗୁ)—ସାତ ଜଣ Saptarshi ପ୍ରଧାନ ଋଷିଙ୍କ ସମୂହ । (ଯାହାଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯାଏ ଓ ତର୍ପଣ କରାଯାଏ)—Seven of the famous sages. [ଦ୍ର—ନକ୍ଷତ୍ର ଶବ୍ଦ ତଳେ ନୋଟ୍ ଦେଖ) । ଏମାନଙ୍କ ନାମ ଯଥା—୧. ମରୀଚି, ୨. ଅତ୍ରି- ୩. ଅଙ୍ଗିରା, ୪. ପୁଲସ୍ତ୍ୟ, ୫. ପୁଲହ, ୬. କ୍ରତୁ ଓ ୭. ବଶିଷ୍ଠ । ଏମାନଙ୍କ ସ୍ତ୍ରୀମାନଙ୍କ ନାମ ଯଥାକ୍ରମେ—୧. ସଂଭୂତି, ୨. ଅନସୂୟା, ୩. କ୍ଷମା, ୪. ପ୍ରୀତି, ୫. ସନ୍ନତି ୬. ଲଜ୍ଜା, ଓ ୭. ଅରୁନ୍ଧତୀ । ପଦ୍ମପୁରାଣ ସ୍ୱର୍ଗଖଣ୍ଡ ୧୧ଶ ଅଧ୍ୟାୟରେ ଲେଖାଅଛି ଯେ,ଏ ଋଷିମାନେ ଜଗତରେ ପ୍ରଜା ସୃଷ୍ଟିପାଇଁ ବିଧାତାଙ୍କ ଦ୍ୱାରା କଳ୍ପିତ ହୋଇଥିଲେ । ଏମାନେ ବ୍ରହ୍ମାଙ୍କର ମାନସ-ପୁତ୍ର ଅଟନ୍ତି ଏମାନଙ୍କୁ ମଧ୍ୟ ସପ୍ତ-ବ୍ରାହ୍ମଣ ବୋଲାଯାଏ । ଏମାନେ ଲୋକପିତା ଅଟନ୍ତି ଓ ଏମାନଙ୍କ ସ୍ତ୍ରୀମାନେ ଲୋକମାତା ଅଟନ୍ତି । ଏମାନଙ୍କ ତପସ୍ୟାଦ୍ୱାରା ତ୍ରିଭୁବନ ଅଭୟ ହୋଇ ରହିଅଛି । ଏମାନେ ସର୍ବଦା ତ୍ରିସନ୍ଧ୍ୟାରେ ଉପାସନା ଓ ଗାୟତ୍ରୀ ଜପ କରୁଅଛନ୍ତି ବୋଲି କଥିତ ।] ୨ । ସପ୍ତର୍ଷିମଣ୍ଡଳ (ଦେଖ)— 2. Saptarshi maṇḍaḷa. (See)

ସପ୍ତର୍ଷି ମଣ୍ଡଳ—ସ. ବି—ଉତ୍ତରଆକାଶର ସୁପରିଚିତ ୭ଟି ନକ୍ଷତ୍ରର ପୁଞ୍ଜ— Saptarshi maṇḍaḷa The constellation of the Great Bear (Ursa Major) which rises & sets round the Polestar in the northen sky. [ଦ୍ର—ଏ ନକ୍ଷତ୍ରମାନଙ୍କ ସଂଖ୍ୟା ସାତ । ଉତ୍ତରଆକାଶରେ ଧ୍ରୁବନକ୍ଷତ୍ରର ଚାରିଆଡ଼େ ବୁଲୁଥିବା ପରି ଏହି ନକ୍ଷତ୍ର ମଣ୍ଡଳ ଦେଖାଯାଏ । ଏହି ମଣ୍ଡଳର ଆକାର ଗୋଟିଏ ପୁଚ୍ଛଯୁକ୍ତ ଚତୁର୍ଭୁଜ ବା ହୋଇଲଗା ପୁଞ୍ଜସଦୃଶ । ପୁରାଣ ମତରେ ଏହି ସାତ ଗୋଟି ନକ୍ଷତ୍ର ଯଥାକ୍ରମେ ମରୀଚି, ଅତ୍ରି ଆଦି ପୂର୍ବୋକ୍ତ ସାତ ଗୋଟି ଋଷି ଅଟନ୍ତି । ଏମାନଙ୍କର ଅବସ୍ଥିତି



ଏହିପରି ଅଟେ । ଏହି ନକ୍ଷତ୍ରପୁଞ୍ଜର ଚତୁର୍ଭୁଜର ବାମପ୍ରାନ୍ତ ବା ମୁଣ୍ଡଅଡ଼ର ଦୁଇଟି ନକ୍ଷତ୍ରକୁ ଯୋଗ କରିବା କଳ୍ପିତ ରେଖାକୁ ଆକାଶରେ ବଢ଼ାଇଲେ ତାହା ଧ୍ରୁବ ନକ୍ଷତ୍ରକୁ ପ୍ରାୟ ସ୍ପର୍ଶ କରେ । ଏହି ସପ୍ତର୍ଷି ମଣ୍ଡଳ ରାତ୍ରିରେ ଭିନ୍ନ ଭିନ୍ନ ଅବସ୍ଥାନରେ ଧ୍ରୁବ ନକ୍ଷତ୍ରର ଚାରିଆଡ଼େ ବେଙ୍ଗଳା ଚୁଲିବାପରି ଘାଣ୍ଟି ଖାଇ ବୁଲୁଥାଆନ୍ତି । ଏଥିପାଇଁ କବିବର ରାଧାନାଥ ମହାଯାତ୍ରାରେ ବର୍ଣ୍ଣନା କରିଅଛନ୍ତି—"ମେରୁ ଜନେ ସପ୍ତର୍ଷିର ସୁବର୍ଣ୍ଣ ବେଙ୍ଗଳା"।

ଏହିମାନଙ୍କୁ କାଳ୍ପନିକ ରେଖାମାନଙ୍କଦ୍ୱାରା ଯୋଗ କଲେ ଏହା ଗୋଟିଏ କାଳ୍ପନିକ ଭଲ୍ଲୁକ ପରି ଦେଖାଯିବ ଓ ଏହି ନକ୍ଷତ୍ରମଣ୍ଡଳର କଳ୍ପିତ ଲାଞ୍ଜ ଉକ୍ତ କଳ୍ପିତ ଭଲ୍ଲୁକର ଲାଞ୍ଜ ହେବ। ଏଥିପାଇଁ ଇଂରାଜୀରେ ଏହି ମଣ୍ଡଳକୁ ବୃହତ୍ ଋକ୍ଷପୁଞ୍ଜ (Ursa Major ବା The Great Bear) ବୋଲାଯାଏ। ଏହି ନକ୍ଷତ୍ରପୁଞ୍ଜର କଳ୍ପିତ ଲାଞ୍ଜର ମଝି ନକ୍ଷତ୍ରଟି ବଶିଷ୍ଠ ନାମରେ ଅଭିହିତ। ଏହି ବଶିଷ୍ଠ ନକ୍ଷତ୍ର ପାଖରେ ଆଉ ଗୋଟିଏ କ୍ଷୁଦ୍ର ନକ୍ଷତ୍ର ଦେଖାଯାଏ; ତାହା ବଶିଷ୍ଠଙ୍କ ସ୍ତ୍ରୀ ଅରୁନ୍ଧତୀ। କଥିତ ଅଛି ଯେ, ଯେଉଁ ମନୁଷ୍ୟକୁ ଖାଲି ଆଖିରେ ଏହି ଅରୁନ୍ଧତୀ ନକ୍ଷତ୍ର ଦେଖା ନ ଯାଏ, ୬ ମାସ ମଧ୍ୟରେ ସେ ଲୋକର ମୃତ୍ୟୁ ଘଟେ। ମରୀଚ ଆଦି ସାତଟି ଋଷି ଏହି ନକ୍ଷତ୍ରପୁଞ୍ଜରୂପେ ଧ୍ରୁବମଣ୍ଡଳର (ଧ୍ରୁବଲୋକ) ତଳରେ ବିରାଜିତ ବୋଲି ପୁରାଣରେ ଲିଖିତ ଅଛି।]

ସପ୍ତଲା—ସଂ. ବି. ସ୍ତ୍ରୀ— (ସପ୍ତନ୍=ସାତ ଗୋଟି ଫଳ ବା ପାଖୁଡ଼ା+ Saptalā ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ ଅ+ଆ ସ୍ତ୍ରୀ)— ୧। ନବମଲ୍ଲିକା ଫୁଲ; କଅଁଳୀ ଫୁଲ—1. A sort of Jasmine; Jasminum Zambac. ୨। କୁଞ୍ଚ; କାଇଁଚ—2. A sort of black-tipped red or white seed enclosed in a pod; Abrus Precatorius. ୩। ଚର୍ମକଷା; ଦେଉଳଅ ସିଙ୍ଘ (ଗଛ) —3. Origanum Vulgaris (tree). ୪। ମାଂସରୋହିଣୀ ନାମକ ବୃକ୍ଷ—4. Red wood tree; Soymida Febrifuga.

ସପ୍ତ ଲୋକ—ସଂ. ବି.—(ସପ୍ତନ୍+ଲୋକ; ସମାହାର ଦ୍ୱିଗୁ)—ହିନ୍ଦୁ Sapta loka ପୁରାଣୋକ୍ତ ୭ ଗୋଟି ଊର୍ଦ୍ଧ୍ୱ ଭୁବନ—The seven upper worlds according to the Hindu mythology. [ଦ୍ର—ଏହି ସପ୍ତଲୋକର ନାମ ଯଥାକ୍ରମେ—ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟମ୍। ପୃଥିବୀ (ଭୂଃ) ଓ ପୃଥିବୀ ଉପରେ ଥିବା ଅବଶିଷ୍ଟ ଗୋଟି କଳ୍ପିତ ଭୁବନ ସପ୍ତଲୋକ ନାମରେ ଅଭିହିତ।]

ସପ୍ତ ଶତ—ସଂ. ବି. ଓ ବିଣ—(ସଂଖ୍ୟାବାଚକ; ସପ୍ତନ୍+ଶତ)— Sapta śata ସାତ ଶହ—Seven hundred. [ଦ୍ର—ଏହିପରି ସପ୍ତସହସ୍ର, ସପ୍ତଲକ୍ଷ, ସପ୍ତକୋଟି ଆଦି ଶବ୍ଦ ହୁଏ।]

ସପ୍ତଶତିକା—ସଂ. ବିଣ. ସ୍ତ୍ରୀ—(ସପ୍ତଶତ+କ+ଆ)—ସପ୍ତଶତ ଶ୍ଳୋକ Sapta śatikā ବିଶିଷ୍ଟ—(feminine) Having seven (ସପ୍ତଶତୀ—ଅନ୍ୟରୂପ) hundred slokas. ସଂ. ବି.—(ସାତ ଶହ ଶ୍ଳୋକଯୁକ୍ତ ଗ୍ରନ୍ଥ)—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ ବା ଚଣ୍ଡୀ ନାମକ ଗ୍ରନ୍ଥ—The book called Chandi which consists of 700 slokas. [ଦ୍ର—ଏଥିରେ ଦୁର୍ଗାଙ୍କ ଦ୍ୱାରା ଭିନ୍ନ ଭିନ୍ନ ଅସୁରଙ୍କ ବଧ ଓ ତାହାଙ୍କର ଇତିହାସ ବର୍ଣ୍ଣିତ ହୋଇଅଛି। ଏଥିରେ ଆଦ୍ୟଚରିତ ୧ ଅଧ୍ୟାୟରେ ୧୦୪ ଶ୍ଳୋକ, ମଧ୍ୟଚରିତ ୩ ଅଧ୍ୟାୟରେ ୧୫୫ ଶ୍ଳୋକ ଓ ଉତ୍ତରଚରିତ ୯ଅଧ୍ୟାୟରେ ୪୪୧ଶ୍ଳୋକ ଅଛି। ମୋଟରେ ୩ ଚରିତରେ ୧୩ ଅଧ୍ୟାୟରେ ୭୦୦ ଶ୍ଳୋକ ଅଛି। ଭଗବଦ୍‌ଗୀତାକୁ ମଧ୍ୟ ସପ୍ତଶତୀ ବୋଲାଯାଇପାରେ, କାରଣ ଏଥିରେ ଶ୍ଳୋକ ସଂଖ୍ୟା ୭୦୦ (ଚିନ୍ତାକୋଷ)। ଦେ. ବି.— ପୂର୍ବକାଳେ ବଙ୍ଗଦେଶରେ ପୂର୍ବେ ବାସ କରୁଥିବା ସାତ ଶହ ବ୍ରାହ୍ମଣ ପରିବାରଙ୍କ ସମବାୟ—The aggregate of 700 families of Brāhmaṇas who were formerly living in Bengal.

ସପ୍ତ ଶଯ୍ୟା—ଦେ. ବି.—(ସପ୍ତ ସଂଖ୍ୟକ ଶଯ୍ୟା ଯାହାର; ବହୁବ୍ରୀହି)— Sapta śajjyā ଢେଙ୍କାନାଳ ରାଜ୍ୟସ୍ଥିତ ସାତଗୋଟି ସ୍ତର ବା ଶ୍ରେଣୀ ବିଶିଷ୍ଟ ପାହାଡ଼ର ନାମ—Name of a range of सप्तशय्या सपतशयया seven layers of hills in the Dhenkanal State of Orissa. [ଦ୍ର—ଶ୍ରୀରାମଚନ୍ଦ୍ର ଧାମ ସପ୍ତଶଯ୍ୟା-ଶିଖରଶୃଙ୍ଗେ ଭଜ ଲୋ—ରାଧାନାଥ ଗ୍ରନ୍ଥ]. [ଦ୍ର—ଏହି ପାହାଡ଼ରେ ଗୋଟିଏ ସ୍ୱାସ୍ଥ୍ୟକର ଝର ଅଛି ଓ ଏହା ଉପରେ ଥିବା ଜଙ୍ଗଲରେ ଲେମ୍ବୁ, ଟଭା, କଦଳୀ, କେଉଟ, ଧାନୁଆ ଇତ୍ୟାଦି ପ୍ରଭୃତି ଅନେକ ଗଛ ଅଛି। ସ୍ଥାନୀୟ ଲୋକେ ଏ ସବୁକୁ ଖାଦ୍ୟପାଇଁ ସଂଗ୍ରହ କରନ୍ତି। ଢେଙ୍କାନାଳ ଗଡ଼ଠାରୁ ସାତ ମାଇଲ ଦୂରରେ ଦକ୍ଷିଣପୂର୍ବ କୋଣରେ ଏହି ପର୍ବତ ଅବସ୍ଥିତ।]

ସପ୍ତଶଲାକ—ସଂ. ବିଣ—(ସପ୍ତନ୍+ଶଲାକା; ସପ୍ତଶଲାକା ଅଛି ଯହିଁରେ; Sapta śalāka ବହୁବ୍ରୀହି)—ସାତ ଗୋଟି ଶଲାକା ଯୁକ୍ତ— Having seven rods, pins or straight lines. ୨। ସପ୍ତଶଲାକ ଚକ୍ର (ଦେଖ)—2. Sapta-śalāka chakra (See)

ସପ୍ତ ଶଲାକ ଚକ୍ର—ସଂ. ବି.—(ସପ୍ତନ୍+ଶଲାକା=ରେଖା; ସମାହାର Sapta śalāka chakra ଦ୍ୱିଗୁ ଓ କର୍ମଧା)—ଜ୍ୟୋତିଷ (ଫଳିତ) ମତରେ ବିବାହର ଶୁଭାଶୁଭ ଦିନ ଜାଣିବା ନିମନ୍ତେ ଅଙ୍କିତ ଉର୍ଦ୍ଧ୍ୱଗ ସପ୍ତରେଖା ବିଶିଷ୍ଟ ଚକ୍ର ବିଶେଷ—An astrological figure consisting of seven lines crossing 7 other lines and drawn to ascertain an auspicious day for marriage. [ଦ୍ର—ସାତ ଗୋଟି ଠିଆ ରେଖା କାଟି ତାକୁ ଆଉ ସାତ ଗୋଟି ରେଖା ଦ୍ୱାରା ଛେଦିବାକୁ ହୁଏ ଓ ଏହିପରି ଛେଦ ହୋଇଥିବା ୧୪ ରେଖାର ମୁଣ୍ଡରେ କୃତ୍ତିକା (୩ୟ) ନକ୍ଷତ୍ର ଠାରୁ ଆରମ୍ଭ କରି ତାହାର ଡାହାଣକୁ ନକ୍ଷତ୍ରମାନ ସଂଖ୍ୟା କ୍ରମେ ବସାଇ ଯିବାକୁ ହୁଏ ଓ ୨୧ (ଉତ୍ତରାଷାଢ଼ା) ପରେ ୦ (ଶୂନ୍ୟ ଅର୍ଥାତ୍ ଅଭିଜିତ୍ ନାମକ ନକ୍ଷତ୍ର) ଲେଖି, ତହିଁ ପରେ ୨୨ (ଶ୍ରବଣା) ଲେଖି ୧୪ଟି ରେଖାର ୨୮ଟି ଅଗ୍ରଭାଗ ପୂରଣ କରାଯାଏ। ଯଥା, ୩।୪।୫।୬।୭।୮।୯।୧୦।୧୧।୧୨।୧୩।୧୪।୧୫।୧୬। ୧୭।୧୮।୧୯।୨୦।୨୧।୦।୨୨।୨୩।୨୪।୨୫।୨୬।୨୭।୧।୨।

ଯେଉଁ ନକ୍ଷତ୍ରରେ ବିବାହର ଦିନ ସ୍ଥିର ହୋଇଥିବ, ଏହି ଚକ୍ର ଅନୁସାରେ ସେହି ନକ୍ଷତ୍ରର ବିପରୀତ ମୁଣ୍ଡରେ ଅବସ୍ଥିତ ନକ୍ଷତ୍ର ପ୍ରଥମ ନକ୍ଷତ୍ରର ବେଧ ଅର୍ଥାତ୍ ପ୍ରତିକୂଳ ଅଟେ; କିନ୍ତୁ ବିଦ୍ଧ ନକ୍ଷତ୍ରରେ ଯଦି ଚନ୍ଦ୍ର କିମ୍ବା ଅନ୍ୟ ଗ୍ରହ ସେ ଦିନ ଅବସ୍ଥାନ କରୁଥିବା ଦେଖାଯାଏ, ତେବେ ଏହା 'ସପ୍ତଶଳାକ ବେଧ' ନାମକ ଦୋଷଯୁକ୍ତ ବୋଲି ବିବେଚିତ ହୁଏ ଓ ଏହି ନକ୍ଷତ୍ରଯୁକ୍ତ ତିଥିରେ ବିବାହ କଲେ କନ୍ୟା ବିଧବା ହୁଏ ।

(୩) କୃତ୍ତିକା ସହିତ ଶ୍ରବଣା (୨୨)ର ବେଧ ଅଟେ
(୪) ରୋହିଣୀ ,, ଅଭିଜିତ୍ (୦) ,,
(୫) ମୃଗଶିର ,, ଉତ୍ତରାଷାଢ଼ା (୨୧) ,,
(୬) ଆର୍ଦ୍ରା ,, ପୂର୍ବାଷାଢ଼ା (୨୦) ,,

ସପ୍ତଶଳାକ ବେଧ—ସଂ. ବି (ଜ୍ୟୋତିଷ)—Saptaśalāka bedha ସପ୍ତଶଳାକ ଚକ୍ର ପାତକ ଦ୍ୱାରା ଗଣନା କରି ଗଲେ ବିବାହ ପାଇଁ ସ୍ଥିରୀକୃତ ତିଥିର ନକ୍ଷତ୍ରରେ ଘଟିବା ଅଶୁଭକର ଦୋଷ—The inauspicious condition of an asterism, found out by calculation by drawing the Saptaśalāka chakra. (ସପ୍ତଶଳାକ ଚକ୍ର ତଳେ ନୋଟ୍ ଦେଖ) ।

ସପ୍ତ ଶାଳ—ସଂ. ବି.—Saptaśāla ରାମାୟଣ ବର୍ଣ୍ଣିତ ଏକତ୍ରାବସ୍ଥିତ ସାତଗୋଟି ସେଙ୍ଗା ଓ ସିଧା ଶାଳଗଛ—Seven Śāla trees which grew together, as described in the Rāmāyaṇa and which were simultanneously pierced with one arrow by Rāmachandra.

ସପ୍ତ ଶିର—ସଂ. ବି (ସପ୍ତନ୍+ଶିର ଯାହାର; ବହୁବ୍ରୀହି, ଏହି ପତ୍ରରେ ସାତ ଗୋଟି ଶିର ଥିବାରୁ)—Sapta śirā ନାଗବଲ୍ଲୀ (ରାଜନିର୍ଘଣ୍ଟ)—The betel plant. ଦେ. ବି—ସଂ, ସପ୍ତଶିରସ୍—ସାତଟି ମସ୍ତକ ବିଶିଷ୍ଟ) ସହସ୍ରରାବଣର ଜଣେ ମନ୍ତ୍ରୀ—Name of a minister of Sahasrā Rābaṇa.

सप्तशिरा
सपतशिरा

ସପ୍ତ ଶୀର୍ଷ—ସଂ. ବି ବହୁବ୍ରୀହି —କୃତ୍ତିକା ନକ୍ଷତ୍ର—Sapta śirsha The Kṛuttikā asterism.
[ଉ—କୃତ୍ତିକା ତାହା ଶୁଣି ମାନସରେ ଭୟ, ଆକାଶରେ ଯାଇ ରହିଲେ ବାସ କରି । ଅଦ୍ୟାପି ସପ୍ତଶୀର୍ଷ ନାମରେ ବ୍ୟକ୍ତ × × ×
କୃଷ୍ଣସିଂହ. ମହାଭାରତ, ବନ ।]

ସପ୍ତ ଶୂନ୍ୟ—ସଂ. ବି—ଜ୍ୟୋତିଷ ଗଣନା କ୍ରମେ ଗ୍ରହମାନଙ୍କର Sapta śūnya ଅମଙ୍ଗଳସୂଚକ ଅବସ୍ଥାନ ବିଶେଷ—A very inauspicious conjunction of planets according to a particular astrological calculation. [ଦ୍ର—ଜ୍ୟୋତିଷ ଗଣନା କ୍ରମେ କୌଣସି ଜାତକରେ ନିପାତ, ସପ୍ତଶୂନ୍ୟ ଯୋଗ ଘଟିଲେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବାର ଆଶଙ୍କା ହୁଏ ।]

ସପ୍ତଷଷ୍ଠ—ସଂ. ବିଣ—(ସପ୍ତଷଷ୍ଟି + ପୂରଣାର୍ଥେ ଅ)—ସତଷଠିର ପୂରଣ—Saptashashṭha Sixtyseventh. (ସପ୍ତଷଷ୍ଟିତମ—ଅନ୍ୟରୂପ)

ସପ୍ତଷଷ୍ଟି—ସଂ. ବି ଓ ବିଣ—(ସଂଖ୍ୟାବାଚକ, ସପ୍ତ ଅଧିକ ଷଷ୍ଟି)—Sapta shashṭhi ଷାଠିଏରୁ ସାତ ଅଧିକ—Sixty-seven.

ସପ୍ତସପ୍ତକ—ସଂ. ବି ଓ ବିଣ—(ସଂଖ୍ୟାବାଚକ; ସପ୍ତଗୁଣିତ ସପ୍ତ+କ)—Saptasaptaka ଅଣଚାଶ (ଶବ୍ଦକୋଷ)—Fortynine.

ସପ୍ତସପ୍ତତି—ସଂ. ବି ଓ ବିଣ—(ସଂଖ୍ୟାବାଚକ; ସପ୍ତ ଅଧିକ ସପ୍ତତି)—Saptasaptati ୭୭; ସତସ୍ତରି—77; seventyseven.

ସପ୍ତସପ୍ତତିତମ—ସଂ. ବିଣ. (ସପ୍ତସପ୍ତତି+ପୂରଣାର୍ଥେ ତମ)—ସତସ୍ତରି Saptasaptatitama ସ୍ଥାନୀୟ—Seventyseventh.

ସପ୍ତସପ୍ତି—ସଂ. ବି—(ସପ୍ତନ୍+ସପ୍ତି=ଘୋଡ଼ା ଅଛନ୍ତି ଯାହାଙ୍କ Saptasapti ରଥରେ; ବହୁବ୍ରୀହି)—ସପ୍ତାଶ୍ୱ; ସୂର୍ଯ୍ୟ (ହେମଚନ୍ଦ୍ର)—The sun (who, according to the Hindu mythology, has seven horses in his one-wheeled chariot).

ସପ୍ତ ସମୁଦ୍ର—ସଂ. ବି—(ସମାହାର ଦ୍ୱିଗୁ)—ସପ୍ତସିନ୍ଧୁ; ହିନ୍ଦୁ ପୁରାଣ Sapta samudra ମତରେ ମେରୁଗିରିର ଚାରି ପାଖେ ଗୋଟିଏ ଲେଖାଏଁ ଦ୍ୱୀପକୁ ଯଥାକ୍ରମେ ଘେରିଥିବା ୭ ଗୋଟି ସମୁଦ୍ର—The seven concentric oceans or rings of fluids surrounding the Meru mountain and in turn surrounded by rings of seven concentric islands.
[ଦ୍ର—ଏହି ସପ୍ତ ସାଗରର ନାମ ଯଥା—ଲବଣ, ଇକ୍ଷୁ ବା ମଧୁ, ସୁରା, ଘୃତ, ଦଧି, କ୍ଷୀର ବା ଦୁଗ୍ଧ ଓ ଜଳ ସମୁଦ୍ର । ଏହି ସମୁଦ୍ରମାନ ମେରୁ ପର୍ବତକୁ କେନ୍ଦ୍ର କରି ଯଥାକ୍ରମେ ସପ୍ତ ଦ୍ୱୀପକୁ ବେଷ୍ଟନ କରିଅଛନ୍ତି । ଏଥି ମଧ୍ୟରୁ କ୍ଷୀର ସାଗର ମଧ୍ୟସ୍ଥିତ ବୈକୁଣ୍ଠରେ ବିଷ୍ଣୁଙ୍କର ନିବାସ ।]

ସପ୍ତସାଗର—ସଂ. ବି—୧ । ମତ୍ସ୍ୟପୁରାଣୋକ୍ତ (୨୭୧ ଅଧ୍ୟାୟ) ମହାଦାନ Saptasāgara ବିଶେଷ—1. Name of a kind of [ସପ୍ତସାଗରକ (ଦାନ)—ଅନ୍ୟରୂପ] gift mentioned in the Matsya Purāṇa. [ଦ୍ର—ଏହି ଦାନ ସର୍ବପାପ-ବିନାଶକ । ଗୋଟିଏ ପୁଣ୍ୟ ଦିବସ ନିର୍ବାଚନ କରି ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ସ୍ୱର୍ଣ୍ଣରେ ପ୍ରାଦେଶ ବା ଏକହସ୍ତ ପରିମିତ ୭ ପଳଠାରୁ ସହସ୍ର ପଳ ଓଜନରେ ୭ ଗୋଟି କୁଣ୍ଡ ରଚନା କରି ଉକ୍ତ କୁଣ୍ଡମାନଙ୍କୁ କୃଷ୍ଣାଜିନ ଓ ତିଳ ଉପରେ ରଖିବ । କୁଣ୍ଡମାନଙ୍କରେ ଯଥାକ୍ରମେ ଲବଣ, ଦୁଗ୍ଧ, ଘୃତ, ଗୁଡ଼ ବା ମଧୁ, ଦଧି, ଶର୍କରା ଓ ତୀର୍ଥବାରି ପୂର୍ଣ୍ଣ କରିବ ଏବଂ ଉକ୍ତ ପାତ୍ରମାନଙ୍କ ମଧ୍ୟରେ ଯଥାକ୍ରମେ ସ୍ୱର୍ଣ୍ଣ ନିର୍ମିତ ବ୍ରହ୍ମା, ବିଷ୍ଣୁ, ଶିବ, ଭାସ୍କର, ଇନ୍ଦ୍ର, ଲକ୍ଷ୍ମୀ ଓ ପାର୍ବତୀଙ୍କର ବିଗ୍ରହମାନ ରଖି ଉକ୍ତ କୁଣ୍ଡ-

ମାନଙ୍କ ଗୃହଅଭ୍ୟନ୍ତରେ ଧାନ୍ୟ ଓ ଲହୁ ବୁଣି ଦେବ। ତତ୍ପରେ ହୋମ କରି ସମୁଦ୍ର ଓ ସମୁଦ୍ରାଧିଷ୍ଠାତୃ ଦେବତାମାନଙ୍କ ନାମ ଉଚ୍ଚାରଣ ପୂର୍ବକ ମନ୍ତ୍ର ପାଠ କରି ଉକ୍ତ କୁଣ୍ଡମାନଙ୍କୁ ଯଥାକ୍ରମେ ଜଣେ ଜଣେ ବ୍ରାହ୍ମଣଙ୍କୁ ଦାନ କରିବ।] ୨। ଶିବଲିଙ୍ଗ ବିଶେଷ (ପ୍ରକୃତିବାଦ)— 2. Name of a phallic image of Śiba. ୩। ସପ୍ତସମୁଦ୍ର (ଦେଖ)— 3. Sapta Samudra (See)

ସପ୍ତ ସାମ—ସଂ. ବି—(ସପ୍ତନ୍+ସାମନ୍; ଦ୍ୱିଗୁ)—ରଥନ୍ତର, ବୃହତ୍ ସାମ, ବାମଦେବ୍ୟ, ବୈରୂପ, ପାବମାନ, ବୈରାଜ ଓ ଗୂଢ଼ମନ୍ତ୍ର—ଏହି ସାତ ଗୋଟି ସାମ ବା ସାମବେଦୋକ୍ତ ଗୀୟମାନ ମନ୍ତ୍ର—The seven mystic incantations in the Sāma Beda.
Sapta sāma

ସପ୍ତ ସିନ୍ଧୁ—ସଂ. ବି—(ସପ୍ତନ୍+ସିନ୍ଧୁ; ଦ୍ୱିଗୁ)—ସପ୍ତ ସମୁଦ୍ର, (ଦେଖ)
Sapta sindhu — Sapta samudra (See)

ସପ୍ତ ସୁର—ଦେ. ବି.—ସପ୍ତସ୍ୱର (ଦେଖ)—
Sapta sura — Saptaswara (See)
সপতস্বর सप्तस्वर

ସପ୍ତସୁ(ସୋ)ରୀ(ରି)—ଦେ. ବି.—(ସଂ. ସପ୍ତସ୍ୱରା) ୧। ସପ୍ତସ୍ୱର ବିଶିଷ୍ଟ ବାଜା—A musical instrument with seven tunes. ୨। ସପ୍ତସ୍ୱରା (ଦେଖ)—2. Saptaswarā (See)
Saptasu(so)rā(ri)
সপতস্বরা सप्तस्वरा

ସପ୍ତସୂ—ସଂ. ବିଣ. ସ୍ତ୍ରୀ—(ସପ୍ତନ୍+ସୂ ଧାତୁ+କ୍ୱିପ୍ କର୍ତ୍ତୃ)—ସୁତବତ୍ସରା; ସପ୍ତପୁତ୍ରପ୍ରସୂତା (ସ୍ତ୍ରୀ); ଯେଉଁ ସ୍ତ୍ରୀ ସାତଟି ପୁତ୍ର ଜନ୍ମ କରିଅଛନ୍ତି—A mother of seven sons.
Saptasū

ସପ୍ତ ସ୍ୱର—ସଂ. ବି—ହିନ୍ଦୁ ସଙ୍ଗୀତଶାସ୍ତ୍ରୋକ୍ତ ସାତ ଗୋଟି ସ୍ୱର—ସା, ରି, ଗା, ମା, ପା, ଧା, ନି—The seven notes in the Hindu musical gamut. [ଦ୍ର—ରାଗ ଶବ୍ଦ ମଧ୍ୟ ଦେଖ। ସଙ୍ଗୀତ ଶାସ୍ତ୍ରରେ ଲେଖାଅଛି ଯେ, ଏହି ସାତ ଗୋଟି ସ୍ୱର ଭିନ୍ନ ଭିନ୍ନ ଜନ୍ତୁଙ୍କ ସ୍ୱରରୁ ଗୃହୀତ ହୋଇଅଛି ଯଥା—
Saptaswara

ସା…ଷଡ଼ଜ…ମୟୂରର…ଇଂ—C (Do).
ରି…ଋଷଭ…ବୃଷଭର…ଇଂ—D (Re).
ଗା…ଗାନ୍ଧାର…ଛାଗର…ଇଂ—E (Mi).
ମା…ମଧ୍ୟମ…କ୍ରୌଞ୍ଚର…ଇଂ—F (Fa).
ପା…ପଞ୍ଚମ…କୋକିଳର…ଇଂ—G (So).
ଧା…ଧୈବତ…ଘୋଟକର—ଇଂ—A (La).
ନି…ନିଷାଦ…ହସ୍ତୀର…ଇଂ—A (Ta).

ଏହି ସାତଗୋଟି ସ୍ୱରମିଶି ଗୋଟିଏ ଲେଖାଏଁ ସପ୍ତକ ହୁଏ। ସପ୍ତକ ତିନି ଗୋଟି। ଯଥା—ଉଦାରା—ଉଚ୍ଚ ପାଟି ବା ଉଚ୍ଚୈଃସ୍ୱର; ମୁଦାରା—ସାଧାରଣ ପାଟି, ମନୁଷ୍ୟର ସ୍ୱର; ତାରା—କେଁ କେଁ ଶବ୍ଦ ବା ସ୍ତ୍ରୀ ଓ ଶିଶୁଙ୍କ ସ୍ୱର।

ଏହି ସାତ ଗୋଟି ସ୍ୱରର ପୁଣି କୋମଳ, ଅତି କୋମଳ, ତୀବ୍ର (କଡ଼ି) ଓ ଅତି ତୀବ୍ର ପ୍ରଭୃତି ଭେଦ ଅଛି।]

ସପ୍ତସ୍ୱରା—ସଂ. ବି. (ସପ୍ତସ୍ୱର+ଅ)—୧। ତନ୍ତ୍ରୀ ବାଦ୍ୟଯନ୍ତ୍ରବିଶେଷ (ଏଥିରେ ସାତ ଗୋଟି ସ୍ୱର ଥାଏ)— 1. A stringed instrument striking 7 tunes. ୨। ଜଳ ତରଙ୍ଗ ନାମକ ବାଦ୍ୟ ଯନ୍ତ୍ର [ଦ୍ର—ସାତ ଗୋଟି ପାତ୍ରରେ ଭିନ୍ନ ଭିନ୍ନ ପରିମାଣରେ ଜଳ ରଖି ଉକ୍ତ ପାତ୍ରକୁ ଖଣ୍ଡିଏ କାଠିଦ୍ୱାରା କ୍ରମାନୁସାରେ ବଜାଇ ସଙ୍ଗୀତର ସପ୍ତସ୍ୱର ଏଥିରୁ ଉତ୍ପାଦନ କରାଯାଏ।]— 2. A musical instrument consisting of a set of seven cups containing different quantities of water and struck with a stick successively to produce the seven tunes of the gamut. ସଂ. ବିଣ. ସ୍ତ୍ରୀ—ସପ୍ତସ୍ୱର ବିଶିଷ୍ଟ—Striking 7 tunes. [ଉ—ଏକ ହସ୍ତେ ଶଙ୍ଖ; ଅନେ ବୀଣା ସପ୍ତସ୍ୱରା—ରାଧାନାଥ ମହାଯାତ୍ରା]
Sapta swarā
(ସପ୍ତସ୍ୱରି—ଦେ ରୂପ)

ସପ୍ତ ସ୍ୱର୍ଗ—ଦେ.ବି.—ଭୂ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟମ୍,—ଏହି ସପ୍ତଲୋକ—The seven heavens or upper worlds according to Hindu mythology.
Sapta swarga
সপ্তসর্গ सप्तस्वर्ग

ସପ୍ତା—ଦେ. ବି.—୧। (ସଂ. ସପ୍ତାହ)—ସପ୍ତାହ—1. A week. ୨। ସପ୍ତାହକାଳ ଅହୋରାତ୍ର ବୋଲାଯାଇ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଓଡ଼ିଆ ଭାଗବତ ୧୨ ସ୍କନ୍ଧଯାକ ପାଠ କରିବା ରୂପ ଅନୁଷ୍ଠାନ—The reading out of the Oriya Bhāgabata in the course of 7 days & nights continuously. [ଦ୍ର—ଯେବେ ମାନସିକ କରି କିମ୍ବା ଗ୍ରାମରେ ମହାମାରୀ ଆଦି ଉପସ୍ଥିତ ହେଲେ ତନ୍ନିବାରଣ କାମନା କରି ଅହୋରାତ୍ର ୭ ଦିନ ଭାଗବତ ପାଠ କରନ୍ତି ବା 'ସପ୍ତା ବସାନ୍ତି'। ଏହା ଶେଷ ହେଲେ ପୂଜା ଓ ଉତ୍ସବ ଆଦି କରାଯାଏ। ଏ ସାତ ଦିନଯାକ ପଞ୍ଚାଏ ଲେଖାଏଁ ପାଠକ ପାଳିକରି ଭାଗବତ ବୋଲି ଥାଆନ୍ତି। ପଞ୍ଚାଏ ବୋଲି ବୋଲି ଥକି ଗଲେ ଆଉ ପଞ୍ଚାଏ ବୋଲନ୍ତି।] ୩। (ସଂ ସପ୍ତମ)—ଶନିସପ୍ତା; ଶନିଗ୍ରହର ଲଗ୍ନଠାରୁ ୭ମ, ୮ମ ଓ ୯ମ ରାଶିରେ ଥିବା ଅବସ୍ଥା—(ଏହା ଅତି ଅଶୁଭ ଫଳପ୍ରଦ)—3. (Astrology) The state of the planet Saturn being in its 7th, 8th and 9th places from a man's natal sign. ସଂ. ବିଣ—(ସପ୍ତ
Saptā
হপ্তা
सप्ताह
ভাগবত সপ্তাহ
भागवत सप्ताह

+ଅ)—୧। ସପ୍ତମ ଅଷ୍ଟମ ଓ ନବମର ପୂରଣ—1. The 7th, 8th and 9th. [ଯଥା —ଶନସପ୍ତା।]
୨। ସପ୍ତାହବ୍ୟାପୀ—2. Extending over a week. [ଯଥା—ସପ୍ତାଭାଗବତ]

ସପ୍ତାଂଶୁ—ସଂ. ବି.—୧ । (ସପ୍ତନ୍ + ଅଂଶୁ = କରଣ ଯାହାର; **Saptamśu** ବହୁବ୍ରୀହି)—ଅଗ୍ନି; ସପ୍ତଜିହ୍ୱ—1. Fire. [ଦ୍ର—ଭୁଶଣ୍ଡି ହୋମରେ ଅଗ୍ନିଙ୍କର ଶ୍ୱେତ, ରକ୍ତ, ପୀତ, ନୀଳ, କୃଷ୍ଣ, ଧୂମ୍ର ଓ ପାଟଳ, ଏହି ସାତ ଗୋଟି ଅଂଶୁ ଉଦ୍ଦେଶ୍ୟରେ ଆହୁତି ଦିଆଯାଏ ।] ୨ । ଶନିଗ୍ରହ—2. The planet Saturn. ସଂ. ବିଣ—(ସପ୍ତାଂଶୁ ବା ଶନିଙ୍କର ଗୋଟିଏ କ୍ରୂର ନେତ୍ର ଥିବାରୁ)—କ୍ରୂର-ନେତ୍ର; ଯେଉଁ ବ୍ୟକ୍ତିର ଦୃଷ୍ଟି ଅଶୁଭ ଫଳପ୍ରଦ—A person having malignant eyes.

ସପ୍ତାଂଶୁ ପୁଙ୍ଗବ—ସଂ. ବି.—(ସପ୍ତାଂଶୁ + ପୁଙ୍ଗବ = ଶ୍ରେଷ୍ଠ) ଶନିଗ୍ରହ—**Saptāmśu pungaba** The planet Saturn.

ସପ୍ତାଙ୍ଗ—ସଂ. ବି.—(ସପ୍ତନ୍ + ଅଙ୍ଗ; ସମାହାର ଦ୍ୱିଗୁ)—୧ । ଶାସ୍ତ୍ରୋକ୍ତ **Saptānga** ରାଜ୍ୟର ସାତ ଗୋଟି ଅଙ୍ଗ—1. The seven components of a kingdom. [ଯଥା—ସ୍ୱାମୀ, ଅମାତ୍ୟ, ସୁହୃତ୍, କୋଷ, ରାଷ୍ଟ୍ର, ଦୁର୍ଗ ଓ ବଳ; ମତାନ୍ତରରେ ରାଜା, ଅମାତ୍ୟ, ପୁର, ରାଷ୍ଟ୍ର, କୋଷ, ଦଣ୍ଡ ଓ ସୁହୃତ୍ (ମନୁ ୯-୨୯୪/୨୯୬); ମତାନ୍ତରରେ ରାଜା, ଅମାତ୍ୟ, ପ୍ରଜା, ଦୁର୍ଗ, କୋଷାଗାର, ଚତୁରଙ୍ଗ ସୈନ୍ୟ, ମିତ୍ର (ଯାଜ୍ଞବଳ୍କ୍ୟ ୧—୩୫୨) ୨ । ଏକପ୍ରକାର ଯୋଗ ସାଧନ—2. A sort of spiritual exercise. ୩ । (ଜ୍ୟୋତିଷ) କୌଣସି ଦିନର ସମ୍ବନ୍ଧେ ଜ୍ଞାତବ୍ୟ ଜ୍ୟୋତିଷୋକ୍ତ ସାତ ଗୋଟି ବିଷୟ (ପାଞ୍ଜି ପଞ୍ଜିକାରେ ଉଲ୍ଲେଖ ହୋଇଥାଏ; ଯଥା—ତିଥି, ବାର, ନକ୍ଷତ୍ର, ଲଗ୍ନ, ଯୋଗ, କରଣ ଓ ରବ୍ୟଂଶ)—3. The seven items or information which are calculated according to astrology in respect of every day. ୪ । (ବହୁବ୍ରୀହି; ସପ୍ତଅଙ୍ଗ ବିଶିଷ୍ଟ)—ରାଜ୍ୟ—4. A kingdom.

ସପ୍ତା ବଢ଼ା—ଦେ. ବି—ସପ୍ତାହ ବ୍ୟାପୀ ଭାଗବତ ପାଠ ରୂପ ଉତ୍ସବର **Saptā bardhā** ଶେଷ/ବା ଉଦ୍ଯାପନ—The formal or (ସପ୍ତା ବଢ଼ିବା—ଅନ୍ୟରୂପ) ceremonial completion ভাগবত সপ্তাহের উদযাপন of the continuous read- **भागवत सप्ताहका खतम** ing of the Bhāgabata for a week.

ସପ୍ତା ବଢ଼ା(ଢ଼େ)ଇବା—ଦେ. କ୍ରି—ସପ୍ତାହ ବ୍ୟାପୀ ଭାଗବତ ପାଠରୂପ **Saptā bardhā(rdhe)ibā** ଉତ୍ସବର ଉଦ୍ଯାପନ କରିବା—ভাগবত সপ্তাহের সমাপ্তি করা To bring about the **भागवत सप्ताहका खतम करना** completion of the reading of the Bhāgabata for a week.

ସପ୍ତା ବସା(ସେ)ଇବା—ଦେ. କ୍ରି—ସଂକଳ୍ପ ପୂର୍ବକ ଏକ ସପ୍ତାହକାଳ **Saptā basā(se)ibā** ଅନବରତ ଭାଗବତ ପାଠରୂପ ভাগবত সপ্তাহ বসান ଅନୁଷ୍ଠାନର ସୂତ୍ରପାତ କରିବା—**भागवत सप्ताह बैठाना** To begin the reading of the Bhāgabata constantly throughout of a week.

ସପ୍ତା ବସିବା—ଦେ. କ୍ରି—ସପ୍ତାହକାଳ ଅନବରତ ଭାଗବତ ପାଠରୂପ **Saptā basibā** ଅନୁଷ୍ଠାନର ଆରମ୍ଭ—The beginning of ভাগবত সপ্তাহ বসা the reading of the Bhāgabata **भागवत सप्ताह बैठना** continuously for a week.

ସପ୍ତା ଭାଗବତ—ଦେ. ବି (ସଂ. ସପ୍ତାହ ଓ ଭାଗବତ)—ଏକ ସପ୍ତାହକାଳ **Saptā bhāgabata** ଭାଗବତ ପୁରାଣ ଅନବରତ ବୋଲିବା সপ্তাহ ভাগবত ରୂପ ଉତ୍ସବ—The festival of reading **सप्ताह भागवत** the Bhāgabata constantly for a week.

ସପ୍ତା ମଇନା (ମଜୁରି, ମୂଲ)—ଦେ. ବି.—କାରଖାନା ଆଦିରେ କାମ **Saptā mainā (majuri, mūla)** କରୁଥିବା ମୂଲିଆମାନଙ୍କୁ সপ্তাহ মজুর ସପ୍ତାହର ଶେଷ ଦିନ ଦିଆଯିବା ଉକ୍ତ ସପ୍ତାହର **सप्ताह मजूर** କର୍ମ ପାଇଁ ପ୍ରାପ୍ୟ ମଜୁରି—Weekly wages paid to day-labourers in a factory once in a week.

ସପ୍ତାର୍ଚ୍ଚିଃ—ସଂ. ବି (ସପ୍ତନ୍ + ଅର୍ଚ୍ଚିସ୍ = କରଣ ଯାହାର; ବହୁବ୍ରୀହି)—**Saptārchchiḥ** ୧ । ସପ୍ତଜିହ୍ୱ; ଅଗ୍ନି—1. The fire. ୨ । ସପ୍ତାଂଶୁ (ଦେଖ)—2. Saptāmśu (See) ୩ । ଚିତକ ବୃକ୍ଷ (ଶବ୍ଦକୋଷ)—3. The plumbago Zeylanica (tree). ସଂ. ବିଣ—କ୍ରୂର ଚକ୍ଷୁ ବିଶିଷ୍ଟ—Having malignant look.

ସପ୍ତାର୍ଣ୍ଣବ—ସଂ. ବି (ସପ୍ତନ୍ + ଅର୍ଣ୍ଣବ; ଦ୍ୱିଗୁ)—ସପ୍ତ ସମୁଦ୍ର (ଦେଖ) **Saptārnnaba** Sapta samudra (See)

ସପ୍ତାଶ୍ୱ—ସଂ. ବି (ସପ୍ତନ୍ + ଅଶ୍ୱ = ଘୋଡ଼ା ଯାହାର; ବହୁବ୍ରୀହି)—**Saptāśwa** ୧ । ସୂର୍ଯ୍ୟ—1. The sun. ୨। (ଦ୍ୱିଗୁ) ସାତଟା ଘୋଡ଼ା—2. Seven horses. ୩ । ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ୍, ଜଗତୀ—ଏହି ୭ଟି ବୈଦିକ ଛନ୍ଦ; (ପ୍ରକୃତିବାଦ)—3. Seven vedic metres. ସଂ. ବିଣ (ବହୁବ୍ରୀହି)—ସାତ ଗୋଟି ଅଶ୍ୱ ବିଶିଷ୍ଟ—Having seven horses.

ସପ୍ତାଶ୍ୱ ବାହନ—ସଂ. ବି (ସପ୍ତନ୍ + ଅଶ୍ୱ + ବାହନ; ସପ୍ତ ଅଶ୍ୱ ଅଟନ୍ତି **Saptāśwa bāhana** ବାହନ ଯାହାଙ୍କର; ବହୁବ୍ରୀହି)—ସୂର୍ଯ୍ୟ (ଶାସ୍ତ୍ର ପୁରାଣୋକ୍ତ ସୂର୍ଯ୍ୟବରେ ଥିବା ନାମ)—The sun. [ଦ୍ର—ପୁରାଣରେ ସୂର୍ଯ୍ୟଙ୍କ ଏକଚକ୍ର ରଥର ସାତ ଗୋଟି ଅଶ୍ୱ ଥିବା ବର୍ଣ୍ଣିତ ହୋଇଅଛି ଓ ଆଧୁନିକ ବୈଜ୍ଞାନିକମାନେ ସୂର୍ଯ୍ୟ କିରଣକୁ ବିଶ୍ଳେଷଣ କରି ତହିଁରେ ସାତଗୋଟି ମୌଳିକ ରଶ୍ମି (Vybgior) ପାଇଅଛନ୍ତି ।]

ସପ୍ତାଶ୍ର—ସଂ. ବ (ବହୁବ୍ରୀହି; ସପ୍ତନ୍+ଅଶ୍ର)—ସପ୍ତକୋଣ ବିଶିଷ୍ଟ—
Saptāśra Having seven angles; septangular.

ସପ୍ତାହ—ସଂ. ବ (ସପ୍ତନ୍+ଅହନ୍=ଦିନ, ସମାହାର ଦ୍ୱିଗୁ)—
Saptāha ସପ୍ତଦିନ ବ୍ୟାପୀ କାଳ—A week; an aggregate of seven days.

ସପ୍ତି—ସଂ. ବ (ସପ୍ ଧାତୁ=ଏକତ୍ର ହେବା, ସମର୍ଥ ହେବା+କ୍ତି· ଣ; Sapti ଯୁଦ୍ଧ କାଳରେ ଯୁଦ୍ଧ ଭୂମିରେ ଅଶ୍ୱ ଏକତ୍ର ବା ସମର୍ଥ ହେବା ଯୋଗୁଁ)—ଅଶ୍ୱ; ଘୋଡ଼ା—Horse.

ସପ୍ତିତା—ସଂ. ବ (ସପ୍ତି+ତା)—ବେଗଗାମିତ୍ୱ (ଶବ୍ଦକୋଷ)—
Saptitā Fleetness.

ସପ୍ତୋତ୍ତର—ସଂ. ବଣ (ସପ୍ତନ୍+ଉତ୍ତର; ସପ୍ତ ସଂଖ୍ୟା ଅଙ୍କ ଉତ୍ତରରେ Saptottara ବା ଶେଷରେ ଯାହାର; ବହୁବ୍ରୀହି)—ସାତ ଉତ୍ତର; ଯେଉଁ ସଂଖ୍ୟାର ଶେଷରେ ୭ ସଂଖ୍ୟା ଅଙ୍କ—Having the digit 7 at the end.
(ଯଥା—ସପ୍ତୋତ୍ତର ଶତ=୧୦୭;
ସପ୍ତୋତ୍ତର ଦ୍ୱିଶତ=୨୦୭)

ସପ୍ନ(ଇତ୍ୟାଦି)—ଗ୍ରା· ବ (ସଂ. ସ୍ୱପ୍ନ)—ସ୍ୱପ୍ନ ଇତ୍ୟାଦି (ଦେଖ)
Sapna(etc) Swapna etc (See)

ସପ୍ନା—ଗ୍ରା. ବ (ଅନାଦରାର୍ଥକ)—ସ୍ୱପ୍ନେଶ୍ୱରର ଡାକ ନାମ—
Sapnā A name for calling Swapneswara.
(ସପ୍ନି—ଅଦରାର୍ଥକ ରୂପ)

ସପ୍ନା(ପ୍ନେ)ଇବା—ଗ୍ରା. କ୍ରି. (ସଂ. ସ୍ୱପ୍ନରୁ ଓଡ଼ିଆ ନାମ ଧାତୁ)—
Sapnā(pne)ibā ସପନାଇବା (ଦେଖ)
Sapanāibā (See)

ସପ୍ରକାରକ—ସଂ. ବଣ (ସ+ପ୍ରକାର+କ)—ଭିନ୍ନ ଭିନ୍ନ ପ୍ରକାରବିଶିଷ୍ଟ
Saprakāraka —Of various sorts.

ସପ୍ରଜ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ପ୍ରଜା)—୧ । ପ୍ରଜା
Sapraja ବିଶିଷ୍ଟ—1. Having subjects. ୨। ସନ୍ତାନବାନ୍
(ସପ୍ରଜା—ସ୍ତ୍ରୀ) —2. Having issues.

ସପ୍ରତିବନ୍ଧ—ସଂ. ବଣ· (ସ=ସହ+ପ୍ରତିବନ୍ଧ=ବାଧା)—ବାଧାଯୁକ୍ତ
Sapratibandha Attended with obstacles;
(ବିପରୀତ—ଅପ୍ରତିବନ୍ଧ) obstructive.

ସପ୍ରତିଭ—ସଂ. ବଣ. ପୁଂ (ସ=ସହିତ+ପ୍ରତିଭା; ପ୍ରତିଭା ସହିତ
Sapratibha ବର୍ତ୍ତମାନ)—୧ । ଅସାଧାରଣ ବୁଦ୍ଧିସମ୍ପନ୍ନ—
(ସପ୍ରତିଭା—ସ୍ତ୍ରୀ) 1. Possessing extra-ordinary
(ଅପ୍ରତିଭ—ବିପରୀତ) genius. ୨ । ପ୍ରତିଭାବାନ୍; ମେଧାବୀ—
2. Acute; witty; intelligent. ୩ । ପ୍ରତ୍ୟୁତ୍ପନ୍ନମତି—3. Ready-witted.

ସପ୍ରଭ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ପ୍ରଭା)—ପ୍ରଭା ବିଶିଷ୍ଟ
Saprabha Lustrous.
(ସପ୍ରଭା—ସ୍ତ୍ରୀ) [ସପ୍ରଭତା(ତ୍ୱ)—ବ]

ସପ୍ରଭାବ—ସଂ. ବଣ· ପୁଂ (ସହାର୍ଥ ବହୁବ୍ରୀହି)—ପ୍ରଭାବ ବା ପରାକ୍ରମ
Saprabhāba ବିଶିଷ୍ଟ—Mighty.
(ସପ୍ରଭାବା—ସ୍ତ୍ରୀ)

ସପ୍ରମାଣ—ସଂ· ବଣ (ସ=ସହିତ+ପ୍ରମାଣ)—୧ । ପ୍ରମାଣଯୁକ୍ତ—
Sapramāṇa 1. Attended with proof. ୨ ।
(ବିପରୀତ—ଅପ୍ରମାଣ) ପ୍ରମାଣିତ—2. Proved.

ସପ୍ରାଣ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ପ୍ରାଣ)—
Saprāṇa ପ୍ରାଣବିଶିଷ୍ଟ; ଜୀବିତ—Living.
(ସପ୍ରାଣା—ସ୍ତ୍ରୀ)

ସପ୍ରୁଣିଆ—ପ୍ରାଦେ (କଟକ ଓ ଖୋର୍ଦ୍ଧା) ବ—ଝଙ୍କାଳିଆ ଗୁଳ୍ମ
Sapruṇiā ବିଶେଷ—A bushy shrub; Heptaplenrum Renulosum (Haines).

ସପ୍ଳା(ପ୍ଲେ)ଇ—ବୈଦେ. ବ. ପ୍ରାଦେ (ଗଞ୍ଜାମ)—(ଇଂ. ସପ୍ଲାଇ)—
Saplā(ple)i ଅଭ୍ୟାଗତଙ୍କ ଖାଦ୍ୟ ସାମଗ୍ରୀ ପାଇଁ ପଠାଯିବା ଅସିଦ୍ଧ ବସ୍ତୁସମୂହ—ଚାଉଳ, ଗୁଡ଼, ଘରବା ଓଗେର ସିଧା—
A supply of victuals sent to a guest.

ସଫ୍‌ତାଲୁ—ବୈଦେ· ବ (ଫା)—ଏକପ୍ରକାର ବିଦେଶୀୟ ଖାଦ୍ୟଫଳ
Saph-tālu ଓ ବୃକ୍ଷ; ପୀଚ୍ ଗଛ ଓ କୋଳ—Peach (tree
সফতালু सफताल and fruit).

ସଫ—ଦେ. ବ—ସପ (ଦେଖ)—Sapa. (See) ସଂ. ବ (ନାମ)—
Sapha ବହିସ୍ତୁଗୋତ୍ରୀୟ ଜଣେ ଅଗ୍ରଯଂଶ (ଶବ୍ଦକୋଷ)—
Name of a sage.

ସଫ ମଶିଣା—ଦେ. ବ—ସପ ମଶିଣା (ଦେଖ)
Sapha masiṇā Sapa masiṇā. (See)

ସଫର୍—ବୈଦେ (ଅରବୀ)—ବ—୧ । ପର୍ଯ୍ୟଟନ; ଦେଶାନ୍ତରେ
Saphar ଭ୍ରମଣ—1. Travelling abroad; tour;
সফর journey. ୨ । ବିଦେଶବାସ—2. Sojourn· ୩ । ଜଳ
सफर ଯାତ୍ରା (ଶବ୍ଦକୋଷ)—3· Voyage.

ସଫର—ସଂ. ବ—(ସ୍ଫୁର୍. ଧାତୁ+କ୍ରି. ଅ; ଯେ ଜଳରେ ସ୍ଫୁର୍ତ୍ତି
Saphara ପାଏ, ଅର୍ଥାତ୍ ପାଣିଦ୍ୱାରା ଗତି କରେ)—(ଶଫରର
(ଶଫର—ଅନ୍ୟରୂପ) ଅନ୍ୟରୂପ) ଶଫର (ଦେଖ)—Śaphara.
(See) (ଭରତକୃତ ଅମର ଟୀକା)

ସଫର କରିବା—ଦେ· କ୍ରି—ଦେଶବିଦେଶ ଭ୍ରମଣ କରିବା—
Saphara karibā To travel abroad; to make a
সফর করা सफर करना journey.

ସଫର ଦଣ୍ଡି—ଦେ· ବ (ଜାହାଜ ଖୁଣ୍ଟ)—ଜାହାଜର ପଶ୍ଚାଦ୍‌ଭାଗରେ
Saphara daṇḍi ପତାକା ଉଡ଼ିବାର ସ୍ତମ୍ଭ—The hind flag-
মাস্তুল কাঠ mast of a ship. [ଉ—ତାହା ବାଦେ ବଶିଲ୍ଲ
सफर दंडी ଜାହାଜର ବାହୁଟିଆ ବୁଡ଼ା, ଅଭ ସଫରଦଣ୍ଡି ରହି ।
ଫଗୀରମୋହନ. ଗଳ୍ପସ୍ୱଳ୍ପ ।]

ସଫରିଆ(ୟା)—ଦେ· ବଣ—୧ । ଭ୍ରମଣକାରୀ—
Sapharia(yā) 1. Travelling; itinerant.
সফরিআ मुसाफिर

ସଫରୀ—ସଂ. ବ—ଶଫରୀ (ଦେଖ) (ଭରତକୃତ ଅମର ଟୀକା)—
Sapharī Śapharī. (See) ବୈଦେ. ବଣ—ଭ୍ରମଣକାରୀର

সফরী ବ୍ୟବହାର୍ଯ୍ୟ—Fit for camp use· (ଯଥା—ସଫରୀ
सफरी ଖଟ, ସଫରୀ ଟେବୁଲ ।)

ସଫଳ—ସଂ. ବଣ (ସ=ସହିତ+ଫଳ, ସହାର୍ଥ ବହୁବ୍ରୀହି; ଫଳ ସହିତ
Saphala ବର୍ତ୍ତିମାନ)—୧ । ଫଳବାନ୍—1. Bearing
(ସଫଳା—ସ୍ତ୍ରୀ) fruit; fructified. ୨ । ଫଳ ବର୍ଣ୍ଣିଷ୍ଣୁ—
[ବିପରୀତ—ବିଫଳ, ନିଷ୍ଫଳ] 2. Fruitful. ୩ । ଯେଉଁ
(ସଫଳତା[ତ୍ୱ], ସାଫଲ୍ୟ—ବି) ଗଛରେ ଫଳ ଧରିଥାଏ—
3. Fruit-bearing (tree). ୪ । ଲାଭଜନକ—
4. Attended with profit; profitable· ୫ ।
ଫଳରେ ବା କାର୍ଯ୍ୟରେ ଘଟିବା—5. Realised. ୬ ।
ଅମୋଘ; ସୁସିଦ୍ଧ—6. Efficacious; effectual.
୭ । ଯହିଁରେ ଆଶାନୁରୂପ ଫଳ ମିଳେ—7. Attended
with the desired or hoped for result.
(ଉ—ସଫଳ ହୋଇଛି ତୁମ୍ଭର ଆଶା କି ସକଳ ?
କୃଷ୍ଣସିଂହ. ମହାଭାରତ. ସଭା ।)

ସଫଳ କ୍ଲେଶ(କଷ୍ଟ)—ସଂ. ବି (ସଫଳ+କ୍ଲେଶ; କର୍ମଧା)—ଯେଉଁ
Saphala klesa(kashta) କ୍ଲେଶ ପାଇବା ଦ୍ୱାରା ଅଭୀପ୍ସିତ
ଫଳଲାଭ ହୁଏ—Pains attended with the
hoped for result; fruit-bearing pain.

ସଫଳ ପରିଶ୍ରମ—ସଂ. ବି (କର୍ମଧା)—ଫଳଯୁକ୍ତ ପରିଶ୍ରମ —
Saphala parisrama Fruitful labour.

ସଫଳ ପ୍ରଯତ୍ନ—ସଂ. ବି (କର୍ମଧା)—ଫଳଯୁକ୍ତ ଉଦ୍ୟମ—Fruitful
Saphala prajatna endeavour. ବଣ.ପୁଂ (ବହୁବ୍ରୀହି)—
(ସଫଳ ପ୍ରୟାସ, ସଫଳ ଯତ୍ନ, ସଫଳୋଦ୍ୟମ—ଅନ୍ୟରୂପ) ଯାହାର
ସଫଳ ପ୍ରଯତ୍ନା, ସଫଳ ପ୍ରୟାସା, ସଫଳଯତ୍ନା, ସଫଳୋଦ୍ୟମା } ସ୍ତ୍ରୀ. ବଣ ଯତ୍ନ ସଫଳ ହୋଇ
ଅଛି—Rewarded
with success for his endeavours.

ସଫଳ ସ୍ୱପ୍ନ—ସଂ ବି (କର୍ମଧା)—ଯେଉଁ ସ୍ୱପ୍ନଦୃଷ୍ଟ ଘଟଣା ସତରେ
Saphala swapna ଘଟେ ବା ସଫଳ ହୁଏ—Realised
dream.
(ସଫଳ ସ୍ୱପ୍ନା—ସ୍ତ୍ରୀ) ସଂ. ବଣ ପୁଂ (ବହୁବ୍ରୀହି)—ଯାହାର ସ୍ୱପ୍ନଦୃଷ୍ଟ
ଉଷୟ ବାସ୍ତବ ଘଟଣାରେ ପରିଣତ ହୋଇଛି—
Having one's dream realised.

ସଫା—ଦେଦେ. ବ.—(ଅ. ସାଫ୍)—୧ । ସୁସ୍ପଷ୍ଟ—1. Clear;
Saphā distinct. ୨ । ସରଳ; ନିଷ୍କପଟ—2. Frank;
সাফ साफ guileless. ୩ । ପ୍ରକାଶ୍ୟ—3. Pub-
lic; apparent. ୪ । ନିର୍ଦ୍ଦୋଷ; ଦୋଷଶୂନ୍ୟ—
5. Faultless. ୬ । ଯହିଁରେ ଦାଗ ନାହିଁ—
6. Unstained. ଦେଦେ. ବ—ପରିଷ୍କୃତ ଲୁଗା ଓ
ପୋଷାକ—Neat and clean dress. [ଉ—
ସକାଳୁ ଗାଧୋଇ ଗଣ୍ଡିଏ ସଫା ପିନ୍ଧିଲେ ମନ ଖୁବ୍
ପ୍ରଫୁଲ୍ଲ ରହେ ।] ୧ । (ଅ· ସଫା) ପୃଷ୍ଠା—1.
Page. ୨ । (ଜମିଦାରୀ ସିରସ୍ତା) ଖାତାର ଯେଉଁ ପୃଷ୍ଠାରେ
ପୂର୍ବପୃଷ୍ଠାମାନଙ୍କ ଜମିଜମା ଅବର ସମଷ୍ଟି ଲେଖା ଥାଏ—2.
The page of an account book in which
the total of the entries of previous
pages is entered. କି· ବଣ—୧ । ସୁସ୍ପଷ୍ଟ
ରୂପେ—1. Clearly; distinctly. [ଉ—ଏ
କଥାର ଅର୍ଥ ସଫା ବୁଝାଗଲା ନାହିଁ; ଫକୀର ମୋହନ;
ଛ ମାଣ ଅଠ ଗୁଣ୍ଠ] ୨ । ପ୍ରକାଶ୍ୟ ରୂପେ—2. Pub-
licly; apparently; palpably.

ସଫାଇ—ଦେଦେ· ବଣ (ଅ. ସାଫ୍)—୧ । ପରିଷ୍କୃତ—1. Cleans-
Saphāi ed. ୨ । ସୁସ୍ପଷ୍ଟୀକୃତ—2. Cleared; made
clear. ବି· (ଅ. ସଫାଇ) ୧ । ପରିଷ୍କରଣ-
1. Act of cleansing; clearance. ୨ । ଗ୍ରାମର
ବା ନଗରର ମଇଳାର ପରିଷ୍କରଣ—2. Conserva-
ncy or clearance of the dirts of a town
সাফাই or village. ୩ । (ଡିକରିଆ) ଅଭିଯୁକ୍ତ ବ୍ୟକ୍ତି ଅପଣାକୁ
सफाई ନିର୍ଦ୍ଦୋଷ ବୋଲି ଅଦାଲତଙ୍କ ନିକଟରେ ପ୍ରମାଣ ଦର୍ଶାଇବା
କର୍ମ—3. Defence of an accused person.
୪ । (ଡିକରିଆ) ସଫାଇ ସାକ୍ଷୀ (ଦେଖ)—4. Saphāi
sākshī (See). ୫ । ସଫାଇ ନାଲ (ଦେଖ)—5.
Saphāi nāla (See). ୬ । ନିର୍ଦ୍ଦୋଷିତା—6. In-
nocence. ୭ । ସତ୍ତାଶତା; ବିଶ୍ୱାସିତା—7. Relia-
bility; trustworthiness. ୮ । ସରଳତା;
ନିଷ୍କପଟତା—8. Frankness.

ସଫାଇ ଗାଡ଼ି—ଦେ. ବି.—ଯେଉଁ ଗାଡ଼ିରେ ମିଉନିସିପାଲିଟି ଆଦିର
Saphāi gārdi ସହରର ବା ଗ୍ରାମର ମଇଳା ସ୍ଥାନାନ୍ତରିତ
সাফাই গাড়ি ହୁଏ—Conservancy carts; carts
सफाई गाड़ि used for carrying away the sweep-
ings of a town or village.

ସଫାଇ ଗୁଜାରିବା(ଦେବା)—ଦେଦେ. କି.—(ଡିକରିଆ)—ଅଭି-
Saphāi gujāribā(debā) ଯୁକ୍ତ ବ୍ୟକ୍ତି ନିଜର ନିର୍ଦ୍ଦୋଷିତା
সাফাই দেওয়া ପ୍ରମାଣାର୍ଥ ଅଦାଲତରେ ଫେଉଁ ପ୍ରମାଣ ଉପସ୍ଥାପିତ
सफाई देना କରିବା—To adduce evidence in one's
defence in a court.

ସଫାଇ ଗୁଜୁରିବା—ଦେଦେ. କି. (ଡିକରିଆ)—ଅଭିଯୁକ୍ତ ବ୍ୟକ୍ତି
Saphāi gujuribā ପକ୍ଷରୁ ସଫାଇ ସାକ୍ଷୀରୂପେ ଅଦାଲତରେ
সাফাই দেওয়া ସାକ୍ଷ୍ୟ ଦେବା—To give evidence in a
सफाई देना court as a defence witness.

ସଫାଇ ଦେଖା(ଖେ)ଇବା—ଦେ· କି—ନିଜର ନିର୍ଦ୍ଦୋଷିତା ନିଜ ମୁଖରେ
Saphāi dekhā(khe)ibā ନିଜେ ପ୍ରକାଶ କରିବା ବା କହି
[ସଫାଇ ଦେଖା(ଖା)ଇହୁ(ହେ)ବା—ଅନ୍ୟରୂପ] ହେବା—To
সাফাঈ দেখানা boast of one's own innocence.
सफाई दिखाना

ସଫାଇ ଦେବା—ଦେ. କି.— ୧ । ସଫାଇ ଗୁଜାରିବା (ଦେଖ)
Saphāi debā 1. Saphāi gujāribā (see)
সাফাই দেওয়া ୨ । ସଫାଇ ଗୁଜୁରିବା (ଦେଖ)
सफाई देना Saphāi gujuribā (see)

ସଫାଇ ନାଳ—ବୈଦେ. ବି.—(ଅ. ସଫାଇ ଓ ଇଂ. କେନାଲ୍,
Saphāi nāḷa ସଂ. ନାଳ)—ଯେଉଁ ନାଳ ବା ପୟଃପ୍ରଣାଳୀ
সাফাই নালা ଦ୍ୱାରା କୌଣସି ଅଞ୍ଚଳର ଜଳ ସବୁ ଖାଲ ଅଡ଼କୁ
সাফাই কেনাল ବହିଯାଏ—The natural drain of a
सफाई नहर country.

ସଫାଇ ନେବା—ଦେ. କ୍ରି. (ଢଚରଥ)—ଅଭିଯୁକ୍ତ ବ୍ୟକ୍ତି ପକ୍ଷରୁ ସଫାଇ
Saphāi nebā ସାକ୍ଷୀ ଗ୍ରହଣ କରିବା—To take defen-
সাফাই নেওয়া ce evidence from an accused.
सफाई लेना

ସଫାଇ ମାନିବା—ଦେ. କ୍ରି. (ଢଚରଥ)—(ଅଭିଯୁକ୍ତ ବ୍ୟକ୍ତି) ଆପଣାର
Saphāi mānibā ନିର୍ଦ୍ଦୋଷିତା ପ୍ରମାଣ କରିବା ପାଇଁ ସାକ୍ଷୀ-
সাফাই মানা ମାନଙ୍କୁ ସମନ କରିବା ପାଇଁ କୋର୍ଟକୁ ଆବେଦନ
सफाई मानना କରିବା—To cite defence witness in
one's own defence (said of an accused
person .

ସଫାଇ ସାକ୍ଷ—ଦେ. ବି. (ଢଚରଥ)—ଅଭିଯୁକ୍ତ ବ୍ୟକ୍ତିର ପକ୍ଷରେ ଉପ
Saphāi sāksha ସ୍ଥାପିତ ମୌଖିକ ପ୍ରମାଣ—Oral evi-
সাফাই সাক্ষ্য dence adduced for the defence.
सफाई गवाह
[ସଫାଇ ଗୱା (ଵେ) ହ—ଅନ୍ୟରୂପ]

ସଫାଇ ସାକ୍ଷୀ(ଖୀ)—ଦେ. ବି. (ଢଚରଥ)—ଅଭିଯୁକ୍ତ ବ୍ୟକ୍ତିର ସ୍ୱୀୟ
Saphāi sākshī(khī) ନିର୍ଦ୍ଦୋଷିତା ପ୍ରମାଣାର୍ଥ ଅଦାଲତରେ
সাফাইসাক্ষী ଉପସ୍ଥାପିତ ସାକ୍ଷୀ—Defence witness; witness
सफाई गवाह cited in one's defence in a criminal
(ସଫାଇ ଗୱା—ଅନ୍ୟରୂପ) court.

ସଫାଇ ସାହା(ହି,ହେ)ବ—ପ୍ରାଦେ (ସମ୍ବଲପୁର) ବି—୧। ମ୍ୟୁନିସିପାଲିଟିର
Saphāi sāhā(hi,he)ba ଚେୟାରମ୍ୟାନ୍—The Chair-
man of a Municipality. ୨। ସଫା ରହୁଛି କି
ନାହିଁ, ଏ ବିଷୟ ପରିଦର୍ଶନ କରିବା ପାଇଁ ସହରରେ
ମ୍ୟୁନିସିପାଲିଟି ଦ୍ୱାରା ନିଯୁକ୍ତ ପ୍ରଧାନ କର୍ମଚାରୀ—2.
Conservancy Inspector of a Municipality.

ସଫା କଥା—ଦେ. ବି.—(ଅ. ସାଫ୍+ସଂ. କଥା)—୧। ସୁସ୍ପଷ୍ଟ କଥା—
Saphā kathā 1. Clear or distinct speech.
সাফ কথা ୨। ସରଳ ବା ନିଷ୍କପଟ କଥା
साफ बात 2. Frank words.

ସଫା କରିବା—ଦେ. କ୍ରି.—୧। କୌଣସି ସ୍ଥାନକୁ ପରିଷ୍କୃତ କରିବା—
Saphā karibā 1. To cleanse a place.
সাফকরা ୨। ନିର୍ମଳ ବା ମଳଶୂନ୍ୟ କରିବା—
साफ करना 2. To clear a place of its impurities
or dirt.

ସଫା କହିବା—ଦେ. କ୍ରି—୧। ସୁସ୍ପଷ୍ଟ ରୂପେ କଥା କହିବା—
Saphā kahibā 1.To speak clearly or distinct-
সাফ্ বলা ly. ୨। ନିଷ୍କପଟ ଭାବରେ କଥା କହିବା—
साफ बोलना 2. To speak frankly.

ସଫା ଜବାବ—ଦେ. ବି—୧। ସୁସ୍ପଷ୍ଟ ଉତ୍ତର—1. Clear
Saphā jabāba reply. ୨। ନିଃସନ୍ଦେହ ଉତ୍ତର—
সাফ্ জবাব 2. Definite response. ୩। ନିଷ୍କପଟ ଉତ୍ତର
साफ जवाब —3. Frank reply.

ସଫା ଝାଡ଼ା—ଦେ. ବି—କୋଷ୍ଠ ଶୁଦ୍ଧି—Evacuation of the
Saphā jhāṛdā bowels; free motion of the
সাফ্ বাহ্যি, সাফ্ দাস্ত साफ पैखाना bowels.
(ସଫା ପୋଖରି, ସଫା ବାହାରକୁ—ଅନ୍ୟରୂପ)

ସଫା ଦି(ଦେ)ହ—ଦେ· ବି—ପରିଷ୍କୃତ ଦେହ—
Saphā di(de)ha Cleansed body.
সাফ্ শরীর साफ शरीर

ସଫା ପାଣି—ଦେ. ବି—୧। ନିର୍ମଳ ଜଳ—1. Purified or
Saphā pāṇi clear water; water cleared of
সাফ্ জল its impurities. ୨। ସ୍ୱଚ୍ଛ ଜଳ—
साफ पानी 2. Transparent water.

ସଫା ଲୁଗା—ଦେ. ବି—୧। ପରିଷ୍କୃତ ବସ୍ତ୍ର—
Saphā lugā 1. Cleansed cloth.
সাফ্ কাপড় साफ कपड़ा
୨। ମଳ ବା ଦାଗ ବର୍ଜିତ ଲୁଗା—2. Unstained
cloth.

ସଫା ସକାଳ—ଦେ. ବି—ପରିଷ୍କାର ସକାଳ; ଯେତେବେଳେ ଅନ୍ଧାର
Saphā sakāḷa ଟିକିଏ ଛାଡ଼ି ଯାଇଥାଏ—Clear day-
সাফ্ সকাল বেলা साफ सुबह break.

ସଫା ସଫା—ଦେ, କ୍ରି. ବିଣ—୧। ସୁସ୍ପଷ୍ଟ ରୂପେ—
Saphā saphā 1. Very clearly.
୨। ନିଷ୍କପଟ ଭାବରେ—2. Frankly.
(ସଫାସଫି—ଅନ୍ୟରୂପ) সাফ্ সাফ্ साफ साफ

ସଫା ସାବି(ବୀ)ତ୍—ବୈଦେ. ବି (ଢଚରଥ) (ଫା. ସାଫ୍ ଓ ସାବୁତ୍—
Saphā sābi(bī)ta ପ୍ରମାଣ)—ସୁସ୍ପଷ୍ଟ ପ୍ରମାଣ; ନିଃସନ୍ଦେହ
[ସଫା ସାବୁତ୍(ଦ୍)—ଅନ୍ୟରୂପ] ପ୍ରମାଣ—Clear and un-
সাফ্ সাবুত deniable proof. ବିଣ—ସୁସ୍ପଷ୍ଟରୂପେ
साफ साबित ପ୍ରମାଣିତ—Clearly proved; proved be-
yond doubt.

ସଫା ସୁତ(ତୁ)ରା—ବୈଦେ· ବିଣ (ଫା· ସାଫ୍ ଓ ଉର୍ଦ୍ଦୁ ସୁଥ୍‌ରା)—
Saphā suta(tu)rā ୧। ସୁପରିଷ୍କୃତ—1. Well cleaned;
(ସଫାସୁତା—ଅନ୍ୟରୂପ) well swept (house) ୨। ସୁନିର୍ମଳ—
সাফ্ সুফ, সাফসুত্রা साफसुथरा 2. Purified.
୩। ପରିଷ୍କୃତ ଓ ପରିଚ୍ଛନ୍ନ—3. Neat and clean.

ସଫି—ସଂ.ବି—ଏକପ୍ରକାର ବନବୃକ୍ଷ (ବଙ୍ଗ ଦେଶର ଉତ୍ତରପୂର୍ବ ପ୍ରାନ୍ତରେ
Saphi ଜନ୍ମେ)—Myrica Integrifolia. (tree)

ସଫିଆ(ୟା)ନା—ବୈଦେ. ବି· ଫା (ଢଚରଥ)—ସାଫିଆନା (ଦେଖ)
Saphiā(yā)nā Sāphiānā. (See)
সাফিয়ানা साफियाना

ସଫିନା—ବୈଦେ. ବି—ସପିନା (ଦେଖ)
Saphinā Sapinā. (See)

ସଫୁର୍—ପ୍ରାଦେ. (ସମ୍ବଲପୁର) ବିଣ—ସରୁ—Delicate; tender;
Saphur fine. (ଯଥା—ସୂତା, ଧାନ, ଗୁଣ୍ଡ, ଖୋଳ)

ସଫେଇ(ଇତ୍ୟାଦି)—ବୈଦେ.ବି (ଅ.ସଫାଇ)—ସଫାଇ ଇତ୍ୟାଦି (ଦେଖ)
Saphei (etc) সাফাই सफाई Saphāi etc (See)
ପ୍ରାଦେ. (ବଲାଙ୍ଗିର ପାଟଣା) ବିଣ—ସଫା; ପରିଷ୍କୃତ—
Clear; clean.

ସଫେଦ୍(ଦ)—ବୈଦେ. ବିଣ (ଫା. ସଫେଦ୍, ସୁଫେଦ୍)—
Saphed(da) ୧ । ଧଳା; ଶ୍ୱେତ; ଶୁକ୍ଳ—1. White. ୨ ।
সফেদ ଶୁଭ୍ର; ଉଜ୍ଜ୍ୱଳ—2. Bright. ବି—୧ । ଶୁକ୍ଳବର୍ଣ୍ଣ—
सफेद 1. White colour. ୨ । ଶୁକ୍ଳବର୍ଣ୍ଣ ଚୂନା—
2. White powder. ୩ । ରଙ୍ଗ କରିବା ନିମନ୍ତେ ବ୍ୟବହୃତ ସୀସକରୁ ପ୍ରସ୍ତୁତ ଧଳାଚୂନା ଓ ରଙ୍ଗ ବିଶେଷ—
3. A white powder used in painting, white lead.

ସଫେ(ଫୈ)ଦ୍‌କୋ—ବୈଦେ. ବି. (ନାମ)—ଅଫଗାନିସ୍ଥାନର
Saphe(phai)d-ko ପର୍ବତମାଳା ବିଶେଷ—Name of a
(ସୁଫିଦ୍‌କୋ—ଅନ୍ୟରୂପ) range of mountains in
সফেদকো Afganistan. [ଦ୍ର—ଏ ପର୍ବତ ଅଫଗାନିସ୍ଥାନର
सफैदको ରାଜଧାନୀ କାବୁଲ ଓ ଗଜନୀ ନଗରର ମଧ୍ୟବର୍ତ୍ତୀସ୍ଥାନରୁ ଛଅଟି ୭୫ ମାଇଲ୍ ପର୍ଯ୍ୟନ୍ତ ଲମ୍ବ ହୋଇ ସେଠାରୁ ଦୁଇ ଶାଖା ହୋଇଅଛି । ଗୋଟିଏ ଶାଖା ଖାଇବାର୍ ଗିରିସଙ୍କଟ ଅଭିମୁଖ ଓ ଅନ୍ୟଟି କାବୁଲ ଓ ସିନ୍ଧୁ ନଦୀର ସଙ୍ଗମ ପର୍ଯ୍ୟନ୍ତ ବିସ୍ତୃତ । ଏହି ପର୍ବତରୁ ଅନେକଗୁଡ଼ିଏ ନଦୀ ବାହାରି ଅଛି । ଏ ପର୍ବତରେ ଅନେକଗୁଡ଼ିଏ ଶୃଙ୍ଗ ଓ ଗିରିସଙ୍କଟ ଅଛି । ସର୍ବୋଚ୍ଚ ସୀତାରାମ ଶୃଙ୍ଗ ସମୁଦ୍ରପୃଷ୍ଠରୁ ୧୬୬୨୨ ଫିଟ ଉଚ୍ଚ । ପର୍ବତର ଉଚ୍ଚତମ ପୃଷ୍ଠରେ ପାଇନ୍ (ଦେବଦାରୁ) ଓ ବାଦାମ ଆଦି ଅନେକ ବଡ଼ ଗଛ ଜନ୍ମେ । ଏହି ପର୍ବତର ପୃଷ୍ଠଦେଶରେ ଅସଂଖ୍ୟ ମେଓ୍ୱା ବଗିଚା ଅଛି । ଏହି ପର୍ବତରେ ସୁସ୍ୱାଦୁ ଡାଲିମ୍ବ (ବେଦାନା), ଅଖରୋଟ, ପେସ୍ତା, ବାଦାମ, ନାସପାତି, ଶୋବାନି, ଅଙ୍ଗୁର, କିସ୍‌ମିସ୍, ଆଲୁବୋଖାରା ଆଦି ମେଓ୍ୱାଫଳ ଭାରତକୁ ଆସି ବିକ୍ରି ହୁଏ । ଏ ପର୍ବତରେ ଅନେକ ଦୁର୍ଦ୍ଧର୍ଷ ଅଫଗାନ ଜାତି ବାସ କରନ୍ତି ଓ ବିଦେଶୀମାନଙ୍କ ଏ ଅଞ୍ଚଳକୁ ମାପ କରି ଏଥିର ଜ୍ଞାତବ୍ୟ ତତ୍ତ୍ୱମାନ ସଂଗ୍ରହ କରିବା ବିଷୟରେ ଏ ଅଫଗାନ୍‌ମାନେ ବରାବର ବାଧା ଦେଇ ଆସୁଅଛନ୍ତି—ବିଶ୍ୱକୋଷ ।]

ସଫେଦା—ବୈଦେ. ବିଣ (ଫା. ସଫେଦା)—୧ । ଶୁକ୍ଳ; ଧଳା—
Saphedā 1. White. ୨ । ଶୁଭ୍ର; ଉଜ୍ଜ୍ୱଳ—2. Bright.
সফেদা ବି—୧ । ରଙ୍ଗ ପାଇଁ ବ୍ୟବହୃତ ଏକପ୍ରକାର ଧଳାରଙ୍ଗ—
सफेदा (ସୀସକରୁ ଉତ୍ପନ୍ନ)—1. A sort of white paint; white lead. ୨। ଲକ୍ଷ୍ନୌର ପ୍ରସିଦ୍ଧ ଧଳା ଖରବୁଜ— 2. A white species of melon of Lucknow. ୩ । ଲକ୍ଷ୍ନୌର ପ୍ରସିଦ୍ଧ ଧଳା ଅମ୍ବ—3. A white species of mango of Lucknow. ୪ । ରଙ୍ଗରେ ଓ ଔଷଧରେ ବ୍ୟବହୃତ ଦସ୍ତାଧାତୁର ଭସ୍ମ— 4. Oxide of Zinc. ୫ । ଗୁଣ୍ଡଳକୁ ପାଣିରେ ବତୁରାଇ ତାକୁ ଅଳ୍ପ ମାତ୍ର ଶୁଖାଇ ଚୂରି କରି ପ୍ରସ୍ତୁତ କରାଯିବା ଶୁକ୍ଳ ଗୁଣ୍ଡ—5. Powdered rice. [ଦ୍ର—ଏଥିରେ ପିଠା ଓ ଖଇର ଆଦି ତିଆରି ହୁଏ । ଏହିପରି ସିଂଘଡ଼ାର ଚୂନା ଓ ପାଣିଅରର ଚୂନାକୁ ମଧ୍ୟ ସଫେଦା କହନ୍ତି ।] ୬ । ଏକପ୍ରକାର ବିଦେଶାଗତ ସୁସ୍ୱାଦୁ ଫଳ ଓ ତହିଁର ବୃକ୍ଷ (ବିଶ୍ୱକୋଷ); ସପେଟା ?— 6. A kind of sweet fruit and its tree; Achras Sapota ? [ଦ୍ର—ଏ ଗଛମାନ ଖୁବ୍ ବଡ଼େ ଓ ଏଥିର ଗଣ୍ଡିରୁ ଉତ୍ତମ ତିଆରି ହୁଏ; କିନ୍ତୁ କାଠ ଖୁବ୍ ଭାରି ସହଜ ନୁହେଁ (ବିଶ୍ୱକୋଷ) ।]

ସଫେଦି—ବୈଦେ. ବି.—(ଫା. ସଫେଦୀ) ୧ । ଶୁକ୍ଳୀକରଣ—1.
Saphedi Whitening. ୨ । ଘରର କାନ୍ଥ ଆଦିକୁ
সফেদী सफेदि କଳି ଚୂନରେ ବା ଚକଖଡ଼ି ଗୋଳା ପାଣିରେ ଧଳା କରିବା; ଧଉଳାଇବା—2. Whitewashing.

ସଫେଦି କରିବା—ଦେ. କି.—ଧଉଳାଇବା; ଶୁକ୍ଳ କରିବା—To
Saphedi karibā whiten; to whitewash.
সফেদিকরা सफेदिकरना

ସଫେନ—ସଂ.ବିଣ.—(ସହାର୍ଥ ବହୁବ୍ରୀହି; ସ=ସହିତ+ଫେନ)—ଫେନ
Saphena ଯୁକ୍ତ—Frothy; foamy.

ସବ୍(ବ)—ବୈଦେ. ବିଣ.—[ଇଂ ଓ ଲାଟିନ୍ ସବ୍; ଅନ୍ୟ ଶବ୍ଦ
Sab(ba) ପୂର୍ବେ ବ୍ୟବହୃତ ଇଂରାଜୀ ଉପପଦ (ଏଥିର ଅର୍ଥ
সব सब ଅଧୀନ, ନିମ୍ନ)]—The prefix 'Sub' denoting under., subordinate. [ଦ୍ର—ଇଂରାଜୀ ଭାଷା ବ୍ୟବହୃତ ସବ (Sub) ଯୁକ୍ତ ଅଧିକାଂଶ ଶବ୍ଦ ତଦାକାରରେ କମ୍ବା ବିକୃତଆକାରରେ ଓଡ଼ିଆ ଭାଷାରେ ବ୍ୟବହୃତ ହୁଏ । ତହିଁ ମଧ୍ୟରୁ କେତେଗୁଡ଼ିଏ ଶବ୍ଦ ଅକ୍ଷରକ୍ରମରେ ନିମ୍ନରେ ପ୍ରଦତ୍ତ ହେଲା ।] ସର୍ବନାମ—(ଫା ସବ୍; ସଂ. ସର୍ବ) ସବୁ —All. (ଯଥା—ସବ୍ ଜାନତା ।)

ସବ୍‌ଅ(ଆ)ଫି(ପି)ସ୍(ସି)=ବୈଦେ. ବି. (ଇଂ. ସବ୍ ଅଫିସ୍)—୧ ।
Sab-a(ā)phi(pi)s(si) କୌଣସି କାର୍ଯ୍ୟାଳୟର ବା
সব্‌অফিসে सबआफिस କେନ୍ଦ୍ରର ଅଧୀନ ବା ଅଧସ୍ତନ କାର୍ଯ୍ୟାଳୟ—1. Sub-office; an office subordinate to a central office. ୨ । ମଫସଲରେ ଗ୍ରାମରେ ପ୍ରତିଷ୍ଠିତ ଛୋଟ ଡାକଘର—2. Sub Post-office.

ସବ୍‌ଇଞ୍ଜିନିଅ(ୟ)ର୍—ବୈଦେ. (ଇଂ) ବି.—ବଡ଼ ଇଞ୍ଜିନିଅରଙ୍କ ଅଧ
Sab injinia(ya)r ସ୍ତନ ଇଞ୍ଜିନିଅର୍—Sub-Engineer.
সাব্‌ইঞ্জিনিয়ার सबइञ्जिनियर

ସବ୍‌ଇନ୍‌(ନି)ସ୍‌ପେକ୍‌ଟର୍‌—ବୈଦେ. (ଇଂ) ବି.—
Sab in(ni)s-pekṭar ଇନ୍‌ସ୍‌ପେକ୍ଟରଙ୍କ ଅଧସ୍ତନ ପରିଦର୍ଶକ କର୍ମଚାରୀ—Sub-Inspector. [ଦ୍ର—ସ୍କୁଲ (School), ପୁଲିସ୍‌ (Police), ଲବଣ (Salt), ଅବକାରୀ (Excise), ଇତ୍ୟାଦି ବିଭାଗର ଇନ୍‌ସ୍ପେକ୍ଟରଙ୍କ ଅଧସ୍ତନ କର୍ମଚାରୀଙ୍କ ଉପାଧି ପୂର୍ବରେ ସବ୍‌ ଶବ୍ଦ ଲଗାଇ ତତ୍ତତ୍ ବିଭାଗର ଅଧସ୍ତନ ହାକିମଙ୍କୁ ଉଲ୍ଲେଖ କରାଯାଏ । ଯଥା ସବ୍‌ଇନ୍‌ସ୍‌ପେକ୍ଟର ଅଫ୍‌ ସ୍କୁଲ୍‌ସ, ସବ୍‌ଇନ୍‌ସ୍‌ପେକ୍ଟର ଅଫ୍‌ ପୋଲିସ, ସବ୍‌ଇନ୍‌ସ୍‌ପେକ୍‌ଟର ଅଫ ଏକ୍‌ସାଇଜ୍‌ ।]
ସବ୍‌ଇନ୍ସ୍ପେକ୍ଟର୍‌, ସବ୍‌ଇନ୍‌ସ୍‌(ସି)ପିଟ୍‌ର, ସବ୍‌ଇନ୍‌ସ(ସ୍ପି)ପେଟର, ସବ୍‌ଇନସପିଟର୍‌—ଅନ୍ୟରୂପ
সাব ইনস্পেক্‌টার **साबइनसिपिटर**

ସବ୍‌ଓଭର୍‌ସିଅ(ୟ)ର୍‌—ବୈଦେ. (ଇଂ) ବି.—ଓଭର୍‌ସିଅରଙ୍କ ଅଧସ୍ତନ
Sub obhar-sia(ya)r କର୍ମଚାରୀ—Sub-overseer. [ଦ୍ର—ସାଧାରଣତଃ ବାସ୍ତୁକର୍ମୀ (P. W. D. ବା ପୂର୍ତ୍ତ ବିଭାଗରେ ଏହି କର୍ମଚାରୀ ନିଯୁକ୍ତ ହୁଅନ୍ତି ।]
সাবওভরসিঅর **साबओवरसियर**

ସବ୍‌କମି(ମେ)ଟୀ—ବୈଦେ. (ଇଂ) ବି—କୌଣସି କମିଟିର ବା ସମିତିର
Sab kami(me)ṭī ଅଧୀନ ଛୋଟ କମେଟି—Sub-committee. [ଦ୍ର—କୌଣସି ସମିତିଙ୍କ ଦ୍ୱାରା ଯେଉଁ ଯେଉଁ ବିଶେଷ ବିଶେଷ କାର୍ଯ୍ୟର ବିଚାର ବା ଆଲୋଚନା ବା ସମାଧାନ ପାଇଁ ସବ୍‌କମିଟି ନିଯୁକ୍ତ ହୁଅନ୍ତି, ସେହି ସେହି କାର୍ଯ୍ୟର ଇଂରାଜୀ ବା ଦେଶୀୟ ନାମ ପୂର୍ବେ ଯୁକ୍ତ ହୋଇ ଏ ଶବ୍ଦ ବ୍ୟବହୃତ ହୁଏ । ଯଥା—ଟେକ୍‌ସଟ୍‌ ବୁକ୍‌ ବା ପାଠ୍ୟ ପୁସ୍ତକ ସବ୍‌କମିଟି (Text Book Subcommittee ଡିଷ୍ଟ୍ରିକ୍ଟ ବୋର୍ଡ୍‌ ବା ଲୋକାଲ୍‌ ବୋର୍ଡ ବା ମିଉନିସିପାଲିଟିଙ୍କ ଅଧୀନ ଏଡୁକେସନ୍‌ ବା ଶିକ୍ଷା ସବ୍‌କମିଟି (Education Subcommittee), ଫାଇନାନ୍‌ସ୍‌ ବା ଅର୍ଥ ସବ୍‌କମିଟି (Finance Subcommittee), ହେଲ୍‌ଥ୍‌ ବା ସ୍ୱାସ୍ଥ୍ୟ ସବ୍‌କମିଟି (Health Subcommittee; (ପବ୍ଲିକ୍‌ ୱାର୍କ୍‌ସ ବା ପୂର୍ତ୍ତ ବିଭାଗ ସବ୍‌କମିଟି (Public works Sub committee ।]
সব্‌কমিটী **सबकमिटी**

ସବ୍‌କଲେକ୍‌ଟର୍‌—ବୈଦେ. (ଇଂ) ବି.—କଲେକ୍‌ଟରଙ୍କ ଅଧୀନ ଛୋଟ
Sab kalekṭar ହାକିମ—Sub-collector. [ଦ୍ର—ଏ ହାକିମ ଓଡ଼ିଶାର କେବଳ ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଅଛନ୍ତି ।]
(ସବ୍‌ କାଲେକ୍‌ଟର୍‌ (ସବ୍‌ କଲ(ଲ)ଟର୍‌ } ଅଶୁଦ୍ଧରୂପ]
সব কলেক্‌টর **सब कलक्‌टर**

ସବ୍‌କୋଟ୍‌(ର୍ଟ୍‌)—ବୈଦେ. (ଇଂ) ବି—(ଗଞ୍ଜାମ)ବଡ଼ କୋର୍ଟର ବା
Sab koṭ(rṭ) କଚେରିର ଅଧୀନ ଛୋଟ ହାକିମଙ୍କ କଚେରି—(ସବ୍‌ କୋରଟ୍‌—ଅନ୍ୟରୂପ) Sub-court. [ଯଥା—ଜଜ୍‌ଙ୍କ ଅଧୀନ ସବ୍‌ଜଜଙ୍କ କୋର୍ଟ, ମାଜିଷ୍ଟ୍ରେଟଙ୍କ ଅଧୀନ ସବ୍‌ମାଜିଷ୍ଟ୍ରେଟଙ୍କ କୋର୍ଟ୍‌ ଇତ୍ୟାଦି ।]
সব্‌ কোর্ট **सब कोर्ट**

ସବ୍‌ଜଜ୍‌—ବୈଦେ(ଇଂ)ବି.—ଜଜ୍‌ଙ୍କ ଅଧସ୍ତନ ବିଚାରପତି—
Sab jaj Sub-judge.
[ସବ ଜଜ-ଅନ୍ୟରୂପ] সব্‌ জজ **सब जज**

ସବ୍‌ଜା—ବୈଦେ. ବିଣ.—(ଫା)—ସବଜା (ଦେଖ)—
Sabjā Sabajā (see)

ସବ୍‌ଜୀ—ବୈଦେ. ବି.—(ଫା)—ସବଜୀ (ଦେଖ)
Sab-jī Sabajī (see)

ସବ୍‌ଜାନ୍ତା—ବୈଦେ(ଫା) ବି ଓ ବିଣ--(ହିନ୍ଦୀ—ସଂ.ସର୍ବଜ୍ଞ)—
Sab-jāntā (ବ୍ୟଙ୍ଗ୍ୟ) ଯେ ନିଜକୁ ସର୍ବଜ୍ଞ ବୋଲି ଗର୍ବ କରେ (ସବ୍‌ଜାନ୍ତା—ଅନ୍ୟରୂପ) (Ironical) A person who boaets that he is all-knowing; a quidnunc.
সব্‌ জানতা **सब जानने वाला**

ସବ୍‌ଜେଲ୍‌—ବୈଦେ (ଇଂ) ବି—ଜିଲ୍ଲାର ସବ୍‌ଡିଭିଜନ୍‌ରେ ଥିବା
Sab-jel ଜେଲ୍‌ଖାନା—Sub-jail.
[ସବ୍‌ଜ(ଜେ)ଇଲ୍‌—ଗଞ୍ଜାମୀରୂପ] সব্‌ জেল **सब जेल**

ସବ୍‌ଡି(ଡେ, ଡି, ଡେ, ଡୋ)ପୁ(ପୋ)ଟି—ବୈଦେ. (ଇଂ)ବି—
Sab ḍi(ḍe, di, de, do)pu(po)ṭi ଡେପୁଟିଙ୍କ ଅଧସ୍ତନ (ସବ୍‌ଦୁପ(ପୁ)ଟି ଅନ୍ୟରୂପ) ହାକିମ—Subdeputy. [ଦ୍ର—ଏମାନେ ଦୁଇ ଶ୍ରେଣୀର ଯଥା—ସବ୍‌ଡେପୁଟି କଲେକ୍‌ଟର ଓ ସବ୍‌ଡେପୁଟି ମାଜିଷ୍ଟ୍ରେଟ ।]
সব ডেপ্‌ুটি **सब डिपुटि**

ସବ୍‌ଡି(ଡେ)ପୁ(ପୋ)ଟି କଲେକ୍ଟର୍‌—ବୈଦେ. (ଇଂ) ବି—ରାଜସ୍ୱ
Sab ḍi(ḍe)pu(po)ṭi kalekṭar ବିଭାଗୀୟ ଡେପୁଟି କଲେକ୍ଟରଙ୍କ ଅଧସ୍ତନ ହାକିମ—Sub Deputy-collector.
সব ডেপুটি কলেক্টর্‌ **सबडिपुटी कलक्टर**
[ସବ୍‌ଦ(ଦୁ, ଦୋ)ପ(ପୁ, ପୋ)ଟି(ଟୀ)କ(କ)ଲ(ଲେ)ଟ(କ୍ଟ)ର—ଅନ୍ୟରୂପ]

ସବ୍‌ଡି(ଡେ)ପୁ(ପୋ)ଟି ମା(ମେ)ଜି(ଜେ)ଷ୍ଟ(ଷ୍ଟ୍ର)ର—ବୈଦେ. (ଇଂ)
Sab ḍi(ḍe)pu(po)ṭi mā(me)ji(je)shṭa(shṭra)r. ବି.—ଫଉଜଦାରୀ ବିଚାର ବିଭାଗୀୟ ଡେପୁଟି ମାଜିଷ୍ଟ୍ରେଟଙ୍କ ଅଧସ୍ତନ ହାକିମ—Subdeputy majistrate.
সব ডেপুটি মাজিস্ট্রেট. **सबडिपुटी मजिस्टर**
[ସବ୍‌ଦ(ଦୁ, ଦୋ)ପ(ପୁ, ପୋ)ଟି ମା(ମେ)ଜି(ଜେ)ଷ୍ଟ୍ରେଟ୍‌—ଅନ୍ୟରୂପ]

ସବ୍‌ଡିଭି(ଭି)ଜନ୍‌—ବୈଦେ. ବି. (ଇଂ)—୧ । ଜିଲ୍ଲାର ଅଧସ୍ତନ
Sab ḍibhi(bi)jan ମହକୁମା—1. (administrative) Subdivision of a District. ୨ । ବାସ୍ତୁକର୍ମୀ ବିଭାଗର ଡିଭିଜନ୍‌ ଅଧୀନ ବିଭାଗ—2. Subdivision under a P. W. D. Division. [ଦ୍ର—ରାଜସ୍ୱ ଶାସନାର୍ଥ ପ୍ରତ୍ୟେକ ଜିଲ୍ଲା ଅଧୀନ କେତେ ସବ୍‌ଡିଭିଜନ୍‌ ଥାଏ ଓ ବାସ୍ତୁକର୍ମୀ (P. W. D.) ବିଭାଗର ପ୍ରତ୍ୟେକ ଡିଭିଜନ୍‌ ଅଧୀନ ମଧ୍ୟ କେତେ ସବ୍‌ଡିଭିଜନ ଥାଏ; ଜିଲ୍ଲାର ରାଜଧାନୀ ଓ ତତ୍‌ସନ୍ନିକଟସ୍ଥ ଅଞ୍ଚଳର ଶାସନାର୍ଥ ଯେଉଁ ସବ୍‌ଡିଭିଜନ
সব ডিভিজন্‌ **सबविडजिन**

ଥାଏ ତାକୁ ସବର ସବ୍‌ଡିଭିଜନ୍ ଓ ତହିଁର ଭାରପ୍ରାପ୍ତ ଅଧୀନ ହାକିମଙ୍କୁ ସବର ସବ୍‌ଡିଭିଜନ୍ ବା (ସବର ସବ୍‌ଡିଭିଜନର) ମାଜିଷ୍ଟ୍ରେଟ୍ ବୋଲାଯାଏ ।]

ସବ୍ ଡିଭି(ବି)ଜନ୍ ଅ(ଆ)ଫି(ପି)ସ୍—ବୈଦେ· (ଇଂ) ବି—ସବଡିଭିଜନର
Sab dibhi(bi)jan a(ā) phi(pi)s   ସଦରସ୍ଥାନରେ ଥିବା
সব্ ডিভিজন অফিস্   থিবা ସରକାରୀ କାର୍ଯ୍ୟାଳୟ—
सबडिविजन औफिस   Sub-Divisional Office.
[ସବ୍ ଡିଭିଜନ(ନା)ଲ୍ ଅଫିସ୍—ଅନ୍ୟରୂପ]

ସବ୍ ଡିଭି(ବି)ଜନ୍ ଅ(ଆ)ଫି(ପି)ସ(ସା)ର୍—ବୈଦେ. (ଇଂ) ବି—
Sab dibhi(bi)jan a(ā)phi(pi)sa(sā)r
[ସବ୍ ଡିଭି(ବି)ଜନ(ନା)ଲ୍ ଅ(ଆ)ଫି(ପି)ସ(ସା)ର୍—ଅନ୍ୟରୂପ]
সব ডিভিজন অফিসর্   ସବ୍‌ଡିଭିଜନର ଶାସନ କର୍ମ ପରିଚାଳନାର୍ଥ
सबडिविजन औफिसर   ଭାରପ୍ରାପ୍ତ ପ୍ରଧାନ ହାକିମ—
Subdivisional Officer.

ସବ୍ ଡିଭି(ବି)ଜନ୍ ମା(ମେ)ଜି(ଜେ)ଷ୍ଟ୍ର(ଷ୍ଟ୍ରେ)ଟ୍(ଟ୍)—
Sab dibhi(bi)jan mā(me)ji(je)shta(shtre)r(t)
[ସବ୍ ଡିଭି(ବି)ଜ(ଜା)ନ(ନା)ଲ୍ ମା(ମେ)ଜି(ଜେ)ଷ୍ଟ୍ର(ଷ୍ଟ୍ରେ)ଟ(ଟ୍)—
সব ডিভিজন মাজিষ্ট্রেট্   ଅନ୍ୟରୂପ]
सबडिविजन मजिस्टर   ସବ୍‌ଡିଭିଜନର ଫଉଜଦାରୀ ବିଚାର ବିଭାଗ
ଭାରପ୍ରାପ୍ତ ପ୍ରଧାନ କର୍ମଚାରୀ—Sub-divisional Magistrate.

ସବ୍ ଡିଷ୍ଟ୍ରିକ୍ଟ୍—ବୈଦେ· (ଇଂ) ବି—ଜିଲ୍ଲାର ଅଧୀନ ଶାସନ ବିଭାଗ;
Sab dishtrikt   ସବ୍‌ଡିଭିଜନ—Subdivision.
সব ডিষ্ট্রিক্ট   सब डिस्ट्रिक्ट

ସବ୍ ପୋଷ୍ଟ ଅ(ଆ)ଫି(ପି)ସ୍—ବୈଦେ. (ଇଂ) ବି—ଜିଲ୍ଲାର ବଡ଼
Sab posht a(ā)phi(pi)s   ଡାକଘରର ଅଧୀନ ଡାକ ଘର—
সব্ পোষ্ট অফিস্   Sub Post office.
सब पोस्ट आफिस   [ଦ୍ର—ଜିଲ୍ଲାର ହେଡ୍ ପୋଷ୍ଟ ଅଫିସର ଅଧୀନଭାବରେ ସବ୍ ପୋଷ୍ଟ ଅଫିସ, ବ୍ରାଞ୍ଚ ପୋଷ୍ଟ ଅଫିସ, ରଲେଜ୍ ପୋଷ୍ଟ ଅଫିସ, ଏକ୍ସଟ୍ରାଡିପାର୍ଟ୍‌ମେଣ୍ଟାଲ୍ ପୋଷ୍ଟ ଅଫିସ, ଏକ୍ସପେରିମେଣ୍ଟାଲ୍ ପୋଷ୍ଟ ଅଫିସ୍‌ମାନ ଥାଏ ।]

ସବ୍ ପୋଷ୍ଟ ମାଷ୍ଟର୍—ବୈଦେ. (ଇଂ) ବି—ସବ୍ ପୋଷ୍ଟ ଅଫିସ୍‌ର
Sab posht māshtar   ଭାରପ୍ରାପ୍ତ ଡାକ ବାବୁ—Sub Post-
সব্ পোষ্ট মাষ্টর্   master; the master of a sub post
सब पोस्ट मास्टर   office.

ସବ୍ ପ୍ରୋଟେମ୍—ବୈଦେ· ବଣ. ଲାଟିନ୍ (ଡଚରଅ)—ସରକାରୀ ଚାକିରର
Sab protem   ଏକ ପ୍ରକାର ଅସ୍ଥାୟୀ ବ୍ୟବସ୍ଥା—
সব্ প্রোটেম্   सबप्रोटेम   Sub pro tem.

ସବ୍ ପ୍ରୋପ୍ରାଇଟର୍—ବୈଦେ· ବି (ଡଚରଅ)—ଭୂମିର ସ୍ୱତ୍ୱବାନ୍ ବା
Sab proprāitar   ମାଲିକ ବ୍ୟକ୍ତିଙ୍କ ଅଧୀନ ସ୍ୱତ୍ୱବାନ୍ ବ୍ୟକ୍ତି—
সব্ প্রোপ্রাইটর   सब प्रोप्राइटर   A subproprietor.

ସବ୍‌ରାତ୍—ବୈଦେ. ବି—ସବୁରାତ୍ (ଦେଖ)
Sab-rāt   সবুর   सबर   Saburāt (See)

ସବ୍‌ରାତ୍ କରିବା—ଦେ· କି—୧ । ଅପେକ୍ଷା କରିବା—1. To
Sab-rāt karibā   wait. ୨ । ସହ୍ୟ କରିବା—2. To
সবুর করা   bear. ୩ । ସମ୍ଭାଳି ଯିବା—3. To forbear.
सबर करना   ୪ । ଧୈର୍ଯ୍ୟ ସହକାରେ ରହିବା—4. To remain patient and calm.

ସବ୍‌ରାତି—ବୈଦେ. ବଣ—୧ । ସହନଶୀଳ—1. Forbearing.
Sab rāti   ୨ । ଧୈର୍ଯ୍ୟଶୀଳ—2. Patient.
[ସବ୍ ରାତଅ (ସ୍ତ୍ରୀ)—ଅନ୍ୟରୂପ]   ୩ । ସ୍ଥିରମନାଃ—3. Calm
সবুর করা   सबरका   and quiet.

ସବ୍ ରେଜି(ଜେ)ଷ୍ଟ(ଷ୍ଟା,ଷ୍ଟ୍ର,ଷ୍ଟ୍ରା)ର୍—ବୈଦେ(ଇଂ)ବି—ସବ୍ ରେଜିଷ୍ଟ୍ରି ଅଫିସର ହାକିମ୍
Sab reji(je)shta(shtā, shtra, shtrā)r
सबरजिस्टार   Sub-registrar.
সব রেজিষ্টার

ସବ୍ ରେଜି(ଜେ)ଷ୍ଟ୍ରି(ଷ୍ଟ୍ରି)—ବୈଦେ. (ଇଂ) ବି—ବଡ଼ ରେଜିଷ୍ଟ୍ରେସନ
Sab-reji(je)shtri(shti)   ଅଫିସ୍‌ର ଅଧୀନ ରେଜିଷ୍ଟ୍ରେସନ
ସବ୍ ରେଜେଷ୍ଟ୍ରି
ସବ୍ ରେଜି(ଜେ)ଷ୍ଟ୍ରେସନ୍ ଅ(ଆ)ଫି(ପି)ସ୍ } ଅନ୍ୟରୂପ   ଅଫିସ୍—
Sub-
সব রেজিষ্টরী   सबरजिस्टरी   registry; sub-registration office.

ସବ୍ ଲମ୍ବର୍ ଦାର୍—ପ୍ରାଦେ. (ସମ୍ବଲପୁର) ବି—ମାଲ୍‌ଗୁଜାରୀର ନିମ୍ନ ସତ୍ତ୍ୱା-
Sab lambar-dār   ଧିକାରୀ ବ୍ୟକ୍ତିମାନଙ୍କ ନିର୍ବାଚିତ ପ୍ରତିନିଧି—
A person appointed to represent the inferior proprietors of a village or estate. (ସମ୍ବଲପୁର ମାନୁଅଲ୍, ୧୦୨୮ ।)

ସବ୍‌ଲିଜ୍—ବୈଦେ· ବି (ଇଂ)—ଅଧିକାରୀ ପ୍ରାପ୍ତ ଯୋତ ବା ଗୃହକୁ
Sab-lij   ଅନ୍ୟକୁ ପଟା ଦେବା ପ୍ରଥା—Sublease.
সবলীজ   सबलीज

ସବ୍ ଲେଟ୍ କରିବା—ଦେ. କି (ଇଂ. ସବ୍ ଲେଟ୍)—୧ । ନିଜର
Sab let karibā   ଭାଡ଼ା ବା ଅନ୍ୟ ଅଧୀନ ଗୃହକୁ ଅନ୍ୟ
সব লেট করা   ବ୍ୟକ୍ତିକୁ ପଟା ଦେବା—1. To sublet one's
सबलेट करना   tenancy holding or lease. ୨ । ଗୃହସ୍ୱାମୀଙ୍କଠାରୁ ଭଡ଼ାରେ ନେଇଥିବା ଗୃହ ଅପରକୁ ଅନ୍ୟ ବ୍ୟକ୍ତିକୁ ଭଡ଼ା ଦେବା—2. To sublet a house which one has taken from the owner on hire or rent.

ସବ୍ ଲୁ(ଲୋ)ଟ୍—ଦେ. ବଣ (ଫ. ସବ୍ ଓ ଲୁଟ ଧାତୁ; ଯେ ସବୁ ମଜା
Sab-lu(lo)t   ଲୁଟି କରେ)—୧ । ଲମ୍ପଟ—1. Lecherous.
লম্পট   लम्पट   ୨ । ମଉଜିଆ (ବ୍ୟକ୍ତି)—2. A merry and sportive person.

ସବ୍ ସିଡିଆରୀ ସନ୍ଧି—ଦେ. ବି—ଇଷ୍ଟ ଇଣ୍ଡିଆ କମ୍ପାନି ଏବଂ ଦେଶୀୟ
Sab sidiāri sandhi   ରଜା ପରସ୍ପରକୁ ଯୁଦ୍ଧରେ ଓ ଶତ୍ରୁ-
সবসিডিআরী সন্ধি   ଠାରୁ ରକ୍ଷାରେ ସାହାଯ୍ୟ କରିବା ସର୍ତ୍ତରେ
सबसिडिआरी सन्धि   ହୋଇଥିବା ସନ୍ଧି—Sabsidiary

treaty between the East India Company and some of the Indian princes.

ସବ୍ ସେକ୍ସନ୍—ବୈଦେ. (ଇଂ) ବି—୧ । ଅଇନ୍ ଅବର ରେଗୁଲେସନ୍ Sab seksan ବା ଧାରା ଭଳେ ଥିବା ଉପଧାରା—1. Subsection of a Law or Act or Rule. ସବ সেক্শন सब सेक्शन ୨ । କୌଣସି କର୍ମବିଭାଗର ଅଧୀନ ଉପବିଭାଗ—2. Subsection of a section of a department.

ସବ୍ ସ୍କ୍ରିପ୍ସନ—ବୈଦେ. (ଇଂ) ବି—ଚୁନ୍ଦା; ସାଧାରଣ କାର୍ଯ୍ୟ ପାଇଁ 'Sab skripsan ବହୁ ଲୋକଙ୍କଠାରୁ ଅଦାୟ ହେବା ଧନ— সব স্ক্রিপ্সন सब स्क्रीप्शन Subscription.

ସବ—ସଂ. ବି (ସୁ ଧାତୁ=ପ୍ରସବ କରିବା+କର୍ତ୍ତୃ. ଅ)—୧ । ଅପତ୍ୟ; Saba ସନ୍ତାନ (ମେଦିନୀ)—1. Child; son; offspring. ୨ । (+କର୍ତ୍ତୃ. ଅ) ଜଳ (କଟାଧର)—2. Water. ୩ । ଯଜ୍ଞ (ଅମର)—3. Vedic sacrifice. ୪ । (+ଭାବ. ଅ) ପ୍ରସବ—4. The bringing forth of a child. ୫ । ସୁରା ସନ୍ଧାନ—5. Fermentation of liquor. ୬ । (+କର୍ମ.ଅ) ଚନ୍ଦ୍ର—6. The moon. ୭ । ସୂର୍ଯ୍ୟ—7. The sun. ୮ । ପୁଷ୍ପମଧୁ—8. The honey of flowers. ବୈଦେ. ବିଣ—ସବ୍ (ଦେଖ)—Sab (See)

ସବଂଶ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ବଂଶ=କୁଳ)— Sabamśa ବଂଶ ସହିତ; ସପରିବାର— Attended with one's family.

ସବଂଶେ—ଦେ. କ୍ରି. ବିଣ (ସଂ. ସବଂଶ)—ବଂଶର ସମସ୍ତ ବ୍ୟକ୍ତିଙ୍କ ସହିତ- Sabamśe With all the members of the family সবংশে सवंश or race.

ସବଜ—ବୈଦେ. ବିଣ—ସବୁଜ (ଦେଖ) Sabaja Sabuja (See)

ସବଜା—ବୈଦେ. ବିଣ—ସବୁଜା (ଦେଖ) Sabajā Sabujā (See)

ସବଜାଣ—ଦେ. ବିଣ (ସଂ. ସର୍ବଜ୍ଞ)—ଯେ ସବୁ କଥା ଜାଣେ— Sabajāṇa All-knowing; omniscient. সবজান, সবজানতা सब जाननेवाला, सवजानता (ସବଜାଣତା[ସ୍ତ୍ରୀ], ସବଜାଣତା, ସବଜାନ୍ତା—ଅନ୍ୟରୂପ)

ସବଜି -ବୈଦେ. ବିଣ ଓ ବି—ସବୁଜ (ଦେଖ) Sabaji Sabuji (See)

ସବ(ବା)ର୍ଡ୍ଡି(ଡ୍ଡି)ନେଟ୍—ବୈଦେ. (ଇଂ) ବିଣ—ଅଧସ୍ତନ; ଅଧୀନ— Saba(bā)rdi(rdi)net Subordinate. সবাডিনেট सबार्डिनेट

ସବ(ବା)ର୍ଡ୍ଡି(ଡ୍ଡି)ନେଟ୍ ଜଜ୍—ବୈଦେ. (ଇଂ) ବି—ଜଜ୍‌ଙ୍କ ଅଧସ୍ତନ Saba(bā)rdi(rdi)net jaj ଦେଵାନି ମକଦ୍ଦମାର ବିଚାରପତି; সবাডিনেট জজ ସବଜଜ୍—Subordinate judge. सबार्डिनेट जज

ସବଥ—ଦେ. ବି (ସଂ. ଶପଥ)—ଶପଥ—Oath. [ଭ—କୋହିଏ Sabata दीवी सौगंद ସବଥେ ଅଲିକର ହେଲେ କୋହିଏ ନ ହେଲୁ କୃମନ—ଉତ୍କଳସିଂ. ବେଣୀ ।]

ସବତ୍ସ—ସଂ. ବିଣ, ପୁଂ (ସହାର୍ଥ ବହୁବ୍ରୀହି; ସ=ସହ+ବତ୍ସ=ବାଛୁରି; Sabatsa ଶିଶୁ)—ବତ୍ସ ସହିତ—Accompanied with (ସବତ୍ସା—ସ୍ତ୍ରୀ) calf or a young one.

ସବତ୍ସା ଗାଭି—ଦେ. ବି (ସଂ. ସବତ୍ସା+ଗବୀ)—ବାଛୁରି ସହିତ ଥିବା Sabatsā gābhi ଗାଈ—A cow accompanied [ସବତ୍ସା ଧେନୁ—ସଂ. ରୂପ] with the calf.

ସବତ୍ସା ଧେନୁ ଦାନ—ସଂ. ବି—ମହାପୁରାଣୋକ୍ତ ଦାନବିଶେଷ; Sabatsā dhenu dāna ବ୍ରାହ୍ମଣଙ୍କୁ ବାଛୁରି ସହିତ ଦୁହାଁଳୀ ଗାଈ ଦାନ କରିବା—The gift of a milch cow with the calf to a Brāhmaṇa.

ସବନ—ସଂ. ବି (ସୁ ଧାତୁ—ପ୍ରସବ କରିବା; ଅଭିଷବ କରିବା+ଭାବ. Sabana ଅନ)—୧ । ପ୍ରସବ—1. Begetting; giving birth to; producing child. ୨ । [+ଅଧି- କରଣ. ଅ) ଯଜ୍ଞସ୍ନାନ [ଅମର]—2. Ablution after a vedic sacrifice. ୩ । ଅଧ୍ୱର; ଯଜ୍ଞ [ମେଦିନୀ]—3. Vedic sacrifice. ୪ । ସୋମ ପାନ [ଭରତ]—4. Drinking of the juice of the Soma creeper. ୫ । ସୋମରସ ସନ୍ଧାନ; ସୋମ କଚ୍ଛଳନ (ମେଦିନୀ)— 5. The act of crushing the twigs and fermenting the juice pressed from the Soma creeper, Asclepias Acida. ୬ । ଚନ୍ଦ୍ର —6. Moon. ୭ । ପୁଷ୍କର ଦ୍ୱୀପର ପୌରାଣିକ ରାଜା— 7. The mythological king of the island of Pushkara. ୮ । (+ଅଧି. ଅ) ଯନ୍ତ୍ର— 8. Instrument. ୯ । (ନାମ) ଭୃଗୁଙ୍କର ଏକ ପୁତ୍ର—9. Name of a son of sage Bhṛugu. ୧୦ । (ନାମ) ସ୍ୱାୟମ୍ଭୁବ ମନୁଙ୍କର ଏକ ପୁତ୍ର—10. Name of a son of Swāyambhuba Manu. ୧୧ । ପ୍ରିୟବ୍ରତ ରାଜାଙ୍କର ଏକ ପୁତ୍ର—11. Name of a son of King Priyabrata. ୧୨ । ଅଗ୍ନିର ନାମାନ୍ତର (ବିଶ୍ୱକୋଷ)—12. A name of fire ସଂ. ବିଣ (ସହାର୍ଥ ବହୁବ୍ରୀହି)—ବନ ବିଶିଷ୍ଟ - Having. forest or wood.

ସବନିକ—ସଂ. ବିଣ (ସବନ+ଇକ)—ଯଜ୍ଞରେ ସମ୍ବନ୍ଧୀୟ— Sabanika Relating to vedic sacrifice. (ସବନୀୟ—ଅନ୍ୟରୂପ)

ସବୟାଃ—ସଂ. ବିଣ (ସ=ସମାନ+ବୟସ୍; ସବୟସ୍ ୧ମା. ୧ବ; Sabayāḥ ବହୁବ୍ରୀହି)—୧ । ସମ ବୟସ୍କ (ଅମର)—1. Of the same age. ବି—୨ । ସହଚର—2. Companion; mate. ୩ । (ସ୍ତ୍ରୀ) ସହଚରୀ; ବୟସ୍ୟା;

ସଖୀ; (କଟାଧର)—3. A female companion of a lady.

ସବର(ଇତ୍ୟାଦି)—ପ୍ରା.ବି.ପୁଂ(ସଂ. ଶବର)--୧। ଶବର ଇତ୍ୟାଦି (ଦେଖ)
Sabara (etc) 1. Sabara etc (See). ୨। ସର୍ବେଶ୍ୱରଙ୍କ ଡାକନାମ-2. Name for calling Sarbeśwara. ୩। (ନାବାଳିଆ ଭାଷା) ନାହାଜରେ ବ୍ୟବହୃତ ପାଲ ବିଶେଷ —3. (Nautical) Name of one of the sails of a ship. [ଭ୍ର—ଡୋଲ ଉପରେ ସବର, ଗଭର, ଗବର ପତନ୍ତୁ ଲଗି ଡୋଲ ଅଭ ବରଗାମାନ ଟେକି ଦେଇ ପେଡ଼ ସ୍ତମ୍ଭାର ଟିକ୍ କର ଭଣି ଦେଉଛନ୍ତି। ପଦ୍ମଚମୋହନ. ଗଲ୍ପସ୍ୱଳ୍ପ।]

ସବର—ସଂ. ବି (ସୁ ଧାତୁ=ପ୍ରସବ କରିବା+କର୍ତ୍ତି. ଅର)—୧। ଜଳ;
Sabara ସଲିଳ (ନିଘଣ୍ଟ ଶେଷ)—1. Water. ୨। ଶିବ (ତ୍ରିକାଣ୍ଡ ଶେଷ)—2. Śiba.

ସବରଣୀ—ପ୍ରା. ବି—ସବରୁଣୀ (ଦେଖ)
Sabarani Sabaruni (See)

ସବରା—ଦେ. ବିଣ—ଭରାଭର; ନଈର ପୂର୍ଣ୍ଣ ବଢ଼ି ହେବା (ଅବସ୍ଥା)—
Sabarā Fully flooded (condition of a river). (ଯଥା—ଏଥର ବଢ଼ିରେ ନଈଟା ସବରା ହେଲାଣି।)

ସବରାତ୍—ବୈଦେ: ବି—ସବୁରାତ (ଦେଖ)
Sabarāt Saburāta (See)
(ସବରାତି, ସବରାତିଆ—ବିଣ)

ସବରି—ଦେ. ବି ଓ ବିଣ—ସାବରି (ଦେଖ)
Sabari Sābari (See)
(ସବରି ଚମଡ଼ା, ସବରି ଚମ—ଅନ୍ୟରୂପ)।

ସବରୁଣୀ—ପ୍ରା. ବି. ସ୍ତ୍ରୀ (ସଂ. ଶବରୀ)—ଶବରସ୍ତ୍ରୀ—
Sabaruni A female of the śabara caste.

ସବର୍ଣ୍ଣ—ସଂ. ବିଣ. (ସ=ସମାନ ଅଟେ ବର୍ଣ୍ଣ ଯାହାର; ବହୁବ୍ରୀହି)—
Sabarnna ୧। ସମବର୍ଣ୍ଣ; ଏକ ରଙ୍ଗ ବିଶିଷ୍ଟ—1. Of the (ସବର୍ଣ୍ଣା—ସ୍ତ୍ରୀ) same caste or colour. ୨। ସଦୃଶ—(ଅସବର୍ଣ୍ଣ—ବିପରୀତ) 2. Similar. ୩। (ବ୍ୟାକରଣ) ଏକ ସ୍ଥାନରୁ ଉଚ୍ଚାରିତ (ବର୍ଣ୍ଣ ବା ଅକ୍ଷରମାନ)—3. (letters) Uttered from the same place. ବି—୧। ସମାନ ଜାତି—1. Same caste or tribe. ୨। ସଦୃଶ ରଙ୍ଗ—2. Same colour. ୩। (ବ୍ୟାକରଣ) ଏକ ସ୍ଥାନ (ଯଥା—କଣ୍ଠ, ତାଳୁ, ଜିହ୍ୱା ମୂଳ, ମୂର୍ଦ୍ଧା ଇତ୍ୟାଦି) ରୁ ଉଚ୍ଚାରିତ ବର୍ଣ୍ଣ—(ଯଥା କଣ୍ଠ୍ୟବର୍ଣ୍ଣ, ତାଲବ୍ୟ ବର୍ଣ୍ଣ) 3. (grammar) Letters uttered from the same place.

ସବର୍ଣ୍ଣ ବିବାହ—ସଂ. ବି.—ସମଜାତୀୟ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ
Sabarnna bibāha ବିବାହ—Marriage in the (ବିପରୀତ—ଅସବର୍ଣ୍ଣ ବିବାହ) same caste; marriage between persons of the same caste.

ସବର୍ଣ୍ଣା—ସଂ. ବିଣ. ସ୍ତ୍ରୀ—(ସବର୍ଣ୍ଣ+ଆ.ସ୍ତ୍ରୀ)—୧। ସବର୍ଣ୍ଣର ସ୍ତ୍ରୀଲିଙ୍ଗ—
Sabarnnā 1. Feminine form of Sabarnna. ବି. ସ୍ତ୍ରୀ—୧। ସୂର୍ଯ୍ୟଙ୍କ ପତ୍ନୀ, ଛାୟାଦେବୀ—1. One of the two wives of the Sun-god. (shade personified). ୨। ସମାନଜାତୀୟା ସ୍ତ୍ରୀ—2. A woman of the same caste.

ସବର୍ଣ୍ଣିକରଣୀ—ଦେ. ବି.—ଅବ୍ୟର୍ଥ ମହୌଷଧ ବିଶେଷ—
Sabarnnikarani A kind of never-failing महोषध महोषध medicine. [ଭ୍ର—ଏବେ ଔଷଧ ମୃତ୍ୟୁ ସଞ୍ଜୀବନୀ। ବିଶଲ୍ୟକରଣୀକି ଘେନ। ସନ୍ଧାନକରଣୀ ଔଷଧ ଭିନ୍ନ। ଚତୁର୍ଥେ ସବର୍ଣ୍ଣିକରଣୀ ଘେନ। ବିଶ୍ୱନାଥ—ବିଚିତ୍ର ରାମାୟଣ।]

ସବର୍ଯ୍ୟ—ସଂ. ବିଣ—୧। ଶ୍ରେଷ୍ଠ ଗୁଣ ବିଶିଷ୍ଟ (ବିଶ୍ୱକୋଷ)—
Sabarjya 1. Having excellent quality—(ସବର୍ଯ୍ୟା—ସ୍ତ୍ରୀ) ୨। ଶ୍ରେଷ୍ଠଧନବିଶିଷ୍ଟ (ବିଶ୍ୱକୋଷ)— 2. Having much riches. ୩। ବରଣୀୟ (ବିଶ୍ୱକୋଷ)—3. Excellent.

ସବଳ—ସଂ. ବିଣ. ପୁଂ—(ସହାର୍ଥ ବହୁବ୍ରୀହି; ସ=ସହିତ+ବଳ)—
Sabala ୧। ବଳବାନ୍; ସାମର୍ଥ୍ୟଯୁକ୍ତ—1. Powerful. (ସବଳା—ସ୍ତ୍ରୀ) ୨। ସୈନ୍ୟଯୁକ୍ତ—2. Attended with an (ସବଳତା—ବି) army or force. ୩। ଦଳବଳ ସହିତ—3. Attended with one's party or retinue. ୪। ବଳ ପ୍ରୟୋଗଯୁକ୍ତ—4. Forceful; forcible. ପ୍ରା. ବିଣ—(ସଂ. ଶବଳ)—ନାନାବିଧ ବର୍ଣ୍ଣ ବିଶିଷ୍ଟ—Variegated. [ଭ୍ର—ମଦନ ମଦ ବରଧନ-କର। ସବଳ ଫରଳ ତରଳ ହାର।—ଭକ୍ତ. ପ୍ରେମସୁଧାନିଧି।]

ସବଳି—ସଂ. ବି.—ଅପରାହ୍ନ (ହେମଚନ୍ଦ୍ର)—Afternoon.
Sabali ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ବଳି)—ବଳି ବିଶିଷ୍ଟ—Having Bali.

ସବଳେ—ଦେ. କ୍ରି. ବିଣ—୧। ବଳପୂର୍ବକ; ଜୋର୍ ସହିତ—
Sabale 1. Forcibly; with force. ୨। ସୈନ୍ୟ सबले जोरसे ସହ—2. With force or army.

ସବସ୍ତ୍ର—ସଂ. ବିଣ.—(ସ=ସହ+ବସ୍ତ୍ର=ଲୁଗା)—୧। ବସ୍ତ୍ର ସହିତ—
Sabastra 1. With cloth. ୨। ପରିହିତବସ୍ତ୍ର—(ସବସ୍ତ୍ରା—ସ୍ତ୍ରୀ) 2. Wearing clothes.

ସବହା—ସଂ. ବି—(ବୈଦ୍ୟକ)—ନିବୃତା; ତିହୁଡ଼ି (ଭରତ)—
Sabahā A medicinal root; Ipomea Turpethum.

ସବହୁମାନ—ସଂ. କ୍ରି. ବିଣ—(ସ+ବହୁମାନ)—ବହୁମାନ ସହକାରେ;
Sabahumāna ସମ୍ମାନ ସହକାରେ—With great respect or honour.

ସବା—ଦେ. ସର୍ବନାମ.—(ସଂ.ସର୍ବ)—୧। (ଏହା ଅନ୍ୟ ଶବ୍ଦ ପୂର୍ବେ ଲାଗେ)
Sabā ସବୁ—1. All. (ଯଥା—ସବାଶିଅ, ସବାବାଳ)— सब,सबा, सभ, सबसे ୨। ସମସ୍ତଙ୍କ ମଧ୍ୟରେ—2. Amongst

all. (ଯଥା—ସବା ଖାଜ, ସବା ବଡ଼) । ଦେ. ବଣ.
সওঘা सवा (ସଂ• ଓପାଦ) ସଉଅ (ଦେଖ)—Saua (See).

ସବା ଅଗ—ଦେ. ବଣ.—(ସଂ. ସର୍ବାଗ୍ର)—୧ । ସର୍ବାଗ—1. First
Sabā āga of all. ୨ । ସର୍ବାଗ୍ରେ ସ୍ଥିତ—2. Standing
সবার আগে, सबसेआगे in the front line. କ୍ରି. ବଣ—
ସମସ୍ତଙ୍କ ଅଗରେ ବା ଆଗରେ—First of all.
(ବିପରୀତ—ସବା ପଛ) ବ.—୧ ।ସର୍ବାଗ୍ରସ୍ଥାନ—1. Front or
first position. [ଭୂ—ପ୍ରେମାନୁ ସବା ଅଗେ ଭର ।
କଷ୍ଟ ଭୁ ରହ ଗୋ ଏଠାର ।—ଭୂପତି, ପ୍ରେମପଞ୍ଚାମୃତ]
୨ । ସମସ୍ତଙ୍କ ଅଗ — 2. Front rank of all
persons.

ସବାଇ—ଦେ. ବ.—(ଭୂ. ସଂ• ଶତପର୍ବିକା ଦମ୍ଭା ଶତଗ୍ରନ୍ଥୀ=
Sabāi ଦୁବଘାସ)—ଏକପ୍ରକାର ଘାସ; ଅଧାଶୀ ଘାସ—
সবাই,বাবই, বাবুই ঘাস, Sabai grass; Ischaemum
भाभर, बबई Augustifolium; Pollindium Augustifolium. [ଭୂ—ଏହା ଏକ ପ୍ରକାର ପର୍ବ ଅରଣ୍ୟ
ତୃଣ । ଏହାର ପତ୍ର ଦୁଇ ହାତ ପର୍ଯ୍ୟନ୍ତ ଲମ୍ବ ହୁଏ । ଏହା
ମଧ୍ୟ-ଭାରତ, ଓଡ଼ିଶା ଗଡ଼ଜାତ ଓ ଉତ୍ତରପଶ୍ଚିମ ଭାରତରେ
ଶୁଷ୍କ ଦେଶରେ ଜନ୍ମେ । ଏହି ଘାସକୁ ବଳି ଗୁଡ଼ ଶକ୍ତ
ଦଉଡ଼ି କରନ୍ତି; ଏବେ ଏହି ଘାସରୁ କାଗଜ ପାଇଁ ମଣ୍ଡ
(pulp) ତିଆରି ହେଉଅଛି ।]

ସବାଇ ଦଉଡ଼ା(ଡ଼ି)—ଦେ. ବ—ଅଧାଶୀ ଦଉଡ଼ା—A rope
Sabāi daurdā(rdi) made of sabai grass.
বাবইদড়ী बबइरस्सी

ସବାକାଳେ—ଦେ.କ୍ରି.ବଣ•—(ପ୍ରାଚୀନପଦ୍ୟ)—୧। ସବୁକାଳପାଇଁ—
Sabākāle 1. For all time.
সবসময়ে सब समय [ଭୂ—କାହ୍ନୁ ଅଛନ୍ତି ବୋଲେ,
ମୋତେ ଜାଣିଲେ ସବାକାଳେ—ଭୂପତି, ପ୍ରେମପଞ୍ଚାମୃତ ।]
୨ । ସର୍ବଦା—2. Always.

ସବାକାନ୍ତ—ଦେ• ବଣ—(ସ. ସମାକ୍ରାନ୍ତ ବା ସୀମାକ୍ରାନ୍ତ)—୧ । ଚତୁଃସ୍ପ
Sabākrānta ସୀମାରେ ଅବସ୍ଥିତ ସମସ୍ତ ଭୂମି ସହିତ—1.
সবাক্রান্ত समूचा Consisting of all the lands
within a boundary. ୨ । ଚତୁର୍ଦିଗରେ ଚତୁଃସ୍ପ
ସୀମାବେଷ୍ଟିତ—2. Being bounded on all sides
by certain limits.

ସବାକାନ୍ତ ଚକଡ଼ା—ଦେ. ବ—(ସ. ସୀମାକାନ୍ତ ଓ ଚକ)—
Sabākrānta chakard କୌଣସି ଚତୁଃସ୍ପ ସୀମା ମଧ୍ୟସ୍ଥ
সবাক্রান্ত চাকড়া ସମୁଦାୟ ଜମି—All the lands com-
समूचा चकला prised within given boundaries
on all sides. [ଭୂ—ଓଡ଼ିଶାର ରାଜାମାନେ
କାନ୍ୟକୁବ୍ଜରୁ ନୈଷ୍ଠିକ ବ୍ରାହ୍ମଣମାନଙ୍କୁ ଆଣାଇ ପୁରୀ ଓ
ଯାଜପୁରରେ ଶାସନ ଗ୍ରାମ ମାନ ବସାଇ ସେହି ବ୍ରାହ୍ମଣମାନଙ୍କୁ
ସନନ୍ଦଦ୍ୱାରା 'ସବାକାନ୍ତ ଚକଡ଼ା' କଷର ବା ନିଷ୍କର ରୂପେ
ଦାନ କରୁଥିଲେ ।]

ବା ଖଇଙ୍ଗା—ଦେ. ବ.—ଚିଲିକା ହ୍ରଦରେ ମିଳୁଥିବା ଏକପ୍ରକାର ବଡ଼ ମାଛ
Sabā khaingā —A class of big salt-water-fish
(found in the Chilkā lake).

ସବାଖାଇ—ଦେ• ବ. ସ୍ତ୍ରୀ—(ସ. ସବ+ ଖାଇବା)—୧ । ସବା-
Sabākhāi ଖିଆର ସ୍ତ୍ରୀଲିଙ୍ଗ; ସବାଖିଆ କେଳାଜାତୀୟା ସ୍ତ୍ରୀ—
ସବାଖିଆଣୀ—ଅନ୍ୟରୂପ 1. A woman of the Sabākhiā
(ସବାଖିଆ—ପୁଂ) gypsy caste. ୨ । (ସ୍ତ୍ରୀମାନଙ୍କୁ
সবখাকী(গী) ଦିଆଯିବା ଗାଳି ବିଶେଷ) ଯେଉଁ ସ୍ତ୍ରୀ ସମସ୍ତ ପଦାର୍ଥ
सर्वभक्षी ଖାଏ, ଅର୍ଥାତ୍ ଅଖାଦ୍ୟ ଖାଏ; ଯେ ଉଚିତ ଓ ଘୃଣ୍ୟ
ଦ୍ରବ୍ୟ ଖାଏ; ଅମେଧ୍ୟ ଭୋଜନା—2. A term of
abuse used to women (Literally; all—
devouring) Eating everything, even
prohibited articles.)

ସବାଖିଆ(ୟା)—ଦେ• ବଣ• ପୁଂ—(ସ ସବ ଖାଦକ)—(ଘୃଣାର୍ଥକ)
Sabākhiā(yā) ଯେ ସବୁ ପଦାର୍ଥ ଖାଏ; ଯାହାର ଖାଇବା
(ସବାଖାଇ—ସ୍ତ୍ରୀ) ବିଷୟରେ ମେଧ୍ୟାମେଧ୍ୟ ବିଚାର ନ ଥାଏ—
সবখেকো Eating everything; omnivorous,
सर्वभक्षी eating prohibited food. ବ.—କେଳା-
ମାନଙ୍କ ଶ୍ରେଣୀ ବିଶେଷ—A class of kelās or
wandering tribe of gypsies. [ଭୂ—ଏମାନେ
ସବୁ ପ୍ରକାରର ଜୀବ, ଯଥା ସାପ, ବେଙ୍ଗ, କୁମ୍ଭୀର, କଇଁଛ
ଆଦି ଜନ୍ତୁଙ୍କ ମାଂସ ଖାଆନ୍ତି । ଏମାନେ ଯାଯାବର ଜାତି;
ଏମାନେ ଅନ୍ଧ କରି ଓ ଗ୍ରାମେ ଗ୍ରାମେ ବୁଲି ଅଥବା ଦେହକୁ
ଚିରି ହାଣି ବିକଟର ଦେହରୁ ରକ୍ତ ବୁହାଇ ଲୋକଙ୍କ
ଦୟା ଓ ସହାନୁଭୂତି ଆକର୍ଷଣ କରନ୍ତି । ଫଳରେ ଲୋକେ
ଏମାନଙ୍କୁ ଭିକ୍ଷା ଦେବାକୁ ବାଧ୍ୟ ହୁଅନ୍ତି ।]

ସବାଗିଳା—ଦେ. ବଣ—ସର୍ବଗ୍ରାସୀ; ସବାଖିଆ—
Sabāgilā Omnivorous.
সবখেকো सर्वभक्षी

ସବାଢାଳେ—ଦେ• କ୍ରି. ବଣ—ଏକବାରକେ
Sabādhāle Once for all; all at once.
একেবারে एकाएक

ସବାଧ—ସ• ବଣ—(ସହାର୍ଥ ବହୁବ୍ରୀହି; ସ+ବାଧା)-୧ । ବାଧାଯୁକ୍ତ-
Sabādha 1. Having impedements. ୨ । ପୀଡ଼ାଯୁକ୍ତ-
(ଅବାଧ—ବିପରୀତ) 2. Diseased. ୩ । ନିଷେଧଯୁକ୍ତ—
(ଶବ୍ଦକୋଷ)—3. Having prohibiton.

ସବା ଧୋଇ—ଦେ. ବ.—(ସ ସବ+ଧୌତ) ୧ । ଅତିଶୟ ବୃଷ୍ଟି ହେତୁ
Sabā dhoi ଶସ୍ୟ ସମୂଳେ ଧୋଇଯିବା—Complete
ধুইহাজা बिलकुल दाहर destruction of crops owing
to excessive rain. [ଭୂ—ଉଣିଶଶହ ବେବର୍ଷ
୩୨ ଓ ୩୩ ଅଙ୍କରେ ସବାଧୋଇ, ବତାସ ଓ ଦୁର୍ଭିକ୍ଷ
ହୋଇଥିଲା ।—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।] ୨ । ଜଳବୃଷ୍ଟି
ଯୋଗୁଁ ସମସ୍ତ ଜମିର ଫସଲର ନଷ୍ଟ—2. Complete

destruction of the crops of a place due to river flood.

ସବା ପଛ—ଦେ. କି.ବଣ—୧। ସମସ୍ତଙ୍କ ପଶ୍ଚାଦ୍ଭାଗରେ—1. On the
Sabā pachha back side of all. ୨। ଅବଶେଷରେ;
ସବା ପଛରେ } କି. ବଣ. } ସମସ୍ତଙ୍କ ଶେଷରେ—2. At last.
ସବା ପଛେ } ଅନ୍ୟରୂପ } [ଉ—ସବା ପଛେ ଖାଇଲେ
সবারি পি(পে)ছুনে ପାଣ୍ଡବ ଭୋଜନ—କୃଷ୍ଣଦାସ ମହାଭାରତ
सबसे पिछे ବନ] ୩। ସମସ୍ତଙ୍କ ପରେ—3. After all.

ସବା ବଡ଼—ଦେ. ବଣ—(ସ. ସବ ଓ ପା. ବଡ଼ା)—୧। ସମସ୍ତଙ୍କ-
Sabā barda ଠାରୁ ବଡ଼;ବୃହତ୍ତମ—1. Largest; biggest.
সবার বড় ୨। ସମସ୍ତଙ୍କଠାରୁ ଅଧିକବୟସ୍କ—2. Eldest;
सबसे बड़ा oldest.
[ସବାବାନ, ସବାଶ୍ରେଷ୍ଠ—ଉପସ୍ତବ],

ସବା ବାଳ—ଦେ. ବ.—(ସ. ସବ ଓ ବାଳ=କେଶ)—କ୍ଷୌର
Sabā bāla ନ ହେବାରୁ ମସ୍ତକରେ ଓ ମୁଖରେ ବଢ଼ିଥିବା
সব চুল କେଶ; ମସ୍ତକ ଓ ମୁଖରେ ବଢ଼ିଥିବା ସମସ୍ତ କେଶ—
सब बाल The hair of the whole head left as a result of not shaving the head; the whole head of hair.

ସବା ବାଳ ଛାଡ଼ିବା—ଦେ. କି.—କ୍ଷୌର ନ ହୋଇ ମସ୍ତକର ସମସ୍ତ
Sabā bāla chhārdibā କେଶକୁ ବଢ଼ାଇବା—To let
ସବାବାଳ ବଢ଼ା(ଢ଼େ)ଇବା } ଅନ୍ୟରୂପ the hair of the
ସବାବାଳ ରଖିବା } whole head grow
সবচুল রাখা as a result of not shaving any
सबबालछोड़ना part thereof.

ସବା ବାଲୁଆ—ଦେ. ବଣ ପୁ—ଯେଉଁ ପୁରୁଷ କ୍ଷୌର ନ ହୋଇ
Sabā bāluā ମୁଣ୍ଡର କେଶ ଓ ଶ୍ମଶ୍ରୁ ଅଧିକ ବଢ଼ାଇଥାଏ—
সবচুল বালা A person who has let the hair of
सबबाल रखने वाला the head and face grow long without shaving.

ସବା ମଝି—ଦେ. ବ.—(ସ. ସର୍ବ ମଧ୍ୟ)—୧। ସମସ୍ତଙ୍କ ମଧ୍ୟ ସ୍ଥଳ—
Sabhā majhi 1. The middle of all. ୨। ସମସ୍ତଙ୍କ କେନ୍ଦ୍ର-
সবার মাঝ 2. The centre of all. ଦେ.ବଣ.—ସବାମଝିଆଁ
सबका बीच (ଦେଖ) Sabā majhiāñ See)
(ସବା ମଝିରେ—କି. ବଣ ରୂପ) (ସବାମଝିଲ—ଅନ୍ୟରୂପ)

ସବା ମଝିଆଁ—ଦେ. ବଣ. (ସଂ ସବ ମଧ୍ୟସ୍ଥ)—୧। ସମସ୍ତଙ୍କର କେନ୍ଦ୍ରସ୍ଥ-
Sabā majhiāñ 1. Central. ୨। ସମସ୍ତଙ୍କର ମଧ୍ୟ ସ୍ଥଳରେ
সবার মাঝের ଅବସ୍ଥିତ—2. Middlemost. ୩। (ପୁଂ) ସବୁ
सबका बीचका ଭାଇ ଅବଙ୍କ ମଝିରେ ଜାତ—3. Middle-
(ସବା ମଝିଅଣୀ—ସ୍ତ୍ରୀ) most in point of age or seniority or birth.

ସବା ମରୁଡ଼ି—ଦେ.ବ.—ବୃଷ୍ଟି ଅଭାବରୁ କୌଣସି ଅଞ୍ଚଳର ସମସ୍ତ ଫସଲର
Sabā marurdi ପୂର୍ଣ୍ଣ ନଷ୍ଟି—Complete failure of crops in a place due to drought.

ସବା(ଵା)ର—ବୈଦେ. (ଫା) ବ.—(ଫା. ସଵାର)—୧। ଅଶ୍ୱାରୋହୀ—
Sabā(wā)r 1. Rider.
সওয়ার ୨। ଅଶ୍ୱାରୋହୀ—
सवार 2. Horse-rider.

ସବାର ହେବା—ଦେ. କି.—୧। ଘୋଡ଼ା ପିଠିରେ ଆରୋହଣ କରିବା
Sabāra bebā 1. To ride on a horse. ୨। କୌଣସି
সওয়ার হওয়া ବ୍ୟକ୍ତି ଉପରେ ଚଢ଼ିବା—2. To ride on a
सवार होना person. ୩। (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ଗଳଗ୍ରହ
ହେବା—3. (figurative) To be a burden on a person ୪। (ଭୂତ ଆଦି ମନୁଷ୍ୟଠାରେ) ଅଧିଷ୍ଠ ହେବା; ମନୁଷ୍ୟର ଅସ୍ମାକୁ ଅଧିକାର କରିବା—4. To possess a person (said of a ghost or evil spirit.)

ସବାରାଶି—ଦେ. ବ.—୧। ପ୍ରତ୍ୟେକ କ୍ଷେତକୁ ଖଣ୍ଡ ଖଣ୍ଡ କରି ମାପିବା
Sabārāsi ପ୍ରକାର—Mode of measuring each plot
কিতাওয়ারি of land. ବଣ ୧। କ୍ରମିକ—1. Serial. ୨।
किताबार क्रमिक କ୍ରତାର୍ଥ୍ୟ (ମାଠ) 2. Measurement plot by plot.

ସବାରାଶି ଜରିପ (ପି, ବ, ବି)—ଦେ.ବ.—ପ୍ରତ୍ୟେକ କ୍ଷେତକୁ କ୍ରମା-
Sabā rāsi jarip (pi, b, bi) ନୁସାରେ ମାପିବା
(ସବାରାଶି ନ.ପ—ଅନ୍ୟରୂପ) Serial measurement of the
কেতাওয়ারি জরিপ plots of land; plot by plot
किताबारी जरिब measurement

ସବାରାଶି ଜରିପ(ପି, ବ , ବି)ଭଉଁରିଆ(ୟା)—ଦେ. ବ—ଯେଉଁ
Sabārāsi jarip(pi,ba,bi)bhauñriā(yā) ଭଉଁରିଥରେ
(ସବାରାଶି ଭଉଁରିଆ[ୟା]—ଅନ୍ୟରୂପ) ପ୍ରତ୍ୟେକ କ୍ଷେତର
কিতাওয়ারি জরিপের খতিয়ান ଚୌହଦ୍ଦି ମାପର ପରିମାଣ,
किताबारी जरिब खतियान ବିବରଣ ଓ ନକ୍ସା ଲେଖାଥାଏ—
A fieldbook containing the particulars of measurement of land plot by plot.

ସବାରାଶି ମଡ଼ାଣ—ଦେ. ବ—ସବାରାଶି ଜରିପ ଭଉଁରିଆରେ ଲେଖା-
Sabārāsi mardāna ଥିବା ବିବରଣ ମୁତାବକ ପ୍ରତ୍ୟେକ
কিতাওয়ারি জরিপের খতিয়ান মিলান କ୍ଷେତକୁ ଖଣ୍ଡ ଖଣ୍ଡ କରି
ମାପି ପ୍ରତାଳ କରିବା—Remeasuring and checking every plot of land according to the directions given in the plot-by-
माप पड़तालकरना measurement field book.

ସବାରି—ବୈଦେ. (ଫା) ବ. (ତୁଳ. ସଂ. ଶିବିକା ଓ ତେଲୁଗୁ—
Sabāri ସାଵାରି)—୧। ପାଲିଙ୍କି; ଖଡ଼ଖଡ଼—1. A
(ସୁଅରି—ଅନ୍ୟରୂପ) palankeen; a palki. ୨। ଘୋଡ଼ା
সওয়ারি ବା ହାତୀ ଆଦିରେ ଚଢ଼ିବା—2. Riding on horse
सवारी or elephant. ୩। ଘୋଡ଼ା, ଗାଡ଼ି, ହାତୀ ଆଦିରେ
ଚଢ଼ିବାର ଥର—3. The using of a horse or carriage for riding once. (ଯଥା—ଏ ଘୋଡ଼ାର ଅଡ଼ ଟଙ୍କୋଟି ସବାରି ହେବ ।) ବଣ—୧। ଚଢ଼ିବା କାମରେ

ବ୍ୟବହୃତ—1. Used for riding. (ଯଥା—ସବାର ଘୋଡ଼ା, ସ୍ୱଜାଙ୍କ ସବାରି ହାତୀ ।) ୨ । ଅଶ୍ୱାରୋହଣ ଯୋଗ୍ୟ—2. Fit for riding. [ବ୍ର—କାଠରେ ଓ ବେତରେ ସବାରି ତିଆରି ହୁଏ ଏବଂ ଲୁହାରେ ଛଅର ବେତୋଟି ଉପାଦାନ ମଧ୍ୟ ଏଥିପାଇଁ ଅବଶ୍ୟକ ହୁଏ । ସବାରିର ଦୁଇ ପାଖରେ କବାଟ ଲଗିଥାଏ, ତାକୁ ଟାଣିକରି ମେଲ ଓ ବନ୍ଦ କରାଯାଏ । ସେ କବାଟମାନ ଖୋଳ ଚକମାନଙ୍କ ଉପରେ ଚଲେ । ଏଥିପାଇଁ ସବାରିକୁ ମଧ୍ୟ ଖଡ଼ଖଡ଼ି ବୋଲାଯାଏ । ସବାରିର ଭିନ୍ନ ଭିନ୍ନ ଅଂଶର ନାମ; ଯଥା—

[କ] ବାଙ୍କ—ସବାରିର ଆଗରେ ଓ ପଛରେ ଲଗିଥିବା ଦଣ୍ଡଦ୍ୱୟ, ଯାହାକୁ ବେହେରାମାନେ କାନ୍ଧେଇ କରି ସବାରି ବୁହାନ୍ତି ।

[ଖ] ଭୂମ୍ବ—ସବାରିର ଆଗପାଖ ବାଙ୍କ (ସବାରିର ଆଗ ବାଙ୍କର ଅଗରେ ଗୋଟିଏ ଭୂମ୍ବାକାର ଅଳଙ୍କାର ଲଗିଥିବାରୁ)

[ଗ] ପିଙ୍ଗ, ଫିଙ୍ଗ—ସବାରିର ପଛ ବାଙ୍କ ।

[ଘ] ପାହୁଅ ବା ପାହ୍ୟା—ସବାରିର ତଳେ ଥିବା ଗୋଡ଼ଚାରିଟି ଗୋଡ଼ ।

[ଙ] ଛତ—ସବାରିର ଉପର ଆବରଣ ବା ଛାତ ।

[ଚ] ତାନ—ସବାରିର ବାଙ୍କକୁ ଯେଉଁ ଲୁହାର ଦଣ୍ଡମାନ ସବାରିର ଦୁଇମୁଣ୍ଡରେ ତଳ ଓ ଉପରଅଡ଼ ସହିତ ଭିଡ଼ା ହୋଇଥାଏ ।

[ଛ] ବାଡ଼ ବା ବାଡ଼ା—ସବାରିର ପାର୍ଶ୍ୱଦେଶସ୍ଥ କାଷ୍ଠ ।

[ଜ] ଫରମା ବା ଫର୍ମା—ସବାରିର ପ୍ରକୋଷ୍ଠାକୃତ ଚତୁଷ୍କୋଣ ଅଂଶ (ଅର୍ଥାତ୍ ଯହିଁର ଆଗରେ ଓ ପଛରେ ଦୁଇ ଗୋଟି ବାଙ୍କ ଯୋଖା ହୋଇଥାଏ ।)

[ଝ] ତଳ ବା ତଳା—ସବାରିର ଯେଉଁ ଅଂଶରେ ଆରୋହୀ ବସନ୍ତି ।

[ଞ] ଖଡ଼ଖଡ଼ି ବା କବାଟ—ସବାରିର ପାର୍ଶ୍ୱସ୍ଥ ଅଂଶରେ ଲଗିଥିବା ଦ୍ୱାର (ଯାହାକୁ ଖୋଲି ଓ ବନ୍ଦ କରି ଯାଇପାରେ) ।]

ସବାରିଆ(ୟା)—ଦେ. ବଣ—ଯେଉଁ ଘୋଡ଼ା ସବାର ବା ଚଢ଼ିବା ପାଇଁ Sabāriā(yā) ବ୍ୟବହୃତ ହୁଏ—(Horse) Used for ସଓ୍ୟାରିୟା **सवारिका** riding.

ସବାରି କାନ୍ଧି(ନ୍ଧୁ)ଆ—ଦେ. ବ—ସବାରିର ବାଙ୍କକୁ କାନ୍ଧ ଉପରେ Sabāri kāndhi(ndhu) ବହୁଥିବା ବାହକଗଣ—Bearers ସଓ୍ୟାରି ବେହାରା carrying the poles of the palki **सवारीढोलाई** on the shoulders. ଦେ. ବଣ—ଯେଉଁମାନେ ସଓ୍ୟାରିଓ୍ୱାଲା ସବାରିର ବାଙ୍କକୁ କାନ୍ଧରେ ବୁହାନ୍ତି— **सवारीढोनेवाला** Bearing the pālki on their shoulders. (ଯଥା—ସବାରିକାନ୍ଧିଆ ଗଉଡ଼)

ସବାରି ଗଉଡ଼(ବେହେରା)—ଦେ. ବ—ସବାରି କାନ୍ଧେଇବା ବେହେରାଗଣ Sabāri gaurda(beherā) The—bearers of a pālki ସଓ୍ୟାରି ବେହାରା [ବ୍ର—କେତେକ ଅଞ୍ଚଳରେ ଗଉଡ଼ମାନେ,କେତେକ **सवारि कहार** ସ୍ଥଳରେ କାହାରା, କେତେକ ସ୍ଥଳରେ ଢୋଲି, କେତେକ ସ୍ଥଳରେ ସାନ୍ତାଳ ଆଦି ଅନାର୍ଯ୍ୟଜାତି ଓ କେତେକ ଅଞ୍ଚଳରେ ହାଡ଼ିମାନେ ସବାରି ବୁହନ୍ତି ।]

ସବାରି ଗାଡ଼ି—ଦେ. ବ—୧ । ଯେଉଁ ଚାରିଚକିଆ ଗାଡ଼ି ଉପରେ Sabāri gārdi ସବାରି ପରି ଗୋଟିଏ ପ୍ରକୋଷ୍ଠ ଲାଗିଥାଏ ପାଲ୍‌କି ଗାଡ଼ି ବସିବା ପାଇଁ ସଂଯୁକ୍ତ ହୋଇଥାଏ—1. A four- **सवारी गाडी** wheeled carriage on which is attached a frame like a palki; an office-jaun. ୨ । ଆରୋହୀଙ୍କ ବସିବା ପାଇଁ ସବାରି ପରି ଆବୃତ ଆସନ ଯେଉଁ ଗଳଦ ଗାଡ଼ିର ଦଣ୍ଡା ଉପରେ ବନ୍ଧା ଯାଇଥାଏ—2. A cart on which is attached a sedan-chair-like contrivance.

ସବାରି ଘୋଡ଼ା—ଦେ. ବ—ଯେଉଁ ଘୋଡ଼ା ଚଢ଼ିବା ପାଇଁ ବ୍ୟବହୃତ Sabāri ghordā ହୁଏ—Riding horse. (ଏହିପରି ସଓ୍ୟାରି ଘୋଡ଼ା ସବାରି ଓଟ, ସବାରି ହାତୀ ଆଦି ଶବ୍ଦ ବ୍ୟବହୃତ **सवारी घोडा** ହୁଏ ।)

ସବାରି ଡାକ—ଦେ. ବ—୧ । ବହୁ ଦୂରରେ (ପ୍ରାୟ ପ୍ରତ୍ୟେକ ୧୦ Sabāri dāka ମାଇଲ ଅନ୍ତରରେ) କ୍ଳାନ୍ତ ବେହେରାମାନଙ୍କ ସବାରି ଡାକ ବଦଳରେ ଟଣ୍ଟା ତଣ୍ଟା ନୂଆ ବେହେରାଙ୍କ ଦ୍ୱାରା **सवारी डाक** ସବାରିକୁ ବହୁଦୂର ବାଟକୁ ନେବାରୂପ ବ୍ୟବସ୍ଥା—1. Arrangement for carrying a pālki to a long distance by having it carried by fresh relays of bearers at fixed intervals (of 10 miles). ୨ । ସବାରି ବେହେରାମାନେ ସବାରି କାନ୍ଧେଇବା ସମୟରେ କ୍ଳାନ୍ତିହରଣାର୍ଥ ବଡ଼ ପାଟି କରି ଡାକିବା ବାକ୍ୟମାନ—2. The hallooing of pālki-bearers while carrying the pālki.

[ବ୍ର—ସାଧାରଣତଃ ସବାରିର ଆଗ ବାଙ୍କକୁ କାନ୍ଧେଇ ଥିବା ବେହେରାମାନେ ଚାଲିବାବେଳେ ଡାକ ଡାକି ଚାଲନ୍ତି । ପଛ ବାଙ୍କକୁ କାନ୍ଧେଇଥିବା ବେହେରାମାନଙ୍କୁ ସମ୍ମୁଖ ବାଟ ଦେଖାଯାଏ ନାହିଁ, ଏଥିପାଇଁ ଆଗରେ କାନ୍ଧେଇଥିବା ବେହେରାମାନେ ସେମାନଙ୍କ ଡାକ ଡାକି ପଛ ବେହେରାମାନଙ୍କୁ ଭଲ ଭଲ ବାକ୍ୟ ଦ୍ୱାରା ରାସ୍ତା ସମ୍ବନ୍ଧେ ସାବଧାନ କରେଇ ଦଅନ୍ତି । ଏହାଛଡ଼ା ବେହେରାମାନେ ଡାକ ଦ୍ୱାରା ନାନାପ୍ରକାରର ଗୀତ, ଡାକ ବଚନ ଓ ପ୍ରବଚନ ବୋଲନ୍ତି ଏବଂ ରସିକତା ମଧ୍ୟ କରନ୍ତି । ଏହି ଡାକ ନାନା ଛନ୍ଦରେ ବୋଲାଯାଏ । ଆଗରେ କାନ୍ଧେଇଥିବା ବେହେରାମାନଙ୍କ ମଧ୍ୟରୁ ଜଣେ ବା ଦୁଇଜଣ ଗୋଟିଏ 'ଡାକ' ଡାକନ୍ତି ଓ

କାନ୍ଧ୍ୟାର ମାରିବାକୁ କ୍ଷଣକ ପାଇଁ ଭୁଲି ଯାଆନ୍ତି । ଏହି ଅବସରରେ ଅନ୍ୟ ବେହେରା ଜଣେ ବା ଦୁଇଜଣ ସେହି ଡାକକୁ ମିଶାଇ ଡାକ ମାରନ୍ତି । ଅତଏବ ଡାକମାରିବା ବେହେରାମାନେ ଦୁଇଟି ଦଳରେ ବିଭକ୍ତ ହୁଅନ୍ତି । ଏକ ଦଳ ଡାକ ମାରି ଭୁଲି ହେଉଥିବେଳେ ଅନ୍ୟ ଦଳର ଡାକ ମାରନ୍ତି ଓ ଦୂରରୁ ଏ ଦୁଇଦଳଙ୍କ ଡାକ ମିଶି ଗୋଟିଏ ଅବିଚ୍ଛିନ୍ନ ଶବ୍ଦଧାରା ପରି ଶୁଣାଯାଏ । ଏମାନଙ୍କ ଡାକ ସାଧାରଣତଃ ୪ ଅକ୍ଷରିଆ (ଯଥା—ଯାଉଚୁଲ, ଦଅ ପେଲ), ୫ ଅକ୍ଷରିଆ (ଯଥା—ହୁଁ ମେରା ଭାଇ, ଖବର ଖାଇ), ୬ ଅକ୍ଷରିଆ (ଯଥା—ହୁଁ ମେରା ଭାଇରେ, ଖବର ଖାଇରେ, ଅକାଶି ଲଗାରେ, ଅଗିଲ ଭାଇରେ), ଓ ୭ ଅକ୍ଷରିଆ (ଯଥା—ଡାହାଣକୁ ମୋଡ଼ିରେ, ବାଆଁ ଛଡ଼ ଭାଇରେ, ଦହିଆରୁ ତାଉରେ) ଆଦି ଛନ୍ଦ ବିଶିଷ୍ଟ ହୋଇଥାଏ । କେତେକ ଅଞ୍ଚଳରେ "ସେ ଘା ! ସେ ସେ ! ହେଁ ହେଁ ! ହେଁ ହାଁ !" ଇତ୍ୟାଦି ନିରର୍ଥକ ଡାକ ମଧ୍ୟ ବେହେରା ମାନେ ଡାକନ୍ତି । ଅଗର ବେହେରାମାନେ 'ଡାକ' ଡାକନ୍ତି ଓ ପଛ ବେହେରାମାନେ ତାହା ଶୁଣି ସେହି ଡାକର ଅର୍ଥକୁ ବୁଝି କାର୍ଯ୍ୟ କରନ୍ତି ଏବଂ ଯେଉଁ ପଞ୍ଚାକ ବେହେରା କାନ୍ଧେଇବାରୁ ଅବସର ପାଇ ସବାରର ପଛରେ ଚାଲି ଥାଆନ୍ତି, ସେମାନେ କିଛି ସମୟ ପରେ ଅଗ ବେହେରାଙ୍କୁ ବା ପଛ ବେହେରାଙ୍କୁ ଛଡ଼ାନ୍ତି, ଅର୍ଥାତ୍ ତାଙ୍କୁ କାନ୍ଧେଇବା କାର୍ଯ୍ୟରୁ କିଛି ସମୟ ପାଇଁ ମୁକ୍ତି (Relief) ଦିଅନ୍ତି । ଏହି ସବାର ଡାକରେ କେତେଗୁଡ଼ିଏ ବାକ୍ୟ ବିଶିଷ୍ଟ ଅର୍ଥରେ ବ୍ୟବହୃତ ହୁଏ । ତନ୍ମଧ୍ୟରୁ କେତୋଟି ଉଦାହରଣ କ୍ରମରେ ଦିଆ ଯାଉଅଛି—

୧ । ଅକାଶି ଲଗାରେ—ସବାର ଯାଉଥିବା ବାଟର ମୁଣ୍ଡ ଉପରେ ଗଛର ଡାଳ ବା ଲତା ଓହଳି ଥିଲେ ଏହି ଡାକ ବ୍ୟବହୃତ ହୁଏ ।

୨ । ଖଡ଼ପା ଲଗାରେ—ବାଟରେ କଣ୍ଟା ପଡ଼ିଥିଲେ କିମ୍ବା କୌଣସି ବେହେରାର ଗୋଡ଼ରେ କଣ୍ଟା ଗଳିଗଲେ ଏହି ଡାକ ବ୍ୟବହୃତ ହୁଏ ।

୩ । ଗୋବର ଲଗାରେ—ବାଟରେ ଅଳ୍ପ କାଦୁଅ ଥିଲେ ଏହି ଡାକଟି ଡକାଯାଏ । କେତେକ ଅଞ୍ଚଳରେ ଏହି ଡାକଟି ଗୋବର କାଇରେ, ଦେଇଛି ଚାଲରେ—ରୂପରେ ଶୁଣାଯାଏ ।

୪ । ଉଛଟି ଲଗାରେ—ବାଟରେ ଅଧିକା କାଦୁଅ ଥିଲେ ଏହି ଡାକ ଡକାଯାଏ ।

୫ । ଠୋକର ଲଗାରେ—ବାଟରେ ଗଛର ଶିଅ ଆଦି ଝୁଣ୍ଟିବାର ଆଶଙ୍କା ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୬ । ଅଗିଲା ଭାଇରେ—ସମ୍ମୁଖରେ ଅନ୍ୟ ସବାର ବା ଲୋକ ଗହଳ ଯୋଗୁଁ ଶୀଘ୍ର ଗୁଞ୍ଜିପିବାର ସୁବିଧା ନଥିଲେ ଏହି ଡାକଟି ଡକାଯାଏ ।

୭ । କୋରେଇ ଗାଡ଼ରେ, କୁଲେଇ ମାଡ଼ରେ—ବାଟରେ ଗାତ ଥିଲେ ଟିକିଏ ବାଟ ଘୁଞ୍ଚିକରି ଯିବାବେଳେ ଏହି ଡାକଟି ଡାକିବାକୁ ହୁଏ ।

୮ । ଡାହାଣ ଛଡ଼ରେ ବା ବାଆଁକୁ ଧରରେ—ବାଟରେ ଡାହାଣ ଅଙ୍ଗେ ଗଛ ଆଦି ଥିଲେ ଡାକିବାକୁ ହୁଏ ।

୯ । ବାଆଁକୁ ଛଡ଼ରେ ବା ଡାହାଣେ ଧରରେ—ବାଟର ବାମଅଙ୍ଗେ ଗଛ ଆଦି ଥିଲେ ଏପରି ଡାକ ଡକାଯାଏ ।

୧୦ । ବାଆଁ ଡାହାଣେ ରେ ବା ଡାଆଁ ବାଆଁଣେ ରେ—ବାଟର ଦୁଇ ପାଖେ ଗଛ ଆଦି ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୧ । ଠିଆ ପହଣ୍ଡରେ ବା ଉଆଁ ପହଣ୍ଡରେ—ବାଟରେ ନଳା ବା ନର୍ଦ୍ଦମା ବା ହୁଡ଼ା ଥିଲେ ତାକୁ ଡେଇଁ କରି ଯିବାବେଳେ ଏ ଡାକଟି ଦିଆଯାଏ ।

୧୨ । ଦୋସର ଉଆଁରେ—ଥରେ ଡେଇଁ ସାରିଲା ପରେ ପୁଣି ଆଉ ଥରେ ନଳା ବା ହୁଡ଼ା ଆଦିକୁ ଡେଇଁବାକୁ ପଡ଼ିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୩ । କାନ୍ଧ ବଦଳରେ—ଆମ୍ଭେମାନେ କ୍ଲାନ୍ତ ହେଲୁଣି, ଚାଲୁଥିବା ବେହେରାମାନେ ଆସି ଆମ କାନ୍ଧରୁ ସବାର ନିଅନ୍ତୁ—ଏହି ଅର୍ଥ ପ୍ରକାଶ କରେ ।

୧୪ । ଲଙ୍ଗଳ ଡାଡ଼ାରେ—ଯିବା ବାଟରେ ବିଲରେ ଲଙ୍ଗଳ ଦ୍ୱାରା ଭଡ଼ା ହୋଇ ଥିବା ବଡ଼ ବଡ଼ ମାଟି ମୁଣ୍ଡା ପଡ଼ିଥିଲେ ସାବଧାନ ହୋଇ ଚାଲିବାକୁ ଏହି ଡାକଟି ବ୍ୟବହୃତ ହୁଏ ।

୧୫ । ହାଗୁଡ଼ା ଲଗାରେ—ଯିବା ବାଟର କଡ଼ରେ ଥୁଣ୍ଟା ଗଛ, ଖୁଣ୍ଟ ବା ଚୁଙ୍କା ଅଛି; ତେଣୁ ସବାରର ପାହୁଅ ତହିଁରେ ଲାଗି ଯିବାର ଆଶଙ୍କା, ଏହି ଅର୍ଥ ପ୍ରକାଶ କରେ ।

୧୬ । ଅନ୍ଧାର ଲଗାରେ—ଅନ୍ଧକାର ଯୋଗୁଁ ବା ପାଣି ଯୋଗୁଁ ଗୋଡ଼ତଳର ଭୂମି ଆଖିକୁ ଦେଖାଯାଉ ନ ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୭ । ଅଳପ ଅଛି, ଅଣି ମାରୁଛି, ସୂତା ଖିଅ ପରି ଲାଗି ରହିଛି—ଯେଉଁ ସ୍ଥାନକୁ ଯାଉଥାଇଁ, ତାହା ସନ୍ନିକଟବର୍ତ୍ତୀ ହେଲାଣି, ଆଉ ଅଧିକ ଦୂର ଯିବାକୁ ପଡ଼ିବ ନାହିଁ—ଏହି ଅର୍ଥ ପ୍ରକାଶ କରେ ।

୧୮ । ନୂଆ ଗୋହିର, ମାର୍ ମୁଣ୍ଡିଆ ଯାଉ ବାହାର—ସବାର ନୂଆ ଗୋହିର ମଧ୍ୟରେ ଯାଉଅଛି, ବାଟ ସଙ୍କୀର୍ଣ୍ଣ ଥିବାରୁ ଓ ଦୁଇ ଆଡ଼ର ନୂଆ ଗଛର ସଂସର୍ଗ ଯୋଗୁଁ ଗତିରେ ବାଧା ହେବାରୁ ପଛ ବେହେରାମାନେ ସବାରକୁ ଜୋରରେ ପେଲି ଦିଅ—ଏହି ଅର୍ଥ ପ୍ରକାଶ କରେ ।

୧୯ । ମାଆ ଠାକୁରାଣୀ ହୋଇବେ ସାହା ରେ—ବାଟ ପାଖରେ କୌଣସି ଗ୍ରାମ ଦେବତାଙ୍କ ଅସ୍ଥାନ ଦେଖା ଗଲେ ଏହି ଡାକଟି ବ୍ୟବହୃତ ହୁଏ ।

୨୦ । ଚଲ୍ଲଚ ପାଇରେ—ରାସ୍ତା ଭଲ ଥିବାରୁ ଚାଲିବାକୁ ସୁବିଧା ହେଉଅଛି—ଏହି ଅର୍ଥ ପ୍ରକାଶ କରେ ।]

ସବାର୍ ପାଇକ(ସିପାଇ, ସିପାହି)—ଦେ· ବ—ସବାର୍ ପାଖେ ପାଖେ
Sabāri pāika(sipāi, sipāhi) ଅସ୍ତ୍ର ଶସ୍ତ୍ର ଧରି ଯିବା ପାଇଁ
সওয়ারী সিপাহী ନିଯୁକ୍ତ ପାଇକ ବା ପାଇକମାନେ—
सवारी सिपाही An armed guard or guards who accompany a palki while it carries a Raja or Ranee or an official.

ସବାର୍ ବଗି—ଦେ· ବ—ସବାର୍ ଗାଡ଼ି ୧ (ଦେଖ)
Sabāri bagi Sabāri gārdi 1 (See)

ସବାର୍ ବେହେରା—ଦେ. ବ—ସବାରକୁ କାନ୍ଧ ଦ୍ୱାରା ବୋହିବା
Sabāri beherā ବେହେରା—Palki-bearers.
সওয়ারি বেহারা [ଦ୍ର—ଉକ୍ତ ଜାତି ଅଞ୍ଚଳରେ ଭିନ୍ନ ଭିନ୍ନ ଜାତିର
सवारि कहार ବ୍ୟକ୍ତିମାନେ ସବାର୍ କାନ୍ଧାନ୍ତି । ଓଡ଼ିଶାରେ କଟକ, ପୁରୀ ଜିଲ୍ଲାରେ ଗଉଡ଼ ଓ ବାଉରିମାନେ ସବାର୍ ବୁହାନ୍ତି । ବାଲେଶ୍ୱରର ଉତ୍ତରାଞ୍ଚଳରେ ପାଣ ଓ ମେଦନୀପୁରରେ ପାଣ ଓ ହାଡ଼ିମାନେ ସବାର୍ କାନ୍ଧାନ୍ତି । ପଶ୍ଚିମ ଓ ଦକ୍ଷିଣରେ କାହାରମାନେ, ଗଞ୍ଜାମରେ କନ୍ଧ, ଡୋଲି ଓ ସାନ୍ତାଳମାନେ ସବାର୍ କାନ୍ଧେଇବା ଦେଖାଯାଏ ।]

ସବାର୍ ଭିଡ଼ିବା—ଦେ· କି-ବେହେରାମାନେ କାନ୍ଧେଇ କରି ଚଳାଉଥିବା
Sabāri bhirdibā ସବାରର ଗତିକୁ ବନ୍ଦ କରି ସବାରକୁ
পাল্কী রাখা ଏକସ୍ଥାନରେ ରଖିବା—To stop a
सवारी रखना moving Pālki and set it down at a place.

ସବାର୍ ହାତୀ —ଦେ ବ. ପୁଂ—ଯେଉଁ ହାତୀ ରାଜାଙ୍କର ବା ଅନ୍ୟାନ୍ୟ
Sabāri hāti ବିଶିଷ୍ଟ ଲୋକଙ୍କ ଆରୋହଣାର୍ଥ ବ୍ୟବହୃତ ହୁଏ—
সওয়ারী হাতী An elephant which is used by a
सवारी हाथी Raja or high official for riding.
(ସବାର୍ ହାତୁଣୀ—ସ୍ତ୍ରୀ) [ଦ୍ର—କେତେକ ହାତୀ ଗୃହପାଳିତ ହେଲେ କାଳ ପିଠି ଏପରି ଦୋହୋଲେ ଯେ, ସେଥିରେ ଆରୋହୀଙ୍କ ଶରୀର ଖୁବ୍ ଦୋହୋଲେ । ଏପରି ହାତୀର ଆରୋହଣ କ୍ଲାନ୍ତିପ୍ରଦ । ଗୋଟିଏ ଗୋଟିଏ ହାତୀ ଚାଲିବାବେଳେ ସେମାନଙ୍କ ପିଠି ସାମାନ୍ୟ ଦୋହୋଲେ ଓ ସେମାନଙ୍କ ଉପରେ ଆରୋହଣ କରିବା ଆରାମପ୍ରଦ ।]

ସବାର୍ ହେବା—ଦେ. କି—ସବାର ହେବା (ଦେଖ)
Sabāri hebā Sabāra hebā (See)

ସବାରି—ପ୍ରାଦେ. (ଲରିଅ) ବଣ—ଇଳମାଲ
Sabāri Joint.

ସବା(ଓ୍ୱା)ଲ୍—ବୈଦେ. ବ.(କଚରିଅ)—(ଫା.ସଓ୍ୱାଲ୍)—୧। ପ୍ରଶ୍ନ—
Sabā(wā)l 1.Question. ୨। ମକଦମାରେ କୌଣସି ପକ୍ଷ ଅପର
সওয়াল ପକ୍ଷକୁ ଲେଖିକରି ପଚାରିବା ପ୍ରଶ୍ନ—2. Interrogatory
सवाल submitted to court by one party to be served on the opposite party in a case.

ସବାଲ୍ କରିବା—ଦେ. କି (କଚରିଅ)—ପ୍ରଶ୍ନ କରିବା
Sabāl karibā To question.
(ସଓ୍ୱାଲ୍ ଦେବା—ଅନ୍ୟରୂପ)
সওয়াল করা **सवाल करना**

ସବାଲ୍ ଜବାବ୍—ବୈଦେ (ଫା.) ବ. (କଚରିଅ)—୧। ପ୍ରଶ୍ନୋତ୍ତର—
Sabāl jabāb 1. Question and reply. ୨।
সওয়াল জবাব ମକଦମାରେ ଉଭୟ ପକ୍ଷରୁ ପ୍ରମାଣ ଦିଆଯିବା ପରେ
सवाल जबाब ଉଭୟ ପକ୍ଷର ଓକିଲଙ୍କ ବାଦାନୁବାଦ—2. The argument of the pleaders of both sides after evidence is taken.

ସବାଲ୍ ଫରଦ୍(ଫର୍ଦ)—ବୈଦେ(ଫା)ବ.(କଚରିଅ)—ଯେଉଁ କାଗଜରେ
Sabāl pharad(pharda) ପକ୍ଷମାନେ ଅପର ପକ୍ଷକୁ ପଚାରିବା
সওয়াল ফর্দ প্রশ্নମାନ ଲେଖାଥାଏ—A sheet containing
सवाल फरद the interrogatories put by one party to the other.

ସବାଲିଆ(ୟା)—ଦେ· ବଣ ପୁଂ—ପ୍ରଶ୍ନକାରୀ
Sabālia(yā) Questioning, interrogating.
সওয়ালকারী **सवाल करनेवाला**
[ସବାଲି(ଲ୍ୟି)—ସ୍ତ୍ରୀ]

ସବା(ଓ୍ୱା) ଶଅ(ହ)—ଦେ.ବ ଓ ବଣ(ସଂଖ୍ୟାବାଚକ; ସପାଦ+ଶତ)—
Sabā(wā) sa-a(ha) ଏକ ଶତ ପଚିଶ—One hundred
সওয়াশত **सवासौ** twenty five.

ସବାସ—ସଂ. ବଣ—(ସ=ସହିତ+ବାସ=ଗନ୍ଧ, ଗୃହ; ସହାର୍ଥ
Sabāsa ବହୁବ୍ରୀହି)—୧। ଗନ୍ଧଯୁକ୍ତ—1. Having smell; scented. ୨। ଗୃହଯୁକ୍ତ—2. Having a habitation. ୩। ଗୃହସ୍ଥ—3. Having a household; householder. ଦେ· ବଣ—(ସଂ. ସବାସା)—ସବାସା (ଦେଖ)—Sabāsā (See)

ସବାସା(ସାଃ)—ସଂ. ବଣ·—(ସ=ସହିତ+ବାସସ୍=ବସ୍ତ୍ର; ସବାସସ୍
Sabāsā(sāh) ଶବ୍ଦର ୧ମା. ୧ବ·)—ସବସ୍ତ୍ର (ଦେଖ)—

ସବା ସାନ—ଦେ. ବଣ—ସମସ୍ତଙ୍କ ମଧ୍ୟରେ ସାନ—Youngest or
Sabā sāna smallest of all. [ଉ—ଯୁଧିଷ୍ଠିର ଭ
সবারছোট ସବାସାନ ଦୁଇଭାଇ, ଯେଉଁ ଦ୍ରୋଣଠାରୁ ଅସିଲେ
सबसेछोटा ବେଗେ ଧାଇଁ । —କୃଷ୍ଣସିଂହ ମହାଭାରତ । ଶାନ୍ତି]

ସବାହ୍ୟାନ୍ତଃକରଣ—ସଂ· ବଣ (ଦ୍ୱନ୍ଦ୍ୱ ଓ ସହାର୍ଥ ବହୁବ୍ରୀହି; ବାହ୍ୟ+
Sabāhyāntahkarana ଅନ୍ତଃକରଣ; ସ+ବାହ୍ୟାନ୍ତଃକରଣ)-
ଦେହ ଓ ଅନ୍ତଃକରଣ ସହିତ ବର୍ତ୍ତମାନ—With the body and mind.

ସବାହ୍ୟାଭ୍ୟନ୍ତର—ସଂ. ବଣ (ଦ୍ୱନ୍ଦ୍ୱ ଓ ସହାର୍ଥ ବହୁବ୍ରୀହି)—ବାହାର
Sabāhyābhyantara ଓ ଭିତରର ସହିତ—Including outside and inside.

ସବି—ଗ୍ରା. ସର୍ବନାମ—(ସଂ. ସର୍ବ)—ସର୍ବେ; ସବୁ—All.
Sabi সবই **सब**

ସବିଏ—ଦେ· ସର୍ବନାମ—(ବହୁବଚନ ସର୍ବେ)—୧। ସମସ୍ତେ—
Sabie 1. All. ୨। ପ୍ରତ୍ୟେକ ବ୍ୟକ୍ତି—2. Every one.

ସବିକଳ୍ପ—ସଂ. ବଣ.— (ସ=ସହିତ+ବିକଳ୍ପ)—ଦ୍ୱୈଧଜ୍ଞାନଯୁକ୍ତ;
Sabikalpa ସନ୍ଦିଗ୍ଧ—Sceptic. ବ.—୧। (ବେଦାନ୍ତ)
(ସବିକଳ୍ପକ—ଅନ୍ୟରୂପ) ଜ୍ଞାତା ଓ ଜ୍ଞେୟର ଭେଦଜ୍ଞାନ—1.The

knowledge of the individual existence of the knower and the knowable. ୨ । (ନ୍ୟାୟ ଦର୍ଶନ) ବିଶେଷଣ(ଗୁଣ)ଯୁକ୍ତ ବିଶେଷ୍ୟ(ବସ୍ତୁ)ର ଜ୍ଞାନ —2.(Logic) Knowledge of a thing with its attribute. ୩ । (ଯୋଗଶାସ୍ତ୍ର) ସମାଧିବିଶେଷ—(Joga) A kind of deep meditation. [ଦ୍ର—ସବିକଳ୍ପ ଓ ନିର୍ବିକଳ୍ପ ଭେଦରେ ସମାଧି ଦୁଇ ପ୍ରକାର। ଯେଉଁ ସମାଧିରେ କୌଣସି ଗୋଟିଏ ଅବଲମ୍ବନ ଥାଏ ତାକୁ ସବିକଳ୍ପ ବା ସବୀଜ ସମାଧି କହନ୍ତି—ବିଶ୍ୱକୋଷ ।]

ସବିକାର—ସଂ. ବିଣ (ସହାର୍ଥ ବହୁବ୍ରୀହି)—୧ । ବିକାରଯୁକ୍ତ—
Sabikāra 1. Having transformation.
(ସବିକାରା—ସ୍ତ୍ରୀ) ୨ । ଚିତ୍ତବିକାର ବିଶିଷ୍ଟ—2. Having change or agitation of mind.

ସବିକାସ(ଶ)—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ବିକାଶ)—
Sabikāsa(śa) ୧ । ବିକାଶ ପ୍ରାପ୍ତ; ପ୍ରସାରିତ; ଅସଙ୍କୁଚିତ—1. Expanded. ୨ । ପ୍ରଫୁଲ୍ଲ; ବିକଶିତ—2. Full-blown.

ସବିଗ୍ରହ—ସଂ.ବିଣ (ସହାର୍ଥ ବହୁବ୍ରୀହି; ସ=ସହ+ବିଗ୍ରହ=ଶରୀର)—
Sabigraha ୧ । ମୂର୍ତ୍ତିମାନ୍; ଦେହ ବିଶିଷ୍ଟ; ସଶରୀର—1. Embodied; corporeal. ୨ । ରୂପ ବିଶିଷ୍ଟ—2. Having a form or shape. ୩ । ଦେବମୂର୍ତ୍ତି ସହ ବିଦ୍ୟମାନ—3. Accompanied by the image of a Deity. ୪ । (ବ୍ୟାକରଣ) ସମାସଯୁକ୍ତ ବା ସମସ୍ତ (ପଦ)—4. (a word) Formed by compounding several words. ୫ । ଅର୍ଥଦ୍ୟୋତକ —5. Signifying a meaning. ୬ । ତାତ୍ପର୍ଯ୍ୟ-ସୂଚକ—6. Indicative of a purport; denotative.

ସବିଙ୍କ—ଦେ. ସର୍ବନାମ—ସମସ୍ତଙ୍କର—Of all. [ଦ୍ର—ଏତେକାର
Sabiṅka ଚିତ୍ତ ଯାକୁ ନାହିଁ ଦେଖା ବୃଥା ଅହଂକାର ସବିଙ୍କର
(ସବିଙ୍କର—ଅନ୍ୟରୂପ) ସଖା—ଡାଗଣୀଚରଣ. ଉକ୍ତିକୁଳ୍ୟା ।]
সবার, সবাকার **सबका**

ସବିଙ୍କି(ଙ୍କୁ)—ଦେ. ସର୍ବନାମ—ସମସ୍ତଙ୍କୁ—To all. [ଦ୍ର—ଏଣକ୍ଷ
Sabiṅki(ṅku) ସବିଙ୍କି ଯେତିକି ସମସ୍ତଙ୍କ, କରିବ ଅତି ପୁଣି
সকলকে, সবাইকে ତୋଲେ ତୋଲେ ଧରି । କୃଷ୍ଣସିଂହ. ମହାଭାରତ. ବନ ।]
सबको

ସବିଜ୍ଞାନ—ସଂ. ବିଣ (ସ=ସହ+ବିଜ୍ଞାନ)—ବିଜ୍ଞାନ ସହିତ—
Sabijñāna With science; with special knowledge.

ସବିଡ଼ାଲମ୍ବ—ସଂ. ବି—ପରିହାସ ବା କୌତୁକ ନାଟକ ଭେଦ (ଭରତ
Sabirḍālambha ନାଟ୍ୟ ଶାସ୍ତ୍ର)—A kind of jestive dancing or acting.

ସବିତା—ସଂ. ବିଣ. ପୁଂ [ସୂ ଧାତୁ=(ସଂସ୍କୃତ) ପ୍ରସବ କରିବା+କର୍ତ୍ତୃ
Sabitā ତୃ; ସବିତୃ ଶବ୍ଦ; ୧ମା. ୧ବ)—୧ । ଜନୟିତା—
(ସବିତ୍ରୀ—ସ୍ତ୍ରୀ) 1. Begetting; giving birth. ୨ । ସ୍ରଷ୍ଟା —2. Creating. ବି—୧ । ସୂର୍ଯ୍ୟ—1. The sun. ୨ । ଜଗତର ସ୍ରଷ୍ଟା; ଈଶ୍ୱର—2. God. [ଦ୍ର—ଋଗ୍‌ବେଦରେ ସବିତାଙ୍କ ଅଧିଦେବ ରୂପେ ଅଭିହିତ; ବ୍ରାହ୍ମଣାଦି ବର୍ଣ୍ଣ ତ୍ରୟର ମୂଳ ଗାୟତ୍ରୀ ମନ୍ତ୍ରରେ ସବିତାଙ୍କ ଉପାସିତ—(ବିଶ୍ୱକୋଷ) । ଗାୟତ୍ରୀର ଧ୍ୟାନରେ ନାରାୟଣଙ୍କୁ ସବିତୃମଣ୍ଡଳମଧ୍ୟବର୍ତ୍ତୀ ପଦ୍ମାସନସନ୍ନିବିଷ୍ଟ ରୂପେ କଳ୍ପନା କରି ଯାଇଅଛି ।] ୩ । ଅର୍କ ବୃକ୍ଷ—3. A plant; Calotropis Gigantea.

ସବିତୃ—ସଂ. ବିଣ ଓ ବି (ଶବ୍ଦ)—ସବିତା (ଦେଖ)
Sabitṛu Sabitā (See)

ସବିତୃତନୟ—ସଂ. ବି (୬ଷ୍ଠୀ ତତ୍)—ଶନି ଗ୍ରହ—
Sabitṛu tanaya The planet Saturn.
(ସବିତୃ ପୁତ୍ର, ସବିତୃ ସୁତ—ଅନ୍ୟରୂପ)

ସବିତୃ ଦୈବତ—ସଂ. ବି (ସବିତା ଅଛନ୍ତି ଦୈବତ=ଦେବତା, ଯେଉଁ
Sabitṛu daibata ନକ୍ଷତ୍ର; ବହୁବ୍ରୀହି)—ହସ୍ତା ନକ୍ଷତ୍ର—The 13th asterism.

ସବିତୃ ମଣ୍ଡଳ—ସଂ. ବି (ସବିତୃ+ମଣ୍ଡଳ; ୬ଷ୍ଠୀ ତତ୍)—ସୂର୍ଯ୍ୟ ମଣ୍ଡଳ.
Sabitṛu maṇḍala The circumference or halo of the sun; the solar sphere; the orb of the sun.

ସବିତ୍ରିୟ—ସଂ. ବିଣ (ସବିତୃ+ଇୟ)—ସୂର୍ଯ୍ୟ ସମ୍ବନ୍ଧୀୟ (ବିଶ୍ୱକୋଷ)—
Sabitriya Solar; relating to the sun.

ସବିତ୍ରୀ—ସଂ.ବିଣ.ସ୍ତ୍ରୀ (ସୂ ଧାତୁ+ତୃ+ଈ)—ଜନୟିତ୍ରୀ; ପ୍ରସୂତି—
Sabitrī (female) Begetting; giving birth to. ବି. ସ୍ତ୍ରୀ—୧ । ଜନନୀ; ମାତା—1. Mother. ୨ । ଗାଈ —2. Cow.

ସବିଦ୍ୟ—ସଂ. ବିଣ. ପୁଂ (ସ=ସହିତ+ବିଦ୍ୟା; ସହାର୍ଥ ବହୁବ୍ରୀହି)—
Sabidya ବିଦ୍ୱାନ୍; କୃତବିଦ୍ୟ—Learned; educated.
(ସବିଦ୍ୟା—ସ୍ତ୍ରୀ)

ସବିଧ—ସଂ. ବିଣ (ସ=ସମାନ ଅଛି ବିଧା=ପ୍ରକାର ଯାହାର;
Sabidha ବହୁବ୍ରୀହି)—୧ । ସଦୃଶ—1. Similar. ୨ । ସମୀପ; ନିକଟ—2. Contiguous; near.

ସବିଧାନ—ସଂ. ବିଣ (ସ=ସହିତ+ବିଧାନ; ବହୁବ୍ରୀହି)—ବିଧିପୂର୍ବକ—
Sabidhāna (ସବିଧି—ଅନ୍ୟରୂପ) With all the formalities.

ସବିନୟ—ସଂ. ଣେ (ସ=ସହ+ବିନୟ; ବହୁବ୍ରୀହି)—ବିନୀତ; ବିନୟ-
Sabinaya ଯୁକ୍ତ—With modesty; modest; respectful.
[ସବିନତ—ଅନ୍ୟରୂପ] କ୍ରି. ବିଣ—ବିନୟ ସହକାରେ
(ସବିଗତ—ଅଶୁଦ୍ଧରୂପ) Modestly; respectfully.

ସବିନୟ ନିବେଦନ—ସଂ. ବି (କର୍ମଧା)—ବିନୟ ସହକାରେ ଅନୁରୋଧ
Sabinaya nibedana —Respectful request;
(ସବିନୟ ପ୍ରାର୍ଥନା—ଅନ୍ୟରୂପ) respectful solicitation.

ସବିନୟ ନିବେଦନ ମିଦଂ—ସଂ. ବାକ୍ୟ—ଚିଠି ଲେଖିବା ଆଦ୍ୟରେ
Sabinaya nibedana midam ଶିଷ୍ଟଲୋକମାନେ ଲେଖୁଥିବା ବାକ୍ୟ; ଏଥିର ଅର୍ଥ—"ଏହା ମୋର ସବିନୟ ନିବେଦନ ଅଟେ"—A phrase written at the beginning of a letter meaning "This is my respectful solicitation".

ସବିରାମ—ସଂ. ବିଣ (ସ=ସହିତ+ବିରାମ=ବିଚ୍ଛେଦ, ବିରତି;
Sabirāma ବହୁବ୍ରୀହି)—୧ । ବିରାମଯୁକ୍ତ—1. Remittent; (ବିପରୀତ—ଅବିରାମ) intermittent. ୨ । ବିଚ୍ଛେଦ ବିଶିଷ୍ଟ—2. Having separation or space.

ସବିରାମ ଜ୍ୱର—ସଂ. ବି (ବୈଦ୍ୟକ)—ଯେଉଁ ଜ୍ୱର ମଝିରେ ମଝିରେ
Sabirāma jwara ଛାଡ଼ିଯାଏ ଓ ପୁଣି ଆକ୍ରମଣ କରେ—Remittent fever; intermittent fever.

ସବିଶେଷ—ସଂ. ବିଣ (ସ=ସହ+ବିଶେଷ)—୧ । ଅତ୍ୟଧିକ—
Sabiśesha 1. Excessive. ୨ । ବିସ୍ତାରିତ—2. Detailed. ୩ । ବିଶେଷ ପ୍ରକାରର—3. Of a particular kind; special; particular.
କ୍ରି. ବିଣ—୧ । ବିଶେଷ ରୂପେ—1. Particularly; specially. ୨ । ବିସ୍ତାରିତ ବିବରଣ ସହ—2. In detail.

ସବିସ୍ତ(ସ୍ତା)ର—ସଂ. ବିଣ (ସ=ସହ+ବିସ୍ତର=ବିସ୍ତୃତ; ବହୁବ୍ରୀହି)—
Sabista(stā)ra ୧ । ବିସ୍ତାରିତ—1. Detailed. ୨ । ଅସଂକ୍ଷିପ୍ତ—2. Not very abridged. ୩ । ବାହୁଲ୍ୟଯୁକ୍ତ—3. Exaggerated.

ସବିସ୍ତାରିତ—ଦେ. ବିଣ (ଅଶୁଦ୍ଧ ପ୍ରୟୋଗ)—ସବିସ୍ତର (ଦେଖ)
Sabistārita Sabistara (See)
(ସବିସ୍ତୃତ—ଅନ୍ୟ ଅଶୁଦ୍ଧରୂପ)

ସବିସ୍ତୃତି—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହ+ବିସ୍ତୃତି)—ସବିସ୍ତର;
Sabistṛuti ବିସ୍ତୃତି ସହିତ; ବିସ୍ତାରିତ—Detailed; minute.

ସବିସ୍ମୟ—ସଂ. ବିଣ. ପୁଂ (ସ=ସହ+ବିସ୍ମୟ; ବହୁବ୍ରୀହି)—୧ ।
Sabismaya ସାଶ୍ଚର୍ଯ୍ୟ, ବିସ୍ମିତ—1. Wondering; astonished. ୨ । ବିସ୍ମୟ ସହକାରେ—
(ସବିସ୍ମୟା—ସ୍ତ୍ରୀ) 2. With wonder or amazement. କ୍ରି. ବିଣ—ବିସ୍ମିତ ଭାବରେ—With wonder; in an astonished manner.

ସବିସ୍ମୟେ—ଦେ. କ୍ରି. ବିଣ (ସଂ. ସବିସ୍ମୟଂ)—ବିସ୍ମିତ ହୋଇ—
Sabismaye In an astonished manner; with
ସବିସ୍ମୟେ ସବିସ୍ମୟ astonishment.

ସବିସ୍ମିତ—ଦେ. ବିଣ (ଅଶୁଦ୍ଧ)—ସବିସ୍ମୟ (ଦେଖ)
Sabismita Sabismaya (See)

ସବିହେ(ହେଁ)—ଦେ. ସର୍ବନାମ—ସବୁଏ, ସମସ୍ତେ—All; one and
Sabihe(heñ) all. [ଉ—ବେଦବ ଛାଡ଼ି ମୋର ସବିହେ
ସବାଇ ସବକୋଇ ଅଇଲେ—ଶିଶୁବେଦ, ଉପଅଇଲାସ ।]

ସବୀଜ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ବୀଜ)—ବୀଜ ସହିତ
Sabīja ବର୍ତ୍ତମାନ—With the Bīja or seed.

ସବୀର୍ଯ୍ୟ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ବୀର୍ଯ୍ୟ)—ବୀର୍ଯ୍ୟବିଶିଷ୍ଟ—
Sabīrjya Having Bīrjya.

ସବୁ—ଦେ. ସର୍ବନାମ (ସଂ. ସର୍ବ)—୧ । ସର୍ବ—1. All. [ଉ—
Sabu ସବୁ ଜନ୍ତୁ ଅଛେ ସେ ହୋଇଲେ କୁଶଳ—କୃଷ୍ଣସିଂହ.
ସବାଇ ମହାଭାରତ, ଅଦି ।] ୨ । ଅନ୍ୟ ଶବ୍ଦ ପରେ ବହୁ-
ସବ ବଚନାର୍ଥରେ ବ୍ୟବହୃତ ପଦାଂଶ—2. Signifying plural number when used after words. [ଉ—ସବୁ ଲୋକ=ସମସ୍ତ ଲୋକ; ଲୋକ ସବୁ=ଲୋକମାନେ ।]

ସବୁ କରି—ଦେ. ଅ—ସର୍ବମୋଟ; ସବୁ ମିଶାଇଲେ—In all.
Sabu kari ସର୍ବমোট, সব জড়িয়ে सब मिलाकर

ସବୁଙ୍କର(ରି)—ଦେ. ସର୍ବନାମ—ସମସ୍ତଙ୍କର—Of all. [ଉ—
Sabuṅkara(ri) ସବାଙ୍ଗେ ଶୁକଳ ବଶେ ସବୁଙ୍କର ବାଏ—
সবার, সবাকার सबका ପ୍ରାଚୀ, ବାଲ୍ମୀକରୁପଣ ଗୀତା ।]

ସବୁଙ୍କୁ—ଦେ. ସର୍ବନାମ—ସଭିଙ୍କି; ସମସ୍ତଙ୍କୁ—To all persons.
Sabuṅku [ଉ—ତୁଚମାନଙ୍କ ହଦାଇବ, ସବୁଙ୍କୁ ଉଅର ବହିବ
সবাইকে सबको ଭୂତଚ. ପ୍ରେମପଞ୍ଚାମୃତ ।]

ସବୁଜ(ଜା)—ବୈଦେ. (ଫା) ବି (ଫା. ସବ୍‌ଜା)—ଶାଗୁଆ ରଙ୍ଗ;
Sabuja(jā) ହରିଦ୍‌ବର୍ଣ୍ଣ; ଗଛପତ୍ରର ବର୍ଣ୍ଣ—Green colour;
সবুজ सबजा emerald. ବିଣ—ଶାଗୁଆ; ହରିତ୍—Green.

ସବୁ ଜାଣ—ଦେ. ବିଣ (ସଂ. ସର୍ବଜ୍ଞ)—ସର୍ବଜାଣ; ସର୍ବଜ୍ଞ—
Sabu jāṇa Omniscient.
সব জান্তা सब जाननेवाला

ସବୁ ଜାଣତା(ନ୍ତା)—ଦେ. ବିଣ (ବ୍ୟଙ୍ଗ୍ୟ. ସଂ. ସର୍ବଜ୍ଞ)—ସବୁଜାନ୍ତା;
Sabu jāṇatā(ntā) ସର୍ବଜ୍ଞ—Omniscient; all-knowing.
সব জান্তা सब जाननेवाला
(ସବୁ ଜାନ୍ତା—ଅନ୍ୟରୂପ)

ସବୁଜି—ବୈଦେ. ବି (ଫା. ସବ୍‌ଜି)—୧ । ସାଗୁଆ ବସ୍ତୁ—1. A
Sabuji green thing. ୨ । ବୃକ୍ଷଲତାଦି—2. Trees
সবুজি सबजी and plants. ୩ । ଶାକାଦି ପରିବା ପତ୍ର—3. Kitchen vegetables.

ସବୁଠ(ଠା)ଉଁ—ଦେ. ସର୍ବନାମ—ସବୁଠୁଁ (ଦେଖ)—
Sabutha(thā)uñ Sabuthuñ (See)
সবথেকে सबसे

ସବୁଠା—ଦେ. ସର୍ବନାମ (ସଂ. ସର୍ବ ଓ ସ୍ଥାନ)—ସବୁ ଜାଗା; ସବୁ
Sabuṭhā সব জায়গা सब जगह ସ୍ଥାନ—All places.

ସବୁଠାଇଁ—ଦେ. ସର୍ବନାମ (ସଂ. ସର୍ବସ୍ଥାନେଷୁ)—ସବୁଠି (ଦେଖ)
Sabuṭhāiñ সবঠাই सब जगह Sabuṭhiñ (See)

ସବୁଠାକୁ—ଦେ. ସର୍ବନାମ—ସବୁ ସ୍ଥାନକୁ—To all places.
Sabuṭhāku সব জায়গায় सब जगहको

ସବୁଠାରୁ—ଦେ. ସର୍ବନାମ—୧ । ସବୁ ସ୍ଥାନରୁ—1. From all places. ୨ । ସର୍ବାପେକ୍ଷା—2. Than all.
Sabuṭhāru
সব জায়গাথেকে, সবাচ্ছে **सबजगहसे, सबसे**

ସବୁଠାରେ—ଦେ. ସର୍ବନାମ—ସବୁ ସ୍ଥାନରେ—At all places.
Sabuṭhāre সব জায়গায় **सब जगहमें**

ସବୁଠିଁ(ଠି)—ଦେ. ସର୍ବନାମ—ସବୁଠାରେ—At all places.
Sabuṭhiṅ(ṭhi) সব জায়গায় **सब जगहमें**

ସବୁଠିକା—ଦେ. ସର୍ବନାମ—ସବୁ ସ୍ଥାନର—Of all places.
Sabuṭhikā সব জায়গার **सब जगहका**
(ସବୁଠିକାର—ଅନ୍ୟରୂପ)

ସବୁଠିକି(କୁ)—ଦେ. ସର୍ବନାମ—ସବୁ ସ୍ଥାନକୁ—To all places.
Sabuṭhiki(ku) সব জায়গায় **सब जगहको**

ସବୁଠୁଁ(ଠୁ)—ଦେ. ସର୍ବନାମ—୧ । ସବୁଠାରୁ; ସବୁ ସ୍ଥାନରୁ—1. From all places. ୨ । ସର୍ବାପେକ୍ଷା—2. Than all; of all. [ଉ—ଖେଳ ଅଇଲା ସବୁଠୁଁ ସାର, ମଲେ ଯାଣ୍ଡି ବୃନ୍ଦେଇରୁ କାହାର—ଜଗ ।]
Sabuṭhuṅ(ṭhu)
সব জায়গাথেকে
सबसे
সবাচ্ছে

ସବୁଠେଇଁ—ଦେ. ସର୍ବନାମ—୧ । ସର୍ବସ୍ଥାନରେ—1. At all places. ୨ । ସବୁ ଦେଶରେ—2. In all countries.
Sabuṭhein
সব জায়গায় **सब जगहमें**

ସବୁତ୍—ବୈଦେ. ବ (ଅ. ସୁବୁତ୍)—୧ । ପ୍ରମାଣ—1. Proof. ୨ । କାରଣ—2. Cause. ବୈଦେ. ବଣ—ପ୍ରମାଣିତ—Proved.
Sabut
সাবুদ **सबूत, सुबूत**

ସବୁଥି—ଦେ. ସର୍ବନାମ—ସବୁ ବିଷୟ—All things or matters
Sabuthi সব **सबविषय**

ସବୁଥିକି(କୁ)—ଦେ. ସର୍ବନାମ—୧ । ସବୁ ସ୍ଥାନକୁ—1. To all places. ୨ । ସବୁ ବିଷୟ ପ୍ରତି—2. For all matters. ୩ । ସବୁ କାର୍ଯ୍ୟକୁ—3. To all works.
Sabuthiki(ku)
সব বিষয়ে
सबकेलिये

ସବୁଥିରୁ—ଦେ. ସର୍ବନାମ—୧ । ସବୁ ବିଷୟରୁ—1. From all matters. ୨ । ସବୁ ବସ୍ତୁରୁ—2. From all things. ୩ । ସବୁ କାର୍ଯ୍ୟରୁ—3. From all works. ୪ । ସର୍ବାପେକ୍ଷା—4. Than all.
Sabuthiru
সবথেকে
सबसे

ସବୁଥିରେ—ଦେ. ସର୍ବନାମ—୧ । ସର୍ବତ୍ର; ସବୁଠାରେ—1. In all places. ୨ । ସବୁ ବିଷୟରେ; ସବୁ କଥାରେ—2. In all matters.
Sabuthire
সবজায়গায়, সবাতে **सबमें**

ସବୁ ଦିନ—ଦେ. ବ—୧ । ସବୁବେଳ—1. All times. ୨ । ପ୍ରତିଦିନ—2. Everyday. ଦେ. ଅ—୧ । ସବୁ ଦିନରେ; ସବୁ କାଳରେ—1. At all times. ୨ । ପ୍ରତିଦିନ—2. Daily.
Sabu dina
সবসময়
सब दिन

ସବୁନ୍ତି—ଦେ. ସର୍ବନାମ (ସ. ସର୍ବ)—୧ । ସମସ୍ତେ—1. All. ୨ । ସବୁଙ୍କି; ସମସ୍ତଙ୍କୁ—2. To all. ଗ୍ରା. ସର୍ବନାମ—ସମସ୍ତଙ୍କର; ସବୁର—Of all. (ଉ—ଏହମତ ସବୁନ୍ତି ସୁଖ, ସୁବଳଙ୍କେ ଭୁଜ ମୁଖେ ମୁଖ । ଗ୍ରାଠା. ରହସ୍ୟମଞ୍ଜରୀ ।)
Sabunti
সবাই
सबको

ସବୁ ପ୍ରତିକ(କୁ)—ଦେ. ଅ—ସମସ୍ତଙ୍କ ଅପେକ୍ଷା—Of all. (ଉ—କୃଷ୍ଣଙ୍କ ସବୁପ୍ରତିକ ବଡ଼ ଭାଗ୍ୟ । କୃଷ୍ଣସିଂହ. ମହାଭାରତ. ବନ ।)
Sabupratiki(ku)
সবচেয়ে **सबसे**

ସବୁ ବେଳ—ଦେ. ସର୍ବନାମ (ସ. ସର୍ବ ଓ ବେଳା)—ସର୍ବକାଳ—All times.
Sabu beḷa
সব সময় **सब समय**

ସବୁବେଳେ—ଦେ. କ୍ରି. ବଣ—୧ । ସର୍ବଦା—1. Always. ୨ । ସତତ—2. Constantly. ୩ । ଅଧିକାଂଶ ସମୟରେ—3. Very often.
Sabubeḷe
সব সময়ে **सब समयमें**

ସବୁମତେ—ଦେ. ଅ—ସବୁ ପ୍ରକାରେ—In all respects. (ଉ—ସେ ସବୁ ମତରେ ପ୍ରବୁଦ୍ଧ ବୋଲାଉଛି । କୃଷ୍ଣସିଂହ. ମହାଭାରତ. ସଭା ।)
Sabumate
(ସବୁ ମତରେ—ଅନ୍ୟରୂପ)
সব রকমে **सब तरहसे**

ସବୁର୍—ବୈଦେ. ବ (ଫା. ସବର୍; ସବୁର୍)—୧ । ଅପେକ୍ଷା କରିବା—1. Waiting. ୨ । ଧୈର୍ଯ୍ୟ—2. Patience. ୩ । ସହିଷ୍ଣୁତା—3. Fortitude; forbearance. ବଣ—ଧୈର୍ଯ୍ୟଶୀଳ—Patient. ଅ—୧ । ଥୟ ଧର—1. (Interjection) Be patient ! ୨ । ବନ୍ଦ କର ! ରହିଥା ! ରୁହ !—2. Stay ! stop !
Sabur
সবুর **सबूर**

ସବୁର୍ କରିବା—ଦେ. କ୍ରି—୧ । ଧୈର୍ଯ୍ୟ ଧରିବା—1. To forbear; to have patience. ୨ । ଭାଲ ଅପେକ୍ଷା କରିବା—2. To bide one's time. ୩ । ଧୈର୍ଯ୍ୟସହକାରେ ଅପେକ୍ଷା କରିବା—3. To wait patiently. ୪ । ବନ୍ଦ ହେବା; କୌଣସି କାର୍ଯ୍ୟ ବନ୍ଦ କରିବା—4. To stop; to cease.
Sabur karibā
সবুর করা
सबूर करना

ସବୁର୍ ଗଛରେ ମେଉଅ ଫଳେ—ଦେ. ଭଗ—ହିନ୍ଦିର 'ସବୁର୍ କା ଝାଡ୍‌ମେ ମେବା ଫଲ୍‌ତା' ପ୍ରବଚନର ଅନୁବାଦ)—ଧୈର୍ଯ୍ୟଶୀଳ ବ୍ୟକ୍ତି ସୁଫଳ ଲାଭ କରେ—A patient man gets a good reward. [ବି—ମେଉଅ=ସୁମିଷ୍ଟ ଫଳ । ଧୈର୍ଯ୍ୟ ସହିତ ଅପେକ୍ଷା କଲେ ମେଉଅ ପରି ସୁମିଷ୍ଟ ଫଳ ଲାଭ ହୁଏ ।]
Sabur gachhare meuā phaḷe
সবুরে মেওয়া ফলে
सबुरके पेड़में मेवा फलताहै

ସବୁର୍ ସହିବା—ଦେ. କ୍ରି—ଭାଲ ବିଳମ୍ବ ସମ୍ଭାଳିବା—To brook delay.
Sabur sahibā
সবুর সহা **सबुर करना**

ସବୁରାତ୍—ବୈଦେ. ବ (ଫା. ସବ୍‌ରାତ୍)—ସବୁର୍ (ଦେଖ)—Sabur (see).
Saburāt
সবুর **सबुर।**

ସବୁରାତ୍ କରିବା—ଦେ. କ୍ରି—ସବୁର୍ କରିବା (ଦେଖ)
Saburāt karibā Subur karibā. (See)
সবুর করা **सबुर करना**

ସବୁରାତ୍ ଦେବା—ଦେ. କ୍ରି—ରହମ ଦେବା—To grant remission.
Saburāt debā
রেহাই দেওয়া **सबुर देना**

ସବୁରତି—ଦେ· ବଣ—୧ । ଧୈର୍ଯ୍ୟଶାଳୀ—1. Patient. ୨ । ସେ
Saburati ସମୟ ଦଏ—2. Granting time. ୩ । ସେ
(ସବୁରିଆ[ୟା]—ଅନ୍ୟରୂପ) ହଠାତ୍ ରାଗିଯାଏ ନାହିଁ—
সবুরে **सबुर करनेवाला** 3. Of a calm temper.

ସବୁରି—ଦେ. ସର୍ବନାମ. ବହୁବଚନ (ସଂ. ସର୍ବନାମ 'ସବୁ' ଶବ୍ଦର ଷଷ୍ଠୀ
Saburi ବିଭକ୍ତି)—୧ । ସମସ୍ତଙ୍କର—1. Of all. (ଉ—
সবাকার, সবার, সবারী ସବୁଙ୍କ ସବୁରି ପ୍ରତି, ଘୋଷିଥିବ ଦିନ
सबका, सबकाइ ରାତି—ବାଲକୃଷ୍ଣ, ବନ୍ଧୁ ଗୀ ଯାଇଥିଲା ।) ୨। ସବୁ
ବ୍ୟକ୍ତିଙ୍କର—2. Of all persons. (ଉ—ସବୁରି
ମାଇପ ସବୁରି ଶାଳୀ । ଢଗ ।)

ସବୁରିଆ(ୟା)—ଦେ. ବଣ—ସବୁରତି (ଦେଖ)—
Saburiā(yā) Saburāti. (See)
সবুরে, ধৈর্য্যশীল **सबुर करनेवाला**

ସବୁରିଙ୍କି(ଙ୍କୁ)—ଗ୍ରା· ସର୍ବନାମ ସମସ୍ତଙ୍କୁ—
Saburiṅki(ṅku) To all.
সবাইকে **सबको**

ସବୁରି ଠା(ଠା)ଉଁ—ଦେ. ସର୍ବନାମ—୧ । ସବୁଠୁଁ (ଦେଖ)—
Saburi ṭha(ṭhā)uñ 1. Sabuṭhuñ. (See) ୨। ସମସ୍ତଙ୍କ
(ସବୁରିଠୁଁ—ଅନ୍ୟରୂପ) ଠାରୁ—2. From all. ୩ । ସମସ୍ତଙ୍କ
সবার কাছথেকে, সবচেয়ে **सबसे** ଅପେକ୍ଷା; ସମସ୍ତଙ୍କ
ମଧ୍ୟରେ—3. Than all; of all.

ସବୁରି ଠା(ଠେ)ଇଁ—ଦେ. ସର୍ବନାମ—୧ । ସବୁଠିଁ (ଦେଖ)—
Saburi ṭhā(ṭhe)iñ 1. Sabuṭhiñ, (See) ୨ । ସମସ୍ତଙ୍କ
(ସବୁରିଠାରେ—ଅନ୍ୟରୂପ) ନିକଟରେ—2. At, near or
সব জায়গায়, সবার কাছে **सबके पासमें** before all persons.

ସବୁରିବା—ଦେ. କ୍ରି—ସବୁର କରିବା (ଦେଖ)
Saburibā Sabur karibā. (See)
(ସବୁର ଦିବା—ଅନ୍ୟରୂପ) সবুর করা **सबुर करना**

ସବୁଲା—ପ୍ରାଦେ· (ଲରିଆ) ସର୍ବନାମ—ସମସ୍ତ—
Sabulā All.

ସବୃଦ୍ଧିକ—ସଂ· ବଣ (ସ=ସହ+ବୃଦ୍ଧି+କ; ବୃଦ୍ଧି ସହିତ ବର୍ତ୍ତମାନ;
Sabṛuddhika ସହାର୍ଥ ବହୁବ୍ରୀହି)—୧ । ବୃଦ୍ଧିଯୁକ୍ତ—
1. With increase. ୨ । ସୁଧ ସମେତ—
2. With interest.

ସବୃଷ୍ଟିକ—ସଂ· ବ (ସହାର୍ଥ ବହୁବ୍ରୀହି; ସ+ବୃଷ୍ଟି+କ)—ବୃଷ୍ଟିସହିତ—
Sabṛushṭika Accompanied with rain.

ସବେ—ଦେ. ସର୍ବନାମ—ସମସ୍ତେ—
Sabe সবে **सबै** All.

ସବେଇ—ଦେ. ବ—ସବାଇ (ଦେଖ)—
Sabei Sabāi, (See)

ସବେକାଦର—ବୈଦେ· (ଅ) ବ—ମୁସଲମାନ ରମ୍ଜାନ୍ ମାସର
Sabekādar ସପ୍ତବିଂଶ ଦିନ—The 27th day of the
সবেকাদর month of Ram-jan of the Mahomedan
सबेकादर year.

ସବେଗ—ସଂ. ବଣ (ସ=ସହ+ବେଗ)—ବେଗବାନ୍—
Sabega With force; forceful; fleet.
সবেগ **वेगवान** (ସବେଗା—ସ୍ତ୍ରୀ)

ସବେ(ବି,ବେ)ବରାତ୍—ବୈଦେ. ବ (ଫା· ସବ୍=ଶର୍ବରୀ=ରାତ୍ରି+
Sabe(bi,bbe)barāt ଇ=ର+ବରାତ୍=ମୁକ୍ତଦାନ;ପାପମୋଚନ,
[ସବେବରାତ୍, ସବରାତ୍, ସବେରାତ୍—ଅନ୍ୟରୂପ] ସବ୍-ଇ-ବରାତ୍—
ପାପ ମୋଚନର ରାତ୍ରି)—ସୁବେବରାତ୍; ମୁସଲମାନଙ୍କ ପର୍ବ-
সবেবরাৎ; **सोबरातस** ବିଶେଷ—Name of a Mahomedan festival. [ଦ୍ର—ଏହି ଦିନ ରାତିରେ
ନମାଜ ପଢ଼ିଲେ ଓ ରୋଜା ରଖିଲେ ଅର୍ଥାତ୍ ଉପବାସ
କଲେ ବହୁ ପୁଣ୍ୟଲାଭ ହୁଏ । ଏହି ଦିନ ପିତୃଲୋକଙ୍କ
ନାମରେ ଦରିଦ୍ରଙ୍କୁ ଖଇରାତ୍ ଦେବାର ଉପଦେଶ
ମୁସଲମାନ୍ ଶାସ୍ତ୍ରରେ ଅଛି ।]

ସବେଶ(ଷ)—ସ. ବଣ.—ସ=[ସହ+ବେଶ (ଷ)]—୧ । ସମୀପସ୍ଥ;
Sabesa(sha) ନିକଟବର୍ତ୍ତୀ—1. Contiguous; near.
୨ । ଭୂଷିତ; ବେଶ-ପରିହିତ—2. Dressed; accoutred.

ସବୋ—ପ୍ରାଦେ (ଗଞ୍ଜାମ) ସର୍ବ—ସବୁ—All.
Sabo

ସବ୍ଜା (ଜି) ଦେ. ବଣ.—ସବୁଜ (ଦେଖ)—Sabuja (See)
Sabjā (bji)

ସବ୍ଜାନ୍ତା—ଦେ. ବଣ.—ସବ୍ଜାନ୍ତା (ଦେଖ)—Sab-jān-tā
Sabjān-tā (See)

ସବ୍ଜି—ବୈଦେ. ବ.—(ଫା)—୧ । ଶାଗ ପ୍ରଭୃତି ପନିପରିବା—
Sabji সবজী; **सवजी** 1. Potherbs and kitchen vegetables. ୨ । ଭାଙ୍ଗ; ସିଦ୍ଧି—2. A drink made of the leaves of Cannabis Indica.

ସବ୍ବା (ଭା)—ଦେ. ବଣ.—ସବା (ଦେଖ)—Sabā (See)
Sabbā (bbhā)

ସବ୍ବା(ଭା) ଅଗ—ଦେ. ବ. ବଣ ଓ କ୍ରି. ବଣ—ସବା ଅଗ (ଦେଖ)
Sabbā (bbhā) āga Sabā āga (See)
[ସବ୍ବେ (ଭା) ପଛ ବ୍ୟବହୃତ)]

ସବ୍ବାଇ—ଦେ. ବ—ସବାଇ (ଦେଖ)—Sabāi (See)
Sabbāi

ସବ୍ବା(ଭା)ଖାଇ—ଦେ. ବ. ଓ ବଣ—ସବାଖାଇ (ଦେଖ)
Sabbā(bbhā)khāi Sabākhāi (See).

ସବ୍ବା (ଭା) ଖିଆ—ଦେ. ବ. ଓ ବଣ—ସବାଖିଆ (ଦେଖ)
Sabbā(bbhā)khiā Sabākhiā (See)

ସବ୍ବା(ଭା)ବଡ଼—ଦେ. ବ.—୧ । ସବୁଠାରୁ ଜ୍ୟେଷ୍ଠ—1. Eldest.
Sabbā(bbhā)barḍa ୨ । ବୃହତ୍ତମ—2. Biggest; largest.

ସବ୍ବା(ଭା)ବାଳ—ଦେ. ବ.—ସବାବାଳ (ଦେଖ)
Sabbā(bbhā)bāḷa Sabā bāḷa (See).

ସବ୍ବା(ଭା)ବାଲୁଆ—ଦେ. ବଣ—ସବାବାଲୁଆ (ଦେଖ)
Sabbā(bbhā)bāluā Sabābaluā (See)

ସବ୍ବା (ବ୍ଭା) ସାନ—ଦେ॰ ବିଣ.—୧ । ସମସ୍ତଙ୍କଠାରୁ ସାନ—' Sabbā (bbhā) sāna 1. Youngest. ୨ । କ୍ଷୁଦ୍ରତମ—ସବସେଛୋଟ; सबसेछोटा 2. Smallest. [ସବ୍ବା(ଭ୍ବା)ବଡ଼—ବିପରୀତ]

ସବ୍ବା—ଦେ, ବିଣ—(ସ. ସର୍ବ)—୧ । ସବୁ—1. All. (ଅନ୍ୟ Sabbhā ଶବ୍ଦ ପୂର୍ବେ ଯୁକ୍ତ ହୁଏ ।) ୨ । ସମସ୍ତଙ୍କ ଅପେକ୍ଷା—ସବାର; सबसे 2. Of all; others all than. (ଯଥା—ସବ୍ବା ବଡ଼, ସବା ସାନ, ସବ୍ବା ଆଗ ।

ସବ୍ୟ—ସଂ. ବିଣ.—(ଷୂ ଧାତୁ=ପ୍ରସବ କରିବା, ପ୍ରେରଣ କରିବା + Sabya କର୍ମ. ଯ)—୧ । ବାମ; ବାଆଁ—1. Left. ୨ । ଦକ୍ଷିଣ; ଡାହାଣ—2. Right. [ଦ୍ର—ସବ୍ୟ ଶବ୍ଦର ବାମ ଓ ଦକ୍ଷିଣ ଉଭୟ ଅର୍ଥ ଥିଲେ ମଧ୍ୟ ସାଧାରଣତଃ ଏହା ବାମ ଅର୍ଥରେ ବ୍ୟବହୃତ ହୁଏ; (ବିଶ୍ୱକୋଷ)] ୩ । ପ୍ରତିକୂଳ—3. Contrary. ୪ । ପଶ୍ଚାତ—4. Hind; back; rear; backward. ୫ । ଦକ୍ଷିଣଦିଗସ୍ଥ—5. Southern. ୬ । ବାମ ଓ ଦକ୍ଷିଣ ଉଭୟ—6. Both right and left. ୭ । ବାଆଁ କାନ୍ଧରେ ପଇତାକୁ ପକାଇ କଟିର ଡାହାଣ ଦିଗକୁ ଲମ୍ବାଇବା ପ୍ରକାରେ ପଡ଼ିଥିବା (ଯଜ୍ଞୋପବୀତ)—7. (the sacred thread) Passed over the left shoulder down to the right side of the waist. ସ. ବି (+କର୍ତ୍ତୃ. ଯ)—୧ । ବିଷ୍ଣୁ (ବିଶ୍ୱକୋଷ)—1. Bishṇu. ୨ । ଯଜ୍ଞୋପବୀତ (ବିଶ୍ୱକୋଷ)—2. The sacred thread. ୩ । ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣର ୧୦ ପ୍ରକାର ଗ୍ରାସ ମଧ୍ୟରୁ ଏକତମ (ବିଶ୍ୱକୋଷ)—3. One of the ten kinds of eclipse. ୪ । ଅଙ୍ଗିରା ଋଷିଙ୍କର ଏକ ପୁତ୍ର (ବିଶ୍ୱକୋଷ)—4. A son of a sage Angirā. [ଦ୍ର—ଅଙ୍ଗିରା ଇନ୍ଦ୍ରଙ୍କୁ ପୁତ୍ର ରୂପେ ଲାଭ କରିବାକୁ କାମନା କରି ଦେବାରାଧନ କରିଥିଲେ । ଇନ୍ଦ୍ର ତାହାଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । ସେହି ପୁତ୍ର ସବ୍ୟ ନାମରେ ପରିଚିତ । ଏ ଋଗ୍‌ବେଦର ୧—୫୧।୫୭ ସୂକ୍ତର ମନ୍ତ୍ରଦ୍ରଷ୍ଟା ଋଷି । ବିଶ୍ୱକୋଷ ।]

ସବ୍ୟ କର—ସ. ବି (କର୍ମଧା)—୧ । ବାମ ହାତ—1. Left hand. Sabya kara ୨ । ଉଭୟ ହସ୍ତ—2. Left and right hands. ୩ । ଦକ୍ଷିଣ ହସ୍ତ—3. Right hand.

ସବ୍ୟ ସାଚୀ—ସ. ବିଣ. ପୁଂ (ସବ୍ୟ=ବାମ+ସଚ୍ ଧାତୁ=ସେଚନ Sabya sāchī କରିବା+କର୍ତ୍ତୃ. ଇନ୍; ୧ମା. ୧ବ)—(ସବ୍ୟସାଚୀ—ଅନ୍ୟରୂପ) ୧ । ଯେଉଁ ବ୍ୟକ୍ତି ବାମ ହସ୍ତ ଦ୍ୱାରା ଶର କ୍ଷେପଣ କରେ—1. Able to shoot an arrow with the left hand. ୨ । ଯେଉଁ ବ୍ୟକ୍ତି ଉଭୟ ହାତ ଦ୍ୱାରା ଶର କ୍ଷେପଣ କରିବାରେ ପଟୁ—2. Ambidexterous; using the left hand with as much facility as the right hand in shooting. ବି. ପୁଂ—ଅର୍ଜୁନଙ୍କ ନାମାନ୍ତର—A name of the 3rd Pāṇḍaba brother. [ଦ୍ର—ଅର୍ଜୁନ ଉଭୟ ହସ୍ତ ଦ୍ୱାରା ଶର ସନ୍ଧାନ କରି ପାରୁଥିଲେ ।]

ସବ୍ୟା—ସ. ବି. ସ୍ତ୍ରୀ—ଚନ୍ଦ୍ରାବଳୀଙ୍କର ଅନ୍ତରଙ୍ଗ ସଖୀ ବିଶେଷ—Sabyā A female companion of Chandrābalī. [ଦ୍ର—ଏହି କାଳରେ ସେହି ସ୍ଥଳରେ ସବ୍ୟା ସଖୀ ପରବେଶ । ଅନ୍ଧମନ୍ୟ. ବିଦଗ୍ଧ ଚିନ୍ତାମଣି ।]

ସବ୍ୟାଜ—ସ. ବିଣ (ସ=ସହ+ବ୍ୟାଜ; ବହୁବ୍ରୀହି)—୧ । ଛଳଯୁକ୍ତ Sabyāja —1. With pretext; fraudulent. ୨ । ସପ୍ରତିବନ୍ଧକ—2. Having obstacles.

ସବ୍ୟାଧି—ସ, ବିଣ (ସହାର୍ଥ ବହୁବ୍ରୀହି)—ବ୍ୟାଧିଯୁକ୍ତ—Sabyādhi Sick.

ସବ୍ୟେତର—ସ. ବିଣ (ସବ୍ୟ+ଇତର; ୫ମୀ ତତ୍)—ଡାହାଣ; Sabyetara ଦକ୍ଷିଣ—Right (hand; side).

ସବ୍ୟେଷ୍ଠ(ଷ୍ଠା)—ସଂ. ବି (ସଂ. ସବ୍ୟେ=ବାମ ପାର୍ଶ୍ୱରେ+ସ୍ଥା. ଧାତୁ= Sabyeshṭha(shṭhā) ରହିବା+ଅ; ପକ୍ଷେ ସବ୍ୟେ+ସ୍ଥା ଧାତୁ+କର୍ତ୍ତୃ.ଅ;ସବ୍ୟେ+ସ୍ଥା ଧାତୁ+ତୃ;ଅଲୁକ୍ ସମାସ,ଯେ ରଥର ବାମ ପାଶରେ ଉପବେଶନ କରେ)—୧ । ରଥଚାଳକ; ସାରଥି—1. Charioteer; a car-driver. ୨ । ରଥର ବାମ ପାର୍ଶ୍ୱରେ ଉପବିଷ୍ଟ ବୀର—2. A warrior who sits on the leftside of the car.

ସବ୍ରହ୍ମଚାରୀ—ସ. ବି. ପୁଂ—(ସ=ସମାନ+ବ୍ରହ୍ମଚାରୀ)—ଯେଉଁ ଛାତ୍ର-Sabrahmachārī ମାନେ ଏକ ଗୁରୁଙ୍କ ନିକଟରେ ବେଦାଧ୍ୟୟନ କରିବା ପାଇଁ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରନ୍ତି; ସତୀର୍ଥ; ସହାଧ୍ୟାୟୀ—A fellow student; pupils of the same preceptor; reading the Bedas under the same preceptor.

ସବ୍ରାହ୍ମଣ—ସ. ବିଣ—(ସହାର୍ଥ ବହୁବ୍ରୀହି) (ସ+ବ୍ରାହ୍ମଣ)—ବ୍ରାହ୍ମଣ Sabrāhmaṇa ବିଶିଷ୍ଟ—Having Brāhmaṇas

ସବ୍ରୀଡ଼—ସ ବିଣ. ପୁଂ—(ସ=ସହ+ବ୍ରୀଡ଼ା; ବହୁବ୍ରୀହି)—ସଲଜ୍ଜ—Sabrirḍa Modest; shameful; bashful. (ସବ୍ରୀଡ଼ା—ସ୍ତ୍ରୀ)

ସଭକ୍ତି—ସ. ବିଣ (ସହାର୍ଥ ବହୁବ୍ରୀହି; ସ+ଭକ୍ତି)—ଭକ୍ତି ସହିତ Sabhakti ବର୍ତ୍ତମାନ—Accompanied with devotion. ସଂ. କ୍ରି. ବିଣ—ଭକ୍ତି ସହକାରେ—With devotion. (ସଭକ୍ତିକ—ଅନ୍ୟରୂପ)

ସଭଙ୍ଗ ଶ୍ଳେଷ—ସଂ. ବି.—କାବ୍ୟର ଅଳଙ୍କାର ବିଶେଷ,ଶ୍ଳେଷ (ଦେଖ)-Sabhanga ṡlesha (Rhetoric) Name of a figure of speech.

ସଭୟ—ସଂ. ବିଣ (ସହାର୍ଥ ବହୁବ୍ରୀହି, ସ+ଭୟ)—୧ । ଭୟବିଶିଷ୍ଟ; Sabhaya ଭୟଯୁକ୍ତ—Attended with fear. ୨ । ଭୀତ—2. Fearful; apprehensive.

ସଭର୍ତ୍ତୃକା—ଗ. ବଣ. ସ୍ତ୍ରୀ—(ସ=ସହ+ଭର୍ତ୍ତୃ+କ+ଆ; ବହୁବ୍ରୀହି) Sabharttṛukā ପତିବତ୍ନୀ, ସନାଥା; ସଧବା; ଅବ୍ୟ—Having her husband living.

ସଭଳିତ—ଦେ. ବଣ (ସଂ.ସ୍ଖଳିତ)—ସ୍ଖଳିତ—Slipped; displa- Sabhaḷita ced. [ଭି—ସ୍ଖଳିତ ଚରଣ ହେଲ ସବାଙ୍କେ ଖଳିତ ବିଚଲିତ ପୁଲକ ଭୁ ପୂର । ଭଞ୍ଜ.—ସୁବଦ୍ରା ପରିଣୟ]

ସଭସ୍ମ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଭସ୍ମନ୍; ୧ମା. ୧ବ) Sabhasma ୧ । ଭସ୍ମ ସହିତ ବର୍ତ୍ତମାନ—1. Having ashes. ୨ । ଭସ୍ମ ଲିପ୍ତାଙ୍ଗ (ଶବ୍ଦକୋଷ, ବୃହତ୍ ସଂହିତା) ଯାହାଙ୍କ ଦେହରେ ପାଉଁଶ ବୋଳା ହୋଇଅଛି—2. Having one's body besmeared with ashes.

ସଭା—ସଂ. ବି. ସ୍ତ୍ରୀ—(ସହ+ଭା ଧାତୁ=ଶୋଭା ପାଇବା+ଅଙ୍ ରୂପ Sabhā +ଅ; ଯେଉଁଠାରେ ସଭ୍ୟମାନେ ଏକତ୍ର ହୋଇ [ସଭା ଶବ୍ଦର ପର୍ଯ୍ୟାୟ— ଶୋଭା ପାଆନ୍ତି)—୧ । କୌଣସି ସମଜ୍ୟା, ପରିଷଦ୍, ଗୋଷ୍ଠୀ, ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ଯେଉଁଠାରେ ସମିତି, ସଂସଦ୍, ଆସ୍ଥାନ, ବହୁଲୋକ ସମବେତ ହୁଅନ୍ତି; ପରିଷଦ୍- ସଦସ୍, ସମାଜ, ପଙ୍କ୍ତି, Assembly; a meeting; a —ଜଟାଧର] league. ୨ । ଗୋଷ୍ଠୀ; ସମିତି; ସମାଜ—2 Company; society; an assemblage of persons. ୩ । ଜନତା—3. Multitude of men; a gathering of men; crowd; a large number. ୪ । ଗୃହ; ଶାଳା—4. House; room. ୫ । ମିଳନ ସ୍ଥଳ—5. Meeting place. ୬ । ରାଜସଭା; ରାଜଦରବାର—6. A royal court; king's council. [ଦ୍ର—ମନୁ ୭ମ ଅଧ୍ୟାୟ ୧୪୦ ଠାରୁ ୧୪୫ ଶ୍ଳୋକରେ ବର୍ଣ୍ଣିତ ହୋଇ ଅଛି ଯେ, ରାଜା ସୁସଜ୍ଜିତ ଗୃହରେ ଅବସ୍ଥାନପୂର୍ବକ ପ୍ରଜାମାନଙ୍କ ବିଷୟ କାର୍ଯ୍ୟ ସମାଧାନ କରିବେ; ରାଜା ସଭା ଗୃହରେ ପ୍ରବେଶ ପୂର୍ବକ ସେଠାରେ ଉପସ୍ଥିତ ଲୋକମାନଙ୍କ ସହିତ ମଧୁର ସମ୍ଭାଷଣ କରି ସେମାନଙ୍କୁ ପ୍ରଶାନ୍ତ ଦୃଷ୍ଟି ସହିତ ଅବଲୋକନ କରିବେ—ଶବ୍ଦକୋଷ] ୭ । ଦ୍ୟୂତ (ଶବ୍ଦକୋଷ)—7. Gambling. ୮ । ପ୍ରଜାପତିଙ୍କ କନ୍ୟା (ଅଥର୍ବବେଦ)—8. Name of a daughter of Prajāpati ୯ । ଯେଉଁ ଗୃହରେ ସଭାର ଅଧିବେଶନ ହୁଏ—9 Council chamber; meeting hall (Apte) ୧୦ । ଦ୍ୟୂତଗୃହ—10. A gambling house (Apte). ୧୧ । ଧର୍ମାଧିକରଣ; ବିଚାରାଳୟ—11. A court of justice (Apte). ୧୨ । ରାଜାଙ୍କ ସଙ୍ଗେ ବହୁଲୋକଙ୍କ ସାକ୍ଷାତ୍କାର—12 King's audience; levee. (Apte) ୧୩ । ଯେଉଁ ସ୍ଥାନକୁ ବା ଗୃହକୁ ବହୁଲୋକ ଗମନ କରନ୍ତି—13. Any place much frequented (Apte). ଦେ. ବଣ. ଓ ବଣର ବଣ.—(ସଂ. ସର୍ବ) (ଅନ୍ୟ ପଦ ପୂର୍ବେ ଯୁକ୍ତ) ସବୁ; ସବା—All (ଯଥା— ସବ ସବ ସବୁଗିଅ, ସବୁଖାଇ, ସବୁକାଳ) ଦେ. ବି.— ସଭା ସମା ସାମାଜିକ ପ୍ରଶ୍ନ ବା ସମସ୍ୟା ମୀମାଂସାର୍ଥ ଅଡ଼ୁତ ସମାଜସ୍ଥ ବ୍ୟକ୍ତିମାନଙ୍କର ସମାଜ; ଜାତିଅଣ ସଭା—An assembly called to decide a social question; a gathering of caste people; a social gathering. [ଦ୍ର—ଅଜକାଲି ସାଧାରଣ ସଭା ପରିଚାଳନ ନିମନ୍ତେ ନିର୍ବାଚିତ ବ୍ୟକ୍ତିଙ୍କୁ 'ସଭାପତି' ବା 'ଚେଅର୍‌ମାନ୍' ବା 'ପ୍ରେସିଡେଣ୍ଟ୍' ବୋଲି- ଯାଏ । ସଭାର କାର୍ଯ୍ୟାବଳୀର ବିବରଣ ଲିପିବଦ୍ଧ କରି ରଖିବା, କାଗଜ ପତ୍ର ରଖିବା ଓ ସଭା ଆହ୍ୱାନ କରିବା ପାଇଁ ଭାରପ୍ରାପ୍ତ ବ୍ୟକ୍ତିଙ୍କୁ ସମ୍ପାଦକ, ବା ସେକ୍ରେଟେରି ବା ମନ୍ତ୍ରୀ ଏବଂ ସଭାରେ ଆଲୋଚିତ ବିଷୟ ସମ୍ବନ୍ଧେ ମତ ଦେବା ଓ ଭୋଟ୍ କରିବାର ଅଧିକାରୀ ବ୍ୟକ୍ତିମାନଙ୍କୁ ସଦସ୍ୟ ବା ସଭ୍ୟ ବା ମେମ୍ବର ବୋଲିଯାଏ । ଯେଉଁ ସଭାରେ ଅନେକ- ଗୁଡ଼ିଏ ସଭ୍ୟ ଥାଆନ୍ତି, କୌଣସି ଗୁରୁତର ସମସ୍ୟା ସଭାରେ ଆଲୋଚିତ ହେବା ପୂର୍ବରୁ ତତ୍‌ସମ୍ବନ୍ଧେ ସମ୍ବାଦାଦି ସଂଗ୍ରହ କରିବା ପାଇଁ ସଭ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ କେତେଗୁଡ଼ିଏ ସଭ୍ୟଙ୍କ ଦ୍ୱାରା ଗଠିତ ଦଳକୁ 'ସମିତି ବା କମିଟି', ସବ୍‌କମିଟି, ମାନେଜିଙ୍ଗ୍ କମିଟି, ବା କାର୍ଯ୍ୟକାରୀ ସମିତି, ବା ବୋର୍ଡ୍ ଅଫ୍ ଡାଇରେକ୍ଟର୍ସ୍ ବୋଲିଯାଏ । ସଭାପତିଙ୍କୁ ସାହାଯ୍ୟ କରିବା ବା ସଭାପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚଳାଇବା ବ୍ୟକ୍ତିଙ୍କୁ 'ସହକାରୀ ସଭାପତି, ଭାଇସ୍ ଚେଅର୍‌ମାନ୍ ବା ଭାଇସ୍ ପ୍ରେସିଡେଣ୍ଟ୍ ବୋଲିଯାଏ । ସଂପାଦକଙ୍କ ସହକାରୀଙ୍କୁ ସହକାରୀ ସଂପାଦକ, ଅବର ବା ସହ ସମ୍ପାଦକ ବା ଯୁଗ୍ମ ସମ୍ପାଦକ ବୋଲିଯାଏ । ଯେଉଁ ବିଶିଷ୍ଟ ଉଦ୍ଦେଶ୍ୟରେ ସଭାମାନ ଗଠିତ ହୁଏ, ସେହି ସେହି ଉଦ୍ଦେଶ୍ୟର ନାମରେ ସଭାମାନଙ୍କ ନାମକରଣ ହୁଏ । ଯଥା—ହରିସଭା, ଶିକ୍ଷାବର୍ଦ୍ଧିନୀ ସଭା, ବିବାହ ସଂସ୍କାର ସମାଜ, ଟେକ୍‌ସ୍ଟ୍ ବୁକ୍ କମିଟି, ଇନ୍‌ଭେଷ୍ଟ୍‌ମେଣ୍ଟ୍ କମିଟି, ଏଡ୍‌ଭେଞ୍ଚର୍ କମିଟି, ସାଇଣ୍ଟେସନ୍ କମିଟି, ମଣ୍ଡି ସଭା, ଗୋରକ୍ଷିଣୀ ସଭା ।]

ସଭା ଅନ୍ତେ—ଦେ. କ୍ରି. ବଣ (ସ. ସବ+ଅନ୍ତ)—ସବା ଶେଷରେ— Sabhā ante At the close; at last. [ଭି—ସଭା ସବାର ଶେଷେ ଅନ୍ତେ ପ୍ରକଟ ଦେଖ—ଭଞ୍ଜ. କୋଟିବ୍ରହ୍ମାଣ୍ଡ- ସବକା ଶେଷମେਂ ସୁନ୍ଦରୀ ।]

ସଭା ଅଗ—ବୈଦେ. ବି—୧ । (ସ. ସବ+ଅଗ୍ର)—ସମସ୍ତଙ୍କ ସମ୍ମୁଖସ୍ଥ Sabhā āga ସ୍ଥାନ—1. The front or foremost (ସଭା ପଡ଼—ଦ୍ରଷ୍ଟବ୍ୟ) place of all. ୨ । (ସଭା+ଅଗ୍ର) ସବାର ଆଗ ସଭା ହେଉଥିବା ସ୍ଥାନର ସମ୍ମୁଖବର୍ତ୍ତୀ ସ୍ଥାନ—2. The ସବକା ଆଗା front portion of a meeting. ୩ । ସଭ୍ୟ

ଘଟଣାର ଅବ୍ୟବହିତ ସମୟ—3. Most recent time; ୪ । ସବୁ ଘଟଣାର ପୂର୍ବବର୍ତ୍ତୀ ସମୟ—4. Earliest time.

ସଭା ଆଗରେ } ବି. କ୍ରିୟା ଭେଦ ଦେ. ବିଶ—୧ । ସମସ୍ତଙ୍କ ଅଗ୍ରବର୍ତ୍ତୀ—1. (a place) In
ସଭା ଆଗେ } front of all. ୨ । ଅନ୍ୟ ସମସ୍ତ ଘଟଣାର ପୂର୍ବବର୍ତ୍ତୀ—2. Happening before all others. ୩ । ସମସ୍ତଙ୍କ ଅଗ୍ରଜ—3. Eldest of all. (ଯଥା—ସବାର୍ ଆଗେ ସଭା ଅଗ ଭାଇ) ୪ । ସର୍ବପ୍ରଥମ—4. First of
सबका आगे all.

ସଭା ଆହ୍ୱାନ କରିବା—ଦେ. କ୍ରି—କୌଣସି ସଭାରେ ଉପସ୍ଥିତ ହେବା
Sabhā āhwāna karibā ପାଇଁ ସଭାର ଅଧିବେଶନର ସମୟ,
সভা আহ্বান করা ସ୍ଥାନ ଓ ସଭାରେ ଆଲୋଚ୍ୟ ବିଷୟର ଉଲ୍ଲେଖ
सभा बुलाना କରି ସଭାର ସଭ୍ୟମାନଙ୍କୁ କିମ୍ବା ସର୍ବସାଧାରଣଙ୍କୁ
(ସଭା ଡାକିବା—ଅନୁରୂପ) ବିଜ୍ଞାପନଦ୍ୱାରା ଡାକିବା—To call a meeting; to convene a meeting.

ସଭା କରିବା—ଦେ. କ୍ରି—୧ । କୌଣସି ବିଷୟ ଆଲୋଚନା କରିବା
Sabhā karibā ପାଇଁ ସଭ୍ୟମାନଙ୍କୁ ଆହ୍ୱାନପୂର୍ବକ ଉପସ୍ଥିତ
সভা করা ବ୍ୟକ୍ତିମାନଙ୍କଦ୍ୱାରା ସଭାର କାର୍ଯ୍ୟ ସମାଧାନ କରିବା—
सभा करना 1. To hold a meeting. [ଉ—ସଭା କଲେ କେବେ ନ ବୋଲିବେ କ ? ଗୋପୀନାଥଙ୍କୁ ଗୋପୀ ନ ନେବେ କ ?—ଗୋପୀଭାଷା ।] ୨ । ସଭା ଆହ୍ୱାନ କରିବା—2. To call a meeting. ୩ । (ଲକ୍ଷଣାର୍ଥେ) ସମବେତ ହେବା; ଏକତ୍ର ହେବା—3. To be assembled; to flock together. [ଯଥା—ଗଛରେ କୁଆମାନେ ଆଜି ସଭା କରୁଛନ୍ତି ।] ୪ । ସାମାଜିକ ବିଷୟର ବିଚାର ପାଇଁ ଜାତିଅଣ ସଭା ଆହ୍ୱାନ କରିବା ବା ତହିଁର କାର୍ଯ୍ୟ ପରିଚାଳନ କରିବା—4. To call or hold a caste-gathering.

ସଭାକାର—ସ. ବି ଓ ବିଣ (ସଭା+କୃ ଧାତୁ+କର୍ତ୍ତୃ. ଅ)—ଯେ ସଭା
Sabhākāra ଆହ୍ୱାନ କରନ୍ତି ବା ସଭାର କର୍ମ କରନ୍ତି—One who convenes or holds a meeting.

ସଭାକାନ୍ତ—ଦେ. ବିଣ—ସବାକାନ୍ତ (ଦେଖ)
Sabhākrānta Sabākrānta (See)

ସଭାକାନ୍ତ ଚକଡ଼ା—ଦେ. ବି—ସବାକାନ୍ତ ଚକଡ଼ା (ଦେଖ)
Sabhākrānta chakarḍā Sabākrānta chakarḍā (See)

ସଭାଖାଇ—ଦେ. ବି. ସ୍ତ୍ରୀ—ସବାଖାଇ (ଦେଖ)
Sabhākhāi Sabākhāi (See)
সব খাকী ପ୍ରାଦେ. (ଗଞ୍ଜାମ) ବି—ଛାଡ଼ଖାଇ; କାର୍ତ୍ତିକ ମାସରେ
सर्वभक्षी ହବିଷ୍ୟ (ନିୟମିତ ଭୋଜନ) କରୁଥିବା ବ୍ୟକ୍ତିମାନେ କାର୍ତ୍ତିକ ପୂର୍ଣ୍ଣିମା ବାସୀ ଦିନ ହବିଷ୍ୟ ଭଙ୍ଗ ଉଦ୍‌ଯାପନ କରିବା ଉପଲକ୍ଷରେ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ସଙ୍ଗେ ସମସ୍ତ ପ୍ରକାରର ଖାଦ୍ୟ ଖାଇବାର ଉତ୍ସବ—The feast held by persons who break the restricted fasting of the month of Kārttika and take all sorts of eatables on the morrow of the Kārttika full moon day.

ସଭାଖିଆ(ୟା)—ଦେ. ବି—ସବାଖିଆ (ଦେଖ)
Sabhākhia(yā Sabākhiā (See)

ସଭାଗ—ସ. ବିଣ (ସହାର୍ଥ ବହୁବ୍ରୀହି, ସ+ଭାଗ)—ଭାଗବିଶିଷ୍ଟ—
Sabhāga Having portions. ବିଣ. ଓ ବି ପୁଂ.
(ସଭାଗା—ସ୍ତ୍ରୀ) (ସଭା+ଗମ ଧାତୁ+କର୍ତ୍ତୃ. ଅ)—ଯେ ସଭାକୁ ଯାଆନ୍ତି—Those who attend a meeting.

ସଭା ଗୃହ—ସ. ବି—ଯେଉଁ ଘରେ ସଭାର ବୈଠକ ହୁଏ—
Sabhā gṛuha A meeting house.

ସଭାଗ୍ୟ—ସ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଭାଗ୍ୟ)—ଭାଗ୍ୟଯୁକ୍ତ—
Sabhāgya Fortunate; lucky.
(ସଭାଗ୍ୟା—ସ୍ତ୍ରୀ)

ସଭାଘର—ଦେ. ବି—ସଭା ଗୃହ (ଦେଖ)
Sabhā ghara Sabhā gṛuha (See)

ସଭା ଚର—ସଂ. ବି. ପୁଂ (ସଭା+ଚର ଧାତୁ+କର୍ତ୍ତୃ. ଅ)—
Sabhā chara ଯେ ସଭାରେ ଉପସ୍ଥିତ ହୁଅନ୍ତି—A person
(ସଭାଚରୀ—ସ୍ତ୍ରୀ) who attends a meeting.
ବିଣ. ପୁଂ—ସଭାରେ ବିଚରଣକାରୀ—Frequenting or attending meetings.

ସଭାଚାର—ସ. ବି (ସଭା+ଆଚାର)—୧ । ସମାଜରେ ଆଚରଣୀୟ ରୀତି—
Sabhāchāra 1. The customs of society (Apte). ୨ । ରାଜସଭାର ଶିଷ୍ଟାଚାରମୋଦିତ ରୀତି—2. Court-manners (Apte). ୩ । ସଭା ସମିତିରେ ଆଚରଣୀୟ ଆଦବକାଇଦା—3. Formalities or etiquette to be observed at a meeting. [ଯଥା—ଜଣେ କହୁଥିବା ବେଳେ ଅନ୍ୟ ଜଣେ କହିବେ ନାହିଁ; ସଭାପତିଙ୍କ ବିନାନୁମତିରେ କେହୁ ଉଠି କରୁ ଯିବେ ନାହିଁ; କେହୁ ଶିଷ୍ଟତା ବିରୁଦ୍ଧ (unparliamentary) ବାକ୍ୟ ବ୍ୟବହାର କରିବେ ନାହିଁ ।]

ସଭାଜ (ଧାତୁ)—ସଂ—୧ । ସେବା କରିବା—1. To serve.
Sabhāj (root) ୨ । ଅଭ୍ୟର୍ଥନା କରିବା—2. To welcome. ୩ । ପୂଜା କରିବା—3. To worship.

ସଭା ଜନ—ସ. ବି.—୧ । (ସଭାରେ ଉପସ୍ଥିତ ଜନ; ଷ. ତ. ସ.)
Sabhā jana ସଭାରେ ଉପସ୍ଥିତ ବ୍ୟକ୍ତିଗଣ—1. Persons attending a meeting. ୨ । (ସପ୍ତମୀ ତତ୍) ସଭ୍ୟ, ସଭାସଦ୍—2. Member of an assembly; an associate of a meeting. ୩ । (ସଭାଜ ଧାତୁ+ଭାବ ଅନ)—ଶିଷ୍ଟାଚାର; ସୌଜନ୍ୟ ପ୍ରକାଶ; ଶିଷ୍ଟତା 3. Courtesy; rendering of homage; politeness. ୪ । ଅଭ୍ୟର୍ଥନା; ସ୍ୱାଗତ ଓ କୁଶଳ ପ୍ରଶ୍ନାଦିପୂର୍ବକ ସମ୍ଭାଷଣ; ଅଭିବାଦନ—4. The ceremony

of welcoming; congratulation; courteous conversation. [ଦ୍ର—ବନ୍ଧୁଙ୍କ ସମାଗମ ବା କଦାଚିତ୍ ହୋଇ ଥିବା ସମୟରେ ସମ୍ମାନଙ୍କୁ ଅଭ୍ୟର୍ଥନ କୁଶଳପ୍ରଶ୍ନ ଓ ସ୍ୱାଗତ ସମ୍ଭାଷଣକୁ ସଭାଜନ ବୋଲାଯାଏ । ଏଥିରେ ପର୍ଯ୍ୟା ଅଭନନ୍ଦନ, ଅପ୍ରଚ୍ଛନ୍ନ—ଶବ୍ଦକୋଷ ।] ୫। ପରିଚର୍ଯ୍ୟା—5. Serving; tending. ୬। ପୂଜନ; 6. Worshipping. ୭ । ଆନନ୍ଦନ—7. Delighting; pleasing. ଦେ. ବି. (ବହୁବଚନ ପୁଂ ଓ ସ୍ତ୍ରୀ) ନାଟ, ଯାତ୍ରା, ତାମାସା, ଟିଅଟର, ଅଭିନୟ ଆଦି ଦେଖିବାକୁ ସମାଗତ ଦର୍ଶକଗଣ—(plural) The audience or spectators assembled to witness a performance of dancing, play etc. [ଦ୍ର—ଦ୍ୱିତୀୟ ବହୁବଚନରେ । ଯାହା ହେଲା ସାଙ୍ଗ—ପାଲ୍ଲାବାଲାଙ୍କ ପଦ] ବିଣ.—୧ । (ସ=ସହ+ଭାଜନ) ସପାତ୍ର; ପାତ୍ରଯୁକ୍ତ—Having receptacles, pots or utensils ୨ । (ସଭାଜ ଧାତୁ+ଅଚ୍. ଅନ)—ପ୍ରୀତିଦାୟକ (ଶବ୍ଦକୋଷ)—2. Giving pleasure; gratifying.

ସଭା ଡାକିବା—ଦେ. କ୍ରି.—ସଭା ଆହ୍ୱାନ କରିବା (ଦେଖ)
Sabhā ḍākibā   Sabhā āhwāna karibā (see)
সভা ডাকা   सभा बुलाना

ସଭା ତଳ—ସ. ବି. (୬ଷ୍ଠୀ ତତ୍)—ସଭାର ଅଧିବେଶନ ହେଉଥିବା ସ୍ଥାନ
Sabhā tala   The place of a meeting. ଦେ. ବି. ସବାଛେ ତଳା   ସମସ୍ତଙ୍କ ଅପେକ୍ଷା ନିମ୍ନ ଦେଶ—Lowest place.
सबसे निम्न देश
সবাছে নীচ   ଦେ. ବିଣ—୧ । ସମସ୍ତଙ୍କ ଅପେକ୍ଷା ନୀଚ—1. Lowest ୨ । ସମସ୍ତଙ୍କ ଅପେକ୍ଷା କନିଷ୍ଠ—Youngest.
सबसेनीचा

ସଭାଧିବେଶନ—ସ. ବି. (୬ଷ୍ଠୀତତ୍)—ସଭାରେ ବୈଠକ; ସଭାରେ
Sabhādhibesana   ଆଲୋଚିତ ବିଷୟରେ ଆଲୋଚନା ହେବା ପାଇଁ ସଭ୍ୟମାନଙ୍କ ସମ୍ମିଳନ—A sitting of an assembly; a meeting.

ସଭାଧ୍ୟକ୍ଷ—ସଂ. ବି. ପୁ (୬ଷ୍ଠୀତତ୍, ସଭା+ଅଧ୍ୟକ୍ଷ)—ସଭାପତି—
Sabhādhyaksha   President; chairman of a (ସଭାନାୟକ, ସଭାନେତା—ଅନ୍ୟରୂପ) meeting or assembly.
(ସଭାଧ୍ୟକ୍ଷା, ସଭାନାୟିକା, ସଭାନେତ୍ରୀ—ସ୍ତ୍ରୀ)

ସଭା ନିର୍ବାହ କରିବା—ଦେ   କ୍ରି.—(ସଂ. ସଭା ଓ ନିର୍ବାହ)—
Sabhā nirbhā karibā   ସଭାର କାର୍ଯ୍ୟ ସମାଧାନ କରିବା—
সভা নির্বাহ করা   To conduct a meeting and
सभा समाधा करना   bring it to a successful termination.

ସଭାନାୟିକା—ଦେ. ବି ସ୍ତ୍ରୀ (ଅଧୁନିକ ପ୍ରୟୋଗ)—ସଭାପତିରୂପେ
Sabhā nāyikā   କାର୍ଯ୍ୟ କରିଥିବା ବା ସଭାପତି ଆସନର ଅଧିକାରିଣୀ (ସଭାନେତ୍ରୀ—ଅନ୍ୟରୂପ) ନାରୀ—A lady taking the
সভানায়িকা, সভানেত্রী   place of the president of an
सभा नायिका   assembly or a congregation.

ସଭା ପଛ—ଦେ. ବିଣ.—ସଂ. ସର୍ବ ଓ ପଶ୍ଚାତ୍)—୧ । ସମସ୍ତଙ୍କ ଅପେକ୍ଷା
Sabhā pachha   ପଶ୍ଚାଦ୍ଭାଗ—1. Hindmost part or
সবার পিছনে   portion or place.
सबसे पीछे   [ଦ୍ର—ହିନ୍ଦି ଅସ୍ତେ ଏକତ ହିତ ସଭା ପଛେ, ପ୍ରଭୃତି ଗୀତଗୋବିନ୍ଦ ମଧ୍ୟରେ ରଣି ପ୍ରଭୃତି । —କୃଷ୍ଣସିଂହ ମହାଭାରତ. ଶଲ୍ୟ] ୨। ସମସ୍ତଙ୍କ ଅପେକ୍ଷା ପଶ୍ଚାଦ୍ବର୍ତ୍ତୀ କାଳ—2. The time which is before all; most ancient
সবাছেপেছু   time. ୩। ସଭା ହେଉଥିବା ସ୍ଥାନର ସର୍ବ-ପଶ୍ଚାଦ୍ବର୍ତ୍ତୀ
सबसे पीछाड़ी   ସ୍ଥାନ—3. The hindmost portion or place in a meeting. ଦେ. ବିଣ—୧ । ଅନ୍ୟ
সবাপেছু   ସମସ୍ତଙ୍କ ପଶ୍ଚାଦ୍ବର୍ତ୍ତୀ—1. Hindmost. ୨ । ଅନ୍ୟ
सबसेपिछला   ସମସ୍ତ ଘଟଣାର ପରେ ଘଟିବା—2. Latest. (ସବୁ ଅଗ—ବିପରୀତ) ୩ । ଅନ୍ୟ ସମସ୍ତ ଘଟଣାର ପୂର୍ବେ ଘଟି [ସଭା ପଛେ, ସଭା ପଛରେ—ବି. ଭିନ୍ନରୂପ] ଥିବା—3. Oldest; earliest. ୪ । ସବୁ ଠାରୁ ଛୋଟ—4. Youngest of all. (ଯଥା—ସଭା ପଛ ପୁଅ) ୫ । ଯେ ଅନ୍ୟ ସମସ୍ତଙ୍କ ପରେ ଆସି ପହଞ୍ଚେ—5. Reaching or arriving at a place latest or last of all. ୬। ସମସ୍ତଙ୍କ ଶେଷରେ ଅବସ୍ଥିତ—6. Situated last of all.

ସଭା ପଣ୍ଡିତ—ସଂ. ବି—ରାଜସଭାର ବା ଅନ୍ୟ ସଭାର ସଭ୍ୟ ପଣ୍ଡିତ—
Sabhā paṇḍita   A pandit who is a member of a king's court or of any other assembly.

ସଭାପତି—ସ. ବି. ପୁଂ ଓ ସ୍ତ୍ରୀ—୧। ସଭାର ପ୍ରଧାନ ପରିଚାଳକ ବା ନାୟକ;
Sabhāpati   ସମାଜର ନେତା—1. President or chair-
সভাপতি   man of a meeting; the leading person
सभापति   of a meeting. [ଦ୍ର—ସଭାପତିଙ୍କ ଆଦେଶ ଅନୁସାରେ ସଭାର କାର୍ଯ୍ୟାରମ୍ଭ କରାଯାଏ ଓ ସଭାର ସମସ୍ତ କାର୍ଯ୍ୟର ପରିଚାଳନ ଓ ଉଦ୍‌ଯାପନ କରାଯାଏ ।
(ସଭାପତି—ସ୍ତ୍ରୀ) ସଭାପତି ପଦର ସ୍ତ୍ରୀଲିଙ୍ଗ ଅଭାବ ସଭାପତି । ସଂସ୍କୃତ ବ୍ୟାକରଣର "ପତ୍ୟୁର୍ନୋ ଯଜ୍ଞସଂଯୋଗେ" ସୂତ୍ର ଅନୁସାରେ 'ଯଜ୍ଞକୃତ୍ୟାନ ଦ୍ୱାରା ସଂଯୁକ୍ତ ହୋଇଥିବା' ଅର୍ଥାତ୍ 'ବୈଦିକ ବିଧି ଦ୍ୱାରା ବିବାହିତା' ଅର୍ଥରେ ପତି ଶବ୍ଦର ସ୍ତ୍ରୀଲିଙ୍ଗ ପତ୍ନୀ ହୁଏ । ଅନ୍ୟତ୍ର ପତିର ସ୍ତ୍ରୀଲିଙ୍ଗରେ ପତି ହୁଏ । 'ଗ୍ରାମପତି' ଶବ୍ଦର ସ୍ତ୍ରୀଲିଙ୍ଗ 'ଗ୍ରାମପତି' ।] ୨ । ଦ୍ୟୂତ ଗୃହର ସ୍ୱାମୀ (ଶବ୍ଦକୋଷ)—2. The master of a gambling house. [ଦ୍ର—ପୁରୁଷ ସଭାର ନେତା ହେଲେ 'ଅମୁକ ସଭାପତି ହେଲେ' ବୋଲାଯାଏ । କିନ୍ତୁ ସ୍ତ୍ରୀ ଉକ୍ତ ସ୍ଥାନ ଅଧିକାର କଲେ ତାଙ୍କ ପ୍ରତି ସଭାନେତ୍ରୀ, ସଭାଧ୍ୟକ୍ଷା, ସଭାନାୟିକା ଶବ୍ଦମାନ ପ୍ରଯୋଜିତ ହୁଏ; କିନ୍ତୁ ସ୍ତ୍ରୀଲିଙ୍ଗରେ ସଭାପତିପଦ ବ୍ୟାକରଣ ସିଦ୍ଧ ଅଟେ ।]

ସଭାପତିତ୍ୱ—ସଂ. ବି—୧ । ସଭାରେ ସଭାପତିରୂପେ କାର୍ଯ୍ୟ କରିବାର
Sabhāpatitwa ଅବସ୍ଥା—1. Chairmanship. presidency. ୨ । ସଭାପତିଙ୍କ ପଦ—2. The position or place of the president in a meeting.

ସଭା ପର୍ବ—ସଂ. ବି (ସଭା+ପର୍ବନ୍ ; ମ. ଷ. ଲୋ; ସଭାବର୍ଣ୍ଣନାୟୁକ୍ତ
Sabhā parba ପର୍ବ)—ମହାଭାରତର ଅଷ୍ଟାଦଶ ପର୍ବ ମଧ୍ୟରୁ ଦ୍ୱିତୀୟ ପର୍ବ—Name of the second of 18 cantos of the Mahābhārata. [ଦ୍ର—ଏହି ପର୍ବରେ ପାଣ୍ଡବମାନେ ବନକୁ ଯିବା ପୂର୍ବର ଘଟନାବଳି ବର୍ଣ୍ଣିତ ହୋଇଅଛି ଓ ଏଥିରେ ରାଜା ଯୁଧିଷ୍ଠିରଙ୍କ ବନବାସ ପୂର୍ବର ରାଜ ସଭା ପ୍ରଭୃତିର ବିଷୟ ବର୍ଣ୍ଣିତ ହୋଇଅଛି; ଏହା ଆଦି ପର୍ବର ପରବର୍ତ୍ତୀ ଓ ବନପର୍ବର ପୂର୍ବବର୍ତ୍ତୀ ଅଟେ ।]

ସଭାପାଳ—ସଂ. ବି—୧। ଦ୍ୱାରପାଳ; ଦ୍ୱାରରକ୍ଷକ—1. Doorkeeper.
Sabhāpāḷa (ଉ—ସଭାପାଳ ଅଗରେ କହନ୍ତେ ଏସନ, କେଉଁ ବଳାଇର ସେ ହୋଇ ବୋଧ ମନ । କୃଷ୍ଣସିଂହ. ମହାଭାରତ. ଅନୁ ।) ୨ । ସଭାଗୃହର ରକ୍ଷକ—2. The keeper or guard of the council-chamber.

ସଭା ପୂଜନ(ପୂଜା)—ସଂ. ବି—ସଭାରେ ଉପସ୍ଥିତ ବ୍ୟକ୍ତିମାନଙ୍କ ପ୍ରତି
Sabhā pūjana(pūjā) ସମ୍ମାନ ପ୍ରଦର୍ଶନ—Worship or reverence paid to the audience. ଦେ·ବି—ମହାରାଷ୍ଟ୍ରୀୟ ସମାଜରେ ବିବାହ ଉତ୍ସବକୁ ସମାଗତ ବ୍ୟକ୍ତିମାନଙ୍କ ଅଭ୍ୟର୍ଥନାରୂପ ଆଚାର—The custom of welcoming the guests on the occasion of marriage amongst the Marhattas. [ଦ୍ର—ବିବାହର ପୂର୍ବଦିନ ବର ଓ କନ୍ୟା ପକ୍ଷରୁ ଆତ୍ମୀୟ, ସ୍ୱଜନ, ଗ୍ରାମବାସୀ ଓ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରାଯାଏ । ବିବାହ ଦିନ ସେମାନେ ଆସି ବିବାହାନୁଷ୍ଠାନ କରାଯାଉଥିବା ସ୍ଥାନରେ ଉପସ୍ଥିତ ହେଲେ ପ୍ରାଙ୍ଗଣରେ ନୃତ୍ୟ ଗୀତାଦି ହୁଏ ଓ ସେମାନଙ୍କୁ ପାନ, ଅତର, ଗୋଲାପପାଣି ଦିଆଯାଏ । ଶେଷରେ ସମାଗତ ବ୍ୟକ୍ତିଙ୍କୁ ଗୋଟିଏ ଲେଖାଏଁ ନଡ଼ିଆ ଓ ବ୍ରାହ୍ମଣଙ୍କୁ ଓ ପୁରୋହିତଙ୍କୁ ଦକ୍ଷିଣା ଦିଆଯାଏ । ଲଗ୍ନ-କଙ୍କଣ ଧାରଣ ପରେ ଏହା ଅନୁଷ୍ଠିତ ହୁଏ । ବଙ୍ଗ ଦେଶରେ 'ମାଲ୍ୟ ଚନ୍ଦନ' ପ୍ରଥା ଓ ଓଡ଼ିଶାରେ 'ଫୁଲ ସଭା' ବା 'ଆଶୀର୍ବାଦ ସଭା' ପରି ମହାରାଷ୍ଟ୍ର ଦେଶରେ ଏହା ଗୋଟିଏ ଅନୁଷ୍ଠାନ ଅଟେ—ବିଶ୍ୱକୋଷ ।]

ସଭାବ—ଗ୍ରା. ବି (ସଂ. ସ୍ୱଭାବ)—ସ୍ୱଭାବ; ପ୍ରକୃତି—
Sabhāba সভাব सोभाब Nature.

ସଭା ବଇ(ଏ)ଠକ(କି)—ଦେ. ବି—ସଭାର ଅଧିବେଶନ—
Sabhā bai(e)ṭhaka(ki) A sitting or meeting or session of an assembly. সভারবৈঠক सभाकाबैठक (ସଭା ବୈଠକ[କି]—ଅନ୍ୟରୂପ)

ସଭା ବଡ଼—ଦେ· ଣ (ସଂ· ସର୍ବ ଓ ବୃଦ୍ଧ)—ସମସ୍ତଙ୍କ ଅପେକ୍ଷା
Sabhā baṛa ବଡ଼—Biggest ; eldest, largest. (ଉ—সবার বড় ଦଶରଥଙ୍କର ଜ୍ୟେଷ୍ଠ ରାଣୀ, ସଭା ବଡ଼ କୌଶଲ୍ୟା । सबसे बड़ा ଗଳକଣ୍ଠ, ପିଙ୍ଗଳ ରାମାୟଣ ।)

ସଭା ବସା(ସେ)ଇବା—ଦେ· କି—୧ । କୌଣସି ବିଷୟର
Sabhā basā(se)ibā ଆଲୋଚନା କରିବା ପାଇଁ ସଭା সভা বসান্ ଆହ୍ୱାନ କରି ସଭାର ଅଧିବେଶନ କରାଇବା— सभा बैठाना 1. To convene and hold a meeting for the discussion of a particular matter. ୨ । କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ସାଧନାର୍ଥ ସମାଜ ପ୍ରତିଷ୍ଠିତ କରିବା ।—2. To start a society or association for a particular aim.

ସଭା ବସିବା—ଦେ. ବି—ସଭାର ଅଧିବେଶନ—
Sabhā basibā The holding or session of a সভাবসা सभा बैठना meeting.

ସଭା ବାଳ (ଇତ୍ୟାଦି)—ଦେ· ବି—ସବା ବାଳ ଇତ୍ୟାଦି (ଦେଖ)
Sabhā bāḷa Sabābāḷa etc. (See)
(ସବାବାଳୁ—ବଣ. ପୁ·)

ସଭା ବାଛ(ସ)ନ୍ଦ—ଦେ. ବି—କୌଣସି ସଭାରେ ଉପସ୍ଥିତ ହେବା
Sabhā bāchha(sa)nda କିମ୍ବା ସଭାରେ ଯୋଗ ଦେବା ପାଇଁ সভা বারণ କୌଣସି ଅପରାଧୀ ବା ସମାଜଦ୍ୱାରା ଦଣ୍ଡିତ ବ୍ୟକ୍ତିକୁ सभा बारन ସଭାପକ୍ଷରୁ କରିବା ନିଷେଧ—Exclusion of a person from a meeting; excommunication of an offending member from a meeting.

ସଭାବି—ସଂ. ବି, ପୁଂ—ଦ୍ୟୂତଗୃହ ରକ୍ଷକ (ଶବ୍ଦକୋଷ)—
Sabhābi The keeper of gambling house.

ସଭା ଭଙ୍ଗ—ସଂ. ବି (୬ଷ୍ଠୀ ତତ୍)—ସଭାର କାର୍ଯ୍ୟ ଶେଷ ବା ସ୍ଥଗିତ
Sabhā bhaṅga ହେବା ପରେ ସଭାସଦମାନଙ୍କର ସଭାଗୃହ ତ୍ୟାଗ—Dissolution or closing of a meeting.

ସଭା ଭାଗେ—ଦେ. ବି—ସଭା ସମକ୍ଷରେ—Before a meeting.
Sabhā bhāge (ଉ—ବୋଲନ୍ତେ ତୁ ହାରିଲୁ ବୋଲି ସଭା সভার সামনে सभाके सामने ଅଟେ । କୃଷ୍ଣସିଂହ. ମହାଭାରତ ବନ ।]

ସଭା ଭାଙ୍ଗିବା—ଦେ. କି—୧ । ସଭାର କାର୍ଯ୍ୟ ସମାପ୍ତ ନ ହେଉଣୁ
Sabhā bhāṅgibā ତାହାକୁ ସ୍ଥଗିତ କରିବା—1. To সভা ভাঙা dissolve a meeting before the con- सभा भांगना clusion of its proceeding. ୨ । ସଭାର କାର୍ଯ୍ୟ ସମାପ୍ତ ହେବା ପରେ ସଭାକୁ ସ୍ଥଗିତ କରିବା—

2. To bring the proceedings of a meeting to conclusion. ଦେ. ବି—ସଭାଭଙ୍ଗ—Dissolution or closing of a meeting. [ଦ୍ର—ସଭାର କାର୍ଯ୍ୟ ନିର୍ବିଘ୍ନରେ ସମାପ୍ତ ହେଲେ ସାଧାରଣ ସଭାପତିଙ୍କ ଅନୁମତିରେ ସଭାଭଙ୍ଗ ହୁଏ । କିମ୍ବା ସଭାର କାର୍ଯ୍ୟ କତିପୟଙ୍କ ଦ୍ୱାରା ଅସଙ୍ଗତ ବା ଅନୁଚିତ ବିବେଚିତ ହେଲେ ସଭାର କାର୍ଯ୍ୟ ନ ସରୁଣୁ କତିପୟଙ୍କ ଦ୍ୱାରା ସ୍ଥଗିତ କରାଯାଏ; କିମ୍ବା ସଭାରେ ଆଲୋଚିତ ବା ଆଲୋଚନୀୟ ବିଷୟ ମୀମାଂସିତ ବା ଆଲୋଚିତ ନ ହେଉଣୁ ତହିଁର ବିରୋଧୀ ପକ୍ଷଙ୍କ ଦ୍ୱାରା ଗୋଳମାଳ ଉଠି ହୋଇ ସଭା ଭଙ୍ଗ ହୁଏ।]

ସଭା ଭୂଷଣ—ସଂ. ବିଣ (୬ଷ୍ଠୀ ତତ୍)—ସଭା ମଣ୍ଡନ (ଦେଖ)
Sabhā bhūshaṇa Sabhā maṇḍana. ଈ

ସଭା ମଅଳଣ(ନ)—ଗ୍ରା. ବି.—(ସଂ. ସଭା+ମଳିନ)—ସଭା ଭଙ୍ଗ;
Sabhā ma-aḷaṇa(na) ସଭାର କାର୍ଯ୍ୟର ସମାପ୍ତି—The
ସଭା ଭঙ্গ termination of the procedings of a
सभा भङ्ग meeting.

ସଭା ମଅ(ଉ)ଳା(ଳେ)ଇବା—ଦେ. କ୍ରି—ସଭାର କାର୍ଯ୍ୟ ଶେଷକରିବା—
Sabhā ma-a(u)ḷā(ḷe)ibā To terminate the pro-
সভা ভঙ্গকরা सभाभङ्ग करना ceedings of a meeting.

ସଭା ମଅ(ଉ)ଳିବା—ଦେ. ବି.—ସଭାର କାର୍ଯ୍ୟ ସମ୍ପାଦନ ହେବା ପରେ
Sabhā ma-a(u)ḷibā ଅଧିବେଶନ ସ୍ଥଗିତ ହେବା—The
সভা ভঙ্গ सभाभङ्ग termination or close of the proceedings of a meeting.

ସଭା ମଣ୍ଡନ—ସଂ. ବିଣ. ପୁଂ—(ସଭାର ମଣ୍ଡନ=ଭୂଷଣ)—୧ । ସଭାରେ
Sabhā maṇḍana ଯାହାର ଉପସ୍ଥିତି ଦ୍ୱାରା ବା ଯାହାର ଗୁଣର
(ସଭାମଣ୍ଡନା—ସ୍ତ୍ରୀ) ବା ବିଦ୍ୟା ଦେଖାଇବା ଦ୍ୱାରା ଯେଉଁ ବ୍ୟକ୍ତି ସଭାର ଅଳଙ୍କାର ରୂପେ ସଭ୍ୟଜନମାନଙ୍କ ଦ୍ୱାରା ବିବେଚିତ ହୁଅନ୍ତି—(a person) Who by his presence or display of ability is considered as the ornament of an assemblage. ୨ । ପଣ୍ଡିତ, ନର୍ତ୍ତକ, ଗାୟକ ଆଦିଙ୍କୁ ରାଜାମାନଙ୍କ ପ୍ରଦତ୍ତ ଉପାଧି ବିଶେଷ —2. A title given by Rājās to pandits, dancers and singers. ସ. ବି.—(୬ଷ୍ଠୀତତ୍)—ସଭା ଗୃହକୁ ସଜାଇବା; ସଭା ସଜ୍ଜା—The
[ସଭାମଣ୍ଡଣୀ—ଦେଶଜ. ବି. ରୂପ] furnishing of the hall or place of a meeting.

ସଭାମଣ୍ଡନ କରିବା—ଦେ. କ୍ରି—୧ । ସଭାରେ ଉପସ୍ଥିତ ହୋଇ କିମ୍ବା
Sabhā maṇḍana karibā ନିଜର ଗୁଣକୁ ଦେଖାଇ ସଭାକୁ
(ସଭାମଣ୍ଡିବା—ଅନ୍ୟରୂପ) ଜନକୁ ମୋହିତ କରିବା—1. To
সভা মণ্ডনকরা adorn or grace a meeting by one's
सभामण्डन करना presence or by one's feats and accomplishments. ୨ । ସଭା ଗୃହକୁ ସାଜସଜ୍ଜା ଦ୍ୱାରା ଭୂଷିତ କରିବା—2. To furnish the place or hall of a meeting.

ସଭା ମସିଣା—ଦେ. ବି.—ସଭାରେ ବହୁତ ଲୋକଙ୍କ ବସିବା ପାଇଁ
Sabhā masiṇā ବ୍ୟବହୃତ ଲମ୍ବ ମସିଣା ବା ପଟ—Long
সভার সপ mats which are spread to seat many
सभा बिछौना persons (gathered for a meeting or for other occasions).

ସଭାରମ୍ଭ—ସଂ. ବି—(୬ଷ୍ଠୀ ତତ୍)—ସଭାର ଅଧିବେଶନର ବା କାର୍ଯ୍ୟର
Sabhārambha ଆରମ୍ଭ—The opening of the proceedings of a meeting.

ସଭାର କାର୍ଯ୍ୟ(କର୍ମ)—ଦେ. ବିଣ—ସଭାରେ ଆଲୋଚନୀୟ ବିଷୟର
Sabhāra karjja (karma) ଆଲୋଚନା ଆଦି କର୍ମ—
(ସଭାର କାର୍ଯ୍ୟାବଳି—ଅନ୍ୟରୂପ) The proceedings of a
সভার কার্য্য सभाकाकार्य्य meeting.

ସଭାର କାର୍ଯ୍ୟ ବିବରଣ—ଦେ. ବି.—ସଭାର ଅଧିବେଶନରେ ଯାହା
Sabhāra karjya bibaraṇa ଯାହା ଆଲୋଚନା ବା ପ୍ରସ୍ତାବାଦି
ସଭାର କାର୍ଯ୍ୟାବଳି ବିବରଣ } —ଅନ୍ୟରୂପ. ହୁଏ, ତହିଁର ବିବରଣ
ସଭାର ପ୍ରୋସିଡିଙ୍ଗ୍ } (ଏହା ଗୋଟିଏ
সভার কার্য্য বিবরণ ଖାତାରେ ବା ପୁସ୍ତକରେ ଲିପିବଦ୍ଧ ହୋଇ
सभाकाकार्य्य विवरण ରଖା ହୁଏ)—The minutes or record of the proceedings of a meeting; the proceedings of a meeting.

ସଭାର କାର୍ଯ୍ୟ ବିବରଣୀ—ଦେ. ବି—ଯେଉଁ ପୁସ୍ତକରେ ସଭାର କାର୍ଯ୍ୟ
Sabhāra kārjya bibaraṇī ବିବରଣ ଲେଖା ହୁଏ
সভার কার্য্য বিবরণী (ଏଥିରେ ସଭାପତିଙ୍କର ଓ ସମ୍ପାଦକଙ୍କର
सभाकी कार्य्य विवरणी ସ୍ୱାକ୍ଷର ରହେ)—The proceedings-book of a meeting.
ସଭାର କାର୍ଯ୍ୟାବଳି ବିବରଣୀ, ସଭାର କାର୍ଯ୍ୟ-ବିବରଣ ପୁସ୍ତକ, ସଭାର ପ୍ରୋସିଡିଙ୍ଗ୍ ବହି } ଅନ୍ୟରୂପ

ସଭାର କାର୍ଯ୍ୟାରମ୍ଭ—ଦେ. ବି.—ସଭାରମ୍ଭ (ଦେଖ)
Sabhāra kārjyārambha Sabhārambha (See)
সভার কার্য্যারম্ভ सभाका कार्य्यारम्भ

ସଭାର କାର୍ଯ୍ୟ ବିବରଣୀ ଗୃହୀତ ହେବା—ଦେ. ବି—ପୂର୍ବବର୍ତ୍ତୀ
Sabhāra kārjya bibaraṇī ଅଧିବେଶନର ଲିପିବଦ୍ଧ କାର୍ଯ୍ୟା-
gṛuhita hebā ବଳୀର ବିବରଣ ପରବର୍ତ୍ତୀ ଅଧିବେଶନରେ
(ସଭାର ପ୍ରୋସିଡିଙ୍ଗ୍ ଗୃହୀତ ହେବା—ଅନ୍ୟରୂପ) ଉପସ୍ଥିତ ସଭ୍ୟମାନଙ୍କ
সভার কার্য্য বিবরণী গৃহীত হওয়া ନିକଟରେ ପଠିତ ହୋଇ ତାହା
सभाकी कार्य्य विवरणी गृहीत होना ଠିକ୍ ଥିବା ସିଦ୍ଧାନ୍ତ ହେବା—
The proceedings of a meeting being read and confirmed; the confirmation of the proceedings of a meeting at the next meeting after the record thereof is read at the latter meeting.

ସଭାର ନିର୍ଦ୍ଧାରଣ—ଦେ. ବି—ସଭାର ଅଧିବେଶନରେ ଉପସ୍ଥିତ ସଭ୍ୟ-
Sabhāra nirddhāraṇa ମାନଙ୍କଦ୍ୱାରା ମଞ୍ଜୁର କରାଯାଇଥିବା
সভার নির্দ্ধারণ ପ୍ରସ୍ତାବ—The resolutions passed at
सभाका निर्द्धारण a meeting.

ସଭାର ପ୍ରସ୍ତାବ—ଦେ. ବି.—ସଭାର ଅଧିବେଶନରେ ସଭ୍ୟମାନଙ୍କ
Sabhāra prastāba ଆଲୋଚନା ଓ ବିଚାରାର୍ଥ ଉପସ୍ଥାପିତ
সভাকা প্রস্তাব ବିଷୟ—Proposals brought forward
सभाका प्रस्ताव for discussion at a meeting.

[ଦ୍ର—ସଭାରେ ପ୍ରଥମେ ଜଣେ ସଭ୍ୟ (ପ୍ରସ୍ତାବକ) ସଭ୍ୟ-
ମାନଙ୍କ ନିକଟରେ ଗୋଟିଏ ପ୍ରସ୍ତାବ ଆଗତ କରନ୍ତି । ଉକ୍ତ
ପ୍ରସ୍ତାବକୁ ଆଉ ଜଣେ ସଭ୍ୟ (ଅନୁମୋଦକ) ଅନୁମୋଦନ
କରନ୍ତି ଏବଂ ବିଷୟର ଗୁରୁତ୍ୱ ବିବେଚନାରେ ଉକ୍ତ
ପ୍ରସ୍ତାବକୁ ଅନ୍ୟ ଜଣେ ବା ଅଧିକ ବ୍ୟକ୍ତି (ସମର୍ଥକ)
ସମର୍ଥନ କରନ୍ତି । ଯଦି କୌଣସି ସଭ୍ୟ ଉକ୍ତ ପ୍ରସ୍ତାବ
ପରିବର୍ତ୍ତେ ଅନ୍ୟ କୌଣସି ଶୋଧିତ ପ୍ରସ୍ତାବ
ଉପସ୍ଥାପିତ କରନ୍ତି, ତାହା ଯଥାକ୍ରମେ ପ୍ରସ୍ତାବିତ,
ଅନୁମୋଦିତ ଓ ସମର୍ଥିତ ହେବାପରେ ଉକ୍ତ ସଂଶୋଧିତ
ଓ ମୂଳ ପ୍ରସ୍ତାବ ସମ୍ବନ୍ଧରେ ସଭାସଦମାନଙ୍କ ମତ
ସଂଗୃହୀତ ହୁଏ ଓ ଯେଉଁ ପ୍ରସ୍ତାବ ସର୍ବସମ୍ମତିକ୍ରମେ ବା
ଅଧିକାଂଶ ସଭ୍ୟଙ୍କ ସମ୍ମତିକ୍ରମେ ଗୃହୀତ ହୁଏ, ତାହା
ସଭାର ନିର୍ଦ୍ଧାରଣ ରୂପେ ବିବେଚିତ ହୋଇ ଗୃହୀତ ହୁଏ;
ଅନ୍ୟଥା ଉକ୍ତ ପ୍ରସ୍ତାବ ନାମଞ୍ଜୁର ହୁଏ । ବିବାଦ ସ୍ଥଳରେ
ଉପସ୍ଥିତ ସଭ୍ୟମାନଙ୍କ ଭୋଟ୍ ଗଣତି କରାଯାଇ ଅଧିକାଂଶ
ସଭ୍ୟଙ୍କ ସମର୍ଥିତ ପ୍ରସ୍ତାବ ସଭାର ନିର୍ଦ୍ଧାରଣ ରୂପେ ଗୃହୀତ
ହୁଏ ।]

ସଭାଶେଷେ—ଦେ. କ୍ରି. ବିଣ—ସର୍ବଶେଷରେ—At the end of
Sabhā śeshe every thing; at last.
(ସଭାଶେଷରେ—ଅନ୍ୟରୂପ)
সবশেষে, সবারশেষে सबकेशेषमें

ସଭାସଦ୍—ସ ବି.—(ସଭା+ସଦ୍ ଧାତୁ=ଯିବା;ବସିବା+କର୍ତ୍ତୃ କ୍ୱିପ୍)
Sabhasad ୧ । ସଭାର କର୍ମରେ ଯେ ଯୋଗଦେବା ନିମନ୍ତେ
(ସଭାସଦ—ଦେ. ରୂପ) ଯାଆନ୍ତି; ସଭ୍ୟ—1. Member of an
assembly or society, ୨ । ସଭାଜନ; ସଭା ଅଦ
ଦେଖିବା ପାଇଁ ଆସିଥିବା ଲୋକମାନେ—2. The
audience or spectators of a gathering.
୩ । ବିଚାରସଭାରେ ବିଚାର କାର୍ଯ୍ୟରେ ରାଜାଙ୍କୁ ସାହାଯ୍ୟ
କରିବା ପାଇଁ ରାଜାଙ୍କ ମନୋନୀତ ଧର୍ମପରାୟଣ, ବେଦଜ୍ଞ
କୁଳୀନ, ସତ୍ୟବାଦୀ, ଶତ୍ରୁମିତ୍ରଙ୍କ ପ୍ରତି ସମଜ୍ଞାନବିଶିଷ୍ଟ,
ବଣିକ୍ ବ୍ୟକ୍ତିଗଣ—3. A body of persons
selected by a king to help him in his
judicial acts. (ଦ୍ର—ଏମାନଙ୍କ ସଂଖ୍ୟା ୩, ୫ ବା ୭
ହେବ—ବୀରମିତ୍ରୋଦୟଧୃତ — ଯାଜ୍ଞବଲ୍କ୍ୟ, ମିତାକ୍ଷରା,
ବୃହସ୍ପତି ।) ବିଣ—୧ । ସଭାକୁ ଯାଉଥିବା (ବ୍ୟକ୍ତି)—
Going to join a meeting. ୨ । ବିଜ୍ଞ-
2. Wise.

ସଭାସଦ—ଦେ. ବି.—(ସ. ସଭାସଦ୍)—ସଭାସଦ୍ (ଦେଖ)
Sabhāsada Sabhāsad (see)

ସଭା ସମିତି—ସଂ ବି.—(ଏକାର୍ଥକ ସହଚର; ଅଧୁନିକ ପ୍ରୟୋଗ)—
Sabhā samiti ୧ । ସଭା ଆଦି—1 Meetings. ୨ । ଛୋଟ
ଓ ବଡ଼ ସଭାମାନ—2 Big and small meetings;
assemblies and committees.

ସଭା ସାନ—ଦେ·ବିଣ—ସମସ୍ତଙ୍କଠାରୁ ଆକାରରେ,ବୟସରେ ବା ପଦବୀ
Sabhā sāna ଆଦିରେ ଛୋଟ—Youngest; smallest;
সবার ছোট lesser (in point of shape, age, posi-
सबसे छोटा tion etc).

ସଭାସୀନ—ସ. ବିଣ. ପୁ—(ସଭା+ଆସୀନ; ୭ମୀ ତତ୍)—ସଭା
Sabhāsīna ସ୍ଥଳରେ ଉପବିଷ୍ଟ—Present at a meet-
(ସଭାସୀନା—ସ୍ତ୍ରୀ) ing; attending a meeting; seated
at a meeting,

ସଭାସ୍ତାର—ସ. ବି. ପୁଂ—(ସଭା+ସ୍ତୃ ଧାତୁ=ଆଚ୍ଛାଦନ କରିବା+
Sabhā stāra କର୍ତ୍ତୃ ଅ)—ସଭ୍ୟ; ସଭାସଦ୍—A member
of an assembly.

ସଭା ସ୍ଥଳ (ସ୍ଥାନ) ସ·ବି—(୬ଷ୍ଠୀ ତତ୍)—ଯେଉଁ ଯାଗାରେ ସଭା ହୁଏ—
Sabhā sthala(sthāna) The place of a meeting;
the venue of a meeting.

ସଭିଏ (ଏଁ, ୟେ, ୟେଁ) ଦେ. ସର୍ବନାମ—(ସ, ସର୍ବ; ବ୍ୟକ୍ତିବାଚକ)
Sabhie(eñ, ye, yeñ) ସମସ୍ତେ—A . [ଦ୍ର—ଯେଉଁ ଦେଶ
সবাই, সব বাই ଯେଉଁ ଚିହ୍ନପୂକ୍ତ ହୁଏ, ସେହି ନାମ ତାକୁ
सबकोई ଦିଅନ୍ତି ସଭିଏଁ—କୃଷ୍ଣସିଂହ ମହାଭାରତ ଅଦି; ନମାର
ପରକୁ ହାଇ ଗୋ ! ନରକାଗ୍ନି ଯେତେ ଅନନ୍ତ ସଂସାରେ,
ସଭିଏ ଭୁଞ୍ଜିଣୀ ଭାଇ ଗୋ—ବାଳକୃଷ୍ଣ ଫୁଲ ବଉଳ-
ବେଣୀ]

ସଭି(ଭୀ)କ—ସଂ. ବି. ପୁ.—(ସଭା+ଇକ)—୧ । ଦ୍ୟୂତ ସଭାଧ୍ୟକ୍ଷ;
Sabhi(bhī)ka ଜୁଆ ଖେଳର ସଭାପତି—1. The presi-
dent of a council of gamblers; the chief
man in a company of gamblers; the
chief of gamesters. ୨ । ଦ୍ୟୂତକ୍ରୀଡ଼ା ଗୃହର
ଅଧ୍ୟକ୍ଷ—The keeper of a gaming house.
[ଦ୍ର—ନାରଦ ଓ ଯାଜ୍ଞବଲ୍କ୍ୟ ସଭିକଙ୍କ କର୍ତ୍ତବ୍ୟ ଓ ତତ୍-
ସମ୍ବନ୍ଧେ ରାଜାଙ୍କ କର୍ତ୍ତବ୍ୟ ନିମ୍ନଲିଖିତରୂପେ ଉଲ୍ଲେଖ କରି
ଅଛନ୍ତି (ଯାଜ୍ଞବଲ୍କ୍ୟ ୧୭।୧୯୯-୨୦୧, ମିତାକ୍ଷରା ୨୩୫-
୨୩୬):—ସଭିକ ଜୁଆଖେଳସଭାରେ ଅଧ୍ୟକ୍ଷତା କରିବେ
ଓ ପଶାକାଠି ଓ ଜୁଆଖେଳର ଅନ୍ୟାନ୍ୟ ଉପକରଣ
ଖେଳାଳିଙ୍କୁ ଯୋଗାଇବେ । ଖେଳର ଆୟ ୧୦୦ ମୁଦ୍ରାରୁ
ଅଧିକ ହେଲେ ସଭିକ ଶତକଡ଼ା ୫, ଓ ୧୦୦ରୁ କମ୍

ହେଲେ ଶତକଡା ୧୦ ପାଇବେ । ରାଜାଙ୍କ ଆଶ୍ରୟରେ ନିରାପଦ ରହିବା ପାଇଁ ସଭିକ ତାଙ୍କ ଅପୃର ନିର୍ଦ୍ଧାରିତ ଅଂଶ ରାଜାଙ୍କୁ ଶୁଳ୍କ ଦେବେ । ରାଜା ଉକ୍ତ ଶୁଳ୍କ ପ୍ରାପ୍ତହେଲେ ହାରିଯାଇ ଥିବା ଖେଳାଳିଙ୍କଠାରୁ ପଣ ରଖା ପାଇଥିବା ଧନ ରାଜ୍ୟକ୍ଷୟ ବିଧାନାନୁସାରେ ଆଦାୟ କରାଇ ଦେବେ । ଶୁଳ୍କ ନ ପାଇଲେ ରାଜା ଏହା କରିବେ ନାହିଁ । ଖେଳର ଦର୍ଶକମାନେ ଜୁଆ ଖେଳ ବାବଦ୍ ଟଙ୍କା ପାଇଁ ଉପସ୍ଥିତ ମକଦ୍ଦମାରେ ସାକ୍ଷୀ ଦେବେ । ଯେଉଁ ଖେଳାଳି ଅବୈଧ ଉପାୟ ଅବଲମ୍ବନ କରେ ତାକୁ ରାଜା ଚଢ଼ୁକାଠିରେ ଚଢ଼ା ଦେବେ ଓ ନିର୍ବାସିତ କରିବେ । ଜୁଆଖେଳ ଅଡ୍ଡାରେ ଅସଦାଚାରୀମାନଙ୍କୁ ଗିରଫ କରିବା ପାଇଁ ରାଜା ଉପଯୁକ୍ତ ରାଜକର୍ମଚାରୀ ନିଯୁକ୍ତ କରିବେ । କିନ୍ତୁ ଜୁଆରୀମାନଙ୍କୁ ରାଜା ଅଦୌ ପ୍ରଶ୍ରୟ ଦେବେ ନାହିଁ ଓ ଗୁରୁତର ଦଣ୍ଡ ଦେବେ ବୋଲି ମନୁ କହିଅଛନ୍ତି (୯ । ୨୨୧—୨୨୯) । ସମାଲୋଚ୍ୟ ତଳେ ଟୀକା ଦେଖ)]

ସଭିଙ୍କ—ଦେ. ସର୍ବ (୬ଷ୍ଠୀ ବିଭକ୍ତି)—ସମସ୍ତଙ୍କର—
Sabhiṅka Of all.
(ସଭିଙ୍କର—ଅନ୍ୟରୂପ) সকলের सबका

ସଭିଙ୍କି(ଙ୍କୁ)—ଦେ. ସର୍ବ (୨ୟା ବିଭକ୍ତି)—୧ । ସମସ୍ତଙ୍କୁ—To all.
Sabhiṅki(ṅku) ୨ । ସମସ୍ତଙ୍କ ଅପେକ୍ଷା—2. Of all; than
সকলকে all others. [ଉ—ଅଧିକ ସେ ସଭିଙ୍କି ବଳ
सबको ପ୍ରାକର୍ମରେ । କୃଷ୍ଣସିଂହ ମହାଭାରତ ଅଦ ।]

ସଭିୟେ—ଦେ. ସର୍ବ (ସଂ. ସର୍ବେ)—ସମସ୍ତେ—
Sabhiye All.
সকলে [ଉ—ଅମୃତ ବୃଷ୍ଟି ହେଲା ପ୍ରାୟେ, ମଣିଲେ ସୁହୃଦ
सबकोई ସଭିୟେ । ପ୍ରାଚୀ, ପୂର୍ଣ୍ଣିତମ ଚନ୍ଦ୍ରୋଦୟ ।]

ସଭୀକ—ସ. ବି. ପୁଂ (ସଭା+ଈ; କ)—ସଭିକ (ଦେଖ)
Sabhīka Sabhika (See)

ସଭୁରି—ଦେ. ସର୍ବନାମ (ସ, ସର୍ବସ୍ୟ; ୬ଷ୍ଠୀ ତତ୍)—
Sabhuri ସବୁର; ସମସ୍ତଙ୍କର—Of all.
সবার सबका

ସଭେ—ପ୍ରାଦେ. (ସମ୍ବଲପୁର) ସର୍ବନାମ (ସ, ସର୍ବେ)—ସମସ୍ତେ; ସଭିଏ-
Sabhe All.

ସଭୋଚିତ—ସ. ବିଣ (୭ମୀ ତତ୍)—ସଭାର ଉପଯୁକ୍ତ—
Sabhochita Fit for an assembly.
ସ, ବି. ପୁଂ—ପଣ୍ଡିତ (ଶବ୍ଦକୋଷ)—A learned person.

ସଭ୍ୟ—ସଂ. ବିଣ. ପୁଂ (ସଭା+ସାଧୁ ଅର୍ଥରେ. ଯ)—୧ । ସାମାଜିକ—
Sabhya 1, Sociable; social. ୨ । ସଭାରେ ଯୋଗ
(ସଭ୍ୟା—ସ୍ତ୍ରୀ) ଦେବା (ବ୍ୟକ୍ତି)—2. Attending a meeting. ୩ । ସାଧୁଶୀଳ—3. Of good or honest nature. ୪ । ଭବ୍ୟ; ଶିଷ୍ଟ; ଭଦ୍ର; ସୁଜନ—4. Gentle; polite; courteous. ୫ । ଅଧୁନିକ ମାର୍ଜିତ ରୁଚିରେ ଶିକ୍ଷିତ—5. Civilised; polished. ୬ । ବିଶ୍ୱସ୍ତ—6. Trustworthy; reliable. ୭ । ସଦ୍‌ବଂଶୀୟ—7. Of noble birth. ୮ । ସଭାର ବା ସମାଜର ହିତକର—8. Good for society or assembly. ୯ । ସଭା ସଂକ୍ରାନ୍ତ; ସଭା ସମ୍ବନ୍ଧୀୟ—9. Relating to an assembly or society. ୧୦ । ଦ୍ୟୂତକର—10. Gambling. ୧୧ । ପ୍ରତାରିତ (ଜଠାଧିର)—11. Cheated. ବି—୧ । ଦ୍ୟୂତକର; ଜୁଆରି—1. Gamester. ୨ । ସଭାର ମେମ୍ବର; କୌଣସି ସଭାରେ ସମ୍ପୃକ୍ତ ବ୍ୟକ୍ତି—2. A member of a society. ୩ । ସଭାଜନ; ସଭାସଦ୍—3. A person attending or taking part in a meeting. [ଉ—ସଭ୍ୟମାନେ ତାଙ୍କ ପାଖେ ତ ବସିଥିଲେ, ଏ ମହାଭାରତ ଯେ ନୃପଙ୍କୁ ଶୁଣାଇଲେ । କୃଷ୍ଣସିଂହ. ମହାଭାରତ ।] ୪ । ସଜ୍ଜନ—4. A good man. ୫ । ଭଦ୍ରଲୋକ—5. A gentleman. ୬ । କୁଳୀନ ବ୍ୟକ୍ତି—6. A person of honourable parentage (Apte). ୭ । ଦ୍ୟୂତ ଗୃହାଧ୍ୟକ୍ଷ—7. The keeper of gaming house (Apte). ୮ । ରାଜାଙ୍କୁ ବିଚାର କର୍ମରେ ସାହାଯ୍ୟ କରିବା ପାଇଁ ନିଯୁକ୍ତ ବ୍ୟକ୍ତି—8. An assessor (Apte). ୯ । ସଭାର ସହକାରୀ ବ୍ୟକ୍ତି—9. An assistant at an assembly (Apte). ୧୦ । ଦ୍ୟୂତ ଗୃହାଧ୍ୟକ୍ଷଙ୍କ ଭୃତ୍ୟ—10. The servant of the keeper of a gaming house (Apte). ୧୧ । ପଞ୍ଚାଗ୍ନି ମଧ୍ୟରୁ ଏକତମ—11. Name of one of the five sacred fires (Apte).

ସଭ୍ୟ ଜଗତ୍—ସଂ. ବି (କର୍ମଧା)—୧ । ସଭ୍ୟ ସମାଜ—1. Polish-
Sabhya jagat ed society; the civilised world.
୨ । ଭଦ୍ର ବ୍ୟକ୍ତିଗଣ—2. All civilised persons.

ସଭ୍ୟ ଜନ—ସଂ. ବି—ଭଦ୍ର ବ୍ୟକ୍ତି—
Sabhya jana Gentleman.

ସଭ୍ୟତା(ତ୍ୱ)—ସଂ. ବି (ସଭ୍ୟ+ଭାବ. ତା, ତ୍ୱ)—୧ । ସାମାଜିକତା—
Sabhyatā(twa) 1. Sociableness. ୨ । ଭଦ୍ରତା—2. Polished manners. ୩ । ଶିଷ୍ଟାଚାର; ସୌଜନ୍ୟ—3. Politeness; good manners. ୪ । ସାମାଜିକ ଉତ୍କର୍ଷ—4. Social excellence. ୫ । ମାର୍ଜିତ ରୁଚି ଓ ବ୍ୟବହାର—5. Polished manners; good taste. ୬ । ସାହିତ୍ୟ, ବିଜ୍ଞାନ, ଦର୍ଶନ, ସୁକୁଶିଳ୍ପ, ଶ୍ରମଶିଳ୍ପ, ଧର୍ମଶାସ୍ତ୍ର, ସାମାଜିକ ବିଜ୍ଞାନ ଆଦିର ଅନୁଶୀଳନ ଓ ପାଳନ ହେତୁ ମନୁଷ୍ୟ ହୃଦୟର ବ୍ୟକ୍ତିଗତ ଓ ବ୍ୟବହାରଗତ ଉତ୍କର୍ଷ—6. Excellence of mind and conduct due to one's following the various

arts and sciences. ୭ । ସାହିତ୍ୟ ବିଜ୍ଞାନାଦି ଚର୍ଚ୍ଚା, ଅନୁଶୀଳନ ଓ ଶାଳନ ପୂର୍ବକ ଲୋକ ଯାତ୍ରା—7. Civilisation. ୮ । ଲୋକ ସମାଜରେ ମିଳିମିଶି ଚଳିବା ଭାବ—8. Fellowship.

ସଭ୍ୟତାନୁମତ—ସଂ. ବି. (୬ଷ୍ଠୀ ତତ୍)—୧ । ଶିଷ୍ଟାଚାର ସଙ୍ଗତ—Sabhyatānumata 1. Conformable to the usages of the civilised or polished society. (ସଭ୍ୟତାନୁମୋଦିତ, ସଭ୍ୟତା ସମ୍ମତ, ସଭ୍ୟତାସଙ୍ଗତ—ଅନ୍ୟରୂପ) ୨ । ସଭ୍ୟ ସମାଜର ବ୍ୟବହାର ଅନୁସାରେ—[ସଭ୍ୟତା ଵିରୁଦ୍ଧ—ବିପରୀତ] 2. Approved by the civilised world; according to the etiquettes of polished society.

ସଭ୍ୟତାପ୍ରାପ୍ତ—ସଂ. ବିଣ. ପୁଂ (୨ୟା ତତ୍)—ସଭ୍ୟ; ଯେ ସଭ୍ୟ ହୋଇଅଛି—Civilised. Sabhyatāprāpta (ସଭ୍ୟତାପ୍ରାପ୍ତା—ସ୍ତ୍ରୀ)

ସଭ୍ୟତା ବହିର୍ଭୂତ—ସଂ. ବିଣ (୫ମୀ ତତ୍)—ସଭ୍ୟ ସମାଜର ବ୍ୟବହାରର ବିପରୀତ—Opposed to the usages of civilised society. Sabhyatā bahirbhūta (ସଭ୍ୟତା ବିଗର୍ହିତ, ସଭ୍ୟତା ବିରୁଦ୍ଧ—ଅନ୍ୟରୂପ)

ସଭ୍ୟ ନିର୍ବାଚନ—ସଂ. ବି. (୬ଷ୍ଠୀ ତତ୍)—କୌଣସି ସଭା ପାଇଁ ସଭ୍ୟ ବା ମେମ୍ବର ବଛା—Selection or election of a member for a society or assembly. Sabhya nirbāchana সভ্যনির্বাচন सभ्यचुनाव

ସଭ୍ୟ ଭବ୍ୟ—ଦେ. ବିଣ. (ଏକାର୍ଥକ ସମାହାର)—୧ । ଭଦ୍ର—1. Gentle; polite. ୨ । ଶିଷ୍ଟ ଓ ଶାନ୍ତ—2. Polite and gentle. Sabhya bhabya সভ্যভব্য सभ्यभव्य

ସଭ୍ୟତାଲୋକ—ସଂ. ବି. (ରୂପକ; ସଭ୍ୟତା+ଆଲୋକ)—ସଭ୍ୟତା ରୂପ ଆଲୋକ; ଆଲୋକ ସଙ୍ଗେ ତୁଳନା କରାଯିବା ସଭ୍ୟତା—Civilisation compared to light; the light of civilisation. Sabhyatāloka

ସଭ୍ୟ ସମାଜ—ସଂ. ବି. (୬ଷ୍ଠୀ ତତ୍)—୧ । ସଭ୍ୟ ବ୍ୟକ୍ତିମାନଙ୍କର ସମାଜ—1. Civilised society. ୨ । ସଭ୍ୟବ୍ୟକ୍ତି ସମୂହ—2. The civilised persons. ୩ । ଜଗତର ଅଧିବାସୀମାନଙ୍କ ମଧ୍ୟରୁ ଯେଉଁମାନେ ସଭ୍ୟତାଲୋକ ପ୍ରାପ୍ତ ହୋଇଅଛନ୍ତି—3 The civilised world; that part of the world's population which is civilised. Sabhya samāja সভ্যসমাজ सभ्यसमाज

ସଭ୍ୟ ହେବା—ଦେ. କ୍ରି—୧ । ସଭ୍ୟ ସମାଜର ଅନୁରୂପ ବ୍ୟବହାରରେ ଶିକ୍ଷିତ ହେବା—1. To be civilised. ୨ । ଭଦ୍ରତା ଶିକ୍ଷା କରିବା—2. To learn manners. ୩ । ସଭ୍ୟତାନୁମତ ବ୍ୟବହାର କରିବା—3. To act politely. ୪ । କ୍ଷୌର ହେବା—4. To be shaven. [ଦ୍ର—ଅସଭ୍ୟ ଓ ଜଙ୍ଗଲି ଲୋକମାନେ କ୍ଷୌର ନ ହୋଇ ମୁଣ୍ଡରେ ଚୁଟି ଓ ନଖ ଅତି ବଢାନ୍ତି । ଏଥି ଯୋଗୁ କ୍ଷୌର ହେବା ଅର୍ଥରେ 'ଭଦ୍ର ହେବା' ବା ସଭ୍ୟ ହେବା ବ୍ୟବହୃତ ହୁଏ ।] Sabhya hebā সভ্যহওয়া सभ्यहोना

ସଭ୍ରମ—ସଂ. ବିଣ (ସହାର୍ଥ ବହୁବ୍ରୀହି, ସ+ଭ୍ରମ)—ଭ୍ରମଯୁକ୍ତ—Having mistakes; erroneous. Sabhrama

ସଭ୍ରମେ—ଦେ. କ୍ରି ବିଣ. (ସଂ. ସସମ୍ଭ୍ରମ)—୧ । ଅତ୍ୟନ୍ତ ଆଦରରେ—1. Very fondly [ଦ୍ର—ମାତା ସ୍ନେହ ମୁଖ ଚୁମ୍ବି, ସଭ୍ରମେ କୋଳରେ ବସାଇ—ଜଗନ୍ନାଥ: ଭାଗବତ] ୨ । (ସଂ. ଭ୍ରମ) ଭାକଲ ହୋଇ; ବ୍ୟତିବ୍ୟସ୍ତ ହୋଇ—2. With much agitation; much agitated or confused. [ଦ୍ର—ଲବଟେ ଥିଲେ ଯେ କାମିନୀ ସଭ୍ରମେ ଚଳେ ଖୋଲ ଧନ —ଜଗନ୍ନାଥ. ଭାଗବତ] Sabhrame সংভ্রমে सम्भ्रममें ससंभ्रममें

ସମ (ଧାତୁ)—ସଂ.—୧ । ତୁଲ୍ୟ ହେବା 1. To be equal. ୨ । ବିହ୍ୱଳ ହେବା—2. To be confused or agitated (Apte) ୩ । ବିହ୍ୱଳ ନ ହେବା—3. Not to be confused or agitated (Apte) Sam(root)

ସମ୍—ସଂ. ଉପସର୍ଗ (ସମ ଧାତୁ+କ୍ୱିପ୍ ଅମ୍)—ଗୋଟିଏ ଉପସର୍ଗ—A prefix to verbs and verbal derivatives. [ଦ୍ର । ଏହା ଅନ୍ୟ ଧାତୁ ବା ଶବ୍ଦ ପୂର୍ବେ ଯୁକ୍ତ ହୋଇ ପଦ ନିଷ୍ପନ୍ନ ହୁଏ ଓ ଏହି ଉପସର୍ଗ ଦ୍ୱାରା ନିମ୍ନଲିଖିତ ଅର୍ଥମାନ ପ୍ରତିପାଦିତ ହୁଏ । ଧାତୁ ପୂର୍ବେ 'ସମ୍' ଯୋଗ ହେଲେ 'ମ୍' ସ୍ଥାନରେ କେତେକ ସ୍ଥଳରେ ଂ ଅନୁସ୍ୱାର ହୁଏ ଓ କେତେକ ସ୍ଥଳରେ ମ ପରବର୍ତ୍ତୀ ବର୍ଣ୍ଣର ବର୍ଗୀୟ ଅନୁନାସିକ ବର୍ଣ୍ଣ ରୂପ ଧାରଣ କରି ଉକ୍ତ ଅକ୍ଷର ସଙ୍ଗେ ସନ୍ଧିଦ୍ୱାରା ମିଶିଯାଏ । ଯଥା—ସମ୍+ଜ୍ଞା=ସଂଜ୍ଞା ବା ସଞ୍ଜ୍ଞା; ସମ୍+ଯୁକ୍ତ=ସଂଯୁକ୍ତ, ସମ୍+ବାଦ=ସମ୍ବାଦବା ସଂବାଦ; ସମ୍+ଦର୍ଶନ=ସନ୍ଦର୍ଶନ ବା ସଂଦର୍ଶନ, ସମ୍+ସ୍ଥାନ=ସଂସ୍ଥାନ ଇତ୍ୟାଦି; ଏହି ଉପସର୍ଗ ନିମ୍ନ କେତେକ ଅର୍ଥରେ ବ୍ୟବହୃତ ହୁଏ] ୧ । ସମ୍ୟକ୍; ବିଶେଷ—1. Especially; much. ୨ । ସମ୍ପୂର୍ଣ୍ଣ ରୂପେ—2. Fully; perfectly. (ଯଥା—ସମ୍ପାଦନ, ସମ୍ପ୍ରସାରଣ; ସମ୍ପୂର୍ଣ୍ଣ) ୩ । ଏକତ୍ର; ଏକ ସଙ୍ଗେ—3. Together with; simultaneously. (ଯଥା—ସମ୍ମିଳନ, ସମବ୍ୟବହାର, ସମନ୍ୱୟ) ୪ । ସମୀପରେ—4. Near. (ଯଥା—ସମୁପସ୍ଥିତ) ୫ । ଅଗ୍ରଭାଗରେ; ସମ୍ମୁଖରେ; ଆଗରେ—5. In front of; before. (ଯଥା—ସମ୍ମୁଖ; ସମକ୍ଷ)—୬ । Sam

ସଂଯୋଗ; ସଂଗତ—6. Connection. ୭। ମିଳନ—7. Union. (ଯଥା—ସମୀପ; ସମ୍ମିଳନ) ୮। ପ୍ରକୃଷ୍ଟ—8. Excellent. (ଯଥା—ସଂରକ୍ଷଣ) ୯। ଅତ୍ୟନ୍ତ—9. Very; much; excessively. (ଯଥା—ସନ୍ତୋଷ, ସନ୍ତାପ) ୧୦। ଉତ୍ତମରୂପେ—10. Very well. ୧୧। ସମାନ; ତୁଲ୍ୟ—11. Equal; similar. (ଯଥା—ସମାନ, ସମଧୁ) ୧୨। ଶୋଭନ; ସୁନ୍ଦର—12. Beautiful, (ଯଥା—ସମ୍ଭୋଗ; ସଙ୍ଗମ; ସମ୍ମାନ ସମ୍ମାର୍ଜନ, ସମ୍ରାଟ୍) ୧୩। ସମୂହ—13. Multitude (ଯଥା—ସମାଜ) ୧୪। ଅଶ୍ଲେଷ—14. Embrace. (ଯଥା—ସମ୍ଭୋଗ)।

ସମ୍ଜା—ଦେ. ବିଶ—ସମଜା (ଦେଖ)
Sam-jā Samajā (See)

ସମଜାଇବା, ସମ୍ଜାଣ
ସମ୍ଜାସମ୍ଜ—ବି
ସମ୍ଝିବା, ସମଜେଇବା—କ୍ରି } ଅନ୍ୟରୂପ

ସମ୍ଦି(ଧି)—ପ୍ରାଦେ· (ସମ୍ବଲପୁର) ବି· ପୁଂ—ସମୁଦ୍ଧ—One's
Sam-di(dhi) son's or daughter's father-in-law. [ସମ୍ଦେ(ଧେ)ନ—ସ୍ତ୍ରୀ]

ସମ୍ଧୀନ୍—ପ୍ରାଦେ. (ଲରିଆ) ବି. ସ୍ତ୍ରୀ—ସମଦ୍ଧୁଣୀ—One's son's
Sam-dhin or daughter's mother-in-law.

ସମ୍ନା—ପ୍ରାଦେ. (ସମ୍ବଲପୁର) ବି—ଏକ ପ୍ରକାର ଦୁବ୍ବା ବା ଘାସ—
Sam-nā A species of grass.

ସମ୍ସ(ସେ)ର୍ଜଙ୍ଗ୍—ଦେ, ବି—ନେପାଳର ପ୍ରଧାନ ମନ୍ତ୍ରୀଙ୍କ ଉପାଧି—
Sam-sa(se)r-jang The title of the prime-minister of Nepal.

ସମ—ସ. ବିଣ—(ସମ୍ ଧାତୁ=ତୁଲ୍ୟ ହେବା+କର୍ତ୍ତ୍ରି ଅ) (ତୁଳନା
sama କର—ଗ୍ରୀକ୍ ଉପସର୍ଗ ହୋମୋ, ହୋମିଓ)—୧। ତୁଲ୍ୟ; ସଦୃଶ—1. Similar; like. [ଉ—ନନ୍ଦନେ ଭବ ମୋଦଦାନ୍ତ ସବ ବାଂଛାୟ ସମେ—ଉଜ୍ଜ୍ୱ· କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ] ୨। ସମାନ—2 Equal. ୩। (ସମା ସ୍ତ୍ରୀ) ସେହି; ତଦ୍ରୂପ—3- Same; identical. ୪। (ଅସମ, ବିଷମ—ବିପରୀତ] (ଗଣିତ) ଯୁଗ୍ମ; ଯୋଡ଼ (ସଂଖ୍ୟା)—4. Even (number). [ଦ୍ର—ଯେଉଁ ସଂଖ୍ୟା ୨ ସଂଖ୍ୟାର ଗୁଣିତକ ଅଟେ, ଅର୍ଥାତ୍ ଯାହା ଦୁଇରେ ହରଲେ ଛିଣ୍ଡି ଯାଏ ତାକୁ ସମ ସଂଖ୍ୟା କୋହାଯାଏ।] ୫। ସକଳ; ସମସ୍ତ; ସମଗ୍ର—5. Complete; whole; all; entire (Apte). ୬। ଅବନ୍ଧୁର—6. Even; plane (Apte). ୭। ସମ୍ପୂର୍ଣ୍ଣ—7. Completed; full. ୮। ସମାନସ୍ଥ; ସମାଜରେ ବା ସଂସାରରେ ସମାନ ଅସ୍ଥର ଅଧିକାରୀ (ବ୍ୟକ୍ତି)—8. (a person) Equal in status or social position. ୯। ସମତଳ—9. Level (Apte). ୧୦। ସରଳ; ଋଜୁ—10. Straight (Apte). ୧୧। ନ୍ୟାୟପର-12. Just; upright (Apte). ୧୩। ଅପକ୍ଷପାତୀ 13. Impartial (Apte). ୧୪। ପ୍ରତ୍ୟେକ—14. Every; each (Apte). ୧୫। ସମଭାବସ୍ଥ—15. Indifferent; unmoved (Apte). ୧୬। ଯଥାଯୋଗ୍ୟ—16. Suitable (Apte). ୧୭। ସୁବିଧାଜନକ—17. Convenient (Apte). ସଂ. ବି (ସଂ· ସମତା, ସମତ୍ୱ) ୧। (ଗଣିତ) ବର୍ଗମୂଳ ଅନୁସନ୍ଧାନାର୍ଥ ଅଙ୍କ ଉପରେ ଯେଉଁ ଋଜୁ ରେଖା ଦିଆଯାଏ—1. (Mathematics) A line drawn over a number for extracting the square root thereof. ୨। କ୍ଷେତ୍ରର ବର୍ଗଫଳ—2. Calculated area of a geometrical figure or field. ୩। ଭାବ୍ୟାଲଙ୍କାର ବିଶେଷ; ଅର୍ଥାଲଙ୍କାର ବିଶେଷ; ଯୋଗ୍ୟ କର୍ମଦ୍ୱାରା ଅନୁରୂପ ବସ୍ତୁଦ୍ୱୟର ଶ୍ଳାଘ୍ୟଯୁ ମିଳନ—3. A rhetorical figure in which two different objects are identified by indication of a suitable action. [ଉଦାହରଣ—

ଜୟ ଅଚ୍ୟୁତ ଶ୍ରୀ ପୁରୁଷୋତ୍ତମ,
ବନ୍ଦେ ତୁମ୍ଭେ ବିଶ୍ୱରଣ ଦୃତକ୍ଷମ,
ଲଭଇ ଦେଖାଇ ଜଗତେ ଯୋଗ୍ୟତା
ସତ୍ କିମ୍ବା ରୂପେ ଏ ରୂପ କଳ୍ପଲତା
ସୁନ୍ଦର ମଧୁର ଦେହଙ୍କ ମିଳନ
ଶୌର୍ଯ୍ୟ ସଙ୍ଗେ ଅହା! ସୌନ୍ଦର୍ଯ୍ୟ ଯେସନ
ଚନ୍ଦ୍ରା ସଙ୍ଗେ ଏବେ ମିଳିଲେ ଚନ୍ଦ୍ରମା
ଶ୍ରୀପତି ସଙ୍ଗତେ ଲୋକମାତା ରମା

—ରାଧାନାଥ. ଚନ୍ଦ୍ରଭାଗା]

୪। (ସଙ୍ଗୀତ) ତାଳ ଉପରେ ଦିଆଯିବା ବେଶୀ ଜୋର୍—4. (music) Beat of the maximum stress. ୫। (ସଙ୍ଗୀତ) ତାଳର ପ୍ରଥମ ଉତ୍ପତ୍ତି ସ୍ଥାନ; ଲୟ—5. (music) The origin of a cadence. ୬। (ଜ୍ୟୋତିଷ) ବୃଷ, କର୍କଟ, କନ୍ୟା, ବୃଶ୍ଚିକ. ମକର ଓ ମୀନ ରାଶିଙ୍କର ସାଧାରଣ ନାମ—6. Name of the even numbered zodiacal signs (Apte). ୭। ସମତଳ ପ୍ରଦେଶ; ଅବନ୍ଧୁର ସ୍ଥାନ—7. A level plain; a flat country (Apte). ସ. କ୍ରି. ବିଣ—୧। ସମଭିବ୍ୟାହାରରେ; ସଙ୍ଗେ—1. Accompanied by; in company with; together with (Apte). ୨। ସମାନ ଭାବରେ—2. Equally (Apte). ୩। ସଦୃ; ସେହି ପ୍ରକାରେ—3. Like; similarly; in the same manner (Apte). ୪। ସମ୍ପୂର୍ଣ୍ଣରୂପେ—4. Entirely; completely (Apte). ୫। ଏକ ସମୟରେ—5. Simultaneously; all at once (Apte). ଦେ. ବି—

ଉପମା—Simile. [ଉ—ତାହାକୁ ଦେବା ସମ ସଦୃଶେ ନରୂପମ କମଳନୟନ ଗହଣ—ଗଜକୃଷ୍ଣ ରସକଲ୍ଲୋଳ ।]

ସମ ଉଦିତ—ଗ୍ରା. ବଣ (ସଂ. ସମୁଦିତ)—ସମୁଦିତ; ପ୍ରକାଶିତ—
Sama udita Appearing. [ଉ—ଗୋ ସଖୀ ! ସମ ଉଦିତ
सम्रुदित समुदित ଅଟେ ମଦନ—ପ୍ରାଚୀ. ରସକଲ୍ପଦ୍ରୁମ ।]

ସମକକ୍ଷ—ସଂ. ବଣ. ପୁଂ (ସମ=ସମାନ+କକ୍ଷ=ଭାଗ ବା କକ୍ଷା=
Samakaksha ପ୍ରତିଯୋଗିତା ଯାହାର, ବହୁବ୍ରୀହି; କମ୍ବା ସମ =ସମାନ କକ୍ଷ=ପ୍ରତିଯୋଗୀ; କର୍ମଧା)—୧ । ତୁଲ୍ୟ— 1. Similar. ୨ । ପ୍ରତିଯୋଗୀ—2. Rival. ୩ । ତୁଲ୍ୟ ବଳବିଶିଷ୍ଟ—3. Of equal strength. ୪ । ସମାନ ଗୌରବ ବା ଅବସ୍ଥାବିଶିଷ୍ଟ—4. Of equal position or status. ୫ । ସମବଳ ପ୍ରତିଦ୍ୱନ୍ଦ୍ୱୀ— 5. An equally strong rival; a match.

ସମକଚ୍ଛ(ଚ୍ଛ)—ଦେ. ବଣ (ସଂ. ସମକକ୍ଷ)—ସମକକ୍ଷ (ଦେଖ)
Samakachha(chchha) Samakaksha (See)

ସମ କଟିବନ୍ଧ—ଦେ. ବ (ଭୂଗୋଳ)—ସମ ମଣ୍ଡଳ (ଦେଖ)
Sama katibandha Sama mandala (See)

ସମ କନ୍ୟା—ସଂ.ବ.ସ୍ତ୍ରୀ (ସମା=ବିବାହ ପାଇଁ ଉପଯୁକ୍ତା ବା ଯୋଗ୍ୟା+
Sama kanyā କନ୍ୟା) –ବିବାହପାଇଁ ସମ୍ପୂର୍ଣ୍ଣ ଯୋଗ୍ୟା କୁମାରୀ; ବିବାହୋପଯୁକ୍ତା ବାଳିକା—A maid who has arrived at the full age for marriage; [ସମକନ୍ୟକା—ଅନ୍ୟରୂପ] a girl of marriageable age.

ସମକର୍ମା—ସଂ. ବଣ (ବହୁବ୍ରୀହି, ସମ+କର୍ମନ୍; ୧ମା. ୧ବ)—
Samakarmā ତୁଲ୍ୟ କର୍ମଯୁକ୍ତ—Acting similarly.

ସମ କାଳ—ସଂ. ବ (କର୍ମଧା)—ଏକସମୟ; ସେହିକ୍ଷଣ—
Sama kāla One time; the same time or moment.

ସମ କାଳବର୍ତ୍ତୀ—ସଂ. ବଣ; ପୁଂ (ସମକାଳ+ବୃତ୍ ଧାତୁ+କର୍ତ୍ତୃ.
Sama kālabartti ଇନ୍; ୧ମା. ୧ବ)—ସମକାଳିକ (ଦେଖ)
(ସମ କାଳବର୍ତ୍ତିନୀ—ସ୍ତ୍ରୀ) Samakālika (See)

ସମ କାଳିକ—ସଂ. ବଣ (ସମକାଳ+ଇକ)—ସମସାମୟିକ; ଏକ
Samakālika ସମୟରେ ବିଦ୍ୟମାନ; ଯାହା ଏକସମୟରେ
(ସମକାଳୀନ—ଅନ୍ୟରୂପ) ଘଟେ—Contemporary,
ସମକାଳିକା } ସ୍ତ୍ରୀ
ସମକାଳୀନା }
happening or existing at the same time; simultaneous; caeval.

ସମ କାଳୋତ୍ପନ୍ନ—ସଂ. ବଣ (୭ମୀ ତତ୍)—ଏକସମୟରେ ଜାତ—
Sama kālotpanna Born at the same time.
(ସମ କାଳୋତ୍ପନ୍ନା—ସ୍ତ୍ରୀ)

ସମ କୃତ୍—ସଂ. ବ—କଫ (ବୈଦ୍ୟକ ନିର୍ଘଣ୍ଟ)—
Sama krut Cold; catarrh.

ସମକେନ୍ଦ୍ରିକ—ସଂ. ବଣ (ସମକେନ୍ଦ୍ର+ଇକ)—ପରସ୍ପରକୁ
Samakendrika ବେଢ଼ିଥିବା ଯେଉଁ ବୃତ୍ତମାନଙ୍କର କେନ୍ଦ୍ର ଗୋଟିଏ—Concentric.

ସମକେନ୍ଦ୍ରିକ ବୃତ୍ତ—ସଂ. ବ (କର୍ମଧା)—ଏକ କେନ୍ଦ୍ରବିଶିଷ୍ଟ ଏକାଧିକ
Samakendrika brutta ବୃତ୍ତ—Concentric circles.

ସମ କୋଣ—ସଂ. ବ (ଜ୍ୟାମିତି)—ସରଳରେଖା ଉପରେ ସିଧା ଲମ୍ବ-
Sama kona ଭାବରେ ଅନ୍ୟ ସରଳରେଖା ଦଣ୍ଡାୟମାନ ହେଲେ ରେଖାର ଦୁଇ ପାର୍ଶ୍ୱରେ ଯେଉଁ ଦୁଇ କୋଣ ଜାତ ହୁଏ— (geometry) Right angle. [ଦ୍ର—ଯଦି ଏକ ସରଳ ରେଖା ଅନ୍ୟ ଏକ ସରଳ ରେଖା ଉପରେ ଲମ୍ବଭାବରେ ଏରୂପେ ଦଣ୍ଡାୟମାନ ହୁଏ ଯେ, ପ୍ରଥମ ରେଖାର ଉଭୟ ପାର୍ଶ୍ୱରେ ଉତ୍ପନ୍ନ କୋଣଦ୍ୱୟ ସମାନ ହୁଏ, ତେବେ ଉକ୍ତ ଦଣ୍ଡାୟମାନ ସରଳ ରେଖାକୁ ଲମ୍ବ ରେଖା ଓ ନିମ୍ନ ରେଖାକୁ ଭୂମି ବା ତଳ ରେଖା ଏବଂ ପ୍ରତ୍ୟେକ ସନ୍ନିହିତ କୋଣକୁ ସମକୋଣ ବୋଲାଯାଏ । ଗୋଟିଏ ବୃତ୍ତର କେନ୍ଦ୍ରକୁ ଭେଦକରି ପରସ୍ପରକୁ ଲମ୍ବଭାବରେ ଛେଦ କରିବା ୨ଟି ରେଖା କଟା ଗଲେ କେନ୍ଦ୍ର ସ୍ଥାନପାଖେ ୪ଟି ସମକୋଣ ହୁଏ । ଆଧୁନିକ ବିଜ୍ଞାନର ଗଣନାର୍ଥ ଗୋଟିଏ ସମକୋଣକୁ ୯୦ ଡିଗ୍ରୀରେ ବିଭକ୍ତ କରାଯାଇଅଛି ଓ ଗୋଟିଏ ଡିଗ୍ରୀକୁ ୬୦ ସେକେଣ୍ଡରେ ବିଭକ୍ତ କରାଯାଇଅଛି । ଯେବେ ଦଣ୍ଡାୟମାନ ରେଖାଟି ସିଧା ନ ହୋଇ ତେରଛା ହୋଇ ତଳ ରେଖା ଉପରେ ପଡ଼େ ତେବେ ଦଣ୍ଡାୟମାନ ରେଖାର ଉଭୟ ପାର୍ଶ୍ୱସ୍ଥ କୋଣ ୨ଟି ସମାନ ନ ହୋଇ ଗୋଟିଏ ବଡ଼ ଓ ଗୋଟିଏ ସାନ ହୁଏ । ସମକୋଣଠାରୁ ବଡ଼ କୋଣକୁ ସ୍ଥୂଳ କୋଣ ଓ ଛୋଟ କୋଣକୁ ସୂକ୍ଷ୍ମ କୋଣ ବୋଲାଯାଏ ।]

ସମକୋଣିକ—ସଂ. ବଣ (ସମକୋଣ+ଇକ)—୧ । (ଜ୍ୟାମିତି)
Samakonika ସମକୋଣ ସମ୍ବନ୍ଧୀୟ—1. (geometry) Relating to right angles; rectangular. ୨ । (ଜ୍ୟାମିତି) ସମକୋଣୀ; ଯେଉଁ କ୍ଷେତ୍ର (ଚତୁର୍ଭୁଜ, ତ୍ରିଭୁଜ)ରେ ସମକୋଣ ଥାଏ—2. (geometry) Having a right angle or angles.

ସମକୋଣୀ—ସଂ. ବଣ (ସମକୋଣ+ଇନ୍, ୧ମା. ୧ବ) (ଜ୍ୟାମିତି)
Samakoni —ଯେଉଁ କ୍ଷେତ୍ର (ଯଥା; ତ୍ରିଭୁଜ, ଚତୁର୍ଭୁଜ)ର ମଧ୍ୟରେ ଏକ ବା ତତୋଽଧିକ ସମକୋଣ ଥାଏ— Right angled; rectangular (figure).

ସମକୋଣୀ ତ୍ରିଭୁଜ—ସଂ. ବ (ଜ୍ୟାମିତି)—ଯେଉଁ ତ୍ରିଭୁଜର ଗୋଟିଏ
Samakoni tribhuja କୋଣ ସମକୋଣ ଅଟେ—Right-
समकोणी त्रिभुज angled triangle. [ଦ୍ର—ଏହି
समकोण त्रिभुज ତ୍ରିଭୁଜର ଅନ୍ୟ ୨ଟି କୋଣ ସୂକ୍ଷ୍ମ କୋଣ ଅଟେ । ତ୍ରିଭୁଜର ଯୋଡ଼ିଏ ବାହୁ ପରସ୍ପର ସହିତ ଲମ୍ବ ଓ ସିଧାଭାବରେ ମିଳିତ ହେଲେ ତାହା ସମକୋଣୀ ତ୍ରିଭୁଜ ହୁଏ । ଯେଉଁ ତ୍ରିଭୁଜରେ ଗୋଟିଏ ସ୍ଥୂଳ କୋଣ ଥାଏ ତାକୁ ସ୍ଥୂଳକୋଣୀ ତ୍ରିଭୁଜ ବୋଲାଯାଏ ଓ ଯେଉଁ ତ୍ରିଭୁଜର ତିନିଗୋଟି ଯାକ କୋଣ ସୂକ୍ଷ୍ମ କୋଣ ତାହାକୁ ସୂକ୍ଷ୍ମକୋଣୀ ତ୍ରିଭୁଜ ବୋଲାଯାଏ ।

ଯେଉଁ ସମକୋଣୀ ତ୍ରିଭୁଜର ୨ଟି ବାହୁ ସମାନ ଥାଏ ତାକୁ ସମକୋଣୀ ସମଦ୍ୱିବାହୁ ଓ ଯାହାର ବାହୁ ଅସମାନ ଥାଏ ତାକୁ ସମକୋଣୀ ବିଷମବାହୁ ତ୍ରିଭୁଜ କୋହାଯାଏ ।]

ସମ କୋଳ—ସଂ. ବି. ପୁଂ (ବହୁବ୍ରୀହି; ସମ=ଅବକ୍ରୁର ଅଟେ କୋଳ
Sama kol̤a =କୋଡ଼ ଯାହାର)—ସର୍ପ; ଭୁଜଙ୍ଗମ; ସାପ—
Snake; serpent.

ସମକୋଷ୍ଠମିତି—ସଂ. ବି—ଭୂମ୍ୟାଦିର ପରିମାଣ ନିର୍ଦ୍ଧାରଣ କ୍ରିୟା-
Samakoshthamiti ବିଶେଷ—A process of extracting the area or superficial contents of a plot. [ବି—ଅଙ୍କ ବୀଜଗଣିତରେ ଭୂମିର ପରିମାଣ (superficial contents) ବାହାର କରିବା ପାଇଁ ସମକୋଷ୍ଠମିତି ନାମକ ଅଙ୍କପଦ୍ଧ ପ୍ରଚଳିତ ହୋଇଅଛି । ଏଥିରେ କୌଣସି ସମପରିମାଣ ବର୍ଗଫଳ ଦ୍ୱାରା ଖଣ୍ଡିତ ବହୁଭୂଜୀମ ଭୂମିର ପରିମାଣ ସହଜେ ଜଣାଯାଇ ପାରେ—ବିଶ୍ୱକୋଷ]

ସମକ୍ନ(କ୍ତ)—ସଂ. ବଣ (ସମ=ତୁଲ୍ୟ ରୂପେ+ଅକନ୍ ଧାତୁ=ଗମନ
Samakna(kta) କରିବା+କର୍ତ୍ତି. ତ)—୧ । ତୁଲ୍ୟ ରୂପେ ଅବସ୍ଥାପିତ—1. Similarly situated. ୨ । ତୁଲ୍ୟ ରୂପେ ଗମନକାରୀ—2. Moving similarly. ୩ । ଏକ ସମୟରେ ଗତିକାରୀ—3. Moving simultaneously. ୪ । ଯୋଡ଼ା; ସଂଲଗ୍ନ—4. Attached to each other; joined together.

ସମ କ୍ୱାଥ—ସଂ. ବଣ (ବୈଦ୍ୟକ)—ଅଷ୍ଟମାଂଶ ଅବଶିଷ୍ଟ କ୍ୱାଥ; ଅଷ୍ଟମାଂଶ
Sama kwātha ଜଳ ଅବଶିଷ୍ଟ ଥାଇ ଥାଇ ଯାହା ଚୁଲିରୁ ଓହ୍ଲାଇବା କ୍ୱାଥ—A decoction which is brought down from the oven when one eighth of the original liquid is remaining.

ସମକ୍ରିୟ—ସଂ. ବଣ (ବହୁବ୍ରୀହି; ସମ+କ୍ରିୟା+ଅ)—ସମାନ ବା ତୁଲ୍ୟ
Samakriya କ୍ରିୟା ବିଶିଷ୍ଟ—Acting similarly.
(ସମକ୍ରିୟା—ସ୍ତ୍ରୀ) (ସମକ୍ରିୟତା—ବି)

ସମକ୍ଷ—ସଂ. ଅ (ସଂ. ସମକ୍ଷଂ; ସମ=ଅଭିମୁଖ; ସାମନା+ଅକ୍ଷି=ଚକ୍ଷୁ,
Samaksha ଚକ୍ଷୁର ଅଭିମୁଖ=ସମକ୍ଷଂ; ଅବ୍ୟୟୀ ଭାବ ସମାସ)
—ସମ୍ମୁଖରେ; ଆଖି ଆଗରେ; ସାମନାରେ; ପ୍ରତ୍ୟକ୍ଷ; ଅଗ୍ରତଃ—Before; in the presence of; before the very eyes of; within the sight of.
ବଣ—ସାମନାରେ ଦେଖାଯିବା; ପ୍ରତ୍ୟକ୍ଷ—
Visible; in sight.

ସମକ୍ଷେ—ଦେ. କ୍ରି. ବିଣ (ସଂ ସମକ୍ଷଂ)—ସାମନାରେ; ଆପଣା ଆଖି
Samakshe ଆଗରେ—In the sight of, before
(ସମକ୍ଷରେ—ଅନ୍ୟରୂପ) the very eyes of; in front of
समक्षे समक्षमें

ସମ ଗନ୍ଧକ—ସଂ. ବି (ସମ=ସମାନ+ଗନ୍ଧ=ଘ୍ରାଣ+କ)—କୃତ୍ରିମ
Sama gandhaka ଧୂପ—A prepared incense; a compounded incense for fumigating.

ସମ ଖାତ—ସଂ. ବି (କର୍ମଧା)—୧ । ଯେଉଁ ଗର୍ତ୍ତର ସବୁ ପଟର
Sama khāta ବାହୁମାନ ସମାନ—1. An excavation or pit with all its sides equal; a pit of equal length, breadth and depth. ୨ । (ବୀଜ ଗଣିତ) ଯେଉଁ ଗର୍ତ୍ତର ପାର୍ଶ୍ୱମାନ ନଳ ପରି ନଳାକାର ସମାନ୍ତରାଳ (ବିଶ୍ୱକୋଷ)—2. (algebra) Cylendrical pit.

ସମ ଗନ୍ଧିକ—ସଂ. ବି (ସମ+ଗନ୍ଧ+ଅର୍ଥ ଅର୍ଥରେ ଇକ)—ଉଶୀର;
Sama gandhika ବେଣା ମୂଳ—The fragrant root of the Andropogen Muricatus grass.
ସଂ. ବଣ—ତୁଲ୍ୟ ଗନ୍ଧ ବିଶିଷ୍ଟ—Having similar smell.

ସମଗରା ଦହ(ପାଟ)—ଦେ. ବି—ପୁରୀ ସହରର ନିକଟବର୍ତ୍ତୀ ପାଟ; ସମଙ୍ଗ
Samagarā daha(pāṭa) ପାଟ;ସରହଦ—Name of a shallow expanse of water near the town of Puri. [ବି—ଏଥିରେ ବର୍ଷାଦିନେ ପାଣି ଭର୍ତ୍ତି ହୋଇଯାଏ ଓ ଖରାଦିନେ ତାହାଅଧିକ ଶୁଏ ସରହଦ ଦେଖ ।] [ଲି—୧ । ଗ୍ରୀଷ୍ମେ ଶୀତ କାଳେ ସମଗରା ଦହ ପ୍ରସ୍ତୁତ ହୋଇ ହୁଅନ୍ତି, ୨ । ସମଗରା ପାଟେ ହଂସ ହଂସୀ ପଦ୍ମ ପତ୍ରର ଶଯ୍ୟାରେ ବୋଳ । ଉଦ୍ଧାନାଥ. ପାନୀକ ।]

ସମଗାର—ଦେ. ବଣ—ସମାନ; ସଦୃଶ—Equal. [ଲି—ତଥାପି
Samagāra ଲାବଣ୍ୟଚୟ ନିଷ୍ପୁରଳତ୍ୱାଦ, ସୁନ୍ଦର ପଣେ ତାହାର
समान समान ନାହିଁ ସମାଗାର କେହି । ଉଜ. ଲାବଣ୍ୟବତୀ ।]

ସମଗୁଣ—ସଂ. ବି (କର୍ମଧା)—ସମାନ ବା ତୁଲ୍ୟଗୁଣ—Similar
Samaguṇa property. ବଣ. (ସମ=ସମାନ ଅଟେ ଗୁଣ
(ସମଗୁଣା—ସ୍ତ୍ରୀ) ଯାହାର; ବହୁବ୍ରୀହି)—ତୁଲ୍ୟଗୁଣ ବିଶିଷ୍ଟ—
Of similar property or atttribute.

ସମଗୁଣ ଶ୍ରେଢ଼ୀ(ଣୀ)—ସଂ. ବି (ଗଣିତ)—ଯେଉଁ ସମସ୍ତ ରାଶିର
Samaguṇa śreḍhi(ṇi) ପ୍ରତ୍ୟେକ ପରବର୍ତ୍ତୀ ରାଶି ସହିତ ସମାନ ଅନୁପାତ ଥାଏ—(Arithmetic) A geometrical progression.

ସମଗ୍ର—ସଂ. ବଣ. (ସମ୍=ସମ୍ପୂର୍ଣ୍ଣ+ଗ୍ରହ୍ ଧାତୁ=ଗ୍ରହଣ କରିବା+
Samagra କର୍ତ୍ତି. ଅ)—୧ । ସମସ୍ତ; ସମୁଦାୟ; ସକଳ—
1. All; entire; whole. ୨ । ସଂପୂର୍ଣ୍ଣ—
2. Complete; full.

ସମଗ୍ର ଯମକ—ସଂ. ବି (ଅଳଙ୍କାର)—ଯମକ ବିଶେଷ—
Samagra jamaka A kind of alliteration.
[ବି—ଯେଉଁ ରଚନାରେ ପଦରେ ବାକ୍ୟାଂଶର ବା ସବୁ ଅଂଶରେ ଯମକ ଥାଏ ତାକୁ ସମଗ୍ର ଯମକ କୋହାଯାଏ । ଉ—ଭୁବନ ମୋହନ ସୁନ୍ଦର ସୁର ବର ଭୁବନ ହର-ପରିସର ଭଙ୍ଗୀର ପରିସର ସଙ୍ଗୀର ଶିଖିବର—
ଯୋଗିଙ୍କ ଧୀବସ୍ତୁର ବୈର—ଅଗ୍ରମନ୍ତ୍ରୀ. ବସ୍ତ୍ରହରଣ ।]

ସମଗ୍ର—ଦେ. ବି—୧ । ସମଗର (ଦେଖ)—1. Samagarā (See)
Samanga ୨ । ଔଷଧ ବିଶେଷ—2. A kind of medicine.

ସମଙ୍ଗା—ସଂ. ବି.—(ସମ୍=ଏକତ୍ର+ଅଙ୍ଗ ଧାତୁ=ଗମନ କରିବା,
Samangā ସୃପ୍ତ ହେବା+କର୍ତ୍ତୃ+ଅ+ଆ)—ମଞ୍ଜିଷ୍ଠା; ଲତା—The Indian madder creeper; Rubia Munjistha; Rubia Cordifolia. ୨ । ଲଜ୍ଜାଳୁଲତା—2. A bushy creeper; Mimosa Pudica. ୩ । ବାଳା; ଏକପ୍ରକାର ସୁଗନ୍ଧ ଘାସ—3. A kind of sweet scented grass; Andropogen Schaenanthes. ୪ । ସୁଗନ୍ଧ ଗୁଳ୍ମବିଶେଷ; କୁରୁବେଲ; ବାଳା—4. A kind of sweet scented bush; Pavonia Odorata.

ସମ ଚତୁରସ୍ର—ସଂ. ବି. (ବହୁବ୍ରୀହି, ସମ=ସମାନ+ଚତୁର=ଚାରି+
Sama chaturasra +ଅସ୍ର ବାହୁ)—(ଜ୍ୟାମିତି) ଯେଉଁ (ବିଷମ ଚତୁରସ୍ର—ବିପରୀତ) କ୍ଷେତ୍ରର ଚାରି ବାହୁ ସମାନ; ବର୍ଗ (ସମଚତୁର—ଅନ୍ୟ ବିଣ. ରୂପ) କ୍ଷେତ୍ର—A square. ବିଣ- ଚାରି ଦିଗରେ ସମାନ—Equal or even on all sides.

ସମ ଚତୁର୍ବାହୁ—ସଂ. ବି.—(ସମ=ସମାନ ଅଟେ ଚତୁର୍ବାହୁ ଯାହାର;
Sama chaturbāhu ବହୁବ୍ରୀହି) (ଜ୍ୟାମିତି) ଯେଉଁ ଚତୁର୍ଭୁଜର ଚାରି ଯାକ ବାହୁ ସମାନ—A square. ବିଣ. ଯାହାର (ସମ ଚତୁର୍ଭୁଜ—ଅନ୍ୟ ରୂପ) ଚାରି ବାହୁ ସମାନ—Square.

ସମ ଚତୁଷ୍କୋଣ—ସଂ. ବି ଓ ବିଣ—(ସମ=ସମାନ ଅଟେ ଚତୁଷ୍କୋଣ
Sama chatushkona ଯାହାର)—(ଜ୍ୟାମିତି) ଯେଉଁ ଚତୁର୍ଭୁଜର ଚାରିଯାକ କୋଣ ସମକୋଣ—A rectangle.

ସମଚିତ୍ତ—ସଂ. ବିଣ. ପୁ. (ବହୁବ୍ରୀହି)-ସବୁ ପଦାର୍ଥରେ ତୁଲ୍ୟ ଦୃଷ୍ଟିବିଶିଷ୍ଟ;
Samachitta ସର୍ବତ୍ର ସମଦର୍ଶୀ—Looking equally (ସମଚିତ୍ତା—ସ୍ତ୍ରୀ) on all things.
[ସମଚିତ୍ତତା (ତ୍ୱ)—ବି] (ସମଚେତାଃ—ଅନ୍ୟ ପୁଂ ଓ ସ୍ତ୍ରୀରୂପ)

ସମ ଚାହାଁ—ଦେ ବିଣ.—ସମଦର୍ଶୀ—Impartial. [ବି—କଥା
Sama chāhān ର ବହୁତ୍ତ୍ୱ, ଜଗତ ମୋହନ୍ତ, ସବୁଠାରେ
ସମଦର୍ଶୀ ସମଦର୍ଶୀ ସମଚାହାଁ—ଯାଜପୁର—ରସକଲ୍ଲୋଳ]

ସମଜ—ସଂ. ବି. (ସମ୍+ଅଜ୍ ଧାତୁ ଗତି କରିବା+କର୍ତ୍ତୃ ଅ) ୧ । ପଶୁର
Samaja ଦଳ; ପଶୁସମୂହ—A herd of beasts. [ଦ୍ର—
ସମଜା ଜଣ କେତେ ଗୋପ ଶିଶୁ ଥିଲେ ଜଡ ସବୁଁ ଅସ୍ପୃଷ୍ଟ ବେଳାର
ସମଜ ସମଜ-ଚଉପୁର୍ଣ୍ଣ କଗୋଷ୍ଠ ଦମ୍ଭ ଜ ଗୀତ] ୨। ମୂର୍ଖଙ୍କ ଦଳ—2. A crowd or number of fools. ୩ । ବନ—3. Forest ଦେ. ବି. (ସଂ. ସମ+ଜ୍ଞା ଧାତୁ ବା ବୁଧ ଧାତୁ) ୧ । ସମୁଜ; ଉତ୍ତମରୂପେ ବୁଝିବା; ସମ୍ୟକ ରୂପେ ବୁଝିବା — Comprehension; thorough understanding; thorough grasp of a matter. ୨ । ବୋଧ—2. Understanding; sense; appreciation; common sense. ୩ । ବିବେଚନା—3. Consideration, ୪। ଅର୍ଥବୋଧ 4. Comprehension of the meaning of any- thing.

ସମ(ମୁ)ଜ କର(ରେ)ଇବା—ଦେ. କ୍ରି. (ଣିଜନ୍ତରୂପ)—ସମଜାଇବା
Sama(mu)j karā(re)ibā (ଦେଖ)—Samajāiba (See)

ସମ(ମୁ)ଜ କରିବା—ଦେ. କ୍ରି.—ସମଜିବା (ଦେଖ)
Sama(mu)ja karibā Samajibā (See)

ସମ(ମୁ)ଜ(ଝ)ଦାର—ଦେ.ବିଣ.ପୁ. ଓ ସ୍ତ୍ରୀ (ଓ.ସମଜ ଓ ଫା.ଦାର)—
Sama(mu)j-(jh)-dār ୧ । ଯେ କୌଣସି ବିଷୟକୁ ଉତ୍ତମରୂପେ [ସମ(ମୁ)ଜଦାରଅ—ଅନ୍ୟରୂପ] ବୁଝେ; ବୋଝ୍ଲା; ଯେ ବୁଝି (ସମ[ମୁ]ଜଦାରଣି—ସ୍ତ୍ରୀ) ପାରେ-1. Aperson who under- [ସମଜଦାରୀ—ବି] stands or dives into every
समझदार matter; sensible; appreciating; having
समझदार strong common sence. ୨ । ବୁଦ୍ଧିମାନ—2. Intelligent; grasping. ୩ । ଜ୍ଞାନୀ—3. Wise. ୪ । ବିବେଚକ—4. Considerate.

ସମ(ମୁ)ଜ ପଡ଼ିବା—ଦେ.କ୍ରି—(କୌଣସି ବିଷୟ) ବୋଧଗମ୍ୟ ହେବା;
Sama(mu)ja pardibā ବୁଝାଯିବା—To be under-
बुझाजाओया समझमें आना stood; to be compre- hended.

ସମ(ମୁ)ଜରେ ଆଣିବା—ଦେ. କ୍ରି—୧ । ବୁଝିବା; ହୃଦୟଙ୍ଗମ
Sama(mu)jare ānibā କରିବା—1. To under-
बुझा, हृदयङ्गम करा stand; to comprehend.
समझमें लाना ୨ । ବୁଝିବାକୁ ଚେଷ୍ଟା କରିବା—2. To try to understand.

ସମ(ମୁ)ଜରେ ଆସିବା—ଦେ. କ୍ରି—ବୁଝାଯିବା; ହୃଦୟଙ୍ଗମ ହେବା—
Sama(mu)jare āsibā To be understood.
बुझाजाओया समझमें आना

ସମ(ମୁ)ଜ(ଝ)ସ—ଦେ. ବି (ସଂ. ସାମଞ୍ଜସ୍ୟ)—୧ । ସମାଧାନ—
Sama(mu)ja(jha)sa 1. Accomplishment. ୨ । ମିଟିମାଟ, सामञ्जस्य ସାମଞ୍ଜସ୍ୟ; ମିଟ୍ମାଟ; ବିବାଦଭଞ୍ଜନ—
समञ्जस 2. Reconciliation; conciliation. ୩ । ସମଝାଇବା; ବୁଝାଇବା—3. Explaining a matter. ବିଣ. (ସଂ. ସମଞ୍ଜସ)—୧ । ଯୁକ୍ତିଯୁକ୍ତ
सुसङ्गत, समञ्जस ସୁସଙ୍ଗତ; ସମୀଚୀନ—1. Reasonable; सुसंगत rational. ୨ । ସମୁଚିତ; ଉଚିତ—2. Proper.

ସମ(ମୁ)ଜସ କରିବା—ଦେ. କ୍ରି—୧ । କୌଣସି ବିବାଦର ସମାଧାନ
Sama(mu)jasa karibā କରିବା—1. To bring about
मिटिमाट करा a reconciliation of any dispute.
समञ्जस करना ୨ । ବୁଝାଇବା; ସମଝାଇବା—2. To
समझाना explain.

ସମ(ମୁ)ଜା—ଦେ·ବ (ସଂ. ସମ୍=ସମ୍ୟକ୍ ଓ ଜ୍ଞା ବା ଧ୍ୟୈ ଧାତୁ=
Sama(mu)jā ଜାଣିବା)—ବୁଝିବା; ସମଝିବା—Understand-
बुझा, समझा ing;comprehending. ବଣ-ସମଜଦାର(ଦେଖ)
समझ —Samajadāra (See)

ସମ(ମୁ)ଜା(ଝା,ଝେ,ଜେ)ଇବା—ଦେ· କି (ସଂ. ସମ+ଜ୍ଞାପନ;ସମଝିବା
Sama(mu)jā(jhā, jhe, je)ibā କ୍ରିୟାର ଣିଜନ୍ତ ରୂପ)—୧।
बुझान, सम(मु)जा(झा)न ହୃଦୟଙ୍ଗମ କରାଇବା; ବୁଝାଇବା; ବୋଧଗମ୍ୟ
समझाना କରାଇବା—1. To cause to understand; to make a person understand or grasp a matter. (ଉ—ତପବ୍ରତେ ସେବ ତାହାଙ୍କୁ ସମଝାଅ । କୃଷ୍ଣସିଂହ. ମହାଭାରତ ।) ୨। ଅର୍ଥ ବୁଝାଇବା—2. To explain the meaning. ୩ । ସ୍ପଷ୍ଟ ବା ବିସ୍ତାରରୂପେ କହିବା—3. To speak in detail. (ଉ—ମୁହିଁ ଅଜ୍ଞାନ କିଛି ବୁଝି ପାରୁ ନାହିଁ, ତୁମ୍ଭେ ଟୋଏ ନୋହି କହି ମୋତେ ସମଝାଇ । ତୁଳସୀ ବନ୍ଧନ ରାମାୟଣ ।) ୪ । ପ୍ରବର୍ତ୍ତାଇବା; ମନାଇବା—4. To persuade. (ଉ—ଯେବେ ଯେନାଇ ଯାଇ, କହିବା ସମଝାଇ । କବିସୂର୍ଯ୍ୟ କଣୋଗ୍ରହମ୍ପ ଘ ଗୀତ ।)

ସମ(ମୁ)ଜା(ଜି)—ଦେ. ବଣ. ପୁଂ—ସମଜଦାର (ଦେଖ)
Sama(mu)jā(ji) Samajadāra. (See)
(ସମଜିଆ—ଅନ୍ୟରୂପ) [ସମଜା, ସମଜେଣି—ସ୍ତ୍ରୀ]

ସମ(ମୁ)ଜାଇସ—ଦେ. ବ—୧ । ସମଜସ (ଦେଖ)—1. Samajasa.
Sama(mu)jāisa (See) ୨ । କୈଫିୟତ୍; ବ୍ୟାଖ୍ୟା—
(ସମ[ମୁ]ଜାସି—ଅନ୍ୟରୂପ) 2. Explanation.

ସମ ଜାତି—ସଂ. ବ (କର୍ମଧା)—ଏକ ଶ୍ରେଣୀ—One and the
Sama jāti same class. ବଣ (ବହୁବ୍ରୀହି)—ସମ ଜାତୀୟ (ଦେଖ)—Samajātiya. (See)

ସମ ଜାତୀୟ—ସଂ· ବଣ (ସମଜାତି+ଈୟ)—୧ । ଏକଜାତୀୟ—
Sama jātiya 1. Of one or the same class. ୨ ।
(ସମ ଜାତୀୟା—ସ୍ତ୍ରୀ) ତୁଲ୍ୟ ଜାତି ବିଶିଷ୍ଟ—2. Of similar or equal caste; homogenous.

ସମ(ମୁ)ଜା(ଝା) ସମ(ମୁ)ଜି(ଝି)—ଦେ· ବ—୧ । ଉତ୍ତମରୂପେ
Sama(mu)jā(jhā) sama(mu)ji(jhi) ବୁଝାଇବା—
बुझाबुझि, समजासमजि 1. Clearly explaining a
समझा समझि matter. ୨ । ପରସ୍ପରକୁ ବୁଝାଇବା; ବୁଝାବୁଝି—3. Mutual explanation. ୩ । ପରସ୍ପରର ଅର୍ଥ ପରସ୍ପର ବୁଝିବା—2. Mutual understanding of each other's meaning.

ସମଜି(ଝି)—ଦେ. ବଣ. ପୁଂ—ସମଜା ବଣ (ଦେଖ)
Samaji(jhi) Samajā-adj. (See)
(ସମଜି[ଝି]ଆ—ଅନ୍ୟରୂପ) [ସମଜା, ସମଜେଣି—ସ୍ତ୍ରୀ]

ସମ(ମୁ)ଜି(ଝି)ବା—ଦେ.କି (ସଂ.ସମ୍=ସମ୍ୟକ୍+ଜ୍ଞା+ବା ଧ୍ୟୈ ଧାତୁ)
Sama(mu)ji(jhi)bā —୧ । କୌଣସି ବିଷୟର
बुझा, सम(मु)जा(झा) ତଥ୍ୟକୁ ଉତ୍ତମରୂପେ ବୁଝିବା; ହୃଦୟଙ୍ଗମ
समझना କରିବା—1. To thoroughly understand or grasp a thing. (ଉ—ସମଜିଲ ନାହିଁ କହିଲ କନ୍ଧ । କବିସୂର୍ଯ୍ୟ. କବିତା ।) ୨ । ଅର୍ଥ ବୁଝିବା—2. To comprehend the meaning of a thing. (ଉ—ସମଜିଲ ନାହିଁ ସ୍ୱଜାତି ଭାଷା । କବିସୂର୍ଯ୍ୟ. କବିତା ।) ୩। (ସଂ. ସମ୍ଜ୍ଞ· ଧାତୁରୁ) ପରସ୍ପରର ଅର୍ଥ ବୁଝିନେବା—3. To have a mutual clear understanding. [ଉ—ବିବାହମନ୍ତ୍ରରେ ପୁରୋହିତ ବରକନ୍ୟାଙ୍କୁ ସମ୍ବୋଧନ କରି କହନ୍ତି; 'ସମଞ୍ଜନ୍ତୁ' ସମଜ୍ଞଆ' ଅର୍ଥାତ୍ ତୁମ ଦୁହିଙ୍କର ପରସ୍ପରକୁ ବିବାହ କରିବାରେ ଇଚ୍ଛା ଅଛି କି ନାହିଁ, ତୁହେଁ ଉତ୍ତମରୂପେ ବୁଝିନିଅ ।]

ସମ(ମୁ)ଜି ହେବା—ଦେ.କି (ସମୁଜିବାର କର୍ମବାଚ୍ୟ)—ବୁଝି ହେବା—
Sama(mu)ji hebā To be understood or compre-
समझा जाना hended. (ଉ—ସାଗର ବୋଇଲେ କନ୍ୟା । ସମଜି
समझ होना ହୁଇଲ । ପ୍ର ତୀ ବ୍ରହ୍ମକରୂପଣଗୀତା ।)

ସମ(ମା)ଜ୍ଞା—ସଂ. ବ (ସମ=ସକଳ+ଜ୍ଞା ଧାତୁ=ଜାଣିବା+କରଣ.
Sama(mā)jñā ଅ.ପ)—Renown; reputation.

ସମଜ୍ୟା—ସଂ. ବ (ସମ୍=ଏକତ୍ର+ଅଜ. ଧାତୁ=ଗମନ କରିବା+
Samajyā ଅଧିକରଣ. ଯ+ଅ; ଯେଉଁଠାକୁ ସଭ୍ୟମାନେ ଏକତ୍ର ଯାଆନ୍ତି)—୧ । ସମାଜ—1. Society. ୨ । ସଭା—2. Association; assembly; meeting. ୩ । (+କର୍ତ୍ତ୍ରି ଯ+ଅ) କୀର୍ତ୍ତି; ଯଶ—3. Fame; renown.

ସମଝ(ଝା,ଝି)—ଦେ. ବ—ସମଜ (ଦେଖ)
Samajha(jhā,jhi) Samaja (See)

ସମଞ୍ଜସ—ସ. ବଣ (ବହୁବ୍ରୀହି; ସମ୍=ସଂପୂର୍ଣ୍ଣ+ଅଞ୍ଜସ=ଔଚିତ୍ୟ ବା
Samañjasa ଯାଥାର୍ଥ୍ୟ ଯାହାର କିମ୍ବା ସମ୍=ସମ୍ୟକ୍+ଅଞ୍ଜସା=ସତ୍ୟ, ଯାଥାର୍ଥ୍ୟ ଯାହାର)—୧ । ସମୀଚୀନ; ସମ୍ୟକ୍ ଉଚିତ; ସମୁଚିତ—1. Proper; right. ୨ । ଉପଯୁକ୍ତ—2. Fit. ୩ । ଅଭ୍ୟସ୍ତ—3. Habituated; practised. ୪ । ଅନୁଭବୀ; ଅଭିଜ୍ଞ—4. Experienced. ୫ । ସୁପରିଚିତ—5. Well known; acquainted. ୬ । ସୁଜନ—6. Good; honest. ୭ । ଉତ୍ତମ; ଉତ୍କୃଷ୍ଟ—7. Good; excellent. ୮ । ଠିକ; ଯଥାର୍ଥ; ଅଭ୍ରାନ୍ତ—8. Right; just. ୯ । ସତ୍ୟ—9. True; correct. ୧୦ । ସଂପୂର୍ଣ୍ଣରୂପେ ମିଳି ଯାଉଥିବା—10. Coinciding. ୧୧ । ତୁଲ୍ୟ; ସଦୃଶ; ସମାନ—11. Equal; similar. ସଂ.ବ—୧। ଅପୋଷରେ ମିଳାମିଶା; ବିବାଦର ସମାଧାନ; ମେଣ୍ଟାମେଣ୍ଟି—1. Settlement of a dis-

pute; amicable settlement. ୨ । ସ୍ଥିର-ସିଦ୍ଧାନ୍ତ—2. Decision. (ଯ-ଜନ୍ୟା ଭରଙ୍କ କୁଳଶୀଳରୂପ ବନ୍ଧୁସ, ସବ ଦେଖି ବଳଭ୍ରୁ କରବା ସମଞ୍ଜସ । ତୁଳସୀ. ଦହମ ସ୍କନ୍ଧ ।) ୩ । ସୁଜନ ବ୍ୟକ୍ତି—3. Virtuous person. ୪ । ଉତ୍ତମ ବ୍ୟକ୍ତି—4. Good or excellent person. ୫ । ଉପଯୋଗିତା; ଉପଯୁକ୍ତତା—5. Fitness; propriety; appropriateness. ୬। ଯାଥାର୍ଥ୍ୟ—6. Correctness. ୭ । ସମ୍ପୂର୍ଣ୍ଣରୂପେ ମିଳନ—7. Coincidence; close union. ୮ । ଦୁଇ ଜଣଙ୍କର ପରସ୍ପର ବୁଝାବୁଝି ହେବା ପରେ ମୀମାଂସା—8. Settlement of a matter after mutual explanation or understanding.

ସମଞ୍ଜସୀଭୂତ—ସଂ. ଵଣ (ସମଞ୍ଜସ+ଅଭୂତ ଭାବେ ଈ [ଚ୍ୱି]+ଭୂତ) Samañjasībhūta —୧ । ଏକତ୍ର ରୂପେ ମିଳିତ—1. United; joined together. ୨ । ବିବାଦ ମେଣ୍ଟିବାପରେ ପରସ୍ପର ସହିତ ମିଳିତ;ସମ୍ମିଳିତ—2. Reconciled. ୩ । ଯେଉଁ ସବୁ ଅବସ୍ଥାରେ ବା ସ୍ଥାନରେ ଅବସ୍ଥିତ ଥିଲେ ପରସ୍ପର ପରସ୍ପରର କଷ୍ଟ ହାନି ନାହିଁ ସେହିପରି ଅବସ୍ଥିତ—3. So situated as not to be harmful to one another. ୪ । ପରସ୍ପର ପ୍ରତି ସୁବିଧାଜନକ ଭାବରେ ଅବସ୍ଥିତ—4. Appropriately or conveniently situated as regards each other.

ସମଣ୍ଠ—ସଂ. ବି (ବୈଦ୍ୟକ)—ଗମ୍ଭୀର; ସମଷ୍ଠିଲା (ଦେଖ) Samaṇṭha Samashṭhilā (See)

ସମ ତଟ—ସଂ. ବି (ବହୁବ୍ରୀହି; ସମ+ତଟ)—ସମୁଦ୍ର ଶାରବର୍ତ୍ତୀ ଦେଶ-Sama taṭa ଭାଗ (ବଙ୍ଗୋପସାଗର)—The country along the sea coast.

ସମ ତଳ—ସଂ. ବି (କର୍ମଧା; ସମ=ସମାନ+ତଳ)—୧ । ସମାନ ଭୂମି Sama tala —1. A level ground. ୨ । ଅବନ୍ଧୁର ଭୂମି—2. Even ground; plain surface. ଵଣ (ବହୁବ୍ରୀହି; ସମାନ ଅଟେ ତଳ ଯାହାର)—ଯାହା ଉଚ୍ଚନୀଚ ନୁହେଁ; ଅବନ୍ଧୁର—Even; level; plane.

ସମତା(ତ୍ୱ)—ସଂ. ବି (ସମ+ଭାବାର୍ଥେ ତା; ତ୍ୱ)—୧ । ଏକରୂପତା—Samatā(twa) 1. Identity; sameness. ୨ । ଅବନ୍ଧୁରତା—2. Evenness; levelness. ୩ । ସାମ୍ୟ; ତୁଲ୍ୟତା—3. Equality.

ସମତି—ଗ୍ରା. ବି (ସଂ. ସମ୍ମତି)—ସମ୍ମତି; ରାଜି—Samati সমতি समति Consent; agreement.

ସମତିକ୍ରମ—ସଂ. ବି (ସମ୍+ଅତିକ୍ରମ)—୧ । ସମ୍ୟକ ଲଂଘନ—Samatikrama 1. Transgression (Apte). (ସମତିକ୍ରାନ୍ତ—ଵଣ) ୨ । ଛାଡ଼ିଦବା—2. Omission (Apte).

ସମତିରିକ୍ତ—ସଂ. ଵଣ (ସମ୍+ଅତିରିକ୍ତ)—ଅତ୍ୟଧିକ—Samatirikta Excessive; too much.

ସମତୀତ—ସଂ. ଵଣ (ସମ୍=ସମ୍ୟକ୍+ଅତୀତ)—ସମ୍ୟକ୍‌ରୂପେ ଅତୀତ; Samatīta ଗତ; ବିଗତ—Past; gone.

ସମତୁଳ—ସଂ. ଵଣ (ବହୁବ୍ରୀହି; ସମ=ସମାନ ଅଟେ ତୁଲା=ତୁଳନା Samatula ବା ଓଜନ ଯାହାର)—୧ । ସମାନ ଓଜନ-(ସମତୁଲା—ସ୍ତ୍ରୀ) ବିଶିଷ୍ଟ—1. Of the same or equal weight. ୨ । ତୁଳନାରେ ସମାନ—2. Equal in comparision. ୩ । ସମକକ୍ଷ—3. Similar; equal.

ସମ ତୁଲ—ଦେ. ଵଣ—୧ । (ସଂ. ସମତଳ) ସମତଳ—Level; Sama tula plane. ୨ । (ସଂ, ସମ ଓ ତୁଲ୍ୟ) ଠିକ୍ সমতুল ସମାନ; ସବୁ ତୁଲ (୨ୟ ପଦାର୍ଥ)—2. Equal or समतुल similar to one another.

ସମତୁଲ(ଲେ)ଇବା—ଦେ. କ୍ରି—ବନ୍ଧୁର ଭୂମିକୁ ସମତଳ କରିବା—Samatulā(le)ibā To level an uneven surface. সমতল করা समतल करना

ସମତ୍ତ(ତ୍ୱ)—ଦେ. ଵଣ (ସଂ. ସମର୍ଥ)—୧ । ସମର୍ଥ—1. Able. Samatta(twa) ୨ । ଉପଯୁକ୍ତ—2. Fit. ୩ । ସକ୍ଷମ; সমর্থ, সোমত্ত; সমত্ত ବଳବାନ୍—3. Strong. ୪ । (ସ୍ତ୍ରୀ) समरथ ସ୍ୱାମିଗୃହକୁ ଯାଇ ସେଠାରେ ସ୍ୱାମୀଙ୍କ ସଙ୍ଗେ ଘର କରିବା ପାଇଁ ଉପଯୁକ୍ତା (ଯୁବତୀ କନ୍ୟା)—4. (a girl) Who is fully developed and fit to live with her husband for consummation of marriage.

ସମତ୍ରୟ—ସଂ. ବି (ବୈଦ୍ୟକ)—ସମଭାଗ ସୁଣ୍ଠି ହରିତକୀ, ଶୁଣ୍ଠି ଓ ଗୁଡ଼-Samatraya ତ୍ୱକ୍—(medicine) A mixture of myrobalan, dry ginger and cinnamon in equal proportions.

ସମ ତ୍ରିକୋଣ—ସଂ. ବି—ସମ ତ୍ରିଭୁଜ (ଦେଖ) Sama trikoṇa Sama tribhuja (See)

ସମ ତ୍ରିଭୁଜ—ସଂ. ବି (କର୍ମଧା)—ସମବାହୁ ତ୍ରିଭୁଜ; ଯେଉଁ ତ୍ରିଭୁଜର Sama tribhuja ତିନି ଗୋଟି ଯାକ ବାହୁ ସମାନ—Equilateral triangle.

ସମତ୍ସର—ସଂ. ଵଣ ପୁଂ (ସହାର୍ଥ ବହୁବ୍ରୀହି, ସ+ମତ୍ସର)—Samatsara ମତ୍ସର ବିଶିଷ୍ଟ—Spiteful; envious. (ସମତ୍ସରା—ସ୍ତ୍ରୀ)

ସମଦ—ସଂ. ଵଣ. ପୁଂ (ସହାର୍ଥ ବହୁବ୍ରୀହି, ସ+ମଦ)—୧ । ସଗର୍ବ—Samada 1. Proud. ୨ । ମତ୍ତତା ବିଶିଷ୍ଟ—(ସମଦା—ସ୍ତ୍ରୀ) 2. Intoxicated; furious. ୩ । କାମମଦ-(ସମଦେ—କ୍ରି. ଵଣ. ରୂପ) ବିଶିଷ୍ଟ—3. Mad with rut (Apte). ୪ । ଅତି ଆନନ୍ଦିତ—4. Delighted; glad (Apte).

ସମଦେ—ସ. କି. ବଣ—ଗର୍ବସହକାରେ—Proudly.
Samade [ଭ୍ର—ସମସ୍ତ ମନ୍ତ୍ରୀ ସମଦେ କହ, ଧକନେ ସେଉଁ ଯୁବର ନାହିଁ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]
সগবে গর্বমে

ସମ ଦଣ୍ଡ—ଦେ.ବ (ଭୁଲନାକର—ସମଦଳ=ବୈଦିକ ଅର୍ଥ, ଯୁକ୍ତ)—
Sama danda ସେନା; ସୈନ୍ୟ—Army. [ଭ୍ର—ସମଦଣ୍ଡ
সেনা सेना ସେକଣ ସେ ପବନ ଅସ୍ତ୍ରରେ, ପଶ୍ଚିମ ଦଗକୁ ସ୍ରମସେକ କଲ୍ ବଳେ । ସାରଳା ଦାସ· ମହାଭାରତ ।]

ସମ ଦରଶନ—ଗ୍ରା. ବ ଓ ବଣ (ପଦ୍ୟ) (ସଂ. ସମ ଦର୍ଶନ)—ସମଦର୍ଶନ
Sama darasana (ଦେଖ)—Sama darsana (See)

ସମ ଦରଶି—ଗ୍ରା. ବଣ (ସଂ· ସମଦର୍ଶୀ)—ସମଦର୍ଶୀ (ଦେଖ)
Sama darasi Sama darsi (See)
[ଭ୍ର—ଚୃଷ୍ଣର ସମ ସବୁ ଦୋଷରେ ରହବ, ସମ ଦରଶିକି ସେ ଦୁଃଖ ପ୍ରାପତ । କୃଷ୍ଣସିଂହ· ମହାଭାରତ ।]

ସମ ଦର୍ଶନ—ସ. ବ (କର୍ମଧା)—୧ । ସବୁ ବିଷୟ ପ୍ରତି ଧୀର ବସ୍ତୁର
Sama darsana ଯୁକ୍ତ ଦୃଷ୍ଟି—1. Moderate or calm view of every matter. ୨ । ଅପକ୍ଷପାତ ଦୃଷ୍ଟି—2. Impartial view of things. ୩ । ତତ୍ତ୍ୱ ଜ୍ଞାନ—3. Knowledge of the Essence of things. ୪ । ସବୁ ବିଷୟ ଓ ଭୂତ ପ୍ରତି ତୁଲ୍ୟ ଦୃଷ୍ଟି—4. Equal look or consideration for all.
ବଣ· ପୁଂ (ବହୁବ୍ରୀହ; ସମ=ସମାନ ଅଟେ ଦୃଷ୍ଟି=
(ସମ ଦର୍ଶନା—ବଣ. ସ୍ତ୍ରୀ) ଦର୍ଶନ ଯାହାର)—ସମଦର୍ଶୀ (ଦେଖ) Samadarsi (See)

ସମ ଦର୍ଶିତା-ସ. ବ (ସମ ଦର୍ଶିନ୍+ଭାବ· ତା)—୧। ଅପକ୍ଷପାତତା—
Sama darsita 1. Impartiality. ୨। ଧୀରଧୀରତା—2. Moderation in view. ୩। ତୁଲ୍ୟଦର୍ଶିତା—3. Equal consideration for all.

ସମ ଦର୍ଶୀ—ସ. ବଣ.ପୁଂ(ସମ+ଦୃଶ୍ ଧାତୁ=ଦେଖିବା+କର୍ତ୍ତି. ଇନ୍;
Sama darsi ୧ମା. ୧ ବଚନ)—୧ । ଅପକ୍ଷପାତ; ଯେ ସବୁକୁ
(ସମଦର୍ଶିନୀ—ସ୍ତ୍ରୀ) ଅପକ୍ଷପାତତା ସହକାରେ ଦୃଷ୍ଟି ଦିଏ; ଭେଦଜ୍ଞାନରହିତ-1.Impartial in outlook; indifferent to all things. ୨ । ବିବେଚକ; ବିବେକୀ—2. Discerning; considerate; conscientious. ୩ । ଧୀର ସ୍ଥିର ବିଚାର ଯୁକ୍ତ—3. Moderate in view. ୪ । ଜ୍ଞାନୀ; ପଣ୍ଡିତ—3. Learned; wise. ୫ । ଆତ୍ମବୋଧସଂପନ୍ନ; ଆତ୍ମଜ୍ଞ—5. Self-knowing. ୬ । ତତ୍ତ୍ୱ ଜ୍ଞ—6. Acquainted with true knowledge of things. ୭ । ସୁଖ-ଦୁଃଖ,ଶତ୍ରୁ—ମିତ୍ର,ନିନ୍ଦା—ସ୍ତୁତି,ପଣ୍ଡିତ—ମୂର୍ଖ,ବ୍ରାହ୍ମଣ—ଚଣ୍ଡାଳ ଆଦିଙ୍କ ପ୍ରତି ଏକ ଦୃଷ୍ଟି ସଂପନ୍ନ—7. Looking on or regarding everything with equanimity; viewing everything or being equally. (ଭଗବଦ୍ ଗୀତା—୫।୧୮)

ସମ ଦଳକ—ସ. ବ. (ଅଧୁନିକ ବୈଜ୍ଞାନିକ ପରିଭାଷା; ସମ=ସମାନ+ଦଳ
Sama dalaka =ପାଖୁଡ଼ା+କ)—ଯେଉଁ ଗେଣ୍ଡା ଶାମୁକାର ଦୁଇଟିଯାକ ପାଖୁଡ଼ା ସମାନ—Lamellibranchiata; having both the valves similar; bivalve (shell).

ସମ(ମୁ)ଦା(ଧା) ସମ(ମୁ)ଦି(ଧି)—ଦେ· ବି(ସ.ସମ୍ବନ୍ଧ ଓ ସମ୍ବନ୍ଧୀ)—ବରକନ୍ୟା
Sama(mu)da(dha) sama(mu)di(dhi) ପରେ ବରଙ୍କ ଓ
বেয়াই মিলন କନ୍ୟାଙ୍କ ପିତା, ଅର୍ଥାତ୍ ଦୁଇ ସମ୍ବନ୍ଧୀଙ୍କ ମଧ୍ୟରେ
समधी मिलन ମିଳନ ଓ ଆଳାପ ସୂଚକ କର୍ମ(ଏଥିରେ କନ୍ୟାପିତା ବରପିତାଙ୍କୁ ନୂଆ ଲୁଗା ପିନ୍ଧାନ୍ତି ଓ କିଛି ଉପହାର ଦେଇ ଦୁହେଁ ଦୁହିଙ୍କୁ ଆଲିଙ୍ଗନ କରନ୍ତି)—The act of the bridegroom's and the bride's fathers embracing and befriending each other after the marriage is over.

ସମଦି(ଧି)—ଦେ ବ. ପୁଂ—ସମୁଦି (ଦେଖ)
Samadi(dhi) Samudi (See)
[ସମଦୁ(ଧୁ)ଣୀ—ସ୍ତ୍ରୀ] [ଭ୍ର—ତାଙ୍କ ସମଦୁଣୀମାନେ ତ ଅତି ଅମ ସ୍ତୁତିକ ଆଶ୍ରମକୁ ଅସିଅଛନ୍ତି । ମଧୁସୂଦନ. ଉତ୍ତରରାମଚରିତ ।]

ସମ ଦୁଃଖ—ସଂ. ବଣ (ବହୁବ୍ରୀହ)—୧ । ସମାନ ରୂପେ ଦୁଃଖ ଭୋଗ
Sama duhkha କରୁଥିବା—1. Suffering similarly;
(ସମଦୁଃଖା—ସ୍ତ୍ରୀ) fellow-sufferer. ୨ । ଯାହାର ଅନ୍ୟର ଦୁଃଖରେ ସହାନୁଭୂତି ଥାଏ—2. Feeling for another's woe; sympathising (Apte).

ସମ ଦୁଃଖ ସୁଖ—ସଂ. ବଣ· ପୁଂ (ବହୁବ୍ରୀହି)—୧ । ଦୁଃଖ ଓ ସୁଖ
Sama duhkha sukha ଯାହା ଦୃଷ୍ଟିରେ ସମାନ (ବିଶ୍ୱକୋଷ;
(ସମ ଦୁଃଖ ସୁଖା—ସ୍ତ୍ରୀ) ଗୀତା ୨।୫୧)—1. Looking on misery and happiness with the same eye. ୨ । ଦୁଃଖରେ ଓ ସୁଖରେ ଭାଗଦାର—2. Partner in joy and sorrow (Apte).

ସମ ଦୃଶ୍(ଷ୍ଟି)—ସଂ. ବ (ସମ+ଦୃଶ୍ ଧାତୁ+କର୍ତ୍ତି. କ୍ୱିପ୍; ସମ ଅଟେ
Samadrus(shti) ଦୃଷ୍ଟି ଯାହାର; ବହୁବ୍ରୀହ)—ସମଦର୍ଶୀ (ଦେଖ)—Samadarsi (See)

ସମଦୃଶ—ଦେ· ବଣ (ପଦ୍ୟ)—ସଦୃଶ—Equal, similar. [ଭ୍ର—
Samadrusa ବସ୍ତୁ ଅଦ୍ଭୁତ ସମଦୃଶ, ବାଳ ନବୀନ ତୁମ୍ଭେ
সমান समदृश ଦଶ—ଜଗନ୍ନାଥ. ଭାଗବତ]

ସମଦ୍ୱାଦଶାସ୍ର—ସ. ବ (ବହୁବ୍ରୀହ)—୧ । ଯେଉଁ ଦ୍ୱାଦଶଭୁଜ
Samadwadasasra କ୍ଷେତ୍ରର ବା ଚିତ୍ରର ବାହୁମାନ ସମାନ 1. An equilateral dodecagon (Apte). ୨ । ଦ୍ୱାଦଶଟି ସମଭୁଜ ଓ ସମକୋଣ ବିଶିଷ୍ଟ ଚିତ୍ର ବା କ୍ଷେତ୍ର (ବିଶ୍ୱକୋଷ)—2. Dodecahedron.

ସମଦ୍ୱିଦ୍ୱିଭୁଜ—ସ. ବ (ବହୁବ୍ରୀହ)—ଯେଉଁ ଚତୁର୍ଭୁଜର ସମ୍ମୁଖ
Samadwidwibhuja ବିପରୀତ ବାହୁଦ୍ୱୟ ସମାନ—Rhomboid.
(ସମଦ୍ୱିଭୁଜ—ଅପ୍ରୟୁକ୍ତ)

ସମଧ(ନ୍ଧ)—ଗ୍ରା. ବି (ସଂ. ସମ୍ବନ୍ଧ)—୧ । ସମ୍ବନ୍ଧ; ସମ୍ପର୍କ—1. Relation; connection. ୨ । ବିବାହଦ୍ୱାରା ବନ୍ଧୁତା ସମ୍ପର୍କ—2. Relationship by marriage. ବିଣ—ସମ୍ବନ୍ଧୀୟ; ସଂପର୍କୀୟ—Relating to. [ଦ୍ର—ଚରଣୀ ଲେଖାରେ ଏହି ଶବ୍ଦର ସାଙ୍କେତିକ । ସ୍ ।]
Samadha(ndha)
সমন্ধ সমঁধ

ସମଧ(ନ୍ଧ) କରିବା—ଦେ. କ୍ରି—ବିବାହ ସମ୍ବନ୍ଧଦ୍ୱାରା କୌଣସି ବ୍ୟକ୍ତି ବା ବଂଶ ସଙ୍ଗେ ବନ୍ଧୁତା ସ୍ଥାପନ କରିବା—To establish relationship with a person or family by marriage.
Samadha(ndha) kariba
সমন্ধকরা সমঁধকরনা সমঁধাঁধনা
[ସମଧ ବାନ୍ଧିବା—ଅନ୍ୟରୂପ]

ସମଧରାତଳ—ସଂ. ବି (ଜ୍ୟାମିତି)—ଯେଉଁ ଧରାତଳର ପୃଷ୍ଠ ସଂପୂର୍ଣ୍ଣରୂପେ ସମତଳ—(Geometry) A plane (Apte). ବିଣ—ଏକ ସମତଳରେ ସ୍ଥିତ—Situated on the same plane.
Samadharātala

ସମଧର୍ମା[ର୍ମୀ]—ସଂ. ବିଣ—ସମାନ ଧର୍ମ ବିଶିଷ୍ଟ—Of the same dharma. [ଉ—ବେନି ସମଧର୍ମୀ ହୁଇଯୋଗ ଏକ ମିଳି, ନନ୍ଦକିଶୋର—ଗୀତାବୋଧ]
Samadharmā(rmī)

ସମଧାନ—ଗ୍ରା. ବି (ସଂ ସନ୍ଧାନ)—୧ । ସଂଧାନ—1. Investigation; search. ୨ । ସୁରାକ୍—2. Trace; clue.
Samadhāna
সন্ধান সমধান

ସମଧିକ—ସଂ. ବିଣ—(ସମ୍=ସମ୍ୟକ୍+ଅଧିକ)—ଅତ୍ୟଧିକ; ଅତିରିକ୍ତ—Too much; excessive.
Samadhika

ସମଧୃତ—ସଂ. ବିଣ—ତୁଲ୍ୟରୂପ; ଏକରୂପ ବିଶିଷ୍ଟ; ଏକବିଧ—same; similar; equal.
Samadhṛuta

ସମଧେ—ଗ୍ରା. ଅ—(ଅମୁକର) ସମ୍ବନ୍ଧରେ ବା ସଂପର୍କରେ ବା ବିଷୟରେ—In relation to (so and so); with reference to (so and so); relating to (such or such matter).
Samadhe
সমন্ধে সমঁধমে সমঁধমে

ସମଧ୍ୱ—ସଂ. ବିଣ. ପୁଂ (ବହୁବ୍ରୀହି, ସମ=ସମାନ ହୋଇଅଛି ଅଧ୍ୱା=ପଥ ଯାହାର)—୧ । ସହ ଯାତ୍ରିକ; ସହଯାତ୍ରୀ; ଏକତ୍ର ଭ୍ରମଣକାରୀ—1. Travelling together. ୨ । ଯାତ୍ରା କାଳୀନ ସହଚର—2. Accompanying a person during his journey.
Samadhwa
[ସମଧ୍ୱା—ସ୍ତ୍ରୀ]

ସମନ[ନ୍ସ]—ବୈଦେ. ବି—(କଚେରିଅ)—[ଇଂ ସମ୍ମନ୍ସ]—ନିର୍ଦ୍ଦିଷ୍ଟ ତାରିଖରେ ଯବାନବନ୍ଦୀ ଦେବା ପାଇଁ କିମ୍ବା ଦଲିଲ ଦାଖଲ କରିବା ପାଇଁ ବା ବିଚାରାଳୟରେ ହାଜର ହେବା ପାଇଁ ମୁଦାଲ ବା ଅସାମୀ ବା ସାକ୍ଷୀଙ୍କ ପ୍ରତି ବିଚାରାଳୟର ମୋହର ଓ ଦସ୍ତଖତ ସହିତ ପଠାଯିବା ଆଦେଶପତ୍ର—Summons to a witness or defendant or accused. [ଦ୍ର—ସମନ ଅନେକ ପ୍ରକାରର—ଯଥା, ସାକ୍ଷୀ ସମନ, ମୁଦାଲ ସମନ, ପ୍ରତିବାଦୀ ସମନ, ସାଜସମନ ।]
Saman (ns)
समन समन

ସମନ କରିବା—ଦେ. କ୍ରି (କଚେରିଅ)—ସାକ୍ଷୀ, ପ୍ରତିବାଦୀ ବା ଅସାମୀକୁ ନିର୍ଦ୍ଦିଷ୍ଟ ତାରିଖରେ ହାଜର ହେବା ପାଇଁ ତା ପାଖକୁ ପରୱାନା ପଠାଇବା ବା ତାକୁ ତଲବ କରିବା—To summon a witness or an accused or a defendant. [ଦ୍ର—ଅଦାଲତ ସାକ୍ଷୀଙ୍କୁ ବା ପକ୍ଷଙ୍କୁ ସମନ କରନ୍ତି ଓ ପକ୍ଷ ନିର୍ଦ୍ଦିଷ୍ଟ ସାକ୍ଷୀଙ୍କୁ ବା ଅପର ପକ୍ଷଙ୍କୁ ଅଦାଲତଙ୍କ ଦ୍ୱାରା ସମନ କରାନ୍ତି ।]
Saman kariba
সমনকরা समनकरना
(ସମନ କରାଇବା—ଣିଜନ୍ତରୂପ)

ସମନ ଖରଚ୍ଚ—ବୈଦେ. ବି (କଚେରିଅ)—୧ । ସମନ ଜାରି କରାଇବା ପାଇଁ ସରକାରଙ୍କ ଠାରେ ପ୍ରାର୍ଥୀର ଡିପୋଜିଟ୍ କରିବା ସବୁ ପ୍ରକାରର ଖରଚ [ଯଥା—ସାକ୍ଷୀଙ୍କ ଖୋରାକ ଓ ରାହା ଖର୍ଚ୍ଚ] 1. Expenses deposited for the issue of summons. ୨ । ସମନ ମିଆଦ (ଦେଖ)—2. Saman miādi (See)
Samana kharachā
সমনখরচা समनखरचा
(ସମନ ଖର୍ଚ୍ଚ—ଅନ୍ୟରୂପ)

ସମନ ଖୁ(ଖୋ)ରାକି—ବୈଦେ. ବି (କଚେରିଅ)—ସାକ୍ଷୀ ନାମରେ ସମନ କରାଯିବା ସମୟରେ ତାହାର କଚେରିକୁ ଆସିବା ଉପଲକ୍ଷରେ ଖାଇବା ଖରଚ, ଯାହା ସମନ କରାଯିବା ପାଇଁ ଦରଖାସ୍ତ ସଙ୍ଗେ ଦାଖଲ ହୁଏ—Diet expenses of a witness, deposited with a petition for issue of summons.
Saman khu (kho) rāki
সমনখোরাকী समनखुराकी

ସମନ ଜାରି—ବୈଦେ. ବି (କଚେରିଅ)—ଯେଉଁ ବ୍ୟକ୍ତିକୁ ସମନ କରାଯାଏ ତାହା ନିକଟରେ ଉକ୍ତ ସମନ ପହଞ୍ଚାଇ ତାକୁ ଦିଆଇବା—Service of a summons. [ଦ୍ର—ଆଇନ ଅନୁସାରେ ଯେଉଁ ବ୍ୟକ୍ତିକୁ ଅଦାଲତରେ ହାଜର ହେବା ପାଇଁ ସମନ କରାଯାଏ ଉକ୍ତ ସମନ ସ୍ୱୟଂ ସେ ବ୍ୟକ୍ତି ଉପରେ କିମ୍ବା ତାହାର କ୍ଷମତାପ୍ରାପ୍ତ ଏଜେଣ୍ଟ ଉପରେ ଜାରି କରାଯାଏ କିମ୍ବା ତାହାର ଏକାନ୍ନବର୍ତ୍ତୀ ପରିବାରର କୌଣସି ସାବାଳକ ବ୍ୟକ୍ତି ଉପରେ ଜାରି କରାଯାଏ; କିମ୍ବା ସେ ନିଜେ ଘରେ ନ ମିଳିଲେ କିମ୍ବା ସମନ ନେବାକୁ ତା ପରିବାରର ଅନ୍ୟ କେହି ଉପଯୁକ୍ତ ବ୍ୟକ୍ତି ନ ମିଳିଲେ ତାହାର ବାସଗୃହର ସଦର ଦରଜାରେ ପିଆଦା ସମନକୁ ଟାଙ୍ଗିଦିଏ] ।
Saman-jāri
সমনজারি समनजारी

ସମନ ଜାରି ରିଟନ୍ (ର୍ଣ୍ଣ)—ବୈଦେ. ବି (କଚେରିଅ) ସମନ ରିଟନ୍ (ଦେଖ)—Samana ritan (See)
Saman-jāri ritan (rṇṇ)

ସମନ ବାହାର କରିବା—ଦେ. କ୍ରି (କଚେରିଅ)—କୌଣସି ବ୍ୟକ୍ତି ହାଜର ହେବା ପାଇଁ ତାହାର ନିକଟକୁ ଅଦାଲତରୁ ପିଅଦା ଦ୍ୱାରା ସମନ ପଠାଯିବାର ବନ୍ଦୋବସ୍ତ କରିବା—To have a summons issued from a cour.
Saman bāhāra kariba
সমন বাহিরকরা समननिकालना

ସମନ୍ ବାହାରିବା—ଦେ· ବ (ଉଚରଥ)—ଅଦାଲତରୁ ପିଅଦା Saman bāhāribā ଦ୍ୱାରା ନିର୍ଦ୍ଦିଷ୍ଟ ବ୍ୟକ୍ତି ନିକଟକୁ ସମନ ସମନ୍ ବାହିରହওয়া ପ୍ରେରିତ ହେବା—Issue of summons. **समननिकलना**

ସମନ୍ ମିଆଦି—ଦେ· ଦେ· ବ (ଉଚରଥ)—ତଲବନା ମିଆଦ; ତଲ-Saman miādi ବାନା; କୌଣସି ବ୍ୟକ୍ତି ଉପରେ ସମନଜାରି ସমন মেয়াদি **समनस्यादी** କରିବା ପାଇଁ ସରକାରଙ୍କର ଯେଉଁ ଖରଚ ହୁଏ ତହିଁ ପାଇଁ ପ୍ରାର୍ଥୀ ସରକାରଙ୍କ ନିକଟ ଅଗଭୁରୁ ନିର୍ଦ୍ଦିଷ୍ଟ ପରିମାଣରେ କୋର୍ଟଫିସ୍ ଦ୍ୱାରା ଯେଉଁ ଖରଚ ଦାଖଲ କରେ—Process fees for the service of summons, deposited by the party who applies for the issue of summons.

ସମନ୍ ରିଟନ୍ (ର୍ଣ୍)—ଦେ· ଦେ, ବ (ଉଚରଥ)—ସମନଜାରି ରିଟନ୍; Saman ritan (rṇṇ) ପିଅଦା ଅଭିପ୍ରେତ ବ୍ୟକ୍ତି ଉପରେ ସমন রিটান **समनवापस** ସମନଜାରି କରି ସାରି, ଉପରି ଲିଖିତରେ ସମନଜାରି କରିଗଲି, ଏବଂ ଦସ୍ତଖତ ଦେଲି, ଏହା ବର୍ଣ୍ଣନା କରି କୋର୍ଟରେ ଦାଖଲ କରିବା ରିପୋର୍ଟ—Return of service of a summons.

ସମନନ୍ତର—ସଂ· ବଣ. (ସମ୍+ଅନନ୍ତର)—ଅବ୍ୟବହିତ ପରବର୍ତ୍ତୀ Samanantara (ଭଗବତ)-Immediately succeeding.

ସମନାଥ—ଗ୍ରା. ବ—(ସଂ ସୋମନାଥ)—୧ । ସୋମନାଥର ଡାକନାମ· Samanātha 1. Nickname for calling Somanātha. সমনাথ **सोमनाथ** ୨ । ହାତର ଅଳଙ୍କାର ବିଶେଷ—2. A kind of ornament for the hand. [ଉ—ଖଞ୍ଜି କଲେ ଚୁଡ଼ି ଗୁଞ୍ଜର ବନ୍ଧ ସମନାଥ ଗରଗଡଥ—ପ୍ରାଚୀ. ଇହସ୍ୟମଞ୍ଜରୀ]

ସମନାଥ ବ୍ରତ—ଗ୍ରା. ବ—ସୋମନାଥ ବ୍ରତ (ଦେଖ) Samanātha brata Somanātha brata. (See)

ସମନୁଜ୍ଞା—ସଂ. ବ (ସମ୍+ଅନୁଜ୍ଞା)—ସମ୍ପୂର୍ଣ୍ଣ ଅନୁମତି—Samanujñā Full approval or concurrence. (ସମନୁଜ୍ଞାତ—ଅନ୍ୟରୂପ) [ସମନୁଜ୍ଞାତ—ବଣ]

ସମନୁବ୍ରତ—ସଂ· ବଣ. ପୁଂ (ସମ୍+ଅନୁ+ବ୍ରତ)—ସଂପୂର୍ଣ୍ଣରୂପେ Samanubrata ଅନୁଗତ—Completely devoted to (ସମନୁବ୍ରତା—ସ୍ତ୍ରୀ) or attached to.

ସମନ୍ତ—ସଂ. ବ (ସମ୍+ଅନ୍ତ)—୧ । ଶେଷଭାଗ—1. End; Samanta extremity. ୨ । ସୀମା—2. Boundary. ୩ । ସମୁଦାୟ—3. All; whole. ସଂ. ବଣ—୧ । ସମ୍ପୂର୍ଣ୍ଣ—1. Complete; entire. (Apte) ୨ । ବିଶ୍ୱଜନୀନ—2. Universal. (Apte). ସର୍ବନାମ—ସମସ୍ତ; ସକଳ—Whole; all. କ୍ରି. ବଣ—୧ । ଚତୁର୍ଦ୍ଦିଗରେ—1. On all sides. ୨ । ପୂର୍ଣ୍ଣରୂପେ—2. Entirely; completely.

ସମନ୍ତତଃ—ସଂ. ଅ. କ୍ରି· ବଣ (ସମନ୍ତ+ ତସ୍ ପ୍ରତ୍ୟୟରେ ସିଦ୍ଧ)—Samantataḥ ୧ । ସମନ୍ତାତ୍; ସର୍ବତଃ; ସବୁ ଦିଗରୁ—1. From all sides. ୨ । ଚାରିଆଡ଼େ; ସବୁଆଡ଼େ; ସର୍ବତ୍ର—2. On all sides; everywhere. ୩ । ସମ୍ପୂର୍ଣ୍ଣରୂପେ—3. Wholly; altogether.

ସମନ୍ତ ଦୁଗ୍ଧା—ସଂ. ବ (ବୈଦ୍ୟକ; ବହୁବ୍ରୀହି; ସମନ୍ତ=ପ୍ରାନ୍ତଭାଗରେ Samanta dugdhā ଦୁଗ୍ଧ=କ୍ଷୀର ଅଛି ଯାହାର)—ସିହୁଗଛ; ସ୍ନୁହୀ ବୃକ୍ଷ— The Euphorbia tree.

ସମନ୍ତ ପଞ୍ଚକ—ସଂ. ବ (ବହୁବ୍ରୀହି; ସମନ୍ତ=ଚାରିଆଡ଼େ+ପଞ୍ଚକ= Samanta pañchaka ପାଞ୍ଚଗୋଟି ହ୍ରଦ ଯାହାର)—କୁରୁକ୍ଷେତ୍ର ପ୍ରଦେଶର ନାମ—Name of the district Kurukshetra. [ପ୍ର—ପରଶୁରାମ ୨୧ ଥର କ୍ଷତ୍ରିୟମାନଙ୍କୁ ନିର୍ବଂଶ କରି କ୍ଷତ୍ରିୟ ରକ୍ତଦ୍ୱାରା ଚତୁର୍ଦ୍ଦିଗରେ ୫ ଗୋଟି ହ୍ରଦ ପୂର୍ଣ୍ଣ କରିଥିବାରୁ ଏହି ନାମ ।] [ଉ—କ୍ଷତ୍ରିୟଙ୍କ ରକତେ ସମନ୍ତ ପଞ୍ଚକ । ଯହିଁ ପାଞ୍ଚ ହ୍ରଦ ସେତୁ ହେଲ ନାୟକ – କୃଷ୍ଣସିଂହ. ମହାଭାରତ ।] ୨ । କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ—2. Name of a holy place at Kurukshetra. [ଉ—ବହୁତ ତୀର୍ଥ ସ୍ନାନ ପରକ୍ରମ କରି । ସମନ୍ତ ପଞ୍ଚକକୁ ମଧ୍ୟ ମୁଁ ଦେଖିଲି—କୃଷ୍ଣସିଂହ. ମହାଭାରତ ।]

ସମନ୍ତ ଭଦ୍ର—ସଂ. ବ (ସମନ୍ତ=ସମ୍ପୂର୍ଣ୍ଣରୂପେ+ଭଦ୍ର=ଭାଗ୍ୟବାନ୍)—Samanta bhadra ବୁଦ୍ଧଦେବଙ୍କର ନାମ—A name of (ସମନ୍ତ ପ୍ରଭୁ—ଅନ୍ୟରୂପ) the Buddha.

ସମନ୍ତଭୁକ୍—ସଂ· ବ (ସମନ୍ତ=ସମୁଦାୟ+ଭୁଜ ଧାତୁ=ଖାଇବା+ Samantabhuk କର୍ତ୍ତୃ. କ୍ୱିପ୍; ସମନ୍ତଭୁଜ୍; ୧ମା. ୧ବ)—ଅଗ୍ନି; ହୁତାଶନ—Fire. ବଣ—ସର୍ବଭକ୍ଷ—All-eating; omnivorous

ସମନ୍ତାତ୍—ସଂ. ଅ. ଓ କ୍ରି· ବଣ—ସମନ୍ତତଃ (ଦେଖ) Samantāt Samantataḥ (See)

ସମନ୍ତ୍ରକ—ସଂ. ବଣ (ସ=ସହିତ+ମନ୍ତ୍ର+କ; ମନ୍ତ୍ର ସହିତ ବିଦ୍ୟ-Samantraka ମାନ)—୧ । ମନ୍ତ୍ରଯୁକ୍ତ—1. Joined with a mystic formula. ୨ । ମନ୍ତ୍ରପୂତ—2. Hallowed with mystic incantations.

ସମନ୍ତ୍ରିକ—ସଂ· ବଣ (ସ+ମନ୍ତ୍ରିନ୍+କ୍)—ମନ୍ତ୍ରିଯୁକ୍ତ (ରାଜା)—Samantrika Attended by minister.

ସମନ୍ବୟ—ସଂ. ବ (ସମ୍=ସମ୍ୟକ୍+ଅନ୍ୱୟ=ସମ୍ବନ୍ଧ)—୧ । ସଂଯୋଗ; Samanwaya ମିଳନ; ସଙ୍ଗତି; ସଙ୍ଗମ—1. Union; connection. ୨ । ସମଭିବ୍ୟାହାର—2. Accompaniment; sequence. ୩ । ପ୍ରାୟଶ୍ଚିତ୍ତ କରିବା ପରେ ପତିତ ବ୍ୟକ୍ତିର ସମାଜରେ ପୁନର୍ଗ୍ରହଣ—3. Re-admission of an excommunicated person to the fold of his society after atonement or expiation. ୪ । ଅବରୋଧ; ଶାନ୍ତି—

4. Peace; concord. ୫ । ପ୍ରାକୃତିକ କାର୍ଯ୍ୟକାରଣ ସମ୍ବନ୍ଧ—5. Natural sequence; conneection with the suceeding object as a natural consequence. ୬ । ଧାରାବାହିକତା; କ୍ରମ—6. Regular succession; order (Apte).

ସମନ୍ୱିତ—ସଂ ବିଣ (ସମ୍+ଅନ୍ୱିତ)—୧ । ମିଳିତ; ସଂଯୁକ୍ତ— Samanwita 1. Connected or joined with. ୨ । ସମଭିବ୍ୟାହାରଦ୍ୱାରା ଯୁକ୍ତ—2. Possessed of; accompanied by; followed by.

ସମନ୍ୟୁ—ସଂ ବିଣ (ସ=ସହିତ+ମନ୍ୟୁ=କ୍ରୋଧ)—୧ । ସକ୍ରୋଧ; Samanyu ସକୋପ; କୋପଯୁକ୍ତ—1. Angry; full of anger; wrathful. ୨ । ଦୁଃଖିତ—2. Sorrowful. ବି—ମହାଦେବ; ଶିବ—The God Śiba.

ସମନ୍ଧ—ଗ୍ରା. ବି (ସଂ. ସମ୍ବନ୍ଧ)—ସମ୍ବନ୍ଧ (ଦେଖ) Samandha Sambandha (See)

ସମ(ମୁ)ନ୍ଧି—ଗ୍ରା. ବ. ପୁଂ—ସମୁଧୀ (ଦେଖ)—Samudhi (See) Sama(mu)ndhi [ଦ୍ର—ତାଙ୍କଯୋଗ୍ୟରୁ ସମୁନ୍ଧିଣୀଙ୍କ ସୁଅବି (ସମ[ମୁ]ନ୍ଧିଣୀ—ସ୍ତ୍ରୀ) ଅସି ଠିଳିଏ ହେଲ ଦାଣ୍ଡ ଦୁଆରେ ବସି-ଲିଣି—ଫଙ୍କିରମୋହନ. ଛ ମାଣ ଅଠ ଗୁଣ୍ଠ ।]

ସମ ପଦ—ସଂ. ବି (ସମ=ସମାନ ହୁଏ ପଦ=ଚରଣ ଯହିଁରେ)— Sama pada ୧ । ରତିବନ୍ଧବିଶେଷ (ବିଶ୍ୱକୋଷ)—

1. Name of a pose during coition. [ଦ୍ର—ରମଣୀର ପାଦଦ୍ୱୟକୁ ପୁରୁଷ ହୃଦୟରେ ସ୍ଥାପନ କରି ରମଣ କରିବାର ପ୍ରକାର (ରତିମଞ୍ଜରୀ)] ୨ । ଧନୁର୍ଦ୍ଧାରୀର ପାଦଦ୍ୱୟର ତୁଲ୍ୟରୂପ ଧାରଣପୂର୍ବକ ଅବସ୍ଥାନବିଶେଷ—2. One of the various postures assumed by an archer. ୩ । ତୁଲ୍ୟ ପଦ ବା ଅବସ୍ଥିତି—3. Equal or similar position or grade.

ସମ ପଦସ୍ଥ - ସଂ. ବିଣ (ସମପଦ+ସ୍ଥା, ଧାତୁ+କର୍ତ୍ତ୍ରି. ଅ)—୧ । ତୁଲ୍ୟ Sama padastha ରୂପ ପଦ ବା ପଦବୀ ଯୁକ୍ତ—1. Of equal (ସମପଦସ୍ଥା—ସ୍ତ୍ରୀ) position or grade. ୨ । ତୁଲ୍ୟ ସମ୍ମାନବିଶିଷ୍ଟ—2. Occupying equal position of respect.

ସମ ପାଦ—ସଂ. ବି—ସମପଦ ୨ (ଦେଖ)—Samapada 2 Sama pāda (See). ସଂ. ବିଣ—୧ । ସମାନ ଚରଣ ବିଶିଷ୍ଟ—1. Having equal pāda or feet. ୨ । ଯେଉଁ ଛନ୍ଦର ଚାରି ପାଦ ସମାନ (ଶବ୍ଦକୋଷ)— 2. (a metre) Having the four feet equal.

ସମ ପାଦ ଯମକ—ସଂ. ବି (ଅଳଙ୍କାର)—ଯମକବିଶେଷ—A kind Sama pāda jamaka of alliteration. [ଦ୍ର—ପଦର ଅଦ୍ୟରେ ଓ ଶେଷରେ ସମାନ ବାକ୍ୟବିନ୍ୟାସ ଥିଲେ ଏ ଯମକ ହୁଏ; ଯଥା—ହରି ହରିର ଧନ ସଦା ବାଞ୍ଛିଲ ମନ ହେତୁ ହରିଲୁ ହରିଧନ । ବନ୍ଧୁଣୀ ବଞ୍ଚିବନ ଜୋହିଲେ ତ କଦାନ ମୋର ଏଥି ଶିବ ସବନ—ଅଭି-ମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ସମ ପୃଷ୍ଠ—ସଂ. ବିଣ (ବହୁବ୍ରୀହି; ସମ=ସମାନ ଅଟେ ପୃଷ୍ଠ ଯାହାର)— Sama prushtha ସମତଳ; ଅବନ୍ଧୁର—Level; smooth. (ସମପୃଷ୍ଠା—ସ୍ତ୍ରୀ)

ସମ ପ୍ରାଣ—ସଂ. ବିଣ. ପୁଂ (ବହୁବ୍ରୀହି; ସମ ଅଟେ ପ୍ରାଣ ଯାହାର)— Sama prāna ଏକ ପ୍ରାଣ; ଯାହାଙ୍କର ହୃଦୟ ଏକ; ଏକହୃଦୟ— (ସମପ୍ରାଣା—ସ୍ତ୍ରୀ) Of one mind. ବି—ସୁହୃଦ୍— (ସମପ୍ରାଣତା—ବି) A hearty friend.

ସମବକାର—ସଂ. ବି (ସମ୍+ଅବ+କୃ ଧାତୁ+ଅଧି. ଅ, ଯହିଁରେ Samabakāra ବହୁ ଅର୍ଥ ସମବକୀର୍ଣ୍ଣ ହୁଏ)—ନାଟକବିଶେଷ— A kind of drama. [ଦ୍ର—ନାଟକ ନାନା ପ୍ରକାର; ଯଥା—ନାଟକ, ପ୍ରକରଣ, ଭାଣ, ସମବକାର ଓ ଡିମ । ସମବକାରରେ ବହୁ ଅର୍ଥର ସମବକରଣ ଅର୍ଥାତ୍ ଏକତ୍ର ସନ୍ନିବେଶ ହେବାରୁ ଏହି ନାମ ହୋଇଅଛି । ଦେବତା ବା ଅସୁରଙ୍କୁ ଆଶ୍ରୟ କରି କୌଣସି ପ୍ରସିଦ୍ଧ ବୃତ୍ତାନ୍ତ ଏଥିରେ ବର୍ଣ୍ଣିତ ହୁଏ । ଏହା ବୀରରସପ୍ରଧାନ, ଦେବାସୁର ଯୁଦ୍ଧ ବର୍ଣ୍ଣନା ଏଥିର ପ୍ରଧାନ ଉଦ୍ଦେଶ୍ୟ; ଏଥିର ଅଙ୍କ ସଂଖ୍ୟା ତିନି । ନାଟକର ପଞ୍ଚସନ୍ଧି ମଧ୍ୟରୁ କେବଳ ବିମର୍ଶ ସନ୍ଧି ଛଡ଼ା ଅନ୍ୟ ଚାରି ସନ୍ଧି ଏଥିରେ ଥାଏ । ଏଥିର ନାୟକ ଧୀରୋଦାତ୍ତ; ଏଥିରେ ଯୁଦ୍ଧକ୍ଷେତ୍ର, ଯୁଦ୍ଧ, ନଗରାବରୋଧ ବିଶଦରୂପେ ବର୍ଣ୍ଣିତ; ତିନି ଶୃଙ୍ଗାର (ଶାସ୍ତ୍ରର ଅବରୋଧରେ ଧର୍ମଶୃଙ୍ଗାର, ଅର୍ଥଲାଭାର୍ଥ କଳ୍ପିତ ଅର୍ଥଶୃଙ୍ଗାର ଓ କାମଶୃଙ୍ଗାର) ଏଥିରେ ବର୍ଣ୍ଣିତ; କାମ-ଶୃଙ୍ଗାର ପ୍ରଥମ ଅଙ୍କରେ ବର୍ଣ୍ଣିତ । ନାଟକ ପରି ପ୍ରବେଶକ ବା ବିନ୍ଦୁ ଏଥିରେ ନ ଥାଏ । ସାହିତ୍ୟ ଦର୍ପଣ ଗ୍ରନ୍ଥରେ 'ସମୁଦ୍ର ମନ୍ଥନ' ନାମକ ସମବକାର ନାଟକର ନାମ ଉଲ୍ଲେଖ ଅଛି—ବିଶ୍ୱକୋଷ ।]

ସମବତାର—ସଂ. ବି (ସମ୍=ସହିତ+ଅବ=ନିମ୍ନକୁ+ତୃ ଧାତୁ= Samabatāra ପାର ହେବା, ଯିବା+କରଣ. ଅ, ଯାହାଦ୍ୱାରା ତଳକୁ ଓହ୍ଲାଇ ଯାଆନ୍ତି)—୧ । ସୋପାନ; ସିଡ଼ିର ପାହାଚ—1. Steps of a staircase. ୨ । (+ଭାବ. ଅ) ଅବତରଣ; ଓହ୍ଲାଇବା—2. Descending, alighting. ୩ । (+ଅଧି. ଅ) ପାର ହେବା ଘାଟ; ତୀର୍ଥ—3. Landing place; landing stage; ferry.

ସମବଧାନ—ସଂ. ବି (ସମ୍=ସମ୍ୟକ୍+ଅବଧାନ)—୧ । ବିଶେଷ Samabadhāna ମନୋଯୋଗ—1. Close attention. (ସମବହିତ—ବିଣ) ୨ । ନିଷ୍ପତ୍ତି; ମୀମାଂସା— 2. Decision; settlement.

ସମ ବୟଃସ୍ଥ—ସଂ. ବିଣ. ପୁଂ—(ସମ=ସମାନ+ବୟଃ=ସ୍ଥା ଧାତୁ+ କର୍ତ୍ତୃ.+ଅ)—ସମବୟସୀ; ଏକବୟସୀ—Of the same age; coeval.
Samabayaḥstha
(ସମବୟସ୍ଥ—ଅନ୍ୟରୂପ)
(ସମବୟଃସ୍ଥା; ସମବୟସ୍ଥା—ସ୍ତ୍ରୀ)

ସମ ବୟସ—ଦେ. ବିଣ—ସମବୟଃସ୍ଥ—Of the same age.
Sama bayasa [ଉ—ସମବୟସ ଯେ କୃମରେ ଚାଲୁଅଛନ୍ତି ବାଲୁ ତୋରେ ।—ଜଗନ୍ନାଥ ଭାଗବତ]
সম বয়সী
सम वयसी ଦେ. ବି—ଏକବୟସ—Same age.

ସମ ବୟସୀ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ସମବୟଃସ୍ଥ)—ସମବୟଃସ୍ଥ (ଦେଖ)—Sama bayaḥstha (see).
Sama bayasī
সম বয়সী **सम वयसी** (ସମବୟସିଆ—ଅନ୍ୟରୂପ)

ସମବର୍ଣ୍ଣ—ସଂ ବିଣ (ବହୁବ୍ରୀହି)—ଏକ ବା ସମାନ ବର୍ଣ୍ଣ ବିଶିଷ୍ଟ—Of the same or similar barṇṇa.
Samabarṇṇa
(ସମବର୍ଣ୍ଣା—ସ୍ତ୍ରୀ) (ସମବର୍ଣ୍ଣତା—ବି)

ସମବର୍ତ୍ତୀ—ସଂ. ବିଣ. ପୁ—(ସମ=ସମାନ+ବୃତ୍ ଧାତୁ=ରହିବା+ କର୍ତ୍ତୃ. ଇନ୍, ୧ମା ୧ବ)—ତୁଲ୍ୟରୂପେ ସ୍ଥିତ Similarly situated or placed
Sama barttī
(ସମବର୍ତ୍ତିନୀ—ସ୍ତ୍ରୀ ବିଣ)
(ସମବର୍ତ୍ତିତା—ବି) ସଂ. ବି. ପୁ. (୧ମା ୧ବ; ସବୁ ପ୍ରାଣୀଙ୍କ ସଂବନ୍ଧେ ଏହାଙ୍କର ଅବସ୍ଥିତି ସମାନ) ଯମ; କାଳ—The God of death.

ସମବଲମ୍ବ—ସଂ. ବିଣ. (ବହୁବ୍ରୀହି)—ସମାନ ଲମ୍ବ ବିଶିଷ୍ଟ—Having equal perpendiculars.
Samabalamba
ସଂ. ବି. (ଜ୍ୟାମିତି)—ଯେଉଁ ଚତୁର୍ଭୁଜର ଲମ୍ବରେଖା ସମାନ (ବିଶ୍ୱକୋଷ)—Trapezoid or rectange, a quadrilateral figure having 2 equal perpendiculars.

ସମ ବସରଣ—ସଂ. ବି. (ସମ୍+ଅବ+ସୃ ଧାତୁ+କର୍ମ ଅନ)—୧ । ସଭାଗୃହ—1. Assembly hall. ୨ । ଧର୍ମ ମଣ୍ଡପ; ଯେଉଁ ମଣ୍ଡପରେ ଧର୍ମୋପଦେଶ ଦିଆଯାଏ (ବିଶ୍ୱକୋଷ)—2. A pavillion in which religious discourses are delivered.
Samabasaraṇa

ସମବସ୍କନ୍ଦ—ସଂ. ବି. (ସମ୍+ଅବ+ସ୍କନ୍ଦ ଧାତୁ+ଭାବ ଅ)—୧ । ଦୁର୍ଗାଦି ଦ୍ୱାରା ସମ୍ୟକ୍ ରୂପେ ସୁରକ୍ଷିତକରଣ (ବିଶ୍ୱକୋଷ)—1. Protecting a place securely by raising forts. (+କରଣ. ଅ) ଦୁର୍ଗ ପ୍ରାକାର (ବିଶ୍ୱକୋଷ)—Rampart or wall of a fort.
Samabaskanda

ସମବସ୍ଥା—ସଂ. ବି.—(ସମ୍+ଅବସ୍ଥା)—୧ । ସମାନ ଅବସ୍ଥା; ତୁଲ୍ୟ ଦଶା—1. Similar condition. ୨ । ସମତା; ସାମ୍ୟ—2. Similarity; identity.
Samabasthā
(ସମବସ୍ଥ—ବିଣ)

ସମବସ୍ଥାନ—ସଂ. ବି. (ସମ୍+ଅବସ୍ଥାନ)—୧ । ସମ୍ୟକ୍ ଅବସ୍ଥାନ—1.Peculiar or special situation; unique position. ୨ । ସମଭାବରେ ଅବସ୍ଥାନ—2.Equal or similar position.
Samabasthāna

ସମବସ୍ଥିତ—ସଂ.ବିଣ. (ସମ୍+ଅବସ୍ଥିତ)—୧। ସମ୍ୟକ୍ ରୂପେ ଅବସ୍ଥିତ—1.Peculiarly situated. ୨ । ସମଭାବରେ ଅବସ୍ଥିତ—2. Similarly placed or situated.
Samabasthita

ସମବସ୍ଥିତି—ସଂ. ବି (ସମ୍+ଅବସ୍ଥିତି)—ସମବସ୍ଥାନ (ଦେଖ)—Samabasthāna (See)
Samabasthiti

ସମବହାସ୍ୟ—ସଂ. ବିଣ. (ସମ୍+ଅବ+ହସ୍ ଧାତୁ+କର୍ମ ଯ)—ସମ୍ୟକ୍ ରୂପେ ଉପହସନୀୟ—Deserving to be derided or hooted out.
Samabahāsya
(ସମବହାସ୍ୟା—ସ୍ତ୍ରୀ)
(ସମବହସନୀୟ—ଅନ୍ୟରୂପ)

ସମବାୟ—ସଂ. ବି. (ସମ୍+ଅବ+ଇ ଧାତୁ=ଗମନ କରିବା+କର୍ତ୍ତୃ ଅ)-୧ । ସମୂହ—1. Multitude; conglomoration; aggregate. ୨। (+ଭାବ ଅ) ସଂଯୋଗ; ମିଳନ—2. Union; conjunction; cohesion. ୩ । ସମ୍ବନ୍ଧ—3. Connection. ୪ । ପରସ୍ପର ସଂବନ୍ଧ—4. Co-relation. ୫ । (ବୈଶେଷିକ ଦର୍ଶନ ଶାସ୍ତ୍ର) ନିତ୍ୟ ସଂବନ୍ଧ—(Philosophy) 5. Constant or intimate relation (between subject and attribute, cause and effect, the owner and the owned, the species and the genus); (one of the 7 categories. Baiseshika philosophy).
Samabāya
(ସମବେତ—ବିଣ)
[ଦ୍ର—ଏହି ସମବାୟ-ସମ୍ବନ୍ଧର ଉଦାହରଣ, ଯଥା—କାର୍ଯ୍ୟ ସହିତ କାରଣର, ଅବୟବ ସହିତ ଅବୟବୀର, ଗୁଣ ସହିତ ଗୁଣୀର, ବ୍ୟକ୍ତି ସହିତ ଜାତିର, ଦେହ ସହିତ ଦେହୀର, ଦ୍ରବ୍ୟର ଗୁଣ ସହିତ କର୍ମର, ବିଶିଷ୍ଟ ବସ୍ତୁ ସହିତ ତତ୍‌ଶ୍ରେଣୀର ସମ୍ବନ୍ଧ ଇତ୍ୟାଦି] ୬ । ନ୍ୟାୟଶାସ୍ତ୍ରାନୁମୋଦିତ ସଂବନ୍ଧ—6. Logical relation, ସଂ. ବିଣ—୧ । ସମବେତ 1. Collective; joint. ୨ । ଯୌଥ; ଦଳବଦ୍ଧ—2. Co-operative.

ସମବାୟ ଋଣ ସମିତି—ସଂ. ବି. (ଆଧୁନିକ ବ୍ୟବହାର)—ବହୁ ବ୍ୟକ୍ତିଙ୍କ ସମବେତ ମୂଳଧନ ଦ୍ୱାରା ବ୍ୟକ୍ତିବିଶେଷଙ୍କୁ ପ୍ରୟୋଜନ ବେଳେ ଋଣ ଦେବା ପାଇଁ ଗଠିତ ସମିତି; ଯୌଥ ମହାଜନ ସମିତି—Co-operative credit society; a joint stock society formed for lending money to its members.
Samabāya ṛuṇa samiti

ସମବାୟୀ—ସଂ. ବିଣ.—(ସମବାୟ+ଇନ୍; ୧ମା ୧ବ)—(ଦର୍ଶନ ଶାସ୍ତ୍ର) ସମବାୟ ବା ନିତ୍ୟ ସଂବନ୍ଧଯୁକ୍ତ—Having intimate relationship; having or holding an attribute.
Samabāyī

ସମବାୟୀ କାରଣ—ସଂ. ବି.—(ଦର୍ଶନ ଶାସ୍ତ୍ର) ଯେଉଁ କାରଣର କାର୍ଯ୍ୟ ସଙ୍ଗେ ଅବିଚ୍ଛେଦ୍ୟ ବା ନିତ୍ୟ ସଂବନ୍ଧ ଥାଏ (Philosophy) Material cause; a cause to
Samabāyī kāraṇa

which the effect is held in constant or eternal relation.

ସମବାର—ଗ୍ରା. ବି (ସଂ. ସୋମବାର)—ସୋମବାର—
Samabāra সোমবার **सोमबार** Monday.

ସମବାରିଆ—ଗ୍ରା. ବିଣ. ପୁଂ—୧ । ସୋମବାରରେ ଜାତ—1. Born
Samabāriā on a Monday. ୨ । ସୋମବାର ଦିନ
(ସମବାରି—ସ୍ତ୍ରୀ) ଘଟୁଥିବା—2. Happening on Monday.
সোমবেরে ৩ । ଯେ ସୋମବାର ବ୍ରତ ପାଳେ—3. Fasting on
सोमवारिआ Mondays. ବି. ପୁଂ—ଲୋକଙ୍କ ନାମ—
A name given to males.

ସମବାଳି—ଦେ. ବି—ସମ୍ବାଳୁଅ (ଦେଖ)
Samabāḷi Sambāḷuā. (See)
(ସମବାଳି[ଳୁ]ଅ—ଅନ୍ୟରୂପ)

ସମବାହୁ—ସଂ. ବିଣ (ବହୁବ୍ରୀହି; ଜ୍ୟାମିତି)—ସମାନ ବାହୁଯୁକ୍ତ
Samabāhu (କ୍ଷେତ୍ର); ଯେଉଁ କ୍ଷେତ୍ରର ବାହୁମାନ ପରସ୍ପର
(ସମବାହୁକ—ଅନ୍ୟରୂପ) ସହିତ ସମାନ—(Geometry)
Equilateral; (a figure) having the sides equal.

ସମବେକ୍ଷଣ—ସଂ. ବି (ସମ୍+ଅବେକ୍ଷଣ)—ସମ୍ୟକ୍‌ରୂପେ ଦର୍ଶନ;
Samabekshaṇa ପର୍ଯ୍ୟବେକ୍ଷଣ (ଶବ୍ଦକୋଷ)—Observa-
(ସମବେକ୍ଷକ; ସମବେକ୍ଷିତ—ବିଣ) tion.

ସମବେତ—ସଂ. ବିଣ (ସମ୍+ଅବ+ଇ. ଧାତୁ+କର୍ତ୍ତି. ତ)—
Samabeta ୧ । ଏକତ୍ରୀଭୂତ—1. Collected together; assembled. ୨ । (ବହୁଲୋକଙ୍କ) ସମ୍ମିଳିତ; ମିଳମାଳ; ଯୌଥ—2. Joint. ୩ । ପରସ୍ପର ସଂବଦ୍ଧ—3. Correlated. ୪ । ପରସ୍ପର ସଂଯୁକ୍ତ—4. Connected or joined together; united together; ୫ । ନିତ୍ୟ ସଂବନ୍ଧ ଦ୍ୱାରା ଯୁକ୍ତ—5. Inseparably or inevitably or etermally connected. ୬ । ସଞ୍ଚିତ (ଶବ୍ଦକୋଷ)—6. Stored. ୭ । ଏକ ଶ୍ରେଣୀ ଭୁକ୍ତ (ଶବ୍ଦକୋଷ)—7. Included in one class.

ସମବେତ ଚେଷ୍ଟା—ସଂ. ବି—ବହୁ ଲୋକଙ୍କ ସମ୍ମିଳିତ ଚେଷ୍ଟା—
Samabeta cheshṭā The joint efforts of many persons.

ସମବେତ ବାଣିଜ୍ୟ—ସଂ. ବି (ଅଧୁନିକ)—ବହୁ ଲୋକଙ୍କ ସମବେତ
Samabeta bāṇijya ମୂଳଧନ ଦ୍ୱାରା ହେବା ବାଣିଜ୍ୟ; ମିଳମାଳ
(ସମବେତ ବ୍ୟବସାୟ—ଅନ୍ୟରୂପ) ବେପାର— Jointstock business or trade.

ସମବେତ ମୂଳଧନ—ସଂ. ବି (ଅଧୁନିକ)—ବାଣିଜ୍ୟାଦି ପାଇଁ ବହୁ
Samabeta mūladhana ଲୋକଙ୍କ ସମ୍ମିଳିତ ପୁଞ୍ଜି—
সমবেত মূলধন **समवेत पूँजी** Joint stock; joint capital.

ସମବେତ ହେବା—ଦେ. କ୍ରି—ଏକତ୍ର ହେବା; ଜମିବା—To be
Samabeta hebā collected together; to
সমবেত হওয়া **समवेत होना** assemble.

ସମ ବେଦନା—ସଂ. ବି (ଅଧୁନିକ ବ୍ୟବହାର)—ଅନ୍ୟର ଦୁଃଖରେ
Samabedanā ଦୁଃଖାନୁଭବ; ବେଦନାପ୍ରାପ୍ତ ବା ଦୁର୍ଦ୍ଦଶାଗ୍ରସ୍ତ
ବ୍ୟକ୍ତି ପ୍ରତି ସହାନୁଭୂତି—Sympathy with a suffering person; commiseration.
(ଉ—ପଡାଏ ବେଦନ ମାନ ଜଣେ ଯେ ପଥେ ସମବେଦନାର, ନାଥ ! ଏହୁ ତାର ସାକ୍ଷୀ । ରାଧାନାଥ ମହାଯାତ୍ରା ।) ଦେ. ବି—ଅନ୍ୟର ସୁଖ ଦୁଃଖରେ ସହାନୁଭୂତି
—Fellow-feeling (in joy and grief).

ସମବେଶ(ଷ)—ସଂ. ବି—୧ । ସମାନ ବେଶ ବା ସଜ୍ଜା—1. Same
Samabesa(sha) or similar dress. ୨ । ଯୁଦ୍ଧସଜ୍ଜା;
ସେନା ସମାବେଶ (ଶବ୍ଦକୋଷ)—2. Battle-array.

ସମବେଶନ—ସଂ. ବି—ବିବାହର ଚତୁର୍ଥ ରାତ୍ରିରେ ମୈଥୁନାର୍ଥ ବର-
Samabesana କନ୍ୟାଙ୍କର ଏକତ୍ର ଶୟନ; ଚତୁର୍ଥୀ—
The ceremony of consummation held on the fourth night of marriage and consisting in both the bride and the bridegroom occupying the same bed.

ସମ ଭାଗ—ସଂ. ବି (କର୍ମଧା)—ସମାନଭାଗ—Equal share or
Sama bhāga part. ସଂ. ବିଣ—(ବହୁବ୍ରୀହି) ସମାନ ଭାଗ
ବିଶିଷ୍ଟ—Of equal shares.

ସମ ଭାବ—ସଂ. ବି—୧ । ସମାନତା—1. Equality. ୨ । ସମତା;
Sama bhāba ସାମ୍ୟ—2. Equability. ୩ । ଏକ ରୂପତା
—3. Continuance in the same state; sameness. ୪ । ସାଦୃଶ୍ୟ—4. Similarity. ୫ । ଅପରିବର୍ତ୍ତିତ ଭାବ—5. Unchangeable condition.

ସମଭିଧା—ସଂ. ବି—(ସମ୍+ଅଭିଧା)—ସମ ନାମ (ଶବ୍ଦକୋଷ)—
Samabhidhā Same name.

ସମଭିବ୍ୟାହାର—ସଂ. ବି (ସମ୍+ଅଭି+ବି+ଆ+ହୃ ଧାତୁ=ହରଣ
Samabhibyāhāra କରିବା+ଭାବ. ଅ)—୧ । ସାହଚର୍ଯ୍ୟ;
ସମଭିବ୍ୟାହାରୀ } ବିଣ
ସମଭିବ୍ୟାହୃତ } ସଙ୍ଗ—1. Company; association. ୨ । ଏକତ୍ରାବସ୍ଥିତି—2. Remaining together; co-existence. ୩ । ଏକତ୍ର ସଂଯୋଗ—3. Juxtraposition. ୪ । ଏକତ୍ର ଗମନ—4. Going together. ୫ । ଏକ ସଙ୍ଗେ ଉଚ୍ଚାରଣ—5. Simultaneous utterance.

ସମଭିବ୍ୟାହାରରେ—ଦେ. କ୍ରି. ବିଣ—ଏକ ସଙ୍ଗେ; ସାଙ୍ଗ ହୋଇ—
Samabhibyāhārare In the company of; along
সম ভিব্যাহারে **समभिव्याहारमे** with.
(ସମଭିବ୍ୟାହାରେ—ଅନ୍ୟରୂପ)

ସମଭିବ୍ୟାହାରୀ—ସଂ. ବି ଓ ବିଣ. ପୁଂ (ସମଭିବ୍ୟାହାର+ଇନ୍)—୧ । **Samabhibyāhāri** ସାଥି; ସଙ୍ଗୀ—1. Associate; companion. ୨ । ଏକତ୍ର ଗମନକାରୀ; ସହଗାମୀ—2. Going together. (ସମଭିବ୍ୟାହାରିଣୀ-ସ୍ତ୍ରୀ)

(ସମଭିବ୍ୟାହାର, ସମଭିବ୍ୟାହାରିତା, ସମଭିବ୍ୟାହୃତ—ଦେଖ)

ସମଭିବ୍ୟାହୃତ—ସଂ. ବିଣ. (ସମ୍+ଅଭି+ବି+ଆ+ହୃ ଧାତୁ+କର୍ମ+ତ)—୧ । ଏକତ୍ରୀଭୂତ—1 Gathered together; collected at one place. **Samabhibyāhruta** (ସମଭିବ୍ୟାହୃତ—ବି) ୨ । ଏକ ସଙ୍ଗେ ଗୃହୀତ—2. Moved together. ୩ । ସହୋଚ୍ଚାରିତ—3. Uttered together; simultaneously uttered. ୪। ସହିତ-together with; accompanied by; attended by.

ସମଭିହାର—ସଂ. ବି. (ସମ+ଅଭି+ହୃ ଧାତୁ=ହରଣ କରିବା+ଅ) ୧ । ପୌନଃପୁନ୍ୟ; ବାରଂବାର—1. Repeatedness. ୨ । ଅତିଶଯ୍ୟ—2. Excessiveness. **Samabhihāra**

ସମଭୂମି—ସଂ. ବି. (କର୍ମଧା)—୧ । ସମତଳ ସ୍ଥାନ—1. Level ground; even surface. ୨ । ସମ ଧରାତଳ—2. A plane. ୩ । ମନ୍ଦିର ଅଟ୍ଟାଳିକାର ଭଙ୍ଗି ବାହାରି ତଳଭୂମିକୁ ସମତଳ କରଣ (ବିଶ୍ୱକୋଷ)—3. Lavelling of the site of a demolished building or temple. **Samabhūmi**

ସମମ୍—ସଂ. ଅ. (ସମ୍ଧାତୁ=ସମାନ ହେବା, ଅବକଳ ହେବା+କର୍ତ୍ତୃ ଅମ୍)—୧ । ସହ; ସହିତ—1. With. ୨। ଏକତ୍ର; ଏକ କାଳରେ; ଏକ ସମୟରେ—2. At one time. ୩ । ଯୁଗପତ୍—3. Simultaneously. **Samam**

ସମ ମଣ୍ଡଳ—ସଂ. ବି. (ଭୂଗୋଳ ପରିଭାଷା—ଅଧୁନିକ ପ୍ରୟୋଗ) ଭୂମଣ୍ଡଳର ସେହି ଅଂଶ ଶୀତମଣ୍ଡଳଦ୍ୱୟ ଓ ଗ୍ରୀଷ୍ମ ମଣ୍ଡଳଦ୍ୱୟର ମଧ୍ୟବର୍ତ୍ତୀ—(Geography) The temperate zones of the globe. **Sama mandala** [ଦ୍ର—ଭୂମଣ୍ଡଳସ୍ଥ ବିଷୁବରେଖାର ଉତ୍ତର ଓ ଦକ୍ଷିଣକୁ ଲାଗିଥିବା ମଣ୍ଡଳଟିକୁ 'ଗ୍ରୀଷ୍ମ ମଣ୍ଡଳ' (Torrid Zone) କହନ୍ତି । ଏଠାରେ ଗ୍ରୀଷ୍ମର ପରିମାଣ ଖୁବ୍ ଅଧିକ । ପୁଣି ମେରୁକୁ ବେଢ଼ିଥିବା ମଣ୍ଡଳ ଦ୍ୱୟକୁ 'ଶୀତ ବା ହିମ ମଣ୍ଡଳ' (Frigid Zone) କହନ୍ତି । ଏହି ଶୀତ ମଣ୍ଡଳରେ ଶୀତର ପ୍ରକୋପ ଅଧିକ ଅଟେ ।]

ଗ୍ରୀଷ୍ମ ମଣ୍ଡଳର ଉତ୍ତରକୁ ଓ ଉତ୍ତର ଶୀତ ମଣ୍ଡଳର ଦକ୍ଷିଣକୁ ଲାଗିଥିବା 'ସମମଣ୍ଡଳ'କୁ 'ଉତ୍ତର ସମ ମଣ୍ଡଳ' (North temperate zone) ଏବଂ ଗ୍ରୀଷ୍ମ ମଣ୍ଡଳର ଦକ୍ଷିଣ ଓ ଦକ୍ଷିଣ ଶୀତ ମଣ୍ଡଳର ଉତ୍ତରକୁ ଲାଗିଥିବା 'ସମ ମଣ୍ଡଳ'କୁ 'ଦକ୍ଷିଣ ସମ ମଣ୍ଡଳ' (South temperate zone) କୁହାଯାଏ । ସମମଣ୍ଡଳଦ୍ୱୟରେ ଥିବା ଭୂପୃଷ୍ଠରେ ଶୀତର ଓ ଗ୍ରୀଷ୍ମର ଆଧିକ୍ୟ ନ ଥିବାରୁ ଅର୍ଥାତ୍ ସମତା ଥିବାରୁ ଏହି ମଣ୍ଡଳଦ୍ୱୟକୁ 'ସମମଣ୍ଡଳ' କୁହାଯାଏ ।]

ସମୟ—ସଂ. ବି. (ସମ୍=ସମାନ+ଇ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଅଥବା ସମ୍=ସମାନ+ଯା ଧାତୁ=ଗମନ କରିବା+କରଣ ଅ; ଯାହା ଚରକାଳ ସମଭାବରେ ଗତି କରେ)—୧ । କାଳ—1. Time. ୨ । ଋତୁ—2. Season; period. ୩ । ପରିମିତ କାଳ-3. A space of time. ୪। ସୀମା—4. Boundary; limit. ୫ । ଉପଯୁକ୍ତ ବେଳା; ଯଥାଯୋଗ୍ୟ କାଳ—5. Proper time: fit season. ୬। ନିର୍ଦ୍ଦିଷ୍ଟ କାଳ—6. Appointed time. ୭ । ଫୁରସତ୍; ଅବକାଶ; ଅବସର—7. Leisure. ୮ । ସୁଯୋଗ—8. Opportunity. ୯ । ନିୟମ—9. Rule. ୧୦ । ସତ୍ୟପ୍ରତିଜ୍ଞା; ଶପଥ—10. Promise; vow; oath. ୧୧। ସିଦ୍ଧାନ୍ତ—11. Resolution. ୧୨ ।ଅନ୍ତିମକାଳ—12. Time of death. ୧୩ । ନିର୍ଦ୍ଦେଶ—13. Indication. ୧୪ । ସଙ୍କେତ—14. Sign. ୧୫ । ଚୁକ୍ତି—15. Agreement; contract; convention. ୧୬ । ଆଦେଶ; ଆଜ୍ଞା—16. Command; order. ୧୭ । ଆଚାର; ବ୍ୟବହାର—17. Custom. ୧୮ । ମୀମାଂସା—18. Decision. ୧୯ । କର୍ତ୍ତବ୍ୟ କର୍ମାନୁ-19. Doing of a duty; fulfilment of duty; carrying out of a duty. ୨୦ । ପ୍ରଚାର; ଘୋଷଣା—20. Publication; promulgation; notification. ୨୧ । ଦୁଃଖାବସାନ—21. The end of misery. ୨୨ । ଉପଦେଶ—22. Advice; instruction. ୨୩। ଧର୍ମ—23. Religion; righteousness. ୨୪। ନ୍ୟାୟ—24 Justice. ୨୫। ସମ୍ପଦ (ଶବ୍ଦକୋଷ)—25.Prosperity; affluence. ୨୬। ବାକ୍ୟ (ଶବ୍ଦକୋଷ)—26. Word. ୨୭। କଥନ—27. Speech. **Samaya** ସଂ. ବିଣ ପୁଂ—(ସମ୍=ସଂଯକ୍ ହୋଇଅଛି ଅୟ=ସୌଭାଗ୍ୟ ଯାହାର; ବହୁବ୍ରୀହି) ସୌଭାଗ୍ୟଶାଳୀ—Prosperous; fourtunate. ଦେ. ବି. ୧। ମୃତ୍ୟୁ; ଶାକାନ୍ତ—1. Death. ୨। ମିଆଦ; କାଳର ସୀମା—2. Limit of time. ୩। ମହଲତ; କୌଣସି କାର୍ଯ୍ୟପାଇଁ ଦଆଯିବା ନିର୍ଦ୍ଦିଷ୍ଟ କାଳ—3. Time granted for the performance of a work; adjournment. ୪ । ବୟସ—4. Age. ୫ । କୌଣସି ବ୍ୟକ୍ତିର ଉନ୍ନତିର ବା ଅଧିକାରର ବା ପ୍ରଭୁତ୍ୱର କାଳ—5. Time of reign or predominance or prevalence; regime. [ଯଥା—ଅଳକାଳ ଝୋକାଙ୍କର ସମୟ ହୋଇଛି, ତୁହାଙ୍କ କଥା ଶୁଣିଛ କିଏ ?] ୬ । ପଶୁମାନଙ୍କର ଋତୁକାଳ ବା ସଙ୍ଗମକାଳ—6. The mating season of animals. (ସମୟା—ସ୍ତ୍ରୀ) ସମୟ

ସମୟ ଅସମୟ—ଦେ. ବ—୧ । କାଳାକାଳ; ସୁସମୟ ଓ ଦୁଃସମୟ—
Samaya asamaya 1. Proper and improper
সময়অসময় **समयअसमय** seasons; good and bad times. ୨ । ସବୁ ବେଳ—2. All times

ସମୟ କରିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବା ପାଇଁ
Samaya karibā ସମୟର ବ୍ୟବସ୍ଥା କରିବା—1. To
সময়করা **समयकरना** make time. ୨ । ମିଆଦ ସ୍ଥିର କରିବା; ଚୁକ୍ତି କରିବା—2. To appoint a time-limit. [ଉ—ପାଣ୍ଡବେ ସମୟ ତ କରିଥାଇଛନ୍ତି
କାହିଁକି ଲେଉଟିବେ କହ ତ ସୁରତି ।
—କୃଷ୍ଣସିଂହ. ମହାଭାରତ. ବନ]

ସମୟକାର—ସଂ. ବି. (ସମୟ+କୃ ଧାତୁ+କର୍ତ୍ତୃ. ଅ)—୧। ପରିଭାଷା—
Samayakāra 1. Glossary of technical terms. ୨ । ସଙ୍କେତ (କିତାବ୍ରଶେଷ)—2. Sign; indication.

ସମୟ ଘଟିବା—ଦେ. କ୍ରି—ସମୟ ମିଳିବା (ଦେଖ)—
Samaya ghaṭibā Samaya miḻibā (See)

ସମୟ ଦେବା—ଦେ. କ୍ରି—୧ । ମହଲତ ଦେବା; ଅବସର ମଞ୍ଜୁର
Samaya debā କରିବା—1. To grant time; to
সময়দেওয়া **समयदेना** grant an adjournment. ୨ । ସମୟ ନିର୍ଦ୍ଦେଶ କରିବା—2. To appoint or fix a time.

ସମୟ ନ ଥିବା—ଦେ. କ୍ରି—୧ । ଫୁରସତର ବା ଅବସରର ଅଭାବ-
Samaya na thibā 1. Want of leisure.
সময়নাথাকা **समयनरहना** ୨ । ସୁବିଧାର ଅଭାବ—2.
(ସମୟ ନ ମିଳିବା; ସମୟ ନ ହେବା—ଅନ୍ୟରୂପ) Want of opportunity.

ସମୟ ନିରୂପଣ—ସଂ. ବି—ନିର୍ଦ୍ଦିଷ୍ଟ ସମୟର ସ୍ଥିରୀକରଣ—A scer-
Samaya nirūpaṇa tainment of the exact time.

ସମୟ ନେବା—ଦେ. କ୍ରି—ମହଲତ ନେବା; ଅବକାଶ ପ୍ରାର୍ଥନା କରିବା
Samaya nebā —To take time.
সময় নেওয়া **समय लेना**

ସମୟ ପାଇବା—ଦେ. କ୍ରି—୧ । ମହଲତ ପାଇବା; କୌଣସି କାର୍ଯ୍ୟ
Samaya pāibā ପାଇଁ ଅବକାଶ ପ୍ରାପ୍ତ ହେବା—1. To get
সময় পাওয়া time. ୨ । ଉପଯୁକ୍ତ ଅବସର ପ୍ରାପ୍ତ ହେବା—
समय पाना 2. To get an opportunity. ୩ । ଫୁରୁସତ ପାଇବା—3. To get leisure.

ସମୟ ବିଭାଗ—ସଂ. ବି (ଷଷ୍ଠୀ ତତ୍)—୧ । ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ
Samaya bibhāga ଭିନ୍ନ ଭିନ୍ନ ବେଳର ବଣ୍ଟନ—
1. Division of time into a routine. ୨ । କାଳକୁ ଭିନ୍ନ ଭିନ୍ନ ଅଂଶରେ ବିଭାଗ କରିବା—2. Division of time into distinct periods.
[ଦ୍ର—ଭିନ୍ନ ଭିନ୍ନ ଦେଶରେ ଲୋକେ ସମୟକୁ ବିଭିନ୍ନ ଅଂଶରେ ବିଭାଗ କରିଅଛନ୍ତି । ଯଥା—୧ ଶତାବ୍ଦୀ= ୧୦୦ ବର୍ଷ । ୧ ବର୍ଷ=୧୨ ମାସ=୬ ଋତୁ । ୧ଋତୁ= ୨ ମାସ । ୧ ମାସ=୩୦ ଅହୋରାତ୍ର=୩୦ ତିଥି=୨ ପକ୍ଷ । ୧ ପକ୍ଷ=୧୫ ଅହୋରାତ୍ର । ୧ ତିଥି=୧ ଅହୋରାତ୍ର=୧ ଦିନ+୧ ରାତ୍ରି=୮ ପ୍ରହର=୨୪ ଘଣ୍ଟା । ୧ ଦିନ=୧୨ ଘଣ୍ଟା=୪ ପ୍ରହର=୩୦ ଦଣ୍ଡ । ୧ ରାତ୍ରି =୧୨ ଘଣ୍ଟା=୪ ପ୍ରହର=୩୦ ଦଣ୍ଡ । ୧ ପ୍ରହର= ୪ ଘଡ଼ି=୭½ ଦଣ୍ଡ । ୧ ଘଣ୍ଟା=୬୦ ମିନିଟ୍ । ୧ମିନିଟ୍= ୬୦ ସେକେଣ୍ଡ୍ । ୧ ଦଣ୍ଡ=୬୦ ପଳ । ୧ ପଳ=୬୦ ବିପଳ । ୧ ବିପଳ=୬୦ ଲିପ୍ତା । ୧ ଲିପ୍ତା=୬୦ ବିଲିପ୍ତା ଇତ୍ୟାଦି ।]

ସମୟ ମିଳିବା—ଦେ. କ୍ରି—୧ । ସୁଯୋଗ ଘଟିବା; ସୁବିଧା ଘଟିବା—
Samaya miḻibā 1. The happening of an oppor-
সময় মিলা tunity. ୨ । ଫୁରୁସତ ବା ଅବକାଶ ମିଳିବା-
समय मिलना 2. The getting of leisure.

ସମୟ ସେବୀ—ସଂ. ବିଣ. ପୁଂ (ସମୟ+ସେବ୍ ଧାତୁ+କର୍ତ୍ତୃ. ଇନ୍;
Samaya sebī ୧ମା. ୧ବ)—୧ । ଯେ ବେଳ ଦେଖି କାମ
(ସମୟ ସେବିନୀ—ସ୍ତ୍ରୀ) କରେ—1. Time-serving. ୨ । କାଳର ମୂଲ୍ୟଜ୍ଞ—2. Knowing the value of time.

ସମୟ ହେବା—ଦେ. କ୍ରି—୧ । ମୃତ୍ୟୁ ଘଟିବା; ମରଣହେବା—1. Death;
Samaya hebā breathing one's last. ୨ । ସମୟ
সময় হওয়া ମିଳିବା (ଦେଖ)—2. Samaya miḻibā (See)
समय होना ୩ । ଉପଯୁକ୍ତ ସମୟ ଉପସ୍ଥିତ ହେବା—3. The arrival of proper or fit time.

ସମୟା—ସଂ. ଅ (ସମ୍+ଇ ଧାତୁ+କର୍ତ୍ତୃ. ଅ)—୧ । ସମୀପରେ;
Samayā ନିକଟରେ—1. Near; in the vicinity
সময় **समय** of. ୨ । ମଧ୍ୟରେ—2. In the middle;
(ସମୟ—ପୁଂ) amidst; in the midst of. ସଂ. ବିଣ. ସ୍ତ୍ରୀ (ସମୟ+ସ୍ତ୍ରୀ. ଆ)—ସୌଭାଗ୍ୟଶାଳିନୀ—(Feminine) Fortunate (woman). ଗ୍ରା. ବି (ସଂ. ସମୟ)— ୧ । ସମୟ; କାଳ—1. Time. ୨ । ମୃତ୍ୟୁ— 2. Death.

ସମୟାଧ୍ୟୁଷିତ—ସଂ. ବି—ଯେଉଁ ସମୟରେ ସୂର୍ଯ୍ୟ ବା ନକ୍ଷତ୍ର ଦୃଷ୍ଟି-
Samayādhyushita ଗୋଚର ହୁଏ ନାହିଁ; ସୂର୍ଯ୍ୟ ନକ୍ଷତ୍ର-ବର୍ଜିତକାଳ (ମନୁ. ୨।୧୫)—A time when the sun or the stars are not visible.

ସମୟାନ୍ତର—ସଂ. ବି (କର୍ମଧାରୟ; ଅନ୍ୟ+ସମୟ=ସମୟାନ୍ତର)—
Samayāntara ୧ । ଅନ୍ୟ ସମୟ—1. Another time. ୨ । ଭିନ୍ନ କାଳ—2. Different time.

ସମୟାଭାବ—ସଂ. ବି. (୬ଷ୍ଠୀ ତତ୍; ସମୟ+ଅଭାବ)—୧ । କାଳର
Samayābhāba ଅଭାବ; ବେଳ ନ ଅଣ୍ଟିବା—1. Want of time. ୨ । ଅବସର ନ ମିଳିବା—2. Want of leisure.

ସମ ଯୋଗ୍ୟ—ସଂ. ବିଣ. ପୁଂ (ସମ=ସମାନ ରୂପେ+ଯୋଗ୍ୟ;କର୍ମଧା)—
Sama jogya ୧ । ସମକକ୍ଷ; ସମତୁଲ—1. Equal; similar. ୨ । ସମାନ ରୂପେ ଯୋଗ୍ୟ—2. Equally fit.
(ସମଯୋଗ୍ୟା—ସ୍ତ୍ରୀ; ସମଯୋଗ୍ୟତା—ବି)

ସମୟୋଚିତ—ସଂ ବିଣ—କାଳର ଉପଯୁକ୍ତ; ଯେଉଁ କାଳରେ ଯାହା
Samayochita ଉପଯୋଗୀ—Befitting the times, suited to the occasion; opportune; seasonable.
(ସମୟାନୁରୂପ, ସମୟୋପଯୋଗୀ, ସମୟୋପଯୁକ୍ତ—ଅନ୍ୟରୂପ)

ସମ ଯୋଦ୍ଧା—ସଂ. ବି (ସମ+ଯୁଧ୍ ଧାତୁ+ତୃ; ସମଯୋଦ୍ଧୃ; ୧ମା. ୧ବ)
Sama joddhā —୧ । ଏକ ସଙ୍ଗରେ ଏକ ପକ୍ଷରେ ଯୁଦ୍ଧ କରୁଥିବା ବୀର—1. Comrade in arms; warriors fighting on the same side.
[ଉ—ଉଠ ଉଠ ଅହେ ସମଯୋଦ୍ଧାଗଣ ! କରେ କରବାଳ ଘେନ ସମରେ । ରାଧାନାଥ· କବିତାବଳୀ ।] ୨। ଯୁଦ୍ଧରେ ପ୍ରତିଦ୍ୱନ୍ଦ୍ୱୀ ବୀର—2. A rival or opponent; warrior; adversary.
(ସମଯୋଧା; ସମଯୋଦ୍ଧୃ—ବେ, ରୂପ)

ସମର୍ କ(ଖ)ନ୍ଦ—ବୈଦେ· ବି (ନାମ)—ତୁର୍କିସ୍ଥାନର ଅନ୍ତର୍ଗତ ଓ ଅଧୁନା
Samar k(kha)and ରୁଷ ରାଜ୍ୟର ଅଧିକୃତ ଦୁର୍ଗାଧିଷ୍ଠିତ ନଗର—Samarkand; name of a famous town in Turkistan.
[ଦ୍ର—ଏହି ନଗର ବହୁ ପ୍ରାଚୀନ; ପୂର୍ବେ ଏହି ନଗରୀ ଇସ୍‌ଲାମ୍ ଧର୍ମର ଓ ପାରସୀ ସାହିତ୍ୟଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଥିଲା । ପ୍ରାଚୀନ ନଗର ବିଧ୍ୱସ୍ତ ହେବାରୁ ଏହି ଦୂର ଛଡ଼ା ନୂତନ ନଗର ନିର୍ମିତ ହେଲା । ଖ୍ରୀ ୭୦୨ ରେ ଅରବମାନେ ଏହା ଅଧିକାର କଲେ, ୧୨୧୯ ରେ ଏହା ଚେ(ଙ୍ଗେ)ଙ୍ଗିସ୍ ଖାଁଙ୍କର ଓ ୧୩୬୯ ରେ ଏହା ତୈମୁର୍ ଲଙ୍ଗ୍‌ଙ୍କ ଅଧିକାରରେ ଅସିଲା । ତୈମୁରଙ୍କ ସମୟରେ ନଗରର ବିଶେଷ ଉନ୍ନତି ସାଧିତ ହୋଇଥିଲା । ପରବର୍ତ୍ତୀ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ଏ ନଗର ବିଦ୍ୟାର୍ଜ୍ଜନର ପ୍ରଧାନ କେନ୍ଦ୍ର ଓ ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠା ଲାଭ କରିଥିଲା । ୧୮୬୮ ଖ୍ରୀଷ୍ଟାବ୍ଦରେ ଏହା ରୁଷ ସାମ୍ରାଜ୍ୟ ଭୁକ୍ତ ହେଲା—ବିଶ୍ୱକୋଷ ।]

ସମର—ସଂ, ବି (ସମ=ସମାନ+ଋ ଧାତୁ=ଗମନ କରିବା+ଅଧି-କରଣ, ଅ; ଯହିଁରେ ଏକାଧିକ ବ୍ୟକ୍ତି ସମାନରୂପେ
Samara ଗମନ କରନ୍ତି; ଅଥବା ସ=ସହିତ+ମର=ମରଣଶୀଳ, ମରଣଶୀଳମାନଙ୍କ ସହିତ ବର୍ତ୍ତମାନ; ସହାର୍ଥ ବହୁବ୍ରୀହି)—ଯୁଦ୍ଧ; ରଣ;ସଂଗ୍ରାମ; ଲଢ଼େଇ— Battle; fight; war; conflict. ଦେ. ବି (ନାମ)—ସମରସିଂହ (ଦେଖ)—
समर Samarasimha (See) [ଉ—ସମର ପ୍ରାଙ୍ଗଣେ
समर
କେଶରୀ 'ସମର' ପୃଥ୍ୱୀରାଜ ସହ କରଣ ରଣେ—ଲଳିତ-କିଶୋର, କୃଷ୍ଣକୁମାରୀ ।]

ସମର କୁଶଳ—ସଂ. ବିଣ. ପୁଂ (୭ମୀ ତତ୍)—ଯୁଦ୍ଧନିପୁଣ; ଯୁଦ୍ଧ
Samara kuśala ବିଷୟରେ ପଟୁ—Versed the art of war; skilful in fighting.
(ସମର କୁଶଳା—ସ୍ତ୍ରୀ)
(ସମର କୁଶଳତା—ବି)

ସମର କୌଶଳ—ସଂ. ବି (୭ମୀ ତତ୍)—ଯୁଦ୍ଧ ବିଷୟକ କୌଶଳ ବା
Samara kauśala ନୈପୁଣ୍ୟ—Skill in war; the art of war.

ସମର କ୍ଷେତ୍ର—ସଂ. ବି (ମଧ୍ୟପଦଲୋପୀ କର୍ମଧା; ସମର ପାଇଁ ବ୍ୟବହୃତ
Samara kshetra କ୍ଷେତ୍ର)—ଯୁଦ୍ଧ ଭୂମି; ଲଢ଼େଇ ଥାନ; ଯୁଦ୍ଧ ସ୍ଥାନ—War-field battlefield.
(ସମର ପ୍ରାଙ୍ଗଣ, ସମର ଭୂମି, ସମର-କ୍ଷିତି, ସମର ଭୂ, ସମର ବସୁଧା—ଅନ୍ୟରୂପ)

ସମର ଜିତ୍—ସଂ. ବିଣ ପୁଂ ସ୍ତ୍ରୀ (ସମର+ଜି ଧାତୁ+କ୍ୱିପ୍)—ଯୁଦ୍ଧଜୟୀ—
Samara jit Victorious in fight.
(ସମରଜେତା, ସମରଞ୍ଜୟ—ଅନ୍ୟ ପୁଂ, ରୂପ)

ସମରତ—ସଂ·ବି—ରତିବନ୍ଧବିଶେଷ—A particular pose in co-
Samarata pulation. [ଦ୍ର—ନାରୀର ପଦଦ୍ୱୟକୁ ଜଙ୍ଘାଦ୍ୱୟ ସଙ୍ଗେ ସଂଯୁକ୍ତ କରି ସ୍ତନ ଧାରଣ ପୂର୍ବକ ରମଣକୁ ସମରତ ବୋଲଯାଏ—ରତିମଞ୍ଜରୀ ।]

ସମରଥ—ଗ୍ରା· ବିଣ (ପଦ୍ୟ) (ସଂ. ସମର୍ଥ)—ସମର୍ଥ (ଦେଖ)—
Samaratha Samartha (See). [ଉ—ପାଣ୍ଡୁଙ୍କର ସୁତଙ୍କୁ
समर्थ ଜିଣିବାକୁ ଜଣେ, ସମରଥ ନୋହିଲ ମୋ ସୁତ ଅପଣେ—
समरथ କୃଷ୍ଣସିଂହ ମହାଭାରତ ଆଦି ।] ଗ୍ରା. ବି (ସଂ· ସାମର୍ଥ୍ୟ)
सामर्थ्य —ସାମର୍ଥ୍ୟ (ଦେଖ)—Sāmarthya (See)
सामरथ

ସମରଥା—ଗ୍ରା. ବିଣ (ସଂ. ସମର୍ଥ)—୧ । ସାମର୍ଥ୍ୟଯୁକ୍ତ; ସମର୍ଥ—
Samarathā 1. Strong; able. ୨ । ଶକ୍ତିମଶାଳୀ—
समर्थ 2. Powerful. ଦେ. ବି—୧ । ଶୂଦ୍ରମାନଙ୍କର
समरथ ବଂଶୋପାଧି ବିଶେଷ—1. A family title of Sūdras. ୨। ଦେବସେବକ ବିଶେଷ; ଭୁବନେଶ୍ୱର ଓ ପୁରୀ ମନ୍ଦିରରେ ଯେଉଁମାନେ ଠାକୁରଙ୍କ ଭୋଗ ପାଇଁ ପରିବା କାଟନ୍ତି, ଚାଉଳ ଧୁଅନ୍ତି, ଚୂନା କୁଟନ୍ତି ଓ ବଡ଼ି ବାଟନ୍ତି—
2. A class of servants in Puri and Bhubaneśwara temples who prepare and cleanse rice and kitchen--vegetables etc for the kitchen. [ଦ୍ର—ସମରଥା ବା ସମର୍ଥା ଦୁଇ ଶ୍ରେଣୀର—ବ୍ରାହ୍ମଣ ସମର୍ଥା ଓ ଶୂଦ୍ର ସମର୍ଥା । ମହାପ୍ରଭୁଙ୍କ ଭୋଗ ପାଇଁ ବଟା ବଗା ଆଦି କରିବା ସେବକ ବ୍ରାହ୍ମଣ-ସମରଥା ଓ ଚୂନା କୁଟା, ବଡ଼ି ମୁଗ ରଗଡ଼ା ଆଦି କରିବା ସେବକ ଶୂଦ୍ର ସମରଥା ଅଟନ୍ତି ।]

ସମରପଣ—ଗ୍ରା· ବି (ପଦ୍ୟ) (ସଂ. ସମର୍ପଣ)—ସମର୍ପଣ (ଦେଖ)
Samarapana Samarpana (See)

ସମରପିବା—ଗ୍ରା. କି (ସ. ସମର୍ପିବା)—ସମର୍ପିବା (ଦେଖ)
Samarapibā — Samarpibā (See)

ସମର ପୋତ—ସ. ବ (ସ, ଷ, ତେ. କର୍ମଧା)—ଯୁଦ୍ଧ ଜାହାଜ—
Samara pota — A man-o-war; a warship.
(ସମର ତରୀ—ଅନ୍ୟରୂପ)

ସମର ପ୍ରିୟ—ସ. ବଣ. ପୁଂ (ବହୁବ୍ରୀହି)—ଯୁଦ୍ଧପ୍ରିୟ; ଯେ ଯୁଦ୍ଧ
Samara priya — କରିବାକୁ ସୁଖ ପାଏ—War-loving;
(ସମରପ୍ରିୟା—ସ୍ତ୍ରୀ) (ସମର ପ୍ରିୟତା—ବ) — warlike.

ସମର ବିଜ୍ଞାନ—ସଂ. ବ (ଅଧୁନିକ ପ୍ରୟୋଗ)—ଯୁଦ୍ଧ ବିଜ୍ଞାନ—
Samara bijñāna — The science of war.

ସମର ବିଦ୍ୟା—ସଂ. ବ—୧ । ଯୁଦ୍ଧ ବିଜ୍ଞାନ—1. The science
Samara bidyā — of war. ୨ । ଯୁଦ୍ଧ କୌଶଳ—
2. The art of war; skill in battle.

ସମର ମୁହାଁ—ଦେ. ବଣ—ଯୁଦ୍ଧ ପାଇଁ ସଜ୍ଜିତ; ଯୁଦ୍ଧ ପାଇଁ ଅଗ୍ରସର—
Samara muhāñ — Ready for battle. [ହି—ସଡ଼
ସମର ମୁଖୋ — ପ୍ରାଣ ମାୟା କହଲାଇ ହୁଅ ଯୁଝିବାକୁ ହେଲେ ସମର
समर मुंहा — ମୁହାଁ—ବଳଭଦ୍ର ଦେବ, ଭାଗବତ୍ତ୍ୱ ।

ସମର ମୂର୍ଦ୍ଧା—ସ. ବ (୬ଷ୍ଠୀ ତତ୍, ସମରର ମୂର୍ଦ୍ଧନ୍=ଅଗ୍ରଭାଗ, ୧ମା
Samara mūrddhā — ୧ବ)—ଯୁଦ୍ଧର ସମ୍ମୁଖଭାଗ; ଯେଉଁ-
ଠାରେ ଯୁଦ୍ଧ ପ୍ରଥମେ ଆରମ୍ଭ ହୁଏ—The front of battle.

ସମର ଶଯ୍ୟା—ସ. ବ (ରୂପକ କର୍ମଧା)—ଯୁଦ୍ଧସ୍ଥଳରୂପ ଶଯ୍ୟା (ଅର୍ଥାତ୍
Samara śajyā — ଯେଉଁ ଶଯ୍ୟାରେ ଯୋଦ୍ଧାମାନେ ଶୋଇଲା
ପର ମହାନିଦ୍ରାଗ୍ରସ୍ତ ହୁଅନ୍ତି)—Field of battle
compared to a bed for the fallen warriors.

ସମର ଶାୟିତ—ସଂ. ବଣ. ପୁଂ (୭ମୀ ତତ୍)—ଯୁଦ୍ଧରେ ପତିତ;
Samara śāyita — ଯେ ଯୁଦ୍ଧ କରୁ କରୁ ହତ ହୋଇ ସମର
(ସମରଶାୟିତା—ସ୍ତ୍ରୀ) ଭୂମିରେ ଚିରନିଦ୍ରା ଗଲେ—Fallen in battle.

ସମର ଶାୟୀ—ସଂ. ବଣ. ପୁ (୭ମୀ ତତ୍)—ସମର ଶାୟିତ (ଦେଖ)
Samara śāyī — Samara śāyita (See)
(ସମର ଶାୟିନୀ—ସ୍ତ୍ରୀ)

ସମର ଶୀଳ—ସଂ. ବଣ. ପୁଂ (ବହୁବ୍ରୀହି)—୧। ରଣକୁଶଳ; ଯୁଦ୍ଧପଟୁ—
Samara śīla — 1.Skilful in warfare. ୨। ଯୁଦ୍ଧରେ ନିଯୁକ୍ତ
—2. Engaged in fight. [ଉ—ଦୁରସାର
ଅଚଳଗୁଣର ମହାବଳ ସେନ ଦେଖେ ସମରଶୀଳ ସେ—
(ସମରଶୀଳା—ସ୍ତ୍ରୀ) — ଉପେ. ବୈଦେହୀଶବିଳାସ ।]

ସମର ସଚିବ—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧ ମନ୍ତ୍ରୀ; ଯୁଦ୍ଧ ସମ୍ବନ୍ଧରେ
Samara sachiba — ରାଜାଙ୍କୁ ପରାମର୍ଶ ଦେବା ମନ୍ତ୍ରୀ —
A war-minister; war lord.

ସମର ସଚିବତା—ସଂ. ବ (ସମର ସଚିବ + ଭାବେ. ତା)—ଯୁଦ୍ଧ-
Samara sachibatā — ମନ୍ତ୍ରିତ୍ୱ; ଯୁଦ୍ଧମନ୍ତ୍ରୀଙ୍କ ପଦ—The post
[ସମର ସାଚିବ୍ୟ—ଅନ୍ୟରୂପ] — of a war-minister.

ସମର ସଜ୍ଜା—ସଂ. ବ—ଯୁଦ୍ଧସଜ୍ଜା; ରଣସଜ୍ଜା; ଯୁଦ୍ଧ କରିବା ପାଇଁ
Samara sajjā — ପ୍ରସ୍ତୁତ ହେବା—Battle-array.

ସମର ସିଂହ—ଦେ. ବ (ନାମ)—୧ । ମିବାର ବା ଉଦୟପୁରର
Samara simha — ଜଣେ ପ୍ରାଚୀନ ରାଜା—1. Name of an ancient king of Mewar in North India.
ସମର ସିଂହ — समर सिंह — [ଉ—ଏ ଦିଲ୍ଲୀର ଶେଷ ହିନ୍ଦୁ ରାଜା ପୃଥ୍ୱୀରାଜଙ୍କ ଭଗିନୀ-
ପତି ଥିଲେ । ଜାଳଂଧରର ରାଜା ଜୟଚନ୍ଦ୍ରଙ୍କ ଆହ୍ୱାନ
କ୍ରମେ ଅଫଗାନସ୍ଥାନର ରାଜା ମହମ୍ମଦ ଘୋରୀ ଦିଲ୍ଲୀକୁ
ଆକ୍ରମଣ କରିବାରୁ ଏ ପୃଥ୍ୱୀରାଜଙ୍କ ସଙ୍ଗେ ଯୋଗ ଦେଇ
ପ୍ରଥମବାର ମହମ୍ମଦ ଘୋରୀଙ୍କ ଆକ୍ରମଣକୁ ପ୍ରତିରୋଧ କରି
ନାରାୟଣ ନାମକ ସ୍ଥାନରେ ତାଙ୍କୁ ପରାଜିତ କଲେ । କିନ୍ତୁ
ଦ୍ୱିତୀୟଥର ଯୁଦ୍ଧରେ ପୃଥ୍ୱୀରାଜ ବନ୍ଦୀ ହେଲେ ଓ ସମର
ସିଂହ ସ୍ୱୀୟ ପୁତ୍ର କଲ୍ୟାଣ ସିଂହଙ୍କ ସଙ୍ଗେ ସମରଶାୟୀ
ହୋଇଲେ—୧୧୯୩ ଖ୍ରୀ ।] ୨ । ଗୁଜରାଟର ଜଣେ
ବିଖ୍ୟାତ ପ୍ରାଚୀନ ଜ୍ୟୋତିର୍ବିଦ୍—2. Name of a
famous ancient astronomer of gujerat.
[ଉ—ଜଗଦ୍ଭୂଷଣ ଜ୍ୟୋତିଷ, ତାଜକ ସିଦ୍ଧାନ୍ତ, ମନୁଷ୍ୟ
ଜାତକ, ତାଜକ ତନ୍ତ୍ର, ବର୍ଷଫଳ ଖଣ୍ଡନ, ତାଜକରତ୍ନସାର
ପ୍ରଭୃତି ଗ୍ରନ୍ଥ ଏହାଙ୍କ ରଚିତ—ବିଶ୍ୱକୋଷ ।]

ସମରାଙ୍ଗଣ(ନ)—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧକ୍ଷେତ୍ର—The field
Samarāngaṇa(na) — of battle; the scene of battle.

ସମରାଜି—ଦେ. ବ (ସଂ. ସୋମରାଜୀ)—ସୋମରାଜି (ଦେଖ)—
Samarāji — Somarāji (See) [ଉ—ସମରାଜି ଫୁଆଦ
ନାଲ୍ମିଶା ଜଳ । ମନୋହର ପାଣି ହରିତାଳ—ଉପେ.
ଲାବଣ୍ୟବତୀ ।]

ସମ ରାଶି—ସଂ. ବ (କର୍ମଧା)—୧ । (ଗଣିତ) ଯେଉଁ ରାଶିକୁ ଦୁଇ
Sama rāśi — ସଂଖ୍ୟାରେ ହରିଲେ ବଳ ଭାଗଶେଷ ରହେ ନାହିଁ;
ଅଯମ ରାଶି } ବିପରୀତ — ଯୋଡ଼ ସଂଖ୍ୟା (ଯଥା—୨, ୪, ୬, ୮—
ବିଷମ ରାଶି } — 1. Even number. ୨। (ଜ୍ୟୋତିଷ)
ମେଷାଦି ଦ୍ୱାଦଶରାଶି ମଧ୍ୟରୁ ୨ୟ, ୪ର୍ଥ, ୬ଷ୍ଠ, ୮ମ, ୧୦ମ
ଓ ୧୨ଶ ରାଶି – 2. The signs of the Zodiac
comprising of even numbers

ସମରୁ—ଦେ. ବ (ନାମ)—ଭାରତପ୍ରସିଦ୍ଧ ଜର୍ମାନ ସୈନିକବିଶେଷ—
Samaru — A German warrior of Indian warfare
ସମରୁ — of the 18th Century. [ଉ—ଏହାଙ୍କ
समरु — ଜନ୍ମ ଖ୍ରୀ· ୧୭୨୦ ଓ ମୃତ୍ୟୁ ୧୭୭୮ । ଏହାଙ୍କର ପ୍ରକୃତ
ନାମ ୱାଲ୍ଟର ରେନ୍‌ହାର୍ଡ୍ (Walter Reinhard);
ଏହାଙ୍କ ଜନ୍ମସ୍ଥାନ ଜର୍ମାନୀରେ । ଏ ଭାରତକୁ ଆସି
ପ୍ରଥମେ ଫରାସୀ ସୈନିକ ବିଭାଗରେ, ପରେ ଯଥାକ୍ରମେ
ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ସୈନିକ ବିଭାଗରେ, ଫରାସୀମାନଙ୍କ
ଅଧୀନତାରେ ଏବଂ ପରେ ଅଯୋଧ୍ୟା ନବାବଙ୍କର, ବଙ୍ଗ
ନବାବଙ୍କର ଭରତପୁର ଓ ଜୟପୁର ରାଜାଙ୍କର ଓ ଦିଲ୍ଲୀର
ବାଦଶାହଙ୍କ ସୈନ୍ୟ ବିଭାଗରେ ଚାକିରି କରିଥିଲେ । ବଙ୍ଗ
ନବାବ ମିର୍‌କାସିମଙ୍କ ଅଧୀନରେ ସେନାଧ୍ୟକ୍ଷ ଥିବାବେଳେ
ଏ ୧୭୬୩ ସାଲରେ ପାଟନାରେ ୫୧ ଜଣ ଇଂରେଜ
ଓ ୧୦୦ ଅନ୍ୟ ଜାତୀୟ ବ୍ୟକ୍ତିଙ୍କୁ ଧରି ହତ୍ୟା କରିଥିଲେ ।

ଏଥି ପରେ ସେମାନେ ଅଯୋଧ୍ୟାର ନବାବଙ୍କ ଅଧୀନତାରେ ରହି ତାଙ୍କଠାରୁ 'ସରଧାନା' ନାମକ ଏକ ମୂଲ୍ୟବାନ୍ ଭୂ-ଖଣ୍ଡ ପାଇ ସେଠାରେ ଗୋଟିଏ ଦୁର୍ଗ ନିର୍ମାଣପୂର୍ବକ ତହିଁ ମଧ୍ୟରେ ସୁଦୃଢ଼ ସୈନ୍ୟ ରଖି ସମରୁ ବେଗମଙ୍କ ସହିତ ବାସ କଲେ । ଆଗ୍ରାରେ ଏହାଙ୍କ ମୃତ୍ୟୁ ଘଟିଲା । ଏ ମୂର୍ଖ ଓ କଷ୍ଟ ଉପଦ୍ରବକ ଥିଲେ । ସ୍ୱରୂପତଃ ଅପି ଏ Summer ବା Somers ନାମ ଗ୍ରହଣ କଲେ ଏବଂ ଭାରତୀୟମାନେ ଏହାଙ୍କୁ 'ସମରୁ' ନାମରେ ଡାକୁଥିଲେ ।]

ସମରୁ ବେଗମ୍—ଦେ. ବି (ନାମ)—ସମରୁଙ୍କ ରକ୍ଷିତା ସ୍ତ୍ରୀ—The Samaru begam name by which the mistress সমরুবেগম of Samaru was known. [ଦ୍ର—ଏହାଙ୍କ ଜନ୍ମ समरुबेगम १७५० ରେ ଓ ମୃତ୍ୟୁ ୧୮୩୬ ରେ । ଏହାଙ୍କର ପ୍ରକୃତ ନାମ ଜେବଲନିସା । ଏ ଜାତିରେ ଜର୍ଜିଅନ୍ (Georgian) ଥିଲେ । ଏହାଙ୍କ ଜନ୍ମ କାଶ୍ମୀରରେ ହୋଇଥିଲା । ଏ 'ସମରୁ'ଙ୍କ ସ୍ତ୍ରୀରୂପେ ବାସ କରୁଥିଲେ ଏବଂ ସମରୁଙ୍କ ମୃତ୍ୟୁ ପରେ ତାଙ୍କ ଜମିଦାରୀର ଓ ପ୍ରଭୂତ ସୈନ୍ୟର ଅଧିକାରିଣୀ ହେଲେ । ତା ପରେ ଏ ରୋମାନ୍‌କାଥଲିକ୍ ଧର୍ମ ଗ୍ରହଣ କରି ଜଣେ ଫରାସୀଙ୍କୁ ବିବାହ କଲେ । ଉକ୍ତ ଫରାସୀ ଆତ୍ମହତ୍ୟା କଲା ପରେ ଏ ଇଂରେଜମାନଙ୍କ ସହିତ ଯୁଦ୍ଧ କରି ୧୮୦୩ ସାଲରେ 'ଅସାଇ' ନାମକ ଯୁଦ୍ଧରେ ପରାସ୍ତ ହୋଇ ପରେ ଇଂରେଜଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ଏ ଖ୍ରୀଷ୍ଟାନ୍ ଧର୍ମର ଉନ୍ନତି ପାଇଁ ବହୁ ଧନ ଦାନ କରିଥିଲେ । ଏ କଲିକତାର ବିଶପ୍ (ଖ୍ରୀଷ୍ଟାନ୍ ଧର୍ମୋପଦେଶକ)ଙ୍କ ହସ୍ତରେ ଦାନାର୍ଥ ପଚାଶ ହଜାର ଟଙ୍କା ଅର୍ପଣ କରିଥିଲେ ଏବଂ ମିରଟରେ ଗୋଟିକେତେ ଗୀର୍ଜା ନିର୍ମାଣ କରାଇଥିଲେ । ଏ ସର୍ବଦା ଖୁବ୍ ଆଡ଼ମ୍ବର ସହକାରେ ଚଳୁଥିଲେ ଓ ମୃତ୍ୟୁ ସମୟରେ ନଗଦ ୬୦।୮୦ ଲକ୍ଷ ଟଙ୍କା ରଖି ଯାଇଥିଲେ । ତାଙ୍କ ପରେ ତାଙ୍କ ପୌତ୍ର (Dyce Sembre) ତାଙ୍କ ସମ୍ପତ୍ତି ଭୋଗ କଲେ ।]

ସମରେନ୍ଦ୍ର ସିଂହ—ଦେ. ବି (ନାମ)—ମିବାରର ରାଣା ପ୍ରତାପ ସିଂହଙ୍କ କନିଷ୍ଠ ଭ୍ରାତା—The younger brother of Pratap Singh, Rana of Mewar. Samarendra simha সমরেন্দ্র সিংহ समरेन्द्र सिंह [ଦ୍ର—ଏହାଙ୍କର ଅପର ନାମ ଶକ୍ତିସିଂହ ବା ଶାକ୍ତିସିଂହ । ଏ ପ୍ରଥମେ ବଡ଼ ଭାଇ ପ୍ରତାପଙ୍କ ବିରାଗଭାଜନ ହୋଇ ବିପକ୍ଷୀୟ ମୋଗଲସମ୍ରାଟ୍ ଅକବରଙ୍କ ସଙ୍ଗେ ଯୋଗ ଦେଇ ତାଙ୍କ ସେନାପତିରୂପେ ବଡ଼ଭାଇଙ୍କ ବିରୋଧରେ ଅସ୍ତ୍ର ଧାରଣ କରିଥିଲେ । ମୋଗଲମାନଙ୍କ ସହିତ 'ହଲଦିଘାଟ' କ୍ଷେତ୍ରରେ ପ୍ରତାପ ସିଂହ ପରାସ୍ତ ହୋଇ ପ୍ରାଣରକ୍ଷାର୍ଥ ଯୁଦ୍ଧକ୍ଷେତ୍ରତ୍ୟାଗ କଲାବେଳେ ଭ୍ରାତାଙ୍କୁ ହତ୍ୟା କରିବା ପାଇଁ ପଶ୍ଚାଦ୍ଧାବନ କରୁଥିବା ଦୁଇଜଣ ମୋଗଲ ଯୋଦ୍ଧାଙ୍କୁ ଏ ହତ୍ୟା କରି ଜ୍ୟେଷ୍ଠ ଭ୍ରାତାଙ୍କ ଜୀବନ ରକ୍ଷା କଲେ ଏବଂ ପରେ ଦୁଇ ଭାଇଙ୍କର ମିଳନ ହେଲା ।]

ସମରୋଚିତ—ସଂ. ବିଣ (୪ର୍ଥୀ ତତ୍)—ସମର ପାଇଁ ଉପଯୁକ୍ତ—Samarochita Fit for war; warlike. (ସମରୋପଯୁକ୍ତ—ଅନ୍ୟରୂପ) (ଯଥା—ସମରୋଚିତ ବେଶ)

ସମରୋତ୍ସବ—ସଂ. ବି(ରୂପକ)—ଉତ୍ସବ ରୂପେ କଳ୍ପିତ ଯୁଦ୍ଧ—Samarotsaba Fight compared to a festival.

ସମରୋଦ୍ଦେଶ—ସଂ. ବି (୭ମୀ ତତ୍)—ରଣକ୍ଷେତ୍ର (ମହାଭାରତ) Samaroddeśa Battle-field.

ସମରୋପାୟ—ସଂ. ବି (୬ଷ୍ଠୀ ତତ୍)—ସମର କୌଶଳ (ଶବ୍ଦକୋଷ)—Samaropāya The art of war; skill in warfare.

ସମର୍ଘ—ସଂ. ବି—ସୁଲଭ ମୂଲ୍ୟ (ଶବ୍ଦକୋଷ)—Samargha Cheap price.
ସଂ. ବିଣ—ସସ୍ତା (ଶବ୍ଦକୋଷ)—Cheap.

ସମର୍ଚ୍ଚନ(ନା)—ସଂ. ବି (ସମ୍=ସମ୍ୟକ୍+ଅର୍ଚ୍ଚନ)—ସମ୍ୟକ୍ ପୂଜନ—Samarchana(nā) Much adoration. (ସମର୍ଚ୍ଚିତ—ବିଣ. ପୁଂ) [ସମର୍ଚ୍ଚିତା—ବିଣ. ସ୍ତ୍ରୀ]

ସମର୍ଣ୍ଣ(ର୍ଣ)—ସଂ. ବିଣ (ସମ୍=ସମ୍ୟକ୍+ଅର୍ଦ୍ଦ. ଧାତୁ=ପୀଡ଼ନ କରିବା+କର୍ମ. ତ)—୧ । ସମ୍ୟକ୍ Samarṇṇa(rṇa) ଉତ୍ପୀଡ଼ିତ—1. Tormented; afflicted. ୨।ପ୍ରାର୍ଥିତ—2. Prayed for; solicited; asked for.

ସମର୍ଥ—ସଂ. ବିଣ, ପୁଂ (ସମ୍=ସମ୍ୟକ୍+ଅର୍ଥ. ଧାତୁ=ଯାଚ୍ଞା କରିବା, ଶକ୍ତ ହେବା+କର୍ତ୍ତି. ଅ)—୧ । ଶକ୍ତ; ବଳିଷ୍ଠ; ବଳବାନ୍—1. Strong; mighty. Samartha (ସମର୍ଥା—ସ୍ତ୍ରୀ) [ସାମର୍ଥ୍ୟ, ସମର୍ଥତା—ବି] (ଉ—ମନେ କଲେ ସ୍ୱୟଂ ତ ଅଟନ୍ତି ସମର୍ଥ । କୃଷ୍ଣସିଂହ. ମହାଭାରତ. ବିରାଟ ।) ୨ । କ୍ଷମତାପନ୍ନ—2. Powerful. ୩ । କ୍ଷମ; ଶକ୍ତ; ପାରଗ—3. Able, capable. ୪ । ଯୋଗ୍ୟ; ଉପଯୁକ୍ତ—4. Fit; proper; appropriate. ୫ । ଉପକାରୀ; ହିତକାରୀ—5. Beneficial; wholesome. ୬ । ପ୍ରଶସ୍ତ—6. Spacious; wide; capacious; efficient. ୭ । ଅଭୀଷ୍ଟ—7. Intended; desired. ୮ । ଯୁକ୍ତିଯୁକ୍ତ; ଯୁକ୍ତିସଙ୍ଗତ—8. Reasonable. ଦେ. ବିଣ. ସ୍ତ୍ରୀ (ସଂ. ସମର୍ଥା)—୧ । ବଳଶାଳୀ ଓ ହୃଷ୍ଟପୁଷ୍ଟ—1. Strong and well developed. ୨ । ରଜସ୍ୱଳା ହୋଇଥିବା—2. Arrived at puberty. ଗ୍ରା. ବି—ସାମର୍ଥ୍ୟ; ବଳ—Strength, power, capacity.

ସମର୍ଥକ—ସଂ, ବି (ସମ୍+ଅର୍ଥ. ଧାତୁ+କର୍ତ୍ତି. ଅକ)—ଚନ୍ଦନ Samarthaka କାଷ୍ଠ)—Sandal wood. ସଂ. ବି ଓ ବିଣ. ପୁଂ—ସମର୍ଥନକାରୀ; ଯେ କୌଣସି ପ୍ରସ୍ତାବକୁ ସମର୍ଥନ କରେ—Supporting; supporter of a proposal. [ଦ୍ର—ସଭାରେ ପ୍ରସ୍ତାବକ କୌଣସି

ପ୍ରସ୍ତାବକୁ ଉପସ୍ଥାପିତ କଲେ ତାହା ଅନୁମୋଦକଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ସମର୍ଥକଙ୍କ ଦ୍ୱାରା ସମର୍ଥିତ ହୁଏ । ଅଧିକାଂଶ ସଭ୍ୟଙ୍କ ଦ୍ୱାରା ବା ସମସ୍ତ ସଭ୍ୟଙ୍କ ଦ୍ୱାରା ସମର୍ଥିତ ପ୍ରସ୍ତାବ ସଭାରେ ଗୃହୀତ ବା ଅଙ୍ଗୀକୃତ ହୁଏ ।]

ସମର୍ଥତା (ତ୍ୱ)—ସଂ. ବି (ସମର୍ଥ+ଭାବେ. ତା; ତ୍ୱ)—୧ । ସାମର୍ଥ୍ୟ—
Samarthatā(twa) 1. Strength; ability; capability. ୨ । ବଳଶାଳିତା—2. Powerfulness. ୩ । ଯଥେଷ୍ଟତା—3. Adequacy. ୪। ଯୋଗ୍ୟତା—4. Fitness.

ସମର୍ଥନ—ସଂ. ବି (ସମ୍+ଅର୍ଥ ଧାତୁ+ଭାବ ଅନ)—୧ । ଯାଚ୍ଞା-
Samarthana 1. Asking; begging. ୨ । ସ୍ଥିର-
ସମର୍ଥିତ, ସମର୍ଥନୀୟ, ସମର୍ଥ୍ୟ } ବିଣ କରଣ—2. Ascertainment. ୩ । ଦୃଢ଼ୀକରଣ—3. Corroboration; strengthening. ୪ । ବିବାଦମୀମାଂସା-4. Settlement or decision of a dispute. ୫ । ବିବାଦଭଞ୍ଜନ—5. Reconciling a dispute or difference. ୬ । ବିବେଚନା; ଏହା ଉଚିତ, ଏହା ଅନୁଚିତ, ଏହିପରି ବିବେଚନା—6. Discrimination. ୭ । ଅଧ୍ୟବସାୟ—7. Perseverance. ୮ । ଉତ୍ସାହ—8. Exertion; encouragement. ୯ । କୌଣସି ପ୍ରସ୍ତାବକୁ ଦୃଢ଼ ଭାବରେ ଅନୁମୋଦନ; ମତର ପୋଷକତା କରିବା—9. Supporting of a proposal. ୧୦। ସମ୍ଭାବନା—10. Probability. ୧୧ । ନିଷେଧ; ମନା (ବିଶ୍ୱକୋଷ)—11. Prohibition.

ସମର୍ଥନ କରିବା—ଦେ. କ୍ରି—୧ । ସଭା ସମିତି ପ୍ରଭୃତିରେ ପ୍ରସ୍ତାବକଙ୍କ
Samarthana karibā ଦ୍ୱାରା ଉପସ୍ଥାପିତ ଓ ଅନୁମୋଦକଙ୍କ
समर्थन करना ଦ୍ୱାରା ଅନୁମୋଦିତ ପ୍ରସ୍ତାବର ଅନୁକୂଳ୍ୟରେ ମତ ଦେବା;
समर्थन करना ପୋଷକତା କରିବା—1. To support a proposal which has been duly proposed and seconded at a meeting.
୨ । କୌଣସି କଥାର ଅନୁକୂଳ୍ୟରେ ମତ ଦେବା—2. To support any matter in question.

ସମର୍ଥ କୋଷ—ଦେ. ବି (ନାମ)—କଲିକତାର ସ୍ୱର୍ଗୀୟ ରାଜା ସର୍
Samartha kosha ରାଧାକାନ୍ତ ଦେବଙ୍କ ଦ୍ୱାରା ପ୍ରକାଶିତ
समर्थ कोष ନିଜାଣ ଯୁକ୍ତ ବଙ୍ଗଳା ଶବ୍ଦାର୍ଥ କୋଷ—
समर्थ कोष A dictionary published by the late Sir Raja Radhakanta Deb from Sobha bazar Rājbāṭi Calcutta.

[ଦ୍ର—ଏଥିରେ ପ୍ରତ୍ୟେକ ପୃଷ୍ଠାରେ ଛଅ ଗୋଟି ସ୍ତମ୍ଭ ବା କଲମ୍ ଧାରାବାହିକରୂପେ ଲେଖା ଅଛି । ଯଥା—୧ମ କଲମ୍—ବଙ୍ଗଳା ଶବ୍ଦର ବଙ୍ଗଳା ଅର୍ଥ ଓ ଇଂରାଜୀ ଅର୍ଥ ।

୨ୟ କଲମ୍—ଇଂରାଜୀ ଶବ୍ଦର ଇଂରାଜୀ ଅର୍ଥ ଓ ବଙ୍ଗଳା ଅର୍ଥ ।

୩ୟ କଲମ୍—ଯୌଗିକ ଶବ୍ଦ ଓ ନାମମାନଙ୍କ ଇତିବୃତ୍ତ ।

ଗ୍ରନ୍ଥର ଆରମ୍ଭରୁ ଏହି ତିନୋଟି କଲମ୍ (Column) ରେ ଯଥାକ୍ରମେ ବର୍ଣ୍ଣମାଳାନୁସାରେ ଏହି ତିନ ଗୋଟି ବିଷୟ ଲେଖା ଅଛି । ଉକ୍ତ ପୁସ୍ତକଟି ବଙ୍ଗଳାର ଗୋଟିଏ ଅତି ଉପାଦେୟ ଗ୍ରନ୍ଥ ଅଟେ ଓ ଏହି 'ଭାଷାକୋଷ'ର ସଙ୍କଳନରେ ସେହି ଗ୍ରନ୍ଥରୁ ବିଶେଷ ସାହାଯ୍ୟ ନିଆ ଯାଇଅଛି ।]

ସମର୍ଥନା—ସଂ. ବି (ସମ୍+ଅର୍ଥ ଧାତୁ+ଭାବ. ଅନ+ଆ)—
Samarthanā ୧ । ସମର୍ଥନ (ଦେଖ)—1. Samarthana (See). ୨ । ଅଶକ୍ୟ ବିଷୟରେ ଅଧ୍ୟବସାୟ (ଯଥା—ସମୁଦ୍ରକୁ ମୁଁ ଶୋଷଣ କରିବି, ଏହିପରି ଦୃଢ଼ ସଙ୍କଳ୍ପ—ବିଶ୍ୱକୋଷ)—2. Perseverance in the accomplishment of an impossible thing.

ସମର୍ଥା—ଦେ. ବିଣ ଓ ବି—ସମରଥା (ଦେଖ)
Samarthā Samarathā (See)

ସମର୍ଥିଆ—ଦେ. ବିଣ (ସଂ ସମର୍ଥ)—ସମର୍ଥ; ବଳୁଆ—
Samarthiā समर्थ **समर्थ** Strong.

ସମର୍ଥିତ—ସଂ. ବିଣ (ସମ୍+ଅର୍ଥ ଧାତୁ=ଯାଚ୍ଞା କରିବା+କର୍ମ.ତ)=
Samarthita ୧ । କୃତସମର୍ଥନ—1. Supported. ୨ । ଯାଚିତ—2. Asked for. ୩ । ସ୍ଥିରୀକୃତ—3. Settled. ୪ । ଦୃଢ଼ୀକୃତ—4. Corroborated. ୫ । ମୀମାଂସିତ—5. Decided; settled; reconciled. ୬ । ସୁବିବେଚିତ—6. Discriminated. ୭ । ସମ୍ମାନିତ—7. Adored; praised.

ସମର୍ଦ୍ଧକ—ସଂ. ବିଣ. ପୁଂ (ସମ୍=ସମ୍ୟକ୍+ଋଧ୍ ଧାତୁ=ବୃଦ୍ଧି ପାଇବା
Samarddhaka +କର୍ତ୍ତି. ଅକ)—୧ । ବରଦ; ଅଭୀଷ୍ଟପ୍ରଦ—
(ସମର୍ଦ୍ଧୟିତା—ଅନ୍ୟରୂପ) 1. Granting boons. ୨ ।
ସମର୍ଦ୍ଧିକା, ସମର୍ଦ୍ଧୟିତ୍ରୀ } ସ୍ତ୍ରୀ କାମନା ପୂର୍ଣ୍ଣକାରୀ—2. Fulfilling one's desires

ସମର୍ପକ—ସଂ. ବିଣ. ପୁଂ (ସମ୍+ଅର୍ପ୍ ଧାତୁ+କର୍ତ୍ତି. ଅକ)—
Samarpaka ସମର୍ପଣ କର୍ତ୍ତା (ଦେଖ)
(ସମର୍ପିକା—ସ୍ତ୍ରୀ) Samarpana karttā (See)

ସମର୍ପଣ—ସଂ. ବି (ସମ୍+ଅର୍ପଣ=ଦାନ)—୧ । ଦାନ—1. Giv-
Samarpaṇa ing; absolute gift. ୨ । ନୈବେଦ୍ୟାଦି
ସମର୍ପିତ, ସମର୍ପଣୀୟ, ସମର୍ପ୍ୟ } ବିଣ ଦେବତାଙ୍କୁ ଉତ୍ସର୍ଗ କରିବା—2. Offering of some thing to a Deity. ୩ । ଅନ୍ୟ ବ୍ୟକ୍ତିଠାରେ କୌଣସି ବସ୍ତୁର ଭାର ଦେବା—3. Entrusting a thing to another; committing a thing to the charge of. ୪ । ସ୍ଥାପନ—4. Placing. ୫ । ଅନ୍ୟ ବ୍ୟକ୍ତିର ହସ୍ତରେ ଅର୍ପଣ—5. Delivery of a thing to the care of another person; handing over. ୬ ।

ସଂପ୍ରଦାନ; ସ୍ୱୀୟ ସ୍ୱତ୍ୱ ତ୍ୟାଗପୂର୍ବକ ପ୍ରଦାନ—6. Surrender of a thing by relinquishing one's rights over it. ୭ । ଉଦ୍ଦେଶ୍ୟ ପୂଜାର ଶେଷରେ ପୂଜକ ଦେବତାଙ୍କ ଉଦ୍ଦେଶ୍ୟରେ ଆତ୍ମସମର୍ପଣ (ଶବ୍ଦକୋଷ)—7. Offering or surrendering one's self to the Deity after worship. [ଦ୍ର—ଏଥିର ବାକ୍ୟ—ସର୍ବଂ ବ୍ରହ୍ମାର୍ପଣମସ୍ତୁ ଓଁ ତତ୍ ସତ୍ ।]

ସମର୍ପଣ କର୍ତ୍ତା—ସଂ. ବିଣ. ପୁଂ—ଯେ କୌଣସି ପଦାର୍ଥକୁ କୌଣସି
Samarpaṇa karttā ବ୍ୟକ୍ତିଙ୍କ ହସ୍ତରେ ଅର୍ପଣ କରେ—
(ସମର୍ପଣ କର୍ତ୍ତ୍ରୀ—ସ୍ତ୍ରୀ) Entrusting; surrendering.

ସମର୍ପଣ ଗ୍ରହୀତା—ଦେ. ବି (ଓଡ଼ିଆ ଭାଷା)—ସମର୍ପିତ ବସ୍ତୁକୁ ଯେ
Samarpaṇa grahitā ଗ୍ରହଣ କରେ—Trustee; donee;
সমর্পণ গ্রহীতা a person who accepts a trust;
समर्पण ग्रहीता a beneficiary.

ସମର୍ପଣ ଦାତା—ଦେ. ବି (ଓଡ଼ିଆ ଭାଷା)—ଯେଉଁ ବ୍ୟକ୍ତି ସେବା ବା
Samarpaṇa dātā ଦେବୋତ୍ତର ସଂପତ୍ତିକୁ ଅନ୍ୟ ବ୍ୟକ୍ତିକୁ
সমর্পণ দাতা ସମର୍ପଣ କରେ—Doner of a trust.
समर्पण दाता

ସମର୍ପଣ ପତ୍ର—ସଂ. ବି (ଓଡ଼ିଆ ଭାଷା)—ଯେଉଁ ଦଲିଲ ଦ୍ୱାରା ଦେବ-
Samarpaṇa patra ସେବା ଓ କୌଣସି ଦେବୋତ୍ତର ସଂପତ୍ତି କୌଣସି ବ୍ୟକ୍ତି ହାତରେ ସମର୍ପିତ ହୁଏ—A deed of trust; a deed of surrender or gift.

ସମର୍ପୟିତା—ସଂ. ବିଣ. ପୁଂ (ସମ୍+ଅର୍ପ ଧାତୁ+ଣିଚ୍. ତୃ; ୧ମା. ୧ବ)—ସମର୍ପଣ କର୍ତ୍ତା (ଦେଖ)
Samarpayitā
(ସମର୍ପିତା—ଅନ୍ୟରୂପ) Samarpaṇa karttā (See)
(ସମର୍ପୟିତ୍ରୀ, ସମର୍ପିନୀ—ଅନ୍ୟରୂପ)

ସମର୍ପା—ଦେ. ବି (ନାମ)—ରାକ୍ଷସୀ ବିଶେଷ; ଅଶୋକ ବନରେ ରାବଣ
Samarpā ଦ୍ୱାରା ନିଯୁକ୍ତା ସୀତାଙ୍କର ପ୍ରଧାନ ରକ୍ଷୟିତ୍ରୀ—
সমর্পা The arch-demoness engaged by Rābaṇa
समर्पा to keep guard over Sitā in the Asoka forest. [ଉ—ବେଗରେ ସମର୍ପି ସମର୍ପାକୁ ସଖୀ ନିକଟ, କରଇ । ଉପେ. ବୈଦେହୀଶବିଳାସ ।]

ସମର୍ପିତ—ସଂ. ବିଣ (ସମ୍+ଅର୍ପିତ)—୧ । ସମ୍ୟକ୍ ରୂପେ ନ୍ୟସ୍ତ;
Samarpita ସନ୍ନ୍ୟସ୍ତ—1. Entrusted; delivered made over; surrendered; committed to the care of another. ୨ । ସ୍ଥାପିତ—2. Placed.

ସମର୍ପିବା—ଦେ. କ୍ରି—୧ । ସମର୍ପଣ କରିବା; ସଁପିବା—1. To
Samarpibā surrender; to make over; to
সঁপা समर्पणकरना entrust. [ଉ—ସେ କରରେ ଯେବେ ଘନବେଣୀ ସମର୍ପିବ ପୁନ ।—କବିସୂର୍ଯ୍ୟ. ସ୍ୱଗୀତ] ୨ । ଭାର ଅର୍ପଣ କରିବା—2. To commit to the care of. [ଉ—ଏହା ବନ୍ଧୁ ସମର୍ପିଣ ସନ୍ତାନ ହୁଅଟି ହେ ।—ମଧୁସୂଦନ. ଛନ୍ଦମାଳା]

ସମର୍ଯ୍ୟାଦ—ସଂ. ବିଣ. ପୁଂ (ମର୍ଯ୍ୟାଦା ସହ ବର୍ତ୍ତମାନ; ସହାର୍ଥ ବହୁବ୍ରୀହି)-
Samarjyāda ୧ । ସୀମାଯୁକ୍ତ—1. Bounded. ୨ ।
(ସମର୍ଯ୍ୟାଦା—ସ୍ତ୍ରୀ) ମର୍ଯ୍ୟାଦାଯୁକ୍ତ—2. Respectful; reverent. ୩ । ନିକଟସ୍ଥ; ସନ୍ନିହିତ—3. Adjoining. ୪ । ସଚ୍ଚରିତ୍ର—4. Of good conduct; honest.

ସମର୍ହଣ(ଣା)—ସଂ. ବି (ସମ୍+ଅର୍ହଣ)—ସମ୍ୟକ୍ ପୂଜନ (ଶବ୍ଦକୋଷ)—
Samarhaṇa (ṇā) Great worship.

ସମଳ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ମଳ ସହିତ ବର୍ତ୍ତମାନ)—
Samaḷa ୧ । ମଳଯୁକ୍ତ; ମଇଳା; ମଳିଆ—1. Filthy. ୨ ।
(ସମଳା—ସ୍ତ୍ରୀ) ଅଶୁଚି; ମଳିନ—2. Dirty; foul. ୩ । କର୍ଦ୍ଦମଯୁକ୍ତ—3. Muddy. ୪ । କଳଙ୍କିତ; କଳୁଷିତ 4. Tarnished; tainted. [ଉ—ବାଞ୍ଛିତ କର୍ମଣ୍ଟିର ଶ୍ରମ କଲେ ପ୍ରପାତ ନାହିଁ, ବିମଳ ପଦାର୍ଥକୁ ସର୍ବଦା ସମଳ କରି ପଡ଼ି ।—ଉପେ. ବୈଦେହୀଶବିଳାସ] ସଂ. ବି—ବିଷ୍ଠା—Ordure; dung.

ସମଲପୁର—ଦେ. ବି—ସମ୍ବଲପୁର (ଦେଖ)—
Samalapura Sambalapura (See)

ସମଲପୁରୀ—ଦେ. ବିଣ—ସମ୍ବଲପୁରୀ (ଦେଖ)
Samalapurī Sambalapurī (See)
(ସମଲପୁରିଆ—ଅନ୍ୟରୂପ)

ସମଲା(ଇତ୍ୟାଦି)—ଦେ. ବି—ସମ୍ଭଲା ଇତ୍ୟାଦି (ଦେଖ)
Samaḷā(etc) Sambhaḷā etc (See)

ସମଲାଇ(ଲେଇ)—ଦେ. ବି. ସ୍ତ୍ରୀ ୧ । ଦେବୀଙ୍କ ନାମବିଶେଷ—1.
Samalā(le)ī Name of a popular Goddess.
[ସମଲୀ—ଅନ୍ୟରୂପ] ୨ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ—
সমলা समला 2. The Goddess presiding over Sambalpur.

ସମଲାଇ(ଲେଇ) ଗଣ୍ଡ—ଦେ. ବି—ସମ୍ବଲପୁର ନିକଟବର୍ତ୍ତୀ ମହାନଦୀ-
Samalā(le)ī gaṇḍa ଗର୍ଭସ୍ଥ ଗଭୀର ଅଂଶବିଶେଷର
समलाइमोन ନାମ—Name of a deep part of the bed of the Mahanadi river near Sambalpur.

ସମଲେଶ୍ୱରୀ—ଦେ. ବି. ସ୍ତ୍ରୀ—ସମଲାଇ ୨ (ଦେଖ)
Samaleśwarī Samalāī 2 (See)

ସମଶଙ୍କୁ—ସଂ. ବି (ବହୁବ୍ରୀହି)—ଯେଉଁ ସମୟରେ ସୂର୍ଯ୍ୟ ଠିକ୍
Sama śaṅku ମସ୍ତକୋର୍ଦ୍ଧ୍ୱ ଦେଶରେ ଅବସ୍ଥାନ କରୁଥାଆନ୍ତି (ଶବ୍ଦକୋଷ)—A time when the sun is just overhead.

ସମଶନ—ସଂ. ବି (ସମ୍+ଅଶନ)—ଆପର୍ଯ୍ୟାପ୍ତ ଭୋଜନ (ଶବ୍ଦକୋଷ)
Samaśana A full meal.

ସମଶର ପୁର—ଦେ. ବି (ସଂ. ସୋମେଶ୍ୱର+ପୁର)—ପୁରୀ ଜିଲ୍ଲାର
Samaśara pura ସ୍ୱାହାଙ୍କ ପ୍ରଗଣା ଅନ୍ତର୍ଗତ ବ୍ରାହ୍ମଣ-
সমশরপুর समसरपुर ଶାସନ ବିଶେଷ—Name of a Brahmin village in the Puri district.

[ଦ୍ର—ଏହି ଶାସନ ସତ୍ୟବାଦୀଠାରୁ ୩ ମାଇଲ୍ ଦୂରରେ ଅବସ୍ଥିତ; ଏହି ଗ୍ରାମର ପ୍ରଥମ ଦାନାଗ୍ରହୀତା (ପାଣିଗ୍ରାହୀ) ଯଜ୍ଞ କରିଥିଲେ।]

ସମଶର୍କର ଚୂର୍ଣ୍ଣ—ସଂ. ବି—ବୈଦ୍ୟଶାସ୍ତ୍ରୋକ୍ତମୋଦକ ଗ୍ରହଣୀ ଓ Samaśarkara chūrṇṇa କାଶ ରୋଗର ପ୍ରସିଦ୍ଧ ଅବ୍ୟର୍ଥ ମହୌଷଧ ଚୂର୍ଣ୍ଣ ବିଶେଷ—An efficacious medicnial powder used as an effective antidote against cough and dysentery. [ଦ୍ର—ଏହାର ଉପାଦାନ ଲବଙ୍ଗ, ଜାଇଫଳ, ପିପ୍ପଳି ପ୍ରତ୍ୟେକ ୧ ଭାଗ; ମରିଚ ୨ ଭାଗ, ଶୁଣ୍ଠି ୧୬ ଭାଗ ଓ ଓ ଶର୍କରା ୨୧ ଭାଗ। ଏହି ଉପାଦାନମାନ ଚୂର୍ଣ୍ଣ ହୋଇ କପଡ଼ାଛଣା ହୋଇ ଏ ଚୂର୍ଣ୍ଣ ପ୍ରସ୍ତୁତ ହୁଏ। ଏଥିରେ କାଶ, ଶ୍ୱାସ, ଅଗ୍ନିମାନ୍ଦ୍ୟ, ଗ୍ରହଣୀ, ଅମାଶୟ, ଅର୍ଶ ଭଲ ହୁଏ। ଯାଜପୁରର ସ୍ୱର୍ଗୀୟ ପଣ୍ଡିତ ଗୋକମଣି ମିଶ୍ରଙ୍କ ଦ୍ୱାରା ଏହା ସୁପରୀକ୍ଷିତ।]

ସମ ଶୀତଳ—ସଂ. ବିଣ—୧। ସାମାନ୍ୟ ରୂପେ ଶୀତଳ—1. Temper-Sama śītaḷa ately cool. ୨। ଯାହା ଅତି ଥଣ୍ଡା ବା (ସମଶୀତଳତା—ବି) ଅତି ଗରମ ନୁହେଁ—2. Temperate.

ସମଶୋଧନ—ସଂ. ବି—(ବୀଜଗଣିତ)—ସମୀକରଣର ଉଭୟ ପାଖରୁ Samaśodhana ସମସଂଖ୍ୟା ବିୟୋଗ କରିବା ରୂପ କ୍ରିୟା (ସମବ୍ୟବକଳନ—ଅନ୍ୟରୂପ) ବିଶେଷ—(Algebra) Equal substraction (i.e. the subtraction of an equal quantity) from both sides of an equation.

ସମସ୍ନୁବାନ—ସଂ. ବି. ପୁଂ (ସମ୍+ଅଣ ଧାତୁ=ବ୍ୟାପିବା+କର୍ତ୍ତି Samaśnubāna ବାଚ୍ୟେ ଶୀଲାର୍ଥେ ଅନ; ୧ମା ୧ବ)—(ସମସ୍ନୁବାନା—ସ୍ତ୍ରୀ) ୧। ବ୍ୟାପନଶୀଳ—1. Diffusing; spreading. ୨। ବ୍ୟାପ୍ତିବିଶିଷ୍ଟ—2. Diffused.

ସମଶ୍ରେଣି(ଣୀ)—ସଂ. ବି (କର୍ମଧା)—୧। ଏକଶ୍ରେଣୀ—1. Same Samaśreṇi(ṇī) class;same species. ୨। ତୁଲ୍ୟ ଶ୍ରେଣୀ—2. Similar class.

ସମଶ୍ରେଣି(ଣୀ)ଭୁକ୍ତ—ସଂ. ବିଣ—୧। ଏକ ଶ୍ରେଣୀର ଅନ୍ତର୍ଗତ—Samaśreṇi(ṇi)bhukta 1. Of the same class or species. ୨। ଏକ ଦଳର ଅନ୍ତର୍ଗତ—2. Of the same flock.

ସମଷ୍ଟି—ସଂ. ବି (ସମ୍=ସମ୍ୟକ୍+ଅଶ୍ ଧାତୁ=ବ୍ୟାପିବା+ଭାବ-Samashṭi ତି)—୧। ସମ୍ୟକ୍ ବ୍ୟାପ୍ତି; ସୁବ୍ୟଅପେ ବ୍ୟାପିବା—1. Overspreading; pervading. ୨। ସାକଲ୍ୟ; ସାମଗ୍ର୍ୟ; ସମଗ୍ରତା—2. Wholeness; (ବ୍ୟଷ୍ଟି—ବିପରୀତ) entirety. ୩। ପୁଞ୍ଜୀଭୂତ ବା ଏକତ୍ର ରାଶୀକୃତ ସମସ୍ତ ବସ୍ତୁ—3. Aggregated or heaped up thing. ୪। (ଦର୍ଶନ) ସମସ୍ତ ବସ୍ତୁର ଏକତ୍ରାବସ୍ଥିତ—4. (philosophy) Totality of things. ୫। (ଗଣିତ) ଏକାଧିକ ସଂଖ୍ୟାର ଯୋଗଫଳ; ମୋଟ—5. (Mathematics) Sumtotal of many numbers or units.

ସମଷ୍ଠି(ଷ୍ଠୀ,ଷ୍ଠି,ଷ୍ଠୀ)ଲ(ଲା)—ସଂ. ବି (ସମ+ଷ୍ଠା ଧାତୁ+କର୍ତ୍ତି ଇଲ+Samashṭi(shṭī,shṭhi,shṭhī)la(lā) ଅ; କମା ସମ୍+ ଅନ୍ୟ ସଂସ୍କୃତ ନାମ—ଗଣ୍ଡୀର, ଅସ୍ଥି=ହାଡ଼+ଲ୍ଲ ଧାତୁ= ନନ୍ଦ୍ୟାମ୍ର, ଅମ୍ଳଗନ୍ଧକ, ଗ୍ରହଣ କରିବା+କର୍ତ୍ତି. ଅ;+ ବୋକାମ୍ର; କଣ୍ଟକ ଫଳ, ଆ; ନିପାତନ ସିଦ୍ଧ)-ବୈଦ୍ୟକ— ଉପଦଂଶ। ୧। ଏକ ପ୍ରକାର ଗୁଳ୍ମ, ଯାହା କୋକୁୟାଁ ଜଳାଭୂମିରେ ଜନ୍ମେ; କରୁକଣ୍ଡ— କକୁଁଯା 1. A sort of shrub ମ. କୋଭୂମ୍ବା growing on marshy ground. [ଦ୍ର—ଏହା କଟୁ, ରୁଚ୍ୟ, ମୁଖ ବିଶୋଧକ, କଫବାତ ପ୍ରଶମକ, ଦାହକାରୀ ଓ ପାଚକ। (ରାଜନିର୍ଘଣ୍ଟ)।] ୨। ଗଣ୍ଡୀର; ଗଣ୍ଡଦୂର୍ବା; ଗଣ୍ଠି ଘାସ; ଦାରୁଡ଼ିଆ ଘାସ—2. A species of grass; creeping cynoden. ୩। ଏକ ପ୍ରକାର କାକୁଡ଼ି—3. A species of cucumber.

ସମଷ୍ଟୀଭୂତ—ସଂ. ବିଣ (ସମଷ୍ଟି+ଅଭୂତ ତଦ୍ଭାବେ ଚ୍ଵି+ଭୂ+କର୍ତ୍ତି. ତ) Samashṭībhūta —ସମଗ୍ରୀଭୂତ; ଏକତ୍ର କରି ଯାଇଥିବା—Totalled up; aggregate.

ସମ ସଂଖ୍ୟକ—ସଂ. ବିଣ (ବହୁବ୍ରୀହି; ସମ+ସଂଖ୍ୟା+କ)—୧। ସମାନ Sama saṁkhyaka ସଂଖ୍ୟାବିଶିଷ୍ଟ—1. Of equal or (ସମ ସଂଖ୍ୟାକ—ଅନ୍ୟରୂପ) same number. ୨। ସମ ରାଶି ବିଶିଷ୍ଟ—2. Consisting of even (ସମସଂଖ୍ୟକା—ସ୍ତ୍ରୀ) numbers.

ସମ ସଂଖ୍ୟା—ସଂ. ବି—୧। ସମାନ ସଂଖ୍ୟା—1. Equal number. Samasaṁkhyā ୨। ସମ ରାଶି (ଦେଖ)—2. Sama rāsi (See)

ସମ ସଂସ୍ଥାନ—ସଂ. ବି (ବିଜ୍ଞାନ ପରିଭାଷା)—ଉଭୟ ଦିଗରେ ସମାନ Sama saṁsthāna ଅବସ୍ଥାନ; ସମାନଭାବରେ ଅବସ୍ଥାନ—(ସମ ସଂସ୍ଥିତ—ବିଣ) Equilibrium.

ସମସନ—ସଂ. ବି(ସମ୍+ଅସ୍ ଧାତୁ=କ୍ଷେପଣ କରିବା+ଭାବ ଅନ)—Samasana ୧। ସଂକ୍ଷେପ କରଣ—1. Abridgement. ୨। (ବ୍ୟାକରଣ) ଏକାଧିକ ଶବ୍ଦର ସମାସ—2. (grammar) A compound or aggregate formed of many words. ୩। ସମାସ କରଣ—3. Formation of a compound word.

ସମସର—ଦେ. ବି—ଗଞ୍ଜପା ତାସରେ ଦିଆଯିବା ଏକପ୍ରକାର ରଙ୍ଗ—Samasara A red paint used to paint the cards ସମসের of 'Gañjapā' game. [ଦ୍ର—ଗେରୁ ମାଟିରେ समसेर ଲଇଥ ଅଠା ମିଶାଇ ଏହି ରଙ୍ଗ ପ୍ରସ୍ତୁତ କରଯାଏ।]

ସମ ସରି—ଦେ. ବିଣ (ସଂ. ସମ+ସଦୃଶ)—୧। ଠିକ୍ ସମାନ—Sama-sari 1. Exactly equal. ୨। ସଦୃଶ; ତୁଲ୍ୟ—

ସମତୁଲ୍ୟ 2. Similar; [ଈ—ଉପରେ ଦୃଷ୍ଟାନ୍ତମାନ ଦେଖ । ଶବ୍ଦ
समान ମଧ୍ୟରେ ସମ ଶବ୍ଦ—ରୂପକ ପ୍ରୟୋଗାତ୍ମକ ।]
(ସମ ସଙ୍ଗ[ଙ୍ଗା]—ଅନ୍ୟରୂପ) ଦେ. ଅ (ସ. ସମମ୍)—ସହିତ—
সহিত **सहित** With; along with.

ସମ ସାମୟିକ—ସଂ. ବିଣ (ସମ=ତୁଲ୍ୟ, ଏକ+ସାମୟିକ)—
Sama sāmayika ସମକାଳୀନ; ଏକ କାଳରେ ଘଟିବା—
Contemporary; happening at the same time; simultaneous.

ସମ ସାମୟିକ ଭାରତ—ଦେ. ବି (ନାମ)—ପ୍ରାଚୀନକାଳରୁ ଭାରତ-
Sama sāmayika bhārata ବର୍ଷ ସମ୍ବନ୍ଧରେ ସମସାମୟିକ
ବ୍ୟକ୍ତିମାନେ ଯେଉଁ ଯେଉଁ ବର୍ଣ୍ଣନା ଲେଖିଅଛନ୍ତି ତାହା ଯାହା
ଅଛନ୍ତି, ବଙ୍ଗୀୟ ଅଧ୍ୟାପକ ଶ୍ରୀ ଯୋଗେନ୍ଦ୍ରନାଥ ସମାଦ୍ଦାରଙ୍କ
ସଙ୍କଳିତ ସେହି ସେହି ବର୍ଣ୍ଣନା ସମ୍ବନ୍ଧ ପ୍ରକାଣ୍ଡ ବଙ୍ଗଳା
ଗ୍ରନ୍ଥ—The title of a Bengalee historical work in many volumes compiling the various descriptions of India given by successive visitors to India (Greek, Chinese, French, English, Russian) by Prof J. N. Samaddār.

ସମ ସୁଖ ଦୁଃଖ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ସମବେଦନା-
Sama sukha duhkha ଅନୁଭବୀ—1. Sympathetic.
(ସମ ସୁଖ ଦୁଃଖା—ସ୍ତ୍ରୀ. ବିଣ) ୨ । ଯାହାର ସୁଖ ଓ ଦୁଃଖରେ
ସମାନ ମନୋଭାବ—2. Having the same feeling in pleasure and pain. ସଂ. ବି (କର୍ମଧାରୟ)—
ସୁଖ ଦୁଃଖାଦିର ସମାନୁଭବ (ପ୍ରକୃତିବାଦ)—
Same feeling in pleasure and pain.

ସମ ସୁପ୍ତି—ସଂ. ବି (ସମ=ସକଳ+ସୁପ୍ତି=ନିଦ୍ରା; ଯେଉଁ ସମୟରେ
Sama supti ସମସ୍ତେ ମହାନିଦ୍ରା ଭଜନ୍ତି)—ମହାପ୍ରଳୟ;
କଳ୍ପାନ୍ତ—The great or final dissolution of the universe.

ସମସେର୍—ପ୍ରାଦେ. (ଗଡ଼ଜାତ) ବି—କ୍ଷତ୍ରିୟ ବୀରମାନଙ୍କ ଦଅଯିବା
Samaser ଉପାଧି ବିଶେଷ—A title given to the Kshatriya heroes.

ସ(ସା)ମସେର୍ ଜଙ୍ଗ—ବୈଦେ. ବି—ନେପାଳର ମନ୍ତ୍ରୀ ଓ ସେନାପତିଙ୍କ
Sa(sā)maser jang ଉପାଧି—Title of the Prime
সামসের **समसेर** minister and General of Nepal.

ସମ ସ୍କନ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି; ସମ=ସମାନ ଅଟେ ସ୍କନ୍ଧ
Sama skandha ଯାହାର)—ସମାନ ସ୍କନ୍ଧ (ଦେଖ)
(ସମସ୍କନ୍ଧା—ସ୍ତ୍ରୀ) Samāna skandha (See)

ସମସ୍ତ—ସଂ. ବିଣ (ସମ୍+ଅସ୍ ଧାତୁ=କ୍ଷେପଣ କରିବା+କର୍ମ. କ୍ତ)—
Samasta ୧ । ସବୁ; ସମୁଦାୟ; ସକଳ—1. All. ୨ । ସମଗ୍ର
(ବ୍ୟସ୍ତ—ବିପରୀତ) —2. Whole. ୩ । ଏକତ୍ରୀକୃତ;
(ସମଷ୍ଟି, ସମସନ, ସମାସ-ବି) ସଞ୍ଚିତ—3. Gathered; stored.
ସମସ୍ତ ଶବ୍ଦର ପର୍ଯ୍ୟାୟ—ସମ, ୪ । ସମଷ୍ଟିକୃତ—4. Totalled.
ସର୍ବ, ବିଶ୍ୱ, ସମଗ୍ର, ଅଶେଷ, ୫ । (ବ୍ୟାକରଣ) କୃତ ସମାସ; ସମାସ-
କୃତ୍ସ୍ନ, ନିଖିଳ, ଅଖିଳ, ଦ୍ୱାରା ନିଷ୍ପନ୍ନ (ପଦ)—5. Formed
ନିଃଶେଷ, ସକଳ, ପୂର୍ଣ୍ଣ, into a compound word.
ଅଖଣ୍ଡ, ଅନୂନକ, ଅନନ୍ତ, ୬ । ସଂକ୍ଷିପ୍ତ—6. Abridged. ୭ ।
ଅନବମ (ଜୀଃଧର) ସଂଯୁକ୍ତ—7. United; joined
সমস্ত together. ଦେ. ବି (ବହୁବଚନ)—୧ । ସମୁଦାୟ
समस्त ପଦାର୍ଥ—1. All things; the whole. ୨ । ସବୁ
ବ୍ୟକ୍ତି—2. All persons. ଦେ. ସର୍ବନାମ—ସବୁ—All.

ସମସ୍ତ ଦୁଗ୍ଧା—ସଂ. ବି (ବୈଦ୍ୟକ)—ସେହୁଣ୍ଡ; ପତର ସିଜ୍—
Samasta dugdhā Euphorbia Nerifolia (plant).

ସମସ୍ତା(ସ୍ଥା)ନ—ପ୍ରାଦେ. (ଗଞ୍ଜାମ ଓ ବିଶାଖାପଟ୍ଟଣା) ବି—୧ । ଜମିଦାରୀ
Samastā(sthā)na —1. Estate. ୨ । ଦକ୍ଷିଣ ଓଡ଼ିଶାର
ସମସ୍ତା[ସ୍ଥା]ନମ୍—ଅନ୍ୟରୂପ) ରଜା ବା ଜମିଦାରଙ୍କ ରାଜଧାନୀ—
2. The headquarters of a Zamindar or Rajā of South Orissa.

ସମସ୍ତା(ସ୍ଥା)ନମ ଅ(ଆ)ଫିସ(ସୁ)—ପ୍ରାଦେ. (ଦକ୍ଷିଣ ଓଡ଼ିଶା) ବି—
Samastā(sthā) a(ā)phis(su) ଦକ୍ଷିଣ ଓଡ଼ିଶାର ଜମିଦାର
ଓ ରଜାଙ୍କ ସଦର କାର୍ଯ୍ୟାଳୟ—The Sadar office of a Zamindar of South Orissa.

ସମସ୍ତିଙ୍କି—ଦେ. ସର୍ବନାମ (ବହୁବଚନ)—ସକଳ ବ୍ୟକ୍ତିଙ୍କୁ; ସମସ୍ତଙ୍କୁ—
Samastinki To all persons.
সকলকে, সবাইকে **सबको**

ସମସ୍ତେ—ଦେ. ସର୍ବନାମ (ବହୁବଚନ)—ସବୁ ବ୍ୟକ୍ତି; ସର୍ବେ—
Samaste সকলে **सब** All men; all.

ସମସ୍ଥ—ସଂ. ବିଣ. ପୁଂ (ସମ+ସ୍ଥା ଧାତୁ+କର୍ତ୍ତୃ. ଅ)—ସମଭାବରେ
Samastha ସ୍ଥିତ—Placed equally; similarly
(ସମସ୍ଥା—ସ୍ତ୍ରୀ) (ସମସ୍ଥିତ—ବି) placed; juxtraposed.

ସମସ୍ଥଳୀ—ସଂ. ବି (ସମ+ସ୍ଥଳୀ)—ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ସମତଳ
Samasthali ପ୍ରଦେଶ; ଦୋଆବ୍; ଅନ୍ତର୍ବେଦୀ—The plain country or valley between the Ganges and the Jamunā rivers; the modern Doab in the Panjab.

ସମସ୍ଥାନ—ପ୍ରାଦେ. (ଗଞ୍ଜାମ ଓ ବିଶାଖାପାଟଣା) ବି (ସଂ. ସୀମନ୍ତ+
Samasthāna ସ୍ଥାନ)—୧ । ଶିରୋଦେଶ; ମୁଣ୍ଡ—1. Head.
(ସମସ୍ଥାନମ୍—ଅନ୍ୟରୂପ) ୨ । ଅଗ୍ରଭାଗ—2. Top. ୩ ।
ଦକ୍ଷିଣ ଓଡ଼ିଶାର ଜମିଦାରଙ୍କ ରାଜଧାନୀ ବା ସଦର—
3. Headquarters or capital of a Zamindar in South Orissa. ୪ । ଦକ୍ଷିଣ ଓଡ଼ିଶାର
ରାଜ୍ୟ; ଜମିଦାରୀ—4. Estate in South Orissa.

ସମସ୍ୱାମିକ—ସଂ. ବିଣ (ବହୁବ୍ରୀହି)—ଏକସ୍ୱାମିକ; ଯାହାଙ୍କର ସ୍ୱାମୀ
Samaswāmika ଏକ—Having the same master; owned by one and the same proprietor.

ସମସ୍ୱାମିତ୍ୱ—ସଂ. ବି (ସମ+ସ୍ୱାମିତ୍ୱ)—ତୁଲ୍ୟ ସ୍ୱତ୍ୱ; ସମାନ
Samaswāmitwa ଅଧିକାର—Equal proprietory right over property.

ସମସ୍ୟମାନ—ସଂ, ବିଣ (ସମ୍+ଅସ୍ ଧାତୁ=କ୍ଷେପଣ କରିବା+ Samasyamāna କର୍ମ. ଅନ)—ଯେଉଁ ପଦମାନଙ୍କର ସମାସ କରି ଯାଇଅଛି—(words) Joined together and formed into a compound word.

ସମସ୍ୟା—ସଂ. ବି (ସମ୍+ଅସ୍. [ଧାତୁ=କ୍ଷେପଣ କରିବା+କରଣ Samasyā ଯ+ଆ)—୧ । ଶ୍ଳୋକର ପାଦପୂରଣାର୍ଥ ପ୍ରଶ୍ନ—1. [ପ୍ରଥମ ଅର୍ଥରେ ସମସ୍ୟା ଶବ୍ଦର A part of a stanza given ପର୍ଯ୍ୟାୟ—ସମାସାର୍ଥା, out to a person to be ସମାସ୍ୟାର୍ଥା, ସମସ୍ୟାର୍ଥା] filled up as a trial of poetic skill. [ବି—ସମସ୍ୟାରେ ପ୍ରଶ୍ନକର୍ତ୍ତା ଶ୍ଳୋକର ଗୋଟିଏ ବା ଦୁଇଟି ଚରଣ ପ୍ରଶ୍ନରୂପେ କୋଲନ୍ତି । ସମସ୍ୟା-ସାଧାନକାରୀ ଉକ୍ତ ଶ୍ଳୋକର ଅବଶିଷ୍ଟ ଚରଣ ପୂରଣ କରନ୍ତି ।] ୨ । ଜଟିଳ ବିଷୟ; ଦୁରୂହ ବିଷୟ; କଠିନ ପ୍ରଶ୍ନ; କୂଟ ପ୍ରଶ୍ନ—2. A knotty question. ୩ । ନାଅଁ ଦିଅ; ଧନ୍ଦାଗଣ୍ଡ; ପହଳି; ପୂରଣାର୍ଥ ପ୍ରହେଳିକା—3. A riddle; a puzzle; a conundrum. ୪ । ଉତ୍ତର ବା ସାଧନ ପାଇଁ ଉପସ୍ଥାପିତ ପ୍ରଶ୍ନ—4. A problem. ୫ । (+ଣିଚ. ଯ+ଆ) ଘଟାଇବା—5. Causing to happen. ୬ । ସଂଘଟ୍ଟନ; ଘୋଟିବା—6. Pestling; ୭। ମିଶ୍ରଣ—7. Mixing together; compounding.

ସମସ୍ୟା ଜବାବ ଦେ. ବି.—ଉତ୍ତର—Reply; answer. [ଉ—ରହିଛ କାହୁଁଦେବେ ଲୟେ, କହନ୍ତେ ସମସ୍ୟା ନ ଦେଏ ।—ଜଗନ୍ନାଥ, ଭାଗବତ ।]

ସମସ୍ୟା ଦେବା—ଦେ. କ୍ରି.—୧ । ସମାଧାନ ପାଇଁ ଜଟିଳ ପ୍ରଶ୍ନ Samasyā debā ପଚାରିବା—1.To ask a problem; to ସମସ୍ୟା ଦେଓଯ଼ା put a knotty riddle for solution. समस्या देना ୨ । ଉତ୍ତର ଦେବା—2. To give a reply.

ସମସ୍ୟା ପୂରଣ—ସଂ. ବି (୬ଷ୍ଠୀ ତତ୍)—୧ । ପ୍ରଶ୍ନ କରି ଯାଇଥିବା Samasyā pūraṇa ଶ୍ଳୋକାଂଶର ଅପର ପାଦ ପୂରଣ—1. ସମସ୍ୟା ପୂର୍ତ୍ତି, ସମସ୍ୟା ସାଧନ, ସମସ୍ୟା ସମାଧାନ }—ଅନ୍ୟରୂପ] Filling up of the rest of an incomplete stanza given to be filled up. ୨ । ଜଟିଳ ବା କୁଟିଳ ପ୍ରଶ୍ନର ଉତ୍ତର ଦେବା; କଠିନ ବିଷୟର ସମାଧାନ—2. Solution of a problem. [ଉ—ଏମ ପୃଥ୍ୱୀ ଦେଖା ନ ଯାଇ ଯେବେ ଥାଇ ଖବରେ, ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ । ଉତ୍ତ—ଲବଣ୍ୟବତୀ ।]

ସମସ୍ୟାର୍ଥା—ସଂ. ବି—ସମସ୍ୟା (ଦେଖ)
Samasyārthā Samasyā (See)

ସମସ୍ୟା ସାଧିବା—ଦେ. କ୍ରି—୧ । ଜଟିଳ ପ୍ରଶ୍ନର ଉତ୍ତର କରିବା—Samasyā sādhibā 1. To answer a riddle or ସମସ୍ୟା ସାଧନକରା problem. ୨ । ଶ୍ଳୋକାଂଶର ଅବଶିଷ୍ଟାଂଶ समस्या पूरण करना ପୂରଣ କରିବା—2. To complete an incomplete stanza put to a person to test his poetic skill.

ସମହ୍ୟା—ସଂ. ବି—(ସମ୍=ସମ୍ୟକ୍+ଅହ୍ ଧାତୁ=ବ୍ୟାପିବା+କର୍ତ୍ତ. ଘ Samahyā +ଆ) ଖ୍ୟାତି; ଯଶଃ; କୀର୍ତ୍ତି (ଶବ୍ଦରତ୍ନାବଳୀ)—Fame; renown; celebrity.

ସମା—ସଂ. ବିଣ, ସ୍ତ୍ରୀ (ସମ+ଆ)—ତୁଲ୍ୟା; ସମ ଶବ୍ଦର ସ୍ତ୍ରୀଲିଙ୍ଗ—Samā Feminine of 'Sama'. ସଂ. ବି (ସମ୍ ଧାତୁ+କର୍ତ୍ତ. ଅ +ଆ; ସମ୍ ଧାତୁ=ବୈକ୍ଳବ୍ୟ ହେବା+କର୍ତ୍ତ. ଅ+ଆ; ନିତ୍ୟବହୁବଚନାନ୍ତ ଶବ୍ଦ)—ସମ୍ବତ୍ସର; ବର୍ଷ—A year. ଦେ. ବି—୧ । (ସଂ. ଶମ୍ଭୁ) ଶମା (ଦେଖ)—1. Śamā. (See) ୨ । ସୋମନାଥର ଅନାଦରାର୍ଥକ ଡାକ ନାମ—2. Nickname of 'Somanātha'.

ସମା(ମେ)ଇବା—ଦେ. କ୍ରି—ସମ୍ଭାଇବା (ଦେଖ)
Samā(me)ibā Sambhāibā. (See)

ସମାଂଶ—ସଂ. ବି (କର୍ମଧା)—ତୁଲ୍ୟ ଅଂଶ—
Samāṁsa Equal share.
ସଂ. ବିଣ—ତୁଲ୍ୟ ଅଂଶ ବିଶିଷ୍ଟ—
Having equal share.

ସମାଂଶହାରୀ—ସଂ. ବିଣ. ପୁଂ (ସମାଂଶ+ହୃ. ଧାତୁ+କର୍ତ୍ତ. ଣିନ୍; ୧ମା. Samāṁsahārī ୧ବ)=୧ । ସମାନ ଅଂଶର ବା ଭାଗର (ସମାଂଶହାରିଣୀ—ସ୍ତ୍ରୀ) ଗ୍ରହଣକାରୀ—1. Taking an equal share. ୨ । ସମଭାଗାର୍ହ—2. Entitled to an equal share.

ସମାଂଶିକ—ସଂ. ବିଣ. ପୁଂ (ସମ+ଅଂଶ+ଇକ)—୧ । ତୁଲ୍ୟାଂଶ-Samāṁsika ଗ୍ରାହୀ—1. Taking equal shares. (ସମାଂଶୀ—ଅନ୍ୟରୂପ) ୨ । ସମାଂଶଭାଗୀ—2. Entitled to (ସମାଂଶିକା, ସମାଂଶିନୀ—ସ୍ତ୍ରୀ) equal shares.

ସମାଂସ—ସଂ. ବିଣ (ସ=ସହ+ମାଂସ)—୧ । ମାଂସଯୁକ୍ତ—Samāṁsa 1. Having flesh; with flesh. ୨ । ମାଂସଳ—2. Fleshy. [ବି—ଶାସ୍ତ୍ରରେ ଲିଖିତ ଅଛି ଯେ ଦେବତାଙ୍କ ଉଦ୍ଦେଶ୍ୟରେ ପଶୁହନନ କରି ସମାଂସ ରୁଧିର ସେହି ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ-ବିଷୟକୋଷ ।]

ସମାଂସମୀନ—ସଂ. ବିଣ. ପୁଂ (ସ=ସହିତ+ମାଂସ+ମୀନ)—Samāṁsamīna ମାଂସ ଓ ମତ୍ସ୍ୟଯୁକ୍ତ (ଭୋଜନ ବା ଖାଦ୍ୟ)—(ସମାଂସମୀନା—ସ୍ତ୍ରୀ) (Meal or food) With meat and flesh.

ସମାଂସମୀନା—ସଂ. ବି. ସ୍ତ୍ରୀ (ସ=ସମ୍ବତ୍ସର+ଭଜ୍+ଅ; ନିପାତନ)—Samāṁsamīnā ପ୍ରତିବର୍ଷ ପ୍ରସବକାରୀ ଗାଭୀ; ବର୍ଷବିୟାଣୀ

ଗାଈ—A cow which brings forth calf every year. (ଲୁ—ସମାଂସମୀନା ଅସ୍ମାକେ, ସମର୍ଦେବନ୍ଧ ଭବେ । ଭବଭୂଷଣ, ଲଗୋଶୀ ସ ଗୀତ ଚନ୍ଦ୍ର)

ସଂ. ବଣ. ସ୍ତ୍ରୀ—ସମାଂସମୀନ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Samāṁsamīna.

ସମାକର୍ଷଣ—ସଂ. ବି (ସମ୍=ସମ୍ୟକ୍+ଆକର୍ଷଣ)—ସମ୍ୟକ୍ Samākarshaṇa ଆକର୍ଷଣ—Great attraction. (ସମାକୃଷ୍ଟ, ସମାକର୍ଷିତ—ବଣ)

ସମାକର୍ଷିତ—ସଂ. ବଣ. ପୁଂ (ସମ୍+ଆ+କୃଷ୍, ଧାତୁ=ଟାଣିବା; Samākarshita ଣିଚ୍+କର୍ମ. ତ)—ସମ୍ୟକ୍‌ରୂପେ (ସମାକର୍ଷିତା—ସ୍ତ୍ରୀ) ଆକର୍ଷିତ—Strongly attracted.

ସମାକର୍ଷୀ—ସଂ. ବଣ. ପୁଂ (ସମ୍+ଆ+କୃଷ୍, ଧାତୁ=ଟାଣିବା+ Samākarshī କର୍ତ୍ତୃ. ଇନ୍)—ବଶେଷ ଭାବରେ ଆକର୍ଷଣ-(ସମାକର୍ଷିଣୀ—ସ୍ତ୍ରୀ) କାରୀ—Strongly attracting.

ସଂ. ବି—୧ । ବହୁଦୂରବ୍ୟାପୀ ଗନ୍ଧ—1. A smell which is diffused through a vast space. ୨ । ସୁସ୍ୱାଦନୀୟ ଗନ୍ଧ ବଶିଷ୍ଟ ଭକ୍ଷ୍ୟଦ୍ରବ୍ୟ (ଶବ୍ଦକୋଷ)—2. Food which has a very attractive and savoury smell.

ସମାକାର—ସଂ. ବି (କର୍ମଧା)—ସମାନ ଆକାର—Samākāra Similar shape.

(ସମାକାରା—ସ୍ତ୍ରୀ) ସଂ. ବଣ (ବହୁବ୍ରୀହି)—ତୁଲ୍ୟ ଆକାରବଶିଷ୍ଟ—Having similar shape.

ସମାକୁଳ—ସଂ. ବଣ. ପୁଂ (ସମ୍+ଆକୁଳ)—୧ । କାତର; ବ୍ୟାକୁଳ; Samākula ଅଧୀର; ଅଥୟ—1. Much perturbed; (ସମାକୁଳା—ସ୍ତ୍ରୀ) agitated; distressed. ୨ । ସଂଶୟଗ୍ରସ୍ତ; ସଂଶୟିତ; ସନ୍ଦେହାକୁଳ—2. Doubtful; perplexed. ୩ । ହତବୁଦ୍ଧି—3. Bewildered. ୪ । (ଦ୍ୱାରା) ବ୍ୟାପ୍ତ—4. Pervaded by; diffused with. [ଯଥା—କୁସୁମ ସୁରଭି ସମାକୁଳ ଉପବନ ।] ୫ । (—ଦ୍ୱାରା) ପରିପୂର୍ଣ୍ଣ; ସଂକୁଳ—5. Full of; abounding in. [ଯଥା—ହଂସ ଜଳ ସମାକୁଳ ଅରଣ୍ୟ ।]

ସମାକୃଷ୍ଟ—ସଂ. ବଣ. ପୁଂ (ସମ୍=ସମ୍ୟକ୍+ଆକୃଷ୍ଟ)—ସମ୍ୟକ୍ Samākṛuṣṭa ଆକୃଷ୍ଟ—Tightly attracted. (ସମାକୃଷ୍ଟା—ସ୍ତ୍ରୀ)

ସମାକ୍ରନ୍ଦନ—ସଂ. ବଣ. ପୁଂ (ସମ୍+ଆକ୍ରନ୍ଦ)—ସମ୍ୟକ୍ ପ୍ରକାରେ Samākrandana ଆକ୍ରମଣ—Fierce attack.

ସମାକ୍ରାନ୍ତ—ସଂ. ବଣ. ପୁଂ (ସମ୍+ଆକ୍ରାନ୍ତ)—୧ । ଗୃହୀତ Samākrānta ଆକ୍ରାନ୍ତ—1. Attacked on all sides; overtaken. ୨ । ବଶେଷ ଭାବରେ ଆକ୍ରାନ୍ତ—2. Forcibly attacked by. ୩ । ଗୃହୀତ—3. Taken ୪ । ପରବ୍ୟାପ୍ତ; ବସ୍ତୃତ—4. Spread; pervaded ୫ । ଚତୁର୍ଦ୍ଦିଗରେ ନର୍ଦ୍ଦିଷ୍ଟ ସୀମାବଶିଷ୍ଟ; ସୀମାବଶିଷ୍ଟ—5. Bounded on all sides by given boundaries.

ସମାକ୍ଷର—ସଂ. ବଣ (ବହୁବ୍ରୀହି)—ସମାନ ଅକ୍ଷର ବଶିଷ୍ଟ—Samākshara Having similar or equal letters.

ସମାଖ୍ୟା—ସଂ. ବି (ସମ୍=ସମ୍ୟକ୍+ଆ+ଖ୍ୟା ଧାତୁ=କହିବା+ଭାବେ Samākhyā ଅ+ଆ)—୧ । କୀର୍ତ୍ତି; ଯଶଃ—1. Celebrity; renown. ୨ । ବଶେଷ ଆଖ୍ୟା; ନାମ; ଉପାଧି—2 Title; name; term.

ସମାଖ୍ୟାତ—ସଂ. ବି. ପୁଂ (ସମ୍=ସମ୍ୟକ୍+ଆଖ୍ୟାତ)—୧ । ବଖ୍ୟାତ Samākhyāta 1.Renowned; celebrated. ୨ । ବଶେଷ (ସମାଖ୍ୟାତା—ସ୍ତ୍ରୀ) ନାମଯୁକ୍ତ—2 Termed; named; titled.

ସମାଗତ—ସଂ. ବଣ. ପୁଂ (ସମ୍=ସମ୍ୟକ୍+ଆଗତ)—୧। ଉପସ୍ଥିତ—Samāgata 1. Present; arrived at. ୨ । ଏକତ୍ର (ସମାଗତା—ସ୍ତ୍ରୀ) ମିଳିତ—2. Assembled. ୩। ଆଗତ; ଆସି-(ସମାଗମ, ସମାଗତି—ବି) ଥିବା—3. Come. ୪ । ସାକ୍ଷାତ୍‌କାର କରିଥିବା; ସାକ୍ଷାତ୍‌କୃତ—4. Met.

ସମାଗତି(ମ)—ସଂ. ବି (ସମ୍+ଆ+ଗତି; ସମ୍+ଆଗମ)—Samāgati(ma) ୧ । ଉପସ୍ଥିତି—1. Presence. ୨ । ସମ୍ମିଳନ; ଏକ ସ୍ଥାନରେ ମିଳନ—2. Meeting together; assembling; gathering. ୩ । ଆଗମନ—3. Coming; arrival. ୪ । ସଙ୍ଗମ—4. Union; connection; junction. ୫ । ଗମନାଗମନ; ଗତାୟାତ; ଯତାୟତ—5. Coming and going; concourse. ୬ । ସଂପ୍ରାପ୍ତି (ଶବ୍ଦକୋଷ)—6. Acquisition.

ସମାଘାତ—ସଂ. ବି (ସମ୍=ସମ୍ୟକ୍+ଆଘାତ)—୧ । ଗୁରୁତର Samāghāta ଆଘାତ—1. Heavy blow. ୨ । ସଂଗ୍ରାମ; (ସମାହତ—ବଣ) ଯୁଦ୍ଧ—2. Battle; fight. ୩ । ହତ୍ୟା; ବଧ—3. Killing; slaughter; murder.

ସମାଚୟନ—ସଂ. ବି (ସମ୍+ଆ+ଚୟନ)—ଏକତ୍ର ସ୍ଥାପନ Samāchayana (ଶବ୍ଦକୋଷ)—Placing or putting together.

ସମାଚରଣ—ସଂ. ବି (ସମ୍+ଆଚରଣ)—ସଦାଚାର; ଉତ୍ତମ ଆଚରଣ-Samācharaṇa Good conduct. (ସମାଚରଣୀୟ—ବଣ)

ସମାଚରିତ—ସଂ. ବଣ (ସମ୍+ଆଚରିତ)—ସମ୍ୟକ୍ ଆଚରିତ—Samācharita Practised; followed.

ସଂ. ବି—ସମାଚାର (ଦେଖ)—Samāchāra (See)

ସମାଚାର—ସଂ. ବି (ସମ୍+ଆଚାର)—୧ । ଖବର; ସଂବାଦ—Samāchāra 1. News; report; intelligence; relation; tidings. ୨ । ସଦାଚାର; ଉତ୍ତମ ଆଚରଣ—2. Good conduct; good behaviour. ୩ । ଶିଷ୍ଟାଚାର—3. Etiquette; approved social usage.

ସମାଚ୍ଛନ୍ନ—ସଂ.ବିଣ.ପୁଂ (ସମ୍ + ଅଚ୍ଛନ୍ନ)—୧ । ସମ୍ପୂର୍ଣ୍ଣରୂପେ ଆବୃତ—
Samāchchhanna 1. Wholly covered. ୨ । ଅଭ୍ରାବୃତ
(ସମାଚ୍ଛନ୍ନା—ସ୍ତ୍ରୀ) —2. Overclouded. ୩ । ଲୁକ୍କାୟିତ
—3. Concealed; enveloped. ୪ । ଚାରି ଦିଗରେ ଘେରା ହୋଇଥିବା—4. Surrounded on all sides.

ସମାଚ୍ଛାଦନ—ସଂ. ବି (ସମ୍ + ଆଚ୍ଛାଦନ)—୧ । କୌଣସି ବସ୍ତୁକୁ
Samāchchhādana ସମ୍ୟକ୍ ରୂପେ ବା ସମ୍ପୂର୍ଣ୍ଣ ରୂପେ
ସମାଚ୍ଛାଦିତ } ବିଣ] ଘୋଡ଼ାଇ ପକାଇଥିବା ଆବରଣ; ଖୋଳପ—
ସମାଚ୍ଛାଦନୀୟ } 1. A cover; envelope. ୨ । ସମ୍ପୂର୍ଣ୍ଣ ରୂପେ ଆବରଣ କରିବା—2. Covering wholly.

ସମାଜ—ସଂ. ବି (ସମ୍ = ସମ୍ୟକ୍ + ଅଜ୍ ଧାତୁ = ଗମନ କରିବା +
Samāja ଅଧିକରଣେ. ଅ)—୧ । ସଭା—1. Assembly;
(ସାମାଜିକ—ବିଣ) meeting. ୨ । ଗଣ; ସମୂହ—
2. Multitude. [କ୍ଷି—ଧୂତ ହୋଇ ବଳକ୍ଷୀଣ, ଧୂସର ହୋଇବା ମନ, ଧୋଇ ଚନ୍ଦ୍ରା କଳଙ୍କ-ସମାଜ ମାଳ । କବିସୂର୍ଯ୍ୟ. ଚମ୍ପୂ. ଧ ଗୀତ ।] ୩ । ଦଳ; ସଙ୍ଘ—
3. Company; crowd. ୪ । ସମ୍ପ୍ରଦାୟ; ବିଶେଷ କାର୍ଯ୍ୟ ବା ଉଦ୍ଦେଶ୍ୟ ସାଧନାର୍ଥ ଗଠିତ ଦଳ—
4. A society formed for a particular purpose; corporation. ୫ । ବୈଷ୍ଣବବିଶେଷଙ୍କ ସମାଧି ସ୍ଥାନ—5. The burial ground of an anchorite. ୬ । ଏକ ଧର୍ମ ଓ ଏକ ଆଚାର ସମ୍ପନ୍ନ ଲୋକ ସମଷ୍ଟି—6. A number of persons following the same religion or course of conduct, formed into a body or society or club. ୭ । ବୈଦେଶିକ କାର୍ଯ୍ୟ କଳାପ ଓ ଉତ୍ସବାଦିରେ ପରସ୍ପରକୁ ସାହାଯ୍ୟ କରି, ପରସ୍ପରର ସୁଖ ଦୁଃଖରେ ଭାଗୀ ହୋଇ ଏକ ସଙ୍ଗେ ସଂସାରରେ ଚଳାଚଳ ହେବା ଓ ସଦାଗ୍ରସ୍ତ ହେବା ନିମନ୍ତେ ଭିନ୍ନ ଭିନ୍ନ ବର୍ଣ୍ଣ, ଜାତି ବା ସଂପ୍ରଦାୟର ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ହୋଇଥିବା ସଙ୍ଘ ବା ଗୋଷ୍ଠୀ—
7. A society formed by different sects or castes for the purpose of worldly and everyday intercourse; community.
୮ । ଜାତି ଅଣ ସଙ୍ଘ—8. Caste-guild; a society of different caste-men. ୯ । (ପ୍ରାଚୀନ ସଂସ୍କୃତ) ମେଳା; ସାମାଜିକ ଉତ୍ସବ—୯. A social festival or gathering. ୧୦ । ପଶୁମାନଙ୍କ ଛଡ଼ା ଅନ୍ୟ ପ୍ରାଣୀମାନଙ୍କର ଦଳ (ଅମର କୋଷ)—10. A crowd of animals other than beasts. [ଦ୍ର—ସଙ୍ଘ ସମୂହ ବା ଦଳକୁ 'ସମଜ' କୋହୁଯାଏ । ଧର୍ମ, ଆଚାର, ମତ, ବିଦ୍ୟା ଆଦି ଯେଉଁ ବିଷୟ ଯେଉଁ ସମାଜ ଗଠିତ ହୁଏ, ତାହା ସେହି ନାମରେ ନାମିତ ହୁଏ । ଯଥା—ହିନ୍ଦୁ ସମାଜ, ବ୍ରାହ୍ମଣ ସମାଜ, ପଣ୍ଡିତ ସମାଜ, ସାହିତ୍ୟ ସମାଜ, ବ୍ରାହ୍ମ ସମାଜ ଇତ୍ୟାଦି । ପୁଣି ଏକ ଶ୍ରେଣୀ ବା ଏକ ଜାତି ବିଶିଷ୍ଟ ବ୍ୟକ୍ତି ସମଷ୍ଟିକୁ ଉକ୍ତ ସମାଜ ବୋଲି ଯାଏ; ଯଥା—ନାରୀ ସମାଜ, ସଭ୍ୟ ସମାଜ, ଶିକ୍ଷିତ ସମାଜ ଜନ ସମାଜ ।] ୧୧ । (+ ଜିଷ୍ଟି. ଅ) ହସ୍ତୀ (ଅନେକାର୍ଥ କୋଷ)—11. Elephant. ୧୨ । (+ ଭାବ. ଅ) ଏକତ୍ର ଗମନ—12. Going together; travelling in company. ଦେ. ବି (ନାମ) ପ୍ରଥମେ ପୁରୀ ଜିଲ୍ଲାର ସତ୍ୟବାଦୀଠାରେ ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସାପ୍ତାହିକରୂପେ ପରିଚାଳିତ ଓ ତତ୍ପରେ ତାଙ୍କ ଦ୍ୱାରା କଟକଠାରେ ସାପ୍ତାହିକରୂପେ ପ୍ରକାଶିତ ଓ ବର୍ତ୍ତମାନ କଟକଠାରେ ଶ୍ରୀ ଲିଙ୍ଗରାଜ ମିଶ୍ର ଏମ୍. ଏଙ୍କ ଦ୍ୱାରା ସମ୍ପାଦିତ ଓ ଶ୍ରୀ ରାଧାନାଥ ରଥଙ୍କ ପରିଚାଳିତ ଓ ସମାଜ ପ୍ରେସରୁ ପ୍ରକାଶିତ ସାପ୍ତାହିକ ଓ ଦୈନିକ ସମ୍ବାଦପତ୍ର—Name of the daily and weekly editions of a Newspaper started by the late Gopabandhu Das and now edited by Babu Lingraj Misra M.A. and managed by Babu Radhanath Rath.

ସମାଜ ଗତ—ସଂ. ବିଣ (୨ୟା ତତ୍)—୧ । ସମାଜ ସମ୍ବନ୍ଧୀୟ—
Samāja gata 1. Relating to society.
୨ । ସମାଜ ବଦ୍ଧ (ଦେଖ)—2. Samāja baddha (See). ୩ । ସାମାଜିକ—3. Social.

ସମାଜ ଗୃହ—ସଂ. ବି (ଆଧୁନିକ ପ୍ରୟୋଗ)—୧ । ବ୍ରାହ୍ମସମାଜ ଆଦିର
Samāja gruha ଉପାସନାଳୟ—1. The prayer house
(ସମାଜ ଘର—ଦେଶଜ ରୂପ) of Brāhma Samāja etc.; the prayer hall of a community. ୨ । ସଭା ଗୃହ—2. Meeting house.

ସମାଜ ଚ୍ୟୁତ—ସଂ. ବିଣ. ପୁଂ (୫ମୀ ତତ୍)—କୌଣସି ସମାଜରୁ
Samāja chyuta ବହିଷ୍କୃତ—Excommunicated;
(ସମାଜ ତ୍ୟକ୍ତ—ଅନ୍ୟରୂପ) out-casted.
(ସମାଜ ଚ୍ୟୁତା, ସମାଜ ତ୍ୟକ୍ତା—ସ୍ତ୍ରୀ)
(ସମାଜ ଚ୍ୟୁତି, ସମାଜ ତ୍ୟାଗ—ବି)

ସମାଜ ତତ୍ତ୍ୱ—ସଂ. ବି—ସାମାଜିକ ବୃତ୍ତାନ୍ତ—Social facts;
Samāja tattwa facts about society.

ସମାଜ ନାୟକ—ସଂ.ବି.ପୁଂ (୬ଷ୍ଠୀ ତତ୍)—ସମାଜର ନେତା ବା ଅଗ୍ରଣୀ
Samāja nāyaka ବ୍ୟକ୍ତି—A headman or leader of a society or community.

ସମାଜ ନୀତି—ସଂ. ବି (୬ଷ୍ଠୀ ତତ୍) —୧ । ସାମାଜିକ ନିୟମ—
Samāja niti 1. Social rules. ୨ । ଯେଉଁ ବିଦ୍ୟା ଦ୍ୱାରା ସାମାଜିକ ତତ୍ତ୍ୱମାନଙ୍କ ଚର୍ଚ୍ଚା କରାଯାଏ—2. Sociology.

ସମାଜ ପତି—ସଂ. ବି ପୁଂ (୬ଷ୍ଠୀ ତତ୍)—ସମାଜର ନାୟକ; କୌଣସି
Samāja pati ସଂପ୍ରଦାୟର ମୁଖ୍ୟ ବ୍ୟକ୍ତି; ଗୋଷ୍ଠୀ ପତି—The headman or leader of a community. ଦେ. ବି—ବଙ୍ଗଦେଶର ବଂଶୋପାଧି ବିଶେଷ—A family title in Bengal.

ସମାଜ ପତିତ—ସଂ. ବିଣ. ପୁଂ (୫ମୀ ତତ୍)—ସମାଜ ଚ୍ୟୁତ (ଦେଖ)
Samāja patita Samāja chyuta (See)
(ସମାଜ ପତିତା—ସ୍ତ୍ରୀ) (ସମାଜ ପତନ—ବି)

ସମାଜ ବଦ୍ଧ—ସଂ. ବିଣ. ପୁଂ (୩ୟା ତତ୍)—ଦଳବଦ୍ଧ—
Samāja baddha Formed into a society.
(ସମାଜ ବଦ୍ଧା—ସ୍ତ୍ରୀ)

ସମାଜ ବନ୍ଧନ—ସଂ. ବି (୬ଷ୍ଠୀ ତତ୍ ବା ରୂପକ କର୍ମଧା)—
Samāja bandhana ୧ । ସାମାଜିକ ନିୟମ ବା ବ୍ୟବସ୍ଥା—1. Social rules. ୨ । ଯେଉଁ ବନ୍ଧନ ଯୋଗୁଁ ସମାଜରେ ମନୁଷ୍ୟ ଅନ୍ୟମାନଙ୍କ ସହିତ ଦଳବଦ୍ଧ ହୋଇ ରହେ—2. Social tie; bonds of society. ୩ । ସମାଜରେ ଅନ୍ୟ ବ୍ୟକ୍ତିମାନଙ୍କ ସଙ୍ଗେ ସଂପର୍କ—3. Social relationship.

ସମାଜ ବହିର୍ଭୂତ—ସଂ. ବିଣ (୫ମୀ ତତ୍)—୧ । ସମାଜଚ୍ୟୁତ
Samāja bahirbhūta (ଦେଖ)—1. Samājachyuta (See). ୨ । ସମାଜ ବିରୁଦ୍ଧ (ଦେଖ)—2. Samāja biruddha (See)

ସମାଜ ବିଧାନ—ସଂ. ବି (୬ଷ୍ଠୀ ତତ୍)—ସମାଜ ଶାସନ (ଦେଖ)
Samāja bidhāna Samāja śāsana (See)
[ସମାଜ ବିଧି—ଅନ୍ୟରୂପ]

ସମାଜ ବିରୁଦ୍ଧ—ସଂ. ବିଣ (୬ଷ୍ଠୀ ତତ୍)—ସାମାଜିକ ନିୟମର ବିପରୀତ ବା ପ୍ରତିକୂଳ—Contrary or opposed to the rules of society.
Samāja biruddha

ସମାଜ ବିରୋଧୀ—ସଂ. ବିଣ. ପୁଂ (ଉପପଦ ତତ୍)—୧ । ସମାଜର
Samāja birodhī ନିୟମ ବିରୋଧରେ କାର୍ଯ୍ୟକାରୀ—
(ସମାଜ ବିରୋଧିନୀ—ସ୍ତ୍ରୀ) 1. Acting contrarily to the rules of society. ୨ । ସମାଜ ବିରୁଦ୍ଧ (ଦେଖ) 2. Samāja biruddha (See)

ସମାଜ ଭୁକ୍ତ—ସଂ. ବିଣ (୭ମୀ ତତ୍)—୧ । ସମାଜର ଅନ୍ତର୍ଗତ—
Samāja bhukta 1. Included in society. ୨ । କୌଣସି ସଂପ୍ରଦାୟର ସଭ୍ୟ ହୋଇଥିବା—2. Being a member of a community.

ସମାଜ ଭୂଷଣ—ସଂ. ବି (୬ଷ୍ଠୀ ତତ୍)—ନିଜର ଗୁଣାବଳୀଦ୍ୱାରା ସମାଜର
Samāja bhūshaṇa ଭୂଷଣ ବା ଅଳଙ୍କାରସ୍ୱରୂପ (ବ୍ୟକ୍ତି)—An ornament to a society.

ସମାଜ ମନ୍ଦିର—ସଂ. ବି (ଅଧୁନିକ ବ୍ୟବହାର)—ସମାଜ ଗୃହ (ଦେଖ)
Samāja mandira Samāja gṛuha (See)

ସମାଜ ରହିତ—ସଂ. ବିଣ (୫ମୀ ବା ୩ୟା ତତ୍)—୧ । ସମାଜଚ୍ୟୁତ
Samāja rahita (ଦେଖ)—1. Samājachyuta (See).
(ସମାଜ ରହିତା—ସ୍ତ୍ରୀ) ୨ । ଯେଉଁମାନଙ୍କର ସମାଜ ନାହିଁ; ସମାଜ ଶୂନ୍ୟ—2. (persons) Having no society or community.

ସମାଜ ଶକ୍ତି—ସଂ. ବି (୬ଷ୍ଠୀ ତତ୍)—ସମାଜର କ୍ଷମତା—The
Samāja śakti power of a society; social strength.

ସମାଜ ଶାସନ—ସଂ. ବି (୬ଷ୍ଠୀ ତତ୍)—୧ । ସମାଜରେ ପ୍ରଚଳିତ
Samāja śāsana ନିୟମ—1. Social rules. ୨ । ସମାଜରେ ଚଳୁଥିବା ରୀତି—2. Social customs. ୩ । ସାମାଜିକ ଶାସ୍ତି—3. Social punishment; social sanction. ୪ । ସମାଜର ସଭ୍ୟଙ୍କ ଉପରେ ସମାଜର ଥିବା ଅଧିକାର—4. The rule or mastery of a society over its members.

ସମାଜ ଶୃଙ୍ଖଳ—ସଂ. ବି (ରୂପକ କର୍ମଧା)—ସମାଜ ବନ୍ଧନ (ଦେଖ)
Samāja śruṅkhaḷa Samāja bandhana (See)

ସମାଜ ଶୃଙ୍ଖଳା—ସଂ. ବିଣ (୬ଷ୍ଠୀ ତତ୍)—୧ । ସାମାଜିକ ପରିପାଟୀ—
Samāja śruṅkhaḷā 1. Social nicety. ୨ । ସମାଜ ବନ୍ଧନ (ଦେଖ)—2. Samāja bandhana (See)

ସମାଜ ସଂସ୍କାର—ସଂ. ବି (୬ଷ୍ଠୀ ତତ୍)—ସମାଜରେ ଚଳୁଥିବା ଅହିତ-
Samāja saṁskāra କର ନିୟମ ବା ପ୍ରଥା ରହିତ କରି ତତ୍ପରିବର୍ତ୍ତେ ସୁନିୟମ ବା ହିତକର ପ୍ରଥା ଚଳାଇବା କର୍ମ; ସାମାଜିକ କୁରୀତିମାନଙ୍କ ଶୋଧନ—Social reform.

ସମାଜ ସଂସ୍କାରକ—ସଂ. ବି. ପୁଂ (ଉପପଦ ତତ୍)—ସାମାଜିକ
Samāja saṁskāraka କୁପ୍ରଥା ପରିବର୍ତ୍ତନ ପୂର୍ବକ ସୁପ୍ରଥା
(ସମାଜ ସଂସ୍କାରିକା—ସ୍ତ୍ରୀ) ପ୍ରବର୍ତ୍ତନ ପ୍ରତି ଯତ୍ନଶୀଳ ବ୍ୟକ୍ତି—Social reformer.

ସମାଜ ସଂସ୍କାରୀ—ସଂ.ବି.ପୁଂ—ସାମାଜିକ ସଂସ୍କାର ବା ପରିବର୍ତ୍ତନରେ ସହାୟ
Samāja saṁskārī ବା ଶ୍ରଦ୍ଧାକ ବ୍ୟକ୍ତି; ଯେ ସମାଜ ହିତକର
(ସମାଜ ସଂସ୍କାରିଣୀ—ସ୍ତ୍ରୀ) କୌଣସି ସୁପ୍ରଥାକୁ ପ୍ରଶ୍ରୟ ଦିଅନ୍ତି—Social reformer.

ସମାଜ ହିତ—ସଂ. ବି (୬ଷ୍ଠୀ ତତ୍)—ସମାଜର ଉପକାର—
Samāja hita The good or benefit of society; communal welfare.

ସମାଜ ହିତକର—ସଂ. ବିଣ. ପୁଂ (ଉପପଦ ତତ୍)—୧ । ସମାଜର
Samāja hitakara ଉପକାରୀ (ପ୍ରଥା ବା କାର୍ଯ୍ୟ)—
(ସମାଜ ହିତକରୀ—ସ୍ତ୍ରୀ) 1. Beneficial to society. ୨ । ଯଦ୍ଦ୍ୱାରା ସମାଜର ମଙ୍ଗଳ ଘଟେ—2. Bringing good to the community.

ସମାଜ ହିତୈଷଣା—ସଂ. ବି (୬ଷ୍ଠୀ ତତ୍)—ସମାଜର ମଙ୍ଗଳକାମନା—
Samāja hitaishaṇā Good wishes for the society.

ସମାଜ ହିତୈଷୀ—ସଂ. ବିଣ. ପୁଂ (ଉପପଦ ତତ୍)—ସମାଜର
Samāja hitaishī ମଙ୍ଗଳକାମୀ (ବ୍ୟକ୍ତି)—Wishing
(ସମାଜ ହିତକାମୀ—ଅନ୍ୟରୂପ) good to the society.

(ସମାଜ ହୁର୍ଭେଷଣା, ସମାଜ ହୁଡକାରଣୀ—ସ୍ତ୍ରୀ)
ସମାଜ ହୁର୍ଭେଷିଣୀ; ସମାଜ ହୁର୍ଭେଷିତା, } ବି
ସମାଜ ହୃତ, ସମାଜ ହୃତକାରତା

ସମାଜି—ଦେ. ବଣ (ସଂ. ସାମାଜିକ)—୧ । ସାମାଜିକ—1. Social.
Samāji ୨ । କୌଣସି ସମାଜର ଅଧୀନ—2. Belonging
ସାମାଜିକ **समाजी** to any society.

ସମାଜ୍ଞା—ସଂ. ବି (ସମ୍ + ଆ + ଜ୍ଞା ଧାତୁ=ଜାଣିବା + କର୍ମ. ଅ +
Samājnā ସ୍ତ୍ରୀ. ଆ)—ଖ୍ୟାତି; ଯଶଃ—Celebrity; fame;
renown.

ସମାତୃ(ତା)—ସଂ. ବଣ. ସ୍ତ୍ରୀ—ମାତୃ ସମା; ମାତୃସ୍ଥାନୀୟା—Occupy-
Samātru(tā) ing the position of one's mother.
ବି. ସ୍ତ୍ରୀ—ସମାତା (ଶବ୍ଦକୋଷ)—Step-mother.

ସମାତୃକ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ + ମାତୃ + କ)—
Samātruka ୧ । ମାତୃବିଶିଷ୍ଟ—1. Having one's
(ସମାତୃକା—ସ୍ତ୍ରୀ) (ଅମାତୃକ—ବିପରୀତ) mother.
୨ । ମାତାଙ୍କ ସମଭିବ୍ୟାହାରୀ—
2. Accompanied by on 's mother.

ସମାତ୍ମକ—ସଂ. ବଣ (ବହୁବ୍ରୀହି)—ତୁଲ୍ୟ ସ୍ୱଭାବବିଶିଷ୍ଟ—Of the
Samātmaka same or similar nature.
[ସମାତ୍ମିକା—ସ୍ତ୍ରୀ] [ସମାତ୍ମା—ଅନ୍ ପୁଂ ଓ ସ୍ତ୍ରୀରୂପ]

ସମାଦର—ସଂ. ବି (ସମ୍=ସମ୍ୟକ୍ + ଆଦର)—୧ । ସମ୍ମାନ; ବିଶେଷ
Samādara ଆଦର—1. Honour; veneration;
ସମାଦୃତ } ବଣ great respect. ୨ । ସମ୍ବର୍ଦ୍ଧନା—
ସମାଦରଣୀୟ } 2. Welcome; honouring.

ସମାଦାନ—ସଂ. ବଣ. ସ୍ତ୍ରୀ (ସମ୍ + ଆଦାନ)—୧ । ସମ୍ୟକ୍ ଗ୍ରହଣ —
Samādāna 1. Proper acceptance. ୨ । ଉପଯୁକ୍ତ
ଦାନ ଗ୍ରହଣ—2. Act of receiving proper
gift. ୩ । ସୌଗତାହ୍ନିକ; ବୌଦ୍ଧମାନଙ୍କ ନିତ୍ୟକର୍ମ—
3. The daily rites of the Buddhists.

ସମାଦା(ଦ୍ଦା)ର—ଦେ. ବି.—ବଙ୍ଗ ଦେଶୀୟ ପରିବାରର ଉପାଧି
Samāda(ddā)ra ବିଶେଷ—A family title in
সমাদার **समादार** Bengal.

ସମାଦି(ଇତ୍ୟାଦି)—ଗ୍ରା. ବି (ଅଶୁଦ୍ଧ) (ସଂ. ସମାଧି)—ସମାଧି ଇତ୍ୟାଦି
Samādi(etc) (ଦେଖ)—Samādhi etc (See)

ସମାଦିବା—ଦେ. କ୍ରି—ଆଶ୍ୱାସନା ଦେବା—
Samādibā To give consolation; to console
আশ্বাস দেওয়া **आश्वासदेना** [ତ୍ରୁ—ସୁବଦା ସକୀ ମାଧବ ସମାଦର
କୃଷ୍ଣ ଦେହ ମନ ଖେଦ ।—ପ୍ରାଚୀ. ରସବାରିଧି]

ସମାଦୃତ—ସଂ. ବଣ. ପୁଂ (ସମ୍ + ଆଦୃତ)—ସମ୍ମାନିତ; ଅତି ଆଦୃତ—
Samādruta 1. Very much respected; honour-
(ସମାଦୃତା—ବଣ) ed. ୨ । ସମ୍ବର୍ଦ୍ଧିତ—2. Welcome.

ସମାଦେଶ—ସଂ. ବି (ସମ୍ + ଆଦେଶ)—ସମ୍ୟକ୍ ଆଦେଶ; ଆଜ୍ଞା—
Samādesa Special order.
ସମାଦିଷ୍ଟ } ବଣ (ସମାଦେଶନ—ଅନ୍ୟରୂପ)
ସମାଦେଶିତ }

ସମାଧା—ସ. ବି (ସମ୍ + ଆ + ଧା ଧାତୁ=ଧାରଣ କରିବା + ଭାବ
Samādhā ଅ + ଆ) ୧ । ସିଦ୍ଧାନ୍ତ; ମୀମାଂସା; ନିଷ୍ପତ୍ତି-
[ସମାଧାନ—ଅନ୍ୟରୂପ] 1. Decision; settlement of
[ସମାହିତ—ବଣ] an affair. ୨ । ବିରୋଧ ଭଞ୍ଜନ—
2. Reconciling of a dispute or differ-
ence. ୩ । ବିବାଦ ନିଷ୍ପତ୍ତି—3. Settlement of
a dispute. ୪ । ନିୟମ—4. Rule; regula-
tion. ୫ । ତପସ୍ୟା—5. Practice of religious
austerities. ୬ । ନିଜର ଇଚ୍ଛାପ୍ରଣୋଦିତ ଧର୍ମାନୁଷ୍ଠାନ-
6. Any religious observance voluntarily
undetraken. ୭ । ସମାଧି; ଯୋଗ ସାଧନ; ବ୍ରହ୍ମରେ
ମନକୁ ସ୍ଥିର କରି ରଖିବା—7. Abstraction of
mind from external objects and fixing it
on God; concentration of the mind on
the Brahma. ୮ । ଅନୁସନ୍ଧାନ—8. Enquiry;
research; investigation. ୯ । ସମର୍ଥନ—9.
Act of seconding or supporting a pro-
posal. ୧୦ । ଚିତ୍ତର ଏକାଗ୍ରତା; ଅବଧାନ; ପ୍ରଣିଧାନ—
10. Concentration of mind; mental
abstraction; composure. ୧୧ । ଧ୍ୟାନ—
11. Religious meditation. ୧୨ । ପ୍ରତିକାର—
12. Remedy. ୧୩ । କାର୍ଯ୍ୟର ସମାପନ—
13. Completion or accomplishment of
any work. ୧୪ । ନାଟକର ଅଙ୍ଗ ବିଶେଷ—
14. Part of a drama [ଦ୍ର—ଯେଉଁଠାରେ
ବୀଜର ଅର୍ଥାତ୍ ନାଟକବର୍ଣ୍ଣିତ ପ୍ରଧାନ କାରଣର ଅବଧାନ
ହୁଏ ତାକୁ ସମାଧା କୋହାଯାଏ—ସାହିତ୍ୟ ଦର୍ପଣ]

ସମାଧାନ—ସ. ବି (ସମ୍ + ଆ + ଧା ଧାତୁ=ଧାରଣ କରିବା + ଭାବ
Samādhāna ଅନ)—୧। ସମାଧା (ଦେଖ)—1. Samādhā
(See) ୨ । ପ୍ରଶ୍ନର ଉତ୍ତର ଦାନ—2. An-
[ସମାହିତ, ସମାଧାନୀୟ—ବଣ] swering a question. ୩ ।
ସମସ୍ୟା ପୂରଣ—3. Solution of a problem or
riddle. ଦେ. ବି ୧ । ଦୁଇ ଜଣଙ୍କ ବିବାଦ
ମୀମାଂସା ପୂର୍ବକ ମିଳନ—1. Reconciliation bet-
সমাধান **समाधान** ween two disputing per-
sons after settlement of dispute. ୨ ।
(ସମାଧାନ—ଗ୍ରା. ରୂପ) ଅଗୋଚିରେ ବିବାଦର ମୀମାଂସା-
2. Amicable settlement.

ସମାଧାନ(ଣି) କରିବା—ଦେ. କ୍ରି—୧ । ସଂପନ୍ନ କରିବା—1. To
Samādhāna(ni) karibā accomplish. ୨ । (ବିବାଦ)
সমাধান করা **समाधान करना** ମେଣ୍ଟାଇବା—2. To set-
tle or cause reconciliation of a dispute.

ସମାଧାଣି—ଦେ. ବଣ., ପୁଂ ଓ ସ୍ତ୍ରୀ—୧ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କର
Samādhāni ବିବାଦ ମୀମାଂସା କରି ଦିଅନ୍ତି—1. (a person)

[ସମାଧାନକାରୀ—ଅନ୍ୟରୂପ] Who amicably settles disputes between other persons. ୨ । ବିବାଦ ଭଞ୍ଜନ କରିବାରେ ପ୍ରବୀଣ—2. Skilful in bringing about amicable settlement. ୩ । ଶାନ୍ତପ୍ରକୃତିକ—3. Of a mild or cool temper.
সমাধানী **समाधानी**

ସମାଧି—ସ. ବି. (ସମ୍ + ଆ + ଧା ଧାତୁ=ଧାରଣ କରିବା + ଅଧି କରଣ ଇ, ଯହିଁରେ ଲୋକଙ୍କର ମନ ସମାହିତ ହୁଏ)—୧ । ସମାଧା (ଦେଖ)—1. Samādhā (See) ୨ । ସମାଧାନ (ଦେଖ)—2 Samādhāna (See). ୩ । ପରମାତ୍ମାଙ୍କ ସହିତ ଜୀବାତ୍ମାର ଏକୀଭାବ—3. The unification of the human mind with the divinity; the mental operation by which 'the God in man is one with the man in God'. [ଉ—ଭର୍ଗ ସମାଧି ଭଙ୍ଗ କରିବ ।—ଜଗନ୍ନାଥ. କଶୋଖ ଚମ୍ପୂ ଉ. ଗୀତ] [ଦ୍ର—ଇନ୍ଦ୍ରିୟମାନଙ୍କୁ ନିରୋଧ କରି ଗୋଟିଏ ମାତ୍ର ବିଷୟରେ ଦୃଢ଼ରୂପେ ମନୋନିବେଶ କଲେ ଚିତ୍ତ ବିଷୟରେ ଏକାଗ୍ରତା ଜନ୍ମେ । ମନୋମଧ୍ୟରେ ଏକାଗ୍ରତା ନିରନ୍ତର ହେଲେ 'ଧ୍ୟାନ' ହୁଏ । ଧ୍ୟାନ ନିରବଚ୍ଛିନ୍ନ ହେଲେ ତାହାକୁ 'ସମାଧି' ବୋଲାଯାଏ । ସମାଧି ହେଲେ ମନୁଷ୍ୟ ମନରୁ 'ଅହଂ ଭାବ' ଅର୍ଥାତ୍ ନିଜର ଅସ୍ତିତ୍ୱ ଭାବ ଲୁପ୍ତ ହୋଇ ଧ୍ୟେୟ ବସ୍ତୁ ପ୍ରତି ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ରହେ । ଈଶ୍ୱରପ୍ରଣିଧାନ ଦ୍ୱାରା ଉତ୍କୃଷ୍ଟ 'ସମାଧି' ଲାଭ ହୁଏ । ପରମାତ୍ମା ସହିତ ଜୀବାତ୍ମାର ଏକାନ୍ତ ମିଳନହିଁ 'ସମାଧି'ର ଚରମ ଲକ୍ଷ୍ୟ । ଏହାହିଁ ଯୋଗସାଧନ ।

ଯୋଗର ଚରମ ଫଳ ସମାଧି—ପ୍ରଥମେ ଏକାଗ୍ରତାଦ୍ୱାରା ଧାରଣା; ତତ୍ପରେ ଧ୍ୟାନ ଓ ତତ୍ପରେ ସମାଧି ହୁଏ । ଇନ୍ଦ୍ରିୟସକଳକୁ ନିରୋଧ କରି କୌଣସି ଗୋଟିଏ ବିଷୟରେ ଚିତ୍ତ ସ୍ଥିର କରିବାକୁ ଏକାଗ୍ରତା ବୋଲାଯାଏ । ମନ କିଛିକାଳ ଏକାଗ୍ର ହେଲେ ଧାରଣା ଜନ୍ମେ । ଧାରଣା ନିରବଚ୍ଛିନ୍ନ ହେଲେ ଧ୍ୟାନ ହୁଏ । ଧ୍ୟାନ ନିରବଚ୍ଛିନ୍ନ ହେଲେ ସମାଧି ହୁଏ । ପାତଞ୍ଜଳ ଓ ବେଦାନ୍ତାଦି ଦର୍ଶନରେ ଏହି ସମାଧି ବିଷୟରେ ବିସ୍ତୃତ ବିବରଣ ଓ ସାଧନ ଲିପିବଦ୍ଧ ହୋଇଅଛି । ଯେତେବେଳେ 'ମୁଁ ସତ୍ୟ, ଅନନ୍ତ, ଅଦ୍ୱୟ ବ୍ରହ୍ମସ୍ୱରୂପ ଅଟେ' ଏବଂଭୂତ ଜ୍ଞାନ ଜନ୍ମେ ଏବଂ ଚିତ୍ତବୃତ୍ତି ନଷ୍ଟ ହୋଇ ଅଖଣ୍ଡ ବ୍ରହ୍ମରୂପରେ ଅବସ୍ଥାନ କରିବାକୁ ସମର୍ଥ ହୁଏ, ସେତେବେଳେ ଉକ୍ତ ଯୋଗୀକୁ ସମାଧିସ୍ଥ ବୋଲାଯାଏ । ଏହି ସମାଧିହିଁ ସମାଧିର ଚରମୋତ୍କର୍ଷ; ଏହାକୁ ନିର୍ବିକଳ୍ପ ସମାଧି ବୋଲାଯାଏ । ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଏହି ବିକଳ୍ପତ୍ରୟର ଜ୍ଞାନସତ୍ତ୍ୱେ ଅଦ୍ୱିତୀୟ ବ୍ରହ୍ମ ବସ୍ତୁରେ ଅଖଣ୍ଡାକାରରୂପେ ଆକାରିତ ଚିତ୍ତବୃତ୍ତିର ଅବସ୍ଥାନକୁ ସବିକଳ୍ପ ସମାଧି ବୋଲାଯାଏ । ଯେଉଁପରି ମାଟିରେ ତିଆରି ଗୋଟିଏ ହାତୀକୁ ଦେଖିଲେ ତହିଁରେ ହାତୀର ଜ୍ଞାନ ଥାଇ ସୁଦ୍ଧା ମୃତ୍ତିକାର ଜ୍ଞାନ ଥାଏ, ସେହିପରି ଦ୍ୱୈତଜ୍ଞାନ ଥାଇ ସୁଦ୍ଧା ଅଦ୍ୱୈତଜ୍ଞାନ ହେଉଥିଲେ ତାକୁ ସବିକଳ୍ପ ସମାଧି ବୋଲାଯାଏ । ତତ୍ପରେ ସାଧକ କ୍ରମେ ସମାଧିବିଘ୍ନମାନଙ୍କ ଅତିକ୍ରମ କରି ଯେତେବେଳେ ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଏହି ବିକଳ୍ପତ୍ରୟର ଅଭାବରେ ଅଦ୍ୱିତୀୟ ବ୍ରହ୍ମ ବସ୍ତୁରେ ଏକୀଭୂତ ହୋଇ ଅଖଣ୍ଡାକାରାକାରିତଚିତ୍ତବୃତ୍ତିର ଅବସ୍ଥାନ ହୁଏ ସେତେବେଳେ ନିର୍ବିକଳ୍ପ ସମାଧି ହୁଏ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସବିକଳ୍ପ ସମାଧି, ଏସବୁ ନିର୍ବିକଳ୍ପ ସମାଧିର ଅଙ୍ଗ ବା ସୋପାନ । ଚିତ୍ତ ଯେତେବେଳେ ନିର୍ବାତ ପ୍ରଦୀପ ପରି ଅଚଳ ହୋଇ କେବଳ ଅଖଣ୍ଡ ଚୈତନ୍ୟମାତ୍ରର ଅବଲମ୍ବନ ହୁଏ, ସେତେବେଳେ ସମାଧିର ଶେଷ ଅବସ୍ଥା—ନିର୍ବିକଳ୍ପ ସମାଧି ହୁଏ—ବିଶ୍ୱକୋଷ ।]

୪ । ପ୍ରତିଜ୍ଞା—4. Vow; engagement. ୫ । ସମ୍ମତି—5. Consent; agreement. ୬ । ଚୁକ୍ତି—6. Contract; settlement. ୭ । ପ୍ରତିଶୋଧ—7. Requital; liquidation. ୮ । ସଞ୍ଚୟ—8. Storing. ୯ । ଅସାଧ୍ୟ ବିଷୟରେ ଅଧ୍ୟବସାୟ—9. Perseverance in a difficult or impracticable matter ୧୦ । ମୌନଭାବ; ବାକ୍‌ସଂଯମ; ମୌନାବଲମ୍ବନ—10. Silence. ୧୧ । କାବ୍ୟର ଗୁଣ ବିଶେଷ (ଯେଉଁଠାରେ ଦୁଇଟି ଘଟନା ଦୈବକ୍ରମେ ଏକ ସମୟରେ ଘଟେ ଏବଂ ଏକ କ୍ରିୟା ସହିତ ଦୁଇ କର୍ତ୍ତାର ଅନ୍ୱୟ ହୋଇ ଦୁଇଟି ଘଟନା ପ୍ରକାଶିତ ହୁଏ)—11. A quality or condition of an epic [in a case where two events happen simultaneously and are expressed by using one verb (conveying double meaning) governed by two nominatives.] [ଉଦାହରଣ--ବାଟରେ ଯାଉଁ ଯାଉଁ ଦୁଇ ସଙ୍ଗୀଙ୍କ ମଧ୍ୟରେ କଳି ହେଲା ଏବଂ ଲକ୍କରମୟ ବାଟରେ ଦୁହେଁଯାକ ଝୁଣ୍ଟି ପଡ଼ିଲେ । ଫଳରେ ଦୁଇ ସଙ୍ଗୀଙ୍କର ମନ ଓ ଗୋଡ଼ ଫାଟିଗଲା ।] ୧୨ । ଅର୍ଥାଳଂକାର ବିଶେଷ—12. A figure of speech, where an intended act is effected by an accidental occurrence. [ଦ୍ର—ଦୈବାନୁକୂଲ୍ୟରୁ ଆରବ୍ଧ କର୍ମ ହଠାତ୍ ଅପ୍ରତ୍ୟାଶିତ ଉପାୟ ଦ୍ୱାରା ସିଦ୍ଧ ହେଲେ ତାହାକୁ ସମାଧି ଅଳଙ୍କାର ବୋଲାଯାଏ । ଯଥା—

ଶ୍ରୀକୃଷ୍ଣ କଂସକୁ ବଧ କରିବାକୁ ପ୍ରସ୍ତୁତ ହୋଇ ମଥୁରାକୁ ଯାଇଥିଲେ; କିନ୍ତୁ 'ମଞ୍ଚାରୁ ପଡ଼ି ମାମୁଁ ମଲା—ମତେହିଁ ଦଇବ ରଖିଲା' । ଏହିପରି ସ୍ଥଳରେ 'ସମାଧି ଅଳଙ୍କାର' ହୋଇଥାଏ ।] ୧୩ । ଭବିଷ୍ୟତ୍ ଯୁଗର ଜୈନମୁନି ବିଶେଷ—13. Name of a Jaina sage

whose advent is predicted in the Jaina scripture. ୧୪ । ଅଙ୍ଗୀକାର (ବିଶ୍ବକୋଷ)— 14. Promise. ୧୫ । ଧ୍ୟାନ (ବିଶ୍ବକୋଷ)— 15. Contemplation. ୧୬ । ଅଭେଦ (ବିଶ୍ବକୋଷ)—16. Attributing a thing or an attribute to another thing. ୧୭ । ନିଦ୍ରା (ବିଶ୍ବକୋଷ)—17. Sleep. ୧୮ । ଏକାଗ୍ରତା (ବିଶ୍ବକୋଷ) —18. Concentration of mind. ୧୯ । (ନାମ) ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ବୈଶ୍ୟ —19. Name of a Baisya described in the Chandi. [ଦ୍ର— ସୂର୍ଯ୍ୟବଂଶୀୟ ରାଜା ସୁରଥ ରାଜ୍ୟଚ୍ୟୁତ ହୋଇ ମେଧସ ଋଷିଙ୍କ ଆଶ୍ରମରେ ଉପସ୍ଥିତ ହେବା ସମୟରେ ଅସାଧୁ ସ୍ତ୍ରୀ-ପୁତ୍ରଙ୍କ ଦ୍ୱାରା ଗୃହରୁ ତାଡ଼ିତ ସମାଧି ନାମକ ବୈଶ୍ୟ ସେଠାରେ ପହଞ୍ଚିଲେ । ସେ କହିଲେ ଯେ, ମୋତେ ମୋ ସ୍ତ୍ରୀପୁତ୍ରାଦି ଘରୁ ତଡ଼ି ଦେଇଛନ୍ତି; ତଥାପି ମୋ ମନ ସେମାନଙ୍କ ପ୍ରତି ମମତାଶୂନ୍ୟ ହେଉ ନାହିଁ; ସେମାନଙ୍କ କୁଶଳ ସମ୍ବାଦ ଶୁଣିବାକୁ ଏବଂ ଜାଣିବାକୁ ଉଦ୍‌ବିଗ୍ନ ହେଉଅଛି । ସୁରଥ ରାଜା ମଧ୍ୟ ରାଜ୍ୟରୁ ବିତାଡ଼ିତ ହୋଇ ସୁଦ୍ଧା ରାଜ୍ୟ ପ୍ରତି ଓ ସ୍ତ୍ରୀପୁ ଅମାତ୍ୟାଦିଙ୍କ ପ୍ରତି ମମତାଶୂନ୍ୟ ହୋଇ ନ ଥାନ୍ତି । ମେଧସ ମୁନି ବୈଶ୍ୟର ଏ ମମତା ଶୁଣି, ଏହା 'ମହାମାୟା'ଙ୍କ ପ୍ରଭାବ ଓ ଏ ମହାମାୟାହିଁ ଦୁର୍ଗାଦେବୀ ବୋଲି କହିଲେ । ମୁନି ଦୁର୍ଗାଙ୍କର ଭିନ୍ନ ଭିନ୍ନ ସମୟରେ ଅବତାର ଓ ଦୁଷ୍ଟ ରାକ୍ଷସାଦି (ମହିଷାସୁର, ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ ଆଦି)ଙ୍କ ବଧ ବିଷୟ ବର୍ଣ୍ଣନା କଲେ । ଏହା ଶୁଣି ରାଜା ଓ ବୈଶ୍ୟ, ଏ ଦୁହିଙ୍କ ମନରେ ନିର୍ବେଦ ଉପସ୍ଥିତ ହେଲା । ସେମାନେ ନଦୀତଟରେ ଦେବୀଙ୍କ ମୃଣ୍ମୟୀମୂର୍ତ୍ତି ନିର୍ମାଣ କରି ଦେବୀଙ୍କୁ ଜପ କରି ଦେବୀଙ୍କ ଆରାଧନା କଲେ । ଏହିରୂପେ ତିନିବର୍ଷ ଦେବ୍ୟାରାଧନା ଓ ଦେବୀପୂଜା କରିବାରୁ ଦେବୀ ଆବିର୍ଭୂତା ହୋଇ ସେ ଦୁଇ ଜଣଙ୍କୁ ବର ଦେଲେ । ରାଜା ନଷ୍ଟରାଜ୍ୟ ପ୍ରାପ୍ତ ହେଲେ ଓ ବୈଶ୍ୟ ତତ୍ତ୍ୱଜ୍ଞାନ ଲାଭ କରି ମାୟାପାଶରୁ ମୁକ୍ତ ହେଲା ।]

ଦେ. ବି.— ୧ । ପ୍ରାଣବାୟୁ ଥାଉଁ ଥାଉଁ ହିନ୍ଦୁ ସାଧୁ ସନ୍ନ୍ୟାସୀମାନେ ଭୂଗର୍ଭରେ ଆପଣା ପାଇଁ ଯେଉଁ ଗୋପ

সমাধি समाधि ଲଣ୍ଠାମାଗାରର ଆୟୋଜନ କରନ୍ତି ଏବଂ ଯେଉଁ ଠାରେ ସେମାନଙ୍କ ମୃତ୍ୟୁପରେ ଦେହର ଅସ୍ଥି ବା ଚିତାଭସ୍ମ ସଞ୍ଚିତ ହୋଇ ପୋତା ଯାଏ—1. The place selected by Hindu mendicants for depositing their bones or ashes after death. [ଦ୍ର—ମୁସଲମାନଙ୍କ ଭାରତ ଆକ୍ରମଣପରେ ମୁସଲମାନମାନଙ୍କ କବର ପ୍ରଥାକୁ ଦେଖି ବୈଷ୍ଣବମାନେ ଏହି ରୀତି ଚଳାଇ ଥିବା ଅନୁମିତ ହୁଏ ।] ୨ । ଯୋଗ ଆସନ— 2. A kind of seat during Joga exercise: [ଉ—ସଦାନନ୍ଦ ସମାଧିଉତ୍କଣ୍ଠ କରାଇଲେ ।—ପ୍ରାଚୀ. ପ୍ରତାପ. ଶଶିଷେଣା] ୩ । କବର – 3. Grave; tomb. [ଉ—ଜୀବନେ ହେଲେହେଁ ଘରସ୍ଥରେ ବାସୀ; ମରଣେ ଲଭିଲେ ଏକହିଁ ସମାଧି ।—ରାଧାନାଥ. ନନ୍ଦକେଶରୀ] ୪ । ଶବ ପୋତିବା—4. Burial. ୫ । ଶବର ଚିତା ଭସ୍ମ ପୋତାଯିବା ସ୍ଥାନ—5. A place where the ashes of a dead body is buried. [ଦ୍ର— କେତେକ ବୈଷ୍ଣବଙ୍କର ମୃତ ଦେହକୁ ଦାହ ନ କରି ସମାଧି ଦିଆଯାଏ ଓ ଉକ୍ତ କବରକୁ ଗାଦି ବୋଲାଯାଏ ।]

ସମାଧି କ୍ଷେତ୍ର—ସଂ ବି.—(୬ଷ୍ଠୀ ତତ୍) ଯେଉଁ ସ୍ଥାନରେ ଶବମାନଙ୍କୁ Samādhi kshetra କବର ଦିଆଯାଏ—Grave-yard; burial ground; cemetery; sepulchre.
ସମାଧିଭୂମି, ସମାଧିସ୍ଥାନ —ଅନ୍ୟରୂପ

ସମାଧି ଗୃହ—ସଂ. ବି.—ସମାଧି ମନ୍ଦିର (ଦେଖ)— Samādhi gruha Samādhi mandira (See)

ସମାଧି ଘି(ଘେ)ନିବା—ଦେ. କ୍ରି—ମୃତ୍ୟୁ ପରେ ପୋତାଯିବା— Samādhi ghi(ghe)nibā To be buried after death; (the dead body) to be consigned to the grave.
সমাধি লওয়া समाधि लेना
(ସମାଧି ନେବା—ଅନ୍ୟରୂପ)

ସମାଧିତ୍ସୁ—ସଂ. ବିଣ—(ସମ୍ + ଆ + ଧା ଧାତୁ-ଇଚ୍ଛାର୍ଥେ ସନ୍ + ଉ)- Samādhit-su ସମାଧାନ କରିବା ପାଇଁ ଇଚ୍ଛୁକ—Desirous of making "Samādhāna".

ସମାଧି ଦେବା—ଶବକୁ ପୋତିବା—To bury a dead body. Samādhi debā সমাধি দেওয়া समाधि देना

ସମାଧି ପାଇବା—ଦେ. କ୍ରି.—ମୃତ୍ୟୁ ପରେ ପୋତାଯିବା—To be Samādhi pāibā buried after death.
সমাধি পাওয়া समाधिपाना

ସମାଧି ପ୍ରସ୍ତର—ଦେ. ବି—ସମାଧି ଉପରେ ପୋତାଯିବା ପଥର— Samādhi prastara Tomb-stone.
সমাধি পাথর समाधिपत्थर [ଦ୍ର—ଏ ପଥରରେ ସମାହିତବ୍ୟକ୍ତିଙ୍କ ନାମ ଧାମ ଆଦି ଲେଖା ହୁଏ ।]

ସମାଧି ବିଘ୍ନ—ସଂ. ବି.—(ମଧ୍ୟ ପଦଲୋପୀ କର୍ମଧା)—ଧ୍ୟାନ ବିଷୟରେ Samādhi bighna ବାଧା—Obstacles to one's meditation. ୨ । ଯୋଗୀଙ୍କର 'ନିର୍ବିକଳ୍ପ ସମାଧି' ଅବସ୍ଥା ଲାଭ ହେବା ବିଷୟରେ ଉପସ୍ଥିତ ବିଘ୍ନମାନ— 2. Obstacles encountered by a Jogi to attain the final stage of Samādhi. [ଦ୍ର- ସାଧକ ସବିକଳ୍ପ ସମାଧି ଲାଭ କରି ଯେତେବେଳେ ନିର୍ବିକଳ୍ପ ସମାଧିରେ ଉପସ୍ଥିତ ହେବାକୁ ତତ୍ପର ହୁଅନ୍ତି, ସେହି ଅବସ୍ଥାରେ ତାଙ୍କୁ ୪ଗୋଟି ବିଘ୍ନ ଅତିକ୍ରମ କରିବାକୁ ପଡ଼େ— ଲୟ, ବିକ୍ଷେପ, କଷାୟ ଓ ରସାସ୍ୱାଦନ । ଅଖଣ୍ଡ ବ୍ରହ୍ମ ବସ୍ତୁକୁ ଅବଲମ୍ବନ କରିବାକୁ ଅସମର୍ଥ ଅନ୍ତଃକରଣବୃତ୍ତିର ନିଦ୍ରାକୁ ଲୟ ବୋଲାଯାଏ । ଅଖଣ୍ଡ ବ୍ରହ୍ମକୁ ଅବଲମ୍ବନ କରି ନ

ଯାଇ ଅନ୍ତଃକରଣବୃତ୍ତି ଅନ୍ୟ କୌଣସି ବସ୍ତୁକୁ ଅବଲମ୍ବନ କଲେ ବିକ୍ଷେପ ହୁଏ । କାମନା ବଶତଃ ଅନ୍ତଃକରଣବୃତ୍ତି ଅଖଣ୍ଡ ବ୍ରହ୍ମ ବସ୍ତୁକୁ ଅବଲମ୍ବନ କରିବାକୁ ଅସମର୍ଥ ହେଲେ ତାକୁ କଷାୟ ବୋଲାଯାଏ । ନିର୍ବିକଳ୍ପ ସମାଧି ନ ହେଉଣୁ ସବିକଳ୍ପ ସମାଧିଜନିତ ଆନନ୍ଦ ଆସ୍ୱାଦନରେ ଚିତ୍ତବୃତ୍ତି ମଜ୍ଜିଗଲେ ତାକୁ ରସାସ୍ୱାଦନ ବୋଲାଯାଏ । ଚିତ୍ତ ଏ ଚାରି ପ୍ରକାର ବିଘ୍ନରୁ ରହିତ ହେଲେ ବା ଏଗୁଡ଼ିକୁ ଅତିକ୍ରମ କଲେ ସମାଧିର ଚରମ ଅବସ୍ଥା—ନିର୍ବିକଳ୍ପ ସମାଧି—ଲାଭ ହୁଏ । ବିଶ୍ୱକୋଷ ।]

ସମାଧି ବିଧି—ସଂ. ବି—ଯୋଗଶାସ୍ତ୍ରୋକ୍ତ ସମାଧି ଲାଭ କରିବା ପାଇଁ Samādhi bidhi ଶାସ୍ତ୍ରରେ ଉପଦିଷ୍ଟ ବିଧାନ ବା ଅନୁଷ୍ଠାନ—Rules enjoined in the Śāstras for attaining Samādhi.

ସମାଧି ଭଗ୍ନ(ଙ୍ଗ)କରିବା—ଦେ. କ୍ରି—ସମାଧି ଭାଙ୍ଗିବା (ଦେଖ)—Samādhi bhagna(ṅga)kariba Samādhi bhāṅgibā (See)

ସମାଧି ଭଙ୍ଗ—ସଂ. ବି (୬ଷ୍ଠୀ ତତ୍)—ଧ୍ୟାନଭଙ୍ଗ; ଧ୍ୟାନ ଭାଙ୍ଗିବା—Samādhi bhaṅga Interruption of meditation.

ସମାଧି ଭାଙ୍ଗିବା—ଦେ. କ୍ରି (ସକର୍ମକ)—କୌଣସି ବ୍ୟକ୍ତିର ଧ୍ୟାନ ବା Samādhi bhāṅgibā ତପସ୍ୟା ଭଙ୍ଗ କରିବା—To [ସମାଧି ଭଙ୍ଗକରିବା—ଅନ୍ୟରୂପ] interrupt the medi- [ସମାଧି ଭଙ୍ଗାଇବା—ଣିଜନ୍ତରୂପ] tation of a person. ସମାଧି ভাঙ্গা समाधि तोड़ना [ବ୍ରୁ—ତପସ୍ୟାଦ୍ୱାରା କଠିନ ତପସ୍ୟା ଆଚରଣ ପୂର୍ବକ କାଳେ ଇନ୍ଦ୍ରପଦ ଲାଭ କରିବେ, ଏହି ଆଶଙ୍କାରେ ଇନ୍ଦ୍ର ଅପ୍ସରାମାନଙ୍କୁ ପଠାଇ ତପସ୍ୟାଦ୍ୱାରା ବ୍ୟକ୍ତିଙ୍କ ସମାଧି ଭଙ୍ଗ କରନ୍ତି ।] ଦେ. ବି—ଧ୍ୟାନ ଭଙ୍ଗ ହେବା—The interruption of a person's meditation.

ସମାଧି ମଗ୍ନ—ସଂ ବଣ. ପୁଂ (୭ମୀ ତତ୍)—ଧ୍ୟାନମଗ୍ନ—Samādhi magna Immersed in deep meditation. (ସମାଧିମଗ୍ନା—ସ୍ତ୍ରୀ)

ସମାଧି ମଠ—ଦେ.ବି—ପୁରୀର ମଠବିଶେଷ—Name of a Maṭha Samādhi maṭha or religious institution in সমাধিমঠ समाधिमठ Puri.

ସମାଧି ମନ୍ଦିର—ଦେ. ବି—୧ । ସମାଧି ଉପରେ ନିର୍ମିତ ଗୃହ ବା ଦେଉଳ-Samādhi mandira 1. A mausoleum; a সমাধিমন্দির समाधिमन्दिर temple raised over a grave. ୨ । ମୃତବ୍ୟକ୍ତିଙ୍କ ଚିତାଭସ୍ମକୁ ପୋତି ତହିଁ ଉପରେ ନିର୍ମିତ କରିବା ମନ୍ଦିର—2. A temple raised over the ashes of a dead person

ସମାଧି ସ୍ତମ୍ଭ—ଦେ. ବି—୧ ।ସମାଧି ଉପରେ ନିର୍ମିତ ସ୍ତମ୍ଭ; ଭୂଗର୍ଭ-Samādhi stambha ଛିତ୍ରିତ ଶବଦେହର ଉପରେ ସ୍ତମ୍ଭ—সমাধি স্তম্ভ समाधि स्तम्भ 1. A pillar raised over a grave.

ସମାଧିସ୍ଥ—ସଂ. ବଣ. ପୁଂ—(ସମାଧି + ସ୍ଥା ଧାତୁ + କର୍ତ୍ତୃ. ଅ)—୧। ଧ୍ୟାନ-Samādhistha ନିମଗ୍ନ—1. Engaged in deep [ସମାଧିସ୍ଥା—ସ୍ତ୍ରୀ] meditation. ୨ । ସମାଧି ମଧ୍ୟସ୍ଥ—2. Which is inside a grave. ୩ । ପରମାତ୍ମାଙ୍କ ଧ୍ୟାନରେ ସମ୍ପୂର୍ଣ୍ଣରୂପେ ମଗ୍ନ (ମନ, ବ୍ୟକ୍ତି, ଚିତ୍ତ)—3. (mind or person) Devoted exclusively to the sole thought of the Paramātmā [ଦ୍ର—ସକଳ ଚିନ୍ତା ତ୍ୟାଗ କରି ଇନ୍ଦ୍ରିୟାର୍ଥଚିନ୍ତାରୁ ମୁକ୍ତ ହୋଇ ବ୍ରହ୍ମରେ ଲୀନ ହେବା ଅବସ୍ଥାକୁ ସମାଧିସ୍ଥ ଅବସ୍ଥା ବୋଲାଯାଏ ।]

ସମାଧି ହାଣ୍ଡି—ଦେ. ବି—ପୁରୀରେ ଅନ୍ନ ମହାପ୍ରସାଦ ରଖାଯିବାର ଏକ Samādhi hāṇḍi ପ୍ରକାର ହାଣ୍ଡି—Name of an earসমাধি হাঁড়ি समाधि हाँड़ि then pot of the capacity of containing boiled rice weighing 3 to 4 seers. [ଦ୍ର—ଏଥିରେ ୩।୪ ସେର ଚାଉଳର ଅନ୍ନ ରହିପାରେ। ସମ୍ଭବତଃ ପୁରୀର ସମାଧି ମଠ ତରଫରୁ ଜଗନ୍ନାଥଙ୍କଠାରେ ଭୋଗ ଲଗି ଆସୁଥିବା ଅନ୍ନ ମହାପ୍ରସାଦ ଏହି ପ୍ରକାରର ହାଣ୍ଡିରେ ରଖାଯାଉଥିବାରୁ ଏହାର ଏପରି ନାମ ହୋଇଅଛି ।]

ସମାଧେୟ—ସଂ. ବଣ (ସମ୍ + ଆ + ଧା ଧାତୁ + କର୍ମ. ଯ)—Samādheya ସମାଧାନର ଉପଯୁକ୍ତ—Fit for Samādhāna.

ସମାଧ୍ମା(ଧ୍ନା)ତ—ସଂ. ବଣ. (ସମ୍ + ଆଧ୍ମାତ; ଅଧ୍ନାତ)—୧ । ସମ୍ୟକ୍ Samādhmā(dhnā)ta ଶବ୍ଦିତ—1. Resounded. ୨ । ଉତ୍ସାହିତ—2. Encouraged. ୩ । ସନ୍ଦୀପିତ—3. Very much kindled. ୪ । ଗର୍ବିତ—4. Proud. ୫ । (ସମ୍ = ସମାନ + ଅଧ୍ମାତ) ସମାନରୂପେ ଶବ୍ଦିତ—5. Emitting similar sounds.

ସମାଧ୍ୟାୟୀ—ସଂ. ବଣ. ପୁଂ (ସମ୍ + ଅଧ୍ୟାୟୀ)—୧ । ସହପାଠୀ—Samādhyāyī 1. Studying together. ୨ । ତୁଲ୍ୟ (ସମାଧ୍ୟାୟିନୀ—ସ୍ତ୍ରୀ) ଅଧ୍ୟୟନକାରୀ—2. Reading in the same or equal standard.

ସମାନ୍—ଦେ. ବଣ (ସଂ. ସମାନ)—ସମାନ (ଦେଖ) Samān Samāna (See) সমান ଗ୍ରାଦେ. (ଗଞ୍ଜାମ) ବି—ସାମାନ୍ (ଦେଖ) सामान Sāmān (See)

ସମାନ—ସଂ. ବଣ (ବହୁବ୍ରୀହି; ସ=ସହିତ; ସମ+ମାନ=ପରିମାଣ; Samāna ସମାନ ଅଟେ ପରିମାଣ ଯାହାର; ଅଥବା ସମ୍ + ଅ + (ଅ ମାନ—ଉପସର୍ଗ) ନୀ ଧାତୁ=ନେବା + କର୍ତ୍ତୃ. ଅ)—୧ । ସମ; ସଦୃଶ; ତୁଲ୍ୟ—1. Equal. ୨ । ସମତଳ—2. Level. ୩ । ଅବିକଳ; ଏକ ରୂପ—3. Same; uniform. ୪ । ତୁଲ୍ୟ ପରିମାଣ ବା ଆକାର ବା ଗୁଣ ବିଶିଷ୍ଟ—4. Equal in quantity, shape or quality. ୫ । ସଗର୍ବ—5. Proud.

ସଂ. ବି (ସମ୍—ସମ୍ୟକ୍+ଅନ୍ ।ଧୁ—ଜୀବିବା + କର୍ତ୍ତ· ଅ)—୧ । ପ୍ରାଣବାୟୁବିଶେଷ; ଶରୀର ମଧ୍ୟସ୍ଥ ପଞ୍ଚବାୟୁ ମଧ୍ୟରୁ ନାଭି ଦେଶରେ ଅବସ୍ଥିତ ବାୟୁ—1. Name of one of the five winds inside the body. [ଦ୍ର—ଅନ୍ୟ ୪ଟି ବାୟୁର ନାମ—(ହୃଦୟରେ) ପ୍ରାଣ, (ଗୁହ୍ୟରେ) ଅପାନ, (ସର୍ବାଙ୍ଗ) ବ୍ୟାନ ଓ (ଊର୍ଦ୍ଧ୍ୱ ଦେଶରେ) ଉଦାନ ।] ୨। (ବ୍ୟାକରଣ) ଏକସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ—2. Letters uttered from the same place. ଦେ· ବି—ସମାନା (ଦେଖ)—Samānā (See)

ସମାନ କରଣ—ସଂ. ବି—୧ । ବକ୍ର ବସ୍ତୁକୁ ସଳଖ କରିବା (ଶବ୍ଦକୋଷ) Samāna karaṇa —1. Straightening. ୨ । ଏକ ଜାତୀୟ ଦୁଇଟି ବସ୍ତୁକୁ ସମାନ ଆକାରରେ ଆଣିବା (ଶବ୍ଦକୋଷ)—2. Equalising of two things of the same class. ୩ । ଶିଥିଳ ଶିଶ୍ନର ଉତ୍ଥାନ-କରଣ (ଔଷଧ ପ୍ରାଚୀନଶାସ୍ତ୍ର)—3. Bringing about the erection of a prostrate penis.

ସମାନ କର୍ମା—ସଂ. ବିଣ (ବହୁବ୍ରୀହି; ସମାନ+କର୍ମନ୍; ୧ମା· ୧ବ)—Samāna karmā ୧ । ସମ ବ୍ୟବସାୟୀ—1. Of the same profession. ୨ । ସମାନ କର୍ମକାରୀ—2. Doing equal or similar acts

ସମାନ କାରଣ—ସଂ. ବିଣ (ବହୁବ୍ରୀହି)—ତୁଲ୍ୟକାରଣ ବିଶିଷ୍ଟ—Samāna kāraṇa Having similar causes.

ସମାନ କାଳୀନ(କାଳିକ)—ସଂ. ବିଣ (ସମାନକାଳ+ଈନ; ଇକ)—Samāna kālīna(kālika) ୧। ସମକାଳୀନ; ଏକ କାଳରେ ଜାତ ବା ଉତ୍ପନ୍ନ—1.Born or produced at same time. ୨ । ସମସାମୟିକ—2. Contemporary. ୩ । ଏକ ସମୟରେ ଘଟିବା—3. Happening simultaneously.

ସମାନ ଜନ୍ମା—ସଂ. ବିଣ (ବହୁବ୍ରୀହି; ସମାନ+ଜନ୍ମନ୍; ୧ମା. ୧ବ)—Samāna janmā ତୁଲ୍ୟ ବୟସ୍କ—Of the same age.

ସମାନ ଜାତୀୟ—ସଂ. ବିଣ. ପୁଂ (ସମାନ+ଜାତି+ଈୟ)—Samāna jātīya ୧ । ତୁଲ୍ୟ ଜାତୀୟ—1. Of similar class. (ସମାନ ଜାତୀୟା—ସ୍ତ୍ରୀ) ୨ । ଏକ ଜାତୀୟ—2. Of the same caste or species.

ସମାନ ତନ୍ତ୍ର—ସଂ. ବିଣ· (ବହୁବ୍ରୀହି)—୧ । ଏକ ବ୍ୟବସାୟୀ—Samāna tantra 1. Of the same profession. (ସମାନ ତନ୍ତ୍ରା—ସ୍ତ୍ରୀ) ୨ । ଏକ ରୂପ ପ୍ରକୃତି ବିଶିଷ୍ଟ—2. Of the same nature. ୩ । ଏକ ଶାଖାଧ୍ୟୟନ ପୂର୍ବକ ଏକରୂପ ଯାଗଯଜ୍ଞ କରନ୍ତ (ଶବ୍ଦକୋଷ)—3. Engaged in the performance of similar vedic practices and reading the same branch of the Beda.

ସମାନତା(ତ୍ୱ)—ସଂ. ବି (ସମାନ+ଭାବେ· ତା; ତ୍ୱ)—ସମତା—Samānatā(twa) Equality; similarity.

ସମାନ ଧର୍ମା—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସମାନ+ଧର୍ମନ୍; ୧ମା Samāna dharmā ୧ବ)—୧ । ତୁଲ୍ୟ ଧର୍ମ; ଏକଧର୍ମ ବିଶିଷ୍ଟ—1. Of the same attribute. ୨। ଏକ ଧର୍ମାବଲମ୍ବୀ; ସଧର୍ମୀ—2. Professing the same religion.

ସମାନନ—ସଂ. ବିଣ. ପୁଂ (ସମ+ଆନନ; ବହୁବ୍ରୀହି)—Samānana ତୁଲ୍ୟ ଆନନ ବା ମୁଖ ବିଶିଷ୍ଟ—(ସମାନନା—ସ୍ତ୍ରୀ) Having similar faces.

ସମାନ ନାମା—ସଂ. ବିଣ (ବହୁବ୍ରୀହି; ସମାନ+ନାମନ୍; ୧ମା. ୧ବ)—Samāna nāmā ୧ । ସନାମା; ସମାନନାମବିଶିଷ୍ଟ—1. Having similar names. ୨ । ଏକନାମ-ବିଶିଷ୍ଟ—2. Having the same name.

ସମାନବୟସ୍କ—ସଂ. ବିଣ (ବହୁବ୍ରୀହି; ସମାନ+ବୟସ୍)—୧ । ଏକ-Samāna bayaḥ ବୟସ୍କ—1. Of the same age (ସମାନବୟସ୍କ—ଅନ୍ୟରୂପ) ୨ । ତୁଲ୍ୟବୟସ୍କ—2. Of similar age.

ସମାନ ବୟସୀ—ଦେ.ବିଣ. ପୁଂ ଓ ସ୍ତ୍ରୀ (ସଂସମାନ ବୟସ୍)—ସମାନବୟସ୍କ Samāna bayasī (ଦେଖ)—Samānabāyaḥ (See) (ସମାନ ବୟସିଆ—ଅନ୍ୟରୂପ)

ସମାନ ବର୍ଣ୍ଣ—ସଂ. ବି (ବ୍ୟାକରଣ)—ଏକ ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ; Samāna barṇṇa ସମୋଚ୍ଚାରିତ ବର୍ଣ୍ଣ—Letters uttered (ସମାନବର୍ଣ୍ଣା—ସ୍ତ୍ରୀ) from the same place. ବିଣ—୧ । ତୁଲ୍ୟ ବର୍ଣ୍ଣବିଶିଷ୍ଟ—1. Of the same colour. ୨ । ତୁଲ୍ୟ ଜାତିବିଶିଷ୍ଟ—2. Of the same caste.

ସମାନ ବଳ—ସଂ. ବି (କର୍ମଧା)—୧ । ତୁଲ୍ୟ ବଳ—1. Equal Samāna baḷa strength. ୨ । (ବିଜ୍ଞାନ) କୌଣସି ପଦାର୍ଥ ପ୍ରତି ବିପରୀତ ଦିଗରୁ ପ୍ରଯୁକ୍ତ ତୁଲ୍ୟ ବଳ—2. (physical science) Equal forces applied to a thing from opposite directions. ବିଣ. ପୁଂ (ବହୁବ୍ରୀହି)—ତୁଲ୍ୟ ବଳବିଶିଷ୍ଟ—Of equal strength

ସମାନ ବାହୁ—ସଂ. ବିଣ. ପୁଂ (ବହୁବ୍ରୀହି; ସମାନ ଅଟେ ବାହୁ ଯାହାର) Samāna bāhu —ସମ ବାହୁ (ଦେଖ)—(ସମାନ ବାହୁକ—ଅନ୍ୟରୂପ) Sama bāhu (See)

ସମାନ ବ୍ରହ୍ମଚାରୀ—ସଂ. ବିଣ. ପୁଂ—୧ । ଏକରୂପ ବ୍ରହ୍ମଚର୍ଯ୍ୟ ଅଚରଣ-Samāna brahmachārī କାରୀ—1. Practising (ସମାନ ବ୍ରହ୍ମଚାରିଣୀ—ସ୍ତ୍ରୀ) similar continence. ୨ । ଏକ ବ୍ରତଧାରୀ—2. Performing the same penance. ସଂ. ବି. ପୁଂ—ସତୀର୍ଥ (ଶବ୍ଦକୋଷ)—Fellow-student.

ସମାନ ଭୂତ—ସଂ. ବି—୧ । ସାକ୍ଷୀ ମୁକ୍ତ (ଅର୍ଥାତ୍ ମୁକ୍ତ ପରେ ବ୍ରହ୍ମଙ୍କ Samāna bhūti ସମାନ ଐଶ୍ୱର୍ଯ୍ୟରେ ବୈକୁଣ୍ଠରେ ଅବସ୍ଥାନ)—1. The privilege of sitting in equal

glory with Bishṇu in heaven after death.
୨ । ସମାନ ଐଶ୍ୱର୍ଯ୍ୟ—2. Similar effulgence.
[ଉ—ସର୍ବ ମୁକ୍ତିଙ୍କ ମୋକ୍ଷ ସ୍ଥାନ । ତହିଁରେ ସମାନରୂପ
ଦାନ—ଜଗନ୍ନାଥ. ଭାଗବତ ।]

ସମାନୟନ—ସଂ. ବି (ସମ୍+ଆନୟନ)—୧ । ସମ୍ୟକ୍ ଆନୟନ—
Samānayana 1. Upbringing;special bringing up;
(ସମାନୀତ—ବିଣ) ୨ । ମିଳନ—2. Union.

ସମାନ ଶଯ୍ୟ—ସଂ. ବିଣ, ପୁଂ (ବହୁବ୍ରୀହି; ସମାନ+ଶଯ୍ୟା)—ଏକ
Samāna śajya ଶଯ୍ୟାରେ ଶୟନକାରୀ—
(ସମାନ ଶଯ୍ୟା—ସ୍ତ୍ରୀ) Sleeping on the same bed.

ସମାନ ଶୀଳ—ସଂ. ବିଣ. ପୁଂ (ବହୁବ୍ରୀହି; ସମାନ+ଶୀଳ)—୧ ।
Samāna śīla ତୁଲ୍ୟ ଆଚରଣ ବିଶିଷ୍ଟ—1. Of the same
(ସମାନଶୀଳା—ସ୍ତ୍ରୀ) conduct. ୨ । ତୁଲ୍ୟ ସ୍ୱଭାବ ବିଶିଷ୍ଟ—
2. Possessing the same nature.

ସମାନ ସଂଖ୍ୟ—ସଂ. ବିଣ. ପୁଂ (ସମାନ+ସଂଖ୍ୟା+ଅ)—ତୁଲ୍ୟ
Samāna saṁkhya ସଂଖ୍ୟକ—Of equal number.
(ସମାନ ସଂଖ୍ୟକ—ଅନ୍ୟରୂପ)
(ସମାନ ସଂଖ୍ୟା, ସମାନ ସଂଖ୍ୟକା—ସ୍ତ୍ରୀ)

ସମାନ ସୁଖ ଦୁଃଖ—ସଂ. ବିଣ. ପୁଂ (ବହୁବ୍ରୀହି; ସମାନ+ସୁଖ ଦୁଃଖ)—
Samāna sukha duḥkha ଯାହାର ଦୃଷ୍ଟିରେ ସୁଖ ଓ ଦୁଃଖ
(ସମାନ ସୁଖ ଦୁଃଖା—ସ୍ତ୍ରୀ) ସମାନ—Feeling the same
in pleasure and grief.

ସମାନ ସ୍କନ୍ଦ—ଗ୍ରା. ବିଣ (ସଂ. ସମାନସ୍କନ୍ଧ)—ସମାନ ସ୍କନ୍ଧ (ଦେଖ)
Samanā skanda Samāna skandha (See)

ସମାନ ସ୍କନ୍ଧ—ସଂ. ବିଣ (ବହୁବ୍ରୀହି)—୧ । ସମସ୍କନ୍ଧ; ଯେଉଁ ବ୍ୟକ୍ତିର
Samāna skandha ସ୍କନ୍ଧର ଉଚ୍ଚତା ଅନ୍ୟବ୍ୟକ୍ତିର ସ୍କନ୍ଧର ଉଚ୍ଚତା
(ସମାନ ସ୍କନ୍ଧା—ସ୍ତ୍ରୀ) ସଙ୍ଗେ ସମାନ—1. Of the same height
(ସମାନ ସ୍କନ୍ଦତା—ବି) (literally of the same
height as that of the shoulder of another). ୨ । (ଲକ୍ଷଣାର୍ଥ)—ଏକ ଅବସ୍ଥାପନ୍ନ;
ସମାବସ୍ଥ — 2. Of the same position. ୩ ।
ଧନ, ବିଦ୍ୟା, ବୟସ ଆଦିରେ ଅନ୍ୟର ସଙ୍ଗେ ସମାନ—
3. Equal in position, wealth and age.

ସମାନା—ସଂ. ବି—ନାୟିକା ତଳେ ନୋଟ (ଦେଖ)—See note
Samānā below Nāyikā. ସଂ.ବିଣ.ସ୍ତ୍ରୀ (ସମାନ+ସ୍ତ୍ରୀ ଆ)—
ସମାନର ସ୍ତ୍ରୀଲିଙ୍ଗ—Feminine of Samāna.

ସମାନାଧିକରଣ—ସଂ. ବି (ସମାନ+ଅଧି କରଣ)—ଯେଉଁ ସାଧାରଣ
Samānādhikaraṇa ଗୁଣ ଥିବାରୁ ପଦାର୍ଥଗଣକୁ ଏକଜାତୀୟ
(ବ୍ୟାଧିକରଣ—ବିପରୀତ) ବୋଲାଯାଏ—Apposition;
general property; common quality (the possession of which makes two things
belong to the same class).

ସମାନାଧିକାର—ସଂ. ବି (କର୍ମଧା)—ତୁଲ୍ୟ ଅଧିକାର ବା ସତ୍ତ୍ୱ —
Samānādhikāra Equal right or title.
(ସମାନାଧିକାରୀ—ବିଣ.ସ୍ତ୍ରୀ) ସଂ.ବିଣ.ପୁଂ—ସମାନ ଅଧିକାର ବିଶିଷ୍ଟ—
Having similar rights.

ସମାନାର୍ଥ—ସଂ. ବି (କର୍ମଧା)—ତୁଲ୍ୟ ଅର୍ଥ; ଏକ ଅର୍ଥ—Same or
Samānārtha similar meaning. ସଂ. ବିଣ (ବହୁବ୍ରୀହି)
—୧ । ଏକ ଅର୍ଥ ବିଶିଷ୍ଟ—1. Having the same
meaning. ୨ । (ପୁଂ) ସମ ପ୍ରୟୋଜନ ବା ଉଦ୍ଦେଶ୍ୟ
(ସମାନାର୍ଥା—ସ୍ତ୍ରୀ) ବିଶିଷ୍ଟ—2. Having the same
necessity or aim.

ସମାନୀକରଣ—ସଂ. ବି (ସମାନ+ଅଭୂତ ତଦ୍ଭାବେ ଚ୍ୱି [ଈ]+
Samānīkaraṇa କରଣ)—ଅସମାନ ବସ୍ତୁକୁ ସମାନ କରିବା—
Equalisation.

ସମାନୀତ—ସଂ. ବିଣ (ସମ୍+ଆନୀତ)—୧ । ସମ୍ୟକ୍ ଆନୀତ—
Samānīta 1. Specially brought. ୨ । ମିଳିତ—
(ସମାନୀତା—ସ୍ତ୍ରୀ) 2. Joined together. ୩ । ସଙ୍ଗତ—
[ସମାନୟନ—ବି] 3. Reasonable; united.

ସମାନୁପାତ—ସଂ. ବି—(ଗଣିତ) ଏକାଧିକ ଅନୁପାତର ସମାନତ୍ୱ-
Samānupāta ସମ୍ବନ୍ଧ; ଦୁଇ ବା ବହୁ ଅନୁପାତର ସମାନତ୍ୱ-
ସମ୍ବନ୍ଧ—(Mathematics) Equal ratio; proportion; equality of ratio.

ସମାନେ—ଗ୍ରା. ଅ—ସବୁ; ସବୁଠି; ଭଳିଆ—Like. [ଉ—ତାହାଙ୍କ
Samāne ଶଙ୍ଖ ଗର୍ଜନ ଧାରୁ, ସେ ଲୋକ ସମାନେ କଠୋର ।
समाने समाने ଜଗନ୍ନାଥ. ଭାଗବତ ।]

ସମାନୋଦକ—ସଂ. ବି (ବହୁବ୍ରୀହି; ସମାନ—ଏକ+ଉଦକ—ତର୍ପଣ
Samānodaka ଜଳରେ ଯେଉଁ ଜଳ; ସମାନ ଅଟେ ତର୍ପଣ ଜଳ
ଯେଉଁମାନଙ୍କର)—ଏକୋଦକ; ଚତୁର୍ଦ୍ଦଶ ପୁରୁଷ ପର୍ଯ୍ୟନ୍ତ
ତର୍ପଣୀୟ ଜ୍ଞାତି; ଉର୍ଦ୍ଧ୍ୱରେ ୭ ପୁରୁଷ ଓ ତଳ ୭ ପୁରୁଷ ଏପରି
୧୪ ପୁରୁଷ ପର୍ଯ୍ୟନ୍ତ ସମ୍ପର୍କୀୟ ଜ୍ଞାତି—Kinsmen
within fourteen generations of relationship; kinsmen connected by libation
of water between 7th and 14th degrees.
[ଦ୍ର—ସାତ ପୁରୁଷ ଅନ୍ତର୍ଗତ ଜ୍ଞାତିଙ୍କୁ ସପିଣ୍ଡ
ବୋଲାଯାଏ । ୧୪ ପୁରୁଷ ପର୍ଯ୍ୟନ୍ତ ସମାନୋଦକ, ତଦୂର୍ଦ୍ଧ୍ୱ
ସଗୋତ୍ର । ଯଥା—
ସପିଣ୍ଡତା ତୁ ପୁରୁଷେ ସପ୍ତମେ ବିନିବର୍ତ୍ତତେ,
ସମାନୋଦକଭାବସ୍ତୁ ଜନ୍ମନାମ୍ନୋରବେଦନେ ।
(ମିତାକ୍ଷରା, ବ୍ୟବହାରଚନ୍ଦ୍ରିକା)
ମତାନ୍ତରରେ ଏକାଦଶ ପୁରୁଷଠାରୁ ଚତୁର୍ଦ୍ଦଶ ପର୍ଯ୍ୟନ୍ତ
ଜ୍ଞାତିଙ୍କୁ ସମାନୋଦକ ବୋଲାଯାଏ ।]

ସମାନୋଦର୍ଯ୍ୟ—ସଂ. ବି. ପୁଂ (ବହୁବ୍ରୀହି ସମାନ+ଉଦର+ଯ)—
Samānodarjya ଏକମାତାଙ୍କ ସନ୍ତାନ—Blood brothers.
[ସମାନୋଦର୍ଯ୍ୟା—ସ୍ତ୍ରୀ]

ସମାନୋପମା—ସଂ. ବି—ଉପମାଳଙ୍କାରର ଏକ—A kind of simile
Samānopamā (figure of speech). [ଦ୍ର—
ଯେଉଁ ସ୍ଥଳରେ ସମାନ ବା ସ୍ତୁତିପ ଶବ୍ଦ ଦ୍ୱାରା ସାଧାରଣ

ଧର୍ମର ବର୍ଣ୍ଣନ ହୁଏ, ସେହି ସ୍ଥଳରେ ଏହି ଅଳଙ୍କାର ହୁଏ; ଯଥା—

"ସାଳଙ୍କାନନଶୋଭିନୀ ଏହି ଉଦ୍ୟାନମାଳା ବାଳାକ୍ୟାୟ ଶୋଭି ପାଉଅଛି।" ଏଠାରେ ଉଦ୍ୟାନମାଳା ଉପମାନ ଓ ବାଳା ଉପମେୟ। ସାଳକାନନଶୋଭିନୀ ବିଶେଷଣ ଉଦ୍ୟାନମାଳା ପକ୍ଷରେ 'ସାଳବନଶୋଭିତା' ଓ ବାଳା ପକ୍ଷରେ 'ଅଳକ ବା ଚୂର୍ଣ୍ଣକୁନ୍ତଳଯୁକ୍ତ ଆନନ ବା ମୁଖ ଶୋଭିତା' ପ୍ରୟୋଜିତ ହୋଇଅଛି। କେହି କେହି ଏହାକୁ ସରୂପୋପମା ଅଳଙ୍କାର ବା ଶ୍ଳେଷୋପମା ଅଳଙ୍କାର କହନ୍ତି। ଯେଉଁଠାରେ ଅର୍ଥଶ୍ଳେଷ ହୋଇ ଉପମା ହୁଏ ସେଠାରେ ଶ୍ଳେଷୋପମା ଓ ଯେଉଁଠାରେ ଶବ୍ଦଶ୍ଳେଷ ହୋଇ ଉପମା ହୁଏ ସେଠାରେ ସମାନୋପମା ହୁଏ—ବିଶ୍ୱକୋଷ।]

ସମାନ୍ତକ—ସଂ. ବି—କାମଦେବ (ବିଶ୍ୱକୋଷ)—
Samāntaka — Cupid.

ସମାନ୍ତର—ସଂ. ବିଣ (ବହୁବ୍ରୀହି; ସମ+ଅନ୍ତର)-ସବୁଠି ସମଦୂରବର୍ତ୍ତୀ—
Samantara — Parallel.
[ସମାନ୍ତରାଳ—ଅନ୍ୟରୂପ]

ସମାନ୍ତର କ୍ଷେତ୍ର—ସଂ. ବି (ଜ୍ୟାମିତି)—ଯେଉଁ କ୍ଷେତ୍ରର ବିପରୀତ
Samāntara kshetra — ବାହୁମାନ ସମାନ୍ତର—(Geometry)
[ସମାନ୍ତରାଳ କ୍ଷେତ୍ର—ଅନ୍ୟରୂପ] A parallellogram.

ସମାନ୍ତର ବୃତ୍ତ—ସଂ. ବି (ଜ୍ୟାମିତି) ଯେଉଁ ବୃତ୍ତମାନଙ୍କର ପରିଧି ପରସ୍ପର
Samāntara brutta — ଠାରୁ ସମଦୂରବର୍ତ୍ତୀ; ଏକକେନ୍ଦ୍ରିକ
(ସମାନ୍ତରାଳ ବୃତ୍ତ—ଅନ୍ୟରୂପ) ବୃତ୍ତ—(Geometry) concentric circles.

ସମାନ୍ତର ରେଖା—ସଂ. ବି—ଯେଉଁ ରେଖାମାନ ସବୁଠି ପରସ୍ପରଠାରୁ
Samāntara rekhā — ସମଦୂରବର୍ତ୍ତୀ ହୋଇଥାଆନ୍ତି—
(ସମାନ୍ତରାଳ ରେଖା—ଅନ୍ୟରୂପ) (Geometry) Parallel lines.

ସମାନ୍ତର ଶ୍ରୋଢ଼ୀ [ଶ୍ରେଣୀ]—ସଂ. ବି—(ଗଣିତ) ପରବର୍ତ୍ତୀ ସଂଖ୍ୟା
Samāntara śroṛhi (śreṇi) — ଅପେକ୍ଷା ସମ ପରିମାଣରେ
ବୃହତ୍ତର ବା ଲଘୁତର ଶ୍ରେଣିସମୂହ—(Arithmetic) Arithmetical progression.

ସମାନ୍ତର ସରଳରେଖା—ସଂ. ବି (ଜ୍ୟାମିତି) ଯେଉଁ ସରଳରେଖା
Samāntara saralarekhā — ପରସ୍ପର ସମାନ୍ତର—
(ସମାନ୍ତରାଳ ସରଳରେଖା—ଅନ୍ୟରୂପ) (Geometry) Parallel straight lines. [ଦ୍ର—ଯେଉଁ ଦୁଇ ବା ତତୋଽଧିକ ସରଳ ସରଳରେଖା ଉଭୟ ଦିଗରେ ଯେତେ ଇଚ୍ଛା ସେତେ ଦୂରକୁ ପ୍ରସାରିତ ହେଲେ ପରସ୍ପର ସହିତ ମିଳିତ ବା ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି ନାହିଁ ସେମାନଙ୍କୁ ସମାନ୍ତର ବା ସମାନ୍ତରାଳ ସରଳରେଖା କୁହାଯାଏ।]

ସମାନ୍ତରାଳ (ଇତ୍ୟାଦି)—ସଂ. ବିଣ (ବହୁବ୍ରୀହି; ସମ+ଅନ୍ତରାଳ)—ସମାନ୍ତର
Samāntarāla etc. — ଇତ୍ୟାଦି (ଦେଖ)
Samāntara etc. (See)

ସମାନ୍ତରିକ କ୍ଷେତ୍ର—ସଂ. ବିଣ (ସମାନ୍ତର+ଇକ)—(ଜ୍ୟାମିତି) ସମାନ୍ତର
Samāntarika kshetra — କ୍ଷେତ୍ର; ସମାନ୍ତର ଚତୁର୍ଭୁଜ; ଯେଉଁ ଚତୁର୍ଭୁଜର ସମ୍ମୁଖବର୍ତ୍ତୀ ଦୁଇ ଦୁଇଟି ବାହୁ ପରସ୍ପର ସମାନ୍ତର—(Geometry) Parallellogram.

ସମାପ୍ (ଧାତୁ)—ସଂ. (ସମ୍ ଉପସର୍ଗ+ଆପ୍ ଧାତୁ)—୧। ଶେଷ
Samāp (root) — କରିବା; ସମାପ୍ତ କରିବା—
1. To finish. ୨। ସମ୍ପୂର୍ଣ୍ଣ କରିବା—
2. To complete. ୩। ଶେଷ ହେବା—
3. To be completed.

ସମାପ—ସଂ. ବି (ବହୁବ୍ରୀହି; ସମ=ସମାନ+ଅପ୍=ଜଳ ଯହିଁରେ;
Samāpa — ସମ୍+ଆପ୍+ଅ)—୧। ଦେବଯଜନ ସ୍ଥାନ—
1. A place for vedic worship. ୨। ଯଜ୍ଞ—
2. Vedic sacrifice.

ସମାପକ—ସଂ. ବିଣ (ସମ୍+ଆପ୍ ଧାତୁ ଣିଜନ୍ତ, ଆପି ଧାତୁ+କର୍ତ୍ତରି
Samāpaka — ଅକ)—ସମାପନକାରୀ; ଯେ କୌଣସି କାର୍ଯ୍ୟର
(ସମାପିକା—ସ୍ତ୍ରୀ) ସମାପ୍ତି କରେ; ଉଦ୍‌ଯାପକ—
Accompplishing; fulfilling; finishing.

ସମାପତ—ଗ୍ରା. ବିଣ ପଦ୍ୟ (ସଂ. ସମାପ୍ତ)—ସମାପ୍ତ (ଦେଖ)—
Samāpata — Samāpta (See) (ଦ୍ର—ଯେଉଁକାଳେ
সমাপ্ত समाप्त ଯାଗ କଲେ ସେ ସମାପତ—କୃଷ୍ଣସିଂହ. ମହାଭାରତ. ସଭା।)

ସମାପତି—ଗ୍ରା. ବି (ସଂ. ସମାପ୍ତି)—ସମାପ୍ତି (ଦେଖ)—
Samāpati — Samāpti (See) (ଦ୍ର—ଏଠାରୁ
সমাপ্তি समाप्ति ହେଲା ବିରାଟପର୍ବ ସମାପତି-କୃଷ୍ଣସିଂହ. ମହାଭାରତ. ସଭା।)

ସମାପତି କରିବା—ଗ୍ରା. କ୍ରି.—ସମାପ୍ତି କରିବା (ଦେଖ)—
Samāpati karibā — Samāpti karibā. (See)
সমাপ্তি করা समाप्ति करना

ସମାପତି ରସିଦ—ଗ୍ରା. ବି (କଚେରି)—ସମାପ୍ତି ରସିଦ (ଦେଖ)—
Samāpati rasida — Samāpti rasida (See).

ସମାପତ୍ତି—ସଂ. ବି (ସମ+ଆପତ୍ତି)—୧। ସମକାଳରେ ଉପସ୍ଥିତି—
Samapatti — 1. Simultaneous presence.
୨। ପରସ୍ପରର ଆପତ୍ତି—2. Mutual objection.
୩। ଯଦୃଚ୍ଛାସଙ୍ଗତି—3. Voluntary meeting or union.

ସମାପନ—ସଂ. ବି (ସମ+ଆପ୍ ଧାତୁ ଣିଜନ୍ତ=ଆପି ଧାତୁ+ଭାବ.
Samāpana — ଅନ)—୧। ସମାଧାନ; ଶେଷକରଣ—
(ସମାପନା—ଅନ୍ୟରୂପ) 1. Completion; accomplishment.
(ସମାପିତ—ବିଣ) ୨। ସମାପ୍ତି—2. Finis; end. ୩। ଉଦ୍‌ଯାପନ—3. Fulfilment; bringing to a close.

ସମାପନ କରିବା—ଦେ. କ୍ରି—୧ । ସମାଧା କରିବା—1. To accomplish. ୨ । ଶେଷ କରିବା—2. To bring to an end.
Samāpana karibā
সমাপন করা; समापन करना

ସମାପନୀୟ—ସଂ. ବଣ (ସମ+ଆପ୍+ଧାତୁ କର୍ମ. ଅନୀୟ)—ସମାପ୍ୟ Samāpya (See)
Samāpaniya
(ସମାପନୀୟତବ୍ୟ—ଅନ୍ୟରୂପ)

ସମାପନ୍ନ—ସଂ. ବଣ (ସମ+ଆ+ପଦ୍ ଧାତୁ+କର୍ମ. ତ)—୧ । ଲବ୍ଧ; ପ୍ରାପ୍ତ—1. Obtained; got. ୨ । (ସମାପନ୍ନା—ସ୍ତ୍ରୀ) (+କର୍ତ୍ତୃ. ତ) ବିପନ୍ନ; ବିପଦଗ୍ରସ୍ତ—2. Endangered. ୩ । ନିଷ୍ପାଦିତ; ସମ୍ପନ୍ନ; ସମ୍ପାଦିତ—3. Accomplished. ୪ । ହତ (ପ୍ରକୃତିବାଦ)—4. Killed. ୫ । ସମାପ୍ତ—5. Finished. ୬ । କ୍ଲିଷ୍ଟ (ଶବ୍ଦକୋଷ)—6. Troubled.
Samāpanna

ସମାପି (ଧାତୁ)—ସଂ. (ସମ୍+ଆପ୍ ଧାତୁ ଣିଚ୍)—ଅନ୍ୟ ଦ୍ୱାରା ସମାପ୍ତ କରାଇବା—To cause to be completed or finished.
Samāpi(root)

ସମାପିକା—ସଂ. ବଣ. ସ୍ତ୍ରୀ—(ସମାପକ+ସ୍ତ୍ରୀ. ଆ)—୧ । ସମାପକର ସ୍ତ୍ରୀଲିଙ୍ଗ—1. Feminine of "Samāpaka". ୨ । (ବ୍ୟାକରଣ) ଯାହାର ପ୍ରୟୋଗ ଦ୍ୱାରା ବାକ୍ୟ ସମାପ୍ତି ହୁଏ (କ୍ରିୟା)—2. Finite; (a verb) which closes or completes a sentence. ଦ.—ସମାପିକା କ୍ରିୟା(ଦେଖ) – Samāpikā kriyā(See)
Samāpikā

ସମାପିକା କ୍ରିୟା—ସଂ. ବ—(ବ୍ୟାକରଣ) ଯେଉଁ କ୍ରିୟା ଦ୍ୱାରା କୌଣସି ବାକ୍ୟର ସମାପ୍ତି ହୁଏ—A finite verb; a verb which closes or completes a sentence.
Samāpikā kriyā
(ଅସମାପିକା କ୍ରିୟା—ବିପରୀତ)

ସମାପିତ—ସଂ. ବଣ (ସମ୍+ଆପ୍ ଧାତୁ ଣିଚ୍=ଆପି ଧାତୁ+କର୍ମ ତ)—୧ । ନିଷ୍ପାଦିତ; ସମ୍ପାଦିତ—1. Accomplished; fulfilled. ୨ । ସମାପ୍ତ—2. Completed. ୩ । ମାରିତ—3. Killed; murdered.
Samāpita

ସମାପିତବ୍ୟ—ସଂ. ବଣ (ସମ+ଆପ୍ ଧାତୁ ଣିଚ୍+ତବ୍ୟ)—ସମାପ୍ତ ହେବାର ଯୋଗ୍ୟ—Fit to be completed.
Samāpitabya

ସମାପିତି—ଗ୍ରା. ବ (ସଂ. ସମାପ୍ତି)—ସମାପ୍ତି (ଦେଖ)—Samāpti (See).
Samāpiti

ସମାପିପୟିଷୁ—ସଂ. ବଣ(ସମ୍+ଆପ୍ ଧାତୁ ଣିଚ୍+ଇଚ୍ଛାର୍ଥେ ସନ୍+କର୍ତ୍ତୃ ଉ)—ସମାପନ କରିବାକୁ ଇଚ୍ଛୁକ—Desirous of finishing or completing a thing.
Samāpipayishu

ସମାପୀ—ସଂ. ବଣ. ପୁଂ—(ସମ୍+ଆପ୍ ଧାତୁ+କର୍ତ୍ତୃ. ଇନ୍; ସମାପିନ୍, ପ୍ରଥମା ୧ବ)—ସମାପନକାରୀ—Finishing; accomplishing.
Samāpi
(ସମାପିନୀ—ସ୍ତ୍ରୀ)

ସମାପ୍ତ—ସଂ. ବଣ (ସମ୍+ଆପ୍ ଧାତୁ+କର୍ମ. ତ)—୧ । ପରିଶେଷ; ଶେଷ କରି ସାରିଥିବା; ଯାହା ଶେଷ ହୋଇଅଛି—1. Finished. ୨ । ସଂପ୍ରାପ୍ତ—2. Got; received; attained. ୩ । ସମ୍ପୂର୍ଣ୍ଣ—3. Completed. ୪ । ସମାହୃତ—4. Accomplished. [ଦ୍ର—ଗ୍ରନ୍ଥ ଶେଷରେ 'ସମାପ୍ତ' ଶବ୍ଦ ଲେଖାଯାଏ, ଏଥିର ଅର୍ଥ—ଏହିଠାରେ ଗ୍ରନ୍ଥର ସମାପ୍ତି ବା ଶେଷ ହେଲା ।]
Samāpta
(ସମାପ୍ତି—ସ୍ତ୍ରୀ)

ସମାପ୍ତ କରିବା—ଦେ. କ୍ରି—୧ । ସମ୍ପୂର୍ଣ୍ଣ କରିବା—1. To complete. ୨ । (ପୁସ୍ତକାଦିର ପାଠ ବା ଲେଖନ) ଶେଷ କରିବା—2. To finish (the writing or reading of something).
Samāpta karibā
সমাপ্ত করা समाप्त करना

ସମାପ୍ତ ପୁନରାତ୍ତତା—ସଂ. ବ.—କାବ୍ୟୋକ୍ତ ଦୋଷ ବିଶେଷ; ରଚନାର ଦୋଷ ବିଶେଷ; ଯେଉଁ ସ୍ଥଳରେ ବାକ୍ୟକୁ ସମାପ୍ତ କରି ସାରି ପୁଣି ସେହି ବାକ୍ୟର ସୂତ୍ରକୁ ଗ୍ରହଣ କରାଯାଏ—A defect in composition wherer after closing the sentence the write continues it again. [ଦ୍—ସାହିତ୍ୟ ଦର୍ପଣ ମତରେ ଏହା ରଚନାର ଗୋଟିଏ ଦୋଷ, 'ଚନ୍ଦ୍ରକରଣ ପଡ଼ୁଛି' ଏ ବାକ୍ୟକୁ ସମାପ୍ତ କରି ପୁଣି ପର ଭଗ୍ନରେ ଲେଖାଯାଏ 'ପୃଥିବୀ ତଳକୁ ଉଭାସିତ କରି', ଏଠାରେ ଏହି ଦୋଷ ହେବ । 'ଚନ୍ଦ୍ରକରଣ ପୃଥିବୀ ତଳକୁ ଉଭାସିତ କରି ପଡ଼ୁଛି', ଏପରି କହିବା ଉଚିତ ଥିଲା । ଅଧୁନାତନ ବଙ୍ଗଳାରେ ଲକ୍ଷିତ ଏହି ଦୋଷକୁ ଅନେକ ଅଧୁନାତନ ଓଡ଼ିଆ ଲେଖକ ଅନୁକରଣ କରି ଅଧୁନାତନ ଓଡ଼ିଆ ସାହିତ୍ୟକୁ ସମାପ୍ତ ପୁନରାତ୍ତତା ଦୋଷରେ ପୂର୍ଣ୍ଣ କରୁଅଛନ୍ତି ।]
Samāpta punarāttata

ସମାପ୍ତାର୍ଥ୍ୟ—ସଂ.ବ (ସମାପ୍ତ+ଅର୍ଥ+ଯ+ଅ)—ସମସ୍ୟା (ଦେଖ)—Samasyā (See)
Samāptārthyā

ସମାପ୍ତାଳ—ସଂ. ବ. ପୁଂ (ସମାପ୍ତ+ଅଲ ଧାତୁ+କର୍ତ୍ତୃ. ଅ)—ପତି; ସ୍ୱାମୀ (ଶବ୍ଦସାର)—Husband; lord.
Samāptāla

ସମାପ୍ତି—ସଂ. ବ. (ସମ୍+ଆପ୍ ଧାତୁ=ପାଇବା+ଭାବ ତି)—୧ । ଶେଷ; ଅବସାନ—1. Termination; completion; conclusion. ୨ । ପ୍ରାପ୍ତି—2. Attainment; receipt. ୩ । ସମର୍ଥନ—3. Supporting; ratification. ୪ । କାର୍ଯ୍ୟ ସମାଧା—4. The end or accomplishment of any work. ୫ । ଉଦ୍‌ଯାପନ; ଉଦ୍‌ଯାପନ—5. Accomplishment or bringing to completion (said of a religious vow) ୬ । ବିରୋଧଭଞ୍ଜନ (ଶବ୍ଦକୋଷ)—6. Settlement of a dispute.
Samāpti

ସମାପ୍ତି ଦେ. ବ.—(ଡିକ୍ରିଅ)—ଡିକ୍ରି ହୋଇଥିବା ମକଦମାରେ ଡିକ୍ରିଦାର ଦେଣଦାରଠାରୁ ଡିକ୍ରି ହୋଇଥିବା ସମସ୍ତ ପାଉଣା ପାଇବା ଦ୍ୱାରା ମକଦମାର ଅବସାନ—Termination of a decree by full satisfaction; the full satisfaction of a decree (on the
সমাপ্তি
समाप्ति

judgment—debtor fully satisfying the decree holder).

ସମାପ୍ତିକ—ସଂ. ବି. ପୁଂ—(ସମାପ୍ତି+କ)—ଅଧୀତବେଦଶାସ୍ତ୍ର; ଯେ
Samāptika ବେଦ ପାଠ ସମାପ୍ତ କରିଅଛନ୍ତି (ଶବ୍ଦକୋଷ)—
A person who has completed his course of study of the Bedas.

ସମାପ୍ତି କରିବା—ଦେ. କ୍ରି—୧ । ସମାପନ କରିବା—1. To accomplish; to bring to an end; to conclude.
Samāpti karibā
সমাপ্তিকরা समाप्तिकरना
୨ । (ଦଳିଲରେ) କୌଣସି ମକଦ୍ଦମାରେ ଡିକ୍ରିଦାର ଓ ଦେଣଦାରଙ୍କ ମଧ୍ୟରେ ଦେଣା ପାଉଣାକୁ ନିଷ୍ପତ୍ତି କରିବା—2. To have a decree fully satisfied, as between the decree holder and the jndgment debtor.

ସମାପ୍ତି ଦରଖାସ୍ତ—ଦେ. ବି (ଦଳିଲରେ)—ମକଦ୍ଦମାରେ ଡିକ୍ରୀ ହୋଇଥିବା ଧନାଦି ସମ୍ପୂର୍ଣ୍ଣରୂପେ ପାଇଥିବା ବିଷୟ ଉଲ୍ଲେଖ କରି ଡିକ୍ରୀଦାର ଓ ଦେଣଦାରଙ୍କ ତରଫରୁ ଅଦାଲତରେ ଦାଖଲ କରାଯାଇଥିବା ଆବେଦନ ପତ୍ର—A petition filed in court intimating the full satisfaction of a decree.
Samāpti darakhāsta
সমাপ্তিদরখাস্ত समाप्तिदरखास्त

ସମାପ୍ତି ପାଇବା—ଦେ. କ୍ରି.—ସମାପ୍ତ ହେବା—To be finished. or completed.
Samāpti pāibā
সমাপ্তিহওয়া समाप्तिहोना

ସମାପ୍ତି ରସିଦ—ଦେ. ବି. (ଦଳିଲରେ) (ସଂ ସମାପ୍ତି ଓ ଇଂ ରସିଦ୍)
Samāpti rasida ଡିକ୍ରୀ ହୋଇଥିବା ଧନାଦି ଦେଣଦାର ବାକି ବୁଝାଇ ଦେଇଥିବାର ନିଦର୍ଶନ ସ୍ୱରୂପ ଡିକ୍ରୀଦାର ଦେଣଦାରକୁ ଯେଉଁ ରସିଦ ଦିଅନ୍ତି ବା ଅଦାଲତରେ ଦାଖଲ କରନ୍ତି—A receipt of full satisfaction of a decree granted by the decree holder on his decree being fully satisfied.
সমাপ্তিরসিদ समाप्तिरसीद

ସମାପ୍ତୋ(ଽ)ୟଂ ଗ୍ରନ୍ଥଃ—ସଂ. ବାକ୍ୟ—(ସଂ. ସମାପ୍ତଃ ଅୟଂ ଗ୍ରନ୍ଥଃ)—ଗ୍ରନ୍ଥ-
Samāpto(a)yaṁ granthaḥ ଶେଷରେ ଲେଖାଥିବା ସଂସ୍କୃତ ବାକ୍ୟ—ଏଥିର ଅର୍ଥ; ଏହି ଗ୍ରନ୍ଥ ଶେଷ ହେଲା—A Sanskrit sentence written at the end of a book, meaning—This book is finished here; the end; finis.

ସମାପ୍ତ୍ୟର୍ଥା—ସ. ବି—ସମସ୍ୟା (ଦେଖ)—
Samāptyarthā Samasyā (See)

ସମାପ୍ୟ—ସଂ. ବିଣ (ସମ୍+ଆପ୍ ଧାତୁ+କର୍ମ ଯ)—ସମାପନୀୟ;
Samāpya ସମାପ୍ତ ହେବାର ଯୋଗ୍ୟ—Fit to be completed.

ସମାପ୍ରିୟ—ସଂ. ବିଣ. ପୁଂ—(ସମ୍+ଆ+ପ୍ରିୟ)—ଅତ୍ୟନ୍ତ ପ୍ରିୟ—
Samāpriya Very dear; beloved.
(ସମାପ୍ରିୟା—ସ୍ତ୍ରୀ)

ସମାପ୍ଲ(ପ୍ଲା)ବ—ସଂ. ବି (ସମ୍+ଆ+ପ୍ଲୁ ଧାତୁ+ଭାବ ଅ)—୧ ।
Samāpla(plā)ba ସ୍ନାନ; ଅବଗାହନ—1. Bath; immersion. ୨ । ଉତ୍ତମ ରୂପେ ଗାଧୁଆ—2. A good bath; a thorough bath.

ସମାବର୍ତ୍ତନ—ସଂ. ବି (ସମ+ଆବର୍ତ୍ତନ)—୧ । ପ୍ରତ୍ୟାଗମନ; ଲେଉଟି
Samābrtana ଆସିବା—1. Coming back; returning.
(ସମାବର୍ତ୍ତି—ଅନ୍ୟରୂପ)
[ସମାବୃତ୍ତ, ସମାବର୍ତ୍ତିତ, ସମାବର୍ତ୍ତନୀୟ—ବିଣ]
୨ । ବେଦାଧ୍ୟୟନାନନ୍ତର ଗାର୍ହସ୍ଥ୍ୟାଶ୍ରମର ପ୍ରୟୋଜକ କର୍ମ; ଦ୍ୱିଜ ଯୁବକର ଗୁରୁଗୃହରେ ପ୍ରଥମାଶ୍ରମ ସମାପନାନ୍ତର ଦ୍ୱିତୀୟାଶ୍ରମରେ ପ୍ରବୃତ୍ତି; ବାଲ୍ୟକାଳରେ ଯଜ୍ଞୋପବୀତ ଗ୍ରହଣ କରି ବ୍ରହ୍ମଚାରୀରୂପେ ଗୁରୁଗୃହରେ ବେଦଶିକ୍ଷା ଶେଷ କରି ବିବାହ ହେବା ପୂର୍ବରୁ ଗୁରୁଙ୍କ ଆଦେଶ କ୍ରମେ ଦ୍ୱିଜାତି ଯୁବକର ନିଜ ଗୃହକୁ ଫେରିବାରୂପ କର୍ମ—2. The ceremonial act of a twice-born youth returning to his house for marriage and becoming a householder after completing his student's career in his tutor's house. [ଦ୍ର—ପୂର୍ବକାଳରେ ବ୍ରତ ବା ଉପନୟନ ହେବା ପରେ ଦ୍ୱିଜ-ବାଳକ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଗୁରୁଗୃହରେ ରହି ବେଦପାଠ କରୁଥିଲେ । ବେଦ ପାଠ ଶେଷ ହେଲେ ଗୁରୁଙ୍କୁ ଦକ୍ଷିଣା ଦେଇ ଗୁରୁଙ୍କଠାରୁ ଅନୁମତି ଓ ବିଦାୟ ଗ୍ରହଣ କରି ନିଜ ଗୃହକୁ ଫେରି ଆସି ବିବାହ କରିବା ପୂର୍ବରୁ 'ସମାବର୍ତ୍ତନ'ରୂପ କର୍ମ ଅନୁଷ୍ଠାନ କରୁଥିଲେ । ତାରଚନ୍ଦ୍ରଶୁଦ୍ଧି ଓ ଶୁଭ ତିଥିରେ ଗୁରୁଗୃହବାସୀ ବ୍ରହ୍ମଚାରୀ କ୍ଷୌର ହୋଇ ସର୍ବୌଷଧି ଜଳରେ ସ୍ନାନ କରି ଉଦଙ୍ମୁଖ, ଭୂଷାସକୋପବିଷ୍ଟ ଗୁରୁଙ୍କ ନିକଟରେ ପ୍ରାଙ୍ମୁଖ ହୋଇ ବସି ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପାଇଁ ଗୁରୁଙ୍କଠାରୁ ଅନୁମତି ପାଇବା ପରେ ଘରକୁ ପ୍ରତ୍ୟାବର୍ତ୍ତନ କରି ବିବାହ କରୁଥିଲେ । ଆଜିକାଲି ଦ୍ୱିଜବାଳକ ମାନଙ୍କର ଗୁରୁଗୃହବାସପୂର୍ବକ ବ୍ରହ୍ମଚର୍ଯ୍ୟାଶ୍ରମ ପାଳନ ରୀତି ନ ଥିବାରୁ ଦ୍ୱିଜାତିର ଦଶକର୍ମ 'ସଂସ୍କାର'ର ଅନ୍ତିମ ସଂସ୍କାର ବ୍ରତୋପନୟନ ବାଳକର 'ବ୍ରେଷଣୀ' କରି ତେଣୁ ସେହି ଦିନ ତତ୍କ୍ଷଣାତ୍ ଘରକୁ ଫେରି ଆସିବାରେ ପର୍ଯ୍ୟବସିତ ହୋଇଅଛି ।]

ସମାବର୍ତ୍ତିତ—ସଂ. ବିଣ. ପୁଂ(ସମ୍+ଆ+ବୃତ୍ ଧାତୁ ଣିଜନ୍ତ+କର୍ମ.ତ)—
Samābarttita ପ୍ରତ୍ୟାବର୍ତ୍ତିତ; ଯାହାକୁ ଫେରାଇ ଆଣାଯାଇଅଛି—Caused to come back; made to return.
(ସମାବର୍ତ୍ତିତା—ସ୍ତ୍ରୀ)

ସମାବାୟ—ସଂ. ବି (ଭରତକୃତ ଅମର ଟୀକା)—୧ । ସମୂହ—
Samābāya 1. Multitude. ୨ । ସମବାୟ; ସମାହାର—2. Aggregate.

ସମାବାଳ—ଦେ· ବ—ଗୁଅଁ ବାଳ; ସମ୍ବାଳୁଅ—
Samābāḷi Caterpillar.
(ସମାବାଳ[ଳୁ]ଅ—ଅପଭ୍ରଂଶ) ଓସାପୋକ ଶୁଆ

ସମାବିଷ୍ଟ—ସ. ବଣ (ସମ୍ + ଆବିଷ୍ଟ)—୧ । କାର୍ଯ୍ୟରେ ନିବିଷ୍ଟ—1.
Samābishṭa Occupied. ୨ । କୌଣସି କାର୍ଯ୍ୟରେ ନିଯୁକ୍ତ—
(ସମାବିଷ୍ଟା—ସ୍ତ୍ରୀ) 2. Engaged in. ୩ । ଅଭିନିବିଷ୍ଟ; ଏକାଗ୍ର-
(ସମାବେଶ—ବି) ଚିତ୍ତ—3. Engrossed in. ୪ । ଏକତ୍ର
ଅବସ୍ଥିତ—4. Situated or placed together.

ସମାବୃତ—ସ. ବଣ (ସମ୍ + ଆବୃତ)—୧ । ସବୁଆଡ଼େ ଆବୃତ;
Samābṛuta ଚତୁର୍ଦ୍ଦିଗରେ ବେଷ୍ଟିତ—1. Enveloped;
(ସମାବରଣ—ବି) enclosed. ୨ । ଲୁକ୍କାୟିତ—2. Concealed; hidden under

ସମାବୃତ୍ତ—ସଂ. ବଣ (ସମ୍ + ଆ + ବୃତ ଧାତୁ + କର୍ତ୍ତି· ତ)—
Samābṛutta ୧ । ପ୍ରତ୍ୟାବୃତ୍ତ—1. Returned; come
(ସମାବୃତ୍ତି—ବି) back. ୨ । ଗୁରୁଗୃହରେ ବେଦ ପାଠ ଶେଷ କରି ଗୃହସ୍ଥାଶ୍ରମ ଆରମ୍ଭ କରିବା ପାଇଁ ଗୃହକୁ ପ୍ରତ୍ୟାବୃତ୍ତ; ଲବ୍ଧାନୁଜ୍ଞ; ଯେଉଁ ଦ୍ୱିଜଯୁବକ ବ୍ରହ୍ମଚର୍ଯ୍ୟାଶ୍ରମ ପରେ ଗୁରୁଙ୍କ ଆଦେଶ ପାଇ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ଗୃହକୁ ଫେରି ଆସି ଅଛନ୍ତି—2. Returned to one's home for being married after finishing the study of the Bedas at the preceptor's house and getting the preceptor's permission.

ସମାବେଶ—ସଂ. ବି (ସମ୍ + ଆ + ବିଶ୍ ଧାତୁ + ଭାବ· ଅ)—
Samābeśa ୧ । ପ୍ରବେଶ—1. Entrance; admittance; admission. ୨ । ସଂସ୍ଥିତି—
(ସମାବିଷ୍ଟ—ବଣ) 2. Accomodation. ୩ । ମନୋଯୋଗ—
3. Attention. ୪ । ଏକତ୍ରାବସ୍ଥିତି; ସହାବସ୍ଥାନ—
4. Association; being placed together.

ସମାବେଶନ—ସଂ. ବି (ସମ୍ + ଆ + ବିଶ୍ ଧାତୁ ଣିଚ୍ + ଭାବ·ଅନ)—
Samābeśana ୧ । ପ୍ରବେଶ କରାଇବା—1. Thrusting;
(ସମାବେଶିତ—ବଣ) admitting. ୨ । ଏକତ୍ର ସ୍ଥାପନ—
2. Placing together.

ସମାବେଶିତ—ସଂ. ବଣ (ସମ୍ + ଆ + ବିଶ୍ ଧାତୁ ଣିଚ୍-ବେଶି ଧାତୁ
Samābeśita + କର୍ମ. ତ)—୧ । ପ୍ରବେଶିତ; ଯାହାକୁ ପ୍ରବେଶ
(ସମାବେଶନ—ବି) କରା ଯାଇଅଛି; ସମାବେଶ ପ୍ରାପ୍ତ—
1. Thrust; caused to enter; admitted.
୨ । ଏକତ୍ର ରଖା ଯାଇଥିବା; ସହାବସ୍ଥାପିତ—2. Placed together. ୩ । ସଂସ୍ଥାପିତ—3. Accomodated.
୪ । ଅଭିନିବେଶିତ; ଯାହାର ମନୋଯୋଗ ଅନ୍ୟଦ୍ୱାରା ଆକର୍ଷିତ ହୋଇଅଛି—4. Having one's attention drawn to a matter by another.

ସମାମ୍ନାତ—ସଂ. ବଣ (ସମ୍ + ଆମ୍ନାତ)—୧ । ସମାଧ୍ମାତ; ସମୋଚ୍ଚାରିତ
Samāmnāta —1. Uttered similarly. ୨ । ଏକ ସଙ୍ଗେ ପଠିତ—2. Read together.

ସମାମ୍ନାୟ—ସଂ. ବି (ସମ୍ + ଆ + ମ୍ନା ଧାତୁ = ପାଠ କରିବା + ଭାବ· ଅ)
Samāmnāya —୧ । ଏକତ୍ର ପଠନ—1. Reading together. ୨ । ଏକତ୍ର ଉଚ୍ଚାରଣ—2. Pronouncing together. ୩ । ପାଠ କ୍ରମ—3. Successive reading; reading of any matter one after the other. ୪ । ପରମ୍ପରତା—
4. Succession. ୫ । (+ କର୍ମ· ଅ) ଶାସ୍ତ୍ର (ବହୁକୋଷ) —5. Religious books; scriptures.
୬ । ସଂଖ୍ୟା (ବହୁକୋଷ)—6. Number. ୭ । ସମଷ୍ଟି (ବହୁକୋଷ)—7. Aggregate.

ସମାମ୍ନାୟିକ—ସଂ. ବଣ (ସମାମ୍ନାୟ + ସମ୍ବନ୍ଧାର୍ଥେ. ଇକ)—୧ । ଶାସ୍ତ୍ର
Samāmnāyika ସମ୍ବନ୍ଧୀୟ—1. Relating to the Śāstras. ୨ । ଶାସ୍ତ୍ରରେ ପଠିତ—2. Read or studied in the Śāstras.

ସମାୟାତ—ସ·ବଣ ପୁ°(ସମ୍ + ଆୟାତ)—୧ । ସମାଗତ—1. Come.
Samāyāta ୨ । ଉପସ୍ଥିତ—2. Arrived at. ୩ । ଏକତ୍ର
[ସମାୟାତା—ସ୍ତ୍ରୀ] ଆଗତ—3. Come together.
[ସମାୟୁ—ବି]

ସମାଯୁକ୍ତ—ସ. ବଣ (ସମ୍ + ଆ + ଯୁଜ୍ ଧାତୁ + କର୍ମ· ତ)—୧ ।
Samājukta ଏକତ୍ର ଯୁକ୍ତ; ସଂଯୁକ୍ତ—1. Attached to; joined together.
[ସମାଯୋଗ—ବି]
[ସମାଯୋଜିତ—ଣିଜନ୍ତ ଯୁଜ ଧାତୁରୁ ନିଷ୍ପନ୍ନ ବଣ]

ସମାଯୋଗ—ସ. ବି (ସମ୍ + ଆ + ଯୁଜ୍ ଧାତୁ + ଭାବ. ଅ)—
Samājoga 1. Union; association. ୨ । ସମବାୟ—
2. Multitude; conglomeration. ୩ । ପ୍ରୟୋଜନ—3. Necessity. ୪ । (+ କର୍ମ· ଅ) ପରିଚ୍ଛଦ —4. Dress; cloth.

ସମାର—ଦେ ବି (ସଂ. ସମ୍ଭାର)—ଦେଉଳର ବେଢ଼ା ମଧ୍ୟରେ ଥିବା
Samāra ଯେଉଁ କୋଠରିରେ ଭୋଗ ପାଇଁ ଚୂନା କୁଟା, ବେଶର-ବଟା, ପରିବା କଟା ହୁଏ—A room inside the compound of a temple where rice etc are ground and kitchen vegetables chopped for the cooking of the Bhoga for the Deity. [ଦ୍ର—ଭୁବନେଶ୍ୱର ଲିଙ୍ଗରାଜଙ୍କ ଦେଉଳ-ବେଢ଼ାରେ ଥିବା ଏହି ଘରକୁ ସମାର କୋହାଯାଏ । ପୁରୀ ବଡ଼ଦେଉଳ ବେଢ଼ାରେ ଏହି ଘରକୁ ଚୁନାକୁଠା ମୁଣ୍ଡେଇ ବୋଲାଯାଏ । ଯେଉଁମାନେ ପରିବାକଟା ଚୂନାକୁଟା ଆଦି କରନ୍ତି ସେମାନଙ୍କୁ ସମରଥା ବୋଲାଯାଏ ।]

ସମାରମ୍ଭ—ସଂ. ବି (ସମ୍ = ସମ୍ୟକ୍ + ଆରମ୍ଭ)—୧ । କୌଣସି ଅନୁ-
Samārambha ଷ୍ଠାନର ବା କର୍ମର ଆରମ୍ଭ—1. The begin-
[ସମାରବ୍ଧ, ସମାରମ୍ଭ୍ୟ—ବଣ] ning of any work. ୨ । ଆରମ୍ଭ

କର୍ମ — 2. An act which has been begun. ଦେ. ବି (ସଂ. ସମ୍ + ଆରମ୍ଭ ବା ସମାରୋହ)— ଆଡ଼ମ୍ବର; ଘନଘଟା; ସମାରୋହ—Ado; show; grandeur. (ଯଥା — କନ୍ୟାଘର ଗ୍ରାମକୁ ବରଯାତ୍ରୀମାନେ ଭାରି ସମାରମ୍ଭରେ ଆସିଛନ୍ତି ।)

ସମାରମ୍ଭଣ—ସଂ. ବି (ସମ୍ + ଆ + ରଭ୍ ଧାତୁ + ଭାବ. ଅନ)— Samārambhaṇa ୧ । ଆଲିଙ୍ଗନ (ଶବ୍ଦକୋଷ)— 1. Embrace. ୨ । ସମାଲମ୍ଭନ (ଦେଖ) (ଶବ୍ଦକୋଷ)—2. Samālambhana (See). ୩ । ଗ୍ରହଣ (ଶବ୍ଦକୋଷ)— 3. Taking; acceptance.

ସମାରାଧନ—ସଂ. ବି (ସମ୍ + ଆରାଧନ)—ସମ୍ୟକ୍ ଆରାଧନ; ପୂଜନ— Samārādhana Worshipping; paying of homage.

ସମାରାଧନ ତତ୍ପର—ସଂ. ବିଣ. ପୁଂ (ବହୁବ୍ରୀହି)—ପୂଜା କରିବା ନିମନ୍ତେ Samārādhana tatpara ପ୍ରସ୍ତୁତ—Ready to (ସମାରାଧନ ତତ୍ପରା—ସ୍ତ୍ରୀ) worship.

ସମାରାଧିତ—ସଂ. ବିଣ. ପୁଂ (ସମ୍ + ଆରାଧିତ)—ସମ୍ୟକ୍ ପୂଜିତ— Samārādhita Specially worshipped. (ସମାରାଧିତା—ସ୍ତ୍ରୀ)

ସମାରୁରୁକ୍ଷୁ—ସଂ. ବିଣ(ସମ୍ + ଆ + ରୁହ ଧାତୁ. ଇଚ୍ଛାର୍ଥେ ସନ୍ + କର୍ତ୍ତୃ. Samāruruksha ଉ)—ସମାରୋହଣ କରିବାକୁ ଇଚ୍ଛୁକ— (ସମାରୁରୁକ୍ଷା — ବି) Desirous of riding.

ସମାରୂଢ଼—ସଂ. ବିଣ (ସମ୍ + ଆରୂଢ଼)—୧ । ସମାରୋହଯୁକ୍ତ; Samārūḍha ଆଡ଼ମ୍ବରଯୁକ୍ତ—1. Pompous; magnifi- (ସମାରୋହଣ—ବି) cient; grand. ୨ । ଅତ୍ୟୁନ୍ନତ— (ସମାରୂଢ଼ା—ସ୍ତ୍ରୀ) 2. Much elevated or advanced. ୩ । ଆରୂଢ଼; ଉପରେ ଚଢ଼ିଥିବା— 3. Riding upon.

ସମାରୋପ—ସଂ. ବି (ସମ୍ + ଆରୋପ)—୧ । ସମ୍ୟକ୍ ରୋପଣ— Samāropa 1. Careful planting of seeds or seed- (ସମାରୋପଣ — ଅନ୍ୟରୂପ) ings. ୨ । ବିଶେଷ ଆରୋପ— [ସମାରୋପିତ—ବିଣ] 2. Particular or special attribution.

ସମାରୋହ—ସଂ. ବି (ସମ୍ + ଆରୋହ=ଉନ୍ନତି; ଚଢ଼ିବା)—୧ । Samāroha ଅଭ୍ୟୁନ୍ନତି—1. Considerable improve- (ସମାରୋହଣ — ଅନ୍ୟରୂପ) ment; considerable advancement; elevation. ୨ । ଆରୋହଣ— 2. Ascending; riding on. ୩ । ଜାକ୍‌ଜମକ; ଆଡ଼ମ୍ବର— 3. Grandeur; pomp; eclat; ado. ୪ । ସମ୍ମତି—4. Consenting.

ସମାର୍ଜନ(ନା) — ଗ୍ରା. ବି—୧ । (ସଂ. ସମାଧାନ)—ସମାଧାନ; ଆଶ୍ୱାସନା- Samārjana(nā) 1. Conciliating; consoling. समाधान समाधान ୨ । (ସଂ. ସମ୍ମାର୍ଜନ)—ସମ୍ମାର୍ଜନ (ଦେଖ)—Sammārjana (See).

ସମାର୍ଜନା କରିବା—ଗ୍ରା. କ୍ରି.—୧ । ଆଶ୍ୱାସନା କରିବା— Samārjanā karibā 1. To conciliate; to समाधान करा समाधान करना appease; to console. ୨ । ସମ୍ମାର୍ଜନ କରିବା (ଦେଖ)—2. Sammārjana karibā (see).

ସମାର୍ଜିବା—ଦେ. କ୍ରି (ପଦ୍ୟ)—ଧୋଇବା—To wash. Samarjibā [ଉ—ତାହାଙ୍କ ଚରଣ ସଲିଳେ, ଅଳକବନ समार्ज्जन करा सम्मार्जन करना ସମାର୍ଜିଲେ — ଜଗନ୍ନାଥ ଭାଗବତ ।]

ସମାର୍ଥ—ସଂ. ବି (କର୍ମଧା)—୧ । ସମାନ ଅର୍ଥ— 1. The same Samartha meaning. ୨ । ଏକ ପ୍ରୟୋଜନ—2. One or the same necessity. ୩ । ଏକ ଉଦ୍ଦେଶ୍ୟ— 3. The same aim. ୪ । (ବହୁବ୍ରୀହି) ଏକାର୍ଥବିଶିଷ୍ଟ [ସମାର୍ଥା—ସ୍ତ୍ରୀବିଣ] ଶବ୍ଦ —4.Synonym. ସଂ.ବିଣ (ବହୁବ୍ରୀହି)— [ସମାର୍ଥତା—ବି] ସମାର୍ଥକ (ଦେଖ)—Samarthaka (See)

ସମାର୍ଥକ —ସଂ. ବିଣ (ସମ + ଅର୍ଥ + କ)—୧ । ତୁଲ୍ୟାର୍ଥକ; ଏକାର୍ଥକ. Samarthaka 1. Having the same meaning [ସମାର୍ଥବୋଧକ—ଅନ୍ୟରୂପ] or import; synonymous. ୨ । ସମପ୍ରୟୋଜନବିଶିଷ୍ଟ—2. Having the same or similar aim or need.

ସମାର୍ଥୀ—ସଂ. ବିଣ. ପୁଂ (ସମ୍ + ଅର୍ଥ ଧାତୁ + କର୍ତ୍ତୃ. ଇନ୍; ସମାର୍ଥିନ୍; Samārthī ୧ମା ୧ବ)—୧ । ଏକ ପ୍ରୟୋଜନ ବା ଉଦ୍ଦେଶ୍ୟ [ସମାର୍ଥିନୀ—ସ୍ତ୍ରୀ] ବିଶିଷ୍ଟ—1. Having the same necessity or aim. ୨ । ଶାନ୍ତି ପାଇଁ ଇଚ୍ଛୁକ [ଶବ୍ଦକୋଷ]—2. Desirous of peace. ୩ । ମିଳନ ସମତା ସାଧନପ୍ରୟାସୀ [ଶବ୍ଦକୋଷ]— 3. Desirous of reconciliation or agreement.

ସମାଲ୍—ଦେ. ଅ (ସମାଳିବାକ୍ରିୟାର ଅନୁଜ୍ଞା ଏକବଚନ, ଅନାଦରାର୍ଥରୂପ; Samāl ଅବ୍ୟୟରୂପେ ବ୍ୟବହୃତ)—୧ । ହୁସିଆର୍ ! ସାବଧାନ सामलाओ समालो ହୁଅ—1. Be careful ! Be on [ସମାଳ—ଆଦରାର୍ଥରୂପ] your guard. ୨ । (ଆସନ୍ନ ବିପଦକୁ) ସମ୍ଭାଳିବାକୁ ବା ସହିବାକୁ ପ୍ରସ୍ତୁତ ହୁଅ— 2. Be ready to bear the brunt of the impending danger.

ସମାଳ—ଦେ. ବି—୧ । ସବୁରତା; ସମ୍ଭାଳ; ଧୈର୍ଯ୍ୟଧାରଣ— Samāla 1. Being patient; patience. सामलान सबूर ୨ । ସହିଯିବା; ସହନଶୀଳତା— rbearance. ୩ । ଅପେକ୍ଷା କରିବା— 3. Waiting. ବିଣ —୧ । ସବୁରିଆ; ଧୈର୍ଯ୍ୟଶୀଳ- 1. Patient. ୨ । ଅପେକ୍ଷାକାରୀ—2. Waiting. ୩ । ସହନଶୀଳ—3. Forbearing. ସଂ. ବିଣ. [ସମାଳା—ସ୍ତ୍ରୀ] ପୁଂ (ସହାର୍ଥ ବହୁବ୍ରୀହି; ସ + ମାଳା + ଅ)— ୧ । ମାଳାବିଶିଷ୍ଟ—1. Having garlands.

ସମାଲକ୍ଷ୍ୟ—ସଂ. ବିଣ. (ସମ୍+ଆ+ଲକ୍ଷ୍ ଧାତୁ+କର୍ମ. ଯ)—Samālakshya ୧। ଦର୍ଶନଯୋଗ୍ୟ (ଶାବ୍ଦିକ ଦର୍ପଣ)—(ସମାଲକ୍ଷ୍ୟା—ସ୍ତ୍ରୀ) 1. Fit to be seen. ୨। ବିଶେଷରୂପେ ଚିହ୍ନିତ କରାଯିବାର ଯୋଗ୍ୟ—2. Deserving to be marked or noted; notable. ୩। ଅବଲୋକନ ସହକାରେ ଦର୍ଶନଯୋଗ୍ୟ—3. Observable. ୪। ପ୍ରଣିଧାନ ଯୋଗ୍ୟ—4. Fit to be attended to.

ସମା ଲଗା—ଦେ. ବିଣ—ଯଷ୍ଟିରେ ସମା ବା ମୁଦଅ ଲାଗିଥାଏ—Samā lagā Attached with a ring; having a सामालागा ring attached to the end. (ଉ—समालगा हुआ ଅକର୍ମଣୀଳା ଲୁଣ୍ଠିକ ସମାଲଗା ଠାକୁର। ଉଗ।)

ସମାଲବ୍ଧ—ସଂ. ବି (ସମ୍+ଆ+ଲଭ୍ ଧାତୁ ବା ଲମ୍ଭ ଧାତୁ+କର୍ମ. ତ)—Samālabdha ୧। ରଞ୍ଜିତ; ରଚିତ; ରଙ୍ଗ କରି ଯାଇଥିବା—(ସମାଲମ୍ଭ[ଭି], ସମାଲମ୍ଭ[ଭି]ନ—ବି) 1. Besmeared; painted. ୨। ଲେପିତ; ଅଲେପିତ—2. Anointed; overlaid. ୩। ମେଳିତ—3. Joined together. ୪। ହତ—4. Killed; murdered. ୫। ଧୃତ—5. Seized.

ସମାଲମ୍ବ—ସଂ. ବି (ସମ+ଆ+ଲମ୍ବ ଧାତୁ+ଭାବ. ଅ)—୧। ଉକ୍ତ ଓ ପାଲାଦ ଲମ୍ବାଇବା—1. Suspending; (ସମାଲମ୍ବନ—ଅନ୍ୟରୂପ) hanging. ୨। ସମ୍ୟକ୍ ଅବଲମ୍ବ—[ସମାଲମ୍ବିତ—ବିଣ] 2. Special support. ୩। କତୃଣ; ସୁଗନ୍ଧ ତୃଣ ବିଶେଷ (ଶବ୍ଦ କଳ୍ପଦ୍ରୁମ)—3. A kind of scented grass.

ସମାଲମ୍ବୀ—ସଂ. ବି—ସମାଲମ୍ବ ୩ (ଦେଖ) [ଶବ୍ଦ କଳ୍ପଦ୍ରୁମ] Samālambi Samālamba 3. (See)

ସମାଲମ୍ଭ(ଭି)ନ—ସଂ. ବି (ସମ+ଆ+ଲମ୍ଭ ଧାତୁ ବା ଲଭ୍ ଧାତୁ+ଭାବ. ଅନ)—୧। ରଞ୍ଜନ; Samālambha(bha)na (ସମାଲମ୍ଭ[ଭି]—ଅନ୍ୟରୂପ) ରଙ୍ଗାଇବା—1. Dyeing; [ସମାଲବ୍ଧ—ବିଣ] painting. ୨। ବୋଳିବା; ବିଲେପନ—2. Anointing; besmearing. ୩। ମାରଣ; ହନନ; ବଧ—3. Killing; slaughtering. ୪। ଦେହରେ ଚନ୍ଦନାଦି ବୋଳିବା—4. Besmearing the body with sandal paste etc.

ସମାଲମ୍ଭୀ—ସଂ. ବିଣ. ପୁଂ (ସମ୍+ଆ+ଲମ୍ଭ ଧାତୁ+କର୍ତ୍ତୃ ଇନ୍; Samālambhi ସମାଲମ୍ଭିନ୍, ୧ମା ୧ବ)—୧। ବିଲେପନକାରୀ-[ସମାଲମ୍ଭିନୀ—ସ୍ତ୍ରୀ] 1. Besmearing; anointing. ୨। ମାରଣକାରୀ; ହତ୍ୟାକାରୀ—2. Killing; slaughtering.

ସମାଳାପ—ସଂ. ବି (ସମ୍+ଆଳାପ)—ସମ୍ୟକ୍ ଆଳାପ (ବିଶ୍ୱକୋଷ)- Samālāpa Intimate conversation.

ସମାଲିଆ—ଦେ. ବି—ସମ୍ଭାଳୁଅ (ଦେଖ)—Sambhāluā (See) Samālia ଦେ. ବିଣ—ସମାଳୁଅ (ଦେଖ)—Samāluā (See)

ଦେ. ବିଣ. ପୁଂ—୧। ଧୈର୍ଯ୍ୟଶୀଳ—1. Patient. ୨। ଅପେକ୍ଷାକାରୀ—2. Waiting. ୩। ସହନଶୀଳ—धैर्य्यशील सबूरकरनेवाला 3. Forbearing. ସମାଳୀ ସମାଳୋ(ଳେ)ଇ } —ସ୍ତ୍ରୀ

ସମାଲିଙ୍ଗନ—ସଂ. ବି (ସମ୍+ଆଲିଙ୍ଗନ)—ସମ୍ୟକ୍ ଆଲିଙ୍ଗନ—Samāliṅgana Tight embrace; hugging. [ସମାଲିଙ୍ଗିତ, ସମାଲିଙ୍ଗୀ—ପୁଂ. ସମାଲିଙ୍ଗିତା, ସମାଲିଙ୍ଗିନୀ—ସ୍ତ୍ରୀ ବିଣ]

ସମାଳି ନେବା—ଦେ. କ୍ରି—ସମ୍ଭାଳିବା (ଦେଖ)—Samāḷi nebā Sambhāḷibā (See) सामलान सामले नेओया सँभालना (ସମ୍ଭାଳିବା—ଅନ୍ୟରୂପ)

ସମାଳୀ—ସଂ. ବି. ସ୍ତ୍ରୀ (ସ+ମାଳ+ଈ)—ପୁଷ୍ପକାର; ଫୁଲର Samāḷi ତୋଡ଼ା (ବିଶ୍ୱକୋଷ)—Nosegay; boquet.

ସମାଳୁଅ—ଦେ. ବି—ସମ୍ଭାଳୁଅ (ଦେଖ) Samāḷuā Sambhāḷuā (See) ଦେ. ବିଣ. ପୁଂ—ସମାଳିଅ (ଦେଖ)—Samāḷia (See)

ସମାଲୋକ—ସଂ. ବି (ସମ୍+ଆ+ଲୋକ ଧାତୁ+ଭାବ ଅ)—Samāloka ୧। ସମ୍ୟକ୍‌ରୂପେ ଦର୍ଶନ—1. Observa-(ସମାଲୋକନ—ଅନ୍ୟରୂପ) tion. ୨। ଉତ୍ତମରୂପେ [ସମାଲୋକିତ, ସମାଲୋକ୍ୟ, ସମାଲୋକୀ—ବିଣ] ଦେଖିବା—2. Good view.

ସମାଲୋଚକ—ସଂ ବିଣ ଓ ବି. ପୁଂ (ସମ+ଆ+ଲୋଚ ଧାତୁ+କର୍ତ୍ତୃ Samālochaka ଅକ)—ସମାଲୋଚୀ (ଦେଖ) [ସମାଲୋଚିକା—ସ୍ତ୍ରୀ] Samālochi (See).

ସମାଲୋଚନ(ନା)—ସଂ ବି (ସମ୍+ଆଲୋଚନ)—କୌଣସି ବସ୍ତୁର, Samālochana(nā) ବ୍ୟକ୍ତିର, ବିଷୟର ବା ଘଟନାର [ସମାଲୋଚ—ଅନ୍ୟରୂପ] ଦୋଷଗୁଣାଦିର ସମ୍ୟକ୍ [ସମାଲୋଚିତ—ବିଣ] ଆଲୋଚନା—Criticism or review of any matter, thing or person.

ସମାଲୋଚନୀୟ—ସଂ ବିଣ (ସମ୍+ଆଲୋଚନୀୟ)—ଆଲୋଚିତ Samālochaniya ହେବା ଯୋଗ୍ୟ—Deserving or [ସମାଲୋଚ୍ୟ—ଅନ୍ୟରୂପ] fit to be criticised.

ସମାଲୋଚୀ—ସଂ ବିଣ ଓ ବି. ପୁଂ (ସମ୍+ଆ+ଲୋଚ ଧାତୁ+କର୍ତ୍ତୃ Samālochi ଇନ୍; ୧ମା ୧ବ)—ସମାଲୋଚନକାରୀ—[ସମାଲୋଚିନୀ—ସ୍ତ୍ରୀ] (adj) Criticising; reviewing. (noun) Reviewer; critic.

ସମାଶ—ସଂ ବି (ସମ୍+ଅଶ ଧାତୁ=ଖାଇବା+ଭାବ ଅ)—୧। ସମ୍ୟକ Samāsa ଭକ୍ଷଣ (ପାଣିନି)—2. Good meal. ୨। ସମ୍ୟକ ଉପଭୋଗ—2. Thorough enjoyment.

ସମାଶଙ୍କିତ—ସଂ ବିଣ. ପୁଂ (ସମ୍+ଆଶଙ୍କିତ)—୧। ଅତ୍ୟନ୍ତ ଭୀତ—Samāsaṅkita 1. Terrified. ୨। ଅତ୍ୟନ୍ତ ସନ୍ଦିଗ୍ଧ--

(ସମାଶଙ୍କା—ବି) 2, Very suspecting; greatly suspicious.

ସମାଶ୍ରୟ—ସଂ ବି (ସମ୍ + ଆଶ୍ରୟ)—୧ । ସମ୍ୟକ୍ ଆଶ୍ରୟ; ଅବଲମ୍ବନ—Samāśraya 1. Refuge; support; shelter. ୨ । ସହାୟ—2. Help.

ସମାଶ୍ରିତ
ସମାଶ୍ରୟଣୀୟ } —ବିଣ
ସମାଶ୍ରୟୀ

ସମାଶ୍ଳେଷ—ସଂ ବି· (ସମ୍ + ଆଶ୍ଳେଷ)—ଦୃଢ଼ ଆଲିଙ୍ଗନ—Samāślesha Tight embrace.
(ସମାଶ୍ଳେଷଣ—ଅନ୍ୟରୂପ) (ସମାଶ୍ଳେଷିତ—ବିଣ)

ସମାଷ—ସଂ ବିଣ—(ସହାର୍ଥ ବହୁବ୍ରୀହି; ସ=ସହ+ମାଷ=ବ୍ରୀହି)—Samāsha ବ୍ରୀହିମିଶ୍ରିତ—Mixed with Brihi grains.

ସମାସ—ସଂ· ବି. (ସମ୍ + ଅସ୍ ଧାତୁ=କ୍ଷେପଣକରିବା ସଂକ୍ଷେପ କରିବା + ଭାବ ଅ)—୧ । ସଂକ୍ଷେପ—1. Abridgement; contraction. ୨ । ସଂଗ୍ରହ—2. Collecting; gathering. ୩ । ସମାହାର—3. Conglomeration. ୪ । ମିଳନ—4. Meeting together. ୫ । ସମର୍ଥନ—5. Ratification; supporting. ୬। (ସ+ମାସ)—ସମ୍ବତ୍ସର—6. Year ୭। (ବ୍ୟାକରଣ) ଦୁଇ ବା ତତୋଽଧିକ ପଦମଧ୍ୟରୁ ବିଭକ୍ତି ଲୋପକରି ସେମାନଙ୍କୁ ଏକପଦକରଣ; ଅନେକ ପଦର ଏକପଦକରଣ—7. (grammar) Compounding of several words into a whole; abridgment of many separate words into one word. [ଦ୍ର—ଦୁଇ ବା ବହୁ ପଦକୁ ଏକପଦ କରିବା ରୂପବ୍ୟାକରଣଗତ ପ୍ରକ୍ରିୟାକୁ ସମାସ ବୋଲଯାଏ । ସମାସରେ ପୂର୍ବପୂର୍ବପଦମାନଙ୍କ ବିଭକ୍ତିର ଲୋପ ହୁଏ ।

ସମାସ ଛଅ ପ୍ରକାର, ଯଥା—ଦ୍ୱନ୍ଦ୍ୱ, ବହୁବ୍ରୀହି, କର୍ମଧାରୟ, ତତ୍ପୁରୁଷ, ଦ୍ୱିଗୁ ଓ ଅବ୍ୟୟୀଭାବ । ଏଥି ମଧ୍ୟରେ ବାକ୍ୟ ସମାସ ଓ ଉପପଦ ସମାସ ପ୍ରଭୃତି କେତେକ ସମାସ ମଧ୍ୟ ଅଛି । ସମାସ ଦ୍ୱାରା ନିଷ୍ପନ୍ନ ପଦକୁ ସମସ୍ତ ପଦ ବୋଲଯାଏ; ଯେଉଁ ପଦମାନଙ୍କୁ ସମାସଦ୍ୱାରା ଏକତ୍ର କରାଯାଏ ସେହି ପଦମାନଙ୍କୁ ସମସ୍ୟମାନ ପଦ ବୋଲଯାଏ ।

ସମସ୍ୟମାନ ପଦମାନଙ୍କ ମଧ୍ୟରୁ ଅଦ୍ୟପଦକୁ ପୂର୍ବପଦ ଓ ଶେଷ ପଦକୁ ଉତ୍ତର ବା ପର ପଦ କହନ୍ତି ।

୧ । ଦ୍ୱନ୍ଦ୍ୱ ସମାସ—ଏ ସମାସରେ ସମସ୍ୟମାନ ପଦମାନଙ୍କର ପ୍ରତ୍ୟେକର ଅର୍ଥ ପ୍ରଧାନ ରୂପେ ପ୍ରତୀୟମାନ ହୁଏ । ଏହା ଦୁଇ ପ୍ରକାର—(କ) ଇତରେତର ଦ୍ୱନ୍ଦ୍ୱ, (ଖ) ସମାହାର ଦ୍ୱନ୍ଦ୍ୱ ।

(କ) ଭିନ୍ନ ଭିନ୍ନ ବସ୍ତୁମାନଙ୍କର ମିଳନକୁ ଇତରେତର ଦ୍ୱନ୍ଦ୍ୱ ବୋଲଯାଏ,—ଯଥା
ରାମ ଓ ଲକ୍ଷ୍ମଣ=ରାମ ଲକ୍ଷ୍ମଣ;
ନର ଓ ନାରୀ=ନରନାରୀ ।

(ସଂସ୍କୃତରେ ଇତରେତର ଦ୍ୱନ୍ଦ୍ୱ ଦ୍ୱିବଚନାନ୍ତ ବା ବହୁବଚନାନ୍ତ ହୁଏ ।)

(ଖ) ଏକ ଜାତୀୟ ବହୁ ପଦାର୍ଥର ସମାହାର ବା ସମଷ୍ଟି ବୁଝାଇବା ଦ୍ୱନ୍ଦ୍ୱ ସମାସକୁ 'ସମାହାର ଦ୍ୱନ୍ଦ୍ୱ' ବୋଲଯାଏ ।

ଯଥା—ହସ୍ତୀ ଓ ଅଶ୍ୱମାନଙ୍କର ସମାହାର=ହସ୍ତ୍ୟଶ୍ୱ; ଅହି ଓ ନକୁଳର ସମାହାର=ଅହିନକୁଳ ।
(ସମାହାର ଦ୍ୱନ୍ଦ୍ୱ ସଂସ୍କୃତରେ କ୍ଲୀବଲିଙ୍ଗ ଏକବଚନାନ୍ତ ହୁଏ ।

ସଂସ୍କୃତରେ ଆଉ ଏକ ପ୍ରକାର ଦ୍ୱନ୍ଦ୍ୱ ସମାସ ଅଛି, ତାକୁ ଏକଶେଷଦ୍ୱନ୍ଦ୍ୱ ବୋଲଯାଏ; ଯଥା—ପିତା ଓ ମାତା=ପିତରୌ; ଏ ସ୍ଥାନରେ ପିତା ଓ ମାତା ଏ ଦୁଇ ପଦରୁ ମାତା ଶବ୍ଦର ଲୋପ ହୋଇ କେବଳ ପିତା ଶବ୍ଦର ଦ୍ୱିବଚନ ଆକାରରେ ପିତରୌ (ପିତୃଦ୍ୱୟ)ଶବ୍ଦ ପିତା ଓ ମାତା, ଦୁହିଁଙ୍କୁ ବୁଝାଉଛି । ଓଡ଼ିଆରେ ମଧ୍ୟ ଏକଶେଷ ଦ୍ୱନ୍ଦ୍ୱର ଉଦାହରଣରୂପେ "ଆପଣଙ୍କ ପିଲାଏ ଭଲ ଅଛନ୍ତି ?" ଏ ବାକ୍ୟରେ ପିଲାଏ ବା ପିଲାମାନେ ଶବ୍ଦର ଅର୍ଥ ପିଲା(ପୁଅ) ଓ ପିଲା(କନ୍ୟା)ମାନେ । ଏଠାରେ ପିଲୀ ଶବ୍ଦର ଲୋପ ହୋଇ ପିଲା ଶବ୍ଦ ଏକଶେଷ ହେଲା । କଳିକାଳରେ ମନୁଷ୍ୟମାନେ ସ୍ୱଳ୍ପଜୀବୀ ହୋଇ ଅଛନ୍ତି । ଏଠାରେ ମନୁଷ୍ୟ(ପୁରୁଷ)ମାନେ+ମନୁଷ୍ୟା(ସ୍ତ୍ରୀ)ମାନେ ମିଶି ମନୁଷ୍ୟମାନେ ହେଲା ।

୨ । ବହୁବ୍ରୀହି ସମାସ—ଯେଉଁ ସମାସରେ ସମସ୍ୟମାନ ପଦସମୂହର ମୁଖ୍ୟ ଅର୍ଥ ପ୍ରତୀତ ନ ହୋଇ ସେହି ସମସ୍ତ ଅର୍ଥ ଦ୍ୱାରା ସୂଚିତ ଅନ୍ୟ ବସ୍ତୁ ମୁଖ୍ୟରୂପେ ପ୍ରତୀୟମାନ ହୁଏ, ତାକୁ ବହୁବ୍ରୀହି ସମାସ ବୋଲଯାଏ:—

ଯଥା—ପୀତ ଅଟେ ଅମ୍ବର ଯାହାର ସେ=ପୀତାମ୍ବର; ଦିକ୍ ଅଟେ ଅମ୍ବର ଯାହାର ସେ=ଦିଗମ୍ବର; କ୍ରୂର ଅଟେ ସ୍ୱଭାବ ଯାହାର ସେ=କ୍ରୂରସ୍ୱଭାବ ।

ବହୁବ୍ରୀହି ସମାସ ଦ୍ୱିବିଧ, ସମାନାଧିକରଣ ଓ ବ୍ୟଧିକରଣ ।

ସମାନାଧିକରଣ—ସମାସରେ ପୂର୍ବ ଓ ପର ଉଭୟ ପଦ ବିଶେଷ୍ୟ ହୁଏ—ଯଥା ଚକ୍ର ଚୂଡ଼, ମୀନକେତନ ।

ବ୍ୟଧିକରଣ—ପୂର୍ବପଦ ବିଶେଷଣ ଓ ପରପଦ ବିଶେଷ୍ୟ ହୁଏ । ଯଥା—ସ୍ୱର୍ଣ୍ଣଶୃଙ୍ଗ, ପୀତାମ୍ବର ।

ସାଧାରଣତଃ ବହୁବ୍ରୀହି ସମାସ ନିଷ୍ପନ୍ନ ପଦ ବିଶେଷଣ ହୁଏ ।

୩ । କର୍ମଧାରୟ—ଯେଉଁ ସମାସରେ ବିଶେଷଣ ସହିତ ବିଶେଷ୍ୟ ପଦର ମିଳନ ହୁଏ ତାକୁ କର୍ମଧାରୟ ବୋଲଯାଏ କର୍ମଧାରୟର ଉତ୍ତରପଦ ବା ଶେଷ ପଦର ପ୍ରାଧାନ୍ୟ ହୁଏ ।

ଯଥା—

ପୀତ ଅଟେ ଅମ୍ବର=ପୀତାମ୍ବର; କ୍ରୂର ଅଟେ ପ୍ରକୃତି=କ୍ରୂରପ୍ରକୃତି; ଶୁକ୍ଳ ଅଟେ ପକ୍ଷ=ଶୁକ୍ଳପକ୍ଷ ।

କର୍ମଧାରୟ ସମାସ ତିନି ପ୍ରକାରର ଅଟେ । ଯଥା— (କ) ମଧ୍ୟପଦଲୋପୀ କର୍ମଧାରୟ, (ଖ) ରୂପକ କର୍ମଧାରୟ, (ଗ) ଉପମିତ କର୍ମଧାରୟ ।

(କ) ଯେଉଁ ସମାସରେ ବାକ୍ୟର ମଧ୍ୟପଦର ଲୋପ କରାଯାଇ ଲୁପ୍ତ ପଦର ପୂର୍ବ ଓ ପରବର୍ତ୍ତୀ ପଦଦ୍ୱୟର ଯୋଗ କରାଯାଏ ତାହାକୁ ମଧ୍ୟପଦଲୋପୀ କର୍ମଧାରୟ ବୋଲାଯାଏ । ଯଥା—ବଟ ନାମକ ବୃକ୍ଷ=ବଟବୃକ୍ଷ; ଘୃତ ମିଶ୍ରିତ ଅନ୍ନ=ଘୃତାନ୍ନ; ଛାୟା ପ୍ରଧାନ ତରୁ=ଛାୟାତରୁ; ସମୁଦ୍ର ଯାତ୍ରା ପାଇଁ ବ୍ୟବହୃତ ଯାନ=ସମୁଦ୍ରଯାନ ।

(ଖ) ଯେଉଁ ସମାସରେ ଉପମେୟ ପଦରେ ଉପମାନ ଆରୋପ କରାଯାଏ ତାକୁ ରୂପକ କର୍ମଧାରୟ ବୋଲାଯାଏ । ଯଥା—ଦେହରୂପ ପଞ୍ଜର=ଦେହ ପଞ୍ଜର; ଗୋରୂପ ଧନ =ଗୋଧନ; ଯଜ୍ଞ ରୂପ କର୍ମ=ଯଜ୍ଞକର୍ମ; ପିତୃ ରୂପ ଦେବ=ପିତୃଦେବ । ଏଠାରେ ଗୋ, ଯଜ୍ଞ ଓ ପିତୃ ସ୍ଥାନରେ ଯଥାକ୍ରମେ ଧନ, କର୍ମ ଓ ଦେବ ଆରୋପିତ ହୋଇଅଛି ।

(ଗ) ଉପମିତ କର୍ମଧାରୟରେ ସମାନ ଧର୍ମ ବା ସାଦୃଶ୍ୟ ବାଚକ ପଦର ଲୋପ ହୋଇ ଉପମେୟ ଶବ୍ଦ ସଙ୍ଗେ ଉପମାନ ଶବ୍ଦର ଯୋଗ କରାଯାଏ ।

ଯଥା—ବ୍ୟାଘ୍ର ସଦୃଶ ପୁରୁଷ=ପୁରୁଷବ୍ୟାଘ୍ର, ଚନ୍ଦ୍ର ସଦୃଶମୁଖ=ମୁଖଚନ୍ଦ୍ର । (ଦ୍ର—ଚନ୍ଦ୍ରରୂପ ମୁଖ=ଚନ୍ଦ୍ରମୁଖ ରୂପକ ସମାସ) ।

ବିଶେଷଣ ଓ ବିଶେଷଣ ପଦ ମିଶି ମଧ୍ୟ କର୍ମଧାରୟ ସମାସ ହୁଏ, ଯଥା ପୀତ ଓ ଉନ୍ନତ=ପୀତୋନ୍ନତ ।

୪ । ତତ୍‌ପୁରୁଷ ସମାସ—ଦ୍ୱିତୀୟାଦି ବିଭକ୍ତିଦ୍ୱାରା ଅନ୍ୱିତ ପଦମାନଙ୍କର ସମାସକୁ ତତ୍‌ପୁରୁଷ ସମାସ ବୋଲାଯାଏ । ଏ ସମାସରେ ଦ୍ୱିତୀୟାଦି ବିଭକ୍ତ୍ୟନ୍ତ ପଦ ହିଁ ପୂର୍ବେ ଥାଏ । ଏହି ସମାସରେ ଉତ୍ତର ପଦର ପ୍ରାଧାନ୍ୟ ରହେ ।

ତତ୍‌ପୁରୁଷ ସମାସ ଆଠ ପ୍ରକାର ଯଥା—୨ୟା ତତ୍‌ପୁରୁଷ, ୩ୟା ତତ୍‌ପୁରୁଷ, ୪ର୍ଥୀ ତତ୍‌ପୁରୁଷ, ୫ମୀ ତତ୍‌ପୁରୁଷ, ୬ଷ୍ଠୀ ତତ୍‌ପୁରୁଷ, ଓ ୭ମୀ ତତ୍‌ପୁରୁଷ, ନଞ୍ ତତ୍‌ପୁରୁଷ ଓ ଅଲୁକ୍ ।

୨ୟା ତତ୍‌ପୁରୁଷ, ଯଥା—ଗୃହକୁ ଆଗତ=ଗୃହାଗତ । ୩ୟା ତତ୍‌ପୁରୁଷ ଯଥା—ସର୍ପଦ୍ୱାରା ଦଷ୍ଟ=ସର୍ପଦଷ୍ଟ । ୪ର୍ଥୀ ତତ୍‌ପୁରୁଷ ଯଥା—ବିପ୍ରକୁ ଦତ୍ତ=ବିପ୍ରଦତ୍ତ । ୫ମୀ ତତ୍‌ପୁରୁଷ, ଯଥା—ସମାଜରୁ ଚ୍ୟୁତ=ସମାଜଚ୍ୟୁତ; ୬ଷ୍ଠୀ ତତ୍‌ପୁରୁଷ, ଯଥା—ମନୁଷ୍ୟର ବୁଦ୍ଧି=ମନୁଷ୍ୟବୁଦ୍ଧି, ସ୍ୱର୍ଗର ଦ୍ୱାର=ସ୍ୱର୍ଗଦ୍ୱାର । ୭ମୀ ତତ୍‌ପୁରୁଷ ଯଥା—ରାତ୍ରିରେ ଜାଗରଣ=ରାତ୍ରି ଜାଗରଣ । ନଞ୍ତତ୍‌ପୁରୁଷ—ଯେଉଁ ତତ୍‌ପୁରୁଷ ସମାସରେ ନାହିଁ ଅର୍ଥସୂଚକ ପଦ ଥାଏ

ଯଥା—ନୁହେଁ ସୁର=ଅସୁର, ନୁହେଁ କାର୍ଯ୍ୟ=ଅକାର୍ଯ୍ୟ, ନୁହେଁ ଉକ୍ତ=ଅନୁକ୍ତ ।

ଅଲୁକ୍ ତତ୍‌ପୁରୁଷରେ—ଯେଉଁ ତତ୍‌ପୁରୁଷରେ ବିଭକ୍ତି ଯୁକ୍ତ ପୂର୍ବ ପଦର ବିଭକ୍ତିର ଅଭାବ ସମସ୍ତ ପଦରେ ଅବିକଳ ରହେ ।

ବନେ=ବନରେ ବା ଜଙ୍ଗଲରେ+ଶୟ=ଶୟନକାରୀ=ବନେଶୟ; ଖେ=ଖରେ ବା ଆକାଶରେ+ଚର=ବିଚରଣକାରୀ=ଖେଚର । ଉପପଦ ସମାସ ମଧ୍ୟ ତତ୍‌ପୁରୁଷ ସମାସରେ ଅନ୍ତର୍ଗତ (ବିଶ୍ୱକୋଷ) ।

୫ । ଦ୍ୱିଗୁ ସମାସ—ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥାଇ ଯେଉଁ ସମାସ ହୁଏ ତାକୁ ଦ୍ୱିଗୁ ସମାସ ବୋଲାଯାଏ; ଏ ସମାସ ଦୁଇ ପ୍ରକାରର ଯଥା—ଉତ୍ତରପଦ ଦ୍ୱିଗୁ ଓ ସମାହାର ଦ୍ୱିଗୁ ।

(କ) ଉତ୍ତରପଦ ଦ୍ୱିଗୁ, ଯହିଁରେ ଉତ୍ତର ପଦର ପ୍ରାଧାନ୍ୟ ରହେ । ଯଥା—

ନବ=ନଅ ଗୋଟି+ଲକ୍ଷଣ=ନବଲକ୍ଷଣ;

ତ୍ରି=ତିନି ଗୋଟି+ନାଥ=ତ୍ରିନାଥ ।

(ଖ) ସମାହାର ଦ୍ୱିଗୁ—ଯେଉଁ ସମାସ ଦ୍ୱାରା ବହୁ ସଂଖ୍ୟକ ପଦାର୍ଥର ସମାହାର ବା ଏକତ୍ରାବସ୍ଥିତି ବା ସମଷ୍ଟି ବୁଝାଯାଏ ତାକୁ ସମାହାର ଦ୍ୱିଗୁ ବୋଲାଯାଏ । ଯଥା—

ସପ୍ତ=ସାତ+ଅହନ୍=ସାତ ଦିନର ସମାହାର ବା ସମଷ୍ଟି=ସପ୍ତାହ

ଚତୁର୍=ଚାରି+ଦିକ୍=ଚାରି ଦିଗର ସମାହାର=ଚତୁର୍ଦ୍ଦିକ୍

ପଞ୍ଚ=ପାଞ୍ଚ+ଲବଣ=ପାଞ୍ଚ ପ୍ରକାର ଲୁଣର ସମାହାର=ପଞ୍ଚ ଲବଣ ।

୬ । ଅବ୍ୟୟୀଭାବ ସମାସ—ଯେଉଁ ସମାସର ପୂର୍ବ ପଦ ଅବ୍ୟୟ ଓ ପରପଦ ଅନବ୍ୟୟ ଅଟେ, ତାକୁ ଅବ୍ୟୟୀଭାବ ବୋଲାଯାଏ । ଏହି ସମାସରେ ପୂର୍ବପଦର ପ୍ରାଧାନ୍ୟ ରହେ ।

ଯଥା—ଅଧି+ଆତ୍ମନ୍=ଆତ୍ମାକୁ ଅଧିକାର କରି=ଅଧ୍ୟାତ୍ମ । ଯଥାବିଧି, ଅଭଙ୍ଗ, ଉପକୂଳ ପ୍ରଭୃତିକ ଇତ୍ୟାଦି ।

ଏହି ସମାସରେ ଅବ୍ୟୟ ପଦ ଦ୍ୱାରା ବିଭକ୍ତି, ଅସମ୍ପତ୍ତି, ଶବ୍ଦ, ପ୍ରାଦୁର୍ଭାବ, ଯଥା, ପର୍ଯ୍ୟନ୍ତ (ଆସମୁଦ୍ର), ସମୀପ, (ଉପକୂଳ), ପ୍ରତି ବା ପ୍ରତ୍ୟେକ (ଅନୁକ୍ଷଣ), ସମୃଦ୍ଧି, ବୃଦ୍ଧି, ଅର୍ଥାଭାବ, ଅତ୍ୟୟ, ମଧ୍ୟଭାଗ (ଅପଦସ୍ଥ), ପଶ୍ଚାତ୍ (ଅନୁଶୋଚନା), ବୀପ୍ସା (ପ୍ରତିଦିନ), ଅନତିକ୍ରମ (ଯଥା ବିଧି), ଯୁକ୍ତ,ବର୍ଜିତ୍ୱ (ସଚକ୍ର), ସହିତ (ସହ ଗମନ), ସାଦୃଶ୍ୟ, ଅଭାବ (ନିର୍ବିଘ୍ନ), ଯୋଗପଦ୍ୟ, ଯୋଗ୍ୟତା (ଅନୁରୂପ), ସମ୍ବନ୍ଧୀୟ ବା ଅଧିକାର କରି (ଅଧ୍ୟାତ୍ମ) ପ୍ରଭୃତି ଅର୍ଥ ବୁଝାଯାଏ ।

ଏହି ଛଅ ପ୍ରକାର ସମାସରେ ସମସ୍ତ ସମୟରେ ସମାସୋତ୍ତର ବିଭକ୍ତିର ଲୋପ ହୋଇ ଅ, ଡ

ଆଦି କେତେଗୁଡ଼ିଏ ପ୍ରତ୍ୟୟ ହୁଏ । ଏ ପ୍ରତ୍ୟୟମାନଙ୍କୁ ସମାସାନ୍ତ ପ୍ରତ୍ୟୟ କହନ୍ତି, ଯଥା—ଇନ୍ଦ୍ରଙ୍କ ସଖା=ଇନ୍ଦ୍ର+ସଖା+ଅ=ଇନ୍ଦ୍ରସଖ ।

ଅନ୍ୟ ମନସ୍=ଅନ୍ୟ+ମନସ୍+କ=ଅନ୍ୟମନସ୍କ; ସମାନ ବୟସ ବିଶିଷ୍ଟ=ସମ+ବୟସ୍+କ=ସମବୟସ୍କ । ଏହି ଛଅଟି ସମାସ ମଧ୍ୟରେ ନିମ୍ନଲିଖିତ ସମାସମାନ ମଧ୍ୟ ସ୍ଥାନେ ସ୍ଥାନେ ପରିଲକ୍ଷିତ ହୁଏ ।

କ । ନିତ୍ୟ ସମାସ—ଯେଉଁ ସମାସରେ ସମସ୍ୟମାନ ବାକ୍ୟ ଦ୍ୱାରା ସମସ୍ତ ପଦ ଗଢ଼ା ନ ହୋଇ ଅନ୍ୟ ପଦ ଯୋଗ କରାଯାଇ ସମସ୍ତ ପଦର ଅର୍ଥ ପ୍ରକାଶିତ ହୁଏ ତାକୁ ନିତ୍ୟ ସମାସ ବୋଲାଯାଏ । ଯଥା—ଭୋଜନ ପାଇଁ ଏହା=ଭୋଜନାର୍ଥ, ଅନ୍ୟ+ଗ୍ରାମ=ଗ୍ରାମାନ୍ତର । କୁ ଶବ୍ଦ ଓ ପ୍ରାଦି ଶବ୍ଦ ସହିତ ନିଷ୍ପନ୍ନ ସମାସକୁ ନିତ୍ୟ ସମାସ ବୋଲାଯାଏ; ପ୍ର, ପରା, ଅପ ପ୍ରଭୃତି ଉପସର୍ଗ, ଅଳଂ, ଅନ୍ତର, ପୁରସ୍, ତିରସ୍, ପ୍ରାଦୁସ୍, ଆବିସ୍ ପ୍ରଭୃତି ଅବ୍ୟୟ ଶବ୍ଦ ଏବଂ ଚ୍ୱି (ଅଭୂତ ତଦ୍ଭାବେ ଚ୍ୱି), କ୍ତ୍ୱା (ତ୍ୱା) ଆଦି ପ୍ରତ୍ୟୟ ସହିତ ଯେଉଁ ସମାସ ହୁଏ ତାକୁ ମଧ୍ୟ ନିତ୍ୟସମାସ ବୋଲାଯାଏ ।

କୁରାଜ, ଝଂକାର, ଅଳଙ୍କାର, ଅନ୍ତର୍ହିତ, ପୁରୋଧା, ତିରସ୍କାର, ପ୍ରାଦୁର୍ଭାବ, ଆବିର୍ଭାବ, ସପିଣ୍ଡୀକରଣ, ଆଦି ନିତ୍ୟ ସମାସର ଉଦାହରଣ । ଅର୍ଥ (ପ୍ରୟୋଜନ) ଶବ୍ଦ ସହିତ ଚତୁର୍ଥ୍ୟନ୍ତ ପଦର ନିତ୍ୟ ସମାସ ହୁଏ । ଯଥା—ଯଜ୍ଞ ପାଇଁ ଏହା=ଯଜ୍ଞାର୍ଥ; ଭୋଜନ ପାଇଁ ଏହା=ଭୋଜନାର୍ଥ ।

ଖ । ଉପପଦ ସମାସ—ଉପପଦ ସହିତ କୃଦନ୍ତ ପଦର ଯେଉଁ ସମାସ ହୁଏ ତାକୁ ଉପପଦ ସମାସ କହନ୍ତି । ଯଥା—ମାଳା କରେ ଯେ=ମାଳାକାର; ଫଳକୁ ଦିଏ ଯେ=ଫଳଦ; ପ୍ରାଣକୁ ହନନ କରେ ଯେ=ପ୍ରାଣହା, ପ୍ରାଣଘ୍ନ; କୃତକୁ ଜାଣେ ଯେ=କୃତଜ୍ଞ; କ୍ଷୀରକୁ ପିଏ ଯେ=କ୍ଷୀରପାୟୀ । ଏ ସମାସ ତତ୍ପୁରୁଷ ସମାସର ଅନ୍ତର୍ଗତ ଅଟେ (ବିଶ୍ୱକୋଷ) ।

ଗ । ଅଲୁକ୍ ସମାସ—ସାଧାରଣତଃ ଦୁଇ ପଦର ସମାସ ହେଲେ ପୂର୍ବପଦର ବିଭକ୍ତିର ଲୋପ ହୁଏ କିନ୍ତୁ କେତେକ ସ୍ଥଳରେ ବିଶେଷ ବିଧାନ ଅନୁସାରେ ପୂର୍ବପଦର ବିଭକ୍ତି ଲୋପ ନ ହୋଇ ବିଭକ୍ତିଯୁକ୍ତ ପଦ ସମାସରେ ପୂର୍ବ ରୂପରେ ରହେ; ଏହାକୁ ଅଲୁକ୍ ସମାସ କହନ୍ତି; ଯଥା—ଅନ୍ତେବାସୀ, ବିଳେଶୟ, ଖେଚର, ଯୁଧିଷ୍ଠିର, ଧନଞ୍ଜୟ ।

ଘ । ସୁପ୍ ସୁପ୍ ସମାସ—ସମାସ ସ୍ଥଳରେ ସୁବନ୍ତ ସହିତ ସୁବନ୍ତର (ଯଥା—ରାଜ ପୁରୁଷ), ତିଙନ୍ତ ସହିତ ସୁବନ୍ତର (ଯଥା—ପର୍ଯ୍ୟଭୂଷିତ), ନାମ ସହିତ ସୁବନ୍ତର (ଯଥା—କୁମ୍ଭକାର), ଧାତୁ ସହିତ ସୁବନ୍ତର (ଯଥା—ଅଜସ୍ର), ତିଙନ୍ତ ସହିତ ତିଙନ୍ତର (ପିବତ ଖାଦତା), ଓ ସୁବନ୍ତ ସହିତ ତିଙନ୍ତର (ଯଥା—କୃନ୍ତ ବିଚକ୍ଷଣା) ସମାସକୁ ସୁପ୍ ସୁପ୍ ସମାସ ବୋଲାଯାଏ ।

ସମସ୍ତ ବାକ୍ୟରେ ଥିବା ପଦମାନଙ୍କର ବିଶ୍ଳେଷଣ କଲେ ଅର୍ଥ ପରିସ୍ଫୁଟ ହୁଏ । ଏହି ବିଶ୍ଳେଷଣକୁ ସମାସ ବିଗ୍ରହ ବା ବ୍ୟାସ ବାକ୍ୟ ବୋଲାଯାଏ । (ବିଶ୍ୱକୋଷ)]

ସମାସ କରିବା—ଦେ. କ୍ରି—ଭିନ୍ନ ଭିନ୍ନ ପଦକୁ ଏକତ୍ର କରି ସମସ୍ତ
Samāsa karibā ପଦରେ ପରିଣତ କରିବା—To amalgamate many words into one compound word.
সমাস করা
সমাস করো

ସମାସକ୍ତ—ସଂ. ବିଣ (ସମ=ସମ୍ୟକ୍+ଆସକ୍ତ)—୧ । ଅତ୍ୟାସକ୍ତ—
Samāsakta 1. Addicted. ୨ । ସଲଗ୍ନ—2. Attached. ୩ । ଯୁକ୍ତ—3. Joined; united.
(ସମାସକ୍ତା—ସ୍ତ୍ରୀ) ୪ । ଲବ୍ଧ—4. Attained; obtained.
(ସମାସକ୍ତି—ବି) ୫ । ଅଭିନିବିଷ୍ଟ—5. Absorbed in; engrossed in. ୬ । ବଶୀକୃତ—6. Brought under control. ୭ । ରାଶିକୃତ (ବିଶ୍ୱକୋଷ)—7. Heaped up.

ସମାସକ୍ତି—ସଂ. ବି (ସମ୍+ଆସକ୍ତି)—ସମାସଙ୍ଗ (ଦେଖ)
Samāsakti Samāsanga (See)

ସମାସଙ୍ଗ—ସଂ. ବି (ସମ୍+ଆସଙ୍ଗ)—୧ । ଅତ୍ୟାସକ୍ତି—1. Excessive attachment. ୨ । ଅଭିନିବେଶ—2. Assiduity; close application. ୩ । ସଂଯୋଗ—3. Union; close connection.
Samāsanga
(ସମାସଞ୍ଜନ—ଅନ୍ୟରୂପ)

ସମାସତ୍ତି—ସଂ. ବି (ସମ୍+ଆ+ସଦ୍ ଧାତୁ+ଭାବ. ତି)—ସନ୍ନିକର୍ଷ, ନିକଟ—Propinquity; nearness.
Samāsatti

ସମାସନ—ସଂ. ବି (କର୍ମଧା)—୧ । ସମାନ ଆସନ—1. Equal seats. ୨ । ଏକ ଆସନ—2. The same seat. ସଂ. ବିଣ. ପୁଂ (ବହୁବ୍ରୀହି)—୧ । ସମାନ ଆସନ ବିଶିଷ୍ଟ—1. Occupying similar or equal seats or posts. ୨ । ଏକ ଆସନରେ ଆସୀନ—2. Occupying the same seat.
Samāsana
(ସମାସନା—ବିଣ ସ୍ତ୍ରୀ)

ସମାସନ୍ନ—ସଂ. ବିଣ (ସମ+ଆସନ୍ନ)—୧ । ସନ୍ନିହିତ—1. Lying close by. ୨ । ଅତି ନିକଟବର୍ତ୍ତୀ—2. Very near; impending. ୩ । ପ୍ରାପ୍ତ—3. Got.
Samāsanna

ସମାସ ବିଗ୍ରହ—ସଂ. ବି (୬ଷ୍ଠୀ ତତ୍)—ସମସ୍ତ ପଦକୁ ଭାଙ୍ଗି ତହିଁର ସମସ୍ୟମାନ ପଦମାନଙ୍କ ପୃଥକ୍କରଣ—Separation of a compound word into its component parts.
Samāsa bigraha

ସମାସ ଭାବନା—ସଂ. ବି (ବୀଜଗଣିତ)—ବିଭିନ୍ନ ଗୁଣଫଳର ଯୋଗଫଳର ନିରୂପଣ; ଦୁଇଟି ଚାପାଂଶର ସମଷ୍ଟି (ସିଦ୍ଧାନ୍ତ ଶିରୋମଣି. ବିଶ୍ୱକୋଷ)—(algebra) Sine of the sum of two arcs.
Samāsa bhābanā

ସମାସାଦିତ—ସଂ. ବିଣ (ସମ୍+ଆ+ସଦ୍ ଧାତୁ=ପାଇବା, ଣିଚ୍+କର୍ମ. ତ)—୧ । ପ୍ରାପିତ—1. Caused to be obtained. ୨ । ସମ୍ପ୍ରାପ୍ତ; ଲବ୍ଧ—
Samāsādita

2. Attained; got. ୩। ସମାଗତ—3. Brought. ୪। ଅହୃତ—4. Collected; gathered. ୫। ଅକ୍ରାନ୍ତ—5. Attacked; overpowered. ୬। ପହଞ୍ଚି ଯାଇଥିବା—6. Reached. ୭। ଉଦ୍ଧୃତ—7. Extracted.

ସମାସାଦ୍ୟ—ବି. ବଣ (ସମ୍ + ଆ + ସଦ୍ ଧାତୁ = ଗମନ କରିବା + କର୍ମ. ଯ)—୧। ପ୍ରାପ୍ୟ—1. Due. ୨। ଲଭ୍ୟ—2. Attainable. ୩। ଉଦ୍ଧୃତ ହେବାର ଯୋଗ୍ୟ—3. Fit to be extracted. ୪। ସମାଗତ ହେବା ଯୋଗ୍ୟ—4. Fit to be brought in.
Samāsādya

ସମାସାନ୍ତ—ସଂ. ବି (ବ୍ୟାକରଣ)—ସମାସ ହେବା ପରେ ଆସିବା ପ୍ରତ୍ୟୟ ବିଶେଷ—(grammar) Suffixes put to some words when they are formed into a compound word. [ଦ୍ର—ସଂସ୍କୃତ ବ୍ୟାକରଣରେ ଏହି ପ୍ରତ୍ୟୟମାନଙ୍କ ପାଇଁ ବିଶିଷ୍ଟ ବିଧିମାନ ଅଛି। (ଯଥା—ରାଜାଙ୍କ ସଖା=ରାଜସଖ); ମହାନ୍+ରାଜନ୍= ମହାରାଜନ୍ ପଦ ନ ହୋଇ ମହାରାଜନ୍ ଶବ୍ଦରେ ଅ ପ୍ରତ୍ୟୟ ହୋଇ ମହାରାଜ ଶବ୍ଦ ନିଷ୍ପନ୍ନ ହେଲା। ଇନ୍ଦ୍ରଙ୍କ ସଖା= ଇନ୍ଦ୍ରସଖ; ପ୍ରତି+ଅହନ୍=ପ୍ରତ୍ୟହ; ଏହି ସବୁ ପ୍ରତ୍ୟୟକୁ ସମାସାନ୍ତ ବା ସମାସାନ୍ତ ପ୍ରତ୍ୟୟ କହନ୍ତି।]
Samāsānta

ସମାସାର୍ଥ—ସଂ. ବି (୬ଷ୍ଠୀ ତତ୍)—୧। ସମାସର ଅର୍ଥ—1. The meaning of a compound word. (ସମାସାର୍ଥା—ଯସ୍ୟ ଅର୍ଥର ଅନ୍ୟରୂପ) ୨। ସଂକ୍ଷିପ୍ତାର୍ଥ—2. Short or concise meaning. ୩। (ବହୁବ୍ରୀହି) ସମସ୍ୟା—3. Riddle; problem.
Samāsārtha

ସମାସାର୍ଦ୍ଧ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ମାସାର୍ଦ୍ଧ)—ମାସାର୍ଦ୍ଧ ବା ପକ୍ଷବ୍ୟାପୀ—Occupying or spread over a fortnight.
Samāsārddha

ସମାସୀନ—ସଂ.ବଣ.ପୁଂ (ସମ୍+ଅସୀନ)—ବସିଥିବା; କୃତୋପବେଶନ; ଉପବିଷ୍ଟ—Seated. (ସମାସୀନା—ସ୍ତ୍ରୀ)
Samāsīna

ସମାସୋକ୍ତ—ସଂ. ବଣ (୩ୟା ତତ୍)—ସଂକ୍ଷେପରେ ଉକ୍ତ—Told concisely.
Samāsokta

ସମାସୋକ୍ତି—ସଂ. ବି (୬ଷ୍ଠୀ ତତ୍)—ଅଳଙ୍କାର ବିଶେଷ—A figure of speech; a protracted metaphor; the figure of personification. [ଦ୍ର—ଏଥିରେ ସମାନ କାର୍ଯ୍ୟ, ସମାନ ବିଶେଷଣ ଓ ସମାନ ଲିଙ୍ଗଦ୍ୱାରା ପ୍ରସ୍ତୁତ (ଯଥା—ନାୟିକ) ପଦାର୍ଥରେ ଅପ୍ରସ୍ତୁତ (ଯଥା—ନାୟକ) ପଦାର୍ଥର ବ୍ୟବହାର ସମାରୋପ ହୁଏ।
Samāsokti

ଜନ ବାୟୁକୁ ଲକ୍ଷ୍ୟ କରି କହୁଅଛନ୍ତି—'ହେ ବାୟୁ! ତୁମ୍ଭେ କୌଣସି କାମିନୀର ସ୍ତନଦ୍ୱୟରୁ ବସନ ଅପନୟନ କରି (ଉଡ଼ାଇ ଦେଇ) ସ୍ପର୍ଶ ତାହାର ଅଙ୍ଗକୁ ଆଲିଙ୍ଗନ କରୁଅଛ।' ଏଠାରେ ପ୍ରକୃତ ବାୟୁଠାରେ ଅପ୍ରକୃତ ଲମ୍ପଟ ନାୟକର ବ୍ୟବହାର ଆରୋପିତ ହୋଇଅଛି; ଏହା ସମାସୋକ୍ତି ଅଳଙ୍କାର—ସାହିତ୍ୟ ଦର୍ପଣ।]

ସମାସ୍ଥାନ (ଇତ୍ୟାଦି)—ଗ୍ରାଦେ. (ଗଞ୍ଜାମ) ବି—ସମସ୍ଥାନ ଇତ୍ୟାଦି Samāsthāna (etc) (ଦେଖ)—Samasthāna etc. (See)

ସମାସ୍ୟା—ଗ୍ରା. ବି (ସଂ. ସମସ୍ୟା ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)— ୧। ସମସ୍ୟା (ଦେଖ)—1. Samasyā (See) ୨। ଶେଷ ଉତ୍ତର—2. Final reply. [ହି—ଦେଲ କଥା ବସ୍ତୁର ସନ୍ଦେହ ବାମାତକ୍ର। ସମାସ୍ୟା ନ ଦେଇଣ ହେଲା ହେଠମାଥ—ପ୍ରାଚୀ. ପ୍ରତାପ ଶଶିରେଖା।]
Samāsyā   সমাস্যা জবাব

ସମାହତ—ସଂ. ବଣ (ସମ୍ + ଆହତ)—୧। ସମ୍ୟକ୍‌ରୂପେ ଆହତ— 1. Specially or much hurt. ୨। ତାଡ଼ିତ—2. Expelled.
Sāmāhata

ସମାହରଣ—ସଂ. ବି (ସମ୍ = ସମ୍ୟକ୍ + ଆହରଣ)—୧। ଏକତ୍ରୀକରଣ—1. Gathering. ୨। ସଂଗ୍ରହ; ସମ୍ୟକ୍ ଆହରଣ—2. Collecting. ୩। ସଞ୍ଚୟ—3. Storing up. ୪। ସଂକ୍ଷିପ୍ତ କରିବା—4. Making concise; abridgement.
Samāharaṇa (ସମାହୃତ—ବଣ)

ସମାହର୍ତ୍ତା—ପୁଂ }
ସମାହର୍ତ୍ତ୍ରୀ—ସ୍ତ୍ରୀ } ବ୍ୟକ୍ତିବାଚକ. ବଣ

ସମାହାର—ସଂ. ବି (ସମ୍ + ଆ + ହୃ ଧାତୁ = ହରଣ କରିବା + ଭାବ. ଅ)—୧। ସଂଗ୍ରହ; ବହୁ ବସ୍ତୁର ଏକତ୍ରୀକରଣ— 1. Collection. ୨। ଆହରଣ—2. Gathering. ୩। ସଂକ୍ଷେପ—3. Abridgement. ୪। ମେଳନ— 4. Mixture; union. ୫। ସମଷ୍ଟି; ସମୂହ; ପୁଞ୍ଜ— 5. Multitude; aggregate. ୬। ଦ୍ୱନ୍ଦ୍ୱ ଓ ଦ୍ୱିଗୁ ସମାସବିଶେଷ—6. Name of a class of compound words expressing numerical and other aggregates.
Samāhāra

ସମାହୃତ }
ସମାହାର୍ଯ୍ୟ } ବଣ

ସମାହାର ଦ୍ୱନ୍ଦ୍ୱ—ସଂ. ବି (ବ୍ୟାକରଣ)—ଦ୍ୱନ୍ଦ୍ୱ ସମାସବିଶେଷ; ଯେଉଁ ସମାସରେ ସମସ୍ୟମାନ ପଦଦ୍ୱାରା ଲକ୍ଷିତ ବସ୍ତୁମାନଙ୍କର ସମାହାର ବା ସମଷ୍ଟି ସୂଚିତ ହୁଏ (ସମାସ ଚକ୍ର କୋଷ ଦେଖ)—Name of a class of compounds expressing the aggregate of many things.
Samāhāra dwandwa

ସମାହାର ଦ୍ୱିଗୁ—ସଂ. ବି (ବ୍ୟାକରଣ)—ସମାସ ବିଶେଷ; ଯେଉଁ ସମାସରେ ସଂଖ୍ୟାଯୁକ୍ତ ବସ୍ତୁମାନଙ୍କ ସମଷ୍ଟି ବୁଝାଯାଏ (ସମାସ ଚକ୍ର ଟୀକା ଦେଖ)—Name of class of compounds denoting numerical aggregate.
Samāhāra dwigu

ସମାହିତ—ସଂ. ବଣ (ସମ୍ + ଆ + ଧା ଧାତୁ = ଧାରଣ କରିବା + କର୍ମ. ତ)—୧। ସମାଧିସ୍ଥ; ଧ୍ୟାନମଗ୍ନ; ସମାଧିସ୍ଥ—
Samāhita

1. Absorbed or rapt in meditation. ୨ । ଅବହିତ; ଏକାଗ୍ରଚିତ୍ତ—2. Attentive. ୩ । ଶାନ୍ତଚିତ୍ତ—3. Of cool temperament. ୪। ଅଭ୍ରାନ୍ତ ଚିତ୍ତ—4. Calculating; unerring. ୫ । ଦୃଢ଼; ଅବିଚଳିତ—5, Unmoved; firm; fixed. ୬ । ନିଷ୍ପାଦିତ; କୃତ—6. Accomplished. ୭ । ମୀମାଂସିତ—7. Decided. ୮ । ସ୍ଥାପିତ—8. Placed. ୯ । ସଂଗୃହୀତ—9. Collected. ୧୦ । ସଞ୍ଚିତ—10. Stored. ୧୧ । ଅଙ୍ଗୀକୃତ—11. Agreed. ୧୨ । ଦତ୍ତ—12. Given. ୧୩ । ବିଶୋଧିତ—13, Purified. ୧୪ । ଭୂଗର୍ଭରେ (ସମାଧି,ସମାଧା,ସମାଧାନ—ବି) କହୁତ (ଶବ);ପୋତାଯାଇଥିବା; ସମାଧି କ୍ଷେତ୍ରରେ ପୋତା ଯାଇଥିବା—14. Buried;interred. ୧୫ ।ଶୁଦ୍ଧ (ଶବ୍ଦକୋଷ)—15, Pure. ୧୬ । ବିବାଦରହିତ (ଶବ୍ଦକୋଷ)—16. Freed from dispute. ୧୭ । ପ୍ରତିଶ୍ରୁତ (ଶବ୍ଦକୋଷ)—17. Promised.

ସମାହୂତ—ସଂ. ବିଣ (ସମ୍+ଆହୂତ)—୧ । ସମ୍ୟକ୍‌ରୂପେ ଆହୂତ—Samāhūta 1. Specially called. ୨ । ନିମନ୍ତ୍ରିତ—(ସମାହ୍ୱାନ—ବି) 2. Invited.

ସମାହୃତ—ସଂ. ବିଣ (ସମ୍+ଆ+ହୃ. ଧାତୁ+କର୍ମ. ତ)—Samāhṛuta ୧ । ସଂଗୃହୀତ—1. Collected. ୨। ସଞ୍ଚିତ—(ସମାହୃତି, ସମାହାର, ସମାହରଣ—ବି) 2, Stored. ୩ । ସଂକଳିତ; ଅର୍ଜିତ—3. Gathered; compiled. ୪ । ଏକତ୍ରୀକୃତ; ସଂମିଳିତ—4. Collected; put together. ୫ । ସଂକ୍ଷିପ୍ତ—5. Abridged. ୬ । ଆକୃଷ୍ଟ—6. Attracted. ୭ । ଆୟୋଜିତ; ଆନୀତ—7. Brought together; arranged.

ସମାହୃତି—ସଂ. ବି (ସମ୍+ଆ+ହୃ. ଧାତୁ+ଭାବ. ତି)—Samāhṛuti ୧ । ସମାହାର—1. Multitude; aggre- (ସମାହୃତ—ବିଣ) gate. ୨ । ସଂଗ୍ରହ—2. Collection. ୩ । ସଞ୍ଚୟ—3. Storing. ୪ । ସଂକ୍ଷେପ—4. Abridgment. ୫ । ଆୟୋଜନ—5. Preliminary arrangement. ୬ । ଏକ ବକ୍ତିଙ୍କ ବା ଅନେକ ବକ୍ତିଙ୍କ ଏକାର୍ଥପ୍ରାୟ ବାକ୍ୟମାନଙ୍କ ଏକତ୍ରକରଣ (ଉଦ୍ଧୃତ)—6. Compilation of speeches or sentences conveying the same purport relating to the same or different writers or nominatives, into congruity.

ସମାହ୍ୱ—ସଂ. ବିଣ ପୁଂ (ବହୁବ୍ରୀହି; ସମ୍+ଆହ୍ୱା+ଅ)—ସମ ନାମବିଶିଷ୍ଟ Samāhwa —Having the same or similar [ସମାହ୍ୱା—ସ୍ତ୍ରୀ] name.

ସମାହ୍ୱୟ—ସଂ. ବି (ସମ୍+ଆ+ହ୍ୱେ. ଧାତୁ=ଡାକିବା+ଭାବ.ଅ)—Samāhwaya ୧ । ଯୁଦ୍ଧକୁ ଆହ୍ୱାନ—1. A challenge to fight; ୨ । (+ଅଧି. ଅ) ପ୍ରତିଦ୍ୱନ୍ଦ୍ୱ; ବାଜି ରଖି ପଶୁପକ୍ଷୀାଦି ଦ୍ୱାରା ଯୁଦ୍ଧ କରାଇବା—2. Making beasts and birds fight by laying wagers. ୩ । (+କରଣ. ଅ) ନାମ—3. Name. ୪ । ଆଖ୍ୟା—4. Definition; term. ୫ । ଦ୍ୟୁତ—(ଶବ୍ଦକୋଷ)—5. Gambling; ୬। (+ଅଧି. ଅ)—ଯୁଦ୍ଧ (ଶବ୍ଦକୋଷ)—6. Fight; battle. [ଦ୍ର—ମନୁ (୯—୨୨୧।୨୨୪) କହୁଅଛନ୍ତି ଯେ, ରାଜା ନିଜ ରାଜ୍ୟରୁ ଦ୍ୟୁତ ଓ ସମାହ୍ୱୟ ନିବାରଣ କରିବେ । ଏ ଦୁଇଟି ଦୋଷ ରାଜ୍ୟନାଶକ ଅଟେ; କାରଣ, ଏ ଦୁଇଟି ପ୍ରକାଶ୍ୟଚୌର୍ଯ୍ୟ । ଅକ୍ଷ (ପଶା) ଓ ଶଳାକାଦି ଦ୍ୱାରା (ପୂର୍ବୋକ୍ତ) କ୍ରୀଡ଼ାକୁ ଦ୍ୟୁତ ଓ ମେଷକୁକ୍କୁଟାଦି ପ୍ରାଣୀଙ୍କ ଦ୍ୱାରା ବାଜି ରଖାଯାଇ କ୍ରୀଡ଼ାକୁ ସମାହ୍ୱୟ ବୋଲିଯାଏ । ଅତଏବ ଏ ଦୁଇଟି କର୍ମ କରିବା ଓ କରାଇବା ଅପରାଧୀଙ୍କ ହସ୍ତଚ୍ଛେଦ ଓ ପ୍ରାଣଦଣ୍ଡାଦି ଦ୍ୱାରା ରାଜା ଦଣ୍ଡିତ କରିବେ । ଦ୍ୟୁତକାରୀ, ସମାହ୍ୱୟକାରୀ, ନଟବୃତ୍ତିଜୀବୀ, କୁରଚେଷ୍ଟାପ୍ରେର, ଠକ ଆଦି ଲୋକଙ୍କୁ ରାଜା ରାଜଧାନୀ ମଧ୍ୟରେ ବାସ କରିବାକୁ ଅନୁମତି ଦେବେ ନାହିଁ । କାରଣ, ଏ ପ୍ରକାର ତସ୍କରମାନଙ୍କ ଅଧର୍ମ କାର୍ଯ୍ୟ ଦ୍ୱାରା ଭଦ୍ର ପ୍ରଜାମାନେ ଉତ୍ପୀଡ଼ିତ ହୁଅନ୍ତି । ଶବ୍ଦକୋଷ ।

ଆଧୁନିକ ପାଶ୍ଚାତ୍ୟ ସଭ୍ୟ ସମାଜରେ ସମାଦୃତ ବାଜି ରଖାଯାଇ ଘୋଡ଼ଦଉଡ଼ ମଧ୍ୟ ସମାହ୍ୱୟ ।]

ସମାହ୍ୱା—ସଂ. ବିଣ. ସ୍ତ୍ରୀ—ସମାହ୍ୱର ସ୍ତ୍ରୀଲିଙ୍ଗ—Feminine of Samāhwā Samāhwa. ସଂ. ବି. ସ୍ତ୍ରୀ—ଗୋଜିହ୍ୱା ନାମକ ଶାକ—A kind of potherb.

ସମାହ୍ୱାତା—ସଂ. ବିଣ. ପୁଂ (ସମ୍+ଆ+ହ୍ୱେ. ଧାତୁ+କର୍ତ୍ତୃ. ତୃ; Samāhwātā ୧ମା. ୧ବ)—୧ । ଯୁଦ୍ଧକୁ ଆହ୍ୱାନକାରୀ—[ସମାହ୍ୱାତ୍ରୀ—ସ୍ତ୍ରୀ] 1. Challenging a person to battle. ୨ । ଦ୍ୟୁତକୁ ଆହ୍ୱାନକାରୀ—2. Inviting people to take part in gambling.

ସମାହ୍ୱାନ—ସଂ. ବି (ସମ୍+ଆହ୍ୱାନ)—୧ । ଯୁଦ୍ଧକୁ ଆହ୍ୱାନ—Samāhwāna 1. A challenge to fight. ୨ । ନିମନ୍ତ୍ରଣ—(ସମାହୂତ—ବିଣ) 2. Invitation. ୩ । ସମ୍ମେଳନୀ—3. Convocation. ୪ । ଦ୍ୟୁତକ୍ରୀଡ଼ାକୁ ଆହ୍ୱାନ—4. Invitation to a person to join in gambling.

ସମି—ଦେ. ବି—ଶମି (ଦେଖ)
Sami Śami. (See)

ସମିଆ—ଦେ. ବି—ସଙ୍କୋଚ (ଦେଖ)
Samiā Saṅkocha. (See)

ସମିଆନା—ବିଦେ. ବି (ଫା. ସମିୟାନା)—ଚାନ୍ଦୁଆ; ଚନ୍ଦ୍ରାତପ—Samiānā Canopy.
सामियाना शमियाना

ସମିକ—ସଂ. ବି (ସମ+ଇକ)—୧ । ବେଧନାସ୍ତ୍ର ବିଶେଷ—1. A
Samika kind of drilling instrument. ୨ । ବନଶୀ କଣ୍ଟା—2. Angling hook. ୩ । ଶେଲ (ଶବ୍ଦରତ୍ନାବଳୀ)—3. A hooked arrow; a dart.

ସମିତ୍—ସଂ. ବି (ସମ୍=ସମ୍ୟକ୍+ଇ· ଧାତୁ=ଯିବା+କର୍ମ.କ୍ୱିପ୍)—
Samit ଯୁଦ୍ଧ; ସମର—Fight; battle.

ସମିଦ୍(ଧ୍)—ସଂ. ବି (ସମିଧ୍ ଶବ୍ଦ ୧ମା· ୧ବ)—ସମିଧ୍ (ଦେଖ)
Samit(d) Samidhs (See)

ସମିତ୍କର—ସଂ. ବିଣ. ପୁଂ (ବହୁବ୍ରୀହି)—ହାତରେ ସମିଧ ଧରିଥିବା—
Samit-kara Holding fuel for vedic sacrifice in
[ସମିତ୍ପାଣି, ସମିତ୍ ପାଣି—ଅନ୍ୟରୂପ] the hands.

ସମିତ୍କଳାପ—ସଂ· ବି (୬ଷ୍ଠୀ ତତ୍)—ଯଜ୍ଞସମିଧର ବିଡ଼ା—
Samit-kalāpa A bundle of fuel for Jajña.

ସମିତ୍କାଷ୍ଠ—ସଂ. ବି (ସମିଧ୍‌ରୂପେ ବ୍ୟବହୃତ କାଷ୍ଠ, ମଧ୍ୟପଦଲୋପୀ
Samit-kāshṭha କର୍ମଧା)—ଯଜ୍ଞାଗ୍ନି ପ୍ରଜ୍ୱାଳନାର୍ଥ ବ୍ୟବହୃତ କାଷ୍ଠ—Fuel used for igniting the sacrificial fire.

ସମିତ୍କୁଶ—ସଂ. ବି (ଦ୍ୱନ୍ଦ୍ୱ)—ଯଜ୍ଞାର୍ଥ ସମିଧ ଓ କୁଶ—
Samit-kusa Fuel and kusa grass required for performing Homa (vedic sacrifice).

ସମିତ—ସଂ. ବି (ପାରିଭାଷିକ ଶବ୍ଦ)—ଦୁଇ ବସ୍ତୁର ସମତା ବା ତୁଲ୍ୟତା-
Samita ଜ୍ଞାପକ ଚିହ୍ନ; =ଏହିପରି ସମାନ ଚିହ୍ନ—
A conventional sign used to denote equality (=). ସଂ.ବିଣ (ସମ୍=ସମ୍ୟକ୍, ଏକତ୍ର+ଇ ଧାତୁ=ଯିବା+କର୍ତ୍ତୃ ତ)—୧ । ଏକତ୍ରୀଭୂତ—
[ସମିତା—ସ୍ତ୍ରୀ] 1. Assembled; come together.
୨। (+କର୍ମ.ତ) ସମ୍ୟକ୍‌ପ୍ରାପ୍ତ—2. Got by special
ସମାନ समान process. ଦେ. ବିଣ—ସମାନ—Equal.
[ଭି ଘିଅ, ଦୁଧ ପିଠା ଭଳିରେ ପଗ ଭାବ, ଖାଇଲେ ଅଃଛିଟି ନଦକ ସମିତ—କୃଷ୍ଣସିଂହ ମହାଭାରତ ବନ ।]

ସମିତା—ସଂ. ବି (ସମ୍+ଇ ଧାତୁ+ତ+ଆ)—ଗୋଧୂମଚୂର୍ଣ୍ଣ; ମଇଦା,
Samitā ଗହମକୁ ଧୋଇ କୁଟି ଶୁଖାଇ ପେଷି ସୂକ୍ଷ୍ମଶିରେ ଚାଳିଲେ ଯେଉଁ ଚୂନା ବାହାରେ (ଶବ୍ଦକଳ୍ପଦ୍ରୁମ)—
Wheaten flour. ସଂ. ବିଣ—ସମିତର ସ୍ତ୍ରୀଲିଙ୍ଗ—Feminine of Samita.

ସମିତି—ସଂ. ବି (ସମ୍=ଏକତ୍ର+ଇ ଧାତୁ+କର୍ମ.ବା.ଅଧି ତି)—୧ ।
Samiti ସଭା—1. A meeting or association.
୨ । କମିଟି—2. A committee; a sub-committee. ୩ । ଯୁଦ୍ଧ—3. Battle. ୪ ।
(+ଭାବ.ତି) ସଙ୍ଗ—4. Association; company.
୫ । ସାମ୍ୟ-5. Equality. ୬। ସନ୍ନିପାତ (ବିଶ୍ୱକୋଷ)—
6. Collapse in fever. [ଦ୍ର—ସମିତିର ଅର୍ଥ ସଭା; କିନ୍ତୁ ସଭାରେ କୌଣସି ସଭାର ସଭ୍ୟମାନଙ୍କ ମଧ୍ୟରୁ ବିଶେଷ କାର୍ଯ୍ୟପାଇଁ ନିର୍ବାଚିତ ଅଳ୍ପତରସଂଖ୍ୟକ ସଭ୍ୟଙ୍କଦ୍ୱାରା ଗଢ଼ା ସଭାକୁ ସମିତି ବା କମିଟି (Committee) କୁହାଯାଏ । ସଭାର ଅଧିବେଶନରେ ଭିନ୍ନ ଭିନ୍ନ ବିଷୟ ବା ଶାଖା ବା କର୍ମସମ୍ପାଦନାର୍ଥ ଅନେକଗୁଡ଼ିଏ ସମିତି ଗଠିତ ହୁଏ । ଯେଉଁ ଯେଉଁ ବିଶେଷ କାର୍ଯ୍ୟ ଉପଲକ୍ଷରେ ସମିତି ଗଠିତ ହୁଏ ତତ୍ ତତ୍ ଶବ୍ଦ ସମିତି ପଦ ପୂର୍ବରେ ପ୍ରଯୁକ୍ତ ହୁଏ । ଯଥା—କାର୍ଯ୍ୟନିର୍ବାହକ ସମିତି, ଅଭ୍ୟର୍ଥନା ସମିତି, ପାଠ୍ୟପୁସ୍ତକସମିତି, ଗ୍ରାମ୍ୟସମିତି ।)

ସମିତିକ ଜାତି—ବୈଦେ·ବି (ନାମ)--ପଶ୍ଚିମ ଏସିଆରେ ପ୍ରାଚୀନକାଳରେ
Samitika jāti ବାସ କରୁଥିବା ଜାତିବିଶେଷ—The
समितिक सेमितिक Semites; the Semitic people.
[ଦ୍ର—ସେମ୍ ନାମକ ବ୍ୟକ୍ତି ଏମାନଙ୍କ ପୂର୍ବପୁରୁଷ ବୋଲି ବାଇବଲରେ ଲେଖା ଅଛି ।

ସମିତିଙ୍ଗମ—ସଂ. ବି. ପୁଂ (ଅଲୁକ୍ ସମାସ; ସମିତିଂ=ସମିତିକୁ+ଗମ୍
samitiṅgama ଧାତୁ+କର୍ତ୍ତୃ ଅ)—ସଭାସମିତିକୁ ଗମନକାରୀ-
(ସମିତିଂଗମ—ଅନ୍ୟରୂପ) Frequenting meetings.

ସମିତିଞ୍ଜୟ—ସଂ. ବିଣ ପୁଂ (ଅଲୁକ ସମାସ; ସମିତିଂ=ସମିତିକୁ+
Samitiñjaya ଜି ଧାତୁ+କର୍ତ୍ତୃ ଅ)—ଯୁଦ୍ଧରେ ଜୟୀ—
Victorious in war. ସଂ. ବି—୧ । ଯମ—
1. Jama. ୨ । ବିଷ୍ଣୁ—2. Bishṇu. ୩ ।
ମହାଭାରତବର୍ଣ୍ଣିତ ଯୋଦ୍ଧୃବିଶେଷ—3. A class of
(ସମିତିଂଜୟ—ଅନ୍ୟରୂପ) warriors.

ସମିଥ—ସଂ.ବି (ସମ+ଇ ଧାତୁ+କର୍ତ୍ତୃ ଥ)—୧ । ଅଗ୍ନି (ଉଣାଦିକୋଷ)
Samitha —1. Fire. ୨ । (+କର୍ମ ଥ)—ଯୁଦ୍ଧ (ସିଦ୍ଧାନ୍ତକୌମୁଦୀ)—2. Fight ୩ । (କରଣ ଥ)--ଅହୁତି (ସଂକ୍ଷିପ୍ତସାର)—3. Oblations of ghee poured unto the sacrificial fire. ସଂ. ବିଣ. ପୁଂ—
୧। ଅହ୍ୱାନ (ବିଶ୍ୱକୋଷ)—1. Invited; challenged.
୨ । ଅଗ୍ନିରେ ଅହୁତି ଦିଆଯାଇଥିବା—2. Offered as oblation unto fire.

ସମିଦ୍—ସଂ. ବି (ସମିଧ୍ ଶବ୍ଦ ୧ମା ୧ବ)—ସମିଧ୍ (ଦେଖ)
Samid Samidh. (See)

ସମିଦ୍ଧ—ସଂ. ବିଣ (ସମ୍+ଇନ୍ଧ. ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ତ)—
Samiddha ପ୍ରଦୀପ୍ତ; ପ୍ରଜ୍ୱଳିତ—Ignited; inflamed; kindled; burning. [ଦ୍ର—ହୋମ କରିବା ସମୟରେ ସମିଦ୍ଧ (ଜଳୁଥିବା) ଅଗ୍ନିରେ ଅହୁତି ଦେବାକୁ ହୁଏ । ଅସମିଦ୍ଧ ଅଗ୍ନିରେ ଅହୁତି ଦେଲେ ପୀଡ଼ା ଓ ଦାରିଦ୍ର୍ୟ ଘୋଟେ—ବିଶ୍ୱକୋଷ ।]

ସମିନ୍ଧନ—ସଂ. ବି—(ସମ୍+ଇନ୍ଧ ଧାତୁ+କରଣ ଅନ)—ଅଗ୍ନି-
Samiddhana ପ୍ରଜ୍ୱାଳନାର୍ଥ କାଷ୍ଠାଦି; ଜାଳ—1. Fuel.
୨ । (+ଭାବ ଅନ) ଉଦ୍ଦୀପନ—2. Exciting.

ସମିଦ୍ଧାର—ସଂ· ବିଣ. ପୁଂ—(ସମିତ୍+ହୃ ଧାତୁ+କର୍ତ୍ତୃ. ଅ)—ସମିଧ
Samiddhāra ଅହରଣକାରୀ—Collecting fuel for Homa.

ସମିଦ୍ବର—ସଂ. ବି—(ସମିଦ୍ + ବର, ସମିତ୍‌ମାନଙ୍କ ମଧ୍ୟରେ ଶ୍ରେଷ୍ଠ)
Samidbara (ବୈଦିକ)—ପଳାଶ—Butea Frondosa tree; the downy-branched Butea.

ସମିଦ୍‌ଭାର—ସଂ. ବି. (୬ଷ୍ଠୀ ତତ୍.)—ସମିଧର ଭାର—
Samid-bhāra A load of fuel for Homa.

ସମିଧ—ସଂ. ବି. (ସମ୍+ଇନ୍ଧ ଧାତୁ=ପ୍ରଦୀପ୍ତ ହୋଇବା+କରଣ କ୍ବିପ୍)
Samidh ୧ । ଇନ୍ଧନ; ଜାଳ; ଜାଳେଣିକାଠ; ଅଗ୍ନି-ସନ୍ଦୀପନାର୍ଥ ବ୍ୟବହୃତ ଶୁଷ୍କକାଷ୍ଠାଦି—1. Fuel. ୨ । ହୋମକାଷ୍ଠ; ହୋମ ସମିଧ—2. Small pieces of wood or twigs used in kindling sacrificial fire.
[ଅନ୍ୟ ସଂ. ପ୍ରତିଶବ୍ଦ— ଇନ୍ଧନ, ଏଧମ୍, ଏଧଃ, ଇଧ୍ମ; ସମିନ୍ଧନ, ତର୍ପଣ]

[ଦ୍ର—ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଅନୁଷ୍ଠିତ ଯଜ୍ଞ ଓ ହୋମ କର୍ମରେ ଭିନ୍ନ ଭିନ୍ନ ବୃକ୍ଷର ଶାଖା ସମିଧ ରୂପେ ବ୍ୟବହାର ହେବାର ବିଧି ଅଛି । ଯଥା—ରବି, ମଙ୍ଗଳ, ଚନ୍ଦ୍ର, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁଗ୍ରହଙ୍କ ଶାନ୍ତିବିଧାନାର୍ଥ ଅନୁଷ୍ଠିତ ହୋମରେ ଯଥାକ୍ରମେ ଅର୍କ, ପଳାଶ, ଖଦିର, ଅପାମାର୍ଗ, ପିପ୍ପଳ ବା ଅଶ୍ବତ୍ଥ, ଉଦୁମ୍ବର, ଶମୀ, ଦୂର୍ବା ଓ କୁଶ ବ୍ୟବହୃତ ହୁଏ । ଉପନୟନାଦି ସଂସ୍କାର କର୍ମରେ ଯଜ୍ଞଡମ୍ବିର ଓ ତାନ୍ତ୍ରିକ ହୋମରେ ବେଲପତ୍ରୀ ସମିଧ ବ୍ୟବହୃତ ହୁଏ । ହୋମସମିଧର ଲମ୍ବ ପ୍ରାଦେଶ ପରିମିତ, ଅର୍ଥାତ୍ ପ୍ରସ୍ତୃତ କରତଳର ବୃଦ୍ଧା ଅଙ୍ଗୁଠିର ଅଗରୁ ତର୍ଜନୀ ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ, ଅର୍ଥାତ୍ ୧୦ ଅଙ୍ଗୁଳ ହେବ । ଏଥିର ସ୍ଥୂଳତା ୧ ଅଙ୍ଗୁଳରୁ ଅଧିକ ହେବ ନାହିଁ । ଏଥିରେ ବକ୍କଳ ଲାଗିଥିବ । ଏହା ଏକଶାଖା ଯୁକ୍ତ ହୋଇଥିବ । ପୋକରୁ ହୋଇ ନ ଥିବ; କମ୍ପା କଣିଷ୍ଠି, 'ବକଳ, ହ୍ରସ୍ବ, ଦ୍ୱିଧାକୃତ, ବକ୍ର ବା ସ୍ଥୂଳ ହୋଇ ନ ଥିବ । ଏପରି ଦୋଷଯୁକ୍ତ ସମିଧ ଦ୍ୱାରା ହୋମ କଲେ ଅମଙ୍ଗଳ ଘଟେ ।]

ସମିଧ—ସଂ ବି (ସମ୍ + ଇନ୍ଧ୍ ଧାତୁ=ପ୍ରଦୀପ୍ତ ହେବା+କର୍ତ୍ତୃ. ଅ)—
Samidha ୧ । ଅଗ୍ନି—1. Fire. ଦେ. ବି, (ସଂ. ସମିଧ ସମିଧ୍, ସମିଧ ଶବ୍ଦ)—ସମିଧ (ଦେଖ)—Samidh (See).

ସମିନ୍ଧନ—ସଂ. ବି (ସମ୍+ଇନ୍ଧ୍ ଧାତୁ=ଜାଳିବା+କରଣ ଅନ)—
Samindhana ୧ । ଯଜ୍ଞକାଷ୍ଠ; ସମିତ୍ (ଶବ୍ଦ ରତ୍ନାବଳୀ)—1. Fuel for sacrificial purpose. ୨ । (+ଭାବ,ଅନ) ଉଦ୍ଦୀପନ—2. Enkindling.
(ସମିଦ୍ଧ—ବିଣ)

ସମିବା—ପ୍ରାଦେ (ସମ୍ବଲପୁର) କ୍ରି—ପଶିବା; ପ୍ରବେଶ କରିବା—
Samibā To enter into.

ସମିର—ସଂ.ବି (ସମ୍=ସମ୍ୟକ୍+ଇ ଧାତୁ=ଗମନ କରିବା+କର୍ତ୍ତୃ.ର)
Samira —ବାୟୁ; ପବନ (ହେମଚନ୍ଦ୍ର)—Air; wind.

ସମୀ—ଦେ. ବି—ଶମି (ଦେଖ)—Sami (See)
Sami

ସମୀକ—ସଂ. ବି (ସମ୍ ଧାତୁ=ବିକ୍ଳବ କରିବା+କର୍ତ୍ତୃ. ଈକ)—ଯୁଦ୍ଧ;
Samika ସମର (ଅମର)—Fight; battle; conflict.

ସମୀକରଣ—ସଂ. ବି [ସମ+ଅଭୂତ ତଦ୍ଭାବେ (ଚ୍ବି) ଈ+କରଣ,
Samīkaraṇa ଅସମ ବସ୍ତୁମାନଙ୍କୁ ସମାନ କରିବା]—୧ । ସଦୃଶୀକରଣ; ଅସମ ପଦାର୍ଥମାନଙ୍କୁ ସମାନ କରିବା—1. Equalisation. ୨ । (ବୀଜ ଗଣିତ) ଅଜ୍ଞାତ ସଂଖ୍ୟା ନିର୍ଣ୍ଣୟ କରିବାର ଗାଣିତିକ ପ୍ରକ୍ରିୟାବିଶେଷ; କୌଣସି କଳ୍ପିତ ରାଶିକୁ ଗ୍ରହଣ କରି ତଦ୍ଦ୍ବାରା କୌଣସି ଅନିର୍ଦ୍ଦିଷ୍ଟ ରାଶିର ପରିମାଣ ନିର୍ଣ୍ଣୟକରଣ—2. (Algebra) Equation. ୩ । (ଗଣିତ) ଏକାଧିକ ଭଗ୍ନାଂଶମାନଙ୍କୁ ସମାନ ହରବିଶିଷ୍ଟ ଭଗ୍ନାଂଶରେ ପରିଣତ କରିବା—3. (Arithmetic) Reduction of fractions into those of a common denomination.
ସମୀକାର, ସମୀକ୍ରିୟା } —ଅନ୍ୟରୂପ

ସମୀକୃତ—ସଂ. ବିଣ [ସମ+ଅଭୂତ ତଦ୍ଭାବେ (ଚ୍ବି) ଈ+କୃତ]—
Samīkṛuta ୧ । ସମାନୀକୃତ; ଏକୀକୃତ—1. Equalised. ୨ । ସମୀକରଣ ରୂପେ ଗଠିତ—2. Reduced into an equation.
(ସମୀକୃତା—ସ୍ତ୍ରୀ)

ସମୀକ୍ଷ—ସଂ. ବି (ସମ୍=ସମ୍ୟକ୍+ଈକ୍ଷ ଧାତୁ=ଦେଖିବା+କରଣ
Samiksha ଅ)—୧ । ସାଂଖ୍ୟ ଦର୍ଶନ—1. The Sāmkhya system of philosophy. [ଦ୍ର—ଏହି ଶାସ୍ତ୍ର ଦ୍ୱାରା ପ୍ରକୃତି ଓ ପୁରୁଷଙ୍କର ସମ୍ୟକ୍ ଦର୍ଶନ ଲାଭ ହୁଏ ।] ୨ । (+ଭାବ. ଅ) ସମ୍ୟକ୍ ବିଚାର—2. Deliberation. ୩ । ସମ୍ୟକ୍ ଦର୍ଶନ—3. Careful observation. ୪ । ଯତ୍ନ (ଶବ୍ଦକୋଷ)—4. Carefulness; care. ୫ । ଅନ୍ବେଷଣ (ଶବ୍ଦକୋଷ)—5. Searching. ୬ । ଆଲୋଚନା (ଶବ୍ଦକୋଷ)—6. Discussion. ୭ । ବିବେଚନା—7. Consideration.

ସମୀକ୍ଷକ—ସଂ.ବି. ପୁଂ (ସମ୍+ଈକ୍ଷ୍ ଧାତୁ=ଦେଖିବା+କର୍ତ୍ତୃ. ଅକ)—
Samikshaka ୧ । (ହିସାବ ପତ୍ର ଅଡିଟ) ପରିଦର୍ଶକ—1. Auditor. ୨ । ପରିଦର୍ଶକ; ପର୍ଯ୍ୟବେକ୍ଷକ—2. Observer. ବିଣ. ପୁଂ—ସମ୍ୟକ ଦର୍ଶନକାରୀ—Auditing; observing.
(ସମୀକ୍ଷିକା—ସ୍ତ୍ରୀ)

ସମୀକ୍ଷଣ—ସଂ. ବି (ସମ୍+ଈକ୍ଷଣ=ଦର୍ଶନ)—୧ । ସମ୍ୟକ ଦର୍ଶନ;
Samikshaṇa ପ୍ରେକ୍ଷଣ; ପର୍ଯ୍ୟବେକ୍ଷଣ—1. Closely seeing; observation. ୨ । ଆଲୋଚନା—2. Discussion. ୩ । ଅନ୍ବେଷଣ; ଅନୁସନ୍ଧାନ—3. Investigation; enquiry. ୪ । ସାଂଖ୍ୟ ଦର୍ଶନ (ତ୍ରିକାଣ୍ଡ ଶେଷ)—4. The Sāmkhya system of philosophy.
(ସମୀକ୍ଷିତ—ବିଣ)

ସମୀକ୍ଷା—ସଂ. ବି (ସମ୍+ଈକ୍ଷ୍ ଧାତୁ=ଦେଖିବା+ଭାବ. ଅ+ଆ)—
Samikshā ୧ । ସମ୍ୟକ୍ ଦର୍ଶନ; ପର୍ଯ୍ୟବେକ୍ଷଣ—1. Observation. ୨ । ଯତ୍ନ—2. Care. ୩ । ବୁଦ୍ଧି—3. Intelligence. ୪ । ପ୍ରକୃତି—4. Nature.

୫ । (ଜୈମିନୀୟ) ମୀମାଂସା ଶାସ୍ତ୍ର—5. The system of Hindu philosophy founded by Jaimini. ୬ । (ବେଦାନ୍ତ ଦର୍ଶନ) ଚତୁର୍ବିଂଶତ ତତ୍ତ୍ୱ—6. (Bedānta philosophy) The 24 essential principles which are the foundation of true knowledge. ୭ । ଅଲୋଚନା—7. Discussion. ୮ । ଅନୁସନ୍ଧାନ—8. Investigation. ୯ । ଅନ୍ୱେଷଣ—8. Search.

ସମୀକ୍ଷିତ—ସଂ. ବ (ସମ୍+ଈକ୍ଷ୍ ଧାତୁ=ଦେଖିବା+କର୍ମ. ତ)—**Samikshita** ୧ । ସମ୍ୟକ୍ ଦୃଷ୍ଟ; ପର୍ଯ୍ୟବେକ୍ଷିତ—1. Observed. ୨ । ଅନ୍ୱେଷିତ—2. Searched. ୩ । ଅଲୋଚିତ—3. Discussed. ୪ । ଉତ୍ତମରୂପେ ପରୀକ୍ଷିତ (ହିସାବ)—4 Audited (account).

ସମୀକ୍ଷୀକରଣ—ସଂ. ବ—ବିବାହ ପରେ ବର ଓ କନ୍ୟାଙ୍କର ପରସ୍ପର **Samikhikaraṇa** ମୁଖାବଲୋକନପୂର୍ବକ ବୈଦିକ ମନ୍ତ୍ରୋଚ୍ଚାରଣରୂପ କର୍ମ—The ceremony of the bride and the bride-groom confronting each other and chanting vedic formulae after marriage.

ସମୀକ୍ଷ୍ୟ—ସଂ. ବ (ସମ୍+ଈକ୍ଷ ଧାତୁ=ଦେଖିବା+କର୍ମ ଯ)—**Samikshya** ସମୀକ୍ଷ (ଦେଖ)—Samiksha (See) ସଂ. ବଣ—ସମୀକ୍ଷଣ ଯୋଗ୍ୟ—Fit to be observed or discussed. ସଂ. ଅବ୍ୟୟ ତିଙ୍କା କ୍ରିୟା—ପୂର୍ବାପର ବିବେଚନା କରି—After considering carefully; after due deiberation.

ସମୀକ୍ଷ୍ୟକାରିତା—ସଂ. ବ (ସମୀକ୍ଷ୍ୟ+କୃ ଧାତୁ+କର୍ତ୍ତୃ ଇନ୍+ଭାବ. ତା)—**Samikshyakāritā** ୧ । ପୂର୍ବାପର ବିବେଚନାପୂର୍ବକ କାର୍ଯ୍ୟକାରିତା—1. Habit of acting after carefully weighing the consequences. ୨ । ପରିଣାମଦର୍ଶିତା—2. Foresight; prudence; providence.

ସମୀକ୍ଷ୍ୟକାରୀ—ସଂ. ବଣ, ପୁଂ (ସମୀକ୍ଷ୍ୟ=ପୂର୍ବାପର ବିବେଚନା କରି+ **Samikshyakāri** କୃ ଧାତୁ+କର୍ତ୍ତୃ ଇନ୍,୧ମା.୧ବ.)—୧ । ବିବେଚନା ପୂର୍ବକ କାର୍ଯ୍ୟକାରୀ—1. Acting after due deliberation. ୨ । ପରିଣାମଦର୍ଶୀ—2. Prudent; prudential; provident.
(ସମୀକ୍ଷ୍ୟକାରିଣୀ—ସ୍ତ୍ରୀ)

ସମୀକ୍ଷ୍ୟବାଦୀ—ସଂ. ବଣ, ପୁଂ (ସମୀକ୍ଷ୍ୟ=ପୂର୍ବାପର ବିବେଚନା କରି **Samikshyabādi** +ବଦ ଧାତୁ+କର୍ତ୍ତୃ ଇନ୍ ୧ମା.୧ବ) ସେ ଉତ୍ତମ ରୂପେ ବିବେଚନା ପୂର୍ବକ କଥା କହେ—Speaking out after due deliberation.
(ସମୀକ୍ଷ୍ୟବାଦିନୀ—ସ୍ତ୍ରୀ)
(ସମୀକ୍ଷ୍ୟବାଦିତା—ବ)

ସମୀଚ—ସଂ. ବ (ସମ୍+ଈ ଧାତୁ ଗମନ କରିବା+ଅଧିକରଣ ବା **Samicha** କର୍ମ ଚ; ଯେଉଁଠାକୁ ନଦୀମାନେ ଯାଆନ୍ତି)—ସମୁଦ୍ର—The sea; ocean.

ସମୀଚକ—ସଂ. ବ (ସମ୍+ଈ ଧାତୁ=ଗମନ କରିବା+ଅଧି ଚକ)—**Samichaka** ମୈଥୁନ (ଶବ୍ଦକଳ୍ପଦ୍ରୁମ)—Copulation.

ସମୀଚୀ—ସଂ. ବି. ସ୍ତ୍ରୀ (ସମ୍+ଈ ଧାତୁ+କର୍ତ୍ତୃ ଅ+ସ୍ତ୍ରୀ ଈ)—୧ । **Samichi** ମୃଗୀ (ଉଣାଦିକୋଷ)—1 A she-deer; a roe. ୨ । (+ଚଞ୍ଚ୍-ଅ+ଈ) ବନ୍ଦନା; ପୂଜା (କ୍ରିୟାଶେଷ)—2. Worship. ୩ । ସ୍ତୁତି—3. Prayer.

ସମୀଚୀନ—ସଂ. ବ (ସମ୍ୟକ୍=ସତ୍ୟ+ଈନ, ନିପାତନ, ବା ସମ+ **Samichina** ଅଞ୍ଚ ଧାତୁ=ଗତି କରିବା+କର୍ତ୍ତୃ. ଈନ)—୧ । ଯଥାର୍ଥ—1. Right; correct. ୨ । ସତ୍ୟ—2. True ୩ । ସଙ୍ଗତ; ଉପଯୁକ୍ତ—3. Fit proper. ୪ । ଯଥାଯୋଗ୍ୟ—4. Befitting. ୫ । ଯୁକ୍ତିଯୁକ୍ତ—5 Reasonable. ୬ । ଉତ୍ତମ—6.Good.
(ସମୀଚୀନତା; ସମୀଚୀନତ୍ୱ—ବ)

ସମୀଦ—ସଂ. ବ (ସମିଡା ଶବ୍ଦର ଋକାର ରୂପ)—ସମିଡା (ଶବ୍ଦ- **Samida** କଳ୍ପଦ୍ରୁମ); ଗୋଧୂମ ଚୂର୍ଣ୍ଣ; ମଇଦା—Wheaten flour.

ସମୀନ—ସଂ. ବଣ—୧ । (ସମା=ବତ୍ସର+ଈନ) ବତ୍ସର ସମ୍ବନ୍ଧୀୟ; **Samina** ବାତ୍ସରିକ—1. Yearly; annual. ୨ । (ସ=ସହ+ମୀନ=ମତ୍ସ୍ୟ) ମତ୍ସ୍ୟ ସହିତ—2. Mixed with fish. ୩ । ମତ୍ସ୍ୟବିଶିଷ୍ଟ—3. Having fish.

ସମୀନିକା—ସଂ. ବ. ସ୍ତ୍ରୀ—(ସମା=ବର୍ଷ+ଈନ+କ+ସ୍ତ୍ରୀ ଆ)—**Saminikā** ସମାଂସମୀନା; ପ୍ରତିବର୍ଷ ପ୍ରସୂତା ଗୌ; ବର୍ଷବିୟାଣି ଗାଈ—A cow which bears a calf every year.

ସମୀପ—ସଂ. ବଣ (ସମ୍=ସଙ୍ଗତ ଅର୍ଥାତ୍ ମୁକ୍ତ ହୋଇଅଛି+ଅପ୍= **Samipa** ଜଳ ଯାହାର; ସମ୍+ଅପ୍+ଅ; ନିପାତନ ସିଦ୍ଧ)—(ସମୀପତା, ସାମୀପ୍ୟ—ବ) ୧ । ସନ୍ନିକଟ—1. Adjacent. ୨ । ନିକଟବର୍ତ୍ତୀ—2. Near; at hand.

ସମୀପଗ—ସଂ. ବଣ. ପୁ (ସମୀପ+ଗମ ଧାତୁ+କର୍ତ୍ତୃ ଅ)—ନିକଟକୁ **Samipaga** ଗମନକାରୀ—Proceeding near.
[ସମୀପଗାମୀ—ଅନ୍ୟରୂପ] [ସମୀପଗା, ସମୀପଗାମିନୀ—ସ୍ତ୍ରୀ]

ସମୀପତା(ତ୍ୱ)—ସଂ. ବ (ସମୀପ+ଭାବ ତା, ତ୍ୱ)—ସାମୀପ୍ୟ;ନୈକଟ୍ୟ—**Samipatā(twa)** Nearness; propinquity.
[ଦୂରତା—ବିପରୀତ]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ	ଇୟୁ	ଉଅ	ଙ୍କ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଂ୍ୟ	ଇଅ	ଞ	ନ୍ତ

ସମୀପତଃ—ସଂ. ଅ (ସମୀପ+ପଞ୍ଚମୀ ବିଭକ୍ତିରେ ତସ୍)—ନିକଟରୁ; ପାଖରୁ—
Samīpatah From; from the side of.

ସମୀପବର୍ତ୍ତୀ—ସଂ. ବିଣ (ସମୀପ+ବୃତ ଧାତୁ=ଥିବା+କର୍ତ୍ତୃ ଇନ୍
Samīpabarttī (ମା. ୧ବ) ସମୀପବର୍ତ୍ତିନ୍ ଶବ୍ଦ—ନିକଟବର୍ତ୍ତୀ—
(ସମୀପବର୍ତ୍ତିନୀ—ସ୍ତ୍ରୀ) (ଦୂରବର୍ତ୍ତୀ—ବିପରୀତ) Adjoining.

ସମୀପରେ—ଦେ. ଅବ୍ୟୟ—ନିକଟରେ; ପାଖରେ—Near; at hand.
Samīpare [ଉ—ଲୋହିତ ସାଗରର ସମୀପେ ପାଣ୍ଡୁସ୍ଥଳେ
समीपे समीपमें କୃଷ୍ଣସିଂହ ମହାଭାରତ—ଅଦି]
[ସମୀପେ—ଅନ୍ୟରୂପ]

ସମୀପସ୍ଥ—ସଂ. ବିଣ (ସମୀପ+ସ୍ଥା ଧାତୁ+କର୍ତ୍ତୃ ଅ)—୧ । ନିକଟସ୍ଥ—
Samīpastha 1. Adjoining. ୨ । ସମୀପରେ ଅବସ୍ଥିତ—
[ସମୀପସ୍ଥିତ—ଅନ୍ୟରୂପ] 2. Situated close at hand.
ସମୀପସ୍ଥା } ସ୍ତ୍ରୀ [ଦୂରସ୍ଥ—ବିପରୀତ]
ସମୀପସ୍ଥିତା }

ସମୀୟ—ସଂ. ବିଣ (ସମ+ଈୟ)—ସମସମ୍ବନ୍ଧୀ; ତୁଲ୍ୟକାରଣକ—
Samīya Resulting from the same cause.

ସମୀର—ସଂ. ବି (ସମ୍+ଈର ଧାତୁ=ପ୍ରେରଣ କରିବା; ଗମନ
Samīra କରିବା+କର୍ତ୍ତୃ ଅ)—୧ । ବାୟୁ (ଅମର)—1. Wind;
air. ୨ । ଶମୀବୃକ୍ଷ (ରାଜନିର୍ଘଣ୍ଟ)—2. The name of a tree; Acacia Suma

ସମୀରଣ—ସଂ. ବି (ସମ+ଈର ଧାତୁ ଗମନ କରିବା+କର୍ତ୍ତୃ ଅନ)
Samīraṇa ୧ । ବାୟୁ; ପବନ (ଅମର)—1. Air; wind.
୨ । ମରୁବକ [ଅମର]; ମରୁଆ ଫୁଲ—2. Sweet
Marjoram (plant). ୩ । ପଥିକ (ମେଦିନୀ)—
3. Traveller; a wayfarer. ୪ । (ସମ+ଈର୍
ଧାତୁ=ପ୍ରେରଣ କରିବା+ଭାବ ଅନ)—ପ୍ରେରଣ—
4. Sending. ୫ । (+କର୍ତ୍ତୃ ଅନ) ପ୍ରେରକ [ହରିବଂଶ]
5. Sender.

ସମୀରିତ—ସଂ. ବିଣ [ସମ୍+ଈର୍ ଧାତୁ=ପ୍ରେରଣ କରିବା,
Samīrita ଉଚ୍ଚାରଣ କରିବା+କର୍ମ ତ]—୧ । ଉଚ୍ଚାରିତ-
1. Uttered ୨ । ସମ୍ୟକ୍ ରୂପେ ପ୍ରେରିତ—2. Sent
forth; specially sent; deputed.

ସମୀହନ—ସଂ. ବି—୧ । (ସମ୍+ଈହ ଧାତୁ=ଚେଷ୍ଟା କରିବା+ଭାବ
Samīhana ଅନ)—ସମ୍ୟକ୍ ପ୍ରକାରେ ଚେଷ୍ଟା—1. Great
endeavour. ୨ । (+କର୍ତ୍ତୃ ଅନ)—(ବିଷ୍ଣୁ ସହସ୍ର
ନାମୋକ୍ତ) ବିଷ୍ଣୁ—2 A name of Bishṇu.

ସମୀହା—ସଂ. ବି (ସମ୍+ଈହ ଧାତୁ=ଇଚ୍ଛା କରିବା+ଭାବ ଅ+
Samīhā ଆ)—୧ । ଇଚ୍ଛା—1. Desire, wish. ୨ ।
[ସମୀହିତ—ବିଣ] ସମ୍ୟକ୍ ଚେଷ୍ଟା; ଉଦ୍ୟମ—2. Great
effort. ୩ । ସନ୍ଧାନ—3. Investigation; search.

ସମୀହିତ—ସଂ. ବିଣ (ସମ୍+ଈହ୍ ଧାତୁ+ଚେଷ୍ଟା କରିବା; ଇଚ୍ଛା
Samīhita କରିବା+କର୍ମ ତ)—୧ । ଚେଷ୍ଟିତ; ଉଦ୍ୟୁକ୍ତ—
1. Endeavoured. ୨ । ଅଭୀଷ୍ଟ; ବାଞ୍ଛିତ—
2. Wished for; longed; desired.
ବି. ୧ । (+ଭାବ ତ) ସମ୍ୟକ୍ ଚେଷ୍ଟା—1 Effort.
୨ । ଇଚ୍ଛା—2. Desire.

ସମୁଖ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ମୁଖ)—୧ । ମୁଖ
Samukha ବିଶିଷ୍ଟ—1. Faced; having a face. ୨ ।
[ସମୁଖୀ—ସ୍ତ୍ରୀ] ବାବଦୂକ; ବାଚାଳ—2. Talkative. ଦେ. ବି.
ବାଗ୍ମୀ—Speaker; orator. ଗ୍ରା. ବି· (ସଂ ସାମ୍ମୁଖ୍ୟ)
सुमुख सम्मुख समुख ୧ । ସମ୍ମୁଖ—1. Front. ୨ । ପ୍ରସନ୍ନତା
(ବିମୁଖର ବିପରୀତ)—2. Good cheer. [ଉ·—
ଭାଗବଣରୁ ହେଉଛି ଦୁଃଖ ସୁଖ, ଭାଗ ଯୋଗ ହେଉଛି
ସମୁଖ ବିମୁଖ । କୃଷ୍ଣସିଂହ, ମହାଭାରତ. ଶାନ୍ତି)

ସମୁଖରେ—ଗ୍ରା. କ୍ରି. ବିଣ—ସାମନାରେ—
Samukhare In front of; before.
सुमुखे समुखमे (ସମ୍ମୁଖରେ—ଅନ୍ୟରୂପ)

ସମୁଖାସମୁଖି—ଗ୍ରା. ବିଣ. ଓ କ୍ରି· ବିଣ—ସାମନାସାମନି; ପରସ୍ପରର
Samukhāsamukhi ସମ୍ମୁଖବର୍ତ୍ତୀ—Facing each
सुमुखासुमुखि सामनेसामने other; being face
to face with each other.

ସମୁଚୟ—ଦେ ବିଣ (ସଂ. ସମୁଚ୍ଚୟ)—ସମୁଦାୟ—All; whole;
Samuchaya entire. ବି—ସମାହାର—Aggre-
समुदाय समुचय, समुचा gate. କ୍ରି. ବିଣ—
(ସମୁଚ—ଅନ୍ୟରୂପ) ସମ୍ପୂର୍ଣ୍ଣରୂପେ—Fully.

ସମୁଚିତ—ସଂ. ବିଣ (ସମ୍=ସମ୍ୟକ୍+ଉଚିତ; କର୍ମଧାରୟ ସମାସ)—
Samuchita ୧ । ଉପଯୁକ୍ତ—1. Befitting; proper.
୨ । ଯୋଗ୍ୟ—2. Fit. ୩ । ସମଞ୍ଜସ—
3. Similar.

ସମୁଚିତ ଦଣ୍ଡ—ସଂ. ବି (କର୍ମଧା)—ଦୋଷର ବା ଅପରାଧର ଉପଯୁକ୍ତ
Samuchita daṇḍa ଦଣ୍ଡ—Condign or fit punishment.

ସମୁଚ୍ଚ—ସଂ. ବି (ସମ୍=ସମ୍ୟକ+ଉଚ୍ଚ)—ଅତ୍ୟୁଚ୍ଚ—
Samuchcha (ସମୁଚ୍ଚତା—ବି) Very high; lofty.

ସମୁଚ(ଚ୍ଛା)ୟ—ସଂ. ବି (ସମ୍+ଉତ୍+ଚି ଧାତୁ=ଚୟନ କରିବା+
Samuchcha(chchā)ya ଭାବ, ଅ)—୧ । ସମାହାର—
1. Aggregate. ୨ । ସମୂହ—2. Multitude.
୩ । ସଂଗ୍ରହ—3. Collection. ୪ । ରାଶି—
4. Heap. ୫ । ଗଣନା; ଉଦ୍ଧୃତ—5. Counting;

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୂଢ' ନ ମିଳିଲେ 'ମୂଢ଼' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଯ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

estimate. ୬ । (ବ୍ୟାକରଣ) ବହୁ ପଦାର୍ଥର ଏକ କ୍ରିୟାରେ ଅନ୍ୱୟ (ଏବଂ, ଚ, ତଥା ଆଦି ଶବ୍ଦ ପ୍ରୟୋଗ ଦ୍ୱାରା ଏହା କରାଯାଏ)—6. (grammar) Many words being governed by a single verb (by using the words and, also, or, too). ୭ । ଅର୍ଥାଲଙ୍କାରବିଶେଷ—7. A figure of speech. [ଦ୍ର—ଯେଉଁଠାରେ କୌଣସି କାର୍ଯ୍ୟ ଗୋଟିଏ କ୍ରିୟାଦ୍ୱାରା ସିଦ୍ଧ ହୋଇ ପାରେ ସେଠାରେ ଏକାଧିକ କ୍ରିୟାର ପ୍ରୟୋଗ ହେଲେ ଏହି ଅଳଙ୍କାର ହୁଏ; ଯଥା—'ଏବେଇ କାଳୀ, ପିନ୍ଧିଛି କାଚ କୋଚଟ ମାଳୀ, ପିନ୍ଧିଅଛି ସେହି ନେଳଅ ଶାଢ଼ୀ, ଉହିଁକ ହୋଇଛି ସୁବର୍ଣ୍ଣ ପାଳ—ତଗ । ଏ ସ୍ଥଳରେ କାଳୀ ସ୍ତ୍ରୀ ଲୋକ ପ୍ରଥମତଃ ଦେଖିବାକୁ ଅସୁନ୍ଦର, ଏଥିରେ ପୁଣି ଅଳଙ୍କାର ପିନ୍ଧିଛି କାଚ କୋଚଟ ମାଳ, ଏଥରେ ପୁଣି ପରିଧାନ ନେଳଅ ଶାଢ଼ୀ, ଫେର୍ ସେ ସ୍ତ୍ରୀର ସୁବର୍ଣ୍ଣ ପାଳ ହୋଇଥିବାରୁ ତା ଦେହ ଓ ଲୁଗାପଟା ଯାକରେ ଜାଣ୍ଡି କଳା ଲଗିଅଛି । ଅତଏବ ଉକ୍ତ ସ୍ତ୍ରୀଲୋକ ଅତି କୁତ୍ସିତା ଦେଖା ଯାଉଅଛି; ଯେଉଁଠାରେ କାରଣ ସକଳ ମିଳିତ ହୋଇ କାର୍ଯ୍ୟ ବିଶେଷ ଉତ୍ପାଦନ କରେ ସେଠାରେ ସମୁଚ୍ଚୟ ଅଳଙ୍କାର ହୁଏ—ବିଶ୍ୱକୋଷ ।]

ସମୁଚ୍ଚର—ସଂ. ବି (ସମ୍+ଉତ୍+ଚର୍ ଧାତୁ=ଗମନ କରିବା+ Samuchchara ଭାବ. ଅ)—୧ । ସମ୍ୟକ୍ ଉଚ୍ଚାରଣ— 1. Distinct or special utterance. ୨ । ଊର୍ଦ୍ଧ୍ୱକୁ ଉଠିବା; ଉତ୍ପତନ—2. Springing up; leaping up; ascending. ୩ । ପରିବର୍ଜନ; ପରିତ୍ୟାଗ—3. Abandonment. ସଂ. ବିଣ. ପୁଂ (+ କର୍ତ୍ତୃ. ଅ)—ସଞ୍ଚରଣଶୀଳ; ବିଚରଣଶୀଳ—Moving.

ସମୁଚ୍ଚରତ୍—ସଂ. ବି [ସମ୍+ଉତ୍+ଚର୍ ଧାତୁ+କର୍ତ୍ତୃ. ଅତ୍ Samuchcharat (ଶତୃ)]—୧ । ଉଚ୍ଚାରକ—1. Uttering. (ସମୁଚ୍ଚରନ୍ତୀ—ସ୍ତ୍ରୀ) ୨ । ଉତ୍ପତନଶୀଳ—2. Springing up; ascending.

ସମୁଚ୍ଚାର—ସଂ. ବି ଓ ବିଣ (ସମ୍+ଉତ୍+ଚର୍ ଧାତୁ+ଭାବ. ଅ— Samuchchāra ସମୁଚ୍ଚର (ଦେଖ)—Samuchchara (See) (ସମୁଚ୍ଚାରଣ—ଅନ୍ୟ ବି. ରୂପ)

ସମୁଚ୍ଚିତ—ସଂ. ବି (ସମ୍+ଉତ୍+ଚି ଧାତୁ=ଚୟନ କରିବା+କର୍ମ Samuchchita ତ)—୧ । ସଙ୍ଗୃହୀତ—1. Collected; (ସମୁଚ୍ଚୟ—ବି) compiled. ୨ । ସ୍ତୂପୀକୃତ— 2. Heaped up.

ସମୁଚ୍ଛନ୍ନ—ଦେ. ବିଣ (ସଂ. ସମୁତ୍ସନ୍ନ)—ସମୁତ୍ସନ୍ନ (ଦେଖ) Samuchchhanna Samutsanna (See)

ସମୁଚ୍ଛଳନ—ସଂ. ବି (ସମ୍+ଉତ୍+ଶଲ୍ ଧାତୁ+ଭାବ. ଅନ)— Samuchchhaḷana ଚାରିଆଡ଼େ ଖେଳେଇ ହୋଇଯିବା; ପରିବ୍ୟାପ୍ତି—Diffusion.

ସମୁଚ୍ଛଳିତ—ସଂ. ବି (ସମ୍+ଉତ୍+ଶଳ୍ ଧାତୁ=ଗମନ କରିବା+ Samuchchhaḷita କର୍ତ୍ତୃ. ତ)—୧ । ପରିବ୍ୟାପ୍ତ; ସମନ୍ତାତ ବିସ୍ତୀର୍ଣ୍ଣ; ଭରି ହୋଇ ଯାଇଥିବା; ଛଇଳଚ ହୋଇଥିବା— 1. Diffused; spread on all sides. ୨ । ପ୍ଲାବିତ—2. Flooded; inundated. ୩ । (ଜଳାଶୟବସ୍ତୁର) ଉଛୁଳି ପଡ଼ିବା— 3. Overflowing from the receptacle.

ସମୁଚ୍ଛୁକ—ଗ୍ରା. ବିଣ (ସଂ. ସମୁତ୍ସୁକ)—ସମୁତ୍ସୁକ (ଦେଖ) Samuchchhuka Samutsuka (See)

ସମୁଚ୍ଛେଦ—ସଂ. ବି (ସମ୍+ଉଚ୍ଛେଦ)—୧ । ବିନାଶ; ଧ୍ୱଂସ— Samuchchheda 1. Destruction; ruin. ୨ । ଉନ୍ମୂ- (ସମୁଚ୍ଛେଦନ—ଅନ୍ୟରୂପ) ଳନ—2. Uprooting; eradi- (ସମୁଚ୍ଛେଦିତ—ବିଣ) cation. ୩ । ସମୂଳ ବିନାଶ— 3. Extermination.

ସମୁଚ୍ଛ୍ୱସିତ—ସଂ. ବିଣ (ସମ୍+ଉତ୍+ଶ୍ୱସ୍ ଧାତୁ+କର୍ତ୍ତୃ. ତ)—୧ । Samuchchwasita ଊର୍ଦ୍ଧ୍ୱଶ୍ୱାସଯୁକ୍ତ; ଉଚ୍ଛ୍ୱାସଯୁକ୍ତ— 1. Panting; gasping; deeply sighing. ୨ । ପୁନରୁଜ୍ଜୀବିତ—2. Enlivened; restored to life; resuscitated. ୩ । ବାତଶରୁଦେ ଫୁଲିଥିବା; ସ୍ଫୀତ—3. Swollen up; bloated.

ସମୁଚ୍ଛ୍ୱାସ—ସଂ. ବି (ସମ୍+ଉତ୍+ଶ୍ୱସ୍ ଧାତୁ+ଭାବ. ଅ)—୧ । Samuchchhwāsa ଊର୍ଦ୍ଧ୍ୱଶ୍ୱାସ; ପ୍ରବଳ ନିଃଶ୍ୱାସ—1. Gasp; deep sigh; heavy sigh. ୨ । ସ୍ଫୀତି; ବାଯୁଦ୍ୱାରା ଫୁଲା—2. Swelling; bloating. ୩ । ନିଃଶ୍ୱାସ ପ୍ରଶ୍ୱାସ—3. Inhalation and exhalation; breathing. ୪ । ସ୍ଫୂର୍ତ୍ତି; ସ୍ଫୁରଣ—4. Sparkling.

ସମୁଚ୍ଛ୍ର(ଚ୍ଛ୍ରା)ୟ—ସଂ. ବି (ସମ୍+ଉତ୍+ଶ୍ରି ଧାତୁ=ସେବା କରିବା Samuchchhra(chchhrā)ya +ଭାବ. ଅ)—୧ । ଅତ୍ୟୁ- ନ୍ନତି—1. Elevation. ୨ । ଉଚ୍ଚତା—2. Height. ୩ । ଅତି ଉଚ୍ଚ ହୋଇ ଫୁଲିବା; ସ୍ଫୀତି—3. Swelling. ୪ । ବୃଦ୍ଧି—4. Increase. ୫ । କଳହ— 5. Quarrel. ୬ ।—ବିରୋଧ 6. Dispute; opposition.

ସମୁଚ୍ଛ୍ରିତ—ସଂ. ବିଣ (ସମ୍+ଉତ୍+ଶ୍ରି ଧାତୁ+କର୍ତ୍ତୃ. ତ)—୧ । Samuchchhrita ବର୍ଦ୍ଧିତ—1. Increased. ୨ । ଅତ୍ୟୁ- (ସମୁଚ୍ଛ୍ରିତି—ବି) ନ୍ନତ—2. Elevated. ୩ । ଫୁଲି ଯାଇଥିବା—3. Swollen.

ସମୁଜ୍(ଜ)—ଦେ. ବି—ସମଜ (ଦେଖ) Samuj(ja) Samaja (See)

ସମୁଜ୍ଜିହୀର୍ଷୁ—ସଂ. ବିଣ (ସମ୍+ଉତ୍+ହୃ ଧାତୁ+ଇଚ୍ଛାର୍ଥେ ସନ୍+ Samujjihirshu ଉ)—ସମ୍ୟକରୂପେ ଉଦ୍ଧାର କରିବାକୁ (ସମୁଜ୍ଜିହୀର୍ଷା—ବି) ଇଚ୍ଛୁକ—Desirous of delivering.

ସମୁଜ୍ଝିତ—ସଂ. ବଣ (ସମ୍+ଉଜ୍ଝିତ=ତ୍ୟକ୍ତ)—ପରିତ୍ୟକ୍ତ;
Samujjhita ଷରିବର୍ଜିତ—Abandoned; relinquished.

ସମୁଜ୍ଜ୍ୱଳ—ସଂ. ବଣ (ସମ୍=ସମ୍ୟକ୍+ଉଜ୍ଜ୍ୱଳ)—ଅତି ଉଜ୍ଜ୍ୱଳ—
Samujjwala Very bright; radiant.
(ସମୁଜ୍ଜ୍ୱଳା—ସ୍ତ୍ରୀ) (ସମୁଜ୍ଜ୍ୱଳତା—ବ)

ସମୁଡ୍ଡୀନ—ସଂ. ବଣ (ସମ୍+ଉତ୍=ଊର୍ଦ୍ଧ୍ୱ+ଡୀ ଧାତୁ=ଉଡିବା
Samuddina +କର୍ତ୍ତ୍ରି. ତ)—ଯେ ଉଡି କରି ଊର୍ଦ୍ଧ୍ୱକୁ ଉଠି
(ସମୁଡ୍ଡୀନା—ସ୍ତ୍ରୀ) ଅଛି; ଊର୍ଦ୍ଧ୍ୱାକାଶକୁ ଉଡିଥିବା—Risen to the sky; risen high in the air (by flying).

ସମୁତ୍କ—ସଂ. ବଣ ପୁ. (ସମ୍+ଉତ୍କ)—ସମ୍ୟକ୍ ଅଭିଳାଷୀ—
Samut-ka Very desirous.
(ସମୁତ୍କା—ସ୍ତ୍ରୀ)

ସମୁତ୍କଣ୍ଠ—ସଂ. ବଣ. ପୁଂ (ସମ୍+ଉତ୍କଣ୍ଠ)—ବିଶେଷରୂପରେ
Samut-kantha ଉତ୍କଣ୍ଠିତ ବା ବ୍ୟଗ୍ର—Very eager or
(ସମୁତ୍କଣ୍ଠିତ—ଅନ୍ୟରୂପ) anxious.
(ସମୁତ୍କଣ୍ଠା, ସମୁତ୍କଣ୍ଠିତା—ସ୍ତ୍ରୀ) (ସମୁତ୍କଣ୍ଠା—ବ)

ସମୁତ୍କୀର୍ଣ୍ଣ—ସଂ. ବଣ (ସମ୍+ଉତ୍କୀର୍ଣ୍ଣ)—୧ । ବିଦ୍ଧ; ବିଦୀର୍ଣ୍ଣ—
Samut-kirnna 1. Pierced through; bored;
(ସମୁତ୍କୀର୍ଣ୍ଣା—ସ୍ତ୍ରୀ) perforated, ୨ । ଭଗ୍ନ—2. Broken. ୩ । ଖୋଦିତ—3. Engraved. ୪ । ବିକୀର୍ଣ୍ଣ; ବିକ୍ଷିପ୍ତ—4. Scattered.

ସମୁତ୍କ୍ରମ—ସଂ. ବ (ସମ୍+ଉତ୍କ୍ରମ)—୧ । ଊର୍ଦ୍ଧ୍ୱଗମନ; ଉପରକୁ
Samut-krama ଉଠିବା—1. Rising high; upward
(ସମୁତ୍କ୍ରାନ୍ତି—ବ) motion; going up. ୨ । ଊର୍ଦ୍ଧ୍ୱକୁ
ସମୁତ୍କ୍ରମଣ } ଅନ୍ୟରୂପ ଡେଇଁବା—2. Leaping up,
ସମୁତ୍କ୍ରାମଣ high jump.

ସମୁତ୍କ୍ରାନ୍ତ—ସଂ. ବଣ (ସମ୍+ଉତ୍କ୍ରାନ୍ତ)—୧ । ଉଚ୍ଚକୁ ଗତି
Samut-kranta କରିଥିବା—1. Risen high up. ୨ । ପ୍ରାଣୀ ଯାହା ଉପରକୁ ଡେଇଁ ଯାଇଥାଏ—2. (a thing) Over which an animal has leapt up, leaped or jumped over; scaled over.

ସମୁତ୍କ୍ରୋଶ—ସଂ. ବ (ସମ୍+ଉତ୍+କ୍ରୁଶ୍ ଧାତୁ=ଶବ୍ଦ କରିବା
Samut-krcsa +ଭାବ. ଅ)—୧ । ଉଚ୍ଚ ଶବ୍ଦ—1. Loud sound. ୨ । ଗର୍ଜ୍ଜନ—2. Roar. ୩ । ଚିତ୍କାର—3. Hallooing. ୪ । (+କର୍ତ୍ତ୍ରି. ଅ) କୁରର ପକ୍ଷୀ—4. Osprey. ୫ । ଉତ୍କଳ ପକ୍ଷୀ—5. Eagle.

ସମୁତ୍ଥ—ସଂ. ବଣ (ସମ୍+ଉତ୍+ସ୍ଥା ଧାତୁ+କର୍ତ୍ତ୍ରି. ଅ)—୧ ।
Samuttha ଉତ୍ପନ୍ନ; ଜାତ—1. Produced. ୨ । ଉଠିଥିବା;
(ସମୁତ୍ଥାନ—ବ) ଉଦିତ—2. Risen up.

ସମୁତ୍ଥାନ—ସଂ. ବ (ସମ୍+ଉତ୍ଥାନ)—୧ । ଉଦୟ—1. Rising
Samutthana up. ୨ । ଊର୍ଦ୍ଧ୍ୱଗମନ; ଉପରକୁ ଉଠିବା—2. Ascent. ୩ । ବୃଦ୍ଧି—3. Increase. ୪ । ଉତ୍ତୋଳନ—4. Raising up; lifting. ୫ । ଠିଆ ହେବା; ଗାତ୍ରୋତ୍ଥାନ; ବସିବା ଜାଗାରୁ ଉଠିବା—5. Standing up; getting up. ୬ । ବିଛଣାରୁ ଉଠିବା—6. Rising up from the bed. ୭ । ବ୍ୟାଧି ନିର୍ଣ୍ଣୟ (ବୈଦ୍ୟକ)—7. Diagnosis. ୮ । ରୋଗଶଯ୍ୟାରୁ ଉଠିବା; ରୋଗମୁକ୍ତି—8. Recovery; a bed-ridden patient's getting up from the sick-bed. ୯ । ବିଶେଷ ଉଦ୍‌ଯୋଗ—9. Great effort; preparation. ୧୦। ଶବ୍ଦେହାବତରଣପୂର୍ବକ ଉତ୍ଥାନ—10. Resurrection. ୧୧ । ଉନ୍ନତି—11. Improvement; rise.

ସମୁତ୍ଥିତ—ସଂ. ବଣ (ସମ୍+ଉତ୍ଥିତ)—ସମୁତ୍ଥ (ଦେଖ)
Samutthita Samuttha (See)

ସମୁତ୍ପତନ—ସଂ. ବ (ସମ୍+ଉତ୍ ପତନ)—ଉଡ୍ଡୟନ; ଉପରକୁ
Samut-patana ଉଡିବା—Flying up; rising up
(ସମୁତ୍ ପତିତ—ବଣ) in the sky.

ସମୁତ୍ପତ୍ତି—ସଂ. ବ (ସମ୍+ଉତ୍ପତ୍ତି)—୧ । ସମୁତ୍ଥାନ (ଦେଖ)
Samut-patti 1. Samutthana (See) ୨ । ଉଦ୍ଭବ;
(ସମୁତ୍ପନ୍ନ—ବଣ) ଉତ୍ପତ୍ତି; ଜନ୍ମ—2. Production; birth. ୩ । ଉପସ୍ଥିତି—3. Presence; arrival.

ସମୁତ୍ପାଟ—ସଂ. ବ (ସମ୍+ଉତ୍ପାଟ)—ସମୂଳ ଉତ୍ପାଟନ;
Samut-pata ଉନ୍ମୂଳନ—Eradication; uprooting.
(ସମୁତ୍ପାଟିତ, ସମୁତ୍ପାଟନୀୟ—ବଣ) (ସମୁତ୍ପାଟନ—ଅନ୍ୟରୂପ)

ସମୁତ୍ପାତ—ସଂ. ବ (ସମ୍+ଉତ୍ପାତ)—ଅତ୍ୟନ୍ତ ଉପଦ୍ରବ—
Samut-pata Great harassment or disturbance; oppression.

ସମୁତ୍ପାଦନ—ସଂ. ବ (ସମ୍+ଉତ୍ପାଦନ)—୧ । ଜନ୍ମାଇବା—
Samut-padana 1. Bringing forth; producing. ୨ । ଉତ୍ପତ୍ତି—2. Production; birth.
(ସମୁତ୍ପାଦିତ, ସମୁତ୍ପାଦ୍ୟ, ସମୁତ୍ପାଦନୀୟ—ବଣ)

ସମୁତ୍ପିଞ୍ଜ—ସଂ. ବଣ. ପୁଂ (ସମ୍+ଉତ୍+ପିଜ୍ ଧାତୁ=ବଧ
Samut-pinja କରିବା+କର୍ମ. ଅ)—ଅତ୍ୟନ୍ତ ଆକୁଳ
(ସମୁତ୍ପିଞ୍ଜା—ସ୍ତ୍ରୀ. ବଣ) (ହେମଚନ୍ଦ୍ର); ଅତିଶୟ କାତର—Much agitated; distracted.

ସଂ. ବ—ଛିନ୍ନ ଭିନ୍ନ ବ୍ୟାକୁଳ ସୈନ୍ୟ (ଅମର)—Distracted or routed army.

ସମୁତ୍ପୀଡନ—ସଂ. ବ (ସମ୍+ଉତ୍ପୀଡନ)—ସମ୍ୟକ୍ ଅତ୍ୟାଚାର—
Samutpirdana Great oppression.
(ସମୁତ୍ପୀଡିତ—ବଣ)

ସମୁତ୍ଫାଳ—ସଂ. ବ (ସମ୍+ଉତ୍ଫାଳ)—୧ । ତରଙ୍ଗାୟିତ ଗମନ
Samutphala (ଶବ୍ଦକୋଷ)—1. Wavy motion. ୨ । ଅଶ୍ୱର ଅସ୍ଖଳିତ ସହ ଗମନ; ଦୁଲ୍‌କି—2. Canter of a horse. ୩ । ହେଉବୁ ଦୋହେଉବା ବିହ ଗତି

(ଶବ୍ଦକୋଷ)—3. Motion by waving the body.

ସମୁତ୍ଫୁଲ୍ଲ—ସଂ. ବଣ. ପୁଂ (ସମ୍+ଉତ୍ଫୁଲ୍ଲ)—ଅତ୍ୟନ୍ତ ପ୍ରଫୁଲ୍ଲ—
Samut-phulla Much delighted.
(ସମୁତ୍ଫୁଲ୍ଲା—ସ୍ତ୍ରୀ)

ସମୁତ୍ସନ୍ନ—ସଂ. ବଣ (ସମ୍+ଉତ୍ସନ୍ନ)—୧ । ବିନାଶିତ—
Samut-sanna 1. Ruined; exterminated.
(ସମୁତ୍ସାଦିତ—ଅନ୍ୟରୂପ) ୨ । ନିର୍ମୂଳୀକୃତ—2. Eradicated; uprooted.

ସମୁତ୍ସାହ—ସଂ. ବି (ସମ୍+ଉତ୍ସାହ)—ଅତ୍ୟନ୍ତ ଉତ୍ସାହ—
Samut-sāha Great encouragement.
(ସମୁତ୍ସାହିତ—ବଣ)

ସମୁତ୍ସୁକ—ସଂ. ବଣ. ପୁଂ (ସମ୍+ଉତ୍ସୁକ)—ବିଶେଷ ବ୍ୟଗ୍ର ବା
Samut-suka ଉତ୍କଣ୍ଠିତ—Very anxious; all agog.
(ସମୁତ୍ସୁକା—ସ୍ତ୍ରୀ) (ସମୁତ୍ସୁକତା—ବି)

ସମୁତ୍ସୃଷ୍ଟ—ସଂ. ବଣ (ସମ୍+ଉତ୍ସୃଷ୍ଟ)—ପରିତ୍ୟକ୍ତ—
Samut-srushṭa Abandoned.
(ସମୁତ୍ସର୍ଗ, ସମୁତ୍ସର୍ଜନ—ବି)

ସମୁଦକ୍ତ—ସଂ. ବଣ (ସମ୍=ସମ୍ୟକ୍+ଉତ୍=ଉପରକୁ+ଅଞ୍ଚ୍
Samudakta ଧାତୁ=ଣିଚ୍+ତ)—୧ । ଉଦ୍ଧୃତ—
1. Taken up. ୨ । (କୂଅାଦିରୁ) ଉତ୍ତୋଳିତ—
2. Lifted up (from a well or pit).

ସମୁଦୟ—ସଂ. ବି (ସମ୍+ଉଦୟ)—୧ । ସମୂହ (ଅମର)—
Samudaya 1. Multitude. ୨ । ସମସ୍ତ; ସକଳ—
2. Whole; all. ୩ । ଯୁଦ୍ଧ (ମେଦିନୀ)—3. Fight; conflict. ୪ । ସମୁଦ୍ଗମ (ମେଦିନୀ)—4. Sprouting up. ୫ । ଦିବସ (ଶବ୍ଦ ରତ୍ନାକର)—5. Day. ୬ । ଅଭ୍ୟୁଦୟ; ଉନ୍ନତି—6. Rise; prosperity improvement. ୭ । ସମୁତ୍ଥାନ—7. Rise. ୮ । (ଜ୍ୟୋତିଷ) ଷଡ଼ାଶୀତିଚକ୍ରାନ୍ତର୍ଗତ ୪ର୍ଥ ନାଡ଼ୀ—8. (Astrology) The movement of the sun's; entrance into a sign of the zodiac. [ଦ୍ର—ଜନ୍ମ ନକ୍ଷତ୍ରଠାରୁ ଅଷ୍ଟାଦଶ ନକ୍ଷତ୍ରକୁ ସମୁଦୟ ନାଡ଼ୀ ବୋଲାଯାଏ ।] ୯ । (ଜ୍ୟୋତିଷ) ଲଗ୍ନ—
সমুদায় 9. (astrology) Lagna. ଦେ. ବଣ—ସମୁଦାୟ;
समुदाय ସବୁ—All; whole; entire.

ସମୁଦ(ଦୁ)ର—ଗ୍ରା. ବି (ସଂ. ସମୁଦ୍ର)—ସମୁଦ୍ର (ଦେଖ)
Samuda(du)ra Samudra (See)
সমুদ্দুর दरिआ

ସମୁଦାଗମ—ସଂ. ବି (ସମ୍+ଉତ୍+ଆଗମ)—୧ । ସମ୍ୟକ୍ ଜ୍ଞାନ
Samudāgama (ତ୍ରିକାଣ୍ଡ ଶେଷ)—1 Deep knowledge.
୨ । ପୂର୍ଣ୍ଣ ଚେତନା—2. Full consiousness.

ସମୁଦାଚାର—ସଂ. ବି (ସମ୍+ଉତ୍+ଆଚାର)—୧ । ଅଭିପ୍ରାୟ;
Samudāchāra ଅଭିପ୍ରାୟ (ତ୍ରିକାଣ୍ଡ ଶେଷ)—1. Intention. ୨ । ଅଭିଳାଷ—2. Desire; wish. ୩ । ସମ୍ୟକ୍ ଆଚାର—3. Special custom; peculiar conduct. ୪ । ଶିଷ୍ଟାଚାର—4. Etiquette. ୫ । ନମସ୍କାର; ଅଭିବାଦନ (ଶବ୍ଦକୋଷ)—5. Obeisance; salutation.

ସମୁଦାୟ—ସଂ. ବି (ସମ୍+ଉତ୍+ଇ ଧାତୁ=ଣିଚ୍+ଭାବ. ଅ)—
Samudāya ୧ । ସମୂହ (ଅମର)—1. Multitude. ୨ । (+କର୍ତ୍ତୃ.ଅ)ଯୁଦ୍ଧ (ଅମର)—2. Battle; conflict; fight. ୩ । (+କର୍ତ୍ତୃ. ଅ) ପୃଷ୍ଠସ୍ଥାୟୀ ବଳ (ଅଜୟ)—3. The army at the rear of the main army; rear guard. ୪। ସମୁଚ୍ଛ୍ରୟ (ମେଦିନୀ)(ଦେଖ)—4. Samuchchhraya (S·) ୫। ସକଳ; ସମସ୍ତ—5. All; whole. ୬ । (+ଭାବ.ଅ) ଉତ୍ଥାନ;ଉଦୟ
সমুদায় —6 Rise. ଦେ. ବଣ—୧ । ସମସ୍ତ; ସବୁ; ସକଳ—
समुदाय 1. All ୨ । ସମ୍ପୂର୍ଣ୍ଣ—2 Whole; entire.

ସମୁଦା ସମୁଦି—ଦେ. ବି—ସମଧା ସମଧି (ଦେଖ)
Samudā samudi Samadhā samadhi (See)

ସମୁଦାହାର—ସଂ. ବି (ସମ୍+ଉତ୍+ଆ+ହୃ ଧାତୁ+ଭାବ. ଅ)—
Samudāhāra କଥୋପକଥନ—Conversation; talk.

ସମୁଦି(ଧି)—ଦେ. ବି. ପୁଂ (ସଂ. ସମ୍ବନ୍ଧୀ)—ବୈବାହିକ; ଆପଣାର ପୁତ୍ର
Samudi(dhi) ଯାହାଙ୍କ କନ୍ୟାକୁ କିମ୍ବା ଆପଣାର କନ୍ୟା ଯାହାଙ୍କ
(ସମୁଦୁଣୀ—ସ୍ତ୍ରୀ) ପୁତ୍ରକୁ ବିବାହ କରିଥାଏ; ଆପଣାର ପୁଅର ବା
বেআ(হা)ই ଝିଅର ଶଶୁର—A person whose son
समधी has married one's daughter and vice versa; the father-in-law of one's son or daughter. [ଉ—ସମ୍ବନ୍ଧୀ, ସମୁଦି, ଇଷ୍ଟ ମିତ୍ର, ଆସ୍ଥି ପଡଶା ସ୍ନେହ ଚିତ୍ତ । ଦ୍ରୁପଦ. ପ୍ରେମସୁଧାନିଧି ।] [ଦ୍ର—ବଙ୍ଗଭାଷାରେ ସମ୍ବନ୍ଧୀର ଶବ୍ଦର ଅର୍ଥ ଶଳା, ହିନ୍ଦୀ ଭାଷାରେ ସମ୍ବନ୍ଧୀର ଅର୍ଥ ବୈବାହିକ ବା ଓଡ଼ିଆ ଭାଷାର ସମୁଦି । ବଙ୍ଗଳାରେ ପୁତ୍ରମାନଙ୍କ ଶ୍ୱଶୁରଙ୍କୁ ବେଆଇ ବା ବେହାଇ ଏବଂ ଶାଶୁଙ୍କୁ ବେଅାଇନ୍ ବା ବେହାଇନ କହନ୍ତି ।]

ସମୁଦିତ—ସଂ. ବଣ (ସମ୍+ଉଦିତ)—୧ । ଉତ୍ଥିତ—1. Risen;
Samudita ascended. ୨ । ସମ୍ୟକ୍ ଉଦିତ ବା
[ସମୁଦ(ଦା)ୟ—ବି] ଉତ୍ଥିତ—2. Fully risen; risen up. ୩ । ସମୁତ୍ପନ୍ନ; ସମୁଦ୍ଭୂତ—3. Produced. ୪ । ଉନ୍ନତ—4. Lofty. ୫ । ସମ୍ୟକ୍ରୂପେ କଥିତ—5. Specially spoken. ୬ । ଉଚ୍ଚୈଃସ୍ୱରରେ କଥିତ—6. Uttered loudly.

ସମୁଦୀରଣ—ସଂ. ବି (ସମ୍+ଉଦୀରଣ=ଉଚ୍ଚାରଣ)-୧ । ଉଚ୍ଚାରଣ—
Samudīraṇa 1. Utterance. ୨ । ସମ୍ୟକ୍ କଥନ—
(ସମୁଦୀରିତ; ସମୁଦୀର୍ଣ୍ଣ—ବଣ) 2. Special speech.

ସମୁଦୁଣୀ—ଦେ. ବି. ସ୍ତ୍ରୀ—ସମୁଧିକ ସ୍ତ୍ରୀ; ଅପଣାର ପୁଅର ବା ଝିଅର
Samuduṇī ଶାଶୁ—The mother-in-law of one's
বেয়াইন **समधिनी** son or daughter.

ସମୁଦୁର—ଗ୍ରା. ବି (ସଂ. ସମୁଦ୍ର)—ସମୁଦ୍ର (ଦେଖ)
Samudura Samudra. (See)
সমুদ্দুর दरिया

ସମୁଦ୍ଗ—ସଂ. ବିଣ (ସ=ସହ+ମୁଦ୍ଗ=ମୁଗ)—ମୁଗମିଶ୍ରିତ—
Samudga Mixed with Moong grain.

ସମୁଦ୍ଗ—ସଂ. ବି (ସମ୍+ଉତ୍+ଗମ୍ ଧାତୁ+କର୍ତ୍ତି. ଅ)—
Samudga ୧ । ସମ୍ପୁଟକ; ଫରୁଆ (ଦେଖନ୍ତୁ) ପେଡ଼ା
(ସମୁଦ୍ଗକ—ଅନ୍ୟରୂପ) (ଅମର)—1. A casket. ୨। ପତର-
ଖିଲା; ଠୋଙ୍ଗା—2. A pot made of leaves. ୩ ।
ଯେଉଁ ପାତ୍ରର ଉପର ଫାଳ ବା ଢାଙ୍କ ଖୋଲିଯାଇ
ପାରେ—3. A box with a removable cover.
ସଂ. ବିଣ—ମୁଦ୍ଗଯୁକ୍ତ -Having moong grains.

ସମୁଦ୍ଗତ—ସଂ. ବିଣ (ସମ୍+ଉଦ୍ଗତ)—୧ । ସମୁତ୍ଥିତ (ଦେଖ)—
Samudgata 1. Samutthita. (See) ୨ । ସମୁଦିତ—
(ସମୁଦ୍ଗମ—ବି) 2. Samudita. (See). ୩ । ଉତ୍ପନ୍ନ—
3. Produced.

ସମୁଦ୍ଗମ—ସଂ. ବି (ସମ୍+ଉଦ୍ଗମ)—୧ । ଉତ୍ଥାନ; ଉଦୟ—
Samudgama 1. Rising up; ascent. ୨। ଉତ୍ପତ୍ତି—
2. Birth.

ସମୁଦ୍ଗାର—ସଂ. ବି (ସମ୍+ଉଦ୍ଗାର)—ଅତ୍ୟନ୍ତ ବମନ—
Samud-gāra Violent vomiting.

ସମୁଦ୍ଗୀତ—ସଂ. ବିଣ (ସମ୍+ଉତ=ଉଚ୍ଚୈଃସ୍ୱରରେ+ଗୀତ)—
Samudgīta ଉଚ୍ଚୈଃସ୍ୱରରେ ଗୀତ—Sung
loudly.

ସମୁଦ୍ଗୀରଣ—ସଂ. ବି (ସମ୍+ଉଦ୍ଗୀରଣ)—୧ । ଉଦ୍ବମନ—
Samudgīraṇa 1. Vomiting forth. ୨ ।
(ସମୁଦ୍ଗୀର୍ଣ୍ଣ—ବିଣ) ଉତ୍ତୋଳନ—2. Lifting up. ୩ ।
ଉଚ୍ଚାରଣ; କଥନ—3. Speaking; utterance.

ସମୁଦ୍ଗୀର୍ଣ୍ଣ—ସଂ. ବିଣ (ସମ୍+ଉଦ୍+ଗୃ ଧାତୁ+କର୍ମ.କ୍ତ)—୧ । ବମିତ
Samudgīrṇṇa 1. Vomited forth. ୨ ।
ଉତ୍ତୋଳିତ—2. Lifted up. ୩ । କଥିତ—
3. Spoken. ୪ । ଉଚ୍ଚାରିତ—4. Uttered.

ସମୁଦ୍ଦିଷ୍ଟ—ସଂ. ବିଣ (ସମ୍+ଉଦ୍ଦିଷ୍ଟ)—୧ । ସମ୍ୟକ୍ ଉଦ୍ଦିଷ୍ଟ;
Samuddishṭa ଲକ୍ଷ୍ୟୀକୃତ—1. Striven after.
(ସମୁଦ୍ଦେଶ—ବି) ୨ । ଅନ୍ୱେଷିତ—2. Searched
for; investigated.

ସମୁଦ୍ଧତ—ସଂ. ବିଣ (ସମ୍+ଉତ୍+ହନ୍ ଧାତୁ=ବଧ କରିବା+କର୍ତ୍ତି.
Samuddhata କ୍ତ)—୧ । ଅଶିଷ୍ଟ; ଅବିନୀତ (ଅମର)—
1. Ill-mannered; rude. ୨ । ଗର୍ବିତ—
2. Arrogant; proud; puffed up with
pride. ୩ । ଉତ୍କ୍ଷିପ୍ତ—3. Thrown up. ୪ ।
ସମୁଦ୍ଗୀର୍ଣ୍ଣ (ଦେଖନ୍ତୁ) (ଦେଖ)—4. Samud-
gīrṇṇa (See)

ସମୁଦ୍ଧରଣ—ସଂ. ବି (ସମ୍+ଉଦ୍ଧରଣ)—୧ । ଓପାଡ଼ିବା; ଉନ୍ମୂଳନ—
Samuddharaṇa 1. Uprooting. ୨ । ଉତ୍ତୋଳନ—
(ସମୁଦ୍ଧାର—ଅନ୍ୟରୂପ) 2. Lifting up. ୩ । ଉନ୍ନୟନ
(ସମୁଦ୍ଧୃତ—ବିଣ) (ଅମର)—3. Raising up. ୪ ।
ମୋଚନ; ଉଦ୍ଧାର କରିବା—4. Loosening; libera-
tion; deliverance. ୫ । ବମନ; ଉଦ୍ଗିରଣ—
5. Vomiting. ୬ । ବାନ୍ତାନ୍ନ (ଅମର)—
Vomited food.

ସମୁଦ୍ଧର୍ତ୍ତା—ସଂ. ବିଣ. ପୁଂ (ସମ୍+ଉତ୍+ଧୃ ଧାତୁ=ଧାରଣକରିବା+
Samuddharttā କର୍ତ୍ତି. ତୃ ୧ମା.୧ବ.)—୧ । ଉଦ୍ଧାରକର୍ତ୍ତା—
(ସମୁଦ୍ଧର୍ତ୍ତ୍ରୀ—ସ୍ତ୍ରୀ) 1. Delivering. ୨ । ଉନ୍ମୂଳନକର୍ତ୍ତା—
2. Uprooting; eradicating. ୩ । ଋଣପରିଶୋଧ-
କର୍ତ୍ତା—3. Liquidating one's loan.

ସମୁଦ୍ଧସ୍ତ—ସଂ ବି (ସମ୍+ଉତ୍+ହସ୍ତ)—ହାତଦ୍ୱାରା ପୋଛିପକାଇବା
Samuddhasta (ଶବ୍ଦକୋଷ)—Wiping out with
the hand.

ସମୁଦ୍ଧାର—ସଂ.ବି (ସମ୍+ଉଦ୍ଧାର)—୧ । ମୁକ୍ତି; ପରିତ୍ରାଣ; ମୋଚନ—
Samuddhāra 1. Deliverance; salvation.
(ସମୁଦ୍ଧୃତ—ବିଣ) ୨ । ଉନ୍ମୂଳନ—2. Eradication;
uprooting. ୩ । ଉତ୍ତୋଳନ—3. Lift-
ing up.

ସମୁଦ୍ଧୃତ—ସଂ. ବିଣ (ସମ୍+ଉଦ୍ଧୃତ)—୧ । ଉତ୍ତୋଳିତ—
Samuddhṛuta 1. Drawn up; lifted up; rais-
ସମୁଦ୍ଧରଣ } —ବି ed up. ୨ । ମୋଚିତ; ଉଦ୍ଧାରିତ;
ସମୁଦ୍ଧାର } 2. Delivered; rescued. ୩ । ଉଦ୍ଗୀର୍ଣ୍ଣ
ବାନ୍ତ; ବମିତ—3. Vomited forth; emitted.
୪ । ଉନ୍ମୂଳିତ (ଶବ୍ଦକୋଷ)—4. Uprooted. ୫ ।
ଅସଦ୍ବ୍ୟବହାରପ୍ରାପ୍ତ (ଶବ୍ଦକୋଷ)—5. Ill-treated.
୬ । ଅଂଶୀକୃତ—6. Divided into shares.
୭ । ଗୃହୀତ—7. Taken. ୮ । ଅଧିକୃତ—
8. Taken possession of.

ସମୁଦ୍ବହ—ସଂ. ବିଣ (ସମ୍+ଉତ୍+ବହ୍ ଧାତୁ+କର୍ତ୍ତି ଅ)—
Samudbaha ୧ । ଉତ୍ତୋଳନକର୍ତ୍ତା; ଉତ୍ତୋଳକ—
1. Lifting. ୨ । ବହନକାରୀ—2. Carry-
ing. ୩ । ଶ୍ରେଷ୍ଠ—3. Chief; principal.

ସମୁଦ୍ବାହ—ସଂ. ବି—୧ । ସମ୍ୟକ୍ ପ୍ରକାରେ ବହନ—
Samudbāha 1. Carrying. ୨ । ବିବାହ
(ଶବ୍ଦକୋଷ)—2. Marriage.

ସମୁଦ୍ବେଗ—ସଂ. ବି (ସମ୍+ଉଦ୍ବେଗ)—ସମ୍ୟକ୍ ଉଦ୍ବେଗ—
Samudbega Great anxiety.
(ସମୁଦ୍ବିଗ୍ନ—ବିଣ)

ସମୁଦ୍ଭବ—ସଂ. ବି (ସମ୍+ଉଦ୍ଭବ)—୧ । ଉତ୍ପତ୍ତି—1. Production. ୨ । ଜନ୍ମ—2. Birth; origin. ୩ । ହୋମାଗ୍ନିର ନାମଭେଦ—3. Name of one of the sacrificial fires.
Samudbhaba
(ସମୁଦ୍ଭୂତ—ଅନ୍ୟରୂପ)
(ସମୁଦ୍ଭୂତ—ବିଣ)
ବିଣ—ଉଦ୍ଭୂତ; ଉତ୍ପନ୍ନ—Born; produced from.

ସମୁଦ୍ଭାସିତ—ସଂ. ବିଣ (ସମ୍+ଉଦ୍ଭାସିତ)—୧ । ପ୍ରଦୀପ୍ତ—1. Lighted; illuminated. ୨ । ଉଜ୍ଜ୍ୱଳୀକୃତ—2. Brightened. ୩ । ଶୋଭିତ—3. Decorated; shining.
Samudbhāsita

ସମୁଦ୍ଭୂତ—ସଂ. ବିଣ (ସମ+ଉଦ୍ଭୂତ)—୧ । ଜାତ—1. Born of. ୨ । ଉତ୍ପନ୍ନ—2. Produced from; originating from.
Samudbhūta

ସମୁଦ୍ୟତ—ସଂ. ବିଣ. ପୁଂ (ସମ୍+ଉଦ୍ୟତ)—ଉଦ୍ୟତ; ଉଦ୍ୟୁକ୍ତ—Striving; ready for; prepared for.
Samudyata

ସମୁଦ୍ୟମ—ସଂ. ବି (ସମ୍+ଉଦ୍ୟମ)—୧ । ସମ୍ୟକ୍ ଉଦ୍ୟମ—1, Great striving. ୨ । ବିଶେଷ ଚେଷ୍ଟା—2. Great endeavour. ୩ । ଆରମ୍ଭ—3. Beginning.
Samudyama
(ସମୁଦ୍ୟତ—ବିଣ)

ସମୁଦ୍ର—ସଂ. ବି (ସମ୍=ସମ୍ୟକ୍+ଉନ୍ଦ୍ ଧାତୁ=କ୍ଲିନ୍ନ ହେବା+ଅପାଦାନ. ର, ଚନ୍ଦ୍ରୋଦୟ ଦ୍ୱାରା ଯହିଁରୁ ଜଳସମୂହ କ୍ଲିନ୍ନ ହୁଏ, କିମ୍ବା ସ=ସହିତ+ମୁଦ୍ରା=ମର୍ଯ୍ୟାଦା, ସୀମା; ଯାହା ମର୍ଯ୍ୟାଦା ବା ସୀମାଯୁକ୍ତ ହୋଇ ଅବସ୍ଥିତ; କିମ୍ବା ସ=ସହିତ+ମୁଦ୍ରା=ମଣିରତ୍ନାଦି; ଅର୍ଥାତ୍ ଯାହା ରତ୍ନାକର ଅଟେ । କିମ୍ବା ସମ୍=ସମ୍ୟକ୍+ଉଦ୍ରେକ: ନିପାତନସିଦ୍ଧ; ଏଥିରେ ଜଳର ସମୁଦ୍ରେକ ବା ବାହୁଲ୍ୟ ହୁଏ; କିମ୍ବା ସମ୍=ସମ୍ୟକ୍+ଉଦ୍ଗତ+ର=ଅଗ୍ନି ଯହିଁରୁ)—୧ । ସାଗର; ପୃଥିବୀକୁ ବେଷ୍ଟନ କରିଥିବା ଜଳରାଶି—1. The sea; ocean. ୨ । (ଲକ୍ଷଣାର୍ଥ) ସମୁଦ୍ର ପରି ବିଶାଳକାୟ ଓ ଅସୀମ ଗଭୀର ବସ୍ତୁ—2, A thing illimitable and unfathomable as the ocean. ୩ । ସାମୁଦ୍ରିକ ଗ୍ରନ୍ଥକାର ମୁନିବିଶେଷ—3. Name of a sage who compiled a book on chiromancy. ୪ । ଏକ କଡ଼ା କଉଡ଼ିର ସାତ ଭାଗରୁ ଭାଗେ—4. One-seventh part of a courie. ୫ । ଗୂଢ଼ ସଂଖ୍ୟା—5. The number four.
Samudra

[ସମୁଦ୍ରର ଅନ୍ୟ ସଂ. ନାମ—ଅବ୍ଧି, ଅକୂପାର, ପାରାବାର, ସରିତ୍ପତି, ଉଦନ୍ୱାନ୍, ଉଦଧି, ସିନ୍ଧୁ, ସରସ୍ୱାନ୍, ସାଗର, ଅର୍ଣ୍ଣବ, ରତ୍ନାକର, ଜଳନିଧି, ଯାଦଃପତି, ଅପାଂପତି (ଅମର), ମହାକଚ୍ଛ, ନଦୀକାନ୍ତ, ତମିସ୍ର, ଦ୍ୱୀପକାନ୍ତ, ଜଳେନ୍ଦ୍ର, ମନ୍ଥୀର, କ୍ଷୌଣୀପ୍ରାଚୀର, ମକରାଳୟ (ଜଟାଧର), ସରିତାଂପତି, ଜଳଧି, ନୀରନିଧି, ନୀରଧି, ଅମ୍ବୁଧି, ପୟୋନିଧି, ପୟୋଧି, ଯାଦସାଂପତି, ନଦୀନ, ଇନ୍ଦୁଜନକ, ଉର୍ମିକୋଷ, ବାରାଂନିଧି, ବାରିନିଧି, ବାର୍ଦ୍ଧି, ବାରିଧି, ତୋୟନିଧି, କୀଲାଳଧି, ଧରଣୀପୂରଃ, ଷିରାର୍ଦ୍ଧି, ଧରଣୀପ୍ଲବ, ବାକ, ତରଙ୍ଗୀ, ପେରୁ, ମିତଦ୍ରୁ, ବାହିନୀପତି, ଗଙ୍ଗାଧର, ଦାରଦ୍, ଉର୍ମି, ପ୍ରାଣଭୃମାନ୍, ଉର୍ମିମାଳୀ, ମହାଶୟ, ଅମ୍ଭୋନିଧି, ଅମ୍ଭୋଧି, ତିମିଙ୍ଗଳ, କୁଲଂକଷ, ତରିପ (ଶବ୍ଦରତ୍ନାବଳୀ), କାଉରାଶି, ଶୈଳଶିବିର, ସର୍ବଭୂଦ, ତରନ୍ତ, ମହାପ୍ରାଚୀର (ତ୍ରିକାଣ୍ଡଶେଷ), ପୟୋଧି, ସରିନ୍ନାଥ, ଅମ୍ଭୋରାଶି, ଧୁନୀନାଥ, ନଦ୍ୟା, ବିଭ, ଅପାଂନାଥ (ମେଦିନୀ) ।

[ସାମୁଦ୍ରିକ, ସାମୁଦ୍ରୀୟ, ସାମୁଦ୍ର—ବିଣ] (Apte) ୬ । ଶିବ—6. An epithet of Śiba. (Apte) ସଂ. ବିଣ—(ସହାର୍ଥ ବହୁବ୍ରୀହି; ସ+ମୁଦ୍ରା+ଅ)—ମୁଦ୍ରିତ; ମୁଦ୍ରାଯୁକ୍ତ—Sealed. (Apte) [ଦ୍ର—ପୁରାଣ ମତରେ ସୁମେରୁର ଚତୁର୍ଦ୍ଦିଗରେ ଅବସ୍ଥିତ ଜୀବଲୋକର ସାତଗୋଟି ଦ୍ୱୀପ ଓ ୭ଗୋଟି ଦ୍ୱୀପକୁ ବେଢ଼ି ୭ ଗୋଟି ସମୁଦ୍ର ଅଛି । ପୁରାଣ ମତରେ ସମୁଦ୍ର ବ୍ରହ୍ମାଙ୍କ ନେତ୍ରରୁ ଜାତ ହୋଇଥିଲା । ପୁରାଣାନ୍ତର ମତରେ ଶ୍ରୀକୃଷ୍ଣଙ୍କ ଔରସରେ ବିରଜାଙ୍କ ଗର୍ଭରୁ ଜାତ ୭ଟି ପୁତ୍ର ୭ ସମୁଦ୍ର ହେଲେ । ଲବଣାମ୍ବୁଧି ସର୍ବଜନସ୍ପୃଷ୍ଟ । ସପ୍ତ ସମୁଦ୍ରର ନାମ—ଲବଣ, ଇକ୍ଷୁ, ସୁରା, ସର୍ପିଃ, ଦଧି, ଦୁଗ୍ଧ, ଜଳ । ପୁରାଣାନ୍ତର ମତରେ ସୂର୍ଯ୍ୟବଂଶୀୟ ସଗର ରାଜାଙ୍କ ଅନୁଷ୍ଠିତ ଯଜ୍ଞର ଅଶ୍ୱକୁ ଇନ୍ଦ୍ର ହରଣ କରିବାରୁ ସଗରଙ୍କର ୬ ହଜାର ପୁତ୍ର ଉକ୍ତ ହୃତ ଅଶ୍ୱକୁ ଖୋଜିବାକୁ ଭୂମି ଖୋଳିବାରୁ ଉକ୍ତ ଖାଇ ସାଗରରୂପରେ ପରିଣତ ହେଲା । ଏଥିପାଇଁ ସମୁଦ୍ରର ଅନ୍ୟ ନାମ ସାଗର ।

ପୂର୍ବ ଯୁଗମାନଙ୍କରେ ଦ୍ୱିଜାତିମାନେ ସମୁଦ୍ରଯାତ୍ରା କରୁଥିଲେ । କିନ୍ତୁ କଳିଯୁଗରେ ଦ୍ୱିଜାତିମାନଙ୍କର ସମୁଦ୍ରଯାତ୍ରା ନିଷିଦ୍ଧ ହୋଇଅଛି । କଶ୍ୟପପୁତ୍ର ଦେବତା ଓ ଅସୁରମାନେ ଅମୃତଲାଭାର୍ଥ ମନ୍ଦର ଗିରିକୁ ଖୁଆ ଓ ବାସୁକୀକୁ ଦଉଡ଼ି କରି ସମୁଦ୍ରକୁ ମନ୍ଥିବାରୁ ସମୁଦ୍ର ମଧ୍ୟରୁ କାଳକୂଟ ହଳାହଳ ବିଷ [ଏହାକୁ ମହାଦେବ ପାନ କଲେ], ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ଆଦି ଅଷ୍ଟଦିଗ୍ଗଜ, ଓ ଆଠଗୋଟି କରିଣୀ, କୌସ୍ତୁଭମଣି, ପାରିଜାତପୁଷ୍ପ, ଅପ୍ସରାମାନେ, ଲକ୍ଷ୍ମୀ, ବାରୁଣୀ ଅର୍ଥାତ୍ ସୁରା [ଏହାକୁ ଅସୁରମାନେ ଗ୍ରହଣ କଲେ], ଧନ୍ୱନ୍ତରି, ଚନ୍ଦ୍ର ଓ ଅମୃତ ବାହାରିଲେ । ଏହି ଅମୃତକୁ ଭଗବାନ ମାୟାରଚନାପୂର୍ବକ ଦେବତାମାନଙ୍କୁ ଖୁଆଇଲେ । ପୁରାଣ ଅନୁସାରେ ସମୁଦ୍ରର ଅଧିପତି ଦେବତା ବରୁଣ ଓ ତାଙ୍କର ରାଜଧାନୀ ସମୁଦ୍ର ମଧ୍ୟରେ । ସମୁଦ୍ର ଜଳ ଲବଣାକ୍ତ । ରାଜନିଘଣ୍ଟୁମତରେ ଏହି ଜଳର ଗୁଣ ବିସ୍ରତ୍ୱ, ରକ୍ତାମୟପ୍ରଦତ୍ୱ, ଉଷ୍ଣତ୍ୱ, ବୈବର୍ଣ୍ଣଦୋଷଜନକତ୍ୱ, ଦାହାର୍ତ୍ତିପିତ୍ତକାରକତ୍ୱ ।

ପୂର୍ବେ ଉତ୍କଳୀୟମାନେ ସମୁଦ୍ର ଲଙ୍ଘନ କରି ଯାବା, ବାଲି, ସିଂହଳ ଦ୍ୱୀପ ଆଦିରେ ବାଣିଜ୍ୟ କରୁଥିଲେ । ସମୁଦ୍ରଗାମୀ ଜାହାଜମାନଙ୍କୁ ବୋଇତ ବୋଲି ଯାଉଥିଲା ଓ ଜାହାଜର ନାବିକ ବା କାପ୍ତାନଙ୍କୁ ବୋଇତଥିଲ ବୋଲି ଯାଉଥିଲା ।]

ସମୁଦ୍ରକୁ ପାଣି ଚଳୁ କରିବା—ଦେ. କି—(ନ୍ୟାୟ) (ଅଗସ୍ତ୍ୟ ଋଷି Samudraka pāṇi chaḷu karibā ମହାପ୍ରତାପୀ ଥିବାରୁ ତପଃ ପ୍ରଭାବରୁ ସମୁଦ୍ରର ସମସ୍ତ ଜଳକୁ ଅଞ୍ଜଳି ଗଣ୍ଡୁଷ ମଧ୍ୟରେ ରଖି ପିଇଥିଲେ ।) ଅସମ୍ଭବ କାର୍ଯ୍ୟ କରିବାକୁ ସାହସ କରିବା ବ୍ୟକ୍ତି ପ୍ରତି ଏ ରୂପ ପ୍ରୟୋଗ କରାଯାଏ—A proverb meaning 'He is going to quaff the whole ocean empty.

ସମୁଦ୍ର କଫ—ସଂ.ବ (ଷଷ୍ଠୀ ତତ୍)--ସମୁଦ୍ରଫେନ (ଦ୍ରିକାଣ୍ଡ ଶେଷ) (ଦେଖ) Samudra kapha Samudra phena (See).

ସମୁଦ୍ର କଲ୍ଲୋଳ (ଗର୍ଜନ)—ସଂ. ବ (ଷଷ୍ଠୀ ତତ୍) ସମୁଦ୍ରର ଲହରୀ- Samudra kallola (garjana) ମାନଙ୍କର ପରସ୍ପର ସହିତ ଓ କୂଳ ସହିତ ଅଭିଘାତଜନିତ ଶବ୍ଦ ଶବ୍ଦ—The roar of the sea.

ସମୁଦ୍ର କାଞ୍ଚୀ—ସଂ. ବି. (ବହୁବ୍ରୀହି; ସମୁଦ୍ର ଅଟେ କାଞ୍ଚୀ ଯାହାର)– Samudra kānchi ପୃଥିବୀ—The (sea-girt) earth.

ସମୁଦ୍ର କାନ୍ତା—ସଂ. ବ (ଷଷ୍ଠୀ ତତ୍)—୧ । ନଦୀ—1. River. ୨ । Samudrakāntā ସମୁଦ୍ରରେ ପଡ଼ୁଥିବା ନଦୀ (ହଳାୟୁଧ)—2. A river falling in the sea. ୩ । ପୃକ୍କା; ପିଡ଼ଙ୍ଗ ଶାଗ (ରାଜ ନିଘଣ୍ଟୁ)—3. A species of potherb; the trigonella herb.

ସମୁଦ୍ରକୁ ଶଙ୍ଖେ ପାଣି—ଦେ. ପ୍ରବଚନ (ନ୍ୟାୟ) [ଦ୍ର—ଗୋଟିଏ Samudraku śaṅkhe pāṇi ଶଙ୍ଖରେ ଅତି ଅଳ୍ପ ପରିମିତ

ସମୁଦ୍ରକୁ ଶଙ୍ଖେ ପଣା
ସମୁଦ୍ରରେ ଉଦ୍‌ଘାତ } — ଅନ୍ୟରୂପ]

ଜଳ ସମ୍ଭାଏ । ସମୁଦ୍ରରେ ଜଳର ପରିମାଣ ଅପରିମିତ; ସମୁଦ୍ର ଜଳରେ ଏକ ଶଙ୍ଖ ପରିମିତ ଜଳ ମିଶାଇଲେ ବା ବିଶାଳ ସମୁଦ୍ରରେ ଜଳର ସାମାନ୍ୟ ବନ୍ଦ ଘାତ ହେଲେ ତାହା ବହୁ ନୁହେ ।] ବହୁ ଲୋକଙ୍କୁ ଅତି ସାମାନ୍ୟ ବସ୍ତୁ ସାଗରকে একবিন্দু জল দেওয়া ବା ଖାଦ୍ୟ ଦେବା ଜନ୍ମା ମହା- सागरको एक बुन्दा पानि देना ଅଭିବସ୍ଥଳରେ ସାମାନ୍ୟ ବସ୍ତୁ ଦେବା ନ୍ୟାୟ—An analogy meaning the same as the English proverb 'A drop in the ocean'.

ସମୁଦ୍ରକୁ ଡେଇଁବା—ଦେ. କି—୧ । ସମୁଦ୍ର ଜଳକୁ ଲମ୍ଫ ଦେବା— Samudraku ḍeiṅbā 1. To jump into the ocean. সমুদ্রে ঝাঁপ দেওয়া ୨ । (ଲକ୍ଷଣାର୍ଥ) ସଙ୍କଟ ବା ବିପଦ समुद्रमे कुदना ମଧ୍ୟରେ ଆତ୍ମସମର୍ପଣ କରିବା; ଇଚ୍ଛା ପୂର୍ବକ ବିପଦକୁ ବରଣ କରିବା—(figurative) To voluntarily jump into danger; to court danger.

ସମୁଦ୍ରକୁ ପେଲି ଦେବା—ଦେ. କି—୧ । ସମୁଦ୍ର ଜଳରେ ବୁଡ଼ି ମରିବା Samudraku peli debā ପାଇଁ (କୌଣସି ବ୍ୟକ୍ତିକୁ) ଠେଲିଦେବା সমুদ্রে ভাসিয়ে দেওয়া 1. To push a person समुद्रमे ढकेलना to the sea. ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବିପଦ ସଙ୍କୁଳ ସ୍ଥାନକୁ ବା ଅବସ୍ଥାକୁ ଛାଡ଼ିଦେବା—(figurative) To consign a man to a dangerous predicament.

ସମୁଦ୍ର ମଝିକୁ(କୁ) ପେଲିଦେବା
ସମୁଦ୍ରକୁ ମେଲିଦେବା
ସମୁଦ୍ରରେ ଭସା(ସେ)ଇ ଦେବା } —ଅନ୍ୟରୂପ

ସମୁଦ୍ର କୂଳ—ସଂ. ବ (ଷଷ୍ଠୀ ତତ୍)—ସମୁଦ୍ର ତଟ (ଦେଖ)— Samudra kūḷa Samudra taṭa (See)

ସମୁଦ୍ରଗ—ସଂ. ବି. ପୁଂ—୧ । ବୋଇତଅଳ; ନାବିକ—1. Sailor; Samudraga mariner. ୨ । ପୋତ ବଣିକ—2. A (ସମୁଦ୍ରଗାମୀ—ଅନ୍ୟରୂପ) merchant trading with ships; maritime trader,

ସମୁଦ୍ରଗା
ସମୁଦ୍ରଗାମିନୀ } —ସ୍ତ୍ରୀ

ବଣ—ସମୁଦ୍ରଗାମୀ (ଦେଖ) Samudragāmī (See)

ସମୁଦ୍ର ଗର୍ଭ—ସଂ. ବ (ଷଷ୍ଠୀ ତତ୍)—୧ । ସମୁଦ୍ରର ଅଭ୍ୟନ୍ତର; Samudra garbha ସମୁଦ୍ରର ଯେଉଁ ଅଂଶରେ ଜଳ ଥାଏ—1. The bed of the ocean; the inside of the ocean. ୨ । ସମୁଦ୍ରର ଉଚ୍ଚତମ ସୀମା ମଧ୍ୟସ୍ଥ ସମୁଦ୍ର—2. The bed of the ocean upto the highest water-mark.

ସମୁଦ୍ରଗା—ସଂ. ବି. ସ୍ତ୍ରୀ (ସମୁଦ୍ରଗ+ଆ)—ନଦୀ (ହେମଚନ୍ଦ୍ର)— Samudragā A river. ବଣ-ସ୍ତ୍ରୀ—ସମୁଦ୍ରଗର ସ୍ତ୍ରୀଲିଙ୍ଗ— Feminine form of samudraga.

ସମୁଦ୍ରଗାମୀ—ଦେ. ବଣ. ପୁଂ (ସମୁଦ୍ର+ଗମ୍ ଧାତୁ+ଇନ୍; ୧ମା. Samudra gāmī ୧ବ)—୧ । ଯାହା (ଯେଉଁ ନଦୀ ଆଦି) (ସମୁଦ୍ରଯାୟୀ—ଅନ୍ୟରୂପ) ସମୁଦ୍ର ଆଡ଼କୁ ଯାଉଅଛି—

ସମୁଦ୍ର ଗାମିନୀ
ସମୁଦ୍ର ଯାୟିନୀ } ସ୍ତ୍ରୀ

1. (River) Going or running towards the sea; falling into the ocean. ୨ । ଯାହା (ଯେଉଁ ନୌକା ଆଦି) ସମୁଦ୍ରରେ ଗମନାଗମନ କରେ—2. Sea-going; ocean-going. ୩ । ଯେଉଁ ବ୍ୟକ୍ତି ସମୁଦ୍ରପଥରେ ଗମନାଗମନ କରେ—3. Sea-faring. ୪ । ସମୁଦ୍ର ସ୍ଥିତ (ପ୍ରବୃଦ୍ଧବାଦ)—4. Situated in the ocean.

ସମୁଦ୍ର ଗୁପ୍ତ—ଦେ. ବ ନାମ—୪ର୍ଥ ଶତାବ୍ଦୀର ଅର୍ଦ୍ଧାବଶିଷ୍ଟ ମଗଧ Samudra gupta ରାଜ୍ୟର ଜଣେ ନରପତି—Name of সমুদ্র গুপ্ত a king of northern India in the समुद्र गुप्त 4th century A. D.

[ଦ୍ର—ଏ ପ୍ରଥମ ଚନ୍ଦ୍ରଗୁପ୍ତଙ୍କର ପୁତ୍ର ଥିଲେ ଓ ୩୨ ବର୍ଷ ରାଜତ୍ୱ କରିଥିଲେ । ଏହାଙ୍କର ରାଜ୍ୟସୀମା କେରଳ ଓ କାଞ୍ଚୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ମଗଧର ରାଜଧାନୀ ପାଟଳି ପୁତ୍ରଠାରୁ ଅଲ୍ଲାହାବାଦର ନିକଟବର୍ତ୍ତୀ କୌଶାମ୍ବୀ ବା କୁସୁମପୁରକୁ ଏ ନିଜର ରାଜଧାନୀ ଉଠାଇ ନେଇଥିଲେ ।]

ସମୁଦ୍ର ଗୃହ—ସଂ. ବ (ରୂପକ କର୍ମଧା)—୧ । ବରୁଣାଳୟ—1. The Samudra gruha sea which is the abode of the

Hindu God Baruṇa. ୨ । ଜଳଯନ୍ତ୍ର ଗୃହ— 2. A house with a contrivance to fill it with water so as to be used as a place of resort during summer.

ସମୁଦ୍ର ଚୁଳୁକ—ସଂ. ବି. ପୁଂ (ସମୁଦ୍ର+ଚୁଳୁକ+ଗଣ୍ଡୁଷ; ବହୁବ୍ରୀହି; Samudra chuḻuka ଯେ ସମୁଦ୍ରକୁ ଚଳୁ କରିଥିଲେ)—ଅଗସ୍ତ୍ୟ ମୁନି—Sage Agastya.

ସମୁଦ୍ର ଚୌର—ସଂ. ବି (ଅଧୁନିକ ପ୍ରୟୋଗ)—ଯେଉଁ ଚୋର ବା Samudra chaura ଡକାଏତମାନେ ସମୁଦ୍ରଗାମୀ ପୋତ ସମୁଦ୍ରের চোর ଅଧିକୃ ଆକ୍ରମଣ କରି ଲୁଣ୍ଠନ କରନ୍ତି— समुद्र चोर Pirate; corsair.

ସମୁଦ୍ର ଚୌର୍ଯ୍ୟ—ସଂ. ବି (ଅଧୁନିକ ପ୍ରୟୋଗ)—ସମୁଦ୍ରଗାମୀ Samudra chaurjya ଜାହାଜରୁ ଧନାଦି ଲୁଣ୍ଠନ କରିବା ବୃତ୍ତି ସମୁଦ্রে চোরি समुद्र चौर्य्य —Piracy.

ସମୁଦ୍ରଜ—ସଂ, ବିଣ (ସମୁଦ୍ର+ଜନ୍ ଧାତୁ+କର୍ତ୍ତୃ, ଅ)—ସମୁଦ୍ର- Samudraja ଜାତ; ସମୁଦ୍ରରୁ ଉତ୍ପନ୍ନ; ସାମୁଦ୍ରିକ; ସମୁଦ୍ରରୁ (ସମୁଦ୍ରଜା—ସ୍ତ୍ରୀ) ମିଳିବା—Sea-born; got from the sea. ବି—୧ । ସମୁଦ୍ର ଲବଣ; ପଙ୍ଗାଲୁଣ— 1. Sea salt. ୨ । ପ୍ରବାଳ ମୁକ୍ତାଦି ରତ୍ନ— 2. Coral, pearl etc found in the sea.

ସମୁଦ୍ର ଜନ୍ତୁ—ସଂ. ବି—ସମୁଦ୍ର ଜୀବ (ଦେଖ) Samudra jantu Samudra jiba (See)

ସମୁଦ୍ରଜା—ସଂ, ବିଣ, ସ୍ତ୍ରୀ (ସମୁଦ୍ର+ଜନ୍ ଧାତୁ+କର୍ତ୍ତୃ, ଅ+ Samudrajā ସ୍ତ୍ରୀ, ଆ)—ସମୁଦ୍ରଜର ସ୍ତ୍ରୀଲିଙ୍ଗ— Feminine of Samudraja. ସଂ. ବିଣ, ସ୍ତ୍ରୀ—ଲକ୍ଷ୍ମୀ—Goddess Lakshmī.

ସମୁଦ୍ର ଜାତ—ସଂ. ବିଣ (୫ମୀ ତତ୍)—ସମୁଦ୍ରରୁ ଉତ୍ପନ୍ନ— Samudra jāta Produced or got from the ocean.

ସମୁଦ୍ର ଜୀବ—ସଂ. ବି (୭ମୀ ତତ୍)—ସମୁଦ୍ରରେ ବାସ କରୁଥିବା Samudra jība ଜନ୍ତୁ; ସାମୁଦ୍ରିକ ଜୀବ—Creatures living in the sea; marine animals.

ସମୁଦ୍ର ଢେଉ—ଦେ, ବି—ସମୁଦ୍ରରେ ଉଠିବା ଢେଉ ବା ତରଙ୍ଗ; Samudra dheu ସମୁଦ୍ର ଲହରୀ—The waves of the ସমুদ্রের ঢেউ समुद्र ढेउ sea; billows.

ସମୁଦ୍ର ତଟ(ତୀର, ବେଳା, କୁକ୍ଷି)—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର Samudra taṭa(tīra, beḻā, kukshi) କୂଳବର୍ତ୍ତୀ ଦେଶ; ଉପକୂଳ—Sea-shore; sea coast.

ସମୁଦ୍ର ତନୟା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—କ୍ଷୀରାବ୍ଧିତନୟା; ଲକ୍ଷ୍ମୀ— Samudra tanayā Goddess Lakshmī; the daughter of the ocean.

ସମୁଦ୍ର ତଳ—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର ନିମ୍ନବର୍ତ୍ତୀ ଭୂମି— Samudra taḻa The bed or floor of the ocean.

ସମୁଦ୍ର ଦୟିତା(ପତ୍ନୀ, ଯୋଷିତ୍)—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)— Samudra dayitā (patnī, joshit) ନଦୀ—River.

ସମୁଦ୍ର ନବନୀତ—ସଂ. ବି (ସମୁଦ୍ରର ନବନୀତ)—୧ । ଚନ୍ଦ୍ର— Samudra nabanīta 1. Moon. ୨ । ଅମୃତ— 2. Nectar.

ସମୁଦ୍ର ନେମି—ସଂ. ବି (ବହୁବ୍ରୀହି; ସମୁଦ୍ର ଅଟେ ନେମି=ପରିଧି Samudra nemi ଯାହାର)—ପୃଥିବୀ—The earth.

ସମୁଦ୍ର ପୀଡ଼ା—ସଂ. ବି (ଅଧୁନିକ ଇଂରାଜୀ ବ୍ୟବହାରମୂଳକ Samudra pīrdā ପ୍ରୟୋଗ)—ଜାହାଜରେ ବସି ସମୁଦ୍ରରେ সমুদ্র পীড়া ଗଲା ବେଳେ ଜାହାଜର ଅଦୋଳନ ଯୋଗୁଁ समुद्र पीड़ा ମୁଣ୍ଡ ବ୍ୟଥା, ବାନ୍ତି ଓ ଜର ଆଦି ହେବା ରୂପ ପୀଡ଼ା—Sea sickness.

ସମୁଦ୍ର ପୋକ—ଦେ· ବି—ଏକ ପ୍ରକାର ଡାଙ୍ଗ ପରି ଫଡ଼ିଙ୍ଗା—A Samudra poka kind of twig-like grasshopper. সমুদ্রের পোকা समुद्रका कीड़ा

ସମୁଦ୍ର ଫଳ—ସଂ. ବି—୧ । ଅବ୍ଧି ଫଳ; ବୃକ୍ଷ ବିଶେଷ (ଶବ୍ଦକଳ୍ପଦ୍ରୁମ) Samudra phaḻa —1.Name of a medicinal tree. [ଦ୍ର—ଏହା କଟୁ, ଉଷ୍ଣକର, ବାତଦୋଷ ନାଶକ, ଭୂତ କଲ୍ୟାଣକାରୀ, କଫ ଓ ଭ୍ରମବର୍ଦ୍ଧକ (ଶବ୍ଦକଳ୍ପଦ୍ରୁମ); ଏଥିର ପତ୍ରର ପ୍ରଲେପ ଦେଲେ ଚର୍ମରୋଗ ନଷ୍ଟ ହୁଏ; ଏଥିର ମୂଳ ବାତନାଶକ ଓ ସ୍ନାୟୁ ଦୌର୍ବଲ୍ୟରେ ହିତକର, ବାତଘ୍ନ, ଲୂତା ବିଷ ନାଶକ, ତ୍ରିଦୋଷଘ୍ନ, କଫ ଓ ଭ୍ରାନ୍ତି ନାଶକ (ଭାବ ପ୍ରକାଶ) ।] ୨ । କପିତ୍ଥ ଫଳ; ଜଇଥ (ବିଶ୍ୱକୋଷ)—2. Elephant-apple.

ସମୁଦ୍ର ଫେଣ—ଦେ· ବି (ସଂ. ସମୁଦ୍ରଫେନ)—ସମୁଦ୍ରଫେନ (ଦେଖ) Samudra pheṇa Samudra phena (See) সমুদ্র ফেনা ପ୍ରାଦେ, (ସିଂହଭୂମି) ବି—ଏକ ପ୍ରକାର ଧାନ— समुद्र फेन A species of paddy.

ସମୁଦ୍ର ଫେନ—ସଂ. ବି (୬ଷ୍ଠୀ ତତ୍)—୧ । ସମୁଦ୍ରର ଢେଉମାନଙ୍କ Samudra phena ଅଘାତ ପ୍ରତିଘାତରେ ଉତ୍ପନ୍ନ ଫେଣ ସমুদ্রফেনা —1. Sea-foam. ୨ । ସମୁଦ୍ରସ୍ଥ समुद्रफेन ଶମ୍ବୁକାଦିବର୍ଗର ପ୍ରାଣିବିଶେଷର କଙ୍କାଳ- ଫା. କଫେଦରିୟା 2. Sepia Officinalis; cuttle- ଆ. ଜବଦୁଲ୍ ବହେର୍ fish bone. [ଦ୍ର—ଏହା ଶୀତଳ, ଫେଁ, ସାମୁଦ୍ରନାଇବେ କଷାୟ, ନେତ୍ରରୋଗହର, କଫଘ୍ନ ଓ [ଅନ୍ୟ ସଂ· ନାମ— କଣ୍ଠାମୟଘ୍ନ, ରୁଚିକର ଓ ବିଷଦୋଷ ଧିଣ୍ଡୀର, ଫେନ, ଅବ୍ଧିକ- ଏବଂ କର୍ଣ୍ଣଶୂଳ ରୋଗର ଔଷଧ । ଫ ମଳ, ଅବ୍ଧିକଫ,ସମୁଦ୍ର- ଏହା ଖଣ୍ଡ ପରି ବହୁଛିଦ୍ରଯୁକ୍ତ, କନ୍ତୁ କଫ, ଜଳହାସ ଫେନକ, ଠାଣୁଅ ଥିବାରୁ ରଙ୍ଗ ଲଗାଇବା ଅବ୍ଧିଫେନ,ବାର୍ଦ୍ଧିଫେନ, ପୂର୍ବରୁ ପାଲିସ କରିବାପାଇଁ କାଠର ପୟୋଧିକ, ସୁଫେନ, ଅସବାବ୍ ଉପରେ ରଙ୍ଗଲଗାଇବାଳି- ଅବ୍ଧିଡିଣ୍ଡୀର, ସାମୁଦ୍ର] ମାନେ ସମୁଦ୍ର ଫେଣ ଘଷନ୍ତି ।]

ସମୁଦ୍ର ବକ୍ଷଃ—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର ଉପରିଭାଗ— Samudra bakshaḥ The surface of the sea. (ସମୁଦ୍ର ବକ୍ଷ—ଦେ. ରୂପ)

ସମୁଦ୍ର ବଚନ—ସଂ. ବି—ସାମୁଦ୍ର ବଚନ (ଦେଖ)
Samudra bachana Sāmudra bachana (See)

ସମୁଦ୍ର ବଳୟ—ସଂ. ବି (ରୂପକ ସମାସ)—ମନୁଷ୍ୟର ହାତକୁ ବଳୟ
Samudra ba̱laya ବେଢ଼ିଥିବା ପରି ପୃଥିବୀକୁ ବେଢ଼ିଥିବା ସମୁଦ୍ର—The sea surrounding the sea like a bangle encircling the hand.
ସଂ. ବିଣ (ବହୁବ୍ରୀହି; ସମୁଦ୍ର ହୋଇଛି ବଳୟ ଯାହାର) [ସମୁଦ୍ରମେଖଳ—ଅନ୍ୟ ବିଣ. ରୂପ] —ଚତୁର୍ଦ୍ଦିଗରେ ସମୁଦ୍ର ଦ୍ୱାରା ବେଷ୍ଟିତ—
ସମୁଦ୍ରବଳୟା, ସମୁଦ୍ର ମେଖଳା—ସ୍ତ୍ରୀ ବିଣ.
Surrounded by the sea; sea-girt; ocean-girt.

ସମୁଦ୍ରବହ୍ନି—ସଂ. ବି (୬ଷ୍ଠୀ ତତ୍)—ବଡ଼ବାନଳ—
Samudra bahni Submarine fire.

ସମୁଦ୍ରବାସୀ—ସଂ ବିଣ. ପୁଂ (ସମୁଦ୍ର+ବସ୍ ଧାତୁ+କର୍ତ୍ତୃ. ଇନ୍, ୧ମା
Samudra bāsi̅ ୧ବ; ତୁଳନାକର ଗଙ୍ଗାବାସୀ = ଗଙ୍ଗାକୂଳବାସୀ)—୧। ସମୁଦ୍ରତୀରରେ ବାସ କରୁଥିବା (ବ୍ୟକ୍ତି) (ବିଶ୍ୱକୋଷ)—1. (Person) Residing on the shore of the sea. ୨। ସମୁଦ୍ରରେ ବାସକାରୀ (ଯଥା—ଜୀବ)—2. Living in the ocean.

ସମୁଦ୍ର ବେଳା—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରତୀର—
Samudra be̱lā Sea-shore.

ସମୁଦ୍ରମତ୍ସ୍ୟ—ସଂ. ବି—ସାମୁଦ୍ରିକ ମାଛ; ଲୁଣିମାଛ—
Samudra matsya Seafi-sh,
[ସମୁଦ୍ର ମାଛ—ଦେଶଜ ରୂପ]

ସମୁଦ୍ରମଥ(ନ୍ଥ)ନ—ସଂ. ବି (୬ଷ୍ଠୀ ତତ୍)—ହିନ୍ଦୁ ପୁରାଣରେ ବର୍ଣ୍ଣିତ
Samudra matha(ntha)na ଦେବତା ଓ ଅସୁରମାନଙ୍କଦ୍ୱାରା ସମୁଦ୍ରର ଆଲୋଡ଼ନ—The churning of the ocean by the Gods and the demons as described in the Hindu mythology. [ଦ୍ର—ଦୁର୍ବାସାଙ୍କ ଶାପରୁ ଇନ୍ଦ୍ର ଶ୍ରୀହୀନ ହେବାରୁ ଲକ୍ଷ୍ମୀ ସ୍ୱର୍ଗରୁ ଯାଇ ସମୁଦ୍ର ଗର୍ଭରେ ବାସ କଲେ। ବ୍ରହ୍ମାଙ୍କ ଉପଦେଶ ଅନୁସାରେ ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ ଓ ବାସୁକୀକୁ ମନ୍ଥନ ରଜ୍ଜୁ କରି ନେତ୍ରର ଏକ ପାଖରୁ ଦେବତାଗଣ ଓ ଅନ୍ୟ ପାଖରୁ ଅସୁରମାନେ ଟାଣି ସମୁଦ୍ରକୁ ମୋନ୍ଥିଲେ। ଦେବାସୁର ମଥନର ଫଳରେ ପ୍ରଥମେ ହଳାହଳ ବିଷ ବାହାରିଲା। ଏ ବିଷର ଜ୍ୱାଳାରେ ସମସ୍ତେ ଅସ୍ଥିର ହୋଇ ମହାଦେବଙ୍କୁ ସ୍ତବ କରିବାରୁ ସେ ସନ୍ତୁଷ୍ଟ ହୋଇ ଉକ୍ତ ବିଷକୁ ପାନ କଲେ। ତତ୍ପରେ ପୁଣି ମନ୍ଥନ ଚାଲିଲା। ଏଥିରୁ ଚନ୍ଦ୍ର, ପାରିଜାତ, ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ଗଜ, ଓ ସୁରଭୀ ଗାଈ ବାହାରିଲେ ଓ ଧନ୍ୱନ୍ତରୀ ଅମୃତ ଭାଣ୍ଡ ସହିତ ବାହାରିଲେ ଓ ଲକ୍ଷ୍ମୀ ବାହାରିଲେ। ଅସୁରମାନେ ଅମୃତ ଭାଣ୍ଡ ହରଣ କରିବାକୁ ଉଦ୍ୟତ ହେବାରୁ ବିଷ୍ଣୁ ମୋହିନୀ ରୂପ ଧରି ଅସୁରମାନଙ୍କୁ ବଞ୍ଚନା କରି ଦେବତାମାନଙ୍କୁ ଉକ୍ତ ଅମୃତ ଦେଲେ। ଏଥି ଯୋଗୁଁ ଦେବ ଓ ଅସୁରମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା। ନାରଦ ଆସି ଏ ଯୁଦ୍ଧ ନିବାରଣ କଲେ। ଦେବତାମାନଙ୍କ ଦ୍ୱାରା ହତ ଅସୁରମାନଙ୍କୁ ଅସୁରଗୁରୁ ଶୁକ୍ର ବଞ୍ଚାଇଥିଲେ। ଶ୍ରୀମଦ୍ଭାଗବତର ଅଷ୍ଟମ ସ୍କନ୍ଧରେ ୭ମ ଠାରୁ ୧୨ଶ ଅଧ୍ୟାୟ ପର୍ଯ୍ୟନ୍ତ ସମୁଦ୍ର ମନ୍ଥନର ବିବରଣ ବର୍ଣ୍ଣିତ ହୋଇଅଛି—ବିଶ୍ୱକୋଷ]

ସମୁଦ୍ର ମାଳୀ—ସଂ. ବିଣ (ସମୁଦ୍ର+ମାଳା+ଇନ୍; ୧ମା. ୧ବ)—
Samudra mā̱li̅ ସମୁଦ୍ର ଦ୍ୱାରା ବେଷ୍ଟିତ—Sea—girt.
[ସମୁଦ୍ରମାଳିନୀ—ସ୍ତ୍ରୀ] ସଂ. ବି—ପୃଥିବୀ—The earth.

ସମୁଦ୍ର ମେଖଳ—ସଂ. ବିଣ) (ବହୁବ୍ରୀହି; ସମୁଦ୍ର+ମେଖଳା+ଅ)-
Samudra mekha̱la ସମୁଦ୍ରଦ୍ୱାରା ବେଷ୍ଟିତ—Sea-girt. (ଯଥା ସମୁଦ୍ରମେଖଳ ଦ୍ୱୀପ)
ସମୁଦ୍ରବସନ, ସମୁଦ୍ରାମ୍ବର, ସମୁଦ୍ରବସନ } ଅନ୍ୟରୂପ
ସମୁଦ୍ରମେଖଳା; ସମୁଦ୍ରବସନା, ସମୁଦ୍ରାମ୍ବରା, ସମୁଦ୍ରବସନା } —ସ୍ତ୍ରୀ

ସମୁଦ୍ର ମେଖଳା—ସଂ. ବି—୧। (ବହୁବ୍ରୀହି; ସମୁଦ୍ର ଏହାର ଚାରିଆଡ଼େ
Samudra mekha̱lā ବେଢ଼ିଥାଏ) ପୃଥିବୀ—The earth.
ସମୁଦ୍ରବସନା; ସମୁଦ୍ରାମ୍ବରା—ଅନ୍ୟରୂପ ୨। (ରୂପକ କର୍ମଧାରୟ) ମନୁଷ୍ୟର କଟିଦେଶକୁ ମେଖଳା ବେଢ଼ିଥିବା ପରି ପୃଥିବୀକୁ ବେଢ଼ିଥିବା ସମୁଦ୍ର—2. The sea surrounding the earth like a girdle. ସଂ. ବିଣ. ସ୍ତ୍ରୀ—ସମୁଦ୍ର ମେଖଳର ସ୍ତ୍ରୀଲିଙ୍ଗ-Feminine of Samudra-mekha̱la.

ସମୁଦ୍ର ଯାତ୍ରା—ସଂ. ବି (୭ମୀ ତତ୍)—ଦେଶାନ୍ତରକୁ ଯିବାପାଇଁ ସମୁଦ୍ର-
Samudra jātrā ଭ୍ରମଣ — Sea voyage. [ଦ୍ର-ପୂର୍ବେ ଆର୍ଯ୍ୟମାନେ ସମୁଦ୍ରଯାତ୍ରା କରୁଥିଲେ; କିନ୍ତୁ କଳିଯୁଗରେ ସମୁଦ୍ର ଯାତ୍ରା କେତେକ ଶାସ୍ତ୍ରରେ ନିଷିଦ୍ଧ ହୋଇଅଛି। ମନୁ (୩।୧୫୮) ସମୁଦ୍ରଯାତ୍ରାକାରୀମାନଙ୍କୁ ଅପାଙ୍‌କ୍ତେୟ କହିଅଛନ୍ତି। ପୂର୍ବେ ଆର୍ଯ୍ୟମାନେ ସମୁଦ୍ରଯାତ୍ରା କରୁଥିବା ବିଷୟ ଏହି ନିଷେଧ ବଚନରୁ ଜଣାଯାଏ। କେହି କେହି କହିଅଛନ୍ତି ଯେ, ତୀର୍ଥଯାତ୍ରା, ଧର୍ମାର୍ଥଯାତ୍ରା, ବାଣିଜ୍ୟ ଓ ବିଦ୍ୟାଶିକ୍ଷାର୍ଥ ସମୁଦ୍ରଯାତ୍ରା କରି ଯାଇ ପାରେ। କିନ୍ତୁ ତୀର୍ଥଯାତ୍ରା ଛଡ଼ା ଅନ୍ୟ ଉଦ୍ଦେଶ୍ୟରେ ସମୁଦ୍ରଯାତ୍ରା କରିଥିବା ବ୍ୟକ୍ତିଙ୍କର ପ୍ରାୟଶ୍ଚିତ୍ତ କରିବା ଉଚିତ। ଐତିହାସିକ ଯୁଗରେ ଭାରତୀୟ ଓ କଳିଙ୍ଗ ବାସୀମାନେ ଯାଭା, ବାଲି ଆଦି ଦ୍ୱୀପକୁ ବାଣିଜ୍ୟ ଓ ଉପନିବେଶ ସ୍ଥାପନାର୍ଥ ଓ ଧର୍ମପ୍ରଚାରାର୍ଥ ଯାଇ ଥିବାର ବହୁ ପ୍ରମାଣ ମିଳେ—ବିଶ୍ୱକୋଷ]

ସମୁଦ୍ର ଯାନ—ସଂ. ବି (ମଧ୍ୟପଦଲୋପୀ କର୍ମଧା)—୧। (୬ଷ୍ଠୀ ତତ୍)
Samudra jāna ଅର୍ଣ୍ଣବ ପୋତ; ଜାହାଜ; ବୋଇତ—1. Ship; ocean going vessel. ୨। (୭ମୀ ତତ୍) ସମୁଦ୍ର ଯାତ୍ରା—2. A voyage.

ସମୁଦ୍ର ଲବଣ—ସଂ. ବି—ସମୁଦ୍ରର ଜଳରୁ ଜାତ ଲବଣ; କରକଚ ଲୁଣ-
Samudra labaṇa Sea salt.
(ସମୁଦ୍ର ଲୁଣ—ଦେ· ରୂପ)

ସମୁଦ୍ର ଲହଡ଼ା(ଡ଼ି)—ଦେ. ବି (ସଂ. ସମୁଦ୍ର+ଲହରୀ)—ସମୁଦ୍ର ଲହରୀ
Samudra labaṛḍā(ṛḍi) (ଦେଖ)—Samudra laharī
समुद्र ढेउ समुद्र लहर (See)

ସମୁଦ୍ର ଲହରୀ—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର ଉତ୍ତାଳ ତରଙ୍ଗ;
Samudra laharī ସମୁଦ୍ର ପାଣିର ପୃଷ୍ଠରେ ଅପାରତରୁ ଜାତ
ସମୁଦ୍ରତରଙ୍ଗ, ସମୁଦ୍ରୋର୍ମି, ସମୁଦ୍ରୋଚ୍ଛ୍ୱାସ } ଅନ୍ୟରୂପ ବଡ଼ ବଡ଼ ଢେଉ—Big waves; billows; the waves of the sea.

ସମୁଦ୍ର ସୁଭଗା—ସଂ. ବି—ଗଙ୍ଗାନଦୀ—
Samudra subhagā The river Ganges (Apte).

ସମୁଦ୍ର ସ୍ନାନ—ସଂ. ବି (୭ମୀ ତତ୍)—ସମୁଦ୍ର ଜଳରେ ଗାଧୋଇବା—
Samudra snāna Sea bath.

ସମୁଦ୍ରା—ସଂ. ବି—୧ । ଅମ୍ବ ଅଦା; ଅମ୍ବଗନ୍ଧିଅ ଗଛ—1. The
Samudrā plant Zedoary (Apte). ୨ । ଶମୀବୃକ୍ଷ—
2. Acacia Suma (tree).

ସମୁଦ୍ରାନ୍ତ—ସଂ. ବି (୬ଷ୍ଠୀ ତତ୍)—୧ । ସମୁଦ୍ରକୂଳ—1. The
Samudrānta sea shore (Apte). ୨ । ଜାଇଫଳ—
2. Nutmeg (Apte). ସଂ. ବିଣ (ବହୁବ୍ରୀହି)—
ସମୁଦ୍ରଦ୍ୱାରା ସୀମାବଦ୍ଧିତ—Bounded by the sea.

ସମୁଦ୍ରାନ୍ତା—ସଂ. ବି (ବୈଦ୍ୟକ)—୧ । ପିଡ଼ଙ୍ଗ ଶାଗ; ସ୍ପୃକ୍କା—
Samudrāntā 1. A potherb; Trigonella Corniculata; ୨ । କାର୍ପାସୀ; କପାଗଛ—2. Cotton plant; Gossypium Herbaceum. ୩ । ଦୁରାଳଭା—3. A thorny shrub; Alhagi Maurorum. ୪ । ପୃଥିବୀ—4. The earth.

ସମୁଦ୍ରାରୁ—ସଂ. ବି (ସମୁଦ୍ର+ଅ+ର୍ ଧାତୁ=ଗମନ କରିବା+
Samudrāru କ୍ୱିଂ· ଉ)—୧ । କୁମ୍ଭୀର—1. Crocodile.
୨ । ତିମିଙ୍ଗିଳ ମତ୍ସ୍ୟ—2. A large fabulous animal; devourer of whales. ୩ । ସେତୁବନ୍ଧ; ଶ୍ରୀରାମଙ୍କଦ୍ୱାରା ନିର୍ମିତ ସମୁଦ୍ର ସେତୁ—3. Adam's bridge constructed by Rāmachandra.

ସମୁଦ୍ରୀ(ଦ୍ରି)ୟ—ସଂ. ବିଣ (ସମୁଦ୍ର+ଈୟ; ଇୟ)—୧ । ସାମୁଦ୍ରିକ;
Samudrī(dri)ya ସମୁଦ୍ର ସମ୍ବନ୍ଧୀୟ—1. Relating to
(ସମୁଦ୍ରୀୟ—ଅନ୍ୟରୂପ) the sea; maritime; marine. oceanic. ୨ । ସମୁଦ୍ରଜାତ—2. Born of the sea.

ସମୁଧା ସମୁଧି—ଦେ. ବି—ସମଧା ସମଧି (ଦେଖ)
Samudhā samudhi Samadhā samadhi (See)

ସମୁଧୀ—ଦେ· ବି· ପୁଂ (ସଂ. ସମ୍ବନ୍ଧୀ)—ସମୁଦି (ଦେଖ)—
Samudhī बेआई समधी Samudī (See)
[ସମୁଧୁଣୀ, ସମୁଧିଅଣୀ—ସ୍ତ୍ରୀ]

ସମୁନାଥ—ଗ୍ରା· ବି (ନାମ) (ସଂ. ସୋମନାଥ)—ସୋମନାଥର ଡାକ
Samunātha ନାମ—Name for calling Somanātha.
(ସମୁନାଥିଆ—ଅନାଦରାର୍ଥକରୂପ)

ସମୁନାଥ ବ୍ରତ—ଗ୍ରା. ବି—ସୋମନାଥ ବ୍ରତ (ଦେଖ)
Samunātha brata Somanātha brata (See)

ସମୁନ୍ଦନ—ସଂ. ବି (ସମ୍+ଉନ୍ଦ୍ ଧାତୁ=ଓଦା କରିବା; ଓଦା ହେବା
Samundana +ଭାବ. ଅନ)—୧ । ଓଦା କରିବା—
1. Moistening (Apte). ୨ । ଆର୍ଦ୍ରତା—
2. Wetness; moisture (Apte).

ସମୁନ୍ଦୀ(ନ୍ଧୀ)—ଦେ· ବି· ପୁଂ (ସଂ. ସମ୍ବନ୍ଧୀ)—ସମୁଦି (ଦେଖ)—
Samundī(ndhī) Samudī (See) [ଯଥା—କନ୍ୟା ତାତ
बेआई समधी କୁ ଉନ୍ନ ଦେଇ । ସମୁନ୍ଦୀ ଚରଣେ ବନ୍ଦୋଶ୍ରୀ—
ଉପଭଙ୍ଗ· ପ୍ରେମସୁଧାମୃତ ।]
[ସମୁନ୍ଦୁ(ନ୍ଧୁ)ଅଣୀ, ସମୁନ୍ଦୁ(ନ୍ଧୁ)ଣୀ—ସ୍ତ୍ରୀ]

ସମୁନ୍ନ—ସଂ. ବିଣ (ସମ୍+ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ· ତ)—
Samunna ଆର୍ଦ୍ର; ଓଦା—Moist; wet (Apte).

ସମୁନ୍ନତ—ସଂ. ବିଣ (ସମ୍+ଉନ୍ନତ)—୧ । ଅତ୍ୟନ୍ତ ଉଚ୍ଚ—1. Very
Samunnata high; lofty; elevated. ୨ । ଉଚ୍ଚପଦସ୍ଥ—
[ସମୁନ୍ନତି, ସମୁନ୍ନୟନ—ଅନ୍ୟରୂପ] 2. Of high position exalted. ୩ । ମହତ୍—3. Great; noble; sublime. ୪ । ଉନ୍ନତି ପ୍ରାପ୍ତ; ସମୃଦ୍ଧ—4. Prosperous; improved. ୫ । ଉପରକୁ ଟେକା ଯାଇଥିବା; ଉତ୍ତୋଳିତ—5. Lifted up; upraised. (Apte). ୬ । ଗର୍ବିତ—6. Proud (Apte) ୭ । ନ୍ୟାୟପ୍ରିୟ—7. Upright; just (Apte) ୮ । ବାହାରକୁ ବାହାରିଥିବା—8. Projecting (Apte).

ସମୁନ୍ନତି—ସଂ· ବି (ସମ୍+ଉନ୍ନତି)—୧ । ବିଶେଷ ଉନ୍ନତି; ସମୃଦ୍ଧି—
Samunnati 1. Much improvement; prosperity. ୨ । ଉଚ୍ଚ ଅବସ୍ଥା ପ୍ରାପ୍ତି—2. Elevation; exaltation. ୩ । ଉଚ୍ଚତା—3. Height; loftiness. ୪ । ଉତ୍ତୋଳନ—4. Lifting; raising (Apte). ୫ । ଉଚ୍ଚ ଅବସ୍ଥା—5. Eminence; high position (Apte). ୬ । ସମ୍ମାନ; ମର୍ଯ୍ୟାଦା—6. Dignity (Apte). ୭ । ବୃଦ୍ଧି—7. Increase (Apte). ୮ । ସଫଳତା—8. Success (Apte). ୯ । ଗର୍ବ—9. Pride; arrogance (Apte).

ସମୁନ୍ନଦ୍ଧ—ସଂ· ବିଣ (ସମ୍+ଉତ୍+ନହ୍ ଧାତୁ=ବାନ୍ଧିବା+କର୍ତ୍ତୃ.
Samunnaddha ତ)—୧ । ଗର୍ବିତ—1. Bloated with pride; arrogant. ୨ । ପଣ୍ଡିତମନ୍ୟ—2. Thinking one's self as very learned; conceited. ୩ । ପ୍ରଧାନ; ଶ୍ରେଷ୍ଠ—3. Principal; supreme. ୪ । ଉଦ୍‌ବଦ୍ଧ—4. Bound down; hung up; suspended. ୫ । ବଦ୍ଧ—5. Bound.

୬ । ଉଚ୍ଚ; ଉନ୍ନତ—6. Elevated; exalted (Apte). ୭ । ସ୍ଫୀତ—7. Swollen (Apte). ୮ । ପୂର୍ଣ୍ଣ—8. Full (Apte)

ସମୁନ୍ନୟନ—ସଂ. ବି (ସମ୍+ଉନ୍ନୟନ)—୧ । କୌଣସି ବସ୍ତୁକୁ ଉଚ୍ଚ Samunnayana କରିବା—1. Act of elevating. (ସମୁନ୍ନୀ—ଅନ୍ୟରୂପ) ୨ । ଉପରକୁ ଉଠାଇବା; ଉତ୍ତୋଳନ—2. Lifting or raising up. ୩ । ଉଦ୍ଭାବନ—3. Invention. ୪ । ଉତ୍କ୍ଷେପଣ; ଉପରକୁ ଫୋପାଡ଼ିବା—4. Throwing up. ୫ । ପ୍ରାପ୍ତି—5. Getting; obtaining (Apte). ୬ । ଘଟଣା—6. Ocourence; event (Apte).

ସମୁନ୍ମୂଳନ—ସଂ. ବି (ସମ୍+ଉନ୍ମୂଳନ)—ଉପାଡ଼ି ଦେବା; Samunmūlana ନିର୍ମୂଳୀକରଣ—Uprooting; (ସମୁନ୍ମୂଳିତ—ବିଣ) eradication.

ସମୁପଗମ—ସଂ. ବି (ସମ୍+ଉପଗମ)—୧ । ନିକଟକୁ ଆସିବା; Samupagama ନିକଟାଗମନ—1. Approach (ସମୁପଗତ—ବିଣ) (Apte). ୨ । ସଂସ୍ପର୍ଶ—2. Contact (Apte).

ସମୁପଚିତ—ସଂ. ବିଣ (ସମ୍+ଉପ+ଚି ଧାତୁ=ଚୟନ କରିବା, Samupachita ଗଦାକରିବା+କର୍ମ. ତ)—୧ । ସମ୍ୟକ୍ (ସମୁପଚୟ—ବି) ବୃଦ୍ଧିପ୍ରାପ୍ତ—1. Much enlarged or increased. ୨ । ବହୁଳୀକୃତ—2. Magnified

ସମୁପଜୋଷସ୍—ସଂ. ଅ (ସମ୍+ଉପ୍+ଜୁଷ୍ ଧାତୁ=ସେବାକରିବା Samupajoshas +ଭାବ. ଅସ୍)—୧ । ଇଚ୍ଛାର ସମ୍ପୂର୍ଣ୍ଣ ଅନୁକୂଳରେ—1. Entirely according to wish (Apte) ୨ । ସୁଖରେ; ଆନନ୍ଦରେ—2. Happily (Apte).

ସମୁପଧାନ—ସଂ. ବି (ସମ୍+ଉପ+ଧା ଧାତୁ=ଧାରଣ କରିବା+ Samupadhāna ଭାବ. ଅନ)—୧ । ସମୁତ୍ପାଦନ— (ସମୁପହିତ—ବିଣ) 1. Producing. ୨ । ସ୍ଥାପନ—2. Placing. ୩ । ରଖାକରିବା—3. Saving.

ସମୁପବେଶ—ସଂ. ବି (ସମ୍+ଉପ+ବିଶ୍ ଧାତୁ ଭାବ. ଅ)—Samupabeśa ୧ । ଉପବେଶନ—1. Sitting. (ସମୁପବିଷ୍ଟ—ବିଣ) ୨ । ଅଭ୍ୟର୍ଥନା—2. Welcoming; entertaining. ୩ । ଏକତ୍ର ବସିବା—3 Sitting down together.

ସମୁପବେଶନ—ସଂ. ବି (ସମ୍+ଉପ+ବିଶ୍ ଧାତୁ+ଅଧି. ଅନ)—Samupabeśana ୧ । ଗୃହ; ବାସସ୍ଥାନ—1. Residence; habitation (Apte). ୨ । (ସମ୍+ଉପ+ବିଶ୍. ଧାତୁ ଣିଚ୍+ଭାବ. ଅନ)—୨ । ବସାଇଦେବା—2. Setting down.

ସମୁପଯୁକ୍ତ—ସଂ. ବିଣ (ସମ୍+ଉପଯୁକ୍ତ)—ସମ୍ୟକ୍ ଉପଯୁକ୍ତ—Samupajukta Befitting. (ସମୁପଯୋଗ୍ୟ—ଅନ୍ୟରୂପ)

ସମୁପସ୍ଥିତ—ସଂ. ବିଣ (ସମ୍+ଉପସ୍ଥିତ)—୧ । ଉପସ୍ଥିତ; ପହଞ୍ଚିଥିବା-Samupasthita 1. Present; arrived. (ସମୁପସ୍ଥାନ, ସମୁପସ୍ଥିତି—ବି) ୨ । ସମୁପେତ (ଦେଖ) 2. Samupeta (See). ୩ । ଘଟିଥିବା—3. Happened; occurred. ୪ । ନିକଟସ୍ଥ—4. Near; proximate.

ସମୁପାର୍ଜ୍ଜନ—ସଂ. ବି (ସମ୍+ଉପାର୍ଜ୍ଜନ)—୧ । ଏକତ୍ର ଅର୍ଜ୍ଜନ—Samupārjana 1. Acquiring together. (ସମୁପାର୍ଜ୍ଜିତ—ବିଣ) ୨ । ଏକସମୟରେ ଅର୍ଜ୍ଜନ—2. Simultaneous acquisition.

ସମୁପେତ—ସଂ.ବିଣ (ସମ୍+ଉପେତ)—୧ । ସମାଗତ; ଏକତ୍ର ଉପସ୍ଥିତ-Samupeta 1. Come together; assembled. ୨ । ଉପସ୍ଥିତ—2. Arrived at (Apte). ୩ । (ଦ୍ୱାରା) ଅଧ୍ୟୁଷିତ—3. Inhabited by (Apte). ୪ । ଯୁକ୍ତ; ବିଶିଷ୍ଟ—4. Furnished with; possessed of [Apte].

ସମୁପେୟିବାନ୍—ସଂ. ବିଣ. ପୁଂ (ସମ୍+ଉପ+ଇ· ଧାତୁ=ଯିବା+ Samupeyibān କର୍ତ୍ତୃ. ବସୁ; ସମୁପେୟିବସ୍ ୧ମା. ୧ବ)—(ସମୁପେୟୁଷୀ—ସ୍ତ୍ରୀ) ୧ । ସମୁପସ୍ଥିତ (ଦେଖ)—1, Samupasthita. (See) ୨ । ସମୁପେତ (ଦେଖ)—2. Samupeta. (See)

ସମୁପୋଢ଼—ସଂ. ବିଣ (ସମ୍+ଉପ+ବହ୍· ଧାତୁ=ବହନ କରିବା+ Samupordha କର୍ମ. ତ)—୧ । ଦମିତ—1. Controlled; checked; restrained. ୨ । ଜାତ; ସମୁତ୍ପନ୍ନ—2. Produced; born. ୩ । ସମାସନ୍ନ—3. Impending. ୪ । ସମୁଦ୍ଗତ; ଉପରକୁ ଉଠିଥିବା—4. Risen; gone upwards. ୫ । ସଂଗତ—5. Assembled; collected. ୬ । ବୃଦ୍ଧିପ୍ରାପ୍ତ; ବର୍ଦ୍ଧିତ—6. Increased. (Apte). ୭ । ଆରବ୍ଧ—7. Begun. (Apte). ୮ । ନିକଟକୁ ଆଗତ—8. Brought near. (Apte).

ସମୁର୍ବ(ର୍ବ)ର—ସଂ. ବିଣ (ସମ୍+ଉର୍ବର)—ଅତ୍ୟନ୍ତ ଉର୍ବର—Very Samurba(rbba)ra fertile. (ଉ—× × ×କରେ ସମୁର୍ବର, ଜ୍ଞାନ-ଭକ୍ତି-ପ୍ରୀତି-ଜଳେ ହୃଦୟ-ଉପରେ । ଚିନ୍ତାମଣି. ଜନମାଦଟ୍ୟ ।)

ସମୁଲ୍ଲ(ଲ୍ଲା)ସିତ—ସଂ. ବି (ସମ୍+ଉଲ୍ଲସିତ; ଉଲ୍ଲାସିତ)—୧ । ଅତ୍ୟନ୍ତ Samulla(llā)sita ଆନନ୍ଦିତ; ସମୁତ୍ଫୁଲ୍ଲ—1. Rejoic-(ସମୁଲ୍ଲାସ—ବି) ing; over-joyed; greatly delighted; exhilarated. ୨ । ଶୋଭିତ—2. Shining; looking beautiful. ୩ । କ୍ରୀଡ଼ାଶୀଳ—3. Playful. ୪ । ଅତି ଉଜ୍ଜ୍ୱଳ—4. Very brilliant.

ସମୁଲ୍ଲସିବା—ଦେ. କ୍ରି (ପଦ୍ୟ)—ସମୁଲ୍ଲସିତ ହେବା—To be glad or delighted. (ଉ—ହୃଦ ସଦନ ଭବନ ସମୁଲ୍ଲସି ଥରେ । ଜଗନ୍ନାଥ. ସଂଗୀତ ।)
Samullasibā
সম্মুল্লসিত হওয়া **समुल्लसित होना**

ସମୁଲ୍ଲାସିବା—ଦେ. କ୍ରି (ଦେଶ୍ୟ) (ସମୁଲ୍ଲସିବାର ଣିଜନ୍ତ ରୂପ)—ଉଲ୍ଲାସିତ କରିବା; ଆନନ୍ଦିତ କରାଇବା—To delight. (ଉ—କଳେ ବସୁନ୍ଧରେଶ ଅହେତୁକଭାବରେ ଅହେତୁଗଣରେ ସମୁଲ୍ଲାସିଲ ରେ । ଜଗନ୍ନାଥ. ସଙ୍ଗୀତ ।)
Samullāsibā
সমুল্লাসিত করা **समुल्लसित करना**

ସମୁଲ୍ଲେଖ—ସଂ. ବି. (ସମ୍+ଉଲ୍ଲେଖ)—୧ । ସମ୍ୟକ୍ ଉଲ୍ଲେଖ—1. Special mention. ୨ । ଖନନ; (ସମୁଲ୍ଲେଖନ—ଅନ୍ୟରୂପ) ଖୋଦନ—2. Engraving. ୩ । [ସମୁଲ୍ଲିଖିତ, ସମୁଲ୍ଲେଖିତ—ବିଣ] ଘର୍ଷଣ କରିବା—3. Scratching. ୪ । ଘୃଷ୍ଟିବା—4. Scraping. ୫ । କଥନ—5. Talking, speaking.
Samullekha

ସମୂଢ଼—ସଂ. ବିଣ (ସମ୍+ବହ୍ ଧାତୁ=ବହନ କରିବା+କର୍ମ.ତ)—୧ । ଊଢ଼; ବିବାହିତ—1. Married. ୨ । ଧୃତ—2. Caught. ୩ । ରାଶୀକୃତ—3. Heaped up; accumulated. ୪ । ଶୋଧିତ—4. Rectified; purified. ୫ । ଭଗ୍ନ; କୁଞ୍ଚିତ—5. Bent; crooked. ୬ । ସଦ୍ୟୋଜାତ—6. Produced afresh. ୭ । ପରିଷ୍କୃତ—7. Cleansed. ୮ । ଦମିତ—8. Restrained. ୯ । ଅନୁଦ୍ଧତ—9. Tranquilised. ୧୦ । ସଙ୍ଗତ—10. Associated. ୧୧ । ଏକତ୍ରୀକୃତ—11. Assembled. (Apte) ୧୨ । ସଂଗୃହୀତ—12. Collected. (Apte) ୧୩ । ଗୂଢ଼ଅଭେ ଅଚ୍ଛନ୍ନ—13. Enveloped. (Apte). ୧୪ । ବାହିତ—14. Borne along. (Apte) ୧୫ । ନୀୟମାନ—15. Led; conducted. (Apte)
Samūḍha

ସମୂରୁ(ରୁ)—ସଂ. ବି (ସମ୍=ଶୋଭନ+ଉରୁ ଯାହାର; ବହୁବ୍ରୀହି)—ଏକପ୍ରକାର ମୃଗ—A species of deer. (ସମୂରୁକ—ଅନ୍ୟରୂପ)
Samūru(ra)

ସମୂଳ—ସଂ. ବିଣ (ସ=ସହ+ମୂଳ)—୧ । ମୂଳ ସହିତ—1. With the root; with the root (ସମୂଳକ—ଅନ୍ୟରୂପ) attached to it. ୨ । କାରଣ ସହିତ; [ନିର୍ମୂଳ, ଅମୂଳକ—ବିପରୀତ] ସକାରଣ—2. Having foundation; well-founded. ୩ । ସହେତୁକ—3. Having cause. ଦେ. କ୍ରି. ବିଣ (ସଂ. ସମୂଳଂ)—ସମୂଳେ (ଦେଖ)—Samūle (See). ଦେ. ବିଣ—ନିର୍ଣ୍ଣିତ, ସ୍ଥିର—Ascertained (ଉ—ବନି କରିଛ ଯେ ରମଣୀମଣିକି ସମୂଳ କରିବା ଚାହିଁ । ଉପେନ୍ଦ୍ର. ବୈଦେହୀଶବିଳାସ ।)
Samūla
সমূল **समूल**
স্থির **स्थिर**

ସମୂଳେ—ଦେ. କ୍ରି. ବିଣ (ସଂ. ସମୂଳଂ)—୧ । ମୂଳ ବା ଚେର ସହିତ—1. With root. ୨ । ସମ୍ପୂର୍ଣ୍ଣରୂପେ—2. Completely. ୩ । ଆଦ୍ୟରୁ ନିଶେଷ—3. Including the beginning. ୪ । ଆଦ୍ୟରୁ ଆରମ୍ଭ କରି—4. From the beginning. ୫ । ମୂଳପୋଛି କରି—5. From the very root; by tearing up the root.
Samūle
সমূলে **समूल**

ସମୂଳେ(ସମୂଳରେ) ନାଶ(ନଷ୍ଟ, ବିନାଶ, ନିର୍ମୂଳ) ହେବା (ପାଇବା, ଲଭିବା)—ଦେ. କ୍ରି—୧ । ମୂଳ ଲୋପ ହେବା—1. To be extinct. ୨ । ମୂଳ ସହିତ ଉଚ୍ଛେଦପ୍ରାପ୍ତ ହେବା; ସମୂତ୍ପାଟିତ ହେବା—2. To be eradicated. ୩ । ଉଦ୍ଧୃତ ହେବା—3. To be exterminated.
Samūle(samūlare) nāśa (nashṭa, bināśa, nirmūla) heba (pāibā, labhibā)
সমূলে নির্মূল (নষ্ট; নাশ) হওয়া **समूल नाश होना**

ସମୂଳେ ନିର୍ମୂଳ—ଦେ. ବି (ସଂ. ବାକ୍ୟ "ସମୂଳଂ ବିନଶ୍ୟତି"=ମୂଳ ସହିତ ନାଶ ହେବା)—(ସମୂଳେ ବିନଶ୍ୟତି—ଅନ୍ୟରୂପ) ୧ । ମୂଳୋଚ୍ଛେଦ; ବିନାଶ—1. Eradication; extinction. ୨ । ମୂଳ ଲୋପ—2. Extinction; extermination.
Samūle nirmūla
সমূলে নির্মূল **समूल नाश**

ସମୂହ—ସଂ. ବି (ସମ୍+ବହ୍ ଧାତୁ=ବହନ କରିବା+ଭାବେ ଅ)—୧ । ସମୁଦାୟ; ସମସ୍ତ—1. All; whole; entirety. ୨ । ରାଶି—2. Heap; collection. ୩ । ନିକର; ଗଣ; ସମାହାର—3. Multitude; assemblage; aggregate. ୪ । ଦଳ—4. Flock; troop; (Apte). ୫ । (ସମ୍+ଊହ୍ ଧାତୁ=ତର୍କ କରିବା+ଭାବ ଅ)—ସମ୍ୟକ୍ ତର୍କ—5. Special argument. ୬ । ବହୁତ ତର୍କ—6. Much argument. ୭ । ଅତ୍ୟନ୍ତ ସନ୍ଦେହ—7. Great doubt. ଦେ. ବିଣ.—୧ । ସମୁଦାୟ—1. All; entire; whole. ୨ । ବହୁ; ଅନେକ—2. Many; much. ୩ । ଏକ ଜାତୀୟ ବହୁ—3. Many of the same class or species. ୪ । ପ୍ରଚୁର; ଅତ୍ୟନ୍ତ; ଅତ୍ୟଧିକ—4. Excessive. [ଦ୍ର—ଅନ୍ୟ ଶବ୍ଦ ପରେ ବ୍ୟବହୃତ ହେଲେ ବହୁବଚନ ସୂଚନା କରେ । ଯଥା—ପ୍ରାଣି ସମୂହ ।] ଦେ. ବି—ଗ୍ରାମର ବା ସମାଜର ସମ୍ମିଳିତ ବ୍ୟକ୍ତିଗଣ ବା ସଂଘ—All the members of a community acting jointly. [ସଂସ୍କୃତ ଭାଷାରେ ସମୂହ, ସମୁଦାୟ, ଅଧିକାଂଶ ପ୍ରଭୃତି ଶବ୍ଦ କେବଳ ବିଶେଷ୍ୟ ରୂପେ ବ୍ୟବହୃତ ହୁଏ । ମାତ୍ର ଓଡ଼ିଆରେ ଏସବୁ ଶବ୍ଦ ବିଶେଷ୍ୟ ଓ ବିଶେଷଣ ଉଭୟ ଭାବରେ ବ୍ୟବହୃତ ହୋଇଥାଏ ।]
Samūha
সমূহ **समूह**

ସମୂହ କ୍ଷତି—ସ. ବି—୧ । ଅତ୍ୟନ୍ତ କ୍ଷତି—Much loss. ୨ । Samūha kshati ସବୁ ବାଗରେ କ୍ଷତି—2. Loss on all sides. ୩ । ଯେଉଁ କ୍ଷତି ସମସ୍ତ ସମାଜର ଅଟେ—3. General loss. [ଦ୍ର—ଏହିପରି ସମୂହ ବଚନ, ସମୂହ ଲାଭ, ସମୂହହିତ, ସମୂହ ମଙ୍ଗଳ ଇତ୍ୟାଦି ଭାଷାରେ ବ୍ୟବହୃତ ହୁଏ ।]

ସମୂହନ—ସ. ବି (ସମ୍+ଉହ୍ ଧାତୁ+ଭାବ. ଅନ)-୧ । ଏକଶ୍ରୀ କରଣ- Samūhana 1. Bringing together. ୨ । ସଙ୍ଗ୍ରହ- 2. Collection; compilation.

ସମୂହନୀ—ସ. ବି [ସମୂହ=(ଅଳଅର) ରାଶି+ନୀ ଧାତୁ=ନେବା +କର୍ତ୍ତ୍ଦ ଅ+ସ୍ତ୍ରୀ ଈ]—ସମ୍ମାର୍ଜନୀ; ଝାଡ଼ୁ— Samūhani Broom; sweeping brush.

ସମୂହରେ କାମ କରିବା—ଦେ. କି—ବହୁଲୋକ ସମ୍ମିଳିତ ହୋଇ Samūhare kāma karibā କାର୍ଯ୍ୟ କରିବା—To act conjointly.
ସମୂହେ କାଯ କରা
समूहमें काम करना

ସମୂହାବଲମ୍ବନ ଜ୍ଞାନ—ସ. ବି (ଦର୍ଶନ ଶାସ୍ତ୍ର)—ବହୁତା ବା ସମାହାର Samuhābalambana jnāna ସଂବନ୍ଧୀୟ ଜ୍ଞାନ—(philosophy) Perception of simultaneity or entity.

ସମୂହ୍ୟ—ସ. ବି (ସମ୍+ଉହ୍ ଧାତୁ+କର୍ମ. ଯ)-୧ । ଯଜ୍ଞୀୟ ଅଗ୍ନି- Samūhya ବିଶେଷ—1. A kind of sacrificial fire. ୨ । ଯଜ୍ଞାଗ୍ନିର ସଂସ୍କାର ବିଶେଷ—2. A kind of vedic ritual for consecration of fire. ସ. ବଣ (ସମ୍+ଉହ ଧାତୁ+କର୍ମ ଯ)—ତର୍କଣୀୟ—Arguable.

ସମୃଦ୍ଧ—ସଂ. ବଣ (ସମ୍+ଋଧ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତ୍ତି. ତ)— Samṛuddha ୧ । ସମ୍ୟକ୍ ବୃଦ୍ଧି ପ୍ରାପ୍ତ—1. Much in- (ସମୃଦ୍ଧି—ବି) creased; full grown. ୨ । ସମୁନ୍ନତ—2. Exalted; elevated. ୩ । ବିଭବଶାଳୀ; ସଂପତ୍ତିବାନ୍; ଧନପୂର୍ଣ୍ଣ—3. Rich; wealthy. ୪ । ସମୃଦ୍ଧିଯୁକ୍ତ; ଶ୍ରୀବୃଦ୍ଧିଶାଳୀ—4. Prosperous; thriving; flourishing. ୫ । କଲ୍ୟାଣ ଯୁକ୍ତ—5. Auspicious; blessed; blissful. ୬ । (+କର୍ମ. ତ) ଉତ୍ପନ୍ନ; ଜାତ—6. Born; produced. ୭ । ସୁଖୀ—7. Happy. ୮ । ଭାଗ୍ୟବାନ୍—8. Fortunate. ୯ । ଫଳ ପୂର୍ଣ୍ଣ—9. Fruitful (Apte). ୧୦ । ପୂର୍ଣ୍ଣ—10. Full; complete; entire (Apte). ୧୧ । ବହୁଳ; ପ୍ରଚୁର—11. Copious; abundant (Apte).

ସମୃଦ୍ଧି—ସଂ. ବି (ସମ୍+ଋଧ୍ ଧାତୁ=ବଢ଼ିବା+ଭାବ. ତି)— Samṛuddhi ୧ । ସମ୍ୟକ୍ ବୃଦ୍ଧି—1. Increase; great growth. ୨ । ସମୁନ୍ନତି; ଉନ୍ନତି—2. Great improvement. ୩ । ସଂପତ୍ତି; ବିଭବ—3. Riches; wealth; affluence; opulence. ୪ । କଲ୍ୟାଣ; ଶ୍ରେୟଃ; ମଙ୍ଗଳ—4. Weal. ୫ । ସୁଖ—5. Happiness; bliss. ୬ । ଶ୍ରୀବୃଦ୍ଧି—6. Prosperity. ୭ । ଉତ୍ପତ୍ତି—7. Production. ୮ । ପ୍ରାଚୁର୍ଯ୍ୟ—8. Exuberance; profusion; abundance (Apte). ୯ । କ୍ଷମତା—9. Power. ୧୦ । ପ୍ରଭୁତ୍ୱ—10. Supremacy (Apte).

ସମୃଦ୍ଧିମନ୍ତ—ଦେ. ବଣ (ସଂ. ସମୃଦ୍ଧିମତ୍)—ସମୃଦ୍ଧିମାନ୍ (ଦେଖ) Samṛuddhi manta Samṛuddhimān (See)
(ସମୃଦ୍ଧିମାନ୍—ସଂ ରୂପ) [ଦ୍ର—ମନ୍ତ ସଂସ୍କୃତରେ ଦେଖ ଶୁଦ୍ଧ, ସମୃଦ୍ধিমন্ত ସମୃଦ୍ଧିମାନ ସାଧାବାନ୍ତ । ପ୍ରାଚୀ. ତୁଳିତମ
समृद्धिमन्त
ଦେବେ ।ଦସ୍ୟୁ ।]

ସମୃଦ୍ଧିମାନ୍—ସଂ. ବଣ. ପୁଂ (ସମୃଦ୍ଧିମତ୍ ଶବ୍ଦ; ୧ମା. ୧ବ)— Samṛuddhimān ୧ । ସମୃଦ୍ଧିବିଶିଷ୍ଟ; ଶ୍ରୀବୃଦ୍ଧିଯୁକ୍ତ— (ସମୃଦ୍ଧିମତୀ—ସ୍ତ୍ରୀ) 1. Grand; prosperous; thriving. (ସମୃଦ୍ଧିମତ୍ତ୍ୱ—ବି) ୨ । ଉନ୍ନତିଶୀଳ—2. Improving. ୩ । ଧନଶାଳୀ—3. Rich; opulent.

ସମୃଦ୍ଧିଶାଳୀ—ସଂ. ବଣ. ପୁଂ (ସମୃଦ୍ଧିଶାଳିନ୍ ଶବ୍ଦ; ୧ମା. ୧ବ)— Samṛuddhisāli ସମୃଦ୍ଧିମାନ୍ (ଦେଖ)
(ସମୃଦ୍ଧିଶୀଳ—ଅନ୍ୟରୂପ) Samṛuddhimān (See)
(ସମୃଦ୍ଧିଶାଳିନୀ, ସମୃଦ୍ଧିଶୀଳା—ସ୍ତ୍ରୀ)
(ସମୃଦ୍ଧିଶାଳିତା, ସମୃଦ୍ଧିଶୀଳତା—ବି)

ସମୃଦ୍ଧି ସଂପନ୍ନ—ସଂ. ବଣ. ପୁଂ (ତସ୍ୟା ତତ୍)—ସମୃଦ୍ଧିମାନ୍ (ଦେଖ) Samṛuddhi sampanna Samṛuddhimān (See)
(ସମୃଦ୍ଧି ସଂପନ୍ନା—ସ୍ତ୍ରୀ)

ସମେ—ଦେ. କି. ବିଣ (ଦେଶ୍ୟ) (ସଂ. ସମମ୍)—୧ । ସମାନ ସଂଖ୍ୟା- Same ବିଶିଷ୍ଟ ଦଳରେ—1. In equal batches.
ସমানে [ଦ୍ର—ସମେ ହୋଇଲେ ଗୃହ ଭାଗ, ଖୋଜନ୍ତି ବନ
समानमें ବୃନ୍ଦ ଭାଗ । ଲୁପ୍ତ. ପ୍ରେମପଞ୍ଚାମୃତ ।] ୨ । ସମାନ ରୂପରେ—2. Equally. [ଦ୍ର—ସମେ ପ୍ରକାଶ ସବୁଠାରେ, ଜଳୁଛ କାହ୍ୟ ଅବ୍ୟକ୍ତରେ । ଜଗନ୍ନାଥ. ଭାଗବତ ।]

ସମେତ୍—ଦେ. ବଣ (ସଂ. ସମେତ)—ସମେତ; ସହିତ— Samet With; associated with; including.
ସমেত **समेत**

ସମେତ—ସଂ. ବଣ (ସମ୍+ଆ+ଇ ଧାତୁ=ଯିବା+କର୍ତ୍ତ୍ତି. ତ)— Sameta ୧ । ସହିତ—1. Together with; accompanied by. ୨ । ସହିତ ଯୁକ୍ତ; ସଙ୍ଗେ ଯୁକ୍ତ—2. Conjoined or associated with; combined with. ୩ । ସଂଗତ; ସଂଯୁକ୍ତ-3. Joined; attached. ୪ । ପ୍ରାପ୍ତ—4. Got; received. ୫ । ଉପସ୍ଥିତ—5. Present. ୬ । ସମୁପସ୍ଥିତ—6. Arrived at. ୭ । ଏକତ୍ର ମିଳିତ—7. Come or met together; united (Apte). ୮ ।

କଳଙ୍କକୁ ଅଗତ—8. Come near; approached (Apte). ୯ । ବାଧାକୁ ପାଇଥିବା—9. Come into collusion with; encountered by (Apte). ୧୦ । ଏକମତ; ସ୍ୱୀକୃତ—10. Agreed upon (Apte). ୧୧ । (ଅମୁକକୁ) ମିଶାଇ—11. Including.

ସମେତେ—ଗ୍ରା. ଅ—ସହିତ—With. [ଉ—ଗୋବନ୍ଦ ମୁଖ୍ୟ Samete ଅବ କର, ଭୂମି ସମେତେ ଯେତେ ନାସ୍ତ । ସେ ଧର୍ମ সমেত(তে) ଅନ୍ତରେ ଜାଣିଲେ, ସତ୍ତେ କହ ନ ବୋଇଲେ— समेत ଜଗନ୍ନାଥ. ଭାଗବତ ।] ଗ୍ରା. ସର୍ବନାମ—ସମସ୍ତେ—All.

ସମେତେଣ—ଗ୍ରା. ଅ (ପଦ୍ୟ)—ସହିତ—With. [ଉ— Sametena ବସନ୍ତ ସଲସୁ ପବନ, ଷଡ଼ଋତୁଙ୍କ ସମେତେଣ । সমেতে(ত) ଭେଲ ମୋହ ମଦ ମତ୍ସର, ସଙ୍ଗେ ଘେନି ବଳ ସବୁର समेत —ଜଗନ୍ନାଥ. ଭାଗବତ ।]

ସମେଧିତ—ସଂ. ବି (ସମ୍+ଇନ୍ଧ୍ ଧାତୁ=ଜଳିବା; ଣିଚ୍ ଏଧ ଧାତୁ Samedhita +କର୍ମ. ତ)—୧ । ପ୍ରଜ୍ୱଳିତ—1. Enkindled; lighted; ignited. ୨ । ସମ୍ବର୍ଦ୍ଧିତ—2. Greatly increased. ୩ । ଉନ୍ନତ—3. Elevated. ୪ । ଉନ୍ନମିତ—4. Raised up. ୫ । ସବଳ; ବଳବାନ୍—5. Strong (Apte). ୬ । ସଂଯୁକ୍ତ—6. United (Apte).

ସମେଲେ—ଦେ. କି. ବଣ (ସଂ. ସମ୍ମିଳିତ)—୧ । ସମ୍ମିଳିତ ହୋଇ— Samele 1. Together; together with. [ଉ— সমেলে ବନାଇ ସୁମିତାସୁତ, ତାଉଲକ ଗୃହ ମିଶି । ଅଞ୍ଜନେୟ मिलकर କପିଗୋଳ, ଯୁତ ସମେଲେ—ଭଞ୍ଜ, ବୈଦେହୀଶ-ବିଳାସ ।] ୨ । ସମଭିବ୍ୟାହାରରେ—2. Accompanied by.

ସମୋଦକ—ସଂ. ବି—୧ । (କର୍ମଧା; ସମ+ଉଦକ) ସମ ପରିମିତ Samodaka ଜଳ—1. An equal quantity of water. ୨ । (ବହୁବ୍ରୀହି; ସମ ପରିମିତ ଉଦକ ଯହିଁରେ) ସମ-ପରିମିତ ଜଳଯୁକ୍ତ ଦଧି; ଯେଉଁ ଘୋଳରେ ଅଧେ ଦହି ଅଧେ ପାଣିଥାଏ; ମଥିତାର୍ଦ୍ଧାମ୍ବୁ ଦଧି—2. Churned curd containing whey and water in equal proportions; a mixture of half butter-milk and half water (Apte).

ସମୋପମା—ସଂ. ବି—ଉପମାଳଙ୍କାର ବିଶେଷ— Samopamā A class of simile.

ସମ୍ପକ୍ୱ—ସଂ. ବଣ (ସମ୍+ପକ୍ୱ)—୧ । ଉତ୍ତମରୂପେ ପାଚିଥିବା— Sampakwa 1. Fully riped. ୨ । ଉତ୍ତମରୂପେ ପାକ (ସଂପକ୍ୱ—ଅନ୍ୟରୂପ) କରି ଯାଇଥିବା—2. Well cooked.

ସମ୍ପତ୍ ପ୍ରଦ—ସଂ. ବଣ. ପୁଂ (ସମ୍ପଦ୍+ପ୍ର+ଦା ଧାତୁ+କର୍ତ୍ତୃ. ଅ)— Sampat prada ଯେ ସମ୍ପତ୍ତି ଦିଅନ୍ତି—Bestowing affluence or bliss. (ସମ୍ପତ୍ ପ୍ରଦା—ସ୍ତ୍ରୀ)

ସମ୍ପତ୍ ପ୍ରଦା ଭୈରବୀ—ସଂ ବି—ସମ୍ପତ୍ତି ପ୍ରଦାୟୀ ତନ୍ତ୍ରସାରୋକ୍ତା Sampat pradā bhairabī ଭୈରବୀବିଶେଷ—Name of a Goddess worshipped by the Tantrikas.

ସମ୍ପତ୍ ଶାଳୀ—ସଂ. ବଣ. ପୁଂ (ସମ୍ପଦ୍+ଅସ୍ତ୍ୟର୍ଥରେ ଶାଳିନ୍)— Sampat-sālī ସମ୍ପତ୍ତିଶାଳୀ (ଦେଖ)—Sampattisālī (See) (ସଂପତ୍ ଶାଳୀ—ଅନ୍ୟରୂପ) (ସମ୍ପତ୍ ଶାଳିନୀ—ସ୍ତ୍ରୀ) (ସମ୍ପତ୍ଶାଳିତା—ବି)

ସମ୍ପତି—ଗ୍ରା. ବି (ସଂ. ସମ୍ପତ୍ତି)—୧ । ସମ୍ପତ୍ତି—1. Property. Sampati ୨ । ଅବଲମ୍ବନ; ବ୍ୟବସାୟ—2. Occupation; সম্পতি resort. [ଉ—ବାଞ୍ଛା ମାଇପର ଏ ସମ୍ପତି । सम्पति ସିନ୍ଦୁର ଫରୁଅ ବଜାଉଥିବ—ଚଗ ।]

ସମ୍ପତ୍ତି—ସଂ. ବି (ସମ୍+ପଦ୍ ଧାତୁ=ପାଇବା, ମିଳିବା+କର୍ମ. ତି)— Sampatti ୧ । ଧନ; ଜାଏଦାଦ୍—1. Wealth; riches; (ସମ୍ପତ୍—ଅନ୍ୟରୂପ) property. ୨ । ଐଶ୍ୱର୍ଯ୍ୟ; ବିଭବ; ଧନ-[ବିପତ୍ତି—ବିପରୀତ] ବୃଦ୍ଧି—2. Prosperity; affluence; (ସମ୍ପନ୍ନ—ବଣ) opulence. (ଉ—ଘୋଡ଼ାଚଢ଼ା ଠାରୁଁ ସମ୍ପତ୍ତି ନାହିଁ, ଘରଘୋଡ଼ାଠାରୁଁ ବିପତ୍ତି ନାହିଁ । ଲୋ ।) ୩ । ଶୋଭା—3. Beauty. ୪ । ସୁଶୋଭତ୍ୱ—4. Excellence of quality. ୫ । ଗୌରବ—5. Glory; greatness. ୬ । ବଡ଼ିମା—6. Majesty. ୭ । ସୁଖ—7. Happiness; bliss. (ଉ—ତ୍ରିଦିବ ତ ସତ୍ତ୍ରୁରୀ ସମ୍ପତ୍ତି ନ ସହେ । କୃଷ୍ଣସିଂହ. ମହାଭାରତ. ସଭା ।) ୮ । ସୌଭାଗ୍ୟ—8. Good fortune. (ଉ—ଏଣୁ ରାଜ୍ୟ ଭୁଲେ ପାଇବ ପ୍ରିୟବର୍ଗ, ପୁତ୍ରକଳତ୍ର ପୁଣିହିଁ ଭୁଞ୍ଜିବ ସମ୍ପତ୍ତି । କୃଷ୍ଣସିଂହ. ମହାଭାରତ. ବନ ।) ୯ । ସାଫଲ୍ୟ—9. Success; fulfilment; accomplishment. (Apte) ୧୦ । ଉପଯୁକ୍ତ ଅବସ୍ଥା-10. Suitable state. (Apte) ୧୧ । ପ୍ରାଚୁର୍ଯ୍ୟ—11. Exuberance; plenty. (Apte) ୧୨ । ପୂର୍ଣ୍ଣତା—12. Perfection. (Apte) ଦେ. ବି— সম্পত্তি सम्पत्ति ଭୂସମ୍ପତ୍ତି—Landed property.

ସମ୍ପତ୍ତି ଅରଜିବା—ଦେ. କି—ଧନ ଅର୍ଜ୍ଜନ କରିବା— Sampatti arajibā To acquire or earn riches. সম্পত্তি ক(কা)মান सम्पत्ति अरजना (ସମ୍ପତ୍ତି ଅରଜନ କରିବା, ସମ୍ପତ୍ତି କମା[ମେ]ଇବା, ସମ୍ପତ୍ତି ଅର୍ଜ୍ଜିବା—ଅନ୍ୟରୂପ)

ସମ୍ପତ୍ତିଆ—ଦେ. ବଣ—ସମ୍ପତ୍ତିଶାଳୀ; ଧନବାନ୍; ଧନୀ— Sampattiā (ସମ୍ପତ୍ତିବାଲା—ଅନ୍ୟରୂପ) Wealthy. সম্পত্তিশালী सम्पत्तिवाला

ସମ୍ପତ୍ତିକ—ସଂ. ବଣ. ପୁଂ (ସମ୍ପତ୍ତି+କ)—ସମ୍ପତ୍ତିଶାଳୀ (ବଙ୍ଗକୋଷ) Sampattika [ସମ୍ପତ୍ତିକା—ସ୍ତ୍ରୀ] Affluent.

ସମ୍ପତ୍ତି କରିବା—ଦେ. କି—୧ । ସମ୍ପତ୍ତି ଅର୍ଜ୍ଜନ କରିବା—1. To Sampatti karibā earn riches; to acquire

সম্পত্তি করা wealth. ୨ । ଧନ ଜମାଇବା—2. To
सम्पत्ति करना amass wealth. ୩ । ଧନ ଦ୍ୱାରା ଭୂସମ୍ପତ୍ତି
କିଣିବା—3. To acquire or purchase landed property.

ସମ୍ପତ୍ତି କ୍ଷୟ—ସଂ. ବି (୬ଷ୍ଠୀ ତତ୍)—୧ । ଧନର ନାଶ—1. Loss
Sampatti kshaya of property. ୨ । ବିପତ୍ତି—
2. Adversity.

ସମ୍ପତ୍ତି ଗମା(ମେ)ଇବା—୧ । ସମ୍ପତ୍ତିକୁ ଅପବ୍ୟୟ କରିବା—1. To
Sampatti gamā(me)ibā squander away pro-
সম্পত্তি খোয়ান perty. ୨ । ବିତ୍ତ ବ୍ୟୟ ଓ ଦେଣା ଆଦି
सम्पत्ति गमाना ଯୋଗୁଁ ସ୍ୱସମ୍ପତ୍ତିଚ୍ୟୁତ ହେବା—2. To lose
(ସମ୍ପତ୍ତି ହରା[ରେ]ଇବା, ସମ୍ପତ୍ତି ଝେଲା[ଲେ]ଇବା-ଅନ୍ୟରୂପ) one's
[ସମ୍ପତ୍ତି ଜମା(ମେ)ଇବା—ବିପରୀତ] property.

ସମ୍ପତ୍ତି ନାଶ—ସଂ. ବି (୬ଷ୍ଠୀ ତତ୍)—୧ । ଧନର ନାଶ—1. Loss
Sampatti nāsa of property. ୨ । ଐଶ୍ୱର୍ଯ୍ୟ କ୍ଷୟ; ବିଭବ
ନାଶ—2. Adversity.

ସମ୍ପତ୍ତି ବାଜ୍ୟାପ୍ତି—ଦେ. ବି (ବିଚାରଅ)—କୌଣସି ଦୋଷର ଦଣ୍ଡସ୍ୱରୂପ
Sampatti bājyāpti ରାଜଆଜ୍ଞାରୁ ବିଧାନ ଅନୁସାରେ କୌଣସି
সম্পত্তি বাজেয়াফ্ত ଲୋକର ସମ୍ପତ୍ତି ତାହାଠାରୁ ଛଡ଼ାଇ ନିଆଯାଇ
सम्पत्ति बाज्ञाफति ସରକାରଙ୍କ ଖାସ୍ ଦଖଲକୁ ନିଆଯିବା—
Forfeiture of property.

ସମ୍ପତ୍ତିବାନ୍—ଦେ. ବିଣ—ଧନବାନ୍—
Sampattibān Rich; well-to-do.
সম্পত্তিবান্ सम्पत्तिवान् (ସମ୍ପତ୍ତିବନ୍ତ—ଅନ୍ୟରୂପ)

ସମ୍ପତ୍ତି ବିଜ୍ଞାନ—ସଂ. ବି (ଅଧୁନିକ)—ସମ୍ପତ୍ତିଶାସ୍ତ୍ର (ଦେଖ)
Sampatti bijnāna Sampattisāstra. (See)

ସମ୍ପତ୍ତି ବେଳ(ଳା)—ଦେ. ବି—ଐଶ୍ୱର୍ଯ୍ୟର ସମୟ; ଯେଉଁ ସମୟରେ
Sampatti beḻa(ḻā) ମନୁଷ୍ୟର ଐଶ୍ୱର୍ଯ୍ୟ ବୃଦ୍ଧି ହେଉଥାଏ—
সম্পত্তিরবেলা, সম্পদের বেলা Time of prosperity.
सम्पत्तिका बकत (ପ୍ର—ସମ୍ପତ୍ତିବେଳେ ଭୁଲର ନ କରିବ,
ବିପତ୍ତିବେଳେ କାତର ନ ହେବ—ଦଗ ।)

ସମ୍ପତ୍ତି ଶାସ୍ତ୍ର—ସଂ. ବି. (ଅଧୁନିକ)—ଧନ ବିଜ୍ଞାନ—
Sampatti Sāstra Economics; the science of property.

ସମ୍ପତ୍ତି ହୀନ—ସଂ. ବିଣ. ପୁଂ (ତୃତୀୟା ତତ୍)—୧ । ଧନହୀନ—
Sampatti hina 1. Having no property.
(ସମ୍ପତ୍ତିବିହୀନ— ଅନ୍ୟରୂପ) ୨ । ଗରିବ—2. Poor.
(ସମ୍ପତ୍ତିହୀନା, ସମ୍ପତ୍ତିବିହୀନା—ସ୍ତ୍ରୀ)

ସମ୍ପଦ୍—ସଂ. ବି (ସମ୍ +ପଦ୍ ଧାତୁ=ଯିବା, ପାଇବା+କର୍ମ. କ୍ୱିପ୍;
Sampad ୧ମା. ୧ବ)—୧ । ସମ୍ପତ୍ତି (ଦେଖ)—
(ସଂପଦ୍—ଅନ୍ୟରୂପ) 1. Sampatti (See)
(ବିପଦ୍—ବିପରୀତ) ୨ । ଅଳଙ୍କରଣ—2. Decoration.
(Apte). ୩ । ମୁକ୍ତାର ହାର—3. A necklace
of pearls (Apte). ୪ । ଯଥୋଚିତ ପ୍ରଣାଳୀ—
4. Right method (Apte).

ସମ୍ପଦ୍‌ବର—ସଂ. ବି. ପୁଂ (ସମ୍ପଦ୍ +ସଂଜ୍ଞାର୍ଥ ବର)—ରାଜା; ଭୂପତି—
Sampad-bara King.

ସମ୍ପଦ୍‌ବିନିମୟ—ସଂ. ବି (୬ଷ୍ଠୀ ତତ୍)—ପରସ୍ପର ମଧ୍ୟରେ ସମ୍ପତ୍ତିର
Sampad-binimaya ଅଦାନ ପ୍ରଦାନ—Exchange
of riches between each other.

ସମ୍ପଦ୍ ବିପଦ—ସଂ. ବି (ସମାହାର ଦ୍ୱନ୍ଦ୍ୱ; ସମ୍ପଦ୍ +ବିପଦ୍)—ସମ୍ପତ୍ତି ଓ
Sampad-bipad ବିପତ୍ତିର ସମାହାର (ଶବ୍ଦକୋଷ)—
Aggregate of prosperity and
[ସମ୍ପତ୍ତି ବିପତ୍ତି—ଅନ୍ୟରୂପ] adversity.

ସମ୍ପଦ—ଦେ. ବି (ସଂ. ସଂପଦ୍)—ସମ୍ପତ୍ତି (ଦେଖ)—
Sampada সম্পদ सम्पद् Sampatti (See)
(ବିପଦ--ବିପରୀତ) ସଂ. ବି (ବହୁବ୍ରୀହି; ସମ୍ +ପଦ)—
ଯୁକ୍ତ ପଦରେ ଠିଆହେବା (ଶବ୍ଦକୋଷ)—Standing
with the legs joined together.

ସମ୍ପଦ୍ ଲକ୍ଷଣ—ସଂ. ବି (ସମ୍ପଦ୍ +ଲକ୍ଷଣ; ୬ଷ୍ଠୀ ତତ୍)—
Sampad-lakshaṇa ଐଶ୍ୱର୍ଯ୍ୟର ଚିହ୍ନ—The sign of
[ସମ୍ପଲ୍ଲକ୍ଷଣ—ଅନ୍ୟରୂପ] prosperity (Apte).

ସମ୍ପଧି—ଗ୍ରା. ବି (ପ୍ରାଚୀନ ପଦ୍ୟ) (ସଂ. ସମ୍ପଦ୍)—ସମ୍ପତ୍ତି (ଦେଖ)—
Sampadhi Sampatti (See) (ପ୍ର—ଜନ୍ମର
କାଳରେ ବଳ ବିପତ୍ତି ବୃଦ୍ଧି, ଅବଳରେ ହରାଇଲ
ଏତେକ ସମ୍ପଧି—ସାରଳା ଦାସ ମହାଭାରତ ସଭା)

ସମ୍ପନ୍ନ—ସଂ. ବିଣ. ପୁଂ (ସମ୍ +ପଦ୍ ଧାତୁ=ଯିବା, ପାଇବା+କର୍ତ୍ତୃ.କ୍ତ)-
Sampanna ୧ । ଐଶ୍ୱର୍ଯ୍ୟଯୁକ୍ତ; ସମ୍ପତ୍ତିଶାଳୀ—
(ସଂପନ୍ନ—ଅନ୍ୟରୂପ) 1. Prosperous; affluent;
(ସମ୍ପନ୍ନା—ସ୍ତ୍ରୀ) thriving. ୨ । ଧନୀ—2. Wealthy;
(ସମ୍ପନ୍ନବତୀ—ସ୍ତ୍ରୀ) rich. ୩ । (+କର୍ମ କ୍ତ) ସମ୍ପାଦିତ;
ନିଷ୍ପନ୍ନ—3. Accomplished; effected; brought
about. ୪ । ସମାପ୍ତ; ସମ୍ପୂର୍ଣ୍ଣ—4. Completed; finished. ୫ । ସଙ୍ଗରେ ଯୁକ୍ତ—5. Joined with; possessed of; having. [ଦ୍ର—
ଏହି ଅର୍ଥରେ 'ସମ୍ପନ୍ନ' ଶବ୍ଦ ଅନ୍ୟ ଶବ୍ଦ ସହିତ ସଂଯୁକ୍ତ
ହୋଇଥାଏ । ଯଥା—ବିଦ୍ୟାବିନୟସମ୍ପନ୍ନ, ସୌନ୍ଦର୍ଯ୍ୟ
ସମ୍ପନ୍ନ ।] ୬ । ସୌଭାଗ୍ୟବାନ୍—6. Fortunate (Apte). ୭ । ସୁଖୀ—7. Happy (Apte).
୮ । ସମ୍ପୂର୍ଣ୍ଣରୂପେ ବଢ଼ିଥିବା; ଯୋଗ୍ୟ; ପାଚିଲା—
8. Full-grown; mature (Apte). ୯ । (ଅମୁକ)
ବିଶିଷ୍ଟ; ଯୁକ୍ତ—9. Endowed with; possessed
of. (ଯଥା—ବିଦ୍ୟାବିନୟସମ୍ପନ୍ନ) ୧୦ । ଠିକ୍; ଠିକ୍—
10. Right; correct (Apte).

ସମ୍ପରାୟ—ସଂ. ବି (ସମ୍ +ପରା+ଇ ଧାତୁ=ଯିବା+ଅଧିକରଣ ଅ).
Samparāya ୧ । ଯୁଦ୍ଧ—1. Fight; conflict.
(ସଂପରାୟ—ଅନ୍ୟରୂପ) ୨ । ଭବିଷ୍ୟତକାଳ; ଭବିଷ୍ୟତ୍; ଅଦୃଷ୍ଟ—
2. Future. ୩ । ଆପଦ—3. Calamity. ୪ ।
(+କର୍ତ୍ତୃ. ଅ) ସନ୍ତାନ (ଶବ୍ଦକୋଷ)—4. Offspring.

ସମ୍ପରାୟ(ୟି)କ—ସଂ. ବି (ସମ୍ପରାୟ+ସ୍ୱାର୍ଥେ. କ; +ଇକ)—ସମ୍ପରାୟ
Samparāya(yi)ka (ଦେଖ)—Samparāya (See.)

ସମ୍ପରିଗ୍ରହ—ସଂ. ବି. (ସମ୍+ପରିଗ୍ରହ)—୧ । ଗ୍ରହଣ—1. Acceptance.
Samparigraha ୨ । ସ୍ୱୀକାର—2. Consent. ୩ । ବିବାହ—3. Marriage.

ସମ୍ପର୍କ—ସଂ. ବି (ସମ୍=ସହିତ+ପୃଚ୍ ଧାତୁ=ଯୁକ୍ତ ହେବା+ଭାବେ ଅ)—୧ । ସମ୍ବନ୍ଧ; ସଂସ୍ରବ—1. Relation; connection. ୨ । ସଂସର୍ଗ—2. Contact; association; society. ୩ । ସଂଯୋଗ; ମିଳନ—3. Union; mixture. ୪ । ବିବାହ ବା ରକ୍ତାଦି ଜନିତ ବନ୍ଧୁତା—4. Relationship by marriage or blood. ୫ । ସ୍ତ୍ରୀ ସଂସର୍ଗ; ମୈଥୁନ—5. Coition; sexual union. ୬ । ସ୍ପର୍ଶ—6. Touch; contact (Apte). ଦେ. ବି—ବନ୍ଧୁତାର ଦୂର ସମ୍ପର୍କ; Distant relationship. [ଉ—ସେ ମୋର ସମ୍ପର୍କରେ ଭାଇ ଅଟନ୍ତି ।]
Samparka
(ସଂପର୍କ—ଅନ୍ୟରୂପ)
(ସମ୍ପୃକ୍ତ, ସମ୍ପର୍କୀ, ସମ୍ପର୍କୀୟ—ବିଣ)
সংপর্ক
सम्पर्क

ସମ୍ପର୍କବର୍ଜ୍ଜିତ—ସଂ. ବିଣ (୩ୟା ତତ୍)—ସମ୍ବନ୍ଧଶୂନ୍ୟ—Unconnected; having no connection.
Samparka barjjita
ସମ୍ପର୍କଶୂନ୍ୟ } ଅନ୍ୟରୂପ
ସମ୍ପର୍କହୀନ

ସମ୍ପର୍କ ରଖିବା—ଦେ. କ୍ରି—କୌଣସି ଲୋକ ସଙ୍ଗେ ବା ଜାତି ସଙ୍ଗେ ଅଥବାର ସଂସ୍ରବ ରଖିବା—To have any connection with a person or thing.
Samparka rakhibā
সংপর্করখা
सम्पर्करखना

ସମ୍ପର୍କୀ—ସଂ. ବିଣ. ପୁଂ. (ସମ୍ପର୍କ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ)—ସମ୍ବନ୍ଧଯୁକ୍ତ; ସମ୍ବନ୍ଧୀ—Connected with; related to.
Samparkī
(ସମ୍ପର୍କିଣୀ—ସ୍ତ୍ରୀ)

ସମ୍ପର୍କୀୟ—ସ. ବିଣ ପୁ° (ସମ୍ପର୍କ+ସମ୍ବନ୍ଧାର୍ଥେ. ଈୟ)—୧ । ସମ୍ବନ୍ଧୀୟ; ସଂକ୍ରାନ୍ତ—1. Relating to; connected with. ୨ । ବନ୍ଧୁତା ଦ୍ୱାରା ଆବଦ୍ଧ—2. Related with. ୩ । ରକ୍ତ ସଂପର୍କଯୁକ୍ତ ବା ବିବାହ ସଂପର୍କଯୁକ୍ତ—3. Related by marriage or kinship.
Samparkīya
(ସମ୍ପର୍କୀୟା—ସ୍ତ୍ରୀ)

ସମ୍ପର୍ଦ୍ଦା(ର୍ଦା)—ଗ୍ରା° ବି (ସ° ସମ୍ପ୍ରଦାୟ)—୧। କୀର୍ତ୍ତନ ସମ୍ପ୍ରଦାୟ; କୀର୍ତ୍ତନ ଦଳ—1. A company of hymn-singers and players; a company of chanters of hymns with music. ୨ । ବୈଷ୍ଣବମାନଙ୍କ ସ୍ୱତନ୍ତ୍ର ସମାଜ—2. Sect of ascetics.
Samparddā(rdā)
সম্প্রদা
सम्प्रदा

ସମ୍ପର୍ଦ୍ଦାନ—ଗ୍ରା° ବି (ସ. ସମ୍ପ୍ରଦାନ)—ସମ୍ପ୍ରଦାନ (ଦେଖ)
Samparddāna Sampradāna (See)
সম্প্রদান सम्प्रदान

ସମ୍ପା—ସଂ. ବି (ସମ୍+ପତ୍ ଧାତୁ=ପଡ଼ିବା+କର୍ତ୍ତ୍ରି. ଅ+ସ୍ତ୍ରୀ. ଆ)—ବିଦ୍ୟୁତ୍; ବିଜୁଳି—Lightning. ଦେ. ବି—(ଦେଖ) ୧ । (ସ°. ସମ୍ପାତ)—ଗାଳି ଦେବା—1. Abusing. ୨ । ଅଭିଶାପ ଦେବା—2. Cursing. ଦେ. ବିଣ. ପୁ°—୧ । ଯେ ଗାଳି ଦେବାରେ ଓ ଅଭିଶାପ ଦେବାରେ ଅଭ୍ୟସ୍ତ ବା ପାରଗ—1. Given to cursing and rebuking. ୨ । (ସ°. ସମର୍ପଣ) ସମର୍ପିତ; ଉତ୍ସୃଷ୍ଟ—2. Made over; consigned.
Sampā
(ସଂପା—ଅନ୍ୟରୂପ)
সঁপা, সাঁপা
अभिशाप
সাঁপা
शाप देनेवाला
(ସମ୍ପୀ, ସମ୍ପେଇ—ସ୍ତ୍ରୀ)
সংপা सौंपना

ସମ୍ପା(ମ୍ପେ)ଇବା—ଦେ° କ୍ରି—ସମ୍ପିବା କ୍ରିୟାର ପ୍ରଯୋଜକ ରୂପ; ଅନ୍ୟ ଦ୍ୱାରା ଗାଳି ଦିଆଇବା—The causative form of Sampibā; to cause to be rebuked.
Sampā(mpe)ibā
সাঁপান
शाप दिलाना

ସମ୍ପାକ—ସ°. ବିଣ. ପୁ° (ସମ୍+ପଚ୍ ଧାତୁ=ପାକ କରିବା+କର୍ତ୍ତ୍ରି. ଅ)—୧ । ଲମ୍ପଟ (ଧରଣୀ)—1. Lecherous; lewd. ୨ । ଧୃଷ୍ଟ (ମେଦିନୀ)—2. Arrogant. ୩ । ଦୁଷ୍ଟ; ଅବିନୀତ—3. Wicked; wanton. ୪ । ତାର୍କିକ (ମେଦିନୀ)—4. Argumentative; reasoning well. ୫ । ଅଳ୍ପ (ଧରଣୀ)—5. Little. ୬ । ଚତୁର—6. Cunning; subtle (Apte). ୭ । କାମୁକ—7. Lustful. ୮ । କ୍ଷୁଦ୍ର—8. Small. ଦେ° ବି—୧ । (ବୈଦ୍ୟକ) ଆରଗ୍ୱଧ; ସୁନାରି ଗଛ—1. A tree; Cassia Fistula. ୨ । ଉତ୍ତମରୂପେ ପକ୍ୱ ହେବା ଅବସ୍ଥା—2. Matured condition.
Sampāka
(ସଂପାକ—ଅନ୍ୟରୂପ)

ସମ୍ପା କଟା—ଦେ. ବି (ସମାହାର)—ଅଭିଶାପ ଦିଅ ଓ ଗାଳି ଦିଅ—Cursing and abusing.
Sampā kaṭā
সাঁপা কাটা गाली शाप

ସମ୍ପାଗ—ଦେ. ବି—ସଂପାଗ (ଦେଖ)
Sampāga Sampāga (See)

ସମ୍ପାଗୀ—ସ°. ବିଣ—ସଂପାଗୀ (ଦେଖ)
Sampāgī Sampāgī (See)

ସମ୍ପା ଗଉରୀ—ଦେ. (ପଦ୍ୟ) ବିଣ° ସ୍ତ୍ରୀ (ସମ୍ପା+ଗୌରୀ)—ବିଦ୍ୟୁତ୍ ପରି ଗୌର ବର୍ଣ୍ଣ ବିଶିଷ୍ଟା—(a woman) Of a bright colour or complexion (as that of the lightning).
Sampā gaurī
সম্পা গউরী
सम्पा गउरी
(ସମ୍ପା ଗୋରୀ—ଅନ୍ୟରୂପ)

ସମ୍ପା ଗୌର—ସ°. ବିଣ. ପୁ° (ସମ୍ପା ପରି ଗୌର)—ଉଜ୍ଜ୍ୱଳ ଗୌରବର୍ଣ୍ଣ ବିଶିଷ୍ଟ—Of a dazzling bright complexion.
Sampā gaura
(ସମ୍ପା ଗୌରୀ—ସ୍ତ୍ରୀ)

ସମ୍ପାଟ—ସ°. ବି (ସମ୍+ପଟ୍ ଧାତୁ=ଗମନ କରିବା+କର୍ତ୍ତ୍ରି. ଅ)—୧ । ତର୍କୁ; ତାକୁଡ଼ (ଶବ୍ଦମାଳା)—1. Spindle. ୨ । (+ଭାବ. ଅ) ପରସ୍ପରକୁ କାଟିବା—2. Intersection.
Sampāṭa
(ସଂପାଟ—ଅନ୍ୟରୂପ)

ସମ୍ପାତ—ସଂ. ବି (ସମ୍ + ପତ୍ ଧାତୁ = ପ୍ରେରଣା + ଭାବ. ଅ)—୧ । ପତନ-
Sampāta 1. Falling. ୨ । ସମୂହ—2. Multitude.
(ସଂପାତ—ଅନ୍ୟରୂପ) ୩ । ଅଭିସମ୍ପାତ; ଅଭିଶାପ—3. Curse.
୪ । ଉଡ୍ଡୟନ—4. Flying. ୫ । ଗମନ (ବିଶ୍ୱକୋଷ)
—5. Going. ୬ । ପ୍ରବେଶ (ବିଶ୍ୱକୋଷ)—
6. Entrance. ୭ । ପକ୍ଷୀମାନଙ୍କର ଗତି ବିଶେଷ;
ପକ୍ଷୀମାନଙ୍କର ଉପରୁ ତଳକୁ ଖସି ପଡ଼ିବାର ଗତି—
7. A kind of bird's motion; a bird's
sudden dropping down.
সম্পাত ଜଳଧାରା ବେ. ବି—ଜଳଧାରା—Shower of rain.
[ଉ—ହୋଇ ତୁମ୍ଭେ ଇନ୍ଦ୍ରଜିତ ନ କର ସମ୍ପାତ ପାତ
ନ ଯେତେ ତ ନିଜସ୍ୱତ ସ୍ୱତଃ ।
—ଭଞ୍ଜ. ପ୍ରେମସୁଧାନିଧି]

ସମ୍ପାତ ବଚନ—ସଂ. ବି—ଅଭିଶାପ ବାକ୍ୟ—
Sampāta bachana A curse; imprecatory words.
[ସମ୍ପାତ ବାକ୍ୟ—ଅନ୍ୟରୂପ]

ସମ୍ପାତି—ବେ. ବି (ନାମ)—ଅରୁଣ ପୁତ୍ର; ଜଟାୟୁର ବଡ଼ ଭାଇ—
Sampāti Name of a son of Aruṇa.
[ସମ୍ପାତି—ଅନ୍ୟରୂପ] [ବି—ଅରୁଣଙ୍କ ହରିଙ୍କ ନାମ ଶ୍ୟେନୀ ଓ
ଦୁଇ ପୁତ୍ର ଯଥାକ୍ରମେ ସମ୍ପାତି ଓ ଜଟାୟୁ । ରାମାୟଣ
କିଷ୍କିନ୍ଧ୍ୟା କାଣ୍ଡରେ ୫୬ ସର୍ଗଠାରୁ ୬୨ ସର୍ଗ ପର୍ଯ୍ୟନ୍ତ
ଏମାନଙ୍କ ବିବରଣ ବର୍ଣ୍ଣିତ ହୋଇଅଛି । ଇନ୍ଦ୍ରଙ୍କ ଦ୍ୱାରା
ବୃତ୍ରାସୁରର ବଧ ପରେ ଇନ୍ଦ୍ରଙ୍କୁ ଜୟ କରିବାକୁ
ସମ୍ପାତି ଓ ଜଟାୟୁ ସ୍ୱର୍ଗପୁରକୁ ଗଲେ । ସ୍ୱର୍ଗ ଜୟ କରି
ଏମାନେ ସୂର୍ଯ୍ୟଙ୍କ ସମ୍ମୁଖୀନ ହେଲେ । ଜଟାୟୁ
ସୂର୍ଯ୍ୟଙ୍କ ପ୍ରଖର କିରଣ ସହ୍ୟ କରି ନ ପାରି ସନ୍ତପ୍ତ
ହେବାରୁ ସମ୍ପାତି ଜଟାୟୁକୁ ପକ୍ଷଦ୍ୱାରା ଆଚ୍ଛାଦନ କଲା ।
ସୂର୍ଯ୍ୟ କିରଣରେ ସମ୍ପାତିର ପକ୍ଷ ପୋଡ଼ି ଗଲା ଓ ସେ
ବିନ୍ଧ୍ୟ ପର୍ବତରେ ପତିତ ହେଲା । ବାନରଗଣ ସୀତାଙ୍କ
ଅନ୍ୱେଷଣରେ ପ୍ରବୃତ୍ତ ହେବାବେଳେ ରାବଣଦ୍ୱାରା ସୀତା-
ହରଣ ବୃତ୍ତାନ୍ତ ସମ୍ପାତିଠାରୁ ଶୁଣିଲେ—
—ବିଶ୍ୱକୋଷ]

ସମ୍ପାତିକ—ସଂ. ବି (ସମ୍ପାତି + ସ୍ୱାର୍ଥେ. କ)—ସମ୍ପାତି (ଦେଖ) (ଶବ୍ଦମାଳା)
Sampātika Sampāti (See

ସମ୍ପାତୀ—ସଂ ବିଣ. ପୁଂ (ସମ୍ + ପତ ଧାତୁ + କର୍ତ୍ତୃ ଇନ୍; ୧ମା. ୧ବ)
Sampātī ସମ୍ୟକ୍ ପତନଶୀଳ—Falling.
(ସମ୍ପାତିନୀ—ସ୍ତ୍ରୀ)

ସମ୍ପାଦ—ଗ୍ରା. ବି (ସଂ. ସମ୍ବାଦ)—୧ । ପୁରାଣ ବର୍ଣ୍ଣିତ ବିଷୟ ବା
Sampāda ଘଟଣା—1. Any mythological epi-
সংবাদ sode. [ଉ—ଏ ଅଧ୍ୟା ସବର ସମ୍ପାଦ,
संवाद ଶଏ ଅଠସ୍ତରିଶ ପଦ । ପ୍ରାଚୀ. କର୍ଣ୍ଣ
[ସମ୍ପାଦ—ଅନ୍ୟରୂପ] ମାହାତ୍ମ୍ୟ] ୨ । ସମ୍ବାଦ; ଖବର—2. News;
intelligence. ୩ । ପୁରାଣରେ ବର୍ଣ୍ଣିତ ଦୁଇଜଣଙ୍କର
କଥୋପକଥନ—3. Dialogue between two persons described in a mythological work.
[ଉ-ଭୋଳବର ମୋହର ସମ୍ପାଦ ଏହୁ, ଏକମନ ହୋଇ ଶୁଣିବ
ସେହୁ । ପ୍ରାଚୀ. ନଳଚରିତ] ୪ । (ଲଉକିଆ) କଚେରୀର
ଦପ୍ତରଖାନାରେ ରକ୍ଷିତ କାଗଜରେ ଥିବା ବିଷୟର ଖବର.
4. Information about the contents of
any record in a public record-room.
୫ । କିରଣ—5. Rays. [ଉ—ବାୟୁର ଅରୁଣ
ସପ୍ତମିତ ସମ୍ପାଦରେ ଜୁଳପତ୍ର ଶୋଷିଲେ ।—ଭଞ୍ଜ.
ବୈଦେହୀଶବିଳାସ] ୬ । ସଂଘର୍ଷ—6. Collision.
[ଉ—ବସନ୍ତକୁ ଯେ ଶିଳେ କଳ୍ପାନ୍ତକୁ ସବଳେ ସଙ୍ଗେ
ଶୁରେ ଶୁରେ ସମ୍ପାଦ ।—ଭଞ୍ଜ. ବୈଦେହୀଶବିଳାସ ।]
୭ । ସମ୍ପାଦନ; ଉତ୍ପନ୍ନ—7. Performance. [ଉ-ଶୁଣ
ମୋ ଜନନୀ ପିଅର ଆସ୍ତା ସର୍ବ ସମ୍ପାଦ କର ।—ପ୍ରାଚୀ.
କର୍ଣ୍ଣ ମାହାତ୍ମ୍ୟ] ବେ. ବିଣ—ସମ୍ପୂର୍ଣ୍ଣ—Finished.
সম্পূর্ণ संपूर्ण [ଉ—ଦ୍ୱାଦଶ ଚଉଦଂଶ ପଦ, ଏ ଅଧ
ହୋଇଲା ସମ୍ପାଦ । —ପ୍ରାଚୀ. କର୍ଣ୍ଣମାହାତ୍ମ୍ୟ] ସଂ. ବି.
(ସମ୍ + ପଦ ଧାତୁ + ଭାବ ଅ)—୧ । ସମ୍ୟକ୍ ନିଷ୍ପାଦନ-
(ବିଶ୍ୱକୋଷ) । 1. Completion; accomplishment. (Apte) ୨ । ଅର୍ଜ୍ଜନ—2. Acquisition
(Apte).

ସମ୍ପାଦକ—ସଂ. ବିଣ. ପୁଂ (ସମ୍ + ପଦ୍ ଧାତୁ ଣିଚ୍ = କର୍ତ୍ତୃ. ଅକ)—
Sampādaka ସମ୍ପାଦନକାରୀ; କାର୍ଯ୍ୟ ନିର୍ବାହକ—Acco-
(ସଂପାଦକ—ଅନ୍ୟରୂପ) mplishing; performing;
(ସମ୍ପାଦିକା—ସ୍ତ୍ରୀ) superintending. ସଂ. ବି. ପୁଂ—
(ସମ୍ପାଦକତା, ସଂପାଦକତ୍ୱ—ବି) ୧ । ସଭାର କାର୍ଯ୍ୟ ସମ୍ପାଦନକର୍ତ୍ତା;
ସଭାର କାର୍ଯ୍ୟ ନିର୍ବାହକ—1. Secretary to an
association. ୨ । ଯେଉଁ ବ୍ୟକ୍ତି ସଂବାଦପତ୍ର ବା
ସାମୟିକ ପତ୍ରିକାର ପ୍ରବନ୍ଧାଦି ସଂଗ୍ରହ ପୂର୍ବକ ପ୍ରକାଶିତ
କରନ୍ତି; ପତ୍ରିକାର ସଂକଳୟିତା ବା ପରିଚାଳକ—
2. Editor to any newspaper or magazine.
(ସମ୍ପାଦକୀୟ—ବିଣ) ୩ । ବିଦ୍ୟାଳୟର ବା କୌଣସି ଅନୁଷ୍ଠାନର
କାର୍ଯ୍ୟପରିଚାଳକ ନାୟକ—3. Secretary to a school
or an institution.

ସମ୍ପାଦକତା(ତ୍ୱ)—ସଂ. ବି (ସମ୍ପାଦକ + ଭାବେ. ତା, ତ୍ୱ)—
Sampādakatā(twa) ୧ । ସମ୍ପାଦକଙ୍କ କର୍ମ—
1. Editorship; secretaryship. ୨ । ସମ୍ପାଦନ-
2. Accomplishment.

ସମ୍ପାଦକୀୟ—ସଂ. ବିଣ (ସମ୍ପାଦକ + ସମ୍ବନ୍ଧାର୍ଥେ ଈୟ)—ସମ୍ପାଦକ-
Sampādakīya ସମ୍ବନ୍ଧୀୟ—Editorial.

ସମ୍ପାଦକୀୟ ମନ୍ତବ୍ୟ—ସଂ. ବି (ଅଧୁନିକ)—ସମ୍ବାଦପତ୍ର ବା ସାମୟିକ
Sampādakīya mantabya ପତ୍ରିକାରେ ସମ୍ପାଦକଙ୍କ ସ୍ୱଲେଖନୀ-
(ସମ୍ପାଦକୀୟ ଟିପ୍ପଣୀ—ଅନ୍ୟରୂପ) ପ୍ରସୂତ ମନ୍ତବ୍ୟ ବା ଟିପ୍ପଣୀ—

Editorial remarks; the editor's notes in a newspaper or magazine.

ସମ୍ପାଦକୀୟ ସ୍ତମ୍ଭ —ସଂ. ବି (ଅଧୁନିକ)—ସମ୍ବାଦପତ୍ର ବା ସାମୟିକ Sampādakiya stambha ପତ୍ରିକାର ଯେଉଁ ସ୍ତମ୍ଭରେ ସମ୍ପାଦକଙ୍କ ମନ୍ତବ୍ୟ ସ୍ଥାନ ପାଏ—Editorial column in a newspaper or magazine.

ସମ୍ପାଦ ଦରଖାସ୍ତ(ସ୍ତ)—ଦେ. ବି (ଦରଖାସ୍ତ)—ଅଦାଲତର ମହାଫିଜ- Sampāda darkhās(sta) ଖାନାରେ ରକ୍ଷିତ କାଗଜରୁ କୌଣସି সংবাদ দরখাস্ত ସମ୍ବାଦ ପାଇବା ନିମନ୍ତେ ଲିଖିତ ପ୍ରାର୍ଥନା ପତ୍ର— सम्बाद् दरखास्त Application for certain information from a record stored in a public record-room.

[ଦ୍ର—ଏହି ଦରଖାସ୍ତ ସଙ୍ଗେ ମହାଫିଜଖାନାରୁ ଲେଖାଯିବା ନଥି ଖୋଜିବାରେ ନିଯୋଜିତ ସରକାରୀ କର୍ମଚାରୀଙ୍କ ପାରିଶ୍ରମିକ ନିମନ୍ତେ ଦରଖାସ୍ତକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟର କୋର୍ଟଫିସ୍ ନିଆଯାଏ । ଏହି କୋର୍ଟଫିସ୍‌କୁ 'ତଲବି ଫିସ୍' କୁହାଯାଏ ।]

ସମ୍ପାଦନ—ସଂ. ବି (ସମ୍+ଣିଜନ୍ତ ପଦ ଧାତୁ ବା ପାଦ ଧାତୁ=ପଦ୍ Sampādana କରାଇବା+ଭାବ. ଅନ)—୧ । ସମାଧାନ; (ସଂପାଦନ—ଅନ୍ୟରୂପ) ସମାପନ; ନିଷ୍ପାଦନ—1. Accomplishment; completion. ୨ । ଗ୍ରନ୍ଥାଦିର ସଙ୍କଳନ ଓ (ସମ୍ପାଦନୀୟ, ସମ୍ପାଦ୍ୟ, ସମ୍ପାଦୟିତବ୍ୟ, ସମ୍ପାଦିତ—ବିଣ) ପ୍ରକାଶନ—2. Editing or publication of any book. ୩ । ଉପାର୍ଜ୍ଜନ (ଶବ୍ଦକୋଷ)—3. Acquisition; earning.

ସମ୍ପାଦନ କରିବା—ଦେ. କ୍ରି—୧ । ସମ୍ପାଦକରୂପେ ସମ୍ବାଦପତ୍ର Sampādana karibā ଚଳାଇବା—1. To edit a সম্পাদন করা paper. ୨ । ସମାଧା କରିବା—2. To ac- सम्पादन करना complish. ୩ । ସମ୍ପାଦିବା (ଦେଖ)—3. Sampādibā (See)

ସମ୍ପାଦନୀୟ—ସଂ. ବିଣ (ସମ୍+ଣିଜନ୍ତ ପଦ୍ ଧାତୁ=ପାଦ ଧାତୁ+ Sampādaniya କର୍ମ. ଅନୀୟ)-ସମ୍ପାଦିତ ହେବାର ଯୋଗ୍ୟ—Fit to be accomplished.

ସମ୍ପାଦୟିତା—ସଂ. ବିଣ (ସମ୍+ପଦ୍ ଧାତୁ ଣିଚ୍+କର୍ତ୍ତ. ତୃ; ୧ମା. Sampādayitā ୧ବ)—ସମ୍ପାଦନକାରୀ—Accomplish- (ସମ୍ପାଦୟିତ୍ରୀ—ସ୍ତ୍ରୀ) ing.

ସମ୍ପାଦି (ଧାତୁ)—ସଂ. (ସମ୍+ଣିଜନ୍ତ ପଦ୍ ବା ପାଦ ଧାତୁ)—ସମାପନ Sampādi (root) କରିବା—To accomplish.

ସମ୍ପାଦିତ—ସଂ. ବିଣ (ସମ୍+ପାଦ ଧାତୁ+କର୍ମ. ତ)—୧ । କୃତ- Sampādita ସମ୍ପାଦନ; ସମାପିତ; କୃତାହୃତ; ନିଷ୍ପାଦିତ— (ସଂପାଦିତ—ଅନ୍ୟରୂପ) 1. Accomplished; finished. ୨ । (ସମ୍ବାଦପତ୍ରଆଦି) ନ ଜତ—2. Edited.

ସମ୍ପାଦିବା—ଦେ. କ୍ରି (ସମ୍ପାଦ ଧାତୁ)—୧ । ସମାଧାନ କରିବା—1. To Sampādibā accomplish. (ଉ-ଅନ୍ତ୍ୟେଷ୍ଟି ସମ୍ପାଦ ବାଡ଼ୁଡ଼ୁରେ ସମାଧାନ করা ଶୂନ୍ୟ ମନେ ଅଚଳେ । ଜଗନ୍ନାଥ. ଭଗ ।]

समाधान करना ୨ । ସାଇତିବା; ଯତ୍ନପୂର୍ବକ ରକ୍ଷା କରିବା; যত্নকরে রাখা ରକ୍ଷଣାବେକ୍ଷଣ କରିବା—2. To preserve; to हिफाजत करना store with care; to keep in custody. (ଉ—ପରେ ସମ୍ପାଦିବା ଚିନ୍ତାମଣି ଅବା ମୋ କରେ ଦେଲୁ ପୁଣାରେ । କବିସୂର୍ଯ୍ୟ. ବଳଦେବରଥ. 'ଘ' ଗୀତ । ୩ । ସଂଗ୍ରହ କରିବା—3. To gather; to collect. ୪ । ମନରେ ସ୍ଥାନ ଦେବା—4. To entertain in the mind. (ଉ—ଚନ୍ଦ୍ରମୁଖୀ କିଶୋରୀ, ମନୁ ଦେଇ ପାସୋର, ସେ ସ୍ନେହ ସମ୍ପାଦୁଛୁ ଭାଳ ଭାଳ । କବିସୂର୍ଯ୍ୟ. ସଙ୍ଗୀତ ।) ୫ । ଚିନ୍ତା କରିବା—5. To brood over a matter. (ଉ—ଚିନ୍ତା ବଢ଼ନା ଜଗତ ବନ୍ଧନାକୁ ସମ୍ପାଦିତ ସିନା ଏବେ । ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।)

୬ । କାମନା କରିବା; ମନାସିବା; ବାଞ୍ଛା କରିବା—6. To wish. [ଉ—ଯୁଧିଷ୍ଠିରଙ୍କର ସେ ସମ୍ପାଦ ମଙ୍ଗଳ—କୃଷ୍ଣସିଂହ. ମହାଭାରତ. ସଭା ।] ୭ । ଘଟାଇବା; ଫଳରେ ଘଟାଇବା—7. To bring about; to cause a thing to take place. [ଉ—ସରବେ ସିଦ୍ଧିବେ ତକା । ସମ୍ପାଦିବୁ ଏବେ ଏହା—କବିସୂର୍ଯ୍ୟ କିଶୋରୀ ଚମ୍ପୂ 'ସ' ଗୀତ ।] ୮ । ଖୋଜିବା; ଲୋଡ଼ିବା—8. To inquire after; to search. [ଉ—କହୁ ଭାବ ଯେ, ଅଲୁକେ ଭଙ୍ଗେ, ମଜନ ନ ସମ୍ପାଦ—ଉପେ. ବୈଦେହୀଶବିଳାସ ।] ୯ । (ଅର୍ଥ ଆଦିକୁ) ବୁଝାଇବା—9. To denote; to convey (a meaning). [ଉ—ବେନି ଅର୍ଥ ଯେଣୁ ନ ସମ୍ପାଦେ—ଉପେ. ବୈଦେହୀଶବିଳାସ ।] ୧୦ । ବିଧାନ କରିବା—10. To make provision for. [ଉ—ସମ୍ପାଦିବା ଲାଗି ଜନତାର ପ୍ରୀତି, ଶ୍ଳୋକ ପରେ ଶ୍ଳୋକ ଦେଉଅଛ ଛନ୍ଦ—ରାଧାନାଥ. ଦରବାର ।] ୧୧ । ସ୍ତ୍ରୀର ଗର୍ଭରେ ଜନ୍ମାଇବା—11. To cause to conceive; to impregnate. [ଉ—ତାହାର ଗର୍ଭେ ସୁର ସୁତ, ଧର୍ମେ ସମ୍ପାଦ ପରୀକ୍ଷିତ । କୁମାର ଜନ୍ମେଜୟ ଆଦି, ସକଳ ଗୁଣେ ସେ ପ୍ରସିଦ୍ଧି—ଜଗନ୍ନାଥ. ଭାଗବତ ।] ୧୨ । (କୌଣସି କର୍ମ) କରିବା—12. To perform; to do (any act). [ଉ—ପଣ୍ଡିତଜନ ଯାର ପାଦେ । ସେବା ସମ୍ପାଦ ଅପ୍ରମାଦେ—ଜଗନ୍ନାଥ. ଭାଗବତ] ୧୩ । ଭବିଷ୍ୟତରେ କାମରେ ଲାଗିବା ପାଇଁ ଅର୍ଜ୍ଜନ କରିବା—13. To earn for future use [ଉ—ଯେ ପ୍ରାଣୀ ତପ ଦାନ କରେ । ଯଶ ସମ୍ପାଦ ଏ ସଂସାରେ—ଜଗନ୍ନାଥ. ଭାଗବତ] ୧୪ । ସଞ୍ଚିବା; ସଞ୍ଚୟ କରିବା—14. To store. ୧୫ । ଜାତ କରିବା—15. To produce

ସମ୍ପାଦ୍ୟ—ବି. ବଣ (ସମ୍ + ପାଦ ଧାତୁ + କର୍ମ. ଯ)—ସମ୍ପାଦନୀୟ—
Sampādya Fit to be accomplished; accomplishable. ସଂ. ବି (ଜ୍ୟାମିତି)—
(ସଂପାଦ୍ୟ—ଅପ୍ରଚଳିତ)
(ଉପପାଦ୍ୟ—ବିପରୀତ) କୌଣସି ବସ୍ତୁର ସମ୍ପାଦନ ବା ପ୍ରତିଷ୍ଠା ପାଇଁ କରଣୀୟ ଜ୍ୟାମିତିକ ପ୍ରତିଜ୍ଞା ବା ସମସ୍ୟା—(geometry) A problem. [ଦ୍ର—ଜ୍ୟାମିତିର ପ୍ରତିଜ୍ଞାମାନ ସାଧାରଣତଃ ୨ ଶ୍ରେଣୀରେ ବିଭକ୍ତ । ୧ । ସମ୍ପାଦ୍ୟ; ୨ । ଉପପାଦ୍ୟ । ଯେଉଁ ପ୍ରତିଜ୍ଞାରେ କୌଣସି ବସ୍ତୁର ସମାଧାନ କରାଯାଏ କିମ୍ବା କୌଣସି କ୍ରିୟା ସମ୍ପାଦନ କରିବାର ଅବଶ୍ୟକତା ପଡ଼େ, ତାହା ସମ୍ପାଦ୍ୟ । ଯଥା—'ଗୋଟିଏ ସରଳରେଖା ଉପରେ ଗୋଟିଏ ସମବାହୁ ତ୍ରିଭୁଜ ଅଙ୍କିତ କରିବାକୁ ହେବ' । ଯେଉଁ ପ୍ରତିଜ୍ଞାରେ କୌଣସି ବିଷୟ ପ୍ରମାଣିତ କରିବାକୁ ହୁଏ, ତାହା ଉପପାଦ୍ୟ । ଯଥା—'ଏକ ସରଳରେଖା ଅନ୍ୟ ସରଳରେଖା ଉପରେ ଦଣ୍ଡାୟମାନ ହେଲେ ଦଣ୍ଡାୟମାନ ରେଖାର ଉଭୟ ପାର୍ଶ୍ବସ୍ଥ କୋଣଦ୍ୱୟର ସମଷ୍ଟି ଦୁଇ ସମକୋଣର ସମଷ୍ଟି ସଙ୍ଗେ ସମାନ' ।]

ସମ୍ପି ଦେବା—ଦେ. କ୍ରି—୧ । (ସଂ. ସମର୍ପଣ)—ସମର୍ପଣ କରିବା—
Sampi debā 1. To make over; to make over charge of. ୨ । ଅନ୍ୟର ହସ୍ତରେ ବଢ଼ାଇ ଦେବା—2. To hand over.
संपा, संपे देओआ
सौंप देना

ସମ୍ପିବା—ଦେ. କ୍ରି—୧ । (ସଂ. ଶପ୍ତ) ଅଭିଶପ୍ତ କରିବା—
Sampibā 1. To curse; to imprecate. ୨ । ଗାଳି ଦେବା—2. To call names; to abuse. [ଦ୍ର—ସମ୍ପୁଥିବ ଯହିଁ ସଖୀ ଶମ୍ଭିଙ୍କୁ, ଦ୍ୱାପର କଲି ଯେଣୁ—କବିକଲ୍ଲୋଳ. ଶମ୍ଭିସ୍ଥ ।] ୩ । (ସଂ. ସମର୍ପଣ) ଉତ୍ସର୍ଗ କରିବା—3. To commit a thing to the charge of; to offer; to dedicate. [ଦ୍ର—ସ୍ୱ ଜୀବନ ହୁତେ ପିତୃସତ୍ୟ ହୁତେ ସମ୍ପିଲେ ଜୀବନ ମନ—କବିକଲ୍ଲୋଳ. ଶମ୍ଭିସ୍ଥ ।]
संपा, संपा
शाप देना
संपे देओआ
सौंप देना

ସମ୍ପୀ—ଦେ. ବଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅନ୍ୟ ବ୍ୟକ୍ତିକୁ ଗାଳିଦେବାରେ ବା ଅଭିଶାପ ଦେବାରେ ଅଭ୍ୟସ୍ତା—
Sampī Termagant; shrewish; (a woman) given to cursing; foul-mouthed (woman).
ये स्त्री गला गाली देय शापदेनेवाली
(ସମ୍ପେଇ—ଅପ୍ରଚଳିତ)

ସମ୍ପୀଡ୍ (ଧାତୁ)—ସଂ. (ସମ୍ + ପୀଡ୍)-୧ । ଚାପିତ କରିବା; ଚିପୁଡ଼ିବା
Sampīṛd(root) 1. To press; to wring out by pressing. ୨ । ପୀଡ଼ାଦେବା; ଉତ୍ପୀଡ଼ନ କରିବା-2. To oppress; to harass; to torture. ୩ । ପ୍ରେରଣ କରିବା—3. To send forth. ୪ । ଚପିବା—4. To compress; to squeeze together (Apte) ୫। ଅଲୋଡ଼ନ କରିବା; ଘାଣ୍ଟିବା—5. To agitate, to disturb. ୬ । ଗଣନା କରିବା-6. To compute; to reckon. (Apte). ୭ । ଲୁଚାଇପକାଇବା; ଘୋଡ଼ାଇପକାଇବା—7. To obscure; to eclipse.

ସମ୍ପୀଡ଼ନ—ବି. ବି (ସମ୍ + ପୀଡ୍ ଧାତୁ + ଭାବ. ଅନ)—୧ । ଚପିବା
Sampīṛdana କର୍ମ; ଚାପିତ—1. Pressing; squeezing together. ୨ । ଚିପୁଡ଼ିବା କର୍ମ—2. Wringing out by pressing ୩ । ଉତ୍ପୀଡ଼ନ; ପୀଡ଼ାଦାନ; ଅତ୍ୟାଚାର—3. Oppressing; oppression; harassment; torture. ୪ । ପ୍ରେରଣ—4. Transmission; sending forth; directing (Apte) ୫ । ଚପିବା—5. Compression. ୬ । ଘଣ୍ଟାଘାଣ୍ଟି—6. Agitating; stirring up; disturbing. (Apte) ୭ । ଦଣ୍ଡ ଦେବା—7. Punishment; castigation. (Apte)
(ସପୀଡ଼ନ—ଅପ୍ରଚଳିତ)
(ସମ୍ପୀଡ଼ିତ, ସମ୍ପୀଡ଼ନୀୟ, ସମ୍ପୀଡ୍ୟମାନ—ଦେଖ)

ସମ୍ପୀଡ଼ନୀୟ—ବି. ବଣ (ସମ୍ + ପୀଡ୍ ଧାତୁ + କର୍ମ. ଅନୀୟ)—୧ ।
Sampīṛdanīya ସମ୍ପୀଡ଼ିତ ହେବାର ଯୋଗ୍ୟ—1. Fit to be squeezed or compressed. ୨ । ଉତ୍ପୀଡ଼ିତ ହେବାର ଯୋଗ୍ୟ—2. Deserving to be oppressed. ୩ । ଦଣ୍ଡନୀୟ—3. Punishable.

ସମ୍ପୀଡ଼ା—ବି. ବି (ସମ୍ + ପୀଡ଼ା)—ଉତ୍ପୀଡ଼ନ—
Sampīṛdā Torment (Apte).

ସମ୍ପୀଡ଼ିତ—ବି. ବଣ (ସମ୍ + ପୀଡ୍ ଧାତୁ + କର୍ମ. ତ)—୧ ।
Sampīṛdita ଉତ୍ପୀଡ଼ିତ—1. Oppressed. ୨ । ଚାପିତ; ଚିପୁଡ଼ା ହୋଇଥିବା—2. Squeezed; pressed. ୩ । ଚପା ହୋଇଥିବା—3. Compressed.
(ସମ୍ପୀଡ଼ିତା—ସ୍ତ୍ରୀ)

ସମ୍ପୀଡ୍ୟମାନ—ବି. ବଣ. ପୁଂ (ସମ୍ + ପୀଡ୍ ଧାତୁ + କର୍ମ ଅନ)—
Sampīṛdyamāna ୧ । ଯାହାକୁ ଚପା ଯାଉଥାଏ—1. Being pressed or squeezed. ୨ । ଯାହାକୁ ଉତ୍ପୀଡ଼ିତ କରା ଯାଉଥାଏ—2. Being oppressed or harassed.
(ସମ୍ପୀଡ୍ୟମାନା—ସ୍ତ୍ରୀ)

ସମ୍ପୀତି—ସଂ. ବି (ସମ୍ = ଏକତ୍ର + ପା ଧାତୁ = ପିଇବା + ଭାବ. ତି)—
Sampīti ବହୁ ଲୋକଙ୍କର ଏକତ୍ର ପାନ—Drinking together; a drinking bout; compotation.

ସମ୍ପୁଟ—ସଂ. ବି (ସମ୍ + ପୁଟ୍ ଧାତୁ = ଲଗ୍ନ ହେବା + ଅଧି. ଅ)—
Samputa ୧ । ପେଡ଼ି; କାଠ ପେଡ଼ି—1. A wooden case. ୨ । ପେଡ଼ି; ଢୁଙ୍କଣି ଯୁକ୍ତ ପେଟରା—2, A box with a lower part and a removable upper lid; a case with a cover; covered box. ୩ । ଡବା; କରଣ୍ଡ—3. Casket. ୪। ପୋଟଳା; ପୁଡ଼ା-4, Bundle; packet
[ସଂପୁଟ—ଅପ୍ରଚଳିତ]

୫ । ଏକପ୍ରକାର ପ୍ରେମାଲିଙ୍ଗନ; ରତିବନ୍ଧ ବିଶେଷ—5. A form of amatory embrace during coition. [ଦ୍ର—ଏଥିରେ ପୁରୁଷ ଉଭୟ ପାଦକୁ ସଂପ୍ରସାରିତ କରି ଶଯ୍ୟାଗତକାମୋନିକୁ ହୋଇ ରମଣ କରେ—ରତିମଞ୍ଜରୀ ।] ୬ । (ବୈଦ୍ୟକ)—ଝୁରବକ; ବାସବରେଣ୍ଟା ଗୁଳ୍ମ—6. Barlaria Cristata plant. ୭। ଗାତ; ଖୋଲ—7. A cavity (Apte). ସଂ. ବିଣ (+କର୍ତ୍ତୃ. ଅ)—୧ । ମିଳିତ; ଯୁକ୍ତ—1. Joined together. ୨ । ଏକଜାତୀୟ ଦୁଇ ପଦାର୍ଥର ମଧ୍ୟବର୍ତ୍ତୀ—2. Placed within two things of the same kind. ୩ । କୌଣସି ମନ୍ତ୍ରକୁ ପ୍ରତ୍ୟେକ ଶ୍ଳୋକର ପୂର୍ବରେ ଓ ପରେ ଉଚ୍ଚାରଣ ପୂର୍ବକ ବୋଲାଯିବା (ଚଣ୍ଡୀପୁରାଣ)—3. (Purāṇa) Of which every sloka is preceded and followed by the utterance of a particular formula.

ସମ୍ପୁଟକ(କା)—ସଂ. ବି (ସମ୍ପୁଟ+ସ୍ୱାର୍ଥେ କ+ଅ)—ସମ୍ପୁଟ Samputaka(kā) (ଦେଖ)—Samputa (See) (ସମ୍ପୁଟିକା—ଅନ୍ୟରୂପ)

ସମ୍ପୁଟ କର—ସଂ. ବିଣ. ପୁଂ (ବହୁବ୍ରୀହି)—କୃତାଞ୍ଜଳି—With Samputa kara the hands folded; having the palms folded. (ସମ୍ପୁଟ ପାଣି—ଅନ୍ୟରୂପ) (ସମ୍ପୁଟକରା—ସ୍ତ୍ରୀ)

ସମ୍ପୁଟ ଚଣ୍ଡୀ—ସଂ. ବି—ଚଣ୍ଡୀ ବା ଦେବୀ ପୁରାଣର ପ୍ରତ୍ୟେକ ଶ୍ଳୋକ Samputa chandi ପାଠ କରିବା ସମୟରେ ପ୍ରତ୍ୟେକ ଶ୍ଳୋକର ପୂର୍ବେ ଓ ପରେ କୌଣସି ବିଶେଷ ମନ୍ତ୍ର ବା ପ୍ରାର୍ଥନାକୁ ଉଚ୍ଚାରଣ କରି (ଅର୍ଥାତ୍ ପ୍ରତ୍ୟେକ ଶ୍ଳୋକକୁ ସମ୍ପୁଟ କରି) ପାଠ କରାଯିବା ଚଣ୍ଡୀ—Reciting every Śloka of the Chandi Purāṇa by uttering a certain formula before and after every Śloka.

ସମ୍ପୁଟ ଜପ—ସଂ. ବି—କୌଣସି ମନ୍ତ୍ରକୁ କୌଣସି ବିଶିଷ୍ଟ ବଚନ ବା Samputa japa ସଂକଳ୍ପ ବାକ୍ୟ ଦ୍ୱାରା ସମ୍ପୁଟିତ କରି ଜପ କରିବା—Utterance of a certain mantra by prefixing and suffixing it with a certain formula. [ଦ୍ର—ତନ୍ତ୍ରସାରରେ ଲିଖିତ ଅଛି ଯେ, ସକାମ ବ୍ୟକ୍ତି କାମନାସିଦ୍ଧି ପାଇଁ ଇଷ୍ଟ ମନ୍ତ୍ରକୁ ସମ୍ପୁଟ କରି ଜପ କରିବେ ଓ ନିଷ୍କାମ ବ୍ୟକ୍ତି ସମ୍ପୁଟ ବ୍ୟତୀତ ଜପ କରିବେ । କୌଣସି ବିଶିଷ୍ଟ ମନ୍ତ୍ର ବା ବଚନ ବା ଶ୍ଳୋକ ଦ୍ୱାରା ସମ୍ପୁଟ କରି ଚଣ୍ଡୀ ପାଠ କଲେ ଇଷ୍ଟ ଫଳପ୍ରଦ ହୁଏ—ଶବ୍ଦକୋଷ ।]

ସମ୍ପୁଟିତ—ସଂ. ବିଣ (ସମ୍+ପୁଟ୍ ଧାତୁ=ଲାଗିବା+କର୍ମ. ତ)—Samputita ୧ । ପରସ୍ପର ସଙ୍ଗେ ପେଡ଼ି ପରି ଯୋଡ଼ା ହୋଇଥିବା—1. Joined together as to form a hollow case. ୨ । ଉପରେ ଓ ତଳେ ଘୋଡ଼ଣୀ ଥିବା—2. Enclosed by an upper and a lower lid.

ସମ୍ପୁନ୍ନ(ନ୍ୟ, ର୍ଣ୍ଣ)—ଗ୍ରା. ବିଣ (ସଂ. ସମ୍ପୂର୍ଣ୍ଣ)—ସମ୍ପୂର୍ଣ୍ଣ (ଦେଖ)—Sampunna(nya, rna) Sampūrṇṇa (See) [ଦ୍ର—ସଂପୂର୍ଣ୍ଣ **सम्पूर्णा** ସବୁ ଗୁଣରେ ଯେ ଅଟନ୍ତି ସମ୍ପୁନ୍ନ—କୃଷ୍ଣସିଂହ. ମହାଭାରତ. ଆଦି ।]

ସମ୍ପୂଜନ—ସଂ. ବି (ସମ୍+ପୂଜ ଧାତୁ ଭାବ. ଅନ)—ସମ୍ୟକ୍ ପୂଜା—Sampūjana (ସମ୍ପୂଜା—ଅନ୍ୟରୂପ) Great adoration or (ସମ୍ପୂଜିତ, ସମ୍ପୂଜନୀୟ, ସମ୍ପୂଜ୍ୟ—ବିଣ) worship

ସମ୍ପୂର୍ଣ୍ଣ—ସଂ. ବିଣ (ସମ୍+ପୂର୍ ଧାତୁ+କର୍ମ. ତ କିମ୍ବା ସମ୍+ପୃ Sampūrṇṇa ଧାତୁ+କର୍ମ. ତ)—୧ । ପରିପୂର୍ଣ୍ଣ—1. Filled (ସଂପୂର୍ଣ୍ଣ—ଅନ୍ୟରୂପ) up. ୨ । ସମାପ୍ତ—2. Finished; (ସମ୍ପୂର୍ତ୍ତି—ସ୍ତ୍ରୀ) completed. ୩ । ନିଷ୍ପାଦିତ—3. Accomplished. ୪ । ସମସ୍ତ—4. Full; whole; all; entire. ସଂ. ବି (ସଙ୍ଗୀତ) ୧ ।—ସପ୍ତସ୍ୱରବିଶିଷ୍ଟ ରାଗ—1. (music) A melody or mode of music in which all the notes of the gamut are used. [ଦ୍ର—ପଞ୍ଚସ୍ୱରବିଶିଷ୍ଟ ରାଗକୁ ଓଡ଼ବ, ଷଟ୍‌ସ୍ୱରବିଶିଷ୍ଟ ରାଗକୁ ଷାଡ଼ବ ଓ ସପ୍ତସ୍ୱରବିଶିଷ୍ଟ ରାଗରାଗିଣୀକୁ ସମ୍ପୂର୍ଣ୍ଣ ବୋଲାଯାଏ । ଯଥା—ଜଳ ବସନ୍ତ ରାଗ—ସଙ୍ଗୀତ ଦାମୋଦର ।] ୨ । ଶୂନ୍ୟ—2. Ether ସଂପୂର୍ଣ୍ଣରୂପେ (Apte). ଦେ. କି. ବିଣ ଓ ବିଣର ବିଣ— **सम्पूर्णारूपसे** ସମ୍ପୂର୍ଣ୍ଣରୂପେ—Wholly; quite; completely; totally; entirely.

ସମ୍ପୂର୍ଣ୍ଣତୟା—ସଂ. କି. ବିଣ (ସମ୍ପୂର୍ଣ୍ଣତା ଶବ୍ଦର ତୃତୀୟା ବିଭକ୍ତିରେ Sampūrṇṇatayā ରୂପ; ସଂସ୍କୃତଭାଷାଭିଜ୍ଞ ପଣ୍ଡିତମାନଙ୍କ ବ୍ୟବହୃତ ଶବ୍ଦ)—ସମ୍ପୂର୍ଣ୍ଣରୂପେ (ଦେଖ) Sampūrṇṇarūpe (See)

ସମ୍ପୂର୍ଣ୍ଣତର—ସଂ. ବିଣ (ସମ୍ପୂର୍ଣ୍ଣ+ଅତିଶୟାର୍ଥେ ତର)—ସମ୍ୟକ୍ Sampūrṇṇatara ପରିପୂର୍ଣ୍ଣ—Full to the brink.

ସମ୍ପୂର୍ଣ୍ଣତା(ତ୍ୱ)—ସଂ. ବି (ସମ୍ପୂର୍ଣ୍ଣ+ଭାବେ. ତା,ତ୍ୱ)—୧ । ପରି-Sampūrṇṇatā(twa) ପୂର୍ଣ୍ଣତା—1. Fullness; perfection. ୨ । ସମଗ୍ରତା—2. Completeness; entirety. ୩ । ସମାପ୍ତି—3. Completion.

ସମ୍ପୂର୍ଣ୍ଣ ମୂର୍ଚ୍ଛା—ସଂ. ବି—୧ । ପୂର୍ଣ୍ଣ ଅଜ୍ଞାନ ଅବସ୍ଥା—1. Complete Sampūrṇṇa mūrchchhā fainting. ୨ । ମୃତ୍ୟୁ (ସମ୍ପୂର୍ଣ୍ଣ ମୂର୍ଚ୍ଛିତ—ବିଣରୂପ) (ଶବ୍ଦକୋଷ)—2. Death.

ସମ୍ପୂର୍ଣ୍ଣରୂପେ—ଦେ. କି. ବିଣ—୧ । ପୂର୍ଣ୍ଣଭାବରେ—1. Fully. Sampūrṇṇarūpe ୨ । ସମଗ୍ରରୂପରେ—2. Completely. ସଂପୂର୍ଣ୍ଣରୂପେ **सम्पूर्णारूपसे**

ସମ୍ପୂର୍ଣ୍ଣା—ସଂ. ବି. ସ୍ତ୍ରୀ—ସୂର୍ଯ୍ୟୋଦୟର ଦୁଇ ମୁହୂର୍ତ୍ତ ପୂର୍ବରୁ ଆରମ୍ଭ ହୋଇଥିବା ଏକାଦଶୀ—Name of the 11th day of the lunar fortnight which begins two Muhūrttas before sunrise.
Sampūrṇṇā
[ଦ୍ର—ସୂର୍ଯ୍ୟୋଦୟ କାଳର ପୂର୍ବ ମୁହୂର୍ତ୍ତଦ୍ୱୟ ବଶିଷ୍ଟ ଏକାଦଶୀକୁ ସମ୍ପୂର୍ଣ୍ଣା; ଅନ୍ୟ ଏକାଦଶୀକୁ ବଦ୍ଧା ବୋଲାଯାଏ—ତିଥିତତ୍ତ୍ୱ ।]

ସମ୍ପୂର୍ତ୍ତି—ସଂ. ବି (ସମ୍+ପୂର୍ତ୍ତି)—ସମ୍ୟକ୍ ପୂର୍ତ୍ତି—Completion.
Sampūrtti (ସଂପୂର୍ତ୍ତି—ଅନ୍ୟରୂପ)

ସମ୍ପୃକ୍ତ—ସଂ. ବଣ (ସମ୍+ପୃଚ୍ ଧାତୁ=ମିଳିତ ହେବା+କର୍ମ. କ୍ତ)—
Samprukta ୧ । ସମ୍ବନ୍ଧ; ସଂସୃଷ୍ଟ; ସଂଲଗ୍ନ—1. Related.
(ସଂପୃକ୍ତ—ଅନ୍ୟରୂପ) ୨ । ଏକତ୍ର ମିଶ୍ରିତ; ମିଳିତ—
(ସମ୍ପର୍କ—ବି) 2. Mixed up with; blended.
୩ । ସଂଯୁକ୍ତ—3. Connected; joined. ୪ । ଗ୍ରଥିତ—4. Strung; sewn. ୫ । ଲଗ୍ନ; ସଂଲଗ୍ନ—5. Affixed. ୬ । ଖଚିତ—6. Set; inlaid (Apte). ୭ । ସ୍ପର୍ଶ କରିଥିବା—7. Touching.

ସମ୍ପୃଣ—ସଂ. ବଣ (ସମ୍+ପୃ ଧାତୁ+କର୍ମ. କ୍ତ)—୧ । ପୂର୍ଣ୍ଣତାପ୍ରାପ୍ତ
Sampruna (ଶବ୍ଦକୋଷ)—1. Which has attained completion. ୨ । ପୂର୍ଣ୍ଣ କରାଯାଇଥିବା—2. Filled up.

ସମ୍ପେଇ ଦେବା—ପ୍ରାଦେ. (ଯାଜପୁର) କ୍ରି—ସମର୍ପଣ କରିବା—
Sampei debā To make over.

ସମ୍ପେଇବା—ଦେ. କ୍ରି—(ସମ୍ପିବା କ୍ରିୟାର ଣିଜନ୍ତ ରୂପ)—ଅନ୍ୟ ଦ୍ୱାରା
Sampeibā ସମ୍ପିବା କ୍ରିୟା କରାଇବା—Causative of
সঁ'পান शाप दिलाना Sampibā.

ସମ୍ପେଷ—ସଂ. ବି (ସମ୍+ପିଷ ଧାତୁ+ଭାବ. ଅ)—୧ । ସମ୍ୟକ୍ ପେଷଣ
Sampesha —1. Careful grinding; pulverisa-
(ସମ୍ପେଷଣ—ଅନ୍ୟରୂପ) tion. ୨ । (+କର୍ମ. ଅ) ଉତ୍ତମ ରୂପେ
(ସମ୍ପିଷ୍ଟ, ସମ୍ପେଷିତ—ବଣ) ଚୂର୍ଣ୍ଣ ହୋଇଥିବା ଗୁଣ୍ଡ—2. Very fine powder.

ସମ୍ପୋଡ଼—ଦେ. ବି (ସମ୍ପୁଟ=ଆଲିଙ୍ଗନ)—୧ । ଖେଳ; କୌତୁକ—
Samporda 1. Amusement; sport. ୨ । ଆଲିଙ୍ଗନ
সম্পুট कौतुक 2. Embrace.
আলিঙ্গন आलिङ्गन

ସମ୍ପୋଡ଼େ—ଦେ. କ୍ରି. ବଣ—ଅବଲୀଳାକ୍ରମେ; ଅନାୟାସରେ; ସହଜରେ
Samporde —Easily; as in sport.
অনায়াসে अनायासमें

ସମ୍ପୋଷ୍ୟ—ସଂ. ବଣ (ସମ୍+ପୋଷ୍ୟ)—୧ । ଅଭାବପୂରଣ ଯୋଗ୍ୟ
Samposya —1. Sufficient for filling up a
(ସଂପୋଷ୍ୟ—ଅନ୍ୟରୂପ) want. ୨ । ଜୀବନଯାତ୍ରା ନିର୍ବାହ
(ସମ୍ପୋଷଣ—ବି) ପାଇଁ ଯଥେଷ୍ଟ—2. Sufficient for one's livelihood. ୩ । ଯଥେଷ୍ଟ; ଅଙ୍ଗୀକାର ଯୋଗ୍ୟ—3. Sufficient. ୪ । ପୋଷାହେବାର ଯୋଗ୍ୟ—4. Fit to be supported; maintainable.

ସମ୍ପ୍ରକ୍ଷାଳନ—ସଂ. ବି (ସମ୍+ପ୍ରକ୍ଷାଳନ)—୧ । ସମ୍ପୂର୍ଣ୍ଣ ସ୍ନାନ;
Samprakshālana ଗାଧୋଇବା—1. Complete ablution; bathing. ୨ । ପ୍ଲାବନ—
(ସମ୍ପ୍ରକ୍ଷାଳ—ଅନ୍ୟରୂପ) 2. Inundation.
(ସମ୍ପ୍ରକ୍ଷାଳିତ—ବଣ)
(ସଂପ୍ରକ୍ଷାଳନ—ଅନ୍ୟରୂପ)

ସମ୍ପ୍ରଣେତା—ସଂ. ବି. ପୁଂ (ସମ୍+ପ୍ର+ନୀ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Sampraneta ୧ । ଶାସକ—1. A ruler (Apte). ୨ । ବିଚାରପତି—2. A judge (Apte).
(ସଂପ୍ରଣେତା—ଅନ୍ୟରୂପ)
(ସମ୍ପ୍ରଣେତ୍ରୀ—ସ୍ତ୍ରୀ)

ସମ୍ପ୍ରତର୍ଦ୍ଦନ—ସଂ. ବି (ସମ୍+ପ୍ର+ତର୍ଦ୍ଦ ଧାତୁ+କର୍ତ୍ତୃ. ଅନ)—
Sampratarddana (ଦୈତ୍ୟ ସଂହାରକାରୀ) ବିଷ୍ଣୁ—
(ସଂପ୍ରତର୍ଦ୍ଦନ—ଅନ୍ୟରୂପ) A name of Bishṇu.

ସମ୍ପ୍ରତାପନ—ସଂ. ବି (ସମ୍+ପ୍ରତାପନ)—୧ । ତତାଇବା—
Sampratāpana 1. Heating (Apte). ୨ । ପୋଡ଼ିବା—
(ସଂପ୍ରତାପନ—ଅନ୍ୟରୂପ) Burning (Apte). ୩ । ଉତ୍ପୀଡ଼ନ
ସମ୍ପ୍ରତାପନୀୟ, ସମ୍ପ୍ରତାପିତ } ବଣ —3. Torturing; tormenting (Apte). ୪ । ନରକଭେଦ (ଶବ୍ଦକୋଷ)—
4. Name of a hell.

ସମ୍ପ୍ରତି—ସଂ. ଅ (ସମ୍+ପ୍ରତି; ସମ୍ ଓ ପ୍ରତି ଶବ୍ଦ ଦ୍ୱୟର ସମାହାର,
Samprati ଶବ୍ଦକୋଷ)—୧ । ଇଦାନୀଂ; ଅଧୁନା; ବର୍ତ୍ତମାନ;
(ସଂପ୍ରତି ଇତ୍ୟାଦ—ଅନ୍ୟରୂପ) ଏବେ ଦାଲ—1. Now; at present. ୨ । ଏହିକ୍ଷଣି; ଏହି ମୁହୂର୍ତ୍ତରେ—2. At the present moment. ୩ । ଅଳ୍ପକାଳ ପୂର୍ବରୁ—3. Lately; recently. ସଂ. ବି (ନାମ)—୧ । ଅଶୋକଙ୍କ ପୌତ୍ର; ଜୈନଧର୍ମ ପ୍ରଚାରକ ... (ଶବ୍ଦକୋଷ)—1. Name of a Jaina saint. ୨ । ଅଶୋକଙ୍କ ନାତି ଯୌତ୍ର; କୁଣାଳଙ୍କର ଏକ ପୁତ୍ର (ଶବ୍ଦକୋଷ)—2. Name of a grandson of Aśoka.

ସମ୍ପ୍ରତିପତ୍ତି—ସଂ. ବି (ସମ୍+ପ୍ରତିପତ୍ତି)—୧ । ସମ୍ୟକ୍ ଜ୍ଞାନ—
Sampratipatti 1. Comprehension; complete understanding. ୨ । (ହିନ୍ଦୁ ସ୍ମୃତି) ଏକ୍ରାର; ଅଭିଯୁକ୍ତ ବ୍ୟକ୍ତିର ଅପରାଧ ସ୍ୱୀକାର (ମନୁ ୮।୫୮)—2. (Hindu law) Confession; admission of an accused person. ୩ । (ହିନ୍ଦୁ ସ୍ମୃତି) ପ୍ରତିବାଦୀର ଏକ୍ରାର ଜବାବ—3. A statement of the defendant admitting plaintiff's claim. ୪ । ସ୍ୱୀକାର—4. Consent; acknowledgement. ୫ । ଚୁକ୍ତି—5. Agreement; contract. ୬ । ସାହଚର୍ଯ୍ୟ—6. Companionship; co-operation. ୭ । ଉପସ୍ଥିତି—7. Presence; attendance. ୮ । ଆକ୍ରମଣ—8. Attack; assault. ୯ । ସମ୍ପାଦନ—9. Accomplishment; performance. ୧୦ । ଘଟନା—10. Occur-

rence (Apte). ୧୧ । ଅପୋସ (ଭଷ୍ୟକୋଷ)—11. Mutual agreement.

ସମ୍ପ୍ରତିପାଦନ—ସଂ. ବି (ସମ୍ + ପ୍ରତିପାଦନ)—୧ । ସମ୍ୟକ୍ ରୂପେ Sampratipādana ପ୍ରତିପାଦନ—1. Proving beyond doubt. (ସମ୍ପ୍ରତିପାଦିତ—ବିଣ) ୨ । ଅନ୍ୟକୁ କୌଣସି ବସ୍ତୁର ପ୍ରଦାନ—2. Delivering over (Apte). ୩ । ଦାନ—3. Giving; granting; bestowal. (Apte)

ସମ୍ପ୍ରତିରୋଧକ—ସଂ. ବି (ସମ୍ + ପ୍ରତିରୋଧକ)—୧ । ପ୍ରତିବନ୍ଧକ; Sampratirodhaka ବିଘ୍ନ—1. Obstacle. ୨ । ସମ୍ୟକ୍ ରୂପେ ବାଧା—2. Complete obstruction (Apte). ୩ । କାରାବନ୍ଧନ—3. Confinement; imprisonment (Apte). ସଂ. ବିଣ—୧ । ଯାହା ସମ୍ୟକ୍ ବାଧା ଦିଏ—1. Completely obstructing. ୨ । ଯାହା ଅବରୋଧ କରେ—2. Confining.

ସମ୍ପ୍ରତିଷ୍ଠା—ସଂ. ବି (ସମ୍ + ପ୍ରତିଷ୍ଠା)—୧ । ସ୍ଥିତି; ଅବସ୍ଥିତି—Sampratishṭhā 1. Existence. ୨ । ସମ୍ୟକ୍ ପ୍ରତିଷ୍ଠା—(ସମ୍ପ୍ରତିଷ୍ଠିତ—ବିଣ) 2. Establishment.

ସମ୍ପ୍ରତିସଞ୍ଚର—ସଂ. ବି (ସମ୍ + ପ୍ରତି + ସଞ୍ଚର)—ପ୍ରଳୟ ବିଶେଷ; Sampratisañchara ବ୍ରାହ୍ମ ପ୍ରଳୟ—A kind of universal dissolution. [ଦ୍ର—ଏ ପ୍ରଳୟରେ ବ୍ରହ୍ମାଙ୍କର ମଧ୍ୟ ବିନାଶ ହୁଏ ।]

ସମ୍ପ୍ରତୀକ୍ଷା—ସଂ. ବି (ସମ୍ + ପ୍ରତୀକ୍ଷା)—୧ । ସମ୍ୟକ୍ ରୂପେ ବା ଧୈର୍ଯ୍ୟ Sampratīkshā ସହକାରେ ପ୍ରତୀକ୍ଷା—1. Patient waiting. ୨ । ଆଶା—2. Expectation; hope (Apte).
ସମ୍ପ୍ରତୀକ୍ଷଣୀୟ, ସମ୍ପ୍ରତୀକ୍ଷ୍ୟ, ସମ୍ପ୍ରତୀକ୍ଷିତ } ବିଣ

ସମ୍ପ୍ରତୀତ—ସଂ. ବିଣ—୧ । ସମ୍ୟକ୍ ରୂପେ ପ୍ରତୀତ; ଯାହା ହୃଦୟଙ୍ଗମ Sampratīta ହୋଇଥାଏ—1. Fully comprehended; well understood. ୨ । କୌଣସି ବିଷୟରେ ନିଃସନ୍ଦେହୀଭୂତ—2. Fully convinced (Apte). ୩ । ପ୍ରମାଣିତ—3. Proved (Apte). ୪ । ସ୍ୱୀକୃତ—4. Admitted (Apte). ୫ । ପ୍ରସିଦ୍ଧ—5. Renowned (Apte); notorious. ୬। ସମ୍ପୂର୍ଣ୍ଣ ରୂପେ ସ୍ଥିରୀକୃତ—6. Fully ascertained.

ସମ୍ପ୍ରତୀତି—ସଂ. ବି (ସମ୍ + ପ୍ରତୀତି)—୧ । ସମ୍ୟକ୍ ଜ୍ଞାନ—1. Intimate or full knowledge. Sampratīti ୨ । ପ୍ରତ୍ୟୟମୂଳକ ଜ୍ଞାନ—2. Knowledge based on belief. ୩ । ପୂର୍ଣ୍ଣ ବିଶ୍ୱାସ—3. Full belief. ୪ । ପ୍ରସିଦ୍ଧି; ଖ୍ୟାତି—4. Renown; celebrity; notoriety (Apte).

ସମ୍ପ୍ରଦା—ଗ୍ରା. ବି (ଦେ. ସମ୍ପ୍ରଦାୟ)—୧ । ବୈଷ୍ଣବ ବା ବୈରାଗୀ-Sampradā ମାନଙ୍କର ବିଭିନ୍ନ ଦଳ; ଅଖଡ଼ା—1. Sect of ମସ୍ପ୍ରଦା ସମ୍ପ୍ରଦା anchorites. ୨। ଖୋଳ କରତାଳ ସହ ନାମ ସଂକୀର୍ତ୍ତନ କରିବା ଦଳ—2. A company of choristers for singing hymns with music. ୩ । ଖୋଳ କରତାଳ ସହ ନାମ ସଂକୀର୍ତ୍ତନ—3. Chanting of hymns along with music.

ସମ୍ପ୍ରଦାତା—ସଂ. ବିଣ. ପୁଂ (ସମ୍ + ପ୍ର + ଦା ଧାତୁ = ଦେବା + କର୍ତ୍ତୃ Sampradātā ତୃ; ୧ମା ୧ବ)—ସମ୍ପ୍ରଦାନ କର୍ତ୍ତା—(ସ୍ୱପ୍ରଦାତା—ଅନ୍ୟରୂପ) Giving away; bestowing. (ସମ୍ପ୍ରଦାତ୍ରୀ—ସ୍ତ୍ରୀ) ସଂ. ବି—ଦାତା; ଦାନକାରୀ ବ୍ୟକ୍ତି—Doner; giver; bestower.

ସମ୍ପ୍ରଦାନ—ସଂ. ବି (ସମ୍ + ପ୍ରଦାନ)—୧ । ସମ୍ପୂର୍ଣ୍ଣରୂପେ ଦାନ; Sampradāna ସମର୍ପଣ; ସ୍ୱ ସ୍ୱତ୍ୱ ଧ୍ୱଂସ ପୂର୍ବକ ପରସ୍ୱତ୍ୱର (ସ୍ୱପ୍ରଦାନ—ଅନ୍ୟରୂପ) ଉଦ୍ଭବ ହେବା ପାଇଁ ଦାନ—1. Act of giving away; bestowing; donation; a gift out and out. ୨ । ବରକୁ କନ୍ୟାଦାନରୂପ କର୍ମ—2. The act or ceremoney of giving away a daughter in marriage to the bridegroom. ୩ । (ସଂସ୍କୃତ—ବ୍ୟାକରଣ) ଚତୁର୍ଥୀ ବିଭକ୍ତିର କାରକ; ଯେଉଁ ବ୍ୟକ୍ତିକୁ ଦାନ କରାଯାଏ ତତ୍ ସମ୍ବନ୍ଧୀୟ କାରକ—3. (Sanskrit grammar) The dative case. [ଦ୍ର—ଦାତାର ସ୍ୱତ୍ୱକୁ ଲୋପ କରି ଦତ୍ତ ବସ୍ତୁରେ ଦାନଗ୍ରହୀତାଙ୍କ ସ୍ୱତ୍ୱର ଉଦ୍ଭବ କରାଇବା ଉଦ୍ଦେଶ୍ୟରେ ଦାନ କରିବା କ୍ରିୟା ସ୍ଥଳରେ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହୁଏ; ଯଥା ରାଜା ବ୍ରାହ୍ମଣଙ୍କୁ ଗୋରୁ ଦାନ କଲେ—ଏଠାରେ ବ୍ରାହ୍ମଣଙ୍କୁ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହେଲା; କିନ୍ତୁ ଯେଉଁଠାରେ ଦାତାଙ୍କ ସ୍ୱତ୍ୱ ଲୋପ ନ ହୁଏ ସେଠାରେ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହୁଏ ନାହିଁ । ଯଥା ସେ ଧୋବାକୁ ଲୁଗା ଦେଲେ । ଏଠାରେ 'ଧୋବାକୁ' ସମ୍ପ୍ରଦାନ କାରକ ହେବ ନାହିଁ । ସଂସ୍କୃତରେ କର୍ମ କାରକ ଓ ସମ୍ପ୍ରଦାନ କାରକର ଚିହ୍ନ ପୃଥକ୍; ଓଡ଼ିଆରେ ଏ ଦୁଇ କାରକର ଚିହ୍ନ 'କୁ'; ସଂସ୍କୃତ ବ୍ୟାକରଣରେ ରୁଚ୍ ଧାତୁ (ରୁଚିବା), ଧାରିଧାତୁ (ଧାରିବା), ଶ୍ଳାଘ ଧାତୁ (ପ୍ରଶଂସା କରିବା), ହ୍ନୁ ଧାତୁ, ଶପଧାତୁ ଆଦିର ପ୍ରୟୋଗ ସ୍ଥଳରେ ସମ୍ପ୍ରଦାନ କାରକ ହୁଏ । ଓଡ଼ିଆରେ ଏ ସବୁର ବ୍ୟବହାର ନାହିଁ ।] ୪ । ପ୍ରକୃଷ୍ଟ ଦାନ—4. Excellent gift. ୫ । ଦାନୀୟ ବ୍ୟକ୍ତି; ଯାହାକୁ କୌଣସି ବସ୍ତୁ ଦାନ କରାଯାଏ—5. Donee.

ସମ୍ପ୍ରଦତ୍ତ, ସମ୍ପ୍ରଦାୟକ, ସମ୍ପ୍ରଦାତା }—ବିଣ

ସମ୍ପ୍ରଦାନୀୟ—ସଂ. ବିଣ (ସମ୍ + ପ୍ର + ଦା ଧାତୁ + କର୍ମ ଅନୀୟ)—Sampradānīya ୧ । ଯେଉଁ ପଦାର୍ଥ ସମ୍ପ୍ରଦାନ କରା-

ଦିବାର ଯୋଗ୍ୟ ବା ସମ୍ପ୍ରଦାନ କରିଦବା ପାଇଁ ଅଭିପ୍ରେତ—
(ସଂପ୍ରଦାୟ—ଅନ୍ୟରୂପ) 1. (A thing) Fit to be given away or dedicated to be given away. ୨ । (+ ସମ୍ପ୍ରଦାନ ଅର୍ଥରେ) ଯେଉଁ ବ୍ୟକ୍ତିକୁ କୌଣସି ବସ୍ତୁ ଦାନ କରିବା ପାଇଁ ସଂକଳ୍ପ କରାଯାଇଥାଏ—2. (A person) To whom any thing is proposed to be given away. ୩ । (+ କର୍ମ ଅର୍ଥରେ) ସମ୍ପ୍ରଦାନର ଯୋଗ୍ୟ—3. Fit to be donated. ସଂ. ବି ଦାନ—A gift; donation (Apte)

ସମ୍ପ୍ରଦାୟ—ସଂ. ବି (ସମ୍ + ପ୍ର + ଦା ଧାତୁ = ଉପଦେଶ ଦେବା + କର୍ମ ଅ, ଯ ଆଗମ)—୧ । ଗୁରୁପରମ୍ପରାଗତ ଉପଦେଶ—1. Instruction transmitted from a preceptor to a disciple for generations; (Apte); traditions handed down from generation to generation of teachers.
Sampradāya
(ସଂପ୍ରଦାୟ—ଅନ୍ୟରୂପ)
(ସାମ୍ପ୍ରଦାୟିକ—ବିଣ)
୨ । ଗୁରୁ ପରମ୍ପରା କ୍ରମେ ପ୍ରଚଳିତ ଧର୍ମ ମତବାଦ—2. Traditional religious doctrines; a peculiar system of religious teaching. ୩ । ସମାଜ—3. Sect; community. ୪ । ଦଳ; ଗୋଷ୍ଠୀ—4. A company; band, a troupe. ୫ । ସଦାଚାର; ରୀତି—5. Established custom; usage (Apte). ୬ । ଏକ ଜାତି ବା ସମାଜ ବା ଧର୍ମାବଲମ୍ବୀଙ୍କ ମଧ୍ୟରୁ ବଶିଷ୍ଟ ମତାବଲମ୍ବୀ ବା ପୃଥକ୍ ଦେବପୂଜକଦଳ ବା ଶାଖା—6. Subsect; sub caste. [ଦ୍ର—ହିନ୍ଦୁ ଧର୍ମାବଲମ୍ବୀମାନେ ବୈଷ୍ଣବ ଶୈବ, ଶାକ୍ତ, ଗାଣପତ୍ୟ, ସୌର ଆଦି ନାନା ସମ୍ପ୍ରଦାୟରେ ବିଭକ୍ତ । ଏହି ସମ୍ପ୍ରଦାୟମାନେ ପୁଣି ନାନା ଉପସମ୍ପ୍ରଦାୟରେ ବିଭକ୍ତ । ଯଥା—ବୈଷ୍ଣବମାନେ ରାମାନୁଜ ଆଦି, ଗୌଡ଼ୀୟମାନେ ଶ୍ରୀ ଆଦି ନାନା ସମ୍ପ୍ରଦାୟ ବା ଉପସମ୍ପ୍ରଦାୟରେ ବିଭକ୍ତ । ଖ୍ରୀଷ୍ଟିଆନମାନେ ପ୍ରୋଟେଷ୍ଟାଣ୍ଟ, ରୋମାନ୍ କାଥଲିକ୍; ଗ୍ରୀକ୍ ଚର୍ଚ୍ଚ ଓ ଯୀହୁ ଆଦି ସମ୍ପ୍ରଦାୟରେ ବିଭକ୍ତ । ମୁସଲମାନମାନେ ମଧ୍ୟ ଶୀଆ, ସୁନ୍ନୀ ଆଦି ସମ୍ପ୍ରଦାୟରେ ବିଭକ୍ତ ।] ଦେ. ବି.—ସମ୍ପ୍ରଦା
सम्प्रदा सम्प्रदा (ଦେଖ)—Sampradā (See)

ସମ୍ପ୍ରଦାୟଭୁକ୍ତ—ସଂ ବିଣ. ପୁଂ (୭ମୀ ତତ୍)—ଏକ ସମ୍ପ୍ରଦାୟର ଅନ୍ତର୍ଗତ—Included in a sect; being a member of a sect.
Sampradāya bhukta
(ସମ୍ପ୍ରଦାୟୀ—ଅନ୍ୟରୂପ)

ସମ୍ପ୍ରଧାରଣ(ଣା)—ସଂ. ବି (ସମ୍ + ପ୍ର + ଣିଜନ୍ତ ଧୃ ଧାତୁ + ଭାବ. ଅନ; + ଆ)—୧ । ଯୁକ୍ତାଯୁକ୍ତ ବିବେଚନା; ସଦସଦ୍ ବିବେଚନା; ଉଚିତାନୁଚିତ ନିର୍ଣ୍ଣୟ—1. Disicriminati n; making disitinction between right and wrong; determining the propriety or otherwise of anything. ୨ । କର୍ତ୍ତବ୍ୟାବଧାରଣ; କର୍ତ୍ତବ୍ୟ ନିର୍ଣ୍ଣୟ—2. Moral judgment; ascertainment of one's duty. ୩ । ଅବଧାରଣ; ନିର୍ଣ୍ଣୟ—3. Ascertainment.
Sampradhārana(ṇā)

ସମ୍ପ୍ରପଦ—ସଂ. ବି (ସମ୍ + ପ୍ର + ପଦ୍ ଧାତୁ + ଭାବ. ଅ)—ଭ୍ରମଣ; ପର୍ଯ୍ୟଟନ—Travelling; roaming about.
Samprapada

ସମ୍ପ୍ରପନ୍ନ—ସଂ. ବିଣ (ସମ୍ + ପ୍ରପନ୍ନ)—୧ । ଠାରେ ଉପସ୍ଥିତ—1. Arrived at (Apte). ୨ । ବିଶିଷ୍ଟ—2. Endowed with; possessed of (Apte). ୩ । ପ୍ରବିଷ୍ଟ—3. Entered; fallen into (Apte).
Samprapanna

ସମ୍ପ୍ରବଦନ—ସଂ. ବି (ସମ୍ + ପ୍ରବଦନ)—କଥାବାର୍ତ୍ତା—Conversation; dialogue (Apte).
Samprabadana

ସମ୍ପ୍ରବର୍ତ୍ତନ—ସଂ. ବି (ସମ୍ + ପ୍ରବର୍ତ୍ତନ)—୧ । କାର୍ଯ୍ୟାରମ୍ଭ—1. Beginning. ୨ । କାର୍ଯ୍ୟରେ ଉଦ୍ୟୋଗ—2. Undertaking.
Samprabarttana
ସମ୍ପ୍ରବୃତ୍ତ, ସମ୍ପ୍ରବର୍ତ୍ତିତ } ବିଣ

ସମ୍ପ୍ରବୃଷ୍ଟ(ଷ୍ଟି)—ସଂ. ବି (ସମ୍ + ପ୍ରବୃଷ୍ଟ)—ସମ୍ପୂର୍ଣ୍ଣ ବର୍ଷା—Complete rainfall (Apte).
Samprabrushta(shti)

ସମ୍ପ୍ରବେଶ—ସଂ. ବି (ସମ୍ + ପ୍ରବେଶ)—ପୂର୍ଣ୍ଣରୂପେ ପ୍ରବେଶ; ଭିତରକୁ ପ୍ରବେଶ—Complete entrance; introduction (Apte).
Samprabeśa
[ସମ୍ପ୍ରବିଷ୍ଟ, ସମ୍ପ୍ରବେଶିତ—ବିଣ]

ସମ୍ପ୍ରଭିନ୍ନ—ସଂ. ବିଣ (ସମ୍ + ପ୍ରଭିନ୍ନ)—୧ । ଚିରି ଯାଇ ମେଲା ହୋଇଯାଇଥିବା—1. Split open; cleft (Apte). ୨ । ମତ୍ତ (ହସ୍ତୀ ଆଦି)—2. (an animal) In rut (Apte).
Samprabhinna

ସମ୍ପ୍ରମାଦ—ସଂ. ବି (ସମ୍ + ପ୍ରମାଦ)—ମୋହ; ଭ୍ରାନ୍ତି (ଶବ୍ଦକୋଷ)—Delusion.
Sampramāda [ସମ୍ପ୍ରମତ୍ତ—ବିଣ]

ସମ୍ପ୍ରମୋଦ—ସଂ. ବି (ସମ୍ + ପ୍ରମୋଦ)—ଅତ୍ୟନ୍ତ ଆନନ୍ଦ (ଶବ୍ଦକୋଷ)—Excessive joy; jubilee (Apte).
Sampramoda
[ସମ୍ପ୍ରମୋଦିତ—ବିଣ]

ସମ୍ପ୍ରମୋଷ—ସଂ. ବି (ସମ୍ + ପ୍ରମୋଷ)—୧ । ଚୌର୍ଯ୍ୟ (ଶବ୍ଦକୋଷ)—1. Theft. ୨ । ବିନାଶ—2. Destruction (Apte), ୩ । କ୍ଷତି—3. Loss (Apte). ୪ । କାଢ଼ିନେବା—4. Abstraction (Apte),
Sampramosha

ସମ୍ପ୍ରଯୁକ୍ତ—ସଂ. ବିଣ (ସମ୍ + ପ୍ର + ଯୁଜ୍ ଧାତୁ = ଯୋଗ କରିବା + କର୍ମ. ତ)—୧ । ଏକତ୍ର ଯୋଗ୍ ଦିଆ—1. Yoked together. ୨ । ଲାଭ ଉଦ୍ଦେଶ୍ୟରେ ବିନିଯୋଜିତ (ଧନ)—2. Invested for profit. ୩ । ପରସ୍ପର ଦୃଢ଼ସଙ୍ଗମ—3. Sexually united (Apte). ୪ । ଦୃଢ଼ାଂଶକ୍ତ—4. Intent upon. ୫ । (ବ୍ୟସନରେ) ଆସକ୍ତ—5. Addicted to.
Samprajukta

ସମ୍ପ୍ରଯୋ(ୟୋ)ଗ—ସଂ. ବି (ସମ୍+ପ୍ର+ଯୁଜ୍ ଧାତୁ=ଯୋଗ କରିବା Samprajo(yo)ga +ଭାବ.ଅ)—୧ । ଲଗେଇବା; ପ୍ରୟୋଗ— [ସଂପ୍ରଯୋ(ୟୋ)ଗ ଇତ୍ୟାଦି—ଅନ୍ୟରୂପ] 1. Application. ସମ୍ପ୍ରଯୁକ୍ତ, ସମ୍ପ୍ରଯୋଜିତ (ଣିଚ୍) } ବିଣ ସମ୍ପ୍ରଯୋଜକ, ସମ୍ପ୍ରଯୋଗୀ } ୨ । ଧନାଦିର ବୃଦ୍ଧି କାମନାରେ ପ୍ରୟୋଗ; ଧନ ପ୍ରୟୋଗ; ଲାଭପାଇଁ ବା ସୁଧପାଇଁ ଟଙ୍କା ଖଟାଇବା— 2. Investment of money. ୩ । ମାରଣ, ବଶୀକରଣ,ଉଚ୍ଚାଟନ ଆଦି ତାନ୍ତ୍ରିକ କ୍ରିୟା—3. Tāntric or esoteric or mesmeric rites employed to control the action of other persons. ୪ । ଇନ୍ଦ୍ରଜାଲ; କୁହୁକ—4. Magic; the black art. ୫ । ସାପେକ୍ଷତା—5. Corelation; mutual dependence. ୬ । ସମ୍ବନ୍ଧ—6. Relationship. ୭ । ସଂଯୋଗ—7. Connection. ୮ । ଯୌନ ସଙ୍ଗମ; ସଂସର୍ଗ; ରମଣ; ମୈଥୁନ—8. Cohabitation; mutual sexual intercourse; sexual union. ୯ । ଲମ୍ପଟତ୍ୱ—9. Lechery. ୧୦ । ସଂଯୋଗ; ମିଳନ—10. Union; meeting (Apte). ୧୧ । ଧାରା—11. Connected series or order. ୧୨ । ତାନ୍ତ୍ରିକ ଅଭିଚାର (ଯଥା—ମାରଣ, ବଶୀକରଣ, ଉଚ୍ଚାଟନ) ର ପ୍ରୟୋଗ (ଶବ୍ଦକୋଷ)— 12. Application of Tantric charms against persons. ୧୩ । ଦୁଇ ପଦାର୍ଥକୁ ଯୋଡ଼ିବା ପଦାର୍ଥ ବା ମୁଦ୍ରିଅ—13. A connecting link; fastener (Apte).

ସମ୍ପ୍ରଯୋଗୀ—ସଂ. ବିଣ. ପୁଂ (ସମ୍+ପ୍ର+ଯୁଜ ଧାତୁ=ଯୋଗ Samprajogī କରିବା+କର୍ତ୍ତୃ. ଇନ୍, ୧ମା. ୧ବ)—୧ । (ସମ୍ପ୍ରଯୋଗିନୀ—ସ୍ତ୍ରୀ) ସମ୍ପ୍ରୟୋଗକାରୀ—1. Investing; employing. ୨ । ଐନ୍ଦ୍ରଜାଲିକ; ତାନ୍ତ୍ରିକ ଅଭିଚାର ପ୍ରୟୋଗକାରୀ—2. Practising magic; conjurin. ୩ । କାମୁକ; କଳାଲେଖ—3. Amorous; wanton. ୪ । ଲମ୍ପଟ—4. Adulterous; lecherous. ସଂ. ବି—୧ । ଧନ ଖଟାଇବା ବ୍ୟକ୍ତି— 1. Investor. ୨ । ଐନ୍ଦ୍ରଜାଲିକ—2. Magician; a conjurer. ୩ । ଲମ୍ପଟ ବ୍ୟକ୍ତି—3. A lecher; a libertine. ୪ । ଅସ୍ୱାଭାବିକ ଉପାୟରେ ରତିସୁ ଚରିତାର୍ଥକାରୀ ବ୍ୟକ୍ତି—4. A catamite (Apte).

ସମ୍ପ୍ରଯୋ(ୟୋ)ଜକ—ସଂ. ବିଣ. ପୁଂ (ସମ୍+ପ୍ର+ଣିଜନ୍ତ ଯୁଜ୍ Samprajo(yo)jaka ଧାତୁ ବା ଯୋଜ ଧାତୁ=ଯୋଗ କରି (ସମ୍ପ୍ରଯୋ[ୟୋ]ଜିକା—ସ୍ତ୍ରୀ) ଇବା+କର୍ତ୍ତୃ. ଅକ)—୧ । କାମୁକ; ଲମ୍ପଟ—1. Wanton; addicted to sexual intercourse (Apte). ୨ । ସମ୍ପ୍ରଯୋଗ ଘଟାଇବା ବ୍ୟକ୍ତି—2. Bringing about samprajoga. ସଂ. ବି—୧ । ଦଲାଲ—1. Broker; tout. ୨ । ଯେଉଁ ବ୍ୟକ୍ତି ସ୍ତ୍ରୀକୁ ଓ ପୁରୁଷକୁ ସଙ୍ଗମାର୍ଥ ମିଳିତ କରାଏ— 2. Bawd; panderer; procurer. ୩ । ସଂଯୋଗ କାରୀ ବ୍ୟକ୍ତି—3. A joiner; uniter (Apte).

ସମ୍ପ୍ରଯୋ(ୟୋ)ଜନ—ସଂ. ବି (ସମ୍+ପ୍ର+ଣିଜନ୍ତ ଯୁଜ୍ ଧାତୁ ବା Samprajo(yo)jana ଯୋଜ ଧାତୁ=ଯୋଗ କରିବା+ଭାବ. ସମ୍ପ୍ରଯୋ(ୟୋ)ଜିତ } ବିଣ ସମ୍ପ୍ରଯୋ(ୟୋ)ଜ୍ୟ } ଅନ)—ଅନ୍ୟଦ୍ୱାରା ସମ୍ପ୍ରଯୋଗ ଘଟାଇବା—Bringing about Samprajoga.

ସମ୍ପ୍ରସାଦ—ସଂ. ବି (ସମ୍+ପ୍ର+ସଦ୍ ଧାତୁ=ପ୍ରସନ୍ନ ହେବା+ Samprasāda ଭାବ. ଅ)—୧ । ପ୍ରସନ୍ନତା—1. Favour. (ସମ୍ପ୍ରସନ୍ନ—ବିଣ) ୨ । ବିଶ୍ୱାସ—2. Trust. ୩ । ସୁଷୁପ୍ତି; ଗଭୀର ନିଦ୍ରା—3. Slumber; sound sleep. ୪ । ଯୋଗ ଶାସ୍ତ୍ରୋକ୍ତ ଚିତ୍ତର କର୍ମଳତାସଂପାଦକ ପରୁ- ଦକ୍ଷେପ—4. (Joga) A trial for bringing about peace or contentment of mind.

ସମ୍ପ୍ରସାରଣ—ସଂ. ବି (ସମ୍+ପ୍ରସାରଣ)—୧ । ବିସ୍ତାରଣ— Samprasārana 1. Extending. ୨ । ବିସ୍ତାର— (ସମ୍ପ୍ରସାରିତ—ବିଣ) 2. Extension. ୩ । (ବ୍ୟାକରଣ) ଇ, ଉ, ଋ, ଌ, ସ୍ଥାନରେ ଯଥାକ୍ରମେ ଯ, ବ, ର, ଲ ଆଗମ ହେବାବିଧି—3. (grammar) The substitution of the letters Ja, Wa, Ra, La in the place of the letters I, U, Ru, Lu. ୪ । ସମ୍ପୂର୍ଣ୍ଣରୂପେ ମେଲେଇ ଦେବା— 4. Complete spreading out.

ସମ୍ପ୍ରସ୍ଥିତ—ସଂ. ବିଣ (ସମ+ପ୍ରସ୍ଥିତ)—୧ । ପ୍ରସ୍ଥାନୋଦ୍ୟତ— Samprasthita 1. Ready to start. ୨ । ଗତ; ଯେ (ସମ୍ପ୍ରସ୍ଥିତ, ସମ୍ପ୍ରସ୍ଥାନ—ବି) ଯାଇଅଛି—2. Gone; departed.

ସମ୍ପ୍ରହାର—ସଂ. ବି (ସମ୍+ପ୍ରହାର)—୧ । ସମ୍ୟକ୍ ପ୍ରହାର; ବିଶେଷ Samprahāra ପ୍ରହାର—1. Sound beating. ୨ । ସମ୍ପ୍ରହୃତ } ବିଣ ସମ୍ପ୍ରହାରୀ } ହନନ; ମାରଣ (ଧରଣୀ)—2.Slaughter. ୩ । ଗମନ (ମେଦିନୀ)—3. Going; motion. ୪ । ଯୁଦ୍ଧ (ଅମର)—4. Fight; battle. ୫ । ମାଡ଼ ମରାମରି; ପିଟାପିଟି— 5. Mutual striking; a strife.

ସମ୍ପ୍ରହାସ—ସଂ. ବି (ସମ୍+ପ୍ରହାସ)—ଉପହାସ; ବିଦ୍ରୂପ (ଶବ୍ଦକୋଷ) Samprahāsa Rediculə.

ସମ୍ପ୍ରାପତ—ଗ୍ରା. ବିଣ (ତଦ୍ଭବ)—ସମ୍ପ୍ରାପ୍ତ (ଦେଖ)—Samprāpta. Samprāpata (See) (ଲୁ—ଏହା କହନ୍ତି ସୁଗତ, ସଦା ସମ୍ପ୍ରାପ୍ତ सम्प्राप्त ସ୍ୱରୂପ ସମ୍ପ୍ରାତେ । ଗୀତା. ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ।)

ସମ୍ପ୍ରାପ୍ତ—ସଂ. ବିଣ (ସମ୍+ପ୍ରାପ୍ତ)—୧ । ସମ୍ୟକ୍ ଲବ୍ଧ— Samprāpta 1. Specially obtained; received. (ସମ୍ପ୍ରାପ୍ତି—ବି) acquired; attained. ୨ । ସମାଗତ; ଉପସ୍ଥିତ—2. Arrived.

ସମ୍ପ୍ରୀତ—ସଂ. ବଣ (ସମ୍ + ପ୍ରୀତ)—୧ । ସନ୍ତୁଷ୍ଟ—1. Satisfied; content. ୨ । ଅତି ତୁଷ୍ଟ; ଅତ୍ୟନ୍ତ ପ୍ରୀତିଯୁକ୍ତ—2. Much pleased; gratified; delighted; overjoyed. ୩ । ପରସ୍ପର ପ୍ରତି ପ୍ରୀତ—3. Mutually loving; on good terms with each other.
Samprita
(ସଂପ୍ରୀତ—ଅନ୍ୟରୂପ)
[ସମ୍ପ୍ରୀତି—ବି]

ସମ୍ପ୍ରେକ୍ଷଣ—ସଂ. ବି (ସମ୍ + ପ୍ରେକ୍ଷଣ)—୧ । ସମ୍ୟକ୍ ଦର୍ଶନ; ଭୂୟୋଦର୍ଶନ—1. Observation. ୨ । ଅନୁସନ୍ଧାନ—2. Investigation; inquiry.
Samprekshaṇa
(ସଂପ୍ରେକ୍ଷଣ—ଅନ୍ୟରୂପ) [ସମ୍ପ୍ରେକ୍ଷିତ—ବଣ]

ସମ୍ପ୍ରେଷ—ସଂ. ବି (ସମ୍ + ପ୍ର + ଇଷ୍. ଧାତୁ=ଗମନ କରିବା + ଭାବ. ଅ)—୧ । ନିୟୋଗ; ବିଧି—1. Rule. ୨ । ପ୍ରେରଣ—2. Sending away. (Apte). ୩ । ସଂବାଦ ପ୍ରେରଣ—3. Sending of message. (Apte)
Sampresha

ସମ୍ପ୍ରୋକ୍ଷଣ—ସଂ. ବି (ସମ୍ + ପ୍ରୋକ୍ଷଣ)—୧ । ସମ୍ୟକ୍ ଜଳସେଚନ—1. Thorough sprinkling. ୨ । ବଳିଦାନ ପୂର୍ବରୁ ପଶୁ ବଧ ସ୍ଥାନରେ ପଶୁ ଉପରେ ମନ୍ତ୍ରପାଠପୂର୍ବକ ଜଳସେଚନ—2. Consecration of the victim by sprinkling water over it by uttering some formulas.
Samprokshaṇa
(ସମ୍ପ୍ରୋକ୍ଷିତ—ବଣ)

ସମ୍ପ୍ଳବ—ସଂ. ବି (ସମ୍ + ପ୍ଳୁ. ଧାତୁ=ଯିବା + ଭାବ. ଅ)—୧ । ସମ୍ୟକ୍ ପ୍ଳାବନ; ବନ୍ୟା; ଜଳର ଅତିଶଯ୍ୟ ବୃଦ୍ଧି—1. Inundation; flood. ୨ । ପ୍ରଳୟକାଳୀନ ବନ୍ୟା—2. Deluge. ୩ । ଗୋଳମାଳ; ସଂକ୍ଷୋଭ—3. Restlessness. ୪ । ଚତୁର୍ଦ୍ଦିଗରୁ ପତନ; ଚାରିଆଡ଼େ ବର୍ଷଣ (ରଘୁବଂଶ)—4. Showering on all sides. ୫ । ବିନାଶ; ଧ୍ୱଂସ—5. Falling into ruin; destruction (Apte).
Samplaba
(ସଂପ୍ଳବ—ଅନ୍ୟରୂପ)
[ସମ୍ପ୍ଳୁତ, ସମ୍ପ୍ଳାବିତ—ବଣ]

ସମ୍ଫାଳ—ସଂ. ବି (ସମ୍ + ଫଲ୍. ଧାତୁ=ଫଳ ଧାରଣ କରିବା + କର୍ତ୍ତୃ. ଅ) ୧ । ମେଘ—1. Cloud. ୨ । ମେଷ (ହେମଚନ୍ଦ୍ର)—2. Ram.
Samphāḷa
(ସଂଫାଳ—ଅନ୍ୟରୂପ)

ସମ୍ଫୁଲ୍ଲ—ସଂ. ବଣ (ସମ୍=ସମ୍ୟକ୍ + ଫୁଲ୍ଲ୍. ଧାତୁ=ପ୍ରସ୍ଫୁଟିତ ହେବା + କର୍ତ୍ତୃ. ତ)—୧ । ପ୍ରଫୁଲ୍ଲ—1. Delighted. ୨ । ପ୍ରସ୍ଫୁଟିତ; ବିକଶିତ—2. Full blown; expanded.
Samphulla
(ସଂଫୁଲ୍ଲ—ଅନ୍ୟରୂପ)

ସମ୍ଫେଟ—ସଂ. ବି (ନାଟ୍ୟଶାସ୍ତ୍ରରେ)—୧ । ଅଶ୍ଳୀଳ; କ୍ରୋଧପୂର୍ଣ୍ଣ କଥନ—1. Angry discourse. ୨ । ଦୁଇଜଣ କ୍ରୁଦ୍ଧ ବ୍ୟକ୍ତିଙ୍କର ଭେଟାଭେଟି—2. Encounter between two angry persons. (Apte).
Sampheṭa

ସମ୍ବ୍ (ଧାତୁ)—ସଂ.—୧ । ଗତି କରିବା—1. To go; to move. (Apte) ୨ । ଗଦା କରିବା; ସଂଗ୍ରହ କରିବା—2. To accumulate, to heap up; to collect.
Samb (root)
(ସଂବ. ସମ୍ବ୍—ଅନ୍ୟରୂପ)

ସମ୍ବ—ସଂ. ବି (ସମ୍ବ. ଧାତୁ=ଗମନ କରିବା + ଭାବ. ଅ)—୧ । ଦୁଇ ଥର ଚଷିବା; ଦୁଇ ଓଡ଼ ଚାଷ—1. Repeated cultivation; ploughing twice. (Apte) ୨ । ପ୍ରତିଲୋମାକର୍ଷଣ; ବିପରୀତ ଦିଗରୁ ଚଷିବା—2. Cultivating or ploughing from the opposite side. ୩ । ଜମିକୁ ଦ୍ୱିତୀୟ ଥର ଚଷିବା—3. Ploughing of a field for the second time. (Apte) ୪ । (+କର୍ତ୍ତୃ. ଅ) ଜଳ—4. Water.
Samba
(ସଂବ—ଅନ୍ୟରୂପ)

ସମ୍ବତ୍—ସଂ. ବି (ସମ୍ + ବଦ୍. ଧାତୁ=କହିବା + କର୍ମ. କ୍ୱିପ୍)—୧ । ସମ୍ବତ୍ସର, ବର୍ଷ—1. Year. ୨ । ରାଜା ବିକ୍ରମାଦିତ୍ୟଙ୍କ ପ୍ରବର୍ତ୍ତିତ ଅବ୍ଦ—2. The era promulgated by king Bikramāditya. [ଦ୍ର—ଖ୍ରୀଷ୍ଟଜନ୍ମର ୫୭ ବର୍ଷ ପୂର୍ବରୁ ଏ ଅବ୍ଦ ପ୍ରବର୍ତ୍ତିତ ହୋଇ ଆସିଅଛି । ଖ୍ରୀଷ୍ଟାବ୍ଦ ସଙ୍ଗେ ୫୭ ସଂଖ୍ୟା ଯୋଗ କଲେ ସମ୍ବତ୍ ଅବ୍ଦର ସଂଖ୍ୟା ମିଳେ । 'ଶକ' ଶବ୍ଦ ତଳେ ଟିପ୍ପଣୀ ଦେଖ ।
'ଅମରକୋଷ' ଅଭିଧାନରେ 'ସମ୍ବତ୍' ଶବ୍ଦ ଅବ୍ୟୟରୂପେ ପରିଗଣିତ ହୋଇଅଛି ।]
Sambat
(ସଂବତ୍—ଅନ୍ୟରୂପ)

ସମ୍ବତ୍ସର—ସଂ. ବି (ସମ୍ + ବତ୍ସର)—ପୂର୍ଣ୍ଣ ଏକ ବର୍ଷ; ବାର ମାସ—A year; a twelve month.
Sambatsara
(ସଂବତ୍ସର—ଅନ୍ୟରୂପ)

ସମ୍ବଦନ—ସଂ. ବି (ସମ୍ + ବଦ୍. ଧାତୁ=କହିବା + ଭାବ. ଅନ)—୧ । କଥନ—1. Speaking. ୨ । ଉଚ୍ଚାରଣ—2. Uttering. ୩ । (+କର୍ମ. ଅନ) ସମ୍ବାଦ—3. News; intelligence. ୪ । ସଦୃଶୀକରଣ—4. Act of making similar; equalisation.
Sambadana
(ସଂବଦନ—ଅନ୍ୟରୂପ)

ସମ୍ବଦ୍ଧ—ସଂ. ବଣ (ସମ୍ + ବନ୍ଧ୍. ଧାତୁ=ବାନ୍ଧିବା + କର୍ମ. ତ)—୧ । ସମ୍ବନ୍ଧଯୁକ୍ତ—1. Having relation or connection; related to. ୨ । ଦୃଢ଼ବଦ୍ଧ; ପରସ୍ପର ସହିତ ବନ୍ଧା ହୋଇଥିବା—3. Well tied; bound; fastened together. ୩ । ସଂଯୁକ୍ତ; ସମ୍ମିଳିତ—3. Associated; joined to; united with; connected with. ୪ । ରୁଦ୍ଧ (ଦ୍ୱାରାଦି)—4. Closed; shut. (Apte) ୫ । ବିଶିଷ୍ଟ—5. Endowed with. (Apte) . ୬ ।
Sambaddha
(ସଂବଦ୍ଧ—ଅନ୍ୟରୂପ)
[ସମ୍ବନ୍ଧ—ବି]

(ବ୍ୟାକରଣ) ଅର୍ଥ ବା ରଚନା ସମ୍ବନ୍ଧ ବଶିଷ୍ଟ—
6. Connected in sense; grammatically connected (Apte)

ସମ୍ବନନ—ସଂ. ବି (ସମ୍ +ବନ୍ ଧାତୁ=ଯାଚ୍ଞା କରିବା, ଅଧୀନ କରିବା+ଭାବ. ଅନ) —୧ । ଅଲୋଚନା—
Sambanana
1. Discussion; debating. ୨ । ବଶୀକରଣ—
2. Subjugating; bringing under control.
୩ । ମନ୍ତ୍ରୌଷଧି ଦ୍ୱାରା ମୁଗ୍ଧ କରିବା—3. Fascinating; infatuating; charming.

ସମ୍ବନ୍ଧ—ସଂ. ବି (ସମ୍+ବନ୍ଧ ଧାତୁ+ଭାବ. ଅ)—୧ । ସମ୍ପର୍କ—
Sambandha
1. Relationship. [ଦ୍ର—ଦୁଇ (ସବନ୍ଧ ଇତ୍ୟାଦି—ଅନ୍ୟରୂପ) ବ୍ୟକ୍ତିଙ୍କ ମଧ୍ୟରେ ଘଟିବା (ସମ୍ବନ୍ଧୀ, ସମ୍ବନ୍ଧୀୟ, ସମ୍ବନ୍ଧ—ବିଣ) ସମ୍ବନ୍ଧ ୩ ପ୍ରକାରର; ଯଥା—
(୧) ବିଦ୍ୟାଜ ସମ୍ବନ୍ଧ (ଯଥା—ଗୁରୁଙ୍କ ସଙ୍ଗେ ଶିଷ୍ୟର ସମ୍ବନ୍ଧ; ଦୁଇ ଗୁରୁ ଭାଇଙ୍କ ମଧ୍ୟରେ ସମ୍ବନ୍ଧ) ।
(୨) ପ୍ରୀତିଜ ସମ୍ବନ୍ଧ (ଯଥା—ମିତ୍ରତାଦ୍ୱାରା ସ୍ଥାପିତ ସମ୍ବନ୍ଧ) ।
(୩) ଯୋନିଜ ସମ୍ବନ୍ଧ (ଯଥା—ରକ୍ତ ବା ଜନ୍ମ ଓ ବିବାହାଦି ଦ୍ୱାରା ସ୍ଥାପିତ ସମ୍ବନ୍ଧ)] । ୨। ସଂସର୍ଗ—2. Connection; association. [ଦ୍ର—ଏ ସଂସର୍ଗ ପ୍ରତିଯୋଗୀ, ଅନୁଯୋଗୀ, ଆଧାର, ଆଧେୟ, ବିଷୟ ଓ ବିଷୟିଭାବ-ରୂପ—ବିଶ୍ୱକୋଷ ।] ୩ । ଏକ ପଦାର୍ଥ ସଙ୍ଗେ ଅନ୍ୟ ପଦାର୍ଥର ସଂଯୋଗ—3. Connection or union of one thing with another, (ଉ—ରତନର ସମ୍ବନ୍ଧେ ପାରେଷ ପଡ଼ିଛି—କୃଷ୍ଣସିଂହ ମହାଭାରତ ସଭା ।) ୪ । ମିଳନ—4. Union. ୫ । ସଙ୍ଘଟନ—5. Combination. ୬ । ସମୀଚୀନତା; ଉପଯୁକ୍ତତା; ଯୋଗ୍ୟତା—6. Propriety; fitness. ୭ । (+କରଣ ଅ.) ଆତ୍ମୀୟତା; ବନ୍ଧୁତା; ମିତ୍ରତା; ସଖ୍ୟ—7. Friendship; friendly connection. ୮ । କୁଟୁମ୍ବିତା—8. Kinship, (ଉ—ବାପୁ, ଭାଇ, ପୁଅ ଯେ ସମ୍ବନ୍ଧ ବାନ୍ଧବ, ଝଗଡ଼ଲେଟି ଯୁଧିଷ୍ଠିର ନରଧବ—କୃଷ୍ଣସିଂହ ମହାଭାରତ ଅଦି ।] ୯ । କାର୍ଯ୍ୟକାରଣତା ବା ଜନ୍ୟଜନକତା ଭାବ—9. Relationship of cause and effect. ୧୦ । (ବ୍ୟାକରଣ) ଷଷ୍ଠୀବିଭକ୍ତିଯୁକ୍ତ କାରକ—10. [grammar] The genitive case; the 6th case. [ଦ୍ର—ସମ୍ବନ୍ଧ ଅନେକ ପ୍ରକାରର; ଯଥା—ଆଧାର ସଙ୍ଗେ ଆଧେୟର ସମ୍ବନ୍ଧ; ପ୍ରତିଯୋଗ୍ୟ ସଙ୍ଗେ ଅନୁଯୋଗ୍ୟର ସମ୍ବନ୍ଧ, ବିଷୟ ସଙ୍ଗେ ବିଷୟୀର ସମ୍ବନ୍ଧ ଇତ୍ୟାଦି ।] ୧୧ । ବିବାହଦ୍ୱାରା ସ୍ଥାପିତ ବନ୍ଧୁତ୍ୱ-11. Relationship by marriage; matrimonial alliance. ୧୨ । ସମୃଦ୍ଧି—12. Affluence; prosperity. ୧୩ । ବନ୍ଧୁ—13. A relative (Apte) ୧୪ । କୁଟୁମ୍ବ; ସଗୋତ୍ର—14. Kinsman (Apte). ୧୫ । ବିବାହ ଦ୍ୱାରା ବନ୍ଧୁତ୍ୱ ସ୍ଥାପନ—15. Establishment of relationship by marriage. ଦେ. ବିଣ—୧ । ସମର୍ଥ 1. Able; capable. ୨ । ଉପଯୁକ୍ତ; ସମୀଚୀନ—2. Proper right. ୩ । ମିଳିତ—3. United; joined together; combined.
সম্বন্ধ सम्बन्ध

ସମ୍ବନ୍ଧ କରିବା—ଦେ· କ୍ରି—କୌଣସି ବ୍ୟକ୍ତି ବା ବଂଶ ସଙ୍ଗେ ଆପଣା ବଂଶର କୌଣସି ବ୍ୟକ୍ତିଙ୍କର ବୈବାହିକ ସମ୍ବନ୍ଧର ପ୍ରତିଷ୍ଠା କରିବା—To form matrimonial alliance with any person or family.
Sambandha karibā
সম্বন্ধ করা सम्बन्ध करना

ସମ୍ବନ୍ଧ ପକା(କେ)ଇବା—ଦେ· କ୍ରି—ଦୁଇ ବ୍ୟକ୍ତି ବା ଦୁଇ ବଂଶ ମଧ୍ୟରେ ବୈବାହିକ ସମ୍ବନ୍ଧ ଘଟିବାର ପ୍ରସ୍ତାବ କରିବା—To propose a matrimonial alliance between 2 persons or 2 families.
Sambandha pakā(ke)ibā
সম্বন্ধেরকথা চালান सम्बन्ध चलाना

ସମ୍ବନ୍ଧ ପଡ଼ିବା—ଦେ· କ୍ରି—ବୈବାହିକ ସମ୍ବନ୍ଧର ପ୍ରସ୍ତାବ ବା କଥାବାର୍ତ୍ତା ଚାଲିବା—The mooting of a proposal for marriage relationship.
Sambandha parḍibā
সম্বন্ধের কথা চলা सम्बन्ध चलना

ସମ୍ବନ୍ଧ ବାନ୍ଧିବା—ଦେ, କ୍ରି—କୌଣସି ବ୍ୟକ୍ତି ବା ବଂଶ ସଙ୍ଗେ ଆପଣା ବଂଶର ବୈବାହିକ ସମ୍ପର୍କ ସ୍ଥାପନ କରିବା—To form a marriage relationship between one's family and another's.
Sambandha bāndhibā
সম্বন্ধ বান্ধা सम्बन्ध बान्धना

ସମ୍ବନ୍ଧରେ—ଦେ. ଅ—୧ । ସମ୍ପର୍କରେ—1 In relation to; in connection with. ୨ । ବିଷୟରେ—2. About; in respect of; in the matter of; in regard to. [ଦ୍ର—ସମ୍ବନ୍ଧରେ ବା ସମ୍ବନ୍ଧେ ଶବ୍ଦର ଭରଣିଆ ସାଙ୍କେତିକ । ହୁ । ବା ସୂଚିତ ଅଛି ।]
Sambandhare
সম্বন্ধে संबन्धमे
(ସମ୍ବନ୍ଧେ—ଅନ୍ୟରୂପ)

ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି—ଦେ. ବି, (ବ୍ୟାକରଣ)—ଦୁଇ ବସ୍ତୁ ବା ଦୁଇ ବ୍ୟକ୍ତି ମଧ୍ୟରେ ବା ଏକ ବ୍ୟକ୍ତିସଙ୍ଗେ ଅନ୍ୟ ବସ୍ତୁର ବା ଗୁଣର ସମ୍ବନ୍ଧ ଥିଲେ ପ୍ରଥମ ବସ୍ତୁର ବା ବ୍ୟକ୍ତିର ହେବା ୬ଷ୍ଠୀ ବିଭକ୍ତି—Genitive case based on relationship or connection.
Sambandhare shashṭhī bibhakti
সম্বন্ধে ষষ্ঠি বিভক্তি सम्बन्धे षष्ठी बिभक्ति
[ଉ—ଘରର କଥା=ଘର ସମ୍ବନ୍ଧୀୟ କଥା ।]

ସମ୍ବନ୍ଧା ସମ୍ବନ୍ଧୀ—ଦେ· ବି·—ସମଧା ସମଧି (ଦେଖ)—
Sambandhā sambandhi Samadā samadī (See)
বেআয়ে বেআয়ে কোলাকুলি समन्धा समन्धी

ସମ୍ବନ୍ଧୀ—ସଂ. ବିଣ. ପୁଂ (ସମ୍ବନ୍ଧ+କର୍ତ୍ତୃ. ଇନ୍; ୧ମା ୧ବ)—୧ । Sambandhi ସମ୍ବନ୍ଧ ବିଶିଷ୍ଟ—1. Having relation. (ସମ୍ବନ୍ଧିନୀ—ସ୍ତ୍ରୀ) ୨ । ମିଳିତ—2. Joined; associated. ୩ । କୌଣସି ଦ୍ୱାରା ସମ୍ପର୍କ ଯୁକ୍ତ—3. Related to. [ବ୍ର—ଏହି ସମ୍ବନ୍ଧୀରେ ଅଦ୍ଭୁତ ଯାଏ ହୋଇ । —କୃଷ୍ଣସିଂହ. ମହାଭାରତ. ସଭା] ୪ । ସଦ୍‌ଗୁଣ ବିଶିଷ୍ଟ—4. Possessing good qualities. ୫ । ଉପଯୁକ୍ତ—5. Fit; befitting. ୬ । ସମର୍ଥ—6. Capable. ୭ । ସମ୍ବନ୍ଧୀୟ—7. Relating to; belonging to. ୮ । ବହୁଗୁଣ ବିଶିଷ୍ଟ—8. Possessing many qualities (Apte). ୯ । ବିଦ୍ୱାନ୍ (ଶବ୍ଦକୋଷ)—9. Learned. ସଂ. ବି. ପୁଂ—୧ । କୁଟୁମ୍ବ—1. Kinsman. ୨ । ବିବାହ ବନ୍ଧନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି—2. A marriage relation. ୩। ମିତ୍ର (ଶବ୍ଦକୋଷ)—3. A friend. ଦେ. ବି. ପୁଂ.—ସମୁଧି; ଅପଣା (ସମ୍ବନ୍ଧୁଣୀ—ସ୍ତ୍ରୀ) ପୁତ୍ରର ବା କନ୍ୟାର ଶ୍ୱଶୁର—The father-in-law of one's off spring. [ବ୍ର—ସୁଯୋଧନ ତୁମ୍ଭର ସମ୍ବନ୍ଧୀ ଅଟଇ, ତାକୁ ଶତ୍ରୁ ଏହାଙ୍କ ଯେଣ ନ ଯୋଗାଇ ।—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।] [ବ୍ର—ବଙ୍ଗଳାରେ ଶଳାକୁ 'ସମ୍ବନ୍ଧୀ' ବୋଲାଯାଏ ।]

ବେଆଇ समधी

ସମ୍ବନ୍ଧିନୀ—ସଂ. ବି—ସ୍ନେହ ଉଦ୍ଦୀପନାର ପ୍ରକାର ବିଶେଷ—A phase Sambandhini of kindling of affection or love. (ଉ—୧ହିନୀ ସମ୍ବନ୍ଧିନୀ ଅଚ୍ଛାଦିନୀ, ବିକାର ତତ୍ତ୍ୱ ଗୁଣ ଅଷ୍ଟ ଯେଣ । ସାମନ୍ତସିଂହାର. ବିଦଗ୍ଧଚିନ୍ତାମଣି ।) ସଂ. ବିଣ. ସ୍ତ୍ରୀ—ସମ୍ବନ୍ଧୀର ସ୍ତ୍ରୀଲିଙ୍ଗ—Feminine of Sambandhi.

ସମ୍ବନ୍ଧୀୟ—ସଂ. ବିଣ (ସମ୍ବନ୍ଧ+ଈୟ) ସମ୍ବନ୍ଧଯୁକ୍ତ; ସମ୍ପର୍କୀୟ—Sambandhiya Related to; relating to; pertaining to.

ସମ୍ବର—ସଂ. ବି (ସମ୍ ଧାତୁ=ଗମନକରିବା+କର୍ତ୍ତୃ. ଅର; କିମ୍ବା ସମ୍ Sambara +ବୃ ଧାତୁ=ଆବରଣ କରିବା+କର୍ତ୍ତୃ. ଅ)-(ଶବର ଇତ୍ୟାଦି—ଅନ୍ୟରୂପ) ୧ । ଜଳ—1. Water. ୨। ପର୍ବତ—2. Mountain. ୩ । ପର୍ବତବିଶେଷର ନାମ—3. The name of a mountain. ୪ । ସେତୁ—4. Bridge; dam. ୫ । ବୌଦ୍ଧବ୍ରତବିଶେଷ (ମେଦିନୀ)—5. Name of a Buddhist religious observance. ୬। (+ଭାବ ଅ) ସଂଯମ (ବୈଜୟନ୍ତୀ)—6. Self control; self-restraint. ୭ । ଇନ୍ଦ୍ରିୟଦମନ—7. Controlling of the sense-organs. ୮ । ସମ୍ବରଣ—8. Controlling. ୯ । ଦମନ—9. Checking. ୧୦। ସମ୍ବର ହ୍ରଦ (ଦେଖ)—10. Sambara hrada (See) ୧୧। ସମ୍ବର ମତ୍ସ୍ୟ (ଦେଖ)—11. Sambara mateya (See) ୧୨ । ଶମ୍ବର ୧ (ଦେଖ)—12. Sambara. (See) ୧୩ । ଶମ୍ବର ୧୩ (ଦେଖ)—13. Sambara 13 (See). ଦେ. ବି. ସମ୍ବର ଦଶମୀ (ଦେଖ)—Sambara dasami (See)

ସମ୍ବରଣ—ସଂ. ବି (ସମ୍+ବୃ ଧାତୁ=ଆବରଣ କରିବା+ଭାବ. ଅନ)-Sambarana ୧। ଆବରଣ—1. Covering. ୨। ଲୁଗୁଇବା ସଙ୍ଗୋପନ; ଗୋପନ—2. Concealing. ୩। ଦମନ—3. Checking. repression. suppressing. ୪ । ସମ୍ଭାଳିବା; ସଂଯମ—4. Controlling; restraining. ୫ । ବରଣ—5. Selecting. ୬। ବରମାଳାଦାନ—6. The act of selecting one's husband by presenting him with a garland. ୭। ଇନ୍ଦ୍ରିୟସଂଯମ—7. Controlling of the passions. ୮ । ଚନ୍ଦ୍ରବଂଶୀୟ ଜନୈକ ରାଜା—8. Name of a king of the Lunar dynasty. [ବ୍ର—ଏ ପାଞ୍ଚାଳରାଜାଙ୍କ ଦ୍ୱାରା ପରାଜିତ ହୋଇ ରାଜ୍ୟ ହରାଇଥିଲେ; ପରେ ବଶିଷ୍ଠଙ୍କୁ ପୁରୋହିତ କରି ବହୁ ଚେଷ୍ଟାରେ ରାଜ୍ୟ ପାଇଲେ । ଏ ସୂର୍ଯ୍ୟନନ୍ଦିନୀ ତପତୀଙ୍କୁ ବିବାହ କରିବାକୁ ଲାଳାୟିତ ହେବାରୁ ବଶିଷ୍ଠ ସୂର୍ଯ୍ୟଲୋକକୁ ଯାଇ ସୂର୍ଯ୍ୟଙ୍କ ଅନୁମତି ଗ୍ରହଣପୂର୍ବକ ତପତୀଙ୍କୁ ଏହାଙ୍କ ସଙ୍ଗେ ବିବାହିତା କରାଇଲେ ଓ ଏହାଙ୍କ ଗର୍ଭରୁ କୁରୁ ନାମକ ବିଖ୍ୟାତ କୁମାର ଜନ୍ମଗ୍ରହଣ କରିଥିଲେ ।]

ସମ୍ବରଣ କରିବା—ଦେ. କି—ସମ୍ଭାଳିବା; ଦମନ କରିବା—Sambarana kariba To restrain; to check.

ସମ୍ବରণ করা सम्बरण करना

ସମ୍ବର ଦଶମୀ—ଦେ. ବି (ସଂ. ଶାମ୍ବ ଦଶମୀ)—ପୌଷ ଶୁକ୍ଳ ଦଶମୀରେ Sambara dasami ଅନୁଷ୍ଠିତ ହିନ୍ଦୁମାନଙ୍କ ବ୍ରତ ବିଶେଷ; (ସମ୍ବର ଦଶେଇଁ—ଗ୍ରାମ୍ୟରୂପ) (ଏହି ବ୍ରତକୁ ଆବାଳବୃଦ୍ଧ ସବୁ ଜାତି ପାଳନ କରନ୍ତି)—A Hindu festival of worshipping the Sun-god on the 10th day of the bright lunar fortnight of the month of Pausha, observed by all classes of people. [ବ୍ର—ଏହି ଦିନ ପିଷ୍ଟକ, ନାଗବେଲ, କଦଳୀ, ଶର୍କରା ଆଦି ନୈବେଦ୍ୟ ଅର୍ପଣ କରି ମଧ୍ୟାହ୍ନରେ ସୂର୍ଯ୍ୟଙ୍କୁ ପୂଜା କରାଯାଏ । ଏଥିର ବାକ୍ୟ—"ପୌଷେ ମାସି ସିତେ ପକ୍ଷେ ଦଶମ୍ୟାଂ ଧର୍ମ ଦେବତାଂ ସୂର୍ଯ୍ୟପାଠତ ପୂଜାଦେବୈଃ ସୂର୍ଯ୍ୟେଦସ୍ତଲ୍ଲୋକତଃ ।" କେହି କେହି ଉଦୟକାଳରେ, ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ମଧ୍ୟ ସେହିପରି ପୂଜା କରନ୍ତି । ଏହି ତିନିଥର ପୂଜାରେ ନୈବେଦ୍ୟ ବଦଳେ ।]

सम्बर दशमी

ସମ୍ବର ଦୈତ୍ୟ—ସଂ. ବି—ଶମ୍ବର ୧୩ (ଦେଖ) Sambara daitya Sambara 13 (See)

ସମ୍ବର ମତ୍ସ୍ୟ—ସଂ. ବ—ବୃହଦାକାର ସାମୁଦ୍ରିକ ମତ୍ସ୍ୟ ବିଶେଷ; ଶିଶୁମାର ?
Sambara matsya —A species of big sea fish; gangetic porpoise ?

ସମ୍ବର ମୃଗ—ସଂ. ବ—ଶମ୍ବର ୧ (ଦେଖ)
Sambara mruga Sambara 1 (See)

ସମ୍ବର ସିଙ୍ଘା—ଦେ. ବ—ଘଣ୍ଟି ୩ (ଦେଖ)
Sambara singhā Ghanṭi 3 (See)
ষণ্টা घंटी

ସମ୍ବର ରିପୁ—ସଂ. ବ (୬ଷ୍ଠୀ ତତ୍) —ମଦନ; କାମଦେବ—
Sambara ripu Cupid (Apte).

ସମ୍ବର ହ୍ରଦ—ସଂ. ବ—ରାଜପୁତାନା ଅନ୍ତର୍ଗତ ଲବଣାକ୍ତ ହ୍ରଦ
Sambara hrada ବିଶେଷ— The Sambara lake in Rājputānā (from the water of which salt is extracted by evaporation). (ଉ— ଅସନ୍ତ ସମ୍ବରହ୍ରଦ୍ରଙ୍କ ବୈଦ୍ୟୁତ ପଦାର୍ଥ ପ୍ରାଂଶୁତନ୍ତୁ । ରାଧାନାଥ- ମହାଯାତ୍ରା ।) [ଦ୍ର— ଏହି ହ୍ରଦର ଜଳକୁ ସୂର୍ଯ୍ୟକିରଣରେ ଶୁଖାଇ ତହିଁରୁ ଲୁଣ ଉତ୍ପାଦନ କରାଯାଏ ।]

ସମ୍ବରାରି—ସଂ. ବ (୬ଷ୍ଠୀ ତତ୍)—ମଦନ; କାମଦେବ—
Sambarāri A name of the Cupid.
[ଦ୍ର—କାମ ସମ୍ବରାସୁରକୁ ବଧ କରିଥିଲେ ।]

ସମ୍ବରାସୁର—ସଂ. ବ—ଶମ୍ବର ୧୩ (ଦେଖ)
Sambarāsura Śambara 13 (See)

ସମ୍ବରି—ଦେ. ବଣ (ସଂ ସାମ୍ବରୀ)—ସମ୍ବର ସମ୍ବନ୍ଧୀୟ—Relating
Sambari to sambara. (ଉ – ସମ୍ବରି ଚମ, ସମ୍ବରିଲୁଣ)
সম্বরি सम्बरका

ସମ୍ବରି ଚମ(ଚମଡ଼ା)—ଦେ. ବ—ସମ୍ବର ମୃଗର ଚର୍ମ—The hide
Sambari chama(chamarḍā) or skin of the
সম্বরি চামড়া सम्बरका चमड़ा Sambara deer.

ସମ୍ବରିତ—ସଂ. ବଣ (ସମ୍+ଣିଚନ୍ତ ବୃ ଧାତୁ ବା ବର ଧାତୁ+କର୍ମ. ତ
Sambarita —୧ । ଆବୃତ—1. Covered over. ୨ ।)
(ସମ୍ବରଣ—ଦ) ଗୋପିତ—2. Concealed. ୩ । ଦମିତ—
3. Controlled; restrained; checked. ୪ ।
ବରିତ—4. Selected.

ସମ୍ବରି ଲୁଣ—ଦେ. ବ (ସଂ. ସମ୍ବରି ଲବଣ)—ସମ୍ବର ହ୍ରଦର ଜଳରୁ
Sambari luṇa ଉତ୍ପନ୍ନ ଲବଣ—Salt extracted
সম্বরি নুন from the water of the Sambara lake.
साम्भर नमक

ସମ୍ବରିବା—ଦେ. କ୍ରି (ପଦ୍ୟ) (ସଂ. ସମ୍ବରଣ)—ଲୁଗାଇବା; ଗୋପନ
Sambaribā କରିବା—To conceal. [ଉ—ଅହେ
সম্বরণ করা କ୍ଷେତ୍ରପାଳ । କି ଶୁଳ ଭ୍ରମର ରଖିଲ କାହିଁ ସମ୍ବର—
रोकना ରାଧାନାଥ ପାର୍ବତୀ ।]

ସମ୍ବରୀ—ସଂ. ବ (ବୈଦ୍ୟକ) (ସମ୍ବ ଧାତୁ+କର୍ତ୍ତୃ. ର+ଈ)—
Sambarī ୧ । ବୃହଦନ୍ତୀ ନାମକ ଔଷଧ ଦ୍ରବ୍ୟ—1. Croton
(ଶମ୍ବରୀ—ଅନ୍ୟରୂପ) seeds. ୨ । ଶତାବରୀ (ଶତଚନ୍ଦ୍ରା)—
2. Asparagos Racemosus. ୩ । ମୂଷିକପର୍ଣ୍ଣୀ;
ଆଲକୁଶୀ (ଅମର)—3. Ipomoea Renuiformis (weed).

ସମ୍ବର୍ତ୍ତ—ସଂ. ବ (ସମ୍+ବୃତ୍ ଧାତୁ=ହେବା+ଭାବ. ଅ)—୧ ।
Sambartta କଳ୍ପାନ୍ତ ମହାପ୍ରଳୟ —1. The universal
(ସମ୍ବର୍ତ୍ତି ଇତ୍ୟାଦ— ଅନ୍ୟରୂପ) Deluge at the end of a Kalpa or age. ୨ ।(+କର୍ତ୍ତୃ. ଅ) ବହୁ ଜଳବର୍ଷୀ ମେଘବିଶେଷ; ଚାରି ପ୍ରକାର ମେଘରୁ ଏକତମ— 2. The name of one of the four classes of clouds, which rains much. ୩ । ପ୍ରଳୟ କାଳୀନ ବୃଷ୍ଟି ମେଘରୁ ଏକତମ—3. Name of a kind of cloud raining during the Dissolution of the universe. ୪ । ମୁନିବିଶେଷ— 4. Name of a sage. [ଦ୍ର—ଏ ମହର୍ଷି ଅଙ୍ଗିରାଙ୍କ ପୁତ୍ର ଓ ବୃହସ୍ପତିଙ୍କ ସାନ ଭାଇ । ବୃହସ୍ପତିଙ୍କର ଏହାଙ୍କ ପ୍ରତି ବିଦ୍ୱେଷ ଥିବାରୁ ଏ ଗୃହତ୍ୟାଗ କରି ବହୁ ଦେଶ ପର୍ଯ୍ୟଟନ କରିଥିଲେ । ଏହାଙ୍କ ପୌରୋହିତ୍ୟରେ ମରୁତ୍ତ ରାଜା କର୍ବନ୍ଧୁରର ଯଜ୍ଞ ସମ୍ପାଦନ କରିବାରୁ ଇନ୍ଦ୍ର ଉକ୍ତ ଯଜ୍ଞରେ ବିଘ୍ନ ଘଟାଇବାକୁ ଅସମର୍ଥ ହୋଇ ଶେଷରେ ମରୁତ୍ତଙ୍କ ସଙ୍ଗେ ସଖ୍ୟ ସ୍ଥାପନେ କଲେ । ଏହି ଋଷି ଉପସଂହାର ବିଶେଷ ଅଟ୍ଟୋଳିକ ଲବ କରିଥିଲେ ।] ୫ । ବର୍ଣ୍ଣନ ଫଳ ବୃକ୍ଷ--5. Name of a fruit-bearing tree. ୬ । (+ଭାବ. ଅ) (କୌଣସି) ଅଭିମୁଖ ବୁଲିବା— 6. Turning towards Apte ୭ । (+ କର୍ତ୍ତୃ. ଅ) ମେଘ —7. A cloud (Apte). ୮ । ବର୍ଷ— A year (Apte). ୯ । (+ଅଧି.ଅ)
ସମୂହ—9. Collection; multitude.

ସମ୍ବର୍ତ୍ତକ—ସଂ. ବ (ସମ୍+ଣିଚନ୍ତ ବୃତ୍ ଧାତୁ ବା ବର୍ତ୍ତ ଧାତୁ+କରଣ.
Sambarttaka ଅକ)—୧ । ବଳଦେବଙ୍କ ଲଙ୍ଗଳ—
1. The plough of Baladeba. ୨ । (+କର୍ତ୍ତୃ. ଅକ) ବଳଦେବ; ଶ୍ରୀକୃଷ୍ଣଙ୍କ ବଡ଼ ଭାଇ—2. The elder brother of Śrikrushṇa. ୩ । (+ କର୍ତ୍ତୃ. ଅକ) ବଡ଼ବାନଳ—3. The oceanic fire; the submarine fire. ୪ । ମେଘବିଶେଷ — 4. A kind of cloud. ୫ । କଳ୍ପାନ୍ତକାଳୀନ ଅଗ୍ନି — 5. The fire of destruction at the end of a Kalpa

ସମ୍ବର୍ତ୍ତକୀ—ସଂ. ବ. ପୁଂ (ସମ୍ବର୍ତ୍ତକ+କର୍ତ୍ତୃ. ଇନ୍; ୧ମା. ୧ବ)—
Sambarttakī ସମ୍ବର୍ତ୍ତକ ନାମକ ଲଙ୍ଗଳଧାରୀ ବଳଦେବ—
An epithet of Baladeba who held a plough named Sambarttaka.

ସମ୍ବର୍ତ୍ତି—ସଂ. ବ (ସମ୍+ଣିଚନ୍ତ ବୃତ୍ ଧାତୁ ବା ବର୍ତ୍ତ ଧାତୁ+କର୍ତ୍ତୃ.
Sambartti ଇ)—୧ । ପଦ୍ମର କେଶର ସମୀପସ୍ଥ ଦଳ—
(ସମ୍ବର୍ତ୍ତିକା—ଅନ୍ୟରୂପ) 1. The lotus petal near the

filaments. ୨ । ପଦ୍ମାଦିର ନବ ପତ୍ର—2. The new petals of lotus. ୩ । ବତୀ; ପ୍ରଦୀପର ବର୍ତ୍ତିକା—3. Wick of a lamp.

ସମ୍ବର୍ଦ୍ଧକ—ସଂ. ବଣ. ପୁଂ (ସମ୍+ବୃଧ୍ ଧାତୁ=ବଢ଼ିବା+କର୍ତ୍ତୃ. ଣକ)
Sambarddhaka —୧ । ସମ୍ୟକ୍ ବୃଦ୍ଧିକାରକ—1. Aug-
(ସଂବର୍ଦ୍ଧକ ଇତ୍ୟାଦି—ଅନ୍ୟରୂପ) menting. ୨ । ସମ୍ବର୍ଦ୍ଧନା-
(ସମ୍ବର୍ଦ୍ଧିକା—ସ୍ତ୍ରୀ) କାରକ; ସମ୍ମାନକାରକ; ଅଭ୍ୟର୍ଥନାକାରୀ—2. Welcoming; paying homage; honouring.

ସମ୍ବର୍ଦ୍ଧନ(ନା)—ସଂ. ବି. (ସମ୍+ବୃଧ୍ ଧାତୁ ଣିଚ୍ ବର୍ଦ୍ଧି ଧାତୁ=ବଢ଼ା-
Sambarddhana(nā) ଇବା+ଭାବ. ଅନ+ସ୍ତ୍ରୀ. ଆ)—
୧ । ସମ୍ୟକ୍ ବୃଦ୍ଧି କରାଇବା; ବଢ଼ାଇବା—1. Augmenting; enhancing; augmentation. ୨ । ସମ୍ମାନନ; ସମ୍ମାନ ଦେଖାଇବା—2. Act of paying respects; or doing homage. ୩ । ଅଭ୍ୟର୍ଥନା—3. Welcoming. ୪ । (ସମ୍+ବୃଧ୍ ଧାତୁ=ବଢ଼ିବା+ଭାବ. ଅନ+ଆ) ସମ୍ୟକ୍ ବୃଦ୍ଧି—4. Increase. ୫ । (+କର୍ତ୍ତୃ. ଅନ) ସମୃଦ୍ଧି; ସମ୍ପଦ—5. Prosperity. ସଂ. ବଣ. ପୁଂ (+କର୍ତ୍ତୃ ଅନ)—ସମ୍ବର୍ଦ୍ଧକ (ଦେଖ)—Sambarddhaka (See)

ସମ୍ବର୍ଦ୍ଧିତ—ସଂ. ବଣ (ସମ୍+ବୃଧ୍ ଧାତୁ ଣିଚ୍+କର୍ମ. ତ)—୧ ।
Sambarddhita ସମ୍ୟକ୍ ବୃଦ୍ଧି ପ୍ରାପିତ—1. Augmented; enhanced. ୨ । ସମ୍ମାନିତ—2. Honoured. ୩ । ଅଭ୍ୟର୍ଥିତ—3. Welcomed.

ସମ୍ବର୍ଦ୍ଧିତ କେଶ—ସଂ. ବି (କର୍ମଧା)—ଅତ୍ୟନ୍ତ ବଢ଼ିଥିବା କେଶ;
Sambarddhita keśa ବଢ଼ା ଯାଇଥିବା କେଶ; ଯେଉଁ କେଶ ଖିଅର ବା କତୁରା ନ ହୋଇଥିବାରୁ ବଢ଼ି ଯାଇଥାଏ—Hairs suffered to grow very long.
(ସମ୍ବର୍ଦ୍ଧିତ କେଶା—ସ୍ତ୍ରୀ. ବଣ) ସଂ. ବଣ. ପୁଂ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ଖିଅର ନ ହୋଇ ବା କେଶନାଶକ ଔଷଧାଦି ପ୍ରୟୋଗ ନ କରି ଆପଣାର କେଶକୁ ବଢ଼ାଇଥାଏ—(a person) Who has caused his hairs to grow very long.

ସମ୍ବର୍ଦ୍ଧିତ ବେଗ—ସଂ. ବି (କର୍ମଧା)—ବୃଦ୍ଧି ପ୍ରାପିତ ବେଗ—
Sambarddhita bega Augmented velocity.
(ସମ୍ବର୍ଦ୍ଧିତ ବେଗା—ସ୍ତ୍ରୀ. ବଣ) ସଂ. ବଣ. ପୁଂ (ବହୁବ୍ରୀହି)—ଯାହାର ବେଗ ଅତ୍ୟନ୍ତ ବଢ଼ା ଯାଇଅଛି—Having one's velocity enhanced.

ସମ୍ବର୍ମି(ର୍ମ୍ମି)ତ—ସଂ. ବଣ (ସମ୍+ବର୍ମିତ)—ବର୍ମାବୃତ; ସମସ୍ତ
Sambarmi(rmmi)ta ଦେହରେ ସାଞ୍ଜୁ ପିନ୍ଧିଥିବା—
(ସଂବର୍ମିତ—ଅନ୍ୟରୂପ) Completely clad in armour.

ସମ୍ବଳ—ସଂ. ବି (ସମ୍ ଧାତୁ=ଗମନ କରିବା+କରଣ. ଅଳ)—
Sambalr ୧ । ପାଥେୟ; ବାଟ ଖରଚ—1. Travelling.
ସଂବଳ ଇତ୍ୟାଦି } ଅନ୍ୟରୂପ expenses. ୨ । ବାଟରେ
ଶମ୍ବଳ ଚଳିବା ପାଇଁ ଖାଦ୍ୟ ସାମଗ୍ରୀ—2. Provisions for a journey. [ଉ—ବନକୁ ଚାଲ ସମ୍ବଳ କରି—ରଞ୍ଜ. ବୈଦେହୀଶବିଳାସ ।] ୩ । ଜୀବିକା; ଜୀବନଧାରଣୋପାୟ; ସଂସ୍ଥାନ—3. Means of subsistence; resources; livelihood. ୪ । ଧନ—4. Riches. ୫ । ପାଣ୍ଠି; ବ୍ୟବସାୟାଦିର ମୂଳଧନ—5. Capital of a trade. ୬ । ପୁଞ୍ଜି—6. Hoard. ୭ । (+କର୍ତ୍ତୃ. ଅ) ଜଳ—7. Water.

ସମ୍ବଲପୁର—ଦେ. ବି (ନାମ)—ଉତ୍କଳର ପଶ୍ଚିମପ୍ରାନ୍ତସ୍ଥ ଜିଲ୍ଲାର ଓ
Sambalapura ନଗରର ନାମ—Name of a western
सम्बलपुर सम्बलपुर District and town of Orissa; Sambalpur. [ଦ୍ର—ଏହାର ପ୍ରାଚୀନ ନାମ 'ସମ୍ବକା' ବା 'ସମ୍ବରକା' ଥିବା ଜଣାଯାଏ । ଦ୍ରଷ୍ଟବ୍ୟ. ପ୍ରାଚୀନ ଉତ୍କଳ ।

ଏହି ଜିଲ୍ଲା ପୂର୍ବେ ବିହାର-ଓଡ଼ିଶା ପ୍ରଦେଶର ଓ ବର୍ତ୍ତମାନ ବଡ଼-ଓଡ଼ିଶାପ୍ରଦେଶର ଗୋଟିଏ ଜିଲ୍ଲା । ଏ ଜିଲ୍ଲାର ରାଜଧାନୀ ସମ୍ବଲପୁର ମହାନଦୀର କୂଳରେ ଦ୍ରାଘିମା ୨୧-୩୧ ଉତ୍ତର ଓ ୮୩-୫୭ ପୂର୍ବ ଅକ୍ଷାଂଶରେ ଅବସ୍ଥିତ । ପୂର୍ବେ ମହାନଦୀ ବାଟେ ବଡ଼ ବଡ଼ ଡଙ୍ଗା ଦ୍ୱାରା ସମ୍ବଲପୁର ସଙ୍ଗେ କଟକର ଧାନ, ଗୁହାଳ, ଶସ୍ୟ, ମଠା, ଟିଂର, ଲୁଣ, ନଡ଼ିଆ ଆଦିର କାରବାର ଚଳୁଥିଲା ।

୧୮୦୩ ସାଲର ସନ୍ଧି ଦ୍ୱାରା ମରହଟ୍ଟାମାନେ ଏହା ଇଂରେଜଙ୍କୁ ଦେଲେ । ଦୁଇ ବର୍ଷ ପରେ ଇଂରେଜମାନେ ଏହାକୁ ନାଗପୁରର ଭୋଁସଲାଙ୍କୁ ଫେରାଇ ଦେଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ଶେଷ ମରହଟ୍ଟା ଯୁଦ୍ଧରେ ଭୋଁସଲା ପରାସ୍ତ ହେବାରୁ ସମ୍ବଲପୁର ପୁଣି ଇଂରେଜମାନଙ୍କ ଅଧିକାରକୁ ଆସିଲା । ଏହା ପୂର୍ବେ ଚୌହାନବଂଶୀୟ କ୍ଷତ୍ରିୟ ରାଜାଙ୍କର ରାଜ୍ୟ ଥିଲା । ଶେଷ ରାଜା ନାରାୟଣସିଂହ ଅପୁତ୍ରକ ହୋଇ ପ୍ରାଣତ୍ୟାଗ କରିବାରୁ ୧୮୪୯ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣମେଣ୍ଟ ଏହାକୁ ଖାସ୍ କଲେ । ପ୍ରଥମେ ଏହା ମଧ୍ୟ-ପ୍ରଦେଶ ଅଧୀନ ଥିଲା । ପରେ ୧୯୦୫ରେ ଓଡ଼ିଶାରେ ସାମିଲ ହେଲା । ଏହା ବର୍ତ୍ତମାନ ଗୋଟିଏ ବେ-କାନୁନ ଜିଲ୍ଲା (Non-regulation District; Partially excluded area) ଅଟେ । ପ୍ରାଚୀନକାଳରେ ହୀରା ଜମକ୍ଷେ ସମ୍ବଲପୁର ଇଉରୋପରେ ବିଖ୍ୟାତ ଥିଲା । ୧୯୩୧ ସାଲର ଜନଗଣନା ଅନୁସାରେ ଏହି ଜିଲ୍ଲାର ଲୋକସଂଖ୍ୟା ପ୍ରାୟ ୯ ଲକ୍ଷ । ବର୍ତ୍ତମାନ ଏଠାରେ ଭଲ ମଠା ବୁଣାଯାଏ । (ହୀରାଖଣ୍ଡ ଦେଖ କଲେ କୋଟ ଦେଖ ।)]

ସମ୍ବଲପୁରି—ଦେ. ବଣ—୧ । ସମ୍ବଲପୁର ସଂବନ୍ଧୀୟ—1. Relating Sambalapuri to Sambalpur. ୨ । ସମ୍ବଲପୁର ଅଞ୍ଚଳରେ (ସମ୍ବଲପୁରିଅ—ଅନ୍ୟରୂପ) ଜାତ ବା ପ୍ରସ୍ତୁତ—2. Produced सम्बलपुरी or manufactured in Sambalpur. सम्बलपुरी ୩ । ବଣ ଓ ବ (ପୁଂ) ସମ୍ବଲପୁରର ଅଧିବାସୀ; ସମ୍ବଲପୁରବାସୀ—3. Resident of Sambalpur.

ସମ୍ବଲପୁରିଆଣୀ—ଦେ. ବଣ—'ସମ୍ବଲପୁରି' ବା 'ସମ୍ବଲପୁରିଆ'ର ସ୍ତ୍ରୀଲିଙ୍ଗ—Sambalapuriāṇi Feminine of 'Sambalapuri' or सम्बलपुरिणी 'Sambalapuriā'. ଦେ. ବ—ସମ୍ବଲପୁରର सम्बलपुरकी ଅଧିବାସିନୀ ସ୍ତ୍ରୀ—A female of Sambalpur.

ସମ୍ବଲପୁରିଆ ପୋକ—ପ୍ରାଦେ. (ସିଂହଭୂମି) ବ—ଅସରପା (ପୋକ)—Sambalapuriā poka Cockroach.

ସମ୍ବଲପୁରୀ ଭାଷା—ଦେ. ବ—ସମ୍ବଲପୁରରେ ପ୍ରଚଳିତ ଓଡ଼ିଆଭାଷା—Sambalapurī bhāshā The Oriya language of Sambalpur. [ଦ୍ର—ସମ୍ବଲପୁରୀ ଭାଷାରେ ହିନ୍ଦୀଭାଷା-ପ୍ରଭାବିତ ଅନେକ ଶବ୍ଦ ବ୍ୟବହୃତ ହୁଏ ଏବଂ ବଙ୍ଗଳା-ଭାଷା ପରି ଅନେକ ଶବ୍ଦ ଶେଷରେ ହଲନ୍ତ ଉଚ୍ଚାରଣ କରାଯାଏ ଓ କ୍ରିୟାମାନ ମଧ୍ୟ ହଲନ୍ତଯୁକ୍ତ ହୋଇ ଉଚ୍ଚାରିତ ହୁଏ । ଯଥା—ହଟ୍‌ଲା, ଉଠ୍‌ଲା, ବସ୍‌ଲା । ଏହା ଛଡ଼ା ଳ ସ୍ଥାନରେ ଲ, ଣ ସ୍ଥାନରେ ନ ଉଚ୍ଚାରଣ ହୁଏ । ପୁଣି 'ଅଛନ୍ତି' ସ୍ଥାନରେ 'ଛନ୍' (ଯଥା—ଶୁଛନ୍=ଶୋଇଛନ୍ତି) ଓ 'ଓ ସ୍ଥାନରେ 'ଉ' (ଯଥା—ଶୋଇବା ସ୍ଥାନରେ ଶୁଇବା) ଉଚ୍ଚାରଣ ଏବଂ 'ଅଛି' ସ୍ଥାନରେ 'ଅଛେ'—ଏହିପରି ଅନେକ ପ୍ରାଦେଶିକ ବିଶେଷତ୍ୱ ସମ୍ବଲପୁରୀ ଭାଷାରେ ଲକ୍ଷିତ ହୁଏ ।

ସମ୍ବଲପୁରୀ ଭାଷାର ଗୋଟିଏ ନମୁନା :—

"ଗୁଟେ ଲୋକର ଦୁଇଟା ପୋ ଥିଲେ । ସେଥୁଁ ସାନ ପୋ ବାପ୍‌କେ କହେଲା—'ହେ ଗୋ ବାଷା ! ସମ୍ପତ୍ତିରୁ ମୋର ଯାହା ଭାଗ୍ ପଡ଼୍‌ବା, ସେଠା ମତେ ଭାଗ୍ କରଦେ ।' ବାପ୍ ଏହା ଶୁନି କରି ନିଜର ସମ୍ପତ୍ତିକେ ଦୁହି ପୋକେ ବାଣ୍ଟି ଦେଲା । କେତେ ଦିନ ଗଲା । ସାନ୍ ପୋଠା ତାର ଭାଗେଁ ପଡ଼୍‌ବା ସମ୍ପତ୍ତିଟାକ ଗୁଟେ ଠାନେ କରି ବିଦେଶ୍‌କେ ବାହାରିଗଲା । ସେ ଠାନେ ଯାହା ପାର୍‌ଲା, ଖରଚ୍ କରି କେତେକ୍ ଦିନେ ସବୁ ସମ୍ପତ୍ତିକେ ଉଡ଼ାଇ ଦେଲା । ଏନ୍ତାବେଲ୍‌କେ ସେ ଦେଶେଁ ଦୁର୍ଭିକ୍ଷ୍ ପଡ଼୍‌ଲା ବେଲ୍‌କେ ସେ ପିଲା ଖାଇବାକୁ ନାଇ ପାଇ ଉପାସେ ଦୁଖ୍ ପାଇଲା ।" (ଗ୍ରୀଅରସନ୍)

ସମ୍ବଳ ହୀନ—ସଂ. ବଣ. (ଙ୍ଘ୍ରୀ ତତ୍)—୧ । ନାସମ୍ବଳ; ସଂସ୍ଥାନ Sambala hīna ହୀନ—1. Resourceless; having no capital; without capital. ୨। ଧନହୀନ—2. Poor.

ସମ୍ବଳା (ଇତ୍ୟାଦ)—ଦେ. ବ ଓ ବଣ—ସମ୍ଭଳା ଇତ୍ୟାଦ (ଦେଖ) Sambaḷā (etc) Sambhaḷā etc. (See)

ସମ୍ବଳା(ଲ୍ଲା)—ପ୍ରାଦେ (ସମ୍ବଲପୁର) ବ—ସମ୍ବାଳୁଆ; ଶଁକାଳୁଆ—Sambaḷā(lā) Caterpillar; wooly bear.

ସମ୍ବଲ(ଲେ)ଇ—ଦେ. ବ (ନାମ)—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ—Sambalā(le)ī The Goddess presiding over सम्बलाङ्गि सम्बलाई Sambalpur. (ସମ୍ବଲେଶ୍ୱରୀ—ଅନ୍ୟରୂପ)

ସମ୍ବଲ(ଲେ)ଇ ଗଣ୍ଡ—ଦେ. ବ—ସମଲାଇ ଗଣ୍ଡ (ଦେଖ) Sambalā(le)ī gaṇda Samalāī gaṇda. (See)

ସମ୍ବଳିତ—ସଂ. ବଣ (ସମ୍+ବଳ୍ ଧାତୁ+କର୍ମ. କ୍ତ)—୧।ମିଳିତ—Sambaḷita 1. Joined to; associated with. ୨ । (ସଂବଳିତ—ଅନ୍ୟରୂପ) ବଳପ୍ରାପିତ—2. Strengthened. ୩ । ସଂଯୋଜିତ—3. Conjoined to. ୪। ସହିତ—4. Along with. ୫ । ବେଷ୍ଟିତ—5. Surrounded by. ୬ । ଚୂର୍ଣ୍ଣିତ—6. Pounded; powdered; reduced to powder. ୭ । ସଙ୍ଗେ ଥିବା; ଯୁକ୍ତ ହୋଇଥିବା—7. Accompanied with; provided with; comprising of. ୮ । (ଅନ୍ତରେ) ଅନ୍ତର୍ଭୁକ୍ତ—8. Included in.

ସମ୍ବସଥ—ସଂ. ବ (ସମ୍+ବସ୍. ଧାତୁ=ବାସ କରିବା+ଅଧିକରଣ. Sambasatha ଅଥ)—1. Residence; habitation. (ସଂବସଥ—ଅନ୍ୟରୂପ) ୨ । ବସତି; ଗ୍ରାମ—2. Village. ୩ । ପଲ୍ଲୀ—3. Hamlet.

ସମ୍ବହ—ସଂ. ବ (ସମ୍=ସମ୍ୟକ୍+ବହ୍. ଧାତୁ=ବହନ କରିବା+Sambaha ଭାବ. ଅ)—୧ । ସମ୍ୟକ୍ ବହନ—1. Carry-(ସଂବହ—ଅନ୍ୟରୂପ) ing; wafting. ୨ । (+କର୍ତ୍ତ୍ରି. ଅ) ବାୟୁ ବିଶେଷ; ମେଘବାହୀ ୫ ଗୋଟି ବାୟୁରୁ ଏକତମ—2. Name of one of the 5 winds, which wafts or carries the clouds to and fro. [ଦ୍ର—ଯେଉଁ ବାୟୁ ମେଘମାନଙ୍କୁ ଇତସ୍ତତଃ ସଂଚାଳନ କରେ ଓ ଆକାଶରେ ବିମାନାଦିକୁ ଚଳାଏ, ତାହାର ନାମ ସମ୍ବହ ବାୟୁ । ଅନ୍ୟ ୪ ଗୋଟି ବାୟୁର ନାମ ଉଦ୍‌ବହ, ବିବହ, ଆବହ ଓ ପ୍ରବହ ।]

ସମ୍ବହିକା—ସଂ. ବ (ବୈଦ୍ୟକ) (ସମ୍ବହ+କ+ଆ)—ଶୃଙ୍ଗାଟକ; Sambahikā ସିଙ୍ଘଡ଼ା—The throny fruit of an aquatic creeper; Trapa Bicornus.

ସମ୍ବା(ମ୍ବେ)ଇବା—ଦେ. କ୍ରି—ସମ୍ଭାଳିବା (ଦେଖ) Sambā(mbe)ibā Sambhāibā (See)

ସମ୍ବାକୃତ—ସଂ. ବଣ—ଦ୍ୱିତୀୟ ବାର କର୍ଷିତ (ଭୂମି)—Sambākṛuta (Land) Ploughed for the 2nd (ଶମ୍ବାକୃତ—ଅନ୍ୟରୂପ) time. ସଂ. ବ—ଦୁଇ ଓଡ଼ (ସମ୍ବାକୃତ—ଅନ୍ୟରୂପ) ଚାଷ ହୋଇଥିବା ଜମି; ଦୋଅଁଡ଼ ଚଷା

ଯାଇଥିବା କ୍ଷେତ—A field which has been ploughed twice.

ସମ୍ବାଦ—ସଂ. ବି (ସମ୍ + ବଦ୍ ଧାତୁ = କହିବା + କର୍ମ. ଅ)—
Sambāda ୧ । ଖବର; ବାର୍ତ୍ତା, ସମାଚାର—
(ସବାଦ ଇତ୍ୟାଦି—ଅପଭ୍ରଂଶ) 1. News; tidings; intelligence; report. ୨ । ଲୋକ ମୁଖରେ ପ୍ରଚାରିତ ସମାଚାର—2 Report or news spread from mouth to mouth. ୩ । ବୃତ୍ତାନ୍ତ—3. Information; detailed account. ୪ । ସାଦୃଶ୍ୟ—4. Resemblance; similarity. ୫ । ସମ୍ଭାଷ; ସମ୍ଭାଷଣ; କଥୋପକଥନ—5. Conversation; discourse. ୬ । ଦୁଇଜଣଙ୍କ ମଧ୍ୟରେ କଥାଭାଷା—6. Dialogue. ୭ । ପୁରାଣରେ ବର୍ଣ୍ଣିତ ଦୁଇ ଜଣଙ୍କ କଥୋପକଥନ—7. A dialogue between two persons as reported in the mythology. (ଉ—ମନୁ ବୋଇଲେ ଅହେ ବଳ ଶୁକଙ୍କର, ଏ ବିଷୟେ ସମ୍ବାଦ ଅଛି ଦ୍ୱିଜବର—କୃଷ୍ଣସିଂହ ମହାଭାରତ ଅନୁଶାସନ ।) ୮ । ପୁରାଣବର୍ଣ୍ଣିତ ଘଟନା ବା ବିଷୟ—8. A mythological episode. ଦେ. ବି (କଚେରୀ) କଚେରୀରେ ସଞ୍ଚିତ ନଥିରେ ଥିବା କୌଣସି ବିଷୟର ସମାଚାର; ସମ୍ବାଦ—Information regarding the contents of any public record.

ସମ୍ବାଦ ଦରଖାସ(ସ୍ତ)—ଦେ. ବି (କଚେରୀ)—କଚେରୀର ନଥିରେ ଥିବା
Sambāda darakhāsa(sta) କୌଣସି ବିଷୟର ସମ୍ବାଦ ପାଇବା
সম্বাদ দরখাস্ত **संबाद् दरखास्त** ପାଇଁ ଦିଆଯିବା ଦରଖାସ୍ତ—
Application for getting any information from a public office.

ସମ୍ବାଦଦାତା—ସଂ. ବିଣ. ପୁଂ (ସମ୍ବାଦ + ଦା + କର୍ତ୍ତୃ. ତୃ; ୧ମା ୧ବ)·
Sambādadātā ଯେ ଅନ୍ୟ ବ୍ୟକ୍ତିକୁ କୌଣସି ସମ୍ବାଦ ଦିଏ—
(ସମ୍ବାଦଦାତ୍ରୀ—ସ୍ତ୍ରୀ) Supplying or giving any news. ସଂ. ବି (ଅଧୁନିକ)—ସମ୍ବାଦପତ୍ରରେ ପ୍ରକାଶିତ ହେବା ପାଇଁ ସ୍ଥାନାନ୍ତରରୁ ସମ୍ବାଦ ପ୍ରେରକ ବ୍ୟକ୍ତି—A correspondent of any newspaper.

ସମ୍ବାଦ ଦେବା—ଦେ. କ୍ରି—୧ । ସମ୍ବାଦ ପଠାଇବା, କୌଣସି ବ୍ୟକ୍ତିଙ୍କ
Sambāda debā ନିକଟକୁ କୌଣସି ସମ୍ବାଦ ପଠାଇବା—
সম্বাদ দেওয়া **सम्बाद् देना** 1. To send any information. ୨ । କୌଣସି ବ୍ୟକ୍ତିକୁ କୌଣସି ଖବର ଜଣାଇବା; ଏତଲା ଦେବା—2. To give or lodge any information.

ସମ୍ବାଦ ନେବା—ଦେ. କ୍ରି—କୌଣସି ବ୍ୟକ୍ତିର ବା ବିଷୟର ଖବର
Sambāda nebā ବୁଝିବା ବା ଜାଣିବା—To be informed
সম্বাদ নেওয়া **संबाद् लेना** or to enquire about any person or matter.

ସମ୍ବାଦ ପଠା(ଠେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ବା ପତ୍ରଦ୍ୱାରା
Sambāda pathā(the)ibā ସ୍ଥାନାନ୍ତରକୁ ସମ୍ବାଦ ପ୍ରେରଣ
সম্বাদ পাঠান **संबाद् पठाना** କରିବା—To send news.

ସମ୍ବାଦ ପତ୍ର(ପତ୍ରିକା)—ସଂ. ବି (ଅଧୁନିକ ବ୍ୟବହାର)—ଯେଉଁ
Sambāda patra(patrikā) ପତ୍ରିକାରେ ଦେଶର ନାନାବିଧ ସମ୍ବାଦ ପ୍ରଚାରିତ ହୁଏ—Newspaper.

[ସମ୍ବାଦ ପତ୍ର ।

ସନ୍ଦର୍ଭ ଲେଖକ—ଶ୍ରୀଯୁକ୍ତ ଜଗନ୍ନାଥ ତ୍ରିପାଠୀ ବିଏ, ବିଟି.
ହେଡମାଷ୍ଟର କଟକ ଟ୍ରେନିଂ ସ୍କୁଲ୍

ମୁଦ୍ରାଯନ୍ତ୍ର ବା ଛାପାକଳର ଉଦ୍ଭାବନ ଦ୍ୱାରା ମାନବସମାଜର ଯେତେ ଉପକାର ହୋଇଅଛି ତାହା ବର୍ଣ୍ଣନାତୀତ । କାରଣ, ପୁସ୍ତକ ଏବଂ ସମ୍ବାଦ ପତ୍ରମାନଙ୍କର ପ୍ରଚାର ଦ୍ୱାରା ମାନବସଭ୍ୟତା ଯେତେ ଦ୍ରୁତବେଗରେ ଗତି କରୁଅଛି, ମୁଦ୍ରାଯନ୍ତ୍ର ଅଭାବରେ ତାହା ହୋଇ ପାରନ୍ତା ନାହିଁ । ବହୁକାଳ ପୂର୍ବରୁ ଚୀନ ଦେଶର ଲୋକମାନେ ସର୍ବପ୍ରଥମେ କାଠଖଣ୍ଡମାନଙ୍କ ସାହାଯ୍ୟରେ ଅକ୍ଷର ଛାପିବାକୁ ସର୍ବପ୍ରଥମେ ଉଦ୍ୟମ କରିଥିଲେ । ମାତ୍ର ଏହି ପ୍ରଣାଳୀରେ ବିଶେଷ ସୁବିଧା ହେଉ ନ ଥିଲା । ଅନୁମାନ ପ୍ରାୟ ୫୦୦ବର୍ଷ ପୂର୍ବେ ଜର୍ମାନୀ ଦେଶର ଅନ୍ତର୍ଗତ ମେଞ୍ଜ୍ (Mainz) ନଗରବାସୀ ଗୁଟେନବର୍ଗ (Guttenburgh) ନାମକ ବ୍ୟକ୍ତିଙ୍କ ଦ୍ୱାରା ପ୍ରକୃତ ଛାପାକଳ ଉଦ୍ଭାବିତ ହୋଇଥିଲା । ଅଧୁନାତନ ଛାପାକଳ ସାହାଯ୍ୟରେ ସବୁ ବିଷୟର ଇତିହାସ ଲିପିବଦ୍ଧ ହେଉଅଛି । ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଛାପାକଳର ଇତିହାସ ବିଷୟରେ ସାଧାରଣଙ୍କୁ ବିଶେଷ କିଛି ଜଣା ନାହିଁ । ଖଣ୍ଡିଏ କାଠରେ ଅକ୍ଷରମାନ ଖୋଳି ଲୋକେ ବହି ଛାପିବାକୁ ଆରମ୍ଭ କଲେ । ମାତ୍ର ସେହି ଖୋଳାକାଠ ଘସି ହୋଇଯିବାରୁ ତଦ୍ୱାରା ଅନ୍ୟ ବହି ଛାପା ହୋଇ ପାରୁଥିଲା ନାହିଁ । ସୁତରାଂ ଲୋକେ ଭାବିଲେ, ଯଦି ସେମାନେ ଧାତୁ ଦ୍ୱାରା ଅକ୍ଷର(ଟାଇପ୍)ମାନ ପ୍ରସ୍ତୁତ କରି ପାରିବେ, ତାହାହେଲେ ସେହି ଅକ୍ଷରମାନଙ୍କ ଦ୍ୱାରା ଗୋଟିଏ ବହି ଛପା ସାରିବା ପରେ ତଦ୍ୱାରା ଅନ୍ୟ ବହି ମଧ୍ୟ ଛପି ହୋଇ ପାରିବ । ଉପର୍ଯ୍ୟୁକ୍ତ ମହାତ୍ମା ଗୁଟେନ୍‌ବର୍ଗ୍ ଜଣେ ଧାତୁ ବ୍ୟବସାୟୀଙ୍କ ସାହାଯ୍ୟରେ ପ୍ରଥମେ ଚଳନଶୀଳ ଅକ୍ଷର ବା ଟାଇପ୍‌ର ଉଦ୍ଭାବନ କରିଥିଲେ । ପ୍ରଥମେ କୌଣସି ଅକ୍ଷରର ଛାଞ୍ଚ ପ୍ରସ୍ତୁତ କରି ତହିଁରେ ତରଳ ଧାତୁ ଢାଳିବା ଦ୍ୱାରା ଅଳ୍ପ ସମୟ ମଧ୍ୟରେ ସେ ବହୁସଂଖ୍ୟକ ଟାଇପ୍ ପ୍ରସ୍ତୁତ କରିପାରିଲେ । ଖ୍ରୀଷ୍ଟଧର୍ମର ଧର୍ମଗ୍ରନ୍ଥ ବାଇବଲ୍ ସର୍ବପ୍ରଥମେ ଲାଟିନ୍ ଭାଷାରେ ଏହି ଟାଇପ୍ ଦ୍ୱାରା ମୁଦ୍ରିତ ହୋଇଥିଲା । ଏହାହିଁ ପାଶ୍ଚାତ୍ୟ ଜଗତର ସର୍ବପ୍ରଥମ ଛପା ପୁସ୍ତକ । ଏଥିରେ ବହୁ ଅର୍ଥ ବ୍ୟୟିତ ହୋଇଥିଲା ସତ୍ୟ, ମାତ୍ର ଏହାଦ୍ୱାରା ସମଗ୍ର ପୃଥିବୀରେ ଛାପାକଳର ଜୟ ପ୍ରତିଷ୍ଠିତ ହେଲା ।

ଏହାର ଅଳ୍ପ ସମୟ ପରେ ଇଉରୋପର ଅନ୍ୟାନ୍ୟ ଦେଶମାନଙ୍କରେ ଛାପାକଳମାନ ପ୍ରତିଷ୍ଠିତ ହେଲା । କାକ୍ସଟନ୍ (Caxton) ନାମକ ବ୍ୟକ୍ତି ପ୍ରଥମେ ଇଂଲଣ୍ଡରେ ଛାପାକଳ ପ୍ରତିଷ୍ଠିତ କରିଥିଲେ । ଛାପାକଳ ସାହାଯ୍ୟରେ ପୁସ୍ତକମାନ ପ୍ରକାଶିତ ହେଲା । ମାତ୍ର କାଳକ୍ରମେ ଲୋକମାନେ ସମ୍ବାଦମାନ ଜାଣିବାକୁ ଇଚ୍ଛା କରିବାରୁ ସମ୍ବାଦପତ୍ରର ସୃଷ୍ଟି ହେଲା । ପୃଥିବୀର ସର୍ବପ୍ରଥମ ସମ୍ବାଦପତ୍ର Frankfurter Journal (ଫ୍ରାଙ୍କଫୋର୍ଟର ପତ୍ରିକା) ଜର୍ମାନୀ ଦେଶରୁ ସାପ୍ତାହିକରୂପେ ଖ୍ରୀ: ୧୬୧୫ ସାଲରେ ମୁଦ୍ରିତ ହେଲା । ତତ୍ପରେ ୧୬୧୬ ସାଲରେ ବେଲ୍‌ଜିଅମ୍ ଦେଶର ଆଣ୍ଟୱର୍ପ୍ ସହରରୁ ଦ୍ୱିତୀୟ ସମ୍ବାଦପତ୍ର ପ୍ରକାଶିତ ହେଲା । ୧୬୨୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ Weekly News (ସାପ୍ତାହିକ ସମ୍ବାଦ) ନାମକ ପ୍ରଥମ ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହେଲା । ତାହାପରେ ଇଉରୋପର ଅନ୍ୟାନ୍ୟ ସହରମାନଙ୍କରେ ପ୍ରକାଶିତ କେତେକ ସମ୍ବାଦପତ୍ରମାନଙ୍କ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

ସହର	ଖ୍ରୀଷ୍ଟ ବର୍ଷ
ଫ୍ରାନ୍ସର ପାରିସ୍	୧୬୩୧
ନରୱେର ଷ୍ଟକ୍‌ହୋଲ୍ମ	୧୬୪୦
ସ୍କଟଲଣ୍ଡର ଏଡିନ୍‌ବର୍ଗ	୧୬୬୦
ରୁଷିଆର ସେଣ୍ଟ୍‌ପିଟର୍ସ୍‌ବର୍ଗ	୧୭୦୨
ଇଟାଲିର ରୋମ୍	୧୭୧୬
ସ୍ପେନର ମାଡ୍ରିଡ୍	୧୭୨୬

ପ୍ରଥମ ସାପ୍ତାହିକ ଇଂରାଜୀ ସମ୍ବାଦପତ୍ର ୧୬୨୨ ରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ସର୍ବପ୍ରଥମ ଇଂରାଜୀ ଦୈନିକ ସମ୍ବାଦପତ୍ର The Daily Courant, (ଦୈନିକ କାଉର୍‌ଣ୍ଟ) Queen Anne (ରାଣୀ ଆନ୍)ଙ୍କ ରାଜତ୍ୱକାଳରେ ୧୭୦୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ।

ଭାରତରେ ଇଂରାଜୀ ଶାସନ ପ୍ରତିଷ୍ଠିତ ହେବା ପରେ ୧୭୮୦ ଖ୍ରୀଷ୍ଟାବ୍ଦରେ କଲିକତା ନଗରରୁ ସର୍ବପ୍ରଥମ ଇଂରାଜୀ ସମ୍ବାଦପତ୍ର Bengal Gazette (ବେଙ୍ଗଲ୍ ଗେଜେଟ୍) ପ୍ରକାଶିତ ହେଲା । ୧୭୮୯ ସାଲରେ Bombay Herald (ବମ୍ବେ ହେରାଲ୍ଡ) ଏବଂ ୧୭୯୦ ସାଲରେ Bombay Courier (ବୋମ୍ବେ କାଉରିଅର) ପ୍ରକାଶିତ ହେଲା । ଶେଷୋକ୍ତ ସମ୍ବାଦପତ୍ରଟି ୧୮୩୮ ସାଲରେ Bombay Times (ବୋମ୍ବେ ସମୟ) ନାମ ଧାରଣ କଲା ଏବଂ ୧୮୬୧ ଖ୍ରୀଷ୍ଟାବ୍ଦରେ ଏହାର ନାମ Times of India (ଭାରତର ସମୟ) ହେଲା । ଏହା ବର୍ତ୍ତମାନ ଭାରତରେ ଗୋଟିଏ ସୁଖ୍ୟାତ ଦୈନିକ ସମ୍ବାଦପତ୍ର ଏବଂ ଏହାର ଅଫିସ୍‌ରୁ The Illustrated Weekly of India (ଭାରତର ସଚିତ୍ର ସାପ୍ତାହିକ) ନାମକ ସୁଖ୍ୟାତ ସଚିତ୍ର ସାପ୍ତାହିକ ପତ୍ରିକା ପ୍ରକାଶିତ ହେଉଅଛି ।

୧୭୮୪ ଖ୍ରୀଷ୍ଟାବ୍ଦରେ Calcutta Gazette (କଲିକତା ଗେଜେଟ୍) ପ୍ରକାଶିତ ହୋଇଥିଲା । ତତ୍ପରେ ବଙ୍ଗଳା ଅକ୍ଷରରେ ଟାଇପ୍ ପ୍ରସ୍ତୁତ ହେବାରୁ ୧୮୧୮ ଖ୍ରୀଷ୍ଟାବ୍ଦରେ ଲର୍ଡ୍ ହେଷ୍ଟିଂସ୍ (Lord Hastings) ଭାରତର ବଡ଼ ଲାଟ ଥିବାବେଳେ 'ସମାଚାର ଦର୍ପଣ' ନାମକ ସର୍ବପ୍ରଥମ ବଙ୍ଗଳା ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ଏହା ଶ୍ରୀରାମପୁରର ପାଦ୍ରୀମାନଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିଲା । ତତ୍ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ 'ବମ୍ବେ ସମାଚାର' ନାମକ ଗୁଜରାଟୀ ଭାଷାରେ ମୁଦ୍ରିତ ଅନ୍ୟ ଏକ ସମ୍ବାଦପତ୍ର ପ୍ରକାଶିତ ହେଲା । କ୍ରମେ କ୍ରମେ ଭାରତର ଅନ୍ୟାନ୍ୟ ଦେଶୀୟ ଭାଷାରେ ସମ୍ବାଦପତ୍ରମାନ ପ୍ରକାଶିତ ହେଲା । 'ଉତ୍କଳ ଦୀପିକା' ଓଡ଼ିଆ ଭାଷାର ସର୍ବପ୍ରଥମ ସାପ୍ତାହିକ ସମ୍ବାଦପତ୍ର । ନିମ୍ନରେ ଭାରତବର୍ଷର କେତେକ ପ୍ରସିଦ୍ଧ ବର୍ତ୍ତମାନ ସମ୍ବାଦପତ୍ରମାନଙ୍କ ତାଲିକା ପ୍ରଦତ୍ତ ହେଲା—

ଇଂରାଜୀ ଦୈନିକ ପତ୍ରିକା

1. Advance—କଲିକତା, 2. Advocate of India—ବମ୍ବେ, 3. Amrit Bazar Patrika—କଲିକତା, 4. Bombay Chronicle—ବମ୍ବେ, 5. Civil and Military Gazette—ଲାହୋର, 6. Star of India—କଲିକତା, 7. Hindu—ମାନ୍ଦ୍ରାଜ, 8. Hindustan Times—ଦିଲ୍ଲୀ, 9. National Call—ଦିଲ୍ଲୀ, 10. Indian Daily Telegraph—ଲକ୍ଷ୍ନୌ, 11. Leader—ଆଲାହାବାଦ, 12 Madras Mail—ମାନ୍ଦ୍ରାଜ, 13. Pioneer—ଲକ୍ଷ୍ନୌ, 14. Rangoon times—ରେଙ୍ଗୁନ, 15. New Orissa—ବ୍ରହ୍ମପୁର, ଓଡ଼ିଶା, 16. Search Light—ବାଙ୍କିପୁର, 17. Statesman—କଲିକତା, 18. Tribune—ଲାହୋର, 19. The Observer—କଟକ ।

ଇଂରାଜୀ ସାପ୍ତାହିକ ପତ୍ରିକା

1. Orient—କଲିକତା, 2. The Illustrated Weekly of India--ବମ୍ବେ, 3. Marhatta—ପୁନା, 4. People—ଲାହୋର, 5. Dipali—କଲିକତା, 6. Dharmarajya—ଦିଲ୍ଲୀ ।

ଇଂରାଜୀ ମାସିକ ପତ୍ରିକା

1. Modern Review—କଲିକତା, 2. Indian Review—ମାନ୍ଦ୍ରାଜ, 3. Calcutta Review—କଲିକତା, 4. Baitarani—କଟକ, 5. Theosophy of India—ବନାରସ ।

ବଙ୍ଗଳା ଦୈନିକ ପତ୍ରିକା

୧· ଆନନ୍ଦ ବଜାର ପତ୍ରିକା—କଲିକତା, ୨· ବସୁମତୀ—କଲିକତା, ଯୁଗାନ୍ତର—କଲିକତା ।

ବଙ୍ଗଳା ମାସିକ ପତ୍ରିକା

୧· ପ୍ରବାସୀ—କଲିକତା, ୨· ବସୁମତୀ—କଲିକତା, ୩· ଭାରତୀ—କଲିକତା, ୪· ଉତ୍ତରା—କାଶୀ, ୫· ଭାରତବର୍ଷ—କଲିକତା ।

ବଙ୍ଗଳା ସାପ୍ତାହିକ ପତ୍ରିକା

୧· ବସୁମତୀ—କଲିକତା, ୨· ସଂହତି—କଲିକତା ।

ଓଡ଼ିଆ ଦୈନିକ ପତ୍ରିକା

୧· ଆଶା—ବ୍ରହ୍ମପୁର, ୨· ସମାଜ—କଟକ, ୩· ଦେଶକଥା—କଟକ ।

ଓଡ଼ିଆ ସାପ୍ତାହିକ ପତ୍ରିକା

୧· ସମାଜ—କଟକ, ୨· ଗଡ଼ଜାତ ବାସିନୀ—ତାଳଚେର, ୩· କୃଷକ—କଟକ, ୪· ଆଶା—ବ୍ରହ୍ମପୁର, ୫· ଓଡ଼ିଆ—ବ୍ରହ୍ମପୁର, ୬· ଲୋକମତ—କଟକ, ୭· ଜାଗ୍ରତ ଓଡ଼ିଆ - ବ୍ରହ୍ମପୁର, ୮· ଉତ୍କଳ ବାର୍ତ୍ତା—ପୁରୀ ।

ଓଡ଼ିଆ ମାସିକ ପତ୍ରିକା

୧· ସହକାର—କଟକ, ୨· ନବଭାରତ—କଟକ, ୩· ଉତ୍କଳ ସାହିତ୍ୟ—କଟକ, ୪· ଭଞ୍ଜ ପ୍ରଦୀପ—ବାରିପଦା । ଏତଦ୍ଭିନ୍ନ କେତେଗୁଡ଼ିଏ ସାମୟିକ ପତ୍ରିକା ଉତ୍କଳର ଭିନ୍ନ ଭିନ୍ନ ସ୍ଥାନରୁ ଓ ବିଦ୍ୟାଳୟମାନଙ୍କରୁ ପ୍ରକାଶିତ ହେଉଅଛି ।

ସମ୍ବାଦ ପତ୍ରମାନ ଦୈନିକ, ସାପ୍ତାହିକ, ଅର୍ଦ୍ଧସାପ୍ତାହିକ, ତୈମାସିକ, ପାକ୍ଷିକ, ସାମୟିକ ଆଦି ବିଭିନ୍ନ ରୂପେ ପ୍ରକାଶିତ ହୁଏ । ସମ୍ବାଦ ପତ୍ରର ସଙ୍କଳୟିତାଙ୍କୁ 'ସଂପାଦକ' (Editor), ସଂବାଦ ପତ୍ରରେ ପ୍ରକାଶିତ ହେବା ପାଇଁ ସଂବାଦ ଯୋଗାଇବା ବ୍ୟକ୍ତିଙ୍କୁ 'ସଂବାଦଦାତା' ବା 'ପତ୍ରପ୍ରେରକ' (News agent ବା correspondent) ଓ ଯେଉଁ ବ୍ୟକ୍ତିମାନେ ମୂଲ୍ୟ ଦେଇ ପତ୍ରିକା ନେଇ ଥାନ୍ତି, ସେମାନଙ୍କୁ 'ଗ୍ରାହକ' (Subscriber) କହନ୍ତି । ଅଧୁନିକ ସଭ୍ୟ ଜଗତରେ ସମ୍ବାଦ ପତ୍ର ଦ୍ୱାରା ଲୋକମତ ଗଠିତ ଓ ପରିଚାଳିତ ହୁଏ ।]

ସମ୍ବାଦ ପାଇବା—ଦେ. କି ଅନ୍ୟ ବ୍ୟକ୍ତିଠାରୁ ଖବର ପାଇବା; Sambāda pāibā କୌଣସି ବିଷୟର ଖବର ଜାଣିବା— সংবাদ পাওয়া सम्वाद पाना To get any news.

ସମ୍ବାଦ ପ୍ରାପ୍ତି—ସଂ. ବି—କୌଣସି ବିଷୟର ସମ୍ବାଦ ପାଇବା— Sambāda prāpti Receipt of any news.

ସମ୍ବାଦ ବହ—ସଂ. ବିଣ· ଓ ବି ପୁଂ (ସମ୍ବାଦ=ବହ୍· ଧାତୁ+କର୍ତ୍ତୃ· ଅ) Sambāda baha —ଯେଉଁ ବ୍ୟକ୍ତି ଖବର କଥଅଣା କରେ—(ସମ୍ବାଦ ବାହକ, ସମ୍ବାଦବାହୀ—ଅନ୍ୟରୂପ) Carrier of [ସମ୍ବାଦବହା, ସମ୍ବାଦବାହକା, ସମ୍ବାଦବାହିନୀ—ସ୍ତ୍ରୀ] news; messenger.

ସମ୍ବାଦ ବାହିକା ନାଡ଼ି(ଡ଼ୀ)—ଦେ. ବି—(ମନୋବିଜ୍ଞାନ) ଶରୀରର Sambāda bāhikā nāṛi(ṛī) ଯେଉଁ ନାଡ଼ିମାନ সংবাদবাহিকা নাড়ি ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁମାନଙ୍କ ସମ୍ବନ୍ଧୀୟ सम्वादवाहिका नाड़ी ଜ୍ଞାନକୁ ମସ୍ତିଷ୍କରେ ପହଞ୍ଚାନ୍ତି— (Psychology) Sensory nerves; the nerves which carry messages of the outside world to brain centre.

ସମ୍ବାଦୀ—ସଂ. ବିଣ. ପୁଂ (ସମ୍+ବଦ୍ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)— Sambādī ୧ । ଗାନକାରୀ—1. Singing. ୨ । ଉଚ୍ଚାରଣ-(ସମ୍ବାଦିନୀ—ସ୍ତ୍ରୀ) କାରୀ; କଥନକାରୀ—2. Speaking; utter-ing. ୩ । ଏକରୂପ ସମ୍ଭାଷଣକାରୀ—3. Speaking similarly. ୪ । ତୁଲ୍ୟ; ଏକରୂପ—4. Similar, ସ. ବି—(ସଙ୍ଗୀତ) ବାଦ୍ୟସ୍ୱରର ସହଗାମୀ ସ୍ୱର— A tune accompanying a principal tune; paraphonia.

ସମ୍ବାଧ—ସ. ବି (ସମ୍+ବାଧ୍ ଧାତୁ=ପୀଡ଼ନ କରିବା+ଭାବ· ଅ; Sambādha ସମ୍+ବାଧା+ଅ)—୧ । ସମ୍ୟକ୍ ବାଧା; (ସଂବାଧ ଇତ୍ୟାଦି—ଅନ୍ୟରୂପ) ବିଶେଷ ବିଘ୍ନ—1. Impediment; serious obstacle. ୨ । ଭିଡ଼; ଜନତା— 2. Crowd. ୩ । ଭଗ; ଯୋନିମାର୍ଗ (ମେଦିନୀ)— 3. The female organ; the vulva. ୪। ସଙ୍କଟ (ମେଦିନୀ)—4. Critical condition; a narrow pass. ୫। ଭୟ (ଶବ୍ଦରତ୍ନାବଳୀ)—5. Fear; dread. ୬। ମହାବିପଦ—6. Great danger; difficulty. ୭ । ସଂଘର୍ଷ—7. Collision. ୮ । ନରକର ଦ୍ୱାର (ଶବ୍ଦରତ୍ନାବଳୀ)—8. The door leading to hell. ୯ । ଉପରକୁ ମାଡ଼ିଆସିବା—9. Pressing on (Apte). ୧୦ । ଆଘାତ କରିବା— 10. Striking; hurting (Apte). ସ· ବିଣ (ବହୁବ୍ରୀହି; ସମ୍+ବାଧା+ଅ)—୧ । ସଙ୍କୀର୍ଣ୍ଣ; ଅପ୍ରଶସ୍ତ— 1. Narrow. ୨ । ଜନତାପୂର୍ଣ୍ଣ—2. Crowded. ୩ । ଅନ୍ୟ ବସ୍ତୁଦ୍ୱାରା ରୁଦ୍ଧ ହୋଇଥିବା; କରୁଦ୍ଧ—3. Blocked up (Apte . ୪। ଉପରକୁ ମାଡ଼ି ଆସୁଥିବା— 4. Pressing. ଦେ. ବିଣ—ପୂର୍ଣ୍ଣ; ବହୁଳ—Full of; replete with. [ଦ୍ର—ସେ ପୁଣି ଇତ୍ୟ ତୋ ସଙ୍ଗ ସୁଧା । ସମ୍ବାଧ ବିମ୍ବାଧର ରସ ସୁଧା—ପ୍ରାଚୀ· ରସବାରିଧି ।]

ପୂର୍ଣ
ପୂର୍ଣ

ସମ୍ବାଧନ—ସ· ବି (ସମ୍+ବାଧ ଧାତୁ+ଭାବ· ଅନ)—୧ । ବାଧା Sambādhana ଦେବା—1. Obstructing. ୨ । (+ କର୍ତ୍ତୃ· ଅ) ମଦନ ଦ୍ୱାର; ଯୋନି ଦ୍ୱାର (ମେଦିନୀ)— 2. Vaginal orifice; the vulva. ୩ । ଦ୍ୱାରପାଳ (ମେଦିନୀ)—3. Door-keeper. ୪ । ଶୂଳାଗ୍ର (ମେଦିନୀ)—4. The point of a pin or

spit. ୫ । (+ଭାବ. ଅନ) ବାଃ ଅବ ବନ୍ଦ କରିବା—5. Blocking up (Apte). ୬ । ଚିପିବା 6. Compressing (Apte). ୭ । (+କରଣ· ଅନ) ଫାଟକ—7. Gate (Apte). ୮ । ବାଡ଼; ଅଟକାଇବା ପାଇଁ ଦିଆଯିବା ବାଡ଼—
8. Barrier (Apte); fencing.

ସମ୍ବାର—ଗ୍ରା· ବ (ସ. ସୋମବାର)—ସୋମବାର—Monday.
Sambāra সোমবার सोमवार

ସମ୍ବାରିଆ—ଦେ. ବଣ—୧ । ସୋମବାରରେ ଘଟିବା—1. Happening on or relating to monday.
Sambāriā
সোমবরিয়া [ଉ—ସମ୍ବାରଅ ବାଃ, ସମ୍ବାରଅ କରନ୍ତୁ ।] ୨ ।
सोमवारका (ପୁଂ) ସୋମବାର ଦିନ ଜନ୍ମଗ୍ରହଣ କରିଥିବା—
(ସମ୍ବାରି-ସ୍ତ୍ରୀ) 2. (a male) Born on monday. ୩ । (ପୁଂ) ସୋମବାର ବ୍ରତ ପାଳୁଥିବା—3. (masculine) Observing fast on monday. ଦେ.ବି. ପୁଂ—
সম্বারি ସୋମବାର ଦିନ ଜନ୍ମ ହୋଇଥିବା କୌଣସି କୌଣସି
सोमवारिया ବ୍ୟକ୍ତିକୁ ଦିଆଯିବା ନାମ—1. A name given to a person born on a Monday. ୨ । ସୋମବାର ଦିନ ଉପବାସ ବା ବ୍ରତ କରିଥିବା ବ୍ୟକ୍ତି—2. A person who observes fast on Monday.

ସମ୍ବାଳ—ଦେ. ବ ଓ ବଣ—ସମ୍ଭାଳ (ଦେଖ)
Sambāḷa Sambhāḷa (See)

ସମ୍ବାଳି(ଳୁ)ଆ—ଦେ. ବ—ସୁଅଁ ବାଳ ପୋକ—
Sambāḷi(ḷu)ā Caterpillar; the wooly bear.
সোআঁ পোকা सूआ (ସଂବାଳ—ଅନ୍ୟରୂପ)

ସମ୍ବାଳିବା—ଦେ. କି—ସମ୍ଭାଳିବା (ଦେଖ)
Sambāḷiba Sambhāḷiba (See)

ସମ୍ବାସ—ସ. ବ (ସମ୍+ବସ୍ ଧାତୁ+ଅଧି. ଅ)—୧ । ବାସସ୍ଥାନ—
Sambāsa 1.Residence; abode. ୨ । (+ଭାବ· ଅ)
(ସଂବାସ—ଅନ୍ୟରୂପ) ଅବସ୍ଥିତି—2. Residence; living; staying. ୩ । (+ଅଧି· ଅ) ଅନାବୃତ ବିହାର ସ୍ଥାନ—3.A park; an open space for recreation. ୪ । ସଭା; ସମାଜ—4. Assembly; meeting; association.

ସମ୍ବାହ—ସଂ· ବ(ସମ୍+ବହ୍ ଧାତୁ ଣିଚ୍=ବାହ ଧାତୁ+ଭାବ. ଅ)—
Sambāha ୧ । ଅଙ୍ଗ ମର୍ଦ୍ଦନ; ଅନ୍ୟର ଦେହ ହାତରେ
(ସଂବାହ ଇତ୍ୟାଦ—ଅନ୍ୟରୂପ) ଅଙ୍ଗଂସା ଘଷା କରିବା; କ୍ଳାନ୍ତି ନିବାରଣାର୍ଥ କୌଣସି ବ୍ୟକ୍ତିର ହାତ ଗୋଡ଼ ଆଦିକୁ ଚିପିବା ବା ଦଳିବା—1. Shampooing; squeezing and rubbing of another person's limbs. ୨ । ଭାରାଦି ବହନ—2. Carrying or conveying of a load.

ସମ୍ବାହକ—ସଂ· ବଣ: ପୁଂ (ସମ୍+ବହ୍ ଧାତୁ ଣିଚ୍=ବାହ ଧାତୁ+
Sabāhaka କର୍ତ୍ତୃ. ଅକ)—୧ । ବାହକ; ବହନକାରୀ—
(ସମ୍ବାହିକା—ସ୍ତ୍ରୀ) 1. Conveying; carrying. ୨ । ଅଙ୍ଗ ମର୍ଦ୍ଦନକାରୀ; ଯେ ଅନ୍ୟ ବ୍ୟକ୍ତିଙ୍କ ହାତ ଗୋଡ଼ ଅଦ ଘଷା ଦୋଡ଼ା କରେ—2. Shampooing. ୩ । (ପଦାର୍ଥବିଜ୍ଞାନ) (ଅଧୁନାତନ ପ୍ରୟୋଗ) ଯାହା ଏକ ପଦାର୍ଥର ଉତ୍ତାପ ବା ବୈଦ୍ୟୁତିକୁ ଅନ୍ୟ ପଦାର୍ଥକୁ ବହି ନିଏ—3. (physics) Conveying or conducting heat or electricity from one body to another. ସଂ. ବି. ପୁଂ—୧ । ଗୋଡ଼ଘଷା ଭୃତ୍ୟ —1. A servant who shampoos the master's legs etc. ୨ । (ପଦାର୍ଥବିଜ୍ଞାନ) ପଦାର୍ଥରୁ ପଦାର୍ଥାନ୍ତରକୁ ଉତ୍ତାପ ଅବ ବହନକାରୀ ବାୟୁ—
2. Conductor of heat or electricity.

ସମ୍ବାହନ—ସ. ବ (ସମ୍+ବହ୍ ଧାତୁ, ଣିଚ୍+ଭାବ· ଅନ)—
Sambāhana ୧ । ସମ୍ବାହ (ଦେଖ)—1. Sambāha (See)
(ସମ୍ବାହିତ—ବଣ) ୨ । (ପଦାର୍ଥବିଜ୍ଞାନ) ଜଳ ବା ବାୟୁଦ୍ୱାରା କୌଣସି ପଦାର୍ଥର ତାପ ଅନ୍ୟ ପଦାର୍ଥକୁ ବାହିତ ହେବା—2. (physics) Convection of heat by water or air.

ସମ୍ବାହିତ—ସ. ବଣ (ସମ୍+ବାହିତ)—୧ । ମର୍ଦ୍ଦିତ—1. Sham-
Sambāhita pooed. ୨। ବାହିତ—2. Conveyed; convected.

ସମ୍ବିଗ୍ଧ(ଗ୍ନ)—ସ.ବ (ସମ୍+ବିଜ୍ ଧାତୁ=ଭୀତ ହେବା+କର୍ତ୍ତୃ.ତ)—
Sambigdha(gna) ୧ । ଭୀତ; ତ୍ରସ୍ତ—1. Terrified. ୨ । ଉଦ୍‌ବିଗ୍ନ—2. Anxious; concerned; agitated.

ସମ୍ବିତ୍(ଦ୍)—ସ. ବ (ସମ୍+ବିଦ୍· ଧାତୁ=ଜାଣିବା+ଭାବ. କ୍ୱିପ୍;
Sambit(d) ବ୍ୟା· ୧ବ)—୧ । ଜ୍ଞାନ; ବୁଦ୍ଧି—1. Under-
(ସଂବିତ୍[ଦ୍] ଇତ୍ୟାଦ—ଅନ୍ୟରୂପ) standing; intellect; wisdom; knowledge; perception. ୨ । ପରିଚୟ—2. Acquaintance. ୩ । ପ୍ରତିଜ୍ଞା—3. Promise; vow. ୪ । ଚୁକ୍ତିର ସର୍ତ୍ତ—4. Condition of an agreement. ୫ । ନିୟମ; ବିଧି—5. Rule; regulation. ୬ । ପ୍ରାକୃତିକ; ବିଧି—6. Law of nature. ୭ । ଧର୍ମ-ବିଧି—7. A religious observance. ୮ । ଆଚାର—8. Conduct; practice; usage. ୯ । ଯୁଦ୍ଧ ସ୍ଥଳରେ ଚିତ୍କାର ଧ୍ୱନି—9. A battle-cry; war-cry. ୧୦ । ସଂକେତ—10. Sign; signal. ୧୧ । ସାଂକେତିକ ଶବ୍ଦ; ଠାର—11. A watch-word; cypher. ୧୨ । ସମାଧି—12. Burial; deep contemplation; mental abstraction. ୧୩ । ସମ୍ଭାଷଣ—13. Discourse; conversation. ୧୪ ।

ସନ୍ତୋଷ—14. Satisfaction; contentment. ୧୫ । (+କର୍ମ. କ୍ତ) ଣଣ . ଶୁଳ୍କ—15. A plant; Crotolaria Juncea. ୧୬ । ଯୁଦ୍ଧ—16. War; fight. ୧୭ । ନାମ—17. Name. ୧୮ । ଗଞ୍ଜାଇ ଗଛ—18. The Indian intoxicating hemp plant; Cannabis Indica. ୧୯ । ଭାଙ୍ଗ—19. An intoxicating drink made from Ganjā.

ସମ୍ବିତ୍ତି—ସଂ. ବି (ସମ୍+ବିଦ୍ ଧାତୁ+ଭାବ.ତି)-୧ । ଅନୁଭବ; ଅନୁଭୂତି—
Sambitti 1. Experience. ୨ । ଚେତନା—2. Perception. ୩ । ବୁଦ୍ଧି—3. Intelligence. ୪ । ପୂର୍ବ ସ୍ମୃତି—4. Recollection. ୫ । (ମନୋବିଜ୍ଞାନ) ଇନ୍ଦ୍ରିୟଲବ୍ଧ ଜ୍ଞାନର ପ୍ରଥମ ସ୍ତର—5. (Psychology) Sensation. [ଦ୍ର—ଏହା ମନୋବିଜ୍ଞାନର ପାରିଭାଷିକ ଶବ୍ଦ । ଇଂରାଜୀରେ ଏହାକୁ ସେନ୍ସେସନ୍ (Sensation) କହନ୍ତି । ସଂବିତ୍ତି ବାହ୍ୟ ବସ୍ତୁର କ୍ରିୟା ଓ ମାନସ ପ୍ରତିକ୍ରିୟା ଉଭୟଦ୍ୱାରା ଉଦ୍‌ବୁଦ୍ଧ ହୁଏ । ବସ୍ତୁଜଗତ୍ ପ୍ରଥମତଃ ଇନ୍ଦ୍ରିୟ ଉପରେ ଆଘାତ କରେ ଏବଂ ଉକ୍ତ ଆଘାତ ମସ୍ତିଷ୍କ ପ୍ରଦେଶରେ ପ୍ରବିଷ୍ଟ ହୋଇ ମାନସଶକ୍ତିର ଚେତନା ଜାଗ୍ରତ କରାଇଲେ 'ସଂବିତ୍ତି' ଜନ୍ମେ । ସଂବିତ୍ତି ସାହାଯ୍ୟରେ ଆମ୍ଭେମାନେ ଏତିକି ମାତ୍ର ଜାଣୁଁ ଯେ, କୌଣସି ଶକ୍ତିଯୁକ୍ତ ପଦାର୍ଥ ବିଦ୍ୟମାନ; କିନ୍ତୁ ଉକ୍ତ ପଦାର୍ଥ କେଉଁ କେଉଁ ଗୁଣରେ ଭୂଷିତ, ଅର୍ଥାତ୍ ତାହାର 'ରୂପ', 'ବର୍ଣ୍ଣ', ପରିମାଣ ପ୍ରଭୃତି କିପରି ବା କେତେ, ତାହା କେତେ ଦୂରରେ ଅବସ୍ଥିତ, ଏ ପ୍ରକାର ଜ୍ଞାନ ଜନ୍ମିଲେ ବସ୍ତୁ-ପ୍ରତ୍ୟକ୍ଷ ଜନ୍ମେ । ସମ୍ବିତ୍ତି ପ୍ରତ୍ୟକ୍ଷ ଜ୍ଞାନର ମୂଳବିନ୍ଦୁ । ସମ୍ବିତ୍ତି ସାହାଯ୍ୟରେ ବାହ୍ୟ ବସ୍ତୁର ଅସ୍ତିତ୍ୱ ମାତ୍ର ଅନୁଭୂତ ହୁଏ; ପ୍ରତ୍ୟକ୍ଷ ସାହାଯ୍ୟରେ ବାହ୍ୟ ବସ୍ତୁର ପରିଚୟ ଘଟେ । ଇନ୍ଦ୍ରିୟ ପାଞ୍ଚ ପ୍ରକାର; ଏଣୁ ସମ୍ବିତ୍ତି ମଧ୍ୟ ପାଞ୍ଚ ପ୍ରକାର; ଯଥା—ଦର୍ଶନ-ସମ୍ବିତ୍ତି, ଶ୍ରବଣ-ସମ୍ବିତ୍ତି, ସ୍ପର୍ଶସମ୍ବିତ୍ତି, ଘ୍ରାଣ-ସମ୍ବିତ୍ତି ଓ ସ୍ୱାଦ-ସମ୍ବିତ୍ତି । ପଦାର୍ଥର ବିଭିନ୍ନ ଗୁଣଧର୍ମ ଜ୍ଞାନ ବିଭିନ୍ନ ସଂବିତ୍ତି-ସାପେକ୍ଷ; ଯଥା—ପଦାର୍ଥର 'ରୂପ' 'ବର୍ଣ୍ଣ' ଦର୍ଶନ-ସଂବିତ୍ତି ସାହାଯ୍ୟରେ, ପଦାର୍ଥର 'ଗନ୍ଧ' ଘ୍ରାଣ-ସଂବିତ୍ତି ସାହାଯ୍ୟରେ ସମାହୃତ ହୁଏ ।

ସନ୍ଦର୍ଭ ଲେଖକ—

ଅଧ୍ୟାପକ ଶ୍ରୀ କପିଳଦେବାଶ୍ରି ରାୟ, ଏମ୍. ଏ.]

ସମ୍ବିଦା—ସଂ. ବି (ସମ୍+ବିଦ୍ ଧାତୁ+ଭାବ. ଅ+ଆ)—ସମ୍ବିତ୍
Sambidā (ଦେଖ) Sambit. (See)

ସମ୍ବିଦା ମଞ୍ଜରୀ—ସଂ. ବି (ସମ୍ବିଦା=ଗଞ୍ଜେଇ+ମଞ୍ଜରୀ)—ଗଞ୍ଜେଇ;
Sambidā manjari ଗଞ୍ଜା ଗଛର ମଞ୍ଜରୀ ବା କଳି—The (ଅନ୍ୟ ସଂସ୍କୃତ ନାମ—ଭଙ୍ଗା, ମାଦନୀ, ହର୍ଷିଣୀ) spike of the flowers of the Indian hemp; Cannabis Sativa. [ଦ୍ର—ଏହା ମାଦକ, ଅଗ୍ନିଦୀପକ, ହର୍ଷୋତ୍ପାଦକ, ବଲ୍ୟ, କାମୋଦ୍ଦୀପକ, ନିଦ୍ରାକାରକ, ଗର୍ଭପାତକ, ବେଦନା ଓ ଆକ୍ଷେପନାଶକ । ଏହା କାସ୍ୟାମ, ଅନ୍ତ୍ରଶ୍ୟାମ, ବହୁମୂତ୍ର, ମଦାତ୍ୟୟ, ଶୂଳ, ଅମ୍ଳପିତ୍ତ, ଅଗ୍ନିମାନ୍ଦ୍ୟ, ଅତିପ୍ରବୃତ୍ତ-ରକ୍ତଶୋଣିତ ଓ କୁକୁରାଦିଙ୍କ ଦଂଶନଜନିତ ଜଳାତଙ୍କ ରୋଗରେ ଉପକାରୀ । ଏହାକୁ କେହି କେହି ବାଟି ପିଇ, କେହି କେହି କଳିଁ ଲଗାଇ ଚିଲମ ଦ୍ୱାରା ଧୂଆଁ ଓ ପୁଣି କେହି ମୋଦକରେ ମିଶାଇ ଖାଆନ୍ତି । ଗଞ୍ଜାଇମଞ୍ଜରୀର ଅଠାକୁ 'ଚରସ' ବୋଲାଯାଏ ।]

ସମ୍ବିଦିତ—ସଂ. ବିଣ (ସମ୍+ବିଦିତ)—୧ । ପରିଜ୍ଞାତ—
Sambidita 1. Known. ୨ । ପ୍ରତିଜ୍ଞାତ—2. Promised. ୩ । ପରିଚିତ; ଉତ୍ତମରୂପେ ଜଣାଶୁଣା—3. Well acquainted; well-known.

ସମ୍ବିଦ୍‌ବ୍ୟତିକ୍ରମ—ସଂ. ବି (୬ଷ୍ଠୀ ତତ୍)—ପ୍ରତିଜ୍ଞା ଲଙ୍ଘନ—
Sambidbyatikrama Infringement or breach of (ସମ୍ବିଦ୍‌ବ୍ୟତିକ୍ରମ—ଅନ୍ୟରୂପ) promise; violation of promise.

ସମ୍ବିଧା—ସଂ. ବି (ସମ୍+ବି+ଧା. ଧାତୁ=ଧାରଣ କରିବା+କରଣ. ଅ+ଆ)—୧ । ଅଳଂକାର—1. Ornament.
Sambidhā (ସଂବିଧା, ସମ୍ବିଧାନ—ଅନ୍ୟରୂପ) ୨ । ସାଜସଜ୍ଜା—2. Dress; fittings. ୩ । ରଚନା; ସଜ୍ଜା—3. Arrangement; orderly arrangement of parts; toilet; decoration. ୪ । ସଂଘଟନ; ଘଟନା—4. Event; affair. ୫ । ଆୟୋଜନ—5. Preparation. ୬ । ବୈଚିତ୍ର୍ୟ—6. Variety. ୭ । ସେବାର ସାମଗ୍ରୀ—7. Articles used in service. ୮ । ଭେଟି—8. Articles presented as a token of respect.

ସମ୍ବିଭକ୍ତ—ସଂ. ବିଣ (ସମ୍+ବିଭକ୍ତ)—ପୃଥକ୍‌କୃତ—
Sambibhakta Divided; separated.
(ସଂବିଭକ୍ତ—ଅନ୍ୟରୂପ)

ସମ୍ବିଷ୍ଟ—ସଂ. ବିଣ (ସମ୍+ବିଶ୍ ଧାତୁ+କର୍ତ୍ତି. ତ)—୧ । ନିଦ୍ରିତ; ସୁପ୍ତ—1. Asleep; sleeping.
Sambishta (ସଂବିଷ୍ଟ—ଅନ୍ୟରୂପ) ୨ । ନିବିଷ୍ଟ—2. Engaged in; devoted to.
(ସମ୍ବେଶ—ବି)

ସମ୍ବୀକ୍ଷଣ—ସଂ. ବି (ସମ୍+ବୀକ୍ଷଣ)—୧ । ପର୍ଯ୍ୟବେକ୍ଷଣ—
Sambikshana 1. Observation. ୨ । ଅନ୍ୱେଷଣ—2. Searching; enquiry;
(ସଂବୀକ୍ଷଣ—ଅନ୍ୟରୂପ) ୩ । ଦର୍ଶନ; ଭେଟ—3. Se ing; interview.
(ସମ୍ବୀକ୍ଷିତ—ବିଣ)

ସମ୍ବୀତ—ସଂ. ବିଣ (ସମ୍+ବ୍ୟେ ଧାତୁ=ଘୋଡ଼ାଇବା+କର୍ମ. ତ)
Sambita ୧ । ଆବୃତ; ଆଚ୍ଛାଦିତ—1. Covered.
(ସଂବୀତ—ଅନ୍ୟରୂପ) ୨ । ଗୋପିତ—2. Concealed;

hidden. ୩ । ବୃତ—3. Confined; bound. ୪ । (ସମ୍ + ବ + ଋ ଧାତୁ=ଯିବା + କର୍ତ୍ତୃ ତ)— ସମ୍ମିଳିତ—4. United; joined together. ୫ । ଏକତ୍ରୀଭୂତ—5. Collected.

ସମ୍ବୁଦ୍ଧ—ସଂ. ବଣ (ସମ୍ + ବୁଧ୍ ଧାତୁ=ଜାଣିବା+କର୍ତ୍ତୃ ତ)—୧ । Sambuddha ଉଦ୍‌ବୁଦ୍ଧ; ଜାଗରିତ—1. Awakened. (ସମ୍ବୁଦ୍ଧ ଇତ୍ୟାଦି—ଅନ୍ୟରୂପ) ୨ । ଚୈତନ୍ୟଯୁକ୍ତ; ଚୈତନ୍ୟ ବିଶିଷ୍ଟ—2. Sentient; conscious. ୩ । ସମ୍ୟକ୍‌ଜ୍ଞ ଜ୍ଞାନୀ—3. Very wise. ସ. ବି— ବୁଦ୍ଧାବତାର—The incarnation of Bishnu as the Buddha.

ସମ୍ବୁଦ୍ଧି—ସଂ. ବି (ସମ୍ + ବୁଧ୍ ଧାତୁ=ଜାଣିବା+ଭାବ. ତି)— Sambuddhi ୧ । ଆହ୍ୱାନ; ସମ୍ବୋଧନ—1. Calling; addressing. ୨ । ଜାଗରଣ—2. Awakening. ୩ । ଆମନ୍ତ୍ରଣ—3. Invitation. ୪ । ଦର୍ଶନ—4. Seeing; sight. ୫ । (ବ୍ୟାକରଣ) ସମ୍ବୋଧନ—5. (grammar) Vocative case. ୬ । ସମ୍ପୂର୍ଣ୍ଣ ଜ୍ଞାନ—6. Perfect knowledge. ୭ (ବ୍ୟାକରଣ) ସମ୍ବୋଧନର ଏକବଚନ—7. (Grammar) The singular number of the vocative case.

ସମ୍ବୃତ—ସ.ବଣ (ସମ୍ + ବୃ ଧାତୁ=ଆବୃତ କରିବା+ କର୍ମ.ତ)—ଗୁପ୍ତ— Sambruta Concealed.

ସମ୍ବୃତି—ସ. ବି (ସମ୍ + ବୃ ଧାତୁ=ଘୋଡ଼ାଇବା + ଭାବ ତି)— Sambruti ୧ । ଗୋପନ—1. Concealment. ୨ । (ସମ୍ବୃତି—ଅନ୍ୟରୂପ) ଆଚ୍ଛାଦନ—2. Covering. ୩ । (+ କରଣ. ତି) ଘୋଡ଼ଣୀ—3. A cover; a lid.

ସମ୍ବୃତ୍ତ—ସ. ବଣ (ସମ୍ + ବୃତ୍ ଧାତୁ+କର୍ତ୍ତୃ ବା କର୍ମ ତ)— Sambrutta ୧ । ନିଷ୍ପନ୍ନ; ସମ୍ପାଦିତ—1. Accomplished; finished. (ସମ୍ବୃତ୍ତ ଇତ୍ୟାଦି—ଅନ୍ୟରୂପ) ୨ । ଜାତ—2. Born. ୩ । ଗୋପିତ—3. Hidden. ସ. ବି— ବରୁଣଦେବ—The Indian Neptune; the Seagod.

ସମ୍ବୃତ୍ତି—ସ. ବି (ସମ୍ + ବୃତ୍)—୧ । ଗୋପନ— 1. Concealment. Sambrutti ୨ । ନିଷ୍ପତ୍ତି—2. Completion; settlement. ୩ । ସିଦ୍ଧି—3. Accomplishment; success.

ସମ୍ବୃହଣ—ସ. ବି.—ବଳ ସମ୍ବିଧାନ (ଚରକ)— Sambruhana Conservation or accumulation of strength.

ସମ୍ବେଗ—ସଂ. ବି (ସମ୍ + ବିଜ୍ ଧାତୁ=ଭୀତ ହେବା + ଭାବ. ଅ; Sambega ସମ୍ + ବେଗ)—୧ । ଭୟ—1. Fear. (ସଂବେଗ ଇତ୍ୟାଦି—ଅନ୍ୟରୂପ) ୨ । ଭୟଜନିତ ତ୍ୱରା— (ସମ୍ଭ୍ରମ—ଶବ୍ଦ) 2. Fright; haste due to fear. ୩ । ଅତି ବେଗ—3. Violent force; fury. ୪ । ଆବେଗ; ଉଦ୍‌ବେଗ—4. Anxiety.

ସମ୍ବେଜନ—ସଂ. ବି—ଅତ୍ୟନ୍ତ କମ୍ପନ (ସୁଶ୍ରୁତ)— Sambejana Shiver; violent trembling.

ସମ୍ବେଦ—ସଂ. ବି (ସମ୍ + ବିଦ୍ ଧାତୁ=ଜାଣିବା + ଭାବ ଅ)— Sambeda ୧ । ଅନୁଭବ—1. Experience; cognisance. (ସଂବେଦ ଇତ୍ୟାଦି—ଅନ୍ୟରୂପ) ୨ । ଜ୍ଞାନ—2. Knowledge; comprehension; perception. ୩ । ବୋଧ—3. Understanding.

ସମ୍ବେଦନ(ନା)—ସଂ. ବି (ସମ୍ + ବିଦ୍ ଧାତୁ=ଜାଣିବା + ଭାବ ଅନ; Sambedana(nā) + ଆ) ୧ । ଅନୁଭବଜନିତ ଜ୍ଞାନ— 1. Experimental knowledge; experience. ୨ । ଅନୁମାନ—2. Supposition; guess; inference. ୩ । (+ କରଣ. ଅନ)—ଛିଙ୍କା (ଶବ୍ଦକୋଷ); ଛିକ—3. Sneezing.

ସମ୍ବେଦ୍ୟ—ସଂ. ବଣ (ସମ୍ + ବିଦ୍ ଧାତୁ=ଜାଣିବା+କର୍ମ. ଯ)— Sambedya ୧ । ଜ୍ଞେୟ—1. Cognizable. ୨ । ଅନୁଭବଯୋଗ୍ୟ—2. Fit to be experienced. (ସମ୍ବେଦନୀୟ—ଅନ୍ୟରୂପ)

ସମ୍ବେଶ—ସଂ. ବି (ସମ୍ + ବିଶ୍ ଧାତୁ=ପ୍ରବେଶ କରିବା, ଭିତ୍ତ କରିବା, Sambeśa ଶୋଇବା+ଭାବ. ଅ)—୧ । ନିଦ୍ରା— [ସଂବେଶ ଇତ୍ୟାଦି—ଅନ୍ୟରୂପ] 1. Sleep. ୨ । ବିଶ୍ରାମ 2. Repose. ୩ । (+ ଅଧି ଅ) ପୀଠ; ଆସନ; କାଠଗଡ଼ା— 3. A stool; a pedestal. ୪ । (+ଭାବ ଅ) ଉପବେଶନ—4. Act of sitting. ୫। ସୁରତ; ରତି —5. Coition. ୬। (+ଅଧି.ଅ) ଶଯ୍ୟା—6. Bed. (ଉ—ସମ୍ବେଶ ଅଗନ ବରଚିରେ —କବିସୂର୍ଯ୍ୟ ବଳଦେବରଥଙ୍କ ଗୀତ) ୭ । ସ୍ୱପ୍ନ—7. Dream. (ଉ - ଶୁଣ ଅହେ ସୁମନେ ଇତ୍ୟାଦି ସୁମନେ ସଂବେଶ ଅବେଶ ଶାସ୍ତ୍ରମ— ଉଷ୍ଣ.ବୈଦେହୀଶବିଳାସ) ୮। ରତିବନ୍ଧବିଶେଷ (ଶବ୍ଦକୋଷ) 8. A posture during copulation. ୯। ଉପଭୋଗ ସ୍ଥାନ—9. Place of enjoyment. ୧୦। (ଭାବ.ଅ)- ଶୟନ (ଶବ୍ଦକୋଷ); ଶୋଇବା—11. Sleeping.

ସମ୍ବେଷ୍ଟ—ସଂ. ବଣ (ସମ୍ + ବେଷ୍ଟ ଧାତୁ ଣିଚ୍ + କର୍ମ. ତ)— Sambeshta ୧ । ସମ୍ୟକ୍ ବେଷ୍ଟିତ—1. Surrounded. (ସଂବେଷ୍ଟ—ଅନ୍ୟରୂପ) ୨ । ବସ୍ତ୍ରାଚ୍ଛାଦିତ (ଶବ୍ଦକୋଷ)— (ସମ୍ବେଷ୍ଟନ—ଅନ୍ୟ. ବି. ରୂପ) 2. Covered with cloth. ସଂ. ବି (+ ଭାବ. ଅ)—ବେଷ୍ଟନ; ଘେରିବା— Surrounding.

ସମ୍ବୋଧ—ସଂ. ବି (ସମ୍ + ବୁଧ୍ ଧାତୁ=ବିନାଶ କରିବା + ଭାବ. ଅ)— Sambodha ୧ । ନାଶ (ଜୟପାଳ)—1. Destruction. (ସଂବୋଧ—ଅନ୍ୟରୂପ) ୨ । ଥାପ; ନ୍ୟାସ (ମେଦିନୀ)— 2. Deposit. ୩ । ବୋଧନ (ମେଦିନୀ)— 3. Awakening; explaining.

ସମ୍ବୋଧନ—ସଂ. ବି (ସମ୍ + ବୁଧ୍ ଧାତୁ; ଣିଚ୍ + ଭାବ. ଅନ)—
Sambodhana ୧ । ଆମନ୍ତ୍ରଣ—1. Invitation. ୨ । (ସମ୍ବୋଧନ—ଇତ୍ୟାଦି, ଅନ୍ୟରୂପ) କୌଣସି ବ୍ୟକ୍ତିଙ୍କର ମନୋଯୋଗ ଆକର୍ଷଣାର୍ଥ ଆହ୍ୱାନ—2. Address to draw attention. ୩ । ଆହ୍ୱାନ—3. Calling. ୪ ।
ସମ୍ବୋଧକ, ସମ୍ବୋଧ୍ୟ, ସମ୍ବୋଧନୀୟ, ସମ୍ବୋଧକ-ବ୍ୟକ୍ତିବାଚକ } ବିଣ
(ବ୍ୟାକରଣ) କାରକବିଶେଷ—4. (grammar) The vocative case. [ଦ୍ର—ବ୍ୟାକରଣରେ ସମ୍ବୋଧନ ପ୍ରଥମା ବିଭକ୍ତି ହୁଏ—ଶବ୍ଦକୋଷ]

ସମ୍ବୋଧନ ଚିହ୍ନ—ଦେ. ବି (ଅଧୁନାତ)—ସମ୍ବୋଧନ ସ୍ଥଳରେ
Sambodhana chihna ଯୁକ୍ତାକ୍ଷରେ ବ୍ୟବହୃତ ସଂକେତ—
সংবোধন চিহ্ন Note of admiration or vocation.
सम्बोधन चिह्न [ଦ୍ର—ଏହା '!' ଏହିପରି ବାକ୍ୟ ମଧ୍ୟରେ (ସମ୍ବୋଧନ ସୂଚକ ଚିହ୍ନ—ଅନ୍ୟରୂପ) ଲେଖାଯାଏ ।]

ସମ୍ବୋଧିବା—ଦେ. କି (ପଦ୍ୟ)—ସମ୍ବୋଧନ କରିବା; ଡାକିବା—
Sambodhiba To address.
সংবোধন করা [ଉ—ପୁଣି କୁରୁଯୋଧକୁ ସମ୍ବୋଧି ବୃକୋଦର ।
सम्बोधन करना ଦ୍ରଧାନାଥ. ବେଣୀସଂହାର ।]

ସମ୍ବ୍ୟାନ—ସଂ. ବି (ସମ୍ + ବେ୍ୟ ଧାତୁ=ଆଚ୍ଛାଦନ କରିବା + କରଣ, Sambyāna ଅନ)—୧ । ବସ୍ତ୍ର—1. Cloth. ୨ । ଉତ୍ତରୀୟ (ସଂବ୍ୟାନ—ଅନ୍ୟରୂପ) ବସ୍ତ୍ର—2. The upper garment.

ସମ୍ଭୂଢ଼—ସ. ବିଣ (ସମ୍ + ଭୂଢ଼)—୧ । ଚୂର୍ଣ୍ଣ—1. Pounded;
Sambhyūrdha bruised. ୨ । ଏକତ୍ର ମିଶ୍ରିତ—
(ସମ୍ଭୂଢ଼, ସମ୍ଭୂଢ଼ନ—ବି) 2. Mixed together.

ସମ୍ବ୍ରାତ—ସଂ. ବିଣ—୧ । ପ୍ରଚୁର (ଶବ୍ଦକୋଷ)—1. Enough;
Sambrāta copious. ୨ । ବହୁ ସଂଖ୍ୟକ—
2. Numerous.

ସମ୍ଭବ—ସଂ. ବି (ସମ୍ + ଭୂ ଧାତୁ=ହେବା + ଭାବ. ଅ)—୧ । ଉତ୍ପତ୍ତି;
Sambhaba ଜନ୍ମ—1. Birth; origin. ୨ । (+
(ସମ୍ଭବ ଇତ୍ୟାଦି—ଅନ୍ୟରୂପ) କର୍ମ. ଅ) ହେତୁ; କାରଣ—
2. Reason; cause. ୩ । ଅନୁମାନ—3. Guess. ୪ । ସମ୍ଭାବନା—4. Probability. ୫ । ସମୀଚୀନତା—5. Propriety. ୬। ଯୁକ୍ତି—6. Argument. ୭ । ଯୋଗ୍ୟତା—7. Fitness; ability; proficiency. ୮ । ସଙ୍କେତ—8. Sign; signal. ୯ । କ୍ଷମତା; ଶକ୍ତି—9. Power; ability; might. ୧୦ । ପରିଚୟ—10. Acquaintance. ୧୧ । ସଖ୍ୟ—11. Friendship. ୧୨ । (+ କର୍ତ୍ତୃ. ଅ) ବର୍ତ୍ତମାନ କଳ୍ପର ଜୈନ ତୀର୍ଥଙ୍କର ତୃତୀୟ ଅବତାର—12. Name of the third incarnation of the Jainas in the modern age. ୧୩ । (+ ଭାବ. ଅ) ନାଶ; ଧ୍ୱଂସ (ଶବ୍ଦକୋଷ)—13. Ruin; loss. ଦେ.
সংভব ବିଣ—୧ । ସମ୍ଭବ୍ୟ; ସମ୍ଭାବନା ଯୋଗ୍ୟ; ସମ୍ଭବପର—
सम्भव 1. Possible. ୨ । ଯାହା ଘଟିପାରେ—2. Probable.
(ଅସମ୍ଭବ—ବିପରୀତ) ଦେ. କି. ବିଣ—ସମ୍ଭବତଃ—
সংভব **सम्भव** Possibly; probably.

ସମ୍ଭବ କରିବା—ଦେ. କି—ଅନୁମାନ କରିବା—To guess.
Sambhaba kariba সম্ভব করা **सम्भव करना**

ସମ୍ଭବତଃ—ସଂ. ଅ (ସମ୍ଭବ + ତସ୍)—୧ । ବୋଧ ହୁଏ—1. Probably.
Sambhabatah ୨ । ଅନୁମିତ ହୁଏ ଯେ—
2. It seems.

ସମ୍ଭବନ—ସଂ. ବି (ସମ୍ + ଭୂ ଧାତୁ + ଭାବ. ଅନ)—୧ । ଉଦ୍ଭାବନ
Sambhabana (ଶବ୍ଦକୋଷ)—1. Inventing.
୨ । ଉତ୍ପାଦନ—2. Producing.

ସମ୍ଭବପର—ସଂ. ବିଣ—ସମ୍ଭବ୍ୟ (ଦେଖ)—Sambhabya (See)
Sambhabapara [ଉ—ତପସ୍ୟାରେ ଅବଶ୍ୟ ପ୍ରସନ୍ନ ହେବ ହର । ଅନ୍ୟ କେଉଁ ଉପାୟ ନୁହେ ସମ୍ଭବପର—ମହାଯାତ୍ରା ରାଧାମୋହନ ଶର୍ମା. ତୁଳସୀ. ରାମ ରାମାୟଣ ।]

ସମ୍ଭବ ଲାଗିବା—ଦେ. କି—କୌଣସି ବିଷୟ ସମ୍ଭବ୍ୟ ବୋଧ ହେବା—
Sambhaba lāgibā To seem possible.
সম্ভব লাগা **सम्भव मालुम होना**

ସମ୍ଭବ ହେବା—ଦେ. କି—(କୌଣସି ବିଷୟ) ସମ୍ଭବ୍ୟ ବୋଧ ହେବା;
Sambhaba hebā ସମ୍ଭାବିତ ହେବା; ଅନୁମିତ ହେବା—
সম্ভবহওয়া (anything) To be thought possible;
सम्भव होना to seem probable.

ସମ୍ଭବାତୀତ—ସଂ. ବିଣ—୧ । ଅସମ୍ଭବ୍ୟ—1. Improbable
Sambhabātita ୨ । କାରଣଶୂନ୍ୟ—2. Groundless.
୩ । ଯୋଗ୍ୟତା ରହିତ—3. Unfit.

ସମ୍ଭବିବା—ଦେ. କି (ପଦ୍ୟ) (ସଂ. ସମ୍ଭବ)—୧ । ଜାତ ହେବା—
Sambhabibā 1. To be born. [ଉ—କେଉଁଠାରୁ
সম্ভবা, সম্ভব হওয়া **पैदा होना** ସମ୍ଭବିଲେ ତୁମ୍ଭେ—କବିସୂର୍ଯ୍ୟ.
সম্ভব হওয়া **घटना** କହିବା ।] ୨ । ଘଟିବା—2. To happen.
[ଉ—ଦୁଃଖମାନଙ୍କର ସମ୍ଭବଇନାହିଁକ ଅମୃ-ସୁଦୃଯୋଗୁ ମିଳା କଷ୍ଟ ଅଲ୍ପ ରେ । ଯଶୋବନ୍ତ ଗୀତା]
সম্ভবপর হওয়া ୩ । ସମ୍ଭବପର ହେବା—3. To be possible.
सम्भव होना [ଉ—ନବନୀତ କର୍ଣ୍ଣ ମୃଦୁ କେବେ କାହିଁ ସମ୍ଭବଇ ଏ ବଦନ—କବିସୂର୍ଯ୍ୟ. ଯଶୋବନ୍ତ ଗୀତା]

ସମ୍ଭବିଷ୍ଣୁ—ସଂ. ବିଣ (ସମ୍ + ଭୂ ଧାତୁ + କର୍ତ୍ତୃ ଇଷ୍ଣୁ)—ଉତ୍ପାଦନଶୀଳ—
Sambhabishnu Productive.

ସମ୍ଭବୀ—ଦେ. ବିଣ—(ଅମୁକ କୁଳରୁ) ସମ୍ଭୂତ; ଜାତ—Born of
Sambhabī (such a family). [ଉ—ଅତି ମୂଳକର
সম্ভূত ଗୋତ୍ର ସମ୍ଭବୀ । ଭୂତେକ ସ୍ୱପ୍ନରୁ କହଇ—କବିସୂର୍ଯ୍ୟ.
पैदा हुआ ଭବତା ।]

ସମ୍ଭବ୍ୟ—ସଂ. ବିଣ (ସମ୍ + ଭୂ ଧାତୁ=ହେବା + କର୍ମ. ଯ)—
Sambhabya ୧ । ସମ୍ଭାବନୀୟ; ଯାହା ଘଟି ପାରେ ବୋଲି
(ଅସମ୍ଭବ୍ୟ—ବିପରୀତ) ଅନୁମାନ କରାଯାଏ—1. Possible;

probable. ୨ । ବିଶ୍ୱାସ ଯୋଗ୍ୟ—2. Credible. ୩ । ଉତ୍ପନ୍ନ ଯୋଗ୍ୟ—3. Fit to be produced.
ସଂ. ବ—କପିତ୍ଥ (କଇଁତ ବେଲ)—Wood apple.

ସମ୍ଭର—ସଂ. ବ (ସମ୍ + ଭୃ ଧାତୁ + ଭାବ. ଅ)—୧ । ଆହରଣ;
Sambhara ସଂଗ୍ରହ—1. Collecting. ୨। ସମ୍ୟକ୍ ଭାର—
2. Big load or responsibility.

ସମ୍ଭର(ମ୍ଭ)—ଗ୍ରା. ବ (ସଂ. ସମାରୋହ)—୧ । ସମାରୋହ; ଆଡ଼ମ୍ବର;
Sambhara(rba) ଜାକଜମକ—1. Pomp; show;
ସମারেহ समारोह grandeour. [ଉ—ଅତି ସମ୍ଭରେ
(ସମ୍ଭରବ—ଅନ୍ୟରୂପ) କରନ୍ତେ ଅଖିଳ ମଙ୍ଗଳ—ଶିଶୁଶଙ୍କର. ହୃଷାଉଲାସ ।] ୨ । ଉତ୍ସବ—2. Festival.
୩ । ଜାଜ୍ଜଲ୍ୟ—3. Brilliance; brilliant display.

ସମ୍ଭରଣ—ସଂ. ବ (ସମ୍ + ଭୃ ଧାତୁ + ଭାବ. ଅନ)—୧ । ପୂର୍ଣ୍ଣତା
Sambharaṇa ପ୍ରାପଣ—1. Bringing to completion or fulfilment. ୨ ।
(ସମ୍ଭରଣୀୟ, ସମ୍ଭୃତ—ବିଣ) ସମ୍ୟକ୍ ପୂର୍ଣ୍ଣକରଣ (ଶବ୍ଦକୋଷ)—2. Filling up.

ସମ୍ଭରବେ—ଗ୍ରା. କ୍ରି. ବିଣ—ସମାରୋହରେ; ଆଡ଼ମ୍ବର ସହକାରେ—
Sambharabe With pomp. [ଉ—ବିଷକର୍ମୀ ସୃତ ତନୁ-
সমারোহে ମନ୍ତ୍ର କରି ପଣ ସୂତ୍ର ସମ୍ଭରବେ ଆରମ୍ଭେ ଭୂମୂଳ ଯେ—
समारोहसे ଉପେ. ବୈଦେହୀଶବିଳାସ ।]

ସମ୍ଭରିବା—ଦେ. କ୍ରି (ପଦ୍ୟ) (ସଂ. ସମ୍ଭରଣ)—ସମ୍ଭାଳିବା (ଦେଖ)
Sambharibā Sambhāḷibā (See) (ଉ—ସମ୍ଭର
ନ ପାର ବ୍ରହ୍ମାଣ୍ଡ । ଫାଟିଣ ଗଲ ଉର୍ଦ୍ଧ୍ୱ ପିଣ୍ଡ—ପ୍ରାଚୀ. ମୂର୍ତ୍ତିତମ ଉଦ୍ୟୋଗ ।)

ସମ୍ଭଳ—ସଂ. ବ—୧ । (ନାମ) (ସମ୍ + ଭଲ୍ ଧାତୁ = ନିରୂପଣ କରିବା + କର୍ମ ଅ) ପ୍ରାଚୀନ ଗ୍ରୀକ୍‌ମାନଙ୍କର ପୂର୍ବ-
Sambhaḷa
(ସଂଭଲ—ଅନ୍ୟରୂପ) ପ୍ରାନ୍ତସ୍ଥ ସାମ୍ରାଜ୍ୟର ନାମ—1. A Buddhist name for Selucia or Bactriana, the eastern empire of the ancient Greeks. ୨ । କନ୍ୟାର୍ଥୀ ପୁରୁଷ (ଅଥର୍ବବେଦ)—
2. A person disirous of getting a bride.

ସମ୍ଭଳା—ଦେ. ବ (ସଂ. ସମ୍ଭରଣ)—୧ । ସମ୍ଭାଳିବା (ଦେଖ)—
Sambhaḷā 1. Sambhāḷibā (See) ୨ । ଧୈର୍ଯ୍ୟ-
সামলান, সামাল संभाल 2. Patience. ୩ । ସହିବା—
(ଅସମ୍ଭଳା—ବିପରୀତ) 3. Bearing; enduring.
ଦେ. ବିଣ—ସମ୍ଭାଳ (ଦେଖ)—Sambhāḷa (See).

ସମ୍ଭଳା ପଡ଼ିବା—ଦେ. କ୍ରି—ସମ୍ଭାଳ ହେବା (ଦେଖ)
Sambhaḷā paṛibā Sambhāḷi hebā (See)
সামলান सम्भाल पड़ना

ସମ୍ଭଳା ଯି(ହେ)ବା—ଦେ. କ୍ରି—ସହ୍ୟ ହେବା—
Sambhaḷā ji(he)bā To be borne.
সামাল হওয়া सम्भालजाना

ସମ୍ଭଳୀ—ସଂ. ବ. ସ୍ତ୍ରୀ (ସମ୍ + ଭଲ୍ ଧାତୁ = ନିରୂପଣ କରିବା + କର୍ତ୍ତୃ
Sambhaḷī ଅ + ସ୍ତ୍ରୀ. ଈ)—କୁଟ୍ଟିନୀ; ଦୂତୀ (ଅମର)—
(ସଂଭଲୀ—ଅନ୍ୟରୂପ) A procuress; a bawd.

ସମ୍ଭା(ମ୍ଭେ)ଇବା—ଦେ. କ୍ରି (ସଂ. ସମ୍ଭବ)—୧ । ସମ୍ଭବ ଜଣା ହେବା—
Sambhā(mbhe)ibā 1. To be thought probable
সম্ভাবিত হওয়া ୨ । ପ୍ରବିଷ୍ଟ ହେବା; ପ୍ରବେଶ କରିବା—2. To
सम्भावित होना enter into. [ଉ—ବ୍ରହ୍ମାଣ୍ଡ ଯାହା ଉଦରେ
সেঁধোন ପ୍ରଳୟେ ସମ୍ଭାଇ । ଉପେ. ବୈଦେହୀଶବିଳାସ ।]
समाना ୩ । ଭର୍ତ୍ତି ହୋଇଯିବା—3. To be contained inside. [ଉ-ସେ କୃଷ୍ଣ ସୁଭଦ୍ରା ହୋଇଲେ, ଗ୍ରଧାଙ୍କ ସଙ୍ଗେ ସମ୍ଭାଇଲେ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।] ୪ ।
যথেষ্ট হওয়া ଯଥେଷ୍ଟ ହେବା; କୌଣସି ପାତ୍ରର ଆକାରକୁ ଗୃହୀ
यथेष्ट होना ଯଥେଷ୍ଟ ହେବା—4. To suffice for the capacity of any pot; to be capable of being contained in it [ଯଥା—ଏ ଟୋକେଇରେ ୫ ଗୌଣୀ ଧାନ ସମ୍ଭାଇବ, ଆଉ ବେଶୀ ଧାନ ସମ୍ଭାଇବ ନାହିଁ ।]

ସମ୍ଭାବ—ସଂ. ବ (ସମ୍ + ଭାବ)—ଅବସ୍ଥା; ଦଶା (ଭ୍ରମାପୂର୍ଣ)—
Sambhāba Condition; predicament.

ସମ୍ଭାବନ(ନା)—ସଂ. ବ (ସମ୍ + ଭୂ ଧାତୁ ଣିଚ = ଭାବ ଧାତୁ = ଚିନ୍ତା
Sambhābana(nā) କରିବା + ଭାବ. ଅନ; + ଆ)—
[ସଂଭାବନ(ନା), ଇତ୍ୟାଦ—ଅନ୍ୟରୂପ] ୧ । ଚିନ୍ତା—
(ବିଣ—ସମ୍ଭାବନୀୟ, ସମ୍ଭାବିତ, ସମ୍ଭବ୍ୟ, ସମ୍ଭାବ୍ୟ) 1. Thought.
୨ । ଧ୍ୟାନ—2. Meditation. ୩। ପୂଜା; ସତ୍କାର—
3. Worship. [ଉ—ଅର୍ଜ୍ଜୁନଙ୍କୁ ଦେଖିଣ ଦେବତା ଗନ୍ଧର୍ବେ, କରନ୍ତି ସମ୍ଭାବନା ଭଲେ ତାଙ୍କୁ ଭାବେ । କୃଷ୍ଣସିଂହ ମହାଭାରତ, ବନ ।] ୪। ଗୌରବ; ସମ୍ମାନ—
4. Honour; respect. [ଉ—ସମ୍ଭାବନା ଗଉରବ କରିବାକୁ ଜଣେ ମାତ୍ରକ ନ ପେଷିଲ—ସୁଲକ୍ଷଣା ।]
୫ । ଯୋଗ୍ୟତା—5. Fitness; proficiency.
୬ । ସମ୍ଭବାର ଆଶା—6. Expectancy. ୭ । ଉତ୍କଟ-କୋଟିକ ସଂଶୟ; କଷ୍ଟସ୍ୱୀକୃତ ସନ୍ଦେହ—7. Great chance; possibility; probability; contingency. (ଉ—ଧୂମ ଦେଖା ଗଲେ ଅଗ୍ନିର ସ୍ଥାନକୁ ସମ୍ଭାବନା ବୋଲଯାଏ ।) ୮ । ସଂପାଦନ—8. Accomplishment. ୯ । ଅନୁଗ୍ରହ—9. Favour. ୧୦ । ସୁଖ୍ୟାତି—10. Reputation. ୧୧ । (ବ୍ୟାକରଣ) କ୍ରିୟାରେ ଯୋଗ୍ୟତା ବା ଅଧ୍ୟବସାୟ; କୌଣସି କ୍ରିୟାରେ କୌଣସି ଯୋଗ୍ୟତାର ଆରୋପଣ—11. (grammar) Capability or fitness of a verb to express some action; attributing of a capacity to a verb. ୧୨ । ଭାବ୍ୟାଲଙ୍କାର ବିଶେଷ—
12. A figure of speech. [ଉ—ଯେଉଁଠାରେ

କବି ବର୍ଣ୍ଣିତ ବିଷୟରେ ସମ୍ଭାବନାର ଅବେଗ କରିଥାନ୍ତି, ସେଠାରେ ଏହି ଅଳଙ୍କାର ହୁଏ ।] ୧୩ । ସ୍ୱୀକାର (ଶବ୍ଦକୋଷ)—13. Consent; agreement.

ସମ୍ଭାବନା—ଦେ. ବି (ସଂ.ସମ୍ମାନନା)—ସମ୍ମାନନ—Showing
Sambhābanā respect. [ଉ—ଚୈତନ୍ୟ ତାକୁ ଭୁଲେ
सम्भावना କରନ୍ତି ସମ୍ଭାବନା, ନ ଚଳନ୍ତି ବହୁ କଥା ହେ
मान ମହାମନା । କୃଷ୍ଣସିଂହ. ମହାଭାରତ. ବନ ।]

ସମ୍ଭାବନା କରିବା—ଦେ. କ୍ରି—୧ । ସମ୍ଭାବ୍ୟ ବୋଲି ମନେ କରିବା—
Sambhābanā kariba 1. To think it probable
सम्भावना करा or likely. [ଉ—ବନାଳୀ ପ୍ରଭୁ କରିଣ କର
ख्याल करना ସମ୍ଭାବନା । ଉଚ୍ଛ. ବୈଦେହୀଶବିଳାସ ।]
୨ । ସମ୍ମାନିତ କରିବା—2. To honour.

ସମ୍ଭାବନୀୟ—ବି. ବିଣ (ସମ୍ +ଭୂ ଧାତୁ, ଣିଚ୍ +କର୍ମ. ଅନୀୟ)—
Sambhābanīya ୧ । ଚିନ୍ତନୀୟ—1. Thinkable. ୨ ।
(ସମ୍ଭାବୟିତବ୍ୟ—ବିଣ) କଳ୍ପନୀୟ—2. Conceivable
possible. ୩ । ପୂଜନୀୟ—3. Adorable. ୪ ।
ସମ୍ମାନନୀୟ—4. Respectable. ୫ । ପ୍ରଶଂସନୀୟ —
5. Praiseworthy.

ସମ୍ଭାବିତ—ସଂ. ବିଣ (ସମ୍ +ଭାବ ଧାତୁ+କର୍ମ. ତ)—୧ । ସର୍ବସ୍ୱୀକୃତ;
Sambhābita ବିଖ୍ୟାତ; ପ୍ରସିଦ୍ଧ—1. Famous; reputed;
जीत celebrated. ୨ । ପ୍ରଶଂସିତ—2. Praised.
पैदाहुआ ୩ । ପୂଜିତ; ସତ୍କୃତ—3. Adored; honoured
୪ । ବହୁମତ; ସମ୍ମାନିତ—4. Respected. ୫ । ଚିନ୍ତିତ
5. Thought of; contemplated. ୬ । ଯାହା
ଘଟିବ ବୋଲି ସମ୍ଭବ କରାଯାଏ—6. Possible; probable; likely to happen. ୭ । ତର୍କିତ—
7. Inferred; guessed. ଦେ. ବିଣ (ସଂ. ସମ୍ଭୂତ)
ଜାତ—Born. [ଉ—ବୋଇବା ରମଣୀମଣି ଏବେ
ସମ୍ଭାବିତ । ଉଚ୍ଛ. ବୈଦେହୀଶବିଳାସ ।]

ସମ୍ଭାବ୍ୟ—ସଂ. ବିଣ (ସମ୍ +ଭୂଧାତୁ+କର୍ମ. ଯ)—୧ । ସମ୍ଭବ୍ୟ;
Sambhābya ପ୍ରତର୍କ୍ୟ—1. Possible; probable. ୨ ।
ପ୍ରଶଂସନୀୟ; ଶ୍ଳାଘ୍ୟ—2. Priseworthy.

ସମ୍ଭାର—ସଂ. ବି (ସମ୍ +ଭୃ ଧାତୁ=ଧାରଣ କରିବା+ଭାବ. ଅ)—
Sambhāra ୧ । ସାମଗ୍ରୀ; ଉପକରଣ; ଦ୍ରବ୍ୟଜାତ—
(ସଂଭାର—ଅନ୍ୟରୂପ) 1. Materials. ୨ । ସଂଗ୍ରହ—
2. Collection. ୩ । ଦ୍ରବ୍ୟଗୁଚ୍ଛ; ସଂଗୃହୀତ
ପଦାର୍ଥ ସମୂହ—3. Collected things. ୪ ।
ରାଶି; ଗଦା—4. Heap; assemblage. ୫ ।
ସମୂହ—5. Multitude. ୬ । ସମ୍ପୂର୍ଣ୍ଣତା; ପରି-
समारोह ପୂର୍ଣ୍ଣତା—6. Fullness; completeness. ୭ । ପୁଷ୍ଟି
समारोह ସାଧନ; ପୋଷଣ—7. Nourishment; maintenance. ଦେ. ବି (ସଂ. ସମାରୋହ)—୧ । ସମାରୋହ—
सम्भार
भार 1. Pomp; show; grandeour. ୨। (ସଂ.ସମ୍ଭାର)
ବନ୍ଧୁ ଘରକୁ ଏକାଠି ପ୍ରେରିତ ଅନେକ ଭାର ଦେଲ୍ଲାର—

2. An assemblage of presents sent to a relative with pomp. (ଉ—କେମା ଥିବେ ଶାଶୁଘର, କେବେ ସମ୍ଭାର ଯେ—କେମାଦେଇ ଜାନ ।)

ସମ୍ଭାରେ—ଦେ. କ୍ରି. ବିଣ—ସମାରୋହରେ; ଅଡ଼ମ୍ବରରେ—With
Sambhāre pomp; ostentatiously.
सम्भारे समारोहमे (ଉ—ବର ବାଜିବର ଥାଇଁ ଯେ
ବେଲ୍ଲରେ ସମ୍ଭାରେ ସୈନ୍ୟ ଅଣାଇ—ଉଚ୍ଛ. ବୈଦେହୀଶବିଳାସ ।)

ସମ୍ଭାଳ—ଦେ. ବିଣ (ସଂ. ସଂବରଣ)—୧ । ସମ୍ବୃତ; ଅବୃତ—
Sambhāla 1. Covered. ୨ । ଯାହା ସହାଯାଏ—
सामाल सामलान संवरण संभालना 2. Borne.
ଅସମ୍ଭାଳ } —ବିପରୀତ ୩ । ଜଗୃହ; କୃତନିରୋଧ—
ଚଂଦସମ୍ଭାଳ } 3. Checked; restrained.
୪ । ଧୈର୍ଯ୍ୟଶୀଳ—4. Patient. ୫ । ସହିବାଗୁଣ-
सामाल सहिष्णुता युक्त—5. Forbearing. ଦେ. ବି.
୧ । ଧୈର୍ଯ୍ୟଶୀଳତା—1. Patience. ୨। ସହିଷ୍ଣୁତା-
2. Forbearance.

ସମ୍ଭାଳ କରିବା—ଦେ. କ୍ରି—ସମ୍ଭାଳିବା (ଦେଖ)—Sambhāliba
Sambhāla kariba (See) (ଉ—ଗୃହ ଧର୍ମ ଚଳି
सामलान संभालना ହୋଇଛନ୍ତି ଅଧିକାରୀ, ସମ୍ଭାଳ
କରୁଅଛନ୍ତି ଅଙ୍କ ଶିରେ ଧରି—ପ୍ରାଚୀ. ବ୍ରହ୍ମବୈବର୍ତ୍ତ ଗୀତା ।)

ସମ୍ଭାଳନ୍ତା—ଦେ. ବିଣ—ରକ୍ଷାକାରୀ—Protecting. (ଉ—
Sambhālantā ମୋତେ ସମ୍ଭାଳନ୍ତା ଥିଲେ ଜଣେକ, ତାହା
सामलानेवाला सम्मालनेवाला ପର ବେ ହୋଇବ ଷଣେକ-
ପ୍ରାଚୀ. ରହସ୍ୟମଞ୍ଜରୀ ।)

ସମ୍ଭାଳି(ଳୁ)ଆ—ଦେ. ବିଣ (ସଂ. ସଂବରଣ)—୧ । ଧୈର୍ଯ୍ୟଶୀଳ—
Sambhāli(lu)ā 1. Patient. ୨ । ସହିଷ୍ଣୁ—
सामला, सामाईये सम्मालनेवाला 2. Forbearing.
୩ । ସମ୍ଭାଳିବାବାଲା; କୌଣସି କାର୍ଯ୍ୟର ଦାୟିତ୍ୱ ବା ଭାର
ଗ୍ରହଣ କରି ତାହାକୁ ସୁସମ୍ପନ୍ନ କରିବାରେ ସମର୍ଥ ବା
ଦକ୍ଷ—3. Capable of managing any
सूँयापोका सुआ undertaking ଦେ. ବି—(ସଂ. ଚୂକ)—
ସମ୍ଭାଳଅ; ସଂବାଳୁଅ; ଶୁଅଁ ବାଳ ପୋକ—Caterpillar.

ସମ୍ଭାଳି ନେବା—ଦେ. କ୍ରି—ସମ୍ଭାଳିବା (ଦେଖ)—
Sambhāli nebā Sambhāliba (See)
सामलेनेओया सम्भाललेना

ସମ୍ଭାଳିବା—ଦେ. କ୍ରି (ସଂ. ସଂବରଣ; ପ୍ରାକୃତ—ସମ୍ଭଲ ଧାତୁ; ଭୁକନା
Sambhāliba ଦର ମ. ସମ୍ଭାଲ ଓ ଅସାମୀ. ସାମର)—
सामला समालान सम्मलना सम्भालना ୧ । (ଦେହରେ
ବସ୍ତ୍ରାଦ) ଅବରଣ କରିବା—1. To cover the
body with clothes. (ଉ—ଗୋପିକା ସମ୍ଭାଳ-
ବସନ, ଲୁଣ୍ଠନ୍ତି କାନ୍ଦୁ ପଡ଼ବନ—ଭୂପତି. ପ୍ରେମପଞ୍ଚାମୃତ)

୨ । ନିବାରଣ କରିବା—2. To prevent. (ଉ— ପ୍ରଭୁ ହୋଇ ଯେବେ ବୁଝିବ ଅବବୋଧ, ଭୁଜଙ୍ଗ କେତେ ତାହାକୁ ସମ୍ଭାଳି ପାରେ କ—କୃଷ୍ଣସିଂହ. ମହାଭାରତ. ବନ ।) ୩ । (କୋଧ, ସ୍ନେହ ଅଭି) ସମ୍ବରଣ କରିବା; ନିରୋଧ କରିବା; ନିବାରଣ କରିବା—3. To check or restrain (one's passions). ୪ । ଧୈର୍ଯ୍ୟ ସହିତ ସହ୍ୟ କରିବା—4. To bear with patience. ୫ । (ବାକ୍ୟକୁ, ଜିହ୍ୱାକୁ) ସଂଯତ କରିବା—5. To control (one's tongue); to hold (the tongue). ୬ । (ବେଗ, ଆଘାତ ବା ଧାକ୍କା) ସହିବା—6. To bear the brunt of (an attack or impact or force). ୭ । ଆତ୍ମରକ୍ଷା କରିବା—7. To preserve or defend one's self. ୮ । (ପରିବାର, ଦ୍ରବ୍ୟ, ମହତ୍ତ୍ୱ) ଯତ୍ନପୂର୍ବକ ରକ୍ଷା ବା ପାଳନ କରିବା—8. To maintain or preserve (any thing or family). (ଉ—ସମ୍ଭାଳ ମୋର ଅଳୁର, ସଙ୍ଗ ପସ୍ ଲୁ ମୋତେ—କବିସୂର୍ଯ୍ୟ ଚଉପଦୀ ଚମ୍ପୂ ଗୀତ ।) ୯ । (ଧୈର୍ଯ୍ୟ) ଚ୍ୟୁତ ନ ହେବା ପାଇଁ ତତ୍ପର ହେବା—9. To try for not losing (one's patience) (ଉ—କେମନ୍ତେ ସମ୍ଭାଳିବ ଧୃତିକି ରେ—କବିସୂର୍ଯ୍ୟ ସଙ୍ଗୀତ ।) ୧୦ । ସବୁରି କରିବା; କିଛିକାଳ ଅପେକ୍ଷା କରିବା—10. To wait for some time. ୧୧ । ରକ୍ଷା କରିବା—11. To protect; to save. (ଉ—ବୋଲିବ ମୁଁ ସତେ, ତୁ ବୁଝାଇ ମୋତେ, କେ ତୋତେ ସମ୍ଭାଳୁ—ଉକ୍ତ. ବୈଦେହୀଶବିଳାସ ।) ୧୨ । (ମଳ ମୂତ୍ରାଦିର ବେଗ) ଧାରଣ କରିବା ବା ନିରୋଧ କରିବା—12. To bear with fortitude (calls or nature); to check the propensity or impulse (of easing one's self). ୧୩ । (ନଈ, ସ୍ରୋତ) ନିଜର ମଧ୍ୟରେ ଧାରଣ କରିବା; ସମ୍ଭାଳିବା—13. To be able to contain within one's self. (ଉ—ଦେବ ଗୋ ! ପ୍ରାବୃଟେ ତଟିନୀ ଯେସନେ ନ ପାରେ ବାରି ସମ୍ଭାଳି—ରାଧାନାଥ. ପାର୍ବତୀ ।) ୧୪ । ସ୍ଥିର ଓ ଅଟଳ ରହିବା—14. To keep firm. (ଉ—କାହିଁ ବୋଲିବା କଥା ଜାଣିରୁ କ ସର୍ବଥା ଅଛି କ ସମ୍ଭାଳିବୁ ଧୃତିକି ରେ—କବିସୂର୍ଯ୍ୟ ସଙ୍ଗୀତ ।)

ସମ୍ଭାଳିଆ—ଦେ. ବିଣ, ପୁଂ (ସଂ. ସମ୍ଭରଣଶୀଳ)—୧ । Sambhālia ଅପେକ୍ଷାକାରୀ—1. Waiting. ୨ । ଧୈର୍ଯ୍ୟଶୀଳ- (ସମ୍ଭାଳେ[ଳି]ଣୀ—ସ୍ତ୍ରୀ) 2. Patient. ୩ । ସହନଶୀଳ— (ଅସମ୍ଭାଳିଆ—ବିପରୀତ) 3. Forbearing. ସାମଲା, ସାମାଇୟେ सम्भालनेवाला

ସମ୍ଭାଳି ଯି(ହେ)ବା—ଦେ. କ୍ରି—୧ । ଧୈର୍ଯ୍ୟଧାରଣ ପୂର୍ବକ ଅପେକ୍ଷା Sambhāli ji(he)bā କରିବା—1. To wait patiently. ୨ । ଆତ୍ମନିରୋଧ କରିବା— সামলে যাওয়া, সামলান সঁभलजाना 2. To restrain or check one's self; to exercise self-restraint.

ସମ୍ଭାଷ(ଷା)—ସଂ. ବି (ସମ୍+ଭାଷ୍ ଧାତୁ=କହିବା+ଭାବ. ଅ;+ Sambhāsha(shā) ସ୍ତ୍ରୀ ଆ)—୧ । ଆଳାପ; ପରସ୍ପର [ସଂଭାଷ(ଷା) ଇତ୍ୟାଦି—ଅନ୍ୟରୂପ] କଥୋପକଥନ—1. Talk; [ସମ୍ଭାଷଣ(ଣା)—ଅନ୍ୟରୂପ] conversation; discourse. (ସମ୍ଭାଷୀ—ପୁଂ, ବ୍ୟକ୍ତିବାଚକ ବିଣ) ୨ । ଅଭ୍ୟର୍ଥନା— ସମ୍ଭାଷିତ, ସମ୍ଭାଷଣୀୟ, ସମ୍ଭାଷ୍ୟ } ବିଣ 2. Welcome. ଦେ. ବି (ସ. ସମ୍ବାଦ)— ୧ । ଖବର—1. News; intelligence. ୨ । ପରିଚୟ—2. Recognition. সংবাদ सम्बाद [ଉ—ମୁହିଁ କେମନ୍ତେ ହୋଇ ଚହ୍ନିବି ଯିବ ? କନ୍ୟା ବୋଲି ତାହାକୁ ସମ୍ଭାଷଣ ଦେବ ? ପ୍ରାଚୀ. ନଳଚରିତ ।]

ସମ୍ଭାଷଣା ଦେବା—ଦେ. କ୍ରି—ଆନନ୍ଦରେ କଥା କହିବା— Sambhāshanā debā To talk in joy. সম্ভাষণা দেওয়া सम्भाषण देना [ଉ—ସତେ କି ସୁନ୍ଦରି ! ତୁମି ସମ୍ଭାଷଣା ଦେବ । ପ୍ରାଚୀ. ପ୍ରଭାତ. ଶଶିସେଣା ।]

ସମ୍ଭାଷିବା—ଦେ. କ୍ରି (ପଦ୍ୟ)—ସମ୍ଭାଷଣ କରିବା; କଥୋପକଥନ Sambhāshibā କରିବା—To converse with. [ଉ— সম্ভাষণ করা सम्भाषण देना ସମ୍ଭାଷିଲେ ହନୁକୁ ତରୁ ଉପରେ । ରାଧାନାଥ. ମେଘଦୂତ ।]

ସମ୍ଭାଷୀ—ସ. ବିଣ. ପୁଂ (ସମ୍+ଭାଷ୍ ଧାତୁ=କହିବା+କର୍ତ୍ତି. ଇନ୍; Sambhāshī ୧ମା. ୧ବ)—ଆଳାପକାରୀ—Talking; con- (ସମ୍ଭାଷିଣୀ—ସ୍ତ୍ରୀ) versing; discoursing.

ସମ୍ଭିନ୍ନ—ସ. ବିଣ (ସମ୍+ଭିଦ୍ ଧାତୁ=ଭେଦ କରିବା+କର୍ମ. ତ)— Sambhinna ୧ । ବିଲୋଡ଼ିତ; ଆଲୋଡ଼ିତ—1. Churned; (ସଂଭିନ୍ନ—ଅନ୍ୟରୂପ) agitated. ୨ । ଚାଳିତ—2. Moved ୩ । ମିଳିତ—3. Joined; united. ୪ । ମର୍ଦ୍ଦିତ 4. Pressed; pounded. ୫। ମିଶ୍ରିତ—5. Mixed up; combined. ୬ । ପ୍ରସ୍ଫୁଟିତ—6. Full-blown. ୭ । ଭଗ୍ନ (ଶବ୍ଦକୋଷ)—7. Broken.

ସମ୍ଭୂ—ସ. ବିଣ (ସମ୍+ଭୂ ଧାତୁ=ହେବା+କର୍ତ୍ତି. ଉ)— Sambhu ଯାହା ଜାତ ହୁଏ—Born (M. W.) (ସଂଭୂ—ଅନ୍ୟରୂପ)

ସମ୍ଭୁକ୍ତ—ସ. ବିଣ (ସମ୍ +ଭୁଜ୍ ଧାତୁ=ଖାଇବା+କର୍ମ. ତ)— Sambhukta ୧ । ଉପଭୁକ୍ତ—1. Enjoyed. ୨ । ସଙ୍ଗମିତ; (ସଂଭୁକ୍ତ—ଅନ୍ୟରୂପ) ରମିତ—2. Cohabited; ravished. (ସମ୍ଭୋଗ—ବି)

ସମ୍ଭୂତ—ସଂ. ବିଣ (ସମ୍+ଭୂ ଧାତୁ=ହେବା+କର୍ତ୍ତି. ତ)—ଜାତ; Sambhūta ଉତ୍ପନ୍ନ—Born; produced. ଦେ. ବି (ସଂ. [ସଂଭୂତ ଇତ୍ୟାଦି—ଅନ୍ୟରୂପ] ସମ୍ଭୂତି)—ଜନ୍ମ—Birth.

(ସମ୍ଭୂତ, ସମ୍ଭବ—ବା) [ଭି—ଅସ୍ମାରୁ ଅସ୍ମାର ସମ୍ଭୂତ, ଏ ବେଦ ସମ୍ଭୃତ ବାକ୍ୟ ଅନୁମତ । ଜଗନ୍ନାଥ. ଭାଗବତ. ।]

ସମ୍ଭୂତ ବିଜୟ—ସଂ. ବି (ନାମ)—'ଶ୍ରୁତ କେବଳ' ସଂଜ୍ଞକ ଜୈନ Sambhūta bijaya ବିଶେଷ (ହେମଚନ୍ଦ୍ର)—Name of a class of Jaina saints.

ସମ୍ଭୂତି—ସଂ. ବି (ସମ୍+ଭୂ ଧାତୁ=ହେବା+ଭାବ. ତି)—Sambhūti ୧ । ଉତ୍ପତ୍ତି; ଜନ୍ମ; ଉଦ୍ଭବ—1. Birth. ୨ । ବିଭୂତି; ଐଶ୍ୱର୍ଯ୍ୟ—2. Majesty. ୩ । କ୍ଷମତା; ଶକ୍ତି (ଶବ୍ଦକୋଷ)—3. Power.

ସମ୍ଭୂୟ କାରୀ—ସଂ. ବିଣ ଓ ବି. ପୁଂ (ସମ୍+ଭୂ ଧାତୁ+କର୍ତ୍ତୃ. ୟ=କୃ Sambhūya kārī ଧାତୁ+ଇନ୍;୧ମା,୧ବ)—୧ । ଏକ ସଙ୍ଗେ (ସମ୍ଭୂୟକାରିଣୀ—ସ୍ତ୍ରୀ) କାର୍ଯ୍ୟକାରୀ; ଏକତ୍ର ମିଳିତ ହୋଇ କାର୍ଯ୍ୟ-କାରୀ—1. Coadjuter; acting in unision. ୨ । ସହକର୍ମୀ—2. Colleague; working jointly. ୩ । ଅଂଶୀଦାର—3. Co-partner; carrying on joint business.

ସମ୍ଭୂୟ ସନ୍ଧାନ—ସଂ. ବି (ସମ୍ଭୂୟ=ଏକତ୍ର ହୋଇ+ସନ୍ଧାନ= Sambhūya sandhāna ସନ୍ଧି ସ୍ଥାପନ)—ମିଳିତ ସନ୍ଧିକରଣ—A joint treaty; league.

ସମ୍ଭୂୟ ସମୁତ୍ଥାନ—ସଂ. ବି (ସମ୍ଭୂୟ=ଏକତ୍ର ହୋଇ+ସମୁତ୍ଥାନ Sambhūya samutthāna =ଉଠିବା)—୧ । ସମ୍ମିଳିତ ଉତ୍ଥାନ—1. A joint rising. ୨ । ଯୌଥ କାରବାର; ବହୁ ଅଂଶୀଦାରଙ୍କ ସମ୍ମିଳିତ ମୂଳଧନରେ ହେବା କାରବାର; ବହୁ ଲୋକଙ୍କର ଏକତ୍ର ମିଳିତ ହୋଇ ବାଣିଜ୍ୟକରଣ—2. Joint stock business; fellowship in trade. [ଦ୍ର—ଏହି କାରବାରରେ ଲାଭ ବା କ୍ଷତି ଘଟିଲେ ତାହା ଅଂଶୀଦାର-ମାନେ ସମସ୍ତେ ନିଜ ନିଜର ଅଂଶ ଅନୁପାତରେ ଗ୍ରହଣ କରନ୍ତି ।] ୩ । ଅଂଶିଦାରୀ—3. Partnership. ୪ । ଯୌଥ କାରବାରରେ ଅଂଶୀଦାରମାନଙ୍କ ମଧ୍ୟରେ ଉପସ୍ଥିତ ବିବାଦ (ଶବ୍ଦକୋଷ)—4. Any dispute between the cosharers in a joint stock business.

ସମ୍ଭୃତ—ସଂ. ବିଣ (ସମ୍+ଭୃ ଧାତୁ=ଭରଣ କରିବା+କର୍ମ. ତ)—Sambhṛuta ୧ । ସମ୍ୟକ୍ ପୁଷ୍ଟ—1. Brought up with (ସଂଭୃତ ଇତ୍ୟାଦି—ଅନ୍ୟରୂପ) care; fully developed. (ସମ୍ଭୃତା—ସ୍ତ୍ରୀ) ୨ । ଯତ୍ନ ସିଦ୍ଧ—2. Accomplished after much care. ୩ । ଦତ୍ତ—3. Given; bestowed. ୪। ଲବ୍ଧ—4. Got; received. ୫ । ସଂଚିତ—5. Stored. ୬ । ବର୍ଦ୍ଧିତ—6. Increased; lengthened. ୭ । ଜନିତ—7. Produced. ୮ । ପୂର୍ଣ୍ଣ—8. Full; filled up. ୯ । ସଙ୍କଳିତ; ସଂଗୃହୀତ—9. Collected; compiled. ୧୦ । ପ୍ରସ୍ତୁତ 10. Prepared.

ସମ୍ଭୃତାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି)—ପୁଷ୍ଟାଙ୍ଗ—Having the Sambhṛutāṅga body fully developed. (ସମ୍ଭୃତାଙ୍ଗୀ—ସ୍ତ୍ରୀ)

ସମ୍ଭୃତି—ସଂ. ବି (ସମ୍+ଭୃ ଧାତୁ=ଭରଣ କରିବା+ଭାବ. ତି)—Sambhṛuti ୧ । ସମ୍ୟକ୍ ପୋଷଣ—1. Bringing up with care. ୨ । ବର୍ଦ୍ଧନ—2. Increasing. ୩ । ପ୍ରସ୍ତୁତକରଣ—3. Preparation.

ସମ୍ଭେଦ—ସଂ. ବି (ସମ୍+ଭିଦ୍ ଧାତୁ=ପ୍ରବେଶକରିବା+ଭାବ. ଅ)—Sambheda ୧ । ମିଳନ—1. Union; meeting. ୨ । ନଦୀଦ୍ୱୟର ସଙ୍ଗମ ସ୍ଥଳ—2. The meeting place of two rivers. ୩ । ଫୁଟନ; ଭେଦନ—3. Piercing through. ୪ । ନଦୀର ଓ ସାଗରର ସଙ୍ଗମ—4. Confluence; estuary of a river. ୫ । ବିଧାନ; ଘଟନା—5. Happening. ୬ । ବିଡ଼ମ୍ବନା—6. Mockery; disappointment. ୭ । ଅସାମଅନ୍ତର୍ଗତ ତୀର୍ଥବିଶେଷ (ଶବ୍ଦକୋଷ)—7.Name of a place of Hindu pilgrimage. [ଦ୍ର—ଏ ଅର୍ଥରେ ଶବ୍ଦକଳ୍ପଦ୍ରୁମ ଦେଖ ବିଦ୍ୟାମାଳା ।]

ସମ୍ଭୋକ୍ତା—ସଂ. ବିଣ ଓ ବି. ପୁଂ (ସମ୍+ଭୁଜ ଧାତୁ+କର୍ତ୍ତୃ. ତୃ; ୧ମା, Sambhoktā ୧ବ)—ସମ୍ଭୋଗକାରୀ—Enjoying. (ସମ୍ଭୋକ୍ତ୍ରୀ—ସ୍ତ୍ରୀ)

ସମ୍ଭୋଗ—ସଂ. ବି (ସମ୍+ଭୁଜ୍ ଧାତୁ=ଭୋଗ କରିବା+ଭାବ. ଅ)—Sambhoga ୧ । ଉପଭୋଗ; ସମ୍ୟକ୍ ଭୋଗ କରିବା—(ସଂଭୋଗ ଇତ୍ୟାଦି—ଅନ୍ୟରୂପ) 1. Enjoyment. ୨ । ହର୍ଷ—2. Delight. ୩ । ରତି-କ୍ରୀଡ଼ା; ସଙ୍ଗମ; ରମଣ—3. Sexual enjoyment; dalliance; ravishment; coition. [ଦ୍ର—ନାଗର ନାଗରୀଙ୍କ ମଧ୍ୟରେ ପରସ୍ପର ଅନୁରାଗପୂର୍ଣ୍ଣ ଦର୍ଶନ, ସ୍ପର୍ଶନ, ଆଲିଙ୍ଗନ, ଚୁମ୍ବନ, ଅଧର ପାନ, ବନବିହାର, ଜଳକେଳି ଓ ମୈଥୁନକୁ ସମ୍ଭୋଗ ବୋଲଯାଏ ।] ୪ । ଶୃଙ୍ଗାରଭେଦ—4. A kind of making love. [ଦ୍ର—ସାହିତ୍ୟ ଦର୍ପଣ ୨୨୫। ୨୨୬ରେ ଅଛି ଯେ,ଶୃଙ୍ଗାର ୨ ପ୍ରକାର; ଯଥା—ବିପ୍ରଲମ୍ଭାଖ୍ୟ ଶୃଙ୍ଗାର ଓ ସମ୍ଭୋଗାଖ୍ୟ ଶୃଙ୍ଗାର ।

ସମ୍ଭୁକ୍ତ, ସମ୍ଭୋଗୀ, ସମ୍ଭୋଗ୍ୟ } ବିଣ

ଯେଉଁ ସ୍ଥାନରେ ବିଳାସୀ ବିଳାସିନୀ ଦର୍ଶନ ଓ ସ୍ପର୍ଶନାଦିଦ୍ୱାରା ଅନୁରକ୍ତ ହୋଇ ପରସ୍ପରକୁ ଭଜନା କରନ୍ତି ତାହା ସମ୍ଭୋଗାଖ୍ୟ ଶୃଙ୍ଗାର । ଚୁମ୍ବନ, ଆଲିଙ୍ଗନ, ଅଧରପାନ, ଜଳକେଳି, ବନବିହାର, ଚନ୍ଦ୍ରିକା ଉପଭୋଗରେ ମିଳନ ଅଦ ଏଥିର ଅଙ୍ଗ ।

ବିପ୍ରଲମ୍ଭ ଅର୍ଥାତ ବିରହଦ୍ୱାରା ସମ୍ଭୋଗ ପୁଷ୍ଟି ଲାଭ କରେ ନାହିଁ, ନାୟକ ନାୟିକାଙ୍କ ମିଳନ ପରେ ବିଚ୍ଛେଦରେ ପରସ୍ପର ପ୍ରେମ-ଚକ୍ରାକୁ ବିପ୍ରଲମ୍ଭାଖ୍ୟ ଶୃଙ୍ଗାର ବୋଲଯାଏ] ୫ । (+କର୍ତ୍ତୃ. ଅ) କେଳିନାଗର—5. A gallant; a lover; paramour.

ସମ୍ଭୋଗ ଶୃଙ୍ଗାର – ସ. ବି – ନାୟକ ନାୟିକାଙ୍କର ପରସ୍ପର ମିଳନ—
Sambhoga śrungāra Amorous enjoyment or
(ବିପ୍ରଲମ୍ଭ ଶୃଙ୍ଗାର—ବିପରୀତ) dalliance between lovers.

ସମ୍ଭୋଗୀ – ସ.ବଣ. ପୁଂ (ସମ୍ + ଭୁଜ୍ ଧାତୁ + କର୍ତ୍ତୃ. ଇନ୍ ୧ମା.୧ବ)—
Sambhogi ୧ । ଉପଭୋଗକାରୀ; ସମ୍ଭୋଗକାରୀ—1. Enjoying.
(ସମ୍ଭୋଗିନୀ—ସ୍ତ୍ରୀ) ୨ । ସଙ୍ଗମକାରୀ—2. Cohabiting. ସ. ବି. ପୁ —ଲେଳକାଗର—
Paramour; a gallant

ସମ୍ଭୋଜନ – ସ. ବି (ସମ୍ + ଭୋଜନ)—୧ । ମିଳିତଭୋଜନ;
Sambhojana ଗୋଷ୍ଠୀଭୋଜନ—1. Dining in company. ୨ । ଜାତିଅଣ ଭୋଜି—
2. Social feast; caste-dinner.

ସମ୍ଭ୍ରମ – ସ. ବି (ସମ୍ + ଭ୍ରମ୍ ଧାତୁ = ଭ୍ରମଣ କରିବା + ଭାବ. ଅ)—
Sambhrama ୧ । ଭ୍ରମଣ—1. Walking. ୨ । ଘୂର୍ଣ୍ଣନ
(ସଭ୍ରମ ଇତ୍ୟାଦି—ଅନ୍ୟରୂପ) —2. Whirling. ୩ ।
(ସମ୍ଭ୍ରାନ୍ତ—ବଣ) ମହାଭ୍ରମ; ଭ୍ରାନ୍ତି—3. Error. [ଉ—
ତେବେ ଧୂଳିରେ ଲୁଚି ଯାଇ, ଗୋଡ ସମ୍ଭ୍ରମ ଅଛି ନାହିଁ—
ଜଗନ୍ନାଥ· ଭାଗବତ ।] ୪ । ଭୟ—4. Fear.
[ଉ—ବିସ ସମ୍ଭ୍ରମ ତୋର କୃଷ୍ଣ ଭୁଲେ—ପ୍ରାଚୀ. ରସ-
କାରିଧି ।] ୫ । ଭୟ ବା ଆନନ୍ଦଜନିତ ଆବେଗ;
ଉଦ୍‌ବେଗ—5. Flurry; excitement due to fear or joy. ୬ । ମର୍ଯ୍ୟାଦା; ସମାଦର; ଆଦର;
ସମ୍ମାନ; ଗୌରବ; ଖାତିର୍—6. Respect; regard;
honour; reverence. [ଉ—ବର୍ଷା କରିବୁ, ପୁଷ୍ପ
ପଡ଼ ସମ୍ଭ୍ରମେ ପରିକ୍ରମଣ ନ ଦେଇ—ପ୍ରାଚୀ. ରସକାରିଧି]
୭ । ଭଦ୍ରତା—7. Civility; manners. ୮ ।
ଭକ୍ତିଜନିତ ବ୍ୟଗ୍ରତା ବା ଉତ୍କଣ୍ଠା; ଭୟ ମିଶ୍ରିତ ଭକ୍ତି—
8. Awe; confused mental condition due to devotion. ୯ । ଅସ୍ଥା; ବିଶ୍ୱାସ; ବ୍ୟବସାୟରେ
ବା ସମାଜରେ ସାଧାରଣଙ୍କର ଅସ୍ଥା—
9.Credit in business or society;trust.

ସମ୍ଭ୍ରମ କରିବା—ଦେ. କି—୧ । ସମ୍ମାନ କରିବା; ଆଦର କରିବା—
Sambhrama karibā 1. To show regard or
সংভ্রম করা reverence; to pay one's respects.
सम्भ्रम करना ୨ । ଭକ୍ତି ସହିତ ଭୟ କରିବା—
2. To look up with awe.

ସମ୍ଭ୍ରାନ୍ତ—ସଂ. ବଣ (ସମ୍ + ଭ୍ରମ୍ ଧାତୁ + କର୍ତ୍ତୃ. ତ)—୧ । ସମ୍ଭ୍ରମ-
Sambhrānta ଯୁକ୍ତ—1. Respectful. ୨ । ମର୍ଯ୍ୟାଦା-
(ସଂଭ୍ରାନ୍ତ ଇତ୍ୟାଦି—ଅନ୍ୟରୂପ) ବନ୍ତ; ମାନଭାଜ୍ୟ; ଆଦରଣୀୟ—
ସମ୍ଭ୍ରମ } —ବି 2. Respectable; honorable. ୩ ।
ସମ୍ଭ୍ରାନ୍ତି } ଉଦ୍‌ବିଗ୍ନ—3. Agitated; confused. ୪ । ଭଦ୍ର—4. Gentle; noble.

ସମ୍ଭ୍ରାନ୍ତ ତନ୍ତ୍ର—ସଂ. ବି (ଅଧୁନିକ ପ୍ରୟୋଗ)—ଭଦ୍ର ବା ଉଚ୍ଚବଂଶୀୟ
Sambhrānta tantra ବ୍ୟକ୍ତିମାନଙ୍କଦ୍ୱାରା ରାଜ୍ୟ ଶାସନ—
rule by the Oligarchy; aristocracy.

ସମ୍ଭ୍ରାନ୍ତ ବଂଶୀୟ—ସଂ. ବଣ—ଭଦ୍ରକୁଳରେ ଜାତ; କୁଳୀନ—Born
Sambhrānta baṁśiya of a noble or respectable family.

ସମ୍ଭ୍ରାନ୍ତ ସଭା—ସଂ. ବି (ଅଧୁନିକ ପ୍ରୟୋଗ)—ବିଲାତ ପାର୍ଲିଅମେଣ୍ଟର
Sambhrānta sabhā ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିମାନଙ୍କଦ୍ୱାରା
ଗଠିତ ଶାଖା—The House of Lords of the British Parliament.

ସମ୍ଭ୍ରାନ୍ତ ସମାଜ—ସଂ. ବି (ଅଧୁନିକ ପ୍ରୟୋଗ)—ଭଦ୍ରବଂଶୀୟ
Sambhrānta samāja ବ୍ୟକ୍ତିଗଣ—The aristocracy; the nobility.

ସମ୍ମତ—ସଂ. ବଣ (ସମ୍ + ମନ୍ ଧାତୁ = ବୋଧ କରିବା + କର୍ମ· ତ)—
Sammata ୧ । ଅନୁମତ—1. Approved; admitted.
(ସଂମତ ଇତ୍ୟାଦି—ଅନ୍ୟରୂପ) ୨ । ସ୍ୱୀକୃତ—
(ସମ୍ମତି—ବି) 2. Agreed; consented. ୩ ।
ଅଭିପ୍ରେତ—3. Wished for. ୪ । ପ୍ରିୟ—
সম্মতি 4. Dear. ଦେ. ବି—ସମ୍ମତି; ସ୍ୱୀକୃତି—Consent.
सम्मति [ଉ—ରଜା ବୋଇଲେ ଅହେ ଶୁଣ ପୁରୋହିତ । ଏଥୁରେ
କର ମୋର ହୋଇଲା ସମ୍ମତ—କୃଷ୍ଣସିଂହ· ମହାଭାରତ;
ବନ ।]

ସମ୍ମତ ହେବା – ଦେ. କି—୧ । ସ୍ୱୀକୃତ ହେବା—1. To agree;
Sammata hebā to consent. ୨ । ଏକମତ ହେବା—
সম্মত হওয়া 2.To be of the same opinion.
सहमत होना

ସମ୍ମତି—ସ. ବି (ସମ୍ + ମନ୍ ଧାତୁ + ଭାବ· ତି)—୧ । ସ୍ୱୀକାର—
Sammati 1. Consent; agreement. ୨ । ଅନୁଜ୍ଞା;
(ସମ୍ମତି ଇତ୍ୟାଦି—ଅନ୍ୟରୂପ) ଅନୁମତି—2. Permission. ୩ ।
ମଞ୍ଜୁର; ମତ—3. Assent. ୪ । ଆଦେଶ—
4. Order. ୫ । ଇଚ୍ଛା; ବାସନା—5. Wish;
desire. ୬ । ସମ୍ମାନ—6. Respect. ୭ । ମତ—
7. Opinion. ୮ । ଅଭିପ୍ରାୟ—8. Intention. ୯ ।
ଐକମତ୍ୟ—9. Concensus of opinion. ୧୦ ।
ଆତ୍ମବୋଧ; ଆତ୍ମଜ୍ଞାନ (ବିଶ୍ୱକୋଷ)—10. Knowledge of the soul. ଦେ. ବି—(କରଣ ସମାଜ)
পাকাদেখা ସନ୍ମତି; ବରକର୍ତ୍ତା ଓ କନ୍ୟାକର୍ତ୍ତାଙ୍କ ମଧ୍ୟରେ ବିବାହ
निश्चित ସମ୍ବନ୍ଧରେ ଚୁକ୍ତି ବା ମହାପ୍ରସାଦ ବନ୍ଧନ—Solemn
betrothal between the bride's and the
bridegroom's guardians. ଦେ· ଅ (ସ· ସନ୍ନିଭ)
ତୁଲ୍ୟ—Like. (ଉ—ଜାମ୍ବୋଷ୍ଠ ପ୍ରଭୃତି ବାନର
ସମ୍ମତ ସୁଗ୍ରୀବ ଅଛ ହେଲେ ବଢ । ଉଣ୍ଡ· ବୈଦେହୀଶ-
ବିଳାସ ।)

ସମ୍ମତି ଗ୍ରହଣ—ସଂ. ବି. (୬ଷ୍ଠୀ ତତ୍)—ଅନ୍ୟ ବ୍ୟକ୍ତିଠାରୁ ମଞ୍ଜୁର
Sammati grabaṇa ନେବା—Taking permission from or getting consent of a person.

ସମ୍ମତି ଗ୍ରାହିତା—ସଂ. ବଣ. ଓ ବି. ପୁଂ—ଅନ୍ୟଠାରୁ ମଞ୍ଜୁର ନେବା
Sammati grabitā ବ୍ୟକ୍ତି—One who has taken
(ସମ୍ମତିଗ୍ରାହିକା—ସ୍ତ୍ରୀ) permission from another.

ସମ୍ମତି ଦାତା—ସଂ. ବଣ. ଓ ବି. ପୁଂ—ଯେ ମଞ୍ଜୁର ଦଏ—
Sammati dātā Grantor; giver of consent.
(ସମ୍ମତିଦାତ୍ରୀ—ସ୍ତ୍ରୀ)

ସମ୍ମତି ଦାନ—ସଂ. ବି—ମଞ୍ଜୁର ଦେବା—
Sammati dāna Giving of consent or
(ସମ୍ମତି ପ୍ରଦାନ—ଅନ୍ୟରୂପ) permission.

ସମ୍ମତି ଦେବା—ଦେ. କ୍ରି—୧ । ଅନୁକୂଳ ମତ ଦେବା; ମଞ୍ଜୁର
Sammati debā ଦେବା—1. To consent; to give
সম্মতি দেওয়া assent. ୨ । ଅନୁମତି ଦେବା—2. To give
सम्मति देना permission; to permit.

ସମ୍ମଦ—ସଂ. ବି (ସମ୍+ମଦ୍, ଧାତୁ=ହୃଷ୍ଟ ହେବା+ଭାବ. ଅ)—
Sammada ୧ । ଆହ୍ଲାଦ; ଆନନ୍ଦ; ହର୍ଷ—1. Delight.
(ସମଦ—ଅନ୍ୟରୂପ) ୨ । ଆମୋଦ—2. Merriment. ୩ । ବିଷ୍ଣୁ ପୁରାଣୋକ୍ତ ଗଙ୍ଗାଜଳସଞ୍ଚାରୀ ବହୁ ସନ୍ତତିଯୁକ୍ତ ମତ୍ସ୍ୟ ବିଶେଷ (ବିଷ୍ଣୁପୁରାଣ ୪ । ୧ । ୧୯)—3. Name of fabulous big fish. ଦେ. ବି—ଗର୍ବ—Pride. (ଉ—ବିପୁଳ ମେଘନାଦେ ଘନାଘନ ଅସ୍ଥିରେ ବଢେ କଣାଚର ସମ୍ମଦେ । ଉଞ୍ଜ. ବୈଦେହୀଶବିଳାସ ।) ସଂ. ବଣ—ସୁଖୀ; ଆନନ୍ଦିତ—Happy; pleased.

ସମ୍ମର୍ଦ(ର୍ଦ୍ଦ)—ସଂ. ବି (ସମ୍+ମୃଦ୍. ଧାତୁ=ମର୍ଦ୍ଦନ କରିବା+ଭାବ.
Sammarda(rdda) ଅ)—୧ । ସଂଘର୍ଷ—1. Collision.
(ସଂମର୍ଦ[ର୍ଦ୍ଦ]—ଅନ୍ୟରୂପ) ୨ । ଗହଳି; ଜନତା—2. Crowd.
[ସମ୍ମର୍ଦ୍ଦି(ର୍ଦ୍ଦି)ତ—ବଣ] ୩ । ପେଷଣ—3. Pounding. ୪ । (+ଅଧିକରଣ. ଅ) ଯୁଦ୍ଧ; ସଂଗ୍ରାମ—4. Fight; battle; affray.

ସମ୍ମାତୁର—ସଂ. ବି. ପୁଂ (ସତ୍+ମାତୃ+ଅପତ୍ୟାର୍ଥେ. ଅ; ନିପାତନ)—
Sammātura ସଦ୍‌ମାତୁର; ସଚ୍ଚରିତ୍ରା; ପତିବ୍ରତା ସ୍ତ୍ରୀଙ୍କ ପୁତ୍ର—
(ସମ୍ମାତା—ଅନ୍ୟରୂପ) The son of a chaste or virtu-
[ସମାତୁର, ସମ୍ମାତ୍ରୀ—ସ୍ତ୍ରୀ] ous mother.

ସମ୍ମାଦ—ସଂ. ବି (ସମ୍+ମଦ୍. ଧାତୁ=ଗର୍ବ କରିବା+ଭାବ. ଅ)—
Sammāda ୧ । ମତ୍ତତା—1. Intoxication. ୨ । ଉନ୍ମାଦ—
(ସଂମାଦ—ଅନ୍ୟରୂପ) 2. Madness. ୩ । ଅତି କ୍ରୋଧ—3. Fury of anger; rage. ୪ । (ନାମ) ବିଷ୍ଣୁପୁରାଣୋକ୍ତ ମତ୍ସ୍ୟାଧିପତି—4. Name of a mythological king of fishes described in the Bishṇu Purāṇa.

ସମ୍ମାନ—ସଂ. ବି—୧ । (ସମ୍+ମନ. ଧାତୁ=ପୂଜା କରିବା+ଭାବ.
Sammāna ଅ)—୧ । ମର୍ଯ୍ୟାଦା; ଗୌରବ; ସମାଦର; ପୂଜା—
(ସମ୍ମାନିତ—ବଣ) 1. Respect; regard; honour;
[ସଂମାନ ଇତ୍ୟାଦି-ଅନ୍ୟରୂପ] esteem; homage. ୨ । (ସମ୍+
(ସମ୍ମିତ—ବଣ) ମା. ଧାତୁ=ମାପିବା+ଭାବ. ଅନ) ସମ୍ୟକ
ପରିମାଣ—2. Measuring.

ସମ୍ମାନ କରିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ସମାଦର ବା ମର୍ଯ୍ୟାଦା
Sammān karibā କରିବା—To respect a person;
(ସମ୍ମାନ ଦେଖା[ଖେ]ଇବା, ସମ୍ମାନ ଦେବା—ଅନ୍ୟରୂପ) to tender
সম্মানকরা, সম্মানদেখান, সম্মানদেওয়া homage; to
सम्मान करना, सम्मान दिखाना honour a person.

ସମ୍ମାନନ(ନା)—ସଂ. ବି (ସମ୍+ମନ୍. ଧାତୁ=ପୂଜା କରିବା+
Sammānana(nā) ଭାବ. ଅନ+ଅ; +ଆ)—୧ । ମର୍ଯ୍ୟାଦା
ସମ୍ମାନିତ
ସମ୍ମାନନୀୟ } —ବଣ
ସମ୍ମାନ୍ୟ
ଦେଖାଇବା; ସମ୍ମାନ କରିବା—1. Rendering of respects; paying of homage. ୨ । ପରିମାଣ କରିବା—2. Measuring.

ସମ୍ମାନ ନାଶ—ସଂ. ବି (୬ଷ୍ଠୀ ତତ୍)—୧ । ମର୍ଯ୍ୟାଦାର ହାନି—
Sammāna nāśa 1. Loss of honour
୨ । ସୁନାମର ହାନି—2. Loss of prestige.

ସମ୍ମାନନୀୟ—ସଂ. ବଣ. ପୁଂ (ସମ୍+ମନ ଧାତୁ=ପୂଜା କରିବା+କର୍ମ
Sammānanīya ଅନୀୟ)—ସମ୍ମାନିତ ହେବାର ଯୋଗ୍ୟ—
(ସମ୍ମାନନୀୟା—ସ୍ତ୍ରୀ) Fit to be honoured; respectable.

ସମ୍ମାନ ପାଇବା—ଦେ. କ୍ରି—ସମ୍ମାନିତ ହେବା—
Sammāna pāibā To be respected or treated
সম্মানপাওয়া **सम्मानपाना** with respect.

ସମ୍ମାନ ପାତ୍ର—ସଂ. ବି (୬ଷ୍ଠୀ ତତ୍)—ସମ୍ମାନାସ୍ପଦ (ଦେଖ)
Sammāna pātra Sammānāspada (See)

ସମ୍ମାନ ପୁରଃସର ନିବେଦନ ମିଦଂ—(ସଂସ୍କୃତବାକ୍ୟ)—(ମାନନୀୟ
Sammāna puraḥsara nibedana midaṁ ବ୍ୟକ୍ତିଙ୍କ
ସମ୍ମାନପୂର୍ବକ
ସମ୍ମାନାନନ୍ତର } ନିବେଦନ ମିଦଂ—ଅନ୍ୟରୂପ] ନିକଟକୁ ପତ୍ର ଲେଖିବା ଆଦ୍ୟରେ ଲେଖାଯିବା ବାକ୍ୟ)—ଏଥିର ଅର୍ଥ 'ପ୍ରଥମେ ମର୍ଯ୍ୟାଦା ପ୍ରକାଶ କରେ ଏହି ନିବେଦନ'—A sentence written at the beginning of a letter, meaning—I beg to make this submission after tendering my regards to you.

ସମ୍ମାନ ପ୍ରାପ୍ତ—ସଂ. ବଣ (ପୁଂ) (୨ୟା ତତ୍)—ସମ୍ମାନିତ [ଦେଖ]
Sammāna prāpta Sammānita. [See]

ସମ୍ମାନ ପ୍ରାପ୍ତି—ସଂ. ବି [୬ଷ୍ଠୀ ତତ୍]—ସମ୍ମାନଲାଭ [ଦେଖ]
Sammāna prāpti Sam māna labha. [See]

ସମ୍ମାନ ରକ୍ଷା—ସଂ. ବି [୬ଷ୍ଠୀ ତତ୍]—ମହତ୍ତ୍ୱ ରଖିବା—
Sammāna rakshā Keeping one's honour intact.

ସମ୍ମାନ ଲାଭ—ସଂ. ବ [୬ଷ୍ଠୀ ତତ୍] —ନୂତନ ମର୍ଯ୍ୟାଦା ପ୍ରାପ୍ତି —
Sammāna lābha Acquisition of honour.

ସମ୍ମାନ ହାନି—ସଂ. ବ [୬ଷ୍ଠୀ ତତ୍]—ସମ୍ମାନ ନାଶ [ଦେଖ]
Sammāna hāni Sammāna nāśa. [See]

ସମ୍ମାନାନନ୍ତର—ଦେ· କ୍ରି· ବିଶ—ସମ୍ମାନ ବା ମର୍ଯ୍ୟାଦା କରିବା ପରେ
Sammānānantara (ନିବେଦନ କରିବା)—After
सम्मानान्तर सम्मानानन्तर paying respects.
(ସମାନାନନ୍ତର—ଅନ୍ୟରୂପ)

ସମ୍ମାନାର୍ହ—ସ. ବିଣ· ପୁଂ (ଉପପଦତତ୍)—ସମ୍ମାନନୀୟ; ସମ୍ମାନ
Sammānārha ପାଇବାର ଯୋଗ୍ୟ—Fit to be
honoured respectable; honourable.
(ସମ୍ମାନାର୍ହା—ସ୍ତ୍ରୀ)

ସମ୍ମାନାସ୍ପଦ—ସ. ବ (୬ଷ୍ଠୀ ତତ୍)—୧ । ସମ୍ମାନ ପାଇବାର ଉପଯୁକ୍ତ
Sammānāspada ବ୍ୟକ୍ତି—1. A person fit to
be honour r. ୨ । ସମ୍ମାନନୀୟ ବ୍ୟକ୍ତି—
2. Respectable man.

ସମ୍ମାନିତ—ସ. ବିଣ (ସମ୍+ମାନ୍ ଧାତୁ+କର୍ମ କ୍ତ)—୧ । ସମାଦୃତ—
Sammānita 1. Respected. ୨ । ସତ୍କୃତ;
[ସମ୍ମାନ, ସମାନନ(ନା)—ବ] ପୂଜିତ—2. Venerated;
honoured; adored.

ସମ୍ମାର୍ଗ— ସ. ବ – ସତ୍ ମାର୍ଗ (ଶବ୍ଦକୋଷ).
Sammārga Honest way.

ସମ୍ମାର୍ଜ(ର୍ଜ୍ଜ)କ—ସ. ବିଣ. ପୁଂ (ସମ୍+ମୃଜ୍ ଧାତୁ=ଶୁଦ୍ଧ କରିବା+
Sammārja(rjja ka କର୍ତ୍ତି ଅକ)—୧ । ପରିଷ୍କାରକ—
(ସମ୍ମାର୍ଜିକା—ସ୍ତ୍ରୀ) 1. Clearing. ୨ । ଶୋଧକ—
[ସମାର୍ଜ(ର୍ଜ୍ଜ)କ—ଅନ୍ୟରୂପ] 2. Rectifying.
୩। ଯାହା ସଫା କରେ—3. Cleansing; sweeping.
ସ· ବ (+କରଣ ଅକ)—୧ । ଯାହାଦ୍ୱାରା ସଫା
କରାଯାଏ; ସମ୍ମାର୍ଜ୍ଜନୀ—1. Brush. ୨ । (ପୁଂ)
(+କର୍ତ୍ତି ଅକ)—ଯେଉଁ ବ୍ୟକ୍ତି ସଫା କରେ—
2. Sweeper.

ସମ୍ମାର୍ଜ(ର୍ଜ୍ଜ)ନ(ନା)—ସ. ବ (ସମ୍+ମୃଜ୍ ଧାତୁ=ଶୁଦ୍ଧ କରିବା+
Sammārja(rjja)na(nā) ଭାବ ଅନ+ଆ)—୧ । ସଂଶୋଧନ-
[ସଂମାର୍ଜ(ର୍ଜ୍ଜ)ନ(ନା) ଇତ୍ୟାଦି—ଅନ୍ୟରୂପ] 1. Correction.
୨ । ସଂଶୋଧନ—2 Rectifying. ୩ । ପରିଷ୍କାର
ସମ୍ମାର୍ଜିତ, ସମ୍ମାର୍ଜନୀୟ } ବିଣ— କରଣ—3. Act of cleansing;
cleansing. ୪ । ଝାଡ଼ିବା; ଓଳାଇବା
4. Act of sweeping or brushing.
୫ । ଶୁଦ୍ଧ କରିବା—5 Purifying. ୬ ।
କୌଣସି ଲିଖିତ ପୁସ୍ତକ ବା ପାଣ୍ଡୁଲିପିକୁ ଯତ୍ନପୂର୍ବକ
ପରୀକ୍ଷା କରିବା ପରେ, ଅବଶ୍ୟକସ୍ଥଳରେ ତହିଁର
ସଂଶୋଧନ, ସଂଯୋଜନ, ପରିବର୍ତ୍ତନ ଆଦି ପ୍ରକ୍ରିୟା;
ଉତ୍କର୍ଷନ—6. Revision of any book of
written matter.

ସମ୍ମାର୍ଜ(ର୍ଜ୍ଜ)ନୀ—ସ· ବ (ସମ୍ମାର୍ଜନ+ଈ)—ଝାଡ଼ୁ; ଝାଡୁଣୀ; ବର୍ଦ୍ଧନୀ; ବଢ଼ଣି
Sammārja(rjja)nī —Broomstick; a broom;
[ଏଥିର ପର୍ଯ୍ୟାୟ—ଶୋଧନୀ, ଉହନୀ, cleansing brush.
ସମୂହନୀ, ବହୁକାର, ବର୍ଦ୍ଧନୀ] [ଦ୍ର—ଗୃହସ୍ଥର ପଞ୍ଚ ସୂନା
ମଧ୍ୟରେ ଏହା ଏକ । ଗୃହସ୍ଥ ପ୍ରତିଦିନ ପଞ୍ଚ ସୂନାର
ବ୍ୟବହାର ଯୋଗୁଁ ବହୁ କ୍ଷୁଦ୍ର ପ୍ରାଣୀଙ୍କୁ ନାଶ କରେ । ଏ
ପାପରୁ ମୁକ୍ତ ହେବା ପାଇଁ ପ୍ରତିଦିନ ପଞ୍ଚ ଯଜ୍ଞର ବିଧାନ
ଅଛି ।]

ସମ୍ମିତ—ସଂ: ବିଣ (ସମ୍+ମା ଧାତୁ=ମାପିବା+କର୍ମ କ୍ତ)—୧ ।
Sammita ସଦୃଶ—1. Similar. ୨ । ତୁଲ୍ୟ ପରିମାଣ-
(ସଂମିତ—ଅନ୍ୟରୂପ) ବିଶିଷ୍ଟ—2. Of equal quantity or
(ସମ୍ମିତତ୍ୱ—ବ) measure; commensurate.

ସମ୍ମିଳନ(ନୀ)—ସଂ. ବ (ସମ୍+ମିଳନ=ମିଶ୍ରଣ)—୧ । ବହୁ ବସ୍ତୁର
Sammilana(nī) ଏକତ୍ର ମିଶ୍ରଣ—1. Mixing up of
(ସମିଳନ[ନୀ]—ଅନ୍ୟରୂପ) many things. ୨ । ସଂଯୋଗ
ସମ୍ମିଳନୀୟ, ସମ୍ମିଳିତ, ସମ୍ମିଲ୍ୟ } ବିଣ —2. Union ୩ । ବିବାଦ
କରିଥିବା ବ୍ୟକ୍ତିଙ୍କର ମିଳନ—
3. Reconciliation. ୪ । ଏକତ୍ର ହେବା—
4. Gathering together. ଦେ. ବ (ସ.
सम्मिलनी ସମ୍ମେଳନ, ସମ୍ମେଳନୀ)—ବହୁ ବ୍ୟକ୍ତିଙ୍କ ସମ୍ମିଳିତ ସଭା—
सम्मेलन Congress; assembly; a conference. [ଦ୍ର—
ସମ୍ମିଳନୀ ଶବ୍ଦର ଅର୍ଥ ବହୁ ବ୍ୟକ୍ତିଙ୍କ ଏକତ୍ର ମିଳନ;
ସମ୍ମେଳନୀର ଅର୍ଥ ଯେଉଁ ଠାରେ ବା ଯେଉଁ ସଭାରେ
ବହୁ ବ୍ୟକ୍ତି ସମ୍ମିଳିତ ହୁଅନ୍ତି—ସାହିତ୍ୟ ସମ୍ରାଟ୍ ମହାତ୍ମା
ଉପେନ୍ଦ୍ର ଦେବ ।]

ସମ୍ମିଳନୀ ମଣ୍ଡପ—ଦେ. ବ—ଯେଉଁ ମଣ୍ଡପରେ ସମ୍ମିଳନୀର ଅଧିବେଶନ
Sammilani mandapa କରାଯାଏ—The pandal of
सम्मिलनी मण्डप सम्मेलन मण्डप a conference.

ସମ୍ମିଳନୀର ଅଧିବେଶନ—ଦେ. ବ—ସମ୍ମିଳନୀର ବୈଠକ—
Sammilanira adhibeśana A session of a
सम्मिलनीर अधिवेशन सम्मेलनका अधिवेशन conference.

ସମ୍ମିଳିତ—ସ. ବିଣ (ସମ୍+ମିଳିତ)—୧ । ଏକୀଭୂତ—
Sammilita 1. Combined; amalgamated.
(ସମିଳିତ—ଅନ୍ୟରୂପ) ୨ । ସଂଯୋଜିତ—2. Associated;
(ସମ୍ମିଳନ—ବ) united; joined. ୩ । ଏକ ସ୍ଥାନରେ
ଉପସ୍ଥିତ—3. Assembled; come together.

ସମ୍ମିଳିତ ଚେଷ୍ଟା—ସ. ବ—ବହୁ ଲୋକଙ୍କର ଏକତ୍ରୀଭୂତ ଉଦ୍ୟମ—
Sammilita cheshtā Joint endeavour; combined endeavour.

ସମ୍ମିଳିତ ହେବା—ଦେ. କ୍ରି—୧ । ଏକତ୍ର ହେବା—1. To be
Sammilita hebā assembled together. ୨ । ଏକ-
सम्मिलित हओया କୋଟ ହେବା—2. To combine.
सम्मिलित होना

ସମ୍ମିଶ୍ର—ସଂ. ଋଣ (ସମ୍ + ମିଶ୍ର ଧାତୁ = ମିଶିବା + କର୍ତ୍ତ୍ରି ଅ)—୧ । sammiśra ଏକତ୍ର ମିଶ୍ରିତ—1. Mixed up. ୨ । ଏକତ୍ର (ସମିଶ୍ର ଇତ୍ୟାଦ—ଅନ୍ୟରୂପ) ମିଳିତ—2. Commingled; combined. ୩ । ସଂଯୁକ୍ତ—3. Joined together.

ସମ୍ମିଶ୍ରଣ—ସଂ. ବି (ସମ୍ + ମିଶ୍ରଣ)—୧ । ଏକତ୍ର ମିଳନ—Sammiśraṇa 1. Amalgamation; commingling. (ସମ୍ମିଶ୍ରିତ—ଋଣ) ୨ । ବହୁ ପଦାର୍ଥର ମିଶ୍ରଣ—2. Compound; mixture. ୩ । ଏକତ୍ର ମିଶାଇବା—3. Mixing up together.

ସମ୍ମୀଳନ—ସଂ. ବି (ସମ୍ + ମୀଲ ଧାତୁ + ଭାବ. ଅନ)—୧ । ମୁଦ୍ର Sammīlana ହୋଇଯିବା; ବୁଜ ହୋଇଯିବା—1. Closing up (Apte). (ସମ୍ମୀଳିତ—ଋଣ) ୨ । ଘୋଡ଼ାଇ ପକାଇବା—2. Enveloping; covering (Apte).

ସମ୍ମୁଖ—ସଂ ଋଣ (ମୁଖର ସମୀପ = ସମ୍ମୁଖ; ଅବ୍ୟୟୀଭାବ)—୧ । Sammukha ସାମନା ସାମନି; ଅଭିମୁଖ; ସମକ୍ଷ—1. Front; (ସାମ୍ମୁଖ୍ୟ—ବି) in the front of. ୨ । ଅଗ—2. Fore. ୩ । କୌଣସି ଆଡ଼କୁ ମୁହଁ କରିଥିବା—3. Facing; confronting. ୪ । ମୁହାଁମୁହିଁ—4. Facing each other. ୫ । ସମର୍ଥ—5. Capable.
ସମ୍ମୁଖା, ସମ୍ମୁଖୀ } ସ୍ତ୍ରୀ ୬ । ଦେ ଅଡ଼କୁ ମୁହଁ କରି ରହିଥିବା ବସରେ ଅବସ୍ଥିତ—6. Opposite (Apte). ୭ । ଅମୁକ ଆଡ଼କୁ ସିଧା କରି ଚାହିଁଥିବା—7. Looking towards (Apte). ୮ । (ଅମୁକକୁ) ଭେଟିଥିବା—8. Encountering; meeting (Apte). ୯ । ଅନୁକୂଳ—9. Propitious (Apte). ସଂ. ବି (ସର୍ବ + ମୁଖ) ସମସ୍ତ ମୁଖ (ବଙ୍ଗକୋଷ)—The whole face. ଦେ. କି. ଋଣ (ସଂ. ସମ୍ମୁଖଂ) —୧ । ସାମନାରେ—1. In front of; before. ୨ । ସାମନା ସାମନି—2. Face to face. ୩ । (ଅମୁକଙ୍କ) ଉପସ୍ଥିତିରେ—3. In the presence of [ଦୃ—ଏହାର ଅବଲୁ ଂଶ ଛାମୁ ଓ ସମୁଖ ।]

ସମ୍ମୁଖ ଦନ୍ତ—ସଂ. ବି—ପାଟିର ସାମନାରେ ଥିବା ଦାନ୍ତ; ଛାମୁଦାନ୍ତ—Sammukha danta Front teeth.

ସମ୍ମୁଖବର୍ତ୍ତୀ—ସଂ. ଋଣ. ପୁଂ (ସମ୍ମୁଖ + ବୃତ ଧାତୁ + କର୍ତ୍ତୃ. ଇନ୍; Sammukhabarttī ୧ମା, ୧ବ)—୧ । ସାମନାରେ ଥିବା—(ସମ୍ମୁଖବର୍ତ୍ତିନୀ—ସ୍ତ୍ରୀ) 1. Being in front of; front. ୨ । ସାମନା ପାଖର—2. Fore.

ସମ୍ମୁଖ ଯୁଦ୍ଧ—ସଂ. ବି (ମ. ପ. ଲୋ)—ସମ୍ମୁଖସ୍ଥ ଭୂଇ ଯୋଦ୍ଧା ବା Sammukha juddha ଦୁଇ ଯୋଦ୍ଧୃଦଳ ମଧ୍ୟରେ ହେବା
ସମ୍ମୁଖ ରଣ, ସମ୍ମୁଖ-ସଂଗ୍ରାମ, ସମ୍ମୁଖ ସମର } ଅନ୍ୟରୂପ ଯୁଦ୍ଧ; ମୁହାଁମୁହିଁ ଯୁଦ୍ଧ—Hand to hand fight; fighting at close quarters. (ଉ—ଉତ୍କଳ ସମ୍ରାଟ ଦଳଙ୍କ ବାହିନୀ ସହିତରେ ସମ୍ମୁଖ ରଣ—ରାଧାନାଥ ପାର୍ବତୀ ।)

ସମ୍ମୁଖରେ—ଦେ. କି. ଋଣ—୧ । ସାମନା ସାମନି; ସାମନାରେ; Sammukhare ଆଗରେ—1. In front of; before. ୨ । ଉପସ୍ଥିତିରେ—2. In the presence of. सम्मुखे सम्मुखमें (ସମ୍ମୁଖେ—ଅନ୍ୟରୂପ)

ସମ୍ମୁଖ ସମର—ସଂ. ବି—ସାମନା ସାମନି ଲଢ଼େଇ, ଯେଉଁ ଯୁଦ୍ଧରେ Sammukha samara ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧାମାନେ ସମ୍ମୁଖୀନ ହୋଇ ଯୁଦ୍ଧ କରନ୍ତି—Hand to hand fight; a fighting in close quarters.

ସମ୍ମୁଖସ୍ଥ—ସଂ. ଋଣ—ସାମନାରେ ଥିବା—Sammukhastha Lying in front of.

ସମ୍ମୁଖା ସମ୍ମୁଖୀ—ଦେ. ଋଣ—ପରସ୍ପର ସମ୍ମୁଖବର୍ତ୍ତୀ; ସାମନା ସାମନି—Sammukhā sammukhī Facing each other. সুমুখা সুমুখী सामने सामने

ସମ୍ମୁଖୀ—ସଂ. ବି (ସମ୍ମୁଖ + ଇନ୍; ୧ମା. ୧ବ)—ଦର୍ପଣ—Sammukhī Mirror (Apte).

ସମ୍ମୁଖୀନ—ସଂ. ଋଣ. ପୁଂ (ସମ୍ମୁଖ + ଈନ)—ସମ୍ମୁଖବର୍ତ୍ତୀ—Sammukhīna Front; standing in front. (ସମ୍ମୁଖୀନା—ସ୍ତ୍ରୀ)

ସମ୍ମୁଖୀନ ହେବା—ଦେ. କି—୧ । ସାମନାକୁ ଆସିବା—1. To Sammukhīn hebā confront; to encounter. সম্মুখীন হওয়া सम्मुखीन होना ୨ । ଭେଟିବା—2. To meet.

ସମ୍ମୁଗ୍ଧ—ସଂ.ଋଣ.(ସମ୍ + ମୁଗ୍ଧ)—୧ । ଅତ୍ୟନ୍ତ ମୋହିତ; ବିମୋହିତ—Sammugdha 1. Charmed; fascinated. ୨ । (ସମୁଗ୍ଧ—ଅନ୍ୟରୂପ) ଜଡ଼ୀଭୂତ—2. Stupefied.

ସମ୍ମୂଢ଼—ସଂ. ଋଣ.(ପୁଂ)(ସମ୍ + ମୂଢ଼) ୧ । ଅଜ୍ଞାନ—1. Ignorant. Sammūṛha ୨ । ରାଗାଦ ଦ୍ୱାରା ଅନ୍ଧୀଭୂତ—2. Blinded (ସମୂଢ଼—ଅନ୍ୟରୂପ) by passion. ୩ । କାମ ବା (ସମ୍ମୋହ—ବି) ସ୍ନେହାଦ ଦ୍ୱାରା ଅନ୍ଧୀଭୂତ; ସମ୍ୟକ୍ ମୋହଯୁକ୍ତ—3. Infatuated; stupefied. ୪ । ମୂର୍ଚ୍ଛାଯୁକ୍ତ—4. Fainted; swooning. ୫ । ନିର୍ବୋଧ—5. Stupid; indolent. ୬ । ରାଶୀକୃତ (ବଙ୍ଗକୋଷ) 6. Heaped up. ୭ । ଭଗ୍ନ (ବଙ୍ଗକୋଷ)—7. Broken. ୮ । ଶୀଘ୍ର ଜାତ (ବଙ୍ଗକୋଷ)—8. Born soon.

ସମ୍ମୂର୍ଚ୍ଛଦ—ସଂ. ବି (ବୈଦ୍ୟକ)—ତୃଣାଦ—Sammūrchchhada Grass.

ସମ୍ମୂର୍ଚ୍ଛନ(ନା)—ସଂ. ବି (ସମ୍ + ମୂର୍ଚ୍ଛ, ମୂର୍ଚ୍ଛା)—୧ । ଅଚୈତନ୍ୟ; Sammūrchchhana(nā) ମୂର୍ଚ୍ଛା—1. Fainting; fit; [ସଂମୂର୍ଚ୍ଛନ(ନା)—ଅନ୍ୟରୂପ] loss of consciousness. ୨ । ବୃଦ୍ଧି—2. Increase. ୩ । ସର୍ବତ୍ର ବ୍ୟାପ୍ତି—3. Diffusion. ୪ । ବ୍ୟାପ୍ତି—4. Spreading out. ୫ । ବିସ୍ତାର; ପ୍ରସାର—5. Extension; extent.

୬ । ଉଚ୍ଚତା; ଉଚ୍ଛ୍ରାୟ (ଶବ୍ଦକୋଷ)—6. Elevation; height,

ସମ୍ମୂର୍ଚ୍ଛନୋଦ୍ଭବ—ସଂ. ବି (ବହୁବ୍ରୀହି)—ମତ୍ସ୍ୟାଦ—
Sammūrchchhanodbhaba Fishes.

ସମ୍ମୂଳ—ଦେ. ବିଣ (ସଂ. ସମୂଳ)—ସମୂଳ; ଆଦ୍ୟ ସହିତ; ଆଦ୍ୟରୁ
Sammūla ଆରମ୍ଭରୁ—From the beginning.
ସମ୍ମୂଳ ସମୂଳ (ଉ—ସର୍ବ ସମ୍ପୂର୍ଣ୍ଣ ନାମ ଅଛୁ, ସମ୍ମୂଳକରୁ ତୁଟେ ବହୁ—ରୂପଲ ପ୍ରେମପଞ୍ଚାମୃତ ।)

ସମ୍ମୃଷ୍ଟ—ସଂ. ବିଣ (ସମ୍+ମୃଷ୍ଟ)—୧ । ସଂଶୋଧିତ—
Sammṛushṭa 1. Rectified. ୨ । ପରିଷ୍କୃତ;
(ସଂମୃଷ୍ଟ—ଅନ୍ୟରୂପ) ନିର୍ମଳୀକୃତ—2. Cleansed.
୩ । ଫୋଡ଼ଣ ହୋଇଥିବା (ବ୍ୟଞ୍ଜନାଦ)—3. (curry) Flavoured by frying.
୪ । ସମ୍ମାର୍ଜିତ—4. Polished; swept.

ସମ୍ମେଳନ(ନୀ)—ସଂ.ବି(ସମ୍+ମିଲ୍ ଧାତୁ ଣିଚ୍=ମିଳିତ କରାଇବା+ଭାବ
Sammeḷana(nī) ଅନ; +ସ୍ତ୍ରୀ.ଈ)—୧ । ଏକତ୍ର କରାଇବା; ମିଶ୍ରିତ
[ସମେଳନ(ନୀ)ଅନ୍ୟରୂପ] କରାଇବା-1. Mixing up; gathering. ୨। (+ଅଧି ଅନ; +ସ୍ତ୍ରୀ ଈ)—ମେଳା; ସଭା; ସମିତି—2. Conference. [ଦ୍ର—ଏକତ୍ର ମିଳନ କିମ୍ବା ବୁଝାଇଲେ ଏ ଶବ୍ଦର ଅର୍ଥ ସମ୍ମିଳନ ଓ ମେଳା, ସଭା, ସମିତି ଅର୍ଥ ବୁଝାଇଲେ ସମ୍ମେଳନ ହୁଏ ବୋଲି ସାହିତ୍ୟ ସମ୍ରାଟ୍ ମହାରାଜା ବଜ୍ରମଦେବଙ୍କ ମତ ଅଟେ । ତଥାପି, ଶବ୍ଦକୋଷ ଆଦି ଅଭିଧାନରେ ଏ ବିଭିନ୍ନ ବ୍ୟବହାର ଲକ୍ଷିତ ହୁଏ ନାହିଁ ।]

ସମ୍ମୋଦ—ସଂ. ବି (ସମ୍+ମୋଦ)—୧ । ଆମୋଦ; ପ୍ରୀତି—
Sammoda 1. Delight. ୨ । ପ୍ରମୋଦ—
[ସଂମୋଦ—ଅନ୍ୟରୂପ] 2. Merriment.

ସମ୍ମୋହ—ସଂ. ବି (ସମ୍+ମୋହ)—୧ । ଅଜ୍ଞତା—1, Ignorance.
Sammoha ୨ । ଅତ୍ୟନ୍ତ ମୋହ—2. Fascination; stupefaction.
(ସଂମୋହ ଇତ୍ୟାଦ—ଅନ୍ୟରୂପ)
(ସମ୍ମୂଢ଼; ସମ୍ମୋହିତ—ବିଣ) ୩ । ବିମୁଗ୍ଧ କରିବା—3. Enchanting; fascinating. ୪ । ରାଗାଦି ଜନିତ ଅନ୍ଧତା—4. Blindness due to passion.
୫ । ମୂର୍ଚ୍ଛା—5. Swoon.

ସମ୍ମୋହକ—ସଂ. ବିଣ. ପୁଂ—ସମ୍ୟକ୍ ମୋହ ଉତ୍ପାଦନକାରୀ—
Sammohaka Causing stupefaction,
(ସମ୍ମୋହିକା—ସ୍ତ୍ରୀ) ସଂ. ବି—ସନ୍ନିପାତ ଜ୍ୱରବିଶେଷ—A kind of malignant fever. [ଦ୍ର—ଏଥିରେ ବେଦନା, କମ୍ପ, ନିଦ୍ରାନାଶ, ବିଭ୍ରମ, ଦାହ, ପିପାସା, ଉଷ୍ଣତା, ଘର୍ମ, ପ୍ରଳାପ, ମୋହ, ମୂର୍ଚ୍ଛା, ଭ୍ରମ, ବାମ ବା ଦକ୍ଷିଣ ଅଙ୍ଗର ଅବସନ୍ନତା ହୁଏ—ଶବ୍ଦକୋଷ ।]

ସମ୍ମୋହନ—ସଂ. ବି (ସମ୍+ମୁହ୍ ଧାତୁ ଣିଚ୍=ମୋହ. ଧାତୁ=
Sammohana ମୁଗ୍ଧ କରିବା+ଭାବ. ଅନ)—୧ । ବିମୁଗ୍ଧ
ସମ୍ମୋହିତ
ସମ୍ମୋହନୀୟ } —ବିଣ
ସମ୍ମୋହନ-ବ୍ୟକ୍ତିବାଚକ
କରିବା—1. Fascinating; stupefying. ୨ । (+କର୍ତ୍ତୃ. ଅନ) କନ୍ଦର୍ପର ବାଣବିଶେଷ (ଯଦ୍ଦ୍ୱାରା କାମାତୁର ବ୍ୟକ୍ତି ସମ୍ମୋହ ପ୍ରାପ୍ତ ହୁଏ)—2. Name of one of the 5 stafts of Cupid (by which a lover is fascinated). ସଂ. ବିଣ—ମୋହଜନକ—Fascinating; stupefying.

ସମ୍ୟକ୍—ସଂ. ଅ ଓ କ୍ରି. ବିଣ (ସମ୍+ଅନ୍ଚ୍ ଧାତୁ=ଯିବା+କର୍ତ୍ତୃ.
Samyak କ୍ୱିପ୍)—୧ । ଉତ୍ତମରୂପେ—1. Excellently; well. ୨ । ଘନିଷ୍ଠରୂପେ—2. Intimately. ୩ । ପ୍ରକୃତରୂପେ—3. Rightly; correctly. ୪ । ସଂପୂର୍ଣ୍ଣରୂପେ—4. Fully; perfectly; entirely; thoroughly. ୫ । ବିଶିଷ୍ଟରୂପେ—5. Specially. ୬ । ସର୍ବପ୍ରକାରେ-6. In all manners. ସଂ. ବିଣ—(ସମ୍+ଅଞ୍ଚ୍ ଧାତୁ+କ୍ୱିପ୍=ସମ୍ୟକ୍ ଶବ୍ଦ ୧ମା, ୧ବ) ମନୋଜ୍ଞ—1. Beautiful. ୨ । ଯୋଗ୍ୟ; ଉପଯୁକ୍ତ—2. Befitting; fit. ୩ । ଶୁଦ୍ଧ—3. Pure; correct; right. ୪ । ସମୁଦାୟ—4. Whole; entire. ୫ । ସତ୍ୟ—5. True. ୬ । ସଙ୍ଗତ (ଶବ୍ଦକୋଷ)—6. Reasonable. ସଂ. ବି- ସତ୍ୟବଚନ (ଶବ୍ଦକୋଷ)—Truth; true words. ବିଣ.ର ବିଣ—୧ । ଅତ୍ୟନ୍ତ—1. Very; much. ୨ । ସର୍ବତୋଭାବରେ—2. In every respect.

ସମ୍ୟକ୍(ଗ୍) ଦୃଷ୍ଟି—ସଂ. ବି (ସନ୍ଧିଦ୍ୱାରା କ୍ ସ୍ଥାନରେ ଗ୍)—ଉତ୍ତମରୂପେ
Samyak(g)-drusti ଦେଖିବା; ପର୍ଯ୍ୟବେକ୍ଷଣ—Observation.

ସମ୍ୟଗ୍ ଯୋଗ—ସଂ. ବି—ସମାଧି (ଦେଖ)
Samyag-joga Samādhi (See)

ସମ୍ରାଜ୍ଞୀ—ସଂ. ବି. ସ୍ତ୍ରୀ (ସମ୍ରାଜ୍+ସ୍ତ୍ରୀ. ଈ)—୧ । ସମ୍ରାଟ୍ ପଦରେ
Samrājī ଅଧିଷ୍ଠିତା ସ୍ତ୍ରୀ—1. Empress. ୨ । ସମ୍ରାଟଙ୍କ
(ସମ୍ରାଟ୍—ପୁଂ) ପତ୍ନୀ—2. The wife of an Emperor.
[ଦ୍ର—କେହି କେହି କହନ୍ତି 'ସମ୍ରାଟ୍' ଶବ୍ଦ ଉଭୟ ଲିଙ୍ଗରେ ବ୍ୟବହୃତ ହୁଏ ।]

ସମ୍ରାଜ୍ଞୀ—ଦେ ଓ ବୈଦିକ ସଂ.ବି. ସ୍ତ୍ରୀ (ସଂ ସମ୍ରାଜ୍ଞୀ)—ସମ୍ରାଜ୍ଞୀ; ସସାଗରା
Samrajnī ଧରାର ଅଧୀଶ୍ୱରୀ—Empress. [ଦ୍ର—ଅଥର୍ବ
ସମ୍ରାଜ୍ଞୀ ବେଦ, ଋଗ୍‌ବେଦ ଓ ତୈତ୍ତିରୀୟ ବ୍ରାହ୍ମଣରେ 'ସମ୍ରାଜ୍ଞୀ
ସମ୍ରାଜ୍ଞୀ ପଦ ରାଣୀ ବା ଉଚ୍ଚପଦସ୍ଥା ସ୍ତ୍ରୀ ବା ସ୍ୱାମିନୀ ଅର୍ଥରେ ବ୍ୟବହୃତ ହୋଇଅଛି—M. W.)

ସମ୍ରାଟ୍—ସଂ. ବି. ପୁଂ [ସମ୍=ସମ୍ୟକ୍+ରାଜ୍ ଧାତୁ=ଶୋଭା ପାଇବା
Samrāṭ +କର୍ତ୍ତୃ. କ୍ୱିପ୍; ସମ୍ରାଜ୍ ଶବ୍ଦ, ୧ମା. ୧ବ; ଯେ
(ସମ୍ରାଜ୍ଞୀ—ସ୍ତ୍ରୀ) ସମ୍ୟକ୍ ରୂପେ ଇହଲୋକରେ (ରାଜ୍ୟ ଶାସନ

(ସମ୍ରାଜ୍ଞୀ—ବୈଦିକ ସ୍ତ୍ରୀ) ଦ୍ୱାରା) ଓ ପର ଲୋକରେ (ରାଜସୂୟ ଯଜ୍ଞାନୁଷ୍ଠାନର ଫଳସ୍ୱର ଦ୍ୱାରା) ଶୋଭା ପାଆନ୍ତି]—ରାଜାଧିରାଜ; ରାଜରାଜେଶ୍ୱର; ସାର୍ବଭୌମ; ଚକ୍ରବର୍ତ୍ତୀ; ବାଦଶାହା—An emperor, a king of kings; a paramount sovereign. [ଦ୍ର—ଯେଉଁ ରାଜା ଚତୁରବ୍ଧି ବେଷ୍ଟିତ ସସାଗରା ଧରାର ଅଧୀଶ୍ୱର, ଯେ ଦ୍ୱାଦଶ ରାଜମଣ୍ଡଳର ଅଧିପତି ଏବଂ ଯାହାଙ୍କ ଆଦେଶରେ ଅଧୀନ ଭୂପତିମାନେ ନିଜ ନିଜର ରାଜ୍ୟ ଶାସନ କରନ୍ତି ଏବଂ ଯେ ରାଜସୂୟ ଯଜ୍ଞର ଅନୁଷ୍ଠାନ କରନ୍ତି, ତାହାଙ୍କୁ 'ସମ୍ରାଟ୍' ବୋଲାଯାଏ ।

ଭାଷାରେ 'ସମ୍ରାଟ୍' ଶବ୍ଦର ସ୍ତ୍ରୀଲିଙ୍ଗ ରୂପେ ବ୍ୟବହାର ହେଉଥିବା 'ସମ୍ରାଜ୍ଞୀ' ଶବ୍ଦ ଲୌକିକ ସଂସ୍କୃତ ବ୍ୟାକରଣ-ସମ୍ମତ ନୁହେ । 'ସମ୍ରାଜ୍' ଶବ୍ଦର ପୁଂଲିଙ୍ଗ ୧ମା ୧ ବଚନ 'ସମ୍ରାଟ୍' ଏବଂ ସ୍ତ୍ରୀ ଲିଙ୍ଗ ୧ମା ୧ ବଚନରେ 'ସମ୍ରାଜ୍ଞୀ' । ଏହିପରି 'ପରିବ୍ରାଟ୍' ଶବ୍ଦର ସ୍ତ୍ରୀଲିଙ୍ଗ 'ପରିବ୍ରାଜ୍' । କେବଳ ବୈଦିକ ସଂସ୍କୃତରେ 'ସମ୍ରାଜ୍ଞୀ' ଶବ୍ଦର ପ୍ରୟୋଗ ଦେଖାଯାଏ । କେହି କେହି ସମ୍ରାଟଙ୍କ ସ୍ତ୍ରୀକୁ 'ସମ୍ରାଟ୍ ପତ୍ନୀ' କହନ୍ତି, କିନ୍ତୁ 'ସମ୍ରାଜ୍-ପତ୍ନୀ' ଶବ୍ଦ ବ୍ୟାକରଣ ସିଦ୍ଧ । ବୈଦିକ ସଂସ୍କୃତରେ ସମ୍ରାଜ୍ଞୀ ଶବ୍ଦର ବ୍ୟବହାର ଅଛି । ସମ୍ରାଟଙ୍କ ରାଜ୍ୟକୁ ସାମ୍ରାଜ୍ୟ (Empire) ବୋଲାଯାଏ ।]

ସମ୍ରାଟ— ଦେ· ବି· ପୁଂ (ସଂ. ସମ୍ରାଟ୍)—ସମ୍ରାଟ୍ (ଦେଖ)
Samrāṭa Samrāt (See)

ସମ୍ଲିଷ୍ଟ—ସଂ, ବିଣ (ସମ୍ + ମ୍ଲେଷ୍ ଧାତୁ = ମିଳିତ ହେବା + କ୍ତି.ତ)
Samlishṭa —ସମ୍ମିଳିତ (ଦେଖ)—Sammilita (See)

ସୟ୍ (ଧାତୁ)—ସଂ—ଗତି କରିବା—
Say (root) To go; to move (Apte)

ସଯତନ(ନ୍ନ)—ଦେ· କ୍ରି· ବିଣ (ସଂ. ସଯତ୍ନ; ସ=ସହିତ+ଯତ୍ନ)—
Sajatana(rna) ଯତ୍ନ ପୂର୍ବକ—Carefully.
सयत्न सयत्न

ସଯତନେ—ଦେ. କ୍ରି· ବିଣ (ସଂ. ସଯତ୍ନ)—ସଯତ୍ନ (ଦେଖ)
Sajatane Sajatna (See)
सयतने सयत्नमें

ସୟାଁ—ଦେ. ବିଣ—ଧର୍ଦ ରୋଗୀ; ଯେ ସବୁବେଳେ ହଁ ସଁ ହୋଇ
Sayāṅ ନିଶ୍ୱାସ ମାରୁଥାଏ; ଶ୍ୱାସରୋଗୀ—Asthmatic.
हाँपानी रोगी, हाईपेंरे साँसिया
[ହଁ ଅ(ସୁଁ)—ଅନ୍ୟରୂପ]

ସଯୂଥ୍ୟ—ସଂ. ବିଣ (ସ+ଯୂଥ+ଯ)—କୌଣସି ଦଳର ବା ଗୋଷ୍ଠୀର
Sajuthya ଜଣେ—One of the same flock or
(ସଯୂଥ୍ୟା—ସ୍ତ୍ରୀ) tribe (Apte).

ସଯୋନି—ସଂ. ବି (ସ=ସହ+ଯୋନି=ଭଗ)—୧ । (ସହସ୍ର ଯୋନି
Sajoni ବିଶିଷ୍ଟ; ସହାର୍ଥ ବହୁବ୍ରୀହି)—ଇନ୍ଦ୍ର—1. Indra. [ଦ୍ର—ଗୌତମଙ୍କ ଅଭିଶାପରୁ ଇନ୍ଦ୍ରଙ୍କ ଦେହସାକ ଯୋନି-ଚିହ୍ନମୟ ହୋଇ ଯାଇଥିଲା । ଏଥିପାଇଁ ଇନ୍ଦ୍ରଙ୍କର ଅନ୍ୟ ନାମ 'ସହସ୍ର ଯୋନି' ।] ୨ । ଏକ ମାତାଙ୍କ ଗର୍ଭଜାତ ଭାଇ—2. One's whole or uterine brother (Apte). ୩ । ଗୁଆଚି କାଟୁ ବଶିଷ୍ଟ ଗୁଆକାତି 3. A pair of clippers for cutting betel-nut (Apte). ସଂ. ବିଣ (ବହୁବ୍ରୀହି; ସ=ସମାନ ଅଟେ ଯୋନି=ଉତ୍ପତ୍ତି ସ୍ଥାନ ଯାହାର)—୧ । ଯେଉଁମାନଙ୍କର ଉତ୍ପତ୍ତି ସ୍ଥାନ ଏକ=1. Of the same origin. ୨ । (ସ=ସମାନ ଅଟେ ଯୋନି ଉତ୍ପତ୍ତି ସ୍ଥାନ ଯାହାର; ବହୁବ୍ରୀହି)—ଏକ ମାତାଙ୍କ ଗର୍ଭଜାତ (ମାତାଙ୍କ ଗର୍ଭ ଦ୍ୱାରା ପରସ୍ପର ସଂଯୁକ୍ତ—Having the same womb, born of the same mother, uterine (brother or sister) (Apte) ୩। ଘନିଷ୍ଠ ସମ୍ପର୍କରେ ସମ୍ପୃକ୍ତ)—3. Closely related to. (Apte)

ସର୍—ବୈଦେ. ଅ (ଇଂ. ସର୍)—୧ । ଭଦ୍ରଲୋକମାନଙ୍କୁ ସମ୍ମାନାର୍ଥକ
Sar ସମ୍ବୋଧନ—1. (vocative) Sir ! Oh Sir !
স্যার, সার্ सर, सार ୨ । ଶିକ୍ଷକମାନଙ୍କୁ ଛାତ୍ରମାନଙ୍କର ସମ୍ମାନାର୍ଥକ ସମ୍ବୋଧନ—2. Sir, a word addressed to a teacher by a student. ବୈଦେ. ବି (ଇଂ. ସର୍)—୧ । ଇଂଲଣ୍ଡରେ ରାଜଦତ୍ତ ଉପାଧିବିଶେଷ; ନାଇଟ୍ (ଉଚ୍ଚବଂଶୀୟ ବ୍ୟକ୍ତି)ମାନଙ୍କ ଉପାଧି—1. Sir, a title of knights in England. ୨ । ଭାରତବାସୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଉପାଧି—2. Sir, an honorary title granted to distinguished Indians by the British Government. ୩ । (ଛାତ୍ରମାନଙ୍କ ଭାଷା) ନିଜ ନିଜର ଶିକ୍ଷକ— 3. A student's own teacher or master. (ଯଥା—ଆଜି ଆମ ସର୍ ଘରକୁ ଯାଇଥିଲେ ।)

ସର୍—ଦେ. ଅ (ଧ୍ୱନ୍ୟନୁକରଣ) ଅନବରତ ସୂକ୍ଷ୍ମ ଧାରାରେ ଜଳକୁ
Sar ପଡ଼ୁଥିବା ଜଳ ବା ଦୁଗ୍ଧାଦି ଜନିତ ଶବ୍ଦ—
(ସର୍ରେ, ସର୍ସରେ—ଅନ୍ୟରୂପ) (Onomatopoeic)
सरसर सरसर The sound of water or milk falling into a pot in a slender continuous flow.

ସରୁ(ଓ)ତା—ପ୍ରାଦେ (ସମ୍ବଲପୁର) ବି—(ହି. ସରୌତା;
Sar-u(o)tā ସଂ. ସାର=ଲୌହ+ପତ୍ର; ପ୍ରା. ସାରବତ୍ତ)
(ସରୌତା—ଅନ୍ୟରୂପ) ଗୁଆକାତି—Betel-nut-cutter.

ସର୍କଲ୍ (ଇତ୍ୟାଦି)—ବୈଦେ. ବି (ଇଂ)—ସର୍କଲ୍ ଇତ୍ୟାଦି (ଦେଖ)
Sar-kal (etc) Sarkal etc (See)

ସର୍କୁ(କ୍ୟୁ)ଲ(ଲା)ର୍ ଇତ୍ୟାଦି—ବୈଦେ· ବି [ଇଂ]—ସର୍କୁଲର୍
Sar-ku(kyu)la(lā)r etc ଇତ୍ୟାଦି (ଦେଖ)—
Sarkular etc (See)

ସର୍ ଗମ୍—ଦେ· ବ—ସରଗମ (ଦେଖ)
Sar-gam Sarigama (See)
ସର୍ ଗରମ୍—ବୈଦେ· ବଣ—ସରଗରମ୍ (ଦେଖ)
Sar-garam Saragaram (See)
(ସର୍ଗରମ—ଅନ୍ୟରୂପ)
ସର୍‌ଜନ୍ ଇତ୍ୟାଦି—ବୈଦେ· ବ (ଇଂ)—ସର୍ଜନ୍ ଇତ୍ୟାଦି (ଦେଖ)
Sar-jan etc Sarjan etc (See)
ସର୍ ଜନ୍ ହୁବାକ୍—ବୈଦେ· ବ (ନାମ)—ଓଡ଼ିଶା ପ୍ରଦେଶର ପ୍ରଥମ
Sar-jan hubbāk ଗଭର୍ଣ୍ଣର୍—The first Governor of the Orissa Province. [ଦ୍ର—ଏହାଙ୍କ ପୂର୍ଣ୍ଣ ନାମ ଓ ଉପାଧି ମାନ୍ୟବର ସର୍ ଜନ୍ ହବାକ୍, ଏମ. ଏ., କେ· ସି. ଏସ୍. ଆଇ., ଆଇ, ସି· ଏସ୍·। ଏ ନବ ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର୍। ଇଣ୍ଡିଅନ ସିଭିଲ୍ ସର୍ଭିସ୍‌ର ଶାସନ ଶାଖା (Execucive branch) ର ଏ ସଦସ୍ୟ। ଏ ଇଂଲଣ୍ଡର କାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଏମ. ଏ. ପାସ୍ କରି ପ୍ରଥମେ ଜଏଣ୍ଟ୍ ମାଜିଷ୍ଟ୍ରେଟ ରୂପେ ୨୪।୧୦।୧୯୦୨ ରେ କାର୍ଯ୍ୟ କରି କ୍ରମଶଃ ମାଜିଷ୍ଟ୍ରେଟ ଓ କମିସନର୍ ଓ ବହାର ଓଡ଼ିଶା ଶାସନ ସମିତି (Executive Council) ର ସଭ୍ୟ ଓ ଅର୍ଥସଦସ୍ୟ ହୋଇ ଶେଷରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ହେଲେ। ୧।୭।୧୯୩୮ ସୁଦ୍ଧା ଏହାଙ୍କର ସରକାରୀ କର୍ମରେ ୩୫ ବର୍ଷ ୭ ମାସ ୨୨ ଦିନ ବିତିଅଛି। ଓଡ଼ିଶାର କମିସନର୍ ହେବା ପରେ ଏ ବହାର ଓଡ଼ିଶା ପ୍ରଦେଶର ବାଙ୍କିଙ୍ଗ୍ ଏନ୍‌କ୍ୱାଇରୀ କମିଟିର ସଭାପତି ଓ ପରେ ଓଡ଼ିଶା ପ୍ରାଦେଶିକ ଶାସନସଙ୍କ୍ରାନ୍ତ କମିଟିର ସଭାପତି ହୋଇ-ଥିଲେ। ଏ ଜଣେ ପଣ୍ଡିତ ଅଟନ୍ତି। ଗଣିତ, ଜ୍ୟୋତିଷ ଓ ଇଞ୍ଜିନିୟରିଂରେ ଏହାଙ୍କର ଖୁବ୍ ଅଭିଜ୍ଞତା ଅଛି। ଓଡ଼ିଶାର କମିସନରରୂପେ ଏହି ଓଡ଼ିଆ ଭାଷାକୋଷପ୍ରତି ବହାର ଓଡ଼ିଶା ସରକାରଙ୍କ ଦୃଷ୍ଟି ଏ ଆକର୍ଷଣ କରି ଭାରତ ଗଭର୍ଣ୍ଣମେଣ୍ଟଙ୍କଠାରୁ ବିଶିଷ୍ଟ ସାହାଯ୍ୟ ଲାଭ କରାଇଥିଲେ। ଏହାଙ୍କ ନାମରେ ଭାଷାକୋଷର ପ୍ରଥମଖଣ୍ଡ ଉତ୍ସୃଷ୍ଟ ହୋଇଅଛି। ଓଡ଼ିଆ ଭାଷାର ଓ ସାହିତ୍ୟର ଏ ଜଣେ ପ୍ରେମିକ ଅଟନ୍ତି। ଲଣ୍ଡନର ପ୍ରାଚ୍ୟ ବିଦ୍ୟାଳୟ [London College of Oriental Studies]ର ପୁସ୍ତକାଗାରକୁ ଓଡ଼ିଆ ଭାଷାର ପୁସ୍ତକମାନ ଯୋଗାଇବା ପାଇଁ ଏ ଖୁବ ଯତ୍ନବାନ୍ ଅଟନ୍ତି। ମନ୍ତ୍ରୀମାନଙ୍କ ବିନା ସାହାଯ୍ୟରେ ୧ ବର୍ଷକାଳ ଓଡ଼ିଶାପ୍ରଦେଶ ଶାସନ କରି ୧।୪।୧୯୩୭ଠାରୁ ନିର୍ବାଚିତ ମନ୍ତ୍ରୀମାନଙ୍କ ସାହାଯ୍ୟରେ ଏ ଓଡ଼ିଶା ଶାସନ କରୁଅଛନ୍ତି। ଓଡ଼ିଶାରେ ଗୋବସନ୍ତ ଜଳବସନ୍ତ, କୁଷ୍ଠରୋଗ ଓ ଯକ୍ଷ୍ମାରୋଗର ପ୍ରତୀକାର ପାଇଁ ଏ ବହୁ ଯତ୍ନ କରୁଅଛନ୍ତି। ଏ ସ୍ୱୟଂ ମଧ୍ୟ ଭାଷାକୋଷକୁ ଅର୍ଥ ସାହାଯ୍ୟ କରୁଅଛନ୍ତି। ଏହାଙ୍କ ଜୀବନର ଅନ୍ୟ ଘଟଣା ଓ ବିବରଣ ପାଇଁ 'ହବାକ୍' ଶବ୍ଦ ତଳେ ଦେଖନ୍ତୁ।]

ସର୍‌ଜନିଆ—ପ୍ରାଦେ (ଲିଡ଼ିଆ) ବ—ଉଚ୍ଚବଂଶୀୟ ବ୍ୟକ୍ତି—
Sar-janiā A person of high caste.

ସର୍‌ଡ଼ି(ଳି) ପଡ଼ିବା—ପ୍ରାଦେ (ସମ୍ବଲପୁର—ସର୍ଡ଼ି ପଡ଼ିବା (ଦେଖ)
Sar-rdi(li) pardibā Sarrdi pardibā (See)

ସର୍ ତାଳ—ବୈଦେ· ବ (ହି. ସତ୍ ତାଲ)—ସର୍ ତାଳ କରିବା ପରେ
Sar-tāla ଜମିର ତୃତୀୟ ଜରିପ—The third measurement of a land after the second measurement.
সরতাল सरताल, सड़ताल

ସର୍‌ପିଁସ୍—ପ୍ରାଦେ (ଗଡ଼ଜାତ) ବଣ—ମିଥ୍ୟାବାଦୀ—Lying; untruthful. ବ—୧। ମିଥ୍ୟା—1. Lie; falsehood. ୨। ମିଥ୍ୟାବାଦୀ ବ୍ୟକ୍ତି—2. A liar.
Sar-pins
ସର୍‌ପୁନି—ଦେ· ବ—ଡେଙ୍ଗା ବେଜାରି (ଦେଖ)
Sar-puni Deṇga bejāri (See)

ସର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ(ଓ)—ଦେ. ବ (ନାମ)—ମୟୂରଭଞ୍ଜର
Sar pratāp chandra bhañja deba(o) ମହାରାଜା—Sir Pratāp Chandra Bhanj Deo, K. C. I. E; name of the present Mahārājā of Mayurbhanj State.
[ଦ୍ର—ଏ ସ୍ୱର୍ଗତ ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ପୁତ୍ର ଓ ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କର କନିଷ୍ଠ ସହୋଦର। ଏହି ଭାଷାକୋଷ ଗ୍ରନ୍ଥର ଏ ଜଣେ ମୌଳିକ ପୃଷ୍ଠପୋଷକ ଓ ଅର୍ଥସାହାଯ୍ୟକାରୀ।]

ସର୍ ବାସୁଦେବ ସୁଢ଼ଳ ଦେବ—ଦେ· ବ (ନାମ)—ବାମଣ୍ଡାର ସ୍ୱର୍ଗତ
Sar bāsudeba sudhaḷa deba ଭୂତପୂର୍ବକ ରାଜା—The late Sir Bāsudeb Sudhal Deb C.I.E, late Raja of Bamrā State.
[ଦ୍ର—ଏ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥିଲେ। ଏହାଙ୍କ ରଚିତ 'ଅଳଙ୍କାର ବୋଧୋଦୟ' ନାମକ ଅଳଙ୍କାର ପୁସ୍ତକ ଏବଂ 'ଗୀତବାମା' ଓ 'ଛନ୍ଦୋମାଳା' କାବ୍ୟ ଓଡ଼ିଶାରେ ସୁପରିଚିତ। ତତ୍‌କାଳୀନ ରାଧାନାଥ, ମଧୁସୂଦନ ପ୍ରଭୃତି କବି ଓ ପଣ୍ଡିତମାନେ ତାଙ୍କଠାରୁ ଯଥେଷ୍ଟ ଉତ୍ସାହ ପାଇ ଥିଲେ। ତାଙ୍କ ଯୋଗୁଁ ଓଡ଼ିଶାରେ ଆଧୁନିକ ସାହିତ୍ୟ ଅନେକ ଅଗ୍ରସର ହୋଇଅଛି। ସେ ନିଜ ରାଜ୍ୟରେ ବୈଜ୍ଞାନିକ ରୀତିରେ ଅନେକ ଗବେଷଣା ଓ ଅନୁଷ୍ଠାନ କରି ରାଜ୍ୟର ଶ୍ରୀବୃଦ୍ଧି ସାଧନରେ ଅସାଧାରଣରୂପେ କୃତକାର୍ଯ୍ୟ ହୋଇ ଥିଲେ। ତାହାଙ୍କ ସୁଯୋଗ୍ୟ ପୁତ୍ର ସ୍ୱର୍ଗତ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ମଧ୍ୟ ପିତାଙ୍କ ତୁଲ୍ୟ ସାହିତ୍ୟର, ମାତୃଭୂମିର ଓ ପ୍ରଜାଙ୍କର ସେବାରେ ଆତ୍ମ ନିୟୋଗ କରି ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇଥିଲେ।] (ଦ୍ର—ସଚ୍ଚିଦାନନ୍ଦଙ୍କର ଓ ଏହାଙ୍କର ଜୀବନୀ ସମ୍ବନ୍ଧେ ଅନ୍ୟ ବିବରଣ ପାଇଁ ସୁଢ଼ଳ ଦେବ ତଳେ ଦେଖନ୍ତୁ।)

ସର୍ ବୀର ମିତ୍ରୋଦୟ ସିଂହ ଦେବ—ଦେ. ବ ନାମ—ସୋନପୁରର **Sar bira mitrodaya simha deba** ପୂର୍ବତନ ମହାରାଜା ମହାରାଜା ସର୍ ବୀର ମିତ୍ରୋଦୟ ସିଂହ ଦେବ, କେ. ସି. ଆଇ. ଇ., ଧର୍ମନିଧି, ଜ୍ଞାନଗୁଣାକର (ସୋନପୁର ରାଜ୍ୟର ଶାସକ ଥିଲେ)—The late Maharaja Sir Bira Mitrodaya Singha Deb K. C. I. E. Dharmanidhi, Gyānaguṇākara, the late Ruling Chief of Sonepur State.

ସରଭି(ଭେ)ଅର୍—ବୈଦେ. ବ (ଇଂ)—ସର୍ଭେଅର୍ (ଦେଖ) **Sar-bhi(bhe)ar** Sarbhear (See)

ସର୍ଭେ (ଇତ୍ୟାଦି)—ଦେ. ବ. (ଇଂ) – ସର୍ଭେ ଇତ୍ୟାଦି (ଦେଖ) **Sar-bhe (etc)** Sarbhe etc. (See)

ସର୍ ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେବ—ଦେ. ବ (ନାମ)—କନିକାର **Sar rājendra nārāyaṇa bhañja deba** ରାଜା ବାହାଦୁର Sir Rajendra Narayan Bhanj Deo, Raja Bahadur of Kanika Estate of Orissa. [ଦ୍ର—ଏ ମହାଶୟ ବହାର ଓଡ଼ିଶା ପ୍ରଦେଶର ଶାସନ ପରିଷଦ୍ର ଅର୍ଥ ସଦସ୍ୟ ହୋଇଥିଲେ ।]

ସର୍ର ସାଇଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ତରଳ ପଦାର୍ଥର **Sar-ra sāiṃ** ଅବିରତ ସରୁ ଧାର ପତନର ଶବ୍ଦ—1. Sound (ସର୍‌ରେ ଦେଁ—ଅନ୍ୟରୂପ) of liquid falling down in सर् सर् narrow current. ୨। ଟିଣର ଗାଡ଼ିଶଗଡ଼ ନାମକ सरसें ଖେଳନାର ଘୂର୍ଣ୍ଣନ ଶବ୍ଦ—2. The sound produced by whirling a toy-cart made of tin.

ସର୍ ସର୍—ଦେ. ଅ—ସର ସର (ଦେଖ) **Sar-sar** Sara sara (See)

ସରସିଆ—ପ୍ରାଦେ (ଖଲ୍ଲିଅଲ) ବଣ (ସଂ. ସଦୃଶ)—ସମାନ; ସଦୃଶ—**Sar-sia** Equal; similar. ବ—୧ । ଘୋଡ଼ସିଆ; କବାଟରେ ଲାଗିଥିବା ଶିକୁଳିର ମୂଳ ଅଂଶ, ଯାହା କବାଟରେ ମରାଯାଇ ଥାଏ—1. The hasp of a door chain. ୨ । କବାଟରେ ବା ସିନ୍ଦୁକରେ ମରାଯାଇ ଥିବା ଶିକୁଳିର କୁଣ୍ଡା, ଯାହା ଚଉକାଠରେ ମରାଯାଇ ଥାଏ—2. The staple of a door chain.

ସର—ସଂ. ବ (ସୃ ଧାତୁ=ଗମନ କରିବା+କର୍ତ୍ତୃ ଅ)—୧ । ଶର **Sara** (ଦେଖ)—1. Śara (See) ୨ । ସରୋବର; ପୋଖରୀ (ଶବ୍ଦ ଚନ୍ଦ୍ରିକା)—2. Tank; pond; lake. ୩ । ଭୂଷଣ ବିଶେଷ—3. A kind of ornament. ୪ । ମଧୁ—4. Honey. ୫ । ମାଲ୍ୟ—5. Garland. ୬ । ହାରର ଟଗାର—6. String of garland or necklace. ୭ । ଲବଣ—7. Salt (Apte). ୮ । ଝରଣା—8. Waterfall (Apte); cascade. ୯ । ଜଳ—9. Water (Apte). ୧୦। (+ଭାବ.ଅ) ଗତି—10. Motion; movement (Apte). ସଂ. ବଣ (ସୃ ଧାତୁ=ଗମନ କରିବା+କର୍ତ୍ତୃ. ଅ)—୧ । ଗମନକାରୀ; ଗତି କରୁଥିବା (ଏ ଅର୍ଥରେ 'ସର' ଶବ୍ଦ ପରେ ପ୍ରାୟ ଯୁକ୍ତ ହୁଏ, ଯଥା—ଅଗ୍ରସର, ଅବସର ଇତ୍ୟାଦି)—1. Moving; going. ୨ । ସାରକ; ରେଚକ; ଯାହା କୋଷ୍ଠଶୁଦ୍ଧି କରାଏ—2. Laxative; cathartic. ଦେ.ବ (ସ୍ତ୍ରୀ) (ସଂ.ସରସ୍ୱତୀ)—୧ । ଶ୍ରଦ୍ଧାରେ ବାଳିକାଙ୍କୁ ଡାକିବା ନାମ—1. Name for calling Saraswatī in fondness. ୨ । (ସଂ. ସରଃ) ସର (ସର୍—ଅନ୍ୟରୂପ) ସର୍; ଲିଙ୍ଗ; (ବିଶେଷତଃ) ଛେଳି, କୁକୁର, ଷଣ୍ଢ, ଘୋଡ଼ା, ମାଙ୍କଡ଼ ଆଦି ପଶୁଙ୍କର ଉତ୍ଥିତ ଲିଙ୍ଗର ଅଗ୍ରଭାଗ) —2. Penis; the fore part of the erect penis (specially of a goat, dog, bull, horse or monkey). ୩ । (ସଂ. ସରଃ) ତରଳ ପଦାର୍ଥ ଉପରେ ପଡ଼ିବା ଘନସ୍ତର—3. A thick layer of scum formed over any liquid. [ଦ୍ର—ସେ ପଚ ପାଣି ଉପରେ ସର ପକାଇବା ଲୋକ ।] ୪ । ସରଃ ୩ (ଦେଖ)—4. Sarah 3 (See) ୫ । ସରଃ ୪ (ଦେଖ)—5. Sarah 4 (See) ୬ । ନୌକାରେ ବ୍ୟବହୃତ ଅହୁଲର ଦଣ୍ଡ-ଅଂଶ—6. The pole portion of an oar. ୭ । ପୁରୀ ଜିଲ୍ଲାର ପୁରୀ ସହର ନିକଟବର୍ତ୍ତୀ ହ୍ରଦବିଶେଷ—7. Name of a lake in the Puri district near the Puri town. [ଦ୍ର—ଏହା ପୁରୀ ନଗରର ଉତ୍ତର-ପୂର୍ବର ସମୁଦ୍ର ଉପକୂଳରେ ଅବସ୍ଥିତ । ପୂର୍ବ ପଶ୍ଚିମରେ ଏହା ୪ ମାଇଲ୍ ଓ ଉତ୍ତର ଦକ୍ଷିଣରେ ୨ ମାଇଲ୍ । ଏହା ଭାର୍ଗବୀ ନଦୀର ଜଳରେ ପୁଷ୍ଟ; ହ୍ରଦ ଓ ସମୁଦ୍ର ମଧ୍ୟରେ ଉଚ୍ଚ ବାଲି ଢିପ ଅଛି—ଏହାର ସ୍ଥାନୀୟ ନାମ ସମଙ୍ଗ ସର ପାଟ ।] ହି. ବ (ସଂ. ସ୍ୱର)—ସ୍ୱର—Voice. स्वर (ଉ—ସ୍ୱେଚ୍ଛେ ବୋଲି ସ୍ୱେକ ସରେ, ପ୍ରବେଶ ଫୁଲ ବନରେ—ପ୍ରତାପ, ଶଶିରେଖା ।)

ସରଉ(ଓ)ତା—ଦେ. ବ (ହି. ସରୌତା)—ଗୁଆକାଟ—**Sarau(o)tā** ଜାଁତି सरौता Nut-cracker.

ସରଃ—ସଂ. ବ (ସୃ ଧାତୁ=ଗମନ କରିବା + ଅଧି. ଅସ୍)—୧ । ପୁଷ୍କରିଣୀ; **Sarah** ପୋଖରୀ; ସରୋବର; ତଡ଼ାଗ (ଶବ୍ଦସାଗର)—(ସରସ୍—ଅନ୍ୟରୂପ) 1. Pond; tank; lake. ୨ । (+କର୍ତ୍ତୃ. ଅ) ଜଳ (କଟାଧର)—2. Water. ୩ । ଦଧିସର; ଦସ ଦହିର ଉପରେ ପଡ଼ିବା ମୋଟା ସ୍ତର (ରତ୍ନମାଳା)—3. The film formed over curd. ୪ । ଅଉଟା ଦୁଧ ଉପରେ ପଡ଼ିବା ଘନ ଆବରଣ; ଦୁଗ୍ଧର ସାରଭାଗ—4. Cream of milk; the film formed on the surface of milk cooled after boiling. ୫ । (+ଭାବ. ଅ) ଗତି (ମେଦିନୀ)—5. Motion. ୬। (+କର୍ତ୍ତୃ.ଅ)ବାଣ; ଶର (ହେମଚନ୍ଦ୍ର)

—6. Arrow. ୭ । ବାଣତୃଣ; ଏକପ୍ରକାର ତୃଣ; ଶରତୃଣ—7. A kind of reed; Saccharum Arundinaceum. ୮ । ଲବଣ (ହେମଚନ୍ଦ୍ର)—8. Salt. ୯ । ନିର୍ଝର (ଭରତ)—9. A water-spring. ୧୦ । ମଦାଗିନ୍ତୀ ତରୁ (ରାଜନିର୍ଘଣ୍ଟ)—10. Name of a tree. ସ. ବଣ—ସର (ଦେଖ) Sara (See)

ସରଃ କାକ—ସ.ବି.ପୁଂ (ସରୋବରବାସୀ କାକ; ମ॰ ପ॰ ଲୋ; କର୍ମଧା)—Sarah kāka ହଂସ (ଶବ୍ଦରତ୍ନାବଳୀ)—Swan. (ସରଃ କାକୀ—ସ୍ତ୍ରୀ)

ସରକ—ସ ବଣ. ପୁଂ (ସୃ ଧାତୁ=ଗମନ କରିବା+କର୍ତ୍ତି. ଅକ)—Saraka ଗମନଶୀଳ; ଗତିବିଶିଷ୍ଟ (ଶବ୍ଦରତ୍ନାବଳୀ)—Moving. (ସରକା—ସ୍ତ୍ରୀ) ସ. ବି—୧ । ସରୋବର (ଶବ୍ଦରତ୍ନାବଳୀ)—1. Tank; lake. ୨ । ଆକାଶ (ସିଦ୍ଧାନ୍ତକୌମୁଦୀ)—2. The sky. ୩ । ଶୀଧୁ ପାତ୍ର; ମଦ୍ୟ ପାତ୍ର(ମେଦିନୀ)-3. A wine glass; goblet. ୪ । ଶୀଧୁ ପାନ; ମଦ୍ୟପାନ (ମେଦିନୀ)—4. Drinking of wine. ୫ । ଇକ୍ଷୁ ଶୀଧୁ; ଆଖୁ ରସରୁ ପ୍ରସ୍ତୁତ ମଦ (ମେଦିନୀ)—5. Wine distilled from sugarcane juice. ୬ । ଅଚ୍ଛିନ୍ନ ଅଧ୍ୱଗନ୍ତେଜ୍ଞ; ଅଖଣ୍ଡିତ ଦୀର୍ଘ ପଥ; ସଡ଼କ (ମେଦିନୀ)—6. A continuous line of road. ୭ । ମଦ୍ୟ ପରିବେଶନ (ଭରତ)—7. The serving of wine to drinkers; distribution of spirituous liquor. ୮ । ସୁରା; ମଦ୍ୟ—8. Spirituous liquor; spirits (Apte). ୯ । (+ଭାବ. ଅକ) ଗତି; ଗମନ—9. Going. ୧୦ । (+କର୍ମ. ଅକ) ସ୍ୱର୍ଗ—10. Heaven (Apte). ଦେ. ବି—୧ । ପଣ୍ୟବସ୍ତୁଚୟ—1. Merchandise. [ଉ—ଭାର ଲଦର ବୋଝିଏ ସରକ ବାରଗୋଡ଼ିଆ, ପଦର ଗୋଟିଅ ଭୁଶଲୀ, ଚକ୍ରଡ଼ିକ ନାଥ ଅଛି । କର୍ତ୍ତା ଦିନେ ସେଥିରେ ସରକ ନେଇ ଅଣ କରେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।) ୨ । ସ୍ଥାନାନ୍ତରକୁ ପଣ୍ୟବସ୍ତୁଚୟ ବହନ କରିବାର ଥର; ଖେପ—2. A trip of conveying merchandise.

ସରକଟ—ଦେ॰ ବଣ—ଗୁରୁ ବର୍ଷାଯୁକ୍ତ (ସମୟ)—(a time) Of Sarakaṭa plentiful rain. (ଉ—ଚଇତ ସରକଟ, ସିଂହ ଶୁଖାଏ, କନ୍ୟା କାନେ କାନ । ବନ୍ଧୁ ବନ୍ଧୁ ଭୁଲେ କରଛିଲେ କାହିଁ ରଖିବୁ ଧାନ—କୃଷିବଚନ ।)

ସର କଢ଼ା—ଦେ. ବଣ—ଯେଉଁ ଅଉଟା ଦୁଧର ଉପରେ ପଡ଼ିଥିବା Sara kaṛhā ସରକୁ ବାହାର କରି ଦିଆ ଯାଇଥାଏ—सर तोला (milk) From which cream has **पटाया हुआ** been removed. ଦେ॰ ବି—ଗୁଣି ବିଦ୍ୟା ବା ମନ୍ତ୍ର ଯନ୍ତ୍ର ପ୍ରୟୋଗଦ୍ୱାରା କୌଣସି ଗାଈର ଦୁଗ୍ଧକୁ ସରଶୂନ କରିବାର ପ୍ରକ୍ରିୟା—Causing the milk of a cow to be devoid of cream by employing black magic. [ଦ୍ର—ଯେଉଁ ଗାଈ ପ୍ରତି 'ସର କଢ଼ା' ପ୍ରୟୋଗ କରି ଯାଇଥାଏ, ତାହାଠାରୁ ଦୁହାଁ ହେବା ଦୁଧକୁ ଅଉଟିଲେ ସେ ଦୁଧରେ ଅବୋ ସର ପଡ଼େ ନାହିଁ ।]

ସରକଲ୍—ବୈଦେ. ବ—ସର୍କଲ୍ (ଦେଖ)—Sarkal (See) Sarakal सारकेल **सरकल**

ସର କଲମ—ଦେ. ବ—ଲେଖଣୀ ରୂପେ ବ୍ୟବହୃତ ଶରତୃଣର କାଠି—Sara kalama Reed of 'Sara' grass used as सर कलम **सरकण्डाका कलम** pen; reed-pen.

ସରକସ୍—ବୈଦେ. ବ (ଇଂ)—ସର୍କସ୍ (ଦେଖ)—Sarkas (See) Sarakas सार्कास **सरकस**

ସରକା—ବୈଦେ॰ ବ (ଫା. ସରୋକାର୍)—୧ । ସମ୍ବନ୍ଧ; ସଂସର୍ଗ—Sarakā 1. Connection; relation. ୨ । ଅଂଶ; सरोकार ହିସ୍ସା—2. Share. ପ୍ରାଦେ॰ (ସମ୍ବଲପୁର)—**सरोकार** ଜୁଟା ଅବର ଲଣ୍ଡା—A wisp of straw for iginiting fire.

ସରକା(କେ)ଇବା—ଦେ॰ କ୍ରି. (ସ. ସୃ ଧାତୁ)—୧ । ଏକପାଖକୁ Sarakā(ke)ibā ଘୁଞ୍ଚାଇବା—1. To remove a thing सरान to one side. ୨ । ସ୍ଥାନାନ୍ତରିତ କରିବା—**सरकाना** 2. To remove a thing.

ସର କାଢ଼ିବା—ଦେ. କ୍ରି—୧ । ଅଉଟା ଦୁଧ ଉପରେ ପଡ଼ିଥିବା ସରକୁ Sara kāṛhibā ଉଠାଇ ନେବା—1. To remove the सरतोला **मलाई निकालना** layer of cream from [ସରକାଢ଼ା(ଢ଼େ)ଇବା—ଣିଜନ୍ତରୂପ] boiled milk. ୨ । ମନ୍ତ୍ରଯନ୍ତ୍ର ପ୍ରୟୋଗଦ୍ୱାରା ଗାଈର ଦୁଧକୁ ସରଶୂନ କରିବା—2. To cause the milk of a cow to be devoid of cream by the employment of black magic. ୩। (ଲକ୍ଷଣାର୍ଥ) କୌଣସି ପଦାର୍ଥର ସାର ଅଂଶକୁ ବାହାର କରିନେଇ ଅସାର୍ଥିବା ଅଂଶକୁ ଛାଡ଼ିଦିବା—3. (figurative) To take away the essential part out of a thing and to leave the husk only.

ସରକାର୍(ର)—ବୈଦେ. ବ (ଫା. ସର୍କାର୍) ୧ । ପ୍ରଭୁ—1. Lord; Sarakār(ra) master. ୨ । ସ୍ୱାମୀ; ମାଲିକ—2. Owner; सरकार **सरकार** lord. ୩। ଦେଶର ରାଜା—3. The king of a country. ୪ । ଦେଶୀୟ ରାଜାମାନଙ୍କ ପ୍ରତି ସମ୍ମାନସୂଚକ ବଚନ—4. His Highness. [ଉ—ସରକାରଙ୍କୁ କହି କଥା ଅଛପା ନାହିଁ ।] ୫। ଦେଶର ଗଭର୍ଣ୍ଣମେଣ୍ଟ—5. The Government of a country. ୬ । ଦେଶର ଶାସନକର୍ତ୍ତା—6. Governor of a country. ୭ । ମୁସଲମାନ ରାଜତ୍ୱରେ ଦେଶର ରାଜସ୍ୱ ଆଦାୟର ସୁବିଧା ନିମନ୍ତେ ଗଠିତ ବିଭାଗ;

ସୁବା—7. A fiscal division of a Province during Mahomedan rule. [ଦ୍ର—୧ । ସୁଭଦ୍ର ମଣ୍ଡଳାର ସମଷ୍ଟିରେ ପ୍ରଗଣା ଏବଂ ଗୁଡ଼ିଏ ପ୍ରଗଣାର ସମଷ୍ଟିରେ ଗୋଟିଏ ସରକାର୍ ହେଉଥିଲା ।

୨ । ମୁସଲମାନ୍‌ମାନଙ୍କ ରାଜତ୍ୱରେ 'ଦଣ୍ଡପାଟ' ପରିବର୍ତ୍ତିରେ 'ସରକାର' ନାମ ହେଲା । ଜଗବନ୍ଧୁ, ପ୍ରାଚୀନ ଉତ୍କଳ]

୮ । ଦେଣଦାରଙ୍କ ଠାରୁ ପାଉଣା ଟଙ୍କା ଅଦାୟକାରୀ—8. A collector of dues from debtors or persons who are liable to pay. [ଦ୍ର—ସହରବାସୀଙ୍କଠାରୁ ଟିକସ ଅଦାୟକାରୀ, ଦୋକାନଦାର ବା ମହାଜନଙ୍କ ନିଯୁକ୍ତ ଦେଣାଅଦାୟକାରୀ ଓ ପ୍ରଜାଙ୍କଠାରୁ ରାଜସ୍ୱ ଅଦାୟକାରୀମାନଙ୍କୁ 'ସରକାର' କହନ୍ତି ।]

୯ । ଘରର ଜମା ଖରଚ ପରିଦର୍ଶକ କର୍ମଚାରୀ; ଗୃହର ତତ୍ତ୍ୱାବଧାରକ—9. Superintendent of a household. ୧୦ । ବଙ୍ଗଦେଶର ବଂଶୋପାଧି ବିଶେଷ 10. A family title in Bengal (ଦ୍ର—ବଙ୍ଗ ଦେଶରେ ମୁସଲମାନ୍ ରାଜତ୍ୱ ସମୟରେ ଲେଖାପଢ଼ା ଜାଣୁଥିବା ସମ୍ଭ୍ରାନ୍ତ ହିନ୍ଦୁ ଓ ମୁସଲମାନଙ୍କୁ ନବାବ ଏହି ଉପାଧି ଦେଉଥିଲେ ଏବଂ ତାହା କାଳକ୍ରମେ ବଂଶଗତ ଉପାଧିରେ ପରିଣତ ହୋଇଯାଇଅଛି ।] ୧୧ । ମୋଗଲ ରାଜତ୍ୱକାଳରେ ଦାକ୍ଷିଣାତ୍ୟର ପୂର୍ବ ଉପକୂଳବର୍ତ୍ତୀ କେତେକ ଅଞ୍ଚଳର ନାମ 11. A name formerly given to the seaside tracts on the east coast of South India; the Sircars. [ଦ୍ର—ଏହା ଦୁଇ ଭାଗରେ ବିଭକ୍ତ । ଯଥା—

୧ । ଉତ୍ତର ସରକାର (The Northern Sircars), ଅର୍ଥାତ୍ ଅଧୁନାତନ ଗଞ୍ଜାମ, ବିଶାଖାପଟ୍ଟଣା, ଗୋଦାବରୀ ଓ କୃଷ୍ଣା ଜିଲ୍ଲାମାନ ।

୨ । ଦକ୍ଷିଣ ସରକାର (The Southern Sircars) ଅର୍ଥାତ୍ ଉତ୍ତର ସରକାରର ଦକ୍ଷିଣକୁ ଲାଗିଥିବା ଦାକ୍ଷିଣାତ୍ୟର ଉପକୂଳାଂଶ ।]

ବୈଦେ• ଅ—ରାଜା ଓ ହାକିମମାନଙ୍କୁ ଅନୁଗତ ବ୍ୟକ୍ତିମାନଙ୍କର ସଂବୋଧନ; ହେ ମହାଶୟ ! ହେ ପ୍ରଭୋ ! ହେ ସ୍ୱାମିନ୍ !—A word used in addressing kings and higher personages e. g. 'Your Honour' ! My Lord ! Your Highness. [ଦ୍ର—ଏହି ଶବ୍ଦ ଇଂରାଜୀଭାଷାରେ ମଧ୍ୟ ବ୍ୟବହୃତ ହେଲଣି ।]

ସରକାର୍ ବାହାଦୁର—ବୈଦେ• ବି ('ସରକାର' ଶବ୍ଦ ସଙ୍ଗେ Sarakār bāhādur ସମ୍ମାନାର୍ଥକ 'ବାହାଦୁର' ଶବ୍ଦର সরকারবাহাদুর सरकारबहादुर ଯୋଗ)—ମାନନୀୟ ଗଭର୍ଣ୍ଣମେଣ୍ଟ—The Hon'ble Government.

ସରକାର ଉମେଶଚନ୍ଦ୍ର—ଦେ• ବି (ନାମ)—ଓଡ଼ିଶାର ସର୍ବପ୍ରଥମ Sarakāra Umeśa Chandra ସ୍ୱର୍ଗତ ଉପନ୍ୟାସ- উমেশচন্দ্র সরকার उमेशचन्द्र सरकार ଲେଖକ—The first novel writer of modern Orissa; the late Babu Umeschandra Sircar. [ଦ୍ର—ଏ ଓଡ଼ିଆ ଭାଷାରେ ପ୍ରଥମେ ଉପନ୍ୟାସ ଲେଖିଥିଲେ । ତାହାଙ୍କ ଲିଖିତ "ପଦ୍ମମାଳୀ" ଓଡ଼ିଆ ଭାଷାରେ ସର୍ବପ୍ରଥମ ଐତିହାସିକ ଉପନ୍ୟାସ ୧୮୮୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳଠାରୁ ପ୍ରକାଶିତ । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କଦ୍ୱାରା ପାଞ୍ଚଗଡ଼ ଆକ୍ରମଣ ଓ ହରିହର ଭ୍ରମରବରଙ୍କ ଦ୍ୱାରା ନୀଳଗିରି ଆକ୍ରମଣ ଏହି ଦୁଇଗୋଟି ଐତିହାସିକ ଘଟଣା ଅବଲମ୍ବନରେ ଲିଖିତ ଓ ପ୍ରସଙ୍ଗକ୍ରମେ ନୀଳଗିରି ରାଜ୍ୟର ଇତିବୃତ୍ତ ଓ ପାଞ୍ଚଗଡ଼ ନୀଳଗିରିର ଅଧିକାରରୁ ଚ୍ୟୁତ ହୋଇ ଗଭର୍ଣ୍ଣମେଣ୍ଟଙ୍କ ଖାସମହାଲ ଭୁକ୍ତ ହେବା ବିଷୟମାନ ଏଥିରେ ସନ୍ନିବେଶିତ । ଶିକ୍ଷିତ ସମାଜରେ ଏହି ପୁସ୍ତକଖଣ୍ଡି ଯଥେଷ୍ଟ ସମାଦର ଲାଭ କରିଥିଲା ଏବଂ ଏଥିର ଭାଷା ପ୍ରାଞ୍ଜଳ ଓ ଦୋଷବର୍ଜିତ ଥିବାରୁ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ଓଡ଼ିଆ ପାଠ୍ୟପୁସ୍ତକରୂପେ ଏହା ନିର୍ବାଚିତ ହୋଇଥିଲା । "ପଦ୍ମମାଳୀ"ର ଦ୍ୱିତୀୟ ସଂସ୍କରଣ ୧୯୧୨ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଉତ୍କଳ ପ୍ରେସରୁ ... ଏବଂ ତୃତୀୟ ସଂସ୍କରଣ ୧୯୩୦ ରେ କଟକ ଲକ୍ଷ୍ମୀନାରାୟଣ ପ୍ରେସରୁ ପ୍ରକାଶିତ ହୋଇଥିଲା । ଉତ୍କଳ ସାହିତ୍ୟର ଗୌରବବର୍ଦ୍ଧନ ଓ ଉତ୍କଳୀୟ ଜନସମାଜର ପ୍ର[illegible]ମୋଦନ ଉମେଶଚନ୍ଦ୍ରଙ୍କ ଲକ୍ଷ୍ୟ ଥିଲା ।

ଉମେଶଚନ୍ଦ୍ର ୧୮୫୭ ମସିହାରେ ପୁରୀ ଧାମରେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କ ପିତା ଈଶ୍ୱରଚନ୍ଦ୍ର ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ନିମକ ଦାରୋଗାରୂପେ କାର୍ଯ୍ୟ କରୁଥିଲେ । ପିତାଙ୍କର ଦୁଇ ପୁତ୍ର ଓ ଏକ କନ୍ୟା ମଧ୍ୟରୁ ଉମେଶଚନ୍ଦ୍ର ସର୍ବକନିଷ୍ଠ । ଅଳ୍ପ ବୟସରେ ବସନ୍ତରୋଗରେ ଈଶ୍ୱରଚନ୍ଦ୍ରଙ୍କ ମୃତ୍ୟୁ ହେବାରୁ ଦୁଇବର୍ଷବୟସ୍କ ବାଳକ ଉମେଶଚନ୍ଦ୍ର ଜ୍ୟେଷ୍ଠ ଭ୍ରାତା, ଭଗିନୀ ଓ ଜନନୀଙ୍କ ସହିତ କଟକକୁ ଆସି ତାଳବଜାରରେ ଆତ୍ମୀୟ କୁଟୁମ୍ବଙ୍କ ସାହାଯ୍ୟରେ ବି. ଏ. ପର୍ଯ୍ୟନ୍ତ ଅଧ୍ୟୟନ କରି ପ୍ରଥମେ ଓଡ଼ିଶାର କମିଶନର୍ ସାହେବଙ୍କ ଅଫିସରେ କାର୍ଯ୍ୟ ଆରମ୍ଭ କରିଥିଲେ । ତାହାଙ୍କ ବୁଦ୍ଧି, ବିବେଚନା ଓ କାର୍ଯ୍ୟଦକ୍ଷତା ହେତୁ ସେ କ୍ରମେ ଢେଙ୍କାନାଳରେ ଆସିଷ୍ଟାଣ୍ଟ୍ ମାନେଜର୍, ତାଳଚେରର ଓ କନିକାର ମାନେଜର ପଦମାନ ପ୍ରାପ୍ତ ହୋଇଥିଲେ । ସେହି ସମୟରେ ଉକ୍ତ ରାଜ୍ୟମାନ କୋର୍ଟ୍ ଅଫ୍ ୱାର୍ଡ଼୍‌ସ୍‌ଙ୍କ ଅଧୀନ ଥିଲା ଏବଂ ଗଭର୍ଣ୍ଣମେଣ୍ଟ ସ୍ୱୟଂ ଉକ୍ତ ରାଜ୍ୟମାନ ପରିଚାଳନ କରୁଥିଲେ । ଢେଙ୍କାନାଳରେ କାର୍ଯ୍ୟ କରୁଥିବା ସମୟରେ ୧୮୮୮ ଖ୍ରୀଷ୍ଟାବ୍ଦରେ ତାହାଙ୍କ ରଚିତ

"ପଦ୍ମମାଳୀ" ପ୍ରଥମେ ପ୍ରକାଶିତ ହେଲା । କଟକରେ ଥିବା ସମୟରେ ଅସୁସ୍ଥତା ହେତୁ ତାହାଙ୍କୁ ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିବାକୁ ହୋଇଥିଲା (୧୮୯୯) । ରୋଗର ଉପଶମ ହୁଅନ୍ତେ ସେ କଟକ କାଜିବଜାରସ୍ଥ ସ୍ୱୀୟ ବାସଭବନରେ ଥାଇ ଓଡ଼ିଆ ସାହିତ୍ୟ ସେବାରେ ମନୋଯୋଗୀ ହୋଇଥିଲେ ଏବଂ ତହିଁର ଫଳସ୍ୱରୂପ "ଯତୋଧର୍ମସ୍ତତୋଜୟଃ" ନାମକ ଓଡ଼ିଆ ଐତିହାସିକ ନାଟକ ପ୍ରକାଶିତ ହୋଇଥିଲା । ସେ ଛଦ୍ମନାମ ଗ୍ରହଣ କରି ଓଡ଼ିଆ ଭାଷାରେ ଭଗମାଳିକା, ମହିମ୍ନସ୍ତବ ନାମକ ଦୁଇଖଣ୍ଡ ପୁସ୍ତିକା ମଧ୍ୟ ପ୍ରକାଶ କରିଥିଲେ । ମୁକୁର ନାମକ ଓଡ଼ିଆ ମାସିକ ପତ୍ରିକାର ସେ ଜଣେ ପ୍ରଧାନ ଲେଖକ ଥିଲେ । ସେଥିରେ ସେ "ଉଦାସୀ" ଏହି ଛଦ୍ମ ନାମ ଗ୍ରହଣ କରି "କେନ୍ଦୁଝର ବିଦ୍ରୋହ" ନାମକ ଏକ ଐତିହାସିକ ଉପନ୍ୟାସ ଧାରାବାହିକରୂପେ ପ୍ରକାଶ କରୁଥିଲେ । କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା ।

ଇଂରାଜୀରେ ସାହିତ୍ୟ ମଧ୍ୟ ଉମେଶଚନ୍ଦ୍ରଙ୍କ ଯଥେଷ୍ଟ ପାରଦର୍ଶିତା ଥିଲା ଏବଂ ସେ ଇଂରାଜୀରେ ମଧ୍ୟ କେତେଖଣ୍ଡି ପୁସ୍ତକ ପ୍ରଣୟନ କରିଥିଲେ । ସେଥିମଧ୍ୟରୁ ସହଜ ଇଂରାଜୀ ଶିକ୍ଷା ୧ମ ଭାଗ (Easy way to learn English, Part I) Temple of Truth, Speaking the truth ଓ ହିତୋପଦେଶର ଇଂରାଜୀ ପଦ୍ୟାନୁବାଦ (ଅର୍ଥାଭାବରୁ ଅପ୍ରକାଶିତ) ଉଲ୍ଲେଖଯୋଗ୍ୟ । ଶେଷ ବୟସରେ ଅର୍ଥାଭାବ ହେତୁ ତାହାଙ୍କୁ ପୁଣି ତାଳଚେର ରାଜାଙ୍କର 'ଅଡଭାଇଜର୍' ପଦ ଗ୍ରହଣ କରିବାକୁ ପଡ଼ିଥିଲା (୧୯୧୧) ଏବଂ ସେହିଠାରେ ସେ ଅମାଶୟ ରୋଗରେ ୧୯୧୪ ଖ୍ରୀଷ୍ଟାବ୍ଦରେ ଇହଲୀଳା ସମ୍ବରଣ କଲେ ।

ତାହାଙ୍କର ତିନି ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଶ୍ରୀ ଅପୂର୍ବକୃଷ୍ଣ ସରକାର ବି. ଏ. ଶିକ୍ଷାବିଭାଗରେ ଗଭର୍ଣ୍ଣମେଣ୍ଟଙ୍କ ଅଧୀନତାରେ କାର୍ଯ୍ୟ କରନ୍ତି । ତାହାଙ୍କର ମଧ୍ୟ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ଅଛି ଏବଂ ସେ ଓଡ଼ିଆ ଭାଷାରେ 'ଇଂଲଣ୍ଡର ଇତିହାସ' ୧ମ ଭାଗ ଓ ୨ୟ ଭାଗ ନାମକ ଦୁଇଖଣ୍ଡି ପୁସ୍ତକ ପ୍ରଣୟନ କରିଅଛନ୍ତି—ସନ୍ଦର୍ଭଲେଖକ ଡାକ୍ତର କୈଳାସଚନ୍ଦ୍ର ରାଓ ।]

ସରକାର ମୁଦେଇ—ବୈଦେ· ବି (କଚେରି)—ଗୁରୁତର ଫଉଜଦାରୀ
Sarakāra mudei ମକଦ୍ଦମାରେ ଅଭିଯୋକ୍ତା ରୂପେ ଠିଆ ହୋଇ
সরকার মুদ্দেই ଥିବା ଗଭର୍ଣ୍ଣମେଣ୍ଟ—The Crown as com-
सरकार मुद्दई plainant in serious criminal cases.

ସରକାରୀ—ବୈଦେ. ବିଣ (ଫା.)—୧ । ସରକାର ବା ଗଭର୍ଣ୍ଣମେଣ୍ଟ
Sarakārī ସମ୍ବନ୍ଧୀୟ—1. Relating to Government;
সরকারী official. ୨ । ରାଜକୀୟ—2. Relating to
(ସରକାରିଅ—ଦେ· ରୂପ) the king; royal. ୩ । ଗଭର୍ଣ୍ଣମେଣ୍ଟ
(ବେସରକାରୀ—ବିପରୀତ) ମାଲିକ ରାଜା ବା ଗଭର୍ଣ୍ଣମେଣ୍ଟ ସ୍ୱୟଂ
ଅଟନ୍ତି—3. Belonging to the King or the Government. ୪ । ସର୍ବସାଧାରଣଙ୍କ ବ୍ୟବହାର ଯୋଗ୍ୟ ବା ଯହିଁରେ ସର୍ବସାଧାରଣଙ୍କର ଅଧିକାର ଅଛି—4. Open to the public; used by the public. ୫ । ଯେଉଁ ସମ୍ପତ୍ତି ବ୍ୟକ୍ତିବିଶେଷଙ୍କର ନୁହେଁ—5. Not private; public (property).

ସରକାରୀ ଓକିଲ—ବୈଦେ· ବି (ଫା· ସରକାରୀ + ୱକିଲ୍)—
Sarakārī okila ଗଭର୍ଣ୍ଣମେଣ୍ଟ ପ୍ଲିଡର; ଯେଉଁ ଓକିଲ
সরকারী উকিল ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରୁ ମକଦ୍ଦମା ଚଳାନ୍ତି—
सरकारी वकील Government pleader.

ସରକାରୀ କର୍ମଚାରୀ—ଦେ· ବି—ସରକାରୀ ଚାକର (ଦେଖ)
Sarakārī karmachārī Sarakārī chākara (See)
সরকারী কর্ম্মচারী **सरकारी कर्मचारी**

ସରକାରୀ କାଗଜ—ବୈଦେ· ବି (ଫା)—୧ । ରାଜକୀୟ ନଥି ଅଦି—
Sarakārī kāgaja 1. Government record;
সরকারী কাগজ public records. ୨ । ରାଜକୀୟ କାର୍ଯ୍ୟରେ
सरकारी कागज ବ୍ୟବହୃତ କାଗଜ—2. Papers intended
(ସରକାରୀ କାଗଜ ପତ୍ର—ଅନ୍ୟରୂପ) for use in Govern-
(ସରକାରୀ କାଗଜାତ୍—ବହୁବଚନ) ment service.

ସରକାରୀ କାମ(ର୍ଯ୍ୟ)—ଦେ. ବି—୧ । ରାଜକୀୟ କର୍ମ—1. Govern-
Sarakārī kāma(rjya) ment service. ୨ । ଗଭର୍ଣ୍ଣ-
সরকারী কাজ ମେଣ୍ଟଙ୍କ ଅଧୀନ ଚାକରି—2. Service under
सरकारी काम the Government.

ସରକାରୀ ଚାକର—ବୈଦେ. ବି—ଗଭର୍ଣ୍ଣମେଣ୍ଟଙ୍କ ଅଧୀନତାରେ କାର୍ଯ୍ୟ
Sarakārī chākara କରୁଥିବା ଭୃତ୍ୟ—Government
সরকারী চাকর servant; a public servant. [ଦ୍ର—

ସରକାରୀ ଚାକରିଆ }
ସରକାରୀ ନଉକର } ଅନ୍ୟରୂପ
ସରକାରୀ ନୌକର }

ଉଚ୍ଚ ଶ୍ରେଣୀର ରାଜକୀୟ ଭୃତ୍ୟଙ୍କୁ ସରକାରୀ କର୍ମଚାରୀ ଓ ନିମ୍ନ ଶ୍ରେଣୀର ଭୃତ୍ୟଙ୍କୁ ସରକାରୀ ଚାକର ବୋଲାଯାଏ ।]
सरकारी नौकर

ସରକାରୀ ଚାକ(କି)ରୀ—ବୈଦେ. ବି—ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ଚାକରି
Sarakārī chāka(ki)rī —Government service.
সরকারী চাকরী **सरकारी नौकरी**
(ସରକାରୀ ନୌକରୀ[ନଉକରୀ]—ଅନ୍ୟରୂପ)

ସରକାରୀ ଚିଟି(ଠି)—ଦେ· ବି—୧ । ରାଜକୀୟ ପତ୍ର—1. A Govern-
Sarakārī chiṭi(ṭhi) ment letter. ୨ । ରାଜକୀୟ
সরকারী পত্র କର୍ମ ସମ୍ବନ୍ଧୀୟ ପତ୍ର—2. An official letter.
सरकारी चिठ्ठी

ସରକାରୀ ସିରସ୍ତା—ବୈଦେ. ବି (ଫା)—ରାଜକୀୟ ଅଫିସ—
Sarakārī sirastā Government office.
সরকারী সেরস্তা **सरकारी सिरस्ता**

ସରକାସ୍—ବୈଦେ. ବ (ଇଂ. ସର୍କସ୍)—ସର୍କସ୍ (ଦେଖ)
Sarakās Sarkas (See)

ସରକିଟ୍ (ଇତ୍ୟାଦ)—ବୈଦେ. ବ—ସର୍କିଟ୍ ଇତ୍ୟାଦ (ଦେଖ)
Sarakiṭ (etc) Sarkiṭ etc (See)

ସର(ରି)କଦାର ବୈଦେ, ବ (ଫା)-ସରକ୍‌ଦାର୍; ଅଂଶୀଦାର; କୌଣସି
Sara(ri)kidāra ସମ୍ପତ୍ତିର ଅଂଶର ମାଲିକ—A cosharer.
सरीकदार सरीक

ସରକିବା—ଦେ. କି ଫା. ସରକ୍‌ନା—ଘୁଞ୍ଚିବା—To move off.
Sarakibā सरा सरकना
(ସରକ ଯିବା—ଅନ୍ୟରୂପ) (ସରକା[କେ]ଇବା—ଣିଜନ୍ତରୂପ)

ସରକୁଲ—ଗ୍ରା. ବୈଦେ. ବ—ସର୍କଲ୍ (ଦେଖ)
Sarakula Sarkal (See)

ସରକୁ(କ୍ୟୁ)ଲ(ଲା)ର୍—ବୈଦେ. ବ—ସର୍କୁଲର୍ (ଦେଖ)
Saraku(kyu)la(lā)r Sarkular (See)

ସରଖତ୍—ବୈଦେ. ବ (ଇଂ)—ଘର ଭଡ଼ା ଦଅଯିବାର ସର୍ତ୍ତମାନ
Sarakhat ଲେଖାଥିବା ଦସ୍ତାବଜ—A deed in which
घरभाड़ा पाटा कबुलियत the conditions of the lease
सरखत of a house are recorded.

ସରଗ—ଗ୍ରା. ବ (ସ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven. ୨ ।
Saraga ଆକାଶ—2. The sky.
स्वरग सरग

ସରଗ ଚନ୍ଦ—ଦେ. ବ (ସ. ସ୍ୱର୍ଗ+ଚନ୍ଦ୍ର)—୧ । ସ୍ୱର୍ଗର ଚନ୍ଦ୍ରମା—
Saraga chānda 1. The moon in the sky. ୨ ।
স্বর্গের চান্দ (ଲକ୍ଷଣାର୍ଥ) ଚନ୍ଦ୍ରମା ତୁଲ୍ୟ ସୁନ୍ଦର ବସ୍ତୁ ବା ବ୍ୟକ୍ତି—
सरग चाँद 2. [figurative] A person or thing as beautiful as the moon. ୩ । (ଲକ୍ଷଣାର୍ଥ) ଚନ୍ଦ୍ରମା ତୁଲ୍ୟ ମନୁଷ୍ୟର ଅପ୍ରାପ୍ୟ ବସ୍ତୁ—3. [figurative] A thing as unattainable as the moon.

ସରଗ ତ(ତା)ର୍—ଦେ. ବ (ସ. ସ୍ୱର୍ଗ+ତାର)—୧ । ସ୍ୱର୍ଗର ତାରା—
Saraga ta(tā)rā 1. A star in the sky. ୨ ।
স্বর্গের তারা (ଲକ୍ଷଣାର୍ଥ) ତାରା ପରି ଉଜ୍ଜ୍ୱଳ ପଦାର୍ଥ—
सरग तारा 2. (figurative) A shining thing. ୩ । (ଲକ୍ଷଣାର୍ଥ) ତାରକା ପରି ଅପ୍ରାପ୍ୟ ବସ୍ତୁ — 3. (figurative) Any unattainable thing.

ସରଗ ପଥର—ଦେ. ବ—ଶିଳପଥର—Hail-stone.
Saraga pathara शिल ओला

ସରଗ ଫଳ—ଦେ. ବ—ଶିଳପଥର—Hail-stone. ପ୍ରାଦେ.
Saraga phaḷa (ଗଡ଼ଜାତ) ବ—ମାଇପଙ୍କର ପରସ୍ପର ମଧ୍ୟରେ
शिल ओला ସ୍ଥାପନ କରବା ବନ୍ଧୁତା—A kind of god-relationship amongst women.

ସରଗମ୍—ଦେ. ବ (ସ. ସା. ରେ. ଗା. ମା. କ୍ରମ । ସ୍ୱରଗ୍ରାମ)—
Saragam ୧ । (ସଙ୍ଗୀତ) ସ୍ୱରଗ୍ରାମ; ସପ୍ତସ୍ୱରର କ୍ରମଗତ—
सारिगामा 1. (music) Musical gamut. ୨ ।
सरगम ସଙ୍ଗୀତର ମୌଳିକ ସ୍ୱରମାନ—2. The elementary tunes of music. (ଯଥା—ତାକୁ ତ ସରଗମ୍ ଜଣା ନାହିଁ; ସେ ପୁଣି ଓସ୍ତାଦ୍ ହେବାକୁ ବୁଲୁଛି ।)

ସରଗରମ୍—ବୈଦେ. ବଣ (ଫା. ସର୍‌ଗରମ୍)—୧ । ଅତ୍ୟନ୍ତ ଗରମ
Saragaram ବା ଉଷ୍ଣ—1. Very hot or warm.
सरगरम सरगर्म ୨ । ଉତ୍ତେଜିତ—2. Excited. ୩ ।
(ସରଗରମୀ—ବ); ଅତ୍ୟାକାଂକ୍ଷିତ; ଅତି ବ୍ୟଗ୍ର—3. Very eager. ୪ । ବେଗାନ୍ୱିତ; ସ୍ଫୂର୍ତ୍ତିବିଶିଷ୍ଟ; ତେଜସ୍ୱୀ—4. Energetic; vigorous. ୫ । ଜାକଜମକଥିବା; ଅଡ଼ମ୍ବରମୟ—5. Showy. ୬ । ତୋଳାଉଳପୂର୍ଣ୍ଣ—6. Full of ado. ୭ । ଲୋକପୂର୍ଣ୍ଣ; ଜନତାପୂର୍ଣ୍ଣ—7. Crowded. ୮ । ପ୍ରେମବିହ୍ୱଳ—8. Mad with love. ୯ । ଉତ୍ସାହୀ; ଉତ୍ସାହାନ୍ୱିତ—9. Full of promptness or energy. ୧୦ । କୌଣସି ଦ୍ରବ୍ୟର ବେଶି ଲୋଡ଼ା ହେବାରୁ ତହିଁର ମୂଲ୍ୟ ବା ଦାମ ବଢ଼ି ଯାଇଥିବା (ଅବସ୍ଥା)—10. The state of the market in which the price of a particular commodity has been rising very high. (ଯଥା—ଏ ମାସରେ ଅନେକ ବାହାଘର ଥିବାରୁ ଲୁଗାର ବଜାର ସରଗରମ ହୋଇ ଯାଇଛି ।)

ସରଗରୁ ତୋଳିବା—ଦେ. କି (ଲକ୍ଷଣାର୍ଥ)—ନ ଥିବା ବସ୍ତୁକୁ
Saragaru toḷibā ବା ଅସମ୍ଭବ ବସ୍ତୁକୁ କଳ୍ପନାପ୍ରସୂତିଦ୍ୱାରା
आकाश कुँड़े तोला ଆଣିବା—(figurative) To
सरगसे तोड़ना produce a non-existing or
(ସରଗରୁ ତୋଳ ଆଣିବା—ଅନ୍ୟରୂପ) physically impossible thing by stretch of imagination. [ଉ—ତଳରେ ବର ଗଢ଼ିବ, କାଁ ସରଗରୁ ତୋଳ ଆଣିବ ?—ଲକ୍ଷ୍ମୀକାନ୍ତମାଗ୍ର. ନଅତୁଣ୍ଡୀ ।]

ସରଗରୁ ପଡ଼ିବା—ଦେ. ବଣ—୧ । ଯାହା ଆଶା କରଯାଇ ନ ଥାଏ—
Saragaru paṛibā 1. Unexpected. ୨ । ଅଦ୍ଭୁତ—
স্বর্গথেকে পড়া सरगसे गिरा हुआ 2. Wonderful.
স্বরগ থেকে পড়া ଦେ. କି—୧ । ଉପରୁ ଖସି ପଡ଼ିବା—
सरगसे गीरना 1. To fall down from high. [ଉ—ସରଗରୁ ପଡ଼ିଲେ ପଞ୍ଚପାଣ୍ଡବେ, ମାର ବନବାସ ଗଲେ—ଭଗ ।] ୨ । (ଲକ୍ଷଣାର୍ଥ) ଅପ୍ରତ୍ୟାଶିତଭାବରେ ଉପସ୍ଥିତ ହେବା ବା ଘଟିବା—2. [figurative] To happen unexpectedly.

ସରଗୀ—ପ୍ରାଦେ. ବ—୧ । (ସିଂହଭୂମି) ଶାଳୁଆ କାଠ—1. Śāḷa
Saragī timber. ୨ । (କଳାହାଣ୍ଡି) ଶାଳୁଆ ଗଛ—2. Śāḷa tree. [ଦ୍ର—ସରଗୀ ପାଲ=ଶାଳୁଆ ଗଛ ବହୁଳ ଥିବାରୁ ଏହି ଗ୍ରାମବିଶେଷର ନାମ ।]

ସରଗୁଣା—ଦେ. ବ—ସାରଙ୍ଗୀ; ଏକପ୍ରକାର ବୀଣା; ବାଦ୍ୟଯନ୍ତ୍ରବିଶେଷ
Saraguṇā A kind of musical instrument; a
বীণা बीणाविशेष kind of harp

ସରଗୁଜା—ଦେ. ବ—୧ । ଛୋଟନାଗପୁର ଅଞ୍ଚଳର ଜଣେ ରାଜ୍ୟ ଅଧୀନରେ ଥିବା
Sargujā ଦେଶୀୟ ରାଜ୍ୟବିଶେଷ—1.Name of a Ruling

सरगुजा सरगुजा State near the Chotanagpur
सरगोजा, सरगुजा Division; Sarguja. ୨ । ରାମତିଳ;
रामतिल ସୋମରାଜ୍ୟାଦି ବର୍ଗର କୃଷିଜାତ ବର୍ଷାୟୁଃ ଶାକବିଶେଷର ତୈଳବୀଜ—2. Niger seed; Guizotia Abyssinica. [ଦ୍ର—ଏହାର ଅଦିବାସ ଅଫ୍ରିକା; କିନ୍ତୁ ବର୍ତ୍ତମାନ ଭାରତର ସର୍ବତ୍ର ଏହାର ଚାଷ ହେଉଅଛି । ଏଥିରେ ଶୀତ ଦିନେ ହଳଦିଆ ଫୁଲ ଫୁଟେ । ଏହାର ମଞ୍ଜି ତେଲିଆ । ଏଥିର ତେଲ ରାନ୍ଧିବାରେ, ଦେହରେ ଲଗାଇବାରେ, ଜଳାଇବାରେ ଓ ରଙ୍ଗରେ ମିଶାଇବାରେ ଲାଗେ । ଏହା ସୋରିଷ ତେଲ ଅପେକ୍ଷା ପତଳା ।]

ସରଗୁଞ୍ଜା—ପ୍ରାଦେ. (ସିଂହଭୂମ)ବି—ଲମ୍ବାକୃତିବିଶିଷ୍ଟ ରାଶି (ତିଳ)—
Saraguñjā A species of long sesame.

ସର ଘର—ଦେ. ବି (ସଂ. ସାର+ଗୃହ)—ଭଣ୍ଡାର ଘର; ଅହାର୍ଯ୍ୟ
Sara ghara ସାମଗ୍ରୀ ସଞ୍ଚିତ ହେବାର ଗୃହ—Store-room
ভাঁড়ার ঘর भण्डार घर for victuals.

ସର ଘରି(ରୁ)ଆ—ଦେ. ବି. ପୁଂ—ସର ଘରର ଭାରପ୍ରାପ୍ତ ଭୃତ୍ୟ;
Sara ghari(ru)ā ଭଣ୍ଡାର ରକ୍ଷକ—A store keeper;
ভাঁড়ারী भण्डारी the servant in charge of the
(ସରଘରିଆଣୀ—ସ୍ତ୍ରୀ) store room

ସରଘା—ସଂ. ବି (ସୃ ଧାତୁ+ଅ=ସର=ଗମନଶୀଳ+ହନ୍ ଧାତୁ=
Saraghā ଆଘାତ କରିବା+କର୍ତ୍ତୃ. ଅ)—ମଧୁମକ୍ଷିକା; ମହୁମାଛି
—Bee.

ସରଘା ପଟଳ—ସଂ. ବି (୬ଷ୍ଠୀ ତତ୍)—ମହୁମାଛିଙ୍କ ଦଳ—
Saraghā paṭala A multitude of bees.

ସରଙ୍ଗ—ସଂ. ବି (ସୃ ଧାତୁ+କର୍ତ୍ତୃ. ଅଙ୍ଗ)—୧ । ଚତୁଷ୍ପଦ ଜନ୍ତୁ—
Saraṅga 1. A quadruped (Apte). ୨ । ପକ୍ଷୀ—
2. A bird (Apte).

ସର ଚ(ଚେ)କି—ଦେ. ବି (ସଂ. ସର+ଚକ୍ର)—କଡ଼େଇରେ ଅଉଟା
Sara cha(che)ki ହେବା ଦୁଧ ଉପରେ ପଡ଼ୁଥିବା ଚକାକାର
(ସରଚକୁଳି—ଅନ୍ୟରୂପ) ସରକୁ ଉଠାଇ ଅଣି ପରସ୍ତ ପରସ୍ତ କରି
সর চাকতি ସଜାଇ ରଖିଲେ ସର ଯେଉଁ ପିଠା ହୁଏ ଥାଏ
मलाई रावड़ी ଚକ୍ରାକାର—Round thin flakes of cream formed ov r boiling milk and taken out and placed one over the other to make one thick layer.

ସରଜ୍—ବୈଦେ. ବି (ଇଂ. ସର୍ଜ୍)—ଏକପ୍ରକାର ପଶମୀ ଲୁଗା—
Saraj Serje; a kind of woolen cloth.
সার্জ सर्ज

ସରଜ—ସଂ. ବି (ସର=ଦଧିସର+ଜନ୍ ଧାତୁ+କର୍ତ୍ତୃ. ଅ)—
Saraja ୧ । ହୈୟଙ୍ଗବୀନ; କାଲିର ଦୁଧରୁ ପ୍ରସ୍ତୁତ ଘିଅ—
1. Ghee prepared from yesterday's milk.
୨ । ନବନୀତ; ଲହୁଣୀ—2. Butter. ସଂ. ବିଣ—
ମଳିନ (ରଜୋଗତ)—Dirty. ଗ୍ରା. ବି (ସଂ.ସରୋଜ)—
ପଦ୍ମ—Lotus. ବୈଦେ. ବି—ସରଜ୍ (ଦେଖ)
Saraj (See)

ସରଜାଃ—ସଂ. ବି ଓ ବିଣ. ସ୍ତ୍ରୀ (ବହୁବ୍ରୀହି; ସ+ରଜସ୍)—ସରଜସ୍କା
Sarajah (ଦେଖ)—Sarajaskā (See) ଗ୍ରା. ବି—
ପଙ୍କଜ, ପଦ୍ମ (ଶବ୍ଦକୋଷ)—Lotus.

ସରଜକ—ଗ୍ରା. ବି (ପଦ୍ୟ)—ସର୍ଜକ (ଦେଖ)
Sarajaka Sarjāka (See)
सर्जक [ଦ୍ର—ସରଜକ ଭୁମ୍ବେ ତ ରସର । ଅଉମନ୍ତ୍ୟ. ବଡ଼ଶ୍ଚ
सर्जक ଚନ୍ଦ୍ରାମଣି ।]

ସରଜ(ଜେ)ଣ୍ଟ—ବୈଦେ. ବି (ଇଂ. ସର୍ଜେଣ୍ଟ)—ସର୍ଜେଣ୍ଟ (ଦେଖ)
Saraja(je)nṭ Sarjanṭ (See)

ସରଜତ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ରଜତ)—ରଜତ ବିଶିଷ୍ଟ;
Sarajata ରୌପ୍ୟଯୁକ୍ତ—Having silver.

ସରଜନ୍—ବୈଦେ. ବି (ଇଂ. ସର୍ଜନ୍)—ସର୍ଜନ୍ (ଦେଖ)
Sarajan Sarjan (See)

ସରଜନ(ନା)—ଗ୍ରା. ବି (ପଦ୍ୟ) (ସଂ. ସର୍ଜନ)—୧ । ସର୍ଜନ (ଦେଖ)
Sarajana(nā) 1. Sarjana (See) [ଦ୍ର—ଦେବତାମାନଙ୍କର ଦର୍ପ ପୂରମାନ, ବଢ଼ାଇ ହୋଇ ଚଳେ ସେହି ସରଜନ । କୃଷ୍ଣସିଂ. ମହାଭାରତ. ଅଦ ।]

ସରଜମିନ୍(ନି)—ବୈଦେ. ବି (ତତ୍ପୁରୁଷ) (ଫା. ସର୍=ପ୍ରଧାନ+
Sarajamin(ni) ଜମିନ୍=ସ୍ଥାନ; ସରେଜମିନ୍=ସମସ୍ତ ଭୂମି)
सरजमिन —୧ । ଭୂପୃଷ୍ଠ—1. The surface of the
सरजमीन earth. ୨ । ସ୍ଥାନ—2. Place. ୩ । ମକଦମା ସଂକ୍ରାନ୍ତ ସ୍ଥାନ—3. The spot or locality connected with a case. [ଦ୍ର—ଅଧୀନ ××× ସର ଜମିନରେ ପହଞ୍ଚ ଜଷ୍ଟର ମୁତାବକ ଅସାମୀ ସର×× ଜାନତଲ୍ଲାସ କର ବକ୍ତବ୍ୟ ଧୁଚିଅଲରେ ଅସାମୀକୁ ଗ୍ରେପ୍ତାର କର—ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ୪ । ଉତ୍ପତ୍ତିସ୍ଥଳ
4. Place of occurrence.

ସରଜମିନ୍ ତଦନ୍ତ(ତଦାରଖି[ଖ])—ବୈଦେ.ବି (ତତ୍ପୁରୁଷ)—ମକଦମା
Sarjamin tadanta(tadārakhi[kha]) ଏକାନ୍ତ ସ୍ଥାନରେ
सरजमिन तदन्त ଉପସ୍ଥିତ ହୋଇ ସେଠାରେ କରିବା ଅନୁସନ୍ଧାନ—
सरजमीन तहकिकात A local investigation; local enquiry; local inspection.

ସରଜରି—ବୈଦେ.ବି (ଇଂ. ସର୍ଜେରି)—ଡାକ୍ତର ଅସ୍ତ୍ର-ଚିକିତ୍ସା ବିଦ୍ୟା—
Sarajari সার্জরী सर्जरी Surgery.

ସରଜସା—ସଂ. ବି ଓ ବିଣ. ସ୍ତ୍ରୀ (ସ+ରଜସ୍+ଅ)—ସରଜସ୍କା
Sarajasā (ଦେଖ)—Sarajaskā (See)

ସରଜସ୍କ—ସଂ. ବିଣ. ପୁଂ (ବହୁବ୍ରୀହି; ସ=ସହିତ+ରଜସ୍+କ)—
Sarajaska ରଜୋବିଶିଷ୍ଟ; ଧୂଳିଯୁକ୍ତ—Dusty.
(ସରଜାଃ—ଅନ୍ୟରୂପ) (ସରଜସ୍କା, ସରଜାଃ—ସ୍ତ୍ରୀ)

ସରଜସ୍କା—ସଂ. ବିଣ ସ୍ତ୍ରୀ (ସରଜସ୍କ+ଆ)—୧ । ରଜସ୍ୱଲା; ରଜୋବିଶିଷ୍ଟା—1. Menstruated. ୨ । ଋତୁମତୀ;
Sarajaskā
(ସରଜାଃ—ଅନ୍ୟରୂପ) ଋତୁମତୀ—2. In her menses.
ସଂ. ବି. ସ୍ତ୍ରୀ—୧ । ଋତୁମତୀ ସ୍ତ୍ରୀ—1. A menst-

ruated woman; a woman during her menses. ୨ । ପ୍ରାପ୍ତଋତୁ ସ୍ତ୍ରୀ—2. A woman who has attained puberty.

ସରଜା—ଗ୍ରା· ବ (ପଦ୍ୟ) (ସଂ. ସୃଜ୍ ଧାତୁ)—ସର୍ଜନ (ଦେଖ)—
Sarajā • Sarjana (See)
সরজন सरजन

ସରଜାଇବା—ଗ୍ରା· କ୍ରି (ପଦ୍ୟ)—'ସରଜିବା' କ୍ରିୟାର ଣିଜନ୍ତରୂପ—
Sarajāibā Causative form of 'Sarajibā'.
সরজান सरजवाना

ସରଜା(ଞ୍ଜା, ଦା)ମ—ବୈଦେ. ବ (ଫା. ସର୍+ଅଞ୍ଜାମ୍; ଯାହାଦ୍ୱାରା ସମସ୍ତ କର୍ମର ଅଞ୍ଜାମ ବା ସମାଧାନ ହୁଏ)—୧ । ଆବଶ୍ୟକ ଉପକରଣ; ସାମଗ୍ରୀ—1. Requisite articles; materials; appurtenances. (ଉ—ଠାକୁରଙ୍କର ଠାରେ ପୂଜା ସରଞ୍ଜାମ କାହିଁ ଅଛି ?—ଫଗାରମୋହନ. ଛମାଣଆଠଗୁଣ୍ଠ ।) ୨ । ଅସବାବ୍; ଗୃହର ଉପକରଣ—2. Furnitures. ୩ । ସାଜସଜ୍ଜା—3. Equipments. ୪ । ବସ୍ତୁଚୟ—4. Articles; things.
Sarajā(ñjā,dā)ma
সরংজাম सरंजाम, सरअंजाम

ସରଜିବା—ଗ୍ରା. କ୍ରି (ପଦ୍ୟ)—(ସଂ.ସୃଜ୍ ଧାତୁ)—୧ । ସର୍ଜନ କରିବା—
Sarajibā 1. To create. [ଉ—ଭୂଷା କରେ ମୁଁ ଧାତାକୁ କାହିଁକି ସରଜ ତାକୁ ଉପସ୍ଥ ରଖିଲ ଜଗତରେ—କବିସୂର୍ଯ୍ୟ. କପୋତ୍ତମଙ୍କ ଗୀତ] ୨ । ଜାତ କରିବା; ଜନ୍ମାଇବା—2. To cause; to produce. (ଉ—ବ୍ରହ୍ମାଅଣ୍ଡ ଭରି ଦୈତ୍ୟଙ୍କୁ ପୋଡ଼ିଦେଲେ, ସବୁ ପ୍ରାଣୀଙ୍କର ଅନଳ ସରଜିଲେ—କୃଷ୍ଣସିଂହ. ମହାଭାରତ. ବନ ।) ୩ । ନିକ୍ଷେପ କରିବା—3. To throw. (ଉ—ଅନ୍ୟୋନ୍ୟରେ ଦୁହେଁ ସରଜି ଶରମାଳା, ଯୁଝିଲେ ନିଃଶଙ୍କ ହେବାପାଇଁ ଗଳା—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।)
সরজা सरजना

ସରଜୁ—ଦେ. ବ. ସ୍ତ୍ରୀ (ନାମ)—'ସରୋଜିନୀ'ର ଡାକ ନାମ—
Saraju The name for calling Sarojinī.

ସରଜୋର୍—ବୈଦେ. ବଣ (ଫା. ସର୍‌ଜୋର୍)—୧ । ଜବରଦସ୍ତ—
Sarajor 1. Using force; making use of force; forcible. ୨ । ଦୁର୍ଦ୍ଦଣ୍ଡ; ଦୁର୍ଦ୍ଦମ—2. Invincible; redoubtable. ୩ । ଅତି ଦୁଷ୍ଟ—3. Very wicked.
সরজোর सरजोर
(ସରଜୋର—ବ)

ସରଞ୍ଜାମ ପତ୍ର—ଦେ· ବ (କର୍ମଧାରୟ ସମାସ)—୧ । ନାନାପ୍ରକାର ସରଞ୍ଜାମ—1. Various articles. ୨ । ନାନାପ୍ରକାରର ଉପକରଣମାନ—2. Various necessary materials.
Sarañjāma patra
সরংজামপত্র सरंजाम, बमैसरअंजाम

ସରଞ୍ଜାମୀ—ଦେ. ବ—ସରଞ୍ଜାମ ସମ୍ବନ୍ଧୀୟ—
Sarañjāmī Relating to materials.
সরঞ্জামী सरंजामी

ସରଞ୍ଜାମୀ ଖରଚ—ଦେ· ବ (ଡତରଅ)—ଜମିଦାରଙ୍କ କର୍ମଚାରୀମାନଙ୍କୁ ପ୍ରଜାମାନେ ଦେବା ଖରଚ—
Sarañjāmī kharacha An abwab paid to a zamindar's tahsildar.
সরঞ্জামি খরচ सरंजामी खरच

ସରଟ—ସଂ· ବ (ସୃ ଧାତୁ+କର୍ତ୍ତୃ. ଅଟ୍)—୧ । ବାୟୁ—1. Air; wind ୨ । ମେଘଖଣ୍ଡ—2. A cloud (Apte) ୩ । ଝିଟିପିଟି—3. A lizard (Apte). ୪ । ମହୁମାଛି—4. A bee (Apte) ୫ । ଏଣ୍ଡୁଅ—5. Chameleon.
Sarat

ସରଟ(ଟୁ)—ସଂ· ବ (ସୃ ଧାତୁ=ଗମନକରିବା+କର୍ତ୍ତୃ.ଅଟ, ଅଟୁ)—୧ । ଡୁକଲାସ; ଏଣ୍ଡୁଅ—Chameleon; Lacertilia. (ଉ—ଶଙ୍କ ହୋଇଲ ମସ୍ତ ସରଟ ହେଲ ଭୂବେର—ବିଶ୍ୱନାଥ. ବଚନବିଚାମୃଣ ।) [ଦ୍ର—ଏମାନଙ୍କ ଦେହ ଶରୀର ଓ ଚର୍ମରେ କଳା ଡୋରି ଥାଏ; ଦେହ ପାଞ୍ଚ ଛଅ ଅଙ୍ଗୁଳ ଲମ୍ବ, ଏବଂ ଲାଙ୍ଗୁଡ଼ ଦେହର ଦ୍ୱିଗୁଣ; ଏମାନେ ଗଛରେ ଚଳପ୍ରଚଳ ହୁଅନ୍ତି ।] ୨ । ଝିଟିପିଟି—2. House lizard. ୩ । ବାୟୁ (ଶବ୍ଦକୋଷ)—3. Air.
Sarata(tu)

ସରଟି—ସଂ.ବ (ସୃ ଧାତୁ=ଗମନକରିବା+କର୍ତ୍ତୃ.ଅଟି)—୧ । ବାୟୁ—
Sarati 1. Wind; air. ୨ । ମେଘ—2. Cloud.

ସରଡ଼ିଆ—ପ୍ରାଦେ· (ବଲାଙ୍ଗୀର ପାଟଣା) ବଣ—ପିଚ୍ଛିଳ; ଖସଡ଼ା—
Sarardiā Slippery.

ସରଡ଼ି ଯିବା—ପ୍ରାଦେ. (ବଲାଙ୍ଗୀର ପାଟଣା) କ୍ରି—ଖସିଯିବା—
Sarardi jibā To slip.

ସରଣ—ସଂ.ବ (ସୃ ଧାତୁ=ଗତ କରିବା+ଭାବ. ଅନ)—୧ । ଘୁଞ୍ଚିବା; ଗମନ; ଗତି—1. Moving; going; motion. ୨ । ଧୀରଗତି (ହ· ଶ)—2. Slow motion. ୩ । ଲୌହମଳ—3. Rust of iron; scoria. ୪ । ମାଧବୀ ସୁରା (ବୈଦ୍ୟକ ଶବ୍ଦ)—4. Wine made from honey. ସଂ. ବଣ (+କର୍ତ୍ତୃ· ଅ) ଗମନଶୀଳ; ଗତିଶୀଳ—Moving. ଦେ. ବ (ନାମ)—ଓଡ଼ିଶାରେ ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—A family title of Brāhmaṇas in Orissa.
Sarana

ସରଣା—ସଂ, ବ (ସରଣ+ଆ)—(ବୈଦ୍ୟକ)—୧ । ପ୍ରସାରଣୀ ଲତା; ପଶାରୁଣୀ ଲତା—1. Foetida; Paederia Foetide (creeper) ୨ । ତ୍ରିବୃତ୍; ତିଉଡ଼ି (ଶବ୍ଦକୋଷ)—2. Ipomoea Turpethum (plant) ଦେ. ବ—
Saranā
ପ୍ରଥମ ଅର୍ଥରେ ଅନ୍ୟ ସଂସ୍କୃତ ନାମ—ପ୍ରସାରଣୀ, ରାଜବଲା, ଭଦ୍ରପର୍ଣ୍ଣୀ, ପ୍ରଭାପତ୍ରୀ, ସରଣୀ, ସାରଣୀ, ଭଦ୍ରା,

ବଳା, କଡମସ୍ତ — ସେରଣା ମାଛ; ମହାଶଫର; ବୃହତ୍ ଶଫର ମତ୍ସ୍ୟ; ଚେଲ
ସରଣାପୁଁଟୀ — ବଡ଼ୀପୋଠୀ — ଭେଷ୍ଣ୍ଡୀ—A kind of fish; Barbus Sarana.

ସରଣି(ଣୀ)—ସଂ.ବି (ସୃ ଧାତୁ=ଗମନ କରିବା+ଅଧିକରଣ, ଅନ୍; + ଈ; ଯହିଁରେ ଗମନ କରାଯାଏ—
Sarani(ni)
[ଶରଣି(ଣୀ)—ଅନ୍ୟରୂପ] ୧ । ପଥ; ବାଟ—1. Way; course. ୨ । ମାର୍ଗ; ସଡ଼କ—2. Road. ୩ । ଶ୍ରେଣୀ; ପଙ୍କ୍ତି—3. Row. ୪ । ରୀତି—4. Mode. ୫ । (+ କର୍ତ୍ତୃ. ଅ) ଗଳରୋଗବିଶେଷ—5. A sort of disease of the throat. ୬ । ପ୍ରସାରଣୀ ଲତା; ପସାରୁଣୀ ଲତା—6. Foetida Paederia (creeper). ୭ । (+କର୍ତ୍ତୃ, ଅ) ସିଧା ବା ଅଖଣ୍ଡିତ ରେଖା—7. Straight or continuous line (Apte). ୮ । ବ୍ୟବସ୍ଥା; ବନ୍ଦୋବସ୍ତ—8. Arrangement (Apte). ୯ । ଲୋକେ ଯେଉଁ ରାସ୍ତାରେ କେବଳ ଚାଲନ୍ତି, ଅର୍ଥାତ୍ ଯହିଁରେ ଗାଡ଼ି ଆଦି ଚଳେ ନାହିଁ (ହି. ଶ)—9. Footpath.

ସରଣି କକୁଭ—ସଂ. ବି (ଷଷ୍ଠୀ ତତ୍)—କୌଣସି ବ୍ୟକ୍ତିର ଯିବାର ବା
Sarani kakubha ଆସିବାର ବାଟର ଦିଗ—The direction of a person's path; the direction from which a person comes or to which a person goes. [ଉ—ଗୃହିଁ ଗୃହିଁ ତୋ ସରଣି-କକୁଭକୁ ରେ ତରୁଣୀ—କବିସୂର୍ଯ୍ୟ. କଣୋସ୍ତୋତ୍ର. ଚ ଗୀତ ।]

ସରଣୀ ବରଣୀ—ଦେ. ବି (ସଂ. ସରଣୀ=ପଥ+ବରଣ)—୧ । ବାଟ
Sarani barani ବରଣ; ବିବାହ କରିବାକୁ କନ୍ୟା ଘରକୁ ଆସୁଥିବା ବରଙ୍କୁ କନ୍ୟାପିତାଙ୍କର କିଛି ଦୂରକୁ ଯାଇ ଅର୍ଘ୍ୟ ଆଦି ଦେଇ ବରଣ ବା କିମନ୍ତଣ କରି କନ୍ୟା ଗୃହକୁ ଆଣିବାରୂପ କର୍ମ—1. The ceremonial welcome extended to the coming bridegroom by the bride's father before he reaches the bride's house for marriage. [ଉ—ମୀନକେତୁ ନାମ କୁମରକୁ ପଠିଥିଲ, ଆଣାଇଲେ ସରଣୀ ବରଣୀ କରି ତହିଁ—ଉଞ୍ଜ. ଲବଣ୍ୟବତୀ ।] ୨ । କୌଣସି ସ୍ଥାନକୁ ଆସୁଥିବା ବିଶିଷ୍ଟ ଅତିଥିଙ୍କୁ ଖଣ୍ଡିଏ ଦୂର ଆଗକୁ ଯାଇ ପାଛୋଟି ଆଣିବା—2. Welcoming a guest by meeting him at some distance and accompanying him to his destination.

ସରଣ୍ଡ—ସଂ. ବି (ସୃ ଧାତୁ=ଗମନ କରିବା+କର୍ତ୍ତୃ. ଅଣ୍ଡ)—୧ । ପକ୍ଷୀ
Saranda 1. A bird [Apte]. ୨ । କାମୁକ; କାମୁକ ବ୍ୟକ୍ତି—2. A libertine; a dissolute person [Apte]. ୩ । ସରଟ; ଏଣ୍ଡୁଅ (ଶବ୍ଦକୋଷ)—୩. Chameleon. ୪ । ଝିଟିପିଟି—4. Lizard [Apte]. ୫ । ଶଠ ବ୍ୟକ୍ତି; ଧୂର୍ତ୍ତ ବ୍ୟକ୍ତି—5. A rogue [Apte]. ୬ । ଏକପ୍ରକାର ଅଳଙ୍କାର (ଶବ୍ଦକୋଷ)—6. A sort of ornament [Apte].

ସରଣ୍ଡା—ଦେ. ବି (ନାମ)—କଟକ ଜିଲ୍ଲାର ବାଙ୍କୀ ରାଜ୍ୟ ଅନ୍ତର୍ଗତ
Saranda ଓ ମହାନଦୀର ଉତ୍ତରତୀରବର୍ତ୍ତୀ କ୍ଷୁଦ୍ର ପର୍ବତବିଶେଷ —Name of a hill on the north bank of the Mahānadī in the estate of Banki in the Cuttack district. [ଉ—ଏ ପରେ ସରଣ୍ଡା ମୁଣ୍ଡେ ଚନ୍ଦ୍ରଚଣ୍ଡେ ଉଠିବ ବହ୍ନି-ମସୂଖ—ରାଧାନାଥ. ପାର୍ବତୀ ।]

ସରଣ୍ୟୁ—ସଂ. ବି (ସୃ ଧାତୁ=ଗତି କରିବା+କର୍ତ୍ତୃ. ଅନ୍ୟୁ)—୧ ।
Saranyu ବାୟୁ—1. Air. ୨ । ଅଗ୍ନି—2. Fire.
(ଶରଣ୍ୟୁ—ଅନ୍ୟରୂପ) ୩ । ମେଘ—3. Cloud. ୪ । ଜଳ—4. Water. ୫ । ବସନ୍ତ—5. The spring season. ୬ । ଯମଦେବ—6. A name of Jama (Deity) [Apte].

ସର(ରେ)ତ୍—ବୈଦେ. ବି (ଫା. ଶର୍ତ୍ତ)—କୌଣସି କଥାବାର୍ତ୍ତାର ବା
Sara(re)t ଚୁକ୍ତିର ଅନୁଷଙ୍ଗିକ ନିୟମ ବା ଅଙ୍ଗ—Condition
ସର୍ତ୍ତ of any contract. [ଉ—ବାହୁ ସଦା ଭରସି ସରତ
शर्त ଦାସ ହେବ—ଉଞ୍ଜ. ବୈଦେହୀଶବିଳାସ ।] ସଂ. ବିଣ [ସୃ. ଧାତୁ+କର୍ତ୍ତୃ. ଅତ୍ (ଶତୃ)]—ଗମନ କରୁଥିବା—Moving. ସଂ. ବି—ସୂତା (ଶବ୍ଦକୋଷ)—Thread.

ସରଟା—ପ୍ରାଦେ (ସମ୍ବଲପୁର) ବି—ସରୋଟା (ଦେଖ)
Saratā Sarotā (See)

ସରତ୍ନ—ସଂ. ବିଣ (ସ=ସହିତ+ରତ୍ନ)—ରତ୍ନ ସହିତ ବର୍ତ୍ତମାନ—
Saratna Accompanied with gem.

ସରତ୍ନି—ସଂ.ବି (ସୃ ଧାତୁ=ଗତି କରିବା+କରଣ.ଅତ୍ନି)—୧। ମୁଷ୍ଟିବଦ୍ଧ
Saratni କର; ମୁଠା କରି ଯାଉଥିବା ହାତ—1. The hand with closed fist. ୨ । ମୁଠୁଣି ପରିମାଣ; କହୁଣିଠାରୁ ହାତ ମୁଠାର ଅଗ ପର୍ଯ୍ୟନ୍ତ ମାପ; ରତ୍ନି—2. A kind of cubit measure of length from the elbow-joint upto the end of the fisted palm. [ଦ୍ର—କହୁଣି ମୁଣ୍ଡଠାରୁ ମୁଷ୍ଟିବଦ୍ଧ ହସ୍ତର କାଣି ଅଙ୍ଗୁଠିର ମଝି ପବର ମୂଳଭାଗ ପର୍ଯ୍ୟନ୍ତ ପରିମାଣକୁ ରତ୍ନି ବା ସରତ୍ନି ବୋଲାଯାଏ ।]

ସରଥ—ସଂ. ବିଣ.ପୁଂ (ସହାର୍ଥ ବହୁବ୍ରୀହି;ସ+ରଥ)—୧। ରଥାରୋହୀ—
Saratha 1. Mounting a chariot. [ଉ—ଭକ୍ତ ପିଶାଚ ଘାଲେ ସରଥେ ଚଳୁ ଶୈଳେ ଧୂମ୍ରାକ୍ଷ ଗୃହିଁ ଧାଇଁ ସେ—ଉଞ୍ଜ. ବୈଦେହୀଶବିଳାସ ।] ୨ । ରଥବିଶିଷ୍ଟ—2. Having a car. ସଂ. ବି. ପୁଂ—ରଥାରୋହୀ ଯୋଦ୍ଧା—A warrior riding on a chariot (Apte).

ସରଦ(ଇତ୍ୟାଦ)—ବୈଦେ. ବ (ଫା. ସର୍ଦ)—ସର୍ଦ ଇତ୍ୟାଦ (ଦେଖ)
Sarada etc Sarda (etc) (See)

ସରଦଙ୍ଗା—ଗ୍ରାଦେ. (ବଲ୍ଲଙ୍ଗିର ପାଟଣା) ବ–ମେଳା—
Saradaṅgā A congregation; a gathering; a fair.

ସରଦଲ(ଳ)—ଦେ. ବ (ସଂ ଶାର୍ଦ୍ଦୂଳ)—କବାଟର ଚଉକାଠ
Saradala(ḷi) ଉପରେ ବଅସିବା କାଠର ଚଉଡ଼ା ପଟା—
সারদোল A broad plank put over the door-
सरदल frame.

ସରଦା—ବୈଦେ. ବ (ଫା. ସର୍ଦ; ଏହା ଖାଇଲେ ସର୍ଦ୍ଦି ହୁଏ)—
Saradā କାବୁଲରୁ ଅସୁଥିବା ଏକପ୍ରକାର ଉତ୍କୃଷ୍ଟ ତରଭୁଜ—
সরদা A kind of excellent water melon imported
सरदा from Kābul.

ସରଦାର(ର) (ଇତ୍ୟାଦ)—ବୈଦେ. ବ. ସୁଂ—ସର୍ଦ୍ଦାର ଇତ୍ୟାଦ
Saradār(ra) (etc) (ଦେଖ)—Sarddāra. etc (See)
(ସରଦାରଅଣୀ—ଦେ. ସ୍ତ୍ରୀ) [ଉ—ବାସ ପରମାଣିକ ଥିଲା ବୋଲି ଦୃଣ୍ଡାଟାକୁ ସରଦାର କର ସବୁ ତନ୍ତ୍ରୀସୁତାଙ୍କ ତାକୁ ଜୁହାରୁଛନ୍ତି । ଫକୀରମୋହନ. ଛମାଣ ଅଠଗୁଣ ।]

ସରଦାରୀ—ବୈଦେ. ବ (ଫା. ସର୍ଦାରୀ)—ସର୍ଦ୍ଦାରୀ (ଦେଖ)
Saradāri Sarddāri (See)

ସରଦ (ଇତ୍ୟାଦ)—ବୈଦେ. ବ—ସର୍ଦ୍ଦି ଇତ୍ୟାଦ (ଦେଖ)
Saradi (etc) Sarddi etc. (See)

ସରଦିଆ—ଦେ. ବଣ—ସର୍ଦ୍ଦିଆ (ଦେଖ)
Saradiā Sarddiā. (See)

ସରଦ ଗରମୀ—ଦେ. ବଣ—ସର୍ଦ୍ଦି ଗରମୀ (ଦେଖ)
Saradi garami Sarddi garami. (See)

ସରଦ୍ୱାନ୍—ସଂ. ବ. ପୁଂ (ନାମ) (ସରଦ୍ୱତ୍ ଶବ୍ଦ)—୧ । ଗୌତମ ମୁନି
Saradbān (ବିଶ୍ୱକୋଷ)—1. A name of Sage Gautama. ୨ । ଗୌତମ ମୁନିଙ୍କ ପୁତ୍ର (ବିଶ୍ୱକୋଷ)—2. Name of the son of Sage Gautama.

ସରଧା (ଇତ୍ୟାଦ)—ଗ୍ରା. ବ (ସଂ. ଶ୍ରଦ୍ଧା)—ଶରଧା ଇତ୍ୟାଦ (ଦେଖ)
Saradhā (etc) Śaradhā etc. (See)

ସରଧି—ସଂ. ବ (ସର=ଜଳ+ଧା. ଧାତୁ=ଧାରଣ କରିବା+
Saradhi କର୍ତ୍ତି. ଇ)—ସମୁଦ୍ର—The sea. [ଉ—ଦଶାଙ୍କ ସରଧି ଶରଣ୍ୟ ଅଭୂତ କାନ୍ତ କାନ୍ତ ଉଲ୍ଲୋଳିତ । ଭଞ୍ଜ. ବୈଦେହୀଶବିଳାସ ।] ଗ୍ରା. ବ. ସ୍ତ୍ରୀ—ଶ୍ରଦ୍ଧାମୟୀ ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling a woman named Śraddhāmayi.

ସର(ରେ)ନଉ(ଓ)—ବୈଦେ. ବଣ (କତରଅ) (ଫା. ସରେନଓ)—
Sara(re)nau(o) ସରେନ (ଦେଖ)—Sarena. (See)

ସରନାମ୍(ମି)—ବୈଦେ. ବଣ (ଫା. ସର୍ ନାମ୍)—ପ୍ରସିଦ୍ଧ (ହି. ଶ)
Saranām(mi) Celebrated; famous.

ସରନାମା—ବୈଦେ. ବଣ (ଫା. ସର୍ ନାମାହ୍)—୧ । ପତ୍ର ବା ପ୍ରବନ୍ଧା-
Saranāmā ଦର ଶିରୋନାମା—1. The heading of a
শিরনামা letter or written article. ୨ । ଚିଠିରେ
सरनामा ଅଭିପ୍ରେତ ବିଷୟ ଲେଖାଯିବା ପୂର୍ବରୁ ପତ୍ରପ୍ରାପ୍ତଙ୍କ ନାମ ଓ ବିଶେଷଣ ଆଦ ଯୁକ୍ତ ଅବତାରଣା—2. The addressing portion before the beginning of the writing of the main contents of a letter. ୩ । ଖମାବରେ ଉପରେ ଲେଖାଯିବା ପତ୍ରପ୍ରାପକଙ୍କ ନାମ ଓ ବାସସ୍ଥାନ ଆଦ—3. Superscription or name and address of the addressee of a letter.

ସରନ୍ତା(ନ୍ତି)—ଦେ. ବଣ—୧ । ଯାହା ସରିଯାଏ—1. Exhaus-
Sarantā(nti) tive. ୨ । ଶେଷ; ସର୍ବଶେଷ; ସବୁ ପଛ—
শেষ शेषहोनेवाला 2. Last; latest. [ଉ—ସରନ୍ତି ସୋମବାର ।]
[ଅସରନ୍ତା, ଅସରନ୍ତି—ବିପରୀତ]

ସରନ୍ତା(ନ୍ତି) ଭଣ୍ଡାର—ଦେ. ବ—୧ । ଯେଉଁ ଭଣ୍ଡାରର ଧନ ବ୍ୟୟ
Sarantā(nti) bhaṇḍāra ଦ୍ୱାରା ସରିଯାଏ—1. A store-
ক্ষয়িত ভণ্ডার house of which the contents are
शेषहोनेवाला भण्डार exhausted by being spent up.
(ଅସରନ୍ତା[ନ୍ତି] ଭଣ୍ଡାର—ବିପରୀତ) ୨ । ଯେଉଁ ଭଣ୍ଡାରରେ
কারবারি ভণ্ডার ରଖିଥିବା ଧନରୁ ଚଳନ୍ତି ଖରଚ ଚଳେ; କାରବାରି
कारबारी भण्डार ଭଣ୍ଡାର—2. Treasury or store from which amounts are drawn from time to time for current expenses.

ସରନ୍ତା(ନ୍ତି) ସୋମବାର—ଦେ. ବ—ବୈଶାଖ ମାସର ଶେଷ
Sarantā(nti) somabāra ସୋମବାର—The last
(ସରନ୍ତା[ନ୍ତି] ସଅ[ମ]ବାର, Monday of the month
ସରନ୍ତ[ନ୍ତି] ସଁବାର—ଗ୍ରାମ୍ୟରୂପ) of Baiśākha. [ଉ—
শেষ সোমবার ଏହି ସୋମବାର ଦନ ଶିବମନ୍ଦିରମାନଙ୍କରେ,
अन्तिम सोमवार ବିଶେଷତଃ ପୁରୀ ସହରର ଲୋକନାଥଙ୍କ ଠାରେ ପଞ୍ଚକୋଶୀ ଲୋକଙ୍କର ଗୋଟିଏ ବଡ଼ ମେଳା ପ୍ରତିବର୍ଷ ହୁଏ ।]

ସରନ୍ତା(ନ୍ତି) ସୋମବାର ମେଳା—ଦେ. ବ—ବୈଶାଖ ମାସର
Sarantā(nti) somabāra meḷā ସର୍ବଶେଷ ସୋମବାର ଦନ
শেষ সোমবার মেলা ପୁରୀର ଲୋକନାଥଙ୍କ ଠାରେ ଅନୁଷ୍ଠିତ ହେବା ବାର୍ଷିକ ମେଳା—A gathering at the shrine of Lokanātha (in the Puri town) held annually on the last Monday of Baiśākha.

ସରନ୍ଧ୍ର—ସଂ. ବ (ସହାର୍ଥ ବହୁବ୍ରୀହି; ସ+ରନ୍ଧ୍ର)—ଛିଦ୍ରବିଶିଷ୍ଟ—
Sarandhra Having holes; perforated.
[ସରନ୍ଧ୍ରତା—ବ]

ସରପ—ଗ୍ରା. ବ (ପଦ୍ୟ) (ସଂ. ସର୍ପ)—ସର୍ପ (ଦେଖ)—Sarpa, (See)
Sarapa [ଉ—ଚନ୍ଦନ ବୋଲା ବାହୁଗଣ ମାରଗଣ, ଛଣ୍ଡା ସରପ
সর্প सरप ପର ଚେଷ୍ଟା କଲେ ଜାଣ । କୃଷ୍ଣସିଂହ. ମହାଭାରତ.
(ସରପା—ଅନାଦରାର୍ଥକ ରୂପ) ଅଶ୍ୱ ।] ୨। (ଅଦରାର୍ଥକ) ସର୍ପକରର

[ସରପି(ପୁ)—ଅଦରାର୍ଥକ ରୂପ] ଡାକ ନାମ—2. Name for calling 'Sarpeśwara' in fondness.

ସରପଞ୍ଚ—ବୈଦେ. ବି (ଫା)—୧ । ପଞ୍ଚାୟତର ସଭାପତି—1. The Sarapañch President of a Pañchāyet. ୨। ଚୌକିସରପଞ୍চ ଦାର ଇଉନିୟନ୍‌ର ପଞ୍ଚାୟତମାନଙ୍କ ପ୍ରେସିଡେଣ୍ଟ; ଚୌକିसरपंच ପଞ୍ଚାୟତ—2. The President of the Panchāyet of a Chowkidāri village-union. ୩। ଗ୍ରାମ୍ୟ ସହଯୋଗ ସମିତିର ସଭ୍ୟ ବା ପଞ୍ଚାୟତମାନଙ୍କ ସଭାପତି—3. The President of a village-Co-operative Society.

ସରପଟ୍—ଦେ. ବିଣ—ଜରଜର; ସରସର—Saturated; drenSarapaṭ ched. ଦେ. କ୍ରି. ବିଣ—୧ । ସମ୍ପୂର୍ଣ୍ଣରୂପେ—আবুইবু'টি जरजर 1. Fully. ୨ । ପୂର୍ଣ୍ଣରୂପେ ଆର୍ଦ୍ର ହେବା আবুইবু'টি सम्पूर्णरूपसे ପ୍ରକାରେ—2. In a fully drenসরপট सरपट ched condition. ଦେ. ବି (ସ. ସର୍ପଣ)—ଘୋଡ଼ା ପୁଣି ଉଠାଇ ଦଉଡ଼ିବା; ଅରଥରକେ ଦୁଇ ଅଗ ଗୋଡ଼କୁ ଓ ପୁଣି ଦୁଇ ପଛ ଗୋଡ଼କୁ ଉଠାଇ ଦଉଡ଼ିବା—Running of a horse on all fours; horse's gallop.

ସର ପଠା—ଦେ. ବି—ସରକାଠ ଜନ୍ମିଥିବା ନଦୀଗର୍ଭସ୍ଥ ଭୂମି—Sara paṭhā A land on the bed of a river সরেরচিপি सरपतकी दीयर on which grow the 'Sara' reeds.

ସର ପଣା—ଦେ. ବି (ସ. ସର+ପ୍ରପାନକ)—ଦୁଧସରମିଶ୍ରିତ ମିଷ୍ଟ Sara paṇā ପ୍ରପାନକ—A sweet drink mixed সরের পানা मलाइ सरवत with cream. (ଉ—ଛେନା ସୁଧା ସରପଣାରୁ ମଧୁର ଲାଗୁଥିଲା ଶ୍ୟାମପ୍ରୀତି ଗୋ—ଭକ୍ତ ଶ୍ରୀ. ସଙ୍ଗୀତ ।)

ସର ପତ୍ରିକା—ସ. ବି (ସର=ଜଳ+ପତ୍ର+କ+ଆ; ବହୁବ୍ରୀହି)—୧ । Sara patrikā ପଦ୍ମପତ୍ର—1. Lotus leaf. ୨ । ପଦ୍ମ (ଶବ୍ଦକୋଷ)—2. Lotus.

ସର ପର୍ପଟୀ—ସଂ. ବି—ଶରଭଜା (ଦେଖ)— Sara parpaṭī Sarabhajā (See)

ସରପା—ପ୍ରାଦେ. (ଗଡ଼ଜାତ) ବିଣ—ଶସ୍ତା— Sarapā Cheap.

ସର ପାଟ(ହ୍ରଦ)—ଦେ.ବି (ନାମ)--ପୁରୀର ନିକଟବର୍ତ୍ତୀ ଅଗଭୀର ହ୍ରଦ—Sara pāṭa(hrada) The shallow Sara lake near hte Puri town. (ଉ—ସରପାଟୁଁ ଉଡ଼ ସୁଖେ ଭ୍ରମି ଭ୍ରମି ଭରଲ ଶମ୍ପି-ମୟୂଖେ—ସୁଧାକାଥ. ପାର୍ବତୀ ।)

ସର ପାପ(ପୁ)ଡ଼ି—ଦେ .ବି (ସ. ସର+ପର୍ପଟୀ)—ଶରଭଜା (ଦେଖ)— Sara pāpa(pu)ṛdi Sarabhajā [See]

ସରପୁଲି—ଦେ. ବି—ସରପୁରି (ଦେଖ)—Sarapuli [See] Sarapuli সর পুরিয়া [ଉ—ଗୋରସ ଘୃତ ସରପୁଲି, ନାନା ପିଷ୍ଟକେ ଖଣ୍ଡ ବୋଲି—ଜଗନ୍ନାଥ. ଭାଗବତ ।]

ସରପେଚ୍[ଞ୍ଚ୍]—ବୈଦେ. ବି (ଫା. ସର୍ ପେଚ୍)—ପଗଡ଼ି ଉପରେ Sarapech[ñch] ଲଗାଯିବା ରତ୍ନଖଚିତ ସ୍ବର୍ଣ୍ଣାଲଙ୍କାରବିଶେଷ শরপেচ सरपेच —An ornament set with gems attached to the turban.

ସରପେଶ୍ୱର—ସ୍ତ୍ରୀ. ବି (ପଦ୍ୟ)—ସର୍ପେଶ୍ୱର (ଦେଖ) Sarapeśwara Sarpeśwara [See]

ସରପୋଶ୍—ବୈଦେ. ବି (ଫା. ସର୍‌ପୋଶ୍)—୧ । ଗ୍ଲାସ୍ ଅବର ଉପରସ୍ଥ Sarapoś ଢାଙ୍କୁଣୀ—1. The lid or cover of a সরপোশ सरपोश glass or pot. [ଉ—ଦୁଦା ଉପରେ ପାନ ଅଟିବା ପଣ୍ଡ ଚଲମ, ତହିଁ ଉପରେ ସରପୋଶ—ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ୨ । ଉପଢୌକନାଦ ପଠାଯାଉଥିବା ଥାଳର, ଡାଲାର, ହାଣ୍ଡି ଅବର ଉପରେ ଘୋଡ଼ାଯିବା କନା ବା ରୁମାଲ—2. A napkin or piece of cloth covering a plate or tray in which any present is sent out.

ସରଫ୍—ବୈଦେ. ବି (ଇଂ. ଶ୍ରଫ୍; ଫା.ସର୍‌ଫ୍)—୧ । ଟଙ୍କା ଅବ ଦଙ୍କା-Saraph ଦିବା ବ୍ୟବସାୟରେ ନିଯୁକ୍ତ ବ୍ୟକ୍ତି; ପୋଦାର— সর(রা)ফ सराफ 1. A shroff; a money-changer. ୨ । ସରକାର ଖଜଣାଖାନା ଓ ବ୍ୟାଙ୍କ ଅବରେ ଦାଖଲ ହେବା ଟଙ୍କା ଅବ ମୁଦ୍ରାକୁ ପରୀକ୍ଷା କରିବା ପାଇଁ ନିଯୁକ୍ତ କର୍ମଚାରୀ—2. A person who tests coins while they are paid to the treasury of Government or of a bank.

ସରଫ୍ ବେଶି—ବୈଦେ. ପ୍ରାଦେ (ଗଞ୍ଜାମ) ବି [ଫା. ସର୍‌ଫ୍‌ବେଶ୍]— Saraph besi ମହାଜନକୁ ଲୁଣ ମାପିକରି ଦିଅଯିବାବେଳେ ମାପିବା ପରେ ବଳିପଡ଼ିବା ଲୁଣ—Excess quantity of salt found on final weighment on delivery to a trader. [ଉ—ଚେଙ୍ଗୁ ଚେଙ୍ଗୁ ଡୁଲୁଅ ସରଫ୍ ବେଶି ବାବଦରେ ମଧ୍ୟ କିଛି କିଛି ପ୍ରାପ୍ତ ହୁଅନ୍ତ—ଫକୀରମୋହନ. ଗଳ୍ପସ୍ୱଳ୍ପ ।] [ବି—ଅଳ୍ପକାଳ ହେଲ ମରି ଯାଇଥିବା ନୂତନ ଲୁଣରୁ ପରେ ପାଣି ଶୁଖିଗଲେ ତାହା ଓଜନରେ କମି ହୋଇଯିବ, ଏହି ଆଶଙ୍କାରେ ମହାଜନଙ୍କୁ ଦିଅଯିବା ପାଇଁ ଲୁଣ ଅଣିବାବେଳେ ଡୁଲୁଅ [ଲୁଣ ଓଜନ କରିବା ବ୍ୟକ୍ତି] ଲୁଣଗୋଲାରୁ ଆବଶ୍ୟକ ପରିମାଣ ଅପେକ୍ଷା କିଛି ବେଶି ଲୁଣ ଅଣିଥାଏ । ପୁଣି ଲୁଣକୁ ମହାଜନକୁ ଦେବା ସମୟରେ ଶେଷଥର ମାପ ହେବାବେଳେ ଯେଉଁ ବଳକା ଲୁଣ ବାହାରେ ତାହାକୁ 'ସରଫ୍‌ବେଶି' କୁହାଯାଏ ।]

ସରଫ୍ରାଜ୍ (ଜ)—ବୈଦେ. ବିଣ. (ଫା—ସର୍‌ଫ୍ରାଜ୍)—୧। ଗର୍ବୀ; Saraphrāj (ja) ଗର୍ବିତ—1. Arrogant; proud. ୨ । ଅସ୍ଥାଳିକ ଭାଷୀ—2. Boastful, bragging. ୩ । ଖୁସି; ଅନନ୍ଦିତ—3. Glad.

सरफ़राज सरफराज ୪। ଧନ୍ୟ—4. Praiseworthy. ୫। କୃତାର୍ଥ (ହି. ଶ)—5. Having one's aim fulfilled. ୬। ଉଚ୍ଚପଦସ୍ଥ—6. Occupying a high position. ବୈଦେ. ବି. (ଫା. ସରଫ୍‌ରାଜୀ= सरफराजी सरफ़राज़ि ଉଚ୍ଚପଦସ୍ଥତା)—୧। ଗର୍ବ—1. Pride. ୨। ଦାମ୍ଭିକତା; ଗର୍ବ—2. Arrogance. ୩। ଆସ୍ଫାଳନ—3. Boasting; bragging. ୪। (ପୁଂ) ମୁସଲମାନଙ୍କୁ ଦଅଯିବା ନାମବିଶେଷ—4. A name given to Mahomedans.

ସରଫ୍‌ରାଜ୍ ଖାଁ—ବୈଦେ. ବି (ଫା)--ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ବଙ୍ଗର Sarapharāj khān ଜଣେ ମୁସଲମାନ୍ ନବାବ—Name of a Nabob of Bengal of the eighteenth century A. D. (ଦ୍ର—ଏ ବଙ୍ଗ, ବିହାର ଓଡ଼ିଶାର ସୁବାଦାର୍ ବା ନବାବ୍ ସୁଜା ଉଦ୍ଦୌଲ ବା ସୁଜା ଉଦ୍ଦିନ୍ ଖାଁଙ୍କ ପୁତ୍ର ଓ ନବାବ ମୁର୍ଶିଦ୍ କୁଲିଖାଁଙ୍କ ଦୌହିତ୍ର; ଏହାଙ୍କର ନାମ ଅଲ୍ଲାଉଦ୍ଦୌଲ ଥିଲା। ମୁର୍ଶିଦ୍ କୁଲି ଖାଁ ନିଜର ଜାମାତା ସୁଜାଉଦ୍ଦିନ ଖାଁଙ୍କୁ ପ୍ରଥମେ ନାଏବ୍ ଦେୱାନ୍, ପରେ ନାଏବ୍ ନାଜିମ୍ ଓ ତତ୍ପରେ ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ କରିଥିଲେ। ନବାବ ମୁର୍ଶିଦ କୁଲିଖାଁଙ୍କ ମୃତ୍ୟୁ ପରେ ସରଫ୍‌ରାଜ ଖାଁ ତାଙ୍କ ମାତାମହଙ୍କ ଉତ୍ତରାଧିକାରୀ ହେବା ପାଇଁ ଉଦ୍‌ଗ୍ରୀବ ଥିବା ଅବସ୍ଥାରେ ସୁଜାଉଦ୍ଦିନ୍ ନବାବ୍ ପଦ ଅଧିକାର କରିବାକୁ ରାଜଧାନୀ ମୁର୍ଶିଦାବାଦକୁ ଅଗ୍ରସର ହେଲେ। ସରଫ୍‌ରାଜ୍ ଏହା ଦେଖି ପିତା (ସୁଜାଉଦ୍ଦିନ୍)ଙ୍କୁ ନବାବ ଗାଦି ଛାଡ଼ି ଦେଲେ। ସୁଜାଉଦ୍ଦିନ୍ ସରଫ୍‌ରାଜଙ୍କୁ ବାଦସାହୀ ଦେୱାନ ପଦରେ ନିଯୁକ୍ତ କରି ନିଜେ ନବାବ୍ ହେଲେ। ୧୭୩୯ ଖ୍ରୀ. ରେ ସୁଜାଉଦ୍ଦିନଙ୍କ ମୃତ୍ୟୁ ହେବାରୁ ଏ ସରଫ୍‌ରାଜ୍ ନାମ ଗ୍ରହଣ କରି ନବାବ୍ ହେଲେ। ଏ ରାଜ୍ୟ ଶାସନରେ ମନୋଯୋଗୀ ନ ଥାଇ ଧର୍ମ କର୍ମ ଓ ଲୌକିକାଚାରରେ ସର୍ବଦା ନିଯୁକ୍ତ ରହୁଥିଲେ। ଏକ ବର୍ଷ ତିନି ମାସ କାଳ ନବାବ୍ ହେବା ପରେ ବିହାରର ଶାସନକର୍ତ୍ତା ଅଲିବର୍ଦ୍ଦି ଖାଁ ସରଫ୍‌ରାଜ ଖାଁଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ। ଭାଗୀରଥୀ କୂଳରେ ଯୁଦ୍ଧରେ ସରଫ୍‌ରାଜ ନିହତ ହେଲେ ଓ ଅଲିବର୍ଦ୍ଦି ଖାଁ ନବାବ୍ ହେଲେ—ବିଶ୍ୱକୋଷ।]

ସରଫ୍(ଫ)ରାଜି—ବୈଦେ. ବି (ଫା. ସରଫ୍‌ରାଜୀ=ଉଚ୍ଚପଦସ୍ଥତା)— Saraph(pha)rāji ୧। ଅହଙ୍କାର; ବୃଥା ଆସ୍ଫାଳନ—1. Boasting; bragging. ୨। ଗର୍ବିତା—2. Arrogance. ୩। ଆନନ୍ଦ—3. Joy.
सरफराजि सरफराजी

ସରଫା—ଦେ. ବିଣ—ଶସ୍ତା—
Sarapha शस्ता सस्ता Cheap.
सराफी सराफा ବୈଦେ. ବି (ଅ. ସରାଫାତ୍)—୧। ସରଫର କର୍ମ—1. The act or post of a shroff. ୨। ଯେଉଁ ସ୍ଥାନରେ ବା ବଜାରରେ ଟଙ୍କା ଓ ନୋଟ୍ ଆଦି ଭଙ୍ଗାଯାଏ —2. Money-changer's market.

ସରଫୀ—ବେଦେ. ବି (ଫା)—ସରଫ୍‌ର କର୍ମ ବା ବୃତ୍ତି—
Saraphī The act or post of a shroff
सराफी सराफी

ସରବ୍‌ଜାନ—ଗ୍ରାଦେ. (ବିଶ୍ୱଙ୍କର ପାଠଶାଳା) ବି—ସର୍ବଜ୍ଞ—
Sarab-jān All-knowing.

ସରବ—ଗ୍ରା. (ସର୍ବନାମ, ପଦ୍ୟ) (ସଂ. ସର୍ବ)—ସର୍ବ (ଦେଖ)
Saraba सरब सरब Sarba (See) [ଉ—କୋଇଲି! सर्व सरब ଗଲୁ କମେ ଫୁରୁବ କରବ। ଗ୍ରାମେ ଗ୍ରାମେ ଛନ୍ଦି ବୁଲୁ (ସରବା, ସରବୁ—ଅନ୍ୟରୂପ) ଜଣାଅ ସରବ ଲୋ—ବାଳକୃଷ୍ଣ. ଅବାଳ କୋଇଲି।] ଦେ. ବି (ନାମ)—ସର୍ବେଶ୍ୱରର ଡାକ ନାମ—Name for calling Sarbeśwara.

ସରବ ଜାଣ—ଗ୍ରା. ବି ଓ ବିଣ—ସର୍ବଜ୍ଞାନ (ଦେଖ)
Saraba jāṇa Sarbajāna (See)

ସରବଜ୍ଞ—ଗ୍ରା. ବି ଓ ବିଣ (ପୁଂ ଓ ସ୍ତ୍ରୀ) (ସଂ. ସର୍ବଜ୍ଞ)—ସର୍ବଜ୍ଞ
Sarabajña (ଦେଖ)—Sarbajña (See) (ଉ—ସରବଜ୍ଞ ନିଯୁକ୍ତା ଅବିଦ୍ୟା ବରନ। ପ୍ରକୃତିରୁ ପର ଅଚଳ୍ୟ ଚରନ—କୃଷ୍ଣସିଂହ. ମହାଭାରତ. ଶାନ୍ତି।)

ସରବତ—ବୈଦେ. ବି (ଫା. ସର୍‌ବତ୍)—ସର୍ବତ୍ (ଦେଖ)
Sarabat Sarbat (See)

ସରବତି—ବୈଦେ. ବିଣ—ସର୍ବତି (ଦେଖ)
Sarabati Sarbati (See)

ସରବଥା—ଗ୍ରା. ଅ (ପଦ୍ୟ) (ସଂ. ସର୍ବଥା)—ସର୍ବଥା (ଦେଖ)
Sarabathā Sarbathā (See) (ଉ—ସପରୁ ଇଚ୍ଛା सरबथा सरबथा ଥିଲେ ସବୁ ଭଲ କଥା। କଦା ନ କରବ ହେ କୃଷ୍ଣ ସରବଥା—କୃଷ୍ଣସିଂହ. ମହାଭାରତ. ବନ।)

ସରବଦା—ଗ୍ରା. ଅ (ପଦ୍ୟ) (ସଂ. ସର୍ବଦା)—ସର୍ବଦା (ଦେଖ)
Sarabadā सरबदा सरबदा Sarbadā (See)

ସରବନ—ଦେ. ବି (ନାମ) (ସଂ. ଶ୍ରମଣ)—ଅନ୍ଧ ମୁନିଙ୍କ ପୁତ୍ର—
Sarabana Name of the son of a blind sage.
सरबन सरबन [ଦ୍ର—ଏ ପୁତ୍ର ନିଜର ଅନ୍ଧ ପିତାମାତାଙ୍କୁ ଭାରରେ ବୋହି ତୀର୍ଥ ଅଣା କରୁଥିଲା। ଏ ସରଯୂ ନଦୀରେ କଳସ ବୁଡ଼ାଉଥିବାର ଶବ୍ଦ ଶୁଣି ଦଶରଥ ଏ ଶବ୍ଦକୁ ବଣ ହାତୀର ଗର୍ଜନ ବୋଲି ଅନୁମାନ କରି ଶବ୍ଦଭେଦୀ ଶରଦ୍ୱାରା ଏହାକୁ ମାରିଥିଲେ। ରାମାୟଣରେ ଏ ମୁନିକୁମାରର ନାମ ନାହିଁ। କିନ୍ତୁ ବୌଦ୍ଧ ଶାମଜାତକ ଗ୍ରନ୍ଥରେ ଅନ୍ଧ ମୁନିଙ୍କ ପୁତ୍ରକୁ ଜଣେ ରାଜା ଶବ୍ଦଭେଦୀ ଶରଦ୍ୱାରା ମାରିଥିବା ଓ ସେ ପୁତ୍ରର ନାମ ସରବନ ଥିବା ଉଲ୍ଲେଖ ଅଛି।

ଅନ୍ଧ ମୁନି ବୃଦ୍ଧଙ୍କ ବ୍ରାହ୍ମ ହେବାରୁ ଏକ ଦେଶ ଦୂର୍ଭ ଅବରୁଦ୍ଧ ହୋଇ ମୃତ ପୁତ୍ରକୁ କାନ୍ଧେଇ ଦେଲେ। ସରବନର ପିତୃଭକ୍ତିର ଗୀତ ଗାଇବା ବାଲା ଏକ ଭିକ୍ଷୁକ ସମ୍ପ୍ରଦାୟ ଅଯୋଧ୍ୟା ଅଞ୍ଚଳରେ ଦେଖାଯାଆନ୍ତି—ହିନ୍ଦି. ଶବ୍ଦସାଗର।]

ସରବ ନାଶ—ଗ୍ରା. ବ (ପଦ୍ୟ) (ସଂ. ସର୍ବନାଶ)—ସର୍ବନାଶ
Saraba nāsa (ଦେଖ)—Sarbanāsa (See)
সরবনাশ सरबनाश

ସରବ ନାଶୀ—ଗ୍ରା. ବଣ (ପୁଂ ଓ ସ୍ତ୍ରୀ)—ସର୍ବନାଶୀ (ଦେଖ)—Sarba-
Saraba nāsi সরবনাশী सरबनाशी nāsi (See)
(ସର୍ବନାଶିଆ—ଅନ୍ୟ ପୁଂ ରୂପ)

ସରବନ୍ଦ (ନ୍ଦ)—ଦେ. ବ (ପା. ସର୍‌ବନ୍ଦ=ସଂ. ଶିରୋବନ୍ଧନ)—ପଗଡ଼ି
Saraband(ndh) —Turban. ବୈଦେ. ବ ଓ ବଣ—
সরবন্দ सरबन्ध ସରବନ୍ଦୀ (ଦେଖ) Sarabandi (See)

ସରବନ୍ଦୀ(ନ୍ଦୀ)—ବୈଦେ. ବ (ପା. ସର୍ବନ୍ଦୀ)—ଧନୁର୍ଦ୍ଧର; ଯୋଦ୍ଧା;
Sarabandi(ndhi) ତୀରନ୍ଦାଜ (ଦୂ. ଷ)—Bowman.
সরবংধী ବଣ—ଧନୁର୍ଦ୍ଧାରୀ—Armed with a bow.
सरबंधी

ସରବର—ଗ୍ରାଦେ. (କଳଙ୍ଗିର ପାଠଶା) ଅ—ସରସର—Well-
Sarabara saturated; from which any liquid is dripping; drenched.

ସରବରା—ଦେ. ବ—ଚିଲିକାରେ ମିଳୁଥିବା ଏକପ୍ରକାର ମାଛ—
Sarabarā A class of fish found in the Chilkā.

ସରବରା (ଇତ୍ୟାଦ)—ବୈଦେ. ବ (ପା. ସର୍‌ବରାହ୍)—ସର୍ବରା
Sarabarā (etc) ଇତ୍ୟାଦ (ଦେଖ)—Sarbarā etc
(ସରବରାହ—ଅନ୍ୟରୂପ) (See) [ଉ—କରଗୀ ଓଡ଼ଶା କଲେ ଅମଲ । ସରବରା ଦେଉଥିଲେ ଭୂପାଳ—ଲୁକନାଥ. ସମରତରଙ୍ଗ ।]

ସରବରି(ରୀ) (ଇତ୍ୟାଦ)—ବୈଦେ. ବ ଓ ବଣ (ଉଂ. ସର୍ବରି)—ସର୍ବରି
Sarabari(ri) (etc) ଇତ୍ୟାଦ (ଦେଖ)-Sarbari etc (See)

ସରବସ୍ୱ[ସ]—ଗ୍ରା. ବ (ସ. ସର୍ବସ୍ୱ)—ସର୍ବସ୍ୱ (ଦେଖ)—Sarbaswa
Sarabaswa[sa] সরবস্ব सरबस्व (See)

ସରବି(ବେ, ଭି, ଭେ)ଅ(ୟ)ର—ବୈଦେ. ବ (ଉଂ. ସର୍ଭେଅର୍)—
Sarabi(be, bhi, bhe)a(ya)ra ସର୍ଭେଅର (ଦେଖ)
সর্ভিয়র सरबीअर Sarbheara (See)

ସରବି(ବେ, ଭି, ଭେ)ଅ(ୟ)ରି—ଦେ. ବ—ସର୍ଭେଅରି (ଦେଖ)
Sarabi(be, bhi, bhe)a(ya)ri Sarbhe-ari (See)
সর্বেয়ারী सरबीअरी

ସରବେ—ଦେ. ସର୍ବନାମ (ପଦ୍ୟ) (ସ. ସର୍ବ)—୧ । ସମସ୍ତେ—1. All.
Sarabe [ଉ—ବଦଣ୍ଡ ସରବେ ହେଲେ ରାଜାଙ୍କ ବଚନେ—
সর্বে सर्वे ରାଧାନାଥ, ମହାଯାତ୍ରା ।] ୨ । ସମସ୍ତ ବ୍ୟକ୍ତି—
2. All men; all persons. [ଉ—ଭୋଜନ ! ଥାଉବାକୁ ମନ ଯେବେ ଉବେ, ଥଣ୍ଡେ ଦେଖ ହୁଅନ୍ତେ ମନ, ଦଅନ୍ତୁ ସବେ ଯେ—ବାଲକୃଷ୍ଣ. ଅନା-
সর্বে सर्वे ଭୋଜନ ।] ବୈଦେ. ବ (ଉଂ. ସର୍ଭେ)—ସର୍ଭେ
[ଦେଖ]—Sarbhe [See]

ସରବେଶ୍ୱର—ଗ୍ରା. ବ (ସ. ସର୍ବେଶ୍ୱର)—ସର୍ବେଶ୍ୱର [ଦେଖ]
Sarabeswara সর্বেশ্বর Sarbeswara [See]
सरबेश्वर [ସରବେଶର—ଅନ୍ୟରୂପ]

ସରବ୍ୟ—ଦ. ବ (ଶରବ୍ୟର ଅନ୍ୟରୂପ)—ଶରବ୍ୟ [ଦେଖ]
Sarabya Śarabya [See]

ସରଭଜା—ଦେ. ଭ—ଶରଭଜା [ଦେଖ]
Sarabhajā সরভাজা Śarabhajā [See]

ସରଭିସ୍(ସି) ଇତ୍ୟାଦ—ବୈଦେ. (ଇଂ. ସର୍ଭିସ୍)—ସର୍ଭିସ୍ ଇତ୍ୟାଦ
Sarabhis(si) etc ଦେଖ]—Sarbhis etc [See]
সার্ভিস सरबिस

ସରଭେ (ଇତ୍ୟାଦ)—ବୈଦେ. ବ (ଇଂ. ସର୍ଭେ)—ସର୍ଭେ ଇତ୍ୟାଦ
Sarabhe (etc) [ଦେଖ]—Sarbhe etc [See]

ସରମ୍(ମ)—ବୈଦେ. ବ (ପା. ଶର୍‌ମ୍)—୧ । ଲଜ୍ଜା—1. Shame.
Saram(ma) ୨ । ମାନ; ସମ୍ମାନ—2. Respects; regard.
সরম शरम ୩ । ଅପମାନ—3. Humiliation. ୪ ।
ସଙ୍କୋଚ—4. Delicacy; coyness; modesty.
[ଉ—ନ ରସେ ରସିକଙ୍କ ରମଣ ଚିନ୍ତା । ସରମ ଅନୁରାଗ କରେ ସ୍ଥାପିତ—ରାଧାନାଥ. ମେଘଦୂତ ।] ଗ୍ରା. ବ (ସ. ଶ୍ରମ)—ଶରମ ଇତ୍ୟାଦ (ଦେଖ)
śarama etc [See]

ସରମ୍ କଥା—ଦେ. ବ—ଲଜ୍ଜାର ବିଷୟ—A matter of shame;
Saram kathā a shameful affair.
সরম কথা शरमकी बात

ସରମ୍ କରିବା—ଦେ. କି—ଲଜ୍ଜା ବୋଧ କରିବା; ସଙ୍କୋଚ ବୋଧ
Saram karibā କରିବା—To feel coy; to feel shy.
সরম করা शरम करना

ସରମ୍ ପାଇବା—ଦେ. କି—୧ । ଲଜ୍ଜିତ ହେବା—1. To be put
Saram pāibā to shame; to be ashamed.
সরম পাওয়া ୨ । ଅପମାନିତ ହେବା—
शरम पाना 2. To be humiliated.

ସରମ୍ ହେବା—ଦେ. କି—ଲଜ୍ଜିତ ହେବା ।
Saram hebā To be put to shame.
সরম হওয়া सरमिंदा होना

ସରମା—ସଂ. ବ. ସ୍ତ୍ରୀ (ସ=ସ୍ୱ+ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତି.
Saramā ଅ+ଆ)—୧ । କୁକୁର; କୁକ୍କୁରୀ—1. A bitch.
[ଉ—କୁକୁରଙ୍କର ମାତା ସରମା ସୁନ୍ଦରୀ । ଯେଉଁ ପିଲ ଖାଇଲ ହୋଇଣ ଉଲଗୀ—କୃଷ୍ଣସିଂହ. ମହାଭାରତ. ବନ]
୨ । (ନାମ) କଶ୍ୟପ ପତ୍ନୀବିଶେଷ—2. Name of one of the wives of sage Kāsyapa, who gave birth to bees and insects. [ଉ—ଏହାଙ୍କ ଗର୍ଭରୁ ଭ୍ରମରାଦ ଜନ୍ମ ହୋଇଥିଲେ ।] ୩ । (ନାମ) (ସର=ସରୋବର+ମା=ଜାତ) ଗନ୍ଧର୍ବରାଜ ଶୈଳୂଷଙ୍କ କନ୍ୟା ଓ ରାବଣଭ୍ରାତା ବିଭୀଷଣଙ୍କ ପତ୍ନୀ—
3. Name of the wife of Bibhishaṇa; the younger brother of Rābaṇa. [ଉ—ସରମା ମାନସସରୋବର କୂଳରେ ଜନ୍ମଗ୍ରହଣ କରିବା ସମୟରେ ବର୍ଷା ସରୋବରର ଜଳ ବଢ଼ିଲ ଏବଂ ନବଜାତା ଶିଶୁକୁ ଦେଖିକୁ

ବଡ଼ି ପାଣି ଲଡିବାର ଉପକ୍ରମ ହେବାରୁ ସରମାଙ୍କ ମାତା ଉକ୍ତ ସରୋବରକୁ ସମ୍ବୋଧନ କରି ଡାକ ପକାଇଲେ, 'ସରଃ ! ମା ବର୍ଦ୍ଧସ୍ବ' (ଅର୍ଥାତ୍ 'ହେ ସରୋବର ! ଭୁ ଅଉ ବଢ଼ୁ ନାଁ)' । ଏଥିଯୋଗୁ ଏହି ବାକ୍ୟର ଅଦ୍ୟ ଦୁଇଟି ପଦକୁ ଅବଲମ୍ବନ କରି କନ୍ୟାର ନାମକରଣ ହୋଇଥିଲା । ସରମା ଧର୍ମପରାୟଣା ଥିଲେ ଓ ରାବଣଦ୍ୱାରା ହୃତା ଓ ଭାବରକ୍ଷ୍ଟା ସୀତାଙ୍କୁ ସରମା ସର୍ବଦା ସାନ୍ତ୍ୱନା ଦେଉଥିଲେ । ରାବଣର ମୃତ୍ୟୁ ପରେ ବିଭୀଷଣ ଲଙ୍କାର ରାଜା ହେଲେ ଓ ସରମା ରାଜମହିଷୀ ହେଲେ । ଏହାଙ୍କ ପୁତ୍ର ତରଣୀସେନ ମଧ୍ୟ ଧର୍ମଶୀଳ ଓ ସାଧୁ ଥିଲେ ।]

लाजुक शर्मिला ଦେ. ବିଣ. ପୁଂ—ଲଜ୍ଜାଶୀଳ—Modest. (ସରମିଆ—ଅନ୍ୟରୂପ) (ସରମୀ—ସ୍ତ୍ରୀ)

ସରମାତ୍ମଜ—ସ. ତ. ପୁଂ (୬ଷ୍ଠୀ ତତ୍) —୧ । ବିଭୀଷଣଙ୍କ ଔରସରେ Saramātmaja ସରମାଙ୍କ ପୁତ୍ର; ତରଣୀସେନ—1. Son of Saramā. ୨ । ଅଣ୍ଡିରା କୁକୁରଛୁଆ—2. Male puppy.

ସରମିଆ(ଳା)—ଦେ. ବିଣ. ପୁଂ—ଲଜ୍ଜାଶୀଳ—Modest; coy. Saramiā(nā) **लाजुक शर्मिला**

ସରମି ଯିବା—ଦେ. କ୍ରି—ସଙ୍କୁଚିତ ହୋଇଯିବା—To shrink; Sarami jibā to be contracted. ଘ୍ରାଦେ (ବଙ୍ଗଳିର) संकुचित हुआ पाइना) କ୍ରି—ଅଚେତ ହେବା— **शर्मिला होना** To become unconcious.

ସରଯୁ—ସ. ବ (ସୃ ଧାତୁ=ଗମନ କରିବା+କର୍ତ୍ତୃ. ଯୁ)—ବାୟୁ Saraju (ହିନ୍ଦୀ ଶେଷ)—Air; wind.

ସରଯୂ(ଯୂ)—ସ. ବ. ସ୍ତ୍ରୀ (ସର=ମାନ ସରୋବର+ଯା ଧାତୁ= Saraju(jū) ଗମନ କରିବା+କର୍ତ୍ତୃ. ଉ, ଊ; କିମ୍ବା ସୃ ଧାତୁ =ଗମନ କରିବା+କର୍ତ୍ତୃ. ଅଯୁ; ଅଯୂ)—ଅଯୋଧ୍ୟା ପ୍ରଦେଶସ୍ଥ ନଦୀବିଶେଷ—Name of a river in Oudh, on which the town of Ajodhyā stands.

[ଦ୍ର—ଋଗ୍ବେଦ, ମହାଭାରତ ଓ ରାମାୟଣରେ ଏ ନଦୀର ନାମୋଲ୍ଲେଖ ଅଛି । ମାନସରୋବରରୁ ଏହି ନଦୀ ନିଃସୃତ ହୋଇ ହିମାଳୟକୁ ଭେଦ କରି ଗଙ୍ଗାରେ ମିଶିଅଛି । ଅଯୋଧ୍ୟା ନଗରୀ ଏହି ନଦୀ କୂଳରେ ଅବସ୍ଥିତ । ସମ୍ପ୍ରଦାୟ ନଦୀର ନାମ ଘର୍ଘରା ବା ଘୋଗରା; ମାତ୍ର ଅଯୋଧ୍ୟାରେ ଏ ନଦୀର ଯେଉଁ ଅଂଶ ପ୍ରବାହିତ ତାକୁ ସରଯୂ ବୋଲାଯାଏ । ରାମଚନ୍ଦ୍ର ଓ ତତ୍ସହ ଭ୍ରାତାମାନେ ଏହି ନଦୀରେ ପ୍ରବେଶ କରି ଯୋଗାବଲମ୍ବନ ପୂର୍ବକ ଦେହ ତ୍ୟାଗ କରି ଥିଲେ । ବୈଦ୍ୟଶାସ୍ତ୍ର ମତରେ ଏହି ନଦୀର ଜଳ ସ୍ୱାଦୁ ଓ ବଳପୁଷ୍ଟିପ୍ରଦାୟକ ଅଟେ ।] ଦେ. ବ. ସ୍ତ୍ରୀ—ସ୍ତ୍ରୀମାନଙ୍କର ନାମ—A name given to females.

ସରଯୁ ପ୍ରସାଦ—ଦେ. ବ. ପୁଂ (ନାମ)—ପଶ୍ଚିମାମାନଙ୍କର ନାମ ବିଶେଷ Saraju prasāda Name of males in N. W. India. **सरयु प्रसाद सरयु प्रसाद्**

ସରଳ—ସ. ବ (ସୃ ଧାତୁ=ଗମନ କରିବା+କର୍ତ୍ତୃ. ଅଳ)— Saraḷa ୧ । ଶାଳ ଗଛ (ଦେଖ)—1. Sāḷa gachha (See) ୨ । ଏକପ୍ରକାର ଦେବଦାରୁ ଗଛ—2. A sort of pine; Pinus Longifolia.

୨ୟ ଅର୍ଥରେ ଅନ୍ୟ ସଂସ୍କୃତ ନାମ—ପୀତବୃକ୍ଷ, ସୁରଭିଦାରୁ, ପୀତଦ୍ରୁ, ପୂତକାଷ୍ଠ, ଧୂପ ବୃକ୍ଷକ, ଭଦ୍ରଦାରୁ, ପୀତଦାରୁ, ମନୋଜ୍ଞ, ସ୍ନିଗ୍ଧ, ସରଳ ଗନ୍ଧକ, ପୀତ **चिरका पेड़, सरल, धूप सरल** ବେ. ସରଳ ଦେବଦାରୁ, ଗଛକେ

[ଦ୍ର—ଏହି ଗଛର କାଠ ହାଲୁକା ଓ ସୁଗନ୍ଧ ବିଶିଷ୍ଟ । ଏଥିର କାଠକୁ ସିଝାଇଲେ ଟାରପିନ୍ ତେଲ ବାହାରେ ଏବଂ ଏହାର କର୍ପୂର ଶୁଖି ଗଲେ ତାହା ରଜନ୍ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁର, ତିକ୍ତରସ, କଟୁବିପାକ, ଲଘୁ, ସ୍ନିଗ୍ଧ, ଉଷ୍ଣବୀର୍ଯ୍ୟ ଓ ରସୋଜ୍ଜ୍ୱଳ । ଏହା କର୍ଣ୍ଣ ରୋଗ, କଣ୍ଠ ରୋଗ, ନେତ୍ରରୋଗ, କଫ, ବାୟୁ, ଦାହ, କାଶ, ମୂର୍ଚ୍ଛା, ଶୋଥ, ବ୍ରଣ ଓ ଜ୍ୱରର ବିନାଶକ ଅଟେ ।] ୩ । ବୁଦ୍ଧ (ଶବ୍ଦକୋଷ)—3. The Buddha. ୪ । ଅଗ୍ନି (ଧରଣୀ)—4. Fire

ସ. ବିଣ—୧ । ଋଜୁ; ଅବକ୍ର; ସିଧା—1. Straight. ୨ । ସହଜ—2. Easy. ୩ । ସହଜସାଧ୍ୟ—3. Easy of solution. ୪ । ଉଦାର—4. Liberal-minded. ୫ । ମସୃଣ—5. Smooth. ୬ । ନିଷ୍କପଟ—6. Frank; artless; guileless. ୭ । (ସରଳତା, ସରଳତ୍ୱ; ସାରଲ୍ୟ—ବ) ସାଧୁ; ସତ; ନ୍ୟାୟପର— (ସରଳା—ସ୍ତ୍ରୀ) 7. Honest; righteous; upright. ଦେ. ବ—ଅଳଙ୍କାର ବିଶେଷ—A kind of ornament. [ଦ୍ର—ତାଡ଼, ଝୁମ୍ପା, ସରଳ, ବାହୁଟି, ଜଗବଳ । —ସାରଳା. ମହାଭାରତ, ସଭା ।]

ସର ଲଗା—ଦେ. (ଭଦ୍ରକ) ବିଣ—ଅକ୍ଳାନ୍ତ— Sara lagā Unfatigued.

ସରଳ ଚିତ୍ତ—ସ. ବ (କର୍ମଧା)—ନିଷ୍କପଟ ହୃଦୟ— Saraḷa chitta Frank mind. (ସରଳଚିତ୍ତ—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ସରଳ ଚେତାଃ (ଦେଖ)—Saraḷa chetāḥ (See)

ସରଳ ଚେତାଃ—ସ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସରଳ+ଚେତସ୍ Saraḷa.chetāḥ ଯାହାର)—ନିଷ୍କପଟ ହୃଦୟ (ବ୍ୟକ୍ତି)— (ସରଳ ଚେତା—ଦେଶଜ ରୂପ) Frank-hearted (person).

ସରଳ ଝାଡ଼ା—ଦେ.ବ--କୋଷ୍ଠଶୁଦ୍ଧି—Free movement of the Saraḷa jhārḍā **सरलदास्त खुलासा पैखाना** bowels. [ସରଳ ଦା(ଦା)ସ୍ତ, ସରଳ ଯୋଖସ୍ତ—ଅନ୍ୟରୂପ]

ସରଳତା(ତ୍ୱ)—ସ. ବ (ସରଳ+ଭାବେ. ତା, ତ୍ୱ)—୧ । ଋଜୁତା— Saraḷatā(twa) 1. Straightness. ୨ । ନିଷ୍କପଟତା— 2. Frankness; sincerity. ୩ । ନ୍ୟାୟପରତା— 3. Uprightness; rectitude.

ସରଳ ତୃଣ—ସ. ବ - ଭୂସ୍ତୃଣ (ଦେଖ) Saraḷa truṇa Bhustruṇa (See)

ସରଳ ଦ୍ରବ(ନିର୍ଯ୍ୟାସ)—ସଂ. ବି. (ଷଷ୍ଠୀ ତତ୍) (ବୈଦ୍ୟକ)—ସରଳ
Sarala draba(nirjyāsa) ବୃକ୍ଷର ରସ; ଝାଟିଙ୍ଗ; ଗନ୍ଧବିରୋଜା;
ଶ୍ରୀପିଷ୍ଟ (ଦେଖ)—Śripishṭa (See)
(ଅନ୍ୟ ସଂସ୍କୃତ ନାମ—ପାୟସ, ଶ୍ରୀବାସ, ବୃକଧୂପ, ଶ୍ରୀବେଷ୍ଟ, ତୈଳପର୍ଣ୍ଣୀ, ଶ୍ରୀପିଷ୍ଟ, ଶ୍ରୀବେଷ୍ଟ, ଶ୍ରୀବେଶ, ସରଳାଙ୍ଗ, ଯାସ, ଯବାସ, ଘୃତହସ୍ତ, ବଧ୍ୟାହସ୍ତ, କ୍ଷୀରହସ୍ତ, ଅବକ, କ୍ଷୀରଶ୍ରୀ, ବାୟୁସ, ସରଳସ୍ରାବ)

ସରଳଦ୍ରୁ—ସଂ. ବି—ସରଳ ଗଛ; ଏକ ପ୍ରକାର ଦେବଦାରୁ ଗଛ—
Saraladru A sort of pine; Pinus Longifolia.
(ସରଳ ଦ୍ରୁମ—ଅନ୍ୟରୂପ)

ସରଳ ପ୍ରକୃତି—ସଂ. ବି (କର୍ମଧା)—୧ । ଉଦାର ପ୍ରକୃତି—
Sarala prakruti 1. Liberal nature. ୨ । ନିଷ୍କପଟ ପ୍ରକୃତି; କପଟତାଶୂନ୍ୟ ସ୍ୱଭାବ—2. Frank nature.
ସଂ.ବିଣ.ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ସରଳ ପ୍ରକୃତିକ (ଦେଖ)
Sarala prakrutika (See)

ସରଳ ପ୍ରକୃତିକ—ସଂ. ବିଣ. ପୁଂ (ବହୁବ୍ରୀହି)—ନିଷ୍କପଟ ପ୍ରକୃତିବିଶିଷ୍ଟ—Of frank nature.
Sarala prakrutika
(ସରଳ ପ୍ରକୃତିକା—ସ୍ତ୍ରୀ)

ସରଳ ପ୍ରଶ୍ନ—ସଂ. ବି (କର୍ମଧା)—୧ । କପଟତାଶୂନ୍ୟ ଅସନ୍ଦିଗ୍ଧ
Sarala praśna ଉତ୍ତର ପ୍ରଶ୍ନ—1. Frank question.
୨ । ସହଜସାଧ୍ୟ ପ୍ରଶ୍ନ—2. Easy question.

ସରଳ ପ୍ରାଣ—ସଂ. ବି (କର୍ମଧା)—କପଟତାଶୂନ୍ୟ ହୃଦୟ—Frank
Sarala prāṇa heart; guileless mind.
(ସରଳପ୍ରାଣା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ସରଳ
ଚେତାଃ (ଦେଖ)—Sarala chetāḥ (See)

ସରଳ ବିଶ୍ୱାସ—ସଂ. ବିଣ (କର୍ମଧା)—ନିଷ୍କପଟ ବିଶ୍ୱାସ—Frank
Sarala biśwāsa faith; good faith; bonafides.
ସଂ. ବିଣ. ପୁଂ (ବହୁବ୍ରୀହି)—ସରଳ ବିଶ୍ୱାସୀ (ଦେଖ)
Sarala biśwāsi (See)

ସରଳ ବିଶ୍ୱାସୀ—ସଂ. ବିଣ (ବହୁବ୍ରୀହି)—ଯେଉଁ ଲୋକ ମନରେ
Sarala biśwāsi କୌଣସି କପଟ ବା ସନ୍ଦେହ ନ ରଖି ଅନ୍ୟ ଠାରେ ବା ଅନ୍ୟର କଥାରେ ବିଶ୍ୱାସ ସ୍ଥାପନ କରେ—
Of good faith; bonafide.

ସରଳ ବୁଦ୍ଧି—ସଂ. ବି (କର୍ମଧା)—କପଟତାଶୂନ୍ୟ ବୁଦ୍ଧି ବା ମନ—
Sarala buddhi Intelligence or understanding
(ସରଳମତି—ଅନ୍ୟରୂପ) free from crookedness;
frank mind. ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—
[କୁଟିଳବୁଦ୍ଧି, କୁଟିମତି—ବିପରୀତ] ୧ । ନିଷ୍କପଟ—1. Frana.
୨ । ସରଳହୃଦୟ—2. Frank-hearted.

ସରଳ ରେଖା—ସଂ. ବି—ଉଜୁ ରେଖା; ସିଧା ରେଖା—
Sarala rekhā Straight line.

ସରଳ ସ୍ରାବ (ସ୍ୟନ୍ଦ, ରସ)—ସଂ. ବି (କର୍ମଧା) (ବୈଦ୍ୟକ)—ଶ୍ରୀପିଷ୍ଟ
Sarala srāba (syanda, rasa) (ଦେଖ)—Śripishṭa
(See)

ସରଳ ହୃଦୟ—ସଂ. ବି (କର୍ମଧା)—ସରଳ ଚିତ୍ତ (ଦେଖ)—Sarala
Sarala hrudaya chitta. (See) ସଂ. ବିଣ. ପୁଂ—
[ସରଳହୃଦୟା—ସ୍ତ୍ରୀ] (ବହୁବ୍ରୀହି) ସରଳଚେତାଃ (ଦେଖ)—
Sarala chetāḥ. (See)

ସରଳା—ସଂ. ବିଣ. ସ୍ତ୍ରୀ [ସରଳ+ସ୍ତ୍ରୀ. ଆ]—ସରଳର ସ୍ତ୍ରୀଲିଙ୍ଗ—
Saralā Feminine of Sarala. ସଂ. ବି—୧ ।
[ବୈଦ୍ୟକ] ତ୍ରିପୁଟ; ତ୍ରିବୃତ; ଶ୍ୱେତ ତ୍ରିବୃତ—
1. White species of Ipomoea Turpethum (plant and root). ୨ । ନଦୀ ବିଶେଷ—2. Name of a river. ୩ । କପିଳ ଦ୍ରାକ୍ଷା (ଶବ୍ଦକୋଷ)—
3. Brown grape. ୪ । କୃଷ୍ଣତୁଳସୀ (ବୈଦ୍ୟକ ନିର୍ଘଣ୍ଟ)—4. Black-leaved Basil plant. ୫ ।
ମଲ୍ଲିକା (ହି, ଶ)—4. Jasmine. ଦେ. ବି. ସ୍ତ୍ରୀ—
सरला সরলা ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ସରଲ୍ଲା—ଗ୍ରାଦେ. (ବାଲେଶ୍ୱର ସାହିତ୍ୟ) କ୍ରି—ସରିଗଲା—
Saralā (ସରୁଲା—ଅନ୍ୟରୂପ) Finished; ended.

ସରଳା ଦେବୀ—ଦେ. ବି—ଉତ୍କଳର ବହୁଗୁଣୀ ଜାତିକର୍ମୀଣୀ ଶ୍ରୀମତୀ
Saralā debi ସରଳା ଦେବୀ, ଏମ୍. ଏଲ୍. ଏ—Śrimati
Saralā Debi, M. L. A., the educated public-spirited lady of modern Orissa.

[ଦ୍ର—ଏହାଙ୍କ ଜନ୍ମ—ଖ୍ରୀ. ୧୯୦୪, ଜନ୍ମସ୍ଥାନ—କଟକ ଜିଲ୍ଲା । ପିତାଙ୍କ ନାମ—ଶ୍ରୀ ବାସୁଦେବ କାନୁନ୍‌ଗୋ । ମାତାଙ୍କ ନାମ—ଶ୍ରୀମତୀ ପଦ୍ମାବତୀ ଦେବୀ । ଶ୍ରୀମତୀ ସରଳାଦେବୀଙ୍କ ଜନ୍ମ ହେବା ଦିନଠାରୁ ତାଙ୍କର ଖୁଲ୍ଲତାତ ସ୍ୱର୍ଗତଃ ଶ୍ରୀଯୁକ୍ତ ବାଳମୁକୁନ୍ଦ କାନୁନ୍‌ଗୋ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ ହେମନ୍ତକୁମାରୀ ଦେବୀ ତାଙ୍କୁ ପୋଷ୍ୟଦୁହିତାରୂପେ ଲାଳନପାଳନ କରୁଥିଲେ । ୰ ବାଳମୁକୁନ୍ଦ କାନୁନ୍‌ଗୋ ବିହାର ଓ ଓଡ଼ିଶା ପ୍ରଦେଶର ଜଣେ ଡେପୁଟି କଲେକ୍ଟର ଥିଲେ । ସରଳାଦେବୀଙ୍କ ସ୍ୱାମୀ ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ର ଏମ୍. ଏ., ବି. ଏଲ୍. କଂଗ୍ରେସର ଜଣେ ବିଶିଷ୍ଟ ନେତା ଓ ବର୍ତ୍ତମାନ କଟକ ମ୍ୟୁନିସିପାଲିଟିର ଚେଅରମାନ୍ । କଟକ ଜିଲ୍ଲା ଅନ୍ତର୍ଗତ ଜଗତସିଂହପୁର ଥାନାର ଗୃହା ଗ୍ରାମରେ ତାଙ୍କର ନିବାସ । ଭାଗୀରଥି ବାବୁ ୧୯୨୧ ସାଲର ଅସହଯୋଗ ଆନ୍ଦୋଳନ ବେଳେ ଓକିଲାତି ଛାଡ଼ିଥିଲେ ଏବଂ ଦୁଇ ବର୍ଷ କାରାଗାର ମଧ୍ୟ ବରଣ କରିଥିଲେ ।
ସରଳା ଦେବୀ ହାଇସ୍କୁଲମେଣ୍ଟ ଶିକ୍ଷା ଶେଷ କରି ସ୍କୁଲ ଛାଡ଼ିଥିଲେ । ସେ ନିଜେ ଅକ୍ଳାନ୍ତ ପରିଶ୍ରମ କରି ଓଡ଼ିଆ, ବଙ୍ଗଳା, ହିନ୍ଦି ଓ ଇଂରେଜୀ ଭାଷା ଶିକ୍ଷା କରିଅଛନ୍ତି ।
ସେ ପ୍ରାୟ ୧୭୧୮ ବର୍ଷ ହେଲା ଦେଶସେବା କରି ଆସୁଅଛନ୍ତି । ଯେତେବେଳେ ସେ ପରଦା ପ୍ରଥାକୁ ଲଙ୍ଘନ କରି ବାହାରକୁ ବାହାରିଲେ ସେତେବେଳେ ଅମ ଓଡ଼ିଶାର ହିନ୍ଦୁ ଘରର ମାଆ ଭଉଣୀମାନେ କବାଟ କଣରେ ଲୁଚି ରହୁଥିଲେ; ସେମାନଙ୍କର କୌଣସି ସାଧାରଣ କାର୍ଯ୍ୟରେ

ଯୋଗଦାନ କରିବା ଦୂରେ ଥାଉ, ସେମାନେ ଦାଣ୍ଡକୁ ବାହାରିବାକୁ ସାହସ କରୁ ନ ଥିଲେ । ସରଳାଦେବୀ ଉତ୍କଳର ହିନ୍ଦୁ ସମାଜର ମାଆ ଭଉଣୀଙ୍କର ଅବଗୁଣ୍ଠନ ଖୋଲିଛନ୍ତି, କହିଲେ ଚଳେ । ୧୯୨୪ ସାଲରେ କଟକରେ ଅଗ୍ରଣୀ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଯେଉଁ ସଭା ହୋଇଥିଲା ସେଠାରେ ସରଳାଦେବୀଙ୍କ ଅକ୍ଲାନ୍ତ ଚେଷ୍ଟା ଓ ପ୍ରଚାରର ଫଳରେ ହିନ୍ଦୁ ଘରର ଝିଅ ବୋହୂମାନେ ପ୍ରଥମେ ବହୁ ସଂଖ୍ୟାରେ ସାଧାରଣ ସଭାକୁ ଆସିଥିଲେ । ତହିଁ ପୂର୍ବରୁ କେବେହେଲେ ପୁରୁଷମାନଙ୍କ ସଭାକୁ ହିନ୍ଦୁ ଓଡ଼ିଆଣୀମାନେ ଯାଉ ନ ଥିଲେ । ସେହିଦିନଠାରୁ ପ୍ରତ୍ୟେକ ସଭା ସମିତିରେ ହିନ୍ଦୁ ମାଆ ଭଉଣୀମାନେ ଯୋଗ ଦେଉଥିବା ଦେଖାଯାଉଅଛି । ଗତ ସତ୍ୟାଗ୍ରହ ଆନ୍ଦୋଳନରେ ସ୍ତ୍ରୀମାନଙ୍କ ତରଫରୁ ପ୍ରଥମେ ସରଳାଦେବୀ ସୈନିକବାହିନୀରେ ନାମ ଲେଖାଇଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନରେ ଓଡ଼ିଶାର ସ୍ତ୍ରୀମାନଙ୍କ ଭିତରେ ସେ ସର୍ବପ୍ରଥମେ କାରାଦଣ୍ଡ ବରଣ କରିଥିଲେ । ନିଖିଳ ଭାରତ କଂଗ୍ରେସର ଅଧିବେଶନ ୧୯୩୧ ସାଲରେ ପୁରୀରେ ହେବ ବୋଲି ସ୍ଥିର ହୋଇଥିଲା । ସେ କରାଚୀ କଂଗ୍ରେସରେ ବକ୍ତୃତା ଦେଇ କଂଗ୍ରେସକୁ ଓଡ଼ିଶାକୁ ନିମନ୍ତ୍ରଣ କରିଥିଲେ । ଏଥି ପୂର୍ବରୁ କୌଣସି ଓଡ଼ିଆ ମହିଳା ନିଖିଳ ଭାରତ କଂଗ୍ରେସ ମହାସଭାରେ ବକ୍ତୃତା ଦେଇ ନ ଥିଲେ । ୧୯୩୧ ସାଲରେ ମାନ୍ଦ୍ରାଜ ପ୍ରଦେଶର ଇରୋଡ଼ଠାରେ ଯେଉଁ ପ୍ରାଦେଶିକ ତାମିଲ ମହିଳା ସମ୍ମେଳନୀ ବସିଥିଲା ତହିଁରେ ସରଳାଦେବୀ ସଭାପତି ପଦରେ ବରିତ ହୋଇଥିଲେ । ତହିଁ ପୂର୍ବରୁ କୌଣସି ଓଡ଼ିଆଣୀ ବା ଓଡ଼ିଆ ଏତେ ବଡ଼ ସମ୍ମିଳନରେ ଓ ବିଦେଶରେ ସଭାପତି ହୋଇ ନ ଥିଲେ । କଟକ ସମବାୟ ବ୍ୟାଙ୍କରେ ସେ ଅନେକ ବର୍ଷ ହେଲା ଡିରେକ୍ଟର ରୂପେ କାର୍ଯ୍ୟ କରିଆସୁଅଛନ୍ତି । ଏଥି ପୂର୍ବେ ଓଡ଼ିଶାରେ କୌଣସି ମହିଳା ଡିରେକ୍ଟର ହୋଇ ନ ଥିଲେ । ସରଳାଦେବୀ ଡିରେକ୍ଟର ହେବା ପୂର୍ବରୁ ଭାରତର ଅନ୍ୟ ପ୍ରଦେଶମାନଙ୍କରେ ମଧ୍ୟ କୌଣସି ମହିଳା ବ୍ୟାଙ୍କ ଡିରେକ୍ଟର ହୋଇ ନ ଥିଲେ । ୧୯୩୫ରେ ନାରୀମଙ୍ଗଳ ସମିତିର ସଭାପତିରୂପେ ନିର୍ବାଚିତ ହୋଇ ବାଲ୍ୟବିବାହ ନିରୋଧ, ବିଧବାବିବାହ ପ୍ରଭୃତି ସାମାଜିକ ସୁଧାରକର୍ମରେ ସେ କାର୍ଯ୍ୟ କରି ଆସୁଅଛନ୍ତି । ପ୍ରାୟ ୬।୭ ବର୍ଷ ହେଲା ସେ କଟକ ସଦର ଲୋକାଲ୍‌ବୋର୍ଡର ମେମ୍ବର ହୋଇଅଛନ୍ତି । ଏଥି ପୂର୍ବରୁ ଓଡ଼ିଶାର କୌଣସି ମହିଳା ଲୋକାଲ୍‌ବୋର୍ଡର ସଭ୍ୟ ହୋଇ ନ ଥିଲେ । ୧୯୩୧ରେ ଯେଉଁ ଉତ୍କଳ ଯୁବକସଂଘ ଗଠିତ ହୋଇଥିଲା ସେଥିରେ ସେ ସଭାପତି ହୋଇଥିଲେ । ସେ ହିନ୍ଦୁସ୍ଥାନ ଗ୍ରନ୍ଥମାଳାର ସମ୍ପାଦନ ଭାର ଗ୍ରହଣ କରି ଅନେକ ପୁସ୍ତକ ସମ୍ପାଦନ କରିଅଛନ୍ତି । 'ସହକାର' ନାମକ ମାସିକ ପତ୍ରିକା ମଧ୍ୟ ତାଙ୍କଦ୍ୱାରା ସମ୍ପାଦିତ ହେଉଥିଲା । ସେ ଇଂରେଜୀ, ଓଡ଼ିଆ, ବଙ୍ଗଳାରେ ଅନେକ ପ୍ରବନ୍ଧ ଭାରତର ଭଲ ଭଲ ପତ୍ରିକାମାନଙ୍କରେ ବରାବର ଲେଖି ଆସୁଅଛନ୍ତି । ଉତ୍କଳ ସମ୍ମେଳନୀର ସାଫଲ୍ୟ ପାଇଁ ମଧ୍ୟ ସେ ଅନେକକାର୍ଯ୍ୟ କରିଅଛନ୍ତି । ସମ୍ମେଳନୀର ସାଧାରଣ ପରିଷଦର ସେ ଜଣେ ସଭ୍ୟ । ଦେଶମିଶ୍ରଣ ଆନ୍ଦୋଳନରେ ସେ ଅନେକ ପରିଶ୍ରମ କରିଅଛନ୍ତି । 'ନିଖିଳ ଭାରତ ପରିଭାଷା ଅଖିଳ ସମ୍ମେଳନୀ'ରେ ଉତ୍କଳର ପ୍ରତିନିଧି ରୂପେ ସେ ସଭ୍ୟା ଅଟନ୍ତି । ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଓ କଟକ ଜିଲ୍ଲା କଂଗ୍ରେସ କମିଟିର ସଭ୍ୟା ରୂପେ ସେ କାର୍ଯ୍ୟ କରି ଆସୁଅଛନ୍ତି । ସେ ତାଙ୍କର ମନ ପ୍ରାଣକୁ କଂଗ୍ରେସ କାର୍ଯ୍ୟରେ ଓ ଜନସେବାରେ ଓ ବିଶେଷତଃ ନାରୀ ଜାତିର ପ୍ରଗତିରେ ଉତ୍ସର୍ଗ କରିଅଛନ୍ତି । କଂଗ୍ରେସ ତରଫରୁ ସେ ବର୍ତ୍ତମାନ ଓଡ଼ିଶା ବ୍ୟବସ୍ଥାପକ ସଭାରେ ନାରୀ ନିର୍ବାଚନ ମଣ୍ଡଳରୁ ପ୍ରତିନିଧି ରୂପେ ନିର୍ବାଚିତ ହୋଇଅଛନ୍ତି । ବାଲ୍ୟବିବାହ ନିରୋଧ ଆଇନର ସଂଶୋଧନ, ଯୌତୁକ ପ୍ରଥା ନିରୋଧ Anti-slavery ବା Concubinage Bill (ଦାସୀ ବା ପୋଇଲି ପ୍ରଥା ନିରୋଧକ ବିଲ୍), ପଶୁ ରକ୍ଷା ପ୍ରଭୃତି ସମ୍ବନ୍ଧରେ କେତୋଟି ବିଲ୍ ସେ ଓଡ଼ିଶା ଆସେମ୍ବ୍ଲିରେ ଉପସ୍ଥାପିତ କରିଅଛନ୍ତି । ଦେଶର ହିତଦୃଷ୍ଟିରୁ ଓ ବିଶେଷତଃ ନାରୀ ସମାଜର ମଙ୍ଗଳ ଦୃଷ୍ଟିରୁ ଅନେକଗୁଡ଼ିଏ ପ୍ରସ୍ତାବ ସେ ବ୍ୟବସ୍ଥାପକ ସଭାରେ ପାଶ୍ କରାଇ ପାରିଅଛନ୍ତି । ଦେଶର ମ୍ୟୁନିସିପାଲିଟି ଓ ଲୋକାଲ୍ ବୋର୍ଡକୁ ପରାମର୍ଶ ଦେଇ ସେ ବହୁତ ଭଲ କାର୍ଯ୍ୟ ମଧ୍ୟ କରିଅଛନ୍ତି । ଅନେକ ଲୋକହିତକର ଅନୁଷ୍ଠାନ ସହିତ ସେ ସଂପୃକ୍ତା । ଦେଶସେବା ଓ ନିଃସ୍ୱାର୍ଥପରତା ଯୋଗୁଁ ଆମ ଓଡ଼ିଶାରେ କାହିଁକି, ଭାରତର ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ସେ ସମ୍ମାନିତ ହୋଇଅଛନ୍ତି—ସନ୍ଦର୍ଭ ଲେଖକ- ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ।]

ସରଳାଙ୍ଗ—ସଂ. ବି (ବୈଦ୍ୟକ)—ଶ୍ରୀପିଷ୍ଟ (ଦେଖ)
Saralānga — Śripishta (See)

ସରଳାନ୍ତଃକରଣ—ସଂ. ବି(କର୍ମଧା, ସରଳ + ଅନ୍ତଃକରଣ)—ସରଳ ଚିତ୍ତ
Saralāntah karana (ଦେଖ)—Sarala chitta (See)
ସଂ. ବିଣ (ବହୁବ୍ରୀହି)—ସରଳ ଚେତାଃ (ଦେଖ)
(ସରଳାନ୍ତଃକରଣା—ବିଣ୍‌. ସ୍ତ୍ରୀ) Sarala chetāh (See)

ସରଲି—ପ୍ରାଦେ· (ବାଲେଶ୍ୱର) ବି—ଶରାଳ (ଦେଖ)
Sarali — Śarāli (See)

ସରଳି—ଦେ. ବି—ପଲମଠାରୁ କ୍ଷୁଦ୍ରତର ଓ ଗଭୀରତର ଛୋଟ ପଲମ—
Sarali — A concave crucible or pan smaller
मालसा — and deeper than an ordinary one.
कोही — [ଦ୍ର—ଏ ଥିରେ ଦହିରୁ ଛେନା ପ୍ରସ୍ତୁତ କରାଯାଏ ।]
(ସରଳିଆ—ଅନ୍ୟରୂପ)

ସରଳିଆ—ଦେ. ବିଣ. ପୁଂ (ସଂ. ସରଳ)—୧ । ସରଳ; ନିଷ୍କପଟ—
Saraliā — 1. Frank. ୨ । ଡେଙ୍ଗା ଓ ପତଳା; ସରୁ ଓ
(ସରଳୀ—ସ୍ତ୍ରୀ) ଲମ୍ବ—2. Tall and thin; slender

(ଚଳନ୍ତିଆ—ବିଶେଷଣ) and long. ୩ । ସହଜ—3. Easy.
सरल ୪ । (ଅଳଙ୍କାର ଅର୍ଥ) ଯାହା ସହଜରେ ଅଙ୍ଗରେ ଗଳ
सरल ଯାଏ—4. (any ornament) Which easily fits into any limb. ଦେ. ବି—ସରଳି (ଦେଖ) Sarali (See)

ସରଳିଆ—ପ୍ରାଦେ· (କଳାହାଣ୍ଡି) ବି—ତେଲୁଣିଅଟଣ୍ଡ—
Saralia Centiped.

ସରଳିଆ ଝାଡ଼ା—ଦେ· ବି—କୋଷ୍ଠ ଶୁଦ୍ଧି—Easy evacuation;
Saralia jharda free movement of the
सरल बाहिा, सरल दास्त खुलासा टट्टी bowels.
[ସରଳିଆ ଦ(ହୋ)ଉ, ସରଳିଆ ଯୋଗଣ, ସରଳିଆ ବାହାରିବ—ଅନ୍ୟରୂପ]

ସରଳିବା—ଦେ· କ୍ରି (ସଂ ସରଳ)—ଖଣ୍ଡାକୁ ଖାପରୁ କାଢ଼ି ହାତରେ
Saraliba ଖଣ୍ଡାର ଫଳକୁ ସଳଖିବା—To straighten
सोजा करा the blade of a sword after un-
सिधा करना sheathing it. [ଉ—ଯାଉକେ ଫଉମାନ ଅଣ୍ଟରେ ବସୁଛିଲେ, ସରଳ ଧୂପ ଖଣ୍ଡାମାନ ଉଠାଇଲେ । କୃଷ୍ଣସିଂହ. ମହାଭାରତ. ବନ ।]

ସରଲୋନ୍ନତ—ସଂ ବି (ସରଳ ଅଥଚ ଉନ୍ନତ; କର୍ମଧା)—
Saralonnata ସିଧା ଭାବରେ ଉଚ୍ଚ; ଡେଙ୍ଗା—Straight and high; tall.

ସରଶିଆ—ପ୍ରାଦେ· (ସମ୍ବଲପୁର) ବିଣ—ସର୍ଶିଆ (ଦେଖ)
Sarasia Sarsia (See)

ସରଶୁଆ(ଆଁ)ରି(ଲି)—ଦେ, ବି—ମିଷ୍ଟାନ୍ନ ବିଶେଷ—Name of a
Sarasua(an)ri(li) sweetmeat enclosing cream in it. [ବି—ଏହା ଗହମ ଅଟା, ଗୁଡ଼ ଓ ଦୁଧ ସରରେ ମିଶ୍ରିତ ଓ ଘିଅରେ ଛଣାଯାଇ ପ୍ରସ୍ତୁତ ହୁଏ । ଏଥିମଧ୍ୟରେ ସରର ପୁର ମଧ୍ୟ ଦିଆଯାଇ ଥାଏ ।]

ସରସ୍—ସଂ. ବି—ସରଃ (ଦେଖ)—Sarah (See)
Saras ଦେ· ବିଣ—ସରସ (ଦେଖ)—Sarasa (See)

ସରସ—ସଂ. ବି (ସୃ ଧାତୁ=ଗତି କରିବା+ଅଧି· ଅସ; କିମ୍ବା ସ=
Sarasa ସହ+ରସ=ଜଳ)—ସରୋବର—Tank; lake; pond.
सारस } ବିଶେଷଣ
सारस ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହ+ସରସ)—୧ । ରସଯୁକ୍ତ; ରସିଆଳ—1. Juicy; luscious. ୨ । ସୁସ୍ୱାଦୁ; ମଧୁର—2. Sweet; agreeable to the taste. ୩ । ନୂତନ; ତାଜା; ତଟକା—3. New; fresh; blooming (Apte). ୪ । ରସିକତାପୂର୍ଣ୍ଣ—4. Full of wit; humorous. ୫ । ପ୍ରଫୁଲ୍ଲ; ହାସ୍ୟଯୁକ୍ତ—5. Smiling; joyous. ୬ । ଆର୍ଦ୍ର; ଓଦା—6. Moist. ୭ । ସୁନ୍ଦର—7. Beautiful; charming; lovely (Apte). ୮ । ପ୍ରେମମୟ—8. Full of love; impassioned (Apte). ୯ । ଭବଭାବମୟ—9. Expressive of poetical sentiment
सरेस (Apte). ଦେ· ବିଣ—୧ । ଉତ୍କୃଷ୍ଟ—1. Excellent.
सरस ୨ । ଉତ୍କୃଷ୍ଟତର—2. Superior. [ଉ—ସରସ ଘରେ
(ସାରସ—ବିଶେଷଣ) ରସ, ସୁଧୀ । ସ-ଅନୁପ୍ରାସ, ଶବ୍ଦଲଗଣ ଚଟାଉ ଲଉ ସତ୍ତ୍ୱୋଷ—ଗୋଲୋକ· ଉପଦେଶ ।] ୩ । ରସିକତାପୂର୍ଣ୍ଣ; ରସିକ; ରସଜ୍ଞ—3. Witty; humorous; appreciative of wit and humour. ୪ । ନାଗରତା ପୂର୍ଣ୍ଣ—4. Full of gallantry. ୫ । ଗୁଣଗ୍ରାହକ—5. Appreciative of good qualities in others. ଦେ. ବି—ସରସା (ଦେଖ) Sarasa (See).

ସରସ କଥା—ସଂ. ବି—୧ । ରସିକତାଯୁକ୍ତ ବାକ୍ୟ—1. Witty or
Sarasa katha humorous words. ୨ । ଉତ୍କୃଷ୍ଟ
(ସରସ ବଚନ—ଅନ୍ୟରୂପ) କଥା—2. Excellent words.

ସରସତା(ତ୍ୱ)—ସଂ.ବି (ସରସ+ଭାବେ.ତା,ତ୍ୱ)—ସରସ ହେବାର ଭାବ—
Sarasata(twa) The state of being Sarasa.

ସରସତୀ—ଗ୍ରା. ବି (ସଂ. ସରସ୍ୱତୀ; ପ୍ରା· ସରସଇ)—୧ । ସରସ୍ୱତୀ
Sarasati ଦେବୀ—1. The Goddess Saraswati.
सरसती [ଉ—ସରସତୀଙ୍କ ଗୁଣ ତରେ । ଖର ମୁଣ୍ଡ ଦେଖା
सरोसती, सरसई ଏତେ. ଶିଶୁବଚନ ।] [ବି—ମକର ସରସ୍ୱତୀଙ୍କ ବାହାନ ଥିବାରୁ ଶିଶୁମାନେ ଜଳରେ କୁମ୍ଭୀରକୁ ଦେଖିଲେ ଏହି ପଦ ବୋଲି ଥାଆନ୍ତି ।] ୨ । ସରସ୍ୱତୀ ନାମ୍ନୀ ସ୍ତ୍ରୀର ଡାକ ନାମ—
2. A nick name for calling Saraswati.

ସରସ ପଣ(ପଣିଆ)—ଦେ.ବି—ସରସତା—The state of being
Sarasa pana(pania) सरसता सरसाइ Sarasa.

ସରସ ବଦନ—ସଂ. ବି (କର୍ମଧା)—ପ୍ରଫୁଲ୍ଲ ମୁଖ; ହର୍ଷଯୁକ୍ତ ମୁଖ—
Sarasa badana Laughing or smiling face.
(ସରସ ମୁଖ—ଅନ୍ୟରୂପ) ସଂ. ବିଣ· ପୁଂ (ବହୁବ୍ରୀହି)—ହାସ୍ୟ-
(ସରସ ମୁହଁ—ବି ଦେଶଜରୂପ) ମୁଖ; ସହର୍ଷ ବଦନ—Having
(ସରସ ମୁହାଁ—ବିଣ ଦେଶଜରୂପ) a smiling face.
(ସରସ ବଦନା, ସରସ ମୁଖା—ସ୍ତ୍ରୀ)

ସରସ ବଦନିଆ—ଦେ. ବିଣ. ପୁଂ—ପ୍ରଫୁଲ୍ଲ ମୁଖଯୁକ୍ତ; ହାସ୍ୟମୁଖବିଶିଷ୍ଟ
Sarasa badania Having a smiling or laughing face.
सरस बदन हँसमुँह
(ସରସ ମୁହାଁ[ହିଁ]—ଅନ୍ୟରୂପ)
(ସରସ ବଦନୀ; ସରସ ମୁହିଁ[ହିଁ]—ସ୍ତ୍ରୀ)

ସରସର—ଦେ. ବିଣ—୧ । ଜୁବୁଜୁବୁ; ଭରଭର; ବିଶେଷଭାବରେ
Sarasara ତୈଳାଦିଦ୍ୱାରା ଜର୍ଜରିତ ବା ଲେପିତ; ଅତି ଆର୍ଦ୍ର—
सप सप 1. Copiously anointed or drenched
जर्जर, सराबोर with oil or ghee. ୨। ଯାହା ଦେହରୁ କୌଣସି ତରଳ ବସ୍ତୁ ବୋହି ପଡ଼ୁଥାଏ—2. From which a liquid is dripping; much besmeared with. [ଉ—ପାଣି ସରସର ।] ୩ । ଅମୁକରେ ପୂର୍ଣ୍ଣ—

3. Full of. [ଯଥା—ମଳ ସରସର ।] ଦେ. ଅ (ସ. ଶୀତ୍କାର)—୧। ଶରୀର ବା ବ୍ରଣର ବ୍ୟଥା କରିବା ଅବସ୍ଥା; ସିରୁସିରୁ—1. The aching condition of a boil or sore. ୨। ସଲସଲ; ଗଲଗଲ ହେବା ଅବସ୍ଥା—2. Tickling sensation. ୩। ଦେହ ରୋଗାକ୍ରାନ୍ତ ବୋଧ ହେବା ଅବସ୍ଥା—3. A feeling of being unwell. ୪। ଖଟା ଖାଇବା ଯୋଗୁଁ ଦାନ୍ତ ସଢ଼ ହେବା—4. An uneasy sensation felt in the teeth on taking too much sour things. ଦେ. ବିଶେ ବଣ—ଅତ୍ୟନ୍ତ—Very much. (ଯଥା—ଭିଜସରସର ।) କି. ବଣ—ବାରଂବାର—Repeatedly. [ଉ—ସରସର ଝରଇ ଲୁହମାନ ।]

টনটন
सरसर

ସରସରି—ବୈଦେ. ବଣ (ଫା. ସର୍ସରୀ)—ସର୍ସରି (ଦେଖ)
Sarasari Sarsari (See)

ସରସରିଆ—ଦେ. ବଣ—ସରସର ବଣ (ଦେଖ)
Sarasaria Sarasara adj (See)

ସରସା—ସଂ. ବଣ (ସରସ+ଅ) (ବୈଦ୍ୟକ)—ଶ୍ୱେତତ୍ରିବୃତ୍; Sarasā ଧଳା ତିହୁଡ଼—White species of Ipomoea Turpethum. ଦେ. ବଣ—ସରସ (ଦେଖ) Sarasa (See)
সরস, সরেস
सरस

ପାନিসরা, দাঁতের গোড়া ফোলা ଦେ. ବ—ଦନ୍ତ ରୋଗବିଶେଷ—A sort of tooth disease resulting in the looseness of teeth and bleeding of the gums. [ଦ୍ର—ଏ ରୋଗରେ ଦାନ୍ତର ମୂଳ ଢ଼ିଲା ହୁଏ ଏବଂ ସାମାନ୍ୟ ଆଘାତରେ ଦାନ୍ତ ହଲେ ଓ ଦାନ୍ତ ମୂଳରୁ ରକ୍ତ ବହେ ।]
सुसिर

ସରସା ଦନ୍ତା—ଦେ. ବଣ. ପୁଂ—ସରସା ଦାନ୍ତିଆ (ଦେଖ)—
Sarasā dantā Sarasā dāntiā (See)
(ସରସା ଦାନ୍ତୀ—ସ୍ତ୍ରୀ)

ସରସା ଦାନ୍ତ—ଦେ. ବ—ସରସା ରୋଗଯୁକ୍ତ ଦାନ୍ତ—Tooth affected with the disease (looseness and bleedig of the gums).
Sarasā dānta
পানসে দাঁত सुसिर दाँत

ସରସା ଦାନ୍ତିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ଦନ୍ତରୋଗ ଅଛି—Suffering from looseness and bleeding in the teeth or gingivitis.
Sarasā dāntiā
পানসে দেঁতো
सुसिर दाँत वाला
(ସରସାଦାନ୍ତୀ, ସରସା ଦାନ୍ତେଇ—ସ୍ତ୍ରୀ)

ସରସି—ଗ୍ରାଦେ (ଗଡ଼ଜାତ) ବ—ବଡ଼ାଇ; ବାହାଦୁରୀ;ଆତ୍ମପ୍ରଶଂସା—
Sarasi Self-applause.

ସରସିଆ—ଦେ. ବଣ—ସରସ (ଦେଖ)—Sarasa (See)
Sarasiā সরেস सरस

ସରସିଆଁ ମାଳି—ଗ୍ରାଦେ. (ଗଡ଼ଜାତ) ବ—ସୋରିଷ ପରି ଗୋଟିରେ ତିଆରି ହୋଇଥିବା ସୁନାର ହାର; ସୋରିଷିଆ (ସେହିଶେ ମିଳ—ଅନ୍ୟରୂପ) ହାର—A necklace of mustardshaped beads.
Sarasiān māli

ସରସି(ସୀ)କ—ସଂ. ବ—ସାରସ ପକ୍ଷୀ—
Sarasi(sī)ka Crane (bird) (Apte).

ସରସିଜ—ସଂ. ବ (ସରସି=ସରୋବରରେ+ଜନ୍ ଧାତୁ=ଜନ୍ମିବା +କର୍ତ୍ତି. ଅ; ଅଲୁକ୍ ସମାସ)—ପଦ୍ମ; ସରୋରୁହ; ସରୋଜ—Lotus.
Sarasija

ସରସିତ—ଦେ. ବଣ (ପଦ୍ୟ)—ରସଯୁକ୍ତ—withy. [ଉ—ସରସିତ ଚିତ୍ତ ପୁଣି କଣ୍ଠସୁ ସରଣୀ । ଅଶେଷ ଆଲୋପୂଜକୁ ଯହିଁ ପରକାଶି—ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]
Sarasita
সরসিত सरसित

ସରସୀ—ସଂ. ବ. ସ୍ତ୍ରୀ (ସୃ ଧାତୁ ଗମନ କରିବା+ଅଧି. ଅସ୍+ଈ. ଈ)—ସରୋବର; ପୁଷ୍କରିଣୀ—Tank; pond. [ଉ—ସରସୀ କନାରେ ସାରସ ପରିହାଣ । ଅନଠାରେ ଅଛ ହେ ନାହିଁ ନରହାଣ !—କୃଷ୍ଣସିଂହ. ମହାଭାରତ. ବନ ।]
Sarasī

ସରସୀକ—ସଂ. ବ—ସାରସ ପକ୍ଷୀ (ଶବ୍ଦରତ୍ନାବଳୀ)—
Sarasīka A sort of Indian crane.

ସରସୀରୁହ—ସ. ବ (ସରସୀ=ସରୋବର+ରୁହ୍ ଧାତୁ=ଜନ୍ମିବା+କର୍ତ୍ତି. ଅ)—୧। ସରୋରୁହ; ସରୋଜ; ପଦ୍ମ—1. Lotus. ୨। ସାରସ ପକ୍ଷୀ—2. The crane (bird) (Apte).
Sarasīruha

ସରସୀରୁହେକ୍ଷଣ—ସ. ବଣ. ପୁଂ (ବହୁବ୍ରୀହି; ସରସୀରୁହ ପରି ଈକ୍ଷଣ=ନୟନ ଯାହାର)—ପଦ୍ମ ପରି ସୁନ୍ଦରନେତ୍ର-ବିଶିଷ୍ଟ—Having eyes beautiful or charming as the petals of a lotus flower.
Sarasīrukshaṇa
(ସରସୀରୁହେକ୍ଷଣା—ସ୍ତ୍ରୀ)

ସରସୋଁ—ଗ୍ରାଦେ. (ବସ୍ତର) ବ—(ସଂ. ସର୍ଷପ) ସୋରିଷ—
Sarasoñ Mustard seed.

ସରସ୍ତ—ଗ୍ରା. ବଣ (ପଦ୍ୟ) (ସଂ. ସ୍ରସ୍ତ)—ଶିଥିଳ—Slack. [ଉ—ହସ୍ତେ ସରସ୍ତ ବଳୟ ରସ ବଂଶୀ ସଙ୍ଗୀତେ ନୃତ୍ୟଇ ଭୁଜଙ୍ଗ । ପ୍ରାଚୀ. ରସବାରିଧି ।]
Sarasta
ঢিলা शिथिल

ସରସ୍ୱତୀ—ସ. ବ. ସ୍ତ୍ରୀ (ସରସ୍=ଜଳ+ଅଛି ଅର୍ଥରେ ବତ୍+ଈ. ଈ)—୧। ବାଗ୍‌ଦେବୀ; ବ୍ରହ୍ମାଙ୍କର ଏକତମ ପତ୍ନୀ-ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ—1. The Hindu Goddess of learning and speech. [ଦ୍ର—ପୁରାଣ ମତରେ ଏ ଧର୍ମଦେବଙ୍କ ବାମ ପାର୍ଶ୍ୱରୁ ଅବିର୍ଭୂତା ହୋଇଥିଲେ । ଏ ଶୁକ୍ଳବର୍ଣ୍ଣା, ମକର ବା ହଂସାରୂଢ଼ା, ଶ୍ୱେତପଦ୍ମାସନା, ବୀଣା ପୁସ୍ତକଧାରିଣୀ ଓ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ । ମାଘ ଶୁକ୍ଳପଞ୍ଚମୀ ବା ଶ୍ରୀପଞ୍ଚମୀ ଦିନ ଓ ଶିଶୁଙ୍କ ବିଦ୍ୟାରମ୍ଭ କାଳରେ ଏହାଙ୍କର ପୂଜା କରାଯାଏ । ବ୍ରହ୍ମବୈବର୍ତ୍ତ ପୁରାଣରେ ଏ ଦେବୀଙ୍କ ଉତ୍ପତ୍ତି ବିଷୟରେ ଲେଖା ଅଛି ଯେ, ପରମାତ୍ମାଙ୍କ ମୁଖରୁ ଶୁକ୍ଳବର୍ଣ୍ଣା, ବୀଣାଧାରିଣୀ ଓ କୋଟିଚନ୍ଦ୍ର ପ୍ରଭା ଦେବୀ ଅବିର୍ଭୂତା ହେଲେ । ଏ ଦେବୀ ଶ୍ରୁତି ଓ ଶାସ୍ତ୍ର ମଧ୍ୟରେ ଶ୍ରେଷ୍ଠା ଓ ପଣ୍ଡିତମାନଙ୍କ ଜନନୀ ।
Saraswatī

ଏ ବାଗଧିଷ୍ଠାତ୍ରୀ ଦେବୀ । ଏହି ପୁରାଣରେ ଗଣେଶ ଖଣ୍ଡରେ ଲେଖାଅଛି ଯେ, ସୃଷ୍ଟିକାଳରେ ପ୍ରଧାନାଶକ୍ତି ଈଶ୍ୱରଙ୍କ ଇଚ୍ଛାନୁସାରେ ପଞ୍ଚଧା ବିଭକ୍ତା ହେଲେ, ଯଥା—ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ । ଏମାନଙ୍କ ମଧ୍ୟରୁ ବାଗଧିଷ୍ଠାତ୍ରୀ, ଶାସ୍ତ୍ରଜ୍ଞାନଦାୟିନୀ, କୃଷ୍ଣକଣ୍ଠୋଦ୍ଭବା ଦେବୀ ସରସ୍ୱତୀ ଜଣେ ଅଟନ୍ତି । ଶ୍ରୀକୃଷ୍ଣ ପ୍ରଥମେ ଏ ଦେବୀଙ୍କ ପୂଜା କଲେ । ଏ ଦେବୀଙ୍କ ଅରାଧନାରେ ମୂର୍ଖ ପଣ୍ଡିତ ହୁଏ । ମାଘ ମାସର ଶୁକ୍ଳପଞ୍ଚମୀରେ ଓ ଶିଶୁଙ୍କ ବିଦ୍ୟାରମ୍ଭକାଳରେ ଏ ଦେବୀଙ୍କର ପୂଜା କରାଯାଏ । ଶ୍ରୀକୃଷ୍ଣଙ୍କ ଉପଦେଶକ୍ରମେ ଏ ଦେବୀ ନାରାୟଣଙ୍କୁ ଭଜନା କଲେ । ମାଘ ମାସ ଶୁକ୍ଳ-ପଞ୍ଚମୀର ସରସ୍ୱତୀ ପୂଜା ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରବର୍ତ୍ତିତ । ବିଶ୍ୱ-କୋଷ ।] ୨ । ବାଣୀ; ବାକ୍ୟ; କଥା—2. Word; speech. [ଉ—ବାଳାସ୍ନେହ-ସରସ୍ୱତୀଙ୍କ ପାଳ, ବହନ ସରସ୍ୱତୀରେ ସେ ମିଳ । ଉପ. ବୈଦେହୀଶବିଳାସ ।] ୩ । ସ୍ତ୍ରୀରତ୍ନ; ଉତ୍ତମା ସ୍ତ୍ରୀ (ମେଦନୀ)—3. An excellent lady. ୪ । ସୋମଲତା (ଶବ୍ଦଚନ୍ଦ୍ରିକା)—4. The 'Soma' creeper. ୫ । ମନୁପତ୍ନୀବିଶେଷ (ମେଦନୀ)—5. One of the wives of Manu. ୬ । ଗୋ; ଗାଈ (ମେଦନୀ)—6. Cow. ୭ । ଜ୍ୟୋତିଷ୍ମତୀ (ରାଜନିର୍ଘଣ୍ଟ)—7. A creeper. ୮ । ବ୍ରାହ୍ମୀ (ରାଜ-ନିର୍ଘଣ୍ଟ)—8. A pot-herb. ୯ । ମଣ୍ଡୂକପର୍ଣ୍ଣୀ; ଥାଲକୁଡ଼ି—9. The Indian pennywort. ୧୦ । ଦୁର୍ଗା—10. The Goddess Durgā. [ଦ୍ର—ଦେବୀ-ଭାଗବତରେ ଅଛି ଯେ, ଅନନ୍ତଶକ୍ତି ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ଏହି ତିନି ଶକ୍ତି ପ୍ରଦାନ କଲେ । ଅନନ୍ତଶକ୍ତି ବ୍ରହ୍ମାଙ୍କୁ କହିଲେ ତୁମ୍ଭେ ଏହି ଦିବ୍ୟରୂପା, ଗୁରୁହାସିନୀ, ରଜୋଗୁଣଯୁକ୍ତା ଶ୍ୱେତାମ୍ବରଧାରିଣୀ, ଶ୍ୱେତ ସର୍ବେଳକାସିନୀ ମହାସରସ୍ୱତୀ ନାମ୍ନୀ ଶକ୍ତିଙ୍କୁ କ୍ରୀଡ଼ାସହଚରୀ-ରୂପେ ଗ୍ରହଣ କର । ବିଶ୍ୱକୋଷ ।] ୧୧ । ଆର୍ଯ୍ୟାବର୍ତ୍ତର ନଦୀ ବିଶେଷ -11. Name of a river, a branch of the Ganges. [ଉ—ସରସ୍ୱତୀ-ସମୁଦ୍ର-ସଙ୍ଗମରେ ସ୍ନାନ, କଲେ ସବୁ ତିନୋଟି ସହସ୍ରେ ଗାଈ ଦାନ । କୃଷ୍ଣସିଂହ. ମହାଭାରତ, ବନ ।] [ଦ୍ର—ହିନ୍ଦୁ ପୁରାଣୋକ୍ତ ପୁଣ୍ୟସଲିଳା ୭ଟି ନଦୀ (ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ) ମଧ୍ୟରୁ ଏହା ଗୋଟିଏ । ଦେବ ପୂଜାକାଳରେ ପୂଜାର୍ଥଜଳରେ ଏହି ସାତୋଟି ନଦୀର ଜଳକୁ କଳ୍ପନା କରି ତଦ୍ଦ୍ୱାରା ପୂଜା କରାଯାଏ । ମନୁ ଲେଖିଛନ୍ତି ଯେ, ସରସ୍ୱତୀ ଓ ଦୃଷଦ୍‌ବତୀ ନାମ୍ନୀ ଦେବନଦୀଦ୍ୱୟର ମଧ୍ୟବର୍ତ୍ତୀ ଦେଶକୁ ବ୍ରହ୍ମାବର୍ତ୍ତ ଏବଂ ଏହି ଦେଶରେ ପ୍ରଚଳିତ ଅଚାରକୁ ସଦାଚାର ବୋଲାଯାଏ । ମହାଭାରତ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ସମୁଦାୟ ନଦୀଙ୍କ ମଧ୍ୟରେ ଏ ନଦୀ ଅତି ପବିତ୍ର ବୋଲି କଥିତ । ବ୍ରହ୍ମବୈବର୍ତ୍ତ ପୁରାଣରେ ଏ ନଦୀର ଉତ୍ପତ୍ତି ବିବରଣ କିମ୍ବଦନ୍ତୀରୂପେ ବର୍ଣ୍ଣିତ ହୋଇଅଛି । ଲକ୍ଷ୍ମୀ, ସରସ୍ୱତୀ ଓ ଗଙ୍ଗା ହରିପ୍ରିୟା ଥିଲେ । ଏକଦା ବିଷ୍ଣୁଙ୍କର ଗଙ୍ଗାଙ୍କ ପ୍ରତି ବେଶି ପ୍ରେମ ଥିବା ଦେଖି ସରସ୍ୱତୀ ଗଙ୍ଗାଙ୍କ ଉପରେ ରାଗ କରି ଅଭିଶାପ ଦେଲେ; ସେହି ଅଭିଶାପ ଫଳରେ ଗଙ୍ଗା ନଦୀରୂପ ଧାରଣ କଲେ । ଗଙ୍ଗା ଏଥିରେ କୁପିତ ହୋଇ ସରସ୍ୱତୀଙ୍କୁ ଶାପ ଦେବାରୁ ସରସ୍ୱତୀ ମଧ୍ୟ ଗୋଟିଏ ନଦୀ ହେଲେ । ବେଦ ଓ ପୁରାଣାଦିରୁ ଦେଖାଯାଏ ଯେ, ଏକାଧିକ ଅଞ୍ଚଳରେ ସରସ୍ୱତୀ ନଦୀର ଅବସ୍ଥାନ କଳ୍ପିତ ହୋଇଥିଲା । ବୈଦିକ ଯୁଗର ଆର୍ଯ୍ୟମାନେ ଉତ୍ତର-ପଶ୍ଚିମ ଭାରତରେ ସିନ୍ଧୁନଦୀ କୂଳରେ ପଞ୍ଚନଦ ପ୍ରଦେଶରେ ଉପନିବେଶ କଲେ । ତତ୍ପରେ କ୍ରମଶଃ ପୂର୍ବଆଡ଼କୁ ଅଗ୍ରସର ହୋଇ ପୁଣ୍ୟସଲିଳା ସରସ୍ୱତୀ ତୀରରେ ବାସକଲେ । ଋଗ୍ବେଦ ସଂହିତାରୁ ଜଣାଯାଏ ଯେ, ଏ ନଦୀ ମଧ୍ୟଆସିଆରୁ ବାହାରି ଆର୍ଯ୍ୟ-ମାନଙ୍କ ଉପନିବେଶ ବାଟେ ପ୍ରବାହିତ ହେଉଥିଲା ଓ ଏହି ନଦୀଜଳର ସାହାଯ୍ୟରେ ଆର୍ଯ୍ୟମାନେ ଶସ୍ୟାଦି ଉତ୍ପାଦନ କରି ସମୃଦ୍ଧିମନ୍ତ ହୋଇ ଏ ନଦୀକୁ ଦେବନଦୀ ରୂପେ ପୂଜା କରୁଥିଲେ । ତତ୍ପରେ ସେମାନେ ଅଧିକ ପୂର୍ବକୁ ଆସି ଅନ୍ୟ ଗୋଟିଏ ନଦୀକୁ ସରସ୍ୱତୀରୂପେ ପୂଜା କଲେ । ତତ୍ପରେ ପୁଣି ଅଧିକ ପୂର୍ବକୁ ଆସି ଅନ୍ୟ ଗୋଟିଏ ନଦୀର ସରସ୍ୱତୀ ନାମ ଦେଲେ ବୋଲି ଜଣାଯାଏ । ସରସ୍ୱତୀ ନଦୀ ଅଲ୍ଲାହାବାଦ (ପ୍ରୟାଗ) ଠାରେ ଗଙ୍ଗା ଓ ଯମୁନା ସଙ୍ଗେ ମିଳିତ ହୋଇ ତ୍ରିବେଣୀ ସୃଷ୍ଟି କରିଥିଲା । ବର୍ତ୍ତମାନ ସରସ୍ୱତୀ ନଦୀର ଚିହ୍ନ ପ୍ରୟାଗଠାରେ ମିଳେ ନାହିଁ । ବେଦୋକ୍ତ ସରସ୍ୱତୀ ନାମ୍ନୀ ନଦୀ ସିମଲା ଦକ୍ଷିଣସ୍ଥ ସିରମୁର ରାଜ୍ୟର ପର୍ବତମାଳାରୁ ବାହାରି କୁରୁକ୍ଷେତ୍ର ବାଟେ କର୍ଣ୍ଣାଲ ଜିଲ୍ଲା ଓ ପଟିଆଲା ରାଜ୍ୟବାଟେ ସିର୍ସା ଜିଲ୍ଲାର କାଗାର (ଦୃଷଦ୍‌ବତୀ) ନଦୀରେ ମିଶି ରାଜପୁତାନାର ମରୁ ପ୍ରଦେଶରେ ବିଲୀନ ହୋଇଅଛି । ବୈଦିକ ଯୁଗରେ ଏ ନଦୀ ବହିଯାଇ ପ୍ରୟାଗଠାରେ ଗଙ୍ଗାଯମୁନାସଙ୍ଗମରେ ଗଙ୍ଗାରେ ପଡ଼ୁଥିଲା । ବର୍ତ୍ତମାନ ଯେଉଁ ଯେଉଁ ସ୍ଥାନରେ ସରସ୍ୱତୀ ଅନ୍ତଃସଲିଳା (ଅଦୃଶ୍ୟ) ହୋଇଅଛି, ପୁରାଣରେ ସେ ସ୍ଥାନମାନଙ୍କୁ ବିନଶନ ବୋଲାଯାଏ । ଆଉ ଗୋଟିଏ ସରସ୍ୱତୀ ନଦୀ ରାଜପୁତାନାର ଆବୁ ପାହାଡ଼ରୁ ବାହାରି ପାଲନପୁର ଓ ରାଧନପୁର ରାଜ୍ୟବାଟେ ବୋହି ଯାଇଅଛି (ସ୍କନ୍ଦପୁରାଣ ରେବାଖଣ୍ଡ) । ଅନ୍ୟ ଗୋଟିଏ ସରସ୍ୱତୀ ନଦୀ ବଙ୍ଗଦେଶର ହୁଗୁଳି ଜିଲ୍ଲାର ସପ୍ତଗ୍ରାମବାଟେ ଯାଇ ଗଙ୍ଗାରେ ପଡ଼ୁଥିଲା । ଏହା ବର୍ତ୍ତମାନ ଗୋଟିଏ ନାଳର ଆକାର ଧାରଣ କରିଅଛି । ଏ ନଦୀ ଗଙ୍ଗାରେ ତ୍ରିବେଣୀଘାଟ ନିକଟରେ ପଡ଼ିବା ସ୍ଥାନରେ ତିନୋଟି ସ୍ରୋତ ମିଳିତ ହୋଇଥିବାରୁ ଏ ସ୍ଥାନର ନାମ ମଧ୍ୟ ତ୍ରିବେଣୀ ଓ ଏହା ତୀର୍ଥରୂପେ ପରିଚିତ । ଋଗ୍ବେଦରେ ସରସ୍ୱତୀ ସମୁଦ୍ରଗାମିନୀ ବୋଲି ଲେଖା ଅଛି ଓ ବୈଦିକ କାଳରେ ଏ ଦେବତାରୂପେ

ପୂଜିତା ହେଉଥିଲେ । ବେଦର ପରବର୍ତ୍ତୀ ବାଜସନେୟୀ ସଂହିତା ଓ 'ବ୍ରାହ୍ମଣ' ଗ୍ରନ୍ଥରେ ସରସ୍ୱତୀଙ୍କୁ ବାଗ୍‌ଦେବୀ ବୋଲି ଯାଇଅଛି । ପୁରାଣମାନଙ୍କରେ ସରସ୍ୱତୀଙ୍କୁ ବ୍ରହ୍ମାଙ୍କ କନ୍ୟା ଓ କେତେକ ଗ୍ରନ୍ଥରେ ବ୍ରହ୍ମାଙ୍କ ସ୍ତ୍ରୀ ଓ ମହାଭାରତରେ ଦକ୍ଷପ୍ରଜାପତିଙ୍କ କନ୍ୟା ବୋଲି ଲେଖାଯାଇଅଛି ।

(ବିଶ୍ୱକୋଷ)

ବୈଦ୍ୟଶାସ୍ତ୍ର ଅନୁସାରେ ସରସ୍ୱତୀ ନଦୀର ଜଳ ସ୍ୱାଦୁ, ଲଘୁପାକ, ରୁଚିକର, ଅଗ୍ନିବର୍ଦ୍ଧକ, ପଥ୍ୟ ଓ ସର୍ବରୋଗହର ଅଟେ ।] ୧୨ । ସାୟଂ-ସନ୍ଧ୍ୟାରେ ଗାୟତ୍ରୀ ଜପକାଳରେ ବ୍ରାହ୍ମଣଙ୍କର ଧ୍ୟେୟା ଦେବୀ—12. The Goddess contemplated by the Brāhmaṇas during the evening prayers. [ଦ୍ର—ଏହାଙ୍କର ବୃଦ୍ଧାବସ୍ଥା, କୃଷ୍ଣବର୍ଣ୍ଣ ଦେହ, କୃଷ୍ଣାମ୍ବର, ବୃଷବାହନ ଓ ତିନି ଲୋଚନ ଅଛି । ଏହାଙ୍କ ହସ୍ତରେ ତ୍ରିଶୂଳ ଓ ଡମରୁ । ଏ ରବିମଣ୍ଡଳମଧ୍ୟସ୍ଥା ଓ ରୁଦ୍ରଦୈବତାରୂପେ କଳ୍ପିତା ।] ୧୩ । ରୁଦ୍ରାଣୀ—13. The wife of Siba. ୧୪ । ବ୍ରହ୍ମାଣୀ—14. The wife of Brahmā. [ଦ୍ର—ଦେବୀ ଭାଗବତ ମତରେ ସରସ୍ୱତୀ ବ୍ରହ୍ମାଙ୍କ ସ୍ତ୍ରୀ, କିନ୍ତୁ ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ନାରାୟଣଙ୍କ ପତ୍ନୀ । କୌଣସି କୌଣସି ପୁରାଣରେ ଅଛି ଯେ, ସରସ୍ୱତୀ ବ୍ରହ୍ମାଙ୍କ କନ୍ୟା । କିନ୍ତୁ ଏକ ସମୟରେ ବ୍ରହ୍ମା ସ୍ୱୀୟ କନ୍ୟାଙ୍କୁ ଦେଖି କାମମୋହିତ ହେଲେ; ପରେ ଅତି କଷ୍ଟରେ କାମବେଗ ଦମନ କରି କାମଦେବଙ୍କୁ ଅଭିଶାପ ଦେଲେ । ଉକ୍ତ ଅଭିଶାପ ଫଳରେ ପରେ ମହାଦେବଙ୍କ ନୟନାନଳରେ କାମଦେବ ଭସ୍ମୀଭୂତ ହେଲେ । ବିଶ୍ୱକୋଷ ।] ଦେ. ବି. ସ୍ତ୍ରୀ—୧ । ଜୈନଦେବୀ

সরসতী
सरस्वती

ବିଶେଷ—1. A female Deity worshipped by the Jainas. ୨ । ସ୍ତ୍ରୀ ଲୋକଙ୍କ ନାମ—2. A name given to females. ୩ । (ପୁଂ) ପଣ୍ଡିତମାନଙ୍କୁ ଦିଆଯିବା ଉପାଧି ବିଶେଷ—3. A title bestowed on pandits. [ଦ୍ର—ସ୍ୱର୍ଗତ ପର୍ଲାକିମେଡ଼ି ସେନାପତିଙ୍କୁ ବାମଣ୍ଡାର ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବ ସରସ୍ୱତୀ ଉପାଧି ଦେଇଥିଲେ ।]

ସରସ୍ୱତୀ କଣ୍ଠାଭରଣ—ସଂ. ବି (୬ଷ୍ଠୀ ତତ୍; ସରସ୍ୱତୀ+କଣ୍ଠ+ଆଭରଣ) Saraswatī kaṇṭhābharaṇa —୧ । କଳ୍ପିତ ସରସ୍ୱତୀ ଦେବୀଙ୍କର ବା ସରସ୍ୱତୀ ମୂର୍ତ୍ତିଙ୍କ କଣ୍ଠର ହାର—1. The necklace of the Deity Saraswatī. ୨ । (ନାମ) ଷାଠିଏ ତାଳ ମଧ୍ୟରୁ ଗୋଟିଏ (ହି. ଶ)—2. Name of one of the 60 musical cadence. ୩ । ଭୋଜରାଜ କୃତ ଅଳଙ୍କାର ଗ୍ରନ୍ଥବିଶେଷ (ହି. ଶ)—3. Title of a Sanscrit work on rhetoric by king Bhoja. ୪ । ପ୍ରମାର ବଂଶୀୟ ରାଜାଭୋଜଙ୍କଦ୍ୱାରା ପ୍ରତିଷ୍ଠିତ ଧାରାନଗରସ୍ଥ ବିଦ୍ୟାଳୟର ନାମ—4. Name of a school started by king Bhoja.

ସରସ୍ୱତୀଙ୍କ ବର ପୁତ୍ର—ଦେ. ବି—ମହା ପଣ୍ଡିତ ବା ମହା କବି—Saraswtīnka bara putra A gifted poet or very learned person. [ଦ୍ର—ଜାଳ-
সরস্বতীর বর পুত্র
सरस्वतीका बर पुत्र
ଦାସ ସରସ୍ୱତୀଙ୍କ ବର ପୁତ୍ର ବୋଲି କଥିତ ହୋଇଥିଲେ ।]

ସରସ୍ୱତୀ ପୁତ୍ର (କୁଟୁମ୍ବ)—ସଂ. ବି—ପଣ୍ଡିତ ବା ବିଦ୍ୱାନ୍ ବ୍ୟକ୍ତି—Saraswatī putra (kuṭumba) A pandit or learned man.

ସରସ୍ୱତୀ ପୂଜା—ସଂ. ବି—ମାଘ ଶୁକ୍ଳ ପଞ୍ଚମୀ ବା ଶ୍ରୀପଞ୍ଚମୀଦିନ ବିଦ୍ୟାଧି-Saraswatī pūjā ଷ୍ଠାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜା—The worship of the Goddess of learning; Saraswatī on the 5th day of the bright lunar fortnight of the month of Māgha.

ସରସ୍ୱତୀ ବାଳବାଣୀ—ସଂ. ବି—ବାଳ କଥିତ ଭାଷା (ବିଶ୍ୱକୋଷ)—Saraswatī bālabāṇī The laugnage used by children. [ଦ୍ର—ଏଥିରେ ର ଓ ଳ ସ୍ଥାନରେ ଲ, ଷ ସ୍ଥଳରେ ଛ ଇତ୍ୟାଦି ଲକ୍ଷିତ ହୁଏ ।]

ସରସ୍ୱତୀ ବିଳାସ—ସଂ. ବି (ନାମ)—ଉତ୍କଳର ରାଜା ପ୍ରତାପରୁଦ୍ର ଦେବଙ୍କ ସଙ୍କଳିତ ସଂସ୍କୃତ ସ୍ମୃତି ଗ୍ରନ୍ଥ—Saraswatī bilāsa Name of a treatise on Hindu law and usage by king Pratāparudra Deba of Orissa. [ଦ୍ର—ଦାକ୍ଷିଣାତ୍ୟରେ ଏହା ପ୍ରାମାଣିକ ସ୍ମୃତି ଗ୍ରନ୍ଥରୂପେ ବ୍ୟବହୃତ ।]
সরস্বতী বিলাস
सरस्वती विलास

ସରସ୍ୱାନ୍—ସଂ. ବି(ସରସ୍=ଜଳ+ଅଛି ଅର୍ଥରେ ବତ୍; ୧ମା. ୧ବ)—Saraswān ୧ । ସରୋବର—1. Tank; lake. ୨ । ନଦୀ—2. River. ୩ । ସମୁଦ୍ର—3. The ocean. ୪ । ମହିଷ—4. A buffalo. ସଂ. ବିଣ—ରସଯୁକ୍ତ—Juicy.

ସର(ରି)ହଦ୍(ଦ୍) (ଇତ୍ୟାଦି)—ବୈଦେ. ବି (ଅ. ସର୍ହଦ୍)—Sara(ri)had(dd) (etc) ସର୍ହଦ୍ ଇତ୍ୟାଦି (ଦେଖ) Sarhad etc (See)
সরহদ सरहद्

ସରହସ୍ୟ—ସଂ. ବିଣ (ବହୁବ୍ରୀହି; ସ=ସହିତ+ରହସ୍ୟ)—୧ । Sarahasya ସମନ୍ତ୍ରକ; ମନ୍ତ୍ର ସହିତ—1. Joined with mystic formulae. ୨ । ସୋପନିଷଦ୍—2. Joined with Upanishad. ୩ । ରହସ୍ୟଯୁକ୍ତ—3. Mystical; magical,

ସରା—ସଂ. ବି (ସୃ ଧାତୁ=ଗତି କରିବା+ଅ+ଆ)—୧ । ଝରଣା—Sarā 1. A spring. ୨ । (ବୈଦ୍ୟକ)—ପସାରୁଣୀ ଲତା; ଗନ୍ଧଭଦ୍ରା; ପ୍ରସାରିଣୀ—2. Pæderia Foetida (creeper). ଦେ. ବି—୧ । (ସଂ. ସର)—ସରୁ;
সরা
सरा
ଏକାଧିକ ଗିଅଯୁକ୍ତ ମାଳା ଅଦର ଗିଅ; ସୋରୁ—1. String (of garlands etc). ୨ । (ସଂ

সরা ସରାକ) ଶରା (ଦେଖ)—2. Sarā (See) [ଉ—
सराई; कसौरी ବୃଦ୍ଧ ମନେ ସ୍ଥିତ ହୋଇ ଦେଖୁ । ଛଳକୁ ଅଭୁକ
ମଣି ଧରା ମଠଣ ସରା—ରାଧାନାଥ. ମହାଯାତ୍ରା ।] ବୈଦେ
ବି—୧ । ମୁସଲମାନ୍‌ମାନଙ୍କର ଦାୟାଧିକାର ଧର୍ମଶାସ୍ତ୍ର—
1. The law of inheritance of the Mahamedans; the Mahomedan law-book of
সরাই succession. ୨ । (ଅ. ସରାଇ) ସରାଇ; ପାନ୍ଥ-
सराय ନିବାସ; ଚଟ୍ଟୀଘର—2. Inn. ଦେ. ବିଣ. ପୁଂ (ଅନ୍ୟ
ইজ্জত খোয়া ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ମହତସରା; ଇଜ୍ଜତ-
खोनेवाला ସରା)—୧ । ଯାହାଦ୍ୱାରା (ମହତ୍ତ୍ୱ ଆଦ) ସରଯାଏ
ବା ନଷ୍ଟ ହୁଏ; ନଷ୍ଟକାରୀ—1. Causing loss of
(reputation, honour). (ଯଥା—ନାମ ସରା,
=ସୁନାମ ନଷ୍ଟକାରୀ ।) ୨ । ଯେଉଁ ବ୍ୟକ୍ତି ସାର ଦଏ—
2. (a person) Causing loss of. (ଉ—ଇଜ୍ଜତ
ସରା ଲୋକ ।)

ସର(ରେ)ଇ—ବୈଦେ. ବି (ଅ. ସରାଇ)—୧ । ପାନ୍ଥଶାଳା; ବାଟରେ
Sarā(re)i ପଥିକମାନଙ୍କର ବିଶ୍ରାମ କରିବାର ସ୍ଥାନ; ଚଟ୍ଟୀ—
সরাই 1. Caravanserai; an inn; serai. ୨ ।
सराय(इ) ପାନଶାଳା; ମଦଭାଟି—2. A drinking house; a
যে খোয়ায় tavern. ଦେ. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ପରେ ଲାଗେ)
खोनेवाली —ସରାର ସ୍ତ୍ରୀଲିଙ୍ଗ—Feminine form of
Sarā. ଗ୍ରାଦେ. (ଗାଠଣୀ) ବି—ଅଟିକା—A small
earthen cooking pot.

ସରାଇକ(କେ)ଲା—ଦେ. ବି (ନାମ)—ବଙ୍ଗଳାରେ ଷଡ଼ାଇକଲା
Sarāika(ke)lā ନାମର ଅପଭ୍ରଷ୍ଟ ଆକାର; ଷଡ଼େଇକଳା ଗଡ଼-
ଜାତ—Sareikela (of the Orissa States).
[ଉ—ସମ୍ଭବତ ଷୋଡ଼ଶକଳା ଶବ୍ଦ ବଙ୍ଗଳାରେ ସରାଇ-
କ(କେ)ଲା ଓ ଇଂରାଜୀରେ ସେରାଇକେଲ (Seraikela)
ହୋଇଅଛି । ସିଂହଭୂମି ତଳେ କୋଠି ଦେଖ ।]

ସର(ରେ)ଇ ଦେ(ନେ)ବା—ଦେ. କି (ବଙ୍ଗଳାରୁ ଅନୁକୃତ)—
Sarā(re)i de(ne)bā ସ୍ଥାନାନ୍ତରିତ କରିବା; ଘୁଞ୍ଚାଇ ଦେବା—
সরিয়ে দেওয়া (নেওয়া) हटा देना (लेना) To remove.

ସର(ରେ)ଇବା—ଦେ. କି (ସଂ. ସୃ. ଧାତୁ ଣିଚ୍; ସାର ଧାତୁ)—
Sarā(re)ibā ୧ । ସାରିବା (ଦେଖ)—1. Sāribā (See)
সরান शेष करना (ଉ—ସରାଇବ ତାପ ଅଙ୍ଗଦେଶର—
হারান खोना ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।) ୨ । ହରାଇବା—
2. To lose. (ଉ—ଅଢ଼େଇ ଧନକୁ କଢ଼େଇ ଘରେ
সরান ମହତ ସରେଇଲୁ—ତଗ) ୩ । (ବଙ୍ଗଳାରୁ ଅନୁକୃତ)
हटाना ସରକାଇବା; ଘୁଞ୍ଚାଇବା—3. To remove.

ସରାଏ—ଦେ. ବିଣ ଓ ବି—୧ । (ହାରଅବର) ଏକ ସର ମାତ୍ର—1.
Sarāe One string only (of a necklace).
একসরা [ଉ—ବିଶେଷଣ ପ୍ରୟୋଗରେ ସରାଏ ଶବ୍ଦ ବିଶେଷ୍ୟର
एकलड़ ପୂର୍ବରେ ଲାଗେ । ଯଥା—ସରାଏ ସୂତା; ବିଶେଷ୍ୟ
ପ୍ରୟୋଗରେ ଅନ୍ୟ ବିଶେଷ୍ୟର ପରେ ଲାଗେ । ଯଥା—ହାର
ସରାଏ ପୁନ୍ଧି ଦଅ ।] ୨ । ଏକ ସରାର ପରିମିତ—2.
One Sarā (small earthen saucer) of.
(ଯଥା—ବିଶେଷଣରେ ସରାଏ ଗୁଡ଼, ବିଶେଷ୍ୟରେ ଗୁଡ଼
ସରାଏ ।)

ସରାକ—ଦେ. ବି (ସଂ. ଶ୍ରାବକ)—ସିଂହଭୂମି ଓ ଉତ୍ତର ଗଡ଼ଜାତ-
Sarāka ବାସୀ ଓଡ଼ିଆଭାଷୀ ତନ୍ତୀଜାତିବିଶେଷ—A class
সরাক of Oriya-speaking weavers of
सराक, सरावग Singhbhum and northern Orissa
States. | ଉ—ଏମାନଙ୍କ ବଂଶୋପାଧି ଦେହୁରୀ ।
ଏମାନେ ଜୈନଧର୍ମାବଲମ୍ବୀ । ଏମାନେ କହନ୍ତି ଯେ,
ଏମାନଙ୍କ ପୂର୍ବପୁରୁଷ ବଙ୍ଗଦେଶରୁ ବାଣିଜ୍ୟାର୍ଥ
ଏ ଦେଶକୁ ଆସିଥିଲେ । ଏମାନେ ମାଛ ମାଂସ ଖାଆନ୍ତି
ନାହିଁ ।] ଦେ. ବି ଓ ବିଣ—ସରାଏ (ଦେଖ)
Sarāe (See)

ସରାକତ(ତି)—ବୈଦେ. ବି (ଉଚ୍ଚାରଣ) (ଫା. ସରାକତ, ଅ. ସିରାକତ=
Sarākat(ti) ଯୋଗ; ସମ୍ପର୍କ)—୧ । ହିସାଦାରୀ; ଅଂଶୀଦାରୀ;
স(সু)রাকত ସରିକ୍‌ଦାରୀ—1. Copartnership; coparcenary.
सराकत ୨ । ବହୁ ଲୋକଙ୍କର ଏକତ୍ର
ବ୍ୟବସାୟ—2. Partnership in business;
joint stock business. ୩ । ସମ୍ପର୍କ—3. Connection.
୪ । ହିସାଦାର—4. Cosharer. ୫ ।
ହିସା; ଅଂଶ—5. Share. ବୈଦେ. ବିଣ—ସରାକତ
ସମ୍ବନ୍ଧୀୟ—Relating to joint busines or
partnership.

ସରାକତ(ତି) ନାମା—ବୈଦେ. ବି (ଉଚ୍ଚାରଣ) (ଫା)—ଯେଉଁ
Sarākat(ti) nāmā ଦସ୍ତାବିଜଦ୍ୱାରା ଏକାଧିକ ବ୍ୟକ୍ତି ଏକତ୍ର
সরাকত নামা ବ୍ୟବସାୟ ଆରମ୍ଭ କରନ୍ତି—A deed of partnership.
सराकत नामा

ସରାକତିଆ—ଦେ. ବିଣ (ଉଚ୍ଚାରଣ) (ଅ. ସିରାକତ)—ସରାକତ
Sarākatiā ସମ୍ବନ୍ଧୀୟ—Relating to copartnership.
সরাকতি सराकतका
(ସରାକତୀ—ଅନ୍ୟରୂପ)

ସରାକତ କାରବାର—ବୈଦେ. ବି (ଉଚ୍ଚାରଣ) (ଫା. ସରାକତ+
Sarākati kārabāra କାରବାର)—Joint stock busi-
স(সু)রাকতি কারবার ness; partnership business.
सराकत कारबार

ସରାଗ—ସଂ. ବିଣ (ସ=ସହିତ+ରାଗ=ସ୍ନେହ; ସହାର୍ଥ. ବହୁବ୍ରୀହି)—
Sarāga ୧ । (ଅମୁକ ପ୍ରତି) ଅନୁରକ୍ତ—1. Attached to;
passionate for. ୨ । (ଅମୁକ ପ୍ରତି) ଶ୍ରଦ୍ଧା ଓ
ସ୍ନେହଯୁକ୍ତ—2. Affectionate; fond of. ୩ ।
ଲାଳାୟିତ—3. Hankering after. ୪ । ଅଭି-
ଲାଷୀ—4. Desirous of. ୫ । ରଞ୍ଜିତ—
5. Coloured. ୬ । ରକ୍ତବର୍ଣ୍ଣବିଶିଷ୍ଟ—6. Red.
সরাগ ଦେ. ବିଣ—୧ । କ୍ରୋଧଯୁକ୍ତ; କ୍ରୁଦ୍ଧ—1. Angry;
सराग enraged. ୨ । ଉତ୍କଣ୍ଠାଯୁକ୍ତ—2. Anxious.
୩ । ଅଗ୍ରହାନ୍ୱିତ—3. Eager. ୪ । ସ୍ଫୂର୍ତ୍ତିଯୁକ୍ତ—

4. Vigorous. ୫ । ହର୍ଷଯୁକ୍ତ—5. Joyous. ୬ । ସରସ; ରସିକତାଯୁକ୍ତ—6. Gallant; witty. ୭ । ହାସ୍ୟଯୁକ୍ତ—7. Smiling. ୮ । ଉଜ୍ଜ୍ୱଳ—8. Bright; splendid. ଦେ· ବ—୧ । ସ୍ନେହ—

सराग
सराग
1. Affection; fondness; doting. [ଭ୍ର—ପୁଚ୍ଛା କର ଯଦୁଙ୍କୁ ଅଛ ସରାଗରେ—କୃଷ୍ଣସିଂହ· ମହାଭାରତ. ବନ ।] ୨। ସ୍ଫୂର୍ତ୍ତି—2. Vigour. [ଭ୍ର—କମ୍ପିଣ କରନ୍ତି ବହୁ ସରାଗରେ । କୃଷ୍ଣସିଂହ. ମହାଭାରତ. ସଭା ।] ୩। ସୁଖ—3. Happiness. [ଭ୍ର—ଏହା ଜାଣି ସିନା ହୋଇଛି ମହାଭାଗ, ପାଣ୍ଡବେ କରାଇବେ ଯମଙ୍କ ସରାଗ । କୃଷ୍ଣସିଂହ· ମହାଭାରତ. ବନ ।] ୪ । ଔତ୍ସୁକ୍ୟ; ଆଗ୍ରହ—4. Eagerness. [ଭ୍ର—ଆରମ୍ଭ କଲେ ତୁଟେ କହୁଣ ସରାଗ । କୃଷ୍ଣସିଂହ· ମହାଭାରତ. ବନ ।] ୫ । ଇଚ୍ଛା; ମମତା—5. Liking. [ଭ୍ର—ଏହା ଛାଡ଼ ଯାଅ ହେ ଯହିଁକି ସରାଗ । କୃଷ୍ଣସିଂହ. ମହାଭାରତ. ବନ ।] ୬ । ଆଦର; ପ୍ରିୟତା—6. Fondness. [ଭ୍ର—ଛଳ ତାହାଙ୍କୁ ଦେଲେ ବହୁଣ ସରାଗ । କୃଷ୍ଣସିଂହ. ମହାଭାରତ· ସଭା ।] ୭ । ଅନୁରାଗ; ଲାଳସା—7. Desire; hankering. [ଭ୍ର—ତହିଁ ଭୁବନେ ଯେତେ ଅଦ୍ଭୁତ ତାହାରେ କଲଇ ସରାଗ । ଶିଶୁଶଙ୍କର. ଉଷାଅଭିଳାଷ ।]

ସରା ଗାତ—ଦେ. ବ—ଚାଳ ଭିତରେ ବା ଭୂଇଁ ତଳେ ଟଙ୍କା ପଇସା
Sarā gāta ଲୁଚାଇ କରି ରଖିବା ପାଇଁ ଗୋଟିଏ ସରା ଉପରେ
चोरा गर्त ଆଉ ଗୋଟିଏ ସରାର ମୁହଁ ମରା ହୋଇ ରଖାଯିବା
चोरी ताक ପାଇଁ କରି ଯାଇଥିବା ଗର୍ତ୍ତ—A hole or recess made under the ground or inside a wall to conceal a Sarā with its cover for keeping money secretly.

ସରାଗୀ—ଦେ. ବଣ. ପୁଂ (ସ. ସରାଗ)—୧ । ପ୍ରଫୁଲ୍ଲ; ହର୍ଷଯୁକ୍ତ—
Sarāgi 1. Merry; joyful. ୨ । ସ୍ଫୂର୍ତ୍ତିଯୁକ୍ତ—
(ସରାଗିଅ—ଅନ୍ୟରୂପ) 2. Vigorous; energetic. [ଭ୍ର—(ସରାଗିଣୀ, ସରାଗିଅଣୀ—ସ୍ତ୍ରୀ) ପାଦ ବେନି ଘର୍ଷିଲେ ହୋଇଣ
सरागी ସରାଗୀ । କୃଷ୍ଣସିଂହ· ମହାଭାରତ. ବନ ।] ୩ । ଉତ୍ସୁକ;
सरागी ବ୍ୟଗ୍ର—3. Eager; hankering after.

ସରାଟି(ଡ଼ି, ତି, ରି)—ଦେ· ବ—ଶରାଟି (ଦେଖ)
Sarāṭi(rdi, ti, ri) Śarāṭi (See)

ସରାଣୀ—ଦେ. ବ. ସ୍ତ୍ରୀ—ରଜାନ୍ତଃପୁରରେ ଘର ସରର ଭାରପ୍ରାପ୍ତା
Sarāṇi ଗୃହରାଣୀ—A maid servant in charge
भाण्डारनी of the store room of a Rajā's
भण्डारिणी, भण्डारेन harem.

ସରାପ(ବ)—ବୈଦେ. ବ (ଫା. ଶରାବ୍; ତୁଳ· ସ. ସୁରା)—୧ । ମଦ—
Sarāpa(ba) 1. Wine. ୨ । ଭାଟି ଦ୍ୱାରା ପ୍ରସ୍ତୁତ ମଦ—
सराप(ब) **सराब** 2. Spirituous liquor.

ସରାପ(ବ) ଖାନା—ବୈଦେ. ବ (ଫା. ଶରାବ୍‌ଖାନା)—ମଦ୍ୟଶାଳା;
Sarāpa(ba) khānā ଯେଉଁଠାରୁ ଲୋକେ ମଦ କିଣି ଖାଆନ୍ତି—
सराप खाना A wine-shop; a place where people
सराब खाना assemble for drinking wine; grogshop.

ସରାପ(ବ) ଖୋର୍—ବୈଦେ. ବଣ (ଫା. ଶରାବ୍‌ଖୋର୍)—ଅତ୍ୟନ୍ତ
Sarāpa(ba)khor ମଦ୍ୟ ଖାଉଥିବା; ପାନାସକ୍ତ; ସୁରାପାୟୀ—
सराप खोर Addicted to drink; drunkard.
सराबखोर

ସରାପୀ—ବୈଦେ. ବଣ (ଫା)—ସରାପ ଖୋର୍ (ଦେଖ)
Sarāpi सराबी **सराबी** Sarāpa khor (See)
(ସରାପିଅ—ଦେ. ରୂପ)

ସରାଫ(ଫା, ଫୀ)—ବୈଦେ. ବ (ଇଂ)—ସରଫ(ଫା, ଫୀ) (ଦେଖ)
Sarāph(phā, phi) Saraph(phā, phī (See)

ସରାବ—ସ. ବ (ସର=ଜଳ+ଅବ୍ ଧାତୁ=ରକ୍ଷା କରିବା+କର୍ତ୍ତୃ· ଅ)
Sarāba —ଶରାବ (ଦେଖ)—Śarāba (See)
ବୈଦେ· ବ (ଫା. ସରାପ୍)—ସରାପ ଇତ୍ୟାଦି (ଦେଖ)
Sarāpa etc. (See)

ସରାବକ—ସ. ବ (ସରାବ+ସ୍ୱାର୍ଥେ. କ)—ଶରାବକ (ଦେଖ)
Sarābaka Śarābaka (See)

ସରାବ ସଂପୁଟ—ସ. ବ—ଅଗ୍ନି ଉତ୍ତାପରେ ଭେଷଜ ପ୍ରସ୍ତୁତ କରିବା
Sarāba samputa ପାଇଁ ପରସ୍ପରର ମୁହଁ ଯୋଡ଼ା ହୋଇ ବନ୍ଦ କରି ଯାଇଥିବା ପାତ୍ର—A contrivance consisting of 2 shallow dishes with the mouths sealed to each other, used in preparing some medicines over fire. ଦେ. ବଣ (ବର୍ତ୍ତନୀ)—ଯେଉଁ ପାତ୍ରର ଉପରେ ବା ମୁହଁରେ ସରା ଘୋଡ଼ା ହୋଇଥାଏ—(a pot) Covered with a flat dish as its lid.

ସରାବିକା—ସ. ବ (ସରାବ+ସ୍ୱାର୍ଥେ· କ+ସ୍ତ୍ରୀତ୍ୱାର୍ଥେ. ଆ)—ଛୋଟ ସରା
Sarābikā —A smaller shallow earthen dish.

ସରା ମୁହାଁ—ଦେ.ବଣ. ପୁଂ (ଅନାଦରାର୍ଥ)—ସରାର ମୁହଁ ପରି ଚଉଡ଼ା ଓ
Sarā muhān̐ ଅଗଭୀର ମୁଖବିଶିଷ୍ଟ (ବ୍ୟକ୍ତି)—
गोमदा मुखो (a person) Having a flat and
चकर मुहाँ wide face; flat faced.
(ସରା ମୁହାଁ—ସ୍ତ୍ରୀ)

ସରାଳ(ଳି)—ଦେ. ବ (ସଂ. ସରଳ, ସରଳ)—ଶରାଟି (ଦେଖ)
Sarāḷa(ḷi) Śarāṭi (See)
[ଭ୍ର—ଝଙ୍କାଳିଆ ଉର୍ଦ୍ଧ୍ୱେ, ଅଡାଳେ ଉଜ୍ଜ୍ୱଳ, ସରାଳ-କୁଳ-ଝଙ୍କାରେ । ରାଧାନାଥ· ଯଯାତିକେଶରୀ ।]

ସରାସର୍—ବୈଦେ. ଅ (ଫା· ସର୍ ଅ ସର୍—ଏକ ମୁଣ୍ଡରୁ ଅନ୍ୟ ମୁଣ୍ଡ
Sarāsar ପର୍ଯ୍ୟନ୍ତ)—୧ । ସମ୍ପୂର୍ଣ୍ଣ ରୂପେ; ପୂର୍ଣ୍ଣ ଭାବରେ—
सरासर 1, Fully; completely. ୨ । ସୁଲଭତଃ—
सरासर 2. Summarily.

ସରାସର—ବୈଦେ. ଣ (ଫା॰ ସରାସରୀ)—୧ । ସମାନ୍ତରଣ—
Sarāsari 1. Parallel. ୨ । ଏକ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ
সরাসরি ବିସ୍ତୃତ—2. Extending from one end to
सरासर the other. ୩ । ସଂକ୍ଷିପ୍ତ; ସ୍ଥୂଳ; ମୋଟାମୋଟି; ସର-
ସର—3. Summary; cursory. ବୈଦେ. ବି—
୧ । ସ୍ଥୂଳ ବିଚାର—2. Summary consideration.
୨ । ଅନୁମାନ; ଅନ୍ଦାଜ—2. Inference. ୩ ।
ସରାସର ମକଦ୍ଦମା (ଦେଖ)—3. Sarāsari
makaddamā. (See) ୪ । (ଫା॰ ସର୍=ମୁଣ୍ଡ)
সরাস্রি (ମୁସଲମାନୀ ଅଳଙ୍କାର) କପାଳରେ ପିନ୍ଧାଯିବା ଅଳଙ୍କାର;
मांगटीका ଅଳକା—4. An ornament for the brow
worn by Mahomadan ladies. ଦେ. ଅ—
୧ । କେବଳ; ସମ୍ପୂର୍ଣ୍ଣରୂପେ—1. Absolutely;
completely. ୨ । ଏକମୁଣ୍ଡରୁ ଅନ୍ୟମୁଣ୍ଡ ପର୍ଯ୍ୟନ୍ତ—
বরাবর 2. From one end to the other. ୩ । ସମା-
बराबर ନ୍ତରାଳ ରୂପରେ—3. Parallelly. ୪ । ସ୍ଥୂଳବିଚାର
ଫଳରେ; ସ୍ଥୂଳତଃ; ମୋଟାମୋଟି—4. Summarily;
শেষের cursorily. ଦେ. ଣ—ଶେଷହେଉଥିବା; ସରନ୍ତା—
शेषका Waning; concluding. [ଉ—ସରାସର ମାଘଲଗ;
ହାଟ ସରାସର ବେଳ ।]

ସରାସର ଅଦାଲତ—ବୈଦେ. ବି (କଚେରିଥ)-୧ । ଯେଉଁ ଅଦାଲତରେ
Sarasari adālata ମକଦ୍ଦମାମାନ ସରାସର ବିଚାର ହୁଏ
সরাসরি আদালত (ଯଥା—ଫଉଜଦାରି ଓ ରାଜସ୍ୱ ଓ ସ୍ମଲ୍ କାଜ୍-
सरासरि अदालत କୋର୍ଟ)—1. A court for summary
trial. ୨ । ବାକି ଖଜଣା ଅଦାୟ ପାଇଁ ମକଦ୍ଦମାର ବିଚାର
ଯେଉଁ ଅଦାଲତରେ ହୁଏ—2. Rent court.

ସରାସର ବିଚାର—ଦେ. ବି—୧ । (କଚେରିଥ) ସଂକ୍ଷିପ୍ତ ବିଚାର; ଯେଉଁ
Sarāsari bichāra ବିଚାର କାଳରେ ପ୍ରମାଣ ଅତି ସ୍ଥୂଳଭାବରେ
সরাসরি বিচার ଗ୍ରହଣ କରାଯାଏ—1. Summary trial.
सरासरि बिचार ୨ । ସ୍ଥୂଳ ବିଚାର—2. Cursory view.

ସରାସର୍ ମକଦ(ଦ୍ଦ)ମା—ବୈଦେ. ବି (କଚେରିଥ)—୧ । ଯେଉଁ
Sarāsari makada(dda)mā ଫଉଜଦାରି ମକଦ୍ଦମାରେ ସାକ୍ଷୀ
সরাসরি মকদ্দমা ଅଦଳ ଜମାନବନ୍ଦି ସମ୍ପୂର୍ଣ୍ଣରୂପେ ଲେଖା ନ ଯାଇ
सरासरि मुकदमा ସ୍ଥୂଳତଃ ତହିଁର ମର୍ମ ଦିଆ ଯାଏ—1. A case
of summary trial before a magistrate.
୨ । ବାକି ଖଜଣା ପାଇଁ ଜମିଦାରଙ୍କ ଦ୍ୱାରା ଫକାନାମରେ
ମାଲ ଅଦାଲତରେ ଦାଏର କରାଯିବା ମକଦ୍ଦମା—2. Rent
suit; suit for arrears of rent. ୩ । ଯେଉଁ
ଦେବାନୀ ମକଦ୍ଦମାରେ ଛୋଟ ଦାବିମାନ ଶୁଣାଯାଏ—
3. Small Cause Court cases.

ସରି(ରୀ)—ସ୍ତ୍ରୀ.ବି--(ସୃ ଧାତୁ=ଗତି କରିବା+କର୍ତ୍ତୃ.ଇ;+ଈ)—ଝରଣା;
Sari(rī) ନିର୍ଝର—A spring; fountain.
ଦେ. ବି—୧ । (ସଂ. ସର) ହାର ବା ମାଳ ବା ସୂତା

নর, लड़ ଆଦିର ଗୋଛ—1. A string (of garland or
necklace or thread). ୨ । (ସଂ. ସର=ବାଣ)
ସରସରୀ; ଲିଙ୍ଗ (ବିଶେଷତଃ ପଶୁ ଆଦିଙ୍କ ଲିଙ୍ଗ)—
2.Penis (specially of beasts). ୩ । (ସଂ ସର=
ମାଳା) ଧାଡ଼ି; ଶ୍ରେଣୀ—3. Row; line. ୪ । (ସଂ ସଦୃଶ)
সদৃশ सरिस, सरि ଉପମା; ତୁଳନା—4. Comparison.
୫ । (ସଂ. ସୃଧାତୁ=ଗମନ କରିବା) ଶଗଡ଼ ଚକ ଦ୍ୱାରା
লিকীক लिक ଭୂମିରେ ଅଙ୍କିତ ଚକ୍ର—5. The track of
a cart wheel left on the ground.
সদৃশ सरिस, सरि ଦେ. ବିଣ—୧ । ସଦୃଶ—1. Similar.
[ଉ—ସିନ୍ଧୁ ହେଲେହେଁ ତୁମ୍ଭେ ଜଳଧି ସରି । କବିସୂର୍ଯ୍ୟ—
କଶୋଗୀ ଚମ୍ପୂ—ସ ଗୀତ ।]
[ଶୁଣ ଅଳ୍ପ ଯେବେ ଦେବେ ଗୋ ! ରୂପ ଯଉବନ ଭେକ
ବା ଭୂଷଣ ସରି ତା ସଙ୍ଗରେ ନୁହେ ଗୋ—ବାଳକୃଷ୍ଣ—
ଫୁଲ ବଉଳବେଣୀ]
୨ । ସମାନ—2. Equal. [ଉ—ଅସୁର ବାସ୍ତୁ ମୋର
ଅଛୁ ସରି ହୋଇ ।—କୃଷ୍ଣସିଂହ—ମହାଭାରତ, ବନ ।]
୩ । ତୁଲ୍ୟ—3. Alike; similar. [ଉ—ବଳରେ
ତ ସରି ଜଗତେ ନାହିଁ ମୋତେ । କୃଷ୍ଣସିଂହ—ମହାଭାରତ,
ସଭା ।] ୪ । ଯୋଗ୍ୟ; ଉଚିତ—4. Proper; fit.
[ଉ—ଯାହା ଯାବେ ଲକ୍ଷ୍ମୀ, ଲେଖିଥିଲେ ଶଚୀ-ନାହା ପଦ
ତୁଚ୍ଛ କରି, ତାହା ସବୁ ରମ୍ୟ ପଦାର୍ଥଙ୍କୁ ଯାହା, ପର ପର—
ଭବ ସରି । କବିସୂର୍ଯ୍ୟ—ସଙ୍ଗୀତ ।]
୫ । (ଏତେ, ସେତେ, କେତେ ଓ ଯେତେ ପରେ ବ୍ୟବହୃତ)
ଅବସ୍ଥା ପ୍ରାପ୍ତ; ଅବସ୍ଥାପନ୍ନ—5. Having attained
such condition. [ଉ—କେ କ ଦେଲୁ ଅବା
ମୁଁ ଏକା କ ଦେବା ଲୋକ ଏତେ ସରି ହେଲ, ହେ
ମହାପ୍ରଭୁ !—କବିସୂର୍ଯ୍ୟ କଣାଣ] ଦେ. ଅ—୧ ।
সমান सरिस ଭଳି; ପରି—1. Like; same as; simi
lar to. [ଉ—କମଳେ ରହି-ବହି ତା ସରି କ ସେ ?
—ରାଧାନାଥ ମେଘଦୂତ] ୨ । (ଅମୁକ ସ୍ଥାନ) ପର୍ଯ୍ୟନ୍ତ;
ସରକ—2. Up to (a place) ୩ । (ଅମୁକକାଳ)
পর্যন্ত पर्यन्त ପର୍ଯ୍ୟନ୍ତ—3. Till (a time) ୪ । (ଅମୁକ
ଅବସ୍ଥା) ପର୍ଯ୍ୟନ୍ତ—4. To (such condition.)
[ଉ—ବଶରେ ପୀୟୂଷ ବୃଷ୍ଟି କରିବାର ଫଳ
ହେଲା ଏତେ ସରି ।—କବିସୂର୍ଯ୍ୟ ସଙ୍ଗୀତ] ଗ୍ରାଦେ.
(ଗଞ୍ଜାମ) ଅ.—୧ । (ପର୍ଯ୍ୟାପ୍ତବୋଧକ) ଏହାହିଁ ଯଥେଷ୍ଟ
ବା ପର୍ଯ୍ୟାପ୍ତ ହେଉ—1. (Interjection denoting),
That will do; This is enough; Enough !
[ଦ୍ର—ଭାତ ଖାଉଥିବା ଲୋକର ପତ୍ରରେ ପରଶା ଯିବା
ଅନ୍ନ ଅତି ଯଥେଷ୍ଟ ହୋଇଗଲେ, ଖାଇବା ବ୍ୟକ୍ତି ପରଶୁ-
ଥିବା ବ୍ୟକ୍ତିକୁ କହନ୍ତି—'ସରି', ଅର୍ଥାତ୍ 'ଯଥେଷ୍ଟ'
ହେଲା, ଆଉ ଦଅନା।] ୨ । ଏହା ଅନନ୍ତର ଉପସ୍ଥ

ହେବ—2. (Interjection denoting) This is well; This will be all right; This will be a matter for congratulation. [ଉ—ଅଦୃଷ୍ଟ ବଳୁ କଣୋଇ, ଅଙ୍ଗୀକାର କଲେ ସରି । —କବିସୂର୍ଯ୍ୟ କିଶୋରଚମ୍ପୂ ଣ ଗୀତ]

ସରଅ(ୟେ)ତ୍—ବୈଦେ. ବି. (ଫା. ସର୍ତ୍)—ସର୍ତ୍ତ; ଚୁକ୍ତିର ଭିନ୍ନଭିନ୍ନ ଅଂଶ
Saria(ye)t —Conditions of an agreement.
ସର୍ତ୍ତ शर्त ବୈଦେ. ବଣ. (ଫା. ସରୀୟତ୍)—ମୁସଲମାନଙ୍କ ସରି
সরীয়ত सरीयत् ବା ଦାୟାଧିକାର ଶାସ୍ତ୍ର ସମ୍ବନ୍ଧୀୟ—Relating to the Mahomedan law of inheritance.

ସରିଆ—ଦେ. ବଣ—ସୋରି ବା ମାଳସୂତ୍ର—(used in a com-
Sariā pound word after a word denoting
নরী number,-as in three-stringed necklace)
छड़ी —Stringed; having (so many) strings. [ଦ୍ର—ଏହି ଶବ୍ଦ ଅନ୍ୟ ସଂଖ୍ୟାବାଚକ ଶବ୍ଦପରେ ବ୍ୟବହୃତ ହୁଏ । ଯଥା—ତିନିସରିଆ ହାର; ଦୁଇସରିଆ ଚନ୍ଦ୍ରହାର ।]

ସରିଆଣୀ—ଦେ. ବି. ସ୍ତ୍ରୀ—ସରାଣୀ (ଦେଖ)
Sariāṇī Sarāṇī (See)

ସରି ଆସିବା—ଦେ. କ୍ରି.—(କୌଣସି କାର୍ଯ୍ୟ ବା ସମୟ) ଶେଷ ହୋଇ
Sari āsibā ଆସିବା; ଶେଷ ହେବାର ପୂର୍ବ ଅବସ୍ଥାରେ ବା ଅସନ୍ନ
শেষ হয়েআসা ଅବସ୍ଥାରେ ପହଞ୍ଚିବା—To approach the
खतम हो रहना end; about to end. [ଉ—ଚଉଦ ବର୍ଷ ବନବାସ ସରି ଆସିଥିଲା । ଗଳକଣ୍ଠ—ଶିଶୁଙ୍କ ରାମାୟଣ]

ସରିକ୍(କି)—ବୈଦେ. ବି. (ଅ. ସରିକ୍=ଭାଗିଦାର) ୧ । ଅଂଶ; ଭାଗ;
Sarik(ki) ହିସା—1. Share; partnership. ୨ । ଅଂଶୀ-
সরিক্ सरीक ଦାର—2. Cosharer; partner.

ସରିକ୍(କି)ଦାର—ବୈଦେ. ବି (ଅ) କୌଣସି ସମ୍ପତ୍ତିର ଅଂଶୀଦାର
Sarik-(ki)dāra —Cosharer; copartner. (ଉ—
সরিকদার सरीकदार ଏଥିର ଜଣେ ୨ୟ ମାଲିକ ସରିକଦାର ଥିବାରୁ ଜଜ ଅଦାଲତରେ ଅପିଲ ଦାଏର ଅଛି । ଫକୀର ମୋହନ—ଛମାଣ ଆଠଗୁଣ ।)

ସରିକ୍(କି)ଦାରି—ଦେ. ବି—ସରିକ୍‌ଦାରର ଅବସ୍ଥା—Partner-
Sarik-(ki)dāri ship, the state or condition of
সরিকদারী being a co-sharer. ଦେ. ବଣ—ସରିକ୍‌ଦାରିଆ
सरीकदारी (ଦେଖ)—Sarik-dāria. (See)
সরিকদারী सरीकदारी

ସରିକ୍(କି)ଦାରିଆ—ଦେ. ବଣ—୧ । ସରିକ୍‌ଦାର ସମ୍ବନ୍ଧୀୟ—
Sarik-(ki)dāriā 1. Relating to a cosharer. ୨ ।
সরিকানী ଯହିଁରେ ଅଂଶୀଦାରମାନଙ୍କର ସ୍ୱାମିତ୍ୱ ଥାଏ—
सरीकदारका 2. Owned by many cosharers. [ଦ୍ର—ସରିକଦାରିଆ ମାହାଲ=ଯେଉଁ ଜମିଦାରୀରେ ଅନେକ ଅଂଶୀଦାର ଜମିଦାର ଥାଆନ୍ତି ।]

ସରିକ—ସଂ, ବଣ. ପୁଂ (ସୃ. ଧାତୁ+କର୍ତ୍ତ୍ରି. ଇକ)—ଗମନକାରୀ; ଗନ୍ତା
Sarika (ସରିକା—ସ୍ତ୍ରୀ) (ଶବ୍ଦକୋଷ)—Going; moving

ସରିକଣ୍ଟ—ଦେ. ବଣ—ପରସ୍ପର ସହିତ ମାପରେ ସମାନ; ସମତୁଲ; ସରି
Sarikaṇṭa ସମାନ—Equal in measurement;
ঠিক্ সমান exactly equal to each other in
बराबर quantity or measurement. ଦେ. ବି—ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଯଥାସମୟ; ଠିକ୍ ନିରୂପିତ ବେଳ—Just the fixed or appointed time.

ସରିକା—ସଂ. ବଣ. ସ୍ତ୍ରୀ (ସୃ. ଧାତୁ=ଗତି କରିବା+କର୍ତ୍ତ୍ରି. ଅକ+
Sarikā ସ୍ତ୍ରୀ. ଆ)—ଗତିକାରିଣୀ; ଗମନକାରିଣୀ—(Femi-
(ସରିକ, ସରିକ—ପୁଂ) nine) Moving. ସଂ. ବି—୧ । (ବୈଦ୍ୟକ) ହିଙ୍ଗୁପତ୍ରୀ—1. Name of a herb. ୨ । ମୋତିର ସରି ବା ଏକମାଳ (ହୈ. ଶ)—2. A string of beads. ୩ । ମୋତି; ମୁକ୍ତା (ହୈ. ଶ)—3. Pearl. ୪ । ଛୋଟ ପୋଖରୀ (ହୈ. ଶ)—4. A small tank. ୫ । ରତ୍ନ (ହୈ. ଶ)—5. Gem.
হিস্যা सरीक ବୈଦେ. ବି—୧ । (ଅ. ସରିକ୍) ହିଂସା; ଅଂଶ;
সরিকানি ଭାଗ—1. Share. ୨ । (ଫା. ସରୋକାର) ସମ୍ପର୍କ—
सरोकार 2. Connection. ୩ । ସଂବନ୍ଧ—3. Relation. ଗ୍ରା. ବଣ—ସମାନ; ସଦୃଶ—Similar; like.

ସରିକି—ଦେ. ଅ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ଏ ସରିକି;
Sariki କେଉଁ ସରିକି)—୧ । (ଅମୁକ ସୀମା) ପର୍ଯ୍ୟନ୍ତ; ଯାକେ;
দূর, অবধি ଯାଏ—1. Upto (a limit) (ଉ—ଝଙ୍କାର
पर्य्यन्त କି ଶୁଣା ସରିକି ବାସବ କୋଦଣ୍ଡରୁ ଚଣ୍ଡ ଧନୁ । କବିସୂର୍ଯ୍ୟ, କିଶୋରଚମ୍ପୂ ଝ ଗୀତ ।) ୨ । (ଅମୁକ ସ୍ଥାନ) ପର୍ଯ୍ୟନ୍ତ—2. Upto (a place). (ଉ—ଉପକୁଞ୍ଜ ପୁଞ୍ଜ ସରିକି । କବିସୂର୍ଯ୍ୟ. କିଶୋରଚମ୍ପୂ. ଚ ଗୀତ ।) ୩ । (ଅମୁକ ସମୟ) ପର୍ଯ୍ୟନ୍ତ—3. Upto or till (a time). (ଉ—ଅଜ ସରିକି ତାହା କହିବ ମୁଁ କେତେ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।) ୪ । (ଅମୁକ ଅବସ୍ଥା) ପର୍ଯ୍ୟନ୍ତ—4. To the condition of; to the extent of. (ଯଥା—ତାଙ୍କ ରୋଗ ଏ ସରିକି ହେଲାଣି, ତେବେ ସୁଦ୍ଧା ବୈଦ୍ୟ ଡକାଉ ନାହାନ୍ତି ।) ୫ । ବି; ମଧ୍ୟ;
ও মি ପୁଣି—5. Even. (ଉ—ଘଟି ସରିକି କରେ, ନାହିଁକି କବେକରେ, ମହାର୍ଣ୍ଣବରେ ଅବଗାହିଲୁ ଗୋ । କବିସୂର୍ଯ୍ୟ. କିଶୋରଚମ୍ପୂ. ଘ ଗୀତ ।) ୬ । ଠାରେ; ପ୍ରତି—6. At; near. (ଉ—ଦାସର ସରିକି କରି ନ ଲାଜ । କବିସୂର୍ଯ୍ୟ. ସଙ୍ଗୀତ ।) ବୈଦେ. ବି (ଅ. ସରିକ୍)—ସରିକ୍ (ଦେଖ)—Sarik. (See)

ସରିକିଆ—ଦେ. ବଣ—ଏକ ସୋରି ବିଶିଷ୍ଟ—Having one
Sarikiā string only; single-stringed. ୨ ।
একনরি एकछड़का (ଫା ସରୀକ୍) ସରିକ୍ ବା ହିଂସା
সরিকানি सरीकदारीका ସମ୍ବନ୍ଧୀୟ—2. Relating to

a cosharer. ୩ । ସରିକ୍‌ଦାରିଆ (ଦେଖ)—3. Sarik-dāriā (See)

ସରିକ ସରି—ଦେ. ଅ·—ସରିସରି (ଦେଖ)—
Sariki sari Sari sari (See)

ସରିଗମ—ଦେ. ବ—ସାରିଗାମାପାଧାନି; ସଙ୍ଗୀତର ସପ୍ତସ୍ୱର; ସ୍ୱରଗ୍ରାମ—
Sarigama The notes of the gamut; Solfa.
(ସରିଗମପଧନି—ଅନ୍ୟରୂପ) সারিগামা सरिगम

ସରିଘର(ଘ୍ରା)—ଦେ. ବ—(ସ. ଶର)—୧ । ଲିଙ୍ଗ—1. Penis.
sarighara(rā) ୨ । ପଶୁ ଅବଙ୍କର ଉଦ୍ଧ୍ୱିତ ଲିଙ୍ଗ—2. The
ধন लिंग erect penis of beasts.

ସରିତ—ସଂ. ବ (ସୃ ଧାତୁ=ଗମନ କରିବା+ଇତି ଉକ୍ତ) ୧ । ନଦୀ—
Sarit 1. River. ୨ । ସୂତ୍ର—2. String; thread.
୩ । ଦୁର୍ଗା—3. Goddess Durgā.

ସରିତ୍‌କଫ—ସଂ. ବ (୬ଷ୍ଠୀ ତତ୍)—ନଦୀର ଫେଣ (ହି. ଣ)—
Sarit-kapha The foam of the waters of a river.

ସରିତ୍‌-ପତି—ସଂ.ବ (୬ଷ୍ଠୀ ତତ୍)—ସମୁଦ୍ର—The sea (litterally
Sarit-pati the lord of rivers).
(ସରିତ୍ପତି—ଅନ୍ୟରୂପ)

ସରିତ୍ ପ୍ରବାହ—ସଂ. ବ (୬ଷ୍ଠୀ ତତ୍)—ନଦୀର ସ୍ରୋତ—
Sarit-prabāha The current of a river.
(ସରିତପ୍ରବାହ—ଅନ୍ୟରୂପ)

ସରିତ୍‌-ସୁତ—ସଂ. ବ (୬ଷ୍ଠୀ ତତ୍)—ଗଙ୍ଗାପୁତ୍ର ଭୀଷ୍ମ—
Sarit-suta Bhishma, the son of the Ganges.
(ସରିତ୍ସୁତ—ଅନ୍ୟରୂପ)

ସରିତ୍‌-ସ୍ରୋତଃ—ଦେ. ବ. (୬ଷ୍ଠୀ ତତ୍)—ନଦୀର ସ୍ରୋତ—
Sarit-srotaḥ The current of a river.
(ସରିତ୍ସ୍ରୋତଃ—ଅନ୍ୟରୂପ)

ସରିତ—ଦେ. ବ (ସଂ. ସରିତ୍)—ସରିତ୍; ନଦୀ—River. [ଉ—
Sarita ଭୁବନ ଉଜ୍ଜ୍ୱଳା ସରିତ ବର୍ଣ୍ଣିଲି ଦମ୍-ଦ୍ରୁମ ଗଜ
সরিত सरित ଭୂପି—ଉପେନ୍ଦ୍ରଭଞ୍ଜ ସଙ୍ଗୀତ ।]

ସରିତ ଈଶ—ଦେ. ବ (ପଦ୍ୟ)—ସମୁଦ୍ର—The sea. (ଉ—
Sarita īśa ଉତ୍କଳର ସୀମେ ଯେ ସରିତଈଶ ସର—ଭକ୍ତ
সরিতঈশ सरितईश ବୈଦେହୀଶବିଳାସ ।)

ସରିତପତି—ଦେ· ବ (ସ ସରିତ୍+ପତି)—ସମୁଦ୍ର—
Saritapati সরিতপতি सरितपति The sea.

ସରିତାଂନାଥ—ସ· ବ (୬ଷ୍ଠୀ ତତ୍; ସରିତାଂ=ନଦୀମାନଙ୍କର+ନାଥ;
Saritāṁnātha ଅଲୁକ୍ ସମାସ)—ସରିତ୍ପତି; ସମୁଦ୍ର—
(ସରିତାଂପତି, ସରିତାମ୍ପତି—ଅନ୍ୟରୂପ) The sea.

ସରିତାମ୍ବରା—ସ. ବ (ସରିତାଂ=ନଦୀମାନଙ୍କର + ବରା=ଶ୍ରେଷ୍ଠା;
Saritāmbarā ଅଲୁକ୍ ସମାସ)—ଗଙ୍ଗା—The
(ସରିଦ୍ବରା—ଅନ୍ୟରୂପ) Ganges (literally, the best of the rivers).

ସରିତୁଳ—ଦେ. ବଣ (ସ. ସଦୃଶ+ତୁଲ୍ୟ)—୧ । ସରିତୁଲ (ଦେଖ)
Saritula 1. Saritula (See) ୨ । ଓଜନରେ
সমতুল बराबर ପରସ୍ପର ସଙ୍ଗେ ସମାନ—2. Equal to each other in weight.

ସରିତୁଲ୍—ଦେ. ବଣ (ସ. ସଦୃଶ+ତୁଲ୍ୟ)—୧ । ପରସ୍ପର ସଙ୍ଗେ
Saritula ସମାନ—1. Exactly similar to each
সমতুল बराबर other. (ଉ—ସବୁ ବର୍ଣ୍ଣ
ସରିତୁଲ, ଚିହ୍ନେଇଦେଲେ ମଲ୍ଲଫୁଲ—ନାଥଂ ଦଶ୍;ଭୁବନ—
ନନ୍ଦନ ।) ୨ । ସମତଳ—2. Level. ୩ । ସମାନ-
ତଳବିଶିଷ୍ଟ—3. Of the same level.

ସରିତ୍ତଟ—ସ. ବ (ସରିତ୍=ନଦୀ+ତଟ; ୬ଷ୍ଠୀ ତତ୍)—ନଦୀର କୂଳ—
Srittaṭa The bank or shore of a river.

ସରିତ୍ୱାନ୍—ସ· ବ (ସରିତ୍+ଅସ୍ତ୍ୟର୍ଥେ ବତ୍; ୧ମା. ୧ବ)—ସମୁଦ୍ର-
Saritwān The sea.

ସରିଦ୍ବରା—ସ.ବ (୭ମୀ ତତ୍; ସରିତ୍ମାନଙ୍କ ମଧ୍ୟରେ ବରା)—ଗଙ୍ଗା—
Sarid-barā The Ganges.
(ସରିଦବରା—ଅନ୍ୟରୂପ)

ସରି ଦେବା—ଦେ· କ୍ରି—ଉପମା ଦେବା; ତୁଳନା କରିବା—To
Sari debā compare with. [ଦୃ—ଅଛି ପାଦକୁ କ
উপমা দেওয়া तुलना करना ଦେବା ସରି—ଭଞ୍ଜ. କୋଟି
ବ୍ରହ୍ମାଣ୍ଡସୁନ୍ଦରୀ ।]

ସରିନ୍ନାଥ—ସ.ବ (୬ଷ୍ଠୀ ତତ୍; ସରିତ୍+ନାଥ)—ସରିତ୍ପତି; ସାଗର—
Sarinnātha The sea; ocean.

ସରି ପଟ—ଦେ. ବଣ—୧ । ସରିତୁଲ—1. Exactly equal
Sari paṭa with each other. ୨ । ସମାନପଦ—
সমতুল बराबर 2. Of the same or similar posi-
প্রতিদ্বন্দ্বী विपक्ष tion or status. ୩ । ପ୍ରତିଦ୍ୱନ୍ଦ୍ୱୀ—
3. Rival.

ସରିଫ—ବୈଦେ· ବ (ଇଂ. ସେରିଫ୍)—ସହରର ପ୍ରଧାନ ମଣ୍ଡଳ ବା
Sariph ନେତା—Sheriff; the headman of a town
সেরিফ্ ବୈଦେ. ବ (ଅ)—ମାନନୀୟ; ପୂଜ୍ୟ—
शेरिफ् Honourable; adorable.

ସରିବରି—ଦେ. ବ—୧ । କୌଣସି ବିବାଦର ସମାଧାନ—1. Settle-
Saribari ment of a dispute. ୨ । ସମତା—2. Equa-
সমাধান lity. ଦେ. ବଣ—୧ । ସମାହିତ—1. Settled.
समाधान ୨ । ସଦୃଶ—2. Similar.

ସରିବା—ଦେ· କ୍ରି (ସ. ସୃ ଧାତୁ=ଗତ କରିବା)—୧ । ନିଃଶେଷିତ
Saribā ହେବା; ଫୁରିତ ହେବା—1. To be exhausted.
ফুরান (ଉ—ସବୁ ସରିଗଲେ ସମ୍ଭୋଗପଦର—ଉପେନ୍ଦ୍ର.
खतम होना ସଙ୍ଗୀତ ।) ୨ । ଶେଷ ହେବା;
সারবা ⎫ ସମାପ୍ତ ହେବା—2. To be fini-
সম্বরবা ⎭ ଶିଳ୍ପରୂପ shed; to come to the end.
(ଦ୍ରୁ—ମୋ କଥାଟି ସରିଲା, ଫୁଲ ଗଛଟି ମରିଲା—ଲୋକ୍ତି ।)
୩ । ପୂରିବା; ସମ୍ପୂର୍ଣ୍ଣ ହେବା—3. To be comple-

ted. (ଉ—ପିତା ନଦେଶେ ବନବାସ । ସରିଲା ଚଉଦ ବରଷ—ଜଗନ୍ନାଥ. ଭାଗବତ ।) ୪। (ଧନାଦି) ବ୍ୟୟିତ ହେବା—4. To be spent up. (ଉ—ଭୁଞ୍ଜାଇ ଦେଲେ ତୃପିତ, ତେବେ ଉଛୁରେ ଶୀତ । ଭୁଞ୍ଜନ୍ତେ ତାଙ୍କୁ ବନ୍ତ । ଯାଏ ତହ ସରିବ—ବଳଦୂର୍ଯ୍ୟ. କଶୋସାଚମ୍ପୂ. ତ ଗୀତ ।) ୫। (ସମୟ) ଅତିବାହିତ ହେବା—5. To be spent; to be passed (said of time). (ଉ—ଶବର୍ଘ ନିଦ୍ରା ତନା ଗଲ ନ ସରି—ବଳଦୂର୍ଯ୍ୟ. କଶୋସାଚମ୍ପୂ. ଙ ଗୀତ ।) ୬। ଆଉ ଲୋଡ଼ା ନ ହେବା—6. Not to be needed any longer; to be done with. ୭। (ନିର୍ଦ୍ଦିଷ୍ଟ ସମୟ) ଅତି ଯିବା ବା ଗତ ହେବା—7. To pass by; to expire. (ଉ—ସୁମାନ ଧରି ସରି ଯାଉଛି, ଜୀବନ ନ, ନିରୁନ୍ତେ ମଗ୍ନ ମଣ୍ଡିବା ସମୟ ରେ—ବଳଦୂର୍ଯ୍ୟ. ଲୀଳାବତୀଚମ୍ପୂ ।) ୮। (କୌଣସି ବ୍ୟକ୍ତି ବା ବସ୍ତୁ) ବର୍ତ୍ତମାନ ନ ଥିବା—8. Not to exist. (ଉ—ଗଲ ଦେବାକୁ ମୋତେ ତା ତନା ଏବେ—ଭଞ୍ଜ, ପ୍ରେମସୁଧାନିଧି ।) ୯। ସମାପ୍ତ ହେବା—9. To be accomplished. ୧୦। ନଷ୍ଟ ହେବା; ଭଗ୍ନ ହେବା—10. To be destroyed or damaged. (ଉ—ଅବୁଝ ସରିବ ମୋର ଆଉଁ ଲେହେଁ ମନଟି—ବଳଦୂର୍ଯ୍ୟ. କଶୋସାଚମ୍ପୂ. ଣ ଗୀତ ।) ୧୧। (କୌଣସି ବ୍ୟକ୍ତିର) ସର୍ବନାଶ ଘଟିବା; (ବ୍ୟକ୍ତି) ଉତ୍ସନ୍ନ ହେବା—11. To be done for; to be involved in ruin; to be ruined. (ଉ—କୋଳ୍ଲହେଲେ ଗଲଟି ସରି ବୋଲି ବର ଯୋଗିବ ରେ—ମଧୁସୂଦନ. ସଙ୍ଗୀତମାଳା ।) ୧୨। ଅବସ୍ଥା ସାଙ୍ଘାତିକ ହେବା—12. To reach a serious (or mortal) condition. (ଉ—ସେ ରୋଗରେ ସରିଗଲେଣି ।) ୧୩। ହ୍ରାସ ହେବା; ହ୍ରାସ ହେବା—13. To decrease; to be diminished. (ଉ—ନାଆଁ ସରିବ, ହେଲେ ପେଟ ପୂରିବ ନାହିଁ ।) ୧୪। ସର୍ବସ୍ୱାନ୍ତ ହେବା—14. To be financially ruined. (ଉ—ମଙ୍ଗଘରକୁ ପଶୁଛ, ଅପଣଙ୍କ ନଅର ବନାରେ କେତେ ଟଙ୍କା ଲାଗିଲା ? ଉତ୍ତର,—ତେର୍ ଟଙ୍କା, ତେର୍ ଟଙ୍କା; ମୁଁ ତ ସେଥିରେ ସରିଗଲି—ଫକୀରମୋହନ. ଛମାଣ ଅଠଗୁଣ୍ଠ ।) ୧୫। ଅବଥକାସୁ କଷ୍ଟ ଭୋଗ କରିବା—15. To suffer terribly. (ଉ—ଟାଣ ଖୁଣ୍ଟା ସୁରୁତନ ଗଞ୍ଜଣାରୁ ମୋ ପ୍ରାଣ ସରି, ସରିବ—ବଳଦୂର୍ଯ୍ୟ. କଶୋସାଚମ୍ପୂ. ଟ ଗୀତ ।) ୧୬। (କୌଣସି ବ୍ୟକ୍ତିର) ମହତ୍ତ୍ୱ ହାନି ଘଟିବା—16. To suffer in position or honour. (ଉ—ଲଘୁ ଜୁମ୍ଭକୁ ପ୍ରାଣକକୁ ଦିଅ ଲୋକହସାରେ ଯେବେ ଯିବୁ ସରି—ବଳଦୂର୍ଯ୍ୟ. କଶୋସାଚମ୍ପୂ. ଲ ଗୀତ ।) ୧୭। (ଦମ୍ଭ, ଦର୍ପ, ଅଭିମାନ, ଗୁମାନ ଆଦି) ଲୋପ ପାଇବା; ଲୁପ୍ତ ହେବା—17. To disappear. (ଉ—ସବେ ସେହି ଅବସରେ ସରୁ, ସହି, ଦରେ ସେମ୍ଭେ ହରିସ୍ତଣ ଗୋ—ବଳଦୂର୍ଯ୍ୟ. ସଙ୍ଗୀତ ।) ୧୮। (ବାସନ ଆଦି) ବ୍ୟବହୃତ ହେବା—18. To be used. (ଉ—ଏ ନୂଆ ଥାଳିଟି ବର୍ଷେ ହେଲା ସରୁଛି, ତଥାପି ତା ତେଜ ମଳିନ ନାହିଁ ।) ୧୯। (କୌଣସି ବିଷୟରେ) ଶେଷ ସୀମାକୁ ଯିବା—19.To go to the extreme. (ଉ—ଜଗତ୍ରୟଣେ ସରିଛି ଭ୍ରମ, ଗୋବିନ୍ଦ ବଡ଼ ଦୁଷ୍ଟ—ବାଳକୃଷ୍ଣ ଦାସ. ନୃତ୍ୟପାଠ ।) ୨୦। ଅନ୍ତିମ ସୀମାର ନିକଟବର୍ତ୍ତୀ ହେବା—20. To approach the destination. (ଉ—ବାଟ ତ ସରି ଆସିଲଣି, ହେଲା ପହଞ୍ଚିଲଣି ବୋଲି ।) ପ୍ରାଦେ. (ବାଲେଶ୍ୱର) କି. (ବଙ୍ଗଳାରୁ ଅନୁକୃତ)—ଘୁଞ୍ଚିବା; ଘୁଞ୍ଚିଯିବା—To move away. (ଉ—ଏହି କ୍ରିୟାର ବର୍ତ୍ତମାନ ସାମୀପ୍ୟ ଭୂତକାଳର ରୂପ 'ସରିଛି' ସ୍ଥଳରେ 'ସରିଲା' ମଧ୍ୟ ବ୍ୟବହୃତ ହୁଏ ।) [ସରିଯିବା—ଅନ୍ୟରୂପ]

ସରି ବାଏଦ୍—ପ୍ରାଦେ (ଗଡ଼ଜାତ) ବଣ (ସଂ. ସଦୃଶ+ବାଦ)—
sari baed ବାଦ ବିବାଦରେ ପରସ୍ପର ସମାନ—Equal to each other in the matter of dispute.

ସରିମା—ସଂ. ବି (ସୃ ଧାତୁ+ଭାବେ ଇମନ୍; ସରିମନ୍ ୧ମା. ୧ବ)—
Sarimā ୧। ଗମନ—1. Going. ୨। ଗତି—2. Motion; movement.

ସରିମାନ—ଦେ, ବି (ସଂ. ସଦୃଶ+ମାନ)—ସଙ୍ଗୀତର ତାଳ ବିଶେଷ—
Sarimāna Name of a musical cadence.

ସରିଯାଏ(କେ)—ଦେ. ଅ (ଏକାର୍ଥକ ଦ୍ୱିରୁକ୍ତି)—ସରିକ; ପର୍ଯ୍ୟନ୍ତ—
Sarijāe(ke) Upto; till. [ଉ—କଣ୍ଠ ସରିଯାଏ ଲାଗିଛି
पर्यान्त पर्यन्त ଲଞ୍ଛି । ପାନକୃଷ୍ଣ. ଉସକଟଗ୍ଲୋଲ ।]

ସରିଳ—ସଂ. ବି (ସୃ ଧାତୁ=ଗତି କରିବା+କର୍ତ୍ତି. ଇଲ; ସଲିଳର
Sarila ଅନ୍ୟରୂପ)—ସଲିଳ; ଜଳ; ପାଣି [ଭରତ]—
Water.

ସରିଶ(ସା)—ଦେ. ବିଣ (ସଂ. ସଦୃଶ; ସ୍ତ୍ରୀ. ସରିଶା)—୧। ସଦୃଶ;
Sariśa(sā) ସମାନ; ତୁଲ୍ୟ—1. Similar; alike. ୨।
समान ସମାବସ୍ଥାପନ୍ନ—2. Of the same condition; of
सरिस similar condition; of equal position.

ସରିଷପ—ସଂ. ବି—ସର୍ଷପ; ସୋରିଷ (ଶସ୍ୟବିଶେଷ)—
Sarishapa Mustard seed.

ସରିସ—ପ୍ରାଦେ (ଗଞ୍ଜାମ)—ବି. ଓ ବିଣ—ଶେଷ—
Sarisa End.

ସରି ସମ (ସମାନ)—ଦେ. ବିଣ (ସଂ. ସଦୃଶ+ସମ ବା ସମାନ)—
Sari sama (samāna) ୧। ପରସ୍ପରର ସଙ୍ଗେ ସମ୍ପୂର୍ଣ୍ଣରୂପେ
समतुल्य ସମାନ—1. Exactly similar to each other.
तुल्य समान [ଉ—ତପସ୍ୟା ଶରୀରକୁ ତପତ ପ୍ରକାର, ସରିସମ
समतल କଲେ ହୋଇବ ଯାଇ ଘର । କୃଷ୍ଣସିଂହ. ମହାଭାରତ.

बराबर ଅଦ ।] ୨ । ସମତଳ; ଅବନ୍ଧୁର; ଯାହା ଉଚ୍ଚନୀଚ ନୁହେଁ—2. Even; of the same level. [ଉ—ମୃଗ ଯେ ଖାଇ ଚିପ ସରିସମ ଭୂମି—ମାନଙ୍କେ ପଳାଇଲ ସେ ତ ବେଗଗାମୀ । କୃଷ୍ଣସିଂହ. ମହାଭାରତ, ଶାନ୍ତ ।]

ସରି ସରି—ଦେ· ଅ—୧ । ଧାଡ଼ି ଧାଡ଼ି ହୋଇ—1. In rows. ୨ । Sari sari ହାର ହାର ହୋଇ—2. In strings. [ଉ— सारिसारि ଦନେ କରି ସରି ସରି ମାଳତୀ ଉଦୟୀ କରି ଧଇର୍ଯ୍ୟ ଛେଳ धारीधारी ପ୍ରଗାଢ଼ ଗାଢ଼ । ଭଞ୍ଜ. ପ୍ରେମ ସୁଧାନିଧି ।] ୩ । ପ୍ରସ୍ତ नरेनरे; थाकेथाके बहुत छडाका ପ୍ରସ୍ତ ହୋଇ—3. In थाकेथाके नीचे ऊपर layers.

ସରି ହାତ—ଦେ. ବଣ (ସଂ. ସଦୃଶ+ହସ୍ତ)—ସରିସମ; ସମାନ— Sari hāta Equal; similar. समतुल्य बराबर

ସରୀସୃପ—ସଂ. ବ [ସୃପ୍ ଧାତୁ (ଗତି କରିବା)ର ଯଙ୍ ଲୁକନ୍ତରୂପ, ସରି Sarisṛupa ସୃପ୍ ଧାତୁ=ପୁନଃ ପୁନଃ ଗମନ କରିବା+କର୍ତ୍ତି· ଅ; ଯେ ପୁନଃ ପୁନଃ ବା ଲମ୍ଫ ଦେଇ ବା କୁଟିଳଭାବରେ ଗମନ କରେ]—୧ । (ବେଙ୍ଗ ପ୍ରଭୃତି) ଯେଉଁ ଜନ୍ତୁ- ମାନେ ଡେଇଁ ଡେଇଁ ଚାଲନ୍ତି—1. Leaping animals; reptiles. ୨ । (ଜ୍ୟୋତିଷ) କର୍କଟ, ବୃଶ୍ଚିକ ଓ ମୀନରାଶି—2. (astrology) The astrological signs of the Crab, the Scorpion and the Fishes.

ସରୁ—ସଂ. ବ (ସୃ. ଧାତୁ=ଗମନ କରିବା+କର୍ତ୍ତି. ଉ)—ଶସ୍ତ୍ର Saru ଅସ୍ତ୍ରର ମୁଠି—The handle of weapons. ଦେ. (ଉ,ସରୁ, ସରୁ—ଅନ୍ୟରୂପ) ବଣ—(ସଂ. ଶୀର୍ଣ୍ଣ; ବା 'ଶର', ଶର सरू पतला କୃଶଦଣ୍ଡ ପରି ଶୀର୍ଣ୍ଣ)—୧ । ପତଳା—1. Thin. (ମୋଟ, ଗରୁ—ବିପରୀତ) (ଉ—ସରୁ ଗାର ।) ୨ । କ୍ଷୀଣ; କୃଶ—2. Slender; lean. (ଉ—ସରୁକଟି; ସରୁ କଙ୍କାଳୀ ।) ୩ । ଶୀର୍ଣ୍ଣ—3. Emaciated. ୪ । ସୂକ୍ଷ୍ମ— 4. Fine; delicate. (ଉ—ପିନ୍ଧିଅଛନ୍ତି ବାଛି ସରୁ ଝୀନ ବାସ । କୃଷ୍ଣସିଂହ· ମହାଭାରତ· ଅଦ ।) ୫ । बारीक କୋମଳ—5. Soft. (ଉ—ସରୁ ଚୁମ୍ବନ ।)

ସରୁ ଅଣ୍ଟା—ଦେ. ବ—ସରୁ କଟି (ଦେଖ) Saru antā Saru kaṭi (See) सरु कोमर पतली कमर

ସରୁ ଅନ୍ନ—ଦେ· ବ—ସରୁ ଭାତ (ଦେଖ) Saru anna सरु भात मेही भात Saru bhāta. (See) [ବିପରୀତ—ମୋଟ ଅନ୍ନ, ବଗଡ଼ା ଅନ୍ନ]

ସରୁଆ—ଦେ. ବଣ (ସଂ. ଶୀର୍ଣ୍ଣ)—ସରୁ (ଦେଖ) Saruā सरु पतला Saru. (See)

ସରୁଆ ମୋଟା (ମୋଟିଆ)—ଦେ. ବଣ (ବିପରୀତାର୍ଥ ଶବ୍ଦଦ୍ୱୟ)—ସରୁ Saruā moṭā (moṭiā) ମୋଟ (ଦେଖ)—Saru mota. (See)

ସରୁଆ ସଜ—ଦେ. ବଣ, ପୁଂ—କୃଶ ଦେହ ବିଶିଷ୍ଟ (ବ୍ୟକ୍ତି)—(A Saruā saja person) Having a very slender body. पातला गा दुबला पतला [ଉ—ମତେ ବୋଲୁଥାଉ ସରୁଆ ସଜ, ତୁ କାହିଁପାଇଁ ବାଜୁ ?—ଦ୍ରଗ]

ସରୁ କଙ୍କାଳୀ—ଦେ· ବଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର କଙ୍କାଳ ବା ଶରୀରର Saru kankāḷi ପାର୍ଶ୍ୱଦ୍ୱୟ କ୍ଷୀଣ—(A woman) Having सरू काँकाली पतजी कमरवाली a slender body.

ସରୁ କଜ(ଜ୍ୱ)ଳ—ଦେ. ବ—ଅଖିରେ ଦିଆ ଯାଇଥିବା କଜ୍ଜଳର ସରୁ Saru kaja(jjwa)ḷa ଗାର—A slender or fine line सरु काजल पतला काजल of collyrium drawn on the lower eye-lids.

ସରୁ କଟି—ଦେ. ବ—କୃଶ ଅଣ୍ଟା— Saru kaṭi Slender waist. ('ଭରୁ ଯେବେ ସରୁ କଟି सरु कटी ଭାଙ୍ଗିବାରୁ, ସମର୍ପ ମୋ କରେ କୁଚ ଯୁଗ୍ମ'—ପ୍ରାଚୀନ पतली कमर ଗୀତ) ଦେ. ବଣ—କୃଶ କଟି ବିଶିଷ୍ଟା (ସ୍ତ୍ରୀ)— सरू काँकाली (A woman) Having a slender पतली कमरवाली waist

ସରୁ କନା—ଦେ. ବ—ପତଳା କନା— Saru kanā A thin piece of rag. सरू कानी पतला चीथड़ा

ସରୁ(ରୋ)କା(କ୍କା)—ବିଦେ· ବ—(ଫା. ସରୋକାର୍)—୧ । ସମ୍ପର୍କ— Saru(ro)kā(kkā) 1. Connection. ୨ । ସମ୍ବନ୍ଧ— सरोका सरोकार 2. Relation.

ସରୁ ଗଗୁଆ—ପ୍ରାଦେ—(ବାଲେଶ୍ୱର) ବ—୧ । ଖୁବ୍ ଛୋଟ ଛୋଟ ଏବଂ Saru gaguā ଅନ୍ୟ ମାଛ ସହିତ ମିଶା ହୋଇ ନ ଥିବା ଗଗୁଆ ମାଛ—Very small species of Gaguā fish, not mixed with other kinds of fish. ୨ । ଏକ ଜାତୀୟ ସରୁ ଧାନ—2. A species of fine paddy.

ସରୁ ଗଳା—ଦେ. ବ—୧ । କ୍ଷୀଣ ସ୍ୱର—1. Slender tone. Saru gaḷā ୨ । କୋମଳ ସ୍ୱର—2. Soft voice. सरुगला महीन आवाज

ସରୁ ଗୋଡ଼ି—ଦେ. ବଣ. ସ୍ତ୍ରୀ—(ଜଙ୍ଘାର୍ଥ) ଯେଉଁ ସ୍ତ୍ରୀର ଗୋଡ଼ ସରୁ— Saru goṛḍi (A woman) Having tender or thin सरूपायी . पतला पैरवाली legs.—[ଦ୍ରୁ ଏପରି ସ୍ତ୍ରୀ ଅନ୍ୟ ଦେଶର ଦୃଷ୍ଟିରେ ସୁନ୍ଦରୀ ନୁହନ୍ତି] ଦେ· ବ—ସୂକ୍ଷ୍ମ ସୂକ୍ଷ୍ମ କଙ୍କର मिही काँकर महीनकङ्कर —Tiny gravels.

ସରୁଚ୍—ଫ.ବଣ—(ସହାଚ୍ଚ ବନ୍ଧୁତାଣ୍ଡୁ; ସ+ରୁଚ୍)—ଶୋଭାଯୁକ୍ତ (ଜ.ଗ) Saruch Beautiful; graceful.

ସରୁ ଚକୁଳି—ଦେ. ବ—ପତଳା ଚକୁଳି ପିଠା— Saru chakuḷi Thin pastry cake. सरु चाकली पतजी पूरी

ସରୁ ଚାଉଳ—ଦେ. ବ—ସୂକ୍ଷ୍ମ ଚାଉଳ— Saru chāula Fine rice. [ଦ୍ର—ଏହିପରି ସରୁ ଧାନ] सरु चाल, मिही चाल बारीक चावल ସରୁ ଚଡ଼ା ଅଦ ଦ୍ରବ ।

ସରୁ ଚକୁଣ୍ଡା(ଣ୍ଡା)—ପ୍ରାଦେ॰ (ବାଲେଶ୍ୱର) ବ—କାଶମର୍ଦ୍ଦ (ଦେଖ)—
Saru chākundā(ndā) Kāsa mardda (See).

ସରୁ ଚି(ଚୁ)ଙ୍ଗୁଡ଼ି—ଦେ. ବ—ଅନ୍ୟଜାତୀୟ ମାଛଙ୍କ ସଙ୍ଗେ ମିଶା ଯାଇ ନ
Saru chi(chu)ngurdi ଥିବା ଛୋଟ୍ ଛୋଟ ଚିଙ୍ଗୁଡ଼ି
[ଚିଙ୍ଗୁଡ଼ି(ଚୁ)ଙ୍ଗୁଡ଼ି—ଅନ୍ୟରୂପ] ମାଛ—Very small
সরু চিঙ্গড়ি; কুচো চিঙ্গড়ি, ঘুষো চিঙ্গড়ি shrimps not
पतला चिंगड़ा mixed with other kinds of fish.
[ଦ୍ର—ବଜାର ହାଟରେ ଏହା ସହତ ଅନ୍ୟ କୌଣସି ଛୋଟ
ମାଛ ସାଧାରଣତଃ ମିଶି ନ ଥାଏ ।]

ସରୁ ଚୁମ୍ବନ—ଦେ. ବ—କୋମଳ ଚୁମ୍ବନ; ଯେଉଁ ଚୁମ୍ବନରେ ଚୁମ୍ବନ
Saru chumbana କରିବା ବ୍ୟକ୍ତିଙ୍କ ଓଷ୍ଠଦ୍ୱୟ ଚୁମ୍ବିତ
(ସରୁ ଚୁମ୍ମ, ସରୁ ଚୁମା—ଅନ୍ୟରୂପ) ବ୍ୟକ୍ତିଙ୍କ ଅଧରକୁ ବା
(ସରୁ ଚୁମ୍ବନ୍ୟ—ଗ୍ରାମ୍ୟରୂପ) ଗଣ୍ଡଦେଶକୁ କ୍ଷୀଣରୂପେ ସ୍ପର୍ଶ
সরু চুমা कोमल चुम्बन, हलका चुम्बन କରେ ଓ
ଯେଉଁ ଚୁମ୍ବନର ଶବ୍ଦ କ୍ଷୀଣ—Soft kiss;
tender kiss. [ଉ—ଗୃହିଁ କ ସକ୍ରୋଧ ହେବ,
ସରୁ ଚୁମ୍ବନ ମୁଁ ଦେବ; ନେବ ସୁଖ ଅପ୍ରେ କର, କଜ୍ଜ୍ୱରେ
ପୁଲକ ଭର—ଭଞ୍ଜ ଲାବଣ୍ୟବତୀ ।]

ସରୁଜ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି)—ରୁଗ୍ଣ; ରୋଗବିଶିଷ୍ଟ—
Saruja (ସରୁଜା—ସ୍ତ୍ରୀ) Ailing; sick.

ସରୁତା—ପ୍ରାଦେ (ସମ୍ବଲପୁର) ବ (ମୂଳ ହ୍.ସରୌତା)—ଗୁଆକାଟ—
Sarutā Nut-cracker.

ସରୁ ଦଉଡ଼ା(ଡ଼ି)—ଦେ. ବ—କ୍ଷୀଣ ରଜ୍ଜୁ—Slender rope.
Saru daurdā(rdi) সরু দড়ি पतली रस्सी

ସରୁ ଦି(ଦେ)ହ—ଦେ. ବ—କ୍ଷୀଣ ବା କୃଶ ଶରୀର—Slender or
Saru di(de)ha lean body. ଦେ. ବଣ—କ୍ଷୀଣକାୟ
সরু গা पतला देह (ବ୍ୟକ୍ତି)—(a person) Having
পাতলা पतला a slender body.

ସରୁ ଧଡ଼ି—ଦେ. ବ—ସୂକ୍ଷ୍ମ ଧଡ଼ି—
Saru dhardi Fine border of a cloth.
সরু পাড় पतला कोर

ସରୁଧଡ଼ିଆ—ଦେ. ବଣ—ସୂକ୍ଷ୍ମ ଧଡ଼ିବିଶିଷ୍ଟ (ଲୁଗା)—
Saru dhardiā Fine-bordered (cloth)
সরুপেড়ে पतला कोरवाला

ସରୁ ଧାନ—ଦେ॰ ବ—ସୂକ୍ଷ୍ମ ଧାନ୍ୟ—
Saru dhāna সরু ধান पतला धान Fine paddy.

ସରୁ ନାଞ୍ଜି—ଦେ. ବ—ସରୁ ଲାଞ୍ଜି (ଦେଖ)
Saru nānji Saru lānji (See)

ସରୁ ପଖାଳ—ଦେ. ବ—ସରୁ ଚାଉଳର ଅନ୍ନର ପଖାଳ—
Saru pakhāla Boiled fine rice soaked with water.

ସରୁ ପତରିଆ—ପ୍ରାଦେ (ଗଡ଼ଜାତ) ବ—ସାନ ହାତି (ଦେଖ)
Saru patariā Sāna hāti (See)

ସରୁପତ୍ରିଆ ଶୋଲ—ଦେ. ବ—ଗାଇଆ ଶୋଲ (ଦେଖ)
Sarupatriā sola Gāiā sola (See)

ସରୁ ପାଚକ—ଦେ. ବ—ଯେଉଁ ଭାଙ୍ଗ ପାଣି ବା ସରବତ ପାଣି ଅଳ୍ପ ପତ୍ର
Saru pāchaka ଓ ବେଶି ମସଲା ପ୍ରୟୋଗରେ ତିଆରି
সরু পাচক हलका ठंडक ହୋଇଥାଏ—A drink
made up of a little quantity of
Ganja leaves and a larger quantity
of spices.

ସରୁ ପାଡ଼—ଦେ॰ ବ (ବଙ୍ଗଳାରୁ ଅନୁକୃତ)—(ଲୁଗାର) ସରୁ
Saru pārda ଧଡ଼ି—Fine border (of a cloth).
সরু পাড় पतला कोर
সরু পেড়ে ଦେ. ବଣ—ସୂକ୍ଷ୍ମ ଧଡ଼ି ବିଶିଷ୍ଟ (ଲୁଗା)—
पतला कोरवाला (a cloth) Having fine border.
(ସରୁ ପାଡ଼ଦାର, ସରୁ ପାଡ଼ିଆ—ଅନ୍ୟ ବଣ ରୂପ)

ସରୁ ବଚନ—ଦେ. ବ—୧ । କୋମଳ ସ୍ୱରରେ ଉଚ୍ଚାରିତ ବଚନ—
Saru bachana 1. Softly uttered word. ୨ । ମଧୁର
মিঠা বচন मिठीवात ବାକ୍ୟ—2. Sweet words.

ସରୁ ବଚନିଆ—ଦେ. ବଣ॰ ପୁଂ—ଯେ କୋମଳ ବାକ୍ୟ କହେ; ଭଦ୍ରଶୀଳ
Saru bachaniā ବକ୍ତା—Speaking softly.
মিঠা বচনি मिठी बातवाला (ସରୁ ବଚନୀ—ସ୍ତ୍ରୀ)

ସରୁ ବାଲି—ଦେ॰ ବ—ସୂକ୍ଷ୍ମ ବାଲୁକା—
Saru bāli Fine sand. (ଉ—ଏ ତ ସୁନ୍ଦର ସରୁବାଲି]
সরু বালি पतला बालु ଭୂପତ—ପ୍ରେମପଞ୍ଚାମୃତ ।

ସରୁ ବେକ—ଦେ॰ ବ—କୃଶ ଗଳଦେଶ—
Saru beka সরু ঘাড় पतला गला A narrow neck.

ସରୁ ବେକା—ଦେ. ବଣ. ପୁଂ—କୃଶ ଗଳଦେଶ ବିଶିଷ୍ଟ—
Saru bekā Having a narrow neck.
সরু ঘেড়ো पतला गलावाला (ସରୁ ବେକୀ—ସ୍ତ୍ରୀ)

ସରୁ ଭାତ—ଦେ. ବ—ସରୁ ଚାଉଳର ଅନ୍ନ—
Saru bhāta সরু ভাত पतला भात Fine boiled rice.

ସରୁ ମଧ୍ୟା—ଦେ. ବଣ. ସ୍ତ୍ରୀ—ସରୁ କଟୀଯୁକ୍ତା (ସ୍ତ୍ରୀ)—
Saru madhyā Slender-waisted (woman).
সরু মধ্যা पतली कमरवाली (ଉ—ବାଣୀ ମୋର ନାମେ ବାହୁ
ବଚାଗଲୁ ସରୁମଧ୍ୟା ସ୍ୱରୁ ଭୟ କହ । ଭଞ୍ଜ—ବୈଦେହୀଶ
ବିଳାସ ।]

ସରୁ ମାଧେ(ଧୋ)ଇ—ଦେ. ବ—ଉଚ୍ଚ ଚଢ଼ୀ ଧାନ ଯର ଅଗଭାଗରେ
Saru mādhe(ddo)i ଅଳ୍ପ କଳା ହୋଇଥିବା ଏକ ପ୍ରକାର
(ସରୁ ମାଧୁଆ—ଅନ୍ୟରୂପ) ଧଳା ଧାନ—A sort of fine
black-tipped white paddy.

ସରୁ ମୋଟ(ଟା)—ଦେ. ବଣ (ଦ୍ୱନ୍ଦ୍ୱ ସମାହାର)—ପତଳା ଓ ସ୍ଥୂଳ—
Saru moṭa (ṭā) Thin and thick.
সরু মোটা पतलामोटा ଦେ. ବ—କ୍ଷୀଣ ଓ ସ୍ଥୂଳବସ୍ତୁମାନ—
Lean and thick things.

ସରୁ ଲଞ୍ଜି—ଦେ. ବ—ନୟନ ପ୍ରାନ୍ତରେ ଅଙ୍କିତ କଜ୍ଜଳର ସରୁଗାର—
Saru lāñji A fine line of collyrium drawn
কাজলের সরু রেখা पतली काजलकी रेखा beyond the ends of the eyes.

ସରୁ ଲୁଗା—ଦେ. ବ—ପତଳା ଲୁଗା; ସୂକ୍ଷ୍ମ ବସ୍ତ୍ର—
Saru lugā Fine or thin cloth.
সরু কাপড় पतला कपड़ा

ସରୁ ସୂତା—ଦେ. ବ—ସୂକ୍ଷ୍ମ ସୂତ୍ର—
Saru sūtā Thin piece of thread; fine thread.
সরু সুতো पतला सूत

ସରୂପ—ବଣ. ପୁଂ (ସ=ସମାନ+ରୂପ ଆକାର; ବହୁବ୍ରୀହି) ୧ । ଏକ
Sarūpa ରୂପ ବିଶିଷ୍ଟ—1. Of the same shape. [ଭ—
(ସରୂପା—ସ୍ତ୍ରୀ) ଗଙ୍ଗା ଗୟା ଗୋଦାବରୀ ତୀର୍ଥସରୂପୀ, ଭଗତ
(ସରୂପତା, ସାରୂପ୍ୟ—ବି) ଜାଗନ୍ତେ ଦେଖା ଜଗତେ ବ୍ୟାପି—
(ସରୂପୀ—ଦେ. ରୂପ) ପ୍ରାଚୀ. ଭକ୍ତିସଂଗ୍ରହ।) ୨ ।
(ସହାର୍ଥ ବହୁବ୍ରୀହି) ରୂପବିଶିଷ୍ଟ—2. Embodied;
having shape. ଦେ. ବଣ—ସ୍ୱରୂପ; ତୁଲ୍ୟ; ସଦୃଶ
সরূপ माफक Similar; equal.
(ଭ—ଗୁରୁପାଦୁକେ ବେଦ ପୁଣ, ଯାହାଙ୍କ ସରୂପରେ ଜାଣ—
ଯଶୋବନ୍ତ ପ୍ରେମଭକ୍ତିବ୍ରହ୍ମଗୀତା।)

ସରୂପକ—ସ. ବଣ (ସହାର୍ଥ ବହୁବ୍ରୀହି; ସ=ସହିତ+ରୂପକ)—
Sarūpaka ରୂପକାଳଂକାର ସହିତ—With the figure of
simile. (ଭ—ବାର୍ତ୍ତା କହେ ସରୂପରେ ସତାଭତ,
ବଣ୍ଟାମିକ ସ୍ୱରୁ ସଙ୍ଗେ ସମରନ୍ତ । ଉପେ. ବୈଦେହୀଶ-
ବିଳାସ ।)

ସରେ—ଦେ. ଅ—ଶେଷ ପର୍ଯ୍ୟନ୍ତ—Till the end. (ଭ—ସାର
Sare ତରୁ ସରୁ ଫୁଲ ସରେ ମଣ୍ଡନ । ଉପେ. କୋଟିବ୍ରହ୍ମାଣ୍ଡ
শেষ পর্য্যন্ত शेषतक ସୁନ୍ଦରୀ ।) ଦେ. କି (ସରିବା କ୍ରିୟାର
ফুরায় आखीरहोता ଭବିଷ୍ୟତବୃତ୍ତବର୍ତ୍ତମାନ କାଳ ପ୍ରଥମ ପୁରୁଷ ଏକ
ବଚନରେ ରୂପ 'ସରିବ' ଶବ୍ଦର ଅନ୍ୟରୂପ)—
Is finished

ସଃ ରେ(ରେଃ)—ଦେ. ବ (ଚଳିତ, ସାଙ୍କେତିକ)—ସବ୍ ରେଜିଷ୍ଟ୍ରାର୍—
Saḥ re(reḥ) (abbreviation for) Sub-Registrar.
সঃ রেঃ सः रे

ସରେଇ—ଦେ. ବ. ଓ ବଣ—ସରାଇ (ଦେଖ)—Sarāi. (See)
Sarei [ଭ—ବାଟକ ପ୍ରଭୃତି ସ୍ଥାନରେ ସରେଇ ଘର କରିଣ ଓ
সরাই सराय ଦୋକାନ ବସାଇଦେଲେ । ଫକୀରମୋହନ. ଗଳ୍ପ-
ସ୍ୱଳ୍ପ ।] ପ୍ରାଦେ. (ସମ୍ବଲପୁର) ବ—୧ । ମଧ୍ୟମାକାର
ଅଟିକା—1. Medium-sized earthen pot.
୨ । ସୋରେଇ—2. A kind of long narrow-necked pitcher.

ସରେଜ୍—ବୈଦେ. ବ (ଫା. ସର୍ତ୍ତ)—ସର୍ତ୍ତ—
Saret Condition or term of a contract or
সর্ত্ত शर्त्त agreement.

ସରେନ (ନୋ, ନୌ)—ବୈଦେ. ବଣ (ଚଳିତ) (ଫା. ସରେନଓ)
Saren (no, nau) —୧। ମୌଳିକ—1. Original. ୨ ।
(ସରେନଉ[ଓ]—ଅନ୍ୟରୂପ) ଅଦ୍ୟ; ପ୍ରାଥମିକ—
সরেনও सरेनओ; पहला 2. Primary.

ସରେନ(ନୋ,ନୌ) ଅଦାଲତ (କୋର୍ଟ୍, କୋର୍ଟ୍)—ବୈଦେ. ବ.
Sarena(no,nau) adālata(koṭ,korṭ) (ଚଳିତ)—
[ସରେନଉ(ଓ)ଅଦାଲତ(କୋର୍ଟ୍,କୋର୍ଟ୍)—ଅନ୍ୟରୂପ] ମକଦମାର
সরেনও আদালত पहला अदालत ପ୍ରଥମେ ବିଚାର
କରିଥିବା ଅଦାଲତ—The original court for
the trial of a suit.

ସରେନ(ନୋ,ନୌ) ମକଦ(ଦ୍ଦ)ମା—ବୈଦେ. ବ (ଚଳିତ)—
Sarena(no,nau) makada(dda)mā କୌଣସି ଦାବୀ
[ସରେନଉ(ଓ)ମକଦ(ଦ୍ଦ)ମା—ଅନ୍ୟରୂପ] ସମ୍ବନ୍ଧେ ବାଦୀ
সরেনও মোকদ্দমা पहला मकद्दमा ପ୍ରତିବାଦୀଙ୍କ ମଧ୍ୟରେ
ଦେବାନୀ ଅଦାଲତରେ ପ୍ରଥମେ ଦାଏର ହୋଇ ବିଚାର
ହେବା ମକଦମା—Original civil suit.

ସରେ ହାଲ—ବୈଦେ.ବ(ଫା.)—କୌଣସି ବିଷୟ ସମ୍ବନ୍ଧୀୟ ସମସ୍ତ ବିବରଣ
Sare hāl —All particulars about any matter.
সরে হাল पूरा हाल

ସରୋକା(କ୍କା)—ବୈଦେ. ବ (ଫା. ସରୋକାର୍)—୧ । ସମ୍ପର୍କ—
Saroka(kkā) 1. Connection. ୨ । ସମ୍ବନ୍ଧ—
[ସରୋକାର୍—ଅନ୍ୟରୂପ] 2. Relationship. ୩ ।
[ଅ. ଶରୀକ୍]—ହିସ୍ସା; ଅଂଶ—3. Share.

ସରୋଜ—ସ. ବ [ସରଃ=ଜଳ, ସରୋବର+ଜନ୍ ଧାତୁ=ଜନ୍ମିବା
Saroja +କର୍ତ୍ତି ଅ]—ପଦ୍ମ—Lotus.

ସରୋଜ ନୟନ—ସ. ବଣ. ପୁଂ [ଉପମିତ ବହୁବ୍ରୀହି]—ପଦ୍ମ ପରି ସୁନ୍ଦର
Saroja nayana ନେତ୍ରବିଶିଷ୍ଟ—Lotus-eyed.
[ସରୋଜନେତ୍ର—ଅନ୍ୟରୂପ] ସଂ. ବ [ଉପମିତ କର୍ମଧାରୟ]—
[ସରୋଜନୟନା; ସରୋଜନେତ୍ରା—ବଣ. ସ୍ତ୍ରୀ] ପଦ୍ମ ପରି ସୁନ୍ଦର ନେତ୍ର
—Eye as graceful as the lotus.

ସରୋଜନୟନା—ଦେ. ବଣ. ସ୍ତ୍ରୀ [ସ. ସରୋଜନୟନା]—ପଦ୍ମ ପରି
Sarojanayanī ସୁନ୍ଦରନେତ୍ରବିଶିଷ୍ଟା [ସ୍ତ୍ରୀ]—Lotus-
[ସରୋଜନେତ୍ରୀ—ଅନ୍ୟରୂପ] eyed (female).
সরোজনয়না सरोजनयनी

ସରୋଜନ୍ମା—ସଂ. ବ (ସରଃ+ଜନ୍ମନ୍, ୧ମା.୧ବ)—ସରୋଜ (ଦେଖ)
Sarojanmā Saroja (See)

ସରୋଜ ବଦନ—ସଂ. ବ [ଉପମିତ କର୍ମଧାରୟ]—ପଦ୍ମମୁଖ—
Saroja badana A face as graceful as the
lotus. ସଂ. ବଣ ପୁଂ [ଉପମିତ ବହୁବ୍ରୀହି]—ପଦ୍ମ ପରି
ସୁନ୍ଦର ମୁଖ ବିଶିଷ୍ଟ—(Masculine) Having the
face as graceful as the lotus.
[ସରୋଜବଦନା—ବଣ ସ୍ତ୍ରୀ]

ସରୋଜବଦନା—ଦେ. ଗଣ. ସ୍ତ୍ରୀ (ସଂ. ସରୋଜବଦନା)—ପଦ୍ମ ପରି
Saroja badanī ସୁନ୍ଦର ମୁଖ ବିଶିଷ୍ଟା (ସ୍ତ୍ରୀ)—(a female)
সরোজবদনী सरोजबदनी Having the face as a beautiful as the lotus.

ସରୋଜିନୀ—ସଂ ବି. ସ୍ତ୍ରୀ (ସରୋଜ=ପଦ୍ମ+ଅସ୍ତି ଯାହାର, ଏହି
Sarojinī ଅର୍ଥରେ ଇନ୍+ସ୍ତ୍ରୀ ଈ)—୧ । ପଦ୍ମଗଛ; ପଦ୍ମ ଲତା—1. The lotus creeper. ୨ । ପଦ୍ମ-ସମୂହ—2. A collection of lotus flowers. ୩ । ପଦ୍ମବହୁଳ ପୁଷ୍କରିଣୀ—3. A tank full of lotus. ସ. ବିଣ. ସ୍ତ୍ରୀ—ସରୋଜୀର ସ୍ତ୍ରୀଲିଙ୍ଗ—Feminine of Sarojī. ଦେ. ବି. ସ୍ତ୍ରୀ—ସ୍ତ୍ରୀ-
সরোজিনী सरोजिनी ଲୋକଙ୍କ ନାମ—A name given to females.

ସରୋଜିନୀ ନାଇଡୁ—ଦେ. ବି. (ନାମ)—ଭାରତର ପ୍ରସିଦ୍ଧା ନାରୀ-
Sarojinī nāidu ନେତ୍ରୀ—Sarojinī Naidu—the famous Indian lady-leader. [ବି—ଏ ବଙ୍ଗୀୟ ପରିବାରରେ ଜନ୍ମଗ୍ରହଣ କରି ମାନ୍ଦ୍ରାଜର ତେଲୁଗୁ ଡାକ୍ତର ଶ୍ରୀ. ଏମ୍. ଜି. ନାଇଡୁଙ୍କୁ ବିବାହ କରିଥିଲେ । ଏ ଦେଶସେବା ବ୍ରତରେ ଜୀବନ ଉତ୍ସର୍ଗ କରିଅଛନ୍ତି; ଏ ଜଣେ ପ୍ରସିଦ୍ଧା କବି । ଇଂରାଜୀ ଭାଷାରେ ମଧ୍ୟ ଏହାଙ୍କ କବିତା ପାଶ୍ଚାତ୍ୟମାନଙ୍କୁ ଅନ୍ତର୍ଦ୍ଧ୍ୟାନିତ କରିଅଛି । ଭାରତୀୟ ସମସ୍ତ (କଂଗ୍ରେସ, ସ୍ୱଦେଶୀ, ସ୍ୱରାଜ୍ୟ, ହିନ୍ଦୁ-ମୁସଲମାନ ମିଳନ ଆଦି) ଜାତୀୟ ଆନ୍ଦୋଳନରେ ଏ ଅଗ୍ରଣୀ ହୋଇ ବାହାରିଛନ୍ତି । ଏହାଙ୍କ ପରି ବିଦୁଷୀ ମହିଳା ଅଧୁନିକ ଭାରତୀୟ ନାରୀସମାଜରେ ଦୁର୍ଲଭ । ଅଫ୍ରିକାରେ ଥିବା ଭାରତୀୟମାନଙ୍କ ଦୁର୍ଦ୍ଦଶା ମୋଚନାର୍ଥେ ଏ ଥରେ ଅଫ୍ରିକା ଯାଇଥିଲେ । ୧୯୨୫ ସାଲରେ ଏ ଭାରତୀୟ କଂଗ୍ରେସର ସଭାପତି ନିର୍ବାଚିତା ହୋଇଥିଲେ ।]

ସରୋଜୀ—ସଂ ବି (ସରୋଜ+ଅସ୍ତି ଅର୍ଥରେ ଇନ୍; ୧ମା ୧ବ)—
Sarojī ବ୍ରହ୍ମା—The God Brahmā. ସ. ବିଣ. ପୁଂ (ସରୋଜିନୀ—ସ୍ତ୍ରୀ) ପଦ୍ମ ବିଶିଷ୍ଟ—Having lotus.

ସରୋ(ରୌ)ତା—ପ୍ରା. ଦେ (ସମ୍ବଲପୁର) ବି (ହିନ୍ଦୀରୁ ଅନୁକୃତ)—୧ ।
Saro(rau)tā ଚିଲକାତି—1. A small folding knife ୨ । ଗୁଆକାତି—2. Nut-cracker.

ସରୋତ୍ସବ—ସ. ବି (ସରଃ=ସରୋବରରେ ଉତ୍ସବ=ବିହାର ଯାହାର
Sarotsaba ବହୁବ୍ରୀହି)—ସାରସ ପକ୍ଷୀ—A species of crane.

ସରୋଦୟ—ଗ୍ରା. ବି ସଂ. ସ୍ୱରୋଦୟ)—ସ୍ୱରୋଦୟ (ଦେଖ)—
Sarodaya সরোদয় सरोधा Swarodaya (See)

ସରୋଧ—ସ. ବିଣ (ସ=ସହ+ରୋଧ)—ରୁଦ୍ଧ—
Sarodha Confined; restrained.

ସରୋବର—ସଂ ବି (ସରଃ+ବର)—୧ । ପୁଷ୍କରିଣୀ; ପୋଖରୀ—
Sarobara Tank. ୨। ପଦ୍ମାଦି ପୂର୍ଣ୍ଣ ଜଳାଶୟ (ପ୍ରକୃତିବାଦ) A tank full of lotus.

ସରୋରୁହ(ହ୍)—ସ. ବି (ସରଃ=ପୋଖରୀ+ରୁହ୍ ଧାତୁ=ଜନ୍ମିବା
Saroruha(t) କର୍ତ୍ତରି ଅ; +କର୍ତ୍ତରି କ୍ୱିପ)—ସରୋଜ; ପଦ୍ମ—Lotus.

ସରୋରୁହାସନ—ସ. ବି (ସରୋରୁହ=ପଦ୍ମ ଅଟେ ଆସନ ଯାହାଙ୍କର,
Saroruhāsana ବହୁବ୍ରୀହି)—ବ୍ରହ୍ମା—The God Brahmā (who is represented as seated on a lotus.

ସରୋଷ—ସ. ବିଣ. ପୁଂ (ସ=ସହ+ରୋଷ=କ୍ରୋଧ;ସହାର୍ଥ ବହୁବ୍ରୀହି)
Sarosha (ସରୋଷା—ସ୍ତ୍ରୀ) ସକ୍ରୋଧ; କ୍ରୁଦ୍ଧ—Angry.

ସରୋଷ୍ଠକ—ଦେ. ବି (ସଂ. ସହ+ଓଷ୍ଠ୍ୟ)—କାବ୍ୟରେ ଶବ୍ଦଯୋଜନା
Sarosthaka ବିଶେଷ—A kind of Composition. (ଯେଉଁ କାବ୍ୟରେ ପ୍ରତ୍ୟେକ ପଦ ଓ ପ୍ରତ୍ୟେକ ଅକ୍ଷର ଓଷ୍ଠ୍ୟ ବର୍ଣ୍ଣ, ସେଠାରେ ଏହି ଅଳଙ୍କାର ହୁଏ) [ଉ—ବାମା ବିଭ୍ର ପ୍ରେମପ୍ରଭ ବିଭବ ବିଭ୍ରମ ବାମା ବାମା ଚିଭ୍ର ବିଭାବବ ଭାଭ୍ର ମମ—ଗୋଲକ. ଇନ୍ଦୁରେଖା]

ସର୍କ—ସଂ. ବି (ସୃ ଧାତୁ=ଗତି କରିବା+କର୍ତ୍ତରି କ)—୧ । ବାୟୁ—
Sarka 1. Air. ୨ । ମନ; ଚିତ୍ତ—2. Mind; heart. ୩ । ପ୍ରଜାପତି—3. Butterfly. ୪ । ଏକ ପ୍ରଜାପତିଙ୍କ ନାମ (ହ୍. ଷ)—4. Name of a Progenitor of the created beings.

ସର୍କଟା(ଟେ)ଇବା—ପ୍ରାଦେ (ସମ୍ବଲପୁର) କ୍ରି—ଶକ୍ତକରି ବାନ୍ଧିବା—
Sarkaṭā(ṭe)ibā To tie tightly.

ସର୍କ(କୁ)ଲ୍—ବୈଦେ. ବି (ଇଂ. ସର୍କ୍‌ଲ୍)—ଶାସନ ସୌକର୍ଯ୍ୟାର୍ଥ
Sarka(rku)l ଗଠିତ ନିର୍ଦ୍ଦିଷ୍ଟ ସୀମା ବିଶିଷ୍ଟ ଅଞ୍ଚଳ—A
সর্কল सर्कल Circle (formed for admini strative convenience). [ବି—ଏହି ଶବ୍ଦସଙ୍ଗେ ଅନ୍ୟ ଇଂରେଜ ଶବ୍ଦମାନ ବ୍ୟବହୃତ ହୋଇ ଉକ୍ତ ଅଞ୍ଚଳର ଭାରପ୍ରାପ୍ତ କର୍ମଚାରୀଙ୍କ ନାମକରଣ ହୁଏ; ଯଥା—ସର୍କଲ୍ (ସର୍କ୍ଲ—ଅନ୍ୟରୂପ) ଅଫିସର୍, ସର୍କଲ୍ ଇନ୍‌ସ୍‌ପେକ୍ଟର୍ ଇତ୍ୟାଦି ।]

ସର୍କସ୍—ବୈଦେ. ବି (ଇଂ ସର୍କସ୍)—୧ । ଲୋକମାନଙ୍କ ମନୋ-
Sarkas ରଞ୍ଜନାର୍ଥ ଅନୁଷ୍ଠିତ ବ୍ୟାୟାମ ଓ ଶିକ୍ଷିତ ପଶୁ-
সরকস্ सरकस, सर्कस ମାନଙ୍କ କ୍ରୀଡ଼ା ଦେଖାଇବା ପାଇଁ ଗଠିତ ଦଳ—1. Circus; a troupe of gymnasts and trained beasts which show performances for public recreation. ୨ । ଲୋକମାନଙ୍କୁ ଦେଖାଇବା ପାଇଁ ଅଭ୍ୟସ୍ତ କଷ୍ଟସାଧ୍ୟ ବ୍ୟାୟାମ; କସରତ—2. Athletic feats or gymnastics performed for being witnessed by the public.

ସର୍କସ୍ କରିବା—ଦେ. କ୍ରି—କସରତ କରିବା—
Sarkas karibā To perform athletic feats.
সরকস্ করা सरकसकरना

ସର୍କା—ବୈଦେ. ବି—୧ । (ଫା ସରୋକାର୍)—ସରୋକା (ଦେଖ)—
Sarkā Sarokā (See) ୨ । ସର୍କା (ଦେଖ)—2.

ସରୋକା **सरोकार** Sarkā (See) ପ୍ରାଦେ. (ସମ୍ବଲପୁର) ବ —ଘର ଲିପିବା ପାଇଁ ବ୍ୟବହୃତ ମାଟିଗୋବରର ଲୁଣ୍ଡା— A rag smeared with clay mixed with cowdung, used in smearing floors.

ସର୍କା(ର୍କେ)ଇବା—ପ୍ରାଦେ. କି—(ବାଲେଶ୍ୱର)—ସର୍କିବାର ଣିଜନ୍ତ Sarkā(rke)ibā ରୂପ)-ଘୁଞ୍ଚାଇବା; କୌଣସି ବସ୍ତୁକୁ ସ୍ଥାନାନ୍ତରକୁ ସରାନ **सरकाना** ନେଇବା—To remove a thing from a place.

ସର୍କା ଫାନ୍ଦ(ଫାଁନ୍ଦ)—ପ୍ରାଦେ. (ସମ୍ବଲପୁର) ବ—ବାନ୍ଧୁଥ ଫାଶ; Sarkā phānd (phānd) ଦଉଡ଼ରେ ପକାଯିବା ଏକପ୍ରକାର ଗଣ୍ଠି, ଯାହାକୁ ଟାଣି ଦେବା ମାତ୍ରେ ସେ ଗଣ୍ଠି ଦୃଢ଼ତର-ରୂପେ ଗଉ ହୋଇଯାଏ—A kind of tight knot; clove hitch; reefknot.

ସର୍କାର (ଇତ୍ୟାଦି)—ବୈଦେ. ବ (ଫା. ସର୍କାର)—ସରକାର ଇତ୍ୟାଦି Sarkār (etc) (ଦେଖ)—Sarakāra etc (See)

ସର୍କାର୍ ପାଟ୍ଟା—ପ୍ରାଦେ· (ଗଞ୍ଜାମ) ବ (କଟରଥ)—ନିଲାମରେ Sarkār pāṭā ଅସିଥିବା ସମ୍ପତ୍ତି (ଭୂମି)ଉପରେ ସରକାରଙ୍କର ବା କୋର୍ଟଙ୍କ ତରଫରୁ ନିର୍ଦ୍ଧାରିତ ମୂଲ୍ୟ-A valuation set by the court or the Government on a property going to be sold by public auction.

ସର୍କାରୀ (ଇତ୍ୟାଦି)—ଦେ. ବଣ—ସରକାରୀ ଇତ୍ୟାଦି (ଦେଖ) Sarkāri (etc) Sarakāri etc (See)

ସର୍କିଟ୍—ବୈଦେ· ବ (ଇଂ· ସର୍କିଟ୍)—ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାନୀୟ Sarkiṭ ମକଦ୍ଦମାମାନ ବିଚାର କରିବା ପାଇଁ ବିଚାରପତିମାନଙ୍କ ସର୍କିଟ **सरकिट** ଗସ୍ତ—1. Circuit of judges for hearing or trying cases in the locality. ୨। ବଡ଼ ବଡ଼ ରାଜକର୍ମଚାରୀମାନଙ୍କ ଗସ୍ତ—2. Tour of high Government officials.

ସର୍କିଟ୍ କୋଟ(ର୍ଟ)—ବୈଦେ. ବ (ଇଂ. ସର୍କିଟ୍ କୋର୍ଟ)—ଓଡ଼ିଶାର Sarkiṭ koṭ(rṭ) ମକଦ୍ଦମାମାନ ଶୁଣିବା ପାଇଁ ପାଟନା ହାଇ-ସର୍କିଟ କୋର୍ଟ କୋର୍ଟର ଜଜମାନଙ୍କ ମଧ୍ୟରୁ ଦୁଇ ଜଣ ବର୍ଷକ **सरकिट कोर्ट** ମଧ୍ୟରେ ୨।୪ ଥର କଟକକୁ ଅସି ସେଠାରେ ବଇଠକ କରିବା ପାଇଁ ଯେଉଁ ଅଦାଲତ ପ୍ରତିଷ୍ଠିତ ହୋଇଅଛି--The Circuit Court of the Patna High Court which is held at Cuttack to hear cases of Orissa. [ବି—ହାଇକୋର୍ଟର ଜଜମାନଙ୍କ ମଧ୍ୟରୁ ଜଣେ ବା ଦୁଇ ଜଣ ଜଜ ପ୍ରଦେଶର ଭିନ୍ନ ଭିନ୍ନ ନଗରକୁ ଯାଇ ସେଠାରେ ସ୍ଥାନୀୟ ମକଦ୍ଦମାମାନ ଶୁଣିବାର ପ୍ରଥା ଭାରତବର୍ଷରେ ନ ଥିଲା । ବିହାର-ଓଡ଼ିଶା ପ୍ରଦେଶରେ ସ୍ଥାପିତ ପାଟନା ହାଇକୋର୍ଟର 'କଟକ ସର୍କିଟ' ଭାରତରେ ନୂତନ ଅଟେ । କଟକରେ ଏହି ସର୍କିଟ୍ କୋର୍ଟର ବଇଠକ ପାଇଁ ଯେଉଁ ଜଜମାନେ ଅସନ୍ତି, ତାଙ୍କୁ 'ସରକିଟ୍ ଜଜ' କୋଲଯାଏ । ଜଜମାନେ ବର୍ଷକେ ଏକାଧିକ ଥର ଅସି ଶୁଣାଣି ପାଇଁ ପ୍ରସ୍ତୁତ ମକଦ୍ଦମାମାନ ଶୁଣି ରାୟ ଦେଇ ପୁଣି ପାଟଣାକୁ ଫେରି ଯାଆନ୍ତି । କିନ୍ତୁ କଟକନଗରରେ ସର୍କିଟ୍ କୋର୍ଟର ଅଫିସ୍ ବରାବର ରହିଅଛି । କଟକରେ ଡେପୁଟି ଜଜ ଭିନ୍ନ ସର୍କିଟ୍ କୋର୍ଟର 'ରେଜିଷ୍ଟ୍ରାର' ଓ ଜଣେ ଖାସ୍ ମୁନସଫ୍ ଉକ୍ତ କୋର୍ଟର 'ଅସିଷ୍ଟାଣ୍ଟ୍ ରେଜିଷ୍ଟ୍ରାର' କାର୍ଯ୍ୟ କରନ୍ତି ଏବଂ କଟକରେ ଦାଏର ହେବା ଅପିଲ ଓ ମୋସନ୍‌ମାନ ରେଜିଷ୍ଟ୍ରାର ଗ୍ରହଣ କରି ଶୁଣାଣି ପୂର୍ବରୁ ଉକ୍ତ ମକଦ୍ଦମା-ମାନଙ୍କର ଅନୁଷଙ୍ଗିକ ବ୍ୟବସ୍ଥାମାନ କରି ମକଦ୍ଦମାମାନଙ୍କ ଶୁଣାଣି ପାଇଁ ପ୍ରସ୍ତୁତ କରି ରଖନ୍ତି । ସର୍କିଟ୍ ଜଜମାନେ କଟକକୁ ଅସି ସେଗୁଡ଼ିକ ଫଏସଲ କରନ୍ତି ।]

ସର୍କିଟ୍ ଜଜ୍—ବୈଦେ· ବ (ଇଂ)—ଯେଉଁ ଜଜମାନେ ସରକିଟ୍ Sarkiṭ jaj କୋର୍ଟରେ ବସି ବିଚାର କରନ୍ତି—The judges ସର୍କିଟ ଜଜ **सरकिट जज** of the Circuit Court.

ସର୍କିଟ୍ ହାଉସ୍—ବୈଦେ. ବ (ଇଂ ସର୍କିଟ୍ ହାଉସ୍)—ମଫସଲକୁ Sarkiṭ hāus ଗସ୍ତରେ ଅସିବା ଉଚ୍ଚ କର୍ମଚାରୀଙ୍କ ରହିବା ପାଇଁ ସର୍କିଟ ହାଉସ ପ୍ରସ୍ତୁତ ସରକାରୀ ପ୍ରାସାଦ—Circuit House. **सरकिट हाउस**

ସର୍କିଦାର—ବୈଦେ· ବ—ସରକିଦାର (ଦେଖ) Sarkidār Sarakidāra (See)

ସର୍କିଦାରି—ଦେ· ବ—ସରକିଦାରି (ଦେଖ) Sarkidāri Sarakidāri (See)

ସର୍କିବା—ଦେ. କି—ସରକିବା (ଦେଖ) Sarkibā Sarakibā (See)

ସର୍କୁଲ୍—ବୈଦେ. ବ (ଇଂ. ସର୍କଲ୍)—ସର୍କଲ (ଦେଖ) Sarkul Sarkala (See)

ସର୍କୁ(କ୍ୟୁ)ଲ(ଲା)ର—ବୈଦେ· ବ (ଇଂ· ସର୍କୁଲାର୍)—ବହୁସଂଖ୍ୟ Sarku(rkyu)la(lā)r ଅଧସ୍ତନ କର୍ମଚାରୀମାନଙ୍କ ଅବଗତି ସରକ୍ୟୁଲାର **सरकुलर** ନିମନ୍ତେ ପ୍ରଚାରିତ ଲିପିବଦ୍ଧ ଅଦେଶ—Circular.

ସର୍କୁଲ(ଲା)ର୍ ରୋଡ୍—ଦେ. ବ (ନାମ)—କଲିକତାର ଗୋଟିଏ Sarkula(lā)r road ରାସ୍ତାର ନାମ—Circular Road; ସରକ୍ୟୁଲାର ରୋଡ name of a road of Calcutta. **सरकुलर रोड** [ବି—ଏହା ଦୁଇ ଭାଗରେ ବିଭକ୍ତ—ଅପର ସର୍କୁଲର ରୋଡ୍ ଓ ଲୋଅର୍ ସର୍କୁଲର୍ ରୋଡ୍ । ଇଂରେଜୀରେ 'ସର୍କୁଲର' (Circular) ବିଶେଷଣ ପଦର ଅର୍ଥ ବୃତ୍ତାକାର । ଉକ୍ତ ରାସ୍ତାର ଅକୃତି ଗୋଲ ଥିବାରୁ ତହିଁର ଏପରି ନାମକରଣ ହୋଇଅଛି ।]

ସର୍ଗ—ସଂ· ବ (ସୃଜ୍ ଧାତୁ—ତ୍ୟାଗ କରିବା; ନିର୍ମାଣ କରିବା + ଭାବ, Sarga ଅ)—୧ । ସୃଷ୍ଟି (ଅମର)—1· Creation. ୨ । (+କର୍ମଣ ଅ) ବିଶ୍ୱ; ବ୍ରହ୍ମାଣ୍ଡ—2. The universe. ୩ । (+କର୍ତ୍ତୃ ଅ) ସ୍ୱଭାବ; ପ୍ରକୃତି (ଅମର)—3. Nature. ୪ । (+କରଣ ଅ) ନିୟମ—4. Rule

୫ । ତ୍ୟାଗ—5. Giving up. ୬ । ନିଶ୍ଚୟ; ନିଷ୍ପତ୍ତି [ଅମର]—6. Certainty. ୭ । ମୋକ୍ଷ [ଅମର]—7. Liberation. ୮ । ମହାକାବ୍ୟର ଅଧ୍ୟାୟ [ଅମର]—8. Canto of a lyrical poem. ୯ । ଗ୍ରନ୍ଥର ପରିଚ୍ଛେଦ—9. Chapter of a book. ୧୦ । (ସୃଜ+ଅ) ଜନ୍ମ; ଉତ୍ପତ୍ତି—10. Birth. [ଉ—ସର୍ଗ, ବିସର୍ଗ, ଯେଉଁ ସ୍ଥାନ । ପୋଷଣ ଭୂତ ପରମାଣ ‖ × × × ଅଶ୍ରୟ ତିନି ଦଶଗୁଣ । ଏ ଭାଗବତର ଲକ୍ଷଣ—ଜଗନ୍ନାଥ. ଭାଗବତ ।] ୧୧ । ମୋହ [ମେଦିନୀ]—11. Delusion; infatuation; fainting. ୧୨ । ପ୍ରଯତ୍ନ; ଚେଷ୍ଟା—12. Attempt. ୧୩ । ଉତ୍ସାହ [ମେଦିନୀ]—13. Effort; energy. ୧୪ । ଅନୁମତି [ହେମଚନ୍ଦ୍ର]—14. Permission. ୧୫ । ଚୁକ୍ତି; ମତ—15. Consent; contract. ୧୬ । ମଳ ତ୍ୟାଗ—16. Evacuation of the bowels. ୧୭ । ପୁରାଣର ଦଶ ଲକ୍ଷଣ ମଧ୍ୟରୁ ଏକତମ—17. One of the ten peculiarities of a Purāṇa. [ଉ—ବସ୍ତୁ କର୍ତ୍ତୃଣ କରିବାର, କି ସୃଷ୍ଟେ ଗୁଣ ସେ ମାୟାର, ତହିଁ ମହତ ଅହଂକାର, ପଞ୍ଚ ମହାଭୂତ ସଞ୍ଚାର । ସହିତ ତନମାତ୍ର ପଞ୍ଚ, ଇନ୍ଦ୍ରିୟ ଏକାଦଶ ସଞ୍ଚ । ଏମାନଙ୍କର ଉତ୍ପତ୍ତି, ଏ ସର୍ବେ ସର୍ଗ ଯେ ବୋଲନ୍ତି । ଜଗନ୍ନାଥ· ଭାଗବତ ।] ୧୯ । (+କର୍ତ୍ତୃ· ଅ)—ଶିବଙ୍କର ଏକ ନାମ (ହ· ଶ)—19. A name of Śiba. ଗ୍ରା· ବି (ସ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven. [ଉ—ଅନନ୍ତ ଅଂଶୁ ଏ ବ୍ରହ୍ମାଣ୍ଡ, ସର୍ଗ ପାତାଳ ପଞ୍ଚ ଖଣ୍ଡ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।] ୨ । ଆକାଶ—2. Sky; ether. ପ୍ରାଦେ. (ସମ୍ବଲପୁର) ବି—ଛୋଟ ଶାଳ ଗଛ; ଗଜା ଶାଳ ଗଛ—Young Sāla tree.

ସର୍ଗ ସରଗ

ସର୍ଗ ବଦ୍ଧ—ବି. ଣ (ତୃତ୍ୟା ତତ୍; ସର୍ଗ ଦ୍ୱାରା ବଦ୍ଧ)—ଯାହା ଭିନ୍ନ ସର୍ଗ Sarga baddha ବା ଅଧ୍ୟାୟରେ ବିଭକ୍ତ (ଗ୍ରନ୍ଥ)—Divided into cantos; arranged in chapters.

ସର୍ଗ ବନ୍ଧ—ବି. ବି (ବହୁବ୍ରୀହି)—୧ । ଅଧ୍ୟାୟ ବିଶିଷ୍ଟ ଗ୍ରନ୍ଥ—Sarga bandha 1. A book arranged into cantos. ୨ । ମହାକାବ୍ୟ—2. An epic.

ସର୍ଗମ୍—ଦେ. ବି ('ସାରିଗାମା'ର ଚଳିତ ଉଚ୍ଚାରଣ)—ସାରିଗାମା(ଦେଖ) Sargam Sārigāmā (See)

ସର୍ଗୀ—ପ୍ରାଦେ. (ସିଂହଭୂମ, ସମ୍ବଲପୁର, ବସ୍ତର, ଗଡ଼ଜାତ)—ଶାଳ Sargī (ଗଛ)—Sāla (tree).
[ଦ୍ର—ଏହି ଶବ୍ଦରୁ ସର୍ଗୀପାଲି ଗ୍ରାମର ନାମ ହୋଇଅଛି ।]

ସର୍ଚ୍(ର୍ଚ୍)—ବୈଦେ· ବି (ଇଂ· ସର୍ଚ୍)—୧ । ଅନ୍ୱେଷଣ—Sarch(rchch) 1. Search. ୨ । ହଜିଥିବା ବା ଚୋରି ଯାଇଥିବା କୌଣସି ଦ୍ରବ୍ୟ ପାଇଁ କୌଣସି ସ୍ଥାନରେ ଅନ୍ୱେଷଣ—2. Search after a lost or stolen thing. ୩ । (ଜଳନ୍ଧ) ଶାନ୍ତିରକ୍ଷୀ; ଅପରାଧ ଘଟିତ ଦ୍ରବ୍ୟ ଖୋଜିବା ନିମନ୍ତେ ପୋଲିସ କର୍ମଚାରୀଙ୍କର ସନ୍ଦେହୀ ବ୍ୟକ୍ତିମାନଙ୍କର ଘର ଖୋଜିବା କ୍ରିୟା—3. Search by the police for any article connected with some offence. ୪ । (ଜଳନ୍ଧ) ଅପରାଧୀ ବ୍ୟକ୍ତିର ବା ସନ୍ଦେହୀ ବା କାରାଦଣ୍ଡପ୍ରାପ୍ତ ବ୍ୟକ୍ତିର ଶରୀରର ଓ ଲୁଗାପଟା ଆଦି ଦ୍ରବ୍ୟାଦି ମଧ୍ୟରେ ଅନ୍ୱେଷଣ; ତଲାସୀ—4. Search of the body and clothes of an accused or a suspect or a convict.

ମାର୍ଚ୍ଚ ଜାଁଚ

ସର୍ଚ୍ ଉଆରଣ୍ଟ(ୱାରଣ୍ଟ)—ବୈଦେ·ବି (ଜଳନ୍ଧ) (ଇ. ସର୍ଚ୍ ୱାରଣ୍ଟ) Sarch uārant(wārant) —କୌଣସି ସ୍ଥାନ ଖୋଜିବା ପାଇଁ ସାର୍ଚ୍ଚ ଓ୍ୱାରଣ୍ଟ ପୁଲିସ କର୍ମଚାରୀଙ୍କ ପ୍ରତି ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରିତ ହୁକୁମ ସର୍ଚ୍ଚ ବାରଂଟ ନାମା—Search warrant.

ସର୍ଚ୍ ଉଇଟନେସ୍(ୱିଟ୍‌ନେସ୍)—ବୈଦେ. ବି (ଜଳନ୍ଧ) (ଇଂ. ସର୍ଚ୍ Sarch uitnes(witnes) ୱିଟ୍‌ନେସ୍)—ଖାନତଲାସି ସମୟରେ ସାର୍ଚ୍ଚ ଉଇଟନେସ୍ ଉପସ୍ଥିତ ସାକ୍ଷୀ—Search witness. ସର୍ଚ ଉଟ୍ନେସ

ସର୍ଚ୍ ଲାଇଟ୍—ବୈଦେ·ବି (ଇଂ. ସର୍ଚ୍ ଲାଇଟ୍)—ଅନ୍ଧକାରରେ ଦୂରବର୍ତ୍ତୀ Sarch lāit ବସ୍ତୁ ବା ଶତ୍ରୁ ପକ୍ଷର ଲୋକମାନଙ୍କୁ ଦେଖିବା ଓ ସାର୍ଚ୍ଚ ଲାଇଟ୍ ଖୋଜିବା ନିମନ୍ତେ ବ୍ୟବହୃତ ଉଜ୍ଜ୍ୱଳ ବୈଦ୍ୟୁତିକ ସର୍ଚ ଲାଇଟ ଆଲୋକ—Searchlight.

ସର୍ଚିଙ୍ଗ୍ ଫିସ୍—ବୈଦେ·ବି (ଜଳନ୍ଧ) (ଇଂ. ସର୍ଚିଙ୍ଗ୍ ଫିସ୍)—ସରକାରୀ Sarching phis ମହାଫିଜଖାନାରୁ କୌଣସି ଦଲିଲର ନକଲ ସାର୍ଚ୍ଚିଙ୍ଗ୍ ଫିସ୍ ପ୍ରାର୍ଥନା କରିଥିବା ବ୍ୟକ୍ତି ଉକ୍ତ ଦଲିଲ ଖୋଜିବାର ସର୍ଚିଂଗ ଫୀସ ଖରଚ ନିମନ୍ତେ ଯେଉଁ ଫିସ ଦାଖଲ କରେ—Searching fees (deposited for a document of which a persons wants a copy (ସର୍ଚିଙ୍ଗ୍ ଫୀ—ଅନ୍ୟରୂପ) from a record-room).

ସର୍ଜ୍ (ଧାତୁ)—ସ—ଅର୍ଜନ କରିବା (ଭବ ଦେଲୁଦ୍ଭୂମ)—Sarj (root) To ear .

ସର୍ଜ୍—ବୈଦେ· ବି (ଇଂ. ସର୍ଜ୍)—ଏକ ପ୍ରକାର ପଶମି ଲୁଗା—Sarj Serge (cloth). ସାର୍ଜ ·सारज, सर्ज

ସର୍ଜ୍ଜ(ର୍ଜ୍ଜ)—ସ. ବି (ସୃଜ୍ ଧାତୁ+କର୍ତ୍ତୃ. ଅ)—୧ । ଅଜକର୍ଣ୍ଣ ବା ଶାଳ Sarja (rjja) ଗଛ—1. Shorea Robusta; Sal tree. (ସର୍ଜ—ଅନ୍ୟରୂପ) ୨ । ଶାଳ ରସ; ଝୁଣା—2. Resin. ୩ । ବଣିକ (ମେଦିନୀ)—3. Merchant. ୪ । ଅସନ ବୃକ୍ଷ (ହ· ଶ)—4. Buchanonia Latifolia tree ୫ । ଶଲ୍ଲକୀ ବୃକ୍ଷ (ହ. ଶ)—5. A kind of wild tree exuding resin.

ସର୍ଜ୍ଜ(ର୍ଜ୍ଜ)କ—ସ. ବି (ସର୍ଜ୍ଜ+ସ୍ୱାର୍ଥେ କ)—୧ । ପୀତଶାଳ; ପିଅଶାଳ Sarja(rjja)ka (ଅମର)—1.The Indian Kino tree.

୨ । ଶାଳ ଗଛ (ଜନ୍ତାଧର)—2. Shorea Robusta (tree). ୩ । ସର୍ଜ ରସ; ଝୁଣା—3. Yellow resin. ୪ । ଅସନ ଗଛ—4. The Asana tree; Buchonania Latifolia (tree).

ସର୍ଜ ଖାର—ଦେ. ବ—ସାଚି ଖାର (ଦେଖ)
Sarja khāra Sāchi khāra (See)

ସର୍ଜ ଗନ୍ଧା—ସ. ବ—ରାସ୍ନା (ରତ୍ନମାଳା)—A herb; Vanda
Sarja gandhā Roxburghii.

ସର୍ଜ(ର୍ଜେ)ଣ୍ଟ—ବୈଦେ. ବ (ଇଂ. ସର୍ଜେଣ୍ଟ) —୧ । ୟୁରୋପୀୟ
Sarja(rje)ṇṭ କନଷ୍ଟେବଲ—1. Sergeant; a Europe-
সার্জেন্ট an constable. ୨ । ବିଲାତର ପ୍ରଥମ ଶ୍ରେଣୀର
सर्जेंट, सर्जेंट ଅଇନ ବ୍ୟବସାୟୀ—2. Surgeant-at-law (in Britain).

ସର୍ଜ(ର୍ଜେ)ଣ୍ଟ ମେଜର—ବୈଦେ. ବ—ୟୁରୋପୀୟ ହେଡ କନଷ୍ଟବଲ—
Sarja(rje)ṇṭ mejar Surgeant major.
সার্জেন্ট মেজর সর্জেন্ট মেজর

ସର୍ଜ(ର୍ଜ୍ଜ) ତରୁ—ସ. ବ—ସର୍ଜକ ୧, ୨, ୪ (ଦେଖ)
Sarja(rjja) taru Sarjaka 1, 2, 4 (See)

ସର୍ଜନ୍—ବୈଦେ. ବ (ଇଂ. ସର୍ଜନ୍)—୧ । ଅସ୍ତ୍ର ଚିକିତ୍ସକ—
Sargan 1. A surgeon. ୨। (ଇଂ. ସର୍ଜେଣ୍ଟ) ସର୍ଜେଣ୍ଟ(ଦେଖ)
সার্জন্ सार्जन 2. Sarjāṇṭ (See)

ସର୍ଜନ୍ ମେଜର୍—ବୈଦେ. ବ (ଇଂ. ସର୍ଜନ୍ ମେଜର)—ସୈନିକ
Sarjan mejar ବିଭାଗରେ କର୍ମ୍ମକ୍ତ ଡାକ୍ତରଙ୍କ ଉପାଧି ବିଶେଷ—
সার্জন মেজর Surgeon Major.
सर्जन मेजर

ସର୍ଜନ୍ ଜେନେର(ରା, ରେ)ଲ୍—ବୈଦେ. ବ (ଇଂ. ସର୍ଜନ୍
Sarjan jenera(rā,re)l ଜେନେରାଲ୍)—ପ୍ରାଦେଶିକ ଚିକିତ୍ସା
সার্জন জেনেরল ବିଭାଗର ଉଚ୍ଚ କର୍ମଚାରୀ—Provincial
सर्जन जेनरल Head of the Medical Department; Surgeon General. [ଦ୍ର—କେବଳ ମାନ୍ଦ୍ରାଜ, କଲିକତା ଓ ବମ୍ବେର ଚିକିତ୍ସାବିଭାଗର ଉଚ୍ଚ କର୍ମଚାରୀମାନଙ୍କୁ ଏହି ପଦବୀ ଦିଆଯାଏ । ଅନ୍ୟ ପ୍ରାଦେଶିକ ଉଚ୍ଚ କର୍ମଚାରୀଙ୍କୁ "ଇନ୍‌ସ୍‌ପେକ୍ଟର ଜେନେରାଲ୍" (Inspector-General of civil Hospitals) କହନ୍ତି ।]

ସର୍ଜ(ର୍ଜ୍ଜ)ନ—ସ. ବ (ସୃଜ୍ ଧାତୁ+ଭାବ. ଅନ)—୧ । ସୃଷ୍ଟିକର୍ମ—
Sarja(rjja)na 1. Creation. ୨ । ତ୍ୟାଗ; ବିସର୍ଜନ—2. Giving up; abandonment. ୩ । (+କର୍ମ. ଅନ) ସୈନ୍ୟର ପଶ୍ଚାଦ୍‌ଭାଗ—3. The rearguard of an army. ୪ । (+ଭାବ. ଅନ) ଫିଙ୍ଗିବା—4. Throwing out; emitting. ୫ । (+କର୍ମ. ଅନ) ସୃଷ୍ଟ ବସ୍ତୁସମୂହ—5. The creation. ୬ । ଶାଳ କର୍ଯ୍ୟାସ (ହ. ଶ)—6. Resin.

ସର୍ଜ(ର୍ଜ୍ଜ)ନା—ସଂ. ବ (ସର୍ଜନ+ଆ)—ସୃଷ୍ଟି—Creation. ଦେ.
Sarja(rjja)nā ବ (ଉଚ୍ଚାରଣ)—ମିଥ୍ୟା ପ୍ରମାଣ ବା ମକଦ୍ଦମା
সজ্জন ଗଢ଼ିବା; ରଚନା—Fabrication of false evi-
गढ़न्त dence or false case. ଦେ. ବଣ (ଉଚ୍ଚାରଣ)—ରଚା, ସାଜାନ ମିଥ୍ୟା ବା ଗଢ଼ା (ମକଦ୍ଦମା)—Got up or
गढ़ाहुआ fabricated (case).

ସର୍ଜନା କରିବା—ଦେ. କି (ସୃଜ୍ ଧାତୁ)—୧ । ସୃଷ୍ଟି କରିବା;
Sarjanā karibā ଗଢ଼ିବା—1. To create. ୨ । (ଉଚ୍ଚାରଣ)
সাজান ମିଥ୍ୟା ମକଦ୍ଦମା ବା ପ୍ରମାଣ ଗଢ଼ିବା—2. To fabri-
गढ़ना cate a case or evidence.

ସର୍ଜନାମୂଳକ—ଦେ. ବଣ (ଉଚ୍ଚାରଣ)—୧ । ଗଢ଼ା ହୋଇଥିବା
Sarnāmūlaka (ମକଦ୍ଦମ)—1. Fabricated; got up
সাজান (case). ୨ । ମିଥ୍ୟା ବା ଗଢ଼ା ପ୍ରମାଣ ଉପରେ ପ୍ରତିଷ୍ଠିତ
गढ़ाहुआ (ମକଦ୍ଦମା)—2. (case) Based on fabricated or false evidence.

ସର୍ଜ ନର୍ଯ୍ୟାସ—ସଂ. ବ—୧ । ସର୍ଜରସ (ଦେଖ)—1. Sarja
Sarja nirjyāsa rasa. (See)
[ସର୍ଜ କର୍ଯ୍ୟାସକ—ଅନ୍ୟରୂପ]

ସର୍ଜନୀ—ସଂ. ବ (ସୃଜ୍ ଧାତୁ+କରଣ. ଅନ+ଈ)—ଗୁହ୍ୟଦ୍ୱାରର
Sarjanī ବଳିମାନଙ୍କ ମଧ୍ୟରୁ ଏକ (ଯେଉଁଥିରେ ମଳ ଓ ଅପାନ ବାୟୁ ଅଦ ବାହାରେ ହୁଏ—ହ. ଶ)—One of the sprials inside the anus.

ସର୍ଜ(ର୍ଜ୍ଜ)ନୀୟ—ସଂ. ବଣ (ସୃଜ୍ ଧାତୁ+କର୍ମ. ଅନୀୟ)—ଯାହା ସୃଷ୍ଟି
Sarja(rjja)nīya କରିହୋଇ ପାରେ—Capable of being created

ସର୍ଜମଣି—ସଂ. ବ—୧ । ଧୂନକ; ସର୍ଜରସ; ଝୁଣା (ବିକାଣ୍ଡ ଶେଷ)—
Sarjamaṇi 1. Resin. ୨ । ମୋଚରସ; ଶିମିଳିଗଛର ଅଠା (ହ. ଶ)—2. The resin of silk-cotton tree.

ସର୍ଜମିନ(ନି) (ଇତ୍ୟାଦ)—ବୈଦେ. ବ (ଫା. ସରେଜମିନ)—ସର-
Sarjamin(ni) (etc) ଜମିନ ଇତ୍ୟାଦ (ଦେଖ)—Sarajamin etc (See).

ସର୍ଜ(ର୍ଜ୍ଜ) ରସ—ସଂ. ବ—ଶାଳଗଛର ରସ; ଝୁଣା—Yellow
Sarja(rjja) resa rasin; Memosa Rubicaulis.
धूना [ଦ୍ର—ଏଥିଦ୍ୱାରା ଧୂପ ଦିଆଯାଏ ଓ ଏଥିରେ ବାର୍ଣ୍ଣିସ ତିଆର
राल ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ଗୁରୁ, ତିକ୍ତ

ଅନ୍ୟ ସଂସ୍କୃତ ନାମ—ଅଗୁରୁ, ରାଳ,	କଷାୟରସ ଓ ଧାରକ ।
ଶାଳନିର୍ଯ୍ୟାସ, ସର୍ଜ୍ଜ୍ୟ, ବହୁରୂପ,	ଏହା ବାତାଦ ଦୋଷହର,
ଦେବଧୂପ, ଶାଳସାର, ଯକ୍ଷଧୂପ,	ରକ୍ତଦୁଷ୍ଟି, ସ୍ୱେଦ, ବିସର୍ପ,
କଣ୍ଠିକଳ୍ପକ, ସର୍ଜମଣି, ଶାଳବେଷ୍ଟ,	ଜ୍ୱର, ବ୍ରଣ, ବିପାଦିକା,
ଧୂନକ, ସର୍ଜନର୍ଯ୍ୟାସ ।	ଗ୍ରହଦୋଷ, ଭଗ୍ନକ୍ଷେତ୍ର,
ଫା. ଇଲ୍‌ମଗ ରେଜ୍ଜା	ଅଗ୍ନିଦଗ୍ଧକ୍ଷତ, ଅଲକ୍ଷ୍ମୀ,
ଆ. ଢଢଦର, ତୈ ସର୍ଜରସମୁ ।	ଶୂଳ ଓ ଅତିସାର ନାଶକ ଅଟେ ।]

ସର୍ଜ୍ଜରି—ବୈଦେ. ବ (ଇଂ. ସର୍ଜରି)—ଅସ୍ତ୍ରଚିକିତ୍ସା—
Sarjari সার্জরি सर्जरी Surgery.

ସର୍ଜାମ୍—ବୈଦେ. ବ—ସରଞ୍ଜାମ୍ (ଦେଖ)
Sarjām Sarajām. (See)
ସର୍ଜି(ର୍ଜ୍ଜି,ର୍ଜୀ,ର୍ଜ୍ଜୀ)—ସଂ. ବ (ସୃଜ୍. ଧାତୁ+କର୍ମ. ଇ,ଈ)—ସର୍ଜିକ
Sarji(rjji,rjī,rjjī) (ଦେଖ)—Sarjika. (See)
ସର୍ଜି(ର୍ଜ୍ଜି)କ[କା]—ସଂ. ବ (ସୃଜ୍. ଧାତୁ+ଅକ;+ସ୍ତ୍ରୀ. ଆ)—
Sarji(rjji)ka[kā] ୧ । ସର୍ଜିକାକ୍ଷାର; ସାଜିକ୍ଷାର; ସାଜିମାଟି—1. Fuller's earth; netron; alkali; soda. ୨ । ନଦୀ ବିଶେଷ—2. Name of a river.
ସର୍ଜି(ର୍ଜ୍ଜି)କା କ୍ଷାର—ସଂ. ବ (ସର୍ଜିକା ନାମକ କ୍ଷାର)—୧ । ସାଜିକ୍ଷାର;
Sarji(rjji)kā kshāra ସାଜିମାଟି—1. Fuller's earth·
(ସର୍ଜ୍ଜିକ୍ଷାର—ଅନ୍ୟରୂପ) ୨ । ସୋରା—2. Nitre. [ଦ୍ର—ସଂ. ପର୍ଯ୍ୟାୟ—କାଚୋତ୍ଥ, ଏହା ବୈଦ୍ୟଶାସ୍ତ୍ରାନୁସାରେ କଟୁ, ସୁବର୍ଚ୍ଚିକ, ସୌବର୍ଚ୍ଚିକ, ଉଷ୍ଣ, ଜଠରାଗ୍ନିବର୍ଦ୍ଧକ, ବାୟୁନାଶକ, ଲୁଠକ, ସୃଜିକା କ୍ଷାର, ଗୁଳ୍ମ, ଶୂଳ, ଅଗ୍ନ, ଶ୍ଳେଷ୍ମ, ବାତ, ଶର୍ଜ୍ଜିକା, ସ୍ୱର୍ଜ୍ଜିକା, ସୁବ- ଗଳାମୟ, ପାଣ୍ଡୁ, ଅର୍ଶ, ଗ୍ରହଣୀ ଓ ବର୍ଚ୍ଚିକ, ସୁବର୍ଚ୍ଚିକ, ସୁବର୍ଚ୍ଚୀ, ପ୍ଲୀହାର ନାଶକ ଅଟେ ।] ସୁବର୍ଚ୍ଚୀ, ସର୍ଜିକ, ସୁଗୋଷ୍ଠିକ ।
ସର୍ଜିକା(କେ)ଲ୍—ବୈଦେ. ବଣ (ଇଂ. ସର୍ଜିକାଲ୍)—ଅସ୍ତ୍ର ଚିକିତ୍ସା
Sarjikā(kel) ସମ୍ବନ୍ଧୀୟ—Surgical. [ଦ୍ର—ଡାକ୍ତର- ସାର୍ଜିକାଲ ଖାନାର ଯେଉଁ ବିଭାଗରେ ଅସ୍ତ୍ର ଚିକିତ୍ସା ସମ୍ବନ୍ଧୀୟ ସର୍ଜୀକାଲ କାର୍ଯ୍ୟମାନ କରାଯାଏ, ତାକୁ ସର୍ଜିକାଲ୍ ୱାର୍ଡ଼ (Surgical ward) ବୋଲାଯାଏ ।]
ସର୍ଜିବା—ଦେ. କି (ପଦ୍ୟ) (ସଂ. ସୃଜ୍ ଧାତୁ)—୧ । ସର୍ଜନ କରିବା;
Sarjibā ସୃଷ୍ଟି କରିବା—1. To create. [ଦ୍ର—ସାର ସର୍ଜା ସର୍ଜନା ତାକୁ ସର୍ଜିଲ ଅଛି ଠାଣ ।] ୨ । ଘଟାଇବା—
[ସର୍ଜାଇବା—ଣିଜନ୍ତରୂପ] 2. To cause. [ଦ୍ର—ଯମଦଗ୍ନି ସୁତ ପର୍ଶୁରାମ ଥିଲେ । କାର୍ତ୍ତବୀର୍ଯ୍ୟଙ୍କର ବଧକୁ ସର୍ଜିଲେ— କୃଷ୍ଣସିଂହ. ମହାଭାରତ, ଅଦ ।]
ସର୍ଜିଲି—ଦେ. ବଣ – ସୃଷ୍ଟ—Created. [ଦ୍ର—ବ୍ରହ୍ମାର ସର୍ଜିଲି
Sarjilā ସଂସାର । ଅନ୍ୟ ଦେବଙ୍କୁ ଅଗୋଚର—ଜଗନ୍ନାଥ. ଭାଗବତ ।]
स्रष्ट सर्जित
ସର୍ଜୂ—ସଂ. ବ (ସର୍ଜ ଧାତୁ=ଉପାର୍ଜନ କରିବା+କର୍ତ୍ତୃ. ଉ)—
Sarjū ୧ । ବଣିକ୍—1. Merchant. ୨ । ବିଦ୍ୟୁତ୍ (ମେଦିନୀ)—2. Lightning. ୩ । (+କର୍ମ. ଉ) ହାର (ଶବ୍ଦରତ୍ନାବଳୀ)—3. Necklace. ୪ । ଅଭିସାର (ଶବ୍ଦରତ୍ନାବଳୀ)—4. A love-assignment; a secret meeting of lovers.
सर्ज ଦେ. ବ, ସ୍ତ୍ରୀ—ସରୋଜିନୀର ଡାକ ନାମ—
सर्जु Name for calling Sarojinī.
ସର୍ଜ୍ଜ୍ୟ—ସଂ. ବଣ (ସୃଜ୍ ଧାତୁ+କର୍ମ. ଯ)—ସର୍ଜ୍ଜନୀୟ—Capable
Sarjjya of being created. ସଂ. ବ (ବୈଦ୍ୟକ)— ସର୍ଜ୍ଜରସ; ଝୁଣା —Resin.

ସର୍ଟର୍—ବୈଦେ. ବ (ଇଂ ସର୍ଟର୍)—୧ । ଯେଉଁ ବ୍ୟକ୍ତି ପଦାର୍ଥମାନଙ୍କୁ
Sarṭar ଭିନ୍ନ ଭିନ୍ନ ପୁଞ୍ଜ କରି ବାଛେ—1. Sorter. ୨ ।
सर्टार सर्टर ଡାକଘରର କର୍ମଚାରୀବିଶେଷ, ଯେ ଡାକ ଚିଠିମାନଙ୍କୁ ଠିକଣା ମୁତାବକ ପୁଞ୍ଜ ପୁଞ୍ଜ କରେ— 2. A postal sorter.
ସର୍ଟିଙ୍ଗ—ବୈଦେ. ବ (ଇଂ ସର୍ଟିଙ୍ଗ)—୧ । ଚିଠି ଓ ଅନ୍ୟ ବସ୍ତୁମାନଙ୍କୁ
Sarṭing ଭିନ୍ନ ଭିନ୍ନ ଶ୍ରେଣୀ କରି ବାଛିବା—1. Sorting.
सर्टिं सर्टिंग ୨ । ଡାକ ବାକ୍ସରେ ପଡ଼ିଥିବା ଚିଠିମାନଙ୍କ
[ସର୍ଟିଂ—ଅନ୍ୟରୂପ] ଉପରେ ଲେଖା ଥିବା ଠିକଣା ଅନୁସାରେ ଚିଠିମାନଙ୍କୁ ଶ୍ରେଣୀବଦ୍ଧ କରି ବାଛିବା— 2. Sorting of postal letters.
ସର୍ଡି ପଡ଼ିବା—ଗ୍ରାଦେ [ସମ୍ବଲପୁର] କି—ଭୂମିରେ ପାଦ ଖସିବାରୁ
Sardi pardibā ପଡ଼ିଯିବା—To fall down by the feet sliding on the ground.
ସର୍ତ୍ତ(ର୍ତ୍ତ)—ବୈଦେ. ବ (ଫା. ସର୍ତ୍ତ)—ସର୍ତ୍ତ୍ୱା; ଦଲିଲର ବା ଚୁକ୍ତିର
Sart(rtt) ଭିନ୍ନ ଭିନ୍ନ ଅଙ୍ଗ ବା ନିୟମ—Conditions of a
मर्त सर्त contract or document. ଗ୍ରାଦେ. (ବାଲେଶ୍ୱର ସମୁଦ୍ର ଉପକୂଳ ଅଞ୍ଚଳ). ବ—ସମୁଦ୍ର- ଉପକୂଳସ୍ଥ କୂଅ, ଯହିଁରୁ ମଇଁଷିମାନଙ୍କ ପିଇବାପାଇଁ ପାଣି କଢ଼ାଯାଏ—Springs in the seacoast from which water is taken for buffaloes.
ସର୍ଦ(ର୍ଦ୍ଦ)—ବୈଦେ. ବ (ଫା. ସର୍ଦି)—କଫ; ଥଣ୍ଡା; ଶୀତଜନିତରୋଗ-
Sarda(rdda) Cold; catarrh. ବୈଦେ. ବଣ
सर्दि सर्दी (ଫା ସର୍ଦ)—୧ । ଢିଲା—1. Sluggish.
सर्द सर्द ୨ । ଥଣ୍ଡା; ଶୀତଳ—2. Cold. ୩ । ମାନ୍ଦା- 3. Slow.
ସର୍ଦ କ(ଧ)ରିବା—ଦେ. ବ—ଶୀତଜନିତ ରୋଗ ଧରିବା—
Sarda ka(dha)ribā Catching cold.
(ସର୍ଦ ଲାଗିବା, ସର୍ଦ ହେବା—ଅନ୍ୟରୂପ)
सर्दिक(धा)रा, सर्दि लागा, सर्दि हওয়া सर्दी करना, सर्दी होना
ସର୍ଦ ଗରମ—ବୈଦେ, ବଣ (ଫା)—ଥଣ୍ଡା ଓ ଗରମ—Cold and
Sarda garama hot. ଦେ. ବ—୧ । ଥଣ୍ଡାଜନିତ
सर्दिगरमि सरद्गरम ରୋଗ ଓ ଗରମଜନିତ ରୋଗ—
सर्दिगरमि सरदीगरमी 1. Disease due to cold and disease due to heat. ୨ । ଦେହରେ ଅତ୍ୟନ୍ତ ଥଣ୍ଡା ଲାଗିବାପରେ ହଠାତ୍ ଗରମ ଲାଗିଲେ କିମ୍ବା ଗରମ ଲାଗିବା ପରେ ହଠାତ୍ ଥଣ୍ଡା ଲାଗିଲେ ଯେଉଁ ଉତ୍କଟ ମାରାତ୍ମକ ରୋଗ ଜନ୍ମେ— 2. Apoplexy due to sudden change from heat to cold or vice versa; coup de soleil; sunstroke.
ସର୍ଦ ପଡ଼ିବା—ଦେ. କ୍ରି—୧ । ଢିଲେଇ ହେବା—1. To become
Sarda pardibā slack. ୨ । ସ୍ଫୂର୍ତ୍ତି ହରାଇବା।
(ସର୍ଦପଡ଼ିଯିବା—ଅନ୍ୟରୂପ) 2. To lose vigour

ସର୍ଦି ପଡ଼େଯାଓୟା　सर्द होना　or zeal; to become sluggish. ୩ । ବେଗ କମାଇବା—3. To slacken one's speed. [ଉ—ଗଞ୍ଜଲ ବ୍ୟକ୍ତି ସ୍ଥିର ହେଲେ ବା ଫୁର୍ତ୍ତି କରୁଥିବା ବ୍ୟକ୍ତି ଫୁର୍ତ୍ତି କମାଇଲେ କହନ୍ତି, 'ସେ ସର୍ଦ୍ଦ ପଡ଼ିଗଲା ।']

ସର୍ଦ୍ଦମିଜା(ଞ୍ଜା)ଜ(ସ୍)—ବୈଦେ· ବି (ଫା; ସର୍ଦ୍ଦ+ମିଜାଜ୍)—Sarda mijā(ñjā)j(s)　ସର୍দিমেজাজ　सर्दमिजाज　୧ । ଉତ୍ସାହଶୂନ୍ୟ ପ୍ରକୃତି—1. Unenergetic nature. ୨ ।ଥଣ୍ଡା ପ୍ରକୃତି—2. Cool temper.
ସର୍ଦ୍ଦମିଜା(ଞ୍ଜା)ଜି(ସି)ଅ } —ବିଣରୂପ
ସର୍ଦ୍ଦମିଜା(ଞ୍ଜା)ଜୀ(ସୀ) }

ସର୍ଦ୍ଦା—ବୈଦେ. ବି (ଫା)—କାବୁଲରେ ମିଳୁଥିବା ଏକ ପ୍ରକାର ଲମ୍ବା ତରଭୁଜ—A kind of long water melon of Kabul.
Sardā　সর্দা　सर्दा

ସର୍ଦ୍ଦାମ୍(ଇତ୍ୟାଦି)—ବୈଦେ. ବି—ସରଜାମ (ଦେଖ)—Sardām(etc)　Sarajāma (See)

ସର୍ଦ୍ଦା(ର୍ଦ୍ଦା)ର—ବୈଦେ. ବି. ପୁଂ (ଫା)—୧ । ବହୁବ୍ୟକ୍ତି ବା ଦଳ ମଧ୍ୟରେ ପ୍ରଧାନ ବ୍ୟକ୍ତି; ଅଧିପତି ବା ମୁଖ୍ୟବ୍ୟକ୍ତି—1. The headman of a group of persons. ୨ । ଦଳପତି; ଦଳର ନେତା—The leader of a group. [ଉ—ସଙ୍ଗ ହୋଇ ସ୍ବରୂ ସର୍ଦ୍ଦାର ଅବା ଅଛେ ।—କବିସୂର୍ଯ୍ୟ. କଶୋଗ୍ର ଚମ୍ପୂ ସ. ଗୀତ] ୩ । ଜାତିର ମୁଖ୍ୟ ବ୍ୟକ୍ତି—3. The headman of a caste. ୪ । ଗ୍ରାମର ମଣ୍ଡଳ—4. The headman of a village. ୫ । କୁଲିମାନଙ୍କର ନାୟକ—5. The headman of a gang of a coolies or labourers. ୬ । ଚାକରମାନଙ୍କ ମଧ୍ୟରେ ପ୍ରଧାନ ଚାକର—6. The headman or chief amongst the servants; butler; steword. ୭ । ଭାରତର ଉତ୍ତର-ପଶ୍ଚିମ ସୀମାନ୍ତସ୍ଥ ଉଚ୍ଚ ଉଚ୍ଚ ଜାତୀୟ ମୁସଲମାନ୍ ଅଧିବାସୀମାନଙ୍କର ସାମନ୍ତ ରାଜା—7. A Chief of the Mahammedans of the N. W. Frontier of india. ୮ । ଜମାଦାର; ଚଉକିଦାରଙ୍କ ମଧ୍ୟରେ ପ୍ରଧାନ ଚଉକିଦାର—8. The head of the watchmen. ୯ । ମିଶର ଦେଶରେ ସଇନ୍ୟମାନଙ୍କ ସେନାପତିଙ୍କ ଉପାଧି ବିଶେଷ—9. A title of Generals in Egypt. [ଉ—ଏହି ଉପାଧି ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଦ୍ବାରା ସ୍ବୀକୃତ ହୋଇଅଛି ଏବଂ ମିଶର ଦେଶର ଶ୍ବେତାଙ୍ଗ ସେନାପତିମାନଙ୍କୁ ମଧ୍ୟ ଏ ଉପାଧି ଦିଆଯାଏ । ଏହି ଶବ୍ଦ ଇଂରାଜୀରେ ଠିକ୍ ଏହି ଆକାରରେ (Sirdar) ବ୍ୟବହୃତ ହୁଏ ।] ୧୦ । ଦେଶାନ୍ତରକୁ କୁଲି ସଂଗ୍ରହକାରୀ—10. A recruiter of indentured labour. ପ୍ରାଦେ [ତାଳଚେର]—ବି—ତାଳଚେର ଅଧୀନ ଜମିଦାରଙ୍କ ଉପାଧି ବିଶେଷ—A title of Zamindars in the Talcher State.
Sardā(rddā)ra　[ସର୍ଦ୍ଦା(ର୍ଦ୍ଦା)ରଆଣୀ—ସ୍ତ୍ରୀ]　[ବିରାଦର—ଅପେକ୍ଷିକ ବିଶେଷତ]　সর্দার　सरदार

ସର୍ଦ୍ଦାର ଚାକର—ଦେ. ବି—କୌଣସି ପ୍ରଭୁଙ୍କ ଅଧୀନ ଭୃତ୍ୟମାନଙ୍କ ଉପରସ୍ଥ ଭୃତ୍ୟ—The head servant of an establishment.
Sardāra chākara　সর্দার চাকর　सरदार नौकर

ସର୍ଦ୍ଦାର ବାହାଦ(ଦୁ)ର—ବୈଦେ· ବି (ଫା)—ମିଶର ଓ ଭାରତର ଉତ୍ତର-ପଶ୍ଚିମ ସୀମାନ୍ତର ବଶିଷ୍ଟ ବ୍ୟକ୍ତିଙ୍କୁ ସରକାରଙ୍କ ଦ୍ବାରା ପ୍ରଦତ୍ତ ଉପାଧି-ବିଶେଷ—A honorary title given to eminent persons in Egypt and N. W. Frontier of India.
Sardāra bāhāda(du)ra　সর্দার বাহাদুর　सरदार बाहादुर

ସର୍ଦ୍ଦାର ବିରାଦର—ବୈଦେ. ବି (ବିଶେଷାର୍ଥ ସନ୍ଧତର) (ଫା)—୧ । ଦଳର ନେତା ଓ ଦଳର ଅନ୍ୟ ସମସ୍ତ ଅଧସ୍ତନ ବ୍ୟକ୍ତିଗଣ—1. The leader of a tribe and the members forming a brotherhood. ୨ । ଦଳର ସମସ୍ତେ—2. All the men of a band including the leader and the followers.
Sardāra birādara　সর্দার বেরাদর　सरदार बिरादर

ସର୍ଦ୍ଦାର ମେଲିଆ—ଦେ. ବି—ମେଳିଅ ବା ବିଦ୍ରୋହୀମାନଙ୍କର ନେତା—The leader of combined plotters; the leader of a plot; ring-leader.
Sardāra meliā　মেলি সর্দার　सरदार मेलिया

ସର୍ଦ୍ଦା(ର୍ଦ୍ଦା)ରି—ବୈଦେ· ବିଣ (ଫା)—ସର୍ଦ୍ଦାର ସଂବନ୍ଧୀୟ—Relating to a Sirdar.
Sardā(rddā)ri
(ସର୍ଦ୍ଦାରିଅ—ଅନ୍ୟ ବିଣ. ରୂପ) ବୈଦେ. ବି (ଫା)—୧ । ସର୍ଦ୍ଦାରର ପଦବୀ ବା କର୍ମ—1. The position or authority of a Sirdār. ୨ । ସର୍ଦ୍ଦାରର ପ୍ରାପ୍ୟ ବା ବେତନ—2. The remuneration or perquisites payalele to a Sirdar.
সর্দারিয়া　सरदारी　সর্দারি　सरदारी

ସର୍ଦ୍ଦା(ର୍ଦ୍ଦା)ରଆଣୀ—ଦେ. ବି. ସ୍ତ୍ରୀ (ଫା. ସର୍ଦ୍ଦାରିନ୍)—ନେତ୍ରୀ; ଦଳର ମୁଖ୍ୟ ସ୍ଥାନ ଅଧିକାରିଣୀ ସ୍ତ୍ରୀ—A female chief or leader. ୨ । ସର୍ଦ୍ଦାରଙ୍କ ସ୍ତ୍ରୀ—2.The wife of a Sirdar.
Sardā(rddā)riāṇī　সর্দারনী　सरदारनी

ସର୍ଦ୍ଦାରି ଲାଇସେନ୍(ନ,ନ୍ସ)—ଦେ· ବି—ଗ୍ରାମମାନଙ୍କରୁ କୁଲି ସଂଗ୍ରହ କରିବା ପାଇଁ କୌଣସି ବ୍ୟକ୍ତିକୁ ଦିଆଯିବା ଲାଇସେନ୍ସ୍—Sirdari license to recruit labourers from villages.
Sardāri lāisen[ni,ns]　সর্দারি লাইসেন　सरदारी लाईसेनस

ସର୍ଦ୍ଦି( )(ଇତ୍ୟାଦି)—ବୈଦେ. ବି (ଫା)—ସର୍ଦ୍ଦ ଇତ୍ୟାଦି (ଦେଖ)
Sardi[rddi] (etc)　Sarda etc [See]

ସର୍ଦ୍ଦି(ର୍ଦ୍ଦି)ଆ—ଦେ. ବିଣ—୧ । ସର୍ଦ୍ଦସମ୍ବନ୍ଧୀୟ—1. Relating to cold. ୨ । ଶ୍ଳେଷ୍ମା—2. Sluggish. ୩ । (ପୁଂ) ଯେଉଁ ବ୍ୟକ୍ତି ସର୍ଦ୍ଦ ରୋଗ ଦ୍ବାରା
Sardi[rddi]ā　সর্দিয়া　सर्दिया　(ସର୍ଦ୍ଦେଇ—ସ୍ତ୍ରୀ)

ସବଦା ଥଣ୍ଡାଲଗୁ ହୁଏ—3. Habitually suffering from cold. ୪ । ସର୍ଦ୍ଦି ରୋଗର ଆକ୍ରମଣ ପାଇଁ ଅନୁକୂଳ(ଦେହ)—4. (constitution) Prone to catch cold.

ସର୍ଦ୍ଦି(ର୍ଦ୍ଦି)ଆ(ବା)ଳି—ଦେବେ. ବ—ସର୍ଦ୍ଦେଉଆଳି (ଦେଖ)
Sardi(rddi)ā(bā)li Sardeuāli. (See)

ସର୍ଦ୍ଦେ(ର୍ଦ୍ଦେ,ର୍ଧେ,ର୍ଦ୍ଧେ)ଈ—ଦେ. ବ. ସ୍ତ୍ରୀ—ଶ୍ରଦ୍ଧାର ଡାକ ନାମ—
Sarde(rdde, rdhe, rddhe)ī Name for calling 'sradhā'.

ସର୍ଦ୍ଦେ(ର୍ଦ୍ଦେ,ର୍ଦ୍ଦି,ର୍ଦ୍ଦି) ଉଆଲ୍(ଲି)-ବୈଦେ. ବ (ଫା. ଚହର ଦବାର୍)—ଚାରି ଘର
Sarde(rdde,rdi,rddi) uāl(li) [ସର୍ଦ୍ଦେ(ର୍ଦ୍ଦେ, ର୍ଦ୍ଦି, ର୍ଦ୍ଦି)ଆ(ଅ)ଲ୍(ଲ)—ଅନ୍ୟରୂପ] ପାଖରେ ଥିବା ଘେରିବା ପାଚେରି ବା କାନ୍ଥ—Compound wall.
ସରଦେଓୟାଲ ଚହାରଦିୱାରୀ[ଦୀ]

ସର୍ନଉ(ଓ)—ବୈଦେ, ବ (ଫା. ସରେନଉ)—ସରେନଉ (ଦେଖ)
Sarnau(o) Sarenau. (See)

ସର୍ପ—ସଂ. ବ (ସୃପ୍. ଧାତୁ=ଗତି କରିବା+କର୍ତ୍ତି. ଅ; ଯେ କୁଟିଳ
Sarpa ଗତି କରେ)—୧ । (ପୁଂ) ସାପ; ଭୁଜଙ୍ଗ—1. Serpent.
[ସର୍ପୀ, ସର୍ପିଣୀ—ସ୍ତ୍ରୀ] [ବି—ଶ୍ରାବଣ ମାସର ପଞ୍ଚମୀ ଦିନ ସର୍ପମାନଙ୍କୁ ହିନ୍ଦୁମାନେ ପୂଜା କରିବାର ବିଧି ଅଛି । ବିଶେଷତଃ ଶ୍ରାବଣ, ଭାଦ୍ର, ଓ ଆଶ୍ୱିନ ଶୁକ୍ଳ ପଞ୍ଚମୀ ଦିନ ସର୍ପପୂଜା କରାଯାଏ । କାର୍ତ୍ତିକ ଶୁକ୍ଳପକ୍ଷ ୪ର୍ଥୀ ଯୁକ୍ତ ଚତୁର୍ଥୀକୁ ନାଗ ଚତୁର୍ଥୀ (ନାଗଲ ଚଉଠି) ବା ନାଗଚତୁର୍ଥୀ ମଧ୍ୟ ବୋଲାଯାଏ । ସର୍ପ ନାନାପ୍ରକାରର । ତନ୍ମଧ୍ୟରେ ନାଗ ପ୍ରଧାନ । ଶାସ୍ତ୍ରରେ ନାଗ ଅଠ ଜାତୀୟ ଥିବାର ଉଲ୍ଲେଖ ଅଛି । ଯଥା—ଅନନ୍ତ, ବାସୁକି, ତକ୍ଷକ, କର୍କୋଟ, ପଦ୍ମ ବା ପଦ୍ମନାଭ, ମହାପଦ୍ମ, ଶଙ୍ଖ ବା ଶଙ୍ଖପାଳ ଓ କୁଳିକ । ସର୍ପମାନଙ୍କୁ ସାଧାରଣତଃ ବିଷଧର ଓ ନିର୍ବିଷ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ । ସାପମାନେ ସମସ୍ତେ ଅଣ୍ଡଜ । କେବଳ ବୋଡ଼ା ସାପ ମାଆ ପେଟରୁ ଛୁଆ ହୋଇ ଜନ୍ମେ ।]

ଅନ୍ୟ ସଂସ୍କୃତ ପ୍ରତିଶବ୍ଦ—ଅହି, ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, ଆଶୀବିଷ, ବିଷଧର, ଚକ୍ରୀ, ବ୍ୟାଳ, ବ୍ୟାଡ଼, ସରୀସୃପ, କୁଣ୍ଡଳୀ, ଗୂଢ଼ପାଦ, ଗୂଢ଼ପାତ୍, ଚକ୍ଷୁଶ୍ରବାଃ, କାକୋଦର, ଫଣାଧର, ଫଣଧର, ଫଣାବାନ୍, ଫଣବାନ୍, ଫଣାକର, ଫଣକର, ଫଣୀ, ବିଳେଶୟ, ବିଳଶୟ, ବିଳବାସୀ, ପୃଦାକୁ, ପନ୍ନଗ, ଭୋଗୀ, ଜିହ୍ମଗ, ପବନାଶନ, ଦଂଷ୍ଟ୍ରୀ, ହରି, ଦ୍ୱିଜିହ୍ୱ, ସମକୋଲ, ବିଳାଶୟ, ଗୋକର୍ଣ୍ଣ, ଉରଗ, ଉରଙ୍ଗ, ଉରଙ୍ଗମ, ପ୍ରଚଳାକୀ, ଦର୍ବୀକର, ଦର୍ବୀଭୃତ୍, ଦୀର୍ଘପୃଷ୍ଠ, ଦନ୍ଦଶୂକ, କୁଣ୍ଡଳିନ୍, ଦ୍ୱିରସନ, ଭେକଭୁକ୍, ଶ୍ୱସନୋତ୍ସୁକ, ଜଲରୁଣ୍ଡ, କଞ୍ଚୁକୀ, ଚକ୍ରୀ, ଭୂଜ ।

୨ । (+ଭାବ. ଅ) ଗମନ; ଗତି କରିବା—2. Going; moving. ୩ । (ବୈଦ୍ୟକ) ନାଗକେଶର (ରତ୍ନମାଳା)—3. Mesua Ferra tree. ୪ । (ଲକ୍ଷଣାର୍ଥ) କାଳସର୍ପ ପରି କ୍ରୂର ଓ ଅନିଷ୍ଟକାରୀ ବ୍ୟକ୍ତି—4. A very wicked and evil person. ୫ । ପ୍ରାଚୀନ ଭାରତର ଶ୍ମଶ୍ରୁଧାରୀ ମ୍ଳେଚ୍ଛ ଜାତିବିଶେଷ—5. Name of a non-Hindu bearded tribe of ancient India. [ବି—ପୂର୍ବେ ଏମାନେ କ୍ଷତ୍ରିୟ ଥିଲେ । ଏମାନଙ୍କୁ ସଗର ରାଜା ବେଦଯାଗାଦିରେ ଅଧିକାରୀ କରିଥିଲେ—ମହାଭାରତ, ହରିବଂଶ ୧୪୪ ଅଧ୍ୟାୟ ।] ୬ । ଏଗାର ରୁଦ୍ରମାନଙ୍କ ମଧ୍ୟରୁ ଏକ (ହେ· ଶ)—6. One of the eleven Rudra Deities. ୭ । (ଜ୍ୟୋତିଷ) ଏକପ୍ରକାର ମନ୍ଦ ଯୋଗ (ହେ· ଶ)—7. A kind of inauspicious astrological conjunctions.

ସର୍ପ କଙ୍କାଳିକା—ସଂ. ବ—ସାପ କଙ୍କାଳିଆ ଗୁଳ୍ମ; ଏକପ୍ରକାର ଗୁଳ୍ମ,
Sarpa kankālikā ସର୍ପାଖୀ ୧ (ଦେଖ) (ଖଉଡ଼ଜାତି)—(ସର୍ପକଙ୍କାଳୀ—ଅନ୍ୟରୂପ) Ophiorrhiza Mungos (plant). [ବି—ଏ ଗୁଳ୍ମ ଦାକ୍ଷିଣାତ୍ୟର ପର୍ବତ, ଆସାମ, ବ୍ରହ୍ମଦେଶ, ଲଙ୍କା ଆଦିରେ ବହୁ ପରିମାଣରେ ଜନ୍ମେ । ଏହାର ପତ୍ର ସମବର୍ତ୍ତୀ, ୨ ଠାରୁ ୫ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ଓ ୧ ବା ୧½ ଇଞ୍ଚ ଚଉଡ଼ା ଅଣ୍ଡାକାର ଓ ମୁନିଆ; ଡାଳ ଅଗରେ ଛୋଟ ଛୋଟ ଫଳ ଧରେ । ବୀଜ ଛୋଟ ଓ ତିନିକୋଣିଆ; ଏ ଗୁଳ୍ମ ଶଙ୍ଖ ଓ ଗଙ୍ଗା । କଥିତ ଅଛି ସର୍ପଦ୍ୱାରା ଦଂଶିତ ନକୁଳ ଏ ଗୁଳ୍ମକୁ ଖାଏ । ଏହାର ମୂଳ ସର୍ପବିଷହାରକ ବୋଲି ପ୍ରସିଦ୍ଧ । ଏଥିର ପାଚନ ପେଟ ବଥରେ ଉପକାରୀ—ହ· ଶ ।]

ସର୍ପ ଗତି—ସଂ. ବ (୬ଷ୍ଠୀ ତତ୍)—୧ । ସର୍ପର ଚାଲି ବା ଚଳନ—
Sarpa gati 1. Movement of the serpent. ୨ । କୁଟିଳ ଗତି—2. Tortuous movement.

ସର୍ପଗନ୍ଧା—ସଂ. ବ (ବୈଦ୍ୟକ)—୧ । ବୃକ୍ଷବିଶେଷ; ରାସ୍ନା—1. A
Sarpagandhā plant; Vanda Roxburghi. ୨ । ସର୍ପାକ୍ଷୀ (ଦେଖ) (ହ. ଶ)—2. Sarpākshi (See) ୩ । ନାଗଦମନୀ ଗୁଳ୍ମ (ହେ·ଶ) (ଦେଖ)—3. Indian worm wood.
୧ମ ଅର୍ଥର ପର୍ଯ୍ୟାୟ—ଛଶାଖା, ରସନା, ରସା, ପଲଙ୍କଷା, ରାସ୍ନା, ସୁଗନ୍ଧା, ନାକୁଲୀ, ସୁରସା, ଯୁକ୍ତରସା, ରସ୍ୟା, ସୁବହା, ଏଲାପର୍ଣ୍ଣୀ, ଶ୍ରେୟା ।

ସର୍ପ ଗୃହ (ଛିଦ୍ର, ଗର୍ତ୍ତ)—ସଂ. ବ (୬ଷ୍ଠୀ ତତ୍)—ସାପର ଗାତ—
Sarpa gruha (chhidra, gartta) The hole of a serpent.

ସର୍ପ ଘଟ—ସଂ. ବ—ସର୍ପ ମାଣ୍ଡ—Serpent-test of an accu-
Sarpa ghata sed's innocence in vogue in India formerly. [ଉ—ନର ଅଙ୍ଗୁଳ ଭୁମ୍ଭେ ସର୍ପ ଘଟ । ଭୁଞ୍ଜ ସବୁ କହୁଛି କପଟ—ଜଗନ୍ନାଥ ସଙ୍ଗୀତ ।]

ସର୍ପଘାତ—ସଂ. ବ (୬ଷ୍ଠୀ ତତ୍)—ସର୍ପଦଂଶନ; ସାପ କାମୁଡ଼ା—
Sarpaghāta Snake-bite.

ସର୍ପଘାତିନୀ—ସଂ. ବ—ସର୍ପକଙ୍କାଳୀ ଭେଦ—
Sarpa ghātinī A sort of plant.
(ଏଥିର ପର୍ଯ୍ୟାୟ—ସର୍ପଦନ୍ତା, ସର୍ପନାଶା, ସର୍ପମାଳା, ସର୍ପାଙ୍ଗୀ ।)

ସର୍ପଚ୍ଛତ୍ରକ—ସଂ. ବି (ବୈଦ୍ୟକ)—ଏକପ୍ରକାର ଛତୁ; ଭୁଇଁ ଛତୁ—
Sarpachhatraka A kind of mushroom. [ଦ୍ର—
সাপ ছাতা ঝেঙ্‌ ছাতা ଏହାକୁ ଲୋକମାନେ କଦ ଖାଆନ୍ତି; ଏହା
ମଧୁରରସ, ଶୀତଳ, ରୁକ୍ଷ, ବସ୍ତିମ୍ନୀ ଓ ମଳଭେଦକ ଅଟେ ।]

ସର୍ପଟ୍—ପ୍ରାଦେ. (ବସ୍ତୁର) ବି—ଘୋଡ଼ାର ଦଉଡ଼—Horse-race;
Sarpat the running of a horse.

ସର୍ପଣ—ସଂ. ବି (ସୃପ୍ ଧାତୁ+ଭାବ. ଅନ)—୧ । ଗତି; ଗମନ—
Sarpana 1. Going. ୨ । ଉତ୍‌ସୃଷ୍ଟ ଶରର ଭୂମି ଉପରେ
ଗମନ (ହି. ଶ)—2. Movement of a discharged arrow along the ground.

ସର୍ପତୃଣ—ସଂ. ବି—୧ । (ସର୍ପ ଅଟେ ତୃଣ, ଅର୍ଥାତ୍ ତୃଣବତ୍ ତୁଚ୍ଛ
Sarpa truna ଯାହା ପକ୍ଷରେ; ବହୁବ୍ରୀହି)—ନକୁଳ; ନେଉଳ
(ହେମଚନ୍ଦ୍ର)—1. Ichneumon. ୨ । ନକୁଳକନ୍ଦ
(ହି. ଶ)—2. A kind of medicinal root.

ସର୍ପଦଂଷ୍ଟ୍ର—ସଂ. ବି—୧ । ଦନ୍ତୀ ବୃକ୍ଷ (ଶବ୍ଦଚନ୍ଦ୍ରିକା)—1. Croton
Sarpadamshtra tree. ୨ । ସାପର ଦାନ୍ତ (ହି. ଶ)—2. The fangs of a serpent.

ସର୍ପଦଂଷ୍ଟ୍ରା—ସଂ. ବି—୧ । ବୃଶ୍ଚିକାଳୀ; ବିଛୁଆତି (ରତ୍ନମାଳା)—
Sarpadamshtrā 1. The stinging nettle;
୧ମ ଅର୍ଥର ପର୍ଯ୍ୟାୟ—ବୃଶ୍ଚିକାଳୀ, Fragia Involucrata. ୨।
ବୃଶ୍ଚିପତ୍ରୀ, ବିଷଘ୍ନୀ, ନାଗଦନ୍ତୀକ, ସାପର ଦାନ୍ତ—2. The fangs
ଅମୃତ, କାଳୀ । of a serpent.

ସର୍ପଦଂଷ୍ଟ୍ରିକା—ସଂ. ବି—କର୍କଟଶୃଙ୍ଗୀ; ଅଜଶୃଙ୍ଗୀ (ରାଜନିଘଣ୍ଟୁ)—
Sarpadamshtrikā A plant; Rhus Succedarea
(ଏଥିର ପର୍ଯ୍ୟାୟ—କର୍କଟଶୃଙ୍ଗୀ, ଶୃଙ୍ଗୀ, କୁଳୀର ବିଷାଣିକା,
ଅଜଶୃଙ୍ଗୀ, ଚକ୍ରା, କର୍କଟାଖ୍ୟା ।)

ସର୍ପଦଂଷ୍ଟ୍ରୀ—ସଂ. ବି—୧ । ବୃଶ୍ଚିକାଳୀ (ହି. ଶ); ବିଛୁଆତି—
Sarpa damshtrī 1. The stinging nettle. ୨ ।
ଦନ୍ତୀ (ହି. ଶ) (ଦେଖ)—2. Dantī (See). ୩ । ବିଛା
(ହି. ଶ)—3. Scorpion.

ସର୍ପଦଂଶନ—ସଂ. ବି—ସାପ କାମୁଡ଼ା—Snake bite. [ଦ୍ର—
Sarpa damsana ପରୀକ୍ଷା ଦ୍ୱାରା ଦେଖା ଯାଇଅଛି ଯେ ସର୍ପଦଷ୍ଟ
ବ୍ୟକ୍ତିର ମୁଣ୍ଡ, କପାଳ, ବେକ, ସନ୍ଧି ଓ ନାଭିରେ ତୁଳସୀ
ପତ୍ର ରସ ମାଲିସ କଲେ ଓ ରକ୍ଷା ନିମିତ୍ତ କରିବା ପର୍ଯ୍ୟନ୍ତ ୫
ମିନିଟରେ ଥରେ ଏକ ଗୁମଚ ଲେଖାଏଁ ତବଲୀ ବାସୁଙ୍ଗା
(ଗୁଡ଼ୁଚଚ୍ଛା)ର ରସ ପିଇଲେ ବିଷ ନଷ୍ଟ ହୋଇଯାଏ ।
ତୁଳସୀ ପତ୍ର ଅଭାବରେ ପଦ୍ମମୂଳ, ଘିକୁଆଁରି ଓ କଦଳୀ
ଗଛର ରସ ବ୍ୟବହାର କରାଯାଇ ପାରେ ।]

ସର୍ପଦଣ୍ଡା(ନ୍ତା)—ସଂ. ବି—ସୈଂହଲୀ (ରାଜ ନିଘଣ୍ଟୁ)—
Sarpa dandā(ntā) A kind of plant.

ସର୍ପଦଣ୍ଡୀ—ସଂ. ବି—ନାଗବଳା; ଗୋରକ୍ଷୀ (ରାଜ ନିଘଣ୍ଟୁ)—
Sarpa dandī Sida Spinosa (plant).

ସର୍ପଦନ୍ତୀ(ପୁଷ୍ପୀ)—ସଂ. ବି—ନାଗଦନ୍ତୀ (ରାଜ ନିଘଣ୍ଟୁ)—
Sarpa dantī (pushpī) A kind of plant.

ସର୍ପଦମନୀ—ସଂ. ବି—ବନ୍ଧ୍ୟା କର୍କୋଟକୀ; ବାଞ୍ଝ କାକଡ଼ (ରାଜ
Sarpa damanī ନିଘଣ୍ଟୁ)—A creeper and its fruit;
Memordica Dioicicamale.

ସର୍ପଦଷ୍ଟ—ସଂ. ବିଣ (୩ୟା ତତ୍)—ଯାହାକୁ ସାପ କାମୁଡ଼ି ଥାଏ—
Sarpa dashta Bitten by a snake.

ସର୍ପଦେବୀ—ସଂ. ବି—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—A sacred
Sarpa debī place of the Hindus.
[ଦ୍ର—ସର୍ପଦେବୀରେ ଯେଉଁ ସ୍ନାନ ଜପ କରେ, କରନ୍ତି
ପୂଜା ତାକୁ ନାଗଙ୍କ ଲୋକରେ । କୃଷ୍ଣସିଂହ- ମହାଭାରତ,
ବନ ।]

ସର୍ପଦ୍ୱିଷ—ସଂ. ବି (ସର୍ପ+ଦ୍ୱିଷ୍ ଧାତୁ+କର୍ତ୍ତୃ. ଅ)—ମୟୂର (ହି. ଶ)
Sarpa dwisha —Peacock.

ସର୍ପନାମା—ସଂ. ବି—ସର୍ପଘାତିନୀ (ଦେଖ)
Sarpa nāmā Sarpa ghātinī (See)
(ସର୍ପମାଳା, ସର୍ପସହା—ଅନ୍ୟରୂପ)

ସର୍ପନେତ୍ରା—ସଂ. ବି—ସର୍ପାକ୍ଷୀ (ଦେଖ)
Sarpa netrā Sarpākshī (See)

ସର୍ପପତି—ସଂ. ବି (୬ଷ୍ଠୀ ତତ୍)—ଶେଷ ନାଗ; ବାସୁକୀ—A name
Sarpa pati of the King of serpents.

ସର୍ପପ୍ରିୟ—ସଂ. ବି (୬ଷ୍ଠୀ ତତ୍)—ଚନ୍ଦନ ବୃକ୍ଷ (ହି. ଶ)—
Sarpa priya The Sandal wood tree.

ସର୍ପଫଣ—ସଂ. ବି (୬ଷ୍ଠୀ ତତ୍)—ସାପର ଫେଣା—The expand-
Sarpa phana ed hood of a serpent.

ସର୍ପଫଣଜ—ସଂ. ବି—ସର୍ପ ଫଣଜାତ ମଣି—A gem got from
Sarpa phanaja the hood of a serpent.

ସର୍ପଫେଣ(ନ)—ସଂ. ବି—ଅହିଫେନ; ଅଫିମ (ହି. ଶ)—
Sarpa phena(na) Opium.

ସର୍ପବନ୍ଧ—ସଂ. ବି—୧ । କୁଟିଳ ଗତି (ହି. ଶ)—1. Tortuous
Sarpa bandha conduct. ୨ । ଚିତ୍ର ରଚନାବିଶେଷ;
କୁଣ୍ଡଳାକାର ସର୍ପର ଆକାର ଅନୁସାରେ ଅକ୍ଷର ସନ୍ନିବେଶିତ-
ହୋଇଥିବା ରଚନା ବିଶେଷ—2. A kind of artistic composition in which letters are put
in the shape of the coil of a serpent.

ସର୍ପବିଦ୍ୟା—ସଂ. ବି (ମ. ପ. ଲୋ)—ବିଷଧର ସର୍ପଙ୍କୁ ଧରିବା ଓ ବଶ
Sarpa bidyā କରିବା ବିଦ୍ୟା—The art of catching
and controlling serpents.

ସର୍ପବ୍ୟୂହ—ସଂ. ବି (ମ. ପ. ଲୋ)—ସର୍ପ ଆକାରରେ ରଚିତ ସେନା-
Sarpa byūha ବ୍ୟୂହ—An array for battle formed in the shape of a coiled serpent.

ସର୍ପଭୟ—ସଂ. ବି—ସର୍ପ ଦଂଶନର ଭୟ—
Sarpa bhaya Fear of snake bite.

ସର୍ପଭୁକ୍(ଜ୍)—ସଂ. ବିଣ (ସର୍ପ+ଭୁଜ୍ ଧାତୁ=ଖାଇବା+କର୍ତ୍ତୃ.
Sarpa bhuk(j) କ୍ୱିପ୍)—ଯେ ସାପଙ୍କୁ ଖାଏ; ସର୍ପଖାଦକ—
(ସର୍ପ ଭକ୍ଷକ—ଅନ୍ୟରୂପ) Feeding on serpents.
ସଂ. ବି—୧ । ମୟୂର—1. Peacock. ୨ । ଗରୁଡ଼—

2. The mythological King of birds. ୩ । ନେଉଳ; ନକୁଳ—3. Ichneumon; mongoose. ୪ । ସାରସ ପକ୍ଷୀ—4. A kind of snake-eating wading bird.

ସର୍ପମାଣ୍ଡୁ—ସଂ. ବି—୧ । ଘଟରେ ସର୍ପ ପୂରାଇ ତହିଁରେ ହାତ **Sarpa māṇḍu** ଭୁଗାଇବା ପରେ ସର୍ପଘାତ ନ ହେଲେ ନିର୍ଦ୍ଦୋଷତା ପ୍ରମାଣ ହେବା ରୂପ ଶପଥ—1. A kind of oath taken by thrusting one's hands into a jar in which there is a serpent. ୨ । ସର୍ପମାଣ୍ଡୁ ଦ୍ୱାରା ଶପଥ—2. Oath by means of 'Sarpamāṇḍu.'

ସର୍ପଯଜ୍ଞ(ଯାଗ, ସତ୍ର)—ସଂ. ବି—ତକ୍ଷକ ସର୍ପ ଦ୍ୱାରା ଦଷ୍ଟ ହୋଇ ମୃତ **Sarpa jajña(jāga,satra)** ହୋଇଥିବା ପରୀକ୍ଷିତ ରାଜାଙ୍କ ପୁତ୍ର ଜନମେଜୟଙ୍କ ଅନୁଷ୍ଠିତ ସର୍ପ ବଂଶ କ୍ଷୟକର ଯାଗ ବିଶେଷ—A sacrifice performed by King Janamejaya to kill all the serpents in revenge for his father having been bitten to death by a serpent named 'Takshaka.'

ସର୍ପରାଜ—ସଂ. ବି—୧ । ବାସୁକି (ଅନନ୍ତ)—1. The Serpent-**Sarpa rāja** king. ୨ । ଅନନ୍ତ ଦେବ—2. The elder brother of Bishṇu in the shape of a serpent.

ସର୍ପଲତା(ବଲ୍ଲୀ)—ସଂ. ବି—ନାଗବଲ୍ଲୀ; ପାନ (ଗୁଳ୍ମ ଲତା)— **Sarpa latā(ballī)** The betel creeper.

ସର୍ପସତ୍ରୀ—ସଂ. ବି (ସର୍ପସତ୍ର+ଇନ୍, ଇନ୍)—ସର୍ପଯଜ୍ଞର ଅନୁଷ୍ଠାତା; **Sarpa spatrī** ପରୀକ୍ଷିତ-ପୁତ୍ର ଜନମେଜୟ ରାଜା—A name of King Janamejaya.

ସର୍ପହା—ସଂ. ବି (ସର୍ପ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—୧ । ସର୍ପାକ୍ଷୀ **Sarpahā** (ଦେଖ) (ବୃ. ଶ)—1. Sarpākshī (See) ୨ । ନକୁଳ; ନେଉଳ—2. Ichneumon. ସଂ. ବିଣ— ସର୍ପ ଘାତକ—Destroyer of serpents; killing serpents.

ସର୍ପା—ସଂ. ବି. ସ୍ତ୍ରୀ (ସର୍ପ+ସ୍ତ୍ରୀ. ଆ)—ସର୍ପିଣୀ (ବୃ. ଶ) **Sarpā** A female serpent.

ସର୍ପାକ୍ଷ—ସଂ. ବି—ରୁଦ୍ରାକ୍ଷ (ଦେଖ) **Sarpāksha** Rudrāksha. (See)

ସର୍ପାକ୍ଷୀ—ସଂ. ବି—୧ । କ୍ଷୁଦ୍ର ଗୁଳ୍ମ ବିଶେଷ; ଗନ୍ଧନାକୁଳୀ; ଗନ୍ଧରାସ୍ନା **Sarpākshī** (ଗୁଳ୍ମବର୍ଗୀୟ) [ସର୍ପକଙ୍କାଳୀ ଦେଖ]—1. A plant; Opheorrhiza Mungos. [ବୃ—ଏହା କଟୁତିକ୍ତ ରସ, ଉଷ୍ଣବୀର୍ଯ୍ୟ ଓ ସର୍ପ ବିଷନାଶକ ଅଟେ । ଏହା ବିଷଘ୍ନ ଓ ଭୂତ- ବର୍ଜକ ।] ୨ । ରକ୍ତପୁଷ୍ପଯୁକ୍ତ ବନବନା—2. Red-flowered Banabanā.

୧ମ ଅର୍ଥର ପର୍ଯ୍ୟାୟ ଶବ୍ଦ—ଗନ୍ଧନାକୁଳୀ, ବିଷଦଂଷ୍ଟ୍ରା, ବିଷାପହା, ସର୍ପା, ଗନ୍ଧାଳୀ, ନାକୁଳିପାଳକ, ସର୍ପକଙ୍କାଳୀ, ବିଷନାଶିନୀ, ଭୁଜଙ୍ଗୀ, ଫଣୀ, କୁଣ୍ଡଳୀ, ସର୍ପଗ୍ରୀ, ଫଣୀ । ପାନ୍‌ଶିଉଲୀ, ଗନ୍ଧନାକୁଳୀ ସରହଁଟୀ, ଗଣ୍ଡୀନୀ

ସର୍ପାଖ୍ୟ—ସଂ. ବି (ବହୁବ୍ରୀହି; ସର୍ପ+ଆଖ୍ୟା+ଅ)—୧ । ମହୁଆ କନ୍ଦ- **Sarpākhya** ଭେଦ (ଗୁଳ୍ମକନ୍ଦବର୍ଗୀୟ)—1. A plant with bulbous root. ୨ । ନାଗକେଶର—2. Mesua Ferra tree. ସଂ. ବିଣ--ସର୍ପନାମକ; ସର୍ପନାମ- ଧାରୀ—Bearing the name of a serpent.

ସର୍ପାଘାତ—ସଂ. ବି (୬ଷ୍ଠୀ ତତ୍)—ସର୍ପଦଂଶନ; ସାପକାମୁଡ଼ା— **Sarpāghāta** Snake bite. [ଦୃ—ପ୍ରଳୟ ମଣିଲେ ଜଗତ, କୃଷ୍ଣର ଦେହେ ସର୍ପାଘାତ । ଜଗନ୍ନାଥ, ଭାଗବତ ।]

ସର୍ପାଙ୍ଗୀ—ସଂ. ବି—୧ । ସର୍ପଘାତିନୀ (ଦେଖ) [ରତ୍ନମାଳା]— **Sarpāngī** 1. Sarpaghātinī. (See) ୨ । ଚିହଁଡ଼ୀ (ଗୁଳ୍ମକନ୍ଦ)—2. A plant.

ସର୍ପାଦନୀ—ସଂ. ବି—ନାକୁଳୀ (ଦେଖ) **Sarpādanī** Nākulī. (See)

ସର୍ପାବାସ—ସଂ. ବି (୬ଷ୍ଠୀ ତତ୍)—୧ । ସର୍ପର ବାସସ୍ଥାନ—1. The **Sarpābāsa** abode of snakes ୨ । (ବହୁବ୍ରୀହି) ଚନ୍ଦନ ବୃକ୍ଷ—2. Sandal wood. ୩ । ସାପ ଗାତ— 3. Snake hole.

ସର୍ପାରାତି—ସଂ. ବି (୬ଷ୍ଠୀ ତତ୍)—୧ । ସାପର ଶତ୍ରୁ—1. The **Sarpārāti** enemy of serpents. ୨ । ଗରୁଡ଼— [ସର୍ପାରି—ଅନ୍ୟରୂପ] 2. The king of birds (who eats serpents). ୩ । ମୟୂର—3. Peacock. ୪ । ନେଉଳ— 4. Ichneumon.

ସର୍ପାଶନ—ସଂ. ବିଣ ଓ ବି (ବହୁବ୍ରୀହି; ସର୍ପ ଅଟେ ଅଶନ=ଖାଦ୍ୟ ଯାହାର) **Sarpāsana** —ସର୍ପଭୁକ୍ (ଦେଖ)—Sarpabhuk. (See)

ସର୍ପାହତ—ସଂ. ବିଣ (୩ୟା ତତ୍)—ସର୍ପଦଷ୍ଟ; ଯାହାକୁ ସାପ କାମୁଡ଼ି **Sarpāhata** ଅଛି—Bitten by a snake.

ସର୍ପିଃ—ସଂ ବି (ସୃପ୍ ଧାତୁ=ଗମନ କରିବା+କର୍ତ୍ତୃ. ଇସ୍)— **Sarpiḥ** ଘୃତ; ଅଜ୍ୟ—Ghee; clarified butter.

ସର୍ପିକା—ସଂ. ବି (ସର୍ପ+କ+ଆ)—ଛୋଟ ସାପ (ବୃ. ଶ) **Sarpikā** Small serpent.

ସର୍ପିଣୀ—ସଂ. ବି. ସ୍ତ୍ରୀ (ସର୍ପ+ସ୍ତ୍ରୀ. ଈ, ଇନ୍ ଅଗମ)—୧ । ମାଈ **Sarpiṇī** ସାପ; ସାପୁଣୀ—1. A she-serpent. ୨ । (ସର୍ପୀ—ଅନ୍ୟରୂପ) ସର୍ପାକ୍ଷୀ (ଦେଖ)—Sarpākshī [ସର୍ପ—ପୁଂ], (See) ସଂ. ବିଣ. ସ୍ତ୍ରୀ (ସର୍ପନ୍+ସ୍ତ୍ରୀ. ଈ) 'ସର୍ପୀ' ଶବ୍ଦର ସ୍ତ୍ରୀଲିଙ୍ଗ; ଗମନକାରିଣୀ—(Feminine) Moving. ଦେ. ବି. ସ୍ତ୍ରୀ (ଲକ୍ଷଣାର୍ଥ)—ଅତି କ୍ରୁର ନାରୀ— A very cruel or wicked woman.

ସର୍ପିତ—ସଂ. ବି (ସର୍ପ+ଇତ)—ସର୍ପାଘାତଜନିତ କ୍ଷତ (ବୃ. ଶ)— **Sarpita** The sore or wound caused by snake-bite.

ସର୍ପୀ—ସଂ. ବଣ. ପୁଂ (ସୃପ୍ ଧାତୁ+ଇନ୍; ୧ମା, ୧ବ)—
Sarpī ଗମନକାରୀ; ଗମନଶୀଳ; ଜଙ୍ଗମ—Moving. ସଂ. ବି.
(ସର୍ପିଣୀ—ସ୍ତ୍ରୀ) [ସ୍ତ୍ରୀ—(ସର୍ପ+ସ୍ତ୍ରୀ. ଈ)—ମାଈ ସାପ—
A she-serpent.

ସର୍ପୀ(ର୍ପେ)ଷ୍ଟ—ସଂ. ବି (ସର୍ପୀ ବା ସର୍ପର ଇଷ୍ଟ=ପ୍ରିୟ)—ଶ୍ରୀଗନ୍ଧ
Sarpi(rpe)shṭa ଚନ୍ଦନ (ରତ୍ନମାଳା)—A species of sandal wood.
[ଦ୍ର—ଚନ୍ଦନ ଗଛରେ କିଛୁ ସର୍ପ ରହନ୍ତି ବୋଲି ଜନ-ପ୍ରବାଦ ଓ କବିପ୍ରସିଦ୍ଧି ଅଛି।]

ସର୍ପେଶ୍ବର—ସଂ. ବି—ସର୍ପରାଜ; ଗରୁଡ଼—
Sarpeśwara The king of serpents.
ସର୍ପେଶ୍ବର ଦେ. ବି. ୧। ପ୍ରତିଷ୍ଠିତ ମହାଦେବଙ୍କ ନାମ—1. Name
ସର୍ପେଶ୍ବର of a nimage of Lord Śiba. ୨। ପୁରୁଷ ଲୋକଙ୍କ ନାମ—2. A name of males. ୩। ଅଠଗଡ଼ ଅନ୍ତର୍ଗତ ସୁ ଦ୍ ପର୍ବତର ନାମ—3. Name of a hill in the Āthgarh State. [ଦ୍ର—ଏହି ପାହାଡ଼ର ନିକଟବର୍ତ୍ତୀ ପାହାଡ଼କୁ ଧାଙ୍କାକୋଠ ପାହାଡ଼ ବୋଲିଯାଏ] (ଉ—ଉତ୍ତରେ ବିରାଜେ ଶୈଳ ସର୍ପେଶ୍ବର। ରାଧାନାଥ—ନନ୍ଦିକେଶ୍ବରୀ।) ୪। ଏହି ପାହାଡ଼ ନିକଟରେ ଥିବା ଶିବ ଲିଙ୍ଗ—4. Name of an image of Śiba in the Athgarh State. [ଦ୍ର—ଏ ଦେବଙ୍କ ନିକେ-ତ୍ରଲୀକୁ ଅଗ୍ନି ତୁଳସ ଧରି ମିଛ କହିଲେ ଶୀଘ୍ର ମିଥ୍ୟାବାଦୀକୁ ଦୈବୀଦଣ୍ଡ ହୁଏ ବୋଲି ଲୋକେ ଦୃଢ଼ ବିଶ୍ବାସ କରନ୍ତି।]

ସର୍ପେଶ୍ବରୀ—ଦେ. ବି—ଅଠଗଡ଼ର ପ୍ରଧାନ ନଦୀ, ସାପୁଆ ନଈ—Name
Sarpeśwari of a small river in the Athgarh
ସର୍ପେଶ୍ବରୀ ସର୍পেশ্বরী state. (ଉ—ଉତ୍ତରେ ବିରାଜେ ଶୈଳ ସର୍ପେଶ୍ବର, ସର୍ପେଶ୍ବରୀ ଯାଇ ଧୁଅଇ ପୟର। ରାଧାନାଥ—ନନ୍ଦିକେଶ୍ବରୀ) (ଦ୍ର—ଏ ନଦୀ ସର୍ପେଶ୍ବର ପାହାଡ଼ କାଟି ବହି ଅଠଗଡ଼ ରାଜଧାନୀ ତଳେ ବହି ଯାଇ ମହାନଦୀରେ ପଡ଼ିଅଛି।)

ସର୍ପୋନ୍ମାଦ—ସଂ. ବି—ଏକପ୍ରକାର ଉନ୍ମାଦ ରୋଗ—
Sarponmāda A kind of madness.
(ଦ୍ର—ଏଥିରେ ରୋଗୀ ସର୍ପ ପରି ଭୂମିରେ ଲୋଟେ, ଜିଭ ଲହ ଲହ କରେ, ଓ ଭାରି କ୍ରୁଦ୍ଧ ହୁଏ। ରୋଗୀର ଗୁଡ଼, କ୍ଷୀର ଆଦି ଖାଇବାକୁ ଭାରି ଲାଳସା ହୁଏ (ହୁ. ଶ)

ସର୍ପୋଶ୍—ବୈଦେ. ବି—(ଫା.) ସରପୋଶ (ଦେଖ)—
Sarpoś Sarapoś (See)

ସର୍ଫ୍—ବୈଦେ. ବଣ—(ଫା)—ବ୍ୟୟିତ
Sarph ସର୍ଫ Spent.

ସର୍ଫ୍ ବେଶି—ବୈଦେ. ପ୍ରାଦେ. (ଗଞ୍ଜାମ) ବି—(ଫା. ସରଫ୍ ବେଶି)
Sarph beśi ସରଫ୍‌ବେଶି (ଦେଖ)—Saraph beśi (See)

ସର୍ଫ୍ ରାଜ—ବୈଦେ. ବି—(ଫା.) ସରଫ୍‌ରାଜ୍ (ଦେଖ)
Sarph rāj Saraph rāj (See)

ସର୍ଫରାଜ—ଦେ. ବି—ସରଫ୍‌ରାଜ (ଦେଖ)
Sarphrāji Saraph-raji (See)

ସର୍ବ(ଧାତୁ)—ସଂ—ଗମନ କରିବା
Sarb(root) To go; to more.

ସର୍ବ(ର୍ବ)—ସଂ. ବଣ—(ସର୍ବ୍ ଧାତୁ+କର୍ତ୍ତୃ ଅ) ୧। ସବୁ; ସମସ୍ତ;
Sarba(rbba) ସକଳ—1. All. ୨। ପ୍ରତ୍ୟେକ—2. Each; every. ୩। ସମଗ୍ର; ସମୁଦାୟ—3. Whole; entire. ୪। ସମ୍ପୂର୍ଣ୍ଣ—4. Complete. ସଂ ସର୍ବନାମ—୧। ସମସ୍ତେ—1. All. ୨। ପ୍ରତ୍ୟେକେ—2. Each. [ଦ୍ର—ଏହି ସର୍ବ ଶବ୍ଦର ବହୁବଚନ ପୁଂଲିଙ୍ଗ 'ସର୍ବେ' ମଧ୍ୟ ଭାଷାରେ ବ୍ୟବହୃତ ହୁଏ। ଯଥା—ସର୍ବେ ଚଳିବେ କାଳବଳେ।] ସଂ ବି.—(ସୃ ଧାତୁ+କରଣ ବନ୍) ୧। ଶିବ; ମହାଦେବ (ଅମର)—1. Śiba. ୨। ବିଷ୍ଣୁ (ସହସ୍ର ନାମ) —2. A name of Lord Bishṇu.

ସର୍ବଂ(ର୍ବଂ)ସହ—ସଂ. ବଣ. ପୁଂ (ସର୍ବଂ=ସବୁ ବିଷୟକୁ+ସହ ଧାତୁ+
Sarbam(rbbam)saha କର୍ତ୍ତୃ ଅ) ସହନଶୀଳ; ଯେ ସବୁ ବିଷୟ (ସର୍ବଂସହା—ସ୍ତ୍ରୀ) ସହ୍ୟ କରେ—Bearing every thing; very patient; very forbearing.

ସର୍ବଂ(ର୍ବଂ)ସହା—ସଂ. ବି. ସ୍ତ୍ରୀ—(ସର୍ବଂସହ+ଆ)—ବସୁନ୍ଧରା; ପୃଥିବୀ—
Sarbam(rbbam) sahā The earth.
ସଂ. ବଣ. ସ୍ତ୍ରୀ—ସର୍ବଂସହର ସ୍ତ୍ରୀ ଲିଙ୍ଗ—Feminine of Sarbamsaha (See)

ସର୍ବକର୍ତ୍ତା—ସଂ. ବି. ପୁଂ (ଉପପଦ ତତ୍ପୁରୁଷ)—୧। ସବୁ ବସ୍ତୁର
Sarbakarttā ସ୍ରଷ୍ଟା—1. The creator of all. ୨। ସମସ୍ତଙ୍କର ପ୍ରଭୁ—2. Lord of all. ୩। ଈଶ୍ବର—3. God. ୪। ବ୍ରହ୍ମା (ଶବ୍ଦ ରତ୍ନାବଳୀ)—4. Brahmā.

ସର୍ବ କର୍ମ(ର୍ମ୍ମ)—ସଂ. ବି—ସମସ୍ତ କାର୍ଯ୍ୟ—
Sarba karma(rmma) All acts.

ସର୍ବ କର୍ମ(ର୍ମ୍ମ)କ୍ଷମ—ସଂ. ବଣ. ପୁଂ—ସର୍ବକର୍ମୀ (ଦେଖ)
Sarba karma(rmma)kshama Sarbakarmī (See)
[ସର୍ବକର୍ମକ୍ଷମା—ସ୍ତ୍ରୀ]

ସର୍ବକର୍ମ(ର୍ମ୍ମ) ଫଳତ୍ୟାଗୀ—ସଂ. ବଣ. ପୁଂ—ଯେ ନିଜକୃତ ସମସ୍ତ
Sarbakarma(rmma) phalatyāgī କର୍ମର ଫଳ ପାଇଁ ଆଶା ନ ରଖି କର୍ମର ଫଳକୁ ଈଶ୍ବରଙ୍କଠାରେ ଅର୍ପଣ କରେ—Leaving the result of all his (ସର୍ବକର୍ମଫଳତ୍ୟାଗ—ବି) actions to God.

ସର୍ବକର୍ମୀ(ର୍ମ୍ମୀ)—ସଂ. ବଣ. ପୁଂ (ସର୍ବକର୍ମ+ଇନ୍; ୧ମା. ୧ବ)—
Sarbakarmī(rmmī) ସବୁ କାର୍ଯ୍ୟ କରିବାକୁ କ୍ଷମ—
(ସର୍ବକର୍ମୀଣ—ଅନ୍ୟରୂପ) Fit to do all work.
[ସର୍ବକର୍ମିଣୀ, ସର୍ବକର୍ମୀଣା—ସ୍ତ୍ରୀ]

ସର୍ବକାମ—ସଂ. ବି—୧। (କର୍ମଧା) ସମସ୍ତ କାମନା—1. All
Sarbakāma desires. ୨। (ବହୁବ୍ରୀହି) ମହାଦେବ [ହୁ. ଶ]—2. Śiba. ୩। ଏକ ଅର୍ହତ୍‌ଙ୍କ ନାମ

(ବୃ. ଶ)—3. Name of a Buddha. ସଂ. ବଣ. ପୁଂ (ବହୁବ୍ରୀହି) ୧ । ସମସ୍ତ କାମନାକାରୀ (ବୃ. ଶ)—1. Wishing all things. ୨ । ସବୁ ଇଚ୍ଛା ପୂରଣକାରୀ—2. Fullfilling all wishes.

ସର୍ବକାମଦ—ସଂ. ବଣ. ପୁଂ (ସର୍ବକାମ+ଦା ଧାତୁ+କର୍ତ୍ତି. ଅ)—Sarbakāmada ସର୍ବକାମନାପୂରଣକାରୀ—Fullfilling all desires. [ସର୍ବକାମଦା—ସ୍ତ୍ରୀ]

ସର୍ବକାଳ—ସଂ. ବ—୧ । ସକଳ ସମୟ—1. All times. ୨ । ଚିର Sarbakāla କାଳ—2. Eternity.

ସର୍ବକାଳୀନ—ସଂ. ବଣ (ସର୍ବକାଳ+ଈନ)—ସବୁକାଳରେ Sarbakālina ଥିବା—Of all ages; eternal.

ସର୍ବକେଶର—ସଂ. ବ—ବକୁଳ ବୃକ୍ଷ ଓ ପୁଷ୍ପ (ବୃ. ଶ) Sarbakeśara The Bakula tree and flower.

ସର୍ବକ୍ଷୟ—ସଂ. ବ—ସର୍ବନାଶ (ଦେଖ) Sarbakshaya Sarbanāśa. (See)

ସର୍ବକ୍ଷାର—ସ. ବ (ବୈଦ୍ୟକ)—୧ । ସାବୁନ୍; ନାନା ପ୍ରକାର Sarbakshāra କ୍ଷାରର ମିଶ୍ରଣରେ ପ୍ରସ୍ତୁତ ମଳପରିଷ୍କାରକ ସାবান্ সাবুন ପଦାର୍ଥ (ଶବ୍ଦଚନ୍ଦ୍ରିକା)—1. Soap. ଡେ—ସବୁକ୍ଷାର [ବୃ—ଏହା ଅତ୍ୟନ୍ତ କ୍ଷାରଗୁଣଯୁକ୍ତ, ମଳକରୁକ୍ଷାର, ସମୁଦ୍ରକ୍ଷାର, ମୂତ୍ରଶୋଧକ, ଉଷ୍ଣ୍ମବୃଦ୍ଧିକର, କ୍ଷାରମେଳକ, ସ୍ରୋତକ୍ଷାର, ବସ୍ତିଶୋଧକ; କୃମି ଓ ଉଦାବର୍ତ୍ତ ମହାକ୍ଷାର, ମଳାର ରୋଗର ଉପକାରକ ଏବଂ ବାହ୍ୟ ପ୍ରୟୋଗରେ ଏହା ଗାତ୍ର ଓ ବସ୍ତ୍ରାଦିର ପରିଷ୍କାରକ।] ୨ । ମୁଷ୍କକ ବୃକ୍ଷ (ବୃ. ଶ); ପାଟଳ ଗଛ—2. Stereospermum Suaveolens (tree).

ସର୍ବଗ—ସ. ବଣ. ପୁଂ (ସର୍ବ+ଗମ୍ ଧାତୁ+କର୍ତ୍ତି. ଅ)—୧ । ସର୍ବSarbaga ଗାମୀ; ଯେ ସବୁ ସ୍ଥାନକୁ ଯାଏ—1. Going (ସର୍ବଗା—ସ୍ତ୍ରୀ) everywhere. ୨ । ସର୍ବବ୍ୟାପୀ—2. Pervading everywhere. ସ. ବ—୧ । ଶିବ; ମହାଦେବ—1. Siba. ୨ । ବାୟୁ—2. Air. ୩ । ଜଳ—3. Water. ୪ । ଆତ୍ମା—4. Soul. ୫ । ବ୍ରହ୍ମ—5. The Divine Essence.

ସର୍ବଗତ—ସଂ. ବଣ (ସର୍ବ+ଗତ)—୧ । ସର୍ବତ୍ର ସ୍ଥିତ—1. Omni-Sarbagata present. ୨ । ସର୍ବଗ (ଦେଖ)—2. Sarbaga (See) ୩ । ସର୍ବବ୍ୟାପୀ—3. All pervading.

ସର୍ବଗନ୍ଧ—ସଂ. ବ—ତଭୁକ୍‌ଦିକ, କର୍ପୂର, ଲବଙ୍ଗ, କସ୍ତୁରି, Sarbagandha ଅଗୁରୁ ଓ ଶିହ୍ଲକ—(ଶବ୍ଦଚନ୍ଦ୍ରିକା; ସ୍ୱରପ୍ରକାଶ]—A compound of various scented articles.

ସର୍ବଗା—ସଂ. ବଣ. ସ୍ତ୍ରୀ (ସର୍ବଗ+ଆ)—ସର୍ବଗର ସ୍ତ୍ରୀଲିଙ୍ଗ—Sarbagā Feminine of Sarbaga. ସଂ. (ସର୍ବଗ—ପୁଂ) ବ—୧ । ଶ୍ୟାମାଲତା—1. A creeper; Panicum Frumentaceum. ୨ । କଙ୍ଗୁଧାନ୍ୟ. 2. A sort of grain; Panicum Italicum. ୩ । ପ୍ରିୟଙ୍ଗୁ ବୃକ୍ଷ (ଶବ୍ଦଚନ୍ଦ୍ରିକା)—3. A kind of tree; Aglaia Roxburghiana.

ସର୍ବଗାମୀ—ସଂ. ବଣ. ପୁଂ (ସର୍ବ+ଗମ ଧାତୁ+ଣିନ୍; ୧ମା; ୧ବ) Sarbagāmi ସର୍ବଗ (ଦେଖ)—Sarbaga (See) (ସର୍ବଗାମିନୀ—ସ୍ତ୍ରୀ)

ସର୍ବଗିଆଁ—ଗ୍ରା. ବ ଓ ବଣ (ସଂ. ସର୍ବଜ୍ଞର ଅଶୁଦ୍ଧ ଉଚ୍ଚାରଣ)—Sarbagiañ ସର୍ବଜ୍ଞ (ଦେଖ)—Sarbajña (See) सर्वज्ञ সরবজ্ঞ (ସର୍ବଗିଁ—ଅନ୍ୟରୂପ)

ସର୍ବଗୁଣାକ(ଧା)ର—ସଂ. ବଣ ପୁଂ ଓ ସ୍ତ୍ରୀ (ଷଷ୍ଠୀତତ୍; ସର୍ବଗୁଣର Sarbaguṇāka(dhā)ra ଆକର ବା ଆଧାର)—ସବୁ ଗୁଣର ଆଶ୍ରୟ; ସବୁ ଗୁଣ ଯୁକ୍ତ—Possessed of all qualities.

ସର୍ବଗୁଣାନ୍ୱିତ—ସଂ. ବଣ ପୁଂ (କର୍ମଧାରୟ ଓ ତୃତୀୟା ତତ୍)—ଯାହା-Sarbaguṇānwita ଠାରେ ସବୁ ଗୁଣ ଥାଏ—Possess-(ସର୍ବଗୁଣାନ୍ୱିତା—ସ୍ତ୍ରୀ) ing all attributes.

ସର୍ବଗ୍ୟଁ—ଗ୍ରା. (ପଦ୍ୟ) ବ. ଓ ବଣ (ସଂ. ସର୍ବଜ୍ଞ)—ସର୍ବଜ୍ଞ(ଦେଖ) Sarbagyañ Sarbajña (See) [ଭୂ—ସର୍ବଗ୍ୟଁ सर्वज्ञ সরবজ্ঞ ଚରିତ୍ର ଚନ୍ଦ୍ରମା, ସକଳଗୁଣେ ଅନୁପମା—ଭୂପତି. ପ୍ରେମପଞ୍ଚାମୃତ]

ସର୍ବଗ୍ରନ୍ଥି—ସଂ. ବ—ପିପ୍ପଳୀମୂଳ (ଶବ୍ଦକଳ୍ପଦ୍ରୁମ)—The root of Sarbagranthi piper; piper root. [ବ—ଏହା (ସର୍ବଗ୍ରନ୍ଥିକ—ଅନ୍ୟରୂପ) ଗ୍ରନ୍ଥିଯୁକ୍ତ ଥିବାରୁ ଏହାର ଏପରି ନାମକରଣ ହୋଇଅଛି]

ସର୍ବଗ୍ରହଣ—ସଂ. ବ—୧ । ସବୁ ପଦାର୍ଥକୁ ନେବା—1. Accept-Sarbagrahaṇa ance of all things. ୨ । ସର୍ବଗ୍ରାସ ୨ (ଦେଖ)—2. Sarba grāsa 2 (See).

ସର୍ବଗ୍ରହାପହା—ସଂ. ବ—ନାଗଦମନୀ (ବୃ, ଶ)—Sarbagrahāpahā Indian wormwood.

ସର୍ବଗ୍ରାସ—ସଂ. ବ—୧ । ସମୁଦାୟ ପଦାର୍ଥକୁ ଖାଇବା—1. Eating Sarbagrāsa up of all things. ୨ । ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟ ପରାଗ ସମୟରେ ଚନ୍ଦ୍ରର ବା ସୂର୍ଯ୍ୟର ସମୁଦାୟ ଅଂଶ ଅଦୃଶ୍ୟ ହେବା ଅବସ୍ଥା—2. Total eclipse.

ସର୍ବଗ୍ରାସୀ—ସଂ. ବଣ. ପୁଂ—୧ । ଯେ ସମସ୍ତ ବସ୍ତୁକୁ ଗ୍ରାସ କରେ—Sarbagrāsi 1. All-eating; devouring every (ସର୍ବଗ୍ରାସିନୀ—ସ୍ତ୍ରୀ) thing. ୨ । ଯେ ସବୁ ପଦାର୍ଥକୁ ଆତ୍ମସାତ୍ କରେ—2. Appropriating every thing to oneself. [ଭୂ—ଏ ଜଗତରେ ସର୍ବଗ୍ରାସୀ କାଳ-କାହାଁ ବଢ଼େ ଅଦରଚ—ଧ୍ୱାନାଥ. ପାଙ୍କ ।]

ସର୍ବଘୋଟ—ଦେ. ବଣ—ସର୍ବାଘୋଟ (ଦେଖ) Sarba ghoṭa Sarbāghoṭa (See.)

ସର୍ବଘୋଟ ଦିବାକର—ଦେ. ବି—ଅତ୍ୟନ୍ତ ଗୋଳମାଳ—
Sarbaghota dibākara Utter confusion.
সর্বঘোট দিবাকর ବିଣ—ଯେ ଜାତିଭେଦ ଇତ୍ୟାଦି ମାନେ ନାହିଁ
सर्वघोट दिवाकर ଓ ସବୁ ଖାଦ୍ୟ ଖାଏ—(a person) Who does not observe the Hindu caste system and food restrictions.

ସର୍ବଙ୍କଷ—ସଂ. ବିଣ (ସର୍ବଂ=ସମସ୍ତଙ୍କୁ+କଷ୍ ଧାତୁ=ଗମନ କରିବା+ Sarbaṅkasha କର୍ତ୍ତୃ.ଅ; ଅଲୁକ୍ ସମାସ)—୧ । ସର୍ବାତିକ୍ରମକ— (ସର୍ବଂକଷ—ଅନ୍ୟରୂପ) 1. Passing over everything. ୨ । ସର୍ବଶ୍ରେଷ୍ଠ—2. Chief; pre-eminent. ୩ । ପାପୀ—3. Sinful. ସଂ. ବି—ପାପ—Sin.

ସର୍ବଚର୍ମୀ(ର୍ମ୍ମୀ)ଣ—ସଂ. ବିଣ (ସର୍ବ+ଚର୍ମ+ଈନ)—୧ । ସକଳ Sarbacharmi(rmmi)ṇa ଚର୍ମନିର୍ମିତ (ସିଦ୍ଧାନ୍ତ କୌମୁଦୀ) —1. Made of all hides. ୨ । ଯେଉଁ ବସ୍ତୁର ସମୁଦାୟ ଅଂଶ ଚର୍ମ ନିର୍ମିତ—2. Of which every part is made of hide.

ସର୍ବଜନ—ସଂ. ବି (କର୍ମଧା)—ସମସ୍ତ ବ୍ୟକ୍ତିମାନେ—
Sarbajana All men.

ସର୍ବଜନ ପ୍ରିୟ—ସଂ. ବିଣ. ପୁଂ (କର୍ମଧା ଓ ୬ଷ୍ଠୀ ତତ୍)—ସବୁ Sarbajana priya ଲୋକଙ୍କର ପ୍ରିୟ—Universally [ସର୍ବଜନ ପ୍ରିୟା—ସ୍ତ୍ରୀ] loved; dear to all; popular. [ସର୍ବଜନ ପ୍ରିୟତା—ବି]

ସର୍ବଜନ ବୋଧ୍ୟ—ସଂ. ବିଣ (କର୍ମଧା ଓ ୩ୟା ତତ୍)—ଯାହାକୁ ସମସ୍ତେ Sarbajana bodhya ବୁଝିପାରନ୍ତି—Understood by all; comprehensible by all.

ସର୍ବଜନ ସ୍ୱୀକୃତ—ସଂ. ବିଣ (କର୍ମଧା ଓ ୩ୟା ତତ୍)—ସମସ୍ତଙ୍କ Sarbajana swikṛuta ଦ୍ୱାରା ସ୍ୱୀକୃତ—Admitted by all.

ସର୍ବଜନାନୁମତ—ସଂ. ବିଣ (କର୍ମଧା ଓ ୩ୟା ତତ୍)—ସମସ୍ତଙ୍କ ଦ୍ୱାରା Sarba janānumata ଅନୁମୋଦିତ—Approved (ସର୍ବଜନାନୁମୋଦିତ—ଅନ୍ୟରୂପ) by all; universally approved.

ସର୍ବଜନୀନ—ସଂ ବିଣ (ସିଦ୍ଧାନ୍ତକୌମୁଦୀ) (ସର୍ବଜନ+ଈନ)—୧ । Sarbajanīna ସର୍ବଜନସମ୍ବନ୍ଧୀୟ—1. Relating to all (ସାର୍ବଜନୀନ, ସାର୍ବଜନିକ—ଅନ୍ୟରୂପ) men; universal. ୨ । ସର୍ବଲୋକହିତକର—2. Beneficial to all. ୩ । ସର୍ବତ୍ର ପ୍ରସିଦ୍ଧ—3. Universally celebrated; universally known.

ସର୍ବଜୟା—ସଂ ବି—୧ । ପୁନର୍ଜନ୍ମ ସଙ୍ଖ୍ୟାରେ ସ୍ୱୀକର୍ତ୍ତବ୍ୟ ଦ୍ୱାଦଶମାସ- Sarbajayā କର୍ତ୍ତବ୍ୟ ବ୍ରତବିଶେଷ—1. A religious vow practised by females for a year. [ଦ୍ର—ଏ ବ୍ରତକୁ ମାର୍ଗଶିର ମାସ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭକରି ୧ ବର୍ଷ ପର୍ଯ୍ୟନ୍ତ ପାଳିବାକୁ ହୁଏ । ଏହି ବ୍ରତ କଲେ ସ୍ତ୍ରୀମାନଙ୍କର ମନୋରଥ, ସୌଭାଗ୍ୟ, ପୁତ୍ର, ପୌତ୍ର, ଐଶ୍ୱର୍ଯ୍ୟ, ପିତୃଲୋକଙ୍କ ଉଦ୍ଧାର ଓ ଦେହାନ୍ତେ ବିଷ୍ଣୁଲୋକ ପ୍ରାପ୍ତି ହୁଏ । ଏହି ବ୍ରତରେ ପ୍ରଥମେ ନବ ଗ୍ରହ ପୂଜା କରି ଦୁର୍ଗାଦେବୀଙ୍କୁ ପୂଜା କରିବାକୁ ହୁଏ । ଏହି ବ୍ରତାଚାରିଣୀ ମାର୍ଗଶିରରେ ଶାକ, ପୌଷରେ ଲବଣ, ମାଘରେ ତୈଳ, ଫାଲ୍‌ଗୁନରେ ଗୁଡ଼, ଚୈତ୍ରରେ ଘୃତ, ବୈଶାଖରେ ଗୁଡ଼, ଜ୍ୟେଷ୍ଠରେ ଧାନ୍ୟକଳ, ଆଷାଢ଼ରେ ଦଧି, ଶ୍ରାବଣରେ ଦୁଗ୍ଧ, ଭାଦ୍ରରେ ବ୍ୟଞ୍ଜନ, ଆଶ୍ୱିନରେ ଘୃତ, କାର୍ତ୍ତିକରେ ଶଯ୍ୟା ତ୍ୟାଗ କରିବେ ଏବଂ ବ୍ରତ ପୂର୍ଣ୍ଣ ହେଲେ ବ୍ରାହ୍ମଣଙ୍କୁ ଭୋଜନ ଓ ଦକ୍ଷିଣା ଦେବେ ।] ୨ । କଦଳୀ ବର୍ଗର ପୁଷ୍ପ ଗୁଳ୍ମବିଶେଷ; ରକ୍ତଫଳର ଗଛ— 2. The Indian shot plant; Canna Indica. (ଦ୍ର—ଏହି ଗଛର ମୂଳରେ ଥିବା କନ୍ଦ ପିଅଳ ପରି ଓ ସେଥିରୁ ଅନେକ ଶାଖା ବାହାରି ସେ ସ୍ଥାନ ଗୁଳ୍ମମୟ ହୋଇଯାଏ । ଫୁଲର ଶୋଭା ପାଇଁ ଏ ଗଛକୁ ଲୋକେ ବଗିଚାରେ ଲଗାନ୍ତି । ଏଥିର ଫୁଲ ଗୋଲାପୀ ଓ ଫିକା, ହଳଦିଆ, ନାଲି ଓ ଛିଟିଛିଟିଆ ଆଦି ଅନେକ ବର୍ଣ୍ଣର ହୁଏ । ଏଥିର ଫଳ ବାଙ୍କଡ଼ ପରି ଓ ମଞ୍ଜି କଳାକଳା, ଖଣିଅଙ୍କ ରଙ୍ଗ ପରି ।)

ସର୍ବଜୟା ବ୍ରତ—ସଂ. ବି—ସର୍ବଜୟା ୧ (ଦେଖ)
Sarbajayā brata Sarbajayā 1. (See)

ସର୍ବ ଜାଣ—ଦେ. ବିଣ (ସଂ. ସର୍ବଜ୍ଞ)—ସର୍ବଜ୍ଞ (ଦେଖ)—
Sarbajāṇa Sarbajña (See) [ଉ—ସର୍ବ ଦେବ
সর্বজান ମୂର୍ତ୍ତି, ସର୍ବଜାଣ ଗୁରୁ, ଦେଉଛୁ ତତେ ଅହାର । କହ
सरबज्ञ କଏ ନାହିଁ, ଅଧ ବାଟେ ଥାଇଁ, ଅସୁରନ୍ତି ଅମ ଘର— ଗୀତାମୃତ ଦେଶ. ଭୁଅ କହତା; ସୁକୁମାର ଗିରି ।]
ଦେ. ବି—ସର୍ବଜ୍ଞ (ଦେଖ)—Sarbajña (See).

ସର୍ବ ଜାଣତ(ତା, ନ୍ତ, ନ୍ତା)—ଦେ. ବିଣ (ସଂ. ସର୍ବଜ୍ଞ)—ସର୍ବଜ୍ଞ
Sarba jāṇata(tā, nta, ntā) (ଦେଖ)—Sarbajña
सर्व जानता सरबज्ञ (See)

ସର୍ବ ଜାୟା—ଦେ. ବି (ବୈଦ୍ୟକ)—ସର୍ବଜୟା ୨ (ଦେଖ)—
Sarba jāyā Sarbajayā 2. (See) [ଦ୍ର—ଏହି ଗଛର
सर्वजया ମୂଳ ବାଟି ଲେପନ କଲେ ବଡ଼ ବାମୁଣ୍ଡା ବସି ଯିବା ହୁଏ—
वर्जंगी ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]

ସର୍ବଜିତ୍—ସଂ. ବିଣ (ସର୍ବ+ଜି ଧାତୁ=ଜୟ କରିବା+କର୍ତ୍ତୃ. କ୍ୱିପ୍)—
Sarbajit ଯେ ସମସ୍ତଙ୍କୁ ଜୟ କରେ—Victorious over [ସର୍ବଜିତ—ଦେ. ରୂ] all. [ଉ—ଯେଉଁ ଯାଗ ପ୍ରାନ୍ତରେ ହେଲେ ଅଉଃପର । ସର୍ବଜିତ ବୋଲାଏ ଯାଗ କଲ ଲୋକ—କୃଷ୍ଣସିଂହ. ମହାଭାରତ. ସଭା ।] ସଂ. ବି— ୧ । କାଳଚକ୍ରର ଏକବିଂଶ ବର୍ଷ—1. The 21st year of the cycle of time. ୨ । ମୃତ୍ୟୁ; କାଳ (ହେ. ଶ)—2. Death. ୩ । ଯଜ୍ଞବିଶେଷ (ହେ. ଶ)— 3. Name of a vedic sacrifice.

ସର୍ବଜ୍ଞ—ସଂ. ବିଣ. ପୁଂ (ସର୍ବ+ଜ୍ଞା ଧାତୁ+କର୍ତ୍ତୃ. ଅ)—ସକଳଜ୍ଞାତା;
Sarbajña ଯେ ସମସ୍ତ ବିଷୟ ଜାଣେ—All-knowing; [ସର୍ବଜ୍ଞା—ସ୍ତ୍ରୀ] omniscient. ସଂ. ବି—୧ । ଶିବ [ଅମର]
ସର୍ବଜ୍ଞତା } ବି —1. Siba. ୨ । ବୁଦ୍ଧ [ଅମର]—2. The
ସର୍ବଜ୍ଞତ୍ୱ } Buddha. ୩ । ବ୍ରହ୍ମା—3. Brahmā.

୪ । ପରମେଶ୍ୱର—4. God. ଦେ. ବି—ଯେଉଁ ବ୍ୟକ୍ତି
ସବଜান ଚନ୍ଦ୍ରାଦି ବିଦ୍ୟା ସାଧନଦ୍ୱାରା ଗୁପ୍ତ ବିଷୟର ବା ହଜିଥିବା ବା
सरबज्ञ ଅପହୃତ ଦ୍ରବ୍ୟର ତଥ୍ୟ କହି ପାରନ୍ତି—A person who can divine into true facts regarding secret, stolen or lost things.

ସର୍ବଜ୍ଞତା(ତ୍ୱ)—ସଂ. ବି (ସର୍ବଜ୍ଞ+ଭାବାର୍ଥେ. ତା; ତ୍ୱ)—ସର୍ବଜ୍ଞର
Sarbajñatā(twa) ଭାବ ବା ଧର୍ମ—Omniscience.

ସର୍ବଜ୍ଞା—ସଂ. ବିଣ. ସ୍ତ୍ରୀ (ସର୍ବଜ୍ଞ+ଆ)—ସର୍ବଜ୍ଞର ସ୍ତ୍ରୀଲିଙ୍ଗ—
Sarbajñā Feminine of Sarbajña. ଦେ. ବି. ସ୍ତ୍ରୀ—
ଦୁର୍ଗା—Goddess Durgā.

ସର୍ବଜ୍ଞାତା(ତ୍ରୀ)—ସଂ. ବିଣ. ପୁଂ (ସର୍ବ+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା
Sarbajñātā(nī) ୧ବ; ସର୍ବଜ୍ଞାନ+ଅସ୍ତି ଅର୍ଥରେ ଇନ୍; ୧ମା.
ସର୍ବଜ୍ଞାନୀ } ସ୍ତ୍ରୀ ୧ବ)—ସର୍ବଜ୍ଞ (ଦେଖ)—
ସର୍ବଜ୍ଞାନିନୀ } Sarbajña (See)

ସର୍ବଜ୍ୟା(ହା)ନି—ସଂ. ବି—ସର୍ବନାଶ; ସବୁ ବସ୍ତୁର ନାଶ (ହି. ଶ)—
Sarbajyā(hā)ni Loss of all things.

ସର୍ବତ—ଦେଶ୍ୟ. ବି (ଫା)—ପଣା; ମିଠା ମିଶ୍ରିତ ପାନୀୟ—
Sarbat . Sweetened drink; syrup.
সর্বত सरबत

ସର୍ବତଃ—ସଂ. ଅ (ସର୍ବ+୨ମା ଓ ୭ମୀ ବିଭକ୍ତି ସ୍ଥାନରେ ତସ୍)—
Sarbatah ୧ । ଚାରିଆଡ଼େ; ସବୁଆଡ଼େ; ସମନ୍ତାତ୍—1. On all sides. ୨ । ସବୁଆଡ଼ୁ—2. From all sides.
୩ । ସବୁପ୍ରକାରେ—3. In all ways. ୪ । ସବୁ ବିଷୟରେ—4. In all matters. ୫ । ସମ୍ପୂର୍ଣ୍ଣରୂପେ—5. Wholly; totally; completely; fully.

ସର୍ବତଃ ଶୁଭା—ସଂ. ବି. ସ୍ତ୍ରୀ (ବୈଦ୍ୟକ)—ପ୍ରିୟଙ୍ଗୁ ବୃକ୍ଷ (ଦେଖ)
Sarbatah subhā Priyangu bruksha (See)

ସର୍ବ ତନ୍ତ୍ର—ସଂ. ବିଣ (ବହୁବ୍ରୀହି)—୧ । (ପୁଂ) ସକଳ ଶାସ୍ତ୍ରାଧ୍ୟାୟୀ—
Sarba tantra 1. Versed or learned on all systems. ୨ । ଯେଉଁ ବିଷୟ ସ୍ୱତଃ ସିଦ୍ଧ, ଅର୍ଥାତ୍ ଯାହା ପାଇଁ ଅନ୍ୟ ପ୍ରମାଣ ଆବଶ୍ୟକ ହୁଏ ନାହିଁ—2. Self-evident. ୩ । ସର୍ବ ଶାସ୍ତ୍ର ସମ୍ମତ (ହି. ଶ)—3. Approved by all religious books.
ସଂ. ବି—୧ । (୬ଷ୍ଠୀ ତତ୍) ସାଧାରଣ ତନ୍ତ୍ର ଶାସନ—1. Republic; democracy. ୨ । (କର୍ମଧା) ସବୁପ୍ରକାର ତନ୍ତ୍ର ଶାସ୍ତ୍ର—2. All Tantra-treatises.

ସର୍ବ ତାପକ(ନ)—ସଂ.ବିଣ (ସର୍ବ+ତପ୍ ଧାତୁ+କର୍ତ୍ତୃ.ଣକ,+ଅନ)—
Sarba tāpaka(na) ୧ । ଯେ ସମସ୍ତଙ୍କୁ ତାପିତ କରେ—1. Heating all. ୨ । ଯେ ସମସ୍ତଙ୍କୁ ଦୁଃଖ ଦିଏ—2. Oppressing or affecting all. ସଂ. ବି—୧ । କାମଦେବ—1. Cupid. ୨ । ସୂର୍ଯ୍ୟ (ହି. ଶ)—2. The sun.

ସର୍ବତି—ଦେଶ୍ୟ. ବିଣ (ଫା)—ପଣା ପରି ମିଠା—Sweet as
Sarbati syrup. [ଯଥା—ସର୍ବତି କମଳା; ସର୍ବତି ଲେମ୍ବୁ ।]
সর্বতি सरबतके जैसा

ସର୍ବ ତିକ୍ତା—ସଂ. ବି—୧ । କାକମାଚୀ; ନୁଣନୁଣିଆ ଶାକ ଗୁଳ୍ମ (ସର୍ବ-
Sarba tiktā ଜନୀଷ୍ଟ)—1. Nightshade; Solanum Nigrum. ୨ । ଭଣ୍ଟାକୀ (ହି. ଶ)); ବାଇଗଣ—
2. Brinjal; Solanum Melongana.

ସର୍ବତେ—ଦେ. ଅ (ସଂ. ସର୍ବତଃ)—୧ । ସବୁ ପ୍ରକାରେ—1. In
Sarbate all ways. ୨ । ସବୁଠାରେ; ସମସ୍ତ ବିଷୟରେ—
সব রকমে, সবাতে 2. In all matters. [ଯଥା—ଦ୍ୱାର
सबतरहसे, सबमें ଘର ତୁମର ସର୍ବତେ ସବୁ ଘର । ତାହାର
ଠାକରେ ସବୁ ଲୋକେ ଅଛେ ବିର—ପ୍ରାଚୀ. ରହସ୍ୟ-
ମଞ୍ଜରୀ ।]

ସର୍ବତୋବୃତ୍ତ—ସଂ.ବିଣ (ସର୍ବତଃ+ବୃତ୍ତ)—ସର୍ବତଃ ବ୍ୟାପକ (ହି.ଶ)—
Sarbatobrutta All-pervading.

ସର୍ବତୋଭଦ୍ର—ସଂ. ବିଣ (ସର୍ବତଃ=ସବୁଆଡ଼େ+ଭଦ୍ର=ମଙ୍ଗଳ
Sarbatobhadra ବା ଶୋଭାଯୁକ୍ତ)—୧ । ସର୍ବତଃ ମଙ୍ଗଳ-
ଦାୟକ—1. Auspicious in all ways. ୨ । (ପୁଂ) ଯାହାର ମୁଣ୍ଡ, ମୁଛ, ଦାଢ଼ି, ସବୁ କେଶ ମୁଣ୍ଡିତ ହୋଇଅଛି (ହି. ଶ)—2. Wholly shaven.
ସଂ. ବି—୧ । ଦେବାଳୟବିଶେଷ (ଅମର)—1. A sort of temple having four varandas and four doors. [ବି—ଏ ପ୍ରକାର ଦେବାଳୟର ଚାରିଆଡ଼େ ପିଣ୍ଡା ଓ ଚାରିଆଡ଼େ ଦ୍ୱାର ଥାଏ ।] ୨ । ରାଜାଙ୍କ ବ୍ୟବହାରାର୍ଥ ନିର୍ମିତ ଗୃହ ବିଶେଷ—2. A kind royal room. ୩ । ବିଷ୍ଣୁ ରଥ (ଶବ୍ଦରତ୍ନାବଳୀ)—3. Name of the car of Bishņu. ୪ । ବ୍ୟୂହ ବିଶେଷ (ଅମରଟୀକା)-4. A kind of battle-array. ୫ । ସର୍ବତୋଭଦ୍ର ମଣ୍ଡଳ (ଦେଖ)—5. Sarbatobhadra mandala. (See) ୬ । ନିମ୍ବ ଗଛ (ଅମର)—6. The Neem tree. ୭ । ବାଉଁଶ (ଶବ୍ଦରତ୍ନା)—7. Bamboo. ୮ । ଯାତ୍ରା, ବିବାହ, ଚିକାହାକ ସବକରେ ଶୁଭାଶୁଭ ଜ୍ଞାପକ ଜ୍ୟୋତିଷୋକ୍ତ ଚକ୍ର ବିଶେଷ (ଜ୍ୟୋତିଷତତ୍ତ୍ୱ)—8. An astronomical circle. [ବି—ଏହା ଚତୁରସ୍ର ଓ ଏଥିରେ ୮୧ (୯×୯) ଟି ବର୍ଗକ୍ଷେତ୍ରଯୁକ୍ତ ପ୍ରକୋଷ୍ଠ ଥାଏ ।] ୯ । ବିଚିତ୍ର ଅକ୍ଷର ବିନ୍ୟାସଯୁକ୍ତ ଚିତ୍ରକାବ୍ୟ ବିଶେଷ—9. A sort of picturesque composition of Slokas. [ଯଥା—ମାଘ କବିଙ୍କ କାବ୍ୟର ୧୯ଶ ସର୍ଗରେ ଶ୍ଳୋକ—

ସକାର ନାନାରକାସ
କାୟସାଦ ଦସାୟକା
ରସାହବା ବାହସାର
ନାଦ ବା.ଦ ଦବାଦନା ।

ସ	କା	ର	ନା	ନା	ର	କା	ସ
କା	ୟ	ସା	ଦ	ଦ	ସା	ୟ	କା
ର	ସା	ହ	ବା	ବା	ହ	ସା	ର
ନା	ଦ	ବା	ଦ	ଦ	ବା	ଦ	ନା

ଏହି ଶ୍ଳୋକକୁ ଆଦ୍ୟରୁ ଶେଷକୁ ଓ ଶେଷରୁ ଆଦ୍ୟକୁ, ପୁଣି ବାମ ମୁଣ୍ଡରେ ଉପରୁ ତଳକୁ ଓ ଦକ୍ଷିଣ ମୁଣ୍ଡରେ ତଳୁ ଉପରକୁ ପଢ଼ିଗଲେ ଏକାରକମ ପଢ଼ାଯାଏ ।

ଓଡ଼ିଆ କାବ୍ୟମାନଙ୍କରେ ମଧ୍ୟ ଏପରି ଦୃଷ୍ଟାନ୍ତ ବିରଳ ନୁହେଁ । ଯଥା—

ବ	ର	ଦେ	ବ	ବ	ଦେ	ର	ବ
ର	ସ	ବ	ଦେ	ଦେ	ବ	ସ	ର
ଦେ	ବ	ର	ସ	ସ	ର	ବ	ଦେ
ବ	ଦେ	ସ	ଦା	ଦା	ସ	ଦେ	ବ

ଗୋପୀଚନ୍ଦ୍ର. ଇନ୍ଦ୍ର ରେଖା ।] ୧୦ । ଏକ ପ୍ରକାର ପ୍ରହେଳିକା (ହି. ଶ)—10. A class of conondrum. [ବି—ଏଥିରେ ଶବ୍ଦ ମଧ୍ୟସ୍ଥ ବର୍ଣ୍ଣାକ୍ଷରମାନଙ୍କର ମଧ୍ୟ ଅଲଗା ଅଲଗା ଅର୍ଥ ଗୁମ୍ଫିତ କରାଯାଏ—ହି. ଶ] ୧୧ । ଗନ୍ଧଦ୍ରବ୍ୟ ବିଶେଷ (ହି.ଶ)—11. Name of a kind of scent. ୧୨ । ଯେଉଁ ଗୃହର ଗୃହପାଖେ ପରିକ୍ରମା କରିବାକୁ ସ୍ଥାନ ଥାଏ (ହି. ଶ)—12. A house which has a broad path on all sides. ୧୩ । ହଠଯୋଗରେ ଆସନ ଓ ମୁଦ୍ରା ବିଶେଷ (ହି. ଶ)—13. Name of a posture of sitting and pose of the fingers during Haṭha Joga exercise.

ସର୍ବତୋଭଦ୍ରକଚ୍ଛେଦ—ସଂ. ବି (ସର୍ବତୋଭଦ୍ରକ=ଚ୍ଛେଦ)—ଭଗନ୍ଦର ରୋଗର Sarbatobhadrakachchheda ଚିକିତ୍ସା ପାଇଁ କରାଯିବା ଚତୁଷ୍କୋଣ ଅସ୍ତ୍ରକ୍ଷତ (ସୁଶ୍ରୁତ)—A square cut made for theoperation of fistula.

ସର୍ବତୋଭଦ୍ର ମଣ୍ଡଳ—ସଂ. ବି—ଶାରଦୀୟ ଦୁର୍ଗାପୂଜା, ବ୍ରତ, ବୃଷୋ-Sarbatobhadra maṇḍaḷa ତ୍ସର୍ଗ ଓ ଗୃହ, ମନ୍ଦିର, ଜଳାଶୟାଦି ପ୍ରତିଷ୍ଠା ଉପଲକ୍ଷରେ ପଞ୍ଚବର୍ଣ୍ଣ ଗୁଣ୍ଡକ ଦ୍ୱାରା ଭୂପୃଷ୍ଠରେ ଅଙ୍କିତ କିମ୍ବା ବସ୍ତ୍ରରେ ରଞ୍ଜିତ ପଦ୍ମଯୁକ୍ତ ଚତୁଷ୍କୋଣମଣ୍ଡଳ ବିଶେଷ—A square figure drawn on the ground with 5 coloured powders or painted on a piece of cloth on the 8th day of the bright lunar fortnight of Āświna for the worship of Durgā or for some other religious rites. [ବି—ଏହା ଚତୁରସ୍ର, ଚତୁଃକୋଷ୍ଠ ଓ କୋଣସ୍ଥ ଚତୁଷ୍ପଦଯୁକ୍ତ ଅଟେ ।]

ସର୍ବତୋଭଦ୍ରା—ସଂ. ବି—୧ । ଗମ୍ଭାରି ଗଛ [ମେଦିନୀ] (ଦେଖ)—Sarbatobhadrā 1. A timber tree; Gambhari tree; Gmelina (ସର୍ବତୋଭଦ୍ରିକା—ଅନ୍ୟରୂପ) Arborica ୨ । ନଟଯୋଷିତ୍ [ମେଦିନୀ]; ନଟୀ—2. A dancing girl; an actress.

ସର୍ବତୋଭାବରେ—ଦେ. କ୍ରି. ବିଣ—୧ । ସବୁପ୍ରକାରେ—1. In all Sarbatobhābare ways. ୨ । ସମ୍ପୂର୍ଣ୍ଣରୂପେ—[ସର୍ବତୋଭାବେ—ଅନ୍ୟରୂପ] 2. Fully.
সর্বতোভাবে सवतोभावसे

ସର୍ବତୋମୁଖ—ସଂ ବିଣ. ପୁଂ [ସର୍ବତଃ=ସବୁଅଡ଼େ+ମୁଖ ଯାହାର Sarbatomukha ବହୁବ୍ରୀହି]—୧ । ସର୍ବଦିଗଭିମୁଖୀ; [ସର୍ବତୋମୁଖୀ—ସ୍ତ୍ରୀ] ସବୁଅଡ଼କୁ ମୁହଁ କରିଥିବା—1. Facing all sides. ୨ । ସର୍ବଦିଗବର୍ତ୍ତୀ—2. Situate in all directions. ୩ । ସର୍ବତ୍ର ସ୍ଥିତ—3. Omnipresent. ୪ । ସର୍ବତ୍ର ବ୍ୟାପକ—4. All-pervading ସଂ. ବି—୧ । ଆକାଶ [ମେଦିନୀ]—1. The sky. ୨ । ସ୍ୱର୍ଗ (ଶବ୍ଦମାଳା)—2. Heaven. ୩ । ଜଳ [ଅମର]-3. Water. ୪ । ଶିବ (ମେଦିନୀ)—4. God Śiba. ୫ । [ଚତୁର୍ମୁଖ] ବ୍ରହ୍ମା [ମେଦିନୀ]—5. The Creator Brahmā. ୬ । ଆତ୍ମା (ମେଦିନୀ)—6. Soul. ୭ । ଅଗ୍ନି—7. Fire. ୮ । ବ୍ରାହ୍ମଣ (ଶବ୍ଦରତ୍ନାବଳୀ)—8. A Brāhmaṇa. ୯ । ବ୍ୟୂହରଚନା ବିଶେଷ (ହି. ଶ.)—9. A kind of battle-array. [ବି—ଏଥିରେ ଚାରିଅଡ଼କୁ ବ୍ୟୂହସ୍ଥ ସୈନ୍ୟମାନେ ମୁହଁ କରିଥାଆନ୍ତି ।

ସର୍ବତୋମୁଖୀ ପ୍ରତିଭା—ସଂ. ବି (ଆଧୁନିକ)—ଯେଉଁ ପ୍ରତିଭା ସବୁ Sarbatomukhī pratibhā ଦିଗରେ କାର୍ଯ୍ୟ କରେ—All-comprehensive or all-round genius or talents.

ସର୍ବତ୍ୟାଗ—ସଂ. ବି (୬ଷ୍ଠୀ ତତ୍)—ସବୁ ବିଷୟର ବର୍ଜନ—Sarba tyāga Renunciation of all things.

ସର୍ବତ୍ୟାଗୀ—ସଂ ବିଣ. ପୁଂ (ସର୍ବ+ତ୍ୟାଗ+ଇନ୍, ୧ମା ୧ବ)—
Sarba tyāgi ଯେଉଁ ବ୍ୟକ୍ତି ସାଂସାରିକ ବିଷୟଭୋଗ ବର୍ଜନ
(ସର୍ବତ୍ୟାଗିନୀ—ସ୍ତ୍ରୀ) କରିଥାଏ—Renouncing the enjoyment of all worldly affairs.

ସର୍ବତ୍ର—ସଂ. ଅ (ସର୍ବ+୭ମୀ ବିଭକ୍ତିରେ ତ୍ର)—୧ । ସବୁଠାରେ; ସବୁ ସ୍ଥାନରେ; ପ୍ରତି ସ୍ଥାନରେ—
Sarbatra
1. Everywhere; at all places. ୨ । ସବୁ ଦେଶରେ—2. In all countries. ୩ । ସବୁ କାଳରେ—3. At all times. ୪ । ସବୁଆଡ଼େ—4. On all sides.

ସର୍ବତ୍ରଗ—ସଂ. ବିଣ ପୁଂ (ସର୍ବତ୍ର+ଗମ୍ ଧାତୁ+କର୍ତ୍ତୃ ଅ)—
Sarbatraga ୧ । ସର୍ବଗ; ଯେ ସବୁଠାକୁ ଯାଏ—
[ସର୍ବତ୍ରଗା—ସ୍ତ୍ରୀ] 1. Going everywhere. ୨ । ଯାହାର ସବୁଠାକୁ ଅବାଧ ଗତି—2. One who is admitted everywhere. ସଂ. ବି. ପୁଂ—୧ । ବାୟୁ—1. Wind; air. ୨ । ମନୁଙ୍କର ଏକ ପୁତ୍ର (ଭା. ଶ)—2. The name of a son of King Manu. ୩ । ଭୀମସେନଙ୍କର ଏକ ପୁତ୍ର (ହ.ଶ)—3. One of the sons of King Bhsenamai.

ସର୍ବତ୍ରଗାମୀ—ସଂ. ବିଣ. ପୁଂ (ସର୍ବତ୍ର+ଗମ୍ ଧାତୁ+କର୍ତ୍ତୃ ଇନ୍; ୧ମା; ୧ବ)—୧ । ସର୍ବତ୍ରଗ (ଦେଖ)—
Sarbatragāmi
(ସର୍ବତ୍ରଗାମିନୀ—ସ୍ତ୍ରୀ) 1. Sarbatraga (See) ସଂ. ବି. ୧ । ବାୟୁ—1. The air. ୨ । ପରମାତ୍ମା—2. The Divine Essence.

ସର୍ବତ୍ରୈବ—ସଂ. ଅ (ସର୍ବତ୍ର+ଏବ)—ସବୁଠାରେହିଁ—
Sarbatraiba Certainly everywhere.

ସର୍ବଥା—ସଂ. ଅ (ସର୍ବ+ପ୍ରକାରାର୍ଥେ ଥା)—୧ । ସବୁ ପ୍ରକାରେ—
Sarbathā 1. In all ways. ୨ । ଅତିଶୟ; ଅତ୍ୟନ୍ତ. 2. Much; very much. ୩ । (ପ୍ରତିଜ୍ଞାର୍ଥକ) ହଁ—3 (Denoting promise) Yes! I promise. ୪ । (ହେତ୍ୱର୍ଥକ)—4. (Denoting cause) Yes! ୫ । (ସ୍ୱୀକାରାର୍ଥକ)—5. (Denoting admission) Yes! I admit. ୬ । (ନିଶ୍ଚୟାର୍ଥକ) ନିଶ୍ଚେ—6. (Denoting certainty) Certainly. [ଯଥା—କାଳି ପ୍ରଭାତେ ମୋର କଥା ବଂଶକୁ କହିବୁ ସର୍ବଥା ।
—ଭୂପତି ପ୍ରେମପଞ୍ଚାମୃତ]

ସର୍ବଦ—ସଂ. ବିଣ ଓ ବି. ପୁଂ (ସର୍ବ+ଦା ଧାତୁ+କର୍ତ୍ତୃ ଅ)—ସବୁ
Sarbada ଦାନକାରୀ—Bestower of all things.
(ସର୍ବଦାତା—ଅନ୍ୟରୂପ) (ସର୍ବଦା, ସର୍ବଦାନୀ—ସ୍ତ୍ରୀ)

ସର୍ବଦମନ—ସଂ. ବିଣ ଓ ବି. ପୁଂ (ସର୍ବ+ଦମି ଧାତୁ=ଦମନ କରିବା +କର୍ତ୍ତୃ. ଅନ]—୧ । ଯେ ସମସ୍ତଙ୍କୁ
Sarbadamana
[ସର୍ବଦମନା—ସ୍ତ୍ରୀ] ଦମନ କରେ—1. Controlling or restraining all. ୨ । ସମସ୍ତଙ୍କର ଶାସକ—2. Ruler of all.
ସଂ. ବି. ପୁଂ—ରାଜା ଦୁଷ୍ମନ୍ତଙ୍କ ଔରସରେ ଶକୁନ୍ତଳାଙ୍କ ଗର୍ଭଜାତ ପୁତ୍ର ରାଜା ଭରତଙ୍କ ଶିଶୁକାଳୀନ ନାମ—The name given during his infancy to King Bharata, the son of Raja Dushmanta. [ଦ୍ର—ରାଜା ଦୁଷ୍ମନ୍ତ ସ୍ୱର୍ଗରୁ ଫେରି କିମ୍ପୁରୁଷ ପର୍ବତରେ କଶ୍ୟପ ମୁନିଙ୍କ ଆଶ୍ରମରେ ପହଞ୍ଚିବା ସମୟରେ ସେଠାରେ ଦୁଷ୍ମନ୍ତଙ୍କ ଦ୍ୱାରା ମୁନିଙ୍କ ପ୍ରତ୍ୟାଖ୍ୟାତା ଶକୁନ୍ତଳାଙ୍କ ଗର୍ଭରେ ଜାତ ଔରସ ଶିଶୁ କୁମାରକୁ ଦେଖିଲେ । ଉକ୍ତ କୁମାର ସେଠାରେ ଗୋଟିଏ ସିଂହୀର ଦୁଗ୍ଧପାନରତ ତା ଶାବକକୁ ଧରି ତା ପାଟିକୁ ମେଲା କରି ତା ଦାନ୍ତ ଗଣିବାକୁ ଚେଷ୍ଟା କରୁଥିଲା । ତହୁଁ ଦୁଷ୍ମନ୍ତ ନିଜ ପୁତ୍ରକୁ ଚିହ୍ନିଲେ ଓ ଶକୁନ୍ତଳାଙ୍କ ସଙ୍ଗେ ପୁନର୍ମିଳିତ ହେଲେ । ସେହି ମୁନି ଆଶ୍ରମରେ ଦୁଷ୍ମନ୍ତ-କୁମାର ସିଂହ ଆଦି ଦୁଷ୍ଟ ଶାବକଙ୍କୁ ଦମନ କରୁଥିବା ଦେଖି ମୁନିମାନେ କୁମାରଙ୍କୁ ସର୍ବଦମନ ନାମ ଦେଇଥିଲେ । ପରେ ଏହି କୁମାର ଭରତ ନାମରେ ଖ୍ୟାତ ହେଲେ ।]

ସର୍ବଦର୍ଶନ ସଂଗ୍ରହ—ସଂ. ବି—ମାଧବାଚାର୍ଯ୍ୟଙ୍କ କୃତ ସଂସ୍କୃତ ଗ୍ରନ୍ଥ-
Sarba darśana samgraha ବିଶେଷ—The title of a Sanskrit work by Mādhabāchājya, which is a compendium of all the schools of Hindu philosophy. [ଦ୍ର—ଏଥିରେ ସବୁ ପ୍ରକାରର ଦର୍ଶନ ଶାସ୍ତ୍ର ଅଲୋଚିତ ହୋଇଅଛି ।]

ସର୍ବଦର୍ଶୀ—ସଂ. ବିଣ. ପୁଂ (ସର୍ବ+ଦୃଶ୍ ଧାତୁ=ଦେଖିବା+କର୍ତ୍ତୃ. ଇନ୍; ୧ମା. ୧ବ)—୧ । ଯେ ସବୁ ବିଷୟ
Sarba darśi
(ସର୍ବଦ୍ରଷ୍ଟା—ଅନ୍ୟରୂପ) ଦେଖି ପାରେ; ସର୍ବଦ୍ରଷ୍ଟା—1. Omniscient; seeing everything; all-seeing. ୨ । ସର୍ବଜ୍ଞ—2. All-knowing.
ସର୍ବଦର୍ଶିନୀ, ସର୍ବଦ୍ରଷ୍ଟ୍ରୀ } ସ୍ତ୍ରୀ
ସଂ. ବି. ପୁଂ—୧ । ଈଶ୍ୱର—1. God. ୨ । ବୁଦ୍ଧଦେବ (ଶବ୍ଦ ରତ୍ନାବଳୀ)—2. The Buddha.

ସର୍ବଦଳ ସମ୍ମି(ମ୍ମେ)ଳନୀ—ସଂ. ବି (ଅଧୁନିକ ବ୍ୟବହାର ଇଂରେଜୀରୁ
Sarbadala sammi(mme)lani ଅନୂଦିତ)—ସର୍ବବିଧ ମତାବଲମ୍ବୀର ଏକତ୍ର ମିଳନ ବା ସଭା—All parties-conference.

ସର୍ବଦ୍ୱାରିକ—ସଂ. ବିଣ ଓ ବି. ପୁଂ (ସର୍ବଦ୍ୱାର+ଇକ)—ଦିଗ୍‌ବିଜୟୀ—
Sarbadwārika Conquerer of kingdoms in all the points of the compass.

ସର୍ବଦା—ସଂ. ଅ (ସର୍ବ+କାଳାର୍ଥେ ୭ମୀ ବିଭକ୍ତିରେ ଦା)—୧ । ସବୁ
Sarbadā ବେଳେ—1. Always. ୨ । ସବୁ କାଳରେ—2. At all times. (ସଂ. ବିଣ. ସ୍ତ୍ରୀ)—ସର୍ବଦର ସ୍ତ୍ରୀଲିଙ୍ଗ—Feminine of sarbada.

ସର୍ବ ଦୁଃଖ କର—ସଂ. ବିଣ—ସର୍ବ ଦୁଃଖ ପ୍ରଦ (ଦେଖ)
Sarba duḥkha kara Sarba duḥkha prada (See)
(ସର୍ବଦୁଃଖକ୍ଷର—ବହୁବ୍ରୀହି).

ସର୍ବ ଦୁଃଖ କ୍ଷୟ—ସଂ. ବି (୬ଷ୍ଠୀ ତତ୍)—ସମସ୍ତ ଦୁଃଖର ନାଶ—
Sarba duḥkha kshaya The end or extinction of all sorrow or trouble.

ସର୍ବ ଦୁଃଖ ପ୍ରଦ—ସଂ. ବିଣ. ପୁଂ—ଯେ ସବୁ ଦୁଃଖ ଦିଏ—Giving
Sarba duḥkha prada all sorts of trouble; [ସର୍ବ ଦୁଃଖଦ—ଅନ୍ୟରୂପ] productive of much trouble. [ସର୍ବ ଦୁଃଖ ପ୍ରଦା, ସର୍ବ ଦୁଃଖଦା—ସ୍ତ୍ରୀ]

ସର୍ବ ଦେବ—ସଂ. ବି—ସବୁ ଦେବତାମାନେ—
Sarba deba All the Deities.

ସର୍ବ ଦେବ ନମସ୍କାର—ସଂ. ବି—ସବୁ ଦେବତାଙ୍କୁ ପ୍ରଣାମ—Obei-
Sarba deba namaskāra sance made to all the Deities.

ସର୍ବ ଦେବ ମୁଖ—ସଂ. ବି (୬ଷ୍ଠୀ ତତ୍; ଅଗ୍ନିରେ ଅର୍ପିତ ଦେଲେ ସବୁ
Sarba deba mukha ଦେବତା ପାଆନ୍ତି)—ଅଗ୍ନି (କଠୋଧର) —Fire.

ସର୍ବ ଦେଶମୟ—ସଂ. ବିଣ—ସକଳ ଦେଶ ସମ୍ବନ୍ଧୀୟ; ସକଳ ଦେଶୀୟ
Sarba deśamaya —Relating to all countries.
[ସର୍ବ ଦେଶୀୟ—ଅନ୍ୟରୂପ]

ସର୍ବ ଦ୍ରଷ୍ଟା—ସଂ. ବିଣ. ଓ ବି. ପୁଂ (ସର୍ବ+ଦୃଶ୍ ଧାତୁ+କର୍ତ୍ତୃ.ତୃ; ୧ମା.
Sarba drashṭā ୧ବ)—ସର୍ବଦର୍ଶୀ (ଦେଖ)
[ସର୍ବଦ୍ରଷ୍ଟ୍ରୀ—ସ୍ତ୍ରୀ] Sarbadarśī (See)

ସର୍ବ ଧର୍ମ—ସଂ. ବି—ସବୁ ପ୍ରକାରର ଧର୍ମ—
Sarba dharma All sorts of religion.

ସର୍ବ ଧର୍ମ ସମନ୍ୱୟ—ସଂ. ବି (୬ଷ୍ଠୀ ତତ୍)—ବିଭିନ୍ନ ଧର୍ମମତମାନ
Sarba dharm samanwaya ଅପେକ୍ଷିତ ଦଳ ଭିତ୍ତିରେ ଉଚିତ ମତଭେଦମାନ ଖଣ୍ଡନପୂର୍ବକ ସବୁ ଧର୍ମର ଏକମତତ୍ୱର ପ୍ରତିପାଦନ—Reconciliation of the apparent differences amongst all religions and establishment of their unity.

ସର୍ବ ଧାତୁକ—ସଂ. ବି (ସର୍ବ ଧାତୁ+କ)—ତମ୍ବା (ହି. ଶ)—
Sarba dhātuka Copper.

ସର୍ବ ଧାରୀ(ରି)—ସଂ. ବି—କାଳଚକ୍ରର ଦ୍ୱାବିଂଶ ବର୍ଷ—The 22nd
Sarba dhārā(ri) year of the cycle of time.

ସର୍ବ ଧୁରା ବହ—ସଂ. ବିଣ—(ସର୍ବ+ଧୁରା=ଭାର+ବହ୍ ଧାତୁ+
Sarba dhurā baha କର୍ତ୍ତୃ ଅ)—ଯେ ସବୁ ପ୍ରକାରର ଭାର
[ସର୍ବ ଧୁରୀଣ—ଅନ୍ୟରୂପ] ବହେ—Carrying all sorts of loads. ସଂ. ବି—ଯେଉଁ ପଶୁ (ଘୋଡ଼ା, ବଳଦ ଆଦି) ଗାଡ଼ି, ରଥ, ଲଙ୍ଗଳ ପ୍ରଭୃତି ଟାଣେ ଏବଂ ଯେ ମନୁଷ୍ୟ ଓ ବୋଝ ଆଦି ବୁହେ—Beasts wich are accustomed to every sort of load or daftr.

ସର୍ବନା(ଣ୍ଟା)—ପ୍ରାଦେ. (ସମ୍ବଲପୁର) ବି (ସଂ. ଶ୍ରବଣା; ଏହା ଶ୍ରାବଣ
Sarbanā(nāṅ) ମାସରେ ବା ବର୍ଷା ଋତୁରେ ଜନ୍ମେ)—ବର୍ଷା ଋତୁରେ ଧାନକ୍ଷେତରେ ମନକୁ ଜନ୍ମିବା ଅନାମନା ବା ବାରମିଶା ତୃଣ—A medley of weeds growing in the paddy fields during the rains. [ଯଥା—କ୍ଷେତ ନଶାଏ ସର୍ବନା । ଗାଁ ନଶାଏ ବାଁମନା— ଢଗ ।]

ସର୍ବନାଭ—ସଂ. ବି (ବହୁବ୍ରୀହି; ସର୍ବ+ନାଭି+ଅ)—ଏକପ୍ରକାର
Sarbanābha ଅସ୍ତ୍ର (ହି. ଶ)—A kind of weapon of offence.

ସର୍ବ ନାମ—ସଂ. ବି (ସର୍ବ+ନାମନ୍; ୬ଷ୍ଠୀ ତତ୍)—୧ । ସମସ୍ତଙ୍କର
Sarba nāma ନାମ—1. Name of all. ୨ । (ବହୁବ୍ରୀହି) (ବ୍ୟାକରଣ) ଯେଉଁ ସବୁ ଶବ୍ଦ (ଅମ୍ଭେ, ମୁଁ, ତୁମ୍ଭେ, ତୁ, ଏ, ସେ, ତାହା, ଯେ, ସର୍ବ, ସବୁ ଇତ୍ୟାଦି) ବିଶେଷ୍ୟ ପଦ ପରିବର୍ତ୍ତିରେ ବ୍ୟବହୃତ ହୁଏ—2. (grammar) A pronoun. [ଦ୍ର—ସଂସ୍କୃତ ବ୍ୟାକରଣରେ ସର୍ବନାମକୁ ସାଧାରଣତଃ ୫ ଭାଗରେ ବିଭକ୍ତ କରାଯାଇଅଛି—୧ । ସର୍ବାଦି—ଯଥା; ସର୍ବ, ବିଶ୍ୱ, ଉଭୟ, ଏକ, ଏକତର; ୨ । ଅନ୍ୟାଦି—ଯଥା; ଅନ୍ୟ, ଅନ୍ୟତର, ଇତର, କତର, କତମ, ଏକତମ, ୩ । ପୂର୍ବାଦି—ଯଥା; ପୂର୍ବ, ପର, ଅପର, ଅବର, ଅଧର, ଦକ୍ଷିଣ ଓ ସ୍ୱ; ୪ । ଯଦାଦି—ଯଥା; ଯଦ୍, ତଦ୍, ଏତଦ୍, ତ୍ୟଦ୍ ଓ କିମ୍; ୫ । ଇଦମାଦି—ଯଥା; ଇଦମ୍, ଅଦସ୍, ଯୁଷ୍ମଦ୍, ଅସ୍ମଦ୍ । ଅସ୍ମାଂ ଓ ଆତ୍ମୀୟ ଅର୍ଥରେ ସ୍ୱ ଶବ୍ଦ ସର୍ବନାମ ।

ସଂସ୍କୃତରେ ସର୍ବନାମ ଶବ୍ଦମାନଙ୍କର ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗରେ ଭିନ୍ନ ଭିନ୍ନ ଆକାର ଅଛି; କିନ୍ତୁ ଓଡ଼ିଆରେ ନାହିଁ ।

ସଂସ୍କୃତରେ କଥା କହିବା ବ୍ୟକ୍ତି ନିଜ ପ୍ରତି ଯେଉଁ ସର୍ବନାମ ଶବ୍ଦର ବ୍ୟବହାର କରନ୍ତି ତାହାର ଉତ୍ତମ ପୁରୁଷ (ଯଥା—ମୁଁ, ଅମେ, ଅମ୍ଭେ);

ଯାହାଙ୍କୁ ସମ୍ବୋଧନ କରୁଥାଆନ୍ତି ତାଙ୍କ ପ୍ରତି ମଧ୍ୟମ ପୁରୁଷର ସର୍ବନାମ ପ୍ରଯୁକ୍ତ ହୁଏ (ଯଥା—ତୁ, ତୁମ୍ଭେ, ଆପଣ);

ଏହା ଭିନ୍ନ ଅନ୍ୟ ବ୍ୟକ୍ତି ବା ବସ୍ତୁଙ୍କ ପ୍ରତି ତୃତୀୟ ବା ପ୍ରଥମ ପୁରୁଷର ସର୍ବନାମ ପ୍ରଯୁକ୍ତ ହୁଏ ।

କିନ୍ତୁ କେତେକ ଓଡ଼ିଆ ବ୍ୟାକରଣକାର ଇଂରାଜର ଅନୁସରଣରେ ସଂସ୍କୃତର ଉତ୍ତମ ପୁରୁଷକୁ ପ୍ରଥମ ପୁରୁଷ, ମଧ୍ୟମ ପୁରୁଷକୁ ଦ୍ୱିତୀୟ ପୁରୁଷ ଓ ତୃତୀୟ ବା ପ୍ରଥମ ପୁରୁଷକୁ ତୃତୀୟ ପୁରୁଷ ବୋଲି ଉଲ୍ଲେଖ କରିଅଛନ୍ତି ।]

ସର୍ବ ନାଶ—ସଂ. ବି (୬ଷ୍ଠୀ ତତ୍)—୧ । ସବୁ ପଦାର୍ଥର ବା ବସ୍ତୁର
Sarba nāśa ବା ବିଷୟର ଧ୍ୱଂସ—1. Destruction of all things. ୨ । ସମୂଳ ବିନାଶ—2. Extinction or ruin; complete loss. ୩ । ପ୍ରଳୟ—3. Universal Dissolution.

ସର୍ବ ନାଶିଆ—ଦେ. ବଣ, ପୁଂ (ଗାଳ)—ଯେ ସର୍ବନାଶ ଘଟାଏ—
Sarba nāsiā Causing or bringing about ruin; সর্বনাশী, সর্ব নেশে सर्व नाशी ruinous.
[ସର୍ବନାଶୀ—ସ୍ତ୍ରୀ]

ସର୍ବ ନାଶିନୀ—ସଂ. ବଣ. ସ୍ତ୍ରୀ (ସର୍ବନାଶିନ୍+ସ୍ତ୍ରୀ. ଈ)—ସର୍ବନାଶୀର
Sarba nāsinī ସ୍ତ୍ରୀଲିଙ୍ଗ—The feminine form
[ସର୍ବ ନାଶୀ—ପୁଂ] of Sarbanāsī. ସଂ. ବି. ସ୍ତ୍ରୀ—
ମହାକାଳୀ—The Goddess Mahākālī.

ସର୍ବ ନାଶୀ—ସଂ.ବଣ. ପୁଂ (ସର୍ବନାଶ+ଇନ୍, ୧୮୮. ୧୪)—୧ । ସର୍ବ
Sarba nāsī ଧ୍ୱଂସକାରୀ; ଯେ ସର୍ବନାଶ ଘଟାଏ—1. Caus-
(ସର୍ବନାଶିନୀ—ସ୍ତ୍ରୀ) ing total ruin. ୨ । ସର୍ବନାଶକାରୀ—
2. Destroying everything. ୩ । ପ୍ରଳୟକର—
3. Causing utter dissolution. ଦେ. ବଣ. ସ୍ତ୍ରୀ—ସର୍ବନାଶିଆର ସ୍ତ୍ରୀଲିଙ୍ଗ—Feminine of Sarba nāsiā.

ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ—ସ. ପ୍ରବଚନ—ପଣ୍ଡିତ
Sarbanāse samutpanne arddham tyajati panditah ବା ଜ୍ଞାନୀ ବ୍ୟକ୍ତି ଯେଉଁଠାରେ କୌଣସି ବସ୍ତୁର ସର୍ବନାଶ ଘଟିବା ଅବଶ୍ୟମ୍ଭାବୀ ବୋଲି ଦେଖନ୍ତି, ସେଠାରେ ଉକ୍ତ ବସ୍ତୁର ଅର୍ଦ୍ଧେ ବା ଅଂଶ ତ୍ୟାଗ କରି ଅନ୍ୟ ଅଂଶକୁ ରକ୍ଷା କରନ୍ତି—A Sanskrit proverb meaning "A wise man is content to give up a part (literally, a half) where he finds that he is about to lose the whole".

ସର୍ବ ନିୟନ୍ତା—ସ. ବଣ (ସର୍ବ+ନି+ଯମ୍ ଧାତୁ=ସଂଯତ କରିବା+
Sarba niyantā ତୃଚ୍. କୃ, ୧୩୮. ୧୪)—ସକଳ ବିଷୟର
(ସର୍ବନିୟନ୍ତ୍ରୀ—ସ୍ତ୍ରୀ) ନିୟନ୍ତ୍ରକ—Guiding or controlling everything.

ସର୍ବଦମ—ସ. ବଣ ଓ ବି. ପୁଂ (ସର୍ବ=ସମସ୍ତଙ୍କୁ+ଦମ୍. ଧାତୁ=
Sarbandama ଦମନ କରିବା+ତୃଚ୍. ଅ; ଅଲୁକ ସମାସ)—
(ସର୍ବନ୍ଦମନ, ସର୍ବଂଦମ, ସର୍ବଂଦମନ—ଅନ୍ୟରୂପ)
ସର୍ବ ଦମନ (ଦେଖ)—Sarba damana. (See)

ସର୍ବ ପଥଜ୍ଞ—ସଂ. ବଣ. ପୁଂ (ସର୍ବପଥ+ଜ୍ଞା. ଧାତୁ=ଜାଣିବା+ତୃଚ୍.
Sarba pathajña ଅ)—ଯେ ସବୁ ବାଟ ଜାଣେ—
(ସର୍ବପଥଜ୍ଞା—ସ୍ତ୍ରୀ) Knowing all the roads.

ସର୍ବପଥୀନ—ସଂ.ବଣ. ପୁଂ (ସର୍ବ+ପଥ+ଈନ)-୧ । ସର୍ବପଥଗାମୀ—1.
Sarbapathīna Going on all ways. ୨ । ସର୍ବପଥଜ୍ଞ—
(ସର୍ବପଥୀନା—ସ୍ତ୍ରୀ) 2. Knowing all the ways. ୩ ।
ସର୍ବ ପଥବ୍ୟାପୀ—3. Occupying the whole breadth of the road. ସଂ. ବି—୧ । ରଥ (ଶବ୍ଦକୋଷ)—1.Car; chariot. ୨ । ଯେଉଁ ରଥ ସବୁପ୍ରକାର ପଥରେ ଯାଇ ପାରେ—2. A car which can be used in all sorts of roads. ୩ । ଯେଉଁ ରଥ ରାସ୍ତାର ସବୁ ଅଂଶକୁ ଅଧିକାର କରେ (ଯଥା—ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ରଥ)—3. A very stupenduous car which occupies the whole breadth of the road.

ସର୍ବପା—ସଂ. ବି. ସ୍ତ୍ରୀ—ବଳିରାଜ ପତ୍ନୀ—The name of the
Sarbapā wife of king Bali. ସଂ. ବଣ. ସ୍ତ୍ରୀ (ସର୍ବ+
(ସର୍ବପ—ପୁଂ. ବଣ) ପା. ଧାତୁ+ତୃଚ୍. ଅ+ସ୍ତ୍ରୀ ଆ)—୧ । ସମସ୍ତ ପଦାର୍ଥ ପାନକର୍ତ୍ତ୍ରୀ—1. (female) Drinking everything. ୨ । ସମସ୍ତଙ୍କ ପାଳନକର୍ତ୍ତ୍ରୀ—2. (female) Maintaining or saving all.

ସର୍ବପାଚକ—ସଂ. ବି (ସର୍ବ+ପଚ. ଧାତୁ. ଣିଚ=ପାଚ. ଧାତୁ+ତୃଚ୍.
Sarbapāchaka ଅକ; ଯାହା ସମସ୍ତ ଧାତୁକୁ ପାକ କରେ)—
ସୁହାଗା; ଟଙ୍କଣସାର (ବୃ. ଷ)—Borax.

ସର୍ବ ପ୍ରକାର—ସଂ. ବି (କର୍ମଧା)—ସବୁ ରକମ—All sorts. ଦେ.
Sarba prakāra ବଣ (ବହୁବ୍ରୀହି)—ସବୁ ରକମର—
সবরকম सबतरह Of all sorts.

ସର୍ବ ପ୍ରଧାନ—ସଂ. ବଣ (୭ମୀ ତତ୍)—୧ । ସର୍ବୋଚ୍ଚତର—
Sarba pradhāna 1. Utmost. ୨ । ସର୍ବଶ୍ରେଷ୍ଠ; ସର୍ବୋତ୍କୃଷ୍ଟ—2. Superior to all others. ୩ । ସମସ୍ତଙ୍କ ମଧ୍ୟରେ ପ୍ରଧାନ—3. Head or Chief of all. ୪ । ସମସ୍ତଙ୍କ ମଧ୍ୟରେ ମୁଖ୍ୟ—4. Pre-eminent.

ସର୍ବ ପ୍ରିୟ—ସଂ. ବଣ.ପୁଂ—୧। (୬ଷ୍ଠୀ ତତ୍)—ସମସ୍ତଙ୍କର ବଲ୍ଲଭ; ଯେ
Sarba priya ସମସ୍ତଙ୍କର ପ୍ରିୟ; ସମସ୍ତେ ଯାହାକୁ ସ୍ନେହ
(ସର୍ବପ୍ରିୟା—ସ୍ତ୍ରୀ) କରନ୍ତି—1. Dear to all; beloved by
[ସର୍ବପ୍ରିୟତା—ବି] all. ୨ । (ବହୁବ୍ରୀହି) ସମସ୍ତେ ଯାହାର ପ୍ରିୟ—2. Benevolent; catholic; all-loving. ୩ । ସମସ୍ତଙ୍କର ରୁଚିକର (କର୍ମ)—3. Pleasing to all.

ସର୍ବପ୍ରିୟା—ସଂ. ବି. ସ୍ତ୍ରୀ—ସର୍ବବଲ୍ଲଭା (ଦେଖ)—Sarba ballavā
Sarbapriyā (See) ସଂ. ବଣ. ସ୍ତ୍ରୀ—ସର୍ବପ୍ରିୟର ସ୍ତ୍ରୀଲିଙ୍ଗ—
Feminine of Sarbapriya.

ସର୍ବ ବନ୍ଦନ—ଦେ. ବଣ (ସଂ. ସର୍ବବନ୍ଦନୀୟ)—ସର୍ବବନ୍ଦନୀୟ; ସମସ୍ତଙ୍କ
Sarba bandana ପୂଜନୀୟ—Adorable by all. [ଯ—
सर्ववन्दन ସର୍ବବନ୍ଦନ ତୁ ଠାକୁର, ତୋତେ ମୋହର ନମସ୍କାର ।
सर्ववंद्य ଜଗନ୍ନାଥ- ଭାଗବତ ।]

ସର୍ବ ବନ୍ଦନୀୟ—ସଂ. ବଣ. ପୁଂ (୬ଷ୍ଠୀ ତତ୍)—ସମସ୍ତଙ୍କ ପୂଜନୀୟ—
Sarba bandanīya Adorable by all.
(ସର୍ବବନ୍ଦ୍ୟ—ଅନ୍ୟରୂପ) [ସର୍ବବନ୍ଦନୀୟା, ସର୍ବବନ୍ଦ୍ୟା—ସ୍ତ୍ରୀ]

ସର୍ବବର୍ଣ୍ଣିକା—ସଂ. ବ (ବୈଦ୍ୟକ)—ଗମ୍ଭାରୀ ଗଛ—
Sarbabarṇṇikā Gmelina Arborea (tree)

ସର୍ବବଲ୍ଲଭ—ସଂ. ବଣ. ପୁଂ (୬ଷ୍ଠୀ ତତ୍)—ସର୍ବପ୍ରିୟ (ଦେଖ)
Sarbaballabha Sarbapriya. (See)
(ସର୍ବବଲ୍ଲଭା—ସ୍ତ୍ରୀ)

ସର୍ବବଲ୍ଲଭା—ସଂ. ବି. ସ୍ତ୍ରୀ – ଅସତୀ ନାରୀ (ଧରଣୀଧର); କୁଳଟା ସ୍ତ୍ରୀ—
Sarbaballabhā An unchaste woman; an adulteress. ସଂ. ବିଣ. ସ୍ତ୍ରୀ –ସର୍ବବଲ୍ଲଭର ସ୍ତ୍ରୀଲିଙ୍ଗ—
Feminine form of 'Sarbaballabha'.

ସର୍ବବାଦି ସମ୍ମତ—ସଂ. ବିଣ (ସର୍ବବାଦୀନ୍+ସମ୍ମତ; ୩ୟା ତତ୍)—
Sarbabādi sammata ୧ । ସକଳ ମତବାଦୀଙ୍କ ଦ୍ୱାରା ଅନୁମୋଦିତ—1. Approved by all; universally acknowledged. ୨ । ସବୁ ସଂପ୍ରଦାୟଙ୍କ ଦ୍ୱାରା ସ୍ୱୀକୃତ—2. Admitted by all the different sects. ୩ । ସମସ୍ତଙ୍କ ଦ୍ୱାରା ସ୍ୱୀକୃତ—
3. Unanimously agreed; agreed to by all.

ସର୍ବବାଦୀ—ସଂ. ବିଣ. ପୁଂ (ସର୍ବ+ବଦ୍ ଧାତୁ=କହିବା+କର୍ତ୍ତୃ. ଇନ୍,
Sarbabādi ୧ମା ୧ବ)—୧ । ସବୁ ପ୍ରକାରର ମତ ଅବଲମ୍ବନକାରୀ—1. Holding all sorts of
(ସର୍ବବାଦିନୀ – ସ୍ତ୍ରୀ) views. ୨ । ବିଭିନ୍ନ ମତାବଲମ୍ବୀ—2. Holding different views. ୩ । ସବୁ ସଂପ୍ରଦାୟର—
3. Belonging to all sects. ସଂ. ବି – ଶିବଙ୍କର ଏକ ନାମ (ହି. ଶ)—A name of Śiba.

ସର୍ବବାଧା ପ୍ରଶମନ—ସଂ ବି (୬ଷ୍ଠୀ ତତ୍) ସବୁ ବାଧାର ନିବାରଣ—
Sarbabādhā praśamana Assuagement of all
(ସର୍ବବାଧାପ୍ରଶମକ—ବିଣ. ପୁଂ) grief or obstacles.

ସର୍ବବିଦ୍—ସଂ ବିଣ (ସର୍ବ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. କ୍ୱିପ୍)—
Sarbabid ସର୍ବଜ୍ଞ (ଦେଖ)—Sarbajña (See). ସଂ ବି—
୧ । ପରମେଶ୍ୱର—1. God. ୨ । ଓଁକାର (ହି. ଶ)
2. The mystic syllable 'Om'.

ସର୍ବବିଦ୍ୟା—ସଂ. ବି (କର୍ମଧାରୟ)—ସବୁପ୍ରକାରର ବିଦ୍ୟା—
Sarbabidyā All branches of learning.

ସର୍ବବିଦ୍ୟା ବିଶାରଦ—ସଂ. ବିଣ. ପୁଂ (କର୍ମଧା ଓ ୭ମୀ ତତ୍)—
Sarbabidyā biśārada ସବୁ ବିଦ୍ୟାରେ ପାରଦର୍ଶୀ—
(ସର୍ବବିଦ୍ୟାବିଶାରଦା—ସ୍ତ୍ରୀ) Proficient in all branches of learning.

ସର୍ବବୀର—ସଂ. ବିଣ. ପୁଂ (ବହୁବ୍ରୀହି)—ବହୁପୁତ୍ରଯୁକ୍ତ (ହି. ଶ)
Sorbabīra Having many sons.
(ସର୍ବବୀରା - ସ୍ତ୍ରୀ)

ସର୍ବବେଦ—ସଂ. ବିଣ. ପୁଂ (ସର୍ବ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ ଅ)-
Sarbabeda ୧ । ସର୍ବଜ୍ଞ (ଦେଖ)—1. Sarbajña (See)
୨ । ସବୁବେଦମାନ—2. All the Bedas.
(ସର୍ବବେଦା—ସ୍ତ୍ରୀ) ସଂ. ବିଣ. ପୁଂ—ସର୍ବବେଦାଧ୍ୟାୟୀ ବ୍ରାହ୍ମଣ—A Brāhmaṇa learned in all the Bedas.

ସର୍ବବେଦସ—ସଂ. ବି—ସକଳ ସମ୍ପତ୍ତି (ହି. ଶ)
Sarbabedasa All property.

ସର୍ବବେଦା(ଦାଃ)—ସଂ ବି. ପୁଂ (ସର୍ବ+ବିଦ ଧାତୁ+କର୍ତ୍ତୃ ଅସ୍=
Sarbabedā(dāḥ) ସର୍ବବେଦସ୍, ୧ମା ୧ବ)—ଯେଉଁ ବ୍ୟକ୍ତି ସର୍ବସ୍ୱଦକ୍ଷିଣ ଯାଗ ସମ୍ପାଦନ କରିଅଛନ୍ତି (ଅମର)—
A person who has performed Sarbaswadakshiṇa sacrifice.

ସର୍ବବେଶୀ—ସଂ ବିଣ. ପୁଂ (ସର୍ବବେଶ+ଅସ୍ତି ଅର୍ଥରେ ଇନ୍; ୧ମା ୧ବ)
Sarbabeśī ସବୁ ପ୍ରକାରର ବେଶଧାରୀ—
(ସର୍ବବେଶିନୀ—ସ୍ତ୍ରୀ) Assuming all sorts of dress. ସଂ ବି—୧ । ନଟ (ହେମଚନ୍ଦ୍ର)—
1. An actor. ୨ । ବହୁରୂପୀ ବ୍ୟକ୍ତି—
2. A person who assumes different masks at different times.

ସର୍ବ ବୈନାଶିକ—ସଂ ବି [ସର୍ବ+ବୈନାଶିକ]—ଯାହା ଅଛି ସମସ୍ତଙ୍କୁ
Sarba bainā́sika ବିନାଶଶୀଳ ବୋଲି ଯେ କହେ; ବୌଦ୍ଧ (ହି. ଶ)—A Buddhist.

ସର୍ବ ବ୍ୟାପକ(ବ୍ୟାପୀ)—ସଂ. ବିଣ. ପୁଂ (ସର୍ବ+ବ୍ୟାପକ)—ଯାହା ସବୁ
Sarba byāpaka(byāpi) ଅଙ୍ଗକୁ ବା ବସ୍ତୁକୁ ବ୍ୟାପି ଥାଏ—
Extending over all; all-pervading. ସ (ସର୍ବବ୍ୟାପିକା, ସର୍ବବ୍ୟାପିନୀ—ସ୍ତ୍ରୀ) ବି—୧ । ଈଶ୍ୱର—1. God.
୨ । ଶିବ—2. Śiba. ୩ । ବ୍ରହ୍ମା—3. Brahmā.

ସର୍ବ ଭକ୍ଷ(କ୍ଷୀ)—ସଂ. ବି (ସର୍ବ+ଭକ୍ଷ୍ ଧାତୁ+କର୍ତ୍ତୃ. ଅ;+କର୍ତ୍ତୃ.
Sarba bhaksha(kshī) ଇନ୍; ୧ମା. ୧ବ)—ହୁତାଶନ;
ସର୍ବଭକ୍ଷା } ବିଣ.ସ୍ତ୍ରୀ ବହ୍ନି—Fire. ସଂ. ବିଣ.ପୁଂ—ଯେ
ସର୍ବଭକ୍ଷିଣୀ } ସମସ୍ତ ବସ୍ତୁ ଭକ୍ଷଣ କରେ—
(ସର୍ବଭକ୍ଷକ—ଅନ୍ୟରୂପ) All eating; omnivorous.

ସର୍ବ ଭକ୍ଷା—ସଂ. ବି. ସ୍ତ୍ରୀ (ସର୍ବଭକ୍ଷ+ଆ)—ଛାଗୀ (ହେମଚନ୍ଦ୍ର)—
Sarba bhakshā She-goat.
ସଂ. ବିଣ, ସ୍ତ୍ରୀ—ସର୍ବଭକ୍ଷର ସ୍ତ୍ରୀଲିଙ୍ଗ—Feminine of Sarbabhaksha.

ସର୍ବ ଭକ୍ଷ୍ୟ—ସଂ.ବିଣ.ପୁଂ (ସର୍ବ ଅଟେ ଭକ୍ଷ୍ୟ ଯାହାର; ବହୁବ୍ରୀହି)—
Sarba bhakshya ସର୍ବଗ୍ରାସୀ (ଦେଖ)
(ସର୍ବଭକ୍ଷ୍ୟା—ସ୍ତ୍ରୀ) Sarba grāsī (See)

ସର୍ବ ଭବୋଦ୍ଭବ—ସଂ. ବି—ସୂର୍ଯ୍ୟ (ହି. ଶ)—
Sarba bhabodbhaba The sun.

ସର୍ବ ଭାବନ—ସଂ. ବି—ଶିବ (ହି. ଶ)—
Sarba bhābana Śiba.

ସର୍ବ ଭୁକ୍—ସଂ.ବିଣ. ପୁଂ ଓ ସ୍ତ୍ରୀ (ସର୍ବ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Sarba bhuk ସର୍ବଗ୍ରାସୀ (ଦେଖ)—Sarba grāsī (See)
ସଂ. ବି—ଅଗ୍ନି; ବହ୍ନି—Fire.

ସର୍ବ ଭୂତ—ସଂ. ବି (କର୍ମଧା)—ସମସ୍ତ ପ୍ରାଣୀ; ଜଗତର ପ୍ରାଣିଗଣ—
Sarba bhūta All beings.

ସର୍ବଭୂତ ହିତ—ସଂ. ବି (୬ଷ୍ଠୀ ତତ୍)—ସମସ୍ତ ପ୍ରାଣୀଙ୍କ ମଙ୍ଗଳ—
Sarbabhūta hita The bliss or good of all
(ସର୍ବଭୂତହିତକର—ବିଣ. ପୁଂ) beings.

ସର୍ବଭୂମିକ—ସଂ. ବି [ସର୍ବଭୂମି+କ]—ଦାରୁଚିନି [ହି. ଶ]
Sarbabhūmika Cinnamon.

ସର୍ବ ଭୋଗୀ—ସଂ. ବଣ. ପୁଂ (ସର୍ବ+ଭୋଗିନ୍, ୧ମା. ୧ବ)—
Sarba bhogi ୧ । ସର୍ବଭକ୍ଷ—1. Omnivorous. ୨ ।
[ସର୍ବ ଭୋଗିନୀ—ସ୍ତ୍ରୀ] ସମସ୍ତ ଭୋଗକାରୀ—
2. Enjoying everything.

ସର୍ବ ମଖ(ଖା)ସା—ଗ୍ରାଦେଂ (କସ୍ତୁପୁର) ବ—ଚିରସ୍ଥାୟୀ ଜାଗିର—
Sarba makha(khā)sā Permanent Jaighir.

ସର୍ବ ମଙ୍ଗଳ—ସଂ. ବ—୧ । ସର୍ବ ଶୁଭ; ସବୁ ବିଷୟରେ ମଙ୍ଗଳ—
Sarba mangala 1. Happiness in everything.
୨ । ମୋକ୍ଷଦାତା—2. Saviour. ସଂ. ବଣ. ପୁଂ—
[ସର୍ବ ମଙ୍ଗଳା—ସ୍ତ୍ରୀ] ୧ । ସବୁ ପ୍ରକାରର ମଙ୍ଗଳ ବିଧାତା—
1. Bringing about all sorts of happiness.
[ଦ୍ର—ସର୍ବମଙ୍ଗଳ ଜଗନ୍ନାଥ ।]

ସର୍ବ ମଙ୍ଗଳକର—ସଂ. ବଣ. ପୁଂ—ସବୁ ପ୍ରକାରର ମଙ୍ଗଳବିଧାୟକ—
Sarba mangalakara Giving all sorts of bliss
(ସର୍ବମଙ୍ଗଳକରୀ—ସ୍ତ୍ରୀ) or happiness.

ସର୍ବ ମଙ୍ଗଳମୟ—ସଂ. ବଣ. ପୁଂ—ସବୁ ମଙ୍ଗଳର ଆଧାର—Full of
Sarba mangalamaya all sorts of happiness or
[ସର୍ବ ମଙ୍ଗଳମୟୀ—ସ୍ତ୍ରୀ] bliss; blissful.

ସର୍ବ ମଙ୍ଗଳା—ସଂ. ବ. ସ୍ତ୍ରୀ (ସକଳ ପ୍ରକାରର ମଙ୍ଗଳକୁ ଯେ ଦିଅନ୍ତି—
Sarba mangalā ୧ । ଦୁର୍ଗା—1. Goddess Durgā.
୨ । ଲକ୍ଷ୍ମୀ (ହି. ଶ.)—2. Goddess Lakshmi.
ସଂ. ବଣ. ସ୍ତ୍ରୀ—ସର୍ବମଙ୍ଗଳର ସ୍ତ୍ରୀଲିଙ୍ଗ—Feminine
of Sarbamangala.

ସର୍ବ ମନ୍ଦିରା—ଦେ: ବ—ଏକପ୍ରକାରର ପ୍ରାଚୀନ ଅର୍ଣ୍ଣବ ପୋତ (ଭୋଜ-
Sarba mandirā ରାଜ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ
ଜଳଯାନ ପ୍ରାଚୀନ ଉତ୍କଳ)—A kind of ship used
in ancient time.

ସର୍ବମୟ—ସଂ. ବଣ. ପୁଂ (ସର୍ବ+ପରିପୂର୍ଣ୍ଣାର୍ଥରେ ମୟ)—୧ । ସର୍ବ-
Sarbamaya ମୟ; ଯାହା ସବୁଠାରେ ଗୋଟିଏ; ସର୍ବବ୍ୟାପକ—
[ସର୍ବମୟୀ—ସ୍ତ୍ରୀ] 1. All-pervading. ୨ । ଯାହାର
କ୍ଷମତା ସର୍ବତ୍ର ବିସ୍ତୃତ—2. Very influential. ୩ ।
ସର୍ବତ୍ର ଶକ୍ତିଶାଳୀ—3. Omnipotent.

ସର୍ବମୟ କର୍ତ୍ତା—ସଂ. ବ. ପୁଂ—ଯେଉଁ ବ୍ୟକ୍ତିର କ୍ଷମତା ବା ଅଧିକାର
Sarbamaya karttā ସର୍ବବ୍ୟାପୀ—One who is the
all powerful head of an institution
(ସର୍ବମୟୀକର୍ତ୍ତ୍ରୀ—ସ୍ତ୍ରୀ) or place.

ସର୍ବ ମୂଲ୍ୟ—ସଂ. ବ (ବହୁବ୍ରୀହି; ସର୍ବ=ସବୁ ପଦାର୍ଥର ମୂଲ୍ୟରୂପେ
Sarba mūlya ଯାହା ଅବଲମ୍ବିତ ହୋଇ ପାରେ)—
୧ । କପର୍ଦ୍ଦକ; କଉଡ଼ି—2. Shell money. ୨ ।
କୌଣସି କ୍ଷୁଦ୍ର ମୁଦ୍ରା (ହି. ଶ)—
2. Any small coin.

ସର୍ବ ମେଧ—ସଂ. ବଣ (ସର୍ବ=ମେଧ୍ ଧାତୁ=ବଧ କରିବା, ସଙ୍ଗ
Sarba medha କରିବା+କର୍ତ୍ତୃ. ଅ)—୧ । ସର୍ବ ସଂହାରକ;
ସର୍ବନାଶୀ—1. Destroying everything; all-
destroying. ୨ । ସର୍ବସଙ୍ଗୀ—2. Accompa
nying all. ସଂ. ବ (କର୍ମଧା)—୧ । ସର୍ବପ୍ରକାରର
ଯଜ୍ଞ—1. All sorts of Vedic sacrifices.
୨ । ସାର୍ବଜନୀନ ଯଜ୍ଞ (ହି. ଶ)—2. A vedic
sacrifice open to all. ୩ । ଦଶଦିନ ବ୍ୟାପୀ
ସୋମଯାଗବିଶେଷ (ହି. ଶ)—
3. A sort of Soma sacifice.

ସର୍ବଯ୍ୟ—ଗ୍ରା. ଅ—ସବୁଠାରେ—Everywhere. [ଦ୍ର—ଶ୍ଳୋକ
Sarbaya ଜନ୍ମ ଜଣ୍ଡା ପିଣ୍ଡା ଦେହରେ ସର୍ବଯ୍ୟ—ପ୍ରାଚୀ.
सब जागाय सबजगहमें ବ୍ରହ୍ମକରୁପଣ ଗୀତା ।]

ସର୍ବ ଯମକ—ଦେ. ବ (ସଂ. ସର୍ବ+ଯମକ)—କାବ୍ୟାଳଙ୍କାରବିଶେଷ—
Sarba jamaka A figure of speech. [ଦ୍ର—ଏହା
सर्व यमक ଶବ୍ଦାଳଙ୍କାରରେ ପ୍ରଥମ ପଦ ଓ ଦ୍ୱିତୀୟ ପଦର ଶବ୍ଦ-
सर्व यमक ବିନ୍ୟାସ ଏକା ଅଛି କିନ୍ତୁ ଅର୍ଥ ଭିନ୍ନ ।] [ଦ୍ର—
ଅଦ୍ଭୁ ମନର ତାପ ନାଶେ ଶୋଭି ସାରସ ଉଚ୍ଚେ । ଅଦ୍ଭୁମ-
ନର ତାପ ନାଶେ ଶୋଭି ସାରସ ଉଚ୍ଚେ—ଭଞ୍ଜ ଲାବଣ୍ୟବତୀ]

ସର୍ବ ଯୋଗୀ—ସଂ. ବ. ପୁଂ (୭ମୀ ତତ୍)—ଶିବ (ହି. ଶ)—
Sarbajogi Siba.

ସର୍ବ ରକ୍ଷକ—ସଂ. ବଣ (ସର୍ବ+ରକ୍ଷ୍ ଧାତୁ+କର୍ତ୍ତୃ. ଅକ)—ଯେ
Sarba rakshaka ସମସ୍ତଙ୍କୁ ରକ୍ଷା କରେ—Protecting
[ସର୍ବରକ୍ଷକ, ସର୍ବରକ୍ଷାକର—ଅନ୍ୟରୂପ] or saving all.

ସର୍ବ ରକ୍ଷଣ କବଚ—ସଂ. ବ—ବ୍ରହ୍ମବୈବର୍ତ୍ତ ପୁରାଣୋକ୍ତ (କୃଷ୍ଣ ଜନ୍ମ
Sarba rakshana kabacha ଖଣ୍ଡ ୧୨ଶ ଅଧ୍ୟାୟ) ବିଷ୍ଣୁ
ସ୍ତବବିଶେଷ—Name of a prayer (lit. prote
ctive armour) invoking Bishnu for
one's protection. [ଦ୍ର—ଏଥିରେ ଦେହର
ପ୍ରତ୍ୟେକ ଅବୟବକୁ ରକ୍ଷା କରିବା ପାଇଁ ବିଷ୍ଣୁଙ୍କୁ ଭିନ୍ନ
ଭିନ୍ନ ନାମରେ ଆହ୍ୱାନ କରାଯାଏ ।]

ସର୍ବ ରସ—ସଂ. ବ—୧ । ଧୂନକ; ଝୁଣା (ଅମର)—1. Resin.
Sarba rasa ୨ । ବାଦ୍ୟଭଣ୍ଡ; ବୀଣାଭେଦ; ଏକପ୍ରକାର ବୀଣା
(ମେଦିନୀ)—2. A kind of harp. ୩ । ସୁଧୀ;
ପଣ୍ଡିତ (ଶବ୍ଦରତ୍ନାବଳୀ)—3. A learned man.
୪ । ଲବଣ ରସ (ହେମଚନ୍ଦ୍ର)—4. Saline taste.
୫ । ଲବଣ; ଲୁଣ (ହି. ଶ.)—5. Salt.
[ସର୍ବରସା—ସ୍ତ୍ରୀ] ସଂ. ବ. ପୁଂ—ସବୁ କଳାରେ ନିପୁଣ (ବ୍ୟକ୍ତି)
(ହି. ଶ)—Skilled in all the arts.

ସର୍ବ ରସା—ସଂ. ବଣ. ସ୍ତ୍ରୀ (ସର୍ବରସ+ଆ)—ସର୍ବ ରସର ସ୍ତ୍ରୀଲିଙ୍ଗ—
Sarba rasā Feminine in Sarba rasa. ସଂ. ବ—
ଖଇ ମଣ୍ଡ (ହି. ଶ)—A food-paste prepared
by sifting boiled fried paddy.

ସର୍ବ ରସୋତ୍ତମ—ସଂ. ବ—ଲବଣ (ହେମଚନ୍ଦ୍ର)—
Sarba rasottama Salt.

ସର୍ବରା—ବୈଦେ· ବି (ଫା. ସର୍‌ବରାହ୍=ରାଜାଙ୍କ କର୍ମ ଚଳାଇ; Sarbarā ରାଜସ୍ୱ ଉପକରଣ ସଂଗ୍ରହ)—୧ । ରାଜସ୍ୱ— খাজনা 1. Revenue' ୨ । ଜମିର ଖଜଣା— मालगुजारी 2. Land-rent. ୩ । ପେଶ୍‌କସ୍—3 Revenue paid by a Feudatory Chief.

ସର୍ବରା କରିବା—ଦେ· କି—କୌଣସି ଜମିକୁ ପ୍ରଜାସ୍ୱରୂପ ନିର୍ଦ୍ଦିଷ୍ଟ Sarbarā karibā ଖଜଣାରେ ଜମିଦାରଠାରୁ ପଟ୍ଟା ନେବା— খাজানায় লওয়া, পটা নেওয়া To take lease of a piece पटा लेना of land on rent.

ସର୍ବରାକାର୍—ବୈଦେ· ବି (ଫା. ସର୍ବରା+ସଂ. ପ୍ରତ୍ୟୟ, କାର)— Sarbarākār ୧ । ଯେଉଁ କର୍ମଚାରୀ ପ୍ରଜାଙ୍କଠାରୁ ଖଜଣା তহসিলদার ଅସୁଲ କରି ଜମିଦାର ବା ଗଭର୍ଣ୍ଣମେଣ୍ଟଙ୍କ ନିକଟରେ सर्बराकार ଦାଖଲ କରନ୍ତି—1. A rent-collecting officer. [ଦ୍ର—ଏହି କର୍ମଚାରୀ ନିଜର ମିହନ୍ତନା ପାଇଁ ଛାଡିଦିଆ ହୋଇ ଅସୁଲ ଟଙ୍କାରୁ କର୍ତ୍ତିତ ଅଂଶ (ମାଲ୍‌ଚାନା) ପାଆନ୍ତି ।] ୨ । ଖୋର୍ଦ୍ଧା ଖାସମହାଲର ରଇତଙ୍କଠାରୁ ରାଜସ୍ୱ ଆଦାୟ କରି ଗଭର୍ଣ୍ଣମେଣ୍ଟଙ୍କଠାରେ ଦାଖଲ କରିବା ପାଇଁ ନିଯୁକ୍ତ ବ୍ୟକ୍ତି—2. A rent-collecting agent of the Government in the Khurda Government estate; a Sarbarakar of the Government estate.

[ଦ୍ର—ଖୋର୍ଦ୍ଧା ସରବରାକାରଙ୍କ ଇତିହାସପାଇଁ ପରିଶିଷ୍ଟ ଦ୍ରଷ୍ଟବ୍ୟ]

ସର୍ବରାକାରୀ—ବୈଦେ· ବଣ (ଫା)—ସର୍ବରାକାର ସମ୍ବନ୍ଧୀୟ—Relating Sarbarākāri to Sarbarākār. ଦେ. ବି—ସର୍ବରାକାରର सर्वराकारी सर्बराकारी ପଦ—The post or service of a Sarbarākār.

ସର୍ବରାତ୍ର—ସଂ. ବି—ରାତ୍ରିର ସମସ୍ତ ଅଂଶ (ସିଦ୍ଧାନ୍ତ କୌମୁଦୀ)—The Sarba rātra whole night; all night.

ସର୍ବରାହ—ବୈଦେ. ବି—୧ । ଫରମାସୀ ଜିନିଷ ଯୋଗାଇବା କର୍ମ— Sarbarāha 1. The act of supplying articles on सरबराह order; order-supplying. ୨ । ପଣ୍ୟ सर्बराह ଦ୍ରବ୍ୟର ଆମଦାନୀ— 2. Importing of commodities.

ସର୍ବରି—ବୈଦେ. ବଣ (ଇଂ ସର୍ଭେ)—(ଆଧୁନିକ) ସରକାରୀ ସର୍ଭେ Sarbari ସମ୍ବନ୍ଧୀୟ—Relating to the modern সার্বিয়ারি सर्बेका Surveying operation. সার্ভেয়ারি ବୈଦେ, ବି—ସର୍ଭେଅର୍ ବା ମାପିବା କର୍ମଚାରୀଙ୍କ सर्बेका काम କର୍ମ—Surveyorship; the work or post of a surveyor.

ସର୍ବରି ଇଲାକା—ବୈଦେ.ବି (ଇଂ.ସର୍ଭେ+ଫା. ଇଲାକା)—ସର୍କାରଙ୍କ Sarbari ilākā ଭୂମି ମାପ ବିଭାଗ—The Survey সার্বিয়ারি এলাকা सर्बेका इलाका Department of Government.

ସର୍ବରି ମାଣ—ଦେ. ବି—୨୪ ଦସ୍ତି ପରିମାଣରେ ୧ ମାଣ; ଆଧୁନିକ Sarbari māṇa ସର୍ଭେ ଦ୍ୱାରା ମାପ ହୋଇଥିବା ଏକର— একর An acre of English measure; one सर्बेका एकर 'māṇa' measured by the 24 the dasti rod according to modern Survey. [ଦ୍ର—ଗଞ୍ଜାମ ଜିଲ୍ଲାରେ ସର୍ବରି ପଦର ମାଣ ଗୁଣ୍ଠ ଜମି ଥିଲା । ଫକୀରମୋହନ, ଗଲ୍ପସ୍ୱଳ୍ପ ।] [ଦ୍ର—ପୂର୍ବେ ଏ ଦେଶର ୧୨ ଦସ୍ତି, ୧୮ ଦସ୍ତି, ୨୦ ଦସ୍ତି ଓ ୨୪ ଦସ୍ତି ପରିମାଣ ଦ୍ୱାରା ଭିନ୍ନ ଭିନ୍ନ ଅଞ୍ଚଳରେ ଜମି ମାପ ଦ୍ୱାରା 'ମାଣ' ସ୍ଥିରୀକୃତ ହେଉଥିଲା । କିନ୍ତୁ ଇଂରାଜ ସରକାର ସର୍ଭେ (Survey) ଓ ସେଟଲ୍‌ମେଣ୍ଟ (Settlement) କାର୍ଯ୍ୟରେ ମାପ କରିଲେ ଭିନ୍ନ ଭିନ୍ନ ଅଞ୍ଚଳର ସାବେକ 'ମାଣ' ବା ପରିମାଣକୁ 'ସର୍ବରି ମାଣ' ବା ଏକର୍ ଓ ଡେସିମଲ୍ (Acre and decimal) ରେ ପରିଣତ କରି ବନ୍ଦୋବସ୍ତ କାଗଜ (Record of Rights) ପ୍ରସ୍ତୁତ କରି ଅଛନ୍ତି ଇଂରାଜୀ ସର୍ଭେ ମାପର ଏକ ଏକର=୨୪ ଦସ୍ତି ପରିମାଣର ୧ ମାଣ ଥିବାରୁ ଏବଂ ସରକାରୀ ସର୍ଭେ ଓ ସେଟଲମେଣ୍ଟରେ ଭିନ୍ନ ଭିନ୍ନ ଦସ୍ତି ପରିମାଣର ମାଣକୁ ଏକରରେ ହିସାବ କରା ଯାଇଥିବାରୁ ଏକରକୁ 'ସର୍ବରି ମାଣ' କହନ୍ତି ।]

ସର୍ବରି ମାପ—ଦେ. ବି—ଆଧୁନିକ ବା ଇଂରାଜୀ ଧରଣରେ ଜମିର ମାପ- Sarbari māpa Surveying or measuring of land সার্বিয়ারি মাপ according to modern survey. सर्बेका नाप

ସର୍ବରୀ(ଇତ୍ୟାଦି)—ସଂ. ବି (ସୃ ଧାତୁ=ଗମନ କରିବା+କର୍ତ୍ତି, ବରି)— Sarbarī(etc) ରଜନୀ; ରାତ୍ରି; ଶର୍ବରୀ ଇତ୍ୟାଦି (ଦେଖ)— (ଶର୍ବରୀ—ଅପଭ୍ରଂଶରୂପ) Night; Śarbarī etc (See).

ସର୍ବରୀ କର—ସଂ. ବି (ସର୍ବରୀ=ରାତ୍ରି+କର=କରେ ଯେ; ଉପପଦ Sarbarī kara ତତ୍)—ଚନ୍ଦ୍ରମା; ଚନ୍ଦ୍ର—The moon.

ସର୍ବର୍ତ୍ତୁ—ସଂ ବି (ସର୍ବ+ଋତୁ; କର୍ମଧାରୟ)—ସବୁ ଋତୁ— Sarbarttu All the seasons of the year.

ସର୍ବର୍ତ୍ତୁ ପରିବର୍ତ୍ତ—ସଂ. ବି—ବତ୍ସର (ଜଟାଧର)— Sarbarttu paribartta Year.

ସର୍ବର୍ତ୍ତୁ ଫଳ—ସଂ. ବି (ଷଷ୍ଠୀ ତତ୍)—ସର୍ବ ଋତୁରେ ଜାତ ଫଳମାନ Sarbarttu phaḷa —1. Fruits produced in all the seasons of the year. ୨ । (ବହୁବ୍ରୀହି) ନଡ଼ିଆ ଗଛ—2. The cocoanut tree. ସଂ. ବଣ—ଯେଉଁ ବୃକ୍ଷ ସବୁ ଋତୁରେ ଫଳ ଦିଏ— Producing fruits in all the seasons of (ସର୍ବର୍ତ୍ତୁ ଫଳା—ସ୍ତ୍ରୀ) the year.

ସର୍ବଲ(ଳା, ଳୀ)—ସଂ. ବି (ସର୍ବ=ସମସ୍ତ+ଲା ଧାତୁ=ଗ୍ରହଣ କରିବା Sarbaḷa(ḷā, ḷī) +କର୍ତ୍ତି.ଅ;+ଆ;+ଈ)—୧। ତୋମର ଅସ୍ତ୍ର— 1. A sort of weapon; javellin. ୨ । ସାବଲ; ଲୌହର ମୋଟ ଓ ଲମ୍ବ ଦଣ୍ଡ—2. A crowbar.

ସର୍ବ ଲିଙ୍ଗୀ—ସଂ. ବଣ. ପୁଂ (ସର୍ବ+ଲିଙ୍ଗ=ଚିହ୍ନ+ଇନ୍, ଅସ୍ତି Sarba liṅgī ଅର୍ଥରେ; ୧ମା. ୧ବ)—ସକଳ ଚିହ୍ନଧାରୀ—

(ସର୍ବ ଲିଙ୍ଗିନୀ—ସ୍ତ୍ରୀ) Having or wearing all marks
ସଂ.ବି—୧ । ପାଷଣ୍ଡ (ଅମର); ନାସ୍ତିକ—1. Atheist; an unbeliever. ୨ । ବେଦ ବହିର୍ଭୂତ ଓ ସର୍ବଲିଙ୍ଗର ଚିହ୍ନଧାରୀ, ଧର୍ମ ବିଶ୍ୱାସରହିତ ବ୍ୟକ୍ତି—2. A person who has no fixed religious belief and who wears the insignia of all religious sects. ୩ । ବେଦ ବହିର୍ଭୂତ ବୌଦ୍ଧ କ୍ଷପଣକ—3. A Buddhist recluse not believing in Godhead. ୪ । ଧୂର୍ତ୍ତ ବ୍ୟକ୍ତି—4. A wicked person. ୫ । ପାମର ବ୍ୟକ୍ତି—5. A reprobate.

ସର୍ବ ଲୋକ—ସଂ. ବି—୧ । ଅଖିଳ ବ୍ରହ୍ମାଣ୍ଡ—1. The whole
Sarba loka universe. ୨ । ସମୁଦାୟ ସୃଷ୍ଟି—2. The whole creation. ୩ । ସୃଷ୍ଟ ସକଳ ପ୍ରାଣୀ—3. The animal or living beings of the universe.

ସର୍ବ ଲୋକ ପିତାମହ—ସଂ. ବି. ପୁଂ (୬ଷ୍ଠୀ ତତ୍; ସର୍ବ ଲୋକଙ୍କର
Sarba loka pitāmaha ପିତାମହ; ବ୍ରହ୍ମାଙ୍କ ଆଦେଶରେ ଜଗତ ସୃଷ୍ଟି ସ୍ୱାୟମ୍ଭୁବ ମନୁ ଯାବତୀୟ ଜୀବଙ୍କୁ ସୃଷ୍ଟି କରିଅଛନ୍ତି) —ବ୍ରହ୍ମା—Brahmā (literally the grandfather of all created beings).

ସର୍ବ ଲୋକ ପ୍ରସିଦ୍ଧ—ସଂ. ବିଣ (କର୍ମଧାରୟ; ୭ମୀ ତତ୍)—ବିଶ୍ୱବିଖ୍ୟାତ;
Sarba loka prasiddha ସାରାକୁ ଜଗତବାସୀ ଜାଣନ୍ତି—Universally celebrated; world-famous.
(ସର୍ବ ଲୋକ ଖ୍ୟାତ, ସର୍ବ ଲୋକ ବିଖ୍ୟାତ, ସର୍ବ ଲୋକ ବିଦିତ, ସର୍ବ ଲୋକ ବିଶ୍ରୁତ—ଅନ୍ୟରୂପ) (ସର୍ବ ଲୋକ ପ୍ରସିଦ୍ଧି, ସର୍ବ ଲୋକ ଖ୍ୟାତି, ସର୍ବ ଲୋକ ବିଖ୍ୟାତି, ସର୍ବ ଲୋକ ବିଶ୍ରୁତି—ବି)

ସର୍ବ ଲୋକେଶ—ସଂ. ବି—୧ । ଶିବ—1. Śiba. ୨ । ବ୍ରହ୍ମା—
Sarba lokeśa 2. Brahmā. ୩ । ବିଷ୍ଣୁ—3. Bishṇu. ୪ । କୃଷ୍ଣ (ପ୍ର. ଶ)—4. Krushṇa.

ସର୍ବ ଲୋହ—ସଂ. ବି—୧ । (ବହୁବ୍ରୀହି) ଲୌହମୟ ବାଣ (ହେମଚନ୍ଦ୍ର)
Sarba loha —1. An arrow made of iron. ୨ । (କର୍ମଧା) ସବୁ ଧାତୁ—2. All metals.

ସର୍ବ ଲୌହ—ସଂ. ବି—୧ । ତମ୍ବା (ପ୍ର. ଶ)—1. Copper.
Sarba lauha ୨ । ବାଣ; ଶର (ପ୍ର. ଶ)—2. Arrow.

ସର୍ବଶଃ—ସଂ.ଅ.ବିଣ (ସର୍ବ+ପ୍ରକାରାର୍ଥେ ଶସ୍)—୧। ସବୁ ପ୍ରକାରେ—
Sarbaśaḥ 1. In all ways. ୨ । ସାଧାରଣ ରୂପେ—2. Ordinarily.

ସର୍ବଶକ୍ତିମତ୍ତା(ତ୍ତ୍ୱ)—ସଂ. ବି (ସର୍ବ ଶକ୍ତିମତ୍+ତା; ତ୍ୱ)—ସମସ୍ତ
Sarba śaktimattā(ttwa) ଶକ୍ତିଯୁକ୍ତ ଅବସ୍ଥା—All-powerfulness; omnipotence.

ସର୍ବ ଶକ୍ତିମୟ—ସଂ. ବିଣ· ପୁଂ (ସର୍ବଶକ୍ତି+ଅଛି ଅର୍ଥରେ ମୟ)—
Sarba śaktimaya ସର୍ବ ଶକ୍ତିମାନ୍ (ଦେଖ)
(ସର୍ବ ଶକ୍ତିମୟୀ—ସ୍ତ୍ରୀ) Sarba śaktimān (See)

ସର୍ବ ଶକ୍ତିମାନ୍—ସଂ. ବିଣ· ପୁଂ (ସର୍ବ+ଶକ୍ତି+ମତ୍; ୧ମା·୧ବ)—
Sarba śaktimān ସକଳ ଶକ୍ତିର ଅଧିକାରୀ; ସବୁ ପ୍ରକାରେ
(ସର୍ବ ଶକ୍ତିମତୀ—ସ୍ତ୍ରୀ) ବଳଶାଳୀ—Almighty; omnipo-
(ସର୍ବ ଶକ୍ତିମତ୍ତ୍ୱ—ବି) tent. ସଂ. ବି—ପରମେଶ୍ୱର—The Almighty.

ସର୍ବ ଶାନ୍ତି କୃତ୍—ସଂ. ବିଣ· ପୁଂ ଓ ସ୍ତ୍ରୀ (ସର୍ବଶାନ୍ତି+କୃ ଧାତୁ+
Sarba śānti kṛut କର୍ତ୍ତୃ କ୍ୱିପ୍)—ସକଳ ବିଷୟରେ ଶମ କାରକ—Assuaging every thing; bringing peace to every thing. ସଂ. ବି—ଦୁଷ୍ମନ୍ତ ଓ ଶକୁନ୍ତଳା ପୁତ୍ର ଭରତରାଜ (ଶବ୍ଦ ରତ୍ନାବଳୀ). (ଏହାଙ୍କର ପ୍ରସିଦ୍ଧ ନାମ ସର୍ବଦମନ)—A name of King Bharata, son of Śakuntalā.

ସର୍ବ ଶାସ୍ତ୍ରଜ୍ଞ—ସଂ. ବିଣ. ପୁଂ (ସର୍ବ ଶାସ୍ତ୍ର+ଜ୍ଞା ଧାତୁ+କର୍ତ୍ତୃ ଅ)—ସର୍ବ-
Sarba śāstrajña ଶାସ୍ତ୍ର ଦର୍ଶୀ (ଦେଖ)—Sarba śāstra
(ସର୍ବଶାସ୍ତ୍ରଜ୍ଞା, ସର୍ବଶାସ୍ତ୍ରଜ୍ଞାତ୍ରୀ—ସ୍ତ୍ରୀ) darśi (See)
(ସର୍ବଶାସ୍ତ୍ରଜ୍ଞତା, ସର୍ବଶାସ୍ତ୍ରଜ୍ଞତ୍ୱ—ବି) (ସର୍ବ ଶାସ୍ତ୍ର ଜ୍ଞାତା—ଅନ୍ୟରୂପ)

ସର୍ବଶାସ୍ତ୍ରଦର୍ଶୀ—ସଂ. ବିଣ. ପୁଂ (ସର୍ବଶାସ୍ତ୍ର+ଦୃଶ୍ ଧାତୁ+କର୍ତ୍ତୃଇନ୍,
Sarba śāstra darśi ୧ମା ୧ବ)—ଯେ ସବୁ ଶାସ୍ତ୍ର
(ସର୍ବଶାସ୍ତ୍ରଦ୍ରଷ୍ଟା—ଅନ୍ୟରୂପ) ଜାଣେ—Versed in all
(ସର୍ବଶାସ୍ତ୍ରଦର୍ଶିନୀ, ସର୍ବଶାସ୍ତ୍ରଦ୍ରଷ୍ଟ୍ରୀ—ସ୍ତ୍ରୀ) the Śāstras.
(ସର୍ବଶାସ୍ତ୍ରଦର୍ଶିତା; ସର୍ବଶାସ୍ତ୍ରଦ୍ରଷ୍ଟୃତା—ବି)

ସର୍ବଶାସ୍ତ୍ରବିଦ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ସର୍ବଶାସ୍ତ୍ର+ବିଦ୍ ଧାତୁ+କର୍ତ୍ତୃ
Sarba śāstrabid କ୍ୱିପ୍)—ସର୍ବଶାସ୍ତ୍ରଦର୍ଶୀ (ଦେଖ)—
ସର୍ବଶାସ୍ତ୍ରବେତ୍ତା—ପୁଂ } ଅନ୍ୟରୂପ Sarba śāstra darsi
ସର୍ବଶାସ୍ତ୍ରବେତ୍ତ୍ରୀ—ସ୍ତ୍ରୀ } (See)

ସର୍ବଶୁଚି—ସଂ. ବି (ସର୍ବ=ସକଳ+ଶୁଚି=ପବିତ୍ର; ଯେ ସମସ୍ତଙ୍କୁ
Sarba śuchi ଶୁଚି କରନ୍ତି; ବହୁବ୍ରୀହି)—୧ । ସୂର୍ଯ୍ୟ—
1. The sun. ୨ । ଅଗ୍ନି—2. The fire.

ସର୍ବଶୁଭ—ସଂ. ବିଣ—(୭ମୀ ତତ୍)ସକଳ ବିଷୟରେ ମଙ୍ଗଳସୂଚକ—
Sarba śubha Auspicious or blissful in every way. ସଂ. ବି—ସକଳ ବିଷୟରେ ମଙ୍ଗଳ—Bliss or happiness in every matter.

ସର୍ବଶୂନ୍ୟ ବାଦୀ—ସଂ. ବି—ବୌଦ୍ଧ (ପ୍ର· ଶ)—
Sarbaśūnya bādi A Buddhist.

ସର୍ବ ଶ୍ରେଷ୍ଠ—ସଂ. ବିଣ. ପୁଂ (୭ମୀ ତତ୍)—୧ । ସର୍ବପ୍ରଧାନ (ଦେଖ)
Sarba śreshṭha 1. Sarba pradhāna (See)
(ସର୍ବଶ୍ରେଷ୍ଠା—ସ୍ତ୍ରୀ) ୨ । ସର୍ବୋତ୍ତମ—2. Best.
(ସର୍ବଶ୍ରେଷ୍ଠତା—ବି)

ସର୍ବସଂଗତ—ସଂ. ବି—ଷଷ୍ଟିକ ଧାନ୍ୟ (ପ୍ର. ଶ)—A kind of
Sarba saṁgata autumnal paddy. ସଂ. ବିଣ—ସର୍ବ ସଙ୍ଗତ (ଦେଖ)—Sarbasaṅgata (See)

ସର୍ବ ସଂସର୍ଗ ଲବଣ—ସଂ. ବି (ବୈଦ୍ୟକ)—ଔଷରକ; ଔଷର
Sarba saṁsarga labaṇa ଲବଣ ବା ଦ୍ରୋଣୀ ଲବଣ;

ସୋଡ଼; ଖାର ଲବଣ (ସାଜକର୍ଣ୍ଣ)—Carbonate of soda; nitre; saltpetre.

ସର୍ବସଂହାର—ସଂ. ବି (୬ଷ୍ଠୀ ତତ୍)—୧ । ସମସ୍ତଙ୍କର ବିନାଶ—
Sarba samhāra 1. Destruction of all. ୨ । (ବହୁବ୍ରୀହି) କାଳ—2. Time personfied. ୩ । ମୃତ୍ୟୁ ଦେବତା—3. Death personified. (ସର୍ବସଂହାରକ, ସର୍ବସଂହର୍ତ୍ତା—ବିଣ. ପୁଂ)

ସର୍ବସଙ୍ଗତ—ସଂ. ବିଣ—୧ । ସର୍ବ ପ୍ରକାରେ ଉଚିତ—1. Proper
Sarba sangata in every way. ୨ । ସର୍ବତ୍ର ଉଚିତ—2. Proper everywhere. ସଂ. ବି—ଷଷ୍ଟିକଧାନ୍ୟ—A kind of autumnal paddy.

ସର୍ବସତ୍ତ୍ୱ ରକ୍ଷିତ—ଦେ. ବିଣ—ସର୍ବସ୍ୱ ରକ୍ଷିତ (ଦେଖ)—
Sarba satwa rakhita Sarba swatwa rakshita (ସର୍ବସ୍ୱତ୍ୱ ସୁରକ୍ଷିତ—ଅନ୍ୟରୂପ) (See)
সর্বসত্ব রক্ষিত सर्वसत्वरक्षित

ସର୍ବସନ୍ନହନାର୍ଥକ—ସଂ. ବି—ସର୍ବାଭିସାର (ଦେଖ)—
Sarba sannahanārthaka Sarbābhisāra (See)

ସର୍ବସମକ୍ଷ—ସଂ. ବି (୬ଷ୍ଠୀ ତତ୍)—ସମସ୍ତଙ୍କର ସମ୍ମୁଖ—Front
Sarba samaksha of all; sight of all; public gaze.

ସର୍ବସମତା—ସଂ. ବି—ସମସ୍ତଙ୍କଠାରେ ସମଜ୍ଞାନ—Equality in
Sarba samatā or equal regard to all matters.

ସର୍ବସମେତ—ଦେ. କ୍ରି ବିଣ—୧ । ସବୁ ସୁଦ୍ଧା—1. Altogether.
Sarba sameta ୨ । ସମସ୍ତଙ୍କୁ ମିଶାଇଲେ—2. Totally; taking all together.
সবসমেত सबमिलाकर

ସର୍ବସମ୍ମତ—ସଂ. ବିଣ (୩ୟା ତତ୍)—ସମସ୍ତଙ୍କ ଦ୍ୱାରା ସ୍ୱୀକୃତ—
Sarba sammata Universally admitted.

ସର୍ବସମ୍ମତି—ସଂ. ବି—ସମସ୍ତଙ୍କର ଅଙ୍ଗୀକାର—Unanimity; uni-
Sarba sammati versal acknowledgment.

ସର୍ବସମ୍ମତିକ୍ରମେ ଗୃହୀତ—ଦେ. ବିଣ (ସଂ ସର୍ବ ସମ୍ମତିକ୍ରମେ ଗୃହୀତ)
Sarba sammatikrame gruhita ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ଅନୁମୋଦିତ—Unanimously accepted or passed; unanimously resolved.
সর্ব সম্মতিক্রমে গৃহীত सर्वसम्मतिसे स्वीकृत

ସର୍ବସହ—ସଂ. ବିଣ. ପୁଂ—ସର୍ବଂସହ (ଦେଖ)—Sarbamsaha
Sarba saha (see) ସଂ. ବି (ବୈଦ୍ୟକ)—ଗୁଗ୍ଗୁଲ
(ସର୍ବସହା—ସ୍ତ୍ରୀ) (ରତ୍ନମାଳା)—Indian bdellium.

ସର୍ବସହନିକ(ସହଣି)—ଦେ. ବିଣ. ପୁଂ—ଯେ ସବୁ ବିଷୟ ସହ୍ୟ
Sarba sahanika(sahani) କରେ—Forbearing; bearing every treatment.
সর্বসহা सर्वसहा
(ସର୍ବସହଣୀ—ସ୍ତ୍ରୀ)

ସର୍ବସାକ୍ଷୀ—ସଂ. ବି. ପୁଂ (୬ଷ୍ଠୀ ତତ୍; ସର୍ବ+ସାକ୍ଷିନ୍; ୧ମା ୧ବ;
Sarbasākshi ଯେ ସମସ୍ତଙ୍କୁ ଦେଖୁଅଛନ୍ତି)—୧ । ଈଶ୍ୱର—1. God. ୨ । ଅଗ୍ନି—2. The fire. (ହ. ଶ) ୩ । ବାୟୁ (ହ. ଶ)—3. Air.

ସର୍ବସାଧନ—ସଂ. ବି (ବହୁବ୍ରୀହି)—୧ । ସ୍ୱର୍ଣ୍ଣ (ହ. ଶ)—1. Gold.
Sarba sādhana ୨ । ଶିବ (ହ. ଶ)—2. Siba.

ସର୍ବସାଧାରଣ (ସାମାନ୍ୟ)—ସଂ. ବି—ସବୁ ଶ୍ରେଣୀର ଲୋକମାନେ;
Sarba sādhārana (sāmānya) ଉଚ୍ଚ ଓ ନୀଚ ସବୁ ଶ୍ରେଣୀର ଲୋକେ—The public. ବିଣ.—୧ । ଜନ ସାଧାରଣ ସମ୍ବନ୍ଧୀୟ—1. Relating to the public; public. ୨ । ସାମାନ୍ୟ—2. Ordinary.

ସର୍ବସାର—ସଂ. ବି (୬ଷ୍ଠୀ ତତ୍)—୧ । ସବୁ ପଦାର୍ଥର ସାର—1.
Sarba sāra Extract or essence of all things. ୨ । ସବୁ ପଦାର୍ଥର ସାରାଂଶ—2. The summary or substance of all things. ସଂ. ବିଣ (୬ଷ୍ଠୀ ତତ୍)—ସବୁ ବସ୍ତୁ ମଧ୍ୟରେ ସାର ବା ପ୍ରଧାନ—Most substantial of all things.

ସର୍ବସିଦ୍ଧ—ସଂ. ବିଣ (୭ମୀ ତତ୍)—୧ । ଯେ ସବୁ ବିଷୟ ସାଧନ-
Sarba siddha କ୍ଷମ—1. Adept in everything. ସଂ. ବି—୧ । ଶିବଙ୍କ ଅନୁଚର ବିଶେଷ—1. Name of an attendant of Siba. ୨ । ଶ୍ରୀଫଳ (ପ୍ରକୃତିବାଦ)—2. The Bael fruit and tree.

ସର୍ବସିଦ୍ଧା—ସଂ. ବି—ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ ତିଥିଦ୍ୱୟ (ହ. ଶ)
Sarbasiddhā Epithet of the 4th, 9th and 14th days of the lunar fortnight.

ସର୍ବସିଦ୍ଧି—ସଂ. ବି (୭ମୀ ତତ୍)—୧ । ସବୁ ବିଷୟରେ ସିଦ୍ଧି—
Sarbasiddhi 1. Accomplishment or success in everything. ୨ । ଶ୍ରୀଫଳ; ବେଲ (ଶବ୍ଦ ଚନ୍ଦ୍ରିକା)—2. Marmalus fruit. ୩ । ପୂର୍ଣ୍ଣ ତର୍କ (ହ. ଶ)—3. Complete argument.

ସର୍ବସୁଦ୍ଧା—ଦେ. କ୍ରି. ବିଣ—ମୋଟରେ; ସର୍ବସମେତ—
Sarbasuddhā Altogether.
সব সুদ্ধ सबमिलाकर

ସର୍ବସ୍ୱ—ସଂ. ବି (ସର୍ବ+ସ୍ୱ=ଧନ, କର୍ମ)—ସମୁଦାୟ ଧନ; ସବୁ
Sarbaswa ସମ୍ପତ୍ତି—All property. [ଉ—ଶତ୍ରୁଙ୍କ ପାଣ୍ଡବେ ହାରଣ ସର୍ବସ୍ୱ—କୃଷ୍ଣସିଂହ ମହାଭାରତ, ସଭା ।]

ସର୍ବସ୍ୱତ୍ୱ—ସଂ. ବି—ସବୁ ପ୍ରକାରର ସ୍ୱତ୍ୱ ବା ଅଧିକାର—
Sarba swatwa All the rights concerning any thing.

ସର୍ବସ୍ୱତ୍ୱ ରକ୍ଷିତ—ସଂ. ବିଣ—ଯେଉଁ ପ୍ରକାଶିତ ପୁସ୍ତକ ଆଇନ ଅନୁସାରେ
Sarbaswatwa rakshita ସରକାରଙ୍କ ଦପ୍ତରରେ
(ସର୍ବସ୍ୱତ୍ୱସୁରକ୍ଷିତ—ଅନ୍ୟରୂପ) ରେଜେଷ୍ଟ୍ରି କରା ଯାଇଥାଏ ଓ

ସତ୍ତ୍ୱରୁ ଗ୍ରନ୍ଥକାରଙ୍କ ବିନା ଅନୁମତିରେ ଅନ୍ୟ କେହି କୌଣସି ଅଂଶ ଉଦ୍ଧାର ବା ବ୍ୟବହାରପୂର୍ବକ ଅନ୍ୟ ଗ୍ରନ୍ଥ ପ୍ରକାଶ କରି ପାରିବେ ନାହିଁ—A book or publication of which all rights (including the right of extracting, quoting, translating and copy right) are reserved for the author or other particular individual and registered under law.

ସର୍ବସ୍ୱଦକ୍ଷିଣ—ସଂ. ବିଣ (ସର୍ବସ୍ୱ+ଦକ୍ଷିଣା; ବହୁବ୍ରୀହି)—ଯେଉଁ **Sarbaswadakshiṇa** ଯାଗରେ ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦକ୍ଷିଣାରୂପେ ଦାନ କରନ୍ତି—(A vedic sacrifice) In which the performer gives away all his properties as present to Brāhmans. ସଂ. ବି—ବିଶ୍ୱଜିତ୍ ନାମକ ଯଜ୍ଞ—Name of a kind of vedic sacrifice.

ସର୍ବସ୍ୱନାଶ—ସଂ. ବି (କର୍ମଧା ଓ ୬ଷ୍ଠୀ ତତ୍) ସମସ୍ତ ସମ୍ପତ୍ତିର ବିନାଶ- **Sarbaswanāsa** Loss of all property.

ସର୍ବସ୍ୱାନ୍ତ—ସଂ. ବି (କର୍ମଧା ଓ ୬ଷ୍ଠୀ ତତ୍; ସର୍ବସ୍ୱ+ଅନ୍ତ)—ସର୍ବସ୍ୱ **Sarbaswānta** ନାଶ (ଦେଖ)—Sarbaswanāsa (See) (ସର୍ବସ୍ୱାନ୍ତା—ସ୍ତ୍ରୀ) ସଂ. ବିଣ (ବହୁବ୍ରୀହି; ସର୍ବସ୍ୱ ହୋଇଅଛି ଅନ୍ତ ଯାହାର)—ଯାହାର ସର୍ବସ୍ୱ ନଷ୍ଟ ହୋଇଅଛି—Having all the properties exhausted.

ସର୍ବସ୍ୱୀ—ସଂ. ବି (ସର୍ବସ୍ୱ+ଇନ୍; ୧ମା ୧ବ)—ବର୍ଣ୍ଣସଙ୍କର **Sarbaswi** ଜାତିବିଶେଷ (ନାପିତ ଔରସରେ ଗୋପକନ୍ୟା ଗର୍ଭଜାତ ସନ୍ତାନ—ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ ୧୦ମ ଅଧ୍ୟାୟ)—Name of a mixed caste born of a cowherd woman and barber.

ସର୍ବସ୍ୟ—ସ୍ତ୍ରୀ. ସର୍ବ—ସମସ୍ତଙ୍କର—Of all. (ଉ—ଜାଣ ଏ **Sarbasya** ସମସ୍ତେ ହୋଇ ପୂର୍ଣ୍ଣ ସେ ସର୍ବସ୍ୟ—ପ୍ରାଚୀ. ସବାର ସବକା ଶିବସ୍ୱରୋଦୟ ।)

ସର୍ବହର—ସଂ. ବିଣ. ପୁଂ (ସର୍ବ+ହୃ ଧାତୁ+କର୍ତ୍ତ୍ତି ଅ)—ଯେ ସବୁ **Sarbahara** ହରଣ କରେ—One who takes away (ସର୍ବହାରୀ—ଅନ୍ୟ ବିଣ ରୂପ) all or everything.

ସର୍ବହରା } ବିଣ ସ୍ତ୍ରୀ— ସଂ. ବି—୧ । ମୃତ୍ୟୁ—
ସର୍ବହାରିଣୀ }
1. Death. ୨ । କାଳ—2. Time personified. ୩ । ଶିବ—3. Śiba. ୪ । ଯମ—4. The God of death.

ସର୍ବହିତ—ସଂ. ବି (୬ଷ୍ଠୀ ତତ୍)—୧ । ସମସ୍ତଙ୍କର ମଙ୍ଗଳ— **Sarba hita** 1. The good of all; universal weal ୨ । ମରିଚ (ଗୋଲମରିଚ)—2. Black pepper. (ସର୍ବହିତକର—ଅନ୍ୟ ବିଣ ରୂପ) ସଂ ବିଣ-ସମସ୍ତଙ୍କ ମଙ୍ଗଳକର- Beneficial to all.

ସର୍ବା—ଦେ. ବି. ପୁଂ (ଅନାଦରାର୍ଥକ)—ସର୍ବେଶ୍ୱରର ଡାକ ନାମ— **Sarbā** Nick name of "Sarbeswara" (ସବୁ । ଅନାଦରାର୍ଥକ)

ସର୍ବାଂଶ—ସଂ ବି—ସମୁଦାୟ ଅଂଶ— **Sarbāmsa** All parts.

ସର୍ବାକ୍ଷ—ସଂ. ବି (ବହୁବ୍ରୀହି; ସର୍ବ=ସର୍ବଜ୍ଞ+ଅକ୍ଷି ଯାହାର)— **Sarbāksha** ରୁଦ୍ରାକ୍ଷ (ଦେଖ)—Rudrāksha (See)

ସର୍ବାଖ୍ୟ—ସଂ. ବି (ବହୁବ୍ରୀହି, ସର୍ବ+ଆଖ୍ୟା+ଅ)—ପାରଦ (ହ. ଶ) **Sarbākhya** —Mercury.

ସର୍ବାଘୋଟ—ଦେ. ବିଣ—ସର୍ବତ୍ର ଘୋଟିଥିବା—Enveloping **Sarbāghoṭa** everything; overclouding. [ଉ— ଘୁଟଘୁଟେ ଜଳଦ ହୋଇଥାଏ ସର୍ବାଘୋଟ । ଚପଳା ଖେଳୁଥାଇ ସର୍ବାଘୋଟ ସ୍ଫୁଟେ—ଲବଣ୍ୟବତୀ. ସଙ୍ଗୀତ ।]

ସର୍ବାଙ୍ଗ—ସଂ. ବି (କର୍ମଧା)—୧ । ସମସ୍ତ ଅଙ୍ଗ; ସମୁଦାୟ ଦେହ— **Sarbāṅga** 1. All limbs of the body; the whole body. ୨ । ସମସ୍ତ ଅଂଶ—2. All parts. ୩ । ସମସ୍ତ ବେଦାଙ୍ଗ—3. All the Bedāṅgas.

ସର୍ବାଙ୍ଗ ସୁନ୍ଦର—ସଂ. ବିଣ. ପୁଂ (ବହୁବ୍ରୀହି; ସର୍ବାଙ୍ଗ ଅଟେ ସୁନ୍ଦର **Sarbāṅga sundara** ଯାହାର)—୧ । ଯାହାର ସମସ୍ତ ଅବୟବ ସୁନ୍ଦର—1. (a person) Having all the limbs graceful or symmetrical. ୨ । ଯାହା ଦେହରେ କୌଣସି ଖୁଣ ନାହିଁ—2.(a person) Having no blemish in any limb of the body. ୩ । ଯେଉଁ ବସ୍ତୁର ସମସ୍ତ ଅଂଶ ସୁନ୍ଦର— 3. Nice or faultless in every respect. [ସର୍ବାଙ୍ଗସୁନ୍ଦର ରସ—ଅନ୍ୟରୂପ] ୪ । ସ୍ୱର୍ଣ୍ଣାଦି ଧାତୁ ଘଟିତ ଆୟୁର୍ବେଦୋକ୍ତ ଔଷଧବିଶେଷ (ଭୈଷଜ୍ୟ ରତ୍ନାବଳୀ)— 4. Name of a medicinal preparation. [ଉ—ପାରଦର, ଗନ୍ଧକର, ଟାଙ୍ଗଣର, ମୁକ୍ତାର, ପ୍ରବାଳର, ଶଙ୍ଖର, ସୁନାର ଭସ୍ମମାନ ଏକତ୍ର ଲେମ୍ବୁ ରସରେ ଘୋଟି ଗଜପୁଟରେ ଉତ୍ତପ୍ତ କରି ଏହା ପ୍ରସ୍ତୁତ କରାଯାଏ ଏବଂ ଅନୁପାନ ବିଶେଷ ସହ ଏହା ବାତଜ, ଶ୍ଳେଷ୍ମଜ, ପିତ୍ତଜ ସନ୍ନିପାତ, ଅର୍ଶ, ଗ୍ରହଣୀ, ମେହ, ଶୂଳ, ଉଦର ରୋଗରେ ପ୍ରୟୋଗ କରାଯାଏ ।]

ସର୍ବାଙ୍ଗାନବଦ୍ୟ—ସଂ. ବିଣ (ବହୁବ୍ରୀହି; ସର୍ବାଙ୍ଗ ଅଟେ ଅନବଦ୍ୟ ବା **Sarbāṅgānabadya** ଅନିନ୍ଦ୍ୟ ଯାହାର)—ସର୍ବାଙ୍ଗସୁନ୍ଦର— (ସର୍ବାଙ୍ଗାନବଦ୍ୟା—ସ୍ତ୍ରୀ) Having all the limbs graceful and symmetrical or faultless.

ସର୍ବାଙ୍ଗୀଣ—ସଂ. ବିଣ (ସର୍ବାଙ୍ଗ+ସମ୍ବନ୍ଧାର୍ଥେ. ଈନ)—୧ । ସର୍ବାଙ୍ଗ **Sarbāṅgiṇa** ସମ୍ବନ୍ଧୀୟ—1. Relating to all the limbs. ୨ । ସର୍ବାଙ୍ଗର ହିତକର—2. Beneficial to all the limbs. ୩ । ସର୍ବାଙ୍ଗ ବ୍ୟାପକ— 3. Pervading through all the limbs. ୪ । ନିର୍ଦ୍ଦୋଷ—4. Faultless. ୫ । ସମସ୍ତ ଅବୟବ ଯୁକ୍ତ—5. Having all the limbs whole.

ସର୍ବାଙ୍ଗୀଣ ଉନ୍ନତି—ସଂ. ବି—ସବୁ ବିଷୟରେ ଉନ୍ନତି—
Sarbāṅgīṇa unnati Improvement in all respects.

ସର୍ବାଙ୍ଗୀନ (ଇତ୍ୟାଦି)—ଦେ. ବିଣ (ସର୍ବାଙ୍ଗୀଣର ଅଶୁଦ୍ଧ ବନାନ)—
Sarbāṅgīna (etc) ସର୍ବାଙ୍ଗୀଣ ଇତ୍ୟାଦି (ଦେଖ)—
सर्वाङ्गीन सर्वांगीन Sarbāṅgīṇa etc (See)

ସର୍ବାଣୀ—ସଂ. ବି. ସ୍ତ୍ରୀ (ସର୍ବ=ମହାଦେବ+ସ୍ତ୍ରୀ. ଈ; ଅନ୍. ଆଗମ;
Sarbāṇī ନିପାତନ)—ସର୍ବ ପତ୍ନୀ; ଭବାନୀ; ଦୁର୍ଗା—
Goddess Durgā.

ସର୍ବାତିଥି—ସଂ. ବିଣ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ସବୁ ଅତିଥିଙ୍କ
Sarbātithi ସତ୍କାର କରେ (ବ୍ୟ. ଣ)—(a person)
Extending hospitality to all comers; hospitable to all.

ସର୍ବାତ୍ମା—ସଂ. ବି (ସର୍ବ+ଆତ୍ମନ୍; ୬ଷ୍ଠୀ ତତ୍.; ସମସ୍ତ ବସ୍ତୁର ଆତ୍ମା)—
Sarbātmā ୧ । ପରଂବ୍ରହ୍ମ (ବ୍ୟ. ଣ)—1. The Universal Soul. ୨ । ଶିବ (ବ୍ୟ. ଣ)—2. Śiba.
୩ । ଜିନ; ଅର୍ହତ୍ (ବ୍ୟ. ଣ)—3. Jaina saint.

ସର୍ବାଦୃତ—ସଂ. ବିଣ. ପୁଂ (୩ୟା ତତ୍)—ସମସ୍ତଙ୍କଦ୍ୱାରା ଆଦୃତ—
Sarbādṛuta Esteemed by all.
[ସର୍ବାଦୃତା—ସ୍ତ୍ରୀ]

ସର୍ବାଧିକାର—ସଂ. ବି—୧ । (୭ମୀ ତତ୍) ପୂର୍ଣ୍ଣ ପ୍ରଭୁତ୍ୱ—1. Full
Sarbādhikāra mastery; mastery in all matters.
୨ । (କର୍ମଧା) ସମସ୍ତ ଅଧିକାର—
2. All Sorts of authority.

ସର୍ବାଧିକାରୀ—ସଂ. ବିଣ. ପୁଂ (ସର୍ବାଧିକାର+ଇନ୍; ୧ମା. ୧ବ)—୧ ।
Sarbādhikārī ସବୁ ଅଧିକାର ସମ୍ପନ୍ନ—1. Having all authority or full mastery. ୨ । ଯାହାର ସମସ୍ତଙ୍କ ଉପରେ ଅଧିକାର ଥାଏ; ମନ୍ତ୍ରୀ ପ୍ରଭୃତି
2. Having authority over all. ୩ । ସମସ୍ତଙ୍କ ଉପରସ୍ଥ ହାକମ—3. Highest authority. ସଂ. ବି—ବଙ୍ଗ ଦେଶୀୟ କାୟସ୍ଥଙ୍କର ବଂଶୋପାଧିବିଶେଷ—
(ସର୍ବାଧିକାରିଣୀ—ସ୍ତ୍ରୀ) A family-title in Bengal.

ସର୍ବାନନ୍ଦ—ସଂ. ବିଣ. ପୁଂ (ସର୍ବ=ସକଳ ବିଷୟରେ ଆନନ୍ଦ ଯାହାର;
Sarbānanda ବହୁବ୍ରୀହି)—ଯାହାର ସବୁ ବିଷୟରେ ଆନନ୍ଦ—
[ସର୍ବାନନ୍ଦା—ସ୍ତ୍ରୀ] One who is happy or glad under all circumstances and in all matters.
ସଂ. ବି. ପୁଂ—ଭୈରବବିଶେଷ—
Name of an attendant of Śiba.

ସର୍ବାନୁକାରିଣୀ—ସଂ. ବିଣ. ସ୍ତ୍ରୀ—ସର୍ବାନୁକାରୀର ସ୍ତ୍ରୀଲିଙ୍ଗ—Feminine form of Sarbānukārī
Sarbānukāriṇī
ସଂ. ବି. ସ୍ତ୍ରୀ—ଶାଳପର୍ଣ୍ଣୀ (ଉଦ୍ଭିଜ୍ଜବର୍ଗ) (ଦେଖ)
Śālaparṇṇī (See)

ସର୍ବାନୁକାରୀ—ସଂ. ବିଣ. ପୁଂ (ସର୍ବ+ଅନୁ+କୃ ଧାତୁ+କର୍ତ୍ତୃ.
Sarbānukārī ଇନ୍; ୧ମା. ୧ବ)—ଯେ ସମସ୍ତଙ୍କୁ ଅନୁକରଣ
[ସର୍ବାନୁକାରିଣୀ—ସ୍ତ୍ରୀ] କରେ—Imitating all.

ସର୍ବାନୁକୂଳ—ଦେ. ବି—ସବୁ କାର୍ଯ୍ୟାରମ୍ଭ—Beginning of all
Sarbānukūḷa works. [ଉ—ହଂସା କପଟ ଭୁରେ ତେଜ । ସର୍ବାନୁକୂଳେ କୃଷ୍ଣ ଭଜ—ଜଗନ୍ନାଥ. ଭାଗବତ ।]
ସଂ. ବିଣ—ସମସ୍ତଙ୍କର ଅନୁକୂଳ—Favourable to all.

ସର୍ବାନୁଭୂତି—ସଂ. ବି—୧ । (୬ଷ୍ଠୀ ତତ୍) ସକଳ ବିଷୟରେ ଅନୁ-
Sarbānubhūti ଭୂତି ବା ବୋଧ—1. Experience or cognisance of all matters. ୨ । ଜୈନ ସନ୍ନ୍ୟାସି-ବିଶେଷ (୨୪ ପ୍ରକାର ଜୈନ ସନ୍ନ୍ୟାସୀ ମଧ୍ୟରୁ ଏକତମ)
2. One of the 24 classes of Jaina ascetics. ସଂ. ବିଣ. ପୁଂ (ସର୍ବ=ସକଳ ବିଷୟରେ ଅନୁଭୂତି ଯାହାର; ବହୁବ୍ରୀହି)—ତତ୍ତ୍ୱଜ୍ଞତା—
Knowing the Great Truth.

ସର୍ବାୟମକ—ଦେ. ବି—ସର୍ବଯମକ (ଦେଖ)
Sarbājamaka Sarbajamaka. (See)

ସର୍ବାର୍ଥ—ସଂ. ବି—୧ । ସମସ୍ତ ପ୍ରୟୋଜନ—1. All necessity
Sarbārtha or requirements. ୨। ସମସ୍ତ ବ୍ୟବହାର—
2. All use. ୩। ସବୁ ଉଦ୍ଦେଶ୍ୟ—3. All aims.
(ସର୍ବାର୍ଥା—ସ୍ତ୍ରୀ) ସ. ବିଣ. ପୁଂ—(ବହୁବ୍ରୀହି; ସର୍ବ ହୋଇଅଛି ଅର୍ଥ ଯାହାର)—ଚରିତାର୍ଥ—One who has attained his aims.

ସର୍ବାର୍ଥ ସାଧକ—ସ. ବିଣ. ପୁଂ—୧ । ଯେ ସମସ୍ତ ଇଷ୍ଟସିଦ୍ଧ କରାଏ—
Sarbārtha sādhaka 1. One who fulfils all the desires of persons. ୨ । ସମସ୍ତ ପ୍ରୟୋଜନ ସାଧକ—2. Fulfilling all requirements. ୩ । ସିଦ୍ଧିଦାୟକ—3. Causing success. ବି. ପୁଂ—ଇଷ୍ଟସିଦ୍ଧିକାରୀ ବ୍ୟକ୍ତି—Granter or fulfiller of
(ସର୍ବାର୍ଥ ସାଧିକା—ସ୍ତ୍ରୀ one's desires.

ସର୍ବାର୍ଥ ସାଧନ—ସଂ. ବି (୬ଷ୍ଠୀ ତତ୍)—ସବୁ ପ୍ରୟୋଜନ ବା
Sarbārtha sādhana ଉଦ୍ଦେଶ୍ୟର ସିଦ୍ଧି—Fulfilment of all requirements or desires or aims.

ସର୍ବାର୍ଥ ସାଧିକା(ଣୀ)—ସଂ. ବି. ସ୍ତ୍ରୀ—ଦୁର୍ଗା—Goddess Durgā.
Sarbārtha sādhikā(ṇī) ସଂ. ବିଣ. ସ୍ତ୍ରୀ—ସର୍ବାର୍ଥ ସାଧକର ସ୍ତ୍ରୀଲିଙ୍ଗ—Feminine of Sarbārtha sādhaka. (See)

ସର୍ବାର୍ଥ ସିଦ୍ଧ—ସଂ. ବିଣ. ପୁଂ (ସର୍ବ ଅର୍ଥ ହୋଇଅଛି ସିଦ୍ଧ ଯାହାର;
Sarbārtha siddha ବହୁବ୍ରୀହି)—ପୂର୍ଣ୍ଣମନସ୍କାମ; ଯାହାର
(ସର୍ବାର୍ଥସିଦ୍ଧା—ସ୍ତ୍ରୀ) ସକଳ ବାଞ୍ଛା ସିଦ୍ଧ ହୋଇଅଛି; ସିଦ୍ଧାର୍ଥ—
One who has all his aims or desires fulfilled. ସଂ. ବି—୧ । ସିଦ୍ଧାର୍ଥ; ବୁଦ୍ଧଦେବ (ଅମର)—1. The Buddha. ୨ । (ନାମ) ରାମଚନ୍ଦ୍ରଙ୍କ ରାଜତ୍ୱ ସମୟର ଜଣେ ଉଞ୍ଛବୃତ୍ତି ବ୍ରାହ୍ମଣ—
2. Name of a Brahman living in the reign of king Rāma. [ଉ—ଏ ଗୋଟିଏ କୁକୁରକୁ ଅଘାତ କରିବାରୁ କୁକୁରଟି ଯାଇ ରାମଚନ୍ଦ୍ରଙ୍କ

୧	ଇ	ଉ	ଋ,ଌ	ଔ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଛ	ଇଯ୍ୟ	ଡ଼ଅ	ଞ୍ଜ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଂ୍ୟ	ଇଅ	ଛ	ନ୍ନ

ଜଗତରେ ବ୍ରାହ୍ମଣ ନାମରେ ଅଯୋଗ କଲା । କିନ୍ତୁ ବ୍ରାହ୍ମଣ ଅବଧ୍ୟ ବୋଲି ମନ୍ତ୍ରୀମାନେ ପରାମର୍ଶ ଦେବାରୁ ରାମଚନ୍ଦ୍ରଙ୍କୁ କୁକ୍କୁର ପ୍ରାର୍ଥନା କଲା—"ଏ ବ୍ରାହ୍ମଣକୁ କୁଳପତି ପଦ ପ୍ରଦାନ କରି ଏହାକୁ କାଳଞ୍ଜର ଅଞ୍ଚଳର ଅଧୀଶ୍ୱର କରନ୍ତୁ ।"

ରାମଚନ୍ଦ୍ର ଏପରି ଅଦ୍ଭୁତ ପ୍ରାର୍ଥନାର କାରଣ ପଚାରିବାରୁ କୁକ୍କୁର କହିଲା, "ମୁଁ ପୂର୍ବ ଜନ୍ମରେ ଏହି ପଦରେ ଅଧିଷ୍ଠିତ ହୋଇ ସତ୍କର୍ମ କରୁଥିଲି; କିନ୍ତୁ ଭ୍ରମ ପଦର ଅବଶ୍ୟମ୍ଭାବୀ ପାପାଚରଣ ଯୋଗୁଁ ଏ ଜନ୍ମରେ କୁକ୍କୁର ହୋଇ ଜନ୍ମଗ୍ରହଣ କରିଅଛି ।]

ସର୍ବାର୍ଥସିଦ୍ଧି—ସଂ. ବି (ଷଷ୍ଠୀ ତତ୍)—ସବୁ ପ୍ରୟୋଜନ ବା ଉଦ୍ଦେଶ୍ୟର Sarbārthasiddhi ସଫଳତା—Fulfilment of all aims or desires.

ସର୍ବାଶୀ—ସଂ. ବି ଓ ବିଣ. ପୁଂ (ସର୍ବ+ଅଶ୍ ଧାତୁ=ଖାଇବା+ Sarbāśi କର୍ତ୍ତୃ. ଇନ୍; ୧ମା· ୧ବ)—ସର୍ବଭକ୍ଷ (ଦେଖ)— (ସର୍ବାଶିନୀ—ସ୍ତ୍ରୀ) Sarbabhaksha. (See)

ସର୍ବାସ୍ତ୍ର—ସଂ. ବିଣ. ତ୍ରି (ବହୁବ୍ରୀହି)—ସକଳ ଅସ୍ତ୍ରଯୁକ୍ତ— Sarbāstra Armed with all sorts of weapons. (ସର୍ବାସ୍ତ୍ରା—ସ୍ତ୍ରୀ)

ସର୍ବାସ୍ତ୍ରା—ସଂ. ବି. ସ୍ତ୍ରୀ—ଜୈନମତରେ ଷୋଡ଼ଶ ବିଦ୍ୟାଦେବୀଙ୍କ Sarbāstrā ଅନ୍ତର୍ଗତ ଦେବୀ ବିଶେଷ—One of the sixteen Deities mentioned in the Jaina Tantras.

ସର୍ବାନ୍ତଃକରଣରେ—ଦେ· କ୍ରି· ବିଣ—ମନର ସମ୍ପୂର୍ଣ୍ଣ ଇଚ୍ଛା ସହିତ; Sarbāntaḥkaraṇare କୌଣସି ପ୍ରକାରେ ଦ୍ୱିଧାଗ୍ରସ୍ତ ନ ସର୍বାন্তঃকরণে सर्वान्तःकरणसे ହୋଇ—With a full heart.

ସର୍ବାନ୍ତ୍ୟ—ସଂ. ବି (ବହୁବ୍ରୀହି, ସର୍ବ+ଅନ୍ତ୍ୟ)—ଯେଉଁ ପଦ୍ୟର Sarbāntya ଚାରି ଚରଣର ଅନ୍ତ୍ୟବର୍ଣ୍ଣ ଏକ ଅଟେ (ଛ. ଶ)— A poem having the same letter at the end of its four feet or lines.

ସର୍ବାନ୍ନ ଭକ୍ଷକ—ସଂ. ବିଣ.ପୁଂ (ସର୍ବାନ୍ନ+ଭକ୍ଷ୍ ଧାତୁ+କର୍ତ୍ତୃ ଅକ)— Sarbānna bhakshaka ଉଦର ପିଶାଚ; ଯେଉଁ ବ୍ୟକ୍ତି [ସର୍ବାନ୍ନୀନ—ଅନ୍ୟରୂପ] ସମସ୍ତଙ୍କ ପାଖରେ ଅନ୍ନ ଭକ୍ଷଣ କରେ ସର୍ବାନ୍ନ ଭକ୍ଷିକା } ସ୍ତ୍ରୀ ସର୍ବାନ୍ନୀନା } (ହେମଚନ୍ଦ୍ର)—(a person) Who takes food at the hands of all persons.

ସର୍ବାନ୍ନ ଭୋଜୀ—ସଂ. ବିଣ. ପୁଂ—ସର୍ବାନ୍ନ ଭକ୍ଷକ (ଅମର) (ଦେଖ) Sarbānnabhoji Sarbānna bhakshaka (See)

ସର୍ବାବସର—ସଂ· ବି (ବହୁବ୍ରୀହି)—ଅର୍ଦ୍ଧରାତ୍ର (ତ୍ରିକାଣ୍ଡଶେଷ)— Sarbābasara Midnight.

ସର୍ବାଭିସନ୍ଧୀ—ସଂ· ବିଣ. ପୁଂ (ସର୍ବ+ଅଭି+ସମ୍+ଧା.ଧାତୁ=ଲକ୍ଷ୍ୟ Sarbābhisandhī କରିବା+କର୍ତ୍ତୃ· ଇନ୍ ୧ମା ୧ବ)—୧ । ସର୍ବାଭିସନ୍ଧିନୀ } ସ୍ତ୍ରୀ ସର୍ବାଭିସନ୍ଧିକା } ସକଳାଭିସନ୍ଧାନବିଶିଷ୍ଟ; ସବୁ ପ୍ରକାର ବଞ୍ଚନା ଯୁକ୍ତ—1. Full of all kinds of deceit. ୨ । ଯେ ସମସ୍ତଙ୍କୁ ଉପହାସ କରେ— 2. Jeering at all. ୩ । ଯେ ସମସ୍ତଙ୍କୁ ଧୋକା ଦିଏ (ମନୁ)—3. Inveigling all persons. ସଂ. ବି—ଛଦ୍ମ ତାପସ; ବୈଡାଲବ୍ରତିକ (ଅମର)— A false ascetic.

ସର୍ବାଭିସାର—ସଂ. ବି—ଚତୁରଙ୍ଗ ସୈନ୍ୟସନ୍ନାହ; ଚତୁରଙ୍ଗ ସେନା Sarbābhisāra ସନ୍ନିବେଶ (ଅମର)—Battle array formed with the four classes of soldiers.

ସର୍ବାମାତ୍ୟ—ସଂ. ବି—ପରିବାରର ବା ଗୃହର ସବୁ ବ୍ୟକ୍ତି (ଭୃତ୍ୟ Sarbāmātya ପରିଜନାଦି)—All the persons of a household (including servants and dependants).

ସର୍ବାହ୍ଣ—ସଂ. ବି (ସର୍ବ+ଅହନ୍)—ସମସ୍ତ ଦିନ; ଦିନ ତମାମ୍— Sarbāhṇa The whole day.

ସର୍ବିଅର୍—ବୈଦେ. ବି—ସର୍ଭେଅର୍ (ଦେଖ) Sarbiar Sarbhear (See)

ସର୍ବିଅରି—ବୈଦେ. ବି—ସର୍ଭେଅରି (ଦେଖ) Sarbiari Sarbeari (See)

ସର୍ବିସ୍ (ଇତ୍ୟାଦ)—ବୈଦେ· ବି—ସର୍ଭିସ୍ ଇତ୍ୟାଦ (ଦେଖ) Sarbis (etc) Sarbhis etc (See)

ସର୍ବୀୟ—ସଂ. ବିଣ. ପୁଂ (ସର୍ବ+ସମ୍ବନ୍ଧାର୍ଥେ. ଈୟ)—ସର୍ବ ସମ୍ବନ୍ଧୀୟ Sarbiya [ସର୍ବୀୟା—ସ୍ତ୍ରୀ] Relating to all.

ସର୍ବୁ—ଦେ. ବି—(ଅଦରାର୍ଥକ) ସର୍ବେଶ୍ୱରର ଡାକ ନାମ— Sarbu Nickname for Sarbeśwara.

ସର୍ବେ—ଦେ· ସର୍ବ (ସଂ. ସର୍ବ ଶବ୍ଦର ପୁଂଲିଙ୍ଗ ନିତ୍ୟ ବହୁବଚନ)— Sarbe ୧ । ସମସ୍ତେ—1. All. ୨ । ସବୁ ବ୍ୟକ୍ତିମାନେ— সর্বে, সকলে सब 2. All men. ୩ । ସବୁ ପ୍ରାଣୀମାନେ— সাৰ্ভে सब 3. All beings. ବୈଦେ· ବି (ଇଂ. ସର୍ଭେ) —ସର୍ଭେ (ଦେଖ)—Sarbhe (See)

ସର୍ବେଅର୍—ବୈଦେ. ବି (ଇଂ. ସର୍ଭେୟର୍)—ସର୍ଭେଅର୍ (ଦେଖ) Sarbear Sarbhear (See) সার্ভেয়ার सर्वेयर

ସର୍ବେଇବ—ଦେ· ଅ (ସଂ. ସର୍ବୈବ)—ସର୍ବୈବ (ଦେଖ) Sarbe-iba সৰ্বৈব सबही Sarbaiba (See)

ସର୍ବେବ—ଦେ. ଅ (ସଂ; ସର୍ବୈବ)—ସର୍ବୈବ (ଦେଖ)— Sarbeba সৰ্বৈব सबही Sarbaiba (See)

ସର୍ବେଶ୍ୱର—ସଂ·ବି.ପୁଂ (ଷଷ୍ଠୀ ତତ୍; ସର୍ବ+ଈଶ୍ୱର)—୧ । ସମସ୍ତଙ୍କର Sarbeśwara ପ୍ରଭୁ; ଏକାଧିପତି—1. The Lord of all. ୨ । ସାର୍ବଭୌମ (ଦେଖ)—2. Sārbabhauma

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୁଢ଼' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

(See) ୩ । ମହାଦେବ; ଶିବ—3. God Siba

সর্বেশ্বর ଦେ. ବି. ପୁଂ—ଲୋକଙ୍କ ନାମ—
सर्वेश्वर A name given to males.

ସର୍ବେସର୍ବା—ଦେ. ବଣ (ସଂ. ସର୍ବେ=ସର୍ବ ଶବ୍ଦର ପୁଂ. ବହୁବଚନ Sarbesarbā +ସର୍ବା=ସର୍ବ ଶବ୍ଦର ସ୍ତ୍ରୀ. ବହୁବଚନ)—
সর্বেসর্বা ୧ । ସମସ୍ତଙ୍କ ଉପରେ କର୍ତ୍ତା; ଏକାଧିପତି—1. Mas-
सर्वेसर्वा ter or lord over all; the supreme lord; overlord. ୨ । କୌଣସି ସ୍ଥାନର ବା ବିଷୟର ଏକମାତ୍ର କର୍ତ୍ତା ବା ନାୟକ—2. The supreme master or leader in a concern or place. ୩ । କୌଣସି ବ୍ୟକ୍ତିର ଏକମାତ୍ର ଆଶ୍ରୟ ବା ଅବଲମ୍ବନ—
3. The only refuge of a person.

ସର୍ବୈବ—ସଂ. ସର୍ବ. (ସର୍ବେ+ଏବ କିମ୍ବା ସର୍ବ+ଏବ)—ସବୁହିଁ; Sarbaiba ସମସ୍ତେ—All; everything. ଦେ. ଅ— ସମ୍ପୂର୍ଣ୍ଣରୂପେ—Totally; fully. [ଦ୍ର—ଚଳିତଅ ଭାଷାରେ 'ତାହାର ଦାବି ସର୍ବୈବ ମିଥ୍ୟା ଓ ଅମୂଳକ ଅଟେ' ବୋଲି ଲେଖାଯାଏ ।]

ସର୍ବୈଶ୍ୱର୍ଯ୍ୟ—ସଂ. ବି (କର୍ମଧା)—ସକଳ ଐଶ୍ୱର୍ଯ୍ୟ—All magni-
Sarbaiśwarjya ficence or prosperity.

ସର୍ବୈଶ୍ୱର୍ଯ୍ୟ ବିଧାତା—ସଂ. ବଣ. ପୁଂ (୬ଷ୍ଠୀ ତତ୍; ସର୍ବୈଶ୍ୱର୍ଯ୍ୟ+ବି- Sarbaiśwarjya bidhātā ଧାତୃ; ୧ମା. ୧ବ)—ଯେ [ସର୍ବୈଶ୍ୱର୍ଯ୍ୟ ବିଧାତ୍ରୀ—ସ୍ତ୍ରୀ] ମନୁଷ୍ୟଙ୍କୁ ସକଳ ସମ୍ପଦ ଦିଅନ୍ତି— Bestowing all sorts of magnificence or supremacy. ବି. ପୁଂ—ସକଳ ସମ୍ପଦଦାତା—
Giver of all sorts of magnificene.

ସର୍ବୋତ୍ତମ—ସଂ. ବଣ (୭ମୀ ତତ୍)—ସମସ୍ତଙ୍କ ମଧ୍ୟରେ ଉତ୍ତମ—
Sarbottama The best; the best of all.
[ସର୍ବୋତ୍ତମତା—ବି]

ସର୍ବୋତ୍ତର—ସଂ. ବଣ (୭ମୀ ତତ୍)—ସର୍ବପ୍ରଧାନ—Chief.
Sarbottara [ସର୍ବୋତ୍ତରତା—ବି]

ସର୍ବୋତ୍କୃଷ୍ଟ—ସଂ. ବଣ—ସମସ୍ତଙ୍କ ମଧ୍ୟରେ ଉତ୍କୃଷ୍ଟ—Best of all;
Sarbotkrushta [ସର୍ବୋତ୍କୃଷ୍ଟା—ସ୍ତ୍ରୀ] most excellent.
[ସର୍ବୋତ୍କୃଷ୍ଟ—ଅବ୍ୟୟୀଭୂତ] [ସର୍ବୋତ୍କୃଷ୍ଟତା—ବି]

ସର୍ବୋପର(ରେ)—ଦେ. ଅ (ସଂ. ସର୍ବୋପରି)—୧ । ସମସ୍ତଙ୍କ ଉପରେ Sarbopara(re) —1, Over all. ୨। ସମସ୍ତଙ୍କ ଅପେକ୍ଷା ଉଚ୍ଚ;
সর্বোপরি सर्वोपरि ଉଚ୍ଚତମ—2. Uppermost highest.

ସର୍ବୋପରି—ସଂ. ଅ (୬ଷ୍ଠୀ ତତ୍)—ସର୍ବୋପର (ଦେଖ)—
Sarbopari Sarbopara (See)

ସର୍ବୌଘ—ସଂ. ବି (ସର୍ବ+ଓଘ)—୧ । ଚତୁରଙ୍ଗ ସୈନ୍ୟ ସମୂହ Sarbaugha (ଅମର)—1. Battle-array consisting of all classes of soldiers. ୨ । ଗୁରୁ ବେଗ (ମେଦିନୀ)—2. Great force or velocity.

ସର୍ବୌଷଧି—ସଂ. ବି—କୁଷ୍ଠ, ମୁରାମାଂସୀ, ଜଟାମାଂସୀ, ହରିଦ୍ରା, ଦାରୁ-
Sarbaushadhi ହରିଦ୍ରା, ଶୈଳେୟ, ବଚ, ଚମ୍ପକ, ଶଠୀ ଓ ମୁସ୍ତା,ଏ ଦଶ ଦ୍ରବ୍ୟର ସମାହାର—A mixture consisting of ten herbs and used in mixing with bath-water. [ଦ୍ର—ଏହି ଦଶଟି ଦ୍ରବ୍ୟକୁ ବାଟି, ଜଳପୂର୍ଣ୍ଣ କଳସୀରେ ମିଶାଇ ମନ୍ତ୍ରପୂତ କରି ସେହି ଜଳରେ ସ୍ନାନ କଲେ ସର୍ବ ଗ୍ରହଦୋଷ ଉପଶମିତ ହୁଏ । ମତାନ୍ତରରେ କୁଷ୍ଠ, ଜଟାମାଂସୀ, ହରିଦ୍ରା, ବଚ, ଶୈଳେୟ, ଚନ୍ଦନ, ମୁରା, ରକ୍ତଚନ୍ଦନ, କର୍ପୂର ଓ ମୁଥାକୁ ସର୍ବୌଷଧି ବୋଲାଯାଏ—ରାଜନିର୍ଘଣ୍ଟ ।]

ସର୍ବୌଷଧିଗଣ—ସଂ. ବି—ମୁରାମାଂସୀ ଆଦି ଔଷଧସମୂହ—The Sarbaushadhigana herbs consisting of Sarbaushadhi. [ଦ୍ର—ଏଥିର ଶ୍ଳୋକ—ମୁରାମାଂସୀ ବଚ କୁଷ୍ଠଂ ଶୈଳେୟଂ ରଜନୀ ଦ୍ୱୟଂ । ଶଠୀ ଚମ୍ପକ ମୁସ୍ତଞ୍ଚ ସର୍ବୌଷଧିଗଣଃ ସ୍ମୃତଃ—ଶବ୍ଦଚନ୍ଦ୍ରିକା ।] [ଦ୍ର—ପଦ୍ମ-ପୁରାଣ ଉତ୍ତରଖଣ୍ଡ ୧୦୨ ଅଧ୍ୟାୟରେ ୨୨ ଗୋଟି ଦ୍ରବ୍ୟର ସମବାୟକୁ ସର୍ବୌଷଧିଗଣ ବୋଲି କୁହା ଯାଇଅଛି ।]

ସର୍ବୌଷଧି ଜଳ—ସଂ. ବି (ମଧ୍ୟପଦଲୋପୀ କର୍ମଧା)—ବଟା ହୋଇ-
Sarbaushadhi jala ଥିବା ସର୍ବୌଷଧି ଗୋଳା ଯାଇଥିବା ସ୍ନାନାର୍ଥ ଜଳ—Water mixed with the pasted Sarbaushadhi for bathing. [ଦ୍ର—ଏ ଜଳରେ ସ୍ନାନ କଲେ ଗ୍ରହଦୋଷ ଶମିତ ହୁଏ ବୋଲି ଶାସ୍ତ୍ରରେ ଲିଖିତ ହୋଇଅଛି ।]

ସର୍ଭରି (ଇତ୍ୟାଦି)—ବୈଦେ. ବଣ ଓ ବି—ସର୍ବରି ଇତ୍ୟାଦି (ଦେଖ)
Sarbhari (etc) Sarbari etc (See)

ସର୍ଭାଇଭର—ବୈଦେ. ବଣ (ଚଳିତଅ. ଇଂ.)—କୌଣସି ବ୍ୟକ୍ତିଙ୍କ
Sarbhāibhar ମୃତ୍ୟୁ ପରେ ତାଙ୍କ ଅଂଶୀୟ ଯେଉଁ ବ୍ୟକ୍ତି
সার্ভাইভর ତାଙ୍କ ଏକାନ୍ନବର୍ତ୍ତୀ ପରିବାରରେ ଜୀବିତ ଥାଆନ୍ତି
सर्वाइवर —A survivor in a joint Hindu family. [ଦ୍ର—ମିତାକ୍ଷରା ସ୍ମୃତି ଲିଖିତ ବ୍ୟବସ୍ଥା ଅନୁସାରେ ଏକାନ୍ନବର୍ତ୍ତୀ ଭାଇମାନଙ୍କ ମଧ୍ୟରୁ ଜଣେ ଭାଇ ଅପୁତ୍ରକ ହୋଇ ମଲେ ତାହାର ହିସାକୁ ତା ସର୍ଭାଇଭର-ମାନେ ପାଆନ୍ତି ।]

ସର୍ଭାଣ୍ଟ(ଭେଣ୍ଟ)—ବୈଦେ. ବି (ଇଂ. ସର୍ଭେଣ୍ଟ)—ଭୃତ୍ୟ—Servant.
Sarbhā(rbhe)nt সার্ভেন্ট सरर्वेंट

ସର୍ଭିଅର୍—ବୈଦେ. ବି (ଇଂ)—ସର୍ଭେଅର୍ (ଦେଖ)
Sarbhiar Sarbhear (See)

ସର୍ଭିଅର—ଦେ. ବ ଓ ବଣ—ସର୍ଭେଅର (ଦେଖ)
Sarbhiari Sarbheari (See)

ସର୍ଭିସ୍—ବୈଦେ· ବ (ଇଂ, ସର୍ଭିସ୍)—୧। ଚାକର—1. Service.
Sarbhis ୨। ସରକାରୀ ଚାକର—2. Public service;
ସାର୍ଭିସ service under the Government. ୩।
सरभिस ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ—3. Government business. ୪। ଧର୍ମମନ୍ଦିରରେ ଉପାସନା—4. Prayer or service in a church or temple. ୫। ଏକ ମଟର ଆଦ ନେଇ ନିର୍ଦ୍ଦିଷ୍ଟ ସ୍ଥାନକୁ ନିର୍ଦ୍ଦିଷ୍ଟ କାଳକ୍ରମରେ ଗମନାଗମନ—5. Motor or lorry service; regular plying of conveyance for hire from one place to another.

ସର୍ଭିସ୍ କାର୍ଡ୍(ର୍ଡ)—ବୈଦେ. ବ (କଚେରୀ) (ଇଂ. ସର୍ଭିସ୍ କାର୍ଡ୍)
Sarbhis kārd(rd) —ସରକାରୀ କର୍ମ ସମ୍ପର୍କରେ ଲେଖା-
ସାର୍ଭିସ କାର୍ଡ ଯିବା ପୋଷ୍ଟକାର୍ଡ୍—Service card.
सरभिस कार्ड [ସର୍ଭିସ୍ ପୋଷ୍ଟ କାର୍ଡ୍(ର୍ଡ)—ଅନ୍ୟରୂପ]

ସର୍ଭିସ୍(ସି) ଟିକ(କେ)ଟ—ବୈଦେ. ବ (କଚେରୀ) (ସର୍ଭିସ୍ ଟିକେଟ)-
Sarbhis(si)ṭika(ke)ṭa ସରକାରୀ କର୍ମରେ ପଠାଯିବା
(ସର୍ଭିସ୍ ପୋଷ୍ଟେଜ୍—ଅନ୍ୟରୂପ) ଚିଠି ଉପରେ ଲଗାଯିବା ଡାକ
ସର୍ଭିସ୍(ସି)ଟିକଟ୍ } ଅନ୍ୟରୂପ ଟିକଟ—Service ticket;
ସର୍ଭିସ୍(ସି)ଟିକ୍ଟ୍ } postal service-tickets or
ସାର୍ଭିସ ଟିକଟ सरभिस टिकट postage stamp.

ସର୍ଭିସ୍(ସି) ବହି—ଦେ. ବ (କଚେରୀ)—ଯେଉଁ ଖାତାରେ କୌଣସି
Sarbhis(si) bahi କର୍ମଚାରୀଙ୍କ ଚାକରର ଧାରାବାହିକ ଇତିହାସ
(ସର୍ଭିସ୍ ବୁକ୍—ବୈଦେ ରୂପ) ଲେଖା ହୋଇ ରହେ—
ସାର୍ଭିସ ବହି Service book of a servant kept in
सरभिस किताब the place of his work.

ସର୍ଭେ—ବୈଦେ.ବ (କଚେରୀ)(ଇଂ)—ଜମି ମାପ—Survey. [ବି—
Sarvey ସର୍ଭେ ଅନେକ ପ୍ରକାରର ଯଥା—୧। ଚେନ୍ ସର୍ଭେ
ସାର୍ଭେ (chain survey)—ଅଡ଼ୁକାଳ ଗାଡ଼ରେ ଲମ୍ବାର ଶିକୁଳ
सर्भे (୬୬ ଫୁଟ ବା ୧୦୦ ଫୁଟ ଲମ୍ବ) ଦ୍ୱାରା ଜମି ମାପ।]
୨। ଟ୍ରିଗନମେଟ୍ରିକାଲ୍ ସର୍ଭେ (Trigonometrical survey)—ଅଡ଼ୁକାଳ ତ୍ରିକୋଣମିତିପିକ ସୂତ୍ର ଅନୁସାରେ ଭୂପୃଷ୍ଠର ଜଙ୍ଗଲ ଓ ପାହାଡ଼ ଅଦର ମାପ।
୩। ଫରେଷ୍ଟ ସର୍ଭେ (Forest survey)—ଜଙ୍ଗଲର ମାପ।
୪। କାଡାଷ୍ଟ୍ରାଲ୍ ସର୍ଭେ (Cadastral survey)—ସରକାରୀ ରେକର୍ଡ୍ସ ଆଦରେ ପୂରଣ କରିବା ଉଦ୍ଦେଶ୍ୟରେ କରାଯିବା ମାପ।
୫। ଟପୋଗ୍ରାଫିକାଲ୍ ସର୍ଭେ (Topographical survey)—ଦେଶର ଘଣ୍ଟା ବନ ସ୍ଥାନରେ ଥିବା ନଦୀ, ପର୍ବତ, ବୃକ୍ଷ, ଗୃହ ଅଦର ଅବସ୍ଥିତି ଦେଖାଇବା ଉଦ୍ଦେଶ୍ୟରେ କରାଯିବା ମାପ।
୬। ରେଭେନ୍ୟୁ ସର୍ଭେ (Revenue survey)—ଭୂମି ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଦେୟ ରାଜସ୍ୱ ନିର୍ଣ୍ଣୟ କରିବାପାଇଁ କରାଯିବା ମାପ।
୮। ମିଲିଟେରି ସର୍ଭେ (Military survey)—ସାମରିକ ସୁବିଧା କର୍ଣ୍ଣସ୍ୱାର୍ଥ କରାଯିବା ମାପ।
୯। ପ୍ଲେନ୍‌ଟେବୁଲ ସର୍ଭେ (Plaintable survey)—ପ୍ଲେନ୍ ଟେବ୍ ନାମକ ଯନ୍ତ୍ର ସାହାଯ୍ୟରେ କରାଯିବା ମାପ।
୯। କଣ୍ଟୁର ସର୍ଭେ (Contour survey)—କୌଣସି ଅଞ୍ଚଳର ନର୍ଦ୍ଦିଷ୍ଟ ସୀମା ରେଖା ନିରୂପଣାର୍ଥ ମାପ।

ସର୍ଭେ ଅ(ଆ)ପି(ଫି)ସ୍—ବୈଦେ. ବ (କଚେରୀ) (ଇଂ. ସର୍ଭେ ଅଫିସ୍)
Sarbhe a(ā)pi(phi)s —ଯେଉଁ କଚେରୀରେ ସର୍ଭେ
ସାର୍ଭେ ଆଫିସ ବିଭାଗର କାଗଜ ପତ୍ର ରହେ ଓ କର୍ମଚାରୀମାନେ
सर्भे ओफिस କାର୍ଯ୍ୟ କରନ୍ତି—Office of the Survey Department.

ସର୍ଭେ ଅପି(ଫି)ସର୍—ବୈଦେ. ବ (କଚେରୀ) (ଇଂ. ସର୍ଭେ ଅଫିସର୍)-
Sarbhe api(phi)sar ସର୍ଭେ ବିଭାଗର ଜିଲ୍ଲାର ଉଚ୍ଚତମ
ସାର୍ଭେ ଆଫିସର କର୍ମଚାରୀ—Survey Officer of a district.
सर्भे ओफिसर [ବି—ରାଜ୍ୟର ରାଜସ୍ୱ ନିର୍ଦ୍ଧାରଣାର୍ଥ କରାଯିବା ସର୍ଭେର ଉଚ୍ଚତମ କର୍ମଚାରୀ ଯେବେ ରାଜସ୍ୱ ବନ୍ଦୋବସ୍ତ ବିଭାଗର ଉଚ୍ଚତମ କର୍ମଚାରୀ ହୋଇ ଥାଆନ୍ତି ତାଙ୍କୁ Survey and Settlement Officer (ସର୍ଭେ ଅଣ୍ଡ ସେଟଲମେଣ୍ଟ ଅଫିସର) ବୋଲାଯାଏ। ସର୍ଭେ ଅଫିସରଙ୍କ ଅଧସ୍ତନ ସହକାରୀ କର୍ମଚାରୀଙ୍କୁ (Assistant Survey Officer) ଆସିଷ୍ଟାଣ୍ଟ ସର୍ଭେ ଅଫିସର୍ ବୋଲାଯାଏ।]

ସର୍ଭେ ଅମିନ୍—ବୈଦେ· ବ (କଚେରୀ) (ଇଂ, ସର୍ଭେ+ଫା. ଅମିନ୍)—
Sarbhey amin ଜମି ମାପ କରିବା କର୍ମଚାରୀ—
ସାର୍ଭେ ଆମିନ୍ सर्भे अमीन The Survey Amin.

ସର୍ଭେଅର୍—ବୈଦେ· ବ (ଇଂ. ସର୍ଭେଅର)—ଜମି ମାପ କରିବା ବ୍ୟକ୍ତି
Sarbhear —Surveyer.
ସାର୍ଭେୟାର सर्भेअर

ସର୍ଭେଅର୍ ଜେନ(ନେ)ର(ରା)ଲ୍—ବୈଦେ. ବ (କଚେରୀ) (ଇଂ.
Sarbhear jen(ne)ra(rā)l ସର୍ଭେୟର ଜେନେରାଲ)—
ସାର୍ଭେୟାର ଜେନେରାଲ ସରକାରଙ୍କ ମାପ ବିଭାଗର ପ୍ରଦେଶର ବା
सर्भेअर जेनेरल ସମଗ୍ର ରାଜ୍ୟର ସର୍ବୋଚ୍ଚ କର୍ମଚାରୀ—Survey General.

ସର୍ଭେଅରି—ଦେ. ବ (ଇଂ. ସର୍ଭେଅରସିପ୍)—ସର୍ଭେଅରର କର୍ମ ବା
Sarbheari ଚାକର—The work or post of a sur-
ସାର୍ଭେୟାରି veyer. ଦେ· ବଣ—୧। ସର୍ଭେଅର ସମ୍ବନ୍ଧୀୟ—
सर्भेअरी 1. Relating to a surveyer. ୨। ସର୍ଭେ ସମ୍ବନ୍ଧୀୟ—2. Relating to survey.
(ଯଥା—ସର୍ଭେଅର ମାଣ।)

ସର୍ଭେଅରି ମାଣ—ଦେ. ବ (କଚେରୀ)—ବ୍ରିଟିସ୍ ସରକାରଙ୍କର ସର୍ଭେ
Sarbheari māṇa ମାପ ଅନୁସାରେ ମାପ କରାଯିବା ୨୪ ଡିସ୍

ଏକର ପରିବାର ମାଣ; ଏକର୍; ସର୍ବର ମାଣ—Acre; a Māna
एकर measured by the 24 dasti rod.

ସର୍ଭେ ଅଇନ୍—ବୈଦେ. ବ (ଇଂରେଜ) (ଇଂ. ସର୍ଭେ+ଫା. ଅଇନ୍)
Sarbhe āin —ଯେଉଁ ଅଇନରେ ଜମି ମାପ ସମ୍ବନ୍ଧୀୟ ବିଧି-
(ସର୍ଭେ ଅଇନ୍—ଅନ୍ୟରୂପ) ମାନ ଲେଖା ଥାଏ—The Sur-
সার্ভে আইন vey Act; the law relating to
सर्भे कानुन (ସର୍ଭେଅଲ୍, ସର୍ଭେଲ୍—ଅନ୍ୟରୂପ) survey.

ସର୍ଭେଇଙ୍ଗ୍—ବୈଦେ. ବ (ଇଂ. ସର୍ଭେଇଙ୍ଗ)—
Sarbheing ଜମି ମାପ କରିବା କାର୍ଯ୍ୟ—Surveying.
(ସର୍ଭେଇଂ—ଅଶୁଦ୍ଧ ଉଚ୍ଚାରଣ ଓ ଲେଖନ) সার্ভেইঙ্ सर्भेइंग

ସର୍ଭେ ଇଲାକା—ବୈଦେ. ବ (ଇଂରେଜ) (ଇଂ. ସର୍ଭେ+ଫା. ଇଲାକା)
Sarbhe ilākā —ସର୍ଭେ ଡିପାର୍ଟମେଣ୍ଟ (ଦେଖ)
সার্ভে এলাকা Sarbhe dipāṭmenṭ (See)
सर्भे इलाका

ସର୍ଭେ ଇସ୍କୁଲ—ବୈଦେ. ବ (ଇଂ. ସର୍ଭେ ସ୍କୁଲ୍)—ଯେଉଁ
Sarbhe iskula ବିଦ୍ୟାଳୟରେ ଛାତ୍ରମାନଙ୍କୁ ଜମିର ମାପ ଅବ
সার্ভে ইস্কুল শିକ୍ଷା ଦିଆଯାଏ—Survey school; a
सर्भे इस्कूल school for the training of students in surveying.

ସର୍ଭେ ଡିପାର୍ଟ(ର୍ଟ)ମେଣ୍ଟ—ବୈଦେ. ବ (ଇଂରେଜ) (ଇଂ.)—ଜମି ମାପ
Sarbhe dipāt(rt)menṭ କରିବା ପାଇଁ ନିଯୁକ୍ତ ସରକାରୀ
সার্ভে ডিপার্টমেন্ট বିଭାଗ—The Survey Department.
सर्भे डिपार्टमेंट [ଦ୍ର—ଏହି ବିଭାଗର ଭିନ୍ନ ଭିନ୍ନ କର୍ମଚାରୀଙ୍କର ଇଂରେଜି ନାମ ଅଛି । ଯଥା—ସୁପରିଣ୍ଟେଣ୍ଡେଣ୍ଟ, ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ, ଅଫିସର୍, ଅମିନ, ସୁପର୍-ଭାଇଜର୍ ଇତ୍ୟାଦି ।]

ସର୍ଭେ ନକ୍ସା—ବୈଦେ. ବ (ଇଂରେଜ)—(ଇଂ. ସର୍ଭେ+ଫା. ନକ୍ସା)—
Sarbhe naksā ଜମିମାପର ବିବରଣ ଯେଉଁ ନକ୍ସାରେ
(ସର୍ଭେ ନକସା—ଦେ. ରୂପ) ଅଙ୍କିତ ହୋଇଥାଏ—A survey
সার্ভে নক্সা map; a map prepared or published in
सर्भे नकसा connection with the Survey opera-
(ସର୍ଭେ ମା[ମେ,ମ୍ୟା]ପ—ଅନ୍ୟରୂପ) tions of a tract of country. [ଦ୍ର—କୌଣସି ଅଞ୍ଚଳରେ ସରକାରୀ ସର୍ଭେ ହୋଇଗଲେ ଉକ୍ତ ସମଗ୍ର ଅଞ୍ଚଳର ମଉଜାର ନକ୍ସା ଓ ପ୍ରତ୍ୟେକ ମଉଜାର ସ୍ୱତନ୍ତ୍ର ନକ୍ସାମାନ ତିଆରି କରାଯାଏ ଓ ଉକ୍ତ ଅସଲ ନକ୍ସାମାନଙ୍କରୁ ଫଟୋଗ୍ରାଫ୍ ପ୍ରଣାଳୀରେ ମୁଦ୍ରିତ ନକ୍ସାମାନ ତିଆରି କରାଯାଇ ତାହା ସର୍ବସାଧାରଣଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରାଯାଏ । ପ୍ରତ୍ୟେକ ଜିଲ୍ଲାର କଲେକ୍ଟରମାନଙ୍କ ସିରସ୍ତାରେ ଏ ନକ୍ସାମାନ ବିକ୍ରି ପାଇଁ ରଖା ଯାଇଥାଏ ।]

ସର୍ଭେ ନ(ଲ)ମ୍ବର୍—ବୈଦେ. ବ (ଇଂରେଜ) (ଇଂ. ସର୍ଭେ ନମ୍ବର)—
Sarbhe na(la)mbar ସର୍ଭେ ମାପରେ ପ୍ରତ୍ୟେକ ଜମି ଚିହ୍ନିତ
(ସର୍ଭେ ନ[ଲ]ଅ[ମ୍]ବର—ଗ୍ରାମ୍ୟରୂପ) କରିବା ପାଇଁ ନକ୍ସାରେ
সার্ভে নম্বর ପ୍ରତ୍ୟେକ ଜମି(ପ୍ଲଟ)ରେ ଚିହ୍ନିତ ହୋଇଥିବା ସଂଖ୍ୟା—
सर्भे नम्बर The Survey-number of a plot of land.

ସର୍ଭେ ପାର୍ଟି(ଟି)—ବୈଦେ. ବ (ଇଂ. ସର୍ଭେ ପାର୍ଟି)—ଜମି ମାପ
Sarbhe pāti(rti) କରିବା ପାଇଁ ନିଯୁକ୍ତ କର୍ମଚାରୀଙ୍କ ଦଳ—
সার্ভেপার্টি सर्भे पार्टी A surveying party.

ସର୍ଭେ ମା(ମେ,ମ୍ୟା)ନୁ(ନ୍ୟୁ)ଅ(ଏ)ଲ୍—ବୈଦେ. ବ (ଇଂ. ସର୍ଭେ ମାନୁ-
Sarbhe mā(me,myā)nu(nyu)a(e)l ଅଲ)—ସର୍ଭେ
সার্ভেম্যানুঅল্ ବିଭାଗର କର୍ମଚାରୀଙ୍କ ବ୍ୟବହାରାର୍ଥ ଗଭର୍ଣ୍ଣମେଣ୍ଟଙ୍କ
सर्भे म्यानुयल ଦ୍ୱାରା ପ୍ରକାଶିତ ସର୍ଭେ ସଂକ୍ରାନ୍ତୀୟ ଅଇନ୍ ଓ ବିଧି
ମାନ ଥିବା ପୁସ୍ତକ—A manual of Survey.

ସର୍ଭେ ଯନ୍ତ୍ର—ଦେ. ବ—ଜମି ମାପ କରିବା ପାଇଁ ବ୍ୟବହୃତ ଯନ୍ତ୍ର—
Sarbhe jantra Surveying instrument.
সার্ভেযন্ত্র सर्भे यन्त्र

ସର୍ଭେ ସେଟଲ୍‌ମେଣ୍ଟ—ବୈଦେ. ବ (ଇଂ. ସର୍ଭେ ସେଟ୍‌ଲ୍‌ମେଣ୍ଟ)—
Sarbhe seṭalmenṭ ଜମିର ମାପ ଓ ଭୂରାଜସ୍ୱ ନିରୂପଣାର୍ଥ
সার্ভে সেটেলমেন্ট সরକାରୀ ବିଭାଗ ଓ କର୍ମ ପ୍ରଣାଳୀ ଦ୍ୱୟ—
सर्भे सेटलमेंट The Survey and Settlement Departments and operations.

ସର୍ଭେ ସ୍କୁଲ—ବୈଦେ. ବ (ଇଂ. ସର୍ଭେ ସ୍କୁଲ୍)—ସର୍ଭେ ଶିକ୍ଷା ଦିଆ
Sarbhe skula ଶିକ୍ଷା ବିଦ୍ୟାଳୟ—Survey school.
সার্ভে স্কুল सर्भे स्कूल

ସର୍ଭେ ହାକିମ—ବୈଦେ. ବ (ଇଂ. ସର୍ଭେ+ଫା. ହାକିମ)—ସର୍ଭେ
Sarbhe hākima ବିଭାଗର ଉଚ୍ଚ କର୍ମଚାରୀ—An official
সার্ভে হাকিম सर्भे हाकिम of the Survey Department.

ସର୍ମା—ବୈଦେ. ବ (ଫା. ଶର୍‌ମ୍)—ସରମ୍ (ଦେଖ)
Sarma Saram (See)
ଦେ. ବ (ସଂ. ଶ୍ରମ)—ଶ୍ରମ; ପରିଶ୍ରମ—Labour.

ସର୍ଲ—ପ୍ରାଦେ (ଲରିଆ) ବଣ—ପିଚ୍ଛିଳ; ଖସଡ଼ା—
Sarlā Slimy; slippery.

ସର୍ଲି ପଡ଼ିବା—ପ୍ରାଦେ (ସମ୍ବଲପୁର) କ୍ରି—ସର୍ଡ଼ି ପଡ଼ିବା (ଦେଖ)
Sarli pardibā Sardi pardibā. (See)

ସର୍ଲି ମାରିବା—ପ୍ରାଦେ. (ଗଞ୍ଜାମ) କ୍ରି—ସୁ ସୁ ଶବ୍ଦ କରିବା—
Sarli māribā To produce a hissing sound.

ସର୍ଲି ଯିବା—ପ୍ରାଦେ (ଗଞ୍ଜାମ) କ୍ରି—ଗୋଡ ଖସି ଯିବାରୁ ପଡ଼ିଯିବା—
Sarli jibā To trip or stumble on account of the feet slipping on a slippery road or thing.

ସର୍ଶିଆ—ପ୍ରାଦେ. (ସମ୍ବଲପୁର) ବ—୧ । ସମକାଳୀନ; ସମସାମୟିକ—
Sarsiā 1. Contemporary. ୨ । ସମବୟସ୍କ—2. Of the same age coeval. ୩ । ପ୍ରତିପକ୍ଷ—3. Rival; equal.

ସର୍ଷପ—ସଂ. ବ (ସୃ ଧାତୁ=ଗମନ କରିବା+ଷପ. ଅଥ; 'ଷ' ଆଗମ)—୧ । ସୋରିଷ ନାମକ ତୈଳବୀଜ ଓ
Sarshapa
সরিষা, সরিষ ତହିଁର ଗଛ—1. Mustard;
सर्षों, राई, कालिराइ, सरसों, लाहि; rape seed; Brassica
बनारसिराइ, जाग राई, घोर राई Nigra; Brassica Napus.
ଫା. ସର୍ଷଫ୍ [ଦ୍ର—ଏହା କୃଷିଜାତ ଗଛ

ବହାର, ତୋରୀ
ଅ. ଖୁଫେଅବ୍ୟଦ୍
ତେ. ଗୃ ଙ୍କୁ ଅଣ୍ଣାଲ୍, ଅବାଲ୍
ମ. ମୋହରୀ
ସଂସ୍କୃତ ପର୍ଯ୍ୟାୟ—କଟୁକ, ସ୍ନେହ; ତନ୍ତୁଭ, କଦମ୍ବକ, ସରଷପ, ତନ୍ତୁଭ, କଟୁସ୍ନେହ, ସର୍ଷପ, ରାଜକ୍ଷବକ, କ୍ଷୁଦ୍ରଘ୍ନ, କୁଷ୍ଠନାଶକ ।

ଅଟେ । ଏଥିର ଫୁଲ ହଳଦିଆ ଓ ଛୁଇଁ ସରୁ । ଛୁଇଁ ମଧ୍ୟରେ ଛୋଟ ଛୋଟ ମଞ୍ଜି ଥାଏ । ଏହି ଗଛର ପତ୍ରର ତେଙ୍ଗ ଓ ଲୋମ ନାହିଁ । ଏ ବୀଜର ବର୍ଣ୍ଣ ନାଲି । ଏ ବୀଜକୁ ଘଣାରେ ପେଡ଼ିଲେ ଏଥିରୁ ତେଲ (ସୋରିଷ ତେଲ, ସର୍ଷପତୈଳ) ବାହାରେ । ଏହି ତେଲକୁ ନାକଦଣ୍ଡିରେ ଓ ପାଦ ତଳରେ ଘଷିଲେ ଶର୍ଦ୍ଦି ଭଲ ହୁଏ; ନାନା ଜାତିର ସୋରିଷ ଅଛି । ଯଥା—

(୧) ରାଇ ସୋରିଷ (ସଂ. ରାଜିକା, ରାଜସର୍ଷପ); ଏହି ସୋରିଷ ଛୋଟ ଏବଂ ନାଲି ଓ ଶିଉଳି ରଙ୍ଗର । ଏହାର ପତ୍ରର ମୂଳ ଅଗ ଅପେକ୍ଷା ସରୁ ।

(୨) ଧଳା ସୋରିଷ (ସଂ. ଶ୍ୱେତିକା, ଗୌର, ସିଦ୍ଧାର୍ଥ ବା ଶ୍ୱେତ ସର୍ଷପ)—
ଏହାର ବୀଜ ଗୌରବର୍ଣ୍ଣ ।

(୩) ରକ୍ତ ସର୍ଷପ ବା ସାଧାରଣ ସୋରିଷ ।

ଏହି ସବୁ ଜାତିର ସୋରିଷର ବୀଜକୁ ପେଡ଼ିଲେ ସେଥିରୁ କଟୁ ବା ସୁଗନ୍ଧ ତେଲ ବାହାରେ । ଏ ତେଲ ଦେହରେ ଲଗାଇବା, ଜାଳିବା, ତିଅଣ, ଭଜା ଓ ଅଚାର ପ୍ରସ୍ତୁତରେ ବ୍ୟବହୃତ ହୁଏ । ରାଇ ସୋରିଷରୁ ତେଲ ବେଶୀ ବାହାରେ । ସୋରିଷ ବଟାକୁ ବେସର ବୋଲିପାଏ ଏବଂ ଏହା ତିଅଣରେ ଓ ଅଚାରରେ ବ୍ୟବହୃତ ହୁଏ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ତିକ୍ତ, କଟୁରସ, କଟୁବିପାକ, ସ୍ନିଗ୍ଧ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, କଫବାତଘ୍ନ, ରକ୍ତପିତ୍ତ ଓ ଅଗ୍ନିବର୍ଦ୍ଧକ, କଣ୍ଡୁ, କୁଷ୍ଠ, କୃମି ଓ ଗ୍ରହଦୋଷନାଶକ ଅଟେ ।] ୨ । ୨ ଲକ୍ଷ୍ୟା ପରିମାଣ—2. A very small standard of weight.

ସର୍ଷପ ତୈଳ—ସଂ. ବି (ସର୍ଷପ+ସ୍ନେହାର୍ଥେ ତୈଳ)—ସର୍ଷପରୁ
Sarshapa taila ଜାତ ତୈଳ; ସୋରିଷ ତେଲ—
Mustard oil.

ସର୍ଷପାରିଲା—ବୈଦେ. ବି (ଇଂ ସାର୍ସାପାରିଲା)—ଚୋପଚିନି ଲଇ ମୂଳ
Sarshapārilā ଅବଦ୍ରାବ ଉଦ୍ଭିଜ୍ଜକ ପ୍ରକ୍ରିୟାରେ ପ୍ରସ୍ତୁତ ରକ୍ତ-
ସାର୍ସାପାରିଲା सार्सापरिला ଶୋଧକ ପାନୀୟ ଔଷଧ-
ବିଶେଷ—Sarsapa rilla; a medicinal decoction made from the dried root of certain plants.

ସର୍ଷପୀ—ସଂ ବି—ଖଞ୍ଜନକା; ଖଞ୍ଜନପକ୍ଷୀ; ଲଳାପାଣ୍ଡୁକାଗସ୍ୟ ଚଢ଼େଇ
Sarshapi [ବିକାଣ୍ଡଶେଷ]—The blue wagtail (bird).

ସର୍ସିର—ଦେ. ବିଣ ଓ ଅ – ସରସର (ଦେଖ)
Sarsara Sarasara (See)

ସର୍ସରି—ବୈଦେ. ବିଣ – ସରସରି (ଦେଖ)
Sarsari Sarāsari (See)

ସର୍ହଦ୍—ବୈଦେ. ବି (ଫରସି)—(ଅ. ସର୍‌ହଦ)—୧ । ସୀମା—
Sarhad 1. Boundary. ୨ । କୌଣସି ସ୍ଥାନର
ସରହদ सरहद ଚତୁଃସୀମା—2. The boundary of a place on all sides.

ସର୍ହଦ୍ ଖୁଣ୍ଟ(ଣ୍ଟି)—ଦେ. ବି (ଫରସି)—ସୀମାଚିହ୍ନସ୍ୱରୂପ ସ୍ତମ୍ଭ—
Sarhad khunta(nti) A boundary pillar.
সরহদ খুণ্টো सरहद् खूंटी

ସର୍ହଦ୍ ବିବାଦ—ଦେ. ବି (ଫରସି)—ସୀମା ବିଷୟ ସେନ ବିବାଦ—
Sarhad bibāda A boundary dispute.
(ସର୍ହଦ୍ ମକଦ୍ଦମା—ଅନ୍ୟରୂପ)
সরহদ বিবাদ सरहद् बिबाद

ସର୍ହଦ୍ ସୀମା(ସୀମାନା)—ଦେ. ବି—ଜମିର ସୀମା ରେଖା—
Sarhad simā(simānā) Boundary line.
সরহদ সীমা सरहद् सीमा

ସଲ୍ (ଧାତୁ)—ସଂ, —ଶୀଘ୍ର ଗମନ କରିବା—
Sal(root) To go swiftly.

ସଲ୍—ଦେ. ବି. (ହେବ୍ରୁ ନାମ)—ବାଇବଲ୍ ଲିଖିତ ରାଜା
Sal ଡାଭିଡ୍‌ଙ୍କ ଶ୍ୱଶୁର—Saul, the father-
সল্ सल in-law of King David.
[ଦ୍ର—ସଲ୍ ବାଇବଲ୍‌ର ପୁରାତନ ଶାସ୍ତ୍ର (Old Testament) ର ୧ମ ଖଣ୍ଡ ସାମୁଏଲ୍ (Samuel)ରେ ଲିଖିତ ଇସ୍‌ରେଲ୍ (Israil) ବାସୀମାନଙ୍କ ରାଜା । ଏହାଙ୍କ ପିତାଙ୍କ ନାମ କିସ୍ (Kish) । ଈଶ୍ୱରାଦେଶ ଅନୁସାରେ ସାମୁଏଲ୍ ଏହାଙ୍କୁ ଈଶ୍ୱରପୂଜକ ଇସ୍‌ରେଲ୍‌ବାସୀଙ୍କ ସେନାଧ୍ୟକ୍ଷ ବା ରାଜାରୂପେ ଅଭିଷିକ୍ତ କରିଥିଲେ । ଏ ପ୍ରଥମେ ଇସ୍‌ରେଲ୍‌ବାସୀଙ୍କୁ ପ୍ରତିମାପୂଜକ ଫିଲିଷ୍ଟାଇନ୍ (Philistines) ମାନଙ୍କଠାରୁ ରକ୍ଷା କରିଥିଲେ । ଡାଭିଡ୍ ନାମକ ଜଣେ ଈଶ୍ୱରଭକ୍ତ ବୀରଙ୍କୁ ସଲ୍ ନିଜର ଗୋଟିଏ କନ୍ୟାକୁ ଦାନ କରିଥିଲେ । କିନ୍ତୁ ପରେ ଡାଭିଡ୍‌ଙ୍କ ଯଶୋବିସ୍ତାରରେ ସଲ୍ ଈର୍ଷାନ୍ୱିତ ହୋଇ ଡାଭିଡ୍‌ଙ୍କୁ ହତ୍ୟା କରିବାକୁ ନାନା ଚକ୍ରାନ୍ତ କରି ଅକୃତକାର୍ଯ୍ୟ ହେଲେ । ପରେ ଈଶ୍ୱରାଦେଶରେ ସଲ୍ ରାଜପଦରୁ ଚ୍ୟୁତ ହେଲେ ଏବଂ ତାଙ୍କ ସ୍ଥଳରେ ଡାଭିଡ୍ (David) ରାଜପଦରେ ଅଭିଷିକ୍ତ ହେଲେ । ଅବଶେଷରେ ପ୍ରତିମାପୂଜକମାନଙ୍କ ସଙ୍ଗେ ଯୁଦ୍ଧରେ ପରାସ୍ତ ହୋଇ ସଲ୍ ନିଜେ ଗୋଟିଏ ଖଡ୍ଗ ଉପରେ ପଡ଼ି ଆତ୍ମହତ୍ୟା କଲେ ।]

ସଲ୍ଟଣ(ନ)—ଦେ. ବି—ସଲ୍ଟଣ (ଦେଖ)
Sal-tana(na) Saltana. (See)

ସଲ୍ତା—ପ୍ରାଦେ (ସମ୍ବଲପୁର) ବି—ବଳିତା; ସଳିତା—
Sal-tā A lamp-wick.

ସଲ୍‌ଟା ବାଟ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି—ଲତର। ଲଳିବା—To
Sal-tā bāt-bā twist pieces of rags into wicks.

ସଲ୍‌ମା—ବୈଦେ. ବି (ଫା. ସଲ୍‌ମା)—ସୁନା, ରୁପା ବା ଗିଲ୍‌ଟିରେ
Sal-mā ତିଆରି ଗୁଡ଼ାଅ ହୋଇଥିବା ଚକଚକିଆ ଗୋଲ ତାର—
ସলমা Circular bits or spirals of tinfoils; a foil
सलमा of tin. [ଉ—ଏହା ଟୋପି ଓ ଶାଢ଼ୀ ଅଦରେ ଲଗ୍‌ସା
ଉପର ହେବାରେ ସିଅଁ ଯାଏ ।]

ସଲ—ଦେ, ବି. ଓ ବିଣ (ସଂ. ଶଲ୍ୟ)—ଶଲ (ଦେଖ)—
Sala Sala. (See)
[ଉ—ଭଲ ଭଲ ଲୋକେ ଯାହା କହୁଥିଲେ ମଣିଲି ତାହା
ମୁଁ ସଲ ହେ । ବଣ୍ଡନାଥ· ବଡଙ୍କ ରାମାୟଣ ।]

ସଳ—ସଂ: ବି (ସଲ୍ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ ଅ)—
Sala ଜଳ; ବାରି; ପାଣି—Water. ଗ୍ରା· କ୍ରି ବିଣ—ସହଳ;
शीघ्र जलदि ଶୀଘ୍ର; ଚଞ୍ଚଳ—Soon. ଗ୍ରା· ବିଣ—
सरल सरल (ସଂ. ସରଳ)—ସରଳ—Easy; straight.

ସଲଉଜ—ବୈଦେ· ବି (ଇଂ. ସେଲେସ୍)—ସଲୋଜ (ଦେଖ)—
Salauja Saloja (See)

ସଲ(ଲ୍ଲ)କି—ଦେ. ବି (ସଂ. ଶଲ୍ଲକୀ)—ହିଙ୍ଗ ପଶୁ—Porcupine.
Sala(lla)ki [ଉ—ଛଡ଼ ସଲକି ପଲ ଶ୍ୱାନହିଁ ହଂସେ ଯେ
সজারু साहि —ଭଞ୍ଜ· ଲାବଣ୍ୟବତୀ]

ସଲକ୍ଷଣ—ଦେ· ବିଣ—୧ । ମନୋହର—1. Beautiful. ୨ ।
Salakshaṇa ଉତ୍ତମ ଲକ୍ଷଣ ବିଶିଷ୍ଟ—2. Having good
সলক্ষণ सलक्षण signs. ଦେ· ବି—୧ । (ସଂ ସୁ-
ଲକ୍ଷଣ)—ଉତ୍ତମ ଲକ୍ଷଣ—1. Good internal indication. ୨ । ସଧବା ଲକ୍ଷଣ—2. The sign of
wifehood. [ଉ—ବୋଲି ସପତ୍ନୀ ସହରେ ସଲକ୍ଷଣ
ଅଙ୍ଗଦରେ ଯୁକ୍ତହୋଇଣ ପୂଗୀବେ ଗନ୍ଧବହ ଯେ ।—
ଭଞ୍ଜ. ବୈଦେହୀଶବିଳାସ]

ସଲଖ—ଦେ· ବିଣ· (ସଂ. ସରଳ; ଅ. ସହଲ୍=ସହଜ)—ସରଳ;
Salakha ସିଧା; ଅବକ୍ର—Straight. [ଉ—ନାଭିଠାରୁ
সোজা सीधा ମେରୁଦଣ୍ଡ କରିବ ସଲଖ ।—ପ୍ରାଚୀ. ସୁରୁ-
(ବଡ଼ା—ବସପଣ୍ଡିତ) ଭକ୍ତିଗୀତା] ଦେ· କ୍ରି. ବିଣ—୧ ।
সহজভাবে सीधाहोकर ସରଳ ଭାବରେ; ସିଧା ହୋଇ—
1. In a straightforward course.
୨ । ଅବିଳମ୍ବେ; ତତ୍‌କ୍ଷଣାତ୍—2. Straightway.
[ଉ—ମିଶିବା ଆଶାରେ ଗଲେ ଶରବେଗେ ସଲଖେ ଧାଇଁ
—ରାଧାନାଥ. ଉଷା ।]

ସଲଖା—ଦେ· ବିଣ—ସଲଖ; ସିଧା—Straight. [ଉ—ବାଉ
Salakhā ବଙ୍କା ପୁଅ ସଲଖା, ନାଡ଼ ଠୋକା ଭାରି ଚରବା—
সোজা सीधा ପ୍ରହେଳିକା; ଉତ୍ତର—ବାଟୁଳିଗଡ଼ା ବା ଧନୁ]

ସଲଖା(ଖେ)ଇବା—ଦେ. କ୍ରି—ସଲଖିବା କ୍ରିୟାର ଣିଜନ୍ତ ରୂପ—
Salakhā(khe)ibā Causative form of the verb
সোজাকরান सीधाकराना to straighten.

ସଲଖା ସଲଖି—ଦେ· କ୍ରି· ବିଣ—ସିଧାଏ ସିଧାଏ; ସିଧା ସିଧା—
Salakhā salakhi Straightly; straightforwardly.
সোজাসোজি सीधासीधी

ସଲଖି—ଦେ. କ୍ରି. ବିଣ (ପଦ୍ୟ)—ସଳଖେ; ସିଧା ହୋଇ—Straightly. [ଉ—ବାଳ କୁନ୍ଦଦେଶେ ସଲଖି
Salakhi
সোজাকরিয়া ଗଲ ଗଲି, ଅଡ଼ୁଆଡ଼ ଘର ହୋଇଣ ରହିଲି ।
सीधाहोकर —କୃଷ୍ଣସିଂହ. ମହାଭାରତ ବନ]

ସଲଖିବା—ଦେ. କ୍ରି—୧ । ବକ୍ର ପଦାର୍ଥକୁ ଋଜୁ କରିବା; ସିଧା କରିବା
Salakhibā 1. To straighten. [ଉ—ଦ୍ରୋଣ
সোজাকরা सीधाकरना ଅକାଶରେ ଗୋଟି ଉର୍ଦ୍ଧ୍ୱ ଗଲେ,
କଟିଟିକ ଧରି ପିଠିଟି ସଲଖିଲେ ।—କୃଷ୍ଣସିଂହ. ମହା-
সোজাসোজাযাওয়া सीधाजाना ଭାରତ ଅଦି] ୨ ।
ସିଧାଏ ସିଧାଏ ଯିବା; ସରଳରେଖାରେ ଗତି କରିବା—
2. To go straight. [ଉ—ସେ କଟକରୁ ଏକ-
ଦମ ପୁରୀକୁ ସଲଖିଲେ ।] ୩ । ସିଧା ହୋଇ ବସିବା—
সোজা হয়েবসা सीधाबैठना 3. To sit upright.
୪ । ଗୋଟିଏ ସିଧା ପଦାର୍ଥ ପ୍ରସ୍ତୁତ କରିବା—4. To
সোজাকরা सीधाकरना prepare a straight
thing. [ଉ—ମୁଁ ତା ପାଇଁ ଗୋଟିଏ ମେଣ୍ଟ ସଲଖୁଛି
(ଅର୍ଥାତ ତା ପାଇଁ ଗୋଟିଏ ସିଧା ମେଣ୍ଟ ତିଆରି କରୁଛି,
ଅର୍ଥାତ୍ ତାକୁ ଜବତ୍ କରିବାକୁ ଷଡ଼୍‌ଯନ୍ତ୍ର କରୁଛି) ।]
୫ । (ଲକ୍ଷଣାର୍ଥ) ଦୁଷ୍ଟ ବା ଅପରାଧୀ ବ୍ୟକ୍ତିକୁ ଦଣ୍ଡାଦି
ଦ୍ୱାରା ସଂଯମିତ କରିବା—5. To teach a lesson
to an offender; to bring an offender or
a wicked person to book. ୬ । (ଭାଗ୍ୟ)
ଉଦୟ ହେବା; (ଭଲଦଶା) ଉପସ୍ଥିତ ହେବା—
6. To dawn (said of good luck); to be
in the ascendant. (ଯଥା—ବର୍ତ୍ତମାନ ତା ଭାଗ୍ୟ
ସଲଖିଛି ।)

ସଲଖି ହେବା—ଦେ. କ୍ରି—୧ । ସ୍ୱୟଂ ସଲଖ ବା ସିଧା ହେବା—
Salakhi hebā 1. To become straight. [ଉ—
সোজাহওয়া सीधाहोना ବାର ବରଷରେ କୁକୁରଲାଙ୍ଗୁଡ଼
ସଲଖି ହୁଏ ନାହିଁ—ଢଗ] ୨ । (ଲକ୍ଷଣାର୍ଥ) ଦୁଷ୍ଟ
ବା କ୍ରୂର ପ୍ରକୃତି ତ୍ୟାଗ କରି ସୁସ୍ୱଭାବ ହେବା—
2. To improve; to give up one's crooked or wicked ways and become good.

ସଲଖେ ସଲଖେ—ଦେ. କ୍ରି. ବିଣ—୧। ସିଧାଏ ସିଧାଏ; ଋଜୁଭାବରେ—
Salakhe salakhe 1. Straight; in a straight
সোজা সোজা, সোজা সজি manner; straightforwardly.
सीधासीधा ୨ । ପ୍ରତ୍ୟକ୍ଷ ଭାବରେ; ଅନ୍ୟର ଅପେକ୍ଷା
ନ କରି—2. Directly. (ଯଥା; ଜମିଦାର ମୋ
ଉପରେ ଜୁଲମ କରିବାରୁ ମୁଁ ସଲଖେ ସଲଖେ ଥାନାକୁ
ଯାଇଥିଲି ।)

ସଲଗ—ସ ବଣ (ସ. ସଲଗ୍ନ)—୧ । ସଲଗ୍ନ; ଲଗାଲଗି—1. Adjoining. ୨ । ସଂଯତ—2. Restrained; controlled; regulated. ୩ । ସଂଯୁକ୍ତ—3. Connected.
Salaga
ଲାগালাগি ସଂଲଗ୍ନ

ସଲଗଡ଼—ଦେ. ବଣ—ସଲଗ (ଦେଖ)—Salaga (See.)
Salagarda [ଉ—ସେ ଅଲଗଡ଼ ସଲଗଡ କର ପୁଡ଼ାଏ କଡ ଗଲ ।]
ଲାগালাগি ସଂଲଗ୍ନ (ଅଲଗଡ଼—ବିପରୀତ)

ସଲଗା—ପ୍ରାଦେ. (ଗଞ୍ଜାମ) ବ—(ତୈଲଙ୍ଗ ଶବ୍ଦ) ୧ । ୨୦ ପୁଞ୍ଜା ବା ଏକ ଶହ ବସ୍ତୁ—1. An aggregate of eighty articles ୨। ୨୦ ମାଣ ଶସ୍ୟର ପରିମାଣ—2. A measure of 20 pots of grain etc.
Salagā

ସଲଗ(ଗେ)ଇବା—ପ୍ରାଦେ (ସମ୍ବଲପୁର) କ୍ରି—୧ । ସଜାଡ଼ିଦେବା—1. To set right. ୨ । ସୁସଂଯତ କରିବା—2. To regulate. ୩ । ସଲଗ୍ନ କରିବା—3. To attach; to fasten.
Salagā (ge) ibā

ସଲଗେ—ଦେ. ଅ—ଲଗାଲଗି ହୋଇ—Lying closely. [ଉ—ରହିବାକୁ କଷ୍ଟେ ମନ ଦେଉଛ ସଲଗେ ପ୍ରସାଦ ଦେଇ ରହିଛ ।—ଭକ୍ତ କୋଟିବ୍ରହ୍ମାଣ୍ଡ ସୁନ୍ଦର]
Salage
লাগালাগিহয়ে সংলগ্নহোকর

ସଲଗ୍ନ—ସ. ବଣ—(ସ+ଲଗ୍ନ; ବହୁବ୍ରୀହି) ଲଗ୍ନ ସହିତ—Accompanied with the 'Lagna'. ପ୍ରା: ବଣ—ସଂଲଗ୍ନ (ସ.ସଲଗ୍ନ)ସଲଗ୍ନ (ଦେଖ) Samlagna (See).
Salagna
সংলগ্ন স'লগ্ন

ସଲଗ୍ନି—ଦେ. ବଣ (ସ, ସଲଗ୍ନ)—୧ ।ରକ୍ତ ସମ୍ପର୍କୀୟ (ବ୍ୟକ୍ତି) —1. Closely related by blood. ୨। କୁଟୁମ୍ବର ବା ଗୋତ୍ରର (ବ୍ୟକ୍ତି)—2. Agnatic. [ସଲଗ୍ନିକ—ଅନ୍ୟରୂପ]
Salagni
কুটুম্ব স'লগ্ন

ସଲଘ—ଦେ. ବଣ (ସ. ଶ୍ଳାଘ୍ୟ)—୧ । ସୁନ୍ଦର—1. Beautiful. ୨ । ଉତ୍ତମ—2. Good. ୩ । (ସ. ସଂଲଗ୍ନ) ସୁସଂଯତ—3. Well regulated or restrained. ୪ । ସୁରଚିତ—4. Well composed. [ଉ—ଭରତ ସଦର୍ପେ ବସ୍ୟାଇଣ ସଲଘ ରୂପଲକ୍ଷ୍ମୀ ଶ୍ରୀ ଅନଙ୍ଗ ସେ—ଭଞ୍ଜ. ବୈଦେହୀଶବିଳାସ ।]
Salagha
সুন্দর সুঘড়

ସଲଙ୍ଗି—ପ୍ରାଦେ. (ଗାଃଗା ଚଳିଗିର) ବ—ଶର୍ଦଙ୍ଗୀ (ଦେଖ)
Salangi Shardngi (See)

ସଲଜ(ଜ୍ଜା)—ଦେ. ବଣ. ପୁ° (ସ°. ସଲଜ୍ଜ)—୧ । ସଲଜ୍ଜ; ଲଜ୍ଜାଯୁକ୍ତ—1. Modest; bashful. ୨ । ଲଜ୍ଜିତ—2. Ashamed. [ଉ—ସଲଜ ଭାବ ଚଳିବ [ନିଲଜ—ବିପରୀତ] ଗାଏ, ଅତି ଅଲକ୍ଷ୍ଣ ଜାତିନାତ ଯାଏ-ଭଲ] [ସଲଜୀ—ସ୍ତ୍ରୀ]
Salaja(jā)
লাজুক সলজ

ସଲଜ୍ଜ—ସ. ବଣ. ପୁ° (ବହୁବ୍ରୀହି; ସ=ସହିତ+ଲଜ୍ଜା)—ସଲଜ୍ଜ; ଲଜ୍ଜାଯୁକ୍ତ—Modest.
Salajja
[ସଲଜ୍ଜା—ସ୍ତ୍ରୀ] [ନିର୍ଲଜ୍ଜ—ବିପରୀତ]

ସଲତା—ଦେ. ବଣ—୧ । ଅଳ୍ପ ଆର୍ଦ୍ର—1. Slightly wet or moist. ୨ । ଥଣ୍ଡା—2. Cold.
Salatā
স'যাৎসেঁতে হাল

ସଲତେଇବା—ଦେ. କ୍ରି—ଅଳ୍ପ ଜଳଯୁକ୍ତ କରିବା—To make slightly watery. [ଉ—ଛଅଣକୁ ସଲତେଇ କର୍ଡ଼ାଇଲୁ ।]
Salateibā
অল্প জল দেওয়া সীঁচনা

ସଲନ୍ତ—ଦେ. ବ—୧ । ଈଷତ୍ ଆର୍ଦ୍ରତା—1. Slight wetness. ୨। କୌଣସି ବସ୍ତୁର ଈଷତ୍ ଅଂଶ—2. A slight part of any matter; a particle or touch of anything. ଦେ· ବଣ—ଅଳ୍ପ ଅର୍ଦ୍ର; ଈଷତ୍ ଓଦା—Slightly wet or moist. [ସଲନ୍ତିଆ—ଅନ୍ୟ ବଣ· ରୂପ]
Salanta স'যাৎসেঁতে
হাল
স'যাৎসেঁতে
থোড়া হাল

ସଲପ—ଦେ. ବ—ସର୍ଦ୍ଦପ (ଦେଖ)
Salapa Sardapa (See)

ସଲପତ୍ର—ସ. ବ—ଡାଲଚିନି (ଉ. ଶ)—
Salapatra Cinnamon.

ସଲ ପଶିବା—ପ୍ରାଦେ· (ସମ୍ବଲପୁର) ବ—ଜଡ଼ା ପଶିବା—
Sala pasibā Stitching pain.

ସଲ ବଲ—ପ୍ରାଦେ. (ପୁରୀ) ବଣ—(ଅନ୍ୟକ କୌଣସି ବସ୍ତୁ ଦେଖି) ହତାଶ—Dejected.
Sala bala

[ସାଲୁ ସାଲୁ—ଅନ୍ୟ ଅବ୍ୟୟ ରୂପ] ଦେ. ଅ—୧। କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ମଧ୍ୟରେ ଅନ୍ୟ ଜିନିଷର ବହୁଳ ମିଶ୍ରଣ—1. The profuse mixing of one article with another definite article. ୨ । ଏକ ଜାତୀୟ ବସ୍ତୁ କ୍ଷୁଦ୍ର ଖାଦ୍ୟର ଭିତରୁଭିତ ସଞ୍ଚରଣ ପ୍ରକାରେ; ସାଲୁ ସାଲୁ (ଦେଖ)—2. Sālu sālu (See) [ଉ—ଏଠାରେ ତେଲୁଣୀ ପୋକସୁଡ଼ାକ ସଲ ବଲ ହେଉଅଛନ୍ତି; ମୁଣ୍ଡରେ ଉକୁଣି ସାଲୁ ସାଲୁ ହେଉଅଛନ୍ତି ।]
গজগজে বদবদ

ସଲ ମୁଦି—ପ୍ରାଦେ. (ସମ୍ବଲପୁର) ବ—ବଜ୍ରକାପଟା ମୁଦି—A ring made of the scales of the pangoline.
Sala mudi

ସଲ(ଲ୍ଲ)ରା—ଦେ. ବ—ଶଲରା (ଦେଖ)—Salarā (See)
Sala(lla)rā করেলা গন্দা

ସଲରି—ଦେ. ବ—ଜାତୁଅଣ୍ଟ୍ରା ପକ୍ଷୀ—A species of small wading bird; the bar-tailed god-wit Limosa Lapponica.
Salari
কাদা খোঁচা
[ଦ୍ର—ଏହି ପକ୍ଷୀମାନଙ୍କର ଗୋଡ ଲମ୍ବ ଓ ଥଣ୍ଟ ବଡ଼ । ଏମାନେ ଛୋଟଠାରେ ଗୁର ଘାସ ଇଞ୍ଚ ଓ ଲମ୍ବରେ ଛଅ ଇଞ୍ଚ ହୁଅନ୍ତି । ଏମାନଙ୍କ ରଙ୍ଗ ଅତି ଶ୍ୱେତ । ଏମାନେ କାଦୁଅ ଜାଗାରେ ବୁଲି ଥଣ୍ଟଦ୍ୱାରା ଖୁମ୍ପି କାଦୁଅରୁ ପୋକ ଜୋକ ଟେଣ୍ଟା ଆଦି ଧରି ଖାଆନ୍ତି ଏବଂ ଏମାନେ 'ଟୀ' 'ଟୀ' ଶବ୍ଦ କରନ୍ତି ।]

ସଲ ସଲ—ଦେ॰ ଅ—ଦେହ ଉପରେ ମୁଗା ବା ଲୁହା ଅଡ ଚାଲିଲେ ।
Sala sala ଭାବରେ ଶୁଣିତ କଲେ ଯେଉଁ କଣ୍ଡୁ ଅନୁଭୂତ ହୁଏ;
সড় সড় গল গল—Tickling sensation felt on the
सलसल body when a light article is passed over it.

ସଲ ସଲ କରିବା—ଦେ॰ କ୍ରି—କୌଣସି ଅଙ୍ଗରେ ବା କାନର ଛିଦ୍ରରେ
Salasala kariba ହାଲୁକା ଭାବରେ କାଠି ବୁଲାଇବା ଦ୍ୱାରା
সড় সড় করা ସେଠାରେ ଗଲ୍ ଜନ୍ମାଇବା—To produce a
सलसलाना tickling sensation on any part of the body by moving some light and slender thing (e. g. feather) over it.
[ସଲ(ଲେ) ଇବା—ଅନ୍ୟରୂପ]

ସଲ ସଲିଆ—ଦେ॰ ବିଣ—୧ । ଯାହା ସଲ ସଲ କରେ—1. Tick-
Sala salia ling. ୨ । ସଲ ସଲ ବୋଧ ହେଉଥିବା—
সড়সড়ে सलसलिआ 2. Ticklish.

ସଲା—ବୈଦେ॰ ବି (ଅ. ସଲାହ୍)—୧ । ପରାମର୍ଶ; ମନ୍ତ୍ରଣା—
Salā 1. Consultation. ୨ । ଉପଦେଶ—2. Advice.
সলা सलाह् ୩ । ଷଡ଼ଯନ୍ତ୍ର—3. Conspiracy; plotting.
୪ । ସ୍ୱପକ୍ଷରେ ରଖିବା—4. Winning over to one's side. [ଉ—ସଭାକୁ ସଲାରେ ରଖିବାକୁ ହେବ—ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ଶଲାକା, ଶଲା ଦେ॰ ବି—୧ । (ସଂ ଶଲାକା) ଶଲାକା—
सलाई 1. A long slender rod. ୨ । ଶଲାଇ (ଦେଖ)—
2. Salāi (See)

ସଲ(ଲେ)ଇ—ପ୍ରାଦେ॰ (ଇଂରାଜୀ ବାଲେଶ୍ୱର) ବି—ଦିଆସିଲି—
Slā(le)i Match. ଦେ॰ ବି—ଶଲାଇ (ଦେଖ)—
শলা सलाई Salāi (See)

ସଲ(ଲେ)ଇବା—ଦେ॰ କ୍ରି—୧ । ସଲ ସଲ କରିବା—1. To excite
Salā(le)ibā a tickling sensation. ୨ । ସଲ ସଲ
সড়সড়ান सलसलाना ବୋଧ ହେବା—2. To feel a tickling sensation.

ସଲ(ଲେ)ଇ ହେବା—ଦେ॰ କ୍ରି—(କାନ ଭିତର ବା ଅଙ୍ଗାଦି) ସଲ ସଲ
Salā(le)i hebā ହେବା—To have a tickling sensa-
সড়সড়ান, সড়সড় করা सलसल होना tion.

ସଲା କରିବା—ଦେ॰ କ୍ରି (ଅ. ସଲାହ୍)—୧ । ମନ୍ତ୍ରଣା କରିବା—
Salā kariba 1. To consult. ୨ । ଷଡ଼ଯନ୍ତ୍ର କରିବା—
সলা করা सलाह करना 2. To conspire; to plot

ସଲା ଚାହିବା—ଦେ॰ କ୍ରି (ବଙ୍ଗଳାରୁ ଅନୁକୃତ)—ଅନ୍ୟ ବ୍ୟକ୍ତିଠାରୁ
Salā chāhibā ପରାମର୍ଶ ଲୋଡ଼ିବା—To ask or seek
সলা চাওয়া सलाह चाहना adivce from a person.
[ସଲା ମାଗିବା, ସଲା ଲୋଡ଼ିବା—ଅନ୍ୟରୂପ]

ସଲାଜ—ଦେ॰ ବିଣ॰ ପୁଂ (ବଙ୍ଗଳାରୁ ଅନୁକୃତ) (ସଂ. ସଲଜ୍ଜ)—
Salāja ସଲଜ୍ଜ (ଦେଖ)—Salajja (See)
সলাজ सलज्ज [ସଲଜ୍ଜିତ—ଅନ୍ୟରୂପ]
[ସଲଜା, ସଲଜ୍ଜିତା—ସ୍ତ୍ରୀ]

ସଲା ଦେବା—ଦେ॰ କ୍ରି—କୌଣସି ବ୍ୟକ୍ତିକୁ ପରାମର୍ଶ ଦେବା—
Salā debā To give advice to a person.
সলা দেওয়া, সলা सलाह देना

ସଲା ନେବା—ଦେ॰ କ୍ରି—ଅନ୍ୟ ବ୍ୟକ୍ତିଠାରୁ ପରାମର୍ଶ ନେବା—
Salā nebā To take advice from any one.
सलाह लेना সলা লওয়া

ସଲାମ୍—ବୈଦେ॰ ବି (ଅ. ସଲାମ୍ ବା ଅସ୍ସଲାମ୍=କୁଶଳ; ସୁଖଶାନ୍ତି)—
Salām ୧ । ମୁସଲମାନୀ ନମସ୍କାର ବା ଅଭିବାଦନ—1. Maho-
সেলাম medan form of greeting; salutation.
सलाम [ଦ୍ର—ଡାହାଣ ହାତର ଆଙ୍ଗୁଠିକୁ କପାଳରେ ଲଗାଇ 'ସଲାମ' ବା 'ଅସ୍ସଲାମ୍ ଅଲେକମ୍' ବା 'ସଲାମ ଅଲେକୁମ୍' ଉଚ୍ଚାରଣ କରାଯାଏ ।] ୨ । (ଲକ୍ଷଣାର୍ଥ) ପ୍ରଶଂସାସୂଚକ ନମସ୍କାର—2. Greeting; praise. [ଉ—ଫୁଲ ମଞ୍ଜୁଳା ଛୋ ଲଲାମ ଛବିକି ସଲାମ ସହସ୍ରେ ଥର ରେ—କବିସୂର୍ଯ୍ୟ. ସଙ୍ଗୀତ ।] ବୈଦେ॰ ଅ (ଅ॰
সেলাম ସଲାମ୍ ଅଲେକ୍=ଈଶ୍ୱରଙ୍କ ଦୟାରୁ ଆପଣଙ୍କର ସୁଖ
सलाम अलेकुं ହେଉ)—ମୁସଲମାନୀ ନମସ୍କାର କରିବା ବ୍ୟକ୍ତିଙ୍କର
ସଲାମ୍ ଅ(ଅ)ଲେକମ୍, ସଲାମ-ଲେକମ୍, ସଲାମ୍ ଅଲେକୁମ୍ } ଅନ୍ୟରୂପ ପରସ୍ପର ଅଭିବାଦନ-ସୂଚକ ବଚନ—
(like 'Good morning' in English) A term used by Mahomedans in greeting each other.

ସଲାମ ଉଠା(ଠେ)ଇବା—ଦେ, କ୍ରି-୧ । (ମୁସଲମାନୀ) ନମସ୍କାର କରିବା—
Salāma uṭhā(ṭhe)ibā 1. To bow to a person. ୨ ।
ସଲାମ ଦେବା, ସଲାମ କରିବା, ସଲାମ ହେବା } ଅନ୍ୟରୂପ (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତି ନିକଟରେ
সেলাম করা ବଶ୍ୟତା ସ୍ୱୀକାର କରିବା—2. To admit one-
सलाम करना self as inferior or subordinate to another. (ଉ—ଏକ ସଲାମ ନ କର ଖଣ୍ଡ (ଦାସ, ଶହେ) ସଲାମ କରିବା । ଢଗ ।) ୩ । (ତାଲିମ ଦିଆଯାଇଥିବା ହାତୀ) ହାକିମଙ୍କୁ ଦେଖି ଶୁଣ୍ଢକୁ ଉପରକୁ ଉଠାଇବା—3. (a trained elephant) To raise its trunk as a sign of obeisance.

ସଲାମତ୍—ବୈଦେ॰ ବି (ଅ॰ ସଲାମତ୍=ସବୁ ପ୍ରକାର ଅପଦରୁ
Salāmat ରକ୍ଷିତ)—୧ । ସୁଖ—1. Happiness. ୨ ।
সেলামৎ ମଙ୍ଗଳ; କୁଶଳ—2. Bliss. ୩ । ସ୍ୱାସ୍ଥ୍ୟ—
सलामत 3. Health. ୪ । ଶାନ୍ତି—4. Peace. ୫ । ମୁକ୍ତି—
5. Liberation. ୬ । ସବୁ ପ୍ରକାର ଅପଦରୁ ରକ୍ଷା ପାଇବା ଅବସ୍ଥା—6. The state of being protected from all danger. ବୈଦେ॰ ଅ—(ଜାହାଜୀଅ ଭାଷା) ସଲାମ୍ (ଦେଖ)—Salām. (See)
[ଉ—କର୍ଣ୍ଣେଲ—"ସାହେବ, ସଲାମତ୍"
ଗଲ୍ପସି—"ଏ, ସ୍ୱଁ ।"
ଫକୀରମୋହନ ଗଳ୍ପସ୍ୱଳ୍ପ ।]

ସଲାମୀ—ବୈଦେ. ଵଣ (ଅ)—୧ । ସଲାମ ସଂକ୍ରାନ୍ତୀୟ—1. Relating to obeisance or salutation. ୨ ।
Salāmi
সেলামী
सलामी
ସମ୍ମାନସୂଚକ—2. Salutatory. ବୈଦେ. ବ. (ଅ)—୧ । ରାଜା ଅଥବା ପ୍ରଥମ ଦର୍ଶନ ସମୟରେ ଭେଟିବା ବ୍ୟକ୍ତିଙ୍କର ଦେବା ଉପହାର; ଭେଟି; ଦର୍ଶନୀ; ଦକ୍ଷିଣା—1. A present given to a landlord or king by a visitor on the occasion of the first visit. ୨ । ନଜର; ନଜରାନା; ଜମିର ଖରିଦଦାର କମ୍ବା ପ୍ରଜା ଦ୍ୱାରା ଜମିଦାରଙ୍କ ଉପହାରରୂପେ ପ୍ରଦତ୍ତ ନଗଦ ଟଙ୍କା—2. Cash present or premium paid to a landlord by a purchaser of a holding or a raiyat. [ଦ୍ର-ସ୍ୱତ୍ୱ ଖ ବର୍ଣ୍ଣିତ ସମୟରେ ପ୍ରଜାମାନେ ଜମିଦାରଙ୍କୁ ସଲାମୀ ଦଅନ୍ତି । ଜମି ପଟ୍ଟା ନେଲାବେଳେ ବା କଣିବାବେଳେ ଯଥାକ୍ରମେ ପଟ୍ଟାଗ୍ରହୀତା ଓ ଖରିଦଦାର ଜମିଦାରଙ୍କୁ ସଲାମୀ ଦିଅନ୍ତି ।] ୩ । ନବାଗତ ସମ୍ମାନାର୍ହ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନାର୍ଥ ସ୍ୱାଗତ ସୂଚକ ତୋପଧ୍ୱନି-3. Salute of cannon or gun-fire in honour of distinguished persons. ୪ । କୌଣସି ରାଜଧାନୀରେ ବା ସ୍ଥାନରେ ରାଜା ବା ଉଚ୍ଚତମ ରାଜପ୍ରତିନିଧି ପଦାର୍ପଣ କରିବା ସମୟରେ ସମବେତ ସୁସଜ୍ଜିତ ସୈନିକ ଦଳ ତାଙ୍କୁ ସମ୍ମାନ ପ୍ରଦର୍ଶନାର୍ଥ ଯେଉଁ ସାମରିକ ଅଭିବାଦନ କରନ୍ତି-4. A military salute made to the King or His Majesty's Representative by the army or police on his setting foot in a town or place. ୫ । କ୍ରମଶଃ ଗଡ଼ାଣିଆ ଗଡ଼ନ୍ତି—5. Gradual sloping. [ଦ୍ର-ସଲାମୀ ଏହି ଶବ୍ଦ ସହିତ ଅନ୍ୟ ଶବ୍ଦ ଯୁକ୍ତ ହୋଇ ଗଢ଼ା ହୋଇଥିବା କେତେ ଶବ୍ଦମାନ ଗ୍ରାମରେ ବ୍ୟବହୃତ ହୁଏ । ଯଥା—ଅନ୍ଦଲସଲାମୀ, ପଟ୍ଟାସଲାମୀ, ଭେଟ(ଟି)ସଲାମୀ, ପୁନଶ୍ଚ ସଲାମୀ, ଦାଖଲଖାରିଜ ସଲାମୀ—ଇତ୍ୟାଦି ।]

ସଲା ସୁତ(ତୁ)ର(ରା)—ଦେ. ବ (ଅ. ସଲାହ+ସଂ. ସୂତ୍ର; ସହଚର ଶବ୍ଦ ସୂତ୍ର)—୧ । ମନ୍ତ୍ରଣା—
Salā suta(tu)ra(rā) 1. Consultation.
(ସଲା ସୂତ୍ର[ତା]—ଅନ୍ୟରୂପ) (ଦ୍ର—ଭିତରେ ଭିତରେ ସଲାସୂତର କାହାରେ ଲାଗିଛି କଳ । ତଗ ।) ୨ । ଷଡ଼ଯନ୍ତ୍ର—
सला परामर्श
सलाह सूतर 2. Conspiracy, plot.

ସଲାହା (ଇତ୍ୟାଦି)—ବୈଦେ. ବ—ସଲା ଇତ୍ୟାଦି (ଦେଖ)
Salāhā (etc) Salā etc. (See)
(ସଲ୍ହା, ସଲ୍ଲା—ଅନ୍ୟରୂପ)

ସଲିଆ—ଦେ. ଵଣ (ସଂ. ସରଳ)—ସରୁ ଓ ଡେଙ୍ଗା—
Saliā Tall and thin; slender and long.
सनुआ पतला लम्बा, सलाईकायसा

ସଲି(ଳି)ଙ୍ଗ—ଦେ. ବ—ଶଳଙ୍ଗ (ଦେଖ)
Sali(ḷi)ṅga Saḷiṅga. (See)

ସଲିତା (ଇତ୍ୟାଦି)—ଦେ. ବ (ସଂ. ଶଳୀ)—ଶଳିତା ଇତ୍ୟାଦି (ଦେଖ)
Salitā (etc) Śaḷitā etc. (See)

ସଲିମ୍—ବୈ. ବ (ନାମ) (ଫା)—୧ । ଭାରତରେ ପଠାଣ ସାମ୍ରାଜ୍ୟର
Salim ସମ୍ରାଟ୍ ସେରସାହାଙ୍କ ଦ୍ୱିତୀୟ ପୁତ୍ର—1. Name
সেলিম of a Paṭhāṇa Emperor of India. [ଦ୍ର—
सलीम ସେରସାହାଙ୍କ ମୃତ୍ୟୁ ହେବାରୁ ଏ ଖ୍ରୀ ୧୫୪୫ ଠାରୁ ୧୫୫୪ ପର୍ଯ୍ୟନ୍ତ ଅଷ୍ଟ ବର୍ଷ ସମୟରେ ରାଜ୍ୟଶାସନ କରିଥିଲେ ।] ୨ । ମୋଗଲ ସମ୍ରାଟ୍ ଜାହାଙ୍ଗିରଙ୍କର ସିଂହାସନାରୋହଣ ପୂର୍ବର ନାମ; ଅକବରଙ୍କ ଜ୍ୟେଷ୍ଠ ପୁତ୍ର-2. The original name of the Moghal Emperor Jāhāṅgir, son of Akbar, before he ascended the throne.

ସଲିଳ—ସଂ. ବ (ସଲ୍ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ. ଇଳ)—
Saliḷa ଜଳ; ପାଣି—Water.

ସଲିଳ କୁନ୍ତଳ—ସଂ. ବ—ଶୈବାଳ; ଶିଉଳ (ଜିଂଶ ଶେଷ)—
Saliḷa kuntaḷa Moss.

ସଲିଳ କ୍ରିୟା—ସଂ. ବ (ମ. ପ. ଲୋ; ସଲିଳ ଦ୍ୱାରା କୃତ୍ୟ କ୍ରିୟା)—
Saliḷa kriyā ୧ । ଉଦକ କ୍ରିୟା; ତର୍ପଣାଦି; ଜଳାଞ୍ଜଳି—1. Offerings or libations of water to the spirits of one's deceased ancestors. ୨ । ଜଳ ସେକ—2. Fomentation with water. ୩ । ଜଳଦ୍ୱାରା ଚିତାବହ୍ନି ଧୌତ କରିବା; ନିଆଁ ଶୀତଳେଇବା—3. The rite of washing the embers of the cremation fire.

ସଲିଳଜ—ସଂ. ବଣ (ଉପପଦ ତତ୍ପୁରୁଷ; ସଲିଳ+ଜନ୍ ଧାତୁ+
Saliḷaja କର୍ତ୍ତୃ. ଅ)—ଜଳଜ; ଜଳଜାତ—Born of
(ସଲିଳଜନ୍ମା—ଅନ୍ୟରୂପ) water; aquatic. ସଂ. ବ—ପଦ୍ମ; ଅବ୍ଜ (ରାଜ ନିର୍ଘଣ୍ଟ)—Lotus.

ସଲିଳଦ—ସଂ. ବଣ (ସଲିଳ+ଦା ଧାତୁ+କର୍ତ୍ତୃ. ଅ)—ଜଳ
Saliḷada ଦାନକାରୀ—Bestowing or supplying water. ସଂ. ବ—ମେଘ (ହ. ଶ)—Cloud.

ସଲିଳଧର —ସଂ. ବ (ସଲିଳ+ଧୃ ଧାତୁ+କର୍ତ୍ତୃ. ଅ)—ମୁଥା (ହ. ଶ)
Saliḷadhara Tuberous grass-root.

ସଲିଳ ନିଧି—ସଂ. ବ (ସଲିଳ+ନି+ଧା. ଧାତୁ=ଧାରଣ କରିବା+
Saliḷa nidhi କର୍ତ୍ତୃ. ଇ)—୧ । ସମୁଦ୍ର—1. The sea. ୨ । ସଂସ୍କୃତ ସରସି ଛନ୍ଦର ଏକ ନାମ (ହ. ଶ)—2. A name of the Sarasi metre.

ସଲିଳ ପତି (ରାଜ)—ସଂ. ବ (୬ଷ୍ଠୀ ତତ୍)—୧ । ବରୁଣ—1. The
Saliḷa pati (rāja) Deity Baruṇa. ୨ । ସମୁଦ୍ର—2. The sea.

ସଲିଳ ପ୍ରିୟ—ସଂ. ବ (ବହୁବ୍ରୀହି)—ଶୂକର (ହ. ଶ)
Saliḷa priya Hog.

ସଲିଳ ମୁଚ୍—ସଂ. ବ (ସଲିଳ + ମୁଚ୍, ଧାତୁ + କର୍ତ୍ତ୍ରି. କ୍ୱିପ୍)—ମେଘ—
Salila much Cloud.

ସଲିଳ ଯୋନି—ସଂ. ବଣ (ବହୁବ୍ରୀହି)—ଜଳରୁ ଉତ୍ପନ୍ନ—
Salila joni Born of water.
ସଂ. ବ—ବ୍ରହ୍ମା (ହି. ଶ)—God Brahmā.

ସଲିଳାକର—ସଂ. ବ (୬ଷ୍ଠୀ ତତ୍; ସଲିଳ + ଆକର)—ସମୁଦ୍ର—
Salilākara The sea.
[ସଲିଳାଳୟ, ସଲିଳାର୍ଣ୍ଣବ—ଅନ୍ୟରୂପ]

ସଲିଳାଶନ—ସଂ. ବଣ. ପୁଂ (ବହୁବ୍ରୀହି; ସଲିଳ + ଅଶନ)—ଯେ ଜଳ
Salilāśana ମାତ୍ର ପିଇ ବଞ୍ଚେ—Subsisting on water.
[ସଲିଳାଶନା—ସ୍ତ୍ରୀ]

ସଲିଳାଶୟ—ସଂ. ବ (୬ଷ୍ଠୀ ତତ୍)—ଜଳାଶୟ; ପୁଷ୍କରିଣୀ—
Salilāśaya Tank.

ସଲିଳାହାର—ସଂ. ବଣ. ପୁଂ (ବହୁବ୍ରୀହି)—ସଲିଳାଶନ (ଦେଖ)—
Salilāhāra Salilāśana. (See) ସଂ. ବ (ରୂପକ)—
କେବଳ ଜଳପାନପୂର୍ବକ ଜୀବନ ଧାରଣ—
Subsistence on water only.

ସଲିଳୀ—ସଂ. ବଣ (ସଲିଳ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Salili ୧ । ଜଳୀୟ—1. Aquatic. ୨ । ଜଳଧାରୀ—
2. Having water.

ସଲିଳେଚର—ସଂ. ବଣ (ସଲିଳେ + ଚର ଧାତୁ + କର୍ତ୍ତ୍ରି. ଅ; ଅଲୁକ୍
Sililechara ସମାସ)·ଜଳଚର—Aquatic (animal).

ସଲିଳେନ୍ଧନ—ସ. ବ (୬ଷ୍ଠୀ ବା ବହୁବ୍ରୀହି; ସଲିଳ + ଇନ୍ଧନ)—
Salilendhana ବାଡ଼ବାନଳ (ନିଆଁ ଶେଷ)—
Submarine fire.

ସଲିଳେଶ(ନ୍ଦ୍ର)—ସ. ବ (୬ଷ୍ଠୀ ତତ୍)—ବରୁଣ—
Salilesa(ndra) The God Baruṇa.

ସଲିଳେଶୟ—ସ. ବଣ (ସଲିଳେ = ଜଳରେ + ଶି ଧାତୁ + କର୍ତ୍ତ୍ରି ଅ;
Salileśaya ଅଲୁକ୍ ସମାସ)-ଜଳରେ ଶୟନକାରୀ—
Sleeping on or in water.

ସଲିଳୌକା—ସ. ବ (ସଲିଳ + ଓକସ୍ = ସଲିଳୌକସ୍; ୧ମା ୧ବ)—
Salilauka ଜଳୌକା; ଜୋକ—Leech.

ସଲିଳୌଦନ—ସ. ବ (ମ. ପ. ଲୋ; ସିଲିଳରେ ପକ୍ୱ ଓଦନ)—
Salilaudana ପଖାଳ (ହି. ଶ)—Food or rice
boiled in water.

ସଲୀ—ଦେ. ବ (ସ. ଶଲ୍ୟ)—୧ । ଶତ୍ରୁ—1. Enemy. (ଲୁ—
Sali କାମୀ-କାମିନୀ ବଚ୍ଛେଦରେ ରଜନୀ ହବସ ହୁଅଇ ସଲୀ—
शत्रु सल ପୀତକୃଷ୍ଣ ରସକଲ୍ଲୋଳ ।) ୨ । ବବାଦ-
2. Dispute. ୩ । ଶତ୍ରୁତା—3. Enmity.
୪ । ଦୁର୍ଘଟଣା—4. Mishap. ୫ । ଅବସ୍ଥା—
5. Misfortune; woe. (ଲୁ—ବବାଦଅରମ୍ଭ
ଭୂମି ଅମ୍ବର ଏ ସାତକୁମ୍ଭକୁମ୍ଭସ୍ତନୀ ଦେଖିପାଇଁ ସଲୀ—
ଉଞ୍ଜ. ବୈଦେହୀଶବଳାସ ।)

ସଲୀ(ଲ୍ଲୀ)ଳ—ସ. ବଣ (ସ=ସହ + ଲୀଳା ବହୁବ୍ରୀହି)—୧ । ଲୀଳା-
Sali(li)la ଯୁକ୍ତ—1. Sportive. ୨। ଭଙ୍ଗୀସହତ-
2. Full of gestures. ୩। କୌତୁକ; କୌତୁହଳୀ-
3. Curious; funny; full of curiousity.

ସଲୋ(ଲୌ)ଜ—ବୈଦେ. ବ—୧ । (ଇଂ ସେଲେଡ)—ବଳାଜୋବ
Salo(lau)ja ପର ଏକପ୍ରକାର ବଳାତ ଶାଗ—
সলোজ, সালাদ্ सलाद् 1. Lettuce.
[ବ୍ୟୁ—ଏହାର ପତ୍ରକୁ ସାହେବମାନେ କଞ୍ଚା ଖାଆନ୍ତି ।
ଶୀତକାଳରେ ଆମ ଦେଶ ଲୋକେ ଜୋବ ଅବ ସାଙ୍ଗେ
ବଗିଚାରେ ଏହାକୁ ଲଗାନ୍ତି ଓ ଉଅଣ କର ଖାଆନ୍ତି ।]
୨ । (ଇଂ ସାଲଡ)—ଗାଜର, ଟୁଳା, ପିଆଜ ଅଦର ପତ୍ରର
ସିର୍କାରେ କଛି ଦନ ବତୁଭ ହୋଇ ରଖାଯାଇ ଉଥର
କରାଯିବା ଅଗୁର—2. Salad.

ସଲୋପୀ—ଦେ. ବ (ନାମ)—ବାଲ୍ମୀକିରାମାୟଣୋକ୍ତ ରାକ୍ଷସବଶେଷ—
Salopi Name of a demon described in
সলোপী the Rāmāyaṇa. (ଲୁ—ଦେଖରେ ଯେ
सलोपी ଅଲୋପୀ ସେ ବର୍ତ୍ତିଗୁପ୍ତରୂଣୀ, ସଲୋପୀ ସଲୋପି ସଦୃଶ—
ଉଞ୍ଜ. ବୈଦେହୀଶବଳାସ ।)

ସଲୋମନ—ବୈଦେ.ବ (ହେବ୍ରୁ ନାମ)—ବାଇବଲ୍ଲକ୍ଷିତ ଜନୈକ ରଜା
Saloman ପୁରୁଷ—Solomon—the Wise (Old
সলোমন্ सलोमन Testament of the Book
of Proverbs and Songs of Solomon). [ବ୍ୟୁ-
ଏହାଙ୍କ କଥିତ ପ୍ରବଚନ ଓ ଗୀତଗୁଡ଼ିକ ବାଇବଲରେ
ଲପିବଦ୍ଧ ହୋଇଅଛି । ଏ ଜାଉଦଙ୍କ ପୁତ୍ର
ଥିଲେ ।]

ସଲୋ ସଲୋ—ପ୍ରାଦେ (ପାଠଣା) କି. ବଣ—ଶୀଘ୍ର ଶୀଘ୍ର—
Salo salo Quickly; promptly.

ସଲ୍ଟ—ବୈଦେ. ବ (ଇଂ)—ଲବଣ—
Sal-ṭ সল্ট नमक (ସଲ୍—ଅନ୍ୟରୂପ) Salt.

ସଲ୍ଟ ଇଲକା—ବୈଦେ. ବ—ସରକାରଙ୍କ କମସ୍ୟ ବଭାଗ; ଲବଣ
Salt ilākā ସ୍ୱେଚ୍ଛାକୃତରେ କେହି ମାର ପାରବେ ନାହିଁ,
ସଲ୍ଟବଭାଗ } —ଅନ୍ୟରୂପ ଏଥିପ୍ରତ ଦୃଷ୍ଟି ଦେବା
ସଲ୍ଟ ଡିପାର୍ଟମେଣ୍ଟ } ପାଇଁ କମ୍ପୁକ୍ତ ସରକାରୀ
সল্ট এলাকা (ডিপার্টমেন্ট, বিভাগ) नमक इलाका ବଭାଗ-The
Salt Department of the Government.
[ବ୍ୟୁ—ଏହି ବଭାଗର ନାନା ଶ୍ରେଣୀର କର୍ମଚାରୀଙ୍କର
ଉପାଧିବାଚକ ଇଂରେଜୀ ଓ ଫାରସୀ ଶବ୍ଦ ପୂର୍ବେ ସଲ୍ଟ
ଶବ୍ଦ ବସି ସଲ୍ଟ ବଭାଗର ତତ୍ତ କର୍ମଚାରୀଙ୍କୁ
ବୁଝାଏ । ଯଥା—ସଲ୍ଟ ଇନ୍ସପେକ୍ଟର, ସଲ୍ଟ
ଦାରୋଗା ।]

ସଲ୍ଟ ପିଅ(ଲ)ନ—ବୈଦେ. ବ-ସରକାରଙ୍କ କମସ୍ୟ ବଭାଗର ପିଅନ-
Salt pia(u)n A peon of the Salt Department.
[ବ୍ୟୁ—ଏହିପରି ସଲ୍ଟ ଇନସ୍ପେକ୍ଟର, ସଲ୍ ସବ୍

ଇନ୍ ସପେକ୍ଟର୍, ସଲ୍ ଦାରୋଗା, ସଲ୍ ସୁପରିଣ୍ଟେଣ୍ଡେଣ୍ଟ ଅବ ଶବ୍ଦ ବ୍ୟବହୃତ ହୁଏ ।]

ସଲ୍ଟଣ--ବୈଦେ· ବି·(ଅ· ସଲ୍ତନତ୍=ବ୍ୟବସ୍ଥା, ରାଜ୍ୟ, ସାମ୍ରାଜ୍ୟ)—
Sal-tana ଶୋଭାଯାତ୍ରାରେ ପ୍ରଦର୍ଶିତ ଆଡ଼ମ୍ବର—
जाकजमक धूमधाम Ado; splendour accompanying a procession; grandeur.

ସଲ୍ଲ—ପ୍ରାଦେ (ଗଞ୍ଜାମ) ବି (ଫା—ସଲାହ୍)-ମନ୍ତ୍ରଣା—Consultation.
Salla ବିଣ—କୃତସଂକଳ୍ପ—Determined; resolved.
ଦେ· ସାଲହା (ଯଥା—ସେମାନେ ମୋତେ ଘରୁ ଉଠାଇ
ଫା· ସଲ୍‌ହା ଦେବାପାଇଁ ସଲ୍ଲ ହୋଇଛନ୍ତି ।]

ସଲ୍ଲକୀ (ଇତ୍ୟାଦି)—ସଂ· ବି (ସଲ୍ ଧାତୁ+କର୍ତ୍ତୃ· ଅକ+ଈ)-(ଶଲ୍ଲକୀର
Sallaki (etc) ଅନ୍ୟରୂପ)—ଶଲ୍ଲକୀ ଇତ୍ୟାଦି (ଦେଖ)
Śallaki etc. [see]

ସଲ୍ଲା(ଲ୍ଲା,ହ୍ଲା,ଲ୍ହା)—ବୈଦେ· ବି—ସଲ୍ଲ (ଦେଖ)
Sallā[lā,hlā,lhā] Salā [See]

ସଶ୍—ବୈଦେ· ବି (ଇଂ· ସସ୍)—୧ । ଛଅଣ ଅବରେ ଦିଆଯିବା
Sas ମସଲାପାଣି—1. Sauce. ୨ । ଚଟଣି ଚଟଣୀ—
2. Sauce; chutnee.

ସଶ୍(ଶ)କାଳ(ଳେ)—ଗ୍ରା· କ୍ରି· ବିଣ (ସଂ· ସଦ୍ୟଃକାଳଃ ବା
Saś[sa]kāla[le] ତତ୍‌କାଳଂ)—ଶଶ୍‌କାଳ (ଦେଖ)
Saś-kāla [See]

ସଶଙ୍କ—ସଂ· ବିଣ· ପୁଂ (ବହୁବ୍ରୀହି; ସ=ସହ+ଶଙ୍କା)—୧। ଶଙ୍କାଯୁକ୍ତ;
Saśanka ଭୀରୁ—1. Frightened; terrified;
(ସଶଙ୍କା—ସ୍ତ୍ରୀ) apprehensive. ୨। ଶଙ୍କାଉତ୍ପାଦନକାରୀ—
(ନାଶଙ୍କ—ବିପରୀତ) 2. Causing fear or apprehension.

ସଶଙ୍କ ଚିତ୍ତ—ସଂ·ବି (କର୍ମଧା)—ଭୀତ ମନ—Frightened mind.
Saśanka chitta ସଂ· ବିଣ· ପୁ· (ବହୁବ୍ରୀହି) ଭୀତମନାଃ-
(ସଶଙ୍କଚିତ୍ତା—ସ୍ତ୍ରୀ) Frightened; terrified.

ସଶଙ୍କିତ—ଗ୍ରା· ବିଣ (ସଂ· ସଶଙ୍କର ଅଶୁଦ୍ଧ ବ୍ୟବହାର)—ସଶଙ୍କ (ଦେଖ)
Saśankita Saśanka [See].
सशङ्कित सशंकित

ସଶଙ୍କିବା—ଦେ· କ୍ରି (ପଦ୍ୟ) (ସଂ· ସଶଙ୍କ)—୧ । ସଶଙ୍କହେବା—
Saśankibā 1. To be apprehensive. ୨। ଭୟହେବା—
सशङ्का सशंकना 2. To be frightened.

ସଶବ୍ଦ—ସଂ· ବିଣ (ସହାର୍ଥ ବହୁବ୍ରୀହି; ସ+ଶବ୍ଦ)—ଶବ୍ଦଯୁକ୍ତ—
Saśabda Sounding.
(ନିଃଶବ୍ଦ—ବିପରୀତ)

ସଶବ୍ଦରେ—ଦେ· କ୍ରି· ବିଣ (ସଂ· ସଶବ୍ଦଂ)—ଶବ୍ଦ ସହିତ; ଶବ୍ଦ ହୋଇ-
Saśabdare Making a sound.
सशब्दे सशब्दमें (ସଶବ୍ଦେ—ଅନ୍ୟରୂପ)

ସଶରୀର—ସଂ· ବିଣ· ପୁଂ (ସହାର୍ଥ ବହୁବ୍ରୀହି)—ଦେହଯୁକ୍ତ—
Saśarira Corporeal; having a body; embodied.
(ସଶରୀରା—ସ୍ତ୍ରୀ)

ସଶରୀରରେ—ଦେ· କ୍ରି· ବିଣ (ସଂ· ସଶରୀରଂ)—ଦେହ ସହିତ—
Saśarire with the body. [ଉ—ସେ ସଶରୀରରେ
सशरीरे सशरीरमें ସ୍ୱର୍ଗକୁ ଗଲେ ।]
(ସଶରୀରେ—ଅନ୍ୟରୂପ)

ସଶଲ୍ୟ—ସଂ· ବିଣ (ବହୁବ୍ରୀହି; ସ+ଶଲ୍ୟ)—୧ । ଶଲ୍ୟବିଦ୍ଧ;
Saśalya ଶେଲବିଦ୍ଧ—1. Pierced with dart.
(ସଶଲ୍ୟା—ସ୍ତ୍ରୀ) ୨ । ଯେଉଁ ଭୂମି ତଳେ ଶଲ୍ୟ (ବା ଭୂଗର୍ଭରେ
ଅସ୍ଥି ଥାଏ) ଥାଏ—2. (land) Having bits of bone under the ground. ୩। କଣ୍ଟକବିଦ୍ଧ—
3. Pierced with thorn. ୪ । ପୀଡ଼ାଦାୟକ;
କଷ୍ଟଜନକ—4. Painful. ୫। ଦୁଷ୍କର—5. Difficult. ସଂ· ବି— ଭଲ୍ଲୁ (ପୁ· ଣ)—Bear.

ସଶସ୍ତ୍ର—ସଂ· ବିଣ· ପୁଂ (ସ+ଶସ୍ତ୍ର; ବହୁବ୍ରୀହି)—ଶସ୍ତ୍ରଧାରୀ—Arm-
Saśastra ed; armed with weapons.
(ସଶସ୍ତ୍ରା—ସ୍ତ୍ରୀ)

ସଶସ୍ୟ—ସଂ· ବିଣ· ପୁଂ (ସହାର୍ଥ ବହୁବ୍ରୀହି; ସ+ଶସ୍ୟ)—୧ । ଶସ୍ୟ
Saśasya ଯୁକ୍ତ—1. Having corn. ୨ । ଶସ୍ୟଶାଳୀ
(ସଶସ୍ୟା—ସ୍ତ୍ରୀ) 2. Full of corn.

ସଶସ୍ୟା—ସଂ· ବି—୧ । (ବୈଦ୍ୟକ) କାଶଦନ୍ତୀ (ଇନ୍ଦ୍ରମାଳା);ବହୁଅଛ-
Saśasyā 1. Fragia Involucrata (plant). ୨। ସଶସ୍ୟର
ସ୍ତ୍ରୀଲିଙ୍ଗ—Feminine form of 'saśasya.'

ସଶାକ—ସଂ· ବିଣ (ସହାର୍ଥ ବହୁବ୍ରୀହି)—ଶାକଯୁକ୍ତ—Having śāka
Saśāka ସଂ· ବି—ଅଦା (ପୁ· ଣ)—Ginger.

ସଶ(ଶୀ)ଳ—ଗ୍ରା· ବିଣ (ପଦ୍ୟ)—ଶିଥିଳ—Loose; slack.
Saśa(śi)la (ଉ—ଗୋବନ୍ଦ ପୀତାମ୍ବର ଟାଣ୍ଡି, ସଶୀଳ କଲେ ଗଲ
शिथिल शिथिल ଶାଢ଼ୀ । ଭୂପତି, ପ୍ରେମପଞ୍ଚାମୃତ ।)

ସଶୋକ—ସଂ· ବିଣ· ପୁଂ (ସହାର୍ଥ ବହୁବ୍ରୀହି; ସ+ଶୋକ)—୧ । ଶୋକ
Saśoka ଯୁକ୍ତ—1. Grieving; sorrowful. ୨ । ରୋଦନ-
(ସଶୋକା—ସ୍ତ୍ରୀ) କାରୀ—2. Lamenting.

ସଶ୍ମଶ୍ରୁ—ସଂ· ବି· ସ୍ତ୍ରୀ—୧। ଶ୍ମଶ୍ରୁଯୁକ୍ତା ସ୍ତ୍ରୀ; ନରମାଳିନୀ (ହେମଚନ୍ଦ୍ର)—
Saśmaśru 1. A bearded woman. ବି· ପୁଂ—
(ସଶ୍ମଶ୍ରୁକ—ଅନ୍ୟ ପୁଂ ରୂପ) ୨। ଶ୍ମଶ୍ରୁଯୁକ୍ତ ପୁରୁଷ—2. A bear-
(ସଶ୍ମଶ୍ରୁ, ସଶ୍ମଶ୍ରୁକା—ସ୍ତ୍ରୀ) ded man.

ସଶ୍ରୀକ—ସଂ· ବିଣ· ପୁଂ (ସହାର୍ଥ ବହୁବ୍ରୀହି; ସ+ଶ୍ରୀ+କ)—
Saśrika ଲକ୍ଷ୍ମୀ ବିଶିଷ୍ଟ—Having Lakshmi; pos-
(ସଶ୍ରୀକା—ସ୍ତ୍ରୀ) sessing beauty, grace etc.

ସଷ୍ଟମ—ଗ୍ରା· ବିଣ (ପଦ୍ୟ)—ଷଷ୍ଠ (ଦେଖ)
Sashtama Sashtha (See)
षष्ठम (ଉ—ସଷ୍ଟମ କାଳରେ ସ୍ୱର ହୋଇଛି କମ୍ପିଣ । ପ୍ରାଚୀ·
षष्ठम ବୃନ୍ଦ୍ରକରୂପଣ ଗୀତା ।)

ସ(ସ୍ୱ)ଷ୍ଟିକ—ଗ୍ରା· ବି· (ସଂ· ସ୍ଫଟିକ)—ସ୍ଫଟିକ—Crystal. [ଉ—
Sa(swa)shtika ସଷ୍ଟିକ ପରାଏ ଦଶେ ସଷ୍ଟିରେ ନ ଯାଏ । ପ୍ରାଚୀ·
फटिक ବୃନ୍ଦ୍ରକରୂପଣ ଗୀତା ।] ଗ୍ରା· ବିଣ—୧ । ସ୍ଫଟିକ ପରି ସ୍ୱଚ୍ଛ—
स्फटिक 1. Transparent as crystal. ୨ । ସ୍ଫଟିକ
ପରି ନିର୍ମଳ—2. Crystal-clear.

ସ(ସ୍ୱ)ସ୍ତିକ ଜଳ(ପାଣି)—ଗ୍ରା. ବ—ସ୍ଫଟିକ ପରି ନିର୍ମଳ ଓ ସ୍ୱଚ୍ଛ ପାଣି-
Sa(swa)shṭika jaḷa(pāṇi) Crystal-clear and
फटिक जल स्वच्छ जल pure water.

ସସ୍ (ଧାତୁ)—ସ—୧ । ଶଯ୍ୟା ଯିବା; ଶୋଇବା (ଶବ୍ଦକୋଷ)—
Sas (root) 1. To sleep. ୨ । ସ୍ୱପ୍ନ ଦେଖିବା—2. To dream.

ସସ୍‌ପେଣ୍ଟ(ଣ୍ଡ)—ବୈଦେ. ବ ଓ ବଣ (ଇଂ)—ସସପେଣ୍ଟ (ଦେଖ)
Sas-pent(nd) Sasapent (See)

ସସଂଜ୍ଞ—ସ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସଂଜ୍ଞା)—୧ । ସଂଜ୍ଞା-
Sasamjña ଯୁକ୍ତ—1. Having definition. ୨ । ଚେତନା-
(ସସଂଜ୍ଞା—ସ୍ତ୍ରୀ) ଯୁକ୍ତ—2. Sentient; conscious.

ସସଙ୍ଗ—ସ. ବଣ. ପୁଂ—ସଙ୍ଗୀମାନଙ୍କ ସହିତ; ସଙ୍ଗ ବଶିଷ୍ଟ (ଶବ୍ଦକୋଷ)
Sasaṅga With companions. [ଦ୍ର—ତାହାଉଲେ
ससङ्गी ଲକ୍ଷଣ ସୁନ ଦେଖି, ବୃକ୍ଷାନ୍ତରୁ ସେ ସସଙ୍ଗ ସେନାଶ ।
सङ्गीके साथ ଉଞ୍ଜ. ବୈଦେହୀଶବିଳାସ ।]

ସସଜ୍ଜ—ସ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସଜ୍ଜା)—୧ । ସଜ୍ଜିତ—
Sasajja 1. Dressed; fitted up. ୨ । ସଜ୍ଜା ବଶିଷ୍ଟ—
(ସସଜ୍ଜା—ସ୍ତ୍ରୀ) 2. Furnished.

ସସତ୍ତ୍ୱ—ସ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସତ୍ତ୍ୱ=ଜନ୍ତୁ)—
Sasattwa ପ୍ରାଣିଯୁକ୍ତ—Having animals.
(ସସତ୍ତ୍ୱା—ସ୍ତ୍ରୀ)

ସସତ୍ତ୍ୱା—ସ. ବଣ. ସ୍ତ୍ରୀ (ସ+ସହିତ+ସତ୍ତ୍ୱ=ଗର୍ଭସ୍ଥ ପ୍ରାଣୀ+ଅ;
Sasattwā ବହୁବ୍ରୀହି)—ଗର୍ଭିଣୀ; ଅନ୍ତଃସତ୍ତ୍ୱା—Pregnant.
ସ. ବ. ସ୍ତ୍ରୀ—ଗର୍ଭିଣୀ ସ୍ତ୍ରୀ—Pregnant woman.

ସସନ—ସ. ବ ('ଶସନ'ର ରୂପାନ୍ତର)—ଯଜ୍ଞାର୍ଥ ପଶୁ ହନନ (ଅମର
Sasana ଟୀକା)—Killing of beasts for sacrifice.
(ଶସନ, ଶାସନ—ଅନ୍ୟରୂପ)

ସସପେଣ୍ଟ(ଣ୍ଡ)—ବୈଦେ. ବ (ଇଂ. ସସ୍‌ପେଣ୍ଡ)—କିଛିକାଳ ପାଇଁ
Saspent(nd) ଚାକିରିରୁ ଚ୍ୟୁତ ବା ରହିତ ହେବା; କର୍ମଚ୍ୟୁତ—
सस्‌पेंड Suspension from service. ବୈଦେ. ବଣ.
सस्पेंड (ଇଂ. ସସ୍‌ପେଣ୍ଡେଡ୍)—କିଛିକାଳ ପାଇଁ କାର୍ଯ୍ୟରୁ ରହିତ
ବା କର୍ମଚ୍ୟୁତ—Suspended from service.

ସସମ୍ଭ୍ରମ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ସମ୍ଭ୍ରମ)—୧ । ସମ୍ଭ୍ରମ-
Sasambhrama ଯୁକ୍ତ; ଭକ୍ତିଭାବବିଶିଷ୍ଟ—1. Respectful.
୨ । ତ୍ୱରା ବଶିଷ୍ଟ; ଉଦ୍‌ବେଗ ବଶିଷ୍ଟ—2. Hasty.

ସସମ୍ଭ୍ରମେ—ଦେ. କି. ବଣ (ସଂ. ସସମ୍ଭ୍ରମଂ)—୧ । ସମ୍ମାନ ପ୍ରଦର୍ଶନ-
Sasambhrame ପୂର୍ବକ—1. Respectfully. ୨ । ତ୍ୱରା
(ସସମ୍ଭ୍ରମରେ—ଅନ୍ୟରୂପ) ସହିତ—2. Hastily. ୩ । ଆଦରରେ;
ससंभ्रमे ଆଦରରେ—3. Cordially. ୪ । ଉଦ୍‌ବେଗ
सर्संभ्रमम ସହକାରେ—4. Anxiously.

ସସମ୍ମାନ—ସ. ବଣ (ସହାର୍ଥ ବହୁବ୍ରୀହି; ସ=ସହିତ+ସମ୍ମାନ)—
Sasammāna ସମ୍ମାନଯୁକ୍ତ—Respectful.

ସସମ୍ମାନେ—ଦେ. କି. ବଣ (ସ. ସସମ୍ମାନଂ)—ସମ୍ମାନ ସହିତ—
Sasammāne Respectfully.
(ସସମ୍ମାନରେ—ଅନ୍ୟରୂପ) ससम्माने ससम्मान

ସସାକ୍ଷିକ—ସ. ବଣ (ସହାର୍ଥ ବହୁବ୍ରୀହି; ସ+ସାକ୍ଷୀ+କ)—ଯେଉଁ
Sasākshika ଦଲିଲରେ ସାକ୍ଷୀ ଦସ୍ତଖତ କରି ଥାଆନ୍ତି—
Attested (document).
ସ. ବ (ବସ୍ତୁ ସହିତ)—ସାକ୍ଷୀମାନଙ୍କ ସ୍ୱାକ୍ଷର ଦ୍ୱାରା
ଚିହ୍ନିତ ଲେଖା—Attested deed.

ସସାଗର—ସ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସାଗର)—ସାଗର-
Sasāgara ଯୁକ୍ତ—With the ocean; including
(ସସାଗରା—ସ୍ତ୍ରୀ) the ocean.

ସସାଗରା ଧରା (ପୃଥିବୀ)—ସ. ବ—ସାଗର ସହିତ ପୃଥିବୀ—The
Sasāgarā dharā (pṛuthibī) world including
the ocean.

ସସାଧ୍ୱସ—ସ. ବଣ. ପୁଂ (ସ+ସାଧ୍ୱସ=ଭୟ; ବହୁବ୍ରୀହି)—
Sasādhwasa ୧ । ଭୟଯୁକ୍ତ; ସଭୟ—1. Fearful. ୨ ।
(ସସାଧ୍ୱସା—ସ୍ତ୍ରୀ) ଶଙ୍କିତ; ତ୍ରସ୍ତ—2. Frightened; terrified.

ସସାନ—ଗ୍ରା. ବ (ସଂ. ଶ୍ମଶାନ)—ମଶାଣି—
Sasāna शशान समशान Cremation ground.

ସସି ଠାର—ଦେ. ବ—ଶଶି ଠାର (ଦେଖ)
Sasi ṭhāra Śaśi ṭhāra (See)

ସସିଦ୍ଧ—ସଂ. ବ—ବଡ଼ ଶାଳ ଗଛ; ସର୍ଜ ବୃକ୍ଷ (ହେ. ଶ)—
Sasiddha A species of big Shorea Robusta
(tree).

ସସି(ସେ)ମିର—ଦେ. ବ—ଚାରିଗୋଟି ଶ୍ଳୋକର ଆଦ୍ୟ ଅକ୍ଷର ଗୁଡ଼ିକ
Sasi(se)mirā ଦ୍ୱାରା ରଚିତ ଶବ୍ଦ—A word com-
ससिमिरा ससेमीरा posed of the four 1st
letters of four couplets.

[ଦ୍ର—ଏହା ବିକ୍ରମରାଜ ଓ କାଳିଦାସଙ୍କ ଜୀବନ ସମ୍ବନ୍ଧୀୟ ବେତାଳ ପଞ୍ଚବିଂଶତି ଗ୍ରନ୍ଥର ଗୋଟିଏ ଉପାଖ୍ୟାନ ସହିତ ଜଡ଼ିତ କାହାଣୀ ସଙ୍ଗେ ସମ୍ବନ୍ଧ । ଦିନେ ବିକ୍ରମରାଜାଙ୍କ ପୁତ୍ର ଶିକାର କରିବାକୁ ଯାଇ ନଅରକୁ ଫେରି ଆସି ନ ପାରି, ରାତି ହେବାରୁ ନିବିଡ଼ ଅରଣ୍ୟ ମଧ୍ୟରେ ଅଟକିଯାଇ ରହିଗଲେ ଏବଂ ରାତିରେ ଅରଣ୍ୟର ହିଂସ୍ର ଜନ୍ତୁମାନଙ୍କଠାରୁ ରକ୍ଷା ପାଇବା ପାଇଁ ଗୋଟିଏ ଭାଲୁ ସଙ୍ଗେ ମିତ୍ରତା ସ୍ଥାପନ କଲେ । ରାଜପୁତ୍ର ଓ ଭାଲୁ ଦୁହେଁ ଗୋଟିଏ ଗଛ ଉପରେ ଚଢ଼ି ରାତି-ଯାପନ କଲେ । ରାତିର ପ୍ରଥମ ଅଂଶରେ ଭାଲୁ ତାହାର ଗୋଡ଼କୁ ଲମ୍ବାଇ ଗଛ ଡାଳରେ ବସିଲା ଓ ରାଜପୁତ୍ର ଭାଲୁର କୋଳରେ ସୁଖନିଦ୍ରା ଗଲେ । ଏହି ସମୟରେ ଗଛ ତଳକୁ ବାଘ ଆସି ଭାଲୁକୁ କହିଲା କହିଲା, "ତୁ ଗୋଡ଼କୁ ଖସାଇଦେ; ରାଜପୁଅ ତଳକୁ ପଡ଼ିଗଲେ ମୁଁ ତାକୁ ଖାଇବି ।" କିନ୍ତୁ ଭାଲୁ କହିଲା, "ମୁଁ ରାଜପୁଅ ସଙ୍ଗେ ମିତ୍ର ହୋଇଛି । ମୁଁ ମିତ୍ରଦ୍ରୋହୀ ହେବି ନାହିଁ ।" ଏହା ଶୁଣି

ବାଘ ଫେରି ଗଲା; କିନ୍ତୁ ଗଲାବେଳେ ଭାଲୁକୁ କହିଗଲା "ଅରେ ! ଦୁଇଗୋଡ଼ିଆ (ମନୁଷ୍ୟ ଜାତି)ଙ୍କୁ ବିଶ୍ୱାସ ନାହିଁ ।"

ରାତ୍ରିର ଶେଷ ଅଂଶକୁ ରାଜପୁଅ ଚେଇଁବ ଓ ଭାଲୁ ଶୋଇବ, ଏହିପରି କଥା ଅଗରୁ ଠିକ୍ ହୋଇ ଥିବାରୁ ରାଜପୁଅ ନିଦରୁ ଉଠି ଗଛ ଉପରେ ଗୋଡ଼ ଲମ୍ବାଇ ବସିଲା ଓ ଭାଲୁ ତା କୋଳରେ ଶୋଇଲା । କିନ୍ତୁ ବାଘର ପୂର୍ବ କଥିତ ଉପଦେଶକୁ ଭାଲୁ ମନେ ରଖି ରାଜପୁଅର ଅଜ୍ଞାତରେ ଆପଣା ନଖକୁ ଗଛର ଗଣ୍ଡିରେ ବିଦ୍ଧ କରି ରାଜପୁଅର କୋଳରେ ଶୋଇଲା । ଏହି ସମୟରେ ପୁଣି ବାଘ ଆସି ରାଜପୁଅକୁ କହିଲା, "ଅରେ ! ଭାଲୁଟା ହିଂସ୍ର ଜନ୍ତୁ, ସେ ତତେ ଖାଇଯିବ; ତୁ ଗୋଡ଼ ଛାଡ଼ିଦେ, ଭାଲୁ ଗଛ ଉପରୁ ଖସି ପଡ଼ୁ, ମୁଁ ତାକୁ ଖାଇବି ।" ରାଜପୁଅ ଏହା ଶୁଣି ଗୋଡ଼କୁ ଖସାଇ ଦେଲା; କିନ୍ତୁ ଭାଲୁ ପୂର୍ବରୁ ଚତୁର ହୋଇ ଗଛର ଗଣ୍ଡିରେ ନଖକୁ ବିଦ୍ଧ କରି ଥିବାରୁ ତଳକୁ ଖସି ପଡ଼ିଲା ନାହିଁ ।

ତାପରେ ସକାଳ ହେବାରୁ ଭାଲୁ ରାଜପୁତ୍ରଙ୍କୁ କହିଲା, "ବାଘର ଉପଦେଶକୁ ମୁଁ ନ ମାନି ତତେ ରଖିଥିଲି; ତୁ ମିତ୍ରଦ୍ରୋହୀ ହେଲୁ; କିନ୍ତୁ ମୁଁ ମିତ୍ରଦ୍ରୋହୀ ହେବି ନାହିଁ । ଏଥିପାଇଁ ତୋତେ ପ୍ରାଣରେ ନ ମାରି ଛାଡ଼ି ଦେଉଛି ।" ଏହା କହି ଭାଲୁ ରାଜପୁତ୍ରର ଲଲାଟ ଉପରେ 'ସସେମିରା' ଏହି ୪ଟି ଅକ୍ଷର ନଖଦ୍ୱାରା ଲେଖିଦେଇ ବଣଭିତରକୁ ଚାଲିଗଲା । ରାଜପୁଅ ପାଗଳ ହୋଇ ଏହି 'ସସେମିରା' ପଦକୁ ବନ ଭିତ୍ତି ବୋଷ୍ଟୁ ବୋଷ୍ଟୁ ନଅରରେ ଆସି ପହଞ୍ଚିଲା । ସବୁବେଳେ ଏହି ପଦକୁ ସେ ଘୋଷି ହେଉଥାଏ; ରାଜପୁଅ ମୁହଁରେ ଅନ୍ୟ କଥା ନାହିଁ, ଏହା ଦେଖି ଭୋଜରାଜା ବଡ଼ ଚିନ୍ତିତ ହେଲେ ଓ ଏହି ବାତୁଳପଣ କିପରି ଭଲ ହେବ, ଏଥିପାଇଁ ନାନା ପ୍ରକାର ଚେଷ୍ଟା କରି ବିଫଳମନୋରଥ ହେଲେ । ଅବଶେଷରେ ହତାଶ ହୋଇ ମନ୍ତ୍ରୀଙ୍କୁ ଆଦେଶ ଦେଲେ, "ମୋ ପୁଅକୁ ଯେ ଆରୋଗ୍ୟ କରିଦେବ, ତାକୁ ରାଜ୍ୟରୁ ଅଧେ ପୁରସ୍କାର ଦିଆଯିବ ।" ଏହା ଶୁଣି ମନ୍ତ୍ରୀ ଘରକୁ ଫେରି ତାଙ୍କ ଘରେ ସ୍ତ୍ରୀ-ବେଶ ଧାରଣ କରି ଲୁଚିକରି ରହିଥିବା କାଳିଦାସଙ୍କୁ ସନ୍ଧ୍ୟାବେଳକୁ ଗୋଟିଏ ସ୍ତ୍ରୀର ବେଶ କରାଇ ଆପଣାର ଝିଅ ବୋଲି ରାଜାଙ୍କୁ ପରିଚୟ ଦେଇ ରାଜପୁଅ ନିକଟକୁ ସ୍ତ୍ରୀବେଶଧାରୀ ଅବଗୁଣ୍ଠିତ କାଳିଦାସଙ୍କୁ ସଙ୍ଗରେ ଆଣି ପହଞ୍ଚାଇଲେ । ଅବଗୁଣ୍ଠିତ କାଳିଦାସ ରାଜପୁତ୍ରଙ୍କ କାନରେ 'ସସେମିରା'ର ଆଦ୍ୟ ଅକ୍ଷରବିଶିଷ୍ଟ ୪ଟି ପୂର୍ଣ୍ଣା-ବୟବଯୁକ୍ତ ଶ୍ଳୋକ କୋଇଲେ । ଯଥା—

ପ୍ରଥମ ଶ୍ଳୋକର ଆଦ୍ୟ 'ସ' ଅକ୍ଷର—

ସଦ୍‌ଭାବ ପ୍ରତିପନ୍ନାନାଂ ବଞ୍ଚନେ କା ବିଦଗ୍ଧତା,
ଅଙ୍କମାରୁହ୍ୟ ସୁପ୍ତାନାଂ ହନ୍ତୁଃ କିଂ ନାମ ପୌରୁଷମ୍ ?

[ଅର୍ଥ—ଯେଉଁମାନେ ଏକାନ୍ତ ବିଶ୍ୱସ୍ତ, ସେମାନଙ୍କୁ ପ୍ରତାରଣା କରିବା କି ପାଣ୍ଡିତ୍ୟ ? ଯେଉଁମାନେ ଅଙ୍କକୁ ଆଶ୍ରୟ କରି ଶୋଇ ଥାଆନ୍ତି ତାଙ୍କୁ ମାରିଦେଲେ ହତ୍ୟା-କାରୀର ପୌରୁଷ ପ୍ରକାଶ ପାଏ କି ?

ଦ୍ୱିତୀୟ ଶ୍ଳୋକର ପ୍ରଥମ ଅକ୍ଷର 'ସେ'—

ସେତୁଂ ଗତ୍ୱା ସମୁଦ୍ରସ୍ୟ ଗଙ୍ଗାସାଗର ସଙ୍ଗମମ୍
ବ୍ରହ୍ମହା ମୁଚ୍ୟତେ ପାପାତ୍ ମିତ୍ରଦ୍ରୋହୀ ନ ମୁଚ୍ୟତେ ।

[ଅର୍ଥ—ସେତୁବନ୍ଧ ରାମେଶ୍ୱରକୁ ଓ ଗଙ୍ଗାସାଗର ସଙ୍ଗମକୁ ଗଲେ (ସେଠାରେ ସ୍ନାନାଦି କଲେ) ବ୍ରହ୍ମହା ପାପରୁ ମୁକ୍ତ ହୁଏ; କିନ୍ତୁ ମିତ୍ରଦ୍ରୋହୀ ମୁକ୍ତ ହୁଏ ନାହିଁ ।]

ତୃତୀୟ ଶ୍ଳୋକର ଆଦ୍ୟ ଅକ୍ଷର 'ମି'—

ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯେ ଚ ବିଶ୍ୱାସଘାତକାଃ
ତେ ସର୍ବେ ନରକଂ ଯାନ୍ତି ଯାବଚ୍ଚନ୍ଦ୍ରଦିବାକରୌ ।

[ଅର୍ଥ—ଯେଉଁ ନରମାନେ ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ ଅଟନ୍ତି ସେମାନେ ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ନରକକୁ ଯାଆନ୍ତି ।]

୪ର୍ଥ ଶ୍ଳୋକର ଆଦ୍ୟ ଅକ୍ଷର 'ରା'—

ରାଜଂସ୍ତ୍ୱଂ ରାଜପୁତ୍ରସ୍ୟ ଯଦି କଲ୍ୟାଣମିଚ୍ଛସି
ଦେହି ଦାନଂ ଦ୍ୱିଜାତିଭ୍ୟୋ ଦେବତାରାଧନଂ କୁରୁ ।

[ଅର୍ଥ—ହେ ରାଜନ୍, ଯେବେ ତୁମ୍ଭେ ରାଜପୁତ୍ରଙ୍କର ମଙ୍ଗଳ ଇଚ୍ଛା କର, ତେବେ (ଏ ମିତ୍ରଦ୍ରୋହ ପାତକର ପ୍ରାୟଶ୍ଚିତ୍ତ ପାଇଁ) ବ୍ରାହ୍ମଣମାନଙ୍କୁ ଦାନ ଦିଅ ଓ ଦେବା-ରାଧନା କର ।]

ରାଜପୁତ୍ର ସ୍ତ୍ରୀବେଶଧାରୀ କାଳିଦାସଙ୍କଠାରୁ ଏହି ୪ଟି ଅକ୍ଷରର ଗୂଢ଼ (Key) ସ୍ୱରୂପ ଏ ଶ୍ଳୋକ ୪ଟି ଶୁଣିଲା ମାତ୍ରକେ ତାଙ୍କର ବାତୁଳପଣ ଛାଡ଼ିଗଲା ଏବଂ ରାଜପୁତ୍ର ଗତ ରାତ୍ରିରେ ଅରଣ୍ୟରେ ଭାଲୁ ସଙ୍ଗେ ଘଟିଥିବା ଘଟନା-ମାନ ରାଜାଙ୍କ ନିକଟରେ ବର୍ଣ୍ଣନା କଲେ । ଭୋଜରାଜ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉକ୍ତ ପ୍ରଚ୍ଛନ୍ନବେଶଧାରୀଙ୍କୁ ପଚାରିଲେ—

'ଗୃହେ ବସସି କୌମାରି ! ଅଟବ୍ୟାଂ ନୈବ ଗଚ୍ଛସି
ଋକ୍ଷବ୍ୟାଘ୍ରମନୁଷ୍ୟାଣାଂ କଥଂ ଜାନାସି ଭାଷିତଂ ?'

[ଅର୍ଥ—ହେ କୁମାରି ! ତୁ ଘରେ ବାସ କରୁ, ବଣକୁ ଯାଉନାହୁଁ (ଏପରି ଅବସ୍ଥାରେ) ଭାଲୁ, ବାଘ ଓ ମନୁଷ୍ୟ-ମାନଙ୍କ କଥାବାର୍ତ୍ତା ତୁ କପରି ଜାଣିଲୁ ?]

ଏ ଶ୍ଳୋକର ପ୍ରତ୍ୟୁତ୍ତରରେ ଅବଗୁଣ୍ଠନବାନ୍ ସ୍ତ୍ରୀ-ବେଶଧାରୀ କାଳିଦାସ ଉତ୍ତର ଦେଲେ—

'ଦେବଦ୍ୱିଜ ପ୍ରସାଦେନ ଜିହ୍ୱାଗ୍ରେ ମେ ସରସ୍ୱତୀ
ତେନାହଂ ନୃପ ! ଜାନାମି, ଭାନୁମତ୍ୟାସ୍ତିଲଂ ଯଥା ।

[ଅର୍ଥ—ହେ ନୃପ ! ଦେବତା ଓ ବ୍ରାହ୍ମଣଙ୍କ ଅନୁଗ୍ରହରୁ ମୋ ଜିଭ ଅଗରେ ସରସ୍ୱତୀ ଅଛନ୍ତି । ସେଥିଯୋଗୁ ମୁଁ ଏ ବିଷୟମାନ ଜାଣି ପାରୁଛି । ଆପଣଙ୍କ ରାଣୀ ଭାନୁମତୀଙ୍କ ଜଙ୍ଘରେ ଗୋଟିଏ ତିଳ ଚିହ୍ନ ଥିବା କଥା ମୁଁ ଯେଉଁପରି ସରସ୍ୱତୀଙ୍କ କୃପାରୁ ଜାଣି ପାରିଥିଲି, ସେହିପରି ଏ କଥା ମଧ୍ୟ ଜାଣିଲି ।']

କେତେ ଦିନ ପୂର୍ବେ ଭୋଜରାଜାଙ୍କ ରାଣୀ ଭାନୁମତୀଙ୍କ ରୂପକୁ ରାଜାଦେଶରେ ଜଣେ ଚିତ୍ରକର ଗୋଟିଏ ଚିତ୍ର-ପଟରେ ଅଙ୍କନ କରି ଆଣି ରାଜାଙ୍କୁ ଦେଖାଇବାରୁ ରାଜା ସେ ରୂପଟି ଭାନୁମତୀଙ୍କର ଅବିକଳ ପ୍ରତିରୂପ ହୋଇଥିବା ଦେଖି ସନ୍ତୁଷ୍ଟ ହେଲେ । କିନ୍ତୁ ତାଙ୍କ ରାଜସଭାର ପଣ୍ଡିତ କାଳିଦାସ ସରସ୍ୱତୀଙ୍କ ବର ଯୋଗୁଁ ସର୍ବଜ୍ଞ ଥିବାରୁ ସେ ଭାନୁମତୀଙ୍କ ଅଙ୍ଗକୁ କେବେ ହେଲେ ଦେଖି ନ ଥିଲେ ହେଁ ସେ ଚିତ୍ରର ଦୋଷକୁ ବାରି ଦେଇ କହିଲେ, 'ଭାନୁମତୀଙ୍କ ଜଙ୍ଘରେ ଗୋଟିଏ କୃଷ୍ଣ ତିଳ ବା ଛୋଟ ଚିହ୍ନ ଅଛି; ତାହା ଚିତ୍ରକର ଏ ଚିତ୍ରପଟରେ ଅଙ୍କନ କରି ନାହିଁ ।' କୃଷ୍ଣ ତିଳ ଚିହ୍ନ ରାଣୀଙ୍କ ଜଙ୍ଘରେ ଅବସ୍ଥାନ କଥା ରାଜାଙ୍କ ଛଡ଼ା ଅନ୍ୟ କେହି ଜାଣି ନ ଥିଲେ; କାଳିଦାସ ସର୍ବଜ୍ଞ ଥିବାରୁ ଏହା ଜାଣିଲେ । ଏ ଚିତ୍ର କଥା ରାଜପୁଅ ପାଗଳ ହେବା ପୂର୍ବର ଘଟଣା; ରାଣୀଙ୍କ ଜାନୁର ତିଳ କଥା କାଳିଦାସ କହିବାରୁ ରାଜା ତାଙ୍କଠାରେ ରାଣୀଙ୍କ ଜାନୁ ଦେଖିଥିବା କଥା ସନ୍ଦେହ କରି କୁପିତ ହୋଇ ତାଙ୍କୁ ପ୍ରାଣଦଣ୍ଡର ଆଦେଶ ଦେଇ ପ୍ରାଣଦଣ୍ଡ ବିଧାନାର୍ଥ ତାଙ୍କୁ ମନ୍ତ୍ରୀଙ୍କ ଜିମା କରିଥିଲେ । ତାଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ପାଇଁ ରାଜାଙ୍କ ନିକଟରେ ଅଙ୍ଗୀକାର କରି ରାଜାଙ୍କ ବୁଦ୍ଧିମାନ୍ ମନ୍ତ୍ରୀ ତାଙ୍କୁ ନେଇ ଆପଣା ଘରେ ଜଣେ ସ୍ତ୍ରୀରୂପେ ପ୍ରଚ୍ଛନ୍ନ ବେଶରେ ରଖାଇ ଥିଲେ; ବର୍ତ୍ତମାନ ରାଜାଙ୍କ ପୁଅ ପାଗଳ ହେବାରୁ କାଳିଦାସଙ୍କୁ ଅବଗୁଣ୍ଠନବତୀ ସ୍ତ୍ରୀ ବେଶରେ ଆଣି ରାଜପୁଅଙ୍କ ପାଖେ ଉପସ୍ଥିତ କରାଇଲେ । ଅବଗୁଣ୍ଠନ ତଳୁ କାଳିଦାସ ଏହି ପ୍ରସଙ୍ଗକୁ ଶେଷୋକ୍ତ ଶ୍ଲୋକଦ୍ୱାରା ସୂଚନା କରିବାରୁ ଭୋଜରାଜ ଠଉରାଇ ନେଲେ ଯେ, ଏ ନାରୀବେଶଧାରୀ ସର୍ବଜ୍ଞ ଅନ୍ୟ କେହି ନୁହନ୍ତି, ଏ ନିଶ୍ଚେ କାଳିଦାସ । ଏହା ବିଚାରି କାଳିଦାସଙ୍କ ମୁହଁରୁ ଓଢ଼ଣୀ କାଢ଼ି ଦେଲାରୁ କାଳିଦାସଙ୍କ ନିଜ ରୂପ ପ୍ରକାଶ ପାଇଲା ଏବଂ ଭୋଜରାଜ ସନ୍ତୁଷ୍ଟ ହୋଇ କାଳିଦାସଙ୍କୁ ପ୍ରେମାଲିଙ୍ଗନ କଲେ ।]

ସସୀମ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ସୀମନ୍ ; ୧ମା. ୧ବ)—
Sasīma ୧ । ସୀମା ସହିତ—1. With the boundaries ୨ । ସୀମାର ମଧ୍ୟବର୍ତ୍ତୀ (ହ୍ନ• ଶ)—2. Situated within the boundaries. ୩ । ନିକଟବର୍ତ୍ତୀ (ବିଶ୍ୱକୋଷ)—3. Adjoining.

ସସୁକୁଳି—ପ୍ରାଦେ. (ଉତ୍ତର ବାଲେଶ୍ୱର) ବି (ତୁଳ. ସଂ. ଶଷ୍କୁଲୀ)—
Sasukuḷi ଚକୁଳିପିଠା—Thin circular pancake.

ସସୁର—ସଂ. ବିଣ (ସହାର୍ଥ. ବହୁବ୍ରୀହି)—୧ । (ସ+ସୁର)—ଦେବଙ୍କ
Sasura ସହ ବର୍ତ୍ତମାନ (ବିଶ୍ୱକୋଷ)—1. Present with the Deities. ୨ । (ସ+ସୁରା+ଅ) ସୁରାବିଶିଷ୍ଟ (ବିଶ୍ୱକୋଷ)—2. Having spirituous liquor.
श्वशुर ଗ୍ରା. ବି. ପୁଂ (ସଂ ଶ୍ୱଶୁର)—ଶ୍ୱଶୁର—Father-in-law.
ससुर (ସାସୁ—ସ୍ତ୍ରୀ)

ସସୈନ୍ୟ—ସଂ. ବିଣ—ସେନା ସହିତ ବର୍ତ୍ତମାନ—
Sasainya Accompanied with an army.

ସସୈନ୍ୟେ—ଦେ. କ୍ରି. ବିଣ (ସଂ. ସସୈନ୍ୟ°)—ସେନା ସମଭିବ୍ୟା-
Sasainye ହାରରେ—Accompanied with an army,
সসৈন্যে ससैन्य (ସସୈନ୍ୟରେ—ଅନ୍ୟରୂପ)

ସସୌଷ୍ଠବ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସୌଷ୍ଠବ)—
Sasaushṭhaba ୧ । ପରମ ସୁନ୍ଦର—1. Very graceful; very symmetrical.
(ସସୌଷ୍ଠବା—ସ୍ତ୍ରୀ)
୨ । ବେଗଗାମୀ—2. Swift.

ସସ୍କାଳ(ଳେ)—ଗ୍ରା. ଓ . ବିଣ (ସଂ. ସଦ୍ୟସ୍କାଳଃ ବା ତତ୍କାଳ°)—
Saskāḷa(ḷe) ୧। ତତ୍କ୍ଷଣାତ୍—1. At once; immediately. ୨ । ଅତି ଉଷାଳ—2. Very early. ୩ । ଅତି ଶୀଘ୍ର—3. Very soon.
তক্ষুনি, সকাল সকাল
सकाल

ସସ୍ତା (ଇତ୍ୟାଦି)—ଦେ. ବିଣ (ସଂ. ସୁସ୍ଥ)—ସସ୍ତା ଇତ୍ୟାଦି (ଦେଖ)—
Sastā (etc) সস্তা सस्ता Sastā etc (See)

ସସ୍ତ୍ରୀକ—ସଂ. ବିଣ ପୁଂ (ସହାର୍ଥ. ବହୁବ୍ରୀହି; ସ+ସ୍ତ୍ରୀ. କ; ଆଗମ)—
Sastrīka ସପତ୍ନୀକ—Accompanied by one's wife.
ଦେ. କ୍ରି. ବିଣ (ସଂ. ସସ୍ତ୍ରୀକ°)—ସ୍ତ୍ରୀ ସହିତ—With one's wife; accompanied by one's wife.

ସସ୍ତ୍ରୀକ ବିଦେଶ ବାସ—ଦେ. ବି—ଆପଣା ସ୍ତ୍ରୀ-ସହିତ ବିଦେଶରେ
Sastrīka bideśa bāsa ବାସ କରିବା—Living abroad with one's wife.
সস্ত্রীক বিদেস বাস
सस्त्रीक विदेश वास

ସସ୍ନେହ—ସଂ. ବିଣ. ପୁଂ (ସହାର୍ଥ. ବହୁବ୍ରୀହି; ସ+ସ୍ନେହ)—୧ । ସ୍ନେହ
Sasneha ବା ପ୍ରୀତିବିଶିଷ୍ଟ—1. Affectionate. ୨ । ତୈଳ ବିଶିଷ୍ଟ—2. Oily.
(ସସ୍ନେହା—ସ୍ତ୍ରୀ)

ସସ୍ପୃହ—ସଂ. ବିଣ. ପୁଂ (ସ+ସ୍ପୃହା; ସହାର୍ଥ. ବହୁବ୍ରୀହି)—୧ । ସ୍ପୃହା-
Saspṛuha ଯୁକ୍ତ; ସାଭିଳାଷ—1. Longing. ୨ । ଲୋଭ ଯୁକ୍ତ; ଲୋଲୁପ—2. Avaricious.
(ସସ୍ପୃହା—ସ୍ତ୍ରୀ)

ସସ୍ମିତ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ସ୍ମିତ)—ଈଷତ୍
Sasmita ହାସ୍ୟଯୁକ୍ତ; ସହାସ୍ୟ—Smiling.
(ସସ୍ମିତା—ସ୍ତ୍ରୀ)

ସସ୍ମିତ ବଦନ—ସଂ. ବି (କର୍ମଧାରୟ)—ସହାସ୍ୟ ମୁଖ—
Sasmita badana Smiling face.
[ସସ୍ମିତ ମୁଖ, ସସ୍ମିତାନନ—ଅନ୍ୟରୂପ]

ସସ୍ମିତମୁଖୀ[ଖୀ], ସସ୍ମିତ-ବଦନା, ସସ୍ମିତାନନା } ସ୍ତ୍ରୀ ସଂ. ବିଣ. ପୁଂ (ବହୁବ୍ରୀହି) ହାସ୍ୟଯୁକ୍ତ ମୁଖ—Having a smiling face.

ସସ୍ମିତେ—ବେ. କି. ବଣ (ସଂ. ସସ୍ମିତ°)—ହାସ୍ୟଯୁକ୍ତ ମୁଖରେ—
Sasmite, সস্মিতে सस्मित With a smiling face.
[ସସ୍ମିତରେ—ଅପଭ୍ରଂଶ]

ସସ୍ୱନ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ସ୍ୱନ)—ସ୍ୱନ ବା ଶବ୍ଦ
Saswana ବଶିଷ୍ଟ—Having sound.

ସସ୍ୱେଦ—ସଂ. ବଣ. ପୁଂ (ସହାର୍ଥ. ବହୁବ୍ରୀହି; ସ+ସ୍ୱେଦ)—ସ୍ୱେଦ-
Saswedа ଯୁକ୍ତ; ଘର୍ମିତ—Perspiring; full of sweat.
[ସସ୍ୱେଦା—ସ୍ତ୍ରୀ]

ସସ୍ୱେଦା—ସଂ. ବ. ସ୍ତ୍ରୀ—୧ । ଦୂଷିତା କନ୍ୟା (ଶବ୍ଦରତ୍ନାବଳୀ)—
Swedā A ravished or deflowered girl.
୨। ସ୍ୱେଦଯୁକ୍ତା ନାରୀ—2. A perspiring woman.
ସଂ ବଣ. ସ୍ତ୍ରୀ—ସସ୍ୱେଦର ସ୍ତ୍ରୀଲିଙ୍ଗ—Feminine of Sasweda.

ସସ୍ୟ (ଇତ୍ୟାଦି)—ସଂ. ବ (ସଂ. ଶସ୍ୟର ଅପଭ୍ରଂଶ; ସସ ଧାତୁ=ନିଦ୍ରା-
Sasya (etc) ଯିବା+କରଣେ ଯ; ଯାହାଦ୍ୱାରା ପ୍ରାଣୀଙ୍କର
ସୁନିଦ୍ରା ହୁଏ ।] ୧ । ଶସ୍ୟ ଇତ୍ୟାଦି (ଦେଖ) ବୃହିକାଦି
ଧାନ୍ୟାଦି (ହେମଚନ୍ଦ୍ର)—1. Grains. [ଦ୍ର—
ଏହି ଅର୍ଥରେ ଅନ୍ୟ ଯୌଗିକ ଶବ୍ଦ (ଯଥା—ସସ୍ୟକ୍ଷେତ୍ର,
ସସ୍ୟପାଳ, ସସ୍ୟରକ୍ଷକ, ଇତ୍ୟାଦିମାନଙ୍କ ପାଇଁ 'ଶସ୍ୟ' ଶବ୍ଦ
ପରେ ଦେଖ ।] ୨। ଧାନ୍ୟ (ହେମଚନ୍ଦ୍ର)—2. Paddy.
୩ । ବୃକ୍ଷାଦିର ଫଳ—3. Fruits of trees. ୪ ।
ଶସ୍ତ୍ର (ବୃ. ଶ)—4. Weapon. ୫ । ଗୁଣ (ବୃ. ଶ.)
5. Quality. ୬ । ଉତ୍କୃଷ୍ଟତା—6. Excellence. ୭ । ଫଳାଦିର ଅଭ୍ୟନ୍ତରସ୍ଥ କୋମଳ ଅଂଶ—
7. The kernel inside the seeds or fruits.

ସସ୍ୟକ—ସ. ବ (ସସ୍ୟ+କ)—୧ । ମଣିଭେଦ; ଏକପ୍ରକାର ମଣି
Sasyaka [ମେଦିନୀ]—1. A kind of gem. ୨ ।
ଅସି; ଖଡ୍ଗ—2. Sword. ୩ । ନଡ଼ିଆ ମଧ୍ୟରେ
ଥିବା କୋମଳ ପଦାର୍ଥ (ହେମଚନ୍ଦ୍ର)—3. The kernel
inside the cocoanut. ୪ । ଶାଳିଧାନ (ବୃ. ଶ)
4. Winter-paddy.

ସସ୍ୟମାରୀ—ସଂ. ବଣ—ସସ୍ୟନାଶକ—Destructive of corn.
Sasyamāri ସଂ. ବ—ମହାମୂଷିକ (ରାଜନିର୍ଘଣ୍ଟ)—ଏକ-
ପ୍ରକାର ବଡ଼ ମୂଷା; ବଲ୍ଲିଅ ମୂଷା; ମାଟିଅ ମୂଷା (ଶବ୍ଦକୋଷ)
—A big species of brown rats destroying corns in the field.

ସସ୍ୟଳ—ସଂ. ବଣ—ଶସ୍ୟଳ (ଦେଖ)
Sasyaḷa Śasyaḷa (See)

ସସ୍ୟଶୀର୍ଷକ—ସଂ. ବ—୧ । [୬ଷ୍ଠୀ ତତ୍]—ନବନିର୍ଗତ ଶସ୍ୟର
Sasyasirshaka ମଞ୍ଜରୀ—1. Newly come out
ear of corn. ୨ । [ବହୁବ୍ରୀହି; ସସ୍ୟ ଯହିଁ
ଶୀର୍ଷରେ ଯାହାର]—କର୍ଣ୍ଣ [ହେମଚନ୍ଦ୍ର]—
2 The ear.

ସସ୍ୟ ଶୂକ—ସଂ. ବ (୬ଷ୍ଠୀ ତତ୍)—ଧାନ୍ୟାଦି ଶସ୍ୟର ଅଗ୍ରେ ଥିବା
Sasya śūka ଲମ୍ବ ଅଗ୍ରଭାଗ—The awn of corn.

ସସ୍ୟ ସମ୍ବର—ସଂ. ବ—ଶାଳ ବୃକ୍ଷ (ଅମର)
Sasya sambara The Śāḷa tree.

ସସ୍ୟ ସମ୍ବରଣ—ସଂ. ବ—ଅଶ୍ୱକର୍ଣ୍ଣ ବୃକ୍ଷ (ରାଜନିର୍ଘଣ୍ଟ); ଶାଳବୃକ୍ଷ—
Sasya sambaraṇa A kind of Saḷ tree; Shoria Robusta.

ସସ୍ୟହା—ସଂ. ବଣ (ପୁଂ ଓ ସ୍ତ୍ରୀ)—(ସସ୍ୟ+ହନ୍ ଧାତୁ+କର୍ତ୍ତୃ କ୍ୱିପ୍;
Sasyahā ସସ୍ୟହନ୍; ୧ମା ୧ବ)—ସସ୍ୟନାଶକାରୀ—
Destructive of corn. ସଂ. ବ—୧ । ମେଘ
(ଶବ୍ଦକୋଷ)—1. Cloud. ୨ । (ନାମ) କଳି-
କନ୍ୟା ନିର୍ମୋହିନୀ ଗର୍ଭରେ ଦୁଃଖହଙ୍କ ଔରସ ପୁତ୍ର—
2. Name of a grandson of Kaḷi.

ସସ୍ର—ଗ୍ରା. ବ—୧ । (ସଂ. ସହସ୍ର)—ସହସ୍ର—1. Thousand.
Sasra [ଦ୍ର—ଷୋଳ ସସ୍ର ଶଏ ଅଷ୍ଟ ବଦ୍ଧ ପୁତ୍ର ରମଣୀ
সহস্র सहस्र ଗୃହେ ଲ ବଶେଷି—ଶିଶୁଶଙ୍କର ରୁଷାଉଦାସ ।]
শস্ত্র शस्त्र ୨ । (ସଂ. ଶସ୍ତ୍ର)—ଶସ୍ର (ଦେଖ)—
2. Śasra (See) ୩ । ଉପାୟ—3. Means.
୪ । ପ୍ରତୀକାର—4. Remedy ଗ୍ରା. ବଣ—
ସହସ୍ର ସଂଖ୍ୟକ—Numbering a thousand.
[ଦ୍ର—ସୁରଭି ବୋଇଲେ ହେ ସସ୍ରେ ପୁତ୍ର ଥାଇଁ—
କୃଷ୍ଣସିଂହ ମହାଭାରତ ବନ ।]

ସସ୍ରା ଅର୍ଜୁନ—ଗ୍ରା. ବ (ନାମ)—ସହସ୍ରାର୍ଜୁନ; କାର୍ତ୍ତବୀର୍ଯ୍ୟାର୍ଜୁନ [ଦେଖ]
Sasrā arjuna Kārttabīrjyārjuna. [See]
(ସସ୍ରାର୍ଜୁନ—ଅପଭ୍ରଂଶ) (ରାବଣ ସସ୍ରାଅର୍ଜୁନ କାରାପୁର ଅଛ
সহস্রার্জুন सहस्राअर्जुन ସାର ଅଛ ଯେତେ, ଧନୁ
ନ ଭାଙ୍ଗି କନ୍ୟାକୁ ନେବା ବୋଲି ବଗୁରୁଅଛ କ ଚତ୍ତ୍ରେ
ବା—ଜଗନ୍ନାଥ ଚରିତ ରାମାୟଣ ।]

ସସ୍ରେ—ବେ. ବଣ—ଏକ ସହସ୍ର ସଂଖ୍ୟକ—Numbering one
Sasre thousand; a of thousand. ସଂ ବ.
(ସହସ୍ରେକ ଅପଭ୍ରଂଶ) ଏକ ସହସ୍ର ସଂଖ୍ୟା—
সহস্রেক ऐकसहस्र One thousand.

ସହ୍ ଧାତୁ—ସଂ.—ସହ୍ୟକରିବା; ସହିବା—
Sah root To bear; to suffer.

ସହ—ସଂ, ଅ (ସହ୍ ଧାତୁ+ଭାବ. ଅ)—୧ । ସହିତ—1. With;
Saha along with. ୨ । ସଙ୍ଗେ; ଏକ
ସଙ୍ଗରେ; ଏକତ୍ର ହୋଇ; ଯୁଗପତ୍—2. Together
with; simultaneously with. ୩ । ସମ-
ଭିବ୍ୟାହାରରେ—3. Accompanied with.
୪ । ପ୍ରତିଯୋଗୀରୂପେ ବା ପ୍ରତିଦ୍ୱନ୍ଦ୍ୱୀରୂପେ—
4. As a rival or competitor. [ଦ୍ର—
ରାମ ସହ ବାଳୀଙ୍କର ଯୁଦ୍ଧ ହୋଇଥିଲା ।] ୫ ।
ଶତ୍ରୁରୂପେ ବା ବିପକ୍ଷରୂପେ—5. As an adversary
or opantagonist. [ଦ୍ର—ରାବଣ ରାମଙ୍କ ସହ
ଯୁଦ୍ଧ କଲେ ।] ୬ । ସମାନାସନରେ ବା ଏକାସନରେ
ଅବସ୍ଥିତ ହୋଇ—6. Occupying equal or the
same seat or status. [ଦ୍ର—ସେ ମୋ ସହ

ସଂକ୍ତ ଶ୍ଳୋକ ହେଲେ ।] [ଦ୍ର—ଏହି ଅବ୍ୟୟ ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୁଏ । (a preposition having the following senses ଯଥା:—୧ । ସାହଚର୍ଯ୍ୟ; ସାହିତ୍ୟ—Accompaniment. ୨ । ସାକଲ୍ୟ—2. Entirety. ୩ । ସାଦୃଶ୍ୟ—3. Similarity. ୪ । ବିଦ୍ୟମାନତା—4. Presence.

୫ । ସାମର୍ଥ୍ୟ—5. Competence; ability. ୬ । ସାଫଲ୍ୟ—6. Fruitfulness; fulfilment; success. ୭ । ସମୃଦ୍ଧି—7. Greatness; prosperity. ୮ । ସମ୍ବନ୍ଧ—8. Connection.] ସଂ. ବିଣ. ପୁଂ—(ସହା—ସ୍ତ୍ରୀ) ୧ । ସହିଷ୍ଣୁ—1. Enduring; forbearing; patient. ୨ । ସହନଶୀଳ—2. Capable of bearing. ୩ । ସମର୍ଥ; କ୍ଷମ—3. Able; competent. [ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ପରେ ଯୁକ୍ତ ହୋଇ ସମାସ ହୁଏ । ଯଥା—କଷ୍ଟ ସହ, ଶ୍ରମ ସହ ।] ସଂ. ବି—୧ । ପାଂଶୁଲବଣ (ରାଜନିର୍ଘଣ୍ଟ)—1. Salt got from ashes. ୨ । ଅଗ୍ରହାୟଣ ମାସ (ହେମଚନ୍ଦ୍ର); ମାର୍ଗଶିର ମାସ—2. The month of Mārgaśira. ୩ । ବଳ (ମେଦିନୀ)—3. Strength; power. ୪ । ଜ୍ୟୋତିଃ (ଶବ୍ଦରତ୍ନାବଳୀ)—4. Lustre. ୫ । ମହାଦେବ (ହଳଧରକୋଷ)—5. Śiba. ଦେ. ବି—୧ । ଗୁପ୍ତ ପରାମର୍ଶ—1. Secret consultation. ୨ । କୁମନ୍ତ୍ରଣା—2. Intrigue. ୩ । ସାପ ଦୋସ୍ତି; ଗୁପ୍ତ ପ୍ରଣୟ—3. Secret love; amorous intrigue. ୪ । (ବୈଦ୍ୟକ) ସହଦେବୀ ୨, ୩, ୪ । (ଦେଖ)—4. Sahadebā 2, 3, 4 (See) ୫ । (କଟକଅ) ଭ୍ରମ—5. Mistake; oversight. [ଦ୍ର—ନବପିଲା ସହଜରେ ଏ ବାକ୍ୟରେ ମୌଳିକ ନାମ ଲେଖି ନାହିଁ ।] ପ୍ରାଦେ. (ଲରଅ) ବି—ଚିତାଗ୍ନି—Cremation fire.

ସଲା
कुमल
भूल
भूल्ल

ସହଃ—ସଂ. ବି (ସହ୍ ଧାତୁ+କରଣ ଅସ୍; ସହସ୍; ୧ମା, ୧ବ)—୧ । Sahah ଅଗ୍ରହାୟଣ ମାସ—1. The month of Mārgaśira. ୨ । ବଳ; ଶକ୍ତି (ମେଦିନୀ)—2. Power; might. ୩ । ତେଜଃ; ଜ୍ୟୋତିଃ—3. Lustre.

ସହ(ଅ)କ୍ (ଇତ୍ୟାଦ)—ବୈଦେ. ବି (ଫା. ସକ୍)—ସକ୍ ଇତ୍ୟାଦି Saha(a)k (etc) (ଦେଖ)—Sak etc (See)

ସହ କରିବା—ଦେ. କ୍ରି—୧ । ଗୁପ୍ତ ମନ୍ତ୍ରଣା କରିବା—1. To intrigue. ୨ । ଗୁପ୍ତ ପ୍ରଣୟ ସମ୍ବନ୍ଧରେ ମନ୍ତ୍ରଣା କରିବା—2. To carry on love-intrigue.
Saha karibā
गुप्त मन्त्रणा करना
कुमेल करना

ସହକର୍ମା(ର୍ମ୍ମା, ର୍ମୀ, ର୍ମ୍ମୀ)—ସଂ, ବି· ପୁଂ (ସହ+କର୍ମ୍ମନ୍; ସହ+କର୍ମ୍ମନ୍+ଇନ୍; ୧ମା. ୧ବ)—ସହକାରୀ ବନ୍ଧୁ; ଏକତ୍ର କାର୍ଯ୍ୟ କରୁଥିବା ବ୍ୟକ୍ତି—Colleague; co-worker. ବିଣ. ପୁଂ—ଏକତ୍ର କର୍ମକାରୀ—Working in league.
Sahakarmā(rmmā, rmi, rmmī
ସହକର୍ମିଣୀ } ସ୍ତ୍ରୀ
ସହକର୍ମିଣୀ }

ସହକାର—ସଂ. ବି (ସହ=ଯୁଗପତ୍+କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଅ; ଯାହା ସୁଗନ୍ଧକୁ ଯୁଗପତ୍ ବିକ୍ଷିପ୍ତ କରେ)—୧ । ଅତି ସୁଗନ୍ଧ ଅମ୍ର ବୃକ୍ଷ—1. A fragrant mango tree. ୨ । ଅମ୍ର ପଲ୍ଲବ—2. The leaf of the mango tree. ୩ । (ସହ+କୃ ଧାତୁ+ଭାବ.ଅ) ସାହାଯ୍ୟ—3. Help. ୪ । ସାହିତ୍ୟ—4. Accompaniment. ୫ । (+କର୍ତ୍ତୃ. ଅ) ସାହାଯ୍ୟକାରୀ ବ୍ୟକ୍ତି—5. Assistant. ସଂ· ବିଣ—ସାହାଯ୍ୟକାରୀ—Assisting.
Sahakāra

ସହକାରିଆ—ଦେ. ବିଣ. ପୁଂ—୧ । ଗୁପ୍ତମନ୍ତ୍ରଣାକାରୀ—1. Intriguing. ୨ । ଗୁପ୍ତ ପ୍ରଣୟକାରୀ—2. Carrying or love-intrigue. ୩ । ସହକାରୀ (ଦେଖ)—3. Sahakārī (See) ଦେ. ବି—ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଯେ ମିଳନ ଘଟାଏ—A go-between.
Sahakāriā
गुप्त मन्त्रणाकारी
कुमेलिया
सहकारी
सहकारी
(ସହକାରୀ—ସ୍ତ୍ରୀ)

ସହକାରିତା(ତ୍ୱ)—ସଂ. ବି (ସହକାରିନ୍+ଭାବ. ତା, ତ୍ୱ)—୧ । ସହାୟକତ୍ୱ—1. The state of being an assistant. ୨ । ସାହଚର୍ଯ୍ୟ—2. Co-operation. ୩ । କୌଣସି କାର୍ଯ୍ୟରେ ବା ଅପରାଧରେ ସହାୟକାରିତା—3. Abetment of an offence or act. ୪ । (ନ୍ୟାୟ ଶାସ୍ତ୍ର) ଭିନ୍ନରୂପ ଥାଇ ସୁଦ୍ଧା ତତ୍ଜନ୍ୟଜନକତ୍ୱ—4. (Logic) Co-ordination as cause and effect in spite of dissimilarity.
Sahakāritā(twa)

ସହକାରୀ—ସଂ. ବିଣ. ପୁଂ (ସହ+କୃ ଧାତୁ+କର୍ତ୍ତୃ.ଇନ୍; ୧ମା.୧ବ)—୧ । ସାହାଯ୍ୟକାରୀ—1. Helping; assisting; auxiliary. ୨ । (ନ୍ୟାୟ ଶାସ୍ତ୍ର) ଭିନ୍ନରୂପ ଥାଇ ସୁଦ୍ଧା ତଦ୍ଜନ୍ୟଜନକ ସମ୍ବନ୍ଧଯୁକ୍ତ—2. (logic) Having the relation of cause and effect in spite of dissimilarity. ସଂ. ବି—୧ । କାର୍ଯ୍ୟ ସାଧନରେ ସାହାଯ୍ୟକାରୀ—1. Abettor; helper; an assistant. ୨ । ପ୍ରତ୍ୟୟ; ସହଜ ଜ୍ଞାନ (କି କାଣ୍ଡ ଶେଷ)—2. Intuitive knowledge. ଦେ. ବିଣ—ସହକାରିଅର ସ୍ତ୍ରୀଲିଙ୍ଗ—Feminin of Sahakāriāe.
Sahakārī
(ସହକାରିଣୀ—ସ୍ତ୍ରୀ)

ସହକାରୀ ସଭାପତି—ସ. ବି (ଅଧୁନିକ ବ୍ୟବହାର; ପୁଂ ଓ ସ୍ତ୍ରୀ)—
Sahakārī sabhāpati ସଭାପତିଙ୍କୁ ସାହାଯ୍ୟ କରିବା କର୍ମଚାରୀ; ସଭାପତିଙ୍କ ଅନୁପସ୍ଥିତିରେ କର୍ମ କରିବା କର୍ମଚାରୀ—Assistant President; vice-president; vice-chairman; deputy president.

ସହକାରୀ ସମ୍ପାଦକ—ସ. ବି. ପୁଂ (ଅଧୁନିକ ପ୍ରୟୋଗ)—ସମ୍ପାଦକଙ୍କ
Sahakārī sampādaka ସହକାରୀ କର୍ମଚାରୀ—Assistant Secretary.

ସହକାରୀ ସୁପରିଣ୍ଟେଣ୍ଡେଣ୍ଟ—ଦେ. ବି—ସୁପରିଣ୍ଟେଣ୍ଡେଣ୍ଟ ବା କାର୍ଯ୍ୟ
Sahakārī suparintendent ପରିଦର୍ଶକଙ୍କ ସହକାରୀ—
সহকারী সুপারিণ্টেণ্ডেণ্ট Assistant Superintendent.
सहकारी सुपरिंटेंडेंट [ଦ୍ର—ଏହିପରି ଅନ୍ୟ ଇଂରାଜୀ ଶବ୍ଦ ପୂର୍ବେ ସହକାରୀ ଶବ୍ଦ ଲାଗି ବ୍ୟବହୃତ ହୁଏ ।]

ସହକୃତ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ସହ + କୃ ଧାତୁ + କର୍ତ୍ତୃ. କ୍ୱିପ୍)—
Sahakrut ସାହାଯ୍ୟକାରୀ; ସହାୟ—Helping; auxiliary.

ସହକୃତ୍ୱା—ସଂ. ବିଣ. ପୁଂ (ସହ + କୃ ଧାତୁ + କର୍ତ୍ତୃ. କ୍ୱନିପ୍; ସହ-
Sahakrutwā କୃତ୍ୱନ୍ ଶବ୍ଦ; ୧ମା. ୧ବ)—ସହକୃତ୍ (ଦେଖ)
(ସହକୃତ୍ୱରୀ—ସ୍ତ୍ରୀ) Sahakrut (See)

ସହ କ୍ରମେ—ଦେ. କ୍ରି. ବିଣ (କଟକିଆ)—ଭ୍ରମବଶତଃ; ଭୁଲ୍‌ରେ—
Saha krame By mistake or oversight.
ভুলকরে भूलसे

ସହ ଖଟ୍ୱାସନ—ସ. ବିଣ. ପୁଂ (ବହୁବ୍ରୀହି; ସହ + ଖଟ୍ୱାସନ)—କୌଣସି
Saha khatwāsana ବ୍ୟକ୍ତି ସଙ୍ଗେ ଏକ ଖଟରେ ଶୟନକାରୀ
(ସହ ଖଟ୍ୱାସନା—ସ୍ତ୍ରୀ) ବା ଆସନରେ ଉପବେଶନକାରୀ (ବ୍ୟକ୍ତି)—
(a person) Using the same bed or seat along with another.

ସହ ଗମନ—ସ. ବି (ସହ = ସଙ୍ଗେ + ଗମନ)—୧ । ସଙ୍ଗରେ ଯିବା—
Saha gamana 1. Going with; accompanying.
(ସହ ମରଣ—୨ୟ ଅର୍ଥରେ ଅନ୍ୟରୂପ) ୨। ମୃତ ସ୍ୱାମୀଙ୍କ ଚିତାରେ ସ୍ତ୍ରୀଙ୍କର ଆରୋହଣରୂପ କ୍ରିୟା; ସହମରଣ—2. The act of self-immolation of a widow in the cremation pyre of her deceased husband.

ସହ ଗମ୍ୟ—ସ. ବିଣ—ଏକତ୍ର ଗମନଯୋଗ୍ୟ—Deserving to be
Saha gamya gone with or together.

ସହ ଗାମିନୀ—ସ. ବିଣ. ସ୍ତ୍ରୀ (ସହଗାମିନ୍ + ଈ)—ସହଗାମୀର
Saha gāminī ସ୍ତ୍ରୀଲିଙ୍ଗ—The feminine form of
(ସହଗାମୀ—ପୁଂ) 'Sahagāmī'. ସ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଚିତାରୋହଣ କରନ୍ତି—A woman who voluntarily ascends the funeral pyre of her deceased husband.

ସହ ଗାମୀ—ସ. ବିଣ. ପୁଂ. (ସହ = ସଙ୍ଗତ + ଗମ୍ ଧାତୁ + କର୍ତ୍ତୃ. ଇନ୍;
Saha gāmī ୧ମା. ୧ବ)—ଏକ ସଙ୍ଗେ ଗମନକାରୀ—Going
(ସହଗାମିନୀ—ସ୍ତ୍ରୀ) with; accompanying.

ସହଚର—ସ. ବିଣ. ପୁଂ (ସହ = ସଙ୍ଗେ + ଚର୍. ଧାତୁ = ଗମନ
Sahachara କରିବା + କର୍ତ୍ତୃ. ଅ)—୧ । ସହଗାମୀ; ଏକତ୍ର
(ସହଚରୀ—ସ୍ତ୍ରୀ) ଗମନକାରୀ—1. Going with. ୨। ସଙ୍ଗୀ—2. Acompanying. ସ. ବି—୧ । ସଙ୍ଗୀ—1. Companion. ୨ । ସାଥୀ; ବୟସ୍ୟ—2. Attendant; mate. ୩ । ପ୍ରତିବନ୍ଧକ (ହେମଚନ୍ଦ୍ର)—3. Obstacle. ୪ । ଦୋସ୍ତ; ସାଙ୍ଗ ସୁଖ—4. A confident; bosom friend. ୫ । ଅନୁଚର; ଭୃତ୍ୟ—5. A servant. ୬ । ଝିଣ୍ଟୀ (ହେମଚନ୍ଦ୍ର); ଦାସକେରଣ୍ଡା ଗୁଳ୍ମ; ପୀତଝିଣ୍ଟୀ ଓ ନୀଳଝିଣ୍ଟୀ—6. A plant; Barlaria Cristata of two
সহচর varieties. ଦେ. ବି (କଟକିଆ)—ବନ୍ଧୁକରୁ ବନ୍ଧୁକର
सहचर ମାଲିକ ବ୍ୟକ୍ତିଙ୍କ ସଙ୍ଗେ ବୋହି କରି ନେବା ଭୃତ୍ୟ, (ଯାହାର ନାମ ବନ୍ଧୁକ-ଲାଇସେନ୍ସରେ ଲେଖାଥାଏ)—A retainer who carries a gun with the master (and whose name is noted in the gun-licence).

ସହଚରିତ—ସ. ବିଣ. ପୁଂ (ବହୁବ୍ରୀହି; ସହ + ଚରିତ)—ଏକତ୍ର ବାସ
Sahacharita ଓ ଏକରୂପ ଆଚରଣଶୀଳ (ଶବ୍ଦକୋଷ)—
(ସହଚରିତା—ସ୍ତ୍ରୀ) Living together and acting similarly.

ସହଚରୀ—ସ. ବି. ସ୍ତ୍ରୀ (ସହଚର + ସ୍ତ୍ରୀ. ଈ)—୧ । ସଙ୍ଗିନୀ—1. Fe-
Sahacharī male companion. ୨ । ସଖୀ—2. A female confidant of a lady. ୩ । ସହଧର୍ମିଣୀ; ପତ୍ନୀ—3. Wife. ୪। (ବୈଦ୍ୟକ) ପୀତ ଝିଣ୍ଟୀ (ଅମର) ଦାସକେରେଣ୍ଡା—4. A plant; Barlaria Cristata. (ଦ୍ର—[୧ ଓ ୪] ଉଚ୍ଚ ପ୍ରକାରର ଅର୍ଥରେ ସହଚରୀର ପ୍ରୟୋଗ ଅଭିମୁଖହିଁ ହୋଇଛି । ଉଦା. ବୈଦେହୀଶବିଳାସ ।]

ସହଚାରୀ—ସ. ବିଣ. ପୁଂ (ସହ + ଚର୍. ଧାତୁ = ଗମନ କରିବା +
Sahachārī କର୍ତ୍ତୃ. ଇନ୍; ୧ମା, ୧ବ)—ସହଚର (ଦେଖ)—
(ସହଚାରିଣୀ—ସ୍ତ୍ରୀ) [ସହଚାରିତା(ତ୍ୱ)—ବି] Sahachara. (See)

ସହଜ—ସ. ବି (ସହ + ଜନ୍. ଧାତୁ + କର୍ତ୍ତୃ. ଅ)—୧ । ସହୋଦର;
Sahaja ଏକମାତୃଗର୍ଭଜ ଭ୍ରାତା (ଅମର)—1. Brother; uterine brother. ୨ । ନିସର୍ଗ; ସ୍ୱଭାବ (ମେଦିନୀ)—2. Nature. ୩ । (ଜ୍ୟୋତିଷ) ଜନ୍ମଲଗ୍ନଠାରୁ ତୃତୀୟ ସ୍ଥାନ—3. (astrology) The 3rd place from the Lagna or natal sign in one's horoscope. [ଦ୍ର—ଏହି ତୃତୀୟ ସ୍ଥାନରେ ଥିବା ଗ୍ରହଙ୍କ ଦ୍ୱାରା ଜାତକ ବ୍ୟକ୍ତିଙ୍କ ଭାଇ, ଭଉଣୀ, ବିକ୍ରମ, ଦୁରପାକ ଆଦି ବିଷୟ ସ୍ଥିରୀକୃତ ହୁଏ ।] ସ. ବିଣ—୧ । ସହଜାତ—
(ସହଜା—ସ୍ତ୍ରୀ) 1. Born with. ୨ । ଏକତ୍ର ଜାତ—2. Born together. ୩ । ସ୍ୱାଭାବିକ; ନୈସର୍ଗିକ;

ଅକୃତ୍ରିମ—3. Innate; natural; inborn; inherent. ୪ । ସ୍ୱଭାବସିଦ୍ଧ—4. Instinctive. ୫ । ସୁଲଭ—5. Easily available. ଦେ. ବି—୧ । ପ୍ରେମ—1. Love. ୨ । ତାନ୍ତ୍ରିକଭେଦ—2. A sort of Tantric rite. ଦେ. ବିଣ—୧ । ସରଳ; ଅନାୟାସସାଧ୍ୟ—1. Easy; not difficult. ୨ । ଯାହା ସଙ୍ଗେ ବ୍ୟବହାର କରିବା କଷ୍ଟକର ନୁହେଁ—2. Easy to deal with. ୩ । ସୁଗମ—3. Easily passable. ୪ । ସରଳ; ସିଧା—4. Straight. ୫ । ଯାହା ସମାଧାନ କରିବା କଷ୍ଟକର ନୁହେଁ—5. Easy of solution. ୬ । ସୁବୋଧ—6. Easily intelligible.

ସହଜ ଆସନ—ଦେ. ବି—ଯୋଗାସନବିଶେଷ—A sort of posture in Joga. (ବ୍ରୁ—ସହଜ ଆସନ କହିବା ଶୁଣ । ପ୍ରାଚୀ· ସଭରେ ଗୀତା ।)
Sahaja āsana
ସହজ আসন सहज आसन

ସହଜ ଉପାୟ—ଦେ. ବି (ସଂ. ସହଜୋପାୟ)—୧ । ସୁଗମ ପନ୍ଥା—1. Easy means. ୨ । ସରଳ ଓ ସୁଲଭ ଉପାୟ—2. Plain mode.
Sahaja upāya
সহজ উপায় सहज उपाय

ସହଜ କଥା—ଦେ. ବି—ସରଳ ବିଷୟ—Easy matter.
Sahaja kathā
সহজ কথা सहज बात

ସହଜନ୍ମା—ସଂ. ବିଣ (ବହୁବ୍ରୀହି; ସହ+ଜନ୍ମନ୍; ୧ମା. ୧ବ)—୧ । ଯମଜ; ଏକତ୍ର ଜାତ—1. Born together; twin. ୨ । ସହୋଦର—2. Uterine.
Sahajanmā

ସହଜ ପନ୍ଥା—ଦେ. ବି—ବୌଦ୍ଧମାନଙ୍କର ମଧ୍ୟରେ ଏକପ୍ରକାର ମତ—A sectarian view held among the Buddhists. [ବ୍ରୁ—ସହଜିଆ ତଳେ ଟୀକା ଦେଖ]
Sahaja panthā

ସହଜ ପ୍ରବଣ—ଦେ. ବିଣ (ଜଡ଼ ବିଜ୍ଞାନ)—ଯେଉଁ ସକଳ ବସ୍ତୁକୁ ଅନାୟାସରେ ନତ କରାଯାଏ—(Physical science) Which can be easily bent; malleable. (ସହଜ ପ୍ରବଣତା—ବି)
Sahaja prabaṇa
সহজ প্রবণ सहजलचनेवाला

ସହଜ ପ୍ରଶ୍ନ—ଦେ. ବି—ଅନାୟାସସାଧ୍ୟ ପ୍ରଶ୍ନ—A question which is easy of solution.
Sahaja praśna
সহজ প্রশ্ন सहज प्रश्न

ସହଜ ବିଶ୍ୱାସ—ଦେ. ବି—୧ । ସ୍ୱାଭାବିକ ଧାରଣା—1. Inborn faith; natural trust. ୨ । ଅଳ୍ପାୟାସରେ ଜାତ ବିଶ୍ୱାସ—2. Easily attained faith; easy belief.
Sahaja biśwāsa
সহজবিশ্বাস सहजविश्वास

ସହଜ ବିଶ୍ୱାସୀ—ଦେ. ବିଣ—ଯେ କୌଣସି ବିଷୟକୁ ଅନାୟାସରେ ବିଶ୍ୱାସ କରେ—Believing in anything easily; credulous.
Sahaja biśwāsī
সহজবিশ্বাসী सहजविश्वासी

ସହଜ ବୁଦ୍ଧି—ଦେ. ବି—ପ୍ରାଣୀମାନଙ୍କ ମନରେ ଜନ୍ମରୁ ଉଦୟ ହୋଇଥିବା ବୁଦ୍ଧି—Instinct.
Sahaja buddhi
সহজবুদ্ধি सहजबुद्धि

ସହଜମାରି—ଦେ. ବି (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷ—A kind of wild tree. [ବ୍ରୁ—ଏହା ୧୦।୧୨ ହାତ ଉଚ୍ଚ ହୁଏ । ଏ ଗଛର ଛେଲି କାଟିକରି ଖାଇଲେ ଗଞ୍ଜାର ଠାରୁ ବେଶି ନିଶା ଧରେ । ଏହି ଗଛର ଡାଳରେ ଚଙ୍ଗୁଡ଼ମାନେ ଭଙ୍ଗ ଘୋଷା ଠେଙ୍ଗା କରନ୍ତି ।]
Sahajamāri
সহজমারি सहजमारी

ସହଜ ମିତ୍ର—ସଂ. ବି—୧ । ସ୍ୱାଭାବିକ ମିତ୍ର—1. Born friends. ୨ । ଆପଣାର ଭଗିନେୟ, ପୈତୃଷ୍ୱସ୍ରୀୟ ଓ ମାତୃଷ୍ୱସ୍ରୀୟାଦି ବନ୍ଧୁ (ମିତାକ୍ଷରା)—2. One's sister's son, and son of one's father's sister and of mother's sister. [ବ୍ରୁ—ମିତାକ୍ଷରା ଅନୁସାରେ ସହଜ ମିତ୍ର ଓ ସହଜ ଶତ୍ରୁ, ଦୁଇ ଶ୍ରେଣୀର ଅଧିକାରୀ ଏହି ରୂପରେ ହୋଇଅଛନ୍ତି । ଭଣଜା, ମାଉସୀ ପୁଅ ଭାଇ, ପିଉସୀ ପୁଅ ଭାଇ, ଏମାନେ ସହଜ ମିତ୍ର ଏବଂ ଖୁଡ଼ୁତା ପୁଅ ଭାଇ ଓ ଦେଢ଼ୁତା ପୁଅ ଭାଇ ସହଜ ଶତ୍ରୁ ଅଟନ୍ତି—ଶବ୍ଦକୋଷ ।]
Sahaja mitra

ସହଜ ଯାନ—ଦେ. ବି—ସହଜପନ୍ଥାବଲମ୍ବୀ ବୌଦ୍ଧମାନଙ୍କର ଶାଖାବିଶେଷ—A sect of Buddhists following the Sahaja panthā. [ବ୍ରୁ—ସହଜିଆ ତଳେ ଟୀକା ଦେଖ ।]
Sahaja jāna
সহজ যান · सहजयान

ସହଜ ଲବ୍ଧ—ସଂ. ବିଣ—ଅନାୟାସପ୍ରାପ୍ତ—Easily got.
Sahaja labdha

ସହଜ ଲଭ୍ୟ—ସଂ. ବିଣ—ଅନାୟାସଲଭ୍ୟ—Easily attainable.
Sahaja labhya

ସହଜ ଶତ୍ରୁ—ସଂ. ବି—୧ । ସ୍ୱାଭାବିକ ଶତ୍ରୁ—1. Natural enmy. ୨ । ବୈମାତ୍ରେୟ, ପିତୃବ୍ୟ ଓ ପିତୃବ୍ୟ ପୁତ୍ର (ଏମାନେ ବିଷୟରେ ଅଂଶୀଦାର ଥିବାରୁ—ମିତାକ୍ଷରା)—2. One's step-brothers, paternal uncle and his son. [ବ୍ରୁ—ସହଜମିତ୍ର ତଳେ ଟୀକା ଦେଖ ।]
Sahaja śatru

ସହଜ ସାଧନ (ଭଜନ)—ଦେ. ବି (ସହଜିଆ ଧର୍ମ ଦେଖ)—ସ୍ୱାଧୀନଭାବେ କଳ୍ପିତା ଏକାନ୍ତ ବଶ୍ୟ ଭକ୍ତା ପରକୀୟା ନାୟିକାଙ୍କ ସଙ୍ଗେ ମଧୁର ରସାବଲମ୍ବନ ଦ୍ୱାରା ଭକ୍ତସାଧନର ମାର୍ଗବିଶେଷ; ଭୋଗ ମାର୍ଗ ଦେଇ ଯୋଗପଥକୁ ଗମନପୂର୍ବକ ଭକ୍ତସାଧନ—Practice of devotion to God through satiation of lust with the help of a devoted lady.
Sahaja Sādhana(bhajana)
সহজসাধন सहजसाधन

ସହଜାତ—ସଂ. ବି, ପୁଂ—୧ । ସହୋଦର ଭାଇ—1. Brother; uterine brother. ୨ । ଯମଜ—2. Twins. ସଂ. ବିଣ. ପୁଂ—
Sahajāta
(ସହଜାତା—ସ୍ତ୍ରୀ)

୧ । ଏକସଙ୍ଗ ଜାତ—1. Born together. ୨ । ସହୋଦର—2. Uterine.

ସହଜାଦିତ୍ୟ—ଦେ· ବି (ନାମ)—ଉତ୍କଳର ସାମନ୍ତରାଜବିଶେଷ—
Sahajāditya Name of a feudatory King of Utkal. [ଦ୍ର—ଏହାଙ୍କ ଉପାଧି ରାଜରାଜ ଦେବ; ୧୨୩୩ ସଂବତ୍‌ରେ କୁଳଟ ସହରରେ ଖୋଦିତ ଅନଙ୍ଗଙ୍କ ଶିଳା ଫଳକରେ ଏ ତାହାଙ୍କ ପୂର୍ବବର୍ତ୍ତୀ ରାଜରୂପେ ବର୍ଣ୍ଣିତ ହୋଇ ଅଛନ୍ତି—ବିଶ୍ୱକୋଷ ।]

ସହଜାଧିପତି—ସଂ· ବି (ଫଳିତ ଜ୍ୟୋତିଷ)—ଲଗ୍ନଠାରୁ ତୃତୀୟ ଗୃହର ଅଧିପତି ଗ୍ରହ—(Astrology)
Sahajādhipati The planet presiding over the 3rd house from one's Lagna,
ସହଜାଧିନାଥ, ସହଜାଧୀଶ, ସହଜେଶ—ଅନ୍ୟରୂପ

ସହଜାନନ୍ଦ—ଦେ· ବି—୧ । ବ୍ରହ୍ମ—1. The Supreme Soul.
Sahajānanda ୨ । ସହଜିଆଧର୍ମମାର୍ଗୀଲୋକଙ୍କ ପ୍ରାପ୍ତ ଆନନ୍ଦବିଶେଷ
सहजानन्द सहजानन्द 2. The bliss enjoyed by the devotees engaged in the Sahajiā Dharma. (ଦ୍ର—ସହଜ ଅମଳ କହିବ ଶୁଣ, ସହଜାନନ୍ଦକୁ ଯହିଁ ଦର୍ଶନ—ପ୍ରାଚୀ. ପରଚେଶୀତା ।]
(ସହଜିଆ ତଳେ ଟୀକା ଦେଖ)

ସହଜାରି—ସଂ. ବି—ସହଜଶତ୍ରୁ (ଦେଖ)
Sahajāri Sahaja satru (See)

ସହଜିଆ—ଦେ. ବିଣ—୧ । ସହଜ; ସରଳ; ସୁଗମ; ଅନାୟାସସାଧ୍ୟ—
Sahajiā 1. Easy. ୨ । ସ୍ୱାଭାବିକ—2. Natural.
সোজা सहज ଦେ. ବି· ୧ । (ବୈଷ୍ଣବସାହିତ୍ୟ) ସହଜିଆଧର୍ମ ମାର୍ଗାବଲମ୍ବୀ ବ୍ୟକ୍ତି—1. A person professing the Sahajiā Dharma. ୨ । ବୈଷ୍ଣବଧର୍ମର ଏକ ଶ୍ରେଣୀ—2. A sect of
সহজিআ सहजिआ Baishnabas. [ଦ୍ର—ଏହି ଶ୍ରେଣୀର ବୈଷ୍ଣବମାନଙ୍କର ବିଶ୍ୱାସ ଯେ ସେମାନେ ଯେଉଁ ପଥ ଅବଲମ୍ବନ କରିଅଛନ୍ତି ସେଥିରେ ସହଜରେ ମୁକ୍ତିଲାଭ କରିହୁଏ । ସହଜିଆମାନେ ରାଧାକୃଷ୍ଣଙ୍କର ମୂର୍ତ୍ତିପୂଜା ମାନନ୍ତି ନାହିଁ । ଶରୀର ଉପରେ ରାଧାକୃଷ୍ଣଙ୍କର ଲୀଳା ଅବଗତ, ଓ ନିଜ ଶରୀରର ତତ୍ତ୍ୱ ଜାଣି ପାରିଲେ ମନୁଷ୍ୟ ମୁକ୍ତିଲାଭ କରିପାରେ—ଏହା ସହଜିଆମାନଙ୍କର ମତ—ବିନାୟକ ମି. ସା. ଇତିହାସ ।]

[ଦ୍ର—ସହଜିଆ—ବୌଦ୍ଧଧର୍ମର ସହଜଯାନଶାଖାରୁ ଉଦ୍ଭୂତ ସାଧନ ମାର୍ଗବିଶେଷ ।

ସହଜଯାନରେ ସାଧକ ପ୍ରଥମେ ପ୍ରବୃତ୍ତିମାର୍ଗର ପଥିକ ହୋଇ ପରେ କ୍ରମଶଃ ଆନନ୍ଦ, ପରମାନନ୍ଦ, ସହଜାନନ୍ଦ ଓ ବିରମାନନ୍ଦ ଲାଭ କରନ୍ତି । ସହଜଯାନର ଏହି ବିରମାନନ୍ଦ ମହାଯାନ ପନ୍ଥାର ଶୂନ୍ୟ ବା ନିର୍ବାଣର ଅନୁରୂପ କହିଲେ ଚଳେ । କାଳକ୍ରମେ ଏହି ସହଜଯାନର ପ୍ରଭାବ ବୈଷ୍ଣବ ଧର୍ମକୁ ପ୍ରଭାବିତ କରି ଯେଉଁ ନୂତନ ଏକ ଧର୍ମର ସୃଷ୍ଟି-ପାତ କଲା ତାହା ସହଜଭଜନ ବା ସହଜିଆ ଧର୍ମ ନାମରେ କଥିତ । ନାମାଶ୍ରୟ, ମନ୍ତ୍ରାଶ୍ରୟ, ଭାବାଶ୍ରୟ, ପ୍ରେମାଶ୍ରୟ ଓ ରସାଶ୍ରୟ ଓ ପରମାଶ୍ରୟ ଏ ଭଜନର କ୍ରମିକ ସୋପାନ । ସ୍ୱକୀୟା ଓ ପରକୀୟା ଭେଦରେ ଦୁଇ ଶ୍ରେଣୀର ନାୟିକା ହେଲେହେଁ ପରକୀୟା ନାୟିକାର ପ୍ରାଧାନ୍ୟ ଏହି ଭଜନର ବିଶେଷତ୍ୱ ଅଟେ । କିନ୍ତୁ ଉତ୍କଳୀୟମାନଙ୍କ ବିଚାରରେ ବୈଷ୍ଣବ ଧର୍ମର ପ୍ରକୃତି ଏହି ସହଜିଆ ଧର୍ମର ପ୍ରକୃତିଠାରୁ ଅନେକାଂଶରେ ପୃଥକ୍ । ସହଜିଆ ଧର୍ମ ଯେଉଁପରି ବୈଷ୍ଣବ ଧର୍ମରୁ ସାର ଗ୍ରହଣ କରି ପୁଷ୍ଟ ହୋଇଥିଲା, କାଳକ୍ରମେ ସହଜିଆ ଧର୍ମର ପ୍ରଭାବ ମଧ୍ୟ ସେହିପରି ବୈଷ୍ଣବଧର୍ମ ଉପରେ ପତିତ ହୋଇଥିଲା—
ସ୍ୱୟଂସାହେବ ଅଭିବଚନ—ପ୍ରାଚୀ ସମିତି ପ୍ରକାଶିତ ଶ୍ରୀଚୈତନ୍ୟଦେବଙ୍କ ଗ୍ରନ୍ଥର ମୁଖବନ୍ଧ ।

ସହଜିଆ ଧର୍ମସମ୍ପ୍ରଦାୟ ବର୍ତ୍ତମାନ କାଳରେ ଗୌଡ଼ୀୟ ସମ୍ପ୍ରଦାୟର ଗୋଟିଏ ନିମ୍ନଶ୍ରେଣୀ ରୂପେ ଗଣ୍ୟ । ସାଧାରଣଙ୍କ ବିଶ୍ୱାସ ଯେ, ଶ୍ରୀମନ୍ନିତ୍ୟାନନ୍ଦ ପ୍ରଭୁଙ୍କ ପୁତ୍ର ବୀରଭଦ୍ର ଗୋସ୍ୱାମୀଙ୍କ ଠାରୁ ଏହି ସମ୍ପ୍ରଦାୟର ଉଦ୍ଭବ । କିନ୍ତୁ ସହଜିଆ ମତ ବହୁ ପୂର୍ବକାଳରୁ ଗୌଡ଼ମଣ୍ଡଳରେ ପ୍ରଚଳିତ ଥିଲା, ଏଥିର ଯଥେଷ୍ଟ ପ୍ରମାଣ ମିଳୁଅଛି । ମହାମହୋପାଧ୍ୟାୟ ସ୍ୱର୍ଗୀୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ୮୦୦ ଶତାବ୍ଦୀ ପୂର୍ବର ପ୍ରାଚୀନ କାହ୍ନୁପାଦ, ଡୋମ୍ବିପାଦ, ଶାନ୍ତିଦେବ ପ୍ରଭୃତିଙ୍କର କେତେଗୁଡ଼ିଏ ପ୍ରାଚୀନ ପଦ ଓ ଦୋହା ସଂଗ୍ରହ କରି ପ୍ରକାଶ କରିଅଛନ୍ତି; ସେହି ପଦମାନଙ୍କରେ ସହଜିଆମାନଙ୍କ ମୂଳଧର୍ମମତର ଯଥେଷ୍ଟ ଉପକରଣ ରହିଅଛି । ସେ ପଦାବଳୀ ଆଲୋଚନା କଲେ ନିଃସନ୍ଦେହରେ ଜଣାଯିବ ଯେ, ବୌଦ୍ଧତାନ୍ତ୍ରିକ ସମାଜରୁ ଏହି ସହଜିଆ ମତର ଉତ୍ପତ୍ତି ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ମହାଯାନ ସମ୍ପ୍ରଦାୟ ପ୍ରବଳ ହେଲା ଓ ତନ୍ମଧ୍ୟରେ ମାଧ୍ୟମିକ ଓ ଯୋଗାଚାର ନାମରେ ଦୁଇ ମତ ପ୍ରଚଳିତ ହେଲା । ମାଧ୍ୟମିକମାନେ ଶୂନ୍ୟବାଦୀ ଥାଇ ମଧ୍ୟ ଏକାଧିକ ବୁଦ୍ଧ ଓ ବୋଧିସତ୍ତ୍ୱଙ୍କ ଉପାସନା ସ୍ୱୀକାର କଲେ । ଯୋଗାଚାରମାନେ ଯୋଗଶାସ୍ତ୍ର ଚର୍ଚ୍ଚାର ଫଳରେ ଜୀବାତ୍ମା ଓ ପରମାତ୍ମାର ମିଳନ ସ୍ୱୀକାର କରି ଅନାତ୍ମବାଦୀ ମହାଜନମାନଙ୍କ ମଧ୍ୟରେ ଆତ୍ମବାଦ ପ୍ରଚାର କଲେ । ବିଭିନ୍ନ ବୁଦ୍ଧ ଓ ବୋଧିସତ୍ତ୍ୱଗଣଙ୍କ ମୂର୍ତ୍ତିପୂଜା ଏବଂ ଏଥି ସଙ୍ଗେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ମହାଯାନ ମଧ୍ୟରେ ମନ୍ତ୍ରଯାନର ପ୍ରଭାବ ବିସ୍ତୃତ ହେଲା ଓ ବୁଦ୍ଧ ଏବଂ ବୋଧିସତ୍ତ୍ୱଙ୍କର ଗୋଟିଏ ଲେଖାଏଁ 'ଶକ୍ତି' କଳ୍ପିତ ହେଲେ । ମହାଯାନ ସମ୍ପ୍ରଦାୟ ସମ୍ଭୂତ ମନ୍ତ୍ରଯାନରେ ବିଭିନ୍ନ ଶକ୍ତିପୂଜା ସଙ୍ଗେ ସର୍ବଙ୍ଗ ତାନ୍ତ୍ରିକତାର ଘୋଷଣା ହେଲା । ବିଭିନ୍ନ ମହାଯାନ

ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ଜ୍ଞାନଚର୍ଯ୍ୟା, ଇନ୍ଦ୍ରିୟସଂଯମ ଓ ସନ୍ନ୍ୟାସବୈରାଗ୍ୟହିଁ ପ୍ରଥମେ ନିର୍ବାଣ ପଦଲାଭର ଉପାୟ ବୋଲି ନିର୍ଦ୍ଦିଷ୍ଟ ହୋଇଥିଲା । ବୁଦ୍ଧଶିଷ୍ୟ ଆନନ୍ଦ ନାରୀ ଜାତିକୁ ସନ୍ନ୍ୟାସର ଅଧିକାର ପ୍ରଦାନ କଲେ । କାଳକ୍ରମେ ବୌଦ୍ଧ ବିହାର ଓ ସଙ୍ଘାରାମମାନଙ୍କରେ ବହୁତର ଶ୍ରାବକ ଭିକ୍ଷୁ ସଙ୍ଗେ ସଙ୍ଗେ ଶତ ଶତ ଶ୍ରାବିକା ଆଶ୍ରୟ ଲାଭ କଲେ । ଅବଶ୍ୟ ପ୍ରଥମେ ଉଭୟଙ୍କର ନିବୃତ୍ତି ମାର୍ଗହିଁ ଲକ୍ଷ୍ୟ ଥିଲା । କିନ୍ତୁ ସ୍ତ୍ରୀ ପୁରୁଷଙ୍କର ଏକତ୍ର ଅବସ୍ଥାନର ବିଷମୟ ଫଳ (ଯୌନ ସ୍ୱାଧୀନତା) ଅବଶ୍ୟମ୍ଭାବୀ ହୋଇ ଉଠିଲା । ଜ୍ଞାନନିଷ୍ଠ ଜିତେନ୍ଦ୍ରିୟ ଶ୍ରାବକମାନେ କାମିନୀକାଞ୍ଚନର ତଥା ପ୍ରବୃତ୍ତି ମାର୍ଗର ସମ୍ପୂର୍ଣ୍ଣ ବିରୋଧୀ ଥିଲେହେଁ ସେମାନଙ୍କ ମଧ୍ୟରେ କେହି କେହି ଅଳ୍ପଧୀ ପ୍ରବୃତ୍ତିସାଧନା ଦ୍ୱାରା ନିବୃତ୍ତି ବା ମୋକ୍ଷପଥର ଉପାୟ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ନିରବଚ୍ଛିନ୍ନ ଭୋଗସାଧନ ଦ୍ୱାରା ଯେ ସହଜାନନ୍ଦ ଲାଭ ହୁଏ ଓ ତଦ୍ୱାରା ନିର୍ବାଣ ଲାଭ ହୋଇ ପାରେ, ଏହି ନବ ସମ୍ପ୍ରଦାୟ ଅତି ଗୋପନରେ ଏହାହିଁ ପ୍ରଚାର କଲେ ଓ ନବ ସମ୍ପ୍ରଦାୟ 'ବଜ୍ରଯାନ' ନାମରେ ପରିଚିତ ହେଲା ।

ପୂର୍ବତନ 'ମନ୍ତ୍ରଯାନ' ସମ୍ପ୍ରଦାୟ ଆଦି ବୁଦ୍ଧ ଓ ତାଙ୍କ ପ୍ରଜ୍ଞା ବା ଧର୍ମରୁ ସମ୍ଭୂତ ପାଞ୍ଚ ଧ୍ୟାନୀ ବୁଦ୍ଧ ଓ ଏହି ପାଞ୍ଚ ଧ୍ୟାନୀ ବୁଦ୍ଧଙ୍କର ୫ ଶକ୍ତି ଓ ଏମାନଙ୍କର ପୁତ୍ର ସ୍ଥାନୀୟ ୫ ବୋଧିସତ୍ତ୍ୱଙ୍କୁ ସ୍ୱୀକାର କରିଥିଲେ । ଏମାନଙ୍କର ଉପାସକମାନେ 'ବୋଧିସତ୍ତ୍ୱ ଯାନ' ନାମରେ ପରିଚିତ ହୋଇଥିଲେ । ପ୍ରବୃତ୍ତିମାର୍ଗୀ ନବ ସମ୍ପ୍ରଦାୟ ବଜ୍ରସତ୍ତ୍ୱ ନାମକ ଷଷ୍ଠ ଧ୍ୟାନୀ ବୁଦ୍ଧ, ତାଙ୍କର ବଜ୍ରେଶ୍ୱରୀ ନାମ୍ନୀ ଶକ୍ତି ଓ ଘଣ୍ଟାପାଣି ନାମକ ବୋଧିସତ୍ତ୍ୱଙ୍କ କଳ୍ପନା କଲେ । ଏହି ନବ ସମ୍ପ୍ରଦାୟ 'ବଜ୍ରସତ୍ତ୍ୱ ଯାନ' ବା 'ବଜ୍ରଯାନ' ନାମରେ ପ୍ରସିଦ୍ଧ ହେଲେ । ସେମାନଙ୍କର ଅନୁଷ୍ଠାନ ପଦ୍ଧତି, ଗୂଢ ମତ ଅତି ଗୁହ୍ୟ ତାନ୍ତ୍ରିକ ତମସାଚ୍ଛନ୍ନ । ଯେଉଁ ସମ୍ଭୋଗଲାଳସାକୁ ପୂର୍ବତନ ଧର୍ମ ପନ୍ଥୀମାନେ ଅତି ହେୟ ଓ ଘୃଣ୍ୟ ବୋଲି ବିବେଚନା କରି ତ୍ୟାଗ କରିଥିଲେ, ବଜ୍ରଯାନ ଶ୍ରାବକମାନେ ତାହାକୁହିଁ ଶ୍ରେୟଃଲାଭର ଉପାୟ ବୋଲି ଘୋଷଣା କଲେ । ଏହି ଧର୍ମାଚରଣ ସହଜସାଧ୍ୟ ଓ ଆପାତମନୋରମ ହେବାରୁ ଆପାମର ସାଧାରଣ ଏହାକୁ ସାଦରେ ଗ୍ରହଣ କଲେ । ମହା ମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ନେପାଳରୁ ସଂଗୃହୀତ ୮ ଶତ ବର୍ଷ ପୂର୍ବର ହସ୍ତ ଲିଖିତ 'ଚଣ୍ଡ ରୋଷଣ ତନ୍ତ୍ର'ର ଟୀକାରେ 'ସହଜ ତତ୍ତ୍ୱ'ର ବ୍ୟାଖ୍ୟା ଲେଖା ଅଛି । ସେଥିରେ ଆନନ୍ଦ ୪ ପ୍ରକାର ଲେଖାଅଛି,— ଆନନ୍ଦ, ପରମାନନ୍ଦ, ସହଜାନନ୍ଦ, ବିରମାନନ୍ଦ । ଆଲିଙ୍ଗନ, ଚୁମ୍ବନ, ସ୍ତନ ମର୍ଦ୍ଦନ ପ୍ରଭୃତି ଦ୍ୱାରା ଯନ୍ତ୍ରାରୂଢ଼ ପରି ବଜ୍ର ଓ ପଦ୍ମ (ଲିଙ୍ଗ ଓ ଯୋନି) ସଂଯୋଗରେ ଯେଉଁ ଆନନ୍ଦ ସମ୍ଭୂତ ହୁଏ ତାହା 'ଆନନ୍ଦ' । ତତ୍ପରେ ପଦ୍ମାନ୍ତର୍ଗତ ବଜ୍ରର ଗୃଳନ ଦ୍ୱାରା ମଣିମୂଳ ବୋଧିଚିତ୍ତ ପ୍ରାପ୍ତ ହେଲେ ତାହା 'ପରମାନନ୍ଦ' । ତତ୍ପରେ ପୁଣି ଯେତେବେଳେ ମଣିମୂଳରୁ ପଦ୍ମୋଦର ଅନ୍ତର୍ଗତ ଅଶେଷ ରୂପେ କାର୍ଯ୍ୟ ନ ହୁଏ ତାହା 'ସହଜାନନ୍ଦ' । ଏଥିରେ ଗ୍ରାହ୍ୟ ଗ୍ରାହକ ଓ ଗ୍ରହଣାଦିମାନଙ୍କଠାରେ ପରମ ସୁଖ ଉତ୍ପନ୍ନ ହୁଏ । ଏଥିପରେ ନିଶ୍ଚେଷ୍ଟ ହୋଇ 'ମୁଁ ସୁଖ ଭୋଗ କରୁଅଛି' ଏହି ରୂପ ଅନୁଭବକୁ 'ବିରମାନନ୍ଦ' ବୋଲାଯାଏ । ପୂର୍ବୋକ୍ତ ୩ ପ୍ରକାର ଆନନ୍ଦ ତ୍ୟାଗ ଦ୍ୱାରା ଯେଉଁ ଆନନ୍ଦର ଅନୁଭୂତି ହୁଏ ତାହା ବିରମାନନ୍ଦ । ଶୂନ୍ୟତାର ନାମହିଁ ବିରମାନନ୍ଦ । ଏହାହିଁ ଅନାଦିନିଧନ ସହଜୈକସ୍ୱଭାବ ଜ୍ଞାନ ରୂପ ମହାସୁଖ । ଏହି 'ସହଜାନନ୍ଦ' ରୂପ ମହାସୁଖ ବଜ୍ରଯାନ ସମ୍ପ୍ରଦାୟର ଲକ୍ଷ୍ୟ ଥିଲା । ଆଜ ମଧ୍ୟ ନେପାଳର ବୌଦ୍ଧମାନେ ଏହି ବଜ୍ରଯାନ ସମ୍ପ୍ରଦାୟଭୁକ୍ତ । ଏକ ସମୟରେ ଗୌଡ଼ ବଙ୍ଗରେ ଏହି 'ବଜ୍ରଯାନ' ବିଶେଷ ପ୍ରବଳ ଥିଲା । ଗୌଡ଼ ବଙ୍ଗରେ ବୌଦ୍ଧ ଧର୍ମର ଅଧଃପତନ ଘଟିବାରୁ ସାଧାରଣଙ୍କ ହୃଦୟରେ ଏହି ବଜ୍ରଯାନର 'ସହଜ ଧର୍ମ' ଏପରି ବଦ୍ଧମୂଳ ହୋଇଥିଲା ଯେ, ତାକୁ ଉତ୍ପାଟିତ କରିବା ଅସାଧ୍ୟ ବୋଲି ଉପଲବ୍ଧି କରି ଶୈବ ଓ ଶାକ୍ତଗଣ 'ଶକ୍ତିସାଧନ' ଓ ବୈଷ୍ଣବଗଣ 'ସହଜ ଭଜନ' ପ୍ରଚାର କଲେ । ଅତଏବ 'ଶକ୍ତି ସାଧନ' ଓ 'ସହଜିଆ ମାର୍ଗ' ବଜ୍ରଯାନର ନୂତନ ସଂସ୍କରଣ; ଏଥିରେ ସନ୍ଦେହ ନାହିଁ ।

ମହାପ୍ରଭୁ ଚୈତନ୍ୟଙ୍କ ଅଭ୍ୟୁଦୟର ବହୁ ପୂର୍ବେ ବୈଷ୍ଣବ ତାନ୍ତ୍ରିକଗଣ 'ସହଜିଆ ମତ' ଗ୍ରହଣ କରିଥିଲେ । ଚଣ୍ଡୀ ଦାସଙ୍କ ପଦାବଳୀରେ ଏହା ସ୍ପଷ୍ଟ ବ୍ୟକ୍ତ ହୋଇଅଛି । ଯେଉଁ ବାଶୁଳୀ ଦେବୀଙ୍କ ପ୍ରତ୍ୟାଦେଶରେ ଚଣ୍ଡୀଦାସ 'ସହଜ ତତ୍ତ୍ୱ' ପ୍ରଚାର କରିଥିଲେ ହିନ୍ଦୁ ଧର୍ମଶାସ୍ତ୍ରରେ ତାଙ୍କର ନାମୋଲ୍ଲେଖ ନାହିଁ । ନେପାଳର ବଜ୍ରଯାନର ଅନୁଗାମୀମାନଙ୍କ ଦ୍ୱାରା ବଜ୍ର ସତ୍ତ୍ୱର 'ଶକ୍ତି'ଙ୍କର ଯେଉଁ ଗୁହ୍ୟ ମୂର୍ତ୍ତି ଅଙ୍କିତ ହୁଅନ୍ତି, ତାଙ୍କ ସହିତ ଚଣ୍ଡୀଦାସଙ୍କ ପୂଜିତା ନାନ୍ନୁରର ବାଶୁଳୀ ମୂର୍ତ୍ତିଙ୍କର ଅନେକ ସୌସାଦୃଶ୍ୟ ଅଛି । ବୈଷ୍ଣବ ସହଜିଆ ମାନଙ୍କର ଆଦି ଉପାସ୍ୟା 'ବାଶୁଳୀ' ଅଟନ୍ତି । ଗୌଡ଼ ବଙ୍ଗରୁ ବୌଦ୍ଧ ଧର୍ମର ପ୍ରଭାବର ବିଲୋପ ସଙ୍ଗେ ସଙ୍ଗେ ମୁଣ୍ଡିତକେଶ ବୌଦ୍ଧ ଶ୍ରାବକ ଓ ଶ୍ରାବିକାମାନେ ବୈଷ୍ଣବ ସମାଜର ଆଶ୍ରୟ ଗ୍ରହଣ କରି 'ନେଡ଼ା ନେଡ଼ୀ' (ଲଣ୍ଡା ଲଣ୍ଡୀ) ନାମରେ ପରିଚିତ ହେଲେ । ପ୍ରଭୁ ନିତ୍ୟାନନ୍ଦଙ୍କ ପୁତ୍ର ବୀରଭଦ୍ର ବହୁଶତ ନେଡ଼ା ନେଡ଼ୀଙ୍କୁ ଉଦ୍ଧାର କରିଥିଲେ । ସମ୍ଭବତଃ ସେ ଏହିମାନଙ୍କଠାରୁ ବଜ୍ରଯାନ (ସହଜିଆ) ତତ୍ତ୍ୱ ଜାଣି ଥିବେ । ମହାଯାନ ସମ୍ପ୍ରଦାୟ ଜ୍ଞାନମାର୍ଗର ପଥିକ ଥିଲେ । ବଜ୍ରଯାନ ସମ୍ପ୍ରଦାୟ ରସମାର୍ଗର ପଥିକ ହେଲେ । ଏହି ରସମାର୍ଗପଥିକଙ୍କୁ ସହଜିଆମାନେ 'ରସିକ' ବୋଲି ଜଣାଇଛନ୍ତି । ଅତଏବ ଦେଖାଯାଏ ଯେ, ସହଜିଆମାନେ ଜ୍ଞାନ ମାର୍ଗକୁ ନ

ଭକ୍ତ ପ୍ରକୃତ ପୁରୁଷ (ସ୍ତ୍ରୀ ପୁରୁଷ)ଙ୍କ ମିଳନକୁ ପୁରୁଷାର୍ଥ ବୋଲି ମନେ କରନ୍ତି ।
ପ୍ରେମଦାସ ରଚିତ ଅନନ୍ତ ଭୈରବ, ଅଗମସାର, ମୁକୁନ୍ଦଦାସ ରଚିତ ଅମୃତ ରତ୍ନାବଳୀ ଓ ଅମୃତ ରସାବଳୀ, ଏହି ଚରି ଗ୍ରନ୍ଥ 'ସହଜ ତତ୍ତ୍ୱ'ବର୍ଦ୍ଧକ ପ୍ରଧାନ ଗ୍ରନ୍ଥ । ଏହା ଛଡ଼ା ଗୌରଦାସ 'ଭକ୍ତାର୍ଥ ପ୍ରକାଶାବଳୀ' ଗ୍ରନ୍ଥରେ ଏ ଗ୍ରନ୍ଥ ଚତୁଷ୍ଟୟର ସାର ବୁଝାଇ ଅଛନ୍ତି । ଏହା ଛଡ଼ା ସହଜିଆ-ମାନଙ୍କର ଶତ ଶତ ପ୍ରାଚୀନ ବଙ୍ଗଳା ଗ୍ରନ୍ଥ ଅଛି । ଏ ଗ୍ରନ୍ଥମାନଙ୍କରେ ପ୍ରମାଣ ମିଳେ ଯେ, 'ପରକୀୟା-ସାଧନା' ସହଜିଆ ସମ୍ପ୍ରଦାୟର ଲକ୍ଷ୍ୟ । ଏହି ପରକୀୟା ସାଧନା କରୁ କରୁ କାମର ଧ୍ୱଂସ ହୋଇ ପ୍ରେମର ସଞ୍ଚାର ହୁଏ । ପରକୀୟା ନାୟିକାଙ୍କ ଦେହରୁ ଶ୍ରୀବୃନ୍ଦାବନ ଓ ପରକୀୟା ନାୟିକାଙ୍କଠାରେ ଶ୍ରୀ ଶ୍ୟାମସୁନ୍ଦର ଓ ରାଧାରାଣୀଙ୍କ ଅଧିଷ୍ଠାନ ବୋଲି ବିଶ୍ୱାସ କରି ଏମାନେ ତାଙ୍କ ସେବା କରନ୍ତି । ସେମାନେ କହନ୍ତି, ପ୍ରେମ ବିନା ବ୍ରଜେନ୍ଦ୍ରନନ୍ଦନଙ୍କ ପ୍ରାପ୍ତି ଦୁର୍ଲଭ । ସେମାନେ କହନ୍ତି, ପରକୀୟା ତାଙ୍କ ସଙ୍ଗେ ତାଙ୍କ ଦେହ—ବୃନ୍ଦାବନରେ ଭ୍ରମଣ କରି ସ୍ୱୟଂ ବୃନ୍ଦାବନରେ ବିଚରଣ କରନ୍ତି, ଯୌବନ ଓ ଦେହ ଅର୍ପଣ ଓ ତାଙ୍କ ରତିରେ ନିଜ ରତି ମିଶାଇ ଭାବ ଓ ପ୍ରେମକୁ ଏକ କରି କାମବୀଜ କାମଗାୟତ୍ରୀଦ୍ୱାରା ସେହି କାମିନୀଙ୍କ କାମ-ରତିକୁ ଉଦ୍ରେକିତ କରି ତାଙ୍କ ଅଧରାମୃତ ପାନ କରି ସାଧକ ଓ ପରକୀୟା ଦୁହେଁ ଶ୍ରୀକୃଷ୍ଣଙ୍କୁ ଲାଭ କରନ୍ତି । ସୁତରାଂ ଏମାନଙ୍କ ମତରେ ଭଜନ ସାଧନ କରିବାକୁ ହେଲେ ପ୍ରଥମତଃ ଗୋଟିଏ ସୁନ୍ଦରୀ, ନବଯୌବନସମ୍ପନ୍ନା ପରକୀୟା ରସିକା ରମଣୀ ଲୋଡ଼ା । ପରେ କୌଣସି ରସିକ ଭକ୍ତଙ୍କଠାରୁ ବା ଗୁରୁଙ୍କ ନିକଟରୁ ସାମ୍ପ୍ରଦାୟିକ ଉପଦେଶ ନେଇ ସେହି ନାୟିକାଙ୍କଠାରେ ଦେହ-ମନ ସମର୍ପଣ କରି ସାଧନ ଭଜନ କଲେ ଶ୍ରୀକୃଷ୍ଣପ୍ରାପ୍ତି ଘଟେ । ସହଜିଆମାନେ କହନ୍ତି ଯେ ଚୈତନ୍ୟ ମହାପ୍ରଭୁ ଏହା ସାଧାରଣରେ ପ୍ରକାଶ ନ କରି ଅତି ଗୋପନରେ ରାୟ ରାମାନନ୍ଦ ଓ ସ୍ୱରୂପ ଦାମୋଦର ଆଦି କେତେକ ମର୍ମୀ ଭକ୍ତଙ୍କ ସଙ୍ଗେ ଏହା ଆସ୍ୱାଦନ କରିଥିବା କଥା ସ୍ୱରୂପ ଦାମୋଦରଙ୍କ 'କଡ଼ଚା' ଗ୍ରନ୍ଥରେ ଅଛି । ରାୟ ରାମାନନ୍ଦ ଜଗନ୍ନାଥଙ୍କ ଦେବଦାସୀଙ୍କୁ, ବ୍ରାହ୍ମଣ ଚଣ୍ଡୀଦାସ ଧୋବଣୀ ରାମୀକୁ, ବିଦ୍ୟାପତି ଶିବସିଂହଙ୍କ ରାଣୀ ଲଛିମାଙ୍କୁ, ଜୟଦେବ ପଦ୍ମାବତୀଙ୍କୁ, ଶ୍ରୀରୂପ ଗୋସ୍ୱାମୀ ମୀରାବାଈଙ୍କୁ, ବିଲ୍ୱମଙ୍ଗଳ ଚିନ୍ତାମଣିଙ୍କୁ, କୃଷ୍ଣଦାସ କବିରାଜ ଶ୍ୟାମାଦାସୀଙ୍କୁ ପରକୀୟା ନାୟିକାରୂପେ ଭଜନା କରିଥିଲେ । ଊର୍ଦ୍ଧ୍ୱରେତା ନ ହେଲେ ଏ ରସ ସାଧନ କରିବା ଅସମ୍ଭବ । ସାଧକ ଓ ସିଦ୍ଧମାନଙ୍କ ପକ୍ଷରେ ଏହି କଠିନ । ପ୍ରବୃତ୍ତି ମାର୍ଗର ମଧ୍ୟ ଦେଇ କାମଗନ୍ଧହୀନ [ପ୍ରେମଲାଭ କରିବାହିଁ ସେମାନଙ୍କ ଉପଲକ୍ଷ୍ୟ ଅଟେ—ବିଶ୍ୱକୋଷ ।]

ସହଜିଆ ମାର୍ଗ—ଦେ. ବି—ସହଜିଆ ୨ (ଦେଖ)
Sahajiā mārga Sahajiā 2 (See)

ସହଜେ—ଦେ. କ୍ରି. ବିଣ—୧ । ପ୍ରକୃତରେ; ସ୍ୱଭାବତଃ—1. Naturally. (ଉ—ସହଜର ରୋଷ ଉଦୟ । ସହଜେ ଭୁ ସନ୍ଧୁଦୟ—ଚନ୍ଦ୍ରଚୂଡ଼. ସଙ୍ଗୀତ ।) ୨ । ଅନାୟାସରେ —2. Easily. (ଉ—ତେଣେ ପ୍ରଜାଙ୍କର ମାୟା (ସହଜେଇ[ହିଁ]—ଅନ୍ୟରୂପ) ଭୁଟିଲେ ସହଜେ—ରାଧାନାଥ. ମହାଯାତ୍ରା ।)
Sahaje
ସହଜେ
सहजमें

ସହଜେତର—ସ. ବିଣ (ସହଜଠାରୁ ଇତର=ଭିନ୍ନ; ୫ମୀ ତତ୍)—
Sahajetara ୧ । ଅସ୍ୱାଭାବିକ—1. Unnatural.
୨ । କୃତ୍ରିମ—2. Artificial.

ସହଜୋଦାସୀନ—ସ. ବି (ହିନ୍ଦୁ ସ୍ମୃତି)—ସହଜ ଶତ୍ରୁ ଓ ସହଜ ମିତ୍ର
Sahajodāsina ଲକ୍ଷଣ ରହିତ ବନ୍ଧୁ ଓ କୁଟୁମ୍ବଗଣ (ମିତାକ୍ଷରା ।)
—(Hindu law) One's relatives and agnates who are not included in the definition of Sahaja mitra and Sahaja satru.

ସହଣ—ଦେ. ବି (ସଂ. ସହନ)—୧ । ସହିବା—1. Bearing.
Sahana সহন सहन ୨ । ସହିଷ୍ଣୁତା—2. Forbearance; endurance. ୩ । ଏକପ୍ରକାର ମୋଟା ବିଲାତି କଲଲୁଗା—3. A kind of foreign mill-made coarse cloth. ୪ । ଋଣ ଦେବା ସମୟରେ ଯେଉଁ ଦରରେ ଧାନ ଆଦି ବିକ୍ରି ହେଉଥିବ ତହିଁରୁ ବେଶି ଧାନ ପାଇବା ପାଇଁ ଟଙ୍କା ଅଗଉଆ ଋଣଦେବା ରୀତି—4. The mode of advancing money to a debtor on condition that the debtor will pay back the money in the shape of paddy at a rate cheaper than the then prevailing rate, on the stipulated date of repayment of the loan. ୫ । ଟଙ୍କାର ସୁଧ ପାଇଁ ପ୍ରଚଳିତ ଦରରୁ ଅପେକ୍ଷା ଯେଉଁ ଅଧିକରୁ ଧାନ ଖାତକ ମହାଜନକୁ ଦିଏ—5. Excess paddy paid by the debtor to a creditor over and above the current selling rate in lieu of interest for money advanced on loan. ୬ । ଦେବ-ତାଙ୍କୁ ପ୍ରଦତ୍ତ ମାନସିକ ଭେଟ ଆଦି—6. Offerings voewd to be given to a Deity.
বিলাতি কাপড়
বিলায়ती কपड़া, सहन
দাদন, বাড়ি
दादनी
মানসিক
मन्नत

ସହଣ ଲଗା(ଗେ)ଇବା—ଦେ.କ୍ରି—ଦେଣା ସୁଝିବା ବେଳେ ଅସଲ ଟଙ୍କା
Sahana lagā(ge)ibā ପାଇଁ ପ୍ରଚଳିତ ଦର ଅନୁସାରେ ଯାହା ଧାନ ହେବ ତହିଁ ଉପରେ ସୁଧ ପରିବର୍ତ୍ତେ ଅଧିକା ଧାନ ଦେଇ ଋଣକ ସୁଝିବା ପାଇଁ ଖାତକ ସଙ୍ଗେ ଚୁକ୍ତି କରି ଖାତକକୁ ଟଙ୍କା ଋଣ ଲଗାଇବା—To advance money [on loan to a debtor on condition that the debtor will repay the debt by deliver-
ধান বাড়ি দেওয়া
धानपर करज लगाना

ing paddy at the market rate on the stipulated day, together with a certain extra quantity of paddy for interest.

ସହଣା(ଣି)—ଦେ. ବ (ସଂ ସହନ)—୧ । ସହନ—1. Endurance. ୨ । ସହିଷ୍ଣୁତା—2. Forbearance. ୩ । ଦେବତାଙ୍କୁ ଭୁହେ ବା ଭୋଗ ଅବ; ମାନସିକ—3. Offerings vowed to be given to a Deity. (ଦ୍ର—ଅଭୁ ଯେତେ ଦଅ ଦେବାକୁ ସହଣି ଥିଲି, ତାହା ସବୁ ଦଅଗଲି—କେଶବ. ନାଏବବାବୁ ।) ଦେ. ଦଣ. ପୁଂ. (ସଂ. ଅଭୁକ୍ତ)—ସହିଷ୍ଣୁ—Forbearing. (ସହଣିଦ୍ଦ[ବା]—ଅନ୍ୟ ରଣ ରୂପ) (ସହଣା, ସହଣୀକା—ସ୍ତ୍ରୀ)
Sabaṇā(ṇi) सहन सहना मानसिक मन्नत सहनशील सहनमा

ସହଣି କରିବା—ପ୍ର ଦେ. (ଓିଂହଭୂମି ଓ ଗଞ୍ଜାମ) କ୍ରି—କୌଣସି ସିଦ୍ଧି ହେଲେ ଦେବତାଙ୍କ ନିକଟରେ କୌଣସି ଭୋଗ ବା ବଳି ଦେବା ପାଇଁ ମାନସିକ କରିବା—To vow to give some thing as offering to a Deity on the fulfilment of one's desire.
Sabaṇi karibā मानसिक करना मन्नत करना

ସହଣ୍ଡୁକ—ସଂ. ବ—ମାଂସ ବ୍ୟଞ୍ଜନ ବିଶେଷ (ଭାବପ୍ରକାଶ); ଛାଗର ମୁଣ୍ଡ କୁଟାଯାଇ ଓ ମାଂସ କୁଟ୍ଟିତ ଓ ଖଣ୍ଡିତ କରାଯାଇ ରନ୍ଧାଯିବା ବ୍ୟଞ୍ଜନ—A curry of mutton. [ଦ୍ର—ଛଗାଦିର ହାଡ଼ଥିଆ ଅବ ମାଂସକୁ ଗ୍ରହଣ କରି ମାଂସକୁ ଛୋଟ ଛୋଟ କରି କାଟି ଧୋଇ କରି ରଖିବ । କଡ଼େଇରେ ଘିଅରେ (ଅଭାବରେ ତେଲରେ) ହଳଦୀ ଓ ହେଙ୍ଗୁ ଭାଜି, ଘିଅରୁ ହଳଦ ଓ ହେଙ୍ଗୁକୁ କାଢ଼ି ମୃଦୁ ଅଗ୍ନି ଉତ୍ତାପରେ ଉକ୍ତ ଘୃତରେ ମାଂସକୁ ଭାଜିବ । ମାଂସ ସିଦ୍ଧ ହେଲେ ଜଳ ଓ ଲବଣ ସଂଯୋଗ କରି ମଧ୍ୟାବସ୍ଥାରେ ମସଲା ବଟା ପକାଇ ଦେବ । ଏରୂପେ ପାକ କରାଯିବା ବ୍ୟଞ୍ଜନକୁ ସହଣ୍ଡୁକ କହନ୍ତି । ଏହା ଅତ୍ୟନ୍ତ ଶୁକ୍ରବର୍ଦ୍ଧକ, ବଳକାରକ, ରୁଚିକର, ଅଗ୍ନିପ୍ରଦୀପକ ଓ ଧାତୁପୋଷକ—ଭାବପ୍ରକାଶ ।]
Sahaṇḍuka

ଚହତର୍—ପ୍ରାଦେ. (ସମ୍ବଲପୁର) ବ ଓ ବଣ (ସଂ. ସହସ୍ର)—ସହସ୍ର—Thousand.
Sahatar

ସହଦେବ—ସଂ. ବ (ନାମ)—୧ । ପାଣ୍ଡୁ ରାଜାଙ୍କ ପଞ୍ଚମ ପୁତ୍ର; ପଞ୍ଚମ ପାଣ୍ଡବ—1. The fifth Pāṇḍaba brother. [ଦ୍ର—ପାଣ୍ଡୁ ରାଜାଙ୍କ କନିଷ୍ଠା ପତ୍ନୀ ମାଦ୍ରୀଙ୍କ ଗର୍ଭରୁ ଅଶ୍ୱିନୀକୁମାର ଦ୍ୱୟଙ୍କ ଔରସ ଜାତ ନକୁଳ ସହଦେବ ନାମକ ଯମଜ ଭ୍ରାତୃଦ୍ୱୟଙ୍କ ମଧ୍ୟରୁ ଏକତର ।
Sahadeba

ମାତା ପାଣ୍ଡୁଙ୍କ ସହମୃତା ହେବାରୁ ଏ ଦୁଇ ଭାଇ ବିମାତା କୁନ୍ତୀଙ୍କ ପକ୍ଷରେ ଲାଳିତ ପାଳିତ ହୋଇ କୌମାରେୟ ଭ୍ରାତାମାନଙ୍କ ସହିତ କୃପ ଓ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଅସ୍ତ୍ର ବିଦ୍ୟା ଶିକ୍ଷା କଲେ । ସହଦେବ ଅଶ୍ୱ-ମୁଷ୍ଟି ଧାରଣରେ ବିଶେଷ ବୁଦ୍ଧି ଲାଭ କରିଥିଲେ । ଦ୍ରୌପଦୀଙ୍କ ଗର୍ଭରେ ଏହାଙ୍କ ଔରସରେ ଶ୍ରୁତସେନ ନାମକ ପୁତ୍ର ଜନ୍ମିଥିଲେ । ଏ ସ୍ତ୍ରୀ ବିଜୟା ନାମ୍ନୀ ମଦ୍ର-ରାଜ କନ୍ୟାକୁ ବିବାହ କରିଥିଲେ ଓ ଅଜ୍ଞାତବାସ ଯୁଧିଷ୍ଠିରଙ୍କର ଅଧୀନସ୍ଥ ଥିଲେ । ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ଏ ବିରାଟ ରାଜାଙ୍କ ତନ୍ତ୍ରୀପାଳ ନାମଧାରୀ ଗୋଶାଳା ରକ୍ଷକ ରୂପରେ କାର୍ଯ୍ୟ କରୁଥିଲେ । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ କାଳରେ ଏ ଦକ୍ଷିଣ ଅଞ୍ଚଳରେ ରାଜାମାନଙ୍କ-ଠାରୁ କର ଅଦାୟ କରିଥିଲେ । କୁରୁକ୍ଷେତ୍ର ଯୁଦ୍ଧର ଅଷ୍ଟାଦଶ ଦିବସରେ ଏ ଶକୁନିଙ୍କୁ ହତ କରିଥିଲେ । ଏ ଯୁଧିଷ୍ଠିରଙ୍କର ମହାପ୍ରସ୍ଥାନରେ ସହଗାମୀ ହୋଇ ଅତ୍ୟଧିକ ପାଣ୍ଡିତ୍ୟାଭିମାନ ଜନିତ ପାପ ଯୋଗୁଁ ସ୍ୱର୍ଗ ପର୍ଯ୍ୟନ୍ତ ଯାଇ ନ ପାରି ସୁମେରୁ ଶିଖରରେ ପତିତ ହେଲେ ।

୨ । ମଗଧରାଜ ଜରାସନ୍ଧଙ୍କ ପୁତ୍ର (ଭାଗବତ)—2. Name of the son of Jarāsandha. [ଦ୍ର—ଜରାସନ୍ଧଙ୍କ ମୃତ୍ୟୁ ପରେ ଏ ମଗଧର ରାଜା ହୋଇଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ଏ କୌରବଙ୍କ ପକ୍ଷ ଗ୍ରହଣ କରି ଚତୁର୍ଥ ଦିବସରେ ଅଭିମନ୍ୟୁଙ୍କଦ୍ୱାରା ନିହତ ହେଲେ ।]

୩ । ହର୍ଯ୍ୟଶ୍ୱ ରାଜାଙ୍କ ପୁତ୍ର (ହରିବଂଶ)—3. Name of a son of King Harjyaśwa. ୪ । ସୋମ-ଦତ୍ତଙ୍କ ପୁତ୍ର (ହରିବଂଶ)—4. Name of a son of King Somadatta. ୫ । ଅଗ୍ନିଷ୍ଟୋମ, ବ୍ୟାଧିକ୍ଷୟମହୌଷଧ ଓ ଶାକୁନ ଶାସ୍ତ୍ର ରଚୟିତାଙ୍କ ନାମ—(ବ୍ରହ୍ମବୈବର୍ତ୍ତ ପୁରାଣ)—5. Name of an author of some Sanscrit works. ଦେ. ବ (ପୁଂ) ଲୋକଙ୍କୁ ଦଆଯିବା ନାମ—A name given to males.

ସହଦେବା—ସଂ. ବ. ସ୍ତ୍ରୀ (ସହଦେବ+ସ୍ତ୍ରୀ. ଆ)—ଶାରିବା (ମେଦନୀ)-1. Śāribā (See) ୨ । ସର୍ପାକ୍ଷୀ (ମେଦନୀ ସାଗ ଚନ୍ଦ୍ରାଳ ଓ ଗୁଲ୍ମ—2. A plant. ୩ । ନାକୁଲୀ; ଏକ ପ୍ରକାର ସର୍ପଗ୍ନ; ଗନ୍ଧନାକୁଳୀ—3. A plant; Ophioxylon Serpentinum. ୪ । ପୀତ ଦଣ୍ଡୋତ୍ପଳା (ରତ୍ନମାଳା)—4. The yellow variety of Dandotpalā. ୫ । ବଳାଭେଦ; ମହାବଳା; ବଳମୂଳୀ—5. A plant; Sida Rhombifolia.
Sahadebā

[୫ମ ଅର୍ଥରେ ଅନ୍ୟ ସଂ. ନାମ—ଜ୍ୟେଷ୍ଠବଳା, ମହାବଳା, କଟମ୍ଭରା, କେଶାରୁହା, କେଶବଳା, ମୃଗାଦନୀ, କର୍ଣ୍ଣପୁଷ୍ପା, କେଶବଞ୍ଚିକା, ପୁଷ୍ପିକା, ଦେବବଳା, ସାରଣୀ, ପୀତପୁଷ୍ପୀ, ଦେବାର୍ହା, ଗନ୍ଧବଲ୍ଲୀ, ମୃଗା, ମୃଗରକ୍ଷା ।] [ଦ୍ର—ଏହା ହୃଦ୍‌ରୋଗ, ବାତ, ଅର୍ଶ ଶୋଥହର, ଶୁକ୍ରବୃଦ୍ଧିକର, ବଲ୍ୟ ଓ ବିଷମ ଜ୍ୱର ନାଶକ ।]

୬ । (ନାମ) ବସୁଦେବ ପତ୍ନୀ 6. A name of the wife of Basudeba.

ସହଦେବୀ—ସଂ. ବି. ସ୍ତ୍ରୀ—(ସହଦେବ+ସ୍ତ୍ରୀ. ଈ)—ସହଦେବଙ୍କ ସ୍ତ୍ରୀ—
Sahadebī 1. Wife of Sahadeba. ୨। ସର୍ପାକ୍ଷୀ (ଦେଖ)—2. Sarpākshī (See) ୩। ସହଦେବା (୪) (ଦେଖ)—3. Sida Rhombifolia (plant ୪। ସହଦେବା (୪) ଦେଖ—4. Sahadebā 4 (see) ୫। ପ୍ରିୟଙ୍ଗୁ (ଦେଖ)—5. Priyangu (See). ୬। ମହାନୀଳୀ (ଶବ୍ଦକୋଷ)—6. The big variety of the Indigo plant.

ସହଦେବୀ ଗଣ—ସଂ· ବି—ଦେବ ପ୍ରତିଷ୍ଠାରେ ଦେବସ୍ନାନାର୍ଥ ବ୍ୟବହୃତ
Sahadebī gana ଔଷଧଗଣ [ଯଥା—ସହଦେବୀ, ବଳା, ଶତମୂଳୀ, ଶତାବରୀ, କୁମାରୀ, ଗୁଡୁଚୀ, ସିଂହୀ, ବ୍ୟାଘ୍ରୀ ଗରୁଡ଼ପୁଷ୍ପଗଣ—A collection of herbs for bathing images during consecration.

ସହଧର୍ମ(ର୍ମା)ଚରଣ—ସଂ. ବି—ଏକ ସଙ୍ଗେ ଧର୍ମକର୍ମାନୁଷ୍ଠାନ—
Sahadharma(rmā)charana Performance of religious rites together.

ସହଧର୍ମଚାରିଣୀ—ସଂ. ବି. ସ୍ତ୍ରୀ (ସହ+ଧର୍ମ+ଚର୍. ଧାତୁ+କର୍ତ୍ତୃ·
Sahadharmachārinī ଣିନ୍+ସ୍ତ୍ରୀ. ଈ)—ସହଧର୍ମିଣୀ (ଦେଖ)—Sahadharminī. (See) ସଂ· ବିଣ, ସ୍ତ୍ରୀ—ସହଧର୍ମଚାରୀର ସ୍ତ୍ରୀଲିଙ୍ଗ—Feminine of Sahadarmachārī.

ସହଧର୍ମଚାରୀ—ସଂ. ବିଣ. ପୁଂ (ସହ+ଧର୍ମ+ଚର. ଧାତୁ+କର୍ତ୍ତୃ. ଣିନ୍;
Sahadharmachārī ୧ମା. ୧ମ)—ଏକ ସଙ୍ଗେ ଧର୍ମକର୍ମର (ସହଧର୍ମଚାରିଣୀ—ସ୍ତ୍ରୀ) ଅନୁଷ୍ଠାତା—Performing religious acts together.

ସହଧର୍ମା—ସଂ· ବିଣ· ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସହ+ଧର୍ମନ୍; ୧ମା
Sahadharmā ୧ବ)—ସଧର୍ମୀ—Professing the same faith; having the same qualities or attributes.

ସହଧର୍ମିଣୀ—ସଂ· ବି· ସ୍ତ୍ରୀ (ସହଧର୍ମନ୍+ଇନ୍+ସ୍ତ୍ରୀ. ଈ)—୧। ବେଦ-
Sahadharminī ବିଧାନ ଦ୍ୱାରା ବିବାହିତା ସ୍ତ୍ରୀ (ଅମର)—1. One's legally married wife. ୨। ସ୍ତ୍ରୀ—2. One's wife. [ଦ୍ର—ଦାରଙ୍କ, ସହିତ ହୋଇ ଧର୍ମାଚରଣ କରିବ ବୋଲି ଶାସ୍ତ୍ରରେ ଉପଦେଶ ଅଛି।]

ସହନ—ସଂ. ବି (ସହ୍. ଧାତୁ+ଭାବ. ଅନ)—୧। ସହ୍ୟ କରିବା—
Sahana 1. Bearing; endurance. ୨। କ୍ଷାନ୍ତି; କ୍ଷମା; ସହିଷ୍ଣୁତା; ଧୈର୍ଯ୍ୟ—2. Forbearance; calm resignation. ୩। ପ୍ରତୀକ୍ଷା (ପ୍ରକୃତିବାଦ)—3. Waiting. ସଂ. ବିଣ. ପୁଂ—(+କର୍ତ୍ତୃ. ଅନ)—ସହିଷ୍ଣୁ; ସହନଶୀଳ—Forbearing; enduring.

ସହ ନର୍ତ୍ତନ—ସଂ. ବି—୧। ଏକତ୍ର ମଣ୍ଡଳାକାର ନୃତ୍ୟକରଣ—
Saha narttana 1. Dancing together in a ring. ସହନର୍ତ୍ତକ—ପୁଂ } ସହନର୍ତ୍ତିକା—ସ୍ତ୍ରୀ } —ବ୍ୟକ୍ତିବାଚକ ବିଶେଷ୍ୟ ୨। ସ୍ତ୍ରୀ ପୁରୁଷ ଯୋଡ଼ା ଯୋଡ଼ା ହୋଇ ନାଚିବା—2. Ball dance.

ସହନଶୀଳ—ସଂ. ବିଣ· ପୁଂ (ସହନ+ଅଭ୍ୟାସ ଅର୍ଥରେ ଶୀଳ)—
Sahanasīla ସହିଷ୍ଣୁ—Forbearing. (ସହନଶୀଳା—ସ୍ତ୍ରୀ) [ସହନଶୀଳତା—ବି]

ସହନୀୟ—ସଂ. ବିଣ (ସହ୍. ଧାତୁ+କର୍ମ. ଅନୀୟ)—୧। ସହନ-
Sahanīya ଯୋଗ୍ୟ; ସୋଢ଼ବ୍ୟ—1. Bearable; tolerable. ୨। ସହ୍ୟ; ଯାହା ସହି ହୁଏ—2. Which is endured.

ସହନ୍ତା—ଦେ· ବିଣ (ସଂ· ସହିଷ୍ଣୁ)—ସହଣି; ସହିଷ୍ଣୁ—
Sahantā ଯେ সহ্যকরে सहनमा Forbearing.

ସହପକ୍ଷ—ଦେ. ବିଣ (ସଂ. ସପକ୍ଷ)—ସାହାଯ୍ୟ (ଦେଖ)—Sāhā
Sahapaksha paksha. (See) (ଦ୍ର—ବନ୍ଧୁ ବହିଲେ ବନ୍ଧୁ सपक्ष ଏବେ ତାଙ୍କ ହୋଇଛନ୍ତି ସହପକ୍ଷ । ଭକ୍ତନାଥ. ଚରିତ सपक्ष ଗୁଣାଗ୍ରଣ।]

ସହପତ୍ନୀ—ସଂ. ବିଣ. ସ୍ତ୍ରୀ—୧। ପତିପତ୍ନୀଯୁକ୍ତ (ଶବ୍ଦକୋଷ)—
Sahapatnī 1. (The husband and the wife) Going in company. ୨। ପତିଙ୍କ ସମଭିବ୍ୟାହାରିଣୀ (ସ୍ତ୍ରୀ)—2. (the wife) Accompanied by the husband. ସଂ· ବି—ଦମ୍ପତି (ଶବ୍ଦକୋଷ)—Couple; a married pair.

ସହପାଂଶୁକିଳ—ସଂ· ବି· ପୁଂ (ସହ+ପାଂଶୁ+କିଲ୍. ଧାତୁ=
Sahapāmsukila ଖେଳିବା+କର୍ତ୍ତୃ. ଅ; ଯେ ସଙ୍ଗୀମାନଙ୍କ ସଙ୍ଗେ ବାଲ୍ୟରେ ବା ଧୂଳିରେ ଖେଳେ)—୧। ଧୂଳିଖେଳରେ ସାଥୀ—1. One's playmate of childhood. ୨। ବୟସ୍ୟ; ସଖା (ଶବ୍ଦକୋଷ)—2. Companion of the same age.

ସହପାଂଶୁ କିଳନ (କ୍ରୀଡ଼ନ)—ସଂ· ବି (ସହ+ପାଂଶୁ+କିଲ୍. ଧାତୁ,
Sahapāmsu kilana (krirdana) କ୍ରୀଡ଼୍ ଧାତୁ=ଖେଳିବା+ଭାବ. ଅନ)—ପିଲାମାନଙ୍କ ଧୂଳିଖେଳ—Children's play by making houses of dust.

ସହପାଠ—ସଂ. ବି—୧। ଏକତ୍ର ପଠନ—1. Reading to-
Saha pātha gether. ୨। (ଆଧୁନିକ) ବାଳକବାଳିକାମାନଙ୍କର ଏକତ୍ର ପାଠପଢ଼ା—2. Co-education.

ସହପାଠୀ—ସଂ. ବିଣ. ପୁଂ (ସହ+ପଠ୍. ଧାତୁ+କର୍ତ୍ତୃ. ଣିନ୍; ସହ
Sahapāthī ପାଠିନ୍; ୧ମା. ୧ବ)—ଏକତ୍ର ଅଧ୍ୟୟନକାରୀ; (ସହପାଠିନୀ—ସ୍ତ୍ରୀ) ସହାଧ୍ୟାୟୀ—Reading together. ସଂ. ବି. ପୁଂ—ସାଙ୍ଗ ପଢ଼ୁଆ ପିଲା—Classmate.

ସହପାନ—ସଂ. ବି—୧। ଏକତ୍ର ପାନୀୟ ଦ୍ରବ୍ୟାଦିର ପାନ—1. A
Sahapāna drinking of fluids in company. ୨। ବହୁ ଲୋକଙ୍କର ଏକତ୍ର ସୁରାପାନ (ହେମଚନ୍ଦ୍ର)—

2. A drinking (of wine) in company; drinking bout.

ସହପିଣ୍ଡ କ୍ରିୟା—ସଂ. ବ—ସପିଣ୍ଡୀକରଣ ଶ୍ରାଦ୍ଧ (ସନ୍ତୁ ୩୨୪୮)—
Sahapinda kriyā Sapindikarana. (See)

ସହ ପୀତି—ସଂ. ବ—ଏକତ୍ର ମଦ୍ୟାଦି ପାନ (ଶବ୍ଦ ରତ୍ନାବଳୀ)
Saha piti A drinking in company.

ସହପୂର୍ବାହ୍ନ—ସ. ଅ (ଅବ୍ୟୟୀଭାବ)—ପୂର୍ବାହ୍ନ ସଦୃଶ (ମୁଗ୍ଧବୋଧ ବ୍ୟାକରଣ)—Like forenoon; similar to forenoon.
Saha pūrbāhna

ସହ ପ୍ରସ୍ଥା(ସ୍ଥା)ୟୀ—ସ. ବଣ. ପୁଂ (ସହ+ପ୍ର+ସ୍ଥା ଧାତୁ; ସ୍ଥା ଧାତୁ+ କର୍ତ୍ତୃ ଇନ୍, ୧ମା ୧ବ)—ଏକ ସଙ୍ଗେ ଗମନକାରୀ; ସହଯାତ୍ରୀ—Going or walking together.
Saha prajā(sthā)yi
[ସହପ୍ରଯା(ସ୍ଥା)ୟିନୀ—ସ୍ତ୍ରୀ]

ସହବତ୍—ବୈଦେ. ବ (ଅ. ସୋହବତ୍)—୧ । ସଂସର୍ଗ—1. Conjunction. ୨ । ସମ୍ବନ୍ଧ—2. Connection. ୩ । ସହଗାମିତା—3. Companionship, ୪ । ସହବାସ—4. Cohabitation. ୫ । ସଂସର୍ଗଜ ଦୋଷ ଗୁଣ—5. Qualities which one attains as a result of companionship.
Sahabat
সোহবত্ सोहबत

ସହବତୀ—ବୈଦେ. ବ—୧ । ସଙ୍ଗୀ—1. Companion. ୨ । ସହକାରୀ—2. Assistant.
Sahabatī
(ସହବତିଆ—ଅପଭ୍ରଂଶ)
সোহবতী सोहबती

ସହବତ୍ସ—ସଂ. ବଣ. ପୁଂ—ସବତ୍ସ; ବତ୍ସ। ସହିତ—
Sahabatsa Accompanied by the calf.
(ସହବତ୍ସା—ସ୍ତ୍ରୀ)

ସହ ବସତି—ସଂ. ବ—ଏକତ୍ର ଅବସ୍ଥାନ—
Saha basati Staying together.

ସହବାଦ—ସଂ. ବ—୧ । ବାଦାନୁବାଦ; ତର୍କ ବିତର୍କ—1. Discussion. ୨ । ମକଦମାରେ ସୱାଲ୍ ଜବାବ—2. Argument in court.
Sahabāda

ସହବାସ—ସ. ବ (ସହ+ବସ ଧାତୁ+ଭାବ ଅ)—୧। ପରସ୍ପର ସଂସର୍ଗ—
Sahabāsa 1. Mutual conjunction; intercourse. ୨। ଏକସଙ୍ଗେ ଅବସ୍ଥାନ—2. Staying together. ୩ । ଦମ୍ପତୀ ରୂପେ ଏକତ୍ରାବସ୍ଥାନ—3. Living together as husband and wife. ୪। ଏକତ୍ରବାସ—4. Living together. ୫। ସଙ୍ଗମ—5. Association. ଦେ. ବ—ସ୍ତ୍ରୀପୁରୁଷଙ୍କ ସଙ୍ଗମ; ମୈଥୁନ—Cohabitation; sexual intercourse.

ସହବାସ-ସମ୍ମତି-ଆଇନ୍—ଦେ. ବ—କୌଣସି ବାଳିକା ଆପଣା ସଙ୍ଗେ ସଙ୍ଗମ କରିବାକୁ ପୁରୁଷକୁ ଅନୁମତି ଦେଲେ ବାଳିକାର ଯେଉଁବର୍ଷ ପର୍ଯ୍ୟନ୍ତ ବୟସ ହୋଇ ନ ଥିଲେ ତାହା ଅଇନ ଅନୁସାରେ ବାଳିକାର ସମ୍ମତି ରୂପେ ଗୃହୀତ ହୁଏ ନାହିଁ, ଏହି ଅଇନ୍—The age-of-consent-law; the law which fixes the minimum age of a girl after which the girl will be considered to be free to give her legal consent to sexual union with a male.
Sahabāsa sammati āin
সহবাস সম্মতি আইন্ सहवास सम्मति आइन्

ସହବାସୀ—ସଂ. ବଣ. ପୁଂ (ସହ+ବସ୍ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—ଏକତ୍ରବାସକାରୀ—Living together.
Sahabāsi
(ସହବାସିନୀ—ସ୍ତ୍ରୀ)

ସହବ୍ରତ—ସଂ. ବଣ. ପୁଂ (ବହୁବ୍ରୀହି)—ଏକତ୍ରବ୍ରତାନୁଷ୍ଠ—
Sahabrata Observing vows together.
(ସହବ୍ରତା—ସ୍ତ୍ରୀ)

ସହବ୍ରତା—ସଂ. ବଣ. ସ୍ତ୍ରୀ (ସହବ୍ରତ+ସ୍ତ୍ରୀ· ଅ)·ସହବ୍ରତର ସ୍ତ୍ରୀଲିଙ୍ଗ—
Sahabratā Feminine of Sahabrata.
ସ. ବ. ସ୍ତ୍ରୀ—ସହଧର୍ମିଣୀ; ବିବାହିତା ସ୍ତ୍ରୀ; ଧର୍ମପତ୍ନୀ (ଶବ୍ଦକୋଷ)—One's wedded wife.

ସହଭାବୀ—ସଂ. ବ. ପୁଂ (ସହ+ଭୂ ଧାତୁ+କର୍ତ୍ତୃ. ଇନ୍; ୧ମା·୧ବ)—
Sahabhābi ୧ । ସହାୟ; ସାହାଯ୍ୟଦାତା (ହିକାଣ୍ଡଶେଷ)—1. Help; abettor. ୨ । ସହଚର—2. Companion. ୩ । ସହୋଦର; ସୋଦର—3. Uterine brother. ବଣ—୧। ସହିତ ଉତ୍ପନ୍ନ—1. Born with. ୨। ସାହାଯ୍ୟକାରୀ—2. Helping; abetting.
(ସହଭାବିନୀ—ସ୍ତ୍ରୀ)

ସହଭୁଜ୍—ସଂ. ବଣ. ପୁଂ ଓ ସ୍ତ୍ରୀ (ସହ+ଭୁଜ୍ ଧାତୁ+ କର୍ତ୍ତୃ· କ୍ୱିପ୍)—
Sahabhuj ଏକତ୍ର ଭୋଜନକାରୀ—Eating or dining together.

ସହଭୂ—ସଂ. ବଣ (ପୁଂ ଓ ସ୍ତ୍ରୀ) (ସହ+ଭୂ ଧାତୁ+କର୍ତ୍ତୃ କ୍ୱିପ୍)—
Sahabhū ଏକତ୍ର ଉତ୍ପନ୍ନ—Produced or born together.

ସହଭୁଲ୍—ଦେ. ବ (ଦେଶଜ)—୧ । ଭ୍ରାନ୍ତିଜନିତ ଭ୍ରମ—Mistake; oversight. ୨। କୌଣସି ବିଷୟ ଛାଡ଼ ଯିବା —2. Omission.
Saha bhūl
সহভূল भूलचूक

ସହ ଭୋଜନ—ସଂ. ବ—୧ । ଏକତ୍ରଭୋଜନ; ସଗ୍ଧି (ଅମର)—
Saha bhojana 1. Dining together. ୨ । ପଂକ୍ତିଭୋଜନ—2. Dining together in a row. ୩ । ଏକତ୍ର ଭୋଗ କରିବା (ଶବ୍ଦକୋଷ)—3. Enjoyment together; simultaneous enjoyment.

ସହଭୋଜୀ—ସଂ. ବଣ. ପୁଂ (ସହ+ଭୁଜ୍ ଧାତୁ+କର୍ତ୍ତୃ ଇନ୍ ୧ମା ୧ବ)
Sahabhoji ଏକତ୍ରଭୋଜନକାରୀ—Dining together.
(ସହଭୋଜିନୀ—ସ୍ତ୍ରୀ)

ସହମ—ସଂ ବ.—ଫଳିତଜ୍ୟୋତିଷମତେ ବର୍ଷ ପ୍ରବେଶ ବିଷୟରେ ବର୍ଷର ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଓ ଜନ୍ମକାଳରେ ଜାତ ବ୍ୟକ୍ତିର ଜୀବନର ଫଳାଫଳ ବୁଝିବା
Sahama

ପାଇଁ ଗଣନା କରାଯିବା ତାଜକୋକ୍ତ ଯୋଗବିଶେଷ—The result of a kind of astrological calculation (according to the Tājaka method) for finding out what will happen in the coming year or what will happen to the life of a just born baby. [ଦ୍ର-ନୀଳକଣ୍ଠୋକ୍ତ ତାଜକ ଗ୍ରନ୍ଥରେ ସହମ ଗଣନା ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ଏହା ୫୦ ପ୍ରକାର । ଚନ୍ଦ୍ରସ୍ଫୁଟ, ରବିସ୍ଫୁଟ, ଲଗ୍ନସ୍ଫୁଟ, ବୃହସ୍ପତି ସ୍ଫୁଟ ଆଦିର ଯୋଗ ବିଯୋଗ ଦ୍ୱାରା ସହମ ଅନୟନ କରାଯାଏ । ସହମ ନିର୍ଣ୍ଣୟ କରି ଯେଉଁ ରାଶି ମିଳେ ସେହି ରାଶିର ଅଧିପତି ଗ୍ରହଙ୍କୁ ସହମାଧିପତି ବୋଲାଯାଏ । ଏହି ଗ୍ରହମାନଙ୍କର ଉଚ୍ଚ ଉଚ୍ଚ ଅବସ୍ଥାନ, ବଳ ଓ ଦୃଷ୍ଟିର ଫଳରେ ଶୁଭ ବା ଅଶୁଭ ନିର୍ଣ୍ଣୀତ ହୁଏ । ସହମମାନଙ୍କ ନାମରୁ ତତ୍ତତ୍ ସହମର ଫଳ ସୂଚିତ ହୁଏ, ଯଥା—ପୁଣ୍ୟସହମ, ରୋଗସହମ, ଶତ୍ରୁସହମ, କଳହସହମ, ମୃତ୍ୟୁସହମ, ଯଶଃସହମ, କାର୍ଯ୍ୟସିଦ୍ଧିସହମ, ପରଦେଶ ସହମ, ଜଳପଥସହମ, ବନ୍ଧୁଗୃହା ସହମ, ବାଣିଜ୍ୟସହମ, ବିବାହ ସହମ, ବନ୍ଧୁ ସହମ, ଜ୍ଞାନ ସହମ ଇତ୍ୟାଦି—ବିଶ୍ୱକୋଷ ।)

ସହ ମରଣ—ସଂ. ବି—ସହାନୁଗମନ; ମୃତ ସ୍ୱାମୀଙ୍କ ଶବ ସହିତ
Saha maraṇa ଜ୍ୱଳନ୍ତି ଚିତାରୋହଣପୂର୍ବକ ସ୍ତ୍ରୀଙ୍କର ମରଣ—Concremation; the act of self-immolation of a widow by ascending the burning funeral pyre of her deceased husband.

[ଦ୍ର—ମୃତପତିଙ୍କ ଶବ ସଙ୍ଗେ ବିଧବା ପତ୍ନୀଙ୍କ ମରଣକୁ ସହମରଣ ବୋଲାଯାଏ । ଦୂର ଦେଶରେ ପତିଙ୍କ ମୃତ୍ୟୁ ହେଲେ କିମ୍ବା ପତିଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ ଗର୍ଭିଣୀ ବା ରଜସ୍ୱଳା ଥିଲେ ପତିଙ୍କ ଶବଦାହ ପରେ ତାଙ୍କର କୌଣସି 'ସନ୍ତକ'କୁ ଧରି ତାଙ୍କ ବିଧବାଙ୍କର ଚିତାଗ୍ନିରେ ପ୍ରବେଶ କରିବାକୁ ଅନୁମରଣ ବୋଲାଯାଏ । ଯେଉଁ ସ୍ତ୍ରୀ ପତିଙ୍କ ସହଗମନ ବା ଅନୁମରଣ କରନ୍ତି ତାଙ୍କୁ ସତୀ ବୋଲାଯାଏ । ମୃତପତିଙ୍କ ସହ ମରଣ ପ୍ରଥା ବେଦରେ ସୂଚିତ ହୁଏ । କିନ୍ତୁ ଏହା ବୈଦିକ ଯୁଗରେ ଅବଶ୍ୟକର୍ତ୍ତବ୍ୟ ଥିବାର ପ୍ରମାଣ ନାହିଁ । ଶିଶୁସନ୍ତାନବିଶିଷ୍ଟା, ଗର୍ଭିଣୀ ଓ ରଜସ୍ୱଳା ପକ୍ଷରେ ସହମରଣ ନିଷିଦ୍ଧ ଥିବା ବୃହସ୍ପତି ଆଦି ସ୍ମୃତିରୁ ଦେଖାଯାଏ । ମହାଭାରତରେ ସହମରଣର ବହୁ ଉଦାହରଣ ଅଛି । ମନୁ ସହମରଣର ବ୍ୟବସ୍ଥା ନ କରି ବିଧବାଗଣଙ୍କର ବ୍ରହ୍ମଚର୍ଯ୍ୟାବଲମ୍ବନର ବ୍ୟବସ୍ଥା କରିଅଛନ୍ତି । ସହମରଣ ପୂର୍ବରୁ ସତୀ ଯେଉଁ 'ସଙ୍କଳ୍ପ ବାକ୍ୟ' ଉଚ୍ଚାରଣ କରନ୍ତି, ସେଥିରୁ ଦେଖାଯାଏ ଯେ, ସତୀ ସ୍ୱେଚ୍ଛାରେ ଜ୍ୱଳନ୍ତି ଚିତାରେ ପ୍ରବେଶ କରିବେ । ବିଧବା ସହମରଣ ପାଇଁ ଇଚ୍ଛା ନ କଲେ ସେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବେ । ଦୁଇ ହଜାର ବର୍ଷ ପୂର୍ବେ ମଧ୍ୟ ଗ୍ରୀସ୍ ଓ ରୋମ୍ ଦେଶର ପଣ୍ଡିତ ଓ ଐତିହାସିକମାନେ ଭାରତରେ ସହମରଣ ପ୍ରଥା ପ୍ରଚଳିତ ଥିବା କଥା ଲେଖି ଯାଇଅଛନ୍ତି । କାଳକ୍ରମେ ଅନିଚ୍ଛୁକା ବିଧବାଙ୍କୁ ଜବରଦସ୍ତି କରି ଲୋକେ ସ୍ୱାମୀଙ୍କ ଚିତାଗ୍ନିରେ ନିକ୍ଷେପ କଲେ । ଖ୍ରୀ ୧୮୨୮ ସାଲ ପୂର୍ବରୁ କେବଳ କଲିକତା ଓ ତନ୍ନିକଟବର୍ତ୍ତୀ ଅଞ୍ଚଳରେ ପ୍ରତିବର୍ଷ ୩୦୦ ଠାରୁ ୬୦୦ ପର୍ଯ୍ୟନ୍ତ ସତୀଦାହ ହେଉଥିଲା । ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟା ଫଳରେ ଭାରତର ବଡ଼ଲାଟ ଲର୍ଡ୍ ଉଇଲିଅମ୍ ବେଣ୍ଟିକ୍ ୪ । ୧୨ । ୧୮୨୯ ତାରିଖରେ ସତୀଦାହକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରି ଆଇନ୍ ଜାରି କଲେ ଓ ସତୀ ଦାହରେ ସହାୟତା କରିବା ବ୍ୟକ୍ତିଙ୍କୁ ମଧ୍ୟ ଦଣ୍ଡ୍ୟ କଲେ । ତହିଁର ଫଳରେ ଭାରତର ହିନ୍ଦୁ ସମାଜରୁ କ୍ରମଶଃ ସହମରଣ ପ୍ରଥା ଲୋପ ହୋଇଅଛି । ପ୍ରାଚୀନ ଶାକଦ୍ୱୀପବାସୀମାନଙ୍କ ମଧ୍ୟରେ, ଚୀନ ଦେଶର କେତେକ ଅଞ୍ଚଳରେ, କେତେକ ଭାରତୀୟ ଦ୍ୱୀପପୁଞ୍ଜ (ଯଥା—ବାଲି ଓ ଲମ୍ବକ ଦ୍ୱୀପ)ରେ ମୃତପତିଙ୍କ ସଙ୍ଗେ ବିଧବାର ମରଣ ଓ ବଧ କଥା ପ୍ରଚଳିତ ଥିଲା ଓ ଅଛି । (ବିଶ୍ୱକୋଷ)]

ସହମାନ—ସଂ. ବିଣ—୧। (ସହ ଧାତୁ+କର୍ତ୍ତ୍ରି ଅନ)—ସହ୍ୟକରୁଥିବା—
Sahamāna 1. Enduring; forbearing; patiently bearing.
(ସହମାନା—ସ୍ତ୍ରୀ)
୨। (ସହ+ମାନ) ମର୍ଯ୍ୟାଦାସହିତ—2. With respect. ସଂ. ବି ସର୍ବଶକ୍ତିମାନ୍ ଈଶ୍ୱର (ବିଶ୍ୱକୋଷ)—The Omnipotent God.

ସହ ମୃତା—ସଂ. ବିଣ, ସ୍ତ୍ରୀ—ମୃତ ପତିଙ୍କ ଚିତାରୋହଣ ପୂର୍ବକମୃତା(ସ୍ତ୍ରୀ)-
Saha mṛutā (a woman) Immolating herself by ascending her husband's funeral pyre.

ସହ ଯାତ୍ରା—ସଂ. ବି—ଏକ ସଙ୍ଗେ ପ୍ରସ୍ଥାନ—
Saha jātrā Going together.

ସହଯାତ୍ରୀ—ସଂ. ବିଣ, ପୁଂ (ସହଯାତ୍ରିନ୍ ଶବ୍ଦ; ସହ+ଯାତ୍ରା+ଅସ୍ତି
Sahajātri ଅର୍ଥରେ ଇନ୍ ୧ମା; ୧ବ)—ଏକସଙ୍ଗେ ଗମନକାରୀ—Travelling together.
ସହଯାତ୍ରିଣୀ } —ସ୍ତ୍ରୀ
ସହଯାତ୍ରିକା }
ବି—୧ । ଏକ ସଙ୍ଗେ ଯାତ୍ରା କରୁଥିବା ବ୍ୟକ୍ତି—1. A fellow-traveller.
[ସହଯାତ୍ରିକ—ଅନ୍ୟରୂପ]
୨ । ଯେଉଁ ଯାତ୍ରୀମାନେ ସଙ୍ଗହୋଇ ତୀର୍ଥକୁ ଯାତ୍ରା କରନ୍ତି-2. Fellow-pilgrims.

ସହଯାୟୀ—ସଂ. ବିଣ (ସହଯାୟିନ୍ ଶବ୍ଦ; ସହ+ଯା ଧାତୁ+କର୍ତ୍ତ୍ରି
Sahajāyi ଇନ୍ ୧ମା ୧ବ)—୧ । ଏକସଙ୍ଗେ ଗମନକାରୀ-
[ସହଯାୟିନୀ—ସ୍ତ୍ରୀ] 1. Going or travelling together. ୨ । ସହଯାତ୍ରୀ (ଦେଖ)—2. Sahajātri (See)

ସହଯୁଦ୍ଧ୍ୱା—ସଂ. ବିଣ (ସହ+ଯୁଧ୍ ଧାତୁ+କର୍ତ୍ତ୍ରି ଵନ୍; ସହଯୁଦ୍ଧ୍ୱନ୍
Sahajuddhwā ୧ମା. ୧ବ)—ଏକତ୍ର ଯୁଦ୍ଧକାରୀ—Fight-

ing together. ବି—ସହଯୋଦ୍ଧା; ଏକତ୍ର ଯୁଦ୍ଧକାରୀ ବୀର—Co-Warrior.

ସହଜେ—ଗ୍ରା, ଅ—ସହଜେ; ସ୍ୱଭାବତଃ—
Sahaje Naturally.
[ଉ—ଅପ୍ରୀତି ପ୍ରୟୋଜନ ତାର
ଗୋବିନ୍ଦ ସହଯେ ଅନ୍ତର ।
ଭୂପତି. ପ୍ରେମ. ପଞ୍ଚାମୃତ ।]

ସହଯୋଗ—ସଂ. ବି (ସହ + ଯୋଗ)—୧ । ସଂଯୋଗ—1. Union.
Sahajoga ୨ । ମିଳନ—2. Meeting. ୩ । ସଙ୍ଗ—
[ଅସହଯୋଗ—ବିପରୀତ] 3. Company. ୪ । କୌଣସି କାର୍ଯ୍ୟରେ ଅନ୍ୟ ସହିତ ଯୋଗଦାନ—4. Cooperation with others. ୫ । ସମ୍ଭୋଗ; ମୈଥୁନ—Cohabitation.

ସହଯୋଗିତା(ତ୍ୱ)—ସଂ. ବି—(ସହଯୋଗିନ୍ + ଭାବ ତା)—ଅନ୍ୟ
Sahajogitā(twa) ସହିତ ଯୋଗ ଦେଇ କାର୍ଯ୍ୟ କରିବା—
(ଅସହଯୋଗିତା—ବିପରୀତ) Cooperation.

ସହଯୋଗୀ—ସଂ. ବିଣ, ପୁଂ (ସହଯୋଗିନ୍ ଶବ୍ଦ; ସହ + ଯୋଗ +
Sahajogī ଇନ୍)—୧ । ସହକାରୀ—1. Assisting.
[ସହଯୋଗିନୀ—ସ୍ତ୍ରୀ] ୨ । ସାହାଯ୍ୟକାରୀ—2. Helping.
୩ । ଏକତ୍ର କାର୍ଯ୍ୟକାରୀ—3. Cooperating; co-operative ବି—୧ । ସହକାରୀ ବ୍ୟକ୍ତି—1 An assistant. ୨ । ଏକ ସଙ୍ଗେ କାର୍ଯ୍ୟକାରୀ ବ୍ୟକ୍ତି—
[ଅସହଯୋଗୀ—ବିପରୀତ] 2 Colleague. ୩ । ସହଯୋଗ କରିବା ବ୍ୟକ୍ତି—3. Cooperator. ଦେ. ବି—
सहयोगी सहयोगी (ଆଧୁନିକ ରାଜନୀତି) ସରକାରଙ୍କ ସଙ୍ଗେ ସହଯୋଗ କରି କାର୍ଯ୍ୟ କରିବା ବ୍ୟକ୍ତି—(Modern-politics) A person who acts in coopera-tion with the Government.

ସହଯୋଗୀ ସମିତି—ଦେ. ବି—ବହୁଲୋକଙ୍କ ସମ୍ମିଳିତ ଧନ ଓ ଚେଷ୍ଟା
Sahajogī samiti ଦ୍ୱାରା ଗଠିତ ବ୍ୟବସାୟ ସମିତି—
सहयोगीसमिति **सहयोगिसमिति** Cooperative society.

ସହଯୋଗୀ ଋଣ ସମିତି—ଦେ. ବି.—ବହୁ ଲୋକଙ୍କ ସମ୍ମିଳିତ ଧନ ଓ
Sahajogī ṛuṇa samiti ଚେଷ୍ଟାଦ୍ୱାରା ସଂଘର ସଭ୍ୟମାନଙ୍କୁ
सहयोगी ऋण समिति ଦରକାରବେଳେ ସେମାନଙ୍କୁ ଅଳ୍ପ ସୁଧରେ
सहयोगी ऋण समिति ଋଣ ଦେବା ପାଇଁ ପ୍ରତିଷ୍ଠିତ ସଂଘ; କୃଷି ବ୍ୟାଙ୍କ—Co-operative Credit Society.
[ଦ୍ର—ଏହି ସମିତିମାନ ଅନେକ ଗ୍ରାମରେ ପ୍ରତିଷ୍ଠିତ । ଏହାକୁ କୃଷି ବ୍ୟାଙ୍କ ମଧ୍ୟ କହନ୍ତି । ଟଙ୍କାର ଅଭାବ ହେଲେ ଗ୍ରାମବାସୀମାନେ ଗ୍ରାମର ମହାଜନଙ୍କଠାରୁ ଟଙ୍କା କରଜ ନିଅନ୍ତି । ଏହି ମହାଜନମାନେ ତାଙ୍କ ଇଚ୍ଛାନୁଯାୟୀ ବହୁତ ସୁଧ ନିଅନ୍ତି । ଏହାଦ୍ୱାରା କେତେକ ବର୍ଷ ପରେ ଖାତକର ଦେୟ ଟଙ୍କା ଏତେ ବଢ଼ିଯାଏ ଯେ, ଯେଉଁ ଲୋକ ଋଣ ନେଇଥାଏ ସେ ଦେଣା ସୁଝି ପାରେ ନାହିଁ । ସମୟ ସମୟରେ ଏହି କରଜ ସୁଝିବାଲାଗି ଖାତକର ଜମି ବାଡ଼ି ବିକ୍ରୀ ହୋଇଯାଏ । ମାତ୍ର କୃଷିବ୍ୟାଙ୍କର ସୁଧ ଅଳ୍ପ ହୋଇଥିବାରୁ କୃଷକମାନେ ସହଜରେ ତାହା ସୁଝି ପାରନ୍ତି ।

ଗ୍ରାମରେ ଯେଉଁ ସହଯୋଗ ବ୍ୟାଙ୍କ ଥାଏ ତାହା କେନ୍ଦ୍ର ବ୍ୟାଙ୍କଠାରୁ ଟଙ୍କା ଋଣ ଆଣିଥାଏ । ଗ୍ରାମବାସୀମାନେ ଏହି ବ୍ୟାଙ୍କର ମେମ୍ବର ବା ସଭ୍ୟ ହୋଇପାରନ୍ତି । କୌଣସି ସଭ୍ୟ ଇଚ୍ଛା କଲେ ବ୍ୟାଙ୍କରେ ଟଙ୍କା ଜମା କରି ପାରନ୍ତି । ଏଥିଲାଗି ତାଙ୍କୁ ବ୍ୟାଙ୍କରୁ ସୁଧ ମିଳେ । ଯେଉଁମାନେ ଟଙ୍କା କରଜ ନିଅନ୍ତି ସେମାନେ ଯେଉଁ ସୁଧ ଦିଅନ୍ତି ତାହା ବ୍ୟାଙ୍କରେ ଜମା ରହେ । ଏହିପରି ଗ୍ରାମ ବ୍ୟାଙ୍କର ପାଣ୍ଠି କ୍ରମେ କ୍ରମେ ବଢ଼େ । ଯଦି ଋଣ ନିଆଯାଇଥିବା ମୂଳ ଓ ସୁଧ ନିୟମିତ ରୂପେ ଅସୁଲ ହୁଏ ତାହାହେଲେ ବ୍ୟାଙ୍କ କାର୍ଯ୍ୟ ସୁଚାରୁରୂପେ ଚଳେ । ଏହା ହେବାଲାଗି ଗ୍ରାମବାସୀମାନେ ଦାୟୀ । କାରଣ ସେମାନେ ନିଜେ ଗ୍ରାମବ୍ୟାଙ୍କର ସଭ୍ୟ । ସେମାନେ ଇଚ୍ଛା କଲେ କରଜ ଟଙ୍କା ମୂଳ ଓ ସୁଧ ଯଥା ସମୟରେ ସୁଝି ଦେଇ ପାରିବେ । ଏହା ଦ୍ୱାରା ବ୍ୟାଙ୍କର ମଙ୍ଗଳ ହେବ ଏବଂ ସେମାନଙ୍କର ମଧ୍ୟ ଭଲ ହେବ । କାରଣ, ସେମାନେ ଟଙ୍କା ଯେତେ ଅଧିକ ସମସ୍ତ ଆପଣା ଉପରେ ବାକି ରଖିବେ ସେମାନଙ୍କୁ ସେତେ ଅଧିକ ସୁଧ ଦେବାକୁ ପଡ଼ିବ ।

ଗ୍ରାମବାସୀମାନଙ୍କର ମନେ ରଖିବା ଉଚିତ ଯେ, ସେମାନେ ବ୍ୟାଙ୍କରୁ ଯେଉଁ ଟଙ୍କା କରଜ ନେବେ ସେ ଟଙ୍କା ଯେପରି କେବଳ କୃଷିର ଉନ୍ନତି କରିବାରେ ଖରଚ କରନ୍ତି । ତାହା ହେଲେ ସେମାନେ କୃଷିରୁ ଯେଉଁ ଲାଭ ପାଇବେ ତହିଁରୁ କରଜ ଟଙ୍କା ଅସଲ ଓ ସୁଧ ସୁଝି ପାରିବେ ଏବଂ କିଛି ଟଙ୍କା ମଧ୍ୟ ନିଜର ଖର୍ଚ୍ଚ ପାଇଁ ବଳି ପାରିବ । ସୁତରାଂ ଏହି ଟଙ୍କାରେ କେହି ଭଲ ବଳଦ, କେହି ଭଲ ବିହନ, କେହି ଭଲ ସାର ଖର୍ଦ୍ଦି କରିପାରିବେ । କେହି ନିଜ ଜମିକୁ ଦୂରରୁ ପାଣି ଆଣିବାଲାଗି ନାଳ ଖୋଳି ପାରିବେ କିମ୍ବା ନିଜ ଜମିର ଚାରି ପାଖରେ ମାଟି ବନ୍ଧ ତିଆରି କରି ପାରିବେ । ଏହିସବୁ କାର୍ଯ୍ୟଦ୍ୱାରା ଜମି ଏତେ ଉର୍ବର ହେବ ଯେ, ତହିଁରୁ ଦୁଇଗୁଣ ବା ତିନିଗୁଣ ଫସଲ ଅମଳ ହୋଇପାରିବ । ଏହି ଉପକାର ତୁଳନାରେ ବ୍ୟାଙ୍କ ଯେଉଁ ଅଳ୍ପ ସୁଧ ନିଏ ତାହା କିଛି ନୁହେଁ, କହିବାକୁ ହେବ । ସମୟ ସମୟରେ ଏକକାଳୀନ କିଛି ଧନ ଲଗାଇବାଦ୍ୱାରା ଜମିର ଯେଉଁ ଉପକାର ହୁଏ ତାହାଦ୍ୱାରା ଆଗାମୀ କେତେ ବର୍ଷ ଲଗେ ଲଗେ ଭଲ ଫସଲ ଆଶା କରାଯାଏ । ସମୟ ସମୟରେ ବ୍ୟାଙ୍କ ସରକାର କର୍ମଚାରୀମାନେ ଗ୍ରାମମାନଙ୍କୁ ଆସି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ବନ୍ଧରେ ଗ୍ରାମବାସୀମାନଙ୍କୁ ଉପଦେଶ ଦିଅନ୍ତି । ଗ୍ରାମବାସୀମାନଙ୍କର ଏହି ଉପଦେଶ ସବୁ ମାନି କାମ କରିବା ଉଚିତ ।

ଯେଉଁମାନେ କୃଷିର ଉପକାର କରିବାଲାଗି ବ୍ୟାଙ୍କରୁ ଟଙ୍କା ଆଣି ତାହା ଅନ୍ୟ ଖର୍ଚ୍ଚରେ ବ୍ୟୟ କରି ଦିଅନ୍ତି, ସେମାନେ ବ୍ୟାଙ୍କରୁ କିଛି ଉପକାର ପାଇ ପାରନ୍ତି ନାହିଁ; କାରଣ,

ସେମାନଙ୍କ କୃଷିର କଛି ଉନ୍ନତ ହୋଇଥାରେ ନାହିଁ ଏବଂ ତାକୁ ଟିକା ସୃଷ୍ଟିବା ଲାଗି ସେମାନଙ୍କୁ ବଡ଼ ଭଲଣ ହେବାକୁ ହୁଏ । ଏବଂ ଶେଷକୁ ସେମାନେ ନାସ୍ତ ହୁଅନ୍ତି । ଏଥିର ଉଦାହରଣ ଅମ ଦେଶରେ ବହଳ ରୁହେ ।]

ସହଯୋଦ୍ଧା—ସଂ. ବ.—(ସହ+ଯୁଧ୍ ଧାତୁ+କର୍ତ୍ତୃ ତୃ=ସହଯୋଦ୍ଧୃ ଶବ୍ଦ. ୧ମା. ୧ବ)—ସହଯୁଦ୍ଧ୍ୱା (ଦେଖ)
Sahajoddhā — Sahajuddhwā (See)

ସହଯ୍ୟ—ଗ୍ରା. ବଣ—ସହ୍ୟ (ଦେଖ)
Sahajya ସହ୍ୟ सह्य — Sabya (See)

ସହ୍ବରଗଇ(ହି)—ବୈଦେ. ବ (ଫା.)—ମୁସଲମାନ୍‌ମାନଙ୍କ ମଧ୍ୟରେ ଯେଉଁମାନେ (ରମଜାନ ଉପବାସ) ପାଳନ୍ତି ବା ବ୍ୟକ୍ତିଙ୍କର ସ୍ୱର୍ଯ୍ୟ ଥାଉଁ ଥାଉଁ ଭୋଜନ—Meal taken by a Mahomedan who observes fast throughout the daytime somehours before dawn.
Sabargai (hi) সহরগহী सहरगही (ସହ୍ରଗଇ[ହି]—ଅନ୍ୟରୂପ)
[ବୃ—ମୁସଲମାନ୍‌ମାନେ ରମ୍‌ଜାନ୍ ମାସରେ ସେଉଁ ସେଳା ରଖନ୍ତି (ଉପବାସ ବ୍ରତ ପାଳନ୍ତି), ତହିଁରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜଳଗ୍ରହଣ କରିବେ; ଏପରି କି, ସେ ସମୟରେ ଥୁଙ୍କ ଗୋଳକେ ବା ଢ଼ାକୁଛି ହେଲେ ସେଳା ବିଫଳ ହୁଏ । ବ୍ରତଧାରୀମାନେ ସ୍ୱର୍ଯ୍ୟ ହେବାରୁ ଆଗ ବେଳେ ଉଠି କିଛି ଖାଆନ୍ତି ଓ ଦିନସାରା ନିର୍ଜଳ ଉପବାସ କରନ୍ତି ।]

ସହର—ବୈଦେ. ବ (ଫା)—୧ । ନଗର—1. Town; city. ୨ । ରାଜଧାନୀ—2. Capital. ଦେ. ବ (ସଂ. ଶବର)—ଓଡ଼ିଶାର ଅନାର୍ଯ୍ୟ ବଣୁଆ ଜାତି ବିଶେଷ—A class of wild nomadic tribes of non-aryan origin found in Orissa.
Sahara সহর सहर সবর सबर (ସହରୁଣୀ—ସ୍ତ୍ରୀ)
[ବୃ—ଏମାନେ ଉଚ୍ଚ ଜାତିର ହିନ୍ଦୁମାନଙ୍କ ଅସ୍ପୃଶ୍ୟ । ଏମାନଙ୍କର ପ୍ରଧାନ ପର୍ବ ଗହ୍ମା ପୂର୍ଣ୍ଣିମା । ସେ ଦିନ ଏମାନେ ଫଳ ମୂଳ ସଂଗ୍ରହ କରି ରାଜାକୁ ଭେଟି ଦିଅନ୍ତି, ଓ ଢ଼ୋଲ ବଜାଇ ପୁରୁଷମାନେ ନାଚନ୍ତି ଓ ଗୀତ ବୋଲନ୍ତି ଏମାନେ ଜଙ୍ଗଲରୁ କାଠ ଓ ଫଳ ମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି ।]

ସହରତ୍—ବୈଦେ. ବଣ (ଫା. ସୋହରତ୍)—୧ । ପ୍ରସିଦ୍ଧ—1. Famous. ୨ । ପ୍ରକାଶ୍ୟ—2. Public. ୩ । ପ୍ରକଟିତ—3. Published.
Saharat সহরত্ सोहरत

ସହର ତଳି—ଦେ. ବ—ନଗରର ଉପକଣ୍ଠ—The suburbs of a town or city.
sahara tali সহর তলি सहरका प्रान्त

ସହର ତଳିଆ—ଦେ. ବିଣ—୧ । ନଗରର ଉପକଣ୍ଠବାସୀ—1. Resident of the suburbs of a town. ୨ । ନଗରର ଉପକଣ୍ଠ ସମ୍ବନ୍ଧୀୟ—2. Suburban.
Sahara taliā সহর তলিয়া सहरप्रान्ती

ସହର ପଲ୍ଲୀ—ଦେ. ବ (ସଂ. ଶବର ଓ ପଲ୍ଲୀ)—ଶବରପଲ୍ଲୀ; ଶବର ଜାତିଙ୍କର କ୍ଷୁଦ୍ର ଗ୍ରାମ—A hamlet inhabited by śabaras.
Sahara palli শবরপল্লী सहरकी पल्लि

ସହର ପାଖିଆ—ଦେ. ବଣ—ସହରର ନିକଟବର୍ତ୍ତୀ—Adjacent to town; adjoining a city.
Sahara pākhiā সহরের পাশের सहर पास वाला
[ବୃ—ସହର ପାଖିଆ ନଗ୍ନ କୁଳ ପ୍ରାୟ, ଭୁଇ ଢୋଷ ପର୍ଯ୍ୟନ୍ତ ବାଟ ବସିଲ୍ ଘର ଲୋକଙ୍କ ଗହଳ ଚହଳ ଲାଗିଥାଏ । ପଣ୍ଡିତମୋହନ, ଗଳ୍ପସ୍ୱଳ୍ପ ।]

ସହର ବାସିନ୍ଦା—ଦେ. ବ ଓ ବଣ—ନାଗରିକ—A townsman; resident of a town; citizen.
Sahara bāsindā (ସହରବାସୀ—ଅନ୍ୟରୂପ) সহর বাসিন্দা सहर बासिन्दा

ସହରସା—ସଂ. ବ (ବୈଦ୍ୟକ)—ବନ ମୁଗ; ମୁଦ୍ଗପର୍ଣ୍ଣୀ (ଶବ୍ଦ ରତ୍ନାବଳୀ)—Phaseolus Trilobus.
Saharasā

ସହରା—ଦେ. ବ—୧ । ଏକଜାତୀୟ ମୋଟ ଶାରଦ ଧାନ—1. A species of winter paddy. ୨ । ପୁଂ (ସଂ. ଶବର) ଶବରଜାତୀୟ ବ୍ୟକ୍ତି—2. A person of the Sabara cast.
Saharā শঅর सबरा (ଶହ୍ରା[ରୁ]ଣୀ—ସ୍ତ୍ରୀ)

ସହରାଜ—ଦେ. ବ—ସୋମରାଜ (ହରେକୃଷ୍ଣ, ଦ୍ରବ୍ୟଗୁଣ) (ଦେଖ); ଔଷଧିଗୁଣ ବିଶେଷ; ବାକୁଚ—Name of a medicinal plant; Serratula Anthelimintica.
Saharāja সোমরাজ, হাকুচ बकुची

ସହରାର୍ଦ୍ଦି(ଲି)—ଦେ. ବ—ଶରାଟି (ଦେଖ)—Sarāti (See)
Saharārdi(li) শরাল टिटिहरी

ସହରି—ସଂ. ବଣ (ସ=ସଦୃଶ+ହରି, ଅବ୍ୟୟୀଭାବ)—ହରିସଦୃଶ (ମୁଗ୍ଧବୋଧ ବ୍ୟାକରଣ)—Similar to Hari. ବ—୧ । ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—1. The sun. ୨ । ବୃଷ (ଶବ୍ଦକଳ୍ପଦ୍ରୁମ)—2. Bull. ବୈଦେ. ବଣ ଓ ବ (ଫା.)—ସହରିଆ (ଦେଖ)—Sahariā (See) ବୈଦେ. ବ (ଅ.)—ସହରଗଇ (ଦେଖ)—Sahar-gai (See) ଗ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବ—ଶବରଜାତି—Sabara caste.
Sahari সহুরে सहरू

ସହରିଆ—ଦେ. ବଣ—ସହର ବା ନଗର ସମ୍ବନ୍ଧୀୟ—Relating to a town; urban.
Sahariā সহুরে सहरू

ସହରି ଜାଲ(ଲି)ମ୍—ବୈଦେ. ବ (ଫା.) (ବ୍ୟଙ୍ଗ୍ୟ)—ସହରବାସୀ ବା ନାଗରିକଙ୍କ ଢଙ୍ଗ ବା ରୀତି—The manners of a townsman.
Sahari jāla(li)m সহুরেপনা सहरू जालम

ସହର୍ଷ—ସଂ. ବଣ (ସ+ହର୍ଷ)—ହର୍ଷଯୁକ୍ତ—Delighted. ବ—୧ । ହର୍ଷ (ବିଶ୍ୱକୋଷ)—1. Delight; joy. ୨ । ଗର୍ବ; ଅହଙ୍କାର (ବିଶ୍ୱକୋଷ)—2. Boasting; arrogance.
Saharsha (ସହର୍ଷା—ସ୍ତ୍ରୀ)

ସହଳ—ଦେ. କ୍ରି. ବଣ (ସଂ. ସଦ୍ୟଃକାଳ)—୧ । ଶୀଘ୍ର—1. Soon. ୨ । ସତ୍ୱର; ଚଞ୍ଚଳ—2. Quickly; briskly.
Sahala শিগ্‌গির
[ବୃ—ଶୀଘ୍ର ସହଳ, ସିଦ୍ଧିବ ସହଳ, ଧାଣ୍ଡ ଘର

ଜଲ୍‌ଦୀ ଖଣ୍ଡି ଅଛୁଅଁ କର, ତେବେ ଓଡ଼ିଶାରେ ଚଳିବ ସବୁ—
ଢେର } ବିପରୀତ ଛଗ ।] ୩ । ପ୍ରତ୍ୟୁଷରେ—3. Early. ବିଣ—
ସ୍ଵେ } ୧ । ପ୍ରତ୍ୟୁଷରେ ଘଟିବା—1. Happening
সকাল सुबह early in the morning. ୨। ଫୁର୍ତ୍ତିଯୁକ୍ତ—
সকাল, सुबहका 2. Brisk. ୩ । ସତ୍ଵର—3. Quick.
ফুর্ত্তিবাজ फुर्तिला [ଦ୍ର—ତୁଳ ଅ. ସହଲ=ଶିଥିଳ, ଶ୍ଳଥ,
ଶସ୍ତା, ସହଜ; ବ. ସହଲ=ଶିଥିଳ—Slack; loose.
କୋମଳ ସ୍ପର୍ଶ=Soft ତୁଳ. ହି. ସହଲ=ସରଳ,ସହଜ]

ସହଳ ଖିଆ—ଦେ. ବିଣ—୧ । ଯେ ଶୀଘ୍ର ଭୋଜନ କିମ୍ବା ଶେଷ
Sahala khiā କରେ—1. One who finishes his
সকাল খেকো(গো) meal quickly. ୨ । ଯେ ପ୍ରତ୍ୟୁଷରେ
जल्दी खानेवाला ବା ଅନ୍ୟମାନଙ୍କ ଅପେକ୍ଷା ପୂର୍ବରେ ଭୋଜନ
সকালখাওয়া କରେ—2. One who takes
शीघ्र भोजन, his meal early or whose time
सुबहमे भोजन of meal is earlier than others.
ବି—୧ । ଶୀଘ୍ର ଭୋଜନ—1. Quick eating.
୨ । ପ୍ରତ୍ୟୁଷ ଭୋଜନ—2. Early morning meal.
[ଦ୍ର—ଏହିପରି ସହଳ ଖାଉଥା, ସହଳ ଶୁଅ ଅଦ ଦୁଏ।]

ସହଲ୍—ବୈଦେ. ବିଣ (ଅ)—ସସ୍ତା—Cheap. [ଉ—ରାଜମହଲ !
Sahala ବାଟରେ ଶୁଣୁଅ ସ୍ଵର ସହଲ୍—ଛଗ ।]
শস্তা ବି (ସଂ. ଶଲ୍ୟ)—ଶଳ (ଦେଖ)
सस्ता Sala (See)

ସହଳ ସ(ସା)ହଳ—ଦେ. କ୍ରି. ବିଣ—୧ । ଅତି ଶୀଘ୍ର; ଜଲଦ ଜଲଦ-
Sahala sa(sā)hala 1. Very quickly. ୨ । ଅତି
সকাল সকাল ପ୍ରତ୍ୟୁଷରେ—2. Very early in the
सुबह सुबह morning.

ସହଲି—ପ୍ରାଦେ (ଛତିଶଗଡ଼) ବିଣ—ଶସ୍ତା—
Sahali Cheap.

ସହଳିଆ—ଦେ. କ୍ରି. ବିଣ—ସହଳ (ଦେଖ)—Sahalā (See)
Sahaliā ବିଣ—ସହଳ (ଦେଖ)—Sahala (See)
চট্‌পটে জলदबाज ୨ । ଯେ କୌଣସି କାର୍ଯ୍ୟ ଶୀଘ୍ର ବା
(ସହଳେଇ—ସ୍ତ୍ରୀ) ପ୍ରତ୍ୟୁଷରେ ସମ୍ପାଦନ କରେ—2. Performing any act swiftly or early.

ସହଶଯ୍ୟାସନାଶନ—ସଂ. ବିଣ. ପୁଂ (ସହ+ଶଯ୍ୟା+ଆସନ+ଅଶନ;
Saha śajyāsanāśana ବହୁବ୍ରୀହି)—ଏକତ୍ର ଶୟନ, ଉପ-
(ସହଶଯ୍ୟାସନାଶନା—ସ୍ତ୍ରୀ) ବେଶନ ଓ ଭୋଜନକାରୀ(ଭାଗବତ)—
Sleeping, sitting and dining together.

ସହସ୍—ସଂ. ବି—ସହଃ (ଦେଖ)—
Sahas Sahaḥ (See)

ସହସ—ସଂ. ବିଣ. ପୁଂ (ସ=ସହିତ+ହସ=ହାସ୍ୟ)—୧ । ସହାସ୍ୟ;
Sahasa ହାସ୍ୟଯୁକ୍ତ—1. Smiling; laughing. [ଦ୍ର—
ମାଘ କାବ୍ୟର ୭ମ ସର୍ଗରେ 'ସହସା' ଏହି ଅର୍ଥରେ ସ୍ତ୍ରୀଲିଙ୍ଗରେ
(ସହସା—ସ୍ତ୍ରୀ) ବ୍ୟବହୃତ ହୋଇଅଛି ।] ସଂ. ବି—୧ । (ସହ୍ ଧାତୁ+
ଅଧିକରଣ ଅସ) ମାର୍ଗଶିର ମାସ—1. The month of
Mārgaśira. ୨ । (+କର୍ମ. ଅସ୍) ବଳ; ଶକ୍ତି—
2. Power; strength. ୩ । ଜ୍ୟୋତିଃ; ତେଜଃ—3.
Lustre; vigour. ଦେ. ବି ଓ ବିଣ—ସହସହ
(ଦେଖ)—Saha saha (See)

ସହସମ୍ଭବ—ସଂ. ବିଣ. ପୁଂ—(ସହ+ସମ୍ଭବ; ବହୁବ୍ରୀହି)—ସହଜାତ—
Saha sambhaba Born together.
(ସହସମ୍ଭବା—ସ୍ତ୍ରୀ)

ସହସହ—ଦେ. ବି ଓ ବିଣ (ସଂ. ଶତଶତ)—୧ । ଶତଶତ; ବହୁ-
Sahasaha ଶତ—1. Hundreds. ୨ । ଅସଂଖ୍ୟ—
শতশত सासौ 2. Myriads; innumerable.

ସହସା—ସଂ. ଅ (ସତ=ସହିତ+ସୋ ଧାତୁ=ନାଶ କରିବା+
Sahasā କର୍ତ୍ତୃ. ଅ+ଆ)—୧ । ଅକସ୍ମାତ; ହଠାତ୍—
1. All at once. ୨ । ଅତର୍କିତ ଭାବେ—2.
Unexpectedly. ୩ । ପୂର୍ବରୁ ଚିନ୍ତା ବା ବିବେଚନା
ନ କରି—3. Without forethought. ବିଣ. ସ୍ତ୍ରୀ
(ସହସର ସ୍ତ୍ରୀଲିଙ୍ଗ)—ହାସ୍ୟକାରିଣୀ—Laughing
(female) [ଦ୍ର—ମାଘ କାବ୍ୟର ୭ ସର୍ଗ ୪୭
ଶ୍ଳୋକରେ ଏହି ଅର୍ଥରେ 'ସହସା' ଶବ୍ଦ ବ୍ୟବହୃତ
ହୋଇଅଛି ।]

ସହସା ଦୃଷ୍ଟ—ସଂ. ବିଣ—ହଠାତ୍ ଦେଖାଯାଇଥିବା—Unexpectedly seen. ବି (ପୁଂ) ଦତ୍ତକପୁତ୍ର (ଶବ୍ଦ
Sahasā drushṭa କଳ୍ପଦ୍ରୁମ)—Adopted son.

ସହସାନ—ସଂ.ବିଣ,ପୁଂ—(ସହ ଧାତୁ=ସହ୍ୟ କରିବା+କର୍ତ୍ତୃ ଅସାନ)—
Sahasāna ୧ । କ୍ଷମାଯୁକ୍ତ, (ଉଣାଦି କୋଷ)—1. Forgiving. ୨ । ସହିଷ୍ଣୁ—2. Forbearing. ବି—
୧ । ମୟୂର (ଉଣାଦି କୋଷ)—1. Peacock.
୨ । ଯଜ୍ଞ (ଉଣାଦି କୋଷ)—2. A Vedic sa-
(ସହସାନା—ସ୍ତ୍ରୀ) crifice.

ସହସିତ—ସଂ. ବିଣ (ସ+ହସିତ=ହାସ୍ୟ)—ସହାସ୍ୟ—
Sahasita Smiling; laughing.

ସହସେବୀ—ସଂ. ବିଣ. ପୁଂ—ଏକତ୍ର ସେବାକାରୀ—Serving or
Sahasebī tending together. ସଂ. ବି, ପୁଂ—
[ସହସେବିନୀ, ସହସେବକା—ସ୍ତ୍ରୀ] ଏକତ୍ର ସେବାକାରୀ ବ୍ୟକ୍ତି—
(ସହସେବକ—ଅନ୍ୟରୂପ) Co-servant

ସହସୈନ୍ୟ—ଦେ. ବି—(ବାଇବଲ୍) ଏକତ୍ର ହୋଇ ଏକ ପକ୍ଷରେ
Sahasainya ଯୁଦ୍ଧ କରୁଥିବା ସୈନ୍ୟ—Soldiers
সহসৈন্য सहसैनय fighting on one side.

ସହସ୍ୟ—ସଂ. ବି (ସହ୍ ଧାତୁ=ସହ୍ୟ କରିବା+ଯ, ନିପାତନ; କିମ୍ବା
Sahasya ସହସ୍=ଅଗ୍ରହାୟଣ ମାସ+ପରବର୍ତ୍ତୀ ଅର୍ଥେ ଯ)
ପୌଷମାସ—The lunar month of Paausha.

ସହସ୍ତ—ସଂ. ବଣ. ପୁଂ (ସ+ହସ୍ତ)—ହସ୍ତଯୁକ୍ତ—
Sahasta Having hands.
(ସହସ୍ତା—ସ୍ତ୍ରୀ)

ସହସ୍ର—ସଂ. ବ (ସ=ସମାନ+ହସ୍ ଧାତୁ=ହସିବା+କର୍ତ୍ତୃ. ର)—
Sahasra ଦଶଶତ ସଂଖ୍ୟା; ହଜାର—Thousand. ବଣ. ୧। ଦଶଶତ ସଂଖ୍ୟକ—1. Numbering a thousand. ୨। ଅସଂଖ୍ୟ—2. Innumerable; multitudinous. [ଦ୍ର—ସହସ୍ର ଶବ୍ଦର ପୂର୍ବେ ସଂଖ୍ୟାବାଚକ ଶବ୍ଦ ରହିଲେ ସହସ୍ର ସଂଖ୍ୟାର ଦେଡେ ଗୁଣ ସଂଖ୍ୟା ବୁଝାଏ ଯଥା—ଏକ ସହସ୍ର, ସାର୍ଦ୍ଧ ସହସ୍ର, ଦ୍ୱିସହସ୍ର ଅস্তর; अस्तर ଶତସହସ୍ର ଇତ୍ୟାଦ।] ସ୍ତ୍ରୀ ବ—(ସଂ. ଶସ୍ତ୍ର)—ଶସ୍ତ୍ର—Weapon.

ସହସ୍ର ଆଖି—ଦେ. ବ—ଇନ୍ଦ୍ର; ସହସ୍ରାକ୍ଷ—Indra, the king of
Sahasra ākhi the Gods. [ଭ—ଅନ୍ୟରେ ଭଳିତ ସহস্ৰ আঁখি सहस्राक्ष, सहस्रनयन ସେ ସହସ୍ର ଅକ୍ଷି । ନୃସିଂହ. ମହାଭାରତ. ବନ ।]

ସହସ୍ର କର—ସଂ. ବ (ବହୁବ୍ରୀହି; ସହସ୍ର=ଅସଂଖ୍ୟ ଅଛି କର=
Sahasra kara କରଣ ଯାହାର)—୧। ସୂର୍ଯ୍ୟ—1. The sun. ୨। (ସହସ୍ର ବାହୁ ଥିବାରୁ)—କାର୍ତ୍ତିବୀର୍ଯ୍ୟାର୍ଜ୍ଜୁନ (ଦେଖ) 2. Kārttabirjyārjuna (See)

ସହସ୍ର କାଣ୍ଡା—ସଂ. ବ—ଶ୍ୱେତଦୂବା (ରାଜନିର୍ଘଣ୍ଟ)—The white
Sahasra kāṇḍā variety of Dooba grass.

ସହସ୍ର କିରଣ—ସଂ. ବ (ବହୁବ୍ରୀହି; ସହସ୍ର+କିରଣ)—ସହସ୍ର କର;
Sahasra kiraṇa ସୂର୍ଯ୍ୟ—The sun.

ସହସ୍ର କୁମ୍ଭ—ସଂ. ବ—(ମ. ପ. ଲୋ; ସହସ୍ର ଛିଦ୍ରଯୁକ୍ତ କୁମ୍ଭ)—ରାଜ୍ୟା-
Sahasra kumbha ଭିଷେକ ଓ ଦେବସ୍ନାନ ଉପଲକ୍ଷରେ ବ୍ୟବହୃତ ବହୁ ଛିଦ୍ରବିଶିଷ୍ଟ କୁମ୍ଭ—A pitcher with many holes used in the bath of Deities and kings.

ସହସ୍ର କୃତ୍ୱ(ତ୍ୱଃ)—ସଂ. କି. ବଣ (ସହସ୍ର+କୃତ୍ୱ; କୃତ୍ୱସ୍)—୧।
Sahasra krutwa(twaḥ) ହଜାରେ ଥର—1. A thousand times. ୨। ଅସଂଖ୍ୟଥର—2. Innumerable times; times out of number. ୩। ବହୁବାର; ବାରମ୍ବାର—3. Repeatedly.

ସହସ୍ରଗୁ—ସଂ. ବଣ (ସହସ୍ର+ଗୋ, ବହୁବ୍ରୀହି)—ଯାହାର ହଜାରେ
Sahasragu ଗୋରୁ ଅଛନ୍ତି—Owning a thousand cows. ସଂ. ବ—ସୂର୍ଯ୍ୟ (ହୁ: ଶ)—The sun.

ସହସ୍ର ଚକ୍ଷୁଃ—ସଂ. ବ (ବହୁବ୍ରୀହି; ସହସ୍ର+ଚକ୍ଷୁଃ)—ଇନ୍ଦ୍ର—Indra.
Sahasra chakshuḥ ସଂ. ବିଂ—ସହସ୍ର ନୟନଯୁକ୍ତ—Thousand-eyed,

ସହସ୍ର ଚେତଃ(ଚିତ୍ତ,ଚରଣ)—ସଂ. ବ (ବହୁବ୍ରୀହି)—ବିଷ୍ଣୁ (ହୁ. ଶ)—
Sahasra chetaḥ(chitta, charaṇa) Bishṇu.

ସହସ୍ରଣୀ—ସଂ. ବ (ଯେ ଯୁଦ୍ଧସ୍ଥଳରେ ସହସ୍ର ରଥୀଙ୍କୁ ଶତ୍ରୁ ହସ୍ତରୁ ରକ୍ଷା
Sahasraṇi କରି ପାରନ୍ତି)—ଭୀଷ୍ମ (ହୁ. ଶ)—A name of Bhishma.

ସହସ୍ରନୁତ୍—ସଂ. ବ (ବୈଦ୍ୟକ)—ଚୁକ୍ର; ଖଟାପାଳଙ୍ଗ ଶାଗ—
Sahasranut The common sorrel (plant).

ସହସ୍ରତମ—ସଂ. ବଣ (ସହସ୍ର+ପୂରଣାର୍ଥେ ତମ)—ହଜାରେ ସଂଖ୍ୟାର
Sahasratama ପୂରଣ—One thousandth.

ସହସ୍ରଦ—ସଂ. ବଣ. ପୁଂ—୧। ଗୋସହସ୍ର ଦାତା—1. Giving
Sahasrada away 1000 cows. ୨। ବହୁ ଦାତା—
(ସହସ୍ରଦା—ସ୍ତ୍ରୀ) 2. Bestowing much gift. ସଂ. ବ ବାଲିଆ ମାଛ (ହୁ. ଶ)—3. The catfish.

ସହସ୍ର ଦଂଷ୍ଟ୍ର(ଷ୍ଟ୍ରୀ)—ସଂ. ବ (ସହସ୍ର ଦଂଷ୍ଟ୍ରା ଶବ୍ଦ)——ବୋଦାଳ
Sahasra damshṭra(shṭri) ମତ୍ସ୍ୟ; ବାଲିଆ ମାଛ; ପାଠୀନ. বোয়াল মাছ (ଶବ୍ଦରତ୍ନାବଳୀ)—A big scaleless बोयारी, पहोना fresh water fish; the catfish, Wallago Atta. [ଦ୍ର—ଏହା ଶ୍ଳେଷ୍ମବର୍ଦ୍ଧକ, ବଳବର୍ଦ୍ଧକ ଓ ଶୁକ୍ରଜନକ । ଏହାଦ୍ୱାରା ରକ୍ତପିତ୍ତ ଦୂଷିତ ହୁଏ ଓ କୁଷ୍ଠ ରୋଗ ଉତ୍ପନ୍ନ ହୁଏ । ଏହା ନିଦ୍ରାକୁ ଓ ମାଂସବୃଦ୍ଧିକର ।]

ସହସ୍ର ଦକ୍ଷିଣ—ସଂ. ବ (ବହୁବ୍ରୀହି; ସହସ୍ର+ଦକ୍ଷିଣା)—ଯେଉଁ
Sahasra dakshiṇa ଯଜ୍ଞରେ ହଜାରେ ଗୋରୁ ବା ହଜାରେ ମୁଦ୍ରା ଦକ୍ଷିଣା ଦିଆଯାଏ—A Vedic sacrifice in which 1000 cows or coins are presented to Brāhmaṇas.

ସହସ୍ର ଦଳ—ସଂ. ବ—୧। (ଦ୍ୱିଗୁ) ହଜାରେ ପାଖୁଡ଼ା—1. One
Sahasra daḷa thousand petals. ୨। (ବହୁବ୍ରୀହି) (ପୁରାଣୋକ୍ତ) ସହସ୍ର ଦଳଯୁକ୍ତ ପଦ୍ମ—2. (mythological) Lotus with a thousand petals. ୩। ବହୁ ଦଳବିଶିଷ୍ଟ ପଦ୍ମ (ଶବ୍ଦକୋଷ)—3. Many-petalled lotus. ବଣ—ହଜାରେ ପାଖୁଡ଼ାଯୁକ୍ତ—Thousand-petalled.

ସହସ୍ର ଦୃକ୍(ଶ୍)—ସଂ.ବ ଓ ବଣ (ସହସ୍ର+ଦୃକ୍=ଚକ୍ଷୁ ଯାହାର; ସହସ୍ର
Sahasra druk(ś) +ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍)—ସହସ୍ରନୟନ (ଦେଖ)—Sahasra nayana (See) ସଂ. ବ. ବିଷ୍ଣୁ (ପୁରୁଷସୂକ୍ତ)—A name of Bishṇu.

ସହସ୍ର ଦୋଃ—ସଂ. ବ (ବହୁବ୍ରୀହି; ସହସ୍ର+ଦୋସ୍=ବାହୁ; ସହସ୍ର
Sahasra doḥ ଦୋସ୍ ଶବ୍ଦ)—କାର୍ତ୍ତିବୀର୍ଯ୍ୟାର୍ଜ୍ଜୁନ (ଜଟାଧର) (ଦେଖ)—Kārttabirjyārjuna (See)

ସହସ୍ରଧା—ସଂ. କି. ବଣ (ସହସ୍ର+ପ୍ରକାରାର୍ଥେ ଧା)—୧। ହଜାର
Sahasradhā ପ୍ରକାରରେ—1. In a thousand ways. ୨। ହଜାର ଥର—2. A thousand times. ୩। ହଜାରେ ଅଂଶରେ—3. Into a thousand parts. ୪। ଅସଂଖ୍ୟଥର—4. Many times; innumerable times.

ସହସ୍ର ଧାର—ସଂ. ବ (ବହୁବ୍ରୀହି)—ବିଷ୍ଣୁ ଚକ୍ର—The circular
Sahasra dhāra weapon of Bishṇu. ବଣ—ସହସ୍ର ଧାରାଯୁକ୍ତ (ପାତ୍ର)—(a pot) From which water flows in thousands of streams.

ସହସ୍ର ଧାରା—ସଂ.ବ—ଦେବତା ସ୍ନାନାର୍ଥ ସହସ୍ର ଛିଦ୍ରଯୁକ୍ତ ପାତ୍ରରୁ ଗଳିତ
Sahasra dhārā ଜଳଧାରା—Water flowing in a thousand lines from a thousand-bored pot on an Idol (as in a sprinkling bath or shower bath).

ସହସ୍ର ଧୀ(ବୁଦ୍ଧି)—ସଂ. ବଣ. ପୁଂ. ଓ ସ୍ତ୍ରୀ—ତୀକ୍ଷ୍ଣ ବୁଦ୍ଧିବିଶିଷ୍ଟ—
Sahasra dhī(buddhi) Very keen-witted.

ସହସ୍ର ନୟନ—ସଂ. ବ. ପୁଂ (ବହୁବ୍ରୀହି; ଗୌତମଙ୍କ ଅଭିଶାପରୁ
Sahasra nayana ଏହାଙ୍କ ଦେହସାରା ଅସଂଖ୍ୟ ନୟନ ପରି ଚିହ୍ନ ଥିବାରୁ)—ଇନ୍ଦ୍ର—God Indra. ବଣ. ପୁଂ—ସହସ୍ର ଚକ୍ଷୁର୍ଯୁକ୍ତ—Thousand-eyed.

ସହସ୍ର ନାମ—ସଂ. ବ (ସହସ୍ର+ନାମନ୍)—ବିଷ୍ଣୁ ବା ଶିବ ଆଦି
Sahasra nāma ଦେବତାଙ୍କର ସହସ୍ର ନାମ ସମ୍ବଳିତ ସ୍ତୋତ୍ର—A prayer reciting a thousand different names of a Deity.

ସହସ୍ର ନେତ୍ର—ସଂ.ବଣ ଓ ବ (ବହୁବ୍ରୀହି)—୧ । ସହସ୍ର ନୟନ (ହେମ-
Sahasra netra ଚନ୍ଦ୍ର) ଇନ୍ଦ୍ର—1. God Indra. ୨। ବିଷ୍ଣୁ (ଭାଗବତ)—2. Bishṇu.

ସହସ୍ର ପତି—ସଂ. ବ (୬ଷ୍ଠୀ ତତ୍)—୧ । ସହସ୍ର ଲୋକଙ୍କ ଶାସନ-
Sahasra pati କର୍ତ୍ତା—1. A governer over a thousand subjects. ୨ । ସହସ୍ର ଗ୍ରାମର ଅଧିକାରୀ (ମନୁ ୭।୧୧୫)—2. The lord of a thousand villages. ୩ । ସହସ୍ର ସଂଖ୍ୟକ ମୁଦ୍ରାର ଅଧିକାରୀ—3. The owner of one thousand coins.

ସହସ୍ର ପତ୍ର—ସଂ ବଣ—ସହସ୍ର ପାଖୁଡ଼ାଯୁକ୍ତ—Thousand-petal-
Sahasra patra led. ବ—ସହସ୍ର ଦଳ (ଦେଖ) Sahasra daḷa (See)

ସହସ୍ରପାତ୍—ସଂ. ବଣ (ବହୁବ୍ରୀହି)—ହଜାରେ ପାଦଯୁକ୍ତ—Having
Sahasrapāt a thousand feet. ବ—୧ । ବିଷ୍ଣୁ (ପୁରୁଷସୂକ୍ତ)—1. An epithet of Bishṇu. ୨ । ଋଷିବିଶେଷ—2. Name of a sage. (ଉ—ସହସ୍ରପାତ୍, ସ୍ଥୂଳକର୍ଣ୍ଣ, ଲବଣାଶ୍ୱ—କୃଷ୍ଣସିଂହ. ମହାଭାରତ. ବନ ।)

ସହସ୍ର ପାଦ—ସଂ. ବଣ (ବହୁବ୍ରୀହି)—ସହସ୍ର ପାଦଯୁକ୍ତ—Thou-
Sahasra pāda sand-legged. ବ—୧ । ସୂର୍ଯ୍ୟ (ମେଦିନୀ)—1. The sun. ୨ । ବିଷ୍ଣୁ (ମେଦିନୀ)—2. Bishṇu. ୩ । କାରଣ୍ଡ ପକ୍ଷୀ; ବାଲି ହଂସ—3. An aquatic bird; a species of duck.

ସହସ୍ର ବଦନ—ସଂ. ବଣ (ବହୁବ୍ରୀହି)—ସହସ୍ର ମୁଖଯୁକ୍ତ—
Sahasra badana Thousand-faced. ବ—ବିଷ୍ଣୁ (ଶବ୍ଦରତ୍ନାବଳୀ)—Bishṇu.

ସହସ୍ର ବାହୁ—ସଂ. ବଣ (ବହୁବ୍ରୀହି)—ହଜାରେ ବାହୁଯୁକ୍ତ—
Sahasra bāhu Having a thousand arms. ବ—୧ । କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ (ଦେଖ)—1. Kārttabīrjyārjuna. ୨ । ବିଷ୍ଣୁ—2. Bishṇu. ୩ । ବଳିଙ୍କ ଜ୍ୟେଷ୍ଠପୁତ୍ର ବାଣସୁର (ଭାଗବତ)—3. Name of a demon king, son of Bali.

ସହସ୍ର ବିଧ—ସଂ. ବ—୧ । ସହସ୍ର ପ୍ରକାର—1. Thousand
Sahasra bidha kinds. ୨ । ବହୁପ୍ରକାର—2. Innumerable sorts. ବଣ—୧। ସହସ୍ର ପ୍ରକାରର—1. Thousand kinds of. ୨। ଅସଂଖ୍ୟ ପ୍ରକାରର—2. Of innumerable sorts.

ସହସ୍ର ବୀର୍ଯ୍ୟ—ସଂ. ବଣ. ପୁଂ (ବହୁବ୍ରୀହି)—ପ୍ରଭୂତ ବଳଶାଳୀ—
Sahasra bīrjya Very mighty.

ସହସ୍ର ବୀର୍ଯ୍ୟା—ସଂ. ବ. ସ୍ତ୍ରୀ (ସହସ୍ର+ବୀର୍ଯ୍ୟ=ପ୍ରଭାବ; ତେଜଃ+
Sahasra bīrjyā ସ୍ତ୍ରୀ. ଅ; ବହୁବ୍ରୀହି)—୧ । ଦୁବ (ଅମର)—1. The doob grass. ୨ । ମହାଶତାବରୀ (ରାଜନିର୍ଘଣ୍ଟ)—2. Asparagus Racemsus (plant). ୩ । ନୀଳ ଦୁବ—3. The blue doob grass. ବଣ. ସ୍ତ୍ରୀ—ସହସ୍ର ବୀର୍ଯ୍ୟର ସ୍ତ୍ରୀଲିଙ୍ଗ—Feminine of Sahasra bīrjya.

ସହସ୍ର ବେଧ—ସଂ. ବ—୧ । ଅମ୍ଳଲୋଣିକା ଶାଗ—1. The
Sahasra bedha common sorrel. ୨ । ଚୁକ୍ର; କାଞ୍ଜିକା ଭେଦ (ରାଜନିର୍ଘଣ୍ଟ)—2. Fermented rice-gruel. ୩ । ହିଙ୍ଗୁ (ହେ. ଚ)—3. Assafoetida.

ସହସ୍ର ବେଧି—ସଂ. ବ—ହିଙ୍ଗୁ; ହେଙ୍ଗୁ (ମେଦିନୀ, ରାଜନିର୍ଘଣ୍ଟ)—
Sahasra bedhi Assafoetida.

ସହସ୍ର ବେଧୀ—ସଂ. ବଣ (ସହସ୍ର ବେଧିନ୍ ଶବ୍ଦ; ୧ମା. ୧ବ)—
Sahasra bedhi ଯାହା ସହସ୍ରକୁ ବେଧ କରେ—Piercing through a thousand. ବ—୧ । ଅମ୍ଳବେତସ; ଜଳ ବେତ (ମେଦିନୀ)—1. A kind of water-ratan. ୨ । କସ୍ତୁରୀ (ରାଜନିର୍ଘଣ୍ଟ)—2. Musk. ୩ । ହେଙ୍ଗୁ (ହେ. ଚ)—3. Assafoetida.

ସହସ୍ର ଭିତ୍—ସଂ. ବଣ (ସହସ୍ର+ଭିଦ୍. ଧାତୁ+କ୍ୱିପ୍. କର୍ତ୍ତୃ; ସହସ୍ର
Sahasra bhit ଭିଦ୍; ୧ମା. ୧ବ)—ସହସ୍ରବେଧୀ (ଦେଖ)-Sahasrabedhi. (See) ବ—ସହସ୍ରବେଧୀ (ଦେଖ)-Sahara bedhi. (See)

ସହସ୍ର ଭୁଜ—ସଂ. ବଣ. ପୁଂ (ବହୁବ୍ରୀହି)—ହଜାର ହସ୍ତବିଶିଷ୍ଟ—
Sahasra bhuja Having a thousand hands or
(ସହସ୍ରଭୁଜା—ସ୍ତ୍ରୀ) arms. ବ—୧ । ବିଷ୍ଣୁ (ଭାଗବତ)—

1. Bishnu. ୨ । କାର୍ତ୍ତିବୀର୍ଯ୍ୟାର୍ଜୁନ—2. Kārttabirjyārjuna. ୩ । ବଳି ପୁତ୍ର ବାଣରାଜ—3. The demon Bāṇa.

ସହସ୍ର ଭୁଜା—ସଂ. ବ. ସ୍ତ୍ରୀ—ମହିଷାସୁରମର୍ଦ୍ଦିନୀ ଦୁର୍ଗା—(ମାର୍କଣ୍ଡେୟ ପୁରାଣ ଦେବୀମାହାତ୍ମ୍ୟ)—The Goddess
Sahasra bhujā
Durgā. ସଂ. ବଣ. ସ୍ତ୍ରୀ—ସହସ୍ରଭୁଜର ସ୍ତ୍ରୀଲିଙ୍ଗ—Feminine of Sahasra bhuja.

ସହସ୍ର ମୂର୍ଦ୍ଧା—ସଂ. ବଣ. ପୁଂ (ବହୁବ୍ରୀହି; ସହସ୍ର+ମୂର୍ଦ୍ଧନ; ୧ମା. ୧ବ)—ହଜାରେ ମସ୍ତକଯୁକ୍ତ—Having a thousand heads. ବ—ବିଷ୍ଣୁ (ଭାଗବତ)—Bishṇu.
Sahasra mūrddhā

ସହସ୍ର ମୂଳୀ—ସଂ. ବ (ବୈଦ୍ୟକ)—୧ । ଦ୍ରବନ୍ତୀ; ବୃହଦ୍ଦନ୍ତୀ ବୃକ୍ଷ (ରାଜନିର୍ଘଣ୍ଟ)—1. Croton Polyandrum (plant). ୨। ଆଖୁକର୍ଣ୍ଣୀ (ଶବ୍ଦକୋଷ)(ଦେଖ)—2. Ākhukarṇṇī. (See)
Sahasra mūli

ସହସ୍ର ମୌଳି—ସଂ. ବଣ. ଓ ବ—ସହସ୍ର ମୂର୍ଦ୍ଧା (ଦେଖ)
Sahasra mauli Sahasra mūrddhā. (See)

ସହସ୍ର ରଶ୍ମି—ସଂ. ବ (ବହୁବ୍ରୀହି)—ସହସ୍ରକର; ସୂର୍ଯ୍ୟ—
Sahasra rasmi The sun.

ସହସ୍ର ଲୋଚନ—ସଂ. ବ ଓ ବଣ—ସହସ୍ର ନୟନ (ଦେଖ)
Sahasra lochana Sahasra nayana. (See)

ସହସ୍ର ଶିଖର—ସଂ. ବଣ (ବହୁବ୍ରୀହି)—ସହସ୍ର ଶିଖର ବିଶିଷ୍ଟ—
Sahasra śikhara Having a thousand peaks. ସଂ.ବ—ବିନ୍ଧ୍ୟ ପର୍ବତ (ଶବ୍ଦକୋଷ)—The Bindhya range of mountains.

ସହସ୍ର ଶୀରଷ(ଷା)—ଗ୍ରା.ବ (ସଂ. ସହସ୍ରଶୀର୍ଷା)—ବିଷ୍ଣୁ—Name of Bishṇu [ଦ୍ର—ସହସ୍ରଶୀରଷା ନାମେ सहस्रशीर्षा सहस्रशीर्षा ଦେବ ପୁରୁଷ । ପ୍ରାଚୀ. ଉତ୍କଳ ମଞ୍ଜରୀ ।]
Sahasra śirisha(shā)

ସହସ୍ର ଶୀର୍ଷା—ସଂ. ବଣ ଓ ବ (ସହସ୍ର+ଶୀର୍ଷନ୍; ୧ମା. ୧ବ)—ସହସ୍ର ମୂର୍ଦ୍ଧା (ଦେଖ)—Sahasra mūrddhā. (See)
Sahasra śirsha

ସହସ୍ର ଶ୍ରବଣ—ସଂ. ବ (ବହୁବ୍ରୀହି)—ବିଷ୍ଣୁ (ଭାଗବତ)—
Sahasra śrabaṇa Bishṇu.

ସହସ୍ର ହର୍ଯ୍ୟଶ୍ୱ—ସଂ. ବ—ଇନ୍ଦ୍ରରଥ (ଶବ୍ଦ କଳ୍ପଦ୍ରୁମ)—
Sahasra harjyaśwa The car of Indra.

ସହସ୍ରା—ସଂ. ବ—୧ । ଅମ୍ବଷ୍ଠୀ; ଅକାଳବଲ୍ଲ ଲତା—1. Stephania Hernandifolia (creeper). ୨ । ଅମ୍ଳିଳତ ଶାଗ—2. Oxalis Corniculata (potherb). ୩। ମୟୂରଶିଖା ଗୁଳ୍ମ (ହି. ଶ)—3. Celesia Cristata (plant).
Sahasrā

ସହସ୍ରାଂଶୁ—ସଂ. ବ (ବହୁବ୍ରୀହି; ସହସ୍ର+ଅଂଶୁ)—ସୂର୍ଯ୍ୟ—
Sahasrāmsu The sun.

ସହସ୍ରାକ୍ଷ—ସଂ. ବ (ବହୁବ୍ରୀହି)—୧ । ଇନ୍ଦ୍ର (ଅମର)—1. Indra. [ଦ୍ର—ଗୌତମ ମୁନିଙ୍କ ଅଭିଶାପରେ ଇନ୍ଦ୍ରଙ୍କ ସର୍ବ ଶରୀର ସ୍ତ୍ରୀ-ଚିହ୍ନମୟ ହୋଇ ଯାଇଥିଲା । ପରେ ଉକ୍ତ ମୁନିଙ୍କ ଅନୁଗ୍ରହରୁ ଏହି ଚିହ୍ନ ସବୁ ଚକ୍ଷୁରେ ପରିଣତ ହେଲା, ତେଣୁ ଇନ୍ଦ୍ରଙ୍କୁ 'ସହସ୍ରାକ୍ଷ' 'ସହସ୍ର ନୟନ' ଇତ୍ୟାଦି କୁହାଯାଏ ।] ୨ । ବିଷ୍ଣୁ (ପୁରୁଷ ସୂକ୍ତ)—2. Bishṇu.
Sahasrāksha

ସହସ୍ରାଣୀ(ଣି)କ—ସଂ. ବ (ନାମ) (ସହସ୍ର ଅଛେ ଅନୀକ=ସେନା ଯାହାର)—ଶତାନୀକ ରାଜାଙ୍କ ପୁତ୍ର (ଅଗ୍ନି ପୁରାଣ)—Name of the son of king Satānika. [ଦ୍ର—ଏହାଙ୍କ ପିତା ଶତାନୀକ ଯଜ୍ଞରେ ବ୍ରାହ୍ମଣମାନଙ୍କୁ ସହସ୍ର ସହସ୍ର ରଥ, ଗଜ ଅଶ୍ୱାଦି ଦାନ କରି ପୁତ୍ରଲାଭ କରିଥିବାରୁ ବ୍ରାହ୍ମଣମାନେ ଉକ୍ତ ପୁତ୍ରକୁ ଏହି ନାମ ଦେଇଥିଲେ ।]
Sahasrāṇi(ṇi)ka

ସହସ୍ରାଧିପତି—ସଂ. ବ—ସହସ୍ର ପତି (ଦେଖ)
Sahasrādhipati Sahasra pati. (See).

ସହସ୍ରାନନ—ସଂ. ବ (ବହୁବ୍ରୀହି)—ବିଷ୍ଣୁ (ଭାଗବତ)—
Sahasrānana Bishṇu.

ସହସ୍ରାର—ସଂ. ବ (ବହୁବ୍ରୀହି; ସହସ୍ର ଅଛେ ଅର=କୋଣ ଯାହାର) (ତନ୍ତ୍ର) ଶିରୋମଧ୍ୟସ୍ଥ ସୁଷୁମ୍ନା ନାଡ଼ୀସ୍ଥ କଳ୍ପିତ ଅଧୋମୁଖ ସହସ୍ରଦଳ ପଦ୍ମ—The thousand-petalled lotus said to exist inside the head. [ଦ୍ର—ଏହା ସାଧକମାନଙ୍କ ଦୃଷ୍ଟିଗୋଚର ହୁଏ ।]
Sahasrāra

ସହସ୍ରାର୍ଜୁନ—ସଂ. ବ (ମ. ପ. ଲୋ; ସହସ୍ରକରଯୁକ୍ତ ଅର୍ଜୁନ)—କାର୍ତ୍ତବୀର୍ଯ୍ୟାର୍ଜୁନ (ଦେଖ)—Kārttabirjyārjuna (See).
Sahasrārjuna

ସହସ୍ରାସ୍ୟ—ସଂ. ବ (ବହୁବ୍ରୀହି; ସହସ୍ର+ଅସ୍ୟ)-ସହସ୍ରବଦନ (ଦେଖ)
Sahasrāsya Sahasra badana (See).

ସହସ୍ରାହି—ସଂ. ବ (ବୈଦ୍ୟକ)—ମୟୂରଶିଖା ନାମକ ଗୁଳ୍ମ—
Sahasrāhi Celesia Cristata (plant). (ଅନ୍ୟ ସଂ ନାମ—ମୟୂରଶିଖା, ମଧୁଚ୍ଛଦା) [ଦ୍ର—ଏହା ଲଘୁ, ମଧୁର ଏବଂ ପିତ୍ତ, କଫ, ଅତିସାର, মোরশিখা मोरशिखा ମୂତ୍ରକୃଚ୍ଛ୍ର ଓ ବାଳଗ୍ରହ-ନାଶକ ।]

ସହସ୍ରୀ—ସଂ. ବ. ପୁଂ (ସହସ୍ର+ଅସ୍ତ୍ୟର୍ଥରେ ଇନ୍; ୧ମା ୧ବ)—୧ । ସହସ୍ର ସେନାଧିପତି; ହଜାରୀ—1. The general over a thousand soldiers. ୨ । ସହସ୍ରପତି (ଦେଖ)—2. Sahasra pati (See) ସଂ. ବଣ. ପୁଂ—୧ । ସହସ୍ର ବିଶିଷ୍ଟ—1. Having a thousand. ୨ । ଯାହାର ସହସ୍ର ସଂଖ୍ୟକ ଅଶ୍ୱ ଗଜାଦି ସୈନ୍ୟବଳ ଅଛି (ଶବ୍ଦକୋଷ)—2. Owning one thousand soldiers.
Sahasri

ସହସ୍ରେ—ଦେ. ବ. ଓ ବଣ—୧ । ଏକ ସହସ୍ର—1. One thousand. ୨ । ଅସଂଖ୍ୟ—2. Innumerable.
Sahasre
(ସହସ୍ରେକ—ଅନ୍ୟରୂପ হাজার हजारों

ସହା—ସଂ.ବି (ସହ୍ ଧାତୁ+କର୍ତ୍ତୃ.ଅ+ଆ)—୧। ସର୍ବଂସହା; ପୃଥିବୀ—
Sahā 1. The earth. ୨। ଘୃତକୁମାରୀ (ଅମର)- 2. Aloe Indica. ୩। ମୁଦ୍‌ଗପର୍ଣ୍ଣୀ (ଅମର)— 3. Phaseolus Trilobus. ୪। ରାଶୀ; ଭଣ ଭେଷଜ (ମେଦିନୀ)—4. A medicinal herb. ୫। ଦଣ୍ଡୋତ୍ପଳ (ମେଦିନୀ)—5. Canscora Decussta (plant). ୬। ଶୁକ୍ଳଝିଣ୍ଟୀ (ଶବ୍ଦଚନ୍ଦ୍ରିକା); ବାସକେଶ୍ଣା ଫୁଲ—6. Barlaria Crastata (plant) ୭। ସର୍ପକଙ୍କାଳୀ (ଶବ୍ଦଚନ୍ଦ୍ରିକା)—7. Name of a plant. ୮। ରାସ୍ନା (ରତ୍ନମାଳା)—8. Vanda Roxburghii. ୯। ସ୍ୱର୍ଣ୍ଣକ୍ଷୀରୀ (ରତ୍ନମାଳା); କଣ୍ଟାକୁସୁମ; ଅଗସ୍ତିଗୁଲ୍ମ— 9. A thorny plant; Gamboge Thistle. ୧୦। ପୀତଦଣ୍ଡୋତ୍ପଳ [ରତ୍ନମାଳା]—10. A species of 'Dandotpala'. ୧୧। ତରଣୀ ପୁଷ୍ପ (ରାଜନିର୍ଘଣ୍ଟ); ସେବତୀ ଫୁଲ—11. Musk rose; Rosa Moschata. ୧୨। କୁଷ୍ମାଣ୍ଡଲତା (ବଚନେକୃଷ୍ଣ. କୃଷ୍ଣଗୁଣ)—12. Tricosanthes Cucumerina. ୧୩। (+କର୍ମ. ଅ+ଆ) ହେମନ୍ତଋତୁ (ହି. ଶ)—13. Early winter. ୧୪। ମାର୍ଗଶିର ମାସ (ହି. ଶ)— 14. The month of Margasira. ୧୫। ମେହେନ୍ଦି (ଦେଖ) ନଖରଞ୍ଜକ (ହି. ଶ)—15. Mehendi (See).

ସହା ସହନା ଦେ. ବି (ସହ ଧାତୁ)—୧। ସହିବା-
সাহায্য सहाई(ত) 1. Enduring, bearing. ୨। ସହାୟ—2. Help. (ଯଥା—ସହା ହୋଇ ବୃଷ୍ଟି ଭୂଲରେ ତୁମ୍ଭେ ମୋର, ଥିବାଠାରେ ଦାସୀ ହୋଇଣ ମୁଁ ତାଙ୍କର—କୃଷ୍ଣସିଂହ, ମହାଭାରତ. ବନ ।)

ସହାଇବା—ଦେ. କ୍ରି—ସହିବା କ୍ରିୟାର ଣିଜନ୍ତରୂପ—The causa-
Sahāibā tive form of 'Sahibā' (ଯଥା—
সহান सहवाना ଏ କାଳାକୁ ବନବାସ ସହାଇଲେ ବିଧି ଅହା ନ ବରୁଟେ—ସୁଧାନାଥ. ଯଯାତି ।)

ସହାଃ—ସଂ.ବି (ସହସ୍ ଶବ୍ଦ; ସହ୍ ଧାତୁ+କର୍ମ.ଅସ୍)—୧। ଅଗ୍ରହାୟଣ
Sahāḥ ମାସ; ମାର୍ଗଶିର ମାସ (ଅମର)—1. The month of 'Mārgaśira'. ୨। ହେମନ୍ତ କାଳ (ମେଦିନୀ)—2. The beginning of winter or cold season.

ସହାଚର—ସଂ.ବି (ସହ୍+ଆ+ଚର୍ ଧାତୁ+କର୍ତ୍ତୃ.ଅ)—୧। ସହଚର
Sahāchara (ଦେଖ)—1. Sahachara (See) ୨। ପୀତଝିଣ୍ଟୀ (ଶବ୍ଦରତ୍ନାବଳୀ)—2. The yellow-flowered species of Barlaria Crastata plant.

ସହାତି—ଗ୍ରା. ବିଣ (ସଂ. ସ୍ୱହସ୍ତ)—୧। ସ୍ୱହସ୍ତକୃତ—1. Done or
Sahāti performed by one's hands.
(ସହାତିଆ—ଅନ୍ୟରୂପ) ୨। ସ୍ୱକୃତ—2. Done by (ସକହାତ—ବଙ୍ଗଳା) one's self. (ଯଥା—
নিজের হাতের आपकेहातका ସହାତି ଗୃହ=ଯେଉଁ କୃଷିକର୍ମ ମୂଳଆ ଦ୍ୱାରା ବା ଅନ୍ୟ ବ୍ୟକ୍ତି ଦ୍ୱାରା କରା ନ ଯାଇ ନିଜେ କ୍ଷେତ୍ରସ୍ୱାମୀଙ୍କ ଦ୍ୱାରା କରାଯାଏ ।)

ସହାଧ୍ୟାୟୀ—ସଂ. ବି. ପୁଂ (ସହ+ଅଧି+ଇ ଧାତୁ+କର୍ତ୍ତୃ. ଇନ୍)
Sahādhyāyī ସହାଧ୍ୟାୟିନ୍ ଶବ୍ଦ ୧ମା. ୧ବ)—ଏକ
(ସହାଧ୍ୟାୟିନୀ—ସ୍ତ୍ରୀ) ସମୟରେ ଏକ ଗୁରୁଙ୍କ ଶିକ୍ଷକତାଧୀନ ହୋଇ ପଢୁଥିବା ଶିଷ୍ୟ; ସହପାଠୀ—Fellow student.

ସହାନୁଗମନ—ସଂ. ବି—ସହ ଗମନ (ଦେଖ)
Sahānugamana Saha gamana (See)

ସହାନୁଭବ—ସଂ. ବି (ସହ+ଅନୁଭବ)—ଅପରର ସୁଖଦୁଃଖରେ
Sahānubhaba ତାଦୃଶ ଅନୁଭବ—Sympathy;
(ସହାନୁଭୂତି—ଅନ୍ୟରୂପ) fellow-feeling.

ସହାୟ—ସଂ. ବିଣ (ସହ+ଇ ଧାତୁ=ଯିବା+କର୍ତ୍ତୃ. ଅ)—
Sahāya ୧। ସହଚର; ଅନୁଚର—1. Attendant. ୨।
(ସହାୟା—ସ୍ତ୍ରୀ) ସାହାଯ୍ୟକାରୀ—2. Helper; ally. ୩। ସାହାଯ୍ୟ (ହି. ଶ)—3. Help. ଦେ. ବିଣ—୧। ଅବଲମ୍ବନ— 1. Support. ୨। ଆଶ୍ରୟ ସ୍ଥଳ—2. Refuge, patron. ୩। ସଙ୍ଗୀ—3. Companion.
সহায় ଦେ. ବି—ବିହାରୀମାନଙ୍କ ବଂଶୋପାଧି ବିଶେଷ—
सहाय A family-title in Bihar.

ସହାୟକ—ସଂ. ବିଣ (ସହାୟ+ସ୍ୱାର୍ଥେ. କ)—ସାହାଯ୍ୟକାରୀ—
Sahāyaka Helping. ବି (ଚଳିତ)—ଅପରାଧୀର
সহায়ক ସାହାଯ୍ୟକାରୀ ବ୍ୟକ୍ତି—Abettor of an offence.
सहायक

ସହାୟତା(ତ୍ୱ)—ସଂ. ବି (ସହାୟ+ଭାବ. ତା; ତ୍ୱ)—୧। ସାହାଯ୍ୟ—
Sahāyatā(twa) 1. Help; assistance. ୨। ପୃଷ୍ଠପୋଷକତା—2. Abetment; patronage. ୩। ସଙ୍ଗିତା—3. Companionship.

ସହାୟତା କରିବା—ଦେ. କ୍ରି—୧। ସାହାଯ୍ୟ କରିବା—1. To
Sahāyatā karibā help. ୨। ଅନୁକୂଳ ହେବା—2. To
সহায়তা করা befriend; to patronise. ୩ (ଚଳିତ)—
सहायता करना ଅପରାଧୀକୁ ଅପରାଧ କରିବାରେ ସାହାଯ୍ୟ କରିବା—3. To abet an offence.

ସହାୟତାକାରୀ—ସଂ.ବିଣ—ସାହାଯ୍ୟକାରୀ—Helping; abetting.
Sahāyatākārī ଦେ. ବି (ଚଳିତ)—ଅପରାଧୀର ସାହାଯ୍ୟ-
(ସହାୟତା କାରିଣୀ—ସ୍ତ୍ରୀ) କାରୀ—Abettor.

ସହାୟ ବଳ—ଦେ. ବି (ସହଚର ବଳ)—(କୌଣସି କାର୍ଯ୍ୟ ସାଧନ
Sahāya bala ହେବା ପାଇଁ ଲୋଡ଼ା) ସହାୟ ଓ ସାମର୍ଥ୍ୟ—
সহায় বল A patron or helper and strength
सहाय बल (required for any work).

ସହାୟ ସମ୍ପତ୍ତି(ଦ)—ଦେ. ବି (ସହଚର ଶବ୍ଦ)—(କାର୍ଯ୍ୟ ସାଧନ ପାଇଁ
Sahāya sampatti(da) ସୋଡ଼ା) ବନ୍ଧୁ ବଳ ଓ ଧନ ବଳ;
সহায় সংপত্তি ସାହାଯ୍ୟକାରୀ ବନ୍ଧୁ ଓ ଧନ—Friend and
सहाय संपत्ति riches; the state of having a patron to support you and riches to enable you to do a thing.

ସହାୟ ସୌଷ୍ଠବ—ସଂ. ବି (ଷଷ୍ଠୀ ତତ୍)—ସାହାଯ୍ୟର ଆଧିକ୍ୟ—
Sahāya saushṭhaba Exuberance or sufficiency or excellence of help.

ସହାୟ ହୀନ—ସଂ. ବିଣ (ତୃତୀୟା ତତ୍)—ନିଃସହାୟ—
Sahāya hina (ସହାୟ ହୀନା—ସ୍ତ୍ରୀ) Helpless.

ସ(ସୁ)ହା ଯିବା—ଦେ. କ୍ରି—ସହିବାର କର୍ମବାଚ୍ୟ ରୂପ—Passive
Sa(su)hā jibā voice of verb to bear; to be
সহ্য হওয়া सहन होना borne.

ସହାୟୀ—ସଂ. ବିଣ, ପୁଂ—ସହାୟ ବିଶିଷ୍ଟ (ଶବ୍ଦକୋଷ)—
Sahāyi (ସହାୟିନୀ—ସ୍ତ୍ରୀ) Having assistance.

ସହାର—ସଂ. ବିଣ (ସ+ହାର)—ହାରଯୁକ୍ତ—Wearing neck-
Sahāra lace. (ଯଥା—ସହାର କଣ୍ଠ)। ବି (ସହ୍ ଧାତୁ+କର୍ତ୍ତୃ. ଅଚ)—୧। ଆମ୍ର ବୃକ୍ଷ (ଭରତ କୋଷ)—1. Mango tree. ୨। ମହା ପ୍ରଳୟ (ହଳାୟୁଧ)—2. Dissolution of the creation.

ସହାରୋଗ୍ୟ—ସଂ. ବିଣ (ବହୁବ୍ରୀହି; ସହ+ଆରୋଗ୍ୟ)—ନୀରୁଜ;
Sahārogya ନୀରୋଗ (ହେମ ଚନ୍ଦ୍ର)—Hale; healthy. (ସହାରୋଗ୍ୟା—ସ୍ତ୍ରୀ)

ସହାର୍ଦ୍ଦ—ସଂ. ବିଣ (ସ+ହାର୍ଦ୍ଦ=ପ୍ରେମ)—୧। ପ୍ରେମଯୁକ୍ତ—
Sahārdda 1. Affectionate. ୨। ସପ୍ରେମ—2. Loving.

ସହାସାର—ସଂ. ବି (ବୈଦ୍ୟକ)—ମୁସବର—
Sahāsāra The dried juice of aloes.

ସହାସ୍ୟ—ସଂ. ବିଣ (ସ+ହାସ୍ୟ)—ହାସ୍ୟଯୁକ୍ତ—
Sahāsya (ସହାସ୍ୟା—ସ୍ତ୍ରୀ) Smiling; laughing.

ସହାସ୍ୟ ବଦନ—ସଂ. ବି (କର୍ମଧା)—ସହାସ୍ୟ ମୁଖ—Smiling
Sahāsya badana face. ବିଣ. ପୁଂ—ହାସ୍ୟମୁଖ ଯୁକ୍ତ—(ସହାସ୍ୟ ବଦନା—ସ୍ତ୍ରୀ. ବିଣ) Having a smiling face.

ସହି—ବୈଦେ. ବି (ଅ. ସହୀ=ସ୍ୱାକ୍ଷର)—୧। ଦଲିଲରେ ବା ଲେଖାରେ
Sahi ସ୍ୱାକ୍ଷର—1. Signature in a document.
সহি, সই सहि ୨। (ସ୍ୱାକ୍ଷର କରିବା ବ୍ୟକ୍ତି କୌଣସି କାର୍ଯ୍ୟରେ ସମ୍ମତି ଦେବା ଅର୍ଥରୁ)—ସ୍ୱୀକାର; ରାଜି; ସମ୍ମତି—2. Consent; agreement. [ଯି—ଚଉଦ୍ଦ ବର୍ଷ କାଳ ଦେବେ ସହି କଲେ ତା ପୁଣି ନକୁଳ ସେଠାରୁ ବାହାରିଲେ। କୃଷ୍ଣସିଂହ. ମହାଭାରତ, ସଭା।] ଦେ. ବିଣ (ଅନ୍ୟ ଶବ୍ଦସଙ୍ଗେ ଲାଗେ, ଯଥା—ଚଳନସହି; ମାପସହି) ୧। ଉପଯୁକ୍ତ; ଯୋଗ୍ୟ; ଯଥେଷ୍ଟ—1. Fit or sufficient for. ୨। ସଦୃଶ—2. Similar. ପ୍ରାଦେ. (ବାଲେଶ୍ୱର) ଅ—ସହ; ସମାନ—Like. (ଯଥା—ତା ସହିରେ ମୁଁ କେବେ ଦେଖି ନାହିଁ) ଦେ. ବି—ସଙ୍ଗାତ (ଦେଖ)—Sangāta (See).

ସହି କରିବା—ଦେ. କ୍ରି—୧। ଦଲିଲରେ ସ୍ୱାକ୍ଷର କରିବା—1. To
Sahi karibā sign a document. ୨। (ଯେଉଁ
সইকরা सहिकरना ଲୋକକୁ ଦସ୍ତଖତ କରି ନ ଆସେ ତା ପକ୍ଷରେ) ଚିହ୍ନ ଦେବା—2. To put one's mark on a document (in the case of an illiterate person.) [ବି—ମୂର୍ଖଲୋକ ଦଲିଲରେ ଆପଣାର ଚିହ୍ନ ଦେବାକୁ ହେଲେ କଲମକୁ ଛୁଇଁ ଦେବ ବା ଆପଣାର ବୁଢ଼ାଆଙ୍ଗୁଠି ଲଗାଇ ଦେବ; ଏବଂ ଲେଖିଦିଆ ଲୋକ ବ୍ୟକ୍ତିର ନାମ ଲେଖି 'ଏ ବୁଢ଼ାଆଙ୍ଗୁଠି ବା ଅମୁକ ଚିହ୍ନ ଅମୁକ ବ୍ୟକ୍ତିର ସହି ।ଦ।' (ଅର୍ଥାତ୍ ଦସ୍ତଖତ) ଲେଖିଦିଆ, ଲେଖିଦେବ।] ୩। ଛିଦ୍ରରେ ଲମ୍ବା ପଦାର୍ଥ ପୂରାଇବା; ଭର୍ତ୍ତି କରିବା; ପୁରାଇବା—3. To thrust
ভরা भरना a long thing into a hole. [ଯଥା—ନଳାରେ ବାଉଁଶ ସହି କରିବା) ୪। ସ୍ୱୀକାର
স্বীকারকরা स्वीकारकरना କରିବା; ରାଜି ହେବା—4. To agree to. [ଯି—ଏହା ଶୁଣି ବୃକାକୁ ମାତା ସହି କଲେ, ପୁଣେ କହି ସେ ନାହିଁ ଅବ କରିଲେ।
କୃଷ୍ଣସିଂହ. ମହାଭାରତ. ବନ]

ସହି(ର)କାରିଆ—ଦେ. ବିଣ—୧। ଯଥୋପଯୁକ୍ତ—1. Fit; pro-
Sahi(i)kāriā per; befitting. ୨। ହୃଷ୍ଟପୁଷ୍ଟ—2.
যথোপযুক্ত यथोपयुक्त Stout and strong.

ସହିତ—ସଂ. ବିଣ (ସହ୍ ଧାତୁ=ସହିବା+କର୍ତ୍ତୃ. ତ, ଇ ଆଗମ; କିମ୍ବା ସହ=ସଙ୍ଗେ+ଇ ଧାତୁ=ଯିବା+କର୍ତ୍ତୃ. ତ)—୧।
Sahita
(ସାହିତ୍ୟ—ବି) ସମଭିବ୍ୟାହୃତ—1. Accompanied by. ୨। ଏକତ୍ର ସଂଯୁକ୍ତ; ମିଳିତ—2. Joined or united with. ୩। (ସ+ହିତ) ଇଷ୍ଟ ସାଧକ; ହିତକାରକ—3. Beneficial. ୪। (ସମ୍=ସମ୍ୟକ୍+ହିତ) ସମ୍ୟକ୍ ମଙ୍ଗଳକର (ମୁଗ୍ଧବୋଧ)—4. Specially beneficial. ଅ—୧। ସଙ୍ଗେ—1. With; together with. ୨। ସମଭିବ୍ୟାହାରରେ—2. In the company of. ୩। ଯୁକ୍ତହୋଇ—3. Joined with.

ସହିତବ୍ୟ—ସଂ. ବିଣ—(ସହ୍ ଧାତୁ+କର୍ମ. ତବ୍ୟ)—ସହନୀୟ;
Sahitabya ସୋଢ଼ବ୍ୟ—Fit to be borne.

ସହିତରେ—ଦେ. ଅ—ସହିତେ (ଦେଖ)—
Sahitare Sahite (See)
সহিত साथमें

ସହିତା—ସଂ. ବିଣ.—(ସହିତ୍ର ଶବ୍ଦ; ସହ୍ ଧାତୁ+କର୍ତ୍ତୃ. ତୃ)—୧।
Sahitā ସହନଶୀଳ; ସହିଷ୍ଣୁ (ସିଦ୍ଧାନ୍ତକୌମୁଦୀ)—1. For-
(ସହିତ୍ରୀ—ସ୍ତ୍ରୀ) bearing. ୨। କ୍ଷମାଶୀଳ—2. Forgiving. ୩। ଯେ ସହେ; ସୋଢ଼ା—3. Enduring.

୪ । ପ୍ରତୀକ୍ଷାଶୀଳ—4. One who waits. ୫ । ଧୀର; ଧୈର୍ଯ୍ୟଶୀଳ—5. Patient.

ସହିତେ—ଦେ. ଅ (ସଂ. ସହିତ)—୧। ସଙ୍ଗେ—1. With; together with. ୨ । ସଙ୍ଗ ହୋଇ—2. Accompanied by. ୩ । ସାଥିରେ—3. In the company of. ୪ । ମୋଟେ; ଅଦୌ—4. At all. [ଯଥା—ଛଠି ଖଣ୍ଡେ ଖଣ୍ଡେ ଦେଉଥିଲ ଯେ, ଏବେ ତାହାବି ସହିତେ ନାହିଁ] ୫ । ସୁଦ୍ଧା—5. Even. (ଯଥା—ମୁଁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲି ଯେ, ତାଙ୍କ ଘରୁ ଅଣ୍ଡା ବଚ୍ଚା ସହିତେ ସମସ୍ତେ ଆସିଥିଲେ)—୬ । ମଧ୍ୟ; ବି—6. Also. [ଉ—ମାତା ସହିତେ ନାହିଁ ଘରେ, କେଣୁ ମୁଁ ବ୍ୟାକୁଳ ମନରେ । ଜଗନ୍ନାଥ. ଭାଗବତ ।]
Sahite
ସହିତ साथमें
মোটে बिलकुल

ସହିତେଣ—ଗ୍ରା. ଅ (ପଦ୍ୟ)—ସହିତେ ୧, ୨ ଓ ୩ (ଦେଖ)—Sahite 1, 2 and 3 (See)
Sahitena

ସହିତ୍ର—ସଂ. ବି (ସହ୍ ଧାତୁ+କରଣ. ତ୍ର)—ସହନର କରଣ; ଯାହା ଦ୍ୱାରା ସହନ କରାଯାଏ (ଶବ୍ଦକୋଷ)—That which enables one to bear.
Sahitra

ସହିଥିଲ—ଗ୍ରା. ବି—(ସଂ. ଶୈଥିଲ୍ୟ)—୧ । ଶିଥିଳତା—1. Slackness. ୨ । ଶିଥିଳ—2. Slack.
Sahithila
শিথিল शिथिल

ସହି ଦେବା—ଦେ. କି (କଚେରିଅ)—କୌଣସି କାଗଜରେ ଆପଣାର ଦସ୍ତଖତ କରିବା—To give or attach one's signature to a document or writing.
Sahi deba
সহিদেওয়া सहीकरना

ସହି ନେବା—ଦେ. କି (କଚେରିଅ)—କୌଣସି କାଗଜରେ କୌଣସି ବ୍ୟକ୍ତିଙ୍କଠାରୁ ଦସ୍ତଖତ କରାଇ ନେବା—To take a paper from a person after having it signed by him.
Sahi neba
সহিনেওয়া सहीलेना

ସହି ପାରିବା—ଦେ. କି—୧ । ସହିବାକୁ ସମର୍ଥ ହେବା—1 To be able to bear; to be capable of enduring. [ଯଥା—ମୁଁ ଅଉ ତା ବାକ୍ୟ ସହି ପାରିବି ନାହିଁ] ୨ । କୌଣସି ବିଷୟ ଦେଖିଲେ ବା ଶୁଣିଲେ ନ ଚିଡ଼ିବା—2. Not to resent at any thing; to forbear. ୩ । ପରଶ୍ରୀକାତର ନ ହେବା—3. Not to be spiteful. ୪ । କୌଣସି ବ୍ୟକ୍ତି ସଙ୍ଗେ 'ସହି' ବସିବା—4. To form 'Sahi' friendship with a person.
Sahi pariba
সহিতেপারা सहसकना
সহিপাতা दोस्तीकरना

ସହି ବସିବା—ଦେ. କି—କୌଣସି ବ୍ୟକ୍ତିଙ୍କ ସଙ୍ଗେ ବା ପରସ୍ପର ମଧ୍ୟରେ 'ସହି'ରୂପ ବନ୍ଧୁତା ପ୍ରତିଷ୍ଠା କରିବା—To set up a relationship of Sahi with a person. [ଉ—ପରସ୍ପରକୁ ମହାପ୍ରସାଦ ବା ଭୋଗ ଦିଅ ଦେଇ ହୋଇ ଦୁଇ ଜଣ 'ସହି' ବସନ୍ତି ।]
Sahi basiba
সহি পাতা दोस्ती करना

ସହିବା—ଦେ. କି (ସହ୍ ଧାତୁ)—୧ । ସହ୍ୟ କରିବା; ସମ୍ଭାଳିବା—1. To bear. [ଉ—ସମ୍ପତ୍ତି ମୋର ଦେ; ସହି ଏହି ଥର ରେ—କବିସୂର୍ଯ୍ୟ. କଣୋଗିତମ୍ପୂ. ସ ଗୀତ ।] ୨ । ଅପେକ୍ଷା କରିବା—2. To wait. [ଉ—ପ୍ରତିଷ୍ଠା ଭୁଞ୍ଜ ଦଣ୍ଡେ ରହ । କୃଷ୍ଣ ଦେଖିବା ଯାଏ ସହ—ଭୂପତି. ପ୍ରେମପଞ୍ଚାମୃତ ।] ୩ । କ୍ଷମା କରିବା—3. To forgive. (ଯଥା—ଦୋଷ ସହିବା ।) ୪ । କଷ୍ଟ ବା ଦୁଃଖ ଆଦି ଭୋଗ କରିବା—4. To suffer. [ଉ—ଉଦ୍ଦେଶ୍ୟ ସାଧନ ପାଇଁ ଗୋ, ଲଞ୍ଛନା ଗଞ୍ଜନା ସହିବାକୁ ହେଲେ ସହିବି ମଥା ନଇଁ ଗୋ—ବାଳକୃଷ୍ଣ. ଗୁଚ୍ଛଲବଙ୍ଗଲତା ।] ୫ । ଅଙ୍ଗେ ନିଭାଇବା; ଅନୁଭବ କରିବା—5. To experience. (ଯଥା—ସେ ଅନେକ ଶୀତ ମାଡ଼ ସହିଲଣି ।) ୬ । ଭାର ବା ବୋଝ ଆଦି ବହନ କରିବାକୁ ସମର୍ଥ ହେବା—6. To be able to support or carry a burden. (ଯଥା—ଭାର ସହିବା) ୭ । ଅନ୍ୟ ବ୍ୟକ୍ତିର କାର୍ଯ୍ୟକୁ ଅନୁମୋଦନ କରିବା—7. To suffer another person to do a thing. (ଯଥା—ତା ଗରବକୁ କିଏତା ସହିଲେ ତ ହୁଏ ।) ୮ । ଅନ୍ୟର କୃତ ଅତ୍ୟାଚାରକୁ ନୀରବରେ ସହ୍ୟ କରିବା—8. To bear silently; to tolerate. (ଯଥା—କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।) ୯ । ଦେବତାଙ୍କୁ ପୂଜା ବା ଭୋଗ ଆଦି ମନାସିବା—9. To vow or promise any offering to a Deity. [ଉ—ଚକାମୁହାଁ ସହେ ଦେବାମାନଙ୍କୁ—କବିସୂର୍ଯ୍ୟ. କବିତାକଲ୍ଲୋଳ ।] ୧୦ । ସୁଖକର ବୋଧ ହେବା—10. To be endurable. (ଯଥା—କକଡ଼ାକୁ ଗୋଳ ପାଣି ସହେ ।) ୧୧ । କୌଣସି ଦୁଃଖ ବା ବେଦନାଜନକ ଘଟନା ବା ଅପଶକୁନ ବିଷୟ ଘଟିବାରେ ଆପତ୍ତି ନ କରିବା—11. To suffer a thing to happen. [ଉ—କିମ୍ପାଇଁ ଦେହା ଏହା ସହିଲୁ ରେ—କବିସୂର୍ଯ୍ୟ. କଣୋଗିତମ୍ପୂ. ଘ ଗୀତ ।] ୧୨ । (କାଳ) ମେଣ୍ଟିବା—12. To suffice (said of time). [ଉ—ଶମ୍ଭୁ ପରସ୍ପରୀ ଭୂଷେ କେତେ ବାଣ ବହିଲ । ଶୃଙ୍ଗାର ଶାସ୍ତ୍ରକୁ କହି ସମୟ ନ ସହିଲ—କବିସୂର୍ଯ୍ୟ. ସଙ୍ଗୀତ ।] ୧୩ । ଧାକ୍କା ସମ୍ଭାଳିବା—13. To bear the brunt of.
Sahiba
সহা सहना
ସହାଇବା } ଅନ୍ୟରୂପ
ସୁହାଇବା }
মানসিক করা
मन्नत करना
সওয়া
सहना

ସହି ଯିବା—ଦେ. କି—ସହ୍ୟ ବା ଭୋଗ କରିବାରେ ଅଭ୍ୟସ୍ତ ହେବା—To be habituated to bear. [ଉ—ସହିଯା ରେ ମନ ସହିଯା, ଖଣ୍ଡିଏ ପଥର ବାନ୍ଧିଲା ମାତ୍ର, ବନାକେତେ ଶାଳ ରହିଯା—ଭଜ ।] [ଉ—ଉଦ୍ଦେଶ୍ୟ ସାଧନ ପାଇଁ ଗୋ, ଲଞ୍ଛନା ଗଞ୍ଜନା ସହିବାକୁ
Sahi jiba
সহে যাওয়া
सहजाना

ହେଲେ ସହିଯିବା ମଥା ନଇଁ ଗୋ—ବାଳକୃଷ୍ଣ. ଗୁରୁ-
ଲବଙ୍ଗଲତା ।]

ସହିଜ୍ୟ—ଗ୍ରା. ବିଣ—ସହ୍ୟ (ଦେଖ)—Sabya (See)
Sahijya সহ্য सह्य

ସହିଜ୍ୟ କରିବା—ଗ୍ରା. କ୍ରି—ସହ୍ୟ କରିବା; ସହିବା—To bear; to endure.
Sahijya karibā সহ্য করা सह्य करना

ସହିଜ୍ୟ ହେବା—ଗ୍ରା. କ୍ରି—ସହ୍ୟ ହେବା—To be borne; to be endured.
Sahijya hebā সহ্য হওয়া सह्य होना

ସହିଷ୍ଣୁ—ସଂ. ବିଣ (ସହ୍ ଧାତୁ+କର୍ତ୍ତି. ଇଷ୍ଣୁ)—୧ । ସହନଶୀଳ—
Sahishṇu 1. Enduring. ୨ । କ୍ଷମାଶୀଳ—2. Forgiving; forbearing. ୩ । ଧୈର୍ଯ୍ୟଶୀଳ—3. Patient. ୪ । ପ୍ରତୀକ୍ଷାଶୀଳ—4. Waiting.

ସହିଷ୍ଣୁତା—ସଂ. ବି (ସହିଷ୍ଣୁ+ଭାବ ଅର୍ଥେ ତା)—ସହନଶୀଳତା—
Sahishṇutā Forbearance; endurance; tolerance.

ସହିସ (ଇତ୍ୟାଦି)—ଦେ. ବି (ଫା. ସାଇସ୍)—ଘୋଡ଼ାର ସେବକ ବା
Sahisa (etc) ଚାକର; ସଇସ ଇତ୍ୟାଦି (ଦେଖ)—Groom for a horse; syce. [ଦ୍ର—ଏ ଶବ୍ଦ
সইস साइस ଇଂରାଜୀରେ ସେଇସ୍ ରୂପରେ ଚଳୁଅଛି ।]

ସହି ସଙ୍ଗାତ—ଦେ. ବି (ସହଚର)—ସହି ବା ସଙ୍ଗାତ ସମ୍ବନ୍ଧଯୁକ୍ତ
Sahi saṅgāta ବନ୍ଧୁ—Friends related to each other as Sahi and Saṅgāta.
সই সঙ্গাত संगीसंघात

ସହି ସମ୍ଭାଳି—ଦେ. କ୍ରି. ବିଣ (ସହିବା ଓ ସମ୍ଭାଳିବା କ୍ରିୟା ଦ୍ୱୟର
Sahi sambhāḷi ଯୁକ୍ତରୂପ କ୍ରିୟା ସହିସମ୍ଭାଳିବାର ଅସମାପିକା
সয়ে সামলে କ୍ରିୟା; ଏକାର୍ଥକ ସହଚର ଶବ୍ଦ)—୧ । କାଳ
ठहरकर ଅପେକ୍ଷାପୂର୍ବକ—1. After waiting. ୨ । ଧୈର୍ଯ୍ୟଧାରଣପୂର୍ବକ—2. Patiently. (ଯଥା—ସହି ସମ୍ଭାଳି ସବୁ କାମ କଲେ ପଛକୁ ଅନୁତାପ କରିବାକୁ ହୁଏ ନାହିଁ ।)

ସହି ସମ୍ଭାଳ(ଳୁ)ଆ—ଦେ. ବିଣ. ପୁଂ—୧ । ଧୈର୍ଯ୍ୟଶୀଳ—1. Patient. ୨ । ସହିଷ୍ଣୁ—2. Enduring; forbearing.
Sahi sambhāḷi(ḷu)ā
সহিষ্ণু, সবুরে सहनशील; सहनमा
(ସହି ସମ୍ଭାଳୀ, ସହି ସମ୍ଭାଳେଇ—ସ୍ତ୍ରୀ)

ସହି ହେବା—ଦେ. କ୍ରି (ସହିବା କ୍ରିୟାର କର୍ମବାଚ୍ୟ)—ସହ୍ୟ ହେବା
Sahi hebā —To be borne. (ଯଥା—ତାର ଯୁଲମ
সহ্য হওয়া सह्य होना ଆଉ ଏଣିକି ସହି ହେବ ନାହିଁ ।)

ସହି—ଦେ. ବି. ସ୍ତ୍ରୀ (ସଂ. ସଖୀ)—୧ । ସଖୀ; ସହଚରୀ—1. A
Sahi female companion. ୨ । (ପୁଂ. ଓ ସ୍ତ୍ରୀ)
সই सखी, सहेली ଲୋକଙ୍କ ମଧ୍ୟରେ କରାଯିବା ପ୍ରେମ ସମ୍ବନ୍ଧ—2. An affectionate relationship set up between two persons. [ଦ୍ର—ଏପରି ସ୍ଥଳରେ ଉଭୟେ ପରସ୍ପରକୁ 'ସହି' ବୋଲି ଡାକନ୍ତି ।] ୩ । ମହାପ୍ରସାଦ ବନ୍ଧୁ—3. God relation.

ସହୁରି—ସଂ. ବି (ସହ୍ ଧାତୁ+କର୍ତ୍ତି. ଉରି)—୧। (ପୁଂ) ସୂର୍ଯ୍ୟ [ଉଣାଦି
Sahuri କୋଷ]—1. The sun. ୨। (ସ୍ତ୍ରୀ) ପୃଥିବୀ—[ସିଦ୍ଧାନ୍ତକୌମୁଦୀ]—2. The earth. ୩ । ଅର୍କ ବୃକ୍ଷ—3. Calotropis Gigantea plant.

ସହୃଦୟ—ସଂ ବିଣ (ସ=ସହିତ+ହୃଦୟ)—୧ । ପ୍ରଶସ୍ତଚେତାଃ;
Sahṛudaya ପ୍ରଶସ୍ତମନାଃ (ଉଦାର); ଉଦାରମନାଃ—
[ସହୃଦୟା—ସ୍ତ୍ରୀ] Magnanimous; liberal-
[ସହୃଦୟତା—ବି] minded; high-minded.
୨ । ସାମାଜିକ—2. Social. ୩ । ବିଦ୍ୱାନ୍—3. Learned. ୪ । କାବ୍ୟାର୍ଥସ୍ୱାଧୀନ ପରିପକ୍ୱ ବୁଦ୍ଧି—4. Having the intellect ripened by studies. ୫ । ରସିକ—5. Witty; gallant.

ସହୃଲ୍ଲେଖ—ସଂ ବି (ସ+ହୃଲ୍ଲେଖ)—୧ । ବରିବର୍ଜିତାନ୍ନ (ପ୍ରାୟଶ୍ଚିତ୍ତ
Sahṛullekha ବିବେକ); ଯେଉଁ ଅନ୍ନ ସମ୍ବନ୍ଧେ ହୃଦୟରେ ଉଠିଥିବା । ସଂଶୟ ଜାତ ହୁଏ—1. Food regarding which one feels suspicious. ୨।ଦୂଷିତାନ୍ନ (ଶବ୍ଦକୋଷ)—2. Contaminated food. [ଦ୍ର—ଏପ୍ରକାର ଅନ୍ନକୁ ଶାସ୍ତ୍ରକାରମାନେ ପୁରୀଷ ସଙ୍ଗେ ସମାନ ବୋଲି ବିବେଚନା କରିଅଛନ୍ତି ।

ସହେ—ଗ୍ରା. ବି ଓ ବିଣ (ସଂ. ଶତ)—ଏକଶତ—
Sahe স सौ One hundred.

ସହେତୁ—ସଂ. ବିଣ (ସ+ହେତୁ)—୧ । ହେତୁ ସହିତ ବର୍ତ୍ତମାନ—
Sahetu 1. Existing with the cause.
[ସହେତୁକ—ଅନ୍ୟରୂପ] ୨ । ଉଦ୍ଦେଶ୍ୟବିଶିଷ୍ଟ—2. Having an aim.

ସହୋକ୍ତି—ସଂ. ବି (ସହ+ଉକ୍ତି)—ଅଳଙ୍କାରବିଶେଷ [ଯେଉଁ
Sahokti ଅଳଙ୍କାରରେ 'ସହ' ଶବ୍ଦାର୍ଥ ଦ୍ୱାରା ଗୋଟିଏ ପଦ ଦୁଇଟି ଭିନ୍ନ ଭିନ୍ନ ବିଷୟର ବାଚକ ହୁଏ]—A figure of speech. [ଦ୍ର—ଅତିଶୟୋକ୍ତିକୁ ମୂଳୀଭୂତ କରି ଯେଉଁଠାରେ ସହାର୍ଥବାଚକ ଶବ୍ଦ ଦ୍ୱାରା ଗୁଣ-କ୍ରିୟାଦିର ସାଦୃଶ୍ୟ ଅଥବା ସମକାଳୀନତ୍ୱ ପ୍ରତିପନ୍ନ କରେ ସହୋକ୍ତି ଅଳଙ୍କାର ହୁଏ ।

ଭୁଲମଣି. ଦାଶ ଅଳଙ୍କାରତରଙ୍ଗିଣୀ ।

ଉଦାହରଣ—

୧ । ଅନନ୍ତର ସ୍ୱେଦ ସଲିଳ ସଙ୍ଗେ ଲଜ୍ଜା ବିଗଳିତ ହେଲା—କାଦମ୍ବରୀ ।

୨ । ଶସ୍ତ୍ର କୁପି ସ୍ନେହତାଙ୍କ ଶତ୍ରୁ ନାଭି ତଳେ, ଓଟାରିନେଲେ ତା ମୁଣ୍ଡ ଶତ୍ରୁ ପ୍ରାଣ ସହ—ମହାଯାତ୍ରା ।]

ସହୋଟଜ—ସଂ. ବି (ସହ+ଉଟଜ=ପର୍ଣ୍ଣଶାଳା; ଉଟଜ-
Sahoṭaja ସହ ବର୍ତ୍ତମାନ)—ମୁନିମାନଙ୍କ ପର୍ଣ୍ଣଶାଳା (ହାରାବଳୀ)—The hut of a hermit.

ସହୋଢ଼—ସଂ. ବି (ପୁଂ)—୧। (ସହ+ଊଢ଼ା=ବିବାହିତା+ଅ; Sahordha ବହୁବ୍ରୀହି; ବୋଢ଼ା କନ୍ୟା ସହିତ ବର୍ତ୍ତମାନ) (ସହୋଢ଼ା—ସ୍ତ୍ରୀ) ହିନ୍ଦୁ ଶାସ୍ତ୍ରୋକ୍ତ ଦ୍ୱାଦଶବିଧ ପୁତ୍ରମାନଙ୍କ ମଧ୍ୟରୁ ଏକତମ (ମନୁ); ବିବାହବେଳକୁ ଗର୍ଭବତୀ ହୋଇଥିବା କନ୍ୟାର ଗର୍ଭରୁ ବିବାହ ପରେ ଜାତ ପୁତ୍ର—1. A son born of a woman who was pregnant on the date of marriage. [ଦ୍ର—ଏ ସନ୍ତାନ ଜ୍ଞାତପିତୃକ ବା ଅଜ୍ଞାତପିତୃକ ହେଲେ ମଧ୍ୟ ବିବାହିତ ସ୍ୱାମୀଙ୍କ ସନ୍ତାନ ବୋଲି ପରିଗଣିତ ହୁଏ। (କୁଲ୍ଲୁକଭଟ୍ଟ)।] ୨। (ସହ+ବହ ଧାତୁ+କର୍ମ. ତ, କର୍ମାସ+ହୋଢ଼=ହୃତ ଧନ)—ଚୌର୍ଯ୍ୟଲବ୍ଧ ଧନ ବା ଦ୍ରବ୍ୟ ସହ ଧୃତ ଚୋର (ମନୁ ୯।୨୭୦)—2. A thief caught red-handed or with the stolen article.

ସହୋଢ଼ଜ—ସଂ. ବି. ପୁଂ (ସହୋଢ଼ା+ଜନ୍ ଧାତୁ+କର୍ତ୍ତୃ. ଅ)—Sahordhaja ବୋହ ସମୟରେ ଗର୍ଭବତୀ ହୋଇଥିବା (ସହୋଢ଼ଜା—ସ୍ତ୍ରୀ) କନ୍ୟାର ଗର୍ଭଜ ସନ୍ତାନ—A child born of a bride who was pregnant on the date of marriage.

ସହୋଢ଼ା—ସଂ. ବି. ସ୍ତ୍ରୀ (ସହ=ଗର୍ଭସ୍ଥ ଭ୍ରୂଣ ସହିତ+ଊଢ଼ା=Sahordhā ବିବାହିତା)—ବିବାହ ସମୟରୁ ଗର୍ଭବତୀ ହୋଇଥିବା କନ୍ୟା—A pregnant bride; a bride who is pregnant on the date of marriage.

ସହୋତ୍ଥ—ସଂ. ବିଣ. (ସହ=ସଙ୍ଗେ+ଉତ୍+ସ୍ଥା ଧାତୁ+କର୍ତ୍ତୃ ଅ)—Sahottha ସହୋତ୍ଥାୟୀ (ଦେଖ)—Sahotthāyi (See) (ସହୋତ୍ଥା—ସ୍ତ୍ରୀ)

ସହୋତ୍ଥାୟୀ—ସଂ, ବିଣ. ପୁଂ (ସହୋତ୍ଥାୟିନ୍ ଶବ୍ଦ; ସହ=ସଙ୍ଗେ+Sahotthāyi ଉତ୍+ସ୍ଥା ଧାତୁ+କର୍ତ୍ତୃ.ଇନ୍ ୧ମା,୧ବ)—[ସହୋତ୍ଥାୟିନୀ—ସ୍ତ୍ରୀ] ସମକାଳେ ବା ଏକସଙ୍ଗରେ ଉଠିଥିବା—Risen simultaneously.

ସହୋତ୍ଥିତ—ସଂ, ବିଣ [ସହ+ଉତ୍+ସ୍ଥା ଧାତୁ+କର୍ତ୍ତୃ. ତ]—Sahotthita ସହୋତ୍ଥାୟୀ [ଦେଖ]-Sahotthāyi [See] (ସହୋତ୍ଥିତା—ସ୍ତ୍ରୀ)

ସହୋଦକ—ସଂ. ବି—ସମାନୋଦକ (ଦେଖ) Sahodaka Samānodaka (See)

ସହୋଦର—ସଂ.ବି.ପୁଂ (ବହୁବ୍ରୀହି; ସହ+ଉଦର=ମାତୃଗର୍ଭ)—ସୋଦର; Sahcdara ଏକ ମାତୃ ଗର୍ଭଜାତ ସନ୍ତାନ—Uterine [ସହୋଦରା—ସ୍ତ୍ରୀ] brother.

ସହୋଦର କଳ୍ପ—ସଂ, ବିଣ—ନିଜର ଭାଇ ପରି ସ୍ନେହପାତ୍ର—Sahodara kalpa Loved like a brother; [ସୋଦରପ୍ରତିମ—ଅବ୍ୟୟ] brotherly. (ସହୋଦରକଳ୍ପା, ସହୋଦରପ୍ରତିମା—ସ୍ତ୍ରୀ)

ସହୋବଳ—ସଂ. ବି—(ସହସ୍+ବଳ)--ଦୌରାତ୍ମ୍ୟ (ଶବ୍ଦକଳ୍ପଦ୍ରୁମ)—Sahobala Oppression.

ସହୋର—ସଂ. ବିଣ [ସହ ଧାତୁ+କର୍ତ୍ତୃ ଓର; ଯେ ସବୁ ସହ୍ୟ Sahora କରନ୍ତି)—୧। ସାଧୁ (ଉଣାଦିକୋଷ)—1. Honest; upright. ୨। ଧର୍ମିଷ୍ଠ—2. Righteous.

ସହୋଷିତ—ସଂ. ବିଣ, ପୁଂ (ସହ+ଉଷିତ)—ଏକତ୍ରବାସକାରୀ—Sahoshita Living together.

ସହ୍ୟ—ସଂ. ବିଣ (ସହ୍ ଧାତୁ+କର୍ମ. ଯ)—୧। ସହନୀୟ; ସହନ-Sahya ଯୋଗ୍ୟ; ସୋଢବ୍ୟ; ସହି ହେବାର ଯୋଗ୍ୟ (ମେଦିନୀ)—(ଅସହ୍ୟ—ବିପରୀତ) 1. Bearable; endurable; tolerable. (ସହ୍ୟତା—ବି) ୨। ସୁମଧୁର (ଶବ୍ଦ ରତ୍ନାବଳୀ—2. Sweet.) ୩। ସମାନ—3. Equal. ୪। ଉପଯୁକ୍ତ—4. Fit. ୫। ପ୍ରଚୁର—5. Abundant. ୬। ମନୋଜ୍ଞ—6. Lovely. ୭। ଶକ୍ତ; ସମର୍ଥ—7. Able; competent. ୮। ପ୍ରିୟ (ମହାଭାରତ)—8. Dear; liked. ବି—୧। ଆରୋଗ୍ୟ (ଶବ୍ଦ ରତ୍ନାବଳୀ)—1. Health. ୨। ସାମ୍ୟ (ଶବ୍ଦ ରତ୍ନାବଳୀ)—2. Equality; equanimity. ୩। ପଶ୍ଚିମ ଘାଟ ପର୍ବତ; ପୁନା ଅଞ୍ଚଳର ଉତ୍ତର ପଶ୍ଚିମସ୍ଥ ପର୍ବତ; ସହ୍ୟାଦ୍ରି 3. Name of a range of mountains; the Western Ghats of India.

[ଦ୍ର—ଏହି ପର୍ବତ ପୌରାଣିକ କୁଳାଚଳ ମଧ୍ୟରୁ ଏକତମ; ଏହା ବୋମ୍ବେଇ ପ୍ରେସିଡେନ୍ସିରେ ଅବସ୍ଥିତ। ତାପ୍ତୀ ନଦୀଠାରୁ ପର୍ତ୍ତୁଗାଲ ଅଧିକୃତ ଗୋଆ ପର୍ଯ୍ୟନ୍ତ ଏ ପର୍ବତମାଳା ବିସ୍ତୃତ। ଏହାର ଅନ୍ୟ ନାମ ପଶ୍ଚିମ ଘାଟ ପର୍ବତ। ଏହାର ପାଲଘାଟ ନାମକ ଶାଖା ପର୍ବତମାନ ଏହି ପର୍ବତ ଶ୍ରେଣୀର ଅନ୍ତର୍ଗତ। ଏ ପର୍ବତ ଉତ୍ତର ଓ ଦକ୍ଷିଣ କୋଙ୍କଣ ପ୍ରଦେଶର ପୂର୍ବ ସୀମା ରୂପେ ସମୁଦ୍ର ଉପକୂଳର ସମାନ୍ତରାଳ ଭାବରେ ଅବସ୍ଥିତ। ମାନ୍ଦ୍ରାଜ ପ୍ରଦେଶର ନୀଲଗିରି ନାମକ ଜିଲ୍ଲା ଏହି ପର୍ବତର ଦକ୍ଷିଣ ପଶ୍ଚିମାଂଶରେ ଅବସ୍ଥିତ। ଏହି ପର୍ବତ ପୃଷ୍ଠ ସାଧାରଣତଃ ସମୁଦ୍ର ଅପେକ୍ଷା ୨୦୦୦।୩୦୦୦ ଫୁଟ ଉଚ୍ଚ। କିନ୍ତୁ କୌଣସି କୌଣସି ପର୍ବତଶୃଙ୍ଗର ଉଚ୍ଚତା ୭୦୦୦ ଫୁଟ। ମହାରାଷ୍ଟ୍ରୀୟ ଅଭ୍ୟୁଦୟ କାଳରେ ମହାରାଷ୍ଟ୍ରୀୟମାନେ ଏ ପର୍ବତ ଉପରେ ଅନେକଗୁଡ଼ିଏ ଦୁର୍ଭେଦ୍ୟ ଗିରିଦୁର୍ଗ ନିର୍ମାଣ କରିଥିଲେ। ଏଥିର ଅନେକ ସ୍ଥାନରେ ସୁମିଷ୍ଟ ଜଳପୂର୍ଣ୍ଣ ହ୍ରଦମାନ ଅଛି। ସହ୍ୟାଦ୍ରି ପର୍ବତର ଉଚ୍ଚତମ ଅଞ୍ଚଳ (୪୭୧୭ ଫୁଟ)ରେ ବମ୍ବେଇ ଗଭର୍ଣ୍ଣରଙ୍କ ଗ୍ରୀଷ୍ମାବାସ ମହାବଳେଶ୍ୱରଠାରେ ନିର୍ମିତ ହୋଇଅଛି। ମହାବଳେଶ୍ୱରରେ ଇତିହାସପ୍ରସିଦ୍ଧ ପ୍ରାଚୀନ ଦୁର୍ଗ ଓ ଦେବମନ୍ଦିର ଅଛି। ଏ ପର୍ବତ କଟା ହୋଇ ଅନେକଗୁଡ଼ିଏ ରାସ୍ତା ଓ ରେଳପଥ ନିର୍ମିତ ହୋଇଅଛି। କେତେକ ସ୍ଥାନରେ ଘୋର କୃଷ୍ଣବର୍ଣ୍ଣ ପ୍ରସ୍ତର ଅଛି। ସେଠାରେ ବୃକ୍ଷ ଲତାଦି କଦାପି ନାହିଁ।

ତାହା ଉଚ୍ଚତା ୪୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପର୍ବତରେ ସର୍ବତ୍ର ସୁନ୍ଦର ବୃକ୍ଷ ଲତାଦି ଦେଖାଯାଏ ଓ ମନେହୁଏ ସେ ସବୁ ସ୍ଥାନରେ ଚିରବସନ୍ତ ବିରାଜିତ । ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁପ୍ରବାହର ଆରମ୍ଭରେ ଓ ଶେଷରେ ଏଠାରେ ଖୁବ୍ ଝଡ଼, ବର୍ଷା ଓ ବଜ୍ରପାତ ହୁଏ—ବିଶ୍ୱକୋଷ ।]

ସହ୍ୟ କରିବା—ଦେ. କ୍ରି—ସହିବା (ଦେଖ
Sahya karibā Sahibā (See)
সহ্য করা सहन करना

ସହ୍ୟ ଗୁଣ—ଦେ. ବି—୧ । ସହିବା ଗୁଣ—1. Forbearance.
Sahya guṇa ୨ । ଧୈର୍ଯ୍ୟ—2. Patience.
সহ্য গুণ सहन गुण

ସହ୍ୟ ପରି—ଦେ. ବିଣ ଓ କ୍ରି· ବିଣ—ଦେହରେ ସହି ହେଲା ପରି;
Sahya pari ସହିବାଯୋଗ୍ୟ ପ୍ରକାରେ—Tolerable; fit to be
সহনীয় প্রকার borne. (ଯଥା—ପାଣିକୁ ସହ୍ୟ ମତ ଗରମ କରି
सहनेके माफिक ଗାଧୋଇବ ।)
(ସହ୍ୟ ଭଳି, ସହ୍ୟ ମତ—ଅନ୍ୟରୂପ)

ସହ୍ୟ ପର୍ବତ—ସଂ. ବି—ସହ୍ୟ ବି. ୩ (ଦେଖ)
Sahya parbata Sahya 3 (See)
(ସହ୍ୟାଦ୍ରି—ଅନ୍ୟରୂପ)

ସହ୍ୟ ହେବା—ଦେ. କ୍ରି—ବରଦାସ୍ତ ହେବା; ସହି ହେବା—
Sahya hebā To be borne or endured.
সহ্য হওয়া सहन होना

ସହ୍ୟାଦ୍ରି—ସଂ· ବି (ମ. ପ. ଲୋ; ସହ୍ୟ ନାମକ ଅଦ୍ରି)—ସହ୍ୟ (ବି) ୩
Sahyādri (ଦେଖ)—Sahya (noun) 3 (See)

ସହ୍ଲା (ଇତ୍ୟାଦି) ବୈଦେ. ବି—ସଲା ଇତ୍ୟାଦି (ଦେଖ)
Sahlā (etc) Salā etc (See)

ସା—ସଂ. ବି (ସୋ ଧାତୁ=ନାଶକରିବା + କର୍ତ୍ତୃ. ଅ + ଆ)—୧। ଶାନ୍ତି—
Sā 1. Peace. ୨ । ଶ୍ରୀ; ଶୋଭା—2. Beauty; grace; grandeour. ୩ । (ସ ତତ୍ ଶବ୍ଦର ସ୍ତ୍ରୀଲିଙ୍ଗ ଏକବଚନ=ସେହି ସ୍ତ୍ରୀ)—ଗୌରୀ; ପାର୍ବତୀ—(ଶବ୍ଦରତ୍ନାବଳୀ)—3. Goddess Pārbatī. ୪ । ଲକ୍ଷ୍ମୀ (ଶବ୍ଦରତ୍ନାବଳୀ)—4. Goddess Lakshmī. [ଦ୍ର—ସଂସ୍କୃତ ସର୍ବନାମ 'ତତ୍' ଶବ୍ଦର ସ୍ତ୍ରୀଲିଙ୍ଗ ଏକବଚନରେ 'ସା' ହୁଏ । ଓଡ଼ିଆରେ ତତ୍ ଶବ୍ଦର ପୁଂଲିଙ୍ଗ ଏକବଚନ 'ସେ' (ସଂସ୍କୃ. ସଃ) ଓ ସ୍ତ୍ରୀଲିଙ୍ଗ ଏକବଚନରେ 'ସେ' (ସଂ.ସା) ଏବଂ କ୍ଳୀବଲିଙ୍ଗରେ 'ତାହା ବା ସେ' (ସଂ. ତତ୍) ବ୍ୟବହୃତ ହୁଏ ।] ୫ । ହିନ୍ଦୁ ସଙ୍ଗୀତର ସପ୍ତ ସ୍ୱର (ସା, ରି, ଗ, ମ, ପା, ଧା, ନି) ର ପ୍ରଥମ ସ୍ୱର—5. The first note of the Hindu gamut or scale of music. [ଦ୍ର—ଏହା ଷଡ଼ଜ ବା ମୟୂରଧ୍ୱନିର ଅନୁକରଣ । 'ସ୍ୱର' ଶବ୍ଦ ଟୀକା ଦେଖ । ସ୍ୱରଲିପି ଲେଖିବାବେଳେ ଉଦାରା ଗ୍ରାମର 'ସା' କୁ ମୁଦାରା ଗ୍ରାମର 'ସା' କୁ ଓ ତାରା ଗ୍ରାମର 'ସା' କୁ 'ସା' ଉପରେ ବିନ୍ଦୁ ଚିହ୍ନ ଦିଆଯାଇ ଚିହ୍ନିତ କରାଯାଏ । ଏହି 'ସା' ସ୍ୱର ଓ ତତ୍ପରବର୍ତ୍ତୀ 'ରି' ସ୍ୱରର ମଧ୍ୟବର୍ତ୍ତୀ କଡ଼ି ବା ମଧ୍ୟମ ସ୍ୱରକୁ 'ସା' ଉପରେ ଅନ୍ୟ ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ ।] ଦେ. ବିଣ (ଇତରାର୍ଥ)
সাং सा: (ଫା. ସାକିନ୍‌ର ସାଙ୍କେତିକ) (ଏହା କୌଣସି ସ୍ଥାନର ନାମ ପୂର୍ବେ ବ୍ୟବହୃତ ହେଲେ ଏଥିର ଅର୍ଥ) ଅମୁକ ସ୍ଥାନର ବା ଅମୁକ ସ୍ଥାନବାସୀ—(An abbreviation of the Persian word 'Sākin') — Resident of; of (so and so place). [ଦୃ—ଶ୍ରୀ ନରସିଂହ ପ୍ରହରାଜ । ସା । ସିଦ୍ଧେଶ୍ୱରପୁର; ଲକ୍ଷ୍ମଣ ବାହେରା । ସା । କୃଷ୍ଣଚନ୍ଦ୍ରପୁର ।
ଏହି ସାଙ୍କେତିକ ପଦ୍‌ଟିରେ । ହା । ବା । ଲା । ଲଗିଲେ (ହାଲ୍ ସାକିନ୍), କିମ୍ବା ଏହା ପରେ । ହା । ବା । । ଲା । (ସାକିନ୍ ହାଲ) ଲଗିଲେ ଏଥିର ଅର୍ଥ ଅମୁକ ସ୍ଥାନରେ ବର୍ତ୍ତମାନ ବାସ କରୁଥିବା (ଯଥା—ଗୋପାଳଚନ୍ଦ୍ର ପ୍ରହରାଜ । ସା । ଲା । ଲୁପାକୋଠ ଲେନ୍, କଟକ ।]

ସାଅନ୍ତ (ଇତ୍ୟାଦି)—ଦେ. ବି. ପୁଂ—ସାଆନ୍ତ ଇତ୍ୟାଦି (ଦେଖ)
Sā-anta (etc) Sā-ānta etc (See)

ସାଆ (ଇତ୍ୟାଦି)—ଦେ. ବି—ସାହା ଇତ୍ୟାଦି (ଦେଖ)
Sā-ā (etc) Sāhā etc (See)

ସାଆଁକାର—ଦେଦେ (ପାଟଣା) ବି—ସାହୁକାର (ଦେଖ)
Sā-āṅkāra Sāhukāra (See)

ସାଆଜ—ଦେ. ବି—ସାହାଜ (ଦେଖ)
Sā-āja Sāhāja (See)

ସାଆଜାଦା—ବୈଦେ. ବି. (ପୁଂ)—ସାହାଜାଦା (ଦେଖ)
Sā-ājādā (ସାଅଜାଦୀ—ସ୍ତ୍ରୀ) Sāhājādā [See]

ସାଆଡ଼ା (ଇତ୍ୟାଦି)—ଦେ· ବି—ସାହାଡ଼ା ଇତ୍ୟାଦି (ଦେଖ)
Sā-ārdā (etc) Sāhārdā etc [See]

ସାଆଣ (ଇତ୍ୟାଦି)—ଦେ. ବି—୧ । ସାହାଣ ଇତ୍ୟାଦି (ଦେଖ)
Sā-āṇa (etc) 1. Sāhāṇa etc [See]

ସାଆନ୍ତ—ଦେ· ବି. ପୁଂ (ସଂ. ସାମନ୍ତ)—୧ । ପ୍ରଭୁ—1. Lord;
Sā-ānta master. [ଦୃ—ତୁମ୍ଭ ବିନୁ ସାଆନ୍ତ ମୋ କୋହିବଟ
সামন্ত स्वामी ଦେହି । କଣ୍ଠିଲେ କଣ୍ଠିବ ମୋତେ ଅପେ ଭବଗ୍ରାହ ! (ସାଆନ୍ତାଣୀ—ସ୍ତ୍ରୀ) ପ୍ରାଚୀ. ଉପେନ୍ଦ୍ରଭଞ୍ଜ ।] ୨ । ଭୃତ୍ୟର ଖାମିନ୍‌—2. The master of a servant; an employer. ୩ । ଭର୍ତ୍ତା; ସ୍ୱାମୀ—
সামন্ত 3. Husband. ୪ । ରାଜପୁତ୍ରଙ୍କ ଉପାଧି—4. Title
सामन्त of a prince. (ଯଥା—ଗନ୍ଧିର ସାଆନ୍ତ, ଟିକାଏତ ସାଆନ୍ତ ଇତ୍ୟାଦି ।) ୫ । ରାଜବଂଶୀୟ ବ୍ୟକ୍ତିଙ୍କ ଉପାଧି—5. Title of persons of a Raj-family. (ଯଥା—ଜେଠ ସାଆନ୍ତ=ରାଜାଙ୍କ ବଡ଼ ଭାଇ; ମଦ୍ଧିଆ

ସାଅନ୍ତ ।) ୬ । (ସଂ ସାମନ୍ତ—ସୈନ୍ୟାଧ୍ୟକ୍ଷ) କ୍ଷତ୍ରିୟଙ୍କ ବଂଶୋପାଧି—6. A family-title of Kshatriyas. (ଯଥା—ସର୍ଦ୍ଦାର ସାଅନ୍ତ ।) ୭ । ରାଜାଙ୍କ ଉପପତ୍ନୀ ଗର୍ଭଜାତ ସନ୍ତାନ ଓ ତଦ୍‌ବଂଶୀୟ ବ୍ୟକ୍ତି; ରାଜାଙ୍କ 'ଅନ୍ତର' ଶ୍ରେଣୀୟ ବ୍ୟକ୍ତିମାନଙ୍କ ଉପାଧି—7. Persons born of a Rājā's concubines; title of the illegitimate sons of a Rājā and their descendants. ୮ । କୁଳୀନ କରଣ—8. A respectable Karaṇa. ୯ । ପୁରୀ ଜିଲ୍ଲାର ସଦାଶିବ ବ୍ରାହ୍ମଣ ଶାସନର କୁଳୀନ ବ୍ରାହ୍ମଣଙ୍କ ଉପାଧି—9. Title of high caste Brāhmaṇas of the Puri śāsana villages. [ଦ୍ର—ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ବୈଦିକ ବ୍ରାହ୍ମଣମାନେ ଉପନିବେଶ ସ୍ଥାପନ କରିବା କାଳରେ ସେମାନଙ୍କ ମଧ୍ୟରୁ କୈଷ୍ଟିକ ବ୍ରାହ୍ମଣମାନଙ୍କୁ ବାଛି କରି ଓଡ଼ିଶାର ହିନ୍ଦୁ ରାଜାମାନେ 'ସାମନ୍ତ' ଉପାଧି ଦେଇଥିଲେ ଓ ଏମାନେ ଅନ୍ୟ ଶାସନୀ ବ୍ରାହ୍ମଣଙ୍କ ଅପେକ୍ଷା କୁଳୀନ ବୋଲି ପୂଜିତ ହେଲେ । ଏହି 'ସାଅନ୍ତ' ବ୍ରାହ୍ମଣ ପ୍ରଧାନ ଚାରି ଶ୍ରେଣୀରେ ବିଭକ୍ତ । ଯଥା—

୧ । ଭୁବନେଶ୍ୱରପଦାର—ନନ୍ଦ ସାଅନ୍ତ, ୨ । ବୀର ନରସିଂହପୁରର—ବସନ୍ତ [କହ୍ନେଇ] ସାଅନ୍ତ, ୩ । ବୀର ହରେକୃଷ୍ଣପୁରର—ପୁଅହିଅ ସାଅନ୍ତ, ୪ । ବିଶ୍ୱନାଥପୁରର—ବାଜପେୟୀ ସାଅନ୍ତ ।

ଏମାନେ ସାଧାରଣ ବ୍ରାହ୍ମଣଙ୍କ ଘରରେ ଅନ୍ନ ଖାଉ ନ ଥିଲେ ଓ ସେମାନଙ୍କ ବଂଶରେ ବିବାହ କରୁ ନ ଥିଲେ । ସାଧାରଣ ବ୍ରାହ୍ମଣମାନେ ବଂଶଗତ ମର୍ଯ୍ୟାଦାକୁ ଅପେକ୍ଷା ନ କରି ଏମାନଙ୍କ ଘରେ ଅନିମନ୍ତ୍ରିତ ହୋଇ ମଧ୍ୟ ଭୋଜନ କରୁଥିଲେ । ବର୍ତ୍ତମାନ ଅଧିକାଂଶ ସ୍ଥଳରେ ଏ ପ୍ରଥାମାନ ରକ୍ଷିତ ହେଉନାହିଁ ।] ୧୦ । ସାମନ୍ତ ରାଜା; ରାଜାଙ୍କ ଅଧୀନ ଛୋଟ ରାଜା ବା ଜମିଦାର—10. A feudatory or tributary chief under a Rājā. ୧୧ । ଗୁରୁଜନମାନଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ—11. A title of respect used in addressing one's elders. (ଯଥା—ବଡ଼ା [ବଡ଼େଇ] ସାଅନ୍ତ, ବାପା ସାଅନ୍ତ ।) ୧୨ । କରଣମାନଙ୍କ ବିବାହରେ ବରଙ୍କ ସଙ୍ଗେ ବରଯାତ୍ରୀରୂପେ ଆସିଥିବା ବରପକ୍ଷୀୟ ଶ୍ରେଷ୍ଠ 'କରଣ' ବନ୍ଧୁ ବା ଜ୍ଞାତି—12. The principal ralatives of the bridegroom who accompany him to the marriage. [ଦ୍ର—କରଣମାନଙ୍କ ବିବାହରେ ବରଙ୍କ ଗହଣରେ ବରଯାତ୍ରୀରୂପେ ଆସିଥିବା ଜ୍ଞାତିବନ୍ଧୁ ମଧ୍ୟରୁ ଯେତେ ଜଣ 'ସାଅନ୍ତ'ଙ୍କ ପାଇଁ ପୂର୍ବରୁ କଥାବାର୍ତ୍ତା ଛିଣ୍ଡିଥିବ ସେତେ ଜଣଙ୍କ ପାଇଁ କନ୍ୟା କର୍ତ୍ତା ବିଦାକ ବା ମର୍ଯ୍ୟାଦା ସ୍ୱରୂପ ଲୁଗା, ବାସନ ଓ ଟଙ୍କା ଉପହାର ଦେବା କଥା ପୂର୍ବରୁ (ଅର୍ଥାତ୍ 'ନିର୍ବନ୍ଧ' ବେଳେ) ଚୁକ୍ତି ହୋଇଥାଏ ଓ ଉକ୍ତ 'ସାଅନ୍ତ ବିଦାକ' ବା 'ସାଅନ୍ତ ମର୍ଯ୍ୟାଦା' ଦିଆ ନ ଗଲା ପର୍ଯ୍ୟନ୍ତ ବରଯାତ୍ରୀମାନେ କନ୍ୟା ଘରେ ଜଳ ଗ୍ରହଣ କରନ୍ତି ନାହିଁ । ଏ ସବୁ ପ୍ରଥା ଏଣିକି କ୍ରମଶଃ ଅନାଦୃତ ହେଉଥିବା ଦୃଶ୍ୟର ବିଷୟ ।] ୧୩ । ଅଗିରି (କୃଷିଜୀବି)ଙ୍କ ବଂଶୋପାଧିବିଶେଷ—13. Family-title of the Āgiri caste. ୧୪ । ଧୋବା ବା ଭଣ୍ଡାରୀଙ୍କ ଦ୍ୱାରା ସେବିତ ଗ୍ରାମର ଅଧିବାସୀ ବ୍ରାହ୍ମଣଗଣ—14. The Brāhmaṇas of the village of which a washerman or barber is a common servant; a village-servant's master.

ସାଅନ୍ତ ଚାକର—ଦେ. ବି (ବହୁବଚନାର୍ଥ ସହଚର ଶବ୍ଦ)—ପ୍ରଭୁ ଓ ଭୃତ୍ୟ—Master and servant; the employer and the employee.
Sā-ānta chākara
ସାମନ୍ତ চাকর
मालिक नौकर (ସାଅନ୍ତ ଚାକରିଆ—ଅନ୍ୟରୂପ)

ସାଅନ୍ତ ପଣ—ଦେ. ବି—୧। ପ୍ରଭୁତ୍ୱ—1. Mastership; lordship. (ଦ୍ର—ସାଅନ୍ତପଣକୁ ଯୋଗ୍ୟ ନୁହନ୍ତି; ଓଳିଏ ନ ହେଲେ କେତେ ଦୁଃଖନ୍ତି—ଉକ୍ତ ।) ୨ । ବଡ଼ପଣ—2. Greatness. ୩ । ଭୃତ୍ୟ ଉପରେ ଶାସିତ ହେବା ଅବସ୍ଥା —3. The state of being an employer.
Sā-ānta paṇa
সামন্তপনা
सामन्तपन
(ସାଅନ୍ତପଣିଅ[ଅ]—ଅନ୍ୟରୂପ)

ସାଅନ୍ତ ବାପ ପା)—ଦେ. ବି. ପୁଂ—ପିତାମହ—One's paternal grandfather. (ଦ୍ର—ପଣ୍ଡିତଙ୍କ ସାଅନ୍ତ ବାପଙ୍କର ମଉଳାପୁଅ ଭାଇଙ୍କର ଭଣଜାଙ୍କର ମାଉସୀ ପୁଅ ଭାଇ ନବଦ୍ୱୀପ ଯାଇ ନ୍ୟାୟଶାସ୍ତ୍ର ପଢ଼ି ଆସିଥିଲେ—ଫକୀରମୋହନ. ଛମାଣ ଆଠଗୁଣ ।)
Sā-ānta bāpa(pā)
ঠাকুর দাদা
दादा
(ସାଅନ୍ତ ମା, ସାଅନ୍ତ ମାଆ—ସ୍ତ୍ରୀ)

ସାଅନ୍ତ ବିଦାକ(ମର୍ଯ୍ୟାଦା)—ଦେ. ବି—କରଣମାନଙ୍କ ବିବାହରେ ବରଯାତ୍ରୀରୂପେ ଆସିଥିବା ସାଅନ୍ତମାନଙ୍କୁ କନ୍ୟା ପକ୍ଷରୁ ଦିଆଯିବା ବସ୍ତ୍ରାଦି ଉପଢୌକନ—Presents i. e. cloth etc given to the principal friends of the bridegroom who accompany him to the bride's house for the marriage.
Sā-ānta bidāki(marjyādā)
বরযাত্রী মর্য্যাদা
बरातकी बिदाई

ସାଅନ୍ତ ବିରାଦର—ଦେ. ବି (ସଂ. ସାମନ୍ତ+ଫା· ବେରାଦର)—ରାଜବଂଶର କୁଟୁମ୍ବୀ ବ୍ୟକ୍ତିଗଣ—The kinsmen of a Raj family.
Sā-ānta birādara
সামন্ত বেরাদর
सामन्त बेरादर

ସାଅନ୍ତ ବ୍ରାହ୍ମଣ—ଦେ· ବି—ପ୍ରାଚୀନ ଓଡ଼ିଶା ରାଜାଙ୍କ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନର କୁଳୀନ ବ୍ରାହ୍ମଣ—High caste Brāhmaṇa of the Śāsana villages, established by the ancient Rajas of Orissa.
Sā-ānta brāhmaṇa
কুলীনব্রাহ্মণ
श्रोत्रीयब्राह्मण

ସାଆନ୍ତ ଭାଇପୁଅ—ଦେ ବି—ରାଜାଙ୍କର ଭାଇପୁଅମାନେ ଓ ଦାସୀଙ୍କ ଗର୍ଭଜାତ ବଂଶଧରଗଣ—Persons who are legitimate and illegitimate sons of a Raja's family.
Sa-ānta bhāipua
সামন্তভাইপো **सामन्तभाइपुत्र**

ସାଆନ୍ତ ମଣି—ଦେ. ବି—ପ୍ରଭୁ ବା ସ୍ୱାମୀଙ୍କ ପ୍ରତି ସ୍ନେହ ସମ୍ବୋଧନ—An affectionate term of endearment addressed to one's master or husband. [ଦ୍ର—ସେହି କଥା ପାଇଁ ସାଆନ୍ତମଣି, ଯାଉଥିଲେ ମଥାମଣି ହୋଇ ।]
Sā-ānta maṇi
সামন্তমণি **सरकार**

ସାଆନ୍ତର—ଦେ. ବି (ସଂ. ସାମନ୍ତ+ରାଜ)—ସାମନ୍ତରାୟ (ଦେଖ)—Sāmantarāya (See) [ଉ—ଓଡ଼ି ଷତର ପାଳଅଁ, ଚଉଧୁର ହିଁଅ ଦଳଅଁ, ସାଆନ୍ତର ସୁଅ ବର, ଅଠର ଖଣ୍ଡ ବାଇଦ ବାଜେ ଛଙ୍କର ଛଙ୍କର—ଡଗ ।]
Sā-āntarā

ସାଆନ୍ତର ଚଉଧୁରି—ଗ୍ରାଦେ. (ଯାଜପୁର) ବି—ଯାଜପୁରର ଶାସନବାସୀ କୁଳୀନ ବ୍ରାହ୍ମଣ ବଂଶବିଶେଷ—Title of a high class Brahman family resident of the Sāsana villages of Jājpur.
Sā-āntarā chaudhuri
[ସାଆନ୍ତର ଚୌଧୁରୀ—ଅନ୍ୟରୂପ]

ସାଆନ୍ତା(ନ୍ତେ)ଇ—ଦେ. ବଣ—ସାଆନ୍ତ ସମ୍ବନ୍ଧୀୟ—Relating to a Sā-ānta. ବି—୧ । ସାଆନ୍ତ ପଦ—1. The title or position of a Sā-ānta. ୨ । ସାମନ୍ତ ପଣ; ପ୍ରଭୁତ୍ୱ—2. Mastership; lordship.
Sā-āntā(nte)i
সামন্তসম্বন্ধীয় **सामंतकी**
সামন্তপনা **सामंतपन**

ସାଆନ୍ତାଣୀ—ଦେ. ବି. ସ୍ତ୍ରୀ—୧ । ସାଆନ୍ତ ପରିବାରର ସ୍ତ୍ରୀ—1. A female of a 'Sā-ānta' family. ୨ । ପ୍ରଭୁଙ୍କ ସ୍ତ୍ରୀ—2. The wife of a servant's master. ୩ । ଭୃତ୍ୟର ସ୍ତ୍ରୀ—ପ୍ରଭୁ; ମାଲିକାଣୀ; ଗାଉନ୍ତାଣୀ—3. The mistress of a household. ୪ । ଗୃହର କର୍ତ୍ତ୍ରୀ—4. The Mistress of a household. ୫ । ବଡ଼-ପରିବାରର ବରିଷ୍ଠା ସ୍ତ୍ରୀମାନଙ୍କ ପ୍ରତି ସମ୍ମାନସୂଚକ ସମ୍ବୋଧନ—5. An endearing term of address to the prominent ladies of a noble family. (ଯଥା—ବୋହୂ ସାଆନ୍ତାଣୀ, ଜେମା ସାଆନ୍ତାଣୀ; ମାଅ ସାଆନ୍ତାଣୀ ।) [ଦ୍ର—ସାଆନ୍ତାଣୀଙ୍କ ବୟସ, ପରିବାରରେ ସ୍ଥାନ ଓ ଅଧିକାର ଅନୁସାରେ ଏହି ପଦ ପୂର୍ବରେ ବଡ଼, ଦୁତୀ, ମଝିଆଣୀ, ସାନ, ବୋହୂ, ମାଅ, ଜେଜି, ଡେଙ୍ଗେଇ ଅାଦି ଶବ୍ଦ ବ୍ୟବହୃତ ହୁଏ ।
Sā-āntāṇi
(ସାଆନ୍ତ—ପୁଂ)
সামন্তপত্নী **मालिकिनी**
ঠাকুরানী **मालिकिनी**

ସାଆନ୍ତାଣୀ କଥା ବାସେ } ନ୍ୟାୟ—
ପୋଇଲି କଥା ଗନ୍ଧାଏ }

ସାଆନ୍ତାଣୀ ଅନ୍ୟାୟ ବା ମନ୍ଦ କାର୍ଯ୍ୟ କଲେ ତାହାକୁ ଲୋକେ ଅଧିକ ସହଜ ଗ୍ରହଣ କରନ୍ତି, କିନ୍ତୁ ପୋଇଲି ବା ଯୁବତୀ ସେହି କାର୍ଯ୍ୟ କଲେ ତାହାକୁ ଲୋକେ ଘୃଣା ଚକ୍ଷୁରେ ଦେଖନ୍ତି । ଏହାର ସମାର୍ଥକ ଢଗ—

'ଧୋବଧାଉଳିଆ ଗେରୁ ଚରନ୍ତି,
ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି ।]

୩ । ଦେବୀ—3. Goddess; a female Deity. (ଉ—ବୋଇଲ ! କେଉଁ ଠଉ ଉପୁଜୁ ଦେଖଇ । ଲକ୍ଷ୍ମୀ ସାଆନ୍ତାଣୀ ପୁଣି ଅସିବେକି ଘର କୋ ବୋଇଲ !—ଜାଳକୃଷ୍ଣ. ଅକାଳ ବୋଇଲ !

ସାଆନ୍ତାଳ (ଇତ୍ୟାଦ)—ଦେ. ବି—ସାନ୍ତାଳ ଇତ୍ୟାଦି (ଦେଖ)
Sā-āntāḷa [etc] Sāntāḷa etc [See]

ସାଆନ୍ତିଆ—ଦେ. ବଣ—୧ । ସାଆନ୍ତ ସମ୍ବନ୍ଧୀୟ—1. Relating to 'Sā-ānta'. ୨ । କରଣ ସମାଜ ସମ୍ବନ୍ଧୀୟ—2. Relating to the Karaṇa Society. (ଯଥା—ସାଆନ୍ତିଆ ବାହା)
Sā-āntiā
সামন্ত সম্বন্ধীয় **सामन्तका**

ସାଆପକ୍ଷ—ଗ୍ରା. ବି—ସପକ୍ଷ (ଦେଖ
Sā-āpaksha Sāpaksha. (See)

ସାଆବ (ଇତ୍ୟାଦ)—ଦେ. ବି (ପୁଂ)—ସାହେବ ଇତ୍ୟାଦ (ଦେଖ)
Sā-āba (etc) Sāheba etc. (See)

ସାଆବାଣୀ—ଦେ. ବି (ସ୍ତ୍ରୀ)—ସାହେବାଣୀ (ଦେଖ)
Sā-ābāṇi Sāhebāṇi. (See)

ସାଆବାନି (ଇତ୍ୟାଦ)—ଦେ. ବି ଓ ବଣ—ସାହେବାନି (ଦେଖ)
Sā-ābāni (etc) Sahebāni. (See)
(ସାଆବାନଅ[ଅଁ]—ଅନ୍ୟ ବରୂପ)

ସାଆ ଭରସା—ଦେ. ବି—ସାହା ଭରସା (ଦେଖ)
Sā-ā bharasā Sāhā bharasā. (See)

ସାଆର—ଦେ. ବି—୧ । ସାହାର (ଦେଖ)—1. Sāhārā. (See) ୨ । ସାହାଡ଼ା ଇତ୍ୟାଦ (ଦେଖ)—2. Sāhārḍā etc. (See)
Sā-ārā

ସାଆରିଆ—ଦେ. ବଣ—ସାଉଳିଆ (ଦେଖ)
Sā-āriā Sāuḷiā. (See)

ସାଆଳ—ଦେ. ବି (ଇଂ. ସ୍ଲେଜ୍)—ବରଫ ଉପରେ ଟଣା ହେବା ଚକହୀନ ଗାଡ଼ି—1. Sledge. [ଦ୍ର—ଏସ୍କିମୋମାନେ ବରଫ ଉପରେ ସାଆଳ ଚଳାଇ ପାରୁ ଜାହାନ୍ତି । ବୈଦେଶିକ ଶବ୍ଦ ।] ୨ । ସାହାଳ (ଦେଖ)—2. Sāhāḷa. (See)
Sā-āḷa
চাকাহীন গাড়ী **बरफ गाड़ी**

ସାଆଲମ୍—ଦେ. ବି (ନାମ)—ଦିଲ୍ଲୀର ଶେଷ ଓ ନାମମାତ୍ର ମୋଗଲ ସମ୍ରାଟ ସାହାଆଲମ୍—The last nominal Moghul Emperor [ଦ୍ର—ଏହାଙ୍କର କାଲ ଖ୍ରୀ:
Saālam
সাআলম

ସାହଆଲମ ୧୭୨୮, ସିଂହାସନାରୋହଣ ୧୭୬୧ ଓ ମୃତ୍ୟୁ ୧୮୦୬ରେ ହୋଇଥିଲା । ଏହାଙ୍କର ଅନ୍ୟ ନାମ ଅଲି ଗୌହର୍ । ଏ ଶେଷ ମୋଗଲ ସମ୍ରାଟ୍ ଥିଲେ । ଏ ଲର୍ଡ୍ କ୍ଲାଇବଙ୍କୁ ବଙ୍ଗ, ବିହାର, ଓଡ଼ିଶାର ଦେୱାନୀ (ରାଜସ୍ୱ ଆଦାୟର ଭାର) କୁ ବାର୍ଷିକ ଛବିଶି ଲକ୍ଷ ଟଙ୍କା ଜମାରେ ପଟ୍ଟା ଦେଇଥିଲେ । ମାତ୍ର ୧୮୦୩ ସାଲ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କ ହାତରେ ଥିଲା । ସେହି ସାଲରେ ଦେଓଗାଁ ସନ୍ଧିଦ୍ୱାରା ଭୋଁସଲା ରାଜା ଓଡ଼ିଶାକୁ ଓ ଖାନ୍ଦେଶକୁ ଇଂରାଜମାନଙ୍କୁ ଅର୍ପଣ କରିଥିଲେ ।

ଏ ବଙ୍ଗ ଦେଶ ଆକ୍ରମଣ କରି ପ୍ରଥମେ ଇଂରାଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ପରେ ଇଂରାଜଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ପରେ ମାଧୋଜୀ ସିନ୍ଧିଆ ଏହାଙ୍କୁ ଦିଲ୍ଲୀର ରାଜସିଂହାସନରେ ଚଳିଛ ଦିନ ବସାଇବା ପରେ ରୋହିଲାମାନଙ୍କ ସର୍ଦ୍ଦାର ଏହାଙ୍କୁ ପରାସ୍ତ କରି ଏହାଙ୍କ ଆଖି ଦିଓଟି ଫୁଟାଇ ଦେଲେ ଓ ଏ ପୁଣି ମରହଟ୍ଟାମାନଙ୍କ ଶରଣାପନ୍ନ ହେଲେ । ତୃତୀୟ ମରହଟ୍ଟା ଯୁଦ୍ଧ ପରେ ୧୮୦୩ ରେ ଇଂରାଜମାନେ ପୁଣି ଏହାଙ୍କୁ ଦିଲ୍ଲୀର ସିଂହାସନରେ ବସାଇଲେ, କିନ୍ତୁ ଏ ନାମ ମାତ୍ର ବାଦସାହା ଥାଇ ୧୮୦୬ ରେ ପ୍ରାଣତ୍ୟାଗ କଲେ ।]

ସାଅଲା—ଗ୍ରା- ବି॰ ସ୍ତ୍ରୀ—ସାରଳା (ଦେଖ)—
Sā-ālā Sāralā (See)
(ସାଅଳା ଠାକୁରାଣୀ—ଅନ୍ୟରୂପ)

ସାଅସ—ଗ୍ରା. ବି (ସଂ, ସାହସ)—୧ । ସାହସ(ଦେଖ)—1. Sāhāsa
Sā-āsa (See). ୨ । (ଶ୍ୱାସ) ଶ୍ୱାସ (ଦେଖ)—2. Śwāsa
সাহস साहस শাস साँस (See).

ସାଅସ୍ତ୍ର—ଗ୍ରା. ବି (ସଂ. ଶାସ୍ତ୍ର)—ଶାସ୍ତ୍ର (ଦେଖ)—
Sā-āsra Śāstra (See)
শাস্ত্র शास्त्र

ସାଇ—ଦେ. ବି (ସଂ. ସହି ଶବ୍ଦ)—୧ । ଏକ ସ୍ଥାନରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଗୃହାବଳି; ଗୃହପଙ୍କ୍ତି—1. The
Sāi
পাড়া टोला row of houses of the residents of a certain place. ୨ । ପଙ୍କ୍ତି; ଧାଡ଼ି; ଶ୍ରେଣୀ—2. Row; line. ୩ । ଗ୍ରାମର ବା ନଗରର ପଡ଼ା ବା ଅଂଶ ବା ଗଳି—3. Part of a village. or town; quarter; street or lane. [ଦ୍ର—କଟକ ସହରର ଭିନ୍ନ ଭିନ୍ନ ଅଂଶକୁ ବଜାର (ଯଥା—ଚୌଧୁରୀ ବଜାର, ବାଲୁବଜାର) ବା ସାହି ବୋଲାଯାଏ) ଯଥା—ଖଟବିନ୍ ସାହି, ଜୋବ୍ରାସାହି, ମଛୁଆସାହି, ପେଠୀନ୍ ସାହି ଇତ୍ୟାଦି ।)

ବାଲେଶ୍ୱର ସହରର ଭିନ୍ନ ଭିନ୍ନ ଅଂଶକୁ 'ଗଞ୍ଜ' ବୋଲାଯାଏ । ଯଥା—ମୋତିଗଞ୍ଜ, ମାଣିକ ଗଞ୍ଜ ।

ସମ୍ବଲପୁର ସହରର ଭିନ୍ନ ଭିନ୍ନ ଅଂଶକୁ ପଡ଼ା ବୋଲାଯାଏ ଯଥା—ଝଣ୍ଟନାୟକ ପଡ଼ା, ଢକେଇ ପଡ଼ା, ଝାଡ଼ୁପଡ଼ା, ନନ୍ଦପଡ଼ା ଇତ୍ୟାଦି ।

ପୁରୀ ସହରର ଭିନ୍ନ ଭିନ୍ନ ଅଂଶକୁ ସାଇ ବୋଲାଯାଏ । ଯଥା—ଦୋଳମଣ୍ଡପ ସାଇ, ବାଲି ସାଇ, ହରଚଣ୍ଡୀ ସାଇ, ହେରାଗୋହିରୀ ସାଇ, ବାସେଲୀ ସାଇ, କୁଣ୍ଡେଇବେଣ୍ଟ ସାଇ ଇତ୍ୟାଦି ।]

୪ । ଗ୍ରାମର ବା ସହରର ଯେଉଁ ଅଂଶରେ ଏକ ଜାତୀୟ ବା ଏକ ବ୍ୟବସାୟାବଲମ୍ବୀ ବ୍ୟକ୍ତିମାନେ ବାସ କରନ୍ତି—4. The part of a town or village inhabited by people of one caste or profession. [ଦ୍ର—ଏକ ଜାତୀୟ ବା ଏକ ବ୍ୟବସାୟାବଲମ୍ବୀମାନେ ଏକତ୍ର ବାସ କରୁଥିବା ଅନୁସାରେ ସାଇର ନାମକରଣ ହୁଏ । ଯଥା—କେଉଟସାଇ, ବାଉରୀସାଇ ।

ଦେବତାମାନଙ୍କ ନାମ ଅନୁସାରେ ମଧ୍ୟ ସାଇର ନାମ ହୁଏ । ଯଥା—ହରଚଣ୍ଡୀସାଇ, ବାସେଲୀସାଇ, ଠାକୁରସାଇ । ନୂତନ ନୂତନ ପ୍ରତିଷ୍ଠିତ ସାଇକୁ ନୂଆ ସାଇ ବୋଲାଯାଏ ।]

୫ । ପଲ୍ଲୀଗ୍ରାମ; ଖଣ୍ଡଗ୍ରାମ—5. A hamlet. [ଉ—ହାଣ୍ଡି ସାଇରେ ମାଣିକ ପଡ଼ିଲେ ଗୋରୁହାଡ଼ ଘେନି ପିଟନ୍ତି । ଭଗ ।] ପ୍ରାଦେ (କଟକ ଜିଲ୍ଲାର ଉତ୍ତରାଂଶ) ବି—ଅଗଣା—Court-yard, ପ୍ରାଦେ (ବଲାଙ୍ଗିର ପାଟଣା) ସର୍ବନାମ—ସେହି—That, ପ୍ରାଦେ (ସମ୍ବଲପୁର, ବଲାଙ୍ଗିର) ବି—(ଦ୍ରାବି॰ ତେ॰ ସାହି)ଝିଙ୍କ—Procupine, ପ୍ରାଦେ (ଅଳି) ବି—ବାସଗୃହ; ଘର—Home; residence.

ସାଇ ଅଣ୍ଡିରା(ମରଦ, ମର୍ଦ୍ଦ)—ଗ୍ରା. ବି (ଇତର) (ବ୍ୟଙ୍ଗ୍ୟ)—ସାଇରେ
Sāi aṇḍirā(marada, marda) ବାସ କରୁଥିବା ପୁରୁଷ-
পাড়ারমরদ टोलेकामर्दों ବ୍ୟକ୍ତିଗଣ ଓ ବିଶେଷତଃ ଯୁବକ ଗଣ—The males (specially the young men) inhabiting a certain street or quarter of a town or of a village.

ସାଇଆ—ଦେ,ବିଣ—ଗ୍ରାମର ବା ନଗରର କୌଣସିସାଇର ଅଧିବାସୀ—
Sāiā Inhabiting a certain street or part of a
পাড়াওয়ালা टोलावाला town or village.
ବୈଦେ (ପର୍ତ୍ତୁଗୀଜ୍) ବି—ସାୟା (ଦେଖ)—Sāyā(See).

ସାଇ ଆଖଡ଼ା—ଦେ. ବି—ସାଇ ଜାଗା (ଦେଖ)—
Sāi ākharḍā Sāi jāgā (See)
পাড়ারআখড়া टोलेकाअखाडा

ସାଇଁ—ଦେ. ବି—(ସଂ. ସ୍ୱାମୀ)—୧ । ପ୍ରଭୁ; ସ୍ୱାମୀ—1. Lord. [ଉ—
Saiṅ ତୁମ୍ଭେ ତ ତ୍ରିଭୁବନ ଲୋକଙ୍କର ସାଇଁ—କୃଷ୍ଣସିଂହ. ମହା
সাঁই साँई ଭାରତ. ବନ ।] ୨ । ଦେବତା—2.Deity.

୩ । ପରମେଶ୍ୱର—3. God. (ଯ—ଯାହା କରବେ ସାଇଁ, ତାହା କାହାର ହାତରେ ନାହିଁ । ତଗ) । ୪ । ରାଜା—4. King. [ଯ—ଦୁଇ ମାସ ମଧ୍ୟରେ ମାର ଇକ ସାଇଁ—କୃଷ୍ଣସିଂହ. ମହାଭାରତ. ବନ ।] ୫ । ବୃଡା ମୂଳା ଗଛରୁ ବାହାରବା ପୁଷ୍ପଦଣ୍ଡ—5. Flower-stem which sprouts up from a grown up radish. ଗ୍ରାଦେ· (ବସ୍ତର)ବ—ହିଁଙ୍କ—Porcupine.

ସାଇ ପୁଞ୍ଜି—ଗ୍ରାଦେ.(ଇରଅ) ବ—ମୂଳଧନ—The capital of a business.
Sāiñ puñji

ସାଇଁ ମୂଳା—ଦେ. ବ—ଯେଉଁ ମୂଳା ବୁଢ଼ା ହୋଇ ସେଥିରୁ ସାଇଁ ବାହାର ଥାଏ; ଓ ଯହିଁର ଶସ ଯାକ କଡାପର ହୋଇଥାଏ—Fibrous radish.
Sāiñ mūḷā
সাইঁ মূলা ବୂଢ଼ାମୁଳା ତେମଡ଼ା

ସାଇଁ ମୂଷା—ଗ୍ରାଦେ.(ସମ୍ବଲପୁର-ଖଡ଼ିଅଳ) ବ--(ଭୁକ,ହ୍ର.ସାଗ୍ଧ)ହିଁଙ୍କ—Porcupine.
Sāiñ mūshā

ସାଇଁଲେର ଗୀତ—ଗ୍ରାଦେ (ସମ୍ବଲପୁର, ଖଡ଼ିଅଳ) ବ—ଖଡ଼ିଅଳ ଓ ସମ୍ବଲପୁର ଅଞ୍ଚଳରେ ଇତର ଜନସମାଜରେ (ସାଇଁଲେରଅ ଗୀତ—ଅନ୍ୟରୂପ) ପ୍ରଚଳିତ ଏକ ପ୍ରକାର ଗୀତ—A kind of popular song prevalent amongst the common people in Khariar and Sambalpur areas.
Sāiñlori gita

ସାଇଁ ଶଗ(ର)ଡ଼—ଦେ· ବ—(ଧ୍ୱନ୍ୟନୁକରଣ, ସାଇଁ + ଶକଟ)—ଏକ ପ୍ରକାର ଟିଣ ଖୁନ୍ଦ କାଠର ବା ଟିଣର ଖେଳନା (ଯାହାକୁ ବୁଲାଇଲେ ସାଇଁ ସାଇଁ ଶବ୍ଦ କରି ଚକ ବୁଲେ)—A sort of toy rattle made of tin or wood.
Sāiñ saga(ra)ṛḍa
সাইঁ শকট ଚରଖରୀ

ସାଇଁ ସାଇଁ—ଦେ. କି. ବଣ—(ଧ୍ୱନ୍ୟନୁକରଣ) ସାଇଁ ସାଇଁ ଧ୍ୱନିପୂର୍ବକ—Making a nasal hissing sound; smacking sound. [ଦ—ଶ୍ୱାସ ରୋଗୀ ଜଣ୍ଟାସ ମାରଲେ, ସ୍ୱରୂପକୁ ବାରମ୍ବାର ଶୂନ୍ୟରେ ମାରଲେ, ଧାନ ଗଛ ପବନରେ ଇତସ୍ତତଃ ସଞ୍ଚାଳିତ ହେଲେ ଏହି ଶବ୍ଦ ଉତ୍ପନ୍ନ ହୁଏ ।]
Sāiñ sāiñ
সাইঁ সাই ସନସନ

ସାଇକ(କେ)ଲ୍—ବୈଦେ. ବ—(ଇଂ)—ବାଇ ସାଇକଲ୍; ଗୁଡ଼ ଗାଡ଼—Bicycle; bike. [ଦ—ଦୁଇଟି ଚକ ଥିବା ସାଇକଲ୍‌କୁ ବାଇ ସାଇକଲ୍; (ସାଇକଲ୍—ଅନ୍ୟରୂପ) ଓ ତିନଗୋଟି ଚକଥିବା ସାଇକଲ୍‌କୁ ଟ୍ରାଇସାଇକଲ୍ କୁହାଯାଏ ।]
Sāika(ke)l
সাইকল ସାଇକଲ

ସାଇକଲ୍ ମାରି ପହଞ୍ଚିବା—ଦେ. କି—ସାଇକଲ୍‌ଦ୍ୱାରା ଗତି କରି କୌଣସି ସ୍ଥଳରେ ଶୀଘ୍ର ଉପସ୍ଥିତ ହେବା—To bike to a certain place.
Sāikal māri pahañchibā
সাইকল করিয়া পহুঁচা
ସାଇକଲ ଚଢ଼ ପହୁଁଚନା

ସାଇକ(କୋ)ଲଜି—ବୈଦେ· ବ (ଇଂ·)—ମନୋବିଜ୍ଞାନ—Psychology; science of mind.
Sāika(ko)laji
সাইকলজি ସାଇକଲଜି

ସାଇକୁ ଯିବା—ଗ୍ରାଦେ (ଅଳ) କି—ଘରକୁ ଯିବା—To go home.
Sāiku jibā

ସାଇକ୍ଲୋପିଡିଆ—ବୈଦେ· ବ (ଇଂ·)—ଯେଉଁ ବଡ଼ କୋଷଗ୍ରନ୍ଥରେ ବର୍ଣ୍ଣମାଳାକ୍ରମେ ପଦମାନଙ୍କ ସମ୍ବନ୍ଧରେ ବହୁ ଜ୍ଞାତବ୍ୟ ବିଷୟ ଥାଏ—Cyclopaedia.
Sāiklopiḍiā
সাইক্লোপিডিআ
ସାଇକ୍ଲୋପିଡିୟା

ସାଇକ୍ଲୋଷ୍ଟାଇଲ୍—ବୈଦେ. ବ (ଇଂ)—ଅକ୍ଷର ଲେଖା ବା ଟାଇପ୍ ହୋଇଥିବା କାଗଜର ବହୁ ସଂଖ୍ୟକ ନକଲ କରିବା ଯନ୍ତ୍ର—Cyclostyle.
Sāiklosṭāil
সাইক্লোষ্টাইল ସାଇକ୍ଲୋସ୍ଟାଇଲ

ସାଇଙ୍ଗା(ଙ୍ଗ୍ୟା)—ଗ୍ରା. ବ—ସଙ୍ଗ୍ଞା; ପାରିବାରିକ ପଦବୀ—One's family-title.
Sāiṅgā(ṅgyā)
সংগ্যা । ଉପନାମ

ସାଇଜ୍—ବୈଦେ. ବ (ଇଂ)—(ପଦାର୍ଥର) ଆକାର—Size.
Sāij সাইজ ସାଇଜ

ସାଇ ଜା(ଜେ)ଗା—ଗ୍ରାଦେ (ପୁରୀ ସହର) ବ—ସାଇ ଅଖଡ଼ା; ପୁରୀ ସହରରେ ପ୍ରତ୍ୟେକ ସାଇରେ ଥିବା ବ୍ୟାୟାମଶାଳା ଓ ସଙ୍ଗୀତ ଗୃହ—A common room or club room of a Sāi (in Purī town) where the inhabitants of the Sāi assemble for purposes of recreation and amusement.
Sāi jā(je)gā

ସାଇଟ୍—ବୈଦେ· ବ (ଇଂ)—୧ । ଦୃଷ୍ଟି; ଦୃଷ୍ଟି—1. Sight. ୨ । ସ୍ଥାନ—2. Site.
Sāiṭ সাইট ସାଇଟ

ସାଇଟ୍ ଘଣ୍ଟା(ଣ୍ଟି)—ଦେ· ବ—ରେଳ ଷ୍ଟେସନକୁ ଆସୁଥିବା ରେଳଗାଡ଼ି ଷ୍ଟେସନକୁ ଦୃଷ୍ଟିଗୋଚର ହେଲେ ଷ୍ଟେସନ୍ କର୍ମଚାରୀମାନେ ଷ୍ଟେସନରେ ଉପସ୍ଥିତ ଯାତ୍ରୀଙ୍କୁ ଏହା ଜଣାଇ ଦେବା ପାଇଁ ଯେଉଁ ଘଣ୍ଟା ବଜାନ୍ତି—The bell rung when the incoming train is in sight at a station the sight bell.
Sāiṭ ghanṭā nṭi)
সাইট ঘণ্টা
ସାଇଟ ଘଣ୍ଟା

ସାଇଟ୍ ଭେନ୍—ବୈଦେ· ବ (ଇଂ)—୧ । ଜମି ମାପିବା ନିମନ୍ତେ ବ୍ୟବହୃତ କମ୍ପାସର ଅଂଶବିଶେଷ—1. Sight-vane of a prismatic compass. [ଦ—ଏହି ଯନ୍ତ୍ର ମଧ୍ୟରେ ଥିବା ଅତି ସରୁ ଦୁଡ଼ା ଦାଢ଼ରେ ଦୂରସ୍ଥ ବସ୍ତୁକୁ ଲକ୍ଷ୍ୟ କରାଯାଏ ।] ୨ । ବନ୍ଧୁକର ନଳ ଅଗରେ ଥିବା ମାଛିକୁ ଚାହିଁ ଲକ୍ଷ୍ୟ ସ୍ଥିର ଦୃଷ୍ଟି କରିବା ପାଇଁ ଥିବା ସଗ୍—2. Sight-vane of a gun.
Sāiṭ bhen
সাইট ভেন
ସାଇଟ ଭେନ

ସାଇଟ୍ ହୋଲ୍—ବୈଦେ· ବ (ଇଂ)—ବାହାରକୁ ଚାହିଁବା ପାଇଁ ଦୁର୍ଗ ପ୍ରାଚୀରରେ ବା ଘରର କାନ୍ଥରେ ଥିବା ଛିଦ୍ର ବା ଜଳା—Sight-hole; a peep-hole.
Sāiṭ hol
সাইট হল
ସାଇଟ ହୋଲ

ସାଇଡ୍—ବୈଦେ. ବି (ଇଂ)—ପାଖ; ପାର୍ଶ୍ୱ—Side.
Sāiḍ ସাইড্ साइड्

ସାଇଡ୍ ବ(ବା)କ୍ସ—ବୈଦେ. ବି (ଇଂ)—ଦର୍ଶକମାନେ ବସି ଅଭିନୟ
Sāiḍ ba(bā)ksa ଦେଖିବା ପାଇଁ ଥିଏଟର ଘରର ପାର୍ଶ୍ୱରେ
সাইড বক্স ଥିବା ଅଲଗା ଛୋଟ କୋଠରି—A side box
साइड् बक्स in a theatre

ସାଇଡ୍ ବୋର୍ଡ୍(ର୍ଡ୍)—ବୈଦେ. ବି (ଇଂ)—ବାସନ ଆଦି ସଜାଇ
Sāiḍ borḍ(rḍ) ରଖିବା ପାଇଁ ଖାନା କାମରାର ପାଖରେ ରଖା
সাইড বোর্ড ଯାଇଥିବା ଅଲମାରି—Sideboard.
साइड् बोर्ड्

ସାଇଡ୍ ରୁମ୍—ବୈଦେ. ବି (ଇଂ)—ଘରର ବଡ଼ କୋଠରି ପାଖରେ
Sāiḍ rum ଥିବା ଛୋଟ କୋଠରି—Side room.
সাইড রুম साइड रूम

ସାଇଡ୍ ଲାଇଟ—ବୈଦେ. ବି (ଇଂ)—ରଙ୍ଗମଞ୍ଚକୁ ଆଲୋକିତ କରିବା
Sāiḍ lāiṭ ପାଇଁ ମଞ୍ଚର ପାର୍ଶ୍ୱରେ ଜଳୁଥିବା ଆଲୁଅ—
সাইড় লাইট साइड् लाइट Side light.

ସାଇଡ୍ ସାଡ୍ଲ୍—ବୈଦେ. ବି (ଇଂ)—ମେମ୍‌ମାନେ ଘୋଡ଼ା ଚଢ଼ିବା
Sāiḍ sāḍl ପାଇଁ ଯେଉଁ ଏକପାଖିଆ ଜିନ୍ ବ୍ୟବହାର କରନ୍ତି—
সাইড সাড্‌ল साइड् साड्ल Side saddle. [ଦ୍ର—ଏହି
ଜିନ୍ ଉପରେ ମେମ୍‌ମାନେ ଗୋଟିଏ ପାଟକୁ ଦୁଇ ଗୋଡ଼କୁ
ଲମ୍ବାଇ କରି ବସନ୍ତି।]

ସାଇ ଡାକରା—ଦେ. ବି—ଏକ ସାଇର ସମସ୍ତ ବ୍ୟକ୍ତିଙ୍କୁ ବା ସବୁ ସାଇ-
Sāi ḍākarā ଭାଇମାନଙ୍କୁ ଭୋଜନାର୍ଥ ନିମନ୍ତ୍ରଣ—Invitation
পাড়া নিমন্ত্রণ to all the inhabitants of a parti-
टोलेका निमन्त्रण cular quarter of the town or
village to dinner.

ସାଇଡିଙ୍ଗ୍—ବୈଦେ. ବି (ଇଂ)—ରେଲ୍ ଷ୍ଟେସନରେ ଅସଲ ରେଲ୍
Sāiḍiṅg ଲାଇନ୍ ପାଖରେ ଥିବା ଅସ୍ଥାୟୀ ଲାଇନ୍, ଯେଉଁ ଲାଇନ୍‌ରେ
সাইডিঙ্গ্ ଅବ୍ୟବହୃତ ରେଳଗାଡ଼ିକୁ ଅଲଗା କରି ରଖାଯାଏ—
साइडिङ्ग् The siding of a Railway station
(where detatched waggons are
(ସାଇଡଂ—ଅଶୁଦ୍ଧରୂପ) kept).

ସାଇ ତଳିଆ—ଦେ. ବିଣ—୧। ନଗରର ସାହିର ବା ଗ୍ରାମର ସାହିର
Sāi taḷiā ନିକଟବର୍ତ୍ତୀ—1. Adjoining any quarter
পাড়ার কাছের of a town or village. ୨। ନଗରର
गाँवके नजदीक वाला ସାହିର ବା ଗ୍ରାମର ସାହିର ଉପକଣ୍ଠରେ
ବାସକାରୀ—Residing in the outskrits of a
town or village.

ସାଇତା—ଦେ· ବି (ସଂ. ସ୍ଥାପିତ; ସଞ୍ଚିତ)—୧। ସାଇତିବା; ସଞ୍ଚୟ
Sāita କରିବା—1. Act of storing. ୨। ସଞ୍ଚିତ
সাইতকরা जमा ହେବା ଅବସ୍ଥା—2.The state of being
সাইত হয়ে থাকা stored. ବିଣ—ସାଇତା ଯାଇଥିବା; ସଞ୍ଚିତ—
जमा हुआ Stored up. [ଉ—ଧାନ ପାଞ୍ଚ ମାଣ ଭରଣ
ମଧ୍ୟ ଘରେ ସାଇତା ଅଛି—ଫକୀରମୋହନ. ଛମାଣ.
ଅଠଗୁଣ୍ଠ।]

ସାଇତା(ତେ)ଇବା—ଦେ. କ୍ରି—୧। ସାଇତିବା କ୍ରିୟାର ଣିଜନ୍ତ ରୂପ—
Sāitā(te)ibā 1. The causative form of Sāitibā.
সাইত করান ୨। ଅନ୍ୟ ଦ୍ୱାରା ସୁରକ୍ଷିତ କରାଇବା—
जमा करना 2. To cause to be stored.

ସାଇତା ଥିବା—ଦେ. ବିଣ ଓ ବି—ସଞ୍ଚିତ ହୋଇ ରକ୍ଷିତ—
Sāitā thibā Stored up. ଦେ· ବି—ସଞ୍ଚିତ ଓ ରକ୍ଷିତ
[ସାଇତା ଯା(ହୋ)ଇଥିବା—ଅନ୍ୟରୂପ] ହୋଇଥିବା ଅବସ୍ଥା—
সাইত হয়ে থাকা The state of being stored up.
संचित होकर जमा हुआ [ଉ—ସାଇତା ଥିବାର, କୁହା
ନୋହିବାର, ଘଇଁବାର ବଡ଼ ଦୁଃଖରେ ସଙ୍ଗାତ—
କବିସୂର୍ଯ୍ୟ. ସଙ୍ଗୀତ।]

ସାଇତା ଯି(ହେ)ବା—ଦେ· କ୍ରି—(ସାଇତିବା କ୍ରିୟାର କର୍ମବାଚ୍ୟରୂପ)—
Sāitā ji(he)bā ସୁରକ୍ଷିତ ହେବା—To be stored.
সাইত হওয়া; जमा होना

ସାଇତା ସାଇତି—ଦେ. ବି—ସୁରକ୍ଷଣ ଓ ସଞ୍ଚୟ—Storing and
Sāitā sāiti সাইত স্থলুক जमा उमा preserving.

ସାଇତି—ପ୍ରାଦେ (ବାଲେଶ୍ୱର) ବି—ଅନୁକୂଳ—Auspicious
Sāiti beginning.

ସାଇତିବା—ଦେ. କ୍ରି—(ସଂ. ସ୍ଥାପିତ ବା ସଞ୍ଚିତ)—୧। କୌଣସି
Sāitibā ପଦାର୍ଥକୁ ଯତ୍ନ ପୂର୍ବକ ସଞ୍ଚୟ କରିବା—1. To store
সাইত করা सजाकर रखना with care. [ଉ—ସ୍ୱପ୍ନ
ବୋଇଲେ ଏ ନ ହୁଇ ଏ କାଳକୁ। ମାଣ୍ଡି, ଘରେ ସାଇତି
ରଖ ନେଇ ଯାଉ। କୃଷ୍ଣସିଂହ. ମହାଭାରତ. ଖଣ୍ଡ।]
୨। ସୁରକ୍ଷିତ କରିବା—2. To preserve. ୩।
ଭବିଷ୍ୟତ୍ ବ୍ୟବହାରାର୍ଥ ସଞ୍ଚାଇବା—3. To keep or
preserve a thing for future use. ୪। ନିଜର
ଜିମାରେ ବା ହେପାଜତରେ ରଖିବା—4. To keep a
thing in one's custody. ୫। ଯତ୍ନ ନେବା—
5. To take care of. ୬। କୌଣସି ବ୍ୟକ୍ତିକୁ
ଭରଣପୋଷଣ ପୂର୍ବକ ଯତ୍ନରେ ରଖିବା; ପୋଷିବା—
রাখা पालना 6. To maintain and take care of a
person.

ସାଇନ୍—ବୈଦେ. ବି (ଇଂ)—୧। ଚିହ୍ନ—1. Sign. ୨। (ଅଧୁନିକ,
Sāin ତ୍ରିକୋଣମିତି) ବୃତ୍ତ ଖଣ୍ଡର ଏକ ପ୍ରାନ୍ତରୁ ଟଣା ଯାଇଥିବା
সাইন্ ବ୍ୟାସ ଉପରକୁ ବୃତ୍ତ ଖଣ୍ଡର ଅନ୍ୟ ପ୍ରାନ୍ତ ବିନ୍ଦୁରୁ ଯେଉଁ
साइन लମ୍ବ ରେଖା ପାତିତ କରାଯାଏ—2. (Trigonometry)
The sine of an arc.
[ଦ୍ର—'କଖ' ବୃତ୍ତ ଖଣ୍ଡର ଏକ ପ୍ରାନ୍ତ 'ଖ' ଅଟେ,
ଯେଉଁ ବ୍ୟାସ 'ଖଗ' ଟଣା ଗଲା, ଉକ୍ତ ବୃତ୍ତ ଖଣ୍ଡର
ଅନ୍ୟ ପ୍ରାନ୍ତ 'କ' ବିନ୍ଦୁରୁ ସେହି 'ଖଗ' ବ୍ୟାସ ଉପରେ
ପାତିତ ଲମ୍ବ ରେଖା 'କଘ'କୁ ଉକ୍ତ ବୃତ୍ତ ଖଣ୍ଡର 'ସାଇନ୍'

ବୋଲାଯାଏ । ଉକ୍ତ ବୃତ୍ତଖଣ୍ଡର ଅନ୍ୟ ଅଂଶ 'ଚାପ' ସମ୍ବନ୍ଧେ ଉକ୍ତ 'ଚାପ' ରେଖାକୁ 'କୋସାଇନ୍' ବୋଲାଯାଏ ସାଇନ୍ ଓ କୋସାଇନ୍ ଅପେକ୍ଷିକ ଶବ୍ଦଦ୍ୱୟ ଅଟନ୍ତି ।] ୩ । (ତ୍ରିକୋଣମିତି) କୋଣର ଏକ ବାହୁର ଗୋଟିଏ ବିନ୍ଦୁରୁ ଅନ୍ୟ ବାହୁ ଉପରକୁ ଲମ୍ବ ହୋଇ ଟଣାଯିବା ରେଖା ଓ ସେହି ବାହୁର ବିନ୍ଦୁରୁ ଲମ୍ବ ଟଣା ହୋଇଥାଏ— 3. (Trigonometry) The sine of an angle. [ଦ୍ର—କଖଗ କୋଣର କଖ ବାହୁର ଖ ନାମକ ଯେ କୌଣସି ବିନ୍ଦୁରୁ ଖଗ ଉପରେ ଘଚ ଲମ୍ବ ଟଣା ହୋଇଅଛି ଘଚ, ଖଘ କୁ ଖଗଚ ବା କଖଗ କୋଣର 'ସାଇନ୍' ବୋଲାଯାଏ ।]

ସାଇନ୍ ବୋର୍ଡ (ର୍ଡ)—ବୈଦେ. ବି (ଇଂ)—ଯେଉଁ ପଟାରେ ଦୋକାନ Sain bord(rd) ଅଫିସ ନାମ ବା ଜ୍ଞାତବ୍ୟ ବିଷୟମାନ ଲେଖା সাইন্ বোর্ড্ ବା ଚିତ୍ରିତ ହୋଇ ଦୋକାନର ବା ଅଫିସର **साइन बोर्ड** ସମ୍ମୁଖରେ ଟଙ୍ଗା ହୋଇଥାଏ—A sign-board of a shop or office.

ସାଇ ନାଟ—ଦେ. ବି—୧ । ସାଇ ଯାତ (ଦେଖ)—1. Sāi jāta Sāi nāṭa (See). ୨ । ସହରର ବା ଗ୍ରାମର କୌଣସି ସାଇରେ ভেয়ে নাচ, বারোয়ারি କରାଯିବା ନାଟ—2. Dancing per- **टोलेका नाच** formed in any quarter of the town.

ସାଇ(ଏ)ନ୍ସ—ବୈଦେ, ବି (ଇଂ)—ବିଜ୍ଞାନ—Science. Sāi(e)ns সাইন্স **सायंस**

ସାଇ(ଏ)ନ୍ସ କ୍ଲାସ—ବୈଦେ. ବି (ଇଂ)—ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷା Sāi(e)ns klās ଦିଆଯିବା ଶ୍ରେଣୀ—The science class সাইন্স ক্লাস of a school or college. **सायंस क्लास** [ଦ୍ର—ଏହି ସାଇନ୍ସ ଶବ୍ଦ ସଙ୍ଗେ ଲେକଚରର୍, ପ୍ରୋଫେସର, ଟିଚର୍, ଲେକଚରର୍ ଆଦି ଇଂରାଜୀ ଶବ୍ଦ ବ୍ୟବହୃତ ହୁଏ ।]

ସାଇନ୍ସ ଲାବା(ବୋ)ରେଟରୀ—ବୈଦେ. ବି (ଇଂ)—ବୈଜ୍ଞାନିକ ପରୀକ୍ଷା- Sāins lāba(bo)retarī ମନ୍ଦିର—Science laboratory. সাইন্স লাবোরেটারী **साइन्स लाबोरेटारी**

ସାଇ ପଡ଼ିଶା—ଦେ. ବି—୧ । ନିଜ ସାଇରେ ବାସ କରୁଥିବା ବ୍ୟକ୍ତି ଓ Sāi parḍisā ନିକଟ ପ୍ରତିବେଶୀ—1. The residents of পড়া পড়শী, পাড় পড়শী one's quarter of the town **अड़ौस पड़ौस, अरोस परोस** and one's close neigh- (ସାଇ ପଡ଼ୋଶୀ—ଅନ୍ୟରୂପ) bours. ୨ । ଗ୍ରାମର ବା ସହରର [ସାଇ ପଡ଼(ଡ଼ୋ)ଶୁଣୀ—ସ୍ତ୍ରୀ।] ନିଜ ସାଇରେ ବାସ କରୁଥିବା ପ୍ରତିବାସୀ—2. A neighbour of one's quarter of the town or village. [ଉ—ଲୋକ କାହିଁ ରଙ୍ଗିଆ ଭଲ, ମତେ ବୁଝିବ କଥା ଭଲ ! ହାତେ ଲମ୍ବରେ କାଟିବ ଶିଂସା, ଝୁରିବ ମରୁଥିବେ ସାଇ ପଡ଼ିଶା— ଲୁପ୍ତବଚନ ।]

ସାଇପ(ପି, ଫ, ଫି)ନ୍(ନି)—ବୈଦେ. ବି (ଇଂ. ସାଇଫନ୍)—କୃତ୍ରିମ Sāipa(pi, pha, phi)n(ni) କେନାଲ୍ ଅବର ତଳେ ଅପର [ସାଇପ(ପି, ଫ, ଫି)ନ୍(ନି)ପୋଲ—ଅନ୍ୟରୂପ] ନାଳର ବା ନଦୀର সাইফন পুল ଅଧର ସ୍ରୋତ ଯିବାପାଇଁ ପ୍ରସ୍ତୁତ ବନ୍ଧାଯାଇଥିବା ଓଲଟା **साइफन पुल** ପୋଲ]—A syphon bridge (constructed) to let the current of another canal or river flow below the newly constructed or artificial canal.

ସାଇ ପିଲା—ଦେ. ବି—ଏକ ସାଇର ବାଳକ ବା ଶିଶୁଗଣ—The Sāi pilā boys or children of a particular পাড়ার ছেলে quarter of a town or village. **टोलेका लड़का** (ସାଇପିଲାଏ—ବହୁବଚନ)

ସାଇବ (ଇତ୍ୟାଦି)—ଦେ. ବି—ସାହେବ ଇତ୍ୟାଦି (ଦେଖ) Sāiba (etc) Sāheba (etc) (See)

ସାଇବ ଚଣା—ପ୍ରାଦେ. (ଗଞ୍ଜାମ) ବି (ଏହା ଚଣା ଜାତୀୟ ଓ ସାହେବଙ୍କ Sāiba chaṇā ଦେଶରୁ ଆସିଥିବାରୁ)—ମଟର—Pea.

ସାଇବାଣୀ—ଦେ. ବି. ସ୍ତ୍ରୀ—ସାହେବାଣୀ (ଦେଖ) Sāibāṇī Sāhebāṇī (See)

ସାଇବାନି—ଦେ. ବି ଓ ବିଣ—ସାହେବାନି (ଦେଖ) Sāibāni Sāhebāni (See) [ସାଇବାନିଅ(ଅଁ)—ଅନ୍ୟ. ବିଣ. ରୂପ]

ସାଇ ବାଲା—ଦେ. ବିଣ—ସାଇର ଅଧିବାସୀ (ବ୍ୟକ୍ତି ବା ଗୃହସ୍ଥ)— Sāi bālā Residents of any quarter of a (ସାଇ ବୃଥିଆ—ଅନ୍ୟରୂପ) town or village. পাড়ার **टोला वाला**

ସାଇ ବୁଲା—ଦେ. ବି—ଗ୍ରାମର ବା ନଗରର ସାଇମାନଙ୍କୁ ବୁଲିବାକୁ Sāi bulā ଯିବା—Paying a visit to any quarter পাড়া বেড়ান of a town or village. [ଦ୍ର—ଉତ୍ସବକାଳୁ **टोलेका घुमाव** ସମୟରେ ସ୍ତ୍ରୀଲୋକମାନଙ୍କର ସାଇ ବୁଲା ହୁଏ ।] (ସାଇ ବୁଲା—ସ୍ତ୍ରୀ) ବିଣ. (ପୁଂ)—(ଗାଳି)—ଯେଉଁ ବ୍ୟକ୍ତି କର୍ମ୍ମ পাড়া বেড়ানিয়া ହୋଇ ସାଇ ସାଇ ବୁଲୁଥାଏ—A do-noth- **टोलेमे घुमने वाला** ing sort of person who passes his time by visiting different quarters of the village or town; a loafer.

ସାଇ ଭାଇ—ଦେ. ବି—୧ । ନିଜର ସାଇରେ ବାସ କରୁଥିବା ଗୋଷ୍ଠୀ Sāi bhāi ଯେ ଅପଣାର ଭଳି ଗ୍ରାମସ୍ଥ—1. Brethren of পাড়ার ভাই the same quarter of a town or **टोला परोसी** village. ୨ । (ସହରର ଶବ୍ଦ) ଅପଣା ସାଇର ସାଇ ଭାଇଅ } ସାଇ ଭାଇଆ } ଅନ୍ୟରୂପ ଅଧିବାସୀ ଓ ଅପଣାର ଜ୍ଞାତି— 2. One's neighbours and agnates. ୩ । ସାଇ ପଡ଼ିଶା (ଦେଖ)—3. Sāi pardisā (See)

ସାଇ ଭେଣ୍ଡା (ଭେଣ୍ଡିଆ)—ଦେ. ବି. ପୁଂ (ବ୍ୟଙ୍ଗ୍ୟ)—ଏକ ସାଇର ଯୁବକଗଣ—The young men of a particular quarter of a town or village.
Sāi bheṇḍā (bheṇḍiā)
ପাডার জোয়ান
टोलेका जवान

ସାଇ ମଉଜ—ଦେ. ବି—ଏକ ସାଇର ଅଧିବାସୀମାନଙ୍କ ଅନୁଷ୍ଠିତ ନୃତ୍ୟ ଗୀତ ଭୋଜନାଦି—Amusements and picnics arranged amongst the inhabitants of any quarter.
Sāi mauja
পাডার আমোদ
टोलेका जलसा

ସାଇମନ୍ କମିସନ୍—ବେଦେ· ବି (ଇଂ)—ଭାରତର ଶାସନ ସଂସ୍କାର ବିଷୟର କମିଶନ (୧୯୨୮—୧୯୨୯ରେ) ଇଂଲଣ୍ଡରୁ ଆସିଥିବା ସାତ ଜଣ ବ୍ରିଟିଶ୍ ପ୍ରତିନିଧି (ସରଜନ୍ ସାଇମନ୍ ସାହେବ ଏହି କମିଟିର ସଭାପତି ଥିଲେ)—Simon Commission.
Sāiman kamisan
সাইমন্ কমিশন্
साईमन कमीशन

ସାଇମନ୍ ସପ୍ତା—ଦେ. ବି (ବ୍ୟଙ୍ଗ୍ୟ)—ସାଇମନ୍ କମିସନ୍‌ରେ ଆସିଥିବା ସାତ ଜଣ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ବ୍ୟଙ୍ଗ୍ୟ ଉକ୍ତି—Ironical name given to the seven members of the Simon Commission. (ଭୁଲନାକର—ଶକସପ୍ତା)
Sāiman saptā
সাইমন সপ্তা
साईमन सप्ता

ସାଇମନ୍ ସାତଭାୟା—ଦେ. ବି (ବ୍ୟଙ୍ଗ ଉକ୍ତି)—ସାଇମନ୍ କମିଶନ୍‌ର ସାତ ଜଣ ସଭ୍ୟ—(Ironical) The seven members of the Simon Commission. (ଭୁଲ—ସାତଭାୟା ଦେଖ)
Sāiman sātabhāyā
সাইমন সাতভেয়ে
साईमन सातभैया

ସାଇ ମିଣିପ—ଦେ. ବି. ପୁଂ (ଏକବଚନ)—ଏକ ସାଇର ଅଧିବାସୀ ପୁରୁଷ—A male inhabitant of a particular quarter of a town or village.
Sāi miṇipa
(ସାଇ ମିଣିପେ—ବହୁବଚନ)
[ସାଇ ମାଇପି—ସ୍ତ୍ରୀ· ଏକବଚନ]
(ସାଇ ମାଇପେ—ସ୍ତ୍ରୀ· ବହୁବଚନ)
পাডার মিন্‌সে
टोलेका मर्द

ସାଇ ମୁଖିଆ—ଦେ. ବି—କୌଣସି ସାଇର ମୁଖ୍ୟବ୍ୟକ୍ତି ବା ନେତା—The leader or principal person of a Sāi.
Sāi mukhiā
পাডার মুখ্যব্যক্তি
टोलेका मुख्यआदमी
(ସାଇ ସରଦାର—ଅନ୍ୟରୂପ)

ସାଇ ମୁଣ୍ଡ—ଦେ· ବି—ସାଇର ଶେଷଭାଗ—The extremity of the rows of houses in a Sāi. (ଉ—ଭୂତାକାଳ ବାହା ପରକୁ, ସାଇମୁଣ୍ଡ ଘର ଘେରକୁ । ଚଗ ।)
Sāi muṇḍa
পাডার মাথা
टोलेकि आखिर

ସାଇ ମୁଣ୍ଡିଆ—ଦେ· ବିଣ—ସାଇ ମୁଣ୍ଡରେ ଅବସ୍ଥିତ—Situate at one end of a 'Sāi'.
Sāi muṇḍiā
পাডার শেষে অবস্থিত
टोलेकी आखिरवाला

ସାଇ ମୂଲିଆ—ଦେ.ବିଣ—ସାଇ ସାଇ ବା ଧାଡ଼ି ଧାଡ଼ି ହୋଇ ସଜ୍ଜିତ ବା ନିର୍ମିତ (ଗୃହାଦି)—(Houses) Arranged or constructed in rows.
Sāi muliā
সারিবান্ধা
धारीवाला

ସାଇ ମେଳ—ଦେ. ବି—ଏକ ସାଇର ଅଧିବାସୀଙ୍କ ମଧ୍ୟରେ ଏକତା—Unity amongst the inhabitants of a 'Sāi'.
Sāi meḷa
পাডার মিল
टोलेका मेल

ସାଇ ମେଳିଆ—ଦେ. ବି—ସାଇର ଅଧିବାସୀଙ୍କୁ ଏକାଠି ମେଳ କରାଇ ଷଡ଼ଯନ୍ତ୍ର କରିବା ବ୍ୟକ୍ତି—A person who instigates the inhabitants of a 'Sāi' to combine. ଦେ. ବିଣ—ସାଇର ଅଧିବାସୀମାନଙ୍କୁ ମେଳ କରାଇବା (ବ୍ୟକ୍ତି)—Instigating the persons of a Sāi to combine.
Sāi meḷiā
পাডার সরদার
टोलेके मेलिया

ସାଇ ଯାତ—ଗ୍ରାଦେ. (ପୁରୀ ସହର) ବି—୧ । ଗୋସାଣୀ ଯାତ; ପୁରୀ ସହରର ଭିନ୍ନ ଭିନ୍ନ ସାଇରୁ ବାହାରୁଥିବା (ଶାରଦୀୟ) (ସାଇଯାତର—ଅନ୍ୟରୂପ) ଦୁର୍ଗାପୂଜା ଉତ୍ସବପରେ ବାହାରିବା ଦେବୀମୂର୍ତ୍ତିମାନଙ୍କ ଶୋଭାଯାତ୍ରା—1. A procession of the images of Durgā from the different quarters of the town of Puri during the Durgā Pūjā festival. [ଉ—ଏହି ସାଇ ଯାତରେ ଦେବୀମୂର୍ତ୍ତି ବା 'ଗୋସାଣୀ' ମୂର୍ତ୍ତିମାନଙ୍କ ସଙ୍ଗେ ନାନାବିଧ ଦେବଦେବୀ ମୂର୍ତ୍ତି ଓ ଲୋକେ ନାନା ପ୍ରକାର ସଜ୍ଜ ଓ ନାଗାବେଶ ଧରି ପୁରୀର ଭିନ୍ନ ଭିନ୍ନ ସାଇରେ ବୁଲନ୍ତି ଓ ଜଗନ୍ନାଥଙ୍କ ସିଂହଦ୍ୱାର ସାମନାରେ ସବୁ ପ୍ରତିମୂର୍ତ୍ତିମାନଙ୍କର ମେଳନ ହୁଏ । ଏହି ନାଗାମାନେ ଅନେକ ପ୍ରକାର ଅସ୍ତ୍ରଶସ୍ତ୍ର ବିଭୂଷିତ ହୋଇ ଓ ଦେହରେ ଜୀଅନ୍ତା ବିଷଧର ସାପମାନ ଗୁଡ଼ାଇ ମଲ୍ଲକ୍ରୀଡ଼ା ଦେଖାନ୍ତି । ଏହି ଯାତ୍ରାରେ ଏକ ସାଇର ଯାତ୍ରା-ଦଳ ଅନ୍ୟ ସାଇକୁ ଯାଇ ସେଠାରେ ଅଶ୍ଳୀଳ ଓ ବ୍ୟକ୍ତିଗତ ଅପବାଦସୂଚକ ଗୀତମାନ ବୋଲନ୍ତି ।] ୨ । ଚୈତ୍ର ରାମନବମୀଠାରୁ ଲୋକମାନେ ନୃସିଂହ, ରାମ, ଲକ୍ଷ୍ମଣ, ସୀତା, ଭୀତହନୁମାନ-ବଣାନାଗା, ମହାଦେବ, କାଳିକା, ହରଚଣ୍ଡୀ ଆଦି ବେଶ ହୋଇ ଅଶ୍ଳୀଳ ଗୀତ ଗାଇ ପୁରୀର ସାତ ସାଇରେ ବୁଲି ଯେଉଁ ଯାତ୍ରା କରନ୍ତି—2. A procession of people assuming different masks during the 'Rāma Nabamī' in the town of Puri, visiting different parts of the town, accompanied with music, rude songs and athletic displays.
Sāi jāta

ସାଇଜ୍ୟ (ଇତ୍ୟାଦି)—ଗ୍ରା. ବି—ସାହାଯ୍ୟ ଇତ୍ୟାଦି (ଦେଖ)
Sāijya (etc) Sāhājya etc. (See)

ସାଇରତ୍—ବୈଦେ. ବି (ଫା)—ସଇରାତ୍ (ଦେଖ)
Sāirāt Sairāt (See)

ସାଇଲକ୍—ଦେ· ବି (ନାମ)—୧ । ଇଂରାଜ କବି ସେକ୍‌ସପିଅରଙ୍କର ମର୍ଚ୍ଚାଣ୍ଟ୍ ଅଫ୍ ଭେନିସ୍ ନାମକ ନାଟକରେ ବର୍ଣ୍ଣିତ ସୁଦ୍‌ଖୋର କର୍ପଣ ଇହୁଦୀ
Sāilak
সাইলক্
साईलक

ମହାଜନର ନାମ—1. Shylock the Jew. ୨ । (ଲକ୍ଷଣାର୍ଥ) ନିର୍ମମ ସୁଧ୍‌ଖୋର ବ୍ୟକ୍ତି— 2. A cruel usurer.

ସାଇଲା—ଗ୍ରା. କ୍ରି—ସାରିବା କ୍ରିୟାର ଭୂତ ସାମାନ୍ୟ ବର୍ତ୍ତମାନକାଳର
Sāilā ତୃତୀୟ ପୁରୁଷ ଅନାଦରାର୍ଥକ ଏକବଚନ (ସେ)
সারিল খতমকিয়া 'ସାରିଲା'ର ଅନ୍ୟରୂପ—
(ସାଇଲେ—ଆଦରାର୍ଥକରୂପ ଓ ବହୁବଚନ ରୂପ) The other form of 'Sārilā, past tense the third person singular number of the verb Sāribā.

ସାଇଲୋ—ଦେ. ବି (ନାମ)—କଟକ ଜିଲ୍ଲାର ପ୍ରଗଣାବିଶେଷ—
Sāilo The name of a Pergana in the
সাইলো साइलो district of Cuttack.

ସାଇ ସାଇ—ଦେ. କ୍ରି. ବିଣ—୧। ଏକ ସାହିରୁ ଅନ୍ୟ ସାହି, ଏହିପରି
Sāi sāi ବହୁ ସାହି—1. From one quarter of
পাড়াপাড়া टोलाटोला a town or village to another; from quarter to quarter.
୨ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ, ଏହିପରି ବହୁ ସ୍ଥାନକୁ- 2. From place to place. [ଉ—ସାଇ ସାଇ ହୋଇ ବୁଲିଲ ଗୋରସ, ମନ ବଳାଯାଏ କହି—ଭଗ)

(ସାଉ ସାଇ ମୂଷା—ଅନ୍ୟ ପ୍ରାଦେଶିକରୂପ) ପ୍ରାଦେ (ସମ୍ବଲପୁର, ଖଡ଼ିଆଳ) ବି—Porcupine.

ସାଉ (ଇତ୍ୟାଦି)—ଗ୍ରା. ବି—ସାହୁ ଇତ୍ୟାଦି (ଦେଖ)
Sāu (etc) Sahu etc (See)

ସାଉଁରିଆ—ପ୍ରାଦେ (ଉତ୍ତର) ବିଣ —ଶ୍ୟାମଳବର୍ଣ୍ଣ (ବ୍ୟକ୍ତି)—
Sāuñriā Of a dark complexion.

ସାଉଁଳିଆ ପୋକ—ଦେ. ବି—ମାଛିଙ୍କ ପରି ଏକଜାତୀୟ ପୋକ; ଅମ୍ବ
Sāuñliā poka ଡାହାଣୀ (ପୋକ)—A kind of flying
জায়াপোকা insect. [ବି—ଏମାନେ ଅମ୍ବ ଗଛ କୋଟରରେ ଥାଆନ୍ତି । ବର୍ଷାଦିନେ କୋଟରରୁ ବାହାରି ଆଲୁଅ ଦେଖିଲେ ଉଡ଼ନ୍ତି ।]

ସାଉଁ ସାଉଁ—ଦେ. କ୍ରି. ବି (ଧ୍ୱନ୍ୟନୁକରଣ)—ଘୁଷୁରି ଅଡ଼ ଜନ୍ତୁ ମଇଳା
Sāuñ sāuñ ଅଡ଼ ଖାଇବା ସମୟରେ ସେଉଁ ଭଳି ନାକଯୁକ୍ତ
ঘোঁতঘোঁত घड़घड़ ଶବ୍ଦ କରନ୍ତି—(Onomatopoeic) Nasal sound made by hogs while eating offal.

ସାଉ ଖାତ(ଖାତକ)—ଦେ. ବି (ସହରର ଶବ୍ଦ)—ସାହୁ ଖାତକ (ଦେଖ)
Sāu khāta(khātaka) Sāhukhātaka [See]
সাহুখাতক महाजनखदुका (ଉ—ଅପେ ହୋଏ ମହାଜନ ଅପେ ସାଉ ଖାତ—ପ୍ରାଚୀ ଚୁମ୍ବକରୂପଣ ଗୀତା ।]

ସାଉ ଘର—ଦେ. ବି—ମାଲିକଙ୍କ ପରିବାର; ସାଆନ୍ତଙ୍କ ଘର—
Sāu ghara Master's house or family.
মহাজনের বাড়ি मालिककाघर (ଉ—ମୁଁ ସାଉ ଘର ଗୋରୁ ଖୋଜ ଅଛିଥିଲି—ଫକୀରମୋହନ ଛମାଣ ଆଠଗୁଣ ।)

ସାଉ(ଉଁ)ଟା—ଦେ. ବି—୧ । ସାଉଁଟିବା—Collecting; pick-
Sāu(uñ)ṭā ing up. ୨ । ଇତସ୍ତତଃ ଭୂମିରେ
গুটান इकठा ଗଡ଼ିବା; ଭୂମିରେ ଲୁଣ୍ଠନ—
(ସାଉଁଣ୍ଟା—ଅନ୍ୟରୂପ) 2. Rolling or wallowing
ছতান लोटना on the ground.
(ଉ—ସିପାଇଙ୍କ ଭୂଇଁରେ ଚାହିଁ ଅନ୍ଧପଥା, ଘୋଡ଼ାମାନେ ସେ ଦେଲେ ଧୂଳିରେ ସାଉଁଟା—କୃଷ୍ଣସିଂହ ମହାଭାରତ ବର୍ଣ୍ଣି)
গুটান इकट्‌ठाकियाहुआ ବିଣ—୧ । ସଂଗୃହୀତ—
1. Gathered up. (ଉ—ସାଉଁଟା କାଣ୍ଡ କି
(ସାଉଁଟୀ—ସ୍ତ୍ରୀ. ବିଣ) ଯୁଝୁ ବୁ ପାଏ ?) ୨ । ସେ ଗୋଟାଏ— 2. One who gathers up or collects [ବି—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଲାଗେ । ଯଥା—ଘଣି ସାଉଁଟା, ଗୋବର ସାଉଁଟା; ଅମ୍ବ ସାଉଁଟା ।)

ସାଉ(ଉଁ)ଟା(ଟେ)ଇବା—ଦେ. କ୍ରି (ସାଉଁଟିବା କ୍ରିୟାର ଣିଜନ୍ତରୂପ)—
Sāu(uñ)ṭā(ṭe)ibā The causative form of
গুটান इकट्ठाकरना Sāuṭibā—ଅନ୍ୟଦ୍ୱାରା ସାଉଁଟିବା କାର୍ଯ୍ୟ କରାଇବା—To collect through others

ସାଉ(ଉଁ)ଟା ଦେବା—ଦେ. କ୍ରି—ଇତସ୍ତତଃ ଗଡ଼ିବା—To roll on
Sāu(uñ)ṭā debā the ground; to be strewn here
(ସାଉଣ୍ଟାଦେବା—ଅନ୍ୟରୂପ) and there.
ছড়িয়েপড়া लोटना

ସାଉ(ଉଁ)ଟା ସାଉ(ଉଁ)ଟି—ଦେ. ବି—ଗୋଟିଏ ଗୋଟିଏ କରି
Sāu(uñ)ṭā sāu(uñ)ṭi ଗୋଟାଇ ବହୁ ପଦାର୍ଥ ଗୋଟାଇବା
গুটিয়ে গুটিয়ে জড় করা କ୍ରିୟା—Act of gathering or
इकट्‌ठा उकट्‌ठा picking up many things one by one.

ସାଉ(ଉଁ)ଟି(ଟୀ)—ଦେ. ବି. (ପୁଂ ଓ ସ୍ତ୍ରୀ)—(ଯାହାକୁ ପିତାମାତା
Sāu(uñ)ṭi(ṭī) ଗୋଟାଇ କରି ଆଣିଥାଆନ୍ତି; ଅତଏବ ଯାହାର
(ସାଉଣ୍ଟି[ଣ୍ଟୀ]—ଅନ୍ୟରୂପ) କିଛି ମୂଲ୍ୟ ନାହିଁ)—ଅପତ୍ୟଙ୍କ ଅଣୀଙ୍କୁ ଦିଆଯିବା ଗୋଟିଏ ନାମ—A name given to children whose elders have predeceased their birth. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ
কুড়ুনী ହୁଏ, ଯଥା—ଘସି ସାଉଁଟୀ)—ସଂଗ୍ରହକାରିଣୀ—ସାଉଁଟାର
इकट्ठाकरनेवाली ସ୍ତ୍ରୀଲିଙ୍ଗ—
Feminine of words ending with 'Sāuṇṭā' a verbal adjective.

ସାଉ(ଉଁ)ଟିବା—ଦେ. କ୍ରି—(ସଂ. ସମୁଚ୍ଚିତ; ସ୍ୱାଯୁକ୍ତ) ୧ । ଇତସ୍ତତଃ
Sāu(uñ)ṭibā ବିକ୍ଷିପ୍ତ ପଦାର୍ଥକୁ ସଂଗ୍ରହ କରିବା—1. To
গুটান इकट्ठाकरना collect things strewn here and there.

[ଉ—ଯେଉଁସ୍ଥାନେ ନୃପ ହୋଇଥିଲେ ଠିଆ
ସେ ସ୍ଥାନେ ଲୀଳା—କମଳ,
ପକାଇ ସାଉଁଟି ଅଣି ପୁଣି ଲେଣୁ
ବୋଲଇ ଗଣ୍ଡମଣ୍ଡଳ ।
ନନ୍ଦକିଶୋର—ଶର୍ମିଷ୍ଠା ।]

୨ । ଭୂଇଁରୁ ଖୁଣ୍ଟିବା; ଗୋଟାଇବା—2. To pick up. ୩ । ଏକଠି ଟେକି ଧରିବା—3. To hold up by lifting. [ଉ—ଫିଟି ପଡି ଥିବାରୁ ଅପରେ ଗାବଟି, ତେବର କରେ ତାହା ବାନ୍ଧଣ ସାଉଁଟି । କୃଷ୍ଣସିଂହ. ମହାଭାରତ. ବନ ।] ୪ । ଲୋଟିବା; ଭୂମିରେ ଗଡ଼ିବା—4. To roll on the ground.

ସାଉ(ଉଁ)ଟିବା(ଲା) କାଣ୍ଡ ଯୁଦ୍ଧକୁ ନ ପାଏ(ଯୋଗାଏ)—ଦେ. ପ୍ରବଚନ
Sāu(uñ)ṭibā(lā) kāṇḍa juddhaku na pāe (jogāe) —ଅନ୍ୟର ବ୍ୟବହୃତ ବସ୍ତୁରେ କାର୍ଯ୍ୟ ଚଳେ ନାହିଁ—No work can be done with articles once used by som one and then picked up.
[ଦ୍ର—ଅନ୍ୟ ଲୋକର ବ୍ୟବହୃତ କାଣ୍ଡ, ଯାହା ରଣଭୂମିରେ ପଡ଼ିଥାଏ, ତାକୁ ଯେବେ କୌଣସି ବ୍ୟକ୍ତି ସଂଗ୍ରହ କରି ଆଣିଥାଏ, ଏପରି ଅକାମିକା ଶରଦ୍ୱାରା ଯୁଦ୍ଧ କାର୍ଯ୍ୟ ଚଳେ ନାହିଁ; ସେହିପରି ଗୋଟାଇ ଆଣିବା ପଦାର୍ଥରେ କାମ ଚଳେ ନାହିଁ ।
ଯେଉଁ ବ୍ୟକ୍ତିର ବା ଯୋଦ୍ଧାର ନିଜର ଶରମୁଣାରେ ଶର ନ ଥାଏ ସେ ଯୁଦ୍ଧଭୂମିରେ ଅନ୍ୟ ଯୋଦ୍ଧାର ବ୍ୟବହୃତ ଓ ପରିତ୍ୟକ୍ତ ଶରକୁ ସଂଗ୍ରହ କରି ଯୁଦ୍ଧ କରିବାରୁପ ଅସମ୍ଭବ ଓ ହାସ୍ୟାସ୍ପଦ ଅବସ୍ଥାରେ ଏ ପ୍ରବଚନ ବୋଲାଯାଏ ।]

ସାଉଣ୍ଟିଆ—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମର ଉଦ୍ୟାନ ଖଣ୍ଡରେ ବାସ
Sāuṇṭiā କରୁଥିବା ଅଧମ ଅଧିବାସୀ ଶୂଦ୍ର ଜାତିବିଶେଷ—A class of Śūdras living in the Udyāna khanda of the Ganjam district. [ଦ୍ର—ଏମାନେ ଓଡ଼ିଆ ଓ ଏମାନଙ୍କ ମାତୃଭାଷା ଓଡ଼ିଆ ଅଟେ ।]

ସାଉତା—ପ୍ରାଦେ. (ବଲାଙ୍ଗିର ପାଟଣା) ବିଣ—ସାଇତା ଯାଇଥିବା—
Sāutā Stored up for future use.

ସାଉ(ଉଁ)ତି—ପ୍ରାଦେ (କେନ୍ଦୁଝର) ବି—ଗଡ଼ଜାତଅଧିବାସୀ ଅନାର୍ଯ୍ୟ
Sāu(uñ)ti ଜାତିବିଶେଷ—A class of non-aryan residents of the Orissa States. [ଦ୍ର—ଏମାନେ କେନ୍ଦୁଝର ରାଜ୍ୟରେ ଅଛନ୍ତି । ଉଚ୍ଚ ବର୍ଣ୍ଣର ହିନ୍ଦୁମାନେ ଏମାନଙ୍କ ହାତରୁ ଜଳ ଗ୍ରହଣ କରନ୍ତି । ଏମାନେ ଶାନ୍ତିପ୍ରିୟ ଓ କୃଷିଜୀବୀ । ଏମାନଙ୍କର ଅଗ୍ରୁର ବ୍ୟବହାର, ଗୃହଜାତ, ଗ୍ରାମ ମଧ୍ୟରେ ଅତିଥିଙ୍କ ପାଇଁ ନିର୍ଦ୍ଦିଷ୍ଟ ବସା (ଡେରା) ଗୃହ, ଗ୍ରାମ ସମ୍ବନ୍ଧୀୟ ପରାମର୍ଶ ସଭା, ଅବିବାହିତ ବ୍ୟକ୍ତିମାନଙ୍କ ରାତ୍ରି ଯାପନ ପାଇଁ ମଣ୍ଡଥ ବା ଦରବାର ଘର ଜମିଣ ଅବିକଳ ଭୂୟାଁମାନଙ୍କ ପରି । କେନ୍ଦୁଝର 'ବୋଡ଼ାଜାଲ'ର ମହାପାତ୍ର ଜମିଦାର ଏମାନଙ୍କ ପ୍ରଧାନ ଦଳପତି ।]

ସାଉଟିବା—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି—ସାଇତିବା (ଦେଖ)
Sāutibā Sāitibā (See)

ସାଉଳ—ଦେ. ବିଣ—ଖୋସାମତିଆ—Flattering (person).
Sāuḷā [ଉ—ଗର୍ବ ହିଂସା କରି ସାଉଳ ମତି, ଯେଉଁ ଜନ ଅଛନ୍ତି ପ୍ରକୃତି—ପ୍ରାଚୀ. ପରଚେଗୀତା ।]
খোসামুদে খুসামদী

ସାଉ(ଉଁ)ଳା—ଦେ. ବି (ସଂ.ସମତଳ)—୧ । (କେଶ) ସାଉଁଳିବା କାମ—
Sāu(uñ)ḷā The act of smoothing up (the hair). ୨ । ଚାଟୁ; ତୋଷାମୋଦ—2. Flattery. ବିଣ—୧ । ପାନିଆରେ କୁଣ୍ଡିଆ ହୋଇ ମସୃଣ କରାଯାଇଥିବା (କେଶ)—1. Combed and made smooth (hair). ୨ । ଚିକ୍କଣ; ମଖମଲ ପରି ମସୃଣ ଓ ସ୍ନିଗ୍ଧ—2. Oily and velvety. ୩ । (ଗ୍ରା.) ଶ୍ୟାମଳ ବା କୃଷ୍ଣବର୍ଣ୍ଣବିଶିଷ୍ଟ—3. Of black or blue colour. ୪ । ଯେ କେଶବେଶାଦି ପ୍ରସାଧନଦ୍ୱାରା ନିଜକୁ ଭାରି ଚିକ୍କଣ କରିଥାଏ—4. A person who is particular in his toilet and dress; beaux. ୫ । ସାଉଳିଆ; ଯେଉଁ ବ୍ୟକ୍ତି କୋମଳ ଓ ଖୋସାମତିଆ କଥା କହେ—5. Oily-tongued; smooth-tongued. ୬ । ସାଉଳିଆ; କୋମଳ ଓ ଖୋସାମତିଆ (କଥା)—6. Smooth and flattering (words).
চুল আঁচড়ান, সীটনা; খোসামোদ খুসামদ; কিরান (চুল) সীটা হুআ; সাঁওর সঁবল; খোসামুদে খুসামদী
ସାଉ(ଉଁ)ଳୀ, ସାଉ(ଉଁ)ଳେଇ } ସ୍ତ୍ରୀ

ସାଉ(ଉଁ)ଳା(ଳେ)ଇବା—ଦେ. କ୍ରି—୧ । ସାଉଳିବା କ୍ରିୟାର
Sāu(uñ)ḷā(ḷe)ibā ଣିଜନ୍ତରୂପ—1. The causative form of Sāuḷibā. ୨ । ସାଉଳେଇବା; ଚାଟୁ କରିବା—2. To flatter.
খোসামদ করা; খুসামদ করনা

ସାଉ(ଉଁ)ଳା କଥା—ଦେ. ବି—କୋମଳ ଓ ଚାଟୁ ବାକ୍ୟ; ସାଉଳିଆ
Sāu(uñ)ḷā kathā କଥା—Smooth and flattering words.
খোসামুদে কথা; খুসামদী বাত

ସାଉ(ଉଁ)ଳିଆ—ଦେ. ବିଣ (ସଂ. ଶ୍ୟାମଳ)—୧ । ଶ୍ୟାମଳବର୍ଣ୍ଣବିଶିଷ୍ଟ—
Sāu(uñ)ḷiā শ্যামল; সাঁবল 1. Dark complexioned. ୨ । (ସଂ. ସମ) ମସୃଣ ଓ ଚିକ୍କଣ—2. Smooth and oily. ୩ । ଚାଟୁଯୁକ୍ତ(ବାକ୍ୟ)—3. Flattering.
চিক্কণ; চিক্কন; [ସାଉ(ଉଁ)ଳୀ—ସ୍ତ୍ରୀ]; খোসামুদে; খুসামদী

ପ୍ରାଦେ (ପୁରୀ) ବି—ଗୋଟିଏ ଲେଖାଏଁ ବଳଦର ସ୍ୱାମୀ ଦୁଇ ଜଣ ବ୍ୟକ୍ତିଙ୍କର ନିଜ ନିଜ ଜମିରେ ଯଥାକ୍ରମେ ଦିନେ ଦିନେ କରି ହଳ ବୁଲାଇବାର ପଦ୍ଧତି—The system of cultivating each other's lands under the arrangement that one man should lend his only bullock to the other and vice versa every alternate day. [ଦ୍ର—ଦୁଇ ଜଣଙ୍କର ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ଜମି ଅଛି ଓ ହଳ ଲଙ୍ଗଳ ଅଛି; କିନ୍ତୁ ଗୋଟିଏ ଲେଖାଏଁ ବଳଦ ଅଛି । ଅତ
সাঙ্গা; সাপঠৌঁ

ପ୍ରଥମ ବ୍ୟକ୍ତି ଜଣକ ଅନ୍ୟ ଜଣକଠାରୁ ବଳଦଟି ମାଗି ନେଇ ତାକୁ ଆପଣା ବଳଦ ସଙ୍ଗେ ଯୋଚି ନିଜ ଜମିରେ ହଳ କରେ; ବାକି ପୁଣି ଦ୍ୱିତୀୟ ବ୍ୟକ୍ତି ତା ଜମିରେ ପ୍ରଥମ ବ୍ୟକ୍ତିର ବଳଦ ଆଣି ଯୁଡ଼ି ହଳ କରେ । ଏହି ପଦ୍ଧତିକୁ ସାଉଳାଅ ବୋଲାଯାଏ ।]

ସାଉ(ଉଁ)ଳିବା—ଦେ. କ୍ରି (ସଂ. ସମତଳ)—୧ । କେଶଗୁଡ଼ିକୁ ପାଣିଅ ଦ୍ୱାରା ବା ହାତପାପୁଲିଦ୍ୱାରା ମସୃଣ କରିବା—1. To smooth (the hair with the comb or palm).
Sāu(uñ)libā
চিকণ করা, চুলফিরান
चिकना करना
୨ । ତେଲିଆ କେଶକୁ କୁଣ୍ଡାଇ ଚିକଣ କରିବା—2. To comb oiled hair into smoothness. (ଉ—ସାଉଁଳିଲା ସେକାଳେ ଜଣେ କେଶ ଧରି—କୃଷ୍ଣସିଂହ- ମହାଭାରତ. ଆଦି ।) ୩ । କୋମଳ ଓ ଶ୍ଳକ୍ଷ୍ଣ କଥାଦ୍ୱାରା ମୁଗ୍ଧ କରିବା; ଖାଉଲେଇବା—3. To charm a person by oily words and flattery. ୪ । ଗେହ୍ଲା କରିବା —4. To pet a person; to fondle.
ফুসলান
फुसलाना

ସାଉଳୀ—ଦେ. ବି (ସଂ. ଶଷ୍କୁଲୀ)—ଚକୁଳି ପିଠା—Thin pastry cake. (ଯଥା—ମୁଗ ସାଉଳୀ ।)
Sāulī
সাউলী
पूरी

ସାଉ(ଉଁ)ଳେଇ କରି କଥା କହିବା—ଦେ. କ୍ରି—୧ । କୋମଳ ଓ ମଧୁର ବାକ୍ୟ କହିବା—1. To speak softly and sweetly; to inveigle. ୨ । ଖୁଣ୍ଟ କରିବା—2. To flatter. ୩ । ଗେହ୍ଲା କରିବା—3. To pet; to fondle.
Sāu(uñ)lei kari kathā kahibā
ফুসলান
फुसलाकर बोलना

ସାଏ—ବୈଦେ. ବି (ଫା)—୧ । ବାକ୍ୟର ବା ପ୍ରସ୍ତାବର ଅନୁମୋଦନ—1. Approval of a proposal. ୨ । ସମାପ୍ତି—2. Completion; conclusion. (ଯଥା—ଖାଇ ହୋଇଲା ସାଏ ।) ୩ । ସମ୍ମତି—3. Consent.
Sāe
সাএ
साय
ବିଣ—୧ । ସମାପ୍ତ—1. Finished. ୨ । ସମ୍ମତ; ଅନୁମୋଦିତ—2. Approved; agreed to.
সাএ
समाप्त

ସାଏଁ କରି—ପ୍ରାଦେ. (ପାଟଣା) କ୍ରି. ବିଣ—ଝଟ୍ କରି; ଝଟିତି—Very soon; quickly.
Sāeñ kari

ସାଏଁ କଲା—ପ୍ରାଦେ. (ଲରଥ) କ୍ରି. ବିଣ—ଜଲଦି; ଶୀଘ୍ର—Quickly; very soon.
Sāeñ kalā

ସାଏଁ ସାଏଁ—ପ୍ରାଦେ. (ପାଟଣା) ଅ—ସାଇଁ ସାଇଁ (ଦେଖ)
Sāeñ sāeñ — Sāiñ sāiñ (See)

ସାଏକ—ଗ୍ରା. ବି (ସଂ, ସାୟକ)—ସାୟକ (ଦେଖ)
Sāeka — Sāyaka (See)

ସାଏ କରିବା—ଦେ. କ୍ରି—୧ । କଥାକୁ ବା ପ୍ରସ୍ତାବକୁ ଅନୁମୋଦନ କରିବା—1. To approve of a proposal. ୨ । ଏକମତ ହେବା; କଥାକୁ 'ଏକନ୍' କରିବା—2. To say 'ditto' to a thing. ୩ । ସମାପନ କରିବା—3. To finish or accomplish a matter.
Sāe karibā
সাএ দেওয়া
महमत होना
সাএ করা
समाप्त करना

ସାଏତ ଧରିବା—ଦେ. କ୍ରି (ଅ· ସାଅତ୍=ଅବକାଶ; ସୁଅବସର; ମୁହୂର୍ତ୍ତି)—୧ । ଶୁଭ ମୁହୂର୍ତ୍ତି ଗଣି ସ୍ଥିର କରିବା—1. To fix or find out an auspicious time. ୨ । ସୁଅବସର ଠିକ୍ କରିବା—2. To find out an opportune moment. (ଉ—ଏହି ସମୟରେ ଗଣକ ପାଇଁ ସାଏତ୍ ଧରି, କହନ୍ତି ଏହିକ୍ଷଣି ପ୍ରୟାଣ କରିବେ ସାରବର କେଶରୀ । ବ୍ରଜନାଥ. ସମର ତରଙ୍ଗ ।)
Sāet dharibā
সাইত ধরা
सायत धरना

ସାଏଦ୍(ଧ)—ପ୍ରାଦେ. (ସମ୍ବଲପୁର) ବିଣ—ସାଧ୍ୟ—Controllable.
Sāed(dh)

ସାଏଦ୍(ଧ) କରିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ସାଧ୍ୟ କରିବା; ଅଯତ୍ତ କରିବା—1. To bring under control. ୨ । ଦାଉ ସାଧିବା—2. To take revenge. ୩ । ହଇରାଣ କରିବା—3. To put one to trouble; to harass.
Sāed(dh) karibā

ସାଏ ଦେବା—ଦେ. କ୍ରି—କୌଣସି ପ୍ରସ୍ତାବକୁ ବା କଥାକୁ ଅନୁମୋଦନ କରିବା—To approve of a proposal; to pass a proposal.
Sāe debā
সাএ দেওয়া
सम्मति देना

ସାଏନ୍ତ—ଗ୍ରା· ବି—ସାଅନ୍ତ (ଦେଖ)
Sāenta — Sā-ānta (See)
(ଉ—ଘରେ ସାଏନ୍ତ ନପୁଅନ୍ତି ଯେବେ, ଏତେ ପରିଶ୍ରମ କାହିଁକି ନେବେ । ପ୍ରାଚୀ. ପରନେ ଗୀତା ।)

ସାଏନ୍ସ୍ (ଇତ୍ୟାଦ)—ବୈଦେ.ବି (ଇଂ)—ସାଇନ୍ସ୍ ଇତ୍ୟାଦ (ଦେଖ)
Sāens (etc) — Sāins etc. (See)

ସାଏପ୍—ପ୍ରାଦେ· (ସମ୍ବଲପୁର) ବି (ସଂ· ଶାପ) —ଅଭିଶାପ—Curse; imprecation.
Sāep

ସାଏଲ୍—ବୈଦେ· ବି (ବହୁଅ) (ଫା. ସାୟଲ୍)—୧ । ଆପତ୍ତିକାରୀ—1. Objector. ୨ । ମକଦ୍ଦମା ସମ୍ପର୍କୀୟ ସମ୍ପତ୍ତିର ଦାବିଦାର—2. A claimant to the subject-matter of dispute in a case.
Sāel
সাএল্
सायल्

ସାଏସ୍ତା ଖାଁ—ଦେ. ବି (ନାମ)—୧ । ମୋଗଲ ସମ୍ରାଟ୍ ଅରଙ୍ଗଜେବଙ୍କର ଜଣେକ ସେନାପତି—1. Name of a Mahomedan general of the Moghal Emperor Aurangzeb.
Sāestā khāñ
সাএস্তা খাঁ
सायिस्ता खाँ
[ବି—ଏ ବଙ୍ଗଳାର ଜଣେ ବିଖ୍ୟାତ ମୋଗଲ ଶାସନକର୍ତ୍ତା ଥିଲେ । ଏହାଙ୍କର ପ୍ରକୃତ ନାମ ଥିଲା ମିର୍ଜା ମୁରାଦ୍ । ୧୬୪୧ ସାଲରେ ମୋଗଲ ସମ୍ରାଟଙ୍କ ପ୍ରଧାନ ମନ୍ତ୍ରୀ ଉଜୀର ଆସଫ୍‌ଖାଙ୍କ ମୃତ୍ୟୁ ହେବାରୁ ସମ୍ରାଟ ସାହାଜାହାନ୍ ଏହାଙ୍କୁ ଉଜୀର ପଦରେ ନିଯୁକ୍ତ କଲେ । ପୂର୍ବେ ଏ ବେହାରର ଶାସନକର୍ତ୍ତା ଥିଲେ । ୧୬୫୬ ଖ୍ରୀଷ୍ଟାବ୍ଦରେ ଏ ଗୁଜରାଟ ବିଜୟାର୍ଥ ପ୍ରେରିତ ହେଲେ ଓ ୧୬୫୮ ସାଲରେ ସାହାଜାହାନଙ୍କ ମୃତ୍ୟୁ

ପରେ ଏ ମରହଟ୍ଟା ରାଜା ଶିବାଜୀଙ୍କୁ ଦମନ କରିବା ନିମନ୍ତେ ୧୬୫୯ସାଲରେ ଆରଙ୍ଗଜେବଙ୍କ ଦ୍ୱାରା ମହାରାଷ୍ଟ୍ରକୁ ପ୍ରେରିତ ହୋଇଥିଲେ । ପୁନାରେ ଅବସ୍ଥାନ କରିବା ସମୟରେ ଶିବାଜୀ ରାତ୍ରିକାଳରେ ହଠାତ୍ ଏହାଙ୍କୁ ଆକ୍ରମଣ କରି-ଥିଲେ । ଏଥିରେ କତୁକ ଆହତ ହୋଇ ପାଳେଇ ଯିବା ସମୟରେ ଶିବାଜୀଙ୍କ ତରବାର ଆଘାତରେ କେତେ ଗୋଟି ଆଙ୍ଗୁଠି ହରାଇଥିଲେ । ୧୬୬୨ ସାଲରେ ଏ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ ହୋଇଥିଲେ ଓ ଏହାଙ୍କ ଅମଳରେ ବଙ୍ଗଳାରେ ମୋଗଲ୍‌ଶାସନ ଦୃଢ଼ ହୋଇଥିଲା । ଏ ଢାକାରେ ବଙ୍ଗର ରାଜଧାନୀ ସ୍ଥାପନ କରିଥିଲେ । ଏହାଙ୍କ ଅମଳରେ ବଙ୍ଗଦେଶରେ ଏକ ମହଣ ଚାଉଳର ମୂଲ୍ୟ ଦୁଇ ଅଣା ଥିଲା । ଏ ଖୁବ୍ ଚତୁର ଓ ଉତ୍କୃଷ୍ଟ ଶାସନକୁଶଳ ଥିଲେ । ୧୬୯୪ ଖ୍ରୀଷ୍ଟାବ୍ଦରେ ୯୩ ବୃଦ୍ଧ ବର୍ଷ ବୟସରେ ଏହାଙ୍କର ମୃତ୍ୟୁ ହୋଇଥିଲା । ଶାସନାଧୀନ ରାଜତ୍ୱକାଳରେ ଏ ଅଗ୍ରାରେ ଓ ଅଲ୍ଲାହାବାଦରେ ଯଥାକ୍ରମେ ଉଦ୍ୟାନ ଓ ମସଜିଦ୍ ନିର୍ମାଣ କରାଇଥିଲେ । ଅଲ୍ଲାହାବାଦର ମସଜିଦ୍ ୧୮୫୭ ସାଲର ସିପାହୀ ବିଦ୍ରୋହ ପରେ ଧ୍ୱସ୍ତ ହେଲା—ବିଶ୍ୱକୋଷ] ୨ । (ଲକ୍ଷଣାର୍ଥ) ସାୟେସ୍ତା ଖାଁଙ୍କ ପରି ପ୍ରବଳ ପ୍ରତାପୀ ବ୍ୟକ୍ତି—2. (figurative) A very powerful or mighty personage (like Sāyesta Khān).

ସାଓ—ପ୍ରାଦେ. (ଛତିଶଗଡ଼) ବି—ତେଲି—
Sāo An oilman.

ସାଂଖ୍ୟ (ଇତ୍ୟାଦି)—ସଂ. ବି—ସାଙ୍ଖ୍ୟ ଇତ୍ୟାଦି (ଦେଖ)
Sāṁkhya (etc) Sāṅkhya etc (See)

ସାଂଖ୍ୟ କାରିକା—ଦେ. ବି—କପିଳ ମୁନିଙ୍କ ସାଂଖ୍ୟ ଦର୍ଶନ—The Sāṁkhya kārikā system of Hindu philosophy সাংখ্যকারিকা of sage Kapila. (ଭି—ଏଥି ସଂଶୟ କରି **सांख्यकारिका** ନାହିଁ, ସାଂଖ୍ୟକାରିକା ଅଛି କହ—ପ୍ରାଚୀ-ପୁରୁଷୋତ୍ତମ ଚନ୍ଦ୍ରୋଦୟ ।)

ସାଂଗ୍ରାମିକ—ସଂ. ବିଣ ଓ ବି—ସାଙ୍ଗ୍ରାମିକ (ଦେଖ)
Saṁgrāmika **Sāṅgrāmika** (See)

ସାଂଘାତିକ—ସଂ. ବିଣ—ସାଙ୍ଘାତିକ (ଦେଖ)
Sāṁghātika Sāṅghātika (See)

ସାଂଦୃଷ୍ଟିକ—ସଂ. ବି—ସାନ୍ଦୃଷ୍ଟିକ (ଦେଖ)
Sāṁdrushṭika Sāndrushṭika (See)

ସାଂବତ୍ସରିକ(ଇତ୍ୟାଦି)—ସଂ. ବିଣ—ସାମ୍ବତ୍ସରିକ ଇତ୍ୟାଦି (ଦେଖ)
Sāṁbatsarika (etc) Sāmbatsarika etc (See)

ସାଂବାଦିକ—ସଂ. ବିଣ—ସାମ୍ବାଦିକ (ଦେଖ)
Sāṁbādika Sāmbādika (See)

ସାଂବାଲି—ଦେ. ବି—ଶୁଆଁ ବାଳ ପୋକ—
Sāmbāli Caterpillar.
[ସାଂବାଳ(ଳି)ଅ—ଅନ୍ୟରୂପ]
ଶୁଆଁ ପୋକ। **भुआ**

ସାଂଯାତ୍ରିକ—ସଂ. ବିଣ. ପୁଂ (ସଂଯାତ୍ରା+ଇକ)—ଜାହାଜଦ୍ୱାରା ଦ୍ୱୀପାନ୍ତର Sāṁjātrika ଗମନ—Going to another island (ସାଂଯାତ୍ରିକା—ସ୍ତ୍ରୀ) in a vessel on a voyage. ବି—ପୋତବଣିକ (ଅମର)—A merchant trading with the help of ships; a voyaging merchant.

ସାଂଯୁଗୀନ—ସଂ. ବିଣ.ପୁଂ (ସଂଯୁଗ=ଯୁଦ୍ଧ+କୁଶଳାର୍ଥେ ଈନ)—ଯୁଦ୍ଧ-Sāṁjugīna କୁଶଳ—Dexterous in war; skil-(ସାଂଯୁଗୀନା—ସ୍ତ୍ରୀ) ful in fight.

ସାଂରାବିଣ—ସଂ. ବି (ସଂରାବନ୍+ଅ)—ହାଟରେ ଜାତ ହେବା ଉଚ୍ଚ Sāṁrābiṇa ଶବ୍ଦ (ମୁଗ୍ଧବୋଧ ବ୍ୟାକରଣ)—The high sound rising from the crowd in a market.

ସାଂଶୟିକ—ସଂ.ବିଣ. ପୁଂ (ସଂଶୟ+ଇକ)—୧ । ସଂଶୟଯୁକ୍ତ;ସନ୍ଦେହାନ-Sāṁśayika Doubtful; doubting; suspicious; (ସାଂଶୟିକା—ସ୍ତ୍ରୀ) sceptic. ୨ । ଅସ୍ଥିରବୁଦ୍ଧି—2. Fickle-minded. ୩ । ଅକୃତନିଶ୍ଚୟ—3. Having formed no resolve. ୪ । ଅକୃତନିଶ୍ଚୟ—4. Unsettled; hesitating.

ସାଂସ୍ରାବିଣ—ସଂ. ବି (ସଂସ୍ରାବଣ+ଇନ)—ବୃକ୍ଷରୁ ବୃକ୍ଷକୁ ବ୍ୟାପିବାର Sāṁsrābiṇa ରସର ସମ୍ୟକ୍ ସ୍ରାବ (ସଂକ୍ଷିପ୍ତସାର)—Flow of juice or sap from one tree to another.

ସାଂସର୍ଗିକ—ସଂ. ବିଣ (ସଂସର୍ଗ+ଇକ)—୧ । ସଂସର୍ଗସମ୍ବନ୍ଧୀୟ—Sāṁsargika 1. Relating to company. ୨ । ସଂସର୍ଗଜ—2. Born of association.

ସାଂସାରିକ—ସଂ. ବି (ସଂସାର+ଇକ)—ସଂସାର ସମ୍ବନ୍ଧୀୟ—Sāṁsārika Relating to the world; worldly. (ସାଂସାରିକତା—ବି)

ସାଂସିଦ୍ଧିକ—ସଂ. ବିଣ (ସଂସିଦ୍ଧି+ଇକ)—ସ୍ୱଭାବସିଦ୍ଧ—
Sāṁsiddhika Natural; innate; congenital.

ସାଂସ୍ଥାନିକ—ସଂ. ବିଣ (ସଂସ୍ଥାନ+ଇକ)—୧ । ସଂସ୍ଥାନସମ୍ବନ୍ଧୀୟ—Sāṁsthānika 1. Relating to one's subsistence. ୨ । ସମାନଦେଶୀୟ; ଏକଦେଶୀୟ—2. Of the same place or country.

ସାଁଉଁଳିବା—ପ୍ରାଦେ (ସମ୍ବଲପୁର) କ୍ରି—୧ । ଚଞ୍ଛିବା—Sāṅuṅḷibā 1. To scrape off. ୨ । ପାଲିସକରିବା-
ସାଁଉଳିବା } —ଅନ୍ୟରୂପ 2. To polish. ୩ । ମସୃଣ
ସାଁଉଳା } କରିବା—3. To smooth.

ସାଁକୁର୍—ପ୍ରାଦେ (ସମ୍ବଲପୁର) ବିଣ (ମୂଳ.ଏହି ଅର୍ଥରେ ହିନ୍ଦୀ. ସାଁକର)
Sāṅkur (ସଂ. ସଙ୍କୀର୍ଣ୍ଣ)—ସଙ୍କୀର୍ଣ୍ଣ; ଅପ୍ରଶସ୍ତ—Narrow.

ସାଁଜ୍ଞା(ଜ୍ଞ୍ୟା,ଞ୍ଜାଁ)—ଗ୍ରା. ବି. (ସଂ. ସଂଜ୍ଞା)—ବଂଶୋପାଧି—
Sāñjnā (ṅgyā,yāñ) Family title or cognomen.

ସାଁଚ—ପ୍ରାଦେ (ଲରଅ) ବଣ—ସଚ୍ଚା; ସତ୍ୟବାଦୀ—
Sāñcha Truthful.
ସାଁଜ—ପ୍ରାଦେ (ମେଦନୀପୁର) ବି—ସନ୍ଧ୍ୟା; ସଞ୍ଜବେଳ—
Sāñj Evening.
ସାଁଝ—ପ୍ରାଦେ (କଟକ) ବି—ସନ୍ଧ୍ୟା; ସଞ୍ଜବେଳ—
Sāñjha Evening.
ସାଁତାଳ—ଦେ. ବି—ସାନ୍ତାଳ (ଦେଖ)
Sāñtāḷa Sāntāḷa (See)
ସାଁପ୍—ପ୍ରାଦେ (କଟକ) ବି (ଭୁକ. ହି. ସାପ୍)—ସାପ—
Sāñp Snake; serpent.
ସାକଂ—ସଂ. ଅ (ସହ+ଅକ୍ ଧାତୁ=ଯିବା+ଅମ୍)—ସହ; ସହିତ;
Sākam ସଙ୍ଗେ (ଅମର)—With; together with.
(ସାକମ୍—ଅନ୍ୟରୂପ) [ଦ୍ର—ଏ ଶବ୍ଦର ବ୍ୟବହାର ଓଡ଼ିଆରେ ଦୃଷ୍ଟ ହୁଏ ନାହିଁ ।]
ସାକଟ—ଦେ. ବଣ (ସଂ. ଶଠ, ଶାକ୍ତ)—୧ । ଶଠ—1. Deceitful.
Sākaṭa ୨ । ଦୁଷ୍ଟ—2. Wicked. (ଉ—କହନ୍ତି
শঠ शठ, साकट ଲକ୍ଷ୍ମୀ ଯେ ଶୁଣ, ସାକଟ ଘରେ ଯେ ହଂସେକ—ଯଶୋବନ୍ତ ପ୍ରେମଭକ୍ତିବ୍ରହ୍ମଗୀତା ।]
ସାକଲ୍ୟ—ସଂ. ବି (ସକଳ+ଭାବ. ଯ)—୧ । ସମୁଦାୟ—
Sākalya 1. Entirety; wholeness. ୨ । ହୋମାର୍ଥ ମିଶ୍ରିତ ତିଳାଦିଦ୍ରବ୍ୟ—2. Sessamum and other articles mixed for the Homa.
ସାକାଙ୍କ୍ଷ—ସଂ. ବଣ. ପୁ. (ସ+ଅକାଙ୍କ୍ଷା; ସହାର୍ଥ ବହୁବ୍ରୀହି)—
Sākāṅksha ୧ । ଅକାଙ୍କ୍ଷାଯୁକ୍ତ; ସସ୍ପୃହ—1. Desirous.
(ସାକାଙ୍କ୍ଷା—ସ୍ତ୍ରୀ) ୨ । ଲାଳାୟିତ—2. Hankering after.
(ନିରାକାଙ୍କ୍ଷ—ବିପରୀତ) ୩ । ଲୁବ୍ଧ—3. Covetous; lustful.
ସାକାର—ସଂ. ବଣ (ବହୁବ୍ରୀହି; ସ=ସହିତ+ଆକାର)—ଆକାର-
Sākāra ଯୁକ୍ତ—Having shape or form; corporeal.
(ନିରାକାର—ବିପରୀତ)
ସାକାର ପୂଜକ—ସଂ. ବି ଓ ବଣ ପୁ.—ଈଶ୍ୱରଙ୍କୁ ମୂର୍ତ୍ତିରୂପେ ଯେ
Sākāra pūjaka ପୂଜାକରେ—Idol worshipper.
(ସାକାରପୂଜିକା—ସ୍ତ୍ରୀ)
ସାକାର ପୂଜା—ସଂ. ବି—ସାକାରୋପାସନା (ଦେଖ)—
Sākāra pūjā Sākāropāsanā (See)
ସାକାର ବାଦ—ସଂ. ବି—ଈଶ୍ୱର ଆକାର ବିଶିଷ୍ଟ ଅଟନ୍ତି, ଏହିରୂପ ମତ-
Sākāra bāda The tenet that God has definite shapes; idolatry.
ସାକାର ବାଦୀ—ସଂ. ବି ଓ ବଣ. ପୁ.—(ସାକାରବାଦନ୍ ଶବ୍ଦ)—ସାକାର-
Sākāra bādī ବାଦ ମତାବଲମ୍ବୀ—A follower of the tenet of idolatry.
(ସାକାରବାଦିନୀ—ସ୍ତ୍ରୀ)
ସାକାରୋପାସକ—ସଂ. ବି ଓ ବଣ. ପୁ.—ସାକାରପୂଜକ (ଦେଖ)—
Sākāropāsaka Sākārapūjaka (See)
(ସାକାରୋପାସିକା—ସ୍ତ୍ରୀ)

ସାକାରୋପାସନା—ସଂ. ବି—ଈଶ୍ୱରଙ୍କୁ ମୂର୍ତ୍ତି ରୂପରେ ପୂଜା କରିବା—
Sākāropāsanā Idol worship; idolatry.
ସାକି(ଖି)ନ(ନି)—ବୈଦେ. ବଣ(କଚରଅ) (ଅ. ସାକିନ=ନିବାସୀ)
Sāki(khi)n(ni) (ଅନ୍ୟଶବ୍ଦ ପୂର୍ବେ ଲଗେ)—ଅମୁକ ସ୍ଥାନର
সাকিন साकिन ନିବାସୀ—Inhabitant of; resident of.
(ଯଥା—ସାକିନ୍ ସିନ୍ଧେଶ୍ୱରପୁର) [ଦ୍ର—ଏଥିର ସାଙ୍କେତିକ । ସା ।] ବି—ନିବାସ; ବାସସ୍ଥାନ—Residence; place where a man lives; a person's address. (ଉ—ହାଲ ସାକିନ୍ କଟକ । ଫକିରମୋହନ ଛମାଣ. ଅଠଗୁଣ୍ଠ)
ସାକିନ(ନି) ହାଲ—ବୈଦେ. ବଣ (କଚରଅ) (ଫା. ଅନ୍ୟ ସ୍ଥାନବାଚକ
Sākin(ni) hāl ଶବ୍ଦ ପୂର୍ବେ ଲେଖାଯାଏ)—ହାଲ୍ ସାକିନ୍;
সাকিন হাল ଅଧୁନା (ଅମୁକ ସ୍ଥାନରେ) ବାସ କରୁଥିବା—
साकीन हाल At present residing at. [ଦ୍ର—ଏଥିର ସାଙ୍କେତିକ । ସା । ହା । କମ୍ପା । ସା । ହା ।]
ସାକୀ—ବୈଦେ. ବି. ପୁ ଓ ସ୍ତ୍ରୀ (ଅ)—୧ । ଯେଉଁ ଲୋକ ମଦ-
Sākī ପିଅନ୍ତିଙ୍କୁ ମଦ ଆଣି ଯୋଗାଏ—1. One who
সাকী provides wine to drinkers. ୨ । ପ୍ରେମିକ;
साकी ପ୍ରେମିକା—2. Lovers.
ସାକୁଚ (ଇତ୍ୟାଦି)—ଦେ. ବି—ସାଙ୍କୁଚ ଇତ୍ୟାଦି (ଦେଖ)
Sākucha (etc) Sāṅkucha etc. (See)
শাঁকোচ सांकुच
ସାକୁ(କୂ)ତ—ସଂ. ବଣ (ସ=ସହ+ଅକୂତ=ଅଭିପ୍ରାୟ)—
Sāku(kū)ta ଅଭିପ୍ରାୟଯୁକ୍ତ; ସାଭିପ୍ରାୟ—Having
(ସାକୁତା—ସ୍ତ୍ରୀ) intention or desire.
ସାକୁରୁଣ୍ଡ—ସଂ. ବି (ବୈଦ୍ୟକ)—ବୃକ୍ଷ ବିଶେଷ (ରାଜନିର୍ଘଣ୍ଟ)—
Sākurunda Name of a medicinal tree.
ଅନ୍ୟ ସଂ ନାମ—ବୃହତ୍ଫଳ, [ଦ୍ର—ଏହାର ଗୁଣ କଷାୟତ୍ୱ,
କୁରୁଣ୍ଡ, କଟ୍ଟ, କଣ୍ଟକୁରଣ୍ଟ, କୁଟବାରିତ୍ୱ, ପାଚନତ୍ୱ, ଶୀତଳତ୍ୱ,
ବର୍ତ୍ତୁଳ ଫଳ । ଶ୍ଳେଷ୍ମାବାତନାଶିତ୍ୱ, ଲଘୁତ୍ୱ, ବସ୍ତିରଞ୍ଜନତ୍ୱ । ଏ ଗଛକୁ ଗ୍ରନ୍ଥାନ୍ତରରେ 'ସକୁରୁଣ୍ଡକ' ବୋଲାଯାଏ ।]
ସାକୁଲ—ଦେ. ବି (ସଂ. କାକୁତି)—୧ । ସାକୁଲାଇବା (କର୍ମ ଦେଖ)—
Sākulā 1. Inveigling. (See) ୨ । କାକୁତି ମିନତି—
কাকুতিমিনতি 2. Soliciations. ବଣ—୧ । କୋମଳ
ঠানি (କଥା)—1. Soft (words). ୨ । ଶଠ, (ଉକ୍ତି)—
2. Flattering. ୩ । (ପୁ) କାକୁତିମିନତିକାରୀ—
(ସାକୁଲୀ, ସାକୁଲେଇ—ସ୍ତ୍ରୀ) 3. Solicitous. ୪ । ସାକୁଲିଆ (ଦେଖ)—4. Sākuliā. (See)
ସାକୁଲା(ଲେ)ଇବା—ଦେ. କି—୧ । କୋମଳ କଥା କହି କୌଣସି
Sākulā(le)ibā ବ୍ୟକ୍ତିକୁ ମୁଗ୍ଧ କରିବା—1. To charm a
বাবু বাছা করা, গাএ হাত person by soft words.
বুলান, সলিএ কলিএ কথা বলা ୨ । ଶଠ କରିବା—2. To

ফুসলান, फुसलाना flatter. ୩ । ଫୁସୁଲାଇବା—3. To inveigle. ୪ । ଚାଟୁଭ ମିନତି କରିବା—4. To pray humbly; to solicit.

ସାକୁଳି ସାକୁଳି—ଦେ. ବି—ଚାଟୁ ଓ ସ୍ନିଗ୍ଧ କଥା କହିବା—Inveig-
Sākulā sākuli ling. [ହି—ଅଳ୍ପ ପାଠକ କଥା ଲୁବ ফুসলা ফুসলি କଥନ ସାକୁଳ ସାକୁଳ ବଳ—ଫଣ୍ଡାଇମୋହନ· फुसला फुसली ଗଳ୍ପଗୁଳ୍ଫ ।]

ସାକୁଳିଆ—ଦେ. ବିଣ. ପୁଂ—୧ । ଯେ କୋମଳ କଥା କହେ—
Sākuliā 1. One who speaks soft and sweet মিষ্টভাষী words. ୨ । ମଧୁରଭାଷୀ—2. Sweet-मिठा बोलने वाला speaking. ୩ । ସ୍ନିଗ୍ଧଭାଷୀ—3. Oily-tongued. ୪ । ଚାଟୁଭାଷୀ—4. Flattering. ସାକୁଳି, ସାକୁଳେଇ } ସ୍ତ୍ରୀ ବିଣ—ସ୍ନିଗ୍ଧ; ମଧୁର (ଭାଷା)—Sweet; oily (words).

ସାକୁଲ୍ୟ—ସଂ. ବି (ସକୁଳ+ଭାବ. ଯ)—ଏକ କୁଳରେ ଜାତ ହେବା
Sākulya ଯୋଗୁଁ ଦୁଇ ଜଣଙ୍କ ମଧ୍ୟରେ ସମ୍ପର୍କ—Agnatic relationship; relationship between two persons born in the same family.

ସାକେତ—ସଂ. ବି (ସ=ସହ+ଆ+କିତ୍ ଧାତୁ+ଅଧି· ଅ)—
Sāketa ଦଶରଥଙ୍କ ରାଜଧାନୀ; ଅଯୋଧ୍ୟାନଗର (ଶବ୍ଦ· (ସାକେତନ—ଅନ୍ୟରୂପ) ରତ୍ନାବଳୀ)—Another name for the town of Ajodhyā.

ସାକେତକ—ସଂ. ବିଣ. ଓ ବି (ପୁଂ) (ସାକେତ+ବାସୀ ଅର୍ଥରେ
Sāketaka କ)—ସାକେତବାସୀ; ଅଯୋଧ୍ୟାବାସୀ (ହୁ. ଶ)—Resident of Ajodhyā.

ସାକ୍ତୁକ—ସଂ. ବି (ସକ୍ତୁ=ଛତୁଆ+କ=ସକ୍ତୁକ+ଅ)—୧ ।
Sāktuka ସକ୍ତୁସମୂହ—1. A mass or quantity of corn flour. ୨ । ଯବ (ସିଦ୍ଧାନ୍ତ କୌମୁଦୀ)—2. Barely. ବିଣ—ସକ୍ତୁସମ୍ବନ୍ଧୀୟ—Relating to corn flour.

ସାକ୍ଷ (ଇତ୍ୟାଦି)—ଦେ. ବି—ସାକ୍ଷ୍ୟ ଇତ୍ୟାଦି (ଦେଖ)
Sāksha (etc) Sākshya etc (See)

ସାକ୍ଷର—ସଂ. ବିଣ (ବହୁବ୍ରୀହି; ସ+ଅକ୍ଷର)—୧ । ଅକ୍ଷର-
Sākshara ଯୁକ୍ତ—1. Having letters. ୨ । ଅକ୍ଷର ସମ୍ବଳିତ—2. Consisting of letters. ୩ । ପୁଂ. ବେଦଜ୍ଞ; ବିଦ୍ୱାନ୍—3. Literate; learned. ଦେ.ବି (ସଂ. ସ୍ୱାକ୍ଷର)—୧ । ସ୍ୱନାମ ଲିଖନ (ଦସ୍ତଖତ)—1. Signing of one's name. ୨ । ସହି; ସ୍ୱାକ୍ଷର—(ସାକ୍ଷରୀ—ସ୍ତ୍ରୀ. ବିଣ) 2. Signature.

ସାକ୍ଷର କରିବା—ଦେ. କି (ସଂ. ସ୍ୱାକ୍ଷର+କୃ ଧାତୁ)—ନିଜର ନାମକୁ
Sākshara karibā ଦସ୍ତଖତ କରିବା—To sign one's স্বাক্ষর করা दस्तखत करना name.

ସାକ୍ଷସୂତ୍ର କମଣ୍ଡଳୁ—ସଂ. ବିଣ (ସ=ସହିତ+ଅକ୍ଷସୂତ୍ର+କମଣ୍ଡଳୁ)—
Sākshasūtra kamandalu ଅକ୍ଷସୂତ୍ର ଓ କମଣ୍ଡଳୁଧାରୀ (ସନ୍ନ୍ୟାସୀ)—(an anchorite) Holding a string of beads and a water-pot called Kamandalu.

ସାକ୍ଷାତ୍—ସଂ. ଅ (ସ=ସହ+ଅକ୍ଷି=ଚକ୍ଷୁ+ଅତ୍. ଧାତୁ=ଗମନ
Sākshāt କରିବା+କ୍ୱିପ୍; ଅକ୍ଷି ଶବ୍ଦ ସ୍ଥାନରେ ଅକ୍ଷ)—୧ । ସ୍ୱୟଂ—1. Self. ୨ । ପ୍ରତ୍ୟକ୍ଷରେ; ସମ୍ମୁଖରେ (ଅମର)—2. Directly; in front; before one's eyes. ୩ । ମୁଖ୍ୟ—3. Direct; immediate. ୪ । ପ୍ରତ୍ୟକ୍ଷୀଭୂତ—4. (in person) Within one's veiw. ୫ । ସାମନା ସାମ୍ନି—5. Face to face. ୬। ମୂର୍ତ୍ତିମାନ୍—6. Corporeal. ୭ । ସମାନ; ସଦୃଶ; ତୁଲ୍ୟ (ଅମର)—সাক্ষাৎ 7. Equal; similar. ଦେ. ବି—୧। ସାକ୍ଷାତ୍କାର; साक्षात ଭେଟ—1. Meeting; interview. ୨ । ଦେଖା; ଦେଖିବା; ଦର୍ଶନ—2. Seeing; visit.

ସାକ୍ଷାତ୍ କରିବା—ଦେ. କି—କୌଣସି ବ୍ୟକ୍ତିଙ୍କୁ ଦେଖା କରିବା—
Sākshāt karibā To pay a visit to a person; সাক্ষাৎ করা to have an interview with a person. साक्षात करना [ଦ୍ର—ସାହେବମାନଙ୍କ ସଙ୍ଗେ ସାକ୍ଷାତ୍ କରିବା ପୂର୍ବରୁ ତାଙ୍କ ଦ୍ୱାରରେ ଥିବା ଚପରାସୀ ହାତରେ ଦର୍ଶକଙ୍କୁ ନିଜର ନାମ ଓ ପଦବୀ ଲେଖାଥିବା ଖଣ୍ଡେ ଦର୍ଶନ କାର୍ଡ଼ ପଠାଇବାକୁ ହୁଏ ।]

ସାକ୍ଷାତ୍ କର୍ତ୍ତା—ସଂ. ବିଣ (ସାକ୍ଷାତ୍ କର୍ତ୍ତୃ. ଶବ୍ଦ)—ସାକ୍ଷାତ୍କାରୀ; ଯେ
Sākshāt-karttā ଦେଖା କରେ—Having an inter-(ସାକ୍ଷାତ୍କର୍ତ୍ତ୍ରୀ—ସ୍ତ୍ରୀ) view with; visiting; interviewing.

ସାକ୍ଷାତ୍କାର—ସଂ. ବି (ସାକ୍ଷାତ୍+କୃ ଧାତୁ+ଭାବ. ଅ)—ପ୍ରତ୍ୟକ୍ଷୀ-
Sākshāt-kāra କରଣ; କୌଣସି ବ୍ୟକ୍ତିଙ୍କ ସଙ୍ଗେ ଦେଖା ବା ଭେଟ—Interview with any one.

ସାକ୍ଷାତ୍ କାରଣ—ଦେ. ବି—ମୁଖ୍ୟ କାରଣ; ପ୍ରତ୍ୟକ୍ଷ କାରଣ—
Sākshāt kārana Direct cause; immediate cause. সাক্ষাৎ কারণ साक्षात कारण

ସାକ୍ଷାତ୍କାର ଲାଭ—ସଂ. ବି—ଦର୍ଶନଲାଭ—Having an
Sākshāt-kāra lābha interview with

ସାକ୍ଷାତ୍କାର ଲାଭ କରିବା—ଦେ. କି—କୌଣସି ବ୍ୟକ୍ତିଙ୍କର ଦର୍ଶନ
Sākshāt-kāra lābha karibā ପାଇବା—To have সাক্ষাৎকার লাভ করা access to a person for an साक्षातकार होना interview.

ସାକ୍ଷାତ୍କାରୀ—ସଂ. ବିଣ (ସାକ୍ଷାତ୍କାରିନ୍ ଶବ୍ଦ)—ସାକ୍ଷାତ୍ କର୍ତ୍ତା
Sākshāt-kārī (ଦେଖ)—Sākshāt-karttā (See). [ସାକ୍ଷାତ୍କାରିଣୀ—ସ୍ତ୍ରୀ]

ସାକ୍ଷାତ୍ ଘଟଣା—ସଂ. ବ—ପ୍ରତ୍ୟକ୍ଷୀଭୂତ ଘଟଣା—An event
Sākshāt ghaṭanā which has actually been seen by a person.

ସାକ୍ଷାତ୍ ଦେବା—ଦେ. କି—କୌଣସି ବ୍ୟକ୍ତିକୁ ଦେଖା ଦେବା—
Sākshāt debā To grant an interview to a
সাক্ষাৎ দেওয়া साक्षात देना person.

ସାକ୍ଷାତ୍ ପାଇବା (ଲଭିବା)—ଦେ. କି—ସାକ୍ଷାତ୍କାର ଲାଭ କରିବା;
Sākshāt pāibā (labhibā) କୌଣସି ବ୍ୟକ୍ତିଙ୍କର ଦେଖା
সাক্ষাত পাওয়া বা ଦର୍ଶନ ପାଇବା—To have access to
साक्षात पाना, साक्षात लाभकरना a person for an in-
(ସାକ୍ଷାତ୍ ମିଳିବା [ହେବା]—ବିଶେଷ୍ୟରୂପ) terview; to have an opportunity of having an interview with a person.

ସାକ୍ଷାତ୍ ପ୍ରମାଣ—ସଂ. ବ—ପ୍ରତ୍ୟକ୍ଷୀଭୂତ ପ୍ରମାଣ—
Sākshāt pramāṇa Direct evidence.

ସାକ୍ଷାତ୍ ଯମ—ଦେ, ବ (ସଂ. ସାକ୍ଷାତ୍ ଯମଃ)—୧ । ସ୍ୱୟଂ
Sākshāt jama ଯମଦେବ—1. The God of death
সাক্ষাৎ যম in person. ୨ । ଦେଖିବାକୁ ଠିକ୍ ଯମଙ୍କ ଭଳି
साक्षात यम ଓ ଭୟଙ୍କର—2. Fierce in appearance like the God of death; an impersonation of the God of death. ୩ । ଯମଙ୍କ ନିଷ୍ଠୁର—3. Cruel as the God of dath.

ସାକ୍ଷାତ୍ ଲାଭ—ଦେ. ବ—ସାକ୍ଷାତ୍କାର ଲାଭ—
Sākshāt lābha Having an interview with a
সাক্ষাৎ লাভ साक्षात लाभ person.

ସାକ୍ଷାତ୍ ସମ୍ବନ୍ଧ—ଦେ. ବ—ପ୍ରତ୍ୟକ୍ଷୀଭୂତ ସମ୍ବନ୍ଧ—
Sākshāt sambandha Direct connection or
সাক্ষাৎ সম্বন্ধ साक्षात सम्बन्ध relation.

ସାକ୍ଷାତ୍ ହେବା—ଦେ. ବ—୧ । କୌଣସି ବ୍ୟକ୍ତିଙ୍କ ସଙ୍ଗେ ଭେଟ
Sākshāt hebā ହେବା—1. Having an inter-
সাক্ষাৎ হওয়া view or meeting (with a person).
साक्षात होना ୨ । ଦୁଇ ଜଣଙ୍କର ପରସ୍ପର ଭେଟ ହେବା—
2. (Two persons) Meeting together; having an interview with each other.

ସାକ୍ଷାତ—ଦେ. ବ—ସାକ୍ଷାତ୍କାର (ଦେଖ)—Sākshātkāra.
Sākshāta (See) କି. ବଣ—୧ । ସ୍ୱୟଂ—1. In
সাক্ষাত person; personally. (ଉ—ଅସ୍ତ୍ର ମନ୍ତ୍ର ସହିତେ
साक्षात ସାକ୍ଷାତ ସେମାନେ । କୃଷ୍ଣସିଂହ. ମହାଭାରତ. ବନ ।)
୨ । ସମ୍ମୁଖରେ; ସାମନାରେ—2. In front of.
(ଉ—ସାକ୍ଷାତ ଦେଖିଲେହେଁ, ସାକ୍ଷୀ ହେବାକୁ ଡାକାନ୍ତି ।
କବିସୂର୍ଯ୍ୟ. ଉଦ୍ଧବଙ୍କ ଚମ୍ପୂ. ୪ ଗୀତ ।)

ସାକ୍ଷାତରେ—ଦେ, କି. ବଣ (ସଂ. ସାକ୍ଷାତ୍)—୧ । ସ୍ୱୟଂ—
Sākshātare 1. In person. ୨ । ସମ୍ମୁଖରେ—2. In
সাক্ষাতে front of. ୩ । ଉପସ୍ଥିତିରେ—3. In the pre
साक्षातमें sence of. ୪ । ସାମନା ସାମନି—4. Face to face.

ସାକ୍ଷାତରେ କହିବା—ଦେ. କି—(କୌଣସି ବିଷୟ କୌଣସି ବ୍ୟକ୍ତିକୁ)
Sākshātare kahibā ସ୍ୱୟଂ କହିବା—To tell any-
সাক্ষাতে বলা साक्षातमें कहना thing to anyone in person.

ସାକ୍ଷାତେ(ନ୍ତେ)—ଦେ. ଅ (ସଂ. ସାକ୍ଷାତ୍)—୧ । ସ୍ୱଚକ୍ଷୁରେ—
Sākshāte(nte) 1. With one's own eyes. (ଉ—
সাক্ষাতে ଏହି ମଠେ ସାକ୍ଷାତେ ଅମ୍ଭେ ଦେଖିଅଛୁଁ । କୃଷ୍ଣସିଂହ.
साक्षाते ମହାଭାରତ. ବନ ।) ୨ । ସ୍ୱୟଂ—2. In person.
(ଉ—ସାକ୍ଷାତେ କୃଷ୍ଣ ହୋଇ ହେ ପାଣ୍ଡୁଜ ଭଞ୍ଜ ।
କୃଷ୍ଣସିଂହ. ମହାଭାରତ. ଅଦି ।) ୩ । ଦେଖିବାକୁ ଠିକ୍
ସଦୃଶ—3. Exactly similar in appearance to (so and so); looking exactly like (so and so). ୪ । ପ୍ରତ୍ୟକ୍ଷ ଜ୍ଞାନରେ—4. Directly; to one's direct knowledge. (ଉ—ଏବେ
ସେହି କଥା ସାକ୍ଷାତେ ଗଲ ଜଣା, ଜଣ୍ଣା ତୁମ୍ଭେ କାହିଁ
କରୁଛ ବୁଦ୍ଧି ବଣା । କୃଷ୍ଣସିଂହ. ମହାଭାରତ. ବନ ।)

ସାକ୍ଷାଦର୍ଶନ—ସ. ବ—୧ । ନିଜର ଆଖିରେ ଦେଖିବା—
Sākshāddarśana 1. Seeing with one's own
(ସାକ୍ଷାଦ୍ଦୃଷ୍ଟି—ଅନ୍ୟରୂପ) eyes. ୨ । ସାମନା ସାମନି ଦେଖା—
2. Direct vision.

ସାକ୍ଷାଦର୍ଶୀ—ସ. ବଣ. ପୁଂ (ସାକ୍ଷାତ୍+ଦର୍ଶନ୍=ସାକ୍ଷାଦର୍ଶିନ୍
Sākshāddarśī ଶବ୍ଦ; ୧ମା. ୧ବ)—ଯେ ସ୍ୱୟଂ ଦେଖିଥାଏ—
(ସାକ୍ଷାଦର୍ଶିନୀ—ସ୍ତ୍ରୀ) Having personally seen (anything); having a personal interview with.

ସାକ୍ଷାଦ୍ଦ୍ରଷ୍ଟା—ସ. ବଣ. ପୁଂ (ସାକ୍ଷାଦ୍ଦ୍ରଷ୍ଟୃ ଶବ୍ଦ)—ସାକ୍ଷାଦର୍ଶୀ (ଦେଖ)
Sākshāddrashṭā Sākshāddarśī. (See)
(ସାକ୍ଷାଦ୍ଦ୍ରଷ୍ଟ୍ରୀ—ସ୍ତ୍ରୀ)

ସାକ୍ଷାଲ୍ଲାଭ—ଦେ. ବ—ସାକ୍ଷାତ୍କାର ଲାଭ; ଦେଖା ମିଳିବା—
Sākshāllābha Having an interiew with.
সাক্ষাৎ লাভ साक्षात लाभ

ସାକ୍ଷି—ଦେ. ବ (କଥିତ) (ସ. ସାକ୍ଷୀ)—୧ । ସାକ୍ଷୀ (ଦେଖ)—
Sākshi 1. Sākshī. (See) ୨ । (ସ. ସାକ୍ଷ୍ୟ) ସାକ୍ଷ୍ୟ
সাক্ষী गवाही (ଦେଖ)— 2. Sākshya. (See)
সাক্ষ্য गवाह

ସାକ୍ଷି ଅଲଗଡ଼ା—ଦେ, ବ—ସାକ୍ଷୀ ଯେଉଁ ଅବରୁଦ୍ଧ ସ୍ଥାନରେ ଠିଆ
Sākshi alagaṛā ହୋଇ ସାକ୍ଷ୍ୟ ଦିଏ—The witness
সাক্ষির কাঠগড়া गवाहीका कठघेरा box.

ସାକ୍ଷିଇଜା(ଝା)ର—ଦେ. ବ (କଥିତ)—ସାକ୍ଷି ଜବାନବନ୍ଦି (ଦେଖ)
Sākshi ijā(jhā)ra Sākshi jabān bandi. (See)
(ସାକ୍ଷି ଇଜାହାର—ଅନ୍ୟରୂପ)
সাক্ষি এজাহার गवाही इजहार

ସାକ୍ଷି କରିବା—ଦେ॰ କ୍ରି (ତଦ୍ଭବ)—୧ । କୌଣସି ବ୍ୟକ୍ତିକୁ କୌଣସି
Sākshi karibā ଘଟଣାର ସାକ୍ଷୀରୂପେ ପ୍ରକାଶ କରିବା ବା
সাক্ষি করা ଉଲ୍ଲେଖ କରିବା—1. To cite a person as a
गवाही करना witness. ୨ । କୌଣସି ବ୍ୟକ୍ତିକୁ କୌଣସି ଦଲିଲରେ ସାକ୍ଷୀ ପକାଇବା—2. To have a person as an attesting witness to a document; to get a person to attest a document.
[ଦ୍ର—ଏକ ସାକ୍ଷି ସାକ୍ଷି ନୁହେଁ, ଏକ ଅଖି ଅଖି ନୁହେଁ—ପ୍ରବଚନ ।
ଯେଉଁପରି ଜଣେ ବ୍ୟକ୍ତିଙ୍କୁ ଚକ୍ଷୁଷ୍ମାନ୍ ବୋଲାଯିବ ନାହିଁ, ସେହିପରି ଜଣେ ସାକ୍ଷୀଦ୍ୱାରା କୌଣସି ବିଷୟ ପ୍ରମାଣିତ ହେଲା ବୋଲି ବୋଲାଯାଇ ପାରେ ନାହିଁ ।]

ସାକ୍ଷି ଖରଚ(ଚା)—ଦେ॰ ବି (ତଦ୍ଭବ)—ସମନ ଜାରିକରିବା ସାକ୍ଷିର
Sākshi kharacha(chā) ଯାତାୟାତ ଖରଚ ପାଇଁ ପକ୍ଷ ଦ୍ୱାରା
সাক্ষী খরচ ଦାଖଲ ହେବା ଧନ—Expenses depo-
गवाही खर्च sited in a court for summoning a
(ସାକ୍ଷି ଖର୍ଚ୍ଚ[ର୍ଚ୍ଚା]—ଅନ୍ୟରୂପ) witness.

ସାକ୍ଷି ଖୁ(ଖୋ)ରାକି—ଦେ॰ ବି (ତଦ୍ଭବ)—ଅଦାଲତକୁ କୌଣସି
Sākshi khu(kho)rāki ସାକ୍ଷୀକୁ ସମନ କରିବା ବ୍ୟକ୍ତି ସେହି
সাক্ষী খোরাকী ସାକ୍ଷୀର ଖାଇବା ଖରଚ ପାଇଁ ଯେଉଁ ଖରଚ
गवाही खोराकी ସମନ ଜାରିବେଳେ ଅଦାଲତରେ ଜମା କରେ —Diet money deposited in court for a witness whom a party summons.

ସାକ୍ଷି ଗଭା(ଗଭାଇ, ଗଭେଇ, ଗୁହା)—ଦେ॰ ବି (ତଦ୍ଭବ; ଏକାର୍ଥକ
Sākshi gabhā(gabhāi, gabhei, guhā) ସହଚର
সাক্ষী সাবুত ଶବ୍ଦ, ସ॰ ସାକ୍ଷୀ ଓ ଫା॰ ଗଭାଇ)—୧ । ସାକ୍ଷୀ—
साक्षी गवाही 1. Witness. ୨ । ସାକ୍ଷୀ ଓ ପ୍ରମାଣ—2. Evidence and testimony of a witness.

ସାକ୍ଷି ଗୁଜାରିବା—ଦେ॰ କ୍ରି (ତଦ୍ଭବ)—କୌଣସି ବ୍ୟକ୍ତିକୁ ଆପଣାର
Sākshi gujāribā ପକ୍ଷ ସମର୍ଥନ କରିବା ପାଇଁ ହାକିମଙ୍କ
সাক্ষী গুজরান ସମ୍ମୁଖରେ ଜବାନବନ୍ଦି କରାଇବା—To cause
गवाही गुजारना a person to give evidence as witness on one's behalf.

ସାକ୍ଷି ଗୁଜୁରିବା—ଦେ॰ କ୍ରି (ତଦ୍ଭବ)—ଅଦାଲତରେ ସାକ୍ଷୀରୂପେ
Sākshi gujuribā ଜବାନବନ୍ଦୀ ଦେବା—To depose as
সাক্ষী গুজরা **गवाही गुजरना** a witness in a case.

ସାକ୍ଷି ଗୋ(ଜୁ, ଜୋ)ଟା(ଟେ)ଇବା—ଦେ॰ କ୍ରି—କୌଣସି ମକଦ୍ଦମାର
Sākshi go(ju, jo)tā(te)ibā ସାକ୍ଷୀମାନଙ୍କୁ ସଂଗ୍ରହ କରିବା—
সাক্ষী জোটান **गवाही जुटाना** To collect evidence or witnesses for a case.

ସାକ୍ଷି ଜବାନବନ୍ଦି—ଦେ॰ ବି (ତଦ୍ଭବ)—୧ । ସାକ୍ଷୀ ଅଦାଲତରେ
Sākshi jabānabandi ସାକ୍ଷ୍ୟ ଦେବା—1. Testimony
সাক্ষী জবানবন্দী or deposition given by a wit-
गवाही जबानबंदी ness. ୨ । ଅଦାଲତଦ୍ୱାରା ଲିପିବଦ୍ଧ ହୋଇଥିବା ସାକ୍ଷି-ପ୍ରଦତ୍ତ ପ୍ରମାଣ—2. Evidence or deposition of a witness recorded by the court.

ସାକ୍ଷି ଜେରା—ଦେ॰ ବି (ତଦ୍ଭବ)—ଯେଉଁ ପକ୍ଷ କୌଣସି ସାକ୍ଷୀକୁ
Sākshi jerā ଉଲ୍ଲେଖ କରିଥାଏ ତାହାର ବିପକ୍ଷ ଉକିଲ
সাক্ষী জেরা ଅଦାଲତଦ୍ୱାରା ଉକ୍ତ ସାକ୍ଷୀକୁ ପଚାରି ଯିବା ପ୍ରଶ୍ନ—
गवाहीकी जीरह Cross examination of a witness.

ସାକ୍ଷିଣ—ଦେ॰ ବି (ପ୍ରାଚୀନ ପ୍ରୟୋଗ; ସଂ॰ 'ସାକ୍ଷିନ୍' ଶବ୍ଦର ୧ମା, ବହୁ
Sākshiṇa ବଚନ, ସାକ୍ଷିଣଃ)—ସାକ୍ଷୀ (ଦେଖ)—Sākshī
সাক্ষী **गवाही** (See). [ଦ୍ର—ବେ ପାପ ପୁଣ୍ୟରେ ସାକ୍ଷିଣ, ତୋ ପାଦେ ପଶିଲି ଶରଣ—ଜଗନ୍ନାଥ, ଭାଗବତ ।]

ସାକ୍ଷି ତାଲିକା—ଦେ॰ ବି (ତଦ୍ଭବ)—ମକଦ୍ଦମାରେ ପକ୍ଷ ଦ୍ୱାରା ଦାଖଲ
Sākshi tālikā ହେବା ଜନର ସାକ୍ଷିମାନଙ୍କର ନାମ—
সাক্ষী তালিকা List of one's witnesses filed by a
गवाही तालिका party in court.

ସାକ୍ଷି ତାଲିମ୍ କରିବା—ଦେ॰ କ୍ରି (ତଦ୍ଭବ)—ସାକ୍ଷୀ ଦେବା ସମୟରେ
Sākshi tālim karibā ସାକ୍ଷୀ କଅଣ କହିବ ତାହା ତାକୁ
সাক্ষী তালিম করা ବତାଇବା ବା ଶିଖାଇବା—
गवाही तालिम करना To coach a witness.

ସାକ୍ଷି ତିଆର(ରି) କରିବା—ଦେ॰କ୍ରି (ତଦ୍ଭବ)—ସାକ୍ଷୀ ସଜାଇବା (ଦେଖ)
Sākshi tiāra (ri)karibā Sākshī sajāibā (See)
সাক্ষী তৈরি করা **गवाही तैयार करना**

ସାକ୍ଷି ଦେବା—ଦେ॰ କ୍ରି (ସକର୍ମକ; ତଦ୍ଭବ)—୧ । କୌଣସି ବ୍ୟକ୍ତିକୁ
Sākshi debā କୌଣସି ଘଟଣାର ସାକ୍ଷୀରୂପେ ପ୍ରକାଶ କରିବା—
সাক্ষী দেওয়া 1. To cite a person as a witness.
गवाही देना [ଦ୍ର—ଗୁଳ ପାଉଥାଏ ଭରମକୁ, କଥା କହୁଥାଏ ଶରମକୁ, ମରମେ ମରମେ ଯାହା ହେଉଥାଏ ସାକ୍ଷି ଦେଉଥାଏ ଧରମକୁ—ଲୋ ।] ୨ । (ଅକର୍ମକ) ସାକ୍ଷ୍ୟ ଦେବା; କୌଣସି ମକଦ୍ଦମାରେ ଜଣେ ସାକ୍ଷୀରୂପ ଜାଣିଥିବା ଘଟଣା ବା ବିବରଣ ଅଦାଲତକୁ କହିବା—2. To depose as a witness in a case.

ସାକ୍ଷି ଦ୍ୱୈଧ—ସଂ॰ ବି (ସଂ॰ ସାକ୍ଷିନ୍+ଦ୍ୱୈଧ; ୬ଷ୍ଠୀ ତତ୍)—୧ । ଏକ
Sākshi dwaidha ଘଟଣା ସମ୍ବନ୍ଧେ ଭିନ୍ନ ଭିନ୍ନ ସାକ୍ଷୀମାନେ ଦୁଇ ପ୍ରକାର କଥା ସାକ୍ଷ୍ୟ ଦେବା—1. Contradictory versions of the same thing by different witnesses. ୨ । ଏକ ଘଟଣା ସମ୍ବନ୍ଧେ ବିପରୀତଭାବର ଦୁଇ ଜଣ ସାକ୍ଷୀ—2. Two witnesses contradicting each other.

ସାକ୍ଷି ନେବା—ଦେ. କ୍ରି (ବ୍ୟବହାର)—କୌଣସି ମକଦ୍ଦମା ସମ୍ବନ୍ଧୀୟ ପ୍ରମାଣ ସାକ୍ଷୀଙ୍କ ମୁହଁରୁ ଶୁଣିବା—To take evidence from a person; to examine a witness.
Sākshi nebā
সাক্ষী লওয়া
गवाही लेना

ସାକ୍ଷି ପକା(କେ)ଇବା—ଦେ. କ୍ରି (ବ୍ୟବହାର)—୧ । କୌଣସି ବ୍ୟକ୍ତିକୁ କୌଣସି ଦଲିଲର ସାକ୍ଷୀରୂପେ ଦସ୍ତଖତ କରାଇବା—1. To make or get a person attest a deed. ୨ । (ଲେଖକ) ନିରକ୍ଷର ସାକ୍ଷୀର ନାମ ଓ ଚିହ୍ନ ଦଲିଲରେ ଲେଖିବା—2. (the writer of a deed) To write out the name or mark of an illiterate person as a witness to a deed.
Sākshi pakā(ke)ibā
সাক্ষী ফেলা
गवाही बनाना

ସାକ୍ଷି ପଡ଼ିବା—ଦେ. କ୍ରି (ବ୍ୟବହାର)—କୌଣସି ସାକ୍ଷୀ ନିଜର ନାମ ବା ଦସ୍ତଖତ କୌଣସି ଦଲିଲରେ ଲେଖିବା—To attest a document (by signing one's name or putting one's mark thereon.)
Sākshi pardibā
সাক্ষী পড়া
गवाही होना

ସାକ୍ଷି ପ୍ରମାଣ—ଦେ. ବି (ବ୍ୟବହାର; ସଂ. ସାକ୍ଷୀ ଓ ପ୍ରମାଣ)—୧ । ସାକ୍ଷୀଦ୍ୱାରା କୌଣସି ଘଟଣାର ପ୍ରମାଣ—1. Proof of any matter by witness. ୨ । (ବ୍ୟବହାର) ସାକ୍ଷୀଙ୍କଦ୍ୱାରା ଓ ଅନ୍ୟ ଉପାୟରେ ଘଟଣାର ପ୍ରମାଣ—2. Proof of any matter by evidence, oral and documently.
Sākshi pramāṇa
সাক্ষী প্রমাণ
गवाही सबुत

ସାକ୍ଷି ମାନିବା—ଦେ. କ୍ରି (ବ୍ୟବହାର)—ଅପଣା ପକ୍ଷ ସମର୍ଥନ ପାଇଁ କୌଣସି ବ୍ୟକ୍ତିକୁ ସାକ୍ଷୀରୂପେ ଉଲ୍ଲେଖ କରିବା—To cite a person as one's witness.
Sākshi mānibā
সাক্ষী মানা
गवाही मानना

ସାକ୍ଷି ମିଆଦି—ଦେ. ବି (ବ୍ୟବହାର)—ସାକ୍ଷୀଙ୍କ ଉପରେ ସମନ ଜାରି କରିବାକୁ ଯିବା ପିଅଦାର ଖରଚ ପାଇଁ ସମନ ପାଇଁ ପ୍ରାର୍ଥନାକାରୀ ପକ୍ଷ ଅଦାଲତରେ ଯେଉଁ କୋର୍ଟଫିସ୍ ଦାଖଲ କରେ—Process fees deposited in court by a person who prays for summoning a witness.
Sākshi miādi
সাক্ষী মেয়াদী
गवाही मियादी

ସାକ୍ଷି ମୁଚ (ଚ୍ଛ, ଛ, ଚେ) ଲ (ଲି) କା—ଦେ. ବି (ବ୍ୟବହାର)—ଏକ ତାରିଖରେ ଅଦାଲତରେ ଉପସ୍ଥିତ ହୋଇଥିବା ସାକ୍ଷୀ ଅନ୍ୟ ଧାର୍ଯ୍ୟ ତାରିଖରେ ପୁନର୍ବାର ସମନ ବିନା ନ ଯାଇ ମଧ୍ୟ ନିଜେ ଆସି ହାଜର ହେବା ପାଇଁ ଯେଉଁ ସ୍ୱୀକାର ପତ୍ର ଅଦାଲତରେ ଦସ୍ତଖତ କରି ଦିଅନ୍ତି—Personal recognisance taken from a witness (who attends court) to appear on the next date without issue of fresh summons.
Sākshi mucha (chā, chi, che) la (li) kā
সাক্ষীমোচলকা
गवाहिमुचालिका

ସାକ୍ଷି ସଜା(ଜେ)ଇବା—ଦେ. କ୍ରି—କୌଣସି ବିଷୟରେ ପ୍ରମାଣ ପାଇଁ ମିଥ୍ୟା ସାକ୍ଷୀ ଯୋଗାଡ଼ କରିବା—To get up or fabricate false witness.
Sākshi sajā(je)ibā
সাক্ষিসাজান
गवाहीतूलकरना

ସାକ୍ଷି ସମନ—ଦେ. ବି (ବ୍ୟବହାର)—(ସ. ସାକ୍ଷୀ ଓ ଇଂ. ସମନ୍ସ) ସାକ୍ଷୀଙ୍କର ଅଦାଲତରେ ହାଜର ହେବା ପାଇଁ ଅଦାଲତଙ୍କ ମୋହରଯୁକ୍ତ ଆଦେଶ ଲିପି—Summons to a witness.
Sākshi samana
সাক্ষিসমন
गवाहीसमन
(ସାକ୍ଷିସ୍ମନ—ଗ୍ରାମ୍ୟରୂପ)

ସାକ୍ଷି ସାବ(ବୁ)ତ୍ (ତା, ତି)—ଦେ. ବି (ବ୍ୟବହାର)—(ସ. ସାକ୍ଷୀ ଓ ପା. ସୁବୁତ୍=ପ୍ରମାଣ)--ସାକ୍ଷୀ ପ୍ରମାଣ, ସାକ୍ଷୀ ଦ୍ୱାରା କୌଣସି ଘଟଣାକୁ ପ୍ରମାଣିତ କରାଇବା—Evidence or proof of any matter adduced by a witness.
Sākshi sābi(bu)t (tā,ti)
সাক্ষিসাবুদ্
गवाहीसुबुद

ସାକ୍ଷି ହାଜିରା—ଦେ. ବି (ବ୍ୟବହାର)—ଆପଣା ପକ୍ଷରୁ ଅଦାଲତରେ ହାଜର ହୋଇଥିବା ସାକ୍ଷୀମାନଙ୍କ ତାଲିକା (ଯାହା ପକ୍ଷ ଅଦାଲତରେ ଦାଖଲ କରେ)—List of witnesses in attendance in court, filed by a party.
Sākshi hājirā
সাক্ষীহাজিরা
गवाहीहाजिरी

ସାକ୍ଷୀ—ସ. ବିଣ, ପୁଂ (ସାକ୍ଷାତ୍+ଇନ୍; ସାକ୍ଷାତ୍ ସ୍ଥାନରେ ସାକ୍ଷ; ସ=ସହିତ+ଅକ୍ଷି=ଚକ୍ଷୁ+ଅ+ଇନ୍, ୧ମା. ୧ବ)—୧ । ବୃତ୍ତାନ୍ତଜ୍ଞ, (ହେମଚନ୍ଦ୍ର)—1. Cognisant of any matter ୨ । ଦେଖିଥିବା ବିଷୟର କଥକ—2. Bearing testimony; giving evidence. ବି—୧ । ସାକ୍ଷାଦ୍ ଦ୍ରଷ୍ଟା ବ୍ୟକ୍ତି—1. Witness; eye-witness. ୨ । ଯେ କୌଣସି ଘଟଣା ପ୍ରତ୍ୟକ୍ଷରେ ଦେଖିଥାଏ; ଉପଦ୍ରଷ୍ଟା—2. A spectator; on-looker. ୩ । ବୃତ୍ତାନ୍ତଜ୍ଞ ବ୍ୟକ୍ତି—3. A person who is cognisant of the fact of a case or event. ୪ । ଯେଉଁ ବ୍ୟକ୍ତି ନିଜେ ଦେଖିଥିବା ଓ ଜାଣିଥିବା ବିଷୟ ଧର୍ମାଧିକରଣରେ ବିଚାରକଙ୍କ ନିକଟରେ ପ୍ରକାଶ କରେ—4. A witness who deposes in court as to the matters within his knowledge. [ଦ୍ର—ଅଦାଲତରେ ଯେଉଁ ପକ୍ଷ କୌଣସି ସାକ୍ଷୀକୁ ସମନ କରାଇ ଥାଏ, ସେହି ପକ୍ଷ ପ୍ରଥମେ ଉକ୍ତ ସାକ୍ଷୀକୁ ମୁଖ୍ୟ ପ୍ରଶ୍ନ ବା ଜବାନବନ୍ଦୀ କରନ୍ତି । ତତ୍ପରେ ଅପର ପକ୍ଷ ଉକ୍ତ ସାକ୍ଷୀକୁ କୂଟ ପ୍ରଶ୍ନ ବା ଜେରା କରନ୍ତି ଓ ଜେରାରେ ପ୍ରକାଶ ହୋଇଥିବା କୌଣସି ବିଷୟ ବୁଝାଇବା ପାଇଁ ସମନ କରିଥିବା ପକ୍ଷ ତାକୁ ପୁନଃ ପ୍ରଶ୍ନ କରନ୍ତି ।] ୫ । ସାକ୍ଷି ଇତ୍ୟାଦି (ଦେଖ)—5. Sākshi etc (See).
Sākshī
(ସାକ୍ଷିଣୀ—ସ୍ତ୍ରୀ)
[ସାକ୍ଷ, ସାକ୍ଷିତ୍ୱ—ବି]

ସାକ୍ଷୀ ଗୋପାଳ—ଦେ. ବ—୧ । ସତ୍ୟବାଦୀ ଗୋପୀନାଥ (ଦେଖ)—
Sākshī gopāḷa 1. Satyabādī gopīnātha. (See)
সাক্ষী গোপাল ୨ । ସତ୍ୟବାଦୀ (ଦେଖ)—2. Satyabādī
साक्षी गोपाल (See) ୩। ବେଙ୍ଗଲ୍ ନାଗପୁର ରେଲୱେର ପୁରୀ
ଶାଖା ଲାଇନସ୍ଥ ସାକ୍ଷୀଗୋପାଳ ମନ୍ଦିରର ନିକଟବର୍ତ୍ତୀ ରେଳ
ଷ୍ଟେସନ—2. Name of the B. N. Ry.
station near the Sakhigopal temple on
the Puri branch. [ଦ୍ର—ଏହି ଷ୍ଟେସନ ଠାରୁ
ସାକ୍ଷୀ ଗୋପାଳଙ୍କ ମନ୍ଦିର ୧ ମାଇଲ୍ ଦୂରବର୍ତ୍ତୀ ଅଟେ;
ଏଠାରେ ଡାକ୍ତରଖାନା, ପୋଷ୍ଟଅଫିସ୍, ଡାକଘର, ଡାକ
ବଙ୍ଗଳା ଓ ଥାନା ଅଛି । ଏ ଗ୍ରାମକୁ କେହି କେହି
ସତ୍ୟବାଦୀ କହନ୍ତି ।] ୪ । (ଲକ୍ଷଣାର୍ଥ) ନିଶ୍ଚେଷ୍ଟ ବା ନିଷ୍କର୍ମା
ସାକ୍ଷୀ—4. (Figurative) A do-nothing
witness; a witness who virtually does
nothing. ୫ । (ଲକ୍ଷଣାର୍ଥ) ମୂକ ସାକ୍ଷୀ—
5. (Figurative) A dumb witness. ୬ ।
(ଲକ୍ଷଣାର୍ଥ) ଯେଉଁ ସାକ୍ଷୀ ଦର୍ଶକ ମାତ୍ର ହୋଇଥାଏ;
ସେ ଦୃଷ୍ଟ ବିଷୟରେ କୌଣସି ପକ୍ଷ ଅବଲମ୍ବନ ନ କରି
କେବଳ ମାତ୍ର ଦ୍ରଷ୍ଟା ହୋଇଥାଏ—6. (Figurative)
A disinterested witness; a mere spectator. ୭ । ନାମିତ୍ର ମାତ୍ର ବ୍ୟକ୍ତି; ନାମତଃ ସାକ୍ଷୀ—
7. A nominal witness.

ସାକ୍ଷୀଗୋପାଳ କମି(ମେ)ଟି—ଦେ. ବ—ସତ୍ୟବାଦୀ କମିଟି (ଦେଖ)
Sākshīgopāḷa kami(me)ṭi Satyabādī kamiṭi.
(ସାକ୍ଷୀଗୋପାଳ ମଣ୍ଡଳ କମିଟି—ଅନ୍ୟରୂପ) (See)

ସାକ୍ଷୀ ଗୋପୀନାଥ—ଦେ. ବ—ସତ୍ୟବାଦୀ ଗୋପୀନାଥ (ଦେଖ)
Sākshī gopīnātha Satyabādī gopīnātha. (See)

ସାକ୍ଷ୍ୟ—ସଂ. ବ (ସାକ୍ଷିନ୍+ଭାବ. ଯ)—୧ । ସାକ୍ଷୀର କର୍ମ—
Sākshya 1. The act of a witness. ୨ । ଧର୍ମାଧି-
କରଣରେ ସାକ୍ଷୀଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣ—2. Testimony or evidence of a witness in a
court of justice. ୩। ସାକ୍ଷୀଠାରୁ ପ୍ରମାଣ ଗ୍ରହଣ—3.
Taking evidence from a witness [ଦ୍ର—
ମନୁସଂହିତାରେ ଅଛି, ଯେଉଁ ବ୍ୟକ୍ତି ନିଜେ କୌଣସି
ଘଟଣା ଦେଖିଥାଏ ବା ଶୁଣିଥାଏ ବା ଅନୁଭବ କରି ଜାଣି
ଥାଏ, ତାହାଦ୍ୱାରା ପ୍ରଦତ୍ତ ପ୍ରମାଣକୁ ସାକ୍ଷ୍ୟ କୁହାଯାଏ ।
ନାରଦ, ଯାଜ୍ଞବଲ୍କ୍ୟ, ମନୁ, ବିଷ୍ଣୁ, କାତ୍ୟାୟନ,
ବୃହସ୍ପତି ଆଦିଙ୍କ ରଚିତ ସ୍ମୃତିଶାସ୍ତ୍ରମାନଙ୍କରେ 'ସାକ୍ଷ୍ୟ'
ଦେବାର ପ୍ରଣାଳୀ ଓ ମିଥ୍ୟା ସାକ୍ଷ୍ୟ ଦେବାର ଦଣ୍ଡ ଓ
କେଉଁ ବିଷୟରେ କିପରି ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରାହ୍ୟ, ଇତ୍ୟାଦି
ବିଷୟ ବିଶଦରୂପରେ ବର୍ଣ୍ଣିତ ହୋଇଅଛି ଓ କେଉଁ
ଶ୍ରେଣୀର ଅଭିଯୋଗକୁ କିପରି ସାକ୍ଷ୍ୟ ଦ୍ୱାରା ପ୍ରମାଣିତ
କରିପାରିବ ଏହା ମଧ୍ୟ ବର୍ଣ୍ଣିତ ହୋଇଅଛି ।] ଦେ. ବ—
সাক্ষী ସାକ୍ଷୀ—Witness. (ଦ୍ର—ବର୍ତ୍ତମାନ ପକ୍ଷ ପକ୍ଷ କରୁଥିଲେ
साक्षी ସାକ୍ଷ୍ୟ । ଭକ୍ତ. ବୈଦେହୀଶବିଳାସ ।)

ସାକ୍ଷ୍ୟ ଗ୍ରହଣ—ସଂ. ବ (୬ଷ୍ଠୀ ତତ୍)—ସାକ୍ଷ୍ୟ ନେବା; କୌଣସି
Sākshya grahaṇa ସାକ୍ଷୀର କଥିତ ବିଷୟକୁ ଶୁଣିବା ଓ
ଲେଖିବା—Taking down the deposition
of a witness; taking evidence.

ସାକ୍ଷ୍ୟ ଦାନ—ସଂ. ବ (୬ଷ୍ଠୀ ତତ୍)—ସାକ୍ଷ୍ୟ ଦେବା—Giving
Sākshya dāna evidence; bearing testimony.
(ସାକ୍ଷ୍ୟ ପ୍ରଦାନ—ଅନ୍ୟରୂପ)

ସାକ୍ଷ୍ୟ ଦେବା—ଦେ. କ୍ରି (ଅକର୍ମକ)—ସାକ୍ଷୀରୂପେ କୌଣସି ବିଷୟ
Sākshya debā କହିବା—To testify to any
সাক্ষ্য দেওয়া matter; to bear testimony to any
साक्ष्य देना matter.

ସାକ୍ଷ୍ୟ ନେବା—ଦେ. କ୍ରି (ସକର୍ମକ)—କୌଣସି ବ୍ୟକ୍ତିର ସାକ୍ଷ୍ୟ ଗ୍ରହଣ
Sākshya nebā କରିବା—To take down evidence
সাক্ষ্য লওয়া साक्ष्य लेना of a witness.

ସାକ୍ଷ୍ୟ ମଞ୍ଚ—ସଂ. ବ—ସାକ୍ଷୀ ଅଲଗଡ଼ା; ଅଦାଲତର ଯେଉଁ ସ୍ଥାନରେ
Sākshya mañcha ଠିଆ ହୋଇ ସାକ୍ଷୀ ସାକ୍ଷ୍ୟ ଦିଏ—
Witness box; a platform for witness
while giving evidence.

ସାକ୍ଷ୍ୟ ଲକ୍ଷ୍ୟ—ଦେ. ବଣ—ଯେଉଁ ବିଷୟ କୌଣସି ବ୍ୟକ୍ତି ନିଜେ
Sākshya lakshā ସ୍ୱଚକ୍ଷୁରେ ଦେଖି ଲକ୍ଷ୍ୟ କରିଥାଏ;
(ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ—ଅନ୍ୟରୂପ) ପ୍ରତ୍ୟକ୍ଷୀକୃତ (ବିଷୟ)—
সাক্ষ্য লক্ষ্য (A matter) Within one's direct
प्रत्यक्ष knowledge; personally known (matter);
realised; within one's cognisance. (ଉ—
ବୋଇଲେ ଶୀଘ୍ର ସାକ୍ଷ୍ୟ ଲକ୍ଷ୍ୟ କରି ଦେଖାଇ ଦି
(ସାକ୍ଷଲକ୍ଷ—ଗ୍ରା. ରୂପ) ଦେବ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।)

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ କରିବା—ଦେ. କ୍ରି—କୌଣସି ବିଷୟକୁ ନିଜେ
Sākshya lakshya pratyakshya karibā ଦେଖି କରି
সাক্ষ্য লক্ষ্য প্রত্যক্ষ করা ଜାଣିବା—To know or become
स्वयं देखना cognisant of any matter by seeing
it with one's own eyes.

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ—ଦେ. ବ—ନିଜେ ଦେଖିଥିବା ସାକ୍ଷୀର
Sākshya lākshya pratyaksha prāmāṇa ପ୍ରମାଣ—
প্রত্যক্ষ প্রমাণ The testimony of a witness who
प्रत्यक्ष प्रमाण has seen with his own eyes; direct
evidence.

ସାକ୍ଷି (ଇତ୍ୟାଦି)—ଗ୍ରା. ବ (ସଂ. ସାକ୍ଷୀ)—ସାକ୍ଷୀ ଇତ୍ୟାଦି (ଦେଖ)
Sākhi (etc) Sākshī etc (See)

ସାକ୍ଷି ଶବଦ—ଦେ. ବ—ମନଗଢ଼ା କଥା—Imaginary things
Sākhi śabada (ଉ—ସାକ୍ଷି ଶବଦସ୍ୱଭାବ କହନ୍ତି, ରଙ୍ଗ
মনগড়া কথা ଦେଖାଇ ମନକୁ ମୋହନ୍ତି । ପ୍ରାଚୀ. ପରିବେ
गढ़न्त बात ଗୀତା ।)

ସାଖ୍ୟ—ସଂ. ବି (ସଖି+ଯ) —ସଖ୍ୟ; ମିତ୍ରତା—Friendship.
Sākhya ଗ୍ରା. ବି (ସଂ. ସାକ୍ଷ୍ୟ)—ସାକ୍ଷ୍ୟ (ଦେଖ)—Sākshya. (See)

ସାଗିରଥ୍—ବୈଦେ. ବି (ଫା)—ସାଗିରଥ୍ (ଦେଖ)
Sāg-rath sāgirath. (See)

ସାଗ—ପ୍ରାଦେ (ଇତର) ବି—ପରିବା—
Sāga Kitchen vegetables.
ଦେ. ବି—ଶାଗ ଇତ୍ୟାଦି (ଦେଖ)—Śaga etc (See)

ସାଗର—ସଂ. ବି (ସଗର=ସୂର୍ଯ୍ୟବଂଶୀୟ ରାଜବିଶେଷ+ତାଙ୍କର ଏହା ଅର୍ଥରେ ଅ)—୧ । ସିନ୍ଧୁ; ସମୁଦ୍ର—1. The
Sāgara
sea. [କ୍ର—ସଗର ରାଜାଙ୍କର ୬୦ ହଜାର ପୁତ୍ର ଅପହୃତ ଯଜ୍ଞଅଶ୍ୱକୁ ଖୋଜିବାକୁ ଭୂମି ଖୋଳିବାରୁ ସେହି ଖାଲ ସମୁଦ୍ରରେ ପରିଣତ ହେଲା । ଏଥିଯୋଗୁ ସଗର ରାଜାଙ୍କ ନାମ ଅନୁସାରେ ଏହା ସାଗର ହୋଇଅଛି ।
ପୃଥିବୀର୍ଣ୍ଣ ବା ବୃହତ୍ତର ସାଗରକୁ ମହାସାଗର କୋହି-ଯାଏ । ସମୁଦ୍ର ତଳେ ଠିକା ଦେଖ ।] ୨ । ବଡ଼ ପ୍ରାକୃତିକ ହ୍ରଦ—2. A lake (ଯଥା—କାସ୍ପିୟାନ ସାଗର, କୃଷ୍ଣ ସାଗର ।) ୩ । (ଲକ୍ଷଣାର୍ଥ) ସାଗର ପରି ବହୁବସ୍ତୁମିତ ବସ୍ତୁର ଆଧାର; ଭଣ୍ଡାର—3. (metaphorical) Sea; ocean; a great storehouse. (ଯଥା—ଦୟା ସାଗର ।) ୪ । (ଲକ୍ଷଣାର୍ଥ) ବହୁ ସଂଖ୍ୟକ ବ୍ୟକ୍ତି ବା ବହୁ ପରିମିତ ବସ୍ତୁ—4. (figurative) A very large quantity of anything or very large number of men. (ଯଥା—ଦାନ ସାଗର ।) ୫ । ଲୋକ ସାଧାରଣ; ଜନ ସାଧାରଣ—5. Public at large. (ଯଥା—ଏ କଥାଟା ସାଗର ମଧ୍ୟରେ ପକାଇ ଦେବା ।) ୬ । ସଂଖ୍ୟା ବିଶେଷ; ଦଶପଦ୍ମ ସଂଖ୍ୟା; ୧୪ ଶୂନ୍ୟଯୁକ୍ତ ସଂଖ୍ୟା—6. One hundred trillion. ୭ । ମୃଗ ବିଶେଷ—7. A species of deer. ୮ । ଚାରି ବା ସାତ ସଂଖ୍ୟା—8. The number four or seven (Apte). ଦେ· ବି—୧ । ମଧ୍ୟପ୍ରଦେଶର ନଗର ବିଶେଷ—1. Name of a town in Central India. ୨ । ବଡ଼ କୃତ୍ରିମ ଜଳାଶୟ—2. Big artificial tank. (ଯଥା—ଭୁବନେଶ୍ୱରର ବିନ୍ଦୁ ସାଗର ।)

ସାଗର କେଶରୀ—ଦେ. ବି (ଲକ୍ଷ୍ୟାର୍ଥ ବହୁବ୍ରୀହି; ସାଗରରେ କେଶରୀ ସ୍ୱରୂପ)—(ଲକ୍ଷଣାର୍ଥ) ଜାହାଜ—A ship.
Sāgara kesarī
সাগর কেশরী (କ୍ର—ସାଗର କେଶରୀ ସଞ୍ଚାଳି କେଶର, ଗରଜେ
सागर केशरी ଯେ ବାଳେ ଉଗାଇ ଅନଳ । ମଧୁସୂଦନ କବିତା ।)

ସାଗର ଗର୍ଭ—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର ଅଭ୍ୟନ୍ତର; ସମୁଦ୍ର ତଳ
Sāgara garbha —The bed or inside of the ocean.

ସାଗର ଗାମିନୀ—ସଂ· ବି. ସ୍ତ୍ରୀ (ସାଗରଗାମିନ୍+ସ୍ତ୍ରୀ· ଈ)—ସ୍ରୋତସ୍ୱତୀ;
Sāgaragāminī ନଦୀ (ଯାହା ସମୁଦ୍ରରେ ପଡ଼ୁଅଛି)—A river (flowing into the sea).
ସଂ· ବିଣ· ସ୍ତ୍ରୀ—ସାଗରଗାମୀର ସ୍ତ୍ରୀଲିଙ୍ଗ—Feminine of Sāgaragāmī.

ସାଗର ଗାମୀ—ସଂ. ବିଣ (ସାଗରଗାମିନ୍ ଶବ୍ଦ; ସାଗର+ଗମ୍ ଧାତୁ+
Sāgaragāmī କର୍ତ୍ତୃ. ଇନ୍)—ସମୁଦ୍ରଗାମୀ (ଦେଖ)—
(ସାଗରଗାମିନୀ—ସ୍ତ୍ରୀ) Samudragāmī (See).

ସାଗରଜ—ସଂ. ବିଣ (ସାଗର+ଜନ୍ ଧାତୁ+କର୍ତ୍ତୃ. ଅ)—ସମୁଦ୍ରରୁ
Sāgaraja ଜାତ—Born of the sea.
ବି (ବୈଦ୍ୟକ)—ସାମୁଦ୍ର ଲବଣ—Sea-salt.

ସାଗର ନେମି(ମେଖଳା)—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ସାଗର ଅଟେ
Sāgara nemi(mekhalā) ନେମି ବା ପ୍ରାନ୍ତଭାଗ ଯାହାର)—ଚତୁର୍ପାଶ୍ୱରେ ସମୁଦ୍ର ଦ୍ୱାରା ପରିବେଷ୍ଟିତ—Surrounded by the ocean; ocean-girt. ବି. ସ୍ତ୍ରୀ—ପୃଥିବୀ—The earth.

ସାଗର ପେଶା—ବୈଦେ. ବି (ଫା—ଶାଗିର୍ଦ୍ଦ ପେଶା)—୧ । ବର୍ଣ୍ଣସଙ୍କର
Sāgara pesa ଜାତି ବିଶେଷ—1 A mixed caste.
वर्णसङ्कर ୨ । ଗୋଲାମଜାତି; କରଣଙ୍କର ଓ ବଙ୍ଗଳାର ଉପନିବେଶୀ କାୟସ୍ଥମାନଙ୍କର ରକ୍ଷିତା ସ୍ତ୍ରୀ ଗର୍ଭଜାତ ସନ୍ତାନଙ୍କ ଜାତି—2. A caste of half breed born of concubines kept by Karaṇas and Bengalees who colonised in Orissa.

ସାଗର ବକ୍ଷଃ—ସଂ. ବି (୬ଷ୍ଠୀ ତତ୍)—ସମୁଦ୍ରର ଉପରିଭାଗ—
Sāgara bakshaḥ The surface of the sea.
(ସାଗରବକ୍ଷ—ଦେ· ରୂପ)

ସାଗର ଶାଖା—ସଂ. ବି (୬ଷ୍ଠୀ ତତ୍)—ଯେଉଁ ସଙ୍କୀର୍ଣ୍ଣ ସାଗରାଂଶ
Sāgara śākhā ସ୍ଥଳ ମଧ୍ୟକୁ ପଶି ଯାଇଥାଏ—An arm of the sea; firth; frith.

ସାଗର ବାସୀ—ସଂ. ବିଣ· ପୁଂ—୧ । ସାଗର ତୀରବାସୀ—
Sāgara bāsī 1. Living on the sea-shore.
(ସାଗରବାସିନୀ—ସ୍ତ୍ରୀ) ୨ । ସାଗର ମଧ୍ୟରେ ବାସକାରୀ—2. Living in the sea.

ସାଗର ସଙ୍ଗମ—ସଂ· ବି (୬ଷ୍ଠୀ ତତ୍)—ଯେଉଁଠାରେ ନଦୀ ସମୁଦ୍ରରେ
Sāgara saṅgama ପଡ଼ଥାଏ; ନଦୀର ଓ ସମୁଦ୍ରର ସଙ୍ଗମ ସ୍ଥାନ—The mouth of a river; the place where a river falls into the sea; estuary.

ସାଗର ସିନ୍ଧୁ ସଙ୍ଗମ—ସଂ. ବି—୧ । ତୀର୍ଥବିଶେଷ—1. The name
Sāgara sindhu saṅgama of a sacred place.
(କ୍ର—ସାଗରସିନ୍ଧୁ ସଙ୍ଗମେ ଭୂଲିଲେ ପ୍ରମୋଦେ, ଜଳ ନ ପଡ଼ିଲ ଜାଣ କେବେହେଁ ବିପଦେ--କୃଷ୍ଣସିଂହ ମହାଭାରତ. ବନ ।) ୨ । ସିନ୍ଧୁନଦର ଅରବସାଗରରେ ପଡ଼ିଥିବାସ୍ଥାନ-2. The mouth of the Indus.

ସାଗର ସ୍ନାନ—ସଂ. ବ (୭ମୀ ତତ୍)—୧ । ସମୁଦ୍ରରେ ଗାଧୁଅ—
Sāgara snāna 1. A sea-bath. ୨। ଶୁକ୍ଳ
[ସାଗରସ୍ନାନଯୋଗ—ଅନ୍ୟରୂପ] ଯୋଗ ବିଶେଷ; ଯେଉଁ
ସାଗରସିନା(ସ୍ନା)ନ } —ଗ୍ରାମ୍ୟ ରୂପ ଯୋଗରେ ସମୁଦ୍ରରେ ସ୍ନାନ
ସାଗରସ୍ନାହାନ କଲେ ମହା ପୁଣ୍ୟ ହୁଏ—
2. An auspicious period during which a bath in the sea is deemed very meritorious. ଦେ. ବ.—ଜୈ୍ୟଷ୍ଠ ଶୁକ୍ଳ ଦଶମୀ; ଦଶହରା—The 10th day of the bright lunar fortnight of Jyaishṭha.

ସାଗରା—ଗ୍ରା. ବ (ସଂ. ସାଗର) —ସମୁଦ୍ର—The sea. [ଉ—
Sāgarā ଇନ୍ଦୁ ଇକଣାଦ ସ୍ୱପର ସାଗରା—ପ୍ରାଚୀନ ଗଦ୍ୟପଦ୍ୟମଞ୍ଜରୀ]
সাগর সমুদ্র **सागर**

ସାଗରାନୂପକ—ସଂ. ବଣ. ପୁଂ (ବହୁବ୍ରୀହି; ସାଗର+ଅନୂପ+କ)—
Sāgarānūpaka ସାଗରତୀରବାସୀ, (ମହାଭାରତ, ଶବ୍ଦକୋଷ) Living on the sea-shore.

ସାଗରାନ୍ତ—ସଂ. କ୍ରି. ବଣ—ସମୁଦ୍ର ପର୍ଯ୍ୟନ୍ତ—Upto the ocean.
Sāgarānta [ଉ—ସାଗରାନ୍ତ କର ସେ କ୍ଷିତକ ଧର୍ମରେ, କଲେ ପାଳନା ସେ ନୃପତ୍ତ ଭରତରେ—କୃଷ୍ଣସିଂହ ମହାଭାରତ. ଅଦ ।] ସଂ. ବଣ (ବହୁବ୍ରୀହି)—ସାଗର ଯାହାର ସୀମା—Bounded by the sae; having the sea as the limit.

ସାଗରାମ୍ବରା—ସଂ. ବଣ (ବହୁବ୍ରୀହି; ସାଗର ହୋଇଅଛି ଅମ୍ବର= Sāgarāmbarā ଅଚ୍ଛାଦକ ବସ୍ତ୍ର ଯାହାର) —ସାଗରବେଷ୍ଟିତା (ପୃଥିବୀ)—Sea-girt (earth).

ସାଗରାଳୟ—ସଂ. ବ (ବହୁବ୍ରୀହି; ସାଗର ଅଟେ ଅଳୟ=ବାସସ୍ଥାନ
Sāgarālaya ଯାହାର)—ବରୁଣ ଦେବ—The God presiding over the sea.

ସାଗରୋତ୍ଥ—ସଂ. ବଣ. (୫ମୀ ତତ୍)—ସମୁଦ୍ରରୁ ଜାତ—
Sāgarottha Born of the ocean. ସଂ. ବ—ସାମୁଦ୍ର ଲବଣ (ଶବ୍ଦକୋଷ)—The sea salt.

ସାଗରୋପମ—ସଂ. ବଣ (ବହୁବ୍ରୀହି; ସାଗର+ଉପମା+ଅ)—ସମୁଦ୍ର
Sāgaropama ସଦୃଶ—Comparable to
(ସାଗରୋପମା—ସ୍ତ୍ରୀ) the ocean.

ସାଗସ୍—ସଂ. ବଣ (ବହୁବ୍ରୀହି; ସ+ଅଗସ୍)—ପାପକର୍ମିଷ୍ଠ—
Sāgas Sinful.
[ସାଗଃ—ଅନ୍ୟରୂପ]

ସାଗି ଦେବା—ଦେ. କ୍ରି [ସକର୍ମକ]—ଦେହର ମଧ୍ୟଭାଗକୁ ନୁଆଁଇବା—
Sāgidebā To sag; to bend down the body
বাঁকান **लचाना, लचकाना** in the middle.
(ତୁଳନାକର—ଇଂ.ଅକର୍ମକ To sag ଥାଗ୍=ନଇଁ ଯିବା)
[ଉ—ଘୋଡ଼ା ପ୍ରସ୍ରାବ କରିବେଳକୁ ତା ପିଠିକୁ ସାଗିଦିଏ; ମନୁଷ୍ୟ ଅଳସ ଭଙ୍ଗିଲାବେଳକୁ ତା ପିଠିକୁ ସାଗିଦିଏ ।]

ସାଗିବା—ଦେ. କ୍ରି—୧ । (ସକର୍ମକ) ସାଗି ଦେବା (ଦେଖ)—
Sāgibā বাঁকান **लचकाना** Sāgi debā (See)
বেঁকে যাওয়া **लचकना** ୨। (ଅକର୍ମକ) ସାଗି ଯିବା (ଦେଖ) Sāgi jibā (See)

ସାଗି ଯିବା—ଦେ. କ୍ରି—୧ । (ଅକର୍ମକ) (କୌଣସି ଲମ୍ବ ସିଧା ବସ୍ତୁ)
Sāgi jibā ମଝିରେ ନଇଁ ଯିବା—1. To sag or become
বেঁকে যাওয়া bent in the middle (said of a long
लचक जाना and straight thing). [ଯଥା—ପାଳିଙ୍କି ବାଉଁଶ ଗସ୍ତ ବର୍ଷା ଖାଇ ସାଗି ଗଲାଣି ।] ୨। କୁବ୍ଜପୃଷ୍ଠ ହେବା—2. To become hump-backed in the middle.

ସାଗିରଥ(ଥି)—ବୈଦେ. ବ (ଫା. ସାଗିର୍ଦ୍)—୧ । ଗୁରୁଙ୍କ ଶିଷ୍ୟ—
Sāgirath(thi) 1. A disciple. ୨ । ଯେ ଓସ୍ତାଦଙ୍କଠାରୁ
चेला, शागिर्द ମଲ୍ଲବିଦ୍ୟା ବା ସଙ୍ଗୀତ ବିଦ୍ୟା ଶିଖିଥାଏ—
সাগরেদ 2. A pupil of an athlete or musician.

ସାଗି ହେବା—ଦେ. କ୍ରି. (ସାଗିବାର କର୍ମବାଚ୍ୟରୂପ)—୧ । (ବାଙ୍କ
Sāgi hebā ଲମ୍ବ ବସ୍ତୁ) ସଳଖି ହେବା—1. To become
সোজা হওয়া straightened (said ofa long and bent
लचकना thing). ୨। କୁବ୍ଜପୃଷ୍ଠ ହେବା; କୁଜାହେବା—2. To become hump-backed. ୩ । କୁମ୍ବକପୃଷ୍ଠ ହେବା; ନଇଁ ଯିବା—3. To become depressed in the middle.

ସାଗୁ—ବୈଦେ. ବ (ମାଲୟ, ସାଗୁ; ପର୍ତ୍ତୁଗୀଜ ସାଗୁ; ଇଂ. ସାଗୋ)
Sāgu —୧ । ତାଳ ବା ଗୁଆଗଛ ବର୍ଗର ଭାରତୀୟ ଦ୍ୱୀପପୁଞ୍ଜର
সাগু ବୃକ୍ଷବିଶେଷ—1. The sago palm; Metroxy-
साबू lon Rompbii. [ଦ୍ର—ଏହା ଗୁଆଗଛ ପରି ଦେଖିବାକୁ ସୁନ୍ଦର ଓ ବାହୁଙ୍ଗାଯୁକ୍ତ, କିନ୍ତୁ ତାଳଗଛ ପରି ମୋଟ । ଏଥିର ଗଣ୍ଡି ଭିତରର ଶସକୁ କୁଟି ପାଣିରେ କଚୁଡ଼ାଇଲେ ଭିତିରି ମଣ୍ଡରୁ ଏକପ୍ରକାର ଧଳା ଦାନା ବାହାରେ ଓ ସେ ଦାନାକୁ ପାକୁଅ ପରି ଶିଝ କରାଯାଏ ଓ ଏହି ଖାଦ୍ୟ ଅତି ଲଘୁ ବୋଲି ରୋଗୀମାନଙ୍କୁ ଖାଇବାକୁ ଦିଆଯାଏ । ଏହା ଏ ଦେଶର ଗଛ ନୁହେଁ ଓ ଏହା ସଉପଗଚ୍ଛଜାତୀୟ । ଲୋକେ ଏ ଗଛକୁ ଅଣି ସହରରେ ବଗିଚାରେ ଲଗାନ୍ତି । ଏ ଗଛର ଫଳ ଶକୁଣିଫୋଳ ପରି
সাগুদানা ଫେଣ୍ଡା ଫେଣ୍ଡା ହୋଇ ଫଳେ ।] ୨ । ସାଗୁଦାନା
साबूदाना (ଦେଖ)—2. Sāgudānā (See). ୩ ।
সাগু ସାଗୁଦାନାଦ୍ୱାରା ପ୍ରସ୍ତୁତ (ଦୁଗ୍ଧ ବା ଜଳ ମିଶ୍ରିତ) ଲଘୁ-
साबू ପାକ ତରଳ ଖାଦ୍ୟ—3. A light liquid food prepared with sago.

ସା: ଗୁ:—ଦେ. ବ—(ଗଣିତ) 'ସାଧାରଣ ଗୁଣନୀୟକ'ର ସାଙ୍କେତିକ—
Sā: gu: (arithmetic) An abbreviation for

সাধারণ গুণনীয়ক 'common multiple'. ତ୍ର—ଗଃ ସାଃ ଗୁଃ ଗୁଃ ଗଣନ୍ତ ସାଧାରଣ ଗୁଣନୀୟକର ଓ ଲଃ ସାଃ ଗୁଃ ଲଘିଷ୍ଠ ସାଧାରଣ ଗୁଣିତକର ସାଙ୍କେତିକ ଅଟେ ।]

ସାଗୁଅ—ଦେ. ବଣ (ସଂ. ଶାକବର୍ଣ୍ଣ)—ଶାଗୁଅ; ସବୁଜବର୍ଣ୍ଣ; ସାବଜା—
Sāguā   Green.

ସାଗୁଆନ୍ (ନି, ଣ୍ଡ, ଣୀ)—ଦେ. ବ—ଶାକତରୁ (ଦେଖ)
Sāguān (ni, ṇ, ṇi)   Sākataru (See)

ସାଗୁଣା (ଇତ୍ୟାଦି)—ଦେ, ବ (ପୁଂ ଓ ସ୍ତ୍ରୀ)—ଶାଗୁଣା ଇତ୍ୟାଦି
Sāguṇā (etc)   (ଦେଖ)—Sāguṇā etc (See)
সকুনি গীধ [ଡ୍ରୁ—ବାଲ୍ଅ ସାଗୁଣାଙ୍କ ଖାଇବାର ଡରେ—
ବୃନ୍ଦସିଂହ. ମହାଭାରତ. ବନ ।]

ସାଗୁଣା ପଡ଼ିବା—ଦେ. ବ—ଶବ ନିକଟରେ ଦଳ ଦଳ ହୋଇ ଶାଗୁଣା
Sāguṇā parḍibā   ଜମା ହେବା—The gathering of
সকুনি পড়া   vultures near a dead body.
গীধা উতরনা

ସାଗୁଣା ବେକା—ଦେ. ବଣ (ପୁଂ)—ଯେଉଁ ପୁରୁଷର ଗଳା ସାଗୁଣାର ଗଳା
Sāguṇā-bekā   ପରି ଲମ୍ବ ଓ ଅସୁନ୍ଦର—Vulture-necked
সকুনে গলা   (person); having a long neck.
গীধ গলা বালা [ଶାଗୁଣା ବେକି—ସ୍ତ୍ରୀ]

ସାଗୁ ଦାନା—ଦେ. ବ—ସାଗୁ ଗଛର ଶସରୁ ଜାତ କ୍ଷୁଦ୍ର ଗୋଲାକୃତ
Sāgu dānā   ବଚ୍ଛିଲାକାର ବସ୍ତୁବିଶେଷ—Sago parti-
সাগুদানা সাগুদানা   cles; the grain of sago.

ସାଗୁନ୍—ପ୍ରାଦେ (ସାଂଶା) ବ—ସାବୁନ୍ (ଦେଖ)—Sābun (See).
Sāgun   ପ୍ରାଦେ. (ଗଞ୍ଜାମ)—ଶାଗୁଆନ୍ (ଦେଖ)
Sāguān (See)

ସାଗୁ ବାଡ଼ି—ପ୍ରାଦେ (ଗଞ୍ଜାମ) ବ—ଚଷିଥିବା କିଆରି; ଚଷିଥିବା ଜମି—
Sāgu bārḍi   A cultivated field.

ସାଗେଇବା—ଦେ. କ୍ରି—୧ । (ସକର୍ମକ) ସାଗି ଦେବା (ଦେଖ)—
Sāgeibā   বাঁকান লচকানা   Sāgi debā (See)
বেঁকে যাওয়া   ୨ । (ଅକର୍ମକ) ସାଗି ଯିବା (ଦେଖ)
লচকনা   Sāgi jibā (See)

ସାଗ୍ନି—ସଂ. ବଣ (ସହାର୍ଥେ ବହୁବ୍ରୀହି; ସ+ଅଗ୍ନି)—ଅଗ୍ନିବିଶିଷ୍ଟ—
Sāgni   Having five.

ସାଗ୍ନିକ—ସଂ. ବଣ. ପୁଂ (ସ=ସହିତ+ଅଗ୍ନି=ସାଗ୍ନି+କ)
Sāgnika   —ନିରନ୍ତର ଯାହାଙ୍କ ଗୃହରେ ରକ୍ଷାକାରୀ; ଅଗ୍ନି-
[ନିରଗ୍ନିକ—ବିପରୀତ]   ହୋତ୍ରୀ (ବ୍ରାହ୍ମଣ); ଯାଜକ—
(a Brāhmaṇa) Who daily performs vedic fire-worship and preserves the sacrificial fire at his house perpetually.
[ତ୍ର—ପୂର୍ବେ ବ୍ରାହ୍ମଣମାନେ ସାଗ୍ନିକ ହେଉଥିଲେ । ଉପନୟନ ବେଳେ ଯେଉଁ ହୋମାଗ୍ନି ପ୍ରଜ୍ୱଳିତ ହେଉଥିଲା, ଉପନୀତ ବ୍ରାହ୍ମଣ ତାକୁ ଯତ୍ନପୂର୍ବକ ତାଙ୍କ ଘରେ ଜଳାଇ ରଖି ସେଥିରେ ପ୍ରତିଦିନ ହୋମ କରୁଥିଲେ ଓ ସେହି ଅଗ୍ନିରେ ତାଙ୍କ ଶବ ଦାହ ହେଉଥିଲା ।]

ସାଗ୍ର—ସଂ. ବଣ (ସହାର୍ଥେ ବହୁବ୍ରୀହି; ସ+ଅଗ୍ର)—୧ । ଅଗ୍ରବିଶିଷ୍ଟ—
Sāgra   Having a top; topped.   ୨ । ସମଗ୍ର (ବିଶ୍ୱକୋଷ)—2. Entire; whole.

ସାଗ୍ରହ—ସଂ. ବଣ. (ସହାର୍ଥେ ବହୁବ୍ରୀହି; ସ+ଅଗ୍ରହ)—ଅଗହାନ୍ୱିତ;
Sāgraha   ଅଗ୍ରହ ବିଶିଷ୍ଟ—Ardent.
[ସାଗ୍ରହା—ସ୍ତ୍ରୀ]

ସାଙ୍କିଲିବା—ପ୍ରାଦେ (ସମ୍ବଲପୁର) କ୍ରି—ଚ୍ଛିଲିବା—
Sank-llbā   [ସାଙ୍କ୍ଲିବା—ଅନ୍ୟରୂପ]   To scrape off.

ସାଙ୍କଥିକ—ସଂ. ବଣ. ପୁଂ (ସଙ୍କଥା+ଇକ)—ସଙ୍କଥା ବା କଥୋପ-
Sānkathika   କଥନ ବିଷୟରେ ପଟୁ—
[ସାଙ୍କଥିକା—ସ୍ତ୍ରୀ]   Skilful in conversation.

ସାଙ୍କରିକ—ସଂ.ବଣ.ପୁଂ (ସଙ୍କର+ଇକ)—ସଙ୍କର ବା ମିଶ୍ରବର୍ଣ୍ଣସମ୍ବନ୍ଧୀୟ-
Sānkarika   Relating to mixed or hybrid caste.
(ସାଙ୍କରିକା—ସ୍ତ୍ରୀ)

ସାଙ୍କର୍ଯ୍ୟ—ସଂ. ବ (ସଙ୍କର+ଭାବ. ଯ)—୧ । ସଙ୍କରର ଭାବ—
Sānkarjya   1. The state of being hybrid; hybridism.   ୨ । ମିଶ୍ରଣ—2. Mixture.

ସାଙ୍କଳ୍ପିକ—ସଂ. ବଣ (ସଙ୍କଳ୍ପ+ଇକ)—ସଙ୍କଳ୍ପସମ୍ବନ୍ଧୀୟ—
Sānkalpika   Relating to Sankalpa.

ସାଙ୍କୁଚ-ଦେ. ବ (ସଂ. ଶାଙ୍କୁଚୀ)—ଶାଙ୍କୁଚ ମାଛ—
Sānkucha   The stigray fish.
সাংকোচ মাছ   সাঁকুচ

ସାଙ୍କୁ(ଙ୍କୋ)ଚିବା—ଦେ. କ୍ରି (ସଂ. ସଙ୍କୁଚିତ)—ସଙ୍କୁଚିତ କରିବା—
Sānku(ṅko)chibā   To contract.
সঙ্কুচিত করা   সকুচানা

ସାଙ୍କୁ(ଙ୍କୋ)ଚି ଯିବା—ଦେ. କ୍ରି (ଅକର୍ମକ)—ସଙ୍କୁଚିତ ହେବା—
Sānku(ṅko)chi jibā   To become contracted.
সঙ্কুচিতহওয়া   সকুচনা

ସାଙ୍କୁଚୀ—ସଂ. ବ. ସ୍ତ୍ରୀ—ଶାଙ୍କୁଚ ମାଛ (ବିଶ୍ୱକୋଷ)—
Sānkuchī   The stingray fish.

ସାଙ୍କୁଡ଼(ଡୁ)ପାଙ୍କୁଡ଼(ଡୁ)—ଦେ. ବଣ (ସଂ. ସଙ୍କୁଚିତ)—୧ । ଶୀତ
Sānkurḍ(rḍu)pānkurḍ(rḍu)   ବା ଭୟ ଯୋଗୁଁ
ଯେ ଅଙ୍ଗପ୍ରତ୍ୟଙ୍ଗକୁ ସଙ୍କୁଚିତ କରିଥାଏ—
জড়সড় হওয়া   सिकुड़नेवाला   1. Contracting
জড়সড় হওয়া   सिकुड़ाहुआ   the limbs (for
জড়সড়   सिकुड़ाहुआ (आदमी)   fear or cold)
୨ । ସଙ୍କୁଚିତ—2. Contracted; drawn in.
ବ—(ଶୀତାର୍ତ୍ତ ବା ଭୀତବସ୍ତ) ଅଙ୍ଗ ପ୍ରତ୍ୟଙ୍ଗକୁ ଯାକିସୁକି ବସିଥିବା ବ୍ୟକ୍ତି—A person who sits by contracting or drawing in his limbs.
(ଯଥା—ସାଙ୍କୁଡ଼ ପାଙ୍କୁଡ଼ ପୁଞ୍ଜି ଏ—ରାତ=ଶୀତରାତ୍ରୁ ୪ ମାସ; ଏହି ଋତୁରେ ଲୋକେ ଶୀତ ଯୋଗୁଁ ଯାକିସୁକି ହୋଇ ବସନ୍ତି ।)

ସାଙ୍କୁଡ଼୍ ପାଙ୍କୁଡ଼୍ ହେବା—ଦେ. କି (ଶୀତରେ ବା ଭୟରେ) ଯାକସୁକ
Sāṅkurd-pāṅkurd hebā ହେବା; ଅଙ୍ଗପ୍ରତ୍ୟଙ୍ଗକୁ
জড়সড় হওয়া सिकुड़ना ଯାକିବା ବା ସଙ୍କୁଚିତକରିବା—
To contract or draw in one's limbs (on account of cold or fright).

ସାଙ୍କୁଡ଼ା—ଦେ. ବି, (ସଂ. ସଙ୍କୋଚନ)—ଅଙ୍ଗାଦିର ସଙ୍କୋଚନ—
Sāṅkurḍa Contracting (of one's limbs);
অঙ্গাদির গুটান सिकुड़न compressing; drawing in.
ବି. ଣ—ସଙ୍କୁଚିତ—Contracted.

ସାଙ୍କୁଡ଼ା(ଡ଼େ)ଇବା—ଦେ. କି—୧ । ସାଙ୍କୁଡ଼ିବା କ୍ରିୟାର ଣିଜନ୍ତରୂପ—
Sāṅkurḍā(rde)ibā 1. The causative form
জড় সড় করান सिकुड़ाना of 'Saṅkurḍibā'
୨ । ସଙ୍କୁଚିତ କରିବା—2. To contract.
(ଉ—ପାଞ୍ଚିଣ କାଢ଼ ମାଡ଼ ଖାଇ ଅଶ୍ୱ କରି, ପିଟିଲି ଦେଖୁଅଛ ସାଙ୍କୁଡ଼ାଇ କରି—କୃଷ୍ଣସିଂହ ମହାଭାରତ. ବନ ।)

ସାଙ୍କୁଡ଼ିବା—ଦେ. କି (ସଂ. ସଙ୍କୁଚିତ)—୧ । (ସକର୍ମକ)—
Sāṅkurḍibā (ଅଙ୍ଗପ୍ରତ୍ୟଙ୍ଗାଦିକୁ) ସଙ୍କୁଚିତ କରିବା—
জড়সড় করা सिकुड़ना 1. To contract; to draw in together one's limbs.
୨ । (ଅକର୍ମକ)—ସଙ୍କୁଚିତ ହେବା—2. To become contracted or drawn in.
୩ । (ଲକ୍ଷଣାର୍ଥ)—ଭୟଭୀତ ହେବା—3. (figurative) To be affrighted or terror-struck; [ଉ—ଛଞ୍ଚାଣକୁ ଦେଖିବା କପୋତ ପକ୍ଷୀରୂପେ, ପରଶୁରାମଙ୍କୁ ଦେଖି ସାଙ୍କୁଡ଼ିଲେ ଭୂପେ—ତୁଳସୀ ରକ୍ତମରାମାୟଣ ।]

ସାଙ୍କୁଡ଼ି ଯି(ହେ)ବା—ଦେ. କି [ସଂ. ସଙ୍କୁଚିତ]—୧ । [ସାଙ୍କୁଡ଼ିବା
Sāṅkurḍi ji(he)bā କ୍ରିୟାର କର୍ମବାଚ୍ୟରେ ରୂପ]—
ସଙ୍କୁଚିତ ହେବା—1. To become contracted.
জড়সড় হয়েযাওয়া सिकुड़जाना ୨ । ଶୀତ ବା
(ସାଙ୍କୁଡ଼ି ହୋଇଯିବା—ଅନ୍ୟରୂପ) ଭୟରେ ଯାକସୁକ ହେବା—
2. To be shrivelled up or contracted with fear or cold.

ସାଙ୍କୁନ(ନା,ନ୍ୟ)—ଗ୍ରା. ବି (ସ. ଶକୁନ)—ଶକୁନ (ଦେଖ)—
Sāṅkuna(nā,nya) Śakuna (See)

ସାଙ୍କୁର୍—ପ୍ରାଦେ (ସମ୍ବଲପୁର ଓ ପାଟଣା)—ବି—ଶାଙ୍କୁର (ଦେଖ)
Sāṅkur Sāñkur [See]

ସାଙ୍କୁଳିବା—ଦେ. କି.—୧ । ସାଙ୍କୁଡ଼ିବା (ଦେଖ)—
Sāṅkulibā 1. Saṅkurḍibā [See].
শিকলদিয়ে বান্ধা सिकड़िबांधना ୨ । ଶୃଙ୍ଖଳରେ ବାନ୍ଧିବା—
2. To enchain.

ସାଙ୍କୃତି—ସ.ବି. ପୁଂ (ନାମ)—ବୈୟାଘ୍ରପାଦ୍ୟଗୋତ୍ରର ପ୍ରବରପ୍ରବର୍ତ୍ତିକ
Sāṅkṛuti ମୁନିବିଶେଷ—Name of a sage who was the forefather of a Prabara.
[ଦ୍ର—ବୈୟାଘ୍ରପାଦ୍ୟଗୋତ୍ରର ଓ ସାଙ୍କୃତିପ୍ରବରଭୁକ୍ତ ଅନୁଷ୍ଠାନ ଗୃହସ୍ଥମାନଙ୍କୁ ତର୍ପଣ କରାଯାଏ ।]

ସାଙ୍କୃତ୍ୟ—ସଂ. ବି. ପୁଂ (ସାଙ୍କୃତି+ଗୋତ୍ରାପତ୍ୟାର୍ଥେ. ଯ)—ସାଙ୍କୃତି
Saṅkṛutya ମୁନିଙ୍କ ଗୋତ୍ରାପତ୍ୟ—A person born
(ସାଙ୍କୃତ୍ୟାୟନ—ଅନ୍ୟରୂପ) in the family or race of sage Sāṅkṛuti.

ସାଙ୍କେତିକ—ସ. ବିଣ (ସଙ୍କେତ+ସମ୍ବନ୍ଧାର୍ଥେ. ଇକ)—୧ । ସଙ୍କେତ-
Sāṅketika ସମ୍ବନ୍ଧୀୟ—1. Relating to signal or symbol. ୨ । ସଙ୍କେତସୂଚକ—2. Symbolical. ୩ । ସଙ୍କେତକାରକ—3. Signalling. ୪ । ସଙ୍କେତ ଦ୍ୱାରା ସୂଚିତ—4. Indicated or expressed by means of symbols. ୫ । ସଂକ୍ଷିପ୍ତ ଉପାୟରେ ସମାହୃତ—5. Abbreviated. ୬ । [ଗଣିତ] ସଂକ୍ଷିପ୍ତ ଉପାୟରେ ଅଙ୍କସମସ୍ୟା ସାଧନକାରୀ (ବିଧି ବା ପ୍ରଣାଳୀ)—6. [Arithmetic] (a mode) Consisting of working out an arithmetical sum by a concise or short process. ୭। ବିଜ୍ଞାନଆଦିରେ ସଂକ୍ଷିପ୍ତରୂପେ ଭାବ ବା ଅର୍ଥ ବା ଶବ୍ଦ ପ୍ରକାଶ କରିବା ପାଇଁ ବ୍ୟବହୃତ (ଚିହ୍ନ)—
7. Conventional (signs or expressions).

[ଦ୍ର—ଶବ୍ଦକୋଷ, ବିଜ୍ଞାନ, ଗଣିତ, ଜ୍ୟାମିତି, ଦଲିଲ ଲେଖା, ପ୍ରୁଫ୍‌ସିଟ୍ ସଂଶୋଧନ ଆଦିରେ କୌଣସି ଶବ୍ଦକୁ ବା ବାକ୍ୟକୁ ପୂର୍ଣ୍ଣାଙ୍ଗରୂପେ ନ ଲେଖି ତାହା ଚମ୍ପକରେ ଲେଖିବା ଓ ବୁଝିବା ପାଇଁ ସାଙ୍କେତିକ ଚିହ୍ନମାନ ବ୍ୟବହୃତ ହୁଏ ।

ଗଣିତରେ କ ସଙ୍ଗେ ଖ ସମାନ ଅଟେ, ଏହା ନ ଲେଖି ସଂକ୍ଷେପରେ କ=ଖ ଲେଖାଯାଏ; ଏହିପରି ଯୋଗ +; ବିୟୋଗ — ; ଗୁଣନ ×; ହରଣ ÷; বর্গমূল √; ଘନମୂଲ ∛; ଅତଏବ ∴; କୋଣ ∠; ତ୍ରିଭୁଜ △, ଏହିପରି ସାଙ୍କେତିକ ଚିହ୍ନମାନ ଲେଖାଯାଏ । କଚିଣୀ ଓ ତତରଥ ଭାଷାରେ ସାହେବ=। ସା ।; ପ୍ରଗନ୍ନେ=। ପ୍ର ।; ମୁଖାବିଦ, ମୁକାମ, ମୁଜଫର୍କା=। ମୁ ।, ବାବଦ୍=। ବା ।, ଜମା । ଜ୍ମା ।; ଭୂ=ℓ; ମଧ୍ୟରୁ=ℳ; ସମ୍ବେ=ସ୍ମ; ଚିଲମ=। ଚ ।; ନବସତ୍ତା=। ନ ।; ଲେଖିତଂ= । ଲେ । ଜମା । ଜ ।; ନମ୍ବର=। ନ ।; ସରେଜଓ= । ସ ।, ଇଶପ୍ରକ=। ଇ ।; ବାହେଲ=। ବା ।; କୁତ୍ରୋତ୍ତର=। କୁ ।

ଓଡ଼ିଆରେ ଝିଙ୍କଣୀ ଅକ୍ଷର ମଧ୍ୟ ଏକ ପ୍ରକାର ସାଙ୍କେତିକ ଲେଖା ।

ବଜାରରେ ଓ ଦର୍ଜିଘରେ—ଉତ୍ତର=ଉ; ପୂର୍ବ=ପୂ; ପଶ୍ଚିମ=ପ; ଦକ୍ଷିଣ=ଦ; ଭରଣ=ଭ; ଗଉଣୀ=ଗୌ; ଟଙ୍କା=ଟ; କାହାଣ=କା; ପସାଦ=ପ; ସାର=ସା; ଗାଏ=ଡ଼ ।

ଛପାଖାନାରେ ପ୍ରୁଫ୍ ସଂଶୋଧନର ଉଦାହରଣ—

କାଟିଦିଅ= ञ ; ଅକ୍ଷର ମଧ୍ୟରେ ସ୍ଥାନ ଛାଡ଼= II; ଅକ୍ଷରକୁ ଉପରକୁ ଉଠାଅ=L; ଅକ୍ଷରକୁ ତଳକୁ ଖସାଅ= ^; ଧାଡ଼ିକୁ ସିଧା କର= =; ଦୁଇ ଅକ୍ଷର ମଧ୍ୟରେ ଅନ୍ୟ ଅକ୍ଷର ଯୋଗ କର=Λ; ପୂର୍ଣ୍ଣଚ୍ଛେଦ=।; କମା=,]

ସାଙ୍କେତିକ ଧାରା—ଦେ· ବି (ଗଣିତ)—ନିରକ୍ଷର ହିସାବ; ହିସାବ Sāṅketika dhārā କରିବାର ଉତ୍ତର ଜନ ବୋଧ୍ୟ ସରଳ ସাঙ্কেতিকধারা(নিয়ম) सांकेतिकधारा ପ୍ରଣାଳୀ—A particular method of calculation which is practicable even for illiterate people.

ସାଙ୍କେତ୍ୟ—ସଂ. ବି (ସଙ୍କେତ+ଯ)—ମୂଳ ପ୍ରମାଣ ଶୂନ୍ୟ ପାଷଣ୍ଡା- Sāṅketya ଗମ; ପାଷଣ୍ଡମାନଙ୍କ ଶାସ୍ତ୍ର (ବିଶ୍ୱକୋଷ)—The books of authority of un-believers.

ସାଙ୍କୋଡ଼୍ (ଡ଼ା)(ଇତ୍ୟାଦି)—ସାଙ୍କୁଡ଼୍ (ଡ଼ା) ଇତ୍ୟାଦି (ଦେଖ)—Sāṅkorḍ(rḍā)(etc) Sāṅkurḍ(rḍā) etc (See)

ସାଙ୍କ୍ରାମିକ—ସଂ· ବିଣ (ସଙ୍କ୍ରମ+ଇକ)—ସଂକ୍ରମଶୀଳ—Contag- Sāṅkrāmika ious, infectious (disease). ସ. ବି -[ସାଙ୍କ୍ରାମିକ, ସାଙ୍କ୍ରାମିକ—ଅନ୍ୟରୂପ] ଯେଉଁ ରୋଗ ରୋଗୀର ଦେହରୁ ଅନ୍ୟ ଦେହକୁ ସଂକ୍ରମଣ କରେ (ବିଶ୍ୱକୋଷ)—A contagious disease.

ସାଙ୍କ୍ଷେପିକ—ସଂ' ବିଣ (ସଂକ୍ଷେପ+ଇକ)—୧ । ସଂକ୍ଷିପ୍ତ (ବିଶ୍ୱକୋଷ)- Sāṅkshepika 1. Abbreviated. ୨ । ସଂକ୍ଷେପ- [ସାଂକ୍ଷେପିକ—ଅନ୍ୟରୂପ] କାରକ [ବିଶ୍ୱକୋଷ]—2. Abbreviating.

ସାଙ୍ଖ୍ୟ—ସଂ. ବିଣ (ସଂଖ୍ୟା=ସମ୍ୟକ୍ ଜ୍ଞାନ+ଅ)—ଜ୍ଞାନୀ— Sāṅkhya 1. Wise. ୨ । ଜ୍ଞାନସମ୍ବନ୍ଧୀୟ—2. Relat- (ସାଙ୍ଖ୍ୟ, ସାଂଖ୍ୟ—ଅନ୍ୟରୂପ) ing to wisdom. ବି. କପିଳ ମୁନିଙ୍କ ପ୍ରଣୀତ ହିନ୍ଦୁ ଦର୍ଶନ ଶାସ୍ତ୍ର—The system of Hindu philosophy of sage Kapila.

ସାଙ୍ଖ୍ୟ ଦର୍ଶନ—ସଂ. ବି—କପିଳ ଦର୍ଶନ; କପିଳ ମୁନିଙ୍କ ପ୍ରବର୍ତ୍ତିତ ଦର୍ଶନ Sāṅkhya darśana ଶାସ୍ତ୍ର—The system of philosophy propounded by Sage Kapila. [ଦ୍ର—ସାଙ୍ଖ୍ୟ ଦର୍ଶନ ଆର୍ଯ୍ୟମାନଙ୍କ ଷଡ଼୍‌ଦର୍ଶନ ମଧ୍ୟରୁ ଗୋଟିଏ । ମହର୍ଷି କପିଳ ଏହି ଦର୍ଶନ ଶାସ୍ତ୍ରର ପ୍ରଣେତା । ସଂଖ୍ୟା ଶବ୍ଦର ଅର୍ଥ ସମ୍ୟକ୍ ଜ୍ଞାନ ବା ସମ୍ୟକ୍ ବିବେକ । ଏ ଦର୍ଶନରେ ସମ୍ୟକ୍ ବିବେକ ଦ୍ୱାରା ଆତ୍ମକଥନ ହୋଇ ଥିବାରୁ ଏ ଦର୍ଶନର ନାମ ସାଙ୍ଖ୍ୟ । (ସାଙ୍ଖ୍ୟ ଦର୍ଶନର ଭାଷ୍ୟକାର ବିଜ୍ଞାନ ଭିକ୍ଷୁ) । ଏଥିରେ ସଂଖ୍ୟା, ପ୍ରକୃତି ଓ ଚତୁର୍ବିଂଶତି ତତ୍ତ୍ୱର ବିବୃତ୍ତି ହୋଇଅଛି । କପିଳ ମୁନି ଜୀବଙ୍କ ଦୁଃଖ ବିମୋଚନ ପାଇଁ ଯେଉଁ ଦର୍ଶନଶାସ୍ତ୍ରର ଉପଦେଶ ଦେଇଥିଲେ ତହିଁର ନାମ 'ତତ୍ତ୍ୱ ସମାସ' । ଏହା ଅତି ସଂକ୍ଷିପ୍ତ ଥିଲା । ସେ ଏହାକୁ ଆସୁରି ମୁନିଙ୍କୁ ଓ ଆସୁରି ପଞ୍ଚଶିଖଙ୍କୁ ଦେଇଥିଲେ । ପଞ୍ଚଶିଖ ଏହା ସଂସାରରେ ପ୍ରଚାର କଲେ । କିନ୍ତୁ କାଳକ୍ରମେ କପିଳଙ୍କ ତତ୍ତ୍ୱ ସମାସ ଲୁପ୍ତ ହେବାରୁ ତହିଁର ଉକ୍ତ ସାଙ୍ଖ୍ୟ ତତ୍ତ୍ୱମାନଙ୍କୁ ବିସ୍ତୃତ ଭାବରେ ବର୍ଣ୍ଣିତ କଲେ । ପୁଣି ଈଶ୍ୱରକୃଷ୍ଣ, ନାମକ ପଣ୍ଡିତ କପିଳଙ୍କ ପ୍ରଚାରିତ ଜ୍ଞାନକୁ ଅବଲମ୍ବନ କରି ଆର୍ଯ୍ୟା ଛନ୍ଦରେ 'ସାଙ୍ଖ୍ୟକାରିକା' ନାମରେ ଗ୍ରନ୍ଥ ପ୍ରଣୟନ କଲେ । ଏହି ଗ୍ରନ୍ଥ ବର୍ତ୍ତମାନ ସାଙ୍ଖ୍ୟଦର୍ଶନର ସମୀଚୀନ ଓ ପ୍ରାମାଣିକ ଗ୍ରନ୍ଥ ଅଟେ । ଖ୍ରୀଷ୍ଟ ୫ମ ଶତାବ୍ଦୀରେ ପରମାର୍ଥ ନାମକ ବ୍ୟକ୍ତି ଚୀନ ଭାଷାରେ ସାଙ୍ଖ୍ୟକାରିକାର ଅନୁବାଦ ପ୍ରକାଶ କରିଥିଲେ । ସାଙ୍ଖ୍ୟସୂତ୍ର ଅପେକ୍ଷା ସାଙ୍ଖ୍ୟ କାରିକା ବିଶେଷ ଆଦର ଲାଭ କରିଥିଲା । ଷଡ଼୍‌ଦର୍ଶନର ଟୀକାକାର ବାଚସ୍ପତି ମିଶ୍ର ସାଙ୍ଖ୍ୟ ସୂତ୍ରର ଟୀକା ନ କରି ସାଙ୍ଖ୍ୟକାରିକାର ଟୀକା କରିଥିଲେ । ତାଙ୍କ ଗ୍ରନ୍ଥର ନାମ ସାଙ୍ଖ୍ୟତତ୍ତ୍ୱ-କୌମୁଦୀ ଓ ଏହା ସାଙ୍ଖ୍ୟ ଦର୍ଶନ ବିଷୟକ ପ୍ରାମାଣିକ ଗ୍ରନ୍ଥ ଅଟେ । ଅଧୁନା ପ୍ରଚଳିତ ସାଙ୍ଖ୍ୟଦର୍ଶନ ୬ ଅଧ୍ୟାୟରେ ବିଭକ୍ତ ଓ ଏଥିରେ ୫୨୭ ଟି ସୂତ୍ର ଅଛି । ସାଙ୍ଖ୍ୟ ଶାସ୍ତ୍ରର ୪ଟି ବ୍ୟୂହ— ହେୟ, ହାନ, ହେୟହେତୁ ଓ ହାନୋପାୟ । ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ, ଏହି ତ୍ରିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତିର ନାମ 'ହାନ' (ବା ପରିତ୍ୟାଗ) । ପ୍ରକୃତି ଓ ପୁରୁଷର ଅବିବେକ ବା ଅଭେଦଜ୍ଞାନ 'ହେୟ ହେତୁ' ଏବଂ ଏହି ତ୍ରିବିଧ ଦୁଃଖର ଅନ୍ତ କରିବା ପାଇଁ ବିବେକଜ୍ଞାନ ସାଧନ କରିବାକୁ ହାନୋପାୟ ବୋଲାଯାଏ । ସାଙ୍ଖ୍ୟ ଦର୍ଶନରେ ଈଶ୍ୱରଙ୍କ ପ୍ରମାଣ ସ୍ୱୀକୃତ ହୋଇ ନ ଥିବାରୁ ଏହାର ନାମ ନିରୀଶ୍ୱର ସାଙ୍ଖ୍ୟ । ଶଙ୍କରାଚାର୍ଯ୍ୟ କପିଳ ପ୍ରଣୀତ ସାଙ୍ଖ୍ୟକୁ ନିରୀଶ୍ୱର ସାଙ୍ଖ୍ୟ ଓ ପତଞ୍ଜଳି ପ୍ରଣୀତ ସାଙ୍ଖ୍ୟକୁ ସେଶ୍ୱର ସାଙ୍ଖ୍ୟ ନାମ ଦେଇ ଅଛନ୍ତି । କପିଳଙ୍କ ମତରେ ଜ୍ଞାନ-ଦ୍ୱାରା ମୁକ୍ତି ଓ ପତଞ୍ଜଳିଙ୍କ ମତରେ ଯୋଗଦ୍ୱାରା ମୁକ୍ତି ଲାଭ ହୁଏ । କପିଳଙ୍କ ମତରେ 'ପ୍ରମାଣାଭାବରୁ ଈଶ୍ୱରଙ୍କ ଅସ୍ତିତ୍ୱ ସିଦ୍ଧ ହେଉ ନାହିଁ ।' ପ୍ରମାଣ ତିନି ପ୍ରକାର—ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦ (ବା ଆପ୍ତବାକ୍ୟ, ଯଥା ବେଦ) । ସାଙ୍ଖ୍ୟ ମତରେ ତ୍ରିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତି ହିଁ ମୁକ୍ତି । ଏକମାତ୍ର ବିବେକ ଜ୍ଞାନହିଁ ଏହି ଦୁଃଖ ନିବୃତ୍ତିର ଉପାୟ । ସାଙ୍ଖ୍ୟରେ ପଞ୍ଚବିଂଶତି ତତ୍ତ୍ୱର ଉଲ୍ଲେଖ ଅଛି । ଯଥା ପ୍ରକୃତି, ମହତ୍, ଅହଙ୍କାର, ପଞ୍ଚତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ), ଏକାଦଶ ଇନ୍ଦ୍ରିୟ (ପଞ୍ଚ ଜ୍ଞାନେନ୍ଦ୍ରିୟ ପଞ୍ଚକର୍ମେନ୍ଦ୍ରିୟ ଓ ମନ), ପଞ୍ଚମହାଭୂତ (କ୍ଷିତି, ଅପ୍

ତେଜଃ, ମରୁତ୍, ବ୍ୟୋମ] ଓ ପୁରୁଷ । ଏଥି ମଧ୍ୟରେ ପ୍ରଥମୋକ୍ତ ୨୪ ଟି ତତ୍ତ୍ୱ ଜଡ଼ ଓ ପୁରୁଷ ଚେତନ । ପ୍ରକୃତିହିଁ ଜଗତର ମୂଳ କାରଣ ଅଟେ ଓ ଏହା ସତ୍ । ପୁରୁଷ କେବଳ ସାକ୍ଷୀ [ବିଶ୍ୱକୋଷ] ।

ସାଙ୍ଖ୍ୟ ଯୋଗ—ସଂ. ବି ୧ । (ମ. ପ. ଲୋ; ସାଙ୍ଖ୍ୟୋକ୍ତ ଯୋଗ)—
Sāṅkhya joga ସାଙ୍ଖ୍ୟ ଦର୍ଶନ ପ୍ରଦର୍ଶିତ ଜ୍ଞାନ ଯୋଗ; ବ୍ରହ୍ମବିଦ୍ୟା, ଯହିଁରେ ଅନ୍ତରର ନିବୃତ୍ତି ହୋଇ ସାଙ୍ଖ୍ୟ ବା ବେଦ ଜ୍ଞାନ ଦ୍ୱାରା ଜୀବର ମୁକ୍ତି ଲାଭ ହୁଏ—1. The system of attaining salvation by following the doctrines of the Sāṅkhya Philosophy. ୨ । ଭଗବଦ୍ଗୀତାର ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ 'ସାଙ୍ଖ୍ୟ' ବା ଜ୍ଞାନ ଯୋଗ ଓ 'ଯୋଗ' ବା କର୍ମଯୋଗ—2. Two sorts of attaining salvation laid in the 3rd chapter of the Gita, viz, cultivation of True Wisdom and following one's Duty.

[ଦ୍ର—କୁରୁକ୍ଷେତ୍ରରେ ସମବେତ କୁରୁପାଣ୍ଡବ ସୈନ୍ୟଙ୍କୁ ଦେଖି ଅର୍ଜୁନ ବିଷଣ୍ଣ ହୋଇ ଯୁଦ୍ଧ କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଭଗବାନ୍ ଶ୍ରୀକୃଷ୍ଣ ଗୀତାର ଦ୍ୱିତୀୟ ଅଧ୍ୟାୟରେ ବ୍ରାହ୍ମୀସ୍ଥିତି (ସାଙ୍ଖ୍ୟୋକ୍ତ ଯୋଗ ବା ବ୍ରହ୍ମବିଦ୍ୟା) ବିଷୟରେ ଅର୍ଜୁନଙ୍କୁ ଉପଦେଶ ଦେଲେ । ଦ୍ୱିତୀୟ ଅଧ୍ୟାୟର ୩୮ଶ ଶ୍ଲୋକରେ କହିଲେ, ଯେ ସୁଖ ଦୁଃଖ, ଲାଭାଲାଭ, ଜୟାଜୟରେ ସମାନ ବୁଦ୍ଧି କରି ଯୁଦ୍ଧ କର, ତୁମ୍ଭର ପାପ ହେବ ନାହିଁ । ୩୯ଶ ଶ୍ଲୋକରେ କହିଲେ, ଯେ 'ସାଂଖ୍ୟ' ଅନୁସାରେ ତୁମ୍ଭଙ୍କୁ ଏ ବୁଦ୍ଧି କଥା କହି ବର୍ତ୍ତମାନ 'ଯୋଗ' ଅନୁସାରେ ବୁଦ୍ଧି କଥା କହିବି । ଏଠାରେ 'ସାଂଖ୍ୟ' ଶବ୍ଦ ଦ୍ୱାରା କପିଳ ମୁନିଙ୍କ 'ସାଖ୍ୟ ଦର୍ଶନ' ଓ 'ଯୋଗ' ଶବ୍ଦ ଦ୍ୱାରା ପାତଞ୍ଜଳଙ୍କ 'ଯୋଗଦର୍ଶନ' ଭଗବାନଙ୍କ ଅଭିପ୍ରେତ ନଥିଲା । 'ସାଂଖ୍ୟ'ର ଅର୍ଥ 'ସନ୍ନ୍ୟାସମାର୍ଗ' ଓ 'ଯୋଗ'ର ଅର୍ଥ 'କର୍ମ ମାର୍ଗ' ବୋଲି ବୁଝିବାକୁ ହେବ । ଗୀତାର ତୃତୀୟ ଅଧ୍ୟାୟର ତୃତୀୟ ଶ୍ଲୋକରେ ଭଗବାନ୍ କହିଅଛନ୍ତି ଯେ, ପୂର୍ବକାଳରେ ଓ ଦ୍ୱିତୀୟ ଅଧ୍ୟାୟରେ ଅମ୍ଭେ ସଂସାରରେ ଦୁଇପ୍ରକାର ନିଷ୍ଠାର କଥା କହିଅଛୁଁ—୧ । ସାଂଖ୍ୟମାନଙ୍କର ଜ୍ଞାନ ଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା ଓ ୨ । ଯୋଗୀମାନଙ୍କର କର୍ମଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା । ନିଷ୍ଠା ଶବ୍ଦର ଅର୍ଥ ମୋକ୍ଷ ଲାଭ କରିବାର ମାର୍ଗ । ଏ ଦୁଇ ମାର୍ଗାନୁଗାମୀଙ୍କୁ ଯଥାକ୍ରମେ ସାଂଖ୍ୟ ବା 'ସନ୍ନ୍ୟାସମାର୍ଗୀ' ଓ ଯୋଗ ବା 'କର୍ମଯୋଗମାର୍ଗୀ' ବୋଲାଯାଏ; ଗୀତାର ପଞ୍ଚମ ଅଧ୍ୟାୟର ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ଭଗବାନ୍ କହିଅଛନ୍ତି ଯେ, ମୂର୍ଖମାନେ 'ସାଂଖ୍ୟ' ଓ 'ଯୋଗ'କୁ ପୃଥକ୍ ବୋଲି କହନ୍ତି, କିନ୍ତୁ ପଣ୍ଡିତମାନେ କହନ୍ତି ଯେ, ଏ ଦୁଇ ମାର୍ଗ ମଧ୍ୟରୁ ଗୋଟିଏ ମାତ୍ର ମାର୍ଗକୁ ଅବଲମ୍ବନ କଲେ ଏକହିଁ ଫଳ (ମୋକ୍ଷ) ଲାଭ ହୁଏ । ଅତଏବ ଏ ଦୁଇ ମାର୍ଗ ଏକ । କିନ୍ତୁ ଯୋଗ (କର୍ମ) ବିନା ସାଂଖ୍ୟ (ସନ୍ନ୍ୟାସ) ପ୍ରାପ୍ତି କଠିନ । ଯେଉଁ ବ୍ୟକ୍ତି କର୍ମଯୋଗଯୁକ୍ତ ହୋଇଅଛନ୍ତି ତାଙ୍କର ଅବିଳମ୍ବେ ବ୍ରହ୍ମ ପ୍ରାପ୍ତି ବା ମୋକ୍ଷଲାଭ ହୁଏ । ସନ୍ନ୍ୟାସମାର୍ଗରେ ଜ୍ଞାନକୁ ପ୍ରଧାନ ମାନିଲେ ମଧ୍ୟ କର୍ମ ନ କଲେ ଜ୍ଞାନର ସିଦ୍ଧି ହୁଏ ନାହିଁ । ଅତଏବ କର୍ତ୍ତବ୍ୟ ଜ୍ଞାନ କରି ଫଳକୁ ଈଶ୍ୱରଙ୍କଠାରେ ଅର୍ପଣ କରି ନିଷ୍କାମଭାବରେ କର୍ମ କରିବା କର୍ତ୍ତବ୍ୟ । ଏହାହିଁ ଭଗବଦ୍ଗୀତାର ପ୍ରତିପାଦ୍ୟ ଉପଦେଶ—ବାଳ ଗଙ୍ଗାଧର ତିଳକଙ୍କ ଶ୍ରୀମଦ୍ଭଗବଦ୍ଗୀତା ରହସ୍ୟ ବା କର୍ମଯୋଗ ଶାସ୍ତ୍ର ।]

ସାଙ୍ଗ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ=ସହିତ+ଅଙ୍ଗ)—୧ ।
Sāṅga ଅଙ୍ଗବିଶିଷ୍ଟ; ଅବୟବଯୁକ୍ତ—1. Having limbs. [ନିରଙ୍ଗ—ବିପରୀତ] ୨ । ସର୍ବାବୟବ ବିଶିଷ୍ଟ; ପୂର୍ଣ୍ଣାଙ୍ଗ; ସମ୍ପୂର୍ଣ୍ଣ—2. Full-limbed; complete. [ଉ—ସାଙ୍ଗ ହେଲା ଏଠାରୁ ରାଜପଣ ମୋର—ରାଧାନାଥ. ମହାଯାତ୍ରା) (ସାଙ୍ଗତା—ବି) ୩ । ଯାହାର କୌଣସି ଅଙ୍ଗ ଖଣ୍ଡିଆ ନ ଥାଏ; ଅବିକଳାଙ୍ଗ—3. Having all the parts or limbs complete.

সঙ্গ
संग
সঙ্গী
संगी

ଦେ. ବି (ସଂ. ସଙ୍ଗ)—୧ । ସହଚରତ୍ୱ—1. Companionship. ୨ । (ସଂ. ସଙ୍ଗୀ) ସହଚର—2. Companion. ୩ । (ସଂ.ଶଙ୍କୁ) ଶାଙ୍ଗ (ଦେଖ)—3. Śaṅga (See) ବିଣ—

শেষ शेष

୧ । ସମାପ୍ତ—1. Finished.

সঙ্গে থাকা ୨ । ସାଙ୍ଗରେ ଥିବା—2. Accompanying;

संगमे रहने वाला attending on. (ଯଥା—ଅଭ୍ୟାଗତଙ୍କ ସାଙ୍ଗ ଲୋକ ୫୦ ଜଣ ଭୋଜନ କଲେ ।) ପ୍ରାଦେ· (ସିଂହଭୂମି) ବି—ସାନ ଭଉଣୀର ବର—Husband of one's younger sister. [ଦ୍ର—ବଡ଼ ଭଉଣୀଙ୍କ ବରଙ୍କୁ ଗଇଁ କୁହାଯାଏ ।] ପ୍ରାଦେ (ସମ୍ବଲପୁର, ଅଠମଲ୍ଲିକ, ବୌଦ) ବି—ଭାଇ ଶଳା; ଭାଇଙ୍କ ଶାଳକ—One's brother's wife's brother.

ସାଙ୍ଗ କରିବା—ଦେ. କ୍ରି—୧ । ସଙ୍ଗୀସ୍ୱରୂପ ଗ୍ରହଣ କରିବା—
Sāṅga karibā 1. To take any one as one's companion.

সঙ্গী করা संगी करना

সাঙ্গ করা ୨ । କୌଣସି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା—

सांग करना 2. To complete a work.

ସାଙ୍ଗକୁ—ଦେ. ଅ—୧ । ସାଙ୍ଗେ (ଦେଖ)—1. Sāṅge (See)
Sāṅgaku সঙ্গে संगमे

সঙ্গে नजदीक ୨ । ନିକଟକୁ; ପାଖକୁ—2. To; near.

ସାଙ୍ଗ ଦଉଡ଼ା(ଡ଼ି, ଡ଼ା,ଡ଼ି)—ଦେ. ବି—ସାଙ୍ଗି ଦଉଡ଼ା (ଦେଖ)
Sāṅga daurḍā(rḍi, rā, ri) Sāṅgi daurḍā (See)

ସାଙ୍ଗ ଧରିବା—ଦେ· କ୍ରି—ସଙ୍ଗୀରୂପେ କୌଣସି ବ୍ୟକ୍ତିର ଅନୁସରଣ କରିବା—To attend a person. to be on the wake of a person;
Sāṅga dharibā

সঙ্গ ধরা
संग पकड़ना

ସାଙ୍ଗ ପଢୁଆ—ଦେ. ବି (ପୁଂ)—ସହପାଠୀ—Classmate;
Sāṅga parḍhuā ਸঙ্গী পড়ুয়া schoolmate.
साथ पढ़ने वाला (ସାଙ୍ଗ ପଢ଼ୋଇ—ସ୍ତ୍ରୀ)

ସାଙ୍ଗ ପରିହାସି—ଦେ. ବିଣ. ପୁଂ ଓ ସ୍ତ୍ରୀ—ସଙ୍ଗୀ ଓ ପରିହାସ କରିବାର
Sāṅga parihāsi ଉପଯୁକ୍ତ (ଅର୍ଥାତ୍ ଯେଉଁ ବ୍ୟକ୍ତି ମୋର
সমান সঙ্গী ସଙ୍ଗୀ ହେବା ଉପଯୁକ୍ତ ଯେଉଁ ବ୍ୟକ୍ତିକୁ ମୁଁ
संग दिल्लगी वाज थଟ୍ଟା ପରିହାସ କରି ପାରେଁ)—(a person)
With whom one can form companionship and with whom one can cut jokes.

ସାଙ୍ଗ ପାଙ୍ଗ—ଗ୍ରା. ବିଶ—ସାଙ୍ଗୋପାଙ୍ଗ (ଦେଖ)
Sāṅga pāṅga Sāṅgopāṅga (See)

ସାଙ୍ଗ ବାଲା—ଦେ. ବି—ଏକ ଦଳଭୁକ୍ତ ସଙ୍ଗୀମାନେ—Members
Sāṅga bālā সঙ্গওয়ালা of the same company.
संग वाला (ସାଙ୍ଗବାଲି—ସ୍ତ୍ରୀ)

ସାଙ୍ଗ ଭାଇ—ଦେ. ବି. ପୁଂ—୧। ଏକ ଦଳଭୁକ୍ତ ବା ଶ୍ରେଣୀଭୁକ୍ତ ବ୍ୟକ୍ତି;
Sāṅga bhāi ଭ୍ରାତୃସ୍ଥାନୀୟ ବ୍ୟକ୍ତି—1. Members of the
সঙ্গী ভাই same class or profession; brethren.
संगी भाइ ୨। ସହକର୍ମୀ ବ୍ୟକ୍ତି—2. Colleague.

ସାଙ୍ଗ ମଣି(ନି)ଷ—ଗ୍ରା. ବି—୧। ସାଙ୍ଗରେ ଥିବା ବ୍ୟକ୍ତି—
Sāṅga maṇi(ni)sha 1. Retinue. ୨। ପାର୍ଶ୍ୱଚର—
সঙ্গের লোক संगी लोक 2. Attendant.
(ସାଙ୍ଗ ଲୋକ, ସାଙ୍ଗ ମନୁଷ୍ୟ—ଦେ. ରୂପ)

ସାଙ୍ଗ ମେଳ(ଳି)—(ସ. ସଙ୍ଗୀ ଓ ମିଳନ)—୧। ସଙ୍ଗୀମାନଙ୍କ ସାହ-
Sāṅga mela(li) ଚର୍ଯ୍ୟ—1. Companionship of
সঙ্গীদের মেলা friends. ୨। ବହୁ ସଙ୍ଗୀଙ୍କ ସମାଗମ—
संगी लोकोंका मेल 2. Gathering of many friends.
(ସାଙ୍ଗ ମେଳିଆ—ବିଣ)

ସାଙ୍ଗ ମୋହ(ହୋ)ବତ—ଦେ. ବି—ସଙ୍ଗୀମାନଙ୍କ ଅନୁରୋଧ ଉପ-
Sāṅga moha(ho)bat ରୋଧ—Request of compani-
সঙ্গ মোহবত संगी मुहबत ons.

ସାଙ୍ଗ ମୋହ(ହୋ)ବତିଆ—ଦେ. ବିଣ (ପୁଂ ଓ ସ୍ତ୍ରୀ)—ଯେଉଁ ଲୋକ
Sāṅga moha(ho)batiā ସାଙ୍ଗମାନଙ୍କ ଇଚ୍ଛାଲଙ୍ଘା ଏବଂ କରି ପାର
संगी मुहबत वाला କାମ କରେ—(a person) Acting
(ସାଙ୍ଗ ମୋହବତି—ଅନ୍ୟରୂପ) to please his companions.
(ସାଙ୍ଗ ମୋହବତେଇ—ସ୍ତ୍ରୀ)

ସାଙ୍ଗ ରୂପକ—ସ. ବି—ଏକପ୍ରକାର ରୂପକ; ରୂପକ (ଦେଖ)
Sāṅga rūpaka A kind of simile; Rūpaka (See)

ସାଙ୍ଗରେ—ଦେ. ଅ—ସଙ୍ଗେ (ଦେଖ)—Saṅge (See)
Saṅgare (ସାଙ୍ଗେରେ—ଗ୍ରାମ୍ୟରୂପ)

ସାଙ୍ଗରେ ରହିବା—ଦେ. କ୍ରି—୧। (ଅମୁକର) ପକ୍ଷରେ ରହିବା—
Sāṅgare rahibā 1. To take one's side.
পক্ষে থাকা पक्षमें रहना ୨। (କୌଣସି ବ୍ୟକ୍ତି ସଙ୍ଗେ)
সঙ্গে থাকা ଗାର୍ହିତସମ୍ବନ୍ଧ ସମ୍ପର୍କ ରଖିବା—
साथ रहना 2. To be connected in an illicit way.

ସାଙ୍ଗ ସରି(ସରିସା)—ଦେ. ବି (ସଂ. ସଙ୍ଗ ଓ ସଦୃଶ)—ସଙ୍ଗୀ ବା
Sāṅga sari(sarisā) ସମକକ୍ଷ ବ୍ୟକ୍ତି—Companion or
সমান বা সমকক্ষ সঙ্গী संगीसाथी equal.

ସାଙ୍ଗ ସାଥି (ସୁଖ)—ଦେ. ବି (ସଂ. ସଙ୍ଗ ଓ ସଖା)—୧। ସଙ୍ଗୀ ଓ
Sāṅga sāthi(sukha) ସହଚର—1. Companion.
সঙ্গী সাথী ୨। କ୍ରୀଡ଼ା ସଙ୍ଗୀ—2. Playmate. ୩।
संगीसाथी ଆମୋଦ ସଙ୍ଗୀ—3. A companion in amusements; a boon companion. ୪।
ସହଚରମାନଙ୍କ ସହିତ ଏକତ୍ର ଆମୋଦ ପ୍ରମୋଦ—
4. Amusements enjoyed in the company of ones mate's.

ସାଙ୍ଗ ସୋବତ(ସୋହ[ହୋ]ବତ)—ଦେ. ବି (ସହଚର ଶବ୍ଦ; ସଂ.
Sāṅga sobat(soha[ho]bat) ସଙ୍ଗ ଓ ଫା. ସୋହ୍‌ବତ୍)—
সঙ্গী সাথী संगसोहवत ୧। ଏକସଙ୍ଗ ଓ ସହବାସରେ ଥିବା
(ସାଙ୍ଗସୁଖା—ଅନ୍ୟରୂପ) ବ୍ୟକ୍ତିଗଣ—1. Persons who live and move together.
୨। ନର୍ମ ସହଚର—2. Boon companion.
সঙ্গীদের উপরোধ। (ମୋହବତ ଅର୍ଥରେ ସୋହବତ୍ ଶବ୍ଦର ଭ୍ରମ
संग मुहबत ଜନକ ପ୍ରୟୋଗ) ସାଙ୍ଗମାନଙ୍କ ମୋହବତ; ସଙ୍ଗୀ-
ମାନଙ୍କ ଅନୁରୋଧ ଉପରୋଧ—3. Ruquest of one's friends. ୪। ସଙ୍ଗୀମାନଙ୍କ ଚକ୍ଷୁଲଜ୍ଜା—
4. Susceptibility or sensitiveness to please one's friends. ୫। ସଙ୍ଗ ମେଳ; ସହ-
ଚରତ୍ୱ—5. Companionship; company of friends.

ସାଙ୍ଗ ସୋବତ(ସୋହ[ହୋ]ବତ)ରେ ପଡ଼ିବା—ଦେ. କ୍ରି—୧।
Sāṅga sobat(soha[ho]batre parḍibā ସଙ୍ଗ ମେଳରେ
সঙ্গে পড়া संग सोहवतमे पडना ପଡ଼ିବା ବା ଚାଳିତହେବା
1. To be guided by the influence of one's companions. ୨। ସଙ୍ଗୀମାନଙ୍କ ଚକ୍ଷୁ-
ଲଜ୍ଜାରୁ ବା ଉପରୋଧରୁ କରି କାମ କରିବା—
2. To act so as to please one's friends.

ସାଙ୍ଗସୋବତି(ସୋହ[ହୋ]ବତି)—ଦେ. ବିଣ. ପୁଂ ଓ ସ୍ତ୍ରୀ—୧। ସାଙ୍ଗ
Sāṅgasobati(soha[ho]bati) ମୋହବତିଆ; ଯେଉଁ ବ୍ୟକ୍ତି
[ସାଙ୍ଗସୋହ(ହୋ)ବତିଆ—ଅନ୍ୟ ଭିଣ ରୂପ] ସଙ୍ଗୀମାନଙ୍କ
(ସାଙ୍ଗସୋହ[ହୋ]ବତେଇ—ସ୍ତ୍ରୀ) ଅନୁରୋଧ ଏବଂ କରି ପାର
সঙ্গীদের উপরোধওয়ালা संगसोहवत वाला କୌଣସି କାର୍ଯ୍ୟ କରେ;
ଯେଉଁ ବ୍ୟକ୍ତି ସଙ୍ଗୀମାନଙ୍କ ମୁହଁ ଭାଙ୍ଗି ପାରେ ନାହିଁ—
1. A person who is prone to do acts to please his friends ୨। ଯେଉଁ ବ୍ୟକ୍ତି ସଙ୍ଗୀମାନଙ୍କ
ମେଳରେ କାଳ କଟାଏ—2. A person who passes his time with his companions.
ଦେ. ବି—ସାଙ୍ଗ ସୋବତ୍ (ଦେଖ)—Sāṅga sobat (See).

ସାଙ୍ଗ ହେବା—ଦେ. କି—୧ । କୌଣସି ବ୍ୟକ୍ତି ସହିତ ସହଚରତ୍ୱ
Sāṅga hebā ସ୍ଥାପନ କରିବା—1. To establish
সংগী হওয়া संगहोना companionship
with any person. ୨ । କୌଣସି ବ୍ୟକ୍ତିଙ୍କ
ସମଭିବ୍ୟାହାରୀ ହେବା—2. To accompany a
person. ୩ । (କୌଣସି କାର୍ଯ୍ୟ) ସରିବା; ସମ୍ପୂର୍ଣ୍ଣହେବା-
সাং হওয়া सांगहोना 3. To be complet-
ed or finished. ୪ । (କୌଣସି କାର୍ଯ୍ୟ)
ସମ୍ପୂର୍ଣ୍ଣ ଅଙ୍ଗବିଶିଷ୍ଟ ହେବା—4. (any work) To
be done without the omission of any
of its parts or limbs.

ସାଙ୍ଗା—୧ । ଗ୍ରାଦେ (ବାଲେଶ୍ୱରୀ) ବି—ଖଡ଼ ଘରର ଭଣ୍ଡା—
Sāṅgā The cross beams of a thatched house.
୨ । ଗ୍ରାଦେ (ଉତ୍ତର ପଶ୍ଚିମ ଗଡ଼ଜାତ; ଭୁଲ ହି.
ସାଂଗା)—ବି—ନୀଚଶ୍ରେଣୀଙ୍କ ମଧ୍ୟରେ ବିଧବାବିବାହ—
Widow marriage amongst the low
caste Hindus.

ସାଙ୍ଗି—ଦେ. ବି (ସ. ସଙ୍ଗୀ)—୧ । ସଙ୍ଗୀ (ଦେଖ)—
Sāṅgi সংগী संगी 1. Saṅgi (See)
୨ । ଏକସଙ୍ଗେ ବ୍ୟବସାୟ କରିବା ବ୍ୟକ୍ତି; ଅଂଶିଦାର—
2. Partner; coparcener. ୩ । (ସ. ଶଙ୍କୁ)
ସାଙ୍ଗ (ଦେଖ)—Sāṅga (See) ବିଣ—ସାଙ୍ଗିଆ
(ଦେଖ)—Sāṅgiā (See)

ସାଙ୍ଗିଆ—ଦେ. ବିଣ (ସଂ. ସଙ୍ଗୀ)—ସଙ୍ଗୀ ସମ୍ବନ୍ଧୀୟ—
Sāṅgiā Relating to companion.
সংগীদের संगी ବି—୧ । ସଙ୍ଗୀ—Companion.
୨ । (ବ୍ରୁ) ଯେଉଁମାନେ ସାଙ୍ଗିଦ୍ୱାରା ଭାରବସ୍ତୁ ବହନ କରନ୍ତି
2. Persons who carry heavy loads
suspended from a strong pole.
সংগী संगी ସ୍ତ୍ରୀ. ବି (ସଂ. ସଂଜ୍ଞା)—ସଂଜ୍ଞା;
সংজ্ঞা उपनाम କୌଣସି ବ୍ୟକ୍ତିର ବଂଶଗତ ଉପାଧି—
Family-title of a person.

ସାଙ୍ଗିଆଁ—ଦେ. ବି—ସାଙ୍ଗିଆ ୨ (ଦେଖ)
Sāṅgiañ Sāṅgia 2 (See)

ସାଙ୍ଗି କରିବା—ଦେ. କି—୧ । କୌଣସି କାର୍ଯ୍ୟ ପାଇଁ ଅନ୍ୟ ବ୍ୟକ୍ତିକୁ
Sāṅgi karibā ସଙ୍ଗୀରୂପେ ଗ୍ରହଣ କରିବା—1. To take
সঙ্গিকরা a person as one's companion or
संगी करना partner. ୨ । ସାଙ୍ଗ କରିବା (ଦେଖ)—
2. Sāṅga karibā. (See)

ସାଙ୍ଗି ଦଉଡ଼ା(ଡ଼ି,ଡ଼ା,ଡ଼ି)—ଦେ. ବି—ଯେଉଁ ଦଉଡ଼ି ଦ୍ୱାରା ଖୁବ୍ ଭାର
Sāṅgi daurḍā(rḍi,rā,ri) ପଥର ଆଦିକୁ ବାନ୍ଧି ଝୁଲାଇ ସାଙ୍ଗି
সাঙ্গি দড়ি ବାଉଁଶ ଦ୍ୱାରା ଲୋକେ ସ୍ଥାନାନ୍ତରିତ କରିଥାନ୍ତି—A
सांगकी रस्सी rope or chord with the help of
which heavy things are removed from
one place to another, suspended in the
middle of a pole on the shoulders of
pairs of persons.

ସାଙ୍ଗିବା—ଗ୍ରାଦେ. (ବସ୍ତର) କି—କହିବା—
Sāṅgibā To tell; to speak.

ସାଙ୍ଗି ବାଉଁଶ—ଦେ. ବି (ସ. ସଙ୍ଗୀ+ବଂଶ)—ଯେଉଁ ମଜଭୁତ
Sāṅgi bāuṅsa ବାଉଁଶର ମଧ୍ୟଭାଗରେ ଭାର ପଦାର୍ଥମାନଙ୍କୁ
সাঙ্গি বাঁশ ଦଉଡ଼ି ଦ୍ୱାରା ଝୁଲାଇ ଉକ୍ତ ବାଉଁଶର ଦୁଇମୁଣ୍ଡକୁ
साङ्गिका बाँस ଲୋକେ କାନ୍ଧ ଦେଇ ସ୍ଥାନାନ୍ତରିତ କରିଥାନ୍ତି—
A strong pole with the help of which
heavy things are removed by pairs of
men shouldering it at both ends, while
the things are suspended at the
middle.

ସାଙ୍ଗି ଶିକୁଳା(ଳି)—ଦେ. ବି (ସ. ସଙ୍ଗୀ+ଶୃଙ୍ଖଳ)—ଯେଉଁ ଶିକୁଳି
Sāṅgi sikuḷā(ḷi) ଦ୍ୱାରା ସାଙ୍ଗିରେ ଭାର ବସ୍ତୁ ଝୁଲାଯାଇ ବହନ କରାଯାଏ
সাঙ্গি শিকল ବନ୍ଧାଯାଏ—A chain for tying and
साङ्गिका जंजीर suspending heavy things under
a pole which is shouldered at both
ends by pairs of men.

ସାଙ୍ଗୁଆ—ଦେ. ବିଣ. (ସ୍ତ୍ରୀ)—ଯେଉଁ ବ୍ୟକ୍ତି ସଙ୍ଗୀମାନଙ୍କ ସମାଜରେ
Sāṅguā ରହିବାକୁ ଖୁବ ଭଲ ପାଏ; ସାମାଜିକ—Fond of
(ସାଙ୍ଗେ[ଗୋ]ଇ—ସ୍ତ୍ରୀ) company; sociable; social.
সঙ্গপ্রিয় ବି—୧ । ସଙ୍ଗୀ; ସହଚର—1. Companion; mate.
संगचाहनेवाला ୨ । ସାଥୁଆ; ଯେଉଁ ଯାତ୍ରୀ-ଗୁମାସ୍ତା ଅନ୍ୟ ପଣ୍ଡାଙ୍କ
সঙ্গী, সহচর ଯାତ୍ରୀମାନଙ୍କ ସଙ୍ଗ ଧରି ବହୁ ଦୂରରୁ ତୀର୍ଥକୁ
सङ्गी ଆସିଥାଆନ୍ତି—2. A canvassing agent accom-
panying the pilgrims of some other
Paṇḍā than his (agent's) employer to a
shrine from a long distance. ୩ । ଯେଉଁ
ଲୋକମାନେ ସାଙ୍ଗି ବାଉଁଶ ଦ୍ୱାରା ଭାର ଲୋକେ ବହି
ନିଅନ୍ତି—3. Persons who carry loads by
means of Sāṅgi pole.

ସାଙ୍ଗେ—ଦେ. କି. ବିଣ—୧ । ସାଥିରେ; ସଙ୍ଗେ; ସଙ୍ଗରେ; ସମଭି-
Sāṅge ବ୍ୟାହାରରେ; ଏକ ସଙ୍ଗେ—1. Along with, in
সঙ্গে, সাথে the company of; accompanied by.
सङ्गमें ୨ । ସହିତ—2. With. ୩ । ଏକତ୍ର—
3. Together.

ସାଙ୍ଗେଇବା—ଦେ. କି—ସାଙ୍ଗି ବାଉଁଶ ଓ ସାଙ୍ଗି ଦଉଡ଼ି ଦ୍ୱାରା
Sāṅgeibā କୌଣସି ପଦାର୍ଥକୁ ସ୍ଥାନାନ୍ତରକୁ ନେବା—
সাংগীকরে নেওয়া To carry a heavy thing by
साङ्गीसे ढोना suspending it from a pole.

ସାଙ୍ଗେନ—ଗ୍ରାଦେ. (ବାଲେଶ୍ୱର ସାଟଣା) ବି—ସାଞ୍ଜୁ—
Sāṅgen Armour.

ସାଙ୍ଗେ ଲଗା(ଗେ)ଇବା—ଦେ° କ୍ରି—୧। କୌଣସି ବ୍ୟକ୍ତିର ସଙ୍ଗେ
Sāṅge lagā(ge)ibā କଳହ ବା ବିବାଦ କରିବା—1. To
(ସାଙ୍ଗେରେ ଲଗା[ଗେ]ଇବା—ଗ୍ରାମ୍ୟରୂପ) quarrel or dis-
সঙ্গে লাগা pute with a person. ୨। କୌଣସି ବ୍ୟକ୍ତିକୁ
पीछे पड़ना ବିରକ୍ତ କରିବା—2. To tease a person.
୩। କୌଣସି ବ୍ୟକ୍ତିକୁ ଉତ୍ତ୍ୟକ୍ତ କରିବା—3. To
irritate a person. ୪। କୌଣସି ବ୍ୟକ୍ତିକୁ କଷ୍ଟ
ବା ପୀଡ଼ା ଦେବା—4. To oppress or trouble a
person; to harrass a person: ୫। କୌଣସି
ବ୍ୟକ୍ତିର ଅନିଷ୍ଟ କରିବାକୁ ଚେଷ୍ଟା କରିବା—5. To

সঙ্গে লাগান try to injure a person. ୬। (ପ୍ରଯୋଜକ)
संगमें लगाना କୌଣସି ବ୍ୟକ୍ତିକୁ ଆକ୍ରମଣ କରିବା ପାଇଁ କୁକୁର
ଆଦିକୁ ଉତ୍ତେଜିତ କରିବା—6. To set (a dog)
to attack a per on. ୭। କୌଣସି ବ୍ୟକ୍ତିକୁ
ହାକିମ ବା ମହାଜନଙ୍କ ନିକଟ ଆଣିବା ପାଇଁ ତା ନିକଟ
ପିଅଦା ପଠାଇବା—7. To depute a peon to
bring a person.

ସାଙ୍ଗେ ଲାଗିବା—ଦେ. କ୍ରି—୧। ବହୁକାଳ କୌଣସି ବ୍ୟକ୍ତିର ଅନିଷ୍ଟ
Sāṅge lāgibā ସାଧନ ପାଇଁ ଚେଷ୍ଟା କରିବା—1. To try
(ସାଙ୍ଗରେ ଲାଗିବା—ଅନ୍ୟରୂପ) to harass a person for
সঙ্গে লাগা a long time. ୨। କୌଣସି ବ୍ୟକ୍ତି ସଙ୍ଗେ ଧାରା-
पिछेपड़ना ବାହିକରୂପେ ବିବାଦ କରିବା—2. To go on
quarreling or disputing with a person.
୩। କୌଣସି ବ୍ୟକ୍ତିକୁ ବିରକ୍ତ କରିବା—3. To tease
a person. ୪। ଆକ୍ରମଣ କରିବାପାଇଁ କୌଣସି ବ୍ୟକ୍ତିର
ବା ଜୀବର ପଛରେ ଗୋଡ଼ାଇବା—4. To chase a
person or animal; to set on an animal.
୫। କୌଣସି ବ୍ୟକ୍ତି ହାକିମ ବା ମହାଜନ ନିକଟରେ
ଉପସ୍ଥିତ ନ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିର ସଙ୍ଗେ ସଙ୍ଗେ
(ପିଅଦା ଆଦି) ରହିବା—5. (e. g. a peon) To
closely follow a person and attend on
him to oblige him to attend a place
or court. ୬। କୌଣସି ବ୍ୟକ୍ତିର ଅନିଷ୍ଟ ସାଧନ
କରିବା ପାଇଁ କମ୍ବା ତାହାର ଗୋପନୀୟ ବିଷୟ ଜାଣିବା
ପାଇଁ ତା ପିଛ ଧରିବା ବା ତା ପ୍ରତି ଅବିରତ ତୀକ୍ଷ୍ଣ ଦୃଷ୍ଟି
ରଖିବା—6. To shadow a person. ୭। କୌଣସି
ବ୍ୟକ୍ତିକୁ ବା ଜୀବକୁ ପୋଷିବା ବା ବଢ଼ାଇବା ପାଇଁ ଖୁବ୍
ଯତ୍ନ କରିବା—7. To take much care of a
person or animal; to bring up with
care. (ଯଥା—ମୋ ବଳଦ କୁକୁର ଛୁଆର ସାଙ୍ଗେ
ଲାଗି ଲାଗି ଛଅ ମାସରେ ତା ଦେମାକ୍ ଭଲ କଲି ।)
୮। କୌଣସି ଦ୍ରବ୍ୟରେ ଅନ୍ୟ ଦ୍ରବ୍ୟ ସଂଯୋଜିତ
ବା ଖଚିତ ହେବା—8. To be attached to
another thing. (ଯଥା—ଏ ଦର୍ପଣୀ ରେଖ
ସଙ୍ଗେ ପେଣ୍ଡି ଲାଗିବାରୁ ଖୁବ୍ ସୁନ୍ଦର ଦେଖାଗଲା ।)
୯। ଗାଡ଼ି ଆଦିରେ (ଗୋଟିଏ ବଳଦ) ତାହାର ଯୋଡ଼ା
ଜୀବ ସଙ୍ଗେ ଯୋଚି ହିବା—9. (a bullock) To
be yoked to a cart with its equal.

ସାଙ୍ଗେ ସାଙ୍ଗେ—ଦେ. କ୍ରି. ବଣ.—୧। ସହିତ—1. With.
Sāṅge sāṅge ୨। ସହଚର୍ଯ୍ୟାହାରରେ—2. In
সঙ্গেসঙ্গে, সাথেসাথে **साथे साथ** the company
of; along with. ୩। ଏକତ୍ର—3. Together.
୪। ଏକ ସମୟରେ; ଯୁଗପତ୍—4. Simul-
taneously; all at once. ୫। ତତ୍
କ୍ଷଣାତ୍; ସେହିକ୍ଷଣି—5. Immediately; at
once.

ସାଙ୍ଗୋପାଙ୍ଗ—ସଂ ବଣ (ସ+ଅଙ୍ଗ+ଉପାଙ୍ଗ)—୧। ଅଙ୍ଗ
Sāṅgopāṅga ଉପାଙ୍ଗ ଯୁକ୍ତ; ପୂର୍ଣ୍ଣାଙ୍ଗ—1. Having
(ସାଙ୍ଗୋପାଙ୍ଗତା—ବି) all the limbs complete.
୨। ଯାହାର କୌଣସି ଅଂଶ ଖଣ୍ଡିଆ ବା ଅସମ୍ପୂର୍ଣ୍ଣ
ରହି ନାହିଁ—2. Having none of the parts
left incomplete. ୩। ଶାସ୍ତ୍ର ବା ବିଧି ନିର୍ଦ୍ଦିଷ୍ଟ
ସମସ୍ତ ଅଙ୍ଗମାନ ଅନୁଷ୍ଠିତ ହୋଇଥିବା (କର୍ମ)—
(any rite) Performed without the
omission of any detail or part.

ସାଙ୍ଗୋପାଙ୍ଗ କରିବା—ଦେ. କ୍ରି—କୌଣସି କାର୍ଯ୍ୟ ପୂର୍ଣ୍ଣାଙ୍ଗ
Sāṅgopāṅga karibā କରି ସମ୍ପାଦନ କରିବା—
সাঙ্গোপাঙ্গোকরা To complete any work with all
सांगोपांगकरना its details.

ସାଙ୍ଗୋପାଙ୍ଗ ବେଦ—ସ. ବି—(ଅଙ୍ଗ ଓ ଉପାଙ୍ଗ ସହିତ ବେଦ)—
Sāṅgopāṅga beda ଋକ୍, ଯଜୁଃ, ସାମ ରୂପ ତିନିଅଙ୍ଗ
ଓ ଶିକ୍ଷା କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ, ଜ୍ୟୋତିଷ,
ରୂପ ଛଅ ଉପାଙ୍ଗଯୁକ୍ତ ସମସ୍ତ ବେଦ—All the Bedas
with all the secondary branches of
learning.

ସାଙ୍ଗ୍ୟା(ଙ୍ଗ୍ୟାଁ)—ଗ୍ରା. ବି (ସଂ. ସଂଜ୍ଞା)—ସଂଜ୍ଞା (ଦେଖ)—
Sāṅgyā(ṅgyāñ) Saṅgña (See)

ସାଙ୍ଗ୍ରାମ—ଗ୍ରା. ବି. (ସ. ସଂଗ୍ରାମ)—ସଂଗ୍ରାମ; ଯୁଦ୍ଧ—
Sāṅgrāma Fight.
সংগ্রাম **संग्राम**

ସାଂଗ୍ରାମିକ—ସ. ବଣ. (ସଂଗ୍ରାମ+ସମ୍ବନ୍ଧାର୍ଥେ ଇକ)—୧।
Sāṅgrāmika ସଂଗ୍ରାମ ସମ୍ବନ୍ଧୀୟ—1. Relating to
battle. ୨। ଯୁଦ୍ଧୋପଯୋଗୀ—2. Fit for
fight. ୩। ରଣକୁଶଳ—3. Warlike. ବି—
ସେନାପତି—Commander; general.

ସାଙ୍ଘାତିକ—ସଂ. ବିଣ (ସଙ୍ଘାତ+ଇକ)—୧ । ମାରାତ୍ମକ; ପ୍ରାଣ-
Sāṅghātika ନାଶକ—1. Fatal. ୨ । ବିନାଶଜନକ-
2. Destructive; ruinous. ସଂ. ବି—ଜନ୍ମ-
ନକ୍ଷତ୍ର ଠାରୁ ଷୋଡ଼ଶ ନକ୍ଷତ୍ର—The 16th aster.
ism from one's natal star. ଦେ. ବି.—
(ପ୍ରାଣିତତ୍ତ୍ୱବିଜ୍ଞାନ ପରିଭାଷା) ସମଷ୍ଟିବଦ୍ଧ ଏକ ଜାତୀୟ
କ୍ଷୁଦ୍ର ଶାମୁକା—(Zoology) A species of
small shells clustering together.

ସାଞ୍ଜ୍ଞା—ଗ୍ରା. ବି (ସଂ. ସଞ୍ଜ୍ଞା)—କୌଣସି ବଂଶର ପାରିବାରିକ ଉପାଧି-
Sāñjñā Family-title of a person.
উপাধি, সংজ্ঞা उपनाम

ସାଚକ—ବୈଦେ. ବି(ଭୁକ୍ଲି)—ମୁସଲମାନମାନଙ୍କ ବିବାହର ଅନୁପୂର୍ବିକ
Sāchak କ୍ରିୟାଅଙ୍ଗର ବିଶେଷ; ବିବାହ ପ୍ରସ୍ତାବନ କରିସାରୁ
সাচক साचक କନ୍ୟା ଘରକୁ କନ୍ୟା ପାଇଁ ମେହେନ୍ଦି,
ସୁମିଷ୍ଟ ଫଳ (ମେଓ୍ୱା) ଓ ସୁଗନ୍ଧ ଅତର ପଠାଇବା ଅଭ୍ୟାସ—
A rite amongst the Mahomedans
consisting of sending a present of
sweet fruits and scent etc to the bride's
house from the bridegroom's house.

ସାଚ୍ଚ(ଚ୍ଛା)—ଦେ. ବିଣ.(ପୁଂ. ଓ ସ୍ତ୍ରୀ) (ସଂ. ସତ୍ୟ; ହି. ସଚ୍ଚା)—୧ । ସଚ୍ଚା
Sāchā(chchā) (ଦେଖ)—1. Sachchā (See) ୨ । ସତ୍ୟ -
ସାଚୀ(ଚ୍ଛୀ) } —ସ୍ତ୍ରୀ 2. True. ୩ । ସତ୍ୟବାଦୀ—
ସଚେ(ଚ୍ଛେ)ଇ } 3. Truthful ୪ । ସତ—
সাঁচা साचा 4. Honest; moral. ୫ । ଖାଣ୍ଟି;
ଅବିମିଶ୍ର—5. Pure; genuine; unadulterated.

ସାଚ୍ଚ(ଚ୍ଛା) ପଣ—ଦେ. ବି—ସଚ୍ଚୋଟ୍ପଣ (ଦେଖ)—
Sāchā(chchā)paṇa Sachoṭ-paṇa (See)
সাঁচাপনা सचापन [ସାଚ୍ଚ(ଚ୍ଛା)ପଣିଆ(ଅ)—ଅନ୍ୟରୂପ]

ସାଚାର—ସଂ. ବିଣ (ବହୁବ୍ରୀହି; ସ+ଆଚାର)—ଆଚାରବାନ୍; ସଦାଚାର-
Sāchāra ସମ୍ପନ୍ନ—Following approved usage.
(ସାଚାରା—ସ୍ତ୍ରୀ) [ସାଚାରତ(ତ୍ୱ)—ବି.

ସାଚି—ସଂ. ଅ (ସଚ୍ ଧାତୁ=ସେବା କରିବା+କର୍ମ ଇ)—୧ । ବକ୍ର—
Sāchi 1. Curved. ୨ । ତିର୍ଯ୍ୟକ୍; ତେରଛା—
2. Crooked; awry; oblique.
ছাঁচি ଦେ. ବି (ସଂ. ଶ୍ୱେତ ବା ସତ୍ୟ)—୧ । ପରିଷ୍କୃତ ଗୁଡ଼;
सफेद चीनी ଚିନି—1. Refined molasses; bleached
sugar. [ଦ୍ର—ସାଚ ଚିନି ଗଙ୍ଗାଜଳ ମିଶାଇ ଘରିଚି,
କର୍ପୂର ମରିଚ ଯୁକ୍ତ ସ୍ୱାଦୁରସ ବନ୍ଧ । ପ୍ରାଚୀ. ରହସ୍ୟ
ମଞ୍ଜରୀ ।] ୨ । ମିଷ୍ଟାନ୍ନ—2. Sweetmeat. [ଦ୍ର—
ସୁମଧୁର ଅର୍ଦ୍ଧ-ସ୍ଫୁଟ ମିଷ୍ଟ ସ୍ନେହେ ଅଧଃକୃତ କର ସାଚି ।
খাঁড় ରାଧାନାଥ. ପାର୍ବତୀ ।] ୩ । ଖଣ୍ଡ; ନବାତ; ଚିନି—3.
शक्कर Brown sugar. ଦେ. ବିଣ. (ସଂ. ଶ୍ୱେତ)—୧। ଧଳା;
শ্বেত ଶ୍ୱେତ—1. White. (ଯଥା—ସାଚ ଖାତ, ସାଚ ଧଡ଼ି ।)
सफेद ୨ । (ସତ୍ୟ) ଉତ୍କୃଷ୍ଟ—2. Excellent. ୩ । ଅସଲ;
ଅବିମିଶ୍ର—3. Genuine; true; unadulterated.

ସାଚ ଉଖୁଡ଼ା—ଦେ. ବି—ଉପରେ ବା ଚାରିପଟେ ଧଳା ଚିନିବାସ ଉଖୁଡ଼ା—
Sāchi ukhuṛā Fried rice coated with white
চিনির মুড়কি लाई sugar.

ସାଚ କଖାରୁ—ଦେ. ବି (ଶ୍ୱେତ କୁଷ୍ମାଣ୍ଡ ବା ସତ୍ୟ କୁଷ୍ମାଣ୍ଡ)—(ଏହାର
Sāchi kakhāru ଉପର ଧଳା ଥିବାରୁ) ଶ୍ୱେତ କୁଷ୍ମାଣ୍ଡ; ପାଣି—
ছাঁচি কুমড়া କଖାରୁ—Pumpkin; Benincasa Cerifera.
साची कुम्हड़ा

ସାଚ କୋରା—ଦେ. ବି—ଧଳା ଚିନି ବା ଚିନିରେ ପ୍ରସ୍ତୁତ କୋରା—
Sāchi korā A ball of sweetmeat made with
রসকোরা सफेद कोरा white sugar.

ସାଚ କ୍ଷା(ଖା)ର—ଦେ. ବି (ସଂ. ସ୍ୱର୍ଜିକ୍ଷାର ବା ସ୍ୱର୍ଜିକାକ୍ଷାର; ଏହା ସାଚ
Sāchi kshā(khā)ra ବା ଶ୍ୱେତ ଥିବାରୁ)—୧ । ଖାର ମାଟି;
সাজি খার, সাজি মাটি ସାଜ ମାଟି—1. Rhesoil. ୨ । ସୋଡ଼ା
सज्जी खार —2. Soda; sodium bicarbonate.
୩ । ସୋଡ଼ିଅମ୍ ବା ପୋଟାସିୟମ ଓ ଅଙ୍ଗାର ଘଟିତ କ୍ଷାର-
ବିଶେଷ—3. Carbonate of potash; carbon-
ate of soda.

ସାଚ ଧଡ଼ି—ଦେ. ବି—ଲୁଗାରେ ବଅ ଯାଇଥିବା ରେଶମର ଧଳା କନାରି
Sāchi dharḍi —White silk-border of a cloth.
সাদা পাড় सफेद कोर

ସାଚ ଧଡ଼ିଆ(କନାରୀ)—ଦେ. ବିଣ—ଧଳା ଧଡ଼ିଯୁକ୍ତ (ଲୁଗା)—
Sāchi dharḍiā(kinārī) White bordered (cloth).
সচ্চা পেড়ে सफेद कोरदार

ସାଚ ପାନ—ଦେ. ବି (ସଂ. ସତ୍ୟ ବା ଶ୍ୱେତ+ପର୍ଣ୍ଣ)—୧ । ପାଚ ଧଳ
Sāchi pāna ଧଳ ପଡ଼ି ଯାଇଥିବା ପାନ—1. Matured and
ছাঁচি পান bleached betel leaf. ୨। ଏକ ପ୍ରକାର ସୁଗନ୍ଧ-
साँची पान ଯୁକ୍ତ ପାନ—2. A kind of scented betel
leaf. [ଦ୍ର—ଏହା ଖାଇବାକୁ ଅଣ୍ଡା ଲାଗେ ।]

ସାଚିବ୍ୟ—ସଂ. ବି (ସଚିବ+ଭାବ. ଯ)—୧ । ମନ୍ତ୍ରିତ୍ୱ—
Sāchibya 1. Ministry. ୨ । ରାଜ୍ୟ ଶାସନ—
2. Administration of a kingdom. ଦେ.
ବି—୧ । ସାହାଯ୍ୟ—1. Help; assistance. ୨ ।
ପରାମର୍ଶ—2. Counsel; advice. ୩ । ମୂଲ୍ୟ-
ସୁଲଭତା—3. Cheapness.

ସାଚ ମାଟି—ଦେ. ବି—ସାଜ ମାଟି (ଦେଖ)
Sāchi māṭi Sāji māṭi (See)

ସାଚୀକରଣ—ସଂ. ବି (ସାଚି+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Sāchikaraṇa ସିଧା ଜିନିଷକୁ ବଙ୍କା କରିବା; ବକ୍ରୀକରଣ;
କୁଞ୍ଚାଇବା—Bending a straight thing.

ସାଚୀକୃତ—ସଂ. ବିଣ (ସାଚି+ଅଭୂତ ତଦ୍ଭାବେ ଚ୍ୱି+କୃତ)—
Sāchikṛuta ବକ୍ରୀକୃତ—Bent.

ସାଜ—ଦେ. ବ (ସଂ. ସଜ୍ଜା; ଫା. ସାଜ୍)—୧ । ସଜ୍ଜା; ପୋଷାକ; ବେଶ-
Sāja 1. Dress; accoutrements. ୨ । ସଜ୍ଜିତ ହେବା
साज साज ଉପକରଣ—2. Equipments; fittings; trappings. ୩ । ଅଳଙ୍କାରର ଉପକରଣସମୂହ—3. Materials for decoration. ୪ । ଅଳଙ୍କାର—4. Ornament. ୫ । ଘରର ଅସବାବ; ଗୃହସଜ୍ଜାର ଉପକରଣ—5. Furniture. ୬ । ସନାହ; ବର୍ମ—6. Armour. ୭ । ଅସ୍ତ୍ର ଶସ୍ତ୍ର—7. Weapons. ୮ । ଅଳଙ୍କାରର ଏକ ସେଟ୍ ବା ଏକ ସାଜ—8. A set of ornaments. ୯ । ସୌନ୍ଦର୍ଯ୍ୟ; ଶୋଭା—9. Beauty; grace. [ଉ—ଶତ ଶତ ମନ୍ଦିର ସୁନ୍ଦର, ଶୋଭଇ ଅପରୂପ ସାଜେ । ମଧୁସୂଦନ. ଉତ୍କଳ ଗାଥା ।]

ସାଜ କରିବା—ଦେ. କ୍ରି—ସଜ କରିବା; ସଜ୍ଜିତ କରିବା; ସଜାଇବା—
Sāja kariba To decorate; to fit up; to equip.
साज करा सजाना

ସାଜ ଗୋଜ—ଦେ. ବ (ନିରର୍ଥକ ଶବ୍ଦର ଯୋଗ)—ସାଜସଜ୍ଜା (ଦେଖ)
Sāja goja Sājasajjā (See) ବଣ—୧ । ସଜବାଜ; ସୁସଜ୍ଜିତ—1. Well dressed; dressed up. ୨ । ସମ୍ପୂର୍ଣ୍ଣରୂପେ ସଜ୍ଜିତ—2. Fully decorated or equipped.
साजगोज, साजसोज
साजबाज

ସାଜଣା(ଣି)—ଦେ' ବ—ସାଜିଣୀ (ଦେଖ)—
Sājaṇā(ṇi) Sājiṇi (See)

ସାଜ ପକା(କେ)ଇବା—୧ । (ଘୋଡ଼ା ଆଦିକୁ) ସାଜଦ୍ୱାରା ସଜ୍ଜିତ
Sāja pakā(ke)ibā କରିବା—1. To fit up or harness (a horse etc). ୨ । ଅଳଙ୍କାରଦ୍ୱାରା ସଜ୍ଜିତ କରିବା—2. To decorate with ornaments.
साज फेला
साज करना
(ସାଜ ଦେବା—ଅନୁରୂପ)

ସାଜ(ଜି)ସ୍—ବୈଦେ. ବ (ଉଚରଅ, ଫା. ସାଜିଶ୍)—୧ । (ମଜାର୍ଥ)
Sāja(ji)s ମେଳ—1. Combination. ୨ । କୁମନ୍ତ୍ରଣା; ଷଡ଼ଯନ୍ତ୍ର—2. Collusion; conspiracy. [ଦ୍ର—ସାଧାରଣତଃ ଏହା ଯୋଗ ଏକ ପରେ ସବୁଠାରୁ ରୂପେ ବ୍ୟବହୃତ ହୁଏ, ଯୋଷାଜସ୍ ।] ବୈଦେ. ବଣ (ଉଚରଅ)—ଷଡ଼ଯନ୍ତ୍ର ଜନକ—Collusive.
साजोस
साजिस

ସାଜ(ଜି)ଶ୍ କରିବା—ଦେ. କ୍ରି—ଷଡ଼ଯନ୍ତ୍ର କରିବା—To collude;
Sāja(ji)s kariba साजोस करा साजिस करना to plot.

ସାଜ(ଜି)ସି—ବୈଦେ. ବଣ (ଉଚରଅ; ଫା. ସାଜସ୍=ଷଡ଼ଯନ୍ତ୍ର)—
Sāja(ji)si ଷଡ଼ଯନ୍ତ୍ରଜନକ—Collusive. (ଯଥା—ସାଜସି କରନ୍ତି ।) ଦେ. ବ (ଉଚରଅ)—ସାଜସ୍ (ଦେଖ)
साजेसि
साजिस किया हुआ Sājas (See)

ସାଜ ସଜ୍ଜା—ଦେ. ବ (ଫା. ସାଜ୍+ସଂ. ସଜ୍ଜା ଶବ୍ଦର ଯୋଗ)—
Sāja sajjā ୧ । ବେଶର ଉପକରଣସମୂହ—1. Materials for dress or decoration.
साजसज्जा

साजसज्जा, साजसामान, साजबाज (ଉ—ଏ ପଦ ଗୌରବ ଏତେ ସାଜସଜ୍ଜା—ପ୍ରଭୁ ତାର ଏବେ କାହିଁ ଉଠୁଲଜ୍ଜା—ରାଧାନାଥ. ଦରବାର ।) ୨ । ଅସବାବ; ଗୃହ ସଜ୍ଜା—2. Furniture.

ସାଜାତ୍ୟ—ସଂ. ବ (ସଜାତି+ଷ୍ୟ ଯ)—ସଜାତୀୟତା; ଏକ-
Sājātya ଜାତୀୟତା—The state of being of one class or caste.

ସାଜି—ଦେ. ବ—ବୈଦେ. ବ (ଫା)—୧ । ମେଳ—1. Combination. ୨ । ବ୍ୟବସାୟରେ ଏକାଧିକ ଲୋକଙ୍କର ଯୋଗ—2. Partnership in business. ୩ । କୃଷିରେ ଭାଗଦାରୀ; ଭାଗ—3. Partnership in cultivation. ୪ । (ସଂ. ସାହାଯ୍ୟ) ସାହାଯ୍ୟ—4. Help; assistance. ୫ । ସମ୍ମତି—5. Consent; agreement. (ଉ—ତାହା କେମନ୍ତ ମୁହିଁ କରିବ ସାଜି—ପିତାମ୍ବର. ଛାନ୍ଦ ବର୍ଣ୍ଣନବଟ ।) ବଣ—ଇଜ୍‌ମାଲି (ଦେଖ)
Sāji
साजि
साझी, साझा
साहाय्य
सहाज
सम्मति
समत
एजमालि
इजमाल Ij-māil (See)

ସାଜି ଖା(କ୍ଷା)ର—ଦେ. ବ (ସଂ. ସର୍ଜିକ କ୍ଷାର)—ସାଜିମାଟି (ଦେଖ)
Sāji khā(kshā)ra Sājimāṭi (See)

ସାଜି(ଜେ)ଣି—ଦେ. ବ (ସଂ. ସସ୍ଜ ଧାତୁ)—୧ । ସାଜସଜ୍ଜା; ସଜ୍ଜିତ
Sāji(je)ṇi କରଣ; ଅଳଙ୍କରଣ—1. Decorating. (ଉ—କେବେସି ସାଜେଣୀ ପାଇଁକାଳି ଫୁଲ ଗନ୍ଧ—କେଶବ. ଯୁଗମାସୃଣ. ଅବ ।) ୩ । ଅଳଙ୍କାର—3. Ornaments. ୪ । ପୋଷାକ—4. Dress. ୫ । ସଜ୍ଜା—5. Equipments.
साज पोशाक
सजावट

ସାଜିଦାର୍—ବୈଦେ. ବ (ଫା.)—ଯୌଥ ବ୍ୟବସାୟରେ ଅଂଶୀଦାର;
Sājidār ଭାଗଦାର—Partner (in business).
অংশীদার हिस्सेदार, साझेदार

ସାଜିନ ଖେଳିବା—ପ୍ରାଦେ. (ଯାଜପୁର) କ୍ରି—ଡଙ୍କ ଭାଙ୍ଗିବା—
Sājini kheḷibā To cut somersault or capers.

ସାଜିବା—ଦେ. କ୍ରି (ସଂ. ସସ୍ଜ୍ ଧାତୁ)—୧। (ଅଳଙ୍କାର ଆଦିଦ୍ୱାରା)
Sājibā ନିଜେ ସଜ୍ଜିତ ହେବା; ସଜ ହେବା—1. To be dressed up; to dress one's self. ୨ । (ଅନ୍ୟକୁ) ସୁସଜ୍ଜିତ କରିବା; ଅଳଙ୍କୃତ କରିବା—2. To decorate; to fit up (another). (ଉ—କେତେବେଳେ ବେଶସାଜିବ—ଭଞ୍ଜ. ପ୍ରେମସୁଧାନିଧି ।) ୩ । କୌଣସି କାର୍ଯ୍ୟ ପାଇଁ ନିଜେ ପ୍ରସ୍ତୁତ ହେବା—3. To be prepared or ready for a work. ୪ । କୌଣସି କାର୍ଯ୍ୟ ପାଇଁ ନିଜକୁ ପ୍ରସ୍ତୁତ କରିବା—4. To prepare or fit up one's self for any thing. (ଉ—ଯୁବ ମନ ଥିବ ଅକନମ ସୁଖି, ସୁଜ ସୁଜ-ଭୁଜ-ଦାସ୍ତି ବେଗେ ସାଜ ସାଜ ହେ—ଭଞ୍ଜ. ପ୍ରେମସୁଧାନିଧି ।) ୫ । ସଜାଇବା; ସଜ୍ଜିତ କରିବା—5. To arrange; to equip. ୬ । ସାଇଜିବା
साजा
सजाना

—7. To store up. (ଉ—ଶୋଭ ହୁଅ ଗୁବଗୁଜ ଗୋ। ତାଗସୁ ସାହାନ୍ତି କୋଠ ଗନ୍ତାଘରେ ରଖିବା ସଜନେ ସାଜ ଗୋ—ବାଳକୃଷ୍ଣ.ଗୁରୁଳବଙ୍ଗଳତା।) ୭। ଉପଯୋଗୀ ହେବା— 7. To suit. (ଯଥା—ତୁଜ ହାଲରେ ଫୁଲଧଡ଼ିଆ ଲୁଗା ମୋତେ ସାଜେ ନାହିଁ।) ୮। ଯଥୋପଯୁକ୍ତରୂପେ ଶୋଭା ପାଇବା—8. To befit; to be becoming. ୯। ସୁନ୍ଦର ଦେଖାଯିବା—9. To look smart; to appear beautiful. ୧୦। ଶୋଭା ପାଇବା—10. To look well. (ଉ—ସହସ୍ର ତୁଙ୍ଗ ପ୍ରାୟ ସାଜେ। ସୁରନ୍ଦ୍ର କଷ୍ଟ ଦବୁଛେ—ଜଗନ୍ନାଥ ଭଗବତ।) ୧୧। ଦୀପ୍ତ ପାଇବା— 11. To shine forth.

ସାଜ ମାଟି—ଦେ. ବ (ସଂ. ସର୍ଜ+ମୃତ୍ତିକା)—୧। କ୍ଷାରଯୁକ୍ତ ମୃତ୍ତିକା—1. Fuller's earth; natron; Sāji māṭi সাজিমাটি rhesoil. ୨। ଶୋରା—2. Nitre; saltpetre. सज्जी ୩। ଲୁଣି ମାରି ଯାଇଥିବା ମାଟି—3. Soil saturated with potassium or sodium.

ସାଜିରେ ଚଷିବା—ଦେ. କ୍ରି—(ଏକାଧିକ କୃଷକ) ଭୂମିକୁ ଭାଗଦାର ହୋଇ କୃଷି କରିବା—To cultivate a land in partnership. Sājire chashibā সাঁজায়ে চাষ করা साझीमे चाष करना

ସାଜସ୍ (ଇତ୍ୟାଦି)—ବୈଦେ. ବ (ଫରସୀ)—ସାଜସ୍ ଇତ୍ୟାଦି (ଦେଖ)—Sājas etc. (See) Sājis (etc)

ସାଜିସି—ବୈଦେ. ବଣ ଓ ବ (ଫରସୀ)—ସାଜସି (ଦେଖ) Sājasi See) Sājisi

ସାଜ ହେବା—ଦେ. କ୍ର—କୌଣସି ବ୍ୟବସାୟରେ ବା କୃଷିରେ ଭାଗଦାର ହେବା—To go in as partner in a business. Sāji hebā অংশীদার হওয়া हिस्सेदार होना

ସାଜୁ—ଦେ. ବ—ସଞ୍ଜୁ (ଦେଖ)—Sāñju. (See) ପ୍ରାଦେ. Sāju (ଲଗଥି) ୧—(ସଂ. ସଜ୍ଜା)—୧। ସଜ୍ଜା; ଅବରଣ— (ସାଜୁଅ—ଅନ୍ୟ ଦେ. ରୂପ) 1. Fittings. ୨। ଅଳଙ୍କାର—2. Ornament.

ସାଜେ—ଦେ. ବ ଓ ବଣ—ଏକ ସେଟ୍; ଏକ ସାଜ—One set Sāje [ଯଥା—ସାଜେ ଅଳଙ୍କାର (ବଣ); ଅଳଙ୍କାର একথাক(সেট) ସାଜେ (ବ)] ପ୍ରାଦେ. (ଗଡ଼ଜାତ ବ—ଅସନ एकसेट (କାଠ) (ଦେଖ)—Asana (wood) (See)

ସାଜୋ—ପ୍ରାଦେ. (ଗଞ୍ଜାମ) ବ—(ସଂ. ସଜ୍ଜା)—ବେଶ; ଭୂଷଣ— Sājo Attire; decoration.

ସାଞ୍ଚ(ଞ୍ଛ)—ଦେ. ବ—ଛାଞ୍ଚ (ଦେଖ) Sāñcha (ñchi) ছাঁচ साँच Chhāñcha. (See)

ସାଞ୍ଚା (ଇତ୍ୟାଦି)—ଦେ. ବଣ—ସାଚ୍ଚା ଇତ୍ୟାଦି (ଦେଖ) Sāñchā (etc) Sāchā etc. (See)

ସାଞ୍ଚାରିକ—ସଂ. ବଣ (ସଞ୍ଚାର+ଇକ)—୧। ସଞ୍ଚାର ସମ୍ବନ୍ଧୀୟ— Sāñchārika 1. Relating to motion. ୨। ସଞ୍ଚରଣଶୀଳ—2. Moving. ୩। ସଞ୍ଚାରଯୋଗ୍ୟ—3. Fit to be moved; moveable. (ସାଞ୍ଚାରିକା ସ୍ତ୍ରୀ)

ସାଞ୍ଜନ—ସଂ. ବ (ସ+ଅଞ୍ଜନ)—ଟିକଟିକି; ଏଣ୍ଡୁଅ— Sāñjana Chameleon.

ସାଞ୍ଜୁ—ଦେ. ବ (ସଂ. ସଜ୍ଜା; ସଜ୍ଜନ)—୧। ଯୋଦ୍ଧାର ଦେହରକ୍ଷକ ପୋଷାକ—1. Armour. (ଉ—ସହସ୍ର ଦଶ ଯୋଦ୍ଧା ଲଗାଇ ସାଞ୍ଜୁକୁ। କୃଷ୍ଣସିଂହ. ମହାଭାରତ. ବନ।) Sāñju সাঁজোয়া बकतर ୨। ତନୁତ୍ରାଣ; କବଚ; ବର୍ମ—2. Coat of mail; a protective armowr of a warrior. (ଉ—ଏବେ ତୁମ୍ଭେମାନେ ସାଞ୍ଜୁ ଅଙ୍ଗରେ ଭିଡ଼। କୃଷ୍ଣସିଂହ. ମହାଭାରତ, ବନ।) ୩। ପକ୍ଷ—3. Wing. (ଉ—ବଳ ହୁମନ୍ତ ପର୍ବତ ପ୍ରବଳ ବାତଜନିତ ହେବାରୁ ସାଞ୍ଜୁ ତଡ଼ିତ ରୂପେ ଦଶେ। ଭଞ୍ଜ. ବୈଦେହୀଶବିଳାସ।)

ସାଞ୍ଜୁଆ—ଦେ. ବ—ସାଞ୍ଜୁ (ଦେଖ)-Sāñju. (See) ବଣ. (ପୁଂ)— Sāñjuā ସାଞ୍ଜୁଆଳ (ଦେଖ)—Sāñjuāḷa (See). (ସାଞ୍ଜେ[ଞ୍ଜୋ]ଇ—ବଣ, ସ୍ତ୍ରୀ)

ସାଞ୍ଜୁ(ଞ୍ଜୋ)ଆଳ—ଦେ. ବଣ (ପୁଂ ଓ ସ୍ତ୍ରୀ)—ବର୍ମାବୃତ— Sāñju(ñjo)āḷa Armoured. সাঁজোয়াল कवचयुक्त, बकतरवाला

ସାଞ୍ଜୁଳାଯି(ହେ)ବା—ଦେ. କ୍ରି (ସାଞ୍ଜୁଳିବାର କର୍ମବାଚ୍ୟରୂପ—ଏକତ୍ର ଛନ୍ଦା ହେବା—To be tied up together, two or more with each other. (ଉ—ସାଧାରଣ ବନ୍ଦୀଙ୍କ ସହିତ ରାଜବନ୍ଦୀଙ୍କୁ ସାଞ୍ଜୁଳା ଯାଇଛି। ଦୈନିକ ଖବର।) Sāñjuḷā ji(he)bā যোড়া বাঁধা হওয়া जोड़ाजाना

ସାଞ୍ଜୁଳିବା—ଦେ. କ୍ରି (ସଂ. ସଂଯୋଜନ)—୧। ଦୁଇ ବା ତତୋଧିକ ବସ୍ତୁ (ଯଥା,କଡ଼ିଆ)କୁ ବା ଜୀବ (ଯଥା,ଗୋରୁ, ମେଣ୍ଢା, ଛେଳି)ଙ୍କୁ ଦଉଡ଼ି ଦ୍ୱାରା ପରସ୍ପରଙ୍କ ସଙ୍ଗେ ଛନ୍ଦ ଦେବା— Sāñjuḷibā জোড়া বাঁধা जोड़ना 1. To tie up two or more things or animals with each other by means of a rope or string. ୨। ଦୁଇ ବା ତତୋଧିକ ଜିନିଷକୁ ବା ବ୍ୟକ୍ତିଙ୍କୁ ଏକ ସ୍ଥାନରେ ରଖିବା—2. To put two or more things or animals together.

ସାଞ୍ଜେ(ଞ୍ଜୋ)ଇବା—ଦେ. କ୍ରି (ସଂ. ସସ୍ଜ୍ ଧାତୁ)—ସଜାଇବା; ସଜ୍ଜିତ କରିବା—To decorate. Sāñje(ñjo)ibā সাজান सजाना

ସାଟ୍—ବୈଦେ. ବ (ଇଂ)—କମିଜ—Shirt; ଦେ. ଧ୍ୱନ୍ୟନୁକରଣ; Sāt ଅ—ଶଟ୍ (ଦେଖ)—Sat (See) ବ—୧। ଷଡ଼ଯନ୍ତ୍ର; କୁମନ୍ତ୍ରଣା—1. Collusion; conspiracy. সাট্, सट ୨। ଇଙ୍ଗିତ; ସଙ୍କେତ—2. Cypher; signal; gesture. সট্, सट সংকেত, সর, সাট্ ୩। ଶଗଡ଼ ଚକ୍ରା ଖସି ନ ପଡ଼ିବା ପାଇଁ ଧରିବାପାଇଁ ପଥ ପାଖର ଫଳର ମୁଣ୍ଡରେ ଦିଆ ଯାଇଥିବା କାଠର କୀଳ— शलाह শকটের কীল कीला

3. Wooden pins attached to the ends of the hindmost cross-piece to keep it attached to the posterior ends of the beams of a cart.

ସାଟ୍‌ଖିଲା(ଖୀଲ)—ଦେ. ବ—ସାଟ୍ ୩ (ଦେଖ)
Sāṭ-kīla(khila)　　Sāṭ 3 (See)

ସାଟ୍ କୋଟ୍—ବୈଦେ. ବ (ଇଂ. ସ୍ୱତନ୍ତ୍ର ଶବ୍ଦ)—କମିଜ ଓ କୋଟ୍—
Sāṭ koṭ　　Shirt and coat.
সার্ট কোট　　सर्ट कोट

ସାଟ୍ ଡଉଡ଼ା(ଡ଼ି,ଡ଼ା,ଡ଼ି)—ଦେ.ବ—ଶଗଡ଼ର ଦଣ୍ଡା ଦୁଇଟିର ପଛ ମୁଣ୍ଡକୁ
Sāṭ daurḍā(ḍi, ṛā, ṛi)　　ଶେଷ ଫଳ ସଙ୍ଗେ ବାନ୍ଧି ରଖିଥିବା ଦଉଡ଼ି—A string tied round both the back ends of the beams of a cart to keep them attached to the hind-most cross-piece.

ସାଟ—ଦେ. ବ—୧ । ସାଠ (ଦେଖ)—1. Sāṭha (See)
Sāṭa　　୨ । ଶାଣ୍ଢ (ଦେଖ)—Sāṇṭha (See)

ସାଟ(ଟି)ନ(ନି,ନ୍,ନ)—ବୈଦେ. ବ (ଇଂ.ସାଟିନ୍; ଚୀନ ଭାଷା- ଶ୍ଯଟନ)
Sāṭa(ṭi)ṇ(ṇi,n,ni) ରେଶମନିର୍ମିତ ମୋଟା ଓ ଚକ୍‌ଚକ ଲୁଗା—
সাটিন　　छालटी　　Satin.

ସାଟ(ଟି)ନ(ନି,ନ୍,ନ) ଜିନ(ଜି)—ବୈଦେ. ବ (ଇଂ)—ସାଟିନ୍ ପରି
Sāṭa(ṭi)ṇ(ṇi,n,ni) jin(ni)　　ମସୃଣ ଭଳା ସୂତା କନିଷ ଜିନା-
সাটিন জিন　　छालटी जीन　　Satin jean (cloth).

ସାଟିପି(ଫି)କ(କେ)ଟ୍—ବୈଦେ. ବ (ଇଂ)—ସାର୍ଟିଫିକେଟ୍ (ଦେଖ)—
Sāṭipi(phi)ka(ke)ṭ　　Sārṭiphikaṭ (See)

ସାଟିବା—ଦେ. କ୍ରି—ସାଣ୍ଟିବା (ଦେଖ)
Sāṭibā　　Sāṇṭibā (See)

ସାଟେଇବା—ଦେ. କ୍ରି—ସାଣ୍ଟେଇବା (ଦେଖ)
Sāṭeibā　　Sāṇṭeibā (See)

ସାଟୋପ—ସଂ. ବଣ (ସ+ଆଟୋପ)—୧ । ସାଡ଼ମ୍ବର—1. Grand.
Sāṭopa　　୨ । ଅହଙ୍କୃତ; ସଗର୍ବ—2. Proud;
আড়ম্বর সাটোপ arrogant.　୩ । ଭୟଙ୍କର—3. Ferocious.
ଦେ. ବ—୧ । ଗର୍ବ—1. Pride; arrogance.
୨ । ଆଡ଼ମ୍ବର—2. Pomp; grandeur.

ସାଟୋପେ—ଦେ. କ୍ରି. ବଣ—୧ । ଆଡ଼ମ୍ବର ସହକାରେ—
Sāṭope　　1. With pomp; with grandeur.
আড়ম্বরে　　साटोपमें　　(ଉ—ଉଠିଲେ ସାଟୋପେ ରଙ୍ଗେ ଅନଙ୍ଗ ଉତ୍ସବ—ଚନ୍ଦ୍ରାମଣି- ବ୍ରଜନାଥଦାସ ।)
୨ । ଗର୍ବ ସହକାରେ—2. Proudly.

ସାଠ—ଦେ. ବ—୧ । ଶାଣ୍ଢ (ଦେଖ)—Sāṇṭha (See)
Sāṭha,　　୨ । (ହିନ୍ଦୀ ପାଠ ଶବ୍ଦର ଅପଭ୍ରଂଶ ସମ୍ଭବତଃ)—
ধন ঘন　　ଯେଉଁ ବୁଦ୍ଧି ବା ଚତୁରତା ପୁସ୍ତକରୁ ବା
(পড়া)শুনা　　साठ　　ପାଠରୁ ମିଳି ନ ଥାଏ; ସାଂସାରିକ ଅଭିଜ୍ଞତା—2. Sharpness of intellect which is not derived from book-learning. worldly experience. (ଉ -ଏମାନେ ପାଠରେ ଯାହା କରିବେ ମୁଁ ସାଠରେ ତାହା କରିବି—ଚଳିତ-ଭଲେଇ ।)　୩ । ସାଂସାରିକ ବିଷୟ ବୁଦ୍ଧି—
3. Commonsense.　[ଦ୍ର—ପାଠ ଶବ୍ଦ ପ୍ରଥମ ସାଠିଆ—ଦେ. ପ୍ରବଚନ । ଅର୍ଥାତ୍ ସାଂସାରିକବିଷୟବୁଦ୍ଧି- ସମ୍ପନ୍ନ ବଂଶରୁ ଜାତ ସନ୍ତାନମାନେ ସାଂସାରିକ ବିଷୟରେ ବୁଦ୍ଧିମାନ୍ ହେବା ଦେଖାଯାଏ ।]　୪ । ବୁଦ୍ଧିର ତୀକ୍ଷ୍ଣତା—4. Sharpness of intellect; in-telligence.

ସାଠିଆ(ଏ) (ଇତ୍ୟାଦି)—ଗ୍ରା. ବ ଓ ବଣ—ଶାଠିଆ(ଏ) ଇତ୍ୟାଦି
Sāṭhiā(e) (etc)　　(ଦେଖ)—Shāṭhia(e) etc. (See)

ସାଠ(ଠି)ଣ(ନ୍) (ଇତ୍ୟାଦି)—ବୈଦେ. ବ—ସାଟନ୍ ଇତ୍ୟାଦି (ଦେଖ)
Sāṭha(ṭhi)ṇ(n)(etc)　　Sāṭan etc. (See)

ସାଠିବା—ଦେ. କ୍ରି—ସାଣ୍ଠିବା (ଦେଖ)
Sāṭhibā　　Sāṇṭibā (See)
(ସାଠେଇବା—ପ୍ରଯୋଜକରୂପ)

ସାଠୁଆ—ଦେ. ବଣ. ପୁଂ—୧ । ବୁଦ୍ଧିମାନ୍—1. Intelligent;
Sāṭhuā　　sharp of intellect; keen-witted.
[ସାଠେ(ଠୋ)ଇ—ସ୍ତ୍ରୀ]　　୨ । ସାଂସାରିକ ବିଷୟବୁଦ୍ଧିସମ୍ପନ୍ନ—
2. Having strong commonsense.

ସାଡ଼୍‌ଗାଡ଼ି—ଗ୍ରାଦେ (ସମ୍ବଲପୁର) ବ—ପିଲା ଓ ସ୍ତ୍ରୀମାନଙ୍କର ଏକପ୍ରକାର
Sārḍ-gāḍi　　ଖେଳ—An indoor game amongst children and females.

ସାଡ଼େସାତି—ଦେ. ବ (ସଂ. ସାର୍ଦ୍ଧ ସପ୍ତ)—୧ । ସାର୍ଦ୍ଧ ସପ୍ତ—
S ārḍ-sāti　　1. Seven and a half.
[ସାଢ଼େ(ଢ଼,ଢ଼େ)ସାତ—ଅନ୍ୟରୂପ]　　୨ । ସାର୍ଦ୍ଧ ସପ୍ତ ବର୍ଷ—
সাড়েসাত　　साढ़ेसाति　　2. Seven years and a half.
୩ । ଶନିଙ୍କ ମନ୍ଦ ଦଶା ଭୋଗର ସମୟ; ସାର୍ଦ୍ଧ ସପ୍ତ ବର୍ଷ—
3. Seven and a half years, a period of bad influence of the Planet Saturn on the life of a person.　[ଦ୍ର—ଶନିଗ୍ରହ ତଳେ କୋଠ୍ ଦେଖ ।]

ସା(ସ୍ୟା)ଡ଼—ଦେ. ବ—୧ । ସେଆଡ଼; ସେ ଦଗ; ସିଆଡ଼—
Sā(syā)rḍa　　1. That side.　(ଉ—
ସ୍ବାଡ଼ } —ରୂପଭେଦ　　ଯେତେବେଳେ ସାଡ଼ ଫୌଜ ଆସି
ଉଅଡ଼ }　　ପହଞ୍ଚିଲେ ଏଠା ଫୌଜ ଯାଇ ଲଢ଼ାଇ
ওদিগ　　उधर　　ହେଲା—ଇଲାହି- ଚନ୍ଦ୍ରଭଞ୍ଜଙ୍କ ।)
[ସେ(ସି)ଅଡ଼—ଅନ୍ୟରୂପ]　　୨ । ସେହି ସ୍ଥାନ—
2. That place.

ସା(ସ୍ୟା)ଡ଼କା—ଦେ. ବଣ—୧ । ସେହି ଅଡ଼ର—1.Of that side.
Sā(syā)rḍakā　　୨ । ସେହି ସ୍ଥାନର—2. Of that place.
ସା(ସ୍ୟା)ଡ଼କାର } —ଅନ୍ୟରୂପ
ସେ(ସି)ଅଡ଼କା }

(ଅଡ଼କା, ଇଅଡ଼କା, ସ୍ୟାଡ଼କା, ସ୍ୟାଡ଼କାର, ଇସ୍ୟାଡ଼କାର—କଥ୍ୟଗତ)
ওদিগকার उधरका

ସା(ସ୍ୟା)ଡ଼କୁ—ଦେ. ଅ—୧ । ସେହି ଅଡ଼କୁ; ସିଅଡ଼କୁ—
Sā(syā)rdaku 1. To that side. ୨ । ସେହି
ওদিগে(কে) उधर ସ୍ଥାନକୁ—2. To that place.
[ସି(ସେ)ଅଡ଼କୁ—ଅନ୍ୟରୂପ] [ସ୍ୟାଡ଼କୁ, ଇଅଡ଼କୁ—କଥ୍ୟଗତ]

ସାଡ଼ ଦି(ଦେ)ଆ(ୱା, ବା)ଲି—ଦେଦେ. ବ—ସଡ଼ ଦିଆଲି (ଦେଖ)
Sārda di(de)ā(wā, bā)li Sarda diāli (See)

ସାଡ଼ ଦୁ(ଦୋ)ଲି—ଦେ. ବ (ସଂ. ଶାର୍ଦ୍ଦୁଲୀ)—ସାର ଦୋଳି (ଦେଖ)
Sārda du(do)li Sāra doli (See)

ସାଡ଼ମ୍ବର—ସଂ. ବଣ. ପୁଂ (ସ+ଆଡ଼ମ୍ବର; ସହାର୍ଥ ବହୁବ୍ରୀହି)—
Sārdambara ଆଡ଼ମ୍ବର ଯୁକ୍ତ—Grand; full of ado;
(ସାଡ଼ମ୍ବରା—ସ୍ତ୍ରୀ) pompous.

ସାଡ଼ମ୍ବର ରୀତି—ସଂ. ବ—ରୀତି ୧୨ (ଦେଖ)
Sārdambara riti Riti 12 (See)
[ଦ୍ର—ରୀତି ତଳେ ନୋଟ ଦେଖ । ସାଡ଼ମ୍ବର ରୀତିର ଉଦାହରଣ—ବଳଜ ଖ୍ୟାତଗୁଲ୍ଲୀ, ବନଗଜକୁଳ-କଣ୍ଡୁଳ କପୋଳପିଣ୍ଡ ଘର୍ଷଣେ କମ୍ପିତ, ଦ୍ରୁମାବଳୀ ଦେଖୁଁ ଥିଲି ପ୍ରବାହେ, ସୁରଭି ଅରଣ୍ୟ ପୁଷ୍ପ ପୁଞ୍ଜ ପୁଞ୍ଜ ହୋଇ, ବନଦେବୀଙ୍କର କି ସେ ଅର୍ଘ୍ୟ ଲଜାଞ୍ଜଳି । ରାଧାନାଥ. ମହାଯାତ୍ରା]

ସାଡ଼(ଢ଼, ଡ଼େ, ଢ଼େ)ସାତି—ଦେ. ବ (ସଂ. ସାର୍ଦ୍ଧ ସପ୍ତ)—ଫଳିତ
Sārda(rdha, rde, rdhe)sāti ଜ୍ୟୋତିଷ ଅନୁସାରେ ଶନି
সাড়ে সাতী ଗ୍ରହଙ୍କ ଅନିଷ୍ଟ ଅବସ୍ଥାନ ଜନିତ ମନୁଷ୍ୟର ମନ୍ଦ ଦଶା
साढे साती (astrology) Evil extending over $7\frac{1}{2}$ years in a man's life due to a very inauspicious position of the planet Saturn.

ସାଡ଼ା—ଦେ. ବ(ସଂ. ସ୍ୱର ବା ସଂଜ୍ଞା; ବଙ୍ଗଳାରୁ ଅନୁକୃତ)—୧ । ସ୍ୱର;
Sārdā ଶବ୍ଦ; ଧ୍ୱନି—1. Sound. ୨ । ଚୈତନ୍ୟ—
সাড়া 2. Sensibility; consciousness; sensitive-
आवाज ness. ୩ । କମ୍ପନ—3. Vibration. ୪ । ଡାକର ଜବାବ—4. Response to a call. ୫ । ଉଚ୍ଚୈଃ ସ୍ୱରରେ ଉତ୍ତର—5. Loud reply. ୬ । ଅହ୍ୱାନ; ଡାକ ହାକ—6. Call; halloo.

ସାଡ଼ା ଦେବା—ଦେ. କ୍ରି (ବଙ୍ଗଳାରୁ ଅନୁକୃତ)—୧ । ପ୍ରଶ୍ନର ଉତ୍ତର
Sārdā debā ଦେବା—1. To give a reply. ୨ । ସ୍ପର୍ଶ-
সাড়া দেওয়া ବୋଧ ସୂଚକ ଭଙ୍ଗୀ ପ୍ରକାଶ କରିବା—
आवाज देना 2. To respond to touch; to give indication of sensibility.

ସାଡ଼ା ଶବଦ(ସ୍ୱର, ସୋର୍)—ଦେ. ବ (ଏକାର୍ଥକ ସହଚର)—
Sārdā śabada(swara, sor) ୧ । କୌଣସି ପ୍ରକାରର ଶବ୍ଦ
সাড়া শবদ ବା ଧ୍ୱନି—1. Any sound whatever. ୨ ।
आवाज ସ୍ପର୍ଶବୋଧ—2. Respouse to touch. ୩ । ଚୈତନ୍ୟ—3. Conciousness. ୪ । ଶରୀର ଅତି କ୍ଷୀଣ ପ୍ରାଣ ଥିବାର ପ୍ରମାଣ—4. Slight indication of life in an animal.

ସା(ସ୍ୟା)ଡ଼ୁ—ଦେ. ଅ—୧ । ସେହି ଦଗରୁ—1. From that
Sā(syā)rdu side. ୨ । ସେହି ସ୍ଥାନରୁ—2. From that
(ସିଅଡ଼ୁ, ସେ ଅଡ଼ୁ—ଅନ୍ୟରୂପ) place. ପ୍ରାଦେ. (ଗାଁଠଣା,
ওদিগ থেকে କଟକ, ଅଞ୍ଚଳ) ବ—ସାରୁ—Taro.
उधरसे [ସ୍ୟଡ଼ୁ, ଇଅଡ଼ୁ—କଥ୍ୟଗତ]

ସା(ସ୍ୟା)ଡ଼େ—ଦେ. ଅ—୧ । ସେ ଦଗରେ; ଡେଣେ—1. In that
Sā(syā)rde side. ୨ । ସେ ସ୍ଥାନରେ; ସେଠାରେ—
[ସି(ସେ)ଅଡ଼େ—ଅନ୍ୟରୂପ] 2. There. ବଣ (ସଂ. ସାର୍ଦ୍ଧ)—
(ଇଅଡ଼େ—କଥ୍ୟଗତ) ସାର୍ଦ୍ଧ—One and a half times
ওদিগে उधर সাঢ়ে साढे as much.

ସାଡ଼େ(ଢ଼େ)ସାତି—ଦେ. ବ—ସାଡ଼ ସାତି (ଦେଖ)
Sārde(rdhe)sāti Sārda sāti (See)

ସାଢ଼ୀ—ପ୍ରାଦେ. (ଉତ୍ତର) ବ—ଦୁଗ୍ଧର ସର—Cream of
Sārdhi milk. ଦେ. ବ (ସଂ. ଶାଟିକା)—ଶାଢ଼ୀ; ସଧବା
সাড়ী ସ୍ତ୍ରୀମାନଙ୍କ ପରିଧେୟ ଧଡ଼ିଦାର ଲୁଗା; ଶାଢ଼ୀ ଇତ୍ୟାଦ.
साडी (ଦେଖ)—Woman's cloth (having borders)

ସାଢ଼ୁ—ପ୍ରାଦେ. (ଉତ୍ତର) ବ. (ପୁଂ.)—ସଢ଼ୁ (ଦେଖ)
Sārdhu Sardhu (See)

ସା(ସ୍ୟା)ଢ଼େ—ଦେ. ବଣ (ସଂ. ସାର୍ଦ୍ଧ)—ସାର୍ଦ୍ଧ; ଏକ ମାତ୍ରା ଓ ପୁଣି
Sā(syā)rdhe ଅର୍ଦ୍ଧ ମାତ୍ରା—Half as much again; one
সাড়ে साढे and a half.[ଦ୍ର—ଏହା ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ ହୁଏ । ଯଥା—ସାଢ଼େ ତିନି=$୩\frac{୧}{୨}$ ବା ୩୍; ସାଢ଼େ ଦଶ=$୧୦\frac{୧}{୨}$ ବା ୧୦୍]

ସାଣ(ଇତ୍ୟାଦ)—ଦେ. ବ (ସଂ. ଶାଣ)—୧। ଶାଣ ଇତ୍ୟାଦ (ଦେଖ)—
Sāna(etc) 1. Śāna etc (See) ୨। ସାହାଣ ଇତ୍ୟାଦ (ଦେଖ)
সাণ ছুঁড় 2. Sāhāna etc (See)

ସାଣ୍ଠ(ଣ୍ଠ, ଣ୍ଠୁ)ଣ(ଣା)—ଦେ. ବ—ସଣ୍ଠଣ (ଦେଖ)
Sānta(ntha, nthu)na(nā) Santhana (See)

ସାଣ୍ଟି(ଣ୍ଠି)ବା—ଦେ. କ୍ରି (ସଂ. ସନ୍ତ୍ ଧାତୁ=ହିଂସା କରିବା)—
Sānti(nthi)bā ୧। ଧାନ୍ୟାଦି କ୍ଷୁଦ୍ର ବସ୍ତୁକୁ ଏକତ୍ର ମିଶାଇବା—
মিশান 1. To mix up together small articles.
मिलाना ୨। ଫେଣ୍ଟିବା—2. To intimately mix to.
কাঁড়া, ছাঁটা gether. ୩। ଧାନ ଅବହୁ କାଣ୍ଡିବା—3. To
कूटना cleanse rice of the husk by husking or
ঘা'মারা. beating. ୪। ଆଘାତ କରିବା—4. To beat;
धकेलना, ढकेलना to strike. ୫। ବଳପୂର୍ବକ ଠେଲିବା—
মলা 5. To push with vigour. ୬। ବଳପୂର୍ବକ
मसोटना ଉପର୍ଯ୍ୟୁପରି ଘଷିବା; ମଳିବା—6. To press re-
সাঁটা, সেঁটে দেওয়া peatedly and vigorously.
पेंठना ୭। ଅଣ୍ଟିବା; ସଂଲଗ୍ନ କରିବା—7. To fasten; to
সাঁটা दुखाना attach firmly. ୮। ଅତ୍ୟାଗ୍ରହ କରିବା—

সোজা করা 8. To oppress. ୯ । ବିପନ୍ନ କରିବା; ବିପଦରେ
सिधा करना ପକାଇବା—9. To put a person to dan-
সাঁটা ger or difficulties. ୧୦ । ବଙ୍କା ହୋଇଥିବା
टूसना ପିଠିକୁ ସିଧା କରିବା—10. To stiffen or straighten one's back. ୧୧ । (ବ୍ୟଙ୍ଗ) ବହୁତ ଗୁଡ଼ାଏ ଖାଇବା—11. (irony) To eat much.

ସାଣ୍ଟେ(ଣ୍ଠେ)ଇବା—ଦେ· କି—୧ । ସାଣ୍ଟିବା କ୍ରିୟାର ଣିଜନ୍ତ ରୂପ—
Sānte(nthe)iba 1. Causative of 'Sāntibā.'
সাঁটান ୨ । ଦୁର୍ବଳ ହୋଇବା; ପରାସ୍ତ ହେବା—2. To be
मिलवाना overpowered; to break down.

ସାଣ୍ଟୋନାଇନ୍—ବୈଦେ. ବି (ଇଂ)—କୃମିଘ୍ନ ଔଷଧ ଚୂର୍ଣ୍ଣବିଶେଷ—
Sāntonāin Santonine. [ଦ୍ର—ଏହାର ଗଛ ପଶ୍ଚିମ
স্যান্টোনাইন ହିମାଳୟରେ ଜନ୍ମେ (Artemisia Maritima);
सांटोनाइन ଏହି ଏ ଗଛ ଫଳରୁ ପଠାଯାଇ ସେଠାରେ ଏହିରୁ
(ସାଣ୍ଟୋନିନ୍—ଅନ୍ୟରୂପ) ବୈଜ୍ଞାନିକ ପ୍ରକ୍ରିୟାରେ ଚୂର୍ଣ୍ଣ ଔଷଧ
ହୋଇ ଭାରତକୁ ଆସେ ।]

ସାଣ୍ଡ୍ ଗ୍ଲାସ୍—ବୈଦେ· ବି (ଇଂ)—ତଳେ ଛିଦ୍ର ଥିବା ବାଲିପୂର୍ଣ୍ଣ ପାତ୍ର,
Sānd-glās ଯହିଁରୁ ବାଲି ଗଳିପଡ଼ିବାଦ୍ୱାରା ସମୟ ନିରୂପଣ
স্যাণ্ড গ্লাস କରାଯାଏ; ଘଟୀ ଯନ୍ତ୍ର—Sand-glass.
सॉंड्ग्लास

ସାଣ୍ଡ୍ ପେପର୍—ବୈଦେ. ବି (ଇଂ)—କାଠର ଓ ଧାତୁର ଜିନିଷ
Sānd pepar ପାଲିସ କରିବା ପାଇଁ ବ୍ୟବହୃତ, ଅଠା ସାହାଯ୍ୟରେ
স্যাণ্ড পেপর କାଚ ଗୁଣ୍ଡା ଲଗା ଯାଇଥିବା କାଗଜ—
साँड पेपर Sand-paper.

ସାଣ୍ଡ—ଗ୍ରାଦେ (ବସ୍ତର) ବି—ଷଣ୍ଢ—
Sanda Bull.

ସାତ୍ (ଧାତୁ)—ସ.—ସୁଖୀ ହେବା—
Sāt (root) To be happy.

ସାତ—ସ. ଅ (ପ୍ରତ୍ୟୟ) (ଅନ୍ୟ ବିଶେଷ୍ୟ ପଦ ପରେ ଯୁକ୍ତ ହୁଏ;
Sat [ଦ୍ର—ପରିଣତ ଓ ଦେୟ ଅର୍ଥର ଶବ୍ଦରୁ ଉତ୍ତର ଏହି ପ୍ରତ୍ୟୟ ହୁଏ—ଜଳସାତ୍, ଅଗ୍ନିସାତ୍, ପାଦସାତ୍]—(ଅମୁକ ବସ୍ତୁ ମଧ୍ୟକୁ) ଗୃହୀତ; ଅନ୍ତର୍ଭୁକ୍ତ--Included in; taken into (a thing). ଦେ. ଅ (ସ. ସ୍ୟାତ୍)—
যদিও ୧ । ସ୍ୟାତ୍; ଯଦିସ୍ୟାତ୍; ଯଦ୍ୟପି—1. If. ୨ । ପକ୍ଷା-
अगरचे ନ୍ତରରେ—2. On the other hand. ୩ । ଅଥବା
সঙ্গে —3. Or. ୪ । (ସହ; ସହିତ) ସହିତ—4. With.
साथ [ଦ୍ର—ସାଥ ଗଲ ଗାତ୍, ତମ୍ଭ ଗଲ ତାହା ସାତ—ଭଗ]
ପ୍ରାଦେ (ଉତ୍ତରଭଗାଖା, ସମ୍ବଲପୁର) ବିଣ—ସାତ; ୭—
The number 7.

ସାତ—ସ. ବି (ସାତ୍ ଧାତୁ=ସୁଖୀ ହେବା+ଭାବ. ଅ)—୧ ।
Sāta ସୁଖ—1. Happiness. ୨ । ମଙ୍ଗଳ—2. Bliss.
୩ । ହର୍ଷ—3. Pleasure; joy. ୪ । ସିଂହରୂପୀ
ଗନ୍ଧର୍ବବିଶେଷ—4. Name of an aereal being in the form of a lion. ବିଣ—୧ । (ସନ୍ ଧାତୁ=ଦେବା+କର୍ମ· ତ) ଦତ୍ତ—1. Given; ୨ । (ସୋ ଧାତୁ=ନାଶ ପାଇବା+କର୍ତ୍ତୃ.ତ) ନଷ୍ଟ—2. Spoiled;
সাত destroyed. ଦେ. ବି (ସଂଖ୍ୟାବାଚକ; ସଂ. ସପ୍ତନ୍,
सात ପ୍ରା. ସତ୍ତ)—୧ । ସପ୍ତ ସଂଖ୍ୟା—1. Seven.
সাতা ୨ । ସତା; ୭ ଟିପସୁକ୍ତ ଗଞ୍ଜପା ତାସ—2. The card
सता containing 7 tips or points (Indian
সাত game of cards). ବିଣ—୧ । ସପ୍ତ ସଂଖ୍ୟକ—1.
सात Seven. (ଯଥା—ସାତ କଥାରେ ସଙ୍ଗ ଭୁଲେ ।) ଗ୍ରା.ଅ—
সাথে ସଙ୍ଗେ—With. [ଦ୍ର—ଭଗବାନଙ୍କ ସୃଷ୍ଟିରେ ସାତ
साथ ଗୋଟିଏ ରହସ୍ୟପୂର୍ଣ୍ଣ ସଂଖ୍ୟା । ଦିବ୍ୟ ଦୃଷ୍ଟି ସମ୍ପନ୍ନ ପ୍ରାଚୀନ ଋଷିମାନେ ଅନୁଭୂତିଦ୍ୱାରା ଜାଣିଥିଲେ ଯେ ଏହି ଦୃଶ୍ୟମାନ ଜଗତ୍ ବ୍ୟାପକ ଭଗବାନ୍ ଅନ୍ୟ ଛଅ ଗୋଟି ଲୋକ ସୃଷ୍ଟି କରିଅଛନ୍ତି । ଏମାନଙ୍କୁ ସାତଲୋକ ବା ସପ୍ତଲୋକ ବୋଲା-ଯାଏ । ସେମାନଙ୍କ ନାମ ଭୂଃ,ଭୁବଃ,ସ୍ୱଃ ଇତ୍ୟାଦି । ଏଥିମଧ୍ୟରୁ କେବଳ ଭୂର୍ଲୋକ ବା ଜନ୍ମସ୍ଥିତ ଚର୍ମଚକ୍ଷୁର ବିଷୟୀଭୂତ ହୋଇଥାଏ । ଅନ୍ୟ ଛଅ ଗୋଟି ଲୋକ ସାଧାରଣ ଚକ୍ଷୁଦ୍ୱାରା ଦେଖା ଯାଏ ନାହିଁ । ଏଗୁଡିକ ସୂକ୍ଷ୍ମଲୋକ ଏବଂ ପ୍ରତ୍ୟେକ ଲୋକ ତହିଁର ପରବର୍ତ୍ତୀ ଲୋକ ଅପେକ୍ଷା ସୂକ୍ଷ୍ମତର । ଅଧିକ ଅଦ୍ଭୁତର ବିଷୟ ଯେ, ପ୍ରତ୍ୟେକ ଲୋକ ପୁଣି ସାତଭାଗରେ ବିଭକ୍ତ । ଯଥା—ଭୂର୍ଲୋକ—କଠିନ, ତରଳ, ବାଷ୍ପୀୟ ଏବଂ ଅନ୍ୟ ୪ ଗୋଟି ସୂକ୍ଷ୍ମ ଭାଗରେ ବିଭକ୍ତ । ସୁତରାଂ ମନୁଷ୍ୟ ଚକ୍ଷୁଦ୍ୱାରା ଭୂର୍ଲୋକର କେବଳ କଠିନ ଓ ତରଳ ଅଂଶ ବ୍ୟତୀତ ଅନ୍ୟ ୫ ଗୋଟି ଅଂଶ ଦେଖି ପାରେ ନାହିଁ । ଅତଏବ ମନୁଷ୍ୟର ଜ୍ଞାନ କେତେ ସୀମାବଦ୍ଧ ତାହା ସହଜରେ ବୁଝାଯାଏ । ଅତଃପର ବୈଜ୍ଞାନିକମାନେ କହନ୍ତି ଯେଉଁ (Ether) ଇଥର୍ ମଧ୍ୟରେ ଯାତାୟାତ କରେ ତାହା ଭୂର୍ଲୋକର ସୂକ୍ଷ୍ମସ୍ତର ମଧ୍ୟରୁ ଗୋଟିଏ । ସୂର୍ଯ୍ୟରଶ୍ମିକୁ ବିଶ୍ଳେଷଣ କଲେ ଦେଖାଯାଏ ଏଥିରେ ସାତଗୋଟି ବିଭିନ୍ନ ରଙ୍ଗର ରଶ୍ମିମାନ ଅଛି । ସେମାନଙ୍କ ସମ୍ମିଶ୍ରଣରେ ଧଳା ରଶ୍ମି ହୁଏ । ସଙ୍ଗୀତର ଧ୍ୱନି ମଧ୍ୟ ସାତ ସ୍ୱରରେ ବିଭକ୍ତ । ଏହିପରି ସୃଷ୍ଟିର ନାନା ବିଭାଗରେ ସାତ ସଂଖ୍ୟାର ବ୍ୟବହାର ଦେଖାଯାଏ । ହିନ୍ଦୁମାନେ ଏହା ପର୍ଯ୍ୟବେକ୍ଷଣ କରି ମାଙ୍ଗଳିକ କାର୍ଯ୍ୟମାନଙ୍କରେ ଏଥିର ବ୍ୟବହାର କରି ଆସୁଛନ୍ତି; ଯଥା—ସାତମଙ୍ଗଳା, ସାତପୋଟ, ସାତ ସ୍ତ୍ରୀ ବନ୍ଦାପନା କରିବା, ଭାଗବତ ସାତ ଦିନରେ ପଢ଼ି ଶେଷ କରିବା ଇତ୍ୟାଦି ।]

ସାତ ଅଲଗା—ଦେ· ବିଣ—୧ । ପରସ୍ପରଠାରୁ ପୃଥକ୍ ହୋଇ ଭିନ୍ନ
Sāta alagā ଭିନ୍ନ ସ୍ଥାନରେ ଅବସ୍ଥିତ (ବ୍ୟକ୍ତି ବା ବସ୍ତୁ)—1.
ছাড়াছাড়ি (many things or persons) Separated
सात अलग from each other. ୨ । ସମ୍ପୂର୍ଣ୍ଣରୂପେ ପରସ୍ପର
(ସାତ ଅଲଗା ପରେ ଖାଁ—ଅନ୍ୟରୂପ) ସମ୍ପର୍କରହିତ—
2. Totally unconnected.

ସାତ ଅହିଅ—ଦେ. ବି.(ସ୍ତ୍ରୀ)—ସାତଜଣ ସଧବା ସ୍ତ୍ରୀଲୋକ; ବରକନ୍ୟାଙ୍କୁ
Sāta ahia ବନ୍ଦାପନା କରିବାରେ ଓ ଅନ୍ୟାନ୍ୟ ମଙ୍ଗଳ କାର୍ଯ୍ୟରେ
সাত এয়ো ଏକତ୍ର ହେବା ୭ ଜଣ ସଧବା ସ୍ତ୍ରୀ—Seven
सात सोहागिनी women (who have their hus-
(ସାତ ଅହ୍ୟ—ଅନ୍ୟରୂପ) bands living) who
are required in certain ceremonial rites
in connection with a marriage or other
auspicious function amongst the Hindus.

ସାତ ଉତ୍ତର ଶହେ(ଏ)—ଦେ· ବି ଓ ବିଣ (ସଂ. ସପ୍ତୋତ୍ତର ଶତ)—
Sāta uttara śahe(e) ଏକ ଶହ ସାତ—One hundred
একশ সাত and seven. [ଦ୍ର—ଏହିପରି ସାତ ଉତ୍ତର
एकसौ सात ଦୁଇଶ ଆଦି ଶବ୍ଦ ହୁଏ ।]

ସାତ କ(କୋ)ଣିଆଁ—ଦେ. ବିଣ (ସଂ. ସପ୍ତ ଓ କୋଣ)—ସପ୍ତ
Sāta ka(ko)ṇiañ କୋଣବିଶିଷ୍ଟ (କ୍ଷେତ୍ର); ସପ୍ତ ବାହୁବିଶିଷ୍ଟ—
সাত কোণা A figure having seven angles;
सात कोनिआ septagonal.

ସାତ କଥା—ଦେ· ବି—୧ । ନାନା କଥା—1. Many words.
Sāta kathā (ଯଥା—ଏ କଥାଟି ସାତ କଥାରେ କଥାଏ ।)
সাত কথা सात बात ୨ । ନାନାପ୍ରକାରର ରିପୋର୍ଟ—
2. Various reports. [ଦ୍ର—ସାତକଥାରେ
ସତୀ ଭୁଲେ—ପ୍ରବଚନ । ଅର୍ଥାତ୍, ଏକାଧିକ ପ୍ରଲୋଭନ
ବାକ୍ୟଦ୍ୱାରା ସତୀ ସ୍ତ୍ରୀର ମନ ମଧ୍ୟ ବିଚଳିତ ହୁଏ; କମ୍ୱା
ସ୍ୱାମୀଙ୍କ ନାମରେ ବହୁ ବ୍ୟକ୍ତିଙ୍କ ମୁହଁରୁ ଚୁଗୁଲି ଶୁଣିଲେ
ସତୀ ସ୍ତ୍ରୀର ମନ ମଧ୍ୟ ବିଚଳିତ ହୁଏ ।] ୩ । ବହୁ
କଟୂକ୍ତି—3. Various abuses. (ଯଥା—ମୁଁ ତାକୁ
ଆଜି ସାତ କଥା ଶୁଣାଇ ଦେବି ।)

ସାତକ ପଣିକିଆ—ଦେ. ବି—ସାତ ସଂଖ୍ୟାରେ ୧ ଠାରୁ ୧୦ ପର୍ଯ୍ୟନ୍ତ
Sātaka paṇikiā ଗୁଣାଯାଇ ଲେଖାଯିବା ପଣିକିଆର
সাতের ঘরের নামতা सातका पहाड़ा ଶ୍ରେଣୀମାନ—
The multiplication tables of 7 multiplied by 1 upto ten consecutively.

ସାତ କଥାରେ କଥାଏ—ଦେ. ବାକ୍ୟ—ଅନେକ କଥା ମଧ୍ୟରେ
Sāta kathāre kathāe ଗୋଟିଏ ସାର କଥନ—
সাত কথাতে এক কথা सार बात A pithy or
substantial saying out of many sayings. ୨ । ଅନେକ ବାଜେ କଥା ମଧ୍ୟରୁ ଗୋଟିଏ
ମୂଲ୍ୟବାନ୍ କଥା—2. A valuable saying
amongst a lot of things said.

ସାତ କାଣ୍ଡ—ଦେ. ବି—ରାମାୟଣର ସପ୍ତ କାଣ୍ଡ ବା ବିଭାଗ—
Sāta kāṇḍa The seven volumes or parts
সাত কাণ্ড सात कांड of the great epic the
Rāmāyaṇa. [ଦ୍ର—ବାଲ୍ମୀକିକୃତ ରାମାୟଣ-
ବର୍ଣ୍ଣିତ ବିଷୟମାନ ସାତ ଗୋଟି କାଣ୍ଡରେ ବା ବିଭାଗରେ
ଲିପିବଦ୍ଧ ହୋଇଅଛି । ରାମାୟଣ ତଳେ ନୋଟ୍
ଦେଖ ।]

ସାତ କାଣ୍ଡ ରାମାୟଣ—ଦେ. ବି—୧ । ରାମାୟଣ ପରି ବୃହତ୍ ଗ୍ରନ୍ଥ—
Sāta kāṇḍa rāmāyaṇa 1. A big book
সাত কাণ্ড রামায়ণ सात कांड रामायण like the
Rāmāyaṇa. ୨ । ଅତି ବୃହତ୍ ବ୍ୟାପାର—
2. A very big matter. [ଦ୍ର—ସାତ
କାଣ୍ଡ ରାମାୟଣ ଶୁଣି, ପଚାରୁଛି ସୀତା ମାଇପି କି ଅଣ୍ଡିରା !
ତଗ—ଏହା ଅମନୋଯୋଗୀ ବ୍ୟକ୍ତିପ୍ରତି ପ୍ରଯୋଜ୍ୟ
ବାକ୍ୟ । ଯେଉଁ ଲୋକର ଆଗରେ ସାତ କାଣ୍ଡ ରାମାୟଣ
ପଢ଼ା ଯାଇଥାଏ ସେ ତଦ୍‌ବର୍ଣ୍ଣିତ ବିଷୟମାନଙ୍କପ୍ରତି ମନୋ-
ଯୋଗ ନ ଦେଇ ରାମାୟଣ ପାଠ ଶେଷ ହେବା ପରେ
'ସୀତା' କିଏ, ଏହା ଲକ୍ଷ କରି ନ ଥିବାରୁ ପଚାରେ "ସୀତା
ପୁରୁଷ କି ସ୍ତ୍ରୀ ?" ସେହିପରି କୌଣସି
ବ୍ୟକ୍ତିର ନିକଟରେ ବର୍ଣ୍ଣିତ ବିଷୟର ଉଲ୍ଲେଖ ଶେଷ ହେବା
ପରେ ସେ ଯଦି ମୂଳ ଉଦ୍ଦେଶ୍ୟ ବୁଝିବାପାଇଁ ପ୍ରଶ୍ନ କରେ,
ଏହିପରି ସ୍ଥଳରେ ଏ ବାକ୍ୟ ପ୍ରୟୋଗ କରାଯାଏ ।]

ସାତ କାମୁଡ଼ା—ଦେ. ବି—୧ । ଏକପ୍ରକାର କଳା ଷଟ୍‌ପଦ ପକ୍ଷହୀନ
Sāta kāmuṛā ପୋକ—1. A kind of biting
সাত পোকা सात कीड़ा insect [ଦ୍ର—ଏ
ପୋକ ଲମ୍ବରେ ୧ ଅଙ୍ଗୁଳ ଓ ଚେପ୍ଟା । ଏମାନଙ୍କର ଦେହ
୩ ଭାଗରେ ବିଭକ୍ତ ୨—ମୁଣ୍ଡ, ପେଟ ଓ ଲାଞ୍ଜ । ଲାଞ୍ଜରେ
ଦୁଇଟି କାନ୍ଥୁଡ଼ ଅଛି ଓ ମୁହଁରେ ଦୁଇଟି କାନ୍ଥୁଡ଼ ଅଛି ।
ଏମାନଙ୍କର କାମୁଡ଼ା କଙ୍କଡ଼ା କାମୁଡ଼ା ପରି କଷ୍ଟପ୍ରଦ ।
ଏମାନଙ୍କର ଗୋଡ଼ ଦୁଇଗୋଟି; ପ୍ରବାଦ ଅଛି ଯେ, ଏହା ଥରେ
କୌଣସି ମନୁଷ୍ୟକୁ କାମୁଡ଼ିଲେ ତାହାର ଅଙ୍ଗର ଅନ୍ୟ ୭
ଗୋଟି ଅଙ୍ଗର କାମୁଡ଼ାରୁ କିରତ ହୁଏ ନାହିଁ ।] ୨। ଏକ
ପ୍ରକାର ପୋକ—2. The silver fish insect; a
ধূলা পোকা species of insect; Lepisma
Saccharina (called also shiner, silver
witch, silver moth and furniture bug).
[ଦ୍ର—ଏମାନେ ଲମ୍ବରେ ଅଧ ଇଞ୍ଚ ପର୍ଯ୍ୟନ୍ତ ହୁଅନ୍ତି; ଲାଞ୍ଜ
ପାଖେ ଦୁଇଟି ଓ ମୁହଁପାଖେ ଦୁଇଟି କଣ୍ଟା ଥାଏ । ଏମାନେ
ପୁରୁଣା ବହିରେ ଓ ଲୁଗାପଟାରେ ଲାଗନ୍ତି । ଏମାନଙ୍କର ଗୋଡ଼
ଦୁଇଗୋଟି । ଏମାନଙ୍କ ଦେହ ଧଳା, ପାଉଁଶିଆ ଓ ଚକ-
ଚକିଆ । ଏମାନଙ୍କୁ ମାଡ଼ି ଦେଲେ ଦେହରୁ ଏକପ୍ରକାର ଧଳା
ପାଉଁଶିଆ ଅତି ଛୋଟ କାତି ବା ରେଣୁ ବାହାରେ ।
ଏମାନେ ପକ୍ଷହୀନ । ଏମାନଙ୍କ ଦେହ ଚେପ୍ଟା]

ସାତକୁ ସତର କରିବା—ଦେ· କ୍ରି—କୌଣସି ବିଷୟକୁ ଅତିରଞ୍ଜିତ
Sātaku satara karibā କରି ବର୍ଣ୍ଣନା କରିବା,
সাতকে সতর করা सातको सतर करना ଅର୍ଥାତ୍ ମିଛ
କଥା ଯୋଡ଼ିକରି କହିବା—To tell lies (literally, to)
describe seven as seventeen

ସାତକେ—ଦେ. ବ—୭ ରେ ୧ ଗୁଣିଲେ; ୭×୧—Seven
Sātake multiplied by one.
সাতকে সাত सातका सात

ସାତକୋଶିଆ ଗଣ୍ଡ—ଦେ·ବି—ପ୍ରାୟ ସାତ କୋଶ ଦୀର୍ଘ ମହାନଦୀର ଗଭୀର
Sāta kosiā gaṇḍa ଅଂଶର ନାମ—Name of a deep gorge of the Mahānadī river, about 14 miles long between Angul and Baudh State. [ଦ୍ର—ଏହି ଗଣ୍ଡ ବୌଦ୍ଧ ଅନ୍ତର୍ଗତ ସୁନାକୁଣିଅଠାରୁ ଦଶପଲ୍ଲା ଅନ୍ତର୍ଗତ ବଡମୂଲ ଘାଟୀ ପର୍ଯ୍ୟନ୍ତ ବିସ୍ତୃତ । ଏଠାରେ ମହାନଦୀର ଗର୍ଭ ଅତ୍ୟନ୍ତ ଗଭୀର ଓ ଏଥିର ଦୁଇ ପାର୍ଶ୍ୱରେ ଅତ୍ୟଚ୍ଚ ପର୍ବତ ଓ ଜଙ୍ଗଲ । ଏଠାରେ ନଦୀର ସ୍ରୋତ ଅତି ଦ୍ରୁତ ଓ ନାଉରୀମାନେ ଦୁଇପାର୍ଶ୍ୱର ପର୍ବତ କାନ୍ଥିରେ ଅଙ୍କୁଶି ମାରି ଡଙ୍ଗାକୁ ଅଟକାଇ ଅଟକାଇ ଗୃହତ କରନ୍ତି । ଏଥିର ଦୈର୍ଘ୍ୟ ପ୍ରାୟ ୧୪ ମାଇଲ୍ ଓ ପ୍ରସ୍ଥ ୨ ଶହ ହାତରୁ ୩ ଶହ ହାତ ପର୍ଯ୍ୟନ୍ତ । ଏଥିର ଜଳରେ କୁମ୍ଭୀର ଓ ଦୁଇ ପାର୍ଶ୍ୱରେ ଜଙ୍ଗଲରେ ବାଘ ଆଦି ହିଂସ୍ର ଜନ୍ତୁ ଥିବାରୁ ଏହି ଅଞ୍ଚଳରେ ସ୍ଥଳପଥରେ ଓ ଜଳପଥରେ ଯାତ୍ରା ବିପଦଜନକ ।]

ସାତଖୁଣ(ଣି) ମାଫ୍—ଦେ· ବ—ରାଜାନୁଗ୍ରହରୁ ବ୍ୟକ୍ତିବିଶେଷଙ୍କୁ ୭
Sātakhuṇ(ṇi) māph ଗୋଟି ନରହତ୍ୟା ଅପରାଧର ଦଣ୍ଡରୁ
সাতখুন্ মাফ্ ଅବ୍ୟାହତି ଦେଉଥିବାରୂପ ପ୍ରାଚୀନ ପ୍ରଥା—
सातखून माफ A custom of yore by which certain favourites of the king were granted the privilege of being exempt from punishment to the extent of committing seven murders. [ଦ୍ର—ସେହି ବ୍ୟକ୍ତି ଧନ ବା ଅଧିକାର ବଳରେ କ୍ଷମା କର୍ତ୍ତୃପକ୍ଷଙ୍କ ଅନୁଗ୍ରହ ଯୋଗୁଁ ଅପରାଧ ବା ଦୋଷ କଲେ ସୁଦ୍ଧା ଦଣ୍ଡିତ ହୁଅନ୍ତି ନାହିଁ ବୋଲି ଦେଖାଯାଏ, ତାଙ୍କ ସମ୍ବନ୍ଧେ ଏ ବାକ୍ୟ ପ୍ରୟୋଗ କରାଯାଏ । ଅର୍ଥାତ୍ ସେ ବ୍ୟକ୍ତି ଦୋଷ କଲେ ମଧ୍ୟ ଦଣ୍ଡ ପାଇବେ ନାହିଁ ।]

ସାତ ଖୁରା—ଦେ. ବ—ପ୍ରଥମେ ରଜସ୍ୱଳା ବାଳିକାର ପ୍ରଥମ ରଜୋ-
Sāta khurā ଦର୍ଶନର ସପ୍ତମ ଦିନ ସାତ ଜଣ ଅବିଧବା ନାରୀଙ୍କ ଦ୍ୱାରା ଦୁବ, ଧାନକେଣ୍ଡା ଫଳ ଓ ହଳଦିଆ ସୂତାରେ ବନ୍ଦାପନା—A custom or rite of saluting a girl on the 7th day of her first
(ସାତାଖୁରା ବନ୍ଦାଣ—ଅନ୍ୟରୂପ) menses.

ସାତଗାତ ଖେଳ—ପ୍ରାଦେ. (ସମ୍ବଲପୁର) ବ—ଗାତିଗାତ ଖେଳ—
Sātagāti khela An indore game played by
सातघड़ी females by distributing and redistributing one by one in succession 12 seeds in each of 2 rows of 7 holes dug on the ground or on a plank. [ଦ୍ର—ଦୁଇଟି ଧାଡ଼ିରେ ଛଅ ଗୋଟି ଲେଖାଏଁ ଗାତ ଓ ପ୍ରତି ମୁଣ୍ଡର ମଝିରେ ଅଧିକ ଗୋଟିଏ ଲେଖାଏଁ ଗାତ ଥାଏ । ଶେଷ ମୁଣ୍ଡର ଦୁଇ ଗାତକୁ 'ମାଇଗାତ' ବା 'ବୋଇତ' କହନ୍ତି । ଦୁଇ ଜଣ ଖେଳାଳି, ପ୍ରତ୍ୟେକଙ୍କର ୬ଗୋଟି ଗାତ ଓ ଗୋଟିଏ ମାଇ ଗାତ ଏହିପରି ସାତ ଗୋଟି ଗାତ ଥାଏ । ମାଇ ଗାତ ଛଡ଼ା ପ୍ରତ୍ୟେକ ଗାତରେ ଏକାଦିକ୍ରମେ ୧୨ ଗୋଟି ଲେଖାଏଁ ତେନ୍ତୁଳ ମଞ୍ଜି ବା ଗିଲ ମଞ୍ଜି ବା ଗୋଡ଼ି ଥାଏ । ସେହି ମଞ୍ଜିକୁ ପୁଞ୍ଜିର କହନ୍ତି । ପ୍ରଥମ ଖେଳାଳି ତା ପାଖରଗୋଟିଏ ଗାତରୁ ୧୨ଟି ମଞ୍ଜିକୁ କାଢ଼ି ପରବର୍ତ୍ତୀ ଗାତମାନଙ୍କରେ ଓ ଆପଣା ମାଇଗାତରେ ଗୋଟିଏ ଗୋଟିଏ ମଞ୍ଜି ପକାଇ ପକାଇ ଅଗ୍ରସର ହୁଏ । ଯେଉଁ ଗାତରେ ମଞ୍ଜି ଶେଷ ହୋଇଯାଏ ତାର ପରବର୍ତ୍ତୀ ଗାତରୁ ପୁଣି ମଞ୍ଜି କାଢ଼ି ନେଇ ପ୍ରତି ଗାତରେ ଗୋଟିଏ ଲେଖାଏଁ ମଞ୍ଜି ପକାଇ ଅଗ୍ରସର ହୁଏ । ଏହିପରି ମଞ୍ଜି ପକାଇ ଅଗ୍ରସର ହେଉ ହେଉ ଯେବେ ତା ନିଜର ମାଇ ଗାତରେ ମଞ୍ଜିତକ ଶେଷ ହୁଏ, ତେବେ ସେ ଖେଳାଳି 'ଠୁଠୁ, ଠୁଠୁ, ଠୁଠୋ' ହୁଏ । ପ୍ରଥମ ଖେଳାଳି 'ଠୁଠୋ' ହେଲେହିଁ ଅର ଖେଳାଳି ପ୍ରଥମ ଦର କରୁ କରୁ ସେ ମଧ୍ୟ ଠୁଠୁ ହୁଏ । ଦୁହେଁଯାକ ଠୁଠୁ ହେଲାରୁ ଯାହାର ମାଇ ଗାତରେ ବେଶୀ ମଞ୍ଜିଥାଏ ସେ ଜିତେ । ଯାହା ଗାତରେ ମଞ୍ଜି କମ୍ ଥାଏ ସେ ହାରିଯାଏ । ଅନ୍ୟ ଥର ଖେଳକୁ ଯାହାର ମଞ୍ଜି ଯେତେ ଗାତକୁ ନଅଣ୍ଟ ହେବା ଦେଖାଯାଏ, ସେ ସେତେ ଗାତ 'କାଣୀ' ହୁଏ ।]

ସାତଗୁଣା—ଦେ· ବ (ସଂ. ସପ୍ତ+ଗୁଣିତ)—ସାତ ଗୁଣ—Seven
Sātaguṇā fold. ବଣ. (ସ. ସପ୍ତ ଗୁଣିତ)—୧। ସପ୍ତତନ୍ତ୍ରୀଯୁକ୍ତ
সাত গুণ सात गुणा —1. Having seven strings. (ଉ
সপ্তগুণা सातगुनिआ —ସାତ ଛନ୍ଦ ଯାଗକୁ ପ୍ରତିପାଦନ୍ତକ୍ତ, ସାତ ଗୁଣା ଗୁଣା ସାତୋଟା ମହାଯାତ । କୃଷ୍ଣସିଂହ. ମହାଭାରତ. ବନ ।) ୨। ସାତଗୁଣ ବେଶି—2. Seventimes more.

ସାତ ଘଡ଼ି—ପ୍ରାଦେ. (ବାଲେଶ୍ୱର) ବ-ପୌଷ ମାସ ଶୁକ୍ଳ ଦଶମୀ ତିଥିରେ
Sāta ghardi ହେବା ଉପବାସ ଓ ପର୍ବ; ଶମ୍ବର ଦଶମୀ—
A fast and festival held on the 10th day of the bright lunar fortnight of the month of Pausha.

ସାତ ଘଡ଼ିଆ—ଦେ· ବ (ଏହା ଦିନ·ସାତ ଘଡ଼ି ବା ପ୍ରାୟ ଦ୍ୱିପ୍ରହରରେ
Sāta ghārdiā ଫୁଟିବାରୁ)—ବନ୍ଧୁକ ପୁଷ୍ପ; ବନ୍ଧୁଲି ଫୁଲ;
(ସାତଘଡ଼ିଆ ଫୁଲ—ଅନ୍ୟରୂପ) ଦ୍ୱିପହରିଆ ଫୁଲ—
ସଂ. ବନ୍ଧୁଜୀବ, ଅର୍କବଲ୍ଲଭ Pentapetes Phoenecia (a
ଦୁପହରିଆ, ରକ୍ତପୁଷ୍ପ । flower).
বান্ধুলী गुलदुपहरिया ତେ. ମାଦେକା

ସାତ ଘର ଟପିବା—ଦେ. କି—ଗ୍ରାମ ମଧ୍ୟରେ ଅନେକ ଦୂର ଭ୍ରମଣ
Sāta ghara ṭapibā କରିବା—To walk a long
সাত ঘর টপকে যাওয়া distance in a village.
सात घर कूदना

ସାତ ଘର ବୁଡ଼ା(ଭଙ୍ଗା)—ଦେ. ବଣ. (ପୁଂ)—ଯେଉଁ ବ୍ୟକ୍ତି ଅନେକ
Sāta ghara burḍā(bhaṅgā) ପରିବାରରେ ଅଶାନ୍ତି ବା
সাত ঘর ভাঙ্গা ଜଳହ ବା ବିନାଶ ଘଟାଏ—A person
सात घर डुबाने वाला who foments ruin or quarrel in several families.
(ସାତ ଘର ବୁଡ଼େଇ, ସାତ ଘର ଭଙ୍ଗେଇ—ସ୍ତ୍ରୀ)

ସାତ ଘର ବୁଡ଼ା(ଡ଼େ)ଇବା—ଦେ. କ୍ରି—ବହୁ ପରିବାରରେ କଳହ ଓ
Sāta ghara burḍā(rḍe)ibā ଅଶାନ୍ତି ଆଦି ଘଟିବାର
সাত ঘর ভেঙ্গে দেওয়া କାରଣ ହେବା—To cause or
सातघर डुबाना foment trouble and dissension in many families.
ସାତ ଘର ଭଙ୍ଗା(ଙ୍ଗେ)ଇବା, ସାତ ଘର ଭୁଙ୍ଗିବା, ସାତ ଘର(ରେ) ନିଆଁ ଲଗାଇବା } ଅନ୍ୟରୂପ

ସାତ ଘାଟରେ(ଘୁଠରେ) ପାଣି ପିଆଇବା—ଦେ. କ୍ରି—(ମର୍କଟସ୍ୱକ
Sāta ghāṭare(tuṭhare) pāni piāibā ରାଜ ସ୍ୱବଶକୁ
সাত ঘাটের জল খাওয়ান ପରସ୍ତୁ କର ନିଜ ଲଙ୍ଗୁଡରେ ବାନ୍ଧି
सात घाटका पानी पिलाना ତାକୁ ସାତ ସମୁଦ୍ରର ଜଳ ଖୁଆଇଥିବା ବିଷୟକ ପୌରାଣିକ କଥାକୁ ଲକ୍ଷ୍ୟ କରି) କୌଣସି ବ୍ୟକ୍ତିକୁ ନାନା ସ୍ଥାନକୁ ଯିବାକୁ ବାଧ୍ୟ କରି ହଇରାଣ କରିବା—To harass a person by obliging him to go from place to place.

ସାତ ଘାଟରେ ପାଣି ପିଇବା—ଦେ. କ୍ରି—ଅତ୍ୟନ୍ତ ହଇରାଣ ହୋଇ
Sāta ghāṭare pāni pi-ibā ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ,
সাত ঘাটে জল খাওয়া ଏପରି ବହୁ ସ୍ଥାନକୁ ଯିବା ଆସିବା କରିବା
सात घाटका पानी पीना —To be much harassed and obliged to run from place to place.

ସାତ ଘେ(ଭେ)ରା—ଦେ. ବି—୧ । ସାତଥର ପ୍ରଦକ୍ଷିଣ—1. Circumambulation 7 times.
Sāta ghe(bhe)rā
সাত ঘোরা (ଉ—ଭୁ ବୁଲି ନାହୁଁ, ସାଧବାଣୀ ବୋହୂ! ସାତ
सात फेरी ଘେରା ବୁଲ ଯାଅ ତ—ଶିଶୁ ଗଳ୍ପ)
୨ । ବିବାହ କାଳରେ ବର ଓ ବଧୂଙ୍କଦ୍ୱାରା ସାତଥର ହୋମାଗ୍ନି ପ୍ରଦକ୍ଷିଣ — 2. Circumambulation round the sacrificial fire by the birde and bridegroom together at the marriage alter.

ସାତ ଛିଣ୍ଡା(ଚିରା)—ଦେ. ବଣ—ବହୁ ସ୍ଥଳରେ ଚିରା—Tattered
Sāta chhinḍā(chirā) or torn in many place.
সাত ছেড়া (ଯଥା—ସାତ ଛିଣ୍ଡା ଖଜୁର ପଟି; ସାତ ଛିଣ୍ଡା ଲୁଗା)
सात छेद वाला

ସାତ ଜନମ(ଜନ୍ମ)—ଦେ. ବ (ସ. ସପ୍ତ ଜନ୍ମ)—ସଂସାରରେ ବହୁ
Sāta janama(janma) ଜନ୍ମ ଜନ୍ମାନ୍ତର—Various
সাত জনম rebirths in the world; being born
सात जनम and reborn many times in this world. [ବି—ପ୍ରବାଦ ଅଛି ଯେ, କାଳିଦାସ ଗଣ୍ଡମୂର୍ଖ ଥାଇ ରାଜାର ସ୍ତ୍ରୀ ରାଜକୁମାରୀଙ୍କଠାରୁ ଅପମାନ ପାଇ ବିଦ୍ୟା-ବୁଦ୍ଧି ଲାଭ କରିବା ଆଶାରେ ସରସ୍ୱତୀଙ୍କ ଶରଣାପନ୍ନ ହେଲେ; ସରସ୍ୱତୀ ଯୋଗବଳରେ ଜାଣିଲେ ଯେ,କାଳିଦାସଙ୍କ କପାଳରେ ଏ ଜନ୍ମ କଥା ଦୂରେ ଥାଉ, ସାତ ଜନ୍ମରେ ସୁଦ୍ଧା ବିଦ୍ୟାଲାଭ ନାହିଁ । ଏଣେ କାଳିଦାସଙ୍କ ପ୍ରାର୍ଥନାଭି-ଶଯ୍ୟରେ ବିଚଳିତା ହୋଇ ସରସ୍ୱତୀ ତାଙ୍କର ସାତ ଜନ୍ମ-ବ୍ୟାପି ମୂର୍ଖତା ଦୋଷ ଦୂରକରିବା ପାଇଁ ତାଙ୍କୁ ସାତଥର ସ୍ତ୍ରୀୟ ଗର୍ଭରୁ ନେଇ ସାତଥର ଜନ୍ମ କରିବା ପରେ ତାଙ୍କୁ ବିଦ୍ୟାଲାଭରୂପ ବର ଦେଲେ ଓ ତହିଁ ଫଳରେ ମୂର୍ଖ କାଳିଦାସ ଅସାଧାରଣ ପଣ୍ଡିତ ହେଲେ ।]

ସାତ ଡାଙ୍କିଆ—ପ୍ରାଦେ (ବାଙ୍କି ଓ ଭଦ୍ରକ) ବ—ଚାଟେଚ୍ଛା ଫୁଲ
Sāta ḍaṅkiā ଓ ଗଛ—Plumeria Acumenata, Plumeria Acutifolia (tree and flower).

ସାତ ତାଳ ପାଣି—ଦେ. ବ—(ସାତଗୋଟି ତାଳ ଗଛ ବୁଡ଼ିଯିବା
Sāta tāla pāni ଭଳି) ଅତି ଗଭୀର ଜଳ—
সাত পুরুষ জল Very deep water (in which
सात ताल पानी seven palm trees will sink standing one over the other.

ସାତତ୍ୟ—ସ. ବ (ସତତ+ସ୍ୱ. ଯ)—୧ । ଅବିଚ୍ଛେଦ; ଅବି-
Sātatya ଚ୍ଛିନ୍ନତା—1. Continuity. ୨ । ସତତ ଘଟିବା ଅବସ୍ଥା—2. Frequency.

ସାତ ଦୀପ—ଦେ. ବ (ସ. ସପ୍ତ ଓ ଦୀପ)—ବର କନ୍ୟାଙ୍କୁ ବନ୍ଦାଇବା
Sāta dipa ପାଇଁ ବ୍ୟବହୃତ ସପ୍ତବର୍ତ୍ତି ଓ ସପ୍ତ ମୁଖଯୁକ୍ତ ପ୍ରଦୀପ—
সাত দীপ A lamp with seven wicks and
चौमुख दीप seven mouths used in being waved before a newly married couple.

ସାତ ଦେଶ—ଦେ. ବ—୧ । ବହୁ ଦେଶ—1. Many countries.
Sāta desa ୨ । ନାନା ଅଞ୍ଚଳ—2. Many places. ଗ୍ରା-
সাত দেশ ବ—ହାଡ଼ିଆ ଜାତିମାନଙ୍କର ବହୁ ଅଞ୍ଚଳରୁ ସମାଗତ
सात देश ପ୍ରତିନିଧିମାନଙ୍କ ପଞ୍ଚାଏତ ସଭା—A meeting of
ସାତ ଗ୍ରାମ, ସାତ ରାଜ୍ୟ } ଅନ୍ୟରୂପ castemen from various countries assembled to consider some important social questions.

ସାତ ନକଲ—ଦେ. ବ—ଅସଲ ପଦାର୍ଥର ନକଲରୁ ନକଲ କରାଯାଇ,
Sāta nakala ଏହିପରି ସାତଥର ନକଲ ହେବାର ଫଳରେ
সাত নকল ଯେଉଁ ନକଲ କରାଯାଏ—1. Copy of a
सात नकल copy, being seven times removed from the original. ୨ । କୌଣସି ବସ୍ତୁର ଅତି ବିକୃତ ନକଲ—2. Very distorted copy.
[ବି—ସାତ ନକଲରେ ଅସଲ ଖାସତ୍ ବା ଖାସ୍ତା-ପ୍ରବଚନ—ଅର୍ଥାତ୍ ଅସଲ ବସ୍ତୁରୁ କ୍ରମାଗତ ନକଲ କରାଯାଇ, ନକଲରୁ ପୁଣି ନକଲ କରାଯାଇ ଶେଷରେ ଯହା ବାହାରେ ତହିଁରେ ଅସଲ ମୂଳ ଲେଖାରେ ଥିବା

ବିଷୟ ସମ୍ପୂର୍ଣ୍ଣରୂପେ ବିକୃତ ଓ ଭ୍ରମପ୍ରମାଦପୂର୍ଣ୍ଣ ହୋଇଯାଏ । ସେହିପରି କୌଣସି ସାର ବସ୍ତୁରୁ ଅନେକ ଥର ଉପାଦାନ କାଢ଼ି ନିଆଗଲେ ପରେ ଏହି ପ୍ରବଚନ ଲାଗେ ।]

ସାତନ[ଲ]ର୍—ଦେ. ବି (ସଂ. ସପ୍ତ ଓ ଲହରୀ)—ସାତସରି; ହାର ଅଦର ସାତ ଗୋଟି ସୋରୀ—Seven strings (of a necklace).
Sāta na(la)r
সাত নর **सातलड़ा, सातलड़, सतलड़ा**

ସାତ ନ(ଲ)ରି(ରା)—ଦେ, ବିଣ—ସାତ ସୋରୀଯୁକ୍ତ (ହାର)—Seven-stringed (necklace).
Sāta na(la)ri(rā)
(ସାତନ[ଲ]ରିଆ—ଅନ୍ୟରୂପ)
সাতনরি **सातलड़ा, सातलड़ा, सतलड़ा**

ସାତ ପଛ—ଦେ. ଅ (ସଂ. ସପ୍ତ+ପଶ୍ଚାତ୍)—୧ । ସମସ୍ତଙ୍କ ପଛ—1. Behind or after all. ୨ । ସମସ୍ତଙ୍କ ପରେ ଅଗତ—2. Arrived after all. ୩ । ସମସ୍ତଙ୍କ ପରେ ଜାତ—3. Youngest.
Sāta pachha
(ସାତ ପଛରେ—କ୍ରି. ବିଣ)
[ସବା ଅଗ—ବିପରୀତ]
সাতপিছু **सबसेपिछे**

ସାତ ପତୁରିଆ—ଦେ. ବି (ସଂ. ସପ୍ତ ପତ୍ରିକା)—୧ । ସାତଟି ପତର ହେଲେ ଯେଉଁ (ଜହ୍ନି ବା ଭେଣ୍ଡି) ଗଛ ଫଳେ—1. The Luffa creeper and lady's finger plant which bears fruit when it has only seven leaves from the time of sprouting. ୨ । (ସଂ ସପ୍ତ ପତ୍ରିକା) ପେଣ୍ଡି ଜହ୍ନି; ଯେଉଁ ଜହ୍ନି ଏକତ୍ର ସାତଟି ଫଳ ଧରେ—2. A kind of Luffa plant bearing clusters of fruits.
Sāta paturiā
(ସାତ ପତିଆ—ଅନ୍ୟରୂପ)
থোকধুন্দল
सातपूति, सतपुतिया

ସାତ ପର—ଦେ. ବି—୧ । ସମ୍ପୂର୍ଣ୍ଣରୂପେ ନିଃସମ୍ପର୍କୀୟ ବ୍ୟକ୍ତି—1. An outsider who has no relationship with a person. (ଉ—ଡୋଇଲି ! ଘର ଧନ ନେଲେ ସାତ ପର, ଧୋଟିଗଲ ଉଜପାଶେ କାଳ ଭୟଙ୍କର ଲେ ଡୋଇଲି । ବାଳକୃଷ୍ଣ. ଅକାଳ ଡୋଇଲି ।) ୨ । ସମ୍ପୂର୍ଣ୍ଣରୂପେ ଅଜ୍ଞାତ ବ୍ୟକ୍ତି—2. A complete stranger.
Sāta para
সাত পর
सातसे बाहर

ସାତ ପହଣ୍ଡି—ଦେ. ବି—୧ । ଏକ ପ୍ରକାର ଶିଶୁ ଖେଳ—1. A kind of game of children. (ଉ—ଅବର କେତେ ଖେଳରେ ପଶା ନ୍ୟାସୁବଳ, ଗଣ୍ଡା ସାତପହଣ୍ଡି ଫୋପଡ଼ା ଗୁଣ୍ଡିମାଳ । ପୀତାମ୍ବର, ନୃସିଂହ ପୁରାଣ ।) [ଦ୍ର—ଏଥିରେ ପିଲାମାନେ ଏକ ସ୍ଥାନରେ ଗୋଟିଏ ବାଲି ଗଦା କରି ତହିଁ ବାଲିରେ ଗୋଟିଏ ବାଡ଼ି ପୋତନ୍ତି । ସେ ବାଡ଼ିଠାରୁ ସାତ ପାହୁଣ୍ଡ ଦୂରରେ ଏକ ଦିଗରେ ମାପି ଚିହ୍ନ ଦେଇ ସେଠାରେ ଜଣେ ପିଲା ଠିଆ ହୁଏ, ବାଡ଼ିଠାରୁ ବିପରୀତ ଦିଗରେ ୧୪ ପାହୁଣ୍ଡ ମାପି ଚିହ୍ନ ଦେଇ ସେଠାରେ ଅଉ ଜଣେ ପିଲା ଠିଆ ହୁଏ । ଅନ୍ୟ ପିଲାମାନେ ଏ ସୀମାର ବାହାରେ ଥାଇ ଉକ୍ତ ଥର ତାଳି ମାରନ୍ତି । ଉକ୍ତ ମଧ୍ୟରେ ଯେଉଁ ପିଲାଟି ସାତ ପାହୁଣ୍ଡ ସୀମା ମଧ୍ୟରେ ଥାଏ ସେ ବାଲିଗଦା ନିକଟକୁ ଯାଇ ସେଠାରେ ପୋତା ଯାଇଥିବା ବାଡ଼ି ଖଣ୍ଡିକ ଧରି ଦଉଡ଼େ । ୩ଗୋଟି ତାଳି ମରି ହେବା ଶେଷ ସମୟକୁ ଯେବେ ୧୪ ପାହୁଣ୍ଡରେ ଥିବା ପିଲାଟି ପ୍ରଥମ ପିଲାକୁ ଗୋଡ଼ାଇ କରି ଛୁଇଁବାକୁ ସମର୍ଥ ହୁଏ ତେବେ ବାଡ଼ି ଧରିଥିବା ପିଲାଟି ହାରିଯାଏ ଓ ତାହା ସ୍ଥାନ ଅଉ ଜଣେ ନୂଆ ପିଲା ଅଧିକାର କରେ ।] ୨ । ସାତ ଘେରା ୩ (ଦେଖ)—2. Sātagherā 3. (See)
Sāta paha̱ṇḍi.
(ସାତ ପହଣ୍ଡିଆ—ଅନ୍ୟରୂପ)

ସାତ ପାଞ୍ଚ—ଦେ. ବି—୧ । ବହୁ ଲୋକ—1. Many persons. [ଦ୍ର—ସାତ ପାଞ୍ଚଙ୍କ ଲ(ଲା)ଠି, ଏକ ଜଣକୁ ବୋଝ । ପ୍ରବଚନ—ଯେଉଁ ଯଷ୍ଟିଖଣ୍ଡମାନ ପ୍ରତ୍ୟେକ ଲୋକ ଅନାୟାସରେ ହାତରେ ଧରି ପାରନ୍ତି, ବହୁ ଲୋକଙ୍କର ଉକ୍ତ ଯଷ୍ଟିମାନ ଏକତ୍ର କରାଗଲେ ଜଣେ ଲୋକକୁ ତାହା ଗୋଟିଏ ବୋଝ ହୁଏ । ବହୁ ଲୋକଙ୍କର ଅନାୟାସସାଧ୍ୟ କାର୍ଯ୍ୟ ଜଣକ ଉପରେ ପକାଇଲେ ତାହା ତାହାକୁ କ୍ଲେଶଜନକ ହୁଏ । ଏପରି ସ୍ଥଳରେ ଏ ପ୍ରବଚନର ଉଦାହରଣ ଦିଆଯାଏ ।] ୨ । ମୀମାଂସାର ଅସ୍ଥିରତା—2. Uncertainty of decision. ୩ । ଦ୍ୱୈଧୀଭାବ; ସନ୍ଦେହ—3. Hesitation. (ଯଥା—ସାତ ପାଞ୍ଚ କରିବା ।) ୪ । ଅନେକ ବିଷୟ—4. Many matters. (ଉ—ତହୁଁ ଦଶରଥ କେତେ ସାତ ପାଞ୍ଚ ବିଚାରି ବଶିଷ୍ଠଙ୍କୁ କହିଲେ । ଗୋଲକଣ୍ଠ ପିଲାଙ୍କ ରାମାୟଣ ।)
Sāta pāñcha
সাত পাঁচ
सात पांच

ସାତ ପାଞ୍ଚ କରିବା—ଦେ. କ୍ରି—ଥରେ ସାତ, ଥରେ ପାଞ୍ଚ, ଏହିପରି ଭାବିବା; କିଛି ସ୍ଥିର କରି ନ ପାରିବା; ସନ୍ଦିହାନ ହେବା; କୌଣସି ମୀମାଂସାରେ ଉପସ୍ଥିତ ନ ହେବା—To hesitate; not to be able to decide a matter definitely.
Sāta pāñcha karibā
সাত পাঁচ করা
सात पांच करना

ସାତ ପାତାଳ—ଦେ. ବି—ସପ୍ତପାତାଳ (ଦେଖ)—Saptapātāḻa. (See)
Sāta pātāḻa
সপ্ত পাতাল **सात पाताल**

ସାତ ପୁଅ—ଦେ. ବି—ଗଳ୍ପ ଓ କାହାଣୀରେ ବର୍ଣ୍ଣିତ ଏକ ପରିବାରରେ ଥିବା ସାତ ଗୋଟି ପୁଅ—Seven sons of a family narrated in folktales. [ଦ—ଏହି ଠାରୁ ସାତ ଭାଇ, ସାତ ଭଉଣୀ, ସାତ ଯାଆ ଓ ସୁନାଜାଇ ଝିଅ ବୋଲି ଏକ ପରିବାରରେ ଜାତ ୭ ପୁଅ ଓ ଗୋଟିଏ ମାତ୍ର ଝିଅର ବିଷୟ କାହାଣୀରେ ବର୍ଣ୍ଣିତ ହୋଇଅଛି ।]
Sāta pua
সাত ছেলে
सात बेटा

ସାତ ପୁଅ ମା—ଦେ· ବି—୧ । ଗ୍ରାମ ଦେବତା ବିଶେଷ—Name of a village Deity. ୨ । ସପ୍ତ ପୁତ୍ରଙ୍କ ଜନନୀ—2. The mother of seven sons.
Sāta pua mā
(ସାତ ପୁଅ ମାଅ—ଅନ୍ୟରୂପ)
সাতছেলের মা
सात लड़कोंकी मा

ଦେ· ବିଣ—୧ । ସପ୍ତ ପୁତ୍ରଙ୍କ ଜନନୀ ପରି ଗର୍ବୀ ଓ ଅସ୍ଫାଳନମୟ—1. Full of pride and bragging (like the mother of seven sons). ୨ । ଆଡ଼ମ୍ବରମୟ—2. Grand, accompanied with much ado. (ଯଥା—ଆଜି ଷଷ୍ଠି ମ ଅଛୁ ମେଘ ସାତ ପୁଅ ମା ହୋଇ ଅସୁଛି ।)

ସାତ ପୁଡ଼ା(ଡ଼ି)—ଦେ. ବି—ଶିଶୁମାନଙ୍କ କ୍ରୀଡ଼ା ବିଶେଷ—A game of children.
Sāta purdā(rdi)
(ସାତ ପୁଡ଼ିଆ—ଅନ୍ୟରୂପ)

ସାତପୁରି—ଦେ· ବି (ସଂ. ସପ୍ତପୂରିକା)—ସାତପ୍ରକାରର ପୂର ଦିଆ ଯାଇଥିବା ପିଠା, ଯାହା ସାତପୁରି ଅମାବାସ୍ୟା ଦିନ ଦେବତାଙ୍କୁ ଭୋଗ ଲଗାଯାଏ—A cake (containing seven kinds of Pūra) offered to a Deity on Sātapūri new-moon day.
Sātapūri
পুলিপিঠা
पूरी

ସାତପୁରି ଅମାବାସ୍ୟା—ଦେ. ବି (ସଂ. ସପ୍ତପୂରିକା ବା ସପ୍ତପିଣ୍ଡିକା ଅମାବାସ୍ୟା)—ଭାଦ୍ର ମାସର ଅମାବାସ୍ୟା—The new moon day of the month of 'Bhādra' [ଦ୍ର—ଏହି ଅମାବାସ୍ୟାର ଅନ୍ୟ ନାମ କୌଶୀ ଅମାବାସ୍ୟା । ଏ ଦିନ ଜଗନ୍ନାଥ ଓ ଲିଙ୍ଗରାଜ ମହାପ୍ରଭୁଙ୍କୁ ସାତପ୍ରକାରର ପୂରଦିଆ ପିଠା (ମତାନ୍ତରରେ ସାତ ପ୍ରକାରର) ପିଣ୍ଡିକ ଭୋଗ କରାଯାଏ । ଏ ଦିନ ମଧ୍ୟ ପିତୃ-ଲୋକଙ୍କୁ ପିଣ୍ଡ ଦେବାର ବିଧି ଅଛି । ଏ ଦିନ ସ୍ତ୍ରୀମାନେ ସ୍ୱାମୀଙ୍କର ପୂଜା କଲେ ପୁତ୍ରବତୀ ହୁଅନ୍ତି ଓ ସାତ ଜନ୍ମ ପର୍ଯ୍ୟନ୍ତ ବିଧବା ହୁଅନ୍ତି ନାହିଁ ।]
Sātapūri amābāsyā
ସାତପୁରି ଅମାସ୍ୟା } —ଗ୍ରାମ୍ୟରୂପ
ସାତପୁରି ଅମେଇସା }
সাতপুলি অমাবাস্যা
सतपुरी अमावास्या

ସାତପୁରିଆ—ପ୍ରାଦେ (ସଡ଼ଜାତ) ବି—ସାତଫେଣିଆ ୨ (ଦେଖ)—Sātapheniā 2 (See)
Sātapuriā

ସାତପୁରୁଷ—ଦେ. ବି (ସଂ. ସପ୍ତପୁରୁଷ)—୧ । ମନୁଷ୍ୟ ନିଜକୁ ମିଶାଇ ଉପରର ୩ ଓ ତଳର ୩ ପୁରୁଷ—1. Seven generations (including one's self as one) consisting of one's ancestors and descendants. ୨ । ସାତ ମନୁଷ୍ୟର ଉଚ୍ଚତା ବା ଗଭୀରତା—2. Great depth or height.
Sāta purusha
সাতপুরুষ
सातपुरुष
সাতপুরুষ
सातमनुष

ସାତପୁରୁଷି—ଦେ· ବିଣ—୧ । ସାତପୁରୁଷସମ୍ବନ୍ଧୀୟ—1. Relating to seven generations. ୨ । ଚିରସ୍ଥାୟୀ—2. Permanent ୩ । ବହୁପୁରୁଷାଗତ—2. Ancestral.
Sātapurushi
(ସାତ ପୁରୁଷିଆ—ଅନ୍ୟରୂପ)
সাতপুরুষে
सात पुरुषी, सातपुस्तानी

ସାତ ଫେଣିଆ—ଦେ. ବିଣ—ସପ୍ତ ଫଣୀ (ଦେଖ)—Sapta phanī (See)
Sāta phenia
সপ্ত ফণা
सात फनि
(ସାତ ଫେଣୀ—ଅନ୍ୟରୂପ)

ଦେ. ବି—୧ । ସପ୍ତ ଫଣା (ଉଦ୍ଭିଦ)—1. Sapta phanā (See) ୨ । ଏକପ୍ରକାର ମହୁମାଛି (ଏମାନେ ଏକ ସ୍ଥାନରେ ସପ୍ତ ଶାଖାଯୁକ୍ତ ଫଣା ବା ଚକ ତିଆରି କରିବାରୁ)—2. A species of bees; Apis Indica. [ଦ୍ର—ମହୁମାଛି ତଳେ ନୋଟ ଦେଖ ।]
সপ্ত ফণা, ফণি মনসা
सात फेनी
সাতপুরিআ
सतपुरिया

ସାତ ବାର—ଦେ. ବି (ସଂ· ସପ୍ତ+ବାସର)—୧ । ସପ୍ତାହର ସାତ ଦିନ—Seven week-days. [ଦ୍ର—ରବି, ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି ଏମାନେ ୭ବାର ଅଟନ୍ତି] ୨ । ସାତଥର—2. Seven times.
Sāta bāra
সাত বার
सात बार

ସାତ ବାହାନ—ସଂ. ବି (ବହୁବ୍ରୀହି; ସାତ=ସିଂହରୂପୀ. ଗନ୍ଧର୍ବ+ବାହନ ଯାହାର)—ଶାଳିବାହନ ରାଜା (ହେମଚନ୍ଦ୍ର)—King Sālibāhana. [ଦ୍ର—କଥିତ ଅଛି ଯେ, ଶାଳିବାହନ ଶୈଶବରେ ସାତ ନାମକ ସିଂହରୂପୀ ଗନ୍ଧର୍ବ ଉପରେ ଆରୋହଣ କରି ଭ୍ରମଣ କରୁଥିଲେ ।]
Sāta bāhāna

ସାତ ବେ(ମେ)ଣ୍ଟି—ଦେ· ବି—ପୂର୍ବକାଳର ରାଜଦଣ୍ଡବିଶେଷ—A sort of punishment by which the offender's head was shaved, leaving seven tufts of hair at 7 places on the head. [ଦ୍ର—ଦଣ୍ଡିତ ବ୍ୟକ୍ତିର ମୁଣ୍ଡରେ ସାତ ଜାଗାରେ ବେଣ୍ଟି ବା କେଶଗୁଚ୍ଛ ଛାଡ଼ି କରି ତାକୁ ଗାଁରୁ ବାହାର କରାଯାଉଥିଲା । ଏପରି ସାତ ବେଣ୍ଟି ଯୋଗୁଁ ଅତି ଅସୁନ୍ଦର ଦେଖା ଯାଉଥିବା ବ୍ୟକ୍ତିକୁ ପ୍ରତି ବଜାରରେ ରାଜକର୍ମଚାରୀମାନେ ବୁଲାଉଥିଲେ ।]
Sāta be(me)ṇṭi
(ସାତ ବେ[ମେ]ଣ୍ଟିଆ—ଅନ୍ୟରୂପ]

ସାତ ଭଉଁରି(ଭୌଁରି)—ଦେ. ବି (ସଂ. ସପ୍ତ+ଭ୍ରମି)—ସାତ ଘେରା ୨ (ଦେଖ)—Sāta ghera 2 (See)
Sāta bhauñri(bhauñri)
সাত ঘোরা
सात भौंरी

ସାତ ଭାଇଆ—ଦେ, ବି—୧ । (ସଂ· ଛନ୍ଦ) ଶାଳୀଚଟର ଉଚ୍ଚବାଦ ବର୍ଣ୍ଣର ଚଞ୍ଚଳ ପକ୍ଷିବିଶେଷ—1. The jungle Brabbler; chat; warbler; Crateropus Canorus. [ଦ୍ର—ଏମାନଙ୍କ ପୁଚ୍ଛ ଚନ୍ଦ୍ରାକାରରେ ବିସ୍ତୃତ ଓ ଗୋଲ; ଧୂମ୍ରବର୍ଣ୍ଣ ପକ୍ଷ ଓ ପୁଚ୍ଛ ସମଦୀର୍ଘ । ଏମାନଙ୍କ ଚାଲି ବିଳକ୍ଷଣ । ଏମାନେ 'କେଚେ କେଚେ' ରବ କରନ୍ତି, ଦଳ ଦଳ ହୋଇ ରହନ୍ତି ଓ ଶସ୍ୟ ଖାଆନ୍ତି ।] ୨ । (ସଂ· ସପ୍ତ ଓ ଭ୍ରାତୃ) ସପ୍ତ ତାରକାଯୁକ୍ତ କୃତ୍ତିକା ନକ୍ଷତ୍ର—2. The Pleidas; the third asterism.
Sāta bhā-iā
সাত ভেয়ে, ছাতারিআ
सात भइया, सत भइया
সাত ভায়া; সাত ভেয়ে
सत भइया

[ଦ୍ର—ଏ ସପ୍ତ ନକ୍ଷତ୍ରଙ୍କ ନାମ—ଅମ୍ବା, ଦୁଲା, ନିତତ୍ନୀ, ଅଭ୍ରୟନ୍ତୀ, ମେଘୟନ୍ତୀ, ବର୍ଷୟନ୍ତୀ ଓ ଚୁପୁଣିକା । ନକ୍ଷତ୍ର ତଳେ ଟୀକା ଦେଖ ।] ୩ । ବାଳମୂଳଅ ପରି ଏକ-ପ୍ରକାର ବ୍ରଣ—3. A species of boil. [ଦ୍ର— ଏହା ଗୋଟିଏ ବାହାରିଲେ ଉପର୍ଯ୍ୟୁପରି ୭ ଗୋଟା ଉଠି ଉଗ୍ରଙ୍କର ଯନ୍ତ୍ରଣା ଦିଏ ।] ୪ । ଅଣ୍ଡିରା ମାଙ୍କଡ଼ଙ୍କର ଦଳ—4. A herd consisting exclusively of male monkeys (which become very predatory. [ଦ—ଏ ଦଳରେ କେବଳ ପୁରୁଷ ଅଣ୍ଡିରା ମାଙ୍କଡ଼ ଥାଆନ୍ତି; ମାଈ ମାଙ୍କଡ଼ ନ ଥାନ୍ତି । ଏମାନେ ଭାରି ଦୁର୍ବୃତ୍ତ ହୁଅନ୍ତି ।] ଦେ. ବିଣ—୧ । ବହୁ ସ୍ୱାମିକ (ସମ୍ପତ୍ତି,କର୍ମ)—1. (property or work) Pertaining to many persons or workers. ୨ । ଭାଗମାଲ—2. Joint.

ସାତ ଭାଇଅ ଅଖଡ଼ା—ଦେ. ବି—ବହୁ ସ୍ୱାମିକ ଅନୁଷ୍ଠାନ; ଯେଉଁଠାରେ Sāta bhāiā ākhardā ବହୁ ଲୋକଙ୍କର ପ୍ରଭୁତ୍ୱ ଥିବାରୁ ବারোয়ারি କାହା ଅଦେଶ କେହି ମାନେ ନାହିଁ— बहु मुखिया काम An institution in which there are more than one master and where there are confusion and clash of authority.

ସାତ ଭାଇଅ ଗେଧ—ଦେ. ବି—ସାତ ଭାଇଅ ୪ (ଦେଖ) Sāta bhāiā gedha Sāta bhāiā 4 (See)

ସାତ ଭୁବନ—ଦେ. ବି—ସପ୍ତ ଭୁବନ (ଦେଖ)—Sapta bhubana Sāta bhubana সাত ভুবন सात भुवन (See)

ସାତ ମଙ୍ଗ(ଙ୍ଗୁ)ଳା—ଦେ· ବି (ସ· ସପ୍ତ ମଙ୍ଗଳ)—ସପ୍ତ ମଙ୍ଗଳା Sāta manga(ngu)lā (ଦେଖ)—Sapta mangalā (See) (ଉ—ବହୁ ମହୋତ୍ସବ କଲେ ଯେ, ସାତ-ମଙ୍ଗଳାକୁ ଗଲେ—ଜଗନ୍ନାଥ ଚରିତ ଘମାମୃତ ।)

ସାତ ମାଇପି(ପେ)—ଦେ. ବି. ସ୍ତ୍ରୀ (ବହୁବଚନ)—ବିବାହାଦି ମଙ୍ଗଳ Satā māipi(pe) କାର୍ଯ୍ୟ ଉପଲକ୍ଷରେ ଏକତ୍ର ହୋଇଥିବା ସାତ সাত মেয়ে ଜଣ ବା ବହୁ ସ୍ତ୍ରୀଲୋକ—A gathering of सात स्त्री seven or many women on festive (ସାତ ମଣିପି[ପେ]—ପୁ·) social occasions.

ସାତ ମାସିଆ—ଦେ. ବିଣ—୧ । ସପ୍ତ ମାସ ବୟସ୍କ (ଶିଶୁ)—1. (a Sāta māsiā child) Aged 7 months. ୨ । ଗର୍ଭ সাত মাসের ଧାରଣର ସପ୍ତମ ମାସରେ ଜାତ (ଶିଶୁ)— सत माला 2. (a child) Born in the 7th month of its mother's pregnancy. [ଦ୍ର—ଏ ଶିଶୁ ଅଳ୍ପ ଦୁର୍ବଳ ହୁଅନ୍ତି ।] ଦେ. ବି—ଚଉଦଶିଅ (ଦେଖ); ଗର୍ଭଧାରଣରେ ସପ୍ତମ ମାସ ପରେ ଗର୍ଭିଣୀ ପାଇଁ ପ୍ରେରିତ ପିଷ୍ଟକାଦିର ସାମଗ୍ରୀ ଓ ତତ୍ସମ୍ପର୍କୀୟ ବିଧାନମାନ— Present of materials for cakes etc sent to a pregnant woman after the 7th month of pregnancy.

ସାତୟ—ସ. ବିଣ (ସାତ—ସୌତ୍ର ଧାତୁ.=ସୁଖୀ ହେବା+ଯ; ଜମ୍ମା Sātaya ସାତ=ସୁଖ+ଅ)—ସୁଖକର— Pleasant; pleasing

ସାତଳା—ସ.ବି—୧ । (ସ.ସପ୍ତଲା)—ଚର୍ମକଷା (ଅମର); ସେହୁଣ୍ଡଭେଦ; Sātalā ଏକପ୍ରକାର ସିହୁଁ; କେଉଁଳିଆ ସିହୁଁ ପ୍ରଥମ ଅର୍ଥରେ ଅନ୍ୟ ସ— —1. A kind of cactus; ସପ୍ତଲା, ସାସ୍ତ, ବହୁଲା, Origaum Valgoris. [ଦ୍ର— ବିମଲା, ଅମଲା, ବହୁଫେନା, ଏହା ଏକଜାତୀୟ ସିହୁଁ । ଏହାର ଚର୍ମକଷା, ଫେନା, ସାସ୍ତା, ଯୀର ଦୁଧଳିଆ ଓ ଫୁଲ ଫଳଦିଆ; ବିଷାଣିକା, ସ୍ୱର୍ଣ୍ଣପୁଷ୍ପୀ, ଘନଫଳା କର୍ତ୍ତିକାରଙ୍କ ମତରେ ଏହା ବନ୍ୟ- একপ্রকার মনসা କ୍ଷୁପ । ଏଥିର ଡାଳ ୧ ଠାରୁ सातला ୩ ଫୁଟ ପର୍ଯ୍ୟନ୍ତ ଲମ୍ବ ହୁଏ । ଏଥିର ଡାଳରେ ରୋମ ଥାଏ । ବୈଦ୍ୟକମତରେ ସପ୍ତଲା ତିକ୍ତ ରସ, କଟୁବିପାକ, ବାୟୁବର୍ଦ୍ଧକ, ଶୀତବୀର୍ଯ୍ୟ । ଏହା ଶୋଥ,କଫ,ଅନାହ, ପିତ୍ତ, ଉଦାବର୍ତ୍ତ ଓ ରକ୍ତଦୁଷ୍ଟି ନାଶକ ।] ୨ୟ ଅର୍ଥରେ ସ ନାମ— ୨ । ନବମଲ୍ଲିକା; କଥଲ (କ୍ଷୁପ ସପ୍ତଲା, ନେପାଳୀ, ନବମାଳିକା, ଓ ଫୁଲ)—Jasminum ବାସନ୍ତୀ । Arborescens; Jasminum নবমল্লিকা Zambac; Floribus बसन्तीनेवारी Multiplicatis. (plant মোতিয়াবেলা, সাতলা and flower) ଦେ· ବି— तेहराबेली (ସ. ସପ୍ତଲା) ସୁଗୁପୁମଲ୍ଲୀ; ବହୁ-ଦଳମଲ୍ଲୀ—Many-petalled Jasmine.

ସାତଲ ଘୋଟ—ପ୍ରାଦେ· (ଗଞ୍ଜାମ) ବି—ବାଟି ବା କଉଡ଼ି ଖେଳରେ Sātalā ghota ବାଟିକୁ ମାରିବାର ସପ୍ତମ ଅଘାତ—The hitting of a cowrie by another cowrie for the 7th time in the game of cowries.

ସାତ ଶଯ୍ୟା—ଦେ. ବି—ସପ୍ତ ଶଯ୍ୟା (ଦେଖ) Sāta śajyā Saptaśajyā. (See)

ସାତ ଶାଗ—ଦେ. ବି—ଦୁତିଅ ଓଷା ସମୟରେ ସ୍ତ୍ରୀମାନଙ୍କ ଦ୍ୱାରା Sāta śāga ସଂଗୃହୀତ ନାନାପ୍ରକାରର ଶାଗ—Various potherbs gathered by women on the occasion of Dutiā oshā festival.

ସାତ ଶାସନ—ଦେ. ବି—୧ । ପୁରୀ ଜିଲ୍ଲାର ଉସୁନାବରପଦା ନିକଟସ୍ଥ Sāta śāsana ସାତ ଗୋଟି ବ୍ରାହ୍ମଣ ଶାସନ—1. The seven Brahman villages near Usunā Barapadā in the Puri district. ୨ । ଯାଜପୁର ସହରର ସାତ ଗୋଟି କୁଳୀନ-ବ୍ରାହ୍ମଣ-ଶାସନ— 2 .The seven villages of Jajpur town inhabited by high caste Brāhmanas.

ସାତ ସଉତୁଣିଆ—ଦେ· ବି—ଶାଖାଚର କ୍ଷୁଦ୍ର ପକ୍ଷି-ବିଶେଷ—The Sāta sautuniā minivet. [ଦ୍ର—ଏମାନଙ୍କ ପିଠିର ସାତ ସଗ } —ଅନ୍ୟରୂପ ସାତ ସୁଅଳୀ } ପଛଭାଗର ପକ୍ଷ କଣ୍ଠାଗ୍ର ଟାଣୁଆ; ଅଣ୍ଟ ଛୋଟ, ଶକ୍ତ ଓ ବଙ୍କା । ଜାତକୁ

ସାତସতী, সাতসয়ালী ଘର ଭାଙ୍ଗିଥାଏ; ପକ୍ଷ ପାର୍ଶ୍ୱ ଓ ଅଗଲୁ ସବୁ । ଏମାନେ ଗଛରେ ଦଳ ଦଳ ହୋଇ ରହନ୍ତି ଓ ଯୋଡ଼ଯୋଡ଼ ଥାଆନ୍ତି; [ରୁ ୧୬ ଅଙ୍ଗୁଳ ପର୍ଯ୍ୟନ୍ତ ପାର୍ଶ୍ୱ ହୁଅନ୍ତି । ଏମାନେ ବୁଦା ଜାଗାରୁ ଅଧିକ ।

୧ । ବଡ଼ସୁଅଲୀ—୧୬ ଅଙ୍ଗୁଳ ଲମ୍ବା, ମୁଣ୍ଡ ଚକ୍‌ଣ କଳା, ପୁଚ୍ଛ ଅତ୍ୟନ୍ତ ରକ୍ତବର୍ଣ୍ଣ—Pericrocotus Specinus ବ. ବଡ଼ ସଗୁଲି ।

୨ । ଛିଟ ସୁଅଲୀ—୮ ଅଙ୍ଗୁଳ ଲମ୍ବ, ମୁଣ୍ଡ ଧୂସର, ଛାତି ରକ୍ତ ବର୍ଣ୍ଣ—Pericrocotus Perigrinus ବ. ବ. ଛୋଟ ସଗୁଲି ।]

ସାତ ସତର—ଦେ. ବ—ସାତ ପାଞ୍ଚ (ଦେଖ)—Sātapāncha. Sāta satara (See) ବିଣ—ବହୁ; ଅନେକ—Many. সাত পাঁচ सात पांच

ସାତ ସତର କରିବା—ଦେ. କ୍ରି—ସାତକୁ ସତର କରିବା (ଦେଖ) Sāta satara karibā Sātaku satara karibā.(See)

ସାତ ସନ୍ଧି—ଦେ. ବ—ଅଗମ୍ୟ ବା ଗୁପ୍ତ ସ୍ଥାନମାନ— Sāta sandhi Very hidden or inaccessible places. সাত সন্ধি सात सन्धि

ସାତ ସମୁଦ୍ର—ଦେ. ବ—ସପ୍ତ ସମୁଦ୍ର (ଦେଖ) Sāta samudra Sapta samudra (See) (ସାତ ସାଗର—ଅନ୍ୟରୂପ) সাতসমুদ্র सात समुद्र

ସାତ ସମୁଦ୍ର ତେର ନଦୀ ପାର(ରି)—ଦେ. ବ—ସମୁଦ୍ରର ଅନ୍ୟ ପାଖରେ Sāta samudra tera nadī pāra(ri) ବହୁ ଦୂରରେ (ସାତ ସମୁଦ୍ର ଲଙ୍କା ପାର—ଅନ୍ୟରୂପ) ଥିବା ଦେଶ— সাত সমুদ্র তের নদী পার A far off distant सात समुद्र तेर नदी पार, सात समुद्र पार country beyond the (seven) seas.

ସାତ ସ(ସ୍ୱା)ରଗ—ଦେ. ବ—ସପ୍ତ ସ୍ୱର୍ଗ (ଦେଖ) Sāta sa(swa)raga Sapta swarga (See) (ସାତ ସ୍ୱର୍ଗ—ଅନ୍ୟରୂପ) সাত সর্গ सात सरग

ସାତ ସାଇ(ହି)—ଦେ. ବ—ପୁରୀ ସହରର ଆଦ୍ୟ ୭ ଗୋଟି ବସ୍ତି— Sāta sāi(hi) The original 7 hamlets or quarters of the Puri town. [ଯଥା— ଦୋଳମଣ୍ଡପ ସାଇ, କୁଣ୍ଡେଇବେଣ୍ଟ ସାଇ, ମାର୍କଣ୍ଡେଶ୍ୱର ସାଇ, ଚଡ଼ଙ୍ଗ ସାଇ, ବାଲି ସାଇ, ହରଚଣ୍ଡୀ ସାଇ, ବାସେଲି ସାଇ । ପୁରୀ ସହରରେ ୭ ଗୋଟି ସାଇ ଓ ୪୨ ଗୋଟି ବାଡ଼ ଥିବାର ପ୍ରବାଦ ଅଛି, କିନ୍ତୁ ବର୍ତ୍ତମାନ ସାଇ ସଂଖ୍ୟା ତତୋଽଧିକ ହୋଇଅଛି ।]

ସତାସାତ୍—ଦେ. ବ—ସାତେସାତ୍ (ଦେଖ) Sātāsāt Sātesāt [See]

ସାତି—ସଂ. ବ (ସୋ ଧାତୁ=ନାଶ କରିବା+ଭାବ ତି)—୧ । ବିନାଶ— Sāti 1. Destruction. ୨ । ଅବସାନ; ଶେଷ—2. End. ୩ । ପୀଡ଼ା—3. Sickness.

୪ । ତୀବ୍ର ବେଦନା—4. Pain; pang; aching. ୫ । (ସନ୍ ଧାତୁ=ଦାନକରିବା+ଭାବ ତି)—ଦାନ— সাথী साथि 5. Gift; donation. ଦେ. ବ—୧ । ସାଥି (ଦେଖ)—1. Sāthi (See) (ଯଥା—କଣ୍ଟ ବନ୍ଧୁ ଏ ଯେତେକ ସମ୍ପଦର ସାଥି— অভাব अभाव ନନ୍ଦକିଶୋର କର୍ଣ୍ଣହରଣୀ ।) ୨ । ଅଭାବ— 2. Want; lack (ଯଥା—ବାପ ତେଲ ସାତିରେ ଲଣ୍ଡା, ପୁଅ ଦୁଲେଇ ବେଣ୍ଟି ରଖୁଛି ! ପ୍ରଗ ।) সাথে साथमे ଅ—ସାଥିରେ; ସଙ୍ଗେ ସମଭିବ୍ୟାହାରରେ- সাতী सातका With; in the company of ବଣ—ସାତସମ୍ବନ୍ଧୀୟ—Relating to seven.

ସାତିକ—ଗ୍ରା. ବିଣ (ସଂ. ସାତ୍ତ୍ୱିକ)—ସାତ୍ତ୍ୱିକ (ଦେଖ) Sātika Sātwika (See) সাত্তিক सात्तिक

ସାତିଶୟ—ସଂ. ବିଣ (ସ+ଅତିଶୟ=ଆଧିକ୍ୟ)—ଅତ୍ୟଧିକ— Sātiśaya Very much; excessive.

ସାତିସାର—ସଂ. ବିଣ. ପୁଂ (ସ+ଅତିସାର)—ଅତିସାରରୋଗଯୁକ୍ତ; Sātisāra ଅତିସାରଗ୍ରସ୍ତ—A person suffering (ସାତିସାରୀ—ସ୍ତ୍ରୀ) from dysentery.

ସାତିଳକ—ସଂ. ବ—(ସତିଳ+ଅ+କ)ସତିଳ (ଦେଖ) Sātilaka Satila (See)

ସାତୁଆ—ଦେ. ବ. ପୁଂ—୧ । ସହଚର; ସାଥୁଆ; ସଙ୍ଗୀ— Sātuā 1. Companion; colleague. [ସାତେ(ତୋ)ଇ—ସ୍ତ୍ରୀ] ୨ । ଭାଗିଦାର—2. Cosাথুয়া, সেথো साथी sharer. ୩ । ସହଯାତ୍ରୀ— 3. Fellow traveller.

ସାତୁଅଳ—ଦେ. ବିଣ.—ସପ୍ତମ—Seventh; 7th. Sātuāla (ଯଥା—ଏବେ ମୁଁ ସାତୁଅଳ ଜନ୍ମେ ନାଉଦେଖ) সপ্তম सातवा ପଦ୍ମରୁ ଭୁମ୍ବେଟି ହୋଇଲି ପ୍ରକାଶ— କୃଷ୍ଣସିଂହ ମହାଭାରତ ଶାନ୍ତି ।)

ସାତୁକୀ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ସାତ୍ତ୍ୱିକ)—ସାତ୍ତ୍ୱିକଲକ୍ଷଣଯୁକ୍ତ- Sātukī Having Sātwika qualities. সাত্তিক सातकी (ଯଥା—ରାଧା ସାତୁକୀ ରୁକ୍ମିଣୀ, ଯାହା କହନ୍ତି ବେଦ ଅଥର୍ବଣୀ—ପ୍ରାଚୀ ରହସ୍ୟମଞ୍ଜରୀ)

ସାତୁକ୍ୟ(ଇତ୍ୟାଦି)—ଦେ.ବିଣ—ସାତ୍ତ୍ୱିକ ଇତ୍ୟାଦି (ଦେଖ) Sātukya(etc) Sātwika etc [See]

ସାତୁ(ତୋ)ଟା—ଗ୍ରା. ବ ଓ ବିଣ (ଅନାଦରାର୍ଥକ)—୧ । ସାତଗୋଟା— Sātu(to)ṭā 1. Seven in number. [ସାତ(ତୁ,ତୋ)ଟି—ଆଦରାର୍ଥକ] ୨ । ଘଣ୍ଟାରେ ସାତ ବାଜିବା ବେଳ সাতটা सात 2. 7 o'clock [ଯ—ଟା, ଟାଏ, ଟି ଅଦ୍ୟନ୍ତ ହେଲେ ଅବାନ୍ତର ଓ ଇତ୍ୟାନ୍ତ କେତେକ ସଂଖ୍ୟାବାଚକ ଓ ଅନ୍ୟ କେତେକ ଶବ୍ଦର ଶେଷ ଅକ୍ଷର ଉକାରାନ୍ତ

ହୋଇ ଉଚ୍ଚାରିତ ହୁଏ; ଯଥା—ସାଙ୍ଗୁଠା, ସାଙ୍ଗୋଠା, ମଣିଷଠାଏ, ତଳୁଠା, ଉପୋଠା, ଉପୋଟି, ଘରୁଠା ।]

ସାତେ—ଗ୍ରା. ଅ [ସଂ ସହିତ]—ସାଥେ; ସଙ୍ଗେ—With. [ଦ୍ର—
Sāte ସାତ ପର ଗାତେ, ତମ୍ ପର ତାହା ସାତେ—ଚଗ ।]
সাথে साथमे

ସାତେସାତ୍—ଦେ. ଅ [ସଂ ସହିତ]—୧ । ସାଥେସାଥ୍; ସଙ୍ଗେ ସଙ୍ଗେ
Sātesāt 1. Together with. ୨ । ତତ୍‌କ୍ଷଣାତ୍—
সাথে সাথে साथेसाथे 2. At once; immediately.
୩ । ଅତିଶୀଘ୍ର—3. Very soon.

ସାତୋଡ଼ା—ଦେ. ବି—୧ । କେତେ ପ୍ରାଚୀନ ଗଡ଼ଜାତର ରାଜବଂଶର
Sātorḍā ଉପାଧିବିଶେଷ—1. A title of some of the ancient ruling families of Orissa. ୨ । କେତେକ ପ୍ରାଚୀନ ରାଜକର୍ମଚାରୀଙ୍କ ଉପାଧି—2. Title given to Rajas of small principalities.

ସାତୋଡ଼ାବେହେରା ମହାପାତ୍ର—ଦେ. ବି—ପ୍ରାଚୀନ ଉତ୍କଳର ରାଜାଙ୍କ
Sātorḍā beherā mahāpātra ଅଧୀନ ମଫସଲର ରାଜକର୍ମଚାରୀବିଶେଷ—Name of an official in the muffasil under the ancient kings of Orissa. [ଦ୍ର—ପୁରୁଣା ସନନ୍ଦମାନଙ୍କରେ 'ସାତୋଡ଼ାବେହେରା ମହାପାତ୍ର'ଙ୍କ ପ୍ରତି ଆଦେଶ ଦିଆଯାଇଅଛି ଯେ, ଅମୁକ ବ୍ୟକ୍ତିକୁ ଏ ଭୂମି ଚିରକାଳ କାଏମ ରୂପେ ଛାଡ଼ିବ ହେବ ।]

ସାତ୍ତ୍ୱିକ (ଇତ୍ୟାଦି)—ସଂ. ବଣ—ସାତ୍ୱିକ ଇତ୍ୟାଦି (ଦେଖ)
Sāttwika (etc) Satwika etc. (See)

ସାତ୍ତ୍ୱିକ ଅଭିନୟ—ସଂ. ବି—ସ୍ତମ୍ଭ ସ୍ୱେଦାଦି ସାତ୍ତ୍ୱିକ ବିକାର ଯୁକ୍ତ
Sāttwika abhinaya ହୋଇ ପାତ୍ରମାନେ ରଙ୍ଗମଞ୍ଚରେ ଯେଉଁ ଅଭିନୟ ଦେଖାନ୍ତି—The exhibitin of sweating, prostration and other indications of attachment or amour by actors on certain occasions.

ସାତ୍ତ୍ୱିକାନୁଭାବ—ସ. ବ (ସାତ୍ତ୍ୱିକ+ଅନୁଭାବ; ବହୁବ୍ରୀ)—ସତ୍ତ୍ୱ
Sāttwikānubhāba ଗୁଣରୁ ଯାହାର ଉତ୍ପତ୍ତି—Produced from Sattwa guṇa. ସଂ. ବ (କର୍ମଧା)—ଭକ୍ତିର ବା ପ୍ରେମର ଅତିଶଯ୍ୟର ଫଳରେ ଶରୀରରେ ଜାତ କେତେକ ପରିବର୍ତ୍ତନ—Some physical changes due to paroxysm of devotion or love. [ଦ୍ର—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ, ଏହି ଆଠ ଗୋଟିର ନାମ ସାତ୍ତ୍ୱିକାନୁଭାବ ଅଟେ ।]

ସାତ୍ୱ—ସଂ. ବଣ (ସତ୍ତ୍ୱ+ଅ)—ସତ୍ତ୍ୱଗୁଣ ସମ୍ବନ୍ଧୀୟ; ସାତ୍ତ୍ୱିକ (ବି.ଣ)
Sātwa Relating to satwa guṇa.

ସାତ୍ୱତ—ସଂ. ବି (ସାତ୍ୱ+ଅତ୍. ଧାତୁ=ସତତ ଗମନ କରିବା+କର୍ତ୍ତି.
Sātwat କ୍ୱିପ୍)—୧ । ଯଦୁବଂଶୀୟମାନଙ୍କର ଶାସିତ ପ୍ରାଚୀନ ରାଜ୍ୟ ବିଶେଷ—Name of a kingdom ruled by the Jadu dynasty of ancient western India. ୨ । ଯଦୁବଂଶୀୟ ଲୋକ—2. A person of the Jadu clan. ୩ । (ସାତ ଧାତୁ=ସୁଖୀ କରିବା+କର୍ତ୍ତି. ଅତ୍) ଉପାସକ; ପୂଜକ—3. Worshipper.

ସାତ୍ୱତ—ସ. ବ (ସାତ୍ୱତ୍+ଅ)—୧ । ସାତ୍ୱତ୍‌ଦେଶୀୟ ଲୋକମାନେ
Sātwata (ବହୁବଚନ)—1. The inhabitants of the ancient Sātwat country. ୨ । ବଳଦେବ; ବଳରାମ (ବୈମାତ୍ରେୟ)—2. Balarāma, the elder step brother of Śrikrushṇa. ୩ । ଶ୍ରୀକୃଷ୍ଣ 3. Śrikrushṇa. ୪ । ଯଦୁବଂଶୀୟ ବ୍ୟକ୍ତି; ଯାଦବ (ବି. ଣ)—4. A generic name for a person of the Jadu dynasty. ୫ । ବିଷ୍ଣୁ (ତ୍ରିକାଣ୍ଡଶେଷ)—5. Bishṇu. ୬ । (ସାତ୍ୱତୀ+ଅପତ୍ୟାର୍ଥେ. ଅ) ଶିଶୁପାଳ—6. Śisupāla. ୭ । ବିଷ୍ଣୁଭକ୍ତବିଶେଷ (ଯେଉଁ ଭକ୍ତ ଅନନ୍ୟ ମନରେ ବିଷ୍ଣୁଙ୍କୁ ଭଜନ କରେ ଓ ସତ୍ୟକୁ ଏବଂ ସତ୍ତ୍ୱକୁ ସର୍ବଦା ଆଶ୍ରୟ କରିଥାଏ ଏବଂ କାୟମନୋବାକ୍ୟରେ ବିଷ୍ଣୁଙ୍କର ସେବାରେ ସର୍ବଦା ଲାଗିଥାଏ; ପଦ୍ମପୁରାଣ)—7. A devotee of Bishṇu who devotes himself solely to the service of Bishṇu. ୮ । ଯଦୁବଂଶୀୟ ଅଂଶୁରାଜଙ୍କ ପୁତ୍ର ଜଣେ ରାଜା—8. Name of a king of the Jadu dynasty. [ଦ୍ର—ଏ ଅତିଶୟ ବିଷ୍ଣୁଭକ୍ତ, ପ୍ରତାପୀ, ମହାତ୍ମା, ଦାନଶୀଳ, ଧନୁର୍ବେଦବିତ୍ ଥିଲେ ଓ ଭକ୍ତ ଲୋକାଦି ସମ୍ବନ୍ଧେ ଏ ଗୋଟିଏ ସ୍ମୃତିଶାସ୍ତ୍ର ପ୍ରବର୍ତ୍ତିତ କରିଥିଲେ । ଏହାଙ୍କ ନାମାନୁସାରେ ସେହି ଶାସ୍ତ୍ର ଚଳୁଅଛି । ଏହାଙ୍କର ପାଞ୍ଚଗୋଟି ପୁତ୍ର ମଧ୍ୟରୁ ଜଣଙ୍କର ନାମ ଭୋଜ (କୂର୍ମପୁରାଣ)] । ୯ । ମନୁସଂହିତାରେ ଉକ୍ତ ବ୍ରାତ୍ୟ ବୈଶ୍ୟଙ୍କଠାରୁ ଉତ୍ପନ୍ନ ଜାତିବିଶେଷ (ବି. ଣ)—9. Name of an uninitiated Baisya caste according to Manu. [ଦ୍ର—ମନୁ ୧୦।୨୩ ରେ ଲେଖା ଅଛି ଯେ, ବ୍ରାତ୍ୟ ବୈଶ୍ୟଙ୍କଠାରୁ ସୁଧନ୍ୱା, ଚାର୍ଯ୍ୟ, କାରୁଷ, ବିଜନ୍ମା, ମୈତ୍ର ଓ ସାତ୍ୱତ ଜାତ ହୋଇଥିଲେ ।]

ସାତ୍ୱତୀ—ସଂ. ବ ସ୍ତ୍ରୀ (ସାତ୍ୱତ୍+ସ୍ତ୍ରୀ ଈ)—୧ । ନାଟକବୃତ୍ତିବିଶେଷ;
Sātwati ନାଟକୀୟ ରୀତିବିଶେଷ—1. Name of a dramatic style. [ଦ୍ର—ଏ ବୃତ୍ତିର ବ୍ୟବହାର ବୀର, ରୌଦ୍ର, ଅଦ୍ଭୁତ, ଶୃଙ୍ଗାର ଓ ଶାନ୍ତ ରସରେ କରାଯାଏ । ଯେଉଁ ସ୍ଥଳରେ ନାୟକଙ୍କ ଉକ୍ତିରୁ ତାଙ୍କର ଶୂରତା, ଦାନଶୀଳତା, ଦାକ୍ଷିଣ୍ୟ ଆଦି ଗୁଣ

ପ୍ରକଟିତ ହୁଏ, ସେଠାରେ ସାତ୍ୱତୀ ବୃତ୍ତି ହୋଇଥିବା ବୋଲଯାଏ ।] ୨ । ଶିଶୁପାଳଙ୍କ ମାତା— 2. Name of the mother of Śisupāla. ୩ । ସୁଭଦ୍ରାଙ୍କର ଏକ ନାମ (ବୃ. ଶ.)— 3. A name of Subhadrā.

ସାତ୍ୱତୀ ବୃତ୍ତି—ସଂ. ବି—ସାତ୍ୱତୀ ୧ (ଦେଖ)
Sātwatī brutti Sātwatī 1 (See)

ସାତ୍ୱିକ—ସଂ. ବିଣ (ସତ୍ତ୍ୱ+ଇକ)—୧ । ସତ୍ତ୍ୱଗୁଣସମ୍ବନ୍ଧୀୟ—
Sātwika 1. Relating to 'Satwa guṇa'
(ସାତ୍ୱିକୀ—ସ୍ତ୍ରୀ) ୨ । ସତ୍ତ୍ୱଗୁଣ ପ୍ରଣୋଦିତ— 2. Prompted by righteousness. ୩ । ସତ୍ତ୍ୱଗୁଣଜାତ—3. Born of or resulting from 'Satwa guṇa' ୪ । ଯେଉଁ ବ୍ୟକ୍ତିଠାରେ ସତ୍ତ୍ୱ ଗୁଣ ପ୍ରଧାନ ଅଟେ; ସତ୍ତ୍ୱଗୁଣ ପ୍ରଧାନ—4. (a person) In whom Satwaguṇa predominates. [ଦ୍ର—ଭଗବଦ୍ଗୀତା ୧୭ଶ ଓ ୧୮ଶ ଅଧ୍ୟାୟରେ ସାତ୍ୱିକପ୍ରିୟ ଅହାର, ସାତ୍ୱିକଯଜ୍ଞ, ସାତ୍ୱିକତପ, ସାତ୍ୱିକ ଯୋଗ, ସାତ୍ୱିକଜ୍ଞାନ, ସାତ୍ୱିକକର୍ମ, ସାତ୍ୱିକବୁଦ୍ଧି, ସାତ୍ୱିକ ଧୃତି ଓ ସାତ୍ୱିକ ସୁଖର ପ୍ରକାର ବର୍ଣ୍ଣିତ ହୋଇଅଛି । ସାତ୍ୱିକମାନେ ଦେବତାମାନଙ୍କୁ ଭଜନ୍ତି; ରାଜସିକମାନେ ଯକ୍ଷ ରକ୍ଷସାଦିଙ୍କୁ ଭଜନ୍ତି ଓ ତାମସିକମାନେ ପ୍ରେତ ଓ (ସାତ୍ୱିକତା—ବି) ଭୂତାଦିଙ୍କୁ ଭଜନ୍ତି ।] ୫ । ସତ୍; ସାଧୁ—
(ସାତ୍ୱିକୀ—ସ୍ତ୍ରୀ) Honest; righteous; upright. ୬ । ସତ୍ୟ—6. True. ୭ । ଫଳାକାଙ୍କ୍ଷାରହିତ— 7. Free from desire, ୮ । ନିଃସ୍ୱାର୍ଥ— 8. Selfless; unselfish. ବି—୧ । ମନରେ ଭକ୍ତି ବା ପ୍ରେମ ଯୋଗୁଁ ସତ୍ତ୍ୱଗୁଣର ଉଦ୍ରେକ ହେଲେ ସେହି ସେହି ଶାରୀରିକ ବିକାର ଅବସ୍ଥା ଘଟେ—1. Physical states or indications of a person who is overpowered with devotion or amour (they are eight in number). [ଦ୍ର—ଏହା ଅଷ୍ଟବିଧ-ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, କମ୍ପ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ବା ମୂର୍ଚ୍ଛା ବା ପ୍ରଳାପ । ଯେଉଁ ଭକ୍ତ ଭକ୍ତିପ୍ରେମରେ ବୁଡ଼ିଯାଇ ବାହ୍ୟଜ୍ଞାନଶୂନ୍ୟ ହୁଅନ୍ତି ଓ ଯେଉଁ ପ୍ରେମିକ ପ୍ରେମିକା କାମକେଳିରେ ମତ୍ତ ହୋଇ ବାହ୍ୟଜ୍ଞାନଶୂନ୍ୟ ହୁଅନ୍ତି, ସେମାନଙ୍କଠାରେ ଏହି ଲକ୍ଷଣମାନ ପ୍ରକାଶ ପାଇବା ଦେଖା ଯାଏ ।] ୨ । ବ୍ରହ୍ମା (ହେମଚନ୍ଦ୍ର)—2. Brahmā, the Creator. ୩ । ସାତ୍ୱତୀ ୧ (ଦେଖ) (ବୃ. ଶ)—Sātwatī 1 (See) ୪ । ବିଷ୍ଣୁ (ବୃ. ଶ)—4. An epithet of Bishṇu.

ସାତ୍ୱିକ କର୍ତ୍ତା—ସଂ. ବି—ଯେଉଁ ବ୍ୟକ୍ତି ଫଳକାମନା ତ୍ୟାଗ କରି କାମ-
Sātwika karttā କ୍ରୋଧାଦି ବର୍ଜିତ ଓ ସଙ୍ଗରହିତ ହୋଇ କର୍ମ କରେ (ଗୀତା)—A person who does things most disinterestedly.

ସାତ୍ୱିକ କର୍ମ—ସଂ. ବି—ସଙ୍ଗରହିତ, କାମନା ରହିତ ଓ ରାଗଦ୍ୱେଷ-
Sātwika karma ରହିତ ହୋଇ କରାଯିବା କର୍ମ (ଗୀତା)— Disinterested, dispassionate and righteous act.

ସାତ୍ୱିକ ଜ୍ଞାନ—ସଂ. ବି—ସର୍ବଭୂତଠାରେ ଏକରୂପ ଜ୍ଞାନ ଓ ବିଭକ୍ତ
Sātwika jñāna ବସ୍ତୁରେ ଅବିଭକ୍ତ ଜ୍ଞାନ (ଗୀତା)— Equal consideration in all things.

ସାତ୍ୱିକ ତପଃ—ସଂ. ବି—ଅଫଳାକାଙ୍କ୍ଷୀ ଯୋଗୀ ବ୍ୟକ୍ତିଙ୍କ ତପସ୍ୟା
Sātwika tapaḥ (ଗୀତା)—The penance done by a devotee who has no motives.

ସାତ୍ୱିକ ଦାନ—ସଂ. ବି—ଉପଯୁକ୍ତ ଦେଶକାଳ ପାତ୍ରରେ ଅନୁପକାରୀ
Sātwika dāna ବ୍ୟକ୍ତିକୁ କର୍ତ୍ତବ୍ୟପ୍ରେରଣାରେ ପ୍ରଦତ୍ତ ଦାନ (ଗୀତା)—A gift made in a disinterested manner and prompted by a sense of duty.

ସାତ୍ୱିକ ଧୃତି—ସଂ. ବି (କର୍ମଧା)—ମନଃପ୍ରାଣେନ୍ଦ୍ରିୟ କ୍ରିୟାକୁ
Sātwika dhruti ଅବ୍ୟଭିଚାରୀ ଯୋଗ ଦ୍ୱାରା ଯେଉଁ ଧୃତି ଧାରଣ କରେ (ଗୀତା)—Composure or steadiness which always keeps the mind, body and organs regulated and controlled.

ସାତ୍ୱିକ ପୁରାଣ—ସଂ. ବି—ବିଷ୍ଣୁ, ପୁରାଣ, ନାରଦୀୟ ପୁରାଣ, ଭାଗବତ,
Sātwika purāṇa ଗରୁଡ଼, ପଦ୍ମ ଓ ବରାହ ପୁରାଣ, ଏହି ୬ ଗୋଟି ପୁରାଣ—Six Purāṇas classified as the best ones.

ସାତ୍ୱିକ ପୂଜା—ସଂ. ବି (କର୍ମଧା)—ସାତ୍ୱିକୀ ପୂଜା (ଦେଖ)
Sātwika pūjā Sātwikī pūjā. (See)

ସାତ୍ୱିକ ପ୍ରିୟ—ସଂ. ବିଣ—ସାତ୍ୱିକ ବ୍ୟକ୍ତିର ପ୍ରିୟ (ଯଥା—ଖାଦ୍ୟ)—
Sātwika priya Dear to or loved by a 'Sātwika' person.

ସାତ୍ୱିକ ପ୍ରିୟ ଖାଦ୍ୟ—ସଂ. ବି—ଯେଉଁ ଅହାର ଦ୍ୱାରା ଆୟୁ, ବଳ
Sātwika priya khādya ତଥା ସାତ୍ୱିକ ଗୁଣ ବୃଦ୍ଧି ହୁଏ (ସାତ୍ୱିକ ପ୍ରିୟ ଅହାର—ଅନ୍ୟରୂପ) ["ଆୟୁଃସତ୍ତ୍ୱ ବଳାରୋଗ୍ୟ ସୁଖ ପ୍ରୀତି ବିବର୍ଦ୍ଧନାଃ, ରସ୍ୟା ସ୍ନିଗ୍ଧା ସ୍ଥିରା ହୃଦ୍ୟା ଆହାରାଃ ସାତ୍ୱିକ ପ୍ରିୟାଃ ।" ଗୀତା ୧୭ ଅଧ୍ୟାୟ]— A class of food which contributes towards one's physical and mental health.

ସାତ୍ୱିକବନ୍ତ—ଗ୍ରା. ବିଣ—ସତ୍ତ୍ୱଗୁଣ ଯୁକ୍ତ—Having the virtue
Sātwikabanta of righteousness.
সাত্বিক [ଦ୍ର—ସାତ୍ୱିକବନ୍ତ ଲୋକ ଶୁଦ୍ଧ ହୋଇଥିଲେ, କ୍ରମରେ
সাত্বিকবন্ত ଅଧିକରୁ ଲଭିଲ ସେ ଭଲେ । କୃଷ୍ଣସିଂହ- ମହାଭାରତ ବନ ।]

ସାତ୍ତ୍ୱିକ ବିକାର—ସଂ. ବି—୧ । ସାତ୍ତ୍ୱିକ ୧ (ଦେଖ)
Sātwika bikāra 1. Sātwika 1 (See)
(ସାତ୍ତ୍ୱିକ ଭାବ—ଅନ୍ୟରୂପ) ୨ । ପ୍ରେମିକ ପ୍ରେମିକାଙ୍କ ଅଙ୍ଗାଦରେ ଲକ୍ଷିତ ପ୍ରେମ ବା ଭାବାବସ୍ଥା ଓ ଭକ୍ତି ଜନିତ ଅଷ୍ଟବିଧ ବିକାର--2. Eight kinds of physical manifestations of a person who is overpowered with devotion or amour.

[ଦ୍ର—ଏହି ଅଷ୍ଟବିଧ ବିକାରର ନାମ ଯଥା—୧—ସ୍ତମ୍ଭ, ୨—ବୈବର୍ଣ୍ଣ୍ୟ, ୩—ରୋମାଞ୍ଚ, ୪—କମ୍ପ, ୫—ସ୍ୱେଦ, ୬—ଅଶ୍ରୁ, ୭—ସ୍ୱରଭଙ୍ଗ, ୮—ପ୍ରଳୟ ବା ମୂର୍ଚ୍ଛା ବା ପ୍ରଳାପ । ଏହି ଅଷ୍ଟବିଧ ଲକ୍ଷଣ ନାୟକନାୟିକାଙ୍କ ଅଙ୍ଗରେ ଓ ଭକ୍ତଙ୍କ ଅଙ୍ଗରେ ଗୋଟିକ ପରେ ଗୋଟିଏ କ୍ରମରେ ପ୍ରକାଶ ପାଏ । କବିବର ଉପେନ୍ଦ୍ର ଭଞ୍ଜ ରଚନାକୃତ କୋଟି-ବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟର ୧୮ଶ ଛାନ୍ଦର ୨୨ଶ ପଦରୁ ୨୯ଶ ପଦରେ ଏହି ବିକାରମାନଙ୍କ ବର୍ଣ୍ଣନା କରିଅଛନ୍ତି । ନିମ୍ନରେ ତାହା ପ୍ରଦତ୍ତ ହେଲା—

୧ । ସ୍ତବକ ଜନକୁ ଲେଖନ କର ହୁଗାଯା ବୋଲେ
ହେମ ପିତୁଳାକି ଭୁଲା ହେଲ ଜାନୁବର୍ତ୍ତିଲା କୂଳେ ।
(ସ୍ତମ୍ଭ)

୨ । ଦେଖି ଦେଖି ଭଳେ ବିବର୍ଣ୍ଣ କର୍ଣ୍ଣିକ ସେ ଅପସ୍ୱ,
ଏ ଶୋଭସଦନ ମଦନ ସୁଧା ଲେପନ ସସ୍ୱ ।
(ବୈବର୍ଣ୍ଣ୍ୟ)

୩ । ପୁଲକଜାଲକ ଯହିଁ ସେ ଅବ୍ୟା କହନ୍ତ ବେଳେ,
କୁସୁମିତ ତରୁ ତରୁଣୀ ପୁଷ୍ପାକୃତ ସର୍ବାଙ୍ଗେ ।
(ରୋମାଞ୍ଚ)

୪ । ମଧ୍ୟା ଭାବେ ସତ କୁସୁମ ଚନ୍ଦ୍ରମତରେ ଥିବ
ଶୋଭିକର ଚର ଅଧର ଜବ ପଲ୍ଲବ ପରି ।
(କମ୍ପ)

୫ । ଅନ୍ୟା ବୋଲେ ଜାତ ଚିତ୍ରକ-ଜାତବେଦ ସଙ୍ଗରେ
ଚଳେ ପ୍ରଜ୍ୱଳେ ଅର୍ଦ୍ଧ ସ୍ୱରୁ ଢଳେ ପୃଷ୍ଠ ତା ଏବେ
(ସ୍ୱେଦ)

୬ । ନୋହୁ ନିବାର୍ ନେତ୍ର ବାର ଭ୍ରୂ ପ୍ରଥମା କରେ
ଗଳାଲ୍ଲେ ମିଳିତ ମିଳନ ମକରନ୍ଦ ଉଦ୍‌ଗାରେ ।
(ଅଶ୍ରୁ)

୭ । ବଚନ କରନ୍ତେ ରଚନ ଅଧେ ଦ୍ୱିଗାୟା ଭାବେ
କଳକଣ୍ଠ କଣ୍ଠ ବହିଛି ଶୋକ-ଘନ ପ୍ରକାଶେ ।
(ସ୍ୱରଭଙ୍ଗ)

୮ । ଜ୍ଞାନ ବଶ୍ମନ ବହି ବଶେ ତାହା ତୃଗାୟା ଗୃହଁ
ପୁଳିକା ଲୁଣ୍ଠିତ ତାଙ୍କର ବିଷ ଚେତନା ନହି ।
(ଅଚୈତନ୍ୟବା ପ୍ରଳୟ)

ସାତ୍ତ୍ୱିକ ବୁଦ୍ଧି—ସଂ. ବି (କର୍ମଧା)—ଯେଉଁ ବୁଦ୍ଧିଦ୍ୱାରା ପ୍ରବୃତ୍ତି-ନିବୃତ୍ତି,
Sātwika buddhi କାର୍ଯ୍ୟାକାର୍ଯ୍ୟ, ଭୟାଭୟ, ବନ୍ଧମୋକ୍ଷ ଜଣା ଯାଏ (ଗୀତା)—Intelligence which is able to distinguish good from bad.

ସାତ୍ତ୍ୱିକ ଯଜ୍ଞ—ସଂ. ବି—କର୍ତ୍ତବ୍ୟ ପ୍ରେରଣାରେ ବିଧିପୂର୍ବକ ଅନୁଷ୍ଠିତ
Sātwika jajña ଫଳକାମନା ରହିତ ଯଜ୍ଞ (ଗୀତା)—A sacrifice performed with customary rites from a sense of duty.

ସାତ୍ତ୍ୱିକ ସ୍ମୃତି—ସଂ. ବି—ବଶିଷ୍ଠ, ହାରୀତ, ବ୍ୟାସ, ପରାଶର, ଭରଦ୍ୱାଜ,
Sātwika smṛuti କାଶ୍ୟପ ମୁନିମାନଙ୍କ କୃତ ସ୍ମୃତିଶାସ୍ତ୍ର (ପଦ୍ମପୁରାଣ)—The codes of Hindu law compiled by 6 of the ancient law-givers of India.

ସାତ୍ତ୍ୱିକା—ସଂ. ବି. ସ୍ତ୍ରୀ (ସାତ୍ତ୍ୱିକ+ସ୍ତ୍ରୀ. ଆ)—ଦୁର୍ଗା (ପ୍ରକୃତିବାଦ)—
Sātwikā A name of Durgā.

ସାତ୍ତ୍ୱିକାହାର—ସଂ. ବି (କର୍ମଧା)—ଯେଉଁ ଆହାରଦ୍ୱାରା ସତ୍ତ୍ୱଗୁଣର
Sātwikāhāra ବୃଦ୍ଧି ହୁଏ; ସାତ୍ତ୍ୱିକପ୍ରିୟ ଆହାର—The food which improves the good qualities of the partaker.

ସାତ୍ତ୍ୱିକୀ—ସଂ. ବିଣ (ସାତ୍ତ୍ୱିକ+ସ୍ତ୍ରୀ. ଈ)—ସାତ୍ତ୍ୱିକ ଶବ୍ଦର ସ୍ତ୍ରୀଲିଙ୍ଗ—
Sātwikī The feminine of Sātwika. ବି—ଦୁର୍ଗା (ଶବ୍ଦରତ୍ନାବଳୀ)—Goddess Durgā.

ସାତ୍ତ୍ୱିକୀ ପୂଜା—ସଂ. ବି—୧ । ଜପଯଜ୍ଞ ଓ ନିରାମିଷ ନୈବେଦ୍ୟ ଓ
Sātwikī pūjā ସ୍ତବ ପାଠଦ୍ୱାରା କରାଯିବା ପୂଜା—1. Worship of a Deity performed in a Sātwika manner. ୨ । ଫଳକାମନା ରହିତ ଦେବାରାଧନା—2. Worshipping a Deity without asking for any boon.

ସାତ୍ମକ—ସଂ. ବିଣ (ସ+ଆତ୍ମନ୍+କ)—ଆତ୍ମବିଶିଷ୍ଟ; ଆତ୍ମା ଦ୍ୱାରା ଯୁକ୍ତ
Sātmaka (ହି. ଶ)—Joined with the soul.
(ସାତ୍ମିକା—ସ୍ତ୍ରୀ)

ସାତ୍ମ୍ୟ—ସଂ. ବିଣ (ଆତ୍ମନ୍+ସ୍ୱାର୍ଥେ. ଯ=ଆତ୍ମ୍ୟ; ସ=ସହିତ
Sātmya ବର୍ତ୍ତମାନ+ଆତ୍ମ୍ୟ)—୧ । ସୁଖଜନକ (ଭୈଷଜ୍ୟ ରତ୍ନାବଳୀ)—1. Producing happiness. ୨ । ସୁଖକର—2. Pleasant. ୩ । ମଙ୍ଗଳକର—3. Beneficial. ସଂ. ବି—୧ । ସାରୂପ୍ୟ; ସରୂପତା (ହି. ଶ)—1. The state of being corporeal. ୨ । (ବୈଦ୍ୟକ) ଯେଉଁ ରସ ସେବନଦ୍ୱାରା ଶରୀର ର ଉପକାର ହୁଏ ଓ ବହିର ଫଳରେ ପ୍ରକୃତିବିରୁଦ୍ଧ କୌଣସି କର୍ମ କଲେ ଶରୀରର ଅନିଷ୍ଟ ହୁଏ ନାହିଁ (ହି. ଶ)—2 Any food which is beneficial to the body. ୩ । ଋତୁ, କାଳ, ଦେଶ ଅବର

ଅନୁକୂଳ ଅହାର ବହାର (ବ୍ୟ. ଶ)—3. Food and conduct befitting particular seasons and countries.

ସାତ୍ୟକ—ସଂ. ବି. ପୁଂ (ସତ୍ୟକ+ଅପତ୍ୟାର୍ଥେ, ଇ)—କୃଷ୍ଣଙ୍କ ସାରଥି;
Sātyaki ଯଦୁବଂଶୀୟ ସାରଥିବିଶେଷ—Name of the charioteer of Srikrushna. [କୃ—ଏହାଙ୍କ ପିତାଙ୍କ ନାମ ସତ୍ୟକ ଥିଲା । ଏହାଙ୍କର ଅପର ନାମ ଯୁଯୁଧାନ । ଏ ଶ୍ରୀକୃଷ୍ଣଙ୍କର ଶିଷ୍ୟ ଓ ବିଶେଷ ସ୍ନେହପାତ୍ର ଥିଲେ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କଠାରୁ ଏ ଅସ୍ତ୍ରବିଦ୍ୟା ଶିଖିଥିଲେ । କୁରୁକ୍ଷେତ୍ରରେ ଏ ପାଣ୍ଡବଙ୍କ ପକ୍ଷ ଅବଲମ୍ବନ କରି ଚତୁର୍ଦ୍ଦଶ ଦିବସରେ କୁରୁସେନାଙ୍କ ବ୍ୟୂହ ଭେଦ କରି ଅନେକ ମହାରଥୀଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଶେଷରେ ଭୂରିଶ୍ରବା ଏହାଙ୍କୁ ପରାଜିତ କରିବାରୁ ଅର୍ଜୁନ ସେଠାରେ ଉପସ୍ଥିତ ହୋଇ ଭୂରିଶ୍ରବାଙ୍କ ଦକ୍ଷିଣ ବାହୁ ଛେଦନ କଲେ ଏବଂ ଏ ଭୂରିଶ୍ରବାଙ୍କୁ ବଧ କଲେ । ଯଦୁବଂଶ ଧ୍ୱଂସକାଳରେ ଏ ବିନାଶପ୍ରାପ୍ତ ହେଲେ । ଅଙ୍ଗଦ ନାମରେ ଏହାଙ୍କର ଗୋଟିଏ ପୁତ୍ର ଥିଲା ।]

ସାତ୍ୟଦୂତ—ସଂ. ବି—ସରସ୍ୱତୀ ଆଦି ଦେବୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ
Sātyadūta ହୋମ (ବ୍ୟ. ଷ)—Homa performed in honour of Saraswati and other Goddesses.

ସାତ୍ୟବତ—ସଂ. ବି. ପୁଂ (ସତ୍ୟବତୀ+ଅପତ୍ୟାର୍ଥେ, ଅ)—
Sātyabata ବ୍ୟାସଦେବ—The sage Byāsa.
(ସାତ୍ୟବତେୟ—ଅନ୍ୟରୂପ)

ସାତ୍ରାଜିତ—ସଂ. ବି. ପୁଂ (ସତ୍ରାଜିତ+ଅପତ୍ୟାର୍ଥେ ଅ)—ରାଜା
Sātrājita ଶତାନୀକ—King Satānika.

ସାତ୍ରାଜିତୀ—ସଂ. ବି. ସ୍ତ୍ରୀ (ସତ୍ରାଜିତ+ଅପତ୍ୟାର୍ଥେ ଅ+ସ୍ତ୍ରୀ. ଈ)—
Sātrājiti ଶ୍ରୀକୃଷ୍ଣଙ୍କର ଏକତମା ମହିଷୀ ସତ୍ୟଭାମା—Queen Satyabhāmā.

ସାଥ—ଦେ. ଅ (ସଂ. ସାର୍ଦ୍ଧଂ; ସହ; ସହିତ)—୧ । ସହିତ—
Sātha 1. With. [ଉ—ତୁମ୍ଭେ ଏବା ଲଗି ପାର ତାହାଙ୍କ
ସାଥ साथ ସାଥ—କୃଷ୍ଣସିଂହ. ମହାଭାରତ. ବନ ।] ୨ ।
ସଙ୍ଗେ—2. In company of. ବି—ସଙ୍ଗ—Company. [ଉ—ଜନ୍ତୁଥାଏ ପୁଣି ପାଇ ସେ ଲୁଣ୍ଠା ସାଥ—କୃଷ୍ଣସିଂହ. ମହାଭାରତ. ବନ ।]

ସାଥରେ—ଦେ. ଅ—ସଙ୍ଗରେ; ସଙ୍ଗେ; ସହିତେ—With; along
Sāthare with; in the company of. [ଉ—
সঙ্গে, সাথে ବସିଲି ମୁହିଁ ଯାଇ ମାତଲ ସାଥରେ—କୃଷ୍ଣସିଂହ.
साथमें (ସାଥିରେ, ସାଥେ—ଅନ୍ୟରୂପ) ମହାଭାରତ. ବନ ।]

ସାଥା(ଥେ)ସାଥ(ଥି)—ଦେ. ଅ—ସାଥେସାଥ (ଦେଖ)—Sāthesāth
Sātha(the)sāth(thi) (See) সাথে সাথে সঙ্গে সঙ্গে
(ସାଥିସାଥି) साथेसाथ

ସାଥି—ଦେ. ବି—୧ । ସଙ୍ଗ—1. Companionship. ୨ । ସଙ୍ଗୀ—
Sāthi 2. Companion. [ଉ—ସମସ୍ତେ ସୁଖର ସାଥି,
সাথী ଅର୍ଥର ଦାସ; ବେଳ ପଡ଼ିଲେ କେହ୍ନୁ କାହାର ନୁହେଁ—
साथी ଫକୀରମୋହନ. ଛମାଣ, ଅଠଗୁଣ ।] ୩ । ସହଯାତ୍ରୀ—
3. A fellow-traveller. ୪ । ଭାଗିଦାର—4. Partnership. ୫ । ସହକର୍ମୀ—5. Colleague; fellow; associate. ୬ । ଦୁଃଖ ଓ ସୁଖବେଳେରେ ସଙ୍ଗୀ—6. A companion in trouble and
সঙ্গে joy. ଅ—ସଙ୍ଗେ—With. (ଉ—ଦଶରଥ ହେଲା
साथ ମିଳି ଅନ୍ୟ ଜଣ ସାଥି—କୃଷ୍ଣସିଂହ. ମହାଭାରତ. ବନ ।)
ବିଣ—କୌଣସି ବ୍ୟକ୍ତି ସଙ୍ଗେ ଭଲ ମନ୍ଦରେ ସମାନଭାବରେ ଦାୟୀ—Equally responsible with any person; sharing the responsibility with any person.

ସାଥି କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଆପଣାର ସହଚରରୂପେ
Sāthi kariba ଗ୍ରହଣ କରିବା—To take a person
সাথি করা साथी करना as one's companion.

ସାଥି ଦାର୍—ଦେ. ବି—୧ । ଭାଗିଦାର୍; ଭାଗୁଆଳୀ—1. Partner.
sāthi dār ୨ । ସହଚର—2. Companion.
অংশীদার ভাগীদার साथी

ସାଥି ଦାରି—ଦେ. ବି—ଭାଗିଦାରି—
Sāthi dāri Partnership.
ভাগদারী भागदारी

ସାଥି ଧରିବା—ଦେ. କ୍ରି—କୌଣସି ବ୍ୟକ୍ତିର ସହଚରରୂପେ ତାକୁ
Sāthi dhariba ଅନୁସରଣ କରିବା—To follow
সাথী ধরা साथ धरना a person as companion.
(ସାଥି ଛାଡ଼ିବା—ବିପରୀତ)

ସାଥି ସଙ୍ଗ(ଙ୍ଗୀ)—ଦେ. ବ (ସହ ଚର ଶବ୍ଦ)—ସଙ୍ଗୀ—Associate.
Sāthi sanga(ngi) (ଉ—ଏକା ରହିଅଛୁ କାହିଁ ହୋଇ
সঙ্গী সাথী संगीसाथी ସାଥି ସଙ୍ଗ—ପ୍ରାଚୀ ବିହ୍ନିକରୂପଣ ଗୀତା ।)

ସାଥୁଆ—ଦେ. ବି. ପୁଂ—୧ । ସଙ୍ଗୀ; ସହଚର—1. Companion.
Sāthuā ୨ । ପଥପ୍ରଦର୍ଶକ ସହଚର—2. A guide.
[ସାଥେ(ଥୋ)ଇ—ସ୍ତ୍ରୀ] ୩ । ଯେଉଁ ଯାତ୍ରୀ ଗୁମାସ୍ତା ଅନ୍ୟ
সাথুআ, সেথো साथी ପଣ୍ଡାର ଯାତ୍ରୀଙ୍କ ସଙ୍ଗେ ଦୂର ଦେଶରୁ ତୀର୍ଥକୁ ଆସିଥାଏ—3. A pilgrim-agent who accompanies another Panda's pilgrims from a long distance to the place of pilgrimage. ପ୍ରାଦେ (ବିଭୂମି) ବି—ସ୍ୱର୍ଣ୍ଣକାର; ବଣିଆ—Goldsmith.

ସାଥୋର୍ଡ଼ା (ଇତ୍ୟାଦି)—ଦେ. ବି—ସତୋର୍ଡ଼ା ଇତ୍ୟାଦି (ଦେଖ)
Sāthorda (etc) Satordā etc (See)

ସାଦ—ସଂ ବି (ସଦ୍ ଧାତୁ=ଅବସନ୍ନ ହେବା+ଭାବ ଅ) ୧ । ବିଷାଦ-
Sāda 1. Grief. ୨ । ଗତି—2. Motion.

୩ । ଶରଣ—3. Taking shelter. ୪ । ଆଳସ୍ୟ—4. Idleness; inertness. ୫ । କ୍ଷୀଣତା; କୃଶତା—5. Leanness. ୬ । ବିନାଶ—6. Destruction. ୭ । ହିଂସା—7. Malevolence. ୮ । ଶୁଦ୍ଧି—8. Purity. ୯ । ଇଚ୍ଛା (ପ୍ରକୃତିବାଦ)—9. Desire. ୧୦ । ଗର୍ଭିଣୀର ବିଶେଷେଚ୍ଛା; ଦୋହଦ (ପ୍ରକୃତିବାଦ)—10. The desire of a pregnant woman for particular articles of food.

ସାଦତ୍—ବୈଦେ. ବି (ଫା)—୧। ଅଭ୍ୟାସ—1. Habit. ୨ । (ପୁଂ)
Sādat ମୁସଲମାନ ନାମ—2. A name of Mahomedans.
सादत् आदत

ସାଦତ୍ ଅଲ୍ଲୀ—ଦେ. ବି (ନାମ)—୧ । ଅଯୋଧ୍ୟାର ନବାବ ବଂଶର
Sādat alli ପ୍ରତିଷ୍ଠାତା—1. Name of the founder of the nabab family of Oudh.
सादत आली सादत आली
[ଦ୍ର—ଏ ପାରସ୍ୟରୁ ଭାରତରୁ ଚାକିରି କରିବା ପାଇଁ ଆସି ମୁସଲମାନ୍ ରାଜା ମହମ୍ମଦ ଶାହାଙ୍କଦ୍ୱାରା ଅଯୋଧ୍ୟା ଓ ଅଲ୍ଲାହାବାଦର ନବାବପଦରେ ନିଯୁକ୍ତ ହୋଇଥିଲେ ଓ ପରେ ଅଗ୍ରା ଓ ବଙ୍ଗର ମଧ୍ୟବର୍ତ୍ତୀ ଦେଶର ସ୍ୱାଧୀନ ନବାବ ହୋଇ ଖ୍ରୀ ୧୭୩୯ ସାଲରେ ପ୍ରାଣତ୍ୟାଗ କରିଥିଲେ ।] ୨ । ଅଯୋଧ୍ୟାର ଜଣେକ ନବାବ—2. Name of a Nabab of Oudh. [ଦ୍ର—ଅସଫ୍ ଉଦ୍ଦୌଲାଙ୍କ ମୃତ୍ୟୁ ପରେ ଗଭର୍ଣ୍ଣର ଜେନେରାଲ୍ ସର୍ ଜନ୍ ସୋର୍ ଲକ୍ଷ୍ନୌଠାରେ ଏହାଙ୍କୁ ୧୭୯୮ ରେ ନବାବ-ଗାଦିରେ ବସାଇଥିଲେ ।]

ସାଦନ—ସଂ ବି (ସଦ୍ ଧାତୁ ଣିଚ୍, ସାଦ ଧାତୁ+ଅଧିକରଣ ଅନ)—୧ ।
Sādana ଘରକ; ଗୃହ (ଭରତ)—1. House; dwelling. ୨ । (+ଭାବ ଅନ)—ବିନାଶନ—2. Destroying. ୩ । ଅବସାଦ; ବିଷାଦ ଜନ୍ମାଇବା—3. Causing sorrow or grief. ୪ । ଦୂରୀକରଣ—4. Removing.

ସାଦନୀ—ସଂ ବି (ସଦ୍ ଧାତୁ ଣିଚ୍, ସାଦ ଧାତୁ+କର୍ତ୍ତୃ ଅନ+ଈ)—
Sādanī କଟୁକା (ରାଜନିର୍ଘଣ୍ଟ); ଚିଟ୍ରକ୍—Black hellebore.

ସାଦଜୟ—ଦେ. ବି (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—
Sādajaya Name of an ancient Oriya poet. [ଦ୍ର—ଏ 'ଶାରଳାକ୍ଷ୍ମୀତ' ପ୍ରଭୃତି ପୁସ୍ତକ ପ୍ରଣୟନ କରିଥିଲେ ।]

ସାଦର—ସଂ. ବି (ସ+ଆଦର; ସହାର୍ଥେ ବହୁବ୍ରୀହି)—ଆଦରଯୁକ୍ତ—
Sādara Cordial; respectful; fond. ଗ୍ରାଦେ (ଗଞ୍ଜାମ)—ବି—ଲାଞ୍ଚ ବା ବକ୍ସିସ୍—Bribe or illegal gratification or tip.

ସାଦର ବଚନ—ସଂ ବି (କର୍ମଧା)—ଆଦରଯୁକ୍ତ ବାକ୍ୟ—
Sādara bachana Cordial words.

ସାଦର ସମ୍ଭାଷଣ—ସଂ. ବି (କର୍ମଧା)୧—ଆଦରଯୁକ୍ତ କଥୋପକଥନ—
Sādara sambhāshana 1. Cordial conversation. ୨ । ଆଦରଯୁକ୍ତ ସ୍ୱାଗତ ସମ୍ଭାଷଣ—2. Cordial welcome.

ସାଦରାଲିଙ୍ଗନ—ସଂ. ବି (କର୍ମଧା)—ପ୍ରୀତିଯୁକ୍ତ ଆଲିଙ୍ଗନ—
Sādarāliṅgana Cordial embrace.

ସାଦରି କୋଲ—ଗ୍ରାଦେ (ଗଡ଼ଜାତ) ବି—କେନ୍ଦୁଝର, ବାମଣ୍ଡା ଆଦି
Sādari kola ଗଡ଼ଜାତରେ ଅନାର୍ଯ୍ୟମାନଙ୍କ କଥିତ ବିହାରୀଭାଷା—The Bihari language spoken by the non-aryans of Keonjhar, Bamra and other northern Oriya States. [ଦ୍ର—ଏଥିରେ ଓଡ଼ିଆ ଭାଷାର ବିଶେଷ ପ୍ରଭାବ ଦେଖାଯାଏ ।]

ସାଦରେ—ଦେ. କ୍ରି. ବିଣ (ସଂ. ସାଦର°)—ଆଦର ସହକାରେ—
Sādare Cordially; fondly.
सादरे सादर

ସାଦା (ଇତ୍ୟାଦି)—ବୈଦେ. ବିଣ—ସାଧା ଇତ୍ୟାଦି (ଦେଖ)
Sadā (etc) Sādhā etc (See).

ସାଦି—ସଂ. ବିଣ (ସଦ୍ ଧାତୁ+କର୍ତ୍ତୃ ଇ)—ଅବସନ୍ନ—Pulled
Sādi down; overpowered. ବି—୧ । ସାରଥି (ହେମଚନ୍ଦ୍ର)—1. Charioteer. ୨ । ଅଶ୍ୱାରୋହୀ ବା ଗଜାରୋହୀ ବା ରଥାରୋହୀ ଯୋଦ୍ଧା (ଜଟାଧର କୋଷ)—2. A warrior riding a horse or elephant or car. ୩ । ବାୟୁ (ସଂକ୍ଷିପ୍ତ ସାର)—3. The air.

ସାଦିତ—ସଂ. ବି (ସଦ୍ ଧାତୁ ଣିଚ୍—ସାଦ ଧାତୁ+କର୍ମ. ତ)—
Sādita ୧। ଦୁଃଖିତ—1. Aggrieved; afflicted with grief. ୨ । ଶରଣପ୍ରାପିତ—2. Given shelter; having taken refuge. ୩ । ଗମିତ—3. Caused to go. ୪ । ଦୁର୍ବଳୀକୃତ—4. Emaciated.

ସାଦୀ—ସଂ. ବି (ସଦ୍ ଧାତୁ+ଣିନ୍; ସାଦିନ୍ ଶବ୍ଦ; ୧ମା. ୧ବ)—
Sādī ୧ । ଘୋଡ଼ସବାର; ଅଶ୍ୱାରୋହୀ (ଅମର)—1. A horseman; rider; jockey. ୨ । ଗଜାରୋହୀ (ମେଦିନୀ)—2. A warrior riding an elephant. ୩ । ରଥାରୋହୀ (ମେଦିନୀ)—3. A warrior riding a car. ୪ । ଅଶ୍ୱାରୋହୀ ସେନା—4. Cavalry soldier. ଦେ. ବି. ସ୍ତ୍ରୀ—
साधी ସାଧବାନାମ୍ନୀ ସ୍ତ୍ରୀର ଡାକନାମ—Nickname
साधी of 'Sādhabī'.

ସାଦୃଶ(ଶେ)—ଗ୍ରା ଅ—ସଦୃଶ—Like. [ଉ—ସୁବର୍ଣ୍ଣ ସାଦୃଶେ
Sādṛusa(śe) ବଦନ । ରୂପଡ. ପ୍ରେମ ପଞ୍ଚାମୃତ ।]
सादृश सादृश

ସାଦୃଶ୍ୟ—ସଂ. ବି (ସଦୃଶ+ଭାବ. ଯ)—୧ । ସଦୃଶତା; ତୁଲ୍ୟତା—
Sādṛuśya 1. Similarity; resemblance. ୨ । ସମାନତା—2. Equality; likeness.

୩ । ଅଲେଖ୍ୟ; ଛବି; ମନୁଷ୍ୟର ରୂପ ଧର ଚିତ୍ର ବା ଫଟୋ—3. A portrait; a photo. ୪ । କୁରଙ୍ଗ; ମୃଗ (ହ୍ର. ଶ)—4. Deer.

ସାଧ (ଧାତୁ)—ସଂ—୧ । ସାଧନ କରିବା—1. To perform. ୨ । Sādha (root) ନିଷ୍ପନ୍ନ କରିବା; ସିଦ୍ଧ କରିବା; ସମାଧାନ କରିବା—2. To accomplish. ୩ । ସମ୍ପୂର୍ଣ୍ଣରୂପେ ନିର୍ମାଣ କରିବା—3. To build or make.

ସାଧ (ଇତ୍ୟାଦି)—ଦେ. ବି (ସଂ. ସାଦ; ବଂଗ ସାଦ, ବା ଶ୍ରଦ୍ଧା)—ଶାଧ Sādha (etc) ଇତ୍ୟାଦି (ଦେଖ)—Sādha etc. (See) ୧ । ସାଧ ଗର୍ଭିଣୀର ଦୋହଦ; ଗର୍ଭିଣୀର ଭୋଜନ କରିବାର ସ୍ପୃହା—ସାଧ 2. The desire of a pregnant woman for a particular article of food. ୨। ଗର୍ଭିଣୀର ବାଞ୍ଛିତ ଖାଦ୍ୟ ଦ୍ରବ୍ୟ—2. Particular article of food desired by a pregnant woman. ୩ । ଛଇର ଷିଅ; ଗର୍ଭର ସପ୍ତମ ମାସ ପରେ ଗର୍ଭିଣୀର ଭୋଜନାର୍ଥ ବାପ୍ ଅଦଳ ଘରୁ ପ୍ରେରିତ ମିଷ୍ଟାନ୍ନାଦି ଭୋଜନ ସାମଗ୍ରୀ—3. Victuals and sweets sent to a pregnant woman after the 7th month of her pregnancy. ୪ । ଅଭିଳାଷ; ବାଞ୍ଛା—4. Desire; wish. ୫ । କୌଣସି ଦ୍ରବ୍ୟ ପ୍ରତି ସ୍ପୃହା—5. Fancy or fondness for any article.

ସାଧକ—ସଂ. ବିଣ (ସାଧ୍ ଧାତୁ ଣିଚ୍—ସାଧ. ଧାତୁ=ସିଦ୍ଧ କରିବା+ Sādhaka କର୍ତ୍ତ. ଅକ)—୧ । ସାଧନକାରକ; ନିଷ୍ପାଦକ— [ସାଧିକା—ସ୍ତ୍ରୀ] 1. Accomplishing. ୨ । ନିପୁଣ; ଦକ୍ଷ—2. Expert; skilful. ୩ । ଆରାଧକ; ପୂଜକ—3. Worshipping. ୪ । ସହାୟକ—4. Helping. ୫ । ପୂର୍ଣ୍ଣକାରକ—5. Fulfilling. ୬ । କାର୍ଯ୍ୟସିଦ୍ଧିରେ ସହାୟକ—6. Helping a person in the accomplishment of a work. ବି— ୧ । ଦେବତାଙ୍କର ପୂଜକ—1. Worshipper or devotee of a Deity. ୨ । କାର୍ଯ୍ୟ ସିଦ୍ଧିରେ ସହାୟକ ବ୍ୟକ୍ତି—2. An associate or assistant. ୩ । ଯେଉଁ ବ୍ୟକ୍ତି ମନ୍ତ୍ରାଦିରେ ସିଦ୍ଧିଲାଭ କରିଥାଏ—3. A person who has succeeded in bringing a 'Mantra' to its fruition. ୪ । ଯୋଗୀ; ତପସ୍ୱୀ; ଯୋଗସାଧକ—4. A person practising austerities. ୫ । ମନ୍ତ୍ରାଦି ସାଧନରେ ନିଯୁକ୍ତ ବ୍ୟକ୍ତି—5. A person engaged in practising any esoteric formula. ୬। ଯାହା ଦ୍ୱାରା କୌଣସି କାର୍ଯ୍ୟ ସାଧିତ ହୁଏ—6. A person or instrument with whose help a work is accomplished. ୭ । ଗୁଣିଆ; ଓଝା (ହ୍ର. ଶ)—7. An exorcist. ୮ । ପୁତ୍ରଂଜୀବ ଗଛ (ହ୍ର. ଶ)—8. Putramjība tree. ୯। ଦଅଣା ଗୁଳ୍ମ (ହ୍ର. ଶ)—9. Da-aṇā. (plant). ୧୦ । ପିତ୍ତ (ହ୍ର. ଶ)—10. Bile.

ସାଧକା—ସଂ. ବି. [ସ୍ତ୍ରୀ]—(ସାଧକ+ସ୍ତ୍ରୀ. ଆ; ଯାହାଙ୍କ ନାମ ସ୍ମରଣ Sādhakā କଲେ ସବୁ କାର୍ଯ୍ୟର ସିଦ୍ଧି ହୁଏ)—ଦୁର୍ଗା—Goddess Durgā.

ସାଧନ—ସଂ. ବି (ସାଧ୍ ଧାତୁ=କର୍ମ ନିଷ୍ପତ୍ତି କରିବା +କରଣ ଅନ)— Sādhana ୧ । (ବ୍ୟାକରଣ) ତୃତୀୟା ବିଭକ୍ତି; କରଣ କାରକ; ଯାହାର ସାହାଯ୍ୟରେ କ୍ରିୟା ସାଧିତ ହୁଏ—1. (Grammar) The 3rd or the instrumental case (applied in cases where an act is performed by or with the help of any thing or person). ୨ । (ନ୍ୟାୟ ଶାସ୍ତ୍ର) ହେତୁ—2. (Logic) What leads to a conclusion; sufficient reason. ୩ । (+ଭାବ. ଅନ) ସମ୍ପାଦନ; ନିଷ୍ପାଦନ—3. Accomplishment of a work. ୪ । ଉଦ୍ଦେଶ୍ୟ ଲାଭ—4. Attainment of an aim or object. ୫ । (ବୈଦ୍ୟକ) ଧାତୁ ଆଦିର ଶୋଧନ କର୍ମ—5. The act or process of purifying metals for medicinal purposes. ୬ । ସିଦ୍ଧି ଲାଭ—6. Fruition; fulfilment. ୭ । କାର୍ଯ୍ୟ ସାଧନାର୍ଥ ନିଯୁକ୍ତ ଉପାୟ—7. Appliance; expedient; means employed to accomplish a work. ୮ । ହେତୁ; କାରଣ—8. Reason; cause. ୯ । ସମସ୍ୟା ସମାଧାନ; ଗଣିତାଦିର ପ୍ରଶ୍ନ ସମାଧାନ—9. Solution of a problem. ୧୦ । ସାମଗ୍ରୀ; ଉପକରଣ—10. Materials. ୧୧ । ଉପାୟ (ମେଦିନୀ) 11. Resources; means. ୧୨ । ମାରଣ—12. Killing; slaughter. ୧୩ । ଅନ୍ତ୍ୟେଷ୍ଟି-କ୍ରିୟା (ଅମର, ଭରତ)—13. Funeral rites; obsequies; disposal of a dead body. ୧୪ । ଅଗ୍ନିଦାନ; ଶବ ସଂସ୍କାର (ଅମର ଭରତ); ମୃତବ୍ୟକ୍ତିର ଶବ ଦାହ କ୍ରିୟା—14. Cremation; igniting or setting fire to a corpse. ୧୫ । ଗତି; ଗମନ (ଅମର; ଭରତ)—15. Going; movement. ୧୬ । ପଦାର୍ଥ; ଦ୍ରବ୍ୟ (ଅମର; ଭରତ)—16. Thing; article. ୧୭ । ସମ୍ପତ୍ତି; ଧନ (ଅମର, ଭରତ)—17. Riches; wealth. ୧୮ । ଅର୍ଥବୀଜ (ଅମର, ଭରତ)—18. Investment of money. ୧୯ । ବିନାଶନ-19. Destroying. ୨୦ । ମୃତ୍ତିକାଶୋଧନ (ମେଦିନୀ)-

[ଯଥା—ଘୋଡ଼ା, ହାତୀ, ରଥ, ଅସ୍ତ୍ର, ଶସ୍ତ୍ର, ଗୁଳିଗୋଳା] 20. The sinews of war. ୨୧। ସୈନ୍ୟ (ମେଦିନୀ)—21. Army. ୨୨। ବାହନ (ମେଦିନୀ)-22. Conveyance. ୨୩। ଲିଙ୍ଗ; ମେଢ୍ର (ମେଦିନୀ)-23. Penis; male organ. ୨୪। ଉଧ (ଧରଣୀ) ପଶୁମାନଙ୍କ ସ୍ତନ ବା ପଲ୍ଲା—25. Udder. ୨୫। ମୈତ୍ରୀ (ଧରଣୀ)—25. Friendship. ୨୬ ସିଦ୍ଧୌଷଧ (ମେଦିନୀ)—27. Infallible or effective medicine. ୨୮। ଅନୁବ୍ରଜ୍ୟା; ଅନୁଗମନ (ଅମର, ଭରତ)—28. Following. ୨୯। ତପସ୍ୟା—29. Penance; religious austerities. ୩୦। ତପସ୍ୟା ଓ ଜପ ଓ ସମାଧିଦ୍ୱାରା ମନ୍ତ୍ର ସିଦ୍ଧ କରଣ—30. Act of exercising or practising a spiritual formula to bring it to fruition. ୩୧। ଉପାସନା; ଅର୍ଚ୍ଚନା—31. Worshipping. ୩୨। କାରିଗରର ଯନ୍ତ୍ର ହତିଆର—32. Implements or instruments of an artisan. ୩୩। ଦଣ୍ଡ ଦେବା—33. Punishing. ୩୪। ପ୍ରମାଣ (ସ୍ମୃ. ଶ)—34. Evidence. ୩୫। ଋଣ ଅବର ଶୋଧନ (ସ୍ମୃ. ଶ)—35. Liquidation of loan. ଦେ. ବି—୧। ବ୍ୟାୟାମ; କୁସ୍ତି; କସରତ—1. Physical exercise; athletics. ୨। ପଡ଼ିଆ ବା ଜଙ୍ଗଲ ଜମିକୁ ଆବାଦ କରିବା—2. Reclamation of waste or jungle land. ୩। ସନ୍ତୋଷ ବିଧାନ କର୍ମ—3. Act of pleasing or satisfying a person. ୪। ପଶୁ ଆଦିଙ୍କୁ କାର୍ଯ୍ୟ କରିବା ପାଇଁ ତାଲିମ କରିବା—4. Training of animals etc. for work.

ସାଧନ କରିବା—ଦେ. କ୍ରି—୧। କାର୍ଯ୍ୟ କରିବା—1. To accomplish. ୨। ଫଳସିଦ୍ଧି ଘଟାଇବା—2. To bring about the fruition. ୩। ମନ୍ତ୍ରସିଦ୍ଧି ପାଇଁ ଆରାଧନାଦି କରିବା—3. To perform suitable rites for bringing a mystic formula to its fruition. ୪। (ସମସ୍ୟାକୁ) ସମାଧାନ କରିବା—4. To solve (a ridle or problem). ୫। କୁସ୍ତି ବା ଦଣ୍ଡ ଇତ୍ୟାଦି କରିବା—5. To perform athletic feats or exercises. ୬। ତାନ୍ତ୍ରିକସିଦ୍ଧି ଲାଭ କରିବା—6. To attain success in Tantric rites. ୭। ଦଣ୍ଡ ଦେବା—7. To punish. ୮। ଆୟତ୍ତ କରିବା—8. To bring under control. ୯। (ପତିତ ଜମିକୁ) ଆବାଦ କରିବା—9. To reclaim (waste land). ୧୦। ଦୁଷ୍ଟ ଜୀବକୁ ବା ବ୍ୟକ୍ତିକୁ ଦଣ୍ଡାଦି ଦ୍ୱାରା ଅଧୀନ କରିବା; ମଣା କରିବା—10. To train or break a wicked beast.
Sādhana karibā
সাধন করা
साधन करना

ସାଧନ କ୍ଷମ—ସଂ. ବିଣ (୭ମୀ ତତ୍; ସାଧନ ବିଷୟରେ କ୍ଷମ)—ସାଧନ କରିବାକୁ ସମର୍ଥ—Able to accomplish.
Sādhana kshama
(ସାଧନ କ୍ଷମା—ସ୍ତ୍ରୀ)

ସାଧନନିଷ୍ଠ—ସଂ ବିଣ. ପୁଂ (ବହୁବ୍ରୀହି; ସାଧନ+ନିଷ୍ଠା+ଅ)—ସାଧନ ବିଷୟରେ ଏକାଗ୍ର ଚିତ୍ତ—Bent on accomplishing anything.
Sādhananishṭha
(ସାଧନନିଷ୍ଠା—ସ୍ତ୍ରୀ)
(ସାଧନନିଷ୍ଠତା—ବି)

ସାଧନ ନିଷ୍ଠା—ସଂ ବି (୭ମୀ ତତ୍) ସାଧନ କରିବା ବିଷୟରେ ତତ୍ପରତା-Eagerness in accomplishing any thing. ସଂ ବିଣ. ସ୍ତ୍ରୀ (ସାଧନନିଷ୍ଠ+ସ୍ତ୍ରୀ· ଆ)—ସାଧନନିଷ୍ଠର ସ୍ତ୍ରୀଲିଙ୍ଗ—Feminine of Sādhananishṭha.
Sādhana nishṭhā

ସାଧନ ଭଜନ—ଦେ. ବି (ଏକାର୍ଥକ ସହଚର; ସଂ. ସାଧନ ଓ ଭଜନ) ଜପତପ; ପୂଜା ଆରାଧନା—Various acts of performing religious rites; worship and meditation.
Sādhana bhajana
সাধন ভজন
साधन भजन

ସାଧନା—ସଂ. ବି (ସାଧ ଧାତୁ=ନିଷ୍ପାଦନ କରିବା+ଣିଚ୍· ଅନ+ଆ) ୧। ସାଧନ (ଦେଖ)—1. Sādhana(See). ୨। ସିଦ୍ଧିଲାଭ ପାଇଁ କରାଯିବା ଚେଷ୍ଟା ଓ ବହୁତ ପ୍ରକ୍ରିୟା—2. Expedients and means for accomplishing any act. ୩। ସିଦ୍ଧି—3. Accomplishment. ଦେ. ବି—ତାଲିମ—Training.
Sādhanā

ସାଧନୀ—ସଂ. ବି—ସମାଧାନକାରୀ (ପୁସ୍ତକାଦି)—(a book) In which problems have been solved.
Sādhanī

ସାଧନୀୟ—ସଂ. ବି (ସାଧ୍ ଧାତୁ+କର୍ମ. ଅନୀୟ)—୧। ଯାହା ସମ୍ପାଦନ କରି ଯାଇପାରେ; ସାଧ୍ୟ—1. Practicable. ୨। ସାଧନଯୋଗ୍ୟ—2. Capable of being accomplished. ୩। ଆରାଧନୀୟ—3. Worshippable. ୪। ସାଧିତ ହେବାର ଉପଯୁକ୍ତ—4 Fit to be accomplished.
Sādhanīya
(ସାଧନୀୟତା—ବି)

ସାଧବ—ଦେ. ବି (ସଂ. ସାଧୁ ଶବ୍ଦର ବହୁବଚନ ସାଧବଃ)—୧। ସାଧୁ ବ୍ୟକ୍ତି—1. An upright man. (ଉ—ଏଣୁ ସାଧବେ ଚତୋ ଶୁଣି, ଅନନ୍ତପରି ଗୁଣଖଣି—ଜଗନ୍ନାଥ ଭାଗବତ।) ୨। ପଣ୍ଡିତ ବ୍ୟକ୍ତି—2. Learned person. (ଉ—ଯେଉଁ ହେ ସାଧବ ବଚନ ରସ, ସନ୍ତୋଷେ ଶୁଣିଲେ ପ୍ରେମ ଅବେଶ—ଗୋଲକ ରହସ୍ୟ।) ୩। ସାଧୁ; ମହାଜନ; ବଣିକ 3. A merchant.
Sādhaba
(ସାଧବାଣୀ—ସ୍ତ୍ରୀ)
সাধব
साधव
মহাজন
साहुकार

[ଦ୍ର—ତାହାଣୀରେ ପ୍ରତ୍ୟେକ ରାଜ୍ୟରେ ରାଜା, ମନ୍ତ୍ରୀ, ଚତୁରଙ୍ଗ ଓ ସାଧବ ଏପରି ୪ ଜଣ ବ୍ୟକ୍ତିଙ୍କ ନାମୋଲ୍ଲେଖ ଥାଏ ଓ ସେମାନଙ୍କ ପୁଅମାନେ ପରସ୍ପର ସଙ୍ଗାତ କରିଥିବା ମଧ୍ୟ ବର୍ଣ୍ଣିତ ଥାଏ ।] ୪ । ନୌବଣିକ; ବୋଇତଧନ—4. A merchant trading by ships. ୫ । ମୂଳଧନାଧିପ; ସାହୁକାର—5. A capitalist. ୬ । ଲକ୍ଷପତି—6. A millionaire.

ସାଧବଘର ବୋହୂ—ଦେ. ବି—ଇନ୍ଦ୍ରଗୋପ; ଘାଇ ପୋକ; ମଖମଲି
Sādhabaghara bohū ପୋକ—The Coccinella;
ମখমলীপোকা, সিন্দুরেপোকা the cochineal insect;
बीरबहुटी Coccus Cactii. [ଦ୍ର—ଏମାନେ ନାଲି ମଖମଲ ପରି କୋମଳ ରକ୍ତବର୍ଣ୍ଣ ଅବରଣବିଶିଷ୍ଟ, ପକ୍ଷହୀନ ଷଟ୍‌ପଦ ପୋକ । ଏହାଙ୍କର ତୁଇଟି ଜଣ ଅଛି । ଏମାନେ ସ୍ତ୍ରୀଜାତୀୟ ପୋକ । ଅର୍ଣ୍ଣିସ ପୋକଙ୍କର ତୁଇଟି ଯେ ଅଛି ଓ ସେମାନେ ସ୍ତ୍ରୀପୋକଙ୍କଠାରୁ ଲମ୍ବା ଓ ସରୁ; ମୁଣ୍ଡଅଗ୍ରେ ତୁଇଟି ଶିଙ୍ଗ ଓ ପଛ ପାଖେ ୨ଟି ସରୁ କେଶ ବାହାରି ଥାଏ । ବର୍ଷାଦିନେ ଏମାନେ ଅଧିକ ଭୂଇଁରେ ବୁଲୁଥାଆନ୍ତି । ଏମାନେ ନାଗଫେଣିଆ ଗଛରେ ବସା କରି ରହନ୍ତି । ସାଧବ ଘରର ସ୍ତ୍ରୀମାନେ ନାଲି ପାଟଲୁଗା ପିନ୍ଧିଲାପରି ଏମାନେ ମଖମଲ ଅବରଣରେ ଅବୃତ ହୋଇ ଥିବାରୁ ଏମାନଙ୍କୁ ଏହି ନାମ ଦିଆଯାଇ ଅଛି ।] (ଭ—"ଶ୍ୟାମଳ ତୃଣାଦଳେ ଶୋଭିତ ମହୀ, ସାଧବବୋହୂ ତହିଁପରେ ଶୋଭଇ ଯେ—ବର୍ଷା. ମଧୁସୂଦନ ରାଓ ।) ୨ । ସାଧବ ବା ବଣିକ ବଂଶର କୁଳବଧୂ—2 The house-
(ସାଧବବୋହୂ—ଅନ୍ୟରୂପ) wife of a Sādhaba's family.

ସାଧବାଣୀ—ଦେ. ବି. ସ୍ତ୍ରୀ—୧ । ସାଧବର ସ୍ତ୍ରୀ—1. A female of
Sādhabāṇi the merchant class. ୨ । ସାଧବଘର
সাধুনী, সাধুয়ানী ବୋହୂ (ଦେଖ)—2. Sādhabaghara
साहुकारनी bohū. (See)
সাধুর বউ बीर बहुटी সিন্দুরে পোকা

ସାଧବୀ—ଦେ. ବି. ସ୍ତ୍ରୀ (ସଂ. ସାଧ୍ୱୀ)—୧ । ସାଧ୍ୱୀ; ସତୀ ସ୍ତ୍ରୀ—1. A
Sādhabi chaste woman. (ଭ—ଲକ୍ଷ ସାଧବୀ ପତିବ୍ରତା,
সাধ্বী साधवी ମନ୍ତ୍ର ହୋଇବେ ଅନ୍ୟେ ଭକ୍ତି । ଜଗନ୍ନାଥ.
এয়োস্ত্রী सधवा ଭାଗବତ ।) ୨ । ଅବିଧବା ସ୍ତ୍ରୀ; ସଧବାସ୍ତ୍ରୀ—
সতী साधवी 2. A woman whose husband is
সতী साधवी alive. ୩ । ସ୍ତ୍ରୀଲୋକଙ୍କ ନାମ—
3. A name given to females.

ସାଧୟିତବ୍ୟ—ସଂ. ବିଣ (ସାଧ ଧାତୁ + କର୍ମ ତବ୍ୟ)—ସାଧନୀୟ (ଦେଖ)
Sādhayitabya Sādhaniya (See).

ସାଧୟିତା—ସଂ. ବିଣ. ପୁଂ (ସାଧ ଧାତୁ + କର୍ତ୍ତୃ ତୃ, ୧ମା. ୧ବ)—
Sādhayitā ସାଧକ; ସାଧନକାରୀ—Accomplishing.
(ସାଧୟିତ୍ରୀ—ସ୍ତ୍ରୀ)

ସାଧର୍ମ୍ମ୍ୟ—ସଂ. ବି (ସଧର୍ମ୍ମ + ଭାବ. ଯ)—୧ । ସାଦୃଶ୍ୟ—
Sādharmmya 1. Similarity. ୨ । ଏକଧର୍ମିତା;
ସଧର୍ମିତା—2. The state of having the same quality.

ସାଧା (ଇତ୍ୟାଦି)—ବୈଦେ. ବିଣ.—ଶାଧା ଇତ୍ୟାଦି (ଦେଖ)
Sādhā (etc) Śādhā etc (See)

ସାଧା କପି—ଦେ. ବି (ଇଂରାଜୀ)—ଅଦାଲତର ଯେଉଁ
Sādhā kapi ନକଲରେ ମୋହର ମସ୍ତ ହୋଇ ନ ଥାଏ—
সাদা কপি सादा कौपी A plain copy of any document of a court, which is not certified to be a true copy; an uncertified copy of a public document.

ସାଧାରଣ—ସଂ. ବିଣ (ସ + ଅଧାରଣ = ମାନ, ଆଧାର; କିମ୍ବା ସ +
Sādhāraṇa ଧାରଣା = ସଧାରଣା + ଅ)—୧ । ସମସ୍ତଙ୍କଠାରେ
(ସାଧାରଣୀ—ସ୍ତ୍ରୀ) ବିଦ୍ୟମାନ—1. Common to all. ୨ । ସାମାନ୍ୟ; ଯାହା ସର୍ବଦା ବା ସବୁସ୍ଥଳେ ଦେଖାଯାଏ—2. Ordinary; general. ୩ । ଇଜମାଲି, ଯହିଁରେ ସମସ୍ତଙ୍କର ଅଧିକାର ଥାଏ—3. Joint; owned by all. ୪ । ବହୁଭୋଗ୍ୟ—4. Enjoyable by many.
ସାଧାରଣତା, ସାଧାରଣତ୍ୱ, ସାଧାରଣ୍ୟ } ବି ୫ । ସଦୃଶ; ତୁଲ୍ୟ; ଏକରୂପ—5. Similar. ୬ । ଅନେକ ସମ୍ବନ୍ଧୀୟ—6. Relating to many. ୭ । ପ୍ରକାଶ୍ୟ—7. Public; manifest. ୮ । ସାର୍ବଜନୀନ—8. Universal. ୯ । ସରଳ; ସହଜ (ଦ୍ର. ଶ)—9. Easy. ବି—୧ । (ନ୍ୟାୟ ଦର୍ଶନ) ହେତ୍ୱାଭାସ ବିଶେଷ—1. Name of a kind of general indication. ୨ । ଭୂମିପ୍ରକାଶ ଅନୁସାରେ ଯେଉଁ ପ୍ରଦେଶରେ ବା ଅଞ୍ଚଳରେ ଜଙ୍ଗଲ, ଜଳ, ରୋଗ, ଶୀତ ଓ ଗ୍ରୀଷ୍ମର ଅଧିକ୍ୟ ହୋଇଥାଏ (ଦ୍ର. ଶ)—2. A country where jungle, water, sickness, cold and heat are extensive. ୩ । ଉପର୍ଯ୍ୟୁକ୍ତ ଦେଶର ଜଳ (ଦ୍ର. ଶ)—3. The water of the above country. ଦେ. ବି—
সাধারণ ଜନ ସାଧାରଣ—The public. ବିଣ—୧ । ସାଧା;
साधारण ନିଷ୍କପଟ—1. Frank; guileless. ୨ । ଗର୍ବଶୂନ୍ୟ—
2. Prideless; having no pride.

ସାଧାରଣ ଗୁଣ—ସଂ. ବି—ଯେଉଁ ଗୁଣ ସବୁଠାରେ ଦେଖାଯାଏ—
Sādhāraṇa guṇa General or common quality or attribute.

ସାଧାରଣତଃ—ଦେ. ଅ (ସଂ. ସାଧାରଣ୍ୟ + ତସ୍ = ସାଧାରଣ୍ୟତଃ)—
Sādhāraṇataḥ ୧ । ସଚରାଚରତଃ—1. Generally;
সাধারণতঃ commonly. ୨ । ମୋଟାମୋଟି; ସ୍ଥୂଳତଃ—
साधारणतः 2. Roughly. ୩ । ସବୁଠାରେ; ସର୍ବତ୍ର—
3. Everywhere. ୪ । ସାମାନ୍ୟ ଭାବରେ—
4. Ordinarily. ୫ । ବହୁ ସ୍ଥାନରେ ବା ସମୟରେ—

5. In many places or instances. [ଦ୍ର—ସାଧାରଣ ଶବ୍ଦ ବିଶେଷଣ ଥିବାରୁ ସେଥିରେ ତସ୍ ପ୍ରତ୍ୟୟ ସଂସ୍କୃତ ବ୍ୟାକରଣ କରୁନ । ସାଧାରଣ ଶବ୍ଦରୁ ଷ୍ଣ୍ୟ ସାଧାରଣ୍ୟ ଶବ୍ଦ ପରେ ତସ୍ ପ୍ରତ୍ୟୟ ହେଲେ ସାଧାରଣ୍ୟତଃ ପଦ ହେବ; ସୁତରାଂ ମଧ୍ୟ ସେ ରୂପର ଗୋଟିଏ ଅବ୍ୟାକରଣିକ ବ୍ୟବହାର ଅଛି ।]

ସାଧାରଣ ତନ୍ତ୍ର—ଦେ. ବି—ପ୍ରଜାମାନଙ୍କ ଦ୍ୱାରା ପ୍ରତିନିଧିଙ୍କ ଦ୍ୱାରା
Sādhāraṇa tantra ପରିଚାଳିତ ଶାସନ ତନ୍ତ୍ର—Democracy; republic.
সাধারণ তন্ত্র साधारण तन्त्र

ସାଧାରଣ ଦେଶ—ସଂ. ବି—୧ । ଜାଙ୍ଗଲାନୁପଲକ୍ଷଣଯୁକ୍ତ ସ୍ଥାନ—
Sādhāraṇa deśa 1. Jungly and marshy country. ୨ । ସାଧାରଣ ୨ (ଦେଖ) —2. Sādhāraṇa 2 (See)

ସାଧାରଣ ଧର୍ମ—ସଂ. ବି—୧ । ସାଧାରଣ ଗୁଣ (ଦେଖ)
Sādharaṇa dharma 1. Sādhāraṇa guṇa (See) ୨ । ଚତୁର୍ବର୍ଣ୍ଣର ପ୍ରତିପାଳ୍ୟ ଧର୍ମ—2. Observances observable by the 4 castes of the Hindu society. ୩ । ସାର୍ବଜନୀନ ଧର୍ମ—3. Universal religion.

ସାଧାରଣ ପଞ୍ଚାଏ(ୟ)ତ୍—ଦେ. ବି—ଚୌକିଦାରୀ ପଞ୍ଚାୟତର ପ୍ରେସି-
Sādharaṇa pañchāe(ya)t ଡେଣ୍ଟ୍ଙ୍କ ଛଡ଼ା ଅନ୍ୟ ମେମ୍ବର
সাধারণ পঞ্চায়ত् ଗଣ—The members of a Chawkidary Panchayet except the President.
साधारण पंचायत

ସାଧାରଣ ପଥ(ମାର୍ଗ)—ସଂ. ବି—ସାଧାରଣଙ୍କ ବ୍ୟବହୃତ ରାସ୍ତା—
Sādhāraṇa patha (mārga) Public road; highway.

ସାଧାରଣ ପୁସ୍ତକାଳୟ—ଦେ. ବି—ଯେଉଁ ପୁସ୍ତକାଳୟରେ ସର୍ବ-
Sādhāraṇa pustakālaya ସାଧାରଣ ପୁସ୍ତକ ପାଠ କରିବା
সাধারণ পুস্তকালয় ପାଇଁ ଅଧିକାର ଅଛନ୍ତି—Public library.
साधारण पुस्तकालय

ସାଧାରଣ ସଭା—ଦେ. ବି—ଯେଉଁ ସଭାରେ ଜନସାଧାରଣ ଯୋଗ
Sādhāraṇa sabhā ଦେଇ ପାରନ୍ତି—Public
সাধারণ সভা साधारण सभा meeting.

ସାଧାରଣ ସମ୍ପତ୍ତି—ଦେ. ବି—ଯେଉଁ ସମ୍ପତ୍ତିରେ ସର୍ବସାଧାରଣଙ୍କର
Sādhāraṇa sampatti ଅଧିକାର ଅଛି—
সাধারণ সংপত্তি साधारण संपत्ति Public property.

ସାଧାରଣ ସ୍ତ୍ରୀ—ସଂ. ବି (କର୍ମଧା, ସାଧାରଣୀ+ସ୍ତ୍ରୀ)—ପଣ୍ୟ ସ୍ତ୍ରୀ; ଗଣିକା;
Sādhāraṇa strī ବାରବନିତା (ହେମଚନ୍ଦ୍ର)—A public (ସାଧାରଣ ରମଣୀ, ସାଧାରଣ ବନିତା—ଅନ୍ୟରୂପ) woman; a prostitute.

ସାଧାରଣ ହିତ—ଦେ. ବି—ସର୍ବସାଧାରଣଙ୍କ ମଙ୍ଗଳ—Public weal;
Sādharaṇa hita the benefit of all; public
সাধারণ হিত साधारण हित good.

ସାଧାରଣ ହିତକର—ଦେ. ବିଣ—ସର୍ବସାଧାରଣଙ୍କ ମଙ୍ଗଳକର—
Sādhāraṇa hitakara Beneficial to the public.
সাধারণ হিতকর साधारण हितकर

ସାଧାରଣୀ—ସଂ. ବିଣ—ସାଧାରଣର ସ୍ତ୍ରୀଲିଙ୍ଗ—The feminine of
Sādhāraṇī Sādhāraṇa. ବି—୧ । କୁଞ୍ଚିକା (ହେମଚନ୍ଦ୍ର); ଚାବି—1. A key. ୨ । କାଇଞ୍ଚ; ଗୁଞ୍ଜାଫଳ—2. A red seed; Abrus Precatorius. ୩ । (ନାମ) ଅପ୍ସରାବିଶେଷ (ହ. ଶ)—3. Name of a heavenly nymph.

ସାଧାରଣେତର—ସଂ. ବିଣ (କର୍ମ ତତ୍; ସାଧାରଣ+ଇତର)—
Sādhāraṇetara ଅସାଧାରଣ; ଅନନ୍ୟସାଧାରଣ—Extraordinary. [ଦ୍ର—ପଦ ନଖକୋଣ ଜଣାଇ, ଉଦ୍ଧଟ-ଦଣ୍ଡି ପଣଇ; ସାଧାରଣେତର ଗୁଣରୁ, କରନ୍ତି ପାରିବେ ନାହିଁ ଜଣକ—ଉପେନ୍ଦ୍ର. ସଙ୍ଗୀତ ।]

ସାଧାରଣ୍ୟ—ସଂ. ବି (ସାଧାରଣ+ଷ୍ଣ୍ୟ. ଯ)—୧ । ସାଧାରଣ ହେବାର
Sādhāraṇya ଭାବ; ସାଧାରଣତା—1. State of being common or ordinary. ୨ । ସାମ୍ୟ—2. Equality. ୩ । କୁଞ୍ଚିକା (ହେମଚନ୍ଦ୍ର); ଚାବି—3. A key. ୪ । ଏକଦେଶୀୟ ଜନସାଧାରଣ ବା ଜାତି; ଜନସମୂହ—4. A community; a people. ୫ । ଯେଉଁ ଦୋଷ ବା ଗୁଣ ସମସ୍ତଙ୍କଠାରେ ଅଛି—5. Common quality (virtue or vice).

ସାଧା ସିଧା(ଦା)—ଦେ. ବିଣ—୧ । ସରଳ ଓ ନିଷ୍କପଟ; ସରଳମତି—
Sādhā sidhā(dā) 1. Frank and guileless (person). ୨ । ଅନଳଙ୍କୃତ—
সাদাসিধা[দে] सादासिधा 2. Plain; unadorned.

ସାଧିକା—ସଂ. ବିଣ. ସ୍ତ୍ରୀ (ସାଧକ+ସ୍ତ୍ରୀ. ଅ; ଅତଏବ ସାଧକା)—
Sādhikā ୧ । ସାଧକର ସ୍ତ୍ରୀଲିଙ୍ଗ—1. Feminine of Sādhaka. ବି—୧। ସୁଷୁପ୍ତି; ଗାଢ଼ ନିଦ୍ରା (ହେମଚନ୍ଦ୍ର)-1. Slumber; deep sleep. ୨ । ଶାସନକର୍ତ୍ତ୍ରୀ—2. A female ruler; governess.

ସାଧିକାର—ସଂ. ବିଣ (ସ+ଅଧିକାର)—ଅଧିକାରଯୁକ୍ତ—
Sādhikara Having authority.

ସାଧିତ—ସଂ. ବିଣ (ସାଧ୍ ଧାତୁ ଣିଚ୍+କର୍ମ କ୍ତ)—୧ । ନିଷ୍ପାଦିତ;
Sādhita ସମ୍ପାଦିତ—1. Effected; accomlipshed. ୨ । ସମାହିତ—2. Solved. ୩ । ବିନାଶିତ—3. Destroyed. ୪ । ଦଣ୍ଡିତ—4. Punished. ୫ । ପ୍ରମାଣଦ୍ୱାରା ନିଶ୍ଚିତ—5. Proved. ୬ । ଶୋଧିତ—6. Rectified. ୭ । ଦୀପିତ—7. Bestowed; invested. ୮ । ଶୋଧିତ (ହ. ଶ)—8. Purified. ୯ । ପରିଶୋଧିତ (ଋଣାଦି) (ହ. ଶ)—9. Liquidated (loan)

ସାଧିତାର୍ଥ—ସଂ. ବଣ. ପୁଂ (ବହୁବ୍ରୀହି; ସାଧିତ ହୋଇଅଛି ଅର୍ଥ ଯାହାର) Sadbitartha —ଯାହାର ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି— (ସାଧିତାର୍ଥା—ସ୍ତ୍ରୀ) One who has his aim or object accomplished.

ସାଧିବା—ଦେ. କ୍ରି (ସଂ. ସାଧ୍ ଧାତୁ)—୧ । ସାଧନ କରିବା (ଦେଖ) Sādhibā 1. Sādhana karibā (See) [ଉ—ଇଚ୍ଛା ସାଧି ଯେବେ ସୁଖଭୋଗ ଗୋ । ଅଳସ୍ୟ ତଳାସେ ପଢାସାର **साधन करना, साधना** କର ସାଧି ସଦା କର୍ମଯୋଗ ଗୋ—ବାଳ-(ସାଧା[ଧେ]ଇବା—ଣିଜନ୍ତରୂପ) କୃଷ୍ଣ. ଫୁଲ ବଉଳବେଣୀ ।] ୨ । ବହୁ ଲୋକଙ୍କଠାରୁ ଚନ୍ଦା ଚେଦା ଆଦି ଆଦାୟ କରିବା—2. To collect subscription from many persons. ୩ । ଲୋକଙ୍କଠାରୁ ଧନ ଆଦାୟ କରିବା—3. To collect money. (ଯଥା—ଚେଦାପଣ୍ଟା ସାଧିବା ।) ୪ । ପୂର୍ବର ବୈର ଶୋଧନ କରିବା—4. To be avenged. [ଉ—ସାଧିବାକୁ ମନ ଥିଲେହେଁ ପ୍ରାଣକୁ ବାଧିବା ଯାଏ କି କଥା—ଚକଡ଼ି ସ୍ଵର୍ଣ୍ଣ. ସଙ୍ଗୀତ] ୫ । ଅନୁନୟ ବିନୟ କରିବା—5. To make solicitations; to make humble prayers. ୬ । ମନ୍ତ୍ର ଓ ଉପାସନାଦ୍ୱାରା ଦେବଦେବୀ ଆଦିଙ୍କୁ ବରପ୍ରଦ କରାଇବା—6. To obtain boons from Deities and spirits by the performance of esoteric rites. (ଉ—ସାଧିଅଛି ଏ କି ସବୁଙ୍କ ଦେଖାଇ ଏହାକୁ ପାରିବ କେ କହ—ଚକଡ଼ିସ୍ୱର୍ଣ୍ଣ ରତ୍ନାକର ଚମ୍ପୂ ସଙ୍ଗୀତ ।) ୭ । ବଶୀଭୂତ କରିବା—7. To bring under control. (ଉ—କେ ଶାଗ ଫଳ ମୂଳ ଖାଉଛନ୍ତି, ମନକୁ ନାନାପ୍ରକାର ସାଧନ୍ତି—ପ୍ରାଚୀ ପରଚେରାଗୀତା ।) ୮ । ଶାଧକରିବା; ପଡିଆ ଜମିକୁ କୃଷି ଆଦି ଦ୍ୱାରା ଆବାଦଯୋଗ୍ୟ କରିବା—8. To reclaim waste land and bring it under cultivation. ୯ । (ପ୍ରାଚୀନ)—ଶାସନ କରିବା (ମାଦଳା ପାଞ୍ଜି)—9. To govern; to rule. (ଉ—ଇନ୍ଦ୍ର ଅସନେ ବସି ଚୋଦେ ବିଶ୍ୱେକ ସାଧିଲେକ ଦଶେ—ଜଗନ୍ନାଥ ଭାଗବତ ।) ୧୦ । ଅତ୍ୟାଚାର କରିବା—10. To oppress. ୧୧ । (ପରର ଅନିଷ୍ଟ, ମନ୍ଦ, ଅମଙ୍ଗଳ) କରିବା—11. To do; to commit (harm or evil to another). (ଉ-ମନ ତନ ଧନ ଭାହୁଁ ଅନିଷ୍ଟ ସାଧିବା ନାହିଁ—ବାଳକୃଷ୍ଣ. ରଜାପୁଅ ଉଆଁଇଅ) ୧୨ । ଗଣିତର ସମସ୍ୟାର ସମାଧାନ କରିବା—12. To solve a mathematical problem. ୧୩ । ମଣ କରିବା—13. To train or break (an animal). (ଯଥା—ଭୁ ଏ ବାମୁଣକୁ କଳୁତ ସାଧିଲଣି, ସେ ଅଉ ସୁଧୁରିବ ନାହିଁ ।) ୧୪ । ସିଦ୍ଧିଲାଭ କରିବା—14. To attain success. (ଉ—ସେ ଦେଥରେ ତାଙ୍କ ସାଧିଲା ମନୋରଥ—କୃଷ୍ଣସିଂହ ମହାଭାରତ ସଭା ।) ୧୫ । ଜିଣିବା—15. To conquer. (ଉ—ବହୁ ଯୋଧୀ-ବଳରେ ପାରିବ କେ ସାଧି-ଲଙ୍କା ବୈଦେହୀଶ ଭଳାର ।) ୧୬ । (ଜ୍ୟୋତିଷ) ଗଣନାଦ୍ୱାରା ଫଳାଫଳ ବାହାର କରିବା—16. (astrology) To determine the result by calculation. (ଯଥା—ଜାତକ ସାଧିବା ।)

ସାଧିମା—ସଂ. ବି (ସାଧୁ+ଭାବ ଇମନ୍; ସାଧିମନ୍ ଶବ୍ଦ ୧ମା. Sādhimā ୧ବ)—ସାଧୁତା—Honesty; uprightness.

ସାଧିଷ୍ଠ—ସଂ. ବଣ (ସାଧୁ+ଅତ୍ୟର୍ଥେ. ଇଷ୍ଠ)—୧ । ଅତ୍ୟନ୍ତ ସାଧୁ—Sādhishṭha 1. Very honest. ୨ । ଅତି ନ୍ୟାଯ୍ୟ-2. Very legitimate or proper. ୩ । ଯୋଗ୍ୟ; ଉପଯୁକ୍ତ—3. Fit. ୪ । କଠିନ—4. Hard. ୫ । (ବାଢ଼+ଭାବ. ଇଷ୍ଠ)—ଅତି; ଭୃଶ; ଅତ୍ୟନ୍ତ—5. Excessive.

ସାଧିଷ୍ଠାନ—ସଂ. ବି (ସ+ଅଧିଷ୍ଠାନ)—(ତନ୍ତ୍ର) ଦେହମଧ୍ୟସ୍ଥ କଳ୍ପିତ Sādhisṭhāna ୬ ଗୋଟି ଚକ୍ର ମଧ୍ୟରୁ ଦ୍ୱିତୀୟ ଚକ୍ର; (ସ୍ୱାଧିଷ୍ଠାନ ଚକ୍ର—ଅନ୍ୟରୂପ) ଲିଙ୍ଗ ଚକ୍ର—The 2nd of the 6 spirals (chakras) said to exist inside the human body.

ସାଧୀ—ପ୍ରାଦେ (ଛତିଶ ଗଡ଼) ବି—(ତୁଳ ହି. ସାଦୀ)—ବିବାହ—Sadhi Marriage.

ସାଧୀୟାନ୍—ସଂ. ବଣ. ପୁଂ (ସାଧୀୟସ୍ ଶବ୍ଦ ୧ମା. ୧ବ; ସାଧୁ+ Sādhīyān ଅତିଶୟାର୍ଥେ. ଈୟସ୍)—ସାଧିଷ୍ଠ (ଦେଖ)—(ସାଧୀୟସୀ—ସ୍ତ୍ରୀ) Sādhisṭha (See)

ସାଧୁ—ସଂ. ବଣ (ସାଧ୍. ଧାତୁ+କର୍ତ୍ତୃ. ଉ)—୧ । ସୁଶୀଳ; ସତ୍ସ୍ୱଭାବ; Sādhu ସଦାଶୟ—1. Virtuous; good. ୨ । ଧର୍ମଭୀରୁ; (ସାଧ୍ୱୀ-ସ୍ତ୍ରୀ) ଧାର୍ମିକ—2. Pious; religious; god-fearing. ୩ । କଲେଖିକ—3. Honest. ୪ । ମହତ୍; ମହାଶୟ—4. Noble; magnanimous. ୫ । ସୁନ୍ଦର—5. Graceful; beautiful. ୬ । କୁଳୀନ; ସଦ୍‌ବଂଶଜାତ—6. Of high birth. ୭ । ସମର୍ଥ—7. Able. ୮। ନିପୁଣ—8. Skilful. ୯ । ହିତକର—9. Beneficial. ୧୦ । ଉଚିତ—10. Proper. ୧୧ । ଉତ୍ତମ—11. Good. ୧୨ । ପ୍ରଶଂସନୀୟ (ହି. ଷ)—12. Praiseworthy. ୧୩ । ଯୋଗ୍ୟ; ଉପଯୁକ୍ତ—13. Fit; capable. ବି—୧ । ମୁନି—1. Sage; saint. ୨ । ମହାପୁରୁଷ—2. A great man. ୩ । ବାର୍ଦ୍ଧୁଷିକ; ମହାଜନ—3. Money-lender; usurer. ୪ । ବଣିକ; ମହାଜନ—4. A

merchant. ୪ । ଦେବଭକ୍ତ—5. A devotee. ୬ । ଶାକ୍ୟ ମୁନି; ବୁଦ୍ଧ—6. The Buddha. ୭ । ଜଡ଼; ବୌଦ୍ଧ ଯତି; ଜୈନ ଯତି—7. A Buddhist or Jaina monk. ୮ । ସଦାଚାରୀ ଓ ସତ୍‌ବ୍ୟକ୍ତି—8. A good person. [ଦ୍ର—ଶାସ୍ତ୍ର ଓ ପୁରାଣାଦି (ଯଥା—ପଦ୍ମପୁରାଣ ଉତ୍ତର ଖଣ୍ଡ, ଗରୁଡ଼ ପୁରାଣ, ବହ୍ନି ପୁରାଣ, କଲ୍କି ପୁରାଣ, ବିଷ୍ଣୁ ପୁରାଣ)ରେ ସାଧୁ ବ୍ୟକ୍ତିଙ୍କ ବର୍ଣ୍ଣନା ଅଛି । ଯେଉଁ ବ୍ୟକ୍ତି ଭାଗ୍ୟମନୋବାକ୍ୟରେ ବିଷ୍ଣୁଭକ୍ତ, ଜିତେନ୍ଦ୍ରିୟ, ସଦାସନ୍ତୁଷ୍ଟ, ସମଚିତ୍ତ, ନିର୍ବୈର, ସତ୍ୟ, ଶାନ୍ତ, ଦମ୍ଭ ଓ ଅହଙ୍କାରବର୍ଜିତ, କାମ କ୍ରୋଧ ଲୋଭ ମୋହାଦିରହିତ ସନ୍ତୁଷ୍ଟ, ସର୍ବତ୍ର ସମଦର୍ଶୀ, ସତ୍ୟବାଦୀ, ପରୋପକାରୀ, ପ୍ରିୟବାଦୀ, ସଂଯତେନ୍ଦ୍ରିୟ, ବ୍ରହ୍ମଚର୍ଯ୍ୟାବଲମ୍ବୀ, ତପୋନିରତ, ଶୁଭାଚାରୀ, ତାଙ୍କୁ ସାଧୁ ବୋଲାଯାଏ ।] ୯ । ଯେଉଁ ବ୍ୟକ୍ତି ମନ୍ତ୍ର, ତନ୍ତ୍ରାଦି ସାଧନରେ ସିଦ୍ଧ ହୋଇଅଛନ୍ତି (ବୃ. ଶ) —9. A person who has succeeded in his spiritual exercise. ୧୦ । ଦମନକ; ଦଅଣା ଗୁଳ୍ମ (ବୃ. ଶ) (ଦେଖ)—10. Damanaka. (see). ୧୧ । ବରୁଣ ବୃକ୍ଷ (ବୃ. ଶ) (ଦେଖ) — 11. Baruna tree. (See) ଅ—ସାଧୁ ସାଧୁ (ଦେଖ)—Sādhu sādhu. (See) (ଦ୍ର—ସାଧୁ ଶବ୍ଦ ଶୁନ୍ୟେ ସ୍ତ୍ରୀରେ, ପୁଷ୍ପ ବଚନେ ଛନ୍ଦରେ । ଜଗନ୍ନାଥ. ଭାଗବତ ।) ଦେ, ବ—୧ । ବାବାଜୀ; ବୈଷ୍ଣବ—1. A religious recluse. [ଦ୍ର—

साधु
साबु

ବୈଷ୍ଣବମାନଙ୍କ ହସ୍ତାକୁ ଏକେ ଜଣ ସାଧୁ ବୋଲି ନ କହି ଏକେ ମୂର୍ତ୍ତି ସାଧୁ ବୋଲି ଲୋକେ କହନ୍ତି ।] ୨ । ପୁରୁଷ ଲୋକଙ୍କ ଦିଆଯିବା ନାମ—2. A name given to males.

ସାଧୁକ—ସଂ. ବ—୧ । କଦମ୍ବ ଗଛ (ବୃ. ଶ)—1. Neuclea Sādhuka Cadamba; ୨ । ବରୁଣ ଗଛ (ଦେଖ)— 2. Baruna tree, (See).

ସାଧୁକାରୀ—ସଂ. ବଣ. ପୁଂ (ସାଧୁକାରିନ୍; ୧ମା. ୧ବ)—ଉତ୍ତମ Sādhukāri କାର୍ଯ୍ୟକାରୀ—Performing good acts. (ସାଧୁକାରିଣୀ—ସ୍ତ୍ରୀ)

ସାଧୁଜ—ସଂ. ବଣ. ପୁଂ (ସାଧୁ+ଜନ୍. ଧାତୁ+କର୍ତ୍ତୃ. ଅ) —ସଦ୍‌ Sādhuja ବଂଶୋଦ୍ଭବ; କୁଳୀନ—Of gentle or noble (ସାଧୁଜା—ସ୍ତ୍ରୀ) birth.

ସାଧୁ ଜନ—ସଂ. ବ—ଋଷିପ୍ରତିମ ବ୍ୟକ୍ତି— Sādhu jana A saintly person.

ସାଧୁ ଜାତ—ସଂ. ବଣ—୧ । ସୁନ୍ଦର (ବୃ. ଶ) —1. Beautiful. Sādhu jāta ୨ । ଉଜ୍ଜ୍ୱଳ (ବୃ. ଶ)—2. Bright.

ସାଧୁତ—ଗ୍ରା ବ—(ସଂ. ସାଧୁ)—ସାଧବ; ମହାଜନ; ବଣିକ— Sādhuta साधु, महाजन साहुकार A merchant. (ପ୍ରାଚୀନ ବ. ସାଧବ) [ଦ୍ର—ସାଧୁତ ମଣ୍ଡଳରେ ଜନ୍ମ ହୋଇଥାନ୍ତି । ଗ୍ରାମ୍ୟ—ଖାସୁରୁଟିକ୍ତି ଗୀତ ।]

ସାଧୁତା (ତ୍ୱ)—ସଂ. ବ—(ସାଧୁ+ଭାବ. ତା; ତ୍ୱ)—୧ । ଧାର୍ମିକତା— Sādhutā(twa) 1. Piety. ୨ । ଭଦ୍ରତା; ସୌଜନ୍ୟ; ଶିଷ୍ଟାଚାର—2. Gentlemanliness; courteousness. ୩ । ନ୍ୟାୟପରାୟଣତା—3. Righteousness. ୪ । ସଦାଚରଣ; ସଦ୍‌ବ୍ୟବହାର—4. Good conduct. ୫ । ଉତ୍କୃଷ୍ଟତା—5. Goodness.

ସାଧୁ ଧର୍ମ—ସଂ. ବ—ଜୈନମାନଙ୍କ ମତରେ ସାଧୁମାନଙ୍କ ଆଚରଣ— Sādhu dharma Conduct of a Jaina saint. [ଦ୍ର—ଏହା ୧୦ ପ୍ରକାର । ଯଥା—କ୍ଷାନ୍ତି, ମାର୍ଦ୍ଦବ, ଆର୍ଜବ, ମୁକ୍ତି, ତପ, ସଂଯମ, ସତ୍ୟ, ଶୌଚ, ଅକିଂଚନ ଓ ବ୍ରହ୍ମ (ବୃ. ଶ)]

ସାଧୁ ଧୀ(ବୁଦ୍ଧି) —ସଂ. ବଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି, ସାଧୁ+ଧୀ,ବୁଦ୍ଧି)— Sādhu dhī(buddhi) ୧ । ସୁବୁଦ୍ଧିବିଶିଷ୍ଟ (ବ୍ୟକ୍ତି)— 1. High-minded; noble-minded. ୨ । (ସ୍ତ୍ରୀ) ଶ୍ୱଶ୍ରୂ; ଶାଶୁ (ଦାକ୍ଷିଣାତ୍ୟ)—2. Mother-in-law.

ସାଧୁ ପଙ୍ଗତ—ଦେ. ବ (ସ. ସାଧୁ ଓ ପଙ୍କ୍ତି) —ସାଧୁ ବା ବୈଷ୍ଣବ- Sādhu pangata ମାନଙ୍କ ପଙ୍କ୍ତି ଭୋଜନ—A dining साधुदेर पंगत the assembled Sādhus. साधुओंका पंगत

ସାଧୁ ପୁରୁଷ —ସ. ବ —ସାଧୁ ଜନ (ଦେଖ) Sādhu purusha Sādhu jana (See)

ସାଧୁ ପୁଷ୍ପ—ସଂ. ବ—୧ । ସ୍ଥଳପଦ୍ମ (ଶଳପାଳ) (ଦେଖ)— Sādhu pushpa Sthalapadma (See) ୨ । ଉତ୍ତମ ପୁଷ୍ପ—2. A good or beautiful flower.

ସାଧୁ ପ୍ରକୃତି—ସଂ. ବଣ. ପୁଂ (ବହୁବ୍ରୀହି)—ସଦ୍‌ଗୁଣବିଶିଷ୍ଟ— Sādhu prakruti Saintly. ସଂ. ବ (କର୍ମଧା)—ସୁସ୍ୱଭାବ— (ସାଧୁ ପ୍ରକୃତି=ଅନ୍ୟ ଭଣ ରୂପ) Good nature.

ସାଧୁ ପ୍ରୟୋଗ—ସଂ. ବ (କର୍ମଧା)—୧ । ଶିଷ୍ଟ ପ୍ରୟୋଗ (ଦେଖ) Sādhu prayoga Sishta prayoga (See) ୨ । (ମ. ଓ. ଲେ) ଶିଷ୍ଟସମାଜାନୁମତ ଭାଷାର ପ୍ରୟୋଗ— 2. Approved application, style or language approved by polished society.

ସାଧୁ ବାଦ —ସଂ. ବ (ସାଧୁ+ବଦ୍ ଧାତୁ+ଭାବ. ଅ)—ସାଧୁ ! Sādhu bāda ସାଧୁ ! ଏହିପରି ବାକ୍ୟ; ପ୍ରଶଂସା; ଧନ୍ୟ ଧନ୍ୟ (ଜୟ ବାଦ—ତତ୍ସମ) ପଦ; ଧନ୍ୟବାଦ—Praise; applause; eulogy.

ସାଧୁ ବାହ—ସଂ ବ. ପୁଂ (ସାଧୁ+ବହ ଧାତୁ+କର୍ତ୍ତୃ. ଅ)—ବଶୀଭୂତ Sādhu bāha (ହେମଚନ୍ଦ୍ର); ସୁଶିକ୍ଷିତ ଓ ଶାନ୍ତ ଅଶ୍ୱ—1. A trained and meek horse. ୨ । ଉତ୍ତମ ବାହନ —2. A good conveyance.

ସାଧୁବାହୀ—ସଂ. ବ (ସାଧୁ+ବହ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)— Sādhubāhi ସୁଶିକ୍ଷିତ ଓ ଭଦ୍ର ଅଶ୍ୱ ଅମର)—A trained and gentle horse. ବଣ—୧ । ଯେଉଁ

ପଶୁ ଉତ୍ତମରୂପେ ବହନ କରେ (ଶବ୍ଦ ରତ୍ନାବଳୀ)—
1. (a beast) Carrying the rider in a good manner. ୨ । (ସାଧୁ ବାହ+ଇନ୍; ୧ମା. ୧ବ) ସୁନ୍ଦର ଘୋଡ଼ାବିଶିଷ୍ଟ—
2. Owning or having a good horse.

ସାଧୁ ବୃକ୍ଷ—ସଂ. ବ—୧ । ସୁନ୍ଦର ବୃକ୍ଷ—1. A good tree. ୨ ।
Sādhu bruksha ୨ । କଦମ୍ବତରୁ (ଶବ୍ଦରତ୍ନାବଳୀ)—
2. Anthocephalus Cadambo (a tree).
୩ । ବରୁଣ ବୃକ୍ଷ (ରାଜନିର୍ଘଣ୍ଟ)—
3. Cratæva Religiosa (wild tree).

ସାଧୁ ବୃତ୍ତ—ସଂ. ବଣ. ପୁଂ (ସାଧୁ+ବୃତ୍ତ=ଚରିତ; ବହୁବ୍ରୀହି)—
Sādhu brutta ସଚ୍ଚରିତ; ସଦ୍ଭାବ—
(ସାଧୁ ବୃତ୍ତା—ସ୍ତ୍ରୀ) Of good conduct.

ସାଧୁ ବୃତ୍ତି—ସଂ. ବ (କର୍ମଧା)—୧ । ଉତ୍ତମ ଜୀବିକା—1. A good
Sādhu brutti profession. ୨ । ଉତ୍ତମ ଆଚରଣ—
2. Good conduct.

ସାଧୁ ବୈଷ୍ଣବ—ଦେ. ବ (ସନ୍ତରେ ଶବ୍ଦ)—ସାଧୁ ସନ୍ଥ (ଦେଖ)
Sādhu baishnaba Sādhu santha (See)
সাধু বৈষ্ণব साधु वैष्णव (ସାଧୁ ବୈଷ୍ଣମ—ଗ୍ରାମ୍ୟରୂପ)

ସାଧୁ ଭାଷା—ଦେ. ବ—୧ । ସଂସ୍କୃତଶବ୍ଦପ୍ରଧାନ କଥିତ ଭାଷା—
Sādhu bhāshā 1. Spoken language abounding
সাধু ভাষা साधु भाषा in Sanskrit words. ୨ । ଶିଷ୍ଟ
(ଅପଭ୍ରଂଶ ଭାଷା—ବିପରୀତ) ଶିକ୍ଷିତସମାଜରେ ପ୍ରଚଳିତ ସ୍ୱଚ୍ଛ ଚଳିତ ଓ ଅପଭ୍ରଷ୍ଟ ହୋଇ ନ ଥିବା ଭାଷା—2. The vernacular language of the educated; the undefiled vernacular of the country, which is free from slang. ୩ । ଶୁଦ୍ଧ ଭାଷା; ଦୋଷଶୂନ୍ୟ ଭାଷା—3. Language free from any fault. ୪ । ଯେଉଁ ଭାଷା ଅଶ୍ଳୀଳ ନୁହେ—
4. Language which is not obscene.

ସାଧୁ ମଉଛ(ଚ୍ଛ)ବ—ଦେ. ବ—ଯେଉଁ ମହୋତ୍ସବରେ ବା ମେଳାରେ
Sādhu ma-uchha(chchha)ba ବହୁ ସାଧୁ ବା ବୈଷ୍ଣବ
সাধু মেলা साधु मेला ମିଳିତ ହୁଅନ୍ତି—A gathering or feast of Baishnabas.
(ସାଧୁ ମେଳା, ସାଧୁ ମଉଚ୍ଛ—ଅନ୍ୟରୂପ)

ସାଧୁ ଲକ୍ଷଣ—ସଂ. ବ (୬ଷ୍ଠୀ ତତ୍)—ଯେଉଁ ଚିହ୍ନ ବା ଲକ୍ଷଣ-
Sādhu lakshana ମାନଙ୍କଦ୍ୱାରା ସାଧୁଜନ ଚିହ୍ନା ଯାଆନ୍ତି—
The marks or traits or characteristics distinguishing a saintly person from others. [ଦ୍ର—ଶାସ୍ତ୍ର ପୁରାଣାଦିରେ ସାଧୁବ୍ୟକ୍ତି-ମାନଙ୍କର ଉକ୍ତ ଲକ୍ଷଣ ବର୍ଣ୍ଣିତ ଅଛି; ସାଧୁ ଓ ସାଧୁ ଧର୍ମ ତଳେ ଟୀକା ଦେଖ ।]

ସାଧୁ ଶୀଳ—ସଂ. ବଣ (ବହୁବ୍ରୀହି; ସାଧୁ+ଶୀଳ—ସ୍ୱଭାବ)—ସଚ୍ଚରିତ୍ର;
Sādhu sila ସଦ୍ଗୁଣସ୍ୱଭାବବିଶିଷ୍ଟ—Of saintly character.
(ସାଧୁଶୀଳା—ସ୍ତ୍ରୀ)

ସାଧୁ ସଙ୍ଗ(ସହବାସ)—ସଂ. ବ (୬ଷ୍ଠୀ ତତ୍)—ସାଧୁବ୍ୟକ୍ତିଙ୍କ ସହିତ
Sādhu sanga(sahabāsa) ବସବାସ କରିବା—
Company of virtuous men; companionship of or association with saintly persons.

ସାଧୁ ସନ୍ଥ—ଦେ. ବ (ସନ୍ତରେ ଶବ୍ଦ; ସାଧୁ+ସନ୍ତ ଶବ୍ଦର ଏ ବହୁବଚନ,
Sādhu santha ସନ୍ତଃ)—ସାଧୁ ବୈଷ୍ଣବ; ବାବାଜୀ ବୈଷ୍ଣବ—
Anchorites and recluses.

ସାଧୁ ସମ୍ମତ—ସଂ. ବ (୩ୟା ତତ୍)—ସଜ୍ଜନଙ୍କ ମୋଦିତ; ସାଧୁବ୍ୟକ୍ତି-
Sādhu sammata ମାନଙ୍କ ଅନୁମୋଦିତ—Approved by good or saintly persons.

ସାଧୁ ସାଧୁ !—ସଂ. ଅ (ପ୍ରଶଂସା ବା ଅନୁମୋଦନାର୍ଥକ ଅବ୍ୟୟ)—
Sādhu sādhu ! ଧନ୍ୟ ଧନ୍ୟ ! ବାଃ ବାଃ ।—(interjection)
Bravo ! well done ! [ଦ୍ର—ଖ୍ରୀଷ୍ଟ ଜାଣ୍ଡ ନୟନ ପାଣ୍ଡବ ସୈନ୍ୟ ସିନ୍ଧୁ । ଯାଇ କହି ବୋଇଲେ ଖ୍ରୀଷ୍ଟ ସାଧୁ ସାଧୁ—କୃଷ୍ଣସିଂହ. ମହାଭାରତ. ଖ୍ରୀଷ୍ଟ ।]

ସାଧୁ ସେବା—ସଂ ବ—ସାଧୁବ୍ୟକ୍ତିଙ୍କ ପରିଚର୍ଯ୍ୟା—
Sādhu sebā Serving a saintly person.

ସାଧୃତ—ସଂ ବ (ସ=ସହିତ+ଅଧୃତ=ଧୃତ)—୧ । ମୟୂରସମୂହ
Sādhruta (କ୍ୱଚିତ୍‌ପ୍ରାପ୍ତ)—1. A flock of peacocks.
୨ । ପଣ୍ୟଶାଳୀ; ହାଟ [କ୍ୱଚିତ୍‌ପ୍ରାପ୍ତ]—2. Market.
୩ । ଅତପତ୍ର; ଛତା—(କ୍ୱଚିତ୍‌ପ୍ରାପ୍ତ)—3. Umbrella.

ସାଧ୍ୱର—ସଂ ବଣ (ସ+ଅଧ୍ୱର)—ଯଜ୍ଞ ସହିତ—Accompanied;
Sādhwara with vedic sacrifice.

ସାଧ୍ୱସ—ସଂ ବ (ସାଧୁ+ଅସ୍ ଧାତୁ=କ୍ଷେପଣକରିବା+କର୍ମ ଅ)—
Sādhwasa ୧ । ଭୟ; ତ୍ରାସ—1. Fear; alarm; fright; terror. ୨ । ଶଙ୍କା—2. Apprehension. ୩ । ସମ୍ଭ୍ରମ—3. Regard; awe. ୪ । ମନର ଆବେଗ; ବ୍ୟାକୁଳତା—4. Anxiety mental concern. ୫ । କିଂକର୍ତ୍ତବ୍ୟବିମୂଢ଼ତା—
5. Consternation; bewilderment.

ସାଧ୍ୱାଚାର—ସଂ ବ—୧ । ସାଧୁମାନଙ୍କ ଆଚରଣ—1. Conduct of
Sādhwāchāra saintly persons. ୨ । ଶିଷ୍ଟାଚାର
(ଦ୍ର. ଶ)—2. Etiquette.

ସାଧ୍ୱୀ—ସଂ ବଣ. ସ୍ତ୍ରୀ (ସାଧୁ+ସ୍ତ୍ରୀ ଈ)—୧ । ସାଧୁଶୀଳା (ସ୍ତ୍ରୀ)—
Sādhwi 1. Saintly (woman). ୨ । ପତିବ୍ରତା; ସତୀ
(ସାଧୁ—ପୁଂ) —2. Chaste. ୩ । ସଚ୍ଚରିତ୍ରା—
3. (a woman) Of good conduct.
ବ ସ୍ତ୍ରୀ—୧ । ପତିବ୍ରତା ସ୍ତ୍ରୀ—1. Faithful wife;

a chaste woman. ୬ । ପତିପରାୟଣା ସ୍ତ୍ରୀ—2. A woman devoted to her husband. [ଦ୍ର—ସାଧ୍ୱୀର ଲକ୍ଷଣ—ସ୍ୱାମୀ ଆର୍ତ୍ତ ହେଲେ ଯେ ଆର୍ତ୍ତ ହୁଅନ୍ତି, ହୃଷ୍ଟ ହେଲେ ମୁଦିତା ହୁଅନ୍ତି, ପ୍ରବାସୀ ହେଲେ ମଳିନା ଓ କୃଶା ହୁଅନ୍ତି, ମୃତ ହେଲେ ପତିଙ୍କ ସହଗମନ କରନ୍ତି ତାଙ୍କୁ ସାଧ୍ୱୀ କୁହାଯାଏ । ଦ୍ୱାତ୍ରିଂଶ ସ୍ମୃତିଶାସ୍ତ୍ର ।] ସଂ ବି—୧ । ଶୁକ୍ଳ ପାଷାଣ (ହ. ଶ)—1. A kind white stone. ୨ । ମେଦା ନାମକ ଅଷ୍ଟବର୍ଗୀୟ ଔଷଧୀ (ହ. ଶ)—2. Name of Medā, a rare herb.

ସାଧ୍ୟ—ସଂ ଵିଣ (ସାଧ୍ ଧାତୁ ଣିଚ ସାଧି ଧାତୁ+କର୍ମି ଯ)—୧ । ଜନ୍ୟାଦ୍ୟ
Sādhya —1. Accomplishable. ୨ । ମନୁଷ୍ୟ
(ସାଧ୍ୟା - ସ୍ତ୍ରୀ) ଯାହା ସମ୍ପାଦନ କରି ପାରେ—
(ଅସାଧ୍ୟ—ବିପରୀତ) 2. Practicable. ୩ । ସାଧନାର୍ହ—
(ସାଧ୍ୟତା—ବି) 3. Fit to be achieved.
୪ । (ନ୍ୟାୟଶାସ୍ତ୍ର) ଯେଉଁ ପ୍ରତିଜ୍ଞା ସାଧନ ବା ପ୍ରମାଣ କରିବାକୁ ହେବ; ପ୍ରତିପାଦ୍ୟ—4. (logic) (a proposition) To be proved, solved, deduced, established or inferred from certain data. ୫ । ସମାଧାନ ଯୋଗ୍ୟ—5. Soluble. ୬ । (ବୈଦ୍ୟଶାସ୍ତ୍ର)—ଯେଉଁ ରୋଗ ଔଷଧ ବା ଚିକିତ୍ସାଦ୍ୱାରା ଉପଶାନ୍ତ କରି ହୋଇ ପାରେ; ପ୍ରତିକାରଣୀୟ—6. Curable (disease). ୭।ସହଜ; ସରଳ (ହ. ଶ)—7. Easy. ବି—୧ । ଦ୍ୱାଦଶ ପ୍ରକାର ଗଣଦେବତା—1 Name of a group of twelve Deities. [ଦ୍ର—ଏମାନଙ୍କର ନାମ ଯଥା—ମନଃ, ମନ୍ତା, ପ୍ରାଣ, ନର, ଅପାନ, ବୀର୍ଯ୍ୟବାନ୍, ବିନର୍ଭୟ, ନୟ, ଦଂଶ, ନାରାୟଣ, ବୃଷ ଓ ପ୍ରଭୁ; ଶାସ୍ତ୍ରମତେ ଦେବଗଣ ପୂଜାରେ ଏ ଗଣଦେବତାମାନଙ୍କର ପୂଜା କରାଯାଏ—ହ. ଶ] ୨। (ନ୍ୟାୟଶାସ୍ତ୍ର) ଅନୁମିତ ବସ୍ତୁ—2 (logic) An inferred mater. [ଦ୍ର-ପର୍ବତରୁ ଧୂଆଁ ବାହାରୁଛି, ଅତଏବ ଅନୁମିତ ହେଉଛି ଯେ, ପର୍ବତରେ ଅଗ୍ନି ଅଛି । ଏଠାରେ ଧୂଆଁର ଦର୍ଶନରୁ ଅଗ୍ନିର ଅନୁମିତି ସାଧ୍ୟ ହେଲା ।] ୩ । ଯୋଗବିଶେଷ—3. Name of a class of spiritual communion. [ଦ୍ର—ଏହା ଜପ ହୋମଦ୍ୱାରା ସିଦ୍ଧ ହୁଏ ।] ୪ । ଦେବତା (ହ. ଶ)—4. Deity. ୫ । (ଫଳିତ ଜ୍ୟୋତିଷ) ବିଷ୍କୁମ୍ଭ ଆଦି ୨୭ ଯୋଗ ମଧ୍ୟରୁ ଏକବିଂଶ ଯୋଗ—5. (astrology) The twentyfirst astrological conjunction. [ଦ୍ର—ଏ ଯୋଗ କର୍ମରେ ଶୁଭ । ଏ ଯୋଗରେ କାର୍ଯ୍ୟ ଆରମ୍ଭ ହେଲେ ତାହା ଉତ୍ତମରୂପେ ସିଦ୍ଧ ହୁଏ । ଏ ଯୋଗରେ ଜାତ ଶିଶୁ ଅସାଧ୍ୟ ସାଧନ କରେ ଓ ବୀର, ଧୀର, ବୁଦ୍ଧିମାନ୍ ଓ ବଳିଷ୍ଠ ହୁଏ—ହ. ଶ ।] ୬ । ତନ୍ତ୍ର ମତରେ ଗୁରୁଙ୍କଠାରୁ ଗ୍ରହଣୀୟ ୪ ପ୍ରକାର ମନ୍ତ୍ର ମଧ୍ୟରେ ଏକ (ହ. ଶ)—6. One of the 4 kinds of Mantras with which a disciple is initiated by the
साध्य preceptor. ଦେ. ବିଣ—୧ । (ଯେଉଁ ଜମି)
साध्य ଅବାଦ କରାଯାଇ ପାରେ—1. Reclaimable (land) ୨ । ବଶୀଭୂତ; ବଶୀଭୂତ; ଶାସିତ—2. Brought under control; tamed. [ଦ୍ର—ମୁଁ ସାଧ୍ୟ ହୋଇଲେ ଉତ୍ତରଣରେ—ଚନ୍ଦ୍ରଚୂଡ଼, ସଙ୍ଗୀତ ।] ୩ । ତାଲିମ ବା ମଣ କରି ଯାଇଥିବା (ପଶୁ ଆଦି)—3. Trained; broken (animal)
साध्य ବି—୧ । ଶକ୍ତି, କ୍ଷମତା; ସାମର୍ଥ୍ୟ—1. Power; capa-
साध्य city. (ଯଥା—ଅମ ଶ୍ରେଣୀ ସାଧ୍ୟାନାଙ୍କ ଅପରେ ଗୃହବନ୍ଧର ଭୂଣ୍ଡ ପିଟାଇବାର କ ସାଧ୍ୟ ଅଛି ।] ୨ । ସାଧନ—2. Accomplishment. [ଦ୍ର—ଏ ଧର୍ମ ସାଧ୍ୟ ଥାଇ ତୁମ୍ଭେ । ଯେ ପ୍ରାଣୀ ଶୁଣି ଶ୍ରଦ୍ଧା କରେ—ଜଗନ୍ନାଥ, ଭାଗବତ ।]

ସାଧ୍ୟ କରିବା—ଦେ. କ୍ରି—୧ । ବଶୀଭୂତ ଦୁଷ୍ଟ ବ୍ୟକ୍ତିକୁ ଜବତ
Sādhya kariba କରିବା—1. To bring a wicked
साध्य करना person under control. ୨ । ଶାସନ ଦ୍ୱାରା
साधय करना ବଶରେ ଆଣିବା—2. To bring under control. ୩ । ପଡ଼ିଆ ଜମିକୁ କୃଷି ଆଦି ଦ୍ୱାରା ଅବାଦ କରିବା—3. To reclaim waste land. ୪ । ବ୍ୟାୟାମ ଆଦିରେ ସିଦ୍ଧିଲାଭ କରିବା—4. To succeed in practising athletic feats. ୫ । ଘୋଡ଼ା ଆଦି ପଶୁଙ୍କୁ ମଣ କରିବା—5. To break a horse or beast; to train.

ସାଧ୍ୟକ୍ରମେ—ଗ୍ରା. କ୍ରି. ବିଣ—ସାଧ୍ୟମତ (ଦେଖ)—Sādhyamata
Sādhyakrame साध्यमत साधयक्रमसे (See)

ସାଧ୍ୟତା(ତ୍ୱ)—ସଂ ବି (ସାଧ୍ୟ+ଭାବ. ତା,ତ୍ୱ)—ସାଧନୀୟ ହେବାର ଅବସ୍ଥା,
Sādhyatā(twa) —Practicability; the state of being capable of solution; feasibility.

ସାଧ୍ୟତାବଚ୍ଛେଦ—ସଂ. ବି (ନ୍ୟାୟଶାସ୍ତ୍ର)—ସାଧ୍ୟତାର ସ୍ଥିରୀକରଣ—
Sādhyatābachchheda (logic) Determination of the deduction or inference to be made from given propositions.

ସାଧ୍ୟତାବଚ୍ଛେଦକ—ସଂ. ବିଣ (ସାଧ୍ୟତା+ଅବଚ୍ଛେଦକ)—(ନ୍ୟାୟଶାସ୍ତ୍ର)
Sādhyatābachchhedaka ସାଧ୍ୟତାର ଅବଚ୍ଛେଦକ; ଅନୁମିତ ବିଧେୟତାବଚ୍ଛେଦକ—(logic) Determining the deduction to be made from propositi n in a logical problems.

ସାଧ୍ୟ ପକ୍ଷ—ସଂ. ବି—୧। (ନ୍ୟାୟଶାସ୍ତ୍ର) ଯେଉଁ ବସ୍ତୁ ମୀମାଂସା ବା ସାଧନ
Sādhya paksha ହେବା ପାଇଁ ଉପସ୍ଥାପିତ ହୋଇଥାଏ—

1. (logic) Matter at issue; the proposition to be arrived at; that matter whose existence is predicated in the subject; the proposition sought to be established. ୨ । ସାଧିତ ହେବା ଯୋଗ୍ୟ ଅବସ୍ଥା—2. The state of being accomplishable.

ସାଧ୍ୟବସାନିକା—ସଂ. ବି—ସାହିତ୍ୟ ଦର୍ପଣ ଅନୁସାରେ ଏକପ୍ରକାର Sādhyabasānikā ଲକ୍ଷଣା—A kind of Lakshaṇa in literary composition.

ସାଧ୍ୟ ବହିର୍ଭୂତ—ଦେ·ବଣ—(ସଂ.ସାଧ୍ୟତାବହିର୍ଭୂତ)-ସାଧ୍ୟାତିରିକ୍ତ(ଦେଖ) Sādhya bahirbhūta Sādhyātirikta (See)

ସାଧ୍ୟ ମତ(ତେ)—ଦେ· କି. ବଣ—ଯଥାସାଧ୍ୟ; ସମର୍ଥାନୁଯାୟୀ— Sādhya mata(te) As far as practicable; as সাধ্যমত यथासाध्य much as one can do.

ସାଧ୍ୟ ସାଧନ—ସଂ.ବି—୧। (ନ୍ୟାୟ ଶାସ୍ତ୍ର) ସାଧ୍ୟ ଓ ସାଧନ—1. (logic) Sādhya sādhana The data and the inference or conclusion. ୨ । (ନ୍ୟାୟ) ସାଧ୍ୟ ବସ୍ତୁର ସମାଧାନ—2. (logic) The solution of a problem; the demonstration of a theorem. [ଦ୍ର—ନ୍ୟାୟ ଶାସ୍ତ୍ରରେ—ଯେଉଁ ପ୍ରତ୍ୟକ୍ଷ ପ୍ରମାଣ କରିବାକୁ ହେବ ତାହା 'ସାଧ୍ୟ' ଓ ଯାହାଦ୍ୱାରା ଅନ୍ୟ ପ୍ରମାଣରେ ଉପନୀତ ହେବାକୁ ହେବ ତାହା 'ସାଧନ' ବୋଲଯାଏ । ଯଥା—'ପର୍ବତୋ ବହ୍ନିମାନ୍ ଇତି ଧୂମାତ୍' ଅର୍ଥାତ୍ ପର୍ବତ ଉପରେ ଧୂଆଁ ଦେଖାଯିବାରୁ ପର୍ବତରେ ନିଆଁ ଅଛି ବୋଲି ଅନୁମାନ କରଯାଏ । ଏ ସ୍ଥଳରେ 'ଧୂମ' ହେଲା ସାଧନ 'ପର୍ବତ ବହ୍ନିମାନ୍' ହେଲା 'ସାଧ୍ୟ' ।] ୩ । ଯାହା ସାଧନ ହେବାର ସମ୍ଭବ ତହିଁର ସାଧନ— 3, The doing or accomplishing of what is possible.

ସାଧ୍ୟ ସାଧନା—ଦେ· ବି—୧ । (ଉଦ୍ଦେଶ୍ୟ ସିଦ୍ଧି ପାଇଁ) ନାନାପ୍ରକାର Sādhya sādhanā ଅନୁନୟ ବିନୟ—1.Urgent suppli- সাধ্য সাধনা cations; solicitations. ୨ । ତର୍କ ବିତର୍କ— साध्यसाधना 2. Argument; reasoning.

ସାଧ୍ୟ ସିଦ୍ଧି ପାଦ—ସଂ. ବି (ଧର୍ମ ଶାସ୍ତ୍ର, ହିନ୍ଦୁ ଆଇନ)—ବ୍ୟବହାରର ୪ର୍ଥ Sādhya siddhi pāda ପାଦ; ନ ସ୍ତୁ ପାଦ (ମିତାକ୍ଷର); ଧର୍ମାଧିକରଣ ବା ଅଦାଲତରେ ପକ୍ଷମାନଙ୍କଦ୍ୱାରା ପଠିତ ହେବା ୪ର୍ଥ କ୍ରମ—The 4th stage of the pleading in a litigation. [ଦ୍ର—୧ମ ପାଦ ବା ଭାଷାପାଦ=ପ୍ରତ୍ୟର୍ଥୀ ବା ପ୍ରତିବାଦୀର ସମ୍ମୁଖରେ ଲେଖନ । ୨ୟ ବା ଉତ୍ତରପାଦ=ଶ୍ରୁତାର୍ଥର ଉତ୍ତର ଲେଖନ । ୩ୟ ବା କ୍ରିୟାପାଦ=ଅର୍ଥୀର ସବ୍ୟ ଲେଖନ । ଚତୁର୍ଥ ବା ସାଧ୍ୟସିଦ୍ଧି ପାଦ=ପୂର୍ବୋକ୍ତ ପାଦମାନଙ୍କରେ ସିଦ୍ଧିକର ।]

ସାଧ୍ୟ ହେବା—ଦେ. କି—୧ । ଅଧୀନ ବା ଅଧୀନ ହେବା— Sādhya hebā 1. To be under control. সাধ্য হওয়া साध्य होना ୨ । ଦଣ୍ଡାଦି ଦ୍ୱାରା ବଶୀଭୂତ ହେବା—2. To be brought under control. (ଭ୍ର—ସେ ବୋଲଇ ବାପ ବାପ ହୋଇଥାଅ, ଅଚ୍ଛ ପାଗ କୁଣ୍ଡରେ ପଡ଼ ସାଧ୍ୟ ହୁଅ— କୃଷ୍ଣସିଂହ ମହାଭାରତ ଅଦ ।) ୩ । ତାଲିମ ହେବା; ମଣ ହେବା – 3. To be trained.

ସାଧ୍ୟାତିରିକ୍ତ—ଦେ· ବଣ (ସ ସାଧନାତିରିକ୍ତ)—ସମର୍ଥାରୁ ଅତିରିକ୍ତ— Sādhyātirikta Beyond one's power or (ସାଧ୍ୟାତୀତ—ଅନ୍ୟରୂପ) capacity. সাধ্যাতিরিক্ত साध्यातिरिक्त

ସାଧ୍ୟାନୁଯାୟୀ—ଦେ· କି· ବଣି—ଯଥାସାଧ୍ୟ; ସାଧ୍ୟମତେ— Sādhyānujāyi As far as possible; to the (ସାଧ୍ୟାନୁସାରେ—ଅନ୍ୟରୂପ) best of one's capacity; সাধ্যানুযায়ী यथासाध्य to the utmost of one's power.

ସାଧ୍ୟାୟତ୍ତ—ଦେ· ବଣ (ସ. ସାଧନାୟତ୍ତ]—୧ । ଅଧିକାରାଧୀନ; ସମର୍ଥାର Sādhyāyatta ଅଧୀନ—1. Within the range সাধ্যায়ত্ত साध्यायत्त of one's power. controllable. ୨ । କାହାର ସମର୍ଥ ମଧ୍ୟକୁ ଆଗତ— 2. Brought under one's control.

ସାଧ୍ୟାସାଧ୍ୟ—ସ ବଣ (ଉପଯୁକ୍ତ ସବୁର)—ସାଧ୍ୟ ଓ ଅସାଧ୍ୟ— Sādhyāsādhya (matters) Which are accomplishable and which are not so. আবাদী অনাবাদী साध्यासाध्य ଦେ, ବଣ— ଆବାଦ ଯୋଗ୍ୟ ଓ ଆବାଦର ଅଯୋଗ୍ୟ—Culturable and unculturable (land)

ସାଧ୍ୟାସାଧ୍ୟ ରକବା—ଦେ. ବି—କୌଣସି ମହଜା ବା ସୀମା ମଧ୍ୟରେ Sādhyāsādhya rakabā ଥିବା ଆବାଦ ଯୋଗ୍ୟ ଓ আবাদী অনাবাদী রকবা साध्यासाध्य रकबा ଆବାଦର ଅଯୋଗ୍ୟ ଜମି—All lands within an area which are culturable and not so. [ଦ୍ର—ସାବକ ସନଦ ଓ ସେବକାଉମାନଙ୍କରେ ସୀମା-ନର୍ଦ୍ଦିଷ୍ଟ ସମସ୍ତ ସାଧ୍ୟାସାଧ୍ୟ ରକବା ଗୁଡ଼ିକାମାନଙ୍କୁ ଦଖଲ୍ଲ ବୋଲି ଲେଖା ଯାଇଥିବା ଦେଖାଯାଏ ।]

ସାନ୍ଲି—ପ୍ରାଦେ (କଳାହାଣ୍ଡି) ବି—ଦ୍ୱିତୀୟ ବିବାହିତା ବା କନିଷ୍ଠ Sān-li ପତ୍ନୀ—One's younger or second wife.

ସାନ—ଦେ, ବଣ (ସଂ ସନ୍ନ=କ୍ଷୀଣ, ସାମାନ୍ୟ=ଅଳ୍ପ; ତୁଲ. ଦ୍ରାବିଡ଼ Sāna ଚେଲା)—୧ । ଛୋଟ; କ୍ଷୁଦ୍ର—1. Small; ছোট छोट little. [ଭ୍ର—ଅଖି ବଡ଼ ପେଟ

ସାନ—ପ୍ରବଚନ—ଯେଉଁ ଲୋକ ବେଶି ପରିମାଣରେ ଖାଦ୍ୟ ଖାଇ ପାରେ ନାହିଁ, ଅଥଚ ପତ୍ରରେ ବେଶି ପରିମାଣରେ ଖାଦ୍ୟ ବଢ଼ାଏ ତା ପ୍ରତି ଏ ବାକ୍ୟ ପ୍ରୟୋଗ କରାଯାଏ । ଅର୍ଥାତ୍ ଅଳ୍ପ ଭୋଜନରେ ଚେଷ୍ଟା ଶ୍ରେଷ୍ଠ ।] ୨ । ଶିଶୁ; ଅଳ୍ପବୟସ୍କ—2. Young in age. ୩ । ବୟସରେ କନିଷ୍ଠ—3. Younger in age. (ଉ—ସାନ ମରଇ ବଡ଼ ଥାଇ, ଏହାକ ଜନ୍ମାକ ନ ଥାଇ—ଜଗନ୍ନାଥ. ଭାଗବତ ।) ୪ । କ୍ଷୁଦ୍ରତର—4. Smaller. ୫ । ଖାଟ—5. Low. (ଉ—ନ ମଣ କାହାକୁ ସାନ ଗୋ ! ତୁବ ସବୁ ସାସ ସାମାନ୍ୟ ହେଲେହେଁ, ଦେବ ଶିରେ ଥାଏ ସ୍ଥାନ ଗୋ ! ବାଳକୃଷ୍ଣ. ଫୁଲ ବଉଳବେଣୀ ।] ୬ । ନୀଚତର—6. Lower. ୭ । ନିକୃଷ୍ଟ—7. Inferior.

ସାନ ଅଠ—ଦେ. ବ—ଚେମା ଖେଳ; ୫ ଗୋଟି କଉଡ଼ିରେ ଖେଳା ଯିବା ଏକ ପ୍ରକାର ଖେଳ—A kind of indoor game with cowries.
Sāna aṭha

ସାନ କଥା—ଦେ. ବ—୧ । କନିଷ୍ଠ ବ୍ୟକ୍ତିର କଥା—1. The words from the mouth of a younger person. ୨ । ନୀଚ ଲୋକର କଥା—2. The words from the mouth of a low person. ୩ । କନିଷ୍ଠ ବା କମ୍ରସ୍ଥ ବ୍ୟକ୍ତିର ଉପଦେଶ—3. The advice or counsel of a younger or lower person.
Sāna kathā
(ସାନକୁହା—ଅନ୍ୟରୂପ)
ছোট কথা
छोटीबात

ସାନକୁହା ମାନିବା—ଦେ. କି—କନିଷ୍ଠ ବା କମ୍ରସ୍ଥ ବ୍ୟକ୍ତିର ଉପଦେଶକୁ ଗ୍ରହଣ କରିବା—To follow the advice of one's younger or inferior.
Sānakuhā mānibā
ছোটকথা মানা
छोटेकीबात मानना

ସାନ କେରେଣ୍ଡା—ଦେ. ବ—ଛୋଟ ଗୁଳ୍ମ ବିଶେଷ—
Sāna kerendā Caressa Spinarum (Haines).

ସାନ କ୍ଷୀର(ରି) କୋଳି—ଦେ. ବ (ବୈଦ୍ୟକ)—ଔଷଧ ଗୁଳ୍ମ ବିଶେଷ (ଦ୍ର ବୀସ୍ତୃଣ କଳ୍ପଦ୍ରୁମ)—Name of a medicinal plant with edible plums.
Sāna kshira(ri) koḷi
ସ. କ୍ଷୀରୀ, ଦୁର୍ଦ୍ଧିକା, ସ୍ୱାଦୁପର୍ଣ୍ଣୀ
ক্ষরাই দুধী
ତେ. ପିଲ୍ଲପାଲ

ସାନ ଖସୁ—ପ୍ରାଦେ (ବସ୍ତୁର) ବ—କୁଣ୍ଡିଅ—A petty skin-disease consisting of small eruptions.
Sāna khasu

ସାନ ଛତା—ଦେ. ବ—ପୁରୀରେ ଜଗନ୍ନାଥଙ୍କ ସିଂହଦ୍ୱାର ନିକଟରେ ଅବସ୍ଥାନ କରୁଥିବା ଏକଦଳ ବାବାଜୀଙ୍କ ଅଖଡ଼ା—A sect or group of mendicants residing near the Lion's gate of the Puri temple of Jagannātha. [ଦ୍ର—ଏମାନେ ପୂର୍ବେ ବଡ଼ଦାଣ୍ଡରେ ଛତା ପୋତି ତହିଁ ତଳେ ରହୁଥିଲେ, ଜନୈ ସରକାର ଭାଙ୍କୁ ଦାଣ୍ଡରୁ ଉଠାଇ ଦେବାରୁ ଏମାନେ ସିଂହଦ୍ୱାର ନିକଟରେ ମଠ କରି ରହୁଅଛନ୍ତି । ଏହିପରି ମଣା ଅଉ ଗୋଟିଏ ଅଖଡ଼ାକୁ ବଡ଼ଛତା ବୋଲାଯାଏ ।]
Sāna chhatā
(ସାନ ଛତା ଅଖଡ଼ା, ସାନ ଛତା ମଠ—ଅନ୍ୟରୂପ)
সান ছাতা
सान छाता

ସାନ ଜା(ଯା)ଆ—ଦେ. ବ. ସ୍ତ୍ରୀ (ସ୍ତ୍ରୀ ପକ୍ଷରେ)—ଦେବରଙ୍କ ସ୍ତ୍ରୀ—One's husbands's younger brothers wife.
Sāna jā(jā)ā
ছোটজা
छोटीदयादनी

ସାନ ତାଟି—ପ୍ରାଦେ (ବସ୍ତୁର) ବ—ଛୋଟ ଥାଳ ବା ଥାଳିଆ—A small plate.
Sāna tāṭhi

ସାନନ୍ଦ—ସ. ବଣ. ପୁଂ (ବହୁବ୍ରୀହି, ସ+ଆନନ୍ଦ)—ସହର୍ଷ; ଆହ୍ଲାଦିତ—Glad; joyous; delighted.
Sānanda
(ସାନନ୍ଦା—ସ୍ତ୍ରୀ)
ବ—୧ । ଷୋଡ଼ଶ ଧ୍ରୁବକାନ୍ତର୍ଗତ ଧ୍ରୁବକ ବିଶେଷ (ସଙ୍ଗୀତ ଦାମୋଦର)—1. One of the 16 classes of refrains in Hindu music. [ଦ୍ର—ଏଥିରେ ୧୮ଟି ଅକ୍ଷର ଓ ଏଥିର ବ୍ୟବହାର ପ୍ରାୟ ସାଉରସ ବର୍ଣ୍ଣନରେ ହୁଏ—ହ. ଶ) ।] ୨ । ଗୁଚ୍ଛ-କରଞ୍ଜ—(ଗୁଚ୍ଛକରଞ୍ଜ)—2. A sort of tree. ଦେ.ବ—ଲୋକଙ୍କୁ ଦଅଯିବା ନାମ—A name given to males.

ସାନନ୍ଦରେ—ଦେ. କି. ବଣ (ସ. ସାନନ୍ଦଂ)—ଆନନ୍ଦ ସହକାରେ—Gladly; joyfully.
Sānandare
সানন্দে
सानन्दमें

ସାନନ୍ଦ୍ୱର—ସ. ବ—ଭଗବଦ୍‌ଗୀତାଶୋକ୍ତ ସମୁଦ୍ରର କୂଳର ଓ ମଳୟ ଗିରିର ଦକ୍ଷିଣସ୍ଥ ତୀର୍ଥବିଶେଷ—Name of a place of Hindi pilgrimage in Southern India. ଦ୍ର—ଏଠାରେ ସ୍ନାନସର ନାମକ ଗୋଟିଏ ପୁଷ୍କରିଣୀ ଅଛି ।]
Sānandwara

ସାନ ପାସ୍—ଦେ, ବ (ଅଧୁନାତନ ସ୍କୁଲ ପିଲମାନଙ୍କ ଦ୍ୱାରା ବ୍ୟବହୃତ)—ଏକ; ପରିସ୍ରା କରିବାକୁ ଯିବାପାଇଁ ଗୁରୁଙ୍କ ଅନୁମତି-Permission of the teacher to a student to go out to pass nrine.
Sāna pās
ছোট পাস
पांच मिनिट

ସାନ ପିଲା—ଦେ. ବ—୧ । (ପୁଂ ଓ ସ୍ତ୍ରୀ) ଶିଶୁ ବାଳକ ବାଳିକା—1. Young ones; children. ୨। (ପୁଂ) ସାନ ପୁଅ—2. Youngest son,
Sāna pilā
ছোট ছেলে; মেয়ে
छोटा लड़का, लड़की

ସାନ ପୁଅ—ଦେ. ବ. ପୁଂ—କନିଷ୍ଠ ପୁତ୍ର—Youngest son. [ଦ୍ର—ଏହିପରି ସାନ ଝିଅ, ସାନ ଭାଇ, ସାନ ଭଉଣୀ, ସାନ ବୋହୂ, ସାନ ମାମୁଁ, ସାନ ମାଉସୀ ଇତ୍ୟାଦି ହୁଏ ।]
Sāna pua
ছোট ছেলে
छोटा लड़का लड़की

ସାନ ବାବୁ—ଦେ ବ—୧ । ଗୃହର କନିଷ୍ଠ ବାବୁ—1. The youngest master in the family. ୨ । ଅଫିସର ବଡ଼ ବାବୁଙ୍କ
Sāna bābu
ছোট বাবু
छोटा बाबु

ଅଧସ୍ତନ ବାବୁ—2. The assistant or subordinate Indian officer in an office.

ଶାନ ବାଳ—ଦେ. ବ—କ୍ଷୁଦ୍ର କେଶ—Small or short hairs.
Sāna bāḷa (ଉ—ଚଙ୍ଗୁଡ ଯେ ! ଶାନ ବାଳ ଟେ, ଲମ୍ବବାଳ
छोटचुल छोटा बाल ଦେ । ଶିଶୁଙ୍କ ସ୍ନାନ ଗୀତ ।)

ଶାନ ବୁଆ—ପ୍ରାଦେ (କଲଗିର,ଗଞ୍ଜାମ) ବ—କାକା; ଦଦେଇ—
Sāna buā (ଶାନ ମା—ସ୍ତ୍ରୀ) Paternal uncle.

ଶାନ ବୋଲ—ଦେ. ବ—ଶାନ କଥା (ଦେଖ)
Sāna bola Sāna kathā. (See)
छोट कथा छोटि बात

ଶାନ ଭଇଞ୍ଚ—ଦେ. ବ—କଣ୍ଟାଳିଆ ଗୁଳ୍ମ ବିଶେଷ—
Sāna bhaiñcha Flacourtia Ramontchi
बोँच छोटि किङ्कुणी (thorny bush)

ଶାନ ଭାତ—ଦେ. ବ—୧ । ଖୁଦ ଭାତ—1. Particles of rice
Sāna bhāta cooked. ୨ । ଭାତ, ତୋରାଣୀ, ଖଟା
खुद्‌भात ଓ ରାଗ ଚକଟା ଯାଇ ତିଆର ହୋଇଥିବା ଖାଦ୍ୟ—
खुदिका भात A kind of food prepared with cooked rice, gruel, sour and pungent articles kneaded together. [ଦ୍ର—ଏହାକୁ ଶ୍ରେଷ୍ଠ ଲୋକମାନେ ତରକାରୀରୂପେ ବ୍ୟବହାର କରନ୍ତି ।]

ଶାନ ମଝିଆଁ—ଦେ. ବଣ—ଚାରି ଜଣଙ୍କ ମଧ୍ୟରୁ ତୃତୀୟର ଉପର (ଭାଇ
Sāna majhiān̐ ଇତ୍ୟାଦି)—The 3rd of four (bro-
छोट मेज, सेजो छोटेसे बड़ा thers etc).
(ଶାନ ମଝିଅଣୀ—ସ୍ତ୍ରୀ) (ବଡ଼ ମଝିଆଁ—ବିପରୀତ)

ଶାନ ମୁହଁ—ଦେ. ବ—ନୀଚ ଲୋକର ମୁହଁ—The mouth of a
Sāna muhan̐ low person. (ଉ—ଶାନ ମୁହଁରୁ ବଡ଼
छोट मुख कथା, ଶୁଣିଲେ ମନରେ ଦୁଃଖ କଥା—ଭଗ ।)
छोटा मुहँ

ଶାନ ଲଙ୍କା ଗବ—ପ୍ରାଦେ (ଗଡ଼ଜାତ) ବ—ବାଇଗବ ୨ (ଦେଖ)
Sāna laṅkā gaba Bāigaba 2 (See)

ଶାନଲି—ପ୍ରାଦେ (ଗଞ୍ଜାମ) ବ—ସ୍ତ୍ରୀ—୧ । ଦ୍ୱିତୀୟ ବିବାହିତା ପତ୍ନୀ—
Sānali 1. One's second wife. ୨ । କନିଷ୍ଠା ପତ୍ନୀ—
(ଶାନସାଇ—ଅନ୍ୟରୂପ) 2. One's younger wife.

ଶାନ ସିନ୍ଦୁକ—ପ୍ରାଦେ. (ବସ୍ତର) ବ—କାଠର ଛୋଟ ବାକ୍ସ—
Sāna sinduka A wooden box.

ଶାନ ଶାନ—ଦେ. ବ ଓ ବଣ (ବହୁବଚନ)—ଛୋଟ ଛୋଟ ବସ୍ତୁ
Sāna sāna (ଲୋକ ବା ବସ୍ତୁ)—Many small (indivi-
छोट छोट duals or things). [ଉ—ବଡ଼ ବଡ଼ ଗଲେ
छोटा छोटा ଘରର ଘାଟି, ଶାନ ଶାନ ଅଇଲେ,ଦେଶର ବାଟି—ଭଗ ।]

ଶାନସି—ସଂ. ବ—ସୁବର୍ଣ୍ଣ (ଶବ୍ଦ କୋଷ)—
Sānasi Gold.

ଶାନ ହାଟି—ପ୍ରାଦେ. (ଗଡ଼ଜାତ ବ)—ବନ୍ୟ ବୃକ୍ଷ ବିଶେଷ—
Sāna hāṭi A species of wild tree.

[ଦ୍ର—ଏହା ୧୦୧୫ ହାତ ଉଚ୍ଚ ହୁଏ । ଏଥିରୁ ଅଙ୍ଗାର ହୁଏ, ବାଉଁ ତିଆର ହୁଏ; ଏଥିରେ ତିଆର କାଠବାଡ଼ ନାଲି ଦିଶେ ।]

ଶାନି—ବୈଦେ. କ୍ରି, ବଣ (ଅ)—୧ । ପୁନର୍ବାର; ଅଧିକ ଥରେ—
Sāni 1. Once again. ୨ । ଦ୍ୱିତୀୟ ଥର—2. Second
सानि, छानि time. ବଣ—୧ । ପୁନର୍ବାର ଅନୁଷ୍ଠିତ—1. Done
फिर, सानी again. ୨ । ଦ୍ୱିତୀୟବାର କୃତ—2. Done for a second time. ୩ । ଦୋସର; ଦ୍ୱିତୀୟ; ଅନ୍ୟ—3. Another; second. ୪ । ସମାନ—4. Equal.
सानि बिचार, छानि ବ (ଇଂରାଜୀ)—୧ । ଫଇସଲ ହୋଇଥିବା
फिर बिचार, सानी बिचार ମକଦ୍ଦମାର ପୁନର୍ବିଚାର—
1. Review or retrial or restoration of a case once disposed of. ୨ । (ଇଂରାଜୀ) ଅପିଲ୍ ଅଦାଲତଙ୍କ ଆଦେଶ କ୍ରମେ ପୁନର୍ବିଚାର ପାଇଁ ନିମ୍ନ ଅଦାଲତକୁ ମକଦ୍ଦମାର ଫେରନ୍ତ—2. Remand of a case to the lower court for retrial.
सानि ଦେ. ବ—୧ । ଗୋରୁଙ୍କୁ ଖୁଆଇବା ପାଇଁ ପିଡିଆ ସୁଦ୍ଧା
सानी ଗୋଳିଆ ହୋଇଥିବା କଟାନଡ଼ା—1. Cut straw mixed with oilcake for feeding cattle. ୨ । (ଆଦରାର୍ଥକ) ସାନନ୍ଦଙ୍କ ଡାକ ନାମ—2. Nickname of 'Sānanda' in fondness.

ଶାନି କରିବା—ଦେ. କ୍ରି (ଇଂରାଜୀ)—ଫଇସଲ ହୋଇଥିବା ମକଦ୍ଦମା
Sāni kariba ପୁନର୍ବିଚାର ହେବା ପାଇଁ ପ୍ରାର୍ଥନା କରିବା—
सानि करा To apply for review or retrial of
सानी कराना a case.

ଶାନିକା—ସଂ. ବ—ବଂଶୀ (ଶବ୍ଦ ରତ୍ନାବଳୀ)—
Sānikā A flute.
(ଶାନେୟିକା, ଶାନେୟୀ—ଅନ୍ୟରୂପ)

ଶାନିକି(କୁ) ଆସିବା—ଦେ. କ୍ରି (ଇଂରାଜୀ)—(ଫଇସଲ ହୋଇଥିବା
Sāniki(ku) āsibā ମକଦ୍ଦମା) ଅପିଲ୍ ଅଦାଲତଙ୍କ ଆଦେଶରେ
सानिके आशा ପୁନର୍ବିଚାର ପାଇଁ ନିମ୍ନ ଅଦାଲତକୁ ଫେରି ଆସିବା
सानिकेलिये आना (a disposed of case) To be remanded to the lower court for retrial.

ଶାନି ଗି(ଗେ)ରସ୍ତ (ଘଇତା)—ଗ୍ରା. ବ—ପରିତ୍ୟକ୍ତା ବା ବିଧବା ସ୍ତ୍ରୀର
Sāni gi(ge)rasta (ghaitā) ବିନା ବିବାହରେ ରକ୍ଷକ ପୁରୁଷ—
सानि गिरस्त 1. A man with whom a widow or
दूसरा स्वामी a woman forsaken by her husband lives as husband and wife without a formal marriage. ୨ । ଦ୍ୱିତୀୟ ବିବାହର ସ୍ୱାମୀ—2. A widow's second husband (amongst the Sūdras).

ଶାନି ଘାଟି—ପ୍ରାଦେ. (କଲଗିର ଗଞ୍ଜାମ) କ୍ରି—ବିବାଦ ପରେ ମିଳାମିଶା
Sāni ghāṭi —Reconciliation after quarrel.

ସାନିଟା(ଟେ)ରି—ବୈଦେ. ବଣ (ଇଂ)—ସ୍ୱାସ୍ଥ୍ୟ ସମ୍ବନ୍ଧୀୟ—Sanitary.
Sānitā(te)ri
সানিটেরী सानिटेरी

ସାନିଟା(ଟେ)ରିଅମ୍—ବୈଦେ. ବ (ଇଂ)—୧ । ସ୍ୱାସ୍ଥ୍ୟକର ସ୍ଥାନ—1. Sanatorium; sanitarium. (ସାନାଟୋରିଅମ୍—ଅନ୍ୟରୂପ) ୨ । ସ୍ୱାସ୍ଥ୍ୟ ଲାଭାର୍ଥ—2. A refuge for purposes of regaining health. ୩ । ଅରୋଗ୍ୟୋନ୍ମୁଖ ରୋଗୀମାନଙ୍କ ପାଇଁ ଡାକ୍ତରଖାନା—3. A hospital for invalids.
Sānitā(te)riam
সানিটেরিয়াম सानिटेरियाम

ସାନିଟା(ଟେ)ରି ଇନ୍‌ସ୍‌ପେକ୍‌ଟର୍—ବୈଦେ. ବ (ଇଂ)-ନଗରାଦିର ସ୍ୱାସ୍ଥ୍ୟ-ପରିଦର୍ଶକ କର୍ମଚାରୀ—Sanitary Inspector.
Sānitā(te)ri ins-pektar
সানিটেরী ইন্সপেকটার सानिटेरी इंसपेक्टर

ସାନିଟା(ଟେ)ରି କମିସନ୍—ବୈଦେ. ବ (ଇଂ)--ଯେଉଁ କର୍ମଚାରୀଦଳ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପରିଦର୍ଶନ ଓ ବିଚାର କରନ୍ତି—Sanitary Commission.
Sānitā(te)ri kamisan
সানিটেরী কমিসন
सानिटेरी कमिसन

ସାନିଟା(ଟେ)ରି କମିସନର୍—ବୈଦେ. ବ (ଇଂ)—ସ୍ୱାସ୍ଥ୍ୟ ବିଭାଗର ପରିଦର୍ଶକ ଉଚ୍ଚ କର୍ମଚାରୀ—Sanitary Commissioner.
Sānitā(te)ri kamisanar
সানিটেরী কমিসনার
सानिटेरी कमिसनार

ସାନିଟା(ଟେ)ରି ଟାୱେଲ୍ (ତଉଲିଆ)—ବୈଦେ. ବ (ଇଂ)—ଋତୁସ୍ରାବ କାଳରେ ସ୍ତ୍ରୀ ଲୋକଙ୍କ ବ୍ୟବହୃତ କୌପୁନି—Sanitary towel.
Sānitā(te)ri tāwel(tauliā)
সানিটেরী টাওয়েল
सानिटेरी टावेल

ସାନି ଦାଏ(ୟେ)ର୍—ବୈଦେ. ବ (ଉଚରଥ)—୧ । ମକଦ୍ଦମାର ପୁନର୍ବିଚାର ପାଇଁ ଦରଖାସ୍ତ—1. Petition or motion for review of a case. ୨ । ଥରେ ଉଠାଇ ନିଆ ଯାଇଥିବା ମକଦ୍ଦମାକୁ ପୁଣି ବିଚାର ପାଇଁ ଦାଖଲ କରିବା—2. Reinstitution or refiling of a suit which had been withdrawn. ୩ । ଫଏସଲ ହୋଇଥିବା ମକଦ୍ଦମାର ସାନି ବିଚାର ନିମନ୍ତେ ପୁନର୍ବିଚାରଣ—3. Review or reinstitution of a disposed of case.
Sāni dāe(ye)r

ସାନିବା—ପ୍ରାଦେ. (ସମ୍ବଲପୁର) କି (ତୁଳ. ହି. ଏହି ଅର୍ଥରେ ସାନ୍‌ନା)—ବହୁ ପଦାର୍ଥକୁ ଏକତ୍ର ମିଶାଇ ଗୋଳାଇବା; ସାଣିବା—To mix together many things.
Sānibā

ସାନି ବିଚାର (ତଜ୍‌ବିଜ୍)—ଦେ. ବ (ଉଚରଥ)—କଷ୍ଟ ହୋଇଥିବା ମକଦ୍ଦମାର ଦ୍ୱିତୀୟବାର ବିଚାର—Re-trial of a disposed of case.
Sāni bichāra (taj-bij)
সানি বিচার
सानी तजवीज

ସାନି ମକଦ୍ଦମା—ଦେ. ବ (ଉଚରଥ)—ଫଏସଲ ପରେ ପୁଣି ବିଚାର ହେବା ମକଦ୍ଦମା—A case restored for re-trial.
Sāni makadamā
সানি মোকদ্দমা सानी मुकद्दमा

ସାନି ସମନ—ବୈଦେ. ବ (ଉଚରଥ)—ଥରେ ସମନ କରାଯାଇଥିବା ସାକ୍ଷୀକୁ ଦ୍ୱିତୀୟ ଥର କରାଯିବା ସମନ—Summons taken out against a witness for the second time, the resummoning of a witness.
Sāni samana
সানি সমন
सानी सम्मन

ସାନି ହୁକୁମ୍—ବୈଦେ. ବ—୧ । (ଉଚରଥ) ମକଦ୍ଦମାକୁ ସାନି ବିଚାର କରିବା ପାଇଁ ହୁକୁମ—1. Order for remand or restoration or retrial of a case. ୨ । କୌଣସି ବିଷୟରେ ହୋଇଥିବା ଆଦେଶ ପରେ ପୁନରାଦେଶ—2. A second order; fresh or revised ordera.
Sāni hukum
সানি হুকুম
सानी हुक्म

ସାନୁ—ସଂ. ବ (ସନ ଧାତୁ=ଦେବା+କର୍ତ୍ତୃ. ଉ)—୧ । ଟିକରା; ପର୍ବତର ଉପରସ୍ଥ ସମତଳ ଭୂମି; ଅଧିତ୍ୟକା—1. Plateau; a table-land; a level expanse of land on a mountain. ୨ । ବନ (ମେଦିନୀ)—2. Forest; wood. ୩ । ପ୍ରବଳ ପବନ; ବାତ୍ୟା (ମେଦିନୀ)—3. Wind; storm. ୪ । ପଥ; ମାର୍ଗ (ମେଦିନୀ)—4. Way; road. ୫ । ଅଗ୍ର (ମେଦିନୀ)—5. Top. ୬ । ପଣ୍ଡିତ; କୋବିଦ (ମେଦିନୀ)—7. A learned man. ୭ । ସୂର୍ଯ୍ୟ; ଅର୍କ (ଜଟାଧର)—7. The sun. ୮ । ନବଳସ୍ତ; ପଲ୍ଲବ (ଜଟାଧର)—8. Leaf; new leaf. ୯ । ପର୍ବତର ଶିଖର (ହ. ଶ)—9. The peak of a mountain. ୧୦ । ସମତଳ ଭୂମି (ହ. ଶ)—10. Level ground. ୧୧ । ସାହାଡ଼ିଆ ଜଙ୍ଗଲ (ହ. ଶ)—11. Mountanous forest. ୧୨ । ଅନ୍ତ; ଲମ୍ବ ବସ୍ତୁର ମୁଣ୍ଡ (ହ. ଶ)—12. The end or extremity of a long thing.
Sānu

ସାନୁକମ୍ପ—ସଂ. ବଣ. ପୁଂ (ବହୁବ୍ରୀହି, ସ+ଅନୁକମ୍ପା+ଅ)—ସଦୟ—Kind; sympathetic.
Sānukampa

ସାନୁକୂଲ୍ୟ—ସଂ. ବଣ (ସ+ଅନୁକୂଲ୍ୟ)—ସଦୟ; ଅନୁକୂଳ—Favourable; propitious.
Sānukūlya

ସାନୁଜ—ସଂ. ବଣ (ସହାର୍ଥ ବହୁବ୍ରୀହି, ସ+ଅନୁଜ=ଭାଇସ୍ତ)—୧ । ଭାଇସ୍ତ ସହିତ ବର୍ତ୍ତମାନ—1. Accompanied by one's younger. ୨ । (ସାନୁ+ଜନ୍ ଧାତୁ+କର୍ତ୍ତୃ. ଅ); ପର୍ବତର ସାନୁଦେଶରୁ ଜାତ—2. Born of the plateau of a mountain. ବ—୧ । (ପର୍ବତ ଉପରେ ଜନ୍ମିଥିବାରୁ) ପ୍ରପୌଣ୍ଡରୀକ (ରାଜନିର୍ଘଣ୍ଟ), ଏକପ୍ରକାର ପାର୍ବତ୍ୟ ବୃକ୍ଷର ମୂଳ—1. Root stock of Nymphea Lotus. ୨ । (ପର୍ବତ ଉପରେ ଜନ୍ମିଥିବାରୁ) ତୁମ୍ବୁରୁ ବୃକ୍ଷ (ରାଜନିର୍ଘଣ୍ଟ); ନେପାଳ ଧନିଆ—2. Xanthoxy-
Sānuja

(ସାନ୍ତ୍ଵନା—ସ୍ତ୍ରୀ) Ion Alatum. ଦେ. ବ—ଅନୁଜ—ଛୋଟ ଭାଇ 2. Younger brother. [ଉ—ଶୁଣ ହେ ଛୋଟ ଭାଇ ସାନଙ୍କ ସୁଗ୍ରୀବର ଏକ ହାବଳ—ବିଶ୍ଵନାଥ. ବଡଜ ରାମାୟଣ ।]

ସାନୁ ଦେଶ—ସଂ. ବ—ପର୍ବତର ସାନୁ ବା ଉପରସ୍ଥ ସମତଳ ଦେଶ—
Sānu desa Table-land; plateau.
[ସାନୁପ୍ରଦେଶ—ଅନ୍ୟରୂପ]

ସାନୁନୟ—ସଂ. ବଣ (ବହୁବ୍ରୀହି, ସ+ଅନୁନୟ)—ସବିନୟ—
Sānunaya Respectful.

ସାନୁନାସିକ—ସଂ, ବଣ (ସ+ଅନୁନାସିକ)—ଅନୁନାସିକ ବର୍ଣ୍ଣବିଶିଷ୍ଟ
Sānunāsika —Having nasal letters.

ସାନୁମାନ୍—ସଂ. ବ (ସାନୁ+ଅସ୍ତ୍ୟର୍ଥେ ମତୁ, ସାନୁମତ୍ ଶବ୍ଦ, ୧ମା. ୧ବ)—ପର୍ବତ—Mountain.
Sānumān
[ସାନୁମାନ—ଦେ. ରୂପ] [ଉ—ସାନୁମାନ ଉରଜା, ଦନ୍ତୁରାର ସାନୁକା, ସ୍ତନ ତନୁତାଙ୍କର ବେଣୀ—ଉଜ୍ଜ. ସୁବର୍ଣ୍ଣ ପରିଣୟ ।]

ସାନୁମାନକ—ସଂ. ବ—ପ୍ରପୌଣ୍ଡରୀକ (ବୃ. ଶ) (ଦେଖ)
Sanumānaka Prapaundarika (See)

ସାନେୟିକା—ସଂ. ବ—ବଂଶୀ; ମହୁରୀ (ଶବ୍ଦ ରତ୍ନାବଳୀ)—Flute.
Sāneyikā [ସାନେୟୀ—ଅନ୍ୟରୂପ]

ସାନ୍ତ—ସଂ, ବଣ (ବହୁବ୍ରୀହି; ସ+ଅନ୍ତ)—୧ । ଅନ୍ତ ବା ସୀମାବିଶିଷ୍ଟ, ସସୀମ—1. Bounded; definite. ୨ । ଯେଉଁ ଶବ୍ଦର ଅନ୍ତରେ 'ସ' ଥାଏ—2. (words) Ending with the letter 'Sa'. ଦେ. ବ—୧ । ନିର୍ଦ୍ଦିଷ୍ଟ ସୀମା ବା ଦୈର୍ଘ୍ୟ ବା ଆକାରବିଶିଷ୍ଟ ଭୂଭାଗ—1. Area of a given dimension or length. ୨। ନିର୍ଦ୍ଦିଷ୍ଟ ସୀମା—2. A given boundary. ୩ । (ସଂ. ସାମନ୍ତ) ସାଅନ୍ତ (ଦେଖ)—3. Sā-ānta (See) ଦେ. ବ (ସଂ. ସମାନ୍ତର)—ସମାନ୍ତରାଳ—Parallel, [ଯଥା—ଭାଇ ଭାଗରେ ସେତିକ ଘରବାଡ଼ିରୁ ମୋ ଭାଗ ଲମ୍ବେ ଲମ୍ବେ ୩ ବଖରା 'ସାନ୍ତ'ରେ ପଡ଼ିଲା ।] ଦେ. ଅ—ଆରମ୍ଭରୁ ଶେଷ ପର୍ଯ୍ୟନ୍ତ—From the beginning to the end.
Sānta
सान्त
सान्त
समान्तर
बराबर

ସାନ୍ତନା—ଗ୍ରା. ବ (ସଂ. ସାନ୍ତ୍ଵନା)—ସାନ୍ତ୍ଵନା (ଦେଖ)—
Sāntanā सान्त्वना सांतना Sāntwanā (See)

ସାନ୍ତପନ—ସଂ. ବ (ସମ+ତପ୍ ଧାତୁ ଣିଚ୍ ଭାବି ଧାତୁ+ଭାବ. ଅନ)—ବ୍ରତବିଶେଷ—A kind of religious austerity. [ଉ—ଏଥିରେ ଅନ୍ୟ ଖାଦ୍ୟ ଦ୍ରବ୍ୟ ତ୍ୟାଗ କରି ଯଥାକ୍ରମେ ୬ ଦିନ ଓ ୭ ଘୃତ ଗୋମୟ, ଗୋମୂତ୍ର, ଦୁଗ୍ଧ, ଦଧି, ଘୃତ ଓ କୁଶୋଦକ ଖାଇବାକୁ ହୁଏ । ତହିଁ ପରେ ଯଥାକ୍ରମରେ ଏ ସବୁ ଖାଇ ତହିଁ ପରଦିନ ଯଥାକ୍ରମେ ଉପବାସ କରିବାକୁ ହେଲେ ଏ ବ୍ରତକୁ 'କୃଚ୍ଛ୍ର ସାନ୍ତପନ' ବା ସନ୍ତାପନ କୃଚ୍ଛ୍ର ବୋଲାଯାଏ (ମନୁ ୧୧ଶ ଅଧ୍ୟାୟ) ଓ ଯଥାକ୍ରମେ ଉକ୍ତ ୬ଟି ଦ୍ରବ୍ୟ ୭ ଦିନ ସେବନ କରି ସପ୍ତମ ଦିନ ଉପବାସ କରିବାକୁ ହେଲେ, ଏହାକୁ 'ମହା ସାନ୍ତପନ' ବୋଲାଯାଏ—ଗରୁଡ଼ ପୁରାଣ ।]
Sāntapana

ସାନ୍ତପନ କୃଚ୍ଛ୍ର—ସଂ. ବ (ସାନ୍ତପନ+କୃଚ୍ଛ୍ର)—ବ୍ରତ ବିଶେଷ—
Sāntapana kruchchhra A kind of austerity.
[ଦ୍ର—ସାନ୍ତପନ ତଳେ ଟୀକା ଦେଖ ।]

ସାନ୍ତ ବାପା—ଦେ. ବ. ପୁଂ—ସାଅନ୍ତ ବାପା (ଦେଖ)
Sānta bāpā Sā-ānta bāpā, (See)
[ସାନ୍ତମା—ସ୍ତ୍ରୀ]

ସାନ୍ତର—ସଂ. ବଣ (ସ+ଅନ୍ତର)—୧ । ବ୍ୟବଧାନବିଶିଷ୍ଟ; ବ୍ୟବହିତ; ଛିଦ୍ରଯୁକ୍ତ—1. Porous; having spaces between. ୨ । ବିରଳ—2. Sparse; thin set; open in texture, ୩। ଜାଲିଜାଲିଆ—3. Netted.
Sāntara
(ସାନ୍ଦ୍ର—ବିପରୀତ)
[ସାନ୍ତରତା—ବି]

ସାନ୍ତରତା(ତ୍ଵ)—ସଂ. ବ (ସାନ୍ତର+ଭାବ. ତା, ତ୍ଵ)—ଯେଉଁ ଗୁଣ ଥିବାରୁ କଠିନ ବସ୍ତୁମାନଙ୍କ ଅଭ୍ୟନ୍ତରରେ ଛିଦ୍ରଏ ଛିଦ୍ରଏ ବ୍ୟବଧାନ ବା ଅନ୍ତର ଥାଏ—The state of solids having pores in them.
Sāntaratā(twa)

ସାନ୍ତରା—ଦେ. ବ—୧ । ସୁରଙ୍ଗୀ ମିଠା କମଳା—1. Sweet orange. ୨ । ସାଅନ୍ତରା (ଦେଖ)—2. Sā-āntarā. (See) ପ୍ରାଦେ (ସମ୍ବଲପୁର) ବ—ମିଠା ଲେମ୍ବୁ—Sweet orange.
Sāntarā
(ସାଅନ୍ତରା, ସାନ୍ଧା—ଅନ୍ୟରୂପ)
সিলেট কমলা
सिलेट कमला

ସାନ୍ତାନିକ—ସଂ. ବଣ—(ସନ୍ତାନ+ସମ୍ବନ୍ଧାର୍ଥେ. ଇକ)—୧ । ସନ୍ତାନ ସମ୍ବନ୍ଧୀୟ—1. Relating to offspring. ୨ । ପ୍ରସରଣଶୀଳ—2. Expansive. ସଂ. ବ. ପୁଂ—ସନ୍ତାନୋତ୍ପାଦନ କମିତ୍ତ ପତ୍ନୀକାମୀ ବ୍ରାହ୍ମଣ—A Brāhmaṇa who takes a wife for begetting an offspring.
Sāntānika

ସାନ୍ତାପିକ—ସଂ. ବଣ (ସନ୍ତାପ+ଇକ)—ସନ୍ତାପଦାୟକ (ବିଶ୍ଵକୋଷ)—
Sāntāpika Giving trouble or botheration.

ସାନ୍ତାଳ—ଦେ. ବ. ପୁଂ (ସଂ. ସମତଳ)—ଛୋଟନାଗପୁର ଅଞ୍ଚଳବାସୀ ଜଙ୍ଗଲି ଅନାର୍ଯ୍ୟ ଜାତି ବିଶେଷ—A non-aryan wild tribe of Chhota-nagpur; the Santhals. [ଦ୍ର—ସାନ୍ତାଳମାନେ ଭାରତର ଗୋଟିଏ ଅଧମ ଅନାର୍ଯ୍ୟ ଜାତି । ଏମାନେ ମେଦନୀପୁର, ପଶ୍ଚିମ ବଙ୍ଗ, ଓଡ଼ିଶା ଗଡ଼ଜାତ, ବାଲେଶ୍ଵର, ଭାଗଲପୁର ଓ ଛୋଟନାଗପୁରର ସାନ୍ତାଳ ପରଗଣାରେ ବାସ କରନ୍ତି । କଥିତ ଅଛି ଯେ, କରୁ ପୁରୁଷ ପୂର୍ବେ ଏମାନେ ମେଦନୀପୁର ଅନ୍ତର୍ଗତ ସାଓନ୍ତ ନାମକ ସ୍ଥାନରେ ବାସ କରୁଥିଲେ ଓ ଏଥିଯୋଗୁଁ ଏମାନଙ୍କ ନାମ ସାଓନ୍ତାଳ ହୋଇଅଛି । ପୂର୍ବେ ଏମାନଙ୍କ ନାମ 'ଖରବାର' ଥିଲା । କର୍ଣ୍ଣେଲ୍ ଡାଲ୍ଟନ୍ କହନ୍ତି ଯେ, ସାଅନ୍ତାଳଙ୍କ ନାମରୁ
Sāntāla
(ସାନ୍ତାଳୀ, ସାନ୍ତାଳଅଣୀ—ସ୍ତ୍ରୀ)
সাঁওতাল
संथाल
(ସାଅନ୍ତାଳ—ଅନ୍ୟରୂପ)

ମେଦିନୀପୁରର 'ସାଓନ୍ତ' ଗ୍ରାମର ନାମକରଣ ହୋଇଅଛି । କାରଣ, ସରସ୍ୱତୀରେ ଓ କେନ୍ଦୁଝରରେ 'ସାଓନ୍ତ' ନାମକ ଏକ ଜାତି ଅଛନ୍ତି । ସାନ୍ତାଳଙ୍କୁ ପଚାରିଲେ ସେମାନେ ମାଝୀ ବା ସାନ୍ତାଳ ମାଝୀ ବୋଲି ଆପଣାକୁ ପରିଚୟ ଦିଅନ୍ତି । ଏମାନଙ୍କ ମଧ୍ୟରୁ କେହି କେହି ଶ୍ୟାମବର୍ଣ୍ଣ, କିନ୍ତୁ ଅଧିକାଂଶ ବ୍ୟକ୍ତି ଅଙ୍ଗାର ପରି କୃଷ୍ଣବର୍ଣ୍ଣ; ନାସିକାର ଅଗ୍ରଭାଗ ନଗ୍ରୋମାନଙ୍କ ପରି ସ୍ଥୂଳ ଓ ନାକ ଚେପଟା; ମୁହଁ ବଡ଼ ଓ ଓଷ୍ଠ ସ୍ଥୂଳ; ତଳ ଓଠ ଉପର ଓଠ ଅପେକ୍ଷା ବେଶୀ ବାହାରି ପଡ଼ିଥାଏ; ମୁଣ୍ଡର କେଶ ଘନ ଓ କୁଞ୍ଚିତ ଓ କୃଷ୍ଣବର୍ଣ୍ଣ । ପାଶ୍ଚାତ୍ୟ ପଣ୍ଡିତମାନେ ଏମାନଙ୍କୁ ଦ୍ରାବିଡ଼ୀୟ ବଂଶ ସମ୍ଭୂତ ବୋଲି ସ୍ଥିର କରିଅଛନ୍ତି । ଏମାନଙ୍କ ମଧ୍ୟରେ କିମ୍ବଦନ୍ତୀ ଅଛି ଯେ, ଗୋଟିଏ ବନ୍ୟ ହଂସର ୨ଟି ଅଣ୍ଡାରୁ ଏମାନଙ୍କର ଆଦି ଦମ୍ପତି ପିଲ୍ଚୁ ହଡ଼ମ୍ ଓ ପିଲ୍ଚୁ ବୁଢ଼ୀ ଜନ୍ମିଥିଲେ । ଏ ଦୁହିଙ୍କ ବଂଶଧରମାନେ ୭ ବିଭାଗରେ ବିଭକ୍ତ ହେଲେ; ବର୍ତ୍ତମାନ ମଧ୍ୟ ସାନ୍ତାଳମାନେ ୭ ଶ୍ରେଣୀରେ ବିଭକ୍ତ । ଆଦି ଦମ୍ପତିଙ୍କଠାରୁ ଉତ୍ପନ୍ନ ୭ଟି ଶ୍ରେଣୀ ଛଡ଼ା ପରେ ଏମାନଙ୍କର ଆଉ ୫ଟି ଶ୍ରେଣୀ ବଢ଼ିଲା । ଏହି ୧୨ ଶ୍ରେଣୀ ମଧ୍ୟରେ ପରସ୍ପର ବିବାହ ପ୍ରଥା ଚଳେ । ଏକ ସମ୍ପ୍ରଦାୟର ବ୍ୟକ୍ତି ସେହି ସମ୍ପ୍ରଦାୟର ସ୍ତ୍ରୀକୁ ବା ପୁରୁଷକୁ ବିବାହ କରି ନ ପାରେ । ସାନ୍ତାଳମାନଙ୍କ ନିମ୍ନତମ ଶ୍ରେଣୀ 'ବେଦିଆ' । ବାଳକା ପୂର୍ଣ୍ଣଯୁବତୀ ହେଲେ ମନୋମତ ପତି ନିର୍ବାଚନ କରେ । ଅବିବାହିତା ବାଳିକା ଗର୍ଭଧାରଣ କଲେ ଗର୍ଭାଧାନକାରୀ ପୁରୁଷ ତାକୁ ବିବାହ କରିବାକୁ ବାଧ୍ୟ ହୁଏ । ଏମାନଙ୍କ ମଧ୍ୟରେ ବହୁ ବିବାହ ନାହିଁ । ପତ୍ନୀ ବନ୍ଧ୍ୟା ହେଲେ ସ୍ୱାମୀ ଅନ୍ୟ ସ୍ତ୍ରୀ ବିବାହ କରି ପାରେ । ସପତ୍ନୀକ ଦେବର ସ୍ୱୀୟ ବିଧବା ଭ୍ରାତୃଜାୟାକୁ ବିବାହ କରେ । ଜଗମାଝୀ ବା ପୁରୋହିତଙ୍କ ଦ୍ୱାରା ମହୁଆ ଗଛ ମୂଳେ ବିବାହ ସମ୍ପାଦିତ ହୁଏ । କନ୍ୟାଶୁଳ୍କ ଓ ଯୌତୁକ ପ୍ରଥା ଏମାନଙ୍କ ମଧ୍ୟରେ ଅଛି । ବିବାହ ସମୟରେ ବର କନ୍ୟାର କପାଳରେ ଓ ସୀମନ୍ତରେ ସିନ୍ଦୂର ଲଗାଇ ଦିଏ । କନ୍ୟା କୁତ୍ସିତରୂପା ବା ବିକୃତାଙ୍ଗୀ ହେଲେ ଜାମାତା ଶ୍ୱଶୁର ଘରେ ୫ବର୍ଷ ଘରଜୋଇଁଅ ହୋଇ ରହି କୃଷିକାର୍ଯ୍ୟ କରେ ଓ କନ୍ୟାକୁ ଉପଭୋଗ କରେ; ୫ବର୍ଷ ପରେ ଶ୍ୱଶୁରଙ୍କଠାରୁ ହଳେ ବଳଦ, କିଛି ଗୃହଳ ଓ କୃଷିଯନ୍ତ୍ର ଗ୍ରହଣ କରି ଜାମାତା ଚିରକାଳ ପାଇଁ ଶ୍ୱଶୁରଙ୍କଠାରୁ ଓ କନ୍ୟାଠାରୁ ବିଦାୟ ନିଏ । ଏମାନଙ୍କ ମଧ୍ୟରେ ସାଙ୍ଗା ବା ବିଧବା ବିବାହ ଅଛି । ପରିତ୍ୟକ୍ତା ସ୍ତ୍ରୀ ମଧ୍ୟ ପତ୍ୟନ୍ତର ଗ୍ରହଣ କରି ପାରେ । ସ୍ୱାମୀର ବା ସ୍ତ୍ରୀର ଇଚ୍ଛା ଅନୁସାରେ ବିବାହ ଭଙ୍ଗ ହୋଇ ପାରେ । ବିବାହ ଭଙ୍ଗାର୍ଥ ଇଚ୍ଛୁକ ପକ୍ଷ ଅପର ପକ୍ଷକୁ (ସ୍ୱାମୀକୁ ବା ସ୍ତ୍ରୀକୁ) କିଛି ଜୋରିମାନା ଦିଏ ଓ ଗ୍ରାମବାସୀଙ୍କ ଆଗରେ ୩ଟି ଶାଳପତ୍ର ଚିରାଇ ଦିଏ ଓ ଗୋଟିଏ ଜଳପୂର୍ଣ୍ଣ ପିତ୍ତଳ କଳସକୁ ଲେଉଟାଇ ପକାଏ । ପିତାର ମୃତ୍ୟୁ ପରେ ପୁଅମାନେ ପିତୃସମ୍ପତ୍ତି ସମାନ ଭାଗରେ ବାଣ୍ଟି ନିଅନ୍ତି । ସମ୍ପତ୍ତି ବିଭାଗ ସମୟରେ କନ୍ୟା ଗୋଟିଏ ଗାଈ ପାଏ । ଏମାନେ ମରଙ୍ଗବୁରୁ (ପ୍ରଧାନ ଦେବତା), ମୋରେକୋ (ଅଗ୍ନି), ଜାହେରଏରା (ମୋରେକୋଙ୍କ ଭଉଣୀ, ବଣ ଦେବତା), ଗୋସେନଏରା (ମୋରେକୋଙ୍କ ସାନ ଭଉଣୀ), ପରଗଣା (ଭୂତମାନଙ୍କ ମଧ୍ୟରେ ପ୍ରଧାନ) ଓ ମାଝୀ (ପରଗଣାଙ୍କ ଅଧସ୍ତନ ଦେବ)ଙ୍କ ପୂଜା କରନ୍ତି । ଏହା ଛଡ଼ା ପ୍ରତ୍ୟେକ ସାନ୍ତାଳର ଓଡ଼କବଙ୍ଗ (କୁଳ ଦେବତା) ଓ ଅବଗେବଙ୍ଗ (ଗୁପ୍ତ ଦେବତା) ଅଛନ୍ତି । ପୂର୍ବେ ସାନ୍ତାଳମାନଙ୍କ ମଧ୍ୟରେ ନରବଳି ପ୍ରଚଳିତ ଥିଲା । ପୌଷ ମାସରେ ଶସ୍ୟ କ୍ଷେତରୁ ଘରକୁ ଆଣିବା ସମୟରେ ଏମାନଙ୍କର ପ୍ରଧାନ ଉତ୍ସବ ହୁଏ । ଶୂକର, ଛାଗ ଓ କୁକ୍କୁଟ ବଳି ଦେବତାଙ୍କୁ ଦିଆଯାଏ । ସ୍ତ୍ରୀ ପୁରୁଷ ସମସ୍ତେ ମଦିରା ପାନରେ ମତ୍ତ ହୋଇ ଉତ୍ସବ ସମୟରେ ବ୍ୟଭିଚାରରେ ଲିପ୍ତ ହୁଅନ୍ତି । ଫାଲ୍‌ଗୁନ ମାସରେ ଶାଳଫୁଲ ଫୁଟିବା ସମୟରେ, ଆଷାଢ଼ ମାସରେ କ୍ଷେତରେ ବୀଜ ବପନ କରିବା ସମୟରେ ଓ ପୌଷ ମାସର ପ୍ରଥମ ଦିନ ମୃତ ପୂର୍ବପୁରୁଷଙ୍କ ପୂଜା ଉପଲକ୍ଷରେ ଉତ୍ସବ କରାଯାଏ । ମାଘ ମାସରେ ଏମାନଙ୍କ ବର୍ଷ ଶେଷ ହୁଏ । ପ୍ରତ୍ୟେକ ସାନ୍ତାଳ ଜୀବନରେ ଥରେ ଜମସିମ୍ ବା ସୂର୍ଯ୍ୟ ଦେବଙ୍କ ପୂଜା କରି ଛେଳି ଓ ମେଣ୍ଢା ବଳି ଦିଏ ଓ ବର୍ଷକ ପରେ ଗୃହ-ଦେବତାଙ୍କୁ ଗୋଟାଏ ଗାଈ ଓ ପୂର୍ବପୁରୁଷଙ୍କୁ ଗୋଟିଏ ଷଣ୍ଢ ବଳି ଦିଏ । ପ୍ରତ୍ୟେକ ଗ୍ରାମରେ ପ୍ରଧାନ ବ୍ୟକ୍ତି ମାଝି ଓ ପ୍ରତ୍ୟେକ ପରଗଣାର ପ୍ରଧାନ ବ୍ୟକ୍ତିଙ୍କୁ ପରଗଣେଇତ ବୋଲାଯାଏ । ସାନ୍ତାଳମାନେ ଶବଦାହ କରନ୍ତି । ଏମାନଙ୍କର କଥିତ ଭାଷା ଓଡ଼ିଆ । ୧୮୫୫ଖ୍ରୀଷ୍ଟାବ୍ଦରେ ଏମାନେ ବିଦ୍ରୋହ କରିଥିଲେ । ଧନୁର୍ବିଦ୍ୟାରେ ଏମାନେ ସିଦ୍ଧହସ୍ତ ।

ସାନ୍ତାଳ, କୋଲ୍‌, ମୁଣ୍ଡା, ଓରାଓଁ ଏକ ଶ୍ରେଣୀର ଅଟନ୍ତି । (ବିଶ୍ୱକୋଷ)]

ସାନ୍ତାଳ ପରଗଣା(ଜା)—ଦେ.ବି(ନାମ)—ବିହାର ପ୍ରଦେଶର ଭାଗଲପୁର ବିଭାଗର ଜିଲ୍ଲାବିଶେଷ—
Sāntāla paragaṇā(n.)
(ସାନ୍ତାଳପ୍ରଗନା—ଅନ୍ୟରୂପ) Name of a district
ସାଁଓତାଲପରଗনা **संथालपरगना** of the Bhagalpur Division of Bihar. [ଦ୍ର—ଏହାର ପ୍ରଧାନ ନଗର ଦୁମ୍‌କା । ବାବା ବୈଦ୍ୟନାଥ (ଦେଓଘର) ଏହି ଜିଲ୍ଲାରେ ଅବସ୍ଥିତ । ଏହି ଜିଲ୍ଲା ଅନ୍ତର୍ଗତ ନନ୍‌ରେଗୁଲେସନ୍ ଶାସିତ ଜିଲ୍ଲା ଓ ଏଥିର ଶାସନକର୍ତ୍ତାଙ୍କୁ ଡେପୁଟୀ କମିସନର୍ ବୋଲାଯାଏ । ଏହି ଜିଲ୍ଲାର କ୍ଷେତ୍ରଫଳ ୫୪୭୭ ମାଇଲ । ଏ ଜିଲ୍ଲାର ୬ଟି ସବ୍‌ଡିଭିଜନ୍ ବା ମହକୁମା ଅଛି;—ସଦର ବା ଦୁମ୍‌କା, ଦେଓଘର, ଗୋଡ୍ଡା, ଜାମତାଡ଼ା, ରାଜମହଲ, ପକାଉର୍ । କଲେକ୍ଟର୍ ଓ ଜଜ ଓ ମାଜିଷ୍ଟ୍ରେଟ୍ କାର୍ଯ୍ୟ ଡେପୁଟି କମିସନର୍ କରନ୍ତି ।

ସାନ୍ତାଳ—ଦେ. ବଣ—୧ । ସାନ୍ତାଳସମ୍ବନ୍ଧୀୟ—1. Relating to
Sāntāli the Sānthals. ୨ । ବଙ୍ଗଳା,
(ସାନ୍ତାଳିଆ—ଅନ୍ୟରୂପ) ବିହାର ଓ ଓଡ଼ିଶା ପ୍ରଦେଶମାନଙ୍କ
সাওঁতালি संथाली ଅଧିବାସୀ ସାନ୍ତାଳମାନଙ୍କ
କଥିତ ଖେରୱାରି ଭାଷାର ରୂପାନ୍ତର—2. A dialect of the Kherwāri spoken by the Sānthals of Bengal, Bihar and Orissa.

ସାନ୍ତି—ଦେ· ବ—(ସଂ· ସମାନ୍ତର) ଶାନ୍ତ· ଦେ. ବି· ୩ (ଦେଖ)—
Sānti Sānta 3 (See) ପ୍ରାଦେ (ଗଡ଼ଜାତ) ବି (ରଜାଙ୍କୁ ଶାନ୍ତ କରିବାକୁ ଦଅସିବାରୁ) ବାଣୁଆ ଶିକାରରେ ମାରଥିବା ମୃଗ ଆଦି ପଶୁର ପଛଅଡ଼ର ଗୋଟିଏ ଫଡ଼ଅ(ଯାହା ଶିକାର ରଏଲ୍ଟି (Royalty) ସ୍ୱରୂପ ରଜାଙ୍କୁ ଦେବାକୁ ବାଧ୍ୟ)—
The rump of a beast killed by a hunter (which is presented to the Rājā as his royalty in a game).

ସାନ୍ତିଆ—ପ୍ରାଦେ (ଗଞ୍ଜାମ) ବ—ଗଞ୍ଜାମ ଜିଲ୍ଲାର ଶୂଦ୍ରଜାତିବିଶେଷ—
Sāntiā Name of a Śūdra caste living in the district of Ganjam.
ଦେ· ବଣ—ସାଅନ୍ତିଆ ଇତ୍ୟାଦି (ଦେଖ)
Sa·āntiā etc. (See)

ସାନ୍ତ୍ୱ (ଧାତୁ)—ସ—ଶାନ୍ତ କରିବା; ପ୍ରବୋଧ କରିବା—
Sāntwa (root) To console; to pacify; to assuage; to condole.

ସାନ୍ତ୍ୱ—ସ ବ (ସାନ୍ତ୍ୱ ଧାତୁ+ଭାବ ଅ)—୧ । ସାମ; ପ୍ରବୋଧ ବାକ୍ୟ—
Sāntwa 1. Consoling words. ୨ । ଶ୍ରୁତି-ପ୍ରୀତିଜନକ ବାକ୍ୟ—2. Sweet words. ୩ । ଦାକ୍ଷିଣ୍ୟ—3. Politeness; generosity.

ସାନ୍ତ୍ୱନ(ନା)—ସ ବ (ସାନ୍ତ୍ୱ ଧାତୁ+ଭାବ ଅନ;+ଆ)—୧ ।
Sāntwana(nā) ସମାଶ୍ୱାସନ; ପ୍ରିୟବଚନଦ୍ୱାରା ପ୍ରବୋଧ ଦାନ—1. Consolation. ୨ । ପ୍ରିୟକରଣ; ସାମୋପାୟ—2. Assuaging; pacifying. ୩ । ବିପନ୍ନ ବା ଶୋକଗ୍ରସ୍ତ ବ୍ୟକ୍ତିକୁ ଅଶ୍ୱାସନା ଦେବା—3. Condolence. ୪ । ପ୍ରଣୟ; ପ୍ରେମ (ହି. ଶ-4. Love; attachment. ୫ । ସ୍ନେହପୂର୍ବକ କୁଶଳ ପ୍ରଶ୍ନ (ହି. ଶ)-5. Affectionate-enquiry about one's wellbeing, ୬ । ସନ୍ଧି; ମିଳନ (ହି. ଶ)—6. Union.

ସାନ୍ତ୍ୱନ(ନା) କରିବା (ଦେବା)—ଦେ·କ୍ରି—ଦୁଃଖିତ ବ୍ୟକ୍ତିକୁ ଅଶ୍ୱାସନା
Sāntwana(nā) karibā(debā) ଦେବା—To
সান্ত্বনা করা সান্ত্বনা দেওয়া सांत्वना करना console; to condole.

ସାନ୍ତ୍ୱନା ଦାନ—ସ ବ—ଦୁଃଖିତ ବ୍ୟକ୍ତିକୁ ଅଶ୍ୱାସନା ଦେବା—
Sāntwanā dāna Condolence.

ସାନ୍ତ୍ୱନ(ନା) ଦାୟକ—ସ ବଣ ପୁଂ (ସାନ୍ତ୍ୱ+ଦା ଧାତୁ+କର୍ତ୍ତ୍ର ଅକ)—
Sāntwana(nā)dāyaka ଯେ ବା ଯାହା ସାନ୍ତ୍ୱନା ଦିଏ—
ସାନ୍ତ୍ୱନ(ନା)ପ୍ରଦ Consolatory;
ସାନ୍ତ୍ୱନ(ନା)ପ୍ରଦାୟକ }—ଅନ୍ୟରୂପ condoling.
ସାନ୍ତ୍ୱନ(ନା)ଦାତା
ସାନ୍ତ୍ୱନ(ନା)ଦାୟିକା
ସାନ୍ତ୍ୱନ(ନା)ପ୍ରଦା
ସାନ୍ତ୍ୱନ(ନା)ପ୍ରଦାୟିକା }ସ୍ତ୍ରୀ—
ସାନ୍ତ୍ୱନ(ନା)ଦାତ୍ରୀ

ସାନ୍ତ୍ୱନିତ—ସ ବଣ (ସାନ୍ତ୍ୱନ+ସ୍ତ୍ୱାର୍ଥେ ଇତ)—ସାନ୍ତ୍ୱନାପ୍ରାପ୍ତ—
Sāntwanita Consoled.

ସାନ୍ତ୍ୱବାଦ—ସ ବ—ସାନ୍ତ୍ୱନାମୟ ବାକ୍ୟ—Consolatory words
Sāntwabāda condolatory message.

ସାନ୍ତ୍ୱୟିତା—ସ ବଣ· ପୁଂ [ସାନ୍ତ୍ୱ ଧାତୁ+କର୍ତ୍ତ୍ର ତୃ, ୧ମା ୧ବ]—
Sāntwayitā ସାନ୍ତ୍ୱନାଦାୟକ [ଦେଖ]—Sāntwanā
[ସାନ୍ତ୍ୱୟିତ୍ରୀ – ସ୍ତ୍ରୀ] dāyaka (See)

ସାନ୍ଦିବା—ଦେ· କ୍ରି—ସାନ୍ଧିବା [ଦେଖ]
Sāndibā Sāndhibā (See)

ସାନ୍ଦୀପନି—ସ ବ ପୁଂ [ସନ୍ଦୀପନ=ମୁନିବିଶେଷ+ଗୋତ୍ରାପତ୍ୟାର୍ଥେ ଇ]—
Sāndīpani ମୁନିବିଶେଷ; କୃଷ୍ଣ ଓ ବଳରାମଙ୍କର ଧନୁର୍ବିଦ୍ୟା-ଶିକ୍ଷକ—Name of a sage who was the tutor in archery to Srikrushna, [ଦ୍ର—ବାସୁଦେବଙ୍କ ଚକ୍ରବର୍ତ୍ତୀ ଅବନ୍ତୀ ନଗରରେ ଏହାଙ୍କ ଆଶ୍ରମ ଥିଲା । ଏ ସବୁ ଶାସ୍ତ୍ରରେ ବିଚକ୍ଷଣ ଥିଲେ । ଶ୍ରୀକୃଷ୍ଣ ଓ ବଳରାମ ଏହାଙ୍କଠାରୁ ଧନୁର୍ବିଦ୍ୟା ଶିକ୍ଷା କରି ସାର କରଣ ଗୁରୁ ଦକ୍ଷିଣା ଦେବେ ବୋଲି ଏହାଙ୍କୁ ପଚାରିବାରୁ ଏ ଏହାଙ୍କ ମୃତ ପୁତ୍ରର ଉଦ୍ଧାର ପ୍ରାର୍ଥନା କରିଥିଲେ । ପ୍ରଭାସତୀର୍ଥସ୍ଥ ସମୁଦ୍ରରେ ସ୍ନାନ କରିବା ସମୟରେ ଏହାଙ୍କ ପୁତ୍ରକୁ ଶଙ୍ଖରୂପଧର ପଞ୍ଚଜନ ନାମକ ଦୈତ୍ୟ ହରଣ କରି ନେଇଥିଲା । ଗୁରୁଙ୍କ ଅନୁରୋଧକ୍ରମେ ଶ୍ରୀକୃଷ୍ଣ ସମୁଦ୍ରକୁ ଯାଇ ସେ ପୁତ୍ରର ଅସ୍ଥି ସଂଗ୍ରହ କରି ଯମପୁରକୁ ଯାଇ ଯମକୁ ପରାସ୍ତ କରି ସେ ପୁତ୍ରକୁ ପୂର୍ବ ଶରୀର ପ୍ରଦାନ କରାଇ ମୁକ୍ତିଲାଭ ଆଣି ଗୁରୁଙ୍କଠାରେ ଅର୍ପଣ କଲେ । ଶ୍ରୀକୃଷ୍ଣ ଦ୍ୱାରକାକୁ ଯାଇ ରଜା ହେବା ପରେ ସାନ୍ଦୀପନି ସେଠାକୁ ଯାଇ ଯଦୁବଂଶୀୟମାନଙ୍କର ପୁରୋହିତ ହୋଇଥିଲେ—ବିଷ୍ଣୁପୁରାଣ ।]

ସାନ୍ଦୃଷ୍ଟିକ ନ୍ୟାୟ—ସଂ ବ (ସମ୍+ଦୃଷ୍ଟ+ଇକ) ସଦ୍ୟଃଫଳ; ତାତ୍-
Sāndrushṭika nyāya କାଳିକଫଳ—A sort of reasoning. [ଦ୍ର—୧ । ଏହି ନ୍ୟାୟଅନୁସାରେ ଯେଉଁ ମୃତ ବ୍ୟକ୍ତିଙ୍କର ପିତାମହଙ୍କଠାରୁ ଦୌହିତ୍ର ପର୍ଯ୍ୟନ୍ତ କେହି ଉତ୍ତରାଧିକାରୀ ନ ଥାନ୍ତି, ତାହାଙ୍କ ତ୍ୟକ୍ତ ଧନକୁ ତାହାଙ୍କ ଗୁରୁ

ପ୍ରତିଚ୍ଛାମତ୍ତ ଓ ପ୍ରତିଚ୍ଛାମସ୍ତ୍ରୀ ପାଷାଣ (ବାୟୁଭଗସଂଗ୍ରହ) । ୨ । ବୃକ୍ଷଫଳ ଭଲନାନ୍ୟାୟ । ପୂର୍ବେ ଗୋଟଏବ ଉପ ପେଷିଗୁଡେ ଦେଖା ହୋଇଥିଲ ସେହିରୂପ ଅନ୍ୟ ଗୋଟିଏ ବସ୍ତୁ ଦେଖିଲେ ପୂର୍ବ ବୃକ୍ଷ ନ୍ୟ ଉଦ୍ଭବରୂପ ଫଳ କଳନା ହେଲେ ଏ ନ୍ୟାୟ ଖଟା ଯାଏ (ଶବ୍ଦକୋଷ; ନୂ ଣ)] ।

ସାନ୍ଦ୍ର—ସଂ. ବଣ. (ସ=ସହିତ+ଅଦ୍. ଧାତୁ=ବନ୍ଧନ କରିବା+ କର୍ତ୍ତି. ର)—୧ । ଘନ; ନିବିଡ଼—1. Thick, dense; close set; compact. ୨ । ଅଭେଦ୍ୟ (ଅମର)—2. Impervious. ୩ । ସ୍ନିଗ୍ଧ (ମେଦିନୀ) 3. Oily. ୪ । ଚିକ୍କଣ—4. Smooth; ୫ । ମନୋଜ୍ଞ; ସୁନ୍ଦର (ଶବ୍ଦ ରତ୍ନାବଳୀ)—5. Pleasing. ୬ । ମୃଦୁ—6. Gentle; mild. ବି—୧ । ବନ; ଅରଣ୍ୟ (ମେଦିନୀ)—1. Forest. ୨ । ଦଧିଘୋଳ—2. Churned buttermilk.
Sandra

ସାନ୍ଦ୍ରତା(ତ୍ୱ)—ସଂ. ବି (ସାନ୍ଦ୍ର+ଭାବ. ତା;ତ୍ୱ)—ଘନତା; ନିବିଡ଼ତା—Denseness; compactness.
Sāndratā(twa)

ସାନ୍ଦ୍ରପଦ—ସଂ. ବି (ବହୁବ୍ରୀହି)—ଛନ୍ଦୋବିଶେଷ—Name of a metre. (ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୧୧ ଅକ୍ଷର ଥାଏ; ପ୍ରଥମ, ଚତୁର୍ଥ, ସପ୍ତମ ଓ ଦଶମ ଅକ୍ଷର ଗୁରୁ, ଅନ୍ୟ ବର୍ଣ୍ଣମାନ ଲଘୁ; ସାଧାରଣତଃ ଏ ଛନ୍ଦର ପ୍ରୟୋଗ ଦେଖାଯାଏ ନାହିଁ, ଛନ୍ଦରତ୍ନାକର ଶବ୍ଦକୋଷ)
Sāndra pada

ସାନ୍ଦ୍ରପୁଷ୍ପ—ସଂ.ବି (ଏଥିର ଫୁଲଯାକ ଘନ ଭାବରେ ବେଣ୍ଟାରେ ଲଗିଥିବାରୁ ବହୁବ୍ରୀହି)—ବିଭୀତକ ବୃକ୍ଷ ଓ ପୁଷ୍ପ; ବାହାଡ଼ା ଗଛ ଓ ଫୁଲ, (ଶବ୍ଦ ଚନ୍ଦ୍ରିକା)—1. Beleric myrobalan (tree and flower)
Sāndrapushpa

ସାନ୍ଦ୍ରପ୍ରସାଦ ମେହ—ସଂ. ବି—ତରଳର କଦାଚ ସ୍ଥାନରେ ରକ୍ଷିତ ମେହ ରୋଗବିଶେଷ—A kind of gonorrohea. [ଦ୍ର—ଏ ରୋଗରେ ମୂତ୍ରର କେତେକାଂଶ ଘନ ଓ କେତେକାଂଶ ତରଳ ହୁଏ ଓ ମୂତ୍ରକୁ ପାତ୍ରରେ ରଖିଲେ ଉପରସ୍ତର ପତଳା ଓ ନିମ୍ନସ୍ତର ଘନ ହୁଏ । ଶ୍ଳେଷ୍ମା କୁପିତ ହୋଇ ଏ ରୋଗ ବାହାରେ ।]
Sāndraprasāda meha

ସାନ୍ଦ୍ର ମେହ—ସଂ. ବି—ମେହ ରୋଗବିଶେଷ—A kind of gonorrohea in which the urine coagulates after a time. [ଦ୍ର—ଏହା ଶ୍ଳେଷ୍ମଜ । ଏ ରୋଗୀର ମୂତ୍ରକୁ କୌଣସି ପାତ୍ରରେ ରଖିଲେ କିଛି ସମୟ ପରେ ତାହା ଗାଢ଼ ହୁଏ—ଚରକ ।]
Sāndra meha

ସାନ୍ଦ୍ର ସ୍ନିଗ୍ଧ—ସଂ. ବଣ—ଘନ ଓ ଚିକ୍କଣ; ମେଦୁର—Dense and smooth.
Sāndra snigdha

ସାନ୍ଧ—ସଂ. ବଣ (ସନ୍ଧି+ଅ)—ସନ୍ଧିସମ୍ବନ୍ଧୀୟ—Relating to sandhi.
Sāndha

ସାନ୍ଧକାର—ସଂ. ବଣ (ସ+ଅନ୍ଧକାର; ସହାର୍ଥ ବହୁବ୍ରୀହି)—ଅନ୍ଧକାରଯୁକ୍ତ—Dark.
Sāndhakāra

ସାନ୍ଧି(ନ୍ଧି)—ଦେ. ବି (ସଂ. ସନ୍ଧି=ସହ ଭୋଜନ)—ସହ ଭୋଜନ; ପଂକ୍ତିଭୋଜନ; ବହୁ ଲୋକଙ୍କର ଏକତ୍ର ଭୋଜନ; ପଙ୍ଗତ (ଗୋପୀନାଥ ନନ୍ଦ)—A dinner in which many people dine together; a caste-dinner; a social dinner.
Sāndhi(ndi)
ପংক্তি ভোজন
পংগত, পংগত

ସାନ୍ଧିକ—ସଂ. ବି (ସନ୍ଧା=ମଦ୍ୟ ସନ୍ଧାନ+ଇକ)—୧ । ଶୌଣ୍ଡିକ; ଶୁଣ୍ଡି—1. A distiller of wine. ୨ । (ସନ୍ଧି+ଇକ) ସନ୍ଧି କର୍ତ୍ତା—2. The maker of a treaty.
Sāndhika

ସାନ୍ଧିବା—ଦେ. କ୍ରି (ସମ୍+ଧା ଧାତୁ=ସନ୍ଧାନ)—୧ । ଏକାଧିକ ବସ୍ତୁକୁ ଏକତ୍ର ମିଶ୍ରିତ କରିବା ପାଇଁ ଚକଟିବା; ଦଳିବା—1. To knead up two or more than two things. ୨ । (ସଂ. ସାନ୍ଦ୍ର) ଘନଭାବରେ ପଦାର୍ଥକୁ ଜଳଦ୍ୱାରା ମିଶାଇବା—2. To mix together very intimately any thing with water. [ଯଥା—ଚୂନ ବାଲିକୁ ସାନ୍ଧି ମସଲା ତିଆର କରିବା, ମଇଦାକୁ ସାନ୍ଧି ଲୁଚି ତିଆର କରିବା ।] ୩ । ଛିଦ୍ରରେ କୌଣସି ବସ୍ତୁକୁ ପୂରାଇ ଗୋଞ୍ଜିବା—3. To press or ram a thing into a hole. ୪ । ପ୍ରହାର କରିବା; ସାଣ୍ଡ଼ ଦେବା—4. To beat; to deal blows.
Sāndhibā
চটকান
সাঁদনা
সানদা

ସାନ୍ଧିବିଗ୍ରହିକ—ସଂ. ବଣ,ପୁଂ (ସନ୍ଧିବିଗ୍ରହ+ଇକ)—ସନ୍ଧି ଓ ବିଗ୍ରହ ସାଧନ ବିଷୟରେ ନିପୁଣ—Skilful in bringing about peace and war. [ଦ୍ର—ପୂର୍ବେ ଓଡ଼ିଶାର ସ୍ୱାଧୀନ ରାଜାମାନେ ବ୍ରାହ୍ମଣମାନଙ୍କୁ ଏହି ଉପାଧି ଦେଉଥିଲେ । ବର୍ତ୍ତମାନ ଏହା ଅପଭ୍ରଷ୍ଟ ହୋଇ 'ସାନ୍ଧିବିଗ୍ରହୀ'ରେ ପରିଣତ ହୋଇଅଛି । ଏବେ ବାଲେଶ୍ୱର ଅଞ୍ଚଳରେ 'ସନ୍ଧିବିଗ୍ରହୀ' ଉପାଧିଧାରୀ ବ୍ରାହ୍ମଣ ଦେଖାଯାଆନ୍ତି] ସଂ. ବି—ସନ୍ଧି ଓ ବିଗ୍ରହ କାର୍ଯ୍ୟରେ ରାଜାଙ୍କୁ ପରାମର୍ଶ ଦେବା କର୍ମଚାରୀ—Foreign Secretary and Minister for peace and war.
Sāndhibigrahika

ସାନ୍ଧିବେଳ—ସଂ. ବଣ (ସନ୍ଧିବେଳା+ଅ)—ସନ୍ଧ୍ୟା ସମ୍ବନ୍ଧୀୟ (ସିଦ୍ଧାନ୍ତ କୌମୁଦୀ)—Relating to evening.
Sāndhibela

ସାନ୍ଧ୍ୟ—ସଂ. ବଣ (ସନ୍ଧ୍ୟା+ଭବ ଓ ସମ୍ବନ୍ଧୀୟ ଅର୍ଥରେ ଅ)—୧ । ସନ୍ଧ୍ୟାସମ୍ବନ୍ଧୀୟ—1. Relating to the evening. ୨ । ସନ୍ଧ୍ୟାକାଳୀନ—2. Happening in the evening. ୩ । ସନ୍ଧ୍ୟାକାଳରେ ଅନୁଷ୍ଠେୟ—3. Performable in the evening.
Sāndhya

ସାନ୍ଧ୍ୟ କୁସୁମ—ସଂ. ବି (କର୍ମଧା. ଏହା ସନ୍ଧ୍ୟା ବେଳେ ଫୁଟିବାରୁ)—ନିତ୍ୟକଲ୍ୟାଣୀ ପୁଷ୍ପ (ରାଜନିର୍ଘଣ୍ଟ); ସଦାବାହାର ଫୁଲ—Periwinkle (flower).
Sāndhya kusuma

ସଂ. ବଣ (ବହୁବ୍ରୀହି)—ଯେଉଁ ଗଛ ମାନଙ୍କର ଫୁଲ ସନ୍ଧ୍ୟା ବେଳେ ଓ ଭୋର ଫୁଟେ—(trees) Flowering at dawn and eve.
(ସାନ୍ଧ୍ୟ କୁସୁମା—ସ୍ତ୍ରୀ)

ସାନ୍ଧ୍ୟ ଗଗନ—ସଂ. ବ (କର୍ମଧା)—ସନ୍ଧ୍ୟାକାଳରେ ନାନା ବର୍ଣ୍ଣ ରଞ୍ଜିତ ଆକାଶ—The evening sky.
Sāndhya gagana

ସାନ୍ଧ୍ୟ ତାରା(ନକ୍ଷତ୍ର)—ସଂ. ବ (କର୍ମଧା)—୧ । ସନ୍ଧ୍ୟାକାଳରେ ଦେଖାଯିବା ନକ୍ଷତ୍ର—1. A star appearing in the evening. ୨ । ସନ୍ଧ୍ୟାକାଳୀନ ଶୁକ୍ର ତାରା—2. The evening star.
Sāudhya tārā(nakshatra)

ସାନ୍ଧ୍ୟ ଦୀପ (ପ୍ରଦୀପ)—ସଂ. ବ (କର୍ମଧା)—ସନ୍ଧ୍ୟା ପ୍ରଦୀପ; ସଞ୍ଜବତୀ; ସନ୍ଧ୍ୟାବେଳେ ଜଳାଯିବା ଦୀପ—Lamp or wick lighted at nightfall.
Sāndhya dīpa (pradīpa)

ସାନ୍ଧ୍ୟ ବାତ(ୟୁ)—ସଂ. ବ (କର୍ମଧା)—ସାନ୍ଧ୍ୟ ସମୀର (ଦେଖ)
Sāndhya bāta(yu) Sāndhya samīra (See).

ସାନ୍ଧ୍ୟ ଭଜନ—ସଂ. ବ—ସନ୍ଧ୍ୟାକାଳୀନ ଈଶ୍ୱର ସ୍ତୁତି—
Sāndhya bhajana Evening prayer; vespers.

ସାନ୍ଧ୍ୟ ଭୋଜ(ଜି)—ଦେ. ବ (ଅଧୁନାତ)—ସନ୍ଧ୍ୟାକାଳରେ ନିମନ୍ତ୍ରିତ ଓ ସମ୍ମିଳିତ ବନ୍ଧୁମାନଙ୍କର ଭୋଜ—
Sāndhya bhoja(ji)
সান্ধ্য ভোজ साँध्य भोज Evening party; tea party.

ସାନ୍ଧ୍ୟ ଭୋଜନ—ସଂ. ବ (କର୍ମଧା)—ସନ୍ଧ୍ୟାବେଳେ ଖିଆଯିବା ଖାଦ୍ୟ—
Sāndhya bhojana Supper; evening meal.

ସାନ୍ଧ୍ୟ ମିଳନ—ସଂ. ବ (ଅଧୁନାତ)—ବଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଦେଖାଇବା ଉପଲକ୍ଷରେ ସନ୍ଧ୍ୟାକାଳରେ ନିମନ୍ତ୍ରିତ ଓ ଏକତ୍ର ଉପସ୍ଥିତ ବନ୍ଧୁ ମାନଙ୍କର ସାମାଜିକ ମିଳନ—An evening party; a social gathering of friends in the evening, generally in honour of some distinguished friend.
Sāndhya milana
(ସାନ୍ଧ୍ୟ ସମ୍ମି[ମ୍ମେ]ଳନ[ନୀ]—ଅନ୍ୟରୂପ)

ସାନ୍ଧ୍ୟ ସମୀର(ସମୀରଣ)—ସଂ. ବ (କର୍ମଧା)—ସନ୍ଧ୍ୟାବେଳେ ବହୁଥିବା ଧୀର ପବନ—The evening breeze.
Sāndhya samīra(samīraṇa)

ସାନ୍ଧ୍ୟ ସମୀରଣ ସେବନ କରିବା—ଦେ. କି—ସନ୍ଧ୍ୟାବେଳେ ବାହାରେ ବୁଲି ହାଓ୍ୱା ଖାଇବା—To take an airing in the evening.
Sāndhya samīraṇa sebana kariba
সান্ধ্যসমীরণ সেবন করা
सांध्य समीरण सेवन करना

ସାନ୍ଧ୍ୟାକାଶ—ସଂ. ବ (କର୍ମଧା)—ସାନ୍ଧ୍ୟ ଗଗନ—
Sāndhyākāsa The evening sky.

ସାନ୍ଧ୍ୟାଲୋକ—ସଂ. ବ (କର୍ମଧା)—ସନ୍ଧ୍ୟାକାଳୀନ ଆଲୋକ—
Sāndhyāloka Evening light; twilight.

ସାନ୍ଧ୍ୟାହ୍ନିକ—ସଂ. ବ (କର୍ମଧା)—ସନ୍ଧ୍ୟାକାଳରେ ଅନୁଷ୍ଠେୟ ଉପାସନାଦି—Evening prayer; vespers.
Sāndhyāhnika

ସାନ୍ନହନିକ—ସଂ. ବଣ. ପୁଂ (ସନ୍ନହନ+ପ୍ରୟୋଜନ ଅଛି ଏହାର, ଏହି ଅର୍ଥରେ ଇକ)—୧ । କବଚଧୃତ; ସନ୍ନାହ ବଶିଷ୍ଟ (ସିଦ୍ଧାନ୍ତ କୌମୁଦୀ)—1. Armoured. ୨ । ଘୋର ବିପଦ ଆସନ୍ନ ଦେଖି ସୈନ୍ୟମାନଙ୍କୁ ବର୍ମିତ ହେବା ପାଇଁ ଆଦେଶ ଦଅନ୍ତି—2. Giving order to the soldiers to put on armour on seeing imminent peril. ୩ । ବର୍ମ ବହନକାରୀ (ବ୍ୟକ୍ତି) [ବିଶ୍ୱକୋଷ]—3. Carrying armour.
Sānnahanika

ସାନ୍ନାଯ୍ୟ—ସଂ. ବ (ସମ୍+ନୀ ଧାତୁ=ନେବା+କର୍ମ. ଯ)—ହବିଃ; ହବନୀୟ ଘୃତ; ଯଜ୍ଞାର୍ଥ ଘୃତ; ମନ୍ତ୍ରପୂତ ଘୃତ—Consecrated ghee used for oblations unto the fire.
Sānnājya

ସାନ୍ନାହି(ହୁ)କ—ସଂ. ବଣ—୧ । କବଚ ପରିହିତ—1. Armoured. ୨ । କବଚ ଯୋଗ୍ୟ (ବିଶ୍ୱକୋଷ)—2. Fit to be armoured.
Sānnāhi(hu)ka

ସାନ୍ନିଧ୍ୟ—ସଂ. ବ (ସନ୍ନିଧି+ସ୍ୱାର୍ଥେ ଯ)—ସାମୀପ୍ୟ; ନୈକଟ୍ୟ; ସନ୍ନିଧି—Propinquity; nearness. [ଦ୍ର—ଅର୍ଚ୍ଚକଙ୍କର ତପଃପ୍ରାବଲ୍ୟ, ଅର୍ଚ୍ଚନର ଅଭଗ୍ନତା, ପୂଜାରେ ବା ପୂଜକଙ୍କର ସବୁ ଅଙ୍ଗର ପୂର୍ଣ୍ଣତା ଓ ଧ୍ୟାନ ଅନୁସାରେ ପ୍ରତିମାଙ୍କ ଗଢ଼ଣ ହେଲେ ଦେବପ୍ରତିମାରେ ଦେବତାଙ୍କର ସାନ୍ନିଧ୍ୟ ହୁଏ, ଅନ୍ୟଥା ହୁଏ ନାହିଁ । ଭକ୍ତିତତ୍ତ୍ୱ ।]
Sānnidhya

ସାନ୍ନିପାତିକ—ସଂ. ବଣ (ସନ୍ନିପାତ+କୋପକାର୍ଥେ ଇକ)—ସନ୍ନିପାତ ରୋଗଜନିତ ବା ବାତପିତ୍ତକଫଜ; ତ୍ରିଦୋଷକୋପଜନିତ—Resulting from the morbid state of the 3 humours of the body; resulting from collapse or congestion of the wind, bile and phlegm of the system. ସଂ. ବ—ସନ୍ନିପାତ ଜ୍ୱର—Fever due to the morbid condition in the three humours.
Sānnipātika

ସାନ୍ନିପାତିକ ଜ୍ୱର—ସଂ. ବ—ତ୍ରିଦୋଷଜ ଜ୍ୱର ରୋଗ—Typhoid fever; a malignant congestive fever.
Sānnipātika jwara
(ସାନ୍ନିପାତିକ ବିକାର—ଅନ୍ୟରୂପ)

ସାନ୍ନ୍ୟାସିକ—ସଂ. ବ (ସନ୍ନ୍ୟାସ+ଗ୍ରାହକାର୍ଥେ ଇକ)—ସନ୍ନ୍ୟାସୀ—
Sānnyāsika An anchorite; a recluse.

ସାନ୍ୱୟ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଅନ୍ୱୟ)—ଅନ୍ୱୟ ସହ ବର୍ତ୍ତମାନ—Accompanied with Anwaya.
Sānwaya

ସା(ସାଁ)ପ୍—ପ୍ରାଦେ (ସମ୍ବଲପୁର) ବ (ସଂ. ସର୍ପ)—ସାପ; ସର୍ପ—
Sā(sāñ)p Snake; serpent.

ସା(ସାଁ)ପ୍ କଟି—ପ୍ରାଦେ (ସମ୍ବଲପୁର) ବ—ନେଉଳ—
Sā(sāñ)pkati Ichneumon.

ସା(ସାଁ)ପ ଜୋଗ୍—ପ୍ରାଦେ (ସମ୍ବଲପୁର) ବ—ସାପକାତି—
Sā(sāñ)pa jog Slough of snakes.

ସାପ—ଦେ. ବ (ସଂ. ସର୍ପ)—୧ । ସର୍ପ; ଭୁଜଙ୍ଗ—1. Snake; serpent. [ଦ୍ର—ପୁରାଣ ମତରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ଓ କଶ୍ୟପମୁନିଙ୍କ ଏକତମା
Sāpa
(ମାଈ ସାପ, ସାପୁଣୀ—ସ୍ତ୍ରୀ)

साप ପତ୍ନୀ କଦ୍ରୁଙ୍କ ଗର୍ଭରୁ ଏମାନେ ଜାତ ହୋଇଥିଲେ ।
सांप ସାଧାରଣତଃ ସାପମାନେ ଲମ୍ବ ଓ ପଦଶୂନ୍ୟ । ଏମାନେ
ସମ୍ବଲ· ସାପ୍ ଭୂଇଁରେ ଘୁସୁରି ଘୁସୁରି ଚାଲନ୍ତି ଓ ଅଧିକାଂଶ ସାପ
ତେ. ପାମୁ ବିଷଧର ଅଟନ୍ତି । ଏମାନଙ୍କ ଦାନ୍ତରେ ବିଷ ଥାଏ । ଏହି ବିଷ ପ୍ରାଣୀର ରକ୍ତ ସଙ୍ଗେ ମିଶିଗଲେ ପ୍ରାଣୀ ମରିଯାଏ । ଧଣ୍ଡ ପ୍ରଭୃତି କେତେକ ସାପଙ୍କର ବିଷ ନାହିଁ ଓ ଅଜଗର ପ୍ରଭୃତି କେତେକ ସାପ ମୃଗ ଆଦି ପ୍ରାଣୀମାନଙ୍କୁ ଗିଳି ପକାନ୍ତି । ସାପମାନେ ଅଣ୍ଡଜ । କେବଳ ବୋଡ଼ା ସାପ ମାଆ ପେଟରୁ ଛୁଆ ହୋଇ ଜନ୍ମ ହୁଏ । ଏମାନେ ମୂଷା ଆଦି ଖୋଳିଥିବା ଗାତରେ, ପାହାଡ଼ ଗହ୍ୱରରେ ଓ ଗଛର କୋରଡ଼ରେ ରହନ୍ତି । ସାପମାନେ ଚାରି ଅଙ୍ଗୁଳଠାରୁ ୨୦।୨୫ ହାତ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । କେତେକ ସାପ ପାଣିରେ ରହନ୍ତି । ଆମେରିକା ମହାଦେଶରେ ଏକ ପ୍ରକାର ଭୟଙ୍କର ବିଷଧର ସାପ ଅଛନ୍ତି, ସେମାନଙ୍କୁ ର‍୍ୟାଟଲ୍ (Rattle) ସାପ କହନ୍ତି । ସେମାନଙ୍କ ଲାଞ୍ଜ ଅଗରେ ହାଡ଼ମାଳ ଲାଗିଥାଏ ଓ ସେମାନେ ଗତି କଲାବେଳେ ସେ ହାଡ଼ଗୁଡ଼ିକ ପରସ୍ପର ସହିତ ବାଜି ଘଡ଼ ଘଡ଼ ଶବ୍ଦ ଦୂରକୁ ଶୁଣାଯାଏ । ସମୁଦ୍ରରେ ଏକ ପ୍ରକାର ଅତି ବୃହତ୍ ସାପ ଅଛନ୍ତି ଓ ସେମାନେ ଲମ୍ବରେ ବହୁ ଶତ ହାତ ବୋଲି ଶୁଣାଯାଏ । ପୁରାଣରେ ସାତ ଫେଣା ଓ ସହସ୍ର ଫେଣାଯୁକ୍ତ ସାପ ଥିବା ଲେଖାଅଛି । ହିନ୍ଦୁ ପୁରାଣ ମତରେ ସହସ୍ରଫଣାଧାରୀ ବାସୁକି ଏ ପୃଥିବୀକୁ ଟେକି ଧରି ଅଛି । ସର୍ପର ଶତ୍ରୁ ନେଉଳ ଓ ମୟୂର ଅଟନ୍ତି । ଏମାନେ ସାପକୁ ମାରି ଖାଆନ୍ତି । ସାପମାନଙ୍କ ଅନ୍ତକ ଗରୁଡ଼ ବୋଲି ମଧ୍ୟ ପୁରାଣରେ ଅଛି । ନାଗ, ତମ୍ପ ଆଦି କେତେକ ବିଷଧର ସର୍ପଙ୍କର ଫଣା ଅଛି । କେଳାମାନେ ପଦ୍ମତୋଳା ବୋଲି ଓ ନାଗେଶ୍ୱର ନାମକ ଯନ୍ତ୍ର ବଜାଇ ମନ୍ତ୍ର ଓ ଔଷଧ ଦ୍ୱାରା ବିଷଧର ସର୍ପଙ୍କୁ ବଶ କରନ୍ତି । ପୁଷ୍ପ ଜହ୍ନାରେ ଅର୍ଦ୍ଧନ ମାସରେ ବାହାରିବା ଖାଇ ଯାତରେ ଲୋକେ ନାଗ ସାପ ମନ୍ତ୍ରବଳରେ ନିଜ ନିଜର ଦେହରେ ଓ ବାହୁରେ ସାପ ଗୁଡ଼ାଇ ହୋଇ ବାହାରିବା ଦେଖାଯାଏ । ସର୍ପ ବିଷର ଅମୋଘ ଔଷଧ ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ତବେ ଆବିଷ୍କୃତ ଲେକ୍‌ସିନ୍ ଏଥିର ଗୋଟିଏ ବିଖ୍ୟାତ ଔଷଧ । ଗନ୍ଧ ନାମକ ମୂଳର ଚେର ସାପ ବିଷର ଉତ୍କୃଷ୍ଟ ଔଷଧ ବୋଲି ଦେଖାଯାଇଅଛି । ସାଧାରଣତଃ ସାପମାନେ ଗ୍ରୀଷ୍ମପ୍ରଧାନ ଦେଶରେ ଦେଖାଯାଆନ୍ତି । ଏମାନଙ୍କ ଦେହରେ ଗୋଟିଏ କାତିର ଖୋଳଥାଏ ଓ ବର୍ଷକୁ ବର୍ଷ ଏମାନେ ଏ କାତିକୁ ଛାଡ଼ନ୍ତି । ସାପର ବିଷ (ଗରଳ) ସାନ୍ନିପାତିକ ରୋଗରେ ଔଷଧରୂପେ ବ୍ୟବହୃତ ହୁଏ ।

ନାନାଜାତୀୟ ସାପ (ନାଗ, ବୋଡ଼ା, ତମ୍ପ, ଅଜଗର, ଡମଣା, ଧଣ୍ଡ, ଚିତି, ଅହିରାଜ, ମଣିଚୂଡ଼, ଗୋଖର, ମାଟିକରଡ଼ିଆ, ଲାଉଡଙ୍କିଆ, ଶଙ୍ଖାମୁଠିଆ ଆଦି)ଙ୍କ ବିଷୟ ସେହି ସେହି ଶବ୍ଦମାନଙ୍କ ତଳେ ଲେଖାଅଛି । ବୈର ଓ ପରର ଅନିଷ୍ଟକାରୀ ଓ କୁଟିଳସ୍ୱଭାବବିଶିଷ୍ଟ ବ୍ୟକ୍ତିଙ୍କୁ ସାପ ସଙ୍ଗେ ତୁଳନା କରାଯାଏ । ବାଇବଲ୍ ମତରେ ସଇତାନ (Satan) ସାପ ରୂପ ଧାରଣ କରି ପୃଥିବୀର ଆଦମ ଦମ୍ପତିଙ୍କୁ ଭୁଲାଇ ପାପଗ୍ରସ୍ତ କରିଥିଲା । ସାପର ନାମ ଲୋକେ ସାଧାରଣତଃ ରାତିରେ ଉଚ୍ଚାରଣ କରିବା ଅମଙ୍ଗଳକର ବୋଧ କରନ୍ତି । ଏଥିପାଇଁ 'ସାପ' ଶବ୍ଦ ନ କହି 'ଲମ୍ବ ଜନ୍ତୁ' 'ଲତା' 'ଦଉଡ଼ି' ଇତ୍ୟାଦି ଶବ୍ଦ କହନ୍ତି । ସାପ ମହାଦେବଙ୍କ ଭୂଷଣ । ଶ୍ରୀକୃଷ୍ଣ କାଳିୟ ନାମକ ଏକ ବିଷଧର ସାପକୁ ଦଳନ କରିଥିଲେ । ପୁରାଣ ମତରେ ସାପମାନେ ପାତାଳସ୍ଥ ନାଗଲୋକରେ ବାସ କରୁଥିଲେ ଓ ମନୁଷ୍ୟମାନେ ସୁନ୍ଦରୀ ନାଗକନ୍ୟାମାନଙ୍କୁ ବିବାହ କରୁଥିଲେ ।

ସାପମାନେ ପବନ ଆହାର କରନ୍ତି ଓ ଏମାନଙ୍କର କାନ ନ ଥିବାରୁ ଏମାନେ ଆଖିରେ ଶୁଣନ୍ତି ବୋଲି ପୁରାଣକାର ଓ କବି ମାନେ ବିଶ୍ୱାସ କରୁଥିଲେ; କିନ୍ତୁ ଏହା ଭ୍ରାନ୍ତ ଧାରଣା ବୋଲି ପ୍ରମାଣିତ ହୋଇଅଛି । ସାପମାନଙ୍କର ଦାନ୍ତର ଓ ପାଟିର ଗଠନ ଏପରି ଯେ, ଏମାନେ ଯେଉଁ ଜୀବକୁ ପାଟି ଦ୍ୱାରା କାମୁଡ଼ି ଧରନ୍ତି ତାହାକୁ ଛାଡ଼ି ଦେଇ ପାରନ୍ତି ନାହିଁ ଓ ଧୃତ ଜୀବକୁ ଗଳାଧଃକରଣ କରିବା ଛଡ଼ା ତାକୁ ପାଟିରୁ ଛାଡ଼ି ଦେବାର ଉପାୟ ଏମାନଙ୍କର ନ ଥାଏ ।

କେତେକପ୍ରକାର ସାପଙ୍କ ନାମ —

ଅଠ ନାଗ ଷୋଳ ଚିତି, ବାର ବୋଡ଼ା ତେର ଜାତି,
(ଲୋକଙ୍କ ପ୍ରବଚନ)

ଗୋଖର—୧ । ଦୁଧିଆ—ବଳରାମ ଗୋଖ୍ରୀ—ଧଳା ଫଠାଚିହ୍ନବିଶିଷ୍ଟ ।
ଜଗନ୍ନାଥଗୋଖ୍ରୀ—କଳା ଫଠାଚିହ୍ନବିଶିଷ୍ଟ ।
୨ । ଶ୍ୱେତ—ବାଲୁଆ, ଗହମା, ତଳା ।

ବୋଡ଼ା—ଚନ୍ଦନ ବୋଡ଼ା, ବାଲୁଆ ବୋଡ଼ା ।

ଚିତି—ଧଳା ଚିତି, କଳା ଚିତି ।

ତମ୍ପ —ତମ୍ବାକାଟିଆ, ଇଟାଳିଆ, କୋଲଥିଆ, ଅଟେଇ ବଥରିଆ, ରେଣ୍ଡାଳିଆ

ନାଗ—ପଦ୍ମ, ସୁଣ୍ଡୁଚ, କର୍କୋଟକ, ମହାପଦ୍ମ, ଶଙ୍ଖ, ତକ୍ଷକ, ବାସୁକି, ଅନନ୍ତ ।

ଶଙ୍ଖାମୁଠିଆ, ଅହିରାଜ, ମଣିଚୂଳ, ଶଙ୍ଖଚୂଳ, ଅଜଗର, ଡମଣା, ମାଟିକରଡ଼ିଆ, ଧଣ୍ଡ, ଢାଣିନାଳ, ଲାଉଡଙ୍କିଆ, ରଣା, ଦୋମୁଣ୍ଡିଆ ଇତ୍ୟାଦି ।

କୃଷ୍ଣସିଂହ ମହାଭାରତ ଆଦିପର୍ବରେ ସାପମାନଙ୍କର ବଂଶ ଓ ଘର ଘର ନାମ ସମ୍ବନ୍ଧେ ନିମ୍ନଲିଖିତ ପଦମାନ ଅଛି—

କହୁଛି ଭୁଜଙ୍ଗମ ଅଛନ୍ତି ମହୀରେ,
କେତେ ତାହା ବିସ୍ତାର କହିବା ସଭାରେ ।
ପ୍ରଥମେ କଦ୍ରୁ ପୁତ୍ର ଶେଷଦେବ ହେଲେ,
ତାହାଙ୍କର ଅନୁଜ ବାସୁକି ବୋଲାଇଲେ ।

ଶଙ୍ଖଚକ୍ର ତକ୍ଷକ କର୍କୋଟ ଧନଞ୍ଜୟ,
ମଣିନାଗ ପୂରଣ ଅଉ କାଳକେୟ ।
ପିଞ୍ଜରକ ଏଲାପତ୍ର ନୀଳ ଅନୀଳ,
ବାମନ କଳମାଷ ଅର୍ଣ୍ଣକ ଶବଳ ।
ସୁରସକ କଳଶ ପୋତକ ସୁରମୁଖ,
କମଳ ପିଣ୍ଡକ ନୋଅସ୍ତ ଦଧିମୁଖ ।
ଶଙ୍ଖ ବାଲଶିଖ କଷ୍ଟାରକ କରୋଟକ,
ପିଙ୍ଗଳ କଲ୍ମଷ ଯେ ମୁଦ୍ଗର ପିଣ୍ଡକ ।
କାତ୍ୟାୟଣି ହସ୍ତିପଦ ଯେ ଅଶ୍ୱତର,
ବୃତ୍ତ ସମ୍ବର୍ତ୍ତକ କୁଷ୍ମାଣ୍ଡକ କୁଞ୍ଜର ।
ଶଙ୍ଖମୁଖ ପିଣ୍ଡାରକ ଯେ ହେମକ,
କର୍କଶ ଅକର୍କଶ କଲ୍ମଷ ହଲକ ।
କୁଣ୍ଡୋଦର ମହୋଦର କରବୀର,
ପୁଷ୍ପଦଂଷ୍ଟ୍ର ବିଲ୍ୱପାଣ୍ଡର ଷଣ୍ଡରିକ ।
ମୁଦ୍ଗରାଦ ପୂର୍ଣ୍ଣଭଦ୍ର ହରଭଦ୍ରକ,
ଶ୍ରୀବହ ଅପରାଜିତ ଯେ ଜ୍ୟୋତିକ ।
କଉରବ୍ୟ ଧୃତରାଷ୍ଟ୍ର ଶଙ୍ଖପିଣ୍ଡ,
ବିରଜା ସୁବାହୁ ଶିରକ ଅଳପିଣ୍ଡ ।
ହସ୍ତିପିଣ୍ଡ ସୁମୁଖ ହେମଗୁହ କୁଠର,
କୌଣପାଶନ କୁମୁଦ ଉତ୍ତର ପ୍ରଭାକର ।
କମ୍ବଳ କର୍ଦ୍ଦମ ବହୁମୂଳକ ନାଗ
ଏମାନେହିଁ ନାଗମାନଙ୍କ ମହାଭାଗ ।

ସାପମାନଙ୍କ ସମ୍ବନ୍ଧେ କେତେକ ଢଗ, ପ୍ରବଚନ, ନ୍ୟାୟ ଆଦି—

୧ । ସାନ ସାପର ବିଷ ଟାଣ (ଜାସ୍ତି)—ପ୍ରବଚନ ବୁଢ଼ା ସର୍ପରି ବିଷ ଉତ୍କଟତର ।

୨ । ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା—ନ୍ୟାୟ ।

୩ । ସାପ ମାରି ପର ଗଳାରେ ପକାଇବା—ନ୍ୟାୟ ।

୪ । ବେକରେ ମଲା ସାପ ବାନ୍ଧିବା—ନ୍ୟାୟ ।

୫ । ସାପ ଗଲା ଗାତେ, ଜମ ଗଲା ତାହା ସାଥେ—ପ୍ରବଚନ ।

୬ । ମୁଅରେ ସାପ ମୁଣ୍ଡ ଛୁଣ୍ଡି ଯାଉଛି—ପ୍ରବଚନ ।

୭ । ସାପକୁ ଦୁଧ ପିଆଇଲେ ଗରଳ ବାନ୍ତ କରେ—ନ୍ୟାୟ ।

୮ । ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ; ସାପ ବି ମରୁ କି ବାଡ଼ି ନ ଭାଙ୍ଗୁ—ନ୍ୟାୟ ।

୯ । ସାପ ମରୁ ବାଡ଼ି ନ ଭାଙ୍ଗୁ—ନ୍ୟାୟ ।

୧୦ । ସାପ ହୋଇ କାମୁଡ଼ିବା, ଗୁଣିଆଁ ହୋଇ ଝାଡ଼ିବା—ନ୍ୟାୟ ।

୧୧ । (ନାଗ) ସାପ ଚୁରୁଡ଼ା ଧରିବା—ନ୍ୟାୟ ।

୧୨ । ସାପ ନେଉଳ ସମ୍ବନ୍ଧ—ନ୍ୟାୟ ।

୧୩ । ସାପ ଘର ଗାତ ଖୋଳିବା—ନ୍ୟାୟ ।]

୨ । (ଲକ୍ଷଣାର୍ଥ) ପରର ଅନିଷ୍ଟକାରୀ ବ୍ୟକ୍ତି; କ୍ରୁର ଓ ଖଳ ବ୍ୟକ୍ତି—2. (metaphorical) A wicked person.

ସାପ କଙ୍କାଳି—ଦେ. ବି (ସଂ. ସର୍ପ କଙ୍କାଳିକା)—ସ୍ୱନାମଖ୍ୟାତ ଔଷଧ Sāpa kaṅkāḷi ବୃକ୍ଷ ବିଶେଷ (ହରେକୃଷ୍ଣ ଦ୍ରବ୍ୟଗୁଣ)—(ସାପ କଙ୍କାଳଅ—ଅନ୍ୟରୂପ) Name of a medicinal সর্প কঙ্কালিকা सर्प लता tree; Vanda Roxburghi.

ସାପ କଣ୍ଟା—ଦେ. ବି (ସଂ. ସର୍ପ+କଣ୍ଟକ)—ମୃତ ସର୍ପର ଅସ୍ଥି କଙ୍କାଳ—Sāpa kaṇṭā Skeleton or bones of a dead snake. সাপের কাঁটা साँपका काँटा

ସାପ କାଟି—ଦେ. ବି—୧ । ସର୍ପାଘାତ—1. Snake-bite. ୨ । ସର୍ପାଘାତ ଜନିତ ମୃତ୍ୟୁ—2. Death due to Sāpa kāṭi snake bite. সাপ কাটি साँप कटी

ସାପ କାଟିବା—ଦେ. ବି—ସର୍ପାଘାତ ଜନିତ ମୃତ୍ୟୁ ଘଟିବା—Sāpa kāṭibā Death by snake bite. সাপ(পে) কাটা (ପ୍ରୟୋଗ—ତାକୁ ସାପ କାଟିଲା=ସର୍ପ ଦଂଶନ साँप काटना ଦ୍ୱାରା ତାହାର ମୃତ୍ୟୁ ଘଟିଲା ।)

ସାପ କାତି—ଦେ. ବି—ସାପ ଦେହର ଖୋଳ ବା ଆବରଣ—Sāpa kāti The slough of a snake. সাপের খোলস साँप केंचुआ

ସାପ କାମୁଡ଼ା—ଦେ. କ୍ରି—ସର୍ପ ଦଂଶନ—Snake-bite. Sāpa kāmuṛā সাপের কামড় साँप काटना

ସାପ କାମୁଡ଼ିବା—ଦେ. ବି—ସର୍ପ ଦଂଶନ—Sāpa kāmuṛibā Snake-bite. সাপ কামড়ান साँप काटना

ସାପକ୍ଷ—ଦେ. ବି (ସଂ. ସପକ୍ଷ)—୧ । ଅନୁକୂଳ—1. Propitious; Sāpaksha favourable. ୨ । ସ୍ୱପକ୍ଷୀୟ—2. Belonging সাপক্ষ, সপক্ষ to one's party. ବି—ସହାୟ—Support; सपक्ष [ସାଥ(ହା)ପକ୍ଷ—ଅନ୍ୟରୂପ] help.

ସାପ ଖେଳା—ଦେ. ବି—ଖେଳାମାନଙ୍କର ମନ୍ତ୍ର ବୋଲି ବା ନାଗେଶ୍ୱରୀ Sāpa kheḷā ନାମକ ଯନ୍ତ୍ର ବଜାଇ ସାପକୁ ଉତ୍ପିତ ଆକୃଷ୍ଟ সাপ খেলন କରାଇବା—Causing a snake to rear साँप खेलाना its head, being attracted by the song or flute of the snake charmer.

ସାପ ଖେଳା(ଳେ)ଇବା—ଦେ. କ୍ରି—(ଖେଳା) ନାଗେଶ୍ୱରୀ ବଜାଇ ବା Sāpa kheḷā(ḷe)ibā ପଦ୍ଭୋଲା ଆଦି ବୋଲି ସାପକୁ ମୁଗ୍ଧ କରି সাপ খেলান ବା ଆଗରେ ରଖାଇବା ବା ଗୃହୀତ କରାଇବା—साँप खेलाना (a snake charmer) To cause a snake to be charmed or to rear its head and expand its hood, by uttering certain formulae and songs and blowing flutes. [ଦ୍ର—ଆମ ଦେଶର ଖେଳାମାନେ ସାପକୁ ଖେଳାଇବା ସମୟରେ ସେଉଁ ଗୀତ ଓ ପଦମାନ ବୋଲନ୍ତି

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଢ଼	ଶ,ଷ	ଙ	ଇୟ	ଉଅ	ଋ
୨	ଈ	ଊ	ରୁ	ଲୁ	ସ୍ୱ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଞ	ନୃ

ତାହାକୁ 'ପଦ୍ମତୋଳା' ବୋଲଯାଏ । ଏହି ଗୀତରେ ଶ୍ରୀକୃଷ୍ଣଙ୍କ ଜନ୍ମ, କାଳନ୍ଦୀ ହ୍ରଦରେ ଶ୍ରୀକୃଷ୍ଣଙ୍କର କାଳୀୟଦଳନ ଆଦି ବର୍ଣ୍ଣିତ ହୋଇଥାଏ । ସ୍ଥାନ ବିଶେଷରେ ସାପୁଆମାନେ ବଂଶୀ ଓ ନାଗେଶ୍ୱର ବଜାଇ ସାପକୁ ଖେଳାନ୍ତି ।]

ସାପ ଗରଜନ—ଦେ. ବି (ସଂ. ସର୍ପ ଗର୍ଜନ)—ସାପର ଫଁ ଫଁ ଶବ୍ଦ—
Sāpa garajana The hissing of a snake.
[ସାପ ଗର୍ଜନ—ଅନ୍ୟରୂପ] সাপের গর্জন **साँप गरजन**

ସାପ ଗରଳ—ଦେ ବି (ସଂ. ସର୍ପ ଗରଳ)—ସର୍ପର ବିଷ—
Sāpa garaḷa সাপেরগরল **साँपविष** Snake poison.

ସାପ ଗାତ - ଦେ. ବି (ସଂ. ସର୍ପ+ଗର୍ତ୍ତ)—ସର୍ପମାନେ ଯେଉଁ ଗର୍ତ୍ତରେ
Sāpa gāta ରହନ୍ତି—A hole inhabited by a
সাপের গর্ত **साँपका बिल, बाँबी** snake.
[ଦ୍ର—ସର୍ପମାନେ ରହିବା ପାଇଁ ନିଜେ ଗର୍ତ୍ତ ଖୋଳି ପାରନ୍ତି ନାହିଁ । ସେମାନେ ମୂଷା ଆଦିଙ୍କ ଗର୍ତ୍ତ ବା ଗଛର କୋରଡ଼ ବା ପଥର ଖୋଲରେ ରହନ୍ତି ।]

ସାପ ଚୋଟ—ଦେ. ବି—ସର୍ପର ଦଂଶନ—
Sāpa choṭa সাপেরচোট **साँपचोट** Snake bite.

ସାପ ଛତୁ—ପ୍ରାଦେ (ଜୟପୁର) ବି—(ସଂ. ସର୍ପଛତ୍ର)—ଏକ ପ୍ରକାର
Sāpa chhatu ଛତୁ—A kind of mushroom.

ସାପ ଛୁଇଁବା—ଦେ. କ୍ରି (ଶୁଭଶଂସୀ ବାକ୍ୟର ପ୍ରୟୋଗ)—ସାପ
Sāpa chhuiṅbā କାମୁଡ଼ିବା—(Euphemism) Snake-
সাপে ছোঁয়া **साँप छूना** biting.

ସାପଟା(ଟେ)ଇବା—ଦେ. କ୍ରି—୧ । ସାପ ପରି ଗୁଡ଼ାଇ ହୋଇ ବୃକ୍ଷ
Sāpaṭā(ṭe)ibā ଶାଖାରେ ଧରିବା; ଜଡ଼ାଇ ଧରିବା—1. To
ସାପଟି ଧରିବା } —ଅନ୍ୟରୂପ entwine (like a snake).
ସାପଟେଇ ଧରିବା } ୨ । ଜାବୁଡ଼ି କରି ଧରିବା—
সাপটান **चिपटना** 2. To hold firmly.

ସାପ ଡଂ(ଡାଂ,ଦାଂ)ଶିବା—ଦେ. କ୍ରି (ସଂ. ସର୍ପଦଂଶନ)—ସାପ
Sāpa daṁ ḍhaṁ,dāṁ)sibā କାମୁଡ଼ିବା (ଦେଖ)—
সাপ কামড়ান **साँप काटना** Sāpa kāmurdibā. (See)

ସାପତନ—ଗ୍ରା. ବିଣ (ସଂ. ସାପତ୍ନ୍ୟ)—ସାବତ [ଭାଇ, ଭଉଣୀ, ମାଆ]—
Sāpatana Step (brother, sister, mother).
সত **सौतिला** [ଦ୍ର—ଗରୁଡ଼ ଓ ଅରୁଣ ସାପତନ ଭାଇ ।
କୃଷ୍ଣସିଂହ. ମହାଭାରତ. ଵନ ।]

ସାପତ୍ନ—ସଂ. ବି (ସପତ୍ନ=ଶତ୍ରୁ+ସ୍ୱାର୍ଥେ. ଅ; ଅଥବା ସପତ୍ନୀ+
Sāpatna ଅପତ୍ୟାର୍ଥେ. ଅ)—୧ । ଶତ୍ରୁ—1. Enemy. ୨ ।
ଶତ୍ରୁତା—2. Enmity.

ସାପତ୍ନ୍ୟ—ସଂ. ବି (ପୁଂ) (ସପତ୍ନୀ+ଅପତ୍ୟାର୍ଥେ. ଯ)—୧ । ସପତ୍ନୀ-
Sāpatnya ପୁତ୍ର; ସଉତୁଣୀର ପୁଅ—1. Step son. ୨ । (+
ଭାବ. ଯ) ସପତ୍ନୀ ଭାବ—2. The state of being
a co-wife. ୩ । (+ସମାନାର୍ଥେ.ଯ) ଶତ୍ରୁ (ଅମର)—
3. Enemy. ୪ । ପ୍ରତିଦ୍ୱନ୍ଦ୍ୱୀ—4. Rival. ୫ ।
ଶତ୍ରୁତା—5. Enmity.

ସାପତ୍ନେୟ—ସଂ. ବି (ପୁଂ) (ସପତ୍ନୀ+ଅପତ୍ୟାର୍ଥେ. ଏୟ)-ସପତ୍ନୀପୁତ୍ର—
Sāpatneya Step son.
(ସାପତ୍ନେୟୀ—ସ୍ତ୍ରୀ)

ସାପତ୍ୟ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଅପତ୍ୟ)—ସନ୍ତାନ
Sāpatya ବିଶିଷ୍ଟ—Having offspring.
[ସାପତ୍ୟା—ସ୍ତ୍ରୀ]

ସାପଦ୍—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ଅପଦ୍)-ଅପଦ୍‌ବିଶିଷ୍ଟ—
Sāpad Dangerous.

ସାପ ପେଡ଼ା—ଦେ. ବି—ଖେଳାମାନେ ଯେଉଁ ପେଡ଼ାରେ ସାପକୁ
Sāpa perdā ରଖନ୍ତି; କରଣ୍ଡ—A case in which
সাপের পেঁড়ী **साँपकि पोती** snakes are kept confined.

ସାପ ଫେଣ(ଣା)—ଦେ. ବି (ସଂ. ସର୍ପ ଓ ଫଣା)—ସର୍ପର ଫଣା—
Sāpa phena(ṇā) The expanded hood of a snake.
সাপের ফণা **साँपका फेंच**

ସାପ ବଣ—ଦେ. ବି (ସଂ. ସର୍ପ+ବନ)—ସର୍ପମୟ ସ୍ଥାନ—
Sāpa baṇa The place infested with snakes.
সাপের বন **साँप बन** (ତୁଳନା କର—ସୁନ୍ଦରବଣ)

ସାପ ବିଷ—ଦେ. ବି (ସଂ. ସର୍ପ ବିଷ)—ସର୍ପର ଗରଳ—
Sāpa bisha সাপের বিষ **साँप विष** Snake poison.

ସାପ ମଣି—ଦେ. ବି (ସଂ. ସର୍ପମଣି)—ନାଗ ଆଦି ସାପଙ୍କ ମୁଣ୍ଡରେ ଥିବା
Sāpa maṇi ଏକ ପ୍ରକାର ମଣି—(ଏହାକୁ କେତେକ ଲୋକ
সাপের মণি କେଉଁଠିଅଛିରେ ପୁରାଇ ପିନ୍ଧନ୍ତି)—The gem
साँप मणि found in the head of some poisonous snakes.

ସାପ ମନ୍ତ୍ର—ଦେ. ବି (ସଂ. ସର୍ପ ମନ୍ତ୍ର)—ସର୍ପମନ୍ତ୍ର; ସାପକୁ ବଶ କରିବା
Sāpa mantra ପାଇଁ ଅଥବା ସାପ ବିଷ ଛଡ଼ାଇବା ପାଇଁ
সাপেরমন্ত্র ବ୍ୟବହୃତ ମନ୍ତ୍ର—Mystic formulae used in
साँप मन्त्र charming snakes or in alleviatng the fatal effects of snake bite.

ସାପ ମାରି—ଦେ. ବି (ସଂ. ସର୍ପ+ମାରକ)—ପ୍ରସହବର୍ଗର ବଡ଼ାଗର
Sāpa māri ଶରଗ୍ର ଉପର ପକ୍ଷିବିଶେଷ—The short-
ভাস পক্ষী tailed eagle; Circaetus Gallicus. [ଦ୍ର—
उकाब ଏମାନଙ୍କର ଦୈର୍ଘ୍ୟ ୧୧ ହାତ; ମୁଣ୍ଡ ବଡ଼, ଚଞ୍ଚୁ ବଙ୍କା, ପୁଚ୍ଛ ଖର୍ବ, ଜଙ୍ଘ ଲୋମ । ଏମାନେ ପ୍ରଧାନତଃ ଆହାରରେ ଆଦି ଓ ସପ ବେଙ୍ଗ ଧରି ଖାଆନ୍ତି ।]

ସାପ ଯୋଗ—ପ୍ରାଦେ (ଗଞ୍ଜାମ) ବି (ତୁଳ,ହି. ସାଂପ‌ଯୋଗ)—ସାପ ଖୋଳ
Sāp joga —The slough of a snake.

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଭେଦର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଳବତ' ନ ପାଇଲେ 'ଅଳବତ୍' ଦେଖିବେ'

ସାପରାଧ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଅପରାଧ)—ଅପରାଧ Sāparādha ଯୁକ୍ତ—Offending. ବି. ପୁଂ—ଅପରାଧୀ—(ସାପରାଧା—ସ୍ତ୍ରୀ) . Offender.

ସାପିଣ୍ଡ(ଣ୍ଡ୍ୟ)—ସଂ. ବି (ସପିଣ୍ଡ+ଭାବ. ଅ; ଯ)—ଜ୍ଞାତିତ୍ୱ; ସପିଣ୍ଡତା Sāpinda(ndya) (ପୁରୁଷମାନଙ୍କ ମଧ୍ୟରେ ୭ ପୁରୁଷ ପର୍ଯ୍ୟନ୍ତ ଗୋତ୍ର ସମ୍ବନ୍ଧ ଓ କନ୍ୟା ପକ୍ଷରେ ୩ ପୁରୁଷ ପର୍ଯ୍ୟନ୍ତ ରକ୍ତ ସମ୍ବନ୍ଧ)—Consanguinity; kinship (within 7 generations of agnates in the case of males and 3 in case of females).

ସାପୁଆ—ଦେ. ବଣ—୧ । ସାପ ପରି ସରୁ—1. Narrow (as a Sāpuā snake). (ଯଥା—ସାପୁଆ ଡଙ୍ଗା, ସାପୁଆ ନଈ ।) ସଙ୍କ ସାଁପିୟା ୨ । ଯେଉଁଠାରେ ବହୁତ ସାପ ଥାଆନ୍ତି; ସର୍ପମୟ— 2. Full of or infested with snakes. ୩ । ସର୍ପ ଦମନ କରିବାରେ ଦକ୍ଷ—3. Skilful in hand-ସାପୁଡ଼େ ling snakes. ୪ । ସାପ ଧରିବା ଓ ସାପ ଖେଳାଇବା ଯାହାର ଜୀବିକା—4. Earning livelihood by ସଙ୍କ ଡୋଙ୍ଗା catching and charming snakes. ଦେ. ବି- ସାଁପିୟା ନାବ ୧ । ଏକପ୍ରକାର ସରୁ ଡଙ୍ଗା—1. A species of narrow boat. ୨ । ଅଠଗଡ଼ରେ ପ୍ରବାହିତ ସର୍ପୋପମ ନଦୀ (ଦେଶ)—2. Name of a small river flowing in the Āthagarda State. ପ୍ରାଦେ· (ବାଲେଶ୍ୱର) ବି—ମତ୍ସ୍ୟବିଶେଷ—A kind of fish. ପ୍ରାଦେ· (ଗଡ଼ଜାତ) ବି—ଚଚିଣ୍ଡା—Snake gourd. ପ୍ରାଦେ. (ଗଞ୍ଜାମ) ବି—ଘରର ଉର ଉପରେ ବସିଥିବା ଗୁଜକୁ ଯେଉଁ ସରୁଆ କାଠଖଣ୍ଡ-ମାନ ଟେକି ଧରି ରହିଥାଏ—The diagonal pieces of wood which support the perpendicular Guja put on an Urā of a thatched house.

ସାପୁଆ କେଳା—ଦେ· ବି—ଏକଜାତୀୟ କେଳା; ଯେଉଁ କେଳାମାନେ Sāpuā kelā ସାପ ଧରି ଓ ସାପ ଖେଳାଇ ଜୀବିକା ନିର୍ବାହ ସାପୁଡ଼ିଆ, ସାପୁଡ଼େ କରନ୍ତି—A class of wandering ସାଁପ କେଲା snake charmers. [ଉ—ଝୁଲୁଡ଼ା ଗୋଞ୍ଚା, ଲାଲ ବେଣୁଆ, ବେକେ ଗରଗଡ଼ ମାଳା, ଭୁରରୁ ଦେଖିଲେ ଏହାଙ୍କୁ ଚିହ୍ନିବ କଷ୍ଟେ ଏ ସାପୁଆ କେଳା—ଠଗ ।]

ସାପୁଆ ଡଙ୍ଗା—ଦେ. ବି—ଗୋଟିଏ ଲମ୍ବ ଓ ମୋଟ କାଠଗଡ଼ ଖୋଳା Sāpuā dangā ହୋଇ ତିଆରି ହୋଇଥିବା (ସାପ ପରି) ସରୁ ସଙ୍କ ଡୋଙ୍ଗା ଓ ଲମ୍ବ ଡଙ୍ଗା—A slender and long ସାଁପିୟା ନାବ boat (scooped out of one log of wood); a dug-out.

ସାପୁଆ ନଈ—ଦେ. ବି—୧ । (ସାପ ପରି) ସରୁଆ ନଦୀ—1. A Sāpuā nai narrow river; rivulet. ୨ । ଅଠଗଡ଼ର ସଙ୍କ ନଦୀ କ୍ଷୁଦ୍ର ନଦୀ—2. Name of a small river ସାଁପିୟା ନଦୀ flowing in the Āthagarda State. [ଦ୍ର—ଏ ନଦୀ ହୁକୋଳରୁ ବାହାରି ଢେଙ୍କାନାଳ ଓ ଅଠଗଡ଼ ବାଟେ ବହି ମହାନଦୀରେ ପଡ଼ିଅଛି ।]

ସାପୁଆ ପଥର—ଦେ· ବି (ନାମ)—ନୂଆଗଡ଼ର ନାଗଝର ନଦୀକୂଳରେ Sāpuā pathara ଥିବା ଗୋଟିଏ ୬୦ ହାତ ଲମ୍ବ ପଥର— A long slab of stone, 60 cubits long, found on the bank of the Nāgajhara river in the Nayāgardaa State [ଦ୍ର— ଏହାର ଆକାର ଓ ଗଢ଼ଣ ଅବିକଳ ସାପ ପରି; ବର୍ଣ୍ଣ ଚିତ୍ରିତ କଳା ଓ ଧଳା ମିଶା ।]

ସାପୁଆ ବିରୁଡ଼ି—ପ୍ରାଦେ· (ଗଡ଼ଜାତ) ବି—ଏକଜାତୀୟ ବିରୁଡ଼ି— Sāpuā birurdi A kind of wasp. [ଦ୍ର—ଏମାନଙ୍କର ବସା ବା ଫେଣା ସାପଙ୍କ କାଛ ପରି ଲମ୍ବା ଓ ସରୁ ।]

ସାପୁଆ ମହୁଫେଣା—ପ୍ରାଦେ· (ଗଡ଼ଜାତ) ବି—ଏକପ୍ରକାର ମହୁମାଛିଙ୍କ Sāpuā mahuphenā ଦ୍ୱାରା ନିର୍ମିତ ସରୁଆ ମହୁଫେଣା— A long honeycomb made by a kind of bees. [ଦ୍ର—ଏହି ଫେଣାକୁ ମହୁମାଛିମାନେ ଗଛର କୋରଡ଼ରେ ତିଆରି କରନ୍ତି । ଏହାର ଚଉଡ଼ା ପ୍ରାୟ ଦୁଇ ଅଙ୍ଗୁଳ ଓ ଲମ୍ବା ଏକ ହାତ ।]

ସାପୁଆ ମୁଣ୍ଡି—ଦେ· ବି—ଖଣ୍ଡପଡ଼ାର ପର୍ବତବିଶେଷ—Name of a Sāpuā mundi hill in Khandapardā State of Orissa. (ଉ—ତାହାର ଦକ୍ଷିଣେ ବଣେ କଲ୍ପନ ଅଛନ୍ତି ସେ ଗିରି, ସାପୁଆ ମୁଣ୍ଡୀ ଅରଧ ତାହାର—ଚନ୍ଦ୍ରାମଣି ରହସ୍ୟାବଳୀ ।) [ଦ୍ର—ଏହାର ଛବି ୧୬୨୧ ପୃଷ୍ଠା ।]

ସାପୁଟା(ଟେ)ଇବା—ଦେ. କ୍ରି—ସର୍ପ ପରି ଗୁଡ଼େଇ ହୋଇ ଧରିବା— Sāputā(te)ibā To hold firmly by entwining. ସାପଟାନ ଚିପଟାନା

ସପୁଟା(ଟୋ)ଇ ଧରିବା, ସାପେଟିବା, ସାପ୍ଟେଇ ଧରିବା, ସାପ୍ଟେଇବା } ଅନ୍ୟରୂପ

ସାପୁଣୀ—ଦେ. ବି. ସ୍ତ୍ରୀ (ସ. ସର୍ପିଣୀ)—୧ । ସ୍ତ୍ରୀ ସର୍ପ—1. A Sāpuni female snake. (ଉ—ସାପୁଣୀ ଫେଣା ଟେକି ସାପିନୀ ସାବଧାନତା ସହିତ ଅନାଇଲା ପରି ସୁନ୍ଦରୀକୁ ଅନାଇ ଅଚଳିଲ ବହିଚା ଓଳାଡ ପକାଇ ଅଛି—ଫକୀରମୋହନ. ଛମାଣ ଅଠଗୁଣ୍ଠ ।) ୨ । (ଲକ୍ଷଣାର୍ଥ) କ୍ରୂର ଓ ଖଳ ପ୍ରକୃତିବିଶିଷ୍ଟା ସ୍ତ୍ରୀ—2. (figurative) A wicked woman.

ସାପେକ୍ଷ—ସଂ. ବିଣ (ବହୁବ୍ରୀହି; ସ+ଅପେକ୍ଷା)—୧ । ଅପେକ୍ଷାଯୁକ୍ତ—
Sāpeksha 1. Waiting. ୨ । ପରସ୍ପରାପେକ୍ଷୀ—
(ସାପେକ୍ଷତା[ବି]—ବି) 2. Mutually dependent. ୩। ପରସ୍ପର ପ୍ରତି ଆକାଂକ୍ଷାବିଶିଷ୍ଟ—3. Mutually disirous of each other. ୪ । ଯେ ଅନ୍ୟର ଅପେକ୍ଷା ରଖେ—4. Depending on another. [ବି—ଯେ ଅନ୍ୟର ଅପେକ୍ଷା ରଖେ ସେ ସାପେକ୍ଷ, ସ୍ୱାମୀ ଓ ସ୍ତ୍ରୀ ପରସ୍ପର ସାପେକ୍ଷ; ଅର୍ଥାତ ସ୍ୱାମୀର ଅର୍ଥ ସ୍ତ୍ରୀ ସାହାଯ୍ୟରେ, ସ୍ତ୍ରୀର ଅର୍ଥ ସ୍ୱାମୀ ସାହାଯ୍ୟରେ ବୋଧଗମ୍ୟ ହୁଏ; ଏଣୁ ସ୍ୱାମୀ ଓ ସ୍ତ୍ରୀ ସାପେକ୍ଷ ଶବ୍ଦ । 'ମୁଁ ତୁମ୍ଭ ଘରକୁ ଯିବି' ଏହି ବାକ୍ୟ ନିରପେକ୍ଷ; କିନ୍ତୁ (ପୂର୍ବଭାଗ) ତୁମ୍ଭେ ଆସ, ତେବେ (ପରଭାଗ) ମୁଁ ତୁମ୍ଭ ଘରକୁ ଯିବି ।' ଏହା ସାପେକ୍ଷ; କାରଣ 'ତୁମ୍ଭ ଘରକୁ ମୋହର ଯିବା' 'ତୁମ୍ଭ ଆସିବା'ର ଅପେକ୍ଷା ରଖେ । ଏହି ଜାତୀୟ ବାକ୍ୟ ସାଙ୍କଳ୍ପିକ (=Hypothetical) ନାମରେ କଥିତ । ଅନ୍ୟ ଏକ ଶ୍ରେଣୀର ସାପେକ୍ଷ ବାକ୍ୟ ଆମ୍ଭେମାନେ ବ୍ୟବହାର କରୁଁ ଯାହାକୁ ବୈକଳ୍ପିକ (= Disjunctive) ବୋଲାଯାଏ; ଯଥା—ରାମ କଟକରେ ଅଛି (=ପୂର୍ବ ଭାଗ) ଅଥବା ଗାଁଅକୁ ଯାଇଅଛି (=ପର ଭାଗ) ।' ଏଠାରେ 'ଗାଁଅକୁ ଯାଇଥିବା' 'କଟକରେ ନ ଥିବା' ଉପରେ ଓ 'କଟକରେ ଥିବା' 'ଗାଁଅକୁ ନ ଯାଇଥିବା' ଉପରେ ନିର୍ଭର କରେ । ସାପେକ୍ଷ ବାକ୍ୟ ଜଟିଳ; ଏହା ଏକାଧିକ ବାକ୍ୟ ବିଶିଷ୍ଟ; କିନ୍ତୁ ସେସବୁ ବାକ୍ୟ ପରସ୍ପର ସଂପୃକ୍ତ; ସେହି ସବୁରେ ଅବସ୍ଥିତ ନୁହେଁ । ସଂକଳ୍ପିତ ବାକ୍ୟରେ ପୂର୍ବଭାଗ ପରଭାଗର ଅପେକ୍ଷା ରଖେ ନାହିଁ । କେବଳ ପରଭାଗ ପୂର୍ବଭାଗର ଅପେକ୍ଷା ରଖେ । ବୈକଳ୍ପିକ ବାକ୍ୟରେ ଯେ କୌଣସି ଭାଗ ଅନ୍ୟ ଭାଗର ସଂଘଟନ ଉପରେ ନିର୍ଭର କରେ । 'ଅନୁପସ୍ଥିତ ଛାତ୍ରମାନେ ଯୋରିମାନା ଦେବେ' ଏହି ବାକ୍ୟ ନିରପେକ୍ଷ । 'ଯଦି ଛାତ୍ର ଅନୁପସ୍ଥିତ ହୁଅନ୍ତି ତେବେ ଯୋରିମାନା ଦେବେ' ଏହା ସାପେକ୍ଷ ବାକ୍ୟ । ଏହି ଦୁଇ ବାକ୍ୟକୁ ଆମ୍ଭେମାନେ ଅନେକ ସମୟରେ ଏକ ଅର୍ଥରେ ବ୍ୟବହାର କରିଥାଉ । କିନ୍ତୁ ଏ ଦୁହିଙ୍କ ମଧ୍ୟରେ ହିଁ ସୂକ୍ଷ୍ମ ପ୍ରଭେଦ ରହିଅଛି । ଯେତେବେଳ ପର୍ଯ୍ୟନ୍ତ ଗୋଟିଏ ମାତ୍ର ଛାତ୍ର ଅନୁପସ୍ଥିତ ହୋଇ ନାହିଁ ଅର୍ଥାତ୍ ଯଦି ଛାତ୍ରର ଅନୁପସ୍ଥିତ ଭବିଷ୍ୟଦ୍-ଗର୍ଭରେ ଥାଏ, ତେବେ ସେ କ୍ଷେତ୍ରରେ ସାପେକ୍ଷ ବାକ୍ୟର ବ୍ୟବହାର ପ୍ରଶସ୍ତ । କାରଣ ନିରପେକ୍ଷ ବାକ୍ୟ ପ୍ରୟୋଗଦ୍ୱାରା ବୁଝାଯିବ ଯେ, ଛାତ୍ର ଅନୁପସ୍ଥିତ ଘଟି ସାରିଅଛି—ସନ୍ଦର୍ଭ ଲେଖକ. ପ୍ରୋଫେସର୍ ଶଶିଭୂଷଣ ରାୟ, ଏମ୍, ଏ. ।]

ସାପ୍ତପଦୀନ—ସଂ. ବିଣ (ସପ୍ତପଦ+ଜାତାର୍ଥେ ଈନ)—୧ । ସାତ ପଦ
Sāptapadīna କଥାଦ୍ୱାରା ଜାତ (ବନ୍ଧୁତା)—1.(friendship) Resulting from the exchange of seven words. ୨ । ସାତଥର ପଦକ୍ଷେପଦ୍ୱାରା ନିର୍ବୃତ୍ତ ବା କୃତ୍ତ—2. Resulting from seven steps.
ବି—୧ । ସଖ୍ୟ; ବନ୍ଧୁତା—1. Friendship. ୨ । ସାତପଦ କଥାରେ ଉତ୍ପନ୍ନ ବନ୍ଧୁତା – 2. Friendship resulting from the exchange of seven sentences. ୩ । ଏକସଙ୍ଗରେ ସାତ ପାହୁଣ୍ଡ ଯିବାଦ୍ୱାରା ଉତ୍ପନ୍ନ ବନ୍ଧୁତା—3. Frindship contracted between person proceeding seven steps together.

ସାପ୍ତ ପୌରୁଷ—ସଂ. ବିଣ (ସପ୍ତପୁରୁଷ+ବ୍ୟାପ୍ତ୍ୟର୍ଥେ ଅ)—ସାତ ପୁରୁଷ
Sāpta paurusha ବ୍ୟାପୀ—Extending over or relating to or existing for seven generations.

ସାପ୍ତମିକ—ସଂ ବିଣ (ସପ୍ତମୀ+ଇକ)—ସପ୍ତମୀସମ୍ବନ୍ଧୀୟ (ବ୍ୟା. ଶ)—
Sāptamika Relating to saptamī.

ସାପ୍ତାହିକ—ସଂ. ବିଣ (ସପ୍ତାହ+ସମ୍ବନ୍ଧାର୍ଥେ. ଇକ)—ସପ୍ତାହସମ୍ବନ୍ଧୀୟ—
Sāptāhika Weekly.

ସାପ୍ପି—ପ୍ରାଦେ (ଗଞ୍ଜାମ) ବି—ଶିଶୁମାନଙ୍କର ଜିଭ, ପାଟି ଓ ଓଠ
Sāppi ପ୍ରଭୃତିରେ ବାହାରିବା ଛୋଟ ଛୋଟ ଘାଅ—Small sores or eruptions appearing on the tongue, mouth and lips of infants.

ସାଫ୍—ବୈଦେ. ବିଣ (ଅ)—୧। ସଫା; ନିର୍ମଳ—1. Clear; clean.
Sāf ୨ । ସ୍ପଷ୍ଟ—2. Distinct. ୩ । ପରିଷ୍କୃତ—
ପରିଷ୍କାର साफ 3. Cleansed. ୪ । କୁଣ୍ଠାଶୂନ୍ୟଭାବରେ ବୋଲାଯିବା (କଥା); ଖାର୍—4.Out-spoken (words) ୫ । ସ୍ୱଚ୍ଛ—5. Transparent. ୬ । ଅବିମିଶ୍ର—6. Unadulterated; unmixed. ୭ । ଉଜ୍ଜ୍ୱଳ—7. Bright. ୮। କପଟଶୂନ୍ୟ—8. Free from guile. ୯ । ଯହିଁରେ ଗୋଳମାଳ ନ ଥାଏ—9. Free from confusion or duplicity. ୧୦ । ନିର୍ଘ୍ନ—10. Free from impedements. ୧୧ । ଯହିଁରେ କିଛି ଲେଖା ନ ଥାଏ; ସାଦା—11. Blank. ୧୨ । ନିଷ୍ପତ୍ତି ହୋଇଥିବା (ହିସାବ)—12. Cleared up (account). ୧୩। ସନ୍ଦେହଶୂନ୍ୟ—13. Free doubt.
କ୍ରି. ବିଣ—୧ । ସ୍ପଷ୍ଟରୂପେ—1. Clearly. ୨ । ସମ୍ପୂର୍ଣ୍ଣରୂପେ—2. Fully. ୩ । ନିଃସନ୍ଦେହ ରୂପେ—3. Undoubtedly.

ସାଫ୍ କଥା—ଦେ. ବି—୧ । ସ୍ପଷ୍ଟ କଥା; ସ୍ପଷ୍ଟ ବାକ୍ୟ; ଖାର୍ କଥା-
Sāf kathā 1. Plain speech; outspoken
साफ् कथा साफ बात words. ୨ । କପଟଶୂନ୍ୟ ବାକ୍ୟ—2. Guileless words.

ସାଫ୍ କ(କୋ)ବ(ବା)ଲା—ବୈଦେ. ବି (ଉଭୟଅ) (ଅ)-ଯେଉଁ କବଲ
Sāf ka(ko)ba(bā)lā ବା ବିକ୍ରୟପତ୍ର ଦ୍ୱାରା ସମ୍ପତ୍ତିର
সাফ্ কোবালা साफ कबाला ସମ୍ପୂର୍ଣ୍ଣ ସତ୍ତ୍ୱ
ବିକ୍ରି କରାଯାଏ—An out-and-out sale; a complete transfer-deed.

ସାଫ୍ କରିବା—ଦେ. କ୍ରି—୧ । ସଫା କରିବା; ପରିଷ୍କୃତ କରିବା—
Sāf kariba 1. To cleanse. ୨ । (ଲୁଗାର)
সাফ্ করা साफ करना ହିସାବ କରିବା—2. To clear off an account.

ସାଫ୍ କହିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ସ୍ପଷ୍ଟକଥା କହିବା—
Sāf kahibā 1. To speak plainly to a
সাফ্ বলা साफ कहना person.
୨ । ନିଃସନ୍ଦେହଭାବରେ କହିବା—2. To speak anything free from doubt.

ସାଫ୍ ବତା(ତେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ କର୍ଣ୍ଣକଟୁ କରି
Sāf batā(te)ibā ଅପ୍ରିୟ କଥା ସ୍ପଷ୍ଟରୂପେ କହିବା—
সাফ্ বলা साफ बतलाना To speak out plain unpleasant things.

ସାଫ୍ ସାବ(ବି,ବୁ)ତ୍—ବୈଦେ. ବିଣ (ଅ. ସାଫ୍ ସାବିତ୍)—୧ ।
Sāf saba(bi,bu)t ସ୍ପଷ୍ଟରୂପେ ପ୍ରମାଣିତ—
সাফ্ সাবুদ साफ साबित 1. Clearly proved; proved beyond doubt. ୨ । ସ୍ୱତଃ ସିଦ୍ଧ—2. Self evident.

ସାଫ୍ ସାବି(ବୁ)ତା—ବୈଦେ. ବି (ଅ. ସାଫ୍ ସବୁତ୍)—୧ । ସ୍ପଷ୍ଟ ପ୍ରମାଣ—
Sāf sabi(bu)tā 1. Clear proof. ୨ । ଅକାଟ୍ୟ ପ୍ରମାଣ—2. Incontrovertible proof.

ସାଫ୍ ସୁତ(ତୁ)ର(ରା)—ବୈଦେ. ବିଣ (ଅ. ସାଫ୍ ସୁଥ୍‌ରା; ସବୁତର
Sāf suta(tu)ra(rā) ଶବ୍ଦ)—୧ । ପରିଷ୍କାର ପରିଚ୍ଛନ୍ନ—1.
[ସାଫସୁଥ(ଥା)—ଅନ୍ୟରୂପ] Neat and clean. ୨। ପରିଷ୍କୃତ ଓ
সাফ্ সুতরা साफ सुथरा ସୁନ୍ଦର—2. Cleansed and dainty.

ସାଫସୁ(ସୋ)ଫ୍—ଦେ. ବିଣ—ସାଫ୍‌ସୁତର (ଦେଖ)
Sāf su(so)f Sāfsutara (See)
পরিষ্কার পরিচ্ছন্ন साफ सुथरा

ସାଫଲ୍ୟ—ସଂ. ବି (ସଫଳ+ଭାବ. ଯ)—୧ । ସଫଳତା; କୃତକାର୍ଯ୍ୟତା;
Sāphalya ସିଦ୍ଧି—1. Fruitfulness; success.
୨ । ଫଳୋତ୍ପତ୍ତି—2. Production of the result.
୩ । ଲାଭଜନକତା—3. Profitableness.

ସାଫା—ବୈଦେ. ବିଣ (ଅ. ସାଫ୍)—ସାଫ୍ (ଦେଖ)—
Saphā Saph (See) ବି (ଅ. ସାଫାହ୍)
পাগড়ী साफा ୧ । ପଗଡ଼ି—1. Turban.
୨ । ଶିକାରୀ କୁକୁରକୁ ଶିକାର କରିବା ପୂର୍ବରୁ ବା ଘାସରୁ ଉଠାଇବା ପୂର୍ବରୁ ଉପବାସୀ ରଖିବା—2. Keeping a hunting dog without food before hunting.

ସାଫି—ବୈଦେ. ବି (ଅ. ସାଫ୍)—୧ । ପରିଷ୍କୃତ ଅବସ୍ଥା—
Saphi 1.Cleanliness. ୨। ଚିଠାରୁ ବା
সাফী साफी ପାଣ୍ଡୁଲିପିରୁ ପରିଷ୍କୃତଭାବରେ ଲେଖନ—
2. Fair-copying. [ଉ—ଭୁଲ ସଙ୍ଗ ମଧ୍ୟରେ ସିଠାମ କଣା, କବଳ ଚଠା ଓ ସାଫି ସବୁଲ୍ଲ—ଫକୀରମୋହନ· ଛମାଣ ଆଠଗୁଣ୍ଠ ।] ୩ । ପାଣ୍ଡୁଲିପିରୁ ପରିଷ୍କୃତ ହୋଇ ନକଲ କରି ଯାଇଥିବା ଲେଖ—
3. Faircopied writing. ୪ । ଦେହ ପରିଷ୍କାର କରିବା ପାଇଁ ବ୍ୟବହୃତ ମାର୍ଜନୀ; ଗାମୁଛା; ଉତ୍ତରୀୟ—4. A towel; a napkin for cleansing the body.
୫ । ଗଞ୍ଜେଇ ହୁଁକା ପିଇବାବେଳେ ଚିଲମର ତଳ ପାଖରୁ ଲଗାଇ କରି ଯେଉଁ କନା ଖଣ୍ଡି ଧରାଯାଏ—5. A thin rag held below the Ganja-smoking chilam or pipe. ୬ । ଭାଙ୍ଗଛଣା କନା—6. A rag used for straining Bhānga. ୭। ଘାଟରନ୍ଧା; ଯେଉଁ ରନ୍ଧାରେ କାଠକୁ ପାଲିସ କରାଯାଏ—7. Carpenter's polishing plane. ପ୍ରାଦେ. (ଉତ୍ତର ଗଡ଼ଜାତ) ବି—ରୁମାଲ–Handkerchief. ବିଣ—୧ । ସାଫ୍ (ଦେଖ)—1. Sāf. (See) ୨ । ଚିଠାରୁ ପରିଷ୍କୃତ ହୋଇ ନକଲ କରାଯାଇଥିବା—2. Faircopied.

ସାଫିଆନା—ବୈଦେ. ବି (ଅ)—୧ । ପରିଷ୍କୃତ ଅବସ୍ଥା—
Safiānā 1. Cleanliness. ୨ । ନିର୍ଦ୍ଦୋଷତା—
সাফাই 2. Innocence. ୩ । ହାତ ସଫାଇ; କୃଶଳତା—
सफाई 3. Skill; skill in art; a mechanic's skill of the hand.

ସାଫିଆନା କରିବା—ଦେ. କ୍ରି—୧ । (ମନାର୍ଥ) ନିଜର ନିର୍ଦ୍ଦୋଷତାକୁ
Safiānā kariba ପ୍ରକାଶ କରିବା—1. To show off one's innocence.
ସାଫିଆନା ଦେଖା(ଖେ)ଇବା } —ଅନ୍ୟରୂପ
ସାଫିଆନା ଦେଖା(ଖେ)ଇ ହେବା }
সাফ্যিয়ানা দেখান, সাফাই দেখান ୨ । ନିର୍ଦ୍ଦୋଷତାକୁ ବାହାନା
सफाई दिखाना କରିବା—2. To feign innocence.

ସାଫି କରିବା—ଦେ. କ୍ରି—୧ । ପରିଷ୍କୃତ କରିବା—1. To
Sāfi karibā cleanse. ୨ । ଚିଠାରେ ଲେଖା ଥିବା;
সাফ্ করা ବିଷୟକୁ ପରିଷ୍କାର କରି ଲେଖିବା—
सफाई करना 2. To fair copy.

ସାଫୁଲ୍—ପ୍ରାଦେ (ସମ୍ବଲପୁର) ବିଣ. (ସଂ. ସଫଳ)—ସଫଳ; ସାର୍ଥକ—
Saful Successful.

ସାଫେଇ—ବୈଦେ. ବି (ଫା)—ସୁଫୀ ସମ୍ପ୍ରଦାୟଭୁକ୍ତ ମୁସଲମାନମାନଙ୍କ
Sāfei ଚାରି ଶାଖା ମଧ୍ୟରୁ ଏକତମ—One of the four

সাফেই subsects of the Sunni Mahomedans; the
साफेइ Saffeis. [ଦ୍ର—ଏମାନଙ୍କର ପ୍ରବର୍ତ୍ତକ ଧର୍ମଗୁରୁ ଇମାମ 'ସାଫେଇ'ଙ୍କ ନାମରୁ ଏହି ନାମ ହୋଇଅଛି । ଏହି ଶାଖା ଅରବ, ମିସର, ଉତ୍ତର ଅଫ୍ରିକା, ଯମେନ ପ୍ରଦେଶସ୍ଥ ଲୋକମାନଙ୍କ ମଧ୍ୟରେ ଓ ମଳୟ ଦ୍ୱୀପପୁଞ୍ଜରେ ଦେଖା ଯାଆନ୍ତି । ଅନ୍ୟ ୩ ଶାଖା – ହନାଫି, ହନ୍‌ବଲି, ମାଲିକ ଅଟନ୍ତି ।]

ସାଫ୍ର(ଫ୍ରା)ନ—ବୈଦେ. ବ (ଇଂ)—ଜାଫ୍ରାନ୍ କେଶର—
Sāphra(phrā)n জাফ্রান্ কেশর जाफ्रान केसर Saffron.

ସାବ୍(ବ)ରା—ପ୍ରାଦେ (ଗଞ୍ଜାମ) ବ. (ଇଂ ସଭରେନ୍)—ସ୍ୱର୍ଣ୍ଣ ମୁଦ୍ରା—
Sāb(ba)rā Sovereign (gold coin).

ସାବରା ସୁନା—ପ୍ରାଦେ (ଗଞ୍ଜାମ) ବ—ଇଂଲଣ୍ଡ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାର
Sābarā sunā ଉପାଦାନ ସ୍ୱର୍ଣ୍ଣ—Sovereign-gold.

ସାବକ୍—ବୈଦେ. ବଣ (ଅ. ସାବକ୍)—୧ । ପୁରାତନ—1. Old.
Sābak ୨ । ବିଗତ; ପୂର୍ବକାଳୀନ; ଅତୀତ କାଳ ସମ୍ବନ୍ଧୀୟ—
(ଦ୍ରାକ୍—ବିପରୀତ) 2. Relating to the past. ୩ । ପୂର୍ବ
সাবেক साबिक ବର୍ଷର—3. Of the past year.

ସାବକ୍ ଦସ୍ତୁର—ବୈଦେ. ବ (ଅ; ସାବକ୍ ଦସ୍ତୁର୍)—ପ୍ରାଚୀନ
Sābak dastur ପ୍ରଥା—Ancient custom.
সাবেক দস্তুর साबिक दस्तूर

ସାବକ୍ ବ(ବା)କିଆ(କି)—ବୈଦେ. ବଣ (ଅ. ସାବକ୍ ବାକି)—
Sābak ba(bā)kiā(bāki) ୧ । ପୂର୍ବ ବର୍ଷମାନଙ୍କ ପାଇଁ
সাবক্ বাকি ବାକି—1. Due for the past years. ୨ ।
साबिक बकाया ପୂର୍ବବର୍ଷରୁ ବାକି ଥିବା—2. Outstanding
সাবেক্‌বাকি from the last year. ବ—ଚଳିତ ସନର
साबिकबकाया ପୂର୍ବବର୍ତ୍ତୀ-ସନମାନଙ୍କର ବାକି ଖଜଣା—Arrears
of rent due for the previous years.

ସାବକ୍ ସନ—ବୈଦେ. ବ (ଅ)—ଗତ ବର୍ଷ—
Sābak sana সবেক সন साबिक सन Last year.

ସାବକ୍ ହାଲ୍—ବୈଦେ. ବଣ (ଫା. ସବୁରର ଶବ୍ଦ)—୧ । ଗତ ଓ
Sābak hāl ବର୍ତ୍ତମାନ—1. Past and present. ୨ ।
ପୂର୍ବ ବର୍ଷର ଓ ଚଳିତ ବର୍ଷର—2. Of the past
সাবেক্ হাল साबिक हाल and of the presentyear;
arrear and current.

ସାବକାର—ପ୍ରାଦେ (ସମ୍ବଲ) ବ—୧ । ଅଋଣୀ ବ୍ୟକ୍ତି—A person
Sābakāra without any loan. ୨ । ଧନୀ ବ୍ୟକ୍ତି—
2. A moneyed man. ୩ । ସାହୁକାର; ପୁଞ୍ଜିପତି—
3. A capitalist.

ସାବକାଶ—ସଂ. ବଣ (ବହୁବ୍ରୀହି; ସ+ଅବକାଶ)—୧ । ଅବକାଶ
Sābakāsa ଯୁକ୍ତ—1. Having leisure. ୨ । ଅବସର
ପ୍ରାପ୍ତ—2. On leave. ୩ । ସୁଯୋଗଶୀଳ—
সাবকাশ 3. Opportune. ଦେ. ବ (ସଂ. ସୁଅବକାଶ)—
सावकाश ୧ । ସୁଯୋଗ—1. Opportunity. ୨ । ଉତ୍ତମ
ଅବସର—2. Fit occasion. ୩ । ଅବକାଶ; ଫୁରସତ
3. Leisure.

ସାବଗୁଣ୍ଠନ—ସଂ. ବଣ. ପୁଂ (ସ+ଅବଗୁଣ୍ଠନ)—ଅବଗୁଣ୍ଠିତ; ଓଢ଼ଣା
Sābagunthana ପକାଇଥିବା—Veiled.
[ସାବଗୁଣ୍ଠନା—ସ୍ତ୍ରୀ]

ସାବତ୍—ବୈଦେ. ବଣ (ଫା. ସାବତ୍)—ସାବୁତ୍ (ଦେଖ)
Sābat Sābut. (See)

ସାବତ—ଦେ. ବଣ (ସଂ. ସପତ୍ନୀ)—ବୈମାତ୍ରକ—Stepmotherly.
Sābata [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ,
সং যথা—ସାବତପୁଅ, ସାବତ ମାଆ, ସାବତ ଭାଇ ଇତ୍ୟାଦି ।]
सौतेला ବ—ବଳଭଦ୍ର ଗୋତ୍ରୀ ବ୍ରାହ୍ମଣ ଓ ଶୂଦ୍ରମାନଙ୍କ
ବଂଶୋପାଧି ବିଶେଷ—A family title of
Balabhadra gotri Brāhmanas and
of Sūdras.

ସାବତ ଜନନୀ—ଦେ. ବ. ସ୍ତ୍ରୀ—ବିମାତା—Step-mother. (ଦ୍ର—
Sābata janani ସାବତ ଜନନୀ ହିଂସ୍ରକଙ୍କ ନ ଧର ମନେ—
সত্ মা सौतेली मा ବିଶ୍ୱନାଥ. ବିଚିତ୍ର ରାମାୟଣ ।)

ସାବତନ—ଦେ. ବଣ (ସଂ. ସାପତ୍ନ)—ସାବତ (ଦେଖ)—
Sābatana Sābata (See) [ଦ୍ର—ଏ ଭଳି ଭାଇଙ୍କର
କୁବେର ସାବତନ ଭାଇ—ବାଲକାଣ୍ଡ. ସିଦ୍ଧେଶ୍ୱର ରାମାୟଣ ।]

ସାବତନ କଣ୍ଟା—ଦେ. ବ—ମୃତସପତ୍ନୀଗର୍ଭଜାତ ସାବତ ସନ୍ତାନ—
Sābatana kantā The children left by one's
সতীন কাণ্টা सौतेला काँटा deceased co-wife.

ସାବତ ପୁଅ—ଦେ. ବ—ସପତ୍ନୀ ପୁତ୍ର—Stepson. [ଦ୍ର—ଏକା-
Sābata pua ନ୍ତରେ ସାବତ ପୁଅଙ୍କ ପାଶରୁ । ନ ଖିଟିଛି କଥା
সতীন পো, সৎ পো, সৎ বেটা ବାରତା ହୋଇବାରୁ—କୃଷ୍ଣସିଂହ.
सौतेला लडका ମହାଭାରତ. ବନ ।]
(ସାବତ ଝିଅ—ସ୍ତ୍ରୀ)

ସାବତ ଭାଇ—ଦେ. ବ—ମାତାଙ୍କ ସପତ୍ନୀ-ପୁତ୍ର—Step-brother.
Sābata bhāi [ଦ୍ର—ଏ ଦୁର୍ଦ୍ଦୈବେ ଯେ ସାବତ ଭାଇ ତ ତୁମ୍ଭର—
সতীন ভাই सौतेला भाइ କୃଷ୍ଣସିଂହ. ମହାଭାରତ. ସଭା ।]
(ସାବତନ ଭାଇ—ଅନ୍ୟରୂପ) (ସାବତ ଭଉଣୀ—ସ୍ତ୍ରୀ)

ସାବତ ମା(ମାତା, ମାଆ)—ଦେ. ବ. ସ୍ତ୍ରୀ—ମାତାଙ୍କ ସପତ୍ନୀ—One's
Sābata mā(māta, mā-ā) stepmother. [ଦ୍ର—
সৎ মা ନକୁଳ ତ ସାବତ ମାଅଙ୍କ କୁମର—କୃଷ୍ଣସିଂହ. ମହାଭାରତ.
सौतेली मा ବନ ।]

ସାବତା—ବୈଦେ. ବ (ଅ. ସବୂତ)—ସାବୁତା; ପ୍ରମାଣ—Evidence;
Sābatā সাবুত सबूत proof.
সৎ মা सौतेली मा ଦେ. ବ (ସ୍ତ୍ରୀ)—ସାବତ ମା—Step-
mother. [ଦ୍ର—ମୋର ଜନମର ଠାକୁରାଣୀ ପଣେ
ସେବନ୍ତ ସବୁ ସାବତା—ପ୍ରାଚୀ. ଉତ୍ସବମଞ୍ଜରୀ ।]

ସାବତି—ପ୍ରାଦେ. (କଟକ) ବ (ତୁର. ଫା. ସବୁତ୍)—ପ୍ରମାଣ—
Sābati Evidence.

ସାବଦ୍ୟ—ସଂ. ବିଣ (ସ+ଅବଦ୍ୟ)—୧ । ନିନ୍ଦନୀୟ (ହି° ଶ)—
Sābadya 1. Blameable. ୨ । ଆପତ୍ତିଜନକ (ହି° ଶ)—
2. Objectionable. ସଂ. ବି—ଯୋଗୀମାନଙ୍କଦ୍ୱାରା ଲଭ୍ୟ ତିନି ଯୋଗଶକ୍ତି ମଧ୍ୟରୁ ଏକ (ହି° ଶ)—
One of the powers attainable by Jogis.
[ଦ୍ର—ଅନ୍ୟ ଦୁଇ ଶକ୍ତିର ନାମ ନିରବଦ୍ୟ ଓ ସୂକ୍ଷ୍ମ—ହି° ଶ ।]

ସାବଧାନ୍—ଗ୍ରା. ଅ (ସଂ. ଅବଧାନ)—୧ । ମହାଶୟ; ହେ ଅବଧାନ !
Sābadhān महाशय महाशय —1. Oh ! sir !.
सावधान ୨ । (ସଂ. ସାବଧାନ)—ହୁସିଆର !—
सावधान 2. Take care !

ସାବଧାନ—ସଂ. ବିଣ (ସ+ଅବଧାନ)—୧ । ସଚେତନ—1. Conscious. ୨ । ହୁସିଆର; ସତର୍କ—2. Cautious; careful. ୩ । ଅବହିତ; ମନୋଯୋଗୀ—3. Attentive.
Sābadhāna
(ସାବଧାନା—ସ୍ତ୍ରୀ)
(ସାବଧାନତା—ବି)

ସାବଧାନ କରିବା—ଦେ. କ୍ରି—୧। ମନୋଯୋଗ କରିବା; ମନୋଯୋଗପୂର୍ବକ ଶୁଣିବା ବା ପଢ଼ିବା—1. To attend to; to pay attention to.
Sābadhāna karibā
सावधान करा
सावधान करना (ଉ—ସୁଜନେ ସାବଧାନ କର । ଦ୍ୱିତୀୟ ଅଧ୍ୟାୟ ବିବୃତ—ପ୍ରାଚୀ. ପୂର୍ଣ୍ଣିମା ଚନ୍ଦ୍ରୋଦୟ ।)
୨ । ସତର୍କ କରିବା—2. To caution; to warn.

ସାବଧାନ ହେବା—ଦେ, କ୍ରି—କୌଣସି କାର୍ଯ୍ୟରେ ସତର୍କତା ଅବଲମ୍ବନ କରିବା—To take care in any matter; to be careful; to beware.
Sābadhāna hebā
सावधान हओया
सावधान होना

ସାବଧାନୀ—ଦେ· ବିଣ (ସଂ. ସାବଧାନା)—୧ । ସାବଧାନର ସ୍ତ୍ରୀଲିଙ୍ଗ—
Sābadhāni 1. The feminine of Sābadhāna.
सावधान (ଉ—ଶୁଣ ନିଧାନ ! ସାବଧାନୀ ହୁଅରେ ଦେଖି ଯିବାକୁ
सावधान ମୁଁ କହୁଛି—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।) ୨ ।
(ପ୍ରା°) ଦତ୍ତାବଧାନ; କୃତସଙ୍କଳ୍ପ—2. Bent upon; intent on. (ଉ—ଦ୍ରୁପଦଙ୍କ ଯୋଏ ଯେ ସାତ୍ୟକିଙ୍କି ଭେଟି । ଯୁଦ୍ଧରେ ହୋଇଛନ୍ତି ମହା ସାବଧାନୀ—କୃଷ୍ଣସିଂହ. ମହାଭାରତ· କର୍ଣ୍ଣ ।)

ସାବନ୍—ପ୍ରାଦେ· (ମେଦିନୀପୁର) ବି—ସାବୁନ୍—
Sāban Soap.

ସାବନ—ସଂ. ବି (ସବନ+ସମ୍ବନ୍ଧେ ଅ)—୧ । ସବନ ବା ଯଜ୍ଞ ସମ୍ବନ୍ଧୀ ଦିନ—1. A day for vedic sacrifice.
Sābana
୨ । ଯଜ୍ଞକର୍ମାନ୍ତ (ମେଦିନୀ)—2. The end of vedic sacrifice. ୩ । ଯଜମାନ; ଯେ ଯଜ୍ଞ ନିମନ୍ତେ ପୁରୋହିତ ନିଯୁକ୍ତ କରେ (ମେଦିନୀ)—3. The constituent of a priest; the principal for whom a vedic sacrifice is performed. ୪ । ବରୁଣ (ମେଦିନୀ)—4. The God of the ocean. ୫ । ଯଜ୍ଞବିଶେଷ—5. A kind of vedic sacrifice. ୬ । ଅହୋରାତ୍ର—6. Day and night. ୭ । ଏକ ସୂର୍ଯ୍ୟୋଦୟରୁ ଅନ୍ୟ ସୂର୍ଯ୍ୟୋଦୟ ବ୍ୟାପୀ କାଳ; ୬୦ ଦଣ୍ଡ ବ୍ୟାପୀ କାଳ—7. The time between one sunrise and the next.
ଦେ· ବିଣ—ସାବନା (ଦେଖ)—
Sābanā (See)

ସାବନ ଦିନ(ଦିବସ)—ସଂ. ବି—୧ । ଏକ ସୂର୍ଯ୍ୟୋଦୟରୁ ଅନ୍ୟ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ କାଳ; ସୌର ଦିବସ—1. A solar day. ୨ । ଅହୋରାତ୍ର (ମଳମାସ ତତ୍ତ୍ୱ)—2. A day and night; a day of 24 hours.
Sābana dina(dibasa)
[ଦ୍ର—ଏକ ତିଥିର ପରିମାଣ ଅନୁସାରେ ଯେଉଁ ଦିନ ହୁଏ ତାକୁ ଚାନ୍ଦ୍ର ଦିନ କହନ୍ତି । ଏକ ସୂର୍ଯ୍ୟୋଦୟଠାରୁ ଅନ୍ୟ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଏକ ଅହୋରାତ୍ରକୁ ସାବନ ଦିନ ବୋଲଯାଏ । ଏହାର ପରିମାଣ ୬୦ ଦଣ୍ଡ । କିନ୍ତୁ ସୂର୍ଯ୍ୟଙ୍କ ମନ୍ଦ ଗତି ଓ ଶୀଘ୍ର ଗତି ଓ ରାଶିଚକ୍ରର ବକ୍ରତା ଯୋଗୁଁ ସାବନ ଦିନର ହ୍ରାସ ବୃଦ୍ଧି ହୁଏ । ଏକ ସୌରବର୍ଷରେ ନାକ୍ଷତ୍ର ଦିନ ଅପେକ୍ଷା ସାବନ ଏକ ଦିନ ନ୍ୟୂନ ହୁଏ । ସାବନ ୩୦ ଦିନରେ ଏକ ସାବନ ମାସ ହୁଏ । ସାବନ ୧୨ ମାସରେ ଏକ ସାବନ ବର୍ଷ ହୁଏ । ଯେ କୌଣସି ଦିନର ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ୩୦ ଅହୋରାତ୍ର ପର୍ଯ୍ୟନ୍ତ ଏକ ସାବନ ମାସ ହୁଏ । ସାବନ ବତ୍ସର ସୌର ବତ୍ସର ଅପେକ୍ଷା ୫ ଦିନ ୧୫ ଦଣ୍ଡ ୩୧ ବିପଳ ୨୪ ଅନୁପଳ ନ୍ୟୂନ ହୁଏ । ଅତଏବ ଏକ ସୌର ବତ୍ସର=ସାବନ ୩୬୫ ଦିନ ୧୫ ଦଣ୍ଡ ୩୧ ବିପଳ ୨୪ ଅନୁପଳ । ସାବନ ମାସାନୁସାରେ ସଂସ୍କାର ଓ ଯଜ୍ଞକର୍ମାଦି କାର୍ଯ୍ୟ କରାଯାଏ । ଅଶୌଚ ମଧ୍ୟ ସାବନ ମାସ ଅନୁସାରେ ଗୃହୀତ ହୁଏ । ଅଶୌଚ, ସଂସ୍କାର ଓ ଯଜ୍ଞ କର୍ମରେ ସୌର ବା ଚାନ୍ଦ୍ର ମାସ ଧରାଯାଏ ନାହିଁ ।
ବିଶ୍ୱକୋଷ ।]

ସାବନ ବର୍ଣ୍ଣ—ଦେ· ବି—୧ । (ସଂ. ଶ୍ୟାମ) ଶ୍ୟାମବର୍ଣ୍ଣ—1. Dark complexion. ୨ । (ସଂ. ଶ୍ୟାବ) ଯାହା କଳା ନୁହେଁ କି ଗୋରା ନୁହେଁ—2. Medium complexion (not fair nor dark).
Sābana barnna
(ସାବନ ବନ—ଗ୍ରାମ୍ୟରୂପ)
श्यामवर्ण
साँवला

ସାବନ ବର୍ଷ(ବତ୍ସର)—ସଂ· ବି—୩୬୦ଟି ସୂର୍ଯ୍ୟୋଦୟ ଯୁକ୍ତ ବର୍ଷ (ସାବନ ଦିନ ଶବ୍ଦ ନୋଟ ଦେଖ)—The year consisting of 360 sunrises and 360 sunsets.
Sābana barsha(batsara)

ସାବନ ମାନ—ସଂ· ବି—ସୂର୍ଯ୍ୟୋଦୟ ଦ୍ୱାରା ପରିମିତ ଗଣନା—Calculation according to sunrise.
Sābana māna
[ଦ୍ର—ଶଦାଦି ସାବନମାନରେ ଗୃହୀତ ହୁଏ ।
ଓଡ଼ିଆ ପାଞ୍ଜି ।]

ସାବନ ମାସ—ସଂ. ବି—୧ । ତିରିଶି ଅହୋରାତ୍ର ବଶିଷ୍ଟ ମାସ (ସାବନ
Sābana māsa ଦିନ ଦେଖେ ଦୋଷ ଦେଖ)—1. A
month consisting of 30 days and nights.

ସାବନା—ଦେ· ବିଣ· ପୁଂ (ସଂ. ଶ୍ୟାବ=କୃଷ୍ଣ ପୀତବର୍ଣ୍ଣ)—ଯାହାର
Sābanā ଦେହ ଅଛକଳା ବା ଅଛ ଗୋରା ନୁହେଁ; ଶ୍ୟାମବର୍ଣ୍ଣ
(ସାବଳୀ, ସାବ[ବେ]ଲୀ—ସ୍ତ୍ରୀ) ଶରୀର ବଶିଷ୍ଟ; ଫଟା କଳା—
श्यामवर्ण Brown; brunette; of dark complexion;
साँवला having complexion which is midway
between dark and fair; medium-complexioned.

ସାବୟବ—ସଂ. ବିଣ (ବହୁବ୍ରୀହି; ସ+ଅବୟବ)—ଅବୟବ ଯୁକ୍ତ—
Sābayaba Having body; corporeal. ସଂ. ବି—
(ସାବୟବା—ସ୍ତ୍ରୀ) ସାଙ୍ଗରୂପକ ଅଳଙ୍କାର (ଶବ୍ଦକୋଷ)—
A kind of simile (figure of speech).

ସାବର—ସଂ. ବି—୧ । ଲୋଧ; ଲୋଧ (ଅମର ଟୀକା,ଶବ୍ଦରତ୍ନାବଳୀ)—
Sābara 1. Simplocus Racemosa. (tree) ୨ । ପାପ
(ରତ୍ନ)—2. Sin. ୩ । ଅପରାଧ (ରତ୍ନ)—
3. Offence. ୪ । ମୃଗ ବିଶେଷର ମାଂସ (ଶବ୍ଦକୋଷ)—
4. A kind of venison. [ବି—ଏହି ମାଂସ ସ୍ନିଗ୍ଧ,
ଶୀତଳ, ଗୁରୁ, ମଧୁରରସ, ମଧୁର ବିପାକ, ଶ୍ଳେଷ୍ମବର୍ଦ୍ଧକ
ଓ ରକ୍ତପିତ୍ତନାଶକ—ଶବ୍ଦକୋଷ ।]

ସାବରକ—ସଂ. ବି (ସାବର+କ)—ଶ୍ୱେତ ଲୋଧ—The white
Sābaraka variety of Simplocus Racemosa.
(ସାବର ଲୋଧ—ଅନ୍ୟରୂପ)

ସାବର—ପ୍ରାଦେ (ଗଞ୍ଜାମ ଓ କୋରାପୁଟ) ବି. (ଇଂ· ସବରେନ୍)—ଇଂଲଣ୍ଡ
Sābara ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରା; ଗିନି—Guinea; sovereign.

ସାବରିକା—ସଂ. ବି—ନିର୍ବିଷ ଜୋକ (ହି· ଶ)
Sābarikā Non-venomous leech.

ସାବର୍ଣ୍ଣ—ସଂ. ବି. ପୁଂ (ସବର୍ଣ୍ଣା=ସୂର୍ଯ୍ୟପତ୍ନୀ ଛାୟା+ଅପତ୍ୟାର୍ଥେ. ଅ)—
Sābarnna ୧ । ଦ୍ୱିତୀୟ ମନୁ—1. The 2nd
Progenitor of mankind. ୨ । ସାବର୍ଣ୍ଣି
(ଦେଖ)—2. Sābarnni. (See) ସଂ. ବିଣ—
ସବର୍ଣ୍ଣସମ୍ବନ୍ଧୀୟ—Relating to Sabarnna.

ସାବର୍ଣ୍ଣ ଲକ୍ଷ୍ୟ—ସଂ. ବି—ଚର୍ମ (ଶବ୍ଦ ରତ୍ନାବଳୀ)—
Sābarnna lakshya Skin.

ସାବର୍ଣ୍ଣି—ସଂ. ବି (ସବର୍ଣ୍ଣା=ସୂର୍ଯ୍ୟପତ୍ନୀ ଛାୟା+ଅପତ୍ୟାର୍ଥେ. ଇ)—
Sābarnni ୧ । ଅଷ୍ଟମ ମନୁ; ସୂର୍ଯ୍ୟପତ୍ନୀ ସଂଜ୍ଞାଙ୍କ ସବର୍ଣ୍ଣ
ଛାୟାଙ୍କ ଗର୍ଭଜାତ ମନୁ—Name of a son of the
Sun-god, the 8th Progenitor of mankind. [ବି—ସୂର୍ଯ୍ୟଙ୍କ ପତ୍ନୀଙ୍କ ନାମ ସଂଜ୍ଞା; ସେ ସୂର୍ଯ୍ୟଙ୍କ
ତେଜ ସହି ନ ପାରି ତାଙ୍କର ସବର୍ଣ୍ଣା (ସଦୃଶ ବର୍ଣ୍ଣା)
ଛାୟାକୁ କର୍ମିଣ କରି ତାଙ୍କୁ ସୂର୍ଯ୍ୟଙ୍କ ନିକଟ ଛାଡି ପିତୃ
ଗୃହକୁ ଲୁଚି କରି ଚାଲିଗଲେ । ଏହି ଛାୟାଙ୍କ ଗର୍ଭରେ
ସାବର୍ଣ୍ଣିଙ୍କର ଜନ୍ମ ହେଲା । 'ସବର୍ଣ୍ଣା'ଙ୍କ ଗର୍ଭରୁ ଜାତ
ହେବାରୁ ସନ୍ତାନଙ୍କ ନାମ ସାବର୍ଣ୍ଣ ବା ସାବର୍ଣ୍ଣି ହେଲା ।
ଏହାଙ୍କର ଗୋଟିଏ ଭଗିନୀ ତପତୀ ଓ ଭାଇ ଶନି । ଦେବୀ-
ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛି ଯେ, ସ୍ୱାରୋଚିଷ
ମନ୍ୱନ୍ତରରେ ସୁରଥ ନାମକ ରାଜା ରାଜ୍ୟଭ୍ରଷ୍ଟ ହୋଇ
ମେଧସ ମୁନିଙ୍କ ଆଶ୍ରମରେ ପହଞ୍ଚି ସେଠାରେ ସମାଧିବୈଶ୍ୟ
ସଙ୍ଗେ ଦେବୀ ମାହାତ୍ମ୍ୟ ଶୁଣି ନଦୀତୀରରେ ଦେବୀଙ୍କ
ମୃଣ୍ମୟୀ ମୂର୍ତ୍ତି ପୂଜା କରି ନଷ୍ଟ ରାଜ୍ୟ ପ୍ରାପ୍ତ ହେଲେ ଏବଂ
ଦେହାନ୍ତେ ସୂର୍ଯ୍ୟଙ୍କର କରି ସାବର୍ଣ୍ଣି ମନୁ ନାମରେ ଜନ୍ମ
ଗ୍ରହଣ କଲେ । ପୌରାଣିକରେ ମତ୍ସ୍ୟ ପୁରାଣରେ ବର୍ଣ୍ଣିତ
ହୋଇଅଛି ଯେ, ମନୁଙ୍କଠାରୁ ୧୦ ଜଣ ସାବର୍ଣ୍ଣି ନାମଧାରୀ
ପୁତ୍ର ଜନ୍ମ ହୋଇଥିଲେ ।] ୨ । ଗୋତ୍ର ବିଶେଷ—2. The
root name of some clans. [ବି—ଏହି ଗୋତ୍ରର
ପାଞ୍ଚ ପ୍ରବରର ଯଥା—ଔର୍ବ, ଚ୍ୟବନ, ଭାର୍ଗବ, ଜାମଦଗ୍ନ୍ୟ ଓ
ଅପ୍ନୁବତ—ଶବ୍ଦକୋଷ ।] ୩ । ଏକ ମନ୍ୱନ୍ତରର ନାମ
(ହି· ଶ); ସାବର୍ଣ୍ଣି ମନୁଙ୍କ ଭୋଗକାଳ—3. Name of
a Manwantara or the regime of the
Sābarnni Manu.

ସାବଲ—ଦେ. ବି—୧ । ଶବଳ (ଦେଖ)—1. Sābala. (See)
Sābala [ବି—ହିନ୍ଦରେ ସାବଲ୍ ଶବ୍ଦର ଅର୍ଥ ବର୍ଚ୍ଛା (ହି· ଶ)]—
सावर ୨ । (କଣିଥ ଶବ୍ଦ) ସୁନାର ଓ ରୁପାର ଝାଲ ଅବ ଛାଞ୍ଚର
साबर ତରିବାରେ ବ୍ୟବହୃତ ଲୁହାର ଏକପ୍ରକାର ହତିଆର—
2. A goldsmith's instrument for preparing gold and silver water jugs. [ବି—
ଏହା ଲମ୍ବା ଓ ଏଥିର ଏକ ମୁଣ୍ଡ ମୁନିଆ । ଏହା ଉପରେ
ଧାତୁ ପକାଇ ଉଣୀ ହାତୁଡିରେ ପିଟିଲେ ଧାତୁପାତ୍ର ପତଳା
ହୁଏ ।]

ସାବଲ ଉଞ୍ଛିଲ ପରି—ଦେ· ବିଣ—ହୃଷ୍ଟପୁଷ୍ଟ; ସବଳ—
Sābal unchhilāpari Very healthy.
ସଂଡା शीशाकेजो

ସାବଲ ଭଙ୍ଗା—ପ୍ରାଦେ (କହୋଲ) ବି—ଏକପ୍ରକାର ଅରଣ୍ୟ ଗୁଳ୍ମ—
Sābala bhangā A kind of wild plant. [ବି—
ଏହାର ମୂଳରୁ ସାବଲ ପରି ଗୋଲ ଓ ଲମ୍ବା ଦଣ୍ଡ
ବାହାରେ । ବୃକ୍ଷ ଦଣ୍ଡ ଭୂମି ଉପରକୁ ଯେତିକି ବାହାରିଥାଏ
ଭୂମି ତଳେ ମଧ୍ୟ ସେତିକି ଥାଏ ।]

ସାବଲମ୍ବନ—ସଂ ବିଣ (ବହୁବ୍ରୀହି;ସ+ଅବଲମ୍ବନ)-ଅବଲମ୍ବନ ସହିତ—
Sābalambana With prop.

ସାବଶେଷ—ସଂ ବିଣ (ସହାର୍ଥ ବହୁବ୍ରୀହି;ସ+ଅବଶେଷ)୧ । ଅବଶିଷ୍ଟ-
Sābasesha 1. Remaining. ୨ । ଅସମ୍ପୂର୍ଣ୍ଣ—
2. Incomplete. ୩ । ଅବଶେଷ ସହିତ ବିଦ୍ୟମାନ—
3. Having the remainder.

ସାବଷ୍ଟମ୍ଭ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଅବଷ୍ଟମ୍ଭ)—୧। Sābashṭambha ଦୃଢ଼; ମଜବୁତ୍ (ବି. ସ)—1. Strong. ୨। ଅପ୍ରପରିବ; ସ୍ୱାବଲମ୍ବୀ (ବି. ସ)—2. Self-reliant. ସଂ. ବ—ବାସ୍ତୁବିଶେଷ; ଯେଉଁ ବାସ୍ତୁରେ ବା ଘରଭିତରେ ନିର୍ମିତ ଘରର ଉତ୍ତର ବା ଦକ୍ଷିଣ ପାଶରେ ରାସ୍ତା ଥାଏ (ଶବ୍ଦକୋଷ)—A kind of homestead in which a road runs on the south or north side of the house built on it. [ଦ୍ର—ଏ ବାସ୍ତୁ ଶୁଭପ୍ରଦ—ବୃହତ୍ ସଂହିତା ୫୩।୨୧ ।]

ସାବହିତ—ଗ୍ରା. ବଣ (ଅଶୁଦ୍ଧ ପ୍ରୟୋଗ; ଶୁଦ୍ଧ. ସାବଧାନ)—୧। Sābahita ମନୋଯୋଗୀ—1. Attentive. ୨। ସାବଧାନ সাবহিত —2. Careful. କ୍ରି. ବଣ—ମନୋଯୋଗପୂର୍ବକ ସହକାରେ—Attentively. सावधान

ସାବାଡ଼୍—ବୈଦେ. ବଣ (ଅ. ତୁଲନାକର; ଫ. ସବାଡ଼)—୧। Sābārd ନିଷ୍ପାଦିତ—1. Accomplished. ୨। ସମ୍ପୂର୍ଣ୍ଣ— সাবাড় 2. Finished; completed. ୩। ନିଃଶେଷିତ—3. Exhausted. ୪। ବିନାଶପ୍ରାପ୍ତ—4. Destroyed; ruined. ୫। ସର୍ବସ୍ୱାନ୍ତ— आखीर 5. Having one's properties gone; shorn or deprived of whatever one had; undone.

ସାବାଡ଼୍ କରିବା—ଦେ. କ୍ରି—୧। (କର୍ମ) ସମ୍ପାଦନ କରିବା—1. To Sābārd kariba accomplish (a work). ୨। ସମ୍ପୂର୍ଣ୍ଣ সাবাড় করা କରିବା—2. To Complete. ୩। ନିଃଶେଷିତ आखीर करना କରିବା—3. To exhaust; to finish. ୪। କୌଣସି ବ୍ୟକ୍ତିକୁ ସର୍ବସ୍ୱାନ୍ତ କରିବା—4. To ruin a person. ୫। ବିନଷ୍ଟ କରିବା—5. To destroy. ୬। ସର୍ବନାଶ ଘଟାଇବା—6. To cause ruin. ୭। (ଲକ୍ଷଣାର୍ଥ) ମାରି ପକାଇବା—7. (figurative) To kill.

ସାବାଧ—ସଂ. ବଣ—ପୀଡ଼ିତ; ଅସୁସ୍ଥ (ଶବ୍ଦକଳ୍ପଦ୍ରୁମ; ଶବ୍ଦକୋଷ)—Sābādha Ill; sick.

ସାବାଳ(ଳ)କ୍(ଗ୍)—ବୈଦେ. ବଣ (ଅ. ସାବାଲିଗ୍)—ଅଇନ୍ Sābāla(la)k(g) ଅନୁସାରେ ଯାହାର ବୟସ୍କତ୍ୱର୍ମ ବୃତ୍ତିକାର সাবালক बालिग ଉପଯୋଗୀ ବୟସ ହୋଇଅଛି; ବୟଃପ୍ରାପ୍ତ; ସାବାଳ[ଳି]କି[ଗୀ] ସାବାଳିକା[ଗୀ] } ସ୍ତ୍ରୀ ପ୍ରାପ୍ତବୟସ୍କ; ପ୍ରାପ୍ତ ବ୍ୟବହାର—Major; one who has attained majority according to the law of the land. ଦେ. ବ—ବୟଃପ୍ରାପ୍ତ ବ୍ୟକ୍ତି; ପ୍ରାପ୍ତବ୍ୟବହାର—Major person; a person who has attained majority according to the law of the land. [ଦ୍ର—୧ । ବେଦ ବେଦ ସଂସ୍କୃତ ବାଳକ ଶବ୍ଦ ସଙ୍ଗେ ଏ ଶବ୍ଦର ସମ୍ପର୍କ ଥିବାର ଭ୍ରାନ୍ତ ଅନୁମାନ କରି ଏହାର ସ୍ତ୍ରୀଲିଙ୍ଗ ଅକାରାନ୍ତ 'ସାବାଳିକା' ବ୍ୟବହାର କରନ୍ତି ।]

[ଦ୍ର—୨ । ଭିନ୍ନ ଭିନ୍ନ ଦେଶରେ ଓ ଭିନ୍ନ ଭିନ୍ନ କାଳରେ ଓ ଭିନ୍ନ ଭିନ୍ନ ଦେଶର ଅଞ୍ଚଳରେ ବାଳକବାଳିକାଙ୍କର 'ସାବାଳକ' ହେବାର ବୟସ ନିର୍ଦ୍ଧାରିତ ହୋଇଅଛି । ଶିଶୁମାନଙ୍କର ହିତାହିତ ବିବେକ ନ ଥିବାରୁ ସେମାନଙ୍କ ଶରୀର ଓ ସମ୍ପତ୍ତି ରକ୍ଷା ବୃଦ୍ଧି କରିବାକୁ ସରକାର ଗାର୍ଜିଅନ୍ (ଅଭିଭାବକ) ନିଯୁକ୍ତ କରନ୍ତି । ଯେ ସାବାଳକ ହୋଇ ନ ଥାନ୍ତି ତାଙ୍କଦ୍ୱାରା ସମ୍ପାଦିତ ଦଲିଲ, ଖରିଦ, ଚୁକ୍ତି ଅଦି ଅକର୍ମଣ୍ୟ ବୋଲି ବିବେଚିତ ହୁଏ । ୧୮ ବର୍ଷ ପୂରିଲେ ନାବାଳକ ସାବାଳକ ହୁଏ; କିନ୍ତୁ ଯାହା ପାଇଁ ଜଜ ସାହେବ ଅଭିଭାବକ ନିଯୁକ୍ତ କରି ଥାଅନ୍ତି ଓ ଯାହାର ସମ୍ପତ୍ତି କୋର୍ଟ ଅଫ୍ ୱାର୍ଡ୍ସ୍ ବୁଝୁଥାଅନ୍ତି ତାହାର ୨୧ ବର୍ଷ ବୟସ ପୂରିଲେ ସେ ସାବାଳକ ହୁଏ ।]

ସାବାଳ(ଳି)କି(ଗି)—ବୈଦେ. ବ (ଅ. ସାବାଲ୍‌ଗୀ)—ପ୍ରାପ୍ତବୟସ୍କ Sābāla(la)ki(gi) ଅବସ୍ଥା—Majority. সাবালকি बालिग अवस्था

ସାବାସ୍—ବୈଦେ. ଅ (ଅ)—ଧନ୍ୟ ଧନ୍ୟ ! ବାଃ !—(interjec- Sābās tion) Well done! Bravo! ବ—ଧନ୍ୟବାଦ; সাবাস शाबास ପ୍ରଶଂସାବାଦ—Applause; praise; approbation. ବ—୧ । ପ୍ରଶଂସା ସୂଚକ—1. Laudatory. ୨। ପ୍ରଶଂସାର୍ହ—2. Praiseworthy.

ସାବାସ୍ କରିବା—ଦେ. କ୍ରି—ପ୍ରଶଂସା କରିବା; ଧନ୍ୟ ଧନ୍ୟ କହିବା— Sābās kāribā To praise; to belaud; to সাবাস করা शाबाश करना extol.

ସାବାସ୍ ଭାଇ ବାଃ—ଦେ. ଅ—ଧନ୍ୟରେ ଭାଇ !—(interjection). Sābās bhāi bāh Well done! Bravo Brother! ସାବାସ୍‌ରେ ଭାଇ ସାବାସରେ ଭାଇ ବାଃ } ଅନ୍ୟରୂପ সাবাস ভাই, বাঃ शाबास भाई वाह

ସାବାସି—ବୈଦେ. ବ (ଅ ଶାବାସ୍)—୧। ଧନ୍ୟବାଦ; ପ୍ରଶଂସାବାଦ- Sābāsi 1. Praise. ୨। ବାହାଦୁରି— সাবাসি शाबासी 2. Praiseworthiness. ବଣ—୧ । ପ୍ରଶଂସାସୂଚକ—1. Laudatory. ୨। ପ୍ରଶଂସାର୍ହ—2. Praiseworthy.

ସାବାସିଆ—ଦେ. ବଣ—ପ୍ରଶଂସାଜନକ— Sābāsiā Praiseworthy. সাবাসিআ शाबासवाला

ସାବାସି ଦେବା—ଦେ. କ୍ରି—ପ୍ରଶଂସା କରିବା— Sābāsi debā To applaud. সাবাসি দেওয়া शाबासी देना

ସାବି—ଦେ. ବ—୧ । ସାବି ଗୁଞ୍ଜଳ (ଦେଖ)—1. Sābichāula Sābi (See) ୨ । ସାବୁନ୍ (ଦେଖ)—2. Sābun (See)

୩ । ସାବିତ୍ରୀନାମ୍ନୀ ସ୍ତ୍ରୀଲୋକର ଡାକ ନାମ—
3. Nickname for Sābitri.

ସାବିକ (ଇତ୍ୟାଦ)—ବୈଦେ. ଭଣ ଓ ବ—ସାବକ ଇତ୍ୟାଦ (ଦେଖ)
Sābik (etc) Sabak etc (See)

ସାବି ଚାଉଳ—ପ୍ରାଦେ.(ଗଞ୍ଜାମ)ବ—(ବୈଦେଂଡ)—ସାଗୁଦାନା—Sago.
Sābi chāula [ଦ୍ର—ଏହା ସ୍ୱାଦୁ ଓ ଲଘୁ । ଏହା ମୃଦୁ ବିରେଚକ ଏବଂ ଜ୍ୱରାଦ ରୋଗରେ ପଥ୍ୟରୂପେ ବ୍ୟବହୃତ ହୁଏ—ଦ୍ରବ୍ୟଗୁଣ· କଳ୍ପଦ୍ରୁମ ।]

ସାବିତ୍(ତି)—ବୈଦେ. ଭଣ (ଫା· ସବୂତ୍=ସମ୍ପୂର୍ଣ୍ଣ; ପୂର୍ଣ୍ଣାଙ୍ଗ)—
Sābit(ti) ୧ । ସୁନ୍ଦର—1. Nice. ୨ । ସୁବିଧାଜନକ—
सुन्दर साबुत 2. Convenient. ବୈଦେ. ବ ଓ ଭଣ (ଫା)
ସାବୁତ୍(ତି) (ଦେଖ)—Sabut(ti) (See)

ସାବିତ୍ର—ସଂ. ଭଣ (ସବିତୃ+ସମ୍ବନ୍ଧାର୍ଥେ. ଅ)—୧ । ସୂର୍ଯ୍ୟସମ୍ବନ୍ଧୀୟ;
Sābitra ସୌର—Solar. ବ—୧ । (+ସ୍ୱାର୍ଥେ, ଅ)
[ସାବିତ୍ରୀ—ସ୍ତ୍ରୀ] ସବିତା; ସୂର୍ଯ୍ୟ (ଶବ୍ଦ ରତ୍ନାବଳୀ)—1. The sun. ୨ । ମହାଦେବ; ଶିବ (ମେଦିନୀ)—2. God Siba. ୩ । ଅଷ୍ଟମ ବସୁ; ଅଷ୍ଟାବସୁ ମଧ୍ୟରୁ ଏକତମ—3.One of the Basu group of Deities. [ଦ୍ର·- ଯୁଦ୍ଧରେ ସୁଦର୍ଶନ ଅର୍ଜ୍ଜୁନ ସୁମାଳି ରାକ୍ଷସକୁ ଏ ବଧ କରିଥିଲେ ।] ୪ । ବ୍ରାହ୍ମଣ (ହେମଚନ୍ଦ୍ର)—4. A Brāhmana. ୫ । ଯଜ୍ଞୋପବୀତ (ଶବ୍ଦ ରତ୍ନାବଳୀ)— 5. The sacred thread worn by the twice born amongst the Hindus. ୬ । ଗର୍ଭ (ଶବ୍ଦରତ୍ନାବଳୀ)—6. Uterus; belly.

ସାବିତ୍ରୀ—ସଂ. ଭଣ. ସ୍ତ୍ରୀ (ସବିତୃ+ଅ+ସ୍ତ୍ରୀ. ଈ)—ସାବିତ୍ରର
Sābitri ସ୍ତ୍ରୀଲିଙ୍ଗ—The feminine of 'Sābitra'. ବ— ୧ । ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବତା—1. The Goddess presiding over the solar orb. ୨ । ବେଦମାତା; ଗାୟତ୍ରୀମନ୍ତ୍ରାଧିଷ୍ଠାତ୍ରୀ ଦେବୀଙ୍କର ଦ୍ୱିପ୍ରହରକାଳୀନ ଧ୍ୟେୟରୂପ—2. The form of the personified 'Gāyatri' formula (Mantra) contemplated at noon, said to be the mother of the Bedas. [ଦ୍ର—ଏ ଯୁବତୀ, ଶୁକ୍ଳବର୍ଣ୍ଣା, ଋଦ୍ରରୂପା, ଚତୁର୍ଭୁଜା, ଶୁକ୍ଳାମ୍ବରଭୂଷିତା, ଗରୁଡ଼ସ୍କନ୍ଧସ୍ଥିତା, ଶଙ୍ଖଚକ୍ରଗଦାପଦ୍ମଧାରିଣୀ ଓ ବସୁଦେବତା ଅଟନ୍ତି । ବ୍ରାହ୍ମଣମାନେ ମଧ୍ୟାହ୍ନ ସନ୍ଧ୍ୟା ସମୟରେ ଗାୟତ୍ରୀ ଜପିବା ପୂର୍ବରୁ ଏହାଙ୍କୁ ଧ୍ୟାନ କରନ୍ତି ।

ଏ ବ୍ରହ୍ମାଙ୍କ ପତ୍ନୀ । ସବିତା (ସୂର୍ଯ୍ୟ)ଙ୍କ ଔରସରେ ରତ୍ନପତ୍ନୀ ପୃଶ୍ନିଙ୍କ ଗର୍ଭରୁ ଏ ଜନ୍ମିଥିଲେ । ଏ ବେଦମାନଙ୍କୁ ପ୍ରସବ କରିଥିଲେ । ଏହାଙ୍କର ଅନ୍ୟ ନାମ ଶତରୂପା, ଗାୟତ୍ରୀ, ସରସ୍ୱତୀ, ବ୍ରହ୍ମାଣୀ ।

ସ୍ମୃତିକାର ଭିନ୍ନ ଭିନ୍ନ ତୀର୍ଥରେ ଏ ଭିନ୍ନ ଭିନ୍ନ ନାମରେ ପୂଜିତା ହେଉଅଛନ୍ତି । ଯଥା—ପୁଷ୍କରରେ ସାବିତ୍ରୀ, ବାରାଣସୀରେ ବିଶାଳାକ୍ଷୀ, ପ୍ରୟାଗରେ ଲଳିତା, ଏକାମ୍ର କାନନରେ କୀର୍ତ୍ତିମତୀ, ବିନ୍ଧ୍ୟାଚଳରେ ସୀତା, ପୁରୁଷୋତ୍ତମରେ ବିମଳା ଇତ୍ୟାଦ ।] ୩ । ଦୁର୍ଗା, ପାର୍ବତୀ (ମେଦିନୀ)—3. Goddess Pārbati. ୪ । ମଦ୍ରଦେଶର ରାଜା ଅଶ୍ୱପତିଙ୍କ କନ୍ୟା ଓ ସତ୍ୟବାନଙ୍କ ସ୍ତ୍ରୀ;ମୃତ୍ୟୁରୁ ଫେରାଇ ଆଣିଥିବା ସାଧ୍ୱୀ (ସତ୍ୟବାନ୍ ତଳେ ଟୀକା ଦେଖ)—4. Name of the devoted wife of Satyabān. ୫ । ଦ୍ୱିଜବାଳକର ଉପନୟନ—5. Name of one of the rites performed for the assumption of the sacred thread of a twice born boy. [ଦ୍ର—ଏହି ସଂସ୍କାର ହୋଇ ନ ଗଲେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବ୍ରାତ୍ୟ ବା ପତିତ ହୁଅନ୍ତି । ଉପନୟନକାଳରେ ଦ୍ୱିଜବାଳକ ସାବିତ୍ରୀ ମନ୍ତ୍ରର ଦୀକ୍ଷା ଗ୍ରହଣ କରେ; ଏଥିପାଇଁ ଏ ସଂସ୍କାରର ନାମ ସାବିତ୍ରୀ । ବ୍ରାହ୍ମଣର ଷୋଡ଼ଶ ବର୍ଷ, କ୍ଷତ୍ରିୟର ଦ୍ୱାବିଂଶତି ବର୍ଷ ଓ ବୈଶ୍ୟର ଚତୁର୍ବିଂଶତି ବର୍ଷ ପର୍ଯ୍ୟନ୍ତ ଉପନୟନସଂସ୍କାରକାଳ । ଏହି ବୟସ ମଧ୍ୟରେ ସାବିତ୍ରୀ ସଂସ୍କାର ନ ହେଲେ ଉକ୍ତ ଜାତୀୟ ଦ୍ୱିଜବାଳକକୁ ବ୍ରାତ୍ୟ କୋହପାଏ । ତତ୍ପରେ ଉପନୟନ ସଂସ୍କାର କରାଗଲେ ଯଥାବିଧାନ ବ୍ରାତ୍ୟ-ପ୍ରାୟଶ୍ଚିତ୍ତ କରିବାକୁ ହୁଏ । ଦ୍ୱିଜବର୍ଣ୍ଣଙ୍କୁ ଉପନୟନ ପରେ ପ୍ରତିଦିନ ତ୍ରିସନ୍ଧ୍ୟାରେ ସାବିତ୍ରୀ (ଗାୟତ୍ରୀ) ଜପ କରିବେ । ମନୁସଂହିତା ୨ୟଅଧ୍ୟାୟ ୭୬ ଶ୍ଳୋକଠାରୁ ୮୩ ଶ୍ଳୋକ ପର୍ଯ୍ୟନ୍ତ ସାବିତ୍ରୀ ଜପର ବର୍ଣ୍ଣନ ଅଛି । ପ୍ରଣବ (ଓଁ), ବ୍ୟାହୃତି (ଭୂଃ, ଭୁବଃ, ସ୍ୱଃ) ସହିତ ସାବିତ୍ରୀ (ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍) ତ୍ରିସନ୍ଧ୍ୟାରେ ଦ୍ୱିଜମାନେ ଜପ କରିବେ । ଦେବୀ ଭାଗବତ (୧୧।୨୧।୩-୪)ରେ ଲେଖାଅଛି ଯେ, ଥରେ ମାତ୍ର ସାବିତ୍ରୀ ଜପ କଲେ ଦିନକୃତ ପାପ, ଦଶବାର ଜପରେ ଅହୋରାତ୍ରକୃତ ପାପ, ଶତବାର ଜପରେ ମାସାର୍ଜ୍ଜିତ ପାପ, ସହସ୍ରବାର ଜପରେ ସମ୍ବତ୍ସରାର୍ଜ୍ଜିତ ପାପ, ଲକ୍ଷ ଜପରେ ଇହଜନ୍ମାର୍ଜ୍ଜିତ ପାପ, ଦଶ ଲକ୍ଷ ଜପରେ ଅନ୍ୟ ଜନ୍ମର ପାପ, ଶତ ଲକ୍ଷ ଜପରେ ସର୍ବଜନ୍ମର ପାପ ବିନଷ୍ଟ ହୁଏ ଓ ଦଶଶତ ଲକ୍ଷ ଜପ କଲେ ମୋକ୍ଷଲାଭ ହୁଏ । ଭଗବାନ ଶ୍ରୀକୃଷ୍ଣ ଗୋଲୋକରେ ବ୍ରହ୍ମାଙ୍କୁ ସାବିତ୍ରୀଦେବୀଙ୍କୁ ଅର୍ପଣ କଲେ ଓ ବ୍ରହ୍ମାଙ୍କ ଦ୍ୱାରରେ ପରିତୁଷ୍ଟା ହୋଇ ସାବିତ୍ରୀ ବ୍ରହ୍ମାଙ୍କୁ ପତିରୂପେ ବରଣ କଲେ—(ବିଶ୍ୱକୋଷ) ।] ୬ । ଧର୍ମଙ୍କ ପତ୍ନୀ ଓ ଦକ୍ଷଙ୍କ କନ୍ୟା (ହ· ଶ)—6. Name of the wife of Dharma and daughter of Daksha. ୭ । କଶ୍ୟପଙ୍କ ସ୍ତ୍ରୀ (ହ. ଶ)—7. Name of a wife of sage Kaśyapa. ୮ । ଅଷ୍ଟାବକ୍ରଙ୍କ କନ୍ୟା

(ବୁ° ଶ)—8. Daughter of Ashṭābakra sage. ୯ । ଯମୁନା ନଦୀ (ସୂର୍ଯ୍ୟଙ୍କ କନ୍ୟା) (ବୁ° ଶ)—9. The river Jamunā. ୧୦ । ସରସ୍ୱତୀ ନଦୀ (ବୁ. ଶ)—10. The extinct river Saraswatī. ୧୧ । ପ୍ଲକ୍ଷ ଦ୍ୱୀପର ଏକ ନଦୀ (ବୁ. ଶ)—11. A river of the mythological Plaksha island. ୧୨ । ଧାରା ନଗରର ରାଜା ଭୋଜଙ୍କ ସ୍ତ୍ରୀ (ବୁ° ଶ)—12. Wife of king Bhoja. ୧୩ । ସଧବା ସ୍ତ୍ରୀ (ବୁ. ଶ)—13. A woman whose husband is alive. ୧୪ । ଅଁଳା (ବୁ. ଶ)—14. Embelic myrobalan. ୧୫। ତୀର୍ଥବିଶେଷ (ବୁ. ଶ)—15. Name of a place of Hindu pilgrimage. ଦେ. ବି—୧। ଶତପ ଜାତୀୟ ଏକପ୍ରକାର ଗୁଳ୍ମ—1. A plant (like that of dill-seed) [ଦ୍ର—ଏଥିର ପତ୍ର ସୁବାସିତ ଓ ଏଥିର ଫଳ ସୁସ୍ୱାଦ ଶତପ ପରି । ଏହି ଫଳ ବା ମଞ୍ଜି ତରକାରିରେ ମସଲାରୂପେ ବ୍ୟବହୃତ ହୁଏ । ଏଥିର ପତ୍ର ଦ୍ୱାରା କାଞ୍ଜି ଅତି ବାସିତ ହୋଇଯାଏ । ଆରବୀ ଭାଷାରେ ଶତପର ନାମ 'ଶୀବତ' । ଏହି ଶୀବତରୁ ଏହି ଶବ୍ଦ ଉତ୍ପନ୍ନ ହୋଇଥିବାର ଅନୁମିତ ହୁଏ ।] ୨। ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—2. A name given to females. ୩ । ସାବିତ୍ରୀ ଅମାବାସ୍ୟା (ଦେଖ)—3. Sābitrī amābāsyā (See).

ସାବିତ୍ରୀ ଅମାବାସ୍ୟା—ଦେ. ବି (ସଂ, ସାବିତ୍ରୀ ଓ ଅମାବାସ୍ୟା)—ଜ୍ୟୈଷ୍ଠ Sābitrī amābāsyā କୃଷ୍ଣଚତୁର୍ଦ୍ଦଶୀ ଓ ଏ ଦିନ ସ୍ତ୍ରୀଲୋକମାନଙ୍କ [ସାବିତ୍ରୀ ଅମାବସ୍ୟା—ଅନ୍ୟରୂପ] କର୍ତ୍ତବ୍ୟ ବ୍ରତ ବିଶେଷ—The (ସାବିତସା ଅମେଇସା—ଗ୍ରା. ରୂପ) newmoon of the সাবিত্রী চতুর্দ্দশী month of 'Jyeshṭha'. [ଦ୍ର—ସ୍ତ୍ରୀମାନେ बरसाइत 'ସାବିତ୍ରୀ'ଙ୍କ ପରି ଅଖଣ୍ଡ ସଧବା ହେବା ପାଇଁ ଏ ବ୍ରତ କରନ୍ତି । ଏ ଦିନ ସତ୍ୟବାନ୍ ଓ ସାବିତ୍ରୀଙ୍କୁ ପୂଜା କରାଯାଏ । ଆମ ଦେଶରେ ସ୍ତ୍ରୀମାନେ ଏ ଦିନ ଉପବାସ କରନ୍ତି, ଅନ୍ନ ଗ୍ରହଣ କରନ୍ତି ନାହିଁ ଓ ଅପରାହ୍ଣରେ ପୂଜା ଶେଷ ହେଲେ (ଧୂଆମୂଗ, ତାଳବେଳ, ପକ୍ୱଆମ୍ବ, ପଣସ, ରମ୍ଭା, ଖର୍ଜୁର, ତାଳସଜଅଡ଼ି) 'ଫଳାହାର' କରନ୍ତି; ଏହି ବ୍ରତ ଚତୁର୍ଦ୍ଦଶ ବର୍ଷ ସାଧ୍ୟ । ଏହି ବ୍ରତ ଗ୍ରହଣ କରି ୧୪ ବର୍ଷ ପରେ ଏହାର ଉଦ୍‌ଯାପନ କରାଯାଏ । ଏ ବ୍ରତ ରାତ୍ରରେ କର୍ତ୍ତବ୍ୟ । ଦିନଯାକ ଉପବାସ ରହି ରାତ୍ରରେ ପୂଜା କରି ସାବିତ୍ରୀ ଉପାଖ୍ୟାନ ଶୁଣି ତତ୍ପରେ ନୈବେଦ୍ୟ ଭୋଜନ କରିବ । "ଓଁ, ଖ୍ରୀଁ, କ୍ଲୀଁ ସାବିତ୍ର୍ୟୈ ସ୍ୱାହା" ଏହା ସାବିତ୍ରୀ ପୂଜାର ମନ୍ତ୍ର—ବିଶ୍ୱକୋଷ ।]

ସାବିତ୍ରୀ ଉପାଖ୍ୟାନ—ଦେ. ବି—ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କ ଚରିତ- Sābitrī upākhyāna The anecdote of 'Sābitrī' সাবিত্রী উপাখ্যান **सावित्री कथा** [ଦ୍ର—ମଦ୍ର ଦେଶର ରାଜା ଅଶ୍ୱପତିଙ୍କର ଏକମାତ୍ର ଦୁହିତା ଓ ପିତା-ମାତାଙ୍କର ଅତ୍ୟନ୍ତ ସ୍ନେହାସ୍ପଦ ଥିଲେ । ଯୁବତୀ ହେବା ପରେ ଏହାଙ୍କ ପାଇଁ ଉପଯୁକ୍ତ ବର ନ ମିଳିବାରୁ ଏ ପିତାମାତାଙ୍କ ଅନୁମତିକ୍ରମେ ଅମାତ୍ୟଗଣ ସମଭିବ୍ୟାହାରରେ ଗୋଟିଏ ଅନୁରୂପ ବର ଖୋଜିବାକୁ ବାହାରି ବହୁ ଦେଶ ବୁଲି ବୁଲି ଶେଷରେ ଗୋଟିଏ ତପୋବନରେ ପହଞ୍ଚିଲେ । ସେଠାରେ ସ୍ୱରାଜ୍ୟରୁ ବହିଷ୍କୃତ ଶାଲ୍ୱ ଦେଶର ରାଜା ଦ୍ୟୁମତ୍ସେନ ଓ ତାଙ୍କ ରାଣୀଙ୍କ ସହ ବାସ କରୁଥିବା ରାଜପୁତ୍ର ସତ୍ୟବାନଙ୍କ ଉପରେ ଏହାଙ୍କ ଦୃଷ୍ଟି ପଡ଼ିବାରୁ ସାବିତ୍ରୀ ତାଙ୍କୁ ନିଜର ଭାବିସ୍ୱାମୀରୂପେ ମନୋନୀତ କରି ରାଜଧାନୀକୁ ଫେରି ପିତାଙ୍କୁ ଜଣାଇଲେ । ଏହି ସମୟରେ ଦେବର୍ଷି ନାରଦ ଅଶ୍ୱପତିଙ୍କ ନିକଟରେ ଉପସ୍ଥିତ ହୋଇ ଏ ବିବାହରେ ମତ ନ ଦେବା ପାଇଁ ଅଶ୍ୱପତିଙ୍କୁ ଅନୁରୋଧ କଲେ । କାରଣ, ନାରଦ ତପୋବଳରେ ଜାଣିପାରିଲେ ଯେ, ସତ୍ୟବାନଙ୍କ ପରମାୟୁ ଆଉ ଏକ ବର୍ଷ ମାତ୍ର ଅଛି । ମାତ୍ର ସାବିତ୍ରୀ ଏ ପ୍ରସ୍ତାବରେ କର୍ଣ୍ଣପାତ ନ କରି କହିଲେ—ମୁଁ ଯାହାଙ୍କୁ ପତିରୂପେ ବରଣ କରିସାରିଛି, ସେହି ମୋର ପତି, ଓ ତାଙ୍କ ଛଡ଼ା ଅନ୍ୟ କେହି ମୋର ସ୍ୱାମୀ ହୋଇ ନ ପାରନ୍ତି । ରାଜା ଅଗତ୍ୟା ସାବିତ୍ରୀଙ୍କୁ ସତ୍ୟବାନଙ୍କ ସହିତ ବିବାହ ଦେଲେ । ବିବାହ ପରେ ସାବିତ୍ରୀ ପିତୃଗୃହର ରାଜସମ୍ପଦ, ବିଳାସ ଓ ଦାସଦାସୀବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ଏକା ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ ।

ବିବାହର ଏକ ବର୍ଷ ପୂରିବାକୁ ୩ ଦିନ ବାକି ଥିଲା ସାବିତ୍ରୀ ତ୍ରିରାତ୍ର-ବ୍ରତ ଅବଲମ୍ବନ କଲେ । ଅନନ୍ତର ଯେଉଁ ଦିନ ଏକ ବର୍ଷ ପୂର୍ଣ୍ଣ ହେବ ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବ, ସେ ଦିନ ସତ୍ୟବାନ୍ ଫଳ ମୂଳ ଓ ସମିଧ ଆହରଣ କରିବାକୁ ବନକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ସତ୍ୟବାନ୍ ଫଳ ଆହରଣ କରିବା ସମୟରେ ଗୋଟାଏ ଗଛର ଡାଳ ତାଙ୍କ ମୁଣ୍ଡରେ ବାଜିଲା ଓ ସେ ଅଶାନ୍ତି ବୋଧ କରିବାରୁ ବନ ମଧ୍ୟରେ ଗୋଟିଏ ବୃକ୍ଷ ମୂଳେ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି କଡ଼ାଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା (ମୃତ୍ୟୁ) ହେଲା । କିନ୍ତୁ ସାବିତ୍ରୀ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେହି ଗଛ ମୂଳରେ ବସି ରହିଲେ । ଏହି ସମୟରେ ଯମଦୂତମାନେ ସତ୍ୟବାନଙ୍କ ଆତ୍ମାକୁ ନେବାକୁ ସେଠାକୁ ଆସିଲେ; ମାତ୍ର ସାବିତ୍ରୀଙ୍କ ପରି ସାଧ୍ୱୀଙ୍କ ଅଙ୍ଗକୁ ସ୍ପର୍ଶ କରି ତାଙ୍କ କୋଳରୁ ମୃତ ପତିଙ୍କୁ ଛଡ଼ାଇ ନେବାକୁ ସାହସ କଲେ ନାହିଁ । ଯମଦୂତମାନେ ମୃତ ଆତ୍ମାକୁ ନ ନେଇ ଫେରି ଗଲେ ଏବଂ ଯମରାଜଙ୍କୁ ସମ୍ବାଦ ଦେଲେ । ଶେଷକୁ ଯମରାଜ ନିଜେ ଉପସ୍ଥିତ ହେଲେ । ସାବିତ୍ରୀ ସେହିପରି ମୃତ ସ୍ୱାମୀଙ୍କ ମସ୍ତକକୁ କୋଳରେ ଧରି ଅଚଳା ଅଟଳା ହୋଇ ବସି ଥାଆନ୍ତି । ଯମଙ୍କୁ ଦେଖି ସାବିତ୍ରୀ ତାଙ୍କୁ ସ୍ତବ କରିବାରେ ଲାଗିଲେ । ଯମ ସ୍ତବରେ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କ

ସବନ ଛଡ଼ା ଅନ୍ୟ ଯେ କୌଣସି ବର ମାଗିବା ପାଇଁ ସାବିତ୍ରୀଙ୍କୁ କହିଲେ । ସାବିତ୍ରୀ ଶତ ପୁତ୍ର ପାଇବା ପାଇଁ ପ୍ରାର୍ଥନା କଲେ । ଯମ କିଛି ନ ଭାବିବାରୁ ସେଥିରେ 'ତଥା' କହିବାରୁ ସତ୍ୟବାନଙ୍କୁ ଛାଡ଼ିଦେବା ପାଇଁ ସାବିତ୍ରୀଙ୍କୁ କହିଲେ; ସାବିତ୍ରୀ କହିଲେ 'ଯମରାଜ ! ମୁଁ ସତୀ; ଆପଣ ମୋ ସ୍ୱାମୀଙ୍କୁ ନେଇଗଲେ ମୁଁ କିପରି ଶତପୁତ୍ର ପାଇବି ?' ଏକଥା ଶୁଣି ଯମ ଅଗତ୍ୟା ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଦେଇ ଫେରିଗଲେ ।

ସାବିତ୍ରୀଙ୍କ ସତୀତ୍ୱ ପୃଥିବୀରେ ଆଦର୍ଶ ହୋଇ ରହିଅଛି । ଏମନ୍ତ କି, ବନେ ସୀତା ରାମଚନ୍ଦ୍ରଙ୍କୁ କହିଥିଲେ 'ସାବିତ୍ରୀ ସତ୍ୟବାନଙ୍କର ଏକାନ୍ତ ଅନୁଗତା ସହଧର୍ମିଣୀ ଥିଲାପରି ମୁଁ ତୁମ୍ଭର ଏକାନ୍ତ ବଶବର୍ତ୍ତିନୀ ଅଟେଁ ।']

ସାବିତ୍ରୀ ପତନ—ସଂ. ବି (୭ମୀ ତତ୍; ସାବିତ୍ରୀର ପତନ)—ଉପ-
Sābitrī patana ନୟନ ବା ଯଜ୍ଞୋପବୀତ ଗ୍ରହଣ କରିବାର ଉପଯୁକ୍ତ କାଳ ଅତୀତ ହେଲେ ଦ୍ୱିଜ କୁମାର ଯେଉଁ ଅପରାଧ ବା ଦୋଷର ଭାଗୀ ହୁଏ (ସାବିତ୍ରୀ ୫ ତଳେ ଟୀକା ଦେଖ)—The sin to which a boy of a twice-born caste is liable if the proper time for investiture of the sacred thread is allowed to pass.

ସାବିତ୍ରୀ ପତିତ—ସଂ. ବିଣ. ପୁଂ (୫ମୀ ତତ୍; ସାବିତ୍ରୀରୁ ପତିତ)—
Sābitrī patita ଉପନୟନଯୋଗ୍ୟ କାଳ ଅତୀତ ହେବା ପରେ ମଧ୍ୟ ବ୍ରତ ହୋଇ ନ ଥିବା (ଦ୍ୱିଜ କୁମାର)—(A Dwija boy) Who has passed the proper time of investiture.

ସାବିତ୍ରୀ ପ୍ରଦାନ—ସଂ. ବି—ବ୍ରତ ବେଳରେ ଗୁରୁଙ୍କଦ୍ୱାରା ଦ୍ୱିଜ କୁମାର
Sābitrī pradāna କର୍ଣ୍ଣରେ ଗାୟତ୍ରୀ ମନ୍ତ୍ର ଦାନ—The ceremony of wishpering the Gāyatrī formula to a Dwija boy on the investiture alter.

ସାବିତ୍ରୀ ବ୍ରତ—ସଂ. ବି—ସାବିତ୍ରୀ ଅମାବାସ୍ୟା ଦିନ ସ୍ତ୍ରୀମାନଙ୍କର କର୍ତ୍ତବ୍ୟ
Sābitrī brata ବ୍ରତ—(ସାବିତ୍ରୀ ଅମାବାସ୍ୟା ତଳେ ଟୀକା ଦେଖ)—The religious fast and rites performed by women on the Sābitrī Amābāsyā day.

ସାବିତ୍ରୀ ସୂତ୍ର—ସଂ. ବି—ଯଜ୍ଞୋପବୀତ—The secred thread
Sābitrī sūtra with which a Dwija boy is invested.

ସାବିନ୍(ନି)—ବୈଦେ. ବି (ପର୍ତ୍ତୁଗୀଜ୍ ସାବନ୍; ସାବାଓଁ; ଫ୍ରେଞ୍ଚ୍-
Sābin(ni) ସାବୋନ୍, ସାବଁ)—କ୍ଷାର ତୈଳ ସଂଯୋଗରେ ନିର୍ମିତ
সাবান साबुन ମଳ ପରିଷ୍କାରକ ବସ୍ତୁ—Soap. [ଭି—(ସାବେନ—ଅନ୍ୟରୂପ) ଘଷାଇ ସାବିନ କରି ମଖାଇଣ ପାଣିତର

କେଇ ଥାନ୍ତି ପାଲଟାଇ କୃଷ୍ଣକାନ୍ତି କୃଷ୍ଣଙ୍କର । ଉପାଇଁ-ଗୀତ ଲହରୀ ।)

ସାବେନୀ—ସଂ. ବି. ସ୍ତ୍ରୀ (ସୁ ଧାତୁ+କର୍ତ୍ତୃ ଅନ+ସ୍ତ୍ରୀ ଈ)—ସରିତ୍;
Sābinī ନଦୀ—River. ଦେ. ବିଣ—ସାବାନାର ସ୍ତ୍ରୀ ଲିଙ୍ଗ
The feminine of 'Sābanā'. ବୈଦେ. ବି ସାବନ୍ Soap.

ସାବୁ(ଇତ୍ୟାଦି)—ବୈଦେ.ବି (ମାଲୟ୍‌ ଭାଷା)—ସାଗୁ ଇତ୍ୟାଦି (ଦେଖ)-
Sābu(etc) दाग साब Sāgu etc (See)

ସାବୁତ୍ (ତା, ଦ୍, ଦା)—ବୈଦେ. ବିଣ (ଅ· ସାବତ୍=ପ୍ରମାଣିତ)—
Sābut(tā, d, dā) ୧ । ପ୍ରମାଣିତ; ସାବ୍ୟସ୍ତ—1. Proved: evident. ୨ । ଧାର୍ଯ୍ୟ ହୋଇଥିବା—2. Settled; ascertained. ୩ । ନିଶ୍ଚିତ—3. Certain. ୪ । ଠିକ୍—Right; correct. ୫ । ସମ୍ପୂର୍ଣ୍ଣ—5. Complete. ୬ । ସାଙ୍ଗ—6. With all the parts
পূর্ণ साबित complete. ବୈଦେ. ବି· (ଅ ସାବୁତ୍=
প্রমাণ साबुत ପ୍ରମାଣ)—ପ୍ରମାଣ—Evidence

ସାବୁତ୍ କରିବା—ଦେ· କ୍ରି—ପ୍ରମାଣିତ କରିବା—To prove by
Sābut karibā সাবুত করা सबुत करना evidence.

ସାବୁତ୍ ଦେବା—ଦେ. କ୍ରି—ପ୍ରମାଣ ଅଗତ କରିବା—To adduce
Sābut debā evidence or proof.
সাবুদ দেওয়া साबुत देना

ସାବୁତ ନେବା—ଦେ. କ୍ରି—ଅନ୍ୟଠାରୁ ପ୍ରମାଣ ଗ୍ରହଣ କରିବା—
Sābut nebā To take evidence from others.
সাবুদ লওয়া साबुत लेना

ସାବୁ ଦାନା—ଦେ· ବି—ସାଗୁଦାନା (ଦେଖ)—Sāgudānā (See)
Sāgudānā সাগুদানা साबूदाना

ସାବୁନ୍—ବୈଦେ. ବି (ପର୍ତ୍ତୁଗୀଜ୍. ସାବନ୍; ସବାଓଁ; ଫ୍ରେ; ସାବୁନ୍,
Sābun ସାବଁ)—କ୍ଷାର ଓ ତୈଳ ମିଶ୍ରିତ ମଳ ପରିଷ୍କାରକ ଓ
সাবান ଫେଣନାଯୁକ୍ତ ବସ୍ତୁବିଶେଷ—Soap. [ଦ୍ର—ଅନେକ
साबुन ଜାତି ନାନାପ୍ରକାର, ନାମର ଓ ଆକାରର କଠିନ ଓ ତରଳ ସାବୁନ ପ୍ରସ୍ତୁତ ହେଉଅଛି । ବ୍ୟବହାର ଅନୁସାରେ ଓ ନିର୍ମାଣ କର୍ତ୍ତାଙ୍କ ନାମ ଓ ଉପକରଣର ନାମ ଅନୁସାରେ ସାବୁନର ନାମ ଦିଆଯାଏ । ଯଥା—ଲୁଗାକାଚ୍ଚ ସାବୁନ, କ୍ଷୌର ହେବା ସାବୁନ, କାର୍ବଲିକ୍ ସାବୁନ ଇତ୍ୟାଦି । ସୋଡ଼ା ଓ ନଡ଼ିଆତେଲ ଯୋଗେ ଭଲ ସାବୁନ ହୁଏ । ବହୁ ପରିମାଣରେ ତିଆରି କରିବା ଲାଗି ନଡ଼ିଆ ତେଲ ପରିବର୍ତ୍ତରେ ସୋରିଷ ବା ମହୁଲ ତେଲ ବ୍ୟବହାର କରାଯାଏ ।

ୟୁରୋପୀୟମାନେ ଭାରତବର୍ଷକୁ ଆସିବା ପୂର୍ବେ ଭାରତରେ ସାବୁନ ବ୍ୟବହୃତ ହେଉ ନ ଥିଲା । ପର୍ତ୍ତୁଗୀଜ୍‌ମାନେ ସର୍ବପ୍ରଥମେ ଭାରତକୁ ଆସିଥିଲେ । ସମ୍ଭବତଃ ସେମାନଙ୍କଠାରୁ ଭାରତବାସୀମାନେ ସାବୁନର ବ୍ୟବହାର

ମିଶିଲେ । ତତ୍ପୂର୍ବେ ଭାରତରେ କସ୍ତାଦ ପରସ୍ପର କରିବା ପାଇଁ ନାନାପ୍ରକାର କ୍ଷାର, ଉଦ୍ଭିଜ୍ଜ ପାଉଁଶ, ସାଜିମାଟି ଏବଂ ରିଠାଫଳ ଆଦର ବ୍ୟବହାର ହେଉଥିଲା । ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ ଏହି କି, ଯେଉଁ ଦେଶରେ ଯେତେ ପରିମାଣରେ ସାବୁନ ବ୍ୟବହୃତ ହୁଏ ସେ ଦେଶ ସେତିକି ପରିମାଣରେ ସଭ୍ୟ ବୋଲି ବିବେଚିତ ହୁଏ । ସାବୁନ ଗୋଟିଏ ଲବଣ (Salt) ତୁଲ୍ୟ ରାସାୟନିକ ଯୌଗିକ ପଦାର୍ଥ । ଲବଣ ମାନେ କ୍ଷାର (Alkali) ଓ ତୈଳଜ ଅମ୍ଳ (Acid) ସଂଯୋଗରେ ପ୍ରସ୍ତୁତ । ସେହିପରି ସାବୁନ କ୍ଷାର (Alkali) ଓ ତୈଳଜ ଅମ୍ଳ (Fatty Acid)ରେ ପ୍ରସ୍ତୁତ । ତୈଳରେ କିମ୍ବା ଚର୍ବିରେ କୌଣସି କ୍ଷାର ସଂଯୋଗ କରି ଅଗ୍ନି ଉତ୍ତାପରେ ଫୁଟାଇଲେ ତାହା ଥଣ୍ଡା ହୋଇ ଜମିଗଲେ ସାବୁନ ହୁଏ । ପଟାସ୍ ଅପେକ୍ଷା ସୋଡ଼ାର ଅମ୍ଳଧାରଣ କ୍ଷମତା ବେଶୀ ଓ ଜମାଟ ବାନ୍ଧିବା ଶକ୍ତି ମଧ୍ୟ ବେଶି । ଏଥିପାଇଁ ସୋଡ଼ାରେ ତିଆର ସାବୁନକୁ କଠିନ ସାବୁନ (Hard soap) ଓ ପଟାସ୍‌ରେ ତିଆର ସାବୁନକୁ କୋମଳ ସାବୁନ (Soft soap) ବୋଲଯାଏ । ଯେଉଁ ତୈଳ ଯେତେ ଅଧିକ ପରିମାଣରେ କ୍ଷାର ଶୋଷଣ କରେ ସେଥିରେ ସେତେ ବେଶି ପରିମିତ ସାବୁନ ତିଆରି ହୁଏ । ନଡ଼ିଆ ତେଲ, ରେଡ଼ୀ, ତିଳ, ମହିଳା, ଚିନାବାଦାମ, ପାମ୍ (ତାଳ), କପାମଞ୍ଜି ଆଦର ତେଲରେ ସାବୁନ ତିଆରି ହୁଏ । ଏହାଛଡ଼ା କେତେ ଗୋଟି ଉଦ୍ଭିଜ୍ଜ ଚର୍ବି (Vegetable fat)ରେ ମଧ୍ୟ ସାବୁନ ତିଆରି ହୁଏ । କେତେକ ଜାନ୍ତବ ଚର୍ବୀ ମଧ୍ୟ ସାବୁନ ତିଆରିରେ ଲାଗେ । କାଛୁ, କୁଣ୍ଡିଆ, ଦେହର ବୈବର୍ଣ୍ଣ୍ୟ ଓ ଅନ୍ୟାନ୍ୟ ରୋଗ ନିବାରଣାର୍ଥେ ଭିନ୍ନ ଭିନ୍ନ ଉପାଦାନ ମିଶାଇ ସାବୁନ ତିଆରି କରାଯାଏ—ବିଶ୍ୱକୋଷ ।]

ସାବେକ୍ (ଇତ୍ୟାଦି) ବୈଦେ. ଣ.—ସାବକ୍ ଇତ୍ୟାଦି (ଦେଖ)
Sābek (etc) Sābak etc (See)

ସାବେଣି—ବୈଦେ. ବି. ଗ୍ରାମ୍ୟ—ସାବୁନ୍ (ଦେଖ)
Sābeni Sābun (See)
ଦେ. ବିଣ. ସ୍ତ୍ରୀ—ସାବିନୀ (ଦେଖ)—Sābini (See)

ସାବେବରାତ୍—ବୈଦେ. ବି (ଅ)—ମୁସଲମାନ୍ ସାବନ୍ ମାସର Sābebarāt ଚତୁର୍ଦ୍ଦଶ ଦିନ (ସବେବରାତ୍ ଦେଖ)—The
ସବେବରାৎ 14th day of the Mahomedan month
सवेबरात 'Sābana'. (Sabebarāt See).

ସାବେଲି—ଦେ. ବି—ଅସ୍ତ୍ରବିଶେଷ—A kind of weapon. [ଯଥା—
Sābeli ବଙ୍ଗେଶ୍ୱର ଶାଳାବତ୍ୟ ପିନ୍ଧିଲେ ସାବେଲି । ତଖଗିଲା
সাবেলি भाला ପଛ ବଶ ଲକ୍ଷ ମହାବଳେ—ବ୍ରଜନାଥ ମହାପାତ୍ର ।]

ସାବ୍ଦୀ(ବ୍ଦି)—ସଂ. ବି (ସ+ଅଦ+ଇ, ଏହା ବର୍ଷକେ ଥରେ ଫଳ
Sābdi(bdi) ଧରେ)—ଦ୍ରାକ୍ଷାବିଶେଷ—A sort of grape.

ସାବ୍ଧି—ସଂ. ବିଣ (ସ+ଅବ୍ଧି)—ସମୁଦ୍ର ସହିତ; ସସମୁଦ୍ର—With
Sābdhi the sea; including the sea.

ସାବ୍ଧି ଦ୍ୱୀପ—ସଂ. ବିଣ—ସମୁଦ୍ର ଓ ଦ୍ୱୀପ ସହିତ—Including or
Sābdhi dwipa comprising the sea and the
(ସାବ୍ଧି ଦ୍ୱୀପା—ସ୍ତ୍ରୀ) islands.

ସାବ୍ଧିଦ୍ୱୀପା ବସୁନ୍ଧରା—ସ ବି—ସସାଗର ଧରା; ଜଳସ୍ଥଳ ଓ ଦ୍ୱୀପାଦି-
Sābdhidwipā basundharā ସମନ୍ୱିତ ପୃଥିବୀ—
The globe including the ocean and the islands.

ସାବ୍ୟସ୍ତ (ସ୍ଥ)—ଦେ. ବିଣ (ସ ସୁବ୍ୟବସ୍ଥ)—୧ । ଉତ୍ତମରୂପେ ପ୍ରମାଣିତ—
Sābyasta(stha) 1. Well proved; legally established.
সাব্যস্ত साबित ୨ । ସୁନିଶ୍ଚିତ—
2. Settled; ascertained; determined.

ସାବ୍ୟସ୍ତ(ସ୍ଥ) କରିବା—ଦେ. କ୍ରି—୧ । ନିରୂପଣ କରିବା—1. To
Sābyasta(stha) kariba ascertain. ୨ । ପ୍ରମାଣ ଦ୍ୱାରା
সাব্যস্ত করা ସ୍ଥିର କରିବା—2. To settle or determine
साबित करना a matter by proof. (ଯଥା—ସତ୍ୟ ସାବ୍ୟସ୍ତ କରିବା, ଅମୁକକୁ ଅପରାଧ(ଧୀ) ସାବ୍ୟସ୍ତ କରିବା ।)

ସାବ୍ୟସ୍ତ(ସ୍ଥ) ହେବା—ଦେ. କ୍ରି—ପ୍ରମାଣ ଦ୍ୱାରା ସ୍ଥିରୀକୃତ ହେବା—
Sābyasta(stha) heba To be ascertained by
সাব্যস্তহওয়া साबितहोना evidence.

ସାଭାପତ—ସ. ବି. ପୁଂ(ସଭାପତି+ଅ)—ସଭାପତିଙ୍କ ପୁତ୍ର (ଶବ୍ଦକୋଷ)
Sābhāpata —Son of a Sabhāpati. ସ. ବିଣ—
ସଭାପତି ସମ୍ବନ୍ଧୀୟ—Relating to Sabhāpati.

ସାଭିପ୍ରାୟ—ସ. ବିଣ. ପୁଂ (ସ+ଅଭିପ୍ରାୟ)—୧ । ଅଭିପ୍ରାୟ ସହିତ—
Sābhiprāya 1. With intention. ୨ । ଅଭିପ୍ରାୟ ବିଶିଷ୍ଟ-
(ସାଭିପ୍ରାୟା—ସ୍ତ୍ରୀ) 2. Having intention.

ସାଭିଳାଷ—ସ. ବିଣ. ପୁଂ—ଅଭିଳାଷଯୁକ୍ତ—
Sābhilāsha Having desire or wish.
(ସାଭିଳାଷା—ସ୍ତ୍ରୀ)

ସାଭ୍ୟସୂୟ—ସ. ବିଣ. ପୁଂ (ସ+ଅଭ୍ୟସୂୟା)—ଅସୂୟା ପରବଶ
Sābhyasūya, (ଶବ୍ଦକୋଷ)—Spiteful.
(ସାଭ୍ୟସୂୟା—ସ୍ତ୍ରୀ)

ସାମ୍‌କେଲ୍—ପ୍ରାଦେ (ସମ୍ବଲପୁର) ବି. (ସ. ଶମ୍ବୁକ)—ଶେଣ୍ଢା ଶାମୁକା—
Sām-kel Oyster.

ସାମ୍ନା-ଦେଖ୍—ଦେ. ବି (ସିପାହୀମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Sāmnā-dekh ଆଦେଶ ବଚନ)—ଆଗକୁ ଦୃଷ୍ଟି !—A term
সাম না-দেখ सामनेदेखो of drill) Eyes-front !

ସାମ (ଧାତୁ)—ସ—ସାନ୍ତ୍ୱନା କରିବା—
Sāma (root) To console; to condole.

ସାମ—ସ. ବି [ସୋ. ଧାତୁ=(ପାପ ଓ ବିରୋଧୀକୁ) ନାଶ କରିବା+ଈଶ୍ବ-
Sāma ମନ୍; ସାମନ୍ ଶବ୍ଦ; ୧ମା. ୧ବ; ଯାହା ପାପକୁ ଓ ବିରୋଧୀକୁ ନାଶ କରେ)—୧ । ଚତୁର୍ବେଦାନ୍ତର୍ଗତ ତୃତୀୟ ବେଦ—
1. The 3rd of the Bedas; (scriptures of

the Hindus). [ଦ୍ର—ଏଥିର ମନ୍ତ୍ରମାନ ଗାନ କରିବାକୁ ହୁଏ । ଏହି ବେଦର ଗାନ୍ଧର୍ବବେଦ (ସଙ୍ଗୀତ ବିଦ୍ୟା) ଉପବେଦ ବା ଅଙ୍ଗ ଅଟେ । ଏହି ବେଦର କାଶ୍ୟପ ଗୋତ୍ର, ବିଷ୍ଣୁ ଦେବତା ଓ ଜଗତୀ ଛନ୍ଦ ଅଟେ । ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ସାମବେଦକୁ ବେଦମାନଙ୍କ ମଧ୍ୟରେ ଉଚ୍ଚ ସ୍ଥାନ ଦେଇଅଛନ୍ତି । ଏହି ବେଦର ଶାଖା ସହସ୍ର । ଛାନ୍ଦୋଗ୍ୟ ପ୍ରଭୃତି ଉପନିଷଦ୍ ସାମବେଦରୁ ଉତ୍ପନ୍ନ । ସାମବେଦର ଧ୍ୱନି ଶ୍ରବଣ କରି ଅନ୍ୟ ବେଦ ଅଧ୍ୟୟନ କରିବା ନିଷିଦ୍ଧ । ପାଦବଦ୍ଧ ଓ ଅର୍ଥଯୁକ୍ତ ଛନ୍ଦୋବଦ୍ଧ ବୈଦିକ ମନ୍ତ୍ରସମୂହର ଋକ୍, ଗୀତରୂପେ ପଠିତ ବୈଦିକ ମନ୍ତ୍ରସମୂହର ସାମ ଏବଂ ଛନ୍ଦଃ ଓ ଗୀତବର୍ଜିତ ମନ୍ତ୍ରସମୂହର ଯଜୁଃରୂପେ ଖ୍ୟାତ ।] ୨ । ସାମବେଦାନ୍ତର୍ଗତ ମନ୍ତ୍ର—2. The mystic formulas which are contained in the 'Sāma' Veda. ୩ । ସାମ ଗାନ; ସାମବେଦ ଗାନ—3. The singing of the hymns of the 'Sāma' Beda. ୪ । (ଷାମ ଧାତୁ+ଭାବ୍ ଅ) ସାନ୍ତ୍ୱନା ବାକ୍ୟ—4. Consolatory words; condoling words. ୫ । ମଧୁର ଭାଷଣ; ପ୍ରିୟବଚନ—5. Sweet or endearing words. ୬ । (ରାଜାଙ୍କ କର୍ତ୍ତବ୍ୟ) ଶତ୍ରୁ ବଶୀକରଣୋପାୟବିଶେଷ; ପ୍ରିୟବାକ୍ୟ, ଅର୍ଥପ୍ରଦାନ, ସମ୍ବନ୍ଧ ବା ବନ୍ଧୁତା ସ୍ଥାପନ, କ୍ରୋଧୋପଶମନାଦି ଦ୍ୱାରା ଶତ୍ରୁକୁ ବଶ କରିବା ଉପାୟ; ସନ୍ଧି ସ୍ଥାପନ—6. One of the 4 expedients which a king should apply towards his enemy; the art of bringing one's adversary into control; conciliation. [ଦ୍ର—ନୀତି ଶାସ୍ତ୍ରର ଉପଦେଶ ଯେ, ରାଜା ଶତ୍ରୁ ପ୍ରତି ୪ ପ୍ରକାରର ଉପାୟ ଯଥାକ୍ରମେ ପ୍ରୟୋଗ କରିବେ । ଯଥା—ସାମ, ଦାନ, ଦଣ୍ଡ, ଭେଦ ।] ୭ । ପ୍ରିୟକରଣ (ବିଶ୍ୱକୋଷ)—7. Acting to please another. ୮ । ଗୀୟମାନ ବୈଦିକ ମନ୍ତ୍ର; ଯଜ୍ଞରେ ଯେଉଁ ସବୁ ମନ୍ତ୍ର ଗୀତ ହୁଏ (ବିଶ୍ୱକୋଷ)—9. Vedic Mantras which are sung during Vedic sacrifice. ଗ୍ରା. ବି—ଶ୍ୟାମସୁନ୍ଦରର ଡାକ ନାମ—Nickname for Syāmasundara.

श्याम
साम

ସାମଏ(ଇ)—ଦେଶଜ. ବି (ଇଂ)—ମଧ୍ୟ ଓ ଦକ୍ଷିଣ ଇଉରୋପର ଆଲ୍ପସ୍, Sāmae(i) ପିରିନିସ୍ ଆଦି ପର୍ବତର ଉଚ୍ଚ ଶୃଙ୍ଗଦେଶରେ ବିଚରଣ କରୁଥିବା ଦ୍ରୁତଗାମୀ ଏକପ୍ରକାର କ୍ଷୁଦ୍ର ମୃଗ—Chamois; a small species of antilopes living on the Alps and Pyrenese and other European mountains; Rubicapra Tragus. [ଦ୍ର—ଏମାନଙ୍କ ଚମଡ଼ା ଅତି କୋମଳ ଓ ପତଳା ବଶା ଚମଡ଼ା ଭଳିଆ ହୁଏ ଓ ସେହି ଚମଡ଼ାରେ ଧାତୁ ଓ କେମା ଆଦି ପାଲିସ କରାଯାଏ । ସେହି ଚମଡ଼ାକୁ Chamois leather ସାମଏ ଚମଡ଼ା କୁହାଯାଏ । ଏ ଶବ୍ଦର ଇଂରାଜୀ ଉଚ୍ଚାରଣ ସାମଓ୍ୱା ବା ସାମଇ ।]

सामय
सामय

ସାମଏ ଚମଡ଼ା—ଦେ. ବି (ଇଂ. ସାମଏ+ସଂ. ଚର୍ମ)—ସାମଏ ମୃଗର Sāmae chamarḍā ଚର୍ମରୁ ନିର୍ମିତ ପତଳା ବଶା ଚମଡ଼ା—সাময় চামড়া सामय चमडा Chamois leather. (ସାମଏ ଲେଦର—ବିଦେଶ ରୂପ)

ସାମକ—ସଂ. ବି (ସମ୍, ଧାତୁ=ସମାନ କରିବା+କର୍ତ୍ତ୍ରି. ଅକ)—୧ । Sāmaka ମୂଳଋଣ (ମିତାକ୍ଷରା); ଶୋଧକକୁ ଦିଆ ଯାଇଥିବା ଋଣର ଅସଲ ଧନ—1. The principal of a loan. ୨ । (ଶୋ. ଧାତୁ=ନାଶ କରିବା+କର୍ତ୍ତ୍ରି. ଅକ)—ତକ୍ଲିଶାଣ (ବିକାଣ୍ଡ ଶେଷ); ଟାକୁଆର ପିଣ୍ଡ—2. The ball at the base of a spind ୩ । ଶାଣ ପଥର—3. Whetstone. ସଂ. ବି ଓ ବିଣ (ସାମନ୍+କ)—୧ । ସାମବେଦାଧ୍ୟୟନକାରୀ ବ୍ୟକ୍ତି—1.A person studying the Sāma Beda. ୨ । ସାମ ବେଦୋକ୍ତଜ୍ଞ ବ୍ୟକ୍ତି—2.A person versed in the Sāma Beda.

ସାମଗ—ସଂ ବିଣ. ପୁଂ (ସାମନ୍+ଗୈ ଧାତୁ=ଗାଇବା+କର୍ତ୍ତ୍ରି ଅ)—Sāmaga ୧ । ସାମବେଦୀ ବ୍ରାହ୍ମଣ (ଜଟାଧର)—(ସାମଗୀ—ସ୍ତ୍ରୀ) A Brāhmaṇa following the 'Sāma' Beda. ୨ । ସାମବେଦଗାନକାରୀ ବ୍ରାହ୍ମଣ—2. A Brāhmaṇa singing the hymns of the Sāma Beda.

ସାମ ଗର୍ଭ—ସଂ ବି (ବହୁବ୍ରୀହି; ସାମନ୍ ଅଛି ଗର୍ଭରେ ଯାହାଙ୍କର)—ବିଷ୍ଣୁ Sāma garbha (ଶବ୍ଦରତ୍ନାବଳୀ)—Bishṇu.

ସାମଗାନ(ୟ)—ସଂ ବି (ସାମ+ଗୈ ଧାତୁ+ଭାବ ଅନ+ଅ)—ସ୍ୱର ବା Sāmagāna(ya) ଛନ୍ଦଃ ଦ୍ୱାରା ସାମବେଦର ମନ୍ତ୍ର ଗାଇବା—The chanting of the hymns of the Sām Veda.

ସାମଗାୟନ
ସାମଗୀତ } —ଅନୀରୂପ

ସାମଗିରି—ପ୍ରାଦେ (ଭଦ୍ରକ) ଓ ଗ୍ରା. ବି—ସାମଗ୍ରୀ—Sāmagri Sāmagiri (See); materials; ingredients.

ସାମଗୀ—ସଂ ବି. ସ୍ତ୍ରୀ—୧ । (ସାମଗର ସ୍ତ୍ରୀଲିଙ୍ଗ) ସାମବେଦୀ ବ୍ରାହ୍ମଣର ସ୍ତ୍ରୀ—Sāmagī 1. The wife of a Sāmaga Brahman. ୨ । ସାମଗାନକାରିଣୀ ସ୍ତ୍ରୀ—2. A woman chanting the Sāma Beda.

ସାମଗିରି—ଗ୍ରା (ଦେଶ) ବି—୧ । ସାମଗ୍ରୀ (ଦେଖ)—1. Samagri Sāmagiri সামিগ্রী (See) ୨। ଅସ୍ତ୍ର ଶସ୍ତ୍ର; ହାତ ହତିଆର—सामगिरी 2. Weapons; implements. (ଉ—ଶମ୍ଭୁ ଦମ୍ଭ ଚିତ୍ତ ଗଣ୍ଡ ଚଳିତ ଦେଖିଲେ, ବାଣ୍ଡୁ ସାମଗିରି ନାମ ଟୁଙ୍ଗ୍ରି ଭସ୍ମ କଲେ—ଶିଶୁଶଙ୍କର ଭଷା ଅଭିଳାଷ ।)

ସାମଗ୍ରୀ—ସଂ ବି (ସମଗ୍ର+ଭାବାର୍ଥେ ଅ+ଈ)—୧ । କାରଣସମୂହ Samagrī (ପ୍ରବାଦ ଦୃଢ଼)—1. Causes. ୨ । ଦ୍ରବ୍ୟ; ବସ୍ତୁ—2. Thing. ୩ । ଦ୍ରବ୍ୟସମୂହ; ଦ୍ରବ୍ୟ

ସମ୍ଭାର—3. A collection of things. ୪। ସରଞ୍ଜାମ; ଉପକରଣ—4. Materials ୫। ଉପାଦାନସମୂହ—5. Ingredients. ୬। ଖାଦ୍ୟ ବସ୍ତୁ—6. Victuals. ୭। ରାନ୍ଧିବା ପାଇଁ ବ୍ୟବହୃତ ପାତ୍ରାଦି—7. Cooking utensils. ୮। ଦଳବଳ (ପ୍ରକୃତିବାଦ)—8. Retinue; band. ୯। ଅସ୍ତ୍ର ଶସ୍ତ୍ର—9. Weapons. ୧୦। ଭଣ୍ଡାର—10. Store-room. ୧୧। କାରିଗରର ଯନ୍ତ୍ରାଦି; ସାଧନ—11. Implements; tools of an artisan. ଦେ· ବ—ଭୋଜରେ ବହୁପ୍ରକାର ଖାଦ୍ୟବସ୍ତୁ—Different items of food served in a feast. (ଯଥା—ତାଙ୍କ ବାପଘର ଶିରିସିଂଠାରେ ଭଲ ସାମଗ୍ରୀମାନ ହୋଇଥିଲା।)

ସାମଗ୍ରୀ ପତ୍ର—ଦେ. ବ (ଜାତ୍ୟର୍ଥକ ଦ୍ୱିତୀୟ ସହଚର ଶବ୍ଦ)—ନାନାବିଧ Sāmagrī patra ବସ୍ତୁ—Many articles. (ସାମଗ୍ରୀପାତି; ସାମଗ୍ରୀପତର—ଅନ୍ୟରୂପ) সামিগ্রীপত্র सामग्रीआदि

ସାମଗ୍ର୍ୟ—ସଂ. ବ (ସମଗ୍ର+ଭାବାର୍ଥେ, ଯ)—୧। ସମଗ୍ରତା— Sāmagaya 1. Wholeness; completeness; entirety. ୨। ସାମଗ୍ରୀ (ଦେଖ)— 2. Sāmagrī (See)

ସାମଜ—ସଂ. ବ (ସାମନ୍=ସାମ ବେଦ+ଜନ୍ ଧାତୁ+କର୍ତ୍ତି. ଅ; କଥିତ Sāmaja ଅଛି ଯେ ବ୍ରହ୍ମା ସାମ ବେଦ ଗାନ କରିବା ବେଳେ ହସ୍ତୀ ଜନ୍ମିଥିଲା)—ହସ୍ତୀ (ମେଦିନୀ)— Elephant. ବଣ—ସାମରୁ ଜାତ— Born of or resulting from conciliation.

ସାମଜ(ଞ୍ଜ)ସ—ଦେ. ବ (ସଂ. ସାମଞ୍ଜସ୍ୟ)—୧। ସାମଞ୍ଜସ୍ୟ; ବିବାଦର Sāmaja(ñja)sa ଅପୋଷରେ ମେଳ; ବିବାଦ ପରେ ମେଳାପ 1. Conciliation. ୨। ବିବାଦର ଅପୋଷ ମୀମାଂସା সামংজস্য सामंजस वା ସମାଧାନ—2. Amicable settlement of a dispute. ୩। ସଦ୍ଭାବ; ଦୁଇଜଣଙ୍କ ମଧ୍ୟରେ ମେଳ—3. Good feeling. ବଣ—ଯେଉଁ ବ୍ୟକ୍ତି ବିବାଦକୁ ମିଳାଇଦଏ- Conciliatory; bringing about amicable settlement.

ସାମଞ୍ଜସ୍ୟ—ସଂ· ବ (ସମଞ୍ଜସ=ଉଚିତ+ଭାବ ଯ)—୧। ସମଞ୍ଜସତା; Sāmañjasya ଉପଯୋଗିତା—1. Fitness. ୨। ସମୀଚୀନତା; ଔଚିତ୍ୟ—2. Propriety. ୩। ମେଳ; ମେଳାପ; ସଦ୍ଭାବ—3. Good feeling; agreement; harmony. ୪। ଐକମତ୍ୟ; ଏକମନ ହେବାର ଭାବ; ମତର ଐକ୍ୟ; ମତର ମେଳ—4 Agreement; accordance. ୫। ସମତା— 5. Consistency; congruity. ୬। ଉତ୍କର୍ଷ— 6. Excellence.

ସାମଞ୍ଜସ୍ୟ (ସାଧନ)ବିଧାନ—ସଂ. ବ (୬ଷ୍ଠୀ ତତ୍)—୧। ମେଳ Sāmañjasya (sadhana)bidhāna କରାଇବା—1. Bringing about conciliation or agreement. ୨। ଏକରୂପତା କରଣ—2. Harmonising.

ସାମଧେନୀ—ସଂ. ବ (ସମିଧ୍+ଅ+ଧା ଧାତୁ=ଧାରଣକରିବା+କରଣ Sāmadhenī ଅନ+ଈ; ସମିଧ+ଅଧାନ୍ତ;କଗାଛନ) ୧। ହୋମାଗ୍ନି ସନ୍ଦୀପନ ମନ୍ତ୍ର; ନିଆଁ ଜଳାଇବାର ମନ୍ତ୍ର; ଅଗ୍ନି ସନ୍ଦୀପନ କରିବାବେଳେ ଯେଉଁ ମନ୍ତ୍ର ପାଠ କରାଯାଏ— 1. A mystic formula for igniting sacrificial fire. ୨। ଇନ୍ଧନ—2. Fuel.

ସାମନା—ଦେ· ବ (ସଂ. ସମ୍ମୁଖ; ଉର୍ଦ୍ଦୁ ଓ ହିନ୍ଦୀ)—ସମ୍ମୁ; ସମ୍ମୁଖଭାଗ— Sāmanā Front part. ବଣ—ସମ୍ମୁଖୀନ—Front; সামনা सामना opposite.

ସାମନା-ଚାଲ୍—ଦେ. ବ—(ସୈନ୍ୟଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ Sāmanā chāl ଆଦେଶ ବଚନ) ଅଗ୍ରରେ ଚୁଅ—(a term সামনাচল্ सामनेचलो of drill) Forword-march ;

ସାମନା ଦାନ୍ତ—ଦେ. ବ (ସଂ ସମ୍ମୁଖ ଦନ୍ତ)—ସମ୍ମୁଦାନ୍ତ— Sāmanā dānta Front teeth. সামনাদান্ত सामनेकादांत

ସାମନାରେ—ଦେ· କ୍ରି. ବଣ—ସମ୍ମୁଖରେ— Sāmanāre In front of; in the face of; before. সামনে सामनेमें

ସାମନା ସାମନି—ଦେ· ବଣ—ପରସ୍ପର ସମ୍ମୁଖୀନ—Facing each Sāmanā sāmani other or one another. সামনাসামনি सामनासामनि କ୍ରି. ବଣ—ପରସ୍ପରଙ୍କ ସମ୍ମୁଖରେ —In front of each other.

ସାମନୀ—ସଂ. ବ (ଷୋ ଧାତୁ=ନାଶ କରିବା+କରଣ ମନ୍+ଈ)- Sāmanī ପଘା, ପଶୁ ବାନ୍ଧିବାର ରଜ୍ଜୁ (ସାର ସୁନ୍ଦରୀ)— A rope for tying beasts.

ସାମନ୍ତ—ସଂ ବଣ (ବହୁବ୍ରୀହି; ସମ୍=ସଂଲଗ୍ନ ଅନ୍ତ ଅନ୍ତ=ଏକ- Sāmanta ଦେଶ ଯାହାର; କିମ୍ବା ସମନ୍ତାତ୍+ଭବ ଅର୍ଥରେ ଅ;ଭାଗବତ)—୧। ରାଜ୍ୟର ସମୀପବର୍ତ୍ତୀ—1. Adjacent to the kingdom. ୨। ନିକଟବର୍ତ୍ତୀ—2. Adjacent. ସ ବ—୧। ରାଜାଙ୍କ ଅଧୀନ ଛୋଟ ରାଜା —1. A tributary or feudatory chief under a king. [ଦ୍ରୁ—ରାଜ୍ୟର ମଧ୍ୟରେ ଭଡ଼ ସଂଲଗ୍ନ ଭୂମିର ଭସ୍ୱବଂଶର ଭୂସ୍ୱାମୀଙ୍କୁ ସାମନ୍ତ କହନ୍ତି— ଶବ୍ଦକୋଷ) ୨। ସମୀପବର୍ତ୍ତୀ ଦେଶର ରାଜା— 2. King of an adjacent kingdom. ୩। ଅଧିନାୟକ (ଶବ୍ଦକୋଷ)—3. Leader. ୪। ସାମୀପ୍ୟ

(ପ୍ରକୃତିବାଦ)—4. Propinquity. ୫ । ଦେଶ୍ୟ ପ୍ରଜା-ମଣ୍ଡଳ (ପ୍ରକୃତିବାଦ)—5. Prominent subjects of a kingdom ଦେ.ବି—୧ । ଶାଅନ୍ତ (ଦେଖ) 1. Sā-ānta (See) ୨ । ମଣ୍ଡଳେଶ୍ୱର; ଜମିଦାର—2. A landlord. ୩ । ଗ୍ରାମର ମଣ୍ଡଳ—3. The headman of a village. ୪ । ରାଜବନ୍ଧୁର—4. A royal kinsman or agnate. ୫ । କ୍ଷତ୍ରିୟମାନଙ୍କ ଉପାଧି—5. A general title amongst the Kshatriyas. ୬ । ଭଦ୍ର ପ୍ରଜା—6. A subject of gentle family. ୭ । ଉଚ୍ଚବଂଶୀୟ ବ୍ୟକ୍ତି—7. A nobleman. ୮ । କରଣମାନଙ୍କର ସାଧାରଣ ଉପାଧି—8. A generic title of the Karaṇas. ୯ । ସାଅନ୍ତ ବ୍ରାହ୍ମଣ; କୁଳୀନ ବ୍ରାହ୍ମଣ—9. A Brāhmaṇa of high social status. ୧୦ । ସ୍ୱାମୀ; ପ୍ରଭୁ; ଗୋସ୍ୱାମୀ—10. Master; lord. [ଉ—ଅଦ୍ୟଠାରୁ ତୁମ୍ଭେ ହୋଇଲ ମୋ ସାମନ୍ତ । ଯା ବୋଲୁଥିବ ତାହା କରିବ ଭୃତ୍ୟ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ୧୧ । ଗ୍ରାମର ଯେଉଁ ଗୃହସ୍ଥଙ୍କର ଧୋବା ଭଣ୍ଡାରୀ ସେବା କରନ୍ତି—11. A householder of a village who is served by a particular washerman or barber. [ଉ—ଉକ୍ତ ଗୃହସ୍ଥ ସେହି ସେବକ ଧୋବାର ବା ଭଣ୍ଡାରୀର ସାମନ୍ତ ବୋଲାନ୍ତି ।] ୧୨ । ଗୁରୁଜନମାନଙ୍କ ପ୍ରତି ସମ୍ମାନାର୍ଥ ସମ୍ବୋଧନ—12. A term of respect used for one's elders. ୧୩ । ଅଗ୍ରି (ଉଗ୍ରକ୍ଷତ୍ରିୟ) ମାନଙ୍କ ବଂଶୋପାଧିବିଶେଷ—13. A family-title amongst the Āgris. ୧୪ । ସେନାପତି—14. A commander; a general. ୧୫ । କରଣ ବିବାହରେ ବରଙ୍କ ସଙ୍ଗେ ଆସିଥିବା ଶିଷ୍ଟ ବରଯାତ୍ରୀ—15. Respectabel persons accompanying a bridegroom to a Karaṇa marriage. ୧୬ । ତାଜକସାର ଟୀକା ପ୍ରଣେତା ଜଣେ ଜ୍ୟୋତିର୍ବିଦ୍ (ବିଶ୍ୱକୋଷ) (ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀ)—16. Name of an astrologer who was the author of an astrological Key-book.

सामंत सामंत

(ସାମନ୍ତାଣୀ—ସ୍ତ୍ରୀ)

ସାମନ୍ତ ଗିରି (ପଣ)—ଦେ. ବି—୧ । ସ୍ୱାମିତ୍ୱ—1. Mastery. ୨ । ସାମନ୍ତ ହେବାର ଅବସ୍ଥା—2. The state of being a Sāmanta.
Sāmanta giri (paṇa)
सामंतपना
सामन्तपन (ସାମନ୍ତ ପଣିଆ; ସାମନ୍ତ ପଣିଅଁ—ଅନ୍ୟରୂପ)

ସାମନ୍ତ ବିଡାକି (ମର୍ଯ୍ୟାଦା)—ଦେ. ବି— ସାଅନ୍ତ ବିଡାକି (ଦେଖ)
Sāmanta bidāki (marjyādā) Sā-ānta bidāki (See)

ସାମନ୍ତ ରାଜା—ଦେ. ବି— ରାଜାଙ୍କ ଅଧୀନ ରାଜା—A feudatory chief under a king.
Sāmanta rājā

ସାମନ୍ତ ସେନ—ଦେ. ବି—ବଙ୍ଗଦେଶର ସେନ ବଂଶୀୟ ରାଜାମାନଙ୍କ ଅଦିପୁରୁଷ—The name of the ancestor of the Sena family of kings of Bengal. [ଦ୍ର—ଏ ଦକ୍ଷିଣାତ୍ୟର ଜଣେ ସାମନ୍ତ ରାଜା ଥିଲେ; କୌଣସି କାରଣରୁ ରାଜାଙ୍କ କୋପରେ ପଡ଼ିବାରୁ ସେଠାରୁ ପଳାଇ ଅସି ନବଦ୍ୱୀପରେ ବାସ କରି (୧୦ମ ଶତାବ୍ଦୀରେ) ରାଜ୍ୟ ସ୍ଥାପନ କଲେ; ଏହାଙ୍କ ପୁତ୍ର ହେମନ୍ତ ସେନ ଓ ପୌତ୍ର ବିଜୟ ସେନ ଥିଲେ—ବିଶ୍ୱକୋଷ ।]
Sāmanta sena

ସାମନ୍ତା(ନ୍ତେ)ଇ—ଦେ. ବିଣ—ସାମନ୍ତ ସମ୍ବନ୍ଧୀୟ—Relating to Sāmanta. ବି—ସାମନ୍ତ ପଦ—The position or state of being a Sāmanta.
Sāmantā(nte)i
सामंतपना
सामन्तपन

ସାମନ୍ତେଶ୍ୱର—ସଂ. ବି (୬ଷ୍ଠୀ ତତ୍) —ରାଜାଧିରାଜ; ସାମନ୍ତ ରାଜାମାନଙ୍କ ଚକ୍ରବର୍ତ୍ତୀ—A sovereign.
Sāmanteśwara

ସାମନ୍ୟ—ସଂ. ବି. ପୁଂ (ସାମନ୍+ଜ୍ଞାତା ଅର୍ଥରେ. ଯ)—ସାମବେଦଜ୍ଞ ବ୍ରାହ୍ମଣ—A Brāhmaṇa versed in the Sāma Beda.
Sāmanya

ସାମ ବାଦ—ସଂ. ବିଣ (୬ଷ୍ଠୀ ତତ୍)—୧ । ପ୍ରିୟବାକ୍ୟ କଥନ (ବିଶ୍ୱକୋଷ) —1. Speaking of things agreeable to a person. ୨ । ପ୍ରିୟବାକ୍ୟ (ବିଶ୍ୱକୋଷ)—2. Agreeable words.
Sāma bāda

ସାମବାୟିକ—ସଂ. ବିଣ (ସମବାୟ+ଇକ)—ସମବାୟ ସମ୍ବନ୍ଧୀୟ—Relating to Samabāya or aggregate; cooperative. ବି—୧ । ନାୟକ; ଦଳପତି—1. Headman or leader. ୨ । ସଚିବ; ମନ୍ତ୍ରୀ (ହେମଚନ୍ଦ୍ର)—2. Minister.
Sāmabāyika

ସାମ ବେଦ—ସଂ. ବି—ସାମ ୧(ଦେଖ)
Sāma beda Sāma 1(See)

ସାମବେଦିଆ—ଦେ. ବିଣ (ସଂ. ସାମବେଦଜ)- ସାମବେଦାଧ୍ୟାୟୀ (ବ୍ରାହ୍ମଣ)—(a Brāhmaṇa) Studying the Sāma Beda.
Sāmabediā
सामवेदी

ସାମବେଦୀ—ସଂ. ବି. ପୁଂ (ସାମବେଦ+ଇନ୍; ୧ମା. ୧ବ)—ସାମବେଦାଧ୍ୟାୟୀ ବ୍ରାହ୍ମଣ—A Brāhmaṇa studying the Sāma Beda. ଦେ. ବିଣ—ସାମବେଦିଆ (ଦେଖ)—Samabediā (See)
Sāmabedī

ସାମବେଦୀୟ—ସଂ. ବିଣ—୧ । ସାମବେଦ ସମ୍ବନ୍ଧୀୟ—1. Relating to the Sāma Beda. ୨ । ସାମବେଦାଧ୍ୟାୟୀ— 2. Studying the SāmaBeda.
Sāmabedīya

ସାମ ମଲ(ଲ୍ଲ)—ଦେ. ବି—ସାମଲ (ଦେଖ)
Sāma mala(lla) Sāmala (See)

ସାମୟିକ—ସଂ. ବିଣ (ସମୟ+ଉଚିତାର୍ଥେ.ଇକ)—୧ । ସମୟୋଚିତ; କାଳୋପଯୋଗୀ—1. Befitting the time;
Sāmayika

opportune. ୨ । ସମୟେ ସମୟେ ଯାହା ଘଟି ପାରେ —2. Happening at times. ୩ । ଅସ୍ଥାୟୀ— 3. Temporary. ୪ । ନିୟମାନୁଯାୟୀ—4. According to rule; following a rule.

ସାମ ଯୋନି—ସଂ. ବି (ସାମ=ସାମବେଦ ଅଟେ ଯୋନି=ଉତ୍ପତ୍ତିସ୍ଥଳ ଯାହାର)—ସାମବେଦୋତ୍ପନ୍ନ— Born of the Sāma Beda. ବି— ୧ । ହସ୍ତୀ—1. Elephant. ୨ । ବ୍ରହ୍ମା—2. Brahmā the creator.
Sāma joni

ସାମର୍—ପ୍ରାଦେ: (ଛତିଶଗଡ଼) ବି— ଶମ୍ବର ମୃଗ— The Sambar deer.
Sāmar

ସାମର—ପ୍ରାଦେ· (ଛତିଶଗଡ଼) ବିଣ—ସାମାନ୍ୟ ଗୋର୍—Of slightly fair complexion. ସଂ. ବି (ସମର+ସ୍ୱାର୍ଥେ ଅ)—ସମର (ଶବ୍ଦକୋଷ); ଯୁଦ୍ଧ—Battle. ସଂ. ବିଣ - ଯୁଦ୍ଧଜାତ (ଶବ୍ଦକୋଷ)—Due to war.
Sāmara

ସାମରଥ୍—ପ୍ରାଦେ (ସମ୍ବଲପୁର) ବିଣ (ସଂ ସମର୍ଥା)—ପ୍ରାପ୍ତଵୟସ୍କା; ରଜସ୍ୱଳା; ପୁରୁଷଯୋଗ୍ୟା (ବାଳିକା)— Matured (girl); who has attained puberty. (ଯଥା—ସେ ଟୁକି ସାମରଥ୍ ହେଲାଣି) ।
Sāmarath

ସାମରଥ—ଗ୍ରା· ବି (ସଂ· ସାମର୍ଥ୍ୟ)—ସାମର୍ଥ୍ୟ (ଦେଖ)— Sāmarthya (See). [ଉ—ବସ୍ତା ଦଶରଥ ଜଣା ସାମରଥ ଉପରେ ଭୁଗୁ—ଭଞ୍ଜ. ବୈଦେହୀଶବିଳାସ ।] ବିଣ (ସଂ. ସମର୍ଥ)—ସାମରଥା (ଦେଖ)—Sāmarathā (See)
Sāmaratha
সামর্থ্য सा(स)मरथ

ସାମରଥା(ଥୀ)—ଗ୍ରା. ବିଣ (ସଂ ସମର୍ଥ)—୧ । ସାମର୍ଥ୍ୟବିଶିଷ୍ଟ; ବଳିଷ୍ଠ; ବଳୁଆ —1. Strong; mighty. [ଉ—ଭରତ ଓ ସମରେ ଅତି ସାମରଥା—କୃଷ୍ଣସିଂହ ମହାଭାରତ ବନ ।] ୨ । ଯୋଗ୍ୟ— 2. Able; competent. ୩ । ଶକ୍ତିଶାଳୀ— 3. Powerful. ୪ । ବୀରତାଯୁକ୍ତ—4. Heroic. ବି—୧ । ବୀର—1. Hero. ୨ । ସମର୍ଥ ବ୍ୟକ୍ତି— 2. Mighty person. ୩ । ଯୋଗ୍ୟ ବ୍ୟକ୍ତି- 3. Able person.
Sāmaratha(thī)
সমর্থ समरथ

ସାମରଥ୍ୟ—ଗ୍ରା·ବି (ସଂ ସାମର୍ଥ୍ୟ)—ସାମର୍ଥ୍ୟ (ଦେଖ)—Sāmarthya (See) [ଉ—ଧୃତକୁ ମାରିବାକୁ ତୁମ୍ଭ ସାମରଥ୍ୟ— କୃଷ୍ଣସିଂହ ମହାଭାରତ. ବନ ।]
Sāmarathya
সামর্থ্য सामरथ्य

ସାମରାଧିପ—ସଂ ବି. ପୁଂ (ସାମର+ଅଧିପ)—ସେନାପତି [ଶବ୍ଦକୋଷ] A general.
Sāmarādhipa

ସାମରିକ—ସଂ ବିଣ (ସମର+ସମ୍ବନ୍ଧାର୍ଥେ ଇକ)—୧ । ଯୁଦ୍ଧସମ୍ବନ୍ଧୀୟ 1. Relating to war; military. ୨ । ସମରପ୍ରିୟ—2. Warlike; martial; fond of war. ୩ । ସମରୋପଯୋଗୀ— 3. Fit for battle; warlike.
Sāmarika

ସାମରିକ ଅଦାଲତ—ଦେ· ବି—ଯୁଦ୍ଧସମ୍ବନ୍ଧୀୟ ଅପରାଧମାନଙ୍କ ବିଚାର କରିବା ଅଦାଲତ ବା ବିଚାରାଳୟ— Court-martial.
Sāmarika adālata
সামরিক আদালত सामरिक अदालत

ସାମରିକ ଆଇନ—ଦେ· ବି—ଯୁଦ୍ଧସମୟରେ ଚଳିବା କଠୋର ଆଇନ୍- Martial law.
Sāmarika āina

ସାମରିକ ବଧୂ
ସାମରିକ ବିଧାନ } —ଅନ୍ୟରୂପ
সামরিক আইন सामरिक आइन

ସାମରିକ ପୋତ (ଜାହାଜ, ତରୀ) - ସଂ ବି (ଅଧୁନିକ)—ରଣପୋତ; ଯୁଦ୍ଧଜାହାଜ-Warship; man-o-war.
Sāmarika pota(jāhāja, tari)
সামরিক পোত सामरिक जहाज

ସାମରିକ ବିଚାର—ସଂ ବି (ଅଧୁନିକ) ଯୁଦ୍ଧ ସମ୍ବନ୍ଧୀୟ ଅପରାଧର ବିଚାର— A trial in a court martial.
Sāmarika bichāra
সামরিক বিচার सामरिकविचार

ସାମରିକ ବିଚାରାଳୟ—ସଂ ବି (ଅଧୁନିକ) ସାମରିକ ଅଦାଲତ (ଦେଖ) Sāmarika adālata (See)
Sāmarika bichārālaya
সামরিক বিচারালয় सामरिक विचारालय

ସାମରିକ ବିଦ୍ୟାଳୟ—ସଂ ବି (ଅଧୁନିକ)—ଯେଉଁ ବିଦ୍ୟାଳୟରେ ଯୁଦ୍ଧବିଦ୍ୟା ଶିକ୍ଷାଦିଏ— [ଉ—ଅଗେ କେବଳ ବିଲାତରେ ଏହା ଥିଲା; ଅଧୁନା ଭାରତରେ ମଧ୍ୟ ଏହି ବିଦ୍ୟାଳୟ ସ୍ଥାପିତ ହୋଇଅଛି]--A school for military training.
Sāmarika bidyālaya
সামরিক বিদ্যালয় सामरिक विद्यालय

ସାମରିକ ବିଭାଗ——ଦେ. ବି—ସରକାରୀ ଶାସନାଧୀନ ଯୁଦ୍ଧସମ୍ବନ୍ଧୀୟ ବିଭାଗ- The military Department of the Government.
Sāmarika bibhāga
সামরিক বিভাগ सामरिक विभाग

ସାମରିକ ମନ୍ତ୍ରୀ (ସଚୀବ)—ଦେ. ବି—ଯେଉଁ ମନ୍ତ୍ରୀ ଯୁଦ୍ଧ ସମ୍ବନ୍ଧୀୟ ବିଷୟ ପରିଚାଳନ ଓ ସମର୍ଥନ କରନ୍ତି—War minister; war-lord.
Sāmarika mantri (sachiba)
সামরিক মন্ত্রী सामरिक मन्त्री

ସାମରେୟ—ସଂ. ବିଣ (ସମର+ଏୟ ସମ୍ବନ୍ଧାର୍ଥେ)—ସାମରିକ (ଦେଖ) Sāmarika. (See)
Sāmareya

ସାମର୍ଥ—ଗ୍ରା· ବିଣ (ସଂ· ସମର୍ଥ)—ସମର୍ଥ (ଦେଖ)—Samartha. ବି— (ସଂ. ସାମର୍ଥ୍ୟ) ସାମର୍ଥ୍ୟ (ଦେଖ)— Sāmarthya. (See) (ଉ—ତାହାକୁ ବଳ ଅଛ ଏ ଜଗତେ ଗର୍ବ, କୋଳିବାକୁ ଆନର ଅଛେ କି ସାମର୍ଥ । କୃଷ୍ଣସିଂହ. ମହାଭାରତ. ବନ ।)
Sāmartha (See)
সমর্থ सामर्थी
সামর্থ্য सामर्थ

ସାମର୍ଥ ପଣ—ଗ୍ରା. ବି (ସଂ· ସମର୍ଥ+ଓଡ଼ିଆ.ପଣ)—ସାମର୍ଥ୍ୟ(ଦେଖ)— Sāmarthya. (See) (ଉ—ଲେଖ ବୈଷ୍ଣବ ପଦରକେ, ସାମର୍ଥ ପଣ ପରକାଶେ— ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।)
Sāmartha pana
সামর্থ্য समर्थपन

ସାମର୍ଥ୍ୟା(ର୍ଥୀ)—ଦେ· ବିଣ ଓ ବି—ସାମରଥା (ଦେଖ) Sāmarathā. (See)
Sāmarthā(rthi)

ସାମର୍ଥାଇବା—ଦେ. କ୍ରି—ବୁଝାଇବା; ସମଝାଇବା; ସମର୍ଥନ କରିବା—
Sāmarthāibā To explain; to support. (ଯଥା—ମୁଁ ତାଙ୍କୁ କେତେ ସାମର୍ଥାଇ କହିଲି, ମାତ୍ର ସେ ମୋ କଥା ଶୁଣିଲେ ନାହିଁ ।)

ସାମର୍ଥ୍ୟ—ସଂ. ବି (ସମର୍ଥ+ଭାବ. ଯ)—୧ । ଶକ୍ତି; କ୍ଷମତା—
Sāmarthya 1. Power; potency. ୨ । ବଳ—2. Might; strength. ୩ । ଯୋଗ୍ୟତା—3. Ability; fitness. ସଂ. ବିଣ—୧ । ଶବ୍ଦର ପ୍ରତିପାଦ୍ୟ (ଉଦ୍ଦିଷ୍ଟ ଅର୍ଥ) (ଶବ୍ଦକୋଷ)—1. Denotative (meaning of a term). ୨। ଶ୍ଳାଘ୍ୟ (ଶବ୍ଦକୋଷ)—2. Praiseworthy.

ସାମର୍ଥ୍ୟ ପାଇବା—ଦେ. ବି. (ଭୂଲ. ଏ କାମ କରିବାକୁ ମୋର ବଳ **Sāmarthya pāibā** ଥାଉ ନାହିଁ)—ସାମର୍ଥ୍ୟ ଯଥେଷ୍ଟ ହେବା—
সামর্থ্য পাওয়া Being able. (ଯ—ଅଣିବାକୁ ମୋର
सामर्थ्य पाना ସାମର୍ଥ୍ୟ ପାଉଁ ନାହିଁ । କୃଷ୍ଣସିଂହ. ମହାଭାରତ, ଶାନ୍ତି ।)

ସାମର୍ଷ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଅମର୍ଷ)—୧ । ଅମର୍ଷ
Sāmarsha ଯୁକ୍ତ—1. Spiteful. ୨ । କ୍ରୋଧବିଶିଷ୍ଟ
(ସାମର୍ଷା—ସ୍ତ୍ରୀ) (ଶବ୍ଦକୋଷ)—2. Wrathful.

ସାମଲ—ଦେ. ବି(ସଂ. ସାହସ+ମଲ୍ଲ)-୧। ପାଇକମାନଙ୍କର ବଂଶୋପାଧି-
Sāmala ବିଶେଷ—1.A family title of the descen-
[ସାମଲଅଣୀ—ସ୍ତ୍ରୀ] dants of the Oriya militia. ୨। ଶୂଦ୍ର, ଚଷା ଓ ଖଣ୍ଡାଏତମାନଙ୍କର ବଂଶୋପାଧି ବିଶେଷ—2. A family title of Śūdras and Khaṇḍāetas. ୩ । ପାଣ ଓ ବାଉରିମାନଙ୍କର ବଂଶୋପାଧି ବିଶେଷ—3. A family title of Pāṇas and Bāuris.

ସାମଳା—ଦେ, ବିଣ—ସାଉଁଳା (ଦେଖ)—Sāuñḷā. (See)
Sāmaḷā ପ୍ରାଦେ. (ଉତ୍ତର ବାଲେଶ୍ୱର) ବି—ସୁଅଁ ନଈ (ଦେଖ)—Suāñ nai. (See)

ସାମଲା—ବୈଦେ. ବି (ଅ)—୧ । ମୁକ୍ତାର ଓ ଓକିଲମାନେ ମୁଣ୍ଡରେ
Sāmalā ଯେଉଁ ପୁରୁଣାକାଳିଆ ପାଗ ପିନ୍ଧନ୍ତି—1. An old-
সামলা fashioned turban used by legal practi-
सामला tioners. ୨। ପୂର୍ବକାଳର ରାଜକର୍ମଚାରୀମାନଙ୍କ ପଗଡ଼ି—2. A turban used to be worn by courtiers.

ସାମଳାଇବା—ଦେ. କ୍ରି—ସାଉଁଳାଇବା (ଦେଖ)
Sāmaḷāibā Sāuñḷāibā. (See)

ସାମଳାୟନ—ସଂ. ବିଣ, ପୁଂ. (ସମଳ+ଅୟନ)—୧ । ସମଳ ସ୍ଥାନରୁ
Sāmaḷāyana ପ୍ରତ୍ୟାଗତ (ଶବ୍ଦକୋଷ)—1. Returned from a dirty place. ୨ । ସମଳ ସ୍ଥାନବାସୀ [ଶବ୍ଦକୋଷ]—2. Residing in a dirty place. ସଂ. ବି—ସମଳ ସ୍ଥାନର ଅଦୂରବର୍ତ୍ତୀ ସ୍ଥାନ (ଶବ୍ଦକୋଷ)—A place adjoining a dirty place.

ସାମଳିଆ—ଦେ. ବିଣ—ସାଉଁଳିଆ (ଦେଖ)
Sāmaḷiā Sāuñḷiā. (See)

ସାମଳିବା—ଦେ. କ୍ରି—ସାଉଳିବା (ଦେଖ)—Sāuḷibā. (See)
Sāmaḷibā (ଯ—କେ ଚନ୍ଦ୍ରକଳାକୁ ଚହିଁ ଯେ, ସ୍ୱବାସ ତଇଲେ କେଶ ସାମଳିଲ, ଉପମା ଦୃଷ୍ଟି ଭୁଡ଼ାଇ ଯେ । ଗୋଲକ. ଇନ୍ଦୁରେଖା ।)

ସାମଳେୟ—ସଂ. ବିଣ ଓ ବି (ସମଳ+ଏୟ)—ସାମଳାୟନ (ଦେଖ)
Sāmaḷeya Sāmaḷāyana. (See)

ସାମଲ୍ୟ—ସଂ. ବିଣ ଓ ବି (ସମଳ+ଯ)—ସାମଳାୟନ (ଦେଖ)
Sāmalyā Sāmaḷāyana. (See)
ବି—ସମଳତା (ଶବ୍ଦକୋଷ)—Dirtiness.

ସାମ(ମୁ)ସେଇ—ଦେ. ବି—ଅବଖୁରା; ଅତି ଛୋଟ ଗାଲ—
Sāma(mu)sei A very small water jug.
আবখোরা **लोटिया**

ସାମସେର୍ ଜଙ୍ଗ୍—ଦେ. ବି—ନେପାଳ ଶାସନକର୍ତ୍ତା ଓ ପ୍ରଧାନ
Sāmaser jaṅg ମନ୍ତ୍ରୀଙ୍କ ଉପାଧି—The title of the
সমসের জংগ minister and the Governor of the
समसेर जंग Nepāl State.

ସାମାଜିକ—ସଂ. ବିଣ (ସମାଜ+ସମ୍ବନ୍ଧାର୍ଥେ. ଇକ)—୧ ।
Sāmājika ସମାଜ ସମ୍ବନ୍ଧୀୟ—1. Relating to an association or meeting. ୨। ସହୃଦୟ; ଯେଉଁ ବ୍ୟକ୍ତି ସମାଜରେ ମିଶେ—2. Sociable. ୩ । ଭଦ୍ର; ଶିଷ୍ଟ—3. Civil. ବି—୧ । ସଭ୍ୟସଦ୍; ସଭ୍ୟ (ଅମର)—1. Member of an association. ୨ । କୌଣସି ସମାଜର ବ୍ୟକ୍ତି—2. Member of a society or community. ୩ । ଲୌକିକତା; ସମାଜର ପ୍ରଥାଗତ ମର୍ଯ୍ୟାଦା—3. Social conventions.

ସାମାଜିକ ତନ୍ତ୍ର—ସଂ. ବି—୧ । ସମାଜରେ ଚଳୁଥିବା ବିଧି—
Sāmājika tantra 1. Social rule. ୨ । ଯେଉଁ ନିୟମ ଦ୍ୱାରା ସମାଜ ବା ସଭା ଆଦି ପରିଚାଳିତ ହୁଏ—2. Rules for conducting societies or associations.
ସାମାଜିକ ନିୟମ, ସାମାଜିକ ବିଧାନ, ସାମାଜିକ ବିଧି } —ଅନ୍ୟରୂପ

ସାମାଜିକତା—ସଂ ବି (ସାମାଜିକ+ଭାବ ତା)—୧ । ଲୌକିକତା—
Sāmājikatā 1. Convention. ୨ । ବନ୍ଧୁ ବେହେରା; ବନ୍ଧୁମାନଙ୍କ ମଧ୍ୟରେ ଉପହାରର ଆଦାନପ୍ରଦାନ—2. Exchange of social presents. ୩ । ସହୃଦୟତା; ଭଦ୍ରତା; ଶିଷ୍ଟତା—3. Civility. ୪ । ସମାଜାନୁମତ ମର୍ଯ୍ୟାଦା—4. Social etiquette. ୫ । ସାମାଜିକ ରୀତି ବା ପ୍ରଥା—5. Social custom.

ସାମାଜିକ (ରୀତି)ପଦ୍ଧତି—ସଂ ବି—ସମାଜରେ ଚଳୁଥିବା ବ୍ୟବହାର—
Sāmājika (rīti)paddhati Social custom; usage.

ସାମାଜିକ ମୃତ୍ୟୁ—ସଂ ବି (ଅଧୁନିକ ବ୍ୟବହାର)—ରାଜଦ୍ରୋହାଦି Sāmājika mrutyu ଅପରାଧ ବା ଦେବାଳିଆ ହେବା ଯୋଗୁଁ ଯେଉଁ ବ୍ୟକ୍ତି ସମାଜରୁ ବହିଷ୍କୃତ ହୁଏ ବା ଆଇନ-ଦୃଷ୍ଟିରେ ମୃତ ବୋଲି ବିବେଚିତ ହୁଏ—Civil death.

ସାମାତ୍‌ସାମ୍ୟ—ସଂ. ବି—୧ । ପର୍ଯ୍ୟାୟକ୍ରମେ ଗ୍ରହମାନଙ୍କର ବିଷୁବ Sāmātsāmya ରେଖାରେ ପ୍ରବେଶ ଓ ତହିଁରୁ ନିର୍ଗମ (ବିଶ୍ୱକୋଷ)—1. The entrance into and exit from the equator of one planet after another in succession. ୨ । ପର୍ଯ୍ୟାୟକ୍ରମେ ଆଗମନ ଓ ନିର୍ଗମନ—2. Successive comings in and goings out.

ସାମାତ୍ୟ—ସଂ. ବିଣ.ପୁଂ(ସହାର୍ଥ ବହୁବ୍ରୀହି; ସ+ଅମାତ୍ୟ)—ଅମାତ୍ୟବିଶିଷ୍ଟ Sāmātya (ସାମାତ୍ୟା—ସ୍ତ୍ରୀ) —Having ministers,

ସାମାନ୍—ବୈଦେ. ବି (ଫା. ସାମାନ୍; ତୁଳ. ସଂ. ସାମଗ୍ରୀ)—(ଏ ଶବ୍ଦ Sāmān ଗଞ୍ଜାମ ଓଡ଼ିଆମାନଙ୍କ ମଧ୍ୟରେ ଅଧିକ सामान **सामान** ପରିମାଣରେ ପ୍ରଚଳିତ)—୧ । ସାମଗ୍ରୀ; ଉପକରଣ; ଦ୍ରବ୍ୟାଦି; ଜିନିଷପତ୍ର—1. Articles; furniture ୨ । କୌଣସି ବ୍ୟକ୍ତିଙ୍କ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁଚୟ, ଯାହା ଏକତ୍ର ବନ୍ଧା ହୋଇ ବିଦେଶକୁ ସାଙ୍ଗରେ ନିଆଯାଏ —2. Luggage; baggage. ୩ । କାରିଗରର ଯନ୍ତ୍ରାଦି—3. Implements. ୪ । କୌଣସି କାର୍ଯ୍ୟର ସାଧନସ୍ୱରୂପ ବସ୍ତୁ-ଚୟ—4. Materials.

ସାମାନ୍ ପତ୍ର—ଦେ. ବି (ଭିନ୍ନାର୍ଥକ ଦ୍ୱିରୁକ୍ତ ସହଚର ଶବ୍ଦ)—ନିତ୍ୟ Sāmān patra ବ୍ୟବହାର୍ଯ୍ୟ ବସ୍ତୁଜାତ; ଆବଶ୍ୟକ ଦ୍ରବ୍ୟସମୂହ माल पत्र **सामान चिज** —Collection of one's articles of every day use.

ସାମାନ ଗ୍ରାମିକ—ସଂ. ବିଣ (ସମାନ ଗ୍ରାମ+ଇକ)—୧ । ଏକ ଗ୍ରାମ-Sāmāna grāmika ଭବ—1. Belonging to one village. ୨ । ଏକ ଗ୍ରାମବାସୀ—2. Residing in the same village.

ସାମାନାଧିକରଣ୍ୟ—ସଂ. ବି (ସମାନାଧିକରଣ+ଭାବ. ଯ)—୧ । ଏକ-Sāmānādhikaranya ସ୍ଥାନବର୍ତ୍ତିତ ଅବସ୍ଥା; ଏକ ସ୍ଥାନରେ ସ୍ଥିତି; ଏକାଶ୍ରୟ ବୃତ୍ତି—1. The state of being situated together; co-existence. ୨ । ସମାନାଧି-କରଣତା—2. Being in the same category or situation. ୩ । ସାଧାରଣ ଗୁଣର ବା ଧର୍ମର ଅବସ୍ଥିତି ସ୍ଥାନ (ବିଶ୍ୱକୋଷ)—3. The place where common attributes are found.

ସାମାନ୍ୟ—ସଂ. ବିଣ (ସମାନ+ଯ)—୧ । ଯାହା ସବୁଠି ବା ସବୁ Sāmānya ବସ୍ତୁରେ ମିଳେ; ସର୍ବଗତ; ସର୍ବବିଷୟକ—(ସାମାନ୍ୟା—ସ୍ତ୍ରୀ) 1. Universal; common to all. (ଅସାମାନ୍ୟ—ବିପରୀତ) ୨ । ସାଧାରଣ—2. Ordinary. [ଦ୍ର—ସାମାନ୍ୟ ବିପଦେ ଗୃହ-ବିଗ୍ରହ ବିସ୍ତର—ସୁଧାନାଥ ମହାପାତ୍ର ।] ୩ । ଅତି ଅଳ୍ପ—3. Slight. ୪ । ତୁଚ୍ଛ; ନଗଣ୍ୟ—4. Trivial; insignificant. ବି—୧ । ଗୋତ୍ୱ, ମନୁଷ୍ୟତ୍ୱ ଆଦି ଜାତିସାଧର୍ମ୍ୟ (ଯଥା—ଗୋରୁର ଗୋତ୍ୱ, ମନୁଷ୍ୟର ମନୁଷ୍ୟତ୍ୱ)—1. Generic quality; state of having an attribute common to a class. ୨ । ଏକ ଜାତି; ଏକ ଶ୍ରେଣୀ—2. One caste; one class; same species; genus. ୩ । ଯୌଗିକ ସିଦ୍ଧିବିଶେଷ—3. A kind of divine attainment due to the exercise of Joga. [ଦ୍ର—ଅଷ୍ଟାଦଶ ଯୋଗଜନ୍ୟ ସିଦ୍ଧି ମଧ୍ୟରେ ଅନ୍ୟ ୫ ଗୋଟି ସାମାନ୍ୟ ସିଦ୍ଧି ଅଛି । ଯଥା—୧ ତ୍ରିକାଳଜ୍ଞତା, ୨ ଅଦ୍ୱନ୍ଦ୍ୱ, ୩ ଚିତ୍ତଜ୍ଞତା, ୪ ବହ୍ନିସ୍ତମ୍ଭତା, ୫ ଅପରାଜେୟତା । ଏଥିପାଇଁ ଭାଗବତ ଏକାଦଶସ୍କନ୍ଧ ଷୋଡ଼ଶ ଅଧ୍ୟାୟ ଅନୁସନ୍ଧେୟ ।] ୪ । ପ୍ରକାର; ରକମ—4. Kind. ୫ । ବହୁ ବସ୍ତୁଙ୍କର ବା ପ୍ରାଣୀଙ୍କର ଥିବା ସାଧାରଣ ଗୁଣ—5. Common attribute. ୬ । କାବ୍ୟାଲଙ୍କାରବିଶେଷ—6. A figure of speech. [ଦ୍ର—ଯେଉଁ ସ୍ଥଳରେ ପ୍ରକୃତ ବିଷୟର ସଦୃଶ ଗୁଣଦ୍ୱାରା ଅନ୍ୟ ତାଦାତ୍ମ୍ୟ ହୁଏ, ଅର୍ଥାତ୍ ଯେଉଁ ସ୍ଥଳରେ ସାଧାରଣ ଧର୍ମବଳରେ ଅନେକ ବସ୍ତୁ ଏକତ୍ରସମ୍ବନ୍ଧ ହୁଏ ସେଠାରେ ଏ ଅଳଙ୍କାର ହୁଏ । ଉଦାହରଣ—'ଶୁକ୍ଳାଭିସାରିକାଗଣ ଶୁକ୍ଳବସ୍ତ୍ରପରିହିତା ହୋଇ ମଲ୍ଲିକାମାଳାସୁଶୋଭିତା, ଶ୍ୱେତଚନ୍ଦନଚର୍ଚ୍ଚିତା ହୋଇ ଚନ୍ଦ୍ରକିରଣରେ ଅଦୃଶ୍ୟ । (ପୃଥକ୍‌ରୂପେ ଅପର ଲକ୍ଷଣୀୟା) ହୋଇ ସୁଖରେ ଗମନ କରୁଅଛନ୍ତି' । ଏ ସ୍ଥଳରେ ଶୁକ୍ଳବସ୍ତ୍ର, ମଲ୍ଲିକାମାଳା, ଶ୍ୱେତ ଚନ୍ଦନ ଓ ଜ୍ୟୋତ୍ସ୍ନା ଏ ସକଳ ଶୁଭ୍ର ବସ୍ତୁ ଥିବାରୁ ଶୁକ୍ଳା-ଭିସାରିକା ଚିହ୍ନା ପଡ଼ୁ ନାହାନ୍ତି । ଏଠାରେ ଏହି ଅଳଙ୍କାର ହେଲା—ବିଶ୍ୱକୋଷ] ୭ । ସାମଗ୍ର୍ୟ—7. Aggregation; totality. ୮ । (ବୈଶେଷିକ ନ୍ୟାୟଦର୍ଶନ) ବ୍ୟାପକ ଓ ବୃହତ୍ତର ସାଧାରଣ ଲକ୍ଷଣଗତ ସଂଜ୍ଞା—8.(Baiseshika Nyāya school of philosophy) A definition which applies to a genus(as opposed to aspecies). [ଦ୍ର—ବୈଶେଷିକ ଦର୍ଶନରେ ୬ଟି ପଦାର୍ଥ ସ୍ୱୀକୃତ ହୋଇଅଛି । ଯଥା—ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ସମବାୟ ଓ ବିଶେଷ । ନିତ୍ୟ ଓ ଅନେକ ସମବେତ ପଦାର୍ଥର ନାମ ସାମାନ୍ୟ ବା ଜାତି । ଗୋଟିଏ ବସ୍ତୁର ସଂଯୋଗ ହୁଏ ନାହିଁ; ଏକାଧିକ ବସ୍ତୁର ସଂଯୋଗ ଘଟେ । ସୁତରାଂ ସଂଯୋଗ ଅନେକ ସମବେତ ଅଟେ । କିନ୍ତୁ ଏ ସଂଯୋଗ ନିତ୍ୟ ନୁହେଁ, ଅନିତ୍ୟ । ସାମାନ୍ୟ ୨ ପ୍ରକାର, ପର ସାମାନ୍ୟ ବା ପର ଜାତି ଓ ଅପର ସାମାନ୍ୟ ବା ଅପର ଜାତି—ବିଶ୍ୱକୋଷ ।

"ଭାରତୀୟମାନେ ଆର୍ଯ୍ୟ ଓ ଅନାର୍ଯ୍ୟ ଅଟନ୍ତି । ଆର୍ଯ୍ୟ-ମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର, ଏହି ଗୃହ

ଭାବରେ ବିଭକ୍ତ । ବ୍ରାହ୍ମଣମାନେ ୪ ବେଦ ଅନୁସାରେ ୪ ଶ୍ରେଣୀରେ ବିଭକ୍ତ" । ଏଠାରେ ଯଥାକ୍ରମେ 'ବ୍ରାହ୍ମଣତ୍ୱ'- 'ଆର୍ଯ୍ୟ' ଓ 'ଅନାର୍ଯ୍ୟ' ଶବ୍ଦଗୁଡ଼ିକ ସାମାନ୍ୟ ସଂଜ୍ଞା ଓ ବ୍ରାହ୍ମଣ- ଇତର ଓ ଶୂଦ୍ରଇତରମାନଙ୍କୁ ଶବ୍ଦମାନଙ୍କୁ (ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) ବିଶେଷ ସଂଜ୍ଞା ବୋଲାଯାଏ ।]
୯ । ସାଦୃଶ୍ୟ; ସମାନତା—9. Similarity.

ସାମାନ୍ୟ କଥା—ଦେ. ବି—ତୁଚ୍ଛ ବିଷୟ—A small or insignificant matter.
Sāmānya kathā সামান্য কথা

ସାମାନ୍ୟ ଗୁଣ—ସଂ. ବି—ଏକଜାତୀୟ ପ୍ରାଣୀ ବା ବସ୍ତୁ ମଧ୍ୟରେ ଥିବା ସାଧାରଣ ଗୁଣ—A generic attribute; a common quality.
Sāmānya guṇa

ସାମାନ୍ୟତଃ—ସଂ. କ୍ରି. ବିଣ—୧ । ସାଧାରଣତଃ—1. Generally; ordinarily; commonly. ୨ । ସାମାନ୍ୟ ରୂପେ—2. Slightly.
Sāmānyataḥ

ସାମାନ୍ୟ ନାୟିକା (ବନିତା)—ସଂ. ବି (କର୍ମଧା; ସାମାନ୍ୟା + ନାୟିକା) —ନାଟ୍ୟାଦିରେ ବର୍ଣ୍ଣିତା ବେଶ୍ୟାରୂପିଣୀ ନାୟିକା—A prostitute depicted as the heroine of a plot.
Sāmānya nāyikā (banitā)

ସାମାନ୍ୟ ପୂଜା ବିଧି (ପଦ୍ଧତି)—ସଂ. ବି—ଯେଉଁ ନିୟମାବଳୀଦ୍ୱାରା ଯେ, କୌଣସି ଦେବତାଙ୍କର ଅର୍ଚ୍ଚନା କରାଯାଏ—A ritual with which the worship of any Deity is conducted.
Sāmānya pūjā bidhi (paddhati)

ସାମାନ୍ୟ ବିଧି—ସଂ. ବି (କର୍ମଧା)—ସାଧାରଣ ନିୟମ—A general rule. [ଦ୍ର—ଶାସ୍ତ୍ରରେ ଅଛି ଯେ, (ବିଶେଷ ବିଧି—ଦ୍ରଷ୍ଟବ୍ୟ) ଏକ ବିଷୟରେ ଶାସ୍ତ୍ରରେ ସାମାନ୍ୟ ବିଧି ଓ ବିଶେଷ ବିଧି ଥିଲେ ବିଶେଷ ବିଧି ସାମାନ୍ୟ ବିଧି ଅପେକ୍ଷା ବଳବତ୍ତର ହେବ । 'କୌଣସି ଜୀବକୁ ହିଂସା କରିବ ନାହିଁ ।' ଏହା ଗୋଟିଏ ସାମାନ୍ୟ ବିଧି ଅଟେ । 'ଯଜ୍ଞାର୍ଥ ପଶୁ ବଧ କରିବ' ଏହା ବିଶେଷ ବିଧି ଅଟେ । ଏ ସ୍ଥଳରେ ବିଶେଷ ବିଧିଦ୍ୱାରା ସାମାନ୍ୟ ବିଧି ଖଣ୍ଡିତ ହେବ ।]
Sāmānya bidhi

ସାମାନ୍ୟ ଲକ୍ଷଣ—ସଂ. ବି—୧ । ଯେଉଁ ଲକ୍ଷଣ ଏକ ଜାତୀୟ ସମସ୍ତଙ୍କ ଠାରେ ଥାଏ—1. A common trait or characteristic of a species or genera. ୨ । ସାଧାରଣ ସଂଜ୍ଞା—2. A general definition.
Sāmānya lakshaṇa

ସାମାନ୍ୟ ଲକ୍ଷଣା—ସଂ. ବି (ବହୁବ୍ରୀହି; ସାମାନ୍ୟ + ଲକ୍ଷଣ + ଆ) —ଅଲୌକିକ ସନ୍ନିକର୍ଷ ବିଶେଷ, ଅଣୁମାନଜ ସାମାନ୍ୟ ଜ୍ଞାନ; ଏକ ଜାତୀୟ ଗୋଟିଏ ବସ୍ତୁକୁ ବା ପ୍ରାଣୀକୁ ଦେଖିଲେ ସେହି ଜାତିର ସମୁଦାୟ ବସ୍ତୁ ବା ପ୍ରାଣୀଙ୍କ ସମ୍ବନ୍ଧେ ଯେଉଁ ସାଧାରଣ ବା ସାମାନ୍ୟ ଧାରଣା ବା ଜ୍ଞାନ ମନରେ ଜନ୍ମେ—Intuition; inference about the common attribute of a class on seeing one of it. [ଦ୍ର—ନ୍ୟାୟ ଶାସ୍ତ୍ର ମତରେ—ଅଲୌକିକ ସନ୍ନିକର୍ଷ ତିନିଧା ଅଟେ । ଯଥା—ସାମାନ୍ୟ ଲକ୍ଷଣା, ଜ୍ଞାନଲକ୍ଷଣା ଓ ଯୋଗଜ ଲକ୍ଷଣା ।]
Sāmānya lakshaṇā

ସାମାନ୍ୟ ଶାସନ—ସଂ. ବି—ସାମାନ୍ୟାଧିକାର (ଶବ୍ଦ ରତ୍ନାବଳୀ)—Common title or ownership.
Sāmānya śāsana

ସାମାନ୍ୟା—ସଂ. ବିଣ. ସ୍ତ୍ରୀ (ସାମାନ୍ୟ + ସ୍ତ୍ରୀ. ଆ)—ସାମାନ୍ୟର ସ୍ତ୍ରୀଲିଙ୍ଗ—The feminine of 'Sāmānya'. ବି—ପଣ୍ୟସ୍ତ୍ରୀ; ସାଧାରଣୀ ନାୟିକା; ବେଶ୍ୟା; ଧନମାତ୍ର ଲାଭାର୍ଥ ସକଳପୁରୁଷସେବିକା ସ୍ତ୍ରୀ—A prostitute; a public woman. [ଦ୍ର—ଭାନୁଦତ୍ତଙ୍କ ରସମଞ୍ଜରୀ ଗ୍ରନ୍ଥ ଅନୁସାରେ ସାମାନ୍ୟା ତିନିଧା । ଯଥା—ଅନ୍ୟସମ୍ଭୋଗଦୁଃଖିତା, ବକ୍ରୋକ୍ତିଗର୍ବିତା ଓ ମାନବତୀ; ବକ୍ରୋକ୍ତିଗର୍ବିତା ଦ୍ୱିବିଧା, ଯଥା—ପ୍ରେମଗର୍ବିତା, ସୌନ୍ଦର୍ଯ୍ୟଗର୍ବିତା । ଏ ନାୟିକାମାନେ ପ୍ରତ୍ୟେକେ ଅବସ୍ଥାଭେଦରେ ଅଷ୍ଟବିଧା ହୁଅନ୍ତି । ଯଥା—ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଳହାନ୍ତରିତା, ବିପ୍ରଲବ୍ଧା, ଉତ୍କଣ୍ଠିତା ବା ବିରହୋତ୍କଣ୍ଠା, ବାସକସଜ୍ଜା, ସ୍ୱାଧୀନଭର୍ତ୍ତୃକା ଓ ଅଭିସାରିକା ।]
Sāmānyā

ସାମାନ୍ୟାଧିକାର—ସଂ. ବି—ଏକ ବସ୍ତୁରେ ବହୁ ବ୍ୟକ୍ତିଙ୍କର ପ୍ରବର୍ତ୍ତିତ ଅଧିକାର—Common proprietory right over a thing.
Sāmānyādhikāra

ସାମାୟିକ—ସଂ. ବିଣ. ପୁଂ (ସମାୟ + ଇକ)—ମାୟାବିଶିଷ୍ଟ (ପ୍ରାଣିକ)—Illusive.
Sāmāyika (ସମାୟିକା—ସ୍ତ୍ରୀ)

ସାମାସିକ—ସଂ. ବିଣ (ସମାସ + ଇକ)—ସାଂକ୍ଷେପିକ; ସଂକ୍ଷେପ ସମ୍ବନ୍ଧୀୟ—Relating to abridgement. ସଂ. ବି (ସମାସ + ସ୍ୱାର୍ଥେ ଇକ)—ସମାସ (ଦେଖ)—Samāsa. (See)
Sāmāsika

ସାମି—ସଂ. ଅ (ସାମ୍ ଧାତୁ + ଇ)—୧ । ନିନ୍ଦନୀୟ—1. Blamable. ୨ । ଅର୍ଦ୍ଧ—2. Half. ୩ । କିୟଦଂଶ—3. A part; a portion. ଦେ. ବି—୧ । ସମି; ଲୌହ ବା ଲୌହବଳୟ—1. A small iron ring. ୨ । (ଅଦରାର୍ଥକ) ଶ୍ୟାମସୁନ୍ଦରର ଡାକ ନାମ—2. A name for calling 'Śyāmasundara' in fondness.
Sāmi সামী सामी

ସାମିଆ(ୟା)ନା—ବୈଦେ. ବି (ଫା)—ଚନ୍ଦ୍ରାତପ; ଚାନ୍ଦୁଆ—An awning. (ଭ—ଖଟ ଉପରେ ପାରନ୍ତି, ତମ୍ବୁ ବନାତ କାନାତକ ଛନ୍ଦା ସାମିଅନା ଚୋଦ୍ୱେ ଲେଖି । ବ୍ରଜନାଥ. ସମରତରଙ୍ଗ ।)
Sāmiā(yā)nā সামিয়ানা सामियाना

ସାମିକୃତ—ସଂ. ବି (ସାମି + କୃତ)—୧ । ଅର୍ଦ୍ଧୀକୃତ; ଯାହା ଅର୍ଦ୍ଧେକ କରାଯାଇଅଛି—1. Made into half; reduced to half. ୨ । ଯାହାକୁ ନିନ୍ଦା କରାଯାଇଅଛି (ବିଶ୍ୱକୋଷ)—2. Blamed; found fault with.
Sāmikṛuta

ସାମିଗ୍ରୀ—ଗ୍ରା. ବି (ସଂ. ସାମଗ୍ରୀ)—ସାମଗ୍ରୀ (ଦେଖ)
Sāmigrī সামিগ্রী सामिग्री Sāmagrī. (See)

ସାମିତ—ସଂ. ବଣ (ସମିତା+ସମ୍ବନ୍ଧାର୍ଥେ ଅ)—ସମିତା ବା ମଇଦା
Sāmita ସମ୍ବନ୍ଧୀୟ—Relating to wheaten flour.

ସାମିତ୍ୟ—ସଂ. ବଣ (ସମିତି+ସମ୍ବନ୍ଧାର୍ଥେ. ଯ)—ସମିତି ସମ୍ବନ୍ଧୀୟ—
Sāmitya Relating to Samiti.

ସାମିଧେନୀ(ନ୍ୟ)—ସଂ. ବ (ସମିଧ୍+ଆ+ଧା. ଧାତୁ+କରଣ. ଅନ+ଈ; ସମିଧ୍+ଅଧାନ; କଣାଦନ)—ସାମଧେନୀ
Sāmidheni(nya) (ଦେଖ)—Sāmadheni. (See)

ସାମିନା—ପ୍ରାଦେ. (ଲୁଦ୍ଧର ବାଲେଶ୍ୱର) ବ—ସାମିଅନା—
Sāminā An awning.

ସାମି ପୀତ—ସଂ. ବଣ (ସାମି=ଅର୍ଦ୍ଧେକ+ପା. ଧାତୁ+କର୍ମ. ତ)—
Sāmi pita ଅଧ ପିଅ; ଅର୍ଦ୍ଧ ପାନକୃତ—Half-drunk.

ସାମି ଭୁକ୍ତ—ସଂ. ବଣ (ସାମି=ଅର୍ଦ୍ଧେକ+ଭୁକ୍ତ)—୧ । ଅର୍ଦ୍ଧେକ
Sāmi bhukta ଭୁକ୍ତ—1. Half-eaten. ୨ । ଅଧଖିଆ; ଅଂଶତଃ ଭୁକ୍ତ—2. Partly eaten.

ସାମିଷ—ସଂ. ବଣ (ସହାର୍ଥ. ବହୁବ୍ରୀହି; ସ+ଆମିଷ)—ଆମିଷ-
Sāmisha ଯୁକ୍ତ—Having meat; accompanied with meat.
[ବିପରୀତ—ନିରାମିଷ]

ସାମିଷ ଶ୍ରାଦ୍ଧ—ସଂ. ବ—ମତ୍ସ୍ୟ ଓ ମାଂସାଦିଦ୍ୱାରା ପିତୃଲୋକଙ୍କ ଉଦ୍ଦେ-
Sāmisha śrāddha ଶ୍ୟରେ କରିଯିବା ଶ୍ରାଦ୍ଧ—Śrāddha offered to the deceased ancestors with meat. [ଦ୍ର—ମନୁ ତୃତୀୟ ଅଧ୍ୟାୟରେ ଭିନ୍ନ ଭିନ୍ନ ଆମିଷଦ୍ୱାରା ଶ୍ରାଦ୍ଧ କଲେ ପିତୃଗଣ କେତେ କାଳ ପର୍ଯ୍ୟନ୍ତ ତୃପ୍ତିଲାଭ କରନ୍ତି ତାହା ବର୍ଣ୍ଣିତ ହୋଇଅଛି । ଯଥା— ମାଛରେ ୨ ମାସ, ହରିଣ ମାଂସରେ ୩ ମାସ, ମେଷ ମାଂସରେ ୪ ମାସ, ଦ୍ୱିଜାତିଭକ୍ଷ୍ୟ ପକ୍ଷିମାଂସରେ ୫ ମାସ, ଛାଗ ମାଂସରେ ୬ ମାସ, ଚିତ୍ରିତ ମୃଗ ମାଂସରେ ୭ ମାସ, ଏଣ ମାଂସରେ ୮ ମାସ, କୃଷ୍ଣସାର ମାଂସରେ ୯ ମାସ, ବରାହ ଓ ମହିଷ ମାଂସରେ ୧୦ ମାସ, ଠେକୁଆ ଓ କୂର୍ମ (କଚ୍ଛପ) ମାଂସରେ ୧୧ ମାସ, ବଡ଼କାତିଆ ମାଛ, ଗଣ୍ଡା ମାଂସ ଓ ରକ୍ତଛାଗ ମାଂସରେ ଅନନ୍ତକାଳ ପାଇଁ ପିତୃଗଣ ତୃପ୍ତିଲାଭ କରନ୍ତି—ମନୁ. ୩।୨୬୮।୨୭୨ ।]

ସାମୀଚୀ—ସଂ. ବ—ବନ୍ଦନା; ପୂଜା (ହାରାବଳୀ)—
Sāmichi Worship.

ସାମୀପ୍ୟ—ସଂ. ବ (ସମୀପ+ସ୍ୱାର୍ଥେ ଯ)—୧ । ନୈକଟ୍ୟ; ସାନ୍ନିଧ୍ୟ—
Sāmipya 1. Nearness; vicinity. ୨ । (ବ୍ୟାକରଣ) ସାମୀପ୍ୟାଧିକରଣ; ଅଧିକରଣବିଶେଷ—2. (grammar) A sort of the 7th case (locative). [ଦ୍ର— ସମାସ ସ୍ଥଳରେ ଯେଉଁଠାରେ ଅବ୍ୟୟ ପଦର ସାମୀପ୍ୟ ଅର୍ଥ ହୁଏ ସେଠାରେ ଅବ୍ୟୟୀଭାବ ସମାସ ହୁଏ; ଯଥା— କୂଳର ସମୀପବର୍ତ୍ତୀ ଦେଶ=ଉପକୂଳ । ଗଙ୍ଗାର ସାମୀପ୍ୟ-ଅନୁଗଙ୍ଗ; ତୃତୀୟ କାଣ୍ଡରେ=ଉପକଣ୍ଠ ।] ୩ । ଆଧାର-ଭେଦ—3. A class of receptacles.

ସାମୀପ୍ୟାଧିକରଣ—ସଂ. ବ—ଅଧିକରଣ ବିଶେଷ; ଯେଉଁ ଅଧିକରଣ-
Sāmipyāhikaraṇa ଦ୍ୱାରା ନିକଟବର୍ତ୍ତୀତା ବୁଝାଯାଏ — A class of locative case denoting nearness.

ସାମୀର୍ଯ୍ୟ—ସଂ. ବ (ସମୀର+ସମ୍ବନ୍ଧାର୍ଥେ. ଯ)—ସମୀର ବା ବାୟୁ
Sāmirjya ସମ୍ବନ୍ଧୀୟ—Relating to air or wind.

ସାମିଲ୍(ଲି)—ବୈଦେ. ବଣ (ଜନରଅ;ଅ.ସାମିଲ୍; ତୁଳ.ସ.ସନ୍ନିଳନ,
Sāmil(li) ସମ୍ମିଳିତ)—୧ । ଅନ୍ତର୍ଗତ; ଅନ୍ତର୍ଭୁକ୍ତ—
सामिल 1. Included in. ୨ । ସୀମାଭୁକ୍ତ—2. Included
सामिल in a boundary. (ଯଥା—ବିଶ୍ୱନାଥପୁର ସାମିଲ୍ ନୂଆଁ ଗ୍ରାମ ।) ୩ । ଅଙ୍ଗୀଭୂତ— 3. Incorporated; amalgamated.

ସାମିଲ୍(ଲି) କରିବା—ଦେ. କ୍ରି (ଜନରଅ)—୧ । ଅନ୍ତର୍ଭୁକ୍ତ
Sāmil(li) karibā କରିବା—1. To include. ୨ । ଅନ୍ୟ
सामिल करा ବସ୍ତୁ ସଙ୍ଗେ ଏକତ୍ର ମିଶାଇ ନେବା—
सामिल करना 2. To amalgamate.

ସାମିଲ୍(ଲି) ମଉଜା (ମୌଜା)—ବୈଦେ. ବ (ଅ. ସାମିଲ୍; ଫା. ମୌଜା)—ବଡ଼ ଗ୍ରାମର
Sāmil(li) maujā (mau)jā
सामिल मौजा ଅନ୍ତର୍ଗତ କ୍ଷୁଦ୍ର ଗ୍ରାମ—A small village
सामिल मौजा included in a larger village.

ସାମିଲାତ୍—ବୈଦେ. ବଣ (ଜନରଅ)—୧ । ଅନ୍ତର୍ଭୁକ୍ତ—1. In-
Sāmilāt cluded. ୨ । ଅବିଭକ୍ତ—2. Joint. ବ—
सामीलात ୧ । ଅନ୍ତର୍ଭୁକ୍ତ ପଦାର୍ଥ—1. Incorporated
मामिलात article. ୨ । ଅବିଭକ୍ତ ସମ୍ପତ୍ତି—2. Joint property.

ସାମୁଏଲ୍—ବୈଦେ. ବ (ନାମ)—(ହେବ୍ରୁ ଭାଷା) ବାଇବଲ୍
Samuel ଲିଖିତ ଏଲ୍କାନାଙ୍କ ଔରସରେ ତାଙ୍କର ପ୍ରଥମା ସ୍ତ୍ରୀ
सामुयल् ହାନାଙ୍କ ଗର୍ଭଜାତ ସନ୍ତାନ—Samuel: the son
सामुयल of Elkanah and Hannah of the Bible. [ଦ୍ର—ଏହାଙ୍କ ମାତା ଏହାଙ୍କ ଜନ୍ମ ପୂର୍ବରୁ ମାନସିକ କରିଥିଲେ ଯେ, ତାଙ୍କର ଯେବେ ପୁଅଟିଏ ହେବ ସେ ପୁଅକୁ ସେ ଈଶ୍ୱରଙ୍କ ନାମରେ 'ସାଧୁ' କରି ଦେବେ । ଏହି 'ସାମୁଏଲ୍' ଶବ୍ଦର ଅକ୍ଷରିକ ଅର୍ଥ 'ଈଶ୍ୱରଙ୍କଠାରୁ ପ୍ରାର୍ଥନାନୁ-ସାରେ ପ୍ରାପ୍ତ ।' ଏ ଈଶ୍ୱରଙ୍କଠାରୁ ସ୍ୱପ୍ନାଦେଶ ପାଇ ମହାତ୍ମାଗଣ ହୋଇଥିଲେ । ଏହାଙ୍କ ନାମରେ ବାଇବଲ୍ର ପ୍ରାଚୀନ ବିଧାନ (Old Testament)ରେ ୩୧ ଅଧ୍ୟାୟବିଶିଷ୍ଟ ୧ ସାମୁଏଲ୍ (I Samuel) ଓ ୨୪ ଅଧ୍ୟାୟବିଶିଷ୍ଟ ୨ ସାମୁଏଲ୍ (II Samuel) ନାମକ ଗ୍ରନ୍ଥ ଅଛି ।]

ସାମୁଦାୟିକ—ସଂ. ବଣ (ସମୁଦାୟ+ଇକ)—ସମୁଦାୟ ସମ୍ବନ୍ଧୀୟ—
Sāmudāyika Relating to the wohle. ସଂ. ବ (ଫଳିତ ଜ୍ୟୋତିଷ)—ଜନ୍ମ ନକ୍ଷତ୍ରଠାରୁ ଅଷ୍ଟାଦଶ ନକ୍ଷତ୍ର —(Astrology) The eighteenth asterism counted from one's natal asterism.

[ବ୍ର—ଏ ନକ୍ଷତ୍ର ଅଶୁଭ ନକ୍ଷତ୍ର । ଏ ନକ୍ଷତ୍ରରେ ଶୁଭ କର୍ମାନୁଷ୍ଠାନ ନିଷିଦ୍ଧ । ଯୋଗର ସଞ୍ଚାରକାଳରେ ଗ୍ରହମାନେ ଏ ନକ୍ଷତ୍ରରେ ଉପସ୍ଥିତ ହେବା ସମୟରେ ଜାତ ବ୍ୟକ୍ତିର ମିତ୍ରକ୍ଷୟ, ଭୃତ୍ୟକ୍ଷୟ ଓ ଅର୍ଥନାଶ ଘଟେ—ଜ୍ୟୋତିଷତତ୍ତ୍ୱ ।]

ସାମୁଦ୍ର—ସଂ. ବଣ (ସମୁଦ୍ର + ଭବ ପ୍ରଭୃତି ଅର୍ଥରେ ଅ)—୧ । ସମୁଦ୍ର Sāmudra ସମ୍ବନ୍ଧୀୟ—1. Relating to ocean; marine; maritime. ୨ । ସମୁଦ୍ରଜାତ—2. Born of the sea. ୩ । ସମୁଦ୍ରରୁ ଉତ୍ପନ୍ନ—3. Produced from the sea. ବି—୧ । ସମୁଦ୍ର ଫେନ (ରାଜନିର୍ଘଣ୍ଟ)—1. Bone of the cuttle fish. ୨ । ସମୁଦ୍ର ଜଳଜାତ ଲବଣ; କରକଚ ଲବଣ (ରାଜବଲ୍ଲଭ)—2. Sea-salt. ୩ । ସମୁଦ୍ର ଯାତ୍ରୀ—3. A person undertaking a sea-voyage. ୪ । ଦେହସ୍ଥ ଚିହ୍ନ (ମେଦିନୀ)—4. Natal marks on the body. ୫ । (ସମୁଦ୍ର ମୁନି କଥିତ) ସାମୁଦ୍ରିକ; ଶରୀରସ୍ଥ ଚିହ୍ନ (ବିଶେଷତଃ ହାତ ପାଦର ରେଖା)ମାନଙ୍କୁ ଦେଖି ମନୁଷ୍ୟର ଗୁଣ ଓ ପ୍ରକୃତି ନିର୍ଣ୍ଣାୟକ ଶାସ୍ତ୍ର—5. Cheiromancy; a treatise dealing with personal marks on the body. ୬ । ସାମୁଦ୍ରିକ ଶାସ୍ତ୍ରବେତ୍ତା—6. A person versed in palmistry; fortune-teller. ୭ । ସମୁଦ୍ରଗାମୀ ବଣିକ (ଶବ୍ଦକୋଷ)-7. Maritime trader. ୮ । ସୂକ୍ଷ୍ମ ରୋମଯୁକ୍ତ ବିଷଧାରୀ ମଶକ ବିଶେଷ (ଶବ୍ଦକୋଷ)—8. A kind of poisonous mosquito. [ବ୍ର—ଏ ମଶକ ଦଂଶନ କଲେ ଶାରୀରକଣ୍ଡୁ, ଦଂଶ ଓ ଶୋଥ ଉତ୍ପନ୍ନ ହୁଏ । ସୁଶ୍ରୁତ—୫ । ୮] ୯ । ମାର୍କଣ୍ଡେୟ ପୁରାଣଲିଖିତ ଦେଶ ବିଶେଷ—9. Name of a country mentioned in the Mārkandeya Purāna. ୧୦ । ନାରିକେଳ (ଶବ୍ଦକୋଷ)—10. Cocoanut. ୧୧ । ଦ୍ୱୀପାନ୍ତର ବଚ୍; ଚୋପଚିନି (ଶବ୍ଦକୋଷ)—11. China root.

ସାମୁଦ୍ରକ—ସଂ. ବି (ସମୁଦ୍ର + ଅ = ସାମୁଦ୍ର + କ) - ୧ । ସାମୁଦ୍ର ଲବଣ. Sāmudraka କରକଚ (ରାଜନିର୍ଘଣ୍ଟ)—1. Sea salt. ୨ । ସାମୁଦ୍ରିକ ଗ୍ରନ୍ଥ—2. A treatise dealing with the marks on the body. ୩ । ସମୁଦ୍ରଗାମୀ ବଣିକ୍ (ମହାଭାରତ)—3.Maritime trader. ସଂ; ବଣ—ସମୁଦ୍ର ସମ୍ବନ୍ଧୀୟ (ଶବ୍ଦକୋଷ)—Maritime.

ସାମୁଦ୍ର ବଚନ—ସଂ. ବି—ସ୍ତ୍ରୀ ପୁରୁଷମାନଙ୍କ ଦେହରେ ଥିବା ଚିହ୍ନରୁ Sāmudra bachana ଜୀବିତବ୍ୟକ୍ତିମାନଙ୍କ ଗୁଣ, ପ୍ରକୃତି ଓ ଭବିଷ୍ୟତ୍ ବର୍ଣ୍ଣନାତ୍ମକ ବଚନ— Saying regarding the nature and fortune of persons bearing certain natal signs on the body.

ସାମୁଦ୍ର ମତ୍ସ୍ୟ—ସଂ. ବି—ଲୁଣିମାଛ—Sea-fish. [ବ୍ର—ଏହା ଗୁରୁ, Sāmudra matsya ସ୍ନିଗ୍ଧ, ମଧୁର, ନାତିପିତ୍ତବର୍ଦ୍ଧକ, ବାତହର, ଉଷ୍ଣ, ବୃଷ୍ୟ ଓ ଶ୍ଳେଷ୍ମବର୍ଦ୍ଧକ—ସୁଶ୍ରୁତ ।]

ସାମୁଦ୍ର ଲବଣ—ସଂ. ବି—ସମୁଦ୍ରଜାତ ଲବଣ; କରକଚ ଓ ପଙ୍ଗାଲୁଣ Sāmudra labana Sea salt. [ବ୍ର—ଲବଣ ଦେଖ । ଜୋତ୍ ଦେଖ ।]

ସାମୁଦ୍ର ସ୍ଥଳକ—ସଂ. ବି (ସମୁଦ୍ର + ଅ + ସ୍ଥଳ + କ)—ସମୁଦ୍ରସ୍ଥଳୀ Sāmudra sthalaka ଦେଶ (ଶବ୍ଦକୋଷ)—A country in a vicinity of the sea.

ସାମୁଦ୍ରିକ—ସଂ. ବି (ସମୁଦ୍ର + ସମ୍ବନ୍ଧାର୍ଥେ ଇକ)—ସମୁଦ୍ର ସମ୍ବନ୍ଧୀୟ—Sāmudrika Marine; maritime; relating to the sea. ବି—୧ । (ସମୁଦ୍ର = ମୁନିବିଶେଷ + ତତ୍କୃତଶାସ୍ତ୍ରାର୍ଥେ ଇକ) ଦେହରେ ଥିବା ଚିହ୍ନ ଚିହ୍ନଧାରୀ ବ୍ୟକ୍ତିଙ୍କ ଗୁଣ, ପ୍ରକୃତି, ପରମାୟୁ ଓ ଭବିଷ୍ୟତ୍ ଆଦି ନିର୍ଣ୍ଣାୟକ ଶାସ୍ତ୍ର । 1. Cheiromancy; a treatise which tells the nature, longevity and future of persons having different marks on the body; cheirosophy. ୨ । ସାମୁଦ୍ରିକ ଶାସ୍ତ୍ରବେତ୍ତା—2. A person versed in cheiromancy; cheirosophist. [ବ୍ର—ସମୁଦ୍ର ନାମକ ଜଣେ ମୁନି ପ୍ରଥମେ ଏ ଶାସ୍ତ୍ର ରଚନା କରିଥିଲେ । ସାମୁଦ୍ରିକ ଫଳିତ ଜ୍ୟୋତିଷ ଶାସ୍ତ୍ରର ଗୋଟିଏ ବିଭାଗ । ପୁରୁଷ ଓ ସ୍ତ୍ରୀମାନଙ୍କର କରତଳସ୍ଥ ରେଖା ଓ ଚିହ୍ନ, ପାଦତଳସ୍ଥ ରେଖା ଓ ଚିହ୍ନ, ଦନ୍ତ, କେଶ, ଦେହର ବର୍ଣ୍ଣ, ଲିଙ୍ଗ, ଭଗ, ନାଭି, ସ୍ତନ, ଜଙ୍ଘ, କପାଳସ୍ଥ ରେଖା, ହୃଦୟ, ଉଦର, ଅଙ୍ଗୁଳି, ଲୋମ, ଜିହ୍ୱା, ନାସିକା, ଦେହରେ ତିଳ ଓ ମଶକଚିହ୍ନ ଆଦିରୁ ଚିହ୍ନିତ ଚିହ୍ନଧାରୀ ବ୍ୟକ୍ତିଙ୍କ ପ୍ରକୃତି, ଆୟୁ, ଭୋଗ, ଭବିଷ୍ୟତ୍, ସୁଖଗତି, ଦୁର୍ଗତି, କୁଳ, ଶୀଳ ଆଦି ସାମୁଦ୍ରିକ ଶାସ୍ତ୍ରୋକ୍ତି ବଚନରୁ ସ୍ଥିର କରାଯାଏ । ଅତି ପ୍ରାଚୀନକାଳରୁ ଭାରତରେ ସାମୁଦ୍ରିକ ଶାସ୍ତ୍ରର ଚର୍ଚ୍ଚା ହୋଇ ଆସିଅଛି । ପ୍ରାଚୀନ ରୋମ୍ ଓ ଗ୍ରୀସ୍‌ରେ ମଧ୍ୟ ଏହି ବିଦ୍ୟା ପ୍ରଚଳିତ ଥିଲା । ଏଥିରେ କରତଳାଙ୍କିତ ରେଖା ବିବରଣ, ରେଖାମାନଙ୍କ ବର୍ଣ୍ଣ ବିଚାର, କରତଳରେ ଗ୍ରହଗଣଙ୍କ ସ୍ଥାନ ନିର୍ଦ୍ଦେଶ, ଶରୀରସ୍ଥ ଚିହ୍ନଗଣ, ନାସିକା, ନେତ୍ର, ଦନ୍ତ, ଲଲାଟ, ମସ୍ତକ, ବକ୍ଷ, କରତଳ, ପଦତଳ, ନୟନପ୍ରାନ୍ତ, ଜଙ୍ଘ, ଜାନୁ, ଅଧର, ଜିହ୍ୱା, କଟିଦେଶ, ଜାନୁ, ହୃଦୟ, ମସ୍ତକ, ଶରୀରର ବର୍ଣ୍ଣ, କେଶ, ବସ୍ତିଦେଶ, କରାଙ୍ଗୁଳି, ପଦାଙ୍ଗୁଳି, ନାରୀଙ୍କର ସ୍ତନ ଆଦି ଲକ୍ଷଣ ପୁରୁଷ ଓ ସ୍ତ୍ରୀଙ୍କର ଭଲ ମନ୍ଦ ପ୍ରକୃତି, ଅବସ୍ଥା, ଭାଗ୍ୟ, ଭୋଗ, ଧନ, ଧର୍ମ, ଫଳ ଆଦି ବର୍ଣ୍ଣିତ ହୋଇଅଛି । ପୂର୍ବକାଳରେ ଭାରତ ବର୍ଷରେ ଏହି ଶାସ୍ତ୍ର ଏତେ ଉନ୍ନତି ଲାଭ କରିଥିଲା ଯେ, ଏଥିର ସାହାଯ୍ୟରେ ଜ୍ୟୋତିଷ ପରି ଅଭ୍ରାନ୍ତ ଭବିଷ୍ୟଦ୍‌ବାଣୀ କୁହାଯାଇ ପାରୁଥିଲା । ବର୍ତ୍ତମାନ ଇଉରୋପ

ଓ ଆମେରିକାରେ ଏହି ଶାସ୍ତ୍ରର ବିଶେଷ ଗବେଷଣା ହେଉଅଛି ।]

ସାମ୍ନା (ଇତ୍ୟାଦି)—ଦେ. ବି—ସାମନା ଇତ୍ୟାଦି (ଦେଖ)
Sāmnā (etc) Sāmanā etc. (See)

ସାମ୍ନୀ—ସଂ. ବି (ସାମନ୍ = ସାମବେଦ + ଈ)—ବୈଦିକ ଛନ୍ଦୋବିଶେଷ
Sāmnī (ଶବ୍ଦ ରତ୍ନାବଳୀ)—Name of a Vedic metre. [ଦ—ସାମ୍ନୀ ଅନୁଷ୍ଟୁପ୍, ସାମ୍ନୀ ଉଷ୍ଣିକ୍, ସାମ୍ନୀ ଗାୟତ୍ରୀ, ସାମ୍ନୀ ଜଗତୀ, ସାମ୍ନୀ ତ୍ରିଷ୍ଟୁପ୍, ସାମ୍ନୀ ପଙ୍କ୍ତି, ସାମ୍ନୀ ବୃହତୀ ନାମରେ ଗୁଡ଼ିଏ ବୈଦିକ ଛନ୍ଦ ଅଛି ।]

ସାମ୍ପରାୟିକ—ସଂ. ବିଣ (ସମ୍ପରାୟ = ଯୁଦ୍ଧ, ପରଲୋକ + ଇକ)—
Sāmparāyika ୧ । ପାରଲୌକିକ—1. Relating to existence after death. ୨ । ଯୁଦ୍ଧ ସମ୍ବନ୍ଧୀୟ—2. Relating to war. ୩ । ଯୁଦ୍ଧାର୍ହ (ବିଶ୍ୱକୋଷ); ଯୁଦ୍ଧର ଉପଯୁକ୍ତ—3. Fit for battle. ବି—ଯୁଦ୍ଧ—War; battle.

ସାମ୍ପାନ୍—ବୈଦେ. ବି (ଇଂ)—ଚନ୍‌ଦେଶୀୟ ଡଙ୍ଗା—Sampan;
Sāmpān a chinese boat with a roof.
साम्पान् [ଦ୍ର—ଏହା ୧୦।୧୫ ଫୁଟ ଲମ୍ବ ଓ ଏଥି ଉପରେ ଛାଇ
सांपान थାଏ ଓ ଲୋକେ ଏଥିରେ ରହି ପାରନ୍ତି ।]

ସାମ୍ପୁଟି(ଡ଼ି)ବା—ଦେ. କ୍ରି (ସ. ସମ୍ପୁଟ)—ସବୁଆଡ଼େ ଘେରି କରି
Sāmpuṭi(ṛdi)bā ଧରିବା—To hold tightly by
सापटान चिपटना enveloping on all sides.

ସାମ୍ପେନ—ବୈଦେ. ବି (ଇଂ)—ଫ୍ରାନ୍ସଦେଶ ପ୍ରସ୍ତୁତ ଏକପ୍ରକାର
Sāmpen ଉତ୍କୃଷ୍ଟ ମଦ—Champagne (wine).
साम्पेन साम्पेन.

ସାମ୍ପ୍ରତ—ସ. ବିଣ (ସମ୍ପ୍ରତ + ଅ)—୧ । ଯୁକ୍ତ (ବିଶ୍ୱକୋଷ)—
Sāmprata 1. Joined. ୨ । ଇଦାନୀନ୍ତନ (ହଳଧର)—2. Modern.

ସାମ୍ପ୍ରତମ୍—ସ. କ୍ରି. ବିଣ (ସମ୍ପ୍ରତ + ଅମ୍)—ସମ୍ପ୍ରତି; ଅଧୁନା—
Sāmpratam Now; at present. ବିଣ (ସମ୍ + ପ୍ର + (ସାମ୍ପ୍ରତଂ—ଅନ୍ୟରୂପ) ତନୁ ଧାତୁ + କର୍ତ୍ତୃ. ଅମ୍)—ଯୁକ୍ତ; ଉଚିତ—Proper; becoming.

ସାମ୍ପ୍ରତିକ—ସ. ବିଣ (ସମ୍ପ୍ରତି + ଇକ)—ସମ୍ପ୍ରତିକର (ବିଶ୍ୱକୋଷ)—
Sāmpratika Recent. ସ. ବି (ସମ୍ପ୍ରତି + ସ୍ୱାର୍ଥେ. ଇକ) —ସମ୍ପ୍ରତି (ଦେଖ)—Samprati (See)

ସାମ୍ପ୍ରଦାୟିକ—ସ. ବିଣ (ସମ୍ପ୍ରଦାୟ + ଇକ)—ସମ୍ପ୍ରଦାୟ ସମ୍ବନ୍ଧୀୟ—
Sāmpradāyika Sectarian.

ସାମ୍ପ୍ରଦାୟିକ ନିର୍ବାଚନ—ସ. ବି (ଅଧୁନିକ ବ୍ୟବହାର)—କୌଣସି
Sāmpradāyika nirbāchana ଦଳ ଦଳ ସମ୍ପ୍ରଦାୟ ବା ଗୋଷ୍ଠୀ ମଧ୍ୟରୁ ସେହି ସେହି ଗୋଷ୍ଠୀଦ୍ୱାରା ପ୍ରତିନିଧି ବାଛି ନେବା—Communal representation.

ସାମ୍ପ୍ରଯୋ(ୟୋ)ଗିକ—ସ. ବିଣ (ସମ୍ପ୍ରଯୋଗ + ଇକ)—ନିତ୍ୟ
Sāmprajo(yo)gika ସମ୍ପ୍ରଯୋଗାର୍ହ (ଦୈନିକ)—
Deserving Samprajoga or investment daily.

ସାମ୍ବ—ସ. ବି—ଶ୍ରୀକୃଷ୍ଣଙ୍କ ଔରସରେ ଜାମ୍ବବତୀଙ୍କ ଗର୍ଭଜାତ ପୁତ୍ର; ଶାମ୍ବ
Sāmba (ବିଶ୍ୱକୋଷ) (ଦେଖ)—Śāmba (See)

ସାମ୍ବତ୍ସରିକ—ସ. ବିଣ (ସମ୍ବତ୍ସର + ସମ୍ବନ୍ଧାର୍ଥେ. ଇକ)—୧ । ବାର୍ଷିକ—
Sāmbatsarika 1. Annual. ୨ । ଯାହା ବର୍ଷକେ ଥରେ ଘଟେ—2. Coming up once in the year. [ଯଥା—ସାମ୍ବତ୍ସରିକ ଶ୍ରାଦ୍ଧ, ଉତ୍ସବ ଇତ୍ୟାଦି] ବି—ସାମ୍ବତ୍ସରିକ ଶ୍ରାଦ୍ଧ—Annual oblation of Pinda to one's deceased ancestors

ସାମ୍ବନ୍ଧିକ—ସଂ. ବି (ସମ୍ବନ୍ଧ + ସ୍ୱାର୍ଥେ. ଇକ)—୧ । ସମ୍ବନ୍ଧ (ଦେଖ)
Sāmbandhika 1. Sambandha (See) ୨ । ଶ୍ୟାଳକ (ବିଶ୍ୱକୋଷ)—2. One's wife'sr brother. ସଂ. ବିଣ—୧ । ସମ୍ବନ୍ଧ ବିଷୟକ—1. Relating to Sambandha. ୨ । ବିବାହବିଷୟକ (ବିଶ୍ୱକୋଷ)— 2. Nuptial; marital.

ସାମ୍ବ ପୁର(ରୀ)—ସଂ. ବି (ସାମ୍ବ ପ୍ରତିଷ୍ଠିତ ପୁର)—ଅଧୁନିକ ମୁଲତାନ
Sāmba pura(rī) —The ancient name of Multan. [ଦ୍ର—ସାମ୍ବ ଶାକଦ୍ୱୀପରୁ ମଗ ବ୍ରାହ୍ମଣମାନଙ୍କୁ ସ୍ୱପ୍ରତିଷ୍ଠିତ ସୂର୍ଯ୍ୟମୂର୍ତ୍ତିଙ୍କ ପୂଜା ପାଇଁ ଆଣାଇ ଚନ୍ଦ୍ରଭାଗା ନଦୀକୂଳରେ ଏହି ନଗର ନିର୍ମାଣ ଓ ସ୍ଥାପନ କରି ସେମାନଙ୍କୁ ସେଠାରେ ରଖାଇଲେ । ସାମ୍ବ ସେଇଁଠାରେ ସୂର୍ଯ୍ୟାରାଧନା କରୁଥିଲେ ତାହା ମିତ୍ରବନ ନାମରେ ଖ୍ୟାତ ହୋଇଥିଲା-ବିଶ୍ୱକୋଷ ।]

ସାମ୍ବ ପୁରାଣ—ସଂ. ବି—ଉପପୁରାଣ ବିଶେଷ—
Sāmba purāṇa Name of a secondary Purāṇa.

ସାମ୍ବର—ସଂ. ବିଣ (ସମ୍ବର + ଭବାର୍ଥେ ଅ)—ରାଜପୁତାନାର ସମ୍ବର
Sāmbara ହ୍ରଦଜାତ—Produced from the lake Sambara in Rajputana. ବି—ଏକପ୍ରକାର ଲବଣ; ସମ୍ବରହ୍ରଦଜାତ ଲବଣ; ଗଡ଼ ଲବଣ—Salt manufactured from the inland salt lake of Rajputana. [ଦ୍ର—ଲବଣ ତଳେ ନୋଟ ଦେଖ] ଦେ. ବି (ସଂ. ସମ୍ବର)—ଶମ୍ବର ୧ (ଦେଖ)—Śambara 1 (See) ବିଣ—ସାମ୍ବରି (ଦେଖ)— Sāmbari (See)

ସାମ୍ବରି—ଦେ. ବିଣ (ସଂ. ଶାମ୍ବରୀ)—ସମ୍ବରମୃଗ ସମ୍ବନ୍ଧୀୟ—Relating
Sāmbari to the Sambara deer. ବି—ସାମ୍ବରି ଚମ
साम्बरि साँभरी (ଦେଖ)—Sāmbari chama (See)

ସାମ୍ବରି ଚମ—ଦେ. ବି (ସଂ. ଶାମ୍ବର + ଚର୍ମ)—୧ । ଶମ୍ବର ମୃଗର
Sāmbari chama ଚର୍ମ—1. The leather of Sambar
साम्बरि चमड़ा deer. ୨ । ସାମଏ ମୃଗର ବଣା ହୋଇଥିବା ଚର୍ମ—
सांभरी चमड़ा 2. Chamois leather.

ସାମ୍ବରୀ—ସଂ. ବି—୧ । ଶାମ୍ବରୀ (ଦେଖ)—1 Śāmbarī (See)
Sāmbarī ୨ । ସାମ୍ବରୀ ଲବଣ (ଦେଖ)—
2. Sāmbari labaṇa (See)

ସାମ୍ଭରୀ ଲବଣ—ସଂ.ବି. ସମ୍ଭର ହ୍ରଦଜାତ ଲବଣ—Salt manufac-
Sāmbari labaṇa tured from the salt lakes of Rājputana.

ସାମ୍ବାଦିକ—ସଂ. ବି (ସମ୍ବାଦ+ଇକ)—୧ । ନୈୟାୟିକ—
Sāmbādika 1. Logician. ୨ । (ଅଧୁନାତନ ପ୍ରୟୋଗ)
সাম্বাদিক ସମ୍ବାଦପତ୍ରମାନଙ୍କର ସମ୍ବାଦଦାତା—2. News-
साम्बादिक supplier of a newspaper; news-agent; correspondent of a newspaper.

ସାମ୍ଭବୀ—ସଂ. ବି (ସାମ୍ଭବ+ଈ)—ରକ୍ତ ଲୋଧ୍ର—Red variety
Sāmbhabī of Symplocus Racemosus.

ସାମ୍ଭସ୍—ସଂ. ବିଣ (ସ+ଅମ୍ଭସ୍)—ଜଳଜ—
Sāmbhas Watery.

ସାମ୍ମତ୍ୟ—ସଂ. ବି (ସମ୍ମତ+ଭାବାର୍ଥେ. ଯ)—ସମ୍ମତିର ଭାବ—
Sāmmatya The state of consent.

ସାମ୍ମାତୁର—ସଂ. ବି. ପୁଂ (ସମ୍ମାତୃ+ଅପତ୍ୟାର୍ଥେ. ଅ)—ସତୀ-
Sāmmatura ପୁତ୍ର—The son of a chaste woman.
[ସାମ୍ମାତୁରୀ—ସ୍ତ୍ରୀ]

ସାମ୍ମୁଖୀ—ସଂ. ବି—ଯେଉଁ ତିଥି ସନ୍ଧ୍ୟା ପର୍ଯ୍ୟନ୍ତ ରହେ (ହି. ଶ)—
Sāmmukhī A lunar day which lasts till evening.

ସାମ୍ମୁଖ୍ୟ—ସଂ. ବି (ସମ୍ମୁଖ+ଭାବାର୍ଥେ. ଯ)—ସମ୍ମୁଖର ଭାବ;
Sāmmukhya ସାମ୍ନା—The state of being in front.

ସାମ୍ମୋଦନିକ—ସଂ. ବିଣ (ସମ୍ମୋଦନ+ଇକ)—ସମ୍ମୋଦଦାୟକ;
Sāmmodanika ଆନନ୍ଦଦାୟକ (ଶବ୍ଦକୋଷ)—Pleasant.

ସାମ୍ୟ—ସଂ. ବି (ସମ+ଭାବେ. ଯ)—୧ । ସମାନତା; ସମତା;
Sāmya ତୁଲ୍ୟତ୍ୱ—1. Equality. ୨ । ସାଦୃଶ୍ୟ—
2. Similarity. ୩ । ସାମଞ୍ଜସ୍ୟ—3. Harmony; equilibrium. ୪ । ଏକତା—4. Oneness. ୫ । ସାନ୍ତ୍ୱନା—5. Consolation. ୬ । ଏକ-ସ୍ଥାନତ୍ୱ (ଶବ୍ଦକୋଷ)—6. The state of being the same place. ସଂ. ବିଣ—ସମଭାପନ୍ନ (ଶବ୍ଦ-କୋଷ)—Having the same condition or equality.

ସାମ୍ୟ ବାଦ—ସଂ. ବି (ଅଧୁନାତନ)—ରାଜନୀତିକ ମତ ବିଶେଷ—The
Sāmya bāda political theory of equality; com-
সাম্যবাদ munism. [ବି—ସବୁ ଲୋକେ ସମାନ; ରାଜା, ପ୍ରଜା,
साम्यवाद ଉଚ୍ଚ, ନୀଚ, ଧନୀ, ଦରିଦ୍ର, କୁଳୀନ, ଅକୁଳୀନ, ଏହିପରି ପ୍ରଭେଦ ରହିବା ଉଚିତ ନୁହେଁ । ଯାବତୀୟ ଧନ ଓ ସମ୍ପତ୍ତିରେ ସମସ୍ତଙ୍କର ସମାନ ଅଧିକାର ରହିବା ଉଚିତ, ଏହିଭଳି ମତବାଦ । ଏହି ମତବାଦ ପ୍ରଥମେ ରୁଷିଆରୁ ବାହାରି କ୍ରମିମାନ ନାନା ଦେଶରେ ବ୍ୟାପୁ ଅଛି ।]

ସାମ୍ୟ ବାଦୀ—ସଂ. ବିଣ. ପୁଂ (ଅଧୁନାତନ ପ୍ରୟୋଗ)—ଯେଉଁ ବ୍ୟକ୍ତି
Sāmya bādī ସାମ୍ୟବାଦ ମତ ଅବଲମ୍ବନ କରନ୍ତି—One
(ସାମ୍ୟବାଦିନୀ—ସ୍ତ୍ରୀ) who advocates the theory of
সাম্যবাদী **साम्यवादी** equality; communist.

ସାମ୍ୟ ଭାବ—ସଂ. ବି—୧ । ପଦାର୍ଥର ସମଗ୍ରତରେ ଅବସ୍ଥିତ ଓ ସ୍ଥିର
Sāmya bhāba ହୋଇ ରହିବା—1. State of equilibrium. ୨ । ସର୍ବତ୍ର ସମଦର୍ଶିତା—2. Equality of regard for all.

ସାମ୍ୟ ସଂସ୍ଥାପନ—ସଂ. ବି—ସାମଞ୍ଜସ୍ୟ ସ୍ଥାପନ—
Sāmya saṁsthāpana The creation or
(ସାମ୍ୟ ସ୍ଥାପନ—ଅନ୍ୟରୂପ) establishment of harmony.

ସାମ୍ୟାବସ୍ଥା—ସଂ. ବି—୧ । ତୁଲ୍ୟାବସ୍ଥା—1. Equal condition.
Sāmyābasthā ୨ । ସତ୍ତ୍ୱ, ରଜଃ ଓ ତମଃ ଗୁଣତ୍ରୟର ସମାନ ଅବସ୍ଥା—2. The equal state of the three natural attributes. [ବି—ଏ ଅବସ୍ଥାରେ କୌଣସି ବିକାର ବା କ୍ଷୋଭ ହୁଏ ନାହିଁ । ଏହାକୁ 'ପ୍ରକୃତି' ବୋଲାଯାଏ—ହି. ଶ ।]

ସାମ୍ୟୁତ୍ଥାନ—ସଂ. ବି—ଯଜ୍ଞ ସମାପନ ପାଇଁ ବିଘ୍ନ ବା ଅସୁବିଧା (ଶବ୍ଦ-
Sāmyutthāna କୋଷ)—Any obstacle or inconvenience for the performance of a Jajña.

ସାମ୍ରାଜ୍ୟ—ସଂ. ବି (ସମ୍ରାଜ୍+ଭାବେ. ଯ)—୧ । ସାର୍ବଭୌମତ୍ୱ; ଏକ-
Sāmrājya ଚ୍ଛତ୍ରାଧିପତ୍ୟ—1. The state of being an emperor; suzerainty; sultanate. ୨ । ସମ୍ରାଟଙ୍କ ଅଧିକାର; ସମ୍ରାଟଙ୍କ ଶାସନାଧୀନ ରାଜ୍ୟ—2. Empire. ୩ । ସର୍ବପ୍ରଧାନ ରାଜ୍ୟ (ପ୍ରକୃତିବାଦ)—3. Pre-eminent kingdom. ୪ । ପୂର୍ଣ୍ଣ ଅଧିକାର (ହି. ଶ)—4. Full mastery.

ସାମ୍ରାଜ୍ୟ ପ୍ରତିଷ୍ଠା—ସଂ. ବି (ଷଷ୍ଠୀ ତତ୍)—ଏକଛତ୍ର ରାଜ୍ୟ ସ୍ଥାପନ—
Sāmrājya pratishṭhā The establishment of an empire.
ସାମ୍ରାଜ୍ୟ ସଂସ୍ଥାପନ, ସାମ୍ରାଜ୍ୟ ସ୍ଥାପନ }—ଅନ୍ୟରୂପ

ସାମ୍ରାଜ୍ୟ ବାଦ—ବୈ.ବି (ଅଧୁନାତନ)—ବିଶାଳ ସାମ୍ରାଜ୍ୟର ଅଙ୍ଗ ହେଲେ
Sāmrājya bāda ଦେଶର, ବୈଷୟିକ ଓ ରାଜନୀତିକ ଉନ୍ନତି
সাম্রাজ্যবাদ ଅପେକ୍ଷାକୃତ ସୁକର ହୁଏ, ଏହି ମତବାଦ—
साम्राजयवाद Imperialism in politics.

ସାମ୍ରାଜ୍ୟବାଦୀ ଦଳ—ବୈ. ବି (ଅଧୁନାତନ ପ୍ରୟୋଗ)—ବିଶାଳ
Sāmrājyabādī daḷa ସାମ୍ରାଜ୍ୟର ଅଙ୍ଗ ହେଲେ ଦେଶର
(ସାମ୍ରାଜ୍ୟ ସମର୍ଥକ ଦଳ—ଅନ୍ୟରୂପ) ବୈଷୟିକ ଓ ରାଜନୀତିକ
সাম্রাজ্যবাদী দল ଉନ୍ନତି ଅପେକ୍ଷାକୃତ ସୁକର ହୁଏ, ଏହି ମତ
साम्राजयवादी दल ଯେଉଁମାନେ ପୋଷଣ କରନ୍ତି—The imperialists (in politics).

ସାମ୍ରାଣୀ କର୍ଦ୍ଦମ—ସଂ. ବି—ଜବାଦ ନାମକ ଗନ୍ଧଦ୍ରବ୍ୟ (ରାଜନିର୍ଘଣ୍ଟ)—
Sāmrāṇi kardama ଶାଳକଷପତକ କୋଷ—Name of

a scent. [ଦ୍ର—ଏହା ଗନ୍ଧମାର୍ଜାର ବା ଖାଟାଶପଶୁଙ୍କର କୋଷ ବା ସ୍ରାବ । ଏହା ସୁଗନ୍ଧ ଓ ଏକ ପ୍ରକାର ବସ୍ତୁ ରୂପେ ପରିଗଣିତ ।]

ସାମ୍ରାଣିଜ—ସଂ. ବ—ମହାପାରେବତ ଫଳ (ରାଜ ନିର୍ଘଣ୍ଟ)—
Sāmrāṇija 'A sort of guava.

ସାମ୍ରାଣୀ—ଦେ. ବ (ବୈଦ୍ୟକ)—ଏକପ୍ରକାର ଔଷଧ ଗଛ (ଦ୍ରବ୍ୟଗୁଣ
Sāmrāṇī କଳ୍ପଦ୍ରୁମ)—ସାତଲା (ଦେଖ)—
ସଂ. ସପ୍ତଲା, ଚର୍ମକଷା, Name of a medicinal tree.
ସର୍ଣ୍ଣଫୁଷ୍ପୀ, ଭୂରଫେନା, ବମନୀ
চামরকষা
सातला
ଦେ. ସାମ୍ରାଣୀଚେଟ୍

ସାୟ—ସଂ. ବ (ସୋ ଧାତୁ=ନାଶକରିବା+କର୍ତ୍ତୃ. ଅ)—୧ । ଦିନାନ୍ତ;
Sāya ସାୟଂକାଳ; ସନ୍ଧ୍ୟା (ଅମର)—1. Evening. ୨ । ବାଣ; ଶର [ମେଦିନୀ]—2. Arrow. ୩ । [+ଭାବ ଅ] ନାଶ—3. Destruction. ୪ । ଅବସାନ—4. Close. ୫ । ଶେଷ—5. Finish; end. ୬ । ଉତ୍ସବ (କ୍ରିୟାଶେଷ)—6. Festival.
सहाय सहाय ଗ୍ରା. ବ (ସଂ. ସାହାଯ୍ୟ)—ସାହାଯ୍ୟ—
Help. ବଣ (ବଙ୍ଗଳାରୁ ଅନୁକୃତ) ସମାପ୍ତ-Finished.

ସାୟଂ—ସଂ. ଅ.—(ସୋ ଧାତୁ ସମାପନ କରିବା+କର୍ତ୍ତୃ ଅମ୍; ଯାହା
Sāyaṁ ଦିବସକୁ ସମାପନ କରେ)—୧ । ସନ୍ଧ୍ୟା; ସାୟଂକାଳ—
Evening; nightfall. ୨ । ବାଣ; ଶର(ହ. ଶ)—
2. Arrow. ୩ । ସାୟଂକାଳୀନ (ହ. ଶ)—
3. Relating to or happening in the evening.

ସାୟଂ କାଳ—ସଂ. ବ—ସନ୍ଧ୍ୟା; ଦିନାନ୍ତ; ସାୟଂସନ୍ଧ୍ୟାକାଳ—
Sāyaṁ kāḷa Night-fall; evening; eventide.
(ସାୟଂକାଳୀନ—ବଣ) [ଦ୍ର—ଦିବସର ଅନ୍ତିମ ଏକ ଦଣ୍ଡ ଓ ରାତ୍ରିର ପ୍ରଥମ ଏକ ଦଣ୍ଡ, ଏହି ଦୁଇଦଣ୍ଡକାଳ ସାୟଂକାଳ—ଶବ୍ଦକୋଷ]

ସାୟଂକୃତ୍ୟ—ସଂ. ବ—ସାୟଂସନ୍ଧ୍ୟା (ଦେଖ)
Sāyaṁ kṛutya Sāyaṁsandhyā (See)

ସାୟଂ ଗୃହ—ସଂ. ବଣ. ପୁଂ—ଯେଉଁ ବ୍ୟକ୍ତି ସନ୍ଧ୍ୟା ସମୟରେ
Sāyaṁ gṛuha ଯେଉଁଠାରେ ପହଞ୍ଚେ, ସେଠାରେହିଁ ବାସ କରେ
(ହ. ଶ.)—[a person] Who takes up his residence at the place where he arrives at nightfall.

ସାୟଂ ଗୋଷ୍ଠ—ସଂ. ବ. ପୁଂ—ସାୟଂକାଳରେ ଗୋଚାରଣ ସ୍ଥାନରେ
Sāyaṁ goshṭha ଅବସ୍ଥାନକାରୀ ଗୋ (ଶବ୍ଦକୋଷ)—
(ସାୟଂ ଗୋଷ୍ଠା—ସ୍ତ୍ରୀ) Cattle which stays in the pasture at nightfall.

ସାୟଂ ପ୍ରାତଃ—ସଂ. ଅ—୧ । ସନ୍ଧ୍ୟା ବେଳେ ଓ ସକାଳେ—
Sāyaṁ prātaḥ 1. At morning and evening.
(ସାୟମ୍ପ୍ରାତଃ—ଅନ୍ୟରୂପ) ୨ । ସନ୍ଧ୍ୟା ଓ ସକାଳ—2. Morning and evening.

ସାୟଂ ତନ—ସଂ. ବଣ ପୁଂ—ସାୟନ୍ତନ (ଦେଖ)
Sāyaṁ tana Sāyantana (See)

ସାୟଂ ପ୍ରାତରଶୀ—ସଂ. ବ ପୁଂ (ସାୟଂ ପ୍ରାତଃ+ଅଶ୍ ଧାତୁ+କର୍ତ୍ତୃ.
Sāyaṁ prātarāśī ଇନ୍; [ମୋ. ୧ବ)—ସନ୍ଧ୍ୟା ବେଳେ
(ସାୟଂ ପ୍ରାତରଶିନୀ—ସ୍ତ୍ରୀ) ଓ ସକାଳେ ଭୋଜନକାରୀ—
(ସାୟମ୍ପ୍ରାତରଶୀ—ଅନ୍ୟରୂପ) Taking food in the evening and morning.

ସାୟଂ ପ୍ରାତିକ—ସଂ. ବଣ (ସାୟଂ ପ୍ରାତଃ+ଇକ; ଜାତାର୍ଥ)—ସନ୍ଧ୍ୟା
Sāyaṁ prātika ବେଳେ ଓ ସକାଳେ ଘଟିବା—Happen-
(ସାୟମ୍ପ୍ରାତିକ—ଅନ୍ୟରୂପ) ing at eve and morn.

ସାୟଂ ଭବ—ସଂ. ବଣ. ପୁଂ (ଅବ୍ୟୟୀ ଭାବ; ସାୟଂ+ଭୂ ଧାତୁ+
Sāyaṁ bhaba କର୍ତ୍ତୃ.ଅ)—୧ । ସନ୍ଧ୍ୟାବେଳେଜାତ—1.Born
(ସାୟମ୍ଭବ—ଅନ୍ୟରୂପ) at eve. ୨ । ସନ୍ଧ୍ୟାକାଳୀନ—
(ସାୟଂ ଭବା—ସ୍ତ୍ରୀ) 2. Happening at eve.

ସାୟଂ ଭୋଜନ—ସଂ. ବ (ଅବ୍ୟୟୀ ଭାବ)—ସନ୍ଧ୍ୟାକାଳୀନ ଭୋଜନ—
Sāyaṁ bhojana Supper.
(ସାୟମ୍ଭୋଜନ—ଅନ୍ୟରୂପ)

ସାୟଂ ଭୋଜୀ—ସଂ. ବଣ. ପୁଂ—ସନ୍ଧ୍ୟା ସମୟରେ ଆହାରକାରୀ—
Sāyaṁ bhojī Taking meal at eve.
(ସାୟଂ ଭୋଜିନୀ—ସ୍ତ୍ରୀ) (ସାୟମ୍ଭୋଜୀ—ଅନ୍ୟରୂପ)

ସାୟଂ ସନ୍ଧ୍ୟା—ସଂ. ବ—୧ । ସନ୍ଧ୍ୟା ବେଳ; ବେଳବୁଡ଼—1. Night-
Sāyaṁ sandhyā fall. ୨ । ସନ୍ଧ୍ୟାକାଳରେ କର୍ତ୍ତବ୍ୟ ଉପାସନା—2. Evening service; worship performed at nightfall; vespers. [ଦ୍ର—ଦ୍ୱାଦଶୀ, ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ଓ ଶ୍ରାଦ୍ଧ ଦିବସରେ ସାୟଂ ସନ୍ଧ୍ୟା ନିଷିଦ୍ଧ ।] ୩ । ସାୟଂକାଳୋପାସ୍ୟା ଦେବତା; ସରସ୍ୱତୀ ୧୨ (ଦେଖ)—3. Deity Saraśwatī who is worshipped by the twice born castes at night fall.

ସାୟଂ ସନ୍ଧ୍ୟା ଦେବତା—ସଂ. ବ—ସରସ୍ୱତୀ ୧୨ (ଦେଖ)
Sāyaṁ sandhyā debatā Saraswatī 12 (See)

ସାୟକ—ସଂ. ବ (ସୋ ଧାତୁ=ନାଶ କରିବା+କର୍ତ୍ତୃ. ଅକ)—
Sāyaka. ୧ । ବାଣ; ଶର—1. Arrow; dart. ୨ । ଖଡ୍ଗ—2. Sword. ୩ । ବଜ୍ର—3. Thunder. ୪ । ଅସ୍ତ୍ର ଶସ୍ତ୍ର—4. Weapon. ୫ । ଭଦ୍ରମୁଞ୍ଜ (ଦେଖ)—5. Bhadramuñja (See) ୬ । ପାଞ୍ଚ ସଂଖ୍ୟା (ହ. ଶ)—6. The number five. ୭ । ବର୍ଣ୍ଣବୃତ୍ତବିଶେଷ (ହ. ଶ)—7. A kind of metre. [ଦ୍ର—ଏଥିରେ ପ୍ରତ୍ୟେକ ପାଦରେ ଯଥାକ୍ରମେ ସଗଣ, ଭଗଣ, ତଗଣ, ଏକଲଘୁ ଓ ଏକଗୁରୁ ବର୍ଣ୍ଣ ଥାଏ—ହ. ଶ ।]

ସାୟକ ପୁଙ୍ଖ(ଙ୍ଖା)—ସଂ. ବ (୬ଷ୍ଠୀ ତତ୍)—ଶରପୁଚ୍ଛ—
Sāyaka puṅkha(ṅkā) The tail of an arrow.

ସାୟଣ—ସଂ. ବ (ନାମ)—ସାୟନ (ଦେଖ)—Sāyana (See)
Sāyaṇa [ସାୟଣାଚାର୍ଯ୍ୟ—ଅନ୍ୟରୂପ]

ସାୟଣୀ(ଣୀ)ୟ—ସଂ. ବଣ (ସାୟଣ+ଈୟ)—୧ । ସାୟଣାଚାର୍ଯ୍ୟ
Sāyaṇī(ṇī)ya ସମ୍ବନ୍ଧୀୟ—1. Relating to Sāyaṇa.
୨ । ସାୟଣାଚାର୍ଯ୍ୟକୃତ (ଗ୍ରନ୍ଥ)—
2. Composed by Sāyanacharya.

ସାୟତନ—ସଂ. ବ (ସହାର୍ଥ ବହୁବ୍ରୀହି; ସ+ଆୟତନ)—ଆୟତନ
Sāyatana ବିଶିଷ୍ଟ—Having dimensions.

ସାୟ ଦେବା—ଦେ. କ୍ରି (ବଙ୍ଗଳାରୁ ଅନୁକୃତ)—କୌଣସି ବ୍ୟକ୍ତିର
Sāya debā କଥାରେ ହଁ ମାରିବା—To say ditto to
সায় দেওয় **हाँजी हाँजी करना** what another says.

ସାୟନ—ସଂ. ବ (ନାମ)—ଟୀକାକାରବିଶେଷ—Name of an
Sāyana [ସାୟନାଚାର୍ଯ୍ୟ—ଅନ୍ୟ ବ. ରୂପ] annotator.
[ଦ୍ର—ଏ ଋଗ୍‌ବେଦାଦିର ଭାଷ୍ୟକାର ସୁପ୍ରସିଦ୍ଧ ମହା ପଣ୍ଡିତ ଥିଲେ । ଦାକ୍ଷିଣାତ୍ୟ ବିଦ୍ୟାନଗରାଧିପତି ମହାରାଜ ଦ୍ୱିତୀୟ ସଙ୍ଗମ, ପ୍ରଥମ ବୁକ୍କ ଓ ତତ୍ପୌତ୍ର ଦ୍ୱିତୀୟ ହରିହର ଏହାଙ୍କ ବେଦବିଦ୍ୟାରେ ମୁଗ୍ଧ ହୋଇ ଏହାଙ୍କୁ ରାଜ-ମନ୍ତ୍ରୀ କରିଥିଲେ । ଏହାଙ୍କ ପିତାଙ୍କ ନାମ ମାୟଣ । ଏହାଙ୍କ ଭ୍ରାତା ପ୍ରଥମେ ରାଜମନ୍ତ୍ରୀ ଥିଲେ ଓ ପରେ ଶୃଙ୍ଗେରି ମଠରେ ଗୁରୁପଦରେ ପ୍ରତିଷ୍ଠିତ ହୋଇ ବିଦ୍ୟାରଣ୍ୟ ସ୍ୱାମୀ ବା ମୁନି ନାମରେ ପୂଜିତ ହେଲେ । ଏ ୧୩୮୭ ଖ୍ରୀଷ୍ଟାବ୍ଦରେ ପର-ଲୋକ ଗମନ କରିଥିଲେ । ଏ ବୈଦିକଭାଷ୍ୟ, ଉପନିଷଦ ଭାଷ୍ୟ, ସ୍ମୃତିଗ୍ରନ୍ଥ, ବ୍ୟାକରଣ ଭାଷ୍ୟ, ବେଦାନ୍ତ ଟୀକା, ଭଗବଦ୍‌ଗୀତା ଭାଷ୍ୟ ଆଦି ଶତାଧିକ ଗ୍ରନ୍ଥ ରଚନା କରି-ଥିଲେ—ବିଶ୍ୱକୋଷ ।] ସଂ. ବଣ (ସ+ଅୟନ)—
ଅୟନବିଶିଷ୍ଟ (ଗ୍ରହ ଆଦି)—
(planets) Having Ayana.

ସାୟନ୍ତନ—ସଂ. ବଣ (ସାୟଂ+ଭବାଦ୍ୟର୍ଥେ. ତନ)—୧ । ସାୟଂକାଳ
Sāyantana ସମ୍ବନ୍ଧୀୟ—1. Relating to evening.
[ସାୟନ୍ତନୀ—ସ୍ତ୍ରୀ] ୨ । ସାୟଂକାଳୀନ—
2. Happening in the evening.

ସାୟନ୍ତା—ଗ୍ରା. ବ. ସ୍ତ୍ରୀ (ନାମ)—ଶାନ୍ତା; ଋଷ୍ୟଶୃଙ୍ଗଙ୍କ ପତ୍ନୀ—
Sāyantā Colloquial name of the wife of sage Rushyasṛuṅga. [ଦ୍ର—ସାୟନ୍ତା କନ୍ୟାକୁ ତାଙ୍କୁ କରିବା ପ୍ରଦାନ । ପରମପୁରୁଷ ସେ ଅଟନ୍ତି ଜଗନ୍ନାଥ—ବିଶ୍ୱନାଥ. ବିଚିତ୍ର ରାମାୟଣ ।]

ସାୟଦୁଗ୍ଧ—ସଂ. ବ—ସନ୍ଧ୍ୟା ସମୟରେ ଦୁହାଁ ଯିବା ଦୁଧ—
Sāyandugdha Milk drawn in the evening.
[ସାୟଂଦୁଗ୍ଧ—ଅନ୍ୟରୂପ]

ସାୟଦୋହନ—ସଂ. ବ—ସନ୍ଧ୍ୟାକାଳୀନ ଗୋ ଦୋହନ—
Sāyandohana Milking in the evening.
[ସାୟଂଦୋହ, ସାୟଂଦୋହନ—ଅନ୍ୟରୂପ]

ସାୟମାଶ—ସଂ. ବ—ସାୟଂ ଭୋଜନ—Supper, evening
Sāyamāśa [ସାୟାଶନ—ଅନ୍ୟରୂପ] meal.

ସାୟମାହୁତି—ସଂ. ବ (ସାୟଂ+ଆହୁତି)—ସନ୍ଧ୍ୟା ସମୟରେ ଦିଆ-
Sāyamāhuti ଯିବା ଆହୁତି—Oblation of ghee unto the fire at eve.

ସାୟ(ଏ, ୟେ)ଲ—ବୈଦେ. ବ(ଆରବୀ)—ଦରଖାସ୍ତକାରୀ—
Sāya(e, ye)l সাএল **सायल** Applicant.

ସାୟା—ବୈଦେ. ବ (ପର୍ତ୍ତୁଗୀଜ୍)—ସ୍ତ୍ରୀମାନଙ୍କର କଟିଠାରୁ ତଳକୁ
Sāyā ପିନ୍ଧା ଯିବା ଢିଲା ଘାଗରା—A loose-flowing
সায়া lower gown or skirt worn by females
साया, घाँघरा down from the waiste.

ସାୟାଁ—ଗ୍ରା. ବ—ସାଁଜ୍ଞ(ଦେଖ)
Sāyāṅ Sāñjnā (See)

ସାୟାବନ୍ଦୀ—ବୈଦେ. ବ (ଫା. ସାୟାହ୍ ବନ୍ଦୀ)—ମୁସଲମାନମାନଙ୍କ
Sāyābandī ବିବାହ ପାଇଁ ମଣ୍ଡପ ନିର୍ମାଣ କର୍ମ—The act of
সায়াবন্দী raising a marriage altar for a mar-
सायाबन्दी riage (of Mahomedans).

ସାୟାର୍—ବୈଦେ. ବ (ଇଂ)—ଇଂଲଣ୍ଡ, ସ୍କଟଲଣ୍ଡ ଓ ଆୟର୍ଲଣ୍ଡର
Sāyār ଭିନ୍ନ ଭିନ୍ନ ଅଂଶ ବା ବିଭାଗ—Shire of Great
সায়ার **सायार** Bretain and (Ireland).

ସାୟାରମ୍ଭ—ସଂ. ବ (୬ଷ୍ଠୀ ତତ୍; ସାୟ+ଆରମ୍ଭ)—ସାୟଂକାଳର
Sāyārambha ଆରମ୍ଭ (ବିଶ୍ୱକୋଷ)—
The beiginning of nightfall.

ସାୟାଶନ—ସଂ. ବ (ମ. ପ. ଲୋ; ସାୟଂକାଳୀନ ଅଶନ୍ କିମ୍ବା ୭ମୀ ତତ୍, ସାୟେ ଅଶନ)—ଦିନାନ୍ତେ ଭୋଜନ;
Sāyāśana ସନ୍ଧ୍ୟା ଭୋଜନ—Evening meal; supper.

ସାୟାସ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଆୟାସ)—ଆୟାସଯୁକ୍ତ—
Sāyāsa Accompanied with effort.

ସାୟାହ୍ନ—ସଂ. ବ (ସାୟ+ଅହନ୍; ଅହନ=ଦିନର+ସାୟ=ଶେଷ)
Sāyāhna —୧ । ଦିନାନ୍ତ, ଦିବସର ଶେଷ ଦଣ୍ଡଦ୍ୱୟ; ଦିନର ଶେଷ ଦଣ୍ଡ ଓ ରାତ୍ରିର ପ୍ରଥମ ଦଣ୍ଡ—1. The last Daṇḍa of the day and the first Daṇḍa of the night. [ଦ୍ର—ଏହି ସମୟକୁ ସନ୍ଧ୍ୟାବେଳ ବୋଲାଯାଏ । ଏହି ସମୟରେ ଶାସ୍ତ୍ର, ଶୟନ, ଭୋଜନ ଓ ଶୁଭକର୍ମ ନିଷିଦ୍ଧ—ଶବ୍ଦକଳ୍ପଦ୍ରୁମ ।] ୨ । ଦିବସର ଶେଷ ପଞ୍ଚମ ଭାଗ (ବିଶ୍ୱକୋଷ ଉଦ୍ଧୃତ)—2. The last fifth part of the day. [ଦ୍ର—ଶାସ୍ତ୍ରରେ ଦିବସକୁ ୫ ଭାଗରେ ବିଭକ୍ତ କରାଯାଇଅଛି । ପ୍ରଥମ ୩ ମୁହୂର୍ତ୍ତ ପ୍ରାତଃ, ତତ୍ପରବର୍ତ୍ତୀ ୩ ମୁହୂର୍ତ୍ତ ସଙ୍ଗବ ବା ପୂର୍ବାହ୍ନ, ତତ୍ପରେ ୩ ମୁହୂର୍ତ୍ତ ମଧ୍ୟାହ୍ନ,ତତ୍ପରେ ୩ ମୁହୂର୍ତ୍ତ ଅପରାହ୍ଣ ଓ ଶେଷ ୩ ମୁହୂର୍ତ୍ତ ସାୟାହ୍ନ ଅଟେ । ଏକ ମୁହୂର୍ତ୍ତ=୨ ଦଣ୍ଡ କାଳ; ୧ ଦିବସ=୩୦ ଦଣ୍ଡ=୧୫ ମୁହୂର୍ତ୍ତ—ଉଦ୍ଧୃତ ।]

ସାୟିକା—ସଂ. ବ (ସୋ, ଧାତୁ+ଅକ+ଆ)—କ୍ରମସ୍ଥିତି—
Sāyikā Gradual position; succession; successive position.

ସାୟୀ—ସ. ବି. ପୁଂ (ସୋ ଵମ୍ୟା ଷେ, ଧାତୁ=ନାଶ କରିବା+କର୍ତ୍ତୃ. ଇନ୍; ସାୟିନ୍ ୧ମା. ୧ବ; ଯେଉଁ ବ୍ୟକ୍ତି ଗଡ଼ଲୋକଙ୍କୁ (ସାୟିନୀ—ସ୍ତ୍ରୀ) ନାଶ କରେ)—ଅଶ୍ୱାରୋହୀ—A horse-rider.
Sāyī

ସାୟୁଜ୍ୟ—ସଂ. ବି (ସହ+ଯୁଜ୍. ଧାତୁ=ଯୋଗ କରିବା+କର୍ତ୍ତୃ. କ୍ୱିପ୍=ସଯୁଜ୍=ସହଯୋଗ+ଭାବ. ଯ)—
Sājujya
୧। ସହଯୋଗ—1. Co-operation. ୨। ଏକତ୍ୱ, ଏକତା—2. Unity. ୩। ଅଭେଦ—3. Identity. ୪। ସାଦୃଶ୍ୟ—4. Similarity, ୫। ପଞ୍ଚଧା ମୁକ୍ତିର ଅନ୍ତର୍ଗତ ମୁକ୍ତି ବିଶେଷ—5. A kind of emancipation. [ଦ୍ର—ମୁକ୍ତି ୫ ପ୍ରକାର ବୋଲି ଭାଗବତ ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ ଅଛି ।

୧। ସାଲୋକ୍ୟ—କୃଷ୍ଣଙ୍କ ସହିତ ଏକଲୋକରେ ବାସ ।

୨। ସାର୍ଷ୍ଟି—ସମାନୈଶ୍ୱର୍ଯ୍ୟ ।

୩। ସାମୀପ୍ୟ—ନୈକଟ୍ୟ ।

୪। ସାରୂପ୍ୟ—ଏକରୂପତା ।

୫। ସାୟୁଜ୍ୟ—ଏକତା; କୃଷ୍ଣଙ୍କ ଦେହରେ ଭକ୍ତର ଲୀନ ହେବା ଅବସ୍ଥା ।

ଏହି ଶେଷୋକ୍ତ ମୁକ୍ତିଲାଭ କଲେ ଭକ୍ତ ଭଗବାନଙ୍କଠାରେ ଲୀନ ହୋଇଯାଏ । ଶାସ୍ତ୍ରରେ ଲେଖାଅଛି ଯେ, ସାୟୁଜ୍ୟ ୨ ପ୍ରକାର—ଭଗବତ ସାୟୁଜ୍ୟ ଓ ବ୍ରହ୍ମସାୟୁଜ୍ୟ । ସାୟୁଜ୍ୟ ମୁକ୍ତିରେ ଭକ୍ତ ପକ୍ଷରେ ଭଗବତ୍ ସେବାର ଅଭାବ ଘଟେ । ଅତଏବ ଭକ୍ତ ଅନ୍ୟ ୪ ପ୍ରକାର ମୁକ୍ତିକୁ କାମନା କରେ ଓ ଏ ମୁକ୍ତିକୁ କାମନା କରେ ନାହିଁ—ଭାଗବତ ୩ୟ ଅଧ୍ୟାୟ ।]

ସାୟେ—ସଂ. ଅ (ସାୟ+୭ମୀ ବିଭକ୍ତିରେ ଏ)—ଦିନାନ୍ତେ; ସନ୍ଧ୍ୟାବେଳେ—At eve.
Sāye

ସାୟେକ—ଗ୍ରା. ବି (ସାୟକର ଅଶୁଦ୍ଧ ଉଚ୍ଚାରଣ)—ସାୟକ (ଦେଖ)
Sāyeka Sāyaka. (See)

ସାୟେ(ଏ)ନ୍ସ୍ (ଇତ୍ୟାଦି)—ବୈଦେ. ବି (ଇଂ. ସାୟେନ୍ସ୍)—ବିଜ୍ଞାନ; ସାଏନ୍ସ୍, ଇତ୍ୟାଦି (ଦେଖ)—Science.
Sāye(e)ns (etc)

ସାୟେଲ୍—ବୈଦେ. ବି (କଚେରି)—ସାୟଲ୍ (ଦେଖ)
Sāyel Sāyal. (See)

ସାୟେସ୍ତା ଖାଁ—ବୈଦେ. ବି (ନାମ)—ସାଏସ୍ତା ଖାଁ; ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ବଙ୍ଗର ଜଣେ ମୋଗଲ ଶାସନକର୍ତ୍ତା—Name of a Governor of Bengal under the Moghuls in the seventeenth century A. D. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୬୦୩; ମୃତ୍ୟୁ ଖ୍ରୀ ୧୬୯୪ । ଏହାଙ୍କ ପିତା ଅସଫ୍ ଖାଁ ମୋଗଲ ସମ୍ରାଟଙ୍କ ଉଜୀର ବା ପ୍ରଧାନ ମନ୍ତ୍ରୀ ଥିଲେ । ଅସଫ୍ ଖାଁଙ୍କ ମୃତ୍ୟୁ ପରେ ସାହାଜାହାନ୍ ଖ୍ରୀ. ୧୬୪୧ରେ ଏହାଙ୍କୁ ଉଜୀର କଲେ । ତତ୍ପୂର୍ବେ ଏ ବେରାରର ଶାସନକର୍ତ୍ତାରୂପେ ନିଯୁକ୍ତ ହୋଇଥିଲେ । ଖ୍ରୀ. ୧୬୫୬ରେ ସମ୍ରାଟ୍ ଅରଙ୍ଗଜେବ୍ ଏହାଙ୍କୁ ଦାକ୍ଷିଣାତ୍ୟର ରାଜପ୍ରତିନିଧି ଓ ୧୬୫୯ରେ ଏହାଙ୍କୁ ଶାସନକର୍ତ୍ତାରୂପେ ନିଯୁକ୍ତ କଲେ । ଶିବାଜୀଙ୍କ ସହିତ ଖ୍ରୀ. ୧୬୬୧ରେ ଏହାଙ୍କର ଯୁଦ୍ଧ ହୋଇଥିଲା ଓ ସେଥିରେ ଶିବାଜୀ ଜୟଲାଭ କରିଥିଲେ ଓ ଏଥିପରେ ଶିବାଜୀଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଅରଙ୍ଗଜେବ ଅମ୍ବରର ଅଧିପତି ଜୟସିଂହଙ୍କୁ ଓ ଅଫଗାନ ସେନାପତି ଦିଲେର୍ ଖାଁଙ୍କୁ ପଠାଇଲେ ଓ ଅବଶେଷରେ ସମ୍ରାଟଙ୍କ ସଙ୍ଗେ ଶିବାଜୀଙ୍କର ସନ୍ଧି ହେଲା । ଶିବାଜୀ ଅଧିକାର କରିଥିବା ମୋଗଲ ରାଜ୍ୟମାନ ଫେରାଇ ଦେଲେ ଓ ବିଜାପୁର ରାଜ୍ୟକୁ ଜୟ କରିବାରେ ସମ୍ରାଟଙ୍କୁ ସାହାଯ୍ୟ କଲେ । ସମ୍ରାଟ ଶିବାଜୀଙ୍କୁ ମହାରାଷ୍ଟ୍ର ଦେଶର ରାଜା ବୋଲି ସ୍ୱୀକାର କଲେ ଓ ତାଙ୍କ ପୁତ୍ର ଶମ୍ଭୁଜୀଙ୍କୁ ମୋଗଲ ସମ୍ରାଟଙ୍କର ୫ ହଜାର ଅଶ୍ୱାରୋହୀ ସେନାଙ୍କ ମନସବଦାର (ସେନାପତି) କଲେ । ସମ୍ରାଟ୍ ଶିବାଜୀଙ୍କୁ ନିମନ୍ତ୍ରଣରେ ଦିଲ୍ଲୀକୁ ଡକାଇଲେ ଓ ସେଠାରେ ସାୟେସ୍ତା ଖାଁ (ଦାକ୍ଷିଣାତ୍ୟରେ ପୂର୍ବ ଯୁଦ୍ଧରେ ପରାସ୍ତ ହୋଇଥିବା ଅପମାନର ସାଧିବା ଉଦ୍ଦେଶ୍ୟରେ) ସମ୍ରାଟଙ୍କୁ ଗୁପ୍ତ ପରାମର୍ଶ ଦେଇ ଶିବାଜୀଙ୍କୁ ଦିଲ୍ଲୀରେ ବନ୍ଦୀ କରାଇଲେ । କିନ୍ତୁ ଶିବାଜୀ କୌଶଳ ଅବଲମ୍ବନ କରି ସେଠାରୁ ଖସି ଗଲେ । ୧୬୬୬ରେ ସମ୍ରାଟ୍ ସାୟେସ୍ତା ଖାଁଙ୍କୁ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ କଲେ । ଏହାଙ୍କ ସମୟରେ ବଙ୍ଗଦେଶରେ ମୋଗଲ ଅଧିକାର ଦୃଢ଼ତରରୂପେ ପ୍ରତିଷ୍ଠିତ ହେଲା ଓ ସର୍ବତ୍ର ଶାନ୍ତି ବିରାଜିଲା । ସେ ସମୟରେ ୧ ମହଣ ଚାଉଳର ମୂଲ୍ୟ ଦୁଇ ଅଣା ମାତ୍ର ଥିଲା । ସାୟେସ୍ତା ଖାଁ ଢାକାରେ ରାଜଧାନୀ ସ୍ଥାପନ କଲେ । ସେ ସମୟରେ କଲିକତାରେ ଅବସ୍ଥିତ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ବାଣିଜ୍ୟ-କୋଠୀର ଶାସନକର୍ତ୍ତା ଜବ୍ ଚର୍ଣ୍ଣକ୍‌ଙ୍କ ସହିତ ସାୟେସ୍ତା ଖାଁଙ୍କର ଯୁଦ୍ଧ ହୋଇଥିଲା । ଏ ୧୬୯୪ରେ ୯୧ ବର୍ଷ ବୟସରେ ପରଲୋକ ଗମନ କଲେ । ଏ ଆଗ୍ରାରେ ଯମୁନାତୀରରେ ଗୋଟିଏ ଉଦ୍ୟାନ ଓ ପ୍ରାସାଦ ଏବଂ ଆଲ୍ଲାହାବାଦରେ ଗୋଟିଏ ଜୁମାମସଜିଦ୍ ନିର୍ମାଣ କରାଇଥିଲେ । ଏ ସବୁର ଧ୍ୱଂସାବଶେଷ ଅବଧି ବିଦ୍ୟମାନ—ବିଶ୍ୱକୋଷ ।

ଅନ୍ୟ ସମ୍ବାଦ ପାଇଁ ସାଏସ୍ତା ଖାଁ ତଳେ ଦିଆଯାଇଥିବା ନୋଟ୍ ଦେଖ ।]
Sāyestā khān
साय़स्ता ख़ाँ सायेस्ता खाँ

ସାଯ୍ୟ—ଗ୍ରା. ବି (ସଂ. ସାହାଯ୍ୟ)—ସାହାଯ୍ୟ (ଦେଖ)—Sāhājya (See)
Sājya साहाय्य साहाय्य

ସାର୍ (ଇତ୍ୟାଦି)—ବୈଦେ. ଅ ଓ ବି (ଇଂ. ସରର ଅଶୁଦ୍ଧ ଲେଖନ)—ସର୍ ଇତ୍ୟାଦି (ଦେଖ)—Sar etc (See)
Sār (etc)
सार सर

ସାର୍ (ଧାତୁ)—ସ—ଦୁର୍ବଳ ହେବା (ବିଶ୍ୱକୋଷ)—To become weak.
Sār (root)

ସାରୁବା—ପ୍ରାଦେ. (ଉତ୍ତରଭାଷା) କ୍ରି—ସାରିବା—To finish.
Sār-bā

ସାର୍‌ଲିନ୍—ପ୍ରାଦେ. (ଗାଞ୍ଜାମ) କ୍ରି—(ମୁଁ) ଶେଷ କଲିଣି—
Sār-lin (I) Have finished.

ସାର—ସଂ. ବି (ସୃ ଧାତୁ=ଗମନ କରିବା ବା ସ୍ଥିର ହେବା+କର୍ତ୍ତୃ. ବା କରଣ, ଅ)—୧ । କୌଣସି ପଦାର୍ଥର ଶ୍ରେଷ୍ଠାଂଶ—
Sāra 1. The most excellent part of a thing; substance. ୨ । ସାରାଂଶ; ସ୍ଥିରାଂଶ (ଅମର)—2. Essential part. ୩ । ତେଜଃ—3. Vigour. ୪ । ବଳ (ଅମର)—4. Strength. [ଉ—ଲୋତୃଟିକ ପିଲା ହଟି, ମୋ ସାର ଯାଉଛି ଛୁଟି—କବିସୂର୍ଯ୍ୟ, କଳୋପତର୍ଷ. ଛ-ଗୀତ ।] ୫ । ଦେହର ମଜ୍ଜା—5. Marrow. ୬ । ବୃକ୍ଷର ମଜ୍ଜା; ମଜ୍ଜ (ଅମର)—6. The pith of a tree; the heart-wood of a tree. ୭ । ବୀର୍ଯ୍ୟ; ବୀରତ୍ୱ—7. Heroism. ୮ । ବଜ୍ରକ୍ଷାର (ରାଜନିର୍ଘଣ୍ଟ)—8. A kind of ashes. ୯ । ବାୟୁ (କଟାଧର)—9. Air. ୧୦ । ରୋଗ (ଧରଣୀ)—10. Sickness. ୧୧ । ପାଶକ; ପଶା ଖେଳର ଗୋଟି (ଶବ୍ଦରତ୍ନାବଳୀ)—11. The dice balls. [ଉ—ବିପକ୍ଷର କାଠିକ ଖରି ଦୃଢ଼ ମୁଷ୍ଟିକ ପ୍ରହାରି ସାର ସାରେ ଯେ—ଉପେ. ବୈଦେହୀଶବିଳାସ ।] ୧୨ । (ସର+ସ୍ୱାର୍ଥେ. ଅ) ଦଧ୍ୟୁତ୍ତର; ନବନୀତ (ଶବ୍ଦରତ୍ନାବଳୀ ଓ ରାଜନିର୍ଘଣ୍ଟ)—12. Butter. ୧୩ । (ସର+ସ୍ୱାର୍ଥେ. ଅ) ଦୁଧର ସର—13. The cream of milk. ୧୪ । ଜଳ (ମେଦିନୀ)—14. Water. ୧୫ । ଧନ (ମେଦିନୀ)—15. Riches. ୧୬ । ଲୌହ (ଭାବପ୍ରକାଶ)—16. Iron. ୧୭ । ବିପିନ; ବନ (ଶବ୍ଦରତ୍ନାବଳୀ)—17. Forest. ୧୮ । କାଠିନ୍ୟ; ଦୃଢ଼ତା—18. Hardness. ୧୯ । ବୃକ୍ଷବର୍ଦ୍ଧକ ରସ—19. The sap of a tree. ୨୦ । ଅର୍କ; ନିର୍ଯ୍ୟାସ—20. Essence; extract. ୨୧ । ସଂକ୍ଷେପ—21. Synopsis; summary or purport. ୨୨ । କଥାର ମର୍ମ; ତାତ୍ପର୍ଯ୍ୟ; ତତ୍ତ୍ୱାର୍ଥ—22. Substance of a speech. ୨୩ । ରହସ୍ୟ—23. Hidden meaning. ୨୪ । ଅତିସାର—24. Dysentery. ୨୫ । ଉତ୍କର୍ଷ—25. Excellence; worth. ୨୬ । ନାନାବର୍ଣ୍ଣ—26. Various colours. ୨୭ । କ୍ଷେତକୁ ଉର୍ବର କରିବା ପାଇଁ ଦିଆଯିବା ପଦାର୍ଥ; ଖତ—27. Manure. ୨୮ । ଗୋମୟ—28. Cow-dung. ୨୯ । ଉତ୍ତରୋତ୍ତର ଉତ୍କର୍ଷ ବର୍ଣ୍ଣନାରୂପ ଅର୍ଥାଳଙ୍କାରବିଶେଷ (ସାହିତ୍ୟ ଦର୍ପଣ)—29. Name of a figure of speech. [ଦ୍ର—ପୂର୍ବାପୂର୍ବ ପଦାର୍ଥ ଅପେକ୍ଷା ଉତ୍ତରୋତ୍ତର ପଦାର୍ଥର ଉତ୍କର୍ଷ ବର୍ଣ୍ଣନାକୁ ସାର କୁହାଯାଏ । କୁଳମଣି. ଅଳଙ୍କାର ତରଙ୍ଗିଣୀ ।]

(ଉଦାହରଣ—ବାଛ ନେଇଛନ୍ତି ଯାହା କଲେ ଲୀଳାମୟ
ପୁଣି ମର୍ତ୍ତ୍ୟ ଲୀଳା ଲାଗି ଅଖିଳ ଭାରତେ
ପର୍ବତଙ୍କଲେ ଶ୍ରେଷ୍ଠ ଯେତେକ ପ୍ରକୃତ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ
× × × ×
ପୁଷ୍କରିଣୀ ଶ୍ରେଷ୍ଠ ତାର କେଶର ଯେସନେ
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ—
ରାଧାନାଥ. ମହାଯାତ୍ରା ।)

୩୦ । ଅମୃତ (ଭାଗବତ ୭ମ ଅଧ୍ୟାୟ)—30. Nectar. ୩୧ । ଦାଡ଼ିମ୍ବ ବୃକ୍ଷ (ବିଶ୍ୱକୋଷ)—31. The Pomegranate tree. ୩୨ । ପିୟାଶାଳ ବୃକ୍ଷ (ବିଶ୍ୱକୋଷ)—32. Buchanania Latifolia tree. ୩୩ । ରଙ୍ଗ (ବିଶ୍ୱକୋଷ)—33. Tin. ୩୪ । ମୁଦ୍‌ଗ (ବିଶ୍ୱକୋଷ)—34. Phaseolus Radiatus (grain). ୩୫ । କ୍ୱାଥ (ବିଶ୍ୱକୋଷ)—35. Decoction. ୩୬ । ନୀଳୀବୃକ୍ଷ (ବିଶ୍ୱକୋଷ)—36. Indigo plant. ୩୭ । କର୍ପୂର (ବିଶ୍ୱକୋଷ)—37. Camphor. ୩୮ । ଗଛରୁ ପରିସ୍ରୁତ ନିର୍ଯ୍ୟାସ; ଶୁଖିଲା ଅଠା (ବିଶ୍ୱକୋଷ)—38. Died gum. ୩୯ । ଶାଳ ବୃକ୍ଷର ସାର (ବିଶ୍ୱକୋଷ)—39. Resin of Shorea Robusta tree. ୪୦ । ପଣା; ପାନକ (ବିଶ୍ୱକୋଷ)—40. Sweetened drink. ୪୧ । ଦେହାଭ୍ୟନ୍ତରେ ସ୍ଥିର ପଦାର୍ଥ (ବିଶ୍ୱକୋଷ)—41. The substantial part inside the body. [ଦ୍ର—ଚରକର ବିମାନ ସ୍ଥାନରେ ବର୍ଣ୍ଣିତ ହୋଇଅଛି ଯେ, ଦେହର ସାର ଅଠଗୋଟି, ଯଥା—ତ୍ୱକ୍, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା, ଶୁକ୍ର ଓ ସତ୍ତ୍ୱ । ଶରୀରର ଅଠଗୋଟି ସାରର ଲକ୍ଷଣ ଓ ଫଳ ସ୍ୱତନ୍ତ୍ରରୂପେ ବର୍ଣ୍ଣିତ ହୋଇଅଛି । ଯେଉଁମାନେ ଏହି ସବୁ ସାରସମ୍ପନ୍ନ ସେମାନେ ବଳବାନ୍, ସର୍ବସୁଖାନ୍ୱିତ ଓ କ୍ଳେଶସହ ହୁଅନ୍ତି । ସେମାନେ ନିଜର ସାମର୍ଥ୍ୟ ଉପରେ ଖୁବ୍ ଆସ୍ଥାବାନ୍, ଦୃଢ଼ଶରୀର, ସଂଯତ ଓ ସୁସମାହିତଗାତ୍ର ହୁଅନ୍ତି । ସର୍ବସାରସମ୍ପନ୍ନ ବ୍ୟକ୍ତିଙ୍କ ସ୍ୱର ପ୍ରତିଧ୍ୱନିଜନକ, ସ୍ନିଗ୍ଧ, ଗମ୍ଭୀର ଓ ମହାନ୍ ହୁଏ ଓ ସେମାନେ ସୁଖୀ, ଐଶ୍ୱର୍ଯ୍ୟଶାଳୀ, ସମ୍ମାନଶାଳୀ ଓ ଧନୀ ହୁଅନ୍ତି । ସେମାନଙ୍କୁ ଜରା ଓ ରୋଗ ଅଳ୍ପ ଆକ୍ରମଣ କରେ । ସେମାନଙ୍କ ଅପତ୍ୟମାନେ ତୁଲ୍ୟଗୁଣାନ୍ୱିତ, ବହୁବିସ୍ତାରକାରୀ ଓ ଦୀର୍ଘଜୀବୀ ହୁଅନ୍ତି । ଯେଉଁମାନଙ୍କର ଶରୀରରେ ଏ ଅଠଗୋଟି ସାର ବିଦ୍ୟମାନ, ସେମାନଙ୍କୁ ସର୍ବସାର, ଯାହାଙ୍କର ଏଥି ମଧ୍ୟରୁ କେତେଗୋଟି ସାର ଥାଏ ସେମାନଙ୍କୁ ମଧ୍ୟସାର, ଯାହାଙ୍କର ଏ ସାରମାନଙ୍କ ମଧ୍ୟରୁ ଅଳ୍ପ କେତୋଟି ଥାଏ ସେମାନଙ୍କୁ ଅଳ୍ପସାର ଓ ଯାହାଙ୍କର ଏ ସବୁ ସାରର ଅଭାବ ଥାଏ ତାଙ୍କୁ ଅସାର ବୋଲାଯାଏ । ସର୍ବସାର ବ୍ୟକ୍ତି ଦୀର୍ଘାୟୁ ଓ ବଳିଷ୍ଠ, ମଧ୍ୟସାର ମଧ୍ୟବଳ ଓ ମଧ୍ୟାୟୁ ଓ ଅଳ୍ପସାର ଅଳ୍ପବଳ ଓ ଅଳ୍ପାୟୁ ହୁଅନ୍ତି ।

ଚନ୍ଦ୍ରସ୍ତ୍ରମାନେ ଚନ୍ଦ୍ରସ୍ତ୍ରାକାଳରେ ରୋଗୀର ଋକ୍ତ ସାରମାନ ପରୀକ୍ଷା କରି ରୋଗୀର ବଳାବଳ ନିରୂପଣ କରିବେ—ଶବ୍ଦକୋଷ ।] ४୨ । ଦୋଫସଲ୍ଲ ଜମି (ଦ୍ବ. ଶ)—42. A land growing more than one crop. ४୩ । ଗୋଶାଳା (ଦ୍ବ. ଶ)—43. Cow-shed; cattle-pen. ୪୪ । ଦୁହାଁ ହେବାର ପର-କ୍ଷଣରେ ଅଉଟା ହୋଇଥିବା ଦୁଧ (ଦ୍ବ. ଶ)—44. Milk boiled just after it is drawn. ४୫। ପରିଣାମ; ଫଳ (ଦ୍ବ. ଶ)—45. Result; outcome. ବିଣ— ୧ । ବର; ଶ୍ରେଷ୍ଠ; ଉତ୍କୃଷ୍ଟ—1. Excellent; pre-

(ସାରା—ସ୍ତ୍ରୀ) eminent. ୨ । ଅତି ଦୃଢ଼ (ଶବ୍ଦରତ୍ନାବଳୀ)— 2. Very hard or strong. ୩ । ନାନାବର୍ଣ୍ଣ ବିଶିଷ୍ଟ—3. Variegated. ୪ । ବଳବାନ୍— 4. Strong. ୫ । ସ୍ଥାୟୀ—5. Permanent. ୬ । ସାରଭୂତ; ଅସଲ—6. Essential. ୭ । ସଂକ୍ଷିପ୍ତ— 7. Summarized; abridged. ୮ । ନ୍ୟାଯ୍ୟ (ମେଦିନୀ)—8. Right; just. ୯ । ସର୍ବୋତ୍ତମ— 9. Best. ଦେ. ବି—୧ । ପ୍ରାଣ; ଜୀବନ—1. Life.

সার (ଉ—ମାର ଘଣ୍ଟିରୁ ଶର ଶାଣି, ଡାଳ ଜ ଚରିତ ଅବୁ ଜାଣି,

सार ସାରକୁ ସେକଟିବ ଛଣି । କବିସୂର୍ଯ୍ୟ (ସଙ୍ଗୀତ) । ୨ ।

সারী ସାରୀ ପକ୍ଷୀ; ମଇନା—2. Myna bird. (ଉ—

सारी ସ୍ୱଚ୍ଛନ୍ଦ ଅଶ୍ରୁକାଳେ କଣ୍ଠ ଫେଡ଼ି, ଶୁଅ ନବାକୂଳ ବନ୍ଧୁ, ଶ୍ୟାମା, ସାର, ଚଟାପୁଏ । ରାଧାନାଥ, ମହାଯାତ୍ରା ।)

সেট ୩ । ଅଳଙ୍କାର ଅଦିର ଏକ ସେଟ୍—3. A set(of

सेट ornaments etc.)[ଯଥା—ସେ ଝିଅକୁ ସୁନାର ସାରେ ଓ ରୁପାର ସାରେ ଅଳଙ୍କାର ଦେଇଛି; ଏକ ସାର (ସାତ ଖଣ୍ଡ) ଭୂଷାକୋଷର ମୂଲ୍ୟ ଦେଢ଼ଶତ ଟଙ୍କା ଅଟେ ।]

হারাহারী ୪ । ଅସମବାହୁକ କ୍ଷେତ୍ରର ଏକାଧିକ ସ୍ଥାନର ମାପମାନଙ୍କର

सार, हाराहारी ହାରାହାରି ପରିମାଣ—4. The mean of various measurements taken of an irregular field. [ଦ୍ର—ଏଥିର ସାଙ୍କେତିକ । ସା ।]

୫ । ବାହାରେ ଗଦା ହୋଇଥିବା ଚୁନାଧାନ ଉପରେ

চিহ্ণ, দাগ ଦିଅଯିବା ପାଉଁଶ ଚିହ୍ନ—5. Marks made with

चिह्न ashes on a heap of grain when left at an open place.

ସାରକ—ସଂ ବିଣ ସୃ, ଧାତୁ ଣିଚ୍=ସାର, ଧାତୁ+କର୍ତ୍ତି. ଅକ)— Sāraka ବିରେଚକ—Laxative; purgative. ବି—

(ସାରିକା—ସ୍ତ୍ରୀ) ୧ । ବିରେଚକ ଔଷଧ—1. A laxative; a purgative. ୨ । ଜୟପାଳ (ଶବ୍ଦକଳ୍ପଦ୍ରୁମ)— 2. Croton seed.

ସାର କଥା—ଦେ. ବି—୧ । ସାରଗର୍ଭ କଥା—1. Substantial

Sāra kathā word. ୨ । ଶ୍ରେଷ୍ଠ ବିଷୟ—2. Essential

সার কথা matter. ୩ । ସାର ମର୍ମ—3. Substance;

सारबात gist; summary. ୪ । କଥାର ଉଦ୍ଦେଶ୍ୟ— 4. The motive or intention of a speech.

ସାର କମା—ଦେ. ବି. ସ୍ତ୍ରୀ—ଦେବୀ ବିଶେଷ—Name of a

Sāra kamā popular goddess. (ଉ—ଉଗ୍ରଲା ସାରକମା ମାଉଳୀ ଉଲୋଇମା । ପୀତାମ୍ବର ନୃସିଂହପୁରାଣ ।)

ସାର କରିବା—ଦେ. କ୍ରି—୧। ଅସମବାହୁ କ୍ଷେତ୍ରର ଏକାଧିକ ସ୍ଥାନ ମାପି

Sāra kariba ଚହିଁର ହାରାହାରି ନେବା—1. To

হারাহারি বাহিরকরা सार लेना take a mean of the measurements of a side of an irregular field. ୨ । ସାରୁ କରିବା (ଦେଖ)— 2. Sārā kariba (See)

ସାର କୁଢ଼—ଦେ. ବି (ଫ ସାର ଓ କୁଢ଼)—ଖତକୁଢ଼; ଖତଗଦା—

Sāra kurdha A heap of cowdung; a hole

সারকুড় खादकीजगह where sweepings of the cowshed are deposited.

ସାରଖଦିର—ସଂ ବି—୧ । ଦୁର୍ଗନ୍ଧ ଖଦିର (ଶବ୍ଦକଳ୍ପଦ୍ରୁମ); ଦୁର୍ଗନ୍ଧ ଖଇର—

Sārakhadira 1. A kind of catechu; a kind

ইয়াবাবলা बबुरी of foetid catechu. ୨ । ବିଟଖଦିର (ବୃକ୍ଷ); ଗନ୍ଧସୁରାଦିଅ ଗଛ— 2. Acacia Farnesira (tree).

ସାରଗନ୍ଧ(ନ୍ଧି)—ସଂ. ବି (ବହୁବ୍ରୀହି; ସାର=ଶ୍ରେଷ୍ଠ ଅଟେ ଗନ୍ଧ ଯାହାର)·

Sāragandha(ndhi) ଚନ୍ଦନ—Sandal wood.

ସାରଗର୍ଭ—ସଂ. ବିଣ (ବହୁବ୍ରୀହି; ସାର ଅଛି ଗର୍ଭରେ ଯାହାର)—

Sāragarbha ସାରଯୁକ୍ତ; ଯାହାର ଅଭ୍ୟନ୍ତରରେ ସାର ବା

সারগর্ভক } ଉତ୍କୃଷ୍ଟ ଅଛି—Substantial; containing

সারগর্ভিত } —ଅନ୍ୟରୂପ substance inside.

ସାରଗାର—ଦେ. ବିଣ—୧ । ଉତ୍କୃଷ୍ଟ—Excellent. ୨ । ସାରଯୁକ୍ତ-

Sāragāra সারবান सार 2. Substantial (ଉ—ସେ ଖଞ୍ଜନ ଉଞ୍ଜନ ସେ ପ୍ରଥମା ସିକୁନା, ସାରଗାର ଗୁଣା ଅଠା କାଠିରେ ଲଗିଲ—ଉଞ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।) ୩ । ମୀମାଂସିତ— 3. Finally settled. (ଯଥା—ଅଜି ପଞ୍ଚାଏତରେ ଏ କଥା ସାରଗାର ହୋଇଗଲା ।) ବି—ଶେଷ ମୀମାଂସା—Final settlement. (ଯଥା— ଦିନ ଦିନ ହେଲା ବସି ବସି ଅମୁକ କଥାର ସାରଗାର ନ ହେଲା ।)

ସାରଗୁଡ଼—ଦେ· ବି (ସଂ· ସାର+ଗୁଡ଼)—ମତ୍ସ୍ୟଣ୍ଡୀ; ଇକ୍ଷୁର ଦ୍ରବ-

Sāra gurda ଦ୍ରବ୍ୟପକ୍ୱ ଗାଢ଼ତର ଇକ୍ଷୁ ରସ;

চিটা গুড় সার গুড় सार गुड चିଟା ଗୁଡ଼— Thickened molasses. [ଦ୍ର—ଏହା ଭେଦକ, ବଳକାରକ, ଲଘୁ, ମଧୁରରସ, ଶୁକ୍ରବର୍ଦ୍ଧକ; ପିତ୍ତ, ବାୟୁ ଓ ରକ୍ତଦୋଷନାଶକ ।]

ସାରଗୁଣା—ଦେ· ବି (ସଂ· ସାରଙ୍ଗ)—୧ । ବାଦ୍ୟଯନ୍ତ୍ରବିଶେଷ; ସାରଙ୍ଗି ବାଜା—1. A kind of stringed musical instrument. ୨ । ଉତ୍କୃଷ୍ଟ ତାରମାନ—2. Fine wires. ୩ । ଉତ୍କୃଷ୍ଟ ଗୁଣ—3. Superior quality. (ଭ—୬ ଓ ୩ ଅର୍ଥ—ବୃନ୍ଦ ବୃନ୍ଦ ଯହିଁ କରୁଣସ୍ପୃଷ୍ଟବିଶିଷ୍ଟ ସାରଗୁଣାହିଁ ବଂଶ—ଭଞ୍ଜ) ୪ । (ସ୍ତ୍ରୀ°) (ସ ଶକୁନ)—ଶାଗୁଣା; ଗୃଧ୍ର—4. Vulture.
Sāraguṇā
ସାରଙ୍ଗି ଗୁନା
ଶକୁନ ଗୀଧ
(ସାରଗୁଣୀ—ସ୍ତ୍ରୀ)

ସାରଗୋ—ଦେ ବି—ଓଡ଼ିଶା କୂଳକୂଳର ପ୍ରାଚୀନ ବନ୍ଦରବିଶେଷ— (ଇଗବନ୍ଦ ପ୍ରାଚୀନ ବନ୍ଦର)—Name of an ancient seaport of Orissa.
Sārago

ସାରଗ୍ରାହୀ—ସଂ ବିଣ (ସାରଗ୍ରାହିନ୍, ଶବ୍ଦ; ସାର+ଗ୍ରହ୍ ଧାତୁ =ଗ୍ରହଣ କରିବା+ଇନ୍ ପ୍ରତ୍ୟ.; ୧ମା; ୧ବ)—ଯେ ସାର ଗ୍ରହଣ କରେ; ସାର ଗ୍ରହଣ କର୍ତ୍ତା—One who appreciates the or accepts inner worth of a matter.
Sāra grāhī
(ସାରଗ୍ରାହିଣୀ—ସ୍ତ୍ରୀ)
ସାରଗ୍ରାହୀ } —ହିଂ
ସାରଗ୍ରାହକ }

ସାରଘ(ଘ୍ୟ)—ସଂ· ବି (ସରଘା=ମହୁମାଛି+ଭୂତାର୍ଥେ. ଅ; ଯ)—ମଧୁ; ମହୁ (କଠାଧର)—Honey.
Sāragha(ghya)
[ଦ୍ର—ମଧୁମକ୍ଷିକା ନାନାବିଧ ପୁଷ୍ପରୁ ସଂଗ୍ରହ କରିବା ମଧୁକୁ ସାରଘ ମଧୁ ବୋଲାଯାଏ । ବୈଦ୍ୟକ ମତରେ ଏହା ଅତି ଲଘୁ, ରୁକ୍ଷ, ଜାଡଶୀତଳ, ପାଚନ, ବଳକର ଓ କାସ, ଯକ୍ଷ୍ମାରୋଗ, କାମଲ, ଅର୍ଶ, ଅତିସାର, ନେତ୍ରରୋଗ, କ୍ଷତ ଓ କ୍ଷତଜ ରୋଗରେ ହିତକର—ବୈଦ୍ୟକୋଷ] ।

ସାର ଘାଟି—ଦେ· ବି—୧ । ପାର ହେବାପାଇଁ ବିଷମ ସ୍ଥାନ; ସଙ୍କଟ—1. A very dangerous place for crossing. ୨ । ବିଷମ ବା କଠିନ ସମସ୍ୟା—2. Crisis; dilemma.
Sāra ghāṭi
বিষম ঘাটি
बिषम सङ्कट

ସାରଙ୍—ଦେ· ବି—ସାରଙ୍ଗୀ (ଦେଖ)
Sāraṅ
Sāraṅgi (See)

ସାରଙ୍ଗ୍—ବୈଦେ, ବି (ଫା. ସର୍‌ହଙ୍ଗ୍)—୧ । ନୌକାର ନାବିକମାନଙ୍କ ଅଧକ୍ଷ—1. The head sailor. ୨ । ନୌକାର ଚାଳକ—2. The guide of a boat. ୩ । ବୋଟର କାପ୍ତାନ—3. The captain of a boat.
Sāraṅg
সারেঙ্গ
सारेङ्ग

ସାରଙ୍ଗ—ସ, ବି (ସୃ ଧାତୁ=ଗତି କରିବା+ଇନ୍. ଅଙ୍ଗ)—୧ । ଚାତକ ପକ୍ଷୀ (ଅମର)—1. Coccyster. ୨ । ହରିଣ; ମୃଗ (ମେଦିନୀ)—2. Dear. ୩ । ହସ୍ତୀ; ମତଙ୍ଗଜ (ମେଦିନୀ)—3. Elephant. ୪ । ଭୃଙ୍ଗ; ଭ୍ରମର (ହ୍ଵ. ଶ)—4. The black bee. ୫ । ଛତ୍ର; ଛତା (ଶବ୍ଦ ରତ୍ନାବଳୀ)—5. Umbrella. ୬। ରାଜହଂସ (ଶବ୍ଦ ରତ୍ନାବଳୀ)—6. Swan. ୭ । ଚିତ୍ର ମୃଗ (ଶବ୍ଦ ରତ୍ନାବଳୀ)—7. Spotted deer. ୮ । ବାଦ୍ୟଯନ୍ତ୍ର ବିଶେଷ; ସାରଙ୍ଗୀ (ଶବ୍ଦ ରତ୍ନାବଳୀ)—8. A kind of stringed musical instrument. ୯ । ଅଂଶୁକ (ରତ୍ନାବଳୀ)—9. Thin cloth. ୧୦। ନାନା ବର୍ଣ୍ଣ (ଅନେକାର୍ଥ କୋଷ)—10. Varied colour. ୧୧ । ମୟୂର (ଅନେକାର୍ଥ କୋଷ)—11. Peacock. ୧୨ । କାମଦେବ (ଅନେକାର୍ଥ କୋଷ)—12. Cupid. ୧୩ । ଧନୁ (ଅନେକାର୍ଥ କୋଷ)—13. Bow. ୧୪ । କେଶ (ଅନେକାର୍ଥ କୋଷ)—14. Hair. ୧୫ । ସ୍ୱର୍ଗ (ଅନେକାର୍ଥ କୋଷ)—15. Heaven. ୧୬। ଆଭରଣ; ଅଳଙ୍କାର (ଅନେକାର୍ଥ କୋଷ)—16. Ornaments. ୧୭ । ପଦ୍ମ (ଅନେକାର୍ଥ କୋଷ)—17. Lotus. ୧୮ । ଶଙ୍ଖ (ଅନେକାର୍ଥ କୋଷ)—18. Conch. ୧୯ । ଚନ୍ଦନ (ଅନେକାର୍ଥ କୋଷ)—19. Sandal. ୨୦ । କର୍ପୂର (ଅନେକାର୍ଥ କୋଷ)—20. Camphor. ୨୧ । ପୁଷ୍ପ; ଫୁଲ (ଅନେକାର୍ଥ କୋଷ)—21. Flower. ୨୨ । କୋକିଳ (ଅନେକାର୍ଥ କୋଷ)—22. Cuckoo. ୨୩ । ମେଘ (ଅନେକାର୍ଥ କୋଷ)—23. Cloud. ୨୪ । ପୃଥିବୀ; ଭୂମି (ଅନେକାର୍ଥ କୋଷ)—24. The earth. ୨୫ । ରାତ୍ରି (ଅନେକାର୍ଥ କୋଷ)—25. Night. ୨୬ । ଦୀପ୍ତି (ଅନେକାର୍ଥ କୋଷ)—26. Lustre. ୨୭ । ମଣି (ଅନେକାର୍ଥ କୋଷ)—27. Gem. ୨୮ । ସିଂହ (ଅନେକାର୍ଥ କୋଷ)—28. Lion. ୨୯ । ସ୍ୱର୍ଣ୍ଣ (ଅନେକାର୍ଥ କୋଷ)—29. Gold. ୩୦ । ପରିଚ୍ଛଦ (ଅନେକାର୍ଥ କୋଷ)—30. Dress. ୩୧ । ଚନ୍ଦ୍ର—31. The moon. ୩୨ । ଖଞ୍ଜନ ପକ୍ଷୀ; ଭୃଙ୍ଗ—32. Wagtail. ୩୩ । ରକ୍ତ କଇଁ—33. Red lily. ୩୪ । ଶ୍ୟେନ; ବାଜ ପକ୍ଷୀ (ହ୍ଵ· ଶ)—34. Hawk. ୩୫ । ସୂର୍ଯ୍ୟ (ହ୍ଵ. ଶ)—35. The sun. ୩୬ । ସର; ଜଳାଶୟ (ହ୍ଵ. ଶ)—36. Tank. ୩୭ । ଏକପ୍ରକାର ମହୁମାଛି (ହ୍ଵ· ଶ)—37. A species of bees. ୩୮ । ବିଷ୍ଣୁଙ୍କ ଧନୁ (ହ୍ଵ·ଶ)—38. Name of Bishṇu's bow. ୩୯ । ଲଵ ପକ୍ଷୀ (ହ୍ଵ· ଶ)—39. The grey quail bird. ୪୦ । ଶ୍ରୀକୃଷ୍ଣଙ୍କ ଏକ ନାମ (ହ୍ଵ. ଶ)—40. A name of Śrikṛushṇa. ୪୧ । ସମୁଦ୍ର (ହ୍ଵ. ଶ)—41. The sea. ୪୨ । ଜଳ (ହ୍ଵ. ଶ)—42 Water. ୪୩ । ବାଣ; ଶର (ହ୍ଵ. ଶ)—43. Arrow. ୪୪ । ପ୍ରଦୀପ (ହ୍ଵ· ଶ)—44. Lamp. ୪୫ । ଶିବ (ହ୍ଵ. ଶ)—45. Śiba. ୪୬ । ସୁଗନ୍ଧିତ ଦ୍ରବ୍ୟ (ହ୍ଵ. ଶ) —46. Scented article. ୪୭ ।
Sāraṅga

ସର୍ପ (ହ୍ର. ଶ)—47. Serpent. ୪୮ । ସ୍ତ୍ରୀ; ନାରୀ (ହ୍ର. ଶ)—48. Woman. ୪୯ । ଦିନ (ହ୍ର. ଶ)—49. Day. ୫୦ । ଖଡ୍ଗ (ହ୍ର. ଶ)—50. Sword. ୫୧ । କପୋତ (ହ୍ର. ଶ)—51. Dove. ୫୨ । ଛନ୍ଦୋବିଶେଷ (ହ୍ର. ଶ)—52. Name of a metre. [ଦ୍ର—ଏଥିରେ ଗୁରୁଟି ଭଗଣ ଥାଏ; ଏହାର ଅନ୍ୟ ନାମ ମୌକ୍ତିକାବଳୀ (ହ୍ର. ଶ) । ଏହି ଛନ୍ଦର ପ୍ରତି ଚରଣରେ ୨୨ଟି ଅକ୍ଷର । ୧ମ, ୨ୟ, ୪ର୍ଥ, ୫ମ, ୭ମ, ୮ମ, ୧୦ମ ଓ ୧୧ଶ ବର୍ଣ୍ଣ ଗୁରୁ । ଅନ୍ୟ ବର୍ଣ୍ଣମାନେ ଲଘୁ—ବିଶ୍ୱକୋଷ] ୫୩ । କୁଚ; ସ୍ତନ (ହ୍ର. ଶ)—53. Female breast. ୫୪ । ହାତ (ହ୍ର. ଶ)—54. Hand. ୫୫ । ବାୟସ (ହ୍ର. ଶ)—55. The crow. ୫୬ । ହଳ (ହ୍ର.ଶ)—56. Plough. ୫୭ । ଗ୍ରହ; ନକ୍ଷତ୍ର (ହ୍ର. ଶ)—57. Heavenly luminary. ୫୮ । ଭେକ (ହ୍ର. ଶ)—58. Frog. ୫୯ । ଗଗନ; ଆକାଶ (ହ୍ର. ଶ)—59. The sky. ୬୦ । ବସ୍ତ୍ର (ହ୍ର.ଶ)—60. Cloth. ୬୧ । ପକ୍ଷୀ (ହ୍ର. ଶ)—61. Bird. ୬୨ । ଈଶ୍ୱର (ହ୍ର. ଶ)—62. God. ୬୩ । କଜ୍ଜ୍ୱଳ (ହ୍ର. ଶ)—63. Collyrium. ୬୪ । ବିଦ୍ୟୁତ୍; ବିଜୁଳି—64. Lightning. ୬୫ । ଏକ ରାଗ—65. Name of a musical mode. [ଦ୍ର—ଏଥିରେ ସବୁ ସ୍ୱର ଶୁଦ୍ଧ । କେହି କେହି ଏହାକୁ ମେଘ ରାଗର ସହଚର କହନ୍ତି । କେହି କେହି ଏହାକୁ ମଲ୍ଲାର ଓ ଦେବଗିରି ରାଗଦ୍ୱୟର ସଂଯୋଗରେ ଉତ୍ପନ୍ନ ସଙ୍କର ରାଗ କହନ୍ତି—ହ୍ର. ଶ ।] ବିଣ—୧ । (ସାର+ଅଙ୍ଗ) ନାନାବର୍ଣ୍ଣବିଶିଷ୍ଟ; ଶବଳ—1. Multi-coloured. variegated. ୨ । ରଞ୍ଜିତ (ହ୍ର ଶ)—2. Coloured. ୩ । ସୁନ୍ଦର (ହ୍ର. ଶ)—3. Beautiful. ଦେ. ବି—୧ । ଶାରଙ୍ଗ (ଦେଖ)—1. Sārang (See) ୨ । ରତିକ୍ରୀଡ଼ା—2. Copulation. (ଯଥା—ସାରଙ୍ଗ [ପଦ୍ମ] ମୁଖୀ ସାରଙ୍ଗ [ଶ୍ରୀକୃଷ୍ଣ] ସାରଙ୍ଗ [ରତିକ୍ରୀଡ଼ା]ରେ ମାତିଲେ—ସଙ୍ଗୀତ ।)

ଶାରଙ୍ଗ କେଶରୀ—ଦେ. ବି (ନାମ)—ସାରଙ୍ଗଗଡ଼ର ନିର୍ମାତା ଉତ୍କଳର Sāranga kesarī ଜଣେ ରାଜା—Name a Raja of Orissa.

ସାରଙ୍ଗ ଗଡ଼—ଦେ. ବି (ନାମ)—ଓଡ଼ିଶାର ପ୍ରାଚୀନ ଦୁର୍ଗବିଶେଷ—Sāranga garda Name of an ancient fort of Orissa. [ଦ୍ର—ଶାରଙ୍ଗ କେଶରୀ କଟକର ଦକ୍ଷିଣରେ (ବର୍ତ୍ତମାନ ପଶ୍ଚିମକୂଳରେ) ସାରଙ୍ଗ ଗଡ଼ ନାମକ ଏକ ଦୁର୍ଗ ନିର୍ମାଣ କରିଥିଲେ—ଗୁପ୍ତାଙ୍କ ଇତିହାସ ।]

ଶାରଙ୍ଗଧର—ସଂ. ବି. ପୁଂ (ଉପପଦ୍ ତତ୍ପୁରୁଷ)—୧ । ଧନୁର୍ଦ୍ଧର—Sārangadhara 1. Archer; bowman, ୨ । ବିଷ୍ଣୁ—[ଶାରଙ୍ଗପାଣି—ଅନ୍ୟରୂପ] 2. Bishṇu. ଦେ. ବି—ପୁରୁଷ ଲୋକଙ୍କୁ ଦିଆଯିବା ନାମ—A name given to males.

ସାରଙ୍ଗନାଥ—ସଂ. ବି (ନାମ)—ସାରନାଥ (ହ୍ର. ଶ) (ଦେଖ) Sārangan ātha Sāranātha (See)

ସାରଙ୍ଗମୁଖୀ—ସଂ. ବିଣ. ସ୍ତ୍ରୀ—ପଦ୍ମମୁଖୀ; ସୁନ୍ଦର ମୁଖବିଶିଷ୍ଟା [ସ୍ତ୍ରୀ]—Sārangam ukhī (a woman) Having a beautiful face.

ସାରଙ୍ଗ ନୟନା(ଲୋଚନା, ନେତ୍ରା, ନେତ୍ରୀ)—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି) Sāranga nayanā(lochanā, netrā, netrī) —ଏଣୀନୟନା [ସ୍ତ୍ରୀ]—(woman) Having the eyes as graceful as that of deer.

ସାରଙ୍ଗ ରଦ—ସଂ. ବି—ହସ୍ତି ଦନ୍ତ—Ivory. [ଯଥା—ସାରଙ୍ଗରଦ Sāranga rada ପଲଙ୍କେ, ସାରଙ୍ଗ ପକ୍ଷିଳ ଅଙ୍କେ, ସାରଙ୍ଗମୁଖୀ ସାରଙ୍ଗ ସାରଙ୍ଗରେ ମାତିଲେ—ସଙ୍ଗୀତ ।]

ସାରଙ୍ଗିଆ—ଦେ. ବି. ପୁଂ—ସାରଙ୍ଗୀ ଯନ୍ତ୍ର ବାଦନକାରୀ—Sārangiā A musician playing on the Sārangī. सारङ्गी बजाइए सारंगिया

ସାରଙ୍ଗିକ—ସଂ. ବି (ସାରଙ୍ଗ=ମୃଗ+ହତ୍ୟାକାରୀ ଅର୍ଥରେ ଇକ — Sārangika ବ୍ୟାଧ (ସିଦ୍ଧାନ୍ତ କୌମୁଦୀ)—A hunter.

ସାରଙ୍ଗୀ—ସଂ. ବି. ସ୍ତ୍ରୀ (ସାରଙ୍ଗ+ଈ; ଏହା ଧନୁକାକାର ହେବାରୁ)—Sārangi ବାଦ୍ୟଯନ୍ତ୍ରବିଶେଷ—A sort of iron-and सारङ्ग brass-stringed fiddle; hurdy gurdy, सारंगी [ଦ୍ର—ଏ ବାଦ୍ୟଯନ୍ତ୍ର ବହୁ ପ୍ରାଚୀନକାଳରୁ ଭାରତରେ ଚଳି ଆସୁଅଛି । ଏହାର ଦୈର୍ଘ୍ୟ ପ୍ରାୟ ୧½ ହାତ । ଏଥିର ଧ୍ୱନିକୋଷ ଓ ଦଣ୍ଡ ଖଣ୍ଡିଏ କାଠରେ ତିଆରି । ଧ୍ୱନିକୋଷ ଉପରେ ଚମଡ଼ା ଛାଉଣି ହୋଇଥାଏ ଓ ଦଣ୍ଡରେ ପରଦାମାନ ଥାଏ । ଦଣ୍ଡର ଊର୍ଦ୍ଧ୍ୱଭାଗରେ ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏଁ ୪ ଗୋଟି ଖିଲରେ ୪ ଗୋଟି ଲୌହ ତାର ଲଗା ହୋଇଥାଏ ଓ ପାର୍ଶ୍ୱସ୍ଥ ଗୁଡ଼ାଏ ଖିଲରେ ଗୁଡ଼ାଏ ପିତ୍ତଳର ତାର (ପାର୍ଶ୍ୱତନ୍ତ୍ରିକା) ଲାଗିଥାଏ । ଏହା ଘୋଡ଼ା ବାଳର କମାଣି (ଧନୁ) ସାହାଯ୍ୟରେ ବାଜିତ ହୁଏ । ବାଦକ ଡାହାଣ ହାତରେ କମାଣିରୁ ତାରମାନଙ୍କ ଉପରେ ଘଷନ୍ତି ଓ ବାଆଁ ହାତର ମୁଠାକର ଅଙ୍ଗୁଠିମାନଙ୍କୁ ପରଦାମାନଙ୍କ ପୃଷ୍ଠରେ ତାରମାନଙ୍କରେ ଚଳାନ୍ତି । ଏ ବାଦ୍ୟର ସ୍ୱର ଅତି ମଧୁର । ଏହା ଗାନ ବ୍ୟବସାୟୀମାନେ ବହୁଳଃ ବ୍ୟବହାର କରନ୍ତି । ହ୍ର. ଶ; ବିଶ୍ୱକୋଷ ।] ଦେ. ବି—ଏକ ପ୍ରକାର ଗଡ଼ାଜାତ ସରୁ ସଳଖ ବାଉଁଶ—Dendrocalamus Strictus (Kirtikar); a kind of long and slender bamboo.

ସାର ଚଳା(ଲେ)ଇବା—ଦେ. କ୍ରି—ପଶା ଖେଳର ଦାଇରେ ଗୋଟିକୁ Sāra chalā(le)ibā ଦାନ ପଡ଼ିବା ଅନୁସାରେ ଉତ୍ତରୋତ୍ତରଃ (ସାର ଗୁଡ଼ିବା—ଅନ୍ୟରୂପ) ଗୁଞ୍ଜତ କରିବା—To move the गोटिचालान, गुटिचाला dice balls according to the गोटीचलाना turns of the dice.

ସାରଜ—ସଂ. ବି (ସାର=ଦଧି ଓ ଦୁଗ୍ଧାଦିର ସାର+ଜନ୍. ଧାତୁ+ କର୍ତ୍ତୃ. ଅ)—ନବନୀତ; ଲହୁଣୀ (ଶବ୍ଦଚନ୍ଦ୍ରିକା)—Butter. ଦେଶଜ. ବି (ଇଂ. ସର୍ଜ୍)—ଏକ ପ୍ରକାର ପଶମୀ ମୋଟଲୁଗା—Serge; a kind of woolen cloth.
Sāraja
সারজ
सारज

ସାରଜାସବ—ସଂ. ବି—ଶାଳ ଚନ୍ଦନାଦି ସାରଗ୍ରେଡ଼୍ ବିଂଶତି ପ୍ରକାରର ଆସବ—Twenty kinds of spirits (wine) distilled from Shorea Robusta and other plants. [ବି—ଶାଳ, ତିନିସୁଙ୍ଗ, ରକ୍ତଚନ୍ଦନ, ତିନିଶ, ଖଦିର, ଶ୍ୱେତଖଦିର, ଭଲ୍ଲାତକ, ଅଶ୍ୱକର୍ଣ୍ଣ, ଅର୍ଜ୍ଜୁନ, ଅସନ, ବହେଡ଼ାଖଦିର, ତିନ୍ଦୁକ, କିଙ୍କିଣୀ (ଅପାମାର୍ଗ), ଶମୀ, ବରକୋଳି, ଶିଂଶପା, ଶିରୀଷ, ଅଶୋକ, ଧନ୍ୱନ ଓ ମହୁଲି, ଏହି ୨୦ ପ୍ରକାର କାଷ୍ଠର ସାରରୁ ଏହା ପ୍ରସ୍ତୁତ । ଏହା ମନର, ଶରୀରର ଓ ଅଗ୍ନିର ବଳପ୍ରଦ ଓ ଅନିଦ୍ରା, ଶୋକ ଓ ଅରୁଚିନାଶକ ଏବଂ ଆନନ୍ଦ ଉତ୍ପାଦକ—ବିଶ୍ୱକୋଷ, ଚରକ ।]
Sārajāsaba

ସାରଟ—ସଂ. ବି (ସରଟ+ସ୍ୱାର୍ଥେ ଅ)—୧ । କକ୍କୁରୁପା ଏଣ୍ଡୁଅ—1. Chameleon. ୨ । ଗୋଧି—2. Varanus Salvator.
Sāraṭa

ସାରଣ—ସଂ. ବି (ସୃ ଧାତୁ=ଗତି କରିବା. ଣିଚ୍ ସାର୍. ଧାତୁ= ଚଳାଇବା+ଭାବ. ଅନ)—୧ । ଚାଳନ—1. Moving. ୨ । ଅପସାରଣ—2. Removing. ୩ । ସୁଧାରିବା; ଦୋଷ ଶୁଦ୍ଧି—3. Setting right. ୪ । ଅତିସାର ରୋଗ (ହେମଚନ୍ଦ୍ର)—4. Dysentery. ୫ । ଗନ୍ଧଭେଦ (ଧରଣୀ)—5. A kind of scent. ୬ । ଭଦ୍ରବଲା (ଧରଣୀ)—6. A kind of herbarious plant. ୭ । ଆମ୍ରାତକ; ଅମ୍ବଡ଼ା (ଶବ୍ଦଚନ୍ଦ୍ରିକା)—7. Hogplum. ୮ । ରାବଣଙ୍କର ମନ୍ତ୍ରିବିଶେଷ—8. Name of a minister of 'Rābaṇa'. [ବି—ରାବଣଙ୍କ ଅନ୍ୟ ମନ୍ତ୍ରୀର ନାମ ଶୁକ । ସାରଣ ରାବଣଙ୍କ ଆଦେଶରେ ଛଦ୍ମବେଶରେ ରାମଚନ୍ଦ୍ରଙ୍କ ସୈନ୍ୟବଳ କଳନା କରିବାକୁ ରାମଚନ୍ଦ୍ରଙ୍କ ଶିବିରରେ ପ୍ରବେଶ କରିଥିଲେ; ବିଭୀଷଣ ଏହାଙ୍କୁ ଚିହ୍ନି ରାମଚନ୍ଦ୍ରଙ୍କ ସମ୍ମୁଖରେ ପହଞ୍ଚାଇଲେ; କିନ୍ତୁ ରାମଚନ୍ଦ୍ର ଏହାଙ୍କ ପ୍ରତି ସଦ୍ବ୍ୟବହାର କରି ଛାଡ଼ି ଦେଲେ ।] ୯ । ପସାରୁଣୀ ଲତା (ବିଶ୍ୱକୋଷ)—9. Paederia Foetida (creeper) ଦେ. ବି—ବିହାର ପ୍ରଦେଶର ଗୋଟିଏ ଜିଲ୍ଲା—Name of a district of Bihar. ସ୍ତ୍ରୀ. ବି—ସ୍ତ୍ରୀଲୋକମାନେ ସ୍ୱାମୀ ବା ଗୁରୁଜନମାନଙ୍କ ନାମ ନାରଣ (ନାରାୟଣ) ହୋଇଥିଲେ ସେ ନାମ ନ କହି ତତ୍ପରିବର୍ତ୍ତରେ ବ୍ୟବହାର କରିବା ନାମ—A variation of the name by which a woman (the nickname of whose husband or elder is Nārana) calls a person nicknamed 'Nārana'. [ବି—ଏହିପରି ସ୍ୱାମୀ ବା ଗୁରୁଜନମାନଙ୍କ ନାମ ନ ଧରି ସ୍ତ୍ରୀଲୋକମାନେ ଉକାସ ପରିବର୍ତ୍ତରେ ଶିକାସ, ଗୋପାଳ ପରିବର୍ତ୍ତରେ ନୋପାଳ, ଗୋପୀନାଥ ପରିବର୍ତ୍ତରେ ନୋପୀନାଥ ଆଦି ବ୍ୟବହାର କରନ୍ତି ।]
Sāraṇa

ସାରଣ ଗଡ଼—ଦେ. ବି—ପୂର୍ବ ଗଡ଼ଜାତ ରାଜ୍ୟପୁଞ୍ଜର ଗୋଟିଏ ରାଜ୍ୟ—Sarangarh, a State in the Eastern States Agency. [ବି—ପୂର୍ବେ ଏହା ସମ୍ବଲପୁର ଜିଲ୍ଲାର ଅଧୀନ ଗୋଟିଏ ଗଡ଼ଜାତ ଥିଲା । ଏହି ରାଜ୍ୟାଧିପତିମାନେ ଚଣ୍ଡ ଜାତୀୟ । ମହାନଦୀ ଏ ରାଜ୍ୟ ମଧ୍ୟରେ ୫୦ ମାଇଲ ପର୍ଯ୍ୟନ୍ତ ପ୍ରବାହିତ । ଏହି ରାଜ୍ୟର ସମଲେଶ୍ୱରୀ ମନ୍ଦିର ଦର୍ଶନ ଯୋଗ୍ୟ—ବିଶ୍ୱକୋଷ]
Sāraṇa garda

ସାରଣା—ଦେ. ବି—୧ । ଧନବ୍ୟୟ—1. Spending of money. ୨ । ବନ୍ଦୋବସ୍ତ; ଠିକଣା; ସ୍ଥାନ—2. Arrangement; settlement.
Sāraṇā
খরচ, খরচা; खरच व्यवस्था प्रबन्ध

ସାରଣି—ସଂ. ବି, ସ୍ତ୍ରୀ—(ସୃ ଧାତୁ ଣିଜନ୍ତ=ସାର୍ଧାତୁ+କର୍ତ୍ତୃ ଅନି)—୧ । କ୍ଷୁଦ୍ରନଦୀ (ଜଟାଧର କୋଷ)—1. Rivulet. ୨ । ପ୍ରସାରଣୀ ଲତା; ପସାରୁଣୀ ଲତା—2. Paederia Foetida (creeper); Muncuna Monosperme (Haines). ୩ । ପୁନର୍ଣ୍ଣବା (ବୈଦ୍ୟକ ନିର୍ଘଣ୍ଟ)—3. Hog-weed. ଦେ. ବି—ଏକପ୍ରକାର ଖେଳନା—A kind of toy.
Sārani
লাটু
लट्टू

ସାରଣିକ—ସଂ. ବି. ପୁଂ (ସରଣି+ଇକ)—[ସାରଣିକା—ସ୍ତ୍ରୀ] ପଥିକ—Wayfarer.
Sāraṇika

ସାରଣିକଘ୍ନ—ସଂ. ବି (ସାରଣିକ+ହନ୍ ଧାତୁ+କର୍ତ୍ତୃ. ଅ)—ବାଟମାରଣା; ବାଟପାଡ଼ି; ଯେଉଁ ଦସ୍ୟୁ ପଥିକମାନଙ୍କର ସର୍ବସ୍ୱ ଲୁଟି କରେ—A highwayman; a dacoit who robs travellers.
Saraṇikaghna

ସାରଣୀ—ସଂ. ବି. ସ୍ତ୍ରୀ (ସୃ ଧାତୁ+କର୍ତ୍ତୃ. ଅନ+ଈ)—୧ । କ୍ଷୁଦ୍ର ନଦୀ (ମେଦିନୀ)—1. Rivulet; streamlet. ୨ । ପ୍ରସାରଣୀ; ପସାରୁଣୀ ଲତା (ମେଦିନୀ)—2. Paederia Foetida. ଦେ. ବି—ଏକପ୍ରକାର ଖେଳନା—A kind of toy rattle. [ଯଥା—ଝୁଞ୍ଜିକିସୁଲି ଅପସରୁ । ସାରଣୀ ଯେଜ ଖେଳୁଥିଲି—ଜଗନ୍ନାଥ. ଭାଗବତ ।] [ବି—ବେଲ୍ଥ ବା ବେଲ ଉପରୁ ଶସ କାଢ଼ି ଭିତ୍ତି ଫମ୍ପା ଖୋଳ ମଧ୍ୟରେ କ୍ୟାସରୁପେ ଗୋଟିଏ କାଠି ଗଳାଇ କାଠିରେ ଦଉଡ଼ି ଗୁଡ଼ାଇ ସେ ଦଉଡ଼ିକୁ ଟାଣି ଧରି ଘୂରାଇ ଦେଲେ ଘର୍ ଘର୍ ଶବ୍ଦ କରେ ।]
Sāraṇī
লাটু
लट्टू

ସାରଣୀ ଗ୍ରନ୍ଥ—ସଂ. ବି (ନାମ)—ଏକପ୍ରକାର ହିନ୍ଦୁ ଜ୍ୟୋତିଷ ଶାସ୍ତ୍ର—A treatise on Hindn astrology by the help of which calender is compiled. [ବି—ଏଥିର ସାହାଯ୍ୟରେ ପାଞ୍ଜିର ଗଣନା ହୁଏ ।]
Sāraṇī grantha

ସାରଣ୍ଡ—ସଂ. ବ (ସୃ ଧାତୁ ଣିଚ୍. ସାର ଧାତୁ + କର୍ମ. ଅଣ୍ଡ)—
Sāraṇḍa ସର୍ପାଣ୍ଡ (ଜଟାଧର)—
The egg of a serpent.

ସାରଣ୍ଡା—ଦେ. ବ—ସୁବର୍ଣ୍ଣପୁର ନିକଟସ୍ଥ ପାହାଡ଼ବିଶେଷ—Name of a
Sāraṇḍā hillock near Subarnṇapur (in Banki).
[ଦ୍ର—ଏ ପର୍ବତର ମୂଳରେ ଅଂଶୁପା ହ୍ରଦ ଅବସ୍ଥିତ ।]

ସାର ତରୁ—ସଂ.ବ (ଏହା ବୃକ୍ଷର ଉତ୍କର୍ଷତା ବୃଦ୍ଧି କରିବାରୁ; କିମ୍ବା ସାର
Sāra taru =ଜଳ ପ୍ରଧାନ ତରୁ; ସ. ଷ. ଲୋ)—୧ । କଦଳୀ
ବୃକ୍ଷ (ଧନଞ୍ଜୟ)—1. Banana tree. ୨ । ଖଦିର
(ବୈଦ୍ୟକ ଶବ୍ଦାର୍ଣ୍ଣ)—2. Acacia Catechu
(tree).

ସାରତ(ଥ)—ଗ୍ରା. ବ (ନାମ) ପୁଂ—ଲୋକଙ୍କ ନାମ—
Sārata(tha) A name given to males.

ସାରଥକ—ଗ୍ରା. ବଣ (ସଂ ସାର୍ଥକ)—ସାର୍ଥକ (ଦେଖ)—
Sārathaka Sārthaka (See)

ସାରଥା—ଦେ. ବ (ନାମ)—ବାଲେଶ୍ୱର ଜିଲ୍ଲାରେ ବାଲେଶ୍ୱରର
Sārathā ଉତ୍ତରରେ ପ୍ରବାହିତ ସମୁଦ୍ରଗାମିନୀ ନଦୀ ଓ ତାହାର
सारथा[ठा] କୂଳସ୍ଥ ବନ୍ଦର—Name of small river
सारथा and a port on it in the district of
Balasore. [ଦ୍ର—ଏହି ବନ୍ଦରର ଅକ୍ଷାଂଶ ୨୧° ।
୩୦'।୩୫" ଉତ୍ତର ଓ ଦ୍ରାଘିମା ୮୭°।୮'।୧୫" ପୂର୍ବରେ
ଅବସ୍ଥିତ ।

ଏହି ନଦୀରେ ଜଳଚାରଙ୍କ ଗ୍ରାମ ପର୍ଯ୍ୟନ୍ତ ପଣ୍ୟ-
ବାହୀ ନୌକାମାନ ଗମନାଗମନ କରନ୍ତି । ଏହି ବନ୍ଦରରେ
ନୌକାଦ୍ୱାରା ପ୍ରଚୁର ଚାଉଳ ବ୍ୟବସାୟ ଚଳେ । ଏଥି
ନିକଟରେ ହନୁଅ ନାମରେ ଅଉ ଗୋଟିଏ ବନ୍ଦର ଅଛି—
ବିଶ୍ୱକୋଷ ।]

ସାରଥି—ସଂ. ବ (ସୃ ଧାତୁ ଣିଚ୍ ସାର ଧାତୁ=ଚଳାଇବା+ଅତ୍ରିଣ୍.
Sarathi ଅଥି, କିମ୍ବା ସ+ରଥ=ସରଥ=
[ପ୍ରଥମ ଅର୍ଥରେ ଏ ଶବ୍ଦର ଅଣ୍+ପ୍ରେରଣାର୍ଥେ. ଇ)—୧ ।
ଅନ୍ୟ ସଂ ନାମ—ନିୟନ୍ତା, ରଥଚାଳକ; ଚତୁଅନ—1. A
ପ୍ରାଜିତା, ସୂତ, କ୍ଷତ୍ତୃ, ଯନ୍ତା. coachman; a charioteer;
ସବ୍ୟେଷ୍ଠା, ଦକ୍ଷିଣସ୍ଥ, ରଥ- cardriver. ୨ । ସହାୟକ—
କୁଟୁମ୍ବୀ, ନିୟାମକ, ଗୃହରକ୍ଷକ, 2. Helper, assistant.
ପ୍ରଚେତା, ରଥକାଶର] ୩ । ସମୁଦ୍ର (ସଂକ୍ଷିପ୍ତସାର ଉଣାଦି)
3. The sea; the ocean. ଦେ. ବ. ପୁଂ—
ଲୋକଙ୍କ ନାମ—A name given to males.

ସାରଥୁକ—ଗ୍ରା. ବଣ (ସଂ ସାର୍ଥକ)—ସାର୍ଥକ (ଦେଖ)
Sārathuka सार्थक सारथक Sārthaka (See)

ସାରଥୁକି(କ୍ୟ)—ଗ୍ରା. ବ (ସଂ. ସାର୍ଥକତା; ସାର୍ଥକ୍ୟ)—ସାର୍ଥକତା
Sārathuki(kya) (ଦେଖ)—Sārthakatā (See)
সার্থকতা सारथकता

ସାରଥ୍ୟ—ସଂ. ବ (ସାରଥି+ଭାବେ. ଯ)—୧ । ସାରଥିର କର୍ମ—
Sārathya 1. The work of a charioteer. ୨ ।
ସହାୟ; ସାହାଯ୍ୟ—2. Assistance. ୩ । ଯାନ
(ଶବ୍ଦକୋଷ)—3. A conveyance.

ସାରଥ୍ୟ ନୈପୁଣ୍ୟ—ସଂ. ବ (୭ମୀ ତତ୍)—ସାରଥିର କାର୍ଯ୍ୟରେ
Sārathya naipuṇya ଦକ୍ଷତା—Skill in driving a
car.

ସାରଦ—ସଂ. ବଣ (ସାର=ବଳ+ଦା ଧାତୁ+କର୍ତ୍ତୃ. ଅ)—ଯାହା
Sārada ବଳ ଦିଏ; ସାରଦାତା—Giving strength;
[ସାରଦା—ସ୍ତ୍ରୀ] infusing vigour.

ସାରଦା—ସଂ. ବଣ. ସ୍ତ୍ରୀ—ସାରଦାତ୍ରୀ; ସାରଦ ଶବ୍ଦର ସ୍ତ୍ରୀଲିଙ୍ଗ—
Sāradā Feminine of Sārada. ବ—୧ । ସରସ୍ୱତୀ;
[ଶାରଦା—ଅନ୍ୟରୂପ] ବାଗ୍‌ଦେବୀ [ଶବ୍ଦରତ୍ନାବଳୀ]—
1. The Goddess of learning. ୨ । ଦୁର୍ଗା
[ତନ୍ତ୍ରାଦି ତନ୍ତ୍ର]—2. Goddess Durgā. ଦେ.
সারদা ବ—୧ । ଲିପିବିଶେଷ—1. Name of a script.
सारदा [ଦ୍ର—ଗୁପ୍ତ ବଂଶର ଅବନତି ପରେ ଗୁପ୍ତ ଲିପିରୁ ଶାରଦା,
ଓ କୁଟିଳ ପ୍ରଭୃତି ଲିପି ଉତ୍ତର ଓ ପଶ୍ଚିମ ଭାରତରେ
ପ୍ରଚଳିତ ହେଲା । ଟାକ୍ରୀ, ଗୁରୁମୁଖୀ ଓ ସିନ୍ଧୀ ଅକ୍ଷରମାନ
ସାରଦା ଲିପିରୁ ଅନୁକୃତ—ବିଶ୍ୱକୋଷ ।] ୨ । (ପୁଂ ଓ
ସ୍ତ୍ରୀ) ଲୋକଙ୍କ ଦିଆଯିବା ନାମ—2. A name given
to males and females. ବୈଦେ. ବ (ଫା)—
ବେହେଲା ପରି ତନ୍ତ୍ରୀ ଯନ୍ତ୍ର ବିଶେଷ—A sort of
guitar or violin.

ସାରଦା ଆଇନ୍—ଦେ. ବ—୧୯୨୯ ସାଲରେ ବଡ଼ଲାଟଙ୍କ ବ୍ୟବସ୍ଥାପକ
Sāradā ain ସଭାରେ ପାଶ୍ ହୋଇଥିବା ବାଲ୍ୟ ବିବାହ
সারদা আইন ନିରୋଧକ ଆଇନ—The Sāradā Act of
सारदा आइन 1929. [ଦ୍ର—ବଡ଼ଲାଟଙ୍କ ସଭା (ଏସେମ୍ବ୍ଲି)ରେ
ଏ ଆଇନକୁ ଉପସ୍ଥାପିତ କରିଥିବା ବାବୁ ହରବିଲାସ ସାର-
ଦାଙ୍କ ଉପାଧି ଅନୁସାରେ ଏ ବିଲ୍‌ର ନାମକରଣ
ହୋଇଅଛି । ଏ ଆଇନ ଅନୁସାରେ ୧୮ ବରଷରୁ ଅଳ୍ପ-
ବୟସ୍କ ବାଳକ ଓ ୧୪ ବରଷରୁ ଅଳ୍ପବୟସ୍କା ବାଳିକାଙ୍କର
ବିବାହ ହେଲେ ଉକ୍ତ ବିବାହରେ ସମ୍ପୃକ୍ତ ପକ୍ଷମାନେ
ଦଣ୍ଡନୀୟ ହେବେ । ଏହି ଆଇନକୁ ଓଡ଼ିଶାର ଭୂତପୂର୍ବ
ଦାସଙ୍କ ପ୍ରବର୍ତ୍ତିତ ୧୯୩୭ ଙ୍ଗ ରେ ଗୋଟିଏ ଆଇନ
ଦ୍ୱାରା କଠୋରତର କରି ଯାଇଅଛି ।]

ସାରଦାଚରଣ ମିତ୍ର—ଦେ. ବ(ନାମ)-ଜଣେ ବଙ୍ଗୀୟ ସ୍ୱର୍ଗତ ବିଚାରପତି
Sāradā charaṇa mitra ଜଜ୍—The late Justice
সারদাচরণ মিত্র Sāradā Charaṇa Mitra of Calcutta.
सारदाचरण मित्र [ଦ୍ର-ଏ କଲିକତା ହାଇକୋର୍ଟର ଜଜ୍ ଥିଲେ ।
୧୮୪୮ ରେ ଏହାଙ୍କର ଜନ୍ମ । ଏ କଲିକତା ବିଶ୍ୱ-
ବିଦ୍ୟାଳୟରେ ଏଣ୍ଟ୍ରାନ୍ସ, ଏଫ୍. ଏ, ଓ ବି. ଏ.
ପରୀକ୍ଷାରେ ବଙ୍ଗରେ ପ୍ରଥମ ସ୍ଥାନ ଓ ଏମ୍. ଏ. ରେ
ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ; ପରେ ରାୟଚାନ୍ଦ ଓ
ପ୍ରେମଚାନ୍ଦ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବି. ଏଲ୍ ବା
ଓକାଲତି ପାଶ୍ କରି ବେତେକ ବର୍ଷ କଲିକତା ହାଇ-

କୋର୍ଟରେ ଓକାଲତି କରି ପ୍ରଥମେ ଅସ୍ଥାୟୀ ଭାବରେ, ପରେ ଜଜ୍. ଗୁରୁଦାସ ବନ୍ଦୋପାଧ୍ୟାୟ ଅବସର ଗ୍ରହଣ କରିବାରୁ ତାଙ୍କ ସ୍ଥାନରେ ସ୍ଥାୟୀ ଭାବରେ ହାଇକୋର୍ଟ ଜଜ୍ ହେଲେ । ଏ ଛଅ ବର୍ଷ କାଳ କାମ କରି ଅବସର ଗ୍ରହଣ କରି ବଙ୍ଗୀୟ ସାହିତ୍ୟ ସେବାରେ ନିଯୁକ୍ତ ହେଲେ । ଏ ବଙ୍ଗୀୟ ସାହିତ୍ୟ ପରିଷଦର ସଭାପତି ହୋଇଥିଲେ । ବଙ୍ଗୀୟ ପ୍ରାଚୀନ କବି ବିଦ୍ୟାପତିଙ୍କ ଗ୍ରନ୍ଥାବଳୀର ଏ ଗୋଟିଏ ସଟୀକ ସୁସ୍କରଣ ପ୍ରକାଶ କରିଥିଲେ । ନାନାବିଧ ଶାସ୍ତ୍ର ଓ ପୁରାଣରୁ ବାଯ୍ବସ୍ଥମାନଙ୍କ ସମ୍ବନ୍ଧେ ତତ୍ତ୍ୱମାନ ସଂଗ୍ରହ କରି ଏ 'ବାଯ୍ବସ୍ଥ-କାରିକା' ନାମକ ଗ୍ରନ୍ଥ ସଂକଳନ କରିଥିଲେ । ସମଗ୍ର ଭାରତରେ ଦେବନାଗରୀ-ଲିପି ଚଳାଇବା ପାଇଁ ଏ ବିଶେଷ ଚେଷ୍ଟା କରିଥିଲେ । ଏ ଖୁବ୍ ଭକ୍ତିପର ହିନ୍ଦୁ ଥିଲେ ।]

ସାରଦା ତିଳକ—ସଂ. ବି—କୃଷ୍ଣଭକ୍ତିବିଷୟକ ସଂସ୍କୃତ ଗ୍ରନ୍ଥବିଶେଷ—
Sāradā tilaka Name of a Sanscrit treatise on metaphysics. (ଦ୍ର—ସାରଦା ତିଳକ ବିଷୟରେ, କ୍ରମ ଦୀପିକାର ଅଧ୍ୟାୟରେ । ପ୍ରାଚୀ—ପୂର୍ଣ୍ଣଚନ୍ଦ୍ର. ଚନ୍ଦ୍ରୋଦୟ ।)

ସାରଦା ପୀଠ (ତୀର୍ଥ)—ଦେ. ବି (ନାମ)—କାଶ୍ମୀରର ତୀର୍ଥ ବିଶେଷ—
Sāradā pitha (tirtha) A place of pilgrimage in 'Kāsmira'.
ସারদা পীঠ सारदा पीठ

ସାରଦା ବଙ୍ଗଲା—ପ୍ରାଦେ (ପାଟଣା ଓ ବଲାଙ୍ଗିର) ବି—ଲତା-ଫଳ ବିଶେଷ—
Sāradā bangalā Name of a fruit.
[ଦ୍ର—ଏହା ପରିପକ୍ୱ ଗୋଲ; ପାଚିଲେ ମିଠାଲାଗେ ।]

ସାରଦା ଭୁବନ—ଦେ. ବି—କଟକ ଜିଲ୍ଲାର ଝଙ୍କଡ଼ ଗ୍ରାମ—
Sāradā bhubana 'Jhankarda' the seat of the Goddess Sāradā'. (ଦ୍ର—ସ୍ୱଭାବ ବର୍ଣ୍ଣିଲ ଭୂମେ ସାରଦା ଭୁବନେ—ପ୍ରାଚୀ. ସ୍ୱଭାବକବି ଗୀତା ।)

ସାରଦା ମଣ୍ଡଳ—ଦେ. ବି—ସାରଳାଙ୍କ ଅଧିଷ୍ଠିତ ସ୍ଥାନ; ଝଙ୍କଡ଼—
Sāradā mandala Jhankarda, the seat of the Goddess 'Sāradā'. (ଦ୍ର—ଏମନ୍ତ କରି ଝଙ୍କଡ଼ ସାରଦା ମଣ୍ଡଳେ । ପ୍ରାଚୀ. ସ୍ୱଭାବକବି ଗୀତା ।)

ସାରଦା ସୁନ୍ଦରୀ—ସଂ. ବି—ଦୁର୍ଗା (ବିଶ୍ୱକୋଷ)—
Sāradā sundari Goddess Durgā.

ସାର ଦେବା—ଦେ. କ୍ରି—୧ । କ୍ଷେତକୁ ଉର୍ବର କରିବା ପାଇଁ ଜମିରେ ସାର ବା ଖତ ଦେବା—1. To manure a field. ୨। ବାହାରେ ଗଦା ହୋଇଥିବା ଚୂନା ଧାନକୁ କେହି ଚୋରି କରି ନେଲେ ଧରା ପଡ଼ିବ ବୋଲି ତହିଁ ଉପରେ ପାଉଁଶ ବା ଚୂନା ଦ୍ୱାରା ରେଖାମାନ ଟାଣିବା—2. To draw lines with chalk-powder or ashes on a heap of paddy or other grain left in the open.
Sāra debā
সার দেওয়া सार देना
দাগ দেওয়া दाग देना

ସାର ଦ୍ରୁମ—ସଂ. ବି—୧ । ଖଇର ବୃକ୍ଷ (ରାଜନିର୍ଘଣ୍ଟ)—
Sāra druma 1. Catechu tree. ୨। (ସଂ. ଷ. ତତ୍) ସାର ପ୍ରଧାନ ବୃକ୍ଷ—2. A tree abounding in Sāra.

ସାର ଧାନ୍ୟ—ସଂ. ବି—ଶ୍ରେଷ୍ଠ ଧାନ୍ୟ (ଶବ୍ଦକୋଷ)—
Sāra dhānya Excellent variety of paddy.

ସାରନାଥ—ଦେ. ବି (ନାମ)—କାଶୀ ନିକଟବର୍ତ୍ତୀ ପ୍ରସିଦ୍ଧ ବୌଦ୍ଧ-ପୀଠ ଓ ତୀର୍ଥ—Name of a famous Buddhistic sacred place near Benares.
Sāranātha
সারনাথ सारनाथ
[ଦ୍ର—ବର୍ତ୍ତମାନ ବାରାଣସୀ ନଗରରେ ଉତ୍ତର ପଶ୍ଚିମରେ ୪ ମାଇଲ୍ ଦୂରରେ ଏହି ସ୍ଥାନ ଅବସ୍ଥିତ । ଏଠାରେ ବୁଦ୍ଧ ପ୍ରଥମେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ଏହାର ପ୍ରାଚୀନ ନାମ ମୃଗଦାବ (Dear park) । ଏ ସ୍ଥାନ ନାନାବିଧ ବୌଦ୍ଧ କୀର୍ତ୍ତିରେ ମଣ୍ଡିତ; ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ୍ ପରିବ୍ରାଜକ ଫାହିୟାନ୍ତୁ ଏ ସ୍ଥାନ ପରିଦର୍ଶନ କରିଥିଲେ; ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ହୁଏନ୍ସାଂ ମଧ୍ୟ ଏ ସ୍ଥାନ ପରିଦର୍ଶନ କରିଥିଲେ । ପାଶ୍ଚାତ୍ୟ ପ୍ରତ୍ନତତ୍ତ୍ୱବିଦ୍ମାନେ ଗତ ଅଷ୍ଟାଦଶ ଶତାବ୍ଦୀରୁ ଏ ସ୍ଥାନ ଖନନ କରାଇ ଅନେକ ପ୍ରାଚୀନ ବୌଦ୍ଧ କୀର୍ତ୍ତିର ଉଦ୍ଧାର କରିଅଛନ୍ତି ।

ପଣ୍ଡିତ ଶ୍ରୀ ନୀଳମଣି ଦାସଙ୍କ ପ୍ରଣୀତ 'ହିମାଳୟ ପଥେ' ନାମକ ପୁସ୍ତକରେ ସାରନାଥର ବିସ୍ତୃତ ବିବରଣ ପ୍ରଦତ୍ତ ହୋଇଅଛି ।

ଏଠାରେ ବୁଦ୍ଧଙ୍କୁ ମହାରାଜ ଅଶୋକଙ୍କର ଗୋଟିଏ ଶିଳାଲିପି, ଗୋଟିଏ ମନ୍ଦିରର ଭିତ୍ତି, ଭିକ୍ଷୁଙ୍କ ସମୟର ବୋଧିସତ୍ତ୍ୱମୂର୍ତ୍ତି, ପ୍ରସ୍ତରସ୍ତମ୍ଭ ଓ ସ୍ତୂପ ଗାହେଡ଼ୋଲି ଲିପି, ଗୋଟିଏ ବୃହତ୍ ସଙ୍ଘାରାମର ଭିତ୍ତି, ବହୁ ହିନ୍ଦୁ, ଜୈନ ଓ ବୌଦ୍ଧ ଦେବଦେବୀଙ୍କ ମୂର୍ତ୍ତି ଓ ସ୍ତୂପ ବୌଦ୍ଧସ୍ତୂପ ବାହାରି ଅଛି ।]

ସାରଣ୍ଡା(ଣ୍ଡା)—ଦେ. ବି—ସିଂହଭୂମି ଜିଲ୍ଲାର ଅନ୍ତର୍ଗତ ହୋ ମାନଙ୍କ ଦ୍ୱାରା ଅଧ୍ୟୁଷିତ ଗୋଟିଏ ପୀଢ଼ (ଏଥିରେ ଗ୍ରାମ ସଂଖ୍ୟା ପ୍ରାୟ ୮୮୫)—Name of a collection of non-aryan villages in Singbhum.
Sārandā(ndā)
সারন্দা सारंदा

ସାର ପାଦପ—ସଂ. ବି (ଏଥିର ମଞ୍ଜି ଅତ୍ୟନ୍ତ ଶକ୍ତ ଥିବାରୁ)—ଧାମନ ବୃକ୍ଷ (ରତ୍ନମାଳା); ଡାମଣ ଗଛ—
Sāra pādapa A timber tree; Cordia Macleodii.

ସାରଦ—ସଂ. ବି (ସରଯୁ+ଅ; ଜାତାର୍ଥେ)—ସରଯୂନଦୀଜାତ ବସ୍ତୁ (ଅମର)
Sārada A thing produced or got from the river 'Saraju.

ସାରବତ୍ତା—ସଂ. ବି (ସାରବତ୍+ଭାବ ତା)—ସାରବାନ୍ ହେବା ଅବସ୍ଥା-
Sārabatta The State of being substantial.

ସାର ବନ୍ଦୀ—ଉଦ. ବିଣ—ଶ୍ରେଣୀବଦ୍ଧ—Arranged in rows.
Sāra bandi ବି—ଶ୍ରେଣୀବଦ୍ଧକରଣ—Arranging in rows.
শ্রেণীবদ্ধ, সারবন্দী श्रेणीबद्ध

ସାର ବର୍ଜିତ—ସଂ. ବିଣ—ସାରଶୂନ୍ୟ—
Sāra barjita Having no substance.

ସାରବାନ—ସଂ ବଣ· ପୁଂ(ସାର+ଅସ୍ତ୍ୟର୍ଥରେ ବତ୍;୧ମା ୧ବ)—ସାର
Sārabān ବା ଶ୍ରେଷ୍ଠାଂଶ ଯୁକ୍ତ; ସସାର—Substantial
(ସାରବତୀ—ସ୍ତ୍ରୀ) (ସାରବତ୍—ବ)

ସାର ବାହିବା—ଦେ. କ୍ର—ସାର ଚଳାଇବା (ଦେଖ)
Sāra bāhibā Sāra chaḻāibā [See]
(ସାର ବାହନେବା—ଅନ୍ୟରୂପ)
সার চালান गोटी चलाना (ଉ—ପଶାପଟି
ମୁହିଁ ଛାଇଲେ ନାହିଁ, ଦାନ ପଡ଼ିଲେ ସାର ଦେଇ ବାହୁ—
ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ।)

ସାରଭଙ୍ଗ—ଦେ. ବ—କୌଣସି ବିଷୟର ବା ଶବ୍ଦବିବାଦର ଶେଷ
Sārbbhāṅga ମୀମାଂସା—Final decision or settle-
চূড়ান্ত নিষ্পত্তি। सिद्धान्त ment of a matter or transaction. [ଦ୍ର—ଆଲୋଚନା ବା ତର୍କ ବିତର୍କପରେ
କୌଣସି ବିଷୟରେ ଉଭୟ ପକ୍ଷଙ୍କ ବିବାଦ ବା ମତ-
ଭେଦକୁ ଭଞ୍ଜନ କରି ଶେଷରେ ସାରକଥା ସ୍ଥିର କରିବାକୁ
ସାରଭଙ୍ଗ କରିବା ବୋଲାଯାଏ ।]

ସାରଭାଣ୍ଡ—ସଂ. ବ—୧ । ଅକୃତ୍ରିମ ଧାନ (ମୃଗନାଭିଖାଦ)—
Sārabhāṇḍa 1. Natural receptacle or bag (e. g. the cover or bag enclosing the musk). ୨ । ଅକୃତ୍ରିମ ପଣ୍ୟ ଦ୍ରବ୍ୟ—(ବିଶ୍ୱକୋଷ)—
2. Any commodity which is found in nature.

ସାର ଭୂତ—ସଂ. ବଣ—(ସାର+ଭୂ, ଧାତୁ+କର୍ତ୍ତୃ, ତ)—ସବୁ ଶ୍ରେଷ୍ଠ;
Sāra bhūta କୌଣସି ପଦାର୍ଥର ସାର ସ୍ୱରୂପ—Essential.
(ସାର ଭୂତା—ସ୍ତ୍ରୀ)

ସାରଭୃତ୍—ସଂ. ବଣ (ସାର+ଭୃ ଧାତୁ=ଗ୍ରହଣ କରିବା+କର୍ତ୍ତୃ କ୍ୱିପ୍)-
Sārabhṛut ସାରଗ୍ରାହୀ—Accepting the sāra of things.

ସାରମର୍ମ—ସଂ· ବ—୧ । କୌଣସି ବିଷୟର ଅସଲ ମର୍ମ—1. The
Sāramarma essential import, ୨ । ସଂକ୍ଷିପ୍ତ ମର୍ମ—
2. Summary of any matter; synopsis.

ସାରମିତି—ସଂ. ବ—(ସାର=ଶ୍ରେଷ୍ଠ ବିଷୟ+ମା· ଧାତୁ=ମାପିବା+
Sāramiti କରଣ ତି)—ବେଦ (ହେମଚନ୍ଦ୍ର)—The Bedas.

ସାରମୂଷିକା—ସଂ. ବ—ଦେବଦାଲୀ (ରାଜ ନିର୍ଘଣ୍ଟ); ଏକପ୍ରକାର
Sāra mūshikā ଲତା; ତରଡ଼ା — Bristly Luffa; Andropagen Serratus (a creeper and its fruit).

ସାରମେୟ—ସଂ. ବ—(ସରମା=କୁକୁରୀ+ଅପତ୍ୟାର୍ଥେ ଏୟ)—
Sārameya (ସାରମେୟୀ—ସ୍ତ୍ରୀ) କୁକୁର (ଅମର)—Dog.

ସାରମେୟ ଯୁଗଳ—ସଂ· ବ—କାଳକାଞ୍ଜ ମଣ୍ଡଳ ନାମକ ନକ୍ଷତ୍ରଦ୍ୱୟ
Sārameya jugaḻa (ନକ୍ଷତ୍ରତଳେ ଟୀକା ଦେଖ)—
Canis Vanaticii (2 stars).

ସାର ଯମକ—ଦେ. ବ (ଅଳଙ୍କାର) ଯମକ ବିଶେଷ—A kind of
Sāra jamaka alliteration. [ଦ୍ର—ଏହାର ଉଦାହରଣ
ଯଥା—ନାଗରମଣୀ ଗଣ ନାଗରମଣି ଗଣନା ନୋହି
ଦେଉଣ ଦୁହିବେ । ଅଭିମନ୍ୟୁ, ବିଦଗ୍ଧ ଚିନ୍ତାମଣି ।]

ସାରଳା—ଦେ· ବ, ସ୍ତ୍ରୀ (ସଂ. ସାରଦା=ସରସ୍ୱତୀ, ଦୁର୍ଗା)—
Sāraḻā ୧ । କଟକ ଜିଲ୍ଲାର ଝଙ୍କଡ଼ ପ୍ରଗଣା ଓ ତିର୍ତ୍ତୋଲ ଥାନା
(ସାରଳା ଠାକୁରାଣୀ—ଅନ୍ୟରୂପ) ଅନ୍ତର୍ଗତ କନକପୁରରେ
সারলা ବିରାଜିତା ଦୁର୍ଗାପ୍ରତିମା—1. The name of an idol
সারদা of Durga at Kanakapur in the Cuttack district.
[ଦ୍ର—ଏହାଙ୍କୁ ଲୋକେ ବିଦ୍ୟାଦାତ୍ରୀ ବାଗ୍‌ଦେବୀ ବୋଲି
ମଧ୍ୟ ଗ୍ରହଣ କରନ୍ତି । ଏହାଙ୍କ ନିକଟରେ ଛାଗ ଓ ମହିଷୀ
ବଳିପଡ଼େ; ବଳଦୁର୍ଗା ମନ୍ତ୍ରରେ ଏହାଙ୍କ ପୂଜାହୁଏ; କିନ୍ତୁ ଏହାଙ୍କ
ପୂଜାରେ ତୁଳସୀ ଓ ବେଲପତ୍ରୀ ଉଭୟ ଲାଗେ । ଏହାଙ୍କ
ସେବାପାଇଁ ଲାଗି ଥିବା ଦେବୋତ୍ତର ସମ୍ପତ୍ତିର ପରିଚାଳନାର୍ଥ
କଟକର ଜଜସାହେବଙ୍କଦ୍ୱାରା ଗୋଟିଏ କମିଟି ନିଯୁକ୍ତ
ହୋଇଅଛି । ଏହାଙ୍କ ନିକଟରେ ଆଦ୍ୟ ଓଡ଼ିଆ ଶୂଦ୍ରମୁନି
ସାରଳା ଦାସ ବରଲବ୍ଧ ପ୍ରାପ୍ତ ହୋଇଥିଲେ । ଏହାଙ୍କର
'ଘଟ'କୁ ନେଇ ସେବକମାନେ ଉତ୍କଳର ବିଭିନ୍ନ ଅଞ୍ଚଳରେ
ବୁଲି ଗୋଡ଼ରେ ଘଣ୍ଟା ବାନ୍ଧି ଓ ନର୍ତ୍ତକୀ ବେଶ ଧାରଣ
କରି ନାଚନ୍ତି । ଏହାଙ୍କର ବାହନ ସିଂହ ଥିବାରୁ ଏହାଙ୍କୁ
କେହି କେହି 'ସିଂହସାରଳା' ବୋଲି ଡାକନ୍ତି ।] ୨ ।
ସରସ୍ୱତୀ—2. Goddess Saraswati. [ଉ—
ଆଜ୍ଞା ପାଇ ସାରଳା ଯେ ବେଗେ ଚଳିଗଲେ—ପ୍ରଭା ପ.
ଶଶିସେଣା ।]

ସାରଳାଙ୍କ ଘଟ(ଣ୍ଟ)—ଦେ. ବ—ସାରଳା ଠାକୁରାଣୀଙ୍କ ନିକଟରେ
Sāraḻāṅka ghaṭa(ṇṭa) ପଣାସଂଯୋଗ ଦ୍ୱାରା ପୂଜା ପାଇଥିବା
সারলার ঘাট ଘଟ ବା ମାଠିଆ—A consecrated pit-
সারলাকা ঘট cher of water representing the Goddess Sāraḻā which is carried by the Sebakas from village to village during summer. [ଦ୍ର—ଏହାକୁ ସାରଳା
ଠାକୁରାଣୀଙ୍କ ମାଳୀ ସେବକମାନେ ମୁଣ୍ଡରେ ବହନ କରି
ଗୋଡ଼ରେ ଘଣ୍ଟା ବାନ୍ଧି ଓଡ଼ିଶାର ଗ୍ରାମେ ଗ୍ରାମେ ଖରାଦିନରେ
ଘଣ୍ଟ ବଜାଇ ନାଚନ୍ତି ଓ ଲୋକେ ଉକ୍ତ ଘଟକୁ ପଣା
ନୈବେଦ୍ୟ ଦିଅନ୍ତି ।]

ସାରଳା ଦାସ—ଦେ· ବ (ନାମ)—ଓଡ଼ିଆ ପଦ୍ୟ ମହାଭାରତ ରଚୟିତା
Sāraḻā dāsa —The author of the metrical
সারলা দাস Mahābhārata in Oriya. [ଦ୍ର—
সরলা দাস କଟକ ଜିଲ୍ଲା ଝଙ୍କଡ଼ ପରଗଣାର 'ତେନ୍ତୁଳିପଦା'
ନାମକ ଗ୍ରାମରେ ଏହାଙ୍କର ଜନ୍ମ । ଓଡ଼ିଶାର ସ୍ୱାଧୀନ
ରାଜା କପିଳେନ୍ଦ୍ର ଦେବଙ୍କ (୧୪୩୬-୧୪୬୯ ଖ୍ରୀଷ୍ଟାବ୍ଦ)
ସମୟରେ ପ୍ରସିଦ୍ଧ ଓଡ଼ିଆ ମହାଭାରତ ଗ୍ରନ୍ଥ ଏ ରଚନା କରି-
ଥିଲେ—ତାରିଣୀ· ଚରଣ ରଥ କୃତ ଲାହିତ୍ୟ. ଇତିହାସ ।
ଏହାଙ୍କୁ 'ଶୂଦ୍ରମୁନି' ସାରଳା ଦାସ କହନ୍ତି । ଏହାଙ୍କର
ପ୍ରଥମ ନାମ ସିଦ୍ଧେଶ୍ୱର ଥିଲା । ଏ ପ୍ରଥମେ ମୂର୍ଖ ଥିଲେ;

ପରେ ସାରଳା ଠାକୁରାଣୀଙ୍କଠାରେ ଅଧା ପଢ଼ି ଠାକୁରାଣୀଙ୍କଠାରୁ ବର ପାଇ, ସାରଳା ଠାକୁରାଣୀଙ୍କ ମନ୍ଦିରରେ ପ୍ରତି ଦିନ ପଢ଼ା ଯାଉଥିବା ସଂସ୍କୃତ ମହାଭାରତ ପୁରାଣ ଶୁଣି ଓଡ଼ିଆରେ ମହାଭାରତ ରଚନା କରିଥିଲେ । କିନ୍ତୁ ମୂଳ ସଂସ୍କୃତ ମହାଭାରତ ସଙ୍ଗେ ଉକ୍ତ ମହାଭାରତର ଅବିକଳ ମେଳ ନାହିଁ । ଏ ମହାଭାରତରେ କବି ଅନେକ ମୌଳିକ କଥା ଲେଖି ଯାଇଅଛନ୍ତି ଓ କେତେକ କାଳ୍ପନିକ ଉପାଖ୍ୟାନ ମଧ୍ୟ ଯୋଗ କରିଅଛନ୍ତି । ଓଡ଼ିଆ ପଦ୍ୟ ରଚନାରେ ଏହାଙ୍କର ଲେଖା ପ୍ରାଚୀନ ବୋଧ ହେଉଥିବାରୁ ଏହାଙ୍କୁ ଆଦିକବି ବୋଲି ଲୋକେ କହନ୍ତି । ଏ ପଞ୍ଚଦଶ ଶତାବ୍ଦୀର ଲୋକ । ଏ ପୁରୀ ଜଗନ୍ନାଥଙ୍କ ଦେଉଳ ବେଢ଼ା ମଧ୍ୟସ୍ଥ କଳ୍ପବଟ ମୂଳେ ବସି ତାଙ୍କ ମହାଭାରତ ରଚନା କରିଥିଲେ । ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନେ ସନ୍ତୁଷ୍ଟ ହୋଇ ତାଙ୍କୁ 'ଶୂଦ୍ରମୁନି' ଉପାଧି ଦେଇଥିଲେ । ସାରଳାଙ୍କଠାରୁ ବର ପାଇ ସେ କବି ହୋଇଥିବାରୁ ସେ ନିଜେ ଆପଣାକୁ 'ସାରଳା ଦାସ' ବୋଲି ପରିଚିତ କରାଇଲେ ।

ସେ ସମୟରେ ଓଡ଼ିଶାରେ କପିଳେନ୍ଦ୍ର ଦେବ ରାଜା ଥିଲେ । ରାଜା ତାଙ୍କ କବିତ୍ୱରେ ସନ୍ତୁଷ୍ଟ ହୋଇ ତାଙ୍କୁ 'ପରିଡ଼ା' ଉପାଧି ଦେଇଥିଲେ । ତାଙ୍କ ବଂଶଧରମାନେ ସେହି 'ପରିଡ଼ା' ଉପାଧିକୁ 'ପରିଜା' ବୋଲି ଏବେ ବ୍ୟବହାର କରୁଅଛନ୍ତି ।

ତାଙ୍କ ନାମ ଅନୁସାରେ ଝଙ୍କଡ଼ର ଉତ୍ତର-ପଶ୍ଚିମରେ 'ସାରଳା' ନାମରେ ଗୋଟିଏ ଗ୍ରାମ ବସିଥିଲା, ସେ ଗ୍ରାମକୁ ବର୍ତ୍ତମାନ 'ବଡ଼ ସାରୋଳ' ବୋଲାଯାଏ ।

କବି ନିଜର ଆଦି ପ୍ରଥମ ଜୀବନରେ ଗୃହବାସ ଓ ମୂଲିଆ କାମ କରୁଥିଲେ । ମହାଭାରତ ଲେଖି ସାରି ସେ ଚନ୍ଦ୍ରଭାଗା କୂଳରେ ଗୋଟିଏ ମଠ ସ୍ଥାପନ କରି ସେହିଠାରେ ଶେଷ ଜୀବନ କଟାଇଲେ । ତାଙ୍କୁ ଲୋକେ 'ମୁନିଗୋସାଇଁ' ବୋଲି ଡାକୁଥିଲେ ଓ ଏବେ ମଧ୍ୟ ସେହି ଆଶ୍ରମକୁ ସ୍ଥାନୀୟ ଲୋକେ ମୁନି ଗୋସାଇଁ ମଠ କହନ୍ତି । ମାଘ ଶୁକ୍ଳ ସପ୍ତମୀ ଦିନ ସେ ପରଲୋକ ଗମନ କରିଥିଲେ । ପ୍ରତି ବର୍ଷ ସେହି ଦିନ ଏଠାରେ ଗୋଟିଏ ମହୋତ୍ସବ ହୁଏ—ବନମାଳୀ ପଣ୍ଡା । ପଞ୍ଚାମୃତ ।]

ସାରଳା ଭାରତ—ଦେ. ବି—ଶୂଦ୍ରମୁନି ସାରଳା ଦାସଙ୍କ କୃତ ଓଡ଼ିଆ ପଦ୍ୟ ମହାଭାରତ—The metrical Mahābhārata composed by the poet Sārala Dāsa in Oriya
Sārala bhārata
সারলা মহাভারত
सारला महाभारत
(ସାରଳା ମହାଭାରତ—ଅନ୍ୟରୂପ) [ଦ୍ର—ଏହା ମୂଳ ସଂସ୍କୃତ ମହାଭାରତର ଉପାଖ୍ୟାନ ଅନୁସାରେ ଧାରାବାହିକରୂପେ ଲିଖିତ ହୋଇ ନାହିଁ ।]

ସାର ଲୋ(ଲୌ)ହ—ସଂ. ବି (ସାର=ସାରାଂଶ+ଲୋହ)—୧ । ଲୌହସାର; ଇସ୍ପାତ—1. Steel. ୨ । ଖାଣ୍ଟି ଲୁହା—2. Pure iron.
Sāra lo(lau)ha

ସାରଲ୍ୟ—ସଂ. ବି (ସରଳ+ଭାବ. ଯ)—୧ । ସରଳତା—1. Straightness. ୨ । ନିଷ୍କପଟତା—2. Frankness; straightforwardness.
Sāralya

ସାର ଶୂନ୍ୟ—ସଂ. ବଣ (ଷଷ୍ଠୀ ତତ୍ପୁରୁଷ)—୧ । ଅସାର—1. Having no substance; unsubstantial. ୨ । ନିକୃଷ୍ଟ—2. Inferior.
Sāra śūnya

ସାରସ୍ ମେଘୁଆ—ପ୍ରାଦେ. (ସମ୍ବଲପୁର) ବି—ଚତୁର୍ଦ୍ଦିଗରେ ମେଘ ଘୋଟି, ମେଘ ବର୍ଷୁଥିବା ଭଳି ବା ପାଗ—Cloudy weather portending rain. (ଯଥା—ଆଜି ସାରସ୍ ମେଘୁଆ ହୋଇଛି ।)
Sāras meghuā

ସାରସ—ସଂ. ବି (ସରସ=ସରୋବର+ଅ; ସରୋବରରେ ବିଚରଣ କରୁଥିବାରୁ)—୧ । (ପୁଂ) ଜଳଚର ପକ୍ଷିବିଶେଷ; ଚଢ଼େଇ ଅଗ୍ନାଙ୍କ—1. The white stork or crane; Indian or Siberian crane; Ardea Siberica (M. W.) Cineria Alba; Grus Cinerea.
Sārasa
[ପ୍ରଥମ ଅର୍ଥରେ ଅନ୍ୟ ସଂ. ନାମ—ପୁଷ୍କରାହ୍ବ, ଗୋନର୍ଦ୍ଦ, କାକୁର, ଲକ୍ଷ୍ମଣ, ଲକ୍ଷଣ, ସରସୀକ, ସରୋତ୍ସବ, ସରୋରୁହ, ରସିକ, କାମୀ]
(ସାରସୀ—ସ୍ତ୍ରୀ)
[ଦ୍ର—ଏହା ବକଜାତୀୟ ଜଳଚର ବର୍ଗର ଧଳା ଓ ଧୂସର ହାତ ଲମ୍ବର ପକ୍ଷୀ । ଏ ଉତ୍ତର-ଭାରତବାସୀ, କିନ୍ତୁ ଶୀତକାଳରେ ଏ ଦେଶକୁ ଆସନ୍ତି । ଏମାନଙ୍କ ଆକାର ହାଡ଼ଗିଳା ପକ୍ଷୀଙ୍କ ପରି । ଏମାନେ ଏକତ୍ର ଯୋଡ଼ା ଯୋଡ଼ା ହୋଇ ବିଚରଣ କରନ୍ତି । ଏମାନଙ୍କ ଗୋଡ଼ ଓ ବେକ ଲମ୍ବ; ଥଣ୍ଟ ବଡ଼ ଓ ମୁନିଆଁ । ଏ ପକ୍ଷୀର ମାଂସ ମଧୁର, ଅମ୍ଳ, କଷାୟ; ଏବଂ ମହାତିସାର, ପିତ୍ତ, ଗ୍ରହଣୀ ଓ ଅର୍ଶୋରୋଗରେ ଉପକାରୀ । ଏ ପକ୍ଷୀ ସାଧାରଣତଃ ଜଳା ଭୂମିରେ ବାସ କରେ । ଏହାର ଦେହର ପାଲକ [ଲୋମ] ଗୁଡ଼ିକ ଧୂସର; ମସ୍ତକର ଅଗ୍ରଭାଗ, ଚକ୍ଷୁ ଓ ଚଞ୍ଚୁର ମଧ୍ୟବର୍ତ୍ତୀ ସ୍ଥାନର ପାଲକମାନ କଳା; ମସ୍ତକର ପେଛ ଉପରଭାଗ ସମ୍ପୂର୍ଣ୍ଣ ଲୋମହୀନ ଓ ରକ୍ତବର୍ଣ୍ଣ; ଚକ୍ଷୁ ହରିତାଭ କୃଷ୍ଣବର୍ଣ୍ଣ, ଚଞ୍ଚୁର ଅଗ୍ରଭାଗ ଈଷତ୍ କୃଷ୍ଣ; ପାଦ କଳା; ଏହାର ଚଞ୍ଚୁର ଅଗ୍ରରୁ ପୁଚ୍ଛର ଶେଷ ପର୍ଯ୍ୟନ୍ତ ଦୈର୍ଘ୍ୟ ୪ ଫୁଟ୍ । ଏ ଭ୍ରମଣଶୀଳ ପକ୍ଷୀ, ବର୍ଷଯାକ ଏମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆ ଆସ କରନ୍ତି । ଏମାନେ କୃଷକମାନଙ୍କ କ୍ଷେତରେ ବୁଣା ଯାଇଥିବା ଶସ୍ୟବୀଜମାନଙ୍କୁ କ୍ଷେତରୁ ଖୁଣ୍ଟି କରି ଖାଆନ୍ତି; ଶାମୁକା, ଗେଣ୍ଡା, ବେଙ୍ଗ ଇତ୍ୟାଦି ମଧ୍ୟ ଖାଆନ୍ତି । ବେଳେ ବେଳେ ଏମାନେ କୁଠା ବା ଛଣ ଗଦା ମଧ୍ୟରେ ଓ ଭଗ୍ନ ଅଟ୍ଟାଳିକାର ଜୀର୍ଣ୍ଣ ପ୍ରାଚୀର ଉପରେ ବସା ବାନ୍ଧନ୍ତି । ଏ ମାଈ ହରିତ ୨ଟି ଡିମ୍ବ ପ୍ରସବ କରେ ଓ ଶାବକଙ୍କୁ ମନୁଷ୍ୟ ଅପେକ୍ଷା ବେଶି ସ୍ନେହରେ ଓ ଯତ୍ନରେ ପାଳେ । ଆସିଆ, ଆଫ୍ରିକା ଅଷ୍ଟ୍ରେଲିଆ ଓ ଇଉରୋପର ବହୁ ଅଂଶରେ ଏ ପକ୍ଷୀ ଦେଖା ଯାଆନ୍ତି । ଏମାନେ ଏକ ଦେଶ ଛାଡ଼ି ଅନ୍ୟ ଦେଶକୁ ଗଲା ବେଳେ ରାତିରେ ଆକାଶରେ ବହୁ ଊର୍ଦ୍ଧ୍ୱରେ

ଅର୍ଦ୍ଧଚନ୍ଦ୍ରାକାର ଶ୍ରେଣୀବଦ୍ଧ ହୋଇ ଗମ୍ଭୀର ଶବ୍ଦ କରି ଉଡ଼ନ୍ତି । ସାରସ ପକ୍ଷୀ ଶୀତ ଗୋଷ୍ଠ ମାନେ ଓ ପାଳିତ ସାରସ ପକ୍ଷୀ ପାଳକଙ୍କ ଉଦ୍ୟାନରେ ଚରିବାକୁ ଯାଇ ଉଦ୍ୟାନରୁ ଘାସ ଫଳଙ୍କ ଖାଆନ୍ତି ଓ ସେ ସ୍ଥାନରୁ ଉଡ଼ି ପଳାଇ ଯାଆନ୍ତି ନାହିଁ । ଶାକୁନ ଶାସ୍ତ୍ରରେ ଲେଖା ଅଛି ଯେ, ଯାତ୍ରାଦି ଶୁଭ କାର୍ଯ୍ୟରେ ସାରସଦ୍ୱୟଙ୍କୁ ଦେଖିଲେ ଇଷ୍ଟ ସିଦ୍ଧ ହୁଏ; ଗମନକାଳରେ ପୃଷ୍ଠଦେଶରେ ଏମାନଙ୍କ ଧ୍ୱନି ଶୁଣିଲେ ଇଷ୍ଟନାଶ ଘଟେ; ବାମଦିଗରେ ଧ୍ୱନି ଶୁଣାଗଲେ ସ୍ତ୍ରୀଲାଭ; ଅଗ୍ରରେ ଶୁଣାଗଲେ ରାଜାଙ୍କଠାରୁ ଅର୍ଥଲାଭ ହୁଏ; ଦୁଇଟି ସାରସଙ୍କ ଏକତ୍ର କଳଧ୍ୱନି ଶୁଣାଗଲେ ଅର୍ଥଲାଭ ହୁଏ । (ବିଶ୍ୱକୋଷ) । ୨ । ହଂସ (ପ୍ରକୃତିବାଦ)—2. Swan. ୩ । (ସର୍ +ଭାବାର୍ଥେ ଅ)—ପଦ୍ମ (ଅମର)—3. Lotus. ୪ । [ସ=ସହ+ରସ] —ଚନ୍ଦ୍ର (ମେଦିନୀ)—4. The moon. ୫ । ସ୍ତ୍ରୀକଟ୍ୟାଭରଣ; ଗୋଠ; ଚନ୍ଦ୍ରହାର—5. A waist chain. ୬ । ପକ୍ଷୀ—6. A bird in general [M. W.] ୭ । ପଦ୍ମବନ—7. A place where lotus plants grow. [ଉ—ବାଣ ଭୂଷାର ବୃଷ୍ଟି ବର୍ଷି ସାରସ ଭୂଷି ସଞ୍ଚରଣ କୁତୁଳେ ଯେ—ଭଞ୍ଜ ବୈଦେହୀଶ ବିଳାସ ।] ୮ । ସରୋବରର ଜଳ—8. Water of a tank. [ଦ୍ର—ପର୍ବତ ପ୍ରଭୃତି ଦ୍ୱାରା ନଦ୍ୟାଦିର ଜଳ ରୁଦ୍ଧ ସ୍ଥାନକୁ ସରସ୍ ଓ ତହିଁର ଜଳକୁ ସାରସ ଜଳ ବୋଲାଯାଏ । ଏହି ଜଳ ବଳକର, ପିପାସା-ନାଶକ, ମଧୁରରସ, ଲଘୁ, ରୁଚିକର, କଷାୟରସ, ରୂକ୍ଷ ଓ ମଳ ମୂତ୍ରରୋଧକ—ଭାବପ୍ରକାଶ ।]

ସାରସ ଜଳ—ବି. ବି (କର୍ମଧା)—ସାରସ ୮ (ଦେଖ)
Sārasa jala Sārasa 8 (See)

ସାରସନ(ନା)—ବି. ବି (ସାର=ବଳ+ସନ୍ ଧାତୁ=ଦାନ କରିବା+Sārasana(nā) କର୍ତ୍ତ୍ତି. ଅ; ଯାହା ଦେହକୁ ବଳଦାନ କରେ)—୧ । ପୁରୁଷର କଟିବନ୍ଧନ; କମର ବନ୍ଧ—1. Belt. [ଉ—××××ବନ୍ଧଙ୍କୁ ଲଭାଇ ଦେହସ୍ତ ଶିରସ୍ତ୍ରାଣ, ସାରସନ, ଭୂଷା । ରାଧାନାଥ. ମହାଯାତ୍ରା ।] ୨ । କାଞ୍ଚି; ସ୍ତ୍ରୀମାନଙ୍କ କଟିର ଅଳଙ୍କରଣ; ଗୋଠ; ଚନ୍ଦ୍ରହାର ଆଦ—2. Waist chain of a woman. ୩ । ମେଖଳା; ଓଢ଼ଣୀ ସ୍ତ୍ରୀମାନେ ବାନ୍ଧିବାକୁ ଦେହରେ ଦୃଢ଼ କରି ରଖିବା ପାଇଁ ଅଣ୍ଟା ଉପରେ ଯେଉଁ ପଟି ପିନ୍ଧନ୍ତି—3. A woman's girdle. [ଦ୍ର—ବାନ୍ଧିବା ପିନ୍ଧା ତାହାକୁ ଦେହରେ ଦୃଢ଼ ଲଗ୍ନ କରିବା ପାଇଁ ଯେଉଁ କମରପଟି ଆଦ ବନ୍ଧା ହୁଏ ତାକୁ ସାରସନ ବୋଲାଯାଏ । ବିଶ୍ୱକୋଷ ।]

ସାରସ୍ୱତ—ବି. ବିଣ (ସରସ୍ୱତୀ+ଅ)—୧ । ସରସ୍ୱତୀ ସମ୍ବନ୍ଧୀୟ—Sāraswata 1. Relating to Saraswati. ୨ । ସାରସ୍ୱତ ଦେଶୀୟ—2. Belonging to the Sāraswata country. ୩ । ବିଦ୍ୱାନ୍; ପଣ୍ଡିତ—3. Learned. (ଉ—ସାରସ୍ୱତ ବ୍ରାହ୍ମଣର ବାଣୀ-ଅଗ୍ନ୍ୟନ୍ତ ଚରିତ୍ର—ରାଧାନାଥ. ମହାଯାତ୍ରା ।) ୪ । (ସରସ୍ୱତ୍+ଅ) ସମୁଦ୍ର ସମ୍ବନ୍ଧୀୟ—4. Oceanic; maritime. ବି—୧ । ବେଲ ଦଣ୍ଡ (ହେମଚନ୍ଦ୍ର)—1. A stick made from the branch of the Bilwa tree. ୨ । ହସ୍ତିନାପୁରର ଉତ୍ତରପଶ୍ଚିମସ୍ଥ ଦେଶ ବିଶେଷ (ହେମଚନ୍ଦ୍ର)—2. Name of a country to the north-west of Delhi. ୩ । ସାରସ୍ୱତ ଦେଶୋଦ୍ଭବ ବ୍ରାହ୍ମଣ—3. A Brāhmaṇa from the Sāraswata country. ୪ । ଗୌଡ଼ୀୟ ବ୍ରାହ୍ମଣମାନଙ୍କର ୫ ଗୋଟି ଶାଖା ମଧ୍ୟରୁ ଗୋଟିଏ—4. One of the five branches of the Gaurdiya Brāhmaṇas. [ଦ୍ର —ଏହା ବିନ୍ଧ୍ୟ ପର୍ବତର ଉତ୍ତରବାସୀ ପଞ୍ଚଗୌଡ଼ ବ୍ରାହ୍ମଣମାନଙ୍କର ଗୋଟିଏ ଶାଖା । ପଞ୍ଚ ଗୌଡ଼ ଯଥା—

ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ ଓ ଉତ୍କଳ । ସାରସ୍ୱତ ବ୍ରାହ୍ମଣମାନେ ମତ୍ସ୍ୟାଦି ଅଟନ୍ତି । ସ୍କନ୍ଦ ପୁରାଣରେ ବ୍ରାହ୍ମଣମାନଙ୍କୁ ପ୍ରଧାନ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି; ଯଥା—ପଞ୍ଚଗୌଡ଼ୀୟ ଓ ପଞ୍ଚ ଦ୍ରାବିଡ଼ । ବିନ୍ଧ୍ୟୋତ୍ତରବାସୀମାନେ ପଞ୍ଚଗୌଡ଼ୀୟ ଓ ବିନ୍ଧ୍ୟର ଦକ୍ଷିଣବାସୀମାନେ ପଞ୍ଚଦ୍ରାବିଡ଼ ଶ୍ରେଣୀଭୁକ୍ତ । 'ସାରସ୍ୱତ' ପଞ୍ଚଗୌଡ଼ୀୟ ବ୍ରାହ୍ମଣଙ୍କର ଏକଶାଖା । ଯେଉଁ ବ୍ରାହ୍ମଣମାନେ ପୂର୍ବେ ପଞ୍ଜାବ ଅଞ୍ଚଳରେ ସରସ୍ୱତୀ ନଦୀ ତୀରରେ ବାସ କରୁଥିଲେ ସେମାନେ ଓ ସେମାନଙ୍କ ବଂଶଧରମାନେ ସାରସ୍ୱତ ନାମରେ ଖ୍ୟାତ ହେଲେ । ଏହି ସରସ୍ୱତୀ ନଦୀ ଅଧୁନା ସ୍ଥଳଭାଗାକାର ମରୁଭୂମି ମଧ୍ୟରେ ଲୀନ ହୋଇଅଛି । ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ, ସରସ୍ୱତୀ ନଦୀ ବର୍ତ୍ତମାନ ଅନ୍ତଃସଲିଳା ହୋଇ ପ୍ରୟାଗ (ତ୍ରିବେଣୀ) ଠାରେ ଗଙ୍ଗା ଯମୁନା ସଙ୍ଗେ ମିଳିତ ହୋଇଅଛି । ସାରସ୍ୱତ ବ୍ରାହ୍ମଣମାନେ ୪ଟି ପ୍ରଧାନ ଉପଶାଖାରେ ବିଭକ୍ତ, ଯଥା—ସାନ, ଅଷ୍ଟାନ, ବାରହି ଓ ବାହନ । ଏହି ଉପଶାଖାମାନଙ୍କରେ ସାନରେ ୫, ଅଷ୍ଟାନରେ ୮, ବାରହିରେ ୧୨ ଓ ବାହାନରେ ୫୨ଟି ବିଭିନ୍ନ ଗୋତ୍ର ଅଛି । ହରିଦ୍ୱାର, ଥାନେଶ୍ୱର ଓ ମଥୁରାର ପଣ୍ଡାମାନଙ୍କ ନିକଟରେ ଏ ସବୁ ବଂଶପରିଚୟ ସୂଚକ ହସ୍ତଲିଖିତ ଗ୍ରନ୍ଥମାନ ଅଛି । ବୋମ୍ବାଇ ପ୍ରେସିଡେନ୍ସିର୍ ଧାରବାଡ଼, ବେଲଗାଓଁ ଓ କାନାଡ଼ା ଜିଲ୍ଲାରେ ଏ ବ୍ରାହ୍ମଣ ଅଛନ୍ତି । ଏମାନଙ୍କ ମଧ୍ୟରେ ସ୍ମାର୍ତ୍ତ ଓ ବୈଷ୍ଣବମତାବଲମ୍ବୀ ଦୁଇଟି ଦଳ ଅଛି । ବୋମ୍ବାଇ ପ୍ରଦେଶରେ ସାରସ୍ୱତ ବ୍ରାହ୍ମଣମାନେ ସେଣ୍ଟ୍ୱୀ ନାମରେ ପରିଚିତ—ବିଶ୍ୱକୋଷ ।] ୫ । କଳ୍ପବିଶେଷ; ସାରସ୍ୱତ କଳ୍ପ (ଦେଖ)—5. Sāraswata kalpa (See). ୬ । ସରସ୍ୱତୀ ନଦୀପୁତ୍ର ମୁନିବିଶେଷ—6. Name of a sage who

was the son of the Saraswatī river. ୭। ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣବିଶେଷ—7. Title of a famous and old Sanscrit grammar. ଦେ॰ ଣ (ଲକ୍ଷଣାର୍ଥ)—୧ । ଶ୍ରେଷ୍ଠ—1. (figurative) Excellent. (ଯଥା—ବୋଲଇ ସଭ ମଧ୍ୟରେ ସାରସ୍ୱତ ଦେହୁ—ଭଞ୍ଜ, ବୈଦେହୀଶବିଳାସ ।) ୨ । ଯୋଗ୍ୟ—2. Worthy. ୩ । ସାରଯୁକ୍ତ—3. Substantial. ୪ । ପ୍ରସିଦ୍ଧ—4. Famous; celebrated. ବ—ଉତ୍କୃଷ୍ଟ ବିଷୟ; ଶ୍ରେଷ୍ଠଭାବ—Excellent idea. [ଉ—ସୁମନଙ୍କଠାରେ ବସ୍ତ୍ରୀ କହୁ, କହୁ ଭୁ ସାରସ୍ୱତ ଫେର—ପ୍ରାଚୀ, କବିଶଙ୍ଖନାଦ ।]

सार, উৎকৃষ্ট, শ্রেষ্ঠ / श्रेष्ठ

ସାରସ୍ୱତ କଳ୍ପ—ସଂ. ବି—୧ । ବ୍ରହ୍ମାଙ୍କ ଦିବସବିଶେଷ—1. Name **Sāraswata kalpa** of one of the days of Brahmā. ୨ । ସରସ୍ୱତୀଙ୍କର ଉପାସନା ପ୍ରକରଣ—2. The mode prescribed for worshipping the Goddess Saraswatī. [ଦ୍ର—ଏହି କଳ୍ପରେ ଉପାସନା କଲେ ଭକ୍ତ ବାକ୍‌ସିଦ୍ଧ ହୁଏ; ସରସ୍ୱତୀଙ୍କ ମନ୍ତ୍ର ଐଁ । ଏହି ମନ୍ତ୍ର ୧୨ ଲକ୍ଷ ଜପ କଲେ ମୂର୍ଖ ବ୍ୟକ୍ତି ସୁଦ୍ଧା ବାଗୀଶ ହୁଏ । ଏହି କଳ୍ପ ସାଧନ କରି ଦ୍ୱୈପାୟନ ବେଦବ୍ୟାସ ହୋଇଥିଲେ—ଶବ୍ଦକୋଷ ।]

ସାରସ୍ୱତ ବ୍ରତ—ସଂ. ବି—ମତ୍ସ୍ୟପୁରାଣ ବର୍ଣ୍ଣିତ ସରସ୍ୱତୀଙ୍କ ଉପାସନାମୂଳକ **Sāraswata brata** ବ୍ରତବିଶେଷ—A religious penance observed in worshipping the Goddess Saraswatī. [ଦ୍ର—ଏହି ବ୍ରତରେ ପଞ୍ଚମୀ ଦିନ ସରସ୍ୱତୀଙ୍କ ପୂଜା କରଯାଏ ଓ ୧୩ ମାସ ପର୍ଯ୍ୟନ୍ତ ପ୍ରତି ପଞ୍ଚମୀ ଦିନ ଏ ବ୍ରତ କରିବାକୁ ହୁଏ । ଏ ବ୍ରତ କଲେ ମନୁଷ୍ୟ ବିଦ୍ୟା, ଅର୍ଥ, କାମିତ୍ୱ, ସୁଖ ଓ ମୋକ୍ଷଲାଭ କରେ ।]

ସାରସ୍ୱତ ବ୍ରାହ୍ମଣ—ସଂ. ବି—ସାରସ୍ୱତ ୩ (ଦେଖ)
Sāraswata brāhmaṇa Sāraswata 3 (See)

ସାରସ୍ୱତୀୟ—ସଂ. ବଣ (ସରସ୍ୱତୀ+ଇୟ)—ସରସ୍ୱତୀ ସମ୍ବନ୍ଧୀୟ—
Sāraswatīya Relating to Saraswatī.
(ସାରସ୍ୱତ୍ୟ—ଅନ୍ୟରୂପ)

ସାରସ୍ୱତୋତ୍ସବ—ସଂ. ବି—ଶ୍ରୀପଞ୍ଚମୀ; ମାଘ ଶୁକ୍ଳ ପଞ୍ଚମୀ; ସରସ୍ୱତୀ ପୂଜା
Sāraswatotsaba —The worship and festival done on the 5th day of the bright fortnight of Māgha for Goddess Saraswatī.

ସାର ହୀନ—ସଂ. ବଣ (ବହୁବ୍ରୀ ତତ୍)—ସାରଶୂନ୍ୟ; ଅସାର—
Sāra hīna Having no substance.

ସାରା—ସଂ. ବଣ (ସାର+ଅ)—୧ । କୃଷ୍ଣତ୍ରିବୃତା (ଶବ୍ଦରତ୍ନାବଳୀ)
Sārā —1. The black variety of Ipomoea Turpethum. ୨ । ଦୁବ୍‌; ଦୁବ (ଶବ୍ଦଚନ୍ଦ୍ରିକା) —2. Doob grass. ୩ । (ବୈଦ୍ୟକ) ଶାତଳା; ଖଡ଼ୁଲା; ଦେବକାଞ୍ଚନ ସିଜ୍; ଦେବଦୁଣ୍ଡଭେଦ—3. Euphorbia Antiquorum; Origanum Valgoris. ୪ । କଦଳୀ (ଜୁ, ଶ)—4. Plantain. ୫ । ତାଳିଶପତ୍ର (ଜୁ. ଶ) (ଦେଖ)—5. Tālisapatra (See). ଦେ. ବଣ (ସଂ. ସମଗ୍ର)—୧ । ସମୁଦାୟ; ସମସ୍ତ—1. Whole; entire. (ଯଥା—ସାରା ଦିନ, ସାରା ଗାଁ ।) ୨ । ସମ୍ପୂର୍ଣ୍ଣ—2. Full; complete. (ଯଥା—ସାରା ସଂସାର) ୩ । (ସଂ. ସାର) ହାରାହାରି—3. Mean; nett. (ଯଥା—ସାରା ଦାମ) ୪ । ସାରଯୁକ୍ତ; ସାରଗର୍ଭ; ସାରବାନ୍—4. Substantial. (ଯଥା—ସାରା କଥା ।) ୫ । ଶେଷରେ ନିଶ୍ଚିତ ବା ମୀମାଂସିତ—5. Final; finally settled. (ଯଥା—ସାରା ଭାଉ, ସାରା ଦର ।) ୬ । ପ୍ରହାରାଦିଦ୍ୱାରା ଶାସିତ—6. Brought under control or reduced to submission by punishment. (ଯଥା—ମାଡ଼ରେ ତାକୁ ସାରା କରିବ ।) ୭ । ସମାପ୍ତ; ସମ୍ପୂର୍ଣ୍ଣରୂପେ ନିଷ୍ପାଦିତ—7. Completed; finished. କ୍ରି. ବଣ—ସାରା; ତମାମ—Throughout. [ଉ—ବରଷ ସାରା ହାତେବେଳ ଦୁଆରେ କେବଳ ଧର ଲୁଙ୍ଗ ଲୁଙ୍ଗ ହେବାକୁ ଚାହିଁ—ଫକୀରମୋହନ. ଛ ମାଣ ଅଠଗୁଣ୍ଠ ।] [ଉ—ନ ଦେବାକୁ କରଜନ୍ତ । କହିବେ ଜୀବନ ସାରା—ବାଳକୃଷ୍ଣ, ଲଜ୍ଜାପ୍ରଶ୍ନ, ଲଜ୍ଜାଙ୍କିତ ।]

सारा / সারা / सारा / হারাহারি / सार / सार / ठीक / ঠিক / सारा / সারা

ସାରାଂଶ—ସଂ. ବି (କର୍ମଧା; ସାର+ଅଂଶ)—୧ । ପଦାର୍ଥର ଶ୍ରେଷ୍ଠାଂଶ
Sārāmsa ବା ମଜ୍ଜା—1. The pith or marrow of any thing. ୨ । ଅର୍ଥ—2. Essence. ୩ । ସଂକ୍ଷିପ୍ତ ମର୍ମ; ତଥ୍ୟର ମର୍ମ—3. The purport or summary or synopsis of any thing. ଦେ. ବି—ଦରଦାମର ନିଷ୍ପତ୍ତିକରଣ—
Settlement of price after negotiation

ସାରା କଥା—ଦେ. ବି—୧ । ଶେଷ ସିଦ୍ଧାନ୍ତରୂପେ ମୀମାଂସିତ କଥା—
Sārā kathā 1 Finally settled word. ୨ । ସାର କଥା ସାର ବାତ ଯୁକ୍ତ ବିଷୟ—2. Essential thing

सार कथा / सार बात

ସାରା କରି ଦେବା—ଦେ. କ୍ରି—୧ । ଭୂମିତଳକୁ ସମାନ କରିବା—
Sārā kari debā 1. To level the ground.
সার করে দেওয়া / बराबर करदेना (ସାରା କରିବା—ଅନ୍ୟରୂପ)
ঠাণ্ডা করে দেওয়া ୨ । ଦଣ୍ଡ ଦେବା; ଯନ୍ତ୍ରଣା କରିବା; ଶାସ୍ତି
ठंडा करदेना ଦେବା—2. To punish. [ଉ—ଠିକ ଠାପ୍ପଣ ଲୋକମାନଙ୍କୁ ଦାନ । ସାରା କଲେଟ ଯେହୁ ହୁଏ ପ୍ରବଳ—ବ୍ରଜନାଥ. ସମରତରଙ୍ଗ ।] ୩ । ମୀମାଂସା କରିବା; ମୀମାଂସା କରିବା; ଦୁଇ ଜଣଙ୍କ ବିବାଦ ବା
मीमांसा करा / निपटारा करदेना ମତଭେଦକୁ ମଧ୍ୟସ୍ଥତାଦ୍ୱାରା ମୀମାଂସା କରିବା—3. To finally settle the difference between two persons by mediation. ୪ । କୌଣସି କାର୍ଯ୍ୟକୁ ସମାପ୍ତ କରିବା—

4. To finish or complete any work, (ଯଥା—ଏ କାର୍ଯ୍ୟକୁ ସାର କରିଦେଇ ମୋ ପାଖକୁ ଆସିବ)

ସାର କରିବା—ଦେ. କ୍ରି—୧। ଶେଷ ମୀମାଂସା କରିବା—1. To finally settle a thing. ୨। ପ୍ରହାରାଦି
Sārā kaaibā
মীমাংসাকরা **निपटाराकरना** ଦ୍ୱାରା ଅଯୁକ୍ତ କରିବା—
ঠাণ্ডাকরা, জব্দকরা **ठंडाकरना** To reduce a person to subjection by punishment.

ସାର ଛିଡ଼ିବା—ଦେ. କ୍ରି—କଦ୍ଦିଜ ରୂପେ ବା ଠିକ୍ ଭାବରେ ମୀମାଂସିତ ହେବା—To be finally settled.
Sārā chhirdibā
মীমাংসাহওয়া **निपटाराहोना**

ସାର ଜୀବନ—ଦେ. ଅ—୧। ଜୀବନ ତମାମ—1. Throughout one's life time. ୨। ଯେତେଦିନ ଯାଏ ମନୁଷ୍ୟ ବଞ୍ଚିଥିବ; ଆଜୀବନ—2. As long as a man lives.
Sārājibana
সারাজীবন **सारांजीवन**

ସାର ଦର—ଦେ: ବି—୧। ହର୍ ଦର୍; ହାରାହାରି ଦର—1. Nett price. ୨। ଶେଷ ସିଦ୍ଧାନ୍ତ ରୂପେ ମୀମାଂସା କରିଥିବା ଦର—2. Finally settled price or rate of a thing.
Sārā dara
হারাহারিদর, ঠিকদর **हराहारि, ठीकदर**
ସାରଦାମ, ସାରଭାଉ, ସାରମୂଲ୍ୟ }—ଅନ୍ୟରୂପ

ସାର ଦିନ—ଦେ. ବି ଓ ଅ—ସମସ୍ତ ଦିବସ; ଦିନ ତମାମ—The whole day; throughout the day; the whole day long. [ଦ୍ର—ଏହାପର ସାର ରାତି ହୁଏ]
Sārā dina
সারাদিন **सारादिन**

ସାର ଦୁନିଆ (ସୃଷ୍ଟି)—ଦେ. ବି ଓ ଅ—୧। ସମସ୍ତ ଜଗତ—The whole world. ୨। ସଂସାର ଯାକ—2. Throughout the world. ୩। ସର୍ବତ୍ର—3. Everywhere.
Sārā duniā(srushṭi)
সারাদুনিআ **सारादुनिया**

ସାରନାଥ—ଦେ. ବି (ନାମ)—ସାରନାଥ; କାଶୀ ନିକଟସ୍ଥ ଗୋଟିଏ ପାହାଡ଼ ଓ ତହିଁରେ ଥିବା ବୌଦ୍ଧ ମୂର୍ତ୍ତି—Sāranātha (See)
Sāranātha
সারনাথ **सारनाथ**

ସାର କଥା(କେ)ଇବା (କହିବା)—ଦେ. କ୍ରି-କୌଣସି ବ୍ୟକ୍ତିକୁ କଥକର ମନର କଥା ବା ଅପ୍ରିୟ ସତ୍ୟ କହିଦେବା—To speak out plain and unpalatable truths to a man; to speak out one's mind to a person.
Sārā batā(te)ibā (kahibā)
উচিতবলা **सारीबातबोलना**

ସାର ବନା(ନେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଦଣ୍ଡଦ୍ୱାରା ସବୁସ୍ତ ବା ହତବାର୍ଯ୍ୟ ବା ଅସହାୟ କରିବା—To reduce a person to helplessness by punishment; to teach a person a lesson.
Sārā banā(ne)ibā
সারাকরা ঠাণ্ডাকরা **ठंडाबनाना**

ସାରାର୍ଥ—ସ. ବି (କର୍ମଧା)—ମୁଖ୍ୟାର୍ଥ; ଭାବାର୍ଥ—The essential meaning or purport.
Sārārtha

ସାରାମ୍ଳ—ସ. ବି (ସାର+ଅମ୍ଳ)—ଜମ୍ବୀର ଲେମ୍ବୁ—A kind of lemon.
Sārāmla

ସାରାଳ—ସ. ବି—ତିଳ; ରାଶି (ଶବ୍ଦଚନ୍ଦ୍ରିକା)—Sesamum seed.
Sārāla

ସାରାସାର—ସ. ବିଣ (ଦ୍ୱନ୍ଦ୍ୱସମାସ ସହିତ ଷଷ୍ଠୀତତ୍ପୁରୁଷ)—ସାର ଓ ଅସାର—Substantial and unsubstantial. ସ. ବି—ସାରାଂଶ ଓ ଅସାରାଂଶ—Substantial part and worthless part of any thing.
Sārāsāra

ସାରାସାର କରିବା—ଦେ. କ୍ରି—କୌଣସି ବିଷୟର ଭଲ ମନ୍ଦ ବାଛିବା—To distinguish the good from the bad parts of any thing.
Sārāsāra karibā
সারাসারকরা **सारासारकरना**
(ସାରାସାର ବାଛିବା—ଅନ୍ୟରୂପ)

ସାରି(ଧାତୁ)—ସଂ (ସୃ ଧାତୁ ଣିଜନ୍ତ)—ଗମନ କରିବା—To cause to move.
Sari(root)

ସାରି—ସଂ. ବି (ସାର+ଇ)—୧। ପାଶକ (ଶବ୍ଦରତ୍ନାବଳୀ); ପଶାର ଗୋଟି—The balls used in the game of dice. ୨। ପଶାଖେଳାଳି (ହ. ଶ)—2. A player at dice. ୩। ଶାରିକା; ମଇନା—3. The myna bird; Gracula Religeosa.
Sāri
সারি সালিক **मैना**

[ଦ୍ର—ସାରି ପକ୍ଷୀ ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟ କେତେକ ଗଡ଼ଜାତର ପର୍ବତରେ ଥାଆନ୍ତି। ଲୋକେ ସେମାନଙ୍କୁ ଧରି ଆଣି ବନ୍ଦୀ କରନ୍ତି। ଏମାନଙ୍କର କଥା ଉଚ୍ଚାରଣ କରିବା ଶକ୍ତି ଥିବାରୁ ଲୋକେ ଏମାନଙ୍କୁ ପାଳନ୍ତି; ଏମାନେ ମନୁଷ୍ୟର ସ୍ୱରକୁ ଅବିକଳ ଅନୁକରଣ କରନ୍ତି, ଏମନ୍ତ କି, ହସିବା, କାଶିବା ପ୍ରଭୃତି ଅନୁକରଣ କରନ୍ତି; ଗୀତ ଓ ସଙ୍ଗୀତ ଓ ପଦ୍ୟମାନ ଶିଖାଇଲେ ଠିକ୍ ସ୍ୱରରେ ତାହା ଗାଇ ପାରନ୍ତି। ପୋଷାପକ୍ଷୀଙ୍କୁ ଦୁଗ୍ଧ ଚୁଡ଼ା, ଦୁଧ ଭାତ, ପାଚିଲା ଫଳ ଓ ସାମାନ୍ୟ ମାଂସ ଖଣ୍ଡ ଦିଆଯାଏ। ଏମାନେ ବଣି ଜାତୀୟ। କେତେକ ସାରିଙ୍କ ବେକ ଉପରେ ଓ ଥଣ୍ଟ ପାଖରେ ହଳଦିଆ ଚିହ୍ନ ଥାଏ। ଏମାନଙ୍କୁ ସୁନାକାନିଆ ସାରି ବୋଲାଯାଏ। କେତେକଙ୍କର ଧଳା ଚିହ୍ନ ଥାଏ; ତାଙ୍କୁ ରୂପାକାନିଆ ବୋଲାଯାଏ। ଏମାନେ ଅତ୍ୟନ୍ତ ସୁକୁମାର ଜୀବ। ଏମାନେ ବହୁତ ଖାଆନ୍ତି ଓ ବହୁତ ଝାଡ଼ା ଫେରନ୍ତି। ଆମ ଦେଶରେ ଲୋକବିଶ୍ୱାସ ଅଛି ଯେ, ବେଙ୍ଗୁଣୀ, ଡାହାଣୀ ଆଦିଙ୍କ ନଜର ଏମାନଙ୍କ ଉପରେ ପଡ଼ିଲେ ଏମାନଙ୍କୁ ଡାହାଣୀ ଖାଇ ଯାଆନ୍ତି ଓ ଏମାନେ ମରି ଯାଆନ୍ତି। ଡାହାଣୀଙ୍କ ଦୃଷ୍ଟିରୁ ଏମାନଙ୍କୁ ରକ୍ଷା କରିବାକୁ ଲୋକେ ଏମାନଙ୍କ ପଞ୍ଜୁରି ଉପରେ ଗଣ୍ଡି ଏ କାଳି ଘେରାଇ ଦିଅନ୍ତି। ସାରିମାନେ ମାଂସ, ପୋକଜୋକ ଖାଆନ୍ତି। ଏଣୁ ଅମାଂସ ପୋଷାପକ୍ଷୀଙ୍କୁ ବେଳେବେଳେ ଖାଇବାକୁ ଦେଲେ ଏମାନେ ପୁଷ୍ଟ ରହନ୍ତି। ଏମାନେ ସ୍ୱାନପ୍ରିୟ।]

ଦେ. ବି (ସ. ଶ୍ରେଣୀ ବା ସରଣୀ)—୧। ଧାଡ଼ି; ଶ୍ରେଣୀ; ପଂକ୍ତି—1. Row. ୨। ସ୍ତ୍ରୀଲୋକଙ୍କ ନାମ—2. A name given to females. ୩। (ସ୍ତ୍ରୀ) ସାର ପର ପ୍ରିୟା ସ୍ତ୍ରୀଲୋକ—3. A dearly loved or fondly loved woman.
সারী **सारी**

ସାରଅ—ଦେ. ବି—ସାରି ନାମ୍ନୀ ସ୍ତ୍ରୀର ଡାକ ନାମ—Name for Sāriā calling 'Sāri.' ବିଣ—୧ । ଗେହ୍ଲା; ଅତ୍ୟଧିକ ଆହ୍ଲାଦେ ସ୍ନେହରେ ଲାଳିତପାଳିତ—1. Brought up with ସାରିଆ excessive fondness and indulgence. ୨ । ଉତ୍କୃଷ୍ଟ—2. Excellent. [ଉ—ସାରଅ ଖଣ୍ଡ ମିଶାଇ ବଟା ଭଜି ଥୋଇ, ଷଟୁଳ ସଙ୍ଗେ ଡାଲ୍ଲି ଅଧରେ ଯୋଗାଇ । ପ୍ରାଚୀ. ରହସ୍ୟମଞ୍ଜରୀ ।]

ସାରିକ(କା)—ସଂ. ବି (ସୃ ଧାତୁ ଣିଚ୍ ସାରି ଧାତୁ+କର୍ତ୍ତୃ. ଅକ; + ଅ; Sārika(kā) ଏମାନେ ବେଶି ପରିମାଣରେ ଓ ଅନେକ ଥର ଅନ୍ୟ ସ୍ଥ. ନାମ—ପାଳତଚଢ଼େଇ,] ଗାଡ଼ି ଫେରିବାରୁ)—୧ । ପକ୍ଷି- ଗୋସ୍ଥଳୀ, ଗୋସ୍ଥଳିକା, ବିଶେଷ; ସାରି ପକ୍ଷୀ—1. The ଶାରିକା, ଶାରି, ସାରି, myna bird; Gracula ଚନ୍ଦ୍ରଲୋଚନା, ମଧୁରାଳାପା, Religeosa. ୨। ବଣି ଚଢ଼େଇ— ଭୂଙ୍ଗା, ମେଧାବିନୀ, 2. The common myna; ଗୋରଣ୍ଟି (ଣ୍ଡି)କା, Aceridotherus Tristis. ଗୋକିରାଠୀ, ଗୋରଟିକା, ୩ । ପାଶଗୁଟିକା—3. The balls କଳହପ୍ରିୟା । used in the game of dice. ୪ । ବେହେଲାର ଧନୁ—4. The bow of a violin. ବିଣ—(ସାରକୁ) ସାରକର ସ୍ତ୍ରୀଲିଙ୍ଗ—The feminine of 'Sāraka.'

ସାରିକା ବଣ(ନ)—ସଂ. ବି (ମ. ପ. ଲେ)—ସାରିକାବହୁଳ ବନ Sārikā baṇa(na) (ବିଶ୍ୱକୋଷ)—A forest abounding in myna birds.

ସାରିକ୍ଷୁ—ଦେ. ବିଣ—ଅବ୍ୟର୍ଥ; ଅମୋଘ— Sārikshu Unerring; effective. অমোঘ अमोघ, अचूक

ସାରି(ରେ)ଗ(ଗା)ମ(ମା)—ଦେ. ବି—ହିନ୍ଦୁ ସଙ୍ଗୀତର ସ୍ୱର ଗ୍ରାମ Sāri(re)ga(gā)ma(mā) ସପ୍ତକ; ହିନ୍ଦୁ ସଙ୍ଗୀତର ସାତ ସାରିଗମ ପଧନି } —ଅନ୍ୟରୂପ ଗୋଟି ପ୍ରାଥମିକ ସ୍ୱର— ସାରିଗାମା ପାଧାନି } The primary seven সারিগামা notes of the Hindu scale of music; solfa. सारेगम [ଦ୍ର—ସଂକ୍ଷେପରେ ପ୍ରଥମ ଗୃହଗୋଷ୍ଠ ସ୍ୱରର ଅଦ୍ୟଅକ୍ଷରର ନାମ କରିଯାଏ । ରାଗ ଭଳେ ନୋହ୍ ବୃତ୍ତବ୍ୟ ।

ସାରଗମ ସ୍ୱର ଅନୁସାରେ ଶ୍ରୀଯୁକ୍ତ ମନମୋହନ ଘୋଷ ବି. ଏଲ୍. ଙ୍କ ରଚିତ ନାରାୟଣ ରାଗର ଓଡ଼ିଆ ଗୀତ ନିମ୍ନରେ ଦିଆଗଲା ।

ସାରଗାମା ଗୀତ

ସ୍ୱରଗ୍ରାମର ସପ୍ତସ୍ୱର (ସାରିଗାମାପାଧାନି)ର ଅକ୍ଷରମାନଙ୍କ ସ୍ୱରବର୍ଣ୍ଣ ପରିବର୍ତ୍ତନ ଦ୍ୱାରା ରଚିତ ସଙ୍ଗୀତ ।

ରାଗ ନାରାୟଣୀ; ତାଳ—ଖେମଟା

ଅବରୋହୀ—ସାନିମାପାଧାସା

ଅବରୋହୀ—ସାଧାଧାଗାମାରେସା

ବାଦୀସ୍ୱର—ଧୈବତ; ସଂବାଦୀସ୍ୱର—ଋଷଭ

ପକୁଡ଼—ଧାପାମାରେ

ଅସ୍ଥାୟୀ—ଧନୀ ଧନୀ ମାରେ, ନିସାରେ ସାରେ,
ନିଧନୀ ସରେ, ମରମେ ମରେ ।ଧ୍ରୁବ।
ଧନୀ ଧପାରେ ନିଧନୀ ସରେ,
ନିସାରେ ସାରେ, ମରମେ ମରେ ।୧।

ଅନ୍ତରା—ମାଧା ଧନୀ ନିସା ସାରେ ସେ ନିଧନ;
ମାନୀ ଧନୀ ଧନୀ ମାରେ ସାନ ସାନ,
ଧନୀ ଧାମା ଧରେ ନିଧନୀ ଧପାରେ
ନିଧନୀ ସାଧେ ନିସା ନିଗାରେ । ୨ ।
ନିସା ମାରିପାରେ ଧାରି ସାରେ
ଧନ ସରେ ପନ୍ନା ନିଶାରେ । ୩ ।
ଧନୀ ମାରିପାରେ ନିଧନୀ ସାମରେ ।
ସମରେ ସେ ଧନୀ ନିଧନୀ ପାଶରେ । ୪ ।
ଧନ ଶେଷେ ଧନୀ ନିଧନୀ ସମରେ
ଧପାମନି ହେରେ ମାର ମରି ସରେ । ୫ ।

ଅର୍ଥ—

ଅସ୍ଥାୟୀ ପଦ—

ଧନୀ ଧନୀମାନ ଯେଉଁ ଧନ ଅଣେ ତାହାକୁ ନିସାରେ ଉଡ଼ାଇ ଦିଏ । ନିର୍ଧନବ୍ୟକ୍ତି ଧନୀ ଦ୍ୱାରା ଲଞ୍ଛିତ ହୋଇ ମରମେ ମରମେ ବ୍ୟଥା ପାଏ । ଧ୍ରୁବ ।

ଧନୀର ଧନୀଦ୍ୱାରା ନିର୍ଧନର ସର୍ବନାଶ ଘଟେ; ଧନୀ ଧନୀମନ୍ତ ଧନକୁ ନିସାରେ ଅପବ୍ୟୟ କରି ପୁଣି ମରମେ ମରମେ ବ୍ୟଥିତ ହୁଏ । ୧ ।

ଅନ୍ତରା—ନିର୍ବୋଧ ଧନୀର ନିସା ବା ଧନଗର୍ବ ନିର୍ଦ୍ଧନକୁ ସର୍ବସ୍ୱାନ୍ତ କରେ, ସମାଜରେ ସମ୍ମାନିତ ଧନୀ ବାରମ୍ବାର ନିର୍ଧନକୁ ଧକ୍କା ମାରୁଥାଏ ।

(ଏଥିର ପ୍ରତିଅଂଶରେ)—ନିର୍ଦ୍ଧନ ବ୍ୟକ୍ତିର ଷଡ଼ଯନ୍ତ୍ରରେ ଧନୀ ବ୍ୟକ୍ତି ବେକୁବ୍ ବନେ ଓ ନିର୍ଦ୍ଧନ ବ୍ୟକ୍ତି ଗୃହରେ ଲୋକଚକ୍ଷୁର ଅନ୍ତରାଳରେ ନିସା ଖାଇ ମନର ସାଧକୁ ମେଣ୍ଟାଏ । ୨ ।

ନିସା ବ୍ୟକ୍ତି ନିର୍ଦ୍ଦିଶେଷରେ ଲୋକର ସର୍ବନାଶ ଘଟାଏ ଓ ଋଣ କରାଇ ତାକୁ ସର୍ବସ୍ୱାନ୍ତ କରାଏ ।

ଧନୀ ବ୍ୟକ୍ତିର ଧନ ଜୁଆଖେଳରେ ଓ ନିସାରେ ନିଃଶେଷ ହୁଏ । ୩ ।

ଅକିଞ୍ଚନ ନିର୍ଦ୍ଧନବ୍ୟକ୍ତିକୁ ଧନୀ ସର୍ବସ୍ୱାନ୍ତ କରେ, କିନ୍ତୁ ଯୁଦ୍ଧବେଳେ ଧନୀ ଓ ନିର୍ଦ୍ଧନବ୍ୟକ୍ତି ସମାନସ୍ଥଳ ହୋଇ ଠିଆ ହୁଅନ୍ତି । ୪ ।

ଧନ ଶେଷ ହେଲାରୁ ଧନୀ ନିର୍ଦ୍ଧନର ସମାନ ହୁଏ । ଫଳରେ ଯେ ଧନୀ ମାରି ଧନ ଅର୍ଜିଥାଏ ସେ ସର୍ବସ୍ୱାନ୍ତ ହୁଏ, ପରକୁ ମାରେ ଓ ନିଜେ ମରେ । ୫ ।]

ସାରି(ରେ)ଙ୍ଗୀ—ଦେ. ବି—ସାରଙ୍ଗୀ (ଦେଖ) Sāri(re)ngi Sārangi, (See)

ସାରିଛ(କ୍ଷ)—ଗ୍ରା. ବିଣ ଓ ଅ (ସଂ, ସଦୃଶ)—ସଦୃଶ— Sārichha(ksha) সদৃশ सरिस Similar; like. (ଉ—ଏବେ ତାଙ୍କ ଭ୍ରମରେ ପୁଚ୍ଛ, ଗୋପକନ୍ୟାମାନେ ଯେବେ ତାଙ୍କ ସାରିଛ । ପ୍ରାଚୀ. ରହସ୍ୟମଞ୍ଜରୀ ।]

ସାରିଣୀ—ସଂ. ବି. ସ୍ତ୍ରୀ (ସୃ ଧାତୁ+କର୍ତ୍ତୃ. ଇନ୍+ଈ)—୧। ମହାବେଶ୍ୟା
Sāriṇi (ଗୁଳ୍ମବିଶେଷ); ମହାବଳା; ବଳାମୂଳୀ—1. Sida Rhombifolia. ୨ । କାର୍ପାସୀ; କପାଗଛ—2 Cotton plant. ୩ । ଦୁରାଲଭା—3. Alhagi-maurorum. ୪ । କପିଳ ଶିଂଶପା; ଏକପ୍ରକାର ଶିଶୁ ଗଛ—4. A kind of Sisu tree of brown wood. ୫ । ପ୍ରସାରଣୀ—5. Pæderia Fœtida (creeper). ୬ । ରକ୍ତପୁନର୍ନବା; ନାଲି ପୁରୁଣୀ ଶାଗ—6. The red variety of spreading hogweed. ସଂ. ବିଣ (ସାରିନ୍+ସ୍ତ୍ରୀ. ଈ)—ସାରିନ ସ୍ତ୍ରୀଲିଙ୍ଗ—
शारि Feminine of Sāri. ଦେ. ବି—ପଶାକାଟି (ଭଞ୍ଜ.
चौसरकाठी କୋଟିବ୍ରହ୍ମାଣ୍ଡ ସୁନ୍ଦରୀ)—Dice.

ସାରି ଦେ(ନେ)ବା—ଦେ. କ୍ରି—ସାରିବା (ଦେଖ)
Sāri de(ne)bā Sāribā (See)
শেষ করা खतम करना

ସାରିନ୍ଦା—ଦେ. ବି (ସଂ ସାରଙ୍ଗୀ)—୧। ସାରଙ୍ଗୀ ନାମକ ବାଦ୍ୟଯନ୍ତ୍ର—
Sārindā 1. Hurdy-gurdy. ୨ । ଅଶ୍ୱ ପୁଚ୍ଛର
সারিন্দা सारंगी କେଶରେ ନିର୍ମିତ ଧନୁଦ୍ୱାରା ବାଜୁଥିବା ତନ୍ତ୍ର ଓ ଚାଳନ ଦ୍ୱାରା ବଜା ତନ୍ତ୍ର ତାରବିଶିଷ୍ଟ ଯନ୍ତ୍ରବିଶେଷ—2. A kind of guitar. [ଦୃ—ଏହାର ସମୁଦାୟ ଅଙ୍ଗ କାଷ୍ଠନିର୍ମିତ । ଏଥିର ଧୂନକୋଷ ଉର୍ଦ୍ଧ୍ୱାଂଶ ଚର୍ମାଚ୍ଛାଦିତ, ଉର୍ଦ୍ଧ୍ୱାଂଶ ଶୂନ୍ୟ—ଶବ୍ଦକୋଷ ।)

ସାରି ପକା(କେ)ଇବା—ଦେ. କ୍ରି—ସାରିବା; ନାଶ କରିବା—
Sāri pakā(ke)ibā To destroy. (ଦୃ—
শেষ করে দেওয়া, সেরে দেওয়া शेष करना ମାରି ଭୂ ଅଟୁର ସାରିପକା ଘଟେ—କବିସୂର୍ଯ୍ୟ ଚମ୍ପୁ ଗୀତ ।)

ସାରି ଫଳ(ଫଳକ)—ସଂ. ବି—ପଶାର ଗୋଟି—
Sāri phaḷa(phāḷaka) The balls of dice.

ସାରିବ—ସଂ. ବି—୧। ଶାଳି ଧାନ୍ୟ (ଶବ୍ଦକୋଷ)—1. Au-
Sāriba tumn paddy. ୨ । ଷଷ୍ଠିକା ଧାନ୍ୟ (ଶବ୍ଦକୋଷ)—2. A kind of early paddy.

ସାରିବା—ସଂ. ବି (ସୃ ଧାତୁ ଣିଚ୍ ସାରି ଧାତୁ+କର୍ତ୍ତୃ.ବ+ଅ)—ଶାରିବା
Sāribā (ଦେଖ)—Śāribā (See) ଦେ. କ୍ରି (ସଂ
শেষ করা, সারা शेष करना ସୃ ଧାତୁ ଣିଚ୍ ସାରି ଧାତୁ =ଚଳାଇବା)—୧। ସମାପ୍ତ କରିବା; ଶେଷ କରିବା—1. To finish. (ଦୃ—ତଦଅନ୍ତେ ଜ୍ଞବଣୀ ସ୍ନାନ ସାରିଲେ—କୃଷ୍ଣସିଂହ ମହାଭାରତ ବନ ।) ୨ । ନିଃଶେଷ କରିବା—2. To exhaust. (ଯଥା—ସବୁ ଯେତେକ ଧନ ଥିଲା ସେତକ ଖାଇ ପିଇ ସାରିଲେଣି ।) ୩ । ସମ୍ପୂର୍ଣ୍ଣ କରିବା—3. To complete; to bring to completion. (ଦୃ—ଅଦ ପଦ୍ମ ପୁସ୍ତକ ସାରିଲ ଗୀତରେ—କୃଷ୍ଣସିଂହ ମହାଭାରତ ଅଦ ।) ୪ । କୌଣସି କାର୍ଯ୍ୟ କଷ୍ଟସହ କରିବା; ସମ୍ପନ୍ନ କରିବା—4. To accomplish a work. (ଯଥା—ମୁଁ ବହୁ ଘର ସାରି ବଦେଶ ଯିବି ।) ୫ । ନଷ୍ଟ କରିବା—5. To spoil. (ଦୃ—ରଢ ଛେଳ ଦେବା କରି, ଅଇଲେ ସବୁ କଥା ସାରି—ଭୂପତି ପ୍ରେମପଞ୍ଚାମୃତ ।) ୬ । ବିନାଶ କରିବା—6. To destroy. (ଦୃ—ରୁଷାରୁ ସାରୁ ସାମର୍ଥ୍ୟ ମୋର ରେ—କବିସୂର୍ଯ୍ୟ. ସଙ୍ଗୀତ ।) ୭ । ସର୍ବନାଶ ଘଟାଇବା—7. To cause ruin. (ଦୃ—ମସ୍ତ ଚରିବାର, ଅଜଲ୍ଲ ଦେଗୁଚ, ସଂସାର ସାରିବାର—କବିସୂର୍ଯ୍ୟ. ସଙ୍ଗୀତ ଚନ୍ଦ୍ରକଳା ।) ୮ । ଅନିଷ୍ଟ ଘଟାଇବା—8. To cause injury. (ଯଥା—ମୋର ଯେ ଅନିଷ୍ଟ ପାଶ୍ଚିବ ମୁଁ ତାକୁ ସାରିବି।) ୯। (ଧନାଦି) ଅପବ୍ୟୟ କରିବା—9. To spend away (money;) to squander. (ଯଥା—ସେ ପୈତୃକ ସମ୍ପତ୍ତି ସାରି ବର୍ତ୍ତମାନ କାଙ୍ଗାଳ ହୋଇ ବୁଲୁଛି ।) ୧୦ । ଗୃହୋପକରଣାଦି ବ୍ୟବହାର କରିବା—10. To use any domestic article (furniture or utensil). (ଯଥା—କଣା ଯାଇଥିବା ଓଃଡାପାକ ଗସ୍ତରୁ ୨୫ ଗସ୍ତ ଅମେ ସାରୁଛୁଁ ।) ୧୧ । ପାନ କରିବା; ସେବନ କରିବା; ଭୋଜନ କରିବା—11. To eat; to partake. (ଯଥା—ଅଗଣ ଟିକିଏ ଔଷଧ ସାରନ୍ତୁ ।) ୧୨ । ଅପସାରିତ କରିବା; ଦୂର କରିବା; ସରାଇବା; ଘୁଞ୍ଚାଇବା—12. To remove. (ଦୃ—ଶାରିଦେବ ପଣ୍ଡା ଅଙ୍କ, ଧଇର୍ଯ୍ୟ ସୁନ୍ଦର ନେତ୍ରା, ନଳମନ ଲଜ୍ଜା—କବିସୂର୍ଯ୍ୟ. ବଣୋଚ୍ଚ ଚମ୍ପୁ ଗୀତ ।) ୧୩ । ଗୃହିତ କରିବା—13. To cause to move. ୧୪ । ଡଙ୍ଗାକୁ କାତମାରି ଘୁଞ୍ଚାଇବା—14. To cause a boat to move by means of a pole. ୧୫ । ସବାରୀକୁ ପଛ ବାଉଁଶ ଅଡ଼ୁ ପେଲି ତହିର ଗତିକୁ ତୀବ୍ର କରାଇବା—15. To push a palki by applying force on its hind pole. ୧୬ । ଅପମାନିତ ଓ ଲଜ୍ଜିତ କରାଇବା—16. To put a person to shame. (ଯଥା—ସେ ଲୋକ ମଝେ ବାଣ୍ଡରେ ସାରି ଦେଲା)—୧୭ । ସମୟ ବା ଦାନ କଟାଇବାକୁ ଅନ୍ୟକୁ କ୍ଷମ କରିବା—17. To enable a person to pass his days. [ଦୃ—ମୁଁ ତ ଯୁବତୀ ଅବଳା, ମୋ ଦିନ କେ ସାରିବରେ ସଙ୍ଗୀତ ।] ୧୮ । କାଳ କାଟିବା—18. To spend time. [ଦୃ—ସାରୁଅଛ ସେ ଦିନ ପରର କ୍ରଂସାରେ । କୃଷ୍ଣସିଂହ. ମହାଭାରତ. ସଭା ।] ୧୯ । ଶୌଚ କ୍ରିୟାରେ ଜଳ ଅବା ବ୍ୟବହାର କରିବା—19. To use water in purifying one's self. (ଯଥା—ସାହେବମାନେ

ଘାଡ଼ା ଫେର ପାଣି ସାରନ୍ତି ନାହିଁ ।) ପ୍ରାଦେ (ପାଟଣା, କଳାହାଣ୍ଡି) କ୍ରି—ଘଷିବା; ଅଙ୍ଗଁସିବା—To massage; to chafe.

ସାରିଲେ ଶୁଆ—ପ୍ରାଦେ (ଯାଜପୁର) ବି—ଗ୍ରାମ୍ୟ ଖେଳ ବିଶେଷ—Sārilo śuā A kind of country game. ଉ—ସାରିଲେ ଶୁଆ । କାହା ହାତରେ ଅଛି କଥନ ଶୁଆ । କହି ଦବୁଟିରେ କଥନ ଶୁଆ । ଏ ଖେଳର ଗୀତ ।]

ସାରିଷ୍ଠ—ସଂ. ବିଣ. (ସାର+ଇଷ୍ଠ)—ସର୍ବସୁନ୍ଦର (ଶବ୍ଦକୋଷ)—Sārishṭa Most beautiful of all.

ସାରି ସାରି—ଦେ· ବିଣ—(ବଙ୍ଗଳାରୁ ଅନୁକୃତ) ଧାଡ଼ି ଧାଡ଼ି; Sāri sāri ଶ୍ରେଣୀବଦ୍ଧ—Arranged in rows. [ଉ—सारि सारि सारिसारि ମନ୍ଦିରକୁ ଯାଉ ସାରି ଅପ୍ସରୀ ଅପସରି । ଗୋଲକ. ଇନ୍ଦ୍ରଲେଖା]

ସାରି—ସଂ. ବି—(ସାର+ଇ)—୧ । ସାରିକା (ଦେଖ) 1. Sārikā Sāri (See) ୨ । ସପୁଲା; ଦେଉଳିଆ ସିଜୁ—2. A species of cactus. ୩ । ପାଶକ; ପଶା (ଶବ୍ଦକୋଷ)—3. Die (in the game of dice). ସଂ. ବିଣ. ପୁଂ (ସୃ ଧାତୁ+କର୍ତ୍ତରି ଇନ୍; ସାରେ ୧ମା. ୧୦)—ଅନୁସରଣକାରୀ; ପଶ୍ଚାଦ୍‌ଗମନକାରୀ (ଶବ୍ଦକୋଷ)—Following.

ସାରୁ—ଦେ. ବି—(ସଂ· ସାର; ଏଥିରେ ଅଧିକ ପରିମାଣରେ ସାର ଅଂଶ Sāru ଥାଏ ବୋଲି)—କୃଷି ଓ ଅରଣ୍ୟ ଜାତ କନ୍ଦ ଶାକ ବିଶେଷ—Colocacia Antiquorum; Arum Colocacia (Haines) [ଦ୍ର — ଏହା ଜଙ୍ଗଲରେ ଏବଂ ଜଳାଭୂମି କୂଳରେ ଜାତ ହୁଏ, ଏବଂ କୃଷି ଦ୍ୱାରା ମଧ୍ୟ ଏହା ଉତ୍ପାଦନ କରାଯାଏ । ଏହାର ମୂଳ କୋଷ (Bulb) ତରକାରୀ କରାଯାଏ । ଏହାର ମୂଳରୁ ଲମ୍ବ ଲମ୍ବ ଡେଙ୍ଗ ବାହାରେ । ଡେଙ୍ଗର ଅଗରେ ପାନ ଆକାରର ପ୍ରାୟ ଗୋଲାକାର ପତ୍ର ହୁଏ । ଏହି ପତ୍ରର ଉର୍ଦ୍ଧ୍ୱ ବଡ଼ ପାନ ପତ୍ର ଆକାରର ଏବଂ ପତ୍ରର ଉର୍ଦ୍ଧ୍ୱ ଉପରେ ପାଣି ପଡ଼ିଲେ ପଦ୍ମପତ୍ର ଉପରେ ପଡ଼ିବା ପାଣି ପରି ଟଳଟଳ ହୁଏ । ମୂଳରୁ ଗୋଟିଏ ଖୋଳପାଯୁକ୍ତ ନାଡ଼ ବାହାରି ସେହି ନାଡ଼ରେ ଫୁଲ ଧରେ, କିନ୍ତୁ ଏହାର ଫଳ ହୁଏ ନାହିଁ । ମୂଳ କୋଷ ମଞ୍ଜି ରୂପରେ ବ୍ୟବହୃତ ହୁଏ । ଗୋଟିଏ ମୂଳରୁ ଅନେକ କନ୍ଦା ବା ପୁଅ ବାହାରେ । ବଡ଼ ମୂଳକୁ ମୁଣ୍ଡା କୁହାଯାଏ । ପତ୍ର ଓ ଡେଙ୍ଗ ଧଳା ଓ ନାଲି ଭେଦରେ ସାରୁ ଦୁଇ ପ୍ରକାରର । କୃଷିଜାତ ସାରୁ ଗଛ ଶୁଖି ଗଲେ ଲୋକେ ଏହି ମୂଳ ଖୋଳି ତହିଁର ମୁଣ୍ଡା ଫଳରୁ ଛୋଟ ପୁଅମାନଙ୍କୁ ମଞ୍ଜି ପାଇଁ ରଖନ୍ତି ଓ ବଡ଼ ପୁଅ ଓ ମୁଣ୍ଡାମାନଙ୍କୁ ଖାଆନ୍ତି । କେତେକ ପ୍ରକାର ସାରୁର ପତ୍ର ନାନାବର୍ଣ୍ଣରେ ଚିତ୍ରିତ ହୋଇଥାଏ ଓ ଲୋକେ ଏହି ସୌନ୍ଦର୍ଯ୍ୟ ପାଇଁ ଏହାକୁ ବଗିଚାରେ ଲଗାନ୍ତି । କଚୁର କନ୍ଦ ମଧ୍ୟ ନାନା ଆକୃତିବିଶିଷ୍ଟ । କଚୁକନ୍ଦର ଆକାର କ୍ଷୁଦ୍ର ଗୋଲାଲୁଠାରୁ ଦୁଇ ହାତ ଲମ୍ବର ମୁଦ୍‌ଗର ପରି ହୁଏ । ଏହି କନ୍ଦର ଉପରେ ଗୋଟିଏ ପତଳା ଚୋପା ଥାଏ । ଏହି ଚୋପାକୁ ନ ଛଡ଼ାଇ ଖାଇଲେ ଏହା ଗଲ୍ କରେ । ଏହାର ଭିତରର ଶସ ପିଚ୍ଛିଳ । ଏହା ସିଝି ଗଲେ ଖୁବ୍ ନରମ ହୋଇଯାଏ । ସିଦ୍ଧ ହେଲେ ଏହା ଅନ୍ୟ ପରିବା ସଙ୍ଗେ ମିଶି ଯାଏ । ଏଣୁ ଯେଉଁ ଲୋକ ଅନ୍ୟମାନଙ୍କ ସଙ୍ଗେ ଖୁବ୍ ମିଳି ମିଶି ଯାଏ ତାକୁ ଲୋକେ 'ସାରୁ ପରିବା' ବୋଲି କହନ୍ତି । ସାରୁ କନ୍ଦର ପ୍ରଧାନ ତିନିଗୋଟି ଅଂଶ ଅଛି । ଯଥା—ମୁଣ୍ଡା, ଛୋଟ ଛୋଟ ପୁଅ ଓ ନାଡ଼ ବା ଅଗ୍ରଭାଗ (ଯେଉଁ ଲମ୍ବ ଅଂଶରୁ ପତ୍ର ବାହାରେ) । ସାରୁ ଗୁରୁପାକ, ମଳଭେଦକ, ବାୟୁ, ପିତ୍ତ ଓ ଅମ୍ଳବର୍ଦ୍ଧକ । ବଙ୍ଗଦେଶୀୟ ଲୋକେ ସାରୁ ପତ୍ରର ଡେଙ୍ଗକୁ ସିଝାଇ ତରକାରୀ କରି ଖାଆନ୍ତି ।

କୃଷି, ସ୍ଥାନ ଓ ଋତୁଭେଦରେ ସାରୁର ନାନାପ୍ରକାର ନାମ ଅଛି; ଯଥା—ପାଣି ସାରୁ, ବଣଜଳିଆ ସାରୁ, ମାଣ ବା ମଣ୍ଡଣ ସାରୁ, ଶଙ୍ଖ ସାରୁ, ବଣ ସାରୁ, ତେଲି ବା ତେଲିଆ ସାରୁ, ପେଣ୍ଡୀ ସାରୁ, ଗୁଅଟିଆ ବା ମାଣିକ୍‌ଗୁନ୍ଦ ବା ଗୁନ୍ଦଥ ସାରୁ, ମୁକ୍ତାକେଶ ବା ମୁକ୍ତାକେଶ ସାରୁ, ମାଙ୍କଡ଼ ଗାଣ୍ଡି ବା ମାଙ୍କଡ଼ ସାରୁ, ମୁଣ୍ଡା ସାରୁ, ନାଡ଼ ସାରୁ, ଫଙ୍କଡ ସାରୁ ଓ ଗାଲ୍ଲ ସାରୁ ଇତ୍ୟାଦି ।]

ସାରୁଆ—ଦେ. ବିଣ—ସାରୁ କୃଷି ଦ୍ୱାରା ଜୀବିକା ନିର୍ବାହକାରୀ—Earning livelihood by raising Sāru for the market. कचू चाषी अरूइ करने वाला ବି—ପଣ୍ଡାଅର ବ୍ରାହ୍ମଣ; ସାରୁ କୃଷକାରୀ ନିକୃଷ୍ଟ ଶ୍ରେଣୀର ବ୍ରାହ୍ମଣ—An inferior class of Brāhmaṇas who raise Sāru for the market. ପ୍ରାଦେ (ଗଡ଼ଜାତ) ବି—ଭାଗୁଆଳି—Shareholder.

[ଦ୍ର— ସାରୁ ବାରପଲ, ଅଡ଼ୁ ବାରପଲ, ବାଇ ବାର ପଲ ଚଉଦ ପଲ । ଶିଶୁରଞ୍ଜନ ପଦ:—

ଶିଶୁମାନେ 'ର ଳ' ଅକ୍ଷରଯୁକ୍ତ ଉକ୍ତ ଶବ୍ଦ ଏକତ୍ର ଉଚ୍ଚାରଣ କରିବାକୁ ଚେଷ୍ଟା କଲେ ର ସ୍ଥାନରେ ଳ ଓ ଳ ସ୍ଥାନରେ ର ଉଚ୍ଚାରଣ କରି ପକାନ୍ତି । ଏହି କୌତୁକ ଦେଖିବା ପାଇଁ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଉପର୍ଯ୍ୟୁକ୍ତ ପଦଟି ଆବୃତ୍ତି କରିବା ପାଇଁ ଶିଶୁମାନଙ୍କୁ କହନ୍ତି ଓ ଶିଶୁମାନେ ର ସ୍ଥାନରେ ଳ ଓ ଳ ସ୍ଥାନରେ ର ଉଚ୍ଚାରଣ-ବିଭ୍ରାଟ କରିବାରୁ କୌତୁକ ଲାଗେ ।]

ସାରୁଆ ପଣ୍ଡା—ଦେ. ବି—ନିକୃଷ୍ଟ ଶ୍ରେଣୀର ପଣ୍ଡାଅର ବ୍ରାହ୍ମଣ—Sāruā paṇḍā ସାରୁଆ ବ୍ରାହ୍ମଣ, ସାରୁଆ ବ୍ରାହ୍ମଣ } ଅନ୍ୟରୂପ An inferior class of Brāhmaṇas raising kitchen vegetables. [ଦ୍ର—ଅଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କର ଏକ ଶ୍ରେଣୀ ମଧ୍ୟରୁ ସାରୁଆପଣ୍ଡା ଏକ

ଶ୍ରେଣୀର । ଶ୍ରୋତ୍ରିୟ ବ୍ରାହ୍ମଣମାନେ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ—କୃପାସିନ୍ଧୁ. ଉଦ୍ଧବ । ଏମାନେ ପଣ୍ଡା ଶ୍ରେଣୀର । ଉଚ୍ଚ ଶ୍ରେଣୀର ଦାକ୍ଷିଣାତ୍ୟ ବା ଶାସନୀ ବ୍ରାହ୍ମଣମାନଙ୍କ ସଙ୍ଗେ ଏମାନଙ୍କର ପଂକ୍ତି ଭୋଜନ ହୁଏ ନାହିଁ ।]

ସାରୁ ନଡ଼ା—ଦେ· ବି—ସାରୁ ଗଛର ପତ୍ରର ଡେଙ୍ଗ—The stalk
Sāru nardā of the leaf of a Sāru plant.
କচুর দাঁ(ড)টা **अरुईका डंटल**

ସାରୁ ନାଡ଼—ଦେ. ବି—ସାରୁ ଗଛର ଫୁଲର ଦାଣ୍ଡ—The flower-
Sāru nārda stalk of a Sāru plant.
अरुई फुलका डंटल

ସାରୁପତ୍ରିଆ—ଦେ. ବି—ସାରୁ ପତ୍ର ପରି ପତ୍ର ବିଶିଷ୍ଟ ଏକପ୍ରକାର
Sārupatriā ବନ୍ୟଗୁଳ୍ମ—Cleistanthus Patulus.

ସାରୁ ପୋଡ଼ା—ଦେ· ବି—ଅଗ୍ନିରେ ଦଗ୍ଧ ହୋଇଥିବା ସାରୁ (ଏହା
Sāru pordā ଖାଇବାକୁ ସୁଖକର ହୁଏ)—Baked arum.
কচু পোড়া ୨ । (ଲକ୍ଷଣାର୍ଥ) ମୂଲ୍ୟହୀନ ଓ ଅସାର ବସ୍ତୁ—
पकी अरुई 2. (figurative) Any valueless and unsubstantial thing· ୩। ଅତି ସାମାନ୍ୟ ବସ୍ତୁ—3. Any insignificant article. [ଦ୍ର—କୌଣସି ବ୍ୟକ୍ତିର ଅଶା ସଫଳ ହେବ ନାହିଁ କିମ୍ବା ସେ କିଛି ଲାଭ ପାଇବ ନାହିଁ, ଏହି ଅର୍ଥରେ ଲୋକେ ବ୍ୟଙ୍ଗ କରି କହନ୍ତି 'ସେ ସାରୁ ପୋଡ଼ା ଖାଇବ' ଅର୍ଥାତ୍ କିଛି ପାଇବ ନାହିଁ ।]

ସାରୁ ବାଇଗଣ ଆଳୁ ପରିବା—ଦେ. ବି—ନାନାପ୍ରକାରର ମିଶ୍ରିତ
Sāru bāigaṇa āḷu paribā ପରିବା—Various
কচু বেগুন আলু mixed kitchen vegetables·
अरुई बैगन मतुआ

ସାରୁ ମୁଣ୍ଡା—ଦେ. ବି—ସାରୁ ମୂଳର ବଡ଼ ବଡ଼ କନ୍ଦ—Big bulbs
Sāru muṇḍā at the root of Sāru plant.

ସାରୁ ସାରୁ—ଦେ. ଅ—ଗାରୁ ଗାରୁ; ବିରକ୍ତିଭାବ ପ୍ରକାଶ ସୂଚକ ମୁଖ
Sāru sāru ବିକୃତ କରିବା ଓ ଗାଇଁ ଗାଇଁ ହେବା—
গজ.গজ **गाउँ गाउँ** Frowning and grumbling.

ସାରୂପ ବତ୍ସ—ସଂ. ବି—ସ୍ୱରୂପବତ୍ସା ଗାଈର ଦୁଗ୍ଧ (ବୈଦ୍ୟକୋଷ)—
Sārūpa batsa Milk of a cow having a calf of the same colour.

ସାରୂପ୍ୟ—ସଂ. ବି (ସରୂପ+ଭାବ· ଯ)—୧ । ସରୂପତା; ସମାନ ରୂପତା; ତୁଲ୍ୟ ରୂପତା—1. Equality or
Sārūpya similarity in form. ୨ । ମୁକ୍ତିବିଶେଷ; ଯେଉଁ ମୁକ୍ତିଦ୍ୱାରା ଭକ୍ତ ଭଗବାନଙ୍କ ରୂପ ପରି ସମାନରୂପ ପ୍ରାପ୍ତ ହୁଏ—2. A kind of salvation in which the devotee attains the form of the Deity.

ସାରେ—ଦେ. ବି ଓ ବିଣ—ଏକ ସାଜ; ଏକ ସେଟ୍—
Sāre One set of (ornaments).
একসেট **एकसेट** [ଦ୍ର—ବିଶେଷଣ—ସାରେ ଅଳଙ୍କାର;
জন্যে **वास्ते** ବିଶେଷ୍ୟ—ଅଳଙ୍କାର ସାରେ)—
ଅ—ଉଦ୍ଦେଶ୍ୟରେ; ପାଇଁ—For. (ଭ—ଯେ ପ୍ରଶ୍ନ କଲ ତୁ ଅମ୍ଭରେ; କହିଲି ଜନହିତ ସାରେ—
সারে **शेषकरताहै** ଜଗନ୍ନାଥ ଭାଗବତ ।) ଦେ· କ୍ରି—ସାରିବା କ୍ରିୟାର କର୍ତ୍ତୃବାଚ୍ୟ ବର୍ତ୍ତମାନ କାଳ ଅନାଦରାର୍ଥକ (ସେ) . କର୍ତ୍ତା ସଙ୍ଗେ ବ୍ୟବହୃତ ଏକବଚନ ରୂପ; ସେ ସାରିବା କ୍ରିୟା କରେ—(He) Completes.

ସାରେଙ୍ଗ (ଙ୍ଗ୍)—ବୈଦେ· ବି (ଫା; ସର୍‌ହଙ୍ଗ୍)—୧ । ସାରଙ୍ଗ;
Sāreṅ(ṅg) ଡଙ୍ଗାର ବା ଜାହାଜର ନାବିକମାନଙ୍କ ସର୍ଦ୍ଦାର—
সারেং 1. The head boatman or captain of a
सरहंग boat. ୨ । ନାବିକ; ନାବୁରି—2. Boatswain. ୩ । ନୌକାର ବା ଡଙ୍ଗାର ମଙ୍ଗଧରା ବ୍ୟକ୍ତି—3. Helmsman of a boat.

ସାରେଙ୍ଗୀ ବାଉଁଶ—ଦେ. ବି—ଏକ ପ୍ରକାର ସରୁଆ ଲମ୍ବ ଖୋଟ
Sāreṅgi bāuṅsa ବାଉଁଶ—Bamboosa Vulgaris.
বাংশনী বাংশ **पतलाबाँस, कचबाँसी**

ସାରେଣୀ—ଦେ. ବି—୧ । ଫମ୍ପା ନଳିଥରେ ବା ବେଲରେ ଛଅର
Sāreṇi ଖେଳନା; ସାରଣୀ—1. A kind of toy rattle.
ভেমর **घोरणी** [ଦ୍ର—ସାରଣୀ ଭଳେ ନୋଟ୍ ଦେଖ ।] ୨ । ବଡ଼ଗିଲେ, গিলা **गेलहा** ଗିଲ (ଦେଖ)—2. Barda gila) (See.

ସାରେଣୀ ସ୍ରୋତ—ଦେ. ବି—ଜୁଆର ଅସିବା ବେଳେ ନଦୀମୁହାଣ
Sāreṇi srota ନିକଟରେ ସମୁଦ୍ରର ଯେଉଁ ସ୍ରୋତ ନଦୀର
সারেণীস্রোত ତଳେ ତଳେ ଉଜାଣକୁ ପଶି ଅସେ (ଏହା ଡଙ୍ଗା ପକ୍ଷରେ ଅତ୍ୟନ୍ତ ବିପଜ୍ଜନକ)—The under current of flow tide which pushes into the mouth of a river below its surface.

ସାରୋଦକ—ସ. ବି—ଅନନ୍ତ ମୂଳର ରସ (ହ· ଶ)—
Sārodaka The juice of Anantamūḷa creeper.

ସାରୋଦ୍ଧାର—ସ· ବି (୬ଷ୍ଠୀ ତତ୍)—୧ । ସାରର ଗ୍ରହଣ; ସାରସଂଗ୍ରହ—1. The extraction of the
Sāroddhāra Sāra. ୨ । ବୈଦ୍ୟକ ଗ୍ରନ୍ଥ ବିଶେଷ (ଶବ୍ଦକୋଷ)—2. The title of a Sanscrit book on medicine.

ସାରୋପ—ସଂ· ବିଣ (ସହାର୍ଥ ବହୁବ୍ରୀହି; ସ+ଅରୋପ)—ଅରୋପ
Sāropa ଯୁକ୍ତ—Having imputation.
(ସାରୋପା—ସ୍ତ୍ରୀ)

ସାରୋପା—ସଂ. ବିଣ (ସାରୋପ+ଆ)—ସାରୋପର ସ୍ତ୍ରୀଲିଙ୍ଗ—
Sāropā Feminine of Sāropa. ସଂ· ବି (ଅଳଙ୍କାର

ଶାସ୍ତ୍ର)—ଶବ୍ଦର ଲକ୍ଷଣାଶକ୍ତି ବିଶେଷ—A particular potency of a word to convey an imputative meaning. [ଦ୍ର—ଯେଉଁଠାରେ ଏକ ପଦାର୍ଥରେ ଅନ୍ୟ ବସ୍ତୁର ଆରୋପ କରାଯାଏ ସେଠାରେ ଏହି ଲକ୍ଷଣାଶକ୍ତି ପ୍ରକାଶ ପାଏ । ଉଦାହରଣ—ମାତୃସ୍ତନ ପିଇଥିବା ଶିଶୁ ଗାଈଦୁଧ ପ୍ରାଣ ହୋଇଅଛି । ଏଠାରେ ଗାଈ ଦୁଧରେ ଶିଶୁର ପ୍ରାଣର ଆରୋପ କରାଯାଇଅଛି ।]

ସାରୋଷ୍ଟ୍ର—ସଂ ବି—ସୁରାଷ୍ଟ୍ର; ଗୁଜରାଟ; ଦେଶବିଶେଷ—
Sāroshṭra Name of a country; Gujerat.

ସାରୋଷ୍ଟ୍ରିକ—ସଂ ବି (ସାରୋଷ୍ଟ୍ର ଦେଶ+ଜାତାର୍ଥେ ଇକ)—ସୌରାଷ୍ଟ୍ରିକ; ଏକପ୍ରକାର ବିଷ (ଅମର; ଶବ୍ଦ)—
Sāroshṭrika A sort of poison (got in Gujerat).

ସାର୍କ୍—ବୈଦେ. ବି (ଇଂ)—ମଗର; ହାଙ୍ଗର ମାଛ—
Sārk Shark.
हाङ्गर; सार्क साँर्क

ସାର୍କଲ୍—ବୈଦେ. ବି (ଇଂ ବଙ୍ଗଳାରୁ ଅନୁକୃତ)—ସର୍କଲ୍ (ଦେଖ)
Sārkal सार्केल सर्कल Sarkal (See)
[ଦ୍ର—ଇଂରାଜୀର 'ସ' ଉଚ୍ଚାରଣ ଚୁକରେ ଓଡ଼ିଆରେ ଓ ବିଶେଷତଃ ବଙ୍ଗଳାରେ 'ସା' ଉଚ୍ଚାରଣ ଶୁଣାଯାଏ । ତେଣୁ ସାର୍କସ୍, ସାର୍ଟିଟ୍, ସାର୍ଟ, ସାର୍ଜ, ସାର୍ଜେଣ୍ଟ, ସାର୍ଜନ୍, ସାର୍ଟ ପ୍ରଭୃତି ଶବ୍ଦମାନଙ୍କୁ କେତେ ସ୍ଥାନରେ 'ସା' ଲଗାଇ ବ୍ୟବହାର କରନ୍ତି; ଏହା ବଙ୍ଗ ଭାଷାରେ ବେଶି ପରିଲକ୍ଷିତ ହୁଏ ।]

ସାର୍ଗଳ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ଅର୍ଗଳ)—ଅର୍ଗଳବିଶିଷ୍ଟ—
Sārgaḷa Having argaḷa.

ସାର୍ଗିକ—ସଂ.ବିଣ (ସର୍ଗ+ଇକ)—ସୃଷ୍ଟି କରିବାକୁ ସମର୍ଥ (ଶବ୍ଦକୋଷ)—
Sārgika Capable of creating.

ସାର୍ଙ୍ଗୀ—ସଂ. ବି—ସାରଙ୍ଗୀ; ବାଦ୍ୟଭେଦ (ଶବ୍ଦକୋଷ)
Sāṛngī A kind of stringed instrument.

ସାର୍ଜ୍—ବୈଦେ. ବି (ଇଂ)—ସର୍ଜ୍ (ଦେଖ)
Sārj सार्ज सरज Sarj. (See)

ସାର୍ଜ—ସଂ. ବି (ସର୍ଜ+ସ୍ୱାର୍ଥେ. ଅ)—ସର୍ଜରସ; ଝୁଣା (ଶବ୍ଦକୋଷ)
Sārja Resin.

ସାର୍ଟିଫାଇ କରିବା—ଦେ.କ୍ରି (ଇଂ.ସାର୍ଟିଫାଇ)—କୌଣସିବିଷୟର ଲକ୍ଷଣ ବା କଥିତ ନିଦର୍ଶନ ଦେବା—
Sārṭiphāi karibā To certify.
सार्टिफाई करा सार्टिफाई करना

ସାର୍ଟିଫାଏଡ୍ ସହିମୋହର କପି—ବୈଦେ. ବି (ଇଂ)—ଅଫିସର ନକଲ ଥିବାର ନିଦର୍ଶନରୂପ ସରକାରୀ ମୋହର ମାରି ହୋଇଥିବା ନକଲ—Certified true copy bearing the seal of an office.
Sārṭiphāed sahimohari kapi
सार्टिफाएड सहिमोहर नकल
सार्टीफायड सहीमोहर कॉपी

ସାର୍ଟିଫିକେ(କ)ଟ୍—ବୈଦେ. ବି (ଇଂ)—୧ । ପ୍ରଶଂସା ପତ୍ର—
Sārṭiphike(ka)ṭ 1. Testimonial. ୨ । ନିଦର୍ଶନ ପତ୍ର—2. Certificate. [ଦ୍ର—ଅଧ୍ୟୟନ ସମ୍ବନ୍ଧେ, ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ସମ୍ବନ୍ଧେ ବା ଏହିପରି ଅନ୍ୟ ବିଷୟରେ କର୍ତ୍ତୃପକ୍ଷ ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଦିଆଯିବା ନିଦର୍ଶନ ପତ୍ରକୁ ସାର୍ଟିଫିକେଟ୍ ବୋଲାଯାଏ ।] ୩ । (ଦେଓୟାନି) ରାଜସ୍ୱ ବାକିଦାରର ସମ୍ପତ୍ତି ନିଲାମ କରିବା ପାଇଁ ସରକାରୀ କର୍ମଚାରୀଙ୍କ ଦସ୍ତଖତରେ ବାକିଦାର ଉପରେ ଜାରି ହେବା ଇସ୍ତାହାର—3. A certificate is sued for realisation of Government arrears or public demands under the Public Demands Recovery Act.
सार्टिफिकेट
सार्टीफिकेट

ସାର୍ଥ—ସଂ. ବିଣ (ସହାର୍ଥ ବହୁବ୍ରୀହି; ସ+ଅର୍ଥ)—୧ । ଧନବାନ୍—
Sārtha 1. Rich; wealthy. ୨ । ଅର୍ଥଯୁକ୍ତ—2. Having meaning; significant. ୩ । ସଫଳ—3. Fruitful; crowned with success. ବି—(ସୃ. ଧାତୁ ଣିଚ୍=ସାର ଧାତୁ=ଗମନ କରିବା+କର୍ତ୍ତୃ. ଅ)—୧ । ବାଣିଜ୍ୟକାରୀ; ବଣିକ୍—1. Merchant. ୨ । ବଣିକ୍‌ସମୂହ—2. A company of traders;a caravan of travelling traders. ୩ । ଜନ୍ତୁସଂଘ; ଜୀବସମୂହ (ଅମର)—3. A gathering or herd of animals. ୪ । ସମୂହ (ମେଦିନୀ)—4. A collection; multitude. ୫ । ସାଥୀ; ସଙ୍ଗୀ—5. Companion; attendant. ୬ । ସହଯାତ୍ରୀ—6. A fellow traveller. ଦେ. ବିଣ—ଶ୍ରେଷ୍ଠ—Best; most excellent. [ଦ୍ର—ହୃଷୀକେଶ ସବସ୍ୱତୀ ଭୂଷ ଗାର୍ଥ, ସବୁ ଗାର୍ଥମାନଙ୍କେ ଅଟନ୍ତି ସାର୍ଥ । କୃଷ୍ଣସିଂହ. ମହାଭାରତ. ବନ ।] ବି—ସାରଥି ନାମକ ବ୍ୟକ୍ତିର ଡାକ ନାମ—Name for calling 'Sārathi'.
(ନିରର୍ଥ—ବିପରୀତ)
श्रेष्ठ
श्रेष्ठ
सार्थ

ସାର୍ଥକ—ସଂ.ବିଣ (ସାର୍ଥ+କ)—୧ । ଅନ୍ୱର୍ଥ; ଅର୍ଥଯୁକ୍ତ—1. Significant. ୨ । ଅର୍ଥାନୁଯାୟୀ—2. Agreeing with the purport. ୩ । ଅନ୍ୟର ଅପେକ୍ଷା ନ କରି ଅର୍ଥବୋଧକାରକ (ଶବ୍ଦ) (ଶବ୍ଦକୋଷ)—3. (Grammar) (a word) Which conveys a meaning without depending on any other word. ୪ । ସଫଳ; କୃତାର୍ଥ; କୃତକୃତ୍ୟ; ଯାହାର ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି—4. Crowned with success; successful; answering purpose. ୫ । ପ୍ରୟୋଜନୀୟ; ଆବଶ୍ୟକ; ଦରକାରୀ—5. Useful. ୬ । ଫଳଯୁକ୍ତ—6. Effectual. ବି—(ସାର୍ଥ+କ)—
Sārthaka
(ନିରର୍ଥକ—ବିପରୀତ)
[ସାର୍ଥକତା(ତ୍ୱ), ସାର୍ଥକ୍ୟ—ବି]

ବଣିକମାନଙ୍କର ଅଗ୍ରନାୟକ—A leader or chief of merchants. ଦେ. ବି—୧ । ପ୍ରଶଂସାର୍ହ—
सार्थक
सार्थक 1. Praiseworthy. ୨ । ପ୍ରୟୋଜନୀୟ—2. Beneficient. ୩ । ମୂଲ୍ୟବାନ୍—3. Valuable.
(ଅସାର୍ଥକ—ବିପରୀତ)

ସାର୍ଥକ କରିବା—ଦେ. କ୍ରି—କୃତାର୍ଥ କରିବା; ଉଦ୍ଦେଶ୍ୟ ସିଦ୍ଧ
Sārthaka kariba କରିବା—To have the ultimate purpose fulfilled. (ଯଥା—ମୁଁ ଆପଣଙ୍କୁ ଦେଖି ମୋ ନୟନ ସାର୍ଥକ କଲି ।)
सार्थक करा
सार्थक करना

ସାର୍ଥକତା(ତ୍ୱ)—ସଂ. ବି—୧ । ସଫଳତା—1. Success; adaptability. ୨ । ଅର୍ଥାନୁଯାୟିତା—2. The state of agreeing with the meaning. ୩ । ଆବଶ୍ୟକତା—3. Usefulness.
Sārthakatā(twa)

ସାର୍ଥକ ଜୀବନ—ସଂ. ବି (କର୍ମଧା)—ଯେଉଁ ଜୀବନର ଶେଷ ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି—A life, the ultimate aim of which is fulfilled; a life which has attained its cherished object. ସଂ. ବିଣ. ପୁଂ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ଜୀବନରେ ଉଦ୍ଦେଶ୍ୟସାଧନରେ ସାର୍ଥ ହୋଇଅଛି—(a person) Who has attained success in life. ଦେ, ବି—୧ । ଯେଉଁ ଜୀବନ ପରର ଉପକାର ବା ପ୍ରୟୋଜନରେ ଲାଗେ—1. A life of usefulness. ୨ । ମୂଲ୍ୟବାନ୍ ଜୀବନ—2. Valuable life.
Sārthaka jībana
(ସାର୍ଥକଜୀବନା—ସ୍ତ୍ରୀ. ବିଣ)
सार्थकजीवन
सार्थक जीवन

ସାର୍ଥକନାମା—ସଂ. ବିଣ. ପୁଂ (ବହୁବ୍ରୀହି; ସାର୍ଥକ+ନାମନ୍ ୧ମା ୧ବ; ସାର୍ଥକ ହୋଇଅଛି ନାମ ଯାହାର)—୧ । ନାମର ଉପଯୁକ୍ତ କାର୍ଯ୍ୟକାରୀ—1. Acting according to the significance of the name one bears. ୨ । ସତ୍କାର୍ଯ୍ୟ ଦ୍ୱାରା ପ୍ରଥିତନାମା—2. Made famous by one's good acts
Sārthakanāmā

ସାର୍ଥପାଳ—ସଂ. ବି (ସାର୍ଥ+ପାଳ ଧାତୁ+କର୍ତ୍ତୃ. ଅ)—ବଣିକଦଳର ନେତା (ମାର୍କଣ୍ଡେୟପୁରାଣ)—Leader of a company of traders.
Sārthapāla

ସାର୍ଥବତ୍—ସଂ. ବିଣ (ସାର୍ଥ+ବତ୍)—୧ । ଯଥାର୍ଥ (ଶବ୍ଦକୋଷ)—1. Actual. ୨ । ଅର୍ଥଯୁକ୍ତ(ଶବ୍ଦକୋଷ)—2. Significant
Sārthabat

ସାର୍ଥବାହ—ସଂ. ବି (ସାର୍ଥ=ସମୂହ+ବହ୍ ଧାତୁ+କର୍ତ୍ତୃ. ଅ)—୧ । ଦଳବଦ୍ଧ ହୋଇ ବାଣିଜ୍ୟ କରିବା ବଣିକ ଦଳ—1. A Company of traders. ୨ । ଦଳବଦ୍ଧ ହୋଇ ବିଦେଶକୁ ଯାତ୍ରା କରୁଥିବା ବଣିକ୍‌ଦଳ—2. A caravan of traders. ୩ । ପଥପ୍ରଦର୍ଶକ—3. Guide. ୪ । ବଣିକ୍—4. Trader.
Sārthabāha
(ସାର୍ଥବାହକ; ସାର୍ଥଭୃତ୍—ଅନ୍ୟରୂପ)

ସାର୍ଥୁକ(କ୍ୟ)—ଗ୍ରା. ବିଣ (ସଂ. ସାର୍ଥକ)—ସାର୍ଥକ (ଦେଖ)—Sārthaka (See)
Sārthuka(kya)
सार्थक
सार्थक

ସାର୍ଥୁକି—ଗ୍ରା. ବି (ସଂ. ସାର୍ଥକ୍ୟ)—ସାର୍ଥକତା (ଦେଖ)
Sārthuki Sārthakatā (See)
सार्थकता
सार्थकपन

ସାର୍ଦ୍ର—ସଂ. ବିଣ—୧ । ଅର୍ଦ୍ରତାଯୁକ୍ତ (ପ୍ରାୟଶ୍ଚିତ୍ତ ତତ୍ତ୍ୱ)—1. Having moisture. ୨ । ଓଦା—2. Moist.
Sārdra

ସାର୍ଦ୍ଧ—ସଂ. ବିଣ (ସ+ଅର୍ଦ୍ଧ)—ଅର୍ଦ୍ଧଯୁକ୍ତ; ସାଢ଼େ; ଅଧେ ସହିତ—Plus one half; having a half over; together with half.
Sārddha

ସାର୍ଦ୍ଧଂ—ସଂ. ଅ—ସହିତ—With; along with.
Sārddham

ସାର୍ଦ୍ଧ ବର୍ଷ(ସମ୍ବତ୍ସର)—ସଂ. ବି—ଦେଢ଼ ବର୍ଷ—A year and a half.
Sārddha barsha(sambatsara)
[ଦ୍ର—ଏହିପରି ସାର୍ଦ୍ଧଦିନ, ସାର୍ଦ୍ଧମାସ ଆଦି ହୁଏ ।]

ସାର୍ଦ୍ଧବାର୍ଷିକ—ସଂ. ବିଣ—୧ । (ସାର୍ଦ୍ଧବର୍ଷ+ଇକ) ଦେଢ଼ବର୍ଷବ୍ୟାପୀ—1. Lasting a year and a half (M. W). ୨ । ଅର୍ଦ୍ଧବର୍ଷବ୍ୟାପୀ (ଶବ୍ଦକୋଷ)—2. Lasting half a year.
Sārddhabārshika

ସାର୍ଦ୍ଧଶତ—ସଂ. ବି. ଓ ବିଣ (ସଂଖ୍ୟାବାଚକ)—ଦେଢ଼ ଶତ—One hundred and fifty.
Sārddha sata
[ଦ୍ର—ଏହିପରି ସାର୍ଦ୍ଧସହସ୍ର, ସାର୍ଦ୍ଧଲକ୍ଷ, ସାର୍ଦ୍ଧ କୋଟି ଆଦି ଶବ୍ଦ ହୁଏ ।]

ସାର୍ପ—ସଂ. ବି (ସର୍ପ+ସ୍ୱାର୍ଥେ. ଅ)—୧ । ସର୍ପ; ସାପ (ଶବ୍ଦକୋଷ)—1. Serpent. ୨ । ଅଶ୍ଳେଷା ନକ୍ଷତ୍ର—2. The 9th asterism. ସଂ. ବିଣ—ସର୍ପସମ୍ବନ୍ଧୀୟ—Relating to snakes (M. W).
Sārpa

ସାର୍ପବିଦ୍ୟିକ—ସଂ. ବିଣ. ପୁଂ (ସର୍ପବିଦ୍ୟା+ଇକ)—ସର୍ପସମ୍ବନ୍ଧୀୟ ବିଦ୍ୟା ବା ତନ୍ତ୍ରରେ ପାରଙ୍ଗମ—Versed in ophiology or snake-science (M. W).
Sārpabidyika
(ସାର୍ପବିଦ୍ୟିକା—ସ୍ତ୍ରୀ)

ସାର୍ପିଷ—ସଂ. ବିଣ (ସର୍ପିଃ+ଅ)—ସର୍ପିଃ ସମ୍ବନ୍ଧୀ; ଘୃତସମ୍ବନ୍ଧୀ—Relating to ghee. ବି—ସର୍ପିଃସଂସୃଷ୍ଟ ବସ୍ତୁ; ଘୃତସଂସୃଷ୍ଟ ବସ୍ତୁ—An article mixed or seasoned with ghee.
Sārpisha

ସାର୍ପିଷ୍କ—ସଂ. ବିଣ (ସର୍ପିଃ+କ)—ସର୍ପିଃସଂସୃଷ୍ଟ; ଘୃତଦ୍ୱାରା ସଂସୃଷ୍ଟ—Seasoned or mixed with ghee.
Sārpishka

ସାର୍ପ୍ୟ—ସଂ. ବିଣ (ସର୍ପ+ଯ)—ସର୍ପସମ୍ବନ୍ଧୀୟ (ଶବ୍ଦକୋଷ)—Relating to snakes. ସଂ ବି—ଅଶ୍ଳେଷା ନକ୍ଷତ୍ର—The 9th asterism.
Sārpya

ସାର୍ବ(ର୍ବ୍ବ)—ସଂ. ବିଣ (ସର୍ବ+ଅ)—୧ । ସର୍ବସମ୍ବନ୍ଧୀୟ—1. Relating to all. ୨ । ସର୍ବହିତକର—2. Beneficial to all. ବି—୧ । ବୁଦ୍ଧ (ହେମ-
Sārba(rbba)

ଗନ୍ଧ)—1. The Buddha. ୨ । ଜିନ; ବୌଦ୍ଧ ଯତି (ହେମଚନ୍ଦ୍ର)—2. A Buddhist recluse.

ସାର୍ବ(ର୍ବ୍ବ)କାଳିକ—ସଂ. ବିଣ (ସର୍ବକାଳ+ସମ୍ବନ୍ଧେ ଇକ)—୧ । ସର୍ବ
Sārba(rbba)kālika କାଳସମ୍ବନ୍ଧୀୟ—1. Relating to all time. ୨। ସର୍ବଦା ମିଳିବା (ବସ୍ତୁ)—2. Always available. ୩ । ଯାହା ସବୁ ଋତୁରେ ମିଳେ; ସର୍ବକାଳୋତ୍ପନ୍ନ—3. Produced in all seasons. ୪ । ସର୍ବକାଳରେ କର୍ତ୍ତବ୍ୟ—4. Performable in all seasons.

ସାର୍ବ(ର୍ବ୍ବ)ଜନିକ—ସଂ. ବିଣ (ସର୍ବଜନ+ଇକ)—ସର୍ବଜନ ସମ୍ବନ୍ଧୀୟ—
Sārba(rbba)janika Relating to all people; universal.

ସାର୍ବଜନୀନ—ସଂ. ବିଣ (ସର୍ବଜନ+ହିତାର୍ଥେ ଈନ)—୧ । ସମସ୍ତଙ୍କ
Sārbajanina ହିତ ପ୍ରଯୋଜ୍ୟ—1. Universal. ୨ । (ସାର୍ବଜନ୍ୟ—ଅନ୍ୟରୂପ) ସାର୍ବଜନୀନ ପ୍ରେମ—2. Universal love. ୩ । ସର୍ବଜନ ହିତକର—3. Beneficial to all. ୪ । ସର୍ବସାଧାରଣଙ୍କ ହିତକର—4. Beneficial to the public; of public good. ୫ । ସର୍ବସାଧାରଣଙ୍କ ପ୍ରୟୋଜନୀୟ—5. Of public utility. ୬ । ସର୍ବଜନବିଦିତ—6. Universally renowned; of wide fame.

ସାର୍ବଜ୍ଞ(ଜ୍ଞ୍ୟ)—ସଂ. ବି (ସର୍ବଜ୍ଞ+ଭାବ ଅ; ଯ)—ସର୍ବଜ୍ଞତା; ସର୍ବଜ୍ଞର
Sārbajña(jñya) ଭାବ ବା ଅବସ୍ଥା—Omniscience.

ସାର୍ବତ୍ରିକ—ସଂ. ବି (ସର୍ବତ୍ର+ଇକ)—୧ । ସର୍ବବ୍ୟାପୀ—
Sārbatrika 1. Pervading everywhere. ୨ । ସର୍ବତ୍ର ପ୍ରାପ୍ୟ—2. Available everywhere. ୩ । ସର୍ବତ୍ର ଉପଯୋଗୀ—3. Required everywhere; fit for all places.

ସାର୍ବଦେଶିକ—ସଂ. ବିଣ (ସର୍ବ ଦେଶ+ଇକ)—୧ । ସର୍ବ ଦେଶ-
Sārbadeśika ସମ୍ବନ୍ଧୀୟ—1. Relating to all countries. ୨ । ସାର୍ବତ୍ରିକ (ଦେଖ)—
2. Sārbatrika (See)

ସାର୍ବଧାତୁକ—ସଂ. ବିଣ (ସର୍ବଧାତୁ+ଅକ)—ସର୍ବଧାତୁସମ୍ବନ୍ଧୀୟ—
Sārbadhātuka Relating to all metals.

ସାର୍ବବିଭକ୍ତିକ—ସଂ. ବିଣ (ସର୍ବବିଭକ୍ତି+କ)—ସର୍ବବିଭକ୍ତିସମ୍ବନ୍ଧୀୟ
Sārbabibhaktika —Relating to all the grammatical cases.

ସାର୍ବବେଦ୍ୟ—ସଂ. ବି. ଅ(ସର୍ବ ବେଦ+ଜ୍ଞାତାର୍ଥେ. ଯ)—ସର୍ବବେଦବିତ୍
Sārbabedya ବ୍ରାହ୍ମଣ—A Brāhmaṇa versed in all the Bedas.
(ସାର୍ବବୈଦ—ଅନ୍ୟରୂପ)

ସାର୍ବଭୌତିକ—ସଂ. ବି (ସର୍ବଭୂତ+ଇକ)—ସର୍ବଭୂତସମ୍ବନ୍ଧୀୟ—
Sārbabhautika Relating to all beings.

ସାର୍ବଭୌମ—ସଂ. ବିଣ (ସର୍ବଭୂମି+ଅ)—୧ । ସର୍ବଭୂମି-
Sārbabhauma ସମ୍ବନ୍ଧୀୟ—1. Relating to all lands. ୨ । ଜଗଦ୍ବିଖ୍ୟାତ; ସର୍ବତ୍ର ବିଦିତ—2. Universally famous. ୩ । ବିଶ୍ୱବ୍ୟାପୀ—3. Pervading the universe. ବି—୧ । ସମ୍ରାଟ୍; ଚକ୍ରବର୍ତ୍ତୀ; ସର୍ବଭୂମୀଶ୍ୱର; ଜଗଦୀଶ—1. An emperor; a suzerein. ୨ । (ନାମ)ଉତ୍ତରଦିଗ୍‌ଗଜ—2. The name of the mythological elephant guarding the north. [ବି—ଏ କୁବେରଙ୍କ ବାହନ । ତ୍ରୈଲୋକ୍ୟ ପର୍ବତର ପରବର୍ତ୍ତୀ ଶିଖାଶ୍ରମର ସନ୍ନିକଟରେ ଏ ବିଚରଣ କରୁଥିବା ଭାଗବତ ପୁରାଣରେ ବର୍ଣ୍ଣିତ ହୋଇଅଛି ।] ୩ । ପଣ୍ଡିତମାନଙ୍କର ଉପାଧିବିଶେଷ—3. A tiltle of honour given to learned men.

ସାର୍ବଲୌକିକ—ସଂ. ବିଣ (ସର୍ବଲୋକ+ଇକ)—୧ । ସର୍ବଲୋକ-
Sārbalaukika ସମ୍ବନ୍ଧୀୟ—1. Relating to all the Lokas. ୨ । ସର୍ବଲୋକ ବିଖ୍ୟାତ—
2. Universally famous.

ସାର୍ବି(ର୍ବେ)—ବୈଦେ. (ଇଂ) ପ୍ରାଦେ. (ଗଞ୍ଜାମ) ବି—ସର୍ଭେ—
Sārbi(rbe) Survey.

ସାର୍ଷପ—ସଂ. ବିଣ (ସର୍ଷପ+ସମ୍ବନ୍ଧାର୍ଥେ. ଅ)—୧ । ସର୍ଷପସମ୍ବନ୍ଧୀୟ—
Sārshapa 1. Relating to mustard. ୨ । ସର୍ଷପଜାତ—2 Produced from mustard. ବି—ସର୍ଷପତୈଳ; ସୋରିଷତେଲ—Mustard oil.

ସାର୍ଷପ ତୈଳ—ସଂ. ବି—ସୋରିଷ ତେଲ—
Sārshapa taila Mustard oil.

ସାର୍ଷ୍ଟି—ସଂ. ବି (ସ=ସହିତ+ଋଷ୍ଟି=ଐଶ୍ୱର୍ଯ୍ୟ)—ମୁକ୍ତିବିଶେଷ;
Sārshṭi ଯେଉଁ ମୁକ୍ତିରେ ଭକ୍ତ ଭଗବାନଙ୍କ ପରି ଐଶ୍ୱର୍ଯ୍ୟଶାଳୀ ହୁଏ—A sort of salvation by attaining which the devotee attains Devine Grandeur or beatitude.

ସାର୍ଷ୍ୟ—ଗ୍ରା. ବି—ଋଷି—Sage. [ଭ୍ର—ଦୁର୍ବାସା-ସାର୍ଷ୍ୟ ଋଷି
Sārshya ଋଷି ସ୍ମୃତି ଛନ୍ଦ—ଅଦ୍ଭୁତଜ୍ୟୋତିଃ ଭକ୍ତଦ୍ୱୈତଭ୍ରାନ୍ତିମଶି ।]

ସାଲ(ଲ)—ବୈଦେ. ବି (ଫା. ସାଲ୍)—୧ । ସନ; ଅବ୍ଦ; ବର୍ଷ—
Sāl(la) 1. Year. ୨ । ବଙ୍ଗାବ୍ଦ; ଆମଲାବ୍ଦ; ଅକବର
ସାନ ସାଲ ବାଦସାହଙ୍କ ପ୍ରବର୍ତ୍ତିତ ସନ—2. The Indian year calculated according to the orders of Emperor Akbar. ୩ । ଇଂରାଜୀସାଲ—3. The English year. [ଭ୍ର—ସନ ଉଠେ ତୋର ଦେଖ] ୪ । (ଫା. ଶାଲ୍; ଭୁଲ, ସଂ ଚେଲ) ଘୋଡ଼ି ହେବା ପାଇଁ ବ୍ୟବହୃତ ପଶମୀ ବସ୍ତ୍ର—4. Shawl. ଦେ. ବି—୧ । କାଠଖଣ୍ଡର ଭିତରେ କଟାଯିବା ଲମ୍ବ ଛିଦ୍ର—1. A long hole cut in a piece of wood. ୨ । ଅନ୍ୟ କାଠ ପଶିବା ପାଇଁ କାଠରେ ଖୋଳାଯିବା ଗଣ୍ଡା—2. Mortise.

ସାଲ୍‌ଟା—ଦେ· ବ—ଜାଲ ବୁଣିବା ପାଇଁ ଏକାଧିକ ଖିଅରେ ଭଙ୍ଗା ବା
Sāl-ṭā ବଳା ଯାଉଥିବା ସୂତା—The string made
सुतुलि up of several threads by twisting them
पाट together. [ବୃ—ପ୍ରଥମେ ଏକାଧିକ ଖିଅକୁ ବଳି ସାଲ୍‌ଟା କାଟନ୍ତି । ଗୋଟିଏ ସାଲ୍‌ଟାକୁ ଦୁଇ ଭାଙ୍ଗି କରି ବଳି ଦୋରଡ଼ନ ପ୍ରସ୍ତୁତ କରନ୍ତି ।]

ସାଲ୍‌ସେଟ୍—ଦେ. ବ (ନାମ)—ବୋମ୍ବାଇ ଭଗରର ଠାନା ଜିଲ୍ଲାର
Sāl-seṭ ଗୋଟିଏ ଉପବିଭାଗ ଓ ବୋମ୍ବାଇ ସହରର ଉତ୍ତର ଦିଗରେ ଥିବା ଗୋଟିଏ ଦ୍ୱୀପ—Name of an island and a subdivision of the Thana district of the Bombay presidency; Salsette. [ବୃ—ଏ ଦ୍ୱୀପ ବୋମ୍ବାଇ ନଗର ସହିତ ଗୋଟିଏ ସେତୁଦ୍ୱାରା ସଂଯୁକ୍ତ । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପର୍ତ୍ତୁଗୀଜ୍‌ମାନେ ଏହାକୁ ଅଧିକାର କଲେ ଏବଂ ଏହାକୁ ପର୍ତ୍ତୁଗାଲର ସମ୍ରାଟ୍ ତାଙ୍କ ଜାମାତା ଇଂଲଣ୍ଡର ରଜା ଦ୍ୱିତୀୟ ଚାର୍ଲ୍‌ସଙ୍କୁ ଯୌତୁକ ଦେଲେ । ପର୍ତ୍ତୁଗୀଜ୍‌ମାନେ ୧୬୬୨ ଖ୍ରୀଷ୍ଟାବ୍ଦରେ ଏ ଯୌତୁକକୁ ସ୍ୱୀକାର କଲେ ନାହିଁ ବରଂ ୧୭୩୯ରେ ମହାରାଷ୍ଟ୍ରୀୟମାନେ ଶୀଘ୍ର ପର୍ତ୍ତୁଗୀଜ୍‌ମାନଙ୍କୁ ପରାସ୍ତ କରି ଏ ଦ୍ୱୀପ ଦଖଲ କଲେ ଓ ୧୭୭୪ରେ ଇଂରାଜମାନେ ଏ ଦ୍ୱୀପକୁ ଅବରୋଧ କରି ଜୟ କଲେ । ପରେ ୧୭୮୨ ସାଲର ସନ୍ଧିଦ୍ୱାରା ଏହା ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ରାଜ୍ୟଭୁକ୍ତ ହେଲା । ଏଠାରେ ଅନେକଗୁଡ଼ିଏ ହିନ୍ଦୁ ଓ ବୌଦ୍ଧକୀର୍ତ୍ତିର ଧ୍ୱଂସାବଶେଷ ଅଛି । ଏ ଦ୍ୱୀପରେ ଥିବା ଠାନାଶୃଙ୍ଗର ଉଚ୍ଚତା ୧୫୩୦ ଫୁଟ୍ । ଏ ପର୍ବତର ଗୁହାରେ ଅନେକଗୁଡ଼ିଏ ପ୍ରାଚୀନ କୀର୍ତ୍ତି ଅଛି । ଠାନାନଗର ଏ ସବ୍‌ଡିଭିଜନର ରାଜଧାନୀ—ବିଶ୍ୱକୋଷ ।]

ସାଲ—ବେଦେ. ବ—୧ । ସାଲ୍. (ଦେଖ)—1. Sāl (See)
Sāla ୨ । ଶାଲ (ଦେଖ)—2. Śāla (See)
साल ठेंट् ଦେ. ବ—ଲମ୍ବ କାଠର ବା ପାଟେଲ କବାଟ ଅବ (ବୃକ୍ଷ)ର ଛିଦ୍ର (ଟେକ)ରେ ଭରିବା କରିବା ପାଇଁ ଅଉକାଠ (ଅଗ୍ରଅ)ର ଅଗରେ ଯେଉଁ ସରୁ ଅଂଶ ଦିଆ ଯାଇ ଉଅନ କରାଯାଏ—Tennon; a thin projection made at the end of piece of wood inserted into the socket or mortise of another piece in a panelled door.

ସାଳ—ସଂ· ବ (ସଲ୍ ଧାତୁ=ଗତି କରିବା+କର୍ତ୍ତ୍ର. ଅ)—୧ । ଶାଳ ୪
Sāḷa (ଦେଖ)—1. Śāḷa 4 (See) ୨ । ଶାଳ ୫ (ଦେଖ)—2. Śāḷa 5 (See) ୩ । ପାଚେରି; ପ୍ରାକାର; ପ୍ରାଚୀର (ମେଦନୀ)—3. A wall. ୪ । ବୃକ୍ଷ—4. Tree. ୫ । ଶାଳ ୧ (ଦେଖ)—5. Śāḷa 1 (See). ୬ । ଝୁଣ; ଝୁଣା (ରାଜନିର୍ଘଣ୍ଟ)—6. Resin.

ସାଲ ଅଖର(ରି)—ବୈଦେ. ବ (ଫା· ସାଲ୍+ଅଖିର୍)—ବର୍ଷର
Sāla ākhara(ri) ଶେଷ—The end of a year.
साल तामामि साल आखरी

ସାଳକ—ସଂ. ବଣ (ପୁଂ) (ସହାର୍ଥେ ବହୁବ୍ରୀହି; ସ+ଅଳକ)—
Sāḷaka ଅଳକଦ୍ୱାରା ଅଲଙ୍କୃତ—Adorned with locks
(ସାଳକା—ସ୍ତ୍ରୀ) of hair (M. W.).

ସାଳଂକାର—ସଂ. ବଣ (ବହୁବ୍ରୀହି, ସ+ଅଳଙ୍କାର)—ଅଳଙ୍କୃତ—
Sāḷamkāra Ornamented; decorated.
(ସାଳଙ୍କାରା—ସ୍ତ୍ରୀ)

ସାଳଂକାର ରୀତି—ସଂ. ବ—୧ । ରୀତି ୧୨ (ଦେଖ)—Riti 12
Sāḷamkāra riti (See) [ବୃ—ନିମ୍ନଲିଖିତ ପଦଗୁଡ଼ିକ ସାଳଙ୍କାର ରୀତିର ଉଦାହରଣ ଅଟେ । ଯଥା—
ଶ୍ରବଣେ ଦୋଳଇ କୁଣ୍ଡଳ, ଦୋଳେ ଗାଲ ଅଳକ,
ଲାବଣ୍ୟ ଦର୍ପଣ ପରାୟେ ଝଲେ ଗଣ୍ଡ ଫଳକ ।
ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର ବିନ୍ଦୁ ରମଇ ଅତି,
କୁହୁଇ ସିନ୍ଦୂର, ରହିଛୁ ସ୍ୱ ନ-କୁହୁଦସ୍ୱେ ଭାତି ।
ଦଶନ ଅଂଶୁକ ମିଶଇ ନାସାମଣି-ଅଂଶୁକେ,
ମୃଗମଦ ବିନ୍ଦୁ ସୁନ୍ଦର ଶୋଭେ ଗୁରୁଚିବୁକେ—
ରାଧାନାଥ· ଚନ୍ଦ୍ରଭାଗା ।]

ସାଲଗମ—ଦେ.ବ (ଏଥିର ମୂଳ ଶାଲଗ୍ରାମପରି ଗୋଲ ଥିବାରୁ)–ଏକ ପ୍ରକାର
Sālagama ଗୋଲ ମୂଳା—Turnip; Brassica Napa;
सालगम सलगम Brassica Compestrus. [ବୃ—ଏହାର ମୂଳ ଶ୍ୱେତବର୍ଣ୍ଣ ଓ ଗୋଲ । ବର୍ତ୍ତମାନ ଏ ଦେଶରେ ଶୀତ ଋତୁରେ ଏହାର ଚାଷ ହୁଏ ।]

ସାଲଙ୍ଗ(ଗ)—ସଂ.ବ (ସଲ୍ ଧାତୁ+କର୍ତ୍ତ୍ରି ଅଙ୍ଗ;ଅଗ)—ସ୍ୱରର ପ୍ରକାର-
Sālaṅga(ga) ବିଶେଷ—A class of musical tune in Hindu music. [ବୃ—ଏହା ଅନ୍ୟ ରାଗ ସହିତ ମିଶ୍ରିତ ନ ହୋଇ ମଧ୍ୟ ଅନ୍ୟ ସ୍ୱରର ଆଭାସ-ଯୁକ୍ତ ହୁଏ—ବିଶ୍ୱକୋଷ]

ସାଲତମାମି—ବୈଦେ· ବ(ଫା)—୧। କୌଣସି ସନର ବା ବର୍ଷର ଶେଷ
Sālatamāmi ହିସାବ ବା ବିବରଣ—1. Annual accounts,
सालतमामि सालतमामी returns and statements.
[ଭୂ—ଗଲ ଅଙ୍କ ପାଞ୍ଜିଅ ପେ ସାଲ ତମାମି ଦାଖଲ କରିଥିଲ × × × × ଫକୀରମୋହନ. ଛମାଣ ଆଠଗୁଣ୍ଠ] ୨ । ସନର ଶେଷ—2. The end of a year.

ସାଳତି—ସଂ. ବ—(ସାଳ+ତି)—ଶାଳତି (ଦେଖ)—
Sāḷati Śāḷati (See)

ସାଲ ଦୋସାଲ(ଲା)—ବୈଦେ· ବ (ଫା) (ସହଚର ଶବ୍ଦ)—୧ । ସାଲ
Sāla dosāla(lā) ଓ ଦୋସାଲ—1. A single shawl
सालदोसाल सालदो(दु)साला and a double shawl.
୨ । ବହୁମୂଲ୍ୟ ଶୀତବସ୍ତ୍ର—2. Rich winter clothing or wrapper.

ସାଲ ଧୁ(ଧୋ)ଇ(ଲେ)ଇ—ବୈଦେ. ବ(ଫା)—ମଇଳା ହୋଇଥିବା ସାଲକୁ
Sāla dhu(dho)ā(le)i ପରିଷ୍କାର କରିବା ପାଇଁ ସାବୁନ ଆଦି
সালধুলাই सालकीधुलाइ ଦେଇ ଧୋଇବା—Washing of a shawl for cleansing it of dirt.

ସାଲନ—ବୈଦେ. ବ—୧। (ଅ) ଖାଦ୍ୟାର୍ଥ ବ୍ୟବହୃତ ଜୀବମାଂସ
Sālan 1. Animal meat used for food. ୨।
সালন্ सालन (ଇଂ; ଫ୍ରେଞ୍ଚ୍-ଘାଲେଁ Chalon. Sur Marne—ଫ୍ରାନ୍ସର ଏକ ନଗରର ନାମ; ଏହା ପ୍ରଥମେ ଉକ୍ତ ନଗରରେ ବୁଣା ଯାଉଥିବାରୁ)—କୋଟ୍ ତଳେ ଲଗାଇବା ପାଇଁ ବ୍ୟବହୃତ ଏକ ପ୍ରକାର ପତଳା ପଶମି କନା—2. Shalloon; a light kind of woolen stuff for coat-lining.

ସାଲନ—ସଂ. ବ—(ସାଲ+ନ)—ସର୍ଜରସ; ଝୁଣା—
Sālana Resin.

ସାଲ ନିର୍ଯାସ—ସଂ. ବ—ସର୍ଜରସ; ଝୁଣା—
Sāla nirjāsa Resin.

ସାଲଣ୍ଡୀ—ଦେ. ବ (ନାମ)—ବାଲେଶ୍ୱର ଜିଲ୍ଲାର ଭଦ୍ରକର ନିକଟ-
Sālandī ବାହୁନୀ କ୍ଷୁଦ୍ର ନଦୀ—Name of a small river passing by the town of Bhadrak in Balasore. [ଦ୍ର—ଏ ନଦୀ ମୟୂରଭଞ୍ଜର ମେଘାସନ ପର୍ବତରୁ ବାହାରି ବାଲେଶ୍ୱର ଜିଲ୍ଲାରେ ବୈତରଣୀ ନଦୀରେ ମିଶି ବଙ୍ଗୋପସାଗରରେ ପଡ଼ିଅଛି। ବାଲେଶ୍ୱରର କାଳପୁର ଠାରେ ଏ ନଦୀର ଶଯ୍ୟା ପ୍ରସ୍ତରମୟ ଓ ଏ ଶଯ୍ୟାର ନାମ ସୀତାକୁଣ୍ଡ। ଭଦ୍ରଖ ନିକଟରେ ଏହାର ଦୁଇ କୂଳର ମୃତ୍ତିକା ଅତ୍ୟନ୍ତ ଉର୍ବର ହୋଇ ଥିବାରୁ ସେଥିରେ ପ୍ରଚୁର ପରିବା ଚାଷ ହୁଏ। ଅକାଳ ମହାଦେବ; ଭଦ୍ରକାଳୀ ଓ ବଡ଼ା ନାମକ ଗ୍ରାମର ନାର୍ଯ୍ୟଣୀ ଦେବୀ ସାଲଣ୍ଡୀ କୂଳର ପ୍ରଧାନ ଦେବତା। ସାଲଣ୍ଡୀ ଓ ବୈତରଣୀର ସଙ୍ଗମ ସ୍ଥଳରେ ଅଣ୍ଟେଇ ମଣ୍ଡି ବା ଅରଡ଼େଶ୍ୱର ନାମକ ମହାଦେବ ବିରାଜିତ। ଏ ନଦୀ ଉପରେ ଭଦ୍ରଖ ନଗରୀ ଅବସ୍ଥିତ। ଭଦ୍ରଖ ଷ୍ଟେସନ୍ ଠାରୁ ଭଦ୍ରଖ ସହରକୁ ଯିବାବେଳେ ଏହା ଉପରେ ନିର୍ମିତ ସୁଦୃଢ଼ ପୋଲ ଉପରେ ମଟର ପ୍ରଭୃତି ଯାତାୟାତ କରେ।

ସାଲପ—ବୈଦେ. ବ (ଇଂ)—ସାଲୁପ୍ (ଦେଖ)—
Sālap Sālup (See)

ସାଲପଣୀ(ଣି)—ଦେ. ବ—(ସଂ.ଶାଲପର୍ଣ୍ଣୀ)—ଶାଲପର୍ଣ୍ଣୀ (ଦେଖ)
Sālapanī(ni) Śālaparnnī (See)
সালপাণি सालपर्णी

ସାଲପର୍ଣ୍ଣୀ—ସଂ. ବ—ଶାଲପର୍ଣ୍ଣୀ (ଦେଖ)—
Sālaparnnī Śālaparnnī (See)

ସାଲପା—ଦେ. ବ—ସର୍ଦ୍ଦପ (ଦେଖ)—
Sālapā Sardapa (See)

ସାଲ ପୁଷ୍ପ—ସଂ. ବ—ସ୍ଥଳପଦ୍ମ (ଶବ୍ଦରତ୍ନାବଳୀ)—
Sāla pushpa Hibiscus Mutabilis.

ସାଲ ବରସାଲ—ବୈଦେ. ଅ (ଫା)—୧। ପ୍ରତିବରଷକ; ପ୍ରତିବର୍ଷ—
Sāla barasāla 1. Every year. ୨। ଯଥାକ୍ରମେ
फिसाल सालसाल ପ୍ରତିବର୍ଷ—2. Year after year.

ସାଲ(ଲି)ବାହନ—ସଂ. ବ—ଶାଲିବାହନ ରାଜା (ଶବ୍ଦକଳ୍ପଦ୍ରୁମ)—
Sāla(li)bāhana King Śālibāhana (M, W)

ସାଲ ବିନ୍ଧ—ଦେ. ବ (ବଢ଼େଇଙ୍କ ବ୍ୟବହୃତ ଅନେକ ଶବ୍ଦଦ୍ୱୟ)—
Sāla bindha ପରସ୍ପର ସହିତ ଯୋଡ଼ାଯିବା କାଠ ଦ୍ୱୟ
সালছঁদা सलछेद ମଧ୍ୟରୁ ଗୋଟିଏ କାଠ (ଅଡ଼ୁଆ)ର ଅଗରେ ଚଞ୍ଚା ହେବା ସରୁ ଅଂଶ (ସାଲ) ଓ ଅନ୍ୟ କାଠ(ଭୁରୁଧି)ର ଅଗରେ କଟା ହେବା କଣା (ବିନ୍ଧ)—Tennon and mortise.

ସାଲବେଗ—ଦେ. ବ, (ନାମ)—ସପ୍ତଦଶ ଶତାବ୍ଦୀର ଓଡ଼ିଆ କବି ବିଶେଷ
Sālabega —Name of a Mahomedan poet of the 17th century who was converted into Baishnabism after-wards and wrote many Oriya poems. [ଦ୍ର—ଏ ମୁସଲମାନ୍ ଥିଲେ। ପରେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ-ଥିଲେ। ଏହାଙ୍କ ରଚିତ ରାଧାକୃଷ୍ଣ ପ୍ରେମଗର୍ଭିତ ସଙ୍ଗୀତ ବଡ଼ ସରସ ଓ ମଧୁର। (ନିତାୟୁକ, ଉତ୍କଳ ସାହିତ୍ୟର ଇତିହାସ।) ସାଲବେଗ ପୁରୀ ସହରର ବଡ଼ଦାଣ୍ଡ ପାଖରେ ଯେଉଁଠାରେ ବସି ଭଜନସାଧନ କରୁଥିଲେ ସେଠାରେ ସ୍ୱର୍ଗୀୟ ରାୟବାହାଦୁର ଭୂୟାଁ କୃଷ୍ଣଚନ୍ଦ୍ର ମହାପାତ୍ର ଖଣ୍ଡେ ଏ ମଣ୍ଡପ ତୋଳାଇ ଦେଇଅଛନ୍ତି।]

ସାଲ ବେଷ୍ଟ—ସଂ. ବ—ଧୂନକ; ଝୁଣା (ଶବ୍ଦକଳ୍ପଦ୍ରୁମ)—
Sāla beshta Resin.

ସାଲ ବୋଟ୍—ବୈଦେ. ବ (ଇଂ. ସାଲ୍ଭର୍)—ଫଡ଼ ନ ଥିବା ରେକାବ
Sāla bot সাল বোট্ सालभर A salver.

ସାଲ ଭଞ୍ଜି(ଞ୍ଜୀ)—ସଂ. ବ—ଶାଲଭଞ୍ଜି (ଦେଖ)
Sāla bhanji(nji) Śāla bhanji (See)

ସାଲମ୍ ମିଚ୍ଛି(ଶି)ରି—ବୈଦେ. ବ (ଅ. ସାଲିଭ ମିସରୀ; ସଂ. ସାଲମ
Sālam michhi(si)ri କନ୍ଦ)—ସାଲମ କନ୍ଦ; ଈଷତ୍ ମିଷ୍ଟ- [ସାଲମ ମିଚ୍ଛ(ଶ୍ରି)—ଅନ୍ୟ ରୂପ] ରସ ଶାକ କନ୍ଦ ବିଶେଷ; ଭସ୍ୱାଦ
সালম মিছিরি ବର୍ଗର ଶାକର କନ୍ଦ—A medicinal root;
सालम मिश्री Orchis Mascula; Eulophia Comp-
[ସଂ. ନାମ—ସାଲମ କନ୍ଦ, ସୁଧାମୁଳୀ, estres. [ଦ୍ର—ଏହି କ୍ଷୁଦ୍ର ଅମୃତୋତ୍ପା, ବୀରକନ୍ଦା] ପାରସ୍ୟ ଓ ଅଫଗାନ ସ୍ଥାନରେ ଜନ୍ମେ। ଏହା ଈଷତ୍ ମିଷ୍ଟ ଓ ରସାୟନ। ଏହା ପିଅଜ ଜାତୀୟ କ୍ଷୁପ; ଜଳରେ ଦେଲେ ଫୁଲେ କରେ। ଏଥିର ଚାରି ପିଅଜ ପତ୍ର ଥର ଓ ମୂଳରୁ ଗୋଟିଏ କାଣ୍ଡ ବାହାରି କାଣ୍ଡର

ଅଗରେ ଫୁଲ ଫେଣ୍ଟା ହୋଇ ଫୁଟେ । ଏଥିର ମୂଳ (କନ୍ଦ) ଚେପଟା, ଧଳା ଓ ବଳବନ୍ଧ । ଏଥିର ଗନ୍ଧ ଉଷ୍ଣତାର ଗନ୍ଧ ପରି । ଏହା ଖାଇବାକୁ ନାଲୁଆ ଲାଗେ ।

ବୈଦ୍ୟଶାସ୍ତ୍ର ଅନୁସାରେ ସାଲମ ଶୀତଳ ମଧୁର ରସ, ପୁଷ୍ଟିକର, ଶୁକ୍ରାଦି ଧାତୁବର୍ଦ୍ଧକ, ଉଷ୍ଣବୀର୍ଯ୍ୟ, ଗୁରୁପାକ, ପିତ୍ତ, ମେହ ଓ ରକ୍ତ ବିକାରର ଉପକାରକ ।

ଏକ ପ୍ରକାର କନ୍ଦରୁ ଜାତୀୟ ସାଲମ ମିଶ୍ରି ଉତ୍ତର ଭାରତରେ ଜନ୍ମେ ।]

ସାଲ୍ମା—ଦେ. ବି—ବଇଁଚୋଳ ପରି ଏକପ୍ରକାର ଫଳ—
Sālmā A kind of berry.
ପ୍ରାଦେ· (ବାଲେଶ୍ୱର) ବି—ଅମ୍ବଡ଼ା—Hog plum.

ସାଲର୍ ଜଙ୍ଗ୍—ଦେ. ବି—ସର୍ ସାଲର୍ ଜଙ୍ଗ; ନେପାଳର ପ୍ରସିଦ୍ଧ
Sālar jang ସ୍ୱର୍ଗୀୟ ପ୍ରଧାନ ମନ୍ତ୍ରୀଙ୍କ ନାମ—The late
সালর্ জঙ্ celebrated minister of the Nepal
सालर जङ्ग State.

ସାଲ ରସ—ସଂ. ବି—ଧୂନା (ହି. ଶ)—
Sāla rasa Resin.

ସାଲଶ୍ (ଇତ୍ୟାଦି)—ବୈଦେ· ବି—ସାଲିଶ୍ ଇତ୍ୟାଦି (ଦେଖ)
Sālaś (etc) Sāliś etc. (See)

ସାଲଶି—ବୈଦେ. ବିଣ ଓ ବି (ଆ)—ସାଲିଶି (ଦେଖ)
Sālaśi Sāliśi (See)

ସାଲ ଶୃଙ୍ଗ—ସଂ. ବି—ପ୍ରାଚୀରାଗ୍ର—
Sāla śrunga The top of a compound-wall.

ସାଲସା—ବୈଦେ. ବି (ପର୍ତ୍ତୁ. ସାଲସା; ଇଂ. ସାର୍ସା)—
Sālasā ରକ୍ତ ଶୋଧକ ଦ୍ରବ୍ୟ ଔଷଧ ବିଶେଷ—
সালসা सालसा Sarsaparilla.

ସାଳା—ସଂ. ବି (ସାଲ—ପ୍ରାକାର ଅଛି ଯହିଁରେ, ଏହି ଅର୍ଥରେ+ଅ+
Sāḷā ଆ; ଶବ୍ଦକୋଷ)—ଶାଳା; ଗୃହ (ଭରତ)—
(ଶାଳା—ଅନ୍ୟରୂପ) House.

ସାଲା—ସଂ· ବି—ସାଳା (ଦେଖ)
Sālā Sāḷā (See)
ଦେ. ବିଣ—ସାଲିଆ (ଦେଖ)—Sāliā (See)
ପ୍ରାଦେ· (ଗଞ୍ଜାମ) ବି—ସାହାଳ (ଦେଖ)
Sāhāla (See)

ସାଳାକରୀ—ସଂ. ବି· ସ୍ତ୍ରୀ—ଯୁଦ୍ଧରେ ପରାଜିତା ନାରୀ (ଶବ୍ଦ କଳ୍ପଦ୍ରୁମ)-
Sāḷākari A woman vanquished in battle.

ସାଳା(ଲା)ତୁରୀୟ—ସଂ· ବି—ପାଣିନି ମୁନି (ହେମଚନ୍ଦ୍ର)—
Sāḷā(lā)turiya The great Sanscrit grammarian Pāṇini.

ସାଲାଦ—ବୈଦେ. ବି (ଇଂ·ସାଲାଡ୍)—ସଲୋଜ (ଦେଖ)
Sālāda Saloja (See)

ସାଲାନା—ବୈଦେ· ବିଣ (ପା· ସାଲିନା)—ବାର୍ଷିକ—
Sālānā সালানা सालाना Annual.

ବି—ବାର୍ଷିକ ଦେୟ—Annual grant or due.

ସାଲା(ଳା)ବୃକ—ସଂ. ବି—୧ । କୁକୁର—1. Dog. ୨ । ମେଣ୍ଢା
Sāḷā(lā)bruka (ବୃ. ସ)—2. Ram; sheep. ୩ ।
(ଶାଳା ବୃକ—ଅନ୍ୟରୂପ) କୋକଣିଆଁ (ହି. ଶ)—3. Fox.
୪ । ଶୃଗାଳ (ଶବ୍ଦକୋଷ)—4. Jackal.

ସାଲାର—ସଂ. ବି (ସାଲ+ଋ ଧାତୁ+ଅଣ୍, ଅ)—ଦ୍ରବ୍ୟ ରଖିବା ଅର୍ଥେ
Sālāra ଭିତ୍ତିରେ ଖଞ୍ଜା; କାନ୍ଥରେ ମରା ଯାଇଥିବା କାଠି (ଶବ୍ଦ କଳ୍ପଦ୍ରୁମ); ନାଗଦନ୍ତକ—Peg driven into a wall for putting or hanging articles.

ସାଲି—ଦେ. ବି (ଦେଶିଆ ଶବ୍ଦ)—ଗୋଟିଏ ମୁଣ୍ଡ ମୁନିଆଁ ଓ ଅନ୍ୟ ମୁଣ୍ଡ
Sāli ଲମ୍ବରୁଣୀ ଧାର ପରି ଚେପ୍ଟା ହୋଇଥିବା ଲୁହା ତାରର ବଣିଆର ବିଶେଷ—An iron instrument used by goldsmith having one end sharp-pointed and the other end with flattened edge.

ସାଲିଆ—ଦେ. ବିଣ (ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ବ୍ୟବହୃତ
Sāliā ହୁଏ)—୧ । ବର୍ଷୀୟ; ସାଲ ବା ବର୍ଷ ସମ୍ବନ୍ଧୀୟ—
সালের 1. Relating to year. ୨ । (ଏତେ) ବର୍ଷ ବୟସ୍କ
सालका 2. Aged so many years. (ଯଥା—ଛଅ ସାଲିଆ ବାଛୁରୀ ।) ୩ । ଏତେ ବର୍ଷ ସକାଶେ ଦିଆଯାଇ ଥିବା—3. Done for a period of so many years. (ଯଥା—ଦଶ ସାଲିଆ ବନୋବସ୍ତ ।) ୪ ।
পেড়ে ଧଡ଼ିଦାର—4. (cloth) Having fringe or
कोरदार border. (ଯଥା—ଶାଠ ସାଲିଆ ଧୋତି ।)

ସାଲିଆନା—ବୈଦେ. ବିଣ (ପା·ସାଲିନା)—ବାର୍ଷିକ—Annual. ବି—
Sāliānā ୧। ବାର୍ଷିକ ନିର୍ଦ୍ଦିଷ୍ଟ ଦେୟ ବା ପ୍ରାପ୍ୟ—1. Annual
সালিআনা due or payment. ୨ । ବାର୍ଷିକ ବୃତ୍ତି—
सालिआना 2. Annual grant; annuity.

ସାଲିଆନା ଖଜଣା—ଦେ. ବି—ବାର୍ଷିକ ଦେୟ ନିର୍ଦ୍ଧାରିତ ଖଜଣା—
Sāliānā khajaṇā Fixed annual rent.
সালিআনা খাজনা सालाना खजाना

ସାଲିଆନା ଖଞ୍ଜା—ଦେ. ବି—ଶାସନ ବା ଦେବସେବା ପାଇଁ
Sāliānā khañja ଉତ୍ସର୍ଗୀକୃତ ବାର୍ଷିକ ଦେୟ ଧନ—
সালিআনা বরাদ্দ Amount fixed to be paid annually
सालाना बन्धा for some religious or charitable purpose.

ସାଲିଆନାଦାର୍—ବୈଦେ. ବି (ପା)—ଯେ ବାର୍ଷିକବୃତ୍ତି ଭୋଗ
Sāliānādār କରୁଥାଏ—One who enjoys an
সালিআনাদার सालियानादार annuity.

ସାଲୁଟ୍—ବୈଦେ· ବି (ଇଂ)—ଅଧସ୍ତନ ବ୍ୟକ୍ତିଙ୍କର ଉଚ୍ଚତର ବ୍ୟକ୍ତିଙ୍କୁ
Sāluṭ ସମ୍ମାନ ଦେଖାଇବାପାଇଁ କରିବା ପ୍ରଣାମ—Salute
(ସାଲ୍ୟୁଟ୍—ଅନ୍ୟରୂପ) (of an inferior to a
স্যালুট सैलुट. superior.)

ସାଳବାହନ (ଇତ୍ୟାଦି)—ସଂ ବ (ନାମ)—ଶାଳିବାହନ ଇତ୍ୟାଦି
Sālibāhana (etc) (ଦେଖ)—Sālibāhana etc. (See)

ସାଲମକନ୍ଦ—ସଂ ବ—ସାଲମ୍ ମିଛିରି (ଦେଖ)
Sālimakanda Sālam michhiri. (See)

ସାଲିଶ୍—ବୈଦେ. ବ (ଅ. ସାଲିସ)—୧ । ବିବାଦରେ ମଧ୍ୟସ୍ଥ—
Sālis 1. An umpire. ୨ । ଯେ ଅପୋଷିରେ ବିବାଦ
ସାଲିশ୍ ମୀମାଂସା କରିବା ପାଇଁ ଉଭୟପକ୍ଷଙ୍କ ଦ୍ୱାରା ଲୋକେ
सालस ନିଯୁକ୍ତ ହୋଇଥାଏ—2. Arbitrator appointed by parties to a dispute.

ସାଲିଶ୍ କରିବା—ଦେ· କ୍ରି—୧ । ଦୁଇ ବିପକ୍ଷଦଳ ନିଜ ନିଜ ମଧ୍ୟରେ
Sālis kariba ଭଲଲୋକଙ୍କଦ୍ୱାରା ବିବାଦ ମୀମାଂସା କରାଇବା—
সালিশ্ করা 1. To have a dispute between two
सुलह rival parties settled through an umpire.
୨ । ବିବାଦରେ ମଧ୍ୟସ୍ଥତା କରିବା—2. To arbitrate in a dispute.

ସାଲିଶ୍ ନାମା—ବୈଦେ. ବ (ତତ୍ପୁରୁଷ) (ଅ)—୧ । ଅପୋଷିରେ
Sālis nāmā ମଧ୍ୟସ୍ଥଙ୍କଦ୍ୱାରା ମୀମାଂସା ହେବା ବିବାଦର ଉଭୟ
সালিশ্নামা ପକ୍ଷଙ୍କ ସ୍ୱୀକୃତ ସର୍ତ୍ତମାନ ଯେଉଁ ଦଲିଲରେ
सुलहनामा ଲେଖାଯାଏ—1. A document signed by both parties and containing the terms of an arbitration. ୨ । ସାଲିଶ୍ ଫଇସଲ (ଦେଖ)—2. Sālis phaisalā. (See)

ସାଲିଶ୍ ଫଇ(ଏ)ସଲ—ବୈଦେ· ବ (ତତ୍ପୁରୁଷ) (ଅ)—ମଧ୍ୟସ୍ଥମାନଙ୍କର
Sālis phai(e)salā ବିବାଦ ନିଷ୍ପତ୍ତି ବିଷୟକ ରାଏ—Judge-
সালিশ্ ফয়সলা ment or decree drawn up by the
सालसी फैसला arbitrators; arbitrators' award.

ସାଲିଶାନ୍—ବୈଦେ· ବ (ଅ; ବହୁବଚନ)—ମଧ୍ୟସ୍ଥମାନେ—
Sālisān সালিশান্ सालसान (Plural) Arbitrators.

ସାଲିଶି—ବୈଦେ· ଵଣ (ଅ)—ମଧ୍ୟସ୍ଥଙ୍କଦ୍ୱାରା ବିବାଦ ମୀମାଂସା
Sālisi ସମ୍ବନ୍ଧୀୟ—Referring to arbitration; relat-
সালিশি सालसी ing to arbitration. ବ- ୧ । ମଧ୍ୟସ୍ଥତା—
সালিশি सालसीपन 1. Arbitration. ୨ । ମଧ୍ୟସ୍ଥଙ୍କ ଦ୍ୱାରା
সালিশি ବିବାଦ ମୀମାଂସା—2. Decision by arbitra-
पंचायत tors. ୩ । ସାଲିଶ୍; ମଧ୍ୟସ୍ଥ—3. Arbitrator.

ସାଲୁ—ଦେ· ବ (ସ. ଶାଲୁ=କଷାୟ ଦ୍ରବ୍ୟ)—ଏକ ବର୍ଣ୍ଣରେ ରଞ୍ଜିତ
Sālu ପତଳା ସୂତାର କନା; ପତଳା ରଙ୍ଗୀନସୂତାର କନା—
সালু A thin coloured stuff of cotton thread;
सालु shalli. [ବି—ଏହା ନାଲି, କଳା, ନେଳି, ହଳଦିଆ ଆଦି ନାନା ରଙ୍ଗର ହୁଏ ।]

ସାଲୁକ—ପ୍ରାଦେ (ବାଲେଶ୍ୱର) ବ—(ସ. ଶାଲୁକ)—କଇଁ ଗଛର
Sāluka ମୂଳରେ ଥିବା ପିଣ୍ଡ; କୁମୁଦକନ୍ଦ—The root-bulb of the water lily. [ବି—ଏହା ଉତ୍ତରେ ଥିବା ସାଇକୁ ଗରିବ ଲୋକେ ସିଝା ଇଅବକରି ଖାଆନ୍ତି ।]

ସାଲୁକୁଡ଼ା ପୋକ—ପ୍ରାଦେ· (ବାଲେଶ୍ୱର) ବ--ଲଙ୍ଗୁଡ଼ା ପୋକ (ଦେଖ)
Sālukurdā poka Lāngordā poka. (See)

ସାଲୁନ୍—ବୈଦେ· ବ (ଇଂ)—ରେଲରେ ବା ଜାହାଜରେ ନିର୍ଦ୍ଦିଷ୍ଟ ଓ
Sālun ଉତ୍ତମ ଯାତ୍ରୀମାନଙ୍କ ବ୍ୟବହାର ପାଇଁ ସଜ୍ଜିତ ଛୋଟ
সেলুন্ सैलून କୋଠରି ବା କାମରା—Sāloon.

ସାଲୁପ୍—ବୈଦେ. ବ (ଇଂ; ସାଲପ; ସ୍ଲୁପ୍)—୧ । ଛୋଟ ଜାହାଜ—
Sālup 1. Small ship; shallop. ୨ । ସ୍ଲୁପ୍—
সালুপ্ सालुप 2. Sloop ୩ । ଡଙ୍ଗା; ନୌକା—3. Boat.

ସାଲୁବାଲୁ—ଦେ. ଅ—୧ । ସାଲୁସାଲୁ (ଦେଖ)—1. Sālusālu.
Sālubālu (See) ୨ । ବସ୍ତୁ ମାନ ଇତସ୍ତତଃ ଓ କଦର୍ଯ୍ୟ ହୋଇ
কিল্‌বিল রଖାଯାଇଥିବା ପ୍ରକାର—2. Absence of
खदबद arrangement, elegance and method in anything. ୩ । ଅପରିଷ୍କୃତ ଓ ଅପରିଚ୍ଛନ୍ନ—3. Dirty. ୪ । ଅବର୍ଜନାଯୁକ୍ତ—4. Uncleansed. ୫ । ଗୋଳମାଳିଆ, ଅଣ୍ଡୁଆ—5. Confused. ପ୍ରାଦେ. (ପୁରୀ) ବ—ସଲବଲ (ଦେଖ)—Salabala. (See)

ସାଲୁର୍—ଦେ· ବ (ନାମ)—ବିଶାଖାପାଟଣା ଜିଲ୍ଲାର ଗୋଟିଏ ଓଡ଼ିଆ
Sālur ରାଜ୍ୟ—Name of an Oriya estate in Vizag district. [ବି—କଳାହାଣ୍ଡି ଓ ଛତିଶଗଡ଼ ମଝିରେ ଥିବା ଗିରିସଙ୍କଟର ନାମ ମଧ୍ୟ ସାଲୁର୍; ଏଥିର ଅନ୍ୟ ନାମ ଶୌଣ୍ଡା । ବୋବିଲିଠାରୁ ସାଲୁର ପର୍ଯ୍ୟନ୍ତ ବି. ଏନ୍. ଆର୍ ର ଗୋଟିଏ ଶାଖା ରେଲ ଅଛି ଓ ସାଲୁର୍ ଠାରୁ ଜୟପୁର ପର୍ଯ୍ୟନ୍ତ ୭୫ ମାଇଲ ପାକ୍ୱା ରାସ୍ତାରେ ଗାଡ଼ି, ମଟର ଆଦି ଚଳେ । ଏଠାରେ ଜଣେ ରାଜା ଅଛନ୍ତି । ଏହାପୂର୍ବେ ଜୟପୁର ରାଜ୍ୟର ଅଧୀନ ଥିଲା ।]

ସାଲୁର(ରୁ)ବାଲୁର(ରୁ)—ଦେ· ଅ—୧ । ସାଲୁ ସାଲୁ (ଦେଖ)
Sālur(ru)bālur(ru) 1. Sālu sālu (See)
୨ । ସାଲୁବାଲୁ (ଦେଖ)—2. Sālubālu (See)

ସାଲୁସାଲୁ—ଦେ. ଅ—୧ । ବହୁ କ୍ଷୁଦ୍ର ଜୀବ (ଯଥା, ପୋକ) ଅଳ୍ପ
Sālu sālu ସ୍ଥାନରେ ଇତସ୍ତତଃ ହେବା—
কিলবিল खदबद 1. Too many tiny animals (e. g. insects) moving to and fro in a narrow space. (ଯଥା—ଅମ ଅଧିକର ଓଡ଼ିଶାରେ ମହାପୁରୁଷ ଲୁଗୁ କ ସାଲୁ ସାଲୁ ହେଉଅଛନ୍ତି ।) ୨ । ଅତ୍ୟଧିକ ସଂଖ୍ୟାରେ ପରିବ୍ୟାପ୍ତ—2. Abounding in exc essive number. (ଯଥା—ତା ମୁଣ୍ଡରେ ଉକୁଣୀ ସାଲୁ ସାଲୁ ହେଉଅଛନ୍ତି ।) ୩ । ଅସଂଖ୍ୟ ପୋକ ଯୋକ ଆଦିରେ ପରିବ୍ୟାପ୍ତ—3. Abounding in myriads of insects.

ସାଲୁ ସାଲୁ ହେବା—ଦେ· କ୍ରି—ଅତ୍ୟଧିକ ସଂଖ୍ୟାରେ ପରିବ୍ୟାପ୍ତହେବା
Sālu sālu hebā To abound in myriads.
কিলবিল করা खदबद होना

ସାଲୂର — ସଂ. ବ — ମଣ୍ଡୂକ; ଭେକ (ଶବ୍ଦରତ୍ନାବଳୀ) —
Sālūra Frog.
(ଶାଲୂର — ଅନ୍ୟରୂପ)

ସାଲେ — ପ୍ରାଦେ (ଗଡ଼ଜାତ) ବ — ଅସନ ଗଛ — Buchanonia
Sāle Latifolia (a timber tre e).
ପ୍ରାଦେ (ବାଲେଶ୍ୱରପାଟଣା) ବ — ବନ୍ୟ କୋମଳ କାଷ୍ଠ-ବିଶେଷ — Name of a softwood timber tree. [ବ୍ୟୁ — ଏହା ଜାଳିବାର କାଠି ପାଇଁ ଉପଯୁକ୍ତ ।]

ସାଲେମ୍ ମିଛି(ଶି)ରି — ବୈଦେ. ବ (ଅ) — ସାଲମ୍‌ମିଛିରି (ଦେଖ)
Sālem-michhi(śi)ri Sālam-michhiri (See)
(ସାଲେମ୍‌ମିଶ୍ରି — ଅନ୍ୟରୂପ)

ସାଲେୟ(ୟା) — ସଂ. ବ (ସାଲ+ଏୟ) — ଶାଲେୟ (ଦେଖ)
Sāleya(yā) Śāleya (See)
(ଶାଲେୟ — ଅନ୍ୟରୂପ)

ସାଲୋକ୍ୟ — ସଂ. ବ (ସ+ଲୋକ=ଭୁବନ+ଯ) — ମୁକ୍ତିବିଶେଷ;
Sālokya ଯେଉଁ ମୁକ୍ତି ଲାଭ କଲେ ଭକ୍ତ ପ୍ରଭୁଙ୍କ [ସାଲୋକ୍ୟତା — ଅନ୍ୟରୂପ (ପ୍ରକୃତିବାଦ)] ସହିତ ଏକଲୋକରେ ବାସ କରେ — A kind of salvation or beatitude in which the devotee resides in the same world with the Deity.

ସାଲ୍ଟ — ବୈଦେ (ଇଂ) ପ୍ରାଦେ (ଗଞ୍ଜାମ) ବ — ଲବଣ; ଲୁଣ —
Sālt Salt.

ସାଲ୍ଟି — ଦେ. ବ — ସୂତା ଓ ରେଶମରେ ବୁଣା ଏକପ୍ରକାର ଲୁଗା —
Sālti A cloth woven with silk and
सालटि ছালটি cotton threads.

ସାଲ୍ୱ — ସଂ. ବ (ନାମ) — (ସାଲ+ବ) — ୧ । ମହାଭାରତର
Sālwa ଭୀଷ୍ମପର୍ବରେ ବର୍ଣ୍ଣିତ ଦେଶବିଶେଷ —
(ଶାଲ୍ୱ — ଅନ୍ୟରୂପ) 1. Name of an ancient kingdom.
୨। ବିଷ୍ଣୁଙ୍କ ଦ୍ୱାରା ହତ ଜଣେ ରାଜା (ମହାଭାରତ ବର୍ଣ୍ଣପର୍ବ, ହେମଚନ୍ଦ୍ର) — 2. Name of a king killed by Bishnu. ବିଣ — ସାଲ୍ୱ ଦେଶ ସମ୍ବନ୍ଧୀୟ — Relating to the Sālwa country.

ସାଲ୍ୱ ନିସୂଦନ — ସଂ. ବ (ସାଲ୍ୱ ନୃପତିର ହନ୍ତା) — ବିଷ୍ଣୁ (ହେମଚନ୍ଦ୍ର) —
Sālwa nisūdana Bishnu, the slayer of the king
(ସାଲ୍ୱହା — ଅନ୍ୟରୂପ) Salwa.

ସାଲ୍ୱିକ — ସଂ. ବ (ସାଲ୍ୱ=ଦେଶ+ଇକ) — ପକ୍ଷିବିଶେଷ; ବଣି
Salwika ଚଢ଼େଇ; ଶାରି (ଶବ୍ଦଚନ୍ଦ୍ରିକା) —
(ଅନ୍ୟ ସଂ ନାମ — ଶକମଞ୍ଜୁ, The myna bird.
ହୃଦ୍ଭୃଙ୍ଗ, ଚୂଥଳକ୍ଷି)

ସାଲ୍ୱେୟ — ସଂ. ବଣ (ସାଲ୍ୱ+ଏୟ) — ୧ । ସାଲ୍ୱଦେଶସମ୍ବନ୍ଧୀୟ —
Sālweya 1. Relating to the Sālwa
country. ୨ । ସାଲ୍ୱଦେଶବାସୀ — Residing in the Sūlwa country.

ସାଶ(ଶି) — ବୈଦେ. ବ (ଇଂ) — ୧ । କବାଟର ବା ଝରକାର
Sāś(śi) କାଚର ଫଳକ — 1. A pane of glass in a
সার্সি door or window; sash. ୨ । କାଚଫଳକ ଲଗା
शीशा କବାଟ ବା ଝରକା — 2. A door or window
সার্সি set with glass panes. ଗ୍ରା. ବ (ସଂ. ଶ୍ୱାସ) —
शीशाका कीवाड़ (ଦେଖ) — Śwāsa (See)
শাস साँस

ସାଶ୍‌ ମଲ(ଲ) — ଦେ. ବ (ଫ. ସାହସ ମଲ୍ଲ) — ୧ । ଶୂଦ୍ରମାନଙ୍କ
Sāś-mal(la) ବଂଶୋପାଧି ବିଶେଷ — 1. A family title of Śūdras. ୨ । ସାହସୀ ପାଇକମାନଙ୍କୁ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଉପାଧି ବିଶେଷ — 2. A title given by Rājās to a brave soldier.
[ବ୍ୟୁ — ଓଡ଼ିଶାରେ ଶୂଦ୍ର ଜାତିର ଉପାଧି 'ସାମଲ' — ଏହି ଶବ୍ଦର ଅପଭ୍ରଂଶ ।]

ସାଶ୍ୱକ — ଫ. ବ — କମ୍ବଳ (ହାରବଳି) —
Sāśwaka Blanket.

ସାଶ୍ରୟ — ସଂ ବଣ (ସ+ଆଶ୍ରୟ) — ୧। ଆଶ୍ରୟଯୁକ୍ତ — 1. Sheltered.
Sāśraya ୨ । ଆଧାର ସମନ୍ୱିତ — 2. Having a support or receptacle.

ସାଶ୍ରୟାଣ୍ଡକ — ସଂ. ବ — ଜ୍ୟେଷ୍ଠୀ; ଝିଟିପିଟି (ଶବ୍ଦ କଳ୍ପଦ୍ରୁମ) —
Sāśrayandaka House-lizard.

ସାଶ୍ରୁ — ସଂ. ବଣ (ବହୁବ୍ରୀହି; ସ+ଅଶ୍ରୁ) — ଅଶ୍ରୁଯୁକ୍ତ —
Sāśru Tearful.

ସାଶ୍ରୁଧୀ — ସଂ. ବ. ସ୍ତ୍ରୀ (ସ+ଅଶ୍ରୁ+ଧା ଧାତୁ+କର୍ତ୍ତୃ. ଈ) — ଶ୍ୱଶ୍ରୂ;
Sāśrudhī ଶାଶୁ (ବୈଦିକ ଶବ୍ଦ) — Mother-in-law.

ସାଶ୍ରୁ ନୟନ — ସଂ. ବ (କର୍ମଧା) — ଅଶ୍ରୁପୂର୍ଣ୍ଣ ନେତ୍ର —
Sāśru nayana Tearful eye.
(ସାଶ୍ରୁ ନେତ୍ର, ସାଶ୍ରୁ ଲୋଚନ — ଅନ୍ୟରୂପ) ବଣ. ପୁଂ (ବହୁବ୍ରୀହି) — ଯାହାର ଚକ୍ଷୁ ଲୋତକପୂର୍ଣ୍ଣ ହୋଇଥାଏ — With eyes full of tears.
(ସାଶ୍ରୁ ନୟନା, ସାଶ୍ରୁ ନେତ୍ରା, ସାଶ୍ରୁ ଲୋଚନା — ସ୍ତ୍ରୀ. ବଣ)

ସାଷ୍ଟମ — ଦେ. ବଣ ଓ ବ — ସାଷ୍ଟାମ (ଦେଖ)
Sāshṭama Sāshṭāma (See)
সচেতন (ବ୍ୟୁ — ଭୂଇଁ ଜଣ ସାଷ୍ଟମ ହୋଇ ଶଣ୍ଡେ ଜମଳରେ ବସି
सचेत ଗଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ସାଷ୍ଟାଙ୍ଗ — ସଂ. ବଣ (ସ+ଅଷ୍ଟାଙ୍ଗ) — ୧ । ଅଷ୍ଟାଙ୍ଗଯୁକ୍ତ —
Sāshṭānga 1. Comprising the eight limbs.
[ବ୍ୟୁ — ଅଷ୍ଟାଙ୍ଗ ବୋଲେ ନୋଟ ଦେଖ; ମୁଣ୍ଡ, ହାତ, ଗୋଡ଼, ହୃଦୟ, ଆଖି, ଜଙ୍ଘ, ବଚନ ଓ ମନ ଦ୍ୱାରା ଭୂମିରେ ଲୋଟି; ମହାଭାରତରେ ମୁଣ୍ଡ, ଛାତି, ୨ ହାତ, ୨ ଆଣ୍ଠୁ ଓ ୨ ପାଦାଗ୍ରକୁ ଭୂମିରେ ଲଗାଇ ଯେଉଁ ପ୍ରଣାମ କରାଯାଏ ତାକୁ ସାଷ୍ଟାଙ୍ଗ ପ୍ରଣାମ କହନ୍ତି — ହଂ. ଶ] ୨ । ଯହିଁରେ ଦେହର ଅଷ୍ଟାଙ୍ଗ ଭୂମିରେ ଲାଗେ — 2 In which eight limbs of the body touch the

ground. କ୍ରି. ବିଣ (ସଂ. ସାଷ୍ଟାଙ୍ଗମ୍)—ଅଷ୍ଟାଙ୍ଗକୁ ଭୂମିରେ ଲଗାଇ—With the eight limbs of the body touching the ground.

ସାଷ୍ଟାଙ୍ଗ ଦଣ୍ଡବତ—ଦେ. ବି—ସାଷ୍ଟାଙ୍ଗ ପ୍ରଣାମ (ଦେଖ)
Sāshṭāṅga daṇḍabata Sāshṭāṅga praṇāma
साष्टांग दण्डवत **साष्टाङ्ग दण्डवत** (See)

ସାଷ୍ଟାଙ୍ଗ ପ୍ରଣାମ—ସଂ. ବି—ଭୂମିରେ ମୁଣ୍ଡ, ଛାତି, ଦୁଇ ହାତ, ଦୁଇ
Sāshṭāṅga praṇāma ଅଣ୍ଟୁ ଓ ଦୁଇ ପାଦକୁ ଲଗାଇ ଦଣ୍ଡ
(ସାଷ୍ଟାଙ୍ଗ ପ୍ରଣିପାତ—ଅନ୍ୟରୂପ) ପରି ଲମ୍ବ ହୋଇ ଗୋଡ଼ ତଳେ ପଡ଼ିବା—Obeisance made by falling flat on the ground in such a manner that the eight parts of the body touch the ground. [ଦ୍ର—ଅଷ୍ଟାଙ୍ଗ ଯଥା—ମୁଣ୍ଡ, ଛାତି, ଦୁଇ ହାତ, ଦୁଇ ଅଣ୍ଟୁ, ଦୁଇ ପାଦ; ମତାନ୍ତରରେ କପାଳ, ନାକ, ହାତ, ଛାତି, ପେଟ, ଜଂଘ, ଅଣ୍ଟୁ ଓ ଗୋଡ଼ ଅଗ୍ରଠି ଅଗ; ମତାନ୍ତରରେ ଜାନୁ, ପାଦ, ହସ୍ତ, ବକ୍ଷ, ଶିରଃ, ବୁଦ୍ଧି, ବଚନ, ଦୃଷ୍ଟି; ମତାନ୍ତରରେ ଦୁଇ ହସ୍ତ; ହୃଦୟ, କପାଳ, ଦୁଇ ଚକ୍ଷୁ, ମନ ଓ ବଚନ ।]

ସାଷ୍ଟାଙ୍ଗ ପ୍ରଣାମ (ପ୍ରଣିପାତ, ଦଣ୍ଡବତ) କରିବା—
Sāshṭāṅga praṇāma (praṇipāta, daṇḍabata) kariba
साष्टांग प्रणिपात करना
साष्टाङ्ग प्रणाम करना ୧ । ଦେହକୁ ଭୂମିରେ ଲଗାଇ ଦଣ୍ଡବତ୍ ନମସ୍କାର କରିବା—1. To make obeisance by making all the limbs touch the ground. ୨ । (ବ୍ୟଙ୍ଗ) (ଦୁଷ୍ଟ ବା ଅନିଷ୍ଟକାରୀ ବ୍ୟକ୍ତି ବା ବସ୍ତୁଠାରୁ) ଦୂରରେ ରହିବା; ଦୂରୁ ଜୁହାରିବା—2. (ironical) To keep religiously aloof from a wicked or injurious person or thing.

ସାଷ୍ଟାଙ୍ଗ ବେଦନା—ସଂ. ବି (କର୍ମଧା)—ଦେହର ସବୁ ଅଂଶରେ ବା
Sāshṭāṅga bedanā ସ୍ଥାନରେ ଅନୁଭୂତ ବେଦନା—Pain felt throughout the whole body. [ଦ୍ର—ଅଷ୍ଟାଙ୍ଗ ଯଥା—ଶିରଃ ବା ମସ୍ତକ, ଗ୍ରୀବା, ବକ୍ଷ, ଉଦର, ପାର୍ଶ୍ୱ, ପୃଷ୍ଠ, ହସ୍ତ ଓ ପଦ—ଯୋଗେଶଚନ୍ଦ୍ର)

ସାଷ୍ଟାଙ୍ଗ ଯୋଗ—ସଂ. ବି—ଯମ, ନିୟମ, ଆସନ, ପ୍ରାଣାୟାମ,
Sāshṭāṅga joga ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି, ଏହି ଅଠ ଗୋଟି ଅଙ୍ଗ ବିଶିଷ୍ଟ ଯୋଗ—Spiritual exercise consisting of eight steps.

ସାଷ୍ଟାଙ୍ଗେ—ଦେ. କ୍ରି. ବିଣ (ସଂ. ସାଷ୍ଟାଙ୍ଗମ୍)—ସାଷ୍ଟାଙ୍ଗ ବିଧି
Sāshṭāṅge ଅନୁସାରେ ଦେହର ଅଠ ଅଙ୍ଗକୁ ଭୂମିରେ ଲଗାଇ
साष्टांगे (ପ୍ରଣାମ କରିବା)—(to make obeisance) By
साष्टांगमें causing the limbs of the body to touch the ground. [ଉ—ପାଛୋଟି ଖଣ୍ଡେ ଦୂର ଯାଇ, ସାଷ୍ଟାଙ୍ଗେ ପ୍ରଣମିତ ହୋଇ । ଭୂପତି, ପ୍ରେମସୁଧାମୃତ ।]

ସାଷ୍ଟା(ଷ୍ଠା)ମ—ଦେ. ବିଣ (ସଂ, ସାଷ୍ଟାଙ୍ଗ)—[ପାଞ୍ଚ ଗୋଟି ଅଷ୍ଟାଙ୍ଗ
Sāshṭa(shṭhā)ma (ଯଥା ହସ୍ତ ପଦାଦି, ମନ ଏବଂ ବାକ୍)
(ସାଷ୍ଟମ—ଅନ୍ୟରୂପ) ପ୍ରକୃତିସ୍ଥ ହୁଏ]—୧। ପୁନଃ ଚେତନାପ୍ରାପ୍ତ—
(ଅସାଷ୍ଟାମ—ବିପରୀତ) 1. Restored to consciousness.
सचेतन ୨ । ସଜ୍ଞାନ; ସଚେତ—2. Conscious; sentient.
सचेत, ताजा ୩ । ସଧୈର୍ଯ୍ୟ—3. Patient. ୪ । ଯାହାର କ୍ଲାନ୍ତି ଓ ଅବସାଦ ଦୂରୀଭୂତ ହୋଇଅଛି—4. Rejuvinated; refreshed. ୫ । ଦେହର ଓ ମନର ପୂର୍ବ-ତେଜକୁ ଅବସ୍ଥାପ୍ରାପ୍ତ—5 Restored to mental
सतेज **चेतना** and bodily vigiour. (ଉ—ବଂଶୀ ବଂଶୀ ବୋଲୁଛି ଅଣି ସମସ୍ତଙ୍କ ମୁହାଁଏ ମୁହାଁଏ ପିଅଇ ସାଷ୍ଟାମ କରାଇଲେ—ଫକୀରମୋହନ ଛମାଣ ଅଠଗୁଣ ।) ବି—୧ । ଚେତନା—1. Consciousness. ୨ । ଚୈତନ୍ୟୋଦୟ—2. Dawning of consciousness. ୩ । ମୂର୍ଚ୍ଛା ପରେ ଜ୍ଞାନୋଦୟ—3. Restaration to consciousness after swooning.

ସାଷ୍ଟାମ କରିବା—ଦେ. କ୍ରି—୧ । ଅଚେତ ବା କ୍ଲାନ୍ତ ହୋଇଥିବା
Sāshṭāma kariba ବ୍ୟକ୍ତିକୁ ସେବା ଶୁଶ୍ରୂଷାଦ୍ୱାରା ସଚେତ
सचेतनकरना କରାଇବା—1. To restore a person to
सचेत करना, ताजा करना his normal condition by tending and nursing. [ଦ୍ର—ଦେଖି ମୁନିଙ୍କି ସାଷ୍ଟାମ କଲେ ମୁନିସୁର । ପୀତାମ୍ବର • ନୃସିଂହପୁରାଣ ।] ୨ । ଶୁଶ୍ରୂଷାଦ୍ୱାରା କୌଣସି ବ୍ୟକ୍ତିର କ୍ଲାନ୍ତି ଦୂର କରିବା – 2. To nurse a tired person.

ସାଷ୍ଟାମ ଖାଇ—ପ୍ରାଦେ (ବାଲେଶ୍ୱର) ବି—ମତ୍ସ୍ୟ ବିଶେଷ—
Sāshṭama khāi A species of fish.

ସାଷ୍ଟାମ ପାଇବା—ଦେ. କ୍ରି—ଚେତନା ଓ ତେଜଃ ପୁନଃପ୍ରାପ୍ତ
Sāshṭāma pāibā ହେବା—To be restored to
(ସଷ୍ଟାମ ହେବା—ଅନ୍ୟରୂପ) normal vigour and
चेतना पाना consciousness. (ଉ—ସାଷ୍ଟାମ ପାଇଲି ଯେ
चेतना पाना ଭ୍ରମର ଚୂଡ଼ାମଣି, ବୋଇଲି ତେତା ବାଇଲି ମୁଁ କରିବାତ ଶୁଣି । ସାରଳା. ମହାଭାରତ ।]

ସାସହି—ସଂ. ବିଣ (ସହ୍ ଧାତୁ=ପୁନଃ ପୁନଃ ଅର୍ଥରେ ଯଙ୍ଲୁଙ୍ଗ୍,
Sāsahi ସାସହ୍. ଧାତୁ+କିଃ ଭ)—ସତତ ସହନଶୀଳ; ଅତିଶୟ ସହିଷ୍ଣୁ—Very enduring.

ସାସାନ ଟାଙ୍ଗର—ପ୍ରାଦେ. (କୋହ୍ଲ) ବି—ଶବଦାହ ପରେ ମୃତବ୍ୟକ୍ତିର
Sāsāna ṭāṅgara ଅସ୍ଥି ଶ୍ମଶାନରୁ ଅଣାଯାଇ ଗ୍ରାମପ୍ରାନ୍ତରେ ଭୂଗର୍ଭରେ ପୋତାଯାଇ ତହିଁ ଉପରେ ସ୍ଥାପିତ ହେବା ପଥର—A slab of stone put on the bone of a cremated Kohla (Ho), which is buried in the ground at the end of a village.

ସାସୁ—ସଂ. ବଣ (ସହାର୍ଥ ବହୁବ୍ରୀହି: ସ+ଅସୁ)—ପ୍ରାଣବିଶିଷ୍ଟ; ଜୀବିତ—Alive, living.
Sāsu

ସାସୂୟ—ସଂ. ବଣ. ପୁଂ (ସ+ଅସୂୟା+ଅ)—ଅସୂୟାବିଶିଷ୍ଟ—Spiteful.
Sāsūya (ସାସୂୟା—ସ୍ତ୍ରୀ)

ସାସେରାମ—ଦେ. ବ (ନାମ) (ସଂ. ସହସ୍ରାରାମ)—ବିହାର ସାହାବାଦ ଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ ଓ ହେଡ୍ ନଗର—Saseram, a Subdivision and town of Sababad district. [ଦ୍ର—ଏହି ନଗରରେ ପୂର୍ବେ ସହସ୍ର ବୌଦ୍ଧ ଆରାମ ଥିଲା। ନିକଟରେ ଏକ କ୍ରୋଶ ଦୂରରେ ପର୍ବତଶିଖରରେ ପ୍ରସ୍ତର ଗାତ୍ରରେ ଅଶୋକଙ୍କ ଶିଳାଲିପି ଅଛି ଓ ଅନେକ ବୌଦ୍ଧକୀର୍ତ୍ତିର ଭଗ୍ନାବଶେଷ ଅଛି। ଦିଲ୍ଲୀର ପଠାଣ ସମ୍ରାଟ ସେର୍‌ସାହାଙ୍କ କର୍ମିତ କାରୁକାର୍ଯ୍ୟ ଓ କୋରାନର ଶ୍ଲୋକସମ୍ବଳିତ କବର ଓ ଗୋଟିଏ ବୃହତ୍ ସରୋବରର ମଧ୍ୟସ୍ଥଳରେ ଅଷ୍ଟକୋଣ-ବିଶିଷ୍ଟ ଭଗ୍ନ ପ୍ରସ୍ତରର କବର ଏଠାର ଦର୍ଶନୀୟ ବସ୍ତୁ। ନଗରର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମୁସଲମାନ୍—ବିଶ୍ୱକୋଷ।]
Sāserāma
सासेराम
सासेराम

ସାସ୍ଥି—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଅସ୍ଥି)—ଅସ୍ଥିବିଶିଷ୍ଟ—Having bone.
Sāsthi

ସାସ୍ନା—ସଂ. ବ (ଷସ୍ ଧାତୁ=ନିଦ୍ରିତ ହେବା+କର୍ତ୍ତୃ. ଅ)—ଗୋରୁର ଗଳକମ୍ବଳ (ଅମର)—A dewlap of a bullock or bull.
Sāsnā

ସାସ୍ପିଡ୍ ଇନାମ୍—ପ୍ରାଦେ. (ଗଞ୍ଜାମ) ବ. (ଇଂ. ସସ୍‌ପେଣ୍ଡେଡ୍+ଫା. ଇନାମ୍)—(ଜଡିତଅ ସ୍ୱତ୍ୱ)—ଲଖରାଜ ବାଜ୍ୟାପ୍ତି—Resumed rent-free land.
Sāspid inām

ସାସ୍ର—ସଂ. ବଣ (ସ+ଅସ୍ର)—୧। ସାଶ୍ରୁ—1. Fearful. ୨। ରୋରୁଦ୍ୟମାନ—2. Crying. ୩। ସରକ୍ତ—3. With blood; bloody. ୪। କୋଣ ସହିତ—4. Angular.
Sāsra

ସାସ୍ରନୟନ—ସଂ. ବ ଓ ବଣ ପୁଂ—ସାଶ୍ରୁନୟନ (ଦେଖ)—Saśrunayana. (See)
Sāsranayana
(ସାସ୍ରନେତ୍ର, ସାସ୍ରଲୋଚନ—ଅନ୍ୟରୂପ)
[ସାସ୍ରନୟନା, ସାସ୍ରନେତ୍ରା, ସାସ୍ରଲୋଚନା—ସ୍ତ୍ରୀ. ବଣ]

ସାହ୍‌ଜାଦା—ବୈଦେ. ବ. ପୁଂ—ସାହାଜାଦା (ଦେଖ)—Sāhājādā. (See)
Sāh-jādā (ସାହ୍‌ଜାଦୀ—ସ୍ତ୍ରୀ)

ସାହ୍‌ଜାହାନ୍—ଦେ. ବ (ନାମ)—ସାହାଜାହାନ୍ (ଦେଖ)—Sāhājāhān. (See)
Sah-jāhān

ସାହ—ଦେ. ବ—ସାହା ୧।୨ (ଦେଖ)—Saha 1-2. (See)
Sāha

ସାହଙ୍କାର—ସଂ. ବଣ. ପୁଂ (ସ+ଅହଙ୍କାର)—ଅହଙ୍କାରଯୁକ୍ତ—Proud; arrogant.
Sāhankāra (ସାହଙ୍କାରା—ସ୍ତ୍ରୀ)

ସାହଚର୍ଯ୍ୟ—ସଂ. ବ (ସହଚର+ଭାବ. ଯ)—୧। ସଙ୍ଗ—1. Company. ୨। ସଂସ୍ରବ—2. Association. ୩। ସହଚରର ଭାବ—3. Companionship. ୪। ସହଗମନ—4. Accompaniment. ୫। ସମାନାଧିକରଣ୍ୟ; ଏକାଧିକରଣ ବୃତ୍ତି—5. The state of being together; juxtraposition.
Sāhacharjya

ସାହଜିକ—ସଂ. ବଣ (ସହଜ+ଇକ)—୧। ପ୍ରକୃତିଜାତ; ସ୍ୱାଭାବିକ—1. Natural. ୨। ସହଜାତ; ଜନ୍ମଗତ—2. Innate; in-born.
Sāhajika

ସାହସ—ସଂ. ବ (ସହସ୍=ବଳ+ଅ; ବଳଦ୍ୱାରା ନିର୍ବୃତ୍ତ କର୍ମ)—୧। ଅପରାଧର ଦଣ୍ଡ (ଅମର)—1. Punishment for offence. ୨। ଅର୍ଥଦଣ୍ଡ—2. Fine, [ଦ୍ର—ସ୍ମୃତିର ମତରେ ସାହସ ବା ଦଣ୍ଡ ୩ ପ୍ରକାରର ନିର୍ଦ୍ଦିଷ୍ଟ ଅଛି। ଯଥା—୧। ଉତ୍ତମ ସାହସ=୮୦ ପଣ ବା ସହସ୍ର ମୁଦ୍ରା, ୨। ମଧ୍ୟମ ସାହସ=ଏଥିର ଅର୍ଦ୍ଧେ, ୩। ଅଧମ ସାହସ=ଏଥିର ଅର୍ଦ୍ଧେ।] ୩। ବଳାତ୍କାର କୃତକାର୍ଯ୍ୟ (ମେଦିନୀ)—3. Any act done by the use of force. ୪। ଦୁଷ୍କୃତ କର୍ମ; ଅପରାଧ; ପାପ (ହେମଚନ୍ଦ୍ର)—4. Sin; offence. ୫। ଅବମୃଷ୍ୟକୃତ କାର୍ଯ୍ୟ (ହେମଚନ୍ଦ୍ର)—5. An act done without due deliberation; a rash act. ୬। ଦ୍ୱେଷ (ହେମଚନ୍ଦ୍ର)—6. Grudge; malice. ୭। ନରହତ୍ୟା, ଡକାଇତି ଓ ପରଦାରଗମନାଦି ବଳପ୍ରୟୋଗଯୁକ୍ତ ଅପରାଧ—7. Offences committed by the use of force or violencce (e. g. robbery, rape and murder etc). [ଦ୍ର—ଦ୍ରବ୍ୟସ୍ୱାମୀର ସମ୍ମୁଖରେ କୃତ୍ରିମୀ ଲୋକ ପର ଦ୍ରବ୍ୟକୁ ବଳପୂର୍ବକ ଛଡ଼ାଇନେବାର ନାମ ସାହସ; ମାତ୍ର ଦ୍ରବ୍ୟସ୍ୱାମୀର ଅସାକ୍ଷାତରେ ଦ୍ରବ୍ୟକୁ ଅପହରଣ କରିବା ଓ ଉକ୍ତ ଦ୍ରବ୍ୟକୁ ନେଇ ନ ମାନିବାର ନାମ ସ୍ତେୟ (ଚୋରି) ଅଟେ—ମନୁ ୮—୩୩୨।
Sāhasa

ରାଜା ସାହସିକ (ସାହସ ଅପରାଧକାରୀ) ବ୍ୟକ୍ତିକୁ ଅବଶ୍ୟ ଦଣ୍ଡ ଦେବେ, ଏମନ୍ତ କି, ଯେତେବେଳେ ସାହସିକମାନଙ୍କ କର୍ତ୍ତୃକ ବର୍ଣ୍ଣାଶ୍ରମୀମାନଙ୍କର ଧର୍ମାଚରଣରେ ପ୍ରତିବନ୍ଧକ ହୁଏ; ଦ୍ୱିଜାତୀୟ ବ୍ୟକ୍ତିମାନେ ଶସ୍ତ୍ରଧାରଣ କରି ସାହସିକଙ୍କୁ ହତ୍ୟା କଲେ ଦୋଷଭାଗୀ ହେବେ ନାହିଁ। ମନୁ—୮। ୩୪୪—୩୫୧।

ବଳପୂର୍ବକ କୃତ ଅପରାଧର ନାମ ସାହସ। ଏହି ଶ୍ରେଣୀର ଅପରାଧ ନାରଦୀୟ ସ୍ମୃତିଶାସ୍ତ୍ରରେ ପାଞ୍ଚଭାଗରେ ବିଭକ୍ତ। ଯଥା—ମନୁଷ୍ୟମାରଣ, ସ୍ତେୟ, ପରଦାରାଭିମର୍ଷଣ, ପାରୁଷ୍ୟ ଓ ଅନୃତ। ଏହି ଶ୍ରେଣୀର ଅପରାଧକୁ ପ୍ରମାଣିତ କରିବା ପାଇଁ ଦାସ, ସ୍ତ୍ରୀ, ଅନ୍ଧ, ବଧିର, କୃଷ୍ଣୀ, ବାଳକ, ବୃଦ୍ଧମାନେ

ମଧ୍ୟ ସାକ୍ଷ୍ୟ ଦେଇ ପାରନ୍ତି ।] ୮ । ନରହତ୍ୟା—8. Murder. ୯ । ବଳାତ୍କାରରେ ସ୍ତ୍ରୀ ରମଣ—9. Rape. ୧୦ । ବଳାତ୍କାରରେ ଦସ୍ୟୁତା; ପର ଦ୍ରବ୍ୟର ବଳପୂର୍ବକ ଅପହରଣ—10. Robbery; forcible removal of another's property; theft accompanied with the use or show of force. [ଦ୍ର—ଯାଜ୍ଞବଲ୍କ୍ୟ ଅନୁସାରେ ଯେଉଁ ବ୍ୟକ୍ତି 'ସାହସ' କରେ ତାହାର କୃତ ଦ୍ରବ୍ୟର ମୂଲ୍ୟର ଦୁଇଗୁଣ ଦଣ୍ଡ ଓ ଯେଉଁ ବ୍ୟକ୍ତି 'ସାହସ' କରି ଅପଳାପ କରେ ବା ଭୁଲି ଯାଏ ତାହାର କୃତ ଦ୍ରବ୍ୟର ମୂଲ୍ୟର ଚତୁର୍ଗୁଣ ଦଣ୍ଡର ବିଧାନ ଅଛି ।] ୧୧ । ଅବିବେଚନାର କର୍ମ—11. Rash act. ୧୨ । ଭୟରହିତ୍ୟ; ନିର୍ଭୀକତା—12. Fearlessness. ୧୩ । ଦମ୍ଭ; ହିକମ; ଶୌର୍ଯ୍ୟ—13. Courage; boldness. ୧୪ । ଅତ୍ୟାଚାର—14. Oppression; violence; outrage. ୧୫ । ଅନୌଚିତ୍ୟ—15. Impropriety. ୧୬ । ଧୃଷ୍ଟତା—16. Impertinence; rudeness. ୧୭ । ଅଗ୍ନି-ବିଶେଷ; ପାକଯଜ୍ଞରେ ସ୍ଥାପିତ ଅଗ୍ନି—17. Name of a consecrated fire invoked for cooking. [ଦ୍ର—ଯେଉଁ ଅଗ୍ନିଦ୍ୱାରା ହୋମାର୍ଥ ଚରୁ ପାକ ହୁଏ, ସେ ଅଗ୍ନିର ନାମ ସାହସ—ଶବ୍ଦକୋଷ ।]

ସାହସ କରି—ଦେ. କ୍ରି. ବିଣ—ନିର୍ଭୀକତା ସହିତ—
Sāhasa kari — Boldly; fearlessly.
সাহস করিয়া — साहस करके
ସାହସପୂର୍ବକ, ସାହସ ସହକାରେ, ସାହସ ସହିତ } —ଅନ୍ୟରୂପ

ସାହସ କରିବା—ଦେ. କ୍ରି—୧ । ବଳାତ୍କାର କରିବା—
Sāhasa kariba — 1. To use force or violence.
সাহস করা — साहस करना
୨ । ଦୁଃସାହସିକ କର୍ମ କରିବା; ଅବିମୃଷ୍ୟକାରିତା କରିବା—2. To act rashly; to take a bold step. (ଉ—ଖେଳାଳେଳା ଖଞ୍ଜନାକି କ ସାହସ କଲୁ ରେ—କବିସୂର୍ଯ୍ୟ ବଳୋଗ ଚମ୍ପୂ ଖ ଗୀତ ।) ୩ । ଦୁଃସାହସିକ କାର୍ଯ୍ୟରେ ହସ୍ତକ୍ଷେପ କରିବା—3. To undertake or aspire to do a bold act.

ସାହସ ଖଟିବା—ଦେ. କ୍ରି—ଯଥେଷ୍ଟ ସାହସ ମନରେ ଜାତ ହେବା—
Sāhasa khatiba — Having sufficient courage.
সাহস পাওয়া — साहस होना

ସାହସ ବାନ୍ଧିବା—ଦେ. କ୍ରି—୧ । ଦମ୍ଭ ଧରିବା; ଚିତ୍ତକୁ ଦୃଢ଼କରିବା-
Sāhasa bāndhiba — 1. To fortify one's
সাহস বান্ধা — साहस बांधना — mind with courage.
(ବାଳ ଭୁ ସାହସ ହୁଦେ ଅବେ ଦୁର୍ଗଶ୍ୱ—ରାଧାନାଥ. ବେଣୀସଂହାର ।) ୨ । ସାହସ ଅବଲମ୍ବନ କରିବା—2. To have or summon courage.

ସାହସା—ଦେ. ବି—ଦମ୍ଭ—Courage. (ଉ—ରଙ୍ଗରଣେ
Sāhasā — ପଣ୍ଡିତମନକସା, ତାର ମଦନେ ବଡ ସାହସା—
সাহস — साहस — ଉଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)
ବିଣ. ପୁଂ—ଅସମସାହସିକ—Fool-pardy.

ସାହସାଙ୍କ—ସଂ. ବି (ସାହସ=ଶୌର୍ଯ୍ୟ ଅଛେ ଅଙ୍କ=ଚିହ୍ନ ଯାହାର)—
Sāhasāṅka — ବିକ୍ରମାଦିତ୍ୟ ରାଜା (ଜଟାଧର)—King Bikramāditya.

ସାହସିକ—ସଂ. ବିଣ—୧ । ନିର୍ଭୀକ—1. Fearless. ୨ ।
Sāhasika — ଶୌର୍ଯ୍ୟଶୀଳ—2. Courageous; bold.
(ସାହସିକା—ସ୍ତ୍ରୀ) — ୩ । ବଳାତ୍କାର ଅପରାଧକାରୀ—3. Committing offence by the use of force ବି—ଯେଉଁ ବ୍ୟକ୍ତି ଦସ୍ୟୁତା, ପରଦାର, ନରହତ୍ୟାଦି ୫ଟି ଅପରାଧ କରେ—A person who commits any of the offences of murder, rape, robbery, rude speech and falsehood. [ଦ୍ର—ସ୍ମୃତିଶାସ୍ତ୍ର ଅନୁସାରେ ଦସ୍ୟୁ, ମନୁଷ୍ୟ ମାରକ, ପାରଦାରିକ, ପରୁଷବାଦୀ ଓ ଅନୃତବାଦୀ ବ୍ୟକ୍ତିମାନେ କୌଣସି ବିଷୟରେ ସାକ୍ଷୀରୂପେ ଗୃହୀତ ହେବେ ନାହିଁ । ବଳପୂର୍ବକ ଅନ୍ୟକୁ ମାଡ଼ ଦେବା ବା ହତ୍ୟା କରିବା, ଡକାୟତି, ବଳପୂର୍ବକ ସ୍ତ୍ରୀସମ୍ଭୋଗ, ବଳପୂର୍ବକ ପର କ୍ଷେତ୍ରାଧିକାର, ପର ସ୍ତ୍ରୀ ସଙ୍ଗମ ଏ ପାଞ୍ଚ ଅପରାଧକାରୀଙ୍କ ସାହସିକ ବୋଲିଯାଏ ।]

ସାହସିକତା—ସଂ. ବି (ସାହସିକ+ଭାବ. ତା)—ସାହସିକର ଭାବ ବା
Sāhasikatā — କାର୍ଯ୍ୟ—The act of a Sāhasika.
(ସାହସିକ୍ୟ—ଅନ୍ୟରୂପ)

ସାହସିବା—ଦେ. କ୍ରି. (ପଦ୍ୟ)—ସାହସ କରିବା—
Sāhasibā — To undertake to do a bold or
সাহস করা — साहस करना — forcible act.
[ଦ୍ର—ବୋଲଇ ଇନ୍ଦ୍ର କେବେ କପି, ସଂଗ୍ରାମ କରିବ ସାହସି—ଜଗନ୍ନାଥ. ଭାଗବତ ।]

ସାହସୀ—ସଂ. ବିଣ. ପୁଂ (ସାହସ+ଅସ୍ତି ଅର୍ଥରେ ଇନ୍; ୧ମା ୧ବ)—
Sāhasī — ୧ । ଶୌର୍ଯ୍ୟଶୀଳ—1. Courageous.
(ସାହସିନୀ—ସ୍ତ୍ରୀ) — ୨ । ନିର୍ଭୀକ—2. Bold; fearless;
(ସାହସିଆ—ଦେ. ରୂପ) — undaunted.

ସାହସ୍ର—ସଂ. ବି (ସହସ୍ର+ସମୂହାର୍ଥେ ଅ)—୧ । ବହୁ ସହସ୍ର;
Sāhasra — ସହସ୍ର ସମୂହ—1. Many thousands. ୨ । ସହସ୍ର ମାତ୍ର—2. A thousand only. ୩ । ସହସ୍ର ସେନାର ଅଧିନାୟକ—3. A commander of one thousand soldiers. ବିଣ—୧ । ସହସ୍ର ସମ୍ବନ୍ଧୀୟ—Relating to one thousand. ୨ । ସହସ୍ରସଂଖ୍ୟକ—2. Numbering one thousand. ୩ । ସହସ୍ର ସଂଖ୍ୟକ ବ୍ୟକ୍ତିଙ୍କ ସହାୟପ୍ରାପ୍ତ—3. Assisted or supported by one thousand persons.

୪ । ସହସ୍ର ସଂଖ୍ୟକ ମୁଦ୍ରାଦ୍ୱାରା କ୍ରୀତ—4. Purchased with a thousand coins. ୫ । ସହସ୍ର ଧନ ମୂଲ୍ୟ ପରିମିତ—5. Valued at one thousand coins; of the value of one thousand coins.

ସାହସ୍ରକ—ସଂ. ବିଣ (ସାହସ୍ର+କ)—ସହସ୍ର ସଂଖ୍ୟା ବିଶିଷ୍ଟ—
Sāhasraka Numbering a thousand.

ସାହସ୍ରିକ—ସଂ. ବିଣ (ସହସ୍ର+ଇକ)—ସହସ୍ର ସମ୍ବନ୍ଧୀୟ—
Sāhasrika Relating to a thousand. ବି,—ସହସ୍ର ଭାଗର ଏକଭାଗ (ବିଶ୍ୱକୋଷ)—One thousandth part.

ସାହା—ଦେ. ବି (ସଂ. ସାଧୁ)—୧ । ଶୁଣ୍ଡି ଓ ତେଲିଆଦି ବ୍ୟବସାୟୀଙ୍କର ବଂଶୋପାଧି—1. Family title of trading castes. ୨ । ବିହାରର ବୈଶ୍ୟ ଓ କାୟସ୍ଥମାନଙ୍କ ବଂଶୋପାଧି ବିଶେଷ—2. Family title of Kāyasthas and Baiśyas in Bihar. ୩ । ପୂର୍ବବଙ୍ଗରେ ବଣିକଜାତିର ବଂଶୋପାଧି ବିଶେଷ—3. A family title of a caste of traders in East Bengal. ୪ । (ସଂ. ସହାୟ) ଆଶ୍ରୟଦାତା—4. Refuge. [ଉ—ଝଡ଼ ବଡ଼ି ମଣ୍ଡଳରେ, ସାହା ହେବ ପ୍ରଜାକୁଳେ—ବାଳକୃଷ୍ଣ-ରଜାଧୁଅ 'ରଜାହିଁ ଅ'] ୫ । ସହାୟ—5. Help. [ଉ—ତୁମ୍ଭ କାହା ସାହାରେ ଯୁଧିଷ୍ଠିର ରଜା, ଧୃତରାଷ୍ଟ୍ର ପୁତ୍ରେ ଯୁଝିବା ବଲେ ମଜା—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।] ୬ । ସହାୟକାରୀ; ସାହାଯ୍ୟକାରୀ—6. Helper; supporter. [ଉ—ନ ଭାଙ୍ଗରେ ଶୁଭାଙ୍ଗୀ ଭରଣ ହୁଅ ସାହା—କବିସୂର୍ଯ୍ୟ. ବଂଶୋଗଚମ୍ପୂ. ୫ ଗୀତ ।] ୭ । (ସ. ଶ୍ୱାସ) ପ୍ରାଣବାୟୁ—7. Life-breath. ୮ । ଜୀବନୀଶକ୍ତି—8. Vital spark. ୯ । ପ୍ରାଣ—9. Life. [ଉ—ସଞ୍ଜକୁମୁଦ ସମ ହାସ ବିଳାସ, ଭୁ ସିନା ସାହା ରେ—କବିସୂର୍ଯ୍ୟ. ସଙ୍ଗୀତ ।] ୧୦ । ଆତ୍ମା—10. Soul. ୧୧ । (ସ. ଶାଖା) ଶାଖା—11. Branch. ୧୨ । (ସ. ସଖା) ବନ୍ଧୁ—12. Friend. ୧୩ । ଶଗଡ଼ର ଆଗ ଫଳ—13. The cross-bars put between the shafts of a bullock cart.

Sāhā
সাহা साहा
সাহায় साहाय
সহায় साहा
প্রাণ साँस
শাখা डाली
সখা सखा
মুখী বাতা कीला

ବୈଦେ. ବି (ଫା. ସାହ୍)—୧ । ରଜା—1. King. ୨ । ପାରସ୍ୟ ରଜାଙ୍କ ଉପାଧି—2. Saha; the title of the king of Persia. ୩ । ମୁସଲମାନମାନଙ୍କ ବଂଶୋପାଧିବିଶେଷ—3. A family title of the Mahomedans. ୪। ପ୍ରାଚୀନ ଭାରତର କେତେକ ମୁସଲମାନ୍ ରଜାଙ୍କ ବଂଶୋପାଧି—4. Family title of some Mahomedan kings of India. [ଦ୍ର—ଫାର୍ସୀ—'ଶାହ' ଶବ୍ଦରୁ 'ସାହା ଶବ୍ଦର ବ୍ୟବହାର ଭାଷାରେ ହୋଇଥିବା କଥା କେତେ ଲୋକ କହନ୍ତି । କିନ୍ତୁ ବଙ୍ଗଳା ବିଶ୍ୱକୋଷକାର ବହୁ ଗବେଷଣାଦ୍ୱାରା ସ୍ଥିର କରିଅଛନ୍ତି ଯେ ଫାର୍ସୀ ଭାଷାର ବ୍ୟବହାର ପୂର୍ବରୁ ଭାରତରେ 'ସାହ' ବା 'ସାହି' ଶବ୍ଦ ପ୍ରଚଳିତ ହୋଇଥିଲା । ଭାରତୀୟ ପ୍ରାଚୀନ ଶିଳାଲିପି ଓ ମୁଦ୍ରାଲିପିରେ ଗାନ୍ଧାର, ରାଜପୁତାନା, ପଞ୍ଜାବ ଓ ସୌରାଷ୍ଟ୍ରରେ 'ସାହ' ରାଜବଂଶର ଉଲ୍ଲେଖ ଅଛି । ମୁଦ୍ରାତତ୍ତ୍ୱବିଦ୍ ରାପ୍‌ସୋନ୍ ସାହେବ ମୁଦ୍ରାସମ୍ବନ୍ଧ ଆଲୋଚନା କରି ସ୍ଥିର କରିଅଛନ୍ତି ଯେ, ଖ୍ରୀଷ୍ଟପୂର୍ବ ୨୫ ଅବ୍ଦରୁ ମାମୁଦ୍‌ଗଜନୀଙ୍କ ଭାରତ ଆକ୍ରମଣ (ଖ୍ରୀଷ୍ଟାବ୍ଦ ୧୦୨୪) ପର୍ଯ୍ୟନ୍ତ 'ସାହି' ରଜାମାନେ ଗାନ୍ଧାରରେ ରାଜତ୍ୱ କରୁଥିଲେ । ମହାରାଜ ସମୁଦ୍ରଗୁପ୍ତଙ୍କ ଅଲ୍ଲାହାବାଦସ୍ଥ ସ୍ତମ୍ଭଲିପିରୁ ଜଣାପଡ଼େ ଯେ, ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀର 'ସାହି' ଓ 'ସାହାନୁସାହି' ରାଜବଂଶ ଭାରତରେ ପ୍ରବଳ ଥିଲେ ଓ ଏମାନଙ୍କୁ ଜୟ କରି ସମୁଦ୍ରଗୁପ୍ତ ଭାରତ ସମ୍ରାଟ୍ ହୋଇଥିଲେ । ମୁସଲମାନ୍ ବାଦ୍‌ସାହାମାନେ ଯେଉଁପରି ସାହା ଓ ସାହାନ୍‌ସାହା ଉପାଧିରେ ପରିଚିତ ହୋଇଥିଲେ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀଠାରୁ ଭାରତରେ ମହତ୍ତ୍ୱବ୍ୟଞ୍ଜକ 'ସାହାନୁସାହି' ଉପାଧିବିଶିଷ୍ଟ ରାଜବଂଶ ରାଜତ୍ୱ କରୁଥିଲେ ।] ୫ । (ଫା. ଶାଦି) ବିବାହ—5. Marriage. [ଦ୍ର—ଏହି ଶବ୍ଦ ବାହା ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ । ଯଥା—ବାହାସାହା=ବିବାହାଦି ।]

शाह साह
বিয়ে शादी

ସାହା ଆଲମ୍—ବୈଦେ. ବି (ନାମ)—ଦିଲ୍ଲୀର ଶେଷ ନାମ ମାତ୍ର ମୋଗଲ ସମ୍ରାଟ—The last nominal Moghul Emperor. [ଦ୍ର—ଏ ଦିଲ୍ଲୀର ଶେଷ ମୋଗଲ ସମ୍ରାଟ୍ ଥିଲେ । ଏ ଖ୍ରୀ. ୧୭୬୧ରେ ସମ୍ରାଟ ହୋଇଥିଲେ । ଏ ପ୍ରଥମେ ୧୭୬୪ରେ ଲର୍ଡ କ୍ଲାଇବଙ୍କ ଅମଳରେ ଇଂରାଜମାନଙ୍କଦ୍ୱାରା ପରାସ୍ତ ହୋଇ ମୋଗଲ ରାଜଧାନୀ ଦିଲ୍ଲୀ ପରିତ୍ୟାଗ କରି ଇଂରାଜଙ୍କଠାରୁ ବାର୍ଷିକ ୨୪ ଲକ୍ଷ ଟଙ୍କା ବୃତ୍ତି ପାଇ ନାମମାତ୍ର ସମ୍ରାଟ୍‌ରୂପେ ଅଲ୍ଲାହାବାଦରେ ଇଂରାଜମାନଙ୍କ ବାହୁଚ୍ଛାୟାରେ ବାସ କଲେ । ପରେ ସିନ୍ଧିଆ ଏହାଙ୍କ ବନ୍ଦୀ କରି ରଖିଥିଲେ । ଜଣେ ଅଫଗାନ୍ ଏହାଙ୍କ ଆଖି ଫୁଟାଇ ଦେଇଥିଲା । ଇଂରାଜମାନେ ୧୯୦୮ରେ ଏହାଙ୍କୁ କାରାମୁକ୍ତ କରି ପେନ୍‌ସନ ଦେଲେ । ଏହାଙ୍କ ଅମଳରେ ମୋଗଲ ରାଜ୍ୟର ଶେଷ ହେଲା ଓ ଇଂରାଜ ରାଜତ୍ୱ କ୍ରମେ ବିସ୍ତୃତ ଲାଭ କଲା ।]

Sāhā ālam
সাহা আলম
शाह आलम

ସାହା ଉଡ଼ିବା—ଦେ. କ୍ରି—୧ । ପ୍ରାଣ ଛାଡ଼ିଯିବା; ଦେହରୁ ପ୍ରାଣବାୟୁ ବହିର୍ଗତ ହେବା—1. The passing away of the life-breath from the body. ୨ । ପ୍ରାଣାନ୍ତକ କଷ୍ଟ ବା ପ୍ରାଣସଙ୍କଟ ଉପସ୍ଥିତ ହେବା; ହଂସା ଉଡ଼ିଯିବା—2. The state of a person who is about to die. ୩ । ଦେହତ୍ୟାଗ; ମୃତ୍ୟୁ ଘଟିବା—3. Dying.

Sāhā urḍibā
প্রাণ উড়া
साँस निकलना

ସାହାଁ—ପ୍ରାଦେ (ଉତ୍ତରଅଞ୍ଚଳ) ବି—ସାହାସ—
Sāhā̃ Courage; bravery.

ସାହାଁସେ—ପ୍ରାଦେ (ଲରଥ) କ୍ରି. ବିଣ—ଏକାଥରକେ—
Sāhā̃se All at once.

ସାହାକାର୍—ପ୍ରାଦେ (ସମ୍ବଲପୁର) ବି—୧ । ସାହୁକାର; ଉତ୍ତମର୍ଣ୍ଣ;
Sāhākār ମହାଜନ—1. Creditor. ୨ । ସୁଧଖିଆ—
2. An usurer.

ସାହା ଖର୍ଚ୍ଚି—ଦେ. ବିଣ—ଯାହାର ଅସୁବିଧା ରହିଁ ସେ ବ୍ୟୟ କରେ
Sāhā kharchi ନାହିଁ; ଅପବ୍ୟୟୀ—Prodigal; spend-
साखरचे thrift. (ଉ—ଲୋକଟା ବଡ଼ ସାହାଖର୍ଚ୍ଚି ଥିଲା ।
साहा खरची ଫକୀରମୋହନ· ଛମାଣ ଆଠଗୁଣ୍ଠ ।)
(ସାହା ଖରଚି, ସାହା ଖରଚିଆ—ଅନ୍ୟରୂପ)

ସାହାଜ—ଦେ ବି (ବୈଦ୍ୟକ) (ସଂ. ସର୍ଜ୍ଜ=ଅସନ ବା ଶାଳ
Sāhāja କାଠ)—ଏକପ୍ରକାର ଅରଣ୍ୟ ତରୁ—A sort of
शालकाठ hardy timber tree. [ଦ୍ର—ଏଥିର କାଠ ଶକ୍ତ
सलईकापेड ଥିବାରୁ ଏଥିରେ ଶଗଡ଼ ଦିଣ୍ଡାଅଦି ତିଆରି ହୁଏ ।
ଏହା ଅସନକାଠ ଶ୍ରେଣୀର ।]

ସାହାଜାଦା—ଦେଦେ. ବି, ପୁଂ (ଫା. ସାହ୍‌ଯାଦା)—ରାଜପୁତ୍ର—
Sāhājādā Prince; a king's son.
(ସାହାଜାଦୀ—ସ୍ତ୍ରୀ) साहाजादा शाहजादा

ସାହାଜାହାଁ—ଦେ. ବି (ନାମ) (ଫା. ଅକ୍ଷରିକ ଅର୍ଥ ଜଗତପତି)—
Sāhājahā̃ ଦିଲ୍ଲୀର ପଞ୍ଚମ ମୋଗଲ ସମ୍ରାଟ—Sāhjahān;
(ସାହାଜାହାନ୍—ଅନ୍ୟରୂପ) the fifth Moghul Emperor,
साहाजाहाँ of Delhi. [ଦ୍ର—ଏ ଅରଙ୍ଗଜେବଙ୍କ ପିତା,
शाहजहाँ ଜାହାଙ୍ଗୀରଙ୍କ ତୃତୀୟ ପୁତ୍ର ଓ ଅକବରଙ୍କ ପୌତ୍ର । ଜାହାଙ୍ଗୀରଙ୍କ ରାଜପୁତଜାତୀୟା ପତ୍ନୀ ଯୋଧବାଈଙ୍କ ଗର୍ଭରୁ ଏହାଙ୍କର ଜନ୍ମ । ଜାହାଙ୍ଗୀରଙ୍କ ପ୍ରିୟତମା ମହିଷୀ ନୁରଜାହାନଙ୍କ ଭାଇଙ୍କ କନ୍ୟା 'ମମତାଜମହଲଙ୍କ' ସଙ୍ଗେ ଏହାଙ୍କର ବିବାହ ହୋଇଥିଲା । ଜାହାଙ୍ଗୀରଙ୍କ ଜୀବଦ୍ଦଶାରେ ଏ ପିତାଙ୍କର ବିଦ୍ରୋହୀ ହୋଇ ବଙ୍ଗଦେଶ ଓ ଦାକ୍ଷିଣାତ୍ୟରେ ବାସ କରୁଥିଲେ ଓ ଜାହାଙ୍ଗୀରଙ୍କ ମୃତ୍ୟୁ ପରେ ଏ କୌଶଳକ୍ରମେ ୧୬୨୮ ସାଲରେ ଦିଲ୍ଲୀର ରାଜସିଂହାସନ ଅଧିକାର କଲେ ଏବଂ ଆପଣାର ଅଧିକାଂଶ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବଧ କରାଇ ଆପଣାର ଅଧିକାରକୁ ନିଷ୍କଣ୍ଟକ କରଥିଲେ । ଏହାଙ୍କର ପ୍ରଥମ ନାମ ଖୁରମ୍ ଥିଲା । ଏ ଜାହାଙ୍ଗୀରଙ୍କ ଅମଳରେ ଉଦୟପୁରର ରାଜାଙ୍କୁ ପରାଜିତ କରି ପିତାଙ୍କ ନିକଟରୁ 'ସାହାଜାହାନ୍' ଉପାଧି ପାଇଥିଲେ । ଏହାଙ୍କ ଦ୍ୱାରା ଦାକ୍ଷିଣାତ୍ୟର ବିଜୟନଗର ଓ ଗୋଲକୁଣ୍ଡା ରାଜ୍ୟ ଦୁଇଟି ମୋଗଲସାମ୍ରାଜ୍ୟଭୁକ୍ତ ହୋଇଥିଲା ।

ଏହାଙ୍କର ଚାରିପୁତ୍ର ମଧ୍ୟରୁ ତୃତୀୟପୁତ୍ର ଅରଙ୍ଗଜେବ୍ ଏହାଙ୍କର ପୀଡ଼ାବସ୍ଥାରେ ଏହାଙ୍କୁ ବନ୍ଦୀ କରି ଓ ଅନ୍ୟ ଭ୍ରାତାମାନଙ୍କୁ ପରାସ୍ତ କରି ୧୬୫୮ ମସିହାଠାରୁ ୧୬୬୫ ମସିହା ପର୍ଯ୍ୟନ୍ତ ପିତାଙ୍କ ନାମରେ ରାଜ୍ୟ ଚଳାଇଲେ ଓ ୧୬୬୬ ଅବ୍ଦରେ ଏହାଙ୍କର ମୃତ୍ୟୁ ପରେ ବଳେ ଅଲମ୍‌ଗୀର ଅର୍ଥାତ୍ "ଜଗଜ୍ଜୟୀ" ଉପାଧିଗ୍ରହଣ କରି ସମ୍ରାଟ୍ ହେଲେ । ଏହାଙ୍କର ସିଂହାସନାରୋହଣ ୧୬୨୮, ରାଜତ୍ୱ ୧୬୫୮ ପର୍ଯ୍ୟନ୍ତ ଓ ମୃତ୍ୟୁ ୧୬୬୬ ରେ ହୋଇଥିଲା ।

ସାହାଜାହାନ୍ ଅକବରଙ୍କ ସାମ୍ୟନୀତି ଅନୁସରଣ କରି ହିନ୍ଦୁ ମୁସଲମାନ୍‌ମାନଙ୍କୁ ସମାନ ଦୃଷ୍ଟିରେ ଚାହୁଁଥିଲେ । ଏ ଅତ୍ୟମ୍ବରପ୍ରିୟ ଥିଲେ ଏବଂ ୬ କୋଟି ଟଙ୍କା ବ୍ୟୟ କରି ତାତ୍କାଳୀନ ରାଜଧାନୀ ଅଗ୍ରାଠାରେ ମଣିମୁକ୍ତାଖଚିତ ଗୋଟିଏ ମୟୂରସିଂହାସନ ନିର୍ମାଣ କରାଇଥିଲେ । ଏହାଙ୍କ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ ଏହାଙ୍କ ମହିଷୀ ମମତାଜ୍-ମହଲ୍ ପରଲୋକ ଗମନ କରିବାରୁ ତାଙ୍କ ସ୍ମରଣାର୍ଥ ଏ କାରୁକାର୍ଯ୍ୟଖଚିତ ଜଗତରେ ଅତୁଳନୀୟ ଶ୍ୱେତମର୍ମର ପ୍ରସ୍ତରର ତାଜ୍‌ମହଲ୍ ନାମକ ଗୋଟିଏ ସମାଧି ଅଗ୍ରାଠାରେ ୩ କୋଟି ସାଢ଼େ ୧୭ ଲକ୍ଷ ମୁଦ୍ରା ବ୍ୟୟରେ ନିର୍ମାଣ କରାଇଥିଲେ । ଅଗ୍ରାଠାରେ ଗୋଟିଏ ମୋତିମସ୍‌ଜିଦ୍ ଓ ଦିଲ୍ଲୀଠାରେ ଜୁମା ମସ୍‌ଜିଦ୍ ଓ ରାଜପ୍ରାସାଦ ଓ ଦେୱାନ୍-ଇ-ଖାସ୍ ନାମକ ରାଜଦରବାର ମଣ୍ଡପ ଆଦି ବହୁଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଇଥିଲେ । ଏହି ସୌଧମାନଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ପର୍ଯ୍ୟନ୍ତ ବିରାଜିତ ଥାଇ ସମ୍ରାଟ୍‌ଙ୍କ ଜଗତରେ ସ୍ମୃତି ଓ କୀର୍ତ୍ତି ଘୋଷଣା କରୁଅଛି ।]

ସାହାଜାହାନ୍ ପୁର—ଦେ· ବି (ନାମ)—ଅଗ୍ରା ଏବଂ ଅଯୋଧ୍ୟା ଯୁକ୍ତ-
Sāhājāhān pura ପ୍ରଦେଶର ଗୋଟିଏ ନଗର—A town
(ସାହାଜାନ୍ ପୁର—ଅନ୍ୟରୂପ) in the United Provinces
साहाजाहान पुर of Agra and Oudh. [ଦ୍ର—ଏଠାରେ
शाहाजाहान पुर ଉତ୍କୃଷ୍ଟ ଦେଶୀ ବା ଅବଶୋଧିତ (Rum) ମଦ୍ୟ ପ୍ରସ୍ତୁତ ହୁଏ । ମୋଗଲ ବାଦଶାହା ସାହାଜାହାନଙ୍କ ନାମ ଅନୁସାରେ ଏହି ନଗରର ନାମକରଣ ହୋଇଅଛି ।]

ସାହାଜୀ—ଦେ. ବି (ନାମ)—ଶିବାଜୀଙ୍କ ପିତା—Father of
Sāhāji Sibāji. [ଦ୍ର—ଏ ବିଜାପୁର ସୁଲତାନଙ୍କ ଅଧୀନ ଜାଗିରଦାର
[ସାହାଜୀ ଭୋଁସଲେ—ଅନ୍ୟରୂପ] ଥିଲେ ଓ ତାଙ୍କଠାରୁ କେତେକ
साहाजी ଜାଗିର ପାଇଥିଲେ । ଏ ପୁତ୍ର ଶିବାଜୀଙ୍କୁ ଦାଦାଜୀ
सहाजी କୋଣ୍ଡଦେବ ନାମକ ଜଣେ ବ୍ରାହ୍ମଣଙ୍କ ଅଭିଭାବକତ୍ୱରେ ରଖିଥିଲେ । ଶିବାଜୀ ଦାଦାଜୀଙ୍କଠାରୁ ଯୁଦ୍ଧବିଦ୍ୟା ଶିଖିଥିଲେ । ପରେ ଶିବାଜୀ ବିଜାପୁରର ଅନେକଗୁଡ଼ିଏ ଦୁର୍ଗ ଦଖଲ କରିବାରୁ ବିଜାପୁରର ସୁଲତାନ ସାହାଜୀଙ୍କୁ ବନ୍ଦୀ କରିଥିଲେ । ଶିବାଜୀ ବିଜାପୁର ରାଜ୍ୟର ପ୍ରଧାନ ଶତ୍ରୁ ମୋଗଲ ବାଦସାହ ଅରଙ୍ଗଜେବଙ୍କ ସହିତ ସନ୍ଧି କରିବାରୁ ବିଜାପୁର ସୁଲତାନ ସାହାଜୀଙ୍କୁ ମୁକ୍ତ କରି ଦେଇଥିଲେ ।]

ସାହାଡ଼ା (ଇତ୍ୟାଦି)—ଦେ· ବି—ଶାହାଡ଼ା ଇତ୍ୟାଦି (ଦେଖ)
Sāhārdā (etc) Sāhārdā etc. (See)

ସାହାଡ଼ାପତରି - ଗ୍ରାବେ (ବାଲେଶ୍ୱର) ବି—ମତ୍ସ୍ୟବିଶେଷ—
Sāhārdāpatari A kind of fish.

ସାହାଡ଼(ଡ଼େ)ଈ—ଦେ ବି. ସ୍ତ୍ରୀ—(ସାହାଡ଼ା ଗଛରେ ପୂଜା ପାଉ-ଥିବାରୁ)—ସାହାଡ଼ା ଗଛରେ ପୂଜା ପାଉଥିବା ଗ୍ରାମଦେବତା। ବିଶେଷ—Name of a village Goddess worshipped in the trunk of a 'Sāhārdā' tree.
Sāhārdāi(rdei) সাওড়াদেবী साहाड़ादेवी

ସାହାଣ—ଦେ. ବି (ସଂ. ଶାଣ)—୧। ଶାଣ (ଦେଖ)—
Sāhāṇa Śāṇa (See) ୨। (ସଂ. ସାଧାରଣ) ଜନ୍ତୁସମୂହ—ଜୀବ ଜନ୍ତୁଙ୍କର ଦଳ; ପଲ—2. Horde of animals.
শাণ सान; দল, সারি झुंड
(ଉ—ଦେଖିଲେ ଗାଈଙ୍କ ଚରେଣ ଗଣି ସାହାଣେ—ରଘୁନାଥ ଦେବ ରାମାୟଣ।) ବିଣ—(ସଂ. ସାଧାରଣ) ସର୍ବସାଧାରଣଙ୍କ ପ୍ରବେଶ ଅଧିକାରଯୁକ୍ତ—Accessible to the public; open to the public. ଗ୍ରାବେ (ପୁରୀ) ବି—(ମୁଗୁର ଭାଜା ସମୟରେ ସାଥୁମାନଙ୍କ ବ୍ୟବହୃତ ଗଦା—ଏହା ଗଦା ସଙ୍ଗେ ସହିତର ରୂପେ ବ୍ୟବହୃତ ହୁଏ)—ବ୍ୟାୟାମକାରୀ ମଲ୍ଲ ଲୁହା ଗଦା ବୁଲାଇବା ଅଭ୍ୟାସ କଲାବେଳେ ଏକ ହାତରେ ଗଦା ଓ ଅନ୍ୟ ହାତରେ ଯେଉଁ ଲୁହାର ଲମ୍ବା ପଟା ଧରି ବୁଲାଏ—A long bit of flat iron held by a gymnast in one hand while exercising with an iron mace in the other. ଗ୍ରାବେ (ଗଡ଼ଜାତ) ବି—ଗୋରୁଙ୍କ ଧରିବା ଖୁରା ରୋଗବିଶେଷ—A kind of cattle disease. [ଦ୍ର—ଏଥିରେ ଦେହର ରୋମ ଠାକୁରେ; ଗୋରୁ ଶୋଇବା ସ୍ଥାନରୁ ଉଠି ପାରନ୍ତି ନାହିଁ; କଣ୍ଠ ମୂଳରେ ଅବୁ ଅର ବାହାରେ। ଏହାର ବେଶି ହେଲେ ଗୋରୁଙ୍କ ଦେହରେ ଚାରିଙ୍କ ଲୁହାରେ ଦାଗ ଦିଅନ୍ତି।]

ସାହାଣ କରିବା—ଦେ. କି (ସଂ. ଶାଣ)—ଯନ୍ତ୍ର ଅବଲୁ ଶାଣ ଦେବା ବା ପଚାଇବା; ଧାର କରିବା—To whet; to sharpen an instrument by whetstone.
Sāhāṇa kariba (ସାହାଣ ଦେବା—ଅନ୍ୟରୂପ)
শাণ দেওয়া सान करना

ସାହାଣ ଭଣ୍ଡାର—ଗ୍ରାବେ (ବାଲେଶ୍ୱର) ବି—ରାଜାଙ୍କର କୋଷାଗାର—
Sāhāṇa bhaṇḍāra King's treasury.

ସାହାଣ ପଥର—ଦେ. ବି—ଶାଣ ପଥର (ଦେଖ)
Sāhāṇa pathara Śāṇa pathara (See)
শাণ পাথর सान पथर

ସାହାଣ ମେଲା—ଦେ. ବି—ଜଗନ୍ନାଥଙ୍କ ଦେଉଳରେ ଯେଉଁ ସମୟରେ ଜଗନ୍ନାଥଙ୍କ ସାନ୍ନିଧ୍ୟକୁ ଯାଇ ସର୍ବସାଧାରଣ ଯାତ୍ରୀ ଦର୍ଶନ କରି ପାରନ୍ତି—The time when the inner shrine of the Idol Jagannātha of Puri is open to the public.
Sāhāṇā melā

ସାହାଣା—ଦେ. ବି—ଗୋରୁଙ୍କ ଦେହର ଓ ମୁହର ଫୁଲା ରୋଗ—
Sāhāṇā A cattle disease.
सँहा

ସାହାନି—ବୈଦେ. ବି (ଫା. ସାହାନାହ୍ =ଗ୍ରାମର ରକ୍ଷକ)—୧। ଖଣ୍ଡାୟତ ଓ ଶୂଦ୍ରମାନଙ୍କର ବଂଶୋପାଧିବିଶେଷ—1. A family title of Khaṇḍayatas and Sūdras. ୨। ଅଶ୍ୱରକ୍ଷକ; ସହିସ—2. Groom; the keeper of a horse.
Sāhāni সাহানী সহিস साईस

ସାହାନ୍ ସାହା—ବୈଦେ. ବି (ଫା. ସାହାନ୍‌ସାହ୍)—ରାଜାଧିରାଜ; ସମ୍ରାଟ—
Sāhān sāhā A king of kings; an emperor.
সাহান সাহা साहन साह

ସାହାନା—ବୈଦେ. ବି (ଫା. ସହାନାହ୍)—ଅର୍ଦ୍ଧରାତ୍ରିରେ ଗୀତ ହେବା ସ୍ୱରବିଶେଷ—Name of a musical tune suitable to be sung at midnight.
Sāhānā সাহানা शहाना
ଗ୍ରାବେ (ଭଦ୍ରଖ) ବି—ସଣ୍ଡାସି—Tongs.

ସାହାପକ୍ଷ—ଗ୍ରାବେ (ଭଦ୍ରଖ) ବିଣ—ସାହାପକ୍ଷ (ଦେଖ)
Sahāpakh Sāhāpaksha (See).

ସାହାପକ୍ଷ—ଗ୍ରା. ବି (ସଂ. ସପକ୍ଷ; ସହାୟ+ପକ୍ଷ)—ସହାୟ—Help.
Sāhāpaksha (ଉ—ତୋର କଷ୍ଟ ବେଳେ ସାହାପକ୍ଷ ଅଛ—ମୁଁ ଜାଣେ ତୁମ୍ଭଙ୍କ ସାହାପକ୍ଷ।)
সহায় सहाय
সপক্ষ सापत्त ବିଣ—୧। ଅନୁକୂଳ—1. Favourably disposed. ୨। ସହାୟକାରୀ—2. Helping. [ଦ୍ର—ଅପାରଭୋଜ ସାହାପକ୍ଷ, ଭଜିଲେ ଯାହା ଦେଉଛେ ମୋକ୍ଷ। ପ୍ରାଚୀ କବି ବ୍ରଜନାଥ ସ୍ୱାମୀ]

ସାହାପତି—ଗ୍ରା. ବି—ସାହାପକ୍ଷ (ଦେଖ)—
Sāhāpati Sāhāpaksha (See)
সহায় साहाय

ସାହାପୁରି—ଦେ. ବି—ବଜାରରେ ବିକ୍ରି ହେଉଥିବା ଏକପ୍ରକାର ଗୁଆ—
Sāhāpuri A sort of betel nut sold in the market.
সাহাপুরী साहापुरि

ସାହା ପୁରୁଷ—ଦେ. ବି—୧। ଜୀବାତ୍ମା—1. Life (personified).
Sāhā purusha (ଯଥା—ମୋ ସାହାପୁରୁଷ ଉଡ଼ିଗଲା) ୨। ପ୍ରାଣ-
সাহাপুরুষ साहापुरुष ବାୟୁ—2. The breath of life. ୩। ପ୍ରେତାତ୍ମା—3. Ghost. (ଯଥା—ତୁ ମଲେ ତୋ ସାହାପୁରୁଷ ଏଠାରେ ରହିବ।)

ସାହାବ(ଇତ୍ୟାଦ)—ବୈଦେ. ବି—ସାହେବ ଇତ୍ୟାଦି (ଦେଖ)—
Sāhaba (etc) Sāheba etc (see)

ସାହାବନ୍ତ—ଦେ. ବିଣ—ସାହାଯ୍ୟକାରୀ—Supporting; helping; assisting. [ଉ—ପାଣ୍ଡୁସୁତମାନଙ୍କ ହେବାରୁ ସାହାବନ୍ତ। କୃଷ୍ଣସିଂହ ମହାଭାରତ. ଉଦ୍ଯୋଗ]
Sāhābanta সাহায্যকারী सहायक

ସାହା ବଳ—ଦେ, ବି (ସହଚର ଶବ୍ଦ; ସଂ ସହାୟ ଓ ବଳ)—ସହାୟ
Sāhā bala ଓ ବଳ—Support and strength. (ଯଥା
সহায়সাপক্ষ सहायबल ମୋର ସାହାବଳ କେହି ନାହିଁ)

ସାହା ଭରସା—ଦେ, ବି (ସହଚର ଶବ୍ଦ; ସଂ. ସହାୟ ଓ ଭରସା)—
Sāhā bharasā ସହାୟ ଓ ଆଶା—Help and hope.
আশাভরসা सहायभरोसा (ଯଥା—ମୋର କେହି ସାହାଭରସା ନାହିଁ)

ସାହାଭୂତ—ଦେ. ବଣ (ସଂ ସହାୟଭୂତ)—ସଜୀବ ରୂପେ ଉପଗତ—
Sāhābhūta Personified. [ଉ—ତସର ପୁଣ ସାହାଭୂତ
সহায়ভূত सहायभूत ସଂପର୍ଶରେ, ଯାଇଣ ଭେଟିଲେଟି କୃଷ୍ଣଙ୍କ ଦେହରେ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ]

ସାହାୟ—ଗ୍ରା, ବି (ସଂ. ସହାୟ)—ସହାୟ (ଦେଖ)
Sāhāva সহায় साहाय Sahāya (See)

ସାହାଯକ—ସଂ. ବି (ସହାୟ+ଉକ ବା କର୍ମାର୍ଥେ କ)—
Sāhāyaka ୧ । ସହାୟତା (ଉତ୍କଳୋକ୍ତ)—1. Help; support. ୨ । ଅନୁକୂଲ୍ୟ—2 Favour.

ସାହାଯ୍ୟ—ସଂ. ବି (ସହାୟ+ଯ)—୧ । ସହାୟତା—1. Help;
Sāhājya aid; assistance. ୨ । ଅନୁକୂଲ୍ୟ—
সাহায্য 2. Favour. ଦେ. ବି—ସ୍କୁଲ ଆଦି ଚଳାଇବା ପାଇଁ
साहाय्य ସରକାରରୁ ମିଳିବା ଅର୍ଥ—Grant-in-aid or stipend given to a school or other institution from public funds.

ସାହାଯ୍ୟ କରିବା—ଦେ. କ୍ରି - ସହାୟତା କରିବା—
Sāhājya kariba To help; to assist.
সাহায্য করা साहाय्य करना

ସାହାଯ୍ୟ କୃତ—ଦେ. ବି—ସାହାଯ୍ୟ ପ୍ରାପ୍ତ (ଦେଖ)
Sāhājya kṛuta Sāhājya prāpta (See)
সাহায্য কৃত साहाय्य कृत

ସାହାଯ୍ୟ ଦାତା—ଦେ. ବଣ. ପୁଂ—ଯେ ସାହାଯ୍ୟ କରେ—
Sāhājya dātā Helping; assisting.
(ସାହାଯ୍ୟ ଦାତ୍ରୀ—ସ୍ତ୍ରୀ) সাহায্য দাতা साहाय्य देने वाला

ସାହାଯ୍ୟ ଦାନ—ସଂ. ବି—ସାହାଯ୍ୟ କରଣ —
Sāhājya dāna Rendering of help.

ସାହାଯ୍ୟ ଦେବା—ଦେ. କ୍ରି—ସାହାଯ୍ୟ କରିବା—
Sāhājya debā To help; to assist.
সাহায্য দেওয়া साहाय्य देना

ସାହାଯ୍ୟ ପ୍ରାପ୍ତ—ଦେ. ବଣ—(ଗଭର୍ଣ୍ଣମେଣ୍ଟଙ୍କଠାରୁ) ଅର୍ଥ-ସାହାଯ୍ୟ
Sāhājya prāpta ପାଇଥିବା (ସ୍କୁଲ ଆଦି)—
(ସାହାଯ୍ୟ ପ୍ରାପ୍ତି—ବି) Aided (by the government).
সাহায্য প্রাপ্ত साहाय्य प्राप्त

ସାହାଯ୍ୟ ପ୍ରାର୍ଥନା(ଭିକ୍ଷା)—ସଂ. ବି—ଅନ୍ୟଠାରୁ ସାହାଯ୍ୟ ଲୋଡ଼ିବା-
Sāhājya prārthanā(bhikshā) Asking for help.

ସାହାଯ୍ୟ ପ୍ରାର୍ଥୀ—ସଂ ବଣ - ସାହାଯ୍ୟ ଲୋଡ଼ୁଥିବା (ବ୍ୟକ୍ତି)—
Sāhājya prārthi Seeking help; soliciting help.
(ସାହାଯ୍ୟ ପ୍ରାର୍ଥିନୀ—ସ୍ତ୍ରୀ) (ସାହାଯ୍ୟ ପ୍ରକାଶୀ—ଦେ, ରୂପ)

ସାହାଯ୍ୟ ଲାଭ—ସଂ. ବି—ସହାୟତାର ପ୍ରାପ୍ତି—
Sāhājya lābha Getting of help.

ସାହାର—ଦେ. ବି (ସଂ. ସହକାର)—ସହକାର; ଉତ୍କୃଷ୍ଟ ଓ ସୁବାସିତ
Sāhāra ଆମ୍ବ—A sweet flavoured and excellent
সহকার सहकार kind of mango.

ସାହାରଣ(ନ)ପୁର—ଦେ. ବି (ନାମ)—ଯୁକ୍ତ ପ୍ରଦେଶର ଗୋଟିଏ
Sahāraṇa(na)pura ନଗର ଓ ଜିଲ୍ଲା—Name of a
সাহারণপুর district and town in the United
सहारनपुर Province of India.

ସାହାରା—ବୈଦେ. ବି (ନାମ)—ଅଫ୍ରିକାର ମଧ୍ୟବର୍ତ୍ତୀ ମରୁଭୂମି—
Sāhārā The Sāhārā desert of Africa. [ବି—
সাহারা ଏହା ଅଫ୍ରିକା ମହାଦେଶର ଉତ୍ତର ପଶ୍ଚିମରେ ଅବ-
साहारा ସ୍ଥିତ । ଏହା ପୃଥିବୀରେ ସବୁଠାରୁ ବଡ଼ ମରୁଭୂମି । ଏହାର ଦୈର୍ଘ୍ୟ ୨-ହଜାର ମାଇଲ୍ ଓ ପ୍ରସ୍ଥ ହଜାରେ ମାଇଲ୍ ।

ସାହାଳ—ଦେ. ବି—ଚିଲିକାର ଏକପ୍ରକାର ମାଛ—
Sāhāla A kind of fish (of the Chilka lake).

ସାହାଲି—ଦେ. ବି (ସଂ. ଶାଳ; ସାଲ=ଗୃହ; ଶ୍ରେଣୀ)—ଗୃହର
Sāhālā ଶ୍ରେଣୀ; ଧାଡ଼ି—A row of houses. [ଉ—
সারি মহল ବଡ଼େ ନର ହରପୁର ଶାସନ ମୁଣ୍ଡ ସାହାଲି ଘରକୁ ଛାଡ଼ ପଶ୍ଚିମ ପାଟେ କଦମ୍ବ ମୂଳରେ ବଳଦେବଙ୍କ ପୂଜା-ପିଣ୍ଡି ବା ମଣ୍ଡପ—ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ସାହାଲି ସାହାଲି ହୋଇ ବସିବା—ପ୍ରାଦେ. (ପାଟଣା ବଲାଙ୍ଗିର) କ୍ରି—
Sāhālā sāhālā hoi basibā ଧାଡ଼ି ଧାଡ଼ି ହୋଇ ବସିବା—
To sit in rows.

ସାହାଲିଆ—ଦେ, ବଣ—ସାହାଲି ବା ଶ୍ରେଣୀବିଶିଷ୍ଟ; ଶ୍ରେଣୀବଦ୍ଧ—
Sāhālia সারি বান্ধা महलका Arranged in rows.
[ଯଥା—ଭଲ ସାହାଲିଆ ଘର ।]

ସାହାସ—ଗ୍ରା. ବି—୧ । (ସଂ ସାହସ)—ସାହସ (ଦେଖ)—
Sāhāsa Sāhasa (See) [ଉ—ସାହାସକୁ ଥିବା ଧନ
সাহস साहस ଗୋ; ଛାର ଦୁର୍ବଳତା ଅସିଲେ ପାଖକୁ ଉଡ଼ିବ ଯେ ଉଠା ମାର ଗୋ—ବାଳକୃଷ୍ଣ. ଗୃହୁଲିବଙ୍କରତା ।]
কষ্ট ୨ । ପୀଡ଼ା—2. Pang; pain. [ଉ—ତାର ଯାହା
क्लेश ସାହା ସାହାସ କାମର ହରି ଉତ୍ସବ ବଢ଼ାଇବି—ଭଞ୍ଜ.
শ্বাস, হাঁপানী ପ୍ରେମସୁଧାନିଧି ।] ୩ । (ସଂ, ଶ୍ୱାସ) ଶ୍ୱାସ
साँस (ଦେଖ)—3. Swāsa (See) ପ୍ରାଦେ. (ଗଞ୍ଜାମ) ବି—ନସ୍ତ ବା ତାସ ଖେଳରେ ଜଣେ ଖେଳାଳି ହାତରେ ରଜା ସାଙ୍ଗ ସଙ୍ଗେ ନଅଲି ବା ଦୁଇ ଥିଲେ ଓ ଅନ୍ୟ ଖେଳାଳି ହାତରେ ମନ୍ତ୍ରୀ ଓ ଦହଲା ଥିଲେ ନଅ ବା ଦୁଇକୁ ଜସ କରି ଖେଳିବା ଏବଂ ଉକ୍ତ ସାରଠାରୁ ୨ଟି ପାଇଣା ଥିବା ସାରକୁ ଖେଳିବା—A position in the game of cards when a player plays

to win the 9 pointed card of his adversary.

ସାହାସ ଉଡ଼ିବା—ଦେ. କ୍ରି (ସଂ. ଶ୍ୱାସ)—୧ । ଊର୍ଦ୍ଧ୍ୱଶ୍ୱାସ ହେବା; Sāhāsa urdibā ଦେଦମ୍ ହେବା—1. Being out of হাঁপিয়ে পড়া breath. ୨ । ଧୈର୍ଯ୍ୟଚ୍ୟୁତ ହେବା; ଅଧୀର साँस उड़ना ହେବା—2. Becoming impatient; losing patience. (ସାହାସ ଉଡ଼ିବା—ଅନ୍ୟରୂପ) [ଉ—ସେତେ ବଡ଼ ସର୍ପ ହୋଇ ଜଳରେ ବୁଡ଼ଇ । ଦେଖି ଶଶିସେଣା ବାଳୀ ସାହାସ ଉଡ଼ଇ—ପ୍ରଭାପ, ଶଶିସେଣା ।] ୩ । କିଂକର୍ତ୍ତବ୍ୟବିମୂଢ଼ ହେବା—3. Being bewildered. ୪ । କିଂସାହ ହେବା—4. Losing courage. ୫ । ହଂସା ଉଡ଼ିବା; ପ୍ରାଣାନ୍ତକ ଅବସ୍ଥାରେ ପଡ଼ିବା—5. To be at the last extremity.

ସାହାସ କରିବା—ଦେ କ୍ରି—ସାହସ କରିବା (ଦେଖ)—Sāhāsa karibā Sāhasa karibā (See) সাহস করা साहस करना

ସାହାସ ବାନ୍ଧିବା—ଦେ. କ୍ରି—ସାହସ ବାନ୍ଧିବା (ଦେଖ)—Sahasa Sāhāsa bāndhibā bāndhibā (See) [ଉ—ଏହା ଶୁଣି সাহাস বান্ধা ସାହାସ ବାନ୍ଧି ଉଠିବାଯାଏ ହାତରେ ଧରି ଖ୍ରାସ ଖ୍ରାନ୍ତ—साहस बान्धना ମାଜଙ୍କ ହାତୀ ଉପରକୁ ଉଠିଗଲେ—ଗାଳକଣ୍ଠ. ସିଦ୍ଧଙ୍କ ମହାଭାରତ ।]

ସାହାସ ମୁଣ୍ଡି—ପ୍ରାଦେ (ଉଡ଼ିଯାତ) ବ—ଶଗଡ଼ର ଝୁମ୍ବ ବା ଜୁଆଳର Sāhāsa mundi ମଝିରେ ଦଉଡ଼ିରେ ବନ୍ଧା ହୋଇଥିବା ଦୁଇ ଦଣ୍ଡାର ଅଗ୍ର; ଝୁମ୍ବରତ—The two front ends of the two beams of a bullock cart which are joined together at the tapering point.

ସାହାସ ମଲ(ଲ୍ଲ)—ଦେ. ବ (ସଂ. ସାହସ ଓ ମଲ୍ଲ)—ସାସମଲ Sāhāsa mala(lla) (ଦେଖ)—Sasamala (See) সাসমল सासमल

ସାହାସା—ଦେ. ଵଣ. ପୁଂ—୧ । ସାହାସିକ (ଦେଖ)—1. Sāhāsika Sāhāsā (ସାହାସିଆ—ଅନ୍ୟରୂପ) (See) সাহসী ୨ । ଅବମୃଶ୍ୟକାରୀ—2. Rash. ୩ । ଦୁଃସାହସିକ साहसी (ସାହାସୀ, ସାହାସେଇ—ସ୍ତ୍ରୀ) 3. Foolhardy. হাঁপো রোগী साँसी ୪ । ଶ୍ୱାସରୋଗାକ୍ରାନ୍ତ—4. Asthmatic. झूठा মিথ্যাবাদী ୫ । ମିଥ୍ୟାବାଦୀ—5. Liar; lying.

ସାହାସିବା—ଦେ· କ୍ରି (ସଂ· ଶ୍ୱାସ)—୧ । ପରିଶ୍ରମାଦି ଯୋଗୁଁ ଊର୍ଦ୍ଧ୍ୱଶ୍ୱାସ Sāhāsibā ହେବା—1. To pant for breath owing হাঁপিয়ে পড়া to excessive labour. ୨ । ଶ୍ୱାସରୋଧଯୁକ୍ତ हकमना ହେବା—2. To gasp. ୩ । (ସଂ· ଶୁଷ୍ ଧାତୁ) শুকিয়ে ফেটে যাওয়া (ଜମି ଅଦି) ଶୁଷ୍କଳ ବା କର୍କଶ ହେବା—सूखना 3. (land) To become very dry. [ପଥା—ଖରା ଖରାରେ ଜମି ସାହାସି ଯାଇଥିଲା ବୋଲି ୩।୪ ଅସ୍ରା ବର୍ଷା ହୋଇ ମଧ୍ୟ ଭୁଇଁ ପାଣିଯାକ ସବୁ ଶୋଷି ନେଲା ।]

ସାହାସୀ—ଗ୍ରା. ଵଣ ପୁଂ ଓ ସ୍ତ୍ରୀ (ସଂ. ସାହସୀ)—ସାହସିକ (ଦେଖ)—Sāhāsi সাহসী साहसी Sāhasika (See)

ସାହାସୁଜା—ବୈଦେ. ବ (ନାମ)—ଅଫଗାନ ସ୍ଥାନର ଜଣେ ଅମୀର—Sāhāsujā Name of an Ameer of Afghanistan. সাহাসুজা [ଉ—ଏହାଙ୍କ ଦୋସ୍ତ ମହମ୍ମଦ୍ ସିଂହାସନରୁ ତଡ଼ି साहसूजा ଦେବାରୁ ଏ ଭାରତକୁ ଆସି ଇଂରେଜମାନଙ୍କର ଶରଣ ପଶିଲେ । ଭାରତର ଗଭର୍ଣ୍ଣର ଜେନେରାଲ୍ ଲର୍ଡ୍ ଅକ୍‌ଲଣ୍ଡ୍ ଏହାଙ୍କୁ ସାହାଯ୍ୟ ଦେଇ ୧୮୩୦ ସାଲରେ ଅଫଗାନ ସ୍ଥାନର ସିଂହାସନରେ ବସାଇଲେ; କିନ୍ତୁ ପ୍ରଜାମାନେ ମେଳ କରି ଏହାଙ୍କୁ ୧୮୪୨ ସାଲରେ ହତ୍ୟା କଲେ ଓ ତତପରେ ଦୋସ୍ତ ମହମ୍ମଦ୍ ଇଂରେଜମାନଙ୍କ ସଙ୍ଗେ ସନ୍ଧି କରି କାବୁଲର ଅମୀର ହେଲେ ।]

ସାହାସେଇବା—ଦେ. କ୍ରି—ସାହାସିବା (ଦେଖ) Sāhāseibā Sāhāsibā. (See)

ସାହାସ୍ତର—ପ୍ରାଦେ (ସମ୍ବଲପୁର)—ଶାସ୍ତ୍ର (ଦେଖ) Sāhāstara Śāstra. (See)

ସାହାସ୍ତ୍ର(ସ୍ର)—ଗ୍ରା· ବ (ସଂ. ଶାସ୍ତ୍ର)—୧ । ଶାସ୍ତ୍ର (ଦେଖ) Sāhāstra(sra) শাস্ত্র शास्तर 1. Śāstra (See) প্রিয় বচন ୨ । କୌଣସି ବ୍ୟକ୍ତିର କଥିତ ବା ଉକ୍ତ ପ୍ରିୟ प्रिय बात ବଚନ—2. An often quoted saying or passage uttered by a person.

ସାହାସ୍ର ପୁରାଣ—ଗ୍ରା. ବ (ସମାହାର ଶବ୍ଦ)—୧ । ଶାସ୍ତ୍ର ଓ ପୁରାଣ—Sāhāsra purāna 1. Scriptures and mythology. শাস্ত্র পুরাণ ୨ । ଧର୍ମ ଗ୍ରନ୍ଥମାନ—2. Religious tracts. शास्तर पुराण

ସାହାସ୍ର ବଚନ—ଗ୍ରା· ବ—ଶାସ୍ତ୍ର ବଚନ—Sayings or passages from scriptures. Sāhāsra bachana শাস্ত্র বচন शास्तर बचन

ସାହି—ପ୍ରାଦେ (ଗଡ଼ଜାତ) ବ—୧ । ମସୀ; କାଳି—Sāhi 1. Writing ink. ୨ । ଝିଙ୍କ (ତୁଳ. ହି. ସାହୀ)—2. Porcupine. ଗ୍ରା. ବ ଓ ଵଣ (ସଂ. ସହାୟ)—ସାହିଥ (ଦେଖ) Sāhia (See)

ଦେ. ବ ସାଇ ଇତ୍ୟାଦି (ଦେଖ) Sāi etc. (See)

ସାହିଥ—ଗ୍ରା ବ (ସଂ. ସହାୟ)—ସାହାଯ୍ୟ; ସହାୟ—Sāhia সহায় सहाय Help; support. ଵଣ—ସହାୟକ—Helping; assisting.

ସାହିଆ—ଦେ. ଵଣ—ସାଇଆ (ଦେଖ) Sāhia পাড়ার टोलावाला Sāiā (See)

ସାହିତ୍ୟ—ସଂ. ବ (ସହିତ+ଭାବ.ଯ)—୧ । ସଙ୍ଗ—1. Company Sāhitya ୨। ସଂସର୍ଗ—2. Association. ୩ । ସାହାଯ୍ୟ—3. Help. ୪ । ଏକତ୍ର ମିଳନ—4. Meeting. ୫ । ପରସ୍ପରର ସାପେକ୍ଷ ବହୁ ଶବ୍ଦର ଏକ କ୍ରିୟାନ୍ୱୟିତ୍ୱ

—5. The state of many words governing or being governed by the same verb. (ଉଦାହରଣ—ଧନ ଦେବ ପଳାଶ ଛେଦନ କର—ଏଠାରେ ସାହିତ୍ୟ ହୋଇଅଛି।) ୬। (ସମ୍—ସମ୍ୟକ୍+ହିତ+ଅ; ଜନ୍ମା ସହିତ+ଯ)—ଶବ୍ଦ ଶାସ୍ତ୍ର, କାବ୍ୟ, ନାଟକ, ଅଳଙ୍କାର ପ୍ରଭୃତି—6. Literature, belles lettres. [ଦ୍ର—ଏକ ମନୁଷ୍ୟର ବା ଏକ ସମାଜର ମନୋଗତ ଭାବକୁ ଅନ୍ୟ ବ୍ୟକ୍ତିର ବା ଅନ୍ୟ ସମାଜର ହୃଦୟଙ୍ଗମ କରିବା ପାଇଁ ଭାଷାକୁ ପ୍ରୟୋଗ କରାଗଲେ ତାହାକୁ ସାହିତ୍ୟ ବୋଲି ଯାଏ।] ୭। ଅନ୍ୟ ଲୋକ ବୁଝି ପାରିବା ଭଳି ଲିଖିତ ଭାଷାରେ ବ୍ୟକ୍ତ କରାଯିବା ମାନବର ବ୍ୟକ୍ତିଗତ ବା ଜାତୀୟ ଚିନ୍ତା—7. Literature; thoughts of a person or a group of persons when reduced to writing for the purpose of being understood or appreciated by others. [ଦ୍ର—ମନୁଷ୍ୟର ମନର ଭାବ ବା ଚିନ୍ତା ଅନ୍ୟ ବ୍ୟକ୍ତି ନିକଟରେ ମୁଖର 'ଭାଷା' ଦ୍ୱାରା ବ୍ୟକ୍ତ କରାଯାଏ ଓ ସେହି ଚିନ୍ତା ଯେତେବେଳେ ଲିଖିତ ଆକାରରେ ବ୍ୟକ୍ତ କରାଯାଏ ତାହା ସାହିତ୍ୟ ନାମ ଧାରଣ କରେ। ମନୁଷ୍ୟର ମନର ଭାବ ଯେତେ ଅଧିକ ବିସ୍ତୃତ ହୋଇଅଛି 'ସାହିତ୍ୟ' ମଧ୍ୟ ସେହି ସେହି ବିଷୟକୁ ଅଧିକାର କରିଅଛି। ଧର୍ମଶାସ୍ତ୍ର, କର୍ମ ଶାସ୍ତ୍ର, ଯୋଗ ଶାସ୍ତ୍ର, ବିଜ୍ଞାନ, ଦର୍ଶନ, ଇତିହାସ ଗଣିତ, ଜ୍ୟୋତିଷ ଇତ୍ୟାଦି 'ସାହିତ୍ୟର' ସୀମା ମଧ୍ୟରେ। ସାହିତ୍ୟ ସାଧାରଣତଃ ଦୁଇଟି ଆକାରରେ ଦେଖାଯାଏ, ଯଥା—ଗଦ୍ୟ ଓ ପଦ୍ୟ। ପଦ୍ୟ ପରି ଗଦ୍ୟ ସାହିତ୍ୟର ରଚନାରେ ମଧ୍ୟ କଳା ବା ଚାତୁରୀ ପ୍ରୟୋଗ କରାଯାଏ। କିନ୍ତୁ ଯେଉଁ ସାହିତ୍ୟରେ କଳା ବା ଚାତୁରୀ (ଯଥା—କଳ୍ପନା ଚାତୁରୀ, ଛନ୍ଦ ଚାତୁରୀ, ଛନ୍ଦୋବନ୍ଧନ ଚାତୁରୀ, ଅଳଙ୍କାର ଚାତୁରୀ ବ୍ୟାକରଣ ପ୍ରୟୋଗ) ସ୍ପଷ୍ଟ ରୂପେ ପ୍ରକାଶମାନ ହୁଏ ତାହାକୁ 'ବିଶୁଦ୍ଧ ସାହିତ୍ୟ' ବା ଉଚ୍ଚ ଶ୍ରେଣୀର ସାହିତ୍ୟ ବୋଲାଯାଏ। ଭିନ୍ନ ଭିନ୍ନ ଅଙ୍ଗ, ପ୍ରତ୍ୟଙ୍ଗ, ଶ୍ରେଣୀ, ଉପଶ୍ରେଣୀ, ଭାଗ, ବିଭାଗ, ଦେଶ ଅନୁସାରେ ସାହିତ୍ୟ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଏ। ଯଥା—ଧର୍ମ ସାହିତ୍ୟ, ଐତିହାସିକ ସାହିତ୍ୟ, ଜାତୀୟ ସାହିତ୍ୟ (ଏକ ଜାତିର ବା ସମାଜର ବିଶେଷତ୍ୱ ଜ୍ଞାପକ ସାହିତ୍ୟ), ବିଶୁଦ୍ଧ ସାହିତ୍ୟ, (କାବ୍ୟ, ଅଳଙ୍କାର ଆଦି କଳାଯୁକ୍ତ ସାହିତ୍ୟ), ବିଜ୍ଞାନ ସାହିତ୍ୟ (ଯହିଁରେ ବିଜ୍ଞାନର ଚର୍ଚ୍ଚା ହୋଇଥାଏ), ଉଚ୍ଚ ସାହିତ୍ୟ (କଳା, ଚାତୁରୀ ଓ କଳ୍ପନା ପ୍ରସୂତ ସାହିତ୍ୟ), ଲୌକିକ ସାହିତ୍ୟ (ଇତର ଲୋକସମାଜରେ ଚଳିତ ବିଷୟମାନ ଯେଉଁ ସାହିତ୍ୟରେ ଉପନିବଦ୍ଧ ହୋଇଥାଏ। ଯଥା—ଢଗ, କାହାଣୀ, ପ୍ରବଚନ, ଲୌକିକ ଗୀତ ଆଦି), ଉତ୍କଳ ସାହିତ୍ୟ ବା ଓଡ଼ିଆ ସାହିତ୍ୟ (ଉତ୍କଳ ପ୍ରଦେଶର ଭାଷା ବିଷୟକ ସାହିତ୍ୟ। ଏହିପରି ବଙ୍ଗୀୟ ସାହିତ୍ୟ ଇଂରାଜୀ ସାହିତ୍ୟ ଆଦି ହୁଏ), ଲଘୁ ସାହିତ୍ୟ (ସୁକୁମାର ଶିଶୁ ଆଦିଙ୍କ ଉପଯୋଗୀ ସାହିତ୍ୟ ଓ ଯହିଁରେ କଳ୍ପନା ଶକ୍ତିର ବିଶେଷ ଖେଳା ନ ଥାଏ। ଯଥା—ଶିଶୁ ସଙ୍ଗୀତ, ଗାଳ୍ପ ବଚନ ଆଦି)। ଭାରତରେ ସଂସ୍କୃତ ବିଦ୍ୟା ଗୁରୁ ଦ୍ୱାରା ବର୍ତ୍ତମାନ ସାହିତ୍ୟ କହିଲେ କାବ୍ୟ, ବ୍ୟାକରଣ, ଅଳଙ୍କାର, ଦର୍ଶନ, ପୁରାଣ, ଇତିହାସ, ଗଣିତ, ଆୟୁର୍ବେଦ, ଜ୍ୟୋତିଷ ବିଦ୍ୟା ପ୍ରଭୃତି ସକଳ ପ୍ରକାର ଶାସ୍ତ୍ର ବୁଝି ଯାଏ।]

ସାହିତ୍ୟ ଚର୍ଚ୍ଚା—ସଂ. ବି—ସାହିତ୍ୟ ସମ୍ବନ୍ଧେ ଆଲୋଚନା—
Sāhitya charchchā Pursuit of literature.

ସାହିତ୍ୟ ଦର୍ପଣ—ସଂ. ବି—ପ୍ରାଚୀନ ଉତ୍କଳର ରାଜା ପୁରୁଷୋତ୍ତମ-
Sahitya darpaṇa ଦେବଙ୍କ ରାଜସଭାର ଓଡ଼ିଆ ପଣ୍ଡିତ ବିଶ୍ୱନାଥ ମହାପାତ୍ରଙ୍କ କୃତ ସମଗ୍ର ଭାରତ ପ୍ରସିଦ୍ଧ ସଂସ୍କୃତ ଅଳଙ୍କାର ଶାସ୍ତ୍ର ବିଶେଷ—A book on rhetoric written by the Oriya Pandit Biśwānatha Mahāpātra of the court of King Purushottama Deba, of ancient Orissa. [ଦ୍ର—ଏହା ସଂସ୍କୃତ ସାହିତ୍ୟରେ ସଂସ୍କୃତ ଅଳଙ୍କାର ସମ୍ବନ୍ଧେ ଗୋଟିଏ ପ୍ରାମାଣିକ ଗ୍ରନ୍ଥରୂପେ ଗୃହୀତ।]

ସାହିତ୍ୟ ଦର୍ପଣକାର—ଦେ. ବି (ନାମ)—ସାହିତ୍ୟଦର୍ପଣ ନାମକ
Sāhitya darpaṇakāra ଅଳଙ୍କାର ଗ୍ରନ୍ଥର ପ୍ରଣେତା କବିରାଜ ବିଶ୍ୱନାଥ ମହାପାତ୍ର—Author of Sahitya darpaṇa, Biśwanātha Mahāpātra.

ସାହିତ୍ୟ ପରିଷଦ୍—ସଂ. ବି—ଯେଉଁ ସଭାରେ ସାହିତ୍ୟ ଚର୍ଚ୍ଚା ହୁଏ
Sāhitya parishad —Literary society.
[ସାହିତ୍ୟ ସଭା, ସାହିତ୍ୟ ସମାଜ, ସାହିତ୍ୟ ସଂଘ—ଅନ୍ୟରୂପ।]

ସାହିତ୍ୟ ବିଶାରଦ—ସଂ. ବି ଓ ବିଣ ପୁଂ-ପଣ୍ଡିତଙ୍କୁ ପ୍ରଦତ୍ତ ଉପାଧି ବିଶେଷ;
Sāhitya biśārada ସାହିତ୍ୟରେ ଧୁରନ୍ଧର ବ୍ୟକ୍ତି—A title
[ସାହିତ୍ୟବିଶାରଦା—ସ୍ତ୍ରୀ] given to exceptionally proficient persons in literature.

ସାହିତ୍ୟ ଭକ୍ତ—ସଂ. ବି (୬ଷ୍ଠୀ ତତ୍)—ଯେଉଁ ବ୍ୟକ୍ତି ସାହିତ୍ୟ ପ୍ରତି
Sāhitya bhakta ଅନୁରକ୍ତ—A votary of literature.

ସାହିତ୍ୟ ଭଣ୍ଡାର—ସଂ. ବି (୬ଷ୍ଠୀ ତତ୍ ବା ରୂପକ)—ଭଣ୍ଡାର
Sāhitya bhaṇḍāra ସଙ୍ଗେ ତୁଳନୀୟ ସାହିତ୍ୟ—
Literature compard to a storehouse.

ସାହିତ୍ୟ ରଥୀ—ସଂ. ବି (ଆଧୁନିକ ପ୍ରୟୋଗ; ସାହିତ୍ୟରେ ଯୋଦ୍ଧା-
Sahitya rathī ସ୍ୱରୂପ)—ସାହିତ୍ୟ ଓ ରଚନା ଆଦିରେ ନିପୁଣ
[ସାହିତ୍ୟ ସମ୍ରାଟ—ଅନ୍ୟରୂପ] ବ୍ୟକ୍ତି; ସାହିତ୍ୟ ସେବକମାନଙ୍କ
ସାହିତ୍ୟରଥୀ ମଧ୍ୟରେ ପ୍ରଧାନ ବ୍ୟକ୍ତି—A person versed in
सा हत्यरथी literature; an authority in literary matters.

ସାହିତ୍ୟ ସମାଜ—ସଂ. ବି—ଯେଉଁ ସଭାରେ ସାହିତ୍ୟଚର୍ଚ୍ଚା କରିବା ନିମନ୍ତେ ନିୟମିତ
Sāhitya samāja ଅଧିବେଶନମାନ ହୁଏ—Literary society. [ଦ୍ର—ଉତ୍କଳ ସାହିତ୍ୟ ସମାଜ କଟକରେ ୩୭ ବର୍ଷ ହେଲା ଅନୁଷ୍ଠିତ । କଟକ ଟାଉନ୍‌ହଲ୍ ନିକଟସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ଏହାର ଅଧିବେଶନ ହୁଏ ।]

ସାହିତ୍ୟ ସେବକ—ସଂ. ବି ଓ ବିଣ. ପୁଂ (୬ଷ୍ଠୀ ତତ୍; ଅଧୁନିକ
Sāhitya sebaka ପ୍ରୟୋଗ)—୧ । ସାହିତ୍ୟ ଚର୍ଚ୍ଚାରେ
[ସାହିତ୍ୟ ସେବିକା—ସ୍ତ୍ରୀ] ସର୍ବଦା ଅନୁରକ୍ତ (ବ୍ୟକ୍ତି)—1. (A
সাহিত্য সেবক per·on) Who has devoted his life
साहित्य सेवक to the service of literature. ୨ । କାବ୍ୟ; ନାଟକାଦିର ରଚୟିତା—2. An author of books of literary merit.

ସାହିତ୍ୟ ସେବା—ସଂ. ବି (୬ଷ୍ଠୀ ତତ୍)—ନିଷ୍ଠା ସହକାରେ ସାହିତ୍ୟ
Sāhitya sebā ଚର୍ଚ୍ଚା—Service of literature.

ସାହିତ୍ୟ ସେବୀ—ସଂ. ବି ଓ ବିଣ. ପୁଂ—ସାହିତ୍ୟ ସେବକ (ଦେଖ)
Sāhitya sebī Sāhitya seb·ka. (See)
সাহিত্যসেবী ଦେ. ବିଣ ଓ ବି—(ବ୍ୟଙ୍ଗ; ଅହିଫେନସେବୀ,
साहित्यसेवी ମାଦକସେବୀ ଆଦି ଶବ୍ଦରେ 'ସେବୀ' ଶବ୍ଦର ବ୍ୟବହାରର ସୂଚନାରୁ) ସାହିତ୍ୟ ସେବା ଯାହାଙ୍କ ପକ୍ଷରେ ବ୍ୟସନରେ ବା ଦୁର୍ଗୁଣରେ ପରିଣତ ହୋଇଅଛି—(ironical) An addict to literature.

ସାହିତ୍ୟାକାଶ—ସଂ. ବି (ରୂପକ; ସାହିତ୍ୟ + ଆକାଶ)—ଆକାଶ ସଙ୍ଗେ
Sāhityākāśa ତୁଳନୀୟ ସାହିତ୍ୟ—Literature compared to the firmament.

ସାହିତ୍ୟାଧ୍ୟାପକ—ସଂ. ବି (ଅଧୁନିକ ବ୍ୟବହାର)—ସାହିତ୍ୟ ବା କାବ୍ୟ
Sāhityādhyāpaka ଶାସ୍ତ୍ରର ଶିକ୍ଷାଦାତା—A professor or teacher of literature.

ସାହିତ୍ୟାନୁରକ୍ତ—ସଂ. ବିଣ. ପୁଂ (୨ୟା ବା ୭ମୀ ତତ୍)—ସାହିତ୍ୟ-
Sāhityānurakta ଚର୍ଚ୍ଚାରେ ଅନୁରକ୍ତ—Devoted to
(ସାହିତ୍ୟାନୁରକ୍ତା—ସ୍ତ୍ରୀ) literature.

ସାହିତ୍ୟାନୁରାଗ—ସଂ. ବି (୪ର୍ଥୀ ବା ୭ମୀ ତତ୍)—ସାହିତ୍ୟ ଚର୍ଚ୍ଚା
Sāhityānurāga ପ୍ରତି ପ୍ରଗାଢ଼ ସ୍ନେହ—Attachment
[ସାହିତ୍ୟାନୁରକ୍ତି—ଅନ୍ୟରୂପ] for literature.
(ସାହିତ୍ୟାନୁରାଗୀ—ବିଣ. ପୁଂ, ସାହିତ୍ୟାନୁରାଗିଣୀ—ବିଣ. ସ୍ତ୍ରୀ)

ସାହିତ୍ୟାମୋଦ—ସଂ. ବି (ମ. ପ. ଲୋ)—ସାହିତ୍ୟ ଚର୍ଚ୍ଚାରୁ ଜାତ
Sāhityāmoda ଆନନ୍ଦ—Joy derived from the pur-
(ସାହିତ୍ୟାମୋଦୀ—ବିଣ) suit of literature.

ସାହିତ୍ୟାଲୋଚନା—ସଂ. ବି (୬ଷ୍ଠୀ ତତ୍)—ସାହିତ୍ୟ ଚର୍ଚ୍ଚା (ଦେଖ)
Sāhityālochanā Sāhitya charchchā (See)

ସାହିତ୍ୟିକ—ସଂ. ବିଣ (ସାହିତ୍ୟ + ଇକ)—ସାହିତ୍ୟ ସମ୍ବନ୍ଧୀୟ—
Sāhityika Literary. (ବି ଓ ବିଣ; ଜ୍ଞାତାର୍ଥେ + ଇକ) ସାହିତ୍ୟ
(ସାହିତ୍ୟିକା—ସ୍ତ୍ରୀ) ସେବକ (ଦେଖ)—Sāhitya sebaka.

ସାହି ପଡ଼ଶି (ପଡ଼ିଶା, ପଡ଼ୁଶି, ପଡ଼ୋଶ)—ଦେ. ବି (ପୁଂ ଓ ସ୍ତ୍ରୀ)—
Sāhi pardasi(pardiśā, pard·śi, pard·śa) ସାଇ-ପଡ଼ିଶା (ଦେଖ)—Sāipardiśā (See).
[ସାହିପଡ଼(ଡୁ,ଡୋ)ଶୁଣୀ—ସ୍ତ୍ରୀ] পাড়া পড়শি टोला पडोसा

ସାହିବ(ଇତ୍ୟାଦି)—ବୈଦେ. ବି. ପୁଂ—ସାହେବ ଇତ୍ୟାଦି (ଦେଖ)
Sāhiba (etc) (ସାହିବାଣୀ—ସ୍ତ୍ରୀ) Sāheba etc (See).

ସାହିବାଲା—ଦେ. ବିଣ—ସାଇବାଲା (ଦେଖ)
Sāhibālā Sāi bālā (See).
(ସାହିବୁଆଳ—ଅନ୍ୟରୂପ) (ସାହିବାଲୀ—ସ୍ତ୍ରୀ)
পাড়ার লোক टोला वाला

ସାହି ଭାଇ—ଦେ. ବି—ସାଇଭାଇ (ଦେଖ)
Sāhi bhāi Sāibhāi [See].

ସାହି ଭେଣ୍ଡା—ଦେ. ବି (୬ଷ୍ଠୀ ତତ୍)—ସାଇଭେଣ୍ଡା (ଦେଖ)
Sāhi bhendā Sāibhendā [See].
(ସାହିଭେଣ୍ଡିଆ, ସାହିତୁଅକ, ସାହିଜବାନ—ଅନ୍ୟରୂପ)

ସାହି ମୁଣ୍ଡ—ଦେ. ବି—ସାଇ ମୁଣ୍ଡ (ଦେଖ)
Sāhi munda Sāi munda (See).

ସାହିମୁଣ୍ଡିଆ—ଦେ. ବିଣ—ସାଇମୁଣ୍ଡିଆ (ଦେଖ)
Sāhimundiā Sāimundiā (See).

ସାହି ମେଳ—ଦେ. ବି—ସାଇମେଳ (ଦେଖ)
Sāhi meḷa Sāi meḷa (See).

ସାହି ମେଳା—ଦେ. ବି—୧ । ସାହିବାଲାମାନଙ୍କର ବୈଠକ—
Sāhi meḷā 1. A meeting of the in-
পাড়ার বৈঠক टोलेका मेला habitants of a Sāhi.
୨ । ସାହିବାଲାମାନଙ୍କର ମଉଚ୍ଛବ—2. A dinner of the combined 'Sāhibālās'

ସାହି ମେଳି—ଦେ. ବି—ସାହିବାଲାମାନଙ୍କର ଏକତ୍ର ସମ୍ମିଳିତ ଷଡ଼ଯନ୍ତ୍ର-
Sāhi meḷi A combination of the 'Sāhi-
পাড়ার মেলি टोलेके मेली bālās'
(ସାହିମେଳିଆ—ବିଣ)

ସାହିଯ(ଯ୍ୟ)—ଗ୍ରା. ବି (ସଂ. ସାହାଯ୍ୟ)—ସାହାଯ୍ୟ (ଦେଖ)
Sāhija(jya) Sāhājya (See)
সাহায্য साहाज्य

ସାହୁ—ଦେ. ବି. ପୁଂ (ସଂ. ସାଧୁ)—୧ । ମହାଜନ; ବଣିକ—
Sāhu 1. A trader; a merchant. ୨ । ଋଣଦାତା;
(ସାହୁଅଣୀ—ସ୍ତ୍ରୀ) ଉତ୍ତମର୍ଣ୍ଣ—2. A lender; a money-
মহাজন lender; creditor. (ଉ—ଧନ ଦରବ ନେଲା
महाजन ସାହୁ, ପ୍ରାଣ ନେଲା ମାଣ୍ଡିଆ ସାହୁ—ଢଗ ।) ୩ । ବଣିଜ, ପାଟରା, ତେଲି, ଗୁଡ଼ିଆ, ଶୂଦ୍ର, ଖୋଡ଼ିଆ, ଶୁଣ୍ଡି, ମାସ୍ତାନବ୍ରାହ୍ମଣ ଆଦିଙ୍କର ବଂଶୋପାଧି ବିଶେଷ—
সাহু 3. A family title of goldsmiths, oilmen,
साहु confectioners, Śūdras, Māstāna Brāhmaṇas etc. ୪ । (ନାମ) ଶମ୍ଭୁଙ୍କ ପୁତ୍ର; ଶିବାଜିଙ୍କ

ମୃତ୍ୟୁପରେ ମରହଟ୍ଟାମାନଙ୍କର ଦ୍ୱିତୀୟ ରଜା—2. Name of the 2nd king of the Marhattas. [ବି—ଏହାଙ୍କର ରାଜଧାନୀ 'ସାତାରା' ଥିଲା । ଏ ଅରଙ୍ଗ୍‌ଜେବ୍ ବାଦ୍‌ସାହାଙ୍କ କବଳରେ ଥିଲେ, କିନ୍ତୁ ଅରଙ୍ଗ୍‌ଜେବଙ୍କ ମୃତ୍ୟୁ ପରେ ନିଜ ଦେଶକୁ ଫେରି ଆସି ଖ୍ରୀ: ୧୭୦୮ ଠାରୁ ରାଜତ୍ୱ କଲେ । ଏ ଅତି ଦୁର୍ବଳ ରଜା ଥିଲେ ଓ ଏହାଙ୍କର 'ପେଶବା' ଉପାଧିଧାରୀ ବାଲାଜୀବାଜି ରାଓ ମନ୍ତ୍ରୀ ଏହାଙ୍କ ନାମରେ ରାଜ୍ୟ ଶାସନ କରି ରାଜ୍ୟର ସର୍ବମୟ କର୍ତ୍ତା ହୋଇଥିଲେ । 'ସାହୁ' ୧୭୪୮ ସାଲରେ ପ୍ରାଣତ୍ୟାଗ କରିଥିଲେ ।] ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି—ମୂଲିଆର ଗାଉଁଡ଼ ବା ସ୍ୱାମୀ—The master under whom a day-labourer works.

ସାହୁ କରିବା—ଦେ. କି—ମହାଜନଠାରୁ ଧନ କରଜ କରିବା—Sāhu karibā To borrow money from a money-lender.
ধার করা मह्राजन करना

ସାହୁକାର—ଦେ. ବି. ପୁଂ—୧ । ଋଣଦାତା; ମହାଜନ; ଉତ୍ତମର୍ଣ୍ଣ—Sāhukāra 1. A moneylender; creditor; usurer.
(ସାହୁକାରିଆଣୀ—ସ୍ତ୍ରୀ) ୨ । ବାଣିଜ୍ୟାଦିର ମୂଳଧନୀ-ସାଉକାର साहुकार ଧନୀ; ଶେଠ—2. A capitalist.

ସାହୁକାରି—ଦେ. ବି—ସାହୁକାର ପଣ; ମହାଜନି—Sāhukāri Usury; moneylending.
সাউকারি साहुकारी

ସାହୁକାରିଆ—ଦେ. ବିଣ—ସାହୁକାର ସମ୍ବନ୍ଧୀୟ—Sāhukāriā Relating to Sāhukāra.
সাউকারী साहुकारका

ସାହୁ ଖାତକ—ଦେ. ବି (ବିପରୀତାର୍ଥକ ଦ୍ୱନ୍ଦ୍ୱ)—ଉତ୍ତମର୍ଣ୍ଣ ଓ ଅଧମର୍ଣ୍ଣ—Sāhu khātaka Creditor and debtor.
মহাজন খাতক महाजन खदुका

ସାହୁ ଖାତକି—ଦେ. ବି—ସାହୁପଣ ଓ ଖାତକପଣ; ସାହୁ ଓ ଖାତକ ମଧ୍ୟରେ ଥିବା ସମ୍ପର୍କ—The relation-ship between a creditor and debtor. ବିଣ—ସାହୁ ଖାତକିଆ (ଦେଖ) Sāhu khātakiā (See)
Sāhu khātaki
খাতক মহাজন
खदुका महाजनी

ସାହୁ ଖାତକିଆ—ଦେ. ବିଣ—ସାହୁ ଓ ଖାତକ ସମ୍ବନ୍ଧୀୟ—Sāhu khātakiā Relating to a creditor and debtor.
খাতক মহাজনি महाजन खदुकाका

ସାହୁଘର କରିବା—ଦେ. କି—ସାହୁ କରିବା (ଦେଖ) Sāhu ghara karibā Sāhu karibā (See)

ସାହୁଜି—ଦେ. ବି—୧ । ସାହୁ ଉପାଧିଧାରୀ ବ୍ୟକ୍ତିଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ—1. A term of respect address-ed to a person having the title of 'Sāhu.' ୨ । ମହାଜନ ବା ଋଣଦାତାଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ—2. A term of respect addressed to a creditor. ୩ । ସାହୁ ୪ (ଦେଖ)—4. Sāhu (See)
Sāhuji
সাহুজী (সাহু মহাশয়)
মহাজনজী
সাহুজী
साहुजी

ସାହୁ ପତିଆରା—ଦେ. ବି-ଖାତକର ଧାରିଥିବା ଟଙ୍କା ସୁଝିବାକୁ କ୍ଷମତାଥିବା ବିଷୟରେ ସାହୁର ମନରେ ଥିବା ବିଶ୍ୱାସ—The credit of a debtor in the eyes of his creditor. ବିଣ—ଖାତକର ଯେଉଁ ପଦାର୍ଥ ଥିବାରୁ ଖାତକର ଦେଣା ସୁଝିବାର କ୍ଷମତା ସମ୍ବନ୍ଧେ ମହାଜନ ନିଶ୍ଚିନ୍ତ ଥାଏ—(anything) Which being in possession of the debtor produces credit in the eyes of the creditor. [ବି—ବାଣ୍ଡରେ କବାଟ ବାଡ଼ରେ ଛାଟି, ସାହୁ ପତିଆରା ହିଁଅ ଦଉଟି—ଢଗ ।]
Sāhu patiārā
মহাজনের প্রত্যয়
महाजन बिश्वास

ସାହୁ ବାହ୍ମଣ - ପ୍ରାଦେ. (ଗଞ୍ଜାମ) ବି—ଏକ ଜାତୀୟ ମାସ୍ତାନ ବାହ୍ମଣ-A class of Brāhmaṇas who trade on silk cloths (in Ganjam). [ବି—ଏମାନେ ପଠା ଓ ପାଟ ଲୁଗା ବେପାର କରି ଜୀବିକା ନିର୍ବାହ କରନ୍ତି ।]
Sāhu bāhmuṇa
[ସାହୁ ବ୍ରାହ୍ମ(ହ୍ମ)ଣ—ଅପଭ୍ରଂଶ]

ସାହୁ ମ(ମା)ହାଜନ—ଦେ. ବି (ଏକାର୍ଥକ ଦ୍ୱନ୍ଦ୍ୱ)—୧ । ଋଣଦାତା; ଉତ୍ତମର୍ଣ୍ଣ—1. Creditor. ୨ । ବଣିକ—2. A trader; merchant.
Sāhu ma(mā)hājana
সাহু মহাজন
साहु महाजन

ସାହେନ—ପ୍ରାଦେ. (ଭଦ୍ରକ) ବି. ସ୍ତ୍ରୀ—ସାହୁକାର ସ୍ତ୍ରୀ—Sāhen The wife of a sāhukāra.

ସାହେବ—ବୈଦେ. ବି. ପୁଂ (ଅ. ସାହିବ୍=ସମ୍ଭ୍ରାନ୍ତ ବ୍ୟକ୍ତି)—୧ । ସମ୍ଭ୍ରାନ୍ତ ବଂଶଜ; ସମ୍ମାନନୀୟ ବ୍ୟକ୍ତି—1. A respec-table person; a man of position. [ବି—କବେ ଓଷର ଓଳି ଅବୁଲ୍ଲା ସାହେବ ଗାଜୀ ଗାର ଚାର୍ ହୋଇ ଶୋଭିଥିଲେ—ଫକୀରମୋହନ. ଛ ମାଣ ଅଠ ଗୁଣ ।] ୨ । ସମ୍ମାନସୂଚକ ଉପାଧି ବା ସମ୍ବୋଧନ; (ଯଥା—ମହାଶୟ)—2. A term of respect used in addressing a respectable person. ୩ । ସମ୍ଭ୍ରାନ୍ତ ମୁସଲମାନ ମାନଙ୍କ ପ୍ରତି ସମ୍ବୋଧନ—3. A term of respect addressed to a respectable Mahomedan. [ଯଥା—ମୌଲବୀ ସାହେବ; ହକିମ୍ ସାହେବ ।] ୪ । ଇଉରୋପୀୟ ଓ ଇଉରେସୀୟମାନଙ୍କର ସାଧାରଣ ଉପାଧି-4. A distinguishing term used for Europeans and Eurasians. [ଯଥା—ପାଦ୍ରୀ ସାହେବ, ଫିରିଙ୍ଗୀ ସାହେବ, କଳା ସାହେବ ।] ୫ । ଉଚ୍ଚ ରାଜକର୍ମଚାରୀ ବା ଶାସନକର୍ତ୍ତାଙ୍କ ପ୍ରତି ସମ୍ବୋଧନ—5. A term of respect used to a high official. [ଯଥା—ଦାରୋଗା ସାହେବ, ବାବୁଜୀ ସାହେବ, ସୁବା ସାହେବ ଇତ୍ୟାଦି ।] ୬ । ମୁସଲମାନ
Sāheba
সাহেব
साहब
ସାହେବାଣୀ } ସ୍ତ୍ରୀ
ସାହେବାଣୀ

କାଇଦା ବା ଶିଷ୍ଟାଚାର ଅନୁସାରେ କୌଣସି ଭଦ୍ରବ୍ୟକ୍ତି ବା ବନ୍ଧୁବାନ୍ଧବଙ୍କୁ ସ୍ନେହ ବା ସମ୍ମାନସୂଚକ ସମ୍ବୋଧନ—6. A term of endearment or respect addressed to any gentlemen or friend. [ଯଥା—ଭାଇ ସାହେବ, ବାବୁ ସାହେବ ।] ୭। ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଭାରତୀୟ ହିନ୍ଦୁମାନଙ୍କୁ ଦଆଯିବା ଉପାଧିର (ଯଥା—ରାଏ ସାହେବ, ରାଓସାହେବ, ରାଜା ସାହେବ, ମହାରାଜା ସାହେବ) ଓ ମୁସଲମାନମାନଙ୍କୁ ଦଆଯିବା ଉପାଧିର (ଖାଁ ସାହେବ, ସର୍ଦାର ସାହେବର) ଶେଷ ପଦ—7. The last term of some of the honorific titles given by the British Government to Indian Hindus and Mahomedans. [ଦ୍ର—ଏହା 'ବାହାଦୁର' ଉପାଧିର ନିମ୍ନତର ଉପାଧି ।] ୮। (ଅବ୍ୟୟ, ସମ୍ବୋଧନ) ହେ ମହାଶୟ; ହେ ମାନନୀୟ ମହାଶୟ—8. (Interjection) Sir ! Respectable Sir ! [ଦ୍ର—ସାହେବ ଶବ୍ଦ ବ୍ୟକ୍ତିଙ୍କ ପଦମର୍ଯ୍ୟାଦା ଉପାଧିରେ ଯୋଗ କରାଯାଏ; ଯଥା—ବାବୁ ସାହେବ, ଡାକ୍ତର ସାହେବ ଇତ୍ୟାଦି ।

ଦେଶର, ବିଭାଗର ବା ଜିଲ୍ଲାର ପ୍ରଧାନତମ ରାଜକର୍ମଚାରୀମାନଙ୍କ ଉପାଧି ପରେ 'ସାହେବ' ଶବ୍ଦ ବ୍ୟବହାର ହୁଏ; ଯଥା—ଡାକ୍ତର ସାହେବ, ପୁଲିସ ସାହେବ, ଜଜ ସାହେବ, କଲଟର ବା କଲେକ୍ଟର ସାହେବ, ମାଜିଷ୍ଟର ବା ମାଜିଷ୍ଟ୍ରେଟ୍ ସାହେବ, ଲାଟ୍ ସାହେବ; କମିସନ୍ ବା କମିସନର୍ ସାହେବ, ଜିଲ୍ଲା ସାହେବ ।

ସାହେବ ଶବ୍ଦ ଆରବୀ ଭାଷାରେ ପୁଂଲିଙ୍ଗ ଓ ତାହାର ସ୍ତ୍ରୀଲିଙ୍ଗରେ ସାହେବ ଓ ସାହେବା ହୁଏ । କିନ୍ତୁ ସାଧାରଣତଃ ଓଡ଼ିଆ ଭାଷାରେ ସ୍ତ୍ରୀଲୋକମାନଙ୍କ ପ୍ରତି ଏହି ଶବ୍ଦ ବ୍ୟବହାର କରାଯାଏ । ଯଥା—ମେମ ସାହେବ, ରାଣୀ ସାହେବ, ବିବି ସାହେବ, ସିଷ୍ଟର୍ ସାହେବ ।

ଯେଉଁ ଭାରତୀୟମାନେ ବିଲାତ ଯାଇ କିମ୍ବା ବିଲାତ ନ ଯାଇ ସାହେବୀ ଚାଲି ଚଳଣି ଅନୁକରଣ କରିଅଛନ୍ତି ସେମାନଙ୍କ ବଂଶୋପାଧି ସଙ୍ଗେ ସାହେବ ଶବ୍ଦ ଯୋଗ କରାଯାଏ । ଯଥା—ଦାସ ସାହେବ, ସେନ୍ ସାହେବ, ଗୁପ୍ତ ସାହେବ, ପଟ୍ଟନାୟକ ସାହେବ, ତ୍ରିପାଠୀ ସାହେବ, ମିଶ୍ର ସାହେବ ଇତ୍ୟାଦି ।

ଅନ୍ୟାନ୍ୟ କେତେକ ଶବ୍ଦ ପରେ ମଧ୍ୟ ସାହେବ ଶବ୍ଦ ଯୁକ୍ତ ହୁଏ; ଯଥା—ବଖାସି ବା ବୁଖାରୀ ସାହେବ, ମିଆଁ ସାହେବ, ହକିମ୍ ସାହେବ, ମଉଲବୀ ବା ମୌଲବୀ ସାହେବ, ବାବୁ ସାହେବ, ବାବା ସାହେବ, ମିସ୍ ସାହେବ, ମେମ୍ ସାହେବ, ବିବୀ ସାହେବ, କଲା ସାହେବ, ଗୋରା ସାହେବ, ଫିରଙ୍ଗି ସାହେବ, ଦୋମିଶା ସାହେବ, ପ୍ରଭୁ ସାହେବ, ନାନା ସାହେବ, ମୁ ସାହେବ ବା ମୋ ସାହେବ, ଫିଦ୍‌ଦର ସାହେବ, ପାଦ୍ରୀ ସାହେବ, ନାକୁଆନା ସାହେବ ଇତ୍ୟାଦି ।

ଭାରତୀୟମାନଙ୍କୁ ଭାରତ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ କେତେକ ଉପାଧିର ଅଙ୍ଗରୂପେ ଏ ଶବ୍ଦ ମଧ୍ୟ ବ୍ୟବହୃତ ହୁଏ; ଯଥା—ରାୟ ସାହେବ, ରାଓ ସାହେବ, ଖାଁ ସାହେବ ।]

ସାହେବ ଜାଦା—ବୈଦେ. ବି (ପା)—ମୁସଲମାନ ଭଦ୍ରସନ୍ତାନ—
Sāheba jādā The son of a Mahomedan gentleman.
সাহেব্‌জাদা
साहब जादा
(ସାହେବଜାଦୀ—ସ୍ତ୍ରୀ)
[ଦ୍ର—ଏହି ନାମରେ କଟକ ସହରରେ ଗୋଟିଏ ବଜାର ଅଛି । ଭାଷାକୋଷ ଲେନ୍ ଓ ଅଶ୍ରମ ଏହି ବଜାରରେ ଅବସ୍ଥିତ ।]

ସାହେବ ମେମ୍—ବୈଦେ. ବି—ପୁରୁଷ ଓ ସ୍ତ୍ରୀ ସାହେବ—
Sā eba mem A European gentleman and lady.
সাহেব মেম
साहब मेम

ସାହେବ ସୁବା—ବୈଦେ. ବି (ଅ. ସାହେବ ଓ ସୁବାଦାର)—୧ । ଧନବାନ୍ ଓ ପଦସ୍ଥ ଇଉରୋପୀୟ—1. Rich and noble Europeans. ୨ । ହାକିମ ହୁକୁମା—2. High officials.
Sāheba subā
সাহেব সুবা
साहब सूबा

ସାହେବା—ବୈଦେ. ବି. ସ୍ତ୍ରୀ (ଅ)—ସାହେବ ଶବ୍ଦର ସ୍ତ୍ରୀଲିଙ୍ଗ; ଭଦ୍ର ମହିଳାଙ୍କ ନାମ ପରେ ବ୍ୟବହୃତ ସମ୍ମାନାର୍ଥକ ଶବ୍ଦ; ମହାଶୟା—A term used after the name of noble females. (ଯଥା—ରାଣୀ ସାହେବା)
Sāhebā
সাহেবা
साहिबा

ସାହେବାଣୀ—ଦେ. ବି. (ସାହେବ ଶବ୍ଦରେ ଓଡ଼ିଆ ସ୍ତ୍ରୀଲିଙ୍ଗବାଚକ ଅଣୀ ପ୍ରତ୍ୟୟ)—ବିବି; ମେମ୍; ଇଉରୋପୀୟା ସ୍ତ୍ରୀ—A European lady.
Sāhebāṇi
সাহেবা
मेम

ସାହେବାନ୍—ବୈଦେ. ବି (ବହୁବଚନ) (ପା)—ସାହେବ ଶବ୍ଦର ବହୁବଚନ—Plural of the word Sāheba.
Sāhebān
সাহেবরা
साहबान

ସାହେବାନା—ଦେ. ବି—ସାହେବ ବା ଇଉରୋପୀୟମାନଙ୍କର ଭାବ, ଆଚରଣ ବା ପଦ୍ଧତି—European mode or conduct or fashion. ବିଣ—ସାହେବାନି (ଦେଖ) Sāhebāni (See)
Sāhebānā
সাহেবিয়ানা
साहबाना

ସାହେବାନି—ଦେ. ବି—ସାହେବାନା (ଦେଖ) Sāhebānā (See) ବିଣ—ସାହେବ ବା ଇଉରୋପୀୟଙ୍କ ଯୋଗ୍ୟ ବା ଉପଯୁକ୍ତ—Befitting a European. (ଯଥା—ସାହେବାନି କାଇଦା, ସାହେବାନି ଢଙ୍ଗ ।)
Sāhebāni
সাহেবিয়ানা
साहबानी

ସାହେବାନିଆ—ଦେ. ବିଣ—ସାହେବ ବା ଇଉରୋପୀୟଙ୍କ ଯୋଗ୍ୟ ବା ଉପଯୁକ୍ତ—Befitting a European.
Sāhebāniā
সাহেবী
साहबानी

ସାହେବାନି କାଇ(ଏ, ୟ)ଦା—ଦେ. ବି—ଇଉରୋପୀୟମାନଙ୍କ ଶିଷ୍ଟାଚାର—European etiquette.
Sāhebāni kāi(e,ya)dā
সাহেবী কায়দা
साहबानी कायदा

ସାହେବାଣି ଚଳଣ(ନ)—ଇଉରୋପୀୟମାନଙ୍କ ପରି ଆଚରଣ—
Sāhebāni chaḷaṇa(na) Mode of conduct befitting a European.
साहेबी चाल साहबानी चलन
(ସାହେବାଣି ଗୁଳ[ଲି], ସାହେବାଣି ଗୁଳଚଳଣ[ନ]—ଅନ୍ୟରୂପ)

ସାହେବାଣି ଢଙ୍ଗ—ଦେ. ବ—ସାହେବମାନଙ୍କର ରୀତି—
Sāhebāni ḍhaṅga Mode of Europeans.
साहेबी ढङ्ग साहबानी ढङ्ग

ସାହେବିଆଣା—ଦେ. ବ—ସାହେବାଣା (ଦେଖ)—Sāhebānā.
Sāhebiānā (See) ବଣ—ସାହେବାଣି (ଦେଖ)—Sāhebāni. (See)

ସାହେବୀ—ଦେ. ବ ଓ ବଣ—ସାହେବାଣି (ଦେଖ)—Sāhebāni.
Sāhebī (See) (ଉ—ସାହେବୀ ପୋଷାକ କେବଳ ଅବା ପିନ୍ଧି। ରାଧାନାଥ. ଦରବାର।)

ସାହେବେନ୍—ପ୍ରାଦେ. (ସମ୍ବଲପୁର) ବ—ସାହେବାଣୀ—
Sāheben A European lady.

ସାହେଜ—ପ୍ରାଦେ (ଲରଥ) ବ—ସାହାଯ୍ୟ—
Sāheja Sāhājya.

ସାହେର—ଗ୍ରା. ବ (ପ୍ରାଚୀନ ପଦ୍ୟ) (ସଂ. ସାଗର)—ସମୁଦ୍ର—
Sāhera Ocean. (ଉ—ରାମ ଅଙ୍କ ଶିରେ ହନୁ ଯୋଡ଼, ଅଞ୍ଜନା-
सायर सायर ସୁତ ସାହେର ଲଙ୍ଘି। ବିଶ୍ୱନାଥ. ବଡ଼ଜେନା. ରାମାୟଣ।)

ସାହ୍ନ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଅହନ୍)—ଦିବସବିଶିଷ୍ଟ—
Sāhna Consisting of a day.

ସାହ୍ୱୟ—ସଂ. ବ (ସ+ଆହ୍ୱୟ)—୧। ସମାହ୍ୱୟ; ପେଣ ଦେଇ ପ୍ରାଣିଦ୍ୟୂତ
Sāhwaya (ବିଶ୍ୱକୋଷ)—1. Fight of animals by laying wagers. ୨। ଯଣ୍ଡ ଯୁଦ୍ଧ—2. Fight of animals (e. g. cockfight; bullfight).
ସଂ. ବଣ—ନାମଯୁକ୍ତ; ନାମବିଶିଷ୍ଟ (ବିଶ୍ୱକୋଷ)—Having a name.

ସାହ୍ୟ—ସଂ. ବ (ସହ+ଭାବାର୍ଥେ ଯ)—୧। ସାହାଯ୍ୟ; ସହାୟତା
Sāhya (ବିଶ୍ୱକୋଷ)—1. Help; support. ୨। ମେଳନ
साहाय्य (ବିଶ୍ୱକୋଷ)—2. Combination; union.
सहाय ୩। ସହଚରତ୍ୱ (ଧରଣୀ)—3. The state of companionship. ଗ୍ରା. ବଣ—ସାହାଯ୍ୟକାରୀ; ସହାୟ—Helping. ଗ୍ରା. ବ—ସହାୟକର୍ତ୍ତା—Helper; assistant.

ସାହ୍ୟକୃତ୍—ସଂ. ବଣ (ପୁଂ. ଓ ସ୍ତ୍ରୀ) (ସାହ୍ୟ+କୃ. ଧାତୁ+କର୍ତ୍ତି.
Sāhyakṛut କ୍ୱିପ୍)—୧। ସମଭିବ୍ୟାହାରୀ; ସଙ୍ଗୀ (ବିଶ୍ୱକୋଷ)—1. Accompanying. ୨। ସାହାଯ୍ୟକାରୀ—2. Helping.

ସାହ୍ଲା—ପ୍ରାଦେ (ଲରଥ) ବ—୧। ସହ୍ଲା (ଦେଖ)—1. Sahlā.
Sāhlā (See) ୨। ବହୁବ୍ୟକ୍ତିଙ୍କ ମେଳ—2. Combination of many people. ବଣ—୧। ମେଳ ବାନ୍ଧି ଥିବା (ବ୍ୟକ୍ତିଗଣ)—1. Combined (persons). ୨। ପରାମର୍ଶ ସଂଭୂତ (କର୍ମ)—2. (act) Due to or resulting from consultation or advice.

ସାହ୍ଲାଦ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଅହ୍ଲାଦ)—
Sāhlāda ୧। ଅହ୍ଲାଦବିଶିଷ୍ଟ (ଶବ୍ଦ)—1. Delightful.
(ସାହ୍ଲାଦା—ସ୍ତ୍ରୀ) ୨। ଅହ୍ଲାଦିତ (ବ୍ୟକ୍ତି)—2. Delighted; overjoyed. ଦେ. କ୍ରି. ବଣ (ସଂ, ସାହ୍ଲାଦଂ)—ଅହ୍ଲାଦ ସହକାରେ—With joy; joyously.

ସି (ଧାତୁ)—ସଂ—୧। ବନ୍ଧନ କରିବା—1. To tie. ୨। ଭୂମି
Si (root) ଖନନ କରିବା—2. To dig earth.

ସି—ଦେ. ଅ—୧। (ଧ୍ୱନ୍ୟନୁକରଣ) ଲଙ୍କାମରିଚ ବା ରାଗ ଖାଇଲେ
Si ପାଟିରୁ ବାହାରିବା ଶବ୍ଦ—1. Hissing sound made
सीसी by a person after tasting pungent
सीत्री things. ୨। (ଅନୁକରଣ ଧ୍ୱନି) ସିଟି ମାରିବାର ଶବ୍ଦ—2. Whistling sound. ୩। (ସଂ. ବର୍ତ୍ତମାନ କାଳ ଓ ଅନୁଜ୍ଞା ୨ୟ ପୁରୁଷ ଏକବଚନାର୍ଥକ କ୍ରିୟାରେ ଯୋଗ କରାଯିବା ଅକ୍ଷର) ପ୍ରାଚୀନ ଓଡ଼ିଆରେ ଅନୁଜ୍ଞା ୨ୟ ପୁରୁଷ ଏକବଚନରେ କ୍ରିୟାର ରୂପରେ ଯୋଗ କରାଯିବା ଅକ୍ଷର—3. An inflection used after a verb in the imperative mood, singular number. (ଉ—ସେ କଥା କହନ୍ତି ତୋର ଏବେ ହେଲୁ ଅସି, ଜାଣି ଣ କୋଦଣ୍ଡ ଦୁହି ହମନ୍ତ କୁହସି। ବଳରାମ. ରାମାୟଣ ଅଯୋଧ୍ୟା।) ୪। (ଧ୍ୱନ୍ୟନୁକରଣ) ଶୀତାର୍ତ୍ତ ବ୍ୟକ୍ତିର ସିତ୍କାର ଶବ୍ଦ—4. The hissing sound of a person shivering with cold. ୫। ସି ଅକ୍ଷର (ଦେଖ)—5. Si akshara. (See) ପ୍ରାଦେ. (ସମ୍ବଲପୁର) (କ୍ରିୟାର ପ୍ରତ୍ୟୟ ବିଶେଷ)—ବର୍ତ୍ତମାନ କାଳ ୩ୟ ଓ ୧ମ ପୁରୁଷ ଏକବଚନ ଓ ଭବିଷ୍ୟତ କାଳ ୧ମ ପୁରୁଷ ଏକବଚନରେ କ୍ରିୟାରୂପରେ ଯୋଗ କରାଯିବା ଅକ୍ଷର—Inflection added to a verb to indicate Indicative mood, future tense, 1st person singular and present tense, 1st. and 3rd. persons singular. [ଦ୍ର—ଓଡ଼ିଆରେ କ୍ରିୟା ପରେ 'ଛ'ର ବ୍ୟବହାର ପରି ଏହାର ବ୍ୟବହାର ଅଟେ। ଯଥା—ହେସି=ହେଉଛ।]

(ଉ—ଦୂତ ! ମୁଇଁ ତୋ ବୋଲ୍ବା କରସି ଗୋ।
ନନ୍ଦଘର କଥା ମନେ ବେଲ୍ବାବେଲ୍ବା ଲାଗସି ଗୋ।
ବଣ୍ଠଆଉସି କଲଅ ହିରେଠୁ
ସିକ୍ ଆଇସି ହଲ୍ଦଅ ଜରକର୍
ଧୋବ ଘର୍ ଘର୍ ଟେ କଅନ୍ତୁ ବାଗିଲ୍ଟେ
ବେଳେ ଓଞ୍ଚାଇ ଥାଇସି ଗୋ।
ସିବାବେଲ୍ ବେ ଯମ୍ନା କଲେ
ବସି ଥାଇସି ବେଳମ୍ କଲେ

ମତେ ଅନାଇ　　　ହାଇଥ ଠୋକା
ହାଇହାଇ କଥା କହୁସି ଗୋ ।
ହାଇ ହାଇ ମନ୍ତ୍ରର ଅଇସି ଖାଇବେ
ମୁଣ୍ଡା ଢଳ୍ ଗା ହୋସି ଯାଏବେ
ସେତେ ଥାଇସି　　　ଷୀର୍ ଲହୁଣା
ଗେରୁଆ କର ଖାଇସି ଗୋ ।
ସମ୍ବଲପୁରୀ କୌତୁକ ଗୀତ ।)

ପ୍ରାଦେ· (ଗଞ୍ଜାମ) ଅ—ମଧ୍ଯ; ବ—Too; also.
[ଉ—ମୁଁ ସି ଯାଇଥିଲି ।]

ସିଅ(ଇତ୍ୟାଦ)—ଦେ. ବ (ସ. ଶିଫ)—ଶିଅ ଇତ୍ୟାଦ (ଦେଖ)
Sia (etc)　　Sia etc (See)

ସିଅଁ—ପ୍ରାଦେ (ଇଉର ବ୍ୟବହୃତ; ଅନୁଗୁଳ, ଗଡ଼ଜାତ) ବ—ସ୍ରୋତ;
Siañ　　ସୁଅ—Current· ଦେ. କ୍ରି—ସେଇଁବା କ୍ରିୟାର
সেলাইকর　　सिलाईकरो　　ଅନୁଜ୍ଞାରେ ରୂପ (ତୁମ୍ଭେ)
ସିଲାଇ　କର—(Imperativs mood of the verb To sew) (you) Do sew.

ସି ଅକ୍ଷର—ଦେ. ବ (ପୂର୍ବେ ଶିଶୁର ପ୍ରଥମେ ବିଦ୍ୟାରମ୍ଭବେଳେ ଗୁରୁ
Si akshara　　ଭୂମିରେ ଖଡ଼ିଦ୍ୱାରା ● ଗୋଟି ମୁଣ୍ଡଳା
ক অক্ষর　　सि अक्षर　　କାଟି ଦେଇ ସିଧିରସ୍ତୁ (ସ.
ସିଦ୍ଧିରସ୍ତୁ—ବିଦ୍ୟା ସିଦ୍ଧି ହେଉ) ଲେଖି ଶିଶୁଙ୍କ ହାତ
ଧରି 'ସିଧିରସ୍ତୁ' ଉଚ୍ଚାରଣ କରି ତାହା ଉପରେ ଶିଶୁର
ହାତକୁ ଗୁରାଇ ଦିଅନ୍ତି । ଏହି ଶବ୍ଦର ପ୍ରଥମ ଅକ୍ଷର 'ସି'
ଥିବାରୁ ଏପରି ନାମ ହୋଇଅଛି ।)
ବିଦ୍ୟାରମ୍ଭରେ ଶିଶୁର ବୋଲିବା ଓ ଲେଖିବା ପ୍ରଥମ
ଅକ୍ଷର—The 1st letter written and uttered by a child when first ceremonially learning to write.

(ଢାକୁ) ଚି ଅକ୍ଷର ବରୁଣା(ଣେ)ଇ ପର୍ବତ—ଦେ. ପ୍ରବଚନ—ଗଣ୍ଡମୂର୍ଖ
Si akshara baruṇā(ṇe)i parbata　　ବ୍ୟକ୍ତିପ୍ରତି
ক অক্ষর গো মাংস　　करिया अक्षर भैंश बराबर　　ପ୍ରୟୋଗ
କରାଯିବା ବାକ୍ୟ [ଅର୍ଥାତ୍ ଯାହାର ବିଦ୍ୟାରମ୍ଭ ମୁଦ୍ଧା
ହୋଇ ନ ଥିବାରୁ ତାକୁ 'ସି' ଅକ୍ଷର ବରୁଣାଇ ପର୍ବତ
(ଖୋରଧାର ବଡ଼ ପାହାଡ଼ ଓ ଦୁରାରୋହ ମହାବନାଯୁକ୍ତ
ପର୍ବତ) ପରି ବଡ଼ ଓ ଅସାଧ୍ୟ ଜଣାଯାଉଛି]—ସେ ନିରକ୍ଷର
ବା ମୂର୍ଖ ଅଟେ—(a phrase used to denote a person who has not even begun the alphabets, and to whom the 1st letter of a beginner appears like a mountain) He is illit erateor unlettered.

ସି ଅକ୍ଷର ବିବର୍ଜି(ର୍ଜ୍ଜି)ତ(ତା)—ଦେ. ବଣ—ଅତି ମୂର୍ଖ (ବ୍ୟକ୍ତି);
Si akshara bibarji[rjji]ta(tā)　　ସେହି ବ୍ୟକ୍ତି.
ক অক্ষর বিবর্জিত　　शि अक्षर बिबर्जित　　ଅବୋଧ ବିଦ୍ୟା-
ରମ୍ଭ କରି ନାହିଁ କିମ୍ବା ଯାହାର ବର୍ଣ୍ଣପରିଚୟ ମଧ୍ୟ ଅରମ୍ଭ
ହୋଇ ନାହିଁ—Unlettered; a person who has not even begun the alphabets

ସିଅଲ୍—ପ୍ରାଦେ (ବଲାଙ୍ଗିର, ପାଟଣା) (ସ ଶୀତଳ)—ଶୀତଳ; ଥଣ୍ଡା—
Sial　　Cool; cold.

ସିଅଳ—ଦେ. ବ—ଖଜୁରି ଓ ତାଳ ଗଛରୁ ରସ (ତାଡ଼ି) ବାହାର କରିବା
Siaḷa　　ବୃତ୍ତିଜୀବୀ ଜାତି; ଶିଅଳ (ଦେଖ)—
পাশী, শিওলী　　पासी　　A depressed caste, whose profession is to tap date palm and palmyra trees for toddy.

ସିଅଲ ପାଗ—ପ୍ରାଦେ. (ବଲାଙ୍ଗିର ପାଟଣା) ବ—ଶୀତଳ
Siala pāga　　ପାଗ; ଥଣ୍ଡା ଋତୁ ବା ସମୟ—
Cool or cold weather.

ସିଆ—ବୈଦେ ବ. (ଫା. ସିହା)—ସିହା (ଦେଖ)—
Siā　　Sihā (See).· ଦେ· ବ (କଣିଆ ଭାଷା) ସୁନା—
সোনা　　सोना　　Gold·

ସିଆଇ(ହି)—ବୈଦେ· ବ (ଫା· ସିୟାହି)—ମସୀ; କାଳି—
Siai(hi)　　Writing ink.
কালী সেহাই　　सयाही

ସି. ଆଇ. ଇ.—ବୈଦେ· ବ (ଇଂ) ଇଂରେଜ ସରକାରଙ୍କ ପ୍ରଦତ୍ତ
Si. āi. i.　　ଉଚ୍ଚ ସମ୍ମାନସୂଚକ ଉପାଧି ବିଶେଷ—
সি আই. ই　　सि. आइ ई　　The title C. I. E.
(ଏହା Companion of Indian Empire ଶବ୍ଦର ସଙ୍କେତ; ଏଥିର ଅର୍ଥ ଭାରତ ସାମ୍ରାଜ୍ୟର ସଙ୍ଗୀ ବା ବନ୍ଧୁ ।)

ସିଆଇ(ହି) ଘଡ଼ି—ଦେ. ବ—ମସୀ ପାତ୍ର; କାଳି ଘଡ଼ି; ଦୁଆତ—
Siāi(hi) ghardi　　Inkpot; inkstand.
[ସିଆଇଦାନ(କ)—ଅନ୍ୟରୂପ]　　দোয়াত　मसिहा(दा)नी

ସି.ଆଇ.ଡି—ବୈଦେ· ବ (ଇଂ· ସି. ଆଇ. ଡି.)—ସ୍ୱେଚ୍ଛ ପୁଲିସି ;
Si.āi.di　　ସରକାରଙ୍କ ଡିଟେକ୍ଟିଭ୍ ବା ଗୁଇନ୍ଦା ପୁଲିସ ବିଭାଗ—
সিআইডি　　सिआइडी　　The C. I. D. Department of the Govt.　[ଦ୍ର—ଏହା ଇଂରେଜ Criminal Investigation Department ଶବ୍ଦସମୂହ ସଙ୍କେତ]

ସିଆଁ(ଞା)—ଦେ. ବ　(ସଂ· ସୀବନ)—ସିଲେଇ କର୍ମ—
Siañ(ñā)　　Sewing.
সিআঁ　　सिलाई　　ଦେ· ବଣ—ସିଲେଇ କରାଯାଇଥିବା; ସ୍ୟୁତ—
সেলাইকরা　　सिलाइकियाहुआ　　Sewn.

ସିଆଁ (ଞା)ଇ(ଇଁ)ବା—ଦେ. କ୍ରି　(ସଂ ସୀବ୍ ଧାତୁ ଣିଜନ୍ତ)—୧ ।
Siañ(ña)i(iñ)bā　　(ସିଇଁବା କ୍ରିୟାର ଣିଜନ୍ତ ରୂପ) ଅନ୍ୟଦ୍ୱାରା
সিআঁন, সেলাইকরান　　सलवाना　　ସିଲେଇକର୍ମ କରାଇବା—1·
(Causative of Siiñbā) To cause to be sewn. [ଉ—ସିଅଇଁ ଝୁଲକୁ ତା ବସ୍ତ୍ରଗୁଡ଼ିକ ହେଉ
সিআঁ, সিয়াঁ　　सीना　　ସମ୍ପନ୍ନତାରେ ସଜ୍ଜାହେଉ ।—ଅଭିମନ୍ୟୁ-

ବଜଗ୍ ଧରନ୍ତାମଣି] ୨ । (ସଂ. ସୀବ୍ ଧାତୁ) ସିଇଁବା (ଦେଖ)—Siiñbā (See)

ସିଅଁ(ଆଁ)ସି(ସେ)ଇଁ—ଦେ. ବି—ନାନା ବସ୍ତୁକୁ ସିଲାଇ କରିବା କାର୍ଯ୍ୟ- Siāñ ñā)si(se)iñ Act of sewing many things. সিআঁ সিই सिलाईउलाई

ସିଆକାଟୁ—ପ୍ରାଦେ. (ଗଞ୍ଜାମ) ବି. (ତେଲୁଗୁ)—ସ୍ତ୍ରୀ ଲୋକମାନଙ୍କ Siākāṭu ମଣିବନ୍ଧରେ ପିନ୍ଧାଯିବା ଅଳଙ୍କାର ବିଶେଷ—A kind bracelet. [କୁ—ବହରମପୁର ସମୀପେ ସିଆକାଟୁ ଦେଖିଲ ପରି । — ବହରମ୍ପୁର ଉପକଥା]

ସିଆଡ଼—ଦେ. ବି—୧ । ସେହିଆଡ଼; ସେ ଦିଗ—1. That side. Siārda ୨ । ବିପରୀତ ଦିଗ—2. Opposite direction. [ସ୍ୟାଡ଼—ଅନ୍ୟରୂପ] ୩ । ସେ ଦେଶ ବା ଅଞ୍ଚଳ—3. That সেথা, উদিক(গ) उधर country or locality.
ଦେ. ବିଣ—୧ । ସେ ଦିଗର—1. Of that side. উদিগ্ কার उधरका ୨ । ସେ ଦେଶର—2. Of that country or locality.

ସିଆଡ଼(ଡ଼ି)କା—ଦେ. ବିଣ—୧। ସେହି ଦିଗର—1. Of that side. Siārda(rdi)kā ୨ । ସେହି ଦେଶର ବା ଅଞ୍ଚଳର—2. Of that country or locality.
ସିଅଡ଼(ଡ଼ି)କାର, ସ୍ୟାଡ଼(ଡ଼ି)କା, ସ୍ୟାଡ଼(ଡ଼ି)କାର }—ଅନ୍ୟରୂପ
সিদিগ্ কার; উদিগ্ কার उधरका ୩ । ବିପରୀତ ଦିଗର—3. Of an opposite direction.
ଇଆଡ଼(ଡ଼ି)କା, ସ୍ୟାଡ଼(ଡ଼ି)କା, ଇଅଡ଼(ଡ଼ି)କାର; ସ୍ୟାଡ଼(ଡ଼ି)କାର }—ବିପରୀତ

ସିଅଡ଼(ଡ଼ି, ଡ଼ୁ)କୁ—ଦେ. ଅ—ତେଣିକି; ସେହିଅଡ଼କୁ; ସେହିଦିଗକୁ— Siārd(rdi; rdu) ku 1. To that side; to that [ସ୍ୟାଡ଼(ଡ଼ି,ଡ଼ୁ)କୁ—ଅନ୍ୟରୂପ] direction. ୨ । ବିପରୀତ সেদিকে, উদিকে उधरको ଦିଗକୁ—2. To an opposite direction. [ଇଅଡ଼(ଡ଼ି;ଡ଼ୁ)କୁ; ସ୍ୟାଡ଼(ଡ଼ି;ଡ଼ୁ)କୁ—ବିପରୀତ] ୩ । ତା ପରେ; ସେହି ସମୟ ପରେ—3. After that time.

ସିଆଡ଼ି—ଦେ. ବି—(ବର୍ଣ୍ଣିଅ ଶବ୍ଦ)—୧ । ସୁନାର ତଣାରେ Siārdi ରୁପାର ବା ସୁନା ସରୁ ଖଣ୍ଡର ମୁଣ୍ଡକୁ ଭରତି সাড়াশি सरस କରି ତାର କରିବାକୁ ହେଲେ ସଣ୍ଡାଅସିରେ ଯେଉଁ କଣ୍ଟାଅରରେ ଲମ୍ବା ସୁନା ବା ରୁପାର ମୁଣ୍ଡକୁ ଧରି ଟାଣନ୍ତି—1. A prong or pair of tongs used by the goldsmiths for holding the silver or gold wire while drawing it through holes of a metal plate for making wires. ୨ । ବନ୍ୟଲତା ବିଶେଷ—2. A kind of wild creeper with big leaves. [କୁ—ଏଥିର ପତ୍ରରେ ଖଲିପତ୍ର ଓ ଖଲ ସିଆଁଯାଏ ଓ ଛତା ଭୂଷରେ ପତ୍ର ଛନ୍ନଯାଏ । ଏଥିର ଫଳ ବନ ହାତୀମାନେ ଗୋଡ଼ି କରି ଖାଆନ୍ତି ଓ ପଜର ଚୋପାରେ ଭାତ ଖାଆନ୍ତି । ଏଥିର ଲତାରେ ଲଇ ହୁଏ । ସିଆଡ଼ି ଲତାରେ ଗଣ୍ଠି ପକାଯାଇ ବିଦ୍ରୋହ ବା ମେଳିର ସଂବାଦ ଗ୍ରାମେ ଗ୍ରାମେ ବୁଲାଯାଏ ।]

ସିଅଡ଼କ(କୁ)—ଦେ. ଅ—ସିଅଡ଼କୁ (ଦେଖ)— Siārdik (ku) Siārdaku (See)
[ସ୍ୟାଡ଼କ(କୁ—ଅନ୍ୟରୂପ]
[ଇଅଡ଼କ(କୁ), ସ୍ୟାଡ଼କ(କୁ)—ବିପରୀତ]

ସିଆଡ଼ି ଗଣ୍ଠି ଫେରା(ରେ)ଇବା—ପ୍ରାଦେ.(ଗଡ଼ଜାତ) କି—(ଗଡ଼ଜାତର Siārdi ganṭhi pherā(re)ibā ଭୂୟାଁ, କୋଅଡ଼ ଅନାର୍ଯ୍ୟ- [ସିଅଡ଼ି ଗଣ୍ଠି ବୁଲା(ଲେ)ଇବା—ଅନ୍ୟରୂପ] ମାନେ) ସିଆଡ଼ି ଲତାରେ ଗଣ୍ଠି ପକାଇ ରାଜ୍ୟତମାମ ବିଦ୍ରୋହ ବା ମେଳିର ଉତ୍ତେଜନାମୂଳକ ଚିହ୍ନ ଗ୍ରାମରୁ ଗ୍ରାମାନ୍ତରକୁ ଫେରାଇବା— (Said of the people and specially non-aryan people of the Orissa States)— To despatch from one village to another a Siardi creeper with knots as an incitement and indication to rise in or join a revolt. [କୁ—ଯେଉଁ ଗ୍ରାମର ଲୋକ ମେଳରେ ଯୋଗ ଦେବ ବୋଲି ସ୍ୱୀକୃତ ହୁଅନ୍ତି ସେମାନେ ଉକ୍ତ ଲତାରେ ଗୋଟିଏ ଗଣ୍ଠି ପକାନ୍ତି । ଗଣ୍ଠି ଭୂଲ ସାରି ମୂଳସ୍ଥାନକୁ ଫେରି ଆସିଲେ ମେଳିର ସୂତ୍ରପାତ ହୁଏ ।
ଯୋଗମୋହନ. କେନ୍ଦୁଝର ଇତିହାସ ।]

ସିଆଡ଼ି ଲଇ—ଦେ. ବି—ସିଅଡ଼ି ୨ (ଦେଖ)— Siārdi lai Siārdi 2 (See)

ସିଅଡ଼ୁ(ଡ଼ୁଁ)—ଦେ. ଅ—୧ । ସେ ଅଡ଼ୁ; ତେଣୁ; ସେହିଦିଗରୁ—1. Siārdu(rdu) From that side; from that direction. সিদিগ্ থেকে, হেথাথেকে उधरसे ୨ । ବିପରୀତ [ସ୍ୟାଡ଼ୁ(ଡ଼ୁଁ)—ଅନ୍ୟରୂପ] ଦିଗରୁ—2. From an opposite direction. [ଇଅଡ଼ୁ(ଡ଼ୁଁ), ସ୍ୟାଡ଼ୁ(ଡ଼ୁଁ)—ବିପରୀତ] ୩ । ସେଅଞ୍ଚଳରୁ—3. From that locality.

ସିଆଡ଼େ—ଦେ. ଅ—୧ । ସେ ଦିଗରେ—1. On that side. siārde ୨ । ସେଠାରେ—2. There. ୩ । ସେ ଦେଶରେ, সেদিকে उधरमं ତେଣେ—3. In that country (ଇଅଡ଼େ, ସ୍ୟାଡ଼େ—ବିପରୀତ) or locality. ୪। ବିପରୀତ ଦିଗରେ- 4. In an opposite direction. ୫। ପକ୍ଷାନ୍ତରରେ- 5. On the other hand. ଦେ. ବିଣ. (ସ. ସାର୍ଦ୍ଧ) সাঢ়ে साढे ସାଢ଼େ (ଦେଖ)—Sārdhe (See).

ସିଅ(ହା)ଣ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସ. ସଜ୍ଞାନ)—୧ । ଚତୁର; Siā(hā) a ଚାଲାକ—1. Clever; shrewd. ୨ । (ସ୍ୟାଣ, ସିଅଣିଅ, ସିହାଣିଅ, ସ୍ୟାଣିଅ—ଅନ୍ୟରୂପ) ବୁଦ୍ଧିମାନ୍— সিয়ান(না), সেয়ান(না) 2. Intelligent. ୩ । ଶଠ; ଧୂର୍ତ୍ତ— सयाना, सियाना 3. Sly; crafty.
(ସିଅଣୀ, ସିଅଣେଇ—ସ୍ତ୍ରୀ)

ସିଆଣା—ଦେ. ବିଣ. ସ୍ତ୍ରୀ (ସ. ସଜ୍ଞାନା)—୧ । ରଜୋବତୀ; ପ୍ରାପ୍ତ-
Siāṇā ରଜସ୍କା; ରଜସ୍ୱଳା ହୋଇଥିବା (ବାଳିକା)—
সোমত্ত 1. Menstruated (girl); who has attain-
सयानी, रजस्वला ed puberty. ୨ । (ପୁଂ ଓ ସ୍ତ୍ରୀ) ସିଆଣ
(ଦେଖ)—2. Siāṇa (See)

ସିଆଣା ଚତୁର(ରା)—ଦେ. ବିଣ. ପୁଂ ଓ ସ୍ତ୍ରୀ (ଏକାର୍ଥକ ସହଚର)—
Siāṇā chatura(rā) ଅତ୍ୟନ୍ତ ଚତୁର ବା ଧୂର୍ତ୍ତ—
সেয়ানা চতুর चतुर सयान Very sly.
(ସିଆଣି ଚତୁରେଇ—ସ୍ତ୍ରୀ)

ସିଆଣା ପଣ(ପଣିଆଁ)—ଦେ. ବି—୧ । ଚତୁରତା—1. Clever-
Siāṇā pana(paniāñ) ness. ୨ । ଧୂର୍ତ୍ତତା—2. Slyness.
সেয়ানতি सयानपन ୩ । ବୁଦ୍ଧିମତ୍ତା—3. Intelligence.

ସିଆଣା ପାଗଳ(ଲ)—ଦେ. ବିଣ—୧ । ଯେଉଁ ଦୋଷୀ ବା ଅନ୍ୟାୟକାରୀ
Siāṇā pāgala(la) ବ୍ୟକ୍ତି ନିଜର ଦୋଷ ବା ଅନ୍ୟାୟ ପ୍ରକାଶିତ
(ଛାଣି ସିଆଣା, ଛାଣି ସିଆଣିଆ—ଅନ୍ୟରୂପ) ହେବା କଥା ଅଗରୁ
সেয়ানা পাগল ଜାଣି ପାରି ବାତୁଳତାର ବାହାନା କରେ—1. A
सयान पागल wrong doer or offender who feigns madness to screen or excuse his wrong or crime. ୨ । ଯେଉଁ ଚତୁର ବ୍ୟକ୍ତି ବାତୁଳତାର ଭାନ କରେ—2. A clever person who feigns insanity. ୩ । ବାହାରେ ଲୋକଙ୍କୁ ଦେଖାଇବା ପାଇଁ ବାତୁଳ ବା ସରଳ କିନ୍ତୁ ପ୍ରକୃତରେ ଦୁର୍ଜ୍ଜନ ବା କୁଟବୁଦ୍ଧି ବ୍ୟକ୍ତି—3. A person who is wicked or sly at heart but affects frankness or madness.

ସିଆଣା ହେବା—ଦେ. କ୍ରି—(ବାଳିକା) ପ୍ରଥମେ ରଜସ୍ୱଳା ହେବା;
Siāṇā hebā ଘର ଯୋଗ୍ୟ ହେବା; ଜ୍ଞାନ ପାଇବା—To be
সোমত্ত হওয়া menstruated for the first time.
रजस्वला होना, जुनेकोहोना

ସିଆଣାରେ ସିଆଣାରେ କୋଳା କୋଳି—ଦେ. ପ୍ରବଚନ—ପରସ୍ପର
Siāṇāre siāṇāre kolā koli ପ୍ରତି କପଟ ବନ୍ଧୁତା
ସିଆଣାରେ ସିଆଣାରେ କୁଣ୍ଢାକୁଣ୍ଢି, ସିଆଣାରେ ସିଆଣାରେ ମିଳିମିଶା—ଅନ୍ୟରୂପ] ଦେଖାଇବା; ଦୁଇ ଜଣ ଧୂର୍ତ୍ତ ବ୍ୟକ୍ତିଙ୍କ
সেয়ানে সেয়ানে কোলা কোলী ମଧ୍ୟରେ କୁଟ ବନ୍ଧୁତାର
सयानमें सयानमें गल बहिया ଆଦାନ ପ୍ରଦାନ—
Exchange of civilities between two sly persons.

ସିଆଣିଆ(ଆଁ) (ଇତ୍ୟାଦି)—ଦେ. ବିଣ. ପୁଂ ଓ ସ୍ତ୍ରୀ—
Siāṇiā(āñ) ସିଆଣ(ଣା) ଇତ୍ୟାଦି (ଦେଖ)
Siāṇa(ṇā) etc. (See)

ସିଆଣୀ—ଦେ. ବିଣ. ସ୍ତ୍ରୀ—ସିଆଣର ସ୍ତ୍ରୀଲିଙ୍ଗ—
Siāṇī Feminine of 'Siāṇa'.
(ସିଅଣେଇ—ସ୍ତ୍ରୀ)

ସିଆ(ଆଁ)ନ୍—ପ୍ରାଦେ. (ସମ୍ବଲପୁର) ବି—୧ । ଅଗ୍ରନାୟକ—
Siā(āñ)n 1. Leader. ୨ । ଦଳପତି—2. Leader of a group. ପ୍ରାଦେ. (ସମ୍ବଲପୁର) ବିଣ—୧ । ସିଆଣା; ଚତୁର—1. Clever. ୨ । ହୁସିଆର—2. Wary; cautious.

ସିଆନଙ୍ଗା—ଦେ. ବି—ବୌଦରେ ଅବସ୍ଥିତ ଗୋଟିଏ ପର୍ବତ (ଉଚ୍ଚତା
Siānangā ୧୯୧୭ ଫୁଟ)—The name of a mountain in the State of Baud.

ସିଆନା—ପ୍ରାଦେ. (ଲରଥ) ବିଣ—ସିଆଣା—
Siānā Clever; sly.

ସିଆର୍—ବୈଦେ. ବି (ଇଂ)—ଯୌଥ କାରବାରରେ ଅଂଶ ବା ହିସା—
Siār A share in a joint business.
সেয়ার् सेयर

ସି. ଆର୍. ଦାସ୍—ବଙ୍ଗର ପ୍ରସିଦ୍ଧ ରାଜନୀତିକ ନେତା ସ୍ୱର୍ଗୀୟ ଦେଶ-
Si. ār. dās ବନ୍ଧୁ ଚିତ୍ତରଞ୍ଜନ ଦାସ—The late C. R. Das, the late celebrated political leader of Bengal.

[ଦ୍ର—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ କଲିକତାର ପୋଟଲ ଡଙ୍ଗାରେ ବାସ କରୁଥିବା ଗୋଟିଏ ପରିବାରରେ ୧୮୭୦ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବ ବଂଶଧରମାନଙ୍କର ବାସସ୍ଥାନ ବିକ୍ରମପୁର ପ୍ରଗନାର ତେଲିବାଗ ଗ୍ରାମ ଥିଲା । ତାଙ୍କ ପିତା ଭୁବନ ମୋହନ କଲିକତା ହାଇକୋର୍ଟର ଅଟର୍ଣ୍ଣି ଥିଲେ; ସେ ତାଙ୍କ ଜୀବନର ମଧ୍ୟଭାଗରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ; ନିଜେ ଦୁଇ ଗୋଟି ପତ୍ରିକାର ସମ୍ପାଦକ ଥିଲେ; ଦୁଃଖୀ ଲୋକମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାକୁ ବହୁତ ଅର୍ଥ ଋଣ କରିଥିଲେ । ଚିତ୍ତରଞ୍ଜନଙ୍କର ଜନ୍ମର କେତେକ ବର୍ଷ ପରେ ଭୁବନମୋହନ ଭବାନୀପୁରକୁ ଆସି ବାସ କଲେ । ଚିତ୍ତରଞ୍ଜନ ୧୮୮୬ ଖ୍ରୀଷ୍ଟାବ୍ଦରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରେସିଡେନ୍ସି କଲେଜରେ ପ୍ରବେଶ କଲେ । ଏହି ସମୟରେ ତାଙ୍କର ଅସାଧାରଣ ବାଗ୍ମିତା ଦ୍ୱାରା ଛାତ୍ର ଓ ଅଧ୍ୟାପକଗଣ ବିସ୍ମିତ ହୋଇଥିଲେ । ସେ ୧୮୯୦ ମସିହାରେ ବି. ଏ. ପାସ୍ କଲେ । ସିଭିଲ୍ ସର୍ଭିସ୍ ପଢ଼ିବା ଲାଗି ଭୁବନମୋହନ ପୁତ୍ରଙ୍କୁ ବିଲାତ ପଠାଇ ଦେଲେ । ଚିତ୍ତରଞ୍ଜନ ବିଲାତରେ ଥିବା ସମୟରେ ଭାରତର ପ୍ରଧାନ ରାଜନୀତିକ ଦାଦା ଭାଇ ନାଓରୋଜି ବିଲାତ ପାର୍ଲିମେଣ୍ଟର ସଭ୍ୟ ହେବା ପାଇଁ ଚେଷ୍ଟା କରୁଥିଲେ । ସାହେବମାନେ ଏ ଚେଷ୍ଟାରେ ବାଧା ଦେଉଥିଲେ ଏବଂ ପାର୍ଲିମେଣ୍ଟର ଜଣେ ସଭ୍ୟ ନିଜ ବକ୍ତୃତାରେ ଭାରତୀୟମାନଙ୍କୁ ଦାସ ଜାତି ବୋଲି କହିଥିଲେ । ଚିତ୍ତରଞ୍ଜନଙ୍କ ପକ୍ଷରେ ଏ ଜାତିର ଏହି ଅପମାନ ଅସହ୍ୟ ହୋଇଥିଲା । ସେ ଅଦମ୍ୟ ଉତ୍ସାହରେ ଅତି ଅଳ୍ପ ଭାରତୀୟ ଛାତ୍ରଙ୍କ ସାହାଯ୍ୟରେ ବିଲାତର ନାନା ସ୍ଥାନରେ ସଭା ସମିତି କରି

ଓଜସ୍ୱିନୀ ଭାଷାରେ ବକ୍ତୃତା କରି ଏହି ଉକ୍ତିର ତୀବ୍ର ପ୍ରତିବାଦ କରିଥିଲେ । ଏହି ଆନ୍ଦୋଳନର ଫଳରେ ଯେଉଁ ବ୍ୟକ୍ତି ଭାରତୀୟମାନଙ୍କ ନିନ୍ଦା କରିଥିଲେ, ସେ କ୍ଷମା ପ୍ରାର୍ଥନା କରି ପାର୍ଲିଆମେଣ୍ଟ ସଭ୍ୟପଦ ଇସ୍ତଫା ଦେବାକୁ ବାଧ୍ୟ ହେଲେ । ଚିତ୍ତରଞ୍ଜନଙ୍କର ଏହି ବକ୍ତୃତା ଓ ଏକାଗ୍ରତା ଦେଖି କେତେକ ଇଂରାଜୀ ସଂବାଦ ପତ୍ର ମଧ୍ୟ ବିଲାତରେ ପ୍ରଥମେ ତାଙ୍କର ଭାବୀ ରାଜନୀତିକ ଜୀବନର ବୀଜ ବପନ କରିଥିଲେ । ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ପାସ୍ କରି ପାରିଲେ ନାହିଁ, ମାତ୍ର ୧୮୯୩ ଖ୍ରୀଷ୍ଟାବ୍ଦରେ ବାରିଷ୍ଟରୀ ପାସ କରି ଭାରତକୁ ଫେରି ଆସିଲେ । କଲିକତା ହାଇକୋର୍ଟରେ ବାରିଷ୍ଟର ହେବା ସମୟରେ ସେ ସମୟ ସମୟରେ ସାହିତ୍ୟସେବା ମଧ୍ୟ କରୁଥିଲେ ଏବଂ କେତେ-ଗୁଡ଼ିଏ କବିତା ରଚନା କରିଥିଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ ବିକ୍ରମପୁରର ଦେୱାନ ବରଦା ପ୍ରସନ୍ନ ହାଲଦାରଙ୍କ କନ୍ୟା ଶ୍ରୀମତୀ ବାସନ୍ତୀ ଦେବୀଙ୍କ ସହିତ ଚିତ୍ତରଞ୍ଜନଙ୍କର ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା । ବାସନ୍ତୀ ଦେବୀ ପତିଙ୍କର ଯୋଗ୍ୟା ପତ୍ନୀ ଥିଲେ । ୧୯୦୬ ସାଲରେ ବଡ଼ଲାଟ ଲର୍ଡ କର୍ଜନ ବଙ୍ଗ ପ୍ରଦେଶକୁ ବଙ୍ଗ ଓ ପୂର୍ବବଙ୍ଗ, ଏପରି ଦୁଇଟି ପ୍ରଦେଶରେ ବିଭକ୍ତ କରିବାରୁ ବଙ୍ଗଦେଶରେ ଘୋର ଆନ୍ଦୋଳନ ଉପସ୍ଥିତ ହେଲା । ଅରବିନ୍ଦ ଘୋଷ ସେହି ଆନ୍ଦୋଳନର ନେତା ଥିଲେ । ୧୯୦୮ ମସିହାରେ ପ୍ରସିଦ୍ଧ ଆଲିପୁର ବୋମା ମକଦ୍ଦମାରେ ବଙ୍ଗର ବହୁତ ଯୁବକ ଏବଂ ସ୍ୱୟଂ ଅରବିନ୍ଦ ମଧ୍ୟ ମୁଦାଲା ଥିଲେ । ମକଦ୍ଦମା ଚଳାଇବା ପାଇଁ ଯଥେଷ୍ଟ ଅର୍ଥ ନ ଥିଲା । ଏହି ବିପଦ ସମୟରେ ଚିତ୍ତରଞ୍ଜନ ପାରିଶ୍ରମିକ ଗ୍ରହଣ ନ କରି ମୁଦାଲାମାନଙ୍କ ପକ୍ଷରୁ ମକଦ୍ଦମା ଲଢ଼ିଲେ । ଏ ମକଦ୍ଦମାରେ ନିଯୁକ୍ତ ସରକାର ପକ୍ଷର ପ୍ରସିଦ୍ଧ ବାରିଷ୍ଟର ନର୍ଟନ୍ ସାହେବଙ୍କ ପ୍ରତିଦ୍ୱନ୍ଦ୍ୱୀରୂପେ ଚିତ୍ତରଞ୍ଜନଙ୍କୁ ଠିଆ ହେବାକୁ ପଡ଼ିଲା । ମକଦ୍ଦମା ଆଠ ମାସ କାଳ ଚାଲିଲା । ଏଥିରେ ଚିତ୍ତରଞ୍ଜନଙ୍କର ଯେ କେତେ ଆର୍ଥିକ କ୍ଷତି ହେଲା ତାହା ସହଜରେ ଅନୁମେୟ । ମାତ୍ର ଏହି ମକଦ୍ଦମାରେ ସେ ଜୟଲାଭ କଲେ । ଦେଶ ଲାଗି ଏପରି ନିଃସ୍ୱାର୍ଥପର କାର୍ଯ୍ୟ କରିଥିବାରୁ ତାହାଙ୍କୁ ଦେଶବନ୍ଧୁ ଆଖ୍ୟା ପ୍ରଦତ୍ତ ହେଲା । ଏହି ମକଦ୍ଦମାରେ ଜୟଲାଭ କରିବାଦ୍ୱାରା ତାଙ୍କର ନାମ ଏତେ ପ୍ରସିଦ୍ଧି ଲାଭ କଲା ଯେ, ସେ ବାରିଷ୍ଟରି କରି ଦିନକୁ ପ୍ରାୟ ଏକ ହଜାର ଟଙ୍କା ଆୟ କଲେ । ଦେଶ-ସେବା ଲାଗି ଏବଂ ଦାନ ଲାଗି ଅଜସ୍ର ଅର୍ଥ ବ୍ୟୟ କରି ମଧ୍ୟ ସେ ପିତୃଋଣ ପରିଶୋଧ କରିବା ନିଜର କର୍ତ୍ତବ୍ୟ ବୋଲି ମନେ କରିଥିଲେ, ସୁତରାଂ ପିତାଙ୍କର ୬୫ ହଜାର ଟଙ୍କାର ଋଣ ସମସ୍ତ ସେ ପରିଶୋଧ କଲେ ।

ସେ ୧୯୧୯ ସାଲର ଦୁର୍ଭିକ୍ଷକ୍ଲିଷ୍ଟ ଲୋକଙ୍କ ପାଇଁ ଦଶ-ହଜାର ଟଙ୍କା ଦାନ କରିଥିଲେ । ଅନାଥାଶ୍ରମ ପ୍ରତିଷ୍ଠା, ଶିକ୍ଷା ଓ ସାହିତ୍ୟର ଉନ୍ନତି କଳ୍ପେ ସେ ଅକାତର ଦାନ କରିଥିଲେ । ୧୯୦୫ ସାଲରେ ଚିତ୍ତରଞ୍ଜନ କଂଗ୍ରେସରେ ଯୋଗ ଦେଲେ । ଏହି ସମୟରେ କଂଗ୍ରେସରେ ଦୁଇଗୋଟି ଦଳ ହୋଇଥିଲା । ଚିତ୍ତରଞ୍ଜନ ନବୀନ ଦଳର ନେତା ହେଲେ । ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଇଉରୋପୀୟ ମହା-ସମର ଲାଗିଲା । ୧୯୧୯ ସାଲରେ ମହାତ୍ମା ଗାନ୍ଧି ଅହମଦା-ବାଦର ସାବରମତୀଠାରେ ଆଶ୍ରମ ସ୍ଥାପନ କରି ରାଉଲଟ୍ Rowlat Act ଆଇନ ବିରୁଦ୍ଧରେ ସତ୍ୟାଗ୍ରହ ଚଳାଇବା ପାଇଁ ସ୍ଥିର କଲେ । ଚିତ୍ତରଞ୍ଜନ ଏହି ସତ୍ୟାଗ୍ରହର ମୂଳ-ନୀତିକୁ ସମର୍ଥନ କରି କଲିକତାରେ ବକ୍ତୃତା ଦେଇଥିଲେ । ଜାଲିଅନାବାଗ୍‌ର ହତ୍ୟାକାଣ୍ଡ ତଦନ୍ତ କରିବା ଲାଗି କଂଗ୍ରେସ ଯେଉଁ କମିଟି ଗଠନ କରିଥିଲେ ସେଥିରେ ଚିତ୍ତରଞ୍ଜନ ଜଣେ ସଭ୍ୟ ନିର୍ବାଚିତ ହୋଇଥିଲେ । ୧୯୧୯ ମସିହାରେ ପଞ୍ଜାବର ଅମୃତ ସହରଠାରେ କଂଗ୍ରେସ ଅଧିବେଶନ ହେଲା । ପଣ୍ଡିତ ମୋତିଲାଲ ନେହେରୁ ସେଥିରେ ସଭାପତି ହୋଇଥିଲେ । ସେହି ସଭାରେ ଚିତ୍ତ-ରଞ୍ଜନ ସରକାରଙ୍କ ଭାରତ ଶାସନ ସଂସ୍କାରର ପ୍ରତିବାଦ କରିଥିଲେ, ମହାତ୍ମା ଗାନ୍ଧିଙ୍କର ଅସହଯୋଗ ନୀତିକୁ ଚିତ୍ତରଞ୍ଜନ ପ୍ରଥମେ ସମର୍ଥନ କରୁ ନ ଥିଲେ । ମାତ୍ର ୧୯୨୦ ମସିହାରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସର ବିଶେଷ ଅଧିବେଶନରେ ଅସହଯୋଗ ପ୍ରସ୍ତାବ ଗୃହୀତ ହୋଇଗଲା । ସେହି ସାଲର ଶେଷକୁ ନାଗପୁରଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ହେଲା । ସେଠାରେ ଅସହଯୋଗର ଶେଷ ନିଷ୍ପତ୍ତି ହେବାର କଥା ଥିଲା । ଚିତ୍ତରଞ୍ଜନ ଗୋଟିଏ ସ୍ୱତନ୍ତ୍ର ରେଲଗାଡ଼ି(Special train) ଭଡ଼ା କରି ବଙ୍ଗଦେଶର କଂଗ୍ରେସ ପ୍ରତିନିଧିମାନଙ୍କୁ ନେଇ ନାଗପୁର ଯାତ୍ରା କଲେ । ସେ ଅସହଯୋଗ ନୀତିର ତୀବ୍ର ପ୍ରତିବାଦ କରିବାକୁ ଯାଇଥିଲେ; ମାତ୍ର ମହାତ୍ମାଜୀଙ୍କ ସହିତ କିଛି ସମୟ ଗୋଟିଏ ନିର୍ଜନ କୋଠରୀରେ କଥାବାର୍ତ୍ତା ହେବା ପରେ ତାଙ୍କର ମତ ପରିବର୍ତ୍ତିତ ହେଲା ଓ ତାଙ୍କର ପୂର୍ବ ଯୁକ୍ତିସବୁ ଭାଙ୍ଗିଗଲା । ଚିତ୍ତରଞ୍ଜନ ମହାତ୍ମାଜୀଙ୍କର ପଟ୍ଟଶିଷ୍ୟ ହେଲେ; ଉପରେ ବଙ୍ଗଦେଶର ଗ୍ରାମେ ଗ୍ରାମେ ବୁଲି ଅସହଯୋଗ ନୀତି ପ୍ରଚାର କଲେ । ୧୯୨୧ ମସିହା ନଭେମ୍ବର ମାସରେ ଭାରତ ସମ୍ରାଟଙ୍କ ଯୁବରାଜ (Prince of Wales) ଭାରତ ଭ୍ରମଣ କରିବାକୁ ଆସି ବମ୍ବେଠାରେ ପହଞ୍ଚିଲେ । ସେ ଦିନ କଂଗ୍ରେସ ଆଦେଶ ଅନୁସାରେ ସମଗ୍ର ଭାରତରେ ଧର୍ମଘଟ (ହରତାଳ) ହେଲା । ଚିତ୍ତ-ରଞ୍ଜନଙ୍କ ଚେଷ୍ଟାରେ କଲିକତାରେ ଏ ଧର୍ମଘଟ ଅସାଧାରଣ ଭାବରେ ସଫଳ ହେଲା । ଏହା ପରେ ବଙ୍ଗଲାଟ ବଙ୍ଗୀୟ ସ୍ୱେଚ୍ଛାସେବକ ମଣ୍ଡଳକୁ ବେଆଇନ ବୋଲି ଘୋଷଣା କଲେ । ଚିତ୍ତରଞ୍ଜନ ସରକାରଙ୍କର ଏହି ଆଦେଶର ପ୍ରତିବାଦ କରିବା ଲାଗି ସ୍ୱେଚ୍ଛାସେବକ ସଂଖ୍ୟା ବୃଦ୍ଧି କରିବାରେ ଲାଗିଲେ । ତାଙ୍କ ଆହ୍ୱାନରେ ହଜାର ହଜାର

ଯୁବକ ଏହି ସ୍ୱେଚ୍ଛାସେବକ ଦଳରେ ଯୋଗ ଦେଲେ ଓ ଚିତ୍ତରଞ୍ଜନ ତାହାର ସେନାପତି ହେଲେ । ସେନାପତିଙ୍କ ଆଦେଶରେ ଗୋଟିଏ ସ୍ୱେଚ୍ଛାସେବକବାହିନୀ ୧୯୨୧ ଡିସେମ୍ବରରେ କଲିକତାର ବଡ଼ବଜାରକୁ ପ୍ରେରିତ ହେଲେ । ସେଠାରେ ସରକାର ସେମାନଙ୍କୁ ଗିରଫ କଲେ । ଚିତ୍ତରଞ୍ଜନଙ୍କ ଏକମାତ୍ର ପୁତ୍ର ଚିରରଞ୍ଜନ ଅନ୍ୟମାନଙ୍କ ସହ ମଧ୍ୟ ଗିରଫ ହେଲେ । ତହିଁଆର ଦିନ ନାରୀ ସ୍ୱେଚ୍ଛାସେବିକାମାନେ ବାହାର କରି ଦୂର ଅଗ୍ରସର ହୋଇ ଗିରଫ ହେଲେ । ସେଥିମଧ୍ୟରେ ଚିତ୍ତରଞ୍ଜନଙ୍କର ପତ୍ନୀ ଓ ଭଗିନୀ ଥିଲେ । ସେମାନଙ୍କୁ ଜେଲରେ ଅଟକ ରଖାଯାଇ ସନ୍ଧ୍ୟା ବେଳକୁ ଛାଡ଼ି ଦିଆଗଲା । ତହିଁର କିଛି ଦିନ ପରେ ଚିତ୍ତରଞ୍ଜନ ନିଜେ ଗିରଫ ହେଲେ । ସେହି ଦିନ ବଙ୍ଗର ଅନ୍ୟୂନ କେତେ ଜଣ ବରିଷ୍ଠ ନେତାଙ୍କୁ ଗିରଫ କରାଗଲା । ଚିତ୍ତରଞ୍ଜନଙ୍କ ପତ୍ନୀ ଶଙ୍ଖଧ୍ୱନି ଏବଂ ହୁଳହୁଳି ମଧ୍ୟରେ ପତିଙ୍କୁ କାରାବାସାର୍ଥ ବିଦାୟ ଦେଲେ । ୧୯୨୨ ମସିହା ଜାନୁଆରି ମାସରେ ଦେଶବନ୍ଧୁଙ୍କର ବିଚାର ଆରମ୍ଭ ହେଲା । ଚିତ୍ତରଞ୍ଜନ ମୁକ୍ତି ଲଭିବା ପାଇଁ ମକଦମା ଲଢ଼ିଲେ ନାହିଁ ଏବଂ ୬ ମାସ ବିନାଶ୍ରମ କାରାବାସଦଣ୍ଡ ବରଣ କଲେ । କାରାଗାରରେ ଥାଇ ସୁଦ୍ଧା ସେ ଦେଶର ଅବସ୍ଥା ଏବଂ କର୍ମୀମାନଙ୍କ ବିଷୟ ଚିନ୍ତା କରୁଥାଆନ୍ତି । ତାଙ୍କର ଜେଲରୁ ମୁକ୍ତି ଉପଲକ୍ଷରେ କଲିକତା ସହରରେ ବିଶେଷ ଉତ୍ତେଜନା ହେବାର ଆଶଙ୍କା କରି ସରକାର ତାଙ୍କ କାରାଦଣ୍ଡର ମିଆଦ ଶେଷ ହେବା ପୂର୍ବରୁ ଦେଶବନ୍ଧୁଙ୍କୁ ମୁକ୍ତ କରି ଦେଲେ । କାରାମୁକ୍ତ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧନା କରିବାକୁ କଲିକତାରେ ବିରାଟ ସଭା ହେଲା । ୧୯୨୨ ସାଲରେ ଗୟା କଂଗ୍ରେସରେ ଚିତ୍ତରଞ୍ଜନ ସଭାପତି ନିର୍ବାଚିତ ହେଲେ; ସେଥିରେ କଂଗ୍ରେସ ସଭ୍ୟମାନଙ୍କର ବ୍ୟବସ୍ଥା ସଭାମାନ ଦଖଲ କରିବା ଆବଶ୍ୟକ ବୋଲି ଚିତ୍ତରଞ୍ଜନ ପ୍ରସ୍ତାବ କଲେ । ମାତ୍ର ସେ ପ୍ରସ୍ତାବ କଂଗ୍ରେସଦ୍ୱାରା ଗୃହୀତ ନ ହେବାରୁ ସେ କଂଗ୍ରେସର ସଭାପତି ପଦରୁ ଇସ୍ତଫା ଦେଲେ । କଂଗ୍ରେସରେ ଦୁଇ ଦଳ ସୃଷ୍ଟି ହେଲା । ଏହି ସମୟରେ ସ୍ୱରାଜଦଳର ସୃଷ୍ଟି ହେଲା ।

୧୯୨୪ ସାଲରେ ଚିତ୍ତରଞ୍ଜନ କଲିକତା କର୍ପୋରେସନ୍ (ମିଉନିସିପାଲିଟି)ର ମେୟର୍ (ସଭାପତି) ନିର୍ବାଚିତ ହେଲେ । ତାଙ୍କର ମେୟର୍ କର୍ମ କାଳରେ କଲିକତା ସହରର ଅନେକ ଉନ୍ନତି ସାଧିତ ହୋଇଥିଲା । ୧୯୨୫ ସାଲରେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ଡାକ୍ତରମାନଙ୍କ ପରାମର୍ଶରେ ସେ ଦାର୍ଜିଲିଙ୍ଗ୍‌ରେ ଯାଇ ରହିଲେ ଓ ସେହି ବର୍ଷ ଜୁନ୍‌ମାସରେ ସେ ଇହଲୀଳା ଶେଷ କଲେ । କଲିକତାକୁ ତାଙ୍କର ଶବ ଆଣିତ ହେଲା । ସ୍ୱୟଂ ମହାତ୍ମାଜୀ ଅନ୍ୟମାନଙ୍କ ସହିତ ଶବାଧାର ବହନ କରିଥିଲେ । ଶୋଭାଯାତ୍ରାରେ ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଥିଲେ । ସେ ତାଙ୍କର ବିରାଟ ବାସଭବନ ନାରୀହାସପାତାଲ ଓ ଧାତ୍ରୀବିଦ୍ୟାଳୟ ପାଇଁ ଦାନ କରି ଯାଇଥିଲେ । ବର୍ତ୍ତମାନ ସେ ହାସ୍‌ପାତାଲ୍‌ରେ ହଜାର ହଜାର ନାରୀ ଚିକିତ୍ସା ପାଉଅଛନ୍ତି । ତାଙ୍କର ଶୀଘ୍ର ବିଷୟରେ ମହାତ୍ମାଜୀ କବିତା କରିଥିଲେ ଏବଂ ଭାରତର ଗୁରୁଦେବ ତାଙ୍କର ସ୍ମୃତି ପ୍ରତି ସମ୍ମାନ ଦେଖାଇବା ଲାଗି ମହାତ୍ମାଜୀ ଗୁରୁଦେବଙ୍କୁ ସନ୍ଦେଶ ପଠାଇଥିଲେ ।

ସନ୍ଦର୍ଭ ଲେଖକ

ପଣ୍ଡିତ ଶ୍ରୀ ଜଗନ୍ନାଥ ତ୍ରିପାଠୀ, ବ. ଏ., ବ. ଟି.]

ସିଆର୍ ବସିବା—ଦେ◦ କ୍ରି—କୌଣସି ବ୍ୟବସାୟରେ ଅନ୍ୟମାନଙ୍କ ସହିତ Siār basibā ହିସ୍ସାଦାର ହେବା—To go into shares; to be a partner in a joint stock business. ସୀଆର୍ ବସା सेयर करना

ସିଆର—ଦେ◦ ବି—ଶିଅର (ଦେଖ) Siāra Siāra (See)

ସିଆରି—ଦେ. ବି—ଶିଅରି; ସିଅଡ଼ି ଇତ୍ୟାଦି (ଦେଖ) Siāri Siāri; siārḍi etc. (See)

ସିଆରିବା—ଦେ. କ୍ରି—ଶିଅରିବା (ଦେଖ) Siāribā Siāribā, (See)

(ସିଅରେଇବା—ଅନ୍ୟରୂପ)

ସିଆଳି (ଇତ୍ୟାଦି)—ଦେ. ବି—ଶିଆଳି ଇତ୍ୟାଦି (ଦେଖ) Siāḷi (etc) Siāḷi etc. (See)

ସିଆଳିଆ ପ(ପୁ,ପୋ)ତନି—ଦେ. ବି—ଶାଳିଆପତନି (ଦେଖ) Siāḷiā pa(pu,po)tani Śāḷiāpatani. (See)

ସିଆଳି ଲତା—ଦେ◦ ବି—୧ । ଔଷଧି ଲତା ବିଶେଷ (କବିରାଜ Siāḷi latā ହରେକୃଷ୍ଣ ମିଶ୍ରଙ୍କ ପ୍ରଣୀତ 'ଦ୍ରବ୍ୟଗୁଣ')— 1. A kind of medicinal creeper. ୨ । ସିଅଡ଼ି ୨ (ଦେଖ)—2. Siārḍi 2 (See)

ସିଇଠି(ଠିଁ)—ଗ୍ରା◦ ସର୍ବନାମ—ସେହିଠାରେ; ସେହି ସ୍ଥାନରେ— Si-iṭhi(ṭhiṅ) সেখানে वहाँपर There; therein. (ସିଇଠେଇଁ—ଅନ୍ୟରୂପ)

ସିଇ(ଇଁ,ଣି)ବା—ଦେ. କ୍ରି (ସଂ. ସୀବ୍. ଧାତୁ)—୧। ସିଲାଇ କରିବା— Si-i(iṅ,ṇi)bā 1. To sew. (ଉ—ଶର ସୂଚୀରେ ଶରୀର ସ୍ୱର୍ଗ ସীঁয়া, সীঁবা ଗାଢ଼େ ସିଇଁଲା । କବିସୂର୍ଯ୍ୟ. ରତ୍ନାକର. ଚମ୍ପୂ ।) सीना (ଉ—ଅପାଙ୍ଗ ସୂତରେ ସିଇଁ

ତାହା ମନ ବାସଲୁଣ୍ଠି

ଟୁଳିଏ ଅଳ୍ପ ରଖଇ

ପରମାନନ୍ଦ ଉଦଲ;

ସିରୁ ପତ୍ର—ପ୍ରୀତିରକ୍ଷା ମଞ୍ଜିରେ—

ପ୍ରୀତିଲବି, ହେତୁ ପତ୍ର ବାଳା ବଇସଗୀରେ । ସଙ୍ଗୀତ ।)

୨ । ଦନା ବା ଖଲିପତ୍ର ପ୍ରସ୍ତୁତ କରିବା ପାଇଁ ଶାଳ ଆଦି ଗଛର ପତ୍ରମାନଙ୍କରେ ଖଡ଼ିକା ଫୋଡ଼ିବା—2. To sew Śāḷa leaves together to form a receptacle or plate.

ସିଇର—ପ୍ରାଦେ. (ସମ୍ବଲପୁର) ବି—ମାଟି ଗୋବର ଲେପା ହୋଇ ନ
Si-irā ଥିବା ଟୋକେଇ—A basket which has not been plastered with a layer of clay and cow dung.

ସିଉ—ଦେ. ବି—ସିଓ (ଦେଖ)
Siu Sio (See)

ସିଉକା(କି)—ଦେ. ବି (ସଂ. ଚତୁଷ୍କ)—ଟଙ୍କାର ଚତୁର୍ଥାଂଶ ମୁଦ୍ରା—
Siukā(ki) A four anna bit. [ଦ୍ର—ଭାରତ ପ୍ରଚଳିତ ଏ
सौकी ମୁଦ୍ରା ପୂର୍ବେ ରୂପାରେ ତିଆରି ହେଉଥିଲା; ଏବେ ବ୍ରୋଞ୍ଜ୍
सुका, चौअन्नी (Bronze) ଧାତୁରେ ତିଆରି ହେଉଅଛି ।]

ସିଉକା(କି)ଏ(କ)—ଦେ. ବି—ଏକ ସିଉକା ମାତ୍ର—
Siukā(ki)e(ka) One four anna bit only.
एक सौकी एक सुका

ସିଉକା(କି)କର—ଦେ. ବଣ—ଏକ ସିଉକା ମୂଲ୍ୟର—
Siukā(ki)kara Of the value of 4 annas.
एक सौकीर एक सुकाका

ସିଉକାର (ଇତ୍ୟାଦି)—ଗ୍ରା. ବି (ସଂ. ଶୀକାର)—ଶୀଉକାର ଇତ୍ୟାଦି
Siukāra (etc) (ଦେଖ)—Siukāra etc. (See) (ଉ —
ସୁନାମୁହ ସିଉକାର, ସେ କି ଭୁଲ ସିଉକାର । ଉଇ ।)
ଦେ. ବଣ—ଚାରି ଅଣା ମୂଲ୍ୟର—Of the value of a four anna bit.

ସିଉକି ଦୋଅ(ଓ)ଣି—ଦେ. ବି (ଯବନର)—ଚାରି ଅଣା ମୂଲ୍ୟର ଓ ଦୁଇ
Siuki doa(o)ṇi ଅଣା ମୂଲ୍ୟର ମୁଦ୍ରାଦ୍ୱୟ—Four anna bits
(ସିଉକି ଦୋଣି—ଅନ୍ୟରୂପ) and two anna bits.
सौकी दुआनी [ଦ୍ର—ଏହୁଷର ସିଉକି ଅଣି, ସିଉକି ଅ ଧୁଲି,
चौअन्नी दोअन्नी ଅଦ ଲେଖ ପ୍ରୟୋଗ ହୁଏ ।]

ସିଉନା—ପ୍ରାଦେ.(ବସ୍ତର) ବି—ଗମ୍ଭାରି(ଗଛ)—
Siunā Gmelina Arborea tree.

ସିଉନ୍ତା—ଦେ. ବି (ସଂ. ସୀମନ୍ତ)—ସୁନ୍ଥା; କେଶବିନ୍ୟାସ ବିଶେଷ—
Siuntā A mode of dressing the ringlets of
सीँथि ललथ the hair on the brow.
[ସିଉଁତା—ଅନ୍ୟରୂପ]

ସିଉନ୍ତି(ନ୍ଥି)—ଦେ. ବି (ସଂ. ସୀମନ୍ତ)—ସନ୍ତି; ସୀମନ୍ତର ଅଳଂକାର-
Siunti(nthi) An ornament for the forehead.
सीँथि मांगटीका [ସିଉଁତି(ଥି)—ଅନ୍ୟରୂପ]

ସିଉନ୍ତିଆ—ପ୍ରାଦେ.(ସମ୍ବଲପୁର)ବି—(ସଂ. ସୀମନ୍ତ) ସ୍ତ୍ରୀମାନଙ୍କ ସୁନ୍ଥା—
Siuntiā Mode of parting the combed hair
[ସିଉଁତିଆ—ଅନ୍ୟରୂପ] of females over the forehead.

ସିଉରା—ପ୍ରାଦେ.(ଭେଦୁ।ଘଡ଼ା)ବି—ଟୋକେଇ—
Siurā Basket of wicker work.

ସିଏ—ଗ୍ରା. ସର୍ବନାମ, ପୁଂ ଓ ସ୍ତ୍ରୀ (ସଂ. 'ତତ୍' ଶବ୍ଦରୁ ପୁଂ. 'ସଃ' ଓ
Sie ସ୍ତ୍ରୀ ସା)—ସେ—He or she. [ଉ—ସିଏତ ସିଏ, ଅଭ
से वह ବାଲ୍ୟପଢ଼ା କଣ୍ଠସ୍ଥ ଏବ !—ଉଗ]

ସିଓ—ଦେ. ବି (ସ. ସେବ, ସିବଟକା ଫଳ)—ସିବଟକା ଫଳ
Sio (ଦେଖ)—Sibitikā phala (See)

ସିଂକ—ପ୍ରାଦେ. (ଲକ୍ଷ୍ମଣ)ବି—ଖଡ଼କା—
Siṁk Slender long pick.

ସିଂକିବା—ପ୍ରାଦେ. (ଲକ୍ଷ୍ମଣ) କ୍ରି—ସିଙ୍ଘାଣି ପୋଛିବା—To wipe
Siṁkribā away the mucus from one's running nose.

ସିଂଖପତା—ପ୍ରାଦେ.—(ଲକ୍ଷ୍ମଣ) ବି—ଖଡ଼କାଦ୍ୱାରା ସିଅଁ ହୋଇଥିବା
Siṁkh-patā ପତ୍ରମାନ; ଖଲ—A flat plate made by sewing leaves together.

ସିଂଖାଣ—ସଂ. ବି—(ସିଙ୍ଘ ଧାତୁ+ଅଣ)—ସିଂହାଣ (ଦେଖ)—
Siṁkhāṇa Siṁhāṇa (See)

ସିଂଗ(ଘ, ହ)ରା—ପ୍ରାଦେ. (ସମ୍ବଲପୁର) ବି—ଶିଂଗରା (ଦେଖ)—
Siṁg (gh,h)-rā Śiṁg-rā (See)

ସିଂଗଲ୍—ବୈଦେ. ବି ଓ ବଣ—ଶିଂଗଲ୍ (ଦେଖ)—
Siṁgal Śiṁgal (See)

ସିଂଗା(ଘା)ଣି(ଇତ୍ୟାଦି)—ଦେ. ବି—ଶିଂଗାଣି ଇତ୍ୟାଦି (ଦେଖ)—
Siṁgā(ṁghā)ṇi(etc) Śiṁgāṇi etc (See)

ସିଂଗା(ଘା)ଣିଆ—ଦେ. ବଣ. ପୁ—ଶିଂଗାଣିଆ (ଦେଖ)—
Siṁgā(ṁghā) ṇiā Śiṁgāṇiā (See)
[ସିଂଗା(ଘା)ଣେଇ—ସ୍ତ୍ରୀ]

ସିଂଗା(ଘା)ପୁର—ଦେ. ବି—ସିଙ୍ଗାପୁର (ଦେଖ)—
Siṁgā(ṁghā)pura Siṁgāpura (See)

ସିଂଗିଲ୍—ବୈଦେ. ବି ଓ ବଣ—ଶିଂଗଲ୍ (ଦେଖ)—
Siṁgil Śiṁgal (see)

ସିଂଗେ(ଘେ)ଇ(ଇତ୍ୟାଦି)—ଦେ. ବି—ଶିଂଗେଇ ଇତ୍ୟାଦି (ଦେଖ)—
Siṁge (ṁghe)ī (etc) Śiṁgeī (See)

ସିଂଘ(ଗ) (ଇତ୍ୟାଦି)—ଗ୍ରା.ବି.ପୁ.—୧। (ସଂ. ସିଂହ) ସିଂହ (ଇତ୍ୟାଦି)
Siṁgha(ga) (etc) (ଦେଖ)—Siṁha etc (See). ୨।
[ସିଂଘୁଣୀ—ସ୍ତ୍ରୀ] (ସଂ. ଶୃଙ୍ଗ)—ଶିଂଘ ଇତ୍ୟାଦି (ଦେଖ)—
Śiṅgha etc (See)

ସିଂଘଡ଼ା (ଇତ୍ୟାଦି)—ଦେ. ବି—ଶିଂଘଡ଼ା ଇତ୍ୟାଦି (ଦେଖ)—
Siṁghaṛā (etc) Śiṁghaṛā etc (See)

ସିଂଘଣ—ସଂ. ବି (ସିଙ୍ଘ ଧାତୁ—ଶୁଙ୍ଘିବା+ଅନ ଅନ)—୧। ନାକିକା
Siṁghaṇa ମଳ—1. Snot; the mucus of the nose. ୨। ଲୌହ ମଳ (ପ୍ରକୃତିବାଦ)—2. The rust or dross of iron.

ସିଂଘଳ—ଗ୍ରା. ବି—ସିଂହଳ (ଦେଖ)—
Siṁghaḷa Siṁhaḷa (See)

ସିଂଘଳୀ—ଗ୍ରା. ବି ଓ ବଣ—ସିଂହଳୀ (ଦେଖ)—
Siṁghaḷi Siṁhaḷī (See).
সিংহলী सिंहली ଦେ. ବି—ସିଂହଳ ଦ୍ୱୀପରେ ବ୍ୟବହୃତ ଏକ ପ୍ରକାର ଭାଷା—The Singhalese language; a language of the Southern group

of the outer sub-branch of Indo-aryan language; used in Ceylon.

ସିଂଘାଣ—ସଂ. ବି (ଶିଂଘ ଧାତୁ+କର୍ମ ଅନ)—୧ । ନାସିକା ମଳ—1. Snot. ୨ । କଫ; ଶ୍ଳେଷ୍ମା—2. Phlegm.
Simghāṇa

ସିଂଘାଣକ—ସଂ. ବି (ସିଂଘାଣ+କ)—୧ । ନାସିକାମଳ—1. Snot. ୨ । କାଚପାତ୍ର (ଶବ୍ଦକୋଷ)—2. Glass pot. ୩ । ନାସିକାରୋଗ ବିଶେଷ—3. A kind of ear-disease. [ଦ୍ର—ଏ ରୋଗରେ କଫ ଅତ୍ୟନ୍ତ ବଢି ନାକ ପୂଡାର ମୋହକୁ ରୁଦ୍ଧ କରେ; ନିଶ୍ୱାସ ନେବା ଅଣିବା ବେଳେ ଘୁଡୁ ଘୁଡୁ ଶବ୍ଦ ହୁଏ ଓ ପୀନସ ରୋଗ ଅପେକ୍ଷା ବେଶି ବେଦନା ହୁଏ ଓ ଅନବରତ ପିଚ୍ଛିଳ ପୀତବର୍ଣ୍ଣ ଘନ କଫ ନିର୍ଗତ ହୁଏ—ବୈଦ୍ୟକୋପୋଦ୍ଧୃତ ବାକ୍ୟ] ୪ । ଅଶ୍ୱରୋଗ ବିଶେଷ—4. A kind of horse-desease. [ଦ୍ର—ଏହା ବାତଜ, ପୈତ୍ତିକ ଓ ଶ୍ଳେଷ୍ମିକ ଭେଦରେ ୩ ପ୍ରକାର । ଏଥିରେ ଅଶ୍ୱର ନାକରୁ ଭିନ୍ନ ଭିନ୍ନ ପ୍ରକାରର କଫ ନିର୍ଗତ ହୁଏ (ଜୟଦତ୍ତ)] ୫ । ଲୌହକିଟ୍ଟ; ମଣ୍ଡୂର (ଶବ୍ଦକୋଷ)—5. Scoria of iron.
Simghāṇaka

ସିଂଘାନ—ସଂ. ବି—କୁରଣ୍ଡ ବୃଦ୍ଧି (ଶବ୍ଦକୋଷ)—Hydrocele.
Simghāna

ସିଂଘାଳ—ପ୍ରାଦେ. (ଜେଓଅଳ) ବି—ବାଳିଆ ମାଛ ପରି ବଡ଼, ଅଚାଞ୍ଛିଆ ଓ ବେକ ପାଖରେ ୨ଟା କଣ୍ଟା ଥିବା ବଡ଼ ମାଛ; ଝିଙ୍ଗି ମାଛ—Macrones Aor; a scaleless fish with a big snout.
Simghāla

ସିଂଘାରି (ଇତ୍ୟାଦି)—ଦେ. ବି—ଶିଙ୍ଘାରି ଇତ୍ୟାଦି (ଦେଖ)—Simghāri etc (see)
Simghāri (etc)

ସିଂଘାରିବା—ଦେ. କ୍ରି—ମନ୍ତ୍ରମୁଗ୍ଧ ଜନ୍ତୁ (ପଥା ସାପ)କୁ ମନ୍ତ୍ରମୋହରୁ ମୁକ୍ତ କରି ନିଜର କରାମତ ଦେଖାଇବା ପାଇଁ ଉତ୍ତେଜିତ କରିବା—To free an animal from a charm and excite it to fury.
Simghāribā
ଚିଣ୍ଯାନ ଟୋନାଛୁଡ଼ାନା

ସିଂଘା(ଗା)ରି ହେବା—ଦେ. କ୍ରି—ବିବାଦ ବା ଗୋଳମାଳ କରିବାକୁ ସ୍ୱଗତରେ ବକିବକି ଖରେଇ ହେବା; ଝାଳମେଣ୍ଟାହବାର ସିଂହଜୈସେଗରଜନା ସ୍ୱଗାବୁଢ଼ ହୋଇ କୌଣସି ଅସତ୍କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ବାହାର ଖୋଜିବା—
Simghā (gā) ri hebā
ଛାଳଖୋଜା

ସିଂଘିଣୀ—ସଂ. ବି—ନାସିକା (ହଳାୟୁଧ)—Nose.
Simghini

ସିଂଘେନ୍—ପ୍ରାଦେ. (ବଲାଙ୍ଗିର ପାଟଣା) ବି—ଶିଂଘାଣି (ଦେଖ) Simgāṇi (See)
Simghen

ସିଂଚ୍ଚା—ଦେ. ବି ଓ ବିଣ (ସଂ ସିଚ୍ଚ ଧାତୁ)—ସିଞ୍ଚା (ଦେଖ) Siṅchā (See)
Simchā

ସିଂଚ୍ଚ(ଚେ)ଇବା—ଦେ. କ୍ରି—ସିଞ୍ଚାଇବା (ଦେଖ) Siṅchāibā (See)
Simchā(che)ibā
ହୌଁଚାନ ଛୀଁଟବାନା

ସିଂଚିବା—ଦେ. କ୍ରି (ସଂ. ସିଚ ଧାତୁ)—ସିଞ୍ଚିବା (ଦେଖ)—Siṅchibā (See)
Simchibā ଛିଂଚା ଛୀଁଟନା

ସିଂବଙ୍ଗା—ପ୍ରାଦେ. (କୋଲ୍ଲ) ବି—ସୂର୍ଯ୍ୟ (ଦେବତା)—The Sun (God). [ଦ୍ର—କୋଲ୍ଲମାନେ ବିବାଦ ନିଷ୍ପତ୍ତି ପାଇଁ ଗ୍ରାମପଞ୍ଚାୟତ ବା ବଡ଼ୁରପଡ଼ଙ୍କ ନିକଟ ନିମ୍ନଲିଖିତ ଶପଥ କରନ୍ତି—
Simbaṅgā

'ସିରବାରେ ସିଂବଙ୍ଗା ଏତେରେ ନାଗେ ଏରା'

(ଏଥିର ଅର୍ଥ—ଉପରେ ସୂର୍ଯ୍ୟଦେବତା ଓ ତଳେ ବାସୁକି ମାତାଙ୍କ ନାମ ଧରି ମୁଁ ଶପଥ କରୁଛି ।]

ସିଂସା—ଦେ. ବି (ସଂ. ସୀସକ)—ସୀସା (ଧାତୁ)—Lead (metal). ପ୍ରାଦେ (ବୌଦ୍ଧ) ବି—ସୀସା ପେନ୍ସିଲ—Lead pencil; wooden pencil.
Simsā
ସୀସା ରାଁଗା ଚେ. ସାଷମୁ

ସିଂହ—ସଂ. ବି. ପୁଂ (ହିନ୍ସ୍ ଧାତୁ=ହିଂସା କରିବା; ବଧ କରିବା+କର୍ତ୍ତୃ. ଅ; ବର୍ଣ୍ଣ ବିପର୍ଯ୍ୟୟରେ ନିପାତନ ସିଦ୍ଧ)—୧ । ପ୍ରସିଦ୍ଧ ଶ୍ୱାପଦ ବନ୍ୟ ପଶୁ; ମୃଗେନ୍ଦ୍ର—1. The lion; Felis Leo. [ଦ୍ର—ଏହାର ବେକରେ ଓ ମୁଣ୍ଡରେ ଦୀର୍ଘ କେଶର ଥାଏ ଓ ଲାଙ୍ଗୁଳର ଅଗରେ କୃଷ୍ଣବର୍ଣ୍ଣ ଲୋମଗୁଚ୍ଛ ଥାଏ । ସିଂହୀର ବେକରେ ଓ ମୁଣ୍ଡରେ କେଶର ନ ଥାଏ । ସିଂହର ବର୍ଣ୍ଣ ପିଙ୍ଗଳ ବା ଫିକା ହଳଦିଆ । ଆଫ୍ରିକାର ଅଲଜିରିଆଠାରୁ କେପ୍‌କଲୋନି ପର୍ଯ୍ୟନ୍ତ ସବୁ ଅଞ୍ଚଳରେ ଓ ପାରସ୍ୟରେ ସିଂହ ଦେଖାଯାଆନ୍ତି । ପୂର୍ବେ ଭାରତବର୍ଷରେ ଅନେକ ସିଂହ ଥିଲେ । ଉତ୍କଳର ଦେବାଳୟମାନଙ୍କରେ ସିଂହର ମୂର୍ତ୍ତି ବହୁଳ ପରିମାଣରେ ଦେଖାଯାଏ । କିନ୍ତୁ ବର୍ତ୍ତମାନ କେବଳ ବମ୍ବେ ପ୍ରଦେଶସ୍ଥ କାଠିଆବାଡ଼ର ଜଙ୍ଗଲରେ ସିଂହ ଦେଖାଯାଆନ୍ତି ।
Simha
(ସିଂହୀ—ସ୍ତ୍ରୀ)
ସିଂହର ପ୍ରତିଶବ୍ଦ—
ମୃଗେନ୍ଦ୍ର, ପଞ୍ଚାସ୍ୟ, ହର୍ଯ୍ୟକ୍ଷ, କେଶରୀ, ହରି (ଅମର)
ପାରୀନ୍ଦ୍ର, ଶ୍ୱେତପିଙ୍ଗଳ, କଣ୍ଠୀରବ, ପଞ୍ଚଶିଖ, ଶୈଳାଟ, ଗ୍ରାମବହମ, ସଟାଙ୍କ, ମୃଗଦୃଷ୍ଟି, ମୃଗଦ୍ୱିଷ, ନଖରାୟୁଧ, କେଶୀ, ଇଭାରି, କରିଦାରକ, (ଶବ୍ଦରତ୍ନାବଳୀ), ମହାବୀର, ଶ୍ୱେତପିଙ୍ଗ, ଗଜମୋଚନ, ମୃଗାରି (ଜଟାଧର), ଇଭାରି, ନଖରାୟୁଧ, ମହାନାଦ, ମୃଗପତି (ହେମଚନ୍ଦ୍ର), ପଞ୍ଚମୁଖ, ନଖୀ, ମାନୀ, ଭବ୍ୟାଦ, ମୃଗାଧିପ, ଶୂର, ଦନ୍ତାନ୍ତ, ଦ୍ୱିରଦାନ୍ତକ, ବହୁବଳ, ସ୍ୱପ୍ନ, ବଳୀ, ନଖରୀ, ଖାନ୍ତପିଙ୍ଗଳ ।

ସିଂହର କଟିଦେଶ ଅତି କୃଶ ଥିବାରୁ ସରୁ କଟିଯୁକ୍ତା ସ୍ତ୍ରୀମାନଙ୍କ କଟିକୁ ମୃଗେନ୍ଦ୍ରକଟୀ ସଙ୍ଗେ ତୁଳନା କରାଯାଏ । ସିଂହ ସମସ୍ତ ବନ୍ୟ ପଶୁ ମଧ୍ୟରେ ବଳିଷ୍ଠ; ସେଥିପାଇଁ ତାକୁ 'ପଶୁରାଜ' ବୋଲାଯାଏ । ଆଫ୍ରିକାର ଜଙ୍ଗଲରେ ଅନେକ ସିଂହ ଅଛନ୍ତି । ସିଂହମାନେ ପର୍ବତର ଗୁହାରେ ବାସ କରନ୍ତି । ଆଫ୍ରିକାର ସିଂହମାନେ ବାଲୁକାମୟ ସ୍ଥାନରେ ବିଚରଣ କରନ୍ତି । ପୁରୁଷ ସିଂହର ବେକ ଉପରେ କେଶର ଥାଏ, ମାଈ ସିଂହର କେଶର ନ ଥାଏ । ସିଂହୀ ଏକାଥରକେ ୩।୪ଟି ଶାବକ ପ୍ରସବ କରେ । ନବଜାତ ଶିଶୁର ୧୦।୧୫ ଦିନ ପରେ ଆଖି ଫିଟେ । ସିଂହକୁ

ଗୃହରେ ଅଣି ପୋଷିଲେ ସେ ବଗ୍‌ଘ ପରି ପୋଷା ମାନିଜ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ମାଂସ ଅର୍ଶ, ପ୍ରମେହ, ଜଠରାମୟ ଓ ଜଡ଼ତା ନାଶ କରେ । ଅନ୍ୟ ସ୍ଥାନାଶୟ ଘରମାନଙ୍କ ମାଂସ ପରି ସିଂହର ମାଂସ ବାତଘ୍ନ, ଗୁରୁ, ଉଷ୍ଣ, ମଧୁର, ସ୍ନିଗ୍ଧ, ବଲ୍ୟ ଓ କେଶ ବୃଦ୍ଧି କରାଇବାରେ ହିତକର । ସିଂହର ଚର୍ବି ବାତରୋଗରେ ଔଷଧରୂପେ ବ୍ୟବହୃତ ହୁଏ ।] ୨ । (ଅନ୍ୟ ଜାତିବାଚକ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଶ୍ରେଷ୍ଠତା ବୁଝାଏ । ଯଥା—ନରସିଂହ,ପୁରୁଷସିଂହ, କପିସିଂହ) ଶ୍ରେଷ୍ଠ—2. Chief of a class. [ଦ୍ର—ତହିଁ ଦ୍ୱିଜ ସଙ୍ଗେ ସେ ନୃପକୁଳ ସିଂହ—କୃଷ୍ଣସିଂହ. ମହାଭାରତ ବନ ।] ୩ । (ଜ୍ୟୋତିଷ) ମେଷାଦି ଦ୍ୱାଦଶ ରାଶିର ଅନ୍ତର୍ଗତ ପଞ୍ଚମ ରାଶି—3. The astrological sign Leo. [ଦ୍ର—ସିଂହ ରାଶି ମଘା ଓ ପୂର୍ବଫାଲ୍‌ଗୁନୀ ନକ୍ଷତ୍ର ଏବଂ ଉତ୍ତର ଫାଲ୍‌ଗୁନୀର ପ୍ରଥମ ପାଦ ଅଧିକାର କରିଅଛି । ସୂର୍ଯ୍ୟ ଭାଦ୍ର ମାସରେ ଏ ରାଶିରେ ଅବସ୍ଥାନ କରନ୍ତି । ଏହି ରାଶିରେ ଜନ୍ମିବା ବ୍ୟକ୍ତି କ୍ରୋଧୀ, ଶୀଘ୍ରଗତି, ହାସ୍ୟବାଣୀ, ଅତି ବଳୀ, ଚଞ୍ଚଳ, ଶୀତଳ ଓ ମଦ୍ୟପ୍ରିୟ ହୁଏ । ସିଂହ ଲଗ୍ନରେ ଜାତ ବ୍ୟକ୍ତି ଭୋଗୀ, ଶତ୍ରୁଦମନକାରୀ, ସ୍ୱଳ୍ପୋଦର, ଅଳ୍ପ ପୁତ୍ର, ଉତ୍ସାହୀ ଓ ପରାକ୍ରମୀ ହୁଏ ।] ୪ । ସୌର ଭାଦ୍ର ମାସ—4. The solar month of Bhādra. ୫ । ରକ୍ତ ଶିଗ୍ରୁ; ନାଲି ସଜନା (ରାଜନିର୍ଘଣ୍ଟ)—5. The red variety of horse radish. ୬ । ବୌଦ୍ଧ ଯତିମାନଙ୍କର ଧ୍ୱଜ (ହେମଚନ୍ଦ୍ର) —6. The flag of Buddhist monks. ୭ । ରାମାୟଣରେ ବର୍ଣ୍ଣିତ ଚନ୍ଦ୍ରଗିରି ପର୍ବତବାସୀ ବିଶାଳ ପକ୍ଷିବିଶେଷ—7. Name of a gigantic mythological bird mentioned in the Rāmāyaṇa. [ଦ୍ର—ଏ ପକ୍ଷୀ ବଳଶାଳୀ ଯେ, ହସ୍ତୀ ଓ ତିମିମତ୍ସ୍ୟଙ୍କୁ ଧରି ଗଡ଼ରେ ପ୍ରବେଶ କରେ ।] ୮ । ଦୈତ୍ୟବିଶେଷ—8. Name of a giant. [ଦ୍ର—ବହୁରେ କେଶରସିଂହ ନେକ ବଳେ କହନ୍ତି ଏ ତର୍କେ ପସ ସେ—ବିଷ୍ଣୁ. ବୈଦେହୀଶବିଳାସ ।]

ସିଂହ ସିଂହ ଦେ. ବି—୧ । କ୍ଷତ୍ରିୟମାନଙ୍କର ବଂଶୋପାଧିବିଶେଷ—1. A family title of Kshatriyas. ୨ । କାୟସ୍ଥ, ଗୋପ, ଶୁଦ୍ର, ରାଜପୁତ ଆଦିଙ୍କ ବଂଶୋପାଧିବିଶେଷ—2. A family title of some Kayasthas etc. ୩ । (ଅନ୍ୟ ଗୁଣ ବା ଉତ୍କର୍ଷବାଚକ ଶବ୍ଦ ସଙ୍ଗେ ଯୁକ୍ତ) ରାଜପ୍ରଦତ୍ତ ଉପାଧିବିଶେଷ—3. A title given by Rajahs to persons (added to another word). [ଦ୍ର—ପାଲଟାସିଂହ, ବଳଅରସିଂହ, ଛଟୁଆସିଂହ, ବାଘସିଂହ ଇତ୍ୟାଦି ।]

ସିଂହ କେଶର—ସଂ. ବି (୬ଷ୍ଠୀ ତତ) ୧ । ସଟା; ସିଂହଜଟା; ସିଂହର Simha kesara ସ୍କନ୍ଧ, ମୁଣ୍ଡ ଓ ବେକରେ ଥିବା ଲମ୍ବ କେଶର—(ସିଂହକେଶରକ—ଅନ୍ୟରୂପ) 1. The manes of a lion. ୨। ବକୁଳ ଗଛ (ହିତାଶ୍ରୁ ଶେଷ)—2. The Bakula tree; Mimusops Elengi.

ସିଂହ ଗ୍ରୀବ—ସ. ବିଣ. ପୁଂ (ବହୁବ୍ରୀହି; ସିଂହର ଗ୍ରୀବାପରି ଗ୍ରୀବା Simha grība ଯାହାର)—ସିଂହପରି ଉନ୍ନତ ଗ୍ରୀବା ବିଶିଷ୍ଟ—(ସିଂହଗ୍ରୀବା—ସ୍ତ୍ରୀ) Having a neck as high as that of a lion.

ସିଂହ(ହି)ଟାଳୀ—ଦେ. ବି— ଏକ ପ୍ରକାର ଗଣ୍ଡ-ସ୍ଥଳ କ୍ଷୁଦ୍ର ମତ୍ସ୍ୟ;ଏହାର Simha(mhi)ṭaḷī ମୁଣ୍ଡ ଗାଲରେ ଦୁଇଟା କଣା ଥାଏ; ଏହାକୁ ଟ୍ୟାଂରା କାଁଟୀ ସିଂଘୀମାଛ କହନ୍ତି—A species of small fish.

ସିଂହଡ଼ା—ଦେ. ବି (ସ. ଶୃଙ୍ଗାଟକ)—ସିଂଘଡ଼ା (ଦେଖ)— Simbarḍa Singharḍa. (See) সিঙ্গাড়া (ଦ୍ର— ସିଂହଡ଼ା କେଶର ଅଣି ଗୁଅରେ ଯୋଗ, सिंहाड़ କର୍ପୂର ମରିଚ ମେଳ ମିଠା ଭୁଞ୍ଜେ ମୋହ । ପ୍ରାଚୀ. ରହସ୍ୟମଞ୍ଜରୀ ।)

ସିଂହତଳ—ସ. ବି (ସଂହତ+ତଳ; ଶକନ୍ଧୁ)—କରଯୋଡ଼ନ; Simhatala କୃତାଞ୍ଜଳି (ରମାନାଥ ଅମରଟୀକା)—The folded palms.

ସିଂହ ତୁଣ୍ଡ—ସ. ବି—୧ । ସେହୁଣ୍ଡ ବୃକ୍ଷ; ସିଜୁ ଛେ (ରାଜନିର୍ଘଣ୍ଟ)— Simha tuṇḍa 1. Euphorbia Nerifolia. ୨ । ଏକ ପ୍ରକାର ମାଛ (ଶବ୍ଦକୋଷ)—2. A kind of fish. [ଦ୍ର—ମାଗୁର ପ୍ରଭୃତି ମାଛକୁ ସିଂହତୁଣ୍ଡ ବୋଲାଯାଏ । ଦୈବ ଓ ପୈତ୍ର କର୍ମରେ ଏ ମତ୍ସ୍ୟ ବ୍ୟବହାର୍ଯ୍ୟ—ମନୁ ୫।୧୬ ।]

ସିଂହ ଦର(ରୋ)ଜା—ଦେ. ବି (ସଂ. ସିଂହଦ୍ୱାର)—ସିଂହଦ୍ୱାର Simha dara(ro)jā (ଦେଖ)—Simhadwāra. (See) (ସିଂହଦୁଆର—ଅନ୍ୟରୂପ) [ଦ୍ର—ଅଭିଷେକୋତ୍ସବ ଦର୍ଶନ ଅଶେ সিংহদরজা, সিংহদুয়ার ସିଂହଦୁଆରେ, ହରେ ଅଛ ଦେବଦେବୀଏ सिंहदरवाजा ଯେଷା ପଞ୍ଜାବସ୍ଥାରେ । ରାଧାନାଥ. ଚନ୍ଦ୍ରଭାଗା ।]

ସିଂହଦ୍ୱାର—ସଂ. ବି (ମଧ୍ୟପଦଲୋପୀ କର୍ମଧାରୟ; ସିଂହମୂର୍ତ୍ତି ଚିହ୍ନିତ Simhadwāra ଦ୍ୱାର; ଏଥିର ଦୁଇ ପାଖରେ ସିଂହର ମୂର୍ତ୍ତି ଥାଏ)—ରାଜପ୍ରାସାଦ ଓ ଦେବାଳୟକୁ ପ୍ରବେଶ କରିବାପାଇଁ ପ୍ରଧାନ ବା ସଦର ଦୁଆର—The main entrance to a palace or temple.

ସିଂହ ଧ୍ୱନି—ସଂ. ବି (୬ଷ୍ଠୀ ତତ୍)—୧ । ସିଂହର ଶବ୍ଦ ବା ଗର୍ଜ୍ଜନ— Simha dhwani 1. The roar of a lion. ୨ । ସିଂହନାଦ ସଦୃଶ ଉଚ୍ଚ ରବ (କୁମାରସମ୍ଭବ ୧।୫ ର)—2. A loud roar like that of a lion.

ସିଂହ ନାଥ—ଦେ. ବି (ନାମ)—ବାଙ୍କୀ ବୈଦେଶ୍ୱରର ସମ୍ମୁଖରେ Simha nātha ମହାନଦୀ ଗର୍ଭରେ କଡ଼ମ୍ବା ରାଜ୍ୟଭୁକ୍ତ ଏକ ପାହାଡ଼ ଦ୍ୱୀପ ଓ ତହିଁରେ ଥିବା ମନ୍ଦିରରେ ପ୍ରତିଷ୍ଠିତ

ଶିବଲିଙ୍ଗ—Name of an idol of Śiba on a hillock-island in the bed of the Mahānadī river opposite Baidyeswara in Banki. (ଉ—ସ୍ରୋତେ ଶୈଳଶୃଙ୍ଗେ ଶଶାଙ୍କ ଶେଖର, ସିଂହନାଥ ପୁଣି ଧବଳେଶ୍ୱର । ସିଧାନାଥ, ନନ୍ଦକେଶ୍ୱରୀ ।) [ବି—ଏହି ପାହାଡ଼କୁ ସିଂହନାଥ ମୁଣ୍ଡିଆ ବୋଲାଯାଏ । ଏହା ମହାନଦୀ ଗର୍ଭସ୍ଥ ଗୋଟିଏ ଦ୍ୱୀପ । ଏହି ପାହାଡ଼ରେ ଗୋଟିଏ ଗୁହା ଅଛି ଏବଂ ସେହି ଗୁହାରେ ଗୋଟିଏ ବୈରାଗୀ (ଯେ ପୂର୍ବେ ଗୃହସ୍ଥ ଥାଇ ବିବାହ ଦାରପରିଗ୍ରହ କରିଥିଲେ ଓ ପରେ ସସ୍ତ୍ରୀକ ସଂସାର ତ୍ୟାଗ କରିଅଛନ୍ତି) ଓ ତାଙ୍କ ମାତାଜୀ (ବୈରାଗୀଙ୍କର ବିବାହିତା ସ୍ତ୍ରୀ) ମଠ କରି ଅଛନ୍ତି । ସେହି ପାହାଡ଼କୁ ଲାଗି ଗୋଟିଏ ଅମ୍ବତୋଟା ଅଛି । ମନ୍ଦିରଟି ପ୍ରସ୍ତରଶିଳାରେ ପୂର୍ଣ୍ଣ । ଏହି ମୁଣ୍ଡିଆ ଉପରେ ବଡ଼ାମ୍ବା ରାଜାଙ୍କର ଗୋଟିଏ କୋଠା ଅଛି । ଏଠାରେ ଅନ୍ୟ କେହି ବାସ କରନ୍ତି ନାହିଁ, ଏବଂ ବୈଦ୍ୟେଶ୍ୱରନିବାସୀ ପଣ୍ଡାମାନେ ପ୍ରତିଦିନ ନଦୀ ପାରି ହୋଇ ଆସି ଏହି ମହାଦେବଙ୍କର ସେବା କରନ୍ତି ।

ସ୍ଥାନୀୟ କିମ୍ବଦନ୍ତୀ ଅଛି ଯେ, ରାମଚନ୍ଦ୍ରଙ୍କ ବନବାସ ସମୟରେ ଏ ବିଗ୍ରହ ଲକ୍ଷ୍ମଣଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ । ରାମଚନ୍ଦ୍ରଙ୍କ ପ୍ରତିଷ୍ଠିତ ରାମନାଥ ଶିବଲିଙ୍ଗ ନଦୀର ଅପର ପାରରେ ଓ ସୀତା ବା ବୈଦେହୀଙ୍କ ପ୍ରତିଷ୍ଠିତ ବୈଦ୍ୟନାଥ ଶିବଲିଙ୍ଗ ନିକଟବର୍ତ୍ତୀ ବୈଦ୍ୟେଶ୍ୱର ମୁଣ୍ଡିଅ ତଳେ ପ୍ରତିଷ୍ଠିତ । ବଡ଼ାମ୍ବାରେ ମିଳୁଥିବା ଓଡ଼ିଆ ରାମାୟଣରେ ଏହି କିମ୍ବଦନ୍ତୀର ଉଲ୍ଲେଖ ଅଛି । ଓଡ଼ିଶା ଗଡ଼ଜାତର ଅରଣ୍ୟ ଦଣ୍ଡକାରଣ୍ୟର ଅନ୍ତର୍ଗତ ଥିବାରୁ କେହି କେହି ଏପରି ଅନୁମାନ କରନ୍ତି । କଥିତ ଅଛି—ଭୁବନେଶ୍ୱର ମନ୍ଦିର ନିର୍ମାତା—ଲଲାଟେନ୍ଦୁ କେଶରୀଙ୍କ ଭାଇ କର୍ଣ୍ଣ କେଶରୀ (ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ) ଏ ମନ୍ଦିରକୁ ତୋଳାଇଥିଲେ ।]

ସିଂହନାଥ ମୁଣ୍ଡିଆ—ଦେ· ବି (ନାମ)—ମହାନଦୀ ଗର୍ଭସ୍ଥ ବଡ଼ାମ୍ବା Siṁhanātha muṇḍiā ରାଜ୍ୟର ଅନ୍ତର୍ଗତ ପାହାଡ଼ ବିଶେଷ—Name of a hillock on the bed of the Mahānadī.

ସିଂହ ନାଦ—ସଂ. ବି (୬ଷ୍ଠୀ ତତ୍)—୧ । ସିଂହଧ୍ୱନି (ଦେଖ)—Siṁha nāda 1. Siṁha dhwani. (See) ୨ । ଯୋଦ୍ଧାମାନଙ୍କର ଉତ୍ସାହଜନକ ରବ (ଅମର)—2. A war-cry; shout of warriors, a roar made by warriors in the brunt of the fight. [ବି—ଗଜଯୂଥ ଦର୍ଶନ କରି ସେହି ଦଳର ଛତ୍ରଭଙ୍ଗ କରାଇବାକୁ ସିଂହ ଯେଉଁ ଗର୍ଜ୍ଜନ କରେ ଏବଂ ଶତ୍ରୁଭୟ ଓ ନିଜ ଦଳର ଉତ୍ସାହବୃଦ୍ଧି ପାଇଁ ଯୋଦ୍ଧା ଯେଉଁ ଗର୍ଜ୍ଜନ ଶବ୍ଦ କରେ ତାକୁ ସିଂହନାଦ କୋହାଯାଏ (ବିଶ୍ୱକୋଷ) ।] ୩ । ମହାଦେବ (ମହାଭାରତ)—3. Mahādeba. ୪ । ସଂସ୍କୃତ ଛନ୍ଦୋବିଶେଷ—4. Name of a Sanscrit metre. [ବି—ଏଥିର ପ୍ରତି ଚରଣରେ ୧୩ ଅକ୍ଷର ଥାଏ; ୩ୟ, ୫ମ, ୧୨ଶ ଓ ତ୍ରୟୋଦଶ ଅକ୍ଷର ଗୁରୁ; ଅନ୍ୟ ବର୍ଣ୍ଣମାନ ଲଘୁ—ଛନ୍ଦୋମଞ୍ଜରୀ ।]

ସିଂହ ନାଦକ—ସ. ବି (ସିଂହ+ନଦ୍ ଧାତୁ+କରଣ. ଅକ)—Siṁha nādaka ତୁରୀ; ଶିଙ୍ଗା; ରଣଶିଙ୍ଗା (ହାରାବଳୀ)—A war-trumpet.

ସଂ. ବିଶ. ପୁଂ (+କର୍ତ୍ତୃ· ଅକ)—ସିଂହପରି ନାଦକାରୀ—Roaring like lion.

ସିଂହ ନାଦିକା—ସ. ବି (ସିଂହ ନାଦକ+ସ୍ତ୍ରୀ. ଆ)—Siṁha nādikā ଦୁରାଲଭା (ଶବ୍ଦ ଚନ୍ଦ୍ରିକା) (ଦେଖ) Durālabhā (See)

ସଂ. ବିଶ. ସ୍ତ୍ରୀ—ସିଂହନାଦକର ସ୍ତ୍ରୀଲିଙ୍ଗ—Feminine of siṁha nādaka.

ସିଂହ ପର୍ଣ୍ଣୀ—ସ· ବି—ବାସକ (ଜଟାଧର); ବାସଙ୍ଗ ଗଛ—Siṁha parṇṇī A tree; Adhatoda Vasaca.

ସିଂହ ପୁଚ୍ଛିକା—ସ. ବି—କ୍ଷୁଦ୍ର ପର୍ଣ୍ଣିକା; କ୍ଷୁଦ୍ର ଚକ୍ର ପର୍ଣ୍ଣୀ; ପୃଶ୍ନି ପର୍ଣ୍ଣୀ Siṁha puchchhikā ଲତା (ରତ୍ନମାଳା; ଅମର); ମାଷପର୍ଣ୍ଣୀ (ସିଂହ ପୁଚ୍ଛୀ—ଅନ୍ୟରୂପ) A creeper; Uraria Lagopoides.

ସିଂହ ପୁର—ଦେ. ବି (ନାମ)—ପ୍ରାଚୀନ କଳିଙ୍ଗର ଏକ ରାଜଧାନୀ—Siṁha pura A capital of the ancient Kaliṅga Empire.

ସିଂହ ପୁଷ୍ପୀ—ସ. ବି—ପୃଶ୍ନି ପର୍ଣ୍ଣୀ (ଦେଖ) Siṁha pushpī Pṛuśni parṇṇī (See)

ସିଂହ ବାହିନୀ—ସ. ବି. ସ୍ତ୍ରୀ [ସିଂହରୂପ ବାହ (ବାହନ)+ଅସ୍ତି· Siṁha bāhinī ଅର୍ଥରେ ଇନ୍+ସ୍ତ୍ରୀ. ଈ)—ଦୁର୍ଗା—Goddess Durgā. [ବି—ଏ ସିଂହରେ ଆରୋହଣ କରି ମହିଷାସୁରଙ୍କୁ ବଧ କରିଥିଲେ ।]

ସିଂହ ବାହୁ—ଦେ. ବି (ନାମ)—ସିଂହଭୂମିର ଜନୈକ ରାଜା—Name Siṁha bāhu of a king of Siṁhabhūmi. [ବି—ଏ ବୁଦ୍ଧ ଦେବଙ୍କ ସମକାଳୀନ । ଏହାଙ୍କ ପୁତ୍ର ବିଜୟ ସିଂହ ରାଜ୍ୟରୁ ନିର୍ବାସିତ ହୋଇ ଲଙ୍କାକୁ ଯାଇ ସେଠାର ଆଦିମ ନିବାସୀମାନଙ୍କୁ ଜୟ କରି ସେଠାରେ ରାଜ୍ୟ ସ୍ଥାପନ କରିଥିଲେ । ସିଂହଳ ଦେଖ]

ସିଂହ ବିକ୍ରମ—ସ. ବି (୬ଷ୍ଠୀ ତତ୍)—ସିଂହର ପରାକ୍ରମ—The Siṁha bikrama strength of a lion. ସ· ବିଣ. ପୁଂ (ସିଂହ ବିକ୍ରମା—ସ୍ତ୍ରୀ) (ବହୁବ୍ରୀହି)—ସିଂହ ପରି ପରାକ୍ରମଶାଳୀ—Strong as a lion.

ସିଂହ ବିକ୍ରାନ୍ତ—ସ. ବିଣ (ସିଂହ+ବି+କ୍ରମ୍ ଧାତୁ+କର୍ତ୍ତୃ ତ)—ସିଂହ Siṁha bikrānta ପରି ପରାକ୍ରମୀ—Strong as a lion.

ସଂ. ବି—ଅଶ୍ୱ; ଘୋଟକ (ହାରାବଳୀ, ଶବ୍ଦମାଳା)—The horse.

ସିଂହ ଭିନ୍ନା—ସଂ. ବି—ମାଷପର୍ଣ୍ଣୀ (ଦେଖ)—
Simha binnā Māshaparnnī (See)

ସିଂହଭୂମ୍(ମି)—ଦେ. ବି (ନାମ)—ଅଧୁନା ବିହାର ପ୍ରଦେଶର ଅନ୍ତର୍ଗତ ଓଡ଼ିଆ ଜିଲ୍ଲାବିଶେଷ—A district now in the province of Bihar mostly inhabited by Hos and the Oriyas.
Simhabhūm(mi)
সিংহভূম
सिंहभूमि

[ଦ୍ର—୧ । ଏହା ପ୍ରଥମେ ଭୂୟାଁମାନଙ୍କର ରାଜ୍ୟ ଥିଲା । ଭୂୟାଁମାନଙ୍କ ଅଭ୍ୟୁଦୟ ପୂର୍ବେ ଏଠାରେ ସରାକ (ଜୈନ-ଶ୍ରାବକ) ଜାତିର ପ୍ରାଧାନ୍ୟ ଥିଲା । ଏଠାରେ ସିଂହବାହୁ ରାଜା ରାଜତ୍ୱ କରୁଥିଲେ । ଏ ଏପରି ପ୍ରଜାପ୍ରିୟ ଥିଲେ ଯେ, ପ୍ରଜାମାନଙ୍କ ଆପତ୍ତି ଯୋଗୁଁ ଅତ୍ୟାଚାରୀ ଯୁବରାଜ ବିଜୟସିଂହଙ୍କୁ ଅଘୂର୍ଣ୍ଣିତ ଡଙ୍ଗାରେ ରାଜ୍ୟରୁ ବହିଷ୍କୃତ କରି ଦେଇଥିଲେ। ସିଂହବାହୁ ଅନେକ ଜଳାଶୟ, ପୁଷ୍କରିଣୀ ଓ କୂଅ (କେନାଲ) ଖୋଳାଇ ଥିଲେ ।

ସିଂହଭୂମିର ନାମ ପୂର୍ବରେ ଯେ କଅଣ ଥିଲା ତାହା ଏପର୍ଯ୍ୟନ୍ତ ଆମ୍ଭେମାନେ ଜାଣି ପାରୁ ନାହିଁ । ତେବେ ସ୍ଥୂଳତଃ ଜଣାଯାଏ ଯେ, ଏହା ଗୋଟିଏ ଜଙ୍ଗଲ-ମୂଳକ ଥିଲା । ଏହାର ଆଦିମ ବାସିନ୍ଦା ହୋ ଓ ଭୂୟାଁ ଜାତି ଥିଲେ; ଅର୍ଯ୍ୟ ଜାତି କେହି ବାସ କରୁ ନ ଥିଲେ । ଯେତେ-ବେଳେ ସିଂହ ରାଜାମାନେ ରାଜପୁତାନାରୁ ଆସି ଅନାର୍ଯ୍ୟ-ମାନଙ୍କୁ ଜୟ କରି ଏଠାରେ ରାଜ୍ୟ ସ୍ଥାପନ କଲେ, ସେହି ଦିନଠାରୁ ସିଂହଭୂମିର ନାମକରଣ, ସିଂହ ରାଜାମାନଙ୍କ ଅଧିକୃତ ହେବାରୁ, ସିଂହଭୂମି ହେଲା । କେହି କେହି ସାହେବ ଓ ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁ କହନ୍ତି ଯେ, ହୋ ମାନେ ସୂର୍ଯ୍ୟଦେବତାଙ୍କୁ 'ସିଙ୍ଗିବଙ୍ଗା' କହନ୍ତି; ସୁତରାଂ ଏହି ଶବ୍ଦର ଅପଭ୍ରଂଶରେ ସିଂହଭୂମି ହୋଇଅଛି । କିନ୍ତୁ ଏହା ଯୁକ୍ତିସିଦ୍ଧ ବା ସର୍ବବାଦିସମ୍ମତ ହୋଇ ନ ପାରେ ବୋଲି ଆମ୍ଭମାନଙ୍କର ମତ । ଆମ୍ଭେ ସିଂହରାଜାମାନଙ୍କ ଏ ଅବଧି ତେର ପୁରୁଷ ପର୍ଯ୍ୟନ୍ତ ଜାଣିପାରୁଅଛୁଁ । ପୂର୍ବରେ ସିଂହରାଜାଙ୍କର ଆଉ କେତେ ପୁରୁଷ ଥିଲେ, ତାହା ଆମ୍ଭମାନଙ୍କୁ ଜଣା ନାହିଁ । କିମ୍ବା ପ୍ରଥମତଃ କେଉଁ ବ୍ୟକ୍ତି ଆସି ସିଂହଭୂମିରେ ରାଜ୍ୟ ସ୍ଥାପନ କରିଥିଲେ ତାହା ମଧ୍ୟ ଅବିଦିତ। କିନ୍ତୁ ଏହା ଧ୍ରୁବ ସତ୍ୟ ଯେ, ଏହାର ପ୍ରତିଷ୍ଠାତା ସିଂହରାଜାମାନେହିଁ ଅଟନ୍ତି । ପୋଡ଼ାହାଟ, କେସ୍ରା, ଆନନ୍ଦପୁର, ପୋଡ଼ଶକଳା (ସରେଇକଳା), ଖରସୁଆଁ ପ୍ରଭୃତି ଯେତେ ରାଜ୍ୟ ଅଛି, ସେ ରାଜ୍ୟର ରାଜବଂଶଗଣ ଏକ ସିଂହବଂଶର ଶାଖା । ଏହି ସିଂହଭୂମିର ତଦାନୀନ୍ତନ ମହାରାଜା ଘନଶ୍ୟାମ ସିଂହ ସନ ୧୮୧୮ ମସିହାରେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟଙ୍କ ଅଧୀନତା ସ୍ୱୀକାର କଲେ । ପୂର୍ବରେ ଉପର୍ଯ୍ୟୁକ୍ତ ସମସ୍ତ ରାଜ୍ୟ ସ୍ୱତନ୍ତ୍ର ଥିଲା । ସେହି ପୂର୍ବକାଳରୁହିଁ ଏହି ସିଂହରାଜାମାନେ ଓଡ଼ିଆ ଭାଷାକୁ ନିଜ ମାତୃଭାଷାରୂପେ ଗ୍ରହଣ କରି ଆସିଅଛନ୍ତି । ଓଡ଼ିଶାର ସମ୍ରାଟ ଗଜପତିଙ୍କର ସିଂହଭୂମିର ମହାରାଜାଙ୍କ ସହ ବିଶେଷ ବନ୍ଧୁତ୍ୱ ଥିଲା; ଗଜପତିଙ୍କ ରାଜ୍ୟରୁ ଅର୍ଯ୍ୟ ବାସିନ୍ଦା ଓଡ଼ିଆମାନଙ୍କୁ ଆଣାଇ ସିଂହଭୂମିର ମହାରାଜା ତାଙ୍କ ରାଜ୍ୟରେ ରଖାଇ ଥିଲେ । ଅଦ୍ୟାବଧି ବହୁ ଆର୍ଯ୍ୟବାସିନ୍ଦା ଏ ଅଞ୍ଚଳରେ ଅଛନ୍ତି ଏବଂ ଉତ୍କଳୀୟ ବ୍ରାହ୍ମଣ, କରଣ ଓ ଖଣ୍ଡାୟତ ପ୍ରଭୃତିହିଁ ରାଜାଙ୍କର ପ୍ରଧାନ କର୍ମଚାରୀରୂପେ ପୁରୁଷାନୁକ୍ରମେ ବୃତ୍ତିଭୋଗୀ ହୋଇ ରହି ଅଛନ୍ତି । ଅଦ୍ୟାବଧି ଯେଉଁ ସମସ୍ତ ସିରସ୍ତାର କାଗଜପତ୍ର, ଦଲିଲ ଦସ୍ତାବେଜ ପ୍ରଭୃତି ସିଂହରାଜାମାନଙ୍କର ଅଛି, ସେ ସମସ୍ତହିଁ ଓଡ଼ିଆ ଭାଷାରେ ଲେଖା । ଅବଶ୍ୟ ପରେ ପରେ କର୍ମାନୁରୋଧରେ ଅର୍ଯ୍ୟବାସିନ୍ଦାମାନେ ମଧ୍ୟ ଅନ୍ୟାନ୍ୟ ପ୍ରଦେଶରୁ ଆସି ସିଂହଭୂମିରେ ବାସ କରିଅଛନ୍ତି । କିନ୍ତୁ ସେମାନେ ଓଡ଼ିଆ ଭାଷାକୁହିଁ ସିଂହଭୂମିର ପ୍ରଧାନ ଭାଷା ବୋଲି ଗ୍ରହଣ କରିଅଛନ୍ତି ଓ ଓଡ଼ିଆମାନଙ୍କ ଅନୁକରଣରେ ସମସ୍ତ ପର୍ବପର୍ବାଣି ଓ ସାମାଜିକ ବିଧିମାନ ସମ୍ପାଦନ କରନ୍ତି । ହଣ୍ଟର ସାହେବ Statistical Account of India ବୋଲି ଯେଉଁ ପୁସ୍ତକଟି ପ୍ରଣୟନ କରିଅଛନ୍ତି [ସନ ୧୮୭୭] ସେଥିରେ ସେ ଯେଉଁ ହିସାବ ଦେଖାଇ ଅଛନ୍ତି, ସେଥିରୁ ସ୍ପଷ୍ଟଭାବେ ଅନୁମିତ ମିଳେ ଯେ, ସିଂହଭୂମିରେ ଅନାର୍ଯ୍ୟମାନଙ୍କୁ ଛାଡ଼ି ଦେଲେ ଓଡ଼ିଆ ଜାତିରହିଁ ପ୍ରଚୁରତା ଓ ପ୍ରକର୍ଷ ଉପଲବ୍ଧି ହୁଏ—ସନ୍ଦର୍ଭ ଲେଖକ ହରିଚରଣ ରାଉତ- ଦୈନିକ ଆଶା ୮।୧।୩୦ ।

ବର୍ତ୍ତମାନ 'ହୋ' [ସାନ୍ତାଳ]ମାନେ ସିଂହଭୂମିର ପ୍ରଧାନ ଅଧିବାସୀ ଅଟନ୍ତି ଓ ଏଠାରେ ବହୁସଂଖ୍ୟକ ଓଡ଼ିଆ ବାସ କରନ୍ତି । ଏହି ଜିଲ୍ଲାର ଜାମସେଦପୁର [ଟାଟାନଗର] ଠାରେ ଟାଟାକମ୍ପାନିଙ୍କ ପୃଥିବୀ ବିଖ୍ୟାତ ଲୁହା ଓ ଇସ୍ପାତ କାରଖାନା [Tata Iron and Steel Works] ପ୍ରତିଷ୍ଠିତ ହେବାରୁ ଏହି କାରଖାନାରେ କାମ କରିବା ପାଇଁ ବହୁ ହିନ୍ଦୀଭାଷୀ ଓ ବଙ୍ଗଭାଷୀ ଲୋକ ଏଠାରେ ଅଧିବାସୀ ହୋଇଅଛନ୍ତି । ଏହା ଓଡ଼ିଆବହୁଳ ଅଞ୍ଚଳ ଥିବାରୁ ପୂର୍ବେ ଭାଷାସୂତ୍ରରେ ଗଢ଼ା କଂଗ୍ରେସ-ପ୍ରଦେଶମାନଙ୍କ ମଧ୍ୟରେ ସିଂହଭୂମି ଉତ୍କଳର ଅନ୍ତର୍ଭୁକ୍ତ ହୋଇଥିଲା, କିନ୍ତୁ ପରେ କଂଗ୍ରେସ ନେତା ବିହାରୀ ରାଜେନ୍ଦ୍ରପ୍ରସାଦଙ୍କ ଆଦେଶରେ ଏହା ବିହାରର ଅନ୍ତର୍ଗତ ହୋଇଅଛି । ଦୁର୍ଭାଗ୍ୟର ବିଷୟ ଯେ, ସିଂହଭୂମି ରାଜନୀତିକ ଓଡ଼ିଶାର ସୀମାଭୁକ୍ତ ହୋଇ ନାହିଁ ଓ ଏଥିର ଫଳରେ ଏଠାର ଅଧିବାସୀ ଓଡ଼ିଆମାନେ ନିଜ ମାତୃଭାଷା ଶିକ୍ଷା ଲାଭ କରିବାକୁ ସୁବିଧା ପାଉନାହାନ୍ତି ଓ କ୍ରମଶଃ ଜାତୀୟତା ହରାଉ ଅଛନ୍ତି । ସିଂହଭୂମିକୁ ଓଡ଼ିଶା ପ୍ରଦେଶକୁ ଆଣିବା ପାଇଁ ସିଂହଭୂମିର ତଥା ଓଡ଼ିଶାର ଓଡ଼ିଆମାନଙ୍କର ଚେଷ୍ଟା ଲାଗିଅଛି ।

ସିଂହଭୂମିରେ ଓଡ଼ିଆ ଶିକ୍ଷା ପ୍ରଚାର ଓ ପ୍ରସାର ବୃଦ୍ଧି ପାଇଁ ଓଡ଼ିଆ ବିଦ୍ୟାଳୟମାନ ସ୍ଥାପନ କରିବା ଓ ଓଡ଼ିଆ ଶିକ୍ଷାର ଅଭିବୃଦ୍ଧି ପାଇଁ ବିହାର ଗଭର୍ଣ୍ଣମେଣ୍ଟଙ୍କଠାରୁ ଲୋକ ସଂଖ୍ୟା ଅନୁପାତରେ ସାହାଯ୍ୟ ଲାଭ କରିବା ପାଇଁ ପଣ୍ଡିତ

କୃଷ୍ଣଚନ୍ଦ୍ର ଅଗ୍ରହାରୀ ପ୍ରମୁଖ କେତେ ଦେଶକର୍ମୀ ସିଂହଭୂମି ଉତ୍କଳ ଅନ୍ତର୍ଭୁକ୍ତ ଚେଷ୍ଟା କରୁଅଛନ୍ତି । ସମ୍ପ୍ରତି ଜାତିରେ ଶ୍ରୀମାନ୍ ବୃନ୍ଦାବନ ସାହୁ ପ୍ରମୁଖ କେତେଜଣ ଦେଶପ୍ରେମିକ ଯୁବକ ଓଡ଼ିଶା ପ୍ରଦେଶରେ ଭୁକ୍ତ ନ ହୋଇଥିବା ଅନ୍ୟାନ୍ୟ ଓଡ଼ିଆ ଅଞ୍ଚଳ ସଙ୍ଗେ ସିଂହଭୂମି ଜିଲର ଓଡ଼ିଶାପ୍ରଦେଶଭୁକ୍ତି ଅର୍ଥି ଏଥିପାଇଁ 'ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀ' ନାମରେ ଗୋଟିଏ ଦଳ ଗଢ଼ି ଅଛନ୍ତି ।]

ସିଂହ ମାଦଳା—ଦେ. ବି—ସରେଇକଲା ରାଜାଙ୍କ ଗୃହରେ ରକ୍ଷିତ
Simha mādaḻā ସିଂହଭୂମିର ତଥା ସିଂହରାଜବଂଶର ଇତିହାସ—The history of Simhabhūmi and the Simha line of Kings preserved in the Seraikela Raj-family.

ସିଂହ ମୁଖ—ସଂ. ବି (୬ଷ୍ଠୀ ତତ୍)—୧ । ସିଂହର ମୁଖ—
Simha mukha 1. Lion's face. ୨ । ହସ୍ତୀର ଭୂଷଣ ବିଶେଷ—2. Name of a sort of trapping of the elephant.

ସିଂହ ମୁଖୀ—ସଂ. ବି—ବାସକ (ରାଜ ନିର୍ଘଣ୍ଟ); ବାସଙ୍ଗ (ଦେଖ)
Simha mukhī Bāsanga (See)

ସିଂହ ଯାନା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ସିଂହ ଅଟେ ଯାନ ବା ବାହନ
Simha jānā ଯାହାର)—ଦୁର୍ଗା—Goddess Durgā.
(ସିଂହରଥା—ଅନ୍ୟରୂପ)

ସିଂହ ରଜା—ଦେ. ବି (ନାମ)—୧ । ସିଂହଭୂମିର ରାଜା; ସିଂହଭୂମ୍
Simha rajā (ଦେଖ) 1. Simhabhūm (See)
সিংহ রাজা सिंहभूमिका राजा ୨ । ପଶୁରାଜ ସିଂହ—
2. Lion, the king of beasts.

ସିଂହ ରାଠୋର—ପ୍ରାଦେ. (ସିଂହଭୂମ) ବି—କ୍ଷତ୍ରିୟ ଜାତି ବିଶେଷ—
Simha rāṭhora A race of Kshatriyas.
[ବି—ରାମେଶ୍ୱରର ଶିବଲିଙ୍ଗଙ୍କ ସେବା ପାଇଁ ଶ୍ରୀରାମ ଟୀକା ଦେଇ ଏହି ବଂଶ ସ୍ଥାପନ କରିଥିଲେ । ଏମାନଙ୍କ ବଂଶଧରମାନେ ରାଜପୁତ୍ର ବାଟେ କନୌଜ ଅସିଥିଲେ । କନୌଜରୁ ଦଳେ ମାରବାଡ଼ ଗଲେ । ଦଳେ ପୁଣି ଶ୍ରୀକ୍ଷେତ୍ର ଦେଇ ବେଣୁ ରାଜାଙ୍କ ରାଜ୍ୟରେ ପୋଡ଼ାହାଟ ରାଜ୍ୟ ସ୍ଥାପନ କଲେ । ପୋଡ଼ାହାଟରୁ ଅଭିରାମ ସିଂହଙ୍କ ପ୍ରପିତାମହ ବିକ୍ରମ ସିଂହ ଆସି ସରେଇକଲା ରାଜ୍ୟ ସ୍ଥାପନ କରିଥିଲେ—ହ. ଶ]

ସିଂହଳ—ସଂ. ବି (ନାମ)—୧ । ଲଙ୍କା ଦ୍ୱୀପ—1. Ceylon.
Simhaḻa [ବି—ସିଂହଭୂମିର ରାଜା ସିଂହ ବାହୁଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ରାଜପୁତ୍ର ବିଜୟସିଂହ ଏହି ଦ୍ୱୀପକୁ ଜୟ କରିଥିବାରୁ ତାହାଙ୍କର ନାମ ଅନୁସାରେ ଏହି ନାମ ହୋଇଅଛି ବୋଲି କେହି କେହି କହନ୍ତି । ଭାରତର ଦକ୍ଷିଣରେ ସିଂହଳ ଅବସ୍ଥିତ ଥିବା ଜ୍ୟୋତିଷଗ୍ରନ୍ଥ ଗ୍ରନ୍ଥରେ ଅଛି ।] ୨ । ପିତ୍ତଳ—2. Brass. ୩ । ରାଙ୍ଗ; ଟିଣ ଧାତୁ—3. Tin. ୪ । ଦାରୁଚିନି—4. Cinnamon.

ସିଂହଳସ୍ଥା—ସଂ. ବି (ବୈଦ୍ୟକ)—ସେହୁଳୀ (ରାଜ ନିର୍ଘଣ୍ଟ)—
Simhaḻasthā A medicinal plant.

ସିଂହଳାସ୍ଥାନ—ସଂ. ବି—ତାଳ ବୃକ୍ଷ ସଦୃଶ ବୃକ୍ଷ ବିଶେଷ (ଶବ୍ଦମାଳା)—
Simhaḻāsthāna A kind of palm tree.

ସିଂହଳୀ—ଦେ. ବିଣ (ସଂ. ସିଂହଳୀୟ)—୧ । ସିଂହଳ ସମ୍ବନ୍ଧୀୟ—
Simhaḻī 1. Relating to Ceylon. ୨ । ସିଂହଳ
সিংহলী ଦେଶୀୟ—2 Ceylonese. ୩ । ସିଂହଳ ଅଧିବାସୀ
सिंहली —3. Residing in Ceylon. ୪ । ସିଂହଳ ଦେଶ ପ୍ରଚଳିତ (ଭାଷା)—4. Simhalese (language).

ସିଂହଳୀୟ—ସଂ. ବିଣ (ସିଂହଳ+ଈୟ)—ସିଂହଳ ଦେଶ ସମ୍ବନ୍ଧୀୟ—
Simhaḻīya Ceylonese.

ସିଂହ ଲୀଳ—ସଂ. ବି (ସିଂହ+ଲୀଳା; ବହୁବ୍ରୀହି)—ସିଂହ ପରି ଲୀଳା-
Simha līḻa ଯୁକ୍ତ—Sportive as a lion. ସଂ. ବି—ରତିବନ୍ଧ ବିଶେଷ—A sort of posture during coition. [ବି—ଏହା 'ଉପସ୍ଥିତ' ରତିବନ୍ଧ ବିଶେଷ । ଏ ବନ୍ଧରେ ନାରୀ ଭୂମିରେ ବାମ ଜାନୁର ଉରୁ ଦେଶରେ ପଦ ଦ୍ୱୟ ସ୍ଥାପନ କରି ରମଣ କରେ—ରତି ମଞ୍ଜରୀ ।]

ସିଂହ ଶାବକ(ଶିଶୁ)—ସଂ. ବି (୬ଷ୍ଠୀ ତତ୍)—ସିଂହର ଛୁଆ—
Simha śābaka(śiśu) Cub of a lion.

ସିଂହ ସଂହନନ—ସଂ. ବିଣ. ପୁଂ (ସିଂହ ପରି ଅତ୍ୟୁତ୍ତମ ସଂହନନ=
Simha samhanana ଦେହ ଯାହାର; ବହୁବ୍ରୀହି)—୧ । ସିଂହ ତୁଲ୍ୟ ସର୍ବାଙ୍ଗସୁନ୍ଦର; ସର୍ବାଙ୍ଗସୁଶୋଭିତ (ଅମର)—1. (a person) Having a symmetrical body like the lion. [ଭି—ତଥି ପରେ ମନ୍ତ୍ରୀ ଛନ୍ତି ସିଂହାସନ, ଯୁବା ଦେବାଭୃତ ସିଂହସଂହନନ-ସ୍ୱଧୀନାଥ. ରକ୍ଷିତା ।] ୨ । ସିଂହ ସଦୃଶ ଦୃଢ଼ବପୁ—2. Strong-bodied as a lion. ସଂ. ବି (୬ଷ୍ଠୀ ତତ୍, ସିଂହ+ସମ୍+ହନ୍ ଧାତୁ+ଭାବ. ଅନ)—ସିଂହ ଶିକାର—Lion-hunting.

ସିଂହ ସାରଳା—ଦେ. ବି—କଟକ ଜିଲାର ଝଙ୍କଡ଼ରେ ପ୍ରତିଷ୍ଠିତା
Simha sāraḻā ସିଂହବାହିନୀ ସାରଳା ଠାକୁରାଣୀ—The Deity Sāraḻā (Durgā) in Jhankarda in the Cuttack district.

ସିଂହା—ସଂ. ବି (ସିଂହ+ଆ)—ନାଡ଼ି (ରାଜନିର୍ଘଣ୍ଟ)—Pulse.
Simhā ଦେ. ବି (ସଂ. ଶୃଙ୍ଗ)—ଶିଙ୍ଗା; ରଣ ଶିଙ୍ଗା—
সিংহা नरसिंघा War horn; a war trumpet.

ସିଂହାଚଳ—ସଂ. ବି—ହିନ୍ଦୁ ପୁରାଣୋକ୍ତ ପବିତ୍ର ତୀର୍ଥ ଓ ପର୍ବତ;
Simhāchaḻa ସୀମାଚଳ (ଦେଖ)—Simāchaḻa (See)
(ସିଂହାଦ୍ରି—ଅନ୍ୟରୂପ)

ସିଂହାଣ(ଣ)—ସଂ. ବି (ସିଙ୍ଘ ଧାତୁ=ଶୁଙ୍ଘିବା+କର୍ମ. ଅନ)—
Simhāṇa(ṇa) ୧ । ଲୌହମଳ (ଅମର); ମଣ୍ଡୂର; ଲୁହାମଳ—

[ଶିଂ(ସିଂ)ଘାଣ—ଅନ୍ୟରୂପ] 1. Rust of iron; the dross of iron. [ଦ୍ର—ଏହା ଧାତୁ ସ୍ନେହ ନାଶ କରେ ।] ୨ । ନାସିକା ମଳ; ସିଙ୍ଘାଣି—2. Snot; mucus (ସିଂହାଣକ, ସିଂଘାଣ, ସିଂଘଣ—ଅନ୍ୟରୂପ) of the nose.

ସିଂହ ଦେ. ବି—୧ । ପରାକ୍ରମୀ—1. Powerful. [ଦ୍ର—ସିଂହ ଭୀମର ବଳେ ସ୍ୱର ଭାବେ ସିଂହାଣ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଚତୁର—2. Cunning. [ଦ୍ର—କୃଷ୍ଣ ଅଗ୍ରଜ ସିଂହାଣ, ବଳେ ବଡ଼ଙ୍କ ମାଲ ବହାଣ । ଆଦିକୃଷ୍ଣ. ରସକଲ୍ଲୋଳ ।] ଦେ. ବି—୧ । ପୁରୁଷସିଂହ;

बीर पुरुष सिंह ବୀର—1. A hero like the lion [ଦ୍ର—ତାହାଲେ ଅଟେ ପାର୍ଥ, ସହିସ୍ନୁ ସିଂହାଣ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଧାନ—2. Paddy.

ସିଂହାଣ(ଣ)କ—ସଂ. ବି (ସିଂହାଣ, ସିଂହାନ+ସ୍ୱାର୍ଥେ କ)— Simhāṇa(na)ka ନାସିକା ମଳ; ସିଂଘାଣି—Snot; mucus of the nose.

ସିଂହାଣ ପଣ—ଦେ. ବି—ବୀରତ୍ୱ—Heroism; valour. [ଦ୍ର— Simhāṇa paṇa ଜଗତରେ ସିଂହଟି କରିଣ ସିଂହାଣ, ପଣ ବୀରତ୍ୱ ଛାଡ଼ ଦେଇ ଶୋଭିଲ୍ଲଷଣି କାଣ । କୃଷ୍ଣସିଂହ. ମହାଭାରତ. बीरता ବନ ।]

ସିଂହାବଲୋକନ—୧ । ସିଂହର ଦୃଷ୍ଟି (ବାଟରେ ଯାଉ ଯାଉ Simhābalokana , ଠିଆ ହୋଇ ପଛକୁ ଚାହିଁବା, ପୁଣି ଚାଲିବା)—1. Lion's glance; pausing and looking back from time to time (like a lion). ୨ । ନ୍ୟାୟ ବିଶେଷ; ସିଂହ ଯେପରି ବାଟ ଯାଉ ଯାଉ ମଝିମଝିରେ ଠିଆ ହୋଇ ପଛଆଡ଼କୁ ଦୂରସ୍ଥ ବସ୍ତୁକୁ ଅବଲୋକନ କରେ, ସେହିପରି ସ୍ଥଳରେ ଏ ନ୍ୟାୟ ବ୍ୟବହାର—2. An analogy applied to cases were a person looks back on distant things ignoring nearer things. ୩ । ପଦ୍ୟ ରଚନାରେ ଅନୁପ୍ରାସ ବିଶେଷ; ଶୃଙ୍ଖଳା ବା ଅନୁପ୍ରାସ ଯୁକ୍ତ ରଚନା ବିଶେଷ—3. A kind of alliteration in which a particular group of letters occur in many places in a stanza. [ଦ୍ର—ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାର ଅନେକ ରଚନାରେ ଏହା ଦେଖାଯାଏ । ସିଂହ ଯେପରି ଚାଲିଚାଲି ବେଳେ ମୁହଁ ବୁଲାଇ ପଛକୁ ବେଳେ ବେଳେ ଅନାଉଥାଏ, ସେହିପରି ଗୋଟିଏ ଧାଡ଼ିର ଶେଷରେ ବା ମଧ୍ୟରେ ଥିବା ଏକ ବା ଅକ୍ଷର ପର ପଦର ପ୍ରଥମରେ ବା ମଧ୍ୟରେ ଲେଖାଯାଏ, ଯଥା—

'ଧନ୍ୟ ଋଷେ ଭୂମ ଜନ୍ମ ଶୁଭକ୍ଷଣେ' ଭୂମେଢ ଲଇ ବଖାଣି

ଭୂମିର ମହମା ପ୍ରକାଶିବା ପାଇଁ ସରସ୍ୱତୀ ହୁଏ ବାଣୀ— ବାଣୀବର ପୁତ୍ର ଏ ପାପ ସଂସାରେ ଅଛ ତ ଅସିବ ଫେର ? ଫେର ତ ଅସିବ ଜଗନ୍ନାଥ ଯୁଗ ଯାଇବ ତ ଜମ୍ବୁ ଦେଖ ।

ଦେବ ଓ ଗନ୍ଧର୍ବ—ଜଗନ୍ନାଥ କିଶାଠୀ ।

ସିଂହାବଲୋକନ ୩ ପ୍ରକାରର । ଯଥା—୧ ।

ଶୃଙ୍ଖଳା ସିଂହାବଲୋକନ—ଏଥିରେ ଏକ ଧାଡ଼ିର ଶେଷ ଅକ୍ଷର ଦୁଇଟି ଓ ପରବର୍ତ୍ତୀ ଧାଡ଼ିର ଆଦ୍ୟ ଅକ୍ଷର ୨ଟି ସମାନ ଅଟେ । ଯଥା—

ରଞ୍ଜ ରଜ ଦରପଣ ବଦନ ରଞ୍ଜନ
ଜନ ହରଷ ଜନକ କର ପରସନ
ସନକ ମନ ବଞ୍ଚକ ସବନକ ହସ
ହଂସ ଗମନ ରଗଇ କର୍ଣ୍ଣ ଚରଣ ।

—ଅଭିମନ୍ୟୁ. ବଦଗ୍ଧଚିନ୍ତାମଣି]

୨ । ସାଧାରଣ ସିଂହାବଲୋକନ—

[ଦ୍ର—ସକଳ-ଦେଖଇଲା ଭୁଲଲା-ଜାଲା !
ଜଲା-ପାଗଳ-ବେଶା ଗ୍ରସ-ହଲେଲା !
ଦୋହଲ-ଲେୟୁଗ୍ ବର ରସିକା !
କା କରେ କଲ୍ ହବା ଶରୀର ହବା ରେ ?

— କୃଷ୍ଣଚନ୍ଦ୍ର କର. ରସକେଳୀ]

(ଏହି କବିତାଂଶରେ ୨ଟି ମାତ୍ର ବର୍ଣ୍ଣର ବ୍ୟବହାର ହୋଇଅଛି ।)

୩ । ଚକ୍ର ସିଂହାବଲୋକନ—ଏଥିରେ ଗୋଟିଏ ଶ୍ଳୋକର ପ୍ରଥମ ଧାଡ଼ିରେ ଆଦ୍ୟ ପଦ ବା ବର୍ଣ୍ଣଦ୍ୱୟ, ଯାହା ଶ୍ଳୋକର ୪ର୍ଥ ଧାଡ଼ିର ଶେଷ ପଦ ବା ବର୍ଣ୍ଣଦ୍ୱୟ ତାହା ଅଟେ ।]

ସିଂହାର—ଦେ. ବି (ସଂ. ଶୃଙ୍ଗାର)—ଶିଂଘାର (ଦେଖ)— Simhāra Singhāra (See) [ଦ୍ର—କେଉଁରେ ସିଂହାର ଯାହା, କେ କେଲେ ଗୁଣ, ପାର୍ଥ ! ସେ ସିଂହାର ହୁଏ ଅନର୍ଥର ହେତୁ । —ଗ୍ରୁଧନାଥ. ମହାଯାତ୍ରା]

ସିଂହାରହାର—ଦେ.ବି (ସଂ.ଶୃଙ୍ଗାରହାର)—ଶିଂଘଡ଼ାହାର (ଦେଖ)— Simhārahāra 1. Singhardāhāra (See) [ସିଂହାରହାର—ଅନ୍ୟରୂପ) ୨ । ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀର शिउलि सिहारहार ପିଠା ଅଦର ଏକ ପ୍ରକାର ଭୋଗ । (ଜଗବନ୍ଧୁ—ପ୍ରାଚୀନ ଉତ୍କଳ)—2. A kind of of fering made to the Deity Jagannātha of Puri.

ସିଂହାସନ—ସଂ. ବି (ମଧ୍ୟପଦଲୋପୀ କର୍ମଧାରୟ; ସିଂହ ଚିହ୍ନିତ ଆସନ; Simhāsana ଏଥିରେ ସିଂହର ମୂର୍ତ୍ତି ଥାଏ)—୧ । ରାଜଗାଦି; ସୁବର୍ଣ୍ଣମୟ ରାଜାସନ; ଯାହା ଉପରେ ବସି ରାଜା ରାଜପଦରେ ଅଭିଷିକ୍ତ ହୁଅନ୍ତି—1. A king's throne. ୨ । ଦେବତାଙ୍କର ବସେ କରିବା ଆସନ ବା ବେଦୀ— 2. A throne or pedestal on which an idol is installed. ୩ । ଯୋଗାସନ ବିଶେଷ— 3. A sort of posture during in spiritual meditation. [ଦ୍ର—ଏଥିରେ ଦେହ

ପକାଇ ବସି ଦୁଇ ଗୋଇଠିକୁ ଅଣ୍ଡକୋଷର ତଳେ ଦୁଇ ପାଖରେ ଲଗାଇ (ଅର୍ଥାତ୍ ବାଆଁ ଗୋଇଠିକୁ ଅଣ୍ଡକୋଷ ତଳେ ଡାହାଣ ପାଖେ ଓ ଡାହାଣ ଗୋଇଠିକୁ ଅଣ୍ଡକୋଷ ତଳେ ବାଆଁ ପାଖେ ଲଗାଇ ରଖି) ଦୁଇ କରତଳକୁ ସଂପ୍ରସାରିତ ଅଙ୍ଗୁଳି ଜାନୁ ବା ଜଙ୍ଘ ଉପରେ ରଖି ସିଧା ହୋଇ ବସି ନାସାଗ୍ର ପ୍ରତି ଦୃଷ୍ଟି ପକାଇବାକୁ ହୁଏ । —ହଠଯୋଗ ପ୍ରଦୀପ] ୪ । ଷୋଡ଼ଶ ରତି ବନ୍ଧାନ୍ତର୍ଗତ ଚତୁର୍ଦ୍ଦଶ ବନ୍ଧ—4. A posture during coition. [ବି—ଏଥିରେ ପୁରୁଷ ନିଜର ଜଂଘ ଓ ବାହୁ ମଧ୍ୟରେ ସ୍ତ୍ରୀର ପଦଦ୍ୱୟକୁ ଧାରଣ କରି ସ୍ତ୍ରୀର ସ୍ତନ ଧାରଣ ପୂର୍ବକ ରମଣ କରେ । —ରତିମଞ୍ଜରୀ]

ସିଂହାସନ ଚକ୍ର—ସଂ. ବି (ଜ୍ୟୋତିଷ)—ସପ୍ତବିଂଶତି ନକ୍ଷତ୍ରାଙ୍କିତ
Simhāsana chakra ନରାକାର ଚକ୍ରତ୍ରୟ—(Astrology) Three figures of man in which the 27 asterisms are put, to calculate the future of a king ascending the throne. [ବି—ପ୍ରତ୍ୟେକ ଚକ୍ରରେ ୯ଟି ଲେଖାଏଁ ନକ୍ଷତ୍ର ଅବସ୍ଥାପିତ କରାଯାଏ । ଏହି ଚକ୍ରର ଗଣନା କ୍ରମେ ସିଂହାସନାଧିଷ୍ଠିତ ରାଜାଙ୍କର ଶୁଭାଶୁଭ ନିର୍ଣ୍ଣୀତ ହୁଏ ।]

ସିଂହାସନ ଚ୍ୟୁତ—ସଂ. ବିଣ (୫ମୀ ତତ୍)—୧ । ରାଜା ସନରୁ ତାଡ଼ିତ—
Simhāsana chyuta 1. Dethroned. ୨ । ରାଜ୍ୟ ଅଧିକାରରୁ ବଞ୍ଚିତ—2. Deprived of sovereignty.
(ସିଂହାସନ ଭ୍ରଷ୍ଟ—ଅନ୍ୟରୂପ)

ସିଂହାସନାଧିରୂଢ଼—ସଂ, ବିଣ. ପୁଂ (୭ମୀ ତତ୍)—୧ । ସିଂହାସନରେ
Simhāsanādhirūrdha ଉପବିଷ୍ଟ—1. Ascending or sitting on throne. ୨ । ରାଜ୍ୟାଧିକାରପ୍ରାପ୍ତ—2. Installed on the throne.
(ସିଂହାସନାରୂଢ଼—ଅନ୍ୟରୂପ)
[ସିଂହାସନାଧିରୂଢ଼ା, ସିଂହାସନାରୂଢ଼ା—ସ୍ତ୍ରୀ]

ସିଂହାସନାରୋହଣ—ସଂ. ବି (୭ମୀ ତତ୍) ରାଜଗାଦିରେ ବସିବା—
Simhasonārohaṇa Ascending the throne; installation on the throne.

ସିଂହାସ୍ୟ—ସଂ. ବି—୧ । (ସିଂହ+ଆସ୍ୟ=ମୁଖ; ୬ଷ୍ଠୀ ତତ୍)—ସିଂହର
Simhāsya ମୁହଁ—1. Lion's face. ୨ । (ବହୁବ୍ରୀହି) ବାସକ (ଅମର); ବାସଙ୍ଗ ଗଛ—2. The Vasaca tree. ସଂ. ବିଣ. ପୁଂ (ବହୁବ୍ରୀହି; ସିଂହର ମୁଖ ପରି (ସିଂହାସ୍ୟା—ସ୍ତ୍ରୀ. ବିଣ) ମୁଖ ଯାହାର) ସିଂହ ପରି କରାଳମୁଖଯୁକ୍ତ—Having the face as ferocious as that of a lion.

ସିଂହିକା—ସଂ. ବି. ସ୍ତ୍ରୀ (ସିଂହୀ=ରାହୁର ମାତା+ସ୍ୱାର୍ଥେ କ+ଆ)—
Simhikā ୧ । ଏକତମା ଦକ୍ଷରାଜତନୟା; କାଶ୍ୟପପତ୍ନୀ; ରାହୁ ମାତା—1. Name of the mother of Rāhu. [ବି—ମହର୍ଷି କାଶ୍ୟପଙ୍କ ଔରସରେ ଏହାଙ୍କ ଗର୍ଭରୁ ଗନ୍ଧର୍ବଗଣ ଓ ରାହୁ ଜନ୍ମିଥିଲେ ।] ୨ । ସିଂହୀ—2. Lioness. ୩ । ରାମାୟଣବର୍ଣ୍ଣିତ ଜଣେ ରାକ୍ଷସୀ—3. Name of a demoness mentioned in the Rāmāyaṇa. [ବି—ଏ ଲଙ୍କା ନିକଟସ୍ଥ ସାଗର ଗର୍ଭରେ ବାସ କରୁଥିଲା ଏବଂ ଆକାଶରେ ଚଳପ୍ରଚଳ ହେଉଥିବା ଜୀବ ଜନ୍ତୁଙ୍କ ଛାୟା ଜଳ ଉପରେ ପଡ଼ିଲେ ଏହି ରାକ୍ଷସୀ ମାୟା ବଳରେ ଉକ୍ତ ଜୀବ ଜନ୍ତୁଙ୍କୁ ଆକର୍ଷଣ କରି ଆଣି ଖାଉଥିଲା । ହନୁମାନ ସୀତାଙ୍କୁ ଠାବ କରିବାପାଇଁ ସାଗର ଉପରେ ଲଙ୍କାକୁ ଉଡ଼ି ଗଲାବେଳେ ତାହାର ଛାୟା ପାଣି ଉପରେ ପଡ଼ିବାରୁ ସିଂହିକା ହନୁମାନଙ୍କୁ ଆକର୍ଷଣ କରି ଗିଳିଦେଲା । କିନ୍ତୁ ହନୁମାନ ନିଜ ବିକ୍ରମରେ ରାକ୍ଷସୀର ପେଟ ଚିରି ବାହାରି ଆସିଲେ ଏବଂ ଫଳରେ ରାକ୍ଷସୀ ମରିଗଲା ।]

ସିଂହିକାସୁତ (ସୂନୁ)—ସଂ. ବି (୬ଷ୍ଠୀ ତତ୍)—୧ । ରାହୁ—
Simhikāsuta (sūnū) 1. The Ascending Node; the Dragon's Head. ୨ । ଯାଗରେ ଆବାହନ କରାଯିବା ବାସ୍ତୁ ପୁରୁଷ (ବାସ୍ତୁ ଯାଗ ତନ୍ତ୍ର)—2. A being invoked during the consecration ceremony of a foundation.

ସିଂହିଟାଲି—ଦେ. ବି—ଶିଂଗି (ଦେଖ)
Simhiṭāḷi Simgi (See)

ସିଂହିରି—ପ୍ରାଦେ (କଳିଙ୍ଗିଆପାଠଣା) ବି—ଭାରର ବାଉଁଶନିର୍ମିତ ଶିକା—
Simhiri The bamboo-made pan of a banghy.

ସିଂହୀ—ସଂ. ବି. ସ୍ତ୍ରୀ (ସିଂହ+ସ୍ତ୍ରୀ ଈ)—୧ । ମାଈ ସିଂହ; ସିଂହ ସ୍ତ୍ରୀ—
Simhi Lioness. ୨ । ସିଂହିକା; ରାହୁ ମାତା—The mother of Rāhu. ୩ । ବାର୍ତ୍ତାକୀ; ବାଇଗଣ (ଅମର)—3. Brinjal. ୪ । କଣ୍ଟକାରୀ (ଅମର) ଅଙ୍କ ରାଜ୍ଞି—4. Solanum Anthocarpum. ୫ । ବୃହତୀ; ବଡ଼ାକୁଡ଼ି ଲଟାବେଙ୍ଗୋଳ (ବୈଦ୍ୟ)—5. Solanum Indicum. ୬ । ବାସକ; ବାସଙ୍ଗ ଗଛ (ମେଦିନୀ)—6. The Vasaka tree. ୭ । ମୁଦ୍ଗପର୍ଣ୍ଣୀ (ରାଜନିର୍ଘଣ୍ଟ)—7. A kind of wild creeper; Phaseolus Trilobus.

ସିଂହୀଲତା—ସଂ. ବି—ବୃହତୀ (ଭାବପ୍ରକାଶ); ଲଟାବେଙ୍ଗୋଳ—
Simhi latā Solanum Indicum.

ସିଂହୁଣୀ—ଦେ. ବି. ସ୍ତ୍ରୀ (ସଂ. ସିଂହୀ)—ମାଈ ସିଂହ—
Simhuṇi সিংহিনী, সিংহী सिंहनी Lioness.

ସିଁ—ଦେ. ଅ (ଧ୍ୱନ୍ୟର୍ଥକ)—ଅନୁନାସିକ ସେଁ ସେଁ ଶବ୍ଦ—
Sin সুঁইসুঁই सीँ Nasal hissing sound.
(ସିଁଇ, ସିଁ, ସିଁ—ଅନ୍ୟରୂପ)

ସିଁଆଁ—ଦେ. ଅ (ଧ୍ୱନ୍ୟର୍ଥକ)—ସିଅଁ (ଦେଖ)
Siñāñ — Siañ. (See)

ସିଁଆଁ(ଏଁ)ଇବା—ଦେ. କ୍ରି—ସିଅଁଇବା (ଦେଖ)
Siñāñ(eñ)ibā — Siāñibā. (See)

ସିଁଆଁଣ(ଣା)—ଦେ. ବିଣ—ସିଅଣ (ଦେଖ)
Siñāñṇa(ṇā) — Siāṇa. (See)
[ସିଁଅଁଣିଆ—ଅନ୍ୟରୂପ]

ସିଁଆଁ ସେଁଇଁ—ଦେ. ବି—ସିଅଁ ସିଇଁ (ଦେଖ)
Siñāñ señiñ — Siāñ si-iñ. (See)

ସିଁଇଁବା—ଦେ· କ୍ରି—ସିଇବା (ଦେଖ)
Siñiñbā — Si-ibā. (See)

ସିଁଉ(ଉଁ)ଟା—ଦେ. ବି (ସଂ· ସୀମନ୍ତ)—ସିଉନ୍ଟା (ଦେଖ)
Siñu(uñ)tā — Siuntā. (See)
[ସିଁଉନ୍ତା—ଅନ୍ୟରୂପ]

ସିଁଉଁଟି(ଠି)—ଦେ· ବି (ସଂ· ସୀମନ୍ତ)—ସିଉନ୍ଟି (ଦେଖ)
Siñuñti(thi) — Siunti. (See)
[ସିଁଉନ୍ତି(ନ୍ଥି)—ଅନ୍ୟରୂପ]

ସିଁଉଁଟିଆ—ପ୍ରାଦେ (ସମ୍ବଲପୁର)—ସିଉନ୍ଟିଆ (ଦେଖ)
Siñuñtiā — Siuntiā. (See)
[ସିଁଉନ୍ତିଆ—ଅନ୍ୟରୂପ]

ସିଁକେର୍—ପ୍ରାଦେ (ଲଡ଼ଆ) ବି—ସିଂଘାଣି—
Siñker — The mucus of the nose.

ସିଁଗ୍(ଘ୍,ହ୍)ରା—ପ୍ରାଦେ (ସମ୍ବଲପୁର) ବି—ଶିଂଗ୍ରା (ଦେଖ)
Siñg(gh,h)-rā — Śimg-rā. (See)

ସିଁଗ(ଗି)ଲ୍—ବୈଦେ. ବି ଓ ବିଣ—ଶିଂଗଲ୍ (ଦେଖ)
Siñga(gi)l — Śimgal. (See)

ସିଁଗା(ଘା)ଣି (ଇତ୍ୟାଦି)—ଦେ. ବି—ଶିଂଗାଣି ଇତ୍ୟାଦି (ଦେଖ)
Siñgā(ghā)ṇi (etc) — Śimgāṇi etc. (See)

ସିଁଗା(ଘା)ଣିଆ—ଦେ. ବିଣ· ପୁଂ—ଶିଂଗାଣିଆ (ଦେଖ)
Siñgā(ghā)ṇiā — Śimgāṇiā. (See)
(ସିଁଗା[ଘା]ଣେଇ—ସ୍ତ୍ରୀ)

ସିଁଗା(ଘା)ପୁର—ଦେ· ବି—ସିଙ୍ଗାପୁର (ଦେଖ)
Siñgā(ghā)pura — Siṅgāpura. (See)

ସିଁଗେ(ଘେ)ଈ (ଇତ୍ୟାଦି)—ଦେ. ବି—ଶିଂଗେଈ ଇତ୍ୟାଦି (ଦେଖ)
Siñge(ghe)ī (etc) — Śimgeī etc. (See)

ସିଁଘ (ଇତ୍ୟାଦି)—ଗ୍ରା. ବି (ସଂ. ସିଂହ)—ସିଂହ ଇତ୍ୟାଦି (ଦେଖ)
Siñgha (etc) — Simha etc. (See)

ସିଁଘଳ—ଗ୍ରା. ବି—ସିଂହଳ (ଦେଖ)
Siñghaḷa — Simhaḷa. (See)

ସିଁଘଳୀ—ଗ୍ରା. ବି—ସିଂହଳୀ (ଦେଖ)
Siñghaḷī — Simhaḷī. (See)

ସିଁଘାରିବା—ଦେ. କ୍ରି—ସିଂଘାରିବା (ଦେଖ)
Siñghāribā — Simghāribā. (See)

ସିଁଘାରି ହେବା—ଦେ. କ୍ରି—ସିଂଘାରି ହେବା (ଦେଖ)
Siñghāri hebā — Simghāri hebā. (See)

ସିଁଘାଲ—ପ୍ରାଦେ· (ଖଣ୍ଡଅଲ) ବି—ସିଂଘାଲ (ଦେଖ)
Siñghāla — Simghāla. (See)

ସିଁଚା—ଦେ· ବି ଓ ବିଣ (ସଂ. ସିଚ୍ ଧାତୁ)—ସିଞ୍ଚା (ଦେଖ)
Siñchā — Siñchā. (See)

ସିଁଚା(ଚେ)ଇବା—ଦେ. କ୍ରି—ସିଞ୍ଚାଇବା (ଦେଖ)
Siñchā(che)ibā — Siñchāibā (See)

ସିଁଚିବା—ଦେ. କ୍ରି (ସଂ· ସିଚ୍ ଧାତୁ)—ସିଞ୍ଚିବା (ଦେଖ)
Siñchibā — Siñchibā. (See)

ସିଁଡ଼ି(ଢ଼ି)—ଗ୍ରା. ବି (ସଂ. ଶ୍ରେଣୀ)—ସିଡ଼ି (ଦେଖ)
Siñrdi(rdhi) — Sirdi. (See)

ସିଁଥି(ଥି)—ଦେ.ବି (ସଂ· ସୀମନ୍ତ)—୧ । ସୁନ୍ଥା; ସୀମନ୍ତ—1.Parting
Siñti(thi) of the hair over the brow. ୨ । ସୀମନ୍ତର
सिंथी सिउथ ଅଳଙ୍କାରବିଶେଷ—2. An ornament
सिंथी मांगटीका for the hair of the forehead.

ସିଁଦି(ଧି) (ଇତ୍ୟାଦି)—ଦେ. ବି (ସଂ· ସନ୍ଧି)—ସିନ୍ଧି ଇତ୍ୟାଦି (ଦେଖ)
Siñdi(dhi) (etc) — Sindi etc. (See)

ସିଁଦି(ଧି)ଆ—ଦେ. ବି—ସିନ୍ଦି(ନ୍ଧି)ଆ (ଦେଖ)
Siñdi(dhi)ā — Sindi(ndhi)ā. (See)

ସିଁଦି(ଧି)ଆର(ଳ)—ଦେ· ବି—ସିନ୍ଦିଆର (ଦେଖ)
Siñdi(dhi)ārā(ḷa) — Sindiārā. (See)

ସିଁଦୁ(ଧୁ)—ଗ୍ରା. ବି [ନାମ] [ସଂ· ସିନ୍ଧୁ]—ସିନ୍ଧୁ (ଦେଖ)
Siñdu(dhu) — Sindu. (See)

ସିଁଦୁ(ଧୁ)କ—ଗ୍ରା. ବି—ସିନ୍ଦୁକ (ଦେଖ)
Siñdu(dhu)ka — Sinduka. (See)

ସିଁଦୂର—ଗ୍ରା· ବି—ସିନ୍ଦୂର (ଦେଖ)
Siñdūra — Sindūra. (See)

ସିଁଦୂରି—ଗ୍ରା. ବି ଓ ବିଣ—ସିନ୍ଦୂରି (ଦେଖ)
Siñdūri — Sindūri. (See)

ସିଁଦୂରିଆ—ଗ୍ରା. ବିଣ—ସିନ୍ଦୂରିଆ (ଦେଖ)
Siñdūriā — Sindūriā. (See)

ସିଁସା—ଦେ· ବି—(ସଂ. ଶୀଷକ—ସିଂସା (ଦେଖ)
Siñsā — Simsā. (See)

ସିଁହ (ଇତ୍ୟାଦି)—ଗ୍ରା. ବି (ସଂ. ସିଂହ)—ସିଂହ ଇତ୍ୟାଦି [ଦେଖ]
Siñha (etc) — Simha etc. [See]

ସିକ୍ (ଧାତୁ)—ସଂ.—ଗମନ କରିବା; ଗତି କରିବା—
Sik (root) — To go; to move.

ସିକ୍—ସଂ· ବିଣ [ସିଚ୍, ଧାତୁ=ସିଞ୍ଚିବା·+କର୍ତ୍ତି. କ୍ତ]—ସେଚନ-
Sik କାର୍ଯ୍ୟ—Sprinkling ବିଦେ. ବି ଫା. ସୀଖ୍]—
[ସିକୁ—ଅନ୍ୟରୂପ] ୧ । ଲୁହାର ଛଡ଼—1. Iron rod. ୨ ।
ପୁରୁଣାକାଳିଆ ସରୁ ନଳିଆ ବନ୍ଧୁକ—2. An old-fashioned narrow-barelled gun,

ସିକ୍ମୀ—ବୈଦେ. ବ [ଫା]—ଅଧୀନ ପ୍ରକାର ଅଧିକାର—
Sik-mī Subordinate interest; an under
সীকমী सिकमी tenure. ବୈଦେ.
ଣ—ଜମିଦାର ବା ସ୍ୱତ୍ୱାଧିକାରୀର ଅଧୀନ—
Subordinate; sub (tenant); holding a subordinate tenure. [ଯଥା—ଶିକ୍ମୀ ଜମିଦାରୀ; ସିକ୍ମୀ ରୟତ ।]

ସିକ୍ମୀ ଗଉଣ୍ଟିଆ—ପ୍ରାଦେ [ସମ୍ବଲପୁର] ବ—ଗଉଣ୍ଟିଆ ଥିବା ଗ୍ରାମର
Sik-mi gauntiā କାହାରର ସ୍ୱତ୍ୱାଧିକାରୀ ବ୍ୟକ୍ତି (ସମ୍ବଲପୁର ମାନୁଆଲ୍—୧୯୮)—Sub proprietor of lands in a gaontiali village.

ସିକ୍ମୀ ଜମିଦାରୀ—ଦେ. ବ—ଜମିଦାରୀର ଅଧୀନ ଜମିଦାରୀ—
Sik-mī jamidārī A Sikmi Zamidndari.
(ସିକ୍ମୀ ମାହାଲ—ଅନ୍ୟରୂପ)
সীকমী জমীদারী सिकमी जमिंदारी

ସିକ୍ମୀ ପଟା(ଟ୍ଟା)—ଦେ. ବ—ସିକମ୍ ରଇତକୁ ଦଆଯିବା ପଟ୍ଟା—
Sik-mī paṭā(ṭṭā) A sub lease.
সীকমী পাটা सकमी पटा

ସିକ୍ମୀ ପ୍ରଜା—ଦେ. ବ—ରଇତର ଅଧୀନ ରଇତ—A sub-lesee; Sik-mī prajā a sub-tenant; an under-tenant.
[ସିକ୍ମୀ ରଇ(ଏ,ୟ)ତ—ଅନ୍ୟରୂପ]
সীকমী রায়ত सिकमी प्रजा

ସିକ୍ମୀଦାର—ବୈଦେ. ବ—ସ୍ୱତ୍ୱାଧିକାରୀର ବା ରଇତର ଅଧୀନ
Sik-mīdār ସ୍ୱତ୍ୱାଧିକାରୀ—Holder of a subordinate interest; a sub-lessee.
সীকমীদার सिकमीदार

ସିକ୍ଲା(ଲି)—ପ୍ରାଦେ (ଗଡ଼ଜାତ) ବ—ଶିକୁଳି—
Sik-ḷā(li) [ସିକୁଳି—ଅନ୍ୟରୂପ] Chain.

ସିକ—ଦେ. ବ [ଦଶିଆ ଶବ୍ଦ]—ତାରକସୀ କାମର ଅଳଙ୍କାରପତ୍ରରେ
Sika ଯେଉଁ ତାରକୁ ପ୍ରଧାନ କରି ତାହାର ବଳରେ ଅନ୍ୟାନ୍ୟ ଅଂଶ ଗଢ଼ା ହୁଏ—The main wire from which other finer wires radiate in a filigree work. ବୈଦେ. ବ (ଫା ସୀକ)
সিক্ पतलालोहेकाछड़ ଲୁହାର ସରୁ ଛଡ଼—Iron rod.

ସିକଞ୍ଜା—ବୈଦେ. ବ (ଫା)—ବନ୍ଧା ବହି ଉପରେ ଚାପ ଦେବାର
Sikanjā ଯନ୍ତ୍ର ବିଶେଷ—An instrument used to
সিকংজা सिकंजा press bound books. [ପୂର୍ବେ ଏହା ସାହାଯ୍ୟରେ ବହିର ଧାଡ଼ ମଧ୍ୟ କଟା ହୁଏ । ଅଗେ ଓଡ଼ିଶାରେ ବହି କାଟିବା କାର୍ଯ୍ୟ ଏହାର ଦ୍ୱାରା ସବୁ ପ୍ରେସରେ ହେଉଥିଲା । ମାତ୍ର ଏବେ କଟା କଳ(Cutting machine) ର ସୃଷ୍ଟି, କଟାକାର୍ଯ୍ୟ ସିକଞ୍ଜାର ବ୍ୟବହାରକୁ ପ୍ରାୟଶଃ ଉଠାଇ ଦେଲାଣି ।]

ସିକତା—ସଂ. ବ (ସିଚ୍ ଧାତୁ=ଛିଞ୍ଚିବା+କର୍ମ ଅତ+ଆ)—୧।
Sikatā ବାଲୁକା; ବାଲି (ସ୍ତ୍ରୀଲିଙ୍ଗ ବହୁବଚନ)—1. Sand.
[ପୂ—ଏ ଅର୍ଥରେ ସିକତା ଶବ୍ଦ ସଂସ୍କୃତରେ ନିତ୍ୟ ବହୁବଚନାନ୍ତ] ୨ । ବାଲିଆ ଭୂଇଁ; ବାଲୁକାମୟ ଭୂମି (ମେଦିନୀ)—2. Sandy soil. ୩ । ଶର୍କରା; ଚିନି—3. Sugar.

ସିକତାବାନ୍—ସଂ. ବଣ (ସିକତା+ଅସ୍ତି ଅର୍ଥରେ ବତ୍; ସିକତା
Sikatābān ବତ୍ ଶବ୍ଦର ୧ମା. ୧ବ)—ସିକତିଲ; ବାଲୁକା-
(ସିକତାବତୀ—ସ୍ତ୍ରୀ) ମୟ—Sandy; full of sand.

ସିକତାମୟ—ସଂ. ଣ—ବାଲୁକାମୟ—Sandy. ସଂ. ବ—
Sikatāmaya ୧ । ବାଲୁକାମୟ ତଟ—1. Sandy
[ସିକତାମୟୀ—ସ୍ତ୍ରୀ] bank ୨ । ଯେଉଁ ଦ୍ୱୀପର ଉପକୂଳ କେବଳ ବାଲୁକାପୂର୍ଣ୍ଣ—2. An island with sandy shore.

ସିକତିଲ—ସଂ. ଣ (ସିକତା+ସ୍ୱାର୍ଥେ ଇଲ)— ସିକତାମୟ; ବାଲୁକା-
Sikatila ମୟ—Sandy.

ସିକନ୍ଦର୍—ଦେ. ବ (ନାମ)—ସେକନ୍ଦର୍ (ଦେଖ)—
Sikandar Sekandar (See)
[ସିକନ୍ଦର୍ ବଦଶା(ବାଦସାହା)—ଅନ୍ୟରୂପ]

ସିକଲ୍—ବୈଦେ. ବ (ଫା; ଶକଲ୍; ତୁଳନା ସଂ. ଶିଖା)—ମୁହଁର
Sikal ଚେହେରା—Facile expression; mien;
চেহেরা शकल bearing.

ସିକଲ୍ ଖସି ପଡ଼ିବା—ଦେ. ବ—ମୁହଁର ଚେହେରା ବିବର୍ଣ୍ଣ ହେବା;
Sikal khasi pardibā ମୁହଁ ଶୁଖିଯିବା—State of be-
মুখফ্যাকাসে হওয়া शकलनीचाहोना ing browbeaten.
[ସିକଲ୍ ଖସିଯିବା—ଅନ୍ୟରୂପ]

ସିକ(କା, ଖ)ସ୍ତ—ବୈଦେ. ବ (ଫା. ସିକସ୍ତ=ଦୁର୍ଦଶାଗ୍ରସ୍ତ)—
Sika(kā,kha)sta ତୁଳ ସଂ. ଶୁଷ୍କ) ୧ । କ୍ଷତି—1.Damage.
ক্ষতি शिकस्त ୨ । ବିନାଶ—2. Destruction. ୩ । ଭଙ୍ଗ—3. Breaking. ୪ । କ୍ଲାନ୍ତି—4. Weariness. ବୈଦେ. ବଣ—୧ । କ୍ଷତିଗ୍ରସ୍ତ—1.Damaged.
ক্ষতিগ্রস্ত शिकस्त ୨ । ଭଗ୍ନ—2. Broken. ୩ । ଧ୍ୱଂସ୍ତ—3. Destroyed. ୪ । ଶୁଷ୍କ—4. Dried up; withered. ୫ । ଦୁରବସ୍ଥାପ୍ରାପ୍ତ—5. Reduced to bad or wretched condition. ୬ । କ୍ଲାନ୍ତ; ଶ୍ରାନ୍ତ—6. Pulled down; fatigued. ୭ । ବିମର୍ଷ—7. Sorrowfult. ୮ । ଜୀର୍ଣ୍ଣଶୀର୍ଣ୍ଣ—8. Emaciated; lean.

ସିକ(କା)ସ୍ତ ପ(ପା)ଇନ୍ଅ(ଆ)ସ୍ତ—ବୈଦେ.ବଣ (ଭୂମିରଥ) (ଫା)—
Sika(kā)stpa(pā)iua(ā)st ଯେଉଁ ଭୂମି ନଈ
সিকস্তপাইবস্ত্ शिकस्तपैवस्त ବଢ଼ିରେ ଧୋଇ ହୋଇଯାଏ
[ସିକ(ତ)ସ୍ତ ପ(ପା)ଇସ୍ତ—ଅନ୍ୟରୂପ] ଅଥବା ଯେଉଁ ଜମି ନଈ ଖାଇଯାଇ ଥିବାରୁ ନଷ୍ଟ ହୋଇଥାଏ—(Land)

Damaged by erosion by the flood of a river; diluvian. [ଦ୍ର—ନଦୀର କୂଳରେ ଥିବା ଜମିର ଜମିଦାରମାନଙ୍କ ମଧ୍ୟରେ ଏକ କୂଳର ଜମିକୁ ନଦୀଗର୍ଭ ଖାଇଯିବା ଓ ଅନ୍ୟ କୂଳରେ ଚଡ଼ା ପଡ଼ିଯିବା ଯୋଗୁ ଯେଉଁ ବିବାଦ ଘଟେ ତାହା ମୀମାଂସା କରିବାକୁ ଗଭର୍ଣ୍ଣମେଣ୍ଟ ଜେନେରାଲ୍ ଆଇନ କରିଅଛନ୍ତି ।]

ସିକ(କା)ସ୍ତି—ବୈଦେ· ବି (ଫା)—୧ । କ୍ଷତଗ୍ରସ୍ତ ଅବସ୍ଥା—1. Sika(kā)sti Damaged condition. ୨ । ଦୁର୍ଦ୍ଦଶା- କ୍ଷতি সকস্তী ଗ୍ରସ୍ତ ଅବସ୍ଥା—2. Wretched state. [ସିକ(କା)ସ୍ତିଅ—ଅନ୍ୟରୂପ] ବୈଦେ· ବିଣ ୧ । କ୍ଷତଗ୍ରସ୍ତ; ক্ষতিগ্রস্ত सिकस्त ଭଗ୍ନ—1. Damaged; ruined. ୨ । କ୍ଲାନ୍ତ—2. Pulled down; fatigued; wearied. ୩ । ବିମର୍ଷ—3. Sorrowful. ୪ । ଦୁରବସ୍ଥା ପ୍ରାପ୍ତ—4. Reduced to wretched condition.

ସିକସ୍ତି ଜମି—ବୈଦେ. ବି—ନଈବଢ଼ି ଦ୍ୱାରା ଖାଇଯାଇଥିବା ବା ବାଲି Sikasti jami ମାଡ଼ିଯାଇ ନଷ୍ଟ ହୋଇ ଯାଇଥିବା ଜମି— সিকস্তিজমি सिकस्तीजमीन Land damaged by alluvion and diluvion.

ସିକା—ବୈଦେ. ବି—ସିକ୍କା (ଦେଖ)— Sikā (ସିକାଟଙ୍କା—ଅନ୍ୟରୂପ) Sikkā (See)

ସିକା(ଇତ୍ୟାଦି)—ଦେ· ବି—(ସଂ. ସିକ୍ୟ ବା ଶିକ୍ୟ)—ଶିକା ଇତ୍ୟାଦି Sikā (etc) ଦେଖ)—Sikā etc (See)

ସିକାଏ(ୟ,ୟେ)ତ—ବୈଦେ. ବି (ଅ. ସିକାୟତ୍)—ଅଭିଯୋଗ— Sikāe(ya,ye)t 1. Complaint. ୨ । ଦୋଷାରୋପ— শিকায়ত্ शिकायत 2. Laying of a charge against a person. ୩ । ନିନ୍ଦା—3. Blame. ୪ । ଚୁଗୁଲି—4. Backbiting.

ସିକାଏ(ୟ,ୟେ)ତି—ଦେ. ବିଣ—ସିକାଏତ୍ ସମ୍ବନ୍ଧୀୟ— Sikā(ya, ye)ti Relating to complaint. শিকায়তী शिकायती

ସିଁକାୟା—ଦେ· ବି (ସଂ. ଅରିଷ୍ଟକ)—ବବୁଲ ଜାତୀୟ ଏକ କଣ୍ଟକୀ Sikāyā ଗଛ—Sapindus Mukorissi. [ଦ୍ର— ছোটরিঠা कोची, सीकाकइ, बनरिठा ଏହା ପୂର୍ବ ଓ ଦକ୍ଷିଣ ଭାରତରେ ବଣରେ ଜନ୍ମେ । ଏଥିର ଚେର ଓ ପତ୍ର ଔଷଧରେ ଲାଗେ; କୁଳି ଚେପଟା ଓ ଲମ୍ବ ପର ଫୁଟ-ବାଲ; ତହିଁ ମଧ୍ୟରେ ଚେପଟା ମଞ୍ଜି ଥାଏ । ଏହି ଛୁଇଁକୁ ବାଟି ମାଇପେ ମୁଣ୍ଡରେ ଲଗାଇ ବାଳ ଧୋଇ ବାଳରୁ ମଇଳା ସଫା କରନ୍ତି । ଏହାକୁ ଗଞ୍ଜାମରେ 'ବଡ଼ୁଫଳ' କହନ୍ତି ।]

ସିକି—ଦେ· ଅ (ନିଶ୍ଚୟାର୍ଥକ)—ସିନା; ନିଶ୍ଚେ; ଟି; ହିଁ— Siki Certainly. [ଭ—ସାରଙ୍କୁ ସାର ସିକ ରକ୍ଷା କର ଇ ପାରେ, ପ୍ରାକୃତ ଲୋକଠାରେ ସମ୍ଭବ ନ ପାରେ । କୃଷ୍ଣସିଂହ. ही ମହାଭାରତ, ଦ୍ରୋଣ ।]

ସିକ(କି)ମ୍—ଦେ. ବି(ନାମ)—ନେପାଳ ଓ ଭୂଟାନର ମଧ୍ୟବର୍ତ୍ତୀ ସ୍ୱାଧୀନ Sik(kki)im ରାଜ୍ୟ ବିଶେଷ—Name of a feudatory সিকিম্ State between Nepal and Bhutan. सिक्किम

ସିକିମ(ମି) (ଇତ୍ୟାଦି)—ବେଦେ. ବି ଓ ବିଣ—ସିକ୍ମୀ ଇତ୍ୟାଦି Sikim(mi) (etc) (ଦେଖ)—Sik-mī etc. (See)

ସିକୁନ୍—ପ୍ରାଦେ. (ଖଡ଼ଅଞ୍ଚଳ) ବି—ବାଉଁଶ ଖଡ଼ିକା; ବାଉଁଶ ଚିରି Sikun ହୋଇ ତିଆରି ହେବା ସରୁ କାଠି—Long narrow sticks made out of bamboo lathis.

ସିକେ(ଖେ)ନ—ପ୍ରାଦେ· (ଖଡ଼ଅଞ୍ଚଳ) ବିଣ—୧। ମଣ ହେଉଥିବା(ପଶୁ) Sike(khe)n 1. Under training. —୨। ଅନ୍ୟଠାରୁ ଶିକ୍ଷା ଦ୍ୱାରା ପ୍ରାପ୍ତ(ବୁଦ୍ଧି)—2. Got from the teaching of another.

ସିକେ(ଖେ)ନ୍ ବଚ୍ଛା—ପ୍ରାଦେ. (ଖଡ଼ଅଞ୍ଚଳ) ବି—ମଣ ହେଉଥିବା ଦାମୁଡ଼ି—A young ox which is being trained to draw plough or cart. [ଦ୍ର—ଜନ୍ମଠାରୁ ୩।୪ ମାସ ଯାଏ ବାଛୁରୀକୁ ଲଇ ବଛା, ଦୁଧ ପିଉଥିବା ଯାଏ—ପିଅବଛା, ଦୁଧ ଛାଡ଼ିବା ପରେ—ଛଡ଼ା ବଛା; ମଣ ହେଉଥିବା ସମୟରେ ସିକେନ୍ ବଛା, ମଣ ହେବାର ଏକ ବର୍ଷ ପରେ ବାହିଁବଛା, ଉତ୍ତରରେ ବଳଦ କହନ୍ତି ।]

ସିକେନ୍ ବୁଇଦ୍(ବୁଧି)—ପ୍ରାଦେ. (ଖଡ଼ଅଞ୍ଚଳ) ବି—ଅନ୍ୟଠାରୁ ଶିକ୍ଷା Siken buid(budhi) ପାଇଥିବା ବୁଦ୍ଧି; ଶିଖେଇ ଦେଲା ବୁଦ୍ଧି —Intelligence due to the tutoring of another person.

ସିକେନ୍ ବୁଧିଆ—ପ୍ରାଦେ· (ଖଡ଼ଅଞ୍ଚଳ) ବିଣ—ଯେଉଁ ବ୍ୟକ୍ତି ଅନ୍ୟର Siken budhiā କଥାରେ ଚାଲେ—A person who acts according to the tutoring of another.

ସିକ୍କ—ବୈଦେ· ବି—ସିକ୍ (ଦେଖ) Sikka Sik (See)

ସିକ୍କା—ବୈଦେ. ବି (ଅ. ସିକ୍କା=ମୁଦ୍ରା; ମୋହର; ଛାପ)— Sikkā ମୋଗଲ ବାଦସାହାଙ୍କ ଅମଳରେ ଭାରତରେ ଚଳୁଥିବା (ସିକ୍କା ଟଙ୍କା—ଅନ୍ୟରୂପ) ରୌପ୍ୟ ମୁଦ୍ରା; ସେଭି ଟଙ୍କା (ଏହା সিক্কা, সিকা টাকা ଆକାରରେ ଆଧୁନିକ ଟଙ୍କାଠାରୁ ଛୋଟ, କିନ୍ତୁ सिक्का ଓଜନରେ ବେଶୀ ଏବଂ ଏଥିରେ ଆଧୁନିକ ଟଙ୍କା ଅପେକ୍ଷା ଖାଦ କମ ଥିଲା)—Silver coin current in India during the Moghul reign. [ଦ୍ର—୧୮୦୦ ମସିହାରେ ବ୍ରିଟିଶ୍ ରାଜତ୍ୱ ଆରମ୍ଭ ହେବାରୁ ସିକ୍କା ଏକ ଟଙ୍କାର ମୂଲ୍ୟ ୪ କାହାଣ କଉଡ଼ି ସ୍ଥିର ହେଲା । ସ୍ୱଧାନାଥ. ପ୍ରାଚୀନ. ଉତ୍କଳ—୧୦୦ ସିକ୍କା ଟଙ୍କା=ଆଧୁନିକ ଟ ୧୦୬।୵୭୍ୟ ପାଇ ।]

ସିକ୍ତ—ସଂ. ବଣ (ସିଚ୍ ଧାତୁ=ସିଞ୍ଚନ+କର୍ମ. କ୍ତ)—୧ । ପାଣି ଛିଞ୍ଚା
Sikta　ଯାଇଥିବା—1. Sprinkled with water.
୨ । ଅର୍ଦ୍ରୀଭୂତ—2. Moistened.

ସିକ୍ଥ—ସଂ. ବ (ସିଚ୍ ଧାତୁ+କର୍ତ୍ତୃ. ଥ)—୧ । ମଧୁଚ୍ଛିଷ୍ଟ; ମହଣ
Siktha　(ମେଦଜ)—1. Bees wax. ୨। ନାଲି (ହେମଚନ୍ଦ୍ର)-
2. The Indigo plant. ୩ । ଭକ୍ତପୁଲାକ; ଗ୍ରାସ;
ଅନ୍ନର ଏକ ଗ୍ରାସ (ମେଦଜ)—3. One mouthful of food.

ସିକ୍ଥକ—ସଂ. ବ (ସିକ୍ଥ+ସ୍ୱାର୍ଥେ. କ)—ମଧୁଚ୍ଛିଷ୍ଟ; ମହଣ—
Sikthaka　Bees wax.

ସିକ୍ମୀ (ଇତ୍ୟାଦି)—ବୈଦେ. ବ ଓ ବଣ—ସିକ୍ମୀ ଇତ୍ୟାଦି (ଦେଖ)
Sikmī (etc)　Sik-mī etc. (See)

ସିକ୍ୟ(କ୍ୟା)—ସଂ. ବ (ସିଚ୍ ଧାତୁ=ଗମନ କରିବା+କର୍ତ୍ତୃ. ଯ;
Sikya(kyā)　+ଆ)—ଶିକା (ଦେଖ)—Śikā (See)

ସିକ୍ୟିତ—ସଂ. ବଣ (ସିକ୍ୟ+ଇତ)—ଶିକାରେ ରଖା ଯାଇଥିବା (ବସ୍ତୁ)
Sikyita　—(anything) Kept in a 'Sikā.'

ସିକ୍ଷ୍ୟ—ସଂ. ବ—ସ୍ଫଟିକ (ଶବ୍ଦକଳ୍ପଦ୍ରୁମ)—
Sikshya　Quartz.

ସିଖ୍ (ଇତ୍ୟାଦି)—ଦେ. ବ—ଶିଖ୍ ଇତ୍ୟାଦି (ଦେଖ)—
Sikh (etc)　Śikh etc. (See)

ସିଖର(ରି)ଣୀ—ଦେ. ବ (ସଂ. ଶିଖରିଣୀ)—ଶିଖରିଣୀ ୩ (ଦେଖ)—
Sikhara(ri)nī　Śikharinī (See)

ସିଖା—ଦେ. ବ (ସଂ. ଶିକ୍ଷା; ପ୍ରା. ସିକ୍ଖା)—୧ । ଶିକ୍ଷା—
Sikhā　1. Learning. ୨ । ଶିଖ(ଖା)ଇବା; ଉତ୍ତେଜିତ
শেখা　सिखा　କରିବା—2. Instigating. ୩ । ଅଧ୍ୟାପନା—
3. Teaching; tutoring. ଦେ. ବଣ—୧ । ଶିକ୍ଷା
উত্তেজিত　ପାଉ—1. Taught; tutored. ୨ । ଉତ୍ତେଜିତ—
सिखित　2. Instigated. ୩ । ଯେ ଅନ୍ୟଠାରୁ ଶିକ୍ଷା କରେ
—3. Learning from another. [ଉ—ଦେଖ
ସିଖା ଓଡ଼ିଶା—ଭଗ ।]

ସିଖ୍ରି—ପ୍ରାଦେ. (ଲରିଆ) ବ ଓ ବଣ—ଅଇଁଠା—
Sikhri　Leaving of another's food.

ସିଗ୍—ପ୍ରାଦେ. (ଲରିଆ) ବ—କୌଣସି ପଦାର୍ଥର ଅଗ୍ରଭାଗ—
Sig　The top part of anything.

ସିଗ୍(ଗା)ରେଟ୍—ବୈଦେ. ବ (ଇଂ. ସିଗାରେଟ୍)—ଏକ ଜାତୀୟ
Sig-(gā)reṭ　ଛୋଟ ପିକା—Cigarette.
(ସିଗ୍ରେଟ୍—ଅନ୍ୟରୂପ)　সিগারেট্　सिगरेट

ସିଗଲ୍—ବୈଦେ. ବ (ଇଂ. ସିଗଲ୍)—ସମୁଦ୍ର ଉପରେ ଭାସିବା ଓ
Sigal　ଉଡ଼ିବା ଏକ ପ୍ରକାର ଛୋଟ ଚଢ଼େଇ—Sea-gull.
সিগল্　सिगल

ସିଗା—ପ୍ରାଦେ. (ବଲାଙ୍ଗିର ପାଟଣା) ବଣ—ବଡ଼—
Sigā　Large.

ସିଗାର୍—ବୈଦେ. ବଣ (ଇଂ. ସିଗାର୍)—ପିକା—
Sigār　সিগার　सिगार　Cigar.

ସିଗାର୍ ଟ୍ରେ—ବୈଦେ. ବ (ଇଂ)—ପିକା ରଖିବା ଥାଳିଆ—
Sigār ṭre　Cigar-tray.
সিগারট্রে　सिगार ट्रे

ସିଗିର୍ ବିଗିର୍—ପ୍ରାଦେ (ସମ୍ବଲପୁର) ବଣ—ସାଲୁ ସାଲୁ (ଦେଖ)
Sigir bigir　Sālu sālu. (See)

ସିଗ୍ନାଲ୍—ବୈଦେ. ବ (ଇଂ. ସିଗ୍ନାଲ୍)—ଷ୍ଟେସନକୁ ରେଲଗାଡ଼ି
Signāl　ଆସିବା ପୂର୍ବରୁ ଉକ୍ତ ଗାଡ଼ିର ଆଗମନସୂଚକ ପୂର୍ବ-
সিগনাল　सिगनल　ସଙ୍କେତ—Signal given of an incoming train.

ସିଗ୍ନାଲର୍—ବୈଦେ. ବ (ଇଂ. ସିଗ୍ନାଲର୍)—୧ । ସଙ୍କେତଦାତା;
Signālar　ଯେ ସଙ୍କେତ ଦିଏ—1. Signaller. ୨ । ରେଳ
সিগ্নালর　ଗାଡ଼ିର ସିଗନାଲ୍ ଦେଖାଇବା ଭାର ଯେଉଁ କର୍ମଚାରୀ
सिगनलर　ବା ଭୃତ୍ୟ ଉପରେ ଥାଏ—2. Signal man.
(ସିଗ୍ନାଲ୍ ମାନ୍—ଅନ୍ୟରୂପ)　୩ । ଟେଲିଗ୍ରାଫ କଳ ଚଳାଇବା
କର୍ମଚାରୀ—3. The operator of a Telegraph Office.

ସିଗ୍ରି—ପ୍ରାଦେ (ଲରିଆ) ବ—ପିଠା ବିଶେଷ—
Sigri　A kind of cake.

ସିଙ୍କ୍ରା—ପ୍ରାଦେ (କଟକ) ବ—ଶିକୁଳି—
Sink-rā　A chain.

ସିଙ୍କୋନା—ବୈଦେ. ବ (ଇଂ. ସିନ୍କୋନା)—ଅଙ୍କୋଲାଦି ବର୍ଗର
Sinkonā　ଅମେରିକା ଦେଶୀୟ ଗଛ—Cinchona. [ଉ—
সিঙ্কোনা　ବର୍ତ୍ତମାନ ବଙ୍ଗର ଦାର୍ଜିଲିଙ୍ଗ୍ ଓ ମାନ୍ଦ୍ରାଜର ନୀଳଗିରି
सिनकोना　ପାହାଡ଼ରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ଏହାର ଚାଷ
ହେଉଅଛି । ଏହି ଗଛର ଛେଲି ପାଣିରେ ଫୁଟାଇଲେ
ସେଥିରୁ ଏକପ୍ରକାର ମଣ୍ଡ ବାହାରେ । ସେ ମଣ୍ଡକୁ
ଶୁଖାଇଲେ ତାହା ଅପାଣ୍ଡୁର ଚୂର୍ଣ୍ଣରେ ପରିଣତ ହୁଏ ।
ତାହାକୁ 'ସିଙ୍କୋନା' ବା କୁଇନାଇନ୍ କୋହାଯାଏ ।
ଏହା ଜ୍ୱରଘ୍ନ ଔଷଧ; କିନ୍ତୁ ଏହା ଖାଇଲେ ବାନ୍ତି
ଦେଖାଏ; ବେଶୀ ମାତ୍ରାରେ ଏହା ସେବନ କଲେ
ଦୁର୍ବଳତା ବଢ଼େ ଓ କାନରେ ଝାଇଁ ଝାଇଁ ଶବ୍ଦ ଓ
(ସିନ୍କୋନା—ଅନ୍ୟରୂପ)　ମୁଣ୍ଡବୁଲା ଅନୁଭୂତ ହୁଏ ।]

ସିଙ୍କୋଳି—ପ୍ରାଦେ (ଗଡ଼ଜାତ) ବ—ଶିକୁଳି ଘାସ (ଦେଖ)
Sinkolā　Sikulā ghāsa. (See)

ସିଙ୍ଗ(ଙ୍ଘ,ହ୍)ରା—ପ୍ରାଦେ (ସମ୍ବଲପୁର) ବ—ଶିଂଗ୍ରା (ଦେଖ)
Sing(ngh,h)-rā　Śimg-rā. (See)

ସିଙ୍ଗସିଙ୍ଗିଆ—ପ୍ରାଦେ (ଜାଜପୁର) ବ—ଚିଡ଼ିଚିଡ଼ିଆ; ଭମଭମ—
Sing-singiā　Surly; peevish.
(ଉ—ସେ ଜଣେ ଭାରି ସିଙ୍ଗସିଙ୍ଗିଆ ଲୋକ ।)

ସିଙ୍ଗ(ଙ୍ଘ) (ଇତ୍ୟାଦି)—ପ୍ରା. ବ (ସଂ.ସିଂହ)—ସିଂଗ (ଘ)ଇତ୍ୟାଦି(ଦେଖ)
Singa(ngha) (etc)　Śimga(gha) etc. (See)

ସିଙ୍ଗ(ଙ୍ଗି,ଙ୍ଗେ,ଙ୍ଘ,ଙ୍ଘି,ଙ୍ଘେ)ଡ଼ା (ଇତ୍ୟାଦି)—ଦେ. ବି—୧ । ଶିଂଗଡ଼ା
Singa(ngi,nge,ngha,nghi,nghe)rdā (etc) ଇତ୍ୟାଦି (ଦେଖ)—1. Simgardā etc. (See). ୨ । ତାଳଚେରର ନଦୀ ବିଶେଷ—2. Name of a river in the Talcher State of Orissa. (ଯ—ସିଙ୍ଗଡ଼ା ଛଟିଆ ସୌରିଭ ଅଙ୍ଗାର ପ୍ରାନ୍ତରେ । ରାଧାନାଥ. ମହାଯାତ୍ରା ।)

ସିଙ୍ଗ(ଙ୍ଗି)ଲ୍—ବୈଦେ. ବି ଓ ବିଣ—ଶିଂଗଲ୍ (ଦେଖ)
Singa(ngi)l Simgal. (See)

ସିଙ୍ଗା(ଙ୍ଘା)ଣି (ଇତ୍ୟାଦି)—ଦେ. ବି—ଶିଂଗାଣି ଇତ୍ୟାଦି (ଦେଖ)
Singā(nghā)ni (etc) Simgāni etc. (See)

ସିଙ୍ଗା(ଙ୍ଘା)ଣିଆ—ଦେ. ବିଣ, ପୁଂ—ଶିଂଗାଣିଆ (ଦେଖ)
Singā(nghā)niā Simgāniā. (See)
(ସିଙ୍ଗା[ଙ୍ଘା]ଣେଈ—ସ୍ତ୍ରୀ)

ସିଙ୍ଗା(ଙ୍ଘା)ପୁର—ଦେ. ବି (ନାମ)—୧ । ମାଳୟ ଉପଦ୍ୱୀପର ଦକ୍ଷିଣ ପ୍ରାନ୍ତରେ ଥିବା ବନ୍ଦର—1. Singa-
Singā(nghā)pura
সিঙ্গাপুর pore. [ଦ୍ର—ଏହା ମାଳୟ ଉପଦ୍ୱୀପର ଦକ୍ଷିଣରେ
सिंगापुर ଅବସ୍ଥିତ ଗୋଟିଏ ଦ୍ୱୀପ । ୧୮୧୯ ସାଲରେ ସର୍ ଷ୍ଟାମ୍‌ଫୋର୍ଡ଼ ରାଫ୍‌ଲସ ଏହାକୁ ଇଂରେଜମାନଙ୍କ ଅଧିକାରଭୁକ୍ତ କରିଥିଲେ । ୧୯୨୧ ସାଲରେ ଏଠାରେ ଦୁର୍ଗ ନିର୍ମାଣ କରିବାର ସ୍ଥିର ହେଲା । ସେତେବେଳେ ଏହା ଗୋଟିଏ ଜଙ୍ଗଲମୟ ଅସ୍ୱାସ୍ଥ୍ୟକର ସ୍ଥାନ ଥିଲା; କେବଳ ଏଠାରେ ଗୋଟିଏ ପୁରାତନ ଜାହାଜ ଯୋଡ଼ାଶ୍ରୟ ଥିଲା । ଇଂରେଜ ଇଞ୍ଜିନିଅରମାନଙ୍କର ଗୁରୁତର ପରିଶ୍ରମରେ ଏହା ଶୁଷ୍କଭୂମି, ଯୋଡ଼ାଶ୍ରୟ, ରାସ୍ତା ଏବଂ ରେଳରାସ୍ତାରେ ପରିଣତ ହୋଇଅଛି । ବର୍ତ୍ତମାନ ଏହା ପୃଥିବୀରେ ସର୍ବାପେକ୍ଷା ଦୁର୍ଭେଦ୍ୟ ଦୁର୍ଗସମନ୍ୱିତ ଦ୍ୱୀପ । ଏହା ବ୍ରିଟିଶ୍‌ଜାତିର ପ୍ରଶାନ୍ତ ମହାସାଗରରେ ସର୍ବପ୍ରଧାନ ନୌବାହିନୀ କେନ୍ଦ୍ର [Naval Base]. ଏହି ନୌକେନ୍ଦ୍ର ନିର୍ମାଣରେ ୧୦୦ ଲକ୍ଷ ପାଉଣ୍ଡ ବା ପ୍ରାୟ ୧୩ କୋଟି ଟଙ୍କା ବ୍ୟୟ ହୋଇଅଛି । ଏଥିର ଉପୁକ୍ତ ଜାହାଜମାନଙ୍କ ଖର୍ଚ୍ଚ ହିସାବ କଲେ ମୋଟ ଖର୍ଚ୍ଚ ଦୁଇକୋଟି ପାଉଣ୍ଡ ବା ୩୦ କୋଟି ଟଙ୍କାରୁ ଅଧିକ ହେବ । ଏଠାରେ ବହୁସଂଖ୍ୟକ ଯୁଦ୍ଧଜାହାଜ ଏବଂ ଉଡ଼ାଜାହାଜ ରହିଅଛି । ଅଷ୍ଟ୍ରେଲିଆ,ନିଉଜିଲଣ୍ଡ, ହଂକଂ ପ୍ରଭୃତି ଦେଶମାନଙ୍କୁ ଏବଂ ଭାରତବର୍ଷରେ ବ୍ରିଟିଶ୍‌ଜାତିର ବହୁଳ ବାଣିଜ୍ୟକୁ ରକ୍ଷା କରିବା ଏହି ନୌକେନ୍ଦ୍ରର ପ୍ରଧାନ ଉଦ୍ଦେଶ୍ୟ ।

ସନ୍ଦର୍ଭଲେଖକ—ଶ୍ରୀ ଜଗନ୍ନାଥ ତ୍ରିପାଠି, ବି. ଏ, ବି. ଟି ।]

୨ । କଟକ ଜିଲ୍ଲାର ମଧୁପୁର କିଲ୍ଲାଅନ୍ତର୍ଗତ ଗ୍ରାମବିଶେଷ—2. Name of a village in Cuttack district. [ଦ୍ର—ଏଠାରେ ଫାଲ୍‌ଗୁନମାସ ଶିବରାତ୍ରି ସମୟରେ ଏକମାସବ୍ୟାପୀ ଏକ ପ୍ରକାଣ୍ଡ ମେଳା ହୁଏ । ଓଡ଼ିଶା ବାହାର ଅଞ୍ଚଳମାନଙ୍କରୁ ଅନେକ ବେପାରୀ ଆସି ଏଠାରେ ମାସକ ପର୍ଯ୍ୟନ୍ତ ରହନ୍ତି । ନାନା ଦୂର ସ୍ଥାନରୁ ସହସ୍ରାଧିକ ଲୋକମାନେ ଏହି ମେଳା ଦେଖିବା ପାଇଁ ଯାଆନ୍ତି ।]

ସିଙ୍ଗାର୍ ବାଡ଼ି—ପ୍ରାଦେ (ବାଲେଶ୍ୱର)—ଦୁଇ ଖଣ୍ଡ ବଡ଼ ବାଠ
Singār bārdi ଉପରେ ରହିଥିବା ଛୋଟ ଛୋଟ କାଠଖଣ୍ଡ (ଯାହା ଉପରେ ଫଡ଼ିକା ଛପର ଟାଣିଲେ ବସାଯାଏ); ବରଗା—Pieces of rafter put over two timbers of a roof.

ସିଙ୍ଗାର (ଇତ୍ୟାଦି)—ଦେ. ବି—୧ । ଶିଂଗାର ଇତ୍ୟାଦି (ଦେଖ)—
Singāra (etc) 1. Simgāra etc. (See) ୨ । ଭୂଷଣ—
সিংগার 2. Ornament. [ଯ—ଜ ବର୍ଜିତ ତାହା ରୂପଶୋଭା,
सिंगार ଅହୋ ବଶାଠ ଯାଉ ସିଙ୍ଗାର । ରାଧାନାଥ. ଯଯାତି ।]

ସିଙ୍ଗା(ଙ୍ଘା)ରିବା—ଦେ କି—ସିଂଘାରିବା (ଦେଖ)
Singā (nghā) ribā Simghāribā. (See)

ସିଙ୍ଗା(ଙ୍ଘା)ରି ହେବା—ଦେ. କ୍ରି—ସିଂଘାରି ହେବା (ଦେଖ)
Singā (nghā) ri hebā Simghāri hebā. (See)

ସିଙ୍ଗୁରୁ—ପ୍ରାଦେ (ଗଡ଼ଜାତ) ବି—ଶାଗୁଆନ୍ (ଦେଖ)
Singuru Sāguān. (See)

ସିଙ୍ଘଣ—ସଂ. ବି (ଶିଘ୍ ଧାତୁ+ କର୍ତ୍ତୃ. ଅନ; ନିପାତନ)—ସିଂଘାଣ
Singhana (ଶବ୍ଦରତ୍ନାବଳୀ)(ଦେଖ)—Singhāna. (See)

ସିଙ୍ଘଣକ—ସଂ.ବି (ସିଙ୍ଘଣ+ଅକ)—ସିଂଘାଣ [ଦେଖ](ଶବ୍ଦରତ୍ନାବଳୀ)
Singhanaka Singhāna [See].

ସିଙ୍ଘଳ—ଗ୍ରା. ବି—ସିଂହଳ [ଦେଖ]—
Singhala Simhala [See].

ସିଙ୍ଘଳୀ—ଗ୍ରା. ବି.—ସିଂହଳୀ [ଦେଖ]
Singhali Simhali [See].

ସିଙ୍ଘା—ଦେ. ବି—୧ । ଶିଂଘା (ଦେଖ)—1. Singhā (See).
Singhā ୨ । ଚିଲିକାରେ ଚଳୁଥିବା ଡଙ୍ଗାର ପାଲକୁ ବା ଚଲେଇକୁ ଅଗ ମଙ୍ଗରେ ଖଟାଇବା ପାଇଁ ବ୍ୟବହୃତ ଦଉଡ଼ି (କଟିଠାରୁ ଛୋଟ)—2. The string which fastens the sail or bamboo matting to the prow of a country boat in the Chilka lake.

ସିଙ୍ଘାଣ—ସଂ.ବି (ଶିଘ୍ ଧାତୁ=ନାଶକରିବା+କର୍ତ୍ତୃ ଅନ;ବର୍ଣ୍ଣବିପର୍ଯ୍ୟୟ;
Singhāna ନିପାତନ)—ସିଂଘାଣ (ଦେଖ)—
Simhāna [See].

ସିଙ୍ଘାରୀ—ଦେ. ବି—ରାଜା ବା ଦେବତାଙ୍କ ବେଶକାରୀ—
Singhāri Dresser; dresser of an idol or a King.
শিঙ্গারী सिंगारी

ସିଙ୍ଘିଣୀ—ସଂ. ବି—ନାସିକା (ହଳାୟୁଧ)—
Singhini The nose.

ସିଙ୍ଘୁଣୀ—ଗ୍ରା. ବ. ସ୍ତ୍ରୀ—ସିଂହୀ (ଦେଖ)—
Singhuni Simhi [See].
(ସିଙ୍ଘ—ପୁଂ)

ସିଚ୍ (ଧାତୁ)—ସଂ.—୧ । ସେଚନ କରିବା; ଛିଞ୍ଚିବା—
Sich [root] 1. To sprinkle. ୨ । ସିକ୍ତ କରିବା;

ଓଦା କରିବା—2. To moisten. ୩। ସେକିବା; ଉତ୍ତାପ ପ୍ରୟୋଗ କରିବା—3. To foment; to apply heat.

ସିଚୟ—ସଂ. ବି (ସଚ୍ ଧାତୁ=ଜଳାଦି ସେଚନ କରିବା+କର୍ମ.ଅୟ)—
Sichaya ୧। ବସ୍ତ୍ର (ହେମଚନ୍ଦ୍ର)—1. Cloth.
୨। ଜୀର୍ଣ୍ଣ ବସ୍ତ୍ର (ବିକାଣ୍ଡ ଶେଷ)—2. Torn cloth; rag.

ସିଜର୍—ଦେ. ବି (ନାମ) (ଇଂ. ସିଜାର୍)—ପ୍ରାଚୀନ ରୋମ୍ ସାମ୍ରାଜ୍ୟର
Sijar ସୀଜର୍ सिज़र ଜଣେକ ରାଜା—Caesar.
[ଦ୍ର—ଏହାଙ୍କର ପୂର୍ଣ୍ଣ ନାମ ଜୁଲିଅସ୍ ସିଜର୍ (Julius Caesar)। ଜନ୍ମ ଖ୍ରୀ: ପୂ: ୧୦୦ ଅବ୍ଦ। ବାଗ୍ମୀପ୍ରବର ସିସିରୋଙ୍କର ଏ ସମସାମୟିକ ଥିଲେ। ଏ ପ୍ରଚଣ୍ଡବଳରେ ରୋମ୍ ସାମ୍ରାଜ୍ୟର ପ୍ରଧାନ ବ୍ୟକ୍ତି ବୋଲି ପରିଗଣିତ ହୋଇ ଥିଲେ ଏବଂ ସିସିରୋଙ୍କ ଛଡ଼ା ଏହାଙ୍କ ପରି ରୋମ୍‌ରେ ଅନ୍ୟ କେହି ବାଗ୍ମୀ ନ ଥିଲେ। ଏ ପ୍ରଥମେ ରୋମ୍ ରାଜ୍ୟରେ ଜଣେ ଶାସନକର୍ତ୍ତା (consul) ହୋଇ ପରେ ଇଜିପ୍ତରେ ପର୍ଶ୍ଚିମବର୍ତ୍ତୀ ଦେଶଗୁଡ଼ିକ ଓ ଇଂଲଣ୍ଡକୁ ଆକ୍ରମଣ କରି ସେ ଦେଶମାନଙ୍କୁ ରୋମ୍ ସାମ୍ରାଜ୍ୟଭୁକ୍ତ କଲେ। ଏ ଆଫ୍ରିକାକୁ ଯାଇ ସେଠାର ରାଜକୁମାରୀ କ୍ଳିଓପାଟ୍ରାଙ୍କଠାରେ ପ୍ରାଣ ସମର୍ପଣ କଲେ। ଏହା ପୂର୍ବରୁ ସେ କ୍ରମଶଃ ୩ ଗୋଟି ସ୍ତ୍ରୀଙ୍କର ପାଣି ଗ୍ରହଣ କରି ସାରିଥିଲେ। ତାଙ୍କ ଔରସରେ କ୍ଳିଓପାଟ୍ରାଙ୍କର ଗୋଟିଏ ପୁତ୍ର ଲାଭ ହେଲା। ତାହା ପରେ ଏ ମିଶରର ରାଜା ଟଲେମୀଙ୍କୁ ପରାସ୍ତ କରି କ୍ଳିଓପାଟ୍ରାଙ୍କୁ ମିଶରର ରାଜ ସିଂହାସନରେ ବସାଇ ଦେଶକୁ ଫେରିଲେ। ଏ ଆପଣାକୁ ସାଧାରଣତନ୍ତ୍ର ରୋମ୍ ସାମ୍ରାଜ୍ୟର ସମ୍ରାଟ୍ ବୋଲି ଜ୍ଞାନ କରୁଅଛନ୍ତି, ଏହା ସନ୍ଦେହ କରି କେତେଗୁଡ଼ିଏ ଦେଶପ୍ରାଣ ବ୍ୟକ୍ତି ଚକ୍ରାନ୍ତ କରି ଏହାଙ୍କୁ ଖ୍ରୀ: ପୂ: ୪୪ ଅବ୍ଦରେ ଗୁପ୍ତ ଭାବରେ ହତ୍ୟା କଲେ।
ଏ ଖ୍ରୀ: ପୂ: ୫୫ ଅବ୍ଦରେ ଇଂଲଣ୍ଡକୁ ଆକ୍ରମଣ କରି ତାହାକୁ ରୋମ୍ ସାମ୍ରାଜ୍ୟଭୁକ୍ତ କରିଥିଲେ। ଏ ପଞ୍ଜିକାର ସଂସ୍କାର କରିଥିଲେ ଓ ଲାଟିନ୍ ବ୍ୟାକରଣରେ ଅପାଦାନ କାରକ (Oblative case)ର ନୂତନ ପ୍ରଚଳନ କରାଇଥିଲେ।]

ସିଜା—ଦେ. ବି ଓ ବିଣ—ସିଝା (ଦେଖ)
Sijā Sijhā (See)

ସିଜା(ଜେ)ଇବା—ଦେ. କ୍ରି—ସିଝାଇବା (ଦେଖ)
Sijā(je)ibā Sijhāibā (See)

ସିଜିବା—ଦେ. କ୍ରି—ସିଝିବା (ଦେଖ)
Sijibā Sijhibā (See)

ସିଜୁ—ଦେ. ବି—ସିଝୁ (ଦେଖ)—Sijhu (See) [ଭ—ସିଜୁ
Siju ଅଳୁ ବାଡ଼େ, ଘଷା ପିଢ଼ା ଡାଲେ, ଫୁଟେ ଢୋଗ ଜର୍ଣ୍ଣି ଫୁଲେ। ନନ୍ଦକିଶୋର ଶର୍ମିଷ୍ଠା।]

ସିଝା—ଦେ. ବି (ସଂ. ସିଦ୍ଧ; ପ୍ରା. ସିଜ୍ଝ)—ସିଦ୍ଧ କରିବା—
Sijhā Boiling.
ସୀଜା, ସୀଝା सीझा ଦେ. ବିଣ—ସିଦ୍ଧ—Boiled.

ସିଝା(ଝେ)ଇବା—ଦେ. କ୍ରି—ଅଗ୍ନି ଉତ୍ତାପରେ ସିଦ୍ଧ କରିବା—
Sijhā(jhe)ibā To boil a thing over fire.
ସୀଜାନ, ସୀଝାନ सीझाना

ସିଝା ଘା—ଦେ. ବି—ଗରମ ପାଣି ବା ଗରମ ତେଲ ଆଦି ପଡ଼ି
Sijhā ghā ଦେହରେ ହୋଇଥିବା ଫୋଟକା ଓ ବ୍ରଣ—
ସିଝା ଘା सीझा घा Scald.
(ସିଝା ଘାଅ—ଅନ୍ୟରୂପ)

ସିଝା ମଣ୍ଡା—ପ୍ରାଦେ. (ସିଂହଭୂମ) ବି—ଅଧାରରେ ସିଦ୍ଧ ମଣ୍ଡା ପିଠା-
Sijhā maṇḍā Cake boiled in water vapour.

ସିଝିବା—ଦେ. କ୍ରି (ସଂ. ସିଦ୍ଧ; ସଂ. ସିଧ୍ ଧାତୁ)—ଅତପ ବା ଅଗ୍ନିରେ
Sijhibā ସିଦ୍ଧ ହେବା—To be boiled over fire or
ସୀଜା, ସିଝା सिझना in sun's rays.

ସିଝୁ—ଦେ. ବି (ସଂ. ସୀହୁଣ୍ଡ; ସେହୁଣ୍ଡ; ସ୍ନୁହୀ)—ପତର ସିଝୁ; ମନସା
Sijhu ସିଝୁ; କଣ୍ଟା ସିଝୁ—Euphorbia Nivulia;
ସୀଜ, ସୀଝ, ମନସା ସୀଜ Euphorbia Hirta (Haines).
सिज, थुही, थुहर
ଅ. ଜକୁମ୍
ସଂସ୍କୃତ ପର୍ଯ୍ୟାୟ—
ସିଂହତୁଣ୍ଡ, ଦଣ୍ଡବୃକ୍ଷକ, ବଜ୍ରୀ, ବଜ୍ରଦ୍ରୁ, ବଜ୍ରକଣ୍ଟକ, ବଜ୍ରଦ୍ରୁମ, ନେତାରି, କୃଷ୍ଣସାର, ସୁଧା, ନାଗଦ୍ରୁ, କାଣ୍ଡଶାଖ, ଶୀହୁଣ୍ଡ, ସମନ୍ତଦୁଗ୍ଧା, କାଣ୍ଡ ରୋହକ, ଶୀହୁଣ୍ଡ, ସେହୁଣ୍ଡ, ସ୍ନୁକ୍, ମହାବୃକ୍ଷା, ସ୍ନୁହା, ସ୍ନୁହି, ସ୍ନୁହୀ, ଗୁଡ଼ା, ଗୁଡ଼, ସ୍ନୁଷା, ଗୁଡ଼ୀ।

[ଦ୍ର—ଏହା ଏକ ପ୍ରକାର କ୍ଷୀର ତରୁ। ଏହାର ପତର ଅଙ୍କୁଶ କୁକୁର-ଜିଭ ପରି ଓ ମୋଟା। ଏ ଗଛର ଡାଳରେ ଓ ପତ୍ର ମୂଳରେ ଯୋଡ଼ା ଯୋଡ଼ା କଣ୍ଟା ଥାଏ। ଏ ଗଛ ଆମ ଦେଶରେ ଜଙ୍ଗଲରେ ଢ଼ୁବ ଓ ଜଣା ଥିବାରୁ ଲୋକେ ଏହାଦ୍ୱାରା ବାଡ଼ ଦିଅନ୍ତି। ଏହାର ପତ୍ର ଓ ଡାଳ ଭାଙ୍ଗି ଦେଲେ ଚୂନ ପାଣି ପରି ଖୁବ ଧଳା ବହଳିଆ କ୍ଷୀର ବାହାରେ। ଏହାର ପତ୍ରକୁ ଛେଳିମାନେ ଖାଆନ୍ତି। ଏହାର କ୍ଷୀର ଅଠାଳିଆ, ଗଛ ଖାମ୍ଭୁଡ଼ା ଓ ବକଳ ମୋଟ।
ବୈଦ୍ୟଶାସ୍ତ୍ର ଅନୁସାରେ ଏହା ତୀକ୍ଷ୍ଣ ବିରେଚକ, ଅଗ୍ନି, ପାଚକ, କଟୁରସ ଓ ଗୁରୁ। ଏହା ଶୂଳ, ଅମ, ଅଷ୍ଠୀଳିକା, ଉଦରାଧ୍ମାନ, କଫ, ଗୁଳ୍ମ, ଜଠର, ବାୟୁ, ଉନ୍ମାଦ, ମୋହ, କୁଷ୍ଠ, ଅର୍ଶ, ଶୋଥ, ମେଦ, ଅଶ୍ମରୀ, ପାଣ୍ଡୁ, ବ୍ରଣ, ଜ୍ୱର ପ୍ଲୀହା ଓ ବିଷ ନାଶକ।
ଏହାର ଅଠା ଗୁଳ୍ମ, କୁଷ୍ଠ, ପାଣ୍ଡୁ ଆଦି ରୋଗରେ ପ୍ରୟୋଗ କରାଯାଏ ଏବଂ ଏହା ବିରେଚକ।
ଦେବ ଶୟନ ପରେ କୃଷ୍ଣ ପକ୍ଷ ପଞ୍ଚମୀରେ ଗୃହର ଅଗଣାରେ ସିଝୁ ଗଛରେ ସୁପ୍ତ ନାଗସୁଣଙ୍କୁ ପୂଜା କରିବାର ବିଧି ଅଛି। (ଦେବୀ ପୁରାଣ. ଇତ୍ୟାଦି ତନ୍ତ୍ର)
କଣ୍ଟାଶୂନ୍ୟ ସିଝୁ ମଧ୍ୟ ଅଛି। ତାହାର ପତ୍ର ସିଝୁ ପତ୍ରଠାରୁ ଛୋଟ ଓ ପତଳା। ଜଙ୍ଗଲରେ ନାନାଜାତିର ସିଝୁ ଦେଖାଯାଏ।]

ସିଝୁ ଶୋଲ—ଦେ. ବ—ଶିଝୁ ଶୋଲ (ଦେଖ)
Sijhu sola Śijhu śola (See)

ସିଞ୍ଚଡ଼ା—ଦେ. ବ ଓ ବଣ (ସ. ସଞ୍ଚାଳନ)—ଛିଞ୍ଚଡ଼ା (ଦେଖ)
Siñcharda Chiñcharda (See)

ସିଞ୍ଚଡ଼ା(ଡ଼େ)ଇବା—ଦେ. କ୍ରି.—ସିଞ୍ଚାଡ଼ିବାର ଣିଜନ୍ତରୂପ—
Siñcharda(rde)iba The causative of Siñcharda
छिटान सींचाना

ସିଞ୍ଚଣା—ଦେ. ବ (ସ. ସେଚନ)—ସିଞ୍ଚନ (ଦେଖ)
Siñchana Siñchana (See)

ସିଞ୍ଚନ୍—ସ. ବଣ. ପୁଂ (ସିଚ୍ ଧାତୁ+କର୍ତ୍ତୃ. ଣକ [ଅକ]; ସିଞ୍ଚନ୍
Siñchan ଶବ୍ଦର ୧ମା. ୧ବ)—ସେଚନକାରୀ—Sprinkling
[ସୀଞ୍ଚଣୀ, ସୀଞ୍ଚନ୍ତ୍ରୀ—ସ୍ତ୍ରୀ]

ସିଞ୍ଚନ—ସଂ. ବ (ସିଚ୍ ଧାତୁ+ଭାବ. ଅନ)—ସେଚନ—Sprink-
Siñchana ling. [ଦ୍ର—ପ୍ରାଚୀନ ସଂସ୍କୃତରେ 'ସିଞ୍ଚନ' ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରୁ ଏହି ଶବ୍ଦ ସ୍ଥାନରେ 'ସେଚନ' ପ୍ରୟୋଗ ହେଉଅଛି ।]

ସିଞ୍ଚା—ଦେ. ବ (ସଂ. ସିଚ୍ ଧାତୁ; ସିଞ୍ଚନ)—ଛିଞ୍ଚା; ଛିଞ୍ଚିବା କ୍ରିୟା—
Siñcha Sprinkled. [ଦ୍ର—ଚନ୍ଦନ ଜଳ ସିଞ୍ଚା ତହିଁରେ
छिंटा सींचा ହୋଇଛି—କୃଷ୍ଣସିଂହ. ମହାଭାରତ. ଅଦ ।]
छेंटा सींचा ଦେ. ବଣ—ଛିଞ୍ଚା ହୋଇଥିବା; ସିକ୍ତ—
Sprinkled.

ସିଞ୍ଚା(ଞ୍ଚେ)ଇବା—ଦେ. କ୍ରି (ସଂ. ସିଚ୍ ଧାତୁ ଣିଜନ୍ତ)—ଅନ୍ୟଦ୍ୱାରା
Siñcha(ñche)iba ସେଚନ କ୍ରିୟା କରାଇବା—To cause
छिंटान सींचाना to sprinkle. [ଦ୍ର—କସ୍ତୁରି କର୍ପୂର ଗନ୍ଧ ଅଣି ସ୍ୱଜା ସିଞ୍ଚାଇ ସନ୍ଧ୍ୟା ହାତେ—ରାଧାନାଥ ରଚନା ।]

ସିଞ୍ଚାଡ଼ିବା—ଦେ. କ୍ରି (ସଂ ସଞ୍ଚାଳନ)—୧ । ଛିଞ୍ଚାଡ଼ିବା; ଇତସ୍ତତଃ
Siñchardiba ସଞ୍ଚାଳନ କରିବା—1. To wave to and
छिटान छींटना fro. ୨ । ଇତସ୍ତତଃ ବିଞ୍ଚିବା ବା ବୁଣିବା—
2. To strew.

ସିଞ୍ଚାଣି—ଦେ. ବ (ସଂ ସିଞ୍ଚନ)—ସିଞ୍ଚନ (ଦେଖ)
Siñchani Siñchana (See)

ସିଞ୍ଚା ବିଞ୍ଚା—ଦେ. ବ (ସହଚର)—ସିଞ୍ଚିବା କର୍ମ ଓ ବିଞ୍ଚିବା କର୍ମ—
Siñcha biñcha The act of sprinkling and fan-
सींचा पंखालगा ning. [ଦ୍ର—କେତେ ସିଞ୍ଚା ବିଞ୍ଚାରେ ଜ୍ଞାନ ହେବାରୁ ସେ କହିଲେ—ଗୋପବନ୍ଧୁ ଦାସ. ଗିରିଙ୍କ ଗ୍ରନ୍ଥାବଳୀ ।]

ସିଞ୍ଚିତ—ଦେ. ବଣ (ସଂ. ସିକ୍ତ)—ଛିଞ୍ଚା ଯାଇଥିବା—
Siñchita Sprinkled.

ସିଞ୍ଚିତା—ସଂ. ବ—ପିପ୍ପଳୀ (ଶବ୍ଦରତ୍ନାକର)—
Siñchita Long pepper.

ସିଞ୍ଚିବା—ଦେ. କ୍ରି (ସଂ. ସିଚ୍ ଧାତୁ)—୧ । ସିଞ୍ଚିବା; ସେଚନ
Siñchiba କରିବା—1. To sprinkle. [ଦ୍ର—ଅସ୍ତାର
छिंटा ଜଳଚ ବାଞ୍ଛି ଗୋ; ଦୟିତ ପ୍ରେମମନ୍ତ ଗୋପନ ହୃଦରେ
सींचना ଉଞ୍ଚିବାର ତହିଁ ସିଞ୍ଚି ଗୋ—ବାଲକୃଷ୍ଣ. ଫୁଲ ବଉଳବେଣୀ ।] ୨ । ଜଳାର୍ଦ୍ର କରିବା—2. To moisten. [ଦ୍ର—ପୃଥ୍ୱୀଶ ଶୋକ ଅଗ୍ନିକ ଲାଗିବାରୁ, ସିଞ୍ଚିଲେ ତୁହବନ୍ତ ବାଣୀ ଅମୃତରୁ—କୃଷ୍ଣସିଂହ. ମହାଭାରତ. ବନ ।]

ସିଞ୍ଜା—ସ. ବ—ଶିଞ୍ଜା; ଅଳଙ୍କାରଧ୍ୱନି (ଶବ୍ଦକଳ୍ପଦ୍ରୁମ)—The tink-
Sinja ling sound of ornaments. ଦେ. ବ (ସଂ ଶିଞ୍ଜିନୀ)—ଧନୁର ଗୁଣ—The string of a bow.

ସିଟ—ବୈଦେ. ବ—୧ । (ଇଂ ଶୀଟ୍) ନକ୍ସାର ବା କାଗଜର ଫର୍ଦ୍ଦ—
Sit 1. A sheet of map or paper. ୨ । (ଇଂ.
सिट ସୀଟ୍) ଛାତ୍ରାବାସରେ ବାଳକର ରହିବାର ସ୍ଥାନ—
सिट 2. The seat of student in a hostel. ୩ । ସିନେମା, ଥିଏଟର, ସର୍କସ ବା ସଭାସମିତିରେ ଦର୍ଶକଙ୍କ ବସିବାର ସ୍ଥାନ—3. The seat of the audience in a cinema, circus or meeting etc. ୪ । ଆସନ
—4. Seat.

ସିଟ୍(ଟି)କା—ଦେ. ବ (ସଂ. ସୀତ୍କାର)—ଛିଟିକା; ଛିଞ୍ଚାଡ଼ିବା—
Sit-(ti)ka सिटकान छिटका Strewing
सिटकान ଦେ. ବଣ. ପୁଂ—ସଞ୍ଚାଳନକାରୀ—Waving to
छिटनेवाला and fro. [ଦ୍ର—ନାକ ସିଟ୍କା=ଯେ ନାକକୁ
[ସିଟ୍କୀ, ସିଟ୍କେଇ—ସ୍ତ୍ରୀ] ସିଟ୍କାଏ ।]

ସିଟ୍କା(କେ)ଇବା—ଦେ. କ୍ରି (ସଂ ସୀତ୍କାର)—ଛିଞ୍ଚାଡ଼ିବା; ଛିଟ୍କା-
Sit-ka(ke)iba ଇବା; ଉତ୍କ୍ଷିପ୍ତ କରିବା; ଇତସ୍ତତଃ ସଞ୍ଚାଳନ
सिटकान छिटकाना କରିବା—To wave; to move to and fro.

ସିଟ୍(ଟି)କିଣି—ଦେ. ବ—ଛିଟ୍କିଣି (ଦେଖ)
Sit-(ti)kini Chhit-kini (See)

ସିଟ୍କିଣି—ପ୍ରାଦେ (ବସ୍ତର) ବ—ବେଡ଼ି (ଦେଖ)
Sit-kini Berdi (See)

ସିଟ୍(ଟି)କିବା—ଦେ. କ୍ରି—ଛିଟ୍କିବା (ଦେଖ)
Sit-(ti)kiba Chhit-kiba (See)

ସିଠ(ଠା, ଠ, ଠା)—ଦେ. ବ—ଶିଠ (ଦେଖ)
Sita (ta, tha, tha) Śita (See)

ସିଠ(ଠ,ଠି)କରଣ—ଦେ. ବ—ଶ୍ରେଷ୍ଠ କରଣ (ଦେଖ)
Sita(tha, thi)karana Śreshtha karana (See)

ସିଟାମ୍—ବୈଦେ. ବ [ଇଂ. ଷ୍ଟାମ୍ପ]—୧ । ଷ୍ଟାମ୍ପ; ଦଲିଲ ଅବ
Sitam ଲେଖାହେବା ପାଇଁ ସରକାରଙ୍କ ଛାପା ମରା କାଗଜ—
सिटाम स्टाम्प 1. Stamp for writing document.
୨ । ଡାକଟିକଟ—2. Postage stamp.

ସିଟାମ୍ ଫରେସ [ଫୁରୁସ୍, ଭେଣ୍ଡର]—ବୈଦେ. ବ [ଇଂ. ଷ୍ଟାମ୍ପ+
Sitam pharos [phurus, bhendar] ଫା. ଫରୋସ୍; ଇଂ,
सिटामदार, सिटाम भेण्डर ଭେଣ୍ଡର]—ସରକାରଙ୍କୁ ଲାଇସେନ୍ସ

स्टाम्प फरोस ପ୍ରାପ୍ତ ସରକାରୀ ଷ୍ଟାମ୍ପ ବିକ୍ରେତା—Licensed stamp vendor.

ସିଟାମ୍ ଭେଣ୍ଡରି—ଦେ. ବି—ଷ୍ଟାମ୍ପ ଭେଣ୍ଡରର କାର୍ଯ୍ୟ—Sitām bhendari The work of a stamp vendor. সীটাম ভেণ্ডরী स्टाम्प मेंवडरी

ସିଠାଳ—ଦେ. ବିଣ—୧ । ମହମ ସିଠା ପରି—1. Waxen. ୨ । Siṭaḷa সীটে चपचपाया ଅଠାଳିଆ—2. Gummy. (ସିଠାଳିଆ—ଅନ୍ୟରୂପ) সীটান ୩ । ସିଠା ପରି ବିବର୍ଣ୍ଣ—सीठियाया 3. Pale as wax; wan.

ସିଟି(ଠି)—ଦେ. ବି (ସଂ. ସିତ୍କାର; 'ଶୀ' ଧ୍ୱନି)—୧ । ମୁହଁଦ୍ୱାରା Siṭi(ṭhi) ଯାହା 'ଶୀ ଶୀ' ଧ୍ୱନି—1. Whistling sound সিটি सीटी by the lips. ୨ । ମୁହଁଦ୍ୱାରା ଫୁଙ୍କି ଯାହା 'ଶୀ' ଧ୍ୱନି କରିବାର ଯନ୍ତ୍ର—2. A whistle. ବୈଦେ. ବି. (ଇଂ. ସିଟି) ସହର; ନଗର—City (e. g. Patna city).

ସିଟିଙ୍ଗ୍—ବୈଦେ. ବି (ଇଂ. ସିଟିଙ୍ଗ୍)—ସଭାସମିତିର ଅଧିବେଶନ—Siṭing সিটিং सिटिं Sitting (of an association). (ସିଟିଂ—ଅଶୁଦ୍ଧ ବନାନ)

ସିଟି ଦେବା (ମାରିବା)—ଦେ. କ୍ରି—୧ । ମୁଖଦ୍ୱାରା ଯାହା 'ଶୀ' ଧ୍ୱନି Siṭi debā (māribā) କରିବା—1. To whistle with সিটি দেওয়া, সিটি মারা the mouth. ୨ । ସିଟି ଯନ୍ତ୍ରଦ୍ୱାରା सीटी देना ଧ୍ୱନି କରିବା—2. To sound a whistle.

ସିଠ—ପ୍ରାଦେ (ଡାଳଚେର) ବି—ଶ୍ରେଷ୍ଠିକରଣ; ରାଜାଙ୍କର ହିସାବ-Siṭha ପତ୍ର ବୁଝିବା କର୍ମଚାରୀ—An accountant of a Rājā.

ଦେ. ବି ଓ ବିଣ—ସିଠା (ଦେଖ)—Sithā (See)

ସିଠା—ଦେ. ବି—୧ । ଶିଠା (ଦେଖ)—1. Siṭhā (See) Siṭhā সিঠা सीठा ୨ । ମହୁ ଶିଠା; ମହମ—Beeswax. সিঠা गोंद ୩ । ଆମ୍ବ, ପଣସ, ସଜନା ଆଦି ଗଛରୁ ବାହାରି ଅଳ୍ପ ଶୁଖି ଯାଇଥିବା ଘନ ଅଠା—3. Dried juice or gum of certain trees, such as, mango, jack, etc. [ଉ—ଆମ୍ବ ସିଠା, ସଜନା ସିଠା, ପଣସ ସିଠା ।] ୪ । (ଅବଶିଷ୍ଟ) କୌଣସି ଦ୍ରବ୍ୟରୁ ରସ ବା সিঠা कଷାୟ ବାହାର କରି ନେବା ପରେ ଦ୍ରବ୍ୟର ବର୍ଜିତ ଅଂଶ सीठा —4. Refuse of any matter after the juice has been squeezed. [ଉ—କାଶେଷ କରି ପୀୟୂଷ ପିଇବାରୁ ରହିଛି ସିନା ମାତର ସିଠା—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୫ । ଗଞ୍ଜେଇ ବା ପତ୍ରକୁ ମରିଚ ଆଦି ସଙ୍ଗେ ବାଟି ବଟା ଜିନିଷକୁ ପାଣିରେ ଗୋଳାଇ ତାକୁ କନାରେ ଛାଣି ନେବା ପରେ କନାରେ ଅବଶିଷ୍ଟ ରହିଯିବା ଗଦଡ଼ା ଅଂଶ—5. Dregs of Bhang after it is silted. ୬ । ତେଲର କାଣ୍ଡି—6. The sediment at the bottom of an oil vessel. ପ୍ରାଦେ (ପୁରୀ) ବି—ସେଠା; ସେ ସ୍ଥାନ—That place.

সিটে ଦେ. ବିଣ—ସିଠା ପରି ବିବର୍ଣ୍ଣ; ସିଠାଳିଆ—Waxen, सिठाकाजैसा pale as wax. [ଉ—କରପୋଷ୍ଟ ତା ମୁହଁ ସିଠା ପଡି ଗଲାଣି ।]

ସିଠାକା—ପ୍ରାଦେ (ପୁରୀ) ବିଣ—ସେଠାକା (ଦେଖ) Siṭhākā Seṭhākā (See)

ସିଠାକାର—ପ୍ରାଦେ (ପୁରୀ) ବିଣ—ସେଠାକାର (ଦେଖ) Siṭhākāra Seṭhākāra (See)

ସିଠାକୁ—ପ୍ରାଦେ (ପୁରୀ) ବି—ସେଠାକୁ (ଦେଖ) Siṭhāku Seṭhāku (See)

ସିଠାମ (ଇତ୍ୟାଦି)—ବୈଦେ. ବି—ସିଟାମ୍ ଇତ୍ୟାଦି (ଦେଖ)—Siṭhāma (etc) Siṭām etc (See) [ଉ—ଭୂଇଁ ଘଣ୍ଟା ମଧ୍ୟରେ ସିଠାମ ବଣା, କବଲ୍ସ ଚଠା, ଷାଫ ହୋଇଚଲ୍ଲ—ଫକୀରମୋହନ. ଛ ମାଣ ଅଠଗୁଣ୍ଠ ।]

ସିଠାରୁ—ପ୍ରାଦେ. (ପୁରୀ) ବି—ସେଠାରୁ (ଦେଖ) Siṭhāru Seṭhāru (See)

ସିଠାଳ—ଦେ. ବିଣ—ସିଠାଳ (ଦେଖ)—Siṭāḷa (See) Siṭhāḷa (ସିଠାଳିଆ—ଅନ୍ୟରୂପ)

ସିଠି(ଠିଁ)—ପ୍ରାଦେ. (ପୁରୀ) ବି—ସେଠାରେ (ଦେଖ) Siṭhi(ṭhiñ) Seṭhāre (See)

ସିଠିକା—ପ୍ରାଦେ. (ପୁରୀ) ବିଣ—ସେଠିକା (ଦେଖ) Siṭhikā Seṭhikā (See)

ସିଠିକାର—ପ୍ରାଦେ. (ପୁରୀ) ବିଣ—ସେଠିକାର (ଦେଖ) Siṭhikāra Seṭhikāra (See)

ସିଠିକି—ପ୍ରାଦେ. (ପୁରୀ) ବି—ସେଠିକି (ଦେଖ) Siṭhiki Seṭhiki (See)

ସିଠୁ(ଠୁଁ)—ପ୍ରାଦେ. (ପୁରୀ) ବି—ସେଠୁ (ଦେଖ) Siṭhu(ṭhuñ) Seṭhu (See)

ସିଠୁଆ—ଦେ. ବିଣ—୧ । ସିଠାଳ; ସିଠାପରି ପରିତ୍ୟକ୍ତ ବା ଅକା-Siṭhuā সিঠা सिठाकाजैसा ମକା—1. Left as refuse. সিঠান सीठियाया ୨ । ବିବର୍ଣ୍ଣ—2. Pale-coloured. [ଉ—ମୁହଁ ସିଠୁଆ କଳା ପଡ଼ିଯାଇଛି—ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ସିଠେଇଁ—ପ୍ରାଦେ. (ପୁରୀ) ବି—ସେଠେଇଁ (ଦେଖ)—Seṭheiñ Siṭheiñ (See) [ଉ—ସଖୀମାନେ ତ ଥିଲେ ସିଠେଇଁ ରହିଲେ—ଗୋପାଳକୃଷ୍ଣ. ପିଙ୍ଗଳ ରାମାୟଣ ।]

ସିଡ଼(ଢ଼)—ଦେ. ବି (ସଂ. ସିଧାତୁ=ବନ୍ଧନ କରିବା)—୧ । ସେଡ଼ Sir̤da(r̤dha) (ଦେଖ)—1. Ser̤da (See) ୨ । ସୂତା পাঁজ पीर କାଟିବା ପାଇଁ ଘଣା ତୁଳାରେ ତିଆରି କରି ଯାଇଥିବା ବଳଣା—2. Roll of carded cotton পাল used in spinning yarn. ୩ । (ଜାହାଜଅ-पाल ଶକ) ଜାହାଜର ପାଲ—3. The sail of a ship. রশি ୪ । ଜାହାଜର ପାଲ ଟଣା ଦଉଡ଼ି—4 The rope रस्सी or riggings of the sail.

ସିର୍ଡ଼(ଢ଼) ହଙ୍କାରିବା — ଦେ. କି — ସେର୍ଡ଼ ହଙ୍କାରିବା (ଦେଖ)
Sirda(rdha) hankāribā Serda hankāribā (See)

ସିର୍ଡ଼ି(ଢ଼ି) — ଦେ. ବ (ସଂ ଶ୍ରେଣୀ; ପ୍ରାଃଶ୍ରେଣୀ, ସିଁଢ଼ି [Beams]) —
Sirdi(rdhi) ୧ । ନିଃଶ୍ରେଣୀ; ଛଞ୍ଚଣୀ — 1. Ladder. ୨ । ସୋପାନାବଳୀ; ପାବଚ୍ଛବସ୍ଥ —
2. Flight of steps.

ସିର୍ଡ଼(ଢ଼)ଆ — ଦେ. ଵଣ — ଞ୍ଚଣୀ ପରି ସରୁ — Narrow like a
Sirdu(rdhu)ā ladder. ଦେ. ବ (ନାମ) — (ଏହା ସିଁଡିର ମତ ପୂର୍ବେ ଅତି ସରୁ ଥିବାରୁ) କଟକ ସହରର ପୂର୍ବ सोढ़ीका जैसा ପ୍ରାନ୍ତରେ ଏକ ମାଇଲଠାରୁ କାଠଯୋଡ଼ି ନଦୀର ଗୋଟିଏ ଶାଖା, ଯାହା ୫।୬ ମାଇଲ ପରେ ପୁଣି କାଠଯୋଡ଼ି ସଙ୍ଗେ ମିଶିଅଛି) — A river branching from the Kāthjori river about one mile from the eastern extremity of the town of Cuttack and meeting it again after a course of 5 or 6 miles.

ସିର୍ଢ଼ — ଦେ. ବ — ସିର୍ଡ଼ (ଦେଖ)
Sirdha Sirda (See)

ସିଣି ସିଣିଆ — ପ୍ରାଦେ. (କଟକ) ବଣ — ଫଫେଶିଅ; ସରଦ ଯୋଗୁ
Sini sinia ସାମାନ୍ୟ ଫୁଲିଥିବା (ମୁହଁ) — A little swollen फनफने on account of cold (face).
फनफन, फनफनिया ପ୍ରାଦେ. (ବାଲେଶ୍ୱର) ବଣ — ହଣସଣ; ଅବଚ୍ଛ; ଅବଟଣ — Awkward. [ଦ୍ର — ସ୍ତ୍ରୀ ତେଲ ଲଗାଇଲେ କମିଳ ସିଣିସିଣିଅ ଲାଗେ ।]

ସିଣ୍ଡିକେଟ୍ — ବୈଦେ. ବ (ଇଂ) — ବିଶ୍ୱବିଦ୍ୟାଳୟର ଶାସନକାର୍ଯ୍ୟ
Sindiket ପରିଚାଳକ ସଭା — The syndicate of a uni- सिण्डिकेट versity. [ଦ୍ର — ଏଥିର ସଭ୍ୟଙ୍କୁ ଫେଲୋ सिंडिकेट. (Fellow) କୋହାଯାଏ ।]

ସିତ୍-ଲି — ପ୍ରାଦେ. (ସମ୍ବଲପୁର) ବ — ଜଳାଭୂମି; ଜୋଡ଼ —
Sit-li Marshy land; marsh; a moor.

ସିତ — ସଂ. ବ (ସୋ ଧାତୁ = ନାଶ କରିବା, ଅଥବା ସି ଧାତୁ = ବନ୍ଧନ କରିବା + କର୍ତ୍ତୃ. ତ) — ୧ । ଶୁକ୍ଳବର୍ଣ୍ଣ (ଅମର) —
Sita 1. White colour. ୨ । ରୌପ୍ୟ (ରାଜ ନିର୍ଘଣ୍ଟ) — 2. Silver. ୩ । ମୂଳକ; ମୂଳା (ରାଜ ନିଘଣ୍ଟୁ) — 3. Radish. ୪ । ଚନ୍ଦନ (ରତ୍ନମାଳା) — 4. Sandal. ୫ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ (ଶବ୍ଦ ରତ୍ନାବଳୀ) — 5. The sage 'Sukra'; the preceptor of the demons. ୬ । ଶର; ବାଣ (ଧ୍ୱନି ମଞ୍ଜରୀ) — 6. Dart; arrow. ୭ । ଶ୍ୱିତ୍ର; ଶୁକ୍ଳକୁଷ୍ଠ (ବୈଦ୍ୟକ ଶେଷ) — 7. Vitiligo; leucoderma; albino. ୮ । ଶୁକ୍ର ଗ୍ରହ (ହ. ଶ) — 8. The planet Venus. ୯ । ଶୁକ୍ଳପକ୍ଷ (ହ. ଶ) — 9. The bright fortnight of a lunar month. ୧୦ । ଚିନି (ହ ଶ) — 10. White sugar. ୧୧ । ଧଳା କଞ୍ଚନ ଗଛ (ହ. ଶ) — 11. The white flowered Kanchana tree. ୧୨ । ସ୍କନ୍ଦଙ୍କ ଅନୁଚରଭେଦ ବିଶେଷ (ହ. ଶ) — 12. Name of one of the attendants of Skanda. ୧୩ । ଭୂର୍ଜ ପତ୍ର (ହ. ଶ) — 13. The leaves of Birch tree. ୧୪ । ଧଳା ରାଶି (ହ. ଶ) — 14. White sesamum seed. ସ. ବଣ. ପୁଂ — ୧ । ଶୁକ୍ଳ; ଧଳା (ଅମର) — 1. White. (ସିତା — ସ୍ତ୍ରୀ) ୨ । (ସି ଧାତୁ = ବନ୍ଧନ କରିବା + କର୍ମ. ତ) — ଅବସିତ; ସମାପ୍ତ; (ବିଶ୍ୱ) — 2. Finished. ୩ । ଜ୍ଞାତ; ଜ୍ଞାତ (ବିଶ୍ୱ) — 3. Known. ୪ । ବନ୍ଧନ (ବିଶ୍ୱ) — 4. Bound down; tied; fastened. ୫ । ଉଜ୍ଜ୍ୱଳ (ହ. ଶ) — 5. Bright. ୬ । ଚକଚକିଆ (ହ. ଶ) — 6. Glittering; dazzling. ଦେ. ବ (ସ, ସୀତା ରାମ) — ସୀତାରାମଙ୍କ ଡାକ ନାମ — Nickname for Sitārāma.

ସିତ କଙ୍ଗୁ — ସ. ବ — ସର୍ଜ ନିର୍ଯ୍ୟାସ (ହ. ଶ) —
Sita kangu Gum-resin.

ସିତ କଣ୍ଟା — ସ. ବ — ଶ୍ୱେତ କଣ୍ଟକାରି (ରାଜ ନିର୍ଘଣ୍ଟ) (ଦେଖ)
Sita kanta Sweta kantakāri (See)
(ସିତ କଣ୍ଟାରିକା — ଅନ୍ୟରୂପ)

ସିତ କଣ୍ଠ — ସ. ବ (ବହୁବ୍ରୀହି; ସିତ = ଶୁକ୍ଳ ଅଟେ କଣ୍ଠ ଯାହାର) —
Sita kantha ଦାତ୍ୟୂହ ବା ଡାହୁକ ପକ୍ଷୀ — Moor hen Rallus Aquaticus. ସ. ବଣ. ପୁଂ — ଶ୍ୱେତ ବର୍ଣ୍ଣ କଣ୍ଠ ବିଶିଷ୍ଟ — White-necked.

ସିତ କର — ସ. ବ (ସିତ = ଶୁକ୍ଳ ଅଟେ କର = କର ଯାହାର;
Sita kara ବହୁବ୍ରୀହି) — ୧ । ଚନ୍ଦ୍ର — 1. The moon. ୨ । କର୍ପୂର — 2. Camphor.

ସିତ କର୍ଣ୍ଣୀ — ସ. ବ — ବାସଙ୍ଗ (ରାଜ ନିର୍ଘଣ୍ଟ) (ଦେଖ)
Sita karnni Bāsanga (See)

ସିତକାଂଶୁ — ସ. ବ — ସିତାଂଶୁ (ଦେଖ)
Sitakāmsu Sitāmsu (See)

ସିତ କୁଞ୍ଜର — ସ. ବ — ୧ । (କର୍ମଧା) ଶ୍ୱେତ ହସ୍ତୀ — 1. White
Sita kunjara elephant. ୨ । (ବହୁବ୍ରୀହି) ଇନ୍ଦ୍ର — 2. God Indra, the God of rains. ୩ । (କର୍ମଧା) ଇନ୍ଦ୍ରଙ୍କ ହସ୍ତୀ; ଐରାବତ — 3. The elaphant of Indra, the God of rains.

ସିତ କୁମ୍ଭୀ — ସ. ବ — ସିତ ପାଟଳା (ଦେଖ)
Sita kumbhi Sita pātalā (See)

ସିତ କ୍ଷାର — ସ. ବ — ସୁହାଗା (ଦେଖ)
Sita kshāra Borax.

ସିତ ଗୁଞ୍ଜା — ସ. ବ — ଶ୍ୱେତ କାଇଞ୍ଚ (ରାଜ ନିର୍ଘଣ୍ଟ) — The white
Sita gunjā variety of Kāincha seeds.

ସିତ ଚିହ୍ନ—ସଂ. ବ (ବହୁବ୍ରୀହି)—ଚଲିଆ ଗଡ଼; ଚାଳଗରଡ଼ା ମାଛ
Sita chihna (ଶବ୍ଦକଳ୍ପ)—A sort of small scaly fresh waterfish.

ସିତଚ୍ଛତ୍ର—ସଂ. ବ—ରାଜଛତ୍ର (ଶବ୍ଦକୋଷ)—The umbrella
Sitachchhatra of royalty.

ସିତଚ୍ଛତ୍ରା(ତ୍ରୀ)—ସଂ. ବ—ଶତ ପୁଷ୍ପା; ଶତପ—
Sitachchhatrā(trī) Fenugreek.

ସିତଚ୍ଛତ୍ରିତ—ସଂ. ବଣ. ପୁଂ (ସିତଚ୍ଛତ୍ର+ସ୍ୱାର୍ଥେ. ଇତ)—
Sitachchhatrita ଶ୍ୱେତ ଛତ୍ରଯୁକ୍ତ (ରାଜା)—(the king) Having a white umbrella held over him.

ସିତଚ୍ଛଦ—ସଂ. ବ (ବହୁବ୍ରୀହି; ସିତ=ଶୁକ୍ଳ ଅଟେ ଛଦ=ପକ୍ଷ
Sitachchhada ଯାହାର)—୧। ରାଜ ହଂସ (ହେମଚନ୍ଦ୍ର)—1. Swan. ୨। ହଂସ—2. Drake. ୩। ରକ୍ତ ଶୋଭାଞ୍ଜନ (ହ. ଶ)—3. The red flowered variety of Moringa tree.

ସିତଚ୍ଛଦା—ସଂ. ବ (ବହୁବ୍ରୀହି)—ଶ୍ୱେତ ଦୁବ୍ବା (ରାଜ ନିର୍ଘଣ୍ଟ)—
Sitachchhadā The white Doob grass.

ସିତଜା—ସଂ. ବ—ସିତାଖଣ୍ଡ (ଦେଖ)
Sitajā Sitākhanda. (See)

ସିତତା(ତ୍ୱ)—ସଂ. ବ (ସିତ+ଭାବାର୍ଥେ. ତା; ତ୍ୱ)—ଶୁକ୍ଳତା—
Sitatā(twa) Whiteness.

ସିତ ଦର୍ଭ—ସଂ. ବ (କର୍ମଧା)—ଶ୍ୱେତକୁଶ (ରାଜନିର୍ଘଣ୍ଟ)—The
Sita darbha white variety of Kuśa grass.

ସିତ ଦୀଧିତି—ସଂ. ବ (ବହୁବ୍ରୀହି; ସିତ=ଶୁକ୍ଳ+ଦୀଧିତି=କିରଣ
Sita dīdhiti ଯାହାର)—ଚନ୍ଦ୍ର—The moon.

ସିତଦୀପ୍ୟ—ସଂ. ବ—ଶ୍ୱେତ ଜୀରକ (ରାଜନିର୍ଘଣ୍ଟ)—The white
Sitadīpya variety of cumin seed.

ସିତଦୁର୍ବା(ର୍ବ୍ବା)—ସଂ. ବ—ଶ୍ୱେତ ଦୁବ୍ବା (ରତ୍ନମାଳା) (ଦେଖ)
Sita dūrbā(rbbā) Śweta dūrbā. (See)

ସିତ ଦ୍ୱିଜ—ସଂ. ବ (କର୍ମଧା)—ରାଜ ହଂସ—
Sita dwija Swan.

ସିତଦ୍ରୁ—ସଂ. ବ (କର୍ମଧା)—୧। ଶୁକ୍ଳବର୍ଣ୍ଣବିଶିଷ୍ଟ ବୃକ୍ଷ—1. A
Sitadru white tree. ୨। ମୋରଟ ବିଶେଷ; ମୁରୁଗା (ସିତଦ୍ରୁମ—ଅନ୍ୟରୂପ) ଘାସ—2. A sort of grass; Sanserveira Zeylanica. ୩। ଅର୍ଜୁନ ଗଛ (ହ. ଶ)—3. The Arjuna tree.

ସିତ ଧାତୁ—ସଂ. ବ—୧। ଶୁକ୍ଳ ଧାତୁ—1. White metal. ୨।
Sita dhātu ଖଡ଼ିଗୋ; ଖଡ଼ି (ରାଜନିର୍ଘଣ୍ଟ)—2. Chalk.

ସିତ ପକ୍ଷ—ସଂ. ବ—୧। (କର୍ମଧା) ଶୁକ୍ଳ ପକ୍ଷ—1. The bright
Sita paksha fortnight of the lunar month. ୨। (ବହୁବ୍ରୀହି) ରାଜହଂସ (ଶବ୍ଦରତ୍ନାବଳୀ)—2. The swan.

ସିତପର୍ଣ୍ଣୀ—ସଂ. ବ—ଅର୍କ ପୁଷ୍ପିକା ବୃକ୍ଷ (ରତ୍ନମାଳା)—
Sitaparṇṇī A plant; Calotropis Gigantea.

ସିତ ପଞ୍ଚଦଶୀ—ସଂ. ବ—ପୂର୍ଣ୍ଣିମା—
Sita pañchadaśī Fullmoon.

ସିତ ପାଟଳା—ସଂ. ବ—ଶ୍ୱେତପାଟଳ ଗଛ; ଶୁକ୍ଳ ପାଟଳା ବୃକ୍ଷ; ଶୁକ୍ଳ
Sita pāṭalā ପୁଷ୍ପଯୁକ୍ତ ପାଟଳ ଗଛ—The white-
(ସିତ ପାଟଳିକା—ଅନ୍ୟରୂପ) flowered variety of
শ্বেতপারুল, Pāṭali tree. [ଗୁଣ—ଉଷ୍ଣତ୍ୱ,
श्वेतपाडरी ମଧୁରତ୍ୱ, ତିକ୍ତତ୍ୱ; ବାତହନ୍ତା, କଫ,
ମ. ଶ୍ୱେତପାଡଲ ଶ୍ରମ, ଶୋଥନାଶକତ୍ୱ ଏହାର ଗୁଣ
ସଂ. ପର୍ଯ୍ୟାୟ—ସିତକୁମ୍ଭୀ, ଅଟେ।]

ଫଳେରୁହା, ସିତାମୋଘା, କୁବେରାକ୍ଷୀ, ଶ୍ୱେତାହ୍ୱା, କାଷ୍ଠପାଟଳା, ଧବଳପାଟଳୀ]

ସିତପୁଙ୍ଖା—ସଂ. ବ—ସିତଶାୟକା (ଦେଖ)—
Sitapuṅkhā Śita śāyakā (See)

ସିତପୁଷ୍ପ—ସଂ. ବ—୧। ବେ ବଣ୍ଡି ମୁସ୍ତକ; ବେଣ୍ଡିଆ ମୁଥା (ଭାବପ୍ରକାଶ)—1. A large-bulbed variety of grass root. ୨। ତଗର ବୃକ୍ଷ (ଶବ୍ଦରତ୍ନାବଳୀ)—2. A white-flowering plant. ୩। ଶ୍ୱେତ ରୋହିତ; ଶ୍ୱେତ ସୁଅମ ଗଛ (ରାଜନିର୍ଘଣ୍ଟ)—3. A white variety of the Suāma (a timber tree). ୪। କାଶ (ରାଜନିର୍ଘଣ୍ଟ—4. A white flowered reed. ୫। ଏକ ପ୍ରକାର ଅଖୁ (ହ. ଶ)—5. A kind of sugarcane. ୬। ଶିରସ ଗଛ (ହ. ଶ)—6. Albizza Lebbek (tree) ୭। ଶିଣ୍ଡ ଖଜୁର (ହ. ଶ)—7. A kind of white date (palm).
Sita pushpa

ସିତପୁଷ୍ପା—ସଂ. ବ—୧। ମଲ୍ଲିକା (ଶବ୍ଦରତ୍ନାବଳୀ)—1. Jasmine.
Sitā pushpā ୨। ବଳା; ବାଡ଼ଅଁଲା; ବଳମୂଳୀ (ହ. ଶ)—2. Sida Cordifolia.

ସିତପୁଷ୍ପୀ—ସଂ. ବ—୧। ଶ୍ୱେତାପରାଜିତା (ରାଜନିର୍ଘଣ୍ଟ)—1. The
Sita pushpī white variety of Clitoris flower. ୨। ବେଣ୍ଡିମୁସ୍ତକ (ହ. ଶ)—2. A variety of bulbous rooted grass. ୩। କାଶତୃଣ (ହ ଶ) 3. The Kāsa grass. ୪। ନାଗବଲ୍ଲୀ; ପାନ (ହ. ଶ)—4. The piper betel (creeper).

ସିତ ପ୍ରଭ(ରାଗ)—ସଂ. ବ (ବହୁବ୍ରୀହି, ସିତ ଅଟେ ପ୍ରଭା ଯାହାର)—
Sita prabha(rāga) ରୌପ୍ୟ - silver ସଂ. ବଣ.—ଶ୍ୱେତ ବର୍ଣ୍ଣ ଯୁକ୍ତ—White.

ସିତ ବରାହ(ଇତ୍ୟାଦ)—ସଂ. ବ—ଶ୍ୱେତ ବରାହ ଇତ୍ୟାଦ (ଦେଖ)—
Sita barāha(etc) Sweta barāha etc (See)

ସିତ ବର୍ଷାଭୂ—ସଂ. ବ—ଶ୍ୱେତପୁନର୍ନବା (ରାଜନିର୍ଘଣ୍ଟ)—The white
Sita barshābhū variety of hogweed.

ସିତ ବଲ୍ଲରୀ—ସଂ. ବି—ବଣଜାମୁ (ଭ. ଶ)—
Sita ballarī The wild variety of black berry.

ସିତ ବଲ୍ଲୀଜ(ମରିଚ)—ସଂ ବି—ଶ୍ୱେତ ମରିଚ (ଦେଖ)—
Sita ballīja (maricha) Śweta maricha (See)

ସିତବାଜୀ—ସଂ. ବି—(ବହୁବ୍ରୀହି, ସିତବାଜିନ୍; ୧ମା. ୧ବ)—ଅର୍ଜ୍ଜୁନ
Sitabājī (ହ. ଶ)—Arjuna.

ସିତ ବାର(ବାରକ)—ସଂ. ବି—ମଦରଙ୍ଗା ଶାଗ (ଭ. ଶ)—
Sita bāra(bāraka) Alternanthera Sessilis (potherb).

ସିତ ମଣି—ସଂ. ବି—୧ । ଚନ୍ଦ୍ରକାନ୍ତ ମଣି—1. The moon-
Sita maṇi stone. ୨ । ସ୍ଫଟିକ; ସ୍ଫଟିକ ମଣି—2. Crystal; quartz.

ସିତ ମାଷ—ସଂ. ବି—ଶ୍ୱେତମାଷ; ଏକ ପ୍ରକାର ଧଳା ବିରି—
Sita māsha A kind of Phaseolus; Brihi.

ସିତମ୍ବର—ଦେଦେ. (ଗ୍ରା) ବି (ଇଂ. ସେପ୍ଟେମ୍ବରର ଅଶୁଦ୍ଧ ଉଚ୍ଚାରଣ)
Sitambara ଇଂରେଜୀ ବର୍ଷର ନବମ ମାସ; ସେପ୍ଟେମ୍ବର
সেপ্টেম্বর सितम्बर ମାସ—The month of September.
(ସିତମ୍—ଅପଭ୍ରଂଶ)

ସିତରଞ୍ଜ—ସଂ. ବି (ବହୁବ୍ରୀହି)—କର୍ପୂର (ଭ. ଶ)—
Sitarañja Camphor.

ସିତରଞ୍ଜନ—ସଂ. ବି—ପୀତବର୍ଣ୍ଣ (ହେମଚନ୍ଦ୍ର)
Sitarañjana Yellow colour.

ସିତ ରଶ୍ମି—ସଂ ବି (ବହୁବ୍ରୀହି; ସିତ ଅଟେ ରଶ୍ମି ଯାହାର)—
Sita raśmi ୧ । ଚନ୍ଦ୍ର—1. The moon. ୨ । କର୍ପୂର 2. Camphor.

ସିତ ରୁଚି—ସଂ. ବି (ବହୁବ୍ରୀହି, ସିତ ଶୁକ୍ଳ ବର୍ଣ୍ଣ+ରୁଚି=କିରଣ)-
Sita ruchi ଚନ୍ଦ୍ର—The moon. [ଉ—ଘନନଦରେ ମୋର ନାମଟି ମଗ୍ନ, ନଭରେ ମୂର୍ତ୍ତି ବୋଲନ୍ତି ସିତରୁଚି ।—କୃଷ୍ଣସିଂହ. ମହାଭାରତ ଗୀତ ।]

ସିତଶାୟକା—ସଂ. ବି—ଶ୍ୱେତ ଶରପୁଙ୍ଖା ବା ବନ ଗଛ—
Sita sāyakā (ଶବ୍ଦକଳ୍ପଦ୍ରୁମ)—The white variety of Tephrosia.

ସିତ ଶିଂଶପା—ସଂ. ବି—ଶ୍ୱେତ ଶିଂଶପା ବୃକ୍ଷ—
Sita śiṁśapā The white variety of sissoo tree.

ସିତ ଶି(ସି)ବ—ସଂ. ବି—୧ । ସୈନ୍ଧବ ଲବଣ; ସୈନ୍ଧବ (ଦେଶଜ)-
Sita śi(si)ba 1. A variety of salt; rock-salt. ୨ । ଶମୀ ବୃକ୍ଷ
[ଶୀତଶି(ସି)ବ—ଅପଭ୍ରଂଶ] (ଭ. ଶ)—2. Acacia Suma (tree).

ସିତ ଶିମ୍ବିକ—ସଂ. ବି—ଗୋଧୂମ (ହେମଚନ୍ଦ୍ର)—
Sita śimbika Wheat.

ସିତଶୂକ—ସଂ. ବି (ବହୁବ୍ରୀହି)—ଯବ (ଭ. ଶ)—
Sitaśūka Barley (grain).

ସିତ ଶୂରଣ—ସଂ. ବି—ବଣଶୂରଣ (ଶବ୍ଦକଳ୍ପଦ୍ରୁମ)—
Sita śūraṇa The wild varety of arum.

ସିତଶୃଙ୍ଗୀ—ସଂ. ବି [ସିତ+ଶୃଙ୍ଗ+ଇନ୍; ୧ମା ୧ବ]—ଅତଇଷା
Sitaśrungī [ହ. ଶ]—Aconite.

ସିତସପ୍ତି—ସଂ. ବି (ସିତ=ଶୁକ୍ଳ ଅଟେ ସପ୍ତି=ଅଶ୍ୱ ଯାହାର; ବହୁବ୍ରୀହି)-
Sita sapti ୧ । ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ—1. The third Pāṇḍaba brother Arjjuna. ୨ । [କର୍ମଧା] ଶ୍ୱେତ ଅଶ୍ୱ—2. White horse.

ସିତ ସର୍ଷପ—ସଂ, ବି—ଗୌର ସର୍ଷପ; ଧଳା ସୋରିଷ [ଶବ୍ଦକଳ୍ପଦ୍ରୁମ]
sita sarshapa The white variety of rye.

ସିତ ସାଗର[ସିନ୍ଧୁ]—ସଂ. ବି—୧ । କ୍ଷୀର ସାଗର—1. The mytho
Sita sāgara sindhu logical sea of milk. ୨ । ଗଙ୍ଗା [ହ.ଶ] 2. The Ganges.

ସିତ ସାର (ସାରକ)—ସଂ. ବି [ଅନ୍ୟରୂପ ଶିତସାର]—ଶାଲଞ୍ଚ ଶାକ;
Sita sāra (sāraka) ମଦରଙ୍ଗା (ଶବ୍ଦକଳ୍ପଦ୍ରୁମ)—A sort of aquatic pot herb; Alteranthera Sessilis

ସିତସିଂହୀ—ସଂ. ବି—ଶ୍ୱେତ କଣ୍ଟକାରୀ (ଶବ୍ଦକଳ୍ପଦ୍ରୁମ) (ଦେଖ)
Sitasiṁhī Śweta kaṇṭakārī (See)

ସିତା—ସଂ. ବଣ (ସିତ+ଆ)—ସିତର ସ୍ତ୍ରୀଲିଙ୍ଗ; ଶ୍ୱେତା; ଶୁକ୍ଳା—
Sitā Feminine of Sita (white). ସଂ. ବି—୧ । ଶ୍ୱେତ ଶର୍କରା; ଖଣ୍ଡ; କନ୍ଦ; ନବାତ; ଚିନି (ଶବ୍ଦକଳ୍ପଦ୍ରୁମ)—1. Bleached sugar; white sugar. [ଉ—ମାଧୁର୍ଯ୍ୟ ଲୋଭରେ ଖାଇଲେ ସିତା—କବିସୂର୍ଯ୍ୟ. ସଙ୍ଗୀତ ।] ଗୁ—ଏହା ସୁମଧୁର, ରୁଚ୍ୟ, ବାତପିତ୍ତଦାହହର, ଶୁକ୍ରକର, ମୂର୍ଚ୍ଛାଛର୍ଦ୍ଦିଜ୍ୱର ନାଶକ ଅଟେ ।] ୨ । ମଲ୍ଲିକା (ଶବ୍ଦରତ୍ନାବଳୀ)—2. Jasmine. ୩ । ଶ୍ୱେତ କଣ୍ଟକାରୀ (ଦେଖ)--3. Śweta kaṇṭakārī (See ୪ । ବାକୁଚୀ; ସୋମରାଜୀ—4. Serratula Anthelmentica ୫ । ବିଦାରୀ; ଭୁଇଁକଖାରୁ (ଶବ୍ଦକଳ୍ପଦ୍ରୁମ)—5. A medicinal bulbous root; Ipomoea Digitata. ୬ । ଶ୍ୱେତଦୂର୍ବା (ଶବ୍ଦକଳ୍ପଦ୍ରୁମ)—6. The white doob grass. ୭ । ଚନ୍ଦ୍ରିକା; ହାଲିମ (ଶବ୍ଦକଳ୍ପଦ୍ରୁମ)—7. Common cress. ୮ । ଭୂଇଁନିମ୍ବ ଗୁଳ୍ମ (ଶବ୍ଦକଳ୍ପଦ୍ରୁମ)—8. A kind of plant. ୯ । ମଦ୍ୟ (ଶବ୍ଦକଳ୍ପଦ୍ରୁମ)—9. Wine. ୧୦ । ପିତ୍ତଳ; ପିତ୍ତଳ (ଶବ୍ଦକଳ୍ପଦ୍ରୁମ)—10 Brass ୧୧ । ଜାଯୁମାଣା; ଉଦବଲଥ ନାମକ ଗୁଳ୍ମ (ଶବ୍ଦକଳ୍ପଦ୍ରୁମ)—11. A plant; Thalicrotum Faliolosum. ୧୨ । ଚେରଗା; ମୁରୁଗା ଘାସ; ମୁର୍ବା (ଶବ୍ଦକଳ୍ପଦ୍ରୁମ)—12. A kind of grass. ୧୩ । ପର୍ବତଜାତ ଅପରାଜିତା (ରତ୍ନମାଳା)—13. The clitoris flower growing in the mountain. ୧୪ । ଚନ୍ଦ୍ରିକା; (ଜ୍ୟୋତ୍ସ୍ନା ହ. ଶ)—14. Moonlight.

୧୫ । ଶୁକ୍ଳପକ୍ଷ (ବୃ. ଶ)—15 The bright lunar fortnight. ୧୬ । ଅର୍କପୁଷ୍ପୀ (ବୃ. ଶ)—16. Arkapushpī (See). ୧୭ । ବଚ୍ଛ (ବୃ. ଶ)—17. Acorus Calamus; the sweet flag (root). ୧୮ । ସିଂହଳୀ ପିପ୍ପଳୀ (ବୃ. ଶ)—18. A kind of white long pepper. ୧୯ । ଅମ୍ରାତକ; ଅମ୍ବଡ଼ା (ବୃ. ଶ)—19. Hogplum. ୨୦। ଗୋରୋଚନା (ବୃ. ଶ)—20. A yellow pigment got from dead kine. ୨୧ । ରଜତ; ରୁପା (ବୃ. ଶ)—21. Silver. ୨୨ । ଶ୍ୱେତପୁନର୍ନବା (ବୃ. ଶ)—22. The white variety of hogweed. ୨୩ । ଶ୍ୱେତ ପାଟଳି ବୃକ୍ଷ (ବୃ. ଶ)—23. The white flowered Stereospermum Suaveolens tree. ୨୪ । ଧଳା ଶିମ୍ବ (ବୃ.)—24. White bean ଗ୍ରାଦେ. (ବାଲେଶ୍ୱର ପାଟଣା) ବି—ପଖାଳ ଭାତ—Watered boiled rice.

ସିତାଂଶୁ—ସଂ. ବି (ବହୁବ୍ରୀହି; ସିତ ଅଟେ ଅଂଶୁ ଯାହାର)—୧ । ଚନ୍ଦ୍ର—1. The moon. ୨ । କର୍ପୂର—2. Camphor.
Sitāṁsu

ସିତାଂଶୁ ତୈଳ—ସଂ. ବି—କର୍ପୂର ତୈଳ (ସ୍ୱଳକଳ୍ପ)—Oil of camphor.
Sitāṁsu taila

ସିତାଂଶୁ ମୁଖ—ସଂ. ବିଣ. ପୁଂ (ବହୁବ୍ରୀହି; ସିତାଂଶୁ ପରି ମୁଖ ଯାହାର)—ଚନ୍ଦ୍ରମୁଖ; ଚନ୍ଦ୍ର ପରି ସୁନ୍ଦର ମୁଖବିଶିଷ୍ଟ—Having the face as beautiful as the moon.
Sitāṁsu mukha
(ସିତାଂଶୁ ମୁଖୀ—ସ୍ତ୍ରୀ)

ସିତା ଖଣ୍ଡ—ସଂ. ବି—୧ । ମଧୁଜାତ ଶର୍କରା—1. Sugar from honey. [ଦ୍ର—ଏଥିର ଗୁଣ—ମଧୁରତ୍ୱ, ଛର୍ଦ୍ଦି, କଫ, ତୃଷା, କୁଷ୍ଠ, ଶ୍ୱାସ, ହିକ୍କା, ପିତ୍ତଦୋଷ ନାଶକତ୍ୱ ।] ୨ । ମିଶ୍ରି (ବୃ. ଶ)—2. Sugar candy
Sitā khaṇḍa
ସଂ. ପର୍ଯ୍ୟାୟ—ଖଣ୍ଡଜ, ସିତକା, ଶର୍କରିକା, ମାଧବୀ, ମଧୁଶର୍କରା, ମାକ୍ଷିକଶର୍କରା

ସିତାଗ୍ର—ସଂ. ବି (ବହୁବ୍ରୀହି; ସିତ+ଅଗ୍ର)—କଣ୍ଟକ (ହାରାବଳୀ)—Thorn.
Sitāgra

ସିତାଙ୍କ—ସଂ. ବି—ବାଲୁକାଗଡ଼ ମତ୍ସ୍ୟ; ବାଲିଗଡ଼ିଆ ମାଛ (ହାରାବଳୀ) —A species of small scaly freshwater fish.
Sitāṅka

ସିତାଙ୍ଗ—ସଂ. ବି—ଶ୍ୱେତ ରୋହିତ, ଧଳା ସୁଅମ କାଠ (ସ୍ୱଳକଳ୍ପ)—A white species of Suāma tree.
Sitāṅga

ସିତାଜାଜୀ—ସଂ. ବି—ଶ୍ୱେତ ଜୀରକ (ସ୍ୱଳକଳ୍ପ)—The white Jirā.
Sitājāji

ସିତାଦ—ସଂ. ବି—୧ । ଗୁଡ଼ (ସ୍ୱଳକଳ୍ପ)—1. Molasses. ୨ । ଖଣ୍ଡ; କନ—2. Whitened sugar; bleached sugar.
Sitādi

ସିତାନନ—ସଂ. ବିଣ. ପୁଂ (ବହୁବ୍ରୀହି)—ଶୁକ୍ଳ ମୁଖଯୁକ୍ତ—Having a white face. ସଂ. ବି—୧ । ଗରୁଡ଼ [ଶବ୍ଦକଳ୍ପଦ୍ରୁମ]—1. The mythological king of birds. ୨ । ବେଲ ଗଛ [ବୃ. ଶ]—2. Aegle Marmalus (tree).
Sitānana
[ସିତାନନା—ସ୍ତ୍ରୀ]

ସିତାପାଙ୍ଗ—ସଂ. ବି (ବହୁବ୍ରୀହି; ସିତ=ଶୁକ୍ଳବର୍ଣ୍ଣ+ଅପାଙ୍ଗ=ଚକ୍ଷୁର ପ୍ରାନ୍ତଦେଶ)—ମୟୂର—Peacock.
Sitāpāṅga

ସିତା ଫଳ—ଗ୍ରାଦେ (ଗଞ୍ଜାମ, ଘୁମସର)—ଆତ—Custard apple; Anona Squamosa.
Sitā phala
আতা सीताफल, शरीफा

ସିତା(ତି)ବର—ସଂ. ବି—ସୁନିଷଣ୍ଣକ; ଶାକବିଶେଷ; ସୁନୁସୁନିଆ ଶାଗ—Marselia Quadrifoliata. [ଦ୍ର—ଏହା ସଗ୍ରାହୀ, କଷାୟ, ଉଷ୍ଣ, ତ୍ରିଦୋଷନାଶୀ, ମେଧା ଓ ରୁଚିପ୍ରଦ, ଉଷାଘ୍ନ ଓ ନିଦ୍ରାକାରୀ ଅଟେ । ଏହାର ପତ୍ର ଚତୁର୍ଦ୍ଦଳ ଓ ପତ୍ରର ଗୋଟିଏ ଲୁଣ ପରି ସରୁ । ଏହା ଜଳାଭୂମିରେ ଜନ୍ମେ ।]
Sitā(ti)bara
ସଂ ପର୍ଯ୍ୟାୟ—ସୁଚ୍ୟାହ୍ୱ, ସ୍ୱସ୍ତିକ, ଶ୍ରୀବାରକ, ଶିଖୀ, ବଟ୍ରୁ, ସୁସ୍ତିକ, ସୁନିଷଣ୍ଣକ, କୁରୁଟ, କୁକୁଟ, ସୂଚୀଦଳ, ଶ୍ୱେତାବର, ମେଧାକୃତ, ଗ୍ରାହକ, ଚତୁଷ୍ପର୍ଣ୍ଣୀ, ବିତରବା
সুসনে শাক सुसनी साक

ସିତାବରୀ—ସଂ. ବି—ବାକୁଚୀ; ସୋମରାଜୀ (ସ୍ୱଳକଳ୍ପ)—Serratula Anthelmintica (herb and seed).
Sitābari

ସିତାବ୍ଜ—ସଂ. ବି—ଶ୍ୱେତ ପଦ୍ମ—White lotus.
Sitābja

ସିତାଭ—ସଂ ବିଣ. ପୁଂ (ସିତ+ଆଭା; ବହୁବ୍ରୀହି)—ଶୁକ୍ଳ ଆଭାଯୁକ୍ତ—Having a white lustre. ସଂ. ବି—କର୍ପୂର—Camphor ଚନ୍ଦ୍ର—The moon.
Sitābha
(ସିତାଭା—ସ୍ତ୍ରୀ)

ସିତାଭା—ସଂ ବି—ତକାହ୍ୱାକ୍ଷୁପ (ସ୍ୱଳକଳ୍ପ) —A kind of medicinal plant.
Sitābhā

ସିତା ଭୋଗ—ଦେ. ବି (ସଂ. ସିତା=ଶୁକ୍ଳ ବା ଚିନି+ଭୋଗ)—୧ । ଚାଉଳ ଅଟା, ମଇଦା, କ୍ଷୀର ଓ ଛେନା ଦ୍ୱାରା ପ୍ରସ୍ତୁତ ଘୃତପକ୍ୱ ମିଷ୍ଟାନ୍ନବିଶେଷ—1. A kind of sweetmeat. ଦ୍ର—ସିତାଭୋଗ ଦେଖିବାକୁ ଧଳା ଭାତପରି । ଚାଉଳଅଟା, ମଇଦା, ଦୁଧଛେନା ଓ ଘିଅ ଅଳ୍ପ ଦୁଧ ବା ପାଣିରେ ଏକତ୍ର ଚକଟି ତାକୁ ପିଠଉପରି କରି ଝାଞ୍ଜରିରେ ଚାପିଲେ ତାହା ଉପରେ ବସିଥିବା ଘିଅ କରେଇରେ ଝାଡ଼ି ଏହା ତିଆରି କରାଯାଏ । ବର୍ଦ୍ଧମାନର ସିତାଭୋଗ ପ୍ରସିଦ୍ଧ ମିଷ୍ଟାନ୍ନ ଅଟେ । ଆଜିକାଲି ଏହା କଟକରେ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରସ୍ତୁତ ହେଉଅଛି ।] ୨ । ଏକପ୍ରକାର ସରୁ ଧାନ—2. Name of a species of fine paddy. [ଦ୍ର—ଏଥିର ଚାଉଳ ବାସନାଯୁକ୍ତ ହୁଏ ।]
Sitā bhoga
সীতাভোগ
सितामीग

ସିତାଭ୍ର—ସଂ ବି—୧ । କର୍ପୂର (ଅମର)—1. Camphor. ୨ ।
Sitābhra ଧଳା ମେଘ (ହ. ଶ)—2. White cloud.
(ସିତାଭ୍ରକ—ଅନ୍ୟରୂପ)

ସିତାମ୍ବର—ସଂ ବି—୧ । (କର୍ମଧା) ଶୁକ୍ଳ ବସ୍ତ୍ର—1. White
Sitāmbara cloth. ୨ । (ବହୁବ୍ରୀହି) ଜୈନମାନଙ୍କ
ଶ୍ୱେତାମ୍ବର ସମ୍ପ୍ରଦାୟ—2. A sect of the Jainas.
ସଂ ବିଣ. ପୁଂ—ଶୁକ୍ଳ ବସ୍ତ୍ର ପରିଧାନକାରୀ (ବ୍ୟକ୍ତି)—
[ସିତାମ୍ବରା—ସ୍ତ୍ରୀ. ବିଣ] ; Wearing white cloth.

ସିତାମ୍ଭୋଜ—ସଂ ବି (କର୍ମଧା, ସିତ+ଅମ୍ଭୋଜ)—ଶ୍ୱେତପଦ୍ମ—
Sitāmbhoja White lotus.

ସିତାର(ରା)—ବୈଦେ. ବି [ଫା. ସେତାର୍, ସିତାର୍ (ସେ, ସି=
Sitāra(rā) ତିନି+ତାର); ବୋଧହୁଏ ପୂର୍ବେ ଏଥିରେ ୩ଟି
সেতার ତାର ଥିଲା; ସଂ. ତ୍ରିତନ୍ତ୍ରୀ]—ଲାଉତୁମ୍ବୀ ଲଗିଥିବା ଏବଂ
सितार ଲୁହାର ୧ ଗୋଟି ଓ ପିତଳର ୩ଟି ବା ୬ଟି, ଏପରି
ମୋଟରେ ୪ଟି ବା ୭ଟି ତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ—
Guitar [ବ୍ରି—ଲାଉ ତୁମ୍ବୀର ପାଖାକାର ଅର୍ଦ୍ଧାଂଶ
ଉପରେ ପଟା ଛାଉଣି କରି ତହିଁରେ ଗୋଟିଏ ଫୋପ
ଦଣ୍ଡା ଲଗାଯାଏ; ସେହି ଦଣ୍ଡାର ଏକ ମୁଣ୍ଡରେ କଣମାନ
କରି ସେ କଣାମାନଙ୍କରେ କାଠର ଖିଲମାନ
ଯୋଡାଯାଏ । ତୁମ୍ବୀର ଯେଉଁ ମୁଣ୍ଡରେ ଦଣ୍ଡ ଲଟିଥାଏ
ତହିଁର ବିପରୀତ ମୁଣ୍ଡରେ ଗୋଟିଏ ଖିଲମାରି ସେ ଖିଲରେ
ତାରଗୁଡ଼ିକର ଗୋଟିଏ ମୁଣ୍ଡ ବନ୍ଧାଯାଏ ଓ ସେ
ତାରମାନଙ୍କୁ ଦଣ୍ଡର ଉପରେ ଲମ୍ବ ଭାବରେ ନେଇ
ଦଣ୍ଡର ଅନ୍ୟ ମୁଣ୍ଡର ଛିଦ୍ରମାନଙ୍କରେ ଯୋଡାଥିବା ଖିଲ-
ମାନଙ୍କ ଦେହରେ ବାନ୍ଧିବାକୁ ହୁଏ ଓ ଉକ୍ତ ଖିଲମାନଙ୍କ
ଦ୍ୱାରା ଉକ୍ତ ତାରମାନଙ୍କୁ ଟାଣାଯାଏ ବା ଢିଲା କରାଯାଏ ।
ଦଣ୍ଡର ଅଗ୍ର ଭାଗରେ ଧାତୁର ସତରଏ ପରଦା ବା ଘାଟ
ବନ୍ଧାଯାଏ । ଡାହାଣ ହାତର ତର୍ଜନୀଅଙ୍ଗୁଠି ଦ୍ୱାରା ତାର-
ମାନଙ୍କୁ ଧ୍ୱନିତ କରାଯାଏ ଓ ବାଁଅ ହାତ ଦ୍ୱାରା ଦଣ୍ଡକୁ
ମୁଠାଇ ଧରି ବାଁଅ ହାତର ତର୍ଜନୀଅଙ୍ଗୁଠି ଦ୍ୱାରା ତାରକୁ ଉକ୍ତ
ପରଦା ବା ଘାଟ (ସଂ. ଘଟ୍ଟ)ମାନଙ୍କ ଉପରେ ଚିପିବାକୁ ଓ
ଛାଡ଼ିଦେବାକୁ ହୁଏ ଓ ପରଦାମାନଙ୍କ ଉପରେ ବାଁଅ ହାତର
ତର୍ଜନୀଅଙ୍ଗୁଠିକୁ ଉପରକୁ ବା ତଳଆଡ଼କୁ ଚଳାଇଲେ ଭିନ୍ନ
ଭିନ୍ନ ସ୍ୱର ବାହାରେ । ଲୁହା ତାର ଦ୍ୱାରା ନିର୍ମିତ
'ମିଜରାବ୍'କୁ ଡାହାଣ ହାତର ତର୍ଜନୀଅଙ୍ଗୁଠିରେ ଟୋପିପରି
ପିନ୍ଧି ଏହି ତାରମାନଙ୍କୁ ବଜାଇବାକୁ ହୁଏ ।

ଲାଉର ଖୋଳର ଅଧଫାଳକୁ ତୁମ୍ବ, ତୁମ୍ବା ବା ତୁମ୍ବୀ
(ସଂ. ତୁମ୍ବ) ବୋଲାଯାଏ । ତୁମ୍ବ ଉପରେ ଛାଉଣି ହୋଇ
ଥିବା ପତଳା କାଠର ପଟାକୁ 'ତବଲି' କହନ୍ତି । ତବଲି
ଓ ତୁମ୍ବୀର ଗୋଟିଏ ପାଖରେ ଗୋଟିଏ ଖିଲ (ପନ୍ଥି)ରେ
ତାରମାନଙ୍କୁ ଖଟାଇ ରଖି ତବଲିର କେନ୍ଦ୍ରରେ ଲୁଇଟି ଯୋଡ଼ି
ଥିବା ହାଡ଼ର ବା ହାତୀଦାନ୍ତର ଘୋଡଅ (ସଉଆର,
ଚଉକି, ସବାର) ର ଉପର ଦେଇ ତାରମାନଙ୍କୁ ଟାଣି କରି
ଦଣ୍ଡର ଶେଷ ଭାଗରେ ଅଗ୍ର ଭାଗରେ ସଂଲଗ୍ନ ୨ଟି ହାଡ଼
ବା ହାତୀଦାନ୍ତର ମଗରମୁହାଁ ପିଢ଼ା [ଅଡ଼ ବା ସରଘଜ;
ସଂ. ଅଳ] ଉପରେ ବାଟେ ନେଇ ତାରମାନଙ୍କୁ ଦଣ୍ଡାର
ମୁଣ୍ଡରେ ଥିବା କାଠ ଖିଲ [କାନ; ସଂ. କର୍ଣ୍ଣ] ରେ
ଗୁଡ଼ାଇବାକୁ ହୁଏ ।

ପ୍ରଥମ ତାର ଇସ୍ପାତର । ଏହାକୁ 'ବାଜ୍' 'ପକ୍କା'
ବା 'ନାୟକୀ' ତାର ବୋଲାଯାଏ । ଏହି ତାରକୁ ଡାହାଣ
ହାତରେ ମଜରବ୍ ଦ୍ୱାରା ବଜାଇ ବାଅଁ ହାତର ଅଙ୍ଗୁଠି-
ମାନଙ୍କ ଦ୍ୱାରା ଘାଟ ବା ପରଦା ଉପରେ ଘଷି ସ୍ୱରକୁ
ଉପଲବ୍ଧିତ କରାଯାଏ । ଅନ୍ୟ ପିତଳ ତାରଗୁଡ଼ିକରେ
କେବଳ ମଜରବ୍‌କୁ ଅଘାତ କରିବାକୁ ହୁଏ । ୨ୟ ଓ
୩ୟ ତାରକୁ 'ଖରଜ'ର ଯୋଡ଼ି, ୪ର୍ଥ ଲୁହାର ତାରକୁ
'ପଞ୍ଚମ' ଓ ୫ମ ତାରକୁ 'ଖରଜ' ବୋଲାଯାଏ । ଏହି ୫ଟି
ତାର ବ୍ୟତୀତ ୨ଟି ଛୋଟ ଲୁହା ତାରକୁ 'ତରଫ୍ ତାର'
ବା 'ଚକାରୀ' ବୋଲାଯାଏ । 'ନାୟକୀ' ତାରର ସ୍ୱରକୁ
ଉଚ୍ଚଗାତ କରିବା ପାଇଁ ତାରର ମୁଣ୍ଡ [ଅର୍ଥାତ୍ ସବାର ଓ
ପନ୍ଥିର ମଧ୍ୟରେ ଥିବା ଅଂଶ]ରେ କାଚର ମାଳି ବା ଗୋଲି
ବା ଛୋଟ କଉଡ଼ି [ମାନ୍‌କୀ] ଲଗା ଯାଇଥାଏ ।

ପୂର୍ବେ ଓଡ଼ିଶା ଗଡ଼ଜାତର କେନ୍ଦୁଝରରେ ସିତାରର
ଉତ୍କୃଷ୍ଟ ତାର ପ୍ରସ୍ତୁତ ହେଉଥିଲା । ବର୍ତ୍ତମାନ ଯୁକ୍ତପ୍ରଦେଶର
ବଣଦେଶରେ ସିତାର ପାଇଁ ଉତ୍କୃଷ୍ଟ ତାର ଅସେ ।]

ସିତାରୀ—ଦେ. ବି—ସିତାର ବଜାଇବାରେ ଦକ୍ଷ ବ୍ୟକ୍ତି—
Sitārī A person who can play on guitar.
[ସିତାରବାଜ, ସିତାରଅ—ଅନ୍ୟରୂପ]
সেতারী सितारी, सितारबाज

ସିତାର୍ଜ(ର୍ଜ୍ଜ)କ—ସଂ. ବି—ଶ୍ୱେତ ତୁଳସୀ—The white variety
Sitārja(rjja)ka of Basil plant. [ବ୍ରି—ଏହା କଟୁ,
ସଂ. ପର୍ଯ୍ୟାୟ—ବୈକୁଣ୍ଠ, କଟପତ୍ର, କୁଠେରକ, ଜମ୍ବୀର, ଗନ୍ଧବହଳ, ସୁମୁଖ, କଟୁପତ୍ରକ । } ଉଷ୍ଣ, କଫବାତ ଓ ନେତ୍ର ରୋଗର ନାଶକ, ରୁଚ୍ୟ ଓ ସୁଖପ୍ରସବକାରକ ଅଟେ ।]
শ্বেত তুলসী श्वेत आजवला
ମ. ପାଂଢ୍ରୀ ଅଜବଳ

ସିତାଳକ—ସଂ. ବି—ଶ୍ୱେତ ଅର୍କ (ଗୁଳୁକର୍ଷ)—
Sitālaka The white variety of Calotropis Gigantea plant.

ସିତା ଲତା—ସଂ. ବି—ଶ୍ୱେତଦୁବ (ରତ୍ନମାଳା)—
Sitālatā The white Doob grass.

ସିତାଳିକା—ସଂ. ବି—ଶୁକ୍ତି; ସିପ (ହ. ଶ)
Sitālikā Oyster shell.

ସିତାଶ୍ମା—ସଂ. ବି (ସିତ+ଅଶ୍ମନ୍=ପଥର; ୧ମା. ୧ବ)—ଚନ୍ଦ୍ରକାନ୍ତ
Sitāsmā ମଣି—A gem; the moon-stone.

ସିତାଶ୍ୱ—ସଂ. ବି—୧ । (କର୍ମଧା) ଧଳା ଘୋଡ଼ା—1. White
Sitāswa horse. ୨ । (ବହୁବ୍ରୀହି) ଅର୍ଜୁନ—
2. The 3rd Pāndaba brother. ୩ । (ବହୁବ୍ରୀହି)
ଚନ୍ଦ୍ରମା (ହ. ଶ)—3. Moon.

ସିତାସିତ—ସଂ. ବଣ (ସିତ+ଅସିତ)—ଶୁକ୍ଳ ଓ କୃଷ୍ଣ—White
Sitāsita and black. ସଂ. ବି—୧ । ବଳରାମ; ବଳଦେବ—
1. The brother of Srikrushna. ୨ ।
(ଜ୍ୟୋତିଷ) ଶୁକ୍ର ଗ୍ରହ ସହିତ ଶନି ଗ୍ରହ—
2. The planet Venus with Saturn.
୩ । ଗଙ୍ଗା ଓ ଯମୁନା (ହ. ଶ)—3. The Ganges
and the Jamuna rivers.

ସିତାହ୍ୱୟ—ସଂ. ବି—୧ । ସଜନା (ରାଜନିର୍ଘଣ୍ଟ)—
Sitāhwaya 1. The horse radish.
୨ । ଶ୍ୱେତ ରୋହିତ; ଧଳା ସୁଆନ ଗଛ (ରାଜନିର୍ଘଣ୍ଟ)—
2. A timber tree. ୩ । ଧଳା ସଜନା (ହ. ଶ)
3. The white flowered Moringa. ୪ । ଧଳା
ତୁଳସୀ (ହ. ଶ.)—4. The white Basil plant.

ସିତି—ସଂ. ବଣ (ସି ଧାତୁ=ବନ୍ଧନ କରିବା+କର୍ତ୍ତୃ. ତି; ଅନ୍ୟରୂପ
Siti ଶିତି)—୧ । ଶୁକ୍ଳ (ରମାନାଥ)—
1. White. ୨ । କୃଷ୍ଣ; କଳା [ରମାନାଥ]—
2. Black. ୩ । ନୀଳ—3. Blue.

ସିତିକଣ୍ଠ—ସଂ. ବି—ଶିତିକଣ୍ଠ; ମହାଦେବ [ଶବ୍ଦକଳ୍ପଦ୍ରୁମ]—
Sitikantha God Siba.

ସିତକାର—ଗ୍ରା. ବି [ସଂ. ସୀତ୍କାର]—ସୀତ୍କାର [ଦେଖ]—
Sitikāra Sit-kāra (See). [ଉ—କବେ
सीत्कार सिसकारी ଉପେନ୍ଦ୍ର ସିତିକାରେ କଟେ ତୁମ୍ଭ
ଘତ ମୁଖେ ବୋଲେ ସାଧି ତୋ ଏ ନା—ଲକ୍ଷ୍ମୀ
ଉପଦେଶକ ।]

ସିତିବାର(ବାରକ)—ସଂ. ବି—ସିତାବର [ଦେଖ]
Sitibāra(bāraka) Sitābara (See)

ସିତିବାସ—ସଂ. ବି—ବଳଦେବ [ଶବ୍ଦକଳ୍ପଦ୍ରୁମ]—
Sitibāsa Lord Baladeba.

ସିତିମା—ସଂ.ବି [ସିତି+ଭାବେ ଇମନ୍; ୧ମା. ୧ବ]—୧। ଶୁକ୍ଳତା—
Sitimā 1. Whiteness. ୨ । କୃଷ୍ଣତା—
2. Blackness.

ସିତିଲିଆ—ପ୍ରାଦେ [ବାଲେଶ୍ୱରପାଠଣା] ବି—ମୁଖ ଘାଅ—
Sitiliā Eruptions or sores in the mouth
or on the lips.

ସିତିଲି ପଶିବା—ପ୍ରାଦେ [ବାଲେଶ୍ୱରପାଠଣା] କି—ସନ୍ତେଇବା;
Sitili pasibā ଅର୍ଦ୍ଧ ହେବା—To be damp.

ସିତୁ—ଦେ. ବି (ନାମ) (ଅଦରାର୍ଥକ)—'ସୀତାରାମ'ର ଡାକନାମ—
Situ The name for calling 'sitārāma'
(ସିତୁଆ— ଅନାଦରାର୍ଥ ରୂପ)

ସିତେକ୍ଷୁ—ସଂ. ବି (ସିତ+ଇକ୍ଷୁ)—ଶ୍ୱେତେକ୍ଷୁ; ଧଳା ଆଖୁ—
Sitekshu White sugarcane.

ସିତେତର—ସଂ.ବି (୬ମୀ ତତ୍; ସିତ+ଇତର) ୧ । ଶ୍ୟାମଶାଳ; କୁଲଥ
Sitetara 1. A cereal; horse-gram.
୨ । ଶୁକ୍ଳେତର ବର୍ଣ୍ଣ—2. Any colour other
than white. ସଂ. ବଣ—୧ । କୃଷ୍ଣବର୍ଣ୍ଣଯୁକ୍ତ;
କଳା—1. Black. ୨ । ନୀଳ (ହ. ଶ); ନେଳି—
2. Blue.

ସିତେତର ଗତି—ସଂ. ବି—କୃଷ୍ଣବର୍ତ୍ମା; ଅଗ୍ନି (ହଳାୟୁଧ)—
Sitetara gati Fire.

ସିତୋଦର—ସଂ. ବି (ବହୁବ୍ରୀହି; ସିତ=ଶ୍ୱେତ+ଉଦର ଯାହାର)—
Sitodara କୁବେର (ହେମଚନ୍ଦ୍ର)—
The God of wealth.

ସିତୋଦ୍ଭବ—ସଂ. ବି—ଶ୍ୱେତ ଚନ୍ଦନ (ଶବ୍ଦରତ୍ନାବଳୀ)—
Sitodbhaba The white sandal.
ସଂ. ବଣ—ଶର୍କରାରୁ ଜାତ—Produced from
sugar.

ସିତୋପଳ—ସଂ ବି (ସିତ+ଉପଲ)—୧ । ଖଡିଗୋଡ଼; ଖଡ଼ି (ହିକାଣ୍ଡ-
Sitopala ଶେଷ)—1. Chalk. ୨ । ସ୍ଫଟିକ
(ରାଜନିର୍ଘଣ୍ଟ)—2. Quartz.

ସିତୋପଳା—ସଂ ବି—୧ । ଶର୍କରା (ହେମଚନ୍ଦ୍ର)—1. Sugar.
Sitopalā ୨ । ମିଶ୍ରି (ହ. ଶ)—2. Sugarcandy.

ସିଦ(ଦା,ଦି,ଦୁ,ଧ,ଧା,ଧି,ଧୁ)—ଗ୍ରା. ବି (ନାମ)—ସିଦ୍ଧନାଥ ବା
Sida(dā,di,du,dha,dhā,dhi,dhu) ସିଦ୍ଧେଶ୍ୱରର ଡାକନାମ-
[ସିଦ(ଧି)ଆ, ସିଦେ(ଧେ)ଇ—ଅନ୍ୟରୂପ] Names for call-
ing Siddheswara.

ସିଦ(ଧ)ଶର—ଗ୍ରା. ବି—ସିଦ୍ଧେଶ୍ୱରର ଡାକନାମ—
Sida(dha)sara Name for calling Sidheswara.

ସିଧା(ଧା)—ଦେ. ବି (ସଂ ସିଦ୍ଧ; ଯାହା ସିଦ୍ଧ କରାଯିବ)—ଦୌଣସି
Sidā(dhā) ଅଭ୍ୟାଗତ ବା ଗୁରୁଙ୍କ ଭୋଜନ ନିମିତ୍ତ ଚାଉଳ
सिधा सिधा ଡାଲି ପ୍ରଭୃତି ରନ୍ଧା ହୋଇ ନ ଥିବା
ଅଦ ରନ୍ଧନ ସାମଗ୍ରୀର ସମ୍ଭାର; ଅମାନ୍ତ; ଅସିଦ୍ଧ ଖାଦ୍ୟ-
A tray of victuals; uncooked victuals
सिधे सीधा sent to a guest.
ଦେ. ବଣ (ସଂ ଶୁଦ୍ଧ)—୧ । ସଳଖ—1. Straight.
୨ । ଅମାୟିକ; ସରଳ; ନିଷ୍କପଟ—2. Straight;
simple. ୩ । ପ୍ରହାର ବା ଦଣ୍ଡାଦିଦ୍ୱାରା ଅଧୀନ—
3. Brought under control.

ସିଦା(ଦେ)ଇବା—ଦେ. କି—ସିଧାଇବା (ଦେଖ)
Sidā(de)ibā Sidhāibā (See)

ସିଦା ସଞ୍ଚା—ଦେ. ବି (ଏକାର୍ଥକ ସହଚର)—ସିଦା [ଦେଖ]
Sidā sanchā Sidā (See)
सिधापत्र सीधासामग्री

ସିଧା ସାମଗ୍ରୀ—ଦେ. ବି—ରନ୍ଧାଯିବାପାଇଁ ଅଭ୍ୟାଗତଙ୍କୁ ପଠାଯିବା ଦ୍ରବ୍ୟମାନ—Uncooked victuals sent to a guest.
Sidā sāmagrī
सिधासामग्री सिधासामग्री

ସିଦି—ଗ୍ରା. ବି (ସଂ ସିଦ୍ଧି)—ସିଦ୍ଧି (ଦେଖ)
Sidi Siddhi (See)
सिधि सिधी

ସିଦୋ—ପ୍ରାଦେ (ଗଞ୍ଜାମିବ୍ୟାଟଣା) ବି—ସୁଯୋଗ; ସୁବିଧା—Opportunity; chance.
Sido

ସିଦ୍ଧ—ସଂ ବିଣ [ସିଧ୍ ଧାତୁ+କର୍ମ କ୍ତ]—୧ । ଅଗ୍ନି ଉପରେ ପକ କରି ଯାଇଥିବା; ପକ୍ୱ; ସିଝା ଯାଇଥିବା—1. Boiled over fire. ୨। ରନ୍ଧା ଯାଇଥିବା; ପକ୍ୱ—2. Cooked. ୩ । ପ୍ରସିଦ୍ଧ—3. Famous; celebrated. (ଉ—ବୋଧହୁଏ ଏ ସିଦ୍ଧ; ଧରିବଧିଲେ ସିଦ୍ଧ, ବୋଧ ଦେଲଣ ଗତ ଯେ—ଉତ୍କଳ ବୈଦେହୀଶବିଳାସ ।) ୪ । ସମାହିତ; ନିଷ୍ପନ୍ନ; ସମ୍ପାଦିତ—4. Accomplished; effected. ୫ । ପ୍ରତିପାଦିତ; ତର୍କ ବା ପ୍ରମାଣାଦି ଦ୍ୱାରା ନିଷ୍ପିତ—5. Established by argument, reasoning or proof. ୬ । ପ୍ରମାଣୀକୃତ—6. Proved; demonstrated. ୭ । ଫଳିତ; ସଫଳ; ଉପଲବ୍ଧ—7. Solved; fulfilled. ୮ । ନିତ୍ୟ—8. Eternal; permanent. ୯ । ମୁକ୍ତ—9. Released. ୧୦ । ସିଦ୍ଧିବିଶିଷ୍ଟ—10. Blessed with success; successful. ୧୧ । ମନ୍ତ୍ରସିଦ୍ଧିଯୁକ୍ତ—11. Accomplished in mystic formulae. ୧୨ । ପରିଶୋଧିତ—12. Refined. ୧୩ । ନିପୁଣ; ପାରଦର୍ଶୀ—13. Expert; skilled. ୧୪ । ଯୋଗ ସାଧନରେ ବା ତପସ୍ୟାରେ ସିଦ୍ଧିପ୍ରାପ୍ତ—14. One who has attained success in Joga or penance. ୧୫ । ଲକ୍ଷ୍ୟରେ ଉପସ୍ଥିତ—15. Arrived at one's aim. ୧୬ । ମୋକ୍ଷର ଅଧିକାରୀ (ହି. ଶ)—16. Deserving beatitude. ୧୭ । ଫଳରେ ଘଟିଥିବା—17. Come to pass; which has borne fruit. ୧୮ । ନିର୍ଣ୍ଣୀତ—18. Settled. ୧୯ । ଶୋଧିତ (ଋଣ) (ହି. ଶ)—19. Repaid; liquidated; cleared off. ୨୦ । ସ୍ୱାଭାବିକ—20. Inherent. [ଯଥା—ସ୍ୱଭାବସିଦ୍ଧ ଗୁଣ ।] ସ. ବି—୧ । ସୈନ୍ଧବ ଲବଣ (ରାଜନିର୍ଘଣ୍ଟ)—1. A kind of salt. ୨ । କୃଷ୍ଣ ଧୁସ୍ତୁର (ରାଜନିର୍ଘଣ୍ଟ)—2. The black variety of Datura plant. ୩ । ଗୁଡ଼ (ରାଜନିର୍ଘଣ୍ଟ)—3. Molasses. ୪ । ବ୍ୟବହାର (ଶବ୍ଦରତ୍ନାବଳୀ); ମକଦ୍ଦମା (ହି. ଶ)—4. Litigation. ୫ । ଦେବଯୋନିବିଶେଷ—5. A class of aerial beings; a class of Demi-gods. [ଦ୍ର—ସିଦ୍ଧମାନଙ୍କ ନିବାସ ସ୍ଥାନ ଭୁବର୍ଲୋକ ଓ କାହା କାହା ମତରେ ହିମାଳୟ ଅଟେ । ବାୟୁପୁରାଣ ମତରେ ଏମାନଙ୍କ ସଂଖ୍ୟା ୮୮ ହଜାର । ଏମାନେ ସୂର୍ଯ୍ୟଙ୍କ ଉତ୍ତର ଓ ସପ୍ତର୍ଷିଙ୍କ ଦକ୍ଷିଣ ଅନ୍ତରୀକ୍ଷରେ ବାସ କରନ୍ତି । ଏମାନେ ଏକ କଳ୍ପ ସ୍ଥାୟୀ ରହନ୍ତି (ହି. ଶ) । ଏମାନେ ଅଣିମାଦି ଐଶ୍ୱର୍ଯ୍ୟସମ୍ପନ୍ନ । ବେତାଳସ୍ତ ଏହି ଶ୍ରେଣୀର ଅନ୍ତର୍ଗତ ।] ୬ । ଯୋଗସିଦ୍ଧ ବା ତପଃସିଦ୍ଧି ପ୍ରାପ୍ତ ମୁନି—6. A sage who has attained success in mystic exercises or in Joga and penance. [ଉ—ବୋଧ ହୁଏ ଏ ସିଦ୍ଧ ଧରି ବଧିଲେ ସିଦ୍ଧ—ଉତ୍କଳ ବୈଦେହୀଶବିଳାସ ।] ୭ । (ଜ୍ୟୋତିଷ) ବିଷ୍କମ୍ଭାଦି ସପ୍ତବିଂଶତି ଯୋଗାନ୍ତର୍ଗତ ଏକବିଂଶ ଯୋଗ—7. (Astrology) One of the 27 astrological conjunction. [ଦ୍ର—ଏହା ଶୁଭ ଯୋଗ, ଏଥିରେ ଜାତ ହେବା ବ୍ୟକ୍ତି ଜିତେନ୍ଦ୍ରିୟ, ସର୍ବକଳାନିଧାନ, ଗୌର, ବିନୀତ, ସତ୍ୟବାଦୀ ଓ ଭୋଗୀ ହୁଏ ।] ୮ । କୃଷ୍ଣ ସିନ୍ଦୁବାର (ହି. ଶ)—8. The black variety of Sindubāra. ୯ । ଧଳା ଝୋଟଣ (ହି. ଶ)—9. Wcite Ryb. ୧୦ । ଅର୍ହତ୍; ଜିନ (ହି. ଶ)—10. Jaina saint. ଦେ. ବି—ସିଦ୍ଧନାଥ ବା ସିଦ୍ଧେଶ୍ୱରଙ୍କ ଡାକ ନାମ—Name for calling Siddhanātha or Siddheśwara.

ସିଦ୍ଧ ଅତିବଡ଼ ଜଗନ୍ନାଥ ଦାସ ଗୋସ୍ୱାମୀ—
Siddha ati barḍa jagannātha dāsa goswāmī

[ଦ୍ର—ସିଦ୍ଧ ଯୋଗୀ ଶ୍ରୀ ଅତି ବଡ଼ ଜଗନ୍ନାଥ ଦାସ ଗୋସ୍ୱାମୀ ପୁରୀର ବଡ଼ ଓଡ଼ିଆ ମଠର ସ୍ଥାପୟିତା । ଉତ୍କଳର ପୁଣ୍ୟଶ୍ଳୋକ ମହାରାଜ କପିଳେନ୍ଦ୍ର ଦେବଙ୍କ ପ୍ରତିଷ୍ଠିତ କପିଳେଶ୍ୱରପୁର ଶାସନ ଏହି ମହାତ୍ମାଙ୍କର ଜନ୍ମସ୍ଥାନ । ଏହି ଶାସନଟି ପୁରୁଷୋତ୍ତମ କ୍ଷେତ୍ରର ପଶ୍ଚିମରେ ପ୍ରାୟ ତିନି କୋଶ ଦୂରରେ ଅବସ୍ଥିତ । ୧୪୯୦ ଖ୍ରୀଷ୍ଟାବ୍ଦ ଭାଦ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଅନୁରାଧା ନକ୍ଷତ୍ର ବୁଧବାର ଦିନ ମଧ୍ୟାହ୍ନ ସମୟରେ ଏ ମହାତ୍ମା ଏ ଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ । ଯେଉଁ କ୍ଷଣରେ ବୃଷଭାନୁ ନନ୍ଦିନୀ ରାଧାଦେବୀଙ୍କର ଜନ୍ମ ବୋଲି ପୁରାଣରେ ବର୍ଣ୍ଣିତ ହୋଇଅଛି, ଠିକ୍ ସେହିକ୍ଷଣରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ରାଧାଙ୍କର ଅଂଶାବତାର ବୋଲି ଲୋକେ ବିଶ୍ୱାସ କରନ୍ତି । ତାଙ୍କ ପିତାଙ୍କ ନାମ ଭଗବାନ ଦାସ ଓ ମାତାଙ୍କ ନାମ ପଦ୍ମାବତୀ । ଭଗବାନ ଦାସ ମହାରାଜା ପୁରୁଷୋତ୍ତମ ଦେବଙ୍କର ପୌରାଣିକ ଥିଲେ । ପଦ୍ମାବତୀ ବଡ଼ ଧର୍ମପରାୟଣା, ସୁଶୀଳା ଓ ପତିଭକ୍ତା ଥିଲେ । ଶୋଭୀ କ୍ଷେତ୍ର

ନେତ୍ର ଏହାଙ୍କ ଦ୍ୱାରରୁ କରୁଣ ହୋଇ ଫେରୁ ନ ଥିଲେ । ଭଗବାନ ଦାଶଙ୍କର ପୁତ୍ରଜନ୍ମ ସମ୍ବାଦ ଲୋକମୁଖରେ ପ୍ରଚାରିତ ହେଲାକ୍ଷଣି ଗ୍ରାମର ଚତୁଃପାର୍ଶ୍ୱରୁ ବହୁସଂଖ୍ୟକ ସ୍ତ୍ରୀ ପୁରୁଷ ରୁଣ୍ଡ ହେଲେ । ସଦ୍ୟୋଜାତ ଶିଶୁଟିର ସୁନ୍ଦରତା ଗୃହରେ ଅଦ୍ଭୁତ ପ୍ରାୟ ଶୋଭା ଦେଖି ସମସ୍ତେ ଚମତ୍କୃତ ହୋଇଥିଲେ । ଭୂମିଷ୍ଠ ଶିଶୁର ମହାପୁରୁଷ ଲକ୍ଷଣ ଓ ଲୋକୋତ୍ତର ଲାବଣ୍ୟ ଦେଖି ଦର୍ଶକବୃନ୍ଦ ଆନନ୍ଦ ଓ ବିସ୍ମୟରେ ମଗ୍ନ ହୋଇ ଜନକ ଜନନୀଙ୍କ ଭାଗ୍ୟର ପ୍ରଶଂସାପୂର୍ବକ ନବଜାତ ଶିଶୁର ମଙ୍ଗଳ କାମନା କରି ନିଜ ନିଜ ଗୃହକୁ ଫେରିଗଲେ ।

ଶିଶୁଟି ଜଗନ୍ନାଥ ଦେବଙ୍କ ପ୍ରସାଦରୁ ଲବ୍ଧ ବୋଲି ପିତା ଭଗବାନ ଦାଶ ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ତାହାର ଜଗନ୍ନାଥ ବୋଲି ନାମକରଣ କଲେ । ଶିଶୁଟି କ୍ରମେ ଚତୁର୍ଥ ବୟସରେ ପଦାର୍ପଣ କରିବା ବେଳକୁ ପିତା ତାହାଙ୍କର ଚୂଡ଼ାକର୍ମ, କର୍ଣ୍ଣବେଧ ଆଦି ଶେଷ କରିଥିଲେ । ଏହି ଚତୁର୍ଥ ବର୍ଷ ବୟସ୍କ ବାଳକ କେବଳ କ୍ରୀଡ଼ା କୌତୁକରେ ସମୟ କଟାଉଥିଲେହେଁ ତାହାଙ୍କର ଅସାଧାରଣ ସ୍ମରଣ ଶକ୍ତି ଓ ପ୍ରତିଭାର ପରିଚୟ ମିଳୁଥିଲା । ପଞ୍ଚମ ବର୍ଷରେ ସେ ବିଦ୍ୟାରମ୍ଭ କରି ପୂର୍ବ ଜନ୍ମ ସଂସ୍କାର ବଶତଃ ଅତି ଅଳ୍ପ ସମୟ ମଧ୍ୟରେ ପଠିତ ବିଷୟମାନ ମନେ ରଖି ପାରୁଥିଲେ । ସେ ପ୍ରଥମେ ଗ୍ରାମ ପାଠଶାଳାରେ ବର୍ଣ୍ଣପାଠ ଓ ଅଙ୍କ ଆଦି ଶିଖିଥିଲେ; ଉପନୟନ ଉତ୍ତାରେ ପିତାଙ୍କ ନିକଟରେ ଅମରକୋଷ, ଅଭିଧାନ ଏବଂ କଳାପ ଓ ବର୍ଦ୍ଧମାନ ନାମକ ଦୁଇଟି ସଂସ୍କୃତ ବ୍ୟାକରଣ ସମ୍ପୂର୍ଣ୍ଣ କଣ୍ଠସ୍ଥ କରି ସେଥିରେ ଅତ୍ୟନ୍ତ ପାଣ୍ଡିତ୍ୟ ଲାଭ କରିଥିଲେ । ନିକଟବର୍ତ୍ତୀ ବ୍ରାହ୍ମଣ ଶାସନକୁ ପ୍ରତିଦିନ ଯାଇ ଯଜୁର୍ବେଦ ଓ ସାମବେଦର ସଂହିତାମାନ ମଧ୍ୟ ସେ ଅଧ୍ୟୟନ ଓ କଣ୍ଠସ୍ଥ କରିଥିଲେ; ନ୍ୟାୟ ବେଦାନ୍ତାଦି ଦର୍ଶନଶାସ୍ତ୍ର ଏବଂ ମହାଭାରତ ଓ ରାମାୟଣ ଆଦି ଧର୍ମଶାସ୍ତ୍ର ସମସ୍ତ ପଢ଼ିଲେ, ସର୍ବଶେଷରେ ଶ୍ରୀମଦ୍ଭାଗବତ ଅଧ୍ୟୟନ କଲେ । ଏହି ସମୟରେ ପିତା ଭଗବାନ ଦାଶ ଜଗନ୍ନାଥଙ୍କର ବିବାହ ପ୍ରସ୍ତାବ ଉଠାଇଲେ । କିନ୍ତୁ ଜଗନ୍ନାଥ ଆଉ କେତେକ ଶାସ୍ତ୍ରର ଅଧ୍ୟୟନ ସମାପ୍ତ କରି ବିବାହ କରିବା ପାଇଁ ପିତାଙ୍କୁ ପ୍ରାର୍ଥନା କଲେ । ଅଷ୍ଟାଦଶ ବର୍ଷ ବୟସ ବେଳକୁ ସେ ସମସ୍ତ ଶାସ୍ତ୍ରରେ ପ୍ରବୀଣତା ଲାଭ କରିଥିଲେ । ପଣ୍ଡିତ ସମାଜରେ ତାହାଙ୍କ ଖ୍ୟାତି କ୍ରମେ କ୍ରମେ ବଢ଼ିବାରେ ଲାଗିଲା । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାହାଙ୍କର ଭଗବତ୍ ପ୍ରୀତି ମଧ୍ୟ କ୍ରମଶଃ ବୃଦ୍ଧି ହେଲା । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କଠାରେ ତାଙ୍କର ପ୍ରଗାଢ଼ ଭକ୍ତି ହେତୁ ସେ ପ୍ରତ୍ୟହ ଜଗନ୍ନାଥ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ ଆସୁଥିଲେ; ମନ୍ଦିର ଭିତର ବେଢ଼ାରେ ବଟଗଣେଶଙ୍କ ନିକଟରେ ବସି ଶ୍ରୀମଦ୍ଭାଗବତ ପାଠ କରୁଥିଲେ । ପ୍ରତ୍ୟହ ବହୁଲୋକ ପୁରାଣ ଶୁଣିବାକୁ ସେଠାରେ ରୁଣ୍ଡ ହେଉଥିଲେ । ବଟବଢ଼ାସି ନାମକ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ପୁରାଣ ପାଠ ହେଉଅଛି ଓ ପୁରାଣ ପାଠକଙ୍କ ପାଇଁ ରାଜପ୍ରଦତ୍ତ ବୃତ୍ତି ମଧ୍ୟ ଖଞ୍ଜା ଅଛି ।

୧୫୦୯ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟଦେବ ସନ୍ନ୍ୟାସ ଗ୍ରହଣ କରି ଭକ୍ତଗଣ ସମେତ ଶ୍ରୀଜଗନ୍ନାଥ ଦେବଙ୍କ ଦର୍ଶନ ନିମନ୍ତେ ପୁରୀକୁ ଆଗମନ କରିଥିଲେ । ସେତେବେଳକୁ ଜଗନ୍ନାଥ ଦାସଙ୍କ ବୟସ ଊନବିଂଶତି ବର୍ଷ । ଶ୍ରୀଚୈତନ୍ୟ ଦେବ ବଡ଼ଦେଉଳରେ ପ୍ରବେଶ କରି ବଟ ମୂଳରେ ପ୍ରଥମେ ଏହାଙ୍କୁ ଭେଟିଥିଲେ । ସାକ୍ଷାତ୍ ମାତ୍ରେ ଦୁଇ ଭକ୍ତଙ୍କର ଅପୂର୍ବ ମିଳନ ଘଟିଲା । ଦୁହିଙ୍କ ମଧ୍ୟରେ ଅନନ୍ତ ଭାବର ମଧୁର ଆଦାନପ୍ରଦାନ ହେଲା । ଅଠାର ଦିନ ପର୍ଯ୍ୟନ୍ତ ଦୁହେଁ ଏକତ୍ର ବାସ କଲେ; ଅନ୍ୟ କାହାରି ସହିତ ସାକ୍ଷାତ୍କାର ହେଲା ନାହିଁ । ପରସ୍ପରଙ୍କ ଆଲିଙ୍ଗନରେ ଦୁହେଁ ପ୍ରେମବିହ୍ୱଳ ଓ ଭାବୋନ୍ମତ୍ତ ହେଉଥିଲେ ।

ଦିନେ ଦାସେ ଶ୍ରୀମଦ୍ଭାଗବତର ଦଶମ ସ୍କନ୍ଧ ବ୍ରହ୍ମସ୍ତୁତି ପାଠ କରୁଅଛନ୍ତି; ଏମନ୍ତ ସମୟରେ ଚୈତନ୍ୟ ଆସି ଉପସ୍ଥିତ ହେବାରୁ ତାଙ୍କର ଭାବାବେଶ ହେଲା । ଅନନ୍ତର ସଙ୍କୀର୍ତ୍ତନ କରି ସେ ଶ୍ରୀଚୈତନ୍ୟଙ୍କ ସଙ୍ଗରେ ମନ୍ଦିର ପ୍ରଦକ୍ଷିଣ ଓ ଜଗନ୍ନାଥ ଦେବଙ୍କ ଦର୍ଶନ କଲେ । ତତ୍ପରେ ସ୍ୱୀୟ ସହଚରବର୍ଗଙ୍କ ଆଡ଼କୁ ଚାହିଁ ଶ୍ରୀଚୈତନ୍ୟ କହିଲେ 'ବ୍ରହ୍ମ ସ୍ୱରୂପରେ ପର ବ୍ରହ୍ମ ଅଛନ୍ତି । ମୁଁ ଶ୍ରୀ ଜଗନ୍ନାଥ ଦେବଙ୍କୁ ଯେପରି ଭୟ ଓ ଭକ୍ତି କରେ ସର୍ବଦା ମୋର ସେହି ଭାବ । ବିଶେଷତଃ ଦାସଙ୍କ ବିଷୟରେ ମୁଁ କେଉଁ ଛାର; କହିବି କି ନା, ଦାସେ ଜଗନ୍ନାଥଙ୍କ ସଙ୍ଗୀ, ଦାସଙ୍କ ପାଦପଦ୍ମ ମହାପ୍ରେମର ଆକର, ମୁଁ ତାହା ନିଷ୍କାମ ଭାବରେ ହୃଦୟରେ ଭାବୁଥିବି ।' ଏହା କହି ଚୈତନ୍ୟଦେବ ବାରମ୍ବାର ଦାସଙ୍କୁ ସମ୍ମାନ ଦେଖାଇଲେ । ତାହା ଦେଖି ତତ୍ପରତ୍ୟ ଅନ୍ୟାନ୍ୟ ବୈଷ୍ଣବମାନେ ମଧ୍ୟ ସମ୍ମାନ ଦେଖାଇ ନିଜ ନିଜ ବସାକୁ ଫେରି ଗଲେ । ଏହାପରେ ପ୍ରତିଦିନ ଶ୍ରୀଚୈତନ୍ୟ ଶ୍ରୀ ଜଗନ୍ନାଥ ଦେବଙ୍କୁ ଦର୍ଶନ କରିବାକୁ ଆସିବା ସମୟରେ କଳ୍ପବଟ ମୂଳରେ ବସି ଜଗନ୍ନାଥଙ୍କ ମୁଖରୁ ପୁରାଣ ଶ୍ରବଣ କରୁଥିଲେ । ଏହା ଦେଖି ଗୌଡ଼ୀୟ ବୈଷ୍ଣବଗଣ ଅତ୍ୟନ୍ତ ଈର୍ଷାନ୍ୱିତ ହୋଇ କହିଲେ—"ଦେଖନ୍ତୁ, ଆପଣ ଜଣେ ଅନୁପଦିଷ୍ଟଙ୍କୁ ପ୍ରେମାଲିଙ୍ଗନ କରୁ ଅଛନ୍ତି । ବୈଷ୍ଣବ ପକ୍ଷରେ ସାମ୍ପ୍ରଦାୟିକ ଲୋକଙ୍କଠାରୁ ଦୀକ୍ଷା ଗ୍ରହଣ କରି ନ ଥିବା ବ୍ୟକ୍ତିର ଅଙ୍ଗ ସ୍ପର୍ଶ କରିବା ଶାସ୍ତ୍ରନିଷିଦ୍ଧ ।" ଏହା ଶୁଣି ଶ୍ରୀଚୈତନ୍ୟ ଦେବ କହିଲେ, "ଏହା ଠିକ୍ କଥା ନୁହେଁ । ବ୍ରାହ୍ମଣଙ୍କ ଅଙ୍ଗ ଭକ୍ତିମୟ । ବ୍ରାହ୍ମଣଙ୍କ ଅଙ୍ଗରେ ଶ୍ରୀକୃଷ୍ଣଙ୍କ ବାସ । ସୁତରାଂ ଶ୍ରୀକୃଷ୍ଣ ଓ ବ୍ରାହ୍ମଣଙ୍କ ମଧ୍ୟରେ ପାର୍ଥକ୍ୟ ବିଚାର କରିବା କଦାପି ଉଚିତ ନୁହେଁ । ଉପଦିଷ୍ଟ ନୋହିଲେ ମଧ୍ୟ ଦାସେ ବ୍ରହ୍ମମୟ ଶରୀରଧାରୀ ।" ବାସ୍ତବିକ ଦୟାମୟ ଭଗବାନ ଅହୈତୁକ ଦୟା ପ୍ରକାଶ କରି ଭକ୍ତମାନଙ୍କୁ ନିଜ ଆଡ଼କୁ ଆକର୍ଷଣ

 ସିଦ୍ଧ ଅତିବଡ଼ି ଜଗନ୍ନାଥ ଦାସ ଗୋସ୍ୱାମୀ

କରିବା ପାଇଁ ସ୍ୱୟଂ ଗୁରୁ ରୂପରେ ପ୍ରକାଶିତ ହୋଇ ସେମାନଙ୍କୁ ମହା ଅନୁଗ୍ରହ କରି ଥାଆନ୍ତି, ଏହା ଗୁରୁଗୀୟ ସାଧକ ଓ ଭକ୍ତବୃନ୍ଦ ଉତ୍ତମରୂପେ ବୁଝନ୍ତି, ଏବଂ ଅସ୍ମାନଙ୍କର ଦାସେ ମଧ୍ୟ ତାହା ଉତ୍ତମ ରୂପେ ଉପଲବ୍ଧି କରିଥିଲେ । ତେଣୁ ସେ ନିଜକୃତ ଓଡ଼ିଆ ଭାଗବତରେ ଲେଖି ଯାଇ ଅଛନ୍ତି :—

'ସର୍ବ ଶରୀର ମଧ୍ୟେ ସାର, ଦୁର୍ଲଭ ନର କଳେବର ।
ସୁଲଭ ନାବ ରୂପେ ଘଟେ, ବହନ ଭବ ସିନ୍ଧୁ ତଟେ ।
ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର ।
ଏମନ୍ତ ନାବ ଥାଇଁ ଜନେ, ଯେବା ନ ତରେ ଭବ ଜଳେ,
ସେ ନର ହୀନ ମୂଢ଼ମତି, ତାହାକୁ ବୋଲି ଅସ୍ୱଘାତୀ ।''

ଜଗନ୍ନାଥ ଦାସେ ବଡ଼ ଜାଗରମାନ ଲୋକ ଥିଲେ । ସେ ଶୁଣି ପାରିଲେ ଯେ, ଗୌଡ଼ୀୟ ବୈଷ୍ଣବମାନେ ଶ୍ରୀଚୈତନ୍ୟଙ୍କ ଆଗରେ ଅପତ୍ତି କରୁଅଛନ୍ତି ଯେ, ଦାସେ ବୈଷ୍ଣବ ଧର୍ମ—ଦୀକ୍ଷିତ ନୁହନ୍ତି । ତେଣୁ ତାଙ୍କ ମନ ଦୀକ୍ଷା ଗ୍ରହଣ ପାଇଁ ବ୍ୟାକୁଳ ହୋଇ ଉଠିଲା । ସେ ଅତି ଆଗ୍ରହରେ ଶ୍ରୀଚୈତନ୍ୟ ଦେବଙ୍କ ନିକଟରେ ଉପସ୍ଥିତ ହେଲେ । ସେତେବେଳେ ଶ୍ରୀଚୈତନ୍ୟ ଦେବ କାଶୀ ମିଶ୍ରଙ୍କ ଘରେ ଅବସ୍ଥାନ କରୁଥିଲେ । କାଶୀ ମିଶ୍ରଙ୍କ ଘର ବର୍ତ୍ତମାନ ରାଧାକାନ୍ତ ମଠ ନାମରେ ଖ୍ୟାତ । ଦାସେ ଦୁଇ ହାତରେ ଦୁଇଟି ପେଡ଼ି କୁଣ୍ଡଅରେ ମହାପ୍ରସାଦ ଧରି ଉକ୍ତ ମଠରେ ପହଞ୍ଚିଲେ । ସେତେବେଳକୁ ଚୈତନ୍ୟ ସମୁଦ୍ର ସ୍ନାନ ସମାପ୍ତ କରି ମଠସ୍ଥ ସ୍ୱୀୟ ପ୍ରକୋଷ୍ଠରେ ଅବସ୍ଥାନ କରୁଥାଆନ୍ତି । ଦାସେ ହସ୍ତପ୍ରକ୍ଷାଳନ କରି ତାହାଙ୍କୁ ନମସ୍କାର କରନ୍ତେ ସେ ତାହାଙ୍କୁ ମହା ସମାଦରରେ କହିଲେ, "ପଣ୍ଡିତ ଉତ୍ତମସ୍ୱ ଦାସ ଅପଣେ ! ଅସିବା ହେଉ ।" ତାହା ଶୁଣି ଦାସେ ଯୁକ୍ତକରରେ ଅତି ବିନୟରେ କହିଲେ, "ଅଜ୍ଞା ! ମୁଁ ଅଦୀକ୍ଷିତ । ମୋତେ ସ୍ପର୍ଶ କରନ୍ତୁ ନାହିଁ । ଦୟା କରି ମୋତେ ଦୀକ୍ଷା ପ୍ରଦାନ କରନ୍ତୁ ।" ଏହା ଶୁଣି ଶ୍ରୀଚୈତନ୍ୟ ଦେବ ଅତ୍ୟନ୍ତ ଆନନ୍ଦିତ ହୋଇ ମତ୍ତ ବଳରାମ ଦାସଙ୍କ ଆଡ଼କୁ ଚାହିଁଲେ ଏବଂ ଏହାଙ୍କୁ ଦୀକ୍ଷା ପ୍ରଦାନ କର ବୋଲି ଇଙ୍ଗିତ କଲେ । ଦାସେ ଯେପରି ଗୁରୁ ଆକାଙ୍କ୍ଷା କରୁଥିଲେ ତଦନୁରୂପ ଗୁରୁ ପାଇଲେ ।

ପ୍ରେମରେ ସେ ବୈଷ୍ଣବ ଧର୍ମ ଗ୍ରହଣ କରି ପ୍ରତ୍ୟହ ଶ୍ରୀ ଜଗନ୍ନାଥଙ୍କର ଅଳତି, ଅବକାଶ, ଧୂପ, ବଡ଼ ସିଂହାର ଆଦି ସେବାରେ ଖଟି ଥାଆନ୍ତି । ମହାପ୍ରଭୁଙ୍କର ପହଡ଼ ପରେ ଦାସେ ନିଜ ଆଶ୍ରମକୁ ଫେରୁଥିଲେ ।

ଜଗନ୍ନାଥ ଦାସ ସ୍ୱୀୟ ଗୁରୁ ବଳରାମ ଦାସଙ୍କୁ ଯେପରି ସମ୍ମାନ ଦେଖାଉଥିଲେ, ଶ୍ରୀଚୈତନ୍ୟ ଦେବଙ୍କୁ ମଧ୍ୟ ସେହିପରି ସମ୍ମାନ ଦେଖାଉଥିଲେ । ପ୍ରତିଦିନ ପ୍ରଭାତରୁ ଗାତ୍ରୋତ୍ଥାନ କରି ଗୁରୁଙ୍କୁ ଦଣ୍ଡବତ କରୁଥିଲେ ଓ ଗୁରୁଙ୍କ ନିମନ୍ତେ ଦନ୍ତକାଷ୍ଠ ଓ ମୁଖ ପ୍ରକ୍ଷାଳନାର୍ଥ ଜଳ ଯୋଗାଇ ରଖୁଥିଲେ; ସ୍ନାନାର୍ଥ ଜଳଦାନ, ଶଯ୍ୟାମାର୍ଜନ ଓ ଦଣ୍ଡକମଣ୍ଡଳୁ ମାର୍ଜନାଦି ଗୁରୁଙ୍କର ନାନାବିଧ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ତାଙ୍କୁ "ହରେରାମ କୃଷ୍ଣ" ମନ୍ତ୍ର ଭଜନ କରୁଥିବା ଦେଖି ଶ୍ରୀଚୈତନ୍ୟ ସନ୍ତୁଷ୍ଟ ହୋଇ ତାଙ୍କୁ ପଚାରିଲେ, "ଦାସେ ! ଆପଣଙ୍କ ଗତି ଦେଖିଲେ ଜଣାଯାଏ, ଅପଣ ସାଧକ ନୁହନ୍ତି, ନିତ୍ୟସିଦ୍ଧ । ଅପଣ ପୂର୍ବତନ ସିଦ୍ଧ ଶରୀର କିପରି ପାଇଲେ, କହିବା ହେଉନ୍ତୁ ।" ତାହା ଶୁଣି ଦାସେ କହିଲେ, "ମହାପ୍ରଭୋ ! ଅପଣ ତ ଅନ୍ତର୍ଯ୍ୟାମୀ, ଅପଣଙ୍କୁ କେଉଁ କଥା ଅଗୋଚର ? ଅପଣ ଯେତେବେଳେ ପଚାରୁ-ଅଛନ୍ତି ଅପଣଙ୍କୁ ଅବଶ୍ୟ ମୋର କହିବା ଉଚିତ । ବୈକୁଣ୍ଠ-ପୁରରେ ସୁବର୍ଣ୍ଣପୀଠସ୍ଥିତ ମଣିମଣ୍ଡିତ ମଣ୍ଡପରେ ଯୁଗଳମୂର୍ତ୍ତିଙ୍କର ପ୍ରକାଶ ସ୍ମରଣ କରି ମୁଁ ଯେତେବେଳେ ଭାବାବିଷ୍ଟ ହେଲି, ସେତେବେଳେ ମୋର ବାହ୍ୟଜ୍ଞାନ ଏକାବେଳେ ଅନ୍ତର୍ହିତ ହୋଇଥିଲା । ଉପଲବ୍ଧ କଲି, ନିତ୍ୟ ବୈକୁଣ୍ଠଧାମରେ ଶ୍ରୀମଦ୍‌ରାଧାକୃଷ୍ଣ ଏକତ୍ରାବସ୍ଥିତ ଥିଲେ; ପରସ୍ପର ପରସ୍ପର ପ୍ରତି ଆନନ୍ଦରେ ନିରୀକ୍ଷଣ କଲେ; ଭଗବାନ୍ ଶ୍ରୀମତୀ ରାଧାରାଣୀଙ୍କ ମୁଖକୁ ଚାହିଁ ମଧୁରହାସ୍ୟ ପ୍ରକାଶ କଲେ; ସେ ହାସ୍ୟରୁ କୋଟିବ୍ରହ୍ମାଣ୍ଡ ଜାତ ହେଲା । ଅପଣ ମଧ୍ୟ ସେହି ହାସରୁ ଅବିର୍ଭୂତ ହେଲେ । ମୁଁ ରାଧାଙ୍କ ହାସରୁ ସମ୍ଭୂତ ହୋଇ ଅପଣଙ୍କ ନିକଟରେ ଉପସ୍ଥିତ ହେଲି । ପ୍ରଭୁ ଅପଣଙ୍କୁ ଅଜ୍ଞା ଦେଲେ, 'ଯାଅ, ମର୍ତ୍ତ୍ୟରେ ଅବତାର ଗ୍ରହଣ କରି କଳିକଳୁଷିତ ଜନମାନଙ୍କୁ ହରିନାମ କୀର୍ତ୍ତନ କରାଇ ଚୈତନ୍ୟ ପ୍ରଦାନ କର । ଏହି ସୂତ୍ରରେ ତୁମ୍ଭର ଚୈତନ୍ୟ ନାମ ହେବ ।' ଅନନ୍ତର ମୋତେ ଅଜ୍ଞା ଦେଲେ, 'ଯାଅ, ତୁମ୍ଭେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇ ଏହି ମୂର୍ତ୍ତି ଧ୍ୟାନ କରୁଥିବ । ଅନ୍ତକାଳରେ ଏହି ଗତି ପାଇବ ।'' ଏହା ଶୁଣି ଶ୍ରୀଚୈତନ୍ୟ ଭାବଗଦ୍‌ଗଦ ହୋଇ କହିଲେ, "ଏ ଅତି ଅପୂର୍ବ ରହସ୍ୟ । ଯେଉଁ ରାଧିକା ଶ୍ରୀକୃଷ୍ଣଙ୍କର ପ୍ରେମର ସର୍ବସ୍ୱ, ତୁମ୍ଭେ ସେହି ରାଧାଙ୍କର ଅଂଶ । ଅଃ ! ଏ ଅତି ଚମତ୍କାର ଭାବ !" ଦାସଙ୍କୁ ସମ୍ବୋଧନ କରି ଚୈତନ୍ୟ ଦେବ କହିଲେ, 'ଦାସେ ! ଅପଣ ଅତି ବଡ଼ ।' ଏହା କହି ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟ ତାହାଙ୍କ ମୁଣ୍ଡରେ ବାନ୍ଧି ଦେଲେ । ସେହି ଦିନଠାରୁ ଲୋକେ ତାହାଙ୍କୁ 'ଅତିବଡ଼ି ଗୋସ୍ୱାମୀ' ବୋଲି ଡାକିଲେ । ତାହାଙ୍କ ପ୍ରତିଷ୍ଠିତ ସମ୍ପ୍ରଦାୟକୁ 'ଅତି ବଡ଼ୀ ସମ୍ପ୍ରଦାୟ' କୁହାଯାଏ ।

ଶାସ୍ତ୍ରରେ ଲେଖା ଅଛି, କୃଷ୍ଣରତି ଦୁଇପ୍ରକାର; ଯଥା—ଐଶ୍ୱର୍ଯ୍ୟ ଜ୍ଞାନମିଶ୍ରା ଏବଂ କେବଳା ବା ଐଶ୍ୱର୍ଯ୍ୟ-ଜ୍ଞାନଶୂନ୍ୟା । କେହି କେହି ଅତିବଡ଼ି ଗୋସ୍ୱାମୀଙ୍କୁ ଐଶ୍ୱର୍ଯ୍ୟ ଜ୍ଞାନମିଶ୍ରା କୃଷ୍ଣରତିର ଉପାସକ ଶ୍ରେଣୀୟ ବୋଲି କହିଥାଆନ୍ତି ।

ଥରେ ଉତ୍କଳର ମହାରାଜା ପ୍ରତାପରୁଦ୍ର ଦେବ ଜଗନ୍ନାଥ ଦର୍ଶନକୁ ଯାଇଥିଲେ, ଏମନ୍ତ ସମୟରେ ଶ୍ରୀଚୈତନ୍ୟଙ୍କ ସଙ୍ଗେ ମନ୍ଦିରରେ ତାଙ୍କର ଭେଟ ହେଲା ।

ମହାରାଜ ଶ୍ରୀଚୈତନ୍ୟଙ୍କୁ ପଚାରିଲେ, "ଜଗନ୍ନାଥ ମୂର୍ତ୍ତିରେ କିପରି ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ଭାବ ଉପଲବ୍ଧି କରି ପାରିବି, ଏହା ମୋତେ ଅନୁଗ୍ରହ କରି ବୁଝାଇ ଦିଅନ୍ତୁ।" ଏହା ଶୁଣି ଶ୍ରୀଚୈତନ୍ୟ ଦେବ ଉତ୍ତର ଦେଲେ 'ଅମ୍ଭ ଅତିବଡ଼ି ସ୍ୱାମୀ ତାହା ଆପଣଙ୍କୁ ସ୍ପଷ୍ଟଭାବେ ବୁଝାଇ ଦେବେ।" ତହୁଁ ଅତିବଡ଼ି ସ୍ୱାମୀ ଶ୍ରୀ ଜଗନ୍ନାଥ ଦାସ ମହାରାଜ ପ୍ରତାପରୁଦ୍ର ଦେବଙ୍କୁ ତାହା ବୁଝାଇ ଦେବାରୁ ରାଜା ତାଙ୍କଠାରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କର ଭକ୍ତ ଓ ବଶୀଭୂତ ହେଲେ। ଶ୍ରୀ ଜଗନ୍ନାଥ ମନ୍ଦିରର ବାୟୁ କୋଣରେ ମାର୍କଣ୍ଡେୟ ତୀର୍ଥର ଅନତିଦୂର ଦକ୍ଷିଣରେ ନିଜ ରାଣୀଙ୍କର ଗ୍ରୀଷ୍ମରେ ଅବସ୍ଥାନ ନିମନ୍ତେ ମହାରାଜଙ୍କର ଯେଉଁ ରାଜପ୍ରାସାଦ ନିର୍ମିତ ହୋଇଥିଲା, ତହିଁରେ ଜଗନ୍ନାଥ ଦାସଙ୍କୁ ରହିବାକୁ ମହାରାଜ ପ୍ରାର୍ଥନା କଲେ। ଅତିବଡ଼ି ସ୍ୱାମୀ ପ୍ରଥମେ ସେଠାରେ ରହିବାକୁ ଅନିଚ୍ଛୁକ ଥିଲେ ମଧ୍ୟ ମହାରାଜଙ୍କର ସେବାରେ ଓ ଭକ୍ତିରେ ସନ୍ତୁଷ୍ଟ ହୋଇ କିଛି କାଳ ସେଠାରେ ଅବସ୍ଥାନ କଲେ। ବର୍ତ୍ତମାନ ତାହା ଓଡ଼ିଆମଠ ନାମରେ ଖ୍ୟାତ।

ଅନନ୍ତର ଅତିବଡ଼ି ସ୍ୱାମୀ ସଂସାର କୋଳାହଳ ବର୍ଜିତ ସମୁଦ୍ରତୀରବର୍ତ୍ତୀ ବାଲୁକାମୟ ଭୂମିରେ ଏକ ନିର୍ଜନ ଭଜନକୁଟୀ ସ୍ଥାପନ କଲେ। ଏହାର ଆଧୁନିକ ନାମ ସାତଲହରି ମଠ। ଏହି ମଠଟି ଶଙ୍କରାଚାର୍ଯ୍ୟ ମଠର ଦକ୍ଷିଣରେ ଅବସ୍ଥିତ। ଏଠାରେ ଜଗନ୍ନାଥ ଦାସଙ୍କର ମଣିବନ୍ଧ (ପ୍ରସ୍ତର-ମୂର୍ତ୍ତି) ବିଦ୍ୟମାନ। କଥିତ ଅଛି ଶ୍ରୀ ଅତିବଡ଼ି ସ୍ୱାମୀ ସମୁଦ୍ରତରଙ୍ଗର ଘୋର ଗର୍ଜନ ଯୋଗୁଁ ଭଜନସ୍ମରଣରେ ଅସୁବିଧା ଅନୁଭବ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର କୃପାପ୍ରାର୍ଥୀ ହେବାରୁ ପ୍ରଭୁଙ୍କ ଆଜ୍ଞାରେ ସମୁଦ୍ର ସାତ ସ୍ତର ଲହରୀର ଦୂରତା ପର୍ଯ୍ୟନ୍ତ ଦୂରକୁ ଘୁଞ୍ଚି ଯାଇଥିଲା। ତେଣୁ ସେହି ଦିନଠାରୁ ଉକ୍ତ ମଠଟିର ନାମ ସାତଲହରି ମଠ ହୋଇଅଛି।

ପ୍ରତିଦିନ ରାତିରେ ଶ୍ରୀ ଜଗନ୍ନାଥ ଦେବଙ୍କ ପହୁଡ଼ ପରେ ମେଧା ଓ ସୁମେଧା ନାମରେ ପରମା ସୁନ୍ଦରୀ ଦୁଇ ଜଣ ସଖୀ (ଦେବଦାସୀ) ଅତିବଡ଼ି ସ୍ୱାମୀଙ୍କ ଆଶ୍ରମକୁ ଆସି ତାହାଙ୍କ ସେବା କରୁଥାଆନ୍ତି। ଏହା ଶୁଣି ମହାରାଜ ପ୍ରତାପରୁଦ୍ର ଦେବ ବିସ୍ମିତ ଓ ଦୁଃଖିତ ହୋଇ ଅତିବଡ଼ି ସ୍ୱାମୀଙ୍କ ଚରିତ୍ରରେ କଳଙ୍କ ଆଶଙ୍କା କରି ସ୍ୱୟଂ ଅର୍ଦ୍ଧରାତ୍ରି ସମୟରେ ଅଜ୍ଞାତ ଭାବେ କରି ତାହା ପ୍ରତ୍ୟକ୍ଷ କଲେ। ମାତ୍ର ଭକ୍ତାବତାର ଅନ୍ତର୍ଯ୍ୟାମୀ ଅତିବଡ଼ିସ୍ୱାମୀ ତାହା ଜାଣି ପାରି ରାଜାଙ୍କୁ ଉଦ୍ଦେଶ୍ୟ କରି କହିଲେ, 'ମହାରାଜ! ଆପଣଙ୍କ ଅନ୍ତଃପୁରରେ ମହାଦେଈଙ୍କୁ ଯେପରି ପରିଚାରିକାମାନେ ସେବା କରନ୍ତି, ମୋତେ ମଧ୍ୟ ଏହି ଦୁଇଟି ଭକ୍ତିସ୍ୱରୂପା ସ୍ତ୍ରୀ ଆସି ସେବା କରନ୍ତି।' ମହାରାଜା ତହୁଁ ଏ ଦୁଇଟି ସ୍ତ୍ରୀଙ୍କୁ ଧରିବାକୁ ଚେଷ୍ଟା କରିବାରୁ ଉକ୍ତ ସ୍ତ୍ରୀ ଦୁହେଁ ବୃନ୍ଦ ବୃନ୍ଦ ଅନ୍ତର୍ହିତା ହୋଇଗଲେ। ଏହା ଦେଖି ରାଜା ଭୟରେ ଓ ଭକ୍ତିରେ ବିହ୍ୱଳ ହୋଇ ଅତିବଡ଼ି ସ୍ୱାମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ। ଆଉ ଦିନେ ମହାରାଜ ବହୁ ମୂଲ୍ୟର ଚନ୍ଦନକାଠ କିଣି ଜଗନ୍ନାଥ ମହାପ୍ରଭୁଙ୍କଠାରେ ତାହା ଲାଗି କରିବା ନିମନ୍ତେ ଅତିବଡ଼ି ସ୍ୱାମୀଙ୍କ ହସ୍ତରେ ଅର୍ପଣ କଲେ। ମାତ୍ର ସ୍ୱାମୀ ସେହି ଚନ୍ଦନ ଘୋରି ତାଙ୍କ ଆଶ୍ରମର କାନ୍ଥରେ ବୋଳି ଦେଲେ। ମହାରାଜ ଏହା ଶୁଣି ଭାରି ବଡ଼ ଦୁଃଖିତ ହେଲେ; କିନ୍ତୁ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସି ଦେଖିଲେ ଯେ, ସେହି ଚନ୍ଦନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ବୋଳା ହୋଇଅଛି। ଅତିବଡ଼ି ସ୍ୱାମୀ ଏହିପରି ଅନେକ ଚମତ୍କାର ମହିମା ପ୍ରକାଶ କରି ଭକ୍ତମାନଙ୍କର ହୃଦୟ ବଶୀଭୂତ କରିଥିଲେ।

କିଛି ଦିନ ପରେ ଦିନେ ଶତ ଶିଷ୍ୟ ପରିବେଷ୍ଟିତ ବ୍ରହ୍ମାନନ୍ଦ ନାମକ ଜନୈକ ମାୟାବାଦୀ ସନ୍ନ୍ୟାସୀ ଆସି ଶ୍ରୀକ୍ଷେତ୍ରରେ ଉପସ୍ଥିତ ହେଲେ। ତାଙ୍କ ହସ୍ତରେ ଗୋଟିଏ ପତାକା ଥିଲା; ସଙ୍ଗରେ ଗୋଟିଏ ତ୍ରିକୋଣାକାର ଛତ୍ର ଥିଲା। ସେ ମହାରାଜାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, "ପଣ୍ଡିତମାନଙ୍କୁ ଡାକନ୍ତୁ, ମୋତେ ବ୍ରହ୍ମଭିକ୍ଷା ଦିଅନ୍ତୁ। ବ୍ରହ୍ମତତ୍ତ୍ୱରେ ମୋତେ ପରାଜୟ କଲେ ମୁଁ ଦୀକ୍ଷା ଗ୍ରହଣ କରିବି। ନଚେତ୍ ମୁଁ ଏଠାରୁ ଗୋଟିଏ ଚତୁଷ୍କୋଣ ଛତ୍ର ନେଇ ବିଦାୟ ଗ୍ରହଣ କରିବି।" ତହୁଁ ମହାରାଜ ପ୍ରତାପରୁଦ୍ରଦେବ ଅତିବଡ଼ି ସ୍ୱାମୀଙ୍କୁ ଡକାଇ ସନ୍ନ୍ୟାସୀଙ୍କ ସଙ୍ଗେ ତର୍କ କରିବାକୁ ଅନୁରୋଧ କଲେ। ଶ୍ରୀ ଅତିବଡ଼ି ସ୍ୱାମୀ ଯୁକ୍ତି ତର୍କରେ ଅଦ୍ୱୈତବାଦ ଖଣ୍ଡନ କରି ସ୍ୱୀୟ ପ୍ରବର୍ତ୍ତିତ ଅଚିନ୍ତ୍ୟ ଭେଦାଭେଦ ଭାବ ପ୍ରତିପାଦନ କଲେ। ଏଥିରେ ବ୍ରହ୍ମାନନ୍ଦଙ୍କର ଗର୍ବ ଚୂର୍ଣ୍ଣୀଭୂତ ହେଲା। ସେ ଛତ୍ର ଓ ପତାକା ତ୍ୟାଗ କରି ସନ୍ନ୍ୟାସଗ୍ରହଣପୂର୍ବକ ଦାକ୍ଷିଣାତ୍ୟକୁ ଯାତ୍ରା କଲେ।

ଦିନେ ମହାରାଜ ପ୍ରତାପରୁଦ୍ରଦେବ ଜଗନ୍ନାଥ ଦର୍ଶନ ସାରି ବଟମୂଳ ପର୍ଯ୍ୟନ୍ତ ଗଲେ। ବଟମୂଳରେ ଅତିବଡ଼ି ସ୍ୱାମୀଙ୍କୁ ଦର୍ଶନ କରି ମହାରାଜାଙ୍କର ଭାବାବେଶ ହେଲା। ସେ ଚକ୍ଷୁରୁନ୍ମୀଳନ କରି ଦେଖିଲେ—

"ଅଷ୍ଟବାହୁର୍ଜଗନ୍ନାଥ ଦାସୋବଶୀ ଧନୁଃ ଶରାନ୍,
ଶଙ୍ଖଚକ୍ରଗଦାପଦ୍ମଂ ବିଭ୍ରତ୍‌କ୍ଷ୍ୟାମୋଽଭବତ୍ତଦା।

ଅର୍ଥାତ୍ ଅତିବଡ଼ି ଜଗନ୍ନାଥ ଦାସ ଅଷ୍ଟଭୁଜ ହୋଇଅଛନ୍ତି; ସେ ଚାରିଗୋଟି ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଦୁଇଟି ହସ୍ତରେ ଧନୁଶର ଏବଂ ଅପର ଦୁଇଗୋଟି ହସ୍ତରେ ବଂଶୀ-ଧାରଣପୂର୍ବକ ଅଚିନ୍ତ୍ୟ ଶକ୍ତିସମ୍ପନ୍ନ ଶ୍ୟାମବର୍ଣ୍ଣ ରୂପରେ ବିଦ୍ୟମାନ। ଦିନେ ପ୍ରତାପରୁଦ୍ରଦେବ ଶ୍ରୀଚୈତନ୍ୟଙ୍କୁ କହିଲେ, ଆମ୍ଭର ଶ୍ରୀମଙ୍ଗଳା ଗୌରୀ ପାଟମହାଦେଈଙ୍କୁ ମନ୍ତ୍ରୋପଦେଶ ଦେବା ନିମନ୍ତେ ଶ୍ରୀଗୁରୁ ଦରକାର। ଏହା ଶୁଣି ଚୈତନ୍ୟ ଅତିବଡ଼ି ସ୍ୱାମୀଙ୍କୁ କହିଲେ-'ଆପଣ ସ୍ତ୍ରୀଭାବ ଧାରଣ କରି ରାଣୀଙ୍କୁ ଦୀକ୍ଷାପ୍ରଦାନ କରନ୍ତୁ'। ଅତିବଡ଼ି ସ୍ୱାମୀ ସ୍ତ୍ରୀଭାବ ଧାରଣ କଲେ। ମହାରାଜ ତାହାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ସ୍ତ୍ରୀ

ଅଦ୍ଭୁତମାନ ଅବଲୋକନ କରି ଚମତ୍କୃତ ହୋଇ ତାହାଙ୍କୁ ସବିନୟ ସମ୍ବର୍ଦ୍ଧନା କରି ତାହାଙ୍କଠାରୁ ପାଟମହାଦେଇଙ୍କୁ ମନ୍ତ୍ରଗ୍ରହଣ କରାଇଲେ ।

ଏ 'ବୈଷ୍ଣବ ଉତ୍କଳଗ୍ରନ୍ଥ ଚୂଡ଼ାମଣି' ନାମକ ଗ୍ରନ୍ଥରେ ବର୍ଣ୍ଣିତ ଅଛି ।

ଅତିବଡ଼ ସ୍ୱାମୀଙ୍କ ମାହାତ୍ମ୍ୟ କ୍ରମେ କ୍ରମେ ଚତୁର୍ଦ୍ଦିଗରେ ପ୍ରଚରିତ ହେବାରୁ କେ ସ୍ତ୍ରୀ, କେ ପୁରୁଷ, ଦଳ ଦଳ ହୋଇ ଭକ୍ତିଯୁକ୍ତ ଭାବରେ ତାହାଙ୍କ ନିକଟରେ ଉପଗତ ହେଲେ । ସ୍ତ୍ରୀଲୋକମାନେ ସଙ୍କୋଚ ବୋଧ ନ କରି ବଟମୂଳରେ କଳ୍ପ ଉପାଖ୍ୟାନରେ ରୁଣ୍ଡ ହେଉଥିଲେ । ଅତିବଡ଼ ସ୍ୱାମୀଙ୍କର ୧୬ଜଣ ଶିଷ୍ୟ ଥିଲେ । ସେମାନେ ଓଡ଼ିଶାରେ ନାନା ସ୍ଥାନରେ ମଠମାନ ସଂସ୍ଥାପନ କରିଯାଇଅଛନ୍ତି ।

ଶ୍ରୀ ଅତିବଡ଼ ଜଗନ୍ନାଥ ଦାସ ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ । ଅଦ୍ୟାବଧି ତାହା ଓଡ଼ିଶାରେ ଧୃଇପଲ୍ଲୀମାନଙ୍କରେ ସର୍ବଦା ପାଠ କରାଯାଉଥିବା ଦେଖାଯାଏ । ଏହି ଗ୍ରନ୍ଥ ପ୍ରଣୟନ କରି ସେ ଉତ୍କଳର ମହୋପକାର ସାଧନ କରି ଯାଇଅଛନ୍ତି । ଏହା ଛଡ଼ା ସେ ସଂସ୍କୃତ ଓ ଉତ୍କଳ ଭାଷାରେ ଭକ୍ତିରସପୂର୍ଣ୍ଣ ବହୁତ ଗ୍ରନ୍ଥ ଲେଖିଯାଇ ଅଛନ୍ତି ।

୧୬୪୦ ଖ୍ରୀଷ୍ଟାବ୍ଦରେ ମାଘ ଶୁକ୍ଳପକ୍ଷ ସପ୍ତମୀ ଦିନ ଶ୍ରୀ ଅତିବଡ଼ସ୍ୱାମୀଙ୍କର ତିରୋଧାନ ହେଲା । ତାଙ୍କର ପୂତଃଶରୀର ଜ୍ୟୋତିରାକାର ଧାରଣ କରି ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଗଲା ।

ଶ୍ରୀ ଚୈତନ୍ୟ ଦେବଙ୍କ ସମୟରେ ଉତ୍କଳର ଯେଉଁ ବୈଷ୍ଣବ ମହାପୁରୁଷମାନେ ପ୍ରସିଦ୍ଧିଲାଭ କରିଥିଲେ ସେମାନେ ପଞ୍ଚସଖା ନାମରେ ବିଖ୍ୟାତ । ଏହି ପଞ୍ଚମୂର୍ତ୍ତି ବୈଷ୍ଣବ ମହାପୁରୁଷମାନେ ପରସ୍ପର ସଖା ଥିଲେ ବୋଲି ସେମାନଙ୍କର ନାମ ପଞ୍ଚସଖା ହୋଇଥିଲା । ସେମାନଙ୍କର ନାମ—

ଶ୍ରୀ ଅତିବଡ଼ ଜଗନ୍ନାଥ ଦାସ, ଶ୍ରୀ ବଳରାମ ଦାସ, ଶ୍ରୀ ଅନନ୍ତ ଦାସ, ଶ୍ରୀ ଯଶୋବନ୍ତ ଦାସ ଓ ଶ୍ରୀ ଅଚ୍ୟୁତାନନ୍ଦ ଦାସ । ଶ୍ରୀ ଅତିବଡ଼ ଜଗନ୍ନାଥ ଦାସଙ୍କ ପରେ ତାଙ୍କର ୧୬ ଶିଷ୍ୟଙ୍କ ମଧ୍ୟରୁ ସୁପ୍ରସିଦ୍ଧ ଗୋପୀନାଥ ଦାସ ପ୍ରଥମେ ଓଡ଼ିଆ ମଠର ଅଧିକାରୀ ହେଲେ । ତାଙ୍କର ଶିଷ୍ୟ ମାଧବାନନ୍ଦ ଓ ତାହାଙ୍କ ଶିଷ୍ୟ ମୁରାରି ଓ ଦ୍ୱାରିକାବଲ୍ଲଭ ଦାସ ଏମାନେ ଯଥାକ୍ରମେ ଓଡ଼ିଆ ମଠର ଅଧିକାରୀ ହେଲେ । ଅଧିକାରୀ ମୁରାରି ଦାସ ଗୋସ୍ୱାମୀ ଏ ମଠରେ ମୃତ୍ତିକା ନିର୍ମିତ ୩ ଗୋଟି ବୃହଦାକାର କନ୍ଦଅରେ ଶ୍ରୀମହାପ୍ରସାଦ ଭାତ (ଅର୍ଥାତ୍ ଅବଢ଼ା ତୋରାଣି) ରଖାଇ ଥିଲେ । ଅଦ୍ୟାବଧି ତୁବଡ଼ ଏହା ମଧ୍ୟ ଏ ମଠରେ ଦେଖାଯାଉଅଛି । ଏ ତୋରାଣି ଶୀତ ଓ ଗ୍ରୀଷ୍ମ ସମୟରେ ବମ୍ବେ, ମାଡ୍ରାଜ, ପଞ୍ଜାବ ଓ କଲିକତା ପ୍ରଭୃତିକୁ ରେଲ ଦ୍ୱାରା ପଠାଯାଉ ଅଛି । ଏ ମଧ୍ୟ ଟେଲେଗ୍ରାଫ ଦ୍ୱାରା କର୍ଣ୍ଣରେ ବ୍ୟୟ କରିଥିଲେ । ମୁରାରିଙ୍କ ଶିଷ୍ୟ ରାମକୃଷ୍ଣ; ତାହାଙ୍କ ଶିଷ୍ୟ ପୁରୁଷୋତ୍ତମ, ତାହାଙ୍କ ଶିଷ୍ୟ ମୁକୁନ୍ଦ ତାହାଙ୍କ ଶିଷ୍ୟ ବଂଶୀଧର ଦାସ । ଏ ଜଣେ ନୈଷ୍ଠିକ, ବିଦ୍ୱାନ୍ ଓ ସଜ୍ଜନ ସାଧୁ ଥାଇ ମଠୀୟ ସମ୍ପତ୍ତିର ସୁପରିଚାଳନା କରିଥିଲେ । ତାହାଙ୍କର ଶିଷ୍ୟ ଗୋଲାପ ଦାସ ଅତ୍ୟନ୍ତ ବିଦ୍ୱାନ୍ ଥିଲେ । ଉକ୍ତ ମହାତ୍ମା ମଠର ଶ୍ରୀବୃଦ୍ଧି କାମନାରେ ଢେଙ୍କାନାଳ, ତାଳଚେର, ଖଡ଼ଗଡ଼, କେନ୍ଦୁଝର, ବଳରାମପୁର, ଆଠଗଡ଼, ଖଣ୍ଡପଡ଼ା, ରଣପୁର, ଦସପଲ୍ଲା ପ୍ରଭୃତି ରାଜ୍ୟରୁ ଏବଂ ପୁରୀ, କଟକ, ବାଲେଶ୍ୱର ଜିଲ୍ଲାମାନଙ୍କରୁ ବହୁ ସମ୍ପତ୍ତି ଉପାର୍ଜ୍ଜନ କରିଥିଲେ । ଏ ମହାତ୍ମା ପ୍ରତ୍ୟହ ସନ୍ଧ୍ୟା, ତର୍ପଣ, ପୂଜା, ହୋମ ପୁରାଣପାଠ କରି ଶ୍ରୀ ଜଗନ୍ନାଥଦେବଙ୍କ ଦର୍ଶନ କରୁଥିଲେ; ବ୍ରାହ୍ମଣ ଓ ବୈଷ୍ଣବମାନଙ୍କୁ ଯଥାବିଧି ଅର୍ଚ୍ଚନା କରୁଥିଲେ । ସେ ମଧ୍ୟ ପୁରୀର ପଞ୍ଚାୟତ କମିଟିର ମେମ୍ବର ଥିଲେ । ତାହାଙ୍କ ଶିଷ୍ୟ ରାମଚନ୍ଦ୍ର ଦାସ; ତାଙ୍କ ଶିଷ୍ୟ ବୈକୁଣ୍ଠନାଥ ଶ୍ରୀ ରାମକୃଷ୍ଣ ଦାସ ଗୋସ୍ୱାମୀ ଏହି ମଠର ପୂର୍ବତନ ଅଧିକାରୀ । ଏ ମହାତ୍ମା ବିଦ୍ୱାନ୍, ବାଗ୍ମୀ, ସ୍ୱଧର୍ମପରାୟଣ, ସାଧୁଚରିତ ଓ ପରମ ବୈଷ୍ଣବ ଥିଲେ । ମଠରେ ସଂସ୍କୃତ ଟୋଲ ଏହାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏ ମହାଶୟ ଜଗନ୍ନାଥବଲ୍ଲଭ ଏଣ୍ଡାଉମେଣ୍ଟ କମିଟିର ଜଣେ ସଭ୍ୟ ଥିଲେ । ଏହା ଛଡ଼ା ସେ ପୁରୀର ଅବୈତନିକ ମ୍ୟାଜିଷ୍ଟ୍ରେଟ୍ ଥିଲେ ଏବଂ ଦେଶହିତକର କାର୍ଯ୍ୟମାନଙ୍କରେ ମଧ୍ୟ ଅର୍ଥ ସାହାଯ୍ୟ କରୁଥିଲେ । ଏ ମହାତ୍ମା ନିତ୍ୟନୈମିତ୍ତିକ କର୍ମମାନ ଯଥାବିଧି ସମାଧାନ କରୁଥିଲେ; ବ୍ରାହ୍ମଣ, ବୈଷ୍ଣବ ଓ ଅନ୍ୟାନ୍ୟ ଶ୍ରେଣୀୟ ଲୋକମାନଙ୍କୁ ସମଦୃଷ୍ଟିରେ ଦେଖୁଥିବାରୁ ସର୍ବଜନ ଶ୍ରଦ୍ଧେୟ ହୋଇ ଥିଲେ । ସେ ମଠର ସମୁନ୍ନତି ସାଧନ କରିବା ନିମନ୍ତେ କେତେକ ଭୂସମ୍ପତ୍ତି ଅର୍ଜ୍ଜନ କରିପାରିଅଛନ୍ତି । ଏହାଙ୍କର ଶିଷ୍ୟ ମଠର ବର୍ତ୍ତମାନ ଅଧିକାରୀ ଶ୍ରୀ ବୃନ୍ଦାବନ ଦାସ ଗୋସ୍ୱାମୀ । ଏ ମହାଶୟ ବିଦ୍ୱାନ୍, ବାଗ୍ମୀ, ଦାନଶୀଳ, ଧର୍ମପରାୟଣ ଓ ଜିତେନ୍ଦ୍ରିୟ ଅଟନ୍ତି; ଗୁରୁଙ୍କ ଆଦର୍ଶରେ ଜୀବନ ଗଠନ କରି ମଠୀୟ ସମ୍ପତ୍ତିର ସୁପରିଚାଳନାରେ ସର୍ବଦା ତତ୍ପର । ବ୍ରାହ୍ମଣ, ବୈଷ୍ଣବ, ଅତିଥି ଓ ଅଭ୍ୟାଗତ, ଯେ କେହି ପ୍ରାର୍ଥୀ ଏହାଙ୍କ ନିକଟରେ ଉପସ୍ଥିତ ହେଲେ ନିରାଶ ହୋଇ ଫେରନ୍ତି ନାହିଁ । ଏ ମହାଶୟ ଦେଶହିତକର କାର୍ଯ୍ୟରେ ଅର୍ଥସାହାଯ୍ୟ କରିବାରେ କୁଣ୍ଠିତ ହୁଅନ୍ତି ନାହିଁ; ବିଶେଷତଃ, ଗତ ପ୍ରବଳ ବନ୍ୟାରେ ବିପନ୍ନ ଲୋକମାନଙ୍କୁ ଧାନ ଚାଉଳ ସାହାଯ୍ୟ କରିଅଛନ୍ତି । ଶ୍ରୀଜଗନ୍ନାଥ ଦେବଙ୍କ ନୈବେଦ୍ୟ ପାଇଁ ମଠରେ ଯାହା ଯାହା ଖଞ୍ଜା ଅଛି ତାହା ଉତ୍ତମରୂପେ ଚଳାଉଅଛନ୍ତି । ଶ୍ରୀଜଗନ୍ନାଥ ଦେବଙ୍କ ରତ୍ନସିଂହାସନସ୍ଥ ଜଗମୋହନକୁ ସନ ୧୯୩୬ ମସିହାରେ ବହୁ ଅର୍ଥ ବ୍ୟୟ କରି ନୂତନଭାବେ ନିର୍ମାଣ କରାଇ ଅଛନ୍ତି ଏବଂ ଉକ୍ତ ସିଂହାସନର ପଶ୍ଚାଦ୍‌ଭାଗ କଳା ମର୍ମର ପଥରରେ ନିର୍ମାଣ କରାଇବାଦ୍ୱାରା ତାହାର ପରମ ଶୋଭା

ବର୍ତ୍ତିତ କରୁଅଛନ୍ତି । ଅନନ୍ତ ଗୋସ୍ୱାମୀଙ୍କଠାରୁ ଏ ପର୍ଯ୍ୟନ୍ତ ମଠରେ ଏକାଦଶ ପୀଢ଼ି ଗୋସ୍ୱାମୀମାନଙ୍କର ଅବସ୍ଥାନ ହେଲା । ପୂର୍ବୋକ୍ତ ଗୋସ୍ୱାମୀ ମୁକୁନ୍ଦ ଦାସ ୫ ଗୋଟି ଶିଷ୍ୟ କରି ପ୍ରଧାନ ଶିଷ୍ୟଙ୍କୁ ନିଜ ମଠରେ ଗାଦିନସୀନ କରାଇ ଅପର ୪ ଗୋଟିଙ୍କୁ ମଠର ଚତୁଃପାର୍ଶ୍ୱରେ ରଖାଇ ପୁରୀ, କଟକ, ବାଲେଶ୍ୱର ଓ ଖୋରଧା ଅଞ୍ଚଳରେ ସେମାନଙ୍କ ଚଳାଚଳ ପାଇଁ କେତେକ ଭୂସମ୍ପତ୍ତି ଖଞ୍ଜି ଦେଇ ଯାଇଅଛନ୍ତି । ଉକ୍ତ ୪ ଗୋଟି ମଠ ଅଦ୍ୟାବଧି ବଡ଼ ଓଡ଼ିଆ ମଠର ଅଧୀନ ଥାଇ ଚଳି ଆସୁଅଛି । ଯଥା—୧ ସାନ ଓଡ଼ିଆ ମଠ, ୨ ମଧୁ ଦାସ ମଠ, ୩ ବନମାଳି ଦାସ ମଠ ଓ ୪ ଭାଗବତ ଦାସ ମଠ ।

ଏହା ଛଡ଼ା ପୁରୀ କୃଷ୍ଣାଇବେଣ୍ଟସାହି ଓ ଦାଣ୍ଡିମାଳସାହିରେ ଅନ୍ୟୂନ ୧୫।୧୬ଟି ମଠ ଅଛି । ସେହି ସବୁ ମଠର ଅଧିକାରଗଣ ବଡ଼ ଓଡ଼ିଆ ମଠର ନେତୃତ୍ୱ ସ୍ୱୀକାର କରିଥାଆନ୍ତି । ଏହି ସବୁ ମଠର ଅଧିକାରୀମାନଙ୍କ ମୃତ୍ୟୁରେ ବଡ଼ ଓଡ଼ିଆ ମଠର ଅଧିକାରୀ ମହୋଦୟ ଶାଢ଼ି ବାନ୍ଧିଲେ ସେମାନେ ନିଜ ନିଜ ମଠରେ ଅଧିକାରୀ ହୁଅନ୍ତି । ଏହି ବଡ଼ ଓଡ଼ିଆ ମଠର ମତାବଲମ୍ବୀ ଶିଷ୍ୟମାନେ ମୋଗଲବନ୍ଦି ଓ ଗଡ଼ଜାତମାନଙ୍କରେ ନାନାସ୍ଥାନରେ ପ୍ରାୟ ୨୦ ହଜାର ପର୍ଯ୍ୟନ୍ତ ଅଛନ୍ତି ।

ବର୍ତ୍ତମାନ ଅଧିକାରୀ ବୃନ୍ଦାବନ ଦାସ ଗୋସ୍ୱାମୀ ଭିତାକୋଷର ଜଣେ ପରମସ୍ନେହୀ ପୃଷ୍ଠପୋଷକ ଅଟନ୍ତି ।

ସନ୍ଦର୍ଭ ଲେଖକ—ପୁରୀ ଓଡ଼ିଆ ମଠ ରାମକୃଷ୍ଣ ଟୋଲର ହେଡ଼ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମିଶ୍ର ନ୍ୟାୟରତ୍ନ ।]

ସିଦ୍ଧକ—ସଂ. ବି (ସିଦ୍ଧ+କ)—୧ । ସିନ୍ଦୁବାର; ବେଗୁନିଆ (ରାଜନିଘଣ୍ଟୁ)—1. Vitex Integrifolia (tree).
Siddhaka
୨ । ଶାଳ (ରାଜନିଘଣ୍ଟୁ)—2. The Śāla tree.

ସିଦ୍ଧ କାମ—ସଂ. ବିଣ. ପୁଂ (ବହୁବ୍ରୀହି)—ସିଦ୍ଧାର୍ଥ; ଯାହାର ମନୋରଥ ସଫଳ ହୋଇଅଛି—Having attained one's aims.
Siddha kāma
(ସିଦ୍ଧକାମା—ସ୍ତ୍ରୀ)

ସିଦ୍ଧ କାମେଶ୍ୱରୀ—ସଂ. ବି—କାମାଖ୍ୟା ଦେବୀଙ୍କର ପଞ୍ଚମୂର୍ତ୍ତି ଅନ୍ତର୍ଗତ ପ୍ରଥମ ମୂର୍ତ୍ତି—The first of the five images of the Goddess Kāmākhyā.
Siddha kāmeśwarī

[ଏହାଙ୍କ ଧ୍ୟାନ—ରକ୍ତଶଶିଯୁତକଣ୍ଠୀ ରକ୍ତମାଳୀତବର୍ଣ୍ଣା
ମଣିକନକବିଚିତ୍ରା ଲୋଲଜିହ୍ୱା ତ୍ରିନେତ୍ରା
ଅଭୟବରଦହସ୍ତା ସାକ୍ଷସୂତ୍ରହସ୍ତା
ନବତରୁଣଶରୀରା ମୁକ୍ତକେଶୀ ସୁହାସା—
କାଳିକାପୁରାଣ· ୬୧ ଅଧ୍ୟାୟ ।]

ସିଦ୍ଧ କ୍ଷେତ୍ର—ସଂ. ବି—୧ । ଦଣ୍ଡକବନର ଅଂଶବିଶେଷ—1. Name of a part of the ancient Daṇḍaka forest.
Siddha kshetra
୨ । ଯେଉଁ ସ୍ଥାନରେ ଯୋଗୀ ବା ତନ୍ତ୍ରସାଧକ ଶୀଘ୍ର ସିଦ୍ଧିଲାଭ କରନ୍ତି—2. A hallowed place where persons easily attain success in Joga and Tantric rites.

ସିଦ୍ଧ ଗଙ୍ଗା—ସଂ. ବି—ମନ୍ଦାକିନୀ; ସ୍ୱର୍ଗଗଙ୍ଗା (ଜଟାଧର)—The Ganges said to flow through Heaven
Siddha gaṅgā

ସିଦ୍ଧ ଗଣ—ସଂ. ବି—ସିଦ୍ଧମାନଙ୍କର ସମୂହ—A multitude of the Siddha class of demi-gods.
Siddha gaṇa

ସିଦ୍ଧ ଗୁଟିକା—ସଂ. ବି—ଯେଉଁ ମନ୍ତ୍ରସିଦ୍ଧ ବଟିକାକୁ ପାଟିରେ ପୂରାଇବା ବ୍ୟକ୍ତି ଅଦ୍ଭୁତ ଶକ୍ତି ଲାଭ କରେ (ହି. ଶ)—A hallowed pill which endows a person who keeps it in his mouth with supernatural powers.
Siddha guṭikā

ସିଦ୍ଧ ଗୋସା(ସେ)ଇଁ—ଦେ. ବି—ସିଦ୍ଧପୁରୁଷ; ମୁନି; ଯୋଗୀ—An ascetic.
Siddha gosā(se)iṅ
সিদ্ধ পুরুষ সন্ত গোসাইঁ

ସିଦ୍ଧ ଦେବ—ସଂ. ବି—ଶିବ; ମହାଦେବ (ଶବ୍ଦରତ୍ନାବଳୀ)—God Śiba.
Siddha deba

ସିଦ୍ଧ ଧାତୁ—ସଂ. ବି—ପାରଦ (ଶିକାଣ୍ଡଶେଷ)—Mercury.
Siddha dhātu

ସିଦ୍ଧ ନାଥ—ସଂ. ବି—ମହାଦେବ—Śiba, ଦେ. ବି—୧ । ମହାଦେବଙ୍କ ମୂର୍ତ୍ତିବିଶେଷ; ସିଦ୍ଧେଶ୍ୱର—1. Name of an idol of Śiba. ୨ । ପୁରୁଷଙ୍କ ନାମ—2. A name given to males. ୩। କଟକ ଜିଲ୍ଲାର ମହାନଦୀରୁ କାଠଯୋଡ଼ି ବାହାରିଥିବା ସ୍ଥାନ ନରାଜର ପାହାଡ଼ରେ ଅବସ୍ଥିତ ଶିବଲିଙ୍ଗ ଓ ପାହାଡ଼—3. Name of a Śibaliṅga as well as of a hillock in Narāja where the Kāṭhajoṛdi branches off from the Mahānadī (Orissa).
Siddha nātha
সিদ্ধনাথ
सिद्धनाथ

ସିଦ୍ଧ ପକ୍ଷ—ସଂ. ବି—୧ । (ନ୍ୟାୟଶାସ୍ତ୍ର) ମୀମାଂସା କରାଯାଇଥିବା ବିଷୟ—1. (logic) Conclusion. ୨ । ପ୍ରମାଣିତ ବିଷୟ—2. Proved matter.
Siddha paksha

ସିଦ୍ଧ ପଥ—ସଂ. ବି (ସିଦ୍ଧମାନଙ୍କ ପଥ; ୬ଷ୍ଠୀ ତତ୍)—ଅନ୍ତରୀକ୍ଷ; ଆକାଶ (ହେ. ଶ)—The sky.
Siddha patha

ସିଦ୍ଧ ପୀଠ—ସଂ. ବି—୧ । (ତନ୍ତ୍ର) ଯେଉଁ ସ୍ଥାନରେ ଏକ ଲକ୍ଷ ବଳିଦାନ, କୋଟି ସଂଖ୍ୟକ ହୋମ ଓ କୋଟି ମହାବିଦ୍ୟା ଜପ ହୋଇଅଛି (ପୀଠ ଶବ୍ଦ ଦେଖ)—1. A place sanctified by the offering of one lakh of victims, 10 millions of Vedic oblations and 10 millions of mystic incantations of Durgā. ୨। ସିଦ୍ଧକ୍ଷେତ୍ର (ଦେଖ) 2. Siddha kshetra (See).
Siddha pīṭha

ସିଦ୍ଧ ପୁର—ସଂ. ବି—ହିନ୍ଦୁ ଜ୍ୟୋତିଷୋକ୍ତ ଭୂଗୋଳର ଅଧୋଦେଶ ବିଶେଷ (ସିଦ୍ଧାନ୍ତଶିରୋମଣି)—A my-
Siddha pura

thological country below the globe described in astrological treatises.

ସିଦ୍ଧ ପୁରୁଷ—ସଂ. ବି (କର୍ମଧା)—୧ । ସିଦ୍ଧିପ୍ରାପ୍ତ ବ୍ୟକ୍ତି—1. A
Siddha purusha person who has attained success; an adept. ୨ । ମୁକ୍ତ ମାନବ—2. A person who has attained salvation. ୩ । ଯୋଗୀ—3. An ascetic. ୪ । ମନ୍ତ୍ରସିଦ୍ଧ ବ୍ୟକ୍ତି—4. A person who has attained success in accomplishing mystic formula. ୫ । ଯେଉଁ ବ୍ୟକ୍ତି ଇପ୍ସିତ ବସ୍ତୁ ଲାଭ କରି ପାରନ୍ତି—5. A person who gets anything he wants.

ସିଦ୍ଧ ପୁଷ୍ପ—ସଂ. ବି—କରବୀର ବୃକ୍ଷ (ରାଜନିର୍ଘଣ୍ଟ)—The
Siddha pushpa Oleander. [ଦ୍ର—ଏହା ସିଦ୍ଧମାନଙ୍କ ପ୍ରିୟ ପୁଷ୍ପ ଓ ସନ୍ଧି ସିଦ୍ଧି ପାଇଁ ପ୍ରଯୁକ୍ତ ହୁଏ—ହି. ଶ ।]

ସିଦ୍ଧପ୍ରୟୋଜନ—ସଂ. ବଣ. ପୁଂ-ସିଦ୍ଧକାମ (ଦେଖ)--Siddha kāma.
Siddha prayojana (See) ସଂ. ବି—ଗୌର ସର୍ଷପ (ଧଳ
(ସିଦ୍ଧପ୍ରୟୋଜନା—ସ୍ତ୍ରୀ. ବଣ) ସର୍ଷପ)—The white rye.

ସିଦ୍ଧ ବସ୍ତି—ସଂ. ବି (ଆୟୁର୍ବେଦ)—ତୈଳ ଅବର ପିଚକାରୀ (ହି. ଶ)
Siddha basti Syringing or spraying with oil.

ସିଦ୍ଧ ବିଦ୍ୟା—ସଂ. ବି—ଦଶ ମହାବିଦ୍ୟାର ଏକ (ଦେଖ)—
Siddha bidyā One of the dasa mahābidyā: (See)

ସିଦ୍ଧ ବିଦ୍ୟାଧର—ସଂ. ବି (ଦ୍ୱନ୍ଦ୍ୱ)—ସିଦ୍ଧ ଓ ବିଦ୍ୟାଧର ନାମକ
Siddha bidyādhara ଦେବଯୋନି ଦ୍ୱୟ—Two classes of demi-gods.

ସିଦ୍ଧ ବିନାୟକ—ସଂ. ବି—ଗଣେଶଙ୍କ ମୂର୍ତ୍ତି ବିଶେଷ—An image
Siddha bināyaka of Ganesa. [ଦ୍ର—ସିଦ୍ଧ ବିନାୟକଙ୍କ ସ୍ତୋତ୍ରପାଠ ପୂର୍ବକ ପୂଜା କଲେ ପ୍ରକାରର ସମସ୍ତର ମଧ୍ୟରେ କାମନା ସିଦ୍ଧି ହୁଏ ।]

ସିଦ୍ଧ ବୁଟୀ—ଦେ. ବି (ସଂ. ସିଦ୍ଧ+ବୁଟୀ)—ସିଦ୍ଧ ଯୋଗୀମାନଙ୍କ
Siddha buṭi ବ୍ୟବସ୍ଥିତ ରୋଗମାନଙ୍କ ଅବ୍ୟର୍ଥ ମହୌଷଧ—
सिद्धबुटी Never-failing medicine prescribed by
सिद्धबुटी saints for diseases.
[ଦ୍ର—ଏହିପରି ସିଦ୍ଧମକରଧ୍ୱଜ, ସିଦ୍ଧବଟିକା ଆଦି ଶବ୍ଦର ବ୍ୟବହାର ହୁଏ ।]

ସିଦ୍ଧ ମଠ—ସଂ. ବି—ସିଦ୍ଧ ପୁରୁଷଙ୍କ ଆଶ୍ରମ—
Siddha maṭha The Maṭha of a 'Siddha
सिद्धमठ सिद्धमठ purusha'.

ସିଦ୍ଧ ମନୋରଥ—ସଂ. ବଣ. ପୁଂ (ବହୁବ୍ରୀହି)—ସିଦ୍ଧକାମ (ଦେଖ)
Siddha manoratha Siddha kāma. (See)
(ସିଦ୍ଧ ମନୋରଥା—ସ୍ତ୍ରୀ)

ସିଦ୍ଧ ଯୋଗୀ—ସଂ. ବି. ପୁଂ—୧ । ସିଦ୍ଧିଲାଭ କରିଥିବା ଯୋଗୀ—
Siddha jogi 1. A Jogi who has attained success. ୨ । ମହାଦେବ (ହି. ଶ)—2. Siba.

ସିଦ୍ଧ ରସ—ସଂ. ବି—ପାରଦ (ଜମ୍ବୁପାଳ)
Siddha rasa Mercury.

ସିଦ୍ଧ ରସାୟନ—ସଂ. ବି—ପରମାୟୁ ଓ ପ୍ରଭୂତ ବଳଦାତା ଋଷୌଷଧ-
Siddha rasāyana ବିଶେଷ—A medicinal preparation giving longevity and strength.

ସିଦ୍ଧ ଲକ୍ଷ(କ୍ଷ୍ୟ)—ସଂ. ବଣ. ପୁଂ (ବହୁବ୍ରୀହି)—୧ । ଯେଉଁ ବ୍ୟକ୍ତି ଲକ୍ଷ୍ୟ-
Siddha laksha(kshya) ଭେଦରେ ଅବ୍ୟର୍ଥ—1. Of
(ସିଦ୍ଧଲକ୍ଷା[କ୍ଷ୍ୟା]—ସ୍ତ୍ରୀ) unerring aim. ୨ । ସିଦ୍ଧ ସଂକଳ୍ପ (ଦେଖ)—2. Siddha saṅkalpa. (See)

ସିଦ୍ଧ ସଙ୍କଳ୍ପ—ସଂ. ବଣ. ପୁଂ—ଯେଉଁ ବ୍ୟକ୍ତିର ସଙ୍କଳ୍ପ ସିଦ୍ଧ
Siddha saṅkalpa ହୋଇଅଛି—One who has
(ସିଦ୍ଧ ସଙ୍କଳ୍ପା—ସ୍ତ୍ରୀ) his desire fulfilled.

ସିଦ୍ଧ ସଲିଳ—ସଂ. ବି—୧ । କାଞ୍ଜିକା (ଦ୍ରବ୍ୟଗୁଣ ଶେଷ)—1.
Siddha salila Fermented rice water. ୨ । ସିଝା ପାଣି—2. Boiled water.

ସିଦ୍ଧ ସାଧକ—ସଂ. ବି—୧ । (କର୍ମଧା) ସିଦ୍ଧିପ୍ରାପ୍ତ ସାଧକ ବ୍ୟକ୍ତି—
Siddha sādhaka 1. An adept. ୨ । (ଷଷ୍ଠୀ ତତ୍) କଳ୍ପ ବୃକ୍ଷ (ହି. ଶ)—2. The mythological tree which fulfills a suitor's wish. ସଂ. ବିଣ.
(ସିଦ୍ଧ ସାଧିକା—ସ୍ତ୍ରୀ) ପୁଂ—ମନୋରଥ ପୂରଣକାରୀ—
Fulfilling another's wishes.

ସିଦ୍ଧ ସାଧନ—ସଂ. ବି (ଷଷ୍ଠୀ ତତ୍)—୧ । ସିଦ୍ଧ ବସ୍ତୁର ସାଧନ—
Siddha sādhana 1. Solution of a solved matter. ୨ । ଗୌର ସର୍ଷପ—2. White rye. ୩ । ପ୍ରମାଣିତ ବିଷୟର ପୁନଃ ପ୍ରମାଣ—3. Proving of an already proved matter.

ସିଦ୍ଧସାଧିତ—ସଂ. ବଣ. ପୁଂ—ଯେଉଁ ଚିକିତ୍ସକ ବ୍ୟବହାର ଦ୍ୱାରା
Siddha sādhita (ଶାସ୍ତ୍ର ଅଧ୍ୟୟନ ଦ୍ୱାରା ନୁହେଁ) ଚିକିତ୍ସା-
ବିଦ୍ୟାରେ ନିପୁଣତା ଲାଭ କରିଅଛନ୍ତି (ହି. ଶ)—
(a physician) Who has become an expert by practice (and not by the study of books).

ସିଦ୍ଧ ସିନ୍ଧୁ (ସରିତ୍)—ସଂ. ବି—୧ । ସ୍ୱର୍ଗ ଗଙ୍ଗା—1. The
Siddha sindhu (sarit) heavenly Ganges. ୨ । ଗଙ୍ଗା ନଦୀ (ହିକାଣ୍ଡ ଶେଷ)—2. The Ganges.

ସିଦ୍ଧ ସେନ—ସଂ. ବି—କାର୍ତ୍ତିକେୟ; ଦେବ ସେନାପତି (ଶବ୍ଦ
Siddha sena ରତ୍ନାବଳୀ)—The Deity Kārttikeya.

ସିଦ୍ଧ ସେବିତ—ସଂ. ବଣ. ପୁଂ—ସିଦ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ଉପାସିତ—
Siddha sebita W rshipped by the 'Siddha'
(ସିଦ୍ଧ ସେବିତା—ସ୍ତ୍ରୀ) persons. ସଂ. ବି. ପୁଂ—ବଟୁକ ଭୈରବ—One of the attendants of Siba.

ସିଦ୍ଧ ସ୍ଥାଳୀ—ସଂ. ବ—ସିଦ୍ଧ ଯୋଗୀମାନଙ୍କ ଭାଣ୍ଡ, ଯହିଁରୁ Siddha sthālī ଅବଶ୍ୟକତା ଅନୁରୂପ ଭୋଜନ ସାମଗ୍ରୀ ବାହାରେ (ହି. ଶ)—A consecrated pot from which food for as many persons as required, comes out. [ଦ୍ର—କଥିତ ଅଛି ଯେ, ପାଣ୍ଡବମାନଙ୍କ ବନବାସ ସମୟରେ ବ୍ୟାସଦେବ ଦ୍ରୌପଦୀଙ୍କୁ ଗୋଟିଏ ସିଦ୍ଧସ୍ଥାଳୀ ଦେଇଥିଲେ । ବନବାସ କାଳରେ ପାଣ୍ଡବମାନଙ୍କ ନିକଟରେ ଉପସ୍ଥିତ ଅଭ୍ୟାଗତ-ମାନଙ୍କ ଖାଦ୍ୟ ସେହି ସ୍ଥାଳୀରୁ ମିଳୁଥିଲା ଓ ସେହି ଉପବାସୀ ହୋଇ ପାଣ୍ଡବମାନଙ୍କ ନିକଟରୁ ଫେରୁ ନ ଥିଲେ ।]

ସିଦ୍ଧ ହସ୍ତ—ସଂ. ବଣ. ପୁଂ (ବହୁବ୍ରୀହି)—କୌଣସି କର୍ମରେ ଅତି ପଟୁ—Siddha hasta Very skilful in any work; proficient or adept in any work.
(ସିଦ୍ଧହସ୍ତା—ସ୍ତ୍ରୀ) (ସିଦ୍ଧହସ୍ତତା—ବ)

ସିଦ୍ଧା—ସଂ. ବଣ. ସ୍ତ୍ରୀ (ସିଦ୍ଧ + ଆ)—ସିଦ୍ଧର ସ୍ତ୍ରୀଲିଙ୍ଗ—Feminine Siddhā of Siddha. ସଂ. ବ. ସ୍ତ୍ରୀ—୧ । ଅଷ୍ଟ ଯୋଗିନୀ ମଧ୍ୟରୁ ଏକ ଯୋଗିନୀ—1. Name of one of the eight attendants of Goddess Pārbatī. [ଦ୍ର—ଅଷ୍ଟ ଯୋଗିନୀଙ୍କର ନାମ, ଯଥା—ମଙ୍ଗଳା, ପିଙ୍ଗଳା, ଧନ୍ୟା, ଭ୍ରାମରୀ, ଭଦ୍ରିକା, ଉଲ୍କା, ସିଦ୍ଧା, ସଙ୍କଟା ।] ୨ । ଋଦ୍ଧି ନାମକ ଔଷଧି—2. A medicinal herb. ୩ । ସିଦ୍ଧାଙ୍ଗନା (ଦେଖ)—3. Siddhāṅganā (See) ୪ । ଆର୍ଯ୍ୟାଛନ୍ଦର ଏକ ଭେଦ (ହି. ଶ)—4. One of the variations of Ārjyā metre. ଦେ. ବ. ଓ ବଣ—ସିଧା (ଦେଖ)—Sidhā (See)

ସିଦ୍ଧାଇବା—ଦେ. କ୍ରି—ସିଧାଇବା (ଦେଖ) Siddhāibā Sidhāibā (See).

ସିଦ୍ଧାଙ୍ଗନା—ସଂ. ବ (୬ଷ୍ଠୀ ତତ୍)—ସିଦ୍ଧ ନାମକ ଦେବଯୋନି Siddhāṅganā ଜାତୀୟା ସ୍ତ୍ରୀ—A female of the Siddha class of demigods.

ସିଦ୍ଧାଙ୍ଗୀ—ଦେ. ବ (ସଂ. ସିଦ୍ଧାଙ୍ଗ)—ସିଦ୍ଧ ଅଙ୍ଗବିଶିଷ୍ଟ (ବ୍ୟକ୍ତି)—Siddhāṅgī (a person) Having the body consecrated by Joga. [ଭ—ମୂଳ ସିଦ୍ଧାଙ୍ଗୀ ଅଟ ଗୋ
ସିଦ୍ଧାଙ୍ଗୀ
सिधांगी ବେନି । ଅଠର ଶୀ ସହସ୍ର କନ୍ୟା ତବାନୁରାଗୀ—ପ୍ରାଚୀ. ଉଦ୍ଧବ୍ୟମଞ୍ଜରୀ ।]

ସିଦ୍ଧାଞ୍ଜନ—ସଂ. ବ (୬ଷ୍ଠୀ ତତ୍;ସିଦ୍ଧପୁରୁଷମାନଙ୍କ ଅଞ୍ଜନ; ବା କର୍ମଧା)—Siddhāñjana ଯେଉଁ ଅଞ୍ଜନ ଆଖିରେ ଲଗାଇଲେ ଅଦୃଶ୍ୟ ବସ୍ତୁମାନ ଦେଖାଯାଏ—A consecrated collyrium, the user of which can see invisible things.

ସିଦ୍ଧା ଦେବୀ—ସଂ. ବ—ସିଦ୍ଧେଶ୍ୱରୀ (ଦେଖ) Siddhā debī Siddheswarī (See)

ସିଦ୍ଧାନ୍ତ—ସଂ. ବ (ବହୁବ୍ରୀହି; ସିଦ୍ଧ ହୋଇଅଛି ଅନ୍ତ=ଶେଷ ଯାହାର) Siddhānta —୧ । ମୀମାଂସା; ବିଚାରର ଶେଷ ଫଳ; ଉତ୍ତମ-ରୂପେ ବିଚାର ପରେ ସ୍ଥିର କରାଯିବା ମତ—1. Final decision; conclusion; conclusion arrived at after due consideration. ୨ । (ନ୍ୟାୟଶାସ୍ତ୍ର) ପୂର୍ବ ପକ୍ଷ ମୀମାଂସାପୂର୍ବକ ସିଦ୍ଧପକ୍ଷ ସ୍ଥାପନ 2. (Logic) Arriving at a conclusion from predicate or data; logical conclusion. ୩ । ନବବିଧ ପ୍ରାଚୀନ ଜ୍ୟୋତିର୍ଗ୍ରନ୍ଥବିଶେଷ—3. Name of nine old Hindu astronomical treatises or systems. [ଦ୍ର—ନବସିଦ୍ଧାନ୍ତର ନାମ, ଯଥା—ବ୍ରହ୍ମସିଦ୍ଧାନ୍ତ, ସୂର୍ଯ୍ୟସିଦ୍ଧାନ୍ତ, ସୋମସିଦ୍ଧାନ୍ତ, ବୃହସ୍ପତିସିଦ୍ଧାନ୍ତ, ଗର୍ଗସିଦ୍ଧାନ୍ତ, ନାରଦସିଦ୍ଧାନ୍ତ, ପରାଶର ସିଦ୍ଧାନ୍ତ, ପୁଲସ୍ତ୍ୟସିଦ୍ଧାନ୍ତ ଓ ବଶିଷ୍ଠସିଦ୍ଧାନ୍ତ ।

ହିନ୍ଦୁ ଜ୍ୟୋତିଷରେ ୧୮ଟି ସିଦ୍ଧାନ୍ତ ଗ୍ରନ୍ଥ ଅଛି । ଯଥା—୧ ସୂର୍ଯ୍ୟ, ୨ ବ୍ରହ୍ମା, ୩ ବ୍ୟାସ, ୪ ବଶିଷ୍ଠ, ୫ ଅତ୍ରି, ୬ ପରାଶର, ୭ କଶ୍ୟପ, ୮ ନାରଦ; ୯ ଗର୍ଗ, ୧୦ ମରୀଚ, ୧୧ ମନୁ, ୧୨ ଅଙ୍ଗିରା, ୧୩ ଲୋମଶ ବା ରୋମକ, ୧୪ ପୌଲିଶ, ୧୫ ଚ୍ୟବନ, ୧୬ ଯବନ, ୧୭ ଭୃଗୁ, ୧୮ ଶୌନକ ।] ୪ । (ନ୍ୟାୟଶାସ୍ତ୍ର, ଗୌତମ ସୂତ୍ର) ତନ୍ତ୍ରାଧିକରଣାଭ୍ୟୁପଗମ ସଂସ୍ଥିତ—4. Settled doctrine in philosophy. [ଦ୍ର—ନ୍ୟାୟଶାସ୍ତ୍ର ଅନୁସାରେ ସିଦ୍ଧାନ୍ତ ୪ ପ୍ରକାର । ଯଥା—

୧ । ସର୍ବତନ୍ତ୍ର ସିଦ୍ଧାନ୍ତ—ସବୁ ସମ୍ପ୍ରଦାୟର ପଣ୍ଡିତ-ମାନଙ୍କଦ୍ୱାରା ସମ୍ମତ ବା ଧ୍ରୁବସମ୍ମତ ସିଦ୍ଧାନ୍ତ ।

୨ । ପ୍ରତିତନ୍ତ୍ର ସିଦ୍ଧାନ୍ତ—କେବେଳ ଶାଖାର ଦାର୍ଶନିକଙ୍କଦ୍ୱାରା ସ୍ୱୀକୃତ ଓ ଅନ୍ୟ ଶାଖାମାନଙ୍କଦ୍ୱାରା ଅସ୍ୱୀକୃତ ସିଦ୍ଧାନ୍ତ ।

୩ । ଅଧିକରଣ ସିଦ୍ଧାନ୍ତ—ଯେଉଁ ସିଦ୍ଧାନ୍ତକୁ ମାନିଲେ ତହିଁର ଅନୁସଙ୍ଗିକ ଅନ୍ୟ ସିଦ୍ଧାନ୍ତକୁ ମାନିବାକୁ ହୁଏ ।

୪ । ଅଭ୍ୟୁପଗମ ସିଦ୍ଧାନ୍ତ—ଯେଉଁ ସିଦ୍ଧାନ୍ତକୁ ସ୍ପଷ୍ଟରୂପେ ସ୍ୱୀକାର କରାଯାଏ ନାହିଁ, କିନ୍ତୁ ସବୁ ଅବସ୍ଥା ବିଚାର କଲେ ତାହା ପ୍ରକଟ ହୁଏ—ହି. ଶ ।]

୫ । ସମ୍ମତ (ହି. ଶ)—5. Approval. ୬ । ନିର୍ଣ୍ଣୀତ ଅର୍ଥ (ହି. ଶ)—6. Settled meaning or purport. ୭ । ମୁଖ୍ୟ ଉଦ୍ଦେଶ୍ୟ ବା ଲକ୍ଷ୍ୟ (ହି. ଶ)—7. Principal or ultimate aim. ୮ । କୌଣସି ଶାସ୍ତ୍ରର ବା ବିଜ୍ଞାନର ଶାଖା (ଯଥା—ଜ୍ୟୋତିଷ, ଗଣିତ) ବିଷୟକ ତତ୍ତ୍ୱ ନିର୍ଣ୍ଣାୟକ ଗ୍ରନ୍ଥ—1. A treatise on a particular branch of knowledge. [ଯଥା—ସୂର୍ଯ୍ୟସିଦ୍ଧାନ୍ତ, ବ୍ରହ୍ମସିଦ୍ଧାନ୍ତ]
সিদ্ধান্ত ଦେ. ବଣ (ସଂ. ସିଦ୍ଧାନ୍ତିତ)—୧ । ମୀମାଂସିତ—
सिद्धान्त 1. Settled; decided. ୨ । ନିଶ୍ଚିତ—

2. Proficient. [ଉ—ଆରେ ବାପ ଥିଲ ଲେଖ ସିଦ୍ଧାନ୍ତ ହୋଇବେ—ପ୍ରାଚୀ· କୃଷ୍ଣକଳ୍ପଲତିକା ।]

ସିଦ୍ଧାନ୍ତ କରିବା—ଦେ. କ୍ରି—ମୀମାଂସା କରିବା—To decide
Siddhānta kariba finally.
সিদ্ধান্ত করা सिधान्त करना

ସିଦ୍ଧାନ୍ତ କୌମୁଦୀ—ସଂ. ବ—ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ—
Siddhānta kaumudī A famous Sanskrit grammar. [ବି—ସିଦ୍ଧାନ୍ତ କୌମୁଦୀର ସୂତ୍ରମାନ ସଙ୍କଳିତ ହୋଇ ଲଘୁ ସିଦ୍ଧାନ୍ତ କୌମୁଦୀ ନାମରେ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ହୋଇଅଛି ।]

ସିଦ୍ଧାନ୍ତ ଦର୍ପଣ—ସଂ. ବ—ଖଣ୍ଡପଡ଼ାର ସ୍ୱର୍ଗୀୟ ମହାମହୋପାଧ୍ୟାୟ
Siddhānta darpaṇa ଚନ୍ଦ୍ରଶେଖର ସାମନ୍ତ (ପଠାଣି ସାଆନ୍ତ)ଙ୍କ କୃତ ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥ (ଏହି ଗ୍ରନ୍ଥ ଲାଗି ଲେଖକ ଭାରତରେ ତଥା ପାଶ୍ଚାତ୍ୟ ଦେଶମାନଙ୍କରେ ଖ୍ୟାତ)—
Title of the Sanskrit astronomical treatise by the late Mahāmahopādhyāya Chandrasekhara Sāmanta of Khundpara in Orissa.

ସିଦ୍ଧାନ୍ତ ପଞ୍ଚାନନ—ଦେ. ବ—ଶାସ୍ତ୍ରଜ୍ଞ ମୀମାଂସକ ପଣ୍ଡିତମାନଙ୍କ ଉପାଧି
Siddhānta panchānana ବିଶେଷ—A title given
সিদ্ধান্ত পঞ্চানন सिधान्त पंचानन to Pandits.

ସିଦ୍ଧାନ୍ତ ବାଗୀଶ, ସିଦ୍ଧାନ୍ତ ଭୂଷଣ } —ଅନ୍ୟରୂପ
ସିଦ୍ଧାନ୍ତ ରତ୍ନ, ସିଦ୍ଧାନ୍ତ ସାଗର }

ସିଦ୍ଧାନ୍ତ ମୁକ୍ତାବଳୀ—ସ. ବ—ନ୍ୟାୟଦର୍ଶନ ଗ୍ରନ୍ଥ ବିଶେଷ—
Siddhānta muktābaḷī Name of a treatise on the Nyāya Philosophy.

ସିଦ୍ଧାନ୍ତରେ ଉପନୀତ (ଉପସ୍ଥିତ) ହେବା—ଦେ· କ୍ରି—ଶେଷ ମୀମାଂସା
Siddhāntare upanīta (upasthita) hebā କରିବା—
সিদ্ধান্তে উপনীত হওয়া, সিদ্ধান্তে পৌঁছা To arrive at a
सिधान्तमें उपनीत होना conclusion; to come to a
(ସିଦ୍ଧାନ୍ତରେ ପହଞ୍ଚିବା—ଅନ୍ୟରୂପ) conclusion.

ସିଦ୍ଧାନ୍ତାଚାର—ସ. ବ—ତାନ୍ତ୍ରିକାଚାର ବିଶେଷ—A sort of
Siddhāntāchāra Tāntric service. [ବି—ଏଥିରେ ସାଧକ ଆପଣାକୁ ଦେବତା ବୋଲି କଳ୍ପନା କରି ଶୁଦ୍ଧ ଓ ଶାନ୍ତ ଚିତ୍ତରେ ନିବିଷ୍ଟ ମନରେ ଦେବଙ୍କୁ ପୂଜା କରେ ।]

ସିଦ୍ଧାନ୍ତି—ଗ୍ରା. ବ—ସିଦ୍ଧାନ୍ତ (ଦେଖ)—Siddhānta. (See)
Siddhānti (ଉ—ମହିମା ଜାମନ୍ତ ଯେଣୁ ମହାଦେବ ଜାଣି, ମହାବ୍ରହ୍ମ ଶବ୍ଦରୁ ହୋଇଲି ସିଦ୍ଧାନ୍ତ । ପ୍ରାଚୀ. କୃଷ୍ଣକଳ୍ପଲତା, ଗୀତା ।)

ସିଦ୍ଧାନ୍ତିତ—ସଂ· ବିଣ (ସିଦ୍ଧାନ୍ତ+ଇତ)—ନିର୍ଣ୍ଣୀତ (ହି· ଶ)
Siddhāntita Ascertained.

ସିଦ୍ଧାନ୍ତୀ—ସଂ· ବିଣ. ପୁଂ (ସିଦ୍ଧାନ୍ତ+ଇନ୍; ୧ମା· ୧ବ)—
Siddhāntī ସିଦ୍ଧାନ୍ତକାରୀ; ମୀମାଂସକ—Deciding; con-
(ସିଦ୍ଧାନ୍ତିନୀ—ସ୍ତ୍ରୀ) cluding. ସଂ, ବ—୧ । ତାର୍କିକ—
1. A reasoner. ୨ । ନୈୟାୟିକ—2. A logician.

ସିଦ୍ଧାନ୍ତୀୟ—ସଂ. ବିଣ (ସିଦ୍ଧାନ୍ତ+ଈୟ)—ସିଦ୍ଧାନ୍ତ ସମ୍ବନ୍ଧୀୟ—
Siddhāntīya Relating to Siddhānta.

ସିଦ୍ଧାନ୍ନ—ସଂ. ବ (ସିଦ୍ଧ=ପକ୍ୱ+ଅନ୍ନ)—୧ । ପକ୍ୱାନ୍ନ; ରନ୍ଧାଭାତ—
Siddhānna 1. Cooked rice. ୨ । ରନ୍ଧା ବା ସିଝା ଖାଦ୍ୟ—2. Cooked or boiled food. ପ୍ରାଦେଶିକ (ଯାଜପୁର) ବ—ନିର୍ଦ୍ଦିଷ୍ଟ ଚାଉଳ, ଦୁଧ, ରାଶି, ନଡ଼ିଆ ଏକତ୍ର ସିଦ୍ଧ କରି ଗଣେଶ ଚତୁର୍ଥୀଦିନ ଗଣେଶଙ୍କୁ ଦଆଯିବା ଏକପ୍ରକାର ଭୋଗ—Fixed quantities of rice, milk, sesamum seeds and cocoanut boiled together and offered to the Deity Ganesa on the Ganesa-chaturthī festival.

ସିଦ୍ଧାପଗା—ସଂ. ବ (ସିଦ୍ଧ=ଆକାଶସ୍ଥ ଦେବଯୋନି ବିଶେଷ ବା ଋଷି.
Siddhāpagā ମାନଙ୍କ ବ୍ୟବହୃତ ଅପଗା=ନଦୀ; ୬ଷ୍ଠୀ ତତ୍)—
୧ । ସ୍ୱର୍ଗ ନଦୀ; ସିଦ୍ଧ ଗଙ୍ଗା (ହେମଚନ୍ଦ୍ର)—1. The heavenly Ganges. ୨ । ଗଙ୍ଗା ନଦୀ (ହି. ଶ)—
2. The Ganges.

ସିଦ୍ଧାୟିକା—ସଂ. ବ. ସ୍ତ୍ରୀ—ବୌଦ୍ଧଗଣପୂଜିତା ଦେବୀ ବିଶେଷ—
Siddhāyikā Name of a Buddhist Goddess.

ସିଦ୍ଧାରି—ସଂ. ବ (ସିଦ୍ଧ+ଅରି)—ମନ୍ତ୍ର ବିଶେଷ (ଶବ୍ଦ କଳ୍ପଦ୍ରୁମ)—
Siddhāri Name of some mystic formula. [ବି—ଏହି ମନ୍ତ୍ର ଜପ କଲେ ନିଜର ବାନ୍ଧବମାନେ ବିନଷ୍ଟ ହୁଅନ୍ତି (ତନ୍ତ୍ରସାର) । ଅତଏବ ଏ ମନ୍ତ୍ର ଗ୍ରହଣ କରିବା ଉଚିତ ନୁହେଁ (ବିଶ୍ୱକୋଷ) ।]

ସିଦ୍ଧାର୍ଥ—ସଂ. ବିଣ. ପୁଂ—(ବହୁବ୍ରୀହି) ସିଦ୍ଧକାମ (ଦେଖ)—
Siddhārtha Siddhakāma (See) ସଂ· ବ—୧ ।
(ସିଦ୍ଧାର୍ଥା—ସ୍ତ୍ରୀ) ବୁଦ୍ଧଦେବ; ଗୌତମ; ଶାକ୍ୟସିଂହ (ମେଦିନୀ)—
1. A name of Buddha. ୨ । ମହାବୀର ଜିନଙ୍କ ପିତା; ଚତୁର୍ବିଂଶ ଅର୍ହତ୍‌ଙ୍କ ପିତା (ହି· ଶ)—2. Father of the Jaina saint Mahābīra. ୩ । ଶ୍ୱେତ ସର୍ଷପ (ଅମର); ଧଳା ସୋରିଷ—3. The white rye. ୪ । ଏକଜାତୀୟ ବଟ ବୃକ୍ଷ (ରାଜନିର୍ଘଣ୍ଟ)—4. A species of Banyan tree. ୫ । ପ୍ରସିଦ୍ଧ ଅର୍ଥ—
5. Well-known meaning. ୬ । ରାଜା ଦଶରଥଙ୍କର ଏକ ମନ୍ତ୍ରୀ (ହି· ଶ)—6. Name of one of the ministers of Dasaratha. ୭ । ସ୍କନ୍ଦଙ୍କ ଗଣ ମଧ୍ୟରୁ ଏକ (ହି. ଶ)—7. One of the attendants of Skanda. ୮ । ଯେଉଁ ଗୃହର ଦକ୍ଷିଣ ଓ ପଶ୍ଚିମାଂଶରେ ବଡ଼ ଶାଳା (ହଲ୍) ଥାଏ (ହି. ଶ)—8. A house containing big halls in its south and west.

୧	ଇ	ଢ଼	ଋ,ଙ୍	ଡ଼	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଈ	ଉଯୁ	ଉଅ	ଭ
୨	ଈ	ଞ	ରୁ	ଲୁ	ପ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଁ୍ୟ	ଇଅ	ଈ	ନୃ

ସିଦ୍ଧାର୍ଥକ—ସଂ. ବ (ବୈଦ୍ୟକ)—ଶ୍ୱେତ ସର୍ଷପ; ଧଳା ସୋରିଷ; Siddhārthaka ଗୁଛ—White rye.

ସିଦ୍ଧାର୍ଥା—ସଂ. ବ—୧ । ଚତୁର୍ଥ ଅର୍ହତଙ୍କ ମାତା—1. Name of Siddhārthā the mother of the 4th Jaina saint. ୨ । ଶ୍ୱେତ ସର୍ଷପ (ହ୍ର. ଶ)—2. White rye.

ସିଦ୍ଧାଶ୍ରମ—ସଂ. ବ—୧ । (ନାମ) ବିଶ୍ୱାମିତ୍ରଙ୍କ ତପୋବନ—Siddhāśrama 1. Name of the hermitage of sage Biśwāmitra. [ବି—ଏଠାରେ ବିଶ୍ୱାମିତ୍ର ଅତି ଋଷି ତପସ୍ୟା କରି ସିଦ୍ଧ ହୋଇଥିଲେ । ତାଡ଼କା ଓ ସୁବାହୁ ରାକ୍ଷସ ଏହି ଆଶ୍ରମରେ ଅତ୍ୟାଚାର କରିବାରୁ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ନେଇ ସେମାନଙ୍କ ଉପଦ୍ରବରୁ ଏ ବନକୁ ରକ୍ଷା କରିବା ଏହିଠାରେ ଯଜ୍ଞ କରିଥିଲେ ।] ୨ । ସିଦ୍ଧପୁରୁଷମାନେ ଯେଉଁ ଆଶ୍ରମରେ ବାସ କରନ୍ତି—2. A hermitage where adepts in Joga reside. (ଦେଶଜ)—ଅଲେଖ ବ୍ରହ୍ମାବଧୂତ ଗୁରୁ ମହିମା ଗୋସାଇଁଙ୍କ ଦ୍ୱାରା ସ୍ଥାପିତ ପରମହଂସ ସନ୍ନ୍ୟାସୀମାନଙ୍କ ଆଶ୍ରମ—The Āśrama of recluses established by Mahimā Goswāmi, the founder of Alekha dharma. [ବି—ସତ୍ୟମହିମାଧର୍ମୀ ଅବଧୂତାଶ୍ରମୀ ବଲ୍କଲଧାରୀ ପରସନ୍ନ୍ୟାସୀମାନଙ୍କ ପନ୍ଥାକୁ ସିଦ୍ଧାଶ୍ରମ ପନ୍ଥା ବୋଲିଯାଏ । ପ୍ରଥମେ ସିଦ୍ଧଗୋବିନ୍ଦ ବାବା, ତତ୍ ପରେ ନୃସିଂହ ବାବା ପ୍ରଭୃତି ସିଦ୍ଧ ନନ୍ଦବାବାଙ୍କ ପର୍ଯ୍ୟନ୍ତ କଣ୍ଟ ନବେ ମୂର୍ତ୍ତି ଭକ୍ତ ଚଲାରେ ଯୁକ୍ତ ହୋଇଥିଲେ । ତନ୍ମଧ୍ୟରୁ ଚଉଷଠି ମୂର୍ତ୍ତି ସିଦ୍ଧଯୋଗୀ ପଦବାଚ୍ୟ ଅଟନ୍ତି । ଉକ୍ତ ସିଦ୍ଧପୁରୁଷମାନଙ୍କର ଅଲୌକିକ ମାହାତ୍ମ୍ୟ ଓଡ଼ିଶାରେ ସ୍ଥାନେ ସ୍ଥାନେ ପ୍ରକଟିତ ହୋଇଅଛି । ପୁନଶ୍ଚ ଏହି ସିଦ୍ଧାଶ୍ରମ ପନ୍ଥା ଗୁରୁ ମହିମା ଗୋସାଇଁଙ୍କ ଆଜ୍ଞାନୁସାରେ ସିଦ୍ଧ କଣବାବା ପ୍ରଭୃତିଙ୍କ ଦ୍ୱାରା ମହିମା ଗାଦିଠାରେ ପ୍ରବର୍ତ୍ତିତ ହୋଇ ସମୃଦ୍ଧି ଲାଭ କରିଅଛି ।

ଲେଖକ—ଅବଧୂତ ବିଶ୍ୱନାଥ ବାବା ।]

ସିଦ୍ଧାସନ—ସଂ. ବ (୭ମୀ ତତ୍)—ହଠଯୋଗ ସାଧକମାନଙ୍କର ଆସନ Siddhāsana ବିଶେଷ—One of the seats assumed by the persons engaged in Haṭhajoga. [ବି—ମଳଦ୍ୱାର ଓ ମୂତ୍ରଦ୍ୱାରର ମଧ୍ୟସ୍ଥଳରେ ବାମ ଗୋଇଠିକୁ ଓ ଶିଶ୍ନର ଉପରେ ମୂଳରେ ଡାହାଣ ଗୋଇଠିକୁ ଲଗାଇ ପଦ୍ମାସନରେ ବସି ଭୂଇ ଭ୍ରୂର ମଧ୍ୟବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ସିଦ୍ଧାସନ ବୋଲିଯାଏ—ହ୍ର. ଶ ।]

ସିଦ୍ଧି—ସଂ. ବ (ସିଧ୍, ଧାତୁ+ତିକ୍, ଭ)—୧ । ସମ୍ପାଦନ—Siddhi 1. Accomplishment. ୨ । ସଫଳତା; କାର୍ଯ୍ୟର ପୂର୍ଣ୍ଣତା; କୃତକାର୍ଯ୍ୟତା—2. Success; fulfilment. ୩ । ଫଳୋତ୍ପତ୍ତି—3. Fructification. ୪। ନିଷ୍ପତ୍ତି—4. Final decision. ୫ । ମୋକ୍ଷ; ମୁକ୍ତି—5. Liberation; salvation; beatitude. ୬ । ଭାବନା ସିଦ୍ଧି; ମନୋବାଞ୍ଛାର ସଫଳତା—6. Fulfilment of one's desire or wish. (ଉ—ଭରତଙ୍କ ରାମାୟଣ ଏ ମୋ ବଡ଼ ସିଦ୍ଧି । ଉଞ୍ଜ, ବୈଦେହୀଶବିଳାସ ।) ୭ । ବୃଦ୍ଧି—7. Increase. ୮ । ତପଃସାଧନ ଦ୍ୱାରା ପ୍ରାପ୍ତ ଅମାନୁଷିକ ଗୁଣ—8. Supernatural powers acquired by severe practice of asceticism. ୯ । ଐଶ୍ୱର୍ଯ୍ୟ—9. Divine power; supernatural power. ୧୦ । ଶୁଭ; ମଙ୍ଗଳ—10. Bliss. ୧୧ । ଜୟଲାଭ—11. Attainment of victory. ୧୨ । ଋଦ୍ଧି ନାମକ ଔଷଧ—12. Name of a rare medicinal herb. ୧୩ । ସମ୍ପତ୍ତି—13. Property. ୧୪ । ଜ୍ୟୋତିଃଶାସ୍ତ୍ରୋକ୍ତ ଯୋଗ ବିଶେଷ—14. Name of a kind of astrological conjuncton. ୧୫ । ଦୁର୍ଗା—15. Goddess Durgā. ୧୬ । ରାଜାଙ୍କ ତ୍ରିବିଧ ସିଦ୍ଧି—16. Kings's accomplishment or success. (ଉ—ଏହା ତ୍ରିବିଧ ସିଦ୍ଧି, ଯଥା—ପ୍ରଭୁତ୍ୱ ସିଦ୍ଧି, ମନ୍ତ୍ରସିଦ୍ଧି ଓ ଉତ୍ସାହ ସିଦ୍ଧି ।) ୧୭ । (+ତରଣ, ଭ) କାଷ୍ଠ ପାଦୁକା—17. Wooden sandals. ୧୮ । ଭାଙ୍ଗ; ଭଙ୍ଗ; ବିଜୟା—18. A drinte made by grinding the leaves of Cannabis Sativa into a paste and the leaves themselves. ୧୯ । ଆଡ଼ମ୍ବର; ଘନଘଟା—19. Grandeur; grand display. ୨୦ । ଆଡ଼ମ୍ବରଯୁକ୍ତ କାର୍ଯ୍ୟ—20. Any matter full of grandeur. ୨୧ । ଆଡ଼ମ୍ବରମୟ କର୍ମପଦ୍ଧତି—21. Insignia; grand method; any mode which is full of display. ୨୨ । ଅଷ୍ଟୈଶ୍ୱର୍ଯ୍ୟ (ଦେଖ)—22. Ashṭaiśwarjya. (See) ୨୩ । ଅଷ୍ଟାଦଶ ସିଦ୍ଧି (ଦେଖ)—23. Ashṭādaśa siddhi (See) ୨୪ । ଲକ୍ଷ୍ୟ ଭେଦ (ହ୍ର. ଶ)—24. Hitting at a target. ୨୫ । ପରିଶୋଧ (ହ୍ର. ଶ)—25. Liquidation. ୨୬ । ପ୍ରମାଣିତ ହେବା (ହ୍ର. ଶ)—26. The state of being proved. ୨୭ । ପରିପକ୍ୱତା (ହ୍ର. ଶ)—27. Full development. ୨୮ । ନିପୁଣତା; ଦକ୍ଷତା (ହ୍ର. ଶ)—28. Dexterity; skill. ୨୯ । ବୁଦ୍ଧି (ହ୍ର. ଶ)—29. Intelligence. ୩୦ । ଦକ୍ଷ

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଯ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ପ୍ରଜାପତିଙ୍କର ଏକ କନ୍ୟା ଓ ଧର୍ମଙ୍କ ପତ୍ନୀ (ଭା· ଶ)—30. A daughter of Daksha Prajāpati. ୩୧ । ଗଣେଶଙ୍କର ଦୁଇ ସ୍ତ୍ରୀ ମଧ୍ୟରୁ ଏକ (ବ୍ର· ଶ)—31. One of the wives of God Ganeśa. ୩୨ । ମେଣ୍ଢାଶିଙ୍ଗା ମହୁର (ବୈ. ଶ)—32. Aconite. ସିଦ୍ଧି ଦେ· ବି—ବାହାଦୁରୀ—Boasting. (ଉ—ଉଚ୍ଚସ୍ତ ପୁଷ୍ପ ଲବଡଙ୍ଗ ଖୁଜା କଲେ, ଏହା ସିଦ୍ଧ କର କହନ୍ତି ଲୋକେ ଭଲେ । କୃଷ୍ଣସିଂହ. ମହାଭାରତ. ବନ ।) ଦେ· ବିଣ—ନିଶ୍ଚିତ—Sure. (ଉ—ବିନାଶ ହୋଇବା କଥା ମୋର ହେଲା ସିଦ୍ଧି । ଭକ୍ତ· ବୈଦେହୀଶବିଳାସ ।)

सिद्धि
सिद्धी
सिद्ध
सोध

ସିଦ୍ଧିଜ—ସ. ବି (ସିଦ୍ଧି+ଜନ୍. ଧାତୁ+କର୍ତ୍ତୃ. ଅ)—ସିଦ୍ଧିରୁ ଜାତ—Born of success.
Siddhija

ସିଦ୍ଧିଦ—ସ. ବି (ସିଦ୍ଧି+ଦା. ଧାତୁ+କର୍ତ୍ତୃ., ଅ)—୧ । ବଟୁକ ଭୈରବ—1. Name of an attendant of Śiba. ୨ । ପୁତ୍ରଂଜୀବ ବୃକ୍ଷ (ବୈ. ଶ)—2. The Putramjība tree. ୩ । ବଡ଼ ଶାଳଗଛ (ବୈ. ଶ)—3. The big Shorea Robusta tree. ସ. ବିଣ. (ସିଦ୍ଧିଦା—ସ୍ତ୍ରୀ) ପୁଂ—ସିଦ୍ଧିଦାତା; ଯେ ସିଦ୍ଧି ବା ସଫଳତା ଦିଏ—Giving or awarding success.
Siddhida

ସିଦ୍ଧିଦାତା—ସ. ବିଣ. ପୁ°—ସିଦ୍ଧିଦ (ଦେଖ)—Siddhida. (See) ସ. ବି. ପୁ°—ଗଣନାଥ; ଗଣେଶ—The God Ganeśa.
Siddhi dātā
(ସିଦ୍ଧିଦାତ୍ରୀ—ସ୍ତ୍ରୀ)

ସିଦ୍ଧିମନ୍ତ—ଦେ, ବିଣ (ସ. ସିଦ୍ଧିମାନ)—ଯେ ସିଦ୍ଧି ଲାଭ କରିଅଛି—One who has attained success. (ଉ—ପରକୁ କେବେ ନ କରିବ ସନ୍ତାପ, ଏତେକ ଥିଲେ ବାନପ୍ରସ୍ଥେ ସିଦ୍ଧିମନ୍ତ । କୃଷ୍ଣସିଂହ. ମହାଭାରତ. ଆଦି ।)
Siddhimanta
सिद्धिमन्त
सोद्धिमन्त

ସିଦ୍ଧିଯୋଗ—ସ. ବି—ଜ୍ୟୋତିଷୋକ୍ତ ତିଥି ବାର ଘଟିତ ଶୁଭଯୋଗ ବିଶେଷ—An auspicious conjunction of some week days and tithis. [ଦ୍ର—ଶୁକ୍ରବାରରେ-ନନ୍ଦା ତିଥି, ବୁଧବାରରେ—ଭଦ୍ରା, ଶନିବାରରେ—ରିକ୍ତା, ମଙ୍ଗଳବାରରେ—ଜୟା ଓ ଗୁରୁବାରରେ—ପୂର୍ଣ୍ଣା ତିଥିମାନ ଯୁକ୍ତ ହେଲେ ଏହି ଯୋଗମାନଙ୍କୁ ସିଦ୍ଧି ଯୋଗ କୁହାଯାଏ—ଜ୍ୟୋତିଃସାଗର ।]
Siddhi jog

ସିଦ୍ଧିଯୋଗିନୀ—ସ· ବି (ମ. ଫ ଲେ; ସିଦ୍ଧିପ୍ରିୟା ଯୋଗିନୀ)—୧ । ଯୋଗିନୀ ଭେଦ—1. A class of attendants of Durgā. ୨ । ଦକ୍ଷପ୍ରଜାପତିଙ୍କର ୫୦ ଜଣ କନ୍ୟା(ଅଗ୍ନିପୁରାଣ)—2. Fifty daughters of Daksha. [ଦ୍ର—ଏହି ୫୦ ଜଣ ସିଦ୍ଧ ଯୋଗିନୀଙ୍କ ନାମ, ଯଥା—ସତୀ, ଜ୍ୟୋତି, ସ୍ମୃତି, ସ୍ୱାହା, ଅନସୂୟା, ସ୍ୱଧା, ପ୍ରୀତି, କ୍ଷମା, ସମ୍ଭୂତି, ସନ୍ନତି, ଅରୁନ୍ଧତୀ, କୀର୍ତ୍ତି, ଲକ୍ଷ୍ମୀ, ଧୃତି, ମେଧା, ପୁଷ୍ଟି, ଶ୍ରଦ୍ଧା, କ୍ରିୟା, ମତି, ବୁଦ୍ଧି, ଲଜ୍ଜା, ବପୁଃ, ଶାନ୍ତି, ତୁଷ୍ଟି, ସିଦ୍ଧି, ରତି, ଅବନ୍ତୀ, ବସୁ, ଯାମୀ, ଲମ୍ବା, ଭାନୁ, ମରୁତ୍ୱତୀ, ସଙ୍କଳ୍ପା, ମୁହୂର୍ତ୍ତା, ସାଧ୍ୟା, ବିଶ୍ୱା, ଅଦିତି, ଦିତି, ଦନୁ, କାଳାଦନା, ଅୟୁଷା, ସିଂହିକା, ସୁରସା, କଦ୍ରୁ, ବିନତା, ସୁରଭି, ଖସା, କ୍ରୋଧା, ଇଳା, ପ୍ରୋଧା । ଏମାନେ ସର୍ବଲୋକଙ୍କର ମାତା ଅଟନ୍ତି—ବହ୍ନି-ପୁରାଣ, ଗଣଭେଦ ନାମାଧ୍ୟାୟ; ଶବ୍ଦକଳ୍ପଦ୍ରୁମ ।

ମତାନ୍ତରେ ଏମାନଙ୍କ ନାମ—ସତୀ, ଜ୍ୟୋତି, ସ୍ମୃତି, ସମ୍ଭୂତି, ସନ୍ନତି, ଅରୁନ୍ଧତୀ, କୀର୍ତ୍ତି, ଲକ୍ଷ୍ମୀ, ଧୃତି, ମେଧା, ପୁଷ୍ଟି, ଶ୍ରଦ୍ଧା, କ୍ରିୟା, ମତି, ବୁଦ୍ଧି, ଲଜ୍ଜା, ବପୁଃ, ଶାନ୍ତି, ତୁଷ୍ଟି, ସିଦ୍ଧି, ରତି, ବସୁ, ଯାମୀ, ଲମ୍ବା, ଭାନୁ, ମରୁତ୍ୱତୀ, ସଙ୍କଳ୍ପା, ମୁହୂର୍ତ୍ତା, ସାଧ୍ୟା, ବିଶ୍ୱା, ଅଦିତି, ଦିତି, ଦନୁ, କାଳାଦନା, ଅୟୁଷା, ସିଂହିକା, ସୁରସା, କଦ୍ରୁ, ବିନତା, ସୁରଭି, ଖସା, କ୍ରୋଧା, ଇଳା ଓ ପ୍ରୋଧା—ବିଶ୍ୱକୋଷ । କିନ୍ତୁ ଦ୍ୱିତୀୟୋକ୍ତ ଯୋଗିନୀମାନଙ୍କ ସଂଖ୍ୟା ୪୪ ହେଉଅଛି ।]
Siddhi jogini

ସିଦ୍ଧିରରସ୍ତୁ—ଗ୍ରା· ବି (ସ. ସିଦ୍ଧିରସ୍ତୁ)—୧ । ଶିଶୁର ବିଦ୍ୟାରମ୍ଭ—1. The formal beginning of a child to read and write. ୨ । କୌଣସି କାର୍ଯ୍ୟର ପ୍ରଥମ ଆରମ୍ଭ—2. The beginning of any thing.
Siddhi rarastu
सिद्धिरस्तु
सिधिरस्तु

ସିଦ୍ଧିରସ୍ତୁ—ସ. (ବାକ୍ୟ) (ସଂ. ବାକ୍ୟର ଅର୍ଥ—ସିଦ୍ଧି ଲାଭ ହେଉ)—୧ । ବାଳକର ବିଦ୍ୟାରମ୍ଭ କାଳରେ ପିଲାର ମୁଖୋଚ୍ଚାରିତ ପଦ—1. The word recited by a biginner following the utterance of the Guru when the boy touches the chalk. [ଦ୍ର—ବାଳକ ପ୍ରଥମେ ବିଦ୍ୟାରମ୍ଭ କଲାବେଳେ ଗୁରୁ ଭୂମିରେ ତିନୋଟି ମୁଣ୍ଡଳା କାଟି ସେହି ତିନୋଟି ମୁଣ୍ଡଳାରେ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କୁ କଳ୍ପନା କରି ସେହି ମୁଣ୍ଡଳା ଉପରେ ପିଲାର ହାତରେ ଥିବା ଖଡ଼ିକୁ ପିଲାର ହାତ ସହିତ ବୁଲାଇ ଆଣନ୍ତି ଏବଂ ମୁହଁରେ ଗୁରୁ ଓ ପିଲା ଏହି ବାକ୍ୟ ଉଚ୍ଚାରଣ କରନ୍ତି; ଅର୍ଥାତ୍ 'ହେ ଦେବ । ମୋର ବିଦ୍ୟାରେ ସିଦ୍ଧି ହେଉ ।'] ୨ । ଶିଶୁର ବିଦ୍ୟାରମ୍ଭ—2. The ceremony of an infant's first biginning to write. ୩ । କୌଣସି କାର୍ଯ୍ୟର ପ୍ରଥମ ଆରମ୍ଭ—3. The biginning of any work. ୪ । ସିଦ୍ଧି ଲାଭ ହେଉ—4. Success be attained.
Siddhirastu
सिद्धिरस्तु
सिधीरस्तु

ସିଦ୍ଧି ଲାଭ—ସଂ. ବି (୬ଷ୍ଠୀ ତତ୍)—ସଫଳତା ପ୍ରାପ୍ତି—
Siddhi lābha Attainment of success.

ସିଦ୍ଧିଲି—ସଂ. ବି (ସିଦ୍ଧି+ଲ ଧାତୁ+କର୍ତ୍ତୃ.ଅ+ଈ)—କ୍ଷୁଦ୍ର ପିମ୍ପୁଡ଼ି;
Siddhilī ସାନ ପିମ୍ପୁଡ଼ି (ଶବ୍ଦକଳ୍ପଦ୍ରୁମ)—Tiny ants.

ସିଦ୍ଧୁ—ଦେ. ବି—ସିଦ୍ଧେଶ୍ୱରଙ୍କ ଡାକ ନାମ—Name for calling
Siddhu Siddheśwara.
[ସିଦ୍ଧୁଅ, ସିଦ୍ଧେଇ—ଅନ୍ୟରୂପ]

ସିଦ୍ଧେଶର—ଗ୍ରା° ବି—ସିଦ୍ଧେଶ୍ୱରଙ୍କ ଡାକ ନାମ—
Siddheśara Name for calling Siddheśwara.

ସିଦ୍ଧେଶ୍ୱର—ସଂ. ବି. ପୁଂ—୧ । ସିଦ୍ଧିଦାତା ପରମେଶ୍ୱର—1. God
Siddheśwara who crowns a person with success. ୨ । ଶିବମୂର୍ତ୍ତିଙ୍କ ନାମବିଶେଷ—2. Name of an image of Śiba. ୩ । ମହାଯୋଗୀ (ହି. ଶ)—3. A great adept. ଦେ· ବି.
সিদ্ধেশ্বর ପୁଂ—୧ । ଭୁବନେଶ୍ୱରରେ ପ୍ରତିଷ୍ଠିତ ଶିବଲିଙ୍ଗବିଶେଷ—
सिद्धेश्वर 1. Name of an image of Śiba at Bhubaneśwara. [ଦ୍ର—ଏ ମନ୍ଦିରରେ ସୁନ୍ଦର ସୂକ୍ଷ୍ମ ପ୍ରସ୍ତରର କାରୁକାର୍ଯ୍ୟ ଲକ୍ଷିତ ହୁଏ ।] ୨ । ପୁରୁଷଙ୍କ ନାମ—2. A name given to males.

ସିଦ୍ଧେଶ୍ୱରୀ—ସଂ. ବି· ସ୍ତ୍ରୀ—ମୁଣ୍ଡମାଳା ତନ୍ତ୍ରଲିଖିତ ମହାବିଦ୍ୟା ବା
Siddheśwarī ଦୁର୍ଗାଙ୍କର ମୂର୍ତ୍ତିବିଶେଷ—Name of an image of Durgā. [ଦ୍ର—ଏ ମନ୍ତ୍ରସିଦ୍ଧିପ୍ରଦା, ସିଦ୍ଧବିଦ୍ୟାଧରଗଣଯୁକ୍ତା, ଯୋଡ଼ଶବର୍ଷୀୟା ଓ ଲଙ୍ଗ-
সিদ্ধেশ্বরী ଶୋଭିତା ।] ଦେ· ବି—୧ । ଗ୍ରାମଦେବତାବିଶେଷ—
सिद्धेश्वरी 1. Name of a popular village deity. ୨ । ସ୍ତ୍ରୀଙ୍କ ନାମ—2. A name given to females.

ସିଦ୍ଧୌଘ—ସଂ. ବି (ସିଦ୍ଧ + ଓଘ=ସମୂହ)—ତନ୍ତ୍ରୋକ୍ତ ଗୁରୁକ୍ରମ-
Siddhaugha ବିଶେଷ ବା ସଦ୍ଗୁରୁଗଣ—A succession of preceptors mentioned in the Tantras. [ଦ୍ର—ଏମାନଙ୍କର ନାମ—ନାରଦ, କାଶ୍ୟପ, ଶମ୍ଭୁ, ଭାର୍ଗବ, କୁଳକୌଶିକ । ଏମାନେ ସଂଖ୍ୟାରେ ପାଞ୍ଚ ଜଣ ।]

ସିଧ୍ (ଧାତୁ)—ସଂ—୧ । ପାକ କରିବା; ସିଝାଇବା—1. To boil.
Sidh (root) ୨ । ରାନ୍ଧିବା—2. To cook. ୩ । ସମ୍ପାଦନ କରିବା—3. To accomplish. ୪ । ଗମନ କରିବା—4. To move.

ସିଧ(ଧା, ଧି, ଧୁ)—ଦେ. ବି. ପୁଂ (ସଂ. ସିଦ୍ଧ)—ସିଦ୍ଧେଶ୍ୱରଙ୍କ ଡାକ
Sidha(dhā, dhi, dhu) ନାମ—Names for calling
(ସିଧୁଆ, ସିଧୁଅ, ସିଧେଇ—ଅନ୍ୟରୂପ) Siddheśwara.

ସିଧଶର—ଗ୍ରା. ବି—ସିଦ୍ଧେଶ୍ୱରଙ୍କ ଡାକ ନାମ—
Sidhaśara Name for caling Siddheśwara.

ସିଧା—ଦେ· ବି—୧ । ସିଦା (ଦେଖ)—1. Sidā (See) ୨ ।
Sidhā ଏକପ୍ରକାର ଜଙ୍ଗଲି କାଠ ଗଛ—2. A timber tree;
সিধা सीधा Lagerstræmia Parviflora. ଦେ. ବିଣ—ସିଦା (ଦେଖ)—Sidā (See)

ସିଧା ଅଙ୍ଗୁଠି—ଦେ. ବି—ବଙ୍କା ହୋଇପାରୁ ନ ଥିବା ଅଙ୍ଗୁଠି—An
Sidhā āṅguṭhi unbent finger; a stiffened
সোজা আঙ্গুল सीधा उंगली finger.

ସିଧା ଅଙ୍ଗୁଠିରେ ଘିଅ ବାହାରେ ନାହିଁ—(ନ୍ୟାୟ)—ଯେଉଁପରି
Sidhā āṅguṭhire ghia bāhāre nāhiṅ ଘୋଟିଏ ପାତ୍ରରେ ଘିଅ ଥିଲେ ସେ ପାତ୍ରରେ ଅଙ୍ଗୁଠିକୁ ପୂରାଇ ଅଙ୍ଗୁଠିକୁ ବଙ୍କା ନ କରି ପାତ୍ରରୁ ଉଠାଇ ଆଣିଲେ ଅଙ୍ଗୁଠିଦ୍ୱାରା ପାତ୍ରରୁ ଘିଅ ଉଠି ଆସେ ନାହିଁ, ସେହିପରି ସରଳ ଓ ନିଷ୍କପଟ ବ୍ୟବହାରକାରୀ ବ୍ୟକ୍ତି ଅନ୍ୟଠାରୁ ଧନାଦି ଲାଭ କରି ପାରେ ନାହିଁ—A proverb meaning 'A frank or simple person is hoodwinked in the world'.

ସିଧା(ଧେ)ଇବା—ଦେ· କ୍ରି—ସିଧା କରିବା; ସଳଖ କରିବା—
Sidhā(dhe)ibā To straighten.
সোজা করা सीधा करना

ସିଧାଏ—ଦେ· କ୍ରି. ବିଣ—ସଳଖେ ସଳଖେ; ସରଳରେଖା ମାର୍ଗରେ
Sidhāe —Straightway; in a straight line.
সোজা, সোজাসোজি सीधे सीधे
(ସିଧାଏ ସିଧାଏ—ଅନ୍ୟରୂପ)

ସିଧା କଥା—ଦେ. ବି—୧ । ସରଳ କଥା; ନିଷ୍କପଟ ବାକ୍ୟ—
Sidhā kathā 1. Frank or simple words. ୨ ।
সোজা কথা सीधी बात ସତ୍ୟ କଥା—2. Plain truth.

ସିଧା କରିବା—ଦେ· କ୍ରି—୧ । ସଳଖିବା—1. To straighten.
Sidhā karibā ୨ । ଗଣ୍ଠି ପରି ସଳଖ ଓ ଟାଣୁଆ କରିବା;
সোজা করা ଛଡ଼ି ଦେବା—2. To stiffen; ୩ । ପ୍ରହାର ବା
सीधा करना ଦଣ୍ଡଦ୍ୱାରା ବାଟକୁ ଆଣିବା—2. To teach
(ସିଧା କରା[କେ]ଇବା—ଅନ୍ୟରୂପ) a lesson.

ସିଧା ପଣ(ପଣିଆ)—ସଂ. ବି—ସରଳତା—Straightness.
Sidhā paṇa(paniāṅ) সোজাপনা सीधापन

ସିଧା ବାଟ(ରାସ୍ତା)—ସଂ. ବି—ସଳଖ ବାଟ—Straight road.
Sidhā bāṭa(rāstā) সোজা রাস্তা सीधा रास्ता

ସିଧା ମଣ(ଣି, ଣି)ଷ—ଦେ. ବି—ନିଷ୍କପଟ ବ୍ୟକ୍ତି—A simple
Sidhā mana(ṇi, ni)sha person.
সোজা মানুষ सीधा आदमी

ସିଧା ସଞ୍ଚା—ଦେ. ବି—ସିଦା (ଦେଖ)
Sidhā sañchā Sidā (See)

ସିଧା ସାମଗ୍ରୀ—ଦେ. ବି—ସିଦା ସାମଗ୍ରୀ (ଦେଖ)
Sidhā sāmagrī Sidā samagrī (See)

ସିଧା ସିଧା—ଦେ. କ୍ରି. ବିଣ—ସିଧାଏ ସିଧାଏ; ସଳଖେ ସଳଖେ—
Sidhā sidhā In a straight line; straightway.
সোজাসোজি सीधे सीधे

ସିଧି(ଧୁ)—ଦେ. ବି. ପୁଂ (ଅଦରାର୍ଥକ)—ସିଦ୍ଧେଶ୍ୱରଙ୍କ ଡାକ ନାମ—
Sidhi(dhu) Names for calling Siddheśwara.

ସିଦେ—(ସିଧଅ, ସିଧୁଅ—ଅନାଦରାର୍ଥକ ରୂପ)
ସିଧି—ଗ୍ରା· ବି (ସଂ. ସିଦ୍ଧି)—ସିଦ୍ଧି (ଦେଖ)—Siddhi (See)
Sidhi সিধি सिधी [ଉ—ଦେବନ ଚକ୍ଷୁ ଦୋଷେ ସିଧି ଅକ୍ଷର କରିବ—ପ୍ରାଚୀ· ଶ୍ରୀସୁବୁଦ୍ଧଗୀତା ।]
ସିଧି ବିଧି—ଦେ. ବି (ସନ୍ଦରର; ସଂ. ସିଦ୍ଧି+ବିଧି)—ସିଦ୍ଧି; Sidhi bidhi ଆଡ଼ମ୍ବର; ଘନଘଟା—Ado; grandeur; जीकजमक सिधीबिधी display.
ସିଧିରସ୍ତୁ—ଗ୍ରା. ବି (ସଂ. ସିଦ୍ଧିରସ୍ତୁ)—ସିଦ୍ଧିରସ୍ତୁ (ଦେଖ) Sidhirarastu Siddhirastu (See)
ସିଧିରସ୍ତୁ—ଗ୍ରା· ବି (ସଂ. ସିଦ୍ଧିରସ୍ତୁ)—ସିଦ୍ଧିରସ୍ତୁ (ଦେଖ) Sidhirastu Siddhirastu (See)
ସିଧ୍ମ(ଧ୍ମା, ଧ୍ମି)—ସଂ. ବି (ସିଧ୍ ଧାତୁ+ମକ୍, ସିଦ୍ଧ; ୧ମା. ୧୦)—Sidhma(dhmā, dhmi) କଳାସ ରୋଗ (ହେମଚନ୍ଦ୍ର); ଛଉ ରୋଗ; ଶ୍ୱିତ୍ର—A disease; scurf; partial discolouration or whitening of the skin; albinism. [ବି—ଏହା କୁଷ୍ଠ ପ୍ରକାର—ଶ୍ୱେତ ଓ ଲୋହିତ । ଏ ରୋଗରେ ଦେହର ଚର୍ମ ଶ୍ୱେତ ବା ତାମ୍ର ବର୍ଣ୍ଣ ଦେଖାଯାଏ ଏବଂ ଦେହରୁ ଧୂଳ ବାହାରେ । ଏହା ଲାଉ ଫୁଲ ପରି ଓ ଛାତିରେ ପ୍ରଥମେ ମାଡ଼ିବା ଦେଖାଯାଏ । ଏହା ସପ୍ତମହାକୁଷ୍ଠାନ୍ତର୍ଗତ କ୍ଷୁଦ୍ରରୋଗ-ବିଶେଷ—ମାଧବକର ।] ସଂ· ବିଣ—ଶ୍ୱେତ ଚିହ୍ନ ବିଶିଷ୍ଟ (ଭୂ, ଶ)—Having white marks.
ସିଧ୍ମ ପୁଷ୍ପିକା—ସଂ. ବି—ଧଳା ଛଉ; ଶ୍ୱିତ୍ର; ଶ୍ୱେତକୁଷ୍ଠ—The Sidhma pushpikā white variety of scurf; albinism.
ସିଧ୍ମଳ—ସଂ.ବିଣ·ପୁଂ (ସିଧ୍ମ+ଲ ଧାତୁ=ଗ୍ରହଣ କରିବା+କର୍ତ୍ତୃ.ଅ)—Sidhmala କଳାଶୀ; ଛଉ ବା ଶ୍ୱିତ୍ର ରୋଗଗ୍ରସ୍ତ (ବ୍ୟକ୍ତି)—(ସିଧ୍ମଳା—ସ୍ତ୍ରୀ) Suffering from Sidhma or scurf; albino.
ସିଧ୍ମଳା—ସଂ· ବି—୧ । ମତ୍ସ୍ୟ ବିକୃତ (ମେଦିନୀ)—1. A disease Sidhmalā of the fishes. ୨ । ଶୁଖୁଆ (ଭୂ. ଶ)—2. Dried fish, ସଂ. ବିଣ. ସ୍ତ୍ରୀ—ସିଧ୍ମଳର ସ୍ତ୍ରୀଲିଙ୍ଗ—Feminine of Sidhmala.
ସିଧ୍ୟ—ସଂ. ବିଣ (ସିଧ୍ ଧାତୁ+କର୍ତ୍ତୃ· ଯ)—କାର୍ଯ୍ୟସାଧକ—Sidhya Causing accomplishment of work. ସଂ. ବି—ପୁଷ୍ୟାନକ୍ଷତ୍ର (ଅମର)—The eighth lunar asterism. ଗ୍ରା. ବିଣ (ସଂ. ସିଦ୍ଧ)—ସିଦ୍ଧ (ଦେଖ) Siddha (See)
ସିଧ୍ୟା—ଗ୍ରା. ବି—ସିଦ୍ଧିଅ, ସିଦ୍ଧେଶ୍ୱରର ଡାକ ନାମ—A name for Sidhyā সিধু calling Siddheśwara.
ସିଧ୍ର—ସଂ. ବିଣ. ପୁଂ (ସିଧ୍ ଧାତୁ+କର୍ତ୍ତୃ· ର)—ସାଧୁ; ଧର୍ମପରାୟଣ Siddhra (ଉଣାଦି କୋଷ)—Pious; religious. (ସିଧ୍ରା—ସ୍ତ୍ରୀ) ସଂ. ବି—ବୃକ୍ଷ (ଉଣାଦି କୋଷ)—A tree.
ସିଧ୍ରକା—ସଂ. ବି (ସିଧ୍ ଧାତୁ+ରକ୍+ଅ)—ବୃକ୍ଷବିଶେଷ (ଅମର, Sidhrakā ଭରତ)—A kind of tree.
ସିଧ୍ରକା ବଣ—ସଂ· ବି (ସିଦ୍ଧ୍ରକା=ଏକପ୍ରକାର ବୃକ୍ଷ+ବନ; ବନ= Sidhrakā bana ଦେବୋଦ୍ୟାନ (ବିକାଣ୍ଡ ଶେଷ)—A garden of the Gods.
ସିନ୍—ବୈଦେ· ବି (ଇଂ· ସିନ୍)—୧ । ନାଟକର ଦୃଶ୍ୟ—1. The Sin scene of a drama. ୨ । ରଙ୍ଗାଳୟର ପଟ—সিন্‌, सीन 2. The scene of a theatre, ୩ । (ବୀଜଗଣିତ) সাইন্‌, साइन (ବୀଜଗଣିତ) ସାଇନ୍ ୨ (ଦେଖ)—3. (Algebra) Sāin 2, (See)
ସିନ୍‌କୋନା—ବୈଦେ· ବି (ଇଂ. ସିନ୍‌କୋନା)—ସିଙ୍କୋନା Sinkonā (ଦେଖ)—Sinkonā. (See) সিঙ্কোনা सिनकोना
ସିନ୍ ସିନ୍—ଦେ· ଅ (ଧ୍ୱନ୍ୟର୍ଥକ)—ଚିନ୍ ଚିନ୍ (ଦେଖ) Sin sin চিন্‌ চিন্‌ Chin chin. (See)
ସିନ—ସଂ· ବିଣ, ପୁଂ (ସି· ଧାତୁ=ବନ୍ଧନ କରିବା+କର୍ମ. ନ)—Sin ୧ । ଶୁକ୍ଳ; ଧଳା; ଧଳା—1. White. ୨ । କାଣ; କଣା (ସିନା—ସ୍ତ୍ରୀ) (ଶବ୍ଦ କଳ୍ପଦ୍ରୁମ)—2. One-eyed. ପୁ· ବି—୧ । ଗ୍ରାସ (ମୁଗ୍ଧବୋଧ ବ୍ୟାକରଣ)—1. Devouring. ୨ । ଶରୀର; ଦେହ (ସିଦ୍ଧାନ୍ତସାର)—2. Body.
ସିନା—ଦେ. ଅ (ସଂ· କନ୍ତୁ)—୧ । ମାତ୍ର; କେବଳ—1. Only. Sinā (ଉ—ଗଲଣି ତ ଗଲା କଥାରେ ସନ୍ତାପ ! वईकि, वटे, वईतनय ରୂପରେ ସିନା ମୁଁ ଲଭେ ପଶୁରୁଛ तो ବନ ପଲ୍ଲବାରୁ ବ୍ୟଥା । ଉପେନ୍ଦ୍ରଭଞ୍ଜ, ବଳୋଶ୍ର ଚମ୍ପୂ ସ ଗୀତ ।)
ই হী ୨ । ଅବଧାରଣ ବା ନିଶ୍ଚୟାର୍ଥକ; ନିଶ୍ଚେ—2. Certainly. (ଉ—ତୁମ୍ଭ ହେତୁଁ ସିନା ଅମ୍ଭେ ଫଳ ଜନା । ଉପେନ୍ଦ୍ରଭଞ୍ଜ. ବଳୋଶ୍ର ଚମ୍ପୂ ଉ ଗୀତ ।) ୩ । (ସମ୍ଭାବନାର୍ଥକ) ସମ୍ଭବତଃ—3. Probably; me-না thinks. (ଉ—ରାଜା ରାଣୀଙ୍କର ଗାଗ୍ରକନା ପାଇଁ ସେ ସିନା ପ୍ରତାପ କ୍ଷିଣା । ରାଧାନାଥ. ପାର୍ବତୀ ।)
ই ୪ । (ଯୁକ୍ତି ବା ତର୍କ ସ୍ଥଳରେ ଏକପକ୍ଷବୋଧକ ସ୍ୱଭାବତଃ; ସାଧାରଣତଃ—4. Naturally; ordinarily. (ଉ—ଶିଷ୍ୟ ସିନା ଗୁରୁଙ୍କୁ ଡରେ, ଏବେ ଶିଷ୍ୟଙ୍କୁ ଗୁରୁ ଡରିବାର ଦେଖାଯାଉଛି ।) ୫ । ମାତ୍ରକ—5. Merely. (ଉ—ବୁଢ଼ାପାଉଥାଏ ସିନା, ବୁଢ଼ା ବୁଢ଼ା କରି ମୁହଁ ଦେଖୁଥିଲେ ଲୁହା କ ହୋଇବ ସୁନା ? ଢଗ ।) ବୈଦେ. ବି—সিনা सीना (ଫା. ସିନା)—୧ । ଘୋଡ଼ାର ଛାତି (ଅଗ ଗୋଡ଼ ଓ ବେକ ମଧ୍ୟରେ ଥିବା ଅଂଶ)—1. The breast or chest of a horse· ଦେ. ବି—୧ । ସିଂହ; 'ସିଂହ' সিং ନାମର ବଂଶୋପାଧିର ଇଂରେଜ 'Sinha' ର ଉଚ୍ଚାରଣ—सिनहा 1. Pronunciations of the family-title

'Sinha'. (ଭୁ—ଇଙ୍ଗ୍ ସିନ୍ହା ।) ୨ । ଶ୍ରୀନିବାସର ଡାକ ନାମ—2. Name for calling Śrīnibāsa.

ସିନା ଜୋର୍—ବୈଦେ. ବି (ଫା.)—୧ । ମୁହଁ ଅଣ୍ଡ; ଦାମ୍ଭିକତା—
Sinā jor 1. Effrontery. ୨ । ସାହସ—2. Courage.
मुखसापट ୩ । ମୁହଁ ଜୋର; ପାଟିର ବଳ—3. Loudness of the tongue.
सानाजोर

ସିନାନ – ଗ୍ରା. ବି (ସଂ ସ୍ନାନ)—ସ୍ନାନ; ଗାଧୋଇବା—
Sināna सिनान सनान Bath.

ସିନାନ କରିବା—ଗ୍ରା. କ୍ରି—ସ୍ନାନ କରିବା; ଗାଧୋଇବା—
Sinān karibā To take a bath.
सिनान करा सनान करना

ସିନାନ ଯାତ(ତ୍ରା) – ଗ୍ରା. ବି—ସ୍ନାନପୂର୍ଣ୍ଣିମା (ଦେଖ)—
Sināna jāta(trā) Snāna pūrṇṇimā. (See)
(ସିନାନ ଯାତର, ସିନାନ ପୂନେଇଁ—ଅନ୍ୟରୂପ)
सिनान याত सनान जातरा

ସିନାନିଆ—ଗ୍ରା. ବିଣ (ସଂ ସ୍ନାତ)—ସ୍ନାତ; ଯେ ଗାଧୋଇ ଅଛି —
Sināniā स्नात सनानकिया हुआ Bathed.

ସିନା ବନ୍ଦ – ବୈଦେ. ବି (ଫା.)—ଜେରବନ୍ଦ; ଘୋଡ଼ାର ବେକର
Sinā̆band ଗୁରଣାରେ ସେଶ୍ ଯାଇଥିବା ଚମଡ଼ାର ପଟି, ଯାହା
जेरबन्द ଛଡ଼ାବାଟେ ଘୋଡ଼ାର ପେଟୀ ସଙ୍ଗେ ଲାଗିଥାଏ ଓ ଯାହା
सीनाबंद ପେଟୀ ସଙ୍ଗେ ସଲଗ୍ନ ଥିବାରୁ ଘୋଡ଼ା ବେକକୁ ବେଶୀ ଉଚ୍ଚକୁ ଉଠାଇପାରେ ନାହିଁ—A ring or thin halter of leather put round the neck of a horse; necktie of a horse.

ସିନି—ଦେ. ବି—୧ । ବିହାରର ବେଙ୍ଗଲ ନାଗପୁର ରେଲୱେର
Sini ଗୋଟିଏ ଜଙ୍କ୍ସନ୍ ଷ୍ଟେସନ (ଏହି ଷ୍ଟେସନରୁ ଝଡ଼େଇକଲାକୁ
सिनि ମଟରରେ ଯିବାକୁ ହୁଏ ।)—1. Sini; a junction
सीनी station of the B. N. Ry in Bihar
୨ । ଶ୍ରୀନିବାସର ଡାକ ନାମ—2. Name for calling Śrīnibāsa.

ସିନିଅ(ହ) (ଇତ୍ୟାଦି)—ଗ୍ରା. ବି (ସଂ ସ୍ନେହ)—ସ୍ନେହ ଇତ୍ୟାଦି
Sinia(ha) (etc) (ଦେଖ)—Sneha etc. (See) (ଉ—
सेनेह ବର ଭଲେ ଏତେ ସିନିଅ ଦେଖେଇ ହଉଥିଲି, ଏବେ
सनेह ଉଲଟା ମାମୁଘରକୁ ପଠାଇ ଦେଲି ।
ଗାଳଗଣ୍ଡ. ପିଲାଙ୍କ ରାମାୟଣ ।)

ସିନିଅ(ଆ, ୟ, ୟା)ର୍—ବୈଦେ. ବିଣ (ଇଂ. ସିନିଅର୍)—
Sinia(ā,ya,yā)r ୧ । ବୟୋଜ୍ୟେଷ୍ଠ—1. Senior in
सिनियर् age. ୨ । କର୍ମକ୍ଷେତ୍ରରେ ଉଚ୍ଚତର—2. Senior in
सिनियर position. ବୈଦେ. ବି—୧ । କର୍ମକ୍ଷେତ୍ରରେ ଉଚ୍ଚତର ସହକର୍ମୀ—1. A senior colleague. ୨ । ବୟୋଜ୍ୟେଷ୍ଠ ବ୍ୟକ୍ତି—2. A person senior in age. ୩ । ଯେଉଁ ପୁରୁଣା ବୃଦ୍ଧ ଓକିଲଙ୍କ ନିକଟରେ ନୂଆ ଓକିଲମାନେ କାମ ଶିଖନ୍ତି—3. A senior pleader.

ସିନିଆ—ଗ୍ରା. ବି (ଅନାଦରାର୍ଥକ)—ଶ୍ରୀନିବାସର ଡାକ ନାମ—
Siniā Name for calling Śrīnibāsa.

ସିନୀ—ସଂ. ବିଣ. ସ୍ତ୍ରୀ (ସିନ+ଈ)—'ସିନ' ଶବ୍ଦର ସ୍ତ୍ରୀଲିଙ୍ଗ—
Sinī Feminine form of 'Sina'.

ସିନୀବାଲୀ—ସଂ. ବି (ବହୁବ୍ରୀହି; ସିନୀ=ଶ୍ୱେତା ଚନ୍ଦ୍ରକଳା+
Sinī bāli ବଲ୍ ଧାତୁ=ଧାରଣ କରିବା+ଇନ୍, ଅ+ଈ
ଈ)—୧ । ଦୃଷ୍ଟେନ୍ଦୁକଳା ଅମାବାସ୍ୟା (ଅମର); ପ୍ରତିପଦ୍‌ ବା ଚତୁର୍ଦ୍ଦଶୀଯୁକ୍ତା ଅମାବାସ୍ୟା ; ଯେଉଁ ଅମାବାସ୍ୟାରେ ଚନ୍ଦ୍ର ସାମାନ୍ୟ ମାତ୍ର ଦେଖାଯାଏ —1. An Amābāsyā day of which a part is Chatu-rdaśī or Pratipa ୨ । ବୈଦିକ ଦେବୀବିଶେଷ —2. Name of a Vedic Goddess. [ଦ୍ର— ଋଗ୍‌ବେଦରେ ଏ ପ୍ରଶସ୍ତକଟିବିଶିଷ୍ଟା, ସୁନ୍ଦର ଅଙ୍ଗୁଳି-ଭୂଷଣଯୁକ୍ତା ଓ ଗର୍ଭପ୍ରସବର ଅଧିଷ୍ଠାତ୍ରୀ ବୋଲି ବର୍ଣ୍ଣିତ ହୋଇଅଛନ୍ତି । ଅଥର୍ବବେଦରେ ଏହାଙ୍କୁ ବିଷ୍ଣୁଙ୍କ ପତ୍ନୀ ବୋଲି କୁହାଯାଇଅଛି ।] ୩ । ଶୁକ୍ଳପକ୍ଷ ପ୍ରତିପଦା (ଶବ୍ଦକୋଷ)—3. The Pratipadā of the bright lunar fortnight. ୪ । ଦୁର୍ଗା (ହ. ଶ)—4. Durgā. ୫ । ଅଙ୍ଗିରା ଋଷିଙ୍କର ଏକ ପତ୍ନୀ (ହ. ଶ)—5. Name of a wife of sage Angirā. ୬ । ମାର୍କଣ୍ଡେୟ ପୁରାଣ ବର୍ଣ୍ଣିତ ନଦୀବିଶେଷ (ହ ଶ)—6. Name of a mythological river.

ସିନୁ—ଦେ. ବି(ଅଦରାର୍ଥକ)—ଶ୍ରୀନିବାସର ଡାକ ନାମ—Name for
Sinu सिनु calling Śrīnibāsa.
(ସିନୁଆ, ସିନେଇ—ଅନ୍ୟରୂପ)

ସିନେ—ପ୍ରାଦେ. ଅ—୧ । (ବୋଦି) ସେଠାରେ—1. There.
Sine ୨ । (ବଲାଙ୍ଗିର ପାଟଣା) ସିନା—2. Too; even.

ସିନେଟ୍—ବୈଦେ. ବି (ଇଂ. ସିନେଟ୍)—୧ । ପ୍ରାଚୀନ ରୋମ୍‌
Sinet साम्राज्यর ଶାସକ ସଭା—1. The senate of the
सिनेट ancient Roman Empire. ୨ । ଆମେରିକା
सिनेट ଯୁକ୍ତରାଜ୍ୟର ଶାସନ ସଭା—2. The senate of United States. ୩ । ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହକ ସଭା—3. The senate of a University.

ସିନେଟ୍ ମିଟିଙ୍ଗ—ବୈଦେ. ବି (ଇଂ. ସିନେଟ୍ ମିଟିଂ)—ସିନେଟ୍
Sinet miting ସଭାର ଅଧିବେଶନ—Senate meeting.
सिनेट मिटिङ सिनेट मीटिंग (ସିନେଟ୍ ମିଟିଂ-ଅନ୍ୟରୂପ)

ସିନେଟ୍ ମେମ୍ବର୍—ବୈଦେ. ବି—ବିଶ୍ୱବିଦ୍ୟାଳୟର ସଭ୍ୟ—Member
Sinet membar of the senate of a University.
सिनेट मेम्बर सिनेट मेंबर

ସିନେଟ୍ ସଭା—ଦେ. ବି (ଇଂ ସିନେଟ୍+ସଂ. ସଭା)—ସିନେଟ୍
Sinet sabhā (ଦେଖ)—Sinet (See)
सिनेट सभा सीनेट सभा

ସିନେଟ୍ ହଲ୍—ବୈଦେ. ବ (ଇଂ. ସିନେଟ୍ ହଲ୍)—ସିନେଟ୍ ସଭାର
Sinet hal ଅଧିବେଶନ ଘର—Senate hall.
সিনেট হল सीनेट हाल

ସିନେଟର୍—ବୈଦେ. ବ (ଇଂ. ସିନେଟର୍)—ପ୍ରାଚୀନ ରୋମ ସାମ୍ରାଜ୍ୟର
Sinetar ସିନେଟ୍ ସଭାର ସଭ୍ୟ—Senator of the
সিনেটর सीनेटर ancient Roman Empire.

ସିନେମା—ବୈଦେ. ବ (ଇଂ. ସିନେମା)—ବାୟସ୍କୋପ୍ (ଦେଖ)
Sinemā Bāyaskop (See)
সিনেমা सिनेमा

ସିନେମା କମ୍ପାନୀ—ବୈଦେ. ବ (ଇଂ ସିନେମା କମ୍ପାନୀ)—ଯେଉଁ
Sinemā kampāni କମ୍ପାନୀ ବା ଅନୁଷ୍ଠାନ ଚଳଚ୍ଚିତ୍ର ପ୍ରସ୍ତୁତ
সিনেমা কংপানী ବା ପ୍ରଦର୍ଶନ କରନ୍ତି—Cenema company.
सिनेमा कम्पनी

ସିନେମା ଘର (ହାଉସ୍)—ଦେ. ବ—ଯେଉଁ ଘରେ ଚଳଚ୍ଚିତ୍ର ପ୍ରଦର୍ଶିତ
Sinemā ghara (hāus) ହୁଏ—Sinema house.
সিনেমা ঘর सिनेमा बाड़ी

ସିନେମା(ମେ)ଟୋଗ୍ରାଫ୍—ବୈଦେ. ବ (ଇଂ, ସିନେମାଟୋଗ୍ରାଫ୍)—
Sinemā(me)tograph ଯେଉଁ ଯନ୍ତ୍ର ସାହାଯ୍ୟରେ ଚଳଚ୍ଚିତ୍ର
সিনেমাটোগ্রাফ ଦେଖାଇ ହୁଏ—Cenemetograph.
सिनेमाटोग्राफ [ଦ୍ର—ଏହା ବର୍ତ୍ତମାନ ଉନ୍ନତ ଅବସ୍ଥା ଧାରଣ କରିଅଛି ଏବଂ ଛାୟାଚିତ୍ର ସାହାଯ୍ୟରେ ପରଦା ଉପରେ ପ୍ରତିଫଳିତ ଜୀବଜନ୍ତୁଙ୍କର ଓ ବ୍ୟକ୍ତିମାନଙ୍କ ଚଳମାନ ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଧ୍ୱନି ବର୍ଣ୍ଣନାମାନଙ୍କୁ ଶୁଣା ଯାଉଅଛି । ଏହା ବାୟସ୍କୋପ୍ ଓ ଗ୍ରାମୋଫୋନ୍‌ର ବୈଜ୍ଞାନିକ ସମବାୟ । ସିନେମାରେ ପ୍ରଦର୍ଶିତ ଜୀବଜନ୍ତୁ ଓ ବ୍ୟକ୍ତିମାନଙ୍କ ଚିତ୍ର ପ୍ରଦର୍ଶନ ସଙ୍ଗେ ସଙ୍ଗେ ସେମାନଙ୍କ ଧ୍ୱନି ଆଦି ଶୁଣା ଯିବାର ବ୍ୟବସ୍ଥାକୁ ଟକି (Talkie) କୁହାଯାଏ ।]

ସିନେହ (ଇତ୍ୟାଦି)—ଗ୍ରା. ବ (ସଂ. ସ୍ନେହ)—ସ୍ନେହ ଇତ୍ୟାଦି
Sineha (etc) (ଦେଖ)—Sneha etc (See)
সেনেহ सनेह

ସିନେହୀ—ଗ୍ରା. ବଣ. ପୁଂ ଓ ସ୍ତ୍ରୀ (ସଂ. ସ୍ନେହୀ)—ସ୍ନେହଶୀଳ—
Sinehi সেনেহী सनेही Affectionate, loving.

ସିନ୍ତ(ନ୍ତି)ସିନ୍ତିଆ—ଦେ· ବଣ—ସନ୍ତସନ୍ତିଆ; ଓଦାର୍ଦ୍ର—
Sint(nti)sintiā সঁ্যাত সেঁতে गीला Moist.

ସିନ୍ତା—ପ୍ରାଦେ (ସମ୍ବଲପୁର) ଅ—ସେପରି
Sintā In that manner.

ସିନ୍ତାଣ—ଦେ. ବ—ସିନ୍ଥାଣ (ଦେଖ)
Sintāṇa Sinthāṇa (See)

ସିନ୍ତି(ନ୍ଥି)—ଦେ. ବ—୧ । (ସଂ. ସୀମନ୍ତ)—ସିଁଥି (ଦେଖ)—
Sinti(nthi) 1. Siñti (See) ୨ । ପ୍ରାଚୀନ କାଳରେ
সিঁথী सउथ ବ୍ୟବହୃତ ଯୁଦ୍ଧାସ୍ତ୍ରବିଶେଷ—2. A kind of weapon used in ancient days in battle.

ସିନ୍ତି(ନ୍ଥି) ପତ୍ରି—ଦେ· ବ (ସଂ. ସୀମନ୍ତ ପତ୍ର)—ସୀମନ୍ତର ପତ୍ରାକାର
Sinti(nthi) pāṭi ସ୍ୱର୍ଣ୍ଣାଳଙ୍କାରବିଶେଷ; ଚୌରସି—A gold
সিঁথীপাটি सिउथ पाटी plate worn on the hair
(ସିନ୍ତି[ନ୍ଥି]ପାଟିଆ—ଅଳଙ୍କାର) over the forehead.

ସିନ୍ତୁଲା ଦେ· ବ ଓ ବଣ (ସ. ସନ୍ତୋଳନ)—ସନ୍ତୁଲା (ଦେଖ)
Sintulā Santulā (See)

ସିନ୍ତୁଲା(ଲେ)ଇବା—ଦେ, କ୍ରି—ସନ୍ତୁଳାଇବା (ଦେଖ)
Sintulā(le)ibā Santulāibā (See)

ସିନ୍ତୁଲିବା—ଦେ· କ୍ରି—ସନ୍ତୁଳିବା (ଦେଖ)
Sintulibā Santulibā (See)

ସିନ୍ତୁଲି ହେବା—ଦେ. କ୍ରି—ସନ୍ତୁଳି ହେବା (ଦେଖ)
Sintuli hebā Santuli hebā (See)

ସିନ୍ଥା—ପ୍ରାଦେ. (ସିଂହଭୂମି) ବ—ସିଁଥି (ଦେଖ)
Sinthā সিঁথী पाटी Siñti (See)

ସିନ୍ଥାଣ(ଣି)—ଦେ. ବ (ସଂ. ସୀମନ୍ତ)—ମୁଣ୍ଡ ତଳେ ଦଉଥିବା ତକିଆ
Sinthāṇa(ṇi) —A pillow for the head. [ଦ୍ର—
বালিস सिरहाना ଦେଖ ମୋହର ମୁଣ୍ଡ ଲମ୍ବିତ ତଳକୁ, ସିନ୍ଥାଣ ଗଣ୍ଡେ ଦଅ ଲଦବ ତାହାକୁ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]

ସିନ୍ଦ୍—ଦେ. ବ (ନାମ) (ସ. ସିନ୍ଧୁ)—ସିନ୍ଧୁ ପ୍ରଦେଶ (ଦେଖ)
Sind Sindhu pradesa. (See)

ସି(ଛି)ନ୍ଦ୍ କନ୍ଦା—ପ୍ରାଦେ (ଜଙ୍ଗଲ) ବ—ବଣ ଖଜୁରୀ ଗଛର କନ୍ଦା—
Si(chhi)nd kandā Tender edible and sweet substance found inside the trunk at the top of wild date palm trees (from where the branches shoot forth.)

ସିନ୍ଦ୍‌ବାଦ୍—ଦେ. ବ (ନାମ) (ଅ. ସିନ୍ଦବାଦ୍)—ଆରବ୍ୟୋପନ୍ୟାସରେ
Sind-bād ବର୍ଣ୍ଣିତ ଜଣେ ନାବିକର ନାମ—Sindbad, the
সিন্দবাদ सिन्दबाद sailor, in, the Arabian Nights.

ସିନ୍ଦ(ନ୍ଦ)—ଦେ. ବ—ସିନ୍ଧି (ଦେଖ)—Sindi. (See) (ଦ୍ର—ଚୋର
Sinda(ndha) ଚୋର୍ଯ୍ୟେ ଯତ, କେହି କୃତ୍ରିମ ମୁଦ୍ରଣେ, କୃତ୍ରିମ ଲେଖ୍ୟ ଲଗନେ, ସିନ୍ଦେ କେହି ଅବା । ସୁଧାକାର· ମହାଯାତ୍ରା ।]

ସିନ୍ଦି(ନ୍ଧି)—ଦେ· ବ (ସ· ସନ୍ଧି=ଛିଦ୍ର)—ଚୋରି କରିବା ପାଇଁ ଚୋର
Sindi(ndhi) ପଦାରୁ ଘରଭିତରକୁ ଯିବା ବାଟେ ଯେଉଁ ଗାତ
সিঁধ(দ) ବା ସୁଡ଼ଙ୍ଗ ଖୋଳେ—A tunnel dug through
सेंध a wall for housebreaking.

ସିନ୍ଧ(ନ୍ଧି)ଆ—ଦେ· ବ—୧ । ସିନ୍ଧିଅର (ଦେଖ)—Sindiāra.
Sindi(ndhi)ā (See) ୨ । ସିନ୍ଧି କରିବା ଲୋକ—2. House
সিন্ধিআরা, সিঁধে(দে)ল breaker. ୩ । (ନାମ) (ମରହଟ୍ଟୀ)
सेंधदेनेवाला ଗୁଆଲିୟର ମହରଟ୍ଟା ରାଜ୍ୟ ବଂଶେଷ ଓ ତହିଁର ରାଜାଙ୍କ
সিন্ধিয়া ଉପାଧି—3. The Sindhiā (a Marhatta State
सिन्धिया and the title of its Chief.) [ଦ୍ର—ସିନ୍ଧିଅ

ରାଜ୍ୟର ଉତ୍ତରରେ ଚମ୍ବଲ୍ ଓ ଦକ୍ଷିଣରେ ନର୍ମଦା ନଦୀ । ଏହି ରାଜ୍ୟର ରାଜଧାନୀ ଗୋଆଲିଅର୍ ଅଟେ । ଶିବାଜୀଙ୍କ ପରେ ମରହଟ୍ଟାଙ୍କର ଏକାଧିପତ୍ୟ ଖଣ୍ଡ ଖଣ୍ଡ ହୋଇ ୫ ଗୋଟି ମରହଟ୍ଟା ରାଜ୍ୟର ସୃଷ୍ଟି ହୋଇଥିଲା । ଯଥା—

ରାଜାଙ୍କ ଉପାଧି	ରାଜଧାନୀ
୧ । ପେଶବା—	ପୁନା
୨ । ଗାଇକବାଡ଼—	ବରୋଦା
୩ । ସିନ୍ଧିଆ—	ଗୋଆଲିଅର୍
୪ । ହୋଲ୍‌କାର—	ଇନ୍ଦୋର
୫ । ଭୋଁସ୍ଲା—	ନାଗପୁର

ପ୍ରଥମେ ପେଶ୍‌ବା (ଅର୍ଥାତ୍, ମନ୍ତ୍ରୀ) ମରହଟ୍ଟାଙ୍କର ମନ୍ତ୍ରୀ ଥିଲେ । ପରେ ସେ ମରହଟ୍ଟା ରାଜ୍ୟର ରାଜା ହେଲେ । ପରବର୍ତ୍ତୀ ୪ ଗୋଟି ରାଜା ପ୍ରଥମେ ମରହଟ୍ଟା ରାଜାଙ୍କୁ ଅର୍ଥାତ୍ ପେଶ୍‌ବାଙ୍କୁ 'ଚଉଥ' ବା ପେଶ୍‌କସ୍ ଦେଉଥିଲେ; କିନ୍ତୁ ପରେ ସେମାନେ ପେଶ୍‌ବାଙ୍କୁ ନ ମାନି ନିଜେ ସ୍ୱାଧୀନ ହେଲେ । ଏହି ପାଞ୍ଚଗୋଟି ମରହଟ୍ଟା ରାଜ୍ୟ ମଧ୍ୟରୁ ପେଶ୍‌ବାଙ୍କ ରାଜ୍ୟ (ପୁନା) ଓ ଭୋଁସ୍ଲାଙ୍କ ରାଜ୍ୟ (ନାଗପୁର) ଇଂରେଜମାନଙ୍କ ହସ୍ତଗତ ହୋଇଅଛି ଓ ଅନ୍ୟ ୩ ଜଣ ରାଜା (ସିନ୍ଧିଆ, ଗାଇକବାଡ଼ ଓ ହୋଲ୍‌କାର) ଏ ପର୍ଯ୍ୟନ୍ତ ଇଂରେଜ ସରକାରଙ୍କର ମିତ୍ରରାଜାରୂପେ ନିଜ ନିଜ ରାଜ୍ୟ ଶାସନ କରୁଅଛନ୍ତି । ସିନ୍ଧିଆ ରାଜ୍ୟର ମୃତ ରାଜା ଦଉଲତ୍ ରାଓ ସିନ୍ଧିଆଙ୍କ ବିଧବା ରାଣୀଙ୍କ ଦ୍ୱାରା ପୋଷ୍ୟପୁତ୍ରରୂପେ ଗୃହୀତ ଜନକାଜୀ ସିନ୍ଧିଆଙ୍କୁ ଲର୍ଡ୍ ଉଇଲିଅମ୍ ବେଣ୍ଟିକ୍ ରାଜଗାଦିରେ ବସାଇଥିଲେ । କିନ୍ତୁ ସେ ଅପୁତ୍ରକ ହୋଇ ମୃତ ହେବାରୁ ତାଙ୍କର ୧୨ ବର୍ଷର ବିଧବା ସ୍ତ୍ରୀ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କଲେ ଏବଂ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କଲେ । ଅବଶେଷରେ ମହାରାଜପୁର ଓ ପୁନିଅର ଯୁଦ୍ଧରେ ୧୮୪୩ ଖ୍ରୀ: ଅ: ରେ ଇଂରେଜମାନେ ସିନ୍ଧିଆଙ୍କ ସୈନ୍ୟମାନଙ୍କୁ ପରାସ୍ତ କରି ଉକ୍ତ ପୋଷ୍ୟପୁତ୍ର ନାବାଲଗ୍ ଜୟାଜୀ ସିନ୍ଧିଆଙ୍କୁ ରାଜା କରାଇଲେ । ସେହିକାଳରୁ ସିନ୍ଧିଆ ରାଜବଂଶଧରମାନେ ଇଂରେଜ ସରକାରଙ୍କ ମିତ୍ରରାଜାରୂପେ ନିଜ ରାଜ୍ୟ ଶାସନ କରୁଅଛନ୍ତି ।]

ସିନ୍ଧି(ନ୍ଧି)ଆର(ରା,ଳ)—ଦେ. ବି (ସଂ. ସନ୍ଧିଳା—ଗାତ)—ଯେଉଁ ଚୋର Sindi(ndhi)āra(rā,la) ସିନ୍ଧିଗାତ ଖୋଳି ଚୋରି କରେ— সিঁধেল(দেল) Housebreaker, who breaks into a सेंध करनेवाला house by digging a tunnel into a house. ଦେ. ବିଣ—ଯେ ସିନ୍ଧି କରି ଚୋରି କରେ—House breaking (person).

ସିନ୍ଧି କରିବା (କାଟିବା, ଖୋଳିବା)—ଦେ. କ୍ରି—ଚୋରି କରିବା Sindi karibā (kāṭibā, kholibā) ପାଇଁ କାନ୍ଥରୁ ଘର সিঁদ[ধ] কাটা ଭିତରକୁ ସିନ୍ଧିଗାତ ଖୋଳିବା—To break सेंध करना into a house by boring a hole; to bore through the wall into a house.

ସିନ୍ଧି କାଟି(ଠି)—ଦେ. ବି—ସିନ୍ଧିଗାତ ଫୁଟାଇବା ପାଇଁ ଲୁହାର ଉପକରଣ Sindi kāṭi(ṭhi) ବା ଶାବଳ—House breaking tool. সিঁদ কাটি सेंध काटी

ସିନ୍ଧି ଗାଡ଼(ତ)—ଦେ. ବି (ସଂ. ସନ୍ଧି+ଗର୍ତ୍ତ)—ସିନ୍ଧି; ଘରର Sindi gāṛda(ta) କାନ୍ଥରେ ସିନ୍ଧିଅବ ଚୋରଙ୍କ ଖୋଳିଥିବା সিঁদ[ধ],সিঁদ[ধ] গর্ত ଗର୍ତ୍ତ—Sindi hole; a hole bored सेंध through a wall by a house breaker.

ସିନ୍ଧି ଫୁଟା(ଟେ)ଇବା—ଦେ. କ୍ରି—ସିନ୍ଧି କରିବା (ଦେଖ) Sindi phuṭā[ṭe]ibā Sindi karibā. (See) সিঁদ[ধ] কাটা सेंध फोड़ना

ସିନ୍ଧି ମୁହଁ—ଦେ. ବି (ସଂ. ସନ୍ଧି+ମୁଖ)—ସିନ୍ଧି ଗାତର ମୁଖ ବା ମୁଣ୍ଡ, Sindi muhañ ଯେଉଁଠାରେ ସିନ୍ଧିଗାତ ଘରଭିତରକୁ ଫୁଟିଥାଏ— সিঁধে(দে)র মুখ The mouth of a sindi hole; the सेंधका मुँह place where the sindi-hole opens into the inside of a house.

ସିନ୍ଧି ମୁହଁକୁ ପେଲି ଦେବା—ଦେ. କ୍ରି (ଲକ୍ଷଣାର୍ଥ)—ଯେଉଁଠାରେ Sindi muhañku peli debā ବିପଦର ଆଶଙ୍କା ଥାଏ, সিঁধের মুখে ঠেলেদেওয়া ସେପରି ସ୍ଥାନରେ କୌଣସି ବ୍ୟକ୍ତିକୁ सेंधका मुँह पर ढकेल देना ଉପସ୍ଥାପିତ କରିବା—To push a person to a place of imminent risk, [ଦ୍ର—ଏପରି କହିବାର ତାତ୍ପର୍ଯ୍ୟ ଏହି ଯେ, ଘର ଭିତରେ ଥିବା ବ୍ୟକ୍ତିର ହାତୁଡ଼ିରେ ଯେବେ ସିନ୍ଧିମୁହଁରେ ପ୍ରବେଶ କରିବା ବ୍ୟକ୍ତି ପଡ଼ିଯିବ, ତେବେ ତାହାକୁ ଗୃହସ୍ୱାମୀ ମାରି ପକାଇପାରେ ଏବଂ ସେତେବେଳେ ଘରର ବାହାରରେ ଥିବା ସଙ୍ଗୀ ଚୋର ଘର ଭିତରକୁ ପଶିପାରି ବିପନ୍ନ ସଙ୍ଗୀକୁ ସାହାଯ୍ୟ କରି ପାରିବେ ନାହିଁ ।]

ସିନ୍ଦୁ(ନ୍ଧୁ)—ଦେ. ବି—୧ । କୃପାସିନ୍ଧୁର ଡାକ ନାମ—1. Name Sindu(ndhu) for calling Kṛupāsindhu. ୨ । (ସିନ୍ଧୁଅ, ସିନ୍ଧୁଆ—ଅନ୍ୟରୂପ) ସିନ୍ଧୁ ଦେଶ (ଦେଖ)— 2. Sindhu deśa. (See) ୩ । ସିନ୍ଧୁନଦ (ଦେଖ)— সিন্ধু सिन्धु 3. Sindhu nada. (See)

ସିନ୍ଦୁକ—ସଂ. ବି (ସ୍ୟନ୍ଦ୍. ଧାତୁ+କନ୍ତି, ଉକ)—ସିନ୍ଦୁବାର (ଦେଖ)— Sinduka Sindubāra (See) ବୈଦେ. ବି (ଅ· ସନ୍ଦୁକ୍)— সিন্দুক ବଡ଼ ବାକ୍ସ; ଲୁହାର ବା କାଠର ମଞ୍ଜୁଷା—A chest सन्दुक (of wood or iron). [ଦ୍ର—ଏହାର ତଳ ଅଂଶଟି ଭୂଇଁ ଉପରେ ରଖାଯାଏ ଏବଂ ଉପରର ଢାଙ୍କଣି କବଜା ଓ ଶିକୁଳି ଲଗି ଉଠାଯାଏ ଓ ମୁଦାଯାଏ ।]

ସିନ୍ଦୁକ କ(କୁ)ଞ୍ଚି—ଦେ. ବି—ସିନ୍ଦୁକ ଚାବି (ଦେଖ) Sinduka ka(ku)ñchi Sinduka chābi. (See) সিন্দুকের চাবি

ସିନ୍ଦୁକ ଚାବି—ଦେ. ବି—ସିନ୍ଦୁକରେ ପଡ଼ିଥିବା ତାଲାର ଚାବି— Sinduka chābi The key of the lock of a chest. সিন্দুকের চাবি सन्दुककी चाभी

ସିନ୍ଦୁକ ଡାଲା—ଦେ. ବି—ସିନ୍ଦୁକର ଉପରେ ଥିବା ଢାଙ୍କୁଣୀ—
Sinduka dālā The upper lid of a chest.
সিন্দুকের ডালা सन्दुकका डाला

ସିନ୍ଧୁ ଦେଶ—ସଂ. ବି—ସିନ୍ଧୁ ଦେଶ (ଦେଖ)—Sindhu deśa
Sindu deśa সিন্ধু দেশ, সিন্ধু মুলক (See)
सिन्ध देश (ସିନ୍ଧୁ ମୁଲକ—ଅନ୍ୟରୂପ)

ସିନ୍ଦୁବାର—ସଂ. ବି (ସ୍ୟନ୍ଦ୍ ଧାତୁ+ଉ, ଉ=ସିନ୍ଦୁ=ସ୍ୟନ୍ଦନ+
Sindubāra ବାର ଧାତୁ=ନିବାରଣ କରିବା+କର୍ତ୍ତୃ-ଅ; ଏହା
নিসিন্দা ସ୍ୟନ୍ଦନ ବା କଫକୁ ନିବାରଣ କରେ)—ନିର୍ଗୁଣ୍ଡି
(ସିନ୍ଦୁବାରକ—ଅନ୍ୟରୂପ) (ଦେଖ)—Nirgundi (See)

ସିନ୍ଦୁରି—ଦେ. ବି (ସଂ ସୁନ୍ଦର)—୧ । ସୁନ୍ଦର ସଂ. ବି (ଦେଖ)
Sinduri 1. Sundara (See) ୨ । ସିନ୍ଦୁରି (ଦେଖ)—
सेंदुरी সিঁদুরে 2. Sindūri (See)

ସିନ୍ଦୁଳିବା—ଦେ. କି—ସିନ୍ଦୋଳିବା (ଦେଖ)
Sindulibā Sindolibā (See)

ସିନ୍ଦୂର—ସଂ ବି (ସ୍ୟନ୍ଦ୍ ଧାତୁ=କ୍ଷରଣ ହେବା+କର୍ତ୍ତୃ· ଊର; ଏହା
Sindūra ଦ୍ରାବକ ଶବ୍ଦ; ଦ୍ରାବକରୁ ଏହା
ଅନ୍ୟ ସଂ. ନାମ—ଚୈତ୍ର- ବସ୍ତୁ ଝରୁ ଅଛିଅଛି)—୧ । ରକ୍ତବର୍ଣ୍ଣ
ରେଣୁ, ନାଗଗର୍ଭ, ସୀସକ, ଚୂର୍ଣ୍ଣବିଶେଷ—1. Vermillion;
ନାଗରେଣୁ, ଶୃଙ୍ଗାରକ, red lead; Plumbi Oxidum;
ଗଣେଶଭୂଷଣ, ସନ୍ଧ୍ୟାରାଗ, cinnabar. ୨ । ସିନ୍ଦୂର ବର୍ଣ୍ଣ—
ଶୃଙ୍ଗାରକ, ସୌଭାଗ୍ୟ, 2. Vermillion colour. ୩ ।
ଅରୁଣ, ମଙ୍ଗଲ୍ୟ । ନିର୍ଗୁଣ୍ଡି (ଦେଖ)—3. Nirgundi
সিন্দুর सेंदुर (See) [ଦ୍ର—ବର୍ତ୍ତମାନ ବଜା-
ତେ. ଚେନ୍ଦୁରମୁ ରରେ ବିକ୍ରି ହେଉଥିବା ସିନ୍ଦୂର
ତା. ଚେନ୍ଦୁରମ୍ (ରଙ୍ଗ ସିନ୍ଦୂର) ବୈଜ୍ଞାନିକ ଉପା-
ଫା. ସିନ୍ଦର୍ଫ୍ ୟରେ ପାରଦ ଓ ଗନ୍ଧକରୁ ପ୍ରସ୍ତୁତ
(vermillion); କିନ୍ତୁ ପୂର୍ବେ ବୈଦ୍ୟଶାସ୍ତ୍ରୋକ୍ତ ସିନ୍ଦୂର
ସୀସକଘଟିତ ଥିଲା (minium) । ଏ ସିନ୍ଦୂରର ରଙ୍ଗ
ମାଟିଆ ବା ଫିକା ।

ସିନ୍ଦୂର ସଧବା ସ୍ତ୍ରୀଲୋକମାନଙ୍କର ଅତି ଆଦରର ସାମଗ୍ରୀ । ପୁରାଣାଦି (ଯଥା—କାଶୀଖଣ୍ଡ ୪ର୍ଥ ଅଧ୍ୟାୟ)ରେ ଲେଖା ଅଛି ଯେ, ସ୍ତ୍ରୀ ଭାଲରେ ସିନ୍ଦୂର ଧାରଣ କଲେ ପତିଙ୍କ ଆୟୁ ବଢ଼େ । ଓଡ଼ିଶାରେ ସଧବା ସ୍ତ୍ରୀଲୋକମାନେ କପାଳର ମଝିରେ ସିନ୍ଦୂର ବିନ୍ଦୁ ଓ ଟୋପା ଲଗାନ୍ତି, କିନ୍ତୁ ବଙ୍ଗଦେଶରେ ସଧବାମାନେ ସୀମନ୍ତରେ ଲମ୍ବ କରି ସିନ୍ଦୂର ଗାର ଲଗାନ୍ତି ଓ ହାତରେ ପିନ୍ଧିଥିବା ଲୁହା (ଲୁହା ଖଡ଼ୁ)ରେ ଟିକିଏ ସିନ୍ଦୂରମାରି ଦିଅନ୍ତି । ସିନ୍ଦୂର ପିନ୍ଧିବା (ଏବଂ ବଙ୍ଗଦେଶରେ ଲୁହା ଖଡ଼ୁ ଓ ଆମ ଦେଶରେ କାଚ ବା ଶଙ୍ଖା) ସଧବାର ଚିହ୍ନ । 'ତୋର କାଚ ସିନ୍ଦୂର ବଜାୟ (ଅର୍ଥାତ୍ ଚିରସ୍ଥାୟୀ) ହେଉ'—ଏହି ଆଶୀର୍ବାଦ ଅପେକ୍ଷା ସଧବା ପ୍ରତି ଅନ୍ୟ ଉଚ୍ଚତର ଓ ମଙ୍ଗଳମୟ ଆଶୀର୍ବାଦ ଆଉ ନାହିଁ । ଦେବତା (ଦେଖ ଓ ବିଶେଷତଃ ଗ୍ରାମଦେବୀ)ଙ୍କଠାରେ ବହୁ ପରିମାଣରେ ସିନ୍ଦୂର ବୋଳାଯାଏ । ସିନ୍ଦୂର ଗୁଣ୍ଡ ଥିବାରୁ ତାହା ଦେହରେ ଲାଗି ରହିବା ପାଇଁ ତାହିଁ ସଙ୍ଗେ ଘିଅ ଗୋଳା ଯାଏ । କେତେ ଅନାର୍ଯ୍ୟଙ୍କ ମଧ୍ୟରେ ଯୁବକ ବିବାହ ପାଇଁ ମନୋନୀତା ସ୍ତ୍ରୀର କପାଳରେ ସିନ୍ଦୂର ଲଗାଇ ଦିଏ । କେତେ ହିନ୍ଦୁମାନଙ୍କ ମଧ୍ୟରେ ବର କନ୍ୟାର କପାଳରେ ସିନ୍ଦୂର ଲଗାଇବାର ପ୍ରଥା ମଧ୍ୟ ଚଳେ । ସିନ୍ଦୂର ମଧ୍ୟ ଔଷଧରେ ବ୍ୟବହୃତ ହୁଏ । କୁକୁଡ଼ା ଅଣ୍ଡାର ଧଳା ସଙ୍ଗେ ସିନ୍ଦୂର ଗୋଳି ବାଘୀ ଓ ପିଚୁଳ ଉପରେ ଲଗାଇଲେ ବେଦନା ଓ ଫୁଲା କମି ଯାଏ ।

ବୈଦ୍ୟଶାସ୍ତ୍ରରେ ସିନ୍ଦୂରକୁ ସପ୍ତ ଉପଧାତୁ ମଧ୍ୟରେ ଗଣନା କରାଯାଏ । ଏହା ସୀସାର ଉପଧାତୁ । ଏହା ଉଷ୍ଣବୀର୍ଯ୍ୟ, ବିସର୍ପଘ୍ନ, କଫଦୋଷ ନାଶକ, କୁଷ୍ଠ ଓ ବ୍ରଣ-ରୋଧକ । ଏହା କଷାୟ ।]

ସିନ୍ଦୂର କଜ(ଜ୍ୱ)ଳ—ଦେ· ବି (ସତତର)—ସ୍ତ୍ରୀଲୋକମାନଙ୍କ ପ୍ରସା-
Sindūra kaja(jwa)la ଧନର ଦୁଇଟି ସାମଗ୍ରୀ । (ଯଥା—
সিঁদুর কাজল ଚନ୍ଦ୍ରାଳରେ ଲେଖାଯିବା ସିନ୍ଦୂର ଓ ଆଖିରେ
सेंदुर काजल ଲେଖାଯିବା କଜ୍ଜଳ)—Vermillion (for
ସିନ୍ଦୂର କଜ୍[ଜ୍ୱ]ଳ—ସଂ· ରୂପ) the brow) and
collyrium (for the eyes) used by women.

ସିନ୍ଦୂର କଳା—ଦେ· ବି (ସତତର)—କପାଳରେ ନାଲି ଟୋପି ଦେବା
Sindūra kalā ପାଇଁ ସିନ୍ଦୂର ଓ କଳା ଟୋପି ଦେବାପାଇଁ
সিঁদুরের উপরে কাল টিপ ଗୁଣ୍ଡକଳା—Vermillion [red]
सेंदुर काला and black mixture [black]
used for painting the forehead.

ସିନ୍ଦୂର କଳି(ଲ୍ଲି)—ଦେ· ବି—କପାଳରେ ଟଣାହିତ କଳିଆକାରର
Sindūra kali(lli) (ମୂଳ ମୋଟ, ଅଗ ସରୁ) ସିନ୍ଦୂରର
সিঁদুর কলি ରେଖା—A bud-like line painted
सेंदुर कली vertically on the brow with
vermillion.

ସିନ୍ଦୂର କାରଣ—ସଂ. ବି (ସିନ୍ଦୂର+କାରଣ=ହେତୁ; ସୀସକରୁ
Sindūra kārana ସିନ୍ଦୂରର ଉତ୍ପତ୍ତି ହେବାରୁ ଏହି ନାମ
ହୋଇଅଛି)—ସୀସକ; ସୀସାଧାତୁ (ହେମଚନ୍ଦ୍ର)—
Lead.

ସିନ୍ଦୂର କୋ(କୌ)ଟା—ଦେ. ବି (କଣ୍ଠିଆଙ୍କ ବ୍ୟବହୃତ, ବଙ୍ଗାଳୁଚ୍ଛ
Sindūra ko(kau)tā ଶବ୍ଦ)—ସ୍ତ୍ରୀମାନଙ୍କର ସିନ୍ଦୂର ରଖିବା
সিঁদুর কৌটা ଉପଯୋଗୀ ରୁପାର ଡବା ସୁନାର ବା—
सेंदुर डब्बा, सिंदूरकी डिबिया Metal case for keeping vermillion.

ସିନ୍ଦୂର ଗୋଳା—ଦେ. ବି—ଛୋଟ ଗିନା; ଯେଉଁ ଗିନାରେ ସିନ୍ଦୂରକୁ
Sindūra golā ତେଲ ବା ଘିଅ ସଙ୍ଗେ ଗୋଳାନ୍ତି—A small
সিঁদুর গোলা বাটি dish or pot in which vermillion
सेंदुर घोरा is mixed with ghee or oil.

ସିନ୍ଦୂର ଘି(ଘେ)ନିବା—ଦେ. କି—କପାଳରେ ସିନ୍ଦୂର ଲଗାଇବା—
Sindūra ghi(ghe)nibā To put vermillion mark
ସିଁଦୂର ପରା **सेंदुर लगाना** on the forehead.
(ସିନ୍ଦୂର ନା(ନି)ବା—ଗ୍ରାମ୍ୟରୂପ)

ସିନ୍ଦୂର ଟିକ୍(କି)ଲି—ଦେ. ବି (ସଂଚର)—ବାଳିକା ବା ସ୍ତ୍ରୀମାନେ
Sindūra ṭik-(ki)li କପାଳରେ ଯେଉଁ ସିନ୍ଦୂର ଓ ଟିକଲି
সিন্দুর টিপি ଲଗାନ୍ତି—Vermillion and metal tips
सेंदुर टिकुली worn on the forehead by females having husband and by girls.

ସିନ୍ଦୂର ଟୋପା—ଦେ. ବି—କପାଳରେ ଅଙ୍ଗୁଳିର ଅଗଦ୍ୱାରା ଦିଆଯିବା ସିନ୍ଦୂରର ଗୋଲାକାର ଚିହ୍ନ—A circular
সিন্দুরের ফোঁটা mark with vermillion on the
सेंदुर ठोपा forehead made by the tip of the finger.

ସିନ୍ଦୂର ଟୋପା ଖେଳ—ପ୍ରାଦେ (ଯାଜପୁର) ବି—ବାଳକମାନଙ୍କର
Sindūra ṭopā khelā ଏକପ୍ରକାର ଖେଳ—A kind of play among the children. [ବ୍ର—ଏ ଖେଳରେ ଜଣେ ପିଲାର ଆଖି ବୁଜା ହେବା ବେଳେ ତା ମୁଣ୍ଡରେ ଅନ୍ୟ ଏକ ପିଲା ସିନ୍ଦୂର ଟୋପା ମାରେ ତାହା ଲକ୍ଷ୍ୟ ବାଳକ ଅନୁମାନ କରି କହେ ।]

ସିନ୍ଦୂର ଟୋପି—ଦେ. ବି—ସିନ୍ଦୂରର କ୍ଷୁଦ୍ର ଟୋପା (ଟୋପାଠାରୁ
Sindūra ṭopi ସାନ)—A tiny mark of vermillion
সিন্দুরের টিপ **छोटा सेंदुर ठोप** on the forehead.

ସିନ୍ଦୂର ତିଳକ—ସଂ. ବି. ପୁଂ—୧ । (ବହୁବ୍ରୀହି; ସିନ୍ଦୂର ଅଛି ତିଳକ
Sindūra tilaka ଯାହାର) ହସ୍ତୀ (ମେଦିନୀ)—1. Ele-
(ସିନ୍ଦୂର ତିଳକା—ସ୍ତ୍ରୀ) phant. ୨ । ସିନ୍ଦୂରଦ୍ୱାରା କପାଳରେ ଅଙ୍କିତ ତିଳକ (ହ. ଶ)—2. Mark on the forehead drawn with vermillion.

ସିନ୍ଦୂର ତିଳକା—ସଂ. ବି. ସ୍ତ୍ରୀ (ବହୁବ୍ରୀହି)-୧ । ସଧବା ନାରୀ (ମେଦିନୀ)-
Sindūra tilakā 1. A woman having her husband living. [ବ୍ର—କପାଳରେ ସିନ୍ଦୂର ଧାରଣ ସଧବାର ଚିହ୍ନ ।] ୨। ହସ୍ତିନୀ—2. She-elephant.

ସିନ୍ଦୂର ଦାନ—ସଂ. ବି—ସିନ୍ଦୂର ବନ୍ଦନ (ଦେଖ)—
Sindūra dāna Sindūra bandana (See)

ସିନ୍ଦୂର ଦେବା—ଦେ. କି—ଅନ୍ୟ ବ୍ୟକ୍ତିର ମୁଣ୍ଡରେ ସିନ୍ଦୂର ଟୋପା
Sindūra debā ଅଙ୍କନ କରିବା—To paint another's
সিন্দুর দেওরা **सेंदुर देना** brow with vermillion.

ସିନ୍ଦୂର ପଦା—ଦେ. ବି (ନାମ)—ସୁନ୍ଦର ପଦା (ଦେଖ)
Sindūra padā Sundara padā (See)

ସିନ୍ଦୂର ପାଟି—ଦେ. ବି—ସିନ୍ଦୂରଦ୍ୱାରା ଭୂଲତା ଉପରେ କପାଳର
Sindūra pāṭi ଦୁଇ ପାଖରେ ଟଣା ଯାଇଥିବା ଚଉଡ଼ା ରେଖା ଦ୍ୱୟ
সিন্দুর পাতি —Two broad lines of vermillion
सेंदुर पाटी painted over the eyebrows.
(ସିନ୍ଦୂର ପାଟିଅ—ଅନ୍ୟରୂପ)

ସିନ୍ଦୂର ପେଡ଼ି—ଦେ. ବି-ସିନ୍ଦୂର ଫରୁଆ, କଜଳପାତି, ଅରସି, ପାନିଅ,
Sindūra peṛi ମଫଣ, ଲୁଗା ଦଲା ଆଦି ସ୍ତ୍ରୀମାନଙ୍କ ପ୍ରସାଧନ-
সিন্দুর চুপড়ি, ଦ୍ରବ୍ୟସମ୍ଭାର ରଖିବା ପାଇଁ ବେତର ବା କାଠର
সিন্দুর পাতিআ, **ଛୋଟ ପେଡ଼ି**—Small fancy boxes
সিন্দুর পেতো for keeping toilette requisites;
सेंदुर पौती toilet box. [ବ୍ର—ଏହା ପ୍ରତ୍ୟେକ ସଧବାଙ୍କ ଘରେ ଓ ସମ୍ବଳ ଅଟେ ।]

ସିନ୍ଦୁରପୁଷ୍ପୀ—ସଂ. ବି—ପୁଷ୍ପ ବୃକ୍ଷ ବିଶେଷ (ରାଜ ନିର୍ଘଣ୍ଟ)—
Sindūra pushpi A flower tree.
ସ . ପର୍ଯ୍ୟାୟ— [ବ୍ର—ଏହାର ଫୁଲ ରକ୍ତବର୍ଣ୍ଣ ବା ସିନ୍ଦୂର
ସିନ୍ଦୁରୀ, ବୀର ପୁଷ୍ପୀ, ବର୍ଣ୍ଣ ଥିବାରୁ ଏପରି ନାମକରଣ
ତୃଣପୁଷ୍ପୀ, କରଚ୍ଛଦା, ହୋଇଅଛି ।
ଶୋଣପୁଷ୍ପୀ, ଏଥିର ଗୁଣ—କଟୁତ୍ୱ,
ସିଁଦୂର ପুষ্পী ଉଷ୍ଣତ୍ୱ, କଷାୟତ୍ୱ, ଶ୍ଳେଷ୍ମବାତଶିରୋରୋଗ ଓ
सेन्दुरिया, सदासुहागीन ଭୂତନାଶିତ୍ୱ, ଦଣ୍ଡିପ୍ରିୟତ୍ୱ । (ରାଜନିର୍ଘଣ୍ଟ)]
ମ. ସେଧି

ସିନ୍ଦୂର ଫରୁଆ—ଦେ. ବି—ମାଇପଙ୍କ ଘେନିବା ସିନ୍ଦୂର ଯେଉଁ ଛୋଟ
Sindūra pharuā କାଠ ଡବାରେ ରହେ—A small
সিন্দুর কৌটা circular wooden box for keeping
सेन्दुर डब्बा; सिंदो(धो)रा vermillion for the toilette.
[ବ୍ର—ବାଞ୍ଛା ମାଇପର କି ସମ୍ପତ୍ତି ?
ସିନ୍ଦୂର ଫରୁଆ କଜଳପାତି ।—ଜଗ]

(ତୋ)ସିନ୍ଦୂର ବଜର(ବଜ୍ର)ହେଉ—ଦେ· ବାକ୍ୟ—ସଧବା ଓ କୁମାରୀ
Sindūra(bajara)bajra heu ପ୍ରତି ପ୍ରଯୁକ୍ତ ଆଶୀର୍ବାଦ;
(তোমার) সিন্দুর বজ্র হউক্ ଅର୍ଥାତ୍—'ତୁ ଚିରଦିନ ସଧବା ହୋଇ
(তোমার) সিন্দুর না লি ভুক্ ବଞ୍ଚି ରହ'—ଏହିଭଳି ।
सेंदुर बजर हो A blessing to maidens and women who have their husbands living, meaning 'May the vermillion on your forehead be permanent as thunder', i e. 'May your husband live long.
[(ତୋ)ସିନ୍ଦୂର ନ ଲିଭୁ—ଅନ୍ୟରୂପ ।]

ସିନ୍ଦୂର ବନ୍ଦନ—ସଂ ବି—ବିବାହ ସମୟରେ କନ୍ୟାର କପାଳରେ ବା
Sindūra bandana ମାଙ୍ଗରେ ବରର ସିନ୍ଦୂର ଲଗାଇବା ପ୍ରଥା । (ହ. ଶ)—The custom of the bridegroom putting vermillion on the brow of the bride during marriage.

ସିନ୍ଦୂର ବିନ୍ଦୁ—ସଂ. ବି—ଲଲାଟରେ ଦିଆଯିବା ସିନ୍ଦୂରର କ୍ଷୁଦ୍ର ବିନ୍ଦୁ—
Sindūra bindu A small circlet of vermillion put on the forehead.

'ସିନ୍ଦୂର ବିନ୍ଦୁ ବିଧବା ଲଲାଟେ'—ସଂ ବାକ୍ୟ (ନ୍ୟାୟ)—(ଅଦ୍ଭୁତ,
Sindūra bindurbidhabā lalāṭe ଅସାଧାରଣ, ଅସମ୍ଭବ ବା ସମାଜ ବିରୁଦ୍ଧ କଥା ଦେଖିଲେ ବୋଲାଯିବା ବାକ୍ୟ)—
(ବିଧବା କପାଳରେ ସିନ୍ଦୂର ଟୋପା ରହିବା ଯେପରି

ଅସାଧାରଣ, ଚେହୁଅର) ଅସାଧାରଣ ଦୃଶ୍ୟ— A sentence applied on seeing any thing which is un-common or against social rules.

[ଦୃ—ଏଥିର ମୂଳ ଶ୍ଳୋକ ଏହି—
ବୋଷ୍ଟିତ ସ୍ତ୍ରେ ବରବର୍ଣ୍ଣିନଜନ୍ୟ=ସିନ୍ଦୂର ବିନ୍ଦୁଃ
ବା ରୌଦ୍ର ସାନା ମଧୁ ପାମିଣାସ୍ତ=ଅଥବା
ବସ୍ତ୍ରିକ ବଧତ୍ରେ ଶର୍ଷିକଂ ମହେଶ=ଲସତେ
(ପ୍ରଥମ ୩ ପାଦର ପୂରଣ) ସିନ୍ଦୂରବନ୍ଦୁର୍ବିଧବାଲଲାଟେ ।

ସିନ୍ଦୂର ମଥା—ଦେ. ବ—ସିନ୍ଦୂରଦ୍ୱାରା ରଞ୍ଜିତ ମୁଖ ବା କପାଳ— Sindūra mathā सिंथौतेसिंदूर सीउथमें सींदुर Face (or brow) painted with vermillion. [ଭ—କଥାଚେକଥାଏ ଭଲ ଘରକୁ ଭଉଣୀ ଗଲେ ସିନ୍ଦୂରମଥାଏ । —ରଗ ।]

ସିନ୍ଦୂର ମୁଣ୍ଡା—ଦେ. ବଣ. ପୁଂ—୧ । ସିନ୍ଦୂରବର୍ଣ୍ଣ ମସ୍ତକବିଶିଷ୍ଟ— Sindūra muṇḍā सिंदूर मुण्डि सेंदुर मुंडा 1. Having vermillion-coloured head; having the head red as vermillion. ୨ । ସିନ୍ଦୂର ରଞ୍ଜିତ ମସ୍ତକ (ସିନ୍ଦୂର ମୁଣ୍ଡିଆ—ଅନ୍ୟରୂପ) ଯୁକ୍ତ—2. With the head (ସିନ୍ଦୂର ମୁଣ୍ଡୀ, ସିନ୍ଦୂର ମୁଣ୍ଡେଇ—ସ୍ତ୍ରୀ) painted with vermillion.

ସିନ୍ଦୂର ମୁଣ୍ଡି—ଦେ. ବଣ—ସିନ୍ଦୂର ମୁଣ୍ଡା (ଦେଖ)—Sindūra muṇḍā (See) Sindūra muṇḍi सिंदूर मुण्डि सेंदुर मुंडी ଦେ. ବ—ଏକପ୍ରକାର ନାଲମୁଣ୍ଡିଆ ଚଢ଼େଇ—A kind of red headed bird. [ଭ—ଚୌଦିଗେ (ସିନ୍ଦୂର ମୁଣ୍ଡିଆ—ଅନ୍ୟରୂପ) ଶୁଭଇ ସିନ୍ଦୂରମୁଣ୍ଡିର ସ୍ୱାଗତ ଉଚ୍ଚନାଦୁକେ—ରାଧାନାଥ, ଉଷାଣୀ ।] [ଦୃ—ଏହାର ଦେହ ହରଦ୍‌ବର୍ଣ୍ଣ (ସାବଜା) ଓ ମୁଣ୍ଡ ସିନ୍ଦୂର ପରି ନାଲି । ଓଡ଼ିଶାରେ ଏ ପକ୍ଷୀ ସବୁଠି ଦେଖାଯାଆନ୍ତି । ଚୌଦ୍ଦ ଅଧିକ୍ୟ ହେଲେ ଏମାନେ 'ସତର, ସତର, ସତର' ରବରେ ବନ ଭୁଗିବୁ ଝଙ୍କାରତ କରନ୍ତି ।]

ସିନ୍ଦୂର ମୁଣ୍ଡୀ—ଦେ. ବଣ. ସ୍ତ୍ରୀ—୧ । ସିନ୍ଦୂର ମୁଣ୍ଡାର ସ୍ତ୍ରୀଲିଙ୍ଗ— Sindūra muṇḍī 1. Feminine of Sindūra muṇḍā (ସିନ୍ଦୂର ମୁଣ୍ଡେଇ—ସ୍ତ୍ରୀ) ୨ । ଯେଉଁ ସ୍ତ୍ରୀ କପାଳରେ ଅତ୍ୟଧିକ ସିନ୍ଦୂର ବୋଳିଥାଏ—2. (a woman) Who has smeared excessive vermillion on her forehead. ୩ । ସିନ୍ଦୂର ମୁଣ୍ଡି (ଦେଖ)— 3. Sindūra muṇḍi (See)

ସିନ୍ଦୂର ରସ—ସଂ. ବ— ରସସିନ୍ଦୂର (ଦ୍ର. ଶ)— Sindūra rasa Sulphide of mercury.

ସିନ୍ଦୂର ସିନ୍ଥି (ସୁନ୍ଥା, ମାଙ୍ଗ)—ଦେ. ବ—ବିବାହିତ ସ୍ତ୍ରୀଲୋକଙ୍କର ସିନ୍ଦୂର ବୋଳା ଯାଇଥିବା ମଧ୍ୟ ରେଖା—The furrowed line of the parted hair over the brow besmeared with vermillion. Sindūra sinthi(sunthā, māṅga) सिंदूर सिंथी सेंदुर सिउथ, सिंदूर लगा हुआ मांग [ଦୃ—ବଙ୍ଗଦେଶରେ ସଧବାମାନେ ସ୍ଥାନରେ ସିନ୍ଦୂର ରେଖା ଦେଇନ୍ତି ।]

ସିନ୍ଦୂରା—ଦେ. ବଣ (ସଂ. ସିନ୍ଦୂର)—ସିନ୍ଦୂର ବର୍ଣ୍ଣବିଶିଷ୍ଟ— Sindūrā सिंदूरे सेंदुरा Vermillion coloured. (ସିନ୍ଦୂରିଆ—ଅନ୍ୟରୂପ) अरुणोदय सेंदुरी ଦେ. ବ—୧ । ସିନ୍ଦୂର; ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବଗଗନରେ ଦେଖାଯିବା ରକ୍ତିମା; ଅରୁଣିମା—1. The red colour on the east seen before sunrise; the aurora before sunrise. [ଭ—ସହଜା ବହୁକେ ଥିଲ ପ୍ରାଚୀବାଳା ଭରତ-ଭୂଷଣେ ରଞ୍ଜିତ, ସମାଗମେ ଏବେ ଗଣ୍ଡେ ସୁନ୍ଦର ଫିଟିଲ ଲାଜସିନ୍ଦୂରା—ରାଧାନାଥ, ପାର୍ବତୀ ।] ୨ । ସିନ୍ଦୂର ବର୍ଣ୍ଣ— 2. Vermillion colour.

ସିନ୍ଦୂରା ଫାଟିବା (ଉଇଁବା)—ଦେ. ବ (ସଂ. ସିନ୍ଦୂର+ଉଦୟ)— Sindūrā phāṭibā (uiṅbā) अरुणोदय सेंदुर उगना ଅରୁଣୋଦୟ—The appearance of ruddiness on the eastern horizon before sunrise; dawning of the day; the breaking of the day. [ଭ—ଫାଟିଲ ନଭେ ସିନ୍ଦୂରା, ଫୁଟଇ ବୃକ୍ଷ ତଳେ—ନନ୍ଦକିଶୋର ବର୍ଣ୍ଣନା ।]

ସିନ୍ଦୂରି—ଦେ. ବ (ସଂ. ସିନ୍ଦୂରିତ)—ସିନ୍ଦୂର ବର୍ଣ୍ଣବିଶିଷ୍ଟ— Sindūri सिंदूरे सेंदुरी Vermillion coloured. (ଭ—ସୁଗନ୍ଧି ସିନ୍ଦୂରି ରସାଳ ଫଳ ଲମ୍ବ ହୋଇଛ—ରଞ୍ଜି. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।) ଦେ. ବ—ସିନ୍ଦୂରା (ଦେଖ)—Sindūrā (See)

ସିନ୍ଦୂରିଆ—ଦେ. ବଣ (ସଂ. ସିନ୍ଦୂରିତ)—ସିନ୍ଦୂର ବର୍ଣ୍ଣବିଶିଷ୍ଟ— Sinduriā सिंदूरे सेंदुरिया Vermillion coloured.

ସିନ୍ଦୂରି ଅମ୍ବ—ଦେ. ବ—ଯେଉଁ ଅମ୍ବର ଚୋପା ସିନ୍ଦୂର ବର୍ଣ୍ଣବିଶିଷ୍ଟ— Sindūri amba सिंदूरे आम सिंदुरिआ आम Mango of which the peel is vermillion coloured.

ସିନ୍ଦୂରି ଉଇଁ(ଠି)ବା—ଦେ. ବ—ସିନ୍ଦୂରା ଫାଟିବା (ଦେଖ) Sindūri uiṅ(ṭhi)bā Sindūrā phāṭibā (See) (ସିନ୍ଦୂର ଫାଟିବା—ଅନ୍ୟରୂପ)

ସିନ୍ଦୂରିତ—ସଂ. ବଣ (ସିନ୍ଦୂର=ରକ୍ତବର୍ଣ୍ଣ+ଇତ)—୧ । ସିନ୍ଦୂର ପରି ରକ୍ତବର୍ଣ୍ଣରେ ରଞ୍ଜିତ—1. Coloured red; Sindūrita tinged with red colour; vermillion-coloured. (ଭ—କନକ ଶଂଖର ଦୃଶ୍ୟ ମଣ୍ଡଳେ ସିନ୍ଦୂରିତ ବଳୟାଳୀ—ରାଧାନାଥ, ପାର୍ବତୀ ।) ୨ । ସିନ୍ଦୂରଦ୍ୱାରା ରଞ୍ଜିତ—2. Painted with vermillion.

ସିନ୍ଦୁରି—ସଂ. ବ—୧ । ସିନ୍ଦୂରପୁଷ୍ପୀ (ଗୁଳ୍ମବିଶେଷ) (ଦେଖ)— Sindūrī 1. Sindūrapushpi (See) ୨ । ସେବତୀ; ଗୋଲାପ ଜାତୀୟ (ମେହଗ)—2. A sweet scented

mint (herb). ୩ । ରକ୍ତଚେଙ୍ଗବା (ମେଦିନୀ)—3. A herb. ୪ । ଧାତକୀ (ମେଦିନୀ)—4. A red-flowered herb; Woodfordia Floribunda.

ସିନ୍ଦୋଟ୍—ପ୍ରାଦେ. ବି (ପୁରୀ)—ସ୍ତ୍ରୀମାନଙ୍କ ଯିବା ଆସିବା ପାଇଁ ବ୍ୟବହୃତ ଶାସନ ଗ୍ରାମର ପଛପଟେ ଥିବା ପଥ—(ସିନ୍ଦୋଟ୍ ବାଟ—ଅନ୍ୟରୂପ) The path on the back-door side of a Śāsana village (in Rāhāṅgā of the Puri district), used by the pardanasin ladies while going from one village to another or from one part of it to another.
Sindoṭ

ସିନ୍ଦୋଳିବା—ଦେ. କ୍ରି (ସ. ସନ୍ଧାନ; ସନ୍ଧାନନ)—ଛେପା ଲଗାଥିବା ଦୁଇଟା ନଡ଼ିଆର ଚତାରୁ ଉତ୍ତରିଥିବା ଚିର ପର ଅଂଶ-ଦ୍ୱୟକୁ ଏକତ୍ର ଗଣ୍ଠି ପକାଇ ବାନ୍ଧିବା—To join two rinded cocoanuts together by knotting together two thin flaps from the rinds of both. [ଦ୍ର—ଏପରି କଲେ ଯୋଡ଼ା ଯୋଡ଼ା କରି ନଡ଼ିଆଗୁଡ଼ିକ ନଦୀଅରେ ବାହୁଁଣ ଦେବାରେ ସୁବିଧା ପଡ଼ ଭାର ବଢ଼ା ଯାଇ ପାରେ ।]
Sindolibā
ଯୋଡ଼ା ବାଁଧା
जोड़ना

ସିନ୍ଧ—ଦେ. ବି—ସିନ୍ଧୁପ୍ରଦେଶ—The Province of Sindh.
Sindh सिन्ध सिंध

ସିନ୍ଧ(ନ୍ଧି)—ଦେ. ବି (ସଂ ସନ୍ଧି)—ସିନ୍ଦି (ଦେଖ)—Sindi (See)
Sindha(ndhi) [ଦ୍ର—ଫି ବରଷ ଗ୍ରାମ ମଧ୍ୟରେ ଶୃଙ୍ଗ ପାଞ୍ଚ ମିଁଧ, ସିଁଦ ନମ୍ବର ସିନ୍ଧ ହୁଏ; କନ୍ତୁ ଚେନ୍ନା ମଳକୁରର ବାହୁ ସଂଘ ଦୋଷ ନାହିଁ—ଫକୀରମୋହନ· ଛ ମାଣ ଆଠଗୁଣ୍ଠ ।]

ସିନ୍ଧାଳ—ଦେ· ବି ଓ ବିଣ (ସ. ସନ୍ଧିଳା)—ସିଁଦିଆର (ଦେଖ)
Sindhāḷa Sindiāra (See)

ସିନ୍ଧି (ଇତ୍ୟାଦି)—ଦେ. ବି—ସିନ୍ଦି ଇତ୍ୟାଦି (ଦେଖ)
Sindhi (etc) Sindi etc (See)

ସିନ୍ଧିଆ—ଦେ· ବି—ସିନ୍ଦିଆ (ଦେଖ)—Sindiā (See) (ଦ୍ର—
Sindhiā ମହାରାଷ୍ଟ୍ରେଶ୍ୱର ସାରେନ୍ଦ୍ର ସିନ୍ଧିଆ—ବୃଧାନାଥ.।)

ସିନ୍ଧିଆର(ରା, ଳ) —ଦେ. ବି ଓ ବିଣ—ସିନ୍ଦିଆର (ଦେଖ)
Sindhiāra(rā, ḷa) Sindiāra (See)

ସିନ୍ଧି କାଠି—ଦେ. ବି—ସିନ୍ଦି କାଠି (ଦେଖ)
Sindhi kāṭhi Sindi kāṭi (See)

ସିନ୍ଧି ଗାତ—ଦେ. ବି—ସିନ୍ଦି (ଦେଖ)—Sindi (See) (ଦ୍ର—
Sindhi gāta ଅଗେ ସିନ୍ଧି ଗାତ ଖୋଳି ନେଉଥାଏ ବୋହୂ—ପ୍ରାଚୀ· ଭକ୍ତବତ୍ସଳଗୀତା ।)

ସିନ୍ଧୀ—ଦେ· ବି—୧ । ସିନ୍ଧୁ ପ୍ରଦେଶ ଓ କଚ୍ଛ୍ ଅଞ୍ଚଳରେ ପ୍ରାୟ ୩୦ ଲକ୍ଷ ଲୋକଙ୍କ କଥିତ ଆର୍ଯ୍ୟଭାଷା—1. An Indo-Aryan language spoken by about 30 lakhs of people in Sindh and Cutch etc. [ଦ୍ର—ଏ ଭାଷାରେ ଆରବୀ ଓ ପାର୍ସୀ ଭାଷାର ଅନେକ ଶବ୍ଦ ବ୍ୟବହୃତ ହୁଏ ଓ ଏଥିର ଲିପି ଆରବୀ ଓ ପାର୍ସୀ ଲିପି ପରି । ଏ ଭାଷାର ସିରେଇକୀ, ଲାସୀ ଓ ଥରେଲୀ ନାମକ ତିନୋଟି ମୁଖ୍ୟ ଭାଷା (dialect) ଅଛି—ଦ୍ର. ଶ ।] ୨ । ସିନ୍ଧୁପ୍ରଦେଶବାସୀ ବ୍ୟକ୍ତି—2. An inhabitant of Sindh. ୩ । ସିନ୍ଧୁ ଅଞ୍ଚଳର ଉତ୍କୃଷ୍ଟ ଘୋଡ଼ା—3. An excellent breed of horse found in Sindh. ଦେ. ବିଣ—ସିନ୍ଧୁଦେଶୀୟ—Relating to the country of Sindh.
Sindhī
सिन्धी सिंधी
(ସିନ୍ଧୀ ଭାଷା—ଅନ୍ୟରୂପ)

ସିନ୍ଧୁ—ସଂ. ବି (ସ୍ୟନ୍ଦ୍· ଧାତୁ—କ୍ଷରଣ ହେବା + ଉ୍କ୍ତି. ଦ; ନିପାତନ)—୧ । ସମୁଦ୍ର; ସାଗର (ଅମର)—1. The sea; ocean. ୨ । ବମଥୁ; ବମନ (ମେଦିନୀ)—2. Vomiting. ୩ । ଦେଶ ବିଶେଷ; ସିନ୍ଧୁ ପ୍ରଦେଶ; (ମେଦିନୀ); ସିନ୍ଧୁ ପ୍ରଦେଶ (ଦେଖ)—3. The Sind Province. ୪ । ନଦ ବିଶେଷ; ସିନ୍ଧୁ ନଦ (ମେଦିନୀ) (ଦେଖ)—4. The Indus river. ୫ । ଗଜ ମଦ (ହେମଚନ୍ଦ୍ର)—5. The scented liquid flowing from the temples of elephants in rut. ୬ । ସିନ୍ଦୁବାର ବୃକ୍ଷ; ବେଗୁନିଆ ଗଛ (ଶବ୍ଦ ଚନ୍ଦ୍ରିକା); 'ନିର୍ଗୁଣ୍ଡୀ' (ଦେଖ)—6. Nirguṇḍī. (See) ୭ । ଶ୍ୱେତ ଟଙ୍କଣ (ରାଜନିର୍ଘଣ୍ଟ)—7. Borax. ୮ । ରାଗ ବିଶେଷ; ଭୈରବ ରାଗର ପୁତ୍ର; ସିନ୍ଧୁ ରାଗ (ସଙ୍ଗୀତ ସିନ୍ଧୁ)—8. One of the airs of the Hindu music. [ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗ । ଏହା ମାଳକୋଷ ରାଗର ପୁତ୍ର ବୋଲି କଳ୍ପିତ । ଏଥିରେ ଗାନ୍ଧାର ଓ ନିଷାଦ, ଦୁଇ କୋମଳ ସ୍ୱର ଲାଗେ । ଏହା ଗାଇବା ସମୟ ଦିବା ୧୦ ଦଣ୍ଡ ଠାରୁ ୧୬ ଦଣ୍ଡ—ବି· ଷ ।] ୯ । ନଦୀ (ମେଦିନୀ)—9. River. ୧୦ । ହସ୍ତୀ—10. Elephant. [ଦ୍ର—ଝରନ୍ତି ମଦ ଯେଣୁ, ବରେଣ୍ୟ ସିନ୍ଧୁର ହୋଇଲା ସେହୁ । (୧ମ ଓ ୧୦ମ ଅର୍ଥ) ଉଞ୍ଜ· ବୈଦେହୀଶ ବିଳାସ ।] ୧୧ । (ନାମ) ଦଶରଥଙ୍କ ବାଣରେ ନିହତ ଅନ୍ଧମୁନିଙ୍କ ଏକମାତ୍ର ପୁତ୍ର—11. Name of the only son of a blind sage, killed by king Daśaratha's darts. ୧୨ । (ଲକ୍ଷଣାର୍ଥ) କୌଣସି ଗୁଣର ବା ପଦାର୍ଥର ଆଧାର (ବ୍ୟକ୍ତି)—12. (a person who is) The receptacle of certain qualities or things. (ଦ୍ର—ସକଳ ଗୁଣଙ୍କର ସିନ୍ଧୁ, ମୁଖ କମଳ ପୂର୍ଣ୍ଣ ଇନ୍ଦୁ । ଜଗନ୍ନାଥ. ଭାଗବତ ।) [ଦ୍ର—ଯେଉଁ ଗୁଣର ଆଧାର, ସେହି ଗୁଣବାଚକ ଶବ୍ଦ ସିନ୍ଧୁ ଶବ୍ଦ ପୂର୍ବେ ଯୋଗ ହୁଏ । ଯଥା—କରୁଣା ସିନ୍ଧୁ, କୃପାସିନ୍ଧୁ, ଦୟାସିନ୍ଧୁ ଇତ୍ୟାଦି; ଏଠାରେ ସିନ୍ଧୁ ଶବ୍ଦର ଅର୍ଥ ସାଗର ।] ୧୩ । ଭୂର ଶଖା (ଜ୍ଞା· ଶ)—13. The
Sindhu

number four. ୧୪ । ସାତ ସଂଖ୍ୟା (ବୃ. ଶ)—14. The number seven. ୧୫ । ବରୁଣ ଦେବତା (ବୃ. ଶ)—15. The Deity of the ocean. ୧୬ । ସିନ୍ଧୁ ପ୍ରଦେଶବାସୀ ବ୍ୟକ୍ତି (ବୃ. ଶ)—16. A resident of Sindh. ୧୭ । ଓଷ୍ଠର ଆର୍ଦ୍ରତ (ବୃ. ଶ)—17. The wetness of the lips. ୧୮ । ହାତୀର ଶୁଣ୍ଢରୁ ବୋହୁଥିବା ପାଣି (ଜଳ) (ବୃ. ଶ)—18. The watery substance or saliva flowing from the trunk of the elephant. ୧୯ । (ନାମ) ଗନ୍ଧର୍ବମାନଙ୍କ ରାଜାବିଶେଷ (ବୃ. ଶ)—19. The name of a king of the Gandharbas. ଦେ. ବ—

সিন্ধু सिंधु ୧ । (ପୁଂ) ବ୍ୟକ୍ତିଙ୍କ ନାମ—1. A name given to males. ୨ । କୃପାସିନ୍ଧୁ, କରୁଣାସିନ୍ଧୁ ଅଦଳ ଡାକ ନାମ—2. A nickname of Krupāsindhu, etc.

ସିନ୍ଧୁଆ—ଦେ. ବ—୧ । (ପୁଂ; ଅନାଦରାର୍ଥକ) ସିନ୍ଧୁର ଡାକ ନାମ—Sindhuā 1. Name for calling 'Sindhu'. ୨ । ଏକ ପ୍ରକାର ପାଟଲୁଗା—2. A kind of silk cloth.

সিন্ধু সিঁধুয়া (ବ—କଲ୍ଲ ବୋଲି ଡିକାଇ ବୌଶେୟ ବସ୍ତ୍ର, ବ୍ୟାଘ୍ର ଚର୍ମ ଉପରେ ସିନ୍ଧୁଆ ଦାଗମାନ । ହିଷ. ବୈଦେଶିକ ଜନାସ ।) ଦେ. ବଣ—ସିନ୍ଧୁ ପ୍ରଦେଶ ସଂବନ୍ଧୀୟ—Relating to the Province of Sindh.

ସିନ୍ଧୁଆ ବାଘ—ପ୍ରାଦେ (ଗଞ୍ଜାମ) ବ—ଚିତ୍ରବିଚିତ୍ରିଆ ବାଘ—Sindhuā bāgha Spotted panther; leopard.

ସିନ୍ଧୁକ (ଇତ୍ୟାଦି)—ବୈଦେ. ବ—ସିନ୍ଦୁକ ବୈଦେ. ବ ଇତ୍ୟାଦି Sindhuka (etc) (ଦେଖ)—Sinduka etc. (See) सिन्दूक (ହି—ସିନ୍ଧୁ ଉଚ୍ଚାରଣର ବ୍ୟର୍ଥ, ସିନ୍ଧୁକେ ଏହାର ସାର୍ଥ । संदुक ଇଷ. କୋଟିକଲ୍ପାନ୍ତ ପୁନଶ୍ଚ ।) ସ. ବ—ନିର୍ଗୁଣ୍ଡି (ଦେଖ) (ବୃ. ଶ)—Nirgundi. (See)

ସିନ୍ଧୁ କନ୍ୟା (ପୁତ୍ରୀ, ଦୁହିତା, କନ୍ୟକା)—ସ. ବ (୬ଷ୍ଠୀ ତତ୍)—Sindhu kanyā (putrī, duhitā, kanyakā) ଲକ୍ଷ୍ମୀ—Goddess Lakshmī.

ସିନ୍ଧୁ କଫ—ସ. ବ (୬ଷ୍ଠୀ ତତ୍)—ସମୁଦ୍ର ଫେନ (ଦେଖ) Sindhu kapha Samudra phena. (See)

ସିନ୍ଧୁ କର—ସଂ. ବ—ଶ୍ୱେତ ଟଙ୍କଣ (ରାଜନିର୍ଘଣ୍ଟ)—Sindhu kara Borax.

ସିନ୍ଧୁ ଖେଳ—ସଂ. ବ (ସିନ୍ଧୁ=ସିନ୍ଧୁ ନଦ+ଖିଲ. ଧାତୁ=କ୍ରୀଡ଼ା କରିବା+ଅଧି. ଅ) (ଯେଉଁଠାରେ ସିନ୍ଧୁନଦ କ୍ରୀଡ଼ା କରେ)—Sindhu khela ସିନ୍ଧୁ ଦେଶ (ଶବ୍ଦ ରତ୍ନାବଳୀ)—The country of Sind.

ସିନ୍ଧୁ ଗଜ—ସଂ. ବ (ଅଧୁନାତନ ନାମ; ସଂ. ସିନ୍ଧୁ+ଗଜ)—ଏକପ୍ରକାର Sindhu gaja ସାମୁଦ୍ରିକ ଜୀବ; ଜଳହସ୍ତୀ—The sea elephant; Macrorhinus Probescideceus. [ବି—ଏମାନେ ଦକ୍ଷିଣ ମହାସାଗରରେ ମିଳନ୍ତି; ଲମ୍ବରେ ୩୦ ଫୁଟ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଚର୍ବିରୁ ତେଲ ହୁଏ । ଅଣ୍ଡିରା ସିନ୍ଧୁଗଜଙ୍କ ନାକ ଶୁଣ୍ଢାଗ୍ର ପର ୧ ଫୁଟ ଲମ୍ବା ।]

ସିନ୍ଧୁ ଘୋଟକ—ସଂ. ବ (ଅଧୁନାତନ ନାମ; ସଂ. ସିନ୍ଧୁ+ଘୋଟକ)—Sindhu ghotaka ୧ । ସୀଲ୍ ଜାତୀୟ ଏକ ପ୍ରକାର ଜଳଚର ଜୀବ—1. Walrus; a marine animal; sea horse; Trichecus Rosmarus. [ବି—ଏମାନଙ୍କର ଆକୃତି ଘୋଡ଼ାପରି ବଡ଼ ଥିବାରୁ ଏପରି ନାମ ଦିଆଯାଇଅଛି । ଏମାନେ ଉତ୍ତର ସିନ୍ଧୁ (Arctic ocean) ରେ ଦେଖାଯାଆନ୍ତି । ଅଣ୍ଡିରା ଙ୍କବଙ୍କର ଉପର ପାଟିରୁ ତଳ ଆଡ଼କୁ ଦୁଇ ହାତ ଲମ୍ବର ଦୁଇଟି ଦାନ୍ତ ବାହାରି ଥାଏ । ଏମାନଙ୍କର ହାତ ଅଗ୍ରପଦ ଗୋଟି ଏବଂ ଗୋଡ଼ ପଶ୍ଚାତ୍ଭାଗରେ ପୁଚ୍ଛ ଥାଏ ।

ଅଧୁନା ସମୁଦ୍ରରେ ନାନା ପ୍ରକାର ଅଗ୍ରପଦବିଶିଷ୍ଟ ଜୀବଙ୍କୁ ବୁଝାଇ ଏହିପରି ନାମମାନ ଦିଆଯାଇ ଅଛି; ଯଥା—

ସିନ୍ଧୁ ଗଜ—Sea elephant.
ସିନ୍ଧୁ ସିଂହ—Sea lion.
ସିନ୍ଧୁ ବିଡ଼ାଳ—Sea otter.
ସିନ୍ଧୁ ଭଲ୍ଲୁକ—Sea bear.
ସିନ୍ଧୁ ବ୍ୟାଘ୍ର—Sea leopard.]

୨ । ଜଳ ଘୋଟକ; ଜଳାଶ୍ୱ; ମୁଖବିଶିଷ୍ଟ ସାମୁଦ୍ରିକ ଜୀବ ବିଶେଷ—2. Hippopotamus; Hipposamus Amphibius; the river horse. [ବି—ଏମାନେ ବୃହତ୍ ଗୋଡ଼ ବିଶିଷ୍ଟ ଓ ଭୟଙ୍କର । ଆଫ୍ରିକା ଦେଶର ନଦୀମାନଙ୍କରେ ଏମାନେ ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଅନ୍ତି । ଏମାନେ ତୃଣଭୋଜୀ, ସ୍ଥୂଳକାୟ ଓ ଏମାନଙ୍କର ଚର୍ମ ଖୁବ୍ ମୋଟ ।] ୩ । ସିନ୍ଧୁଦେଶୀୟ ଉତ୍କୃଷ୍ଟ ଅଶ୍ୱ—3. An excellent breed of horse of Sind.

ସିନ୍ଧୁଜ—ସଂ. ବଣ. ପୁ. (ସିନ୍ଧୁ+ଜନ୍. ଧାତୁ+କର୍ତ୍ତ୍ରି. ଅ)—ସିନ୍ଧୁଜାତ Sindhuja (ଦେଖ)—Sindhujāta. (See) ସଂ. ବି—[ସିନ୍ଧୁଜା—ସ୍ତ୍ରୀ. ବଣ] ୧ । ସୈନ୍ଧବ ଲବଣ (ଅମର) (ଦେଖ)—Saindhaba labana. (See) ୨ । ସିନ୍ଧୁଦେଶଜାତ ଲବଣ—2. Salt produced in the Sindh countr . ୩ । ଚନ୍ଦ୍ର—3. The moon. ୪ । କର୍ପୂର—4. Camphor. ୫ । ଉଚ୍ଚୈଃଶ୍ରବା ଅଶ୍ୱ—5. Indra's horse. ୬ । ଶଙ୍ଖ (ବୃ. ଶ)—6. Conch shell. ୭ । ସୋହାଗା (ବୃ. ଶ)—7. Borax.

ସିନ୍ଧୁଜନ୍ମା—ସଂ. ବ (ସିନ୍ଧୁ+ଜନ୍ମନ୍; ୧ମା. ବହୁ)—୧ । ସୈନ୍ଧବ Sindhujanmā ଲବଣ (ରତ୍ନମାଳା) (ଦେଖ)—1. Saindhaba labana. (See) ୨ । ଚନ୍ଦ୍ରମା

(ବୃ° ଶ)—2. The moon. ସ°. ବଣ—ସମୁଦ୍ରୋଦ୍ଭବ—Born of the sea.

ସିନ୍ଧୁଜା—ସଂ. ବଣ. ସ୍ତ୍ରୀ (ସିନ୍ଧୁଜ+ଆ)—'ସିନ୍ଧୁଜ'ର ସ୍ତ୍ରୀଲିଙ୍ଗ—
Sindhujā Feminine of 'Sindhuja' ସ°. ବି. ସ୍ତ୍ରୀ—୧ । ଲକ୍ଷ୍ମୀ—1. Goddess Lakshmī. ୨ । ମୁକ୍ତା ଉତ୍ପାଦନକାରୀ ଶୁକ୍ତି (ବୃ. ଶ)—2. Pearl-oyster.

ସିନ୍ଧୁଜାତ—ସ. ବଣ. ପୁ°—୧ । ସମୁଦ୍ରଜାତ—1. Produced
Sindhu jāta from the sea. ୨ । ସିନ୍ଧୁଦେଶଜାତ—2. Of the Sind country. ସ. ବି—୧ । ସିନ୍ଧୁଦେଶୀୟ ଘୋଡ଼ା (ବୃ. ଶ)—1. The excellent breed of horse of Sindh. ୨ । ମୋତି (ବୃ. ଶ) —2. Pearl.

ସିନ୍ଧୁଜାତି ଘୋଡ଼ା—ଦେ. ବି (ସ. ସିନ୍ଧୁଜାତ+ଘୋଟକ)—ସିନ୍ଧୁ-
Sindhu jāti ghordā ଦେଶୀୟ ଉତ୍କୃଷ୍ଟ ଘୋଡା—
ସୈନ୍ଧବ सिंधी घोड़ा A good breed of horse of Sindh.

ସିନ୍ଧୁଡ଼ା—ସ. ବି. ସ୍ତ୍ରୀ—ମାଳବ ରାଗର ଗୋଟିଏ ଭାର୍ଯ୍ୟା (ସଙ୍ଗୀତ
Sindhurdā ଦାମୋଦର)—One of the musical airs said to be a wife of Mālaba tune. [ଦ୍ର—ମାଳବ ରାଗର ଭାର୍ଯ୍ୟାମାନଙ୍କ ନାମ—ଧାନୁସୀ, ମାଳସୀ, ରାମକଣୀ, ସିନ୍ଧୁଡ଼ା, ଅଶାବରୀ, ଭୈରବୀ ।]

ସିନ୍ଧୁତନୟା—ସ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ସିନ୍ଧୁଜା (ଦେଖ)
Sindhu tanayā Sindhujā (See)

ସିନ୍ଧୁତମ ତୀର୍ଥ—ଦେ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—One of the
Sindhutama tīrtha sacred places of the Hindus; [ଦ୍ର—ସିନ୍ଧୁତମ ତୀର୍ଥେ ଧୋଇଲେ ନିଜ କାୟେ, ବହୁତ ସ୍ୱର୍ଣ୍ଣ ଦାନ ଫଳ ଲଭ ହୁଏ—କୃଷ୍ଣସିଂହ. ମହାଭାରତ. ବନ ।]

ସିନ୍ଧୁଦୁଲଣା(ଣୀ)—ଦେ. ବି. ସ୍ତ୍ରୀ—ସିନ୍ଧୁଜା; ଲକ୍ଷ୍ମୀ—Goddess
Sindhu dulaṇā(ṇī) Lakshmī.
সিন্ধু দুলালী सिंधुकी दुलारी

ସିନ୍ଧୁଦେଶ—ସ.ବି—ଦେଶବିଶେଷ;ସିନ୍ଧୁ ନଦର ଦକ୍ଷିଣାଂଶର (ଅର୍ଥାତ୍
Sindhu deśa ଯେଉଁ ଅଂଶରେ ସିନ୍ଧୁର ୫ଟି ଶାଖା ମିଳିତ ହୋଇ ଏକ ଧାରରେ ସମୁଦ୍ରକୁ ଯାଇଅଛି ତାହାର) ଉଭୟ ପାର୍ଶ୍ୱସ୍ଥ ଭୂଭାଗ—The Sind Province. [ଦ୍ର—ହାଇଦରାବାଦ ଓ ଭାରତର ପ୍ରସିଦ୍ଧ ବନ୍ଦର କରାଚୀ ଏହି ପ୍ରଦେଶରେ ଅବସ୍ଥିତ । ଏହା ପୂର୍ବେ ବୋମ୍ବେ ପ୍ରଦେଶର ଗୋଟିଏ ବିଭାଗ ଥିଲା ଏବଂ ଜଣେ ଚିଫ୍ କମିଶନରଙ୍କଦ୍ୱାରା ଶାସିତ ହେଉଥିଲା । ୧୯୩୬ ଏପ୍ରେଲ ମାସ ପହିଲା ତାରିଖରୁ ଏହା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇ ଜଣେ ଗଭର୍ଣ୍ଣରଙ୍କ ଦ୍ୱାରା ଶାସିତ ହେଉଅଛି । ଏହାର ଉତ୍ତରରେ ବେଲୁଚିସ୍ଥାନ ଓ ପଞ୍ଜାବ, ପୂର୍ବରେ ରାଜପୁତାନା, ଦକ୍ଷିଣରେ ସମୁଦ୍ର ଓ କଚ୍ଛ ଏବଂ ପଶ୍ଚିମରେ ବେଲୁଚିସ୍ଥାନ ଓ ଅରବ ଉପସାଗର । ବର୍ତ୍ତମାନ ଏହି ପ୍ରଦେଶର ସୁକର୍ ନଗରଠାରେ ଗଭର୍ଣ୍ଣମେଣ୍ଟ ଗୋଟିଏ ସେତୁ (Barrage) ବାନ୍ଧି କେନାଲଦ୍ୱାରା ଦେଶକୁ ପାଣି ଯୋଗାଉ ଅଛନ୍ତି । ଏହାଦ୍ୱାରା ମରୁପ୍ରଦେଶ ଉର୍ବର ଭୂମିରେ ପରିଣତ ହୋଇ ଅଛି । ପ୍ରାଚୀନ ସିନ୍ଧୁଦେଶରେ ଜୟଦ୍ରଥ ରାଜା ଥିଲେ ।]

ସିନ୍ଧୁଦ୍ୱୀପ—ସ. ବି (ନାମ)—ଭରତବଂଶୀୟ ଅଜମୀର ନାମକ
Sindhu dwīpa ରାଜାଙ୍କ ପୁତ୍ର ଜହ୍ନୁ ମୁନିଙ୍କ ପୁତ୍ର; ମୁନିବିଶେଷ—Name of a sage, son of Jahnu. [ଦ୍ର—ଏ ଜନ୍ମତଃ କ୍ଷତ୍ରିୟ ଥିଲେ; କିନ୍ତୁ ତପୋପ୍ରଭାବରୁ ବିଶ୍ୱାମିତ୍ରଙ୍କ ପରି ବ୍ରାହ୍ମଣତ୍ୱ ଲାଭ କରିଥିଲେ । ଏ ଯଜୁର୍ବେଦର କୌଣସି ମନ୍ତ୍ରର ଦ୍ରଷ୍ଟା ଥିଲେ ।]

ସିନ୍ଧୁନଦ—ସ. ବି—ଭାରତର ପଶ୍ଚିମ ପ୍ରାନ୍ତବର୍ତ୍ତୀ ପ୍ରସିଦ୍ଧ ନଦ—
Sindhu nada The river Indus. [ଦ୍ର—ଏହା (ସିନ୍ଧୁନଦୀ—ଦେଶଜରୂପ) ହିମାଳୟର ଉତ୍ତରସ୍ଥ ମାନସରୋବରରୁ ବାହାରି ପଶ୍ଚିମ ବାଟେ ଲୁଳ କାଶ୍ମୀରଦେଶ ବାଟ ଦେଇ ଦକ୍ଷିଣଗାମୀ ହୋଇ ଅନ୍ୟ ୪ଗୋଟି ନଦ(ଚେନାବ, ଝେଲମ୍, ରାବି, ସଟଲେଜ୍) ସଙ୍ଗେ ମିଳିତ ହୋଇ ପଞ୍ଜାବଦେଶ ବାଟେ ସିନ୍ଧୁଦେଶରେ ପ୍ରବାହିତ ହୋଇ ଅରବ ସାଗରରେ ପଡ଼ିଅଛି । ଏହି ପଞ୍ଚନଦର ପଶ୍ଚିମତମ ନଦ ସିନ୍ଧୁ ଏବଂ ପୂର୍ବତମ ନଦ ଶତଦ୍ରୁ ବା ସଟଲେଜ୍ ଅଟେ । ଡେରାଗାଜି ଖାଁ, ସୁକର, ହାଇଦରାବାଦ ସିନ୍ଧୁନଦକୂଳସ୍ଥ ପ୍ରଧାନ ନଗର ।]

ସିନ୍ଧୁନନ୍ଦନ—ସ. ବି (୬ଷ୍ଠୀ ତତ୍)—୧ । ଚନ୍ଦ୍ର (ବିକାଶଶେଷ)—
Sindhu nandana 1. The moon. ୨ । କର୍ପୂର—2. Camphor.

ସିନ୍ଧୁନନ୍ଦିନୀ (ନନ୍ଦନା)—ସ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ଲକ୍ଷ୍ମୀ—The
Siddha nandinī(nandanā) Goddess Lakshmī.

ସିନ୍ଧୁନାଥ—ସ. ବି (୬ଷ୍ଠୀ ତତ୍)—ସରତ୍ପତି; ସାଗର; ସମୁଦ୍ର
Sindhu nāth (ଶବ୍ଦ କଳ୍ପଦ୍ରୁମ)—The sea.

ସିନ୍ଧୁପିବ—ସ. ବି (ସିନ୍ଧୁ+ପା ଧାତୁ+କର୍ତ୍ତୃ. ଅ; ଯେ ସମୁଦ୍ରକୁ ପାନ
Sindhu piba କରିଥିଲେ)—ଅଗସ୍ତ୍ୟ ଋଷି (ବୃ. ଶ)—Sage Agastya.

ସିନ୍ଧୁପୁତ୍ର—ସ. ବି—୧ । (୬ଷ୍ଠୀ ତତ୍) ଚନ୍ଦ୍ର—1. The moon.
Sindhu putra ୨ । ମର୍କଟେନ୍ଦୁ (ଶବ୍ଦଚନ୍ଦ୍ରିକା); କାଳ-ତେନ୍ଦୁ; ଏକପ୍ରକାର ତେନ୍ଦୁ ଗଛ—2. Diospyrus Tomentosa (tree).

ସିନ୍ଧୁପୁତ୍ରୀ—ସ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ସିନ୍ଧୁଜା (ଦେଖ)
Sindhu putrī Sindhujā (See)

ସିନ୍ଧୁପୁଷ୍ପ—ସ° ବି—୧ । ଶଙ୍ଖ (ଶବ୍ଦଚନ୍ଦ୍ରିକା)—1. The conch.
Sindhu pushpa ୨ । କଦମ୍ବ (ବୃ. ଶ)—2. Nuclea Kadamba (tree). ୩ । ବକୁଳ (ବୃ. ଶ)—3. The Bakula tree.

ସିନ୍ଧୁ ପ୍ରଦେଶ—ସଂ. ବ—ସିନ୍ଧୁ ଦେଶ (ଦେଖ)—Sindhu
Sindhu pradeśa deśa (See) [ଦ୍ର—ପୂର୍ବେ ଏହା ବମ୍ବେ ପ୍ରଦେଶର ଗୋଟିଏ ଜିଲ୍ଲା ଥିଲା । ବର୍ତ୍ତମାନ ୧୯୩୬ ସାଲଠାରୁ ଏହା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇଅଛି ।]

ସିନ୍ଧୁ ଫଳ—ଦେ. ବ—ମୁକ୍ତା—Pearl. [ଦ୍ର—ଉକ୍ତଶବ୍ଦ ଜାଣା
Sindhu phaḻa ଯୁଚ, ସିନ୍ଧୁ ଫଳ ଝଚ ଝଚ—ପ୍ରାଚୀ. ଭଲ୍ଲ୍ୟମଞ୍ଜରୀ ।]

ସିନ୍ଧୁ ବାର—ସଂ. ବ—୧ । ନିର୍ଗୁଣ୍ଡି (ଦେଖ)—1. Nirgundi
Sindhu bāra (See) ୨ । ସିନ୍ଧୁଦେଶୀୟ ଉତ୍କୃଷ୍ଟ ଅଶ୍ୱ
ସିନ୍ଧୁବାରକ } ଅନ୍ୟରୂପ —2. An excellent breed of
ସିନ୍ଧୁବାରିକ } horse of Sindh. ୩ । ପାରସ୍ୟ ଦେଶୀୟ ଉତ୍କୃଷ୍ଟ ଅଶ୍ୱ (ପ୍ରକୃତିବାଦ)—
3. An excellent breed of horse of Persia.

ସିନ୍ଧୁ ବେଳା—ସଂ. ବ (୬ଷ୍ଠୀ ତତ୍)—ସାଗରକୂଳ—
Sindhu beḻā The sea shore.

ସିନ୍ଧୁ ବିଡ଼ାଳ—ସଂ. ବ—ସଂ. ବ (ଅଧୁନିକ ନାମ)—ଏକପ୍ରକାର
Sindhu birḍāḻa କ୍ଷୁଦ୍ର ସିଲ୍ ମାଛ—Sea otter; Enhydris Marina. [ଦ୍ର—ଏମାନେ ଉତ୍ତର ପ୍ରଶାନ୍ତ ମହାସାଗରରେ ବାସକରନ୍ତି ।]

ସିନ୍ଧୁ ବେଷଣ—ସଂ. ବ—ଗମ୍ଭାରୀ ବୃକ୍ଷ (ଶବ୍ଦଚନ୍ଦ୍ରିକା)—
Sindhu beshaṇa Gmelina Arborea (tree).

ସିନ୍ଧୁ ବ୍ୟାଘ୍ର—ସଂ. ବ (ଅଧୁନିକ ନାମ)—ଦେହରେ ବାଘ ପରି
Sindhu byāghra କଳା କଳା ଚୋପି ଚୋପି ଦାଗ ଥିବା ଏକପ୍ରକାର ସିଲ୍ ମାଛ—A kind of seal; the sea-leopard; Omorghinus Leptonya. [ଦ୍ର—ଏମାନେ ଉତ୍ତର ଓ ଦକ୍ଷିଣ ମହାସାଗରରେ ଥାଆନ୍ତି ।]

ସିନ୍ଧୁ ଭଲ୍ଲୁକ—ସଂ ବ (ଅଧୁନିକ ନାମ)—ଏକପ୍ରକାର ସିଲ୍ ମାଛ—
Sindhu bhalluka The sea bear; the ursine seal.

ସିନ୍ଧୁ ମନ୍ଥଜ—ସଂ. ବ—୧ । ସୈନ୍ଧବ ଲବଣ (ରତ୍ନମାଳା) (ଦେଖ)
Sindhu manthaja Saindhaba labaṇa (See) ୨ । ଅମୃତ—2. Nectar. ସଂ. ବଣ—ସିନ୍ଧୁ ମନ୍ଥନରୁ ଜାତ—Produced from the ocean as a result of churning.

ସିନ୍ଧୁ ମନ୍ଥନ—ସଂ. ବ (୬ଷ୍ଠୀ ତତ୍)—ସମୁଦ୍ର ମନ୍ଥନ (ଦେଖ)
Sindhu manthana Samudra manthana (See)

ସିନ୍ଧୁର—ସଂ. ବ, ପୁଂ (ସିନ୍ଧୁ=ମଦବାରି+ଅସ୍ତ୍ୟର୍ଥରେ. ର)—
Sindhura ୧ । ହସ୍ତୀ (ହେମଚନ୍ଦ୍ର)—1. Elephant.
(ସିନ୍ଧୁରୀ—ସ୍ତ୍ରୀ) [ଦ୍ର—ପୁଣି ବ ସିନ୍ଧୁ ମଜ୍ଜିଲେ ଦେବେ, ସିନ୍ଧୁର କୁଳ ଜନମି ଏବେ, ଅବଶ୍ୟ ହୋଇ ଅସ୍ୱଅଚ୍ଛନ୍ତି ଅତି ହରଷେ—ବ୍ରଜନାଥ. ସମରତରଙ୍ଗ ।] ୨ । ଅଠ ସଂଖ୍ୟା (ପୂ. ଶ)—2. The number eight.

ସିନ୍ଧୁର ଦ୍ୱେଷୀ—ସଂ. ବ—ସିଂହ (ଶବ୍ଦକଳ୍ପଦ୍ରୁମ)—
Sindhura dweshī The lion.

ସିନ୍ଧୁର ବଦନ—ସଂ. ବ (ବହୁବ୍ରୀହି)—ଗଜାନନ; ଗଣେଶ—
Sindhura badana The elephant-headed Deity
(ସିନ୍ଧୁରାନନ—ଅନ୍ୟରୂପ) Gaṇeśa.

ସିନ୍ଧୁରା(ରୀ)—ସଂ. ବ—ସଙ୍ଗୀତବିଶେଷ—A musical air. [ଦ୍ର—
Sindhurā(rī) ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ ଓ ହିନ୍ଦୋଳ ରାଗର ପୁତ୍ର । ଏହା ଖାର ଉଦ୍ଧବ ରାଗ । ଏଥିରେ ଋଷଭ ଓ ଧୈବତ କୋମଳ ସ୍ୱର ଲାଗେ । ଏଥିର ଗାଇବା ସମୟ ଦିବା ୧୧ ଦଣ୍ଡଠାରୁ ୧୫ ଦଣ୍ଡ—ହି ଶ ।]

ସିନ୍ଧୁ ରାଗ—ସଂ. ବ—ସଙ୍ଗୀତର ରାଗବିଶେଷ ; କୌଶିକ ରାଗର ପୁତ୍ର
Sindhu rāga (ସଙ୍ଗୀତ ସିନ୍ଧୁ)—Name of a musical air. [ଦ୍ର—କୌଶିକ ରାଗର ପୁତ୍ରଗଣ, ଯଥା—ମାଧବ, ଶୋଭନ, ସିନ୍ଧୁ, ମାରୁ, ମେବାଡ଼, କୁନ୍ତଳ, କଳିଙ୍ଗ ଓ ସୋମ ।]

ସିନ୍ଧୁରାବ—ସଂ. ବ—ନିର୍ଗୁଣ୍ଡି (ଦେଖ) (ହି. ଶ)—
Sindhurāba Nirgundi. (See)

ସିନ୍ଧୁ ଲତାଗ୍ର—ସଂ. ବ—ପ୍ରବାଳ; ପୋହଳା (ହି. ଶ)—
Sidhu latnāgra Coral.

ସିନ୍ଧୁ ଲବଣ—ସଂ. ବ—ସୈନ୍ଧବ ଲବଣ (ହି. ଶ)
Sindhu labaṇa Saindhaba labaṇa.

ସିନ୍ଧୁ ଶୟନ—ସଂ. ବ (ବହୁବ୍ରୀହି)—କ୍ଷୀରୋଦଶାୟୀ; ବିଷ୍ଣୁ (ଶବ୍ଦ
Sindhu śayana କଳ୍ପଦ୍ରୁମ)—Bishṇu.
[ସିନ୍ଧୁଶାୟୀ—ଅନ୍ୟରୂପ]

ସିନ୍ଧୁ ସଙ୍ଗମ—ସଂ. ବ—୧ । ନଦୀ ବା ନଦ ଓ ସମୁଦ୍ରର ମିଳନ ସ୍ଥାନ
Sindhu saṅgama (ଭରତ)—1. The junction of a river with the sea. ୨ । ଦୁଇ ନଦ ବା ନଦୀର ସଙ୍ଗମ ସ୍ଥାନ—2. The junction of two rivers.

ସିନ୍ଧୁ ସମ୍ଭବ—ସଂ. ବଣ. (ପୁଂ) ଓ ବ (ବହୁବ୍ରୀହି)—ସିନ୍ଧୁଜ (ଦେଖ)
Sindhu sambhaba Sindhuja. (See)

ସିନ୍ଧୁ ସମ୍ଭବା—ସଂ. ବଣ. ସ୍ତ୍ରୀ (ସିନ୍ଧୁସମ୍ଭବ+ଆ)—ସିନ୍ଧୁସମ୍ଭବର
Sindhu sambhabā ସ୍ତ୍ରୀଲିଙ୍ଗ—Feminine of Sindhusamhbaba. ସଂ. ବ—୧ । ଲକ୍ଷ୍ମୀ—1. Goddess Lakshmī. ୨ । ଫିଟକିରି (ହି. ଶ)—2. Alum.

ସିନ୍ଧୁ ସିଂହ—ସଂ. ବ (ଅଧୁନିକ ନାମ)—ଏକ ପ୍ରକାର ସିଲ୍ ମାଛ—
Sindhu simha Sea lion; a species of seal. [ଦ୍ର—ଦକ୍ଷିଣ ଆମେରିକା ଉପକୂଳରୁ ପ୍ରଶାନ୍ତ ମହାସାଗର(Eumetopia Stelleri) ଉତ୍ତରରୁ ଜାପାନ ଓ କାଲିଫର୍ଣ୍ଣିଆ ଓ ସାନ୍‌ଫ୍ରାନ୍‌ସିସ୍‌କୋ ଉପକୂଳରେ (Zalophus Californianus)—ଏହି ଉଭୟ ସ୍ଥାନରେ ଦୁଇ ଜାତିର ପ୍ରକାରର ସିନ୍ଧୁସିଂହ ଦେଖାଯାଆନ୍ତି ।]

ସିନ୍ଧୁ ସୁତ—ସଂ. ବ—ଶିବଙ୍କ ଦ୍ୱାରା ହତ ଜଳନ୍ଧର ଅସୁର (ହି. ଶ)—
Sindhu suta The demon Jaḻandhara.

ସିନ୍ଧୁସୁତା—ସଂ. ବି. ସ୍ତ୍ରୀ—୧ । ଲକ୍ଷ୍ମୀ—1. Goddess Lakshmī.
Sindhu sutā ୨। ସୀପ; ଶାମୁକା—2. Pearl-oyster.

ସିନ୍ଧୁହସ୍ତୀ—ସଂ. ବି (ଅଧୁନିକ ନାମ)—ସିନ୍ଧୁ ଗଜ (ଦେଖ)
Sindhu hastī Sindhu gaja. (See)

ସିନ୍ଧୂପଳ—ସଂ. ବି (ସିନ୍ଧୁ+ଉପଳ)-ସୈନ୍ଧବ ଲବଣ (ଚାରୁବଳୀ)--
Sindhūpala Rock-salt.

ସିନ୍ଧୂଦ୍ଭବ—ସଂ. ବି (୫ମୀ ତତ୍)—ସିନ୍ଧୁଜାତ; ସମୁଦ୍ରରୁ ଉତ୍ପନ୍ନ—
Sindhūdbhaba Produced from the ocean.
ସଂ. ବି—ସୈନ୍ଧବ ଲବଣ (ରତ୍ନମାଳା)—
Rock salt.

ସିନ୍ଧୋଟ—ପ୍ରାଦେ (ପୁରୀ-ବ୍ରାହ୍ମଣ) ବି—ପୁରୀଜିଲ୍ଲା ବ୍ରାହ୍ମଣ ବ୍ରାହ୍ମଣ ଶାସନ-
Sindhoṭa ମାନଙ୍କର (ଗ୍ରାମ ଦାଣ୍ଡରେ ପୁରୁଷମାନେ ଚଳପ୍ରଚଳ ହେଉଥିବାରୁ) ସ୍ତ୍ରୀମାନଙ୍କର ଗ୍ରାମର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବା ଗ୍ରାମାନ୍ତରକୁ ଯିବା ପାଇଁ ଘରମାନଙ୍କ ବାଡ଼ିପଟରେ ପଡ଼ିଥିବା ରାସ୍ତା—The path running on the back door side of the rows of houses and used by the females of the Brahman villages of Puri district for going from one village to another.

ସିନ୍ନି—ବୈଦେ. ବି (ଫା· ଶୀର୍‌=କ୍ଷୀର; ଫା. ଶୀର୍‌ନୀ)—୧ । ମୁସଲ-
Sinni ମାନ୍‌ମାନଙ୍କର ପୀରଙ୍କୁ ଦେଉ ନୈବେଦ୍ୟ ଶର୍କରା—
ସିନ୍ନି 1. Sugar or sweetmeat offered to
शिरनी, सिन्नी Mohommedan saints. ୨ । ସତ୍ୟପୀର ବା ସତ୍ୟନାରାୟଣଙ୍କୁ ନୈବେଦ୍ୟ ହଅଯିବା ମିଷ୍ଟାନ୍ନ; (ସତ୍ୟନାରାୟଣ ଦେଖ)—2. Sweetmeat offered to the Satyapīra Deity. [ଦ୍ର—ଏହା ଦୁଇ ପ୍ରକାରର, ଯଥା—କଞ୍ଚାସିନ୍ନି, (ଘାଚଲ କଦଳୀ, ଗୁଡ଼, ଅଟା, ଚିନି ଓ ଦୁଧ ଚକଟା) ଓ ପକ୍କା ସିନ୍ନି (ଗୁଡ଼ର ତୋରା କମ୍ପା ବୁନ୍ଦିଆ) ।] ଦେ. ବି (ନାମ)—
ସିନୀ ଶ୍ରୀନିବାସର ଡାକ ନାମ—
सिन्नी Name for calling Śrinibāsa.

ସିନ୍ନିଆ—ଦେ· ବି (ନାମ) (ଅନାଦରାର୍ଥକ)—ଶ୍ରୀନିବାସର ଡାକ ନାମ—
Sinniā Name for calling Śrinibāsa.

ସିନ୍ୟ—ଗ୍ରା· ବି (ସଂ. ସ୍ନେହ)—ସ୍ନେହ (ଦେଖ)
Sinya Sneha (See)

ସିପ—ଦେ. ବି (ସଂ. ଶୁକ୍ତି; ପ୍ରା· ସିପ୍ପି)—ଶିପ (ଦେଖ)
Sipa Śipa (See)

ସିପତି—ପ୍ରାଦେ· (ଗଞ୍ଜାମ) ବି—ଗଞ୍ଜାମର ତାରତାରିଣୀଙ୍କ ମାଳୀକାଗାରୁ
Sipaṭi ଶୂଦ୍ର ସେବକ ଓ ପୂଜାକାରୀ—The Śūdras in service of the Tāratāriṇī Deity of Ganjam.

ସିପ ଚୂନ—ଦେ· ବି—ଶିପ ଚୂନ (ଦେଖ)
Sipa chūna Śipa chūna (See)

ସିପ ବୋତାମ—ଦେ, ବି—ଶିପ ବୋତାମ (ଦେଖ)
Sipa botāma Śipa botāma (See)

ସିପା—ଦେ. ବି—ସିପ ପରି ପତଳା ଓ ସେମ୍ପା—Thin and ema-
Sipā ciated or shrunk like oyster shell.
সিপ্‌সিপা चिपटा (ସେପ୍‌ଟା—ଅନ୍ୟରୂପ)

ସିପା(ପେ)ଇ(ହି)—ବୈଦେ· ବି (ଫା. ସିପାହି)—୧। ସୈନିକ; ପଦାତିକ
Sipā(pe)i(hi) —1. Soldier; sepoy. [ଲ—ସିପାହିଏ
সিপাই सिपाही ରଞ୍ଜାଇ ପର ଭୁଦକୁ—କୃଷ୍ଣସିଂହ. ମହାଭାରତ, ଅଦି ।] ୨ । ଦେଶୀୟ ପଦାତିକ—2. An Indian soldier. ୩ । ଦେଶୀୟ କନଷ୍ଟବଲ—3. Indian constable. ୪ । ଚପରାଶୀ; ପିଅନ—4. Peon. ୫ । ଅସ୍ତ୍ରଶସ୍ତ୍ରଧାରୀ ପ୍ରହରୀ—5. Armed sentry. [ଦ୍ର—ଏହି ପାରସି ଶବ୍ଦ ଇଂରାଜୀରେ Sepoy ରୂପ ଧାରଣ କରଅଛି ।]

ସିପାଇ ପଲଟଣ(ନ)—ବୈଦେ. ବି (ଫା· ସିପାହୀ+ଇଂ. ପ୍ଲାଟୁନ୍)—
Sipāi palaṭaṇ(na) ଦେଶୀୟ ସେନା—Indian army.
সিপাই পলটন सिपाही पलटन

ସିପା(ପେ)ଇବା—ଦେ, କ୍ରି—ଶିପାଇବା (ଦେଖ)—
Sipā(pe)ibā Śipāibā (See)
[ସିପା(ପେ)ଇ ଯିବା—ଅନ୍ୟରୂପ]

ସିପାଇ ବିଦ୍ରୋହ—ଦେ. ବି—୧୮୫୭ ସାଲରେ ଭାରତ ଅଧିକାଂଶ
Sipāi bidroha ଇଂରାଜଙ୍କ ଭରୁଆରେ କେତେକ ଭାରତୀୟ
সিপাই বিদ্রোহ ସେନାଙ୍କର ଅସ୍ତ୍ର ଧାରଣ—The Indian
सिपाही विद्रोह Sepoy Mutiny of 1857. [ଦ୍ର—ଇଂରାଜ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ କର୍ମଚାରୀମାନଙ୍କ ବ୍ୟବହାରରେ ଅଯୋଧ୍ୟା, ଉତ୍ତର ପଶ୍ଚିମ, ଝାନ୍ସୀ, ଦାକ୍ଷିଣାତ୍ୟ ଓ ମହାରାଷ୍ଟ୍ରର ପଦଚ୍ୟୁତ ଓ ଖର୍ବୀକୃତ ରାଜାମାନେ ଇଂରାଜଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ । ଏହି ସମୟରେ ଅତି ସାମାନ୍ୟ କାରଣରୁ ବଙ୍ଗ ଓ ଅଯୋଧ୍ୟାରେ ଦେଶୀୟ ସିପାହିମାନଙ୍କ ମଧ୍ୟରେ ବିଦ୍ରୋହାଗ୍ନି ଜଳି ଉଠିଲା । ସିପାହିମାନଙ୍କୁ ବନ୍ଧୁକ ଫାଏର୍ କରିବା କାମରେ ଯେଉଁ ଟୋଟା (କାର୍ଟ୍ରିଜ୍) ଦିଅଗଲା, ତାହା ଦାନ୍ତରେ କାଟି ବନ୍ଧୁକରେ ଦେବାକୁ ହୁକୁମ ହେଲା । ହିନ୍ଦୁ ଓ ମୁସଲମାନ ସିପାହିମାନଙ୍କ ମନରେ ଧାରଣା ହେଲା ଯେ, ଏ ଟୋଟାରେ ଘୁଷୁରି ଚର୍ବି ଦିଆଯାଇଅଛି; ତେଣୁ ଏହା ହିନ୍ଦୁ ଓ ମୁସଲମାନଙ୍କ ଧର୍ମମତ ଅନୁଯାୟୀ ଅସ୍ପୃଶ୍ୟ; ସରକାର ଏପରି ଟୋଟା ବ୍ୟବହାର କରିବାକୁ ବାଧ୍ୟ କରି ସେମାନଙ୍କ ଜାତି ନଷ୍ଟ କରିବାକୁ ବସିଅଛନ୍ତି । ଏହା ଫଳରେ ସିପାଇମାନେ ସାହେବ କାପ୍ତାନ୍‌ମାନଙ୍କ ହୁକୁମ ମାନିଲେ ନାହିଁ । ଫଳରେ ୧୮୫୭ ସାଲରେ ଦିଲ୍ଲୀ ନିକଟସ୍ଥ ମିରଟରେ ପ୍ରଥମେ ସିପାହି ବିଦ୍ରୋହ ପ୍ରକାଶିତ ହେଲା । ସିପାହିମାନେ ଇଂରେଜ ସ୍ତ୍ରୀ, ପୁରୁଷ, ବାଳକ ବାଳିକା, ଯେଉଁଠାରେ ଯାହାକୁ ପାଇଲେ, ମାରି ପକାଇଲେ, ଘରକୁ ପୋଡ଼ି ଦେଲେ, ଜେଲ୍‌ଖାନା ଭାଙ୍ଗି କଏଦମାନଙ୍କୁ ମୁକ୍ତକରି ଦେଲେ । ଏହା ପରେ ସେମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲେ । ସେଠାରେ ପଦଚ୍ୟୁତ ବୃଦ୍ଧ ମୋଗଲ-

ସମ୍ରାଟ୍ ଶାହା ଆଲମ (ଯାହାଙ୍କୁ ଇଂରେଜମାନେ ପେନ୍ସନ ଦେଇ ଦିଲ୍ଲୀରେ ରଖାଇ ଥିଲେ) ବିଦ୍ରୋହୀମାନଙ୍କ ସଙ୍ଗେ ଯୋଗ ଦେଲେ ଏବଂ ସେଠାରେ ମଧ୍ୟ ସିପାହୀମାନେ ଇଂରାଜ ନରନାରୀଙ୍କୁ ହତ୍ୟା କଲେ ।

କାନପୁରଠାରେ ପେଶବା ବାଜି ରାଓଙ୍କ ପୁତ୍ର ନାନା ସାହେବ ବିଦ୍ରୋହୀ ସେନାମାନଙ୍କ ନାୟକ ହୋଇ ଶତ ଶତ ଇଂରେଜ ନରନାରୀଙ୍କୁ ହତ୍ୟା ଓ ବନ୍ଦୀ କଲେ । ଦିଲ୍ଲୀରେ ବିଦ୍ରୋହୀମାନେ ୪ ମାସ କାଳ ଅଧିକାର ସ୍ଥାପନ କଲେ ।

ଲକ୍ଷ୍ନୌରେ ମଧ୍ୟ ବିଦ୍ରୋହାଗ୍ନି ଜଳିଲା । ମରହଟ୍ଟା-ଗ୍ୱାଲିଅର ସିନ୍ଧିଆ ଓ ହୋଲକାରଙ୍କ ପଲଟଣମାନେ ମଧ୍ୟ ବିଦ୍ରୋହାଚରଣ କଲେ ।

ଏ ସମୟରେ କ୍ରମ୍ୟକ୍ରମେ ଶିଖ ଓ ଗୁର୍ଖା ପଲଟଣ-ମାନେ ଇଂରାଜ ସରକାରଙ୍କ ପ୍ରତି ଭକ୍ତି ଅଟଳ ରଖିଥିଲେ । ସେନାପତି ହାବେଲକ୍ (General Havelock, afterwards Sir Henry Havelook) କାନ-ପୁରରେ ନାନା ସାହେବଙ୍କୁ ପରାସ୍ତ କଲେ । ନାନା ସାହେବ ଅଯୋଧ୍ୟାକୁ ପଳାଇ ଯାଇ ଶେଷରେ ନେପାଳ ବନରେ ଲୁଚି ଶେଷ ଜୀବନ ଅତିବାହିତ କଲେ। ଇଂରାଜଙ୍କ ପକ୍ଷରେ ଅନ୍ୟାନ୍ୟ ସେନାପତି (ଯଥା—ସେନାପତି କାମ୍ପବେଲ୍, ଅଉଟ୍ରାମ୍, ନିକଲ୍‌ସନ୍, ହିଟ୍‌ଲକ୍ ରୋଜ୍) କ୍ରମଶଃ ଭିନ୍ନ ଭିନ୍ନ ସ୍ଥାନର ବିଦ୍ରୋହୀମାନଙ୍କୁ ପରାସ୍ତ କରି ବିଦ୍ରୋହୀ-ମାନଙ୍କ ଅଧିକୃତ ସ୍ଥାନମାନ ଦଖଲ କଲେ । ମରହଟ୍ଟା ସିନ୍ଧିଆ ଓ ହୋଲକାର ରାଜାମାନେ ନିଜେ ବିଦ୍ରୋହୀ ହୋଇ ନ ଥିଲେ, କିନ୍ତୁ ସେମାନଙ୍କ ସୈନ୍ୟମାନେ ତାନ୍ତିଆ ଟୋପି ବା ତାନ୍ତିଅଲ୍ଲି ନାମକ ଜଣେ ସ୍ୱର୍ ନେତାଙ୍କ ନେତୃତ୍ୱରେ ବିଦ୍ରୋହୀ ହୋଇଥିଲେ । ପରିଶେଷରେ ଇଂରାଜମାନେ ଦିଲ୍ଲୀ ଅଧିକାର କଲେ ଏବଂ ୧୮୫୮ ସାଲରେ ଏହି ବିଦ୍ରୋହାଗ୍ନି ପ୍ରଶମିତ ହେଲା ।

ଏହି ସିପାହୀ ବିଦ୍ରୋହ ପରେ ବ୍ରିଟିଶ ପାର୍ଲିଅମେଣ୍ଟ ଭାରତର ଶାସନଭାର ଇଷ୍ଟଇଣ୍ଡିଆ କମ୍ପାନୀର ବଣିକଙ୍କ ହାତରୁ ନେଇ ରାଣୀ ମହାରାଣୀ ଭିକ୍ଟୋରିଅଙ୍କୁ ଭାରତର ସମ୍ରାଜ୍ଞୀ ବୋଲି ଘୋଷଣା କଲେ ଏବଂ ଭାରତର ବଡ଼ ଲାଟ୍, ସମ୍ରାଜ୍ଞୀଙ୍କ ପ୍ରତିନିଧି ବା ଭାଇସ୍‌ରୟ୍ (Viceroy) ଉପାଧି ଧାରଣ କଲେ । ୧୮୫୮ ସାଲରେ ଭାରତର ଗଭର୍ଣ୍ଣର ଜେନେରାଲ୍ ଲର୍ଡ କାନିଙ୍ଗ୍ ଭାଇସ୍‌ରୟ୍ ହେଲେ ଏବଂ ବିଦ୍ରୋହୀମାନଙ୍କୁ ସମ୍ରାଜ୍ଞୀଙ୍କ ଆଦେଶ ଅନୁସାରେ କ୍ଷମା କଲେ ଓ ମହାରାଣୀ ଭିକ୍ଟୋରିଆ ଗୋଟିଏ ଘୋଷଣା-ପତ୍ରଦ୍ୱାରା ଭାରତବାସୀଙ୍କୁ ଅଭୟ ପ୍ରଦାନ କଲେ ।]

ସିପାହ(ପେ)ଇ ସରଦାର—ବେଦେ. ବ (ଫା·)—ସିପାହୀମାନଙ୍କର
Sipā(pe)i saradāra ନେତା—A Sirdar or captain
সিপাই সর্দার सिपाही सरदार of Indian soldiers.

ସିପାହ(ପେ)ଇ ସନ୍ତ୍ରୀ—ବୈଦେ. ବ (ସଢ଼ଚଳ; ଫା. ସିପାହ୍; ଇଂ· ସେଣ୍ଟ୍ରୀ)
Sipā(pe)i santrī —ସୈନିକ ଓ ରକ୍ଷୀ; ସଶସ୍ତ୍ର ସିପାହୀ—
সিপাই সান্ত্রী सिपाही संत्री An armed sentinal.

ସିପାଞ୍ଜି—ଦେ. ବ—ସିମ୍ପାଞ୍ଜି (ଦେଖ)
Sipānji Simpānji. (See)

ସିପାର(ରି)ସ୍(ସି)—ବୈଦେ· ବ (ଫା. ସିପାରସ୍)—ସୁପାରସ୍ (ଦେଖ)
Sipāra(ri)s(si) Supāris. (See)

ସିପାଲ—ଦେ. ବ—ଚିଲିକା କୂଳରେ ଜନ୍ମୁଥିବା ଘର ଛପରରେ
Sipāla ବ୍ୟବହୃତ ଘାସ ବିଶେଷ—A species of grass, growing on the shore of the Chilkā lake and used in thatching houses.

ସିପା(ପେ)ହି (ଇତ୍ୟାଦ)—ବୈଦେ. ବ (ଫା· ସିପାହ)—ସିପାଇ
Sipā(e)hi (petc) ଇତ୍ୟାଦ (ଦେଖ)—Sipāi etc. (See)

ସିପି—ଦେ. ବ—ଶିପ (ଦେଖ)
Sipi Sipa. (See).

ସିପିଆ—ଦେ. ବଣ—ଶିପା (ଦେଖ)—
Sipiā শিপ,শিপা सिपिया Sipā. (See)
ସେପିଆ ବୈଦେ. ବ (ଇଂ. ସେପିଅ)-ଏକପ୍ରକାର ଫିକା କଳାରଙ୍ଗ—
सेपिया Sepia colour.

ସିପିଓ—ବୈଦେ· ବ (ନାମ)—[ଲାଟିନ୍ ଶବ୍ଦ ସିପିଓ—ଯଷ୍ଟି; ଏହି
Sipio ବଂଶର ଜଣେ ବ୍ୟକ୍ତି ସର୍ବଦା ତାଙ୍କ ବୃଦ୍ଧ ଅନ୍ଧ ପିତାଙ୍କର
সিপিও ଯଷ୍ଟିସ୍ୱରୂପ ହୋଇ ତାଙ୍କୁ ସର୍ବଦା ଚଳାଉଥିଲେ]—
सिपिओ ପ୍ରାଚୀନ ରୋମ୍‌ର ବିଖ୍ୟାତ ବଂଶ—Scipio (a distinguished family of successive consuls and commanders) of ancient Rome. [ଦ୍ର—ଏହି ବଂଶର ଅନେକ ବିଖ୍ୟାତ ବ୍ୟକ୍ତି ରୋମ୍ ସାମ୍ରାଜ୍ୟର ଉଦୟ ପ୍ରଦେଶକୁ ଶାସନକର୍ତ୍ତା ଓ ସେନାପତି-ରୂପେ ପ୍ରେରିତ ହୋଇ ସ୍ୱନାମପ୍ରସିଦ୍ଧ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଏହି ନାମଧାରୀ ଜଣେ ଆଫ୍ରିକା ଜୟ କରି (Scipio Africanus) ବିଶେଷ ଖ୍ୟାତିଲାଭ କରିଥିଲେ । ସେ ଖ୍ରୀଷ୍ଟପୂର୍ବ ୧୮୪ ଅବ୍ଦରେ ମରିଥିଲେ ।]

ସିପିବା—ଦେ. ବ—ଶିପିବା (ଦେଖ)—Sipibā. (See)
Sipibā [ସିପିସିବା—ଅନ୍ୟରୂପ]

ସିପିହର ଶୁକୋ—ଦେ. ବ (ନାମ)—ମୋଗଲ ସମ୍ରାଟ୍
Sipihara śuko ଶାହାଜାହାନଙ୍କର କନିଷ୍ଠ ପୁତ୍ର—A son
সিপিহর সুকো of Sāhājāhān, the Mogul Emperor.
सिपिहर सुको [ଦ୍ର—ଏହାଙ୍କୁ ଅରଙ୍ଗଜେବ ହତ୍ୟା କରିଥିଲେ ।]

ସିପୁତି—ଦେ. ବ· ପୁଂ—୧ । ବସ୍ତ୍ର ସିଇଁବା ଜାତି; ଦରଜି—
Siputi 1. Tailor· [ଦ୍ର—କାନ୍ଥରେ ଅଟାଇ ସିପୁଟି, ନାମ
दर्ज़ि ତାହାର ଦରମେଣ୍ଟି । ରାମଦାସ. ଦାର୍ଢ୍ୟତା ଭକ୍ତି ।] ୨ ।
दरज़ी ଗଞ୍ଜାମ ତାରାତାରିଣୀଙ୍କ ସେବକ ଜାତି—2. The
[ସିପୁଟିଅଣୀ—ସ୍ତ୍ରୀ] caste of temple servants of Goddess Tārātārinī in Ganjam.

ସିପୁଲ୍ ବଇଠା—ପ୍ରାଦେ. (ଯାଜପୁର) ବ—ପୁର୍ବେ ଗୃହଶାଳୀରେ
Sipul baiṭhā ଛାତ୍ରମାନଙ୍କୁ ଦଅଯିବା ଦଣ୍ଡବିଶେଷ; ଚାଲୁ
ଚଲ୍‌କା (ଦଣ୍ଡ)—A kind of corporeal punishment formerly meted out to students of primary schools.

ସିପ୍ର—ସଂ. ବ. (ସୃପ୍ ଧାତୁ=ଗମନ କରିବା+କର୍ତ୍ତୃ. ର; ନିପାତନ
Sipra ସିଦ୍ଧ)—୧ । ଚନ୍ଦ୍ର (ନିକାଣ୍ଡ ଶେଷ)—1. The moon. ୨ । ଘର୍ମ; ସ୍ୱେଦ (ମେଦିନୀ)—2. Perspiration; sweat. ୩ । କାଳିକା ପୁରାଣୋକ୍ତ ଦେବସରୋବରବିଶେଷ—3. Name of a mythological tank described in the Kālikā Purāṇa.

ସିପ୍ରା—ସଂ. ବ (ସିପ୍ର+ଆ; ଅନ୍ୟରୂପ 'ଶିପ୍ରା')—୧ । ଉଜ୍ଜୟିନୀ ସମୀପସ୍ଥ
Siprā ନଦୀ ବିଶେଷ (ମେଦିନୀ)—1. Name of a river passing by the country of Ujjain. [ଦ୍ର—କାଳିକା ପୁରାଣ ୨୩ଶ ଅଧ୍ୟାୟରେ ଲେଖାଅଛି ଯେ, ବଶିଷ୍ଠ ଅରୁନ୍ଧତୀଙ୍କୁ ବିବାହ କରି ମାନସାଚଳରେ ସୁଖରେ ବାସ କଲେ ଏବଂ ସେହି ପର୍ବତରୁ ଜଳଧାରା ନିର୍ଗତ ହୋଇ ହିମାଳୟ କନ୍ଦରରେ ଥିବା ସିପ୍ରା ସରୋବରରେ ପତିତ ହୋଇ ସେଠାରୁ ନଦୀ ଆକାରରେ ସିପ୍ରା ନାମରେ ପ୍ରବାହିତ ହେଲା । ଏହାର ଅଧୁନିକ ନାମ ସିପ୍ରା ।] ୨ । ସ୍ତ୍ରୀମାନଙ୍କ କଟିବନ୍ଧ (ହ୍ର. ଶ)—2. Woman's girdle.

ସିପାଇ—ପ୍ରାଦେ (ଲବଣ) ବ—ସିପାହି (ଦେଖ)
Siphāi Sipāi. (See)

ସିଫାର(ରି)ସ(ସି)—ବୈଦେ. ବ (ଫା. ସିଫାରସ୍)—ସୁପାରିସ୍
Siphāra(ri)s(si) (ଦେଖ)—Supāris. (See)

ସିବନ୍ଦୀ—ପ୍ରାଦେ (କଟକ) ବ—ସିପାହି—
Sibandi Sepoy.

ସିବ୍ (ଧାତୁ)—ସଂ—ସିଲାଇ କରିବା—
Sib (root) To sew.

ସିବର—ସଂ. ବ (ସି ଧାତୁ=ଗତ କରିବା+କର୍ତ୍ତୃ ବର)-ହସ୍ତୀ
Sibara (ଜଟାଧର)—The elephant.

ସିବସ—ସଂ. ବ—(ସିବଧାତୁ+କର୍ତ୍ତୃ ଅସ)—୧ । ବସ୍ତ୍ର (ଦ୍ର. ଶ)—
Sibasa 1. Cloth. ୨ । ପଦ୍ୟ; ଶ୍ଲୋକ (ଦ୍ର. ଶ)—2. Poem; couplet.

ସିବାୟ(ଏ)—ବୈଦେ. ଅ (ଫା. ସିଵା)—ଛଡ଼ା; ବ୍ୟତୀତ—
Sibāy(e) Without; besides; except.[ଦ୍ର—ଏ ସିବାଏ ସେଓ୍ୱାୟ୍ सिवाय ଠିକାଲୁ ସୁଖ ଗୃହଅଣା ହସାବେ ପାଇବ । ଫକୀରମୋହନ. ଛମାଣ ଆଠଗୁଣ ।]

ସିବିତିକା ଫଳ—ସଂ. ବ (ବୈଦ୍ୟକ)—କାବୁଲଦେଶୀୟ ଖାଦ୍ୟ ଫଳ-
Sibitikā phala ବିଶେଷ; ସେଓ ଫଳ—Apple; Pyrus Malus. [ଦ୍ର—ଏହା ବାତଘ୍ନ, ଅନ୍ୟ ସଂସ୍କୃତ ନାମ— ମୁଷ୍ଟି ପ୍ରମାଣ, ବଦର, ସେବ । ପିତ୍ତନାଶକ, ପୁଷ୍ଟିକାରକ, କଫ-
ସେଓ, ସେଉ ଜନକ, ଗୁରୁ, ମଧୁରରସ, ମଧୁର-
सेव ବିପାକ, ଶୀତବୀର୍ଯ୍ୟ, ରୁଚିକର ଓ
ଫା. ସେବ୍ ଶୁକ୍ରବର୍ଦ୍ଧକ ଅଟେ ।]
ଅ. ତୁଫାଇ

ସିଭିଲ୍—ବୈଦେ—୧ । ଦେଓ୍ୱାନି—1. Civil. ୨ । ଉଚ୍ଚ—
Sibhil ସିଭିଲ୍ सिभिल 2. High.

ସିଭିଲ୍ କୋଟ(ର୍ଟ)—ବୈଦେ. ବ (ଇଂ. ସିଭିଲ୍ କୋର୍ଟ)—
Sibhil koṭ(rṭ) ଦେଵାନୀ ଅଦାଲତ—
ସିଭିଲ କୋର୍ଟ सिविल कोर्ट Civil Court.

ସିଭିଲ୍ କୋଟ(ର୍ଟ) କମିସନର—ବୈଦେ. ବ (ଇଂ. ସିଭିଲ୍ କୋର୍ଟ
Sibhil koṭ(rṭ) kamisanar କମିସନର୍)—ପକ୍ଷମାନଙ୍କ
ସିଭିଲକୋର୍ଟ କମସନାର ଦ୍ୱାରାପ୍ରଦତ୍ତ ବିଷୟ ସରଜମିନରେ ତନ୍ନ ତନ୍ନ
सिविलकोर्ट कमिसनर କରି ମାପି ପରୀକ୍ଷା କରିବା ବା ଅଦାଲତରେ ଅନୁପସ୍ଥିତ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରିବା ବା ହିସାବପତ୍ର ପରୀକ୍ଷା କରିବା ପାଇଁ ନିଯୁକ୍ତ କର୍ମଚାରୀ—Civil Court Commissioner.

ସିଭିଲ୍ ଜେଲ୍—ବୈଦେ. ବ (ଇଂ)—ଯେଉଁ କାରାଗାରରେ ଖାତକ-
Sibhil jel ମାନଙ୍କୁ ବନ୍ଦ କରାଯାଏ—Civil jail.
ସିଭିଲ ଜେଲ सिविल जेल

ସିଭିଲ୍ ସର୍ଜନ୍—ବୈଦେ. ବ—ଡାକ୍ତର ସାହେବ; ଜିଲ୍ଲାର ସର୍ବୋଚ୍ଚ
Sibhil sarjan ଡାକ୍ତର—Civil Surgeon.
ସିଭିଲ ସର୍ଜନ सिविल सर्जन

ସିଭିଲ୍ ସର୍ଭିସ୍—ବୈଦେ. ବ (ଇଂ. ସିଭିଲ୍ ସର୍ଭିସ୍)—ରାଜ୍ୟଶାସନ
Sibhil sarbhis ସମ୍ବନ୍ଧୀୟ ଉଚ୍ଚ ସରକାରୀ ଚାକିରି—
ସିଭିଲ ସର୍ଭିସ सिविल सर्विस् Civil service.
(ସିଭିଲ୍[ଲି] ସରଭିସ୍[ସି]—ଅନ୍ୟରୂପ)

ସିଭିଲିୟା(ଆ)ନ—ବୈଦେ. ବ (ଇଂ. ସିଭିଲିଅନ)—ରାଜ୍ୟଶାସନ
Sibhiliyā(ā)n ସମ୍ବନ୍ଧୀୟ ଉଚ୍ଚ କର୍ମଚାରୀ—A civilian, a
ସିଭିଲିୟାନ୍ सिविलियन member of the civil service.

ସିମ୍‌ତି (ଇତ୍ୟାଦି)—ଦେ. ଅ—ସେମିତି ଇତ୍ୟାଦି (ଦେଖ)
Sim-ti (etc) Semiti. etc (See)

ସିମ(ମ,ମି)ଳା(ଲା)—ଦେ. ବ (ନାମ)—୧ । ପଞ୍ଜାବ ପ୍ରଦେଶର
Sim(ma, mi)ḷā(lā) ଉତ୍ତରାଂଶ ଓ ଦିଲ୍ଲୀଠାରୁ ୩୦୦ ମାଇଲ
ସିମ୍‌ଲା ଉତ୍ତରରେ ହିମାଳୟର ସାନୁରେ ଅବସ୍ଥିତ ଭାରତ
शिमला ଗଭର୍ଣ୍ଣମେଣ୍ଟଙ୍କର ଓ ଭାଇସ୍‌ରୟଙ୍କ ଗ୍ରୀଷ୍ମନିବାସ—
1. Simla on the Himalayan slope, the summer capital of the Viceroy of India. [ଦ୍ର—ଏହା ସିନ୍ଧୁନଦର ପୂର୍ବତମ ଶାଖା ଶତ୍‌ଲେଜ୍ ବା ଶତଦ୍ରୁ ନଦୀର ଦକ୍ଷିଣ କୂଳ ନିକଟରେ ଅବସ୍ଥିତ ଅଟେ । ଏହା ପଞ୍ଜାବ ପ୍ରଦେଶର ଗଭର୍ଣ୍ଣରଙ୍କର ମଧ୍ୟ ଗ୍ରୀଷ୍ମନିବାସ ଅଟେ ।] ୨ । କଲିକତାର ଗୋଟିଏ ଅଂଶ—
2. Name of a part of the town of Cal-

cutta. [ଦ୍ର—ଏଠାରେ ଇଂରେଜମାନେ ଗ୍ରୀଷ୍ମ ଋତୁ ସୁଦ୍ଧା ଲମ୍ବା ଭୃଣୁଥିଲେ ।]

ସିମ୍(ମି)ଲିଆ—ଦେ. ବଣ—ସିମ୍‌ଲା ସମ୍ବନ୍ଧୀୟ—
Sim(mi)liā Relating to Simla.
সিমিলাই शिमलिया (ଯଥା—ସିମ୍ଲିଆ ଖବର)

ସିମ—ସଂ. ବଣ (ସି. ଧାତୁ=ବନ୍ଧନ କରିବା + ଷ୍ମନ୍. ସନ୍)—ସମସ୍ତ;
Sima ସକଳ (ସିଦ୍ଧାନ୍ତ କୌମୁଦୀ)—Entire; all; whole.
সিম ଦେ. ବି (ସଂ. ଶିମ୍)—ଶିମ୍ (ଦେଖ)
सेम Śimba (See)

ସିମନ୍—ବୈଦେ. ବି (ହେବ୍ରୁ. ସିମନ୍)—ବାଇବଲ ଲେଖିତ ନାମ-
Siman ବିଶେଷ—A Biblical proper name; Simon.
সাইমন सिमन (ସାଇମନ୍—ଅନ୍ୟରୂପ)

ସିମନ୍ଥା(ସ୍ଥା)ନ—ଦେ. ବି—ଶିମସ୍ଥାନ (ଦେଖ)
Simanthā(sthā)na Śimasthāna (See)

ସିମସ୍ଥାନ—ପ୍ରାଦେ. (ଗଞ୍ଜାମ) ବି—ଶିମସ୍ଥାନ (ଦେଖ)
Simasthāna Śimasthāna (See)
(ସିମସ୍ଥାନମ୍—ଅନ୍ୟରୂପ)

ସିମାଇ—ଦେ. ବି—ସିମେଇ (ଦେଖ)—Simei (See)
Simāi ବୈଦେ. ବି (ଫା. ସେମାହି)—ସିମାହି (ଦେଖ)
Simāhi (See)

ସିମା(ମେ)ଇ ଯିବା—ଦେ. କ୍ରି (ସଂ. ଶିମ୍)—ଶୀର୍ଣ୍ଣ ଯିବା; ଶୀର୍ଣ୍ଣ
Simā(me)i jibā ହୋଇଯିବା—To become emacia-
সিটিয়ে যাওয়া चिपटा होना ted.

ସିମାକ ଜୋଡ଼—ପ୍ରାଦେ. (ଗଞ୍ଜାମ) ବି—ବାଟି ବା କଉଡ଼ି ଖେଳରେ
Simāka jorda ବାଟିରେ ବାଟିକି ମାରିବା ପଣ୍ଡ ଆଘାତ—
[ଗୋପୀନାଥ ନନ୍ଦ)—A particular throw in the game of cowries.

ସିମା କୟାଁ—ପ୍ରାଦେ. (ଗଞ୍ଜାମ) ବି—ଶିମା କୟାଁ (ଦେଖ)
Simā kayāñ Śimā kayāñ (See)

ସିମାଦ୍ରି—ପ୍ରାଦେ. (ଗଞ୍ଜାମ) ବି (ପୁଂ)—ସୀମାଚଳନାଥଙ୍କ ନାମାନୁ-
Simādri ସାରେ ଦିଆ ଯାଇଥିବା ନାମ—A name given
[ସିମା, ସିମାଲୁ—ସ୍ତ୍ରୀଲୋକଙ୍କ ନାମ] to males in Ganjam.
[ଦ୍ର—ଓଡ଼ିଶାରେ ଯେପରି ପୁଅର 'ଜଗନ୍ନାଥ' 'ଲୋକନାଥ' ନାମ ଦିଆଯାଏ, ଗଞ୍ଜାମ ଅଞ୍ଚଳର ତେଲୁଗୁ ଘରେ ଠିକ୍ ସେହିପରି ପୁଅ ନାଁଅଙ୍କୁ 'ସିମାଦ୍ରି' ବା 'ସିମାଲୁ' ନାମ ଦିଆଯାଏ ।]

ସିମାଦ୍ରି ଅପୁର୍ଡୁ—ପ୍ରାଦେ. (ଗଞ୍ଜାମ) ବି—ବାସୁଆ ବଳଦ (ଦେଖ)
Simādri āpurdu Bāsuā balada (See)
[ସିମାଦ୍ରି ଅପଡା, ଅପଡ଼ା—ଅନ୍ୟରୂପ]

ସିମାନା (ଇତ୍ୟାଦି)—ଦେ. ବି—ସୀମାନା ଇତ୍ୟାଦି (ଦେଖ)
Simānā (etc) Sīmānā etc (See)

ସିମା ପାଇକେରା—ପ୍ରାଦେ. (ବାଲେଶ୍ୱର) ବି—ଏକପ୍ରକାର ଅତି ବଡ଼ ବନ୍ୟ
Simā paikerā ଗଛ—A kind of very large wild tree. [ଦ୍ର—ଏହାର ପତ୍ର କେନ୍ଦୁଳି ପତ୍ର ପରି; ଚନ୍ଦ୍ର କେନ୍ଦୁଳି ପତ୍ରଠାରୁ ବଡ଼ । ଏହାର ଫୁଲ ନାଲି ।]

ସିମା ଫୋର୍—ବୈଦେ. ବି (ଇଂ. ସେମା ଫୋର୍)—ରେଳ
Simā phor ଷ୍ଟେସନର ଦୁଇ ପାଖରେ ଖମ୍ବୁରରେ ଯୋଡ଼ା
সিমা ফোর ହୋଇଥିବା ସିଗ୍‌ନାଲ୍ ଖୁଣ୍ଟି—Semaphore;
सेमा फोर signal posts on both sides of a railway station. [ଦ୍ର—ଏଥିରେ ଗୋଟିଏ ବାହୁ ଥାଏ; ତାହା ଉଠାଯାଏ ଓ ପକାଯାଏ ଏବଂ ରାତିରେ ଏଥିରେ ନାଲି ହଳଦିଆ ଲେଖ ଅଲୁଅ ଦିଆଯାଏ ।]

ସିମା ଶିମ୍ବ—ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ଶିମ୍ବ (ପାଚିଏ
Simā śimba ଲମ୍ବା ଫଳ)—A kind of bean.

ସିମାହି—ବୈଦେ. ବି (ଫା. ସେମାହି; ଫା. ସେ=ତିନି+ମାହି—
Simāhi ମାସ)—ତ୍ରୈମାସିକ—Quarterly.
সেমাহী समाही

ସିମିତି—ଗ୍ରା. ଅ (ତୁଳନାକର-ଜମିତି, ଇମିତି)—ସେମିତି (ଦେଖ)
Simiti Semiti (See)

ସିମିତିକା—ଦେ. ବଣ—ସେମିତିକା (ଦେଖ)—
Simitikā Sematikā (See)
[ସିମିତିକିଆ, ସିମିତିଆ—ଅନ୍ୟରୂପ]

ସିମିଳି [ଇତ୍ୟାଦି]—ଦେ. ବି (ସଂ. ଶାଲ୍ମଳୀ)—ଶିମିଳି (ଦେଖ)
Simili [etc] Śimili etc (See). ପ୍ରାଦେ (ଭଦ୍ରକ ବାଲେଶ୍ୱର) ବି (ସଂ. ଶୈବାଳ)—ଶିଉଳି—Moss.

ସିମୁଣା—ପ୍ରାଦେ (ଅଙ୍ଗ) ବି—ସାନ ସଣ୍ଡଶି—
Simunā Small pincers.

ସିମେଇ—ଦେ. ବି (ସଂ. ସେବକା; ସଂ. ଶିମ୍; ଏହାର ଅବୃତ ଶିମ୍ବ
Simei ପରି)—୧ । ଘିଅରେ ପୂଅ ହୋଇଥିବା ଶିମ୍ବ
সিমাই, সেমই ଆକାରର ଲମ୍ବ ଲମ୍ବ ପତଳା ଗଜା—1. Slender
सेवँई bean-shaped sweetmeat. [ଦ୍ର—ମଇଦାକୁ ଚକଟି ଲମ୍ବ ଲମ୍ବ କରି ଖରାରେ ଶୁଖାଇ ଶିମ୍ବ ପରି ଖଣ୍ଡ ଖଣ୍ଡ କରି ବାଟି ଘିଅରେ ଏହାକୁ ପୁଆଯାଏ; ଏହା ଦୁଇପ୍ରକାର—୧ । ଲୁଣିଆ ଓ ୨ । ବଢ ପାଗ ଦିଆ ମିଠା ।] ୨ । ମଇଦାର ପିଣ୍ଡରୁ ପ୍ରସ୍ତୁତ ସୂତା ପରି ଖାଦ୍ୟ ବିଶେଷ—2. Vermicelli. ଦେ. ବଣ (ସଂ. ଶିମ୍)
কোঁকড়া —ଶିମ୍ବ ପରି ଶୀର୍ଣ୍ଣ; ସେମଟା—Shrunken; ema-
सेमके जैसा ciated and lean (like the bean).

ସିମେଣ୍ଟ—ବୈଦେ. ବି (ଇଂ. ସିମେଣ୍ଟ)—ସବୁ ଅଦର ବାନ୍ଧ ଓ ଚଳ
Siment ପଲସ୍ତର କରିବାରେ ବ୍ୟବହୃତ ଏକପ୍ରକାର ମାଟି—
সিমেন্ট सिमेंट Cement.

ସିମ୍ପାଞ୍ଜି—ଦେ. ବି (ଏହା ଅବର ଜଙ୍ଗୋ ଭାଷାର ନାମରୁ ଏ ଶବ୍ଦ
Simpānji ଗଢ଼ା)—୧ । ଆଫ୍ରିକାର ଜଙ୍ଗଲ ମଧ୍ୟରେ ବାସ
সিম্পাঞ্জি କରୁଥିବା ପୁଚ୍ଛହୀନ ଓ କେତେକାଂଶରେ ମନୁଷ୍ୟର
सिपांजी ଅନୁକରଣଶୀଳ ମର୍କଟ ବା ବନମଣିଷ—1. Chimpa-

nzee; Anthropithems Troglodites. [ଦ୍ର—ଅନ୍ୟ ମାଙ୍କଡ଼ଙ୍କ ଅପେକ୍ଷା ଏ ମାଙ୍କଡ଼ ମନୁଷ୍ୟ ଅବୟବର ଅଧିକତର ଅନୁକରଣକାରୀ । ଏହା ଉଚ୍ଚତାରେ ୪ ଫୁଟ ପର୍ଯ୍ୟନ୍ତ ବଢ଼େ । 'ମାକଡ଼ା' ଶବ୍ଦ ତଳେ ଟିପ୍ପଣୀ ଦେଖ ।] ୨ । [ଲକ୍ଷଣାର୍ଥ] ସିମ୍ପାଞ୍ଜି ପରି ଅସୁନ୍ଦର ମନୁଷ୍ୟ—2. (figurative) A person of hideous appearance and proportions like the chimpanzee.

ସିମ୍ପିବା—ଦେ. କ୍ରି—ସିପି ଯିବା; ସେମିତ୍ତ ଯିବା—
Simpibā To become shrunken.
সিটিয়েযাওয়া, সিটিপিটা चिपटाना [ସିମ୍ପି ଯିବା—ଅନ୍ୟରୂପ]

ସିମ୍ବ(ମ)—ଦେ· ବ (ସଂ ସିମ୍ବୀ)—ଶିମ୍ବ (ଦେଖ)
Simba(ma) Simba (See)

ସିମ୍ବ(ମ) ଖାଇ—ପ୍ରାଦେ (ବୌଦ୍ଧ; ସମ୍ବଲପୁର; ଗଡ଼ଜାତ) ବ—
Simba(ma) khāi ନବାନ୍ନ ଉତ୍ସବ; ବର୍ଷରେ ପ୍ରଥମେ ଅମଳ ହେବା ଶସ୍ୟର ଚୂଡ଼ା, ଅନ୍ନ, କ୍ଷୀର ଆଦି ଦେବତାଙ୍କୁ ନୈବେଦ୍ୟ କରାଯାଇ ଭୋଜନ କରାଯିବାରୂପ ବାର୍ଷିକ ଉତ୍ସବ—The annual feast of taking the rice of the grains garnered first for the year. [ଦ୍ର—ଏ ଉତ୍ସବର ଅନ୍ୟ ନାମ ନୂଆଖିଆ । ଏ ଦିନ ଗ୍ରାମର ଉପକଣ୍ଠରେ ଥିବା ଗ୍ରାମଦେବତାଙ୍କ ଅସ୍ଥାନରେ ବା ଜମ୍ବଲ ଠାରେ ନୂଆ ଧାନର ଅନ୍ନ, ଖେଚୁଡ଼ି, କ୍ଷୀର, ଚୂଡ଼ା ଆଦି ଭୋଗ ଦିଆଯାଏ ଓ ତତ୍ପରେ ଗ୍ରାମବାସୀଙ୍କ ଘରେ ନୈବେଦ୍ୟ ଓ ନୂଆଖିଆ ଉତ୍ସବ ହୁଏ ।]

ସିମ୍ବା—ସ. ବ (ଅନ୍ୟରୂପ ଶିମ୍ବା)—୧ । ଶମୀଧାନ୍ୟ (ଦ୍ୱିରୂପ କୋଷ)—
Simbā 1. Leguminous grain. ୨ । ଶିମ୍ବ (ଦ୍ୱିରୂପ କୋଷ)—2. Bean.

ସିମ୍ବି—ସଂ. ବ (ଅନ୍ୟରୂପ ଶିମ୍ବି)—୧ । ଶିମ୍ବ (ଦ୍ୱିରୂପ କୋଷ)—
Simbi 1. Bean. ୨ । ଜଣୀ ନାମକ ଗନ୍ଧଦ୍ରବ୍ୟ (ରାଜନିର୍ଘଣ୍ଟ)—2. A scented herb.

ସିମ୍ବିଜା—ସଂ. ବ (ଅନ୍ୟରୂପ ଶିମ୍ବିଜା)—ଶମୀଧାନ୍ୟ; ଶିମ୍ବିଜ (ଶବ୍ଦ ପ୍ରକାଶ)—Leguminous grains.
Simbijā

ସିମ୍ବୀ—ସଂ. ବ (ଅନ୍ୟରୂପ ଶିମ୍ବୀ) —୧ । ଶିମ୍ବ—1. Bean. ୨ । ଶମୀ
Simbī ଧାନ୍ୟ—2. Leguminous pods or grains. ୩ । ନିଷ୍ପାବ (ରାଜନିର୍ଘଣ୍ଟ); ବରବଟି—
3. Vigna Catjong; Dolichus Synesis.

ସିଜ(ଯେ)ବାର୍—ଦେ. ବ—ଗୟାର ପଣ୍ଡାମାନଙ୍କର ବଂଶୋପାଧି
Sij(je)bār ବିଶେଷ—Family title of some Paṇḍās
সিজবার্ सिजबार of Gaya.
[ସିଯେବଅର—ଅନ୍ୟରୂପ]

ସିୟାଲ(ଲି) (ଇତ୍ୟାଦି)—ଦେ. ବ—ଶିଅଳ ଇତ୍ୟାଦି (ଦେଖ)
Siyāla(li) (etc) Siāla etc. (See)

ସିୟୁଣି—ପ୍ରାଦେ (ଗଞ୍ଜାମ) ବ—ଟୋକେଇ (ଗୋପୀନାଥ ନନ୍ଦ)—
Siyuṇi Basket.

ସିର୍—ପ୍ରାଦେ. (ସମ୍ବଲପୁର) ବ.—ମାଫିଦାର ବା ଲଖରାଜଦାରଙ୍କ ନିଜର
Sir ଗୃହ ଜମି—A permanent home farm of a proprietor or Maphidār or Lakharājadār.

ସିର୍‌କସ୍ତ—ବୈଦେ. ବ (ଫା. ଶିକସ୍ତ)—ଶିକସ୍ତ—(ଦେଖ)
Sir-kast Sikast (see)

ସିର୍‌କା—ବୈଦେ. ବ (ଫା)—ସିର୍କା ; ଗୁଡ଼ ଓ ଅନ୍ୟ ମିଷ୍ଟ ରସ
Sir-kā ସଢ଼ାଇଲେ ଯେଉଁ ଅମ୍ଳ ଉତ୍ପନ୍ନ ହୁଏ ; ମଦର କାଞ୍ଜି—
সির্কা Vinegar. [ଦ୍ର—ଅଙ୍ଗୁର, ଅଙ୍ଗୁର, ଜାମୁ ଆଦିର ରସକୁ
सिरका ଖରାରେ ରଖି ସଢ଼ାଇ ତାକୁ ଛାଣି ସିର୍କା କରାଯାଏ ।]

ସିର୍‌ଖିସ୍ତ—ବୈଦେ· ବ (ଫା· ଶୀର୍‌ଖୀସ୍ତ)—ଯବାସ ଶର୍କରା; ବୃକ୍ଷ-
Sir-khist ବିଶେଷର ଅପକ୍ୱ ଜମା ଶ୍ୱେତବର୍ଣ୍ଣ ମିଷ୍ଟ ନିର୍ଯ୍ୟାସ—
সিরখিস্ত सीरखिस्त Manna.
[ଦ୍ର—ନାନା ବୃକ୍ଷରୁ ଏହି ନିର୍ଯ୍ୟାସ ମିଳେ । ଭାରତରେ ପଶ୍ଚିମ ହିମାଳୟର ବୃକ୍ଷବିଶେଷ [The common Ash, Fraxinus Floribunda) ପ୍ରସିଦ୍ଧ । କୌଣସି କୌଣସି ଝାଉଁ ଗଛ, ସରଳ ଗଛର ଡାଳରୁ ଓ ଅନ୍ୟ କେତେକ ଗଛରୁ ସିର୍‌ଖିସ୍ତ ମିଳେ । ପୋକମାନେ ଡାଳକୁ କ୍ଷତ କରିବାରୁ ଏ ନିର୍ଯ୍ୟାସ ବାହାରେ—ଯୋଗେଶ୍ଚନ୍ଦ୍ର ।]

ସିର୍‌ଚ(ଚାଁ)ନ୍ଦ—ଦେ. ବ—ହାତୀର କପାଳରେ ପିନ୍ଧାଯିବା ଅର୍ଦ୍ଧଚନ୍ଦ୍ରାକାର
Sir-cha(chāṅ)nda ଅଳଙ୍କାର—A crescent-shaped
শিরচাঁদ सिरचांद् ornament put on the brow of an elephant.

ସିର୍‌ଜନା—ପ୍ରାଦେ [ଉତ୍ତର] ବ. [ଭୁଲ· ହି. ସିର୍‌ଜନା]—ସର୍ଜନା—
Sir-jinā Creation.

ସିର୍‌ପେ(ପେଁ)ଚ୍—ବୈଦେ. ବ (ଫା· ସର୍‌ପେଚ୍)-ଶିର୍‌ପେଚ୍ (ଦେଖ)
Sirpe(peñ)ch sir-pech. (See)

ସିର୍‌ଣି(ନି)—ବୈଦେ. ବ—ସିନ୍ନି (ଦେଖ)—Sinni. (See) ଦେ.
Sir-ṇi(ni) ବ—ଶ୍ରୀନିବାସର ଅନାଦରାର୍ଥକ ଡାକ ନାମ—Name-
[ସିନ୍ନି—ଅନ୍ୟରୂପ] for calling Śrīnibāsa.
(ସିରଣି[ନି]ଅ, ସିନ୍ନିଅ—ଅନାଦରାର୍ଥରୂପ)

ସିର୍‌(ରୋ)ପା—ଦେ. ବ—ଶିର(ରୋ)ପା [ଦେଖ]
Sir-(ro)pā Śira(ro)pā. [See]

ସିର୍‌ଫାସି—ପ୍ରାଦେ [ଉତ୍ତର] ବ—୧ । ଦଉଡ଼ିର ଏକପ୍ରକାର
Sir-phāsi ଗଣ୍ଠି ବା ଫାସ [ଗଣ୍ଠିର ଏକ କାନିକି ଟାଣି ଦେଲେ ତାହା ଫିଟିଯାଏ)—1. A kind of slip-knot. ୨ । ଗଳାରେ ଲଗାଇ ଆତ୍ମହତ୍ୟା କରିବା ପାଇଁ ବ୍ୟବହୃତ ଫାସ ଲଗା ଦଉଡ଼ି—2. Noosed rope used for committing suicide by slipping it round the neck.

ସିର୍‌ ସିର୍‌—ଦେ. ଅ—୧ । ଶଇଶଇ; ଦେହ ଉପରେ ଡାଲ୍ ବା ସୂତା ବା ପର ଅବ ଚଳାଇଲେ ଓ ଗୋଡ଼ ଅବ ଗୁଞ୍ଜଲେ ସେଉଁ ଥର ଅନୁଭୂତ ହୁଏ—1. Light creeping
Sir-sir
সির্ সির্
सरसर
sensation over the skin. ୨ । ଜ୍ୱରର ରୋଗାକ୍ରମଣ ଆଡ଼ିମୁଡ଼ି ହେବା ପୂର୍ବରୁ ଦେହର ଅସୁସ୍ଥତା ବୋଧ ଅବସ୍ଥା—
সিহরণ, सिहरना
2. Sickly feeling before an attack of fever. ୩ । ଦେହ ଛେଉଣ୍ଟି ହେବା ଅବସ୍ଥା; ଦେହ ହାତ ଗୋଡ଼ରେ ବନ୍ଧ ହେବା ଅବସ୍ଥା—3. Aching sensation throughout the body. ୪ । ରୋମ ଟାଙ୍କୁରିବା ଅବସ୍ଥା; ରୋମାଞ୍ଚ—4. Horripilation. ୫ । ଦେହ ଶୀତେଇବା ଓ କମ୍ପିତ ହେବା ଅବସ୍ଥା—5. Feeling of cold and shivering in the body.

[ଦେହ] ସିର୍ ସିର୍ ହେବା—ଦେ. କ୍ରି—୧ । (ଦେହ) ଶଇଶଇ ହେବା; ଦେହ ଉପରେ ପିମ୍ପୁଡ଼ି ଗୁଲୁଗୁଲିବାପର ଲଗା ସିବା—
Sir-sir hebā
ସିର୍ ସିର୍(ରେ) ଲାଗିବା
ସିର ସିରିବା, ସିର୍ ସିର୍(ରେ)ଇ ଉଠିବା
ସିର୍ ସିର୍(ରେ)ଇ ହେବା
ଅନୁରୂପ
1. (the body) To feel a creeping sensation on the skin.
(পা)সির্ সিরকরা
सिहरना
୨ । (ଦେହ) ରୋଗାକ୍ରମଣ ପୂର୍ବରୁ ଅସୁସ୍ଥ ବୋଧ କରିବା—2. (the body) To feel sickly or feverish. ୩ । (ଦେହ) ଛେଉଣ୍ଟି ହେବା—3. (the body) To have aching throughout the system. ୪ । (ଦେହ) ରୋମ ଟାଙ୍କୁରିବା—4. the body) To have horripilation. ୫ । (ଦେହ) ଶୀତେଇବା—5. (the body) To have a feeling of cold or shivering. ୬ । [ଲକ୍ଷଣାର୍ଥ] କୌଣସି ବ୍ୟକ୍ତି ଉପରେ ବିରକ୍ତିର ମୁଖଭଙ୍ଗୀ କରିବା ବା ଚିଡ଼ିବା—6. To frown on a person.

ସିର—ସ. ବି [ସି. ଧାତୁ=ବନ୍ଧନ କରିବା+କର୍ତ୍ତୃ. ର]—ପିପ୍ପଳୀ ମୂଳ—The root of Piper Nigrum. ଦେ. ବି
Sira
সির
सोर
[ସଂ. ସିରା]—ଶିରା; ନାଡ଼—Vein; artery.

ସିରତ୍—ପ୍ରାଦେ [ଛତିଶଗଡ଼] ବି—ସତ୍ୟ—
Sirat
Truth.
ବିଣ—ସତ୍ୟ—True.

ସିର[ର୍]ତାଜ—ବୈଦେ. ବି [ପା]—୧ । ମୁକୁଟ—1. Diadem.
Sira(r)tāja
୨ । ଶିରୋମଣି—2. A gem worn in the brow. ୩ । [ଲକ୍ଷଣାର୍ଥ] ଶ୍ରେଷ୍ଠ ବ୍ୟକ୍ତି—3. (figurative) Chief or preeminent person.

ସିରନା—ବୈଦେ. [କନ୍ନଡ଼] ବି—ଗମ୍ଭାରି ଗଛ—
Siranā
Gmelina Arborea. (tree)

ସିର[ର୍]ନାମା—ବୈଦେ. ବି—ଶିରୋନାମା [ଦେଖ]
Sira[r]nāma
Śironamā [See]

ସିରମ—ବୈଦେ. ବି (ଇଂ. ସିରମ୍)—ରକ୍ତର ମାଂସରୁ ବହିବା ଧଳା ଜଳ—Serum.
Siram
সিরম
सिरम

ସିର ସିର—ଦେ. କ୍ରି. ବିଣ—ଶିରା ପ୍ରଶିରାରେ; ଶିରେ ଶିରେ—
Sira sira
Through every vein and artery.

ସିରସ୍ତା—ବୈଦେ. ବି [ପା. ସରସ୍ତା]—୧ । ସରକାରୀ କାଗଜ—
Sirastā
1. Official record. ୨ । କଚେରି; ଲେଖା ପଢ଼ା ହେବା କାର୍ଯ୍ୟାଳୟ—2. Office where records are kept.
সেরিস্তা
सरिस्ता
ଦେ. ବି—ହାତୀକୁ ପୋଷ ମନା କରିବା—
সারেস্তা
सिरिस्ता
Breaking of an elephant.

ସିରସ୍ତା କରିବା—ଦେ. କ୍ରି—ହାତୀକୁ ପୋଷ ମନା କରିବା—To train or break an elephant.
Sirastā karibā
সারেস্তা করা
सिरिस्ता करना

ସିରସ୍ତାଦାର—ବୈଦେ. ବି (ପା. ସରସ୍ତେଦାର୍)—ଅଫିସ୍‌ର ପ୍ରଧାନ କର୍ମଚାରୀ—Seristadar; the head of the ministerial officers of an office.
Sirastādār
সেরিস্তাদার
सरिस्तेदार

ସିରସ୍ତାଦାରି—ବୈଦେ. ବି (ପା)—ସିରସ୍ତାଦାରଙ୍କ କାର୍ଯ୍ୟ—The post or service of a Seristadar.
Sirastādari
সেরিস্তাদারি
सरिस्तेदारी

ସିରସ୍ତା ପତର—ଦେ. ବି (ସହଚର)—୧ । ସିରସ୍ତା ଅଡ଼—
Sirastā patara
1. Office etc. ୨ । ସିରସ୍ତାର କାଗଜ-
সেরিস্তা
सरिस्ता पतर
ପତ୍ର—2. Office records.

ସିରସ୍ତା ପୂଜା—ଦେ. ବି—ପୁରୁଣା ଓ ଶ୍ରୀପଞ୍ଚମୀ ଅବସରରେ କାର୍ଯ୍ୟାଳୟର କାଗଜପତ୍ରର ପୂଜା—The worship of the records on Suniāñ or Śripañchamī.
Sirastā pūjā
সেরিস্তা পূজা
सरिस्ता पूजा

ସିରା—ସ. ବି (ସି. ଧାତୁ=ବନ୍ଧନ କରିବା+କର୍ତ୍ତୃ. ର+ଆ)—୧। ନାଡ଼ି; ରକ୍ତବାହୀ ନାଡ଼ି (ହୃତପିଣ୍ଡ)—1. Artery; vein.
Sirā
୨ । ଅମ୍ବୁବାହକ; ଜଳବାହନାର୍ଥ ବ୍ୟବହୃତ ଚର୍ମମୁଣା; ଭସ୍ତି—2.A water-carrier bag; bhisti. ଦେ. ବି—ଶିରା (ଦେଖ)—Sirā (See). ପ୍ରାଦେ. ବି —୧। (ଗଞ୍ଜାମ; ତେଲୁଗୁ ଶବ୍ଦ)—ମସି; ସ୍ୟାହି; କାଳି—1. Ink. ୨ । (ସମ୍ବଲପୁର) ଗିରି ଅଚଳ ଶୃଙ୍ଗ; ଚୂଡ଼—2. The summit of a mountain. ୩ । (ଯାଜପୁର) ଝୋଡ଼େଇ—
3. Basket of wicker work.

ସିରାଇ—ଦେ. ବି—୧ । ଶିରାଇ (ଦେଖ)—1. Śirāi (See)
Sirāi
୨ । ସରାଇ (ଦେଖ)—2. Sarāi (See). (ଉ—
সরাই
सराय.
ଅଶୋକ ଯାତ୍ରୀମାନଙ୍କ ସୁବିଧା ସକାଶେ ପଥରେ ସ୍ଥାନେ ସ୍ଥାନେ ସିରାଇ ବସାଇଥିଲେ—ଦ୍ୱାପାରିକ୍, ଉତ୍କଳ ଇତିହାସ ।)

ସିରାଜ୍—ବୈଦେ· ବି—୧ । (ଫା. ସିରାଜ) ଏକପ୍ରକାର ମିଷ୍ଟ ଓ ମୃଦୁ
Sirāj[1] ମଦ୍ୟ—1. A kind of sweet and mild wine. ୨ । (ଫା. ସିରାଜ୍) ପ୍ରଦୀପ—2. Lamp.
ଦେ. ବି. ପୁଂ—ମୁସଲମାନଙ୍କ ନାମ—
A name of Mahommedans.

ସିରାଜ ଉଦ(ଦ୍ଦି)ନ୍—ଦେ· ବି (ନାମ)—୧ । ମୁସଲମାନଙ୍କ ନାମ—
Sirāj udi(ddi)n 1. A name of Mahommedan,
সিরাজ উদ্দিন males. ୨ । ଭାରତରେ ତ୍ରୟୋଦଶ ଶତା-
सिराजुद्दीन ବ୍ଦୀର ପ୍ରଥମ ଭାଗରେ ରାଜତ୍ୱ କରୁଥିବା ଦାସବଂଶୀୟ ମୁସଲମାନ୍ ରାଜା କୁତବୁଦ୍ଦିନଙ୍କର ଜଣେ ବଂଶଧର ରାଜା—
2. Name of one of the kings of the Slave Dynasty (Mahommedan) who ruled India in the 1st part of the 13th century.

ସିରାଜ୍ ଉଦ୍ଦୋ(ଦ୍ଦୌ)ଲା—ଦେ. ବି (ନାମ) (ଫା. ସିରାଜ୍ ଉଦ୍ଦୌଲ୍; ସିରାଜ୍-ଉଦ୍-ଦଉଲ=ରାଜ୍ୟର ପ୍ରଦୀପ)
Sirāj uddo(ddau)lā
সিরাজ উদ্দোলা —ବଙ୍ଗଳାର ଶେଷ ସ୍ୱାଧୀନ ନବାବ—
सिराजुद्दौला Seraj-ud-doula; the last independent Nawab of Bengal.
ସିରାଜ୍ ଦ(ଦ)ଉଲ } ଅନ୍ୟରୂପ
ସିରାଜ୍ (ଜୁ)ଦୌ(ଦ୍ଦୌ)ଲା }

[ଦ୍ର—ଏ ଅଲବର୍ଦ୍ଦି ଖାଁଙ୍କ ଦୌହିତ୍ର । ଅଲବର୍ଦ୍ଦି ଅପୁତ୍ରକ ହେବାରୁ ଏ ବଙ୍ଗ ନବାବଙ୍କ ରାଜଧାନୀ ମୁର୍ଶିଦାବାଦର ସିଂହାସନରେ ଖ୍ରୀ: ୧୭୫୬ ସାଲରେ ଅଧିଷ୍ଠିତ ହେଲେ । ଏହାଙ୍କର ବୟସ ସେତେବେଳେ ୧୭ ବର୍ଷ ମାତ୍ର ହୋଇଥିଲା । ଏହି ସମୟରେ ମୋଗଲ୍ ବାଦଶାହାଙ୍କ କ୍ଷମତା କ୍ରମଶଃ କ୍ଷୀଣ ହୋଇ ଆସୁଥିଲା । ବଙ୍ଗଦେଶ ମୋଗଲ୍ ବାଦଶାହାଙ୍କ ଅଧୀନ ଏକ ସୁବା ବା ପ୍ରଦେଶ ଥିଲେହେଁ ଅଲବର୍ଦ୍ଦି କାର୍ଯ୍ୟତଃ ବଙ୍ଗର ସ୍ୱାଧୀନ ନବାବ ହୋଇଥିଲେ । ଅଲବର୍ଦ୍ଦି ଖାଁଙ୍କଠାରୁ ଅନୁମତି ନେଇ ଇଂରାଜ ଇଷ୍ଟ ଇଣ୍ଡିଆ କମ୍ପାନୀ ସେମାନଙ୍କ କଲିକତା କୋଠିର ଅଧୀନତାରେ ପାଟ୍ଣା ଓ ଢାକାରେ ବାଣିଜ୍ୟ କୋଠି ଖୋଲିଥିଲେ ।
ସିରାଜ୍ ଉଦ୍ଦୌଲ ନବାବ ଗାଦିରେ ବସିବା ବେଳେ ଭାରତରେ ଇଂରାଜ ଓ ଫ୍ରେଞ୍ଚ୍ ଜାତିଙ୍କ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଥିବାରୁ ଇଂରାଜମାନେ ଫ୍ରେଞ୍ଚ୍ ଆକ୍ରମଣରୁ କଲିକତାକୁ ରକ୍ଷା କରିବା ପାଇଁ ସେମାନଙ୍କର କଲିକତାସ୍ଥ କୋଠି ଓ ଫୋର୍ଟ୍ ଉଇଲିଅମ୍ ଦୁର୍ଗକୁ ନବାବଙ୍କ ବିନା ଅନୁମତିରେ ମରାମତି କଲେ । ନବାବ ଏହି ସମ୍ବାଦ ପାଇ ରାଗାନ୍ୱିତ ହୋଇ କଲିକତାସ୍ଥ ଦୁର୍ଗ ଆକ୍ରମଣ କରି ତହିଁର ବହୁ ସଂଖ୍ୟକ ଇଂରାଜମାନଙ୍କୁ ଗୋଟିଏ ଅନ୍ଧକାର କାରାଗାରରେ ରାତିରେ ବନ୍ଦୀକରି ରଖିଲେ । ଏ ଗୃହରେ ପବନ ଯିବା ଆସିବାକୁ ଯଥେଷ୍ଟ ବାଟ ନ ଥିଲା । ସକାଳେ ଦେଖାଗଲା ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ରୁଦ୍ଧଶ୍ୱାସ ହୋଇ ମରି ଯାଇଥିଲେ । ଏହି ଘଟଣାକୁ ଇତିହାସରେ ଅନ୍ଧକୂପ ହତ୍ୟା (Tragedy of the Black-hole) କୁହା ଯାଇଅଛି । ମାନ୍ଦ୍ରାଜରେ ଥିବା ଇଂରାଜମାନେ ଏହି ସମ୍ବାଦ ଶ୍ରବଣରେ ଉତ୍ତେଜିତ ହୋଇ କ୍ଲାଇବଙ୍କ ନାୟକତ୍ୱରେ ସୈନ୍ୟ ସହିତ କଲିକତାକୁ ଆସି ସେଠାରୁ ମୁର୍ଶିଦାବାଦ ଆକ୍ରମଣ କରିବାକୁ ବାହାରିଲେ । ଏହା ଶୁଣି ସିରାଜ୍ ଉଦ୍ଦୌଲ୍ ବାଟରେ ପଲାସି ନାମକ କ୍ଷେତ୍ରରେ ସୈନ୍ୟ ନେଇ ଉପସ୍ଥିତ ହେଲେ । ନବାବଙ୍କ ସେନାରେ ପଚାଶ ହଜାର ପଦାତିକ, ଅଠର ହଜାର ଅଶ୍ୱାରୋହୀ ଓ ୫୦ଟି ତୋପ ଥିଲା । ଇଂରାଜଙ୍କ ସେନାରେ ଏଗାର ଶହ ଇଂରାଜ ସୈନ୍ୟ, ଦୁଇ ହଜାର ଦେଶୀ (ମାନ୍ଦ୍ରାଜୀ) ସିପାହି ଓ ୧୦ଟି ମାତ୍ର ତୋପ ଥିଲା । ସିରାଜଙ୍କ ସେନାପତି ମୀର୍ ଜାଫରଙ୍କୁ ବଙ୍ଗର ନବାବ୍‌ରୂପେ ସିଂହାସନରେ ବସାଇବାର ଲୋଭ ଦେଖାଇ କ୍ଲାଇବ୍ ତାଙ୍କୁ କରଗତ କରି ନେଲେ ଏବଂ ପଲାସି ଯୁଦ୍ଧକ୍ଷେତ୍ରରେ (୧୭୫୭ ସାଲରେ) ନବାବଙ୍କ ସୈନ୍ୟଙ୍କୁ ଆକ୍ରମଣ କଲେ । ନବାବଙ୍କ ସୈନ୍ୟମାନେ ଛତ୍ରଭଙ୍ଗ ଦେଇ ପଳାଇ ଗଲେ । ଫଳରେ କ୍ଲାଇବ୍ ଯୁଦ୍ଧରେ ଜୟୀ ହୋଇ ମୁର୍ଶିଦାବାଦକୁ ଅଗ୍ରସର ହେଲେ ଏବଂ ସେଠାରେ ମୀର୍‌ଜାଫର୍‌ଙ୍କୁ ବଙ୍ଗ ବିହାର ଓଡ଼ିଶାର ନବାବ ପଦରେ ବସାଇଲେ । ସିରାଜ ଉଦ୍ଦୌଲ ପଳାଇ ଗଲେ, କିନ୍ତୁ ମିର୍ ଜାଫର୍‌ଙ୍କ ପୁଅ ତାଙ୍କୁ ଧରାଇ ଆଣି ହତ୍ୟା କଲେ । ଏହି ଯୁଦ୍ଧ ଫଳରେ ମିର୍ ଜାଫର୍ ଇଂରାଜମାନଙ୍କର ସମସ୍ତ କ୍ଷତି ପୂରଣ କଲେ ଓ କ୍ଲାଇବ୍ ପ୍ରଭୃତିଙ୍କୁ ପ୍ରଚୁର ଭେଟି ଦେଲେ । ପୁଣି ଇଂରେଜମାନଙ୍କୁ କଲିକତାର ଚତୁଃପାର୍ଶ୍ୱସ୍ଥ ଚବିଶ ପ୍ରଗଣାକୁ ଜାଗିର୍‌ରୂପେ ଦେଲେ । ଫଳତଃ ପଲାସି ଯୁଦ୍ଧଠାରୁ ବଙ୍ଗଦେଶ ଇଂରାଜମାନଙ୍କ କରଗତ ହେଲା । ଶୁଣାଯାଏ ଯେ, ସିରାଜ୍ ଉଦ୍ଦୌଲ୍ ଅତ୍ୟାଚାରୀ ଥିଲେ ଏବଂ ଏହାଙ୍କ ଅତ୍ୟାଚାରପ୍ରପୀଡ଼ିତ ସାମନ୍ତ ରାଜା (ଯଥା—ନଦିଆର ରାଜା କୃଷ୍ଣଚନ୍ଦ୍ର), କୋଷାଧ୍ୟକ୍ଷ ଜଗତ୍ ସେଠ, କଲିକତାର ସେଠ ଉମିଚାନ୍ଦ) ଏହାଙ୍କୁ ସିଂହାସନଚ୍ୟୁତ କରିବାକୁ ଇଂରାଜମାନଙ୍କ ସହିତ ଷଡ଼ଯନ୍ତ୍ର କରିଥିଲେ ।]

ସିରାଜି—ବୈଦେ· ବି (ଫା. ସିରାଜି)—ପାରସ୍ୟ ଦେଶୀୟ ଏକପ୍ରକାର
Sirāji ସୁମିଷ୍ଟ ଓ ମୃଦୁ ମଦ୍ୟ—A sweet and mild
সিরাজি wine of Persia. [ଦ୍ର—ଏହାର ରଙ୍ଗ ଗୋଲାପୀ
सिराजी ଏବଂ କଥା କହିକଲିକାତାରଦ୍ଧକ ଓ ଅନୁଗ୍ର ବୋଲି ପାରସ୍ୟ ସାହିତ୍ୟରେ ପ୍ରସିଦ୍ଧି ଅଛି ।]

ସିରାନ (ଇତ୍ୟାଦି)—ଗ୍ରା. ବି (ସଂ. ସ୍ନାନ)—ସିନାନ ଇତ୍ୟାଦି (ଦେଖ)
Sirāna (etc) Sināna etc (See)

ସିରାନା—ଦେ. ବି (ସଂ. ଶିରଃସ୍ଥାନ)—ପଲଙ୍କର ମୁଣ୍ଡ ପାଖର ବାଡ଼—
Sirānā The railing attached to the head of
সিরানা सिराना a bedstead or couch

ସିରା(ର)ପ୍—ବୈଦେ. ବି—ବୈଜ୍ଞାନିକ ପ୍ରଣାଳୀରେ କଦଳୀ, ଅମ୍ବ ଓ
Sirā(ra)p କମଳା ପ୍ରଭୃତି ଫଳରୁ ବାହାରିବା ରସ ବା ସାରାଂଶ
সিরাপ सिराप ସଙ୍ଗେ ମିଶ୍ରିତ ପ୍ରପାନକ—Syrup.

ସିରାମଇ—ଦେ. ବ (ସଂ. ଶିର+ଅମୟ)—ଶିରାମଇ (ଦେଖ)
Sirāmai Śirāmai. (See)

ସିରି—ପ୍ରାଦେ· (ସମ୍ବଲପୁର) ବ—ସୂତା କାଟିବାରେ ବ୍ୟବହୃତ
Siri ତୁଳାର ବଳଣା—Roll of cotton used for
शिरी Spinning thread; skein. ଦେ. ବ—୧ । ରାମାନୁଜ
सिरी ସମ୍ପ୍ରଦାୟର ବୈଷ୍ଣବମାନେ କପାଳରେ ତିଳକ ସଙ୍ଗେ
ଦେଉଥିବାର ନାଲି ବର୍ଣ୍ଣର ଚୂର୍ଣ୍ଣ— A red powder used by anchorites of the Rāmānuja sect to paint their forehead. ୨ । ଶିରି ଇତ୍ୟାଦି (ଦେଖ)—2. Śirī etc (See)

ସିରିକା—ବୈଦେ. ବ—ଶିର୍କା (ଦେଖ)—
Sirikā Śirkā (See)

ସିରିଣି—ବୈଦେ· ବ (ଫା· ସିର୍ଣୀ)—ଶିରିଣି (ଦେଖ)
Sirini śirini (See)

ସିରିୟା—ଦେ. ବ (ନାମ)—ଶିରିଆ (ଦେଖ)
Siriyā Śiriā (See)

ସିରିସ—ବୈଦେ· ବ (ଫା. ସିରେଶ୍)—ଗୋମେଷାଦିଙ୍କ ଚର୍ମ, ଖୁରା,
Sirisa ଶିଙ୍ଗ ଆଦି ଅଉଟା ହୋଇ ତିଆର କରାଯିବା ଏକପ୍ରକାର
सिरिस सरेस ଅଠା—Glue.
शिरीष शिरीष ଦେ· ବ (ସଂ. ଶିରୀଷ)—ଶିରୀଷ (ଦେଖ)
Sirisha (See)

ସିରିସ ଅଠା—ଦେ. ବ—୧ । ଗୋମେଷାଦିଙ୍କ ଚର୍ମ, ଖୁରା, ଶିଙ୍ଗ ଆଦି
Sirisa āṭhā ଅଉଟା ହୋଇ ପ୍ରସ୍ତୁତ କରାଯିବା ଏକପ୍ରକାର ଅଠା
सिरिश आठा —1. Glue. [ଦ୍ର—ଏହା ଶୁଖାଯାଇ ରଖାଯାଇ ଥାଏ
सरेस ଓ ଏହାକୁ ପାଣିରେ ବତୁରାଇ ଜଳରେ ଗରମ କଲେ
ଯେଉଁ ଅଠା ହୁଏ, ସେଥିରେ କାଠ ଆଦି ଯୋଡ଼ା ହୁଏ ।]
୨ । ଶିରୀଷ ଗଛର ଅଠାଳିଆ ରସ; ଗୁନ୍ଦ ଅଠା—
2. Gum arabic.

ସିରିସ କାଗଜ—ଦେ· ବ (ଫା. ସିରେସ୍+ଫା. କାଗଜ)—କାଚକୁ
Sirisa kāgaja କାଳିପରି ଚୂର୍ଣ୍ଣ କରି ତାକୁ ସିରିସ ଅଠା ସାହାଯ୍ୟରେ
सिरिस कागज କାଗଜ ଉପରେ ବସାଇ ଶୁଖାଇ ତିଆର କରାଯିବା
सिरीस कागज କାଗଜ, ଯାହା ଦ୍ୱାରା କାଠ ପାଲିଶ ହୁଏ—
Glass paper. [ଦ୍ର—ଏହି କାଗଜରେ ଘଷି କାଠ ଓ ଧାତୁ ଦ୍ରବ୍ୟମାନ ପାଲିସ୍ କରାଯାଏ ।]

ସିରି ସିରି—ଦେ. ଅ—ସିର୍ ସିର୍ (ଦେଖ)
Siri siri Sir sir (See)

(ଦେଖ) ସିରି ସିରି ହେବା—ଦେ. କି—ସିର୍ ସିର୍ ହେବା (ଦେଖ)
Siri siri hebā Sir sir hebā (See)
(ସିରସିରେଇବା, ସିର ସିରିବା, ସିର ସିରି[ରେ]ଇ ଉଠିବା, ସିର ସିରି[ରେ]ଇ ହେବା—ଅନ୍ୟରୂପ)

ସିରୀ—ସଂ. ବ—୧ । ତନ୍ତ (ଵୃ. ଶ)—1. Weaver's loom. ୨ ।
Sirī ଲଙ୍ଗଳୀ; ଲଙ୍ଗଳଫୁଲିଆ ଗୁଳ୍ମ (ଵୃ. ଶ)—2. Wolfsbane (plant).

ସିର୍କସ୍ତ—ବୈଦେ· ବ (ଫା· ସିକସ୍ତ)—ସିକସ୍ତ (ଦେଖ)
Sirkast Śikast.

ସିର୍କା—ବୈଦେ. ବ (ଫା)—ସିରକା (ଦେଖ)
Sirkā Sir-kā. (See)

ସିର୍କାସ୍ତ (ଇତ୍ୟାଦି)—ବୈଦେ. ବ (ଫା) —ଶିର୍କାସ୍ତ ଇତ୍ୟାଦି (ଦେଖ)
Sirkāst (etc) Śirkāst etc, (See)

ସିର୍ଜନ(ନା)—ଗ୍ରା· ବ (ଅଶୁଦ୍ଧ 'ସୃଜନ'ର ବିକୃତ ଉଚ୍ଚାରଣ)—
Sirjana(nā) (ସଂ· ସର୍ଜନ) ସୃଷ୍ଟି; ପୃଥିବୀ—The creation.
स्रजन सिरजन

ସିଲ୍—ବୈଦେ. ବ (ଇଂ. ସୀଲ୍)—୧ । ରାଜା ଆଦିଙ୍କ ନାମାଙ୍କିତ
Sil ମୋହର; ନାମାଙ୍କିତ ମୁଦ୍ରା [ଦ୍ର-ଏଥିରେ ଅକ୍ଷରଗୁଡ଼ିକ ଓଲଟା
सील ହୋଇ ଖୋଳା ହୋଇଥାଏ; ଲାଖକୁ ତରଳାଇ ଚିଠି ବା
सील ପାର୍ଶେଲ୍ ଉପରେ ଦେଇ ତା ଉପରେ ସିଲ୍ ଚିପି ଦେଲେ ସିଲ୍‌ର ଅକ୍ଷରଗୁଡ଼ିକ ସିଧା ଭାବରେ ଉଠେ । ରେଜିଷ୍ଟ୍ରୀ ବା ଇନ୍‌ସିଓର୍ କରାଯିବା ଚିଠି ବା ପାର୍ଶେଲ ସିଲ୍ କରା ନ ହେଲେ ଡାକଘର ତାହା ଗ୍ରହଣ କରେ ନାହିଁ]—1. Seal. ୨। ନାମାଙ୍କିତ ମୋହର ଦ୍ୱାରା ଚିଠି ଉପରେ ବସାଯିବା ମୁଦ୍ର —2. The seal put over a cover. ୩ । (ଇଂ. pelter) ଦସ୍ତା—3. Zinc. ବୈଦେ· ବ (ଇଂ: ସୀଲ୍)
सील —ଉତ୍ତର ଓ ଦକ୍ଷିଣର ଶୀତପ୍ରଧାନ ଅଞ୍ଚଳର ଉପକୂଳବର୍ତ୍ତୀ
सील ପ୍ରଶାନ୍ତ ଓ ଆଟଲାଣ୍ଟିକ୍ ସମୁଦ୍ରରେ ବିଚରଣ କରୁଥିବା ଏକପ୍ରକାର ଜଳଜନ୍ତୁ—The seal; Phoca Vitulina. [ଦ୍ର—ଏମାନଙ୍କ ମୁହଁ କୁକୁର ଓ ବିରାଡ଼ିଙ୍କ ମୁହଁପରି ଏବଂ ଏମାନଙ୍କ ମୁହଁରେ ବିରାଡ଼ି ଆଦିଙ୍କ ପରି ନିଶ ଅଛି । ସାଧାରଣତଃ ଏମାନଙ୍କର ନଖ ଓ ଅଙ୍ଗୁଠିଯୁକ୍ତ ହାତପରି ଦୁଇଟି ଡେଣା ଓ ଖୁବ ଚଉଡ଼ା ଗୋଟିଏ ବା ଯୋଡିଏ ଲାଞ୍ଜ ଥାଏ । ଏମାନେ ଆଗ ହାତ ବା ଡେଣା ଦ୍ୱାରା ସ୍ଥଳଭାଗ ଉପରକୁ ବହୁଦୂର ପାଏ ଉଠି ଆସି ପାରନ୍ତି । ଭିନ୍ନ ଭିନ୍ନ ଜାତିର ଓ ଆକାରର ସିଲ୍‌ମାନଙ୍କର ସ୍ଥଳଚର ଭିନ୍ନ ଭିନ୍ନ ଜୀବଙ୍କ ସଙ୍ଗେ ସାଦୃଶ୍ୟ ଥିବା ଯୋଗୁଁ ସିନ୍ଧୁହସ୍ତୀ, ସିନ୍ଧୁବିଡ଼ାଳ, ସିନ୍ଧୁସିଂହ, ସିନ୍ଧୁବ୍ୟାଘ୍ର ଆଦି ନାମ ଦିଆଯାଏ । ଏମାନଙ୍କ ଚମଡ଼ା ଓ ଚର୍ବି ଯୋଗୁଁ ଲୋକେ ଏମାନଙ୍କୁ ଶିକାର କରନ୍ତି । କେତେକ ସିଲ୍‌ଙ୍କ ଦେହରେ ଖୁବ୍ ସୂକ୍ଷ୍ମ ଓ କୋମଳ ଲୋମ ଥାଏ । ସେହି ଲୋମରେ ପୋଷାକ କରାଯାଏ । ଉତ୍ତରମେରୁ ପ୍ରଦେଶରେ ବାସ କରୁଥିବା ଏସ୍କିମୋ ନାମକ ଜାତି ଏମାନଙ୍କୁ ଶିକାର କରନ୍ତି, କାରଣ ଏହା ସେମାନଙ୍କର ଏକମାତ୍ର ଖାଦ୍ୟ । ସେମାନେ କଞ୍ଚା ସିଲ ମାଂସ ଭକ୍ଷଣ କରନ୍ତି । ଛୋଟ ନୌକାରେ ଜଣେ ଏସ୍କିମୋ ବସି ସମୁଦ୍ରକୁ ଯାଏ ଓ ସିଲ୍‌କୁ ଦେଖିବା ମାତ୍ରେ ଏକପ୍ରକାର ବର୍ଚ୍ଛା ବା ଡେଙ୍ଗା ତା ଉପରକୁ ଫିଙ୍ଗେ । ଉକ୍ତ ବର୍ଚ୍ଛାର ବେଣ୍ଟ ଗୋଟିଏ ଦଉଡ଼ିରେ ଉକ୍ତ ଶିକାରୀର ହାତରେ ବନ୍ଧା ହୋଇଥାଏ । ସିଲ୍ ଦେହରେ ଡେଙ୍ଗା ବିଦ୍ଧ ହେବା ପରେ ସେହି ଦଉଡ଼ି ଟାଣିବା ଦ୍ୱାରା ସିଲ୍‌କୁ ଶିକାରୀ ନିଜ

সিল କବାଟକୁ ଅଣେ ।] ଦେ. ବି(ସଂ. ଶୀଲ)—ବଙ୍ଗୀୟ ବଂଶୋପାଧି
सील ବିଶେଷ—A family title in Bengal. [ଦ୍ର—
କଲିକତାର ପ୍ରସିଦ୍ଧ ସିଲବଂଶୀୟ ଜମିଦାରମାନଙ୍କର ବାର୍ଷିକ
ବହୁ ଲକ୍ଷ ଟଙ୍କାର ଅଧିବଶିଷ୍ଟ ଜମିଦାରୀ ବଙ୍ଗ ଦେଶ ତମାମ୍
ବିସ୍ତୃତ ।] ପ୍ରାଦେ (ସମ୍ବଲପୁର, କଟକ) ବି—ଶିଳ—
Pasting stoneslab.

ସିଲ୍ କ(ମା)ରିବା—ଦେ. କ୍ରି—୧ । ଛଠି ଅବା ବନ୍ଦ କର ଜମା କବାଟ
Sil ka(mā)ribā ବା କାଗଜ ଅବ ବନ୍ଦ କରି ସେଥିରେ
সিল ক(মা)রা ନାମାଙ୍କିତ ମୋହର ବା ଜହମୁଦ ବସାଇବା—
सील करना 1. To seal a box or letter. [ଦ୍ର—ଏପରି
କଲେ ସିଲ୍‌ର ଅଧିକାରୀ ଭିନ୍ନ ଅନ୍ୟ କେହି ତାଙ୍କ ଅଜ୍ଞାତ-
ସାରରେ ଉକ୍ତ କବାଟକୁ ବା କାଗଜକୁ ଖୋଲି ପାରିବେ
ନାହିଁ ।] ୨ । ସରକାରୀ ଆଦେଶପତ୍ର ଅବ ଉପରେ ହାକମଙ୍କ
ନାମଯୁକ୍ତ ମୋହର ଛାପିବା—2. To put a court's
or official seal on any document.

ସିଲ୍‌ଚର—ଦେ· ବି (ନାମ)—ମଣିପୁର ରାଜ୍ୟର ପୂର୍ବବର୍ତ୍ତୀ ଆସାମର
Sil-chara ଗୋଟିଏ ନଗର—Silchar (town) in
শিলচর Assam. [ଦ୍ର—ଏଠାରେ ବ୍ରିଟିଶ୍ ଭାରତର 'ଲୁସାଇ
सिलचर ପାହାଡ଼'ର ନିକଟବର୍ତ୍ତୀ ଗୋଟିଏ ମହକୁମା ବା ସବ୍‌ଡିଭିଜନ୍
ଅଛି ।]

ସିଲ୍(ଲି)ପଟ୍(ର୍)—ବୈଦେ. ବି (ଇଂ. ସ୍ଲିପର୍)—ରେଲ ଲାଇନ
Sil(li)paṭ(r) ତଳେ ଆଡ଼ ଭାବରେ ପକାଯିବା କାଠର ଖଣ୍ଡ—
সিলপট **सिलपट** Railway sleepers.

ସିଲ୍(ଲି)ପଟ୍(ଟା)—ବୈଦେ. ବିଣ (ଇଂ. ସ୍ଲିପର୍)—୧ । ସିଲ୍‌ପର୍
Sil(li)paṭ(ṭā) ପରି ସମତଳ ଓ ପତଳା—1. Level and
(ସିଲ୍[ଲି]ପଟିଆ—ଅନ୍ୟରୂପ) thin like the body of a
সিলপট sleeper. ୨ । ଖଣ୍ଡି; କ୍ଷୀଣ—2. Emaciated.
सिलपट [ଦ୍ର—ଯେଉଁ ସ୍ତ୍ରୀଙ୍କ ସ୍ତନ ଉନ୍ନତ ନ ହୋଇ ବକ୍ଷସ୍ଥଳ
ସମତଳପ୍ରାୟ ହୋଇଥାଏ ଏବଂ ଯେଉଁ ସ୍ତ୍ରୀଙ୍କ କ୍ଷୀଣ ପାଖ
ଛଟକା ଦେଖାଯାଏ, ତାହାଙ୍କ ବକ୍ଷସ୍ଥଳକୁ ସିଲ୍‌ପଟ୍ ସଙ୍ଗେ
ତୁଳନା କରାଯାଏ ।]

ସିଲ୍‌ପା—ପ୍ରାଦେ. (ସମ୍ବଲପୁର ବି—ଶିଳପୁଅ—
Silpā Stone-pestle.

ସିଲ୍‌ବ(ଭ)ର—ବୈଦେ. ବି—୧ । (ଇଂ. ସିଲ୍‌ଭର୍) ରୌପ୍ୟ;
Silba(bha)r ରୁପା—1. Silver. ୨ । (ଇଂ. ଜର୍ମାନ୍
সলভর ସିଲ୍‌ଭର୍) ସୀସାଯୁକ୍ତ ପ୍ରକ୍ରିୟାରେ ନିର୍ମିତ ଓ ରୁପାପରି
सिलभर ଦେଖାଯିବା ଏକପ୍ରକାର ଧାତୁ—2. German
silver.

ସିଲ୍‌ବ(ଭ)ର୍ ଜୁବ(ବୁ)ଲି—ବୈଦେ. ବି (ଇଂ. ସିଲ୍‌ଭର୍ +
Silba(bha)r jubi(bu)li ଜୁବିଲି)—ରାଜାଙ୍କର ୨୫ ବର୍ଷ
সলভর জুবিলি ରାଜତ୍ୱ ପୂରିବା ଉପଲକ୍ଷରେ ଅନୁଷ୍ଠିତ
सिलभर जुबिली ଉତ୍ସବୋତ୍ସବ—Silver-jubilee.

ସିଲ୍ ମୁଦ—ଦେ. ବି (ଇଂ. ସୀଲ୍ + ସଂ. ମୁଦ୍ରା)—ଚିଠି ଅବ ଜାଉରେ
Sil muda ବନ୍ଦ ହେବା ପରେ ତା ଉପରେ ସିଲ୍ ମରାଯିବା—
সিল ছাপ **लाल मुहर** Sealing of a closed cover.

ସିଲ୍ ମୁଦି—ଦେ. ବି—ଯେଉଁ ଅଙ୍ଗୁରୀୟକରେ ବ୍ୟକ୍ତିବିଶେଷଙ୍କ ନାମ
Sil mudi ଖୋଳା ହୋଇଥାଏ—A ring containing
সিল আঙটি a name engraved on it; signet ring.
मोहरवाली अंगूठी

ସିଲ୍ ମୋହ(ହୋ)ର—ବୈଦେ. ବି (ଏକାର୍ଥକ ସହଚର; ଇଂ. ସିଲ୍
Sil moha(ho)ra + ଅ. ମୁହର୍ = ମୁଦ୍ରା)—ନାମାଙ୍କିତ
সিল মোহর **सिल मोहर** ମୁଦ୍ରା ବା ମୋହର—A seal.

ସିଲ୍‌ଲୋଡ଼ା—ପ୍ରାଦେ. (କଟକ) ବି—ଶିଳପୁଅ; ଶିଳପୁଅ—
Sil-lorḍā Stone-pestle.

ସିଲ୍ ସିଲା—ବୈଦେ. ବି (ଫା.)=ବ୍ୟବସ୍ଥା; ବନ୍ଦୋବସ୍ତ—
Sil-silā Arrangement. ପ୍ରାଦେ (ଭଦ୍ରକଗଡ଼) ବି—
ପ୍ରବାଦ—Proverb; saying.

ସିଲ୍‌ହଟ୍—ଦେ. ବି (ନାମ)—ସିଲଟ୍ [ଦେଖ]
Sil-haṭ Silaṭ [See]

ସିଲି—ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବି—ଶିଳ [ଦେଖ]—
Sila 1. Śila [See] ୨ । (ସମ୍ବଲପୁର) ଶିଳ—
সুবিধা 2. A stone slab used as mortar. ଦେ·
सुविधा ୧ । ଶିଳ [ଦେଖ]—1. Śila [See] ୨ । ଶସ୍ତା-
ପଣ—2. Cheapness. ୩ । ସୁବିଧା—3. Con-
শস্তা venience. ଦେ. ବିଣ—୧ । ଶସ୍ତା—1. Cheap.
सुविधाजनक ୨ । ସୁବିଧାଜନକ—2. Convenient.

ସିଲି (ଇତ୍ୟାଦି)—ପ୍ରାଦେ. ବି—ଶିଳି ଇତ୍ୟାଦି [ଦେଖ]
Sila (etc) Śila etc [See]

ସିଲଖ(ଖି)ଲି—ପ୍ରାଦେ. (ବୌଦ୍ଧ) ବି—ଶୃଙ୍ଖଳା—Method. [ଦ୍ର—
Silakha(khi)lā ଭାମଠା ସିଲଖିଲିରେ ପଢ଼ୁଥିବ ।]

ସିଲଙ୍ଗ—ଦେ. ବି (ନାମ)—ଆସାମ ପ୍ରଦେଶର ଲାଟ ସାହେବଙ୍କ
Silang ଗ୍ରୀଷ୍ମାବାସ ରାଜଧାନୀ—Shillonin Assam. [ଦ୍ର—
শিলঙ୍ ଏହା ଖାସୀ ବା ଜଇଁ ଆ ଜିଲ୍ଲାର ରାଜଧାନୀ ଏବଂ ପର୍ବତ
सिलांग ଉପରେ ଅବସ୍ଥିତ । ଏହି ପର୍ବତରୁ ଗୋଟିଏ ଗିରି ନଦୀ
ଯାଇ ବ୍ରହ୍ମପୁତ୍ରରେ ମିଶିଅଛି ।]

ସିଲଟ୍—ବୈଦେ· ବି (ଇଂ. ସ୍ଲେଟ୍)—ସ୍ଲେଟ୍ ପଥର; ପେନ୍‌ସିଲ୍‌ରେ
Silaṭ ଲେଖିବା ପାଇଁ ଶିକ୍ଷମାନଙ୍କ ବ୍ୟବହୃତ କୃଷ୍ଣବର୍ଣ୍ଣ ପ୍ରସ୍ତରର
সিলেট **सिलेट** ବା ମାଟିର ଫଳକ—Slate.
সিলহেট ଦେ. ବି (ନାମ)—ସିଲ୍‌ହଟ୍; ଆସାମ ପ୍ରଦେଶର
सिलहट ମଧ୍ୟବର୍ତ୍ତୀ ଗୋଟିଏ ଜିଲ୍ଲା ଓ ସହର ରାଜଧାନୀ—
Sylhet; a district and town in Assam.
[ଦ୍ର—ଏହା ନିକଟରେ ଗୋଟିଏ ନଦୀ ବହିଯାଇ ବ୍ରହ୍ମ-
ପୁତ୍ରରେ ପଡ଼ୁଅଛି । ଏଠାରେ ପ୍ରଚୁର ପରିମାଣରେ ମିଠା
କମଳାଲେମ୍ବୁ ମିଳେ ।] ଦେ. ବିଣ—ସିଲଟି (ଦେଖ)
Silaṭi (See)

ସିଲଟ୍ (ଟି) କମଲା—ଦେ. ବ—ସିଲହଟ୍ ଅଞ୍ଚଳର ମିଠା ଲେମ୍ବୁ—
Silaṭ (ṭi) kamalā Sweet orange of Sylhet.
সিলহেট কমলা सिलहट कमला

ସିଲଟ୍ ଖଡ଼ି—ଦେ. ବ—ସିଲଟ୍ ପିନ୍‌ସିନ୍ (ଦେଖ)
Silaṭ khaṛi silaṭ pin-sin (See)
সিলেট পেনসিল सिलेट पेनसिल

ସିଲଟ୍ ପଟା—ଦେ. ବ—ସ୍ଲେଟ୍ ଫଳକ—Slate.
Silaṭ paṭā সিলেট सिलेट पटा

ସିଲଟ୍ ପି(ପେ)ନ୍(ନ)ସିନ୍(ଲ୍, ନ, ଲି)—ବୈଦେ. ବ (ଇଂ. ସ୍ଲେଟ୍ ପେନ୍‌ସିଲ୍)—
Silaṭ pi(pe)n(ni)sin(l, ni, li)
সিলেট পেনসিল सिलेट पेनसिल ୧। ସ୍ଲେଟ ଉପରେ ଲେଖିବା (ସିଲଟ୍ ପି[ପେ]ନ୍‌ସିନ୍[ଲ୍, ନ, ଲି]—ଅନ୍ୟରୂପ) ପାଇଁ ବ୍ୟବହୃତ ମାଟିର ଲେଖଣୀ—1. Slate-pencil. ୨। ଲେଖିବାର ଉପକରଣଦ୍ୱୟ-ସ୍ଲେଟ୍ ଓ ପେନ୍‌ସିଲ୍—
2. Slate and pencil.

ସିଲଟି—ଦେ. ବଣ—ଆସାମର ସିଲହଟ୍ ଅଞ୍ଚଳର—Belonging to
Silaṭi to Sylhet. (ଯଥା—ସିଲଟି କମଲା।)
সিলহেটী सिलहटिया

ସିଲନ୍ଦ(ନ୍ଧ)—ସ. ବ—ଶିଲନ୍ଦ (ଦେଖ)
Silanda(ndha) silinda (See)

ସିଲା—ବୈଦେ. ବ (ଅ. ସିଲହ୍)—୧। ଜମିର ଫଳା; ଜମିର ଖଣ୍ଡ—
Silā 1. A strip or plot of land. ୨। ଲମ୍ବା
কিতা ଚଉଡ଼ାବିଶିଷ୍ଟ ଲମ୍ବା ସେଜ; ପଟ—2. A long or
किता thin strip of land. ୩। ଭାଗବାଣ୍ଟରେ ପ୍ରତ୍ୟେକ ଅଂଶୀଦାରର ହିସାବରେ ପଡ଼ିଥିବା ଜମିର ଚଉଡ଼ି ଲମ୍ବା ପଟ—3. A long strip or block of land allotted to each co-sharer in a partition. ପ୍ରାଦେ. ବ—୧। (ବାଲେଶ୍ୱର) ଏକ ପ୍ରକାର ଲୁଣି ମାଛ—1. A species of sea-fish. ୨। (ଗଡ଼ଜାତ) କୋବି (ଫୁଲକୋବି. ବନ୍ଧାକୋବି)—2. Cabbage.

ସିଲା(ଲେ)ଇ—ଦେ. ବ (ସଂ. ସିବ୍ ଧାତୁ)—
Silā(le)i ସୀବନ—Sewing.
সেলাই सीलाइ

ସିଲା(ଲେ)ଇ କରିବା—ଦେ. କି—ସିଇଁବା—To sew.
Silā(le)i karibā সেলাই করা सीलाइ करना

ସିଲା(ଲେ)ଇ କଳ—ଦେ. ବ—ସିଇଁବା ପାଇଁ ବ୍ୟବହୃତ ଯନ୍ତ୍ର—
Silā(le)i kala Sewing machine.
সেলাইএর কল सीलाइ कल

ସିଲାଉଆର(ରି)—ବୈଦେ. ବଣ(ଫା)—୧। ସିଲା ସମ୍ବନ୍ଧୀୟ—
Silāuār(ri) 1. Relating to strips or allotments.
কিতাওয়ারী ଦେ. କ୍ରି. ବଣ—ସିଲା ସିଲା କରି—In strips.
कीतावार (ସିଲାବାର[ରି]—ଅନ୍ୟରୂପ)

ସିଲା ଉଆରି ଜରିବ—ବୈଦେ. ବ(ଫା)—ଫଳା ଉଆରି ମାପ; ଜମିକୁ
Silā uāri jariba ଫଳା ଫଳା କରି ମାପିବା—The measrement of land by strips.
সিলা ওয়ারী জরিব
कितावार जरीब
ସିଲା ଉଆରି ମାପ, ସିଲା ବାର କରିବ, ସିଲା ବାର ମାପ } ଅନ୍ୟରୂପ

ସିଲା(ଲେ)ବସ୍—ବୈଦେ. ବ (ଇଂ. ସିଲାବସ୍)—ପାଠ୍ୟ କର୍ମସୂଚୀ;
Silā(le)bas ପରୀକ୍ଷାବିଷୟରେ କଣ୍ଠସ୍ଥପ୍ରାପ୍ତକୁ ନିର୍ଦ୍ଧାରିତ ପାଠ
সিলেবস सिलेबस ସମ୍ବନ୍ଧୀୟ ସଙ୍କେତ ବା ତାଲିକା—Syllabus.

ସିଲି—ପ୍ରାଦେ. (ସମ୍ବଲପୁର) ବ—ଶଗଡ଼ ଚକ—
Sili Cart-wheel.

ସିଲିକ୍—ବୈଦେ. ବ (ଇଂ. ସିଲ୍କ୍)—ସିଲ୍‌କ; ରେଶମ—Silk.);
Silik ବୈଦେ. ବଣ—ରେଶମୀ—Silk (as in silk cloth);
সিলক सिल्क [ସିଲ୍‌କ—ଅନ୍ୟରୂପ] silken.

ସିଲି ଗୁଡ଼ି—ଦେ. ବ (ନାମ)—ବଙ୍ଗ ଉତ୍ତର ଗ୍ରୀଷ୍ମକାଳୀନ ଦାର୍ଜିଲିଂର
Sili guṛi ଯିବା ରେଲପଥର ଗୋଟିଏ ଷ୍ଟେସନ୍—Siliguri, a
সিলিগুড়ি सिलि गुडि railway station near Darjeeling.

ସିଲିଂ—ବୈଦେ. ବ (ଇଂ. ଶିଲିଂ)—ବିଲାତପ୍ରଚଳିତ ରୌପ୍ୟ
Siling, ମୁଦ୍ରା—Shilling (coin.)
সিলিঙ্গ सिलिंग (ସିଲିଂ-ଅଶୁଦ୍ଧ ବନାନ)

ସିଲିନ୍ଦ(ନ୍ଧ)—ସ. ବ (ଅନ୍ୟରୂପ ଶିଲନ୍ଦ)—ଶିଲନ୍ଦ (ଦେଖ)
Silinda(ndha) Śilinda. (See)

ସିଲିପ(ପି)—ବୈଦେ. ବ (ଇଂ. ସ୍ଲିପ୍)—କାଗଜର ଛୋଟ ଖଣ୍ଡ—
Silip(pi) Slip of paper.
সিলপ स्लीप

ସିଲିବ(ଭ)ର୍—ବୈଦେ. ବ—ସିଲ୍‌ବର୍ (ଦେଖ)
Siliba(bha)r Sil-bar. (See)

ସିଲି ସିଲି—ଦେ. ବଣ ଓ କି ବଣ—ମୃଦୁ ମୃଦୁ (ପବନ)—Sweet
Sili sili and mild (breeze). [ଯଥା—ସିଲିସିଲି ପବନ
ফুরফুরে सनसन ହିଲିଦେଉଛି। ଫକୀରମୋହନ. ଗଳ୍ପସ୍ୱଳ୍ପ।]

ସିଲେଇ (ଇତ୍ୟାଦି)—ଦେ. ବ—ସିଲାଇ ଇତ୍ୟାଦି (ଦେଖ)
Silei (etc) Silāi etc. (See)

ସିଲେକ୍ଟ—ବୈଦେ. ବ (ଇଂ. ସିଲେକ୍ଟେଡ୍)—ନିର୍ବାଚିତ; ବଛା
Silekṭ ହୋଇ ଥିବା—Selected.
সিলেক্ট सिलेक्ट

ସିଲେକ୍ଟ କମିଟି—ବୈଦେ. ବ (ଇଂ. ସିଲେକ୍ଟ କମିଟି)—କୌଣସି
Silekṭ kamiṭi ବିଷୟ ବଡ଼ ସଭାଙ୍କ ମଧ୍ୟରୁ ବାଛିଥିବା ବିଷୟର
সিলেক্টকমিটি ଆଲୋଚନାର୍ଥେ ନିର୍ବାଚିତ କେତେକ ସଭ୍ୟଙ୍କ ଦ୍ୱାରା
सिलेक्टकमिटी ଗଠିତ ସମିତି—Select committee.

ସିଲେକ୍ଟ କରିବା—ବୈଦେ. କି.—ନିର୍ବାଚନ କରିବା—
Silekṭ karibā To select.
সিলেক্ট করা सिलेक्ट करना

ସିଲେକ୍ସନ୍—ବୈଦେ. ବ (ଇଂ. ସିଲେକ୍ସନ୍)—୧ । ବହୁ ଲୋକ
Sileksan ବା ବସ୍ତୁ ମଧ୍ୟରୁ ବଛାବଛି—1. Selection. ୨। ବହୁ
সিলেক্সন ପୁସ୍ତକରୁ ବା ଲେଖାରୁ ସଂଗୃହୀତ ଓ ଉଦ୍ଧୃତ ସଂକଳନ—
सिलेक्सन 2. Selection of passages or extracts
from various sources.

ସିଲେକ୍ସନ୍ କମିଟି—ବୈଦେ. ବିଂ (ଇଂ)—ଯେଉଁ କମିଟି କୌଣସି
Sileksan kamiṭi କର୍ମ ପାଇଁ ବହୁ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ
সিলেক্সন কমিটি ବ୍ୟକ୍ତି ବାଛନ୍ତି—Selection committee.
सिलेक्सन कमिटि

ସିଲେଟ୍ (ଇତ୍ୟାଦି)—ବୈଦେ. ବ—ସିଲଟ ଇତ୍ୟାଦି (ଦେଖ)
Siletੰ (etc) Silaṭ etc. (See)

ସିଲୋନ୍—ବୈଦେ. ବ (ନାମ) (ଇଂ. ସିଲୋନ୍; ଭୁଲ. ସଂ. ସିଂହଳ)—
Silon ସିଂହଳଦ୍ୱୀପ; ଲଙ୍କା—Ceylon.
সিলোন सिलोन

ସିଲ୍କ୍—ବୈଦେ. ବ ଓ ବଣ—ସିଲକ୍ (ଦେଖ)
Silk Silik. (See)

ସିଲ୍ପ(ଲ୍ପି)—ବୈଦେ. ବ—ସିଲିପ୍ (ଦେଖ)
Silp(lpi) Silip. (See)

ସିଲ୍ବର୍—ବୈଦେ. ବ—ସିଲ୍ବର୍ (ଦେଖ)
Silbhar Sil-bar. (See)

ସିଲ୍ଲ—ପ୍ରାଦେ (ଗଞ୍ଜାମ)—୧ । ବିଦାୟ—1. Leave to go
Silla away. ୨ । ଅନୁମତି—2. Permission.

ସିଲ୍ଲ ହେବା—ପ୍ରାଦେ [ଗଞ୍ଜାମ] କି—ବିଦାୟ ଗ୍ରହଣ କରିବା—
Silla hebā To take leave.

ସିଲ୍ଲିଙ୍ଗି ଦେବା—ପ୍ରାଦେ [ଜୟପୁର] କି. [ତେ. ସିଲ୍ଲିଂଗି]—ପାଙ୍ଗିବା
Sillingi debā (ଦେଖ)—Pāngibā. (See)

ସିଲ୍ହକ—ସଂ. ବ—ଶିଳାରସ [ହି. ଶ]
Silhaka Benzoin; styrax.
[ସିଲ୍ହ—ଅନ୍ୟରୂପ]

ସିସ୍ (ଇତ୍ୟାଦି)—ଦେ. ବ (ଧ୍ୱନ୍ୟନୁକରଣ)—ଶିଶ୍ ଇତ୍ୟାଦି (ଦେଖ)
Sis (etc) Śiś etc. (See)

ସିଶୁ(ସୁ)—ଦେ. ବ [ସଂ. ଶିଂଶପା]—୧ । ଶିଶୁ୫ [ଦେଖ]—
Sisu(su) 1. Śiśu 5. (See) ୨ । ଶିଂଶପା ଗଛ—2. The
শিশু शिशुक sissoo tree,

ସିଷର—ଦେ. ବ [ସଂ. ଶୁଷିର]—ସିଟି; ସିଟି ମାରିବା ଯନ୍ତ୍ର—
Sishara সিটী सिठी A whistle.

ସିଷାଧୟିଷା—ସଂ. ବ [ସାଧ୍ ଧାତୁ+ଇଚ୍ଛାର୍ଥେ ସନ୍+ଭାବ. ଅ+
Sishādhayishā ଆ]—ସାଧନ କରିବାର ଇଚ୍ଛା—
A desire to accomplish.

ସିଷାଧୟିଷୁ—ସଂ. ବଣ [ସାଧ୍ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ.
sishādhayishu ଉ]—ସାଧନେଚ୍ଛୁ—Desirous of
accomplishing.

ସିଷୁମ୍ଣା(ଣା)—ଗ୍ରା. ବ [ପଦ୍ୟ]—ସୁଷୁମ୍ଣା [ଦେଖ]
Sishumuṇā(ṇā) Sushumṇā. [See]
সুষুম্না [ଦ୍ର—ପିଙ୍ଗଳା ଯମୁନା ନଦୀ ଅଟଇ, ସିଷୁମଣା ସରସ୍ୱତୀ ସ୍ରୋତ
सिसुमणा ହୋଇ । ପ୍ରାଚୀ. ଦରତେ ଗୀତା ।]

ସିଷୁମ୍ଣା[ମ୍ନା]—ଦେ. ବ [ପଦ୍ୟ]—ସୁଷୁମ୍ଣା [ଦେଖ]
Sishumṇā[mnā] Sushumṇā. [See]
সুষুম্না [ଦ୍ର—ଇଡ଼ା ପିଙ୍ଗଳା ସିଷୁମ୍ଣା ତିନି । ପ୍ରାଚୀ. ଦରତେ
सिसुमणा ଗୀତା ।]

ସିସଲ—ବୈଦେ. ବ [ଅ. ସିଲ୍ ସିଲା]—୧ । ବ୍ୟବସ୍ଥା—
Sisala 1. Arrangement. ୨ । ନିଷ୍ପତ୍ତି; ମୀମାଂସା—
ব্যবস্থা 2. Decision. ବୈଦେ. ବଣ—ମୀମାଂସିତ—
सिलसिला Decided; settled.

ସିସା (ଇତ୍ୟାଦି)—ଦେ. ବ [ସଂ. ସୀସକ]—ଶିଶା ଇତ୍ୟାଦି [ଦେଖ]
Sisā (etc) Śiśā etc. [See]
ପ୍ରାଦେ [ବୌଦ] ବ—ଉଡ଼ନ୍ ପେନ୍ସିଲ୍—Wooden
pencil.

ସି[ସିଂ,ସିଁ]ସି—ବୈଦେ. ବ [ଫା. ଶିଶୀ]—ଶିଶି [ଦେଖ]
Si[sim,sin]si Śiśi. [See]

ସିସି(ସେ)ରୋ—ବୈଦେ. ବ[ଲାଟିନ୍ ନାମ]—ରୋମର ସୁପ୍ରସିଦ୍ଧ ଦାର୍ଶନିକ
Sisi(se)ro ପଣ୍ଡିତ ଓ ବାଗ୍ମିପ୍ରବର—The great orator
সিসেরো Cicero. [ଦ୍ର—ଏହାଙ୍କର ଜନ୍ମ ଖ୍ରୀ: ପୂ:୧୦୬ ଏବଂ ମୃତ୍ୟୁ
सिसिरो ଖ୍ରୀ: ପୂ:୪୩ ଅବ୍ଦରେ । ଏ ବ୍ୟବହାରାଜୀବବୃତ୍ତି ଅବଲମ୍ବନ
କରି ନିଜ ବାଗ୍ମିତାର ଉନ୍ନତି ସାଧନାର୍ଥ ଗ୍ରୀସ୍କୁ ଯାଇ
ସେଠାରେ ବହୁ ପଣ୍ଡିତଙ୍କଠାରୁ ବାଗ୍ମିତା ଶିକ୍ଷା କରିଥିଲେ
ଏବଂ ୪୦ ବର୍ଷ ବୟସରେ ରୋମ୍ ସାମ୍ରାଜ୍ୟର ଏକ
ପ୍ରଦେଶର ଶାସନକର୍ତ୍ତା [Consul] ରୂପେ ମଫସଲକୁ
ପ୍ରେରିତ ହେଲେ । ପରେ ଶତ୍ରୁମାନଙ୍କ ଚକ୍ରାନ୍ତରୁ ଭୟ
ସ୍ୱଦେଶ ଛାଡ଼ି ପଳାଇଥିଲେ, କିନ୍ତୁ ପୁଣି ଦେଶକୁ ଫେରି
ଆସିଲେ । ଏହାଙ୍କ ଶତ୍ରୁମାନେ ସିଜର୍ଙ୍କ ହତ୍ୟାକାଣ୍ଡରେ
ଏ ଲିପ୍ତ ଥିବାର ପ୍ରମାଣିତ କରିବାରୁ ଏହାଙ୍କୁ ଚରମଦଣ୍ଡ
ଦଣ୍ଡାଜ୍ଞା ହେଲା ଏବଂ ଏ ଦଣ୍ଡ ଏଡ଼ିବା ନିମନ୍ତେ ପଳାଇ
ଯାଉ ଯାଉ ବାଟରେ ଶତ୍ରୁମାନେ ଏହାଙ୍କ ଶିରଶ୍ଛେଦନ
କଲେ । ଏହାଙ୍କର ବାଗ୍ମିତାପୂର୍ଣ୍ଣ ବକ୍ତୃତାମାନ ଯାବତୀୟ
ସଭ୍ୟ ଭାଷାରେ ଅନୁବାଦିତ ହୋଇ ୨୦୦୦ ବର୍ଷ ପରେ
ମଧ୍ୟ ଆଜି ପଣ୍ଡିତମାନଙ୍କର ବହୁ ସମାଦର ଲାଭ କରୁଅଛି ।]

ସିସୃକ୍ଷା—ସଂ. ବ (ସୃଜ୍ ଧାତୁ+ଇଚ୍ଛାର୍ଥେ ସନ୍+ଭାବ. ଅ+ ଆ)—
Sisrukshā ସର୍ଜନ ବା ନିର୍ମାଣ କରିବାର ଇଚ୍ଛା—
Desire to create.

ସିସୃକ୍ଷୁ—ସଂ. ବଣ (ସୃଜ୍ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—
Sisrukshu ସୃଷ୍ଟି କରିବାକୁ ଇଚ୍ଛୁକ; ନିର୍ମାଣ କରିବାକୁ ଅଭିଳାଷୀ
—Desirous of creating.

ସିସୋଦିଯ଼—ଦେ. ବଣ—ସିସୋଦିଯ଼ା କୁଳର—Belonging to
Sisodiya the Sisodiyā clan of the Rajputs
সিসোদীয় सीसोदिय

ସିଶୋଦୀୟା—ଦେ· ବ—ସୂର୍ଯ୍ୟବଂଶୀୟ ରାଜପୁତମାନଙ୍କର ଏକ ପ୍ରସିଦ୍ଧ
Sisodiyā ଶାଖା—A celebrated branch of the
ସିସোদীয়া Rajputs. [ଦ୍ର—ରାଜପୁତନାର ସିଶୋଦ ନାମକ
सिसोदिया ସ୍ଥାନରେ ଏ ଶାଖାର ବ୍ୟକ୍ତିମାନେ ବହୁ ଦିନ ବାସ
କରିଥିବାରୁ ଉକ୍ତ ସ୍ଥାନର ନାମ ଅନୁସାରେ ଏ ଶାଖାର
ନାମ ହୋଇଅଛି । କ୍ଷତ୍ରିୟମାନଙ୍କ ମଧ୍ୟରେ ଏମାନଙ୍କ
ପ୍ରତିଷ୍ଠା ସର୍ବୋଚ୍ଚ । ଚତୋର ଏମାନଙ୍କ ପ୍ରାଚୀନ ରାଜଧାନୀ
ଓ ଉଦୟପୁର ବର୍ତ୍ତମାନ ରାଜଧାନୀ । ଏମାନେ ସୂର୍ଯ୍ୟବଂଶୀୟ
ରାଜା ରାମଚନ୍ଦ୍ରଙ୍କ ବଂଶଧର ବୋଲି କଥିତ । ଏମାନେ
ପ୍ରଥମେ ଗୁଜୁରାଟର ବଲ୍ଲଭିପୁରରେ ରାଜତ୍ୱ କରୁଥିଲେ,
ପରେ ଚତୋରର ପ୍ରାଚୀନ ରାଜାଙ୍କୁ ପରାସ୍ତ କରି ସେଠାରେ
ରାଜ୍ୟ ସ୍ଥାପନ କଲେ । ମୁସଲମାନ୍ ଓ ମୋଗଲ୍ ରାଜତ୍ୱ
କାଳରେ ମଧ୍ୟ ଚତୋର ହିନ୍ଦୁ ରାଜଶକ୍ତିର ପ୍ରଧାନ ସ୍ଥାନ
ଥିଲା । ଏ ବଂଶର ରାଜାମାନଙ୍କ ଉପାଧି ରାଣା । ରାଣା
ସମର ସିଂହ, ରାଣା କୁମ୍ଭ, ରାଣା ସଂଗ୍ରାମ ସିଂହ ମୁସଲମାନଙ୍କ
ସଙ୍ଗେ ବୀରତା ସହକାରେ ଯୁଦ୍ଧ କରିଥିଲେ । ରାଣା
ପ୍ରତାପ ସମ୍ରାଟ୍ ଅକବରଙ୍କ ବଶ୍ୟତା ସ୍ୱୀକାର କରି ନଥିଲେ ।
ଉଦୟପୁର ରାଜ୍ୟ (୧୨୬୯୦ ବର୍ଗ ମାଇଲ, ଲୋକ ସଂଖ୍ୟା
୧୦ ଲକ୍ଷ)ର ମହାରାଣା ଏହି ବଂଶୀୟ ଅଟନ୍ତି—ହିନ୍ଦ·
ଶବ୍ଦସାଗର ।]

ସିସ୍ତ—ଦେ· ବ (ସ· ଶସ୍ତ୍ର)—୧ । ଯନ୍ତ୍ରାଦି—1. Implements.
Sista ୨ । ଶସ୍ତ୍ର; ଉପାୟ—2. Means. ୩ । କାର୍ଯ୍ୟ ସାଧନର
ଯন্ত্র शस्त्र ଉପାୟ—3. Means employed for accomplishment of an end.

ସିସ୍ତି—ବୈଦେ· ବ (ଫା, ସିସ୍ତୀ)—ମାପିବା ଚେନ୍ ସଙ୍ଗେ ଭୂମିରେ
Sisti ପୋତିବା ପାଇଁ ବ୍ୟବହାର କରାଯିବା ଲୁହାର ପିନ୍—
সিস্তি सिस्ती Iron pins used with the surveying chain.

ସିସ୍ତୁ—ପ୍ରାଦେ (ଗଞ୍ଜାମ) ବ (ଇଂ· ସେସ୍)—ଭୂମିକର; ଖଜଣା—
Sistu Land cess.

ସିହ୍‌ନିବା—ପ୍ରାଦେ (ସମ୍ବଲପୁର) କ୍ରି—ବନ୍ଦ ଘଣ୍ଟ ଭର୍ତ୍ତି କରିବା—
Sih-nibā To ram in things together into a narrow receptacle.

ସିହଳ—ଦେ· ବି (ସ· ଶୃଙ୍ଖଳ)—ସିଅଳ (ଦେଖ)
Sihala Siala (See)

ସିହା—ବୈଦେ· ବ—୧ । (ଫା· ସୀହା) ଜମା ଖରଚ ବହି—
Sihā 1. Account book. [ଦ୍ର—ଏହି ହିସାବ
সেহা सेहा ବହିରେ ଜମା ଓ ଖରଚ ଲେଖାଯାଏ ।]
সিয়া ୨ । ସିହା; ମୁସଲମାନମାନଙ୍କର ସମ୍ପ୍ରଦାୟବିଶେଷ—
सिहा 2. A sect of Mohommedans; the Sihā.
[ଦ୍ର—ମୁସଲମାନ ଧର୍ମାବଲମ୍ବୀମାନେ ପ୍ରଧାନ ଦୁଇ ସମ୍ପ୍ରଦାୟରେ ବିଭକ୍ତ; ଯଥା—ସିହା ଓ ସୁନ୍ନୀ । ଇସଲାମ
ଧର୍ମର ନେତା ବା ଗୁରୁ(ଇମାମ୍) କିଏ, ଏହି ସଂବନ୍ଧରେ ଦୁଇ
ସମ୍ପ୍ରଦାୟ ମଧ୍ୟରେ ମତଭେଦ ଅଛି । ସୁନ୍ନୀମାନେ କହନ୍ତି ଯେ,
ଯାହାଙ୍କୁ ମୁସଲମାନମାନେ ନେତା ପଦରେ ମନୋନୀତ
କରନ୍ତି ସେ 'ଇମାମ୍'; କିନ୍ତୁ ସିହାମାନେ କହନ୍ତି ଯେ,
ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟ କାଳକ୍ରମେ 'ଇମାମ୍' ଅଟନ୍ତି ।
ସିହା ଓ ସୁନ୍ନୀମାନଙ୍କର ଆଇନ୍ ମଧ୍ୟ ଭିନ୍ନ । ସିହାମାନଙ୍କ
ଆଇନ୍ କୋରାନ୍ ଓ ଶିଷ୍ୟାନୁଶିଷ୍ୟ କ୍ରମେ ପୁରୁଷପରଂପରା
ଚଳୁଥିବା ମହମ୍ମଦଙ୍କ ଉପଦେଶ ଉପରେ ପ୍ରତିଷ୍ଠିତ । କିନ୍ତୁ
ସୁନ୍ନୀମାନଙ୍କ ଆଇନ ଏହି ଦୁଇ ଭିତ୍ତି, ପଣ୍ଡିତମାନଙ୍କର ଟୀକା
ଓ ବ୍ୟକ୍ତିବିଶେଷଙ୍କର ସ୍ୱାଧୀନ ବିଚାର ଉପରେ ପ୍ରତିଷ୍ଠିତ ।

ମହମ୍ମଦୀୟ ହିଜରୀ ସନର ଦ୍ୱିତୀୟ ଶତାବ୍ଦୀରେ
ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟକ୍ରମେ ୬ଷ୍ଠ ଇମାମ୍ ଜଫର-ଅସ୍-
ସାଦକ୍ ସିହା ସମ୍ପ୍ରଦାୟର ପ୍ରତିଷ୍ଠା କରିଥିଲେ ।

ସିହାମାନଙ୍କର ମଧ୍ୟ ଅନେକଗୁଡ଼ିଏ ଉପସମ୍ପ୍ରଦାୟ
ଅଛି; ଯଥା—ଅସ୍‌ନା ଅସାରିୟା ବା ଇମାମିୟା (ଏମାନେ
ପୁଣି ଦୁଇ ଶ୍ରେଣୀରେ ବିଭକ୍ତ—ଅସୁଲି, ଅଖ୍‌ବାରୀ), ମୁତା-
ଜାଲା, ଇସ୍‌ମାଇଲିଆ । ବୋମ୍ବେ ପ୍ରଦେଶର 'ଖୋଜା',
'ବୋରା' ଆଦିଙ୍କ ଛଡ଼ା ଭାରତର ଅଧିକାଂଶ ମୁସଲମାନ
ସୁନ୍ନୀ ସମ୍ପ୍ରଦାୟଭୁକ୍ତ ।

ସିହା ଓ ସୁନ୍ନୀଙ୍କୁ ଚିହ୍ନିବାର ଗୋଟିଏ ସହଜ
ଚିହ୍ନ ଏହି ଯେ, ସିହାମାନେ ନମାଜ୍ ପଢ଼ିଲା ବେଳେ
ଦୁଇ ହାତକୁ ଦୁଇ କଡ଼ରେ ସିଧା କରି ଓହଳାଇ ରଖନ୍ତି;
କିନ୍ତୁ ସୁନ୍ନୀମାନେ ଦୁଇ ହାତକୁ ସାମନା ପାଖରେ ଯୋଡ଼ି
କରି ନମାଜ ପଢ଼ନ୍ତି ।

ସିହାମାନେ ମୃତ ବ୍ୟକ୍ତିର ସମଦୂରବର୍ତ୍ତୀ ସଗୋତ୍ର
(agnate, ଯଥା—ପୌତ୍ର) ଓ ଅସଗୋତ୍ର (cognate; ଯଥା—ଦୌହିତ୍ର)ମାନଙ୍କ ମଧ୍ୟରେ ସମ୍ପତ୍ତିକୁ
ସମାନରୂପେ ବଣ୍ଟନ କରନ୍ତି । କିନ୍ତୁ ସୁନ୍ନୀମାନେ କେବଳ
ସଗୋତ୍ର ପୁରୁଷ—ଉତ୍ତରାଧିକାରୀମାନଙ୍କ ମଧ୍ୟରେ ମୃତ
ବ୍ୟକ୍ତିର ସମ୍ପତ୍ତି ବଣ୍ଟନ କରନ୍ତି ।

ସିହା ଓ ସୁନ୍ନୀ ଉଭୟଙ୍କ ମଧ୍ୟରେ ଏ ନିୟମ
କେବଳ ନିମ୍ନଲିଖିତ ଉତ୍ତରାଧିକାରୀମାନଙ୍କ ପ୍ରତି ଖଟେ
ନାହିଁ; ଯଥା—ମୃତ ବ୍ୟକ୍ତିର ପିତା, ମାତା, ପୁତ୍ର, କନ୍ୟା,
ସ୍ୱାମୀ ବା ସ୍ତ୍ରୀ ।]
শিখ ଦେ· ବ (ସ· ଶିଖା)—ଅଗ୍ରଭାଗ—
लेखा Top.

ସିହାଇ—ବୈଦେ· ବ (ଫା· ସିହାଇ)—ସ୍ୟାହି; ଲେଖିବାର କାଳି;
Sihāi সেহাই सयाही ମସି—Writing ink.

ସିହାଇ ଘଡ଼ି—ଦେ· ବ—ମସ୍ୟାଧାର; କାଳି ଘଡ଼ି; ଦୁଆତ—Inkpot.
Sihāi ghardi সেহাই দোয়াত दवात
(ସିହାଇ ଦୁଆତ—ଅନ୍ୟରୂପ)

ସିହା ଉଆରଜା—ବୈଦେ· ବ (ଜମିଦାରୀ ସେରସ୍ତା)—ଯେଉଁ ସିହାରେ
Sihā uārijā ପ୍ରତି ବିଷୟ ଶ୍ରେଣୀର ଜମା ଓ ଖରଚମାନ ପୃଥକ୍
সিহা ওয়ারিজা ପୃଥକ୍ ହେଡିଙ୍ଗ୍ ତଳେ ଲେଖାଯାଏ—Account

सेहा वारिजा book showing receipts and expe-
(ସିହା ଭାରଜା—ଅନ୍ୟରୂପ) nditures entered under different items or headings.

ସିହା ଉଆସିଲ୍(ଲି) ବାକି—ଦେ. ବି (ଜମିଦାରୀ ସିରସ୍ତା)—ଜମି-
Sihā uāsil(li) bāki ଦାରୀ କାଗଜବିଶେଷ—A Zemi-
সিহা ওয়াসিল বাকি ndary account showing the
हा वसूल बाँकी current year's account of
(ସିହା ଵାସିଲ୍[ଲି] ବାକି—ଅନ୍ୟରୂପ) every tenant and respective due after deducting the payments made by the tenant. [ତୃ—ବର୍ଷକ ମଧ୍ୟରେ ପ୍ରଜା ଯେତେ ଖଜଣା ଦେଇଥାଏ, ଏଥିରେ ତାହା ଲେଖା ଯାଇ ଗତ ବର୍ଷର ହିସାବ ଗଡ଼ାଣ କରାଯାଇ ସନ ଅଖେରକୁ ଉକ୍ତ ପ୍ରଜା ଉପରେ କେତେ ବାକି ରହିଲା, ତାହା ଦେଖାଇ ଦିଆଯାଏ ।]

ସିହାଁ—ଦେ. ବି—ସିଆଁ (ଦେଖ)—
Sihāñ Siāñ (See)

ସିହାଁଇ(ଇଁ)ବା—ଦେ. କି—ସିଆଁଇବା (ଦେଖ)
Sihāñi(iñ)bā Siāñibā (See)

ସିହା କରିବା—ଦେ. କି—୧ । ହିସାବ ବହିରେ ଜମା ଖରଚ ଲେଖିବା-
Sihā karibā 1. To enter receipts and expenses
সিহা করা in the account book. ୨ । ଜମା
सेहा करना; ଧନକୁ ହିସାବରେ ଲେଖିବା—2, To enter a
(ସିହା ଚଢ଼ା[ଢ଼େ]ଇବା—ଅନ୍ୟରୂପ) receipt in the account book

ସି(ସିଂ, ସିଁ)ହାଣ(ଣା) (ଇତ୍ୟାଦି)—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ସନ୍ଧାନ)—୧ । ସିଆଣ(ଣା) (ଦେଖ)—
Si(sim, siñ)hāṇa(ṇ)
সয়ান सयाना 1. Siāṇa(ṇā) (See) [ଉ—ସିହାଣ ବସ୍ତୁରେ ମୋତେ କ କରିବ ଦସ୍ୟୁ—ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।] ୨ । ଶ୍ରେଷ୍ଠ—2. Best. [ଉ—ଯୁଦ୍ଧରେ ଭୋଳ ହୋଇ ବ୍ରହ୍ମାଣ୍ଡ ସିହାଣ । ରଖିଲେ ମାତ୍ର ପାଣ୍ଡୁ ନୃପତିଙ୍କ ପ୍ରାଣ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ସି(ସିଂ, ସିଁ)ହାଣିଆ(ଆଁ) (ଇତ୍ୟାଦି)—ଦେ. ବିଣ. ପୁଂ ଓ ସ୍ତ୍ରୀ—
Si(sim; siñ)hāṇiā(āñ) (etc) ସିଆଣ ଇତ୍ୟାଦି (ଦେଖ)
Siāṇa etc (See). [ଉ—ସେ ବ୍ରାହ୍ମଣ ଅତି ଅଟେ ସିହାଣିଆଁ—କୃଷ୍ଣସିଂହ. ମହାଭାରତ ଆଦି ।]

ସିହାଣୀ—ଦେ. ବିଣ. ସ୍ତ୍ରୀ—'ସିହାଣ'ର ସ୍ତ୍ରୀଲିଙ୍ଗ—
Sihāṇi Feminine of 'Sihāṇa'.
(ଉ—ଅସତର୍କେ କେବେ ଦେଖିଲେ ସିହାଣୀ—କାନ୍ତକୁ ରାଗ-ତରଳ । ରାଧାନାଥ. ମହାଯାତ୍ରାକେଶରୀ ।)

ସିହାଭୁକ୍ତ—ଦେ. ବିଣ—ସିହାରେ ଲେଖା ହୋଇଥିବା—
Sihābhukta Entered in the accounts.
সেহা ভুক্ত सेहाभुगतान

ସିହାର(ରା) ହାର—ଦେ. ବି—ଶିଂଘଡ଼ା ହାର (ଦେଖ)
Sihāra(rā) hāra Simghardā hāra. (See)

ସିହୁଣ୍ଡ—ସଂ. ବି—ସ୍ନୁହୀ ବୃକ୍ଷ (ଶବ୍ଦ ରତ୍ନାବଳୀ); ସିଝୁ (ଦେଖ)
Sihuṇḍa Sijhu. (See)

ସିହ୍ନା—ଗ୍ରା. ଅ—ସିନା (ଦେଖ)—Sinā. (See) (ଉ—ଲହୁ ଲହୁ
Sihnā ଲହୁ ସିହ୍ନା ଅଟଇ ସେ ପୁଅ । ଗ୍ରାଠୀ. ବ୍ରହ୍ମକରୂପଣ ଗୀତା ।)

ସିହ୍ଲ—ସଂ. ବି (ସ୍ନିହ୍. ଧାତୁ=ସ୍ନିଗ୍ଧ ହେବା + କର୍ତ୍ତି. ଲ; ନିପାତନ)
Sihla ୧ । ଧୂପରେ ବ୍ୟବହୃତ ଗନ୍ଧଦ୍ରବ୍ୟ ବିଶେଷ
[ସିହ୍ଲକ—ଅନ୍ୟରୂପ] (ଶବ୍ଦ ରତ୍ନାବଳୀ); ଲୋବାନ୍; ଏକପ୍ରକାର
সিহলা ଝୁଣା—1. Olibanum. ୨ । ଶିହ୍ଲକ—2. Liquid
शिलारस amber.
ଫା. ଶଲ୍ଲରସ, ଅ. ମୋଅଇଏ ସାଇଲ୍
ଅନ୍ୟ ସଂସ୍କୃତ ନାମ—ତୁରୁଷ୍କ, ପିଣ୍ଡକ, ଯାବନ, ପିଣ୍ୟାକ, କପିତଞ୍ଜଳ, କପିବାଚକ, କପିତୈଳ, ତୈଳାଖ୍ୟ, ଯାବ, ଯାବକ, ସଲ୍ଲକୀଦ୍ରବ, ଶିହ୍ଲକ, ପିଣ୍ଡକ, ତୈଳପର୍ଣ୍ଣୀ, ବୃକଧୂପ, କୃତ୍ରଧୂପ ।

ସିହ୍ଲକୀ—ସଂ, ବି—ଶଲ୍ଲକୀ (ଦେଖ)
Sihlaki Śallkai. (See)
[ସିହ୍ଲଭୂମିକା—ଅନ୍ୟରୂପ] शलई, शलाई शलई, शल्लग

ସିହ୍ଲା(ଇତ୍ୟାଦି)—ବୈଦେ. ବି—ସିଲ୍ଲା ଇତ୍ୟାଦି (ଦେଖ)
Sihlā (etc) Silā. etc (See)

ସୀଉକାର—ଗ୍ରା. ବି (ସଂ. ସ୍ୱୀକାର)—୧ । ସ୍ୱୀକାର; ସମ୍ମତି—
Siukāra 1. Consent. [ଉ—ତୁମ୍ଭର ସୀଉକାର ହେଲେ
স্বীকার ସିନା ଏହା । କୃଷ୍ଣସିଂହ. ମହାଭାରତ ବନ ।] ୨। କରଣ
स्वीकार ସମାଜରେ ବିବାହ ପୂର୍ବରୁ ବରକନ୍ୟାଙ୍କ ସମ୍ବନ୍ଧରେ ଉଭୟ ପକ୍ଷର ସ୍ଥିରୀକରଣ ନିର୍ବନ୍ଧ ଓ ଉତ୍ସବ—2. The ceremony of formal betrothal before marriage (amongst the Karaṇas of Orissa). ୩ । କରଣ ସମାଜର 'ସ୍ୱୀକାର' ଉତ୍ସବରେ କନ୍ୟାଘରୁ ବରଘରକୁ ପଠାଯିବା ଭେଟି—3. Sending of presents from the betrothed bride to the bridegroom.

ସୀଉକାର କରିବା—ଗ୍ରା. କି—ସ୍ୱୀକାର କରିବା (ଦେଖ)
Siukāra karibā Swikāra karibā, (See)
স্বীকার করা स्वीकार करना

ସୀଉକାର ସନମତ—ଗ୍ରା. ବି (ସହଚର)—କରଣ ସମାଜରେ ବର ଓ
Siukāra sanamati କନ୍ୟାଙ୍କର ବିବାହ ବିଷୟରେ ନିର୍ବନ୍ଧ
স্বীকার সম্মতি ହେବା ପରେ ବର ପକ୍ଷ ଓ କନ୍ୟା ପକ୍ଷ ମଧ୍ୟରେ
स्वीकार सम्मति ଦିଆନିଆ ହେବା ଭେଟି—Mutual exchange of presents between the betrothed bride and the bridegroom.

ସୀଉକାରିଆ—ଦେ. ବି—କରଣ କୁଳରେ ବିବାହ ବିଷୟରେ ମଧ୍ୟସ୍ଥ
Siukāriā ହେବା ବ୍ୟକ୍ତି—The negotiator or middle-
ঘটক man ia a marriage in the 'Karaṇa'
घटक society. (ଉ—କରେ ତଦନ୍ତ, ଟୁ ସବୁ ସକଳ

ସାଗର କର ସାଉନ୍ତି ? ସୀକରାବଳୀ ସବୁ ପଡ଼ନ୍ତି ଯିବେ ପସି । ରକାଗ୍ରଚରଣ ଯୌତୁକ ।)

ସୀକ୍ (ଧାତୁ)—ସ—୧ । ସେଚନ କରିବା—1. To sprinkle.
Sīk (root) ୨ । ସେକିବା—2. To foment.

ସୀକର—ସ. ବି ('ଶୀକର'ର ଅନ୍ୟରୂପ; ସୀକ୍. ଧାତୁ+କର୍ମ. ଅର)—
Sīkara ୧ । ସୂକ୍ଷ୍ମ ଜଳବିନ୍ଦୁ—1. Spray; minute water-particles ୨ । ବାୟୁପ୍ରେରିତ ସୂକ୍ଷ୍ମ ଜଳକଣା—2. Minute particles or spray of water driven by the wind. ୩ । (+ଢ଼ିଲ୍ଲିଅର) ଝିପିଝିପି ବୃଷ୍ଟି—3. Drizzle; rain in minute drops ୪ । ବାୟୁ—4. Air; wind.

ସୀକର ଶୀତ—ସ. ବିଣ (ତୃତୀୟା ତତ୍)—୧ । ଜଳକଣା ଦ୍ୱାରା
Sīkara śita ଶୀତଳ—1. Cooled with water spray. (ଉ—ହରିତ ବଧୂ ମୋହ ବଢ଼ାଇ ଅଶେଷ, ସୀକର-ଶୀତ ବାୟୁ ସେଞ୍ଚିଲେ ଘାସେ । ମଧୁସୂଦନ. ସୀତା-ବନବାସ [କବିତାବଳୀ] ।) ୨ । ଜଳକଣା ପରି ଶୀତଳ—2. Cool like spray.

ସୀକାର—ପ୍ରାଦେ (ଗଡ଼ଜାତ) ବି—୧ । ସ୍ୱୀକାର—1. Promise;
Sīkāra agreement. ୨ । ମାଂସ—2. Meat. ୩ । ଶିକାର—3. Hunting

ସୀ(ତ୍)—ସ. ବି (ଧ୍ୱନ୍ୟନୁକରଣ)—ଜିହ୍ୱା ଓ ଦନ୍ତ ଦ୍ୱାରା ଉଚ୍ଚାରିତ
Sīt(ta) ସୀତ୍ ଧ୍ୱନି—Whistling sound produced by the tongue and teeth

ସୀତ୍(ତ)କାର—ସ. ବି (ସୀତ୍, ସୀତ=ଅବ୍ୟକ୍ତ ମଧୁର ଧ୍ୱନି+କୃ
Sīt-(ta)kāra ଧାତୁ+ଭାବ. ଅ)—ଅବ୍ୟକ୍ତ ମୁଖଶବ୍ଦ ବିଶେଷ; [ସୀତ୍କୃତ(ତି)—ଅନ୍ୟରୂପ] ରମଣୀମାନଙ୍କର ଜିହ୍ୱା ଓ ଦନ୍ତ ସାହାଯ୍ୟରେ ଜନିତ 'ସୀତ୍'ରୂପ ଅବ୍ୟକ୍ତ ଶବ୍ଦ; ରତିରମା ସ୍ତ୍ରୀଙ୍କର ରମଣାଦି କାଳରେ ଅନୁରାଗଜନିତ ମୁଖବ୍ୟକ୍ତ ଅସ୍ଫୁଟ ମଧୁର ଶବ୍ଦ (ହେମଚନ୍ଦ୍ର)—Sweet whistling sound heard from the mouth of amorous women during orgasm in coition.

ସୀତ୍କୃତ—ସ. ବିଣ—କୃତ ସୀତ୍କାର—Making a whistling
Sīt-kṛuta amorous sound during coition.
ସଂ. ବି—ସୀତ୍କାର (ଦେଖ)—Sīt-kāra. (See)
(ସୀତକୃତ- ଅନ୍ୟ ବି, ରୂପ)

ସୀତ(ତ୍ୟ)ୟା—ଗ୍ରା. ବି (ଅଶୁଦ୍ଧ ଉଚ୍ଚାରଣ)—ସୀତା ଦେବୀ; ରାମପତ୍ନୀ—
Sīta(tya)yā Sītā; the wife of Rāma. (ହି—सीता ଅଶ୍ରମ କର ନାରାୟଣ, କହା ସୀତୟା ରାମାଶ୍ରମ । ତୁଳସୀ०
सीतिया ରାଗବତ ।) ଦେ. ବି—'ସୀତା'ର ଡାକ ନାମ—Nickname of 'Sītā'.

ସୀତ(ତ୍ୟ)ୟା ଠାକୁରାଣୀ, ସୀତ(ତ୍ୟ)ୟା ଦେବୀ
ସୀତ୍ୟା, ସୀତ୍ୟା ଦେବୀ, ସୀତ୍ୟା ଠାକୁରାଣୀ } —ଅନ୍ୟରୂପ

ସୀତା—ସଂ. ବି—[ସି· ଧାତୁ=(ଭୂମି) ଖନନ କରିବା+କର୍ମ· ତ,
Sītā +ଅ, ନିପାତନ); ଅନ୍ୟରୂପ ଶୀତା]—୧ । ଲଙ୍ଗଳ ପଦ୍ଧତି; ଲଙ୍ଗଳ ଦ୍ୱାରା ଭୂମିରେ କୋଡ଼ା ହୋଇଯିବା ଗାର; ଲାଙ୍ଗଳଚାଳିତ ଗଭୀର ରେଖା—1. Furrow made by the plough. ୨ । (+ବଲ୍ଲିକ) ସ୍ୱର୍ଗଙ୍ଗା; ମନ୍ଦାକିନୀର ଶାଖା ବିଶେଷ—2. Name of a branch of the Ganges said to flow in the heaven. ୩ । ଲକ୍ଷ୍ମୀ (ଧ୍ୱନି ମଞ୍ଜରୀ)—3. The Goddess Lakshmī. ୪ । ଉମା; ପାର୍ବତୀ(ଧ୍ୱନିମଞ୍ଜରୀ) —4. Pārbatī. ୫ । ଶସ୍ୟାଧି ଦେବତା (ଧ୍ୱନିମଞ୍ଜରୀ) —5. The Deity presiding over the corn. ୬ । ମଦିରା (ରାଜନିର୍ଘଣ୍ଟ)—6. Wine. ୭ । ଗଙ୍ଗା ସ୍ରୋତ (ଶବ୍ଦମାଳା)—7. The current of the river Ganges. ୮ । (ନାମ)
(ଅନ୍ୟ ସଂ. ନାମ—ବୈଦେହୀ; ମୈଥିଳୀ (ସୀତା ବା 'ସୀତାମୁଖ' ବା ଜାନକୀ, ଧରଣୀସୁତା, ଭୂମିସମ୍ଭବା ।] ଲଙ୍ଗଳପଦ୍ଧତିରୁ ମିଳି ଥିବାରୁ ଏହି ନାମ ହୋଇଅଛି) ଜନକରାଜନନ୍ଦିନୀ ରାମଚନ୍ଦ୍ରଙ୍କ ପତ୍ନୀ—8. The wife of Rāmachandra. [ବୃ—ମିଥିଳାପତି ଜନକ ଲଙ୍ଗଳଦ୍ୱାରା ଯଜ୍ଞ ଭୂମି ଚାଷ କରିବା ସମୟରେ ଲଙ୍ଗଳପଦ୍ଧତିରୁ ଗୋଟିଏ ଶିଶୁ କନ୍ୟାଙ୍କୁ ବୈଶାଖ ଶୁକ୍ଳ ନବମୀ (ରାମନବମୀ) ମଙ୍ଗଳବାର ମଧ୍ୟାହ୍ନରେ ପାଇଥିଲେ ଏବଂ 'ସୀତା'ରୁ ଏହାଙ୍କୁ ପାଇ ଥିବାରୁ ଏହାଙ୍କ ନାମ 'ସୀତା' ରଖିଲେ । ସୀତା ଅଯୋନି-ସମ୍ଭବା ବୋଲି ଖ୍ୟାତ । ସୀତା ଯୁବତୀ ହେବାରୁ ଜନକ ଗୋଟିଏ ଶିବଧନୁ ରଖି ଏହି ପଣ କଲେ ଯେ, ଯେଉଁ ବ୍ୟକ୍ତି ଉକ୍ତ ଧନୁକୁ ଆକର୍ଷଣ କରି ଅଧିଜ୍ୟ କରିବେ, ସେ ତାଙ୍କୁ ଉକ୍ତ କନ୍ୟା ସମର୍ପଣ କରିବେ । ଏହି ପଣ ଶୁଣି ନାନା ଦେଶରୁ ରାଜଗଣ ଉପସ୍ଥିତ ହେଲେ; କିନ୍ତୁ ଉକ୍ତ ଧନୁକୁ ଆକର୍ଷଣ କରିବା କଥା ଦୂରେ ଥାଉ, କେହି ତାକୁ ଭୂମିରୁ ଉଠାଇ ପାରିଲେ ନାହିଁ । ଏହି ସମୟରେ ବିଶ୍ୱାମିତ୍ର ଋଷି ତାଙ୍କ ଆଶ୍ରମରୁ ଅସୁରମାନଙ୍କୁ ଦୂର କରିବା ପାଇଁ ଦଶରଥଙ୍କ ନିକଟରୁ ରାମଚନ୍ଦ୍ରଙ୍କୁ ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ଆଣିଥିଲେ । ସେହି ଧନୁର୍ଭଙ୍ଗ ସଭା ଦେଖିବା ପାଇଁ ବିଶ୍ୱାମିତ୍ର କୁମାରଦ୍ୱୟଙ୍କୁ ସଙ୍ଗରେ ନେଇ ମିଥିଳାକୁ ଆସି ଥିଲେ । ସମବେତ ରାଜନ୍ୟବର୍ଗ ସେ ଧନୁକୁ ଉଠାଇ ନ ପାରିବାରୁ ରାମଚନ୍ଦ୍ର ଧନୁ ନିକଟରେ ଉପସ୍ଥିତ ହୋଇ ଧନୁକୁ ଟେକି ସେଥିରେ ଗୁଣ ଦେବା ପାଇଁ ଆକର୍ଷଣ କରୁ କରୁ ଧନୁଟି ଦୁଇ ଖଣ୍ଡ ହୋଇ ଭାଙ୍ଗିଗଲା । ଜନକ ଏଥିରେ ସନ୍ତୁଷ୍ଟ ହୋଇ ଦଶରଥଙ୍କୁ ଡକାଇ ସୀତାଙ୍କ ରାମଚନ୍ଦ୍ରଙ୍କ ହସ୍ତରେ ଏବଂ ତାଙ୍କର ଅନ୍ୟ କନ୍ୟା ଉର୍ମିଳା ଓ ଭ୍ରାତୃପୁତ୍ରୀ ମାଣ୍ଡବୀ, ଶ୍ରୁତକୀର୍ତ୍ତିଙ୍କୁ ଯଥାକ୍ରମେ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କୁ ସମର୍ପଣ କଲେ । ସୀତାଙ୍କୁ ନେଇ ରାମଚନ୍ଦ୍ର ପିତାଙ୍କ ସହିତ ଅଯୋଧ୍ୟାକୁ ଫେରିଯିବା ସମୟରେ ବାଟରେ ପରଶୁରାମ ତାଙ୍କୁ ବାଧା ଦେବାକୁ ଚେଷ୍ଟା କରି ରାମଚନ୍ଦ୍ରଙ୍କ ଦ୍ୱାରା ପରାଜିତ ହୋଇ ସେଠାରୁ ପ୍ରସ୍ଥାନ କଲେ

ରାମଚନ୍ଦ୍ର ରାଜ୍ୟକୁ ଫେରିଯାଇ ସୀତାଙ୍କ ସହିତ ସୁଖରେ ରହିଲେ । ସୀତା ନିଜ ଗୁଣରେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ରାଜ୍ୟର ସମସ୍ତଙ୍କୁ ମୁଗ୍ଧ କଲେ । ଏହି ସମୟରେ ଦଶରଥ ବୃଦ୍ଧ ହେବାରୁ ରାମଚନ୍ଦ୍ରଙ୍କୁ 'ଯୌବରାଜ୍ୟ' ଦେବାପାଇଁ ଘୋଷଣା କରି ତହିଁର ସମସ୍ତ ଆୟୋଜନ କଲେ । କିନ୍ତୁ ଉତ୍ସବର ପୂର୍ବଦିନ ରାତିରେ ମନ୍ଥରାନାମ୍ନୀ ଦାସୀର ପ୍ରରୋଚନାରେ ରାମଚନ୍ଦ୍ରଙ୍କ ବିମାତା ଭରତଜନନୀ କୈକେୟୀ ଦଶରଥଙ୍କୁ ଅଙ୍ଗୀକାରରେ ପକାଇ ପୂର୍ବଅଙ୍ଗୀକୃତ ଦୁଇଟି ବର ଦେବା ପାଇଁ ସତ୍ୟ କରାଇ ନେଲେ ଯେ, ରାମଚନ୍ଦ୍ର ୧୪ ବର୍ଷକାଳ ବନବାସୀ ହେବେ ଓ ଭରତ ରାଜା ହେବେ । ରାମଚନ୍ଦ୍ର ପିତୃସତ୍ୟ ପାଳନାର୍ଥ ବନକୁ ବାହାରିଲେ ଏବଂ ପତିବ୍ରତା ସୀତା ଓ ଅଗ୍ରଜ ଅନୁବର୍ତ୍ତୀ ଲକ୍ଷ୍ମଣ ମଧ୍ୟ ତାଙ୍କ ସହଗାମୀ ହେଲେ । ରାମଚନ୍ଦ୍ରଙ୍କ ବନଗମନରେ ଶୋକଗ୍ରସ୍ତ ହୋଇ ଦଶରଥ ପ୍ରାଣତ୍ୟାଗ କଲେ । ତେଣେ ରାମ, ସୀତା ଓ ଲକ୍ଷ୍ମଣ ୧୪ ବର୍ଷ ବନରେ ତପସ୍ୱିବେଶରେ ବନ୍ୟ ଫଳମୂଳ ଖାଇ କୁଟୀରରେ ବାସ କରି ରହିଲେ । ଏହି ସମୟରେ ରାକ୍ଷସୀ ଶୂର୍ପଣଖାର ପ୍ରରୋଚନାରେ ଲଙ୍କାଧିପତି ରାବଣ ସୀତାଙ୍କୁ ଛଳବଳ ପ୍ରୟୋଗପୂର୍ବକ ରଥରେ ବସାଇ ଲଙ୍କାକୁ ଘେନିଗଲେ । ରାମଚନ୍ଦ୍ର ସୀତାଙ୍କୁ ନ ଦେଖି ବିହ୍ୱଳପର ହେଲେ ଏବଂ କିଷ୍କିନ୍ଧ୍ୟାରେ ବାନରରାଜ ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରି ହନୁମାନଙ୍କୁ ପଠାଇ ସୀତାଙ୍କୁ ରାବଣ ନେଇ ଲଙ୍କାଗଡ଼ରେ ଅଶୋକବନରେ ବନ୍ଦୀ କରି ରଖିଥିବା ଜାଣିଲେ । ପରେ ରାମଚନ୍ଦ୍ର ସୁଗ୍ରୀବଙ୍କ କପିସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କଲେ ଏବଂ ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ଲଙ୍କାରେ ପଶି ରାବଣଙ୍କୁ ଯୁଦ୍ଧରେ ନିହତ କରି ସୀତାଙ୍କ ଉଦ୍ଧାର କଲେ । ସୀତା ରାବଣକର୍ତ୍ତୃକ ନାନାପ୍ରକାରେ ପ୍ରଲୋଭିତା ହୋଇଥିଲେ ମଧ୍ୟ ନିଜ ସତୀତ୍ୱକୁ ଅକ୍ଷୁଣ୍ଣ ରଖି ପାରିଥିଲେ । ତଥାପି ଜନାପବାଦ ଆଶଙ୍କାରେ ରାମଚନ୍ଦ୍ର ଲଙ୍କାରେ ତାଙ୍କୁ ଅଗ୍ନିପରୀକ୍ଷା କରାଇବା ପରେ ଗ୍ରହଣ କଲେ ଓ ତାହା ପରେ ସ୍ୱଦେଶକୁ ଫେରିଲେ । ସେତେବେଳକୁ ବନବାସର ୧୪ ବର୍ଷ ଅତୀତ ହୋଇଥିଲା । ଅଯୋଧ୍ୟାରେ ସୀତା, ରାମ ଦୁହେଁ ସୁଖରେ କିଛିକାଳ ରହିବା ପରେ ସୀତା ଅନ୍ତଃସତ୍ତ୍ୱା ହେଲେ ଏବଂ ବନର ତପୋବନ ଦର୍ଶନଲାଳସା ସ୍ୱାମୀଙ୍କ ନିକଟରେ ପ୍ରକାଶ କଲେ । ଇତ୍ୟବସରରେ ରାବଣ ଦ୍ୱାରା ସୀତା ଅପହୃତା ହୋଇ ସେଠାରେ କେତେକାଳ ବାସ କରିଥିବା ଯୋଗୁଁ ତାଙ୍କ ଆଚରଣରେ କଳଙ୍କ ଲାଗିବାର ଗୁଜବ ଲୋକମୁଖରେ ପ୍ରଚାରିତ ହେବା ଶୁଣି ରାମଚନ୍ଦ୍ର ପ୍ରଜାରଞ୍ଜନକୁ ସମ୍ମାନ ପ୍ରଦର୍ଶନ କରି ପ୍ରାଣାଧିକା ପ୍ରିୟା ସୀତାଙ୍କୁ ବନଦର୍ଶନ ଛଳନାରେ ନିର୍ବାସିତା କରିବାକୁ ସ୍ଥିର କଲେ । ଶେଷରେ ଅଗ୍ରଜଙ୍କ ଆଦେଶରେ ଅନୁଜ ଲକ୍ଷ୍ମଣ ସୀତାଙ୍କୁ ନେଇ ବାଲ୍ମୀକି ମୁନିଙ୍କ ଆଶ୍ରମ ନିକଟରେ ଅରଣ୍ୟରେ ଏକାକିନୀ ଛାଡ଼ି ଦେଇ ଫେରିଆସିଲେ । ସୀତା ସେହିଠାରେ ନିଜର ଦୁର୍ଭାଗ୍ୟ କଥା ଜାଣି ପାରି ବହୁ ଶୋକ କରି ଶେଷରେ ବାଲ୍ମୀକିଙ୍କଠାରୁ ସାନ୍ତ୍ୱନା ପାଇ ତାଙ୍କ ଆଶ୍ରମରେ ଯାଇ ଦୁର୍ଭାଗ୍ୟ ଅବଧି ରହିଲେ । ସେହିଠାରେ ତାଙ୍କର ଯମଜ ପୁତ୍ର କୁଶ ଓ ଲବ ଜନ୍ମ ହେଲେ । ସେମାନେ ସେହି ଆଶ୍ରମରେ ବିଦ୍ୟା ଓ ଧନୁର୍ବେଦ ଶିକ୍ଷା କଲେ ଏବଂ ବାଲ୍ମୀକି ପ୍ରଣୀତ ରାମାୟଣ କାବ୍ୟ କୁମାରଦ୍ୱୟଙ୍କୁ କଣ୍ଠସ୍ଥ କରାଇଲେ । ଅନନ୍ତର ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞାନୁଷ୍ଠାନକୁ ନିମନ୍ତ୍ରିତ ମହର୍ଷି ବାଲ୍ମୀକିଙ୍କ ସଙ୍ଗେ ଆସିଥିବା ଉକ୍ତ କୁମାରଦ୍ୱୟ ସଭାସ୍ଥଳରେ ରାମାୟଣ ଆବୃତ୍ତି କଲେ । ଏହା ଶୁଣି ରାମଚନ୍ଦ୍ର ଅତ୍ୟନ୍ତ ମୁଗ୍ଧ ହେଲେ ଏବଂ ଋଷିଙ୍କ ମୁଖରୁ ସେ ଦୁଇ କୁମାରଙ୍କ ପରିଚୟ ପାଇ ଓ ସୀତାଙ୍କ ସତୀତ୍ୱ ବିଷୟରେ ମଧ୍ୟ ମୁନିଙ୍କଠାରୁ ଦୃଢ଼ ଉକ୍ତି ଶ୍ରବଣ କରି ସୀତାଙ୍କୁ ପୁନର୍ଗ୍ରହଣ କରିବା ପାଇଁ ସଂକଳ୍ପ କଲେ । ତତ୍ପରେ ରାମଚନ୍ଦ୍ର ସୀତାଙ୍କୁ ଅଯୋଧ୍ୟାକୁ ଆଣାଇଲେ; କିନ୍ତୁ ପ୍ରଜାମାନଙ୍କ ମନୋରଞ୍ଜନାର୍ଥ ତାଙ୍କୁ ପୁଣି ଥରେ ଅଗ୍ନିପରୀକ୍ଷା କରାଇବାକୁ ପ୍ରସ୍ତାବ କରିବାରୁ ସୀତା ତାଙ୍କ ମାତା 'ବସୁନ୍ଧରା'ଙ୍କୁ ବ୍ୟାକୁଳ ସ୍ୱରରେ ପ୍ରାର୍ଥନା କଲେ, "ମା ! ତୁ ଏହିକ୍ଷଣି ଦ୍ୱିଧା ହୋଇଯାଇ ତୋ କନ୍ୟାକୁ କୋଳରେ ସ୍ଥାନ ଦେ ।" ଏହା କହିବା ମାତ୍ରେ ପୃଥିବୀପୃଷ୍ଠ ଫାଟି ଗଲା ଓ ସୀତା ତନ୍ମଧ୍ୟରେ ପ୍ରବେଶ କରି ଲୋକଚକ୍ଷୁର ଅନ୍ତର୍ହିତା ହୋଇଗଲେ ।

ସୀତାଙ୍କ ସତୀତ୍ୱ ଓ ପତିସେବା ଆଦି ଗୁଣ ଆଜି ପର୍ଯ୍ୟନ୍ତ ଭାରତ ଲଲନାଙ୍କର ଚରମ ଆଦର୍ଶରୂପେ ପୂଜିତ ହୋଇ ଆସୁଅଛି ।

ସୀତା ଦୁର୍ଗାଙ୍କର ଅବତାର ବୋଲି ମାର୍କଣ୍ଡେୟ ପୁରାଣାନ୍ତର୍ଗତ 'ଚଣ୍ଡୀ'ରେ ବର୍ଣ୍ଣିତ ହୋଇଅଛି ।]

ସୀତାଭୋଗ ୧ । ସୀତାଭୋଗ (ଦେଖ)—1. Sītā bhoga.
सीताभोग (See) ୨ । ଖାଜର—2. Molasses
ଦେ· ବ—ସୀତା ରେ ରମା । ସୀତା ମାଧୁର୍ଯ୍ୟ ପର ସୁଷମ । ଉଜ୍ଜ. କୋଟିବ୍ରହ୍ମାଣ୍ଡ
सीतिया ସୁନ୍ଦରୀ ।) ୩ । ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—3. A name given to females.

ସୀତା କାନ୍ତ(ନାଥ)—ସଂ· ବିଂ· ପୁଂ (୬ଷ୍ଠୀ ତତ୍)—ରାମଚନ୍ଦ୍ର—
Sītākā nta(nātha) सीताकान्त **सीताकान्त** Rāma chandra. ଦେ· ବ· ପୁଂ—ଲୋକଙ୍କୁ ପ୍ରଦତ୍ତ ନାମ—A name given to males.

ସୀତା କୁଣ୍ଡ—ସଂ. ବ—ବିହାରର ମୁଙ୍ଗେର ଜିଲ୍ଲାନ୍ତର୍ଗତ ଉଷ୍ଣ ପ୍ରସ୍ରବଣ
Sītā kuṇḍa ବିଶେଷ—Name of a hotspring in Monghyr in Bihār. [ଦ୍ର—ଏହି ସ୍ଥାନଟି ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ ଅଟେ ।]

ସୀତା ଜନ୍ମବ୍ରତ—ସଂ. ବ—ବୈଶାଖ ଶୁକ୍ଳ ନବମୀ ଦିନ ସୀତାଙ୍କର
Sītā janmabrata ପୂଜା ଓ ବ୍ରତ—A festival of
(ସୀତାବ୍ରତ—ଅନ୍ୟରୂପ) worshipping Sītā on the

Rāma nabamī day. [ଦ୍ର—ବୈଶାଖ ଶୁକ୍ଳନବମୀ ଦିନ ଲାଙ୍ଗଳ ପଦ୍ଧତିରୁ ସୀତାଙ୍କୁ ରାଜା ଜନକ ପ୍ରାପ୍ତ ହୋଇ ଥିବାରୁ ଉକ୍ତ ଦିନ ଏହି ବ୍ରତଟି ହୁଏ ।]

ସୀତା ଦେବୀ—ସଂ. ବି (ଦେବୀ ସ୍ୱରୂପିଣୀ ସୀତା)—ରାମଚନ୍ଦ୍ରଙ୍କ ପତ୍ନୀ—
Sitā debī The wife of Rāmachandra.

ସୀତା ନବମୀ—ସଂ. ବି—ସୀତା ଜନ୍ମବ୍ରତ (ଦେଖ)
Sītā nabamī Sitā janmabrata, (See)

ସୀତା ପତି—ସଂ. ବି (୬ଷ୍ଠୀତତ୍)—ରାମଚନ୍ଦ୍ର—
Sitāpati Rāma chandra,

ସୀତା ପୁର—ଦେ. ବି (ନାମ)—ଯୁକ୍ତପ୍ରଦେଶାନ୍ତର୍ଗତ ଲକ୍ଷ୍ନୌର
Sitā pura ଉତ୍ତରସ୍ଥ ଗୋଟିଏ ଜିଲ୍ଲା ଓ ସହର—Sitāpur;
সীতাপুর name of a district and town near
सीतापुर Lucknow in the United Provinces.

ସୀତା ଫଳ—ଦେ. ବି—ସିତାଫଳ (ଦେଖ)
Sitā phaḷa Sitā phaḷa. (see)

ସୀତା ବୀଜ—ସଂ. ବି—ସଫାଳକ (ରାଜମୂଳକ); ମାଷ; ବ୍ରୀହ—
Sitā bika Kidney bean.

ସୀତାବିଞ୍ଜ—ଦେ. ବି (ନାମ)—କେନ୍ଦୁଝରର ପର୍ବତ ବିଶେଷ—
Sitā binja Name of a mountain in the Keonjhar State of Orissā. [ଦ୍ର—କେନ୍ଦୁଝର ଜିଲ୍ଲାର ସଦର ମହକୁମା [ସବ୍‌ଡିଭିଜନ୍] ପାଟ୍ଣପଡ଼ା ଦଣ୍ଡପାଟ ଅନ୍ତର୍ଗତ ଭୁଙ୍ଗୁଆପଶି ଗ୍ରାମ ନିକଟସ୍ଥ ସୀତାନାମ୍ନୀ ଗିରି-ନଦୀର ଉପକୂଳରେ ସୀତାବିଞ୍ଜ ପର୍ବତ ଅବସ୍ଥିତ । ଏହା କେନ୍ଦୁଝର ଗଡ଼ର ପୂର୍ବକୁ ୧୨ ମାଇଲ ମଧ୍ୟରେ ଅବସ୍ଥିତ; ଉଚ୍ଚତା ୨୨୦୦ ଫୁଟ୍ । ସ୍ଥାନୀୟ କିମ୍ବଦନ୍ତୀ ଅନୁ-ସାରେ ଏହି ସ୍ଥାନରେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମ ଥିଲା । ବର୍ତ୍ତମାନ ମଧ୍ୟ ବାଲ୍ମୀକିଆଶ୍ରମ ନାମରେ ଗୋଟିଏ ଛୋଟ ପାହାଡ଼ ଏଠାରେ ଅଛି ଏବଂ ତହିଁରେ ନିକଟେକ ଶିଳାଲିପି ଅଛି । ଏହି ପାହାଡ଼ ଦେହରେ ଗୋଟିଏ ଖୋଲ [କ୍ଷୁଦ୍ର ଗହ୍ୱର] ଅଛି । ତାକୁ ରାମତନୟ ଲବ କୁଶଙ୍କର ସୂତିକାଗାର କୁହାଯାଏ । ଏହି ଖୋଲକୁ ଲଗାଇଗି ହୋଇ ଆଉ ଗୋଟିଏ ଖୋଲ ଅଛି । ତହିଁରେ ତିନି ଗୋଟି ପ୍ରସ୍ତର ମୂର୍ତ୍ତି ଅଛି । ସ୍ଥାନୀୟ ଲୋକମାନେ ତନ୍ମଧ୍ୟରୁ ଗୋଟିକୁ ସୀତାଦେବୀ ଓ ଗୋଲାକୃତି କଳା ଚକ୍‌କଣ ପଥର ଦୁଇଟିକୁ କୁଶ ଓ ଲବ କହିଥାଆନ୍ତି ।

ଏହି ସ୍ଥାନର ଏକ ମାଇଲ ଦୂରରେ ସୀତାବିଞ୍ଜ ନାମରେ ଗୋଟିଏ ଗ୍ରାମ ଅଛି । ଏହି ଗ୍ରାମର ଭୁଙ୍ଗୁଆ [ଯେଉଁ ବ୍ୟକ୍ତି ଗ୍ରାମବାସୀମାନଙ୍କୁ ଯେ କୌଣସି ସାମାଜିକ କାର୍ଯ୍ୟ ଉପଲକ୍ଷେ ଡାକି ଏକତ୍ର କରେ] ଉକ୍ତ ସୀତାଦେବୀଙ୍କ ମୂର୍ତ୍ତିକୁ ପୂଜା କରୁଥିଲା । ପ୍ରତିଦିନ ଏକ ମାଇଲ ରାସ୍ତା ଚାଲି ଆସି ଏହି ପୂଜାବିଧି ସମାଧାନ କରିବା ତାହା ପକ୍ଷରେ କଷ୍ଟ-କର ହେବାରୁ ସେ ପ୍ରଥମେ ଏହି ସ୍ଥାନରେ ତାହାର କୁଟୀର ସ୍ଥାପନ କଲା । କ୍ରମେ ତାହାର ବଂଶ ବୃଦ୍ଧି ସଙ୍ଗେ ସଙ୍ଗେ ଏହା ବର୍ତ୍ତମାନ ଗୋଟିଏ ଗ୍ରାମରେ ପରିଣତ ହୋଇ ଭୁଙ୍ଗୁଆପଶି ନାମରେ ଅଭିହିତ ହେଉଅଛି । ତେଣୁ ଭୁଙ୍ଗୁଆପଶି ଗ୍ରାମଟି ସୀତାବିଞ୍ଜ ଗ୍ରାମର ସୃଷ୍ଟିର ବହୁକାଳ ପରେ ସ୍ଥାପିତ ।

ନିକଟବର୍ତ୍ତୀ ବହୁ ଗ୍ରାମରୁ ଯାତ୍ରୀମାନେ ଏଠାକୁ ପ୍ରତି ଗୁରୁବାର ଦିନ ଆସନ୍ତି । ମକରସଂକ୍ରାନ୍ତି ସମୟରେ ଏଠାରେ ତିନି ଦିନ ମେଳା ହୁଏ । ଯେଉଁ ସ୍ତ୍ରୀମାନଙ୍କର ସନ୍ତାନ ପ୍ରସବ କରିବାରେ ବିଳମ୍ବ ଦେଖାଯାଏ ସେମାନେ ଏଠାକୁ ଆସି ସୀତା ଦେବୀଙ୍କ ମୂର୍ତ୍ତିକୁ ପୂଜା କରନ୍ତି । ପ୍ରକୃତରେ ସେମାନେ ସନ୍ତାନ ପ୍ରସବ କରି ପାରିବେ କି ନାଁ, ଏହା ସ୍ଥିର କରିବା ନିମନ୍ତେ ଲବ କୁଶଙ୍କ ପ୍ରସ୍ତର ମୂର୍ତ୍ତି ଦୁଇଟିକୁ ଦୁଇ କାଖରେ ଧରି ସେହି ଠାକୁରାଣୀ ଥିବା ଗୁମ୍ଫାର ଗୁପ୍ତ ପାଖରେ ବୁଲନ୍ତି । ଯେଉଁ ନାରୀ ଅବଲୀଳାକ୍ରମେ ସାତବାର ପରିକ୍ରମଣ କରି ପାରେ ତାହାର ବନ୍ଧ୍ୟାତ୍ୱ ପ୍ରତିପାଦିତ ହୁଏ । ଯେଉଁମାନେ ଦୁଇ ତିନିବାର ପରିକ୍ରମଣ କରି ଶ୍ରାନ୍ତ-କ୍ଳାନ୍ତ ହୋଇ ପଡ଼ନ୍ତି ସେମାନେ ଗର୍ଭଧାରଣ କରି ପାରିବେ ବୋଲି ସୂଚନା ମିଳେ । ଏହି ପରୀକ୍ଷା ଦେବା ନିମନ୍ତେ ଅନେକ ରମଣୀ ଏଠାକୁ ଆସିଥାନ୍ତି ।

ଉକ୍ତ ବାଲ୍ମୀକି ଆଶ୍ରମ ପାହାଡ଼ର ଅନତିଦୂରରେ ଆଉ ଦୁଇଗୋଟି କ୍ଷୁଦ୍ର ପାହାଡ଼ ଅଛି । ତହିଁମଧ୍ୟରୁ ଗୋଟିକୁ ରାବଣ ଛାୟା ଓ ଅନ୍ୟଟିକୁ ଭଣ୍ଡାରଘର କହନ୍ତି । ରାବଣ ଛାୟା ପାହାଡ଼ରେ ରାମ ରାବଣ ଯୁଦ୍ଧର ଚିହ୍ନମାନ ରହି ଅଛି । ସୀତା ଦେବୀ ମୂର୍ତ୍ତିଙ୍କ ଦେହରେ ଯେଉଁ ଚନ୍ଦନ ଦିଆ ଯାଏ ତାହା ପ୍ରକୃତ ଚନ୍ଦନ ନୁହେଁ । ଉକ୍ତ ଭଣ୍ଡାରଘର ପାହାଡ଼ରୁ ଦେହୁରି (ପୂଜକ) ଏକପ୍ରକାର ପଥର ଆଣି ତାକୁ ଚନ୍ଦନ ପରି ଘୋରି ଠାକୁରାଣୀଙ୍କ ଦେହରେ ଲଗାଏ । ସେହିଭଳି ପଥର ଅନ୍ୟ ଜାଗାରେ ମିଳେ ନାହିଁ ।

ଭଣ୍ଡାରଘର ପାହାଡ଼ରୁ ରାବଣ ଛାୟା ପାହାଡ଼କୁ ଯିବା ବାଟରେ ଇଷ୍ଟକ ସ୍ତୂପମାନ ରହିଅଛି । ସେ ସବୁ ଗୋଟିଏ ଦୁର୍ଗର ଭଗ୍ନାବଶେଷ ପରି ଜଣାଯାଏ—ସନ୍ଦର୍ଭ ଲେଖକ, ଶ୍ରୀ ବଂଶୀଧର ମହାନ୍ତି ।]

ସୀତା ବ୍ରତ—ସଂ. ବି—ସୀତା ଜନ୍ମ ବ୍ରତ (ଦେଖ)
Sitā brata Sitā janma brata (See)

ସୀତା ଭୋଗ—ଦେ. ବି—ସିତା ଭୋଗ (ଦେଖ)
Sitā bhoga Sitā bhoga (See)

ସୀତା ମୁଖ—ସଂ. ବି (ନାମ) (ଦ୍ୱନ୍ଦ୍ୱ)—ଲାଙ୍ଗଳ-ପଦ୍ଧତିର ମଧ୍ୟଭାଗ—
Sitā mukha The inside of a furnow.

ସୀତା ରାମ—ସଂ. ବି (ଦ୍ୱନ୍ଦ୍ୱ)—ସୀତା ଓ ରାମଚନ୍ଦ୍ର—Sita and
Sitā rāma Rāmachandra. ଦେ. ବି. ପୁଂ—ଲୋକଙ୍କୁ
সীতারাম ଦିଆଯିବା ନାମ—A name given to males.
सीता राम

ସୀତାରାମପୁର—ଦେ. ବି—ଇଷ୍ଟ ଇଣ୍ଡିଅନ୍ ରେଲ ଲାଇନ୍‌ର ଗୋଟିଏ
Sitārāmapura ଷ୍ଟେସନ—A station on the main

সীতারামপুর line of E. I. Ry. from which a
सीतारामपुर line goes to Deoghar. [ଦ୍ର—ଏଠାରୁ ବାବା ବୈଦ୍ୟନାଥ ବା ଦେଓଘରକୁ ଶାଖା ଲାଇନ୍ ଯାଇଅଛି ।]

ସୀତା ଶାଳି—ଗ୍ରା· ବି (ସିଂହଭୂମ) ବି—ଏକପ୍ରକାର ଧାନ—
Sītā śāḷi A species of paddy.

ସୀତକାର—ଦେ. ବି (ସଂ· ସୀତ୍କାର)—ସୀତ୍କାର (ଦେଖ)—
Sītikāra Sīt-kāra (See [ଉ—ଚାମରଲେ ତନୁ
সীৎকার सीतकार ବୃଦ୍ଧି ରୋମାଞ୍ଚେ, ଦର୍ପ ସୀତକାରେ ବୋଲ ନ ମୁଞ୍ଚେ—ଶିଶୁଶଙ୍କର· ଉଷାଅଭିଳାଷ ।]

ସୀତ୍କାର—ସଂ. ବି—ସୀତ୍କାର (ଦେଖ)
Sītkāra Sīt-kāra (See)
(ସୀତ୍କାର—ଅନ୍ୟରୂପ)

ସୀତ୍କୃତ—ସଂ. ବିଂ—ସୀତ୍କୃତ (ଦେଖ)
Sītkṛuta Sīt-kṛuta (See)
ସଂ. ବିଶ—ସୀତ୍କାର (ଦେଖ)—Sīt-kāra (See)

ସୀତ୍ୟ—ସଂ. ବି (ସୀତା=ଲଙ୍ଗଳ ପଦ୍ଧତି+ଯ)—୧ । ଧାନ୍ୟ
Sitya (ହେମଚନ୍ଦ୍ର)—1. Paddy. ୨ । କୃଷ୍ଟକ୍ଷେତ୍ର; କୃଷି ହୋଇଥିବା ଜମି (ଅମର —
2. A ploughed field.

ସୀତ୍ୟଯା—ଗ୍ରା. ଚ. ସ୍ତ୍ରୀ (ଅଶୁଦ୍ଧ ଉଚ୍ଚାରଣ)—୧ । ସୀତା—
Sityayā 1. Sītā; the wife of Rāmachandra.
সীতা सीतिया ୨ । ସୀତାର ଡାକ ନାମ—
2. Nickname of Sītā.

ସୀଦତି—ସଂ. କ୍ରି (ସଂ.ସୀଦ୍ ଧାତୁ=ପୀଡ଼ା ପାଇବା+ବର୍ତ୍ତମାନ କାଳ, ଲଟ୍
Sidati ତି)—ପୀଡ଼ା ଭୋଗ କରୁଅଛି—Is suffering (pain). [ଉ—ଦାସବୃନ୍ଦେ ସୁଧା ସୀଦତି କାମ ବ୍ୟଥଯେ—ପ୍ରାଚୀ· ରସକାରିଧି ।]

ସୀଦ୍ୟ—ସଂ. ବି (ସି· ଧାତୁ+କରଣ· ଦ୍ୟ)—ଆଳସ୍ୟ (ଶବ୍ଦ କଳ୍ପଦ୍ରୁମ)—
Sīdya Idleness.

ସୀଧୁ—ସଂ. ବି (ସୀଧ୍ ଧାତୁ=ଶୋଧିବା+କର୍ମ. ଉ; ଲୋପାଭାବସିଦ୍ଧ;
Sīdhu ଏହା ପାନ କଲେ ଜଡ଼ତା ହୁଏ; ଅନ୍ୟରୂପ 'ଶୀଧୁ' ଓ 'ଶୀଧୂ')—ପକ୍ୱ ଇକ୍ଷୁରସଜାତ ମଦ୍ୟ; ମଦିରା; ଅପକ୍ୱ ଗୁଡ଼ଜାତ ମଦ୍ୟ—Wine made from boiled sugarcane-juice; sugar from molasses. [ଦ୍ର—ଏହା ସ୍ୱରଗ୍ନ ବଳବର୍ଣ୍ଣକୃତ୍, ହୃଦ୍ୟ ଓ ବାତପିତ୍ତକର ଅଟେ । ଅପକ୍ୱ ଇକ୍ଷୁରସଜାତ ମଦ୍ୟକୁ ଶୀତରସ ବୋଲାଯାଏ ।]

ସୀଧୁ ଗନ୍ଧ—ସଂ· ବି (୬ଷ୍ଠୀ ତତ୍)—୧ । ମଦ୍ୟଗନ୍ଧ—1. The
Sīdhu gandha smell of wine. ୨ । (ବହୁବ୍ରୀହି; ସୀଧୁ ପରି ଗନ୍ଧ ଯାହାର) ବକୁଳ ଫୁଲ—2. The Bakula flower. ୩ । ବକୁଳ ଗଛ (ଶବ୍ଦରତ୍ନାବଳୀ)—
3. The Bakula tree.

ସୀଧୁ ପୁଷ୍ପ—ସଂ. ବି (ବହୁବ୍ରୀହି)—୧ । କଦମ୍ବ (ରାଜନିର୍ଘଣ୍ଟ)—
Sīdhu pushpa 1. The Neuclea Kadamba tree.
୨ । ବକୁଳ; ବଉଳ (ରାଜନିର୍ଘଣ୍ଟ)—
2. The Bakula tree.

ସୀଧୁ ପୁଷ୍ପୀ—ସଂ. ବି (ବହୁବ୍ରୀହି)—ଧାତକୀ (ଦେଖ)—A flow-
Sīdhu pushpī ering plant; Woodfordia Floribunda.

ସୀଧୁ ରସ—ସଂ· ବି (ବହୁବ୍ରୀହି; ସୀଧୁ ପରି ରସ ଯାହାର)—ଆମ୍ରବୃକ୍ଷ—
Sīdhu rasa Mango tree.

ସୀଧୁ ସଂଜ୍ଞ—ସଂ. ବି (ସୀଧୁ+ସଂଜ୍ଞା ଯାହାର; ବହୁବ୍ରୀହି)—ବକୁଳ
Sīdhu samjña ବୃକ୍ଷ (ରାଜନିର୍ଘଣ୍ଟ)—
The Bakula tree.

ସୀଧ୍ର—ସଂ. ବି—୧ । ଅପାନ (ଶବ୍ଦକଳ୍ପଦ୍ରୁମ); ପ୍ରାଣବାୟୁବିଶେଷ;
Sīdhra ଅଧୋବାୟୁ—1. One of the five vital airs of the body which passes hrough the anus.
୨ । ଗୁହ୍ୟଦ୍ୱାର—2. Anus.

ସୀପ—ସଂ, ବି—ପାତ୍ରୀ; ତର୍ପଣାଦି ପାଇଁ ବ୍ୟବହୃତ ଜଳପାତ୍ରବିଶେଷ
Sīpa (ଶବ୍ଦ କଳ୍ପଦ୍ରୁମ)—A small boat-shaped
কোষা, সীপ copper vessel used in pouring water
कोषा during the offering of water to the manes.

ସୀବନ—ସଂ. ବି (ସୀବ୍ ଧାତୁ=ସିଲାଇ କରିବା+ଭାବ· ଅ)—୧ ।
Sībana ସିଲାଇ (ଅମର)—1. Sewing. ୨ । ସୂଚୀକର୍ମ—
2. Needle work. ୩ । ତନ୍ତୁ ସନ୍ତାନ; ସ୍ୟୂତି; ବୁଣିବା (ଶବ୍ଦ ରତ୍ନାବଳୀ)—3. Weaving.

ସୀବନୀ—ସଂ. ବି (ସୀବ୍ ଧାତୁ+କରଣ· ଅନ+ସ୍ତ୍ରୀ. ଈ)—୧ ।
Sībanī ସୂଚୀ; ଛୁଞ୍ଚି—1. Needle. ୨ । (ବୈଦ୍ୟଶାସ୍ତ୍ର ଶସ୍ତ୍ରକ୍ରିୟା) ଲିଙ୍ଗାଗ୍ରଠାରୁ ଲିଙ୍ଗ ମୂଳ ଓ କୋଷର ମଧ୍ଯ ଦେଇ ଗୁହ୍ୟଦ୍ୱାର ପର୍ଯ୍ୟନ୍ତ ସିଲାଇ (ହେମଚନ୍ଦ୍ର)—2. Sewing of the part between the end of the penis up to the anus after an operation for scrotal tumour. ୩ । ଲିଙ୍ଗ-ମଣ୍ୟଧଃ ସୂତ୍ର—3. The vein or ridge running below the penis.

ସୀମନ୍ତ—ସଂ. ବି (ସୀମନ୍=କେଶର ସୀମା+ଅନ୍ତ=ଶେଷ,
Sīmanta ଲୋପାଭାବ)—୧ । କେଶ ମଧ୍ୟରେ ରଚିତ ବର୍ତ୍ମ (ହେମଚନ୍ଦ୍ର); କେଶବୀଥି; ସିନ୍ଥା; ଶାନ୍ତିଅ ଦ୍ୱାରା ବିଭକ୍ତ କେଶମଧ୍ୟସ୍ଥ ରେଖା; କେଶରଚନାବିଶେଷ; ସାଙ୍ଗ—1. A mode of dressing the hair; the parting line between two tufts of combed hair; partition of the hair; a furrow done up on the head of women. ୨ । ସୀମନ୍ତୋନ୍ନୟନ (ଦେଖ)—2. Sīmantonnayna. (See) ୩ । ଶୀର୍ଷ; ମସ୍ତକ—3. The head.

ସୀମନ୍ତକ—ସଂ. ବି (ସୀମନ୍ତ+କ; ଏହାକୁ ସଧବାମାନେ ସୀମନ୍ତରେ Sīmantaka ଗ୍ରହଣ କରନ୍ତି)—୧ । ସିନ୍ଦୂର (ରାଜନିର୍ଘଣ୍ଟ)—1. Vermillion. ୨ । ନରକବାସୀ (ହେମଚନ୍ଦ୍ର)—2. Certain beings said to inhabit the hell. [ଦ୍ର—ଏମାନେ ସଂଖ୍ୟାରେ ୫ ଲକ୍ଷ ଥିବା କଥିତ ।] ୩ । (ସୀମନ୍ତ+କ); ସୀମନ୍ତ (ଦେଖ)—3. Sīmanta. (See) ୪ । ଅସ୍ଥିସଂଘାତ (ସୁଶ୍ରୁତ); ଅସ୍ଥିମାନଙ୍କ ମିଳନ ସ୍ଥଳ—4. The meeting place of bones. [ଦ୍ର—ଦେହସ୍ଥ ଅସ୍ଥି ସଂଖ୍ୟା ୩୦୦ ଓ ମତାନ୍ତରରେ ୩୬୦ । ସୀମନ୍ତକ ୧୪ଟି । ଅସ୍ଥିର ମିଳନ ସ୍ଥାନମାନ ସୀବତ ଅର୍ଥାତ୍ ସିଲାଇ କରାଯାଏ ବୋଲି ଏହି ନାମ ଦିଆଯାଇଅଛି ।] ୫ । (ସୀମନ୍ତ+କେ· ଧାତୁ+କ ଣ୍ଠି. ଅ) ରକ୍ତସିନ୍ଦୂର—5. Vermillion.

ସୀମନ୍ତ ମଣି—ସଂ. ବି—ସ୍ତ୍ରୀଲୋକମାନେ ସୀମନ୍ତରେ ଯେଉଁ ମଣି ପିନ୍ଧନ୍ତି; Sīmanta maṇi ମଥାମଣି—An ornament for the Sīmanta.

ସୀମନ୍ତ ରେଖା—ସଂ. ବି. ସ୍ତ୍ରୀ—ସୁନ୍ଥା ଗାର—The parting line Sīmanta rekhā dividing the hair on the head when combed. ସଂ. ବିଣ. ସ୍ତ୍ରୀ (ଲକ୍ଷଣାର୍ଥ)—ଶ୍ରେଷ୍ଠ—Best; paragon. [ଉ—ତାଙ୍କ ପଛେ ଯାଉଥିଲେ ଗଜେନ୍ଦ୍ରଗାମିନୀ ରମଣୀ-ସୀମନ୍ତରେଖା ରମା ମଣ୍ଡିତଲେ । ରାଧାନାଥ· ମହାଯାତ୍ରା]

ସୀମନ୍ତିତ—ସଂ. ବିଣ (ସୀମନ୍ତ+ସୃଷ୍ଟ ବା କର୍ତ୍ତ୍ରର୍ଥେ ଇତ)—୧ । ସୀମନ୍ତ Sīmantita ରଚିତ (କେଶ); ମାଙ୍ଗ ବା ସୁନ୍ଥା କଟା ଯାଇ ଥିବା (କେଶ)—1. (a head) With hair parted in the middle. ୨ । ଦ୍ୱିବିଭକ୍ତ—2. Parted or divided into two.

ସୀମନ୍ତିନୀ—ସଂ. ବି. ସ୍ତ୍ରୀ (ସୀମନ୍ତ+ଅଛି ଅର୍ଥରେ ଇନ୍+ଈ. ନ; Sīmantinī ଯାହାଙ୍କର ସୀମନ୍ତ ଅଛି, ଅର୍ଥାତ୍ ଯେ ବାଳରେ ସୁନ୍ଥା ପକାନ୍ତି)—୧ । ସ୍ତ୍ରୀ; ନାରୀ (ଅମର)—1. Woman. ୨ । ସୀମନ୍ତଧାରିଣୀ ସ୍ତ୍ରୀ; ସଧବା ସ୍ତ୍ରୀ (କାରଣ ସଧବାମାନେହିଁ ସୁନ୍ଥା କାଟିବାର ଓ ସୁନ୍ଥାରେ ସିନ୍ଦୂର ଦେବାର ଅଧିକାରିଣୀ)—2. A woman having her husband living. ସଂ. ବିଣ. ସ୍ତ୍ରୀ—[ସୀମନ୍ତୀ—ପୁଂ] ସୀମନ୍ତଧାରିଣୀ—(A woman) Having the dressed hair parted in the middle.

ସୀମନ୍ତୀ—ସଂ. ବିଣ, ପୁଂ (ଆଧୁନିକ ବ୍ୟବହାର; ସୀମନ୍ତ+ଅଛି ଅର୍ଥରେ, ଇନ; Sīmantī ୧ମା· ୧ବ)—ସୀମନ୍ତଧାରୀ; ଟେରି କାଟିବାବାଲା—(ସୀମନ୍ତିନୀ—ସ୍ତ୍ରୀ) Wearing the dressed hair parted in the middle. [ଦ୍ର—ଏହି ଶବ୍ଦ ସଂସ୍କୃତ ବ୍ୟାକରଣ ମତ ଅନୁସାରେ ଗଢ଼ା; କିନ୍ତୁ ପୂର୍ବକାଳରେ ପୁରୁଷମାନେ ସୁନ୍ଥା କାଟୁ ନ ଥିବାରୁ ଏ ଶବ୍ଦର ବ୍ୟବହାର ସଂସ୍କୃତ ଭାଷାରେ ନ ଥିଲା । ଆଜିକାଲି ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ବାବୁମାନେ ନାନା ଭଙ୍ଗୀରେ (ଦଶ ଅଣି, ଆଠ ଅଣି, ଛଅ ଅଣି, ଚାରି ଅଣି, ଦୁଇ ଅଣି ଇତ୍ୟାଦି ଅନୁପାତରେ) ମୁଣ୍ଡର ଆଗ ଓ ଉପର ବାଳକୁ କରୁରରେ କଟାଇ ସୁନ୍ଥା (ଫିରେଇ ବା ଟେରି) ପକାଇବାରୁ ଏହି ଶବ୍ଦର ଆଧୁନିକ ଯୁଗରେ ବ୍ୟବହାର ଆବଶ୍ୟକ ହୋଇ ଉଠିଅଛି ।] ଦେ. ବି (ସଂ. ସୀମନ୍ତ)—

ସିଁଥା(ଥା)

ସୁନ୍ଥା; ଟେରି—The artistic parting of

ସିନ୍ଥ

the hair on the head. (ଉ—ଶିରରେ ସିମନ୍ତୀ ମୋହନାଲି ଅତି ଶୋଭା । କେଶବ ପଟ୍ଟନାୟକ. କେଶବ

ସୀମନ୍ତିନୀ

ରାମାୟଣ. ଅର ।) ଦେ. ବି—ସ୍ତ୍ରୀ—ସୀମନ୍ତିନୀ; ସ୍ତ୍ରୀ—

ସୀମନ୍ତିନୀ

Woman; lady. (ଉ—ବସିଲେ ସୀମନ୍ତୀ ମନ ଦୁଃଖେ । ପ୍ରାଚୀ· ରସବାରିଧି)

ସୀମନ୍ତୋନ୍ନୟନ—ସଂ. ବି (ସୀମନ୍ତ=ସୁନ୍ଥା+ଉନ୍ନୟନ=ଉପରକୁ Sīmantonnayana ଉଠାଇବା; ୬ଷ୍ଠୀ ତତ୍)—୧ । ସୀମନ୍ତକୁ ଊର୍ଦ୍ଧ୍ୱକୁ ନେବାରୂପ କ୍ରିୟା; କେଶକୁ କୋରାଇ ନେଇ ସୁନ୍ଥା ନ ପକାଇ ବାନ୍ଧିବା, ସୁନ୍ଥାକୁ ଉପରକୁ ଉଠାଇ ନେଇ ବାଳ ବାନ୍ଧିବା—1. Tying of the hair of the head without parting it into ridges. ୨ । (ସପ୍ତମ୍ୟନ୍ତ ପଦାର୍ଥ ବହୁବ୍ରୀହି; ଯେଉଁ ସଂସ୍କାରରେ ସୀମନ୍ତର ବା ସୀମନ୍ତିତ କେଶର ଉନ୍ନୟନ କରାଯାଏ)—ଗର୍ଭିଣୀର ଗର୍ଭଧାରଣର ୪ର୍ଥ, ୬ଷ୍ଠ ବା ୮ମ ମାସରେ କର୍ତ୍ତବ୍ୟ ସଂସ୍କାର ବିଶେଷ; ଆପଣାର ଗର୍ଭିଣୀ ସ୍ତ୍ରୀଙ୍କ କେଶର ସୁନ୍ଥାକୁ ଲୁଚାଇ କେଶଜାଲ କୋରାଇ ବାନ୍ଧିବାରୂପ ପୁରୁଷକର୍ତ୍ତବ୍ୟ ସଂସ୍କାର; ହିନ୍ଦୁଙ୍କ ଦଶବିଧ ସଂସ୍କାର ମଧ୍ୟରୁ ତୃତୀୟ ସଂସ୍କାର—2. A ritual performed by the husband on the hair of a pregnant woman (on the 4th, 6th or 8th month of pregnancy) by combing the hair up without leaving a furrow. [ଦ୍ର—ଗର୍ଭର ତୃତୀୟ ମାସରେ ଅର୍ଥାତ୍ ଗର୍ଭାଧାନ ସଂସ୍କାର ପରେ ଗର୍ଭ ହେବା କଥା ସ୍ଥିରରୂପେ ଜଣା ପଡ଼ିଲେ ପୁଂସବନ ସଂସ୍କାର କରାଯାଏ । ତତ୍ପରେ ଗର୍ଭର ୪ର୍ଥ, ୬ଷ୍ଠ ବା ଅଷ୍ଟମ ମାସରେ ସୀମନ୍ତୋନ୍ନୟନ ସଂସ୍କାର କରାଯାଏ । ସ୍ୱାମୀଙ୍କ ଅବିଦ୍ୟମାନତାରେ ଗର୍ଭିଣୀଙ୍କ ଭ୍ରାତା ବା ପିତା ଏ କ୍ରିୟା ଅନୁଷ୍ଠାନ କରିବେ । ନାରଦ ।

ଗର୍ଭ ସ୍ପନ୍ଦନକାଳଠାରୁ ପ୍ରସବକାଳ ପର୍ଯ୍ୟନ୍ତ ଏ ସଂସ୍କାର କର୍ତ୍ତବ୍ୟ ଓ ଯେତେ ଶୀଘ୍ର ଏହା ଅନୁଷ୍ଠିତ ହୁଏ, ସେତେ ଭଲ । ସ୍ୱାମୀ ହାତରେ ଗୋଟିଏ ଶର ବା କାଣ୍ଡ ଧରି ବେଦୋକ୍ତ ମନ୍ତ୍ର ଉଚ୍ଚାରଣପୂର୍ବକ ତାହା ଗର୍ଭିଣୀ ସ୍ତ୍ରୀଙ୍କ ସୀମନ୍ତର ମୂଳଦେଶରେ ଲଗାଇ ଶରମୂଳ ଦ୍ୱାରା ସୀମନ୍ତର ଉଭୟ ପାର୍ଶ୍ୱସ୍ଥ ଦ୍ୱିଧାକୃତ କେଶକୁ ଏକତ୍ର କରି ଉଚ୍ଚ ଆଡ଼କୁ ଟେକି ନେଇ ବାନ୍ଧି ଦିଅନ୍ତି ଏବଂ ଗର୍ଭିଣୀଙ୍କ କଣ୍ଠରେ ଉଦୁମ୍ବର ଫଳଗୁଚ୍ଛ ବାନ୍ଧି ଦିଅନ୍ତି । ଗର୍ଭାବସ୍ଥାରେ ଓ ବିଶେଷତଃ ଗର୍ଭ ଗୁରୁ ହେବା ଅବସ୍ଥାରେ ଗର୍ଭିଣୀଙ୍କ ସ୍ୱାମୀସହବାସ ତ୍ୟାଜ୍ୟ ଅଟେ ।

ସୀମନ୍ତ୍ରୀମାନଙ୍କ ସୀମନ୍ତ ବନ୍ୟାସ ବାପିଗଙ୍କ କମନୀୟତାକୁ ଓ ସ୍ୱାମୀଙ୍କ ଚକ୍ଷୁରେ ପ୍ରଲୋଭନୀୟତାକୁ ବୃଦ୍ଧି କରେ । ସୀମନ୍ତକୁ ଉନ୍ନୟନ କରି କେଶଗୁଚ୍ଛକୁ ଏକାଠେଇଁ କରି ବାନ୍ଧିଲେ ସ୍ତ୍ରୀମାନଙ୍କ ମୁଖସୌନ୍ଦର୍ଯ୍ୟ ସୀମନ୍ତରହିତ ମୁଖ ପରି ଅସୁନ୍ଦର ଓ ରମଣୀୟ ହୁଏ ନାହିଁ । ଅତଏବ ଗର୍ଭଧାରଣର ଅଷ୍ଟମ ମାସଠାରୁ ପ୍ରସବ ପର୍ଯ୍ୟନ୍ତ ଗର୍ଭିଣୀର ସୀମନ୍ତୋନ୍ନୟନ ଦ୍ୱାରା ସ୍ୱାମୀଙ୍କ କାମପିପାସାରେ ବାଧା ଦେବା ବୋଧ ହୁଏ ଏହି 'ସୀମନ୍ତୋନ୍ନୟନ' ସଂସ୍କାରର ଗୂଢ଼ ଉଦ୍ଦେଶ୍ୟ ଥିଲା ।
ଆଜିକାଲି ଏହି ବୈଦିକ ପ୍ରଥା ପ୍ରଚଳିତ ନାହିଁ । କେବଳ ଗର୍ଭଧାରଣର ୭ମ ବା ୯ମ ମାସରେ ଚଡ଼ଉଭିଁଆ ପ୍ରଥା ହିନ୍ଦୁ ସମାଜରେ ପ୍ରଚଳିତ ଅଛି ।]

ସୀମ ଲିଙ୍ଗ—ସଂ. ବି (ସୀମନ୍+ଲିଙ୍ଗ)—ସୀମାଲିଙ୍ଗ (ଦେଖ)
Sīma linga Sīmālinga (See)
[ବି—ଗ୍ରାମସ୍ଥ ଲୋକଗଣଙ୍କ ସମକ୍ଷରେ ଉଭୟ ପକ୍ଷ (ବାଦୀ ପ୍ରତିବାଦୀ)ଙ୍କ ଉପସ୍ଥିତିରେ ସାକ୍ଷୀମାନଙ୍କୁ ପଚାରି ସୀମଲିଙ୍ଗମାନ ସ୍ଥିର କରିବ—ମନୁ ୮।୨୫୪-୨୫୫ ।]

ସୀମ ସ୍ଥାନ—ଦେ· ବି (ସଂ· ସୀମନ୍+ସ୍ଥାନ)—୧ । ମୁଣ୍ଡ ତଳେ ଦିଆଯିବା ତକିଆ—1. Pillow for the head. (ଉ—ଶିରକୁ ସୀମସ୍ଥାନ ଯୋଗାଇ କର୍ପୂରଧୂଳି ସିଞ୍ଚା । ଭକ୍ତଚରଣ· ମଥୁରାମଙ୍ଗଳ ।)
Sīma sthāna
তাকিয়া तकिआ
মাথা मस्तक
୨ । ମସ୍ତକ—2. Head.

ସୀମା—ସଂ· ବି (ଷି. ଧାତୁ=ବନ୍ଧନ କରିବା+ମନ୍; . ୧ମା· ୧ବ; ପୁଂ· ସୀମନ୍ ଶବ୍ଦର ପ୍ରଥମା ଏକବଚନରେ କେତେ ସ୍ତ୍ରୀ ସୀମା ଶବ୍ଦ ପୁଂଲିଙ୍ଗ ଏବଂ ସୀମନ୍ ଶବ୍ଦରେ ଅ ପ୍ରତ୍ୟୟ ହୋଇ ନିଷ୍ପନ୍ନ ହେବା ସୀମାଶବ୍ଦ ସ୍ତ୍ରୀଲିଙ୍ଗ)—୧ । ପ୍ରାନ୍ତ; ଅନ୍ତ; ଅବଧି—1. Extremity. ୨ । ଶେଷ; ସମାପ୍ତି—2. End; finish. ୩ । ଗ୍ରାମାଦିର ଅବଧାରିତ ଅନ୍ତଭାଗ; ସରହଦ୍—3. Border; the defined limit of a village or country; boundary. ୪ । ତୀର; ସମୁଦ୍ରବେଳା—4. Sea-shore. ୫ । କ୍ଷେତ୍ର—5. A field; plot of land. ୬ । ମର୍ଯ୍ୟାଦା; ସ୍ଥିତି—6. The bounds of morality or decorum; limits of propriety; etiquette; good manners. ୭ । ରୀତି; ପ୍ରଥା; ବ୍ୟବହାର—7. Usage; custom. ୮ । ମୁଷ୍କ; ଅଣ୍ଡକୋଷ—8. The scrotum. ୯ । ନିକଟବର୍ତ୍ତୀ ପ୍ରଦେଶ—9. Adjacent tract of land.
Sīmā

[ଉ—ବାରି ନ ପାରି ରେ ବାରକାନ୍ତି,
ବାରି ମଧ୍ୟେ ଭୁ ଥିଲୁ ବଇସି,
ଗୃହ ତଥୁ ପରୁ ଗଲେ ମନ୍ଦି,
ପଳାଇଣ ମଣ୍ଡିଦେଲୁ ମଣ୍ଡପ ସୀମାରେ—
ବଳ ଘମାରେ
ଲଣା ନ ଥିଲ ମାଲଣା ହେବ ବୋଲି ଲେମା—
ଲବଣ୍ୟବତୀ ସଙ୍ଗୀତ ।]

[ବି—ମନ୍ୱାଦି ଧର୍ମଶାସ୍ତ୍ରରେ ଚତୁର୍ବିଧ ସୀମାର ଉଲ୍ଲେଖ ଅଛି । ଯଥା—ଜନପଦ ସୀମା, ଗ୍ରାମ ସୀମା, କ୍ଷେତ୍ର ସୀମା ଓ ଗୃହ ସୀମା । ଏହା ଛଡ଼ା ସୀମାର ପଞ୍ଚବିଧ ଲକ୍ଷଣ ମଧ୍ୟ ତହିଁରେ କୀର୍ତ୍ତିତ ହୋଇଅଛି । ଯଥା—
୧ । ଧ୍ୱଜିନୀ—ବୃକ୍ଷାଦି ଚିହ୍ନିତ ସୀମା ।
୨ । ମତ୍ସ୍ୟିନୀ—ଜଳାଶୟ ଓ ନଦ୍ୟାଦି ଚିହ୍ନିତ ସୀମା ।
୩ । ନୈଧାନୀ—ଭୂମିତଳେ ପୋତା ହୋଇଥିବା ତୁଷ, ଅଙ୍ଗାରାଦି ଦ୍ୱାରା ଚିହ୍ନିତ ସୀମା ।
୪ । ଭୟବର୍ଜିତା—ଅର୍ଥୀ ଓ ପ୍ରତ୍ୟର୍ଥୀ ପରସ୍ପରଙ୍କ ସମ୍ମତିରେ କଳ୍ପିତ ସୀମା ।
୫ । ରାଜଶାସନନୀତା—ରାଜାଦେଶରେ କଳ୍ପିତ ସୀମା ।
ସୀମାବିବାଦର ମୀମାଂସା, ସୀମା ଲଙ୍ଘନର ଦଣ୍ଡ ଓ ସୀମାଲିଙ୍ଗ ବା ସୀମାସୂଚକ ଚିହ୍ନ ସ୍ଥାପନ ପାଇଁ କାତ୍ୟାୟନ, ନାରଦ, ମନୁ, ମିତାକ୍ଷରା ପ୍ରଭୃତି ଧର୍ମଶାସ୍ତ୍ରମାନଙ୍କରେ ନାନାବିଧ ଉପଦେଶ ଲିପିବଦ୍ଧ ହୋଇଅଛି ।]

ପାଖ ଦେ· ଅ—ପାଖରେ; ନିକଟରେ; ଠାରେ—In; near.
কাছে [ଉ—ନନ୍ଦ ରଜା କୋଇଲେ ଯେ ତ ରାଜନେମା, ଚନ୍ଦ୍ର ସୂର୍ଯ୍ୟ କରି କ ପଡ଼େ ତାର ସୀମା । କୃଷ୍ଣସିଂହ· ମହାଭାରତ
सीमां ବନ ।],ଦେ.ବି—ପାଖ; ନିକଟ—Nighness; proximity. [ଉ—ଭାବକ ଥିବା ପାଉ ରଜାଙ୍କୁ ମରିମା,
पास ବୋଲୁଥାନ୍ତି ମଲେ ନ ଯାନ୍ତି ତାଙ୍କ ସୀମା ।
କୃଷ୍ଣସିଂହ· ମହାଭାରତ· ଉଦ୍‌ଯୋଗ ।]

ସୀମା ଅଙ୍ଗାର—ପ୍ରାଦେ (ଗଞ୍ଜାମ) ବି—କୋଇଲା—
Sīmā angāra Coal.

ସୀମା କାଉଁରିଆ—ପ୍ରାଦେ (ଗଞ୍ଜାମ) ବି—ଲାଲ କାଉଁରିଆ—
Sīmā kāunriā A red variety of jute plant.

ସୀମା କୃଷାଣ—ଦେ. ବି—ସୀମା ସନ୍ନିହିତ କ୍ଷେତକର୍ଷକ; ଚାଷ୍ୟଭୂମି କୃଷୀ—
Sīmā krushāna Persons cultivating lands on the boundary of any land.

ସୀମା ଚଂକ୍ରମଣ—ଦେ. ବି (ଷଷ୍ଠୀ ତତ୍; ସୀମା+ଚଂକ୍ରମଣ)—ସୀମାତିକ୍ରମଣ; ଅନ୍ୟର ସୀମାଲଙ୍ଘନ—
Sīmā chamkramana Encroaching on the boundary of another.

ସୀମାଚ(ଞ୍ଚ)ଳ—ଦେ. ବି (ନାମ) (ସଂ· ସିଂହାଚଳ)—ଦାକ୍ଷିଣାତ୍ୟର ତୀର୍ଥ ବିଶେଷ—Sīmāchala—a shrine in South India in the district of Vizag. [ବି—ଏହା ୱାଲଟେୟାର ଷ୍ଟେସନରୁ ମାନ୍ଦ୍ରାଜ ଲାଇନରେ ୨୩୭ ମାଇଲ ଦୂରରେ ଅବସ୍ଥିତ ୱାଲଟେୟାର ଷ୍ଟେସନଠାରୁ ୮ ମାଇଲ ଦୂରରେ ପର୍ବତ ଉପରେ ଅବସ୍ଥିତ । ଏହି ପର୍ବତର ନାମ ସଂସ୍କୃତରେ ସିଂହାଚଳ ଓ ଭାଷାରେ ସୀମାଚଳ ଏବଂ ତେଲୁଗୀ ଭାଷାରେ ସୀମାଚଳମ୍ ଅଟେ । ଏହା କୈଲାସ ପର୍ବତର ଏକ ଅଂଶ ବୋଲି କଳ୍ପିତ । ପାଷାଣ ନିର୍ମିତ ସହସ୍ରାଧିକ ସୁପ୍ରଶସ୍ତ ପାବଚ୍ଛ ଅତିକ୍ରମ କରି ପର୍ବତୋପରିସ୍ଥ ମନ୍ଦିରକୁ ଯିବାକୁ ହୁଏ । ପର୍ବତ
Sīmācha(ñcha)la
[ସିଂହାଚଲମ୍—ଅପଭ୍ରଂଶ]
सीमाचल
सीमाचल

ଶୃଙ୍ଗରୁ ଝରଣା ସମୂହ ଜନ୍ମରୁ ପ୍ରବାହିତ ହୋଇ ପର୍ବତ-ପାର୍ଶ୍ୱରେ ଓ ନିମ୍ନଦେଶରେ ଥିବା ଗଛମାନଙ୍କରେ କଦଳୀ, ସପୁରି, ନଡ଼ିଆ, ଗୁଆ, ଆମ୍ବ, ଅମୃତଭଣ୍ଡା, ପଣସ ଆଦି ଫଳ ଓ ଚମ୍ପା, ଗୋଲାପ, କନିଅର ପ୍ରଭୃତି ପୁଷ୍ପମାନଙ୍କ ଦ୍ୱାରା ପର୍ବତକୁ ସୁଶୋଭିତ କରୁଅଛି । ଏହି ମନ୍ଦିରରେ ହିରଣ୍ୟକଶିପୁ-ହନ୍ତା ନୃସିଂହଙ୍କ ମୂର୍ତ୍ତି ପ୍ରତିଷ୍ଠିତ ଅଛନ୍ତି । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶତାଧିକ ପ୍ରସ୍ତର ସ୍ତମ୍ଭଯୁକ୍ତ ବିବିଧ ମୂର୍ତ୍ତି-ଶୋଭିତ ନାଟ-ମଣ୍ଡପ ଅଛି । କଥିତ ଅଛି ଯେ, ଭକ୍ତପ୍ରବର ପ୍ରହ୍ଲାଦ ସ୍ତବ କରିବାରୁ ଭଗବାନ୍ ନୃସିଂହମୂର୍ତ୍ତି ଧାରଣ କରି ଏହି ସ୍ଥାନରେ ଅବତୀର୍ଣ୍ଣ ହୋଇଥିଲେ । ଏହା "ବରାହ ନରସିଂହ" କ୍ଷେତ୍ର ବୋଲି ପ୍ରସିଦ୍ଧ । ମନ୍ଦିରର ଚତୁଃପାର୍ଶ୍ୱରେ ଟୁକେଲ ଶାବକମାନେ ବିଚରଣ କରନ୍ତି ଏବଂ ସ୍ତ୍ରୀଲୋକ ଲୋକେ ଏହି ଶୂକର-ମାନଙ୍କୁ ଘୃଣାଚକ୍ଷୁରେ ଦେଖନ୍ତି ନାହିଁ । ସୀମାଚଳରେ ଥିବା ମନ୍ଦିର ଉତ୍କଳର ରାଜା ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ପରେ ବିଜୟନଗରର ମହାରାଜା କୃଷ୍ଣଦେବ ପ୍ରାୟ ୨୫୦ ବର୍ଷ ପୂର୍ବେ ଏହି ମନ୍ଦିରର ଜୀର୍ଣ୍ଣ ସଂସ୍କାର କରି ଦେବସେବା ପାଇଁ ବାର୍ଷିକ ୧୫ ହଜାର ଟଙ୍କା ଆୟର ବୃତ୍ତି ଛାଡ଼ି ଯାଇଅଛନ୍ତି । ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଓ ଏକାଦଶୀ ଦିନ ଦେବଙ୍କର ବିଗ୍ରହର ଦର୍ଶନ ମିଳେ; ଅନ୍ୟ ସମୟରେ ବିଗ୍ରହର ସର୍ବାଙ୍ଗ ଚନ୍ଦନ ଲିପ୍ତ ଥାଏ । ମନ୍ଦିରର ଏକ ପାର୍ଶ୍ୱରେ ସୂର୍ଯ୍ୟଦେବଙ୍କର ସପ୍ତାଶ୍ୱଯୁକ୍ତ ପ୍ରସ୍ତରର ଶିଳ୍ପକଳାମଣ୍ଡିତ ରଥ ଶୋଭା ପାଉଅଛି ।

ମଦନମୋହନ ପଟ୍ଟନାୟକ—ତୀର୍ଥଦର୍ଶନ ।]

ସୀମା ଚିହ୍ନ—ସଂ. ବି—ସୀମାଲିଙ୍ଗ (ଦେଖ)
Sīmā chihna Sīmālinga. (See)

ସୀମା ଚିହ୍ନିତ—ସଂ. ବିଣ (ତୃତୀୟା ତତ୍)—ଯହିଁର ସୀମାରେଖା ଅଙ୍କିତ ହୋଇଅଛି—Having the boundary line demarcated.
Sīmā chihnita

ସୀମା ଜ୍ଞାନ—ସଂ. ବି(୬ଷ୍ଠୀ ବା ୭ମୀ ତତ୍)—ସୀମା ସମ୍ବନ୍ଧରେ ସ୍ଥିର ଧାରଣା
Sīmā jñāna —Knowledge about any boundary.

ସୀମା ଜ୍ଞାପକ—ସଂ. ବିଣ—ଯେଉଁ ପଦାର୍ଥଦ୍ୱାରା କୌଣସି ସ୍ଥାନର ସୀମା ଜଣା ପଡ଼େ—(A thing or mark) Indicating the boundary.
Sīmā jñāpaka

ସୀମାତିକ୍ରମ—ସଂ. ବି—ସୀମା ଲଙ୍ଘନ; ନିର୍ଦ୍ଧାରିତ ସୀମାକୁ ଟପିଯିବା—Encroachment; going beyond the bounds.
Sīmātikrama
(ସୀମାତିକ୍ରମଣ, ସୀମାତିଲଙ୍ଘନ—ଅନ୍ୟରୂପ)

ସୀମାତୀତ—ସଂ. ବିଣ(୫ମୀ ତତ୍)—୧ । ଯାହା ସୀମାରୁ ବାହାର ପଡ଼ିଅଛି—1. That wich is beyond the bound. ୨ । ଅସୀମ—2. Limitless.
Sīmātita

ସୀମା ନିରୂପଣ—ସଂ. ବି (୬ଷ୍ଠୀ ତତ୍)—କୌଣସି ସ୍ଥାନର ସୀମାର ସ୍ଥିରୀକରଣ—Ascertainment of the boundary; settling up of the limits.
Sīmā nirūpaṇa
(ସୀମାନିର୍ଣ୍ଣୟ, ସୀମା ନିର୍ଦ୍ଦେଶ—ଅନ୍ୟରୂପ)
[ସୀମା ନିର୍ଣ୍ଣୟକ, ସୀମା ନିର୍ଦ୍ଦେଶକ—ବିଣ]

ସୀମା ନିର୍ଣ୍ଣିତ—ସଂ. ବିଣ (ତୃତୀୟା ତତ୍)—ସୀମା ଚିହ୍ନିତ (ଦେଖ)
Sīmā nirṇṇita Sīmā chihnita. (See)
(ସୀମା ନିର୍ଦ୍ଦିଷ୍ଟ—ଅନ୍ୟରୂପ)

ସୀମାନା—ଦେ. ବି (ସଂ. ସୀମନ୍)—ସରହଦ; ସୀମା—
Sīmānā সীমানা सीमाना Boundary.

ସୀମାନା ସରହଦ୍(ଦ୍)—ଦେ. ବି (ଏକାର୍ଥକ ସହଚର; ସଂ. ସୀମା; ଫା. ସରହଦ୍)—ସୀମା—Boundary.
Sīmānā sarahad(dd)
সীমানা সরহদ सरहद् सीमाना

ସୀମାନ୍ତ—ସଂ. ବି (ଏକାର୍ଥକ ସହଚର)—୧ । ସୀମା—1. Boundary. ୨ । (୬ଷ୍ଠୀ ତତ୍) ସୀମାର ବହିର୍ଭୂତ ନିକଟବର୍ତ୍ତୀ ଦେଶ—2. Frontier; a place adjoining the boundary. ସଂ. ବିଣ—୧ । ସୀମାର ଅନ୍ତର୍ଗତ ଶେଷଭାଗ—1. Last or extreme (part of a country on the boundary). ୨। ସୀମାର ବହିର୍ଭୂତ ନିକଟବର୍ତ୍ତୀ—2. Situated beyond the frontier and adjoining it.
Sīmānta

ସୀମାନ୍ତର୍ଗତ—ସଂ. ବିଣ (୬ଷ୍ଠୀ ତତ୍)—ସୀମାମଧ୍ୟରେ ଅବସ୍ଥିତ—Situated or included in the boundary.
Sīmāntargata
(ସୀମାନ୍ତର୍ବର୍ତ୍ତୀ—ଅନ୍ୟରୂପ)

ସୀମାନ୍ତ ଦେଶ—ସଂ. ବି—୧ । କୌଣସି ଦେଶର ସୀମାକୁ ଲାଗିଥିବା ଦେଶ—[ଦ୍ର—ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଭାରତ ଓ ଆଫଗାନିସ୍ଥାନ ମଧ୍ୟରେ ଅବସ୍ଥିତ ।] 1. The frontier Province [N. W. Frontier Province between India and Afganistan. ୨ । ଦୁଇ ଦେଶ ମଧ୍ୟସ୍ଥ ବିବାଦୀୟ ଭୂମି—2. Debatable land between two countries.
Sīmānta deśa
[ସୀମାନ୍ତ ପ୍ରଦେଶ—ଅନ୍ୟରୂପ]

ସୀମାନ୍ତ ନୀତି—ସଂ. ବି (ଆଧୁନିକ ବ୍ୟବହାର)—ସୀମାନ୍ତ ଦେଶର ଅଧିକାର ବା ଶାସନ ସମ୍ବନ୍ଧୀୟ ରାଜନୀତି—Frontier policy of the Government.
Sīmānta nīti

ସୀମାନ୍ତ ବାଣିଜ୍ୟ—ସଂ. ବି (ଆଧୁନିକ ପ୍ରୟୋଗ)—ସୀମାନ୍ତ ପ୍ରଦେଶର ବାଣିଜ୍ୟ—Trade in the frontier.
Sīmānta bāṇijya

ସୀମାନ୍ତର—ସଂ. ବି (କର୍ମଧା)—ଅନ୍ୟ ସୀମା—
Sīmāntara Another limit.

ସୀମାବଚ୍ଛିନ୍ନ—ସଂ. ବି (ତୃତୀୟା ତତ୍; ସୀମା+ଅବଚ୍ଛିନ୍ନ)—ସସୀମ; ନିର୍ଦ୍ଦିଷ୍ଟ ସୀମାଦ୍ୱାରା ଆବଦ୍ଧ—Bounded by fixed limits; limited.
Sīmābachchhinna
[ସୀମାବଦ୍ଧ—ଅନ୍ୟରୂପ]

ସୀମା ବାଇଗଣ—ଦେ. ବି (ବୈଦ୍ୟକ)—ଏକପ୍ରକାର ଗଛ ଓ ତାହାର ଫଳ—A kind of tree and its fruit. [ଦ୍ର—ଏହି ଫଳ ଅମ୍ଳ, ମଧୁର ଓ ରୁଚିକର ।
Sīmā bāigaṇa

ଏହା ମେହ, ଅଗ୍ନିମାନ୍ଦ୍ୟ, ଶ୍ୱାସ ଓ କ୍ଷୟରୋଗରେ ହିତକର —ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]

ସୀମା ବାଦ(ବିବାଦ)—ସଂ. ବି—ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ଘଟିବା
Sīmā bāda(bibāda) ସୀମା ସମ୍ବନ୍ଧୀୟ କଳହ—Boundary dispute. [ଦ୍ର—ସୀମାବିବାଦ ଉପସ୍ଥିତ, ଅର୍ଥାତ୍ କେଉଁ କେଉଁ ପ୍ରମାଣ ଗ୍ରହଣପୂର୍ବକ ମୀମାଂସା କରାଯିବ, କେଉଁ ଶ୍ରେଣୀର ସାକ୍ଷୀ ଏଥିପାଇଁ ଆବଶ୍ୟକ ଓ ସୀମା ବିବାଦ ମୀମାଂସା ପରେ ସୀମା କିପରିଭାବରେ ଚିହ୍ନିତ କରିବାକୁ ହେବ, ଏହା ସ୍ମୃତି (ଧର୍ମଶାସ୍ତ୍ର ଓ ସଂହିତା)ମାନଙ୍କରେ ବିଶେଷଭାବରେ ବର୍ଣ୍ଣିତ ହୋଇଅଛି ।]

ସୀମା ବିଲାତ—ପ୍ରାଦେ. (ଗଞ୍ଜାମ) ବି—ଇଂଲଣ୍ଡ—
Sīmā bilāta England.

ସୀମା ମଞ୍ଜୁଆତି—ଦେ. ବି (ବୈଦ୍ୟକ)—ଏକପ୍ରକାର ଗଛ—
Sīmā manjuāti A kind of tree. [ଦ୍ର—ଏହାର ପତ୍ରର କ୍ୱାଥ ବାତବେଦନା ହରଣ କରେ । ଏହି ଗଛର ମୂଳକୁ ସୋରିଷ ତେଲରେ ଫୁଟାଇ ମୁଣ୍ଡରେ ମର୍ଦ୍ଦନ କଲେ ଉକୁଣି ମରନ୍ତି । ଏହାର ବୀଜ ଗଞ୍ଜାଇ ତୁଲ୍ୟ ମାଦକ ଓ ବୀର୍ଯ୍ୟବର୍ଦ୍ଧକ । ଅନେକ ରୋଗରେ ଏହାର ମୂଳ, ପତ୍ର ଓ ବୀଜ ବିଶେଷ ଉପକାରୀ—ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]

ସୀମା ରେଖା—ସଂ, ବି (ମ୍. ପ. ଲୋ; ସୀମା+ରେଖା)–ସୀମାଜ୍ଞାପକ
Sīmā rekhā ରେଖା—Boundary line.
সীমা রেখা सीमा रेखा [ସୀମା ଲଇନ୍—ଦେ. ରୂପ]

ସୀମା ଲଙ୍ଘନ—ସଂ. ବି—୧ । ସୀମାକୁ ଡେଇଁଯିବା—1. Encroach-
Sīmā langhana ment. ୨ । (ଲକ୍ଷଣାର୍ଥ) ମର୍ଯ୍ୟାଦାର
[ସୀମା ଲଂଘୀ—ବିଣ. ପୁଂ] ଅତିକ୍ରମଣ—2. (figurative)
[ସୀମା ଲଂଘିନୀ—ବିଣ. ସ୍ତ୍ରୀ] Stepping beyond the bounds of etiquette.

ସୀମା ଲିଙ୍ଗ—ସଂ. ବି(ମ. ପ. ଲୋ)—୧ । ଦୁଇ କ୍ଷେତ୍ରର ବା ଗ୍ରାମାଦିର
Sīmā linga ନିର୍ଦ୍ଧିଷ୍ଟ ସୀମାରେଖାକୁ ଦେଖାଇବା ପାଇଁ ସେହି ରେଖା ଉପରେ ବସାଯିବା ଚିହ୍ନ—1. Boundary mark. ୨। ଯେଉଁ ବୃକ୍ଷାଦିଦ୍ୱାରା କୌଣସି ସ୍ଥାନର ସୀମା ସ୍ଥିର କରାଯାଇ ପାରେ—2. Landmark.

ସୀମା ଶୂନ୍ୟ(ହୀନ)—ସଂ. ବିଣ (ତୃତୀୟା ତତ୍)—ଅସୀମ;ଯାହାର ସୀମା ନାହିଁ
Sīmā śūnya(hīna) —Boundless; limitless.

ସୀମା ସନ୍ଧି—ସଂ, ବି (୬ଷ୍ଠୀ ତତ୍)—ସୀମା ରେଖା—
Sīmā sandhi Boundary line.

ସୀମା ସନ୍ନିହିତ—ସଂ. ବିଣ (୬ଷ୍ଠୀ ତତ୍)—ସୀମାର ନିକଟବର୍ତ୍ତୀ—
Sīmā sannihita Adjoining the boundary.

ସୀମା ସର୍‌ହଦ୍(ଦ୍)—ଦେ. ବି (ଏକାର୍ଥକ ସହଚର; ସଂ. ସୀମା+
Sīmā sarhad(d ଫା. ସର୍‌ହଦ୍)–ସୀମା—Boundary.
সীমা সরহদ सीमा सरहद्

ସୀମା ସ୍ଥାନ—ଦେ. ବି (ସଂ. ସୀମନ୍ତ+ସ୍ଥାନ)—ମସ୍ତକ—Head. [ଉ-
Sīmā sthāna ଜାନୁରେ ରଖି ସୀମାସ୍ଥାନ । କେ ବସି ଗୃପତନ୍ତି
সীমাস্থান मस्तक ଚରଣ—ଜଗନ୍ନାଥ. ଭାଗବତ ।]

ସୀମୀକ—ସଂ. ବି (ସ୍ୟମ୍ ଧାତୁ+ଈକ; ସିଦ୍ଧାନ୍ତ କୌମୁଦୀ)—୧ ।
Sīmīka ବୃକ୍ଷଭେଦ (ସଂକ୍ଷିପ୍ତସାର)—1. A kind of tree. ୨ । ବଲ୍ମୀକ; ଗୃହ ଘରର ଓଳି (ସଂକ୍ଷିପ୍ତସାର)—2. Eaves of a thatched house. ୩ । ସୂକ୍ଷ୍ମ କୃମି ଜାତି (ସଂକ୍ଷିପ୍ତସାର)—3. A tiny worm.

ସୀର—ସଂ. ବି (ସି. ଧାତୁ=ବନ୍ଧନ କରିବା+କର୍ତ୍ତି. ର; ଇ ସ୍ଥାନରେ
Sīra ଈ ଆଦେଶ)—୧ । ସୂର୍ଯ୍ୟ (ମେଦିନୀ)—1. The sun. ୨ । ହଳ; ଲଙ୍ଗଳ (ଅମର)—2. Plough. [ଉ—ବଳ ଥିଲେ କୃଷ୍ଣେ, ବିଚ୍ଛେଦ ସୀରକୁ ହୃଦ ଅରମ୍ଭେ—ଉପେ. ବୈଦେହୀଶବିଳାସ ।] ୩ । ଅର୍କ ବୃକ୍ଷ—3. Calotropis Gigantea (plant).

ସୀରକ—ସଂ. ବି (ସୀର=ଲଙ୍ଗଳ+ଉପମାନାର୍ଥେ. କ)—ଶିଶୁମାର
Sīraka (ଶବ୍ଦମାଳା)—The Gangetic purpoise or dolphin.

ସୀର ଧ୍ୱଜ—ସଂ. ବି (ସୀର=ଲଙ୍ଗଳ+ଧ୍ୱଜ=ଚିହ୍ନ; ବହୁବ୍ରୀହି)—
Sīra dhwaja ଜନକ ରାଜା—King Janaka. [ଦ୍ର—ଏ ହ୍ରସ୍ୱରୋମ ରାଜାଙ୍କର ପୁତ୍ର । ଏ ପୁତ୍ରଲାଭ ନିମିତ୍ତ ଯଜ୍ଞ-ଭୂମି କର୍ଷଣ କଲାବେଳେ ଲଙ୍ଗଳ ସିଅର ମଧ୍ୟରୁ ସୀତା ବାହାରିଲେ । ଏହାଙ୍କ ପୁତ୍ର କୁଶଧ୍ୱଜ—ବିଷ୍ଣୁପୁରାଣ ।]

ସୀର ପାଣି—ସଂ. ବି (ସୀର=ଲଙ୍ଗଳ; ପାଣି=ହାତରେ ଯାହାର;
Sīra pāṇi ବହୁବ୍ରୀହି)—ବଳଦେବ (ଅମର)—Baladeba.

ସୀରୀ—ସଂ. ବି (ସୀର=ଲଙ୍ଗଳ+ ଅସ୍ତି ଅର୍ଥରେ ଇନ୍; ୧ମା. ୧ବି)—
Sīrī ୧ । ବଳଦେବ—1. Baladeba. ୨ । ଲଙ୍ଗଳୀ; ଲଙ୍ଗଳିଆ (ଭାବପ୍ରକାଶ)—2. Wolfsbane; Aconitum Napellus.

ସୀଲନ୍ଧ—ସଂ. ବି—ଶିଲିନ୍ଦ (ଦେଖ)—
Sīlandha Śilinda (See)

ସୀସ—ସଂ. ବି—ସୀସା ନାମକ ଏକପ୍ରକାର ଖନିଜ ପଦାର୍ଥ ବା ଧାତୁ—
Sīsa Lead; plumbum. [ଦ୍ର—ଅନ୍ୟ ଧାତୁ ଅପେକ୍ଷା ଏହା ଶୀଘ୍ର ତରଳି ଯାଏ ଓ ଏଥିରେ ବନ୍ଧୁକର ଛରରା ଓ ଗୁଳି ତିଆରି ହୁଏ । ଏହା ବଙ୍ଗ ତୁଲ୍ୟ ଗୁଣକର ଓ ପ୍ରମେହ ରୋଗରେ ବିଶେଷ ଉପକାରୀ । ଏହାକୁ ଜାରଣ କରି ସେବନ କଲେ ଶତ ନାଗ ତୁଲ୍ୟ ବଳ, ରୋଗନାଶ, ଶରୀର ଦୃଢ଼ତା, ଅଗ୍ନିଦୀପ୍ତି ଓ କାମ ବୃଦ୍ଧି ହୁଏ ଏବଂ ଏହାଦ୍ୱାରା ବାର୍ଦ୍ଧକ୍ୟ ଓ ମୃତ୍ୟୁ ମଧ୍ୟ ନିବାରିତ ହୁଏ । ଅଜାରିତ ସୀସକ ସେବନ କଲେ କୁଷ୍ଠ, ଗୁଳ୍ମ, କଣ୍ଡୁ, ପ୍ରମେହ, ବାୟୁ-ରୋଗ, ଅବସାଦ, ଶୋଥ ଓ ଭଗନ୍ଦର କରେ ।]

ସୀସକ, ସୀସପତ୍ରକ } ଅନ୍ୟରୂପ
ଓ. ସୀସା
সীসা
सीसक, सीसा
ତେ. ସିସମୁ, ଶଶି
ତା. ଶିଶ
ଫା. ସୁର୍ବ
ଅ, ରୁସାସୁଲ୍, ଅସ୍ୱଦ୍
ଅନ୍ୟ ସଂ. ଶବ୍ଦ—ବ୍ରଧ୍ନ, ଚୀନ, ବପ୍ର, ଯୋଗେଷ୍ଟ, ପିଚ୍ଚ, ଶିରାବୃତ୍ତ, ନାଗ, ଗଣ୍ଡୂପଦଭବ, ଚୀନ, ଚୀନପିଷ୍ଟ, ତାରଶୁଦ୍ଧିକର,

ସିନ୍ଦୂରକାରଣ, ବଙ୍ଗ, ଚକ୍ଷୁଷ୍ୟ, ପଦ୍ମ, ସ୍ୱର୍ଣ୍ଣାରି, ଯବନେଷ୍ଟ, ଯବନେଷ୍ଟକ, ମୃଦୁକୃଷ୍ଣାୟସ, ସୁବର୍ଣ୍ଣକ, ବଧ୍ର, ପିଚ୍ଚିଟ, ପରିପିଷ୍ଟକ, ବପ୍ୟୋବଙ୍ଗ, ସୁବର୍ଣ୍ଣାରି, ବପ୍ର, ବଧ୍ରକ, ଭୁରଙ୍ଗ, ମହାବଲ, ଜଡ଼, ଭୁଜଙ୍ଗମ, ଉରଗ । ସୀସକକୁ ଜାରଣ କରି ଦୁଇପ୍ରକାର ଭସ୍ମ କରଯାଏ; ଯଥା—ଶୀତ ଭସ୍ମ —ଗୋଟିଏ ଲୌହ ପାତ୍ରରେ ମୃଦୁ ଜାଳରେ ଚଢ଼ାଇ ନ ଜଳିବା ପର୍ଯ୍ୟନ୍ତ ଅବସ୍ଥାରେ ମିଶାଇ ଘାଣ୍ଟୁଥିବ । ଉଷ୍ଣଭସ୍ମ—ସୀସକକୁ ଜାଳାଇ ଦ୍ରବଲାଇ ସେଥିରେ ଅଳ୍ପ ଅଳ୍ପ ମନଃଶିଳ ଚୂର୍ଣ୍ଣ ମିଶାଇ ଘାଣ୍ଟିବ ଏବଂ ଧୂଳି ସଦୃଶ ଚୂର୍ଣ୍ଣ ହୋଇଗଲେ ତାକୁ ଶୀତଳ କରି ତହିଁରେ ଗନ୍ଧକ ଚୂର୍ଣ୍ଣ ମିଶାଇ ଲେମ୍ବୁ ରସରେ ବାଟି ଗଜପୁଟରେ ପାକ କରିବ ।]

ସୀସା (ଇତ୍ୟାଦି)—ଦେ. ବି (ସଂ. ସୀସକ)—୧ । ସିସା ଇତ୍ୟାଦି (ଦେଖ)—1. Sisā etc (See) Sisā (etc) ୨ । ବନସିର ଡୋରଣ୍ଡାଠାରୁ ଥୋପ ପର୍ଯ୍ୟନ୍ତ ପାଣି ଭିତରେ ଥିବା ଡୋରକୁ ସଳଖଭାବରେ ରଖିବା ପାଇଁ ବ୍ୟବହୃତ ହେବା ଭାର—2. Weight attached to the angling line a few inches above the float to keep the float erect on water. [ଦ୍ର—ଏହା ସାଧାରଣତଃ ସୀସାରେ ନିର୍ମିତ ହୋଇଥାଏ ।]

ସୀସା ଗୁଳି(ଳି)—ଦେ. ବି—୧ । ସୀସକରେ ପ୍ରସ୍ତୁତ ବାଟୁଳା—1. Lead Sisā guḷi(li) balls. ୨ । ସୀସକ ପ୍ରସ୍ତୁତ ବନ୍ଧୁକର (ସୀସା ଗୋଳା[ଳି]—ଅନ୍ୟରୂପ) ଗୋଳା—2. Leaden balls for gun. সীসাগোলা सीसागोला

ସୀହୁଣ୍ଡ—ସ. ବି—ସେହୁଣ୍ଡ (ଦେଖ) Sihunḍa Sebunḍa. (See)

ସୁ (ଧାତୁ)—ସଂ—୧ । ପ୍ରସବ କରିବା—1. To bring forth; Su (root) produce. ୨ । ଗତି କରିବା—2. To move.

ସୁ—ସଂ. ଅ (ଉପସର୍ଗରୂପେ ଏହା ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୋଇ ନିମ୍ନ Su ଅର୍ଥମାନ ବୁଝାଏ)—A prefix indicating. ୧ । (କୁ—ବିପରୀତ) ଉତ୍କୃଷ୍ଟ; ଉତ୍ତମ—1. Good; excellent. [ଉ—ସୁଗନ୍ଧ, ସୁଚରିତ୍ର ।] ୨ । ସୁନ୍ଦର—2. Beautiful. (ଉ—ସୁଦର୍ଶନ, ସୁବଦନା, ସୁକେଶୀ ।) ୩ । ଅତିଶୟ; ଅତି; ଅତ୍ୟନ୍ତ—3. Very; much. (ଉ—ସୁଗାଢ଼, ସୁସ୍ୱର୍ଗ, ସୁକୁମାର ।) ୪ । ସହଜ—4. Easy. (ଉ—ସୁପ୍ରସବ ।) ୫ । ଅନାୟାସରେ; ସହଜରେ—5. Easily. [ଉ—ସୁସାଧ୍ୟ, ସୁଗତ, ସୁଲଭ ।] ୬ । ଶୁଭକର; ମଙ୍ଗଳକର—6. Auspicious. [ଉ—ସୁଲକ୍ଷଣ] ୭ । ଉତ୍କଟ—7. Excessive; furious. ୮ । ମନୋରମ—8. Charming. [ଉ—ସୁରମ୍ୟ ।] ୯ । ପୁଣ୍ୟ—9. Piety. [ଉ—ସୁକୃତ ।] ୧୦ । ପୂଜା—10. Worship. ୧୧ । ନିର୍ଭର—11. Trust. ୧୨ । ଅନୁମତି—12. Permission. ୧୩ । ସମୃଦ୍ଧି—13. Prosperity; increase. ୧୪ । କୃଚ୍ଛ୍ର—14. Difficult. ସଂ. ବି—ଶୁଭ—Bliss.

[ସୁସୁ—ଅନ୍ୟ ଅବ୍ୟୟରୂପ] ଦେ. ଅ(ଧ୍ୱନ୍ୟନୁକରଣ)—୧। ପବନର ସୋଁ ସୋଁ ଜୋରରେ ବହିବାର ଶବ୍ଦ—1. Hissing sound সুসু of blowing wind. ২ । ସାପ ଗର୍ଜିବାର ଶବ୍ଦ— सु सु 2. Hissing sound of snake. ଦେ.ବଣ—ଉତ୍ତମ—Good.

ସୁଅ—ଦେ. ବି (ସଂ. ସ୍ରୋତସ୍)—ନଦୀଆଦିର ସ୍ରୋତ— Sua স্রোত सोता Current of river etc.

(ନଈ) ସୁଅ ଦେବା—ଦେ. କ୍ରି—(ନଦୀ) ସ୍ରୋତଯୁକ୍ତ ହେବା— (nai) To flow with current. (ଜଳରେ ସୁଅ ପଡ଼ିବା, ସୁଅ ବୋହିବା—ଅନ୍ୟ କ୍ରି. ରୂପ) স্রোতচলা सोता चलना

ସୁଅ ମୁହଁ—ଦେ. ବି (ସଂ. ସ୍ରୋତୋମୁଖ)—୧ । ସ୍ରୋତୋମୁଖ; Sua muhaṅ ଯେଉଁଠାରେ ସ୍ରୋତର ବେଗ ଅତି ଅଧିକ— স্রোতের মুখ 1. A place where the current is very चलता सोत swift. ୨ । (ଲକ୍ଷଣାର୍ଥ) ବିପଜ୍ଜନକ ସ୍ଥାନ— 2. (figurative) Dangerous place.

ସୁଅ ମୁହଁକୁ ପେଲି ଦେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ବିପଦକୁ Sua muhaṅku peli debā ଠେଲି ଦେବା—To push a স্রোতের মুখে ঠেলে দেওয়া person to a place of सोत मुंहमें ढकेलना danger.

ସୁଅର୍ (ଇତ୍ୟାଦି)—ଦେ. ବି—ଶୁଅର୍ ଇତ୍ୟାଦି (ଦେଖ) Suar (etc) Śuar etc. (See)

ସୁଆଇ—ଦେ. ବି—ସ୍ୱାଇ (ଇତ୍ୟାଦି) Suāi Swāi. (See)

ସୁଆଇଁ—ଦେ. ବି—ସ୍ୱାଇଁ (ଦେଖ) Suāiṅ Swāiṅ. (See)

ସୁଅଁ—ଦେ. ବି—୧ । ଶୁଅଁ (ଦେଖ)—1. Śuāṅ. (See) ୨ । Suāṅ ସୋମଲତା (ଦେଖ)—2. Somalatā. (See) (ଉ—ଏ ବାହାରେ ସୁଅଁରେ ଜଳେ ସେହୁ ଯାଗ, ଦେଖାଲୁ ଅବଶିଷ୍ଟରେ ମହାଭାଗ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।)

ସୁଅଁ ଚାଉଳ—ଦେ. ବି—୧ । ଦାନାବିଶିଷ୍ଟ ଧଳା ଶସ୍ୟ— Suāṅ chāuḷa 1. Panicum Frumentacium. শামা (ଉ—ଏଥିର ଗଛ ଧାନଗଛଠାରୁ ଉଚ୍ଚରେ ଅନ୍ୟ ଶସ୍ୟକୁଳ- सांवाचावल ମାନଙ୍କ ମଧ୍ୟରେ ବଢ଼େ ।) ୨ । ଶୁଅଁ ଚାଉଳ (ଦେଖ)—2. Śuāṅ chāuḷa (See)

ସୁଅଁ ଧାନ—ଦେ. ବି—ଶୁଅଁ ଧାନ (ଦେଖ) Suāṅ dhāna Śuāṅ dhāna. (See)

ସୁଆଁ ନ(ଲ)ଇ—ଦେ. ବ—୧। ଶ୍ୟାମାଲତା (ଦେଖ)—1. Syāmā-
Suāñ na(la)i lata (See). ୨। ବୃହତ୍ ଝଙ୍କାଳିଆ
শ্যামলতা ଅରଣ୍ୟ ବୃକ୍ଷବିଶେଷ—2. Ichnocarpus
श्यामालता Frutescens (Haines).

ସୁଆଁରିବା—ପ୍ରାଦେ. (ସମ୍ବଲପୁର) କି—ଅଉଁସିବା—
Suāñriba To tenderly chafe or massage the body. ଦେ. କି—ମୁଣ୍ଡର କେଶକୁ ଅଙ୍ଗୁଳିଦ୍ୱାରା ଭିନ୍ନ ଭିନ୍ନ କରିବା—To divide the hair of the head into sheaves with the fingers.

ସୁଆଁ ଲତା—ଦେ. ବ (ସ. ସୋମଲତା)—୧। ସୋମଲତା (ଦେଖ)
Suāñ lata 1. Somalata (See). ୨। ସୁଆଁ ନଇ (ଦେଖ)—2. Suāñ nai (See).

ସୁଆଁଲି—ପ୍ରାଦେ. (କଟକ) ବ—ପୁର ପିଠା—Sandwiched
Suāñli cake. ପ୍ରାଦେ. (ଛତିଶଗଡ଼) ବ—ସରପୁଲି—A kind of pastry cake.

ସୁଆଁଶ—ଦେ. ବ (ସଂ. ସମ, ସଂବେଶ)—୧। ଭୂମିକୁ ସମତଳ
Suāñsa କରିବା କାର୍ଯ୍ୟ—1. The act of levelling the
সমতল ground. ୨। ଜମିକୁ ସମତଳ କରିବା ଓ ଘର, କୋଠି
समतल ଆଦି ତୋଳିବା କାର୍ଯ୍ୟ; ରାଜମିସ୍ତ୍ରୀ କାମ—2. Act of a digger or a mason. ଦେ. ବଣ—ସମତଳ କରି ଯାଇଥିବା (ଜମି)—Levelled (ground).

ସୁଆଁଶ କରିବା—ଦେ. କି (ସଂ. ସଂବେଶ)—୧। ଜମିକୁ ସମତଳ
Suāñsa kariba କରିବା—1. To level the ground.
সমতল করা ୨। ମାଟି କାନ୍ଥକୁ କାଟି ସଳଖ କରିବା—2. To
समतल करना straighten a mud wall by cutting it.

ସୁଆଁଶ ପରୀକ୍ଷା(ଛା)—ଦେ. ବ (ସଂ. ସଂବେଶ+ପରୀକ୍ଷା)—ଯେଉଁ କର୍ମ-
Suāñsa pariksha(chha) ଗୃହ ଘରତୋଳାଇ ଦେଉଥିବାର ଓ
তদারখকার ରାଜ ମିସ୍ତ୍ରୀ କାମ ତଦାରଖ କରେ—An officer
तदारख करनेवाला engaged to supervise the work of building and house construction.

ସୁଆଁଶିଆ—ଦେ. ବ. ପୁଂ—ମୂଲିଆ—A day labourer; a
Suāñsia labourer engaged to help masons.
(ସୁଆଁଶେଇ, ସୁଆଁଶୀ, ସୁଆଁଶିଆଣୀ—ସ୍ତ୍ରୀ) [ଦ୍ର—ଏମାନେ ଜମି
মজুর ଖୋଳିବା, ସମତୁଲ କରିବା, ଘର ତୁଆଣି କରିବା ଓ ଘର
मजदूर ଛାଅଣି କରିବାରେ ନିଯୁକ୍ତ ହୁଅନ୍ତି ଏବଂ ରାଜମିସ୍ତ୍ରୀଙ୍କୁ ସାହାଯ୍ୟ କରନ୍ତି ।]

ସୁଆଁଶିବା—ଦେ. କି—ଭୂମିକୁ କାଟି, ଛାଣି ସମତୁଲ କରିବା—
Suāñsiba To level up a ground.

ସୁଆଗ (ଇତ୍ୟାଦି)—ଦେ. ବ (ସଂ. ସୌଭାଗ୍ୟ)—ସୁହାଗ ଇତ୍ୟାଦି
Suāga (etc) (ଦେଖ)—Suhāga etc. (See) [ଦ୍ର—ଦୁଆଗର ଶାଳୀ ବନେ କ ରଙ୍ଗ, ସୁଆଗ କ ଥିବା ଭଲେ କ ସଙ୍ଗ ? ଭକ୍ତସର୍ବସ୍ୱ. ସଙ୍ଗୀତ ।]

ସୁଆଗ ବୁଡ଼—ପ୍ରାଦେ (ଯାଜପୁର ଓ ଭଦ୍ରକାଳ) ବ—ବାଳକାମାନଙ୍କର
Suāga burdа ଓଷା ଓ ପୂଜା ବିଶେଷ—A kind of fasting and worship practised by girls.

ସୁଆଗ ଦ୍ୱାନ,
ସୁଆଗ ସିନା[ଣା]ନ,
ସୁଆଗ ସ୍ନାହାନ,
ସୁଆଗ ସ୍ନାହା } ଅନ୍ୟରୂପ

[ଦ୍ର—ପିଲା ହେବାରୁ ଶାଶୁ ଘରକୁ ଯିବା ପର୍ଯ୍ୟନ୍ତ କନ୍ୟାମାନେ ଆଶ୍ୱିନ କୃଷ୍ଣ ଅଷ୍ଟମୀ (ଦୁର୍ଗାଷ୍ଟମୀ ଓଷା)ଠାରୁ ମହା-ଅଷ୍ଟମୀ ପର୍ଯ୍ୟନ୍ତ ଷୋଳ ଦିନ ଯାକ ନିର୍ଦ୍ଦିଷ୍ଟ ସ୍ଥାନରେ ଜଳରେ ସ୍ନାନ କରି ସ୍ନାନଘାଟର ବାଲିରେ ସାତଗୋଟି ବାଲିର ମୂର୍ତ୍ତି କରି ଗୌରୀଙ୍କୁ ପୂଜା କରନ୍ତି ଓ ନୈବେଦ୍ୟ ସବୁ ସାଙ୍ଗରେ ଯାଇଥିବା ପିଲାମାନଙ୍କୁ ବାଣ୍ଟନ୍ତି । ସେମାନେ ଏହି ୧୫ ଦିନ ଗୀତ ବୋଲି ବଡ଼ ଆନନ୍ଦରେ ଥାଆନ୍ତି ଓ ମାଛ, ବାଇଗଣ, ଲଙ୍କା ଆଦି ଖାଆନ୍ତି ନାହିଁ । ଶେଷ ଦିନ (ଦୁର୍ଗାଷ୍ଟମୀରେ) ଭୋଗ ହୋଇଥିବା ନଡ଼ିଆକୁ ଭାଙ୍ଗି ପିଲାଙ୍କୁ ବାଣ୍ଟନ୍ତି ଓ ସ୍ନାନ କରିବା ସମୟରେ ଏହି ଗୀତ ବୋଲନ୍ତି—
'ବୁଡ଼ ବୁଡ଼, ଏହି ବୁଡ଼କ ସୁଆଗ ବୁଡ଼
ପଟବଳିଶିରୁ । ମହ କରସେ !
ଟଣ୍ଡପିଠା ଅର ଦାଅଛା ଉଶେ—ଇତ୍ୟାଦ ।'
ଓଷା କରିଥିବା ବାଳକାମାନେ ଶେଷ ଦିନ ଭାତ ନ ଖାଇ ଜଳଖିଆ ଖାଆନ୍ତି । ସେମାନେ ସୌଭାଗ୍ୟବତୀ ଓ ସ୍ୱାମୀପ୍ରିୟା ହେବା ପାଇଁ ଏହି ବ୍ରତ ପାଳନ କରନ୍ତି ।]

ସୁଆଗା—ଦେ. ବ. ଓ ବଣ—ସୁହାଗା (ଦେଖ)
Suāga Suhāga (See)

ସୁଆଗିଆ(ହା)—ଦେ. ବଣ. ପୁଂ—ସୁହାଗିଆ (ଦେଖ)
Suāgia(ha) Suhāgia (See)
(ସୁଆଗୀ, ସୁଆଗେଇ[ଣୀ]—ଅନ୍ୟରୂପ)

ସୁଆଗିନୀ—ଦେ. ବଣ ସ୍ତ୍ରୀ—ସୁହାଗିନୀ (ଦେଖ)—Suhāgini
Suāgini (ସୁଆଗୀ—ପୁଂ) (See)

ସୁଆଗୀ—ଦେ. ବଣ. ପୁଂ. ଓ ସ୍ତ୍ରୀ—ସୁହାଗୀ (ଦେଖ)—Suhāgi
Suāgi (See) [ଦ୍ର—କୃଷ୍ଣର ନଖ ଘାତ ଲାଗି । ନ ପୁଣ ହୋଇଛ ସୁଆଗୀ—ଜଗନ୍ନାଥ. ଭାଗବତ ।]

ସୁଆଙ୍ଗ—ଦେ. ବ (ସଂ. ଶୋଭଙ୍ଗ=ଶୋଭା ଯାର ପ୍ରଧାନ ଅଙ୍ଗ, ତମ୍ମା
Suānga ସଂ, ହିନ୍ଦ, ସଂଗ, ସଙ୍ଗ, ସ୍ୱାଙ୍ଗ)—୧। ଅଭିନୟରେ
সং, সঙ୍ ଓ ଯାତ୍ରାଦିରେ କୌଣସି ବ୍ୟକ୍ତିର ବେଶ ଅଙ୍ଗ ଚିହ୍ନ
स्वाँग କରିଯିବା ଅଭିନୟ ଓ ନାଚ; ନୃତ୍ୟବାଦ୍ୟାଦିର ଲୋକ ଜନପ୍ରିୟ ଅଭିନୟ—1. Assuming the dress of any character in a play or dance; popular farce. ୨। ନାଟକୀୟ ବ୍ୟକ୍ତିଙ୍କ ରୂପ ଧାରଣ କରି ନୃତ୍ୟାଦି କରିବା ଅଭିନେତା—2. A mime. [ଦ୍ର—ଜଣେ ଜଣେ ଗୋଟିଏ ଗୋଟିଏ ସୁଆଙ୍ଗ—ସ୍ୱାଧୀନାଥ. ଦରବାର ।] ୩। ପ୍ରହସନ—3. Farce. ୪। ବିଭିନ୍ନ ବେଶଧାରୀ ଅଭିନେତାମାନଙ୍କର ଯାତ୍ରା—4. Pantomi-

me. ୫ । କୌଣସି ବ୍ୟକ୍ତିର ବେଶ ଧରି କରାଯିବା ଅଭିନୟ—5. Theatrical acting of a person. ୬ । ଥଟ୍ଟା ତାମସା; ରଙ୍ଗରହସ୍ୟ; ଛଳ—6. Wit; joking; sport. ୭ । (ଲକ୍ଷଣାର୍ଥ) ଆଡ଼ମ୍ବରଯୁକ୍ତ କାର୍ଯ୍ୟ; ଘନଘଟା; ଆରମ୍ଭ—7. Ado; grand display. [ଦ୍ର—ଯେଉଁ ଅଭିନୟରେ ସୁଅଙ୍ଗ ଅବ ବାହାରେ, ତାକୁ ଓଡ଼ିଶାରେ 'ପାଲା' ବା 'ଲୀଳା' ବୋଲାଯାଏ । ଯଥା—କୃଷ୍ଣଲୀଳା; ଭରତଲୀଳା, ରାମଲୀଳା]

ସୁଅଙ୍ଗ କରିବା(କାଢ଼ିବା)—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଚରିତ୍ର Suānga karibā (kārdhibā) ଅଭିନୟ କରିବା ପାଇଁ ସେହି ସঙ করা ବ୍ୟକ୍ତିର ବେଶ ଧାରଣ କରିବା—1. To स्वाँग करना, स्वाँग निकालना assume the garb or mask of any character in a pantomime.
ସୁଅଙ୍ଗ ହେବା, ସୁଅଙ୍ଗ ସାଜିବା, ସୁଅଙ୍ଗ ବାହାର କରିବା } ଅନ୍ୟରୂପ
୨ । ସୁଅଙ୍ଗ ସମ୍ବଳିତ ଯାତ୍ରା କରିବା—2. To act a pantomime. ୩ । (ଲକ୍ଷଣାର୍ଥ) ବାହାରମ୍ଭ ବା ଆଡ଼ମ୍ବର କରିବା—3. To make much ado about nothing. ୪ । (ଲକ୍ଷଣାର୍ଥ) ଗୋଟାଏ ନୂଆ କମ୍ପା ଲୋକାକର୍ଷକ କର୍ମ କରିବା—4. To do some thing new, so as to attract people.

ସୁଅଙ୍ଗିଆ—ଦେ. ବିଣ. ପୁଂ—୧ । ସୁଅଙ୍ଗପ୍ରିୟ—1. Fond of Suāngia pantomime. ୨ । ବାହାରମ୍ଭ ପ୍ରିୟ—2. Fond (ସୁଅଙ୍ଗେଇ—ସ୍ତ୍ରୀ) of ado or display. ୩ । ଛଇଳ; ରଙ୍ଗବାବୁ स्वाँगकरनेवाला ରହସ୍ୟପ୍ରିୟ—3. Sportive; আমুদে, ভাঁড় दिल्लगी बाज witty; humorous.

ସୁଅଙ୍ଗୀ—ଦେ. ବିଣ. ପୁଂ ଓ ସ୍ତ୍ରୀ— ସୁଅଙ୍ଗିଆ (ଦେଖ)
Suāngi Suāngiā. (See)

ସୁଆଦ—ଦେ. ବି (ସଂ. ସ୍ୱାଦ)—୧ । ରୁଚି; ସ୍ୱାଦ—1. Taste. Suāda (ଦ୍ର—ଅଗ୍ରାଣ ଭକ୍ଷଣ ବାଳୀ ସୁଆଦ ବୁଝିଲେ । ଦ୍ୱାରୀ. সাদ ନଳ ଚରିତ ।) ୨ । ସୁସ୍ୱାଦୁ; ମଧୁର ସ୍ୱାଦ—2. Sweet स्वाद taste. (ଦ୍ର—ଖୁଆଦଣ୍ଡ ରୁଥିଁ ଖରାପ ଶୀରରେ ସୁଆଦ ଥାଏ କି ଅଛୁ ? ଜଗନ୍ନାଥ. ସଙ୍ଗୀତ ।) ୩ । (ଲକ୍ଷଣାର୍ଥ) ମନୋରମତା—3. (figurative) Agreeableness; charm. ଦେ. ବିଣ—୧ । ସୁସ୍ୱାଦୁ—1. Sweet to the taste. ୨ । (ଲକ୍ଷଣାର୍ଥ) ମନୋରମ—2. (figurative) Charming; agreeable. (ଦ୍ର—ପ୍ରୀତି ସର ଜେ ସୁଆଦ ଗୋ । କବିସୂର୍ଯ୍ୟ, ସଙ୍ଗୀତ ।)

ସୁଆଦ ଚାଖିବା—ଦେ. କ୍ରି — ଜିଭଦ୍ୱାରା କୌଣସି ବସ୍ତୁର ସ୍ୱାଦ ମାତ୍ର Suāda chākhibā ଅନୁଭବ କରିବା—To taste anyচাখা thing; to have a taste of anything. स्वाद चखना

ସୁଆଦ ପାଇବା—ଦେ. କ୍ରି—କୌଣସି ବସ୍ତୁର ସ୍ୱାଦ ଅନୁଭବ କରିବା—Suāda pāibā To have the experience of স্বাদ পাওয়া स्वादपाना the taste of anything.

ସୁଆଦ ବାରିବା—ଦେ. କ୍ରି—କୌଣସି ବସ୍ତୁ ସୁସ୍ୱାଦୁ କି ଅସ୍ୱାଦୁ ଏହା Suāda bāribā ଜିହ୍ୱାଦ୍ୱାରା ପରୀକ୍ଷା କରିବା—To examine স্বাদচাখা the taste of anything by the tongue. चखकर देखना

ସୁଆଦ ଲାଗିବା—ଦେ. କ୍ରି—ସୁସ୍ୱାଦୁ ବୋଧ ହେବା—Suāda lāgibā To taste sweet; to seem স্বাদ লাগা स्वाद लगना charming.

ସୁଆଦିଆ—ଦେ. ବିଣ—୧ । ସ୍ୱାଦ ବିଶିଷ୍ଟ—Suādiā 1. Having a taste. (ଅସୁଆ—ଅନ୍ୟରୂପ) ୨ । ମଧୁର; ସୁସ୍ୱାଦୁ—স্বাদু सुस्वादु 2. Sweet; delicious.

ସୁଆଦୁ—ଦେ. ବି (ସଂ. ସ୍ୱାଦୁ)—ସ୍ୱାଦ—Taste. ଦେ. ବିଣ (ସଂ. Suādu স্বাদ सुआद ସ୍ୱାଦ)—ସୁଆଦିଆ—Sweet. স্বাদু सुस्वादु

ସୁଆଧୀନ—ପ୍ରାଦେ. (ଲିଖିଆ) ବିଣ—ସ୍ୱାଧୀନ—Suādhina Free; independent.

ସୁଆନନୀ—ଦେ. ବିଣ—ସୁବଦନା; ସୁମୁଖୀ—(a woman) HavSuānani ing a charming or beautiful face. সুবদনী [ଦ୍ର—ସୁଆନନୀ ସମୁଖରେ, କନ୍ଦର୍ପ ଦର୍ପ ଅନ୍ତରେ—सुआननी ଦ୍ୱାରୀ. ରସକାଲ୍ଲୋଳ ।]

ସୁଆ(ଆଁ) ବାଳି—ଦେ. ବି (ସଂ. ଶୁକ+ବାଳ)—ଶୁଆଁ ବାଳି Suā(ān) bāli (ଦେଖ)—Suān bāli (See) শুআঁ পোকা সুঁআ (ସୁଅ[ଆଁ]ବାଳ[ଡ଼ି]ଆ—ଅନ୍ୟରୂପ)

ସୁଆ(ଆଁ) ଭାତ—ଦେ. ବି—ଶ୍ୟାମାକ ଧାନର ଅନ୍ନ—The cooked Suā(ān) bhāta rice prepared from the grains শ্যামা চালের ভাত of Panicum Frumentacium साँवाँ भात [ଦ୍ର—ଅପରା ନଦୀକରେ ଦ୍ୱିକେ ସୁଅ ଭାତ, ଦେବିଣ ସ୍ନାନ କଲେ କୃଅଇ ମୁକତ—କୃଷ୍ଣସିଂହ. ମହାଭାରତ. ବନ ।]

ସୁ(ସୋ)ଆ(ହା)ମ—ଦେ. ବି (ସଂ. ଶାଲ୍ମଳକ)—ମଧ୍ୟ ଓ ପଶ୍ଚିମ Su(so)ā(hā)ma ଭାରତରେ ଜନ୍ମୁଥିବା କମ୍ପାଦ ବର୍ଗର ସଂ. ନାମ—ରୋହିତକ, ଏକପ୍ରକାର ତନ୍ଦଲ କାଠ ଗଛ—ରୋହୀତକ, ରୋହୀ, ରୋହଣ, A timber wood; Tecoma ଦାଡ଼ିମ ପୁଷ୍ପକ, ପ୍ଲୀହ ଶତ୍ରୁ, Andulata; Andersonia ଦାଡ଼ିମପୁଷ୍ପ, ରକ୍ତକ୍ରୁ, Rohitaka. [ଦ୍ର—ଏହାର କାଣ୍ଡ ମାଂସବଳନ, ଯକୃଦେଷୀ, ସିଧା ଓ ବକଳ ନାଲିଆ । ଏଥିର କୁଶାଲ୍ମଳ, କୁଟଶାଲ୍ମଳ, ଗୋଟିଏ ବେଣ୍ଟରେ ୩ ଠାରୁ ୬ ସଦାପ୍ରସୂନ, ବିରେଚନ, ଯୋଡ଼ା ପର୍ଯ୍ୟନ୍ତ ପତ୍ର ଥାଏ । ଏହାର ଶାଲ୍ମଳକ । ଫଳ ୧।୨ ଇଞ୍ଚ ଲମ୍ବ ଓ ପାଚିଲେ রোড়া, रोहना, ୫ ଖଣ୍ଡ ହୋଇ ଫାଟିଯାଏ । ଏଥିର

କଡାର, রোহাণ'] ବୀଜ ରେପ୍ତା ଓ ପକ୍ଷଯୁକ୍ତ । ଏହାର
রোহিতা କାଠ ଶକ୍ତ ଥିବାରୁ କେବେ ଏଥିରେ
ଲେ· ମୃକୁମୋକୁସଚେଟ୍ସ୍ ଘୁଣ ଧରେ ନାହିଁ, ଶଗଡ଼ ଅଦ ତଆର ହୁଏ ।
ସାଧାରଣତଃ ଏହାର ମଞ୍ଜ କାଠ ନାହିଁ । କିନ୍ତୁ ଏହି ଗଛର କାଠର ମଞ୍ଜ ଥାଏ । ଏଥିରୁ ତେଲ ହୁଏ । ଏହାର ତେଲ କଟୁ କଷାୟ ରସ, ପ୍ଲୀହାନାଶକ, ଗୁଡ଼କର ଓ ରକ୍ତ ପରିଷ୍କାରକ ଏବଂ ଯକୃତ୍, ଗୁଳ୍ମ, କୃମି, ବ୍ରଣ, କୋଷ-ରୋଗ ଓ ଉଦର ରୋଗରେ ବିଶେଷ ଉପକାରୀ ।]

ସୁଅର(ର)—ଦେ. ବି—୧ । ସବାର (ଦେଖ)—1. Sabār (See)
Suār(ra) ୨ । ଶୁଅର (ଦେଖ)—2. Śuar (See)

ସୁଆର—ଦେ. ବି. ପୁଂ(ସଂ. ସୂପକାର)—୧ । ଏକଜାତୀୟ ଅଶ୍ରୋତ୍ରିୟ
Suāra ପାଚକ ବ୍ରାହ୍ମଣ (ପୁରୀ ବଡ଼ ଦେଉଳରେ ଏମାନେ ଭୋଗ
সোয়ার ପ୍ରସ୍ତୁତ କରନ୍ତି)—A kind of low Brāhmana
সূপকার [ଦ୍ର—ପଣ୍ଡା, ପ୍ରତିହାରୀ, ସୁଆର ବା ଦେଉଳିଆ ବ୍ରାହ୍ମଣ ଏକ ଶ୍ରେଣୀର ଅନ୍ତର୍ଗତ । ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ସଙ୍ଗେ ଏମାନଙ୍କର ବୈବାହିକ ସମ୍ବନ୍ଧ ହୁଏ ନାହିଁ—ହୁଣ୍ଟରିଙ୍କ ଉତ୍କଳ ଇତିହାସ ।] ୨ । ରନ୍ଧୁଣି; ସୂପକାର; ପାଚକ—2. Cook. [ଦ୍ର—ବଇଃ ବୋଇଲେ ତେ ! ସୁଆର ବ୍ରାହ୍ମଣ, ପର୍ୟ୍ୟେ ଦଣ୍ଡ ନାହିଁ ନେହକୁ ଅପଣ—କୃଷ୍ଣସିଂହ. ମହାଭାରତ· ? ବନଃ ।] ୩ । ରାଜାଙ୍କ ଖାଦ୍ୟ ଓ ଦେବତାଙ୍କ ଭୋଗ ପାକକାରୀ ସେବକ—3. A cook of a king or an Idol. ୪ । (ଅଶ୍ୱବାର) ଅଶ୍ୱା-
সওয়ার ରୋହୀ; ସବାର—4. Rider. [ଦ୍ର—ଲକ୍ଷ ଘୋଡ଼ା
সবার କଳଙ୍କ ସୁଆର, ପ୍ରଚଣ୍ଡାଚଳେ ପଥେ ଗୁଳବାର—
ଅଭିମନ୍ୟୁ ସାମନ୍ତସିଂହାର. ବିଦଗ୍ଧଚିନ୍ତାମଣି ।]

ସୁଆର ପାଳି—ଦେ.ବି—ରାଜା ଓ ଦେବତାଙ୍କ ପାଇଁ ଅନ୍ନାଦି ପାକ କରିବା
Suāra pāli କ୍ରମରେ ସେବକର ନିର୍ଦ୍ଦିଷ୍ଟ ଦିନ—The turn
সোয়ার পাল of a cook to cook on certain days
সূপকার পারী for a Raja or Idol.

ସୁଆର ପିଠା—ବି—ପୁରୀ ବଡ଼ଦେଉଳରେ ପ୍ରତିଦିନ ସଞ୍ଜ ଧୂପରେ
Suāra piṭhā ଭୋଗ ହେବା ନାନାପ୍ରକାର ପିଠା ମଧ୍ୟରେ ବଡ଼ ପିଠା—A cake offered to Lord Jagannātha at evenving daily.

ସୁଆର ବରତନ—ଦେ. ବି (ସଂ. ସୂପକାର+ହି. ବର୍ତ୍ତନ)—
Suāra baratana ସୂପକାରର ନିର୍ଦ୍ଦିଷ୍ଟ ପାରିଶ୍ରମିକ—The
সোয়ারের বেতন fixed scale of remuneration of a
সূপকার বেতন cook. [ଦ୍ର—ପୁରୀର ଜଗନ୍ନାଥ ଓ ଭୁବନେ-
(ସୁଅର ବର୍ତ୍ତନ—ଅନ୍ୟରୂପ) ଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ଅନ୍ନ-ବ୍ୟଞ୍ଜନାଦି ରନ୍ଧିବା ପାଇଁ ସୁଆରମାନଙ୍କର ପାରିଶ୍ରମିକର ରେଟ୍ ପୂର୍ବ ବନ୍ଧ ଅନୁସାରେ ନିର୍ଦ୍ଦିଷ୍ଟ ଅଛି ।]

ସୁଆର ସେବକ—ଦେ. ବି—ଦେବତାଙ୍କର ପାଚକ ଭୃତ୍ୟ—
Suāra sebaka The cook of an Idol.
সোয়ার সেবক সূপকার সেবক

ସୁଆର ସେବା—ଦେ ବି—ଦେବତାଙ୍କ ଅନ୍ନପାକ କରିବାରୂପ ସେବା—
Suāra sebā The service of a cook of an Idol.
সোয়ার সেবা সূপকার সেবা

ସୁଆର ହେବା—ଦେ. ବି—ସବାର ହେବା (ଦେଖ)
Suāra hebā Sabāra hebā (See)

ସୁଆରି—ଦେ. ବି ଓ ବିଣ—ସବାରି (ଦେଖ)
Suāri Sabāri (See)

ସୁଆ(ଆଁ)ରି—ଦେ· ବି (ସଂ. ସୂପକାର)—ଏକପ୍ରକାର ପୂର ପିଠା—
Suā(āñ)ri A kind of cake with minced sweets
পুরপিঠা or pulse inside. ପ୍ରାଦେ. (ସମ୍ବଲପୁର) ବି—
পিরকিয়া ପୁରି କାକରା—A kind of thin flat sweet pastry bread fried in ghee.

ସୁଆ(ଆଁ)ରି[ଳି]ବା—ଦେ. କ୍ରି (ସଂ. ସ୍ତୋମ=ଗଦା)—୧ । ତୁଳାକୁ
Suā(āñ)ri[li]bā ପିଞ୍ଜିବା ବା ଭଣିବା ପୂର୍ବରୁ ଅଙ୍ଗୁଠିଦ୍ୱାରା
তুলা পেঁজা ତହିଁର ତନ୍ତୁମାନଙ୍କୁ ପୃଥକ୍ ପୃଥକ୍ କରିବା—
তুমনা, উখেড়না 1. To card coarse cotton with the fingers. [ଦ୍ର—ଏପରି କଲେ ତୁଳାରୁ ମଇଳା ଓ ଖଦଡ଼ା ଅଂଶପାକ ବାହାର ଯାଏ ଓ ତାହା ଭଣିବାକୁ ସହଜ ହୁଏ ।] ୨ । ମୁଣ୍ଡର ବାଳକୁ ଅଙ୍ଗୁଳିଦ୍ୱାରା କେରା କେରା କରି ଚିରିବା—2. To separate the hair of the head into sheaves with the fingers.

ସୁଆରୁଣୀ—ଦେ. ବି· ସ୍ତ୍ରୀ—୧ । ରନ୍ଧୁଣୀ—1. A female cook.
Suāruṇī ୨ । ସୁଅରର ସ୍ତ୍ରୀ—2. Wife of a cook.
সোয়ারিনী সূপকারনী (ସୁଅର—ପୁଂ)

ସୁଆ(ଆଁ)ରେ(ଳେ)ଇବା—ଦେ. କ୍ରି—ସୁଆରିବା (ଦେଖ)
Suā(āñ)re(le)ibā Suāribā (See)

ସୁଆଲ (ଇତ୍ୟାଦି) — ବେଦେ. ବି(ଜଡଉଅ)—ସବାଲ୍ ଇତ୍ୟାଦି (ଦେଖ)
Suāl (etc) Sabāl etc (See) [ଦ୍ର—ସୁଆଲରେ ଜବାବ ଦେଲ—ଫକୀରମୋହନ. ଛଅ ମାଣ ଆଠ ଗୁଣ ।]

ସୁଆଲି—ବେଦେ. ବି(ଜଡଉଅ)—ସବାଲି (ଦେଖ)—Sabāli (See)
Suāli (ସୁଅଲିଅ—ଅନ୍ୟରୂପ)

ସୁଆ(ଆଁ)ଳି—ଦେ. ବି—ଏକପ୍ରକାର ପୂର ଥିବା ପିଠା—A kind of
Suā(āñ)li sandwiched cake. ପ୍ରାଦେ. (ଗଞ୍ଜାମ)
একপ্রকার পুর পিঠা ବି—ବାଲ୍ଙ୍କ କାକରା—A sweet cake
পিরকিয়া without sandwich inside it.

ସୁଆଳି ଦେବା—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି—ଅଙ୍ଗ ଘଷିବା—
Suāli debā To massage or chafe the limbs.

ସୁଆଳି ଲତା—ଦେ. ବି (ସଂ. ସୁବହା)—ଔଷଧରେ ବ୍ୟବହୃତ ଲତା-
Suāli latā ବିଶେଷ; ଗୋଧାପଦୀ—A kind of creeper
সুবহা used in medicine. [ଦ୍ର—ଏହାର
গোধাপদী লতা ସଂସ୍କୃତ ନାମ 'ଗୋଧାପଦୀ', 'ସୁବହା'—ଚକ୍ରପାଣି. ହରେକୃଷ୍ଣ ମିଶ୍ର· ଦ୍ରବ୍ୟଗୁଣ ।]

ସୁଆସୀ—ପ୍ରାଦେ. (ଲବଣ) ବି—ଅବିଧବା ସ୍ତ୍ରୀ—A housewife
Suāsī with her husband living.
(ସୁଅସେନ୍—ବନ୍ଧୁବଚନ)

ସୁଇ—ପ୍ରାଦେ· ବି—୧ । (ବାଲେଶ୍ୱର ପ୍ରାନ୍ତ ଓ ସମ୍ବଲପୁର) ଛୁଞ୍ଚ—
Sui 1. Needle. ୨ । (ବାଲେଶ୍ୱର ପ୍ରାନ୍ତ) କୁମ୍ଭାର—
2. Potter. (ଦ୍ର—ସୁଇ ସୁମାର, ସବୁଠଇଁ ଠକ ବଢ଼େଇ କମାର – ପ୍ରବଚନ ।) ୩ । (ବାମଣ୍ଡା) ପକ୍ଷୀ ବିଶେଷ—3. The name of a bird. ୪ । (ବଙ୍ଗିର ପାଠଣା) ସୁଙ୍କି (ମୁଦ୍ରା)—4. A four-anna bit. (ଦ୍ର—ସୁଇ ସୁଧ=ସୁକି ସୁଧ ।)

ସୁଇଚ୍—ବୈଦେ. ବି (ଇଂ. ସ୍ୱିଚ୍)—କୌଣସି କଳ (ଯଥା—
Suich ବୈଦ୍ୟୁତିକ ଆଲୋକ, ପଙ୍ଖା) ଆଦିକୁ ସଂଯୁକ୍ତ କରିବା
स्विच ପାଇଁ ତାର ସଙ୍ଗେ ଲାଗିଥିବା ଗୁଟି (ଏହାକୁ ଟିପି ଦେବା
स्वीच ମାତ୍ରକେ ଏଥି ସଂଯୁକ୍ତ ଆଲୁଅ ଜଳି ଉଠେ ବା ପଙ୍ଖା
(ସ୍ୱିଚ୍—ଅନ୍ୟରୂପ) ଚଳେ । ଆଉ ଥରେ ଟିପି ଦେଲେ କଳର ଗତି ବନ୍ଦ ହୁଏ)—A switch of an electric installation. [ଦ୍ର- ଏହି ଇଂରାଜୀ ଶବ୍ଦ ସଙ୍ଗେ ଅନେକଗୁଡ଼ିଏ ଅନ୍ୟ ଇଂରେଜୀ ଶବ୍ଦ ମଧ୍ୟ ଭାଷାରେ ବ୍ୟବହୃତ ହେଉଛି । ଯଥା—ସୁଇଚ୍ ବୋର୍ଡ଼୍ (Switch board), ସୁଇଚ୍ ଲାଇଟ୍ (Switch light), ସୁଇଚ୍ ବେଲ୍ (Switch bell), ସୁଇଚ୍ ରୋପ୍ (Switch rope)]

ସୁଇଚ୍ କ(ମା)ରିବା—ଦେ· କି (ଇଂ. ସ୍ୱିଚ୍)—ବୈଦ୍ୟୁତିକ ଆଲୁଅ ବା
Suich ka(mā)ribā ଅନ୍ୟ ଯନ୍ତ୍ରକୁ ଚଳାଇବା ବା ବନ୍ଦ କରିବା
(ସ୍ୱିଚ୍ କରିବା—ଅନ୍ୟରୂପ) ପାଇଁ ଯନ୍ତ୍ରାଂଶକୁ ଚାବିରେ ହାତ
स्विच करना ମାରିବା—To switch the key of any
स्वीच करना electric light, fan etc.

ସୁଇଜର ଲ(ଲା)ଣ୍ଡ୍—ଦେ· ବି (ନାମ) (ଇଂ. ସ୍ୱିଜର୍ ଲ୍ୟାଣ୍ଡ୍)—
Suijar la(lā)ṇḍ ଆଲ୍ପସ୍ ପର୍ବତର ଉତ୍ତରରେ ଥିବା ୟୁରୋପର
स्विजर लाण्ड् ପାର୍ବତ୍ୟ ରାଜ୍ୟବିଶେଷ ଓ ୟୁରୋପର କ୍ଷୁଦ୍ର ତମ
स्विजर लैंड ରାଜ୍ୟ—Switzerland. [ଦ୍ର—ଏହି ରାଜ୍ୟର
ସ୍ୱିଜର୍ ଲ(ଲା)ଣ୍ଡ୍ / ସୁଇଟ୍‌ଜର୍ ଲ(ଲା)ଣ୍ଡ୍ / ସ୍ୱିଟ୍‌ଜର୍ ଲ(ଲା)ଣ୍ଡ୍ } 'ଜେନେଭା' ନଗର ଘଣ୍ଟା ଓ ଘଣ୍ଟା ତିଆରି କାମିଗିରି ପୃଥିବୀରେ ପ୍ରସିଦ୍ଧ । ଏହି ରାଜ୍ୟ ଜର୍ମାନୀର ଦକ୍ଷିଣ ଓ ଇଟାଲୀର ଉତ୍ତରରେ ଅବସ୍ଥିତ । ଏଥିର ପଶ୍ଚିମରେ ଫ୍ରାନ୍ସ ଓ ପୂର୍ବରେ ଅଷ୍ଟ୍ରିୟା । ବର୍ଣ୍ଣ (Berne) ଏହାର ରାଜଧାନୀ । ଏ ଦେଶବାସୀଙ୍କୁ ସୁଇସ୍ (Swiss) ବୋଲାଯାଏ । ଏଥିରେ ପ୍ରଜାତନ୍ତ୍ର ଶାସନ ପ୍ରତିଷ୍ଠିତ । ଏହାର ମନୋହର ଆଲ୍ପସ୍ ପର୍ବତର ଓ ହ୍ରଦମାନଙ୍କ ଦୃଶ୍ୟ ଦେଖିବା ଲାଗି ବହୁସଂଖ୍ୟକ ଯାତ୍ରୀ ପ୍ରତିବର୍ଷ ଏଠାକୁ ଆସନ୍ତି ।]

ସୁଇଝ୍‌ବା—ପ୍ରାଦେ (ଲହରା) କ୍ରି—ସୁଝିବା—
Suijh-bā To repay.

ସୁଇଡ୍—ବୈଦେ. ବି (ନାମ) (ଇଂ. ସ୍ୱୀଡ୍)-ସୁଇଡେନ୍ ଦେଶବାସୀ—
Suiḍ स्विड् स्वीड् A Swede.
(ସ୍ୱିଡ୍—ଅନ୍ୟରୂପ)

ସୁଇଡିଶ୍—ବୈଦେ· ବିଣ—(ଇଂ. ସ୍ୱିଡିଶ୍)—ସୁଇଡେନ୍ ଦେଶ
Suiḍiś ସମ୍ବନ୍ଧୀୟ—Swedish.
स्विडिश् स्वीडिष

ସୁଇଡେନ୍—ବୈଦେ· ବି (ନାମ) (ଇଂ)—ଉତ୍ତରୟୁରୋପର ଶୀତପ୍ରଧାନ
Suiḍen ରାଜ୍ୟ ବିଶେଷ—Sweden. [ଦ୍ର—ଏହା ଉତ୍ତରୟୁରୋପର
स्विडेन् ଉତ୍ତର-ପଶ୍ଚିମ ପ୍ରାନ୍ତସ୍ଥ ନରୱେ ରାଜ୍ୟର ପୂର୍ବରେ
वीडेन ଅବସ୍ଥିତ । ଏହାର ପଶ୍ଚିମରେ ନରୱେ, ଉତ୍ତରରେ ଲାପ୍‌ଲାଣ୍ଡ୍, ପୂର୍ବରେ ବାଲ୍‌ଟିକ୍ ଓ ବୋଥ୍‌ନିଆ ଉପସାଗର ଏବଂ ଦକ୍ଷିଣରେ ବାଲ୍‌ଟିକ୍ ଉପସାଗର । ଏହା ରାଜାଙ୍କ ଦ୍ୱାରା ଶାସିତ । ଏଥିର ପ୍ରଧାନ ନଗର ଷ୍ଟକ୍‌ହଲ୍‌ମ୍ ।]

ସୁଇଲ୍—ପ୍ରାଦେ(ବଲାଙ୍ଗିର ପାଠଣା)ବି—୧ । ଧାନ ବୁହାଇ ନେବାର
Suil ଆଧାର—1. A receptacle for carrying paddy.
୨ । ଝାଉଁଳିଆ—2. The stem of a jute plant shorn of its fibres.

ସୁଇସ୍—ବୈଦେ· ବିଣ· (ନାମ) (ଇଂ. ସ୍ୱିସ୍)—ସୁଇଜର୍‌ଲାଣ୍ଡ୍‌ର
Suis ଅଧିବାସୀ—A Swiss. ଦେ. ବିଣ—ସୁଇଜର୍‌ଲାଣ୍ଡ୍ ଦେଶ
(ସ୍ୱିସ୍—ଅନ୍ୟରୂପ) ସମ୍ବନ୍ଧୀୟ—Swiss.
स्विस् स्वीस

ସୁଉ—ଦେ· ଅ (ଧ୍ୱନ୍ୟର୍ଥ)—ସୁ ସୁ (ଦେଖ)
Su-u Su su. (See)
(ସୁଦ୍ରୁ ସୁଉ—ଅନ୍ୟରୂପ)

ସୁଉଁ—ଦେ. ବି (ଧ୍ୱନ୍ୟର୍ଥକ)—ସୁଁ ସୁଁ (ଦେଖ)
Su-uñ Suñ suñ. (See)
(ସୁଉଁ ସୁଦ୍ରୁଁ—ଅନ୍ୟରୂପ)

ସୁଉକା(କି) (ଇତ୍ୟାଦି)—ଦେ. ବି (ସଂ· ଚତୁଷ୍କ)—ସିଉକା ଇତ୍ୟାଦି
Su-ukā(ki) (etc) (ଦେଖ)—Siukā etc. (See)

ସୁଉକାର (ଇତ୍ୟାଦି)—ଗ୍ରା· ବି (ସଂ. ସ୍ୱୀକାର)—ସୀଉକାର ଇତ୍ୟାଦି
Su-ukāra (etc) (ଦେଖ)—Siukāra etc. (See)

ସୁଉସିବା—ଦେ. କି (ଧ୍ୱନ୍ୟନୁକରଣ)—କୌଣସି ବ୍ୟକ୍ତିକୁ ମାରିବା
Su-usibā ପାଇଁ ଅତି ଜୋର୍‌ରେ ଦଉଡ଼ି ଆସିବା—
मार्‌ते दौड़ा To advance furiously towards a
हुरुकना person to strike a blow.

ସୁଏଜ୍—ଦେ· ବି (ନାମ)—ୟୁରୋପ ଓ ଆସିଆର ମଧ୍ୟବର୍ତ୍ତୀ ଯୋଜକ,
Suej (ବର୍ତ୍ତମାନ ଯାହା କେନାଲରେ ପରିଣତ ହୋଇ ଭୂମଧ୍ୟସାଗର
स्वेज् ଓ ଲୋହିତସାଗରକୁ ଯୋଗ କରୁଅଛି (ନଗର, ପ୍ରଣାଳୀ,
सुएज କେନାଲ୍)—Suez (isthmus, canal, gulf and town.

ସୁଏଜ୍ କେନାଲ୍ (ଖାଲ, ନାଳ)—ଦେ· ବି—ଭୂମଧ୍ୟସାଗର ଓ
Suej kenāl (khāla, nāla) ଲୋହିତସାଗରକୁ ଯୋଗ
स्वेज केनाल କରିଥିବା ନାଳ—Suez canal. [ଦ୍ର—ଏହି
सुएज केनाल ନାଳ ଖୋଳା ହେବା ପୂର୍ବେ ସାହେବମାନେ ଭାରତକୁ ଜଳପଥରେ ଆସିବା ପାଇଁ ଆଫ୍ରିକାର ଉତ୍ତମାଶା ଅନ୍ତରୀପ (Cape of Good Hope) ବାଟେ ବୁଲି କରି ଆସୁଥିଲେ । ଏହି ନାଳକୁ ଜଣେ ଫରାସୀ ଇଞ୍ଜିନିଅର୍ ବୁଦ୍ଧିବଳରେ ଖୋଳାଇବାରୁ ଏହି ନାଳ ବାଟେ ସାହେବମାନେ ଭୂମଧ୍ୟସାଗରରୁ ଲୋହିତସାଗର ଓ ଆରବ ଉପସାଗର ବାଟେ ଭାରତକୁ ଆସୁଅଛନ୍ତି । ଏହି ନାଳ ବ ମାନ-

ଇଂରାଜଙ୍କ ଅଧିକୃତ । ଏହାର ଉତ୍ତର ପ୍ରାନ୍ତରେ ପୋର୍ଟ ସଇଦ୍ ଓ ଦକ୍ଷିଣରେ ସୁଏଜ୍ ନଗର ନାମକ ଦୁଇଟି ବନ୍ଦର ଅବସ୍ଥିତ ।]

[ମିଶ୍ର ଦେଶର ପ୍ରାଚୀନ ନରପତି ଫାରାଓମାନଙ୍କ [Pharaohs] ସମୟରେ ଲୋହିତ ସାଗରଠାରୁ ନାଇଲ୍ [ନୀଳ] ନଦୀର ତ୍ରିକୋଣ ଭୂମି [ଡେଲ୍ଟା] ପର୍ଯ୍ୟନ୍ତ ଗୋଟିଏ କେନାଲ୍ ଖୋଲା ହୋଇଥିଲା । ଏହାର ଚିହ୍ନ ଅଦ୍ୟାପି ବିଦ୍ୟମାନ ରହିଅଛି । କିଛିକାଳ ପରେ ସେଥିରେ ବାଲି ଜମିଗଲା । ତତ୍ପରେ ପାରସୀକମାନେ ଆସି ବାଲି କଢ଼ାଇ କେନାଲର ପୁନଃପ୍ରତିଷ୍ଠା କରିଥିଲେ । ଏମାନଙ୍କ ପରେ ଖ୍ରୀଷ୍ଟ ଶତାବ୍ଦୀ ଆରମ୍ଭର ପ୍ରାୟ ଦୁଇଶତ ବର୍ଷ ପୂର୍ବରୁ ମିଶରର ନରପତିମାନଙ୍କ ଦ୍ୱାରା କେନାଲ୍ ଖୋଲା ହେଲା । ତତ୍ପରେ ଆଉ ଥରେ ମିଶରର ମୁସଲମାନ୍ ବିଜେତାମାନେ ଏହି କେନାଲକୁ ଖୋଲାଇଥିଲେ । କିନ୍ତୁ ଇତିମଧ୍ୟରେ ଅତ୍ୟାଧୁନିକ ଧରଣର କେନାଲ୍ ଖୋଲା ହେଲା ଏବଂ ସେହି ପୁରାତନ କେନାଲଟି ଅସ୍ତେ ଅସ୍ତେ ଲୋପ ପାଇ ଗଲା ।

ପ୍ରାୟ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫର୍ଡିନାଣ୍ଡ୍ ଡି ଲେସେପ୍‌ସ୍ (Ferdinand de Lesseps) ନାମକ ଜଣେ ଫରାସୀ ଇଞ୍ଜିନିଅର୍ ଅସୀମ ଉତ୍ସାହରେ ଗୋଟିଏ ନକ୍‌ସା ପ୍ରସ୍ତୁତ କଲେ । ସେ କିଛିକାଳ ଉତ୍ତାରେ ମିଶରର ରାଜା ଖେଦିଭ୍ [Khedive] ଙ୍କ ସାହାଯ୍ୟ ଲାଭ କରିବାରେ କୃତକାର୍ଯ୍ୟ ହୋଇଥିଲେ । ୧୮୫୬ ଖ୍ରୀଷ୍ଟାବ୍ଦରେ ସୁଏଜ୍ କେନାଲ୍ କୋମ୍ପାନୀ ସ୍ଥାପିତ ହୋଇଥିଲା । କେନାଲ ଖନନ ପାଇଁ ଯେତେ ଟଙ୍କା ଦରକାର ହୋଇଥିଲା ସେଥିରୁ ଅଧେ ଫ୍ରାନ୍ସ ଓ ଅଧେ ଖେଦିଭ୍ ସାହାଯ୍ୟ କରିଥିଲେ । ଖେଦିଭ୍ କେନାଲ୍ ଖୋଲା କାର୍ଯ୍ୟରେ ଖୁବ୍ ସାହାଯ୍ୟ କରିଥିଲେ । ସେ ଖୋଲା କାର୍ଯ୍ୟ ପାଇଁ କୁଲି ଯୋଗାଇ ଥିଲେ । ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଦଶ ବର୍ଷ କାଳ ଲାଗିଥିଲା । ସାମ୍ରାଜ୍ଞୀ ଇଉଜିନି [Eugenie] ଙ୍କ ଦ୍ୱାରା ୧୮୬୯ ମସିହା ନଭେମ୍ବର ମାସ ୧୭ ତାରିଖ ଦିନ କେନାଲ୍ ଖୋଲାଗଲା । ୧୮୭୫ ମସିହାରେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଡିସ୍‌ରେଲି [Disraeli] ଇଂରେଜମାନଙ୍କ ପାଇଁ ସମସ୍ତ ୪୦୦,୦୦୦ ଅଂଶ ମଧ୍ୟରୁ ଖେଦିଭ୍‌ଙ୍କ ଭାଗ ୧୭୬,୬୦୨ ଗୋଟି ଅଂଶ ୪୦ ଲକ୍ଷ ପାଉଣ୍ଡ୍ ମୂଲ୍ୟ ଦେଇ କିଣି ନେଲେ । ଅଳ୍ପଦିନେ ଏହି ଅଂଶ ଗୁଡ଼ିକର ମୂଲ୍ୟ ୩ କୋଟି ୬୫ ଲକ୍ଷ ୨୪ ହଜାର ୩୫୦ ପାଉଣ୍ଡକୁ ବଢ଼ିଗଲା ।

୧୮୮୮ ମସିହାରେ ଅନ୍ତର୍ଜାତୀୟ ଚୁକ୍ତିପତ୍ର ଦସ୍ତଖତ ହୋଇଗଲା । ଏହା ଫଳରେ ସବୁ ଦେଶର ଯୁଦ୍ଧ ଜାହାଜ, ମାଲ ବୋହୂଥିବା ଜାହାଜ ଇତ୍ୟାଦି କି ଯୁଦ୍ଧ, କି ଶାନ୍ତି, ସମସ୍ତ ସମୟରେ ସୁଏଜ୍‌କେନାଲ୍ ମଧ୍ୟ ଦେଇ ଯାତାୟାତ କରିବା ପାଇଁ ଅନୁମତି ପାଇଲେ ।

ସୁଏଜ୍ କେନାଲ୍ ପୋର୍ଟସଇଦ୍ ବନ୍ଦରଠାରୁ ସୁଏଜ୍ ବନ୍ଦର ପର୍ଯ୍ୟନ୍ତ ଏକ ଶତ ମାଇଲ ଲମ୍ବ । ପ୍ରଥମେ କେନାଲ୍‌ର ଓସାର ୭୨ ଫୁଟ ଥିଲା । ଏହା କ୍ରମେ ବୃଦ୍ଧି ପାଇଅଛି । ବର୍ତ୍ତମାନ କୌଣସିଠାରେ କେନାଲର ଓସାର ୧୩୫ ଫୁଟରୁ ଊଣା ନୁହେଁ । ସ୍ଥାନେ ସ୍ଥାନେ କେନାଲ୍‌ର ଓସାର ୧୯୬ ଫୁଟ୍ ଓ ବାଙ୍କ ମାନଙ୍କରେ ତାହାର ଓସାର ୬୫୦ ଫୁଟ୍ । ବର୍ତ୍ତମାନ କେନାଲ୍‌ର ଗଭୀରତା ପ୍ରାୟ ୪୦ ଫୁଟ୍ । ଯେଉଁ ଜାହାଜମାନ ୩୩ ଫୁଟରୁ କମ ଗଭୀର ଜଳରେ ଗତି କରିପାରେ, ସେହିପରି ଜାହାଜଗୁଡ଼ିକ କେବଳ କେନାଲ୍ ଭିତରେ ଯାତାୟାତ କରିବା ପାଇଁ ଅନୁମତି ପାଆନ୍ତି ।

ଏକା ସାଙ୍ଗରେ ଦୁଇଟି ଜାହାଜ କେନାଲ୍‌ରେ ଯାଇ ପାରେ ନାହିଁ । କେବଳ ଖୁବ୍ ଓସାରିଆ ଗ୍ରେଟ୍ ବିଟର୍ ହ୍ରଦ ବ୍ୟତୀତ କେନାଲ୍‌ର ଅନ୍ୟ ଅଂଶମାନଙ୍କରେ ଗୋଟିଏ ଜାହାଜ କୂଳର ଦେହକୁ ଲାଗି ରହିଲେ ବିପରୀତ ଦିଗରୁ ଆସୁଥିବା ଜାହାଜ ଚାଲିଯିବାକୁ ସ୍ଥାନ ପାଏ । କେନାଲ କୂଳରେ ତେର ଗୋଟି ସିଗନାଲ୍ ଷ୍ଟେସନ୍ ଅଛି ।

ବଡ଼ ବଡ଼ ଜାହାଜମାନଙ୍କୁ କେନାଲ୍ ଭିତରେ ଘଣ୍ଟାରେ ପ୍ରାୟ ସାଢ଼େ ଛଅ ମାଇଲ୍‌ରୁ ବେଶୀ ବେଗରେ ଚଳାଇବାର ନିୟମ ନାହିଁ । କେବଳ ଗ୍ରେଟ୍ ବିଟର୍ ହ୍ରଦରେ ବେଶୀ ସ୍ଥାନ ଥିବାରୁ ଜାହାଜ ସେଠାରେ ଅଧିକ ବେଗରେ ଚଳେ ।

ବଡ଼ ବଡ଼ ଜାହାଜଗୁଡ଼ିକୁ ଥରେ କେନାଲ୍‌ରେ ଯିବା ପାଇଁ ପ୍ରାୟ ୩ହଜାର ପାଉଣ୍ଡ୍ ମାସୁଲ ଦେବାକୁ ହୁଏ । ଜାହାଜକୁ କେନାଲ୍ ପାର ହେବା ନିମିତ୍ତ ବର୍ତ୍ତମାନ ପ୍ରାୟ ୧୨ ଘଣ୍ଟାରୁ ୧୫ ଘଣ୍ଟା ଲାଗେ । ଦିନରେ ପ୍ରାୟ ୧୬ଟି ଜାହାଜ ସୁଏଜ୍ କେନାଲ୍ ବାଟେ ଯାତାୟାତ କରେ । ସୁଏଜ୍ କେନାଲ୍ ବାଟେ ଯାତାୟାତ କରୁଥିବା ଜାହାଜ ଗୁଡ଼ିକ ଭିତରୁ ଶତକଡ଼ା ୫୫ଟି ଜାହାଜ ଇଂରେଜମାନଙ୍କର ।

ଏ ସନ୍ଦର୍ଭ P & O Company ଙ୍କ ପ୍ରକାଶିତ Suez Canal ଇଂରାଜି ପ୍ରବନ୍ଧର ଅବଲମ୍ବନରେ ଶ୍ରୀ ବସନ୍ତକୁମାର ବେହେରାଙ୍କ ଦ୍ୱାରା ଲିଖିତ ଓ ନବଭାରତ (୬।୧)ରେ ପ୍ରକାଶିତ ।]

ସୁଏଜ୍ ନଗର (ବନ୍ଦର)—ଦେ. ବି—ସୁଏଜ୍ କେନାଲ୍‌ର ଦକ୍ଷିଣ **Suej nagara (bandara)** ପ୍ରାନ୍ତରେ ସୁଏଜ୍ ପ୍ରଣାଳୀରେ ସুয়েজ্ বন্দর सुएजनगर ଅବସ୍ଥିତ ବନ୍ଦର—The port of Suez.

ସୁଏଜ୍ ପ୍ରଣାଳୀ—ଦେ. ବି—ଲୋହିତ ସାଗରର ଉତ୍ତର ପଶ୍ଚିମ **Suej praṇāli** କୋଣରେ ଥିବା ପ୍ରଣାଳୀ, ଯାହାର ଉତ୍ତର ସুয়েজ্ প্রণালী କୋଣରୁ ଭୂମଧ୍ୟସାଗରକୁ କାଲ ଖୋଲା ହୋଇଅଛି— सुएज प्रणाली The bay of Suez.

ସୁଉର୍ (ଇତ୍ୟାଦି) — ଦେ ବ—ଶୁଅର୍, ଇତ୍ୟାଦି (ଦେଖ)
Suor (etc) Śuar etc. (See)

ସୁଂ (ସୁଁ)—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଶରଦ ସମୟରେ ଶ୍ଳେଷ୍ମା-
Sum (suñ) ଯୁକ୍ତ ନାକରୁ ବାହାରିବା ଅନୁନାସିକ ଶବ୍ଦ—
(ସୁଁ ସୁଁ — ଅନ୍ୟରୂପ) 1. Nasal sound due to cold.
स्ँ सुँ ୨ । ଶବେଇ କରି ଧୀରେ ଧୀରେ କାନ୍ଦିବାର ଶବ୍ଦ—
2. Sound of sighing cry. ୩ । ଥଣ୍ଡାରେ ନାକ
ସୋଛିବାର ଶବ୍ଦ ; ସଇଁ ସଇଁ—3. The sound of
clearing the nose affected with cold.

ସୁଂ(ସୁଁ)ଗା(ଘା)—ଦେ. ବ ଓ ବିଣ—ଶୁଙ୍ଗା (ଦେଖ)
Sum(suñ)gā(ghā) Śuṅgā. (See)

ସୁଂ[ସୁଁ]ଗା[ଗେ,ଘା,ଘେ]ଇବା—ଦେ. କ୍ରି—ଶୁଙ୍ଗାଇବା [ଦେଖ]
Sum[suñ]gā[ge,ghā,ghe]ibā Śuṅgāibā [See]

ସୁଂ[ସୁଁ]ଗା[ଘା] ସୁଂ[ସୁଁ]ଗି[ଘି]—ଦେ. ବ—ଶୁଙ୍ଗାଶୁଙ୍ଗି [ଦେଖ]
Sum[suñ]gā[ghā] sum[suñ]gi[ghi] Śuṅgāśuṅgi. [See]

ସୁଂ[ସୁଁ]ଗି[ଘି]ବା—ଦେ. କି—ଶୁଙ୍ଗିବା [ଦେଖ]
Sum[suñ]gi[ghi]bā Śuṅgibā. [see]

ସୁଁ—ଦେ. ଅ [ପଞ୍ଚମୀ ବିଭକ୍ତି ଚିହ୍ନ]—୧ । ରୁ; ଠାରୁ—1. From;
Suñ since. [ଦ୍ର—ବଙ୍ଗଳାଠାରେ । ଏବେ ଗୁଣ ବୋଲି ଜାଣି
ହଇতে, থেকে से ଥିଲି କି । ବୋଲସୁଁ ନ କହିଲ; ଫୁଲ ସବୁ କରି
ତୋଳ ଧରି ଥିଲି କୋଲ୍ଡ଼ ପରେଇଲି—ଉଗ ।] ୨ । ସୁଂ
(ଦେଖ)—2. Sum (See)

ସୁଁଆଁ (ଇତ୍ୟାଦି)—ଦେ. ବ—ସୁଅଁ ଇତ୍ୟାଦି (ଦେଖ)
Suñāñ (etc) Suāñ etc (See)

ସୁଁକାର—ଦେ. ବ—ନାକର ସୁଁ ସୁଁ ଶବ୍ଦ—
Suñkāra Nasal hissing sound.
सूँकार सुंकार

ସୁଁତ—ପ୍ରାଦେ. (ଲବଣ) ବ (ତୁଳ. ହି. ସୂତା)—ସୂତା—
Suñta Thread.

ସୁଁଣ(ଥା) (ଇତ୍ୟାଦି)—ପ୍ରା ବ—ସୁଣ୍ଠା ଇତ୍ୟାଦି (ଦେଖ)
Suñtā(thā) (etc) Sunthā etc (See)

ସୁଁତା(ଥା)ଣୀ—ଦେ. ବ—ସୁଣ୍ଠାଣି (ଦେଖ)
Suñtā(thā)ṇi Sunthāṇi (See)

ସୁଁଥାଣ(ଣି)—ଦେ. ବ—ସୁଣ୍ଠାଣ (ଦେଖ)
Suñthāṇa(ṇi) Sunthāṇa (See)

ସୁଁସୁଁଆଁ (ୟାଁ)—ଦେ. ବିଣ, ପୁଂ—ଯେଉଁ ବ୍ୟକ୍ତି ସୁଁ ସୁଁ ଶବ୍ଦ କରେ—
Suñsuñāñ(yāñ) Making small nasal sounds.
सूँसूँये सुं सुं करने वाला (ସୁଁସୁଁଈ—ସ୍ତ୍ରୀ)

ସୁଁ ସୁଁ କାନ୍ଦିବା- ଦେ. କି—ବଡ଼ ପାଟି ନ କରି, ଫୁଣି ଫୁଣି, ସୁଁ ସୁଁ
Suñ suñ kāndibā ଶବ୍ଦ କରି କାନ୍ଦିବା—To moan
फुँपिये फुँपिये काँदा with suppressed hissings.
सुसुक सुसुक रोना

ସୁଁ ସୁଁ ହେବା—ଦେ. କି—୧ । ଶର୍ଦି ଯୋଗୁଁ ଅନୁନାସିକ ନିଶ୍ୱାସ-ଶବ୍ଦ
Suñ suñ hebā ହେବା—1. To make a nasal
सूँ सूँ करा sound of breathing. ୨ । ସବେଇ କରି
सुं सुं करना କାନ୍ଦିବା—2. To moan with sighs and
suppressed hissings.

ସୁକ୍[କୁ]ଟ[ଟା]ଲା[ଲ]—ଦେ. ବ—ଶୁକ୍ଟଲା (ଦେଖ)
Suk-[ku]ta[tā]lā[la] Śuk-talā (See)

ସୁକ୍ତାନି—ଦେ. ବ (ସ. ସୁକ୍ତ)—ଶୁକ୍ତାନି (ଦେଖ)
Suk-tāni Śuktāni (See)

ସୁକ୍ପାଲ୍—ପ୍ରାଦେ. (କଟକ) ବ—ପାଲିଙ୍କି—
Suk-pāl Palanquin.

ସୁକ୍[କୁ]ସୁକ୍[କୁ] (ଇତ୍ୟାଦି)—ଦେ. ବଣ—ଶୁକ୍ ଶୁକ୍ ଇତ୍ୟାଦି
Suk-[ku]suk-[ku] (etc) (ଦେଖ)—Śuk śuk etc
(See)

ସୁକ୍[କୁ]ସୁକା—ଦେ. ବଣ ପୁଂ—ଶୁକ୍ଶୁକା (ଦେଖ)—Śuk-śukā
Suk-[ku]sukā (ସୁକ୍[କୁ]ସୁକିଆ—ଅନ୍ୟରୂପ) (See)
(ସୁକ୍[କୁ]ସୁକୀ, ସୁକ୍[କୁ]ସୁକେଇ—ସ୍ତ୍ରୀ)

ସୁକ—ଦେ. ବ—ସୁକୁମାରର ଡାକ ନାମ—Nickname for Suku.
Suka māra. ଗ୍ରା. ବ (ସ. ସୁଖ; ପ୍ରା. ସୁକ୍ଖ)—୧ । ଶୁକ
सुकों ବ. (ଦେଖ)—1. Śuka (See) ୨ । (ସ.
सुक ସୁଖ) ସୁଖ—2. Happiness. ୩ । ଆନନ୍ଦ—
3. Pleasure. ୪ । ସ୍ୱାସ୍ଥ୍ୟ—4. Health. ଗ୍ରା.
শুকনো सुखा ବଣ (ସ. ଶୁଷ୍କ; ପ୍ରା. ଶୁକ୍କ)—ଶୁଖିଲା; ଶୁଷ୍କ—
Dry.

ସୁକଟ (ଇତ୍ୟାଦି)—ଦେ. ବ—ସୁକୁଟ ଇତ୍ୟାଦି (ଦେଖ)—
Sukaṭa (etc) Sukuṭa etc (See) [ଦ୍ର—ଯାହାର
ଥିବ ବେଢ଼ିତ ଅବଃ । ବେଷ୍ଟିତ ଭୂମେ ତାହାର ସୁକଟ—
କବିସୂର୍ଯ୍ୟ, ଗୀତ ।]

ସୁକଟାକ୍ଷା—ସ. ବଣ(ବହୁବ୍ରୀହି; ସୁ+କଟାକ୍ଷ+ଆ)—ସୁନୟନା; ସୁନୟନା
Sukaṭākshā —(a woman) Having charming
and ogling eyes. [ଦ୍ର—ବଣତ ଭ୍ରୂ ଦେଖି
ବଣା । ଚକ୍ଷୁଶରେ କ ରୂପରେ ଅଛ ସୁକଟାକ୍ଷା—ଉପ୍ତ,
ବୈଦେହୀଶବିଳାସ ।]

ସୁକଠିନ—ସ. ବଣ—୧ । ଅତି କଠିନ; ଅତି ଦୃଢ଼—
Sukaṭhina 1. Very hard. ୨ । ଦୁଷ୍କର—
2. Very difficult.

ସୁକଣ୍ଟକା—ସ. ବ—ଘୃତକୁମାରୀ (ଗୃହକନ୍ୟା)—
Sukaṇṭakā The Indian aloe; Aloe Indica.

ସୁକଣ୍ଠ—ସ. ବ—ମଧୁର କଣ୍ଠ ସ୍ୱର—Sweet tone. ସ.
Sukaṇṭha ବଣ. ପୁଂ (ବହୁବ୍ରୀହି)—ଉତ୍ତମ ବା ମଧୁର
[ସୁକଣ୍ଠୀ—ସ୍ତ୍ରୀ. ବଣ] କଣ୍ଠ ସ୍ୱରବିଶିଷ୍ଟ —Having a sweet
tone; sweet-toned; melodious.

ସୁକଣ୍ଠୀ—ବି. ବଣ. ସ୍ତ୍ରୀ (ସଂ. ସୁକଣ୍ଠା)—୧ ମଧୁର ସ୍ୱରବିଶିଷ୍ଟା
Sukanṭhī (ସ୍ତ୍ରୀ)—1. (a lady) Having a
सुकण्ठि sweet tone. ୨ । ସୁନ୍ଦରକଣ୍ଠଯୁକ୍ତା—
सुकंठी 2. (a woman) Having a beautiful neck.

ସୁକଣ୍ଡୁ—ସଂ. ବ—କଣ୍ଡୁ ରୋଗ; କାଛୁ [ଶବ୍ଦରତ୍ନାବଳୀ]—
Sukaṇḍu Itches.

ସୁକନ୍ଦ—ସଂ. ବ—କଶେରୁ [ରାଜନିର୍ଘଣ୍ଟ]; ମୁଥା—
Sukanda Grass-root; Cyprus Rotunda.

ସୁକନ୍ଦକ—ସଂ. ବ—୧ । ପଲାଣ୍ଡୁ; ପିଆଜ—1. Onion. ୨ । ବାରାହୀ
Sukandaka କନ୍ଦ—2. A medicinal root bulb;
Disocorea. ୩ । ଧରଣୀ କନ୍ଦ—
3. A medicinal root bulb.

ସୁକନ୍ଦୀ—ସଂ. ବ—ଶୂରଣ; ଓଲୁଅ (ରାଜନିର୍ଘଣ୍ଟ)—
Sukandī Wild taro; wild arum.

ସୁକନ୍ୟକ—ସଂ. ବଣ. ପୁଂ (ବହୁବ୍ରୀହି; ସୁ+କନ୍ୟକା+ଅ)—
Sukanyaka ଯାହାର କନ୍ୟା ସୁନ୍ଦରୀ—Having a beauti-
[ସୁକନ୍ୟକା—ସ୍ତ୍ରୀ] ful daughter.

ସୁକନ୍ୟା—ସଂ. ବ (କର୍ମଧା)—୧। ସୁନ୍ଦରୀ କନ୍ୟା—1. A beauti-
Sukanyā ful girl. ୨। (ନାମ) ଶର୍ଯ୍ୟାତି ରାଜାଙ୍କ କନ୍ୟା;
ଚ୍ୟବନ ଋଷିଙ୍କ ସ୍ତ୍ରୀ—2. Name of the wife of
Chyabana sage. [ଉ—ସୁକନ୍ୟା ଚ୍ୟବନ
ସମୀପେ । ଶୋଭି ମନ ଅନୁରୂପେ—ଜଗନ୍ନାଥ. ଭାଗବତ ।]
[ବୃ—ଶର୍ଯ୍ୟାତି ମୃଗୟା କରନ୍ତେ ଥରେ ସପରିବାର ଅରଣ୍ୟକୁ
ଯାଇଥିଲେ । ସୁକନ୍ୟା ମନ ଆନନ୍ଦରେ ବନରେ ବୁଲି
ବୁଲି ଗୋଟିଏ ବୁଦା ମଧ୍ୟରେ ଜ୍ୱଳଜ୍ୱଳ ଦିଶୁଥିବା ଦୁଇଟି
ଉଜ୍ଜ୍ୱଳ ପଦାର୍ଥ ଲକ୍ଷ କରି ବାଲସୁଲଭ ବଶତଃ ସେ
ଦୁଇଟି ବସ୍ତୁକୁ କଣ୍ଟାଦ୍ୱାରା ଫୋଡ଼ି ଦେଲେ । ଦେଖାଗଲା
ଯେ, ଏ ଦୁଇଟି ଉଜ୍ଜ୍ୱଳ ବସ୍ତୁ ତପସ୍ୟାମଗ୍ନ ଚ୍ୟବନ ଋଷିଙ୍କର
ଦୁଇଟି ଚକ୍ଷୁ । ଚ୍ୟବନ ମୁନି କାତର ନୟନ ନାଶରେ କ୍ରୁଦ୍ଧ
ହୋଇ ଅଭିଶାପଦ୍ୱାରା ରାଜାଙ୍କ ସୈନ୍ୟଗଣର ମଳ ମୂତ୍ର ତ୍ୟାଗ
ବନ୍ଦ କରି ଦେଲେ । ରାଜା ଅନନ୍ୟୋପାୟ ହୋଇ
ଋଷିଙ୍କ ହସ୍ତରେ ସ୍ୱ କନ୍ୟା ସୁକନ୍ୟାଙ୍କୁ ଅର୍ପଣ କରି ଉକ୍ତ
ଶାପରୁ ନିସ୍ତାର ପାଇଲେ । ଚ୍ୟବନ ଅତ୍ୟନ୍ତ କୋପନ-
ପ୍ରକୃତି ଥିଲେହେଁ ସୁକନ୍ୟା ସ୍ୱୀୟ ପାତିବ୍ରତ୍ୟ ଓ ସେବାଦ୍ୱାରା
ସ୍ୱାମୀଙ୍କୁ ପରମ ପ୍ରୀତ କରାଇଲେ ।]

ସୁକନ୍ୟାକ—ସଂ. ବଣ. ପୁଂ (ବହୁବ୍ରୀହି)—ସୁକନ୍ୟକ (ଦେଖ)
Sukanyāka Sukanyaka (See)
(ସୁକନ୍ୟାକା—ସ୍ତ୍ରୀ)

ସୁକର—ସଂ. ବିଂ. ପୁଂ (ସୁ+କୃ ଧାତୁ+କର୍ମ. ଅ)—୧ । ସୁସାଧ୍ୟ;
Sukara ସହଜସାଧ୍ୟ; ଅନାୟାସସାଧ୍ୟ—1. Easy of accom-
सुकर सुकर plishment. ୨ । ସୁଖକର—2. Pleasant.
[ଦୁଷ୍କର—ବିପରୀତ] ଦେ. ବଣ—ସୁନ୍ଦର—Beautiful. [ଉ—
ତାହାରଲେ ସୁକର ବର୍ଣ୍ଣାଇ ସରକାର ଯେ—ଉଜ୍ଜ. ବୈଦେ-
ଶୁକର ସୁଶରଳାସ ।] ସାଂ. ବ (ସଂ. ଶୂକର)—ଶୂକର (ଦେଖ)
सुकर Śukara (See)

ସୁକରଜା—ସଂ. ବଣ (ବହୁବ୍ରୀହି; ସୁ+କରଜ+ଅ)—ସୁନଖୀ;
Sukarajā ସୁନ୍ଦର ନଖବିଶିଷ୍ଟା—[a lady] Having
beautiful nails. [ଉ—ସୁକରଜା ମୋହ ପାରେ
ସୁକ—ଉଜ୍ଜ. ପ୍ରେମସୁଧାନିଧି ।]

ସୁକରା—ସଂ. ବ. ସ୍ତ୍ରୀ (ସୁକର+ଅ)—ସୁଶୀଳା ଗାଈ; ଶାନ୍ତ ଗାଈ
Sukarā (ଅମର)—A meek cow.

ସୁକର୍ଣ୍ଣକ—ସଂ. ବଣ. ପୁଂ (ବହୁବ୍ରୀହି)—ସୁନ୍ଦର କର୍ଣ୍ଣଯୁକ୍ତ—
Sukarṇṇaka Having butiful ears.
(ସୁକର୍ଣ୍ଣିକା—ସ୍ତ୍ରୀ) ସଂ. ବ—ହସ୍ତିକନ୍ଦ (ଦେଖ)
Hastikanda (See)

ସୁକର୍ଣ୍ଣିକା—ସଂ. ବ—ମୂଷିକକର୍ଣ୍ଣୀ (ଶବ୍ଦରତ୍ନାବଳୀ); ମୂଷାକାନ;ବନ
Sukarṇṇikā ଶାକ ବିଶେଷ—Acalypha Indica.

ସୁକର୍ମ[ର୍ମ୍ମ]—ସଂ. ବ—୧ । ସୁନ୍ଦର କାର୍ଯ୍ୟ; ଉତ୍ତମ କାର୍ଯ୍ୟ—
Sukarma[rmma] 1. Good work. ୨ । ସତ୍କ୍ରିୟା;
ସତ୍କାର୍ଯ୍ୟ—2. Benevolent act. ସଂ. ବଣ—
ସତ୍କ୍ରିୟ (ବ୍ୟକ୍ତି)—(A man) Performing
good acts.

ସୁକର୍ମ[ର୍ମ୍ମ] ସେବା—ସଂ. ବ—ଉତ୍ତମ କର୍ମ ସାଧନ; ଉତ୍ତମ ବା ହିତ
Sukarma[rmma] sebā କର୍ମ ସାଧନାରେ କାଳର
ନିୟୋଜନ—Performance of good acts.
(ଉ—ନ ଦେଉ ଅଦୃଷ୍ଟେ ମନ ଗୋ । କର୍ମମୟ ଭବେ
ସୁକର୍ମ ସେବାରେ ରତ ଥିବା ସକୁଶଳ ଗୋ—
ବାଳକୃଷ୍ଣ. ଫୁଲ ବଉଳବେଣୀ ।)

ସୁକର୍ମା(ର୍ମ୍ମା)—ସଂ. ବଣ. ପୁଂ (ବହୁବ୍ରୀହି; ସୁ+କର୍ମନ୍; ୧ମା. ୧ବ)—
Sukarmā(rmmā) ୧ । ଶୋଭନ କର୍ମଶୀଳ; ସତ୍କ୍ରିୟ
(ହେମଚନ୍ଦ୍ର)—1. Performing good acts. ୨ ।
କର୍ମକ୍ଷମ; କାର୍ଯ୍ୟକୁଶଳ—2. Able; skilful. ସଂ. ବ—
୧। (ଜ୍ୟୋତିଷ) ବିଷ୍କମ୍ଭାଦି ସପ୍ତବିଂଶତି ଯୋଗାନ୍ତର୍ଗତ ସପ୍ତମ
ଯୋଗ—1.(Astrology) One of the 27
astrological conjunctions. [ବୃ—ଏଥିରେ
ଜାତ ହେବା ବ୍ୟକ୍ତି ପରୋପକାରୀ, କଳାକୁଶଳ, କୀର୍ତ୍ତିଯୁକ୍ତ,
ଯଶସ୍ୱୀ ଓ ସୁକର୍ମୀ ହୁଏ । କୋଷ୍ଠୀ ପ୍ରଦୀପ ।] ୨ । ବିଶ୍ୱ-
କର୍ମା (ମେଦିନୀ)—2. The heavenly archi-
tect.

ସୁକଳ—ସଂ. ବ. ପୁଂ (ସୁ=ଅତ୍ୟନ୍ତ+କଲ୍. ଧାତୁ=ଶବ୍ଦ କରିବା+
Sukala କର୍ତ୍ତୃ. ଅ)—ଦାତା ଓ ଭୋକ୍ତା; ଦାନ ଓ ଭୋଗରେ
(ସୁକଳା—ସ୍ତ୍ରୀ) ସମର୍ଥ ବ୍ୟକ୍ତି—A person who is a good
bestower and enjoyer of things. ସଂ. ବ—
(ବହୁବ୍ରୀହି; ସୁ=ଉତ୍ତମ ଅଟେ କଳ=ଧ୍ୱନି ଯାହାର)—
୧ । ମଧୁରସ୍ପଷ୍ଟ ଧ୍ୱନିକାରୀ—1. Making a sweet
sound. ୨। ଅବିକଳ—2. Exact. ୩। ଦାନଶୀଳ—
3. Generous; charitable.

ସୁକଲ୍ୟ—ଦେ. ବଣ (ସଂ. ସୁକଳ)—ସୁକଳ (ଦେଖ)
Sukalya — Sukāla. (See)
दाता ओ भोगी (ଉ—ସୁକଲ୍ୟ ଅମାତ୍ୟ ମାନବ, ତବ ସଇଷ
दाता और भोगी ଶୁଦ୍ଧିବୋଧ। ଜଗନ୍ନାଥ. ଗୁଣବତୀ।)

ସୁକା(କି)—ଦେ. ବ—୧ । ସିକିକା—1. Four anna bit. ୨ ।
Sukā(ki) ଶୁକଦେବ ଓ ସୁକୁମାରର ଡାକ ନାମ—2. Names
ଶୁକା सुका for calling Śukadeba and
(ସୁକାକି, ସୁକିଆ, ସୁକୁ, ସୁକୁଆ, ସୁବେକ୍-ଅନ୍ୟରୂପ) Sukumāra.
ଦେ. ବଣ—ଶୁକା (ଦେଖ)—Śukā. (See)

ସୁକାଣ୍ଡ—ସଂ. ବ—୧ । (କର୍ମଧା) ସୁନ୍ଦର କାଣ୍ଡ—1. A beautiful
Sukāṇḍa trunk. ୨ । (ବହୁବ୍ରୀହି) କାରବେଲ୍ଲ (ଶବ୍ଦକଳ୍ପଦ୍ରୁମ)
କଲରା—2. Hairy Memordica creeper and
its bitter fruit. ସଂ. ବଣ (ବହୁବ୍ରୀହି)—
ସୁନ୍ଦର କାଣ୍ଡଯୁକ୍ତ (ବୃକ୍ଷାଦି)—Having a beautiful
trunk or stalk.

ସୁକାଣ୍ଡିକା—ସଂ. ବ—କାଣ୍ଡୀର ଲତା (ଶବ୍ଦକଳ୍ପଦ୍ରୁମ)—
Sukāṇḍikā — A sort of creeper.

ସୁକାଣ୍ଡୀ—ସଂ. ବଣ (ସୁ+କାଣ୍ଡ+ଇନ୍; ୧ମା. ୧ବ)—୧ । ସୁନ୍ଦର
Sukāṇḍi କାଣ୍ଡଯୁକ୍ତ—1. Having a good trunk. ୨ ।
ଭ୍ରମର (ଶବ୍ଦକଳ୍ପଦ୍ରୁମ)—2. The black bee.

ସୁକାନ୍(ନି)—ବୈଦେ. ବ (ଫା. ସୁକାନ୍=ନୌକାର କର୍ଣ୍ଣ)—
Sukān(ni) ନୌକାର ଅଗ୍ର ମଝିରେ ଥିବା କାଠଫଳକ ଦଣ୍ଡ ବା
हाल ଯନ୍ତ୍ର—The helm of a boat. [ଉ—ଜାହାଜ
सुक्कान, पतवार ସୁକାନରେ ଖାଲି ହାତ ପଡ଼ୁଥାଏ, ସଲଖ
ଜାହାଜ ଧାଉଁଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ସୁକାନ୍(ନି) ଧରିବା—ଦେ. କି—ଡଙ୍ଗା ଅବର ମଙ୍ଗ ଧରିବା—
Sukān(ni) dharibā To steer the helm of a
हाल धरा सुकान पकड़ना boat.

ସୁକାନ—ଦେ. ବ—ଚିଲିକାରେ ଯେଉଁ ଡଙ୍ଗାରେ ଲୋକମାନେ
Sukāna ପାର ହୁଅନ୍ତି—A kind of boat used in
सुकान सुकान carrying passengers across the
Chilka lake.

ସୁକାନି—ବୈଦେ. ବ (ଫା. ସୁକାନ=କର୍ଣ୍ଣଧାର)—ନୌକାର
Sukāni କର୍ଣ୍ଣଧାର; ମଙ୍ଗଧରୁ—The helmsman. (ଉ—
माझि, काण्डारी ......ଖଲସିମାନେ ଅଛୁ ସୁକାନି ଅପଣା ଅପଣା
सुक्कानि, पतवारिया ଜାଗାରେ ଛିଡ଼ା ହୋଇଗଲେ । ଫକୀର-
ମୋହନ. ଗଳ୍ପସ୍ୱଳ୍ପ ।) ପ୍ରାଦେ (ଉତ୍ତର ବାଲେଶ୍ୱର) ବ—
ସୁନୁସୁନିଆ—Marsibā Quadrifolia. (pot-
herb)

ସୁକାନ୍ତ—ସଂ. ବ. ପୁଂ—ସ୍ନେହଶୀଳ ସ୍ୱାମୀ—Loving husband.
Sukānta ଦେ. ବ. ପୁଂ—ଲୋକଙ୍କର ନାମ—
सुकान्त सुकान्त A name given to males.
(ସୁକାନ୍ତା—ସ୍ତ୍ରୀ)

ସୁକାନ୍ତି—ସଂ. ବ—୧ । ସୁନ୍ଦର କାନ୍ତି—1. Beautiful lus-
Sukānti tre. ୨ । (ନାମ) ମୁନି ବିଶେଷ—2. Name
of a sage. (ଉ—ଏକାନ୍ତେ ସୁକାନ୍ତି ଚନ୍ଦ୍ରିକା-ଗିରି-
ଶେ ଲଭିବାର । ରାଧାନାଥ. ଚନ୍ଦ୍ରଭାଗା ।) [ଦ୍ର—ସୁକାନ୍ତି
ଋଷିଙ୍କ ତପଃ ପ୍ରଭାବରୁ ମହାନଦୀ ଜାତ ହୋଇଥିବା
ପୌରାଣିକ କିଂବଦନ୍ତୀ ଅଛି ।] ୩ । (ନାମ) ବିଦ୍ୟୁଜ୍ଜିହ୍ୱ
ରାକ୍ଷସର ଭଉଣୀ—3. Sister of the Rākshasa
Biddyujjihwa, who assumed the form
of Sitā by magic. (ଉ—ବାଣ୍ଟା ବଟ ତଳେ ଗଡ
ସୁକାନ୍ତିବ ଯେକ ଭ୍ରାତ ମନାସି କାମଙ୍କ ଗର୍ବେ ବାହୁ. ।
ଉପେ. ବୈଦେହୀଶବିଳାସ ।) [ଦ୍ର—ଏହି ରାକ୍ଷସୀ ରାବଣର
ପ୍ରବୋଚନାରେ ମାୟାସୀତା ରୂପଧାରଣ କରିଥିଲା ।]
ସ. ବଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ସୁଶ୍ରୀକ; ସୁନ୍ଦର—
Beautiful (male and female). (ଉ—ହେ
ଭଲ କହିଲ କର କାହିଁ ଲକ୍ଷ୍ୟ ସୁକାନ୍ତିଙ୍କ ଦେଲ ଭୁଲାଇ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ସୁକାମା—ସ. ବଣ. ସ୍ତ୍ରୀ—ଶୋଭନ କାମଯୁକ୍ତା—Having a good
Sukāmā desire. ସ. ବ—ତ୍ରାୟମାଣା (ଶବ୍ଦକଳ୍ପଦ୍ରୁମ);
बलाड्मुर, बनभाह्लिया ହିମାଳୟଦେଶୀୟ ଲତାବଲ୍ଲୀ ଗୁଳ୍ମ—
सुकामा A plant; Thalictrum Falialosum.

ସୁକାର—ଦେ. ବ—ସୁସୁ ଶବ୍ଦ—Hissing sound. (ଉ—ଗର୍ଜନ
Sukāra ବ୍ୟାଘ୍ରେ କର ସୁକାର ଶବଦ । କୃଷ୍ଣସିଂହ. ମହାଭାରତ
सौंसौं ବନ ।) ଗ୍ରା. ବ (ସ. ସ୍ୱୀକାର)—ସ୍ୱୀକାର (ଦେଖ)—
सुकार Swīkāra. (See)

ସୁକାଳ—ସ. ବ (କର୍ମଧା)—୧ । ସୁସମୟ—1. Good time. ୨ ।
Sukāla ରାଜ୍ୟରେ ସୁଭିକ୍ଷ ଅବସ୍ଥା—2. Time of plenty
in the country.

ସୁକାଷ୍ଠକ—ସ. ବ—୧ । ଉତ୍କୃଷ୍ଟ ବା ସୁନ୍ଦର କାଷ୍ଠ—1. Excel-
Sukāshṭhaka lent or nice wood. ୨ । ଦେବକାଷ୍ଠ
(ଶବ୍ଦକଳ୍ପଦ୍ରୁମ); ଦେବଦାରୁ—2. Pine wood.

ସୁକାଷ୍ଠା—ସ. ବ—୧ । କଟ୍ଵୀ; କଟୁକ (ରାଜନିଘଣ୍ଟ)—1. Black
Sukāshṭhā hellebore. ୨ । କାଷ୍ଠ କଦଳୀ (ରାଜ
ନିଘଣ୍ଟ)—2. A sort of wild hard
plantain.

ସୁକି—ଦେ. ବ—୧ । ସିକିକ; ଚାରି ଅଣା—1. Four anna bit.
Suki ୨ । ଟଙ୍କାର ଏକ ଚତୁର୍ଥାଂଶ—2. $\frac{1}{4}$ of a rupee. ୩ ।
सिकि ତୋଳାର ଏକ ଚତୁର୍ଥାଂଶ—3. $\frac{1}{4}$ of a tola in
चौअन्नि, सुका weight.

ସୁକିନ୍ଦା—ଦେ. ବ (ନାମ)—କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନ
Sukindā ଅନ୍ତର୍ଗତ ଗୋଟିଏ କ୍ଷୁଦ୍ରଜାତ ଜମିଦାରୀ—The name
of an estate in the Cuttack district.
[ଦ୍ର—ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ମଧ୍ୟପ୍ରଦେଶବାସୀ
ଯୋଗେନ୍ଦ୍ର ଭୂପତି ପ୍ରଭୃତି ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସି
ଥିଲେ । ସେ ଏଠାରେ ରହି ଏହି ଜିଲ୍ଲାର ଉତ୍ତରାଞ୍ଚଳ

ଅସଭ୍ୟ ଜାତିର ପ୍ରଧାନ କୃଷ୍ଣଚନ୍ଦ୍ର ଧୀରଙ୍କ କନ୍ୟାକୁ ବିବାହ କରି ସୁକୁନ୍ଦାର ରାଜା ହେଲେ । ତାଙ୍କ ସମୟରୁ ଆଜ ପର୍ଯ୍ୟନ୍ତ ସୁକୁନ୍ଦାରେ ସର୍ବ ମୋଟ ୪୦ ଜଣ ରାଜା ହେଲେଣି ।

ଲେଖକ—ଶ୍ରୀ ଚନ୍ଦ୍ରଶେଖର ଦାସ ।]

ସୁକୁ—ଦେ· ବି (ନାମ)—୧ । (ପୁଂ) ସୁକୁମାରର ଡାକ ନାମ— **Suku** 1. (Masculine) Name for calling Sukumāra. ୨ । (ସ୍ତ୍ରୀ) ସୁକୁମାରୀର ଡାକ ନାମ—2. (Feminine) Name for calling Sukumārī.

ସୁକୁଟ—ଦେ. ବି (ବ୍ୟଙ୍ଗାର୍ଥକ)—୧ । ଜାଣ୍ଡବ; କଳକଳିଅ; ଅନର୍ଥ; **Sukuṭa** ଦ୍ୱନ୍ଦ୍ୱ—1. Any quarrel. [ଉ—ସେ ଗାଁରେ ଥିବ ମଜା ଅସି ସୁକୁଟ ଲଗାଇଛି ।] ୨ । ଅଙ୍ଗଭଙ୍ଗୀ; ନାଚ; ନୃତ୍ୟ— ଝଗଡ଼ା 2. Dancing. [ଉ—ତା ଘରେ ସୁକୁଟ ଲଗିଛି ।] ଲାଞ୍ଛନା ୩ । ଲାଞ୍ଛନା; ହଟହଟା—3. Being in trouble; ଦିକ୍କତ harassment. [ଯଥା—ତୁ ମୋ ସୁକୁଟ ଦେଖୁଛୁ ।]

ସୁକୁଟ ଦେଖିବା—ଦେ· କି—ପରର ଦୁଃଖ ବା ଲାଞ୍ଛନାଭୋଗକୁ **Sukuṭa dekhibā** ଅନାଦ ସହିତ ଦେଖିବା—To look ମଜାଦେଖା complacently on another's troubles; to ଦିକ୍କତ ଦେଖନା gloat over another's misery.

ସୁକୁଟ ଲଗା(ଗେ)ଇବା—ଦେ· କି—ଅନର୍ଥ ବା କଳି ଉଠାଇବା— **Sukuṭa lagā(ge)ibā** To foment quarrel or ମଜା ଲାଗାନ, ଝଗଡ଼ା ବାଁଧାନ ଝଗଡ଼ା ଲଗାନା trouble. (ସୁକୁଟ ଲଗାଇ ଦେବା—ଅନ୍ୟରୂପ)

ସୁକୁଟା [ଇତ୍ୟାଦି]—ଦେ. ବିଣ—ଶୁକୁଟା ଇତ୍ୟାଦି [ଦେଖ] **Sukuṭā (etc)** Śukuṭā etc. (See)

ସୁକୁଟି (ଇତ୍ୟାଦି)—ଦେ. ବିଣ ଓ ବି—୧ । ଶୁକୁଟି ଇତ୍ୟାଦି (ଦେଖ)- **Sukuṭi (etc)** 1. Śukuṭi etc. (See) ୨ । ଝିଅଙ୍କୁ ଦିଅ ଥିବା ଘରୋଇ ନାମ—2. Nickname of girls.

ସୁକୁତାନି—ଦେ. ବି (ଫ. ସୁକ୍ତ)—ଶୁକ୍ତାନି (ଦେଖ) **Sukutāni** Śuktāni. (See)

ସୁକୁତୁଣୀ ପୂଜା—ଦେ· ବି—ଶୁବଚନୀ (ଦେଖ)—Śubachanī. **Sukutuṇī pūjā** (See) [ଉ—ବିନାୟକମେଳା, ସୁକୁତୁଣୀ ପୂଜା, [ସୁକୁତୁଣୀ ପୂଜା—ଅନ୍ୟରୂପ] ଗ୍ରାମଦେବତା ମାନସା—ଭୁଇଜଣ ସାଦ ଭେଟ୍ ଭେଟ୍ ଧର୍ମକାର୍ଯ୍ୟ କଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ସୁକୁନ୍ଦକ—ସଂ. ବି—ପିଆଜ୍ [ଶବ୍ଦ ରତ୍ନାବଳୀ]— **Sukundaka** Onion.

ସୁକୁନ୍ଦନ—ସଂ. ବି—ବବ୍ବର ଚନ୍ଦନ [ଶବ୍ଦ କଳ୍ପଦ୍ରୁମ]— **Sukundana** A kind of sandal wood.

ସୁକୁ(ଖୁ)ମ—ଗ୍ରା. ବିଣ (ଫ· ସୁକ୍ଷ୍ମ)—ସରୁ; ସୂକ୍ଷ୍ମ— **Suku(khu)ma** ସରු ସୁକ୍ଷ୍ମ Fine.

ସୁକୁମାର—ସଂ. ବି. ପୁଂ (କର୍ମଧା)—୧ । ଉତ୍ତମ ବାଳକ—1. Good **Sukumāra** boy. ୨ । ଅତି ଶିଶୁ—2. Infant; mere [ସୁକୁମାରୀ—ସ୍ତ୍ରୀ] child. ୩ । ପୁଣ୍ଡ୍ରେକ୍ଷୁ [ମେଦିନୀ] —3. A kind of sugarcane. ୪ । ବନଚମ୍ପକ (ଶବ୍ଦକଳ୍ପଦ୍ରୁମ)—4. A sort of wild flower. ୫ । କ୍ଷବ; ଛିଙ୍କ [ଶବ୍ଦ କଳ୍ପଦ୍ରୁମ]—5. Sneezing. ୬ । ଶ୍ୟାମକା; ସୁଆଁ ଧାନ [ଶବ୍ଦକଳ୍ପଦ୍ରୁମ]—6. A wild grain; Panicum Frumentaceum. ୭ । ଅପାମାର୍ଗ [ବୈ. ଶ]—7. Acheranthes Aspera. (plant) ୮ । ତମାଖୁ ପତ୍ର [ବୈ. ଶ]—8. Tobacco leaf. ସଂ· ବିଣ—୧ । ଅତି କୋମଳ [ଅମର]— 1. Very soft; delicate; tender. ୨ । କୋମଳାଙ୍ଗଯୁକ୍ତ; ଯେ କଷ୍ଟ ସହିପାରେ ନାହିଁ—2. Incapable of bearing pain; delicate-bodied; tender-bodied. ୩ । ସୂକ୍ଷ୍ମ; ସରୁ—3. Fine. ୪ । ପତଳା—4. Slender. ଦେ. ବିଣ—୧ । କୋମଳ ସୁକୁମାର ଶରୀର ବିଶିଷ୍ଟ—1. Having a very tender ସୁକୁମାର body. [ଉ—ସହିଲେ ଦୁଃଖ ଏବେ ସୁକୁମାର ହୋଇ । କୃଷ୍ଣସିଂହ· ମହାଭାରତ, ବନ ।] ୨ । [ସ୍ତ୍ରୀ] ଯେ ଦୁଃଖ ବା କଷ୍ଟ ସହିପାରେ ନାହିଁ—2. Incapable of bearing pain and sorrow. [ଉ—ବନ୍ଦେ ବସାଇ ବନ୍ଦେ ଘ୍ରାଣ, ଅତି ସୁକୁମାର ସୁଅଳୀ । ଭୂପତି· ପ୍ରେମ ପଞ୍ଚାମୃତ ।]

ସୁକୁମାରକ—ସଂ. ବି (ସୁକୁମାର+ସ୍ୱାର୍ଥେ· କ)—ସୁକୁମାର (ଦେଖ) **Sukumāraka** Sukumāra. (See)

ସୁକୁମାର କଳା—ସଂ· ବି (ଆଧୁନିକ ପ୍ରୟୋଗ)—ସୂକ୍ଷ୍ମ କଳା (ଦେଖ)— **Sukumāra kaḻā** Sūkshma kaḻā. (See) (ଉ— ସୁକୁମାର କଳା ସଙ୍ଗେ ଶାସ୍ତ୍ରବିଦ୍ୟା ଶିଖିଥିବା ଲୋକଙ୍କ । ରାଧାନାଥ. ଯଯାତି ।)

ସୁକୁମାର ବିଦ୍ୟା—ସଂ. ବି (ଆଧୁନିକ ପ୍ରୟୋଗ)—କଳା ବିଦ୍ୟା— **Sukumāra bidyā** Arts.

ସୁକୁମାର ଶିଳ୍ପ—ସଂ. ବି (ଆଧୁନିକ ବ୍ୟବହାର)—୧ । ସୂକ୍ଷ୍ମ କଳା **Sukumāra śilpa** ବିଦ୍ୟା—1. Fine arts. ୨ । ସାହିତ୍ୟାଦି ଶାସ୍ତ୍ର—2. Polite or elegant learning; belles lettres.

ସୁକୁମାରା—ସଂ. ବି (ସୁକୁମାର+ଆ)—୧ । ଜାଙ୍ଗୀ; ଜାଇଫୁଲ— **Sukumārā** 1. One-pettaled Jasmine; Jasminum Grandiflorum. ୨ । ନବମାଳିକା; ଭୁଅଲୀ ଫୁଲ— 2. A kind of flower; Jasminum Arborescens. ୩ । କଦଳୀ—3. Banana; plantain. ୪ । ପୃକ୍କା; ପିଡ଼ଙ୍ଗ ଶାଗ—4. Trigonella Corniculata (pot herb). ୫ । ମାଳତୀ— 5. A creeper and its flower; echites.

ସୁକୁମାରିଆ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ସୁକୁମାର)—ସୁକୁମାର (ଦେଖ)—Sukumāra. (See)
Sukumāriā
সুকুমার सुकुमार

ସୁକୁମାରିକା—ସ. ବ—କଦଳୀ ଗଛ (ବୃ. ଶ)
Sukumārikā Plantain tree.

ସୁକୁମାରୀ—ସ. ବ—୧ । ନବମାଳତୀ (ସ୍ୱଳ୍ପବର୍ଣ୍ଣ); ଜାଅଳି—
Sukumārī 1. A flower; Jasminum Arborescens. ୨ । ବନମଲ୍ଲିକା (ବୃ. ଶ)—2. Wild jasmine. ୩ । ବଡ଼ କଲରା (ବୃ. ଶ)—3. Big variety of memordica. ୪ । କଦଳୀ ଗଛ (ବୃ. ଶ)—4. Plantain tree. ୫ । ପୁତ୍ରିକା; ପିଡ଼ଙ୍ଗ ଶାଗ (ବୃ.ଶ)—5. Trigonella Corniculata (herb) ୬। କନ୍ୟା (ବୃ. ଶ); ବାଳିକା-6. Girl. ୭। ଝିଅ (ବୃ. ଶ)- 7. Daughter. ସ. ବଣ—ସୁକୁମାରର ସ୍ତ୍ରୀଲିଙ୍ଗ—
सुकुमारी Feminine of Sukumāra. ଦେ. ବ. ସ୍ତ୍ରୀ—
सुकुमारी, सुकुआरी ୧ । କୋମଳାଙ୍ଗୀ ସ୍ତ୍ରୀ—1. A delicate-bodied woman. ୨ । ଯେଉଁ ସ୍ତ୍ରୀ ଶାରୀରିକ କଷ୍ଟ ସହିପାରେ ନାହିଁ—2. A woman who cannot bear physical pain. ୩ । ସ୍ତ୍ରୀ ଲୋକଙ୍କ ଦିଆଯିବା ନାମ—3. A name given to females.

ସୁକୁମାରେଇ—ଦେ. ବଣ. ସ୍ତ୍ରୀ—ସୁକୁମାର ବା ସୁକୁମାରିଆର ସ୍ତ୍ରୀଲିଙ୍ଗ—
Sukumārei The feminine form of Sukumāra or Sukumāriā.
সুকুমারী सुकुमारी

ସୁକୁର୍କୁର—ସ. ବ—ବାଳରୋଗବିଶେଷ (ବୃ. ଶ)—
Sukurkura A kind of infantile disease.

ସୁକୁଳ—ସଂ. ବ—୧ । ଉତ୍ତମ କୁଳ ବା ବଂଶ—1. Good family.
Sukula ୨ । ଉଚ୍ଚବଂଶ-2. High family. ସଂ. ବଣ (ପୁଂ)—
(ସୁକୁଳା—ସ୍ତ୍ରୀ) ସଦ୍‌ବଂଶୋଦ୍ଭବ; କୁଳୀନ (ବୃ. ଶ)—
Of noble birth.

ସୁକୁଳା—ପ୍ରାଦେ. (ଗଡ଼ଜାତ) ବ—ସିଙ୍କୋଲ (ଦେଖ)
Sukulā Sinkolā (See)

ସୁକୃତ୍—ସ. ବଣ (ସୁ+କୃ, ଧାତୁ+କ୍ୱିପ୍, କୃଦ୍)—୧ । ପୁଣ୍ୟବାନ୍
Sukṛut (ଜଟାଧର)—1. Pious. ୨ । ଧାର୍ମିକ (ତ୍ରିକାଣ୍ଡ ଶେଷ)—2. Godfearing. ୩ । ଉତ୍ତମ କାର୍ଯ୍ୟକାରୀ—3. Doing good acts.

ସୁକୃତ—ସଂ. ବଣ (ସୁ+କୃତ)—୧ । ସୁନ୍ଦରରୂପେ ନିର୍ମିତ; ସୁନିର୍ମିତ
Sukṛuta —1. Well made. ୨ । (ପୁଂ) ସୌଭାଗ୍ୟଶାଳୀ—
(ସୁକୃତା—ସ୍ତ୍ରୀ) 2. Prosperous. ୩ । ଭାଗ୍ୟବାନ୍—3. Fortunate; lucky. [ଦୃ—ଯାହାଙ୍କୁ ହରି ଅନୁଭବ କରୁଛ ଲେଖେ ସୁକୃତ ସେ ନାହଁ—ପ୍ରାଚୀ. ଭାଗବତ ।] ୪ । ସୁସଫଳ—4. Well accomplished. ୫ । ସୁସଙ୍ଗତ—5. Proper; befitting. ୬ । (ବହୁବ୍ରୀହି; ସୁ—ଉତ୍ତମ ଅଟେ କୃତ—କର୍ମ ଯାହାର) ପୁଣ୍ୟବାନ୍—6. Picus. ୭ । ଧାର୍ମିକ; ଧର୍ମଶୀଳ—7. Religious; godfearing. ସ. ବ—୧ । ପୁଣ୍ୟ (ଅମର)—1. Peity. ୨ । ଧର୍ମ କାର୍ଯ୍ୟ—2. Religious act. ୩ । ସତ୍କର୍ମ—3. Act of religious merit; good act; virtuous act. ୪ । ଦୟା—4. Mercy; kindness. ୫ । ମଙ୍ଗଳ; ଶୁଭ (ମେଦିନୀ)—5. Bliss. ୬ । ପୁରସ୍କାର—6. Reward. ୭ । ସୌଭାଗ୍ୟ; ଭାଗ୍ୟ—7. Affluence; prosperity; good luck. [ଦୃ—ସୁକୃତଟି ଯାହାର ହୋଇବ ଉଦୟ—କୃଷ୍ଣସିଂହ. ମହାଭାରତ. ବନ ।] ଦେ. ବ—୧ । ଶପଥ—1. Oath. [ଦୃ—ବଚନ ଦେଇ ମୁଁ ସୁକୃତ କରୁଛି ତୋର କୃତ ରହେ ମୋର ପ୍ରୀତି—ଉପେ. ବୈଦେହୀଶବିଳାସ ।] ୨ । ପୂର୍ବ ଜନ୍ମାର୍ଜିତ ପୁଣ୍ୟ—2. Piety due to religious acts performed in a previous life.
हलप
सौगन्ध
সুকৃত
सकृत

ସୁକୃତ ଅରଜିବା—ଦେ. କ୍ରି—ପୁଣ୍ୟ ଅର୍ଜନ କରିବା—To earn religious merit by doing pious acts.
Sukṛuta arajibā
সুকৃত অর্জন করা सकृत अरजना
(ସୁକୃତ ଅର୍ଜିବା—ଅନ୍ୟରୂପ)

ସୁକୃତ କରିବା—ଦେ. କ୍ରି—୧ । ପୁଣ୍ୟ କରିବା; ଧର୍ମକାର୍ଯ୍ୟ କରିବା—
Sukṛuta karibā 1. To do pious work; to do acts of religious merit.
সুকৃত করা सकृत करना
হলপ করা सौगंध करना ୨ । ଶପଥ କରିବା—2. To take oath.

ସୁକୃତ ପରିଣାମ(ଫଳ)—ସଂ. ବ (୬ଷ୍ଠୀ ତତ୍)—୧ । ପୁଣ୍ୟର ଫଳ—
Sukṛuta pariṇāma(phala) 1. The result of pious act. ୨ । ବାଞ୍ଛିତ ସମ୍ପତ୍ତି; ଅଭିଳଷିତ ଐଶ୍ୱର୍ଯ୍ୟ—2. Wished-for bliss.

ସୁକୃତବନ୍ତ—ଦେ. ବଣ. ପୁଂ (ସଂ. ସୁକୃତବତ୍)—ସୁକୃତୀ (ଦେଖ)
Sukṛutabanta Sukṛutī (See) [ଦୃ—ଭୂମି ପର ସୁକୃତବନ୍ତ ହୋଇ କେହି—କୃଷ୍ଣସିଂହ. ମହାଭାରତ. ଆଦି ।]
সুকৃতবন্ত सकृतबन्त
(ସୁକୃତବନ୍ତୀ—ସ୍ତ୍ରୀ)

ସୁକୃତବାନ୍—ସ. ବଣ. ପୁଂ (ସୁକୃତ+ଅସ୍ତ୍ୟର୍ଥରେ ବତ୍; ସୁକୃତବତ୍; ୧ମା. ୧ବ)—ସୁକୃତୀ (ଦେଖ)
Sukṛutabān Sukṛutī (See)
(ସୁକୃତବତୀ—ସ୍ତ୍ରୀ)

ସୁକୃତି—ସଂ. ବ (ସୁ+କୃ ଧାତୁ+ଭାବ. ତି)—୧ । ପୁଣ୍ୟ—
Sukṛuti 1. Piety. ୨ । ସତ୍କର୍ମ—2. Act of religious merit. ୩ । ମଙ୍ଗଳ—3. Bliss. ୪ । ଅଦୃଷ୍ଟ; ଭାଗ୍ୟ—4. Luck. ଦେ. ବ (ସ୍ତ୍ରୀ)—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ସୁକୃତୀ—ସ. ବଣ. ପୁଂ (ସୁକୃତ+ଅସ୍ତ୍ୟର୍ଥେ. ଇନ୍; ସୁକୃତିନ୍, ୧ମା. ୧ବ)-୧ । ପୁଣ୍ୟବାନ୍—1. Pious. ୨ । ସତ୍କର୍ମକାରୀ
Sukṛutī
(ସୁକୃତିନୀ—ସ୍ତ୍ରୀ) 2. Doing beneficient or good

acts. ୩ । ଧାର୍ମିକ—3. Religious. ୪ । ଭାଗ୍ୟବାନ୍—4. Lucky; fortunate. ୫ । ଶୁଭଯୁକ୍ତ—5. Auspicious. ୬ । ବୁଦ୍ଧିମାନ୍ (ହ୍ର. ଶ)—6. Intelligent.

ସୁକେତ—ସଂ. ବି—ସୂର୍ଯ୍ୟ (ହ୍ର. ଶ)—
Suketa The sun.

ସୁକେତୁ—ସଂ. ବି (ପୁଂ) (ନାମ)—୧ । ତାଡ଼କା ରାକ୍ଷସୀର ପିତା—
Suketu 1. Name of the father of demoness Tar̤dakā. ୨ । ଚିତ୍ରକେତୁ ରାଜାଙ୍କ ନାମ (ହ୍ର. ଶ)—2. A name of king Chitraketu. ୩ । ସାଗରଙ୍କ ପୁତ୍ରଙ୍କ ନାମ (ହ୍ର. ଶ)—3. Name of the son of Sāgara. ୪ । ନନ୍ଦିବର୍ଦ୍ଧନଙ୍କ ପୁତ୍ର (ହ୍ର. ଶ)—4. Name of the son of Nandibarddhana. ୫ । ଯେଉଁ ବ୍ୟକ୍ତି ମନୁଷ୍ୟଙ୍କର ଓ ପକ୍ଷୀଙ୍କ ଭାଷା ବୁଝି ପାରେ (ହ୍ର. ଶ)—5. One who can understand the speech of men and birds.

ସୁକେଶ—ସଂ. ବଣ. ପୁଂ (ସୁ ଅଟେ କେଶ ଯାହାର; ବହୁବ୍ରୀହି)—
Sukeśa ସୁନ୍ଦର କେଶବିଶିଷ୍ଟ—Having charming hair; fine-haired. ସଂ. ବି (ନାମ)—
ସୁକେଶା, ସୁକେଶୀ } ସ୍ତ୍ରୀ
ଜଣେକ ଧର୍ମଶୀଳ ରାକ୍ଷସ—Name of a god-fearing demon. (ଦ୍ର—ଏ ବିଦ୍ୟୁତ୍‌କେଶ ରାକ୍ଷସଙ୍କ ପୁତ୍ର । ଗନ୍ଧର୍ବ କନ୍ୟା ଦେବବତୀଙ୍କ ସହିତ ଏହାଙ୍କର ବିବାହ ହୋଇଥିଲା । ମାଲ୍ୟବାନ୍, ସୁମାଲୀ ଓ ମାଲୀ ଏହାଙ୍କର ପୁତ୍ର ।)

ସୁକେଶର—ସଂ. ବି (ବହୁବ୍ରୀହି; ସୁ+କେଶର)—ବୀଜପୁର; ଟଭା—
Sukeśara Citrus.

ସୁକେଶା(ଶୀ)—ସଂ. ବଣ. ସ୍ତ୍ରୀ (ସୁକେଶ+ଅ; ଈ)—ସୁନ୍ଦର
Sukeśā(śī) କେଶବିଶିଷ୍ଟା (ସ୍ତ୍ରୀ)—
(a woman) Having fine hair.

ସୁକେଶି—ସଂ. ବି (ନାମ)—ସୁକେଶ (ଦେଖ)
Sukeśi Sukeśa (See)

ସୁକେଶୀ—ସଂ. ବି—(ମହାଭାରତୋକ୍ତା) ଜଣେ ସ୍ୱର୍ଗବେଶ୍ୟା; ଅପ୍ସରୋବିଶେଷ—Name of a heavenly nymph.
Sukeśī ସଂ. ବଣ, ସ୍ତ୍ରୀ—ଶୋଭନ କେଶଯୁକ୍ତା (ରମଣୀ)—Having charming hair (woman) ସଂ. ବଣ. ପୁଂ (ସୁକେଶ+ଇନ୍; ୧ମା. ୧ବ)—ସୁନ୍ଦର
[ସୁକେଶିନୀ—ସ୍ତ୍ରୀ] କେଶଯୁକ୍ତ—Having fine hair. ଦେ. ବି. ସ୍ତ୍ରୀ—ଶୋଭନ କେଶଯୁକ୍ତା ପତ୍ନୀ—A wife having charming hair. [ଉ—ସରସୀ ନୀପରେ କାହାର ସୁକେଶୀ, ସ୍ନାନ କରୁଥିଲେ ହୋଇଣ ମଦାଳସୀ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]
ସୁକେଶୀ
ସୁକେଶୀ

ସୁକେସର—ସଂ. ବି (ବହୁବ୍ରୀହି)—ସିଂହ—
Sukesara Lion.

ସୁକୋମଳ—ସଂ. ବଣ. ପୁଂ—ଅତି କୋମଳ—Very soft.
Sukomal̤a [ସୁକୋମଳା—ସ୍ତ୍ରୀ]

ସୁକୋଳି—ସଂ. ବି—୧ । ଶୋଭନ ବଦରୀ—1. Beautiful
Sukol̤ī jejube berry. ୨ । କ୍ଷୀରକାକୋଳି (ରତ୍ନମାଳା)—2. A medicinal root found in the Himālayas; Coculus Indicus.

ସୁକୋଶକ—ସଂ. ବି—କୋଷାମ୍ର (ରାଜନିର୍ଘଣ୍ଟ); ଲକ୍ଷା ବୃକ୍ଷ; କୁସୁମ
Sukośaka ଗଛ—Wild olive; Eleocarpus Serratus.

ସୁକୌଶଳ—ସଂ. ବି—୧ । ଅତିଶୟ ନୈପୁଣ୍ୟ—1. Much skill.
Sukauśal̤a ୨ । କୌଶଳପୂର୍ଣ୍ଣ ଉପାୟ—2. Tact.

ସୁକ୍କର୍ଡ଼ି ଚନ୍ଦନ—ସଂ. ବି (ବୈଦ୍ୟକ)—ଯେଉଁ ଶ୍ରୀଖଣ୍ଡଚନ୍ଦନର ଡାଳ
Sukkardi chandana ବା ଗଛ ସ୍ୱୟଂ ଶୁଷ୍କ ହେବା ପରେ ସଂଗୃହୀତ ହୁଏ—Sandal wood collected from the forest after it has withered from natural causes. [ଦ୍ର—ଏହା ସୁଗନ୍ଧ, ତିକ୍ତ, ଶୀତଳ ଏବଂ ମୂର୍ଚ୍ଛାଘ୍ନ, ରକ୍ତପିତ୍ତ ଓ ଦାହ ରୋଗରେ ଉପକାରକ ।]

ସୁକ୍ତ—ସଂ. ବି—ଏକପ୍ରକାର କାଞ୍ଜି—A kind of fermented
Sukta rice-water. [ଦ୍ର—ପ୍ରାଚୀନ କାଳରେ ପାଣିରେ ଦହି ବା ତେଲ, ଲୁଣ, କନ୍ଦ ବା ଫଳ ଆଦି ମିଶା ଯାଇ ସୁକ୍ତ ତିଆର ହେଉଥିଲା । ଏହା ରକ୍ତପିତ୍ତ ଓ କଫନାଶକ, ରୁଚିକର, ପାଚକ ଓ କୃମିନାଶକ—ହ୍ର. ଶ ।]

ସୁକ୍ତ(ଖ୍ତ, କ୍ତା, ଖ୍ତା)ଳ(ଲ)—ଦେ. ବି—ଶୁକ୍‌ତଳା (ଦେଖ)
Sukta(khta, ktā, khtā)l̤ā(lā) Śuk-tal̤ā (See)

ସୁକ୍ତା—ସଂ. ବି—ତେନ୍ତୁଳୀ (ହ୍ର. ଶ)—
Suktā Tamarind.

ସୁକ୍ତାନି—ଦେ. ବି (ସଂ. ସୁକ୍ତ)—ଶୁକ୍ତାନି (ଦେଖ)
Suktāni Śuktāni (See)

ସୁକ୍ତି(ଖ୍ତି)—ଦେ. ବି—ଶୁକ୍ତି (ଦେଖ)
Sukti(khti) Śukti (See)

ସୁକ୍ରତୁ—ସଂ. ବଣ—ଉତ୍ତମ କର୍ମକାରୀ (ହ୍ର. ଶ).
Sukratu Doing good acts.

ସୁକ୍ରତୂୟା—ସଂ. ବି—ଶୁଭ କର୍ମ କରିବାର ଇଚ୍ଛା (ହ୍ର. ଶ)—
Sukratuyā Desire to do good acts.

ସୁକ୍ଷମ—ସଂ. ବଣ (ପୁଂ) (ସୁ=ଅତ୍ୟନ୍ତ+କ୍ଷମ)—ଅତ୍ୟନ୍ତ ପାରଗମ—
Sukshama Very competent. ଗ୍ରା. ବଣ (ସଂ. ସୂକ୍ଷ୍ମ)—
(ସୁକ୍ଷମା—ସ୍ତ୍ରୀ) ସୂକ୍ଷ୍ମ—Minute. । ଉ—ମାୟା ଉଦ୍ଭବର ମାନସେ ସୁକ୍ଷମ ସୁକ୍ଷମ ମାନସେ ହୁଅଇ ଯାଇ ସେ—ବିଶ୍ୱନାଥ, ବଟକୃଷ୍ଣ ରାମାୟଣ ।]

ସୁଖ୍—ଦେ. ବି (ସଂ. ସୁକ)—ଶୁକ (ଦେଖ)
Sukh Suka (See)

ସୁଖ୍ (ଧାତୁ)—ସଂ—ତୁଷ୍ଟ କରିବା—
Sukh (root) To please; to make happy.

ସୁଖ୍ ଦୁଖ୍—ପ୍ରାଦେ (ସମ୍ବଲପୁର)ବି—ସୁଖ ଦୁଖ (ଦେଖ)
Sukh dukh Sukha dukha (See)

ସୁଖ୍(ଖୁ) ସୁଖ୍(ଖୁ) (ଇତ୍ୟାଦି)—ସୁକ୍ ସୁକ ଇତ୍ୟାଦି (ଦେଖ)
Sukh-(khu) sukh(khu) (etc) Šuk šuk etc (See)

ସୁଖ(ଖୁ)ସୁଖା—ଦେ. ବଣ. ପୁଂ—ସୁକ୍‌ସୁକା (ଦେଖ)—Šuk-šukā
Sukh(khu)sukhā (ସୁଖ[ଖୁ]ସୁଖିଅ—ଅନ୍ୟରୂପ) (See)
[ସୁଖ(ଖୁ)ସୁଖୀ, ସୁଖ(ଖ)ସୁଖେଇ—ସ୍ତ୍ରୀ]

ସୁଖ—ସଂ. ବି (ସୁଖ ଧାତୁ+ଘଞ. ଅ; କମ୍ବା ସୁ=ଉତ୍ତମରୂପେ+
Sukha ଖନ୍ ଧାତୁ=ଖୋଳିବା+ଘଞ. ଅ)—୧ । ହର୍ଷ—
(ଦୁଃଖ—ବିପରୀତ) 1. Joy; delight. ୨ । ଆନନ୍ଦ; ମନର
ପ୍ରୀତି—2. Happiness; pleasure. ୩ । ସ୍ୱାଚ୍ଛନ୍ଦ୍ୟ
3. Comfort; easiness of mind. ୪ । (କର୍ତ୍ତ୍ରି.
ଅ) ଜଳ—4. Water. ୫ । ସ୍ୱର୍ଗ (ମେଦନ)—
5. Heaven. ୬ । ବୃଦ୍ଧି ନାମକ ଔଷଧ (ରାଜନିର୍ଘଣ୍ଟ)
—6. A rare herb. ସଂ.ବଣ—୧ । (+କର୍ତ୍ତ୍ରି.
ଅ) ସୁଖଜନକ; ପ୍ରୀତିକର—1. Pleasant; causing
happiness. ୨ । ପ୍ରିୟ—2. Dear; loved.
୩ । ମନୋହର—3. Charming; beautiful.
୪ । (ସମାସରେ) ସୁଖଯୁକ୍ତ; ସୁଖୀ; କଷ୍ଟବର୍ଜ୍ଜିତ—
4. (in compound words) Happy; painless. (ଉ—ସୁଖ ପ୍ରସବ ।) ୫ । ମଧୁର—
5. Sweet. ୬ । ସୁସ୍ଥ୍ୟଭାବଯୁକ୍ତ—6. Healthy.
ଗ୍ରା. ବି (ସଂ. ସ୍ୱସ୍ଥ)—ସୁଖ (ଦେଖ)—
ସୁଖ Sukha (See) ଦେ. ବି—୧ । ସୁସ୍ଥତା; ଅରୋଗ୍ୟ;
ସ୍ୱାସ୍ଥ୍ୟ—1. Health. (ଉ—କହିବ ତ କହ୍ୟାରେ
ସୁଖ ଦୁକୁର ମୁରୁଖ । ବୋଇଲ ସେ ଜଳକ ବନା କାହିଁ ସୁଖ—
ବ୍ରଜସିଂହ, ମହାଭାରତ ବନ ।) ୨ । ଦୁଃଖର ଅବସ୍ଥା
—2. Happy condition. (ଉ—ସୁଖ କହିବ
କି ଦୁଖ କହିବ ? ଯାହା ଅଙ୍ଗେ ନଜେଇଛି ତାହା କହିବ-
(ଅସୁଖ, କସୁଖ—ବିପରୀତ) ଉଛ ।] ଦେ. ବଣ—ସୁସ୍ଥଭାବଯୁକ୍ତ
(ଶରୀର ଓ ମନ)—Healthy (body and
mind). (ଉ—ଆଜ ମୋ ଦେହ ବା ମନ ଭଲ ସୁଖ
ନାହିଁ ।) ଗ୍ରା. ବଣ (ସଂ. ଶୁଷ୍କ)—ଶୁଖ (ଦେଖ)—
Sukha (See)

ସୁଖାଇବା—ପ୍ରାଦେ (ବଙ୍ଗଳିର ସାହିତ୍ୟ) କ୍ରି—ସ୍ନେହ କରିବା—
Sukhāibā To love.

ସୁଖକର—ସଂ. ବଣ. ପୁଂ (ସୁଖ+କୃ ଧାତୁ+କର୍ତ୍ତ୍ରି. ଅ)—୧ । ସୁଖ-
Sukha kara ଜନକ—1. Pleasing. ୨ । ସୁକର
(ସୁଖକରୀ—ସ୍ତ୍ରୀ) (ଦୁର୍ଗାଦାସ)—2. Easy of accomplishment.

ସୁଖ କରିବା—ଦେ. କ୍ରି—୧ । (କୌଣସି ବ୍ୟକ୍ତି ଉପରେ) ସନ୍ତୁଷ୍ଟ
Sukha karibā ହେବା—1. To be pleased with
ସୁଖକରା (a person). [ଉ—ଅର୍ଜ୍ଜୁନଙ୍କଠାରେ ବହୁତ ସୁଖ
ସନ୍ତୁଷ୍ଟ ହୋନା ହେଲେ । ବ୍ରଜସିଂହ. ମହାଭାରତ. ଅଦି ।] ୨ । ସୁଖ
ଭୋଗ କରିବା—2. To enjoy happiness.

ସୁଖଗ—ସଂ. ବଣ. ପୁଂ (ସୁଖ+ଗମ ଧାତୁ+କର୍ତ୍ତ୍ରି. ଅ)—ସୁଖରେ ଗମନ
Sukhaga କରୁ—Moving pleasantly or easily;
(ସୁଖଗା—ସ୍ତ୍ରୀ) of easy movement.

ସୁଖଗମ(ମ୍ୟ)—ସଂ.ବଣ (ସୁଖ+ଗମ ଧାତୁ+କର୍ମ ଅ;+ କର୍ମ. ଯ)—
Sukhagama(mya) ସୁଗମ (ଦେଖ)—Easily passable.

ସୁଖ ଘର—ଦେ.ବଣ ଓ ବି—ସୁଖଜନକ;ସୁଖଦାୟକାଶ୍ରୟ; ସୁଖର ଅବନ
Sukha ghara —Pleasant, abode of pleasure
ସୁଖଜନକ [ଉ—କେବଳ ନାମ ରୂପ ତୋର, ମୋର ସୁଖଙ୍କ
सुख जनक, सुखमूल ସୁଖ ଘର । ଜଗନ୍ନାଥ. ଭାଗବତ ।]
(ସୁଖର ଘର—ଅନ୍ୟରୂପ)

ସୁଖଙ୍କର—ସଂ. ବଣ. ପୁଂ [ସୁଖଂ=ସୁଖକୁ+କୃ ଧାତୁ+କର୍ତ୍ତ୍ରି. ଅ];
Sukhaṅkara ଅଲୁକ୍ ସମାସ]—ସୁଖକର; ଆନନ୍ଦକର;
(ସୁଖଙ୍କରୀ—ସ୍ତ୍ରୀ) ପ୍ରୀତିଜନକ—Pleasant.

ସୁଖଙ୍କରୀ—ସଂ. ବଣ. ପୁଂ—'ସୁଖଙ୍କର'ର ସ୍ତ୍ରୀ—Feminine of
Sukhaṅkarī Sukhaṅkara. ସଂ. ବି—ଜୀବନ୍ତୀ ଲତା;
(ରାଜ ନିର୍ଘଣ୍ଟ)—A kind of creeping medicinal plant; Celtis Orientalis.

ସୁଖଚର—ସଂ. ବଣ. ପୁଂ (ସୁଖ+ଚର ଧାତୁ+କର୍ତ୍ତ୍ରି. ଅ)—
Sukha chara ୧ । ସୁଖରେ ବିଚରଣକାରୀ—1. Walking
(ସୁଖଚରୀ—ସ୍ତ୍ରୀ) with pleasure or ease. ୨ । (ଲକ୍ଷଣାର୍ଥ)
ସୁଖୀ; ଆନନ୍ଦ ଭୋଗକାରୀ—2. Happy; (a man) enjoying happiness.

ସୁଖଚାର—ସଂ. ବି (ସୁଖ+ଚର ଧାତୁ+କର୍ତ୍ତ୍ରି. ଅ)—୧ । ଶ୍ରେଷ୍ଠ ଅଶ୍ୱ
Sukha chāra (ଶବ୍ଦମାଳା)—1. An excellent horse.
୨ । ସୁଶିକ୍ଷିତ ଅଶ୍ୱ—2. A well-trained horse.

ସୁଖଚାରୀ—ଦେ. ବଣ (ସଂ. ସୁଖଚର)—ସୁଖୀ—Happy. [ଉ—
Sukha chārī ଯେସନେ ବସ୍ତୁ ଅଶେ ଭରି, ତେବେ ଭୂଅନ୍ତ
सुखचारी सुखी ସୁଖଚାରୀ । ଜଗନ୍ନାଥ. ଭାଗବତ ।]

ସୁଖଜନକ—ସଂ. ବଣ. ପୁଂ (ସୁଖ+ଜନ ଧାତୁ+କର୍ତ୍ତ୍ରି, ଅକ)—
Sukha janaka ଯାହା ସୁଖ ଦିଏ—Producing happiness.
(ସୁଖ ଜନକା—ସ୍ତ୍ରୀ)

ସୁଖଜାତ—ସଂ. ବି (୬ଷ୍ଠୀ ତତ୍)—ସୁଖ ସମୂହ—Various
Sukha jāta pleasures. ସଂ. ବଣ (୫ମୀ ତତ୍)—
୧ । ସୁଖରୁ ଜାତ—1. Born of happiness. ୨ ।
(ବହୁବ୍ରୀହି; ସୁଖ ହୋଇଅଛି ଜାତ ଯାହାର)—ଜାତ-
ସୁଖ; ସୁଖୀ (ଭଟ୍ଟି, ପଞ୍ଚମସର୍ଗ)—2. Happy; made happy.

ସୁଖଞ୍ଜଣି—ଦେ. ବି (ସଂ. ସୁଖଚିତ)—ସୁନ୍ଦର ରୂପେ ଭୂଷିତ;
Sukhañjaṇi ଅଙ୍ଗୋପାଙ୍ଗରେ ଖଞ୍ଜା ହୋଇଥିବା; ସୁନ୍ଦର ଭାବରେ
सुजड़ित ଖଚିତ—Well-set. [ଉ—ଶ୍ରୀକରେ କଙ୍କଣ ମଣି
सुग्रथित ସୁବର୍ଣ୍ଣ ସୁରେଖ ସୁଖଞ୍ଜଣି । ଜଗନ୍ନାଥ ଭାଗବତ ।]

ସୁଖଦ—ସଂ, ବଣ, ପୁଂ (ସୁଖ+ଦା ଧାତୁ+କର୍ତ୍ତ୍ରି. ଅ)—ଯେ ଅନ୍ୟକୁ
Sukhada ସୁଖ ଦିଏ—Causing happiness. ସଂ. ବି—
(ସୁଖଦା—ସ୍ତ୍ରୀ) ୧ । ବିଷ୍ଣୁ—1. An epithet of Bishṇu.

୨ । ଶୃଙ୍ଗାର ବା ହାସ୍ୟରସପ୍ରଧାନ ବିଂଶତ୍ୟକ୍ଷର ସଂଯୁକ୍ତ ତାଳ ବିଶେଷ (ସଙ୍ଗୀତ ଦାମୋଦର)—2.Name of a musical measure of 20 letters ୩ । ବିଷ୍ଣୁଙ୍କ ଆସନ ବା ଅସ୍ଥାନ (ହୃ. ଶ)—3. The seat of Bishṇu.

ସୁଖଦା—ସଂ. ବିଣ. ସ୍ତ୍ରୀ (ସୁଖଦ+ଆ)—'ସୁଖଦ'ର ସ୍ତ୍ରୀ ଲିଙ୍ଗ— Sukhadā Feminine of Sukhada.
[ଉ—ଭ୍ରମେ ଦାସ ଅଣି ଅଣି, ବୋଲେ ଧର ଅଣ୍ଣ ଅଣି-ମାଡ ସୁଖଦା ରମଣୀମଣି ହେ । ଉଞ. ପ୍ରେମସୁଧାନିଧି ।]
ସ. ବି—୧ । ସ୍ୱର୍ଗ ବେଶ୍ୟା; ଅପ୍ସରା (ଶବ୍ଦରତ୍ନାବଳୀ)— 1. Heavenly nymph. ୨ । ଶମୀ ବୃକ୍ଷ (ଦେଖ)— 2. Śamī bṛuksha. (See) ୩ । ଗଙ୍ଗା ନଦୀ (ହୃ. ଶ)—3. The river Ganges. ୪ । ଛନ୍ଦୋବିଶେଷ (ହୃ. ଶ)—4. Name of a Sanscrit metre.

ସୁଖଦାଇ—ଦେ. ବି. ପୁଂ (ସ. ସୁଖଦାୟୀ) ସୁଖଦାୟୀ; ସୁଖଦ— Sukhadāyi Causing happiness.
ସୁଖଦାୟୀ सुखदाई (ସୁଖଦାଇ[ଏ]ଣୀ—ସ୍ତ୍ରୀ)

ସୁଖଦାତା(ୟୀ)—ସଂ. ବି. ପୁଂ (ସୁଖ+ଦା. ଧାତୁ+କର୍ତ୍ତ୍ରି. ତୃ; ଇନ୍; ୧ମା. ୧ବ)—ସୁଖଦ—Causing happiness.
Sukhadātā(yī)
(ସୁଖଦାୟକ—ଅନ୍ୟରୂପ)
[ସୁଖ ଦାତ୍ରୀ, ସୁଖଦାୟିନୀ, ସୁଖଦାୟିକା—ସ୍ତ୍ରୀ]

ସୁଖଦାଣୀ—ଦେ. ବିଣ—ସୁଖଦାତା; ସୁଖଦ— Sukhadāṇī Causing happiness.
ସୁଖଦାତା [ଉ—ସକଳ ବାଞ୍ଛା ସୁଖଦାଣୀ, ତାହାଙ୍କୁ ବଳାଇ सुखदाता ଗୋପିକା । ଭୂପତି. ପ୍ରେମ ପଞ୍ଚାମୃତ ।]

ସୁଖ ଦୁଃଖ (ଇତ୍ୟାଦି)—ସଂ. ବି—ସୁଖ ଦୁଃଖ ଇତ୍ୟାଦି (ଦେଖ) Sukha duḥkha (etc) Sukha dukha etc (See)

ସୁଖ ଦୁଖ—ଗ୍ରା. ବି (ସଂ. ସୁଖ+ଦୁଃଖ)—୧ । ସୁଖ ଓ ଦୁଃଖ— Sukha dukha 1. Happiness and sorrow; weal ସୁଖଦୁଖ and woe. ୨ । ସଂସାରରେ ସୁଖର ଓ ଦୁଃଖର ଅନୁଭୂତି— सुखदुख 2. The weals and woes of the world. ୩ । ଦୁଇ ଜଣଙ୍କ ମଧ୍ୟରେ ନିଜ ନିଜର ସାଂସାରିକ ଭଲ ମନ୍ଦ ବିଷୟରେ କଥାଭାଷା —3.Talk between two about each other's worldly affairs.

ସୁଖ ଦୁଖ ହେବା—ଗ୍ରା. କି—ନିଜର ସୁଖମୟ ଓ ଦୁଃଖମୟ Sukha dukha hebā ସାଂସାରିକ ଅନୁଭବ ବିଷୟରେ ଦୁଖ ସୁଖ ହওয়া ପରସ୍ପର ସଙ୍ଗେ କଥାଭାଷା ହେବା—To talk सुख दुख कहना to each other about each other's weals and woes.

ସୁଖଦୁ(ଦୋ)ହ୍ୟା—ସଂ. ବି. ସ୍ତ୍ରୀ (ସୁଖ+ଦୁହ. ଧାତୁ+କର୍ମ. ଯ+ Sukha du(do)hyā ସ୍ତ୍ରୀ. ଆ)—ଯାହାକୁ [ଯେଉଁ ଗାଈକୁ] ଅନାୟାସରେ ଦୁହିଁ ଯାଇପାରେ—Easily milked (cow). ସଂ. ବି. ସ୍ତ୍ରୀ—ସୁଖସନ୍ଦୋହ୍ୟା ଗୌ (ହେମଚନ୍ଦ୍ର); ସହଜରେ ଦୁହିଁ ହେଉଥିବା ଗାଈ— Easily milked cow.

ସୁଖ ଦେବା—ଦେ. କି—ଅନ୍ୟ ବ୍ୟକ୍ତିକୁ ସୁଖୀ କରିବା— Sukha debā To cause another's happiness; to ସুখ দেওয়া सुख देना make another happy.

ସୁଖ ଧାମ—ସଂ. ବି (୬ଷ୍ଠୀ ତତ୍; ସୁଖ +ଧାମନ୍)—୧ । ଯେଉଁଠାରେ Sukha dhāma ସର୍ବଦା ସୁଖ ସ୍ଥିରହୁଏ—1. Abode of happiness. ୨ । ବୈକୁଣ୍ଠ—2. Paradise.
ସଂ. ବିଣ—ସୁଖଦାୟକ (ହୃ. ଶ)—Giving pleasure.

ସୁଖ ନାଶ—ସଂ. ବି (୬ଷ୍ଠୀ ତତ୍)—ସୁଖର ବିନାଶ ବା ଲୋପ— Sukha nāsa Destruction or disappearance of one's happiness.

ସୁଖ ନିଦ୍ରା—ସଂ. ବି (ମ. ପ. ଲୋ; ସୁଖ ସମ୍ପାଦନକାରୀ ନିଦ୍ରା)— Sukha nidrā ୧ । ଅଗ୍ରମରେ ହେବା ନିଦ୍ରା; ନିଶ୍ଚିନ୍ତ ବା ଗାଢ଼ (ସୁଖନିଦ୍ରିତ—ବିଣ. ପୁଂ) ନିଦ୍ରା; ସୁନିଦ୍ରା—1. Sound sleep; [ସୁଖନିଦ୍ରିତା—ବିଣ. ସ୍ତ୍ରୀ] slumber. ୨ । ଦୁଃସ୍ୱପ୍ନାଦି ଦ୍ୱାରା ବିକୃତ ହୋଇ ନ ଥିବା ନିଦ୍ରା—2. Undisturbed sleep.

ସୁଖ ପାଇବା—ଦେ. କି—୧ । ସୁଖ ଭୋଗ କରିବା—1. To enjoy Sukha pāibā happiness. ୨ । (କୌଣସି ବ୍ୟକ୍ତିକୁ ବା ସুখপাওয়া, ভালবাসা ବସ୍ତୁକୁ) ସ୍ନେହ ବା ଆଦର ଚକ୍ଷୁରେ सुख पाना ଦେଖିବା—2.To like or love (a person or thing). [ଉ—ଦାଟେ ଖଟେ ବୋଲି ହସୁଛି ଭୁଜଙ୍ଗ ମୁଖ ଚୁମ୍ବି ସୁଖ ପାଇଲି ହେ ସ୍ୱଜନ । ବିଶ୍ୱନାଥ. ବିଚିତ୍ର ରାମାୟଣ ।]

ସୁଖ ପେୟ—ସଂ. ବିଣ—ସୁପେୟ; ଯାହା ପିଇଲେ ସୁଖ ହୁଏ— Sukha peya Sweet to drink.

ସୁଖ ପ୍ରଦ—ସଂ. ବିଣ. ପୁଂ (ସୁଖ+ପ୍ର+ଦା. ଧାତୁ+କର୍ତ୍ତ୍ରି. ଅ)— Sukha prada ଯେ ସୁଖ ଦାନ କରେ—Causing happiness. [ସୁଖପ୍ରଦା—ସ୍ତ୍ରୀ]

ସୁଖ ପ୍ରସବ—ସଂ.ବି(ମ.ପ.ଲୋ) —ସୁପ୍ରସବ; ସହଜରେ ସନ୍ତାନ ପ୍ରସବ— Sukha prasaba Easy delivery; painless delivery.

ସୁଖ ପ୍ରସବା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି)—ଯେଉଁ ସ୍ତ୍ରୀ କଷ୍ଟ ନ ପାଇ Sukha prasabā ପ୍ରସବ କରନ୍ତି (ହୃ. ଶ)—(a woman) Who has painless delivery.

ସୁଖ ବର୍ଚ୍ଚକ (ବର୍ଚ୍ଚଃ)—ସଂ. ବି-ସର୍ଜିକା କ୍ଷାର; କ୍ଷାର ମାଟି (ଅମର)— Sukha barchchaka (barchchhaḥ) Carbonate of soda; Panjab salt; Rhe soil.

ସୁଖବାଇ—ଦେ. ବିଣ—ସୁଖରେ ଉନ୍ମତ୍ତ ପ୍ରାୟ— Sukhabāi Maddened with happiness; intoxiସুখ বেয়ে सुखसे उन्मत्त cated with pleasure.

ସୁଖ ବାସ—ସଂ, ବ (ବହୁବ୍ରୀହି)—ଚରଭୁଜ, ଶୀର୍ଣ୍ଣବୃନ୍ତ (ରତ୍ନମାଳା)—
Sukha bāsa Melon. ସଂ. ବଣ—୧ । ଯେଉଁ ସ୍ଥାନରେ ବାସ ସୁଖକର (ବୃ, ଶ)—1. (a place) Where one feels happy to live. ୨ । ସୁଖମୟ ବାସସ୍ଥାନ—2. Blissful residence.

ସୁଖ ବାସନ—ସଂ. ବ—ମୁଖ ବାସନ ଗନ୍ଧ ଦ୍ରବ୍ୟ (ଶବ୍ଦରତ୍ନାବଳୀ)—
Sukha bāsana Spices and sweet scented articles used for chewing after meals.

ସୁଖ ବାସର—ସଂ. ବ (ମ, ପ, ଲୋ)—ଆନନ୍ଦଦାୟକ ଦିବସ—
Sukha bāsara A happy day.

ସୁଖ ବେଳ—ଦେ. ବ (ସଂ. ସୁଖବେଳା)—ସୁଖଭୋଗର କାଳ—
Sukha beḷa Time of happiness.
সুখের বেলা सुख समय [ସୁଖର ବେଳ—ଅନ୍ୟରୂପ]

ସୁଖ ବୋଧ—ସଂ. ବ (୬ଷ୍ଠୀ ତତ୍)—ସୁଖାନୁଭବ—
Sukha bodha Enjoyment of happiness.

ସୁଖ ବୋଧ୍ୟ—ସଂ. ବଣ—ଯାହା ସହଜରେ ବୁଝା ଯାଏ, ସହଜବୋଧ;
Sukha bodhya ସୁବୋଧ—Easy; that which can be easily understood; easy of comprehension.

ସୁଖବୋଧ୍ୟ ରୀତି—ସଂ. ବ—୧ । ସୁବୋଧ ରଚନାରୀତିବିଶେଷ—1.
Sukha bodhya rīti Easy seyle of composition. ୨ । ରୀତି (ଦେଖ)—2. Rīti, (See)

[ଉ—ଫେନେ ଗୃହାଳକୁ ଫେର ଅସି ସୁଅ
ଭକ୍ତ ହେଲ ମାତା ପାଶେ
ଅଶ୍ରି ଅନ ଅନ ବଦନ ମଣ୍ଡନ
ଭୂଣ୍ଡରେ କଥା ନ ଅସେ ।
ପୁଅକୁ ଅନାଇ ମାତା ଅଶ୍ରୁ ଛାଡେ
ସମ୍ବରନ୍ତି ବେଗେ ଦୁଃଖେ
କଷାଇଁ ହେ ଧନ ! ଦରସ ତୋ ମନ,
ହସ କାହିଁ କହି ମୁଖେ ?"

ସୁଖ ଭକ୍ଷ—ସଂ. ବ—ଶ୍ୱେତଶିଗ୍ରୁ; ଧଳା ସଜନା (ବୃ. ଶ)—
Sukha bhaksha White flowered variety of Moringa tree.

ସୁଖ ଭକ୍ଷ୍ୟ—ସଂ. ବଣ—ସୁଭକ୍ଷ୍ୟ; ଯାହା ଖାଇବାକୁ ସୁଖକର ହୁଏ—
Sukha bhakshya (a thing) Which can be eaten with pleasure; pleasant to eat.

ସୁଖ ଭଞ୍ଜ—ସଂ. ବ—ସଫେଦ ମରିଚ; ଧଳା ମରିଚ (ବୃ. ଶ)
Sukha bhañja White pepper.

ସୁଖ ଭଦ୍ରା—ସଂ. ବ—ଭଦ୍ରମୁଥା; ମୁସ୍ତକ ବିଶେଷ—
Sukha bhadrā Cyp ras Rotundus.
(ଉ—ଚମ୍ପା ଚାରେଣର ମଦନା ମାଧବୀ, ସୁଖଭଦ୍ରା ।
ଲବଙ୍ଗଲୀ । ପ୍ର ଚା. ବ୍ରଜଯମଳସ ।)

ସୁଖ ଭକ୍—ସଂ. ବଣ (ସୁଖ+ଭଜ୍. ଧାତୁ+କ୍ୱିପ୍. କର୍ତ୍ତୃ; ସୁଖଭୁକ୍,
Sukha bhāk ୧ମା. ୧ବ)—୧ । ସୁଖଭାଗୀ; ସୁଖର ଭାଗୀଦାର; ଯେ ଅନ୍ୟ ସଙ୍ଗେ ସୁଖକୁ ଭୋଗ କରେ—
1. Enjoying or sharing pleasure with another. ୨ । ସୁଖଭୋଗୀ; ସୁଖୀ—2. Enjoying happiness; happy.

ସୁଖଭାଗୀ—ସଂ.ବଣ.ପୁଂ (ସୁଖ+ଭଜ୍ ଧାତୁ+ଣିନି. କର୍ତ୍ତୃ;୧ମା. ୧ବ)—
Sukha bhāgī ସୁଖଭାକ୍ (ଦେଖ)—Sukha bhāk
(ସୁଖଭାଗିନୀ—ସ୍ତ୍ରୀ) (See) (ଉ—ଲକ୍ଷ୍ମୀକାନ୍ତ ସେବେ ଲାଗି, ସବେ ହୋଇଲେ ସୁଖଭାଗୀ । ଜଗନ୍ନାଥ. ଭାଗବତ ।)

ସୁଖ ଭାନୁ—ସଂ. ବ (ରୂପକ କର୍ମଧା)—ସୁଖ ସୂର୍ଯ୍ୟ (ଦେଖ)
Sukha bhānu Sukha sūrjya (See)

ସୁଖ ଭୋଗ—ସଂ. ବ (୬ଷ୍ଠୀ ତତ୍)—ସୁଖ ବା ଆନନ୍ଦକୁ ଅନୁଭବ
Sukha bhoga କରିବା—Enjoyment of happines

ସୁଖ ଭୋଗୀ—ସଂ. ବ (ଉପପଦ ତତ୍)—ସୁଖ ଭାକ୍ (ଦେଖ)
Sukha bhogī Sukha bhāk (See)

ସୁଖ ଭୋଜନ—ସଂ. ବ—୧ । ସୁଖକର ପଦାର୍ଥ ଭୋଜନ—1. Par-
Sukha bhojana taking of dainty food. ୨ । ସନ୍ତୋଷ ଜନକ ଭୋଜନ—2. A hearty meal.

ସୁଖମୟ—ସଂ. ବ (ସୁଖ+ପ୍ରାଚୁର୍ଯ୍ୟାର୍ଥେ ମୟ)—ସୁଖରେ ପୂର୍ଣ୍ଣ—
Sukhamaya Full of pleasure or happiness.

ସୁଖ ମାରୀ—ପ୍ରାଦେ (ସମ୍ବଲପୁର) ବଣ. ସ୍ତ୍ରୀ—ସୁକୁମାରୀ—
Sukha mārī (Girl) Of a delicate disposition of mind and body; tenderly brought up (girl).

ସୁଖମୁନିଆଁ—ବୈଦେ. ବ (ଫା)—ସୁକମୋନିଆ ବନ୍ୟଲତା ବିଶେଷ;
Sukha muniāṅ ଜଳମ୍ବାଦ ବର୍ଗର ଲତା—Scammony;
सुखमुनिया Convolvulus Scammonia. [ଉ—ଏହାର ସୁଖମୁନିଆ ତେଲକୁ ସଭ କଲେ ଯେଉଁ କର୍ଷୀାସ ବାହାରେ, ତାହା ଡାକ୍ତରୀ ଔଷଧରେ ଲାଗେ । ଯୋଗେଶଚନ୍ଦ୍ର ।]

ସୁଖମୋଦା—ସଂ. ବ—ଶଲ୍ଲକୀ ୨, ୩ (ଦେଖ)
Sukhamodā Śallakī 2, 3 (See)

ସୁଖ ଯାଡୁ—ଦେ. ବ (ସଂ. ଶୁଷ୍କ+ଦଦ୍ରୁ)—ଚର୍ମରୋଗ ବିଶେଷ—
Sukha jādu Barber's itch; Sycosis ance-
শুক্নো দাদ सुखदाद mentagra.

ସୁଖ ଯାମିନୀ—ସଂ. ବ—ସୁଖ ରଜନୀ (ଦେଖ)
Sukha jāminī Sukha rajanī (See)

ସୁଖ ରଜନୀ—ସଂ. ବ (ମ. ପ. ଲୋ)—ସୁଖମୟୀ ରାତ୍ରି; ଯେଉଁ
Sukha rajanī ରାତ୍ରିରେ ମନୁଷ୍ୟ ସୁଖଭୋଗ କରୁଥାଏ—
A night of pleasure; a night of happiness; a gala night.

ସୁଖର ପିଅ(ୟା)ରୀ—ଦେ. ବ—ଯେଉଁ ବନ୍ଧୁ ମନୁଷ୍ୟର ସୁଖଭୋଗ
Sukhara piā(yā)rā ସମୟରେ ନିକଟରେ ଉପସ୍ଥିତ ହୁଏ, କିନ୍ତୁ ଦୁଃଖ ପଡ଼ିଲେ ଛାଡ଼ିଯାଏ—A friend or companion during one's happy days; a friend in prosperity (not in adversity); a summer friend.
ସୁଖର ସଂଗୀ, ସୁଖର ସ(ସା)ଥୀ, ସୁଖର ସାଥୀ }—ଅନ୍ୟରୂପ
সুখের পায়রা, সুখের সঙ্গী, সুখের সাথী
सुखका साथी

ସୁଖ ରବି—ସଂ. ବ (ରୂପକ କର୍ମଧା)—ସୁଖରୂପ ସୂର୍ଯ୍ୟ—
Sukha rabi Happiness compared to the sun.

ସୁଖ ରାତ୍ରି—ସଂ. ବ (ମ. ପ. ଲୋ)—୧ । ସୁଖ ରଜନୀ (ଦେଖ)—
Sukha rātri 1. Sukha rajanī (See) ୨ । ଯାତ୍ରାକୃତ ଅମାବାସ୍ୟା ରାତ୍ରି; ଦେବାଳି ରାତ୍ର; କାର୍ତ୍ତିକ ଅମାବାସ୍ୟା ରାତ୍ର; ଲକ୍ଷ୍ମୀପୂଜା ରାତ୍ରି—2. The night of Kārttika new moon.

ସୁଖରେ—ଦେ. କ୍ରି. ବିଣ—୧। ସ୍ୱଇଚ୍ଛାରେ—1. Out of one's own
Sukhare accord. (ଉ—ଏହା ସୁଖରେ ତାକୁ ଘରକୁ ଏ
সুখে सुखमें ଦିବ । କୃଷ୍ଣସଂ. ମହାଭାରତ ବନ ।)
୨ । ସୁଖ ସହକାରେ—2. With happiness.
୩ । ସହଜରେ—3. Easily.

ସୁଖ ଲାଗିବା—ଦେ. କ୍ରି—୧ । ସୁଖଜନକ ବୋଧ ହେବା—1. To
Sukha lāgibā affect a person pleasantly. ୨ ।
ভাল লাগা ଅନୁଭ ହେବା—2. To be liked by (a person).
सुख लगना

ସୁଖ ଲାଭ—ସଂ. ବ (୬ଷ୍ଠୀ ତତ୍)—ସୁଖପ୍ରାପ୍ତି; ସୁଖଭୋଗ—
Sukha lābha Enjoyment or attainment of happiness.

ସୁଖ ଲେଶ—ସଂ. ବ (୬ଷ୍ଠୀ ତତ୍)—ଅଳ୍ପମାତ୍ର ସୁଖ; ସାମାନ୍ୟ ମାତ୍ର
Sukha leśa ସୁଖ—A little happiness; a whit or a bit of pleasure.

ସୁଖ ଶୟନ—ସଂ. ବ (ମ. ପ. ଲୋ)—ସୁଖନିଦ୍ରା (ଦେଖ)
Sukha śayana Sukha nidrā (See)

ସୁଖ ଶଯ୍ୟା—ସଂ. ବ (ମ. ପ. ଲୋ)—ସୁଖଜନକ ବିଛଣା—
Sukha śajyā Pleasant or comfortable bed.

ସୁଖ ଶାନ୍ତି—ସଂ. ବ (ଦ୍ୱନ୍ଦ୍ୱ)—ସୁଖ ଓ ଶାନ୍ତି—Pleasure and
Sukha śānti peace; peace and happiness.

ସୁଖ ଶ୍ରାବ୍ୟ—ସଂ. ବିଣ—ଶ୍ରୁତି ସୁଖକର; ସୁଶ୍ରାବ୍ୟ—
Sukha śrābya Sweet to the ear.

ସୁଖ ସଂଖାଳି—ଦେ. ବ—ସୁଖ ଦେବାର ଧନ ବା ରତ୍ନ ବା ବସ୍ତୁ ବା ବ୍ୟକ୍ତି
Sukha saṁkhāli —The treasure or jewel or
সুখের নিধি सुखदेनेकी चीज thing or person that makes one happy or ministers to one's happiness.

ସୁଖ ସମ୍ବାଦ—ସଂ. ବ (ମ. ପ. ଲୋ)—ଶୁଭ ସମାଚାର; ସୁଖଜନକ
Sukha sambāda ସମ୍ବାଦ—Happy or pleasant news; good news.

ସୁଖ ସମ୍ଭୋଗ—ସଂ. ବ (୬ଷ୍ଠୀ ତତ୍)—ସୁଖଭୋଗ—
Sukha sambhoga Enjoyment of pleasure.

ସୁଖ ସନ୍ଦୁ(ନ୍ଦୋ)ହ୍ୟା—ସଂ. ବିଣ ଓ ବ (ସ୍ତ୍ରୀ)—ସୁଖ ଦୁହ୍ୟା (ଦେଖ)—
Sukha sandu(ndo)hyā Sukha duhyā (See)
(ସୁଦୁହା—ଅନ୍ୟରୂପ)

ସୁଖ ସମୁଦ୍ର—ସଂ. ବ (ରୂପକ)—ସୁଖ ସାଗର (ଦେଖ)
Sukha samudra Sukha sāgara (See)

ସୁଖ ସମୃଦ୍ଧି (ସମ୍ପଦ୍)—ସଂ. ବ (ଦ୍ୱନ୍ଦ୍ୱ)—ସୁଖ ଓ ବିଭବ—
Sukha samṛuddhi (sampad) Happiness and prosperity.

ସୁଖ ସମ୍ପଦ—ଦେ. ବ (ସଂ. ସୁଖ ସମ୍ପଦ୍)—ସୁଖ ସମୃଦ୍ଧି (ଦେଖ)
Sukha sampada Sukha samṛuddhi (See)

ସୁଖ ସଲିଳ—ସଂ. ବ (ମ. ପ. ଲୋ; ସୁଖପ୍ରଦ ସଲିଳ)—ଉଷୁମଜଳ
Sukha salila (ବୃ. ଶ)—Warm water.

ସୁଖ ସାଗର—ସଂ. ବ (ରୂପକ କର୍ମଧା)—ସମୁଦ୍ର ସଙ୍ଗେ ତୁଳନା ହୋଇ-
Sukha sāgara ପାରିବା ସୁଖ; ଅତ୍ୟନ୍ତ ସୁଖ—Ocean of
(ସୁଖ ସିନ୍ଧୁ—ଅନ୍ୟରୂପ) happiness; much happiness compared to ocean.

ସୁଖ ସାଧ—ଦେ. ବ—୧ । ସୁଖ ପାଇବାର ଆଶା—1. Hope of
Sukha sādha happiness. ୨ । ସୁଖକର ଅଭିଳାଷ—
সুখ সাধ सुख साध 2. A pleasant desire.

ସୁଖ ସାଧ୍ୟ—ଦେ. ବିଣ—ସହଜସାଧ୍ୟ; ଅନାୟାସସାଧ୍ୟ—
Sukha sādhya Easy of accomplishment.

ସୁଖ ସୁପ୍ତ—ସଂ. ବିଣ—ସୁଖକର ଭାବରେ ନିଦ୍ରିତ—
Sukha supta Sleeping comfortably; enjoying a pleasant sleep.

ସୁଖ ସୁପ୍ତି—ସଂ. ବ (ମ.ପ.ଲୋ)—ସୁଖନିଦ୍ରା; ସୁନିଦ୍ରା—
Sukha supti Sound or undisturbed sleep.

ସୁଖ ସୂର୍ଯ୍ୟ—ସଂ. ବ (ରୂପକ)—ସୁଖ ରବି (ଦେଖ)
Sukha sūrjya Sukha rabi (See)

ସୁଖ ସେବା—ସଂ. ବ (୬ଷ୍ଠୀତତ୍)—ସୁଖଭୋଗ—
Sukha sebā Enjoyment of happiness.

ସୁଖ ସେବ୍ୟ—ସଂ ବିଣ—ସୁସେବ୍ୟ; ଅନାୟାସରେ ଯାହା ସେବନ କରି-
Sukha sebya ହୋଇ ପାରେ—Which can be easily enjoyed or eaten.

ସୁଖ ସ୍ପର୍ଶ—ସଂ. ବ (କର୍ମଧା)—ଆନନ୍ଦଜନକ ସ୍ପର୍ଶ; ପ୍ରୀତିପୂର୍ଣ୍ଣ ସ୍ପର୍ଶ—
Sukha sparśa Pleasant touch; happy touch. ସଂ.
ବିଣ (ବହୁବ୍ରୀହି)—୧ । ଯାହାକୁ ସ୍ପର୍ଶ କଲେ ସୁଖ ହୁଏ—1. Pleasant to the touch. ୨ । ଅତି କୋମଳ—2. Very soft.

ସୁଖ ସ୍ମୃତି—ସଂ. ବ (୬ଷ୍ଠୀତତ୍)—ପୂର୍ବାନୁଭୂତ ସୁଖର ସ୍ମରଣ—
Sukha smṛuti Remembrance of past happiness; pleasant association.

ସୁଖ ସ୍ୱଚ୍ଛନ୍ଦତା—ସଂ. ବ (ଦ୍ୱନ୍ଦ୍ୱ)—ଆନନ୍ଦ ଓ ସ୍ୱସ୍ତିତା—
Sukha swachchhandatā Happiness and comfort.
(ସୁଖସ୍ୱାଚ୍ଛନ୍ଦ୍ୟ—ଅନ୍ୟରୂପ)

ସୁଖ ସ୍ୱପ୍ନ—ସଂ.ବ (ମ.ପ.ଲୋ)—୧। ସୁଖ ଜନକ ସ୍ୱପ୍ନ—1.Pleasant
Sukha swapna dream. ୨ । ସୁଖକର ବିଷୟର ସ୍ୱପ୍ନ—2. Dream of sweet things.

ସୁଖା—ସଂ. ବ (ସୁଖ+ଆ)—ବରୁଣପୁରୀ (ମେଦିନୀ)—The abode
Sukhā of the Sea-god 'Baruṇa'. ଗ୍ରା. ବିଣ—ଶୁଖା ଇତ୍ୟାଦି (ଦେଖ)—Sukhā etc (See)

ସୁଖା(ଖେ)ଇବା—ଗ୍ରା. କ୍ରି—ଶୁଖାଇବା (ଦେଖ)
Sukhā(khe)ibā Sukhāibā (See)

ସୁଖାଗମ—ସଂ. ବି (ସୁଖ+ଆଗମ; ୬ଷ୍ଠୀ ତତ୍) —ସୁଖଭୋଗର ସମୟ
Sukhāgama ଆସିବା —The attainment or beginning of happiness.

ସୁଖାଗାର—ସଂ. ବି—୧। (ସୁଖ+ଆଗାର) ସୁଖଜନକ ଗୃହ—
Sukhāgāra 1. Pleasant or comfortable house.
(ସୁଖାଳୟ—ଅନ୍ୟରୂପ) ୨। ସୁଖ ଉତ୍ପାଦକ ବିଷୟ—
2. A matter of pleasure.

ସୁଖାତକ—ଦେ. ବି—ଯେଉଁ ଋଣଦାତା ଟଙ୍କା ଶୁଝିବାକୁ ମହାଜନକୁ
Sukhātaka ବହୁଗଞ୍ଜ କରେ ନାହିଁ—A good debtor.
सुखातक [ଦ୍ର—ଉପସ୍ଥଳରେ ପ୍ରତ୍ୟେକ ଖାତକକୁ 'ସୁଖାତକ'ରୂପ ଅଜ୍ଞାଭଦ୍ଦୁକା ବିଶେଷଣରେ ଅଳଂକୃତ କରି ଦଲିଲ ଲେଖାପଡ଼ି ହୁଏ।]

ସୁଖାଦ୍ୟ—ସଂ. ବି—ସ୍ୱାଦର ଓ ସ୍ୱାସ୍ଥ୍ୟର ଖାଦ୍ୟ—
Sukhādya Pleasant and beneficial food; sweet food.

ସୁଖାଧାର—ସ. ବି. (୬ଷ୍ଠୀ ତତ୍)—୧। ସୁଖର ଆଧାର—1. The
Sukhādhāra receptacle of happiness. ୨। ଯେଉଁଠାରେ ସବୁ ସୁଖ ମିଳେ—2. A place of happiness. ୩। ସ୍ୱର୍ଗ (ଶବ୍ଦ ରତ୍ନାବଳୀ)—3. Heaven.

ସୁଖାନ୍ (ଇତ୍ୟାଦି)—ବୈଦେ. ବି.—ସୁକାନ୍ ଇତ୍ୟାଦି (ଦେଖ)
Sukhān (etc) Sukān etc (See).

ସୁଖାନି—ବୈଦେ. ବି—ସୁକାନି (ଦେଖ)
Sukhāni Sukāni (See).

ସୁଖାନୁଭବ—ସ. ବି.—(୬ଷ୍ଠୀ ତତ୍) ସୁଖ ବୋଧ—
Sukhānubhaba Experience of pleasure.
(ସୁଖାନୁଭୂତ—ଅନ୍ୟରୂପ)

ସୁଖାନ୍ତ—ସ. ବି.—୧। (୬ଷ୍ଠୀ ତତ୍) ସୁଖର ଅବସାନ—1. The
Sukhānta end of happiness. ୨। (ବହୁବ୍ରୀହି)
(ଦୁଃଖାନ୍ତ ବିପରୀତ) (ଅଧୁନିକ) ଯେଉଁ ନାଟକର ଶେଷରେ ସୁଖଦାୟକ ଘଟଣା ଥାଏ—Comedy.

ସୁଖାନ୍ତର—ସ. ବି—ଅନ୍ୟ ସୁଖ—Another pleasure or
sukhāntara happiness.

ସୁଖାନ୍ୱେଷଣ—ସ. ବି.—(୬ଷ୍ଠୀ ତତ୍) ସୁଖ ପାଇବାକୁ ଲୋଡ଼ିବା;
Sukhānweshaṇa ସୁଖ ଖୋଜିବା—Search after
(ସୁଖାନ୍ୱେଷୀ—ବଣ. ପୁଂ) happiness.

ସୁଖାବତୀଶ୍ୱର—ସ. ବି.—୧। ବୁଦ୍ଧ ଭେଦ (ହେମଚନ୍ଦ୍ର)—1. One
Sukhābatīswara of the wise men before the
(ସୁଖାବତୀ ଦେବ—ଅନ୍ୟରୂପ) Buddha. ୨। ବୁଦ୍ଧଦେବ—
2. The Buddha.

ସୁଖାବହ—ସ. ବଣ. — (ସୁଖ+ଆବହ) —ସୁଖ ଦାତା—
Sukhābaha Pleasant; delightful.
(ଦୁଃଖାବହ—ବିପରୀତ)

ସୁଖାୟତ(ନ)—ସ. ବି.—ସୁଶିକ୍ଷିତ ଅଶ୍ୱ (ଶବ୍ଦମାଳା)—A well-
Sukhāyata(na) trained horse.

ସୁଖାୟତନ—ସ. ବି. (୬ଷ୍ଠୀ ତତ୍) ସୁଖାଧାର (ଦେଖ)
Sukhāyatana Sukhādhāra (See).

ସୁଖାର୍ଜିତ—ସ. ବଣ. (ତୃତ୍ୟା ତତ୍)—ସହଜରେ ଉପାର୍ଜିତ—
Sukhārjita Easily earned.

ସୁଖାଶ—ସ. ବଣ. ପୁଂ (ବହୁବ୍ରୀହି; ସୁଖ+ଆଶା+ଅ)—ଯୋଉନ
Sukhāśa ଆଶାଯୁକ୍ତ—Having a good hope; hopeful; sanguine. ସ. ବି.—୧। (ସୁଖ+ଅଶ= ଭୋଜନ) ସୁଖ ଭୋଜନ—1. A good meal; a hearty meal; a healthy meal. ୨। ସୁଚ-ଦଳଣ ବୃକ୍ଷ (ହେମଚନ୍ଦ୍ର); ଏକପ୍ରକାର ବଡ଼ନ କାଠର ଗଛ—2. A kind of timber tree. ୩। ବରୁଣଦେବ—3. The God of the ocean. ୪। ତରଭୁଜ—
4. Melon.

ସୁଖାଶା—ସ. ବି. (୬ଷ୍ଠୀ ତତ୍)—ସୁଖ ପାଇବାର ଆଶା—Hope
Sukhāśā Hope of happiness. (ଦ୍ର—ଯେଉଁ ସୁଖାଶାରେ ଏ ପାପ ସଂସାରେ ରହିବାକୁ ମନ କରନ୍ତି—ଭ୍ରମଣଙ୍କର, ଖ୍ରୀଷ୍ଟ ର ସଙ୍ଗୀତ)—ସ. ବଣ. ସ୍ତ୍ରୀ—ସୁଖାଶର ସ୍ତ୍ରୀଲିଙ୍ଗ—Feminine of sukhāśa.

ସୁଖାସନ—ସ. ବି (ମ. ଷ. ଉଭ)—୧। ସୁଖଜନକ ଆସନ—
Sukhāsana 1. Comfortable seat. ୨। ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧକାଳରେ ଶଯ୍ୟା ଓ ଖଟ ଆଦିର ଦାନ—2.Gift of beddings to Brāhmaṇs during obsequal rites. ୩। ପାଲିଙ୍କି (ହ. ସ)—3. Palki; sedan chair. ଦେ. ବି. ୧। ବିଷ୍ଣୁଙ୍କ ଅନନ୍ତ-
सुखासन ଶୟନ—1. The sleep of Bishṇu on the
सुखासन coil of the Bāsuki serpent during the dissolution of the universe. ୨। (ସ. ସୁଖାଶ) ବରୁଣ ଦେବ—2. The God of the ocean. ୩। ସମୁଦ୍ର; ସାଗର—3. The sea. [ଦ୍ର—ବଣ୍ଣାମବ ସୁଖାସନ ଦୂରେ ଛେ। ଉଜ୍ଜ. ବୈଦେହୀଶବିଳାସ]

ସୁଖାସୀନ—ସଂ. ବଣ. ପୁଂ.—ସୁଖରେ ଉପବିଷ୍ଟ—Seated com-
Sukhāsīna (ସୁଖାସୀନା—ସ୍ତ୍ରୀ) fortably.

ସୁଖାସ୍ପଦ—ସ. ବି. (୬ଷ୍ଠୀ ତତ୍) ସୁଖାଧାର ୧, ୨ (ଦେଖ)
Sukhāspada Sukhādhāra 1, 2 (See)
(ସୁଖାକର—ଅନ୍ୟରୂପ)

ସୁଖିତ—ସ. ବଣ.—(ସୁଖ+ଇତାଚ ଅର୍ଥେ ଇତ)—ଆନନ୍ଦିତ;
Sukhita ଉତ୍ଫୁଲ୍ଲ—Pleased; delighted; comforted. [ଦ୍ର—ଉତ୍ତମ ସମ୍ପଦେ ସୁଖିତ। ଦୁଃଖରେ ହୋଇବ ଦୁଃଖିତ। ଜଗନ୍ନାଥ. ଭାଗବତ।] ସ. ବି. ସୁଖ—Happiness.

ସୁଖିତା (ତ୍ୱ)—ସଂ.ବି· (ସୁଖିନ୍+ଭାବ ତା, ତ୍ୱ)—ସୁଖୀ ହେବାର ଭାବ
Sukhitā (twa) ବା ଅବସ୍ଥା—The state of being happy.

ସୁଖିନୀ—ସ. ବିଣ· ସ୍ତ୍ରୀ (ସୁଖିନ୍+ସ୍ତ୍ରୀ. ଈ)—ସୁଖୀର ସ୍ତ୍ରୀଲିଙ୍ଗ—
Sukhinī (ସୁଖୀ—ପୁଂ) Feminine of 'Sukhī.

ସୁଖୀ—ସ. ବିଣ· ପୁଂ, (ସୁଖ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ.)—
Sukhī ସୁଖ ବଶିଷ୍ଟ; ଯେ ସୁଖ ଭୋଗ କରେ—Happy.

ସୁଖୁମ—ଗ୍ରା. ବିଣ· (ସ. ସୂକ୍ଷ୍ମ)—ସୂକ୍ଷ୍ମ (ଦେଖ)—Sukshma
Sukhuma सूक्ष्म, सुखम (See)

ସୁଖେ—ଦେ, କ୍ରି· ବିଣ,—୧ । ସୁଖ ସହକାରେ—1. Happily;
Sukhe সুখে सुखमें with pleasure. ୨ । ସହଜରେ, ଅନାୟାସରେ—2. Easily. [ଉ—ସେ ଜମ୍ବୁ ବୃକ୍ଷତଳେ ଯେ ଯାହା କରୁରେ । ବସିବାଠାରେ ସୁଖେ ସେ ତା ଲଭୟାରେ । କୃଷ୍ଣସିଂହ, ମହାଭାରତ, ସ୍ୱର୍ଗ ।] ୩ । ସ୍ୱଇଚ୍ଛାରେ; ସ୍ୱୟଂ; ସ୍ୱେଚ୍ଛାକ୍ରମେ—3. Of one's free will; voluntarily· [ଉ—ଅବଲେ ଅସୂ ଚାର ସୁଖେ । ଖୋଜବା ଅଛ କେଉଁ ମୁଖେ ?—ଭୂପତି, ପ୍ରେମପଞ୍ଚାମୃତ ।] ୪। ସ୍ୱାଚ୍ଛନ୍ଦ୍ୟରେ—4. Comfortably; easily· ୫। ନିଜ କର୍ମର ଫଳରେ—5. As the consequence of one's own actions. (ଉ—ଶାସ୍ତ୍ର ତ ଲେଖିଅଛି ପରଠାରେ ଯାଏ, ଯେ ଅଚରେ ତା ସୁଖେ ଦୁଃଖ ସେ ଲେଖ । କୃଷ୍ଣସିଂହ. ମହାଭାରତ. ବନ ।]

ସୁଖୈଶ୍ୱର୍ଯ୍ୟ—ସ· ବି (ଦ୍ୱନ୍ଦ୍ୱ)—ସୁଖ ସମୃଦ୍ଧି (ଦେଖ)
Sukhaiswarjya Sukha samṛuddhi (See)

ସୁଖେଷ୍ଟ—ସ. ବି—ଶିବ (ହ. ଶ)
Sukheshṭa Śiba.

ସୁଖୋତ୍ପାଦକ—ସ.ବିଣ ପୁଂ—ଯେ (ଯେଉଁ ବ୍ୟକ୍ତି ବସ୍ତୁ ବା ଘଟଣା ସୁଖ
Sukhotpādaka ଜନ୍ମାଏ)—Causing happiness.
(ସୁଖୋତ୍ପାଦିକା—ସ୍ତ୍ରୀ, ସୁଖୋତ୍ପାଦନ—ବି)

ସୁଖୋତ୍ସବ—ସ. ବି (ଷଷ୍ଠୀ ତତ୍ପୁ ବା ମ. ଧ· ଲୋ)—ଆନନ୍ଦୋତ୍ସବ—
Sukhotsaba Festivity. ସ· ବିଣ (ବହୁବ୍ରୀହି; ସୁଖ ଅଛି ଉତ୍ସବ ଯାହାର)—ପତି; ସ୍ୱାମୀ (ଚିନ୍ତାମଣି ଶେଷ)—Husband.

ସୁଖୋଦକ—ସ· ବି—୧ । ସୁଖଜନକ ଉଷ୍ଣଜଳ (ରତ୍ନମାଳା)—
Sukhodaka 1. Pleasant warm water. ୨ । ଈଷଦୁଷ୍ଣ (ସୁଖୋଷ୍ଣ—ଅନ୍ୟରୂପ) ଜଳ—2. Lukewarm water.

ସୁଖୋଦ୍ୟ—ସ· ବିଣ (ସୁଖ+ବଦ. ଧାତୁ+କର୍ମ. ଯ)—ସହଜରେ
Sukhodya ଉଚ୍ଚାରଣୀୟ—Easily pronounceable.

ସୁଖୋର୍ଜ୍ଜିକ—ସଂ. ବି—ସର୍ଜ୍ଜିକାକ୍ଷାର; ସାଜି ମାଟି—
Sukhorjjika Rhe-soil; natron.

ସୁଖ୍ୟାତି—ସଂ. ବି—୧ । ସୁଯଶ; ସୁପ୍ରସିଦ୍ଧି—1. Celebrity. ୨ ।
Sukhyāti ସୁନାମ—2. Good name or reputation.
(ଅଖ୍ୟାତି—ବିପରୀତ) [ଅପଖ୍ୟାତି—ବେଶଜ ବିପରୀତ]

ସୁଗ—ସଂ· ବିଣ· ପୁଂ (ସୁ+ଗମ୍· ଧାତୁ+କର୍ତ୍ତୃ. ଅ)—୧ । ସୁବୋଧ;
Suga ସୁଗମ—1. Easy to understand. ୨ । ସୁନ୍ଦର- (ସୁଗା—ସ୍ତ୍ରୀ) ଗାମୀ—Going beautifully. ସଂ. ବି—ବିଷ୍ଠା—Ordure. ପ୍ରାଦେ (ଯାଜପୁର) ବି—୧ । ମନୋଦୁଃଖ—1. Regret. ୨ । ଶୋକ—Sorrow.

ସୁଗଠ(ଢ଼)ଣ(ନ)—ଦେ. ବି (ସଂ. ସୁଘଟନ)—ସୁନ୍ଦର ଗଢ଼ଣ—
Sugaṭha(ṛha)ṇa(na) Beautiful make or build. সুগঠন ଦେ. ବିଣ—ସୁନ୍ଦରରୂପେ ଗଢ଼ା—Well-made; सुघड़पन, सुघड़ाई beautifully proportioned; sym- सुघड़ metrical.
[ଦ୍ର—ଗଠନ ଶବ୍ଦ ସଂସ୍କୃତ ନୁହେଁ; ବରଂ ବଙ୍ଗଳାର ଲେଖକମାନଙ୍କ ଅନୁକରଣରେ ଓଡ଼ିଆ ଲେଖକମାନେ ଗଠନ, ଗଠିତ, ସୁଗଠନ, ସୁଗଠିତ ଶବ୍ଦମାନ ବ୍ୟବହାର କରି ଆସିଅଛନ୍ତି ।]

ସୁଗଠିତ—ଦେ· ବିଣ—ସୁନ୍ଦରରୂପେ ଗଢ଼ା—
Sugaṭhita Symmetrically made; well done; সুগঠিত सुघड़ well proportioned.

ସୁଗଣ—ସଂ. ବି—ସୁନ୍ଦର ଗଣକ (ସିଦ୍ଧାନ୍ତ କୌମୁଦୀ)—
Sugaṇ A good astrologer.

ସୁଗଣ୍ଠିଆ—ପ୍ରାଦେ (ଗଡ଼ଜାତ) ବି—ଏକ ବିଘତ ଭୂଇଁରେ ମାଡ଼ି
Suganṭhiā ବଢ଼ିବା ଲତା ବିଶେଷ—A kind of creeper spreading over an area of one span.
[ଦ୍ର—ଏହାର ପତ୍ର ମୂଷାକାନି ପତ୍ର ପରି । ଏହାର ଚେର ନାହିଁ । ଏହା ଘାଉରେ ବ୍ୟବହୃତ ହୁଏ ।]

ସୁଗତ—ସଂ. ବିଣ (ସୁ+ଗମ୍. ଧାତୁ+କର୍ତ୍ତୃ. ତ)—୧ । ସୁନ୍ଦର
Sugata ଗମନବିଶିଷ୍ଟ—1. Of good motion; of graceful movement. ୨ । ବୁଦ୍ଧଦେବ—2. The Buddha. ୩ । ବୌଦ୍ଧ (ହ· ଶ)—3. A Buddhist.

ସୁଗତି—ସଂ.ବି--୧। (ନାମ)ଅତୀତ କାଳର ବୌଦ୍ଧ ଯତି ବିଶେଷ (ହେମ-
Sugati ଚନ୍ଦ୍ର)—1. Name of a Buddhist saint of yore. ୨ । ଗ୍ରନ୍ଥକାର ବିଶେଷ—2. Name of an ancient author. ୩ । ମୋକ୍ଷ ଗତି; ମୁକ୍ତି—3. Emancipation; beatitude.

ସୁଗନ୍ଧ—ସଂ. ବିଣ (ବହୁବ୍ରୀହି; ସୁଅଛି ଗନ୍ଧ ଯାହାର)—୧ । ଗନ୍ଧବନ୍ତ;
Sugandha ସଦ୍‌ଗନ୍ଧମିଶ୍ରିତ; ସୁଗନ୍ଧିତ—1. Sweet-scented; scented with the smell of another article. ୨ । (ନ୍ୟାୟ) ଗନ୍ଧ ସମବାୟୀଭିନ୍ନ ସମ୍ବନ୍ଧଦ୍ୱାରା ସମ୍ବନ୍ଧବିଶିଷ୍ଟ—2. (Logic) Related with a relationship apart form the aggregate smell. [ଦ୍ର—ଯେଉଁ ସ୍ଥଳରେ କୌଣସି ପଦାର୍ଥ ସଙ୍ଗେ ଗନ୍ଧର ସମବାୟୀଭିନ୍ନ ସମ୍ବନ୍ଧ ଥାଏ, ଅର୍ଥାତ୍ ସହଜ ସମ୍ବନ୍ଧ ନ ଥାଏ, ସେଠାରେ 'ସୁଗନ୍ଧ' ପଦ

ହୁଏ ଏବଂ ଯେଉଁ ସ୍ଥଳରେ ସମବାୟ ସମ୍ବନ୍ଧ ଥାଏ, ସେଠାରେ 'ସୁଗନ୍ଧ' ପଦ ବ୍ୟବହୃତ ହୁଏ। ଯଥା—

ପୁଷ୍ପ ସଙ୍ଗେ ଗନ୍ଧର ସମବାୟ ସମ୍ବନ୍ଧ ଅଛି; ଅର୍ଥାତ୍ ପୁଷ୍ପ ଗନ୍ଧ ସୁଗନ୍ଧଯୁକ୍ତ; ଅତଏବ 'ସୁଗନ୍ଧ ପୁଷ୍ପ' ବୋଲାଯିବ।

କିନ୍ତୁ ସୁବାସିତ ଜଳ ବା ଗନ୍ଧବାହୀ ବାୟୁ ସଙ୍ଗେ ଗନ୍ଧର ସମବାୟୀକାରଣ ସମ୍ବନ୍ଧ ଅଛି; ଅର୍ଥାତ୍ ଜଳର ବା ବାୟୁର ସୁବାସ ନାହିଁ; ଏହା ଅନ୍ୟ ବସ୍ତୁର ସୁବାସ ଦ୍ୱାରା ସୁବାସିତ ହୁଏ। ଏଥିପାଇଁ 'ସୁଗନ୍ଧ ବାୟୁ' 'ସୁଗନ୍ଧ ଜଳ' ବୋଲାଯିବ]

ସଂ. ବି.—୧। (ଚର୍ମିଧା)—ସୁବାସ; ମନୋହର ଗନ୍ଧ; ସୌରଭ—1. Sweet scent; sweet smell. ୨। (ବହୁସ୍ଥାନ)—ଚନ୍ଦନ (ଶବ୍ଦକଳ୍ପଦ୍ରୁମ)—2. Sandal wood. ୩। ନୀଳୋତ୍ପଳ (ଶବ୍ଦକଳ୍ପଦ୍ରୁମ)—3 The blue water lily. ୪। ଗ୍ରନ୍ଥିପର୍ଣ୍ଣ; ଗଣ୍ଠିଅଳା (ଭାବ ପ୍ରକାଶ)—4. A medicinal plant. ୫। ଗନ୍ଧ ତୃଣ (ରତ୍ନମାଳା); ଧନଣ୍ଡି—5. A kind of sweet scented grass; Arodropogen Schoenanthus. ୬। କ୍ଷୁଦ୍ର ଜୀରକ (ରତ୍ନମାଳା)—6. Small variety of cumin seed. ୭। ରକ୍ତଶିଗ୍ରୁ; ନାଲି ସଜନା (ଶବ୍ଦକଳ୍ପଦ୍ରୁମ)—7. The red variety of horse radish. ୮। ଗନ୍ଧକ (ଶବ୍ଦକଳ୍ପଦ୍ରୁମ)—8. Sulphur. ୯। ଚଣକ; ଚଣା (ଶବ୍ଦକଳ୍ପଦ୍ରୁମ)—9. Gram; chick pea. ୧୦। ଭୂତୃଣ (ଶବ୍ଦକଳ୍ପଦ୍ରୁମ)—10. A kind of lemon-scented grass; Andropogen Citratus. ୧୧। ଶ୍ରୀଖଣ୍ଡଚନ୍ଦନ (ବୃ. ଶ.)—11. Srikhaṇḍa chandana. ୧୨। ଶବରଚନ୍ଦନ (ବୃ. ଶ.)—12. Sabara chandana. ୧୩। ଗନ୍ଧରାଜ ଫୁଲ (ବୃ. ଶ.)—13. Gandharaja flower. ୧୪। ଝୁଣା (ବୃ.ଶ)—14. Resin. ୧୫। ଶାଳ ଧାନ୍ୟ; ବାସବନ୍ତ ଧାନ (ବୃ. ଶ.)—15. Scented variety of paddy. ୧୬। ମରୁବକ (ବୃ. ଶ)—16. Marūbaka (See) ୧୭। ମାଧବୀଲତା(ବୃ. ଶ) 17. Madhabi creeper. ୧୮। କସେରୁ (ବୃ.ଶ)—18. Kaseru (See). ୧୯। ଧଳା କଙ୍ଗୁ (ବୃ.ଶ) 19. White (millet grain). ୨୦। କିଆ (ବୃ.ଶ)-20. Pandanus Odoratissimus (white-flowered variety).

ସୁଗନ୍ଧକ—ସଂ. ବି—୧। ରକ୍ତତୁଳସୀ (ରତ୍ନମାଳା)—1. The red-**Sugandhaka** leaved variety of the Basil plant. ୨। ଗନ୍ଧକ (ରତ୍ନମାଳା)—2. Sulphur. ୩। ନାଗରଙ୍ଗ; ନାରଙ୍ଗ (ତ୍ରିକାଣ୍ଡଶେଷ)—3. Mild flavoured lemon. ୪। କର୍କୋଟକ (ହେମଚନ୍ଦ୍ର); କାଙ୍କଡ଼—4. The edible cucurbitacious fruit of a wild creeper; Memordica Cochin Chenensis. ୫। ଦ୍ରୋଣପୁଷ୍ପୀ; ଗଯସ (ବୃ. ଶ)—5. Gayasa (See) ୬। ରକ୍ତଶାଳିଧାନ୍ୟ—6. A red variety of paddy.

ସୁଗନ୍ଧକେସର—ସଂ ବି—ରକ୍ତଶିଗ୍ରୁ (ବୃ. ଶ)—**Sugandha kesara** The red variety of Moringa.

ସୁଗନ୍ଧଗନ୍ଧା—ସଂ ବି—ଦାରୁହରିଦ୍ରା—**Sugandhagandhā** Dāruharidrā (See)

ସୁଗନ୍ଧଗଣ—ସଂ. ବି (ବୈଦ୍ୟଶାସ୍ତ୍ର)—କର୍ପୂର, କସ୍ତୁରୀ, ଲତାକସ୍ତୁରୀ, **Sugandhagaṇa** ଗନ୍ଧମାର୍ଜାରବୀର୍ଯ୍ୟ (ଶାଳଅମରଗକୋଷ), ଶ୍ରୀବେଷ୍ଟକ, ଶ୍ରୀଖଣ୍ଡଚନ୍ଦନ, ପୀତଚନ୍ଦନ, ନିଲାଗରୁ, ରକ୍ତଚନ୍ଦନ, ଅଗୁରୁଚନ୍ଦନ, କୃଷ୍ଣାଗୁରୁ, ଦେବଦାରୁ, ପଦ୍ମକ, ସରଳ, ତଗର, ପଦ୍ମାକ, ଗୁଗ୍ଗୁଳ, ସର୍ଜରସ, ଝୁଣା, କୁନ୍ଦୁରୁ, ଶିଳାରସ, କଙ୍କୋଳ, ଲବଙ୍ଗ, ଜାଇଫଳ, ଜାଇତ୍ରୀ, ଅଳାଇଚ, ଗୁଜୁରାତ, ତାଳତକ, ତେଜପତ୍ର, ନାଗକେଶର, କୁରୁବେଲ, ବେଣାଚେର, ଗୋରୋଚନା, ଜଣ୍ଡି, କେଶର, ଜଟାମାଂସୀ, ନାଗରମୁଥା, ଅମ୍ବ ଅଦା ଅଦ ସୁଗନ୍ଧଦ୍ରବ୍ୟ (ବୃ. ଶ)—A number of scented articles used in medicine.

ସୁଗନ୍ଧ ଘଡି—ଦେ. ବି (ସ ସୁଗନ୍ଧ+ଘଟୀ)—ଯେଉଁ ଘଡ଼ରେ ବା ଶିଶିରେ **Sugandha ghardi** ଅତର ଆଦ ସୁଗନ୍ଧଦ୍ରବ୍ୟ ରଖାଯାଏ— ସୁଗନ୍ଧପାତ୍ର ସୁଗଂଧବର୍ତନ Scent bottle.

[ଯଥା—ପିଠି ନ ଥିବ ତାର ସୁଗନ୍ଧ ଘଡ଼ି—ଉଷା. ସୁବର୍ଣ୍ଣରେଖା ।]

ସୁଗନ୍ଧ ତୈଳ—ସଂ ବି—ସୁବାସିତ ତୈଳ; ବାସନା ତେଲ— **Sugandha taila** Scented oil.

ସୁଗନ୍ଧ ତୈଳ ନିର୍ଯ୍ୟାସ—ସଂ. ବି—ଜବାଦ ନାମକ ଗନ୍ଧ ଦ୍ରବ୍ୟ **Sugandha taila nirjāsa** (ଶବ୍ଦକଳ୍ପଦ୍ରୁମ)— Name of a scented medicinal liquid.

ସୁଗନ୍ଧ ପତ୍ର—ସଂ. ବି—ରୁଦ୍ର ଜଟା (ଶବ୍ଦକଳ୍ପଦ୍ରୁମ); ଈଶ୍ୱର ଜଟା— **Sugandha patra** A plant with scented leaves.

ସୁଗନ୍ଧପତ୍ରା—ସଂ ବି—୧। ଶତାବରୀ (ବୃ. ଶ)—1. Asparargus **Sugandhapatrā** Racemosa. ୨। କ୍ଷୁଦ୍ର ଜାମ୍ବୁ (ବୃ.ଶ) 2. The small variety of black berry. ୩। ବୃହତୀ (ବୃ. ଶ)—3. Solanum Indicum. ୪। ଅପରାଜିତା (ବୃ. ଶ)—4. Clitoris flower. ୫। ଜୀର (ବୃ. ଶ)—5. Cumin seed. ୬। ବାତ୍ୟ-ଅଁଳା (ବୃ.ଶ.)—6. Sida Cordifolia. ୭। ବୃଦ୍ଧଦାରକ (ବୃ.ଶ)—7. Bṛuddhadāraka (See)

୮ । ରୁଦ୍ର ଜଟା; ଈଶ୍ୱର ଜଟା (ଦ୍ର. ଶ.)— Iswarajatā (See)

ସୁଗନ୍ଧ ଭୂତୃଣ—ସ. ବ—ଗନ୍ଧ ତୃଣ (ରାଜନିର୍ଘଣ୍ଟ); ଧନିଆ— Sugandha bhūtṛuṇa A scented grass; Andropogen Schoenanthus.

ସୁଗନ୍ଧ ମୂଳା—ସ. ବ—୧ । ସ୍ଥଳପଦ୍ମ (ରାଜନିର୍ଘଣ୍ଟ)— Sugandha mūlā 1. The plant of Hibiscus Mutabilis. ୨ । ରାସ୍ନା (ରାଜନିର୍ଘଣ୍ଟ)— 2. Vanda Roxburghii. ୩ । ଅଁଳା— 3. Embelic myrobalan. ୪ । ଗନ୍ଧପଳାଶୀ (ଦ୍ର. ଶ)—4. Gandhapaḻāśī (See). ୫ । ଲବଳୀ; ନଅରକୋଳି (ଦ୍ର. ଶ)—5. Na-ara koḻi (See)

ସୁଗନ୍ଧ ମୂଷିକ—ସ. ବ—ଚୁଚୁନ୍ଦ୍ର—(ଦ୍ର. ଶ) Mole; shrew. Sugandha mūshika

ସୁଗନ୍ଧରାଜ—ଦେ. ବ—ସୁଗନ୍ଧ ପୁଷ୍ପ ବିଶେଷ—A kind of scented Sugandharāja flower; Gardenia cape jasmine. ଗନ୍ଧରାଜ सुगन्धराज

ସୁଗନ୍ଧଶାଳି—ସ. ବ (ବୈଦ୍ୟକ)—ଶାଳିଧାନ୍ୟବିଶେଷ—A species Sugandhaśāḻi of winter paddy. [ଗୁ—ଏହା (ଦେବଶାଳ—ଅନ୍ୟରୂପ) ମଧୁରରସ, ଲଘୁ, ସ୍ନିଗ୍ଧ, ରୁଚିକର, ଅଗ୍ନିବର୍ଦ୍ଧକ, ବଳକର, ପୁଷ୍ଟିକାରକ, ଶୁକ୍ରବର୍ଦ୍ଧକ ଓ ରୋଗୀଙ୍କ ପଥ୍ୟ ।]

ସୁଗନ୍ଧଶାଳୀ—ସ. ବଣ. ପୁଂ (ସୁଗନ୍ଧ+ଶାଳିନ୍; ୧ମା. ୧ବ)— Sugandhaśāḻī ସୁଗନ୍ଧବିଶିଷ୍ଟ; ଉତ୍ତମ ବାସଯୁକ୍ତ; ସୁବାସିତ— (ସୁଗନ୍ଧଶାଳିନୀ—ସ୍ତ୍ରୀ) Sweet scented.

ସୁଗନ୍ଧ ଷଟ୍କ—ସ. ବ (ବୈଦ୍ୟକ)—ଛଅଗୋଟି ସୁଗନ୍ଧଦ୍ରବ୍ୟ, Sugandha shaṭ-ka ଯଥା—ଜାଇଫଳ, କଙ୍କୋଳ (ଶୀତଳ ଚିନି), ଲବଙ୍ଗ, ଅଲେଇଚ, କର୍ପୂର ଓ ଗୁଆ (ଦ୍ର. ଶ)— Six scented articles used in medicine.

ସୁଗନ୍ଧ ସ୍ଥଳ—ଦେ. ବ—ସୁଗନ୍ଧ ବସ୍ତୁ; ସୁବାସିତ ପଦାର୍ଥ—A sweet-Sugandha sthaḻa scented thing; a thing hav- ସୁଗନ୍ଧ ବସ୍ତୁ ing a very sweet scent. (ଉ—ଗାଲ सुगन्ध वस्तु ଚିକଣ କୁଟିଳ କୋମଳ । ପ୍ରଲମ୍ବ ଗହଳ ସୁଗନ୍ଧ ସ୍ଥଳ —ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ସୁଗନ୍ଧା—ସ. ବ (ସୁଗନ୍ଧ+ଅ)—୧ । ରାସ୍ନା (ଅମର)— Sugandhā 1. Vanda Roxburghii. ୨ । ଶଠୀ; ଗନ୍ଧଶୁଣ୍ଠୀ (ଶବ୍ଦରତ୍ନାବଳୀ)—2. Alpine galanga, Curcuma zedoaria. ୩ । ସୃକ୍କା; ପିଡ଼ଙ୍ଗ ଶାଗ (ରାଜନିର୍ଘଣ୍ଟ)—3. Trigonella Corniculata. ୪ । ଗଙ୍ଗାପତ୍ରୀ (ରାଜନିର୍ଘଣ୍ଟ)—4. A kind of scented herb. ୫ । ଶଲ୍ଲକୀ (ରାଜନିର୍ଘଣ୍ଟ) ବୃକ୍ଷ—5. Śallakī tree (See) ୬ । ମାଧବୀ (ରାଜନିର୍ଘଣ୍ଟ)—6. A flowering creeper; Hiptage Madhablata. ୭ । କର୍କଟୀ କର୍କୋଟକ; ଅଗାଡ଼ୁଅ (ରାଜନିର୍ଘଣ୍ଟ)—7. Capparis Acuminata; a kind of edible wild bitter fruit. ୮ । ରୁଦ୍ର ଜଟା (ରତ୍ନମାଳା)— 8. Uraria; Pica Aristolochia Indica. ୯ । ଶତପୁଷ୍ପା; ଶଲୁପ (ରତ୍ନମାଳା)—9. Dill seed; Anethum Sowa. ୧୦ । ନାକୁଲୀ (ରତ୍ନମାଳା) —10. An esculent root; Ophioxylon Serpentinum. ୧୧ । ନବମଲ୍ଲିକା; ଭଅଁଳି (ରତ୍ନମାଳା)—11. Arabian jasmine, Jasminun Arborescens. ୧୨ । ସ୍ୱର୍ଣ୍ଣଯୂଥିକା; ହଳଦିଆ ଜୁଇ (ରତ୍ନମାଳା)—12. Yellow variety of Jui. ୧୩ । ଅନନ୍ତା; ଶେମିଉଲିଇ (ରତ୍ନମାଳା)—13. A creeper; Hemidesmus Indicus. ୧୪ । ମାତୁଲଙ୍ଗ (ରତ୍ନମାଳା)—14 Lemon; citron. ୧୫ । ତୁଳସୀ (ରତ୍ନମାଳା)—15. Basil (plant). ୧୬ । ନିର୍ଗୁଣ୍ଡି (ଦ୍ର. ଶ) (ଦେଖ)—16. Nirgunḍi (See) ୧୭ । ଏଳବାଳୁକ (ଦ୍ର. ଶ)—17. Eḻabāḻuka (See) ୧୮ । ସୋମରାଜି (ଦ୍ର. ଶ)— 18. Somarāji (See) ପ୍ରା଼ଦେ (ଯାଜପୁର) ବ—ତୁଳସୀ—Ocimum Basillicum; Ocimum canum.

ସୁଗନ୍ଧି—ସ.ବଣ (ସୁଗନ୍ଧ+ଇ)—୧। ସୁଗନ୍ଧଯୁକ୍ତ;ସୁବାସିତ—1. Sweet-Sugandhi scented. (ଦ୍ର—ସୁଗନ୍ଧ ଶବ୍ଦ ଟୀକା ଦେଖ) ୨ । ଧାର୍ମିକ—2. Pious; religious. ସ. ବ—୧ । ସୌରଭ; ସଦ୍‌ଗନ୍ଧ (ଅମର)—1. Sweet smell. ୨ । ସହକାର; ଅମ୍ବ (ଶବ୍ଦଚନ୍ଦ୍ରିକା)—2. Mango. ୩ । ପରମାତ୍ମା (ମାନବଶ)—3. The Divide Essence in man. ୪ । ଏଳବାଳୁକ (ଅମର)—4. A kind of medicinal root. ୫ । ମୁଥା (ରାଜନିର୍ଘଣ୍ଟ)— 5. Bulbous grass root. ୬ । କସେରୁ (ରାଜନିର୍ଘଣ୍ଟ)—6. Scrypus kysoor. ୭ । ଗନ୍ଧ ତୃଣ (ରାଜନିର୍ଘଣ୍ଟ)—7. A variety of scented grass. ୮ । ଧନ୍ୟାକ; ଧନିଆ (ରାଜନିର୍ଘଣ୍ଟ)— 8. Coriander. ୯ । ପିପ୍ପଳୀ ମୂଳ (ରାଜନିର୍ଘଣ୍ଟ)— 9. Piper root. ୧୦ । ବନତୁଳସୀ (ଦେଖ) (ଦ୍ର. ଶ)—10. Banatuḻasī (See) ୧୧ । ଅନନ୍ତମୂଳ (ଦେଖ) (ଦ୍ର. ଶ)— 11. Anantamūḻa (See)

ସୁଗନ୍ଧିକ—ସ. ବ—୧ । କହ୍ଲାର; କଇଁ (ଶବ୍ଦରତ୍ନାବଳୀ)— Sugandhika 1. Water lily. ୨ । ପୁଷ୍କରମୂଳ (ରାଜନିର୍ଘଣ୍ଟ)—2. The root of Alpotaris Auriculata. ୩ । ସୁରପର୍ଣ୍ଣୀ (ଦେଖ) (ରାଜନିର୍ଘଣ୍ଟ)

3. Surapatrī (See) ୪ । ଉଶୀର; ବେଣାଚେର (ରାଜନିର୍ଘଣ୍ଟ)—4. Fragrant root of Benā grass. ୫ । ମହାଶାଳି (ହେମଚନ୍ଦ୍ର)—5. Coarse winter paddy. ୬ । କୁନ୍ଦୁରୁ; ଲୋବାନ (ରାଜନିର୍ଘଣ୍ଟ)—6. Olibanum. ୭ । ଗନ୍ଧକ (ରାଜମୁକୁଟ)—7. Sulphur. ୮ । କଳାଜିରା (ହ. ଶ)—8. Black cuminseed. ୯ । ଶିଳାରସ (ହ. ଶ)—9. Silārasa (See) ୧୦ । ବାସମତୀ ଚାଉଳ (ହ. ଶ)—10. Scented rice. ୧୧ । କଇଥ (ହ. ଶ.)—11. Elephant apple. ୧୨ । ନାଗକେଶର (ହ. ଶ)—12. Mesua Ferra.

ସୁଗନ୍ଧ କୁସୁମ—ସଂ. ବି—୧ । ସଦ୍‌ଗନ୍ଧଯୁକ୍ତ ପୁଷ୍ପ—1. Sweet
Sugandhi kusuma smelling flower. ୨ । ପୀତ କରବୀର (ରାଜନିର୍ଘଣ୍ଟ)—2. The yellow variety of 'Karabira' flower. ୩ । ମେଥି (ହ. ଶ)—3. Trigonella Corniculata (herb).

ସୁଗନ୍ଧ କୁସୁମା—ସଂ. ବି—ମେଥି; ପିଡ଼ଙ୍ଗ ଶାଗ (ଶବ୍ଦାର୍ଥ)—
Sugandhi kusumā A pot-herb; Trigonella Corniculata.

ସୁଗନ୍ଧିତ—ସଂ. ବିଣ (ସୁଗନ୍ଧ+ଇତ)—ସୁଗନ୍ଧଯୁକ୍ତ; ସୁଗନ୍ଧୀକୃତ;
Sugandhita ସୁବାସିତ—Made fragrant; scented.

ସୁଗନ୍ଧିତା—ସଂ. ବି—ସୌଗନ୍ଧ; ସୌରଭ (ହଳାୟୁଧ)—
Sugandhitā Fragrance.

ସୁଗନ୍ଧ(ନ୍ଧି) ତ୍ରିଫଳା—ସଂ. ବି—ଜାଇଫଳ, ପୁଗଫଳ ଓ ଲବଙ୍ଗ ଏହି ତିନି
Sugandhi(ndha)triphalā ଫଳ (ରାଜନିର୍ଘଣ୍ଟ)—An aggregate of nutmeg, nut and cloves fruit.

ସୁଗନ୍ଧିନୀ—ସଂ. ବି—ଅସ୍ରମ ଶୀତଳା (ରାଜନିର୍ଘଣ୍ଟ)—A scented
Sugandhinī herb. ସଂ. ବିଣ—'ସୁଗନ୍ଧୀ'ର ସ୍ତ୍ରୀଲିଙ୍ଗ—Feminine of 'Sugandhī'.

ସୁଗନ୍ଧି ଫଳ—ସଂ ବି—ଶୀତଳଚିନି; କବାବଚିନି (ହ. ଶ)
Sugandhi phala Cubeb.

ସୁଗନ୍ଧିବର୍ଗ—ସଂ. ବି—ସୁଗନ୍ଧଗଣ (ଦେଖ)
Sugandhibarga Sugandhagaṇa (See)

ସୁଗନ୍ଧି ମୂଳ—ସଂ ବି—ଉଶୀର; ବେଣାମୂଳ (ରାଜନିର୍ଘଣ୍ଟ)—
Sugandhi mula The fragrant root of Benā grass.

ସୁଗନ୍ଧି ମୂଷିକା—ସଂ. ବି—ଛୁଚୁନ୍ଦରା; ଚୁଚୁନ୍ଦର (ରାଜନିର୍ଘଣ୍ଟ)—
Sugandhi mūshikā The mole; shrew.

ସୁଗନ୍ଧୀ—ସଂ ବିଣ, ପୁଂ ଓ କ୍ଲୀ—(ସୁଗନ୍ଧ+କର୍ତ୍ତ୍ରି ଇନ୍; ୧ମା ୧ବ)—
Sugandhī ସୁଗନ୍ଧଯୁକ୍ତ; ସୁବାସବିଶିଷ୍ଟ—Sweet-smelling.

ସୁଗନ୍ଧୀକୃତ—ସଂ ବିଣ (ସୁଗନ୍ଧ+ଅଭୂତତଦ୍‌ଭାବେ ଚ୍ୱି+କୃ ଧାତୁ+
Sugandhīkruta କ୍ତ)—ଗନ୍ଧଯୁକ୍ତ କରାଯାଇଥିବା (ଗନ୍ଧଯୁକ୍ତ ବସ୍ତୁ)—Scented; made fragrant.

ସୁଗଭସ୍ତି—ସଂ ବି (ବହୁବ୍ରୀହି)—ସପ୍ରିମାନ୍ (ହ. ଶ)—
Sugabhasti Lustrous.

ସୁଗଭୀର—ସଂ ବିଣ. ପୁଂ (ସୁ=ଅତ୍ୟନ୍ତ+ଗଭୀର)—୧ । ଅତିଗଭୀର-
Sugabhīra 1. Very deep. ୨ । ଅତଳସ୍ପର୍ଶ-
(ସୁଗଭୀରା—ସ୍ତ୍ରୀ; ସୁଗଭୀରତା—ବି) 2. Abysmal.

ସୁଗମ—ସଂ ବିଣ. ପୁଂ (ସୁ=ସୁଖରେ+ଗମ୍ ଧାତୁ+କର୍ମ ଅ)—୧ ।
Sugama ସୁକର; ଅନାୟାସରେ କରଣୀୟ—
[ସୁଗମା—ସ୍ତ୍ରୀ] 1. Easy of accomplishment.
[ଦୁର୍ଗମ—ବିପରୀତ] ୨ । ଯେଉଁଠାକୁ ସହଜରେ ମନୁଷ୍ୟ
[ସୁଗମତା—ବି] ଯାଇପାରେ—2. Easily accessible. ୩ । ଯେଉଁବାଟେ ସହଜରେ ମନୁଷ୍ୟ ଯାଇ ପାରେ—3. Easily passable. ୪ । ସହଜରେ ଲଭ୍ୟ—4. Easily obtainable. ୫ । ଅନାୟାସବୋଧ୍ୟ ସୁବୋଧ୍ୟ—5. Easily comprehensible.

ସୁଗମ୍ଭୀର—ସଂ ବିଣ, ପୁଂ (ସୁ=ଅତ୍ୟନ୍ତ+ଗମ୍ଭୀର) ଅତ୍ୟନ୍ତ ଗାମ୍ଭୀର୍ଯ୍ୟଯୁକ୍ତ
Sugambhīra Very grave.
[ସୁଗମ୍ଭୀରା—ସ୍ତ୍ରୀ]

ସୁଗମ୍ୟ—ସଂ ବିଣ. ପୁଂ (ସୁ=ସହଜରେ+ଗମ୍ୟ)—ସୁଗମ (ଦେଖ)—
Sugamya Sugama (See)
[ସୁଗମ୍ୟା—ସ୍ତ୍ରୀ] [ଦୁର୍ଗମ୍ୟ—ବିପରୀତ]

ସୁଗର—ସଂ ବି—ହିଙ୍ଗୁଳ (ହ. ଶ)—
Sugara Hingula (See)

ସୁଗହନ—ସଂ ବିଣ (ସୁ=ଅତି+ଗହନ)—ନିବିଡ଼ଘଣ; ଅତି ନିବିଡ଼-
Sugahana Very dense. ସଂ ବି—(ସୁ=ଉତ୍ତମ+ଗହନ)—ଉତ୍ତମ ବା ସୁନ୍ଦର ବନ—Beautiful forest.

ସୁଗହନା—ସଂ. ବି—ବୃତ୍ତି (ଅମର); ଯଜ୍ଞ ସ୍ଥାନରେ ଅସ୍ପୃଶ୍ୟାଦ
Sugahanā ବ୍ୟକ୍ତିମାନଙ୍କ ଦର୍ଶନିବାରଣାର୍ଥ ସେଠିଁ (ସୁଗହନାବୃତ୍ତି—ଅନ୍ୟରୂପ) ନିବିଡ଼ଭାବରେ ବେଷ୍ଟନ ବା ବାଡ଼ ଦିଆଯାଏ-
A thick fence put round the sacrificial altar to keep it concealed from the view of untouchable persons.

ସୁଗାଇବା—ପ୍ରାଦେ. (ଲକ୍ଷ୍ୟ) କ୍ରି—ସ୍ନେହ କରିବା—
Sugāibā To love; to have attachment for.

ସୁଗାଧ—ସଂ. ବିଣ—୧ । ଯେଉଁ ନଦୀରେ ସୁଖରେ ସ୍ନାନ କରାଯାଏ
Sugādha (ହ. ଶ)—1. (river) In which it is pleasant to bathe. ୨ । ଯେଉଁ ନଦୀକୁ ଲୋକ ସହଜରେ ପାର ହୋଇ ପାରନ୍ତି; ସୁଗାହ୍ୟ (ହ. ଶ)—2. (river) Which is easy to be crossed.

ସୁଗୁପ୍ତ—ସ. ବ (ସୁ+ଗୁପ୍ତ)—ଅତି ଗୁପ୍ତ—Very private; **Sugupta** strictly confidential.

ସୁଗୁପ୍ତା—ସ. ବ—କପିକଚ୍ଛୁ; ବାଇଡ଼ଙ୍କ (ଦ୍ର. ଶ)—**Suguptā** Cowhage.

ସୁଗୃହ—ସଂ. ବି—୧ । ସୁନ୍ଦର ଘର—1. A good house. **Sugṛuha** ୨ । (ବହୁବ୍ରୀହି; ସୁ=ସୁନ୍ଦର ଅଛି ଗୃହ= ଘର ଯାହାର)—ଚଞ୍ଚୁସୂଚକ ପକ୍ଷୀ; ବାୟା ଚଢ଼େଇ— 2. The Bāyā bird; the tailor bird (which weaves its nest with its beak). ୩ । ଏକପ୍ରକାର ହଂସ (ଦ୍ର. ଶ)—3. A kind of drake.

ସୁଗୃହିଣୀ—ସଂ. ବି. ସ୍ତ୍ରୀ—ନାନା ସୁଗୁଣବିଶିଷ୍ଟା ଗୃହିଣୀ— **Sugṛuhiṇī** A housewife with various good qualities.

ସୁଗୃହୀ—ସ.ବି. ପୁଂ (ସୁଗୃହ+ଇନ୍; ୧ମା. ୧ବ.)—୧ । ସୁନ୍ଦର ଗୃହର **Sugṛuhī** ସ୍ୱାମୀ (ଦ୍ର. ଶ)—1. A man owning a good house. ୨ । ସୁନ୍ଦରୀ ସ୍ତ୍ରୀର ସ୍ୱାମୀ— 2. A person who has a beautiful wife. ୩ । ସୁଗୃହ (ଦେଖ)—3. Sugṛuha (See)

ସୁଗୃହୀତ—ସଂ ବଣ (ସୁ=ସୁନ୍ଦରରୂପେ+ଗୃହୀତ)—ସୁନ୍ଦରରୂପେ ଗୃହୀତ **Sugṛuhita** —Well accepted.

ସୁଗୃହୀତ—ନାମା—ସଂ. ବଣ (ସୁଗୃହୀତ+ନାମନ୍; ୧ମା. ୧ବ). **Sugṛuhita nāmā** ପୁଣ୍ୟ ଶ୍ଲୋକ; ପ୍ରାତଃସ୍ମରଣୀୟ (ବ୍ୟକ୍ତି); ଯେଉଁମାନଙ୍କ ନାମ ଧରିଲେ ଶୁଭ ଘଟେ (ଯଥା—ନଳ, ଯୁଧିଷ୍ଠିର, ରାମଚନ୍ଦ୍ର ଇତ୍ୟାଦି)— (persons) The utterance of whose names brings bliss; of blessed memory.

ସୁଗୋଚର—ସ. ବଣ (ସୁ+ଗୋଚର)—ଉତ୍ତମରୂପେ ଗୋଚର— **Sugochara** Well-known. ଦେ. ବଣ— ସୁସ୍ପଷ୍ଟ ସାଫ ସୁସ୍ପଷ୍ଟ—Very clear; obvious.

ସୁଗୋଳ(ଲ)—ସ. ବ (ସୁ+ଗୋଳ=ଗୋଲାକାର)—ସମ୍ୟକ୍‌ରୂପେ **Sugoḷa(la)** ଗୋଲାକାର—Completely circular.

ସୁଗ୍ୟଁ—ଗ୍ରା. ବଣ (ପ୍ରାଚୀନ ପଦ୍ୟ ପ୍ରୟୋଗ)—(ସ., ସୁଜ୍ଞ)—ସୁଜ୍ଞ **Sugyañ** (ଦେଖ)—Sujña (See) (ଉ— ଏଥିଅନନ୍ତରେ ଶୁଣ ସାଧୁ ସୁଗ୍ୟଁ ନର—ପ୍ରାଚୀ. ଚୂଡ଼ାମଣି ଗୀତା)

ସୁଗ୍ରନ୍ଥ—ସଂ. ବି—ଉତ୍ତମ ପୁସ୍ତକ— **Sugrantha** A good book.

ସୁଗ୍ରନ୍ଥି—ସଂ. ବଣ (ବହୁବ୍ରୀହି)—ସୁନ୍ଦର ଗ୍ରନ୍ଥିଯୁକ୍ତ—Having **Sugranthi** good knots. ପୁଂ. ବି—ଚୋରକ ନାମକ ଗନ୍ଧଦ୍ରବ୍ୟ (ରାଜନିର୍ଘଣ୍ଟ)—Name of a knotty sweet-scented herb.

ସୁଗ୍ରହ—ସଂ. ବି—ଫଳିତଜ୍ୟୋତିଷ ଅନୁସାରେ ଶୁଭଫଳଦ ଗ୍ରହ **Sugraha** (ଯଥା—ବୃହସ୍ପତି, ଶୁକ୍ର)—(astrology) Planet which grants good results.

ସୁଗ୍ରୀ—ଗ୍ରା. ବି. (ନାମ)—'ସୁଗ୍ରୀବ'ର ଚଳିତ ନାମ— **Sugrī** Popular name of Sugrība. (ସୁଗ୍ରୀବର—ଅପଭ୍ରଂଶ) (ଉ—ବଡ଼ାଇବଡ଼ ବୋଲି, ସୁଗ୍ରୀ ସୁଗ୍ରୀବ ସୁଗ୍ରୀ ହନୁ ଅମାପ, ଲକ୍ଷ୍ୟ ଦେଇ ବ ହାସେ ଯେ—ଭକ୍ତ. ବୈଦେହୀଶବିଳାସ ।) (ଉ— ସୁଗ୍ରୀବର, ବିଭୀଷଣ, ଜାମ୍ବବ, ମନ୍ତ୍ରୀ ସୁଷେଣ, ଅଙ୍ଗଦ, ତାର ପିଅର, ରୁଷ କପି ଯେ ଅପାର—ବିଶ୍ୱନାଥ. ବଚନ ରାମାୟଣ ।)

ସୁଗ୍ରୀବ—ସଂ. ବଣ. ପୁଂ (ସୁ=ସୁନ୍ଦର ଅଛି ଗ୍ରୀବା ଯାହାର; **Sugrība** ବହୁବ୍ରୀହି)—ସୁନ୍ଦର ଗ୍ରୀବାବିଶିଷ୍ଟ— (ସୁଗ୍ରୀବା, ସୁଗ୍ରୀବୀ—ସ୍ତ୍ରୀ) Having a beautiful neck. ସଂ. ବି—୧ । ବିଷ୍ଣୁଙ୍କ ୪ ଅଶ୍ୱ ମଧ୍ୟରୁ ଏକ ଅଶ୍ୱର ନାମ (ମେଦିନୀ)—1. Name of one of the 4 horses drawing the chariot of Bishṇu. ୨ । ରାମାୟଣ ବର୍ଣ୍ଣିତ ଶ୍ରୀରାମମିତ୍ର କପୀଶ୍ୱର— 2. The name of the monkey-king of Kishkindhyā, the sworn friend of Rāmachandra. [ଉ—ଏ ରୁକ୍ଷରାଜଙ୍କ ସ୍ତ୍ରୀଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସ ପୁତ୍ର । ଏହାଙ୍କ ଜ୍ୟେଷ୍ଠ ଭ୍ରାତା ବାଳି ରାଜା ଥିବା ସମୟରେ ମାୟାବୀ ଦୈତ୍ୟ ସଙ୍ଗେ ଯୁଦ୍ଧ କରୁ କରୁ ଏକ ଗୁହାରେ ପଶିଲେ ଏବଂ ସୁଗ୍ରୀବଙ୍କୁ ଗୁହାଦ୍ୱାର ଜଗାଇ ଗଲେ । ବାଳି ଏକ ବର୍ଷ କାଳ ଗୁହାରୁ ନ ଫେରିବାରୁ ସେ ମୃତ ହେବା ମନେ କରି ଉକ୍ତ ଦୈତ୍ୟବଧୁ ନିବାରଣାର୍ଥ ସୁଗ୍ରୀବ ଉକ୍ତ ଗୁହାମୁଖରୁ ପଥର ଦ୍ୱାରା ରୁନ୍ଧିଦେଇ ଫେରି ଆସି କିଷ୍କିନ୍ଧ୍ୟାର ରାଜା ହେଲେ । ଏକ ବର୍ଷ ପରେ ବାଳି ଉକ୍ତ ଦୈତ୍ୟକୁ ବଧ କରି ଫେରି ରୁନ୍ଧଦ୍ୱାରକୁ ଠେଲି ବାହାରି ଆସି ସୁଗ୍ରୀବଙ୍କ ଉପରେ ରାଗାନ୍ୱିତ ହୋଇ ତାହାଙ୍କୁ କିଷ୍କିନ୍ଧ୍ୟାରୁ ତଡ଼ି ତାଙ୍କ ସ୍ତ୍ରୀ ରୁମାଙ୍କୁ ହରଣ କରି ନେବା ପରେ ରାମଚନ୍ଦ୍ର କିଷ୍କିନ୍ଧ୍ୟାରେ ପହଞ୍ଚିଲେ ଏବଂ ଏହାଙ୍କ ସଙ୍ଗେ 'ସଙ୍ଗାତ' ବସି ଏହାଙ୍କ ପ୍ରେରିତ ହନୁମାନଙ୍କ ଦ୍ୱାରା ସୀତାଙ୍କୁ ଲଙ୍କାରେ ଠାବ କରାଇଲେ ଓ ରାମଚନ୍ଦ୍ର ବାଳିଙ୍କୁ ବଧ କରି ରୁମାଙ୍କୁ ଉଦ୍ଧାର କଲେ ଏବଂ ବାଳିଙ୍କ ସ୍ତ୍ରୀ ତାରାଙ୍କ ସହିତ ସୁଗ୍ରୀବଙ୍କୁ ରାଜ୍ୟରେ ଅଭିଷିକ୍ତ କଲେ । ସୁଗ୍ରୀବ କୃତଜ୍ଞତାର ନିଦର୍ଶନସ୍ୱରୂପ କପି ସେନା ସହିତ ଲଙ୍କାକୁ ଯାଇ ରାମଚନ୍ଦ୍ରଙ୍କୁ ସାହାଯ୍ୟ କରିବାରେ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ । ସୁଗ୍ରୀବ ରାମଙ୍କ ସଙ୍ଗେ ଅଯୋଧ୍ୟାକୁ ଯାଇ ଗଲେ; ତତ୍ପରେ କିଷ୍କିନ୍ଧ୍ୟାକୁ ଫେରି ସେଠାରେ ରାଜତ୍ୱ କଲେ । ରାମଚନ୍ଦ୍ର ଦେହ ତ୍ୟାଗ

କରିବାକୁ ଉଦ୍ୟତ ହେବା ସମ୍ବାଦ ଶୁଣି ସୁଗ୍ରୀବ ବାଳିପୁତ୍ର ଅଙ୍ଗଦଙ୍କୁ ସ୍ୱଗୋତ୍ରରେ ବସାଇ ଅଯୋଧ୍ୟାକୁ ଗଲେ ଏବଂ ସେମାନଙ୍କ ଅନୁଗମନ କରି ଶରୀର ତ୍ୟାଗ କରି ସୂର୍ଯ୍ୟଙ୍କ ମଣ୍ଡଳରେ ପ୍ରବେଶ ହେଲେ—ରାମାୟଣ ।] ୩ । ଚଣ୍ଡୀ ବା ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ଅସୁର ବିଶେଷ—3. Name of a demon described in the Chandi Purāna. [ଦ୍ର—ଚଣ୍ଡୀଙ୍କ ରୂପରେ ମୁଗ୍ଧ ହୋଇ ଶୁମ୍ଭାସୁରର ଭୃତ୍ୟ ଚଣ୍ଡ ଓ ମୁଣ୍ଡ ଅସି ଶୁମ୍ଭକୁ ଜଣାଇଲେ, "ଏ ସୁନ୍ଦରୀ ରମଣୀରତ୍ନକୁ ଆପଣଙ୍କ ଘର ଘରଣୀ ରୂପେ ଗ୍ରହଣ କରିବା ଉଚିତ ।" ଶୁମ୍ଭ ଏହା ଶୁଣି 'ସୁଗ୍ରୀବ'ଙ୍କୁ ଦେବୀଙ୍କ ନିକଟକୁ ବିବାହ ପ୍ରସ୍ତାବ କରି ଦୂତରୂପେ ପଠାଇଥିଲେ । ସୁଗ୍ରୀବ ଯାଇ ହିମାଚଳରେ ଅବସ୍ଥିତା ଦେବୀଙ୍କ ଆଗରେ ଶୁମ୍ଭର ପରାକ୍ରମ ବର୍ଣ୍ଣନା କରି ଶୁମ୍ଭଙ୍କ ଦ୍ୱାରା ପ୍ରେରିତ ସମ୍ବାଦ ଦେବୀଙ୍କୁ ଦେବାରୁ ଦେବୀ କହିଲେ—"ଯେଉଁ ବୀର ମୋ ସଙ୍ଗେ ଯୁଦ୍ଧ କରି ମୋତେ ପରାସ୍ତ କରିବେ, ସେହି ଏକା ମୋ ପାଣି ଗ୍ରହଣ କରିବେ ବୋଲି ମୁଁ ପୂର୍ବରୁ ପ୍ରତିଜ୍ଞା କରିଅଛି । ଏ କଥା ତୁମ୍ଭେ ଯାଇ ତୁମ୍ଭ ପ୍ରଭୁଙ୍କୁ କହ ।" ଏହା ଶୁଣି ସୁଗ୍ରୀବ ଉପହାସ କରି କହିଲା—"ତୁମ୍ଭେ ସ୍ୱଇଚ୍ଛାରେ ମୋ ପ୍ରଭୁଙ୍କ ପାଖକୁ ଯାଉନାହିଁ; କିନ୍ତୁ ପରେ 'କେଶାକର୍ଷଣବିଧୂତଗୌରବା' ହୋଇ ଯିବ ।" ଦେବୀ ଏହା ଶୁଣି ନିଜ ପ୍ରତିଜ୍ଞା ଅବିଚଳିତ ରଖିବାର ଇଚ୍ଛା ପ୍ରକାଶ କରିବାରୁ ସୁଗ୍ରୀବ ଯାଇ ଶୁମ୍ଭଙ୍କୁ ଏ କଥା ଜ୍ଞାପନ କଲା ଏବଂ ତତ୍ପରେ ସେଠାରେ ଯୁଦ୍ଧ ହେଲା, ସେଥିରେ ଶୁମ୍ଭ, ନିଶୁମ୍ଭ ଓ ତାଙ୍କ ସେନାପତିମାନେ ନିହତ ହେଲେ—ଚଣ୍ଡୀ ୬ଷ୍ଠ ଅଧ୍ୟାୟ ।] ୪ । ବର୍ତ୍ତମାନ ଅବସର୍ପିଣୀ (ଯୁଗ)ର ନବମ ଜିନପିତା; ଅର୍ହତ୍ ପିତା (ହେମଚନ୍ଦ୍ର)—4. Name of the father of a Buddhist saint, ninth in order of the present age. ୫ । ଶିବ (ଶବ୍ଦକଳ୍ପଦ୍ରୁମ)—5. God Śiva. ୬ । ଇନ୍ଦ୍ର (ଶବ୍ଦକଳ୍ପଦ୍ରୁମ)—6. God Indra. ୭ । ରାଜହଂସ (ଶବ୍ଦକଳ୍ପଦ୍ରୁମ)—7. Swan. ୮ । ପର୍ବତବିଶେଷ (ଶବ୍ଦକଳ୍ପଦ୍ରୁମ)—8. Name of a mountain. ୯ । ଅସ୍ତ୍ରବିଶେଷ (ଶବ୍ଦକଳ୍ପଦ୍ରୁମ)—9. A kind of weapon. ୧୦ । ନାଗଭେଦ (ଶବ୍ଦକଳ୍ପଦ୍ରୁମ)—10. A kind of serpent. ୧୧ । ଶଙ୍ଖ (ପ୍ର. ଶ)—11. Conch-shell. ବି. ବି—ସୁନ୍ଦର ଗ୍ରୀବା—A beautiful neck. [ଦ୍ର—ବିଶେଷ୍ୟ ଏହି ବୋଲିଣ ରତୀଶ୍ୱର, ରାଜୀବାକ୍ଷ ସୁଗ୍ରୀବ ସୁଗ୍ରୀବର—ଭଞ୍ଜ ବୈଦେହୀଶ-ବିଳାସ ।]

ସୁଗ୍ରୀବ ସୁଗ୍ରୀବ

ସୁଗ୍ରୀବା—ସଂ. ବି (କର୍ମଧା) ସୁନ୍ଦର ଗ୍ରୀବା—A fine neck. Sugribā ସଂ. ବିଣ. ସ୍ତ୍ରୀ. (ସୁଗ୍ରୀବ+ଆ)—ସୁଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Sugrība.

ସୁଗ୍ରୀବୀ—ସଂ. ବି (ନାମ)—(ସୁଗ୍ରୀବ+ଈ)—ତାମ୍ରବର୍ଣ୍ଣାଙ୍କ Sugribī କଶ୍ୟପ ଦୁହିତା [ଗରୁଡପୁରାଣ]—Name of the daughter of sage Kasyapa through Tārā. [ଦ୍ର—ଭାଗବତ ୬ଷ୍ଠ ସ୍କନ୍ଧ; ଯଥା—ଶୁକୀ, ଶ୍ୟେନୀ, ଭାସୀ, ସୁଗ୍ରୀବୀ, ଶୁଚୀ ଓ ଗୃଧ୍ରିକା । ସୁଗ୍ରୀବୀଠାରୁ ଘୋଡାମାନେ ଜନ୍ମ ଲଭିଥିଲେ ।] ସଂ. ବିଣ. ସ୍ତ୍ରୀ—ସୁଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Sugrība.

ସୁଗ୍ରୀବେଶ—ସଂ. ବି (୬ଷ୍ଠୀ ତତ୍; ସୁଗ୍ରୀବ+ଈଶ)—ରାମଚନ୍ଦ୍ର (ଶବ୍ଦ Sugribesa ରତ୍ନାବଳୀ)—A name of Rāmachandra.

ସୁଗ୍ଲ—ସଂ. ବିଣ (ସୁ+ଗ୍ଲୈ ଧାତୁ=ଗ୍ଲାନି କରିବା+କର୍ତ୍ତି. ଅ)—Sugla ଅତ୍ୟନ୍ତ ଗ୍ଲାନିବିଶିଷ୍ଟ—Disconcerting; distressing.

ସୁଘଟଣ—ଦେ. ବି ଓ ବିଣ—ସୁଘଟନ (ଦେଖ)—Sugathana Sughatana (See). [ଦ୍ର—ଜନମ୍ବ ବମ୍ବ ସୁଘଟଣ । ମଦନ ଦେବ ସିଂହାସନ—ଭୂପତି, ପ୍ରେମପଞ୍ଚାମୃତ ।]

ସୁଘଟନ—ସଂ. ବି—୧ । ଶୁଭସୂଚକ ଘଟନା—1. Auspicious Sughatan event. ୨ । ସୌଭାଗ୍ୟ—2. Good luck. ଦେ. ବିଣ—ସୁଗଠିତ—Beautiful. [ଦ୍ର—ବଦାଣ ଗାଉଣ ଖୁରୁ ସୁଘଟନ ମାଣ୍ଡୁଳ୍ୟ କର୍ମିତ—ଭଞ୍ଜ. ବୈଦେହୀଶବିଳାସ ।]

ସୁଗଠନ ସୁଘଟ୍ଟ

ସୁଘଟ୍ଟିତ—ସଂ. ବିଣ—ସୁନ୍ଦରରୂପେ ସଜ୍ଜିତ—Sughattita Nicely got up or arranged.

ସୁଘଡ଼ି—ଦେ. ବି—୧ । ସୁସମୟ—1, Good time. ୨ । ଶୁଭସମୟ Sughardi —2. Auspicious time.

ସୁସମୟ ସୁଘଡ଼ୀ

ସୁଘୋଷ—ସଂ. ବିଣ (ବହୁବ୍ରୀହି)—ସୁନ୍ଦର ସ୍ୱରବିଶିଷ୍ଟ—Having a Sughosha good tune or voice. ସଂ. ବି—୧ । ନକୁଳଙ୍କ ଶଙ୍ଖର ନାମ—1. Name of the conch blown by Nakula. ୨ । ବାଦ୍ୟଯନ୍ତ୍ରବିଶେଷ (ପ୍ର. ଶ)—2. A kind of musical instrument.

ସୁଙ୍କେଇବା—ପ୍ରାଦେ (କଟକ) କ୍ରି—ସଙ୍କେଇବା (ଦେଖ) Sunkeibā Sankeibā (See)

ସୁଙ୍ଗା(ଙ୍ଘା)—ଗ୍ରା. ବି ଓ ବିଣ—ଶୁଙ୍ଘା (ଦେଖ) Sungā(nghā) Śungā (See)

ସୁଙ୍ଗା(ଙ୍ଗେ, ଙ୍ଘା, ଙ୍ଘେ)ଇବା—ଗ୍ରା. କ୍ରି—ଶୁଙ୍ଘାଇବା (ଦେଖ) Sungā(nge, nghā, nghe) ibā Śungāibā (See)

ସୁଙ୍ଗା(ଙ୍ଘା)ସୁଙ୍ଗି(ଙ୍ଘି)—ଗ୍ରା. ବି—ବିଶେଷରୂପରେ ଶୁଙ୍ଘିବା—Sungā(nghā)sungi(nghi) To smell keenly.

ଶୋଁକାଶୁଁକି ସୁଁଘାସୁଁଘୀ

ସୁଙ୍ଗି(ଙ୍ଘି)ବା—ଗ୍ରା. କ୍ରି—ଶୁଙ୍ଘିବା (ଦେଖ)—Sunghibā (See) Sungi(nghi)bā [ଦ୍ର—ଢଳେ ଦେଖି ସୁଗନ୍ଧ ମଣ୍ଡା, ସୁଙ୍ଗୁଥିଲେ ଭ୍ରମରଗଣି ହୋଇକି ମେଣ୍ଢା—ପ୍ରତାପ. ଗଣିଦେଶ ।]

ସୁଚକ୍ଷୁଃ—ସଂ. ବିଣ (ସୁଚକ୍ଷୁସ୍, ୧ମା. ୧ବ)—ସୁନ୍ଦର ଚକ୍ଷୁଯୁକ୍ତ—
Suchakshuḥ Fair-eyed. ସଂ. ବି—୧। ଉଡ଼ୁମ୍ବର (ଡିମ୍ବିରିଗଛ)—1. Fig. ୨। ଶିବ (ବୃ. ଶ)—2. Śiba.

ସୁଚଞ୍ଚୁକା—ସଂ. ବି—ମହା ଚଞ୍ଚୁ ଶାକ (ରାଜନିର୍ଘଣ୍ଟ)—
Suchañchukā A kind of wild pot herb.

ସୁଚରିତ—ସଂ. ବି—୧। ସଦାଚାର—1. Good conduct. ୨। Sucharita ସଦ୍‌ବ୍ୟବହାର—2. Good behaviour. (ସୁଚରିତା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ସଚ୍ଚରିତ୍ର; ସତ୍‌ସ୍ୱଭାବବିଶିଷ୍ଟ—Of good conduct or character.

ସୁଚରିତ୍ର—ସଂ. ବିଣ. ପୁଂ (ବହୁବ୍ରୀହି)—ସଚ୍ଚରିତ୍ର—
Sucharitra Of good conduct. (ସୁଚରିତ୍ରା—ସ୍ତ୍ରୀ) (ସୁଚରିତ୍ରତା—ବି) ସଂ. ବି (କର୍ମଧା)—ଉତ୍ତମ ଚରିତ୍ର—Good conduct.

ସୁଚରିତ୍ରା—ସଂ. ବି. ସ୍ତ୍ରୀ—ସାଧ୍ୱୀ ନାରୀ—A chaste woman.
Sucharitrā ସଂ. ବିଣ. ସ୍ତ୍ରୀ—ସୁଚରିତ୍ରର ସ୍ତ୍ରୀଲିଙ୍ଗ—Feminine of Sucharitra.

ସୁଚର୍ମା—ସଂ. ବିଣ. ପୁଂ (ବହୁବ୍ରୀହି; ସୁ+ଚର୍ମନ୍; ୧ମା. ୧ବ)—
Sucharmā ଶୋଭନ ଚର୍ମବିଶିଷ୍ଟ—Possessing a good or fair skin. ସଂ. ବି—ଭୂର୍ଜ ବୃକ୍ଷ—The Indian Birch tree.

ସୁଚା(ଚେ)ଇବା—ପ୍ରାଦେ (ସମ୍ବଲପୁର) କ୍ରି—ଚେତାଇବା—
Suchā(che)ibā To remind. ଦେ. କ୍ରି (ସଂ. ସୂଚନା)—ସୂଚନା ଦେବା—To hint; to indicate.

ସୁଚାରୁ—ସଂ. ବିଣ (ସୁ+ଚାରୁ)—ସୁମନୋହର; ଅତି ସୁନ୍ଦର—
Suchāru Very beautiful; handsome ସଂ. ବି. (ସୁଚାରୁତା—ବି) ପୁଂ)—୧। ରୁକ୍ମିଣୀଗର୍ଭଜାତ ଶ୍ରୀକୃଷ୍ଣଙ୍କ ଏକ ପୁତ୍ର (ବୃ. ଶ)—1. Name of a son of Śrikṛushṇa. ୨। ବିଶ୍ୱକ୍‌ସେନଙ୍କ ପୁତ୍ର (ବୃ. ଶ)—2. The son of Biswaksena.

ସୁଚାରୁ ରୂପେ—ଦେ. କ୍ରି. ବିଣ—ସୁନ୍ଦରରୂପେ—Beautifully;
Suchāru rūpe सुचारूरूपे सुचारुरूपसे handsomely.

ସୁଚାଲ(ଲି)—ଦେ. ବି—୧। ଉତ୍ତମ ଆଚରଣ; ସଦାଚାର—1. Good
Suchāl(li) conduct. ୨। ଉତ୍ତମ ରୀତି—2. Good
सूचाल custom.

ସୁଚି—ଦେ. ବି (ସଂ. ସୂଚି=ମୈଥୁନବିଶେଷ M. W.)—
Suchi ଶୃଙ୍ଗାରରସ—Amour; amorous passion.
शृंगार [ଦ୍ର—ଜାନୁ ପାଦେ ଅବସାନ କରେ ଅଙ୍ଗ ଉରଙ୍ଗ-
শৃঙ্গার ଭୂଜ ଭୁଜାଲ। ସୁଚିପଦବୀ ଯେ, କରିବାରୁ ବିଚକ୍ଷଣ—ସାମନ୍ତସିଂହାର ବିଦଗ୍ଧଚିନ୍ତାମଣି।]

ସୁଚିକ୍କଣ—ସଂ. ବିଣ—୧। ଅତି ଚିକ୍କଣ ବା ମସୃଣ—1. Very
Suchikkaṇa smooth. ୨। ଖୁବ୍ ସ୍ନିଗ୍ଧ—2. Very (ସୁଚିକ୍କଣତା—ସ୍ତ୍ରୀ) oily; glossy.

ସୁଚିତ—ଗ୍ରା. ବି—ସୁଚିତ୍ତ (ଦେଖ)—Suchitta (See) [ଦ୍ର—
Suchita ସୁଚିତେ ପୂଣ ନୃପସ୍ୱଣ—ଭୂପତି. ପ୍ରେମସୁଧାମୃତ।]

ସୁଚିତ୍ତ—ସଂ. ବି—ଭଲ ଚିତ୍ତ; ପ୍ରସନ୍ନ ମନ—Well-disposed
Suchittta mind; propitious mind. ସଂ. ବିଣ. ପୁଂ (ସୁଚିତ୍ତା—ସ୍ତ୍ରୀ) (ବହୁବ୍ରୀହି)—୧। ସ୍ଥିରଚେତାଃ—1. Of a calm mind. ୨। ନିଶ୍ଚିନ୍ତ (ବୃ. ଶ)—2. Free from anxiety.

ସୁଚିତ୍ର—ସଂ. ବି—ସୁନ୍ଦର ଚିତ୍ର—Beautiful picture. ସଂ. ବିଣ
Suchitra —ସୁନ୍ଦରରୂପେ ଚିତ୍ରିତ; ଚିତ୍ରିତ—Beautifully painted; illustrated. (ଦ୍ର—ଅହା କ ଚିତ୍ର, ଗଗନ ସୁଚିତ୍ର। ଗୁଚ୍ଛଚାରାବଳୀ, ଖଚିଛୁପେ ଜଳ—ଗୋବିନ୍ଦ ରଥ. ପଦ୍ୟାବଳୀ।)

ସୁଚିତ୍ରକ—ସଂ. ବିଣ—ସୁଚିତ୍ର (ଦେଖ)—Suchitra (See)
Suchitraka ସଂ. ବି—୧। ମତ୍ସ୍ୟରଙ୍କ; ମାଛରଙ୍କା ଚଢ଼େଇ (ଶବ୍ଦ ରତ୍ନାବଳୀ)—1. The king fisher bird. ୨। ଚିତ୍ରସର୍ପ (ଶବ୍ଦ କଳ୍ପଦ୍ରୁମ); ଚିତି ସାପ—2. A kind of snake.

ସୁଚିତ୍ର ବୀଜା—ସଂ. ବି—ବିଡ଼ଙ୍ଗ (ରାଜ ନିର୍ଘଣ୍ଟ)—Embellia
Suchitra bijā Ribes; Embellia Rebusta.

ସୁଚିତ୍ରା—ସଂ. ବି—'ସୁଚିତ୍ର'ର ସ୍ତ୍ରୀଲିଙ୍ଗ—Feminine of Suchitra.
Suchitrā ସଂ. ବି—୧। ରାଧାଙ୍କ ସଖୀ ବିଶେଷ—1. Name of one of the companions of Rādhā. ୨। ଚିର୍ଭିଟା (ରାଜ ନିର୍ଘଣ୍ଟ); ଫୁଟି କାକୁଡ଼ି—2. A species of cucumber.

ସୁଚିତ୍ରିତ—ସଂ. ବିଣ—ସୁଚିତ୍ର (ଦେଖ)—Suchitra (See)
Suchitrita (ସୁଚିତ୍ରିତା—ସ୍ତ୍ରୀ)

ସୁଚିନ୍ତା—ସଂ. ବି (କର୍ମଧା)—ଉତ୍ତମ ଚିନ୍ତା—Good thought.
Suchintā (କୁଚିନ୍ତା—ବିପରୀତ)

ସୁଚିନ୍ତିତ—ସଂ. ବିଣ—ସମ୍ୟକ୍ ରୂପେ ଚିନ୍ତିତ—
Suchintita Well thought out.

ସୁଚିବା—ପ୍ରାଦେ. (ସମ୍ବଲପୁର) କ୍ରି (ଭୁଲ ବୃ. ସୂଚନା)—ବିଚାର କରିବା
Suchibā —To consider.

ସୁଚିର—ସଂ. ବିଣ—ଅତି ଦୀର୍ଘକାଳ—Very long time. ସଂ. ବିଣ
Suchira —୧। ଅତି ଦୀର୍ଘକାଳ ସ୍ଥାୟୀ—1. Very long-lived. ୨। ଚିରସ୍ଥାୟୀ—2. Permanent. ୩। ପ୍ରାଚୀନ (ବୃ. ଶ)—3. Ancient; old.

ସୁଚିର କେତୁ—ସଂ. ବି—ରେଶମୀ ପତାକା—Silken flag. [ଦ୍ର—
Suchira ketu ବଡ଼ଗୁଡ଼ରେ ଉଡ଼େ, ସୁଚିର କେତୁ ବ, ଲୁଚ ଶୃଙ୍ଖଳୀ ନ ଦିଶେ। ଉଷ. ବୈଦେହୀଶବିଳାସ।]

ସୁଚରାୟୁଃ—ସଂ. ବ (ସୁଚର+ଅୟୁସ୍; ୧ମା. ୧ବ; ବହୁବ୍ରୀହି)—
Suchirāyuḥ ଦେବତା; ଦେବ—Deity; divine being. ସଂ. ବଣ—ଯେ ସର୍ବକାଳ ବଞ୍ଚେ; ଅତି ଦୀର୍ଘାୟୁଃ—Living for a very long time.

ସୁଚୁକ୍ରିକା—ସଂ ବ—ଚକ୍ରୁଳ (ହ. ଶ)—
Suchukrikā Tamarind.

ସୁଚୁଟୀ—ସଂ. ବ (ସୁ+ଚୁଟ୍ ଧାତୁ=ଛେଦନ କରିବା+କରଣ. ଅ+ସ୍ତ୍ରୀ.
Suchuṭi ଈ)—୧ । ପଦାର୍ଥକୁ ଅଗ୍ନିରୁ ଉଠାଇବା ପାଇଁ ବ୍ୟବହୃତ ଲୌହର ଦ୍ୱିବାହୁକ ଯନ୍ତ୍ର; ଚୁମୁଟା—1. A pair of tongs. ୨ । ସଣ୍ଡୁଅସି (ହ. ଶ)— 2. Pincers.

ସୁଚେତା—ବେ. ବଣ (ସଂ. ସୁଚେତାଃ)—ସୁଚେତାଃ (ଦେଖ)
Suchetā Suchetāḥ (See)
सुचेत [ଉ—ଭବର ଉଙ୍ଗୁର ଭାବ ଜାଣି ଯୁଧିଷ୍ଠିର, କବେଷିଣ
सुचेता ଥିଲେ ଭଲ ସୁଚେତା ଶାଣତେ । ରାଧାନାଥ. ମହାଯାତ୍ରା]

ସୁଚେତାଃ—ସଂ. ବଣ ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସୁ+ଚେତସ୍; ୧ମା.୧ବ)
Suchetāḥ —୧ । ସୁହୃଦୟ; ସାଧୁ ହୃଦୟ ବିଶିଷ୍ଟ; ସୁଚିତ୍ତ— 1. Having a broad mind; having a good mind. ୨ । ସତର୍କ; ଚେତାଇ—2. Vigilant; careful.

ସୁଚେଲ—ସଂ. ବ (କର୍ମଧା)—୧ । ସୁନ୍ଦର ବସ୍ତ୍ର—1. Beautiful
Suchela cloth. ୨ । ସରୁ ଲୁଗା—2. Fine cloth.
(ସୁଚେଲକ—ଅନ୍ୟରୂପ)

ସୁଛନ୍ଦ—ଗ୍ରା. ବ ଓ ବି. ବଣ (ସଂ. ସ୍ୱଚ୍ଛନ୍ଦ)—ସ୍ୱଚ୍ଛନ୍ଦ (ଦେଖ)
Suchhanda सुच्छन्द Swachchhanda (See)
ସଂ. ବ—ସୁଗଢ଼ଣ—Beautiful make. ସଂ. ବଣ— ସୁନ୍ଦର ଗଢ଼ଣଯୁକ୍ତ—Of beautiful make.

ସୁଛନ୍ଦୀ—ସଂ. ବ. ସ୍ତ୍ରୀ—ସିନ୍ଧୁ ନଦୀର ପୂର୍ବତମ ଶାଖା; ଶତଦ୍ରୁ ନଦୀ
Suchhhandi (ଶବ୍ଦ ରତ୍ନାବଳୀ)—The Sutlej river.

ସୁଜନ—ସଂ. ବ—୧ । ସଜ୍ଜନ ; ସାଧୁ—1. Good or honest
Sujana man. ୨ । ଭଦ୍ର ବ୍ୟକ୍ତି—2. A gentleman.
(ଦୁର୍ଜନ—ବିପରୀତ) ପ୍ରାଦେ. (ଯାଜପୁର) ବ—ସଜନା (ଗଛ)— Horse radish (tree).

ସୁଜନତା—ସଂ. ବ (ସୁଜନ+ଭାବ. ତା)—୧ । ସଜ୍ଜନତା; ସୌଜନ୍ୟ—
Sujanatā 1. Civility. ୨ । ସାଧୁତା—2. Honesty.

ସୁଜ(ଜୁ)ନା—ପ୍ରାଦେ. (ଯାଜପୁର) ବ—ସଜନା (ଗଛ)—
Suja(ju)nā Horse radish (tree).

ସୁଜନ୍ମା—ସଂ. ବଣ (ସୁ+ଜନ୍ମନ୍; ୧ମା. ୧ବ; ବହୁବ୍ରୀହି)—
Sujanmā ୧ । ବିବାହିତ ଦମ୍ପତ୍ତିଙ୍କ ଔରସ ଜାତ (ସନ୍ତାନ)— 1. Legitimate (child). ୨ । ସଦ୍‌ବଂଶ ଜାତ— 2. Of gentle or noble birth. ୩ । ଅତି ଉଚ୍ଚକୁଳ; ଅତି ସାଧୁ—3. Very good and noble.

ସୁଜେୟ—ସଂ. ବଣ (ସୁ+ଜି ଧାତୁ+କର୍ମ. ଅ)—ସୁଜେୟ (ଦେଖ)
Sujaya Sujeya (See)
(ଦୁର୍ଜେୟ—ବିପରୀତ)

ସୁଜଳ—ସଂ. ବ—୧ । ସୁନ୍ଦର ଜଳ—1. Good water. ୨ ।
Sujala ପବିତ୍ର ଜଳ—2. Sacred water. ୩ । କମଳ; ପଦ୍ମ (ଗ୍ରାହ୍ୟ ଜର୍ଦ୍ଧିତ)—3. Lotus. ସଂ. ବଣ. ପୁଂ (ବହୁବ୍ରୀହି)—୧ । ସୁନ୍ଦର ଜଳଯୁକ୍ତ—1. Having
(ସୁଜଳା—ସ୍ତ୍ରୀ) good water. ୨ । ଯଥେଷ୍ଟ ଜଳଯୁକ୍ତ; ସୁଜଳବାନ୍—2. Abounding in water. [ଉ— ....ସୁଜଳା ସୁଫଳା, ଏ ଶସ୍ୟ ଶ୍ୟାମଳା ଧରା ପର ହାତେ ଦେଲ । ରାଧାନାଥ. ମହାଯାତ୍ରା ।]

ସୁଜଳବାନ୍—ସଂ. ବଣ. ପୁଂ (ସୁଜଳ+ବତ୍; ୧ମା. ୧ବ)—
Sujalabān ୧ । ପବିତ୍ର ଜଳଯୁକ୍ତ—1. Having sacred
(ସୁଜଳବତୀ—ସ୍ତ୍ରୀ) water. ୨ । ବିଶୁଦ୍ଧ ଜଳଯୁକ୍ତ—
(ସୁଜଳବତ୍—କ୍ଲୀବ) 2. Having pure water. ୩ । ସୁସ୍ୱାଦୁ ଜଳଯୁକ୍ତ—3. Having sweet water. ୪ । ଯଥେଷ୍ଟ ଜଳଯୁକ୍ତ—4. Having plenty of water.

ସୁଜଳ୍ପ—ସଂ. ବ (ବହୁବ୍ରୀହି)—ବାକ୍ୟ ବିଶେଷ; ସରଳତା, ସତ୍ୟ,
Sujalpa ସାମ୍ମୀର୍ଯ୍ୟ ଓ ହୃଦୟଗ୍ରାହିତା ପୂର୍ଣ୍ଣ ଓ ଶିଷ୍ଟତାଯୁକ୍ତ ବାକ୍ୟ (ଉଜ୍ଜ୍ୱଳ ନୀଳମଣି)—Gentle and truthful words.

ସୁଜାଉଦ୍ଦୌଲା—ବୈଦେ.ବ (ନାମ)—ଅଯୋଧ୍ୟାର ଜଣେ ନବାବ—
Sujā uddaulā Name of a Nobab of Oudh.
सुजाउद्दौला سجاع الدوله [ଦ୍ର—ଏ ନବାବ୍ ଲୁହର୍ ସଫ୍‌ଦର୍‌ଙ୍କ ପୁତ୍ର । ଏହାଙ୍କ ପ୍ରକୃତ ନାମ ଜଲାଲ୍‌ଉଦ୍ଦିନ୍ ହଏଦର୍ । ଏ ଖ୍ରୀ ୧୭୩୧ ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭୫୩ ରେ ଅଯୋଧ୍ୟାର ସିଂହାସନ ଅଧିକାର କଲେ । ଏ ବଙ୍ଗଳାର ପଳାତକ ନବାବ ମିର୍‌କାସିମଙ୍କୁ ଆଶ୍ରୟ ଦେଇ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କରି ପରାଜିତ ହୋଇ ପରେ ରୋହିଲା ଓ ମରହଟ୍ଟାମାନଙ୍କ ଆଶ୍ରୟ ନେଲେ । ଏ ପରେ ଇଂରେଜଙ୍କଠାରେ ଆତ୍ମସମର୍ପଣ କରିବାରୁ ଇଂରେଜମାନେ ପୁଣି ଏହାଙ୍କୁ ଅଯୋଧ୍ୟାର ନବାବ ପଦରେ ପ୍ରତିଷ୍ଠିତ କଲେ । ଏ ଖ୍ରୀ ୧୭୭୫ରେ ପ୍ରାଣତ୍ୟାଗ କଲେ ।]

ସୁଜାକ୍—ବୈଦେ. ବ (ଫା)—ଔପସର୍ଗିକ ମେହ—
Sujāk A kind of gonorrohea.
सुजाक سوزاک

ସୁଜାଡ଼ି(ରି)ବା—ଦେ. କି—ସଂଘାଡ଼ିବା ୩, ୪ (ଦେଖ)
Sujārdi(ri)bā Sanghārdibā 3, 4 (See)

ସୁଜାଣ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ସୁଜ୍ଞ)—୧ । ସୁଜ୍ଞ (ଦେଖ)—
Sujāṇa 1. Sujña (See) (ଉ—ବଶୀଭୂତ
सुजान سجان(ني) ଅଜାଣ, ବଡ଼ ସୁଜାଣ ଦୂ— ତନ୍ତ୍ର. ବୈଦେହୀଶବିଳାସ ।) ୨ । ଚତୁର— 2. Clever.

ସୁଜାଣମଣି—ଦେ. ବି. ସ୍ତ୍ରୀ—୧ । ସୁଜ୍ଞ ସ୍ତ୍ରୀ; ପଣ୍ଡିତା ସ୍ତ୍ରୀ—
Sujāṇamaṇi 1. A learned or considerate
সুপণ্ডিতা **सुजानमनी** woman. ୨ । ଚତୁର ସ୍ତ୍ରୀ—
2. A clever woman.

ସୁଜାତ—ସଂ. ବିଣ. ପୁଂ—ସୁଜନ୍ମା (ଦେଖ)—Sujanmā (See)
Sujāta (ଉ—ସୁଜାତ ଦ୍ୱିଜ ଯେବେ ଗାୟତ୍ରୀ ପଢ଼େ ଛନ୍ଦ-
କୃଷ୍ଣସିଂହ ମହାଭାରତ. ବନ ।)

ସୁଜାତା—ସଂ. ବି—୧ । ତୁବରୀ (ରାଜନିଘଣ୍ଟୁ) (ଦେଖ)—
Sujātā Tubarī (See) ୨ । ଉଦ୍ଦାଳକ-
କନ୍ୟା—2. Daughter of Sage Uddālaka.
୩ । ବୁଦ୍ଧଦେବଙ୍କ ବୁଦ୍ଧତ୍ୱ ପ୍ରାପ୍ତି ପରେ ତାଙ୍କୁ ନିଜ ଘରକୁ
ଡାକି ଭୋଜନ କରାଇ ଥିବା ଜଣେ ଗ୍ରାମ୍ୟ କନ୍ୟା—
3. Name of a village maiden who fed
the Buddha at her house. ସଂ.
ବିଣ. ସ୍ତ୍ରୀ—'ସୁଜାତ'ର ସ୍ତ୍ରୀଲିଙ୍ଗ—Feminine of
'Sujāta'.

ସୁଜି—ଦେ. ବି (ସଂ. ସମୀଦ=ଗହମ ଅଟା; ଏଥିରୁ ସମ୍ଭୂତ ନାମ
Suji ସମିତା—ଭାବପ୍ରକାଶ)—ଅଟାର ବା ମଇଦାର ଚୁନ;
সুজি **सूजी** ଗହମ ଚୂର ଚାଲୁଣିରେ ଚଲାଇବା
ପରେ ଯେଉଁ ଖଦଡ଼ା ବା ଖୁଦ ରହିଯାଏ—Semo-
lina; grits; coarse flour; granules of
wheat left after the flour is passed
through the sieve.[ବି—ଏଥିରେ ରୁଟି, ମହଣଭୋଗ
ଓ କୀର ହୁଏ ।] ପ୍ରାଦେ (ସମ୍ବଲପୁର) ବି (ଭୁଲ ଉ. ସୁଜା)
ଛୁଞ୍ଚ—Needle.

ସୁଜନି—ଦେ. ବି (ସଂ. ସୁ+ଯାନ; ଫା. ସୋଜନୀ)—୧ । ଦୁଇ ପ୍ରସ୍ଥ
Sujin କନା ମଧ୍ୟରେ ଖୁବ୍ ପତଳା ତୁଳା ଦିଆଯାଇ ତା ଉପରେ
সো(সু)জনী ସୂଚୀଦ୍ୱାରା ନାନା ଚିତ୍ର କରାଯାଇଥିବା ଆସନ ବା
सुजनी ବିଛଣା ଚଦର—1. A very thin quilt with
fine needlework and used as bedsheet.
୨ । ସୂଚୀକର୍ମଦ୍ୱାରା ଅଳଂକୃତ କାର୍ପାସ ବସ୍ତ୍ରର ଛୋଟ
ଆସନ—2. A small sitting mat. [ବି—ଏହା
ପୂର୍ବାଞ୍ଚଳର ପିପିଲିର ଦରଜିମାନେ କରନ୍ତି ।]

ସୁଜିହ୍ୱ—ସଂ. ବିଣ. ପୁଂ (ବହୁବ୍ରୀହି; ସୁ+ଜିହ୍ୱା+ଅ)—୧ । ସୁନ୍ଦର
Sujihwa ଜିହ୍ୱାବିଶିଷ୍ଟ—1. Having a good tongue.
[ସୁଜିହ୍ୱା—ସ୍ତ୍ରୀ] ୨ । ମଧୁରଭାଷୀ (ହି. ଶ)—2. Sweet-
speaking.

ସୁଜୀବନ୍ତୀ—ସଂ. ବି—ସ୍ୱର୍ଣ୍ଣଜୀବନ୍ତୀ—The yellow variety of
Sujībantī Jībantī. [ବି—ବୈଦ୍ୟକ ଅନୁସାରେ ଏହା କଳ-
ଅନ୍ୟ ସଂ. ନାମ—ସ୍ୱର୍ଣ୍ଣଜୀବନ୍ତୀ, ସ୍ୱର୍ଣ୍ଣଲତା, ହେମବଲ୍ଲୀ, ହେମପୁଷ୍ପୀ, ହେମା, ସୌମ୍ୟା । } ବାର୍ଦ୍ଧକ୍ୟ, ନେତ୍ର ହିତକର, ବାତ, ରକ୍ତ, ପିତ୍ତ ଓ ଦାହ-
ତୁରକର—ହି. ଶ ।]
पीलीजीवन्ती

ସୁଜୀର୍ଣ୍ଣ—ସଂ. ବିଣ—୧ । ଉତ୍ତମରୂପେ ଜୀର୍ଣ୍ଣ—1. Well digested.
Sujīrṇṇa ୨ । ଅତ୍ୟନ୍ତ ଚିରା—2. Tattered. ୩ । ଖୁବ୍
ସରୁ; ନିତାନ୍ତ ସରୁ—3. Too thin.

ସୁଜେୟ—ସଂ. ବିଣ (ସୁ=ସୁଖରେ+ଜେୟ=ଯାହାକୁ ଜୟ କରା
Sujeya ଯାଇପାରେ)—ଯାହାକୁ ଅତି ସହଜରେ ଜୟ କରାଯାଇ
ପାରେ—Easily vanquished.

ସୁଜୋର୍—ଦେ. ବି—ଅତ୍ୟନ୍ତ ଜୋର୍—
Sujor Much strength or force,
সজোর **सुजोर** or emphasis.

ସୁଜୋରେ—ଦେ. କ୍ରି. ବିଣ—ଖୁବ୍ ଜୋର୍‌ରେ—
Sujore With great force,
সজোরে **सुजोरसे** or emphasis.

ସୁଜ୍ଞ—ସଂ. ବିଣ. ପୁଂ—୧ । (ସୁ+ଜ୍ଞା. ଧାତୁ=ଜାଣିବା+କର୍ତ୍ତୃ. ଅ)
Sujñā ବିଜ୍ଞ; ପଣ୍ଡିତ; ବିଦ୍ୱାନ୍—1. Learned. ୨। ଅଭିଜ୍ଞ—
[ସୁଜ୍ଞା—ସ୍ତ୍ରୀ] 2. Experienced. ୩ । ସୁବିବେଚକ—
[ସୁଜ୍ଞତା(ତ୍ୱ)—ବି] 3. Considerate.

ସୁଜ୍ଞାତ—ସଂ ବିଣ (ସୁ+ଜ୍ଞାତ)—୧ । ଉତ୍ତମରୂପେ ଜଣା—1. Well
Sujñāta known. ୨ । ସୁପରିଚିତ—2. Well acqu-
ainted.

ସୁଜ୍ଞାନ—ସଂ. ବି—୧ । ବ୍ରହ୍ମଜ୍ଞାନ—1. Spiritual knowledge.
Sujñāna ୨ । ଉତ୍ତମ ଜ୍ଞାନ—2. Thorough knowledge.

ସୁଜ୍ଞାନୀ—ସଂ. ବିଣ—୧ । ବ୍ରହ୍ମଜ୍ଞାନୀ—1. A person having
Sujñānī spiritual knowledge. ଦେ. ବିଣ—ଯେଉଁ
[ସୁଜ୍ଞାନ—ବିପରୀତ] ବ୍ୟକ୍ତି ଆପଣା ଜ୍ଞାନକୁ ପରର ଉପକାରରେ
সুজ্ঞানী ଲଗାଏ—Applying one's attainments or
सुज्ञानी knowledge for the benefit of others.

ସୁଜ୍ଞେୟ—ସଂ. ବିଣ (ସୁ+ଜ୍ଞେୟ)—ଯାହା ସହଜରେ ଜଣାଯାଏ—
Sujñeya Easily comprehensible; easy of
[ଦୁର୍ଜ୍ଞେୟ—ବିପରୀତ] comprehension.

ସୁଝ(ଝା) (ଇତ୍ୟାଦି)—ଦେ. ବି ଓ ବିଣ—ଶୁଝ(ଝା) ଇତ୍ୟାଦି (ଦେଖ)
Sujha(jhā) (etc) Śujha(jhā) etc (See)

ସୁଝା(ଝେ)ଇବା—ଦେ. କ୍ରି—୧ । ଶୁଝାଇବା (ଦେଖ)—
Sujhā(jhe)ibā 1. Śujhāibā (See)
সোঝা ୨ । ବୁଝାଇବା; ସମଝାଇବା—
सुझाना 2. To make one understand; to explain.

ସୁଝିବା—ଦେ. କ୍ରି—୧ । ଶୁଝିବା (ଦେଖ)—1. Śujhibā. (See)
Sujhibā ୨ । ବୁଝିବା—2. To comprehend.
বোঝা **बूझना**

ସୁଝୀନ—ଦେ. ବିଣ—ଅତି ସୂକ୍ଷ୍ମ—Too thin; very fine.
Sujhīna [ଉ—ଦିବ୍ୟ ଅଳଙ୍କାର ଯେ ସୁଝୀନ ବସନ ।
মসলিন **महीन** କୃଷ୍ଣସିଂହ. ମହାଭାରତ. ଆଦି ।]

ସୁଞ୍ଚି—ଦେ. ବି (ସଂ. ସୂଚୀ)—ସୂଚୀ; ଛୁଞ୍ଚ—
Sunchi ছুঁচ **सुई** Needle.

ସୁଟ୍—ବୈଦେ. ବ (ଇଂ. ସ୍ୟୁଟ୍)—୧ । ପୋଷାକର ଯୋଡ଼ିଏ ସାଜ—
Suṭ 1. A suit of dress. [ଦୃ—କୋଟ୍, ପେଣ୍ଟଲୁନ୍ ଓ
সুট্ କେଷ୍ଟ କୋଟ୍‌ରେ ଯୋଡ଼ିଏ ସୁଟ୍ ହୁଏ ।] ୨ । ଅଳଙ୍କାରର
सूट ଏକ ସଜ—2. A set of ornaments. ୩ । ଦେବାନ
ମକଦ୍ଦମା—3. Suit; civil suit. ୪ । ବନ୍ଧୁକରେ
ଫାଏର୍ କରିବା—4. Shooting. ଦେ. ଅ (ଧ୍ୱନ୍ୟନୁକରଣ)—୧ । ବୋତଲର ଦେଇ ବାହାରିବାର ଧ୍ୱନି
[ସୁଟ୍‌ସାଟ୍, ସୁଟ୍‌ସୁଟ୍—ଅନ୍ୟରୂପ] ଶବ୍ଦ—1. Sound of uncorking of bottles. ୨ । ଅଫିମର ଗୁଳି ବା ମଦକ
सूट
ফিস্‌ফিস্ ହୁକ୍କା ଟାଣିବାର ଶବ୍ଦ; ସୁଡ୍ ସୁଡ୍ ସୁଟ୍—2. The
चुप sound of smoking opium bullets with the hookah. ୩ । ପରସ୍ପର ଗୋପନରେ କଥାବାର୍ତ୍ତା କରିବାର ଶବ୍ଦ—3. Whispering sound.

ସୁଟ୍ କରିବା—ଦେ. କ୍ରି (ଇଂରାଜୀ ଓ ଓଡ଼ିଆର ବ୍ୟବହୃତ ଭାଷା; ଇଂ)—
Suṭ kariba ୧ । ବନ୍ଧୁକ ଫାଏର୍ କରିବା; ଲକ୍ଷ୍ୟ—1. To
সুট্‌করা shoot. ୨ । ଉପଯୋଗୀ ହେବା—2. To suit.
सूटकरना [ଉ—ଏ ଜଳବାୟୁ ମତେ ସୁଟ୍ କରୁ ନାହିଁ ।]

ସୁଟ୍‌କେସ୍—ବୈଦେ. ବ (ଇଂ. ସୁଟ୍ କେସ୍)—ପୋଷାକ ଓ
Suṭ kes ଦୈନିକ ବ୍ୟବହାର୍ଯ୍ୟ ଦ୍ରବ୍ୟାଦି ରଖିବାର ବାକ୍ସ—
সুটকেস্ सूटकेश Suit case.

ସୁଟ୍‌ସାଟ୍ କରିବା—ଦେ. କ୍ରି—କୌଣସି ଗୁପ୍ତ କଥାକୁ (କାହୁଁଲେକ
Suṭ-sāṭ kariba କାନେ କାନେ କୁହାକୋହି ହେବାଦ୍ୱାରା)
প্রকাশ করা ପ୍ରକାଶ କରିବା; ସୋର କରିବା—To whisper
गुपचुपसे प्रकट करना a thing abroad.

ସୁଟ୍‌ସାଟ୍ ନ କର୍ତ୍ତବ୍ୟଂ—ଦେ. ବାକ୍ୟ—ଏ ବିଷୟ ଅନ୍ୟତ୍ର ଅପ୍ରକାଶ୍ୟ;
Suṭ-sāṭ na karttabyam ଏ କଥା ଅନ୍ୟଠାରେ ପ୍ରକାଶ
କରିବା ଉଚିତ ନୁହେଁ—Do not make this public.

ସୁଟ(ଠ)—ବୈଦେ. ବ (ଇଂ. ଶୁଟ୍)—୧ । କେନାଲରୁ କ୍ଷେତ୍ରକୁ ପାଣି
Suṭa(ṭha) ମଡ଼ାଇବା ପାଇଁ ପ୍ରସ୍ତୁତ କରାଯିବା ଛୋଟ ଶାଖା—
সুট্ 1. Branch or distributary for irrigating
सूट lands from a larger canal. ୨ । କେନାଲରୁ
କ୍ଷେତକୁ ପାଣି ନିବା ନିମନ୍ତେ କରା ଯାଇଥିବା ପୋଡ଼ା
ମାଟିର ନଳୀ—2. Pipes of burnt clay used
for conveying water from a canal to the
field. [ଦୃ—ଏ ଦେଶରେ କୁମ୍ଭାରମାନଙ୍କ ତିଆରି
କରିବା ସୁଟକୁ 'ଦେଶୀସୁଟ' ଓ ରାଣୀଗଞ୍ଜ ନଳ—
ପୋଡ଼ା ସୁଟକୁ 'ରାଣୀଗଞ୍ଜ ସୁଟ' ବୋଲାଯାଏ । ସୁଟର
ବ୍ୟାସ ଅନୁସାରେ ସୁଟର ଶ୍ରେଣୀବିଭାଗ ହୁଏ । ଯଥା—
ତୁଇ ଇଞ୍ଚିଆ ସୁଟ, ଛଅ ଇଞ୍ଚିଆ ସୁଟ ।]

ସୁଟା(ଠା)—ବୈଦେ. ବ (ଇଂ ସୋଡ଼ା)—ସୋଡ଼ା (ଦେଖ)—
Suṭā(ṭhā) Sorḍā (See) (ଉ—ବାଇସୁଟା) ।

ସୁଟ୍ଟ (ଧାତୁ)—ସଂ - ତାଚ୍ଛଲ୍ୟ ବା ଅନାଦର କରିବା—
Suṭṭa (root) To disregard; to slight.

ସୁଠାଣି—ଦେ. ବଣ (ସଂ. ସୁଷ୍ଠୁ) ; ସୁନ୍ଦର—Beautiful.
Suṭhāṇi (ଉ—ଦ୍ୱୁ ଭଙ୍ଗଯୁଗଳ ସୁଠାଣି ଅତନୁଗୁଣ ପୁଷ୍ପ
সুঠাম सुठार, सुठौना ଛଣି—ଜଗନ୍ନାଥ ସ୍ୱରବଳ ।)

ସୁଠାମ—ଦେ. ବ ଓ ବଣ—ସୁଗଠନ (ଦେଖ)
Suṭhāma Sugaṭhana (See)
সুঠাম सुठार

ସୁଡ଼୍(ଡ୍ର୍)ସୁଡ଼୍(ଡ୍ର୍)—ଦେ. ଅ (ଧ୍ୱନ୍ୟନୁକରଣ)—ପାଣିଆ ଦ୍ରବ୍ୟ
Surḍ-(rḍu)surḍ(rḍu) (ଯଥା—ପଖାଳ, ଦହି, ଡାଲି)
সপ্‌সপ্ सुड़सुड़, सुरसुर ଖାଇବା ଶବ୍ଦ—
The sound of eating liquid things; smacking sound. (ଉ—ଭାତ ପନ୍ଥ ପାଣରେ କରି ବଡ଼ ବଡ଼ ଗୁଣ୍ଡା ସୁଡ଼ୁସୁଡ଼ୁ ଶବ୍ଦରେ ଖାଇ ଦଣ୍ଡକ ମଧ୍ୟରେ ପନ୍ଥ ଖାଲି କରିଦେଲ—ଫକୀରମୋହନ ଛମାଣ ଆଠଗୁଣ୍ଠ ।)

ସୁଡଉଲ—ଦେ. ବଣ. ପୁଂ ଓ ସ୍ତ୍ରୀ—ସୁଗଠନ (ଦେଖ)—
Sudaula Sugaṭhana (See)
(ସୁଡୌଲ, ସୁଡୌଲିଆ, ସୁଡଉଲିଆ—ଅନ୍ୟରୂପ)
সুডৌল सुडौल

ସୁଡ଼(ଡ୍ର)କା—ପ୍ରାଦେ (ଗଡ଼ଜାତ) ବ. ଓ ବଣ.ପୁଂ—ସୋଡ଼କା (ଦେଖ)
Surḍ-(rḍu)kā Sorḍakā (See)
[ସୁଡ଼(ଡ୍ର)କୀ—ସ୍ତ୍ରୀ]

ସୁଡ଼(ଡ୍ର)କିବା—ଦେ. କ୍ରି (ଧ୍ୱନ୍ୟନୁକରଣ)—ସୋଡ଼କିବା; ସୁଡ ସୁଡ
Surḍa(rḍu)kibā ଶବ୍ଦ କରି ତରଳ ବା ଜଳମିଶ୍ରିତ ବସ୍ତୁ
সপ্‌সপ্ করা सुरकना ଖାଇବା—To eat
liquid things with a smacking sound.

ସୁଡ଼(ଢ଼)ଙ୍ଗ—ଦେ. ବ (ସଂ. ସୁରଙ୍ଗ, ସୁରୁଙ୍ଗା—ବଙ୍ଗଂ)—ପାହାଡ଼ ବା
Surḍa(rḍha)ṅga ମାଟି ତଳରେ ଭିତରେ ଭିତରେ ଦୂରକୁ ଖୋଳାଯାଇ-
সুড়ঙ্গ सुरंग ଥିବା ଲମ୍ବ ଗର୍ତ୍ତ—Tunnel.

ସୁଡ଼ା—ଦେ. ବ—ସୁଡ଼ା (ଦେଖ)—
Surḍā Surḍā (See)

ସୁଡ଼ି ରସ୍ତା—ପ୍ରାଦେ (ସିଂହଭୂମି) ବ—କେବଳ ମନୁଷ୍ୟ ଗମନାଗମନ ପଥ ।
Surḍi rāstā Track; path way.

ସୁଡୀନ—ସଂ. ବ (ସୁ+ଡୀନ) — ପକ୍ଷୀଙ୍କ ଗତିବିଶେଷ
Suḍīna ("ଡୀନ" ଦେଖ)—A kind of bird's flight.

ସୁଢଙ୍ଗ—ଦେ. ବ—ଉତ୍ତମ ରୀତି—Good manner. ଦେ.
Sudhaṅga ବଣ—ସୁନ୍ଦର—Graceful.
সুঢপ सुढग

ସୁଢଳ(ପ)—ଦେ. ବଣ—ସୁଗଠନ(ଦେଖ)—Sugaṭhana (See)
Surḍhaḷa(pa) (ଉ—ସବଳ ସୁଢଳ ଗୁରୁ ବପୁ ଯେଉଁ
সুডৌল; সুঢপ୍ ଶୋଭାବତୀ—ସଧାନାଥ. ଉଷା ।) ଦେ. ବ
सुगठन, सुढर —ରୂପସୌନ୍ଦର୍ଯ୍ୟ; ସୁଷମା—Beauty of form;
grace. [ଉ—ଉଜ୍ଜ୍ୱଳ ଦର୍ପଣେ ଯେସନ୍ତେ ମୁଖର
ସୁଢଳ—ପ୍ରାଚୀ· ଗୁରୁଭକ୍ତିଗୀତା ।]

ସୁଢଳ—ଦେ, ବି—୧ । ଦେବତା—1. Deity. ୨ । ମହାଦେବ; Sudhaḷa ଶିବ—2. Siba. ଦେ॰ ବିଣ—ସୁଡୌଲ; ସୌଷ୍ଠବ ସୁଡୌଲ ସୁଢଳ, ସୁଢର ସମ୍ପନ୍ନ—Symmetrical; graceful.

ସୁଢଳ ଦେବ—ଦେ॰ ବି—୧ । ବାମଣ୍ଡାର ପୂର୍ବତନ ଅଧୀଶ୍ୱର—Sudhaḷa deba 1. Late Sir Basudeba Sudhala Deb; K. C. I. E. [ଉ—ଏହାଙ୍କର ପୂର୍ଣ୍ଣ ନାମ ସର୍ ବାସୁଦେବ ସୁଢଳ ଦେବ କେ. ସି. ଆଇ. ଇ । ଏ ସାହିତ୍ୟରସିକ ଓ ପ୍ରଜାହିତୈଷୀ ଥିଲେ । ଏହାଙ୍କ ଅମଳରେ ଦେବଗଡ଼ ବା ବାମଣ୍ଡା ଓଡ଼ିଆ ସାହିତ୍ୟାଲୋଚନାର ଗୋଟିଏ ପ୍ରସିଦ୍ଧ କେନ୍ଦ୍ର ହୋଇଥିଲା ।]

ରାଜା ସର୍ ବାସୁଦେବ ସୁଢଳ ଦେବ (K. C. I. E) ଜନ୍ମ୧୬।୫।୧୮୫୦—ଦେହତ୍ୟାଗ ୧୯।୧୨।୧୯୦୩ ।

ବାମଣ୍ଡାର ସ୍ୱର୍ଗତ ନରପତି ସର୍ ବାସୁଦେବ ସୁଢଳ ଦେବ କେ. ସି. ଆଇ. ଇ ଙ୍କ ପବିତ୍ର ଜୀବନଗାଥା ସମଗ୍ର ଉତ୍କଳଖଣ୍ଡର ଅମୂଲ୍ୟ ସମ୍ପଦ । ତାଙ୍କର ବିରାଟ ବ୍ୟକ୍ତିତ୍ୱ ବଳରେ 'ଅଖ୍ୟାତ' ବାମଣ୍ଡା ନବଜୀବନ ଲାଭ କରିଅଛି, ଓ ନବଯୁଗର ଶିକ୍ଷା ଓ ସଭ୍ୟତା ଆଲୋକ ଲାଭ କରି ଉତ୍କଳର ରାଜ୍ୟମାନଙ୍କ ମଧ୍ୟରେ ସମୁଚ୍ଚ ଆସନର ଅଧିକାରୀ ହୋଇଅଛି । ବିଶେଷତଃ ନବଯୁଗର ଆଲୋକ-ବର୍ତ୍ତିକା ଧାରଣ କରି ଯେଉଁ ମହାପ୍ରାଣ କତିପୟ ବ୍ୟକ୍ତି ଉତ୍କଳର ଅଜ୍ଞାନାନ୍ଧକାର ନାଶ କରି ଉତ୍କଳରେ ନବ-ଯୁଗର ପ୍ରବର୍ତ୍ତନ କରିଅଛନ୍ତି, ସ୍ୱର୍ଗତ ସର୍ ବାସୁଦେବ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଅଟନ୍ତି । ସର୍ ବାସୁଦେବ ଇଂରାଜୀ ଶିକ୍ଷା ଲାଭ କରି ନ ଥିଲେ; କିନ୍ତୁ ତାଙ୍କର ସହଜାତ ପ୍ରତିଭା ଏତେ ସମୁଜ୍ଜ୍ୱଳ ଥିଲା ଯେ, ବାମଣ୍ଡାର କ୍ଷୁଦ୍ର ପରିସର ଭିତରେ ସେ ଯେଉଁ ସବୁ ଅଭିନବ ସଂସ୍କାରମାନ ପ୍ରବର୍ତ୍ତିତ କରିଗଲେ, ରୁଷିଆ ଭଳିଆ ବିରାଟ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ, ତଦ୍‌ଦୃଷ୍ଟିରେ ତାଙ୍କ ଯଶଃ ସମ୍ରାଟ୍ ପିଟରଙ୍କ ଯଶଃଠାରୁ କୌଣସି ଅଂଶରେ ନ୍ୟୂନ ବିବେଚିତ ହୋଇ ନ ଥାନ୍ତା । ତାଙ୍କଠାରେ ଯୁଗପ୍ରବର୍ତ୍ତନୋଚିତ ତେଜଃ, ଓଜଃ ଓ ସାହସ ଥିଲା ଏବଂ ପୃଥିବୀର ଯେ କୌଣସି ଅଂଶରେ ଜନ୍ମ ଲାଭ କରିଥିଲେ ସେ ସେଠାରେ ନିଜର ଲୋକୋତ୍ତର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରି ପାରି ଥାଆନ୍ତେ । ତାଙ୍କୁ ଲାଭ କରି ବାମଣ୍ଡା, 'ବାମଣ୍ଡା' ହୋଇଅଛି ଓ ଉତ୍କଳ ଧନ୍ୟ ହୋଇଅଛି ।

ବାମଣ୍ଡାର ରାଜା ଶ୍ରୀ ବ୍ରଜସୁନ୍ଦର ଦେବ ୧୮୬୯ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ । ସେ ଅପୁତ୍ରକ ଥିବାରୁ ଜୀବଦ୍ଦଶାରେ ତାଙ୍କ ଅନୁଜ ବଡ଼କୁମାର ହରିହର ଦେବଙ୍କ ଏକ ମାତ୍ର ପୁତ୍ରଙ୍କୁ ଦତ୍ତକ ପୁତ୍ରରୂପେ ଗ୍ରହଣ କରି ତାଙ୍କୁ ଯୌବରାଜ୍ୟରେ ଅଭିଷିକ୍ତ କରି ଯାଇଥିଲେ । ତେଣୁ ବ୍ରଜସୁନ୍ଦର ଦେବଙ୍କ ମୃତ୍ୟୁ ପରେ ବାସୁଦେବ, ବାସୁଦେବ ସୁଢଳ ଦେବ ନାମ ଧାରଣ କରି ବାମଣ୍ଡା ସିଂହାସନରେ ଅଧୀନ ହେଲେ । ସିଂହାସନାଧିକାର ବେଳକୁ ତାଙ୍କୁ ୧୮ ବର୍ଷ ମାତ୍ର ବୟସ ହୋଇଥିବାରୁ ହରିହର ଦେବ ତାଙ୍କର ରିଜେଣ୍ଟ୍ ବା ଅଭିଭାବକରୂପେ ରାଜ୍ୟ ଶାସନ କଲେ । ବ୍ରଜସୁନ୍ଦର ଦେବ କଳାହାଣ୍ଡିର ଭୂତପୂର୍ବ ମହାରାଜ ଉଦିତ ପ୍ରତାପ ଦେବଙ୍କ ସର୍ବଗୁଣାଳଙ୍କୃତା ରୂପଲକ୍ଷ୍ମୀ ମଧ୍ୟମା କନ୍ୟା ଗୌରିରାଜକୁମାରୀଙ୍କ ସଙ୍ଗେ ବାସୁଦେବଙ୍କ ବିବାହ ସମ୍ବନ୍ଧ ସ୍ଥିର କରି ଯାଇଥିଲେ । ହରିହର ଦେବ ବାସୁଦେବଙ୍କୁ ଅନ୍ୟତ୍ର ବିବାହ କରିବାକୁ ଆଦେଶ ଦେବାରୁ ପୋଷକ ପିତାଙ୍କ ଆଦେଶକୁ ରାଜାଦେଶ ଜ୍ଞାନ କରି ସେ ଜନକଙ୍କ ଆଦେଶକୁ ଅବଜ୍ଞା କରି କଳାହାଣ୍ଡିର ରାଜ-ପରିବାରରେ ବିବାହ କଲେ ।

ରାଣୀ ଗୌରିରାଜକୁମାରୀ ବାସୁଦେବଙ୍କର ଉପଯୁକ୍ତା ସହଧର୍ମିଣୀ ଥିଲେ । ବ୍ରଜସୁନ୍ଦର ଦେବଙ୍କ ଯତ୍ନରେ ବାସୁଦେବ ସକଳ ଶାସ୍ତ୍ରରେ ନିପୁଣ ହୋଇଥିଲେ । ଗୌରିରାଜକୁମାରୀ ମଧ୍ୟ ସଂସ୍କୃତ ସାହିତ୍ୟରେ ପ୍ରବୀଣା ଓ ସଙ୍ଗୀତଜ୍ଞା ଥିଲେ । ଉଭୟେ ଉଭୟଙ୍କ ସାହଚର୍ଯ୍ୟରେ ଅନିର୍ବଚନୀୟ ଆନନ୍ଦରେ କାଳାତିପାତ କରୁଥିଲେ । ସ୍ୱାମୀଙ୍କ ଚିତ୍ତବିନୋଦନ ନିମନ୍ତେ ରାଣୀ ମହୋଦୟା ଅନେକ ସଂସ୍କୃତ ଶ୍ଳୋକ ରଚନା କରିଥିଲେ । ପୁନଶ୍ଚ ତାଙ୍କ ସ୍ୱରଲହରୀ ଏତେ ମଧୁର ଥିଲା ଯେ, କବିପ୍ରାଣ ବାସୁଦେବ ତହିଁରେ ବିମୁଗ୍ଧ ହୋଇ ଅପାର ଚିତ୍ତପ୍ରସାଦ ଲାଭ କରୁଥିଲେ ।

ବାମଣ୍ଡାର ଚିରସ୍ମରଣୀୟ ପରବର୍ତ୍ତୀ ରାଜା ଓ କବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଏହି ଗୁଣବତୀ ରାଣୀଙ୍କ ଯୋଗ୍ୟ ତନୟ । ବାମଣ୍ଡା ରାଜସିଂହାସନରେ ବସି ରାଜ୍ୟ ଶାସନର ସମସ୍ତ ଦାୟିତ୍ୱ ସ୍ୱହସ୍ତରେ ଗ୍ରହଣ କଲାବେଳକୁ ବାମଣ୍ଡା ମଧ୍ୟଯୁଗର ନିବିଡ଼ ଅନ୍ଧକାରରେ ଲୁଚି ରହିଥିଲା । ରାଜା ବ୍ରଜସୁନ୍ଦର ଦେବ ସୁଶାସକ ଥିଲେ ସୁଦ୍ଧା ନବନବୋନ୍ମେଷଶାଳିନୀ ପ୍ରଜ୍ଞାର ଅଧିକାରୀ ନ ଥିଲେ । କିନ୍ତୁ ବାସୁଦେବ ସୁଢଳ ଦେବ ଲୋକୋତ୍ତର ପ୍ରତିଭା ନେଇ ଜନ୍ମଗ୍ରହଣ କରିଥିଲେ । ରାଜଦଣ୍ଡ ଗ୍ରହଣ କଲା ମାତ୍ରେହିଁ ସେ ପ୍ରତିଭା ଆତ୍ମପ୍ରକାଶ ନିମନ୍ତେ କ୍ଷେତ୍ର ଲାଭ କରି ପ୍ରକଟିତ ହେବାରେ ଲାଗିଲା । ସେତେବେଳେ ବାମଣ୍ଡା ରାଜ୍ୟର ବାର୍ଷିକ ଆୟ ମୋଟେ ଟ ୬୦୦୦୮ (ଛଅ ହଜାର ଟଙ୍କା) ଥିଲା; କୌଣସି ରାଜକର୍ମଚାରୀ ଆଠ ଟଙ୍କାରୁ ବେଶୀ ବେତନ ପାଉ ନ ଥିଲେ । ରାଜ-ହିସାବ ସୁଶୃଙ୍ଖଳଭାବରେ ରଖାଯାଉ ନ ଥିଲା । ଯାହା ଅବା ହିସାବପତ୍ର ରଖା ଯାଉଥିଲା, ସେ ସବୁ ତାଳପତ୍ରରେ ଲିଖିତ ହେଉଥିଲା ।

ରାଜା ବାସୁଦେବ ସୁଢଳ ଦେବ ଏ ସବୁର ସଂସ୍କାରରେ ବ୍ରତୀ ହୋଇ ନାନା ପରିବର୍ତ୍ତନ ସାଧନ କଲେ । ସେ ଆୟ-ବ୍ୟୟର ଗୋଟିଏ ବଜେଟ୍ ପ୍ରସ୍ତୁତ କରାଇ ତଦନୁଯାୟୀ ବ୍ୟୟ ନିୟନ୍ତ୍ରଣ କଲେ । ରାଜ୍ୟରେ ନୂଆ ରାଜସ୍ୱ ବନ୍ଦୋବସ୍ତ

କରାଇ ରାଜସ୍ୱ ସଂସ୍କାର କଲେ ଏବଂ କୃଷୀମାନଙ୍କ ଅବସ୍ଥା ଯେପରି ଉନ୍ନତ ହେବ ତନ୍ନିମନ୍ତେ ବ୍ୟବସ୍ଥା କରି ଅଧିକାରୀ ସୁରୁଲ୍ଲାନ୍ ରୂପ କର୍ମଚାରୀମାନଙ୍କର ବେତନର ହାର ଧାର୍ଯ୍ୟ କଲେ । ଜଙ୍ଗଲ ବିଭାଗ, ପୁଲିସ ବିଭାଗ ଓ ବିଚାର ବିଭାଗ ସୁଶୃଙ୍ଖଳ ଭାବରେ ପ୍ରତିଷ୍ଠିତ ହେଲା । ବାସୁଦେବ ୧୮୬୯ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣ କରିଥିଲେ । ସେତେବେଳେ ବାମଣ୍ଡା ରାଜ୍ୟର ଆୟ ଛଅ ହଜାର ଟଙ୍କା ମାତ୍ର ଥିଲା; କିନ୍ତୁ ୧୮୭୫ ଖ୍ରୀଷ୍ଟାବ୍ଦବେଳକୁ ବାସୁଦେବଙ୍କ ଅଧ୍ୟବସାୟ ଫଳରେ ବାମଣ୍ଡାର ବାର୍ଷିକ ଆୟ ଅଠର ହଜାର ଟଙ୍କାରେ ପରିଣତ ହେଲା । ପରବର୍ତ୍ତୀକାଳରେ ବାମଣ୍ଡାର ଯେଉଁ ଲୁପ୍ତଶ୍ରୀ ଉନ୍ନତି ସାଧିତ ହୋଇଥିଲା, ଏହା ତାହାର ଅଗ୍ର ସୂଚନା କହିବାକୁ ହେବ । ଏହି ସମୟରୁ ବାମଣ୍ଡାର ଲୋକେ ବାସୁଦେବ ସୁଢଳ ଦେବଙ୍କ କାର୍ଯ୍ୟକଳାପକୁ ଅତ୍ୟନ୍ତ ଆଶ୍ୱସ୍ତହୃଦୟରେ ଅନୁଧ୍ୟାନ କରିବାରେ ଲାଗିଲେ ।

ଏହି ସମୟରେ ବାସୁଦେବଙ୍କ ସହଧର୍ମିଣୀ ଚିରରାଜକୁମାରୀ ବାମଣ୍ଡା ରାଜପରିବାରକୁ ଶୋକସାଗରରେ ନିମଜ୍ଜିତ କରି ଏବଂ ଅନୁରାଗୀ ପତିଙ୍କ ହୃଦୟକୁ ଶତଧା ଚୂର୍ଣ୍ଣ କରି ସ୍ୱର୍ଗାରୋହଣ କଲେ । ସେ ତେବେଳେ ସଚ୍ଚିଦାନନ୍ଦ ଦୁଗ୍ଧପୋଷ୍ୟ ଶିଶୁ । ମାତୃବିୟୋଗ ହେତୁରୁ ତାଙ୍କର ମଧ୍ୟ ଜୀବନସଙ୍କଟ ଉପସ୍ଥିତ ହେଲା ଏବଂ ବାସୁଦେବ ଭଗ୍ନହୃଦୟ ହୋଇ ସଂସାରପ୍ରତି ବିରାଗୀ ହୋଇପଡ଼ିଲେ; ରାଜକାର୍ଯ୍ୟ ଓ ଶାସନ ଦାୟିତ୍ୱ ତାଙ୍କୁ ବିଷବତ୍ ପ୍ରତିଭାତ ହେଲା । ରାଜକୁମାର ହରିହର ଦେବଙ୍କ ପତ୍ନୀ ଓ ବାସୁଦେବଙ୍କ ଗର୍ଭଧାରିଣୀ ପାର୍ବତୀ ଦେବୀଙ୍କ ହସ୍ତରେ ଶିଶୁ ସଚ୍ଚିଦାନନ୍ଦଙ୍କ ପାଳନଭାର ଅର୍ପଣ କରି ବାସୁଦେବ ଚିତ୍ତର ଗତି ପରିବର୍ତ୍ତନ ନିମନ୍ତେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବାମଣ୍ଡା ତ୍ୟାଗ କରି ବହିର୍ଗତ ହେଲେ ।

ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ପଟ୍ଟମହିଷୀ ଚିରରାଜକୁମାରୀ ଅତ୍ୟନ୍ତ ପ୍ରଜାବତ୍ସଳା ଥିଲେ । ବାମଣ୍ଡାରେ ଚିରାଚରିତ ପ୍ରଥା ଥିଲା ଯେ, ରାଜାଙ୍କର ଉତ୍ତରାଧିକାରୀ ଜାତ ହେଲେ ପ୍ରତ୍ୟେକ ପ୍ରଜା ଶକ୍ତି ଅନୁସାରେ ରାଜାଙ୍କୁ ନଜରାନା ଦେବେ । ସଚ୍ଚିଦାନନ୍ଦଙ୍କ ଜନ୍ମ ହେଲା ମାତ୍ରେ, ସୂତିକାଗାରରେ ଥାଇ ସୁଦ୍ଧା ରାଣୀ ମହୋଦୟା ଅନୁରାଗୀ ପତିଙ୍କୁ ସାନୁନୟ ଅନୁରୋଧ କରି ଏ କୁତ୍ସିତ ପ୍ରଥା ରଦ କରାଇ ଦେଇଥିଲେ । ଏବଂବିଧ ଅଶେଷ ସୁଗୁଣର ଅଧିକାରିଣୀ ହୋଇ ସେ ସ୍ୱାମୀଙ୍କ ହୃଦୟରେ ଅଖଣ୍ଡ ଆଧିପତ୍ୟ ସ୍ଥାପନ କରିଥିଲେ । ତେଣୁ ତାଙ୍କ ସ୍ନେହର ମୂର୍ତ୍ତିର ବିରହରେ ବ୍ୟଥିତ ହୋଇ ରାଜା ବାସୁଦେବ ହୃଦୟ ବ୍ୟଥାର ଉପଶମ ନିମନ୍ତେ ପର୍ଯ୍ୟଟନ କରିବାକୁ ବାହାରିଲେ ।

ବାସୁଦେବ ସ୍ୱଭାବତଃ ବଡ଼ ଅନୁସନ୍ଧିତ୍ସୁ ଥିଲେ ଏବଂ ସର୍ବଦା ଶିକ୍ଷାର୍ଥୀ ମନୋଭାବ ନେଇ ସକଳ ସ୍ଥାନରୁ ଓ ସକଳ ପ୍ରକାର ଲୋକଙ୍କଠାରୁ ନାନା କଥା ଶିକ୍ଷା କରିବାରେ ମନୋଯୋଗୀ ଥିଲେ । ତେଣୁ ଆର୍ଯ୍ୟାବର୍ତ୍ତର ପ୍ରଧାନ ପ୍ରଧାନ ନଗର ଭ୍ରମଣ କରି ତତ୍ରତ୍ୟ ଅଭିଜ୍ଞତା ଦ୍ୱାରା ସେ ନିଜ ରାଜ୍ୟର କିପରି ସର୍ବାଙ୍ଗୀନ ଉନ୍ନତି କରିବେ, ଏହି ଚିନ୍ତାହିଁ ଭ୍ରମଣକାଳଯାକ ତାଙ୍କ ମନକୁ ଆଲୋଡ଼ିତ କରୁଥିଲା । ସେ କଟକ, କଲିକତା, ବାରାଣସୀ, ଲକ୍ଷ୍ନୌ, ଦିଲ୍ଲୀ ପ୍ରଭୃତି ବହୁ ପ୍ରଧାନ ସ୍ଥଳୀ ଭ୍ରମଣ କରି ନାନା ବ୍ୟକ୍ତି ଓ ନାନା ଅନୁଷ୍ଠାନ ସହ ପ୍ରତ୍ୟକ୍ଷଭାବରେ ପରିଚିତ ହେଲେ । ତାଙ୍କର ଜ୍ଞାନ ଓ ଅଭିଜ୍ଞତାର ପରିସର ଯଥେଷ୍ଟ ବୃଦ୍ଧିପ୍ରାପ୍ତ ହେଲା ଓ ନିଜ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ସର୍ବଦା ସମସ୍ତଙ୍କଠାରୁ ଓ ସମସ୍ତ ସ୍ଥାନରୁ ସୂଚନା ଖୋଜି ବୁଲୁଥିବାରୁ ତାଙ୍କର ଏ ଦୀର୍ଘକାଳବ୍ୟାପୀ ପର୍ଯ୍ୟଟନ ବାମଣ୍ଡା ପକ୍ଷରେ ବହୁ ସଫଳପ୍ରସୂ ହେଲା ।

ପର୍ଯ୍ୟଟନରୁ ଫେରି ଆସିଲା ପରେ ପୁନଶ୍ଚ ଦାରପରିଗ୍ରହ କରିବା ନିମନ୍ତେ ବାସୁଦେବଙ୍କୁ ଅନେକ ବ୍ୟକ୍ତି ସନିର୍ବନ୍ଧ ଅନୁରୋଧ କଲେ ଏବଂ ଏହା ଫଳରେ ବାସୁଦେବ ମୟୂରଭଞ୍ଜ ରାଜ୍ୟର ରରୁଆଁ ଜମିଦାରଙ୍କ ଦୁଇ ଜେମା ଓ ଖରସୁଆଁ ରାଜାଙ୍କ ଭଉଣୀ ଜେମା, ଏପରି ତିନି କନ୍ୟାଙ୍କର ପାଣିଗ୍ରହଣ କଲେ । ଏହି ସପତ୍ନୀମାନେ ପରସ୍ପରପ୍ରତି ଆକୃଷ୍ଟା ହୋଇ ଈର୍ଷ୍ୟାପରାୟଣା ନ ହେବାରୁ ବାସୁଦେବଙ୍କ ପାରିବାରିକ ଜୀବନ ଅତ୍ୟନ୍ତ ମଧୁମୟ ହୋଇଥିଲା । ଏମାନେ ସଚ୍ଚିଦାନନ୍ଦଙ୍କୁ ଆତ୍ମଜରୂପ ସ୍ନେହ କରୁଥିଲେ ଏବଂ ସଚ୍ଚିଦାନନ୍ଦ ମଧ୍ୟ ଏମାନଙ୍କୁ ଜନନୀବତ୍ ଭକ୍ତି ଓ ଶ୍ରଦ୍ଧା କରିବାରେ ପଶ୍ଚାତ୍ପଦ ନ ଥିଲେ । ଏ ତିନି ରାଣୀ ଏଗାରଟି କନ୍ୟା ଓ ଅଠଟି ପୁତ୍ରଙ୍କର ଜନନୀ ହୋଇଥିଲେ । ବାସୁଦେବ ନିଜର କନ୍ୟାମାନଙ୍କୁ ଶିକ୍ଷିତା ଓ ସଙ୍ଗୀତାଦି କଳାନିପୁଣା କରି ତାଳଚେର, କଣିକା, ବସ୍ତର ପ୍ରଭୃତି ରାଜ୍ୟର ରାଜାମାନଙ୍କ ସହିତ ବିବାହ କରାଇ ଦେଇଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ସେମାନେ ତତ୍ତତ୍ ରାଜ୍ୟମାନଙ୍କର ରାଜେଶ୍ୱରୀ, କିନ୍ତୁ ଦୁର୍ଭାଗ୍ୟବଶତଃ ବସ୍ତର, ଖଡ଼ିଆଳ, ପାଲଲହଡ଼ାର ରାଣୀ ଓ ସୁରଗୁଜାର ଯୁବରାଣୀ ସ୍ୱର୍ଗତା ହୋଇଅଛନ୍ତି । ପୁତ୍ରମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ସେମାନଙ୍କୁ ମଧ୍ୟ ବାସୁଦେବ ଉପଯୁକ୍ତ ଭାବରେ ସମ୍ପତ୍ତି ପ୍ରଦାନ କରି ଯାଇଅଛନ୍ତି । ଏହି ରାଜପୁତ୍ରମାନଙ୍କ ମଧ୍ୟରୁ ସ୍ୱର୍ଗତ ରାଜକୁମାର ବଳଭଦ୍ର ଦେବ ଉତ୍କଳଖଣ୍ଡରେ କବି ଓ ସାହିତ୍ୟିକ ଖ୍ୟାତି ଲାଭ କରିଅଛନ୍ତି । ପ୍ରଥମା ରାଣୀଙ୍କ ପୁତ୍ର ରାଜା ସଚ୍ଚିଦାନନ୍ଦଙ୍କ ଖ୍ୟାତି କଥା ବର୍ଣ୍ଣନା କରିବା ବାହୁଲ୍ୟ ମାତ୍ର । ତାଙ୍କୁ ସବୁ ଗୁଣରେ ଆଦର୍ଶ ପିତାଙ୍କର ଆଦର୍ଶ ପୁତ୍ର ବୋଲି ସ୍ୱୀକାର କରିବାକୁ ହେବ ।

ବାସୁଦେବ ପର୍ଯ୍ୟଟନରୁ ଫେରି ବାମଣ୍ଡାକୁ ତିନି ଗୋଟି ସବ୍‌ଡିଭିଜନରେ ବିଭକ୍ତ କଲେ । ସବ୍‌ଡିଭିଜନମାନଙ୍କର ନାମ ଦେବଗଡ଼, କୁଚିଣ୍ଡା ଓ ବରକୋଟ ରଖାହେଲା । ପ୍ରଥମୋକ୍ତ ସବ୍‌ଡିଭିଜନ ଦୁଇଟି ଦୁଇଜଣ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଓ ତୃତୀୟଟି ଜଣେ

ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ୍‌ଙ୍କ ଅଧୀନ ରଖାଗଲା; ମାଜିଷ୍ଟ୍ରେଟ୍‌ମାନେ ଦେୱାନୀ ଫୌଜଦାରୀର ଉଭୟ ପ୍ରକାର ମକଦ୍ଦମା ବିଚାର କରିବାର ଅଧିକାର ପାଇଲେ । ଦେବଗଡ଼, କୁଚିଣ୍ଡା, ବାର୍କୋଟ, ନଈକୁଳ, ଗୌଡ଼ପଲ୍ଲୀ ଓ ଗୋବିନ୍ଦପୁର-ଠାରେ ଥାନାମାନ ଅବସ୍ଥାପିତ ହେଲା । ଅପିଲ ମକଦ୍ଦମା ସବୁର ଶୁଣାଣି ନିମନ୍ତେ ଦେବଗଡ଼ଠାରେ ଗୋଟିଏ ବିଚାରାଳୟ ସ୍ଥାପିତ ହେଲା । ଏଥି ପୂର୍ବରୁ ମକଦ୍ଦମା ସବୁର ବିଚାରରେ ନାନାପ୍ରକାର ବିଶୃଙ୍ଖଳା ଓ ଅଯଥା ବିଳମ୍ବ ଘଟୁଥିଲା । ସରକାରୀ କାର୍ଯ୍ୟାନୁଷ୍ଠାନମାନଙ୍କ ନିମନ୍ତେ ଦେବଗଡ଼, କୁଚିଣ୍ଡା ଓ ବାର୍କୋଟଠାରେ ସୁଦୃଶ୍ୟ ପକ୍କାସୌଧ-ମାନ ନିର୍ମାଣ କରାଗଲା । ବାମଣ୍ଡା ନବୀନ ଜୀବନର ସ୍ପନ୍ଦନ ଅନୁଭବ କଲା ।

ରାଜା ବାସୁଦେବ ଆଉ ଥରେ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରି ନାଗପୁର, ନାସିକ, ପୁନା, ଅହମଦାବାଦ, ବଙ୍ଗାଲୋର, ତ୍ରିବାଙ୍କୁଡ଼, ତାଞ୍ଜୋର ଓ ମାନ୍ଦ୍ରାଜ ପ୍ରଭୃତି ସ୍ଥାନ ପରିଦର୍ଶନ କରି ଆସିଲେ ଏବଂ ପ୍ରତ୍ୟାବର୍ତ୍ତନ ପରେ ରାଜ୍ୟର ନାନାବିଧ ଉନ୍ନତି କରିବାରେ ମନୋନିବେଶ କଲେ । ସେ ବହୁ ଅନାବାଦୀ ଅଞ୍ଚଳ ଆବାଦ କରାଇ ତହିଁରେ ବହୁତ ପ୍ରକାର ଫସଲ କରାଇଲେ; ଏବଂ କଥିତ ଅଛି, ସେ ୧୩୬ ପ୍ରକାର ଧାନ ଆଣାଇ ରାଜ୍ୟରେ ସେ ସବୁର ଚାଷ ପ୍ରବର୍ତ୍ତନ କରିଥିଲେ । ଜଙ୍ଗଲ କଟାଇ ବାସୁଦେବପୁର ନାମରେ ସେ ଗୋଟିଏ ବ୍ରାହ୍ମଣ ଶାସନ ସ୍ଥାପନ କରି ବ୍ରାହ୍ମଣମାନଙ୍କୁ "ଯାବଚ୍ଚନ୍ଦ୍ରାର୍କେ" ଭୋଗ କରିବାପାଇଁ ବହୁ ଭୂସମ୍ପତ୍ତି ଦାନ କରିଥିଲେ । ବାମଣ୍ଡାରେ ସେ ମିଠା କମଳା ଲେମ୍ବୁର ଚାଷ ପ୍ରଥମେ ଆରମ୍ଭ କରିଥିଲେ; ଏବଂ ବମ୍ବେଇ ଓ ପାଟନା ପ୍ରଭୃତି ସ୍ଥାନରୁ ନାନାପ୍ରକାର ଆମ୍ବ ଗଛର ଚାରା ଆଣାଇ ନିଜର ଆଦର୍ଶ ଉଦ୍ୟାନରେ ରୋପଣ କରାଇ ଥିଲେ । ତାଙ୍କ ଆଦେଶରେ ବାମଣ୍ଡାର ନାନା ସ୍ଥାନରେ ଅନେକ ଆଦର୍ଶ କୃଷିକ୍ଷେତ୍ର ଖୋଲା ଯାଇଥିଲା । ତଦାନୀନ୍ତନ ପଲିଟିକାଲ୍ ଏଜେଣ୍ଟ୍ ମହୋଦୟ ବାସୁଦେବଙ୍କ ଉଦ୍ୟାନ-ପ୍ରୀତି ଦେଖି ସରକାରୀ ରିପୋର୍ଟରେ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ । ବଳମ ଫାର୍ମ୍‌ଠାରେ ଦୁଇଗୋଟି ଗିରିନଦୀର ଜଳକୁ ଅଟକାଇବା ନିମନ୍ତେ ବାସୁଦେବ ବହୁ ଅର୍ଥ ବ୍ୟୟରେ ବନ୍ଧ ପକାଇ ଜଳସେଚନ ସୌକର୍ଯ୍ୟ ନିମନ୍ତେ ଗୋଟିଏ ପ୍ରକାଣ୍ଡ ଜଳାଧାର ପ୍ରସ୍ତୁତ କରାଇଥିଲେ ।

ରାଜକୋଷରେ ଅର୍ଥବୃଦ୍ଧି ନିମନ୍ତେ ବାସୁଦେବ "ରାଜକୁମାର ସ୍ଲିପର୍ ୱାର୍କ୍‌ସ୍" ନାମକ କାରଖାନା ବସାଇଲେ । ଏ କାରଖାନାରେ କାଠ କରତ ହୋଇ ଦେଶ ବିଦେଶକୁ ବିକ୍ରୟ ନିମନ୍ତେ ପଠା ଯାଉଥିଲା ଏବଂ ବହୁ ଅର୍ଥ ବ୍ୟୟରେ ବିଲାତରୁ କାଠକରତ ଯନ୍ତ୍ର କଣା ହୋଇ ଆସିଥିଲା । ଏ କାରଖାନାରେ ବହୁତ ଲୋକ ନିଯୁକ୍ତ ହୋଇ ପାରୁଥିବାରୁ ବାମଣ୍ଡାର ମଜୁରିଆମାନଙ୍କୁ ଆଉ ବିଦେଶକୁ ଯିବାକୁ ପଡ଼ିଲା ନାହିଁ । କାରଖାନାର କାର୍ଯ୍ୟ ଦ୍ୱାରା ବହୁ ଲକ୍ଷ ଟଙ୍କା ଆୟ ହେଉଥିଲା, ଏବଂ ହାତୀ ଉପରେ ଟଙ୍କା ଲଦା ହୋଇ ବିଦେଶରୁ ଦେବଗଡ଼କୁ ଆସିବା ଦୃଶ୍ୟ ଦେଖି ପ୍ରଜାମାନେ ବାସୁଦେବଙ୍କ ବ୍ୟବସାୟ ବିଚକ୍ଷଣତାକୁ ଶତମୁଖରେ ପ୍ରଶଂସା କରୁଥିଲେ ।

ଦେଶର ଯେଉଁ ସବୁ ଜାଗାରେ ପର୍ବତରୂପ ପ୍ରତିବନ୍ଧକ ଥିବାରୁ ପଣ୍ୟଦ୍ରବ୍ୟ ଯାତାୟାତରେ ଅସୁବିଧା ହେଉଥିଲା, ଡିନାମାଇଟ୍ ସାହାଯ୍ୟରେ ସେ ପର୍ବତ ସବୁ ଉଡ଼ାଇ ଦେଇ ଗମନାଗମନୋପଯୋଗୀ ରାସ୍ତା କରିବାରେ ଇଞ୍ଜିନିୟରଙ୍କ ପରାମର୍ଶ ନ ନେଇ ନିଜେ ରାଜା ବାସୁଦେବ କପରି ଏ ଅସାଧ୍ୟସାଧନ କରିପାରିଲେ, ଏହା ବଡ଼ ବଡ଼ ସାହେବମାନେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଇଥିଲେ । ସରକାରଙ୍କ ବାର୍ଷିକ ଶାସନ ରିପୋର୍ଟରେ ବାସୁଦେବଙ୍କ କାର୍ଯ୍ୟର ମଧ୍ୟ ଯଥୋପଯୁକ୍ତ ପ୍ରଶଂସା ହୋଇଥିଲା ।

"ବାମଣ୍ଡା ଷ୍ଟେଟ୍ କାଉନ୍‌ସିଲ୍" ନାମରେ ୯ ଜଣ ସଭ୍ୟ-ବିଶିଷ୍ଟ ଗୋଟିଏ ବିଚାର ସଭା ପ୍ରତିଷ୍ଠିତ କରି ବାସୁଦେବ ତହିଁରେ ଅପିଲ୍ ମକଦ୍ଦମା ନିଷ୍ପତ୍ତି ହେବାର ବ୍ୟବସ୍ଥା କରି-ଥିଲେ ।

ବାସୁଦେବଙ୍କ ସମୟରେ ଗଡ଼ଜାତମାନଙ୍କରେ "ପାନ୍ଥି" ନାମକ ଗୋଟାଏ ଟିକସ ପ୍ରଜାମାନଙ୍କଠାରୁ ଆଦାୟ କରା ଯାଉଥିଲା । ଏ ଟିକସ ଦ୍ୱାରା ବାଣିଜ୍ୟରେ ବାଧା ପଡ଼ୁଥିବା ଦେଖି ବାସୁଦେବ ବାମଣ୍ଡାର ପ୍ରଜାଙ୍କୁ ଏ ଟିକସର କବଳରୁ ମୁକ୍ତ ରଖିଥିଲେ । ଏଥି ନିମନ୍ତେ ସରକାର ମଧ୍ୟ ବାସୁଦେବଙ୍କର ସାଧୁବାଦ କରିଥିଲେ ।

୧୮୮୩ ଖ୍ରୀଷ୍ଟାବ୍ଦରେ ଦେବଗଡ଼ଠାରେ ବାସୁଦେବ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ ଏବଂ ଏ ଅଭିନବ ଅନୁଷ୍ଠାନ ଦ୍ୱାରା ବାମଣ୍ଡାର ଦୁଃସ୍ଥ ରୋଗୀମାନଙ୍କର ଯଥେଷ୍ଟ ଉପକାର ହୋଇଥିଲା ।

ବାସୁଦେବ ବାମଣ୍ଡାର ପୁରାତନ ଜେଲ୍‌କୁ ଭଙ୍ଗାଇ ଦେଇ ଗୋଟିଏ ନୂଆ ପକ୍କା ଜେଲ୍ ନିର୍ମାଣ କରାଇଥିଲେ । ସରକାରଙ୍କ ବାର୍ଷିକ ଶାସନ ରିପୋର୍ଟରେ ଉଲ୍ଲେଖ ହୋଇ-ଥିଲା :—"ବଡ଼ ଆଶ୍ଚର୍ଯ୍ୟ କଥା, ରାଜପରିବାରର ଲୋକମାନେ ଏ ପର୍ଯ୍ୟନ୍ତ ଯେଉଁପରି ପକ୍କାଘରେ ରହି ପାରି ନାହାନ୍ତି, ବାମଣ୍ଡାର ରାଜା ବାମଣ୍ଡାର କଏଦୀମାନଙ୍କୁ ସେପରି ଘରେ ରଖାଇବାର ବ୍ୟବସ୍ଥା କରିଅଛନ୍ତି ?"

ବାସୁଦେବ ପୁଣି ନୂଆ କରି ରାଜବାଟୀ ନିର୍ମାଣ କରାଇଲେ ଏବଂ ରାଜକୁମାର ଉଚ୍ଚ ଇଂରାଜୀ ବିଦ୍ୟାଳୟ ନିମନ୍ତେ ଦୋମହଲା ପକ୍କା ତୋଳାଇଲେ । ଏହା ଛଡ଼ା ରାଜସରକାରଙ୍କ କଚେରୀ ଓ ପୁଲିସ୍ ଅଫିସରମାନଙ୍କ ନିମନ୍ତେ ଓ ଅନ୍ୟାନ୍ୟ ଅନୁଷ୍ଠାନ ପାଇଁ ଦେବଗଡ଼ରେ ଅନେକ ପ୍ରାସାଦ ନିର୍ମାଣ କରାଇ ଦେବଗଡ଼ର ଶୋଭାକୁ ଶତଗୁଣିତ କରି ଦେଲେ । ଏ ସବୁ ଉନ୍ନତ ଇଉରୋପୀୟ ଢଙ୍ଗରେ ହୋଇଅଛି ବୋଲି ସରକାରୀ ରିପୋର୍ଟରେ ମଧ୍ୟ ସ୍ୱୀକାର କରାଯାଇଥିଲା । ଏହା ଛଡ଼ା ବଳମରେ ଗୋଟିଏ ରାମଗୋବିନ୍ଦ ମନ୍ଦିର ଓ କୁଚିଣ୍ଡାରେ ଗୋଟିଏ ମସଜିଦ୍ ନିର୍ମିତ ହୋଇଥିଲା । ବାର୍କୋଟରେ ମଧ୍ୟ ରାଜସରକାରଙ୍କ ଅଫିସ୍ ନିମନ୍ତେ ପକ୍କାଘରମାନ ତିଆରି ହୋଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସୁଗମ୍ୟ ରାସ୍ତା ଦ୍ୱାରା ସଂଯୁକ୍ତ କରିବାରେ ରାଜା ବାସୁଦେବ ବହୁ ଶ୍ରମ କରିଥିଲେ । ଏପରି କି, ଏ ରାସ୍ତା ନିର୍ମାଣ ସମୟରେ ସେ ରାଜଧାନୀ ଛାଡ଼ି ବଣ ଜଙ୍ଗଲରେ ତମ୍ବୁ ପକାଇ ରଥ୍ୟା-ନିର୍ମାଣ କାର୍ଯ୍ୟ ସ୍ୱଚକ୍ଷୁରେ ପର୍ଯ୍ୟବେକ୍ଷଣ କରୁଥିଲେ । ସରକାରଙ୍କ ବାର୍ଷିକ ଶାସନ

ରିପୋର୍ଟରେ ଏ କଥା ମଧ୍ୟ ପ୍ରଶଂସାଗର୍ଭିତ ଭାଷାରେ ଉଲ୍ଲିଖିତ ରହିଅଛି ।

ବାମଣ୍ଡାରେ ରେଲ ଚଳାଇବା ନିମନ୍ତେ ବାସୁଦେବ ଅତ୍ୟନ୍ତ ଉଦ୍‌ବିଗ୍ନ ଥିଲେ । ବେଙ୍ଗଲ୍ ନାଗପୁର ରେଲବାଇ କମ୍ପାନୀଙ୍କୁ ସେ ଚିରକାଳପାଇଁ ୬୧୫ ଏକର ଜମି ଛାଡ଼ି ଦେଇ ତା ଉପରେ ରେଲ ଲାଇନ୍ ତିଆର କରିବାକୁ ଅନୁମତି ପ୍ରଦାନ କରିଥିଲେ ।

ବାସୁଦେବ ନିଜ ରାଜ୍ୟରେ ଅବୈତନିକ ପ୍ରାଥମିକ ଶିକ୍ଷା ଦାନର ବ୍ୟବସ୍ଥା କରାଇ ଥିଲେ ଏବଂ ନିଜର ପୁତ୍ର କନ୍ୟା-ମାନଙ୍କର ଶିକ୍ଷା ନିମନ୍ତେ ରାଜବାଟୀରେ ଯେଉଁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ, କାଳକ୍ରମେ ତାହା ସ୍କୁଲ୍‌ରେ ପରିଣତ ହେଲା । ସରକାରଙ୍କ ଅନୁମୋଦନ ସହିତ ଏ ବିଦ୍ୟାଳୟରେ ବଙ୍ଗଳା ଓ ପାଲି ଭାଷା ଶିକ୍ଷା ଦିଆଯାଉଥିଲା । ତଦାନୀନ୍ତନ ପଲିଟିକାଲ୍ ଏଜେଣ୍ଟ୍ ମହୋଦୟ ବାସୁଦେବଙ୍କ ଅସାଧାରଣ ଶିକ୍ଷା ପ୍ରୀତି ଦେଖି ତାଙ୍କୁ ଜଣେ ଆଦର୍ଶ ନରପତି ବୋଲି ଜ୍ଞାନ କରୁଥିଲେ । ପୂର୍ବେ କଥିତ ହୋଇଅଛି ଯେ, ବାସୁଦେବ ସଂସ୍କୃତରେ ଅସାଧାରଣ ପଣ୍ଡିତ ଓ ମାତୃଭାଷାରେ ପ୍ରତିଭାଶାଳୀ କବି ଥିଲେ । ତେଣୁ ତାଙ୍କ ରାଜସଭା ବହୁସଂଖ୍ୟକ ବିଦ୍ୱଜ୍ଜନଙ୍କ ଦ୍ୱାରା ସବୁବେଳେ ଶୋଭିତ ହୋଇ-ଥିଲା । ଶାସ୍ତ୍ରଚର୍ଚ୍ଚା ବାସୁଦେବଙ୍କର ପରମପ୍ରିୟ କାର୍ଯ୍ୟ ଥିଲା ଏବଂ ପ୍ରଜାମାନଙ୍କ ମଧ୍ୟରେ ସାହିତ୍ୟପ୍ରୀତି ଜାଗରୂକ କରିବା ନିମନ୍ତେ ୧୮୮୬ ଅବ୍ଦରେ ଦେବଗଡ଼ଠାରେ ସେ ଜଗନ୍ନାଥବଲ୍ଲଭ ପ୍ରେସ୍ ସ୍ଥାପନ କରି ତହିଁରୁ ସମ୍ବଲପୁର ହିତୈଷିଣୀ ନାମରେ ଖଣ୍ଡିଏ ସାହିତ୍ୟିକ ସମ୍ବାଦପତ୍ର ପ୍ରକାଶିତ କରାଇଲେ । ସମ୍ବଲପୁର ହିତୈଷିଣୀ ସେ ଯୁଗର ଅନେକ କବି ଓ ସାହିତ୍ୟିକଙ୍କୁ ଲୋକଲୋଚନର ଗୋଚରୀଭୂତ କରାଇଅଛି । ଓଡ଼ିଆ ସାହିତ୍ୟର ନବ ଯୁଗ ଗଠନରେ ମଧ୍ୟ ସମ୍ବଲପୁର ହିତୈଷିଣୀ କମ୍ କାର୍ଯ୍ୟ କରି ନାହିଁ । ଏଥିର ପ୍ରତ୍ୟେକ ସଂଖ୍ୟା ବାସୁଦେବଙ୍କ ଇଙ୍ଗିତ ଓ ଉପଦେଶରେ ବାହାରୁ ଥିଲା ଏବଂ ହିତୈଷିଣୀର ସାହିତ୍ୟସେବାରୁ ଆମ୍ଭେମାନେ ବେଶ ବୁଝିପାରୁ, ନବ ଯୁଗର ଓଡ଼ିଆସାହିତ୍ୟକୁ ଜନପ୍ରିୟ କରାଇବା ନିମନ୍ତେ ବାସୁଦେବ କିପରି ଉତ୍କଳ ଭାରତୀଙ୍କୁ ସମୃଦ୍ଧ କରିବାରେ ସହାୟ ହୋଇଥିଲେ । "ଇନ୍ଦ୍ରଧନୁ" ଓ "ବିଜୁଳୀ" ସମ୍ବନ୍ଧରେ ମାର୍ଜ୍ଜିତ ରୁଚିର ପକ୍ଷ ସମର୍ଥନ କରି ବାସୁଦେବ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ବିମଳ ଜ୍ୟୋତିଃ ପ୍ରଦାନ କରି ଯାଇଅଛନ୍ତି ।

ବାସୁଦେବ ନିଜେ ଉଚ୍ଚ କୋଟୀର କବି ଥିଲେ ଏବଂ ନିଜେ ଗୁଣୀ ଥିବାରୁ ଗୁଣ ଚିହ୍ନିପ୍ରଶଂସକ ମଧ୍ୟ ଥିଲେ । ବାମଣ୍ଡା "ପୂର୍ବହଂସକେଳସର" ରୂପେ ତାଙ୍କର ରାଜତ୍ୱକାଳରେ ଲୋକମୁଖରେ ପ୍ରଖ୍ୟାତ ହେଲା ।

ତାଙ୍କ ଅଳଙ୍କାର ବିଭବାନ୍ୱିତ ଚିହ୍ନୋପୂଲା, ବୀରବାମା ଓ କବିତ୍ୱବାଦ କାବ୍ୟ ଉତ୍କଳ ସାହିତ୍ୟ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ଏ ସବୁ କାବ୍ୟ ରଚନା ଦ୍ୱାରା ବାସୁଦେବ ଯେଉଁ ଅଗାଧ ପାଣ୍ଡିତ୍ୟ, ରଚନାନୈପୁଣ୍ୟ ଓ କବି କୃତିତ୍ୱ ଦେଖାଇ ଯାଇଅଛନ୍ତି ତାହା ତାଙ୍କୁ ଯଶୋ-ଦେହରେ ଚିରକାଳ ଅମର କରି ରଖିବ । ଅଳଙ୍କାରଚନ୍ଦ୍ରିକା ନାମକ ତାଙ୍କ ସଙ୍କଳିତ ଗ୍ରନ୍ଥ ମଧ୍ୟ ଉତ୍କଳ ସାହିତ୍ୟକୁ ତାଙ୍କର ଗୋଟିଏ ମହାଦାନ ।

ବାମଣ୍ଡାରେ ଡାକଘରମାନ ସ୍ଥାପନ କରି ବାସୁଦେବ ଡାକ ବିଭାଗ ସ୍ଥାପନ କରିଥିଲେ ଏବଂ ତାଙ୍କ ନିଜର ପ୍ରତିମୂର୍ତ୍ତି ସହ ନାମାଙ୍କିତ ଟିକଟ୍‌ମାନ ଚିଠି ଉପରେ ମରା ଯାଉଥିଲା । ବାମଣ୍ଡାର ବାହାରକୁ ଆସୁଥିବା ଚିଠିମାନଙ୍କରେ ଇଂରାଜ ସରକାରଙ୍କ ଟିକଟ ବ୍ୟବହୃତ ହେଉଥିଲା । ପରେ ଦୁଇ-ପ୍ରକାର ଟିକଟ୍ ବ୍ୟବହାର ଓ କର୍ତ୍ତୃତ୍ୱ ଯୋଗୁଁ ଅସୁବିଧା ଉପସ୍ଥିତ ହେବାରୁ ବାସୁଦେବଙ୍କ ପୂର୍ଣ୍ଣ ସମ୍ମତି ପାଇ ଭାରତ ସରକାର ବାମଣ୍ଡା ଡାକ ବିଭାଗର ସମସ୍ତ କର୍ତ୍ତୃତ୍ୱ ଗ୍ରହଣ କଲେ ଏବଂ ବିଭାଗ ସଂକ୍ରାନ୍ତ ସମସ୍ତ ଖର୍ଚ୍ଚ ମଧ୍ୟ ତୁଲାଇବାକୁ ସ୍ୱୀକୃତ ହେଲେ ।

ଡାକ ବିଭାଗ ସ୍ଥାପନ କରି ବାସୁଦେବ ଟେଲିଗ୍ରାଫ୍ ବିଭାଗ ବସାଇବାକୁ ଇଚ୍ଛୁକ ହେଲେ, କିନ୍ତୁ ଏ ବିଭାଗର କର୍ତ୍ତୃତ୍ୱ ସରକାର ତାଙ୍କ ହାତକୁ ଛାଡ଼ି ନ ଦେବାରୁ ତହିଁରୁ ସେ କ୍ଷାନ୍ତ ହୋଇ ସରକାରଙ୍କ ଅନୁମତି ସହ ଦେବଗଡ଼-ଠାରୁ ଗୋବିନ୍ଦପୁରଯାଏ ଆଠହଜାର ଟଙ୍କା ବ୍ୟୟରେ ଟେଲି-ଫୋନ୍ ଲାଇନ୍ ସ୍ଥାପନ କଲେ । ସେ ସମୟରେ ସାରା ଭାରତବର୍ଷରେ ଏହା ସର୍ବପ୍ରଥମ ଟେଲିଫୋନ୍ ଲାଇନ୍ ଥିଲା ବୋଲି କଲିକତାର ଷ୍ଟେଟ୍ସ୍‌ମ୍ୟାନ୍ ଖବରକାଗଜରେ ଲେଖା ହୋଇଥିଲା ।

ରାଜା ବାସୁଦେବ ବୁଝିଥିଲେ ଯେ, ମଦ୍ୟାଦି ମାଦକଦ୍ରବ୍ୟ ସେବନ ପ୍ରଜାଙ୍କର ସମସ୍ତପ୍ରକାର ଦୁଃଖର ନିଦାନ । ତେଣୁ ସେ ଅବକାରୀବିଭାଗ ଗଢ଼ି ତହିଁରୁ ରାଜକୋଷ ନିମନ୍ତେ ଆୟ କରାଇବା ପରିବର୍ତ୍ତେ ମାଦକଦ୍ରବ୍ୟ ବ୍ୟବହାର ନିବାରଣ ନିମନ୍ତେ କଠୋର ଆଇନ ପ୍ରଣୟନ କରିଥିଲେ । ଦେବ-ଗଡ଼କୁ କେନ୍ଦ୍ର କରି କେବଳ ଦଶ ମାଇଲ ମଧ୍ୟରେ ମଦ ଦୋକାନ ରହି ପାରିବ ଏବଂ ଅଫିମ ଖାଇବାକୁ ହେଲେ ଥାନାରେ ନାମ ଲେଖାଇ ତାହା ଥାନାରୁ କିଣିବା ନିମନ୍ତେ ସେ ଆଦେଶ ପ୍ରଚାର କରିଥିଲେ ଏବଂ ଏ ଆଦେଶ ପାଳନର ବ୍ୟତିକ୍ରମ ଦେଖିଲେ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେଉଥିଲେ ।

୧୮୯୭ ଅବ୍ଦରେ ପୁଣ୍ୟଶ୍ଳୋକା ମହାରାଣୀ ଭିକ୍ଟୋରିୟାଙ୍କ ରାଜତ୍ୱର ହୀରକ ଜୁବିଲି ଉତ୍ସବ ବାସୁଦେବ ମହା ସମାରୋହରେ ଅନୁଷ୍ଠିତ କରାଇଥିଲେ । ଗୋଟିଏ ସୁବର୍ଣ୍ଣ ମଞ୍ଜୁଷାରେ ମହାରାଣୀ ମହୋଦୟାଙ୍କୁ ସେହି ଉତ୍ସବ-ଉପଲକ୍ଷରେ ଯେଉଁ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ ତାହା ଭାରତ ସରକାର ଓ ବିଲାତ ସରକାରଙ୍କର ଭାରି ପସନ୍ଦ ହୋଇଥିଲା । ଏ ଉତ୍ସବର ଦିବସକୁ ଚିରସ୍ମରଣୀୟ କରିବା ନିମନ୍ତେ ରାଜା ବାସୁଦେବ ଦେବଗଡ଼ଠାରେ ଗୋଟିଏ ପ୍ରକାଣ୍ଡ ପ୍ରାସାଦ ମଧ୍ୟ ନିର୍ମାଣ କରାଇଥିଲେ । ଦେବଗଡ଼ଠାରେ ସେ ଯେଉଁ ବିଜ୍ଞାନ ଗବେଷଣା ମନ୍ଦିର ଓ ମାନ ମନ୍ଦିର ନିର୍ମାଣ କରାଇଥିଲେ ସେଥିରେ ୧୫ ହଜାର ଟଙ୍କା ବ୍ୟୟିତ ହୋଇ-ଥିଲା । କଟକ କଲେଜର ଭୂତପୂର୍ବ ବିଜ୍ଞାନାଚାର୍ଯ୍ୟ ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ରାଜା ବାସୁଦେବଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଏ ଦୁଇ ଅନୁଷ୍ଠାନର ପରିଚାଳନ ନିମନ୍ତେ ବାମଣ୍ଡାକୁ ଯାଇ ସାମୟିକ ନିର୍ଦ୍ଦେଶ ଦେଇ ଆସୁଥିଲେ । ଯୁବରାଜ

ସଚ୍ଚିଦାନନ୍ଦ ଏ ଅନୁଷ୍ଠାନମାନଙ୍କୁ ବିଜ୍ଞାନ ବିନୋଦ ନିମନ୍ତେ ବ୍ୟବହାର କରୁଥିଲେ ।

ଏହିପରି ନାନା ପ୍ରଜାହିତକର କାର୍ଯ୍ୟ କରି ଓଡ଼ିଶା ଓ ଛତିଶଗଡ଼ର କରଦରାଜାମାନଙ୍କ ମଧ୍ୟରେ ଆଦର୍ଶସ୍ଥାନୀୟ ହୋଇଥିବାରୁ ଗୁଣଗ୍ରାହୀ ଇଂରାଜ ସରକାର ୧୮୮୯ ଅବ୍ଦରେ ରାଜା ବାସୁଦେବଙ୍କୁ ସି. ଆଇ. ଇ. ଉପାଧିରେ ଭୂଷିତ କଲେ । ଓଡ଼ିଶା ଛତିଶଗଡ଼ ରାଜାମାନଙ୍କ ମଧରେ ଏ ଉପାଧି ପୂର୍ବରୁ ଆଉ କେହି ଲାଭ କରି ନ ଥିଲେ । ୧୮୯୫ ଅବ୍ଦ ବାମଣ୍ଡା ଇତିହାସରେ ଚିରସ୍ମରଣୀୟ, କାରଣ, ଏ ବର୍ଷରି ପ୍ରଥମ ଦିବସରେ ରାଜା ବାସୁଦେବ ସମ୍ରାଜ୍ଞୀ ପ୍ରଦତ୍ତ ସମୁଚ୍ଚ ଗୌରବସୂଚକ କେ. ସି. ଆଇ. ଇ. ଉପାଧିରେ ପୁନର୍ବାର ଭୂଷିତ ହୋଇ ଏକା ବାମଣ୍ଡାର ନାହିଁ ସମଗ୍ର ଉତ୍କଳର ମୁଖ ଉଜ୍ଜ୍ୱଳ କଲେ । ସେଯୁଗରେ ଏ ଉପାଧି ଲାଭ କମ୍ ସୁଗୁଣର ବା କମ୍ ଗୌରବର ପରିଚାୟକ ନ ଥିଲା । ବର୍ଷ କେତେକଟା ଗଲେ ଯେଉଁ ବାମଣ୍ଡା "ଅଖୋଜ" ଉପାଧି ଛଡ଼ା ଅନ୍ୟ କୌଣସି ଉପାଧି ଲାଭ କରି ନ ଥିଲା, ସେହି ବାମଣ୍ଡା ଆଜି ବାସୁଦେବଙ୍କ ତୁଲ୍ୟ ଲୋକୋତ୍ତର ପ୍ରତିଭାବିଶିଷ୍ଟ ନରପତି ଲାଭ କରି ସମଗ୍ର ଉତ୍କଳ ଓ ଛତିଶ ଗଡ଼ ମଧ୍ୟରେ ସର୍ବପ୍ରଥମ କେ.ସି.ଆଇ.ଇ. ଉପାଧିର ଆଧାର ହୋଇ ବସିଲା । ୧୮୯୫ ଅବ୍ଦର ବାର୍ଷିକ ସରକାରୀ ରିପୋର୍ଟରେ ଉଲ୍ଲିଖିତ ଅଛି ଯେ, ଏ ଉପାଧି ରାଜା ବାସୁଦେବ ସୁଢ଼ଳଦେବଙ୍କୁ ତାଙ୍କର ବଂଶ-ଗୌରବ ଅଥବା ବିଭବ-ଶାଳିତା ଯୋଗୁଁ ଦିଆଯାଇ ନ ଥିଲା, ତାଙ୍କ ବ୍ୟକ୍ତିଗତ ଅସାଧାରଣ ଗୁଣ ଓ ପ୍ରତିଭାରେ ମୁଗ୍ଧ ହୋଇ ସମ୍ରାଜ୍ଞୀ ତାଙ୍କୁ ଏ ଉପାଧିରେ ବିଭୂଷିତ କରିବା ସମୁଚିତ ମନେ କରିଥିଲେ । ଓଡ଼ିଶା ଓ ଛତିଶଗଡ଼ର ତରୁଣ ନରପତିମାନେ ରାଜା ବାସୁଦେବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟଶାସନରେ ତାଙ୍କ ପଦାଙ୍କାନୁସରଣ କଲେ ଏ ଗୌରବ ଯେ ସେମାନଙ୍କର ଲଭ୍ୟ ହୋଇ ପାରିବ ସରକାରୀ ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ ସୂଚିତ ହୋଇଥିଲା ।

୧୮୯୭ ଅବ୍ଦରେ ଫସଲ ନ ହେବାରୁ ବାମଣ୍ଡା ଓ ନିକଟବର୍ତ୍ତୀ ଗଡ଼ଜାତମାନଙ୍କରେ ଭୟଙ୍କର ଦୁର୍ଭିକ୍ଷ ଉପସ୍ଥିତ ହେଲା ଏବଂ ଦୁର୍ଭିକ୍ଷ ସହିତ ମହାମାରୀ ଉପସ୍ଥିତ ହେବାରୁ ବହୁସଂଖ୍ୟକ ଲୋକ ଅସହାୟ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ସର୍ ବାସୁଦେବ ପ୍ରଜାମାନଙ୍କ ପ୍ରାଣ ରକ୍ଷା ନିମନ୍ତେ ବହୁବିଧ ଉପାୟରେ ସେମାନଙ୍କ ପାଇଁ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରାଇଥିଲେ । ନିକଟବର୍ତ୍ତୀ ଗଡ଼ଜାତ-ମାନଙ୍କରେ ଶହ ଶହ ଲୋକ ଅନ୍ନାଭାବରେ ପ୍ରାଣତ୍ୟାଗ କରୁଥିଲେ ସୁଦ୍ଧା ସର୍ ବାସୁଦେବଙ୍କ ବିପଦକାଳୀନ ଜନକୋପମ କର୍ମତତ୍ପରତା ଓ ବାତ୍ସଲ୍ୟ ଯୋଗୁଁ ବାମଣ୍ଡା ନିରାପଦ ରହିଲା । ରାଜ୍ୟର ବାହାରକୁ ଧାନ ଯିବା ବନ୍ଦ କରି ଦିଆଗଲା, ରାଜଅମାରମାନଙ୍କରୁ ଧାନ ଅକାତରଭାବରେ କଢ଼ା-ଯାଇ ନାମ ମାତ୍ର ମୂଲ୍ୟରେ ବିକ୍ରୟ କରା ଗଲା ଓ ତାହା ଅକୁଳାନ ହେବାରୁ ମଧ୍ୟ ଧାନ ଋଣ କରି ଅଣାଯାଇ ଟଙ୍କାକୁ ଚଉଦ ସେର ଦରରେ ଦୁଃସ୍ଥ ପ୍ରଜାଙ୍କ ମଧ୍ୟରେ ବିକି ଦିଆଗଲା । ଏତିକି ନୁହେଁ, ପ୍ରଜାମାନେ ସେ ବର୍ଷ ଖସ କରି ନ ପାରିବାରୁ ସେମାନଙ୍କୁ ଟ ୨୧୩୯୭/ ଖଜଣା ମାଫ୍ ଦିଆଗଲା ।

ସର୍ ବାସୁଦେବ ନାରାୟଣ ଭକ୍ତ ଥିଲେ ଏବଂ ଗୋ-ବ୍ରାହ୍ମଣ ଏ ଦୁହିଁଙ୍କଠାରେ ତାଙ୍କର ଅଚଳା ଭକ୍ତି ଥିଲା । ନିଜ ରାଜ୍ୟରୁ ଗୋମେଷାଦିଙ୍କ ଚମଡ଼ା ବାହାରକୁ ପଠାଇବାକୁ ଅନୁମତି ଦେଇଥିଲେ ସେ ଅନେକ ଟଙ୍କା ଲାଭ କରି ପାରି ଥାଆନ୍ତେ । କିନ୍ତୁ ଅର୍ଥ ଲୋଭରେ ଲୋକେ ବିଷ ପ୍ରୟୋଗ କରି ଗୃହପାଳିତ ପଶୁଙ୍କ ଜୀବନ ନଷ୍ଟ କରିବେ, ଏହି ଆଶଙ୍କା କରି ସର୍ ବାସୁଦେବ ନିଜ ରାଜ୍ୟରେ ଚମଡ଼ା ବ୍ୟବସାୟ ବନ୍ଦ କରି ଦେଇଥିଲେ ।

୧୯୦୨ ଅବ୍ଦରେ ସେ ପୀଡ଼ିତ ହେଲେ ଓ ଚିକିତ୍ସା ନିମନ୍ତେ କଲିକତା ପ୍ରୟାଣ କଲେ । ସେଠାରେ ରୋଗୋପଶମ ପାଇଁ ବହୁବିଧ ଚେଷ୍ଟା କରାଗଲା ସତ୍ୟ, କିନ୍ତୁ ତାଙ୍କର ଅନ୍ତିମକାଳ ନିକଟବର୍ତ୍ତୀ ହୋଇଥିବାରୁ ସମସ୍ତ ଚେଷ୍ଟା ନିଷ୍ଫଳ ହେଲା । ୧୯୦୩ ମସିହା ନଭେମ୍ବର ୧୯ ତାରିଖ ଦିନ ସେ ଇହଧାମ ତ୍ୟାଗ କରି ସମଗ୍ର ଉତ୍କଳକୁ ଶୋକସାଗରରେ ଭସାଇ ଦେଇଗଲେ । ତାଙ୍କ ମୃତ୍ୟୁ ବାର୍ତ୍ତା ଲକ୍ଷ ଲକ୍ଷ ଉତ୍କଳବାସୀଙ୍କୁ ଅଶନିପାତ ସମାନ ବୋଧ ହେଲା ।

ବାମଣ୍ଡାର ତଥା ଉତ୍କଳଖଣ୍ଡର ନବଯୁଗ ପ୍ରବର୍ତ୍ତକମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ ଏବଂ ତାଙ୍କ ତିରୋଧାନରେ ସମଗ୍ର ଓଡ଼ିଆଜାତି ଏକାନ୍ତ ହତାଶ ହୋଇ ପଡ଼ିଲା । ଲୋକୋତ୍ତର ପ୍ରତିଭା ଛଡ଼ା ଦୟାଦାକ୍ଷିଣ୍ୟାଦି ସହସ୍ର ସଦ୍‌ଗୁଣରେ ବିଭୂଷିତ ହୋଇଥିବାରୁ ସେ ସମଗ୍ର ଦେଶର ହୃଦୟରେ ସ୍ନେହପୂତ ଆସନରେ ସମାସୀନ ଥିଲେ । ତାଙ୍କ ଜୀବନଗାଥା ବା ସଦ୍‌ଗୁଣାବଳୀ କତିପୟ ପୃଷ୍ଠାରେ ବର୍ଣ୍ଣିତ ହେବା ଅସମ୍ଭବ । ବଙ୍ଗଭାଷାରେ ତାଙ୍କ ଜୀବନବୃତ୍ତାନ୍ତ ଲେଖକ ଶ୍ରୀ ଚଣ୍ଡୀଚରଣ ବନ୍ଦ୍ୟୋପାଧ୍ୟାୟ ତାଙ୍କ ବିଶାଳ ଗ୍ରନ୍ଥରେ ସୁଦ୍ଧା ସର୍ ବାସୁଦେବଙ୍କ ଗୁଣାବଳୀ ଯଥାଯଥ କୀର୍ତ୍ତନ କରିପାରିବାର ଅବକାଶ ପାଇ ନାହାନ୍ତି ବୋଲି ଆକ୍ଷେପ କରିଅଛନ୍ତି । ଏ ଅବସ୍ଥାରେ ତାଙ୍କ ଜୀବନ ବୃତ୍ତାନ୍ତ ଲେଖାରେ ହାତ ଦେଇ କର୍ତ୍ତବ୍ୟ ସାଙ୍ଗ କରିବାର ଆଶା ଯେ କୌଣସି ଲୋକ ପକ୍ଷରେ ଅମାର୍ଜନୀୟ ଧୃଷ୍ଟତାର ପରିଚାୟକ ।

ଓଡ଼ିଶାର କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନ ସ୍ୱର୍ଗତ ମହାମାନବ ସର୍ ସୁଢ଼ଳଙ୍କ ବିଷୟରେ ଯାହା ଯାହା ଲିପିବଦ୍ଧ କରି ଯାଇଅଛନ୍ତି, ତହିଁରୁ କିୟଦଂଶ ମାତ୍ର ଏଠାରେ ଉଦ୍ଧାର କରି ଆମ୍ଭେମାନେ କର୍ତ୍ତବ୍ୟ ଶେଷ କରିବୁଁ ।

କବିବର ରାଧାନାଥ ଲେଖିଥିଲେ, "ଜୀବନରେ ନାନା ଶ୍ରେଣୀର ଲୋକଙ୍କ ସହିତ ମୁଁ ଆଳାପ କରିଅଛି; କିନ୍ତୁ ସୁଢ଼ଳ ଦେବଙ୍କ ତୁଲ୍ୟ 'ସମତୁଲ' ପ୍ରକୃତିର ଲୋକ ମୁଁ ଅନ୍ୟ କୁହାପି ଦେଖି ନାହିଁ । ମନରେ ସମସ୍ତ ବୃତ୍ତି ଅଛି; କିନ୍ତୁ ସମସ୍ତ ବୃତ୍ତିର ସେ ପ୍ରଭୁ । କୌଣସି ବୃତ୍ତି ଉଚ୍ଛୃଙ୍ଖଳ ହୋଇ ତାହାଙ୍କ ଉପରେ ପ୍ରଭୁତ୍ୱ କରିବ, ଏହା ତାଙ୍କ କୋଷ୍ଠୀରେ ନାହିଁ । କାର୍ଯ୍ୟପ୍ରଧାନ ଅଥଚ ଭାବପ୍ରଧାନ; ନାତିକ୍ରୋଧନ ଅଥଚ ନାତିସହିଷ୍ଣୁ । ସ୍ଥାନ ଦେଖି ଗଣନାଶୀଳ, ସ୍ଥାନ ଦେଖି ମୁକ୍ତହସ୍ତ । ଗର୍ବ ନ ଥାଇ ତାଙ୍କର ଯଥେଷ୍ଟ ଆତ୍ମ-ମର୍ଯ୍ୟାଦା ଜ୍ଞାନ ଅଛି, ତାହା ପ୍ରତି ସେହ କଲେ ବୋଲି

ଯେ ତାହାର ଦୋଷ ପ୍ରତି ଅନ୍ଧ ହୋଇ ପଡ଼ିବେ, ଏପରି ନୁହେଁ । ଅଭିଯୋକ୍ତାଙ୍କୁ ଗୋଟିଏ କର୍ଣ୍ଣ ଦେଇ ଅନ୍ୟ କର୍ଣ୍ଣଟି ଅଭିଯୁକ୍ତ ନିମନ୍ତେ ମୁକ୍ତ ରଖିବାରେ ସେ ସର୍ବଦା ସତର୍କ। ଅନ୍ୟର ଉପଦେଶପ୍ରାର୍ଥୀ ହୋଇ ସୁଦ୍ଧା ନିଜ ବୁଦ୍ଧିର ସ୍ୱାଧୀନତା ସେ ବିସର୍ଜନ କରିବାକୁ କଦାଚ ପ୍ରସ୍ତୁତ ନ ଥିଲେ । ତାଙ୍କର ନ୍ୟାୟବିଚାର ଜ୍ଞାନ ଓ କରୁଣାରେ ଜଡ଼ିତ ଥିଲା । ତାଙ୍କର ଯଶରେ ଅଭିରୁଚି ଥିଲା; କିନ୍ତୁ ସେ ଯଶୋଭିକ୍ଷୁ ନ ଥିଲେ । କୃତ୍ରିମ ଉପାୟରେ ଯଶଃ ପ୍ରଚାର ନିମନ୍ତେ ବା ଅଳୀକ ଯଶ ନିମନ୍ତେ ତାଙ୍କର ଆକାଙ୍କ୍ଷା ନ ଥିଲା । ତାଙ୍କର ଆମୋଦ ପ୍ରତି ବିତୃଷ୍ଣା ନ ଥିଲା । ଜୀବନରେ ସର୍ବବିଧ ଉନ୍ନତିର ମୂଳ ଯେ ସ୍ୱାସ୍ଥ୍ୟ, ତାହାର କ୍ଷତି ନ କରି ଯେତେଦୂର ଆମୋଦ ସମ୍ଭବ, ତାହାର ସୀମା ସେ ଅତିକ୍ରମ କରୁ ନ ଥିଲେ । ଧର୍ମ, ଅର୍ଥ, କାମ ପ୍ରତି ତାଙ୍କର ସମାନ ଦୃଷ୍ଟି, କାହା ପ୍ରତି ଏକାସକ୍ତି ନ ଥିଲା; କାହା ପ୍ରତି ଔଦାସୀନ୍ୟ ମଧ୍ୟ ନ ଥିଲା । ଫଳତଃ—

ଧର୍ମାର୍ଥକାମାଃ ସମମେବ ସେବ୍ୟାଃ
ଯଃ ଏକସକ୍ତଃ ସ ନରୋ ଜଘନ୍ୟଃ ।

ସୁଢ଼ଳଦେବଙ୍କ ଜୀବନ ଏହି ଉକ୍ତିର ଗୋଟିଏ ପ୍ରକୃଷ୍ଟ ନିଦର୍ଶନ । ଇଂରାଜୀଭାଷାରେ ଅନଭିଜ୍ଞ ହୋଇ ମଧ୍ୟ ଇଉରୋପୀୟମାନଙ୍କ ନିକଟରେ ସୁଢ଼ଳଦେବଙ୍କ ପ୍ରତିଷ୍ଠା ଅଳ୍ପ ନ ଥିଲା । ଗଭର୍ଣ୍ଣମେଣ୍ଟଙ୍କଠାରୁ ସେ ଯେ ଉଚ୍ଚ ଉପାଧି ଲାଭ କରିଅଛନ୍ତି ସେ ଉପାଧି ସେହି ପ୍ରତିଷ୍ଠାର ପରିମାପକ । କିନ୍ତୁ ଏହା ବୋଲି ଇଉରୋପୀୟମାନଙ୍କ ସହିତ ଦେଶୀୟ ଲୋକଙ୍କର ପ୍ରକୃତ କିରୂପ ସମ୍ବନ୍ଧ ଏବଂ ସେମାନଙ୍କ ସହିତ ସଂସ୍ରବ ରଖିବା ଅପରିହାର୍ଯ୍ୟ ଓ ସ୍ଥଳବିଶେଷରେ ବାଞ୍ଛନୀୟ ହେଲେ ସୁଦ୍ଧା ସେ ସଂସ୍ରବର ସୀମା କେଉଁଠାରେ ଏହା ବିସ୍ମୃତ ହେବା ଲୋକ ସେ ନୁହନ୍ତି ।”

× × ×

“ତହିଁବା ବାତୁଲୀ ବାମଣ୍ଡାର ମହାରାଜ ଶ୍ରୀ ସୁଢ଼ଳଦେବଙ୍କ ରୁଚି ସ୍ୱତନ୍ତ୍ର । ତାଙ୍କର ପାଣ୍ଡିତ୍ୟ ତାଙ୍କ ରୁଚିର ପ୍ରତିଭୂ । ସୁରୁଚିର ସନାତନ ଗୁରୁ କାଳିଦାସ, ମୁରାରି ପ୍ରଭୃତିଙ୍କ ଭକ୍ତ ହୋଇ ଗ୍ରାମ୍ୟ ଆମୋଦର ପକ୍ଷପାତୀ ହେବା ତାଙ୍କ ପକ୍ଷରେ ଅସମ୍ଭବ ।”

× × ×

“ବିଘ୍ନ ସାଧାରଣ ଲୋକଙ୍କୁ ଭଗ୍ନୋଦ୍ୟମ ଓ ପଶ୍ଚାତ୍ପଦ କରେ । କେବଳ ଏକମାତ୍ର ପ୍ରତିଭା ପ୍ରତିକୂଳ ଦୈବହସ୍ତରୁ ସିଦ୍ଧି ଛଡ଼ାଇ ଆଣିବାକୁ ସମର୍ଥ । ସୁଢ଼ଳଦେବ ଅଦୌ ବିଘ୍ନଦ୍ୱାରା ଭଗ୍ନୋତ୍ସାହ ହେବାର ପାତ୍ର ନ ଥିଲେ । ସୁଶିକ୍ଷା ଓ ଦେଶପର୍ଯ୍ୟଟନଦ୍ୱାରା ସେ ଉତ୍ତମରୂପେ ବୁଝିଥିଲେ ଯେ, ବିଜ୍ଞାନ ସାହାଯ୍ୟରେ ସର୍ବବିଧ ବୃହତ୍ତର ଅନୁଷ୍ଠାନରେ କୃତକାର୍ଯ୍ୟ ହେବା ସମ୍ଭବ । ସେଥିଯୋଗୁଁ ତାଙ୍କର ପ୍ରତିଭା ସୁସମୟରେ ସର୍ବବିଧ ସୁଅନୁଷ୍ଠାନ ପ୍ରତି ଅଗ୍ରସର ହେବାକୁ ଭୀତ ବା ପଶ୍ଚାତ୍ପଦ ହେଉ ନ ଥିଲା । ସେ କାର୍ଯ୍ୟର ପରିମାଣ ଓ ନିଜର ଶକ୍ତି ସାମର୍ଥ୍ୟ ଓଜନ କରି କାର୍ଯ୍ୟରେ ହାତ ଦେଉଥିଲେ ଏବଂ ସର୍ବତ୍ର କୃତକାର୍ଯ୍ୟତାର ଆନନ୍ଦ ଉପଭୋଗ କରି ଅପର ସୁଖୀ ହେବାକୁ ହୁଏ, ଏହା ସେ ଜାଣିଥିଲେ ।”

ସର୍ ବାସୁଦେବ ସୁଢ଼ଳଙ୍କ ମୃତ୍ୟୁ ଉପଲକ୍ଷରେ ରାୟ ବାହାଦୁର ସ୍ୱର୍ଗତ ମଧୁସୂଦନ ରାଓ ଯେଉଁ “ଶୋକଲହରୀ” ପଦ୍ୟ ଲେଖିଥିଲେ ତାହା ଯଥାର୍ଥରେ ଉତ୍କଳୀୟ ପ୍ରତ୍ୟେକ ବ୍ୟକ୍ତିର ହୃଦୟର ଶୋକଲହରୀ । ଏଠାରେ ତାହା ଉଦ୍ଧାର କରାଗଲା ।

ଶୋକଲହରୀ

—୧—

“କି ଘୋର ବାରତା ଅଜି ଅଶନି ନିର୍ଘୋଷେ
ପଶିଲା ଏ ଉତ୍କଳ ଭବନେ
ବିଦଳିତ କି ଦାରୁଣ ଶୋକ-ଝଞ୍ଜାଘାତେ
ଶତ ଆଶା-ଲତା ହୃଦବନେ ।
ଉତ୍କଳ ଗଗନ ରବି ଦେବ ଶ୍ରୀ ସୁଢ଼ଳ
ଅସ୍ତମିତ ହବା ଦ୍ୱିପ୍ରହରେ
ଘୋର ଅନ୍ଧକାରେ ମଗ୍ନ କାତର ଉତ୍କଳ
ବିକଳେ କାନ୍ଦଇ ଆର୍ତ୍ତସ୍ୱରେ ।
ପୂରୁବେ ପଶ୍ଚିମେ ଆଜି ବାଳାପର ଧ୍ୱନି
କାନ୍ଦଇ ରେ ଉତ୍ତର ଦକ୍ଷିଣ
ଆକୁଳେ କାନ୍ଦଇ ସର୍ବ ଉତ୍କଳ ଅବନୀ
ଉଡ଼ିଯାଏ ଶୋକେ ବିମଳିନ ।

—୨—

ସତେ କି ହେ ମହାରାଜ ଗଙ୍ଗବଂଶ ରବି
କୋଟି ନେତ୍ରନନ୍ଦନ ପ୍ରତିମା
ବୁଧକୁଳ ମାନନୀୟ ମନୀଷୀ ସୁକବି
ସ୍ୱଦେଶର ଗୌରବ ଗରିମା ।
ସତେ କି ହେ ପୁଣ୍ୟଶ୍ଳୋକ ପରଲୋକ ଦେଶେ
ମହା ପ୍ରସ୍ଥାନର ମହାପଥେ
ଗଲ ଚାଲି ଏ ସଂସାର ତେଜିଣ ନିମିଷେ
ସୁକୃତ ପୁଷ୍ପକ ପୁଣ୍ୟରଥେ ।

—୩—

ତେଜି ଶ୍ରୀ ସଚ୍ଚିଦାନନ୍ଦ ହୃଦୟ ନନ୍ଦନେ,
ତେଜି ପ୍ରିୟ ସୁତ ସୁତା ଜାୟା
ତେଜି ରାଜ୍ୟ ରାଜଦଣ୍ଡ ରାଜ ସିଂହାସନେ
ତେଜି ସଂସାରର ସର୍ବମାୟା ।
ଏ ମର୍ତ୍ତ୍ୟଧାମର ସୀମା ଲଙ୍ଘିଣ ଯଶରେ
ଯାଇଅଛ ଚାଲି ମହାବାହୁ !
ସେ ଅଜ୍ଞାତ ଲୋକ ପରଲୋକେ କି ରୂପରେ
ଯହୁଁ କେହି ନ ବାହୁଡ଼େ ଆଉ ।
ଯାଇଅଛ ଚଳି ଦେବ ! ଚିରକାଳ ପାଇଁ
ଦିବ୍ୟଧାମ ଅମର ନଗରେ
ଏ ମର୍ତ୍ତ୍ୟନୟନ ଆଉ ବିଲୋକିବ ନାହିଁ
ଜୀର୍ଣ୍ଣପ୍ରାୟ ତବ କଳେବରେ ?

—୪—

ଆଜାନୁଲମ୍ବିତ ସେ ମୂରତି ସେ ବକ୍ଷ ବିପୁଳ
ସେ ପ୍ରଶାନ୍ତ କରୁଣ ନୟନ
ସେ ଭବ୍ୟ ଆକାର ଯହିଁ ଏକାଧାରେ ମିଳି
ଭୀମକାନ୍ତ ଗୁଣ ଅଗଣନ ।

ଅକାଳ ସଦୃଶ ପ୍ରାଜ୍ଞ   ଥିଲ ନରମଣି !
ଶାସ୍ତ୍ରେ ଅକୁଣ୍ଠିତା ତବ ବୁଦ୍ଧି
ଅନୁସରି ଜ୍ଞାନଗର୍ଭ   ଧର୍ମର ସରଣୀ
ବିଶ୍ୱରେ ଲଭିଲ ମହା ସିଦ୍ଧି ।
ଧନ୍ୟ ଧନ୍ୟ କ୍ଷଣଜନ୍ମା !   ଜନ୍ମି ରାଜବଂଶେ
କ୍ଷଣସ୍ଥାୟୀ ମାନବ ଜୀବନେ
ମଣ୍ଡି ଅଛ ମର୍ଯ୍ୟାଦାର   ଯେଉଁ ଅବତଂସେ
ଯେଉଁ ମହା ପ୍ରୟାସ ବଳନେ,
ସେହି ମହା ପ୍ରୟାସର   ପରିଣ ସ୍ୱଯନେ
ଥିଲ ତୁମେ ମହା କର୍ମବୀର
ଆଜନ୍ମବରେଣ୍ୟ   ରାଜର୍ଷି ରାଜ୍ୟାଶ୍ରମେ
ଗୃହାଶ୍ରମେ ଆଦର୍ଶ ଗୃହୀର ।

୫

ରାଜକର୍ମ କୋଳାହଳ   ମଧ୍ୟେ ଥାଇ ସଦା
କେମନ୍ତେ ହେ କବି କର୍ମବୀର !
ଭେଟିଲ ସେବିଲ   ସେହି ଭାରତୀ ବରଦା
ସୌଭାଗ୍ୟ ଲଭିଲ ତାଙ୍କ ବର ?
ରୁଚିର ସ୍ୱଭାବରାଜ୍ୟେ   ହେ ରସଜ୍ଞ କବି !
ନିସର୍ଗର ସୌନ୍ଦର୍ଯ୍ୟାଳୟେ
ଅନନ୍ତେ ବିହରି   କେତେ ମନୋଜ୍ଞ ଛବି
ଚିତ୍ରିଲ ସେ କବିତାନିଚୟେ ।
ଉତ୍କଳର ସୁରଧୁନୀ   ଉତ୍କଳ ପାବନୀ
ମହାନଦୀ "ଚିତ୍ରୋତ୍ପଳା" ଚିତ୍ର
ଶ୍ରୀକରେ ଚିତ୍ରିଲ   ଚିତ୍ରି ଦିବସ ରଜନୀ
ମହାନଦୀ ମହିମା ବିଚିତ୍ର ।
ଝାନ୍ସୀରାଣୀ ଲକ୍ଷ୍ମୀ—   ବୀର ଶୌର୍ଯ୍ୟ ସୁଚରିତ
ଶୁଣି ତବ ଧମନିସ୍ଥ ଶୋଣିତ
ସଘନେ ଉଠିଲା ନାଚି   ତବ ବୀର ଚିତ୍ତ
ଗାଇଲ ହେ "ବୀରବାମା" ଗୀତ ।
ଉତ୍କଳ ସାହିତ୍ୟାକାଶେ   ଉଇଁ ଶୁଭକ୍ଷଣେ
ଭାଷା ଯୋଗେ ଭବିଷ୍ୟ ମିଳନେ
ଫୁଟିଲ ହେ ଦୂରଦର୍ଶୀ !   ଅରୁଣ ଯେସନେ
ଦୂରେ ମଧ୍ୟାହ୍ନ ଆଗମନେ ।
ସୁଧୀ କବିଜନେ ଅହା   କେତେ ସମାଦର
କରିଅଛ ହେ ଗୁଣଗ୍ରାହକ !
ଗୁଣି ଗୁଣି ଗୁଣ ତବ   କେତେ ଗୁଣୀଙ୍କର
ବୁହିଲ ହେ ନୟନୁଁ ଲୋତକ ।

୬

ବାମଣ୍ଡା ଗୌରବ, ଦେବ !   ବାମଣ୍ଡା ମହିମା
ରାଜଧାନୀ ଦେବଗଡ଼ ଠେବ
ଉତ୍କଳଗୀର୍ବାଣବନ୍ଦ୍ୟା   ଗୌରବ ଗରିମା
ବଢ଼ାଇଲ ତୁମ୍ଭର ବିବେକ ।

ପ୍ରତି ଦିବସର ପ୍ରୀତି—   ପୂର୍ଣ୍ଣ ପ୍ରୟାସରେ
ସେ ରାଜ୍ୟ ପାଳିଲ ସୁମଙ୍ଗଳେ
ତେଜି ତାକୁ ଅନ୍ତର୍ହିତ   ହେଲ କ୍ଷଣକରେ
ବିରାଜିଲ ଏବେ ଦେବଦଳେ ।
ଏବେ ତବ ଲୋକ ଧ୍ୱନି—   ସାଧନା ଗରିଷ୍ଠ
ଲଭିଅଛି ଅପୂର୍ବ ମହିମା
ଦେବସ୍ପର୍ଶ ପାଏ ତବ   ଜୀବନ ମାଧୁରୀ
ପ୍ରସାରିଛି ଲଭି ମର୍ତ୍ତ୍ୟ ସୀମା ।

୭

ବିରାଜ ବିରାଜ ଦେବ !   ଅମର ଭବନେ
ଶୁଭ୍ର ନବ ଦେବମୂର୍ତ୍ତି ଲଭି
ଉତ୍କଳର ଅଶ୍ରୁଧୌତ   ହୃଦୟଗଗନେ
ପ୍ରତିଫଳୁ ତବ ଦେବ ଛବି ।
ମହାମହେଶଙ୍କ   ଶ୍ରୀଚରଣ ଛାୟାତଳେ
ଲଭି ଦିବ୍ୟ ତେଜପୁଞ୍ଜ, କାନ୍ତି
ଉଭା ହୋଇ ଜ୍ୟୋତିର୍ମୟ   ଦେବତାଙ୍କ ଦଳେ
ଗାଅ ଦେବ ଓଁ ସ୍ୱସ୍ତି ଶାନ୍ତି !
ସେହି ଶାନ୍ତି ମହାମନ୍ତ୍ର   ସେହି ସ୍ୱସ୍ତି ଗାନ
ସନ୍ତପ୍ତ ଏ ସଂସାର ଆଳୟେ
ସ୍ଫୁରୁ ନିତ୍ୟ ସ୍ଫୁରୁ ନିତ୍ୟ   ଅଭୟ ପ୍ରଦାନେ
ମନୁଷ୍ୟର ହତାଶ ହୃଦୟେ ।
ସେ ସଙ୍ଗୀତ ମନ୍ଦାକିନୀ   କରୁ ମଧୁମୟ
ଲକ୍ଷ ଲକ୍ଷ ନକ୍ଷତ୍ରମଣ୍ଡଳ
ସେ ପରମ ଘୋଷଣାର   ଅମୃତ ଅଭୟ
ବ୍ୟାପୁ ବ୍ୟୋମ ବାୟୁ ଜଳ ସ୍ଥଳ ।"

୨ । ପୂର୍ବତନ ସର୍ ବାସୁଦେବ ସୁଢ଼ଳଦେବଙ୍କ ନାତି ରାଜା ଦିବ୍ୟଶଙ୍କର ସୁଢ଼ଳଦେବ—2. Raja Dibya-sankar Sudhala Deba of Bamra.—୧୯୧୬ ମସିହାରେ ପିତାଙ୍କ ମୃତ୍ୟୁ ପରେ ରାଜା ଶ୍ରୀ ଶ୍ରୀ ଶ୍ରୀ ଦିବ୍ୟଶଙ୍କର ସୁଢ଼ଳଦେବ ବାମଣ୍ଡା ରାଜସିଂହାସନରେ ଅଭିଷିକ୍ତ ହୋଇ ରାଜ୍ୟ ଶାସନ ଆରମ୍ଭ କଲେ । ପୁଣ୍ୟଶ୍ଳୋକ ସର୍ ବାସୁଦେବ ସୁଢ଼ଳଦେବ ଏହାଙ୍କ ଜନ୍ମ ସମୟରେ ଜୀବିତ ଥିଲେ ଓ ରାଜକୁମାରଙ୍କ ଜନ୍ମଜନିତ ରାଜପରିବାରର ଆନନ୍ଦପ୍ରକାଶ ନିମନ୍ତେ ଶତ ଶତ ମୁଦ୍ରା ସର୍ ବାସୁଦେବଙ୍କ ଆଦେଶରେ ଦାଣ୍ଡକୁ ଫିଙ୍ଗା ଯାଇଥିଲା ।

ରାଜା ସଚ୍ଚିଦାନନ୍ଦ ଏହାଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଅତ୍ୟନ୍ତ ଅବହିତ ଥିଲେ ଓ ବାମଣ୍ଡା ରାଜକୁମାର ହାଇ-ସ୍କୁଲରୁ ଏ ମାଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାର କଲିକତାର ସେଣ୍ଟ୍ ଜେଭିଅର୍ କଲେଜରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ ।

୧୯୧୬ ମସିହା ନବେମ୍ବର ୨୭ ତାରିଖ ଦିନ ବିହାର ଓଡ଼ିଶା ପ୍ରଦେଶର ମାନ୍ୟବର ଲେଫ୍ଟେନେଣ୍ଟ୍

ଗଭର୍ଣ୍ଣର୍ ମହୋଦୟ ଏହାଙ୍କୁ ସମ୍ବଲପୁରଠାରେ ଖିଲତ୍ ପ୍ରଦାନ କରିଥିଲେ । ଖିଲତ୍‌ପ୍ରଦାନକାଳୀନ ଭାଷଣରେ ଗଭର୍ଣ୍ଣର ମହୋଦୟ ବାମଣ୍ଡା ରାଜପରିବାରର ଗୌରବ ବର୍ଣ୍ଣନ କରି ପିତା ଓ ପିତାମହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ଶାସନ କରିବା ନିମନ୍ତେ ତରୁଣ ରାଜା ଦିବ୍ୟଶଙ୍କରଙ୍କୁ ଉପଦେଶ ପ୍ରଦାନ କରିଥିଲେ । ସେହି ସୁଦିନକୁ ଚିରସ୍ମରଣୀୟ କରିବା ନିମନ୍ତେ ଯେ କୌଣସି ଜନହିତକର କାର୍ଯ୍ୟରେ ଖର୍ଚ୍ଚ କରିବାକୁ ବଦାନ୍ୟ ଦିବ୍ୟଶଙ୍କର ଗଭର୍ଣ୍ଣର୍ ମହୋଦୟଙ୍କ କରରେ ନଗଦ ପାଞ୍ଚ ଶହ ପାଉଣ୍ଡ (ଟ ୭,୫୦୦୵ ପ୍ରଦାନ କରିଥିଲେ ।

ରାଜା ଦିବ୍ୟଶଙ୍କରଙ୍କ ରାଜତ୍ୱକାଳରେ ଇଉରୋପୀୟ ମହାସମର ଲାଗିଥିଲା ଏବଂ ଇଂରାଜ ସରକାରଙ୍କୁ ଯଥାଶକ୍ତି ଧନ ଜନ ଦେଇ ସାହାଯ୍ୟ କରିବା ସାମ୍ରାଜ୍ୟର ପ୍ରତ୍ୟେକ ରାଜଭକ୍ତ ପ୍ରଜା ସେତେବେଳେ ପରମପୁରୁଷାର୍ଥ ମଣୁଥିଲେ । ବାମଣ୍ଡା ରାଜବଂଶର ଚିରାଚରିତ ଆଦର୍ଶ ରାଜଭକ୍ତିକୁ ଅକ୍ଷୁର୍ଣ୍ଣ ରଖି ରାଜା ଦିବ୍ୟଶଙ୍କର ରାଜ୍ୟରୁ ୩ଲକ୍ଷ୯୨ହଜାର୫୦୦ ଟଙ୍କା ଯୁଦ୍ଧ ଋଣ ଉଠାଇ ତହିଁସଙ୍ଗେ ଯୁଦ୍ଧ ଋଣ ଫଣ୍ଡକୁ ନିଜେ ୧୦ ହଜାର ଟଙ୍କା ଦାନ କରିଥିଲେ । ଏରୋପ୍ଲେନ୍ ଫଣ୍ଡକୁ ନଗଦ ୯ ହଜାର, ଅୱାର୍‌ଡେ ଫଣ୍ଡକୁ ଟ ୫୫୨୫୵, ଦକ୍ଷୀର ହେଣ୍ଡ୍‌ଜନ୍ ଅମ୍ବୁଲାନ୍‌ସ୍ ଫଣ୍ଡକୁ ଟ ୨୦୦୦୵ ଏବଂ ଇଂଲଣ୍ଡର ସର୍ବସାଧାରଣ ଯୁଦ୍ଧ ଫାଣ୍ଡିକୁ ଟ୫୯୦୦୦୵ ତାଙ୍କଦ୍ୱାରା ପ୍ରଦତ୍ତ ହୋଇଥିଲା । ଏହା ଛଡ଼ା ମେସୋପଟେମିଆକୁ ସେ ଟ ୪୮୦୦୵ ମୂଲ୍ୟର ଯୁଦ୍ଧୋପଯୋଗୀ ଉପକରଣମାନ ପଠାଇ ଯୁଦ୍ଧରେ ସାହାଯ୍ୟ ଦେବାକୁ ନିଜ ରାଜ୍ୟରୁ ଶତ ଶତ କୁଲି ପଠାଇଥିଲେ । କୁଲିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସେ ପ୍ରତ୍ୟେକ କୁଲିକୁ ଟ ୨୦୵ ବୋନସ୍ ଓ ତତ୍‌ପରବର୍ତ୍ତୀରେ ଫୁଲବିଶେଷରେ ଜମିବାଡ଼ିର ସେହି ପରିମିତ ଖଜଣା ମାଫ୍ କରି ଦେଇଥିଲେ ।

ଏହି ବହୁବିଧ ସାହାଯ୍ୟ ପାଇଁ ସଦାଶୟ ଇଂରାଜ ସରକାର ରାଜା ଦିବ୍ୟଶଙ୍କରଙ୍କୁ ୧୯୧୯ ମସିହା ଜାନୁଆରୀ ପହିଲା ତାରିଖ ଦିନ ସି· ବି. ଇ. ଉପାଧିରେ ଭୂଷିତ କରିଥିଲେ ।

ରାଜା ଦିବ୍ୟଶଙ୍କର ଦୟାର ମୂର୍ତ୍ତିମାନ୍ ବିଗ୍ରହ ଥିଲେ । ପ୍ରଜାକୁଳଙ୍କ ଦୁଃଖ ଦେଖିଲେ ତାଙ୍କ ହୃଦୟ ବିଗଳିତ ହୋଇ ଯାଉଥିଲା । ୧୯୧୮ ମସିହାରେ ଯେତେବେଳେ ବାମଣ୍ଡାରେ ଦୁର୍ଭିକ୍ଷ ପଡ଼ିଲା ସେତେବେଳେ ସର୍ବବିଧ ଉପାୟରେ ପ୍ରଜାମାନଙ୍କ ପ୍ରାଣରକ୍ଷା କରିବାକୁ ରାଜା ଦିବ୍ୟଶଙ୍କର ଚେଷ୍ଟିତ ହୋଇଥିଲେ । ସେ ରାଜ୍ୟର ରାଜ ଅମାରମାନ ଖୋଲିଦେଇ ଧାନ ବିତରଣ କରିବାକୁ ଆଦେଶ ଦେଲେ ଏବଂ ତାଙ୍କ ଆଦେଶରେ ଧାନ ଟଙ୍କାକୁ ୨୦ ସେର ଭାବରେ ବିକି ହେଲା । ଏ ଧାନ ଅକୁଲାନ ହେବାରୁ ବିଦେଶରୁ ବେପାରୀମାନଙ୍କଠାରୁ ୬ସେର ଭାବରେ ଧାନ କିଣା ହୋଇ ତାହା ତାଙ୍କ ଆଦେଶରେ ୮ ସେର ଭାବରେ ପ୍ରଜାମାନଙ୍କୁ ବିକି କରାଗଲା । ଖାଦ୍ୟପଦାର୍ଥର ଏ ମହାର୍ଘ୍ୟ ସମୟରେ ହାତୀ ପୋଷିବା ଅନ୍ୟାୟ ଭାବି ଦୟାର୍ଦ୍ରହୃଦୟ ରାଜା ଦିବ୍ୟଶଙ୍କର ଅନେକ ହାତୀଙ୍କୁ ବନ୍ଧନମୁକ୍ତ କରି ବଣକୁ ଛାଡ଼ି ଦେଲେ । ଏ ଆଦର୍ଶ ହୃଦୟବତ୍ତା କେବଳ ପୁଣ୍ୟଶ୍ଳୋକ 'ବାସୁଦେବ ଓ ସଚ୍ଚିଦାନନ୍ଦଙ୍କ ବଂଶଧରଙ୍କଠାରେ ସମ୍ଭବ ଥିଲା ! ଅନ୍ୟତ୍ର ଏହା ପ୍ରାୟଶଃ ଦୁର୍ଲ୍ଲଭ ।

ରାଜା ଦିବ୍ୟଶଙ୍କର ରାଜକୋଷରୁ ବହୁ ଅର୍ଥ ବ୍ୟୟ କରି ଏକାଧିକ କେନାଲ୍ ଓ ବହୁସଂଖ୍ୟକ ଜଳାଶୟ ଖୋଳାଇ ଥିଲେ । ତାଙ୍କ ସମୟରେ ପୁଲିସ୍ ବାରିକ୍‌ସ୍ ପ୍ରଭୃତି ଅନେକ ସରକାରୀ ଭବନ ନୂଆ ହୋଇ ନିର୍ମିତ ହୋଇଥିଲା ।

ରାଜ୍ୟରେ ବସନ୍ତ ଓ ମହାମାରୀରୂପ ଜ୍ୱର ଉପସ୍ଥିତ ହେବାରୁ ଯେତେବେଳେ ଶହ ଶହ ଲୋକ ପ୍ରାଣତ୍ୟାଗ କଲେ ସେତେବେଳେ ରାଜା ଦିବ୍ୟଶଙ୍କର ଜନକୋଚିତ ବାତ୍ସଲ୍ୟ ପ୍ରଦର୍ଶନପୂର୍ବକ ପ୍ରଜାମାନଙ୍କୁ ଚିକିତ୍ସିତ କରାଇଲେ । କଲିକତାରୁ ବହୁସଂଖ୍ୟକ ଡାକ୍ତର ଅଣାଗଲେ ଓ ଗ୍ରାମେ ଗ୍ରାମେ ବୁଲିବାକୁ ସେମାନଙ୍କୁ ଆଦେଶ ଦିଆଗଲା ଓ ରାଜାଦେଶରେ ବହୁ ସହସ୍ର ଟଙ୍କାର ଔଷଧ ଓ ପଥ୍ୟ କ୍ରୟ କରାଯାଇ ଦୁଃସ୍ଥ ପ୍ରଜାମାନଙ୍କ ମଧ୍ୟରେ ବିତରଣ କରାଗଲା । ରାଜା ଦିବ୍ୟଶଙ୍କର ଅମରଧାମକୁ ପ୍ରୟାଣ କଲେଣି, କିନ୍ତୁ ସାରା ବାମଣ୍ଡା ତାଙ୍କର ଏହି ଅନୁପମ ଦୟାଳୁତାକୁ ଲୋତକ ବର୍ଷଣ କରି ସ୍ମରୁଅଛି ।

ରାଜା ସଚ୍ଚିଦାନନ୍ଦ ଦେବଗଡ଼ର ଡାକ୍ତରଖାନାକୁ ବଢ଼ାଇବାକୁ ମନସ୍ଥ କରିଥିଲେ, କିନ୍ତୁ ଅକାଳରେ ସ୍ୱର୍ଗଗାମୀ ହେବାରୁ ତାଙ୍କର ସେ ଅଭିଳାଷ ପୂର୍ଣ୍ଣ ହୋଇ ପାରି ନ ଥିଲା । ରାଜା ଦିବ୍ୟଶଙ୍କର ପିତାଙ୍କର ସେ ଅଭିଳାଷ ପୂରଣ କରି ଓଡ଼ିଶାର ତଦାନୀନ୍ତନ ବିଭାଗୀୟ କମିସନର୍ ଲି' ମିସୁରିଅର୍ ସାହେବଙ୍କଦ୍ୱାରା ଡାକ୍ତରଖାନାର ନୂଆ ପକ୍କାଘରର ଶୁଭ ଦିଆଇଥିଲେ ।

ପ୍ରଜାମାନଙ୍କର ଗତାୟତର ସୁବିଧା ନିମନ୍ତେ ସେ ଅନେକ ନୂତନ ରାସ୍ତା ପ୍ରସ୍ତୁତ କରାଇଥିଲେ । ମହାପ୍ରାଣ ପିତୃଦେବଙ୍କ ସ୍ମୃତିରକ୍ଷାକଳ୍ପେ ସେ ଦେବଗଡ଼ରେ 'ରାଜା ସଚ୍ଚିଦାନନ୍ଦ ଲାଇବ୍ରେରୀ' ସ୍ଥାପନ କରିଥିଲେ । ଏ ଲାଇବ୍ରେରୀ ତଦାନୀନ୍ତନ ପୋଲିଟିକାଲ୍ ଏଜେଣ୍ଟ୍ ମିଷ୍ଟର୍ କବ୍‌ଡେନ୍ ରାମ୍‌ସେ ସି. ଆଇ. ଇ, ଆଇ. ସି. ଏସ୍‌ଙ୍କ କର୍ତ୍ତୃକ ଉଦ୍‌ଘାଟିତ ହୋଇଥିଲା ।

ରାଜା ଦିବ୍ୟଶଙ୍କରଙ୍କ ଅମଳରେ ଉଚ୍ଚ ପ୍ରାଥମିକ ଓ ନିମ୍ନ ପ୍ରାଥମିକ ବିଦ୍ୟାଳୟମାନଙ୍କ ସଂଖ୍ୟା ଯଥେଷ୍ଟ ବଢି ଯାଇଥିଲା । ୧୯୦୨ ମସିହାରେ ବାମଣ୍ଡାରେ ୪ଟି ମାତ୍ର ନିମ୍ନ ପ୍ରାଇମେରୀ ସ୍କୁଲ ଥିବା ସ୍ଥଳେ ୧୯୧୯ରେ ତହିଁର ସଂଖ୍ୟା ୮୮ ହୋଇଥିଲା ।

୧୯୧୯ରେ ଇଉରୋପୀୟ ମହାଯୁଦ୍ଧ ଶେଷ ହେବାରୁ ବାମଣ୍ଡା ରାଜଧାନୀରେ ରାଜା ଦିବ୍ୟଶଙ୍କର ଅଜସ୍ର ଅର୍ଥ ବ୍ୟୟ କରି ଶାନ୍ତି ମହୋତ୍ସବ କରାଇଥିଲେ । କେବଳ ଟ ୫୦୦୦୦ର ଲୁଗା ଲୋକଙ୍କ ମଧ୍ୟରେ ବିତରଣ କରାଯାଇଥିଲା ଓ ନାନାପ୍ରକାରେ ଦୁଃଖୀଲୋକଙ୍କୁ ବହୁତ ସାହାଯ୍ୟ କରାଯାଇଥିଲା ।

ରାଜା ଦିବ୍ୟଶଙ୍କର ତୀର୍ଥଭ୍ରମଣ ଉଦ୍ଦେଶ୍ୟରେ ୧୯୧୯ ମସିହା ଡିସେମ୍ବର ୧୯ ତାରିଖ ଦିନ ବାମଣ୍ଡାରୁ ବହିର୍ଗତ ହୋଇଥିଲେ । ସେତେବେଳେ କେହି ଜାଣି ନଥିଲେ ଯେ, ଶୂନ୍ୟରୁ ଅପ୍ରତ୍ୟାଶିତଭାବରେ ଅଶନିପାତ ହେବ । ରାଜା ଦିବ୍ୟଶଙ୍କରଦେବ ୧୯୨୦ ମସିହା ଜାନୁଆରୀ ୧ ତାରିଖ ଦିନ ପ୍ରୟାଗଠାରେ ହଠାତ୍ ଲୋକାନ୍ତରିତ ହେଲେ । ମୃତ୍ୟୁବେଳକୁ ତାଙ୍କର ମୋଟେ ୨୯ ବର୍ଷ ବୟସ ହୋଇଥିଲା । ଏହି ଅଳ୍ପ ବୟସରେ ସୁଦ୍ଧା ସେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ୍ ଜୀବନର ଏତେ ସୂଚନା ଦେଇଥିଲେ ଯେ, ଖାଲି ବାମଣ୍ଡାର ଲୋକେ କାହିଁକି, ସମଗ୍ର ଉତ୍କଳର ଲୋକେ ତାଙ୍କୁ ହରାଇ ନୈରାଶ୍ୟରେ ନିମଗ୍ନ ହେଲେ । ରାଜା ଦିବ୍ୟଶଙ୍କରଙ୍କର ହୃଦୟ ଦୟାରେ ପରିପୂର୍ଣ୍ଣ ଥିଲା । ପ୍ରଶସ୍ତ ହୃଦୟବତ୍ତାବଳରେ ସେ ସମଗ୍ର ଦେଶର ଶ୍ରଦ୍ଧା ଓ ଭକ୍ତି ଅର୍ଜ୍ଜନ କରିଥିଲେ । ତାଙ୍କ ତୁଲ୍ୟ ମହାପ୍ରାଣ ମହାମନା ବ୍ୟକ୍ତିମାନଙ୍କ ଜୀବନ ଦୈର୍ଘ୍ୟରେ ମପାଯାଏ ନାହିଁ । ଗରିମାହିଁ ତାଙ୍କ ତୁଲ୍ୟ ବ୍ୟକ୍ତିମାନଙ୍କ ଜୀବନର ପ୍ରକୃଷ୍ଟ ମାପକାଠି । ବିଧାତା ତାଙ୍କୁ ଅଳ୍ପାୟୁଃ କରି ଜନ୍ମ ଦେଇଥିଲେ । ଦୀର୍ଘାୟୁ ଲାଭ କରିଥିଲେ ସେ ବାସୁଦେବ-ସଚ୍ଚିଦାନନ୍ଦ-କୀର୍ତ୍ତିମାଳିନୀ ବାମଣ୍ଡା ଅବନୀର ଯେ କେତେ କଲ୍ୟାଣ ଉଦ୍ଭବ କରିଯାଇଥାଆନ୍ତେ ତାହା ଠିକ୍ କରି କହିବା ଏଠାରେ ଅସମ୍ଭବ । ତାଙ୍କ ଅପୂର୍ଣ୍ଣ ଜୀବନର ମହତ୍ତ୍ୱ ନିକଟରେ ଆମ୍ଭମାନଙ୍କ ମସ୍ତକ ଅବନତ । ପିତୃପିତାମହଙ୍କର ସେ ଥିଲେ ଉପଯୁକ୍ତ ଦାୟାଦ । ବାମଣ୍ଡା ତାଙ୍କୁ ଅକାଳରେ ହରାଇ ଯେଉଁ ଦୁଃସହ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲା ତାହା ତାଙ୍କର ସୁଯୋଗ୍ୟ ତନୟ ରାଜା ଭାନୁଗଙ୍ଗଦେବଙ୍କ ଦ୍ୱାରା ଲାଘବ ହୋଇଅଛି । ରାଜା ଦିବ୍ୟଶଙ୍କରଙ୍କର ସୌମ୍ୟକାନ୍ତ ମୂର୍ତ୍ତି ଭୁଲିଯିବାର ନୁହେଁ । ତାଙ୍କ ହୃଦୟବତ୍ତା ଓ ଦୟାଳୁତା ଆଦର୍ଶସ୍ଥାନୀୟ ଓ ଓଡ଼ିଆଜାତିର ଅମୂଲ୍ୟ ସମ୍ପଦ ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନଦେବ

ରାଜା ଶ୍ରୀ ଦିବ୍ୟଶଙ୍କର ସୁଢ଼ଳଦେବ O. B. E ଙ୍କ ଅକାଳ ମୃତ୍ୟୁ ପରେ ପ୍ରାୟ ପଞ୍ଚଦଶ ବର୍ଷକାଳ ବାମଣ୍ଡା କୋର୍ଟ ଅଫ୍ ୱାର୍ଡ଼ସ୍‌ଙ୍କ ପରିଚାଳନାଧୀନ ହୋଇ ରହିଥିଲା । ପ୍ରଜାଙ୍କର ଏହି ପଞ୍ଚଦଶବର୍ଷବ୍ୟାପୀ ରାଜବିରହ ଜନିତ ଶୋକ ଅନ୍ଧକାରକୁ ନାଶ କରି ୧୯୩୫ ମସିହା ଜାନୁଆରୀ ମାସ ୧୭ ତାରିଖ ଦିନ ଗଗନଭୂଷଣରୂପ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନଦେବ ବାମଣ୍ଡା ଗଗନକୁ ନିଜ ବିମଳ ଅଂଶୁରେ ମଣ୍ଡିତ କରି ଉଦିତ ହେଲେ । ବାମଣ୍ଡା ନବୀନ ରାଜାଙ୍କୁ ପଞ୍ଚଦଶ ବର୍ଷ ହେଲା ଉତ୍କଣ୍ଠିତନେତ୍ରରେ ଚାହିଁ ରହିଥିଲା । ପରିଶେଷରେ ତାଙ୍କ ରାଜ୍ୟାଭିଷେକର ମଙ୍ଗଳମୟ ଦିନ ଉପସ୍ଥିତ ହେବାରୁ, ବାମଣ୍ଡା ରାଜ୍ୟ ଆନନ୍ଦ ସାଗରରେ ମଜ୍ଜିତ ହୋଇ ପୂର୍ବର ଦାରୁଣଶୋକକୁ ପାସୋରି ଦେଲା ଏବଂ ସୁଯୋଗ୍ୟ ନବୀନ ନରପତିଙ୍କୁ ହୃଦୟରେ ଅସପତ୍ନ ଆସନ ପ୍ରଦାନ କରି ଧନ୍ୟ ହେଲା । ତରୁଣ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗଦେବଙ୍କ ରାଜତ୍ୱର ଗୁରୁ ପାଞ୍ଚ ମାତ୍ର ବର୍ଷ ଅତିକ୍ରାନ୍ତ ହୋଇଅଛି । କିନ୍ତୁ ଏହି ସ୍ୱଳ୍ପକାଳ ମଧ୍ୟରେ ତାଙ୍କ ଚରିତ୍ରର ଉଜ୍ଜ୍ୱଳ ଭବିଷ୍ୟତର ଯେଉଁ ସବୁ ସ୍ପଷ୍ଟ ଅଗ୍ରସୂଚନା ମିଳିଅଛି, ତାହା ଦେଖି ସମଗ୍ର ଉତ୍କଳ ଆଶା କରୁଛି ଯେ — "ବୁଧ ହଂସ କେଳିସର" ବାମଣ୍ଡାର ପୂର୍ବାର୍ଜ୍ଜିତ ଗୌରବ, ଏହି ତରୁଣ ନୃପକେଶରୀଙ୍କ ଅମଳରେ ଶତଗୁଣିତ ହେବ । ପଦ୍ମରାଗ ମଣିର ଆକରରେ ପଦ୍ମରାଗମଣିହିଁ ଜନ୍ମଲାଭ କରିଥାଏ; ତହିଁରେ କାଚମଣିର ଜନ୍ମ ସ୍ୱାଭାବିକଭାବରେ ଅସମ୍ଭବ ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ରାୟପୁର ରାଜକୁମାର କଲେଜରେ ଅଧ୍ୟୟନ କାଳରେ ନିଜ ପ୍ରତିଭାର ପରିଚୟ ପ୍ରଦାନ କରି ଅଧ୍ୟାପକ ଓ ସହପାଠୀମାନଙ୍କ ସମ୍ମାନ ଆକର୍ଷଣ କରିଥିଲେ । ତାଙ୍କ ବ୍ୟକ୍ତିଗତ ସୌଜନ୍ୟ ଓ ସହଜାତ ନିରାଡ଼ମ୍ବର ଭାବ ଆଦର୍ଶସ୍ଥାନୀୟ ଅଟେ । ସେ ସମ୍ୟକ୍ କୃତିତ୍ୱ ସହିତ ରାଜକୁମାର କଲେଜର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସମ୍ବଲପୁରରେ କିଛିକାଳ ଅବସ୍ଥାନ କରି ଶାସନ କାର୍ଯ୍ୟ ଶିକ୍ଷା କରିଥିଲେ । ଏହି ଶିକ୍ଷାବସ୍ଥାରେ ମଧ୍ୟ ତାଙ୍କର ବିଚକ୍ଷଣତା ପ୍ରକଟିତ ହୋଇ ପଡ଼ିଥିଲା । ଗୁରୁ ପାଞ୍ଚ ବର୍ଷବ୍ୟାପୀ ରାଜତ୍ୱ କାଳ ମଧ୍ୟରେ ସେ ବହୁ ସ୍ଥଳରେ ଓ ବହୁ କ୍ଷେତ୍ରରେ ଶାସନ ବିଚକ୍ଷଣତା ପ୍ରଦର୍ଶନ କରି ପ୍ରଜାମାନଙ୍କ ମନରେ ସମୁଚ୍ଚ ଆଶା ଜାଗରିତ କରିଅଛନ୍ତି ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ଦେବ ୧୯୩୪ ମସିହାରେ ଗାଦିନସୀନ ହେଲେ ଏବଂ ଦୈବାତ୍ ସେହି ବର୍ଷ ଶୁଭ-ଯୋଗରେ ସ୍ୱର୍ଗତ ସମ୍ରାଟ ପଞ୍ଚମଜର୍ଜ୍ଜଙ୍କ ରାଜତ୍ୱର ରଜତ-ଜୁବିଲି ଉତ୍ସବ ଇଂରାଜ ସାମ୍ରାଜ୍ୟତମାମ୍ ଅନୁଷ୍ଠିତ ହେଲା । ଏ ମହୋତ୍ସବକୁ ପାଳନ କରିବା ନିମନ୍ତେ ବାମଣ୍ଡା ରାଜ୍ୟରେ ଯେଉଁ ବିପୁଳ ଆୟୋଜନ କରାଯାଇଥିଲା, ତାହା ବିସ୍ମୃତ ହେବାକଥା ନୁହେ । ନାନାବିଧ ସାଜସଜ୍ଜା, ଯାତ୍ରା, ମହୋତ୍ସବ ଏବଂ ଅନେକ ସମାରୋହର ପ୍ରାଚୁର୍ଯ୍ୟରେ ବାମଣ୍ଡା ରାଜଧାନୀ ଦେବଗଡ଼ ଦେବନଗରୀ ଅମରାବତୀର ଶୋଭା ଧାରଣ କରିଥିଲା । ଆବାଳବୃଦ୍ଧବନିତା ବାମଣ୍ଡାର ସମସ୍ତ ପ୍ରଜା-ପ୍ରିୟତମ ତରୁଣ ନୃପତି ଭାନୁଗଙ୍ଗଙ୍କୁ ଅଗ୍ରଣୀ କରି ମହାମାନ୍ୟ ସମ୍ରାଟ ମହୋଦୟଙ୍କର ଶୁଭ ଓ ଦୀର୍ଘ ଜୀବନ କାମନା କରିଥିଲେ ଏବଂ ଗୋଟିଏ ଦରବାର ଡକା ଯାଇ ରାଜଭକ୍ତ ପ୍ରଜାମାନଙ୍କ ମଧ୍ୟରେ ଜୁବିଲି ପଦକ ବଣ୍ଟା

ହୋଇଥିଲା । ରାଜା ମହୋଦୟ ଉଜଳକୁ ଉନ୍ନ ପାଣ୍ଠିକୁ ନଗଦ ପାଞ୍ଚ ହଜାର ମୁଦ୍ରା ଦାନ କରିଥିଲେ ଓ ଶତ ଶତ ବଙ୍ଗାଳିଙ୍କ ମଧ୍ୟରେ ସ୍ୱଜାଦେଶରେ ଅମୁଭଜଳ ଖାଦ୍ୟ ଓ ବସ୍ତ୍ର ବିତରିତ ହୋଇଥିଲା । ପୁନଶ୍ଚ ଏ ମହୋତ୍ସବକୁ ଚିରସ୍ମରଣୀୟ କରିବା ନିମନ୍ତେ ଦେବଗଡ଼ରେ ଦୁଃସ୍ଥ କୁଷ୍ଠ-ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଗୋଟିଏ ପକ୍କା ଚିକିତ୍ସାଭବନ ନିର୍ମିତ ହୋଇଥିଲା ଏବଂ ମହାମାନ୍ୟ ଗଭର୍ଣ୍ଣର୍ ଜେନେରଲ୍‌ଙ୍କ ଏଜେଣ୍ଟ୍ କର୍ଣ୍ଣେଲ୍ ଏ. ଏସ୍., ମୀକ୍, ସି. ଏସ୍. ଆଇ. ମହୋଦୟ ୧୯୩୬ ମସିହା ଜାନୁଆରୀ ୧୬ ତାରିଖ ଦିନ ଏ ଭବନର ଶୁଭ ଦେଇଥିଲେ । ଶୁଭ ଦେବା ସମୟରେ ରାଜା ଭାନୁଗଙ୍ଗଙ୍କ ଦୁଃସ୍ଥପ୍ରଜାପ୍ରୀତିରେ ଗଭୀର ସନ୍ତୋଷ ପ୍ରକାଶପୂର୍ବକ କର୍ଣ୍ଣେଲ୍ ମୀକ୍ ମହୋଦୟ କହିଥିଲେ ଯେ, ରାଜା ଭାନୁଗଙ୍ଗ ବାମଣ୍ଡାକୁ ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସିର ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମସ୍ଥାନୀୟ କରିବାକୁ ଯେ ଅଭିଳାଷୀ, ଏହା ତାଙ୍କର ଏ କୀର୍ତ୍ତି ସ୍ଥାପନଦ୍ୱାରା ସୂଚିତ ହେଉଅଛି ।

କ୍ୱେଟା ଭୂମିକମ୍ପରେ ଗୃହଶୂନ୍ୟ ଦୁଃସ୍ଥମାନଙ୍କ ସାହାଯ୍ୟ ନିମନ୍ତେ କରୁଣାର୍ଦ୍ରଚିତ୍ତ ରାଜା ମହୋଦୟ ମହାମାନ୍ୟ ବଡ଼ଲାଟ ମହୋଦୟଙ୍କ ନିବେଦନାନୁଯାୟୀ ନଗଦ ୫୦୦୦ ଟଙ୍କା ଦାନ କରିଥିଲେ ।

କୋର୍ଟ ଅଫ୍ ୱାର୍ଡ଼ସ୍‌ଙ୍କ ପରିଚାଳନା ସମୟରେ ରାଜ ସରକାରଙ୍କ ଧାନ ଗୋଲା ଅନୁଷ୍ଠାନମାନ ରହିତ କରି ଯାଇଥିଲା । ପ୍ରଜା ସାଧାରଣଙ୍କର ଏତଦ୍ୱାରା ଅସୁବିଧା ହେଉଥିବା ଦେଖି ପ୍ରଜାପ୍ରାଣ ବାମଣ୍ଡା ନରେଶ ମହୋଦୟ ସେ ସବୁର ପୁନଃପ୍ରତିଷ୍ଠା ନିମନ୍ତେ ଆଦେଶ ପ୍ରଦାନ କରିଥିଲେ ।

ଦେବଗଡ଼କୁ ଅସଂଖ୍ୟ ଆଗନ୍ତୁକ ନାନା କାର୍ଯ୍ୟୋପ-ଲକ୍ଷରେ ଆସି ଅବସ୍ଥାନ ନିମନ୍ତେ ଉପଯୁକ୍ତ ବାସଗୃହ ନ ପାଉଥିବା ଦେଖି ନବୀନ ନରେଶ ମହୋଦୟ ଦଶ ହଜାର ଟଙ୍କା ବ୍ୟୟରେ ଗୋଟିଏ ପ୍ରକାଣ୍ଡ ଧର୍ମଶାଳା ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇ ଅଛନ୍ତି; ଏହି ଧର୍ମଶାଳା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହୋଇ ଆସିଲାଣି । ବାମଣ୍ଡାର ନବୀନ ନରେଶ ମହୋଦୟ କେବଳ ଯେ ବାମଣ୍ଡା ପ୍ରଜାଙ୍କ ସୁଖ ଓ ସୁବିଧା ନିମନ୍ତେ ବ୍ୟସ୍ତ, ତା ନୁହେଁ; ତାଙ୍କ ବିଶାଳ ହୃଦୟର କପାଟ ସମସ୍ତଙ୍କ ନିମନ୍ତେ ନିତ୍ୟ ଉନ୍ମୁକ୍ତ ।

ବାମଣ୍ଡାର ଯେଉଁ ପ୍ରଜାଗଣ ଯଥା ସମୟରେ ରାଜସ୍ୱ ଦେଇ ପାରନ୍ତି ନାହିଁ, ସେମାନଙ୍କଠାରୁ ବାକି ରାଜସ୍ୱ ଟଙ୍କାକେ ପଇସାଏ ସୁଧ ସହିତ ଆଦାୟ କରି ଯାଉଥିଲା । ନବୀନ ନରେଶ ଭାନୁଗଙ୍ଗ ସୁଧର ହାର ପଇସାକ ସ୍ଥଳରେ ପାହୁଲାଏ ଧାର୍ଯ୍ୟ କରି ପ୍ରଜାମାନଙ୍କର ଅଶେଷ ଆଶୀର୍ବାଦ ଅର୍ଜନ କରି ଅଛନ୍ତି । ଏ ବିଳାସପରିତନ୍ତ ଯୁଗରେ ଅନ୍ୟାନ୍ୟ ପ୍ରଜାଙ୍କ ରକ୍ତ ଶୋଷଣ ହେଉଥିବା ବେଳେ ତରୁଣ ବାମଣ୍ଡା ନୃପତିଙ୍କର ଏ ମହତ୍ ଆଦର୍ଶ ନିଶ୍ଚୟ ବିରାଟ ବ୍ୟକ୍ତିତ୍ୱ ଓ ବିଶାଳ ହୃଦୟବତ୍ତାର ପରିଚାୟକ ।

ସହଯୋଗ ସୂତ୍ରରେ ଗ୍ରାମମାନଙ୍କରେ ଥିବା ପଡ଼ିଆ ଜମିମାନ ପ୍ରଜାମାନେ ଉଠିଆ କରି ତହିଁରୁ ଲବ୍ଧ ଲାଭରେ ଗ୍ରାମର ଉନ୍ନତି କରନ୍ତୁ, ଏ ମର୍ମରେ ରାଜା ଶ୍ରୀ ଭାନୁଗଙ୍ଗ ଆଦେଶ ପ୍ରଚାର କରିଅଛନ୍ତି ଏବଂ ଏଥିର ଫଳରେ ହଜାର ହଜାର ଏକର୍ ପଡ଼ିଆ ଜମି ଉଠିଆ ହୋଇ ବାମଣ୍ଡା ରାଜ୍ୟର ଗ୍ରାମମାନଙ୍କର ସମୃଦ୍ଧି ବର୍ଦ୍ଧିତ ହେଉଅଛି । ଯେଉଁ ସବୁ ଗ୍ରାମ କ୍ରମ ବର୍ଦ୍ଧମାନ ଦାରିଦ୍ର୍ୟ ଦ୍ୱାରା ଅନ୍ତଃସାରଶୂନ୍ୟ ହୋଇ ଧ୍ୱଂସ ପଥରେ ଗତି କରୁଥିଲା ସେ ସବୁ ବର୍ତ୍ତମାନ ଉନ୍ନତି ପଥରେ ଧାବିତ ହୋଇ ତରୁଣ ନୃପକେଶରୀଙ୍କ ସୂକ୍ଷ୍ମଦୃଷ୍ଟି ଓ ପ୍ରଜା ବାତ୍ସଲ୍ୟ ତାରସ୍ୱରରେ ଘୋଷଣା କରୁଅଛି ।

ରାଜା ଭାନୁଗଙ୍ଗ ବାମଣ୍ଡା ପ୍ରଜାମାନଙ୍କୁ ଉଚ୍ଚ ଶିକ୍ଷା ଦେବାପାଇଁ ଭାରି ଅଭିଳାଷୀ । ବୁଦ୍ଧିବୃତ୍ତିପନ୍ନ ମେଧାବୀ ଛାତ୍ରଗଣ ତାଙ୍କର ବିଶେଷ ଅନୁଗ୍ରହର ପାତ୍ର । ଚଳିତ ବର୍ଷ ଜଣେ ଛାତ୍ର ଷ୍ଟେଟ ପକ୍ଷରୁ ବୃତ୍ତି ପାଇ ଏମ୍. ଏ., ବି. ଏଲ୍ ପଢ଼ୁ ଅଛନ୍ତି, ଜଣେ ଡାକ୍ତରୀ ପଢ଼ୁ ଅଛନ୍ତି, ଅଉ ଜଣେ ପଶୁ ଡାକ୍ତରୀ ଏବଂ ଜଣେ ଆଇ. ଏସ୍. ସି ପଢ଼ୁ ଅଛନ୍ତି ଏବଂ ଆଉ ଜଣେ କଟକ ଟ୍ରେନିଙ୍ଗ୍ କଲେଜରେ ଡ଼ି. ଇଡ଼ି ପଢ଼ୁ ଅଛନ୍ତି; ଏମାନେ ଏ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଉଚ୍ଚ ଶିକ୍ଷା ଦ୍ୱାରା ବାମଣ୍ଡାର ମୁଖୋଜ୍ଜ୍ୱଳ ହେବ ବୋଲି ରାଜା ଭାନୁଗଙ୍ଗଙ୍କର କଳ୍ପନା ଅଟେ ।

ଦେଶର ଅଜ୍ଞତା ଦୂର କରିବାକୁ ରାଜା ଭାନୁଗଙ୍ଗଙ୍କର ପ୍ରବଳ ଇଚ୍ଛା । ଏତତ୍ କଲ୍ପେ ନିଜର ବ୍ୟକ୍ତିଗତ ତତ୍ତ୍ୱାବ-ଧାନରେ ସେ ଦେବଗଡ଼ଠାରେ ଗୋଟିଏ ରାତ୍ରି ବିଦ୍ୟାଳୟ ବା Night School ଖୋଲି ଅଛନ୍ତି । ଏ ବିଦ୍ୟାଳୟରେ ମଜୁରିଆ ଓ ରାଜ ସରକାରର ନିମ୍ନ ଶ୍ରେଣୀର ଚାକର ଚପରାଶିମାନେ ଶିକ୍ଷା ପାଇ ଆସୁଛନ୍ତି । ଏହିରୂପେ ସର୍ବାଗ୍ରେ ବାମଣ୍ଡା ରାଜଧାନୀ ଦେବଗଡ଼କୁ ନିରକ୍ଷରତା ରୂପ ରାକ୍ଷସକୁ ଦୂର କରିବାକୁ ତରୁଣ ରାଜା ମହୋଦୟ ଦୃଢ଼ ସଙ୍କଳ୍ପ ।

ବିଚାର ବିଭାଗକୁ ଶାସନ ବିଭାଗରୁ ପୃଥକ୍ କରି ସେ ବିଭାଗକୁ ସ୍ୱତନ୍ତ୍ର ଓ ସ୍ୱାଧୀନ କରିବା ପ୍ରତ୍ୟେକ ଆଦର୍ଶ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ । ତରୁଣ ନୃପତି ଭାନୁଗଙ୍ଗ ବାମଣ୍ଡାରେ ଏଥିର ସୂତ୍ରପାତ କରି ଷ୍ଟେଟ୍ ଜଜ୍ ପଦ ସୃଷ୍ଟି କରି ଅଛନ୍ତି । ସମସ୍ତ ପହିଲା ଅପିଲ ଏହି ଜଜ୍ ଦ୍ୱାରା ବିଚାର ହେବାର ବ୍ୟବସ୍ଥା କରି ଯାଇଅଛି ।

ପାଟଣା, ମୟୂରଭଞ୍ଜ, କେନ୍ଦୁଝର ପ୍ରଭୃତି ମୁଷ୍ଟିମେୟ କେତୋଟି ରାଜ୍ୟ ଛାଡ଼ି ଦେଲେ ଏ ଦିଗରେ ଅନ୍ୟ କୌଣସି ରାଜ୍ୟ ଏ ପର୍ଯ୍ୟନ୍ତ ଅବହିତ ହୋଇ ନାହାନ୍ତି ।

ତରୁଣ ନୃପତି ଭାନୁଗଙ୍ଗ ଉଚ୍ଚ ଶିକ୍ଷା ଲାଭ କରିଥିବାରୁ ଓ ନିଜେ ଜଣେ ଆଦର୍ଶବାଦୀ ଥିବାରୁ ଯୁଗୋପଯୋଗୀ ଉନ୍ନତି ପଥରେ ବାମଣ୍ଡା ତାଙ୍କ ରାଜତ୍ୱର ଏହି ସ୍ୱଳ୍ପ କାଳ ମଧ୍ୟରେ ଉନ୍ନତି ପଥରେ ଏତାଦୃଶ କ୍ଷିପ୍ରତା ସହିତ ଅଗ୍ରସର ହେଉଅଛି ।

ତରୁଣ ନୃପତି ଭାନୁଗଙ୍ଗଙ୍କ ପରି ବିନୟୀ ବ୍ୟକ୍ତିଙ୍କ ସଂଖ୍ୟା ରାଜନ୍ୟମଣ୍ଡଳୀରେ ବେଶୀ ନୁହେ ।

ତାଙ୍କପରି ମିଷ୍ଟଭାଷୀ ଓ ସ୍ୱଳ୍ପଭାଷୀ ଖୁବ୍ ବିରଳ । ସୌଜନ୍ୟରେ ତାଙ୍କୁ କେହି ହେଲେ ପରାଭୂତ କରି ପାରିବେ ନାହିଁ । ଅଯଥା ଆଡ଼ମ୍ବର ତାଙ୍କଠାରୁ ଅନାଦର ପାଇ ବୋଧ ହୁଏ, ଚିରବିଦାୟ ଗ୍ରହଣ କରିଅଛି । ସ୍ଥାନ ପୂର୍ବରୁ ଟେଲି ମାର୍ଜନବେଳେ କୌଣସି ଆଗନ୍ତୁକଙ୍କୁ ଦର୍ଶନ ଦେଇ ତାଙ୍କ ସହିତ ଅକୁଣ୍ଠିତ କଥୋପକଥନ କରିବା ସାଧାରଣ ବା ସୁଲଭ ସୌଜନ୍ୟର ପରିଚୟସୂଚକ ନୁହେ । ସାଧାରଣ ପରିଚ୍ଛଦ ପରିଧାନ କରି ସେ ଯେତେବେଳେ ଲୋକଙ୍କ ସହିତ ମିଶନ୍ତି ତାଙ୍କ ସାରଲ୍ୟମୟ ବ୍ୟବହାର ଦେଖି କେହିହେଲେ କହିବ ନାହିଁ ଯେ, ସେ ସହସ୍ର ସହସ୍ର ଲୋକଙ୍କର ଭାଗ୍ୟବିଧାତା, ବାମଣ୍ଡାଧିପତି । ବାମଣ୍ଡାର ପ୍ରଜାକୁଳ ତାଙ୍କଠାରୁ ଜନକ-ସୁଲଭ ବାତ୍ସଲ୍ୟ ଲାଭ କରି ଆଜି ଅସୀମ ସୁଖ ଅନୁଭବ କରୁଅଛନ୍ତି ଏବଂ ସାମାନ୍ୟତମ ପ୍ରଜା ସୁଦ୍ଧା ଆଜି ଅସଙ୍କୋଚରେ ରାଜ ସମୀପରେ ନିଜର ଗୁହାରି ଜଣାଇ ପ୍ରତିକାର ଲାଭ କରି ପାରୁଅଛି । ପ୍ରାଚ୍ୟପାଶ୍ଚାତ୍ୟ ଉଭୟ ଆଦର୍ଶ ରାଜା ଭାନୁଗଙ୍ଗଙ୍କ ଠାରେ ଯେଉଁ ସମଞ୍ଜସତା ସଦା ବିଦ୍ୟମାନ, ସେ ସମଞ୍ଜସତା ଖୁବ୍ କମ୍ ନରପତି ହାସଲ୍ କରି ପାରି ଅଛନ୍ତି ।

ସ୍ୱର୍ଗତ ସର୍ ସୁଢ଼ଳ ଯେପରି ନିଶାର ଘୋର ବିରୋଧୀ ଥିଲେ, ତରୁଣ ଭାନୁଗଙ୍ଗ ମଧ୍ୟ ସେହିପରି ବା ତତୋଽଧିକ ବିରୋଧୀ । ନିଜର ଅନୁଚରମାନଙ୍କ ମଧ୍ୟରୁ କେହି ମାଦକ-ଦ୍ରବ୍ୟ ପ୍ରତି ଆସକ୍ତ ଥିବା ଜଣାପଡ଼ିଲେ ସେହି ମୁହୂର୍ତ୍ତରୁ ସେ କର୍ମଚ୍ୟୁତ ହୋଇ ଦଣ୍ଡିତ ହୋଇଥାଏ । ଏହାର ପଟାନ୍ତର ଅଛି କି ?

ରାଜା ଭାନୁଗଙ୍ଗ କଠୋର ଶାସକ ହେଲେ ସୁଦ୍ଧା ତାଙ୍କ ଅନ୍ତର ସର୍ବଦା ଦୟାବିଜଡ଼ିତ ।

ଲୋକଙ୍କୁ ଉଚ୍ଚ ଶିକ୍ଷା ଦେଇ ରାଜ୍ୟର ବେକାର ସମସ୍ୟା ସୁସମାଧାନ କରିବା ନିମନ୍ତେ ରାଜା ଭାନୁଗଙ୍ଗ ନିରତ ଚିନ୍ତିତ ।

ତାଙ୍କ ବଦାନ୍ୟତାର ସୀମା ସ୍ଥିର କରିବା ଅସମ୍ଭବ । ଅଥଚ ଦକ୍ଷିଣ ହସ୍ତରେ ସେ ଯାହା ଦାନ କରନ୍ତି, ତାହା ବାମ ହସ୍ତ ଜାଣିବା ଦୁଷ୍କର । ତାଙ୍କର ମାର୍ଜିତ ରୁଚି ଅନନ୍ୟ-ସୁଲଭ । ଗ୍ରାମ୍ୟ ଆମୋଦ କଅଣ ସେ ଜାଣନ୍ତି ନାହିଁ । କୈଳାସଠାରେ ସେ ଯେଉଁ ଉପବନ ପ୍ରସ୍ତୁତ କରି-ଅଛନ୍ତି, ତାହା ଭୂକୈଳାସ ଆଖ୍ୟା ପାଇବା ଯୋଗ୍ୟ । ତାଙ୍କ ଆଦର୍ଶ ଗୋଶାଳା ଓ ଗୋରୁଙ୍କ ଉନ୍ନତି ଉତ୍ପାଦନ କରିବା ଯେହି ତାଙ୍କ ପାଶ୍ଚାତ୍ୟ ଶିକ୍ଷାର ଜୀବନ୍ତ ଉଦାହରଣ ।

ଗୋଜାତିର ଉନ୍ନତି ନିମନ୍ତେ ଏବଂ ଜନସାଧାରଣଙ୍କୁ ସୁବିଧାରେ ଦୁଗ୍ଧ ଯୋଗାଇବା ନିମନ୍ତେ ସେ ଦେବଗଡ଼ରେ ଗୋଟିଏ ଆଦର୍ଶ ଗୋଶାଳା ସ୍ଥାପନ କରିଅଛନ୍ତି । ହରିଆନା ଗୋରୁ ଅଣାଯାଇ ସେଠାରେ ରଖା ଯାଇଅଛନ୍ତି ଏବଂ ଉତ୍କୃଷ୍ଟ ଷଣ୍ଢ ପ୍ରଜନନ ନିମନ୍ତେ ମଧ୍ୟ ଅଣା ହୋଇଅଛି । ଏହି ଗୋ-ଶାଳା ଉଦ୍‌ଘାଟନ କାର୍ଯ୍ୟ ଭାରତ ସର୍କାରଙ୍କ Animal Husbandry Expert Sir Cox Oles ଙ୍କ ଦ୍ୱାରା ୧୯୩୮ ଜାନୁଆରୀ ମାସରେ ସମ୍ପନ୍ନ ହୋଇଅଛି ।

କୁଟିରଜାତ ଦ୍ରବ୍ୟର ଉନ୍ନତି ଓ ସ୍ଥାନୀୟ ହସ୍ତଶିଳ୍ପର ଉନ୍ନତି ନିମନ୍ତେ ଦେବଗଡ଼ରେ ପ୍ରତ୍ୟେକ ବର୍ଷ ପ୍ରଦର୍ଶନୀ କରିବାର ବ୍ୟବସ୍ଥା ହୋଇଅଛି ଏବଂ ୧୯୩୮ ର ପ୍ରଦର୍ଶନୀକୁ ପଲିଟିକେଲଏଜେଣ୍ଟଙ୍କ ସ୍ତ୍ରୀ ଉଦ୍‌ଘାଟନ କରିଥିଲେ ।

Dairy (ଗବ୍ୟଶାଳା) ର ଉନ୍ନତି ନିମନ୍ତେ ଏବଂ ତହିଁରେ ନୂତନ ଧରଣର କାର୍ଯ୍ୟପ୍ରଣାଳୀ ଚଳାଇବା ନିମନ୍ତେ ସେ ଇଉରୋପ ଯାତ୍ରା କରିଥିଲେ । ହଲାଣ୍ଡରେ ଗବ୍ୟଶାଳା ଉନ୍ନତ; ସେଠାର ପରିଚାଳନାର ପ୍ରଣାଳୀ ଦେଖିବା ନିମନ୍ତେ ସେ ସେଠାକୁ ଯାଇଥିଲେ ଏବଂ ୟୁରୋପ ଦର୍ଶନର ଫଳରେ ଷ୍ଟେଟର ଅନେକ ଭବିଷ୍ୟତ ଉନ୍ନତି ତାଙ୍କଦ୍ୱାରା ସାଧିତ ହେବ ବୋଲି ଆଶା କରାଯାଏ ।

ସେ ଗୋଟିଏ ଚିତ୍ର କଳା ସଂସ୍ଥାପିତ କରିଅଛନ୍ତି । ରାଜ-ନବରରେ ହାତୀ ଘୋଡ଼ା ପ୍ରଭୃତି ଯେତେ ପାଳିତ ଜୀବ ଅଛନ୍ତି, ସେ ସମସ୍ତଙ୍କୁ ଦିଆ ଦିଆ ସେ ସ୍ୱଚକ୍ଷୁରେ ଦେଖିଲେ ସନ୍ତୁଷ୍ଟ ହୁଅନ୍ତି । ଦେବଗଡ଼ରେ ତାଙ୍କ ଦୈନନ୍ଦିନ କାର୍ଯ୍ୟ-କଳାପର ଏହା ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ।

ପିତୃ ପିତାମହଙ୍କ କୀର୍ତ୍ତିକଳାପ ରକ୍ଷଣରେ ସେ ସର୍ବଦା ଅବହିତ । ରାଜକୁମାର ହାଇ ସ୍କୁଲ୍ ଓ ସଚ୍ଚିଦାନନ୍ଦ ଲାଇବ୍ରେରୀ ଓ କ୍ଲବ୍‌ର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ଯଥେଷ୍ଟ ତତ୍ପରତା ପ୍ରଦର୍ଶନ କରିଅଛନ୍ତି ।

'ଉପହାର' ପତ୍ରିକା ତାଙ୍କର ସୃଷ୍ଟି । ତାଙ୍କର କଳା ଓ ସାହିତ୍ୟ ପ୍ରୀତି ଅସାଧାରଣ । ବାମଣ୍ଡା ନାଟ୍ୟଦଳର ଅଭିନୟାଦି ତାଙ୍କର ପର୍ଯ୍ୟବେକ୍ଷଣରେ ଓ ଉପଦେଶ ଦ୍ୱାରା ହେଉଥିବାରୁ ତହିଁରୁ ତାଙ୍କ ଉଚ୍ଚ ମାର୍ଜିତ ରୁଚିର ସ୍ପଷ୍ଟ ପରିଚୟ ମିଳେ ।

ପ୍ରଭୁ ଭାନୁଗଙ୍ଗଙ୍କୁ ରାଜୋଚିତ ସକଳ ଗୁଣରେ ବିଭୂଷିତ କରି ସୁଢ଼ଳ—ସଚ୍ଚିଦାନନ୍ଦ—ଦିବ୍ୟଶଙ୍କର—କୀର୍ତ୍ତିଶାଳିନୀ ବାମଣ୍ଡା ଅବନୀକୁ ଯଥାର୍ଥ ଭାଗ୍ୟବତୀ କରିଅଛନ୍ତି ।

ରାଜା ଭାନୁଗଙ୍ଗଙ୍କ ସତୀ ସାଧ୍ୱୀ ସହଧର୍ମିଣୀ ଶ୍ରୀମତୀ ଜ୍ୟୋତିର୍ମଞ୍ଜରୀ ଦେବୀ ଆଦର୍ଶ ମହିଷୀ ଓ ଆଦର୍ଶ ପତିଙ୍କ ଆଦର୍ଶ ଜୀବନସଙ୍ଗିନୀ । ବାମଣ୍ଡାର ଏହି ଆଦର୍ଶ ରାଜ-ଦମ୍ପତି କେମା ଓ କୁମାର ଲାଭ କରିଅଛନ୍ତି ।

ରାଜକୁମାର ଟିକାଏତ ଆୟୁଷ୍ମାନ୍ ଶ୍ରୀ ଶ୍ରୀ ପ୍ରତାପଗଙ୍ଗଙ୍କ ଜନ୍ମ ଉପଲକ୍ଷରେ ଶ୍ରୀମାନ୍ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ ବିଶେଷ ଆନନ୍ଦ ଲାଭ କରି ପ୍ରଜାମାନଙ୍କୁ ଅର୍ଦ୍ଧ ଲକ୍ଷ ଟଙ୍କା ରାଜସ୍ୱ ୧୯୩୭ ମସିହାର ରାଜସ୍ୱରୁ ମାଫି ଦେଇଅଛନ୍ତି ଏବଂ ଏକ ବର୍ଷ ନିମନ୍ତେ ମଧ୍ୟ କରି ମାଫି ଦେଇଅଛନ୍ତି । ଏଥିରେ ପ୍ରଜାକୁଳ ବିଶେଷ ସନ୍ତୁଷ୍ଟ ଓ ଆନନ୍ଦିତ ।

ଯୌବନ, ଧନ, ସମ୍ପତ୍ତି ଓ ପ୍ରଭୁତା ସହିତ ବିବେକିତା ମଧ୍ୟ ଲାଭ କରିଥିବାରୁ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ଆଜି ଗଙ୍ଗବଂଶର ଉଜ୍ଜ୍ୱଳ ପ୍ରଦୀପ ଏବଂ ତାଙ୍କ କୀର୍ତ୍ତିର ଧବଳ ମୟୂଖମାଳାରେ ବାମଣ୍ଡା ଓ ତଥା ଉତ୍କଳ-ଖଣ୍ଡ ଧବଳୀକୃତ ।

ଗଭୀର ପରିତାପର ବିଷୟ ଯେ, ରାଜା ଭାନୁଗଙ୍ଗଙ୍କ ଇଉରୋପ ଭ୍ରମଣ ସମୟରେ ରାଜ୍ୟ ଶାସନର ଭାର ବିଶ୍ୱସ୍ତ-ଚିତ୍ତରେ ସେ ଯାହାଙ୍କ ଉପରେ ଅର୍ପଣ କରିଥିଲେ, ଓ ସେ

ରାଜାଙ୍କ ଅନୁପସ୍ଥିତିରେ ସୁଚତୁର୍ତ୍ତା ସାଧନରେ କୃତିତ୍ୱ ଦେଖାଇ ଥିଲେ, ସେହି ଶ୍ରୀମାନ୍ ଅମରବନ୍ଧୁ ଦେ ଏମ. ଏ. ବି. ଏଲ୍. ବାମଣ୍ଡା ରାଜ୍ୟର ଷ୍ଟେଟ୍ ଜଜ୍ ରାଜା ସାହେବଙ୍କ ଇଉରୋପରୁ ପ୍ରତ୍ୟାଗମନର ଅବ୍ୟବହିତ ପରେ ଅକାଳରେ କାଳଗ୍ରାସରେ ପତିତ ହେଲେ । ସେ ଜଣେ ନିଷ୍ଠାପର ଦେଶ-ସେବକ, ସାହିତ୍ୟିକ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ପ୍ରସିଦ୍ଧ ଇଂରାଜ ଗ୍ରନ୍ଥକାର କାର୍ଲାଇଲ୍ (Carlyle) ଙ୍କ Hero Worship ଗ୍ରନ୍ଥର ଅନୁବାଦ କରି ଅମରବନ୍ଧୁ 'ବୀର-ପୂଜା' ନାମକ ଯେଉଁ ଓଡ଼ିଆ ପୁସ୍ତକ ଲେଖି ଯାଇଅଛନ୍ତି ତାହା ଓଡ଼ିଆ ସାହିତ୍ୟର ସମ୍ପଦରୂପେ ବିରାଜୁଥିବ । ତାଙ୍କ ଅକାଳବିୟୋଗରେ ରାଜା ଭାନୁଗଙ୍ଗ ତାଙ୍କ ରାଜସଭାର ଜଣେ ଯୋଗ୍ୟ ସଦସ୍ୟ ଏବଂ ଉତ୍କଳମାତା ଜଣେ ସୁସନ୍ତାନ ହରାଇଲେ ।

୩ । ବାମଣ୍ଡା ରାଜବଂଶରେ ଏକସ୍ୱରୂପ ଛଡ଼ା ରାଜାଙ୍କର ଉପାଧି—3. One of the alternative titles of the Ruling Chiefs of Bamra state. [ଯଥା, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ତାଙ୍କ ପୁତ୍ର ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ତାଙ୍କ ପୁତ୍ର ରାଜା ଭାନୁ ଗଙ୍ଗ ତ୍ରିଭୁବନ ଦେବ) ।

ସୁଣ୍(ଣୁ) ସୁଣ(ଣୁ)—ଦେ. ଅ (ଧ୍ୱନ୍ୟନୁକରଣ)-ଶବ୍ଦଯୋଗୀ ଶିଙ୍ଘାଣିଯୁକ୍ତ
Sun(nu) sun(nu) ନାକରୁ ବାହାରିବା ଶବ୍ଦ—Nasal
ଶୁଁ ଶୁଁ କ୍ सरसर sound of a person suffering from cold.

ସୁଣ୍(ଣୁ)କା—ଦେ· ବଣ—ଥରଡ ହେତୁ ଫୁଲିବା (ମୁହଁ); ଶୋଥଯୁକ୍ତ
Sun(nu)kā (ମୁହଁ)—Swollen (through cold; said
ଫେଁସୋ सूजाहुआ of the face).

ସୁଣ୍ ଣୁ ସୁଣିଆ—ଦେ. ବଣ—୧ । ଶରଦିଥ—1. Suffering
Sun(nu) suniā from cold. ୨ । ସୁଣ୍କା (ଦେଖ)—
ଶୁଁକ୍ ଶୁଁକେ 2. Sun-kā (See) ଦେ· ବ—ଔଷଧ ଶାକବିଶେଷ;
सरसरिया ସୁକୁସୁନିଆ ଶାଗ—Marsiba Quadrifolia; a
ସଂ. ସୁନିଷଣ୍ଣକ, ଶିତିବାର, pot-herb. [ଭୁ—ଏହାକୁ ଖାଇଲେ
ମେଧାକୃତ୍, ଚତୁଷ୍ପତ୍ରୀ । ନିଦ ହେଉ ନ ଥିଲେ ସୁନିଦ୍ରା ହୁଏ ।
शुशुनिशाक ଏହା ଜଳର ନିକଟବର୍ତ୍ତୀ ବାଲିରେ ବା
शिरियारी; सुसना साग ବାଲିଆ ମାଟିରେ ଜନ୍ମେ । ଏଥିର ପତ୍ର
ଚେ· ସୁନିଷଣ୍ଣମଜ୍ଞଶାକମ୍ ଠିକା ପରି ଚେକା ଚେକା ।]

ସୁଣ୍ଠା (ଇତ୍ୟାଦି)—ଦେ· ବଣ (ସଂ. ଶୁଣ୍ଠୀଗିତ; ପ୍ରା. ଶୁଣ୍ଠାଇଅ)—ଶୁଣ୍ଠ
Sunthā (etc) ଇତ୍ୟାଦି (ଦେଖ)—Śunthā etc (See)

ସୁଣ୍ଠି—ଦେ. ବ—ଶୁଣ୍ଠି (ଦେଖ)
Sunthi Śunthi (See)

ସୁଣ୍ଠିଆ—ଦେ· ବଣ. ପୁଂ—ଶୁଣ୍ଠିଆ (ଦେଖ)
Sunthiā [ସୁଣ୍ଠେଇ—ସ୍ତ୍ରୀ] Śunthiā (See)

ସୁତ୍—ପ୍ରାଦେ. ବ—୧ । (ସମ୍ବଲପୁର; ଭୂଲିଆ ବା ତନ୍ତୀଙ୍କ ଭାଷା; ତୁଳ
Sut ହି. ସୂତ୍) (ସଂ. ସୂତ୍ର,—ସୂତା; ସୂତ୍ର—1. Thread
୨ । (ବଳଙ୍ଗିର; ପାଟଣା) କୁଲା—2. Winnowing tray.

ସୁତ୍ଘାଇ—ପ୍ରାଦେ (ସମ୍ବଲପୁର) ବ—ବିଲର ଜଳାଧାରରେ ପାଣିପଶିବା
Sut-ghāi ପାଇଁ ଖୋଳାଯାଇଥିବା ଛୋଟ ନାଳଅ—
A narrow channel dug in paddy fields to lead water into a water pool dug therein.

ସୁତ୍ଲି—ଦେ· ବ—ସୁତୁଲି (ଦେଖ)
Sut-li Sutuli (See)

ସୁତ—ସଂ. ବ. ପୁଂ (ସୁ ଧାତୁ=ପ୍ରସବ କରିବା+କର୍ମ. ତ)—
Suta ୧ । ପୁତ୍ର; ତନୟ (ଅମର)—1. Son· ୨ । ରାଜପୁତ୍ର (ଅମର)—2. Prince· ୩ । (ଫଳିତ ଜ୍ୟୋତିଷ) ଜନ୍ମ କୁଣ୍ଡଳୀରେ ଲଗ୍ନର ପଞ୍ଚମଗୃହ (ବୃ. ଶ)—3. (astrology) The 5th house from the Lagna. ୪ । ଦଶମମନୁଙ୍କ ପୁତ୍ର (ବି· ପୁ)—4. The son of the 10th Manu· ସଂ· ବଣ, ପୁଂ—୧ । ଜାତ; ଉତ୍ପନ୍ନ—1. Born. ୨ । ସମ୍ବନ୍ଧ—2. Related. ୩ । ନିଷ୍ପୀଡ଼ିତ—3. Pressed. ପ୍ରାଦେ (ବାଲେଶ୍ୱର) ବ— ଶୋଥ ରୋଗ—Dropsy.

ସୁତକ—ସଂ· ବ· ପୁଂ (ସୁତ+ସ୍ୱାର୍ଥେ· କ)—ପୁତ୍ର—Son.
Sutaka (ସୁତକା, ସୁତିକା—ସ୍ତ୍ରୀ)

ସୁତକ—ସଂ. ବ (ସୁତ+କ)—ଜନନାଶୌଚ; ସୂତିକାଶୌଚ; ଶିଶୁର ଜନ୍ମାବଧି
Sutaka ୧୧ ଦିନ ପର୍ଯ୍ୟନ୍ତ ଶିଶୁର କୁଟୁମ୍ବମାନଙ୍କୁ ଲାଗିବା (ସୂତକାଶୌଚ—ଅଜ୍ଞାରୂପ) ଅଶୌଚ—Impurity which attaches to the kinsmen of a baby for some 11 days after its birth. ଦେ· ବ—
সূতিকা ୧ । ସୂତିକା ରୋଗ (ଦେଖ)—1. Sūtikā roga
सूतिका रोग (See) ୨ । ସୁତକ ଇତ୍ୟାଦି (ଦେଖ)— 2. Sutaka etc (See)

ସୁତକ ପୋଡ଼ା—ଦେ. ବ—ସୁତକ ପୋଡ଼ା (ଦେଖ)
Sutaka pordā Sutaka pordā. (See)

ସୁତକା—ସଂ. ବ· ସ୍ତ୍ରୀ (ସୁତକ+ଆ)—ସୁତକର ସ୍ତ୍ରୀଲିଙ୍ଗ; କନ୍ୟା—
Sutakā (feminine of Sutaka) Daughter.

ସୁତଜୀବକ—ସଂ. ବ—ପୁତ୍ରଜୀବକ ବୃକ୍ଷ (ରାଜନିର୍ଘଣ୍ଟ)—
Sutajībaka Callicarpa Arborea (tree)

ସୁତ ନିର୍ବିଶେଷରେ—ଦେ. କ୍ରି. ବଣ—ପୁତ୍ର ପ୍ରତି ଯେଉଁପରି
Suta nirbiseshare ବ୍ୟବହାର, ପାଳନ, ସ୍ନେହ ବା ଦୃଷ୍ଟି
সুত নির্বিশেষে କରିଯାଏ, ସେହିପରି—Like a son· (ଭୁ—
लड़केकेजैसे ସେ ପରର ଶିଶୁଟିଏ ପାଇ ତାକୁ ସୁତ ନିର୍ବିଶେଷରେ ପାଳନ କରୁ ଅଛନ୍ତି ।)

ସୁତନୁ—ସଂ. ବ (କର୍ମଧା)—୧ । ସୁନ୍ଦର ଦେହ—1. Nice or
Sutanu beautiful body· ୨ । କୃଶାଙ୍ଗ—2. A lean or slender body. ୩ । (ସ୍ତ୍ରୀ) ନାରୀ (ରାଜନିର୍ଘଣ୍ଟ)— 3. A woman. (ଭୁ—ତା ଏଡରେ ବସିଛ ଜଣେ ଧନ୍ଦ ଧନୁ, ଧାଇଁଛି ସଙ୍ଗେ ସେନ ଅନେକ ସୁତନୁ । କୃଷ୍ଣସିଂହ. ମହାଭାରତ. ବନ ।) ୪ । (ପୁଂ) ଉ କ୍ର-

ବିଶେଷ (ହି. ଶ)—4. Name of a Gandharba ୫ । (ପୁଂ) ଉଗ୍ରସେନଙ୍କର ଏକପୁତ୍ର (ହି. ଶ)—5. Name of a son of Ugrasena. ୬ । (ପୁଂ) ମର୍କଟ ବିଶେଷ (ହି. ଶ)—6. Name of a monkey. ୭ । (ସ୍ତ୍ରୀ) ବସୁଦେବଙ୍କର ଏକ ଉପପତ୍ନୀ (ହି. ଶ)—7. Name of a concubine of Basudeba. ୮ । (ସ୍ତ୍ରୀ) ଉଗ୍ରସେନଙ୍କର ଏକ କନ୍ୟା (ହି. ଶ)—8. Name of a daughter of Ugrasena. ୯ । (ସ୍ତ୍ରୀ) ଅକ୍ରୂରଙ୍କ ପତ୍ନୀ (ହି ଶ)—9. Name of a wife of Akrura. ୧୦ । (ସ୍ତ୍ରୀ) କୃଶାଙ୍ଗୀ ସ୍ତ୍ରୀ (ହି ଶ)—10. A delecate—bodied lady. ସ. ବିଣ. ପୁଂ (ବହୁବ୍ରୀହି)—୧ । ସୁନ୍ଦର ଅଙ୍ଗବିଶିଷ୍ଟ—
ସୁତନୁ, ସୁତନୂ—ସ୍ତ୍ରୀ] 1. Beautiful; graceful. [ଉ—ଫେଡ଼ ବସନ ସୁତନୁ ତନୁରେ କ ମୋ କନ୍ଦର୍ପ ସମେ ମିଶାଇବ । ଉଜ୍ଜ. ପ୍ରେମ ସୁଧାନିଧି ।] ୨ । [ସ୍ତ୍ରୀ] ସୁନ୍ଦରୀ; ଯେଉଁ ସ୍ତ୍ରୀର ସବୁ ଅବୟବ ସୁନ୍ଦର; କୃଶାଙ୍ଗୀ—2. Slender-bodied (woman).

ସୁତନ୍ତୁ—ସ. ବି—୧ । ଶିବ (ହି. ଶ)—1. Śiba. ୨ । ବିଷ୍ଣୁ (ହି. ଶ)—2. Bishṇu. ୩ । ଦାନବ ବିଶେଷ (ହି.ଶ)—3. Name of a demon.
Sutantu

ସୁତନ୍ତ୍ର—ସ. ବି—୧ । ସୁନ୍ଦର ତନ୍ତ୍ର—1. A good wire or string. ୨ । ସୁଶାସନ—2. Nice administration. ୩ । ସୁଶୃଙ୍ଖଳା—3. Nice method or arrangement.
Sutantra

ସୁତନ୍ତ୍ରି—ସ. ବି—ଖଣା ଅବ ଯନ୍ତ୍ରର ଉତ୍କୃଷ୍ଟ ବାଦକ (ହି. ଶ)—An expert musician.
Sutantri

ସୁତନ୍ତ୍ରିତ—ସ. ବିଣ (ସୁତନ୍ତ୍ର+ଇତ)—୧ । ସୁଶୃଙ୍ଖଳାଯୁକ୍ତ—1. Nicely arranged; methodical. ୨ । ସୁଶାସିତ—2. Well governed.
Sutantrita

ସୁତନ୍ତ୍ରୀ—ସ. ବି—ମଧୁର ସ୍ୱରଯୁକ୍ତ ବୀଣା—A sweet-tuned harp.
Sutantrī

ସୁତପ—ସ. ବି—ସୋମପାନକାରୀ ବ୍ୟକ୍ତି—A drinker of Soma juice.
Sutapa

ସୁତପଃ—ସ. ବି (କର୍ମଧା; ସୁ+ତପସ୍)—ଉତ୍ତମ ତପସ୍ୟା—Rigid or excellent penance.
Sutapaḥ

ସୁତପାଃ—ସ. ବି—୧ । (ସୁ+ତପସ୍; ୧ମା, ୧ବ; ବହୁବ୍ରୀହି)—୧ । ଦୃଢ଼ତପା ମୁନି—1. A sage observing rigid penance. ୨ । ମୁନି; ତପସ୍ୱୀ—2. An ascetic. ୩ । (ସୁ+ତପ୍. ଧାତୁ+ଅସ୍) ସୂର୍ଯ୍ୟ; ତପନ—3. The sun. ୪ । ରୋଚ୍ୟ ମୁନିଙ୍କର ଏକ ପୁତ୍ର—4. Name of a son of sage Rochya. ୫ । ବିଷ୍ଣୁ (ହି. ଶ)—5. Bishṇu.
Sutapāḥ

ସୁତପାଦିକା—ସ. ବି—ଶ୍ରେଷ୍ଠ ହଂସପାଦିକା ଗୁଳ୍ମ—Small species of Hamsa pādikā plant.
Sutapādikā

ସୁତପେୟ—ସ. ବି—ଯଜ୍ଞରେ ସୋମରସ ପାନ (ହି. ଶ)—Drinking of Soma juice during vedic sacrifice.
Sutapeya

ସୁତବତୀ—ସ. ବିଣ. ସ୍ତ୍ରୀ (ସୁତ+ଅସ୍ତ୍ୟ ଅର୍ଥରେ ବତ୍+ସ୍ତ୍ରୀ. ଈ)—ପୁତ୍ରବତୀ; ଯାହାର ପୁତ୍ର ଥାଏ—(a woman) Having a son.
Sutabatī
(ସୁତବାନ—ପୁଂ)

ସୁତ ବସ୍କରା—ସ. ବିଣ. ସ୍ତ୍ରୀ. (ସୁତ+ବସ୍କର)—ସପ୍ତ ପୁତ୍ର ପ୍ରସୂ (କିଛାଣ୍ଡ ଶେଷ)—(a woman) Who has given birth to seven sons.
Suta baskarā

ସୁତ ଯାଗ—ସ. ବି (ମ. ଯ. ଲୋ)—ପୁତ୍ରେଷ୍ଟି ଯଜ୍ଞ—Vedic sacrifice for getting a son.
Suta jāga

ସୁତବା—ପ୍ରାଦେ. (ବସ୍ତର) କ୍ରି—ଶୋଇବା—To sleep.
Sutabā

ସୁତର—ପ୍ରାଦେ. (ସାମ୍ବଲପୁରୀ). ବିଣ.—ସରଳ—Simple.
Sutar

ସୁତର—ଦେ. ବି. (ସ. ସୂତ୍ର)—୧ । ଶକ୍ତ; କୌଶଳ—1. Skill; artifice; trick. ୨ । ଉପାୟ—2. Means. ୩ । ଉଦର; କାର୍ଯ୍ୟ ସାଧନର ଗୁପ୍ତ ପ୍ରଣାଳୀ; ରହସ୍ୟ—3. Secret mode or means o contrivance of accomplishing an object; key. ୪ । ସୁଯୋଗ—4. Opportunity. ୫ । ସୁବିଧା—5. Convenience. ୬ । ଗୁପ୍ତ ମନ୍ତ୍ରଣା; ଗୋପନରେ ପରାମର୍ଶ—6. Secret advice. ୭ । ସ୍ୱାସ୍ଥ୍ୟ—7. Health. ସ. ବିଣ.—୧ । ସୁବିଧାଜନକ—1. Convenient. ୨ । ସୁଯୋଗ ଯୁକ୍ତ—2. Opportune. ୩ । ସୁସ୍ଥ—3. Healthy. ୪ । ସହଜରେ ତରଣୀୟ (ଜଳାଦ)—4. (a river) Which can be easily crossed. ପ୍ରାଦେ. (ଗଡ଼ଜାତ) ବିଣ.—ଶାନ୍ତ—Mild; peaceful.
Sutara
सूत्र कौशल सुयोग
(ଅସୁତର—ବିପରୀତ)

ସୁତର ଉଣ୍ଡିବା(ଖୋଜିବା)—ଦେ.କ୍ରି—ସୁଯୋଗ ଅନ୍ୱେଷଣ କରିବା—To search for an opportunity.
Sutara uṇḍibā (khojibā)
सूत्र खोजा सुयोग ढूंढना

ସୁତର କରିବା—ଦେ. କ୍ରି—୧ । ସଲୁସଳିବା; କୌଣସି ବ୍ୟକ୍ତିକୁ ଗୋପନରେ ପରାମର୍ଶ ଦେବା—1. To give secret advice. ୨ । ଗୋପନରେ ଉତ୍ତେଜିତ କରିବା—2. To secretly instigate (a person).
Sutara karibā
सूत्रकरना गुप्तविचारदेना
(ସୁତରକାରୀ—ବ୍ୟକ୍ତିବାଚକ ବି.)

ସୁତ(ତୁ)ର(ରୁ)ଣୀ—ପ୍ରାଦେ (ସମ୍ବଲପୁର, ବଲାଙ୍ଗିର, ଗଡ଼ଜାତ)—ବି. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ କୌଶଳରେ ପୁତ୍ର ପ୍ରସବ କରାଇଥାଏ—1. Accoucheuse; a midwife. ୨ । ଦୂତୀ—2. A panderess.
Suta(tu)ra(ru)ṇi

ସୁତର ପଡ଼ିବା—ଦେ. କ୍ରି—ଶଙ୍ଖ ପଡ଼ିବା; ସୁଯୋଗ ଘଟିବା—The happening of an opportunity.
Sutara paṭibā
(ସୁତର ଲଗିବା—ଅନ୍ୟରୂପ) সুত্রঘটা (পড়া)
सुयोग होना

ସୁତର ପାଇବା—ଦେ. କ୍ରି—୧ । ସୁଯୋଗ ପାଇବା—1. To get an opportunity. ୨ । ଉପାୟ ପାଇବା—2. To find out a means. ୩ । କାର୍ଯ୍ୟ ସାଧନର ଗୁପ୍ତ ପ୍ରଣାଳୀ ବା ରହସ୍ୟ ଅବଗତ ହେବା—3. To know the secret of or the key to any matter.
Sutara pāibā
সুযোগ পাওয়া
सुयोग पाना

ସୁତର ବତା(ତେ)ଇବା—ଦେ. କ୍ରି-ଗୁପ୍ତ ରହସ୍ୟ କହି ଦେବା—To divulge the secret or key to a matter.
Sutara batā(te)ibā
সূত্রসংশ করিয়া দেওয়া कौशल बताना

ସୁତର ଲଗା(ଗେ)ଇବା—ଦେ. କ୍ରି—୧ । ସୁତର କରିବା (ଦେଖ) 1. Sutara karibā (See) ୨ । କୌଶଳ କରିବା—2. To make a secret contrivance.
Sutara lagā(ge)ibā
সূত্র করা
कौशल लगाना (ସୁତରଲଗିବା—ବିଶେଷରୂପ)

ସୁତର ସାତର—ଦେ. ବ (ସହଚର)—ସୁତୁର ସାତର (ଦେଖ)
Sutara sātara Sutura sātara (See)

ସୁତରା—ଦେ. ବଣ—୧ । କୌଶଳ ପୂର୍ଣ୍ଣ—1. Full of artifice. ୨ । ସୁନ୍ଦର—2. Beautiful. ୩ । ସୁଯୋଗ ପୂର୍ଣ୍ଣ—3. Opportune. ୪ । ସୁବିଧାଜନକ—4. Convenient. ୫ । ସପରିଷ୍କୃତ—5. Neat and clean; well cleansed.
Sutarā
পরিস্কার
सुथरा

ସୁତରା(ରେ)ଇବା—ଦେ. କ୍ରି—୧ । ସୁତର ଲଗାଇବା (ଦେଖ) 1. Sutara lagāibā (See) ୨ । ଫୁସୁଲେଇବା; ଜଳକୌଶଳରେ ମନାଇବା; ଭଣ୍ଡାଇବା—2. To inveigle; to induce by tricks.
Sutarā(re)ibā
ফুসলান
कौशल लगाना

ସୁତରା ସୁତରି—ଦେ, ବ—ସୁତୁରା ସୁତୁରି (ଦେଖ)
Sutarā sutari Suturā suturi (See)

ସୁତରାଂ—ସ. ଅ (ସୁ+ତରାମ୍)—୧ । ଅତଏବ; ଫଳତଃ—1. Therefore; consequently. ୨ । ଅଗତ୍ୟା—2. Having no other alternative. ୩ । ଅବଶ୍ୟ—3. Positively; certainly ୪ । ଅତ୍ୟନ୍ତ—4. Much. ୫ । ନିର୍ଦ୍ଧାରିତ; ନିର୍ଣ୍ଣୀତ—5. Ascertained. ୬ । ଔଚିତ୍ୟ—6. Propriety. ୭ । ଅପିଚ; ଏବଂ ମଧ୍ୟ (ବି. ପ)—7. And also.
Sutarām

ସୁତରେ ସୁତରେ—ଦେ. କ୍ରି. ବଣ—୧ । ଶଙ୍ଖ ଶଙ୍ଖରେ; ଜଳ କୌଶଳରେ—1. Skilfully; tactfully. ୨ । ଗୋପନରେ—2. Secretly. ପ୍ରାଦେ. (ବଲାଙ୍ଗିରପାଟଣା) କ୍ରି. ବଣ—ସିଧା ସିଧା—In a straight forwardmanner; straightly.
Sutare sutare
সূত্রে সূত্রে; ফিকিরে ফাকিরে कौशलसे

ସୁତର୍କାରି—ସ. ବ,—ଦେବଦାଲୀ ଲତା (ସ୍ୱଳକର୍ଣ୍ଣ)—Bristly luffa; Luffa Luffa Echinate; Andropogen Serratue.
Sutarkāri

ସୁତର୍ଦ୍ଦ(ର୍ଦ)ନ—ସ. ବ.—କୋକିଳ (କିଙ୍କାଣ୍ଡ ଶେଷ)—Indian cuckoo.
Sutardda(rda)na

ସୁତଳ—ସ. ବଣ, —(ସୁ=ଶୋଭନ+ତଳ ଯାହାର; ବହୁବ୍ରୀହି)—ସୁନ୍ଦର ତଳ ବିଶିଷ୍ଟ—Having a good surface. ସ. ବ.—୧ । ସାତ ପାତାଳ ମଧ୍ୟରୁ ଏକ ପାତାଳର ନାମ—1 The name of one of the nether-regions of Hindu mythology. ୩ । ଅଟ୍ଟାଳିକାର ସର୍ବ ନିମ୍ନ ତଳ—3. The lowest floor of a multi-storied building. ୪ । ଅଟ୍ଟାଳିକାର ମୂଳ ପତ୍ତନ—4. The foundation of a building.
Sutala

ସୁତଲି—ଦେ. ବ—ସୁତୁଲି (ଦେଖ)
Sutali Sutuli (See)

ସୁତ ଶ୍ରେଣୀ—ସ. ବ—ମୂଷିକ ପର୍ଣ୍ଣୀ (ଅମର) (ଦେଖ)
Suta śreṇī Mūshika parṇnī (See)

ସୁତହିବୁକ ଯୋଗ—ସ. ବ (ଜ୍ୟୋତିଷ)—ବିବାହ ସଂବନ୍ଧୀୟ ଶୁଭ ଯୋଗ ବିଶେଷ—An auspicious conjunction of planets in a marriage-calculation. [ବି—ବିବାହ କାଳରେ ଲଗ୍ନରେ ବା ଲଗ୍ନର ଚତୁର୍ଥ, ପଞ୍ଚମ,ନବମ ବା ଦଶମ ସ୍ଥାନରେ ବୃହସ୍ପତି ବା ଶୁକ୍ର ଥିଲେ, ଏହି ଯୋଗ ଘଟେ । ଏହି ଯୋଗ ଘଟିଲେ ବିବାହକାଳୀନ ଲଗ୍ନର ଯାବତୀୟ ଦୋଷ କଟିଯାଏ ।]
Sutahibuka joga

ସୁତା—ସ. ବ. ସ୍ତ୍ରୀ (ସୁତ+ସ୍ତ୍ରୀ. ଆ)—୧ । କନ୍ୟା; ଦୁହିତା—1. Daughter. ୨ । ନୃପ କନ୍ୟା—2. A princess. ୩ । ଦୁରାଲଭା (ଶବ୍ଦ ତତ୍ତ୍ୱ) (ଦେଖ)—3. Durālabhā (See) ଦେ. ବ (ସ. ସୂତ୍ର)—ସୂତା ଇତ୍ୟାଦି (ଦେଖ)—Sūtā etc (See).
Sutā
(ସୁତ—ପୁଂ)
সুতো, সুতা
सुता

ସୁତାତ୍ମଜ—ସ. ବ. ପୁଂ (ଷଷ୍ଠୀ ତତ୍)—୧ । ପୁଅର ପୁଅ; ନାତି; ପୌତ୍ର—1. Son's son. ୨ । ଦୌହିତ୍ର—2. Daughter's son.
Sutātmaja
(ସୁତାତ୍ମଜା—ସ୍ତ୍ରୀ)

ସୁତାନ—ସ. ବ— (ସୁ+ତାନ)—ସୁମଧୁର ସ୍ୱର—Sweet tone, melodious tune.
Sutāna

ସୁତାର—ପ୍ରାଦେ. (ମେଦିନୀପୁର) ବ (ସ. ସୂତ୍ରଧାର; ହିନ୍. ବ. ସୁତାର)—୧ । ବଢ଼େଇ—1. Carpenter. ୨ । ଶିଳ୍ପକର—2. Artisan.
Sutāra

ସ. ବଣ—୧ (ସୁ+ତାର)—ଅତ୍ୟନ୍ତ ଉଜ୍ଜ୍ୱଳ (ବି.ପ)-1. Very bright. ୨ । ଅତ୍ୟୁଚ୍ଚ (ବି. ପ). 2. Very high. ୩ । ଯାହାର ଆଖିର ପିତୁଳା ସୁନ୍ଦର (ବି. ପ.)—3 Having fine pupils of the eyes.

ସୁତାରକ—ସଂ. ବଣ. ପୁଂ.—ଶୋଭନ ତାରକା ଯୁକ୍ତ—
Sutāraka Having beautiful stars.
(ସୁତାରକା —ସ୍ତ୍ରୀ)

ସୁତାରକା—ସଂ. ବି.—ଚତୁର୍ବିଂଶତି ବୁଦ୍ଧ ଶାସନାନ୍ତର୍ଗତ ଦେବତା-
Sutārakā ବିଶେଷ (ହେମଚନ୍ଦ୍ର)—Name of a
Buddhist Deity. ସଂ. ବଣ. ସ୍ତ୍ରୀ—'ସୁତାରକ'ର
ସ୍ତ୍ରୀଲିଙ୍ଗ—Feminine of 'Sutāraka'.

ସୁତାରା—ସଂ. ବି—୧ । (ସାଙ୍ଖ୍ୟ)—ନଅପ୍ରକାର ତୁଷ୍ଟି ମଧ୍ୟରୁ ଏକ (ହ୍ଂଶ)
Sutārā 1. (Sāṁkhya philosophy) One of the
9 kinds of contentment. ୨ । (ସାଂଖ୍ୟ)—
ଅଠପ୍ରକାର ସିଦ୍ଧିରୁ ଏକ—2. (Sāṁkhya)—One
of the 8 kinds of success. [ବି—ଗୁରୁଙ୍କ
ଠାରୁ ଅଧୀତ ଶାସ୍ତ୍ରର ପ୍ରକୃତ ଅର୍ଥ ବୁଝିବା ଏହି ସିଦ୍ଧି
ଅଟେ ।]

ସୁତାର୍ଥୀ—ସଂ. ବଣ. ପୁଂ—ପୁତ୍ର କାମନାକାରୀ—
Sutārthī Desiring to have a son.
(ସୁତାର୍ଥିନୀ—ସ୍ତ୍ରୀ)

ସୁତା ସୁତ—ସଂ. ବି. ପୁଂ (୬ଷ୍ଠୀ ତତ୍; ସୁତା+ସୁତ)—ଦୌହିତ୍ର—
Sutā Suta Daughter's son.
(ସୁତା ସୁତା—ସ୍ତ୍ରୀ)

ସୁତି—ପ୍ରାଦେ (ଲଡ଼ଅ) ବି. ପୁଂ—ଅଣନାତି; ନାତିର ପୁଅ—
Suti Great grandson.

ସୁତିକା—ସଂ. ବି. ସ୍ତ୍ରୀ (ସୁତକ+ସ୍ତ୍ରୀ. ଅ)—କନ୍ୟା—
Sutikā Daughter.
ଦେ. ବି—୧ । (ସଂ. ସୂତକ)—ସୂତକ ଅଶୌଚ (ଦେଖ)—
1. Sūtaka aśaucha (See). ୨ । (ସଂ.
(ସୁତକଅ—ଅନ୍ୟ ଦେ.ରୂପ) ସୂତିକା) ସୂତିକା ରୋଗ (ଦେଖ)
সুতকাশৌচ সুতিকা 2. Sūtikā roga (See)

ସୁତିକା ଘର—ଦେ. ବି (ସଂ. ସୂତିକାଗାର)—ସୂତିକାଗାର; ଯେଉଁ
Sutikā ghara ଘରେ ସ୍ତ୍ରୀମାନେ ସନ୍ତାନ ପ୍ରସବ କରନ୍ତି—
সুতিকাঘর सुतिकाघर A lying-in room.

ସୁତି କାଣ୍ଡ—ପ୍ରାଦେ (ସମ୍ବଲପୁର) ବି—ଏକପ୍ରକାର ଶର—
Suti kāṇḍ A kind of arrow.
[ସୁତିକାଂଡ୍—ଅନ୍ୟରୂପ]

ସୁତିକ୍ତ—ସଂ. ବି—ପର୍ପଟ (ରାଜନିଘଣ୍ଟୁ) (ଦେଖ)—
Sutikta Parpaṭa (See)
ସଂ. ବି—ଅତ୍ୟନ୍ତ ପିତା—Very bitter.

ସୁତିକ୍ତକ—ସଂ. ବି—୧ । ପାରିଭଦ୍ର; ପାଲଧୁଅ (ଜଟାଧର)—
Sutiktaka 1. The coral-flower tree.
୨ । ଭୂନିମ୍ବ (ଶବ୍ଦରତ୍ନାବଳୀ)—2. A medicinal
bitter plant; Gentiana Chirata. ୩ ।
କ୍ଷେତପାପଡ଼ା (ହ୍. ଶ)—3. Kshetapāpardā
(See)

ସୁତିକ୍ତା—ସଂ. ବି—୧ । କୋଶାତକୀ (ରାଜନିଘଣ୍ଟୁ); ପିତା ତରଡ଼ା—
Sutiktā 1. Luffa Acutangula.
୨ । ଶଲ୍ଲକୀ (ହ୍. ଶ) (ଦେଖ)—2. Śallakī
(See)

ସୁତିନୀ—ସଂ. ବଣ. ସ୍ତ୍ରୀ (ସୁତିନ୍+ସ୍ତ୍ରୀ. ଈ)—(ସୁତୀ ଶବ୍ଦର ସ୍ତ୍ରୀଲିଙ୍ଗ)
Sutinī ସୁତବତୀ—(a woman) Having
son.

ସୁତୀ—ସଂ. ବଣ (ସୁତ+ଇ)—୧ । ସୁତେଚ୍ଛୁ (ଶବ୍ଦକଳ୍ପଦ୍ରୁମ)—
Sutī 1. Desirous of having a child.
୨ । ପୁତ୍ରବତ୍ ଆଚରଣକାରୀ (ମୁଗ୍ଧବୋଧ)—
2. Behaving like a son. ୩ । (ପୁଂ)
[ସୁତିନୀ—ସ୍ତ୍ରୀ] [ସୁତ+ଇନ୍; ୧ମା. ୧ବ) ସୁତବାନ୍; ପୁତ୍ରବାନ୍-
3. Having a son; being the father of a
son.

ସୁତୀକ୍ଷ୍ଣ—ସଂ. ବଣ—ଅତିଶୟ ତୀକ୍ଷ୍ଣ—Very sharp. ସଂ. ବି—
Sutīkshṇa ୧ । ଶୋଭାଞ୍ଜନ [ଜଟାଧର]; ସଜନା—1. The
Indian horse radish. ୨ । ଶ୍ୱେତଶିଗ୍ରୁ—
(ରାଜନିଘଣ୍ଟୁ)—2. The white variety of horse
radish. ୩ । (ନାମ) ଶରଭଙ୍ଗ ମୁନିଙ୍କ ଆଶ୍ରମ ନିକଟରେ
ଆଶ୍ରମ କରିଥିବା ମୁନିବିଶେଷ (ଭାଃ ଭାଦ୍ୟ ୪ର୍ଥ ସର୍ଗ)—
3. Name of a sage. [ବି—ଏ ଅଗସ୍ତ୍ୟ ମୁନିଙ୍କ
ଭାଇ; ରାମଙ୍କ ବନବାସକାଳରେ ଏ ରାମଚନ୍ଦ୍ରଙ୍କୁ ଭେଟିଥିଲେ
[ହ୍. ଶ]

ସୁତୁଙ୍ଗ—ସଂ. ବଣ—ଅତି ଉଚ୍ଚ—Very high. ସଂ. ବି—
Sutuṅga ୧ । ନାରିକେଳ ବୃକ୍ଷ (ତାରାବଳୀ)—1. Cocoanut
[ଅତ୍ୟୁତୁଙ୍ଗ—ଅନ୍ୟରୂପ] tree. ୨ । (ଜ୍ୟୋତିଷ) ଗ୍ରହମାନଙ୍କର
ଉଚ୍ଚାଂଶ ବିଶେଷ—2. A certain high altitude
of planets.

ସୁତୁର—ଗ୍ରା. ବି ଓ ବଣ (ସଂ. ସୂତ୍ର)—ସୁତର (ଦେଖ)
Sutura Sutara. (See)

ସୁତୁର ସାତର—ଦେ. ବି (ସୂତ୍ରତର)—୧ । ଫନ୍ଦିଫାନ୍ଦି; କଳକୌଶଳ;
Sutura sātara ନାନା] ଉପାୟ—1. Artifices.
ফিকির ফাকির कलकौशल ୨ । ସୁବିଧା; ସୁଯୋଗ—
2. Opportunity.

ସୁତୁରା—ଦେ. ବଣ—ସୁତରା (ଦେଖ)
Suturā Sutarā (See)

ସୁତୁରା(ରେ)ଇବା—ଦେ. କ୍ରି—ସୁତରାଇବା (ଦେଖ)—
Suturā(re)ibā Sutarāibā (See)
ପ୍ରାଦେ (ଗାଞ୍ଜାମ) କ୍ରି—ଲକ୍ଷ୍ୟ କରିବା—To aim.

ସୁତୁରି ସୁତୁରି—ଦେ. ବି—୧ । ନାନା କୌଶଳ ପ୍ରୟୋଗ—
Suturī suturi 1. Employment of various
ফিকিরি ফাকির artifices. ୨ । ଗୋପନରେ ସମ୍ମନ୍ତ୍ର—
कौशलप्रयोग, गुप्त विचार 2. Secret consultation.
୩ । ଗୋପନରେ ଅବସ୍ଥାର ସଙ୍କୋପୂର୍ବକ ମୀମାଂସା—

3. Mutual understanding in secret. ୪ । ଫୁସୁଲା ଫୁସୁଲ; ଭଣ୍ଡିବା—4. Inveigling.

ସୁତୁରି—ପ୍ରାଦେ (ଗଡ଼ଜାତ) ବି—ଯେ ଟୀକା ଦିଏ—
Suturi — Vaccinator.

ସୁତୁରୁଣୀ—ପ୍ରାଦେ (ଗଡ଼ଜାତ, ସମ୍ବଲପୁର, କଳାହାଣ୍ଡି ସାଟଣା) ବି. ସ୍ତ୍ରୀ—
Suturuṇī — ସୁତରଣୀ (ଦେଖ)—Sutaraṇī (See)

ସୁତୁରେ ସୁତୁରେ—ଦେ· କ୍ରି· ବିଣ—ସୁତ୍ରେ ସୁତ୍ରେ (ଦେଖ)
Suture suture — Sutre sutre (See)

ସୁତୁର୍ଣ୍ଣୀ—ପ୍ରାଦେ (ଗଞ୍ଜାମ) ବି· ସ୍ତ୍ରୀ—ଧାଈ—
Suturṇṇī — Mid-wife.

ସୁତୁଲି—ଦେ. ବି (ସ୍. ସୂତ୍ର; ଏବା ସୂତ୍ରସରୁ ସରୁ; କମ୍ଭା ସ୍. ସୂତ୍ରାବଳ=ସୂତ୍ରସମୂହ)—୧ । ସରୁ ଦଉଡ଼ି—
Sutuli
ସ୍ତଲି, ସ୍ତୁଲି 1. Tender string. ୨ । ମୋଟ ସୂତା—
सुतुली 2. Thick thread [ବି-ସୁତୁଲି ସୂତା ଅପେକ୍ଷା ମୋଟ ଓ ଦଉଡ଼ି ଅପେକ୍ଷା ସରୁ ।]୩ । କପାସୂତାରେ ବଳା ହୋଇଥିବା ସରୁ ଦଉଡ଼ି—3. A tender rope of cotton threads· ଦେ. ବିଣ—ସୂତ୍ର ନିର୍ମିତ—Made of thread· (କ୍ରି—ସୁତୁଲି ସହିତ ।)

ସୁତେକର—ସ୍. ବି—ଋତ୍ୱିକ୍ (ହି. ଶ)
Sutekara — Sacrificial priest.

ସୁତେଜନ—ଦେ. ବି—୧ । ଧନ୍ୱନ ବୃକ୍ଷ (ଶବ୍ଦପ୍ରକାଶ); ଧାମଣ ବା ଭାମଣ ଗଛ—1. A timber tree; Cordia
Sutejana
Macleodiea. ୨ । ସୁତୀକ୍ଷ୍ଣ ଶର (ହି· ଶ)—2. Very sharp arrow. ସ୍. ବିଣ—ସୁତୀକ୍ଷ୍ଣ (ହି· ଶ)—Very sharp.

ସୁତେଜାଃ—ସ୍. ବିଣ—ଶୋଭନ ତେଜୋଯୁକ୍ତ—Very bright. ସ୍,
Sutejāḥ — ବି—୧ । ଅତୀତକଳ୍ପୀୟ ଅର୍ହତ୍‌ଭେଦ (ଦେବଚନ୍ଦ୍ର)—
1. A Buddhist monk of the past era. ୨ । ଅବଦୀଏଲ୍ଲା (ରାଜନିର୍ଘଣ୍ଟ); ସର୍ଷପଣୀ; ଅନୋରଷା ଗୁଳ୍ମ—2. Cleome Viscosa (plant).

ସୁତୈଲା—ସ୍. ବି—ମହାଜ୍ୟୋତିଷ୍ମତୀ (ରାଜନିର୍ଘଣ୍ଟ)—
Sutailā — A sort of phosphorescent plant.

ସୁତୋଷ—ସଂ. ବି—ସନ୍ତୋଷ (ହି, ଶ)—Satisfaction. ସଂ.
Sutosha — ବିଣ· ପୁଂ—ସନ୍ତୁଷ୍ଟ (ହି· ଶ)—Satisfied.
(ସୁତୋଷା—ସ୍ତ୍ରୀ)

ସୁତ୍ୱା—ସଂ. ବିଣ (ସୁଉପ୍‌ ଶବ୍ଦ ୧ମା. ୧ବ; ସୁ. ଧାତୁ=ପ୍ରସବ
Sutwā — କରିବା+କର୍ତ୍ତୃ· ବାଚ୍ୟ (କ୍ୱନିପ୍), ଋଗ୍‌ବେଦ)—
ଯଜ୍ଞସ୍ନାନାନ୍ତେ; ସୋମପାନକାରୀ (ବୈଦିକ)—One who has drunk the Soma juice after a sacrificial bath.

ସୁତ୍ୟା—ସଂ· ବି—ଯଜ୍ଞାର୍ଥ ସୋମରସ ବାହାର କରିବାପାଇଁ ନିର୍ଦ୍ଦିଷ୍ଟ
Sutya — ଦିବସ (ହି· ଶ)—A day fixed for pressing out Soma juice for sacrifice.

ସୁତ୍ର (ଇତ୍ୟାଦି)—ଦେ. ବି (ସଂ. ସୂତ୍ର)—ସୁତର ଇତ୍ୟାଦି (ଦେଖ)—
Sutra (etc) — Sutara etc (See) ଦେ· ବିଣ—୧। ସୁନ୍ଦର—
सुत्र 1. Fine. ୨ । ସୁବିଧାଜନକ—2. Convenient. ୩ ।
सुघड़ — ରୁଚିକର—3. Tasteful.

ସୁତ୍ରା—ଦେ. ବିଣ—ସୁତରା (ଦେଖ)
Sutrā — Sutarā (See)

ସୁତ୍ରା(ତ୍ରେ)ଇବା—ଦେ. କ୍ରି—ସୁତରାଇବା (ଦେଖ)
Sutrā(tre)ibā — Sutarāibā (See)

ସୁତ୍ରାମା—ସଂ. ବି (ସୁ+ତ୍ରୈ. ଧାତୁ=ତ୍ରାଣ କରିବା+କର୍ତ୍ତୃ· ମନ୍;
Sutrāmā — ସୁତ୍ରାମନ୍ ଶବ୍ଦ ୧ମା. ୧ବ)—ଦେବରାଜ; ଇନ୍ଦ୍ର—
The God Indra. ସଂ. ବିଣ—ଉତ୍କୃଷ୍ଟରୂପେ ତ୍ରାଣକାରୀ (ହି. ଶ)—Delivering excellently.

ସୁତ୍ରା ସୁତ୍ରି—ଦେ· ବି—ସୁତୁରା ସୁତୁରି (ଦେଖ)
Sutrā sutri — Suturā suturi (See)

ସୁତ୍ରେ ସୁତ୍ରେ—ଦେ. କ୍ରି· ବିଣ—୧ । ଙ୍କୁରେ ଙ୍କୁରେ; କୌଶଳ
Sutre sutre — କ୍ରମେ; କଳକୌଶଳ ପ୍ରୟୋଗପୂର୍ବକ—1. By
सुत्रे सुत्रे — employing tricks and stratagems.
कौशलसे — ୨ । ଗୋପନରେ—2. Secretly.

ସୁଥା—ଦେ. ବି (ସଂ. ସୀମନ୍ତ)—ସୁନ୍ଥା; କଙ୍କତଦ୍ୱାରା ଭୁଳ ଫାଳ କରି
Suthā — ସାଉଁଥିବା କେଶ ବିନ୍ୟାସ—Mode of parting
(ସୁଥାଣି—ଅନ୍ୟରୂପ) the hair in the middle of the
सीन्थि सीउंथ — head.

ସୁଥାରେନ—ପ୍ରାଦେ (ସମ୍ବଲପୁର ବି. ସ୍ତ୍ରୀ—ଧାଈ; ଧାଈ—
Suthāren — Nurse; midwife.
(ସୁଥୁଆରେନ—ଅନ୍ୟରୂପ)

ସୁଥିଆର—ପ୍ରାଦେ· (ସମ୍ବଲପୁର) ବି—ଟୀକା ଦେବା ବ୍ୟକ୍ତି—
Suthiāra — A vaccinator.

ସୁଦ୍ (ଇତ୍ୟାଦି)—ଦେ. ବି· ବିଣ ଓ କ୍ରି.ବିଣ—ଶୁଦ୍ ଇତ୍ୟାଦି (ଦେଖ)
Sud (etc) — Śud etc. (See)

ସୁଦ (ଇତ୍ୟାଦି)—ଦେ. ବି—ଶୁଦ ଇତ୍ୟାଦି (ଦେଖ)
Suda (etc) — Śuda etc (See)

ସୁଦଂଷ୍ଟ୍ର—ସ୍. ବିଣ. ପୁଂ—ଶୋଭନଦନ୍ତବିଶିଷ୍ଟ—Having fine
Sudaṁstra — teeth. ସଂ. ବି-୧ । (ନାମ) କୃଷ୍ଣଙ୍କର ଏକ ପୁତ୍ର—
(ସୁଦଂଷ୍ଟ୍ରା—ସ୍ତ୍ରୀ) 1. A son of Krushna. ୨ । (ନାମ) ଶମ୍ବରର ଏକ ପୁତ୍ର—2. A son of Sambara.

ସୁଦକ୍ଷ—ସଂ. ବିଣ. ପୁଂ—ସୁନିପୁଣ; ଅତି ପାରଗ—
Sudaksha — Very skilful; expert.
(ସୁଦକ୍ଷା—ସ୍ତ୍ରୀ) (ସୁଦକ୍ଷତା—ବି)

ସୁଦକ୍ଷିଣ—ସଂ. ବିଣ (ବହୁବ୍ରୀହି; ସୁ=ଉତ୍ତମ ହୋଇଅଛି ଦକ୍ଷିଣା=
Sudakshiṇa — ନୈପୁଣ୍ୟ ଯାହାର)—୧ । ଉଦାର; ବଦାନ୍ୟ—
(ସୁଦକ୍ଷିଣା-ସ୍ତ୍ରୀ) 1. Liberal; magnanimous; generous. ୨ । ଉତ୍ତମ ପ୍ରକୃତିବିଶିଷ୍ଟ—2. Noble-minded. ୩ । ଉତ୍ତମ ଦକ୍ଷିଣାଯୁକ୍ତ—3. Accompanied by noble

gifts or presents. [ଉ—ସୁଦକ୍ଷିଣ ହୋମ; ସୁଦକ୍ଷିଣ ପକ୍ଷ ।] ସଂ. ବି—୧ । (ନାମ) ବିଦର୍ଭର ରାଜବିଶେଷ—1. Name of a king of Bidarbha. ୨। (ନାମ) ଅଗସ୍ତ୍ୟ ଋଷିଙ୍କ ପୁତ୍ର-2. Name of a sage. [ଉ—ବନ୍ଧୁ ସବନ୍ଧୁ ସୁଦକ୍ଷିଣ । ବୋଲିଲେ ଶୁଣ ଲକ୍ଷଣ । ଉକ୍ତ. ବୈଦେହୀଶବିଳାସ ।] ୩ । (ନାମ) ପୌଣ୍ଡ୍ରକ ରାଜାଙ୍କ ପୁତ୍ର (ହ. ଶ)—3. A son of king Paundraka.

ସୁଦକ୍ଷିଣା—ସଂ. ବିଣ. ସ୍ତ୍ରୀ (ସୁଦକ୍ଷିଣ+ଆ)—ସୁଦକ୍ଷିଣର ସ୍ତ୍ରୀଲିଙ୍ଗ—
Sudakshinā Feminine of Sudakshina. ସଂ. ବି —୧ । ଉତ୍ତମ ଦକ୍ଷିଣା; ପର୍ଯ୍ୟାପ୍ତ ଦକ୍ଷିଣା—1. Noble gift or present. ୨ । (ସ୍ତ୍ରୀ) ଉଦାରସ୍ୱଭାବା ସ୍ତ୍ରୀ—2. Noble-minded woman. ୩ । (ସ୍ତ୍ରୀ) ସୂର୍ଯ୍ୟବଂଶୀୟ ଦିଲୀପ ରାଜାଙ୍କ ପତ୍ନୀ—3. Name of the queen of king Dilīpa of the Solar dynasty. ୪ । ଶ୍ରୀକୃଷ୍ଣଙ୍କର ଜଣେ ପତ୍ନୀ—4. One of the wives of Śrikrushna.

ସୁଦ ଖାଇବା—ଦେ. କି (ଭାବାର୍ଥକ)—୧ । ମୂଳ ଧନ ପାଇଁ
Suda khāibā ଖାତକଠାରୁ ସୁଦ ନେବା—1. To realise
ସুদ খাওয়া interest on money lent. ୨ । ଖାତକଙ୍କ
सूद खाना ଠାରୁ ସୁଦ ଅସୁଲ କରି ଜୀବିକା ନିର୍ବାହ କରିବା—2. To live on usury.

ସୁଦ ଖିଆ—ଦେ.ବି. ଓ ବିଣ ପୁଂ (କର୍ତ୍ତାର୍ଥକ)—୧। ଯେଉଁ ବ୍ୟକ୍ତି ଅଧମର୍ଣ୍ଣ
Suda khiā ଙ୍କଠାରେ ସୁଦ ନିଏ—1. A usurer. ୨ ।
সুদখোর ମହାଜନୀର ସୁଦ ଯାହାର ଜୀବିକା—
सूदखोर 2. A professional moneylender.
(ସୁଦ ଖୋର, ସୁଦ ଖୋରଆ—ଅନ୍ୟରୂପ)
(ସୁଦଖାଇ, ସୁଦଖୋରୀ, ସୁଦ ଖୋରଣୀ, ସୁଦଖୋରେଇ—ସ୍ତ୍ରୀ)

ସୁଦଗ୍ଧିକା—ସଂ. ବି—ଦଗ୍ଧା ନାମକ ଗୁଳ୍ମ (ରାଜନିର୍ଘଣ୍ଟ); ଚଗାଲୁଟୀ
Sudagdhikā ନାମକ ଗୁଳ୍ମ—A medicinal plant; Euparveiflora.

ସୁଦଗ୍ରାହୀ—ଦେ. ବିଣ—ଯେ ମୂଳଧନ ପାଇଁ ଖାତକଠାରୁ ସୁଧ ନିଏ—
Sudagrāhi One who takes interest on money
সুদগ্রাহী advanced as loan. [ଉ—ସୁଦଗ୍ରାହୀ ଅଛୁ
सूदग्राही ବସ୍ତାର ସଙ୍ଗେ ସଉ । ବେଶ୍ୟା ଅନ୍ନ ହୋଏ ସାର୍ଥିର ଜାଣବାସ—କୃଷ୍ଣସିଂ. ମହାଭାରତ. ଶାନ୍ତି ।]

ସୁଦଣ୍ଡ—ସଂ. ବି—୧ । ବେତ (ରାଜନିର୍ଘଣ୍ଟ)—
Sudanda 1. Cane; ratan.
୨ । ଉତ୍ତମ ଯଷ୍ଟି—2. A good stick.

ସୁଦଣ୍ଡିକା—ସଂ. ବି—ଗୋରକ୍ଷୀ ନାମକ ଗୁଳ୍ମ (ରାଜନିର୍ଘଣ୍ଟ);
Sudandikā ନାଗବଳା; ଗଙ୍ଗେରୁ—Sida Spinosa.

ସୁଦତ୍—ସଂ. ବିଣ. ପୁଂ (ସୁ+ଦନ୍ତ)-ସୁନ୍ଦର ଦନ୍ତବିଶିଷ୍ଟ (ବ୍ୟକ୍ତି) (ହ. ଶ)-
Sudat (a person) Having good teeth.

ସୁଦତୀ—ସଂ. ବିଣ. ସ୍ତ୍ରୀ (ସୁଦତ୍+ଈ)—ସୁଦତ୍ ଶବ୍ଦର ସ୍ତ୍ରୀଲିଙ୍ଗ—
Sudatī Feminine of Sudat.
ସଂ. ବି—୧ । ସୁନ୍ଦରୀ ସ୍ତ୍ରୀ—1. A beautiful woman. ୨ । ଉତ୍ତମ ବା ସୁନ୍ଦର ଦନ୍ତବିଶିଷ୍ଟା ସ୍ତ୍ରୀ—2. A woman having beautiful teeth.

ସୁଦନ୍ତ—ସଂ. ବି—୧ । ଶୋଭନ ଦନ୍ତ—1. Nice teeth. ୨ ।
Sudanta ନଟ (ଶବ୍ଦକଳ୍ପଦ୍ରୁମ)—2. An actor.
୩ । ନର୍ତ୍ତକ (ହ. ଶ)—3. A dancer.

ସୁଦନ୍ତୀ—ସଂ. ବି—୧ । (ସ୍ତ୍ରୀ) ଦିଗ୍‌ହସ୍ତିନୀବିଶେଷ (ଶବ୍ଦକଳ୍ପଦ୍ରୁମ)—
Sudanti 1. The name of a mythological female elephant guarding the quarters of the globe. ୨ । (ପୁଂ) ଉତ୍ତମ ବା ଶ୍ରେଷ୍ଠ ହସ୍ତୀ—2. An excellent elephant. ୩। (ସ୍ତ୍ରୀ) ହସ୍ତିନୀ (ହ. ଶ)—
সুদন্তী 3. A female elephant. ଦେ. ବିଣ—ଉତ୍ତମ
सुदन्ती ଦନ୍ତବିଶିଷ୍ଟା (ସ୍ତ୍ରୀ)—A woman having nice teeth. [ଉ—ବଦନ୍ତି ସ୍ତ୍ରୀଜେ ସୁଦନ୍ତୀ ସୁଦନ୍ତ-ଗମନା—ଉକ୍ତ. ବୈଦେହୀଶବିଳାସ ।]

ସୁଦମ—ସଂ. ବି (ସୁ=ଅନାୟାସରେ+ଦମ୍ ଧାତୁ+କର୍ମ. ଅ)—
Sudama ଅନାୟାସରେ ଦମନୀୟ ବା ଶାସନୀୟ—Easily controllable.

ସୁଦମନ—ସଂ. ବି—ଆମ୍ର; ଆମ୍ବ ବୃକ୍ଷ (ହ. ଶ)—
Sudamana The mango tree.

ସୁଦ ମୂଳ—ଦେ. ବି—ସୁଧ ଓ ମୂଳ; ଲଭ୍ୟାଂଶ ଓ ଅସଲ—
Suda mūla Interest and capital.
সুদ মূল, সুদ আসল सूद मूल

ସୁଦୟେ—ଗ୍ରା. ବିଣ—ସଦୟ—Kind. [ଉ—ଏକ ବାର ଏକ ପୁଣ୍ୟ
Sudaye ଏକାନ୍ତେ ସୁଦୟେ । ପ୍ରାଚୀ. କୃଷ୍ଣଭୂଷଣ. ଗୀତା ।]
সদয় सदय

ସୁଦରଶନ—ଗ୍ରା. ବି—୧ । ସୁଦର୍ଶନର ଗ୍ରାମ୍ୟ ନାମ—1. Nam
Sudaraśana for calling 'Sudarśana. ୨ । ସୁଦର୍ଶନ
ସୁଦ(ର୍)ଶ(ନ), ସୁଦ(ର୍)ଶନ } ଅନ୍ୟରୂପ (ଦେଖ)—2. Sudarśana (See)
[ଉ—ସୁଦର୍ଶା ଶ୍ରୀ ସୁଦରଶନ, ଭୁଜେ କି
সুদর্শন सुदर्शन ଭଲେ ଦରଶନ । ଭୂପତି. ପ୍ରେମପଞ୍ଚାମୃତ ।]

ସୁଦର୍ଭ—ସଂ. ବିଣ (ବହୁବ୍ରୀହି)—ସୁନ୍ଦର କୁଶଯୁକ୍ତ—
Sudarbha Having good 'Kuśa' grass.
(ସୁଦର୍ଭା—ସ୍ତ୍ରୀ)

ସୁଦର୍ଶ—ସଂ. ବିଣ (ସୁ+ଦୃଶ୍ ଧାତୁ+କର୍ମ. ଅ)—ପ୍ରିୟଦର୍ଶନ;
Sudarśa ସୁଦୃଶ୍ୟ (ଦୁର୍ଗାଦାସ)—Decent; beautiful.
(ସୁଦର୍ଶା—ସ୍ତ୍ରୀ)

ସୁଦର୍ଶନ—ସଂ. ବି—୧ । ବିଷ୍ଣୁଙ୍କ ଚକ୍ରର ନାମ—1. Name of the
Sudarśana circular weapon or discus of 'Bishnu'. [ଉ—ପୁରାଣରେ ଲିଖିତ ଅଛି ଯେ, ମହାଦେବଙ୍କ ଆଦେଶ ଅନୁସାରେ ବିଶ୍ୱକର୍ମା ସବୁ ଦେବତାଙ୍କର ତେଜରୁ ସାର ଗ୍ରହଣ ପୂର୍ବକ ଏ ଚକ୍ର ଗଢ଼ିଥିଲେ

କର ମହାଦେବଙ୍କୁ ଦେଇଥିଲେ । ଦୈତ୍ୟମାନଙ୍କ ବିନାଶାର୍ଥ ମହାଦେବ ଏହି ଚକ୍ରକୁ ବିଷ୍ଣୁଙ୍କୁ ଅର୍ପଣ କଲେ । ଏହାର ଅରର ସଂଖ୍ୟା ଚାରି । ଏହା ଷଟ୍‌କୋଣ ଓ ବଳୟଦ୍ୱୟ ସଂଯୁକ୍ତ । ବିଷ୍ଣୁ ମନ୍ଦିରର ଚୂଡ଼ାରେ ଏହି ଚକ୍ରର ଧାତୁମୟ ମୂର୍ତ୍ତି ରଖାଯାଏ । ପୁରୀର ବଡ଼ଦେଉଳରେ 'ଚତୁର୍ଦ୍ଧା ମୂର୍ତ୍ତି' ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚକ୍ର ବିରାଜିତ ଅଛି । ଚତୁର୍ଭୁଜ ବିଷ୍ଣୁ ଗୋଟିଏ ହାତରେ ସର୍ବଦା ଏହି ଚକ୍ରକୁ ଧାରଣ କରନ୍ତି ଏବଂ ଏହାଦ୍ୱାରା ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ କରନ୍ତି ।]

୨ । ଚକ୍ରଚିହ୍ନିତ ଶାଳଗ୍ରାମବିଶେଷ [ଶାଳଗ୍ରାମ ଦେଖ]—2. Name of a species of Sālagrāma. ୩ । ହସ୍ତିବିଶେଷ—3. Name of an elephant mentioned in the Rāmāyaṇa. [ଦ୍ର—ଲଙ୍କା ଯୁଦ୍ଧରେ ମହୋଦର ନାମକ ରାକ୍ଷସ ଏହି ହସ୍ତୀ ଉପରେ ଚଢ଼ି ଯୁଦ୍ଧ କରିଥିଲା ।] ୪ । ସୁମେରୁ (ମେଦିନୀ)- 4. Name of the mythological north polar mountain. ୫। ଜମ୍ବୁ ବୃକ୍ଷ [ମେଦିନୀ]-5. Blackberry tree. [ଭୂ ୩ ଓ ୬]—ବେଳାରେ ସ୍ୱର୍ଣ୍ଣିମର ସୁଦର୍ଶନ ପ୍ରାପ୍ୟେ, ଜନ୍ମାଣି ପ୍ରଚେତା ନାମ୍ନ ସୁଦର୍ଶନ ପାଏ—ଭଞ୍ଜ ବୈଦେହୀଶ-ବିଳାସ ।] ୬ । ଉତ୍ତମ ଦର୍ଶନ—6. Nice vision. ୭ । ସୁଦର୍ଶନା ୨ [ଦେଖ]—7. Sudarśana2 (See) ୮ । ବର୍ତ୍ତମାନ ଅବସର୍ପିଣୀର ଅଷ୍ଟାଦଶ ଜୈନ ମୁନିଙ୍କ ପିତା; ବୁଦ୍ଧବର୍ତ୍ତ୍ ପିତା; ଜୈନମାନଙ୍କର ଦେବତାବିଶେଷ—8. Name of a Buddhist Deity, the father sage Brutta. ୯ । ଶିବ (ହ. ଶ)—9. Śiba. ୧୦ । (ନାମ) ଅଗ୍ନିଙ୍କର ଏକ ପୁତ୍ର (ହ. ଶ)—10. A son of the Fire-god. ୧୧ । (ନାମ) ବିଦ୍ୟାଧରବିଶେଷ (ହ. ଶ)—11. Name of a Bidyādhara. ୧୨ । ମତ୍ସ୍ୟ [ହ. ଶ]—12. Fish. ୧୩ । [ନାମ] ଦଧୀଚିଙ୍କର ଏକ ପୁତ୍ର [ହ. ଶ]—13. Name of a son of Dadhīchi. ୧୪ । [ନାମ] ଭରତଙ୍କର ଏକ ପୁତ୍ର [ହ. ଶ]—14. Name of a son of Bharata. ୧୫ । ଗୃଧ୍ର [ହ. ଶ.]—15. Vulture. ୧୬ । ଛଅଟି ଗ୍ରନ୍ଥିବିଶିଷ୍ଟ ସନ୍ନ୍ୟାସୀଙ୍କର ଦଣ୍ଡ-ବିଶେଷ [ହ. ଶ.]—16. A staff with six knots used by the Sannyāsis. [ଦ୍ର—ଭୂତ ପ୍ରେତଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସନ୍ନ୍ୟାସୀମାନେ ଏ ଦଣ୍ଡକୁ ଆପଣା ପାଖରେ ରଖନ୍ତି [ହ. ଶ.]

सुदर्शन सुद्रर्शन ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ସୁଦର୍ଶନ ଚକ୍ର—ସଂ. ବି—ବିଷ୍ଣୁଙ୍କ ଚକ୍ର; ସୁଦର୍ଶନ ଚକ୍ର ୧ (ଦେଖ)—
Sudarśana chakra The discus or weapon of Bishṇu.

ସୁଦର୍ଶନ ଚୂର୍ଣ୍ଣ—ସଂ. ବି (ବୈଦ୍ୟକ)—ଜ୍ୱରପ୍ରକାଶୋକ୍ତ ଜ୍ୱର ରୋଗହର
Sudarśana chūrṇṇa ଚୂର୍ଣ୍ଣ ବିଶେଷ—Name of a febrifuge powder.
[ଦ୍ର—ତ୍ରିକଟୁ, ତ୍ରିଫଳା ଆଦି ୫୬ଟି ପଦାର୍ଥ ସମ ଭାଗରେ ଚୂର୍ଣ୍ଣ ହୋଇ ଏହି ଚୂର୍ଣ୍ଣ ପ୍ରସ୍ତୁତ କରାଯାଏ ଏବଂ ଏହା ଶୀତଳ ଜଳସହ ସେବ୍ୟ; ଜ୍ୱର, କାଶ, ଶ୍ୱାସ, ପାଣ୍ଡୁ, ହୃଦ୍‌ରୋଗ, ଶୂଳ ଆଦି ରୋଗରେ ଏହା ଉପକାରୀ ।]

ସୁଦର୍ଶନ ଦ୍ୱୀପ—ସଂ. ବି—ଜମ୍ବୁ ଦ୍ୱୀପ (ହ. ଶ)—Name of one
Sudarśana dwīpa of the seven islands of Hindu mythology.

ସୁଦର୍ଶନ ପଟ୍ଟନାୟକ—ଦେ. ବି (ନାମ)—ପ୍ରାଚୀନ ଓଡ଼ିଆ କବି-
Sudarśana paṭṭanāyaka ବିଶେଷ—An ancient poet of Orissa. [ଦ୍ର—ଏହି କବି 'କୁଞ୍ଜ ମିଳନ ଚଉତିଶା' ଲେଖିଥିଲେ । ଜଗବନ୍ଧୁ. ପ୍ରାଚୀନ କବିକୁଳ ।]

ସୁଦର୍ଶନ ସରଃ—ସଂ. ବି—ରାମାୟଣ ବର୍ଣ୍ଣିତ ସ୍ୱର୍ଣ୍ଣ କେଶର ରଞ୍ଜିତ ରଜତ-
Sudarśana saraḥ ପଦ୍ମବିଶିଷ୍ଟ ସରୋବରବିଶେଷ—Name of a tank mentioned in the Rāmāyaṇa.
[ଦ୍ର—ଏହା ଋଷଭ ପର୍ବତରେ ଅବସ୍ଥିତ ।]

ସୁଦର୍ଶନା—ସଂ. ବିଣ. ସ୍ତ୍ରୀ (ସୁଦର୍ଶନ+ଆ)—ସୁଦର୍ଶନର ସ୍ତ୍ରୀଲିଙ୍ଗ—
Sudarśanā Feminine of Sudarśana.

ଅନ୍ୟ ସଂ. ନାମ—ସୋମବଲ୍ଲୀ, ଚକ୍ରାହ୍ୱା, ମଧୁପର୍ଣ୍ଣିକା, ଚକ୍ରାଙ୍ଗୀ; ବୃଷକର୍ଣ୍ଣୀ,
ଦୁଧାଲ
ପଣ୍ଡମ୍ଳଙ୍କ, ଭରତୀ ପୁରତୀ
सुदर्शना

ସଂ. ବି. ସ୍ତ୍ରୀ—୧ । ସୁନ୍ଦରୀ ନାରୀ—1. A beautiful woman. ୨ । (ବୈଦ୍ୟକ) ଗୁଳ୍ମବିଶେଷ—2. A medicinal plant. [ଦ୍ର—ଏହା ମଧୁରତିକ୍ତରସ, ଉଷ୍ଣ, ଓ କଫ, ଶୋଥ, ରକ୍ତ ଓ ବାତ ନାଶକ ଏବଂ ବିଷନାଶକ ଅଟେ । ଏହା ସୁପକାଗାଯୁ କନ୍ଦଯୁକ୍ତ । ଏହା ଲୋମନାଶକ; ପତ୍ର ତ୍ରିକୋଣାକାର ଓ ଗୋଲାକାର । ଏଥିର ଫୁଲ ନାନା ରଙ୍ଗର ଓ ଗୁଚ୍ଛ ଗୁଚ୍ଛ ହୋଇ ଫୁଟେ ।]
୩ । ଏକ ପ୍ରକାର ମଦିରା (ହ. ଶ)—3. A kind of wine. ୪ । (ନାମ) ଜଣେ ଗନ୍ଧର୍ବୀ (ହ. ଶ)—4. Name of a Gandharba female. ୫। ପଦ୍ମ-ସରୋବର (ହ. ଶ)—5. A tank full of lotus. ୬ । ଜମ୍ବୁ ବୃକ୍ଷ (ହ. ଶ)—6. Blackberry tree. ୭ । ଇନ୍ଦ୍ରପୁରୀ; ଅମରାବତୀ (ହ. ଶ)—7. The court of Indra. ୮ । ଶୁକ୍ଳ ପକ୍ଷ ରାତ୍ରି (ହ. ଶ)—8. A night of bright lunar fortnight. ୯ । ଆଜ୍ଞା; ଆଦେଶ (ହ. ଶ)—9. Order.

ସୁଦର୍ଶନିଆ—ଦେ. ବି [ଅନାଦରାର୍ଥକ]—ସୁଦର୍ଶନର ଡାକ ନାମ—
Sudarśaniā Name for calling 'Sudarśana'.

ସୁଦର୍ଶନୀ—ସଂ. ବି [ସୁଦର୍ଶନ+ଈ]—ଅମରାବତୀ; ଇନ୍ଦ୍ରପୁରୀ—
Sudarśanī The city or court of Indra,

ସୁଦଳ—ସଂ. ବି—୧ । କ୍ଷୀରମୋରଟ ନାମକ ଲତା (ରତ୍ନମାଳା)—
Sudaḷa 1. Name of a medicinal creeper. [ଦ୍ର—
ଅନ୍ୟ ସଂସ୍କୃତ ନାମ—କ୍ଷୀରଚନ୍ଦ୍ର, କ୍ଷୀରକ, କ୍ଷୀରମୋରଟ, କର୍ଣ୍ଣପୁଷ୍ପ, ଗିଲ୍ଲପତ୍ର, ମଧୁସ୍ରବ, ଘନମୂଳ, ସ୍ୱର୍ଣ୍ଣମୂଳ, ପ୍ରଚୁର, କ୍ଷୀରପୁଷ୍ପ । ଏହା ମଧୁରକଷାୟରସ, ବଳକର, ଶୁକ୍ରବର୍ଦ୍ଧକ ଏବଂ ପିତ୍ତ, ଦାହ ଓ ଜ୍ୱରର ଶାନ୍ତିକାରକ ଅଟେ ।]
୨ । ମୁଚକୁନ୍ଦ (ବୃ. ଶ) (ଦେଖ)—2. Muchakunda (See) ୩ । ସେନା (ବୃ. ଶ)—3. Army. ସ. ବିଣ—
ସୁନ୍ଦର ଦଳବିଶିଷ୍ଟ—Having good leaves or petals.

ସୁଦଳା—ସ. ବି. ସ୍ତ୍ରୀ—୧ । ଶାଳପର୍ଣ୍ଣୀ (ରାଜନିର୍ଘଣ୍ଟ) (ଦେଖ)—
Sudaḷā 1. Śāḷaparṇṇī (See) ୨ । ତରୁଣୀ (ରାଜନିର୍ଘଣ୍ଟ); ଶତପତ୍ରୀ; ସେବତୀ ଫୁଲ—2. Cabbage-rose; Rosa Centi flora. ସ. ବିଣ. ସ୍ତ୍ରୀ—ସୁଦଳର ସ୍ତ୍ରୀଲିଙ୍ଗ—Feminine of Sudaḷa.

ସୁଦଶା—ସ. ବି—୧ । ଉତ୍ତମ ଦଶା—1. Good condition or
Sudaśā state. ୨ । ଶୁଭଗ୍ରହଜନିତ ଜୀବନର ଉତ୍ତମ ଦଶା—
2. Good condition of a person due to auspicious planets. ୩ । ସୁଦଶାବ୍ରତ (ଦେଖ)—
3. Sudaśābrata (See)

ସୁଦଶା ବ୍ରତ—ସଂ. ବି—ପଦ୍ମପୁରାଣୋକ୍ତ ବ୍ରତ ବିଶେଷ—Name of a
Sudaśā brata religious fast observed if any Thursday falls on any 10th day of a bright fortnight. [ଦ୍ର—ଯେକୌଣସି ମାସର ଶୁକ୍ଳ ଦଶମୀ ଦିନ ଗୁରୁବାର ପଡ଼ିଲେ ଏ ବ୍ରତ କରାଯାଏ । ଏ ବ୍ରତରେ ଲକ୍ଷ୍ମୀପୂଜା କରାଯାଏ । ଏ ବ୍ରତ କଲେ ମନୁଷ୍ୟର ସୌଭାଗ୍ୟ ବଢ଼େ । ଏବ୍ରତରେ ଗୋଟିଏ ସୂତାରେ ୧୦ଟି ଗଣ୍ଠି ପକାଇ ବ୍ରତଧାରୀ ବ୍ୟକ୍ତି ତାହା ବାହୁରେ ଧାରଣ କରନ୍ତି । ୨ ବର୍ଷରେ ଏହା ଉଦ୍ୟାପନ କରାଯାଏ । ସାଧାରଣତଃ ସ୍ତ୍ରୀ ଲୋକମାନେ ଏହି ବ୍ରତ କରନ୍ତି ।] ଦେ. ବି—ସୁଦଶାବ୍ରତ କରିବା ବ୍ୟକ୍ତିଙ୍କ ବାହୁରେ ବନ୍ଧାଯିବା ୧୦ଟି ଗଣ୍ଠିଯୁକ୍ତ ସୂତା—A string with 10 knots tied round the arm of a person observing the 'Sudaśā brata.'

ସୁଦା—ପ୍ରାଦେ (ଅଠମଲ୍ଲିକ) ବି—୧ । ଅଠମଲ୍ଲିକର ସୁଦା ଜାତୀୟ
Sudā ଲୋକଙ୍କ ଭାଷା—1. Oriya spoken by the Sudās of the Āṭhamallik State. ୨ । ଅଠମଲ୍ଲିକ ଅଧିବାସୀ ଅନାର୍ଯ୍ୟ ଜାତି ବିଶେଷ—2. A class of non-aryans residing in the Athmallik State.

ସୁଦାତା—ସ. ବିଣ. ପୁଂ—୧ । ବିଶେଷ ଦାନଶୀଳ—1. Very
Sudātā bountiful. ୨ । ସତ୍କାର୍ଯ୍ୟରେ ଦାନଶୀଳ—
2. Liberal in praiseworthy objects.

ସୁଦାନ୍ତ—ସ. ବି (ନାମ)—ଶାକ୍ୟମୁନିଙ୍କ ଶିଷ୍ୟ ବିଶେଷ (ଦିବ୍ୟାବଦାନ)—
Sudānta Name of a disciple of the Buddha.
(ସୁଦାନ୍ତା—ସ୍ତ୍ରୀ. ବିଣ) ସ. ବିଣ. ପୁଂ—ଅତି ଶାନ୍ତ (ବ୍ୟକ୍ତି)—
Very peaceful and quiet (person).

ସୁଦାମ—ସ. ବି—(ନାମ) ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ;
Sudāma ବାରସୁତ (ଦେଖ)—Bārasuta (See) ଦେ. ବି—
୧ । ସୁଦାମା (ଦେଖ)—1. Sudāmā (See) ୨ ।
(ସୁଦାମଚନ୍ଦ୍ର, ସୁଦାମଚରଣ—ଅନ୍ୟ ଦେ ରୂପ) ପୁରୁଷଙ୍କ ନାମ—
2. A name given to males.

ସୁଦାମଚନ୍ଦ୍ର ପଟ୍ଟନାୟକ—ଦେ. ବି (ନାମ)—ଜଣେକ ସ୍ୱର୍ଗତ ସୁନାମ-
Sudāmachandra paṭṭanāyaka ଧନ୍ୟ ବ୍ୟକ୍ତି—
Name of a late famous man of Orissa. [ଦ୍ର—ଏ 'ଓଡ଼ିଶାର ସର୍ବପ୍ରଥମେ ଶିବପୁର ଇଞ୍ଜିନିୟରିଙ୍ଗ୍ କଲେଜରୁ ପ୍ରଶଂସାସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ତାହାଙ୍କ ନାମରେ ଏହାଙ୍କର ଫଟୋ ଅଛି । ଏହାଙ୍କର ଫଟୋ ଚିତ୍ର ଉକ୍ତ କଲେଜରେ ଆଦର୍ଶ ଚିତ୍ରରୂପେ ସୁରକ୍ଷିତ ହୋଇ ରଖା ଯାଇଥିଲା । ଏ ସୁନାମଧନ୍ୟ ସ୍ୱର୍ଗତ ବିଚ୍ଛନ୍ଦଚରଣଙ୍କର ଜାମାତା ଓ ସ୍ୱର୍ଗୀୟ ଚତୁର୍ଭୁଜ ପଟ୍ଟନାୟକଙ୍କର ଅଗ୍ରଜ ଥିଲେ । ଏହାଙ୍କର ବାସସ୍ଥାନ କଟକ । ସ୍ୱର୍ଗୀୟ ଉତ୍କଳ ସତ୍ୟବ୍ରତ ପଟ୍ଟନାୟକ ଏହାଙ୍କ ପୁତ୍ର ଥିଲେ ।]

(ରାୟବାହାଦୁର) ସୁଦାମଚରଣ ନାୟକ—ଦେ. ବି (ନାମ)—ଉତ୍କଳର
(Rāyabāhādura) Sudāmacharaṇa ସ୍ୱର୍ଗତ ପ୍ରସିଦ୍ଧ
nāyaka ବ୍ୟକ୍ତି—The late Rai Bahadur Sudam Charan Naik. [ଦ୍ର—ଏହାଙ୍କର ଜନ୍ମସ୍ଥାନ କଟକ; ଏ କ୍ଷତ୍ରିୟ ବା କରଣବଂଶୀୟ ଥିଲେ । ଏ ପ୍ରଥମେ ଡେପୁଟି କଲେକ୍ଟର ହୋଇ ରାୟବାହାଦୁର ନନ୍ଦକିଶୋର ଦାସଙ୍କ ପରେ ଓଡ଼ିଶା କରଦରାଜ୍ୟମାନଙ୍କର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହକାରୀ (Personal Assistant) କର୍ମଚାରୀରୂପେ ଗଡ଼ଜାତର ଶାସନ ବିଷୟରେ ଉନ୍ନତି ନେଇଥିଲେ । ଏହାଙ୍କ କାର୍ଯ୍ୟକୁଶଳତାରେ ଗଭର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ଏହାଙ୍କୁ 'ରାୟବାହାଦୁର' ଉପାଧି ଦେଇଥିଲେ । ଏହାଙ୍କ ସାହିତ୍ୟାନୁରାଗ, ଦେଶପ୍ରୀତି, ଗୁଣଗ୍ରାହିତା ଓ ମହାନୁଭବତା ସମସ୍ତଙ୍କୁ ମୁଗ୍ଧ କରୁଥିଲା । ଏହାଙ୍କର ଏକମାତ୍ର ପୁତ୍ର ଏହାଙ୍କ ମୃତ୍ୟୁ ପୂର୍ବରୁ ପରଲୋକ ଗମନ କରିଥିଲେ ଏବଂ ଏହାଙ୍କର ତିନିଜଣ ଜାମାତା (କଟକର ଜମିଦାର ବାବୁ ବିଶ୍ୱମ୍ଭର ଦାସ ବି. ଏ., ସମ୍ପାଦକ 'ମୁକୁର'; ସବ୍‌ଡେପୁଟି ଗୋପାଳଚରଣ ପଟ୍ଟନାୟକ ବି. ଏ. ଓ ଗଞ୍ଜାମର ଉତ୍କଳ ବାବୁ ଲକ୍ଷ୍ମଣମୋହନ ପଟ୍ଟନାୟକ ବି. ଏଲ୍.) ବର୍ତ୍ତମାନ ଅଛନ୍ତି । ଏହାଙ୍କ ବଂଶର ଅନେକଗୁଡ଼ିଏ ବ୍ୟକ୍ତି

ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ଉଚ୍ଚ ପଦମାନଙ୍କରେ ନିଯୁକ୍ତ ଥିଲେ । ପେନ୍‌ସନ୍ ଗ୍ରହଣ କରି ରାୟବାହାଦୁର ଗୌରୀଶଙ୍କରଙ୍କ ପରେ ଏ ବହୁକାଳ 'ଉତ୍କଳଦୀପିକା'ର ସମ୍ପାଦକତ୍ୱ ଓ କଟକ ପ୍ରିଣ୍ଟିଂ କମ୍ପାନୀର ପରିଚାଳନଭାର ଗ୍ରହଣ କରି ଥିଲେ । ଏହାଙ୍କର ମୃତ୍ୟୁ ୧୯୨୪ ଖ୍ରୀଷ୍ଟାବ୍ଦରେ ହୋଇଥିଲା ।]

ସୁଦାମା—ସଂ. ବିଣ (ସୁ+ଦା ଧାତୁ+କର୍ତ୍ତୃ. ମନ୍; ସୁଦାମନ୍ ଶବ୍ଦ ୧ମା. ୧ବ)-ଅତିଶୟ ଦାନଶୀଳ (ହ. ଶ)—Very liberal.
Sudāmā
ସଂ. ବି, ପୁଂ—୧ । ମେଘ (ମେଦିନୀ)—1. Cloud. ୨ । ସମୁଦ୍ର (ଶବ୍ଦରତ୍ନାବଳୀ)—2. The sea. ୩ । ଐରାବତ (ତ୍ରିକାଣ୍ଡ ଶେଷ)—3. Indra's elephant. ୪ । (ସୁ ଅଟେ ଦାମନ୍=ମାଳା ଯାହାର) ପର୍ବତ (ମେଦିନୀ)—4. Mountain. ୫ । ଶ୍ରୀକୃଷ୍ଣସଖା ଗୋପବିଶେଷ (ଶବ୍ଦରତ୍ନାବଳୀ)—5. Name of a cowherd. [ଦ୍ର—ଏ ଶ୍ରୀକୃଷ୍ଣସହଚର ଦ୍ୱାଦଶ ଗୋପାଳଙ୍କ ମଧ୍ୟରୁ ଜଣେ ।] ୬ । ଶ୍ରୀକୃଷ୍ଣଙ୍କ ବାଲ୍ୟ ସହଚର ଜଣେକ ଦରିଦ୍ର ବ୍ରାହ୍ମଣ—6. Name of a poor Brahman who had been a playmate and classmate of Śrīṛukshṇa. [ଦ୍ର—ଏ ପିଲାଦିନେ ଶ୍ରୀକୃଷ୍ଣଙ୍କ ସଙ୍ଗେ ସାନ୍ଦୀପନି ମୁନିଙ୍କ ଆଶ୍ରମରେ ବିଦ୍ୟାଶିକ୍ଷା କରିଥିଲେ । ଏ ଶ୍ରୀକୃଷ୍ଣଙ୍କର ଜଣେ ପ୍ରଧାନ ଭକ୍ତ ଓ ସର୍ବଦା ଶ୍ରୀକୃଷ୍ଣଙ୍କଠାରେ ଚିତ୍ତବୃତ୍ତି ଅର୍ପଣ କରିଥିଲେ । ଅତି ଅଭାବଗ୍ରସ୍ତ ହେବାରୁ ସ୍ତ୍ରୀଙ୍କ ଐକାନ୍ତିକ ଅନୁରୋଧରେ ଏ ଦ୍ୱାରକା ରାଜଧାନୀରେ ରାଜା ହୋଇଥିବା ସମୟରେ ଶ୍ରୀକୃଷ୍ଣଙ୍କ ନିକଟକୁ ଗଲେ । ଶ୍ରୀକୃଷ୍ଣଙ୍କୁ ଉପହାର ଦେବା ପାଇଁ ସ୍ତ୍ରୀ ଗଣ୍ଡିଏ ଚାଉଳଭଜା ଏହାଙ୍କୁ ଦେଇଥିଲେ । ଶ୍ରୀକୃଷ୍ଣ ସୁଦାମାଙ୍କଠାରୁ ସେ ଚାଉଳଭଜାଗଣ୍ଡିକ ଅତି ସ୍ନେହସହିତ ଗ୍ରହଣ କରି ଏହାଙ୍କ ଦାରିଦ୍ର୍ୟ ମୋଚନ କଲେ । କିନ୍ତୁ ଏ ଧନ ସମ୍ପତ୍ତିରେ ମୁଗ୍ଧ ନ ହୋଇ ଶ୍ରୀକୃଷ୍ଣଙ୍କଠାରେ ଭକ୍ତିବର ପ୍ରାର୍ଥନା କଲେ । ଅଦ୍ୟାବଧି ଏହାଙ୍କ ଗୃହ 'ସୁଦାମା-ପୁରୀ' ନାମରେ ହିନ୍ଦୁଙ୍କର ଗୋଟିଏ ତୀର୍ଥ ହୋଇଅଛି ।] ୭ । (ଲକ୍ଷଣାର୍ଥ) କୁଚେଲ ବ୍ରାହ୍ମଣ; ମଳିନବସ୍ତ୍ରଧାରୀ ବ୍ରାହ୍ମଣ—7. A Brahmana wearing dirty cloth. ୮ । କେକୟ ନଗରରୁ ଅଯୋଧ୍ୟାକୁ ଆସିବା ପଥରେ ଥିବା ପର୍ବତ ବିଶେଷ—8. Name of a mountain near Ajodhyā. [ଦ୍ର—ଏ ପର୍ବତରେ ବିଷ୍ଣୁଙ୍କ ପାଦଚିହ୍ନ ଥିଲା ।] ୯ । ରାମାୟଣ ଅଯୋଧ୍ୟାକାଣ୍ଡ ବର୍ଣ୍ଣିତ ନଦୀବିଶେଷ—9. Name of a river mentioned in the Rāmāyāṇa. ୧୦ । (ନାମ) ଶ୍ରୀକୃଷ୍ଣଙ୍କ ମଥୁରା ଗମନ ସମୟରେ ତାଙ୍କୁ ମଥୁରାରେ ଭେଟିଥିବା କଂସର ମାଳି (ହ. ଶ)—10. Name of the gardener of Kamsa who encountered Śrīkṛushṇa at Mathurā. ୧୧ । (ନାମ) ଗନ୍ଧର୍ବ ବିଶେଷ (ହ. ଶ)—11 Name of a Gandharba.

ସୁଦାମା ଦେ. ବି. ପୁଂ—'ସୁଦାମ'ର ଡାକ ନାମ—
सुदामा Name for calling 'Sudāma'.

ସୁଦାମାପୁରୀ—ଦେ. ବି—(ନାମ)—ତୀର୍ଥବିଶେଷ—Name of a place of pilgrimage
Sudāmā purī
सुदामापुरी [ଦ୍ର—ଏଠାରେ କେଦାରେଶ୍ୱର ମହାଦେବଙ୍କ ମନ୍ଦିର ଓ ସୁଦାମା ମନ୍ଦିର ବିଦ୍ୟମାନ—ଶ୍ରୀକୃଷ୍ଣ ଭକ୍ତ ସୁଦାମାଙ୍କ ନାମାନୁସାରେ ଅଧୁନିକ ପୋର-ବନ୍ଦର ନାମକ ସହରର ନାମ ସୁଦାମାପୁରୀ ରଖିଥିଲେ—ମଦନମୋହନ ପଟ୍ଟନାୟକ ତୀର୍ଥଦର୍ଶିକା]

ସୁଦାୟ—ସଂ. ବି (କର୍ମଧା; ସୁ+ଦାୟ)—୧ । ଉତ୍ତମ ଦାନ—1. A good gift. ୨ । ସୌଦାୟିକ ଉପହାର; ଦେୟ ଯୌତୁକାଦି (ଭରତ); ପିତୃମାତୃଭର୍ତ୍ତୃ-କୁଳରୁ ବିବାହିତା କନ୍ୟାକୁ ଦିଆଯିବା ଧନାଦି ଉପହାର-Gifts given to a bridegroom by the families of her father, mother and husband. ୩ । ଉପନୟନ ବେଦୀରେ ବ୍ରହ୍ମଚାରୀଙ୍କୁ ଦିଆଯିବା ଭିକ୍ଷା (ହ. ଶ)—3. Alms given to a Brahmachārī on the Upanayana altar. ୪ । (ବହୁବ୍ରୀହି)—ସୁଦାୟଦାନକାରୀ ବ୍ୟକ୍ତି (ହ. ଶ)—4. A person who bestows the above gifts.
Sudāya

ସୁଦାରୁଣ—ସଂ. ବିଣ—ଅତି ଦାରୁଣ ବା କ୍ରୂର—Very cruel or fierce.
sudāruṇa

ସୁଦାସ—ସଂ. ବି—୧ । (ନାମ)—ଦିବୋଦାସଙ୍କ ପୁତ୍ର (ହ. ଶ)—1. Son of Dibodāsa. ୨ । (ନାମ) ଋତୁପର୍ଣ୍ଣଙ୍କ ପୁତ୍ର (ହ. ଶ)—2. Son of Ṛutuparṇa. ୩ । (ନାମ) ଚ୍ୟବନଙ୍କ ପୁତ୍ର (ହ. ଶ)—Son of Chyabana. ୪ । (ନାମ) ବୃହଦ୍ରଥଙ୍କ ପୁତ୍ର (ହ. ଶ)—4. Son of Bṛuhadratha.
Sudāsa

ସୁଦି—ଦେ. ବି—୧ । ସୁଦାମ ଓ ସୁଦର୍ଶନର ଡାକନାମ—1. Name for calling Sudāma and Sudarśana
Sudi
(ସୁଦିଆ, ସୁଦେଇ—ଅନ୍ୟରୂପ)
୨ । (ହିନ୍ଦୀରୁ ଅନୁକୃତ; ସ. ସିତ=ଶୁକ୍ଳ)—କୌଣସି ଚାନ୍ଦ୍ର ମାସର ଶୁକ୍ଳପକ୍ଷ—2. The bright fortnight of a lunar month.
(ବୁଦି—ବିପରୀତ)
सुदि सुदी ଦେ. ବିଣ—ଶୁକ୍ଳପକ୍ଷୀୟ—Relating to the bright lunar fortnight. [ଦ୍ର—ମାରବାଡ଼ି ଓ ପଶ୍ଚିମାମାନେ ସେମାନଙ୍କର ଦିନ, ଗଣନାରେ ଏହି ଦୁଇ ଶବ୍ଦ ବ୍ୟବହାର କରନ୍ତି

ଯଥା—
୩ । କାର୍ତ୍ତିକ ସୁଦ=କାର୍ତ୍ତିକମାସର ଶୁକ୍ଳପକ୍ଷ ତୃତୀୟା ।
୪ । ଶ୍ରାବଣ ସୁଦ=ଶ୍ରାବଣ ମାସର ଶୁକ୍ଳପକ୍ଷ ଚତୁର୍ଥୀ ।]

ସୁଦିନ—ସଂ. ବି—୧ । ଶୁଭ ଦିନ—1. Auspicious day.
Sudina ୨ । ଶୁଭକାର୍ଯ୍ୟ ନିମନ୍ତେ ପ୍ରଶସ୍ତ ଦିବସ—2. A proper time for performing certain works. ୩ । ସୁସମୟ—3. Good and favourable time. ସଂ. ବିଣ—ପ୍ରଶସ୍ତ (ସିଦ୍ଧାନ୍ତକୌମୁଦୀ)—Proper; auspicious.

ସୁଦିନାହ—ସଂ. ବି—ପ୍ରଶସ୍ତ ଦିବସ; ପୁଣ୍ୟାହ—A proper or
Sudināha auspicious day.

ସୁଦିବ—ସଂ. ବି (ସୁ+ଦିବ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତି ଅ)—
Sudiba ଅତି ଉଜ୍ଜ୍ୱଳ (ବୃ. ଶ)—Very bright or shining.

ସୁଦିହ—ସଂ. ବିଣ—୧ । ସୁତୀକ୍ଷ୍ଣ (ବୃ. ଶ) (ଯଥା—ଦନ୍ତ)—
Sudiha 1. Very sharp. ୨ । ଖୁବ୍ ଉଜ୍ଜ୍ୱଳ (ବୃ. ଶ)—2. Very bright.

ସୁଦୀନ—ସଂ. ବିଣ. ପୁଂ (ସୁ+ଦୀନ)—ଅତ୍ୟନ୍ତ ଦରିଦ୍ର—
Sudīna (ସୁଦୀନା—ସ୍ତ୍ରୀ) Very poor.

ସୁଦୀର୍ଘ—ସଂ ବିଣ (ସୁ+ଦୀର୍ଘ)—ଅତି ଦୀର୍ଘ—Very long.
Sudīrgha ସଂ. ବି—ଚିଚିଣ୍ଡା (ବୃ. ଶ); ଚିଚିଣ୍ଡା—Snake gourd

ସୁଦୀର୍ଘ ଘର୍ମା—ସଂ. ବି (ବୈଦ୍ୟକ)—ଅଗ୍ନିପର୍ଣ୍ଣୀ (ଶବ୍ଦଚନ୍ଦ୍ରିକା)
Sudīrgha gharmā ଲତା—Name of a creeper.

ସୁଦୀର୍ଘଫଳିକା—ସ ବି-ବାର୍ତ୍ତାକୀବିଶେଷ; ଲାଇକିର ବାଇଗଣ (ରତ୍ନମାଳା)
Sudīrgha phalikā A species of long brinjal.
ସୁଶିଙ୍ଗାବେଗୁନ ସୁଦୀର୍ଘଫଳିକା

ସୁଦୀର୍ଘା—ସଂ. ବି—ଚୀନା କର୍କଟୀ (ରାଜନିର୍ଘଣ୍ଟ)—
Sudīrghā A species of long cucumber.

ସୁଦୁଃଖିତ—ସଂ. ବି. ପୁଂ—ଅତିଶୟ ଦୁଃଖିତ—
Sudubkhita (ସୁଦୁଃଖିତା—ସ୍ତ୍ରୀ) Very sorry.

ସୁଦୁରା(ରି)—ଦେ. ବି—ସୁଦର୍ଶନର ଡାକନାମ—
Sudurā(ri) Name for calling Sudarśana.
(ସୁଦୁରଆ—ଅନ୍ୟରୂପ)

ସୁଦୁ(ଧୁ)ରା(ରେ)ଇବା—ଦେ. କି—ଶୁଧୁରାଇବା (ଦେଖ)
Sudu(dhu)ra(re)ibā Śudhurāibā (See)

ସୁଦୁ(ଧୁ)ରିବା—ଦେ. କି—ଶୁଧୁରିବା (ଦେଖ)
Sudu(dhu)ribā Śudhuribā (See)

ସୁଦୁରୀ—ଗ୍ରା. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Suduri A name given to females.

ସୁଦୁର୍ଲଭ—ସଂ. ବିଣ. ପୁଂ (ସୁ=ଅତି+ଦୁର୍ଲଭ)—ଅତି ଦୁର୍ଲଭ; ଅତ୍ୟନ୍ତ
Sudurlabha ଦୁଷ୍ପ୍ରାପ୍ୟ—Very rare.
(ସୁଦୁର୍ଲଭା—ସ୍ତ୍ରୀ)

ସୁଦୁଶ୍ଚର—ସଂ. ବିଣ (ସୁ=ଅତ୍ୟନ୍ତ+ଦୁଶ୍ଚର)—ଅତି ଦୁର୍ଗମ; ଅତି
Suduśchara ଦୁଃଖରେ ଚରଣୀୟ; ସୁଦୁଷ୍କର—Very difficult to pass or perform.

ସୁଦୁଷ୍କର—ସଂ. ବିଣ (ସୁ+ଦୁଷ୍କର)—୧ । ଅତି କଷ୍ଟସାଧ୍ୟ—
Sudushkara 1. Very difficult to perform. ୨ । ଅତି କ୍ଳେଶକର—2. Very painful.

ସୁଦୁସ୍ତର—ସଂ. ବିଣ (ସୁ+ଦୁର୍+ତୃ ଧାତୁ+କର୍ମ ଅ)—ଅତିଦୁଃଖରେ
Sudustara ତରଣୀୟ—Very difficult to pass or cross

ସୁଦୁସ୍ତ୍ୟଜ—ସଂ. ବିଣ (ସୁ+ଦୁର୍+ତ୍ୟଜ ଧାତୁ+କର୍ମ ଅ)—ଅତି
Sudustyaja ଦୁଃଖରେ ତ୍ୟାଜ୍ୟ—Which can be relinquished with much difficulty.

ସୁଦୂର—ସଂ. ବିଣ—ଅତି ଦୂରରେ ଅବସ୍ଥିତ; ଅତି ଦୂରବର୍ତ୍ତୀ—
Sudūra Very far; very distant.

ସୁଦୂରଗାମୀ—ସଂ. ବିଣ. ପୁଂ (ସୁଦୂରଗାମିନ୍ ୧ମା. ୧ବ)—ବହୁଦୂରଗାମୀ
Sudūragāmi Going to a long distance.
(ସୁଦୂରଗାମିନୀ—ସ୍ତ୍ରୀ)

ସୁଦୂର ପରାଜି(ହ)ତ—ସଂ. ବିଣ—୧ । ଅତି ଦୂରରେ ପରାଜିତ—
Sudūra parāji(ha)ta 1. Vanquished a long way off; defeated at a distance [ଦ୍ର—ଶତ୍ରୁ ପାଖରେ ଅପି ପହଞ୍ଚିବା ଆଗରୁ ବହୁ ଦୂରରୁ ପରାସ୍ତ ହୋଇ ଏଣେତେଣେ ପଳାଇ ଯାଇଥିବା ଅବସ୍ଥାରେ ଏ ଶବ୍ଦର ବ୍ୟବହାର ହୋଇଥାଏ ।] ୨ । ସମ୍ପୂର୍ଣ୍ଣରୂପେ ପରାଜିତ—2. Totally vanquished. ୩ । ଚିରଧ୍ୱସ୍ତ—3. Destroyed or ruined for ever. ୪ । ସମ୍ପୂର୍ଣ୍ଣରୂପେ ଅସମ୍ଭବ—4. Totally impossible. [ଯଥା—ଓଡ଼ିଆ ଭାଷାର ଶବ୍ଦକୋଷ ସଙ୍କଳନକାରୀଙ୍କ ପକ୍ଷରେ ଗ୍ରନ୍ଥ ପ୍ରକାଶ କରି ଜୀବନ ଜୀବିକା ନିର୍ବାହ କରିବା ଆଶା ସୁଦୂରପରାହତ ।]

ସୁଦୃକ୍—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି, ସୁ+ଦୃକ୍ ଯାହାଙ୍କର)—
Sūdṛuk ସୁନୟନ; ସୁନ୍ଦର ନୟନଯୁକ୍ତ—Having graceful eyes. ସଂ. ବି—ସୁନ୍ଦରୀ ସ୍ତ୍ରୀ—A beautiful woman.

ସୁଦୃଢ଼—ସଂ. ବିଣ. ପୁଂ—ଅତି ଦୃଢ଼; ଗାଢ଼—Very strong
Sudṛurdha or firm.
(ସୁଦୃଢ଼ା—ସ୍ତ୍ରୀ) (ସୁଦୃଢ଼ତା—ବି)

ସୁଦୃଶା—ଦେ. ବି ଓ ବିଣ. ସ୍ତ୍ରୀ (ସଂ ସୁଦୃକ୍)—ସୁଦୃକ୍ (ଦେଖ)
Sudṛusā Sudṛuk (See)

ସୁଦୃଶ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି; ସୁ+ଦୃଶ୍ୟ)—ସୁନ୍ଦର; ନୟନାଭିରାମ
Sudṛusya Beautiful; fine-looking.
(ସୁଦୃଶ୍ୟା—ସ୍ତ୍ରୀ)

ସୁଦୃଷ୍ଟି—ସଂ. ବି (କର୍ମଧା)—୧ । ଉତ୍ତମ ଦୃଷ୍ଟି—1. Good
Sudrushti vision or sight. ୨ । ଅନୁଗ୍ରହଦୃଷ୍ଟି

ଦୃଷ୍ଟି—2. Kind or favourable look. ୩ ।
(ବହୁବ୍ରୀହି)—ଗୃଧ୍ର (ବି ଣ)—3. Vulture.
(ଜ—ବାହୁଢ଼ଲେ ଋଷି ଅମୃତକୁ ପ୍ରାପ୍ତି କରିଲେ ସ୍ୱଦୃଗା—
ଇଷ୍ଟି, ବୈଦେସ୍ମାଶ ବଳାସ ।)
ସଂ. ବଣ (ବହୁବ୍ରୀହି)—ଦୂରଦର୍ଶୀ (ବି· ଣ)—Having a long eyesight.

ସୁଦେଇ—ଦେ· ବି (ଅଦରାର୍ଥକ)—ସୁଦର୍ଶନର ଡାକ ନାମ—
Sudei Name for calling 'Sudarśana'.

ସୁଦେବୀ—ଦେ. ବି—ଫିରଙ୍ଗ କଣ୍ଟା ଗୁଳ୍ମ—A kind of thorny
Sudebī plant; Caparis Separia.
ଅଁାକୋଡ଼ [ଉ—ଅଛୁ ସୁଦେବୀ, ପୁଣ ଭୁଗବଦ୍ୟା ଜପୁଣେ । ଉଷ୍ଟ.
ପିଁଈକ ପ୍ରେମସୁଧାନିଧି ।]

ସୁଦେଶ—ସଂ. ବି—୧ । ଉତ୍ତମ ଦେଶ—1. A good country.
Sudeśa ୨ । ଉତ୍ତମ ସ୍ଥାନ—2. A good place.

ସୁଦେଷ୍ଣ—ସଂ· ବଣ, ପୁଂ (ନାମ)—ରୁକ୍ମିଣୀ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ପୁତ୍ର
Sudeshṇa (ହି. ଣ)—Name of a son of Śrī. krushṇa.

ସୁଦେଷ୍ଣା—ସଂ. ବି· ସ୍ତ୍ରୀ (ନାମ)—୧ । ବିରାଟ ରାଜାଙ୍କ ସ୍ତ୍ରୀ ଓ କୀଚକର
Sudeshṇā ଭଗିନୀ, ଯାହାଙ୍କ ନିକଟରେ ଦ୍ରୌପଦୀ ପାଣ୍ଡବମାନଙ୍କ
ଅଜ୍ଞାତବାସ ସମୟରେ ସୈରିନ୍ଧ୍ରୀ ରୂପେ ଆଶ୍ରୟ ନେଇଥିଲେ ।
1. Name of the queen of 'Birāṭa' king and sister of Kichaka. ୨ । ବଳିଙ୍କ ସ୍ତ୍ରୀ (ହି· ଣ)
—2. Name of the wife of Baḷi.

ସୁଦେହ—ସଂ. ବି (କର୍ମଧା)—ସୁନ୍ଦର ଶରୀର—
Sudeha Beautiful body.
(ସୁଦେହା—ସ୍ତ୍ରୀ.ବଣ) ସଂ. ବଣ.ପୁଂ(ବହୁବ୍ରୀହି)—କମନୀୟ ଶରୀର-
ବିଶିଷ୍ଟ—Having a beautiful body.

ସୁଦୈବ—ସଂ. ବି—୧ । ସୌଭାଗ୍ୟ (ହି. ଣ)—1. Good for-
Sudaiba tune. ୨ । ଉତ୍ତମ ସଂଯୋଗ—2. Good combination.

ସୁଦୋହା(ଘା)—ସଂ. ବଣ. ସ୍ତ୍ରୀ (ସୁ+ଦୁହ୍ ଧାତୁ=କର୍ମ. ଅ+ସ୍ତ୍ରୀ. ଆ)
Sudohā(ghā) —ଯେଉଁ ଗାଈକୁ ସହଜରେ ଦୁହାଁ ଯାଇପାରେ—
Easily milched (cow).

ସୁଦ୍ଧା—ଦେ. ଅ (ସଂ. ସାର୍ଦ୍ଧଂ)—୧ । ପର୍ଯ୍ୟନ୍ତ—1. Upto. (ଯଥା—
Suddhā ଅଦ୍ୟସୁଦ୍ଧା) ୨। ସମେତ—2. Including. (ଯଥା—
ପର୍ଯ୍ୟନ୍ତ ତକ ସବଂସୁଦ୍ଧା) ୩ । ମଧ୍ୟ—3. Also; even.
ସମେତ ସୁଦ୍ଧା ମଧ୍ୟ ଭୀ

ସୁଦ୍ୟୁମ୍ନ—ସଂ. ବି—ବୈବସ୍ୱତ ମନୁଙ୍କ ପୁତ୍ର; ଇଡ଼ ନାମକ ରାଜା—
Sudyumna Name of a son of 'Baibaswata Manu'; king Irḍa.
[ଜ—କଥିତ ଅଛି ଯେ, ହିମାଳୟରେ ପାର୍ବତୀଙ୍କ ସହ ହରଙ୍କର
ରତିକ୍ରୀଡ଼ା ହେଉଥିବା ସମୟରେ ସୁଦ୍ୟୁମ୍ନ ସେଠାରେ ମୃଗୟା
ଲାଗି ପଡ଼ିଥିଲେ ଏବଂ ମହାଦେବଙ୍କ ଶାପଫଳରେ ସେ ସ୍ତ୍ରୀ
ରୂପରେ ପରିଣତ ହୋଇ ଅରଣ୍ୟରେ ବୁଲିଲେ । ବୁଲି ବୁଲି
ବୁଧଙ୍କ ସଙ୍ଗେ ତାଙ୍କର ଭେଟ ହେଲା ଓ ବୁଧଙ୍କ ଔରସରେ
ଏହାଙ୍କ ଗର୍ଭରୁ ପୁରୁରବା ଜାତ ହେଲେ । ପରେ ବୁଧଙ୍କ
ଆରାଧନାରେ ତୁଷ୍ଟ ହୋଇ ମହାଦେବ ଦୟା କରିବାରୁ ଏ
ପୁଣି ପୁରୁଷ ରୂପରେ ପରିଣତ ହେଲେ । ଅଗ୍ନିପୁରାଣ·
ସାଗରୋପାଖ୍ୟାନ ।]

ସୁଧ୍ (ଇତ୍ୟାଦି)—ଦେ· ବି ଓ କ୍ରି. ବଣ—ଶୁଧ୍ ଇତ୍ୟାଦି (ଦେଖ)
Sudh Śudh etc. (See)

ସୁଧ (ଇତ୍ୟାଦି)—ଦେ. ବି—ଶୁଧ ଇତ୍ୟାଦି (ଦେଖ)
Sudha (etc) Śudha etc.

ସୁଧନ୍ୱା—ସଂ. ବି· ପୁଂ [ସୁ+ଧନୁସ୍ (ଧନୁସ=ଧନ୍ୱନ୍) ବହୁବ୍ରୀହି;
Sudhanwā ସୁନ୍ଦର ଧନୁ ଅଛି ଯାହାର; ସୁଧନ୍ୱନ୍ ୧ମା. ୧ବ]—
୧ । ଶ୍ରେଷ୍ଠ ଧାନୁଷ୍କ; ଉତ୍କୃଷ୍ଟ ଧନୁର୍ଦ୍ଧର (ମେଦିନୀ)—
1. An excellent archer; a master bowman. ୨ । ବିଶ୍ୱକର୍ମା (ମେଦିନୀ)—2. The Divine Architect. ୩ । ଜନୈକ ନୃପ—3. Name of a king.

[ଜ—ଭଦ୍ରାବତୀପୁରରେ ହଂସଧ୍ୱଜ ନାମକ ଜଣେ
ରାଜା ଥିଲେ । ସେ ଜଣେ ପରମ ବୈଷ୍ଣବ ଏବଂ ତାଙ୍କର
ଦୁଇ ପୁତ୍ର ସୁରଥ ଓ ସୁଧନ୍ୱା ମଧ୍ୟ ଠିକ୍ ସେହିପରି କୃଷ୍ଣ-
ଭକ୍ତ ଥିଲେ ।

ଯୁଧିଷ୍ଠିରଙ୍କ ସଙ୍କଳ୍ପିତ ଅଶ୍ୱମେଧ ଯଜ୍ଞର ଅର୍ଜୁନ-
ରକ୍ଷିତ ଅଶ୍ୱ ନାନା ଦେଶ ଭ୍ରମଣ କରି ଏହି ଭଦ୍ରାବତୀ
ପୁରରେ ଆସି ପହଞ୍ଚିଲା । କୃଷ୍ଣଭକ୍ତ ହଂସଧ୍ୱଜ,କୃଷ୍ଣଙ୍କ ଦର୍ଶନ-
ଲାଭର ମହାସୁଯୋଗ ଉପସ୍ଥିତ ହେବା ଦେଖି, ଯଜ୍ଞ ଅଶ୍ୱକୁ
ବନ୍ଧନ କଲେ; କେବଳ ଏତିକି ନୁହେଁ, ସେ କୃଷ୍ଣସଖା
ଅର୍ଜୁନଙ୍କୁ ଧରିବାଲାଗି ପ୍ରସ୍ତୁତ ହେଲେ; ଯୁଦ୍ଧ ଲାଗି ବିପୁଳ
ଆୟୋଜନ ହେଲା । ରାଜା ଘୋଷଣା କଲେ, ଯେ ଅର୍ଜୁନଙ୍କ
ବିରୁଦ୍ଧରେ ଯୁଦ୍ଧରେ ଯୋଗଦାନ ନ କରିବ, ନିକଟଆସିସୁ
ହେଲେ ସୁଦ୍ଧା ତାହାକୁ ତପ୍ତତୈଳପୂର୍ଣ୍ଣ କଟାହରେ ନିକ୍ଷେପ
କରାଯିବ ।

ହରିଭକ୍ତ ହୋଇବାର ସୁଧନ୍ୱା ମଧ୍ୟ ଯୁଦ୍ଧ ଲାଗି ସମୁତ୍ସୁକ
ହେଲେ; ଯୁଦ୍ଧାର୍ଥ ପ୍ରସ୍ତୁତ ହୋଇ ଭାର୍ଯ୍ୟା ଓ ଜନନୀଙ୍କ
ସଙ୍ଗେ ଦେଖା କରିବାକୁ ଗଲେ । ପତ୍ନୀଙ୍କ
ନିକଟରୁ ବିଦାୟ ନେଇ ଆସୁ ଆସୁ କିଛି ବିଳମ୍ବ
ହୋଇଗଲା ।

ଏଣେ ଯଥାସମୟରେ ପୁତ୍ରକୁ ଉପସ୍ଥିତ ହେବା ନ
ଦେଖି ହଂସଧ୍ୱଜ ପୂର୍ବ ପ୍ରତିଜ୍ଞାନୁସାରେ ସୁଧନ୍ୱାଙ୍କୁ ତପ୍ତ
ତୈଳପୂର୍ଣ୍ଣ କଟାହରେ ନିକ୍ଷେପ କରିବାକୁ ଆଦେଶ
ଦେଲେ ।

କୃଷ୍ଣଭକ୍ତ ସୁଧନ୍ୱା ପିତୃ ଆଦେଶ ପାଳନ କରିବାରେ
ବିଚଳିତ ହେଲେ ନାହିଁ । ତାହାଙ୍କୁ ତପ୍ତତୈଳ
କଟାହରେ ନିକ୍ଷିପ୍ତ କରାଗଲା । କିନ୍ତୁ ଭକ୍ତଙ୍କୁ କୃଷ୍ଣ
ରକ୍ଷା କଲେ । ତତ୍ପରେ ସୁଧନ୍ୱା କୃଷ୍ଣନାମ

ମୁଖରେ ଉଚ୍ଚାରଣ କରୁ କରୁ ଭକ୍ତ ତପ୍ତ କଟାହକୁ ବାହାରିଲେ । ଏହା ଦେଖି ସମସ୍ତେ ବିସ୍ମିତ ହେଲେ ।

ତତ୍ପରେ ଯୁଦ୍ଧ ଆରମ୍ଭ ହେଲା । ଅର୍ଜୁନ କୌଣସିରୂପେ ସୁଧନ୍ୱାଙ୍କୁ ପରାଜିତ କରି ପାରିଲେ ନାହିଁ । ସୁଧନ୍ୱାଙ୍କ ବାଣାଘାତରେ ଅର୍ଜୁନଙ୍କ ରଥ ବହୁଦୂର ଛିଟିକିବାରୁ ଅର୍ଜୁନ କାତରସ୍ୱରରେ କୃଷ୍ଣଙ୍କୁ ଧ୍ୟାନ କଲେ । ଶେଷରେ କୃଷ୍ଣଙ୍କ କୌଶଳରେ ସୁଧନ୍ୱାଙ୍କ ମସ୍ତକ ଦେହରୁ ଚ୍ୟୁତ ହୋଇ କୃଷ୍ଣଙ୍କ ପଦକମଳରେ ପଡ଼ି ହରିନାମ ଉଚ୍ଚାରଣ କଲା । ଏହିପରି ସୁଧନ୍ୱାଙ୍କର ମୁକ୍ତି ହେଲା ।

ସନ୍ଦର୍ଭଲେଖକ—ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି. ଏ.]

୪ । ଅନନ୍ତଦେବ; ଶେଷଦେବ—4. An incarnation of Bishṇu in the shape of serpent. ୫ । ସୂର୍ଯ୍ୟଙ୍କ କନ୍ୟା ତପତୀଙ୍କ ଗର୍ଭଜାତ କୁରୁଙ୍କ ସନ୍ତାନ (ହ. ଶ)—5. Name of a son of Kuru. ୬ । ବିଷ୍ଣୁ (ହ. ଶ)—6. Bishṇu. ୭ । ବିଦୁର (ହ. ଶ)—7. Bidura. ୮ । ଅଙ୍ଗିରସ (ହ. ଶ)-8. Angirasa. ୯ । ସୁଧନ୍ୱାଚାର୍ଯ୍ୟ (ହ. ଶ) (ଦେଖ) 9. Sudhanwāchārjya (See)

ସୁଧନ୍ୱାଚାର୍ଯ୍ୟ—ସଂ ବି—ବ୍ରାତ୍ୟ ବୈଶ୍ୟଙ୍କ (ଅର୍ଥାତ ଯେଉଁ ବୈଶ୍ୟଙ୍କର
Sudhanwāchārjya ବ୍ରତ ହୋଇ ନଥାଏ ତାଙ୍କ) ଔରସରେ ସବର୍ଣ୍ଣା ସ୍ତ୍ରୀଗର୍ଭଜାତ ଜାତ (ମନୁ ୧୦ମ ଅଧ୍ୟାୟ)—The son of a fallen Baiśya (i e, a Baiśya who had not had his investiture) through a woman of the same caste.

ସୁଧର(ରେ)ଇବା—ଦେ. କ୍ରି—ଶୁଧୁରାଇବା (ଦେଖ)
Sudharā(re)ibā Śudhurāibā (See)

ସୁଧରାଣ—ଦେ. ବି—ଶୁଧରାଣ (ଦେଖ)
Sudharāṇa Śudharāṇa (See)

ସୁଧର୍ମ—ସଂ ବି—୧ । (ନାମ) ଜୈନ ଗଣାଧିପବିଶେଷ—
Sudharma 1. Name of a Jaina saint. [ଦ୍ର—ଏ ମହାବୀରଙ୍କ ଦଶ ଶିଷ୍ୟ ମଧ୍ୟରୁ ଜଣେ (ହ.ଶ) ।] ୨ । (ନାମ) କିନ୍ନରେନ୍ଦ୍ରବିଶେଷ (ହ. ଶ.)—2. Name of a king of the Kinnaras. ୩ । ଉତ୍ତମ ଧର୍ମ; ପୁଣ୍ୟ କର୍ତ୍ତବ୍ୟ କର୍ମ (ହ. ଶ.)—3. Good work; pious duty. ଦେ. ବିଣ (ସଂ. ସୁଧର୍ମା) - ସୁଧାର; ଶାନ୍ତ; ଯେ ଦୁଷ୍ଟ ନୁହେ—Mild; gentle.

ସୁଧର୍ମା—ସଂ. ବିଣ (ସୁ+ ଧର୍ମନ୍; ୧ମା. ୧ବ)—୧ । (ପୁଂ) ଅତି ଧାର୍ମିକ;
Sudharmā ଧର୍ମପରାୟଣ—1. Very pious. ସଂ. ବି—୧ । (ପୁଂ) କୁଟୁମ୍ବୀ (ଭୃଶାଦେବୋତ); କୁଟୁମ୍ବପାଳକ ଗୃହସ୍ଥ (ହ. ଶ)—1. The head of a family; a householder. ୨ । (ସ୍ତ୍ରୀ) ଦେବସଭା; ଇନ୍ଦ୍ରଙ୍କ ସଭା—2. Name of the court of God Indra where the gods assemble for deliberation and sport. ୩ । (ପୁଂ) ଶେଷ ଜୈନଙ୍କର ଜନୈକ ଶିଷ୍ୟ; ଜୈନମାନଙ୍କର ଗଣାଧିପ ବିଶେଷ (ହ. ଶ) - 3. Name of a disciple of the last Jaina saint. ୪ । (ପୁଂ) କ୍ଷତ୍ରିୟ (ହ. ଶ)—4. A Kshatriya. ୫ । (ନାମ) ଦଶାର୍ଣ୍ଣର ଜଣେ ରାଜା (ହ. ଶ)—5. Name of a king of
सुशील Daśārṇṇa. ଦେ. ବିଣ—୧ । ନମ୍ର; ଶାନ୍ତ—
सुशील, सद् 1. Mild; meek. [ଉ - ସୁଧର୍ମା ଗାଈର ବାଛୁରୀ ମରେ ।] ୨ । ସୁଶୀଳ—2. Well disposed; of good nature.

ସୁଧର୍ମା ଗାଈ—ଦେ. ବି—ଶାନ୍ତ ସ୍ୱଭାବଯୁକ୍ତା ଗାଈ; ଯେଉଁ ଗାଈଠାରୁ
Sudharmā gāī ଦୁଧ ଦୁହିଁବାକୁ କିଛି କଷ୍ଟ ହୁଏ ନାହିଁ,
ठाण्डा गाई अर्थात् जो दूध दुहने के समय दुष्टामि करे नहीं—
सद् गाय A meek milch-cow.

ସୁଧର୍ମା ଗାଈର ବାଛୁରୀ ମରେ—ଦେ. ପ୍ରବଚନ, ନ୍ୟାୟ—ସୁଶୀଳା ଗାଈ-
Sudharmā gāira bāchhurī mare ଠାରୁ ଦୁଧ ଦୁହିଁଲାବେଳେ ସେ ଦୁଷ୍ଟାମି କରେ ନାହିଁ; ଏଥିପାଇଁ ଲୋକେ ତାଠାରୁ ଦୁଧ ନିଃଶେଷ କରି ଦୁହିଁ ନିଅନ୍ତି । ଫଳରେ ଦୁଧ ଦୁହିଁସାରିଲା ପରେ ତା ନିଜ ବାଛୁରୀର ପିଇବା ପାଇଁ ଗାଈ ଠାରେ ଅଦୌ ଦୁଧ ନ ଥାଏ । ତେଣୁ ଉକ୍ତ ଗାଈର ବାଛୁରୀ ମାଆଠାରୁ ଦୁଧ ପିଇବାକୁ ନ ପାଇବାରୁ ମରିଯାଏ । ଶାନ୍ତଶୀଳ ବ୍ୟକ୍ତିର କୋମଳ ବ୍ୟବହାରର ଲୋକେ ଅପବ୍ୟବହାର କରନ୍ତି ଓ ତାହିଁର ଫଳରେ ସେ କଷ୍ଟ ଭୋଗ କରେ । ଏହି ଦୃଷ୍ଟାନ୍ତରେ ଏ ପ୍ରବଚନ ବୋଲାଯାଏ ।

ଅତି ମଧ୍ୟ ଧର୍ମଭୀରୁ ବ୍ୟକ୍ତିର ଅନିଷ୍ଟ ଘଟିଲେ ଲୋକେ ଏ ପ୍ରବଚନ ବ୍ୟବହାର କରନ୍ତି—]

A proverb meaning "The calf of meek cow starves".

ସୁଧର୍ମୀ—ସଂ. ବି. ସ୍ତ୍ରୀ—୧ । (ସୁଧର୍ମ+ଈ) (ସ୍ତ୍ରୀ) ଦେବସଭା (ଅମର
Sudharmī ଟୀକା)—1. Name of Indra's court. ୨ । (ପୁଂ) (ସୁଧର୍ମ+ଇନ୍; ୧ମା. ୧ବ) ଧର୍ମପରାୟଣ (ହ. ଶ)—2. Pious.

ସୁଧା—ସଂ. ବି (ସୁ=ସୁଖରେ+ଧେ ଧାତୁ=ପାନ କରିବା+କର୍ମ. ଅ
Sudhā +ଆ; ଯାହା ସୁଖରେ ପାନ କରାଯାଏ)—୧ । ଅମୃତ (ଅମର); ପୀୟୂଷ—1. Nectar; ambrosia. ୨ । ଲେପନ (ମେଦିନୀ)—2. Anointing; smearing. ୩ । ଚୂନ (ମେଦିନୀ); କଳିଚୂନ—3. Lime; quicklime. (ଉ—ଚୈତ୍ର ଘରୁ ଶୋଭ ବ, ସୁଧାରେ ଲେପିତ—କୃଷ୍ଣସିଂହ. ମହାଭାରତ. ବନ ।) ୪ । ମୂର୍ବା (ମେଦିନୀ) ମୁରୁଗା ଲତା—4. Sansveira Zeylanica

plant. ୫ । ସ୍ନୁହୀ; ସିହୁଣ୍ଡ (ମେଦିନୀ)—5. Euphorbia tree. ୬ । ଗଙ୍ଗା (ମେଦିନୀ)—6. The Ganges. ୭ । ଇଷ୍ଟକା; ଇଟା—7. Brick. ୮ । ବିଦ୍ୟୁତ୍ (ଧ୍ୱନିମଞ୍ଜରୀ)—8. Lightning; electric tr. ୯ । ରସ (ଧ୍ୱନିମଞ୍ଜରୀ)—9. Juice. ୧୦ । ତୋୟ; ଜଳ (ଧ୍ୱନିମଞ୍ଜରୀ)—10. Water. ୧୧ । ଧାତ୍ରୀ; ଆମଳକ; ଅଁଳା (ଧ୍ୱନିମଞ୍ଜରୀ)—11. Phylanthus Emblica. ୧୨ । ହରୀତକୀ; ହରିଡ଼ା (ଶବ୍ଦରତ୍ନାବଳୀ)—12. Myrobalan. ୧୩ । ଶାଳପର୍ଣ୍ଣୀ (ରାଜନିର୍ଘଣ୍ଟ)—13. A medicinal plant. ୧୪ । ପୁଷ୍ପରସ; ମକରନ୍ଦ—14. The juice or honey from flowers. ୧୫ । ଜ୍ୟୋତ୍ସ୍ନା; ଚନ୍ଦ୍ରିକା—15. Moon-beam. ୧୬ । ମଦ୍ୟ; ମଦିରା—16. Wine. ୧୭ । ଦୁଗ୍ଧ (ହ. ଶ)—17. Milk ୧୮ । ସାର (ହ. ଶ)—18. Essence. ୧୯ । ପୃଥିବୀ (ହ. ଶ)—19. The earth. ୨୦ । ବିଷ; ହଳାହଳ (ହ. ଶ)—20. Poison. ୨୧ । ଗୁଳୁଚି (ହ. ଶ)—21. Tinaspora Cordifolia (creeper). ୨୨ । ରୁଦ୍ରଙ୍କ ସ୍ତ୍ରୀ (ହ. ଶ)—22. Wife of the Rudra Deity. ୨୩ । ପୁତ୍ରୀ (ହ. ଶ)—23. Daughter. ୨୪ । ବଧୂ (ହ. ଶ)—24. Daughter-in-law. ୨୫ । ଧାମ; ଘର (ହ. ଶ)—25. Residence. ୨୬ । ମଧୁ (ହ. ଶ)—26. Honey.

ସୁଧାଂଶୁ—ସଂ. ବି (ସୁଧା=ଅମୃତ ପରି ଅଂଶୁ=କିରଣ ଯାହାର; Sudhāmsu ବହୁବ୍ରୀହି)—୧ । ହିମାଂଶୁ; ଚନ୍ଦ୍ର; ଚନ୍ଦ୍ରମା—1. The moon. ୨ । କର୍ପୂର—2. Camphor.

ସୁଧାଂଶୁ ତୈଳ—ସଂ. ବି—କର୍ପୂର ତେଲ (ରାଜ ନିର୍ଘଣ୍ଟ)—Sudhāmsu taila Camphor oil.

ସୁଧାଂଶୁ ରତ୍ନ (ରକ୍ତ)—ସଂ. ବି—ମୌକ୍ତିକ; ମୁକ୍ତା (ରାଜନିର୍ଘଣ୍ଟ)—Sudhāmsu ratna(rakta) Pearl.

ସୁଧାଂଶୁ ଶେଖର—ସଂ. ବି. ପୁଂ (ବହୁବ୍ରୀହି; ସୁଧାଂଶୁ=ଚନ୍ଦ୍ର ଅଛନ୍ତି Sudhāmsu śekhara ଶେଖରେ=ଶିରୋଭୂଷଣ ଯାହାଙ୍କର)—ଶଶିଶେଖର; ମହାଦେବ—God Siva. ଦେ. ବି (ପୁଂ)—ଲୋକଙ୍କୁ ଦିଆଯିବା ନାମ—A name given to males.

ସୁଧା(ଧେ)ଇବା—ଦେ. କି—ଶୁଧାଇବା (ଦେଖ) Sudhā(dhe)ibā Śudhaibā (See)

ସୁଧା କଣ୍ଠ –ସଂ. ବି (ବହୁବ୍ରୀହି)—କୋକିଳ (ହ. ଶ)—Sudhā kantha The Indian cuckoo.

ସୁଧାକର ସଂ. ବି (ସୁଧା=ଅମୃତ+ଆକର=ଉତ୍ପତ୍ତିସ୍ଥାନ, ୬ଷ୍ଠୀ Sudhākara ତତ୍)—ଚନ୍ଦ୍ର—The moon. ଦେ. ବି. ସୁଧାକର ସୁଧାକର ପୁଂ—ଲୋକଙ୍କ ନାମ—A name given to males.

ସୁଧାକର ଦ୍ୱିବେଦୀ—ଦେ. ବି—୧ । ସ୍ୱର୍ଗତ ବିଖ୍ୟାତ ଗାଣିତିକ Sudhākara dwibedī ପଣ୍ଡିତ—1. A late famous mathematician. [ବି—ଏହାଙ୍କର ଜନ୍ମ ୧୮୬୦ ଖ୍ରୀଷ୍ଟାବ୍ଦରେ । ଏ ଇଂରାଜୀ ଓ ସଂସ୍କୃତ ଗଣିତରେ ପାରଦର୍ଶୀ ହୋଇ ଇଉରୋପୀୟ ଗଣିତ ଅବଲମ୍ବନରେ ଗଣିତ ଓ ଜ୍ୟୋତିଷ ଅଦିର ଅନେକ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ଏହାଙ୍କ କୃତ 'ଗଣିତତରଙ୍ଗିଣୀ' ନାମକ ଜ୍ୟୋତିଷଗ୍ରନ୍ଥ ଅତି ପ୍ରସିଦ୍ଧ । ଏ କାଶୀ ସଂସ୍କୃତକଲେଜର ପ୍ରଧାନ ଗଣିତ ଅଧ୍ୟାପକ ଥିଲେ । ଏ ଯୁକ୍ତି ଗଣିତର ସାହାଯ୍ୟ ଅବଲମ୍ବନ କରି ସ୍ଫୁଟଗ୍ରହ ସାଧନୋପଯୋଗୀ ସାରଣୀ ପ୍ରସ୍ତୁତ କରିଥିଲେ । ଏ ବ୍ରହ୍ମସିଦ୍ଧାନ୍ତର ପ୍ରକାଶିକା ନାମକ ଏକ ଟୀକା କରିଥିଲେ । ଏହି ସବୁ ପାଣ୍ଡିତ୍ୟପୂର୍ଣ୍ଣ କାର୍ଯ୍ୟପାଇଁ ଏ ସରକାରଙ୍କଠାରୁ 'ମହାମହୋପାଧ୍ୟାୟ' ଉପାଧି ପାଇଥିଲେ ।] ୨ । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ—2. Name of an astrologer of the 10th century A. D. [ବି—ଏହି ସୁଧାକର ଦ୍ୱିବେଦୀଙ୍କ ବିଷୟ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ପ୍ରଣୀତ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ଗ୍ରନ୍ଥର ୫ମ ପୃଷ୍ଠାରେ ଲେଖାଅଛି—

"ପଣ୍ଡିତ ସୁଧାକର ଦ୍ୱିବେଦୀ ଦଶମ ଶତାବ୍ଦୀର ଲୋକ ଥିବାର ଅନୁମିତ ହୁଏ; କାରଣ ତତ୍କୃତ "ଗଣିତତରଙ୍ଗିଣୀ" ବା 'ମୁଞ୍ଜଳ' ଖ୍ରୀଷ୍ଟାବ୍ଦ ୯୩୩ରେ ପ୍ରଣୀତ ହୋଇଥିବ ।]

ସୁଧାକାର—ସଂ. ବି—୧ । କାନ୍ଥ ଆଦିକୁ ଚୂନ ସଫେଦ କରିବାବାଲା Sudhākāra (ହ. ଶ)—1. A person who whitewashes walls etc. ୨ । ରାଜମିସ୍ତ୍ରୀ (ହ. ଶ)—2. Mason.

ସୁଧାକୋଷ—ସଂ. ବି (୬ଷ୍ଠୀ ତତ୍; କର୍ମ୍ମ ମ. ପ. ଲୋ ସୁଧା+କୋଷ)—Sudhā kosha ଅମୃତର ବା ଅମୃତମୟ ଭଣ୍ଡାର—The store of nectar. (ଉ—ବସୁଧାରେ ସୁଧାକୋଷ ବୋଲାଇ, ଶ୍ରୀଫଳ ଫଳ ବିଫଳ କରାଇ—ଭଞ୍ଜ, କୋଟବ୍ରହ୍ମାଣ୍ଡସୁନ୍ଦରୀ ।)

ସୁଧାକ୍ଷାଳିତ—ସଂ. ବିଣ (୩ୟା ତତ୍) ଚୂନଦ୍ୱାରା ଧଉଳା ହୋଇଥିବା Sudhākshālita (ହ. ଶ)—Whitewashed.

ସୁଧାଖଡ଼ି—ପ୍ରାଦେ (ଗଞ୍ଜାମ) ବି (ବୈଦ୍ୟକ)—ବନ୍ୟ ଗୁଳ୍ମବିଶେଷ; Sudhā khardi ଗଡ଼ସିଙ୍ଘ (ଦେଖ)—A wild plant. [ବି—ଏହା ଉଷ୍ଣ, କଟୁ, ମଳସ୍ରୋଧକ ଓ ଉଦରଜ୍ୱାଳାନାଶକ ଅଟେ—ଦ୍ରବ୍ୟଗୁଣ-କଳ୍ପଦ୍ରୁମ ।]

ସୁଧା ଘଟ—ସଂ. ବି—୧। ଅମୃତପୂର୍ଣ୍ଣ କଳସ—1. A pitcher full of nectar. Sudhā ghata ୨ । ଚନ୍ଦ୍ର (ହ. ଶ)-2. The moon.

ସୁଧାଙ୍ଗ—ସଂ. ବି (ବହୁବ୍ରୀହି; ସୁଧା ଅଛି ଅଙ୍ଗରେ ଯାହାର)—ଚନ୍ଦ୍ର—Sudhānga The moon.

ସୁଧାଜୀବୀ—ସଂ. ବି, ପୁଂ (ସୁଧା=ଚୂନକାମ+ଜୀବ୍ ଧାତୁ+କର୍ତ୍ତୃ ଣିନ୍; ୧ମା ୧ବ)—୧ । ରାଜ ମିସ୍ତ୍ରୀ—1. A mason. ୨ । ସୁଧା ଲେପକ (ବିକାଣ୍ଡଶେଷ)—2. A white washer.
Sudhājibī

ସୁଧା ଝର—ଦେ. ବି—୧। ସୁଧାଧାରା; ଅମୃତର ଧାରା—1. A flow of nectar. ୨। ଅମୃତସ୍ରାବୀ ଝରଣା—2. A spring of nectar.
Sudhā jhara
ସୁଧାଝର ସୁଧାକର

ସୁଧାଝରି—ଦେ. ବି—୧ । ସୁଧା ପାତ୍ର (ଦେଖ)—1. Sudhāpātra (See) (ଉ—ଚନ୍ଦ୍ରରୁ ଚ୍ୟୁତ ସୁଧାଝରି ତରତ୍ତରିତର ମୃଣେ ଭରି—କବିସୂର୍ଯ୍ୟ ବଳଦେବ ରଥ, ଚ ଗୀତ ।)
Sudhā jhari

ସୁଧାତୁ—ସଂ, ବି—ସ୍ୱର୍ଣ୍ଣ (ହି. ଶ)—Gold.
Sudhātu

ସୁଧାତୁଦକ୍ଷିଣ—ସଂ, ବିଣ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ଯଜ୍ଞାଦରେ ସୁବର୍ଣ୍ଣ ଦକ୍ଷିଣା ଦଅନ୍ତି—(a person) Bestowing gold as Dakshinā in vedic sacrifice.
Sudhātudakshiṇa

ସୁଧା ଦୀଧିତି—ସଂ. ବି (ବହୁବ୍ରୀହି)—ସୁଧାଂଶୁ; ଚନ୍ଦ୍ର—The moon.
Sudhā didhiti

ସୁଧା ଧବଳ—ସଂ, ବିଣ—୧ । ଚୂନ ବା ଚନ୍ଦ୍ରକିରଣ ପରି ଧଳା—1. White as lime or moonlight. ୨ । ଚୂନ ବୋଳା ବା ଧଉଳା ହୋଇଥିବା—2. White washed.
Sudhā dhabaḷa

ସୁଧା ଧବଳିତ(ଧୌତ)—ସଂ. ବିଣ (୩ୟା ତତ୍)—ଚୂନ ଲିପା ହେବାରୁ ଧଳା ହୋଇଥିବା—White washed.
Sudhā dhabaḷita(dhauta)

ସୁଧାଧାର—ସଂ. ବି (୬ଷ୍ଠୀ ତତ୍, ସୁଧା+ଆଧାର=ସ୍ଥାନ, ଅଥବା ସୁଧା+ଆ+ଧୃ ଧାତୁ=ଧରିବା+କର୍ତ୍ତୃ ଅ)—୧ । ଅମୃତ ପାତ୍ର—1. A vessel of nectar. ୨ । ଚନ୍ଦ୍ର—2. The moon.
Sudhādhāra

ସୁଧା ଧାରା—ସଂ. ବି (୬ଷ୍ଠୀ ତତ୍)—ଅମୃତର ଧାରା—A flow of nectar. [ଜ୍ଞ—ସୁଧାରସ ସୁଧାଧାରା ଧାବମାନ କଣ୍ଠବଧା—ଶୃଙ୍ଖଳା ।]
Sudhā dhārā

ସୁଧା ନିଧି—ସଂ. ବି (୬ଷ୍ଠୀ ତତ୍; ସୁଧା+ନିଧି=ସ୍ଥାନ)—୧ । ଚନ୍ଦ୍ର (ଶବ୍ଦରତ୍ନାବଳୀ)—1. The moon. ୨ । ସମୁଦ୍ର (ହି. ଶ)—2. The ocean.
Sudhānidhi

ସୁଧାପୟଃ—ସଂ. ବି (୬ଷ୍ଠୀ ତତ୍; ସୁଧାପୟସ୍, ୧ମା ୧ବ)—ସିଜୁକ୍ଷୀର (ଶବ୍ଦକଳ୍ପଦ୍ରୁମ)—The juice of 'Sijhu' tree.
Sudhāpayaḥ

ସୁଧା ପାଣି—ସଂ. ବି (ସୁଧା+ପାଣି=ହସ୍ତ; ବହୁବ୍ରୀହି)—ଧନ୍ୱନ୍ତରି—The Divine Physician.
Sudhā pāṇi

ସୁଧା ପାତ୍ର ସଂ. ବି—ଅମୃତ ରହିବା ପାତ୍ର—A receptacle for nectar.
Sudhā pātra

ସୁଧା ପାନ—ସଂ. ବି (୬ଷ୍ଠୀ ତତ୍)—ଅମୃତ ପିଇବା—Drinking of the nectar.
Sudhā pāna

ସୁଧା ପାଷାଣ—ସଂ. ବି (ମ. ପ. କୋ)—ଫୁଲଖଡ଼ି; ଚକ୍ଖଡ଼ି—Chalk.
Sudhā pāshāṇa

ସୁଧାବର୍ଷୀ—ସଂ. ବିଣ (ସୁଧା+ବୃଷ୍ ଧାତୁ=ବର୍ଷିବା+କର୍ତ୍ତୃ ଣିନ୍; ସୁଧାବର୍ଷିନ୍ ଶବ୍ଦର ୧ମା ୧ବ)—ଯେ ସୁଧା ବର୍ଷଣ କରେ—Raining nectar. ସଂ. ବି—୧ । ବ୍ରହ୍ମା (ହି. ଶ) 1. Brahmā. ୨ । ଏକ ବୁଦ୍ଧଙ୍କ ନାମ (ହି. ଶ)—2. Name of a Buddhist saint. ୩ । ଚନ୍ଦ୍ର; ସୁଧାକର—3. The moon.
Sudhābarshī
(ସୁଧାବର୍ଷିଣୀ—ସ୍ତ୍ରୀ)

ସୁଧାବାସ—ସଂ. ବି—୧ । (୬ଷ୍ଠୀ ତତ୍; ସୁଧା=ଅମୃତ+ଆବାସ=ସ୍ଥାନ)—ଚନ୍ଦ୍ର—The moon. ୨ । ସୁଧାବାସା (ଦେଖ)—2. Sudhābāsā (See) ୩ । ଚୂର୍ଣ୍ଣମୟ ଗୃହ—3. white wasted house.
Sudhābāsa

ସୁଧାବାସା—ସଂ. ବି—ତପୁଷୀ (ରାଜନିର୍ଘଣ୍ଟ); କାକୁଡ଼ି—Cucumber.
Sudhābāsā

ସୁଧା ଭାଣ୍ଡ—ସଂ. ବି (୬ଷ୍ଠୀ ତତ୍)—ସୁଧାପାତ୍ର (ଦେଖ) Sudhāpātra (See)
Sudhābhāṇḍa

ସୁଧାଭିତ୍ତି—ସଂ. ବି (ମ. ପ. କୋ)—ଚୂନ ସଫେଦ କରା ଯାଇଥିବା କାନ୍ଥ (ହି.ଶ)—Whitewashed wall.
Sudhā bhitti

ସୁଧାଭୁକ୍(ଭୋଜୀ)—ସଂ. ବି (ସୁଧା+ଭୁଜ୍ ଧାତୁ+କର୍ତ୍ତୃ କିପ୍; ସୁଧାଭୁଜ୍; ସୁଧା+ଭୁଜ ଧାତୁ+କର୍ତ୍ତୃ ଣିନ୍ ଶବ୍ଦ ୧ମା ୧ବ)—ଦେବତା—Deity.
Sudhābhuk(bhojī)

ସୁଧାଭୃତ—ସଂ. ବି (ସୁଧା+ଭୃ ଧାତୁ+ଅଧି ତ)—୧ । ଚନ୍ଦ୍ର (ମେଦିନୀ) 1. The moon. ୨। ଯଜ୍ଞ (ମେଦିନୀ) 2. Vedic sacrifice.
Sudhābhṛuti
(ସୁଧାଭୃ—ଅନ୍ୟରୂପ)

ସୁଧାମ—ସଂ. ବି—୧ । ଉତ୍ତମ ଧାମ—1. A good abode. ୨। ଚନ୍ଦ୍ରମା (ହି.ଶ)—2.The moon. ୩। ପ୍ରାଚୀନ ଋଷିବିଶେଷ—3 Name of an ancient saint.
Sudhama

ସୁଧା ମଧୁର—ସଂ. ବିଣ—ଅମୃତ ପରି ମିଠା—Sweet as nectar.
Sudhā madhura

ସୁଧାମୟ—ସଂ. ବିଣ (ସୁଧା+ପ୍ରାଚୁର୍ଯ୍ୟାର୍ଥେ. ମୟ)—୧। ଅତି ମଧୁର—1. Very sweet. ୨ । ଅମୃତପୂର୍ଣ୍ଣ—2. Full of nectar. ୩ । ଚୂର୍ଣ୍ଣମୟ—3. Full of quick-line. ସଂ. ବି—ରୂପାଭବନ; ରାଜଭବନ (ଶବ୍ଦରତ୍ନାବଳୀ)—A palace.
Sudhāmaya
[ସୁଧାମୟୀ—ସ୍ତ୍ରୀ. ବିଣ]

ସୁଧା ମୟୂଖ—ସଂ. ବି (ବହୁବ୍ରୀହି)—ସୁଧାକର; ଚନ୍ଦ୍ର—The moon.
Sudhā mayūkha

[ଭୂ—ଭଲ ମାନୁଷ ଦେଖ, ମୁଖ ସୁଧାମୁଖ ।
ଭବସୂର୍ଯ୍ୟ. ଭଗୋଷ ଭୂ ଗୀତ ।]

ସୁଧା ମୁଖ—ସଂ. ବି (ମଧ୍ୟପଦଲୋପୀ କର୍ମଧାରୟ)—ସୁଧାପୂର୍ଣ୍ଣ ମୁଖ; ସୁନ୍ଦର
Sudhā mukha ମୁଖ—A face as sweet as nectar. ସଂ. ବିଣ. ପୁ. (ବହୁବ୍ରୀହି)—ଯାହାର ମୁଖ
[ସୁଧାମୁଖୀ—ସ୍ତ୍ରୀ] ଅମୃତ ପରି ମନୋହର—Having a beautiful face; sweet-faced.

ସୁଧାମୁଖୀ—ସଂ. ବିଣ. ସ୍ତ୍ରୀ—'ସୁଧାମୁଖ'ର ସ୍ତ୍ରୀଲିଙ୍ଗ—Feminine of
Sudhāmukhī 'Sudhā mukha'. ସଂ. ବି. ସ୍ତ୍ରୀ—ଅପ୍ସରା-
ସୁଧାମୁଖୀ ସୁଧାମୁଖୀ ବିଶେଷ (ହି. ଶ)—Name of a heavenly nymph. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକର
ନାମ—A name given to females.

ସଧାମୁଲି—ସଂ. ବି—ସାଲମ୍ ମିଶ୍ରି (ଦେଖ)
Sudhāmulī Sālam misrī (See)

ସୁଧା ମୋଦକ—ସଂ. ବି—ଯବାସ ଶର୍କରା (ଗୁଡ଼ ଜାତୀୟ); ଦୁରାଳଭାରୁ
Sudhā modaka ପ୍ରସ୍ତୁତ ଗୁଡ଼—Molasses prepared from Fagonia Arabica.

ସୁଧାଯୋନି—ସଂ. ବି (ବହୁବ୍ରୀହି)—ଚନ୍ଦ୍ରମା (ହି. ଶ)—
Subhājoni The moon.

ସୁଧାର—ଦେ. ବିଣ (ସ୍ଵ. ସୁଧାର)—ଶୁଧାର (ଦେଖ)
Sudhāra Śudhāra (See)
ସୁଧାର ଦେ. ବି—ସଂସ୍କାର; ସଂଶୋଧନ; ସୁଧୁରିବା କର୍ମ—
सुधार Reform; reformation.
(ସୁଧାରଅ—ଅନ୍ୟ. ବିଣ. ରୂପ) [ଭୂ—ସୁଧାର କାନୁନ କରିଛି ।]
(ସୁଧାରୀ, ସୁଧାରେଇ—ସ୍ତ୍ରୀ ବିଣ)

ସୁଧା ରଶ୍ମି—ସଂ. ବି (ବହୁବ୍ରୀହି)—ଚନ୍ଦ୍ର (ହି. ଶ)—
Sudhā raśmi The moon.

ସୁଧାରା—ସଂ. ବି—ଉତ୍ତମ ଧାରା—Good method. ଦେ. ବିଣ—
Sudhārā ୧ । ଉତ୍ତମ ବ୍ୟକ୍ତି—1. Good person. ୨ ।
सुधारा सुधाप ସରଳ (ବ୍ୟକ୍ତି)—2. Frank (person).

ସୁଧାରିଆ—ଦେ. ବିଣ. (ପୁ. ଓ ସ୍ତ୍ରୀ)—୧ । ଉତ୍ତମ (ବ୍ୟକ୍ତି)—
Sudhāriā 1. Good (person). ୨ । ଶାନ୍ତଶିଷ୍ଟ (ବ୍ୟକ୍ତି)
सुधार सुधारा —2. Calm and quiet (person).

ସୁଧାରିବା—ଦେ. କ୍ରି—ସୁଧୁରାଇବା (ଦେଖ)—Sudhurāibā
Sudhāribā (See) [ଭୂ—ମୁଁ ଅପଣାକୁ ସୁଧାରି ପାରନ୍ତି,
सुधरना ଦେଖି ବଳ ବସ୍ତୁ କରେ ତାହିଁ । ଗାଳଗଣ୍ଠ ଫିଟର
सुधारना ଭ୍ରମ ସୁଣ ।

ସୁଧା ଲେପ—ବେ. ବି (ଶିଳ୍ପ ଶାସ୍ତ୍ର)—୧ । ଲାଖ, ଦେବଦାରୁ ଗଛର
Sudhā lepa ନିର୍ଯ୍ୟାସ (ଝୁଣା), ଗୁଗ୍ଗୁଲ, ଗୃହଧୂମ (ଅଳଇ)
सुधालेप ମଦନ ଫଳର (କାଣ୍ଟା କଇଥର), ବେଲର ଓ କେନ୍ଦୁର
सुधालेप ଅଠା ମିଶ୍ରିତ ଏକ ପ୍ରକାର ଲେପ—1. A kind of mixture of made of lac, resin, soot and gum of wood apple, bael and kendu fruits laid on stones. ୨ । ମଞ୍ଜିଷ୍ଠାର ଓ ହରିଡ଼ାର
ସବଂ ଅଠା ମିଶ୍ରିତ ଲେପ—2. A layer made of gums of myrobalam and Indian madder
[ଭୂ—ଏହା ଚୋପାର ଓ ଦେଉଳର କାନ୍ଥରେ ଲଗିଲେ
ତାହା ବହୁକାଳ ସ୍ଥାୟୀ ହୁଏ ।] ୩ । ଘରେ ଚୂନ ଲିପିବା—
3. Plastering the walls of a house with slaked lime. ୪ । କାନ୍ଥରେ କଳିଚୂନ ଦ୍ଵାରା ସଫେଦ
କରିବା— 4. The white washing of het walls of a house.

ସୁଧାଲୋକ—ଗ୍ରାଦେ. (ଲଗ୍ନ) ବି (ଭୁଳ. ଏହି ଅର୍ଥରେ ହି. ସୁଧାର
Sudhāloka ଆଦମୀ)—ସାଦାସିଧା ଲୋକ—A simple guileless person.

ସୁଧା ଶାଳୀ—ଦେ. ବି. ସ୍ତ୍ରୀ—ଅମୃତମୟୀ ସ୍ତ୍ରୀ; ଅମୃତ ଭାଷିଣୀ ସ୍ତ୍ରୀ—
Sudhā śālī A woman as sweet as nectar; sweet-speaking woman. [ଭୂ—ସର୍ବ ଦୁଃଖହାରୁ
ବାଳୀ, ଅଜେ ଜଦେ ସୁଧାଶାଳୀ, ଜଣାଇ କୃଷ୍ଣ ବେଦନା
ଅତି ଭକୋଇ । ଗ୍ରାଗୀ. ଉଷାକାବ୍ୟ ।]

ସୁଧା ସମୁଦ୍ର—ସଂ. ବି—ସୁଧା ସିନ୍ଧୁ (ଦେଖ)
Sudhā samudra Sudhā sindhu (See)

ସୁଧା ସିକ୍ତ—ସଂ. ବିଣ (କର୍ମ୍ମ ତତ୍)—ଅମୃତ ଛିଞ୍ଚା ହୋଇଥିବା—
Sudhā sikta Sprinkled with nectar.

ସୁଧା ସିତ—ସଂ. ବି—ସୁଧା ଧବଳ (ଦେଖ)
Sudhā sita Sudhā dhabaḷa (See)

ସୁଧା ସିନ୍ଧୁ—ସଂ. ବି (ମ. ପ. ଲୋ. କର୍ମଧାରୟ; ସୁଧାପୂର୍ଣ୍ଣ ସିନ୍ଧୁ)—
Sudhā sindhu ଅମୃତ ସମୁଦ୍ର; ହିନ୍ଦୁ ପୁରାଣୋକ୍ତ ସପ୍ତସାଗରରୁ
ଅନ୍ୟତମ—A sea of nectar.

ସୁଧାସୁ—ସଂ. ବି (ସୁଧା+ସୁଧାତୁ+କର୍ତ୍ତି କ୍ଵ)—ସୁଧା ଭୃତ (ଦେଖ)
Sudhāsū Sudhā bhṛuti (See)

ସୁଧା ସୂତି—ସଂ. ବି (ସୁଧା+ସୂ. ଧାତୁ+କର୍ତ୍ତି. କ୍ତି)—୧ । ଚନ୍ଦ୍ର
Sudhā sūti (ଶବ୍ଦ ରତ୍ନାବଳୀ)—1. Moon. ୨ । ପଦ୍ମ (ଶବ୍ଦ
ରତ୍ନାବଳୀ)—2. Lotus. ୩ । ଯଜ୍ଞ—3. Vedic sacrifice.

ସୁଧାସ୍ପର୍ଦ୍ଧୀ—ସଂ. ବିଣ ପୁ. (ସୁଧା+ସ୍ପର୍ଦ୍ଧ ଧାତୁ+କର୍ତ୍ତି. ଇନ୍; ୧ମା
Sudhāsparddhī ୧ବ; ଉପପଦ ତତ୍ପୁରୁଷ)—ଅମୃତତୁଲ୍ୟ
[ସୁଧାସ୍ପର୍ଦ୍ଧିନୀ—ସ୍ତ୍ରୀ] [ଯଥା—ଭୃଷଣ, ବଚନ, କଥା)—
Comparable to nectar; defying nectar in sweetness.

ସୁଧାସ୍ରବା—ସଂ. ବିଣ (ସୁଧାସ୍ରୁତ୍ ଶବ୍ଦ ୧ମା. ୧ବ)—୧ । ଯହିଁରୁ
Sudhāsrabā ସୁଧା ଝରୁଥାଏ—1. From which nectar oozes. ୨ । ସୁଧାବର୍ଷୀ (ଦେଖ)—2. Sudhā
barshī (See) ସଂ. ବି—୧ । ପ୍ରଜାପତି; ଗଣ୍ଡିକା

[ଜିହ୍ବାଗ୍ରଶେଷ]—1. The soft palate; epiglottis. ୨ । ରୁଦନ୍ତୀଗୁଳ୍ମ—[ସ୍ରକଳର୍ଷଣ] (ଦେଖ)—2. Rudanti gulma (See)

ସୁଧାସ୍ରବା—ସଂ. ବ [ବୈଦ୍ୟକ]—ରୁଦନ୍ତୀ ଗୁଳ୍ମ (ଦେଖ)—
Sudhāsrabi Rudanti gulma (See)

ସୁଧା ହର(ହୃତ୍)—ସଂ. ବ [ସୁଧା+ହୃ ଧାତୁ+କର୍ତ୍ତି ଅ; କର୍ତ୍ତି କ୍ବିପ୍]—
Sudhā hara(hrut) ଗରୁଡ଼; ପକ୍ଷିରାଜ (ଶବ୍ଦରତ୍ନାବଳୀ)—Garurda, the king of birds.

ସୁଧି—ପ୍ରାଦେ [ଲରଥ] ବ—ସିଦ୍ଧି—
Sudhi Siddhi; success.

ସୁଧିତ—ସଂ. ବଣ—୧ । ସୁବ୍ୟବସ୍ଥିତ [ତ୍ରି. ଣ]—1. Well disposed or arranged. ୨ । ଅମୃତ ସଦୃଶ [ତ୍ରି. ଣ]—2. Similar to nectar.
Sudhita

ସୁଧିତି—ସଂ. ବ [ସୁ+ଧି ଧାତୁ=ଧାରଣ କରିବା+କର୍ମ ତି]—
Sudhiti ୧ । ଅସ୍ତ୍ରବିଶେଷ; କୁଠାର—1. An axe. ୨ । ସ୍ୱଧିତି. [ସ୍ତ୍ରୀପୁଂଲିଙ୍ଗ] [ଦେଖ]—2. Swadhiti (See)

ସୁଧୀ—ସଂ. ବ [ସୁ+ଧୀ=ବୁଦ୍ଧି ଯାହାର; ବହୁବ୍ରୀହି]— ୧ । [ପୁଂ ଓ ସ୍ତ୍ରୀ] ପଣ୍ଡିତ [ଅମର]—1.A learned man. ୨ । [କର୍ମଧା]—ଉତ୍ତମ ବୁଦ୍ଧି—2. Intelligence. [ଦ୍ବିର୍ଭୀ—ବ୍ୟପଗତ ବଣ] ବଣ [ପୁଂ ଓ ସ୍ତ୍ରୀ]—୧ । ବୁଦ୍ଧିମାନ୍; ବିଚକ୍ଷଣ; ଚତୁର—2. Intelligent. ୨ । ଧାର୍ମିକ—2. Pious.
Sudhi

ସୁଧୀର—ସଂ. ବଣ. ପୁଂ [ସୁ+ଧୀର]—୧ । ଅତି ଧୀର; ଅତ୍ୟନ୍ତ ନମ୍ର—
Sudhira 1. Very mild or meek. ୨ । ସୁଶୀଳ—
[ସୁଧୀରା—ସ୍ତ୍ରୀ] 2. Of good conduct. ୩ । ଅତି
[ସୁଧୀରତା—ବ] ଧୈର୍ଯ୍ୟଶୀଳ—3. Very patient.
सुधीरता سुधीरता ଦେ. ବ—ଅତି ଧୀରତା ; ସୁଶୀଳତା—
Gentleness. [ଭ—ପଦ୍ୟୋଧି ତୁଲେ ଯେ ଗମ୍ଭୀର ... ର ଜନକ ସୁଧୀର – ଜଗନ୍ନାଥ ଭାଗବତ ।]

ସୁଧୁ—ଦେ. ଅ [ବଙ୍ଗଳ ? ଅନୁକୂଳ. ସଂ. ଶୁଦ୍ଧ]—୧ । ସମ୍ପୂର୍ଣ୍ଣରୂପେ—
Sudhu 1. Completely; totally. ୨ । କେବଳ.
सुधु سुध 2. Only; merely.

ସୁଧୁରା(ରେ)ଇବା—ଦେ. କ୍ରି—ଶୁଧୁରାଇବା [ଦେଖ]—
Sudhurā(re)ibā Sudhurāibā (See)

ସୁଧୁରଣ—ଦେ. ବ—ଶୁଧୁରଣ [ଦେଖ]
Sudhurāṇa Sudhurāṇa (See)

ସୁଧୁରିବା—ଦେ. କ୍ରି—ଶୁଧୁରିବା [ଦେଖ]—Sudhuribā (See)
Sudhuribā ·[ଭ—ଏଣିକି ଦବସ୍ତା ଭଲ ସୁଧୁରିଯାଉ— ଫଗୀରମୋହନ ଗଳ୍ପସ୍ୱଳ୍ପ ।]

ସୁଧୂପକ—ସଂ. ବ—ଶ୍ରୀବେଷ୍ଟ [ତ୍ରି. ଣ] [ଦେଖ]
Sudhūpaka Sribeshta (See)

ସୁଧୂମ୍ୟ—ସଂ. ବ—ସ୍ୱାଦୁ ନାମକ ଗନ୍ଧଦ୍ରବ୍ୟ [ଶବ୍ଦକଳ୍ପଦ୍ରୁମ]—
Sudhūmya Name of a scent.

ସୁଧୋଦ୍ଭବ—ସଂ. ବ [ସୁଧା+ଉଦ୍ଭବ]—ଧନ୍ୱନ୍ତରି [ଜିହ୍ବାଗ୍ରଶେଷ]—
Sudhodbhaba The Divine Physician. [ଭ—ସମୁଦ୍ର ମନ୍ଥନ କାଳରେ ଧନ୍ୱନ୍ତରି ସୁଧା ଭାଣ୍ଡ ଧାରଣ କରି ସମୁଦ୍ରରୁ ବାହାରି ଥିଲେ ।]

ସୁଧୋଦ୍ଭବା—ସଂ. ବ—ହରୀତକୀ [ଜିହ୍ବାଗ୍ରଶେଷ]—
Sudhodbhabā Myrobalan.

ସୁଧ୍ୟ (ଇତ୍ୟାଦି)—ଗ୍ରା ବ. ଓ ବଣ [ସଂ. ଶୁଦ୍ଧ]—ଶୁଧ୍ୟ ଇତ୍ୟାଦି[ଦେଖ]
Sudhya (etc) Sudhya etc (See)

ସୁନ୍‌ତାନ୍(ନି)—ବୈଦେ. ବ—ସୁଲ୍‌ତାନ୍ [ଦେଖ]
Sun-tān(ni) Sul-tān (See)

ସୁନ୍‌ସାନ୍—ଦେ. ବଣ [ସଂ. ଶୂନ୍ୟ+ସ୍ଥାନ]-୧ । ଲୋକଶୂନ୍ୟ (ସ୍ଥାନ)—
Sun-sān 1. Lonely. ୨ । କୋଳାହଳରହିତ—
शून्य, चुपचाप سنسان 2. Calm and quiet. ୩ । ମୌନାବଲମ୍ବୀ—3. Silent.

ସୁନ୍‌ସୁନିଆ(ଆଁ)—ଦେ. ବ—ସୁନ୍‌ସୁନିଅ [ଦେଖ]
Sun-sunia(ān) Sunisunia (See)

ସୁନ୍‌ହଟ—ଦେ. ବ [ନାମ]—ହରିବଂଶ ଓ ଭାଗବତରେ ବର୍ଣ୍ଣିତ ପ୍ରାଚୀନ
Sun-haṭa ଶୋଣିତପୁର ବା ଶୋଣିତପୁର—
सुनहट سنهٹ Ancient Sonitapura described in Haribamsa and Bhāgabata, near modern Balasore. (ଭ—ଏଠାରେ ବଣାସୁରର ଭଗ୍ନାବଶେଷ ଅଦ୍ୟାବଧି ଅଛି । ତାହାର ୮ଉଷା ।ଅଙ୍କ ପ୍ରସିଦ୍ଧ 'ଉଷା' କାବ୍ୟ ଏହି କମ୍‌ବଦନ୍ତୀ ଉପରେ ପ୍ରତିଷ୍ଠିତ । ଏହା ବାଲେଶ୍ୱର ନଗରର ଅଦୂରରେ ଅବସ୍ଥିତ ।]

ସୁନ—ଦେ. ବ—୧ । (ସଂ, ଶୂନ୍ୟ) ଶୁନ (ଦେଖ)—1. Śuna
Suna (See) ୨ । (ସଂ. ସୂନୁ) ପୁତ୍ର—2. Son. [ଭ—
सूनू ଏତେ ବୋଲି କୋଠିତ ତାହାଙ୍କ ଉତ୍‌ସୂନ—ପୀତାମ୍ବର-
سن ନୃସିଂହପୁରାଣ ।]

ସୁନଜର—ଦେ. ବ (ସଂ. ସୁ+ଫା. ନଜର୍)—୧ । ସଦ୍‌ଦୃଷ୍ଟି ; ଅନୁଗ୍ରହ
Sunajara ଦୃଷ୍ଟି—1. Favourable look. ୨ । ଦୟାପୂର୍ଣ୍ଣ
सुनजर سنجر ଦୃଷ୍ଟି—2. Kind look.

ସୁନ(ନ୍ନ)ତ୍—ବୈଦେ. ବ (ଅ. ସୁନ୍ନତ୍)—୧ । ମୁସଲମାନ୍ ବାଳକ-
Suna(nna)t ମାନଙ୍କର ଲିଙ୍ଗାଗ୍ରଚର୍ମଚ୍ଛେଦରୂପ ସଂସ୍କାର—
सुनत سنت 1. The ceremony of removing the foreskin of Muslim boys. [ଭ—ବ୍ରାହ୍ମଣ ବାଳକଙ୍କ ଉପନୟନ ଭଳି ଅତି ସଂସ୍କାର ପରି ମୁସଲମାନ୍ ବାଳକଙ୍କ ଲିଙ୍ଗାଗ୍ରଭାଗକୁ ଘୋଡ଼ାଇଥିବା ଚର୍ମକୁ କ୍ଷୁର ସାହାଯ୍ୟରେ କାଟି ଦେବା ଗୋଟିଏ ସଂସ୍କାର । ସ୍ୱାସ୍ଥ୍ୟ ଦୃଷ୍ଟିରେ ଦେଖିବାକୁ ଗଲେ ଏହି ଚର୍ମାବରଣ ମଧ୍ୟରେ ମଇଳା ଜମି ଯାଇ ଚୁଲୁଚୁଲ୍ ଅତି ନାନା ରୋଗ ସୃଷ୍ଟି କରେ ଏବଂ ବାଲ୍ୟକାଳରେ ସୁନତ୍ କରିବାଦ୍ୱାରା ସେ ଆଶଙ୍କା ଦୂର ହୁଏ ।] ୨ । (ଅ. ସୁନ୍ନତ୍) ମୁସଲମାନମାନଙ୍କ ଧର୍ମପ୍ରବର୍ତ୍ତକ ହଜରତ୍ ମହମ୍ମଦଙ୍କ ମୁଖରୁ ଶୁଣିଥିବା ଚମ୍ପା ତାଙ୍କୁ ଦେଖିଥିବା ବ୍ୟକ୍ତିଦ୍ୱାରା ପ୍ରଚାର

କରି ଯାଇଥିବା କମ୍ବଦନ୍ତୀମୂଳକ ଅଗ୍ୟର—2. Traditions handed down from the Prophet Mohammad by any person who saw or heard him. [ଦ୍ର—ଏହି କମ୍ବଦନ୍ତୀର ଅନ୍ୟ ନାମ 'ହାଦିସ୍' ଓ ସୁନ୍ନୀମାନେ ଏହି କମ୍ବଦନ୍ତୀମାନ ଅନୁସରଣ କରନ୍ତି ।

ମୁସଲମାନ୍‌ମାନଙ୍କ କିତାବ ଚେତନ ବଧ୍ୟ ଗୋଟିଏ ସୁନ୍ନତ୍ ବା ମହମ୍ମଦଙ୍କ ପ୍ରକାଶିତ କମ୍ବଦନ୍ତୀମୂଳକ ଅଗ୍ୟର ଅଟେ । ମହମ୍ମଦ ଜନ୍ମ ହେଲାବେଳେ ତାଙ୍କର ଲିଙ୍ଗାଗ୍ରରେ ଅବାରକଚର୍ମ ନ ଥିଲା । ଏଥିରୁ ମୁସଲମାନ୍‌ମାନେ ମନେ କରନ୍ତି ଯେ, ମାତୃଗର୍ଭରୁ ତାଙ୍କ ଲିଙ୍ଗାଗ୍ର ଚର୍ମ ଚ୍ଛେଦନ ହୋଇଥିଲା । ଏହି କମ୍ବଦନ୍ତୀକୁ ଅବଲମ୍ବନ କରି ମୁସଲମାନ୍ ବାଳକମାନଙ୍କର ସୁନତ୍ କରାଯାଏ ।]

ସୁନ(ନ୍ନ)ତି—ଦେ. ବିଣ—୧ । ସୁନତ୍ ସମ୍ବନ୍ଧୀୟ—1. Relating to Sunat. ୨ । ଯେଉଁ ବ୍ୟକ୍ତିର ସୁନତ୍ ହୋଇସାରି ହୋଇଅଛି—2. (a person) Who has already undergone the ceremony of Sunat. ସ. ବି (ସୁ=ଉତ୍ତମ+ନତି=ନମ୍ରତା)—ଅତ୍ୟନ୍ତ ନମ୍ରତା—Great humility.
Suna(nna)ti
सुनति सुनति
(ସୁନତିଆ ଅନ୍ୟ ରୂପ)

ସୁନନ୍ଦ—ସ. ବିଣ. ପୁଂ (ସୁ+ନନ୍ଦ୍ ଧାତୁ. ଣିଜନ୍ତ=ନନ୍ଦ ଧାତୁ+କର୍ତ୍ତ. ଅ)—୧ । ଆନନ୍ଦଜନକ—1. Pleasant. ୨ । ସୁନ୍ଦର ଓ ଆନନ୍ଦଦାୟକ—2. Nice and pleasing. ସ. ବି—୧ । (ନାମ) ବଳଭଦ୍ରଙ୍କ ମୂଷଳ—1. The lethal weapon of Balabhadra. ୨ । (ନାମ) ଶ୍ରୀକୃଷ୍ଣଙ୍କ ପାର୍ଶ୍ୱଚର ଗୋପବିଶେଷ—2. Name of a companion of Srikrushna. ୩ । ଦ୍ୱାଦଶବିଧ ରାଜଗୃହ ମଧ୍ୟରୁ ଏକତମ—3. One of the twelve classes of royal rooms for a king's residence. [ଦ୍ର—ଏହାର ଦୈର୍ଘ୍ୟ ସ୍ୱୟଂ ରାଜାଙ୍କ ହାତର ମାପରେ ୫୧ ହାତ ଓ ପ୍ରସ୍ଥ ୪୦ ହାତ କରାଯାଏ । ଏଥିର ଦ୍ୱାର ୨୦୫ । ଏ ଗୃହ ରତ୍ନଖଣ୍ଡ ଖଚିତ ଓ ରତ୍ନପଟ୍ଟବସ୍ତ୍ର ମଣ୍ଡିତ; ଏଥିର ଅଧିଦେବତା ମଙ୍ଗଳ । ଏପରି ଗୃହରେ ରାଜା ବାସ କଲେ ଦୀର୍ଘାୟୁ ହୁଅନ୍ତି । ଏ ଗୃହର ଅନ୍ୟ ନାମ 'ସୁନ୍ଦର'—ଯୁକ୍ତିକଳ୍ପତରୁ ।]
Sunanda
(ସୁନନ୍ଦା—ସ୍ତ୍ରୀ)

ସୁନନ୍ଦନ—ସ. ବି (କର୍ମଧା)—୧ । ସୁପୁତ୍ର (ଦେଖ)—1. Suputra (See) ୨ । ଶ୍ରୀକୃଷ୍ଣଙ୍କ ପୁତ୍ରବିଶେଷ—2. Name of a son of Srikrushna.
Sunandana

ସୁନନ୍ଦା—ସ. ବିଣ. ସ୍ତ୍ରୀ (ସୁନନ୍ଦ+ଆ)—ସୁନନ୍ଦର ସ୍ତ୍ରୀଲିଙ୍ଗ—Feminine of Sunanda. ସ. ବି. ସ୍ତ୍ରୀ—୧ । ଉମା; ପାର୍ବତୀ (ମେଦିନୀ)—1. Pārbatī. ୨ । ଗୋରୋଚନା (ମେଦିନୀ)—2. A yellow pigment derived from dead cows. ୩ । ନାରୀ (ଶବ୍ଦ)—3. Woman. ୪ । ଉମାଙ୍କର ଜଣେ ସଖୀଙ୍କ ନାମ (ଶବ୍ଦମାଳା)—4. Name of a companion of Pārbatī. ୫ । ଅଗ୍ନିଶିଖା ଗୁଳ୍ମ (ରତ୍ନମାଳା); ଲାଙ୍ଗଳିକା ବା ଲାଙ୍ଗଲୀ ଗୁଳ୍ମ; ଭୂଅମରୀ ? (ବୈଦ୍ୟକ ବନୌଷଧି ସମ୍ପର୍କୀୟ ଗ୍ରନ୍ଥ)—5. A plant; Gloriosa Superba. ୬ । (ନାମ) ଇନ୍ଦୁମତୀଙ୍କ ସ୍ୱୟମ୍ବର କାଳରେ ତାଙ୍କ ସଙ୍ଗେ ସ୍ୱୟମ୍ବରକୁ ଯାଇଥିବା ସଖୀଙ୍କ ନାମ—6. Name of the maid servant who accompanied the princess Indumati to the Swayambara gathering. ୭ । ଶ୍ରୀକୃଷ୍ଣଙ୍କ ଜଣେ ପତ୍ନୀ (ହ. ଶ)—7. Name of a wife of Srikrushna. ୮ । ବାଳିଙ୍କ ମାତା (ହ. ଶ)—8. Name of the mother of Bāli. ୯ । ଚେଦିରାଜ ସୁବାହୁଙ୍କ ଭଗିନୀ (ହ. ଶ)—9. Sister of king Subāhu. ୧୦ । ଭରତଙ୍କ ସ୍ତ୍ରୀ (ହ. ଶ)—10. Wife of Bharata. ୧୧ ଧଳା ଗାଈ (ହ ଶ)—11. White cow. ଦେ. ବି—କୃଷ୍ଣଙ୍କର ଅଷ୍ଟ ପଟ୍ଟମହିଷୀଙ୍କ ମଧ୍ୟରୁ ଏକତମା—One of the eight principal queens of Srikrushna. [ଭି—ମିତ୍ରବିନ୍ଦା ସୁନନ୍ଦା ଶତାବତୀ—ପ୍ରାଚୀ. ଭଦ୍ରଷ୍ୟମନ୍ତକ ।]
Sunandā
सुनन्दा
सुनन्दा

ସୁନପୁର—ଗ୍ରା. ବି (ମାଦଳାପାଞ୍ଜି)—ସୋନପୁର (ଦେଖ)
Sunapura Sonapura (See)

ସୁନଫା—ସ. ବି—ଜ୍ୟୋତିଷୋକ୍ତ ଯୋଗବିଶେଷ—One of the astrological conjunctions of planets. [ଦ୍ର—ରବି ଛଡ଼ା ଅନ୍ୟ କୌଣସି ଗ୍ରହ ଚନ୍ଦ୍ରର ଦ୍ୱିତୀୟରେ ରହିଲେ 'ସୁନଫା' ଓ ଦ୍ୱାଦଶରେ ରହିଲେ 'ଅନଫା' ଯୋଗ ହୁଏ । ଚନ୍ଦ୍ରର ଦ୍ୱିତୀୟ ଓ ଦ୍ୱାଦଶରେ ରବି ଭିନ୍ନ ଅନ୍ୟଗ୍ରହ ଥିଲେ 'ଦୁରୁଧୁରା' ଯୋଗ ହୁଏ । ଚନ୍ଦ୍ରର ଉଭୟ ପାର୍ଶ୍ୱରେ ଗ୍ରହ ନ ଥିଲେ 'କେମଦ୍ରୁମ' ଯୋଗ ହୁଏ । ଚନ୍ଦ୍ରର କେନ୍ଦ୍ରରେ ଗ୍ରହ ଯୁକ୍ତ ହେଲେ କେମଦ୍ରୁମ ଯୋଗ ହୁଏ ନାହିଁ । କେହି କେହି ମାନଙ୍କ ମତରେ ଚନ୍ଦ୍ର ଥିବା ନବାଂଶର କେନ୍ଦ୍ରର ନବାଂଶରେ ଗ୍ରହ ରହିଲେ କେମଦ୍ରୁମ ଯୋଗ ଭଙ୍ଗ ହୁଏ । ମାତ୍ର ଏହି ଯୁକ୍ତି ଠିକ୍ କୁହେଁ—(ଶ୍ରୀ ବାଇକୋଳ ଜ୍ୟୋତିଷ ବିଶାରଦ) ।]
Sunaphā

ସୁନୟ—ସ. ବି—ସୁନୀତି (ଦେଖ)
Sunaya Suniti (See)

ସୁନୟନ—ସ. ବି—୧ । (କର୍ମଧା) ସୁନ୍ଦର ଚକ୍ଷୁ—1. Beautiful eye. ୨ । (ବହୁବ୍ରୀହି) ମୃଗ (ଶବ୍ଦରତ୍ନାକର)—2. Deer. ସ. ବିଣ. ପୁଂ (ବହୁବ୍ରୀହି)-ସୁନ୍ଦର ନୟନବିଶିଷ୍ଟ; ସୁଲୋଚନ—Having beautiful eyes.
Sunayana
(ସୁନୟନା—ସ୍ତ୍ରୀ. ବିଣ)

ସୁନୟନା—ସ. ବଣ. ସ୍ତ୍ରୀ (ସୁନୟନ+ଆ)—'ସୁନୟନ'ର ସ୍ତ୍ରୀଲିଙ୍ଗ;
Sunayanā ସୁଲୋଚନା—Feminine of 'Sunayana'.
ସ. ବି. ସ୍ତ୍ରୀ—ନାରୀ (ଗୁଣ ନ‌ର୍ଶକ)—Woman.

ସୁନଶୁନିଆ (ଆଁ)—ଦେ. ବି—ସୁନିଶୁନିଆ (ଦେଖ)
Sunashuniā(añ) Sunishuniā (See)

ସୁନସ—ସ. ବଣ. ପୁଂ (ସୁ+ନାସା; ବହୁବ୍ରୀହି)—ସୁନ୍ଦର ନାସିକାବିଶିଷ୍ଟ
Sunasa (ତ୍ରି. ଣ)—Having a fine nose.
(ସୁନସା—ସ୍ତ୍ରୀ)

ସୁନା—ଦେ. ବି (ସ. ସ୍ୱର୍ଣ୍ଣ)—୧ । ପ୍ରସିଦ୍ଧ ହଳଦିଆ ଧାତୁ; ସ୍ୱର୍ଣ୍ଣ—
Sunā 1. Gold. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁର-ରସ, ମଧୁରବିପାକ, ଶୀତବୀର୍ଯ୍ୟ, ପିଚ୍ଛିଳ, ଗୁରୁପାକ, ପୁଷ୍ଟିକର, ମେଧାବର୍ଦ୍ଧକ, ବାକ୍ୟର ଶୁଦ୍ଧିକାରକ, ଜଠରାଗ୍ନିଦୀପକ, ଆୟୁ ଓ ସ୍ମୃତିବର୍ଦ୍ଧକ ଏବଂ ବିଷଧ୍ୱ ସ୍ତୋତ୍ରଘ ଉପଶମକର । ଜାରିତସ୍ୱର୍ଣ୍ଣ ଓ ସ୍ୱର୍ଣ୍ଣଘଟିତ ଔଷଧ ଓ ସ୍ୱର୍ଣ୍ଣଭସ୍ମ ଆୟୁର୍ବେଦରେ ଗୋଟିଏ ପ୍ରଧାନ ରସାୟନ ଅଟେ ।]
ସ. ପର୍ଯ୍ୟାୟ—ସ୍ୱର୍ଣ୍ଣ, ସୁବର୍ଣ୍ଣ, କନକ, ହିରଣ୍ୟ, ହେମ, ହାଟକ, ତପନୀୟ, ଗାଙ୍ଗେୟ, କଳଧୌତ, କାଞ୍ଚନ, ଚାମୀକର, ଶାତକୁମ୍ଭ, କାର୍ତ୍ତସ୍ୱର, ଜାମ୍ବୁନଦ, ଜାତରୂପ, ମହାରଜତ ।
সোনা; স্বনা
सोना
୨ । ସୁନାପରି ମୂଲ୍ୟବାନ୍ ବସ୍ତୁ—2. Anything as valuable as gold. ୩ । ଉତ୍ତମ ବାଳକ ବା ବାଳିକା—3. A good boy or girl. ୪ । ଶିଶୁ ଓ ପ୍ରଣୟିନୀଙ୍କ ପ୍ରତି ସ୍ନେହ ସମ୍ବୋଧନ—4. An endearing address to a child or one's sweetheart. (ଉ—ସବେ କହି ଝପାଇଛ ଅମ୍ବର, ସୁନାପୁଅ ପର । ବକସୁଧା. ଉତ୍କଳ ବାରିଧି ।) ୫ । (ଶିଶୁରଞ୍ଜନ ଭାଷା) ପ୍ରିୟତମ ଶିଶୁର ଲିଙ୍ଗ; ଗୁଡ଼ୁ—5. (A term of the nursery) An euphemistic term used for the penis of a child. ୬ । (ସ୍ତ୍ରୀ) ସ୍ତ୍ରୀଙ୍କ ନାମ—6. A name given to females. ୭ । (ସ୍ତ୍ରୀ) ସ୍ୱର୍ଣ୍ଣମୟୀ ଓ ସୁନାମଣିର ଡାକ ନାମ—7. Name for calling 'Swarnnamayī' and 'Sunāmaṇi'. ୮ । (ପୁଂ) ପୁରୁଷଙ୍କୁ ଡାକିବା ନାମ—8. A name given to males.
ଦେ. ବଣ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—୧ । ସ୍ୱର୍ଣ୍ଣନିର୍ମିତ—1. Made of gold. (ଯଥା—ସୁନା ମୁଦି ।) ୨। ସୁନାପରି ବର୍ଣ୍ଣବିଶିଷ୍ଟ—2. Of golden colour. (ଉ—ସୁନାବେଙ୍ଗ; ସୁନାମୃଗ ।) ୩ । ଉତ୍ତମ; ସୁଶୀଳ (ବାଳକ ବା ବାଳିକା)—3. Good (child). (ଉ—ସୁନାପୁଅ; ସୁନାଝିଅ ।)

ସୁନା ଅସରପି (ଫି)—ଦେ. ବି (ସ. ସ୍ୱର୍ଣ୍ଣ+ପା. ଅସ୍ରଫୀ=ସ୍ୱର୍ଣ୍ଣମୁଦ୍ରା)—
Sunā asarapi(phi) ସୁନାର ମୋହର ବା ମୁଦ୍ରା—
মোহর सोना असरफी Gold coin.

ସୁନା(ନେ)ଇ—ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ ବିଶେଷ—
Sunā(ne)i A name given to females.
(ଲୁଚେଇ—ଉପନାମ)

ସୁନାକର—ଦେ. ବି. ପୁଂ—ଲୋକଙ୍କ ନାମ—
Sunākara A name given to males.

ସୁନା କାକ(କେ)ରା(ରି)—ଦେ. ବି—ସ୍ତ୍ରୀମାନଙ୍କ ମସ୍ତକରେ କେଶ ଉପରେ
Sunā kāka(ke)rā(ri) ଲଗାଯିବା କାକର ପିଠା ବା ଚକ୍ରାକୃତି ଅଳଙ୍କାରବିଶିଷ୍ଟ ସ୍ୱର୍ଣ୍ଣଅଳଙ୍କାର-A circular bit of gold, 3 to 4 inches in diameter, used as an ornament for the hair. [ଦ୍ର—ଏହାକୁ ଅବସ୍ଥାପନ୍ନ ଘରର ଦକ୍ଷିଣୀ ସ୍ତ୍ରୀମାନେ କେଶ ଉପରେ ଅଳଙ୍କାରସ୍ୱରୂପ ପିନ୍ଧନ୍ତି । ଏହାର କାନ୍ଧଦେଶରେ ହୁକ୍ ବା ଶିକୁଳ ଲଗାଯାଇ ତାହାକୁ କେଶ ସଙ୍ଗେ ସଂଲଗ୍ନ କରାଯାଇଥାଏ । ଏହାର ବ୍ୟାସ ୩/୪ ଇଞ୍ଚ ପର୍ଯ୍ୟନ୍ତ ହୁଏ ।]

ସୁନା କୁକୁଡ଼ା ଉଡ଼ା(ଡ଼େ)ଇବା—ପ୍ରାଦେ (ବାଙ୍କୀ) କ୍ରି—ଯଶ ଲାଭ
Sunā kukuṛā uṛā(ṛe)ibā କରିବା; କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ହେବା—To win laurels; to be successful in an undertaking or enterprise.

ସୁନା କୂପ—ଦେ. ବି—୧। ସୁନାର କୂଅ—1. A well of gold.
Sunā kūpa (ଉ—ଅବର ଦେଖ ସୁନାକୂଅ, ପାତାଳଭେଦୀ ସେ
সোনাকুয়া ସ୍ୱରୂପ । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।)
सोनाकूप ୨ । ପୁରୀର ଜଗନ୍ନାଥ ଦେଉଳର ବେଢ଼ା ଭିତରେ ଶୀତଳା ଦେବୀଙ୍କ ଦେଉଳ ଆଗରେ ଥିବା କୂଅ—2. A well inside the compound of the Temple of Jagannath at Puri in front of the Sitalā Idol. [ଦ୍ର—ସ୍ନାନପୂର୍ଣ୍ଣିମା ଦିନ ଦେବବିଗ୍ରହମାନଙ୍କୁ ସେହି କୂପର ଜଳରେ ସ୍ନାନ କରାନ୍ତି, ବର୍ଷସାକ ସେ କୂଅ ବନ୍ଦ ଥାଏ ।]

ସୁନାକୃତ—ସ. ବି—କର୍ପୂରକ (ଷଟ୍‌ଚନ୍ଦ୍ରିକା) କଳାହଳଦୀ—
Sunākṛuta A kind of Zedoaria.

ସୁନା ଖିଲ—ଦେ. ବି—ଏକପ୍ରକାର ସରୁ ଧାନ—
Sunā khila A kind of fine paddy.

ସୁନାଗର—ସ. ବି. ପୁଂ (ସୁ+ନାଗର)—ଉତ୍ତମ ନାଗର—
Sunāgara A good gallant.
(ସୁନାଗରୀ—ସ୍ତ୍ରୀ)

ସୁନାଗରା—ଦେ. ବି—୧ । ସ୍ୱର୍ଣ୍ଣନିର୍ମିତ ଗରା ବା ଘଟ—1. A golden
Sunāgarā pitcher. ୨ । ସ୍ୱର୍ଣ୍ଣପୂର୍ଣ୍ଣ ଗରା—
(ସୁନାଗରାଅ—ଅନ୍ୟରୂପ) 2. A metal pitcher
সোনা কলসি, সোনাঘড়া, सोनागगरा filled with gold.
୩ । ଉତ୍ତମ ନାଗରା ବା ଉତ୍କୃଷ୍ଟ ବାଦ୍ୟ ଯନ୍ତ୍ରବିଶେଷ—
3. Excellent drum.

ସୁନାଗୋରୀ—ଦେ. ବି. ସ୍ତ୍ରୀ—ସୁନା ପରି ଗୌରବର୍ଣ୍ଣବିଶିଷ୍ଟା ରମଣୀ—
Sunāgorī A woman having golden
সোনাগোরী सोनागोरी complexion.
(ଦ୍ର—ସୁନାଗୋରୀ ତୁ ଏକା ସିନା—କବିସୂର୍ଯ୍ୟ ସଙ୍ଗୀତ ।)

ସୁନା ଚମ୍ପା—ଦେ. ବି—ସ୍ୱର୍ଣ୍ଣ ଚମ୍ପା; ସ୍ୱର୍ଣ୍ଣନିର୍ମିତ ଚମ୍ପକ—
Sunā champā A champaka flower made of
সোনা চাঁপা सोना चंपा gold.

ସୁନା ଚିତା—ଦେ. ବି—କପାଳରେ ଚିତା ଦେବା ପରି ଅଠା ମାରି
Sunā chitā ଲଗାଯାଉଥିବା ଗୋଲାକାର ସ୍ୱର୍ଣ୍ଣଖଣ୍ଡ—
সোনা টীপ सोना टीका A circular bit
of gold stuck to the forehead,
[ଦ୍ର—ଏହାକୁ ସ୍ତ୍ରୀମାନେ ବିବାହ ଉତ୍ସବରେ ପିନ୍ଧନ୍ତି ।]

ସୁନା ଚେନ୍—ଦେ. ବି (ସ. ସ୍ୱର୍ଣ୍ଣ+ଇ. ଚେନ୍)—ସୁନାର ଶିକୁଳି—
Sunā chen Gold chain.
[ସୁନା ଚଇ(ଏ)ନ୍—ଅନ୍ୟରୂପ]
সোনা চেন सोना चैन

ସୁନା ଛାଅ(ଉ)ଣି—ଦେ. ବିଣ—ଉପରେ ସୁନା ପତ୍ର ମଡ଼ା ଯାଇଥିବା—
Sunā chhā-ā(u)ṇi Overlaid with a gold.
ସୁନାଛୁଅଣି } —ଅନ୍ୟରୂପ (ଦ୍ର—ହାଡ ଦାନ୍ତରେ ସୁନା ଛାଅଣି
ସୁନାଛୁଆଁ } ଦେବା ନ୍ୟାୟ—ଭଗ) ଦେ. ବି—
সোনায় মোড়া सोना छावनी ସୁନା ଛାଉଁଣି; ଉପରେ
ସୁନା ପତ୍ର ମଡ଼ାଇବା—Overlaying with gold
leaf.

ସୁନାଜଙ୍ଘ(ଘା,ଘି)-ଦେ. ବି—କୁଲେଚରବର୍ଗର ୨ହାତ ଉଚ୍ଚ ପକ୍ଷିବିଶେଷ—
Sunājaṅgha (ṅghā, ṅghi) The painted stork,
সোনাজঙ্ঘা Pseudotantalus Leucocephalus. [ଦ୍ର—
ଏ ପକ୍ଷୀର ଦେହ ଧଳା, ପୁଚ୍ଛ କଳାମିଶା ଧଳା, ଅଣ୍ଟା
ଗୋଲାପୀ ବର୍ଣ୍ଣ ଓ ଗୋଡ଼ ହଳଦିଆ ।]

ସୁନା ଜୁଇ—ଦେ. ବି—ସ୍ୱର୍ଣ୍ଣ ଜୁଇ (ଦେଖ)
Sunā jui Swarṇṇa jui (See)

ସୁନା ଝିଅ—ଦେ. ବି. ସ୍ତ୍ରୀ (ଶିଶୁରଞ୍ଜନ ପଦ, ବାଳିକାକୁ ସ୍ନେହ
Sunā jhia ସମ୍ବୋଧନ)—ଉତ୍ତମ ବା ସୁଶୀଳା ବାଳିକା—
লক্ষী মেয়ে (a term of the nursery) A good
सोना लड़की girl.

ସୁନାଦ—ସ. ବି—ଶଙ୍ଖ (ସୁ. ନ)—Conch. ସ. ବିଣ—ସୁନ୍ଦର
Sunāda ନାଦବିଶିଷ୍ଟ—Having an excellent tone.

ସୁନା ଦି(ଦେ)ହ—ଦେ. ବି—୧ । ସୁନା ପରି ବର୍ଣ୍ଣଯୁକ୍ତ ଗୌର ଶରୀର
Sunā di(de)ha —1. A body having a golden
সোনার গা coloured skin. ୨ । ମୂଲ୍ୟବାନ୍ ଓ ସୁସ୍ଥ ଶରୀର
सोना देह —2. Valuable and healthy body.
[ଦ୍ର—ସୁନା ଦିହ ଚୂନା କଲୁ ନ ଜାଣି—ସଙ୍ଗୀତ ।]

ସୁନା ଦି(ଦେ)ହ ଚୂନା(ମାଟି) କରିବା—ଦେ. କ୍ରି—୧ । ଶରୀରକୁ
Sunā di(de)ha chūnā (māṭi) kariba ନଷ୍ଟ କରିବା
সোনার দেহ মাটি করা —1. To ruin one's body.
सोना देहको चूना करना, ୨ । ନିଜର ସ୍ୱାସ୍ଥ୍ୟକୁ ନଷ୍ଟ କରିବା—
2. To ruin one's health. ୩ । ନିଜକୁ କଳଙ୍କିତ
କରିବା—3. To stain one's self.

ସୁନା ଦୂବ—ଦେ. ବି (ବଙ୍ଗୀୟ ଶବ୍ଦ)—ଦୂବ ଦେନ୍ତ ପରି ଦିଶୁଥିବା
Sunā dūba ଜୁଡ଼ାରେ ଖୋସା ଯିବା ସୁନା ଅଳଙ୍କାରବିଶେଷ—
সোনার ঘাস A kind of gold ornament resembl-
सोना दूब ing a bunch of Duba grass, worn
on the chignon.

ସୁନା ନାକୀ—ଦେ. ବିଣ. ସ୍ତ୍ରୀ—୧ । ଯେଉଁ କନ୍ୟାର ନାକ ସୁନା ପରି
Sunā nākī ସୁନ୍ଦର—1. (a girl) Having the nose
সোনা নাকী as nice as gold. ୨ । ଯେଉଁ ସ୍ତ୍ରୀ ନାକରେ
सोना नाकी ସୁନାର ଅଳଙ୍କାର ପିନ୍ଧିଥାଏ—2. (a woman)
[ସୁନା ନାକେଇ—ସ୍ତ୍ରୀ] Wearing gold nose rings.
[ଦ୍ର—ଡାହାଣୀଙ୍କର ସୁନା ନାକୀ ହିଁଅରୁ କଥା ।]

ସୁନା ପଇତା—ଦେ. ବି—ସୁନାର ତାରରେ ତିଆରି ଯଜ୍ଞୋପବୀତ
Sunā paitā ପ୍ରକାରର ସୂତ୍ର—Golden thread to be
সোনার পইতা used as a Brahman's Paitā. [ଦ୍ର—
सोना जनेऊ ଏହାକୁ ଦେବତାଙ୍କ ଗଳାରେ ପିନ୍ଧାନ୍ତି । ବ୍ରାହ୍ମଣ-
ମାନେ ମଧ୍ୟ ଏହା ପୁଣ୍ୟାହବେଳେ ଅବା ଉତ୍ସବରେ
ପିନ୍ଧନ୍ତି ।]

ସୁନା ପାଗ—ଦେ. ବି—ସ୍ୱର୍ଣ୍ଣ ନିର୍ମିତ ଉଷ୍ଣୀଷ ବା ପଗଡ଼ି—A pugree
Sunā pāga of gold. [ଦ୍ର—ଅଙ୍ଗ—ସୁନା ପାଗ, ଅଙ୍ଗ—
সোনার পাগড়ী ସୁଦ୍ଧ ଖୋଲ, ମହି—ମର୍ଦ୍ଦାଗାର—ଶିଶୁରଞ୍ଜନ ପଦ]
सोना पगडी

ସୁନା ପାଣି—ଦେ. ବି—କୌଣସି ପଦାର୍ଥକୁ ଗିଲ୍ଟି କରିବା ପାଇଁ ବା
Sunā pāṇi ସୁନେଲି ରଙ୍ଗ ମଡ଼ାଇବା ପାଇଁ ବ୍ୟବହୃତ ସ୍ୱର୍ଣ୍ଣ
সোনার জল ବର୍ଣ୍ଣର ଏକପ୍ରକାର ଦ୍ରବ୍ୟ—Golden paint
सोनेकी पानी or water colour.

ସୁନା ପାତିଆ—ପ୍ରାଦେ (ବାଲେଶ୍ୱର) ବି—୧ । ସୁନାର ପାତିଆ ଭଳି
Sunā pātiā ଲମ୍ବା ମତ୍ସ୍ୟବିଶେଷ—1. A kind of long
সোনার পাত fish looking like a slender and
सोनाका बर्क thin strip of gold, [ଦ୍ର—ଏହି ମାଛ
ଖୁବ୍ ସୁନ୍ଦର ଦେଖିବାକୁ ଦିଶେ ।] ୨ । ସୁନାର
ଖୁବ୍ ପତଳା ପତ୍ର—2. A thin strip of gold,

ସୁନା ପୁଅ—ଦେ. ବି. ପୁଂ—୧ । (ବାଳକ ପ୍ରତି ସ୍ନେହ ସମ୍ବୋଧନ)—
Sunā pua ଚେଙ୍କା ପୁଅ—1. A fondled boy. ୨ ।
লক্ষী ছেলে; আদুরে ছেলে (ଶିଶୁରଞ୍ଜନ ପଦ) ଉତ୍ତମ ସୁଶୀଳ
सोना लडका ବାଳକ—2. (a term of the nursery)
A good boy. ୩ । (ଲକ୍ଷଣାର୍ଥ) ସର୍ବତ୍ର ଅଦୃତ
ବ୍ୟକ୍ତି—3. A person who is fondled and
petted everywhere, ୪ । ପ୍ରୀତି ପାତ୍ର—
4. Pet or favoured one. [ଦ୍ର—ଯେ ଖୋସାମଦ
କଲା, ସେ ହେଲା ସୁନା ପୁଅ ।]

(ସେଠାରେ) ସୁନା ଫଳିବା—ଦେ. କ୍ରି—ସ୍ୱର୍ଣ୍ଣର ବା ଧନର ଉତ୍ପାଦନ—
Sunā phalibā Production of gold or riches.
সোনা ফলা सोना फलना

ସୁନା ଫୁଟି ଅଗାଡ଼ି ହେବା (ନ୍ୟାୟ)—ଦେ. ପ୍ରବଚନ—ପ୍ରଥମରେ ଭଲ
Sunā phuṭi agārdi hebā (nyāya) ଫଳର ଆଶା ଥିବା
ଠାରେ ପରେ କଣ୍ଟକ ହେବା—(analogy) To turn into
ashes after promise or hope of golden result.

ସୁନା ବଳା—ପ୍ରାଦେ. (ଯାଉଳୁଦ) ବି—ଶଗଡ଼ ଚକର ନାଭି ବା
Sunā balā ଭୁମ୍ ଉପରେ ଲଗାଯିବା ଲୁହାର ପାଡଥ—
সোনার বালা Thin ring put round the nave of
सोनेका वाला a cart wheel. ଦେ. ବି—୧ । ସୁନା ପୁଅ
(ଦେଖ)—1. Sunā pua (See) ୨ ।
ସୁନାର ହାତର ବଳା ବା କଡ଼—2. Gold bangle.

ସୁନା ବେଙ୍ଗ—ଦେ. ବି—ସୁନା ପରି ହଳଦିଆ ଓ ଚକ୍କଣ ଚର୍ମବିଶିଷ୍ଟ
Sunā benga ଏକପ୍ରକାର ବେଙ୍ଗ—A yellow smooth-
সোনা বেঙ पीला वेंग skinned species of frog.
[ଦ୍ର—ଏହାର ଦେହର ବର୍ଣ୍ଣ ସୁନା ପରି ହଳଦିଆ ଦିଶେ ।]

ସୁନା ବେଶ—ଦେ. ବି—ଗୁଣ୍ଡିଚା ପରେ 'ବାହୁଡ଼ା ଯାତ୍ରାରେ ଜଗନ୍ନାଥ
Sunā besa ବଳଭଦ୍ରଙ୍କ ରଥମାନ ସିଂହଦ୍ୱାରକୁ ଫେରି ଆସିବା
সোনার বেশ ପରେ ଦେବବିଗ୍ରହମାନଙ୍କର ସ୍ୱର୍ଣ୍ଣାଭରଣରେ ଯେଉଁ
सोना वेश ବେଶ ହୁଏ—The dress of gold worn
by the idols of the Jagannātha temple
of Puri after the cars have returned from
Gundichā ghara to the lion's gate.
[ଦ୍ର—ଏ ବେଶକୁ ଦର୍ଶନ କରିବା ପାଇଁ ବହୁ ଯାତ୍ରୀ ଜୁଟନ୍ତି
ହୁଅନ୍ତି ।]

ସୁନାଭ—ସଂ. ବି (ସୁ+ନାଭି)—୧ । ହିମାଳୟର ପୁତ୍ର; ମୈନାକ
Sunābha ପର୍ବତ (କିବାଣ୍ଡ ଶେଷ)—1. The Maināka
mountain. ୨ । ସୁଦର୍ଶନ ଚକ୍ର (ହ- ଶ]—
2. Bishṇu's discus. ୩ । (ନାମ) ଧୃତରାଷ୍ଟ୍ରଙ୍କର
ଏକ ପୁତ୍ର (ହ. ଶ)—3. Name of a son of
Dhṛutarāshṭra. ୪ । (ନାମ) ବରୁଣଙ୍କର ଏକ
ମନ୍ତ୍ରୀ (ହ. ଶ)—4. Name of a minister of
Baruṇa. ୫ । (ନାମ) ଗରୁଡ଼ଙ୍କର ଏକ ପୁତ୍ର (ହ.
ଶ)—5. Name of a son of Garurda. ୬ ।
ଅସ୍ତ୍ରମାନଙ୍କରେ ପ୍ରୟୋଗ କରାଯିବା ମନ୍ତ୍ରବିଶେଷ (ହ. ଶ)—
6. An esoteric formula applied to weap-
ons. ସଂ. ବିଣ—ସୁନ୍ଦର ନାଭିବିଶିଷ୍ଟ (ଲକ)—
Having a beautiful navel.

ସୁନା ଭସ୍ମ—ଦେ. ବି—ସ୍ୱର୍ଣ୍ଣ ଭସ୍ମ; ଜାରିତ ସ୍ୱର୍ଣ୍ଣର ପାଉଁଶ—
Sunā bhasma Gold oxide. [ଦ୍ର—ଏହା
সোনা ভস্ম सोना भस्म ଔଷଧରେ ଲାଗେ । କବିରାଜ-
ମାନେ ନାନା ଉପାୟରେ ସୁନାକୁ ଭସ୍ମ କରନ୍ତି । ସବୁ
ଧାତୁର ଭସ୍ମ ହୁଏ । ସାଧାରଣତଃ ତୁଳ ପ୍ରଣାଳୀରେ ଏହା
ହୁଏ । ଗୋଟିଏ ହେଉଛି ମାରଣ ଓ ଅନ୍ୟଟି ପୁଟ ମାରଣ
ହଟ ମାରଣରେ ଏକ ଦିନରେ ଭସ୍ମ ପ୍ରସ୍ତୁତ ହୁଏ ମାତ୍ର
ପୁଟ ମାରଣରେ ବହୁ ଦିନ ଲାଗେ । ପୁଟ ମାରଣ ଦ୍ୱାରା
ପ୍ରସ୍ତୁତ ଭସ୍ମ ବେଶି ଫଳପ୍ରଦ । ପ୍ରଥମେ ସୁନାକୁ ଶୋଧନ
କରିବାକୁ ହୁଏ । ସୁନାକୁ ଉତ୍ତପ୍ତ କରି ତେଲରେ ପକାଇ;
ପୁଣି ଉତ୍ତପ୍ତ କରି ଘୃତରେ ପକାଇ, ପୁଣି ଉତ୍ତପ୍ତ କରି
ଗୋକ୍ଷୁରା ପତ୍ର ରସରେ ପକାଇ ପୁଣି ଉତ୍ତପ୍ତ କଲେ ଏହା
ଶୋଧିତ ହୁଏ । ଏହି ଶୋଧିତ ସୁନାକୁ ଏକଜାତୀୟ ପଥର
ରସ ସହିତ ସରାରେ ପୁରାଇ ଅଗ୍ନି ମଧ୍ୟରେ ରଖିବାକୁ ହୁଏ ।
ଏହିପରି ସାତ ଦିନ ଘନ ଘନ ସାତ ପ୍ରକାର ପଥରର ରସରେ
ପାକ କଲେ ଶେଷ ଦିନ ସୁନା ଭସ୍ମ ପ୍ରସ୍ତୁତ ହୁଏ । ଏହି
ପଥରମାନଙ୍କର ନାମ ବୈଦ୍ୟଶାସ୍ତ୍ରମାନଙ୍କରେ ଲେଖା ଅଛି ।
ସୁନା ଭସ୍ମ ବହୁ ଔଷଧରେ ବ୍ୟବହୃତ ହୁଏ ।]

ସୁନା ଭାତ—ଦେ. ବି—ମୂଲ୍ୟବାନ୍ ଅନ୍ନ—Valuable food.
Sunā bhāta (ଦ୍ର—ଏଥିରୁ ଅଧିକ ଭଲ ହୋଇ କଥା
সোনার ভাত सोना भात ନାହିଁ; ଅଛି ଜେ ଅଛି କହି
ସୁନା ଭାତ ଖାଇ—କୃଷ୍ଣସିଂହ. ମହାଭାରତ ସଭା ।)

ସୁନାମ—ସଂ. ବି (ସୁ+ନାମନ୍; ସୁ=ଉତ୍ତମ ହୁଏ ନାମ ଯଦ୍ୱାରା)—
Sunāma ୧ । ସୁଖ୍ୟାତି; ଯଶଃ—1. Good repute;
good name. ୨ । ପ୍ରଶଂସା—2. Praise.

ସୁନାମଉଡ଼(ମୋହ[ହୋ]ର) —ଦେ. ବି—(ସଂ. ସ୍ୱର୍ଣ୍ଣ+ମୁକୁଟ)—
Sunā maurda(moha[ho]ra) ୧ । ସୁନାର ମୁକୁଟ—
সোনা মৌর सोनमौर 1. A gold crown.
মোহর सोना मोहर ୨ । (ସଂ. ସ୍ୱର୍ଣ୍ଣମୁଦ୍ରା) ସ୍ୱର୍ଣ୍ଣମୁଦ୍ରା—
2. Gold coin.

ସୁନା ମକା(କେ)ଇ—ଦେ. ବି (ସଂ. ସ୍ୱର୍ଣ୍ଣପତ୍ରିକା (—କାଞ୍ଚନାଦିବର୍ଗରେ
Sunā makā(ke)i କ୍ଷୁପବିଶେଷ—Senna Cassia
(ସୁନାମକା, ସୁନାମାଖି—ଅନ୍ୟରୂପ) Augustifolia.
সোনামুখী [ଦ୍ର—ଏହାର ପତ୍ର ତେନ୍ତୁଳି ପତ୍ର
सोनामक्खी, सनायकी पत्ती ପରି, କିନ୍ତୁ ବଡ଼; ପତ୍ରର ବର୍ଣ୍ଣ
ମ, ସୋନାମକ୍କି ସୁବେଲିଆ । ଦକ୍ଷିଣ ଭାରତରେ ଏ
ସଂ ପର୍ଯ୍ୟାୟ-କଲ୍ୟାଣୀ,ହେମପତ୍ରୀ] ଗଛର କୃଷି ହୁଏ ଓ ଅନ୍ୟତ୍ର
ରେଚନୀ, ସ୍ୱର୍ଣ୍ଣପତ୍ରିକା ଜଙ୍ଗଲରେ ଏ ଗଛ ହୁଏ । ଏ
ଗଛର ପତ୍ର ମୃଦୁବିରେଚକ । ଏହା ମଳରୋଧ, ଅଗ୍ନିମାନ୍ଦ୍ୟ,
ପ୍ଳୀହା ଓ ଯକୃତ୍ ବୃଦ୍ଧି, ଅର୍ଶ, ଉଦରଜ୍ୱର, କାମଳ ଓ
ପାଣ୍ଡୁରୋଗରେ ଉପକାରୀ ।]

ସୁନାମଣି—ଦେ. ବି. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—1. A name
Sunāmaṇi given to females. ୨ । (ଶିଶୁରଞ୍ଜନ ଭାଷା)
সোনামণি ପ୍ରିୟତମ ଶିଶୁ ବାଳକମାନଙ୍କ ଉପଳେନ୍ଦ୍ରିୟ; ଗଡ଼—
सोनामनी 2. (A term of the nursery) An euphe-
mistic term used for the penis of a pet
male-child.

ସୁନା ମଣ୍ଡା—ଦେ ବଣ (ସଂ. ସ୍ୱର୍ଣ୍ଣମଣ୍ଡିତ)—ସ୍ୱର୍ଣ୍ଣ ଭୂଷିତ; ସୁନାରେ ଖଚିତ ହୋଇଥିବା—Adorned or overlaid with gold. [ଉ—ସୁନାମଣ୍ଡାପୃଷ୍ଠ ଧନୁକୁ ଧରି କରେ । ଭୃଷ୍ଟସିଂହ. ମହାଭାରତ. ବନ ।]
Sunā mandā
সোনায় মোড়া
सोनामढ़ा हुआ

ସୁନାମ ଦ୍ୱାଦଶୀ—ସଂ. ବ—ମାର୍ଗଶୀର୍ଷ ମାସର ଶୁକ୍ଳ ଦ୍ୱାଦଶୀରେ କରିବାକୁ ଥିବା ବିଷ୍ଣୁ ପୂଜାରୂପ ବ୍ରତ— A vow of worshipping Bishṇu on the 12th day of every bright lunar fortnight of the year. [ଦ୍ର—ଏଥିରେ ନାମଫଳଲାଭ ହୁଏ ଓ ସୁନାମ ବା ଯଶଃପ୍ରାପ୍ତି ହୁଏ । ଅଗ୍ରହାୟଣ ମାସର ଶୁକ୍ଳ ଦ୍ୱାଦଶୀରେ ଏ ବ୍ରତ ଆରମ୍ଭ ହୁଏ ।]
Sunāma dwādaśī

ସୁନାମ ସଂ ବଣ ବହୁବ୍ରୀହି; ସୁ+ନାମନ୍ (୧ମ-୧ବ)—ଯଶସ୍ୱୀ—Celebrated; famous. ସଂ. ବ—୧ । (ନାମ)—କଂସର ଆଠ ଭାଇଙ୍କ ମଧ୍ୟରୁ ଏକ (ହ. ଶ)—1. One of Kaṁsa's eight brothers. ୨।(ନାମ) ସ୍କନ୍ଦଙ୍କର ଅନୁଚର ବିଶେଷ (ହ. ଶ – 2. Name of an attendant of Skanda. ୩ । (ନାମ) ବୈନତେୟଙ୍କର ଏକ ପୁତ୍ର (ହ. ଶ)—3. Name of a son of Garurda. ୪ । (ନାମ) ସୁକେତୁଙ୍କର ଏକ ପୁତ୍ର (ହ. ଶ)—4. Name of a son of Suketu.
Sunāmā

ସୁନାମିକା—ସଂ ବ- ଜାତୁଗାଣ ଲତା (ହ. ଶ)
Sunāmikā Thalictrum Faliolosum (creeper).

ସୁନାମୁଖୀ ପ୍ରାଦେ (ଲଦଅ) ବ—ସୁନାମକ୍ଷୀ —
Sonāmukhi Cassia Augustifolia.

ସୁନା ମୁଗ—ଦେ. ବ—ଏକପ୍ରକାର ମୁଗ (ମୁଗ ଦେଖ)—A species of mung pulse; Phaseolus Aurea. [ଦ୍ର—ଏହା ଈଷତ୍ ହଳଦିଆ ଥିବାରୁ ଏଥିର ନାମ ସୁନା ମୁଗ କରେ ଏଥର ହୋଇଅଛି । ଏହି ମୁଗର ଡାଲି ଅତ୍ୟନ୍ତ ସ୍ୱାଦୁ ବୋଲି ଅଦ୍ଭୁତ ।]
Sunā muga
সোনা মুগ
सोना मूंग

ସୁନା ମୁଦି—ଦେ. ବ (ସଂ ସ୍ୱର୍ଣ୍ଣ+ମୁଦ୍ରିକା)—ସୁନାରେ ତିଆରି ମୁଦି; ସ୍ୱର୍ଣ୍ଣନିର୍ମିତ ମୁଦ୍ରିକା—A gold ring.
Sunā mudi
সোনার আংটি
सोना अंगूठी

ସୁନା ମୁଦିଆ - ଦେ. ବ (ସଂ ସ୍ୱର୍ଣ୍ଣ ମୁଦ୍ରିକା)—୧ । ଯେଉଁ ବ୍ୟକ୍ତି ସୁନା ମୁଦି ପିନ୍ଧିଥାଏ—1. (a person); Wearing a golden ring. ୨ । (ଲକ୍ଷଣାର୍ଥ) ବଡ଼ଲୋକ—2. (figurative) Rich man. [ଉ—ସୁନା ମୁଦିଆ ହାତରୁ ଠାକର ଖାଇଲେ ଗଙ୍ଗାସ୍ନାନର ଫଳ ମିଳେ—ଢଗ ।]
Sunā mudia
সোনার আংটি পরা
सोना अंगूठी वाला

ସୁନା ମୁହିଁ କଣ୍ଟିଆ—ପ୍ରାଦେ. (ବାଲେଶ୍ୱର) ବ—ମତ୍ସ୍ୟବିଶେଷ— A kind of fish. [ଦ୍ର—ଏହି ଜାତୀୟ କଣ୍ଟିଆ ସାଧାରଣତଃ ୫ ଇଞ୍ଚରୁ ଅଧିକ ବଡ଼ ହୁଅନ୍ତି ନାହିଁ । ଏ ମାଛର ମୁହଁ ଓ ପିଠି ନିକଟସ୍ଥ ଅଂଶ ସୁନା ପରି ଦେଖାଯାଏ ।]
Sunā muhiñ kaṇṭiā

ସୁନାମ୍ନୀ—ସଂ. ବ. ସ୍ତ୍ରୀ—ଦେବକଙ୍କ; ବସୁଦେବଙ୍କ ପତ୍ନୀ—
Sunāmni A wife of Basudeba,

ସୁନାୟକ—ସଂ. ବ. ପୁଂ—୧ । ନାଟକ ଉପନ୍ୟାସ ଆଦ୍ୟାଦିର ଉତ୍ତମ ନାୟକ—1. An excellent hero of a romance. ୨ । ସ୍କନ୍ଦାନୁଚରବିଶେଷ (ହ. ଶ)—2. Name of an attendant of Skanda. ୩ । (ନାମ) ବୈନତେୟଙ୍କ ପୁତ୍ରବିଶେଷ (ହ. ଶ)—3. Name of a son of Garurda. ୪ । (ନାମ) ଦୈତ୍ୟବିଶେଷ (ହ. ଶ)—4. Name of a demon.
Sunāyaka
(ସୁନାୟିକା—ସ୍ତ୍ରୀ)

ସୁନାର—ଦେ. ବ (ସଂ ସ୍ୱର୍ଣ୍ଣକାର)—ସୁନାରି (ଦେଖ)—Sunāri (See) [ଉ—ସୁଇ ସୁନାର ସୁଅରି, ଏ ଦୁହିଙ୍କ ତାହାର—ପ୍ରବଚନ ।]
Sunāra
সোনার
सोनार

ସଂ ବ—୧ । ଶୁଣସ୍ତନ୍ୟ; କୁକୁର ଦୁଗ୍ଧ (ମେଦିନୀ)—1. Dog's milk. ୨ । ସର୍ପାଣ୍ଡ (ମେଦିନୀ)—2. Serpent's egg. ୩ । ଚଟକ (ମେଦିନୀ); ଘରଚଟିଆ ଚଢ଼େଇ—3. The house-sparrow.

ସୁନାର(ରି) ଘାଇ—ପ୍ରାଦେ. (ବାଲେଶ୍ୱର) ବ—ହଳଦିଆ ରଙ୍ଗର ଏକଜାତୀୟ ବାଉଁଶ—
Sunāra(ri) ghāi A kind of yellow bamboo.

ସୁନା ରଗଡ଼ା—ପ୍ରାଦେ. (ଗଡ଼ଜାତ) ବ—ବନ୍ୟ ବୃକ୍ଷବିଶେଷ—
Sunā rāgardā A kind of wild tree. [ଦ୍ର—ଏହା ୫୦ ହାତ ଉଚ୍ଚ । ଏଥିର ମୂଳ କାଠ ବଡ଼ ଟାଣ । ଏହାର ଅଙ୍ଗାର ବୋଲି ଦେଲେ ଉପକାର ହୁଏ ।]

ସୁନାରି—ଦେ. ବ—୧। (ସଂ. ସ୍ୱର୍ଣ୍ଣକାର) ବଣିଆ—1. Goldsmith. [ଉ—ଲୋପାମୁଦ୍ରା ଦେଖିଣ ସନ୍ତୋଷ ହୋଇଲେ, ସୁନାରିଙ୍କ ଡାକିଣ ଗଢ଼ାଅ ବୋଇଲେ—ଭୃଷ୍ଟସିଂହ.ମହାଭାରତ. ବନ ।] ୨ । (ସଂ ସ୍ୱର୍ଣ୍ଣାଙ୍ଗ; ସୁବର୍ଣ୍ଣକ) ଆରଗ୍ବଧ ଗଛ; ସୁନାରି ଗଛ—2. A tree; Casoia Fistula. [ଦ୍ର—ଏହାର ଫୁଲ ସୁନେଲି ରଙ୍ଗ ଥିବାରୁ ଏପରି ନାମ ହୋଇଅଛି । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଗୁରୁ, ମଧୁର, ଶୀତଳ ଓ ସୁବିରେଚକ । ଏହି, ଜ୍ୱର, ହୃଦ୍‌ରୋଗ, ପିତ୍ତ, ରକ୍ତ, ବାତ, ଉଦାବର୍ତ୍ତ ଓ ଶୂଳ ରୋଗରେ ଉପକାରୀ । ଏହାର ପତ୍ର ରେଚକ ଓ କଫମେଦହର । ଏହାର ଫୁଲ ସ୍ୱାଦୁ, ତିକ୍ତ, ଶୀତବୀର୍ଯ୍ୟ ଓ ମଳସଂଗ୍ରାହକ । ଏହାର ଫଳ (ଛୁଇଁ) ଅତ୍ୟନ୍ତ ଲମ୍ବ ।
Sunāri
সোনার, স্যাকরা
सोनार
সোনালু, রাখালনড়ি,
বানরনড়ি; সোন্দাল,
সোণালু
आमलतास
ଅ. ଓ ଫା. ଖିୟାର୍ ସମ୍ବର
ଅ. ଫଲୁସ୍
ଚେ. ଚେନ୍ନିଟ୍ଟୁ, ରେଲ୍ଲକାୟୀ,
ରେଲ୍ଲ
ସଂ ନାମ—ଚତୁରଙ୍ଗୁଳ,
ଆରେବତ, ବ୍ୟାଧିଘାତ,
ଆରଗ୍ବଧ; ସମ୍ପାକ, ରାଜବୃକ୍ଷ,
କୃତମାଲ, ସ୍ୱର୍ଣ୍ଣାଙ୍ଗ, ସୁବର୍ଣ୍ଣକ,
ସ୍ୱର୍ଣ୍ଣଭୂଷଣ, ଜ୍ୱରାନ୍ତକ, କୁଷ୍ଠସୂଦନ, ଦୀର୍ଘଫଳ, ସ୍ୱର୍ଣ୍ଣପୁଷ୍ପ ।

ଏହା ବରେଚକ, ତ୍ରିଦୋଷ ଓ କୁଷ୍ଠପିତ୍ତକଫନାଶକ । ମଞ୍ଜା ବା ଫଳର ଅଠା ମଧୁରବପାକ, ସ୍ନିଗ୍ଧ, ଅଗ୍ନିବର୍ଦ୍ଧକ, ରେଚକ ଏବଂ ପିତ୍ତବାୟୁନାଶକ ।

ଏହା କର୍ଣ୍ଣକାର ବର୍ଗର ଛୋଟ ଗଛ । ଏହାର ପତ୍ର ପକ୍ଷାକାର; ଫୁଲର ରଙ୍ଗ ସ୍ୱର୍ଣ୍ଣ । ଗ୍ରୀଷ୍ମକାଳରେ ଏଥିରେ ଫୁଲ ଫୁଟେ । ଫୁଲ ମଧ୍ୟରେ ୧୦ଟି ସ୍ୱର୍ଣ୍ଣ ପୁଂକେଶର ଓ ଫୁଲର ଗର୍ଭନାଳ ୫ ଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ । ଏହାର ଫଳ (ଛୁଇଁ) ଲମ୍ବରେ ୧୯ ହାତ ପର୍ଯ୍ୟନ୍ତ ବଢ଼େ । ଏହା ଗୋଲ ଓ ଗାଢ଼ ପକ୍ୱବର୍ଣ୍ଣ । ଏଥିର କାଠ ନାଲି ଓ ଦୃଢ଼ । ଏଥିର ଛେଲିଷିଆ ପାଣି ଦ୍ୱାରା ଚମଡ଼ା କଷା ହୁଏ ।]

ସୁନାରି ବଣିଆ—ଦେ· ବ (ସଂ. ସ୍ୱର୍ଣ୍ଣକାର+ବଣିକ୍)—ସ୍ୱର୍ଣ୍ଣକାର Sunāri baniā ବଣିଅ—Goldsmith. [ଦ୍ର—ଓଡ଼ିଶାରେ ସୋନার বেণে ବଣିଅମାନେ ଦୁଇ ଶ୍ରେଣୀର; ଯଥା—ସୁନାରି ବଣିଅ सोनार (ଯେଉଁମାନେ ସୁନା ରୁପାର କାମ କରନ୍ତି) ଓ ପୋଦ୍ଦାର ବଣିଅ (ଯେଉଁମାନେ ଔଷଧ ମଉଷଧ ବିକ୍ରି କରନ୍ତି) । ଏମାନେ ଜାତିରେ ବୈଶ୍ୟ ଏବଂ ଏମାନଙ୍କ ଘରେ ବିଧବାବିବାହ (ଦୁତିଅ) ପ୍ରଥା ନାହିଁ ।]

ସୁନାରୀ—ସଂ· ବି. ସ୍ତ୍ରୀ (ସୁ+ନାରୀ) —୧ । ଉତ୍ତମା ସ୍ତ୍ରୀ—1. An Sunāri excellent woman. ୨ । ରସିକା ସ୍ତ୍ରୀ—সোন্দাল 2. Voluptuous lady. ଦେ. ବି—୧ । (ସଂ· आमलतास ସ୍ୱର୍ଣ୍ଣାଙ୍ଗ; ସୁବର୍ଣ୍ଣକ) ସୁନାରି ୨ (ଦେଖ)—সোনারবেনে 1. Sunāri 2 (See) ୨ । ସୁନାରି ବଣିଅ—सोनार 2. Goldsmith. (ଦ୍ର—(ସଂ, ୧ ଓ ଦେ· ୨)—ଜଗନ୍ନାଥକୁ ମୁଁ ସୁନାରୀ ଲେଖି ଦବନାହିଁ ଯେ—ଭଞ୍ଜ. ବୈଦେହୀଶବିଳାସ ।)

ସୁନା(ନେ)ଲି—ଦେ. ବିଣ—୧ । ସ୍ୱର୍ଣ୍ଣବର୍ଣ୍ଣବିଶିଷ୍ଟ—1. Of yellow Sunā(ne)li colour. ୨ । ସ୍ୱର୍ଣ୍ଣ ରଞ୍ଜିତ—2. Painted সোনালি with gold. ୩ । ଗିଲ୍ଟି କରା—3. Gilded; सुनहला gilt. ୪ । ସ୍ୱର୍ଣ୍ଣସମ୍ବନ୍ଧୀୟ—4. Golden.

ସୁନାଲ—ସଂ. ବି—ରକ୍ତ କମଳ (ହ· ଶ)—Sunāla The red water-lily.

ସୁନାଳକ—ସଂ. ବି—ଅଗସ୍ତ୍ୟ ବୃକ୍ଷ (ହ· ଶ)—Sunālaka Sesbania Grandflora tree.

ସୁନାଲି—ପ୍ରାଦେ (ବମ୍ବର) ବି—ସୁନାରି ୨ (ଦେଖ)—Sunāri 2 Sunāli (See) ଦେ. ବିଣ—୧ । ସୁନାସମ୍ବନ୍ଧୀୟ. সোনালি सुनहला 1. Golden- ୨ । ସୁନା ପରି ବର୍ଣ୍ଣବିଶିଷ୍ଟ—2. Gold-hued.

ସୁନା(ନେ)ଲି କାଳି—ଦେ.ବି—ସ୍ୱର୍ଣ୍ଣ ବର୍ଣ୍ଣର ମସୀ—Sunā(ne)li kāli Golden ink. সোনালি স্যাই सुनहली स्याही

ସୁନା(ନେ)ଲି ରଙ୍ଗ—ଦେ. ବି—ସ୍ୱର୍ଣ୍ଣବର୍ଣ୍ଣ ବିଶିଷ୍ଟ ରଙ୍ଗ—Sunā(ne)li ranga Golden colour or paint. সোনালি রঙ্গ सुनहला रंग

ସୁନାଶୀ(ସୀ)ର—ସଂ. ବି [ସୁ=ଉତ୍ତମ+ନାଶୀ(ସୀ)ର—ପୁରୋବର୍ତ୍ତୀ Sunāsi(si)ra ସୈନ୍ୟ ପାଦାତିକ; ଅନ୍ୟରୂପ ଶୁନାଶୀ(ସୀ)ର]—প্রধানযোদ্ধা प्रधानयोद्धा ୧ । ଇନ୍ଦ୍ର (ଅମର)—1. The God Indra. ୨ । ଦେବତା (ହ.ଶ)—2. Deity. ଦେ. ବି—ପ୍ରଧାନ ଯୋଦ୍ଧା—Great warrior. (ଦ୍ର—ବଡ଼ ସୁନାସୀରେକ ଚହିଁ, ଏତେକେତ ସୁନାସୀରରେ ଶୋଭି, ଏପରି ହୋଇ ଚଳରଥିହିଁ, କେବଳ ବଣ୍ଡ ପେ—ଭଞ୍ଜ. ବୈଦେହୀଶବିଳାସ ।)

ସୁନାସ—ଦେ· ବଣ (ପୁଂ)(ସଂ· ସୁନାସିକ) ସୁନାସିକ ବା ସୁନ୍ଦର ନାସିକା Sunāsa ଯୁକ୍ତ—Having a beautiful nose. ଦେ· ବି (ସଂ. ସୁନାସା) ସୁନ୍ଦର ନାସିକା—Nice nose. (ଦ୍ର—ନରସୁଗଳ ବନ୍ଧୁ ଅଂସ, ଇନ୍ଦ୍ରଭ ସୁନ୍ଦର ସୁନାସ—সুনাসা सुनास ଜଗନ୍ନାଥ· ଭାଗବତ ।)

ସୁନାସା—ସଂ. ବି—ସୁନାସିକ (ଦେଖ) Sunāsā Sunasika (See)

ସୁନାସିକ—ସଂ. ବଣ. ପୁଂ (ବହୁବ୍ରୀହି)—ସୁନ୍ଦର ନାସିକାଯୁକ୍ତ—Sunāsika Having beautiful nose. (ସୁନାସିକା—ସ୍ତ୍ରୀ)

ସୁନାସିକା—ସଂ. ବି. ୧ । (କର୍ମଧା)—ସୁନ୍ଦର ନାକ—1. A beautiSunāsikā ful nose. ୨ । କାକନାସା (ବନ ଲତା) কাকঠুঁটি, কোআঠুঁঠি 2. A kind of plant;Solanum कोआठूंठी Indicum. ସଂ. ବଣ. ସ୍ତ୍ରୀ—ସୁନ୍ଦର ଅନ୍ୟ ସଂ.ନାମ—କାକନାସା, ନାସା ବିଶିଷ୍ଟା — (a woman) କାକାଙ୍ଗୀ, କାକତୁଣ୍ଡ ଫଳା Having a beautiful nose.

ସୁନି—ବୈଦେ. ବି. (ଅ. ସୁନ୍ନୀ)—ମୁସଲମାନ ସଂପ୍ରଦାୟ ବିଶେଷ—Suni The Sunnis; a sect of Mohammedans. সুন্নি; सुन्नि

(ଦ୍ର—ମୁସଲମାନମାନେ ଦୁଇ ସଂପ୍ରଦାୟରେ ବିଭକ୍ତ—ସିଆ ଓ ସୁନି । ସିଆମାନେ କହନ୍ତି ଯେ, ହଜରତ୍ ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟ ଓ ବଂଶଧରମାନେ ପୁରୁଷାନୁକ୍ରମେ ମୁସଲମାନ୍ ମାନଙ୍କର ଇମାମ୍ ବା ଧର୍ମଗୁରୁ ଅଟନ୍ତି । ସୁନିମାନେ କହନ୍ତି ଯେ, ମୁସଲମାନମାନଙ୍କ ନିର୍ବାଚିତ ବ୍ୟକ୍ତି ଧର୍ମଗୁରୁ ବା ଇମାମ୍ ପଦର ଉପଯୁକ୍ତ ଅଟନ୍ତି । ଏହି ମତଭେଦରୁ ପ୍ରଥମେ ଏ ଦୁଇଟି ସଂପ୍ରଦାୟ ସୃଷ୍ଟ ହୋଇଥିଲା ଏବଂ କ୍ରମେ କ୍ରମେ ଏମାନଙ୍କ ଧର୍ମଶାସ୍ତ୍ର, ଆଚାର ବ୍ୟବହାର, ଦାୟଭାଗ ଓ ସାମାଜିକ ଗତି ସବୁ ପୃଥକ୍ ହୋଇ ଯାଇଅଛି; ଯଥା—ସିଆମାନେ (୧) କୋରାନ୍ ଓ (୨) ହଜରତ୍ ମହମ୍ମଦଙ୍କର ବଂଶଧରମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଗ୍ରନ୍ଥ (ଅକ୍ଷ୍ୟାସ୍ଥିକା)କୁ ଧର୍ମଶାସ୍ତ୍ର ବୋଲି ମାନନ୍ତି ଏବଂ ଇମାମଙ୍କ ଦ୍ୱାରା ଅନୁମୋଦିତ ହୋଇ ନ ଥିବା ମୀମାଂସାକୁ ମାନନ୍ତି ନାହିଁ । କିନ୍ତୁ ସୁନିମାନେ (୧) କୋରାଣ, (୨) ସୁନତ୍ ବା ହାଦିସ୍ (ମହମ୍ମଦଙ୍କୁ ଦେଖିଥିବା ବା ତାଙ୍କଠାରୁ ଶୁଣିଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରବର୍ତ୍ତିତ କାହାଣୀ), (୩) ଇଜ୍‌ମାଉଲ୍‌ଉମ୍ମତ୍

(ମହମ୍ମଦଙ୍କ ପ୍ରଧାନ ଶିଷ୍ୟ ବା ସହଚରମାନଙ୍କ କୃତ ଟୀକା) ଓ (୪) କୟା (ନଜୀର ବଲେଜନାଁଙ୍କ ମୀମାଂସା) କୁ ମାନନ୍ତି । ସୁନି ସଂପ୍ରଦାୟ ସିଆ ସଂପ୍ରଦାୟର ବହୁଦିନ ପରେ ପ୍ରତିଷ୍ଠିତ ହୋଇଥିଲା । ସୁନିମାନଙ୍କ ଧର୍ମଶାସ୍ତ୍ର ଅନୁସାରେ ମୃତ ବ୍ୟକ୍ତିର ସଗୋତ୍ର (agnate) ବଂଶଧର ବିଦ୍ୟମାନ ଥିଲେ ଅସଗୋତ୍ର (cognate) ବଂଶଧରମାନେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ନ ପାରନ୍ତି । କିନ୍ତୁ ଏହି ନିୟମ ମୃତବ୍ୟକ୍ତିଙ୍କ ପିତା, ମାତା, ପୁତ୍ର, କନ୍ୟା, ସ୍ୱାମୀ ବା ସ୍ତ୍ରୀଙ୍କ ପ୍ରତି ଖଟେ ନାହିଁ ।

ସୁନି ସମ୍ପ୍ରଦାୟ ପୁଣି ୪ଟି ଉପସମ୍ପ୍ରଦାୟରେ ବିଭକ୍ତ; ଯଥା—୧ । ହନାଫି, ୨ । ସାଫେଇ, ୩ । ମାଲକି, ୪ । ହନ୍‌ବଲି । ଭାରତର ସୁନିମାନେ ପ୍ରଧାନତଃ ହନାଫି ଶ୍ରେଣୀଭୁକ୍ତ ।

ସିଆମାନେ ନମାଜ୍ ପଢ଼ିଲାବେଳେ (ପ୍ରାର୍ଥନା କଲାବେଳେ) ଦୁଇ ହାତକୁ କଡ଼ପଟରେ ତଳକୁ ଲମ୍ବାନ୍ତି; କିନ୍ତୁ ସୁନିମାନେ ଦୁଇ ହାତକୁ ଆଗରେ ଯୋଡ଼ିକରି ନମାଜ୍ ପଢ଼ନ୍ତି । ହନାଫି ଓ ସାଫେଇମାନେ ନମାଜ୍ ପଢ଼ିଲାବେଳେ ଆମିନ୍ (ଇଂ. Amen=ତଥାସ୍ତୁ) ଶବ୍ଦ ଉଚ୍ଚାରଣ କରନ୍ତି ।

ଅଳ୍ପଦିନ ହେଲା ଭାରତୀୟ ସୁନିମାନଙ୍କ ମଧ୍ୟରେ ସଇଦ୍ ମୁହାମ୍ମଦିନ୍ ନାମକ ଅନ୍ୟ ଗୋଟିଏ ଉପସଂପ୍ରଦାୟ ସୃଷ୍ଟ ହୋଇଅଛି । ଏମାନଙ୍କୁ ଅନ୍ୟ ମୁସଲମାନ୍‌ମାନେ 'ୱହାବି' ନାମରେ ଡାକନ୍ତି ।

ଗୁଜରାଟର ଧନ୍ଧୁକା ତାଲୁକରେ ରାଜପୁତମାନେ ମୁସଲମାନ ଧର୍ମ ଗ୍ରହଣ କରି ସୁନି ସଂପ୍ରଦାୟର 'ବୋରା' ଓ ବ୍ରୋଚ୍ ଜିଲାର ରାଜପୁତ୍‌ମାନେ 'ମୋଲେସଲାମ' ଶ୍ରେଣୀଭୁକ୍ତ ହୋଇଅଛନ୍ତି ।] ଦେ. ବି (ନାମ)—୧ (ସ୍ତ୍ରୀ) ସୁନାମଣି ନାମ୍ନୀ ସ୍ତ୍ରୀର ଡାକ ନାମ—1. (Feminine) Name for calling Sunāmaṇi. ୨ । (ପୁଂ) ସୁନାମଣି ନାମକ ପୁରୁଷର ଡାକ ନାମ—2. (Masculine) Name for calling Sunāmaṇi.

ସୁନଅ(ଆ)—ଦେ. ବି (ସଂ. ସ୍ୱର୍ଣ୍ଣ)—ସ୍ୱର୍ଣ୍ଣମୁଦ୍ରା; ମହର; ମୋହର—Suniā(ān) Gold coin. (ହି—ସହସ୍ରେ ସୁନଅରେ ଶିଖାଟାଏ
ମୋହର ସ୍ୱର୍ଣମୁଦ୍ରା ଅଛି, ସବୁ ରତ୍ନମାନଙ୍କେ ଭୂଷିତ ହୋଇଛି ।
କୃଷ୍ଣସିଂହ. ମହାଭାରତ, ସଭା ।
ନାଗର ଯେଉଁ ଯେବେ ଅସିବ ସୁନଅ, ତେବେ ତାକୁ ଦେଖିଲେ ହୋଇବ ମୁଁ କଅଁ । କୃଷ୍ଣସିଂହ. ମହାଭାରତ, ଶାନ୍ତି ।)

ବି ଦେ. ବି (ଅ. ସନ୍-ଏ-ନଓ=ନବବର୍ଷ)—ଭାଦ୍ରମାସ ଶୁକ୍ଳ ଦ୍ୱାଦଶୀ; ଓଡ଼ିଆ ସନର ଓ ପୁରୀ ରାଜାଙ୍କ ଅଙ୍କର ପରିବର୍ତ୍ତନ ଦିବସ—The 11th of the light-fortnight of Bhādra month. [ବି—ଏ ଦିନ ଓଡ଼ିଶାର ରାଜା ଓ ଜମିଦାରଙ୍କ ସିରସ୍ତାରେ ନୂତନ ଅଙ୍କ ବା ସନ ଆରମ୍ଭ ହୁଏ । ରାଜା ଓ ଜମିଦାରମାନେ ଯେ ଦିନ ସିରସ୍ତା ପୂଜା କରନ୍ତି ଏବଂ ପ୍ରଜାମାନେ ଜମିଦାରଙ୍କୁ ଭେଟି ଓ ସଲାମି ଦିଅନ୍ତି । ବର୍ତ୍ତମାନ 'ପ୍ରଜାମଣ୍ଡଳ'ର ଅଧିକାରୀମାନେ ଏ ଭେଟି ଓ ସଲାମି ବନ୍ଦ କରିବାକୁ ସଙ୍କଳ୍ପ କରି ଅଛନ୍ତି । ପୂର୍ବତନ ରାଜାଙ୍କ ନାମାଙ୍କିତ ସ୍ୱର୍ଣ୍ଣମୁଦ୍ରା (ସୁନଅ) କଟୁ ପାଇ ନୂଆ ରାଜାଙ୍କ ନାମାଙ୍କିତ ନୂତନ ମୁଦ୍ରା ଚଳିବା ବିଧିରୁ ବୋଧ ହୁଏ ଏହି ଶବ୍ଦର ସୃଷ୍ଟି ହୋଇଅଛି ('ସନ' ତଳେ ନୋଟ ଦେଖ) ।

ଓଡ଼ିଆ ସନର ଓ ପୁରୀ ରାଜାଙ୍କ ଅଙ୍କର ମାସର ଓ ଦିବସର ଗଣନା ସୌର ମାସର ଗଣନା କ୍ରମେ ହୁଏ; କିନ୍ତୁ ସନ ବା ଅଙ୍କ ଶୁକ୍ଳ ଭାଦ୍ରମାସର ଦ୍ୱାଦଶୀଠାରୁ ଗଣନା କରାଯାଏ । ଏହି 'ସୁନଅ' ପୂଜା ଓ ଗଣନା ଓଡ଼ିଶାର ବିଶେଷତ୍ୱ । ଏହା ଓଡ଼ିଆମାନଙ୍କ ନବ ବର୍ଷାରମ୍ଭ ।] ୩ । (ପୁଂ) ସୁନାମଣି ନାମକ ପୁରୁଷର ଡାକ ନାମ—3. (Masculine) Name for calling a person named Sunāmaṇi.

ସୁନଅ(ଅଁ) ପୂଜା—ଦେ. ବି—ରାଜା ଓ ଜମିଦାରମାନେ ସୁନଅ ଦିନ
Suniā(ān) pūjā ବେଦୀରେ ବସି ଗଣପତି, ସରସ୍ୱତୀ, ଲକ୍ଷ୍ମୀ
পুণ্যাহ ଆଦି ଦେବତାଙ୍କୁ ଓ ସିରସ୍ତାକୁ ଯେଉଁ ପୂଜା କରନ୍ତି—A ceremonial worship done by a Rājā or Zamindar on the Suniā day. [ବି—ପ୍ରତ୍ୟେକ ଜମିଦାର ବା ରାଜା ସେ ଦିନ ଗୋଟିଏ ପୁରୁଣା ସ୍ୱର୍ଣ୍ଣମୁଦ୍ରା ବା ଟଙ୍କା (ଯାହା ବଂଶାନୁକ୍ରମେ ସଞ୍ଚିତ ହୋଇଥାଏ ଓ ସୁନଅ ଦିନ ପୂଜା କରାଯାଏ)କୁ ମଧ୍ୟ ପୂଜା କରନ୍ତି ।]

ସୁନଅ(ଅଁ) ବେଦୀ—ଦେ. ବି—ଯେଉଁ ବେଦିକା ଉପରେ ବସି ସୁନଅ
Suniā(ān)bedī ଦିନ ରାଜା ଓ ଜମିଦାରମାନେ
পুণ্যাহবেদী ସିରସ୍ତା ପୂଜା କରନ୍ତି—An altar on which the Rājās and Zamindars perform the Suniā ceremony.

ସୁନଅ(ଅଁ) ଭେଟି—ଦେ. ବି—ରାଜ୍ୟର ପ୍ରଜା ଓ କାରିଗରମାନେ
Suniā(ān) bheṭi ରାଜାଙ୍କୁ ସୁନଅ ଦିନ ଦେବା ଧନ ଓ
পুণ্যাহভেট ଦ୍ରବ୍ୟାଦି ଉପଢୌକନ—Present of articles made by a rayat or artisan or subject to a Rājā or Zamindar on the Suniā day.

ସୁନଅ(ଅଁ) ସଲାମି—ଦେ. ବି—ରାଜକର୍ମଚାରୀ ଓ ପ୍ରଜାମାନେ ସୁନଅ ଦିନ
Suniā(ān) salāmi ରାଜାଙ୍କୁ ଯେଉଁ ଧନ ଉପଢୌକନ
পুণ্যাহসেলামি ବା ନଜରାନା ଦିଅନ୍ତି—A present or nuzzerana given to a Rājā by the officers and subjects on the Suniā day.

ସୁନିଦ୍ର—ସଂ. ବିଣ ପୁଂ (ସୁ + ନିଦ୍ରା + ଅ; ବହୁବ୍ରୀହି)—ଉତ୍ତମରୂପେ
Sunidra ଶୋଇଥିବା; ଗାଢ଼ ନିଦ୍ରିତ—Well slept.
(ସୁନିଦ୍ରିତ—ଅନ୍ୟରୂପ) (ସୁନିଦ୍ରା, ସୁନିଦ୍ରିତା—ସ୍ତ୍ରୀ)

ସୁନିଦ୍ରା—ସଂ. ବି—ସ୍ୱପ୍ନ ବା ଜାଗରଣରହିତ ନିଦ୍ରା; ଗାଢ଼ ନିଦ୍ରା—
Sunidrā Sound sleep; sleep undisturbed by dream or waking. ସଂ. ବିଣ. ସ୍ତ୍ରୀ—ସୁନିଦ୍ରର ସ୍ତ୍ରୀଲିଙ୍ଗ—Feminine of Sunidra.

ସୁନିନଦ—ସଂ. ବିଣ. ପୁଂ—ସୁନ୍ଦର ନାଦକାରୀ (ହ. ଷା)—
Suninada Emitting a good or sweet sound.
(ସୁନିନଦା—ସ୍ତ୍ରୀ)

ସୁନିପୁଣ—ସଂ. ବିଣ. ପୁଂ—ସୁଦକ୍ଷ; ଅତି ନିପୁଣ ବା ବିଚକ୍ଷଣ—
Sunipuṇa Very skilful; expert.
(ସୁନିପୁଣା—ସ୍ତ୍ରୀ) (ସୁନିପୁଣତା—ବି)

ସୁନି ମୁଗ—ଦେ. ବି—୧ । ସୁନା ମୁଗ (ମୁଗ ଦେଖ)—1. A species
Suni muga of Mung pulse. ୨ । ଛାଞ୍ଚି ମୁଗ;
সোনা মুগ सोना मूग (ମୁଗ ଦେଖ)—2. A kind of Mung pulse.

ସୁନିୟମ—ସଂ. ବି—୧ । ଉତ୍ତମ ନିୟମ—1. A good rule.
Suniyama ୨ । ସୁଶୃଙ୍ଖଳା—2. Good method.

ସୁନିର୍ଦ୍ଦିଷ୍ଟ—ସଂ. ବିଣ—୧ । ସୁସ୍ଥିର—1. Well fixed. ୨ ।
Sunirddishṭa ଉତ୍ତମରୂପେ ନିର୍ଦ୍ଦିଷ୍ଟ ବା ସ୍ଥିରୀକୃତ—2. Well ascertained. ୩ । ନିତ୍ୟ—3. Perpetual.

ସୁନିର୍ଦ୍ଧାରିତ—ସଂ. ବିଣ—୧ । ଉତ୍ତମରୂପେ ସ୍ଥିରୀକୃତ—1. Well
Sunirddhārita ascertained. ୨ । ସୁନିଶ୍ଚିତ (ଦେଖ)—2. Sunischita (See)

ସୁନିର୍ମଳ—ସଂ. ବିଣ—ଅତି ନିର୍ମଳ—
Sunirmaḷa Very clear or pellucid.

ସୁନିର୍ମିତ—ସଂ. ବିଣ—୧ । ଉତ୍ତମରୂପେ ନିର୍ମିତ—1. Well made.
Sunirmita ୨ । ସୁନ୍ଦରରୂପେ ପ୍ରସ୍ତୁତ—2. Nicely made.

ସୁନିର୍ଯା(ର୍ଯ୍ୟା)ସା—ସଂ. ବି—ଜିଙ୍ଗିନୀ ବୃକ୍ଷ (ଭାବପ୍ରକାଶ); ଶାଳ୍ମଳୀ-
Sunirjā(rjyā)sā ଜାତୀୟ ବୃକ୍ଷବିଶେଷ—A tree;
গুলহুলি Odina Wodier. [ବୈ—ଏହା
जिंगिनी ମଧୁର-କଷାୟ-କଟୁ-ରସ, ଉଷ୍ଣବୀର୍ଯ୍ୟ,
ଅନ୍ୟ ସଂସ୍କୃତ ନାମ— ବ୍ରଣଶୋଧକ । ଏହା ବ୍ରଣ, ହୃଦ୍‌ରୋଗ,
ଝିଙ୍ଗିନୀ, ଝିଙ୍ଗିକା, ଝିଙ୍ଗୀ, ବାୟୁ ଓ ଅତିସାର ନାଶକ; ଶାଳ ଓ
ପ୍ରମୋଦିନୀ, ସୁଦୃଢ଼ବଲ୍କଳା ଶାଲ୍ମଳୀର ଅନ୍ୟାନ୍ୟ ଗୁଣ ଏ ବୃକ୍ଷରେ ଅଛି ।]

ସୁନିଶ୍ଚୟ—ସଂ. ବିଣ (ସୁ + ନିଶ୍ଚୟ)—ସୁନିଶ୍ଚିତ (ଦେଖ)
Suniśchaya Suniśchitā (See)

ସୁନିଶ୍ଚିତ—ସଂ. ବିଣ—୧ । ଅତି ନିଶ୍ଚିତ—1. Very sure or
Suniśchita certain; absolutely certain. ୨ । ସୁନିର୍ଦ୍ଧାରିତ—2. Well ascertained. ସଂ. ବି. ବୁଦ୍ଧବିଶେଷ (ନିଘଣ୍ଟଶେଷ)—Name of a Buddhist saint.

ସୁନିଷ—ସଂ. ବି—ସୁନିଷଣ୍ଣକ (ଦେଖ)
Sunisha Sunishaṇṇaka (See)

ସୁନିଷଣ୍ଣକ—ସଂ. ବି (ସୁ + ନି + ସଦ୍ ଧାତୁ + କର୍ତ୍ତି. ତ + ସ୍ୱାର୍ଥେ କ
Sunishaṇṇaka ସୁ + ନିଷଣ୍ଣକ = ସୁନିଦ୍ରାକାରକ;
(ସୁନିଷଣ୍ଣ—ଅନ୍ୟରୂପ) (ଏହା ନିଦ୍ରାକାରକ) ସୁନିଷୁନିଆ (ଦେଖ) Sunishuniā (See)

ସୁନିଷୁନିଆ(ଆଁ)—ଦେ. ବି (ସଂ. ସୁନିଷଣ୍ଣକ)—ଜଳକର୍ଦ୍ଦମଜ
Sunishuniā(āṅ) ଅଧୁଷିତ ଶାକବିଶେଷ—
সুষুনিশাক Marsilea Quadrifolia; a
उटंगन, शेपत्ति, चोपतिआ, potherb. [ବୈ—ଏହାର
सुसना, शिरियारी ଗୋଟିଏ ବୃନ୍ତ ପତ୍ର ସରୁ ଓ ଲମ୍ବ ।
ମ. କୁରୁଡ଼ୁବାହଡେ ଗୋଟିକରେ ୪ଟି ପତ୍ର ବା ପାଖୁଡ଼ା
ପା. ଅଂଜକ୍ସ, ଭୁଏମେ ଅଂଜକ୍ସ ଥାଏ । ସନ୍ଧ୍ୟା ହୁଅନ୍ତେ ପତ୍ର ମୁଦି
ଆ. ଅଂଜବ, ବକୁଲ୍ ଅଂଜବ ହୋଇଯାଏ । ଏହି ଶାଗ ପୋଖରୀ
ତେ. ସୁନିସନ୍ନାମନେଶାକମୁ ଓ ନଈ ଆଦିର କୂଳରେ ଓଦା
ସଂ. ପର୍ଯ୍ୟାୟ—ସୁନିଷ, ସୁନିଷଣ୍ଣ, ଓ କାଦୁଅ ଭୂଇଁରେ ଜନ୍ମେ
ସୁନିଷଣ୍ଣକ, ଶିତିବାର, ଶିତିବାରକ, ଏବଂ ଏହାକୁ ଖାଇଲେ ସୁନିଦ୍ରା
ସ୍ୱସ୍ତିକ, ଶ୍ରୀବାରକ, ସୂଚୀପତ୍ର ହୁଏ ।
ପର୍ଣ୍ଣିକ, କୁକ୍କୁଟ, ଶିଖୀ, ଚତୁଷ୍ପତ୍ରୀ, ଏହା ଶୀତବୀର୍ଯ୍ୟ, ମଳ-
ବକୁର, ଚୁଚୁ ସଂଗ୍ରାହକ, ଅବିଦାହୀ, ଲଘୁ, କଷାୟ, ମଧୁର, ରୂକ୍ଷ, ଅଗ୍ନିଦୀପକ, ରୁଚିକର, ବୀର୍ଯ୍ୟକର, ମେଧାଜନକ, ରସାୟନ ଓ ନିଦ୍ରାକାରକ ।
ଏହା ମେଦୋରୋଗ, ଜ୍ୱର, ଶ୍ୱାସ, କୁଷ୍ଠ, ମେହ, ଭ୍ରମ ଓ ଦାହ ରୋଗରେ ଉପକାରୀ । ଏହା ରକ୍ତ ପିତ୍ତ ରୋଗୀ ପକ୍ଷରେ ବିଶେଷ ଅପକାରକ ।)

ସୁନିଷ୍ଟପ୍ତ—ସଂ. ବିଣ (ସୁ + ନିର + ତପ୍ ଧାତୁ = ଗରମ କରିବା +
Sunishṭapta କର୍ତ୍ତି ତ; ସନ୍ଧି ଯୋଗୁଁ 'ତ' ସ୍ଥାନରେ 'ଟ' ଆଦେଶ)—ଅତି ଉତ୍ତପ୍ତ; ଅତିଶୟ ଗରମ—Very hot; scorched; much heated.

ସୁନିସ୍ତ୍ରିଂଶ—ସଂ. ବି—ଦାରୁଆ ଖଣ୍ଡା (ହ. ଶ)—
Sunistriṁśa A sharp sword.

ସୁନୀଚ—ସଂ. ବିଣ—ଅତ୍ୟନ୍ତ ନୀଚ—
Sunīcha Very low.
(ସୁନୀଚତା[ତ୍ୱ]—ବି)

ସୁନୀତ—ସଂ. ବି—୧ । ବୁଦ୍ଧିମତ୍ତା (ହ. ଶ)—1. Intelligence.
Sunīta ୨ । ନୀତିମତ୍ତା (ହ. ଶ)—2. Morality. ୩ । (ନାମ) ସୁବଳଙ୍କ ପୁତ୍ର ରାଜାବିଶେଷ—3. Name of a son of king Subaḷa.

ସୁନୀତି—ସଂ. ବି (ସୁ+ନୀ ଧାତୁ+କ୍ତିନ୍ ଭା)—୧ । ଉତ୍ତମ ନୀତି—
Suniti 1. Good morals. ୨ । ଉତ୍ତମ ନିୟମ—2. Good rule. ୩ । ନ୍ୟାୟସଙ୍ଗତ ଆଇନ୍—3. Just law. ୪ । ଉତ୍କୃଷ୍ଟ ଉପଦେଶ; ସାଧୁ ଉପଦେଶ—4. Good policy. ୫ । ଉତ୍ତମ ଆଚରଣ—5. Good conduct. ୬ । ଉତ୍ତମ ବ୍ୟବହାର—6 Good manners. ୭ । (ବହୁବ୍ରୀହି) (ନାମ)—ଉତ୍ତାନପାଦ ରାଜାଙ୍କର ପ୍ରଥମା ସ୍ତ୍ରୀ; ଧ୍ରୁବଙ୍କ ମାତା ('ଧ୍ରୁବ' ଦେଖ)—7. Name of the mother of Dhruba. ୮ । ଶିବ (ହ. ଷ)—8. Śiba. ସଂ. ବିଣ (ବହୁବ୍ରୀହି; ସୁ=ଉତ୍ତମ ଅଟେ ନୀତି ଯାହାର)—ଉତ୍ତମ ନୀତିବିଶିଷ୍ଟ; ନୀତିମାନ୍—Of good morals or policy or conduct.

ସୁନୀତି ନନ୍ଦନ—ସଂ. ବି (୬ଷ୍ଠୀ ତତ୍)—ଧ୍ରୁବ (ଦେଖ)
Suniti nandana Dhruba (See)

ସୁନୀଥ—ସଂ. ବିଣ. ପୁଂ (ସୁ+ନୀ ଧାତୁ+କ୍ଥି. ଥ)—ଧର୍ମଶୀଳ
Sunitha (ଉଣାଦି କୋଷ)—Pious. ସଂ. ବି—
(ସୁନୀଥା—ସ୍ତ୍ରୀ) ବ୍ରାହ୍ମଣ (ସଂକ୍ଷିପ୍ତ ସାର)—1. A Brāhmaṇa. ୨ । (ନାମ) କୃଷ୍ଣଙ୍କର ଏକ ପୁତ୍ର—2. Name of a son of Kṛushṇa. ୩ । ଶିଶୁପାଳର ଏକ ନାମ—3. A name of Śisupāla.

ସୁନୀଳ—ସଂ. ବିଣ—ଅତ୍ୟନ୍ତ ନୀଳ—Very blue. ସଂ. ବି—୧ ।
Sunila ଲାମଜ୍ଜକ (ଭାବ ନବର୍ଣ୍ଣ); ଗନ୍ଧବେଣା; ଧନହୀ—
(ସୁନୀଳା—ସ୍ତ୍ରୀ) 1. A kind of scented grass; Juncus Odoratus. ୨ । ଦାଡ଼ିମ୍ବ (ରାଜନିର୍ଘଣ୍ଟ)—2. Pomegranate.

ସୁନୀଳକ—ସଂ. ବି—୧ । ନୀଳ ଭୃଙ୍ଗରାଜ (ରାଜନିର୍ଘଣ୍ଟ)—1. The
Sunilaka blue species of "Bhṛuṅgarāja." ୨ । ନୀଳ ରତ୍ନ; ନୀଳା (ରାଜନିର୍ଘଣ୍ଟ)—2. Sapphire.

ସୁନୀଳା—ସଂ. ବି (ସୁନୀଳ+ଆ)—୧ । ଅତସୀ—1. Linseed. ୨ ।
Sunilā କୃଷ୍ଣକାନ୍ତା; ନୀଳ ଅପରାଜିତା—2. The blue clitoris flower and creeper. ୩ । ନବଘା ତୃଣ (ରାଜନିର୍ଘଣ୍ଟ);ଚଣିକା ତୃଣ—3. A kind of grass.

ସୁନୁ—ସଂ. ବି [ସୁ+ନୋ; ଶୋଭନା ନୌ=ନୌକା ଯହିଁରେ
Sunu (ଦୁର୍ଗାଦାସ)]—ଜଳ—Water. ପ୍ରାଦେ (ବାଲେଶ୍ୱର) ବି—ମତ୍ସ୍ୟ ବିଶେଷ—A kind of fish.

ସୁନୁତ୍—ବୈଦେ. ବି (ଅ. ସୁନ୍ନତ୍)—ସୁନତ୍ (ଦେଖ)
Sunut Sunat (See)

ସୁନୁତି—ଦେ. ବିଣ—ସୁନତି (ଦେଖ)
Sunuti (ସୁନୁତିଆ—ଅନ୍ୟରୂପ) Sunati (See)

ସୁନୁରି—ପ୍ରାଦେ. (ଗଡ଼ଜାତ) ବିଣ—ସୁନାଲି—
Sunuri Golden.

ସୁନୁରି କନ୍ୟାରି—ପ୍ରାଦେ. (ଗଡ଼ଜାତ) ବି—ହଳଦିଆ କନିଅର (ଗଛ
Sunuri kanyāri ଓ ଫୁଲ)—Yellow or bastard oliander (tree and flower).

ସୁନୁରି କନିଅର—ପ୍ରାଦେ (ଗଞ୍ଜାମ) ବି—କନିଅର (ଦେଖ)
Sunuri kaniara Kaniara (See)

ସୁନୁଲି—ଦେ. ବିଣ (ସଂ. ସ୍ୱର୍ଣ୍ଣ)—ସୁନାଲି (ଦେଖ)
Sunuli Sunāli (See)

ସୁନୁଷୁନିଆ(ଆଁ)—ଦେ. ବି (ସଂ. ସ୍ୱର୍ଣ୍ଣବର୍ଣ୍ଣିକ)—ସୁନିଷୁନିଆ (ଦେଖ)
Sunushuniā(āñ) Sunishuniā (See)

ସୁନୃତ—ଦେ. ବିଣ (ସଂ. ସୂନୃତ)—ସତ୍ୟ ଓ ପ୍ରିୟ—True and
Sunṛuta amiable. (ଉ—ସୁନୃତ ବାକ୍ୟ ସୁଧାଧାର ମୁନଙ୍କି ଗୃହିଁ ନୃପବର—ଜଗନ୍ନାଥ ଭାଗବତ ।) [ଦ—ସଂସ୍କୃତ ଭାଷାରେ 'ଋତ' ଶବ୍ଦର ଅର୍ଥ ସତ୍ୟ, ନ+ଋତ='ଅନୃତ' ଶବ୍ଦର ଅର୍ଥ ମିଥ୍ୟା । ହିତୋପଦେଶରେ ବିଷ୍ଣୁଶର୍ମା ('ବାକ୍ ଚତୁର୍ଥୀ ଚ ସୂନୃତା') 'ସୂନୃତା' ଶବ୍ଦ ସତ୍ୟ ଓ ପ୍ରିୟ କଥା ଅର୍ଥରେ ପ୍ରୟୋଗ କରିଅଛନ୍ତି । ଏହିକି ପ୍ରୟୋଗ ପ୍ରାମାଦିକ ପରି ମନେହୁଏ । କୌଣସି ଅଭିଧାନରେ 'ସୁନୃତ' ଶବ୍ଦର ପ୍ରୟୋଗ ଦେଖାଯାଏ ନାହିଁ ।

ସୁନେଇ ପୁତଲି—ପ୍ରାଦେ (ସମ୍ବଲପୁର) ବି—ଖଟାଶପଟଳ—
Sunei putali Civet cat; Viverra Gunda.

ସୁନେଈ—ଦେ. ବି. ସ୍ତ୍ରୀ (ସଂ. ସ୍ୱର୍ଣ୍ଣ)—୧ । ସ୍ତ୍ରୀମାନଙ୍କ ନାମ—
Suneī 1. A name given to females. (ଉ—ସୁନେଈ ବେଲହି ମାକଡ଼,ଋପେଈ ଖାଟେ କାପଡ଼—କାହାଣୀର ଗୀତ ।) ୨ । ସୁନାମଣିନାମ୍ନୀ ସ୍ତ୍ରୀର ଡାକନାମ-
2. Name for calling a woman named Sunāmaṇi.

ସୁନେତ୍ର—ସଂ. ବି—ସୁନ୍ଦର ନୟନ—Nice or beautiful eye.
Sunetra ସଂ. ବିଣ. ପୁଂ (ବହୁବ୍ରୀହି)ସୁନ୍ଦରନୟନବିଶିଷ୍ଟ
(ସୁନେତ୍ରା, ସୁନେତ୍ରୀ-ସ୍ତ୍ରୀ) Having graceful eyes.

ସୁନେପାଳି—ସଂ. ବି (ବୈଦ୍ୟକ)—ପିଣ୍ଡଖର୍ଜୁରବିଶେଷ; ଛୁଆରା—
Sunepāḷi A species of sweet date; the fruit of Phoenia Dactylifera. (ଦ୍ର—ଏହା ଭାରତର ପଶ୍ଚିମ
ସଂ. ପର୍ଯ୍ୟାୟ—ମୃଦୁଳା, ଦେଶମାନଙ୍କରେ ଜନ୍ମେ । ଏହା
ଜଳଗ୍ଳାନଫଳା ମଧୁର ରସ, ମଧୁର ବିପାକ, ଶୀତବୀର୍ଯ୍ୟ ସ୍ନିଗ୍ଧ, ଗୁରୁପାକ, ତୃପ୍ତିକର, ଶୁକ୍ରକର, ପୁଷ୍ଟିକାରକ, ବଳବର୍ଦ୍ଧକ, ଶୁକ୍ରଜନକ ଏବଂ ଶ୍ରାନ୍ତି, ଭ୍ରାନ୍ତି, ଦାହ, ମୂର୍ଚ୍ଛା ଓ ରକ୍ତପିତ୍ତ ରୋଗରେ ଉପକାରକ ।]

ସୁନେଲି—ଦେ. ବିଣ (ସଂ. ସ୍ୱର୍ଣ୍ଣ)—ସୁନାଲି (ଦେଖ)
Suneli Sunāli (See)
सुनालि सुनहली

ସୁନୌ—ସଂ. ବିଣ (ବହୁବ୍ରୀହି; ସୁ+ନୌ)—ସୁନ୍ଦର ନୌକାବିଶିଷ୍ଟ
Sunau (ଶବ୍ଦ କଳ୍ପଦ୍ରୁମ)—Having good or excellent boats.

ସୁନ୍ଟୁ(ନ୍ଥୁ) ପୁନ୍ଟୁ(ନ୍ଥୁ)—ଦେ· ବଣ (ସଂ· ସଂତପ୍ତ)—ସନ୍ତପନ୍ତ (ଦେଖ)
Suntu(nthu)puntu(,, thu) Santapanta (See)

ସୁନ୍ଥା—ଦେ. ବ (ସଂ: ସୀମନ୍ତ)—ସିଁଥି (ଦେଖ)
Sunthā Siñthi (See)

ସୁନ୍ଥା କାଟିବା—ଦେ· କି—କେଶକୁ ପାନିଅଦ୍ୱାରା ଦୁଇଫାଳ କରି ମଝିରେ ଅବଦ୍ୱାରା ଚକ୍କଣ କରି ସୀମନ୍ତ ରଚନା କରିବା—
Sunthā kāṭibā
ସୁନ୍ଥା ଫଡ଼ା(ଢେ)ଇବା } —ଅନ୍ୟରୂପ
ସୁନ୍ଥ ପାଡ଼ି(ରି)ବା }
सीँथिकाटा
सिंथ फारना
To part the hair in the middle into braid with the comb and causing the hair to stick to the head with wax or pomatum.

ସୁନ୍ଥାଣ(ଣି)—ଦେ. ବ (ସଂ· ସୀମନ୍ତ)—୧ । ସିଁଥି (ଦେଖ)—
Sunthāṇa(ṇi) 1. Siñthi (See) ୨ । ମୁଣ୍ଡତଳର ତକିଆ—
सिथान बालिस्ता 2. Pillow for the head.
[ଝି—ବାହୁ ଭୀମ ପଦ୍ମରେ ସୁଯୋଧନ ପ୍ରାଣ, କଥିରୁ ନେଲ ତାହା କରଣ ସୁନ୍ଥାଣ । କୃଷ୍ଣସିଂହ. ମହାଭାରତ. ବନ ।]

ସୁନ୍ଥାଣି—ଦେ. ବ—ଶବଦାହାର୍ଥ ଚୁଲିର ବା ଅଗ୍ନିବେଦୀର ତଳେ ଅଡ଼ା ଭାବରେ ଦିଆଯିବା କାଠର ଦୁଇଟି ଗଡ଼—Two big pieces or logs of wood laid at the base of a funeral pyre.
Sunthāṇi
सिथानी
मानिकथंब

ସୁନ୍ଥାଣି କଣ୍ଟା—ପ୍ରାଦେ (ଗଡ଼ଜାତ)—ଧରମ କଣ୍ଟା (ଦେଖ)
Sunthāṇi kaṇṭā Dharama kaṇṭā (See)

ସୁନ୍ଥାଣି କାଠି—ପ୍ରାଦେ (ଗଞ୍ଜାମ ଓ ଘୁମସର)—ଶଗଡ଼ର ଜୁଆଳି—
Sunthāṇi kāṭhi The yoke of a bullock cart.

ସୁନ୍ଥାଣୁ—ଦେ. ବ—ତକିଆ—Pillow. [ଉ—ଯେହ୍ନେ ବସା-
Sunthāṇu ଟିକରେ ଶେଯକୁ ପକାଇ । ଶୋଇଲେ ମୁଣ୍ଡ ଟିକି
सिथान] बालिस्ता ସୁନ୍ଥାଣୁଟି ଦେଇ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ସୁନ୍ଦ୍ (ଧାତୁ)—ସ—ଶୋଭା ପାଇବା—
Sund (root) The look fair.

ସୁନ୍ଦ—ସ. ବ (ସୁନ୍ଦ୍ ଧାତୁ+କର୍ତ୍ତୃ· ଅ)—୧ । (ନାମ) ରାକ୍ଷସବିଶେଷ;
Sunda ତାଡ଼କା ରାକ୍ଷସୀର ସ୍ୱାମୀ; ମାରୀଚ ରାକ୍ଷସର ପିତା—
1. Name of the husband of the demoness Tāṛakā and father of Māricha. (ଦ୍ର—ଏହାର ପିତା ନିସୁନ୍ଦ ଓ ସହୋଦର ଭାଇର ନାମ ଉପସୁନ୍ଦ । ଏ ଦୁଇଭାଇ ବିଶ୍ୱାମିତ୍ରଙ୍କ ଯଜ୍ଞରେ ବିଘ୍ନ କରୁଥିଲେ । ରାମଚନ୍ଦ୍ର ଏହାଙ୍କୁ ପରାସ୍ତ କରିଥିଲେ । ତିଳୋତ୍ତମା ଅପ୍ସରାକୁ ଲାଭ କରିବା ପାଇଁ ଦୁହେଁ ପ୍ରତିଦ୍ୱନ୍ଦ୍ୱୀ ହୋଇ ପରସ୍ପର ଯୁଦ୍ଧ କରି ମଲେ—ହ୍ର. ଶ ।) ୨ । (ନାମ) ରାମଚନ୍ଦ୍ରଙ୍କ ସଙ୍ଗେ ଲଙ୍କା ଯାଇଥିବା ବାନର-ଯୋଦ୍ଧାବିଶେଷ —2, Name of one of the monkey warriors who accompanied Rāma to Ceylon. ୩ । ବିଷ୍ଣୁ (ହ୍ର. ଶ)—3.Bishṇu.

ସୁନ୍ଦର—ସ. ବଣ (ସୁନ୍ଦ୍ ଧାତୁ+କର୍ତ୍ତୃ· ଅର; କିମ୍ବା ସୁ+ଦୃ ଧାତୁ=
Sundara ଆଦର କରିବା+କର୍ମ. ଅ; ଯାହାକୁ ଅତି ଆଦର
(ସୁନ୍ଦରୀ—ସ୍ତ୍ରୀ) କରାଯାଏ; ନ ଅଗମ) —୧ । ମନୋହର; ରମଣୀୟ;
(ଅସୁନ୍ଦର, କୁତ୍ସିତ—ବିପରୀତ) ମନୋରମ; ରୁଚିକର; ମନୋମୋହକର; ପ୍ରିୟଦର୍ଶନ—1. Charming; beautiful; nice; handsome; sweet. ୨ । ଉତ୍କୃଷ୍ଟ—2. Excellent ୩ । ପ୍ରୀତି ଉତ୍ପାଦକ—3. Pleasing. ୪ । ଅଚ୍ଛା; ଉତ୍ତମ—4. Good. [ଦ୍ର—ସୁନ୍ଦର ଶବ୍ଦର ଅର୍ଥ ମନୋରମ । ଯାହା ରୂପ ଦ୍ୱାରା ଚକ୍ଷୁକୁ ତୃପ୍ତ କରେ, ଯାହା ଶବ୍ଦ ଦ୍ୱାରା କର୍ଣ୍ଣକୁ, ସ୍ୱାଦ ଦ୍ୱାରା ଜିହ୍ୱାକୁ, ସ୍ପର୍ଶ ଦ୍ୱାରା ସ୍ପର୍ଶେନ୍ଦ୍ରିୟକୁ, ବାସ ଦ୍ୱାରା ନାସିକାକୁ, ସୁଗୁଣ ଦ୍ୱାରା ମନକୁ ତୃପ୍ତ କରେ, ତା ପ୍ରତି 'ସୁନ୍ଦର' ଶବ୍ଦ ପ୍ରୟୋଗ କରାଯାଏ । ସୁନ୍ଦରର ଭିନ୍ନ ଭିନ୍ନ ଭାବବ୍ୟଞ୍ଜକ କେତେକ ପ୍ରକାର 'ମନୋରମତା'ର ଭାବ ନିମ୍ନଲିଖିତ ପଦରେ ପ୍ରକାଶିତ ହୋଇଅଛି —

ଏହି ଶବ୍ଦର ପର୍ଯ୍ୟାୟ—
ରୁଚିର, ଚାରୁ, ସୁଷମ, ମନୋଜ୍ଞ, ସାଧୁ, ଶୋଭନ, କାନ୍ତ, ରୁଚ୍ୟ, ମନୋରମ, ମନୋରମ୍ୟ, ମନୋହର, ମଞ୍ଜୁ, ମଞ୍ଜୁଳ, ସୌମ୍ୟ, ଭଦ୍ରକ, ରମଣୀୟ, ରମଣୀୟକ, ରାମଣୀୟକ, ବନ୍ଧୁର, ପେଶଳ, ପେସଳ, ବାମ, ରମ, ଅଭିରାମ, ଲଳିତ, ସୁମନ, କଲ୍ୟ, ହାରି, ଅଭିରୂପ, ଦର୍ଶ୍ୟ, ସୁରୂପ, ରୁଚିକର, ସୁଶ୍ରୀ ।

"ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ,
ଟୋକୀଙ୍କି ସୁନ୍ଦର ନେତ ।
ବୁଢ଼ୀଙ୍କି ସୁନ୍ଦର ରାଇ ଦାମୋଦର,
ବୁଢ଼ାଙ୍କୁ ସୁନ୍ଦର ଶୀତ ।"
"କଣ୍ଠ ଜାଣିଲେ କଥା ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର ।"]

ସ. ବି—୧ । (ପୁଂ) (ସୁ=ଉତ୍ତମ ରୂପେ+ଦୃ ଧାତୁ=ବିଦାରଣ କରିବା+କର୍ତ୍ତୃ· ଅ; ଯାହା ମନକୁ ବିଦାରି ପକାଏ)—ମଦନ; କାମଦେବ—1. Cupid. ୨ । ବୃକ୍ଷ ବିଶେଷ; ସୁନ୍ଦରୀ କାଠର ଗଛ; ପାଟେଳାବ ବର୍ଗର ବନ୍ୟ ତରୁ—2. A tree; Heritiera Minor. [ଦ୍ର—ଏହାର କାଠ ନାଲି ଓ ଦୃଢ଼ । ଏହା ଗଙ୍ଗାନଦୀର ମୁହାଣ, ବ୍ରହ୍ମ, ମାଲୟ ଦ୍ୱୀପର ସମୁଦ୍ରକୂଳରେ ଜନ୍ମେ; ଏଥିର କାଠ ଜାଲେଣି କାଠରୂପେ କଲିକତାରେ ବିକ୍ରୀ ହୁଏ ଓ ଭଲ ଜଳେ । ଗଙ୍ଗା ମୁହାଣର ଭୂମି ଏହି ଗଛର ଆଧିକ୍ୟ ଯୋଗୁଁ 'ସୁନ୍ଦରବନ' ନାମ ଧାରଣ କରିଅଛି ।] ୩ । ରାମାୟଣର ପଞ୍ଚମ ଖଣ୍ଡ; ସୁନ୍ଦର କାଣ୍ଡ—3. Title of the fifth book of the Rāmāyaṇa. ୪ । ଲଙ୍କାର ପର୍ବତବିଶେଷ (ହ୍ର. ଶ)—4. Name of a mountain of Ceylon. ଗ୍ରା· ବି—୧ । ଶୋଭା—
सुन्दर
सुन्दर
1. Grace. (ଉ—କେ କହୁ ତାହାଙ୍କ ସୁନ୍ଦର—ଟାଣୀ· ପୂର୍ଣ୍ଣିମ ଚନ୍ଦ୍ରୋଦୟ ।) ୨ । ସୌନ୍ଦର୍ଯ୍ୟ—2. Beauty. (ଉ—ଟେସ ଦସ ଜନ ବୃନ୍ଦରେ ।

ସୁନ୍ଦରେ ତ୍ରିଭୁବନ ଗଞ୍ଜେ—ଜଗନ୍ନାଥ. ଭାଗବତ ।)
সিন্দুর ୩ । (ସଂ. ସିନ୍ଦୂର) ସିନ୍ଦୂର (ଦେଖ)—Sindūra
सिंदूर (See) ଦେ. କ୍ରି. ବିଣ (ସଂ, ସୁନ୍ଦରଂ)—୧ । ସୁନ୍ଦରରୂପେ—1. Beautifully; nicely. ୨ । ଉତ୍କୃଷ୍ଟରୂପେ—2. Excellently. ୩ । ସହଜରେ—3. Easily. [ଉ—ଅମେ ଛଅ ଜଣ ସୁନ୍ଦର ଏ କୋଠରିରେ ଚଳାଚଳ ହୋଇ ପାରିବା ।]

ସୁନ୍ଦର କଜ(ଜ୍ଜ, ଜ୍ୱ, ଜ୍ଜ୍ୱ)ଳ—ଗ୍ରା· ବି—ସିନ୍ଦୂର କଜଳ (ଦେଖ)
Sundara kaja (jja, jwa, jjwa)ḷa Sindūra kajaḷa (See)

ସୁନ୍ଦର କାଣ୍ଡ—ସଂ. ବି—ରାମାୟଣର ପଞ୍ଚମକାଣ୍ଡ (ଲଙ୍କାର ସୁନ୍ଦର ପର୍ବତର ନାମରୁ ଏହି ନାମ)—Title of the 5th book of the Rāmāyaṇa.
Sundara kāṇḍa

ସୁନ୍ଦର ଗୟା—ପ୍ରାଦେ· (ପୁରୀ) ବି—ବଡ଼ କଣ୍ଟକଯୁକ୍ତ ବାଉଁଶବିଶେଷ, ସୁନ୍ଦରଗାଇ ବାଉଁଶ—A species of bamboo; Bambusa Vulgaris (Haines).
Sundara gayā
ସୁନ୍ଦର ଗଇଁଅ, ସୁନ୍ଦର ଗୋଇଁ } ଅନ୍ୟରୂପ

ସୁନ୍ଦର ଗୁଣ୍ଡି—ଦେ· ବି—କମଳା ଗୁଣ୍ଡି (ଦେଖ)
Sundara guṇḍi Kamaḷā guṇḍi (See)

ସୁନ୍ଦରତା(ତ୍ୱ)—ସଂ· ବି (ସୁନ୍ଦର+ଭାବ· ତା, ତ୍ୱ ସୌନ୍ଦର୍ଯ୍ୟ)—
Sundaratā(twa) ସୌନ୍ଦର୍ଯ୍ୟ—Beauty; grace.

ସୁନ୍ଦରପଣ—ଦେ· ବି—ସୌନ୍ଦର୍ଯ୍ୟ—Beauty. [ଉ—ସୁନ୍ଦରପଣକୁ ଘଠାଉବ ନାହିଁ । ବହୁ ଗଢ଼ିଥିବ ସାପ ବୁଡ଼ୁଛି ଲଗାଇ—ଛନ୍ଦ]
Sundarapaṇa
সুন্দর পনা सुन्दरपन; सुन्दरताई; सुन्दरापा
(ସୁନ୍ଦରପଣିଆ—ଅନ୍ୟରୂପ)

ସୁନ୍ଦରପଦା—ଦେ. ବି—ଭୁବନେଶ୍ୱର ନିକଟବର୍ତ୍ତୀ ଗ୍ରାମବିଶେଷ—
Sundarapadā Name of a village near Bhubaneśwara. [ଦ୍ର—ଏ ଗ୍ରାମ ସ୍ୱର୍ଗତ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ ।]

ସୁନ୍ଦର ବଣ(ନ)—ଦେ· ବି (ନାମ)—(ଏଠାରେ ସୁନ୍ଦର କାଠର ବହୁ ବୃକ୍ଷ ଥିବାରୁ ଏହି ନାମ) ଗଙ୍ଗା-ନଦୀର ମୁହାଣରେ ନିମ୍ନ ଭୂମିରେ ଥିବା ବିସ୍ତୃତ ଅରଣ୍ୟ—
Sundara baṇa(na)
সুন্দর বন
सुन्दर बन The Sunderbans, the deltaic forest at the mouth of the Ganges. [ଦ୍ର—ଗଙ୍ଗା (ହୁଗୁଲି) ଓ ବ୍ରହ୍ମପୁତ୍ର (ପଦ୍ମା) ମିଳିତ ହୋଇ ମେଘନା ମୁହାଣ ନାମ ଧାରଣ କରି ବଙ୍ଗୋପସାଗରରେ ପଡ଼ିଥିବା ଅଞ୍ଚଳକୁ ସୁନ୍ଦରବଣ ବୋଲାଯାଏ । ଏହା ଚବିଶ ପରଗନା, ଖୁଲ୍‌ନା ଓ ବାଖରଗଞ୍ଜ ଜିଲ୍ଲାମାନଙ୍କ ଦକ୍ଷିଣରେ ଅବସ୍ଥିତ । ଏ ନଦୀଦ୍ୱୟ ବହୁ ଶାଖା ହୋଇ ସମୁଦ୍ରରେ ପଡ଼ିଅଛି । ସୁନ୍ଦରବଣ ପଶ୍ଚିମରେ ହୁଗୁଳିନଦୀର ମୁହାଣଠାରୁ ପୂର୍ବରେ ପଦ୍ମାର ମୁହାଣ ପର୍ଯ୍ୟନ୍ତ ବିସ୍ତୃତ । ଏଥିର ବୃହତ୍ତମ ଦୈର୍ଘ୍ୟ (ପୂର୍ବ-ପଶ୍ଚିମ) ୧୬ ମାଇଲ ଓ ବୃହତ୍ତମ ପ୍ରସ୍ଥ (ଉତ୍ତର-ଦକ୍ଷିଣ) ୮୧ ମାଇଲ୍ ଏବଂ କ୍ଷେତ୍ରଫଳ ୭୫୩୭ ବର୍ଗମାଇଲ । ଏହି ଅଞ୍ଚଳର ଶାସନ ଭାରତଶାସନ କମି-ଶନର୍ଙ୍କଠାରେ ନ୍ୟସ୍ତ । ଏହା ବିସ୍ତୀର୍ଣ୍ଣ ଜଳାଭୂମି ଓ ଅରଣ୍ୟାକୀର୍ଣ୍ଣ ଅଟେ । ଏ ଅଞ୍ଚଳର ସ୍ଥାନେ ସ୍ଥାନେ ପରସ୍ପର-ବିଚ୍ଛିନ୍ନ ବସତବାଟୀ, ବନ୍ଧାଘାଟ ଓ କୋଠା ବାଗର ଧ୍ୱଂସାବଶେଷ ଦେଖାଯାଏ; କିନ୍ତୁ ତହିଁର କୌଣସି ଇତିହାସ ଅଦ୍ୟଯାଏ ମିଳି ନାହିଁ । ଏହି ବିସ୍ତୀର୍ଣ୍ଣ ଭୂଖଣ୍ଡ ସମୁଦ୍ର ଓ ନଦୀ ଜଳଦ୍ୱାରା ଧୌତ ହୋଇ ସମୁଦ୍ରବାହିତ ବାଲୁକାସ୍ତରପାତଦ୍ୱାରା କ୍ରମଶଃ ଉଚ୍ଚ ହେଉଅଛି । ଏ ଅଞ୍ଚଳ ଛୋଟ ବଡ଼ ବହୁ ଦ୍ୱୀପ ଓ ଉପଦ୍ୱୀପରେ ପୂର୍ଣ୍ଣ । ଏହି ଭୀଷଣ ଅରଣ୍ୟାନୀରେ ବ୍ୟାଘ୍ର, ବନ୍ୟମହିଷ, ବରାହ, ଗଣ୍ଡାର, ନାନାଜାତୀୟ ମୃଗ, ପକ୍ଷୀ, ବିଷଧର ସର୍ପ ଓ ଜଳରେ ମତ୍ସ୍ୟ, କୁମ୍ଭୀର, ହାଙ୍ଗର ପ୍ରଭୃତି ଅଛନ୍ତି । ବହୁ ଲୋକ ଜଙ୍ଗଲ କାଟି ଓ ନିମ୍ନ ଜମିରେ ବନ୍ଧ ପକାଇ ସହସ୍ର ସହସ୍ର ଏକର୍ ଜମି ଆବାଦ କରିଅଛନ୍ତି ଓ ଜମି ପାଇଁ ଗଭର୍ଣ୍ଣମେଣ୍ଟଙ୍କୁ ୫ ଲକ୍ଷ ଟଙ୍କା ରାଜସ୍ୱ ଦେଉଅଛନ୍ତି । ଜଳାଭୂମିରେ ଲୋକେ ଖୁଣ୍ଟ ପୋତି ଓ ଉଚ୍ଚ ମଞ୍ଚ ସ୍ଥାପନ କରି ଘର କରିଅଛନ୍ତି । ଏ ଅଞ୍ଚଳରେ ସୁନ୍ଦରୀ ନାମକ ବୃକ୍ଷ କାଠ ବହୁ ପରିମାଣରେ ମିଳେ—ବିଶ୍ୱକୋଷ ।]

ସୁନ୍ଦର ବଦନ—ସଂ. ବି (କର୍ମଧା)—ସୁନ୍ଦର ମୁଖ—Beautiful face. ସଂ. ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ମୁଖବିଶିଷ୍ଟ—Having a beautiful face.
Sundara badana
ସୁନ୍ଦର ମୁଖ, ସୁନ୍ଦରାନନ } ଅନ୍ୟରୂପ
(ସୁନ୍ଦରବଦନା, ସୁନ୍ଦରମୁଖୀ, ସୁନ୍ଦରାନନା—ସ୍ତ୍ରୀ. ବିଣ)

ସୁନ୍ଦରବଦନୀ—ଦେ. ବିଣ· ସ୍ତ୍ରୀ (ସଂ· ସୁନ୍ଦର ବଦନା)—ସୁନ୍ଦରମୁଖୀ ସ୍ତ୍ରୀ—
Sundara badanī (a woman) Having a beautiful face.
সুন্দর বদনী सुन्दर बदनी (ସୁନ୍ଦରମୁହାଁ—ଅନ୍ୟରୂପ)

ସୁନ୍ଦରବର—ସଂ. ବିଣ—ଅତି ସୁନ୍ଦର—Very beautiful.
Sundarabara [ଉ—ସୁନ୍ଦରବର ତୋ ଭୁଜର । ତୁଳସୀ ମାଳ ଲମ୍ବେ ଉର—ଜଗନ୍ନାଥ· ଭାଗବତ ।] ସଂ. ବି—ସୁନ୍ଦର ଜୋଇଁ—A beautiful bridegroom.

ସୁନ୍ଦର ମାଧୋ(ଧେ)ଇ—ଦେ: ବି—ଏକପ୍ରକାର ସରୁ ଧାନ—
Sundara mādho(dhe)i A species of fine paddy.

ସୁନ୍ଦରମ୍ମନ୍ୟ—ସଂ. ବିଣ. ପୁଂ (ସୁନ୍ଦରଂ+ମନ୍ ଧାତୁ+କର୍ତ୍ତୃ ଅ)—ଯେ ଆପଣାକୁ ସୁନ୍ଦର ବୋଲି ମନେକରେ—
Sundarammanya
(ସୁନ୍ଦରଂମନ୍ୟ—ଅନ୍ୟରୂପ) Thinking one's self as beautiful.

ସୁନ୍ଦର ଶାଳି—ପ୍ରାଦେ (ସିଂହଭୂମ) ବି—ଏକପ୍ରକାର ଧାନ—
Sundara śāli A species of paddy.

ସୁନ୍ଦରା(ରି) (ଇତ୍ୟାଦି)—ଦେ. ବି—୧ । (ସଂ. ସିନ୍ଦୂର)-ସିନ୍ଦୂରା ଇତ୍ୟାଦି (ଦେଖ)—1. Sindūrā etc (See)
Sundarā(ri)etc
୨ । ଘାଇତ ଓ ଖଣ୍ଡାଏତମାନଙ୍କର ବଂଶୋପାଧିବିଶେଷ—

2. A family title of Khandāyats and Paiks. ୩ । ଶୂଦ୍ରଜାତିବିଶେଷ—3. A kind of Sūdra caste.

ସୁନ୍ଦରାନନ୍ଦ—ଦେ· ବି. ପୁଂ—ପୁରୁଷଙ୍କ ନାମ—
Sundarānanda A name given to males.

ସୁନ୍ଦରା କାଣ୍ଡ—ଦେ. ବି (ସଂ. ସୁନ୍ଦର କାଣ୍ଡ)—ରାମାୟଣର ସାତକାଣ୍ଡରୁ
Sundarā kanda ଏକତମ—One of the seven cantos of the Rāmāyaṇa.

ସୁନ୍ଦରା(ରୀ) ସୁନା—ଦେ. ବିଣ ସ୍ତ୍ରୀ. (ବ୍ୟଙ୍ଗ)—ସ୍ତ୍ରୀଲୋକଙ୍କପ୍ରତି ବ୍ୟଙ୍ଗରେ
Sundarā(ri)sunā ପ୍ରଯୁକ୍ତ ଶବ୍ଦ—A term of
সুন্দর সোনা सुन्दरी सोना gibe applied to females.

ସୁନ୍ଦରି—ଦେ·, ବି—୧ । ସୁନ୍ଦର ସଂ. ବି ୨ [ଦେଖ]—
Sandari 1. Sundara Sans 2 (See)
সুন্দরি सुन्दरि ୨ । ନଦୀ ମୁହାଣ ପାଖରେ ଜନ୍ମିବା ଏକପ୍ରକାର ଗଛ—2. A kind of tree; Heritiera Minor. [ଦ୍ର—ଏହା ୩୦।୫୦ ଫୁଟ ଉଚ୍ଚ ହୁଏ; ଏହାର କାଠ ଲାଲ । ଏହା କଲିକତାରେ ଜାଳଣି କାଠ· ରୂପେ ବିକ୍ରି ହୁଏ; ଏହା ସୁନ୍ଦରବନରେ ବେଶି ଜନ୍ମେ ।] ସଂ. ସ୍ତ୍ରୀ (ସମ୍ବୋଧନ)—'ସୁନ୍ଦରୀ'ର ସମ୍ବୋଧନ—Vocative case of Sundarī.

ସୁନ୍ଦରିଆ—ଦେ· ବିଣ—୧ । ସିନ୍ଦୁରିଆ (ଦେଖ)—1. Sindūriā
Sundariā (See) ୨ । ସୁନ୍ଦର—2. Beautiful.
সুন্দর सुंदरिआ ୩ । ସୁନ୍ଦର ଓ ସାନ—3. Nice and small.

ସୁନ୍ଦରିଗୁଆଁ—ଦେ. ବି—ବନ୍ୟବୃକ୍ଷ ବିଶେଷ—
Sundariguān A wild tree; Sonneratia Acida.

ସୁନ୍ଦରିମା—ସଂ. ବି [ସୁନ୍ଦର+ଭାବେ ଇମନ୍]—ସୁନ୍ଦରତ୍ୱ; ସୌନ୍ଦର୍ଯ୍ୟ—
Sundarimā Beauty. [ଉ—ଯଥା. ଦର୍ପେ ଉର୍ବଶୀ ସୁନ୍ଦରିମା ହାଣ—ଉଞ୍ଜ. ବୈଦେହୀଶବିଳାସ ।] [ଦ୍ର—ସଂସ୍କୃତ ଭାଷାରେ ସୌନ୍ଦର୍ଯ୍ୟ ଅର୍ଥରେ ସୁନ୍ଦରିମା ଶବ୍ଦର ବ୍ୟବହାର ଦେଖା ଯାଏ ନାହିଁ ।]

ସୁନ୍ଦରୀ—ସଂ.ବିଣ· ସ୍ତ୍ରୀ—ସୁନ୍ଦରର ସ୍ତ୍ରୀଲିଙ୍ଗ-Feminine of Sundara.
sundari ସଂ. ବି—୧ । ରୂପଲାବଣ୍ୟସମ୍ପନ୍ନା ସ୍ତ୍ରୀ [ଅମର] ସୁରୂପା ସ୍ତ୍ରୀ—1. A beautiful woman. ୨ । ସୁନ୍ଦରି ନାମକ ତରୁ [ସୁନ୍ଦରି ସଂ· ବି. ୨ ଦେଖ]—2. A tree; Heritiera Minor. ୩ । ହରିଦ୍ରା [ଶବ୍ଦଚନ୍ଦ୍ରିକା]; ହଳଦୀ—3. Turmeric. ୪ । ତ୍ରିପୁରସୁନ୍ଦରୀ; ଦଶମହାବିଦ୍ୟାଅନ୍ତର୍ଗତ ଦେବୀବିଶେଷ [ତନ୍ତ୍ରସାର] 4. One of the ten Tantric forms of Durgā or Dasamahābidyā. ୫ । ତନ୍ତ୍ରୋକ୍ତ ଯୋଗିନୀବିଶେଷ—5. An attendant of Pārbatī who is worshipped by persons for the attainment of bliss. [ଦ୍ର—ଭଦ୍ରଯାମଳ ଉପଦେଶ ଅନୁସାରେ ତନ୍ତ୍ରୋକ୍ତ ପ୍ରଣାଳୀରେ ଏ ଯୋଗିନୀଙ୍କ ପୂଜା ଆଦି କରଯାଏ । ଘୃତ ଅନ୍ନ ଉପକରଣ ଓ ତରୁ ଓ ସମିଧ ଦ୍ୱାରା ଏହି ଯୋଗିନୀଙ୍କ ମନ୍ତ୍ରରେ ହୋମ କଲେ ଯଥାକ୍ରମେ ବାଗୀଶତ୍ୱଲାଭ, ତ୍ରିଭୁବନ ବଶୀକରଣ, ପରରାଜ୍ୟ ଓ ଦୁର୍ଗ ଜୟ, ମୃତ୍ୟୁଭୟ ନିବାରଣ, ଧନଲାଭ, ଶତ୍ରୁମୂଳନ, ସର୍ବପାପନାଶ ହୁଏ । ଅକ୍ଷମାଳା ଦ୍ୱାରା କର୍ଣ୍ଣିକାସଂଖ୍ୟକ ଜପ କଲେ ସ୍ୱର୍ଗମର୍ତ୍ତ୍ୟର ଲଳନାସ ବଶୀଭୂତ ହୁଅନ୍ତି; ଗୋରୋଚନା ପ୍ରଭୃତି ଦ୍ୱାରା ଚକ୍ର ଅଙ୍କିତ କରି ଜପ କଲେ ଈପ୍ସିତା ରମଣୀ ବଶୀଭୂତା ହୁଅନ୍ତି ଓ ସାଧକ କାମଦେବଙ୍କ ପରି ରୂପବାନ୍, ସର୍ବସୌଭାଗ୍ୟଯୁକ୍ତ ଓ ସର୍ବଲୋକବଶକାରୀ ହୁଅନ୍ତି । ପାଞ୍ଚପ୍ରକାର ସୁନ୍ଦରୀଙ୍କ ପୂଜା ପାଇଁ ପାଞ୍ଚ ପ୍ରକାର ମନ୍ତ୍ର ତନ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି । ପଞ୍ଚ ସୁନ୍ଦରୀଙ୍କ ନାମ—ଶୋଭା, ସୃଷ୍ଟି, ସ୍ଥିତି, ସଂହୃତି ଓ ନିସ୍ତରଣୀ । (ବିଶ୍ୱକୋଷ) ଏହାଙ୍କୁ ସାଧନ କଲେ ସାଧକ ଧନଲାଭ, କାମଲାଭ, ଇଷ୍ଟଲାଭରେ ତୃପ୍ତି ଲାଭ କରେ ।] ୬ । ଅର୍ଦ୍ଧସମବୃତ୍ତବିଶେଷ (ସୁବଳଚନ୍ଦ୍ର ବଙ୍ଗଳା ଅଭିଧାନ)—6. Name of a part of a circle. ଦେ. ବି· ସ୍ତ୍ରୀ—୧ । ସ୍ତ୍ରୀ-
সুন্দরী सुन्दरी ଲୋକଙ୍କ ନାମ—1. A name given to females. ୨ । ଶ୍ରଦ୍ଧା, ରମା, ଶ୍ୟାମା, ବାମା ଆଦି ଶବ୍ଦ ସଙ୍ଗେ ଯୁକ୍ତ ହୋଇ ସ୍ତ୍ରୀମାନଙ୍କୁ ଦିଆଯିବା ନାମ-2. A name added to Ramā, Shyāmā, Śraddhā, Bāmā etc. and given to females. ୩ । ଦୃଢ଼ କାଷ୍ଠ ବୃକ୍ଷବିଶେଷ—3. A hard wood tree; Heritiera Minor. [ଦ୍ର—ଏ ବୃକ୍ଷ ସୁନ୍ଦରବନ, ବ୍ରହ୍ମଦେଶ ଓ ମାଳୟ ଉପଦ୍ୱୀପର ସମୁଦ୍ରକୂଳରେ ଜନ୍ମେ । ଏହାର କାଠ ଲାଲ । ଏହାର ପ୍ରଧାନ ମୂଳ ଖୁବ୍ ବଢ଼େ; କିନ୍ତୁ 'ମରେଇ' ନାମକ ଏକ ସାମୁଦ୍ରିକ ଜୀବ ଗଛର ଚେରକୁ କାଟି ପକାଇବାରୁ ଏ ଗଛ ସମୁଦ୍ର କୂଳକ୍ରମାଗ ମାଡ଼ି ଯାଏ ନାହିଁ । ଏଥିପାଇଁ ଚଳନ୍ତିରେ ଉକ୍ତି ଅଛି—

"ସୁନ୍ଦରି ଗଛ କହେ
ମୁଁ ଖାଇବି ସମୁଦ୍ର ଟପିକ ।
ମରେଇ କହେ—
ମୁଁ ନ ଥିଲେ ।"

ଏ ଗଛର କାଠ ଦୃଢ଼ ଥିବାରୁ ଏଥିରେ ଡଙ୍ଗା, ଗାଡ଼ି, ଘରର ଉପକରଣ ଓ ସାଜସଜ୍ଜା ତିଆରି ହୁଏ । ଏ କାଠ ଭଲ ଜାଳଣି କାଠରୂପେ ବ୍ୟବହୃତ ହୁଏ । (ସୁନ୍ଦରି ସଂ. ବି. ୨ ଦେଖ ।)

ସୁନ୍ଦରୀ ଚମ୍ପା—ଦେ.ବି—ସ୍ତ୍ରୀଲୋକଙ୍କ ପ୍ରତି ପ୍ରଯୁକ୍ତ ବ୍ୟଙ୍ଗୋକ୍ତିବିଶେଷ—
Sundarī champā A term applied to females
সুন্দরী চাঁপা सुन्दरी चंपा in gibe.

ସୁନ୍ଦରେଶ୍ୱର—ସଂ. ବି—ଶିବମୂର୍ତ୍ତିଭେଦ (ବିଶ୍ୱକୋଷ)—
Sundareśwara An idol of Śiba.

'ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧୦ଛକିତ ଅକ୍ଷର ଓ ମାତ୍ରା ଏବଂ ୨୦ଛକିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଛକିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଛକିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼'ଖୋଜିବେ; 'ମୂଢ' ନ ମିଳିଲେ 'ମୂଢ଼' ଖୋଜିବେ; 'ବର୍ଦ୍ଧ' ନ ମିଳିଲେ 'ବର୍ଦ୍ଧ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସୁନ୍ଧା—ଦେ॰ ବି—ମଥାଘଷା; ନାନା ଔଷଧ ଦ୍ରବ୍ୟ ମିଶ୍ରିତ ଚୂର୍ଣ୍ଣ ମସଲା—
Sundhā A scented mixture for washing the hair.

ସୁନ୍ଦାତ୍ମଜ—ସଂ ବି (୬ଷ୍ଠୀ ତତ୍; ସୁନ୍ଦ+ଅତ୍ମଜ)—ମାରୀଚ; ରାକ୍ଷସ-
Sundātmaja ବିଶେଷ—A demon. [ଉ—ବୋଲେ ସୁନ୍ଦାତ୍ମଜ ତୁ ରାଜାଧିରାଜ ବ ଦେବ ଭୋଜେ ମୁଁ—ଉପେ. ବୈଦେହୀଶବିଳାସ ।] [ଦ୍ର—ଏ ସୀତା ହରଣ ସମୟରେ ରାବଣର ପ୍ରରୋଚନାରେ ସ୍ୱର୍ଣ୍ଣ ମାୟାମୃଗ ରୂପ ଧାରଣ କରିଥିଲା । ଏ ତାଡ଼କାର ପୁତ୍ର ।]

ସୁନ୍ଦାରୀ—ଗ୍ରାଦେ. (ଲବଣ) ବି—ସୁନାର ବଣିଆ—
Sundārī Goldsmith.

ସୁନ୍ଦେରୀ—ଗ୍ରା. (ଉତ୍ତର) ବିଣ. ସ୍ତ୍ରୀ (ସଂସ୍କୃତ ସୁନ୍ଦରୀର ମୂର୍ଖ ଲୋକଙ୍କ
Sunderī ଅଶୁଦ୍ଧ ଉଚ୍ଚାରଣ)—ସୁନ୍ଦରର ସ୍ତ୍ରୀଲିଙ୍ଗ—Feminine of Sundara. ଗ୍ରା. (ଉତ୍ତର) ବି. ସ୍ତ୍ରୀ—
ସୁନ୍ଦରୀ
सुनरी ସୁରୂପା ସ୍ତ୍ରୀ—A beautiful woman.

ସୁନ୍ନତ୍(ଇତ୍ୟାଦି)—ବୈଦେ. ବି (ଅ. ସୁନ୍ନତ୍)—ସୁନତ୍ ଇତ୍ୟାଦି (ଦେଖ)
Sunnat (etc) Sunat etc (See)

ସୁନ୍ନି—ବୈଦେ॰ ବି (ଅ. ସୁନ୍ନୀ)—ସୁନି (ଦେଖ)
Sunni Suni (See)

ସୁନ୍ୱନ୍—ସଂ.ବିଣ.ପୁଂ (ସୁ ଧାତୁ+କର୍ତ୍ତୃ.ବନ୍; ସୁନ୍ୱତ୍ ଶବ୍ଦ ୧ମା.୧ବ)—
Sunwan ଯଜ୍ଞକର୍ତ୍ତା; ଯଜ୍ୱୀ (ସିଦ୍ଧାନ୍ତ କୌମୁଦୀ)—A performer of Vedic sacrifice.

ସୁନ୍ଭ୍ (ଧାତୁ)—ସଂ.—ଦୀପ୍ତି ବା ଶୋଭା ପାଇବା—
Sun-bh (root) To shine.

ସୁପ୍—ବୈଦେ॰ ବି (ଇଂ॰ ସୁପ୍)—ସୋରୁଆ; ମାଂସର ଝୋଳ—
Sup सूप सोरवा Soup.

ସୁପ୍—ସଂ—୧ । (ବ୍ୟାକରଣ) (୭ମୀ ବିଭକ୍ତି ବହୁବଚନର ପ୍ରତ୍ୟୟ
Sup ସୁ)—ଲିଙ୍ଗୋତ୍ତର ପ୍ରଯୁଜ୍ୟମାନ ପ୍ରତ୍ୟୟବିଶେଷ—
1. Some inflections used to denote the 7th case plural. ୨ । (ବ୍ୟାକରଣ) ଏକବିଂଶତି ବିଭକ୍ତିର ସଂଜ୍ଞା—2. The definition of the 21 inflections of nouns and adjectives. [ଦ୍ର—ଏ ଶବ୍ଦର ବ୍ୟବହାର ସଂସ୍କୃତ ବ୍ୟାକରଣରେ ଚଳେ ।
ପାଣିନି ଆଦି ବ୍ୟାକରଣର ମତରେ ଶବ୍ଦର ୧ମା ଠାରୁ ୭ମୀ ବିଭକ୍ତି ପର୍ଯ୍ୟନ୍ତ ୧ ବଚନ, ଦ୍ୱିବଚନ ଓ ବହୁବଚନରେ ଯେଉଁ ୨୧ଟି ପ୍ରତ୍ୟୟ ହୁଏ ତାହାକୁ ସୁପ୍ ବୋଲାଯାଏ । ପ୍ରଥମା ବିଭକ୍ତି ଏକବଚନରେ ପ୍ରତ୍ୟୟ 'ସୁ' ଓ ୭ମୀ ବିଭକ୍ତି ବହୁବଚନରେ ପ୍ରତ୍ୟୟ 'ସୁପ୍'ର ଶେଷ ଅକ୍ଷରଦ୍ୱାରା ଏ ପଦ ଗଢ଼ା ହୋଇଅଛି । ସଂସ୍କୃତର ଶବ୍ଦରେ ସୁପ୍ ପ୍ରତ୍ୟୟ ଓ ଧାତୁରେ 'ତିଙ୍' ପ୍ରତ୍ୟୟ ନ ହେଲେ ପଦ ହେବ ନାହିଁ ।]

ସୁପ୍ତି—ଦେ. ବି (ସଂ. ସ୍ୱପ୍ ଧାତୁଜ ସୁପ୍ତ)—ସୁପାତି; ଶେଯ; ଗଦି—
Sup-ti Cushion or quilt used as bed.
शेज सेज (ସୁପ୍ତି—ଅନ୍ୟରୂପ)

ସୁପ୍ତିଙନ୍ତ—ସଂ. (ଦ୍ୱନ୍ଦ୍ୱ)—ସୁପ୍ ପ୍ରତ୍ୟୟ ଓ ତିଙନ୍ତ ପ୍ରତ୍ୟୟ—
Sup-tiṅanta The inflections of nouns and of verbs.

ସୁପକ୍ୱ—ସଂ. ବିଣ—୧ । ଉତ୍ତମରୂପେ ପାଚିଥିବା—1. Fully ripe.
Supakwa ୨ । ଉତ୍ତମରୂପେ ରନ୍ଧା ହୋଇଥିବା—2. Well
(ସୁପକ୍ୱା—ସ୍ତ୍ରୀ) cooked. ୩ । ଉତ୍ତମରୂପେ ସିଝିଥିବା—
3. Well boiled. ୪ । ଉତ୍ତମରୂପେ ପରିଣତ—
4. Fully mature. ସଂ. ବି—ସୁଗନ୍ଧ ଆମ୍ବ—
Sweet-scented mango.

ସୁପକ୍ଷ—ସଂ. ବିଣ (ବହୁବ୍ରୀହି; ସୁ+ପକ୍ଷନ୍)—ସୁନ୍ଦର ପକ୍ଷବିଶିଷ୍ଟ—
Supaksha (ସୁପକ୍ଷା—ସ୍ତ୍ରୀ) Having fine feather.

ସୁପକ୍ଷିଣ—ଦେ. ବି (ସଂ. ସୁ+ପକ୍ଷିନ୍)—ଉତ୍ତମ ଶର—Excellent
Supakshiṇa arrow. [ଉ—ବିଜୟ ଦାଶରଥି କରଯେ
तीर उत्तम शर ଦାଶରଥୀ ଛେଦିଲେ ସୁପକ୍ଷିଣ ପେଷି ସେ—
ଉପେ. ବୈଦେହୀଶବିଳାସ ।)

ସୁପକ୍ଷ୍ମା—ସଂ. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସୁ+ପକ୍ଷ୍ମନ୍)—ସୁନ୍ଦର
Supakshmā ପକ୍ଷ୍ମ ବିଶିଷ୍ଟ—Having fine eyelids.

ସୁପଚ—ସଂ. ବିଣ (ସୁ+ପଚ୍ ଧାତୁ+କର୍ମ. ଅ)—ଲଘୁପାକ—
Supacha Easily digestible. ସଂ. ବି (+କର୍ତ୍ତୃ. ଅ) —ଉତ୍କୃଷ୍ଟ ପାଚକ—A good cook.

ସୁପଟ—ଗ୍ରାଦେ. (ସାହେବୀ) ବିଣ—ସୁନ୍ଦର—Beautiful. ସଂ. ବି.
Supaṭa (କର୍ମଧା)—ସୁନ୍ଦର ବସ୍ତ୍ର (ହ୍ର॰ ଶ)—Fine cloth.
(ସୁପଟା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ବସ୍ତ୍ର ବିଶିଷ୍ଟ (ହ୍ର. ଶ)—Having good cloth.

ସୁପଣ(ଣେ, ନ, ନେ, ଲ, ଲେ)ଖା—ଗ୍ରା. ବି (ସଂ. ଶୂର୍ପଣଖା)—
Supaṇa(ṇe, na, ne, la, le)khā ଶୂର୍ପଣଖା (ଦେଖ)
Sūrpaṇakhā (See)

ସୁପତ୍ର—ସଂ. ବିଣ (ବହୁବ୍ରୀହି)—୧ । ସୁନ୍ଦର ପତ୍ରଯୁକ୍ତ—1. Having
Supatra beautiful leaves. ୨ । ସୁନ୍ଦର ପକ୍ଷଯୁକ୍ତ—
2. Having nice wings. ୩ । ସୁନ୍ଦର ବାହନଯୁକ୍ତ —3. Having excellent conveyance. ସଂ. ବି—୧ । ତେଜପତ୍ର (ଶବ୍ଦ ଚନ୍ଦ୍ରିକା)—1. Cassia Cinnamon leaves. ୨ । ଆଦିତ୍ୟ ପତ୍ର (ରାଜନିର୍ଘଣ୍ଟ) —2. A kind of plant. ୩ । ଷଠିବାଦ ତୃଣ (ରାଜନିର୍ଘଣ୍ଟ)—3. A kind of grass. ୪ । ଇଙ୍ଗୁଦ (ହ୍ର. ଶ)—4. Balanites Roxburghii. ୫ । ପୌରାଣିକ ପକ୍ଷିବିଶେଷ (ହ୍ର. ଶ)—5. Name of a mythological bird.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଢ଼	ଇଯ୍	ଉଅ	ଈ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତ ବର୍ଣ୍ଣ	ଅନ୍ୟ ର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ	ଇଅ	ଢ଼	ନ

ସୁପତ୍ରକ—ସଂ. ବି—ଶିଗ୍ରୁ (ଗୁଳ୍ମ ବର୍ଗୀୟ); ସଜନା—
Supatraka   The Moringa tree.

ସୁପତ୍ରା—ସଂ. ବି (ବୈଦ୍ୟକ)—୧। ରୁଦ୍ରଜଟା (ଗୁଳ୍ମବର୍ଗୀୟ) (ଦେଖ)
Supatrā   1. Rudrajaṭā (See) ୨। ଶତାବରୀ (ଗୁଳ୍ମବର୍ଗୀୟ) (ଦେଖ)—2. Śatābarī (See) ୩। ପାଲକ୍ୟ (ଗୁଳ୍ମବର୍ଗୀୟ) (ଦେଖ)—3. Pālakya (See) ୪। ଶମୀ (ଗୁଳ୍ମବର୍ଗୀୟ) (ଦେଖ)—4. Śamī (See) ୫। ଶାଲପର୍ଣ୍ଣୀ (ଗୁଳ୍ମବର୍ଗୀୟ) (ଦେଖ)—5. Śālaparṇṇī (See).

ସୁପତ୍ରିକା—ସଂ. ବି—୧। ଜତୁକା (ଗୁଳ୍ମବର୍ଗୀୟ) (ଦେଖ)
Supatrikā   1. House bat. ୨। ପର୍ପଟୀ (ହି. ଶ) (ଦେଖ) 2. Parpaṭī (See)

ସୁପତ୍ରିତ—ସଂ. ବିଣ (ସୁପତ୍ର+ଯୁକ୍ତାର୍ଥେ ଇତ)—୧। ପକ୍ଷ ବିଶିଷ୍ଟ—
Supatrita   1. Feathered. ୨। ଶର ବିଶିଷ୍ଟ—2. Having arrows.

ସୁପତ୍ରୀ—ସଂ. ବି (ସୁପତ୍ର+ଈ)—ଗଙ୍ଗାପତ୍ରୀ (ହି. ଶ) (ଦେଖ)
Supatrī   Gaṅgāpatrī (See)
ସଂ. ବିଣ (ସୁପତ୍ର+ଇନ୍; ୧ମା, ୧ବ)—ସୁପତ୍ରିତ (ଦେଖ)—Supatrita (See)

ସୁପଥ—ସଂ. ବି—୧। ସଦାଚାର—1. Good conduct. ୨।
Supatha   ସନ୍ମାର୍ଗ—2. Good ways. ୩। ସତ୍ ପ୍ରଣାଳୀ—3. Good means. ୪। ସୁନ୍ଦର ପଥ—4. Good road. ୫। ଏକ ବର୍ଣ୍ଣବୃତ୍ତ (ହି. ଶ)—5. Name of a metre. [ବି—ଏଥିରେ ଏକ ଭଗଣ, ଏକ ନଗଣ, ଏକ ଭଗଣ ଏବଂ ୨ଟି ଗୁରୁବର୍ଣ୍ଣ ଥାଏ (ହି. ଶ)] ସଂ. ବିଣ—ସୁନ୍ଦର ପଥଯୁକ୍ତ—Having good road.

ସୁପଥ୍ୟ—ସଂ. ବିଣ—ହିତକାରୀ ପଥ୍ୟ; ଯାହା ଖାଇଲେ ଦେହ ସୁସ୍ଥ ହୁଏ
Supathya   —Easily digestible. ସଂ. ବି—୧। ରୋଗୀର ହିତକର ଆହାର—1. Suitable food for an invalid. ୨। ଉତ୍ତମ ଖାଦ୍ୟ—2. Excellent food. ୩। ଲଘୁ ଆହାର—3. Light food. ୪। ଆମ୍ର (ହି. ଶ)—4. Mango.

ସୁପଥ୍ୟା—ସଂ. ବି—୧। ଶ୍ୱେତ ଚିଲ୍ଲୀ (ଗୁଳ୍ମବର୍ଗୀୟ); ଧଳା ବଥୁଆ
Supathyā   ଶାଗ—1. The white variety of pot herb; Chenopodium. ୨। ଲାଲ ବଥୁଆ ଶାଗ (ହି. ଶ)—2. The red variety of Chenopodium.

ସୁପନ୍ଥ(ନ୍ଥା)—ଦେ. ବି—ସୁପଥ (ଦେଖ)
Supantha(nthā)   Supatha (See)

ସୁପଦ୍ମ—ସଂ. ବି—୧। ସୁନ୍ଦର ପଦ୍ମ—1. A beautiful lotus.
Supadma   ୨। ପଦ୍ମନାଭ ଦତ୍ତକୃତ ବାଲବୋଧ ସଂସ୍କୃତ ବ୍ୟାକରଣର ନାମ—2. The title of a Sanskrit grammar by Padmanābha Dutta. ସଂ. ବିଣ—ଶୋଭନ ପଦ୍ମଯୁକ୍ତ—Having fine lotus.

ସୁପଦ୍ମା—ସଂ. ବି—ବଚ (ଗୁଳ୍ମଭେଦ୍)—The sweet flag;
Supadmā   Acorus Calamus.

ସୁପନେଖା—ଗ୍ରା. ବିଣ. ସ୍ତ୍ରୀ° (ସଂ. ଶୂର୍ପଣଖା)—ରୋଗ ଯୋଗୁଁ ଯାହାର
Supanekhā   ନାକ ହବାକୁ ମୂଳପୋଛ ହୋଇ ଝଡ଼ି ଯାଇଛି-
(ସୁପନେଖୀ—ସ୍ତ୍ରୀ)   Having the nose entirely
ସୁପଂଣଖା   सूपनेखा   gone owing to disease.
ଗ୍ରା. ବି. ସ୍ତ୍ରୀ—ଶୂର୍ପଣଖା (ଦେଖ)—Sūrpaṇakhā (See)

ସୁପରଦ୍—ବୈଦେ. ବି (ଫା. ସୁପର୍ଦ୍)—ସୁପର୍ଦ୍ (ଦେଖ)—
Suparad   Supard (See)

ସୁପରଦଣ୍ଟ—ବୈ: ବି ଗ୍ରା   ଇଂ. ସୁପରିଣ୍ଟେଣ୍ଡେଣ୍ଟ୍)—ତତ୍ତ୍ୱାବଧାରକ;
Suparadanṭa   ସୁପରିଣ୍ଟେଣ୍ଡେଣ୍ଟ—Superintendent.
ସୁପାରିଣ୍ଟେଣ୍ଡେଣ୍ଟ   सुपरन्ट, सुपरदंट

ସୁପର(ର)ବା(ଭା)ଇଜର—ବୈଦେ. ବି (ଇଂ. ସୁପରଭାଇଜର୍)—
Supar(ra)bā(bhā)ijar   କାର୍ଯ୍ୟର ତତ୍ତ୍ୱାବଧାରକ କର୍ମଚାରୀ—
ସୁପରଭାଇଜର   सुपरभाईजर   Supervisor.

ସୁପର୍ ରୟା(ୟେ)ଲ୍—ବୈଦେ. ବି (ଇଂ) (ଛାପାଖାନା)—୨୨ ଇଞ୍ଚ
Supar rayā(ye)l   ଚଉଡ଼ା ଓ ୨୯ ଇଞ୍ଚ ଲମ୍ବ ଆକାରର
ସୁପରରୟାଲ   सुपररयल   ମୁଦ୍ରଣାର୍ଥ କାଗଜ—Super-royal (printing paper)

ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବି (ଇଂ. ସୁପରିଣ୍ଟେଣ୍ଡେଣ୍ଟ୍)—୧। କୌଣସି
Suparinṭendenṭ   ବିଭାଗର ସମସ୍ତ ଭାରପ୍ରାପ୍ତ ବ୍ୟକ୍ତି-
ସୁପରେଣ୍ଟେଣ୍ଡେଣ୍ଟ, ସୁପରଦଣ୍ଟ }—ଅପଭ୍ରଂଶ   ମାନଙ୍କ ଉପରିସ୍ଥ କର୍ମଚାରୀ·
1. Superintendent.
ସୁପାରିଣ୍ଟେନଡେଣ୍ଟ   सुपरिंटेंडेंट   ୨। ରାଜାଙ୍କ ନାବାଳକ ସମୟରେ ଗଡ଼ଜାତ ରାଜ୍ୟର ଶାସନ ନିମନ୍ତେ ନିଯୁକ୍ତ ସରକାରୀ କର୍ମଚାରୀ-2. Superintendent of a Feudatory State during the minority or other incapacity of the Ruling Chief.

ସୁପର୍ଣ୍ଣ—ସଂ. ବିଣ (ସୁ=ସୁନ୍ଦର+ପର୍ଣ୍ଣ=ପକ୍ଷ ଯାହାର)—୧। ସୁନ୍ଦର-
Suparṇṇa   ପତ୍ରବିଶିଷ୍ଟ—1. Having beautiful
(ସୁପର୍ଣ୍ଣୀ—ସ୍ତ୍ରୀ)   leaves. ୨। ସୁନ୍ଦର ପକ୍ଷବିଶିଷ୍ଟ—2. Having beautiful wings.
ସଂ. ବି—୧। ପକ୍ଷିରାଜ ଗରୁଡ଼ (ଅମର)—1. Garuṛa, the king of birds. [ବି— ଅମୃତ ହରଣ କରିବେଳେ ଗରୁଡ଼ ବଜ୍ର ଦ୍ୱାରା ଆହତ ହୋଇ ସୁଦ୍ଧା ହାସ୍ୟମୁଖରେ କହିଲେ,'ଦେଖ, ଦେବରାଜ ! ବଜ୍ରାଘାତରେ ମୋର କଛି ଅନିଷ୍ଟ ହୋଇ ନାହିଁ, ତଥାପି

ବଳ୍ପର ସ୍ଥାନ ଜମିଶ୍ରୁ ମୁଁ ଗୋଟିଏ ପଣ ପଇତ୍ୟାଗ କରୁ-ଅଛ । ଏହି ପକ୍ଷୀକୁ ସୁନ୍ଦର ଦେଖି ଦେବତାମାନେ ଗରୁଡ଼ଙ୍କୁ 'ସୁପର୍ଣ୍ଣ' ନାମ ଦେଲେ' ।] ୨ । ସ୍ୱର୍ଣ୍ଣଚୂଡ଼ ପକ୍ଷୀ (ମେଦିନୀ)—2. A species of fowl. ୩ । କୃତମାଳକ ବୃକ୍ଷ (ମେଦିନୀ); ଅରଗ୍ୱଧ; ସୁନାରି ଗଛ—3. A tree; Cassia Fistula. ୪ । କୁକ୍କୁଟ—4. Cock. ୫ । ପକ୍ଷୀ (ବୃ. ଶ)—5. Bird. ୬ । କିରଣ (ବୃ. ଶ)—6. Ray. ୭ । ବିଷ୍ଣୁ (ବୃ. ଶ)—7. Bishnu. ୮ । ଅଶ୍ୱ (ବୃ. ଶ)—8. Horse. ୯ । ବ୍ୟୂହ ରଚନା ବିଶେଷ (ବୃ. ଶ)—9. A kind of battle array. ୧୦ । ନାଗକେଶର (ବୃ. ଶ)—10. Mesua Ferra. ୧୧ । ସୁନ୍ଦର ପତ୍ର—11. Nice leaf.

ସୁପର୍ଣ୍ଣକ—ସଂ. ବି—୧ । ଅରଗ୍ୱଧ ବା ସୁନାରି ଗଛ (ରତ୍ନମାଳା)—Suparnnaka 1. A tree; Cassia Fistula. ୨ । ସପ୍ତଚ୍ଛଦ (ଛାତିଆଣ) (ଦେଖ)—2. Sapta chchhada (See): ୩। ଗରୁଡ଼—3. The King of birds. ସଂ. ବିଣ—୧ । ସୁନ୍ଦରପତ୍ରବିଶିଷ୍ଟ—1. Having nice leaves. ୨ । ସୁନ୍ଦର ପକ୍ଷବିଶିଷ୍ଟ—2. Having nice feathers.

ସୁପର୍ଣ୍ଣ କେତୁ—ସଂ. ବି (ବହୁବ୍ରୀହି; ସୁପର୍ଣ୍ଣ=ଗରୁଡ଼ ଅଟେ କେତୁ= ପତାକାର ଚିହ୍ନ ଯାହାଙ୍କର)—୧ । ଗରୁଡ଼ଧ୍ୱଜ; ବିଷ୍ଣୁ (ଜଗନ୍ନାଥ)—1. Bishnu. ୨। ଶ୍ରୀକୃଷ୍ଣ (ବୃ.ଶ)—2. Srikrushna.
Suparnna ketu
ସୁପର୍ଣ୍ଣଧ୍ୱଜ
ସୁପର୍ଣ୍ଣବାହନ } —ଅନ୍ୟରୂପ
ସୁପର୍ଣ୍ଣଯାନ
ସୁପର୍ଣ୍ଣାସନ

ସୁପର୍ଣ୍ଣା—ସଂ. ବିଣ, ସ୍ତ୍ରୀ—ସୁପର୍ଣ୍ଣର ସ୍ତ୍ରୀଲିଙ୍ଗ—Feminine of Suparnna Suparnna ସଂ. ବି. ସ୍ତ୍ରୀ—୧ । ପଦ୍ମିନୀ (ଶବ୍ଦମାଳା); ପଦ୍ମବୃକ୍ଷ—1. Lotus plant. ୨ । ଗରୁଡ଼ ଜନନୀ; ବିନତା—2. Name Garurda's mother.

ସୁପର୍ଣ୍ଣାଖ୍ୟ—ସଂ. ବି—ନାଗକେଶର (କିଞ୍ଜଳ୍କ ବିଶେଷ) [ଦେଖ]—Suparnnākhya Nāgakesara (See)

ସୁପର୍ଣ୍ଣାଣ୍ଡ—ସଂ. ବି—ଶୂଦ୍ରାମାତା ଓ ସୂତ ପିତାଙ୍କଠାରୁ ଜାତ ସନ୍ତାନ—Suparnnānda A son of a Sudra mothe and Sūta father.

ସୁପର୍ଣ୍ଣିକା—ସଂ. ବି—୧ । ସ୍ୱର୍ଣ୍ଣଜୀବନ୍ତୀ [ରାଜନିର୍ଘଣ୍ଟ] [ଦେଖ]—Suparnnikā 1. Swarpnajibanti (See) ୨। ପଳାଶୀ [ରାଜନିର୍ଘଣ୍ଟ] [ଦେଖ]—2.Palāsi (See) ୩ । ଶାଳପର୍ଣ୍ଣୀ(ରାଜନିର୍ଘଣ୍ଟ) (ଦେଖ)-Sālaparnni(See) ୪। ରେଣୁକା (ରାଜନିର୍ଘଣ୍ଟ)(ଦେଖ)—4.Ranukā (See) ୫ । ବାଗୁଚି (ରାଜନିର୍ଘଣ୍ଟ) (ଦେଖ)—Baguchi (See).

ସୁପର୍ଣ୍ଣୀ—ସଂ. ବି. ସ୍ତ୍ରୀ (ସୁପର୍ଣ୍ଣ+ଈ)—୧ । ପଦ୍ମିନୀ—1. The Suparnni lotus plant. ୨ । ବିନତା; ଗରୁଡ଼ ମାତା—2. The mother of Garurda, the King of birds. ୩ । ମାଈ ପକ୍ଷୀ (ବୃ. ଶ)—3. A she-bird. ୪ । ପଳାଶୀ (ଦେଖ) (ବୃ. ଶ)—4. Palāsi (See) ୫ । ରାତ୍ରି; ରାତି (ବୃ. ଶ)—5. Night. ୬ । ରେଣୁକା (ଦେଖ) (ବୃ. ଶ)—6. Renukā (See) ୭ । ଅଗ୍ନିଙ୍କ ସପ୍ତଜିହ୍ୱା ମଧ୍ୟରୁ ଏକ (ବୃ. ଶ)—7. One of the 7 tongues of the Fire. ୮ । ଗରୁଡ଼ (ବୃ. ଶ)—8. Garurda.

ସୁପର୍ଣ୍ଣେୟ—ସଂ. ବି. ପୁଂ (ସୁପର୍ଣ୍ଣୀ+ଅପତ୍ୟାର୍ଥେ. ଏୟ)—ଗରୁଡ଼—Suparnneya (ସୁପର୍ଣ୍ଣୀ ଜନୟ—ଅନ୍ୟରୂପ) Garurda.

ସୁପର୍ଦ(ର୍ଦ୍ଦ)—ବୈଦେ. ବି (ଦେଶଜ)(ଫା.ସୁପର୍ଦ୍)—କୌଣସି ବିଷୟ ବା Supard(rdd) ସମ୍ପତ୍ତି ବା ଅସାମୀକୁ ଅନ୍ୟ ବ୍ୟକ୍ତିଙ୍କ ହାତରେ ସୋପର୍ଦ୍ଦ ରକ୍ଷଣ ବା ରକ୍ଷଣ ନିମନ୍ତେ ପ୍ରେରଣ—Commitment ସୁପୁର୍ଦ୍ଦ consignment. (ଭ—ଦଖଲ୍ ସୁପର୍ଦ, ଫଉଜଦାରୀ ସୁପର୍ଦ୍ ।)

ସୁପର୍ଦଣ୍ଟ—ଗ୍ରା. ବୈଦେ. ବି (ଇଂ. ସୁପରିଣ୍ଟେଣ୍ଡେଣ୍ଟ)—ସୁପରିଣ୍ଟେଣ୍ଡେଣ୍ଟ Supardant (ଦେଖ)—Suparintendent (See)

ସୁପର୍ବ(ର୍ବ୍ବ)—ସଂ. ବି (ସୁ+ପର୍ବନ୍; କର୍ମଧା)—ସୁନ୍ଦର ପର୍ବ—A nice Suparba(rbba) internode. ସଂ. ବିଣ—ସୁନ୍ଦର ପର୍ବ-ବିଶିଷ୍ଟ—Having good internodes.

ସୁପର୍ବା(ର୍ବ୍ବା)—ସଂ. ବିଣ (ବହୁବ୍ରୀହି; ସୁ+ପର୍ବନ୍; ୧ମା. ୧ବ.)—Suparbā(rbbā) ୧ । ସୁନ୍ଦର ପର୍ବଯୁକ୍ତ—Having nice internodes. ୨ । (ସ୍ତ୍ରୀ) ସୁପର୍ବର ସ୍ତ୍ରୀଲିଙ୍ଗ—2. Feminine of Suparba. ସ. ବି-୧ । ଦେବତା (ଅମର)—1. Deity; heavenly beings. ୨ । ବାଣ (ମେଦିନୀ)—2. Arrow. ୩ । ବଂଶ; ବାଉଁଶ (ମେଦିନୀ)—3. Bamboo. ୪ । ଧୂମ (ମେଦିନୀ)—4. Smoke. ୫ । ଶ୍ୱେତ ଦୁବା (ରାଜନିର୍ଘଣ୍ଟ)—5. The white variety of Doob grass

ସୁପର୍ବା(ର୍ଭା)ଇଜର୍—ବୈଦେ. ବି (ଇଂ.) ସୁପରଭାଇଜର୍ (ଦେଖ)—Suparbā(bhā)ijar Suparbhāijar (See)

ସୁପଳାୟିତ—ସଂ. ବିଣ. ପୁଂ—ଯେ ସୁପ୍ରକାରରେ ବା ଶତ୍ରୁର Supalāyita ଅଗୋଚରରେ ପଳାଇଅଛି—[ସୁପଳାୟିତା—ସ୍ତ୍ରୀ] Safely run away.

ସୁପା—ପ୍ରାଦେ (ସମ୍ବଲ) ବି (ସଂ. ସୂର୍ପ)—କୁଲା—Supā Winnowing fan.

ସୁପାକେ—ଦେ. କି. ବିଣ—୧ । ସୌଭାଗ୍ୟରୁ; ସୁଯୋଗରୁ—Supāke 1. Fortunately; on account of সুযোগে सुयोगसे good luck ୨ । ଅନୁଗ୍ରହରୁ; ପ୍ରସାଦରୁ—2. By the favour of (ଭ—ବିଷ୍ଣୁ ଚରଣ ଭୂମ ସୁଯେ, ଗୁଣିଲ ଅଦୃଷ୍ଟ ସୁପାକେ ।

ସୁପାକ୍ୟ—ସଂ. ବି.—ବିଟ ଲବଣ (ସ୍ୱଳକଳ୍ପଦ୍ରୁମ)—
Supākya A kind of foetid-smelling salt.

ସୁପାତି—ଦେ. ବି (ସଂ. ସୁ+ପାତ ଧାତୁ=ପକାଇବା)—
Supāti ଶେଯ, ସୁଶଯ୍ୟା; କୋମଳ ଶଯ୍ୟା—
ସুଶয্যা सुशय्या Soft bed or quilt
[ଭ—ପାକୁ ମିଳବ ପଲକ ସୁପାତି, ତାର କୁମ୍ଭି ଶଯ୍ୟାରେ କାହ୍ନି ମଳ—ଦନାଇ ଦାସ. ଗୋପୀଭାଷା ।]

ସୁପାତ୍ର—ସଂ. ବି (ସୁ=ଉତ୍ତମ+ପାତ୍ର=ଭାଜନ)—୧ । ଯୋଗ୍ୟ
Supātra ବ୍ୟକ୍ତି—1. A fit person. ୨ । ଉତ୍ତମ (ଅପାତ୍ର, କୁପାତ୍ର—ବିପରୀତ) ଆଧାର—2. Good receptacle.

ସୁପାର(ରି)ସ(ସି)—ବୈଦେ. ବି(ଫା. ସିଫାରସ୍)—କୌଣସି ବ୍ୟକ୍ତିକୁ
Supāra(ri)s(si) ଅନୁଗ୍ରହ ଦେଖାଇବା ପାଇଁ ଅନ୍ୟ ବ୍ୟକ୍ତିକୁ
সুপারিস सिफारिस ଅନୁରୋଧ—Recommendation.

ସୁପାରା—ଦେ. ବି—ଲିଙ୍ଗର ଅଗ୍ର; ଚର୍ମବନ୍ଧନ ଓ ସୁବାରା କୃତ ଲିଙ୍ଗାଗ୍ର—
Supārā The nut of the penis; glans
সুপুরী सुपारा penis.

ସୁପାରି—ଦେ. ବି (ସଂ. ଶପୂର ବା ପୂଗ)—୧ । ଗୁବାକ; ଗୁଆ—
Supāri 1, Betel nut; areca nut. ୨ । (ଗୁଆ ପରି
সুপা(পু)রি ଆକୃତି ବିଶିଷ୍ଟ ଥିବାରୁ) ଲିଙ୍ଗର ଅଗ୍ର; ଲିଙ୍ଗର
सुपारि ଚର୍ମହୀନ ଅଗ୍ରଭାଗ—2.The nut of the penis;
ଫା. ଯୋପିଲ୍ glans-penis.
ଅ. ପେପିଲ୍ ତେ. ପୋକାକାଯ଼ା

ସୁପାରସି(ସ୍) ଚିଠି-ଦେ. ବି—ଯେଉଁ ଚିଠିରେ ଅନ୍ୟ ବ୍ୟକ୍ତି ପାଇଁ
Supārisi(s) chithi ଅନୁଗ୍ରହ ପ୍ରାର୍ଥନା କରି ଯାଇଥାଏ—
সুপারিসি চিঠী Recommendatory letter; recom-
सिफारिस चिट्ठी mendation letter.

ସୁପାର୍ଶ୍ୱ—ସଂ. ବି—୧ । ସପ୍ତମ ଜୈନ ମୁନି; ଚବିଶଂଶ ଭବିଷ୍ୟତ୍ ଅର୍ହତ୍
Supārswa ଅନ୍ତର୍ଗତ ଅର୍ହତ୍ ବିଶେଷ (ହେମଚନ୍ଦ୍ର)—
1. One of the 24 classes of the Buddhist saints. ୨ । ପ୍ଲକ୍ଷ ବୃକ୍ଷ (ସ୍ୱଳକଳ୍ପଦ୍ରୁମ)—
2. A tree; Ficus Infectoria. ୩ । (ନାମ) ସମ୍ପାତି-ପୁତ୍ରପକ୍ଷିବିଶେଷ (ରାମାୟଣ, କିଷ୍କିନ୍ଧ୍ୟା କାଣ୍ଡ)—3.Name of a mythological bird, son of Sampāti.
୪ । ଗର୍ଦ୍ଦଭାଣ୍ଡ (ଭୂ. ଶ) ବୃକ୍ଷ—4. The tulip tree.
୫ । (ନାମ) ଶ୍ରୁତାୟୁଙ୍କ ପୁତ୍ର—5. Name of a son.
(ସୁପାର୍ଶ୍ୱୀ—ସ୍ତ୍ରୀ) Srutāyu-ସ,ବିଣ.ପୁଂ—ସୁନ୍ଦର ପାର୍ଶ୍ୱ ବିଶିଷ୍ଟ—
Having good sides or flanks.

ସୁପାର୍ଶ୍ୱକ—ସଂ. ବି—୧ । ଚବିଶଂଶ ଭାବୀ ଅର୍ହତ୍ ଅନ୍ତର୍ଗତ ଅର୍ହତ୍
Supārswaka ବିଶେଷ—1. One of the 24 classes of the future Buddhist saints. ୨। ଗର୍ଦ୍ଦଭାଣ୍ଡ ବୃକ୍ଷ (ଅମର); ଏକପ୍ରକାର ଅଶ୍ୱତ୍ଥ ଗଛ; ପଲାଶ ଓସ୍ତ ଗଛ—
2. The tulip tree.

ସୁପାଳକ—ଦେ. ବି—ଧାନ ଆଦି ଫସଲ ଭଲରେ ଉତ୍ପନ୍ନ ସମୟରେ
Supālaka ବର୍ଷା ଆଦି ହେବାର ଅବସ୍ଥା—Happening of
সুপালক seasonable rain conducive to the
सुसमय growth of paddy and other crops.

ସୁପିଙ୍ଗଳା—ସଂ. ବି—୧ । ଜୀବନ୍ତୀ (ସ୍ୱଳକଳ୍ପଦ୍ରୁମ)—1. A kind
Supingalā of creeping herb; Celtes Orientalis.
୨ । ଜ୍ୟୋତିଷ୍ମତୀ (ସ୍ୱଳକଳ୍ପଦ୍ରୁମ)—2. A luminous wild plant; Cardiospermum Helicacabum; Balloon vine.

ସୁପିର୍ଦ୍ଦନ—ସଂ. ବି—ଦେହ ଘଷିବା; ଅଙ୍ଗମର୍ଦ୍ଦନ—
Supirdana Massage of the limbs.

ସୁପୀତ—ସଂ. ବି—୧ । ଗର୍ଜ୍ଜର; ଗାଜର (ସ୍ୱଳକଳ୍ପଦ୍ରୁମ)—
Supita 1. Turnip. ୨ । ପୀତଝିଣ୍ଟୀ—2. Yellow-flowered variety of Barleria. ବେ. ବିଣ—
୧ । ଉତ୍ତମ ରୂପେ ପିଅ ଯାଇଥିବା—1. Well drunk
୨ । ଗାଢ଼ ହଳଦିଆ—2. Deep yellow.

ସୁପୀନ - ସଂ. ବିଣ (ସୁ+ପୀନ)—ଅତି ସ୍ଥୂଳ ବା ମୋଟ—
Supina Very stout.

ସୁପୀବା—ସଂ.ବି.ପୁଂ (ସୁପୀବନ୍ ଶବ୍ଦ; ସୁ+ପା ଧାତୁ+କ୍ୱନିପ୍ କର୍ତ୍ତ)—
Supibā ଉତ୍ତମ ରୂପେ ପାନକାରୀ ବ୍ୟକ୍ତି; ଶୋଭନ ପାନକର୍ତ୍ତା
(ମୁଗ୍ଧ ବୋଧ)—Excellent drinker.

ସୁପୁଂସୀ—ସ. ବି. ସ୍ତ୍ରୀ (ସୁ+ପୁମସ୍+ଙୀ. ଈ)—ଯେଉଁ ସ୍ତ୍ରୀର ସତ
Supumsi ସ୍ୱାମୀ ପୁରୁଷ—(a woman) Having an excellent person as her husband.

ସୁପୁଟ—ସ. ବି—କୋଲକନ୍ଦ; ବନ୍ଧୁକନ୍ଦ (ସ୍ୱଳକଳ୍ପଦ୍ରୁମ)—
Suputa Ak ind of bulbous root.

ସୁପୁଟା—ସ. ବି—ସେବତୀ (ଭୂ. ଶ)—
Suputā Musk rose.

ସୁପୁତ—ପ୍ରାଦେ. (ସମ୍ବଲପୁର) ବି. (ସ. ସୁପୁତ୍ର)(ଭୁଳ-ହଳଦୀ ସୁପୁତ୍)
Suput —ସୁପୁତ୍ର; ଯୋଗ୍ୟ ପୁତ୍ର; କୁଳୋଜ୍ଜ୍ୱଳକାରୀ ପୁତ୍ର—
Worthy scion of a family.

ସୁପୁତ୍ର—ସ. ବି. ପୁଂ—୧ । ଯୋଗ୍ୟ ପୁତ୍ର—1. A worthy son.
Suputra ୨ । ପିତାମାତାଙ୍କ ପ୍ରତି ଭକ୍ତିମାନ୍ ପୁତ୍ର—
(କୁପୁତ୍ର—ବିପରୀତ) 2. A devoted son. ୩ । (ବୈଦ୍ୟକ)
ତିଳକ ବୃକ୍ଷ—3.The Tilaka tree. ସ. ବିଣ. ପୁଂ
(ସୁପୁତ୍ରା—ସ୍ତ୍ରୀ.) —ଯୋଗ୍ୟପୁତ୍ରବାନ୍ (ବ୍ୟକ୍ତି)—Having a worthy son.

ସୁପୁତ୍ରିକା—ସଂ. ବି—ଜତୁକା ଲତା (ସ୍ୱଳକଳ୍ପଦ୍ରୁମ); ପର୍ପଟୀ—
Suputrikā A kind of creeper.
(ସୁପୁତ୍ରକ—ପୁଂବିଣ) ସଂ.ବିଣ. ସ୍ତ୍ରୀ—୧। ଯୋଗ୍ୟ ପୁତ୍ରବତୀ (ଭୂ. ଶ)
—1. (a woman) Having a worthy son.
୨ । ସୁନ୍ଦର କନ୍ୟାବିଶିଷ୍ଟା—2. Having a fine daughter.

ସୁପୁନେଖା—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ସୁପନେଖା (ଦେଖ)
Supunekhā Supanekhā (See)
(ସୁପୁନେଖୀ—ସ୍ତ୍ରୀ)

ସୁପୁର—ସଂ. ବି—ସୁପାରି; ଗୁଆ—
Supura Areca nut.

ସୁପୁଲଭ—ପ୍ରାଦେ. (ସୁରୀ; ଗଡ଼ଜାତ) ବି—ମଙ୍ଗଳ; ସୁଖ—
Supulabha Bliss; happiness; good.

ସୁପୁଷ୍କର—ସଂ. ବି—ସ୍ଥଳପଦ୍ମ; ସ୍ଥଳ କମଳ; (ରାଜନିର୍ଘଣ୍ଟ)—
Supushkara A flower; Hibiscus Mutabilis.

ସୁପୁଷ୍ପ—ସଂ. ବି—୧ । ସୁନ୍ଦର ପୁଷ୍ପ—1. A nice flower, ୨ ।
Supushpa ଲବଙ୍ଗ (ଶବ୍ଦ ରତ୍ନାବଳୀ)—2. Cloves (spice). ୩ । ଅତୁଲ୍ୟ (ରାଜନିର୍ଘଣ୍ଟ)—3. Name of a plant. ୪ । ସୌଗନ୍ଧିକ (ରାଜନିର୍ଘଣ୍ଟ); ଏକ ପ୍ରକାର ପଦ୍ମ ମୂଳ—4. The root stock of Nymphea Lotus. ୫ । ସ୍ତ୍ରୀମାନଙ୍କ ରଜଃ (ଶବ୍ଦ କଳ୍ପଦ୍ରୁମ)—5. Menses. ୬ । ତୂଳ; ତୁତ୍‌କୋଳି ଗଛ—6. Mulberry. ୭ । ରକ୍ତ ପୁଷ୍ପକ; ପାଲଧୁଅ ଗଛ (ଶବ୍ଦ ରତ୍ନାବଳୀ)—7. The Indian coral tree. ୮ । ଶିରୀଷ (ରାଜନିର୍ଘଣ୍ଟ)—8. Acacia Lebbek. ୯ । ଦାରୁ (ରାଜନିର୍ଘଣ୍ଟ); ଦାରୁ ହଳଦୀ; ଦାରୁହଳଦୀ—9, Berberis Asiatica. ୧୦ । ରାଜତରୁଣୀ (ରାଜନିର୍ଘଣ୍ଟ); ସୁବର୍ଣ୍ଣଜାତୀ—10. Jasminum Grandiflorum. ୧୧ । ମୁଚୁକୁନ୍ଦ—11. Pterospermum Acerefolium. ୧୨ । ଶ୍ୱେତ ଅର୍କ—12. White Calotropis Gigantea. ୧୩ । ପଲାଶାଣ୍ଡୁ (ବୈଦ୍ୟକ ନିର୍ଘଣ୍ଟ)—13. The tulip tree. ୧୪ । ଦେବଦାରୁ (ହି. ଶ)—14. Pine tree. ୧୫ । ବଡ଼ ସେବତୀ (ହି. ଶ)—15. The larger variety of musk rose.

ସୁପୁଷ୍ପୀ—ସଂ. ବି—୧ । ଶ୍ୱେତାପରାଜିତା (ରାଜନିର୍ଘଣ୍ଟ) (ଦେଖ)—
Supushpi 1. Swetāparājitā (See) ୨ । କଦଳୀ—2. Plantain. ୩ । ଶତପୁଷ୍ପୀ; ଶତୁପ (ହି. ଶ)—3. Dill seed. ୪ । ଭୁବନାରକ (ହି. ଶ)—4. Melina Asiatica. ୫ । ଦ୍ରୋଣପୁଷ୍ପୀ (ବୈଦ୍ୟକୋଷ)—5. Leucas Cephalotus.

ସୁପୂର—ସଂ. ବି—୧ । ବୀଜପୂର (ରାଜନିର୍ଘଣ୍ଟ); ଟଭ—1. Lemon;
Supūra citrus. ୨ । (ସୁ+ପୂର) ଉତ୍ତମ ପ୍ରବାହ; ଖରସ୍ରୋତ—2. Rapid current. ସଂ. ବିଣ—ସହଜରେ ପୂର୍ଣ୍ଣ ହେବା ଯୋଗ୍ୟ (ହି. ଶ)—
Capable of being easily filled up.

ସୁପୂରକ—ସଂ. ବି—୧ । ବକପୁଷ୍ପ (ରାଜନିର୍ଘଣ୍ଟ) (ଦେଖ)—
Supūraka 1. Bakapushpa (See). ୨ । ବୀଜପୂର; ଟଭ (ହି. ଶ)—2. Citrus.

ସୁପେଦାର କଣ୍ଠି—ପ୍ରାଦେ. (ସିଂହଭୂମି) ବି—କେବଳରେ ଠିକ୍ ଭଣ୍ଟି
Supedāra kanthi ତଳେ ଖିଲାଖିଲା ସୁନାର ଦେଶୀ କଣ୍ଠି—A graduated necklace of solid gold beads. [ଦ୍ର—ଏହାର ଦାନାମାନ ମଝିରୁ କ୍ରମଶଃ ଛୋଟ ହୋଇଥାଏ ।]

ସୁପେଶ – ସଂ. ବିଣ—ଶୋଭନରୂପ; ସୁନ୍ଦର (ଭଗବତ)—
Supesa Beautiful; graceful.

ସୁପ୍ତ – ସଂ. ବିଣ. ପୁଂ (ସ୍ୱପ୍ ଧାତୁ=ଶୋଇବା+କ୍ତ. ତ)—୧ ।
Supta ନିଦ୍ରିତ; ଶୟିତ—1. Sleeping; asleep. ୨ । (ସୁପ୍ତି—ବି) ଚେତ୍ୟସୂନ୍ୟଶୂନ୍ୟ—2. Unconscious. ୩ । (ସୁପ୍ତା—ସ୍ତ୍ରୀ ବିଣ) ସ୍ୱକାର୍ଯ୍ୟାକ୍ଷମ (ବୈଦ୍ୟକୋଷ)—3. Unable to do one's work. ସଂ. ବି (+ଭଗବତ)—
ନିଦ୍ରା; ଶୟନ—Sleep.

ସୁପ୍ତ ଘାତକ—ସଂ. ବିଣ. ପୁଂ (ସୁପ୍ତ=ନିଦ୍ରିତ+ଘାତକ=ହିଂସାକାରୀ)
Supta ghātaka —୧ । ହିଂସ୍ର (ବିଶ୍ୱକୋଷ)—
(ସୁପ୍ତ ଘାତକା—ସ୍ତ୍ରୀ) 1. Murderous; mischievous. ୨ । ନିଦ୍ରିତ ପ୍ରାଣୀର ହତ୍ୟାକାରୀ (ହି. ଶ)—
2. Killing an animal while asleep.

ସୁପ୍ତ ଜନ—ସଂ. ବି—୧ । (କର୍ମଧା) ନିଦ୍ରିତ ବ୍ୟକ୍ତି—1. Sleeping
Supta jana person. ୨ । (ବହୁବ୍ରୀହି; ସୁପ୍ତ ହୁଅନ୍ତି ଜନମାନେ ଯେତେବେଳେ) ଅର୍ଦ୍ଧରାତ୍ର (ଜଟାଧର)—
2. Mid-night.

ସୁପ୍ତ ଜ୍ଞାନ (ବିଜ୍ଞାନ)—ସଂ. ବି—ସ୍ୱପ୍ନ (ଜଟାଧର)—
Supta jñāna (bijñāna) Dream.

ସୁପ୍ତ ପ୍ରବୁଦ୍ଧ—ସଂ. ବିଣ. ପୁଂ—ଯେ ଶୋଇ ନିଦ୍ରାରୁ ବର୍ତ୍ତମାନ ନିଦ୍ରାରୁ
Supta prabuddha ଉଠିଅଛି—One who has just
(ସୁପ୍ତ ପ୍ରବୁଦ୍ଧା—ସ୍ତ୍ରୀ) waken up from sleep.

ସୁପ୍ତ ପ୍ରଳପିତ—ସଂ. ବି—ନିଦ୍ରାଳାପ (ହି. ଶ)—
Supta pralapita Talking during sleep; sleep-raving.

ସୁପ୍ତ ସୁପ୍ତ—ସଂ. ବିଣ. ପୁଂ (ପ୍ରଥମେ ସୁପ୍ତ ଓ ପରେ ସୁପ୍ତ)—ଯେ ଥରେ
Supta supta ନିଦ୍ରାରୁ ଉଠି ପୁଣି ଶୋଇଛି—One who has
(ସୁପ୍ତ ସୁପ୍ତା—ସ୍ତ୍ରୀ) gone to sleep after waking up.

ସୁପ୍ତାଙ୍ଗ—ସଂ. ବି (କର୍ମଧା)—ନିଶ୍ଚେଷ୍ଟ ଅଙ୍ଗ—
Suptānga Inert limb.

ସୁପ୍ତି—ସଂ. ବି (ସ୍ୱପ୍ ଧାତୁ+ଭାବ. ତି)—୧ । ନିଦ୍ରା—1. Sleep.
Supti ୨ । ଶୟନ; ଶୋଇବା—2. Sleeping. ୩ । ସ୍ୱପ୍ନ—3. Dream. ୪ । ବିଶ୍ରମ୍ଭ; ବିଶ୍ୱାସ; ପ୍ରତ୍ୟୟ (ହି. ଶ)—4. Confidence; trust. ୫ । ଅଙ୍ଗର ନିଶ୍ଚେଷ୍ଟତା (ହି. ଶ)—5. Inertness of a limb.

ସୁପ୍ତୋତ୍ଥିତ—ସଂ. ବିଣ. ପୁଂ (କର୍ମଧାରୟ; ପ୍ରଥମେ ସୁପ୍ତ, ପରେ ଉତ୍ଥିତ)
Suptotthita —ନିଦ୍ରାରୁ ଉଠିଥିବା—Awaken after
(ସୁପ୍ତୋତ୍ଥିତା—ସ୍ତ୍ରୀ) sleep.

ସୁପ୍ରକେତ—ସଂ. ବିଣ. ପୁଂ—୧ । ଜ୍ଞାନବାନ୍ (ହି. ଶ)—1. Wrise
Supraketa ୨ । ବୁଦ୍ଧିମାନ୍ (ହି. ଶ)—2. Intelligent.
(ସୁପ୍ରକେତା—ସ୍ତ୍ରୀ)

ସୁପ୍ରଚେତା—ସଂ. ବଣ (ସୁପ୍ରଚେତସ୍ ; ୧ମା ୧ବ)—ଅତି ବୁଦ୍ଧିମାନ୍—
Supracheta Very intelligent.
(ସୁପ୍ରଜ୍ଞ—ଅନ୍ୟରୂପ)

ସୁପ୍ରଜାତ—ସଂ. ବଣ, ପୁଂ—ବହୁ ସନ୍ତାନବାନ୍ (ବ୍ର. ଶ) – Having
Suprajāta many children.
(ସୁପ୍ରଜାତା—ସ୍ତ୍ରୀ)

ସୁପ୍ର(ପ୍ରି)ଡ(ଡା)ଣ୍ଟ—ବୈଦେ. ବ (ଇଂ)—ସୁପରିଣ୍ଟେଣ୍ଡେଣ୍ଟ୍ (ଦେଖ)
Supra(pri)da(da)ṇṭa Suparintendent (See)

ସୁପ୍ରଣାଳୀ—ସଂ. ବ—ସୁନିୟମ (ଦେଖ
Supranāḷi Suniyama (See)

ସୁପ୍ରତର—ସଂ. ବଣ—ସହଜରେ ତରଣୀୟ—Capable of being
Supratara (ସୁପ୍ରତରା—ସ୍ତ୍ରୀ) easily crossed over.

ସୁପ୍ରତିଜ୍ଞ—ସଂ. ବଣ. ପୁଂ (ସୁ+ପ୍ରତିଜ୍ଞା+ଅ; ବହୁବ୍ରୀହି)—ଦୃଢ଼-
Supratijña ପ୍ରତିଜ୍ଞ [ବ୍ର. ଶ]—Resolute.
(ସୁପ୍ରତିଜ୍ଞା—ସ୍ତ୍ରୀ)

ସୁପ୍ରତିଭା—ସଂ. ବ—୧। ମଦ୍ୟ (ଶବ୍ଦକଳ୍ପଦ୍ରୁମ)—1. Wine. ୨।
Supratibhā ମାର୍ଜିତ ବା ଉଜ୍ଜ୍ୱଳ ବୁଦ୍ଧି—2. Bright
intellect; sharp intelligence.

ସୁପ୍ରତିଷ୍ଠ—ସଂ. ବଣ (ବହୁବ୍ରୀହି; ସୁ=ଉତ୍ତମ ଅଛି ପ୍ରତିଷ୍ଠା ଯାହାର)—
Supratishṭha ଯଶସ୍ୱୀ; ସୁବିଖ୍ୟାତ—Famous; reputed.
(ସୁପ୍ରତିଷ୍ଠା—ସ୍ତ୍ରୀ. ବଣ) ସଂ. ବ—ବ୍ୟୂହ ରଚନାବିଶେଷ—
A kind of battle array.

ସୁପ୍ରତିଷ୍ଠା—ସଂ. ବ—୧। ସୁଖ୍ୟାତି; ଯଶଃ—1. Good reputa-
Supratishṭhā tion. ୨। ପଞ୍ଚାକ୍ଷରଯୁକ୍ତବିଶିଷ୍ଟ ବୈଦିକ
ଛନ୍ଦୋବିଶେଷ—2. A vedic metre of 5
letters. [ଦ୍ର—ଏହା ଦ୍ୱିବିଧ – ପଙ୍କ୍ତି ଓ ପ୍ରତିଷ୍ଠା]
ସଂ. ବଣ. ସ୍ତ୍ରୀ—ସୁପ୍ରତିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Supratishṭha.

ସୁପ୍ରତିଷ୍ଠିତ—ସଂ. ବଣ—୧। ଉତ୍ତମରୂପେ ପ୍ରତିଷ୍ଠିତ—1. Well
Supratishṭhita established. ୨। ସୁଖ୍ୟାତିଯୁକ୍ତ—
2. Famous. ସଂ. ବ—୧। ଉଡ଼ୁମ୍ବର ବୃକ୍ଷ (ଶବ୍ଦ-
କଳ୍ପଦ୍ରୁମ)—1. The fig tree. ୨। ଯୋଗର
ସମାଧିବିଶେଷ (ବ୍ର. ଶ)—2. A kind of Samādhi
in Joga.

ସୁପ୍ରତୀକ—ବ ପୁଂ. (ବହୁବ୍ରୀହି, ସୁ+ପ୍ରତୀକ=ଅଙ୍ଗ ଯାହାର)—
Supratika ୧। (ନାମ) ଈଶାନ କୋଣର ଦିଗ୍‌ଗଜ (ଅମର)—
(ସୁପ୍ରତୀକିନୀ—ସ୍ତ୍ରୀ) 1. Name of the mythological
elephant guarding the N. E.
corner. [ଉ—ଯାଗ କରି ଯେ କେବା ଇନ୍ଦ୍ର ହୋଇ,
ସୁପ୍ରତୀକ ଦେଣ୍ଟ ଭୁ ଗଜ ରୂପ ଧର—କୃଷ୍ଣସିଂହ. ମହାଭାରତ
ଅନୁ।] ୨। ଶିବ; ମହାଦେବ (ଶବ୍ଦକଳ୍ପଦ୍ରୁମ)—
2. Siba. ୩। କାମଦେବ (ଶବ୍ଦକଳ୍ପଦ୍ରୁମ)—
3. Cupid. ୪। ଶୋଭନ ଅଙ୍ଗ—4. Nice limb.

(ସୁପ୍ରତୀକା—ସ୍ତ୍ରୀ ବଣ) ସଂ. ବଣ. ପୁଂ—ଶୋଭନାଙ୍ଗବିଶିଷ୍ଟ—
Having graceful limbs.

ସୁପ୍ରତୀତ—ସଂ. ବଣ (ସୁ+ପ୍ରତୀତ)—୧। ଉତ୍ତମରୂପେ ଜ୍ଞାତ—
Supratīta 1. Well-known. ୨। ସମ୍ପୂର୍ଣ୍ଣରୂପେ
ପ୍ରମାଣିତ—2. Well-proved.

ସୁପ୍ରଦଦି—ସଂ. ବଣ.—ବଡ଼ ଦାତା—
Supradadi Bountiful.

ସୁପ୍ରଦର୍ଶ—ସଂ. ବଣ ପୁଂ—ପ୍ରିୟଦର୍ଶନ—Graceful to look
Supradarsa [ସୁପ୍ରଦର୍ଶା, ସୁପ୍ରଦର୍ଶନା—ସ୍ତ୍ରୀ] at.
(ସୁପ୍ରଦର୍ଶନ—ଅନ୍ୟରୂପ)

ସୁପ୍ରଦୋହା—ସଂ. ବଣ. ସ୍ତ୍ରୀ—ଯେଉଁ ଗାଈକୁ ଦୁହିଁବା ସହଜ (ବ୍ର. ଶ)-
Supradohā Easily milked (cow).

ସୁପ୍ରନ୍‌ଡଣ୍ଟ—ବୈଦେ. ଗ୍ରା. ବ (ଇ ସ୍ୱତ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ—(ଇଂ. ସୁପରିଣ୍ଟେଣ୍ଡେଣ୍ଟ୍)—
Supran-ḍaṇṭa
ସୁପରିଣ୍ଟେଣ୍ଡେଣ୍ଟ୍ (ଦେଖ)—
Suparintendent (See)

ସୁପ୍ରଭ—ସଂ. ବଣ. ପୁଂ (ବହୁବ୍ରୀହି; ସୁ ଅଛି ପ୍ରଭା ଯାହାର)—ସୁନ୍ଦର-
Suprabha ପ୍ରଭାଯୁକ୍ତ—Effulgent; resplendent.
(ସୁପ୍ରଭା—ସ୍ତ୍ରୀ)

ସୁପ୍ରଭା—ସଂ. ବଣ. ସ୍ତ୍ରୀ—ସୁପ୍ରଭର ସ୍ତ୍ରୀଲିଙ୍ଗ—Feminine of
Suprabhā Suprabha. ସଂ. ବ. ସ୍ତ୍ରୀ—୧।
ସୋମରାଜି (ଦେଖ)—1. Somarāji (See)
୨। ଅଗ୍ନିଙ୍କର ଏକ ଜିହ୍ୱା—2. One of the tongues
of Agni. ୩। ସ୍କନ୍ଦଙ୍କର ଏକ ମାତୃକା—3. Name
of a Mātṛukā of Skanda.

ସୁପ୍ରଭାତ—ସଂ. ବ (କର୍ମଧା)—୧। ଶୁଭସୂଚକ ପ୍ରଭାତ—
Suprabhāta 1. An auspicious morning.
[ଦ୍ର—ବାମନପୁରାଣର ୧୪ଶ ଅଧ୍ୟାୟରେ ଗୋଟିଏ ଶ୍ଳୋକ
ଅଛି। ଏଥିରେ ଶୋଇବାବେଳେ ପାଠ କଲେ ମନୁଷ୍ୟର ଦୁଃସ୍ୱପ୍ନ-
ନାଶ ହୋଇ ସ୍ୱତିଶେଷରେ ସୁପ୍ରଭାତ ହୁଏ ବୋଲି ଲେଖା
ଅଛି। ଏଥିରେ "ବ୍ରହ୍ମା ମୁରାରି ସ୍ତ୍ରିପୁରାନ୍ତକାରୀ, ଭାନୁଃ ଶଶୀ
ଭୂମିସୁତୋ ବୁଧଶ୍ଚ; ଗୁରୁଶ୍ଚ ଶୁକ୍ରଃ ଶନି ରାହୁ କେତୁ,
କୁର୍ବନ୍ତୁ ସର୍ବେ ମମ ସୁପ୍ରଭାତଂ" ଏହିପରି ଆଉ ୮ଟି ଶ୍ଳୋକ
ଅଛି।] ୨। ମେଘାବରଣହୀନ ପ୍ରଭାତ—2. A cloudless
or clear morning. ୩। ପ୍ରଭାତକାଳରେ
ପାଠ୍ୟ ସ୍ତୋତ୍ର—3. Morning prayer. ବୈ. ଅ—
(ଅଭିନନ୍ଦନ)—ପ୍ରଭାତକାଳୀନ ଅଭିବାଦନ—Good
morning ! ସଂ. ବଣ—୧। ଅତିଶୟ ପ୍ରଭାଯୁକ୍ତ—
1. Effulgent. ୨। ଶୁଭସୂଚକ ପ୍ରଭାତଯୁକ୍ତ (ଦିବସ)-
(ସୁପ୍ରଭାତା—ସ୍ତ୍ରୀ) 2. (Day) Having an auspicious
morning.

ସୁପ୍ରଭାତା—ସଂ. ବଣ—ସୁପ୍ରଭାତଯୁକ୍ତା(ରାତ୍ରି)—(night) Followed
Suprabhātā by a good morning.
ସଂ. ବ—ଭାଗବତ ୫ମ ସ୍କନ୍ଧ ୨ୟ ଅଧ୍ୟାୟରେ ବର୍ଣ୍ଣିତ

୭ ଗୋଟି ମହାନଦୀ ମଧ୍ୟରୁ ଗୋଟିଏ—One of the 7 great rivers mentioned in the Bhāgabata. [ଦ୍ର—ଏହି ୭ ଗୋଟି ମହାନଦୀର ନାମ । ଯଥା— ଅରୁଣା, ନୃମଣା, ଅଙ୍ଗିରସୀ, ସାବିତ୍ରୀ, ସୁପ୍ରଯୁକ୍ତା, ଋଷିକୁଲ୍ୟା ଓ ସତ୍ୟମ୍ଭରା ।)

ସୁପ୍ରଯୁକ୍ତ—ସଂ ବଣ—ଶୋଭନପ୍ରଯୋଗବିଶିଷ୍ଟ—
Suprajukta Well employed or directed.

ସୁପ୍ରଯୁକ୍ତ ଶର—ସଂ. ବଣ. ପୁଂ (ବହୁବ୍ରୀହି)—ବାଣରେ ସିଦ୍ଧହସ୍ତ; ଶର-
Suprajukta śara ଛେଦଣରେ ନିପୁଣ ବା ଦକ୍ଷ—
Expert or skilful in archery. ସଂ. ବି. (କର୍ମଧାରୟ)-ଉତ୍ତମରୂପେ ପ୍ରଯୋଗ କରାଯାଇଥିବା ବାଣ—An arrow throuwn excellently.

ସୁପ୍ରଯୋଗ—ସଂ. ବି—୧ । ଉତ୍ତମ ପ୍ରଯୋଗ—1. Good
Suprayoga application. ୨ । ଉତ୍ତମ ନିକ୍ଷେପ—
(ସୁପ୍ରଯୁକ୍ତ—ବଣ) 2. A good throw. ସଂ ବଣ (ବହୁବ୍ରୀହି)—୧ । ଉତ୍ତମ ପ୍ରଯୋଗବିଶିଷ୍ଟ—1. Having an exeellent application or throw. ୨ । ସୁପ୍ରଯୁକ୍ତ—2. Well thrown.

ସୁପ୍ରଯୋଗ ନିପୁଣ(ବିଜ୍ଞ)—ସଂ ବଣ (ପୁଂ) (୭ମୀ ତତ୍)—ଭଲରୂପେ
Suprayoga nipuṇa(bijña) ପ୍ରଯୋଗକରିବାରେ ଅଭିଜ୍ଞ—
[ସୁପ୍ରଯୋଗନିପୁଣା(ବିଜ୍ଞା)—ସ୍ତ୍ରୀ] Expert or skilful
ସୁପ୍ରଯୋଗନୈପୁଣ୍ୟ } —ବି in excellent application
ସୁପ୍ରଯୋଗବିଜ୍ଞାନ or throw.

ସୁପ୍ରଯୋଗ ବିଶିଖ—ସଂ ବଣ ପୁଂ (ବହୁବ୍ରୀହି)—ସୁଶିକ୍ଷିତ ବାଣମୋକ୍ଷକ
Suprayoga biśikha —Skilful in archery.
(ସୁପ୍ରଯୋଗବିଶିଖା—ସ୍ତ୍ରୀ)

ସୁପ୍ରଲମ୍ଭ—ସଂ ବଣ (ସୁ+ପ୍ର+ଲଭ୍ ଧାତୁ+କର୍ମେ ଅ)—
Supralambha ସୁଲଭ୍ୟ (ସିଦ୍ଧାନ୍ତକୌମୁଦୀ)—
Easily available.

ସୁପ୍ରଲାପ—ସଂ. ବି (କର୍ମଧା)—ସୁବଚନ—
Supralāpa Good words.

ସୁପ୍ରଶସ୍ତ—ସଂ. ବଣ—ଅତି ବିସ୍ତୃତ; ସୁବିସ୍ତୃତ—
Supraśasta Very wide; very spacious.

ସୁପ୍ରସଙ୍ଗ—ସଂ. ବି—ଉତ୍ତମ ବିଷୟର ଚର୍ଚ୍ଚା—Discussion of
Suprasanga good matters.

ସୁପ୍ରସନ୍ନ—ସଂ. ବଣ. (ପୁଂ)—ଅତ୍ୟନ୍ତ ପ୍ରସନ୍ନ—
Suprasanna Very favourable.
(ସୁପ୍ରସନ୍ନା—ସ୍ତ୍ରୀ) ସଂ. ବି—କୁବେର (ଶବ୍ଦମାଳା)—
(ସୁପ୍ରସନ୍ନତା—ବି) The God of riches.

ସୁପ୍ରସନ୍ନକ—ସଂ. ବି—୧ । କୃଷ୍ଣାର୍ଜକ (ଶବ୍ଦକଳ୍ପଦ୍ରୁମ)—1. The
Suprasannaka black ginger plant. ୨ । ଏକ ପ୍ରକାର ବଣ ତୁଳସୀ—2. A plant; the black wild basil plant.

ସୁପ୍ରସବ—ସଂ. ବି—ସୁଖରେ ସନ୍ତାନ ଜାତ କରିବା—An easy or
Suprasaba painless delivery.

ସୁପ୍ରସରା—ସଂ. ବି—ପ୍ରସାରଣୀ ଲତା (ଶବ୍ଦକଳ୍ପଦ୍ରୁମ) (ଦେଖ)
Suprasarā Prasāriṇī latā (See)

ସୁପ୍ରସାଦ—ସଂ. ବି—୧ । ସୁପ୍ରସନ୍ନତା; ଅତ୍ୟନ୍ତ ପ୍ରସନ୍ନତା—
Suprasāda 1. Much favour; great favour.
୨ । (ବହୁବ୍ରୀହି) ଶିବ; ମହାଦେବ (ହିକାଣ୍ଡ ଶେଷ)—2. Siba.

ସୁପ୍ରସିଦ୍ଧ—ସଂ. ବଣ. (ପୁଂ)—ସୁଖ୍ୟାତ; ସୁବିଦିତ; ସର୍ବତ୍ର ପ୍ରସିଦ୍ଧ—
Suprasiddha Well known; celebrated.
(ସୁପ୍ରସିଦ୍ଧା—ସ୍ତ୍ରୀ) (ସୁପ୍ରସିଦ୍ଧି—ବି)

ସୁପ୍ରିମ୍ କୋର୍ଟ(ଟ୍)—ବୈଦେ. ବି (ଇଂ. ସୁପ୍ରିମ୍ କୋର୍ଟ୍)—
Suprim kot(rt) କଲିକତାରେ ଇଂରେଜ ଇଷ୍ଟ ଇଣ୍ଡିଆ
ସୁପ୍ରିମ୍ କୋର୍ଟ କମ୍ପାନିଙ୍କର ପ୍ରଥମ ପ୍ରତିଷ୍ଠିତ ଦେବାନି
सुप्रिम कोर्ट ଅଦାଲତ—The Supreme Court of Calcutta under the East India Company. [ଦ୍ର—ସୁପ୍ରିମ୍ କୋର୍ଟରେ ଅପିଲ୍ କର ଶୀଘ୍ର କପାଳ ଦେବ—ଫକୀରମୋହନ. ଛମାଣ ଅଠଗୁଣ ।] [ଦ୍ର—ଏହି ଅଦାଲତ ପ୍ରଥମେ ସଦର ଦେବାନୀ ଅଦାଲତ ଥିଲା, ପରେ ସୁପ୍ରିମ୍ କୋର୍ଟ ହେଲା; ବର୍ତ୍ତମାନ କଲିକତା ହାଇକୋର୍ଟରେ ପରିଣତ ହୋଇଅଛି ।]

ସୁପ୍ରିୟ—ସଂ. ବଣ (ପୁଂ)—ଅତି ପ୍ରିୟ—Much loved, beloved.
Supriya (ସୁପ୍ରିୟା—ସ୍ତ୍ରୀ)

ସୁଫଳ—ସଂ. ବି (କର୍ମଧା)—୧ । ସୁନ୍ଦର ଫଳ—1. Good fruit.
Suphala ୨ । ଅନନ୍ତକାଳର ଶେଷ ଫଳ—2. Good result. ୩ । କାର୍ଯ୍ୟସିଦ୍ଧି—3. Success. ୪ । କରକୋଳି; ବଦରି (ଶବ୍ଦକଳ୍ପଦ୍ରୁମ)—4. The jujube. ୫ । ମୁଗ (ଶବ୍ଦକଳ୍ପଦ୍ରୁମ)—5. A kind of pulse; Phaseolus Mungo. ୬ । ଶ୍ରୀଫଳ, ବେଲ (ଶବ୍ଦକଳ୍ପଦ୍ରୁମ)—6. The Marmalus fruit. ୭ । କପିତ୍ଥ; କଇଥ (ଶବ୍ଦଚନ୍ଦ୍ରିକା)—7. Wood apple. ୮ । ଡାଳିମ୍ବ (ଶବ୍ଦକଳ୍ପଦ୍ରୁମ)—9. Pomegranate. ୯ । କଣ୍ଟିକାର—9. Bastard oleander. ସଂ. (ସୁଫଳା—ସ୍ତ୍ରୀ) ବଣ (ବହୁବ୍ରୀହି)—୧ । ଉତ୍ତମ ଫଳଯୁକ୍ତ—1. Accompanied with good result or fruit. ୨ । କାର୍ଯ୍ୟସିଦ୍ଧିଯୁକ୍ତ—2. Blessed with success. ୩ । ସୁନ୍ଦର ଫଳ ଉତ୍ପାଦକ—3. Producing good fruit.

ସୁଫଳା—ସଂ. ବଣ (ବହୁବ୍ରୀହି)—ସୁଫଳର ସ୍ତ୍ରୀଲିଙ୍ଗ—Feminine
Suphalā of Suphala. [ଉ—ସୁଜଳା ସୁଫଳା; ଏ ଶସ୍ୟଶ୍ୟାମଳା ଧରା ପର ହାତେ ଦେଇ—ରାଧାନାଥ. ମହାଯାତ୍ରା ।] ସଂ. ବି—୧ । ଇନ୍ଦ୍ରବାରୁଣୀ; ମହାକାଳ (ଶବ୍ଦକଳ୍ପଦ୍ରୁମ)—1. Colocynth. ୨ । କୁଷ୍ମାଣ୍ଡ (ଶବ୍ଦକଳ୍ପଦ୍ରୁମ)—2. A kind of pumpkin.

୩ । ଗାମ୍ଭାରୀ; ଗମ୍ଭାରୀ (ରାଜନିର୍ଘଣ୍ଟ)—3. A timber tree; Gmelina Arborea. ୪ । କଦଳୀ (ରାଜନିର୍ଘଣ୍ଟ)—4. Banana. ୫ । କପିଳଦ୍ରାକ୍ଷା; ଦ୍ରାକ୍ଷାବିଶେଷ (ରାଜନିର୍ଘଣ୍ଟ)—5. A sort of grape.

ସୁଫାର(ରି)ଶ୍—ବୈଦେ. ବି (ଫା.)—ସୁପାରସ୍ (ଦେଖ)
Suphāra(ri)ś — Supāras (See).

ସୁଫୁଲବ—ପ୍ରାଦେ (ପୁରୀ) ବି. ଓ ବିଣ—ସୁଖ; ସୌଭାଗ୍ୟ; ମଙ୍ଗଳ; ଶୁଭ—Happiness; good fortune; bliss.
Suphulaba

ସୁଫେଦ୍—ବୈଦେ. ବିଣ (ଫା)—ସଫେଦ୍ (ଦେଖ)
Suphed — Saphed (See)

ସୁଫେନ—ସ. ବି—ସମୁଦ୍ରଫେନ (ଦେଖ)
Suphena — Samudraphena (See)

ସୁବ—ଗ୍ରା. ବି—ସ୍ରୁବ (ଦେଖ)—Sruba (See) ଗ୍ରା. ବି ଓ ବିଣ—ଶୁଭ (ଦେଖ)—Śubha (See)
Suba
শুভ শুভ

ସୁବଂଶ—ସ. ବି—୧ । ଉତ୍ତମ ବଂଶ—1. Good family. ୨ । (ନାମ) ଭାଗବତ ଅନୁସାରେ ବସୁଦେବଙ୍କ ଏକ ପୁତ୍ର (ହି. ଶ)—2. Name of a son of Basudeba.
Subamśa

ସୁବଂଶେକ୍ଷୁ—ସ. ବି—ଧଳା ଆଖୁ (ହି. ଶ)—
Subamśekshu — White sugarcane.

ସୁବକ୍ତା(ବାଗ୍ମୀ)—ସ. ବି. ପୁଂ—ବାଗ୍ମୀ—Orator.
Subaktā(bāgmī) (ସୁବକ୍ତ୍ରୀ, ସୁବାଗ୍ମିନୀ—ସ୍ତ୍ରୀ)

ସୁବକ୍ତ୍ର—ସ. ବି (କର୍ମଧା)—୧ । ସୁନ୍ଦର ମୁଖ—1. A nice face. ୨ । ବନବର୍ବର (ରାଜନିର୍ଘଣ୍ଟ)—2. A kind of wild basil plant. ୩ । ଶିବ (ହି. ଶ)—3. Śiba. ୪ । (ନାମ) ସ୍କନ୍ଦଙ୍କ ଅନୁଚରବିଶେଷ (ହି. ଶ)—4. Name of an attendant of Skanda. ୫ । ଦନ୍ତବକ୍ତ୍ରଙ୍କର ଏକ ପୁତ୍ର (ହି. ଶ)—5. Name of a son of Dantabaktra. ସ. (ସୁବକ୍ତ୍ରା—ସ୍ତ୍ରୀ ବିଣ) ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ମୁଖଯୁକ୍ତ—Having a nice face.
Subaktra

ସୁବକ୍ଷଃ—ସ. ବିଣ (ବହୁବ୍ରୀହି; ସୁ+ବକ୍ଷସ୍)—ସୁନ୍ଦର ବା ବିଶାଳ ବକ୍ଷୋବିଶିଷ୍ଟ—Having a broad breast.
Subakshah

ସୁବକ୍ଷା—ସ. ବି (ନାମ)—ମୟଦାନବଙ୍କ କନ୍ୟା ଓ ବିଜୟଙ୍କ ଓ ଭଦ୍ରାଙ୍କର ମାତା (ହି. ଶ)—
Subakshā — Name of the daughter of demon Maya.

ସୁଖବର—ଗ୍ରା. ବି—୧ । ଶୁଭ ଖବର—1. Good news. ୨ । କାହାର ସ୍ତ୍ରୀର ପ୍ରଥମ ରଜୋଦର୍ଶନ ସମ୍ବାଦ—2. The news of person's girl-wife having attained puberty.
Sukhabara
শুভ খবর सुखबर

ସୁବଚନ—ସ. ବି (କର୍ମଧା)—ସୁନ୍ଦର ବଚନ—
Subachana — Sweet or nice words.
(ସୁବଚନା—ସ୍ତ୍ରୀ· ବିଣ) ସ. ବିଣ ପୁଂ (ବହୁବ୍ରୀହି)—ସୁନ୍ଦର ବଚନଯୁକ୍ତ—Sweet speaking.

ସୁବଚନି—ଗ୍ରା. ବି. ସ୍ତ୍ରୀ (ସ. ଶୁଭଚଣ୍ଡୀ)—ଶୁଭଚଣ୍ଡୀ (ଦେଖ)—Śubhachaṇḍī (See) ଦେ. ବିଣ ସ୍ତ୍ରୀ—ସୁବଚନର ସ୍ତ୍ରୀଲିଙ୍ଗ—Feminine of Subachana.
Subachanī
সুবচনী बचनी

ସୁବଚାଃ—ସ. ବି. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସୁ+ବଚସ୍; ୧ମା ୧ବ)—ବାଗ୍ମୀ—Orator.
Subachāḥ

ସୁବ(ଡ଼ି)ଡ଼ିନେଟ୍—ବୈଦେ. ବିଣ (ଇଂ)—ସବଡ଼ିନେଟ୍ (ଦେଖ)—
Sub rḍi(rḍi)net — Sabarḍinet (See)

ସୁବଡ଼(ଡ଼ି)ନେଟ୍ ଜଜ୍—ବୈଦେ. ବି (ଇଂ)—ସବଡିନେଟ୍ ଜଜ୍; ସବଜଜ—Subordinate Judge; Sub-judge;
Subarḍi(rḍi)net jaj
সবার্ডীনেট জজ सबडिनेट जज

ସୁବଡ଼ିନେଟ୍ ସିଭିଲ୍ ସର୍ଭିସ୍—ବୈଦେ. ବି (ଇଂ)—ବ୍ୟବଅଧିନେଟ୍ ସିଭିଲ ସର୍ଭିସ—Subordinate civil service.
Subarḍinet sibhil sarbhis
সবার্ডীনেট সীভীল সর্ভিস सबडिनेट सिभिल सर्भिस

ସୁବଦନ—ସ. ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ମୁଖବିଶିଷ୍ଟ—Fairfaced. ସ. ବି—ବନତୁଳସୀ—Wild basil plant.
Subadana
(ସୁବଦନା—ସ୍ତ୍ରୀ ବିଣ) (ସୁବଦନୀ—ଦେ. ସ୍ତ୍ରୀ)

ସୁବ ଦେବା—ଗ୍ରା. କ୍ରି—ଶୁଭ ଦେବା (ଦେଖ)
Suba debā — Śubha debā (See)

ସୁ(ସୋ)ବ(ଭ)ନ୍ ଅ(ଆ)ଲ୍ଲା—ବୈଦେ. ଅ (ଅ· ସୁବହାନ୍ ଅଲ୍ଲା)—(ହର୍ଷ ବା ଅନୁମୋଦନ ପ୍ରକାଶ କରିବା ପାଇଁ ମୁସଲମାନଙ୍କ ବ୍ୟବହୃତ ବାକ୍ୟ)—୧ । ବାଃ ବାଃ !—1. Well done !. ୨ । ଧନ୍ୟ ଧନ୍ୟ !—2. Bravo !
S(so)b(bha)n a(ā)llā
শোভন আল্লা सुबहन अल्ला

ସୁବନ—ସ. ବି (ସୁ ଧାତୁ=ପ୍ରସବ କରିବା+କର୍ତ୍ତ୍ରି. ଅନ)—୧ । ସୂର୍ଯ୍ୟ (ଉଣାଦି କୋଷ)—1. The sun. ୨ । ଅଗ୍ନି (ଉଣାଦି କୋଷ)—2. Fire. ୩ । ଚନ୍ଦ୍ର (ଶବ୍ଦକଳ୍ପଦ୍ରୁମ)—3. The moon. ଗ୍ରା. ବି ଓ ବିଣ—ସୁବନ୍ୟ (ଦେଖ)—Subanya (See)
Subana

ସୁବନ୍ଧ—ସ ବି (ସୁ ଅଟେ ବନ୍ଧ ଯାହାର; ବହୁବ୍ରୀହି)—୧ । ତିଳ; ରାଶି (ଶବ୍ଦଚନ୍ଦ୍ରିକା)—1. Sessamum seed. ୨ । ଯତ୍ନ—2. Care.
Subandha

ସୁବନ୍ୟ—ଗ୍ରାମ୍ୟ. ବି (ସ. ସୁବର୍ଣ୍ଣ)—ସୁବର୍ଣ୍ଣ; ସୁନା—Gold. ଗ୍ରା. ବିଣ—ସୁନ୍ଦର ବର୍ଣ୍ଣବିଶିଷ୍ଟ—Of nice colour.
Subanya
সুবন্ন सुवन्य, सुबन्य (ସୁବନ୍ନ—ଅନ୍ୟରୂପ)

ସୁବ ପକା(କେ)ଇବା—ଦେ· କ୍ରି—ଶୁଭ ପକା(କେ)ଇବା (ଦେଖ)
Suba pakā(ke)ibā — Śubha pakā(ke)ibā (See)

ସୁବପୁଃ—ସ. ବିଣ. ପୁଂ ଓ ସ୍ତ୍ରୀ (ସୁ+ବପୁସ୍; ବହୁବ୍ରୀହି)—ସୁନ୍ଦର ଦେହବିଶିଷ୍ଟ—Having a good body.
Subapuḥ

ସୁବୟା—ସଂ. ବି. ସ୍ତ୍ରୀ (ସୁ+ବୟସ୍)—ପ୍ରୌଢ଼ା ସ୍ତ୍ରୀ (ହ୍ ଶ)—
Subayā A grown up or middle-aged woman.

ସୁବରନ—ଦେ. ବି (ପଦ୍ୟ;ସ. ସୁବର୍ଣ୍ଣ)—୧ । ସୁନା—1. Gold.
Subarana ୨ । ସୁନ୍ଦର ଶରୀର-ବର୍ଣ୍ଣ—2. Beautiful
ସ୍ବରନ **সুবরন** complexion. [ଦ୍ର—ସୁବରନକୁ ଚୋହର, ସୁବରନ ସର ନୋହୁଣ ଅନଳେ ଦଗ୍ଧହ ଚାର ଶରୀର—ଚବସୁର୍ଣ୍ଣ, ଲକ୍ଷ୍ମୀଗୀତ ।]

ସୁବର୍ଚ୍ଚକ—ସଂ ବି—ସାଜିମାଟି (କଠାଧର) (ଦେଖ)—
Subarchchaka Sājimāṭi (See)

ସୁବର୍ଚ୍ଚଳ—ସଂ ବି—କଳାଲୁଣ (ହ୍. ଶ)—
Subarchchala Black salt.

ସୁବର୍ଚ୍ଚଳା—ସଂ. ବି. ସ୍ତ୍ରୀ(ସୁ+ବର୍ଚ୍ଚ ଧାତୁ+ଅଳ+ଆ)—୧। ସୂର୍ଯ୍ୟ ପତ୍ନୀ
Subarchchalā (କିରଣ ଶେଷ)—1. Name of a wife of the Sun god. ୨ । ଅତସୀ (ରତ୍ନମାଳା) (ଦେଖ)—2. Atasī (See). ୩ । ସୂର୍ଯ୍ୟମୁଖୀ (ଫୁଲ) (ଶବ୍ଦକଳ୍ପଦ୍ରୁମ) (ଦେଖ)—3. Sūrjyamukhī (See). ୪ । ଅଣସୋରଷିଆ (ରାଜନିର୍ଘଣ୍ଟ) (ଦେଖ)—4. Aṇasorishiā (See) ୫ । ବ୍ରାହ୍ମୀ (ରାଜନିର୍ଘଣ୍ଟ) (ଦେଖ)—5. Brāhmī (See) ୬ । ଦେଶବିଶେଷ (ଶବ୍ଦକଳ୍ପଦ୍ରୁମ)—6. Name of a country.

ସୁବର୍ଚ୍ଚାଃ—ସଂ. ବିଣ. ପୁଂ ଓ ସ୍ତ୍ରୀ (ସୁ=ଶୋଭନ+ବର୍ଚ୍ଚସ୍=ତେଜ
Subarchchāḥ ଯାହାର; ବହୁବ୍ରୀହି)—ଶୋଭନ ତେଜୋବିଶିଷ୍ଟ; ତେଜସ୍ବୀ—Resplendent. ସଂ. ବି. ପୁଂ—୧ । (ନାମ) ଗରୁଡ଼ଙ୍କ ଏକ ପୁତ୍ର (ହ୍. ଶ)—1. The name of a son of Garurda. ୨। ସ୍କନ୍ଦଙ୍କ ଏକ ପାରିଷଦଙ୍କ ନାମ—2. Name of a courtier of Skanda. ୩ । ଧୃତରାଷ୍ଟ୍ରଙ୍କ ଏକ ପୁତ୍ରର ନାମ—3. Name of a son of Dhṛutarāshṭra. ୪ । ଦଶମ ମନୁଙ୍କ ଏକ ପୁତ୍ର (ହ୍. ଶ)—4. Name of a son of the 10th Manu.

ସୁବର୍ଚ୍ଚିକ—ସଂ. ବି—ସ୍ବର୍ଜିକା କ୍ଷାର (ରାଜନିର୍ଘଣ୍ଟ); ସାଜିମାଟି—
Subarchchika Natron.

ସୁବର୍ଚ୍ଚିକା—ସଂ. ବି—୧ । ଜତୁକା (ରାଜନିର୍ଘଣ୍ଟ) (ଦେଖ)—
Subarchchikā 1. Jatukā (See) ୨ । ସର୍ଜ୍ଜୀ; ସାଜିମାଟି—2. Rhesoil.

ସୁବର୍ଚ୍ଚୀ—ସଂ. ବି (ସୁ+ବର୍ଚ୍ଚସ୍+ଇନ୍=ସୁବର୍ଚ୍ଚିନ୍; ୧ମା. ୧ବ)—
Subarchchī ସ୍ବର୍ଜିକାକ୍ଷାର (ରାଜନିର୍ଘଣ୍ଟ)—Natron.

ସୁବର୍ଣ୍ଣ—ସଂ. ବି (ସୁ ଅଟେ ବର୍ଣ୍ଣ ଯାହାର; ବହୁବ୍ରୀହି)—୧। ପ୍ରସିଦ୍ଧ ହରିଦ୍ରା-
Subarṇṇa ବର୍ଣ୍ଣ ବହୁମୂଲ୍ୟ ଧାତୁ; ସୁନା—1. Gold; Aurum.
ସୋନା [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ଗୁଣ :—ସ୍ନିଗ୍ଧତ୍ୱ,
সোনা କଷାୟତ୍ୱ, ତିକ୍ତତ୍ୱ, ମଧୁରତ୍ୱ, ଦୋଷ-
ପା. ଜଲ୍ଜର୍ ତ୍ରୟନାଶକତ୍ୱ, ଶୀତତ୍ୱ, ସ୍ୱାଦୁତ୍ୱ,
ଅ. ଜହବ ରସାୟନତ୍ୱ, ରୁଚିକାରତ୍ୱ, ଚକ୍ଷୁଷ୍ୟତ୍ୱ, ଅଲ୍ପବାତତ୍ୱ, ପ୍ରଜ୍ଞାବଳବୀର୍ଯ୍ୟସ୍ମୃତିକାରିତ୍ୱ । ଏହା ଦେହରେ ଧାରଣ କଲେ କାନ୍ତି ବଢ଼େ, ଦୁରିତ କ୍ଷୟ ହୁଏ ଓ ଲକ୍ଷ୍ମୀବୃଦ୍ଧି ହୁଏ ।

ସୁବର୍ଣ୍ଣଖଣ୍ଡ ସହିତ ଜଳଦାନ କଲେ ନାନା ଦୁରିତ ଓ ପାପ କ୍ଷୟ ହୁଏ ।

ଅଗ୍ନିରେ ପୋଡ଼ିଲେ ଏହାର ତେଜ ବଢ଼େ । ଯେଉଁ ସୁବର୍ଣ୍ଣ ପୋଡ଼ିଲେ ରକ୍ତବର୍ଣ୍ଣ, ଛେଦିଲେ ଶ୍ୱେତବର୍ଣ୍ଣ ଓ କଷିଲେ କୁଙ୍କୁମ ପରି ଦେଖାଯାଏ ତାହା ଉତ୍କୃଷ୍ଟ । ସୁବର୍ଣ୍ଣକୁ ଜାରିତ କରି ଭସ୍ମ କଲେ ଓ ଔଷଧରେ ପ୍ରୟୋଗ କଲେ ଏହା ଦେହର ନାନା ଅସାଧ ରୋଗ ନିବାରଣ କରେ । ସୁନାରେ ଖୁବ୍ ସରୁ ପତର ଓ ତାର ହୁଏ ।]

ଅନ୍ୟ ସଂସ୍କୃତ ନାମ—
କନକ, ହିରଣ୍ୟ, ହେମ, ହାଟକ, ତପନୀୟ, ଶାତକୁମ୍ଭ, ଗାଙ୍ଗେୟ, ଭର୍ମ, କର୍ବୁର, ଚାମୀକର, ଜାତରୂପ, କାଞ୍ଚନ, ମହାରଜତ, ରୁକ୍ମ, କାର୍ତ୍ତସ୍ୱର, ଜାମ୍ବୁନଦ, ଅଷ୍ଟାପଦ (ଅମର), ଶାତକୌମ୍ଭ, ରୁକ୍ମ (ଅମର ଟୀକା), ଉଦ୍ଧ, ଭୂରି, ପିଞ୍ଜର, ଦ୍ରବିଣ, ଗୈରିକ, ଶୃଙ୍ଗୀ, ବସୁ, ଚନ୍ଦ୍ର, କଳଧୌତ (କଠାଧର), ଅର୍ଜୁନ, ଅଗ୍ନିବୀଜ, ଲୋହବର, ଉଜ୍ଜ୍ୱଳ, ମହାଧାତୁ (ଶବ୍ଦ ରତ୍ନାବଳୀ), ଉଜ୍ଜ୍ୱଳ, କଲ୍ୟାଣ, ମନୋହର, ଅଗ୍ନିଶିଖ, ଅଗ୍ନି, ଭାସ୍ୱର, ପିଙ୍ଗାନ, ଅପିଞ୍ଜର, ତେଜ, ଦୀପ୍ତ, ଅଗ୍ନିଜ, ସପ୍ରଭ, ମଙ୍ଗଳ, ସୌମଙ୍ଗଳ, ଭଙ୍ଗାର, ଜାମ୍ବବ, ଆଗ୍ନେୟ, ରସ, ଅଗ୍ନିଶିଖ (ଶବ୍ଦ କଳ୍ପଦ୍ରୁମ), ସ୍ୱର୍ଣ୍ଣ ।

୨ । ବସ୍ତୁ; ୧୬ ମଷା ବା ଅଶୀତି ରତିକା ପରିମିତ ସ୍ୱର୍ଣ୍ଣ (ଅମର)—2. Gold weighing 80 grains. ୩ । କର୍ଷ ପରିମିତ ସୁବର୍ଣ୍ଣ (ଖ୍ୟାଲାବଳୀ, ମେଦିନୀ)—3. Gold weighing one Karsha. ୪। କର୍ଷ ପରିମାଣ (ବୈଦିକ ପରିଭାଷା)—4. A standard weight of one Karsha. ୫ । ଯଜ୍ଞ ବିଶେଷ (ମେଦିନୀ)—5. Name of a Vedic sacrifice. ୬ । ଧତୁରା (ଅମର) (ଦେଖ)—6. Dhaturā. (See) ୭ । ଜଣ-ଗୁଗୁଲ (ରାଜ ନିର୍ଘଣ୍ଟ)—7. A species of Bdellium. ୮ । ସମ୍ପତ୍ତିଃ ଧନ—8. Riches ୯ । ସ୍ୱର୍ଣ୍ଣମୁଦ୍ରା; ମୋହର—7. Good coin. ୧୦ । ସୁନ୍ଦର ବର୍ଣ୍ଣ (ଶବ୍ଦ ରତ୍ନାବଳୀ)—10. Fine colour. (ଦ୍ର—ବ୍ୟବସ୍ଥିତେ ଦୁର୍ବର୍ଣ୍ଣ କରିଦେଲ ସୁବର୍ଣ୍ଣ ପାରସ ମିଶି ଯିନ ପନ ସେ । ଭକ୍ତ, ବୈଦେହୀଶବିଳାସ ।) ୧୧ । ଦଶ ମଷା ଓଜନର ପ୍ରାଚୀନ କାଳର ଏକ ସ୍ୱର୍ଣ୍ଣ ମୁଦ୍ରା (ହ୍.ଶ)—11. An ancient gold coin weiguing 10 Masās. ୧୨ । ସ୍ୱର୍ଣ୍ଣ ଗୈରିକ (ହ୍. ଶ)—12. Yellow ochre. ୧୩ । ହରିଚନ୍ଦନ (ହ୍. ଶ)—13. Yellow sandal wood. ୧୪ । ନାଗ କେଶର (ହ୍. ଶ)—14. Mesua Ferra. ୧୫। ହଳଦୀ (ହ୍. ଶ)—15. Turmeric. ୧୬ । ହଳଦିଆ ଧାତୁର (ହ୍. ଶ) 16. Yellow-flowered Duatura. ୧୭ । ହଳଦିଆ ସୋରିଷ (ହ୍. ଶ)—17, Yellow rye.

୧୮ । (ନାମ) ଦଶରଥଙ୍କର ଏକ ମନ୍ତ୍ରୀ (ହ. ଶ)—18. Name of a minister of King Daśaratha. ୧୯ । (ନାମ) ମୁନି ବିଶେଷ (ହ. ଶ)—19. Name of an ancient sage. ବି. ବିଣ—୧ । ସୁନ୍ଦର ବର୍ଣ୍ଣବିଶିଷ୍ଟ—1. Of nice colour. ୨ । ସୁନାପରି ବର୍ଣ୍ଣବିଶିଷ୍ଟ—2. Of golden colour. ୩ । (ଅନ୍ୟ ଶବ୍ଦ ପୂର୍ବେ ସମାସରେ) ସୁନାରେ ତିଆରି—
स्वर्ण 3. Made of gold. ଦେ· ବି—୧ । ଉତ୍ତମ ଅକ୍ଷର—
सुवर्णा 1. Good letters. [ଉ—ବାଣିଜ୍ୟ କରିବା ଯେହ୍ନେ ସୁବର୍ଣ୍ଣରେ ନାଶ ହୋଇବ କୁପାହା । ଭଞ୍ଜ. ବୈଦେହୀଶବିଳାସ ।] ୨ । ଉତ୍ତମ ଜାତି—2. Good caste.

ସୁବର୍ଣ୍ଣକ—ସଂ. ବି (ସୁବର୍ଣ୍ଣ+କ)—୧ । ସୁନା—1. Gold. ୨ ।
Subarnnaka ପିତ୍ତଳ—2. Brass. ୩ । ସୁନା ଓଜନର ପ୍ରାଚୀନମାନ ବିଶେଷ; ୧କର୍ଷ—3. A standard of weight of gold. ୪ । ସୁନାରି ଗଛ (ଦେଖ)—4. Cassia Fistula. ୫ । ସ୍ୱର୍ଣ୍ଣକ୍ଷୀରୀ (ଦେଖ) (ହ· ଚ)—5. Swarnna kshiri (See) ସଂ· ବିଣ—ସୁବର୍ଣ୍ଣ (ଦେଖ)—S ubarnna (See)

ସୁବର୍ଣ୍ଣ କଦଳୀ (ଫଳ)—ସଂ· ବି—କଦଳୀ ବିଶେଷ; ଚମ୍ପାକଦଳୀ—
Subarnna kadali (phala) A kind of sweet-scented banana or plantain eaten when ripe. [ଦ୍ର—ଏହାର ଗୁଣ—ମଧୁରତ୍ୱ, ହିମତ୍ୱ, ଅଳ୍ପ ପରିମାଣରେ ଖାଇଲେ ଦୀପକାରିତ୍ୱ, ତୃଷ୍ଣାଦାହନାଶିତ୍ୱ, କଫାବହତ୍ୱ, ଗୁରୁତ୍ୱ, ବୃଷ୍ୟକାରିତ୍ୱ (ରାଜନିଘଣ୍ଟୁ) ।]
ଅନ୍ୟ ସଂ. ନାମ—କନକମୋଚ୍, ପୀତା, ଚମ୍ପକରମ୍ଭା, ସୁରଭିକା, ସୁଭଗା, ହେମଫଳା, ସ୍ୱର୍ଣ୍ଣଫଳା, କନକରମ୍ଭା, ପୀତରମ୍ଭା, ଗୌରା, ଗୌରରମ୍ଭା, କାଞ୍ଚନ କଦଳୀ, ସୁରୂପିଣୀ ।

ସୁବର୍ଣ୍ଣ କମଳ (ପଦ୍ମ)—ସଂ· ବି—ରକ୍ତବର୍ଣ୍ଣ ପଦ୍ମ; ନାଲିକଇଁ—
Subarnna kamala (padma) The red lotus or lily.

ସୁବର୍ଣ୍ଣ କର୍ଷ—ସଂ. ବି—୧୬ ମଷା ଓଜନର ପ୍ରାଚୀନ ସ୍ୱର୍ଣ୍ଣମାନ—
Subarnna karsha A standard of weight of gold in ancient times.

ସୁବର୍ଣ୍ଣ କାର (କର୍ତ୍ତା, କୃତ୍)—ସଂ· ବି—ସ୍ୱର୍ଣ୍ଣକାର; ସୁନାରିବଣିଆ
Subarnna kāra (kartta, krut) (ହଳାୟୁଧ)—Goldsmith.

ସୁବର୍ଣ୍ଣକୁଳୀ—ସଂ· ବି—ମହା ଜ୍ୟୋତିଷ୍ମତୀ (ରାଜନିଘଣ୍ଟୁ) (ଦେଖ)
Subarnnakuli Mahājyotishmati. (See)

ସୁବର୍ଣ୍ଣ କେତକୀ—ସଂ. ବି—କେତକୀ ଫୁଲ ଓ ଗଛ—The yellow-
Subarnna ketaki flowered variety of Paddanus Odoratissimus. [ଦ୍ର—ଏହା କେଉଡ଼ା, କେୟା ଚକ୍ଷୁରସ, କୃଷ୍ଣବର୍ଣ୍ଣ, ଚକ୍ଷୁ ହିତକର ।] ଦେ· ବି—
केवड़ा; पीलीकेतकी ଏକପ୍ରକାର ସରୁଧାନ—A species of fine paddy. [ଦ୍ର—ଏଥିର ଗୁଣ୍ଡିଳ ଧଳା ଓ ଲମ୍ବ ।]
ଅ. ଦୋସ
କେ. ମୋଗଲିଚୋଳ

ସୁବର୍ଣ୍ଣ କେଶରୀ—ଦେ· ବି (ନାମ)—ଓଡ଼ିଶାର କେଶରୀ ବଂଶର ଶେଷ
Subarnna keśari ରାଜା—The last king of the 'Keśari' dynasty of Orissa. [ଦ୍ର—ଏହାଙ୍କର ଅନ୍ୟ ନାମ ସିନ୍ଧେଶ୍ୱର କେଶରୀ ବା ଶୂନ୍ୟ କେଶରୀ । ଏ ୧୪୧୯ ରୁ ୧୨୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ସୁବର୍ଣ୍ଣ ଖଚିତ—ସଂ· ବିଣ (ଭୂଷଣାଦି ତତ୍)—ସ୍ୱର୍ଣ୍ଣ ଜଡ଼ିତ; ଯାହାର
Subarnna khachita ମଝିରେ ମଝିରେ ସୁନା ବସା ହୋଇଅଛି—(ornament etc) Set with gold.

ସୁବର୍ଣ୍ଣ ଗୈରିକ—ସଂ· ବି—୧ । ଗୈରିକ ଭେଦ; ଦଳ ମାଟି; ହଳଦିଆ
Subarnna gairika ଗେରୁ—1. A sort of yellow earth; yellow ochre. [ଦ୍ର—ଏଥିର ଗୁଣ—ମଧୁରତ୍ୱ, ଶୀତତ୍ୱ, କଷାୟତ୍ୱ, ବ୍ରଣରୋପଣତ୍ୱ, ବସ୍ତ୍ରୋଦ୍ଧାରଶୋଗ୍ଦାହଘ୍ନତ୍ୱ (ରାଜନିଘଣ୍ଟୁ) । ଏହାର ଚୂର୍ଣ୍ଣ ମଧୁ ସହିତ ଲେହନ କଲେ ଶିଶୁମାନଙ୍କର ହିକ୍କା ଆଶୁ ପ୍ରଶମିତ ହୁଏ ।] ୨ । ଲାଲ ଗେରୁ (ହ. ଶ)—2. Red ochre.
ଅନ୍ୟ ସଂ. ନାମ—ସ୍ୱର୍ଣ୍ଣଧାତୁ, ସୁରକ୍ତକ, ସନ୍ଧ୍ୟାଭ୍ର, ବଭ୍ରୁଧାତୁ, ଶିଳା ଧାତୁ
ଓ. ହଳଦିଆ ଗେରୁ
हलदे गौरीमाटि
पीतगेरु

ସୁବର୍ଣ୍ଣ ଗୌର—ସଂ. ବିଣ—ସୁନା ପରି ଗୌର ବର୍ଣ୍ଣ ଶରୀର ବିଶିଷ୍ଟ—
Subarnna gaura With the skin of the colour of gold.
(ସୁବର୍ଣ୍ଣ ଗୌରୀ—ସ୍ତ୍ରୀ)

ସୁବର୍ଣ୍ଣଘ୍ନ—ସଂ. ବି (ସୁବର୍ଣ୍ଣ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Subarnnaghna ରଙ୍ଗ ଧାତୁ (ହ. ଶ)—Tin.

ସୁବର୍ଣ୍ଣ ଚୌର(ସ୍ତେୟୀ)—ସଂ. ବି—ସୁନା ଚୋର; ସୁନା ଚୋରି କରିବା
Subarnna chaura(steyi) ବ୍ୟକ୍ତି—One who steals gold.

ସୁବର୍ଣ୍ଣ ଚୌର୍ଯ୍ୟ(ସ୍ତେୟ)—ସଂ. ବି—ସୁନା ଚୋରି କରିବା—Theft
Subarnna chaurjya(steya) of gold.

ସୁବର୍ଣ୍ଣ ଜାତି—ସଂ. ବି—ହଳଦିଆ ଜାଇ ଫୁଲ—A sort of
Subarnna jāti yellow jasmine.

ସୁବର୍ଣ୍ଣ ଜୀବକ—ସଂ. ବି (ସୁବର୍ଣ୍ଣ+ଜୀବ୍ ଧାତୁ=ବଞ୍ଚିବା+କର୍ତ୍ତୃ. ଣକ୍
Subarnna jibika +ସ୍ୱାର୍ଥେ· କ)—୧ । ସୁନାରି ବଣିଆ—1. Goldsmith. [ଦ୍ର—ପଦ୍ମପୁରାଣ ପଦ୍ମଖଣ୍ଡରେ ଲେଖା ଅଛି ଯେ—
ଗାନ୍ଧିକ—ଗନ୍ଧ, ଚନ୍ଦନ ଧୂପାଦି ଦ୍ରବ୍ୟ ବିକ୍ରୟୀ ଜାତିବ; ଗନ୍ଧ ବଣିଆ ।
ଶାଙ୍ଖିକ—ମୁନି ଚକ୍ରୀମାନଙ୍କୁ ଶଙ୍ଖ ଯୋଗାଇବା ବ୍ୟକ୍ତି; ଶଙ୍ଖାରୀ ।
କାଂସ୍ୟକ—କଂସା ତିଆରି କଲା ବାଲା; କଂସାରି ।]

ମଣି କାଞ୍ଚନ—ମଣିମୁକ୍ତା ଖଚିତ୍ର ଅଳଙ୍କାର ।
ସୁବର୍ଣ୍ଣ ଖଚିତ—ସୁନାର ବଣିଆ ।
ଏ ଅର୍ଥ କାଞ୍ଚନକୁ ବଣିଆ ବୋଲଯାଏ ।] ୨ । ସ୍ୱର୍ଣ୍ଣ ବ୍ୟାପାରକାରୀ ପ୍ରାଚୀନ ବର୍ଣ୍ଣସଙ୍କର ଜାତି ବିଶେଷ (ହି· ଶ) —2. An ancient hybrid caste dealing in gold.

ସୁବର୍ଣ୍ଣ ତଟିନୀ—ଦେ. ବି—ସୁବର୍ଣ୍ଣ ରେଖା ନଦୀ—The river Subarnna tat'ni Subarnnarekhā. [ଦ୍ର—ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣ ତଟିନୀ, ଋଷିକୁଲ୍ୟା ଏ ସୁର ଦେଶର ଭଗିନୀ । ରାଧାନାଥ, ଜନ୍ମଭୂମିକ ।]

ସୁବର୍ଣ୍ଣ ଦୀଧିତି—ସଂ. ବି (ସୁବର୍ଣ୍ଣ ପରି ଦୀଧିତି=କିରଣ ଯାହାର)—Subarnna didhiti ଅଗ୍ନିଦେବ—The God of fire. [ଦ୍ର—ଏବେ ଏବେ ତାଙ୍କ ଦେହ ସୁବର୍ଣ୍ଣଦୀଧିତି, ଶୈଳରେ ଚଡ଼ାଇ ଦେଇ କହିଲେ ଏସନ । ରାଧାନାଥ. ମହାଯାତ୍ରା ।]

ସୁବର୍ଣ୍ଣ ଦ୍ୱୀପ(ଭୂମି)—ସଂ. ବି—ସୁମାତ୍ରା ଦ୍ୱୀପର ପ୍ରାଚୀନ ନାମ (ହି.ଶ)—Subarnna dwipa(bhūmi) The ancient name of Sumatra island.

ସୁବର୍ଣ୍ଣ ଧେନୁ—ସଂ. ବି—ଦାନାର୍ଥ ସ୍ୱର୍ଣ୍ଣ ନିର୍ମିତ ଗୋ ମୂର୍ତ୍ତି—Subarnna dhenu An image of cow prepared for giving to Brahmans.

ସୁବର୍ଣ୍ଣ ପକ୍ଷ—ସଂ. ବି—୧ । ସୁନାର ଡେଣା ପକ୍ଷ—1. Golden Subarnna paksha wing. ୨ । (ବହୁବ୍ରୀହି) ଗରୁଡ଼ (ହି· ଶ)—2. Garurda. ସଂ. ବିଣ. (ବହୁବ୍ରୀହି)—ସୁନାର ପକ୍ଷ ବିଶିଷ୍ଟ—Golden-winged.

ସୁବର୍ଣ୍ଣ ପଦ୍ମା—ସଂ.ବି(ବହୁବ୍ରୀହି;ସୁବର୍ଣ୍ଣ+ପଦ୍ମ+ଆ)ସ୍ୱର୍ଗଗଙ୍ଗା (ହି.ଶ)—Subarnna padmā The heavenly Ganges.

ସୁବର୍ଣ୍ଣ ପୁର—ଦେ. ବି—୧ । କଟକ ଜିଲ୍ଲାର ବାଙ୍କି ଅନ୍ତର୍ଗତ ଗୋଟିଏ Subarnna pura ବଡ଼ ଗ୍ରାମ—1. Name of a village স্বর্ণ পুর of Bānki of the district of Cuttack. সুবর্ণপুর [ଦ୍ର—ଏହା ଅଂଶୁପା ହ୍ରଦ ନିକଟରେ ଅବସ୍ଥିତ । ଅଂଶୁପା ହ୍ରଦରେ ଯେତେ ପଦ୍ମଫୁଲ ଓ ଶିଂଘଡ଼ା ଅଛି, ଅନ୍ୟତ୍ର ତାହା ଦେଖାଯାଏ ନାହିଁ । ଯଜ୍ଞଶାଳା ମୁଣ୍ଡିଆ ଏହାର ନିକଟରେ ଦର୍ଶନୀୟମାନ ।] ୨ । ସୋନପୁର (ଦେଖ)—2. Sonapura (See)

ସୁବର୍ଣ୍ଣ ପୁଷ୍ପ—ସଂ. ବି—ବଡ଼ ସେବତୀ ଫୁଲ; ରାଜତରୁଣୀ (ରାଜନିର୍ଘଣ୍ଟ)—Subarnna pushpa The large muskrose.

ସୁବର୍ଣ୍ଣ ପ୍ରତିମା—ସଂ. ବି (ମ. ଧ. ଲୋ)—ସ୍ୱର୍ଣ୍ଣ ନିର୍ମିତ ମୂର୍ତ୍ତି—Subarnna pratimā Golden image.

ସୁବର୍ଣ୍ଣ ପ୍ରସର(ବ)—ସଂ. ବି—ଏଳବାଳୁକ (ଦେଖ) Subarnna prasara(ba) Elabāluka (See)

ସୁବର୍ଣ୍ଣ ପ୍ରସୂ—ସଂ. ବିଣ (ସୁବର୍ଣ୍ଣ+ପ୍ର+ସୂ ଧାତୁ +କର୍ତ୍ତୃ. କ୍ୱିପ୍)—Subarnna prasū ଯାହା ସୁନା ଉତ୍ପାଦନ କରେ—Producing gold.

ସୁବର୍ଣ୍ଣ ବଣିକ୍—ସଂ· ବି (ସୁବର୍ଣ୍ଣ+ବଣିକ୍; ୧ମା. ୧ବ)—୧ । ସୁନାରୀ Subarnna banik ବଣିଆ—1. Goldsmith. ୨ । ହୃଦୁ সোনার বেনে ବର୍ଣ୍ଣସଙ୍କର ଜାତିବିଶେଷ—2. A hybrid caste. [ଦ୍ର—ଏମାନେ ଅମ୍ବଷ୍ଠ ମାତା ଓ ବୈଶ୍ୟ ପିତାଠାରୁ ଜାତ ସନ୍ତାନ ଓ ମତାନ୍ତରେ କାଂସ୍ୟକାର ପିତା ଓ ମଣିକାର ମାତାଙ୍କଠାରୁ ଜାତ ସନ୍ତାନ ।]

ସୁବର୍ଣ୍ଣ ବର୍ଣ୍ଣ—ସଂ. ବି (ମ. ଧ. ଲୋ; ସୁବର୍ଣ୍ଣ ସଦୃଶ ବର୍ଣ୍ଣ)—୧ । ସୁନା Subarnna barnna ପରି ବର୍ଣ୍ଣ ବା ରଙ୍ଗ—1. Golden colour. ୨ । (ବହୁବ୍ରୀହି) ବିଷ୍ଣୁ ସହସ୍ରନାମୋକ୍ତ ବିଷ୍ଣୁଙ୍କର ଗୋଟିଏ ନାମ—2. A name of Bishnu. (ସୁବର୍ଣ୍ଣ ବର୍ଣ୍ଣା—ସ୍ତ୍ରୀ) ବିଣ ପୁଂ (ବହୁବ୍ରୀହି)—ସୁନା ପରି ବର୍ଣ୍ଣବିଶିଷ୍ଟ; ହେମାଙ୍ଗ; ସୁନେଲି—Of golden colour.

ସୁବର୍ଣ୍ଣ ବର୍ଣ୍ଣା—ସଂ. ବିଣ—ସୁବର୍ଣ୍ଣ ବର୍ଣ୍ଣର ସ୍ତ୍ରୀଲିଙ୍ଗ—Feminine of Subarnna barnnā Subarnna barnna. ବି—(ବହୁବ୍ରୀହି)—ହରିଦ୍ରା; ହଳଦୀ—Turmeric.

ସୁବର୍ଣ୍ଣ ବିନ୍ଦୁ—ସଂ. ବି—ବିଷ୍ଣୁ (ହେମରାଜ)—Subarnna bindu A name of Bishnu.

ସୁବର୍ଣ୍ଣ ଭସ୍ମ—ସଂ. ବି—ସ୍ୱର୍ଣ୍ଣ ଭସ୍ମ (ଦେଖ)—Subarnna bhasma Swarnna bhasma (See)

ସୁବର୍ଣ୍ଣମୟ—ସଂ, ବି (ସୁବର୍ଣ୍ଣ+ବିକାରାର୍ଥରେ ମୟ)—୧ । ସ୍ୱର୍ଣ୍ଣନିର୍ମିତ—Subarnnamaya 1. Made of gold. ୨ । ସୁବର୍ଣ୍ଣରେ ପୂର୍ଣ୍ଣ—2. Full of gold. (ସୁବର୍ଣ୍ଣମୟୀ—ସ୍ତ୍ରୀ)

ସୁବର୍ଣ୍ଣ ମାକ୍ଷୀ(ମାକ୍ଷିକ)—ଦେ. ବି—ସ୍ୱର୍ଣ୍ଣମାକ୍ଷିକ (ଦେଖ) Subarnna mākshī(mākshika) Swarnna mākshika (See)

ସୁବର୍ଣ୍ଣ ମାସକ—ସଂ. ବି—ପ୍ରାଚୀନ କାଳରେ ସୁନା ଓଜନ କରିବାର Subarnna māsaka ଧାନ ଓଜନର ମାନବିଶେଷ (ହି· ଶ)—An ancient standard of weight for gold.

ସୁବର୍ଣ୍ଣ ମିତ୍ର—ସଂ. ବି (ଷଷ୍ଠୀ ତତ୍; ଏଥିର ସହାୟତାରେ ସୁନା ତରଳ Subarnna mitra ହୋଇ ଯାଏ)—ସୋହାଗା—Borax.

ସୁବର୍ଣ୍ଣମୁଖୀ—ଦେ· ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ (ଭାରତର Subarnnamukhī ପ୍ରାଚୀନ କାହାଣୀ)—Name of an স্বর্ণমুখী ancient Indian ship.

ସୁବର୍ଣ୍ଣ ମୁଣ୍ଡି—ପ୍ରାଦେ (ଗଡ଼ଜାତ) ବି—କଳରବକାରୀ ପକ୍ଷୀବିଶେଷ—Subarnna mundi A kind of sweet-singing (ସୁନା ମୁଣ୍ଡି—ଅପଭ୍ରଂଶ) bird. [ଦ୍ର—ଏହି ପକ୍ଷୀର ନାମରୁ ବାମଣ୍ଡାର ସୁନାମୁଣ୍ଡା ପର୍ବତର ନାମ ହୋଇଅଛି । ଏହି ପକ୍ଷୀର ମୁଣ୍ଡ ହଳଦିଆ ।—ବଳଦେବ· ଗ୍ରନ୍ଥାବଳୀ ।]

ସୁବର୍ଣ୍ଣ ମୋଚ୍ଛ(ରମ୍ଭା)—ସଂ· ବି—ସୁବର୍ଣ୍ଣ କଦଳୀ (ଦେଖ)—Subarnna mochā(rambhā) Subarnna kadal (See)

ସୁବର୍ଣ୍ଣ ଯୂଥିକା (ଯୂଥୀ) —ସଂ. ବି—ପୀତବର୍ଣ୍ଣ ଯୂଇଫୁଲ; ପୀତଯୂଥୀ; ସ୍ୱର୍ଣ୍ଣ-ଯୂଇ; ହଳଦିଆ ଯୂଇ—
Subarnna jūthikā(jūthī) Yellow species of Jasminum Revolutum. [ଦ୍ର—ଏଥିର ଗୁଣ ସ୍ୱାଦୁତ୍ୱ, ଶିଶିରତ୍ୱ, ପିତ୍ତଦାହକୁଷ୍ଠାନିବାରକତ୍ୱ, କଫଦୋଷନାଶକତ୍ୱ, ତ୍ରଣାସ୍ୟମୁଖ ଦନ୍ତାକ୍ଷି-ଶିରୋରୋଗବିଷାପହତ୍ୱ—ଭାବପ୍ରକାଶ, ରାଜନିର୍ଘଣ୍ଟ ।]
ଅନ୍ୟ ସଂ. ନାମ—ସୁଗନ୍ଧା, ହେମଯୂଥିକା, ସ୍ୱର୍ଣ୍ଣଯୂଥିକା, ହେମପୁଷ୍ପିକା, ରକ୍ତଗନ୍ଧା, ଶିଖଣ୍ଡୀ, ନାଗପୁଷ୍ପିକା, ହରିଣୀ, ପୀତମଲ୍ଲୀ, ପୀତିକା, କନକପ୍ରଭା, ମନୋହରା, ଗନ୍ଧାଢ୍ୟା।
पीतयूई, स्वर्णयूई সোনজুহী

ସୁବର୍ଣ୍ଣରୂପ୍ୟକ—ସଂ. ବି—ସୁମାତ୍ରା ଦ୍ୱୀପର ପ୍ରାଚୀନ ନାମ (ହି. ଶ)—
Subarnnarūpyaka An ancient name of Sumatra island.

ସୁବର୍ଣ୍ଣରେଖା—ଦେ. ବି—୧ । ଓଡ଼ିଶା ମଧ୍ୟ ଦେଇ ପ୍ରବାହିତ ହେଉଥିବା ନଦୀବିଶେଷ—1. Name of a river flowing through Orissa. [ଦ୍ର—ଏହା ଛୋଟନାଗପୁରରୁ ବାହାରି ମାନଭୂମ, ସିଂହଭୂମି ଓ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପଡ଼ିଅଛି । ପୂର୍ବେ ଏହାର ବାଲିରୁ ସୁନା ମିଳୁଥିବାରୁ ଏହାର ଏହି ନାମ ହୋଇଅଛି । ଜଲେଶ୍ୱର ଏହି ନଦୀତୀରରେ ଅବସ୍ଥିତ ।] ୨ । ଓଡ଼ିଶା କୂଳର ପ୍ରାଚୀନ ବନ୍ଦରବିଶେଷ—2. Name of an ancient sea port in the coast of Orissa. ୩ । ଗଞ୍ଜାମ ଜିଲ୍ଲାରେ ମିଳୁଥିବା ସିନ୍ଦୁରିଆ ଆମ୍ବବିଶେଷ—3. Name of a reddish coloured mango produced in Ganjām. ୪ । ଉପେନ୍ଦ୍ର ଭଞ୍ଜକୃତ କ୍ଷୁଦ୍ର କାବ୍ୟ ବିଶେଷ —4. Name of a small poem by Bhañja.
Subarnnarekhā
स्वर्णरेखा সুবর্ণরেখা

ସୁବର୍ଣ୍ଣରେତା—ସଂ. ବି (ସୁବର୍ଣ୍ଣରେତସ୍ ; ୧ମା. ୧ବ)—ଶିବ (ହି. ଶ) —Śiba.
Subarnnaretā

ସୁବର୍ଣ୍ଣରୋମା—ସଂ. ବି (ବହୁବ୍ରୀହି; ସୁବର୍ଣ୍ଣ ପରି ରୋମର ବର୍ଣ୍ଣ ଯାହାର)—ମେଣ୍ଢା (ହି. ଶ)—Ram. ସଂ. ବିଣ—ପୀତାଭ ଲୋମବିଶିଷ୍ଟ—Having golden wool or fleece.
Subarnnaromā

ସୁବର୍ଣ୍ଣଲତା—ସଂ. ବି—ଜ୍ୟୋତିଷ୍ମତୀଲତା (ଦେଖ) (ହି. ଶ) Jyotishmatīlatā (See)
Subarnnalatā

ସୁବର୍ଣ୍ଣଶ୍ରୀ—ସଂ ବି (ନାମ)—ଆସାମ ପ୍ରଦେଶରେ ବହୁଥିବା ବ୍ରହ୍ମପୁତ୍ରର ମୁଖ୍ୟ ଶାଖା ନଦୀ (ହି. ଶ)—[ଅଧୁନିକ ନାମ ସୋନାଇ]—Name of a tributary of the Brahmaputra river flowing through Assam.
Subarnna śrī

ସୁବର୍ଣ୍ଣସିଦ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି)—ଯେ ଇନ୍ଦ୍ରଜାଲ ବଳରେ ସୁନା ପ୍ରାପ୍ତ କରିପାରେ (ହି. ଶ)—One who can secure or create gold through magic.
Subarnnasiddha
[ସୁବର୍ଣ୍ଣସିଦ୍ଧା—ସ୍ତ୍ରୀ]

ସୁବର୍ଣ୍ଣ ସୁଯୋଗ—ଦେ. ବି [ଆଧୁନିକ; ଇଂରୁ ଅନୁବାଦ]-ଉତ୍କୃଷ୍ଟ ସୁବିଧା—Golden opportunity.
Subarnna sujoga
स्वर्णसुयोग সুবর্নসুযোগ

ସୁବର୍ଣ୍ଣା—ସଂ. ବିଣ. ସ୍ତ୍ରୀ—ସୁବର୍ଣ୍ଣର ସ୍ତ୍ରୀଲିଙ୍ଗ—Feminine of Subarnna. ବି—୧ । କୃଷ୍ଣାଗୁରୁ (ମେଦିନୀ) (ଦେଖ)—1. Krushnāguru (See). ୨ । ବାଡ଼ି-ଅଁଳା (ଶବ୍ଦ ଚନ୍ଦ୍ରିକା) (ଦେଖ)—2. Bārdi-aanlā (See). ୩ । ସ୍ୱର୍ଣ୍ଣ ଚୀରୀ [ରାଜନିର୍ଘଣ୍ଟ]—3. Gamboje thistle. ୪ । ହରିଦ୍ରା; ହଳଦୀ [ରାଜନିର୍ଘଣ୍ଟ]—4 Turmeric. ୫। ଇନ୍ଦ୍ରବାରୁଣୀ [ହି. ଶ]—5. Colocynth. ୬ । [ନାମ]—ଅଗ୍ନିଙ୍କର ସାତ ଜିହ୍ୱା ମଧ୍ୟରୁ ଏକ [ହି. ଶ]—6. One of the seven tongues of the Fire god. ୭ । [ନାମ] ଇକ୍ଷ୍ୱାକୁଙ୍କ କନ୍ୟା ଓ ସୁହୋତ୍ରଙ୍କ ସ୍ତ୍ରୀ (ହି. ଶ]—7. Name of the wife of king Suhotra.
Snbarnnā

ସୁବର୍ଣ୍ଣାକର—ସଂ. ବି [ଷଷ୍ଠୀ ତତ୍; ସୁବର୍ଣ୍ଣ+ଆକର] ସୁନାର ଖଣି—Gold mine.
Subarnnākara

ସୁବର୍ଣ୍ଣାଖ୍ୟ—ସଂ. ବି—୧ । ନାଗକେଶର [ରତ୍ନମାଳା]—1. Mesua-Ferra (tree and flower). ୨ । ଧୁସ୍ତୁର ବୃକ୍ଷ (ଷଡ଼-ବିଂଶଦ୍ରୁମ]—2. Thorn apple; Dhatura Fastuosa.
Subarnnākhya

ସୁବର୍ଣ୍ଣାଭ—ସଂ. ବିଣ. ପୁଂ (ବହୁବ୍ରୀହି; ସୁବର୍ଣ୍ଣ+ଆଭା+ଅ)—ସୁନାପରି ଆଭାବିଶିଷ୍ଟ—Shining like gold. ସଂ. ବି—ରାଜାବର୍ତ୍ତ ମଣି (ହି. ଶ)—A kind of yellow gem.
Subarnnābha
(ସୁବର୍ଣ୍ଣାଭା—ସ୍ତ୍ରୀ)

ସୁବର୍ଣ୍ଣାର—ସଂ ବି—ରକ୍ତକାଞ୍ଚନ ବୃକ୍ଷ (ହି. ଶ)
Subarnnāra The red-flowered Bouhenia (tree).

ସୁବର୍ଣ୍ଣାହ୍ୱା—ସଂ. ବି—ସ୍ୱର୍ଣ୍ଣଯୂଥିକା—The yellow flowering Jūi shrub and its flower.
Subarnnāhwā

ସୁବର୍ଣ୍ଣୀ—ସଂ. ବି—ଆଖୁକର୍ଣ୍ଣୀ (ରାଜନିର୍ଘଣ୍ଟ); ମୂଷାକାନି; ମୂଷାର କାନ ଭଳି ପାଖୁଡ଼ାବିଶିଷ୍ଟ ଏକପ୍ରକାର ଜଳଜ ଶାକ ବା ଦଳ—Ipomoea Renniformis (aquatic plant).
Subarnnī

ସୁବୟାଃ—ସଂ. ବି. ସ୍ତ୍ରୀ (ସୁ+ବୟସ୍ ; ୧ମା. ୧ବ)—ପ୍ରୌଢ଼ା ସ୍ତ୍ରୀ—A woman of middle age.
Subayāh

ସୁବର୍ତ୍ତୁ(ର୍ତ୍ତୁ)ଳ—ସଂ. ବିଣ—ଅତି ଗୋଲ—Very circular. ବି—ତରଭୁଜ (ବୈଦ୍ୟକ)—Water melon.
Subarttu(rtu)la

ସୁବଳ—ସଂ. ବି. ପୁଂ—ଶ୍ରୀକୃଷ୍ଣଙ୍କ ବାଲ୍ୟସଖା ଗୋପବାଳକର ନାମ—Name of one of the playmates of Śrīkrushna. ଦେ. ବି. ପୁଂ—ଲୋକଙ୍କ ନାମ—A name given to males.
Subala
सुबल সুবল

ସୁବଳୟ—ସ. ବ—ସୁନ୍ଦର ବଳୟ—A nice wristlet.
Subaḷaya ବେ. ବ— ସୁବଳୟା (ଦେଖ)—Subaḷayā. (See)

ସୁବଳୟା—ଦେ. ବ (ସ. ସୁବେଳ)—ସମୁଦ୍ର ଲଙ୍କାର ଉତ୍ତର
Subaḷayā ଅଂଶର ପାହାଡ଼—Name of a mountain (ସୁବଳୟାଗର—ଅନାଂରୁପ) in Ceylon where Rāmachandra took up his quarter. [ଦୃ—ରାମଚନ୍ଦ୍ର ସେତୁବନ୍ଧ ଦ୍ୱାରା ସମୁଦ୍ର ପାର ହୋଇ କପି ସେନା ସହିତ ଏଠାରେ ଅବସ୍ଥାନ କରିଥିଲେ ।]

ସୁବଳିତ—ବେ. ବଣ—୧ । ସୁନ୍ଦର ଓ ବର୍ତ୍ତୁଳାକାର—Graceful
Subaḷita and round. (ଉ—ସୁବଳିତ ଲମ୍ବା ଉରୁ ଅଦ୍ଭୁତ ଦିଶୁଛନ୍ତି । ସ୍ୱଧାନାଥ. ମହାଯାତ୍ରା ।) ୨ । ସୁନ୍ଦର—2. Beautiful; graceful. (ଉ—ବଳନ ବାହୁ ସୁବଳିତ । ଭୂଞ୍ଜ. ପ୍ରେମ ସୁଧାମୃତ ।। ସ. ବଣ. (ସୁ+ବଳ+ସ୍ୱାର୍ଥେ. ଇତ)—ବଳବଳିଷ୍ଠ—Strong.

ସୁବଲ୍ଲି (ଲ୍ଲୀ)—ସଂ ବ—୧ । ସୋମରାଜ (ଅମର ବଚନ); ବାକୁଚ—
Subaḷli(lli) 1. Serratula Anthelmintica. ୨ । (ସୁବଲ୍ଲିକା—ଅନାଂରୁପ) କଟୁକି (ହ. ଶ) (ଦେଖ)—2. Kaṭukī (See) ୩ । ସୁନ୍ଦର ବାଳୀ ଲତା (ହ. ଶ)—3. A herbarious creeper.

ସୁବସନ—ସଂ ବ—ସୁନ୍ଦର ବସ୍ତ୍ର—Nice cloth. ବଣ. ପୁଂ—
Subasana (କର୍ମଧା) ସୁନ୍ଦର ବସ୍ତ୍ରଧାରୀ—Wearing nice (ସୁବସନା—ସ୍ତ୍ରୀ. ବଣ) cloth.

ସୁବସନ୍ତ—ସଂ. ବ—୧ । ସ୍ୱଳ୍ପାକାର ଅର୍ଥାତ୍ ସାମାନ୍ୟ କଷ୍ଟପ୍ରଦ ବସନ୍ତ
Subasanta ରୋଗ—1. Mild form of small pox. ୨ । ମନୋରମ ବସନ୍ତ କାଳ—2. Charming spring season. ୩ । ଚୈତ୍ରାବଳୀ (ବିକାଣ୍ଡ ଶେଷ); ବାସନ୍ତୀ, ଚୈତ୍ରପୂର୍ଣ୍ଣିମା—3. The fullmoon of 'Chaitra'. ୪ । ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠେୟ ମଦନୋତ୍ସବ—4. A feast in honour of Cupid held on Chaitra fullmoon.

ସୁବସନ୍ତକ—ସଂ. ବ—୧ । ବାସନ୍ତୀ; ମଦନୋତ୍ସବ; ଚୈତ୍ରାବଳୀ
Subasantaka (ମେଦନୀ)—1. The fullmoon of the month of 'Chaitra'. ୨ । ଛଅଳ (ଲତା ଓ ଫୁଲ) (ହ. ଶ)—2. Jasminum Arborescens.

ସୁବସନ୍ତା—ସଂ. ବ—୧ । ମାଧବୀ ଲତା (ହ. ଶ)—1. Mādhabī
Subasantā creeper. ୨ । ଜାଇ ପୁଷ୍ପ; ଜାଇ ଫୁଲ (ହ.ଶ)—2. Single-large-petalled Jasmine.

ସୁବହ—ସଂ. ବଣ—(ସୁ=ସୁଖରେ+ବହ୍. ଧାତୁ+କର୍ମ. ଅ)—
Subaha ୧ । ସୁଖବାହ୍ୟ; ଯାହା ଅନାୟାସରେ ବହନ (ସୁବହା—ସ୍ତ୍ରୀ) କରାଯାଏ—1. Easily bearable. ୨ । (+ (ସୁବହ—ଉପପଦ) କର୍ତ୍ତୃ. ଅ) ଅବଲୀଳା କ୍ରମେ ବହନକ୍ଷମ—2. Capable of easily bearing or carrying. ୩ । ଧୈର୍ଯ୍ୟବାନ୍ (ହ. ଶ)—3. Patient. ସଂ. ବ—ଏକପ୍ରକାର ବାୟୁ (ହ.ଶ)—A kind of wind.

ସୁବହା—ସଂ. ବଣ. ସ୍ତ୍ରୀ (ସୁବହ+ଆ)—ସୁବହର ସ୍ତ୍ରୀଲିଙ୍ଗ—
Subahā Feminine of 'Subaha'. ବ—୧ । ଶେଫାଳିକା (ଅମର); ରାତ୍ରିଜାତ—1. Night-flowering Jasmine. ୨ । ଏଲାପର୍ଣ୍ଣୀ; ରାସ୍ନା (ଅମ.)—2. Vanda Roxburghi. ୩ । ଶଲ୍ଲକୀ; ଲୋବାନ୍ (ମେଦନୀ)—3. Indian olibanum. ୪ । ବୀଣା—4. Harp. ୫ । ନିଶୋତ୍ର; ତ୍ରିବୃତ୍ତ (ଶବ୍ଦଚନ୍ଦ୍ରିକା; ଭରତ)—5. Operculina Turpethum; Ipomoea Turpethum. ୬ । ଗୁଡ଼ ଜଟା; କୁକ୍କୁର ଜଟା (ସୁଶ୍ରୁତ)—6. Cock'scomb; Celosia Cristata (a plant). ୭ । ହଂସପଦୀ (ରାଜନିର୍ଘଣ୍ଟ); ଗୋଧାପଦୀ—7. Maiden hair fern; Vitis Pedata. ୮ । ଚୂର୍ଣ୍ଣିଲୀ; ଚାଳମୂଳୀ (ଅମର)—8. Asparagos Sarmentosus. ୯ । ଗାଇ ଶିଙ୍ଗୁଡ଼ାର; ଗାଇ ବେଗୁନିଆ (ଅମର)—9. Vitex Trifolia. ୧୦ । କୁଆମଇଁଳା (ହରେକୃଷ୍ଣ ଦ୍ରବ୍ୟ ଗୁଣ)—10. Cephalandra Indica (Kirtikar). ୧୧ । ବେତାଳୁଣ୍ଡି; ଜଳୁଳକନ୍ଦ (ହ. ଶ)—11. A kind of herbarious root.

ସୁବା—ବୈଦେ. ବ (ଅ. ସୁବାହ୍)—୧ । ଶାସନ ବିଭାଗ; ରାଜ୍ୟର
Subā ପ୍ରଦେଶ—1. A province. [ଦୃ—ମୋଗଲ
सूबा ରାଜତ୍ୱରେ ବଙ୍ଗ ବିହାର ଓ ଓଡ଼ିଶା ଗୋଟିଏ ସୁବାର
सूबा ଅଧୀନ ଥିଲା ।] ୨ । ସାହେବ ଶବ୍ଦ ସହିତ ନିରର୍ଥକ ସହଚରରୂପେ ବ୍ୟବହୃତ ହୁଏ—2. A word used as a meaningless compound with the word Sāheb, meaning etc.

ସୁବାକ—ଦେ. ବ (ସଂ. ସୁ+ବାକ୍)—ଋଷିବିଶେଷ—Name of
Subāka a sage. (ଉ—ଊର୍ଦ୍ଧ୍ୱରେତା ଯେ ହୋତ୍ର
सुवाक सुवाक ବାହତ ସୁବାକ—କୃଷ୍ଣସିଂ. ମହାଭାରତ. ବନ ।)

ସୁବାକ୍ୟ—ସଂ. ବ—୧ । ଉତ୍ତମ ବାକ୍ୟ—1. Good speech.
Subākya ୨ । ମଧୁର ବାକ୍ୟ—2. Sweet speech. ସଂ. (ସୁବାକ୍ୟା—ସ୍ତ୍ରୀ) ବଣ. ପୁଂ—୧ । ମଧୁରଭାଷୀ (ହ. ଶ)—1. Sweet of speech. ୨ । ସୁବାଗ୍ମୀ (ହ. ଶ)—2. Very eloquent.

ସୁବାଟ—ଦେ. ବ—ସୁପଥ (ଦେଖ)
Subāṭa Supatha (See)

ସୁବାଦାର—ବୈଦେ. ବ (ଅ. ସୁବେଦାର)—୧ । ଗୋଟିଏ ସୁବାର
Subādār ଅର୍ଥାତ୍ ପ୍ରଦେଶର ବା ରାଜ୍ୟର ବିଭାଗର ଶାସନ-
सूबादार କର୍ତ୍ତା—1. The Governor of a Province.
सूबेदार (ଉ—ନିଜାମ ସନ୍ଧ୍ୟାରେ ଅଶୀବାଦ କରି କହି ରୋଗ ଦଖଲ କରିବା ନିମନ୍ତେ ମରହଟ୍ଟା ସୁବାଦାର

ତମ୍ବାଗାଡିଆ ସନନ୍ଦ ଦେଉଅଛନ୍ତି—ଫକୀରମୋହନ-ଗ୍ରନ୍ଥାବଳୀ ଅଠଗଡ଼ ।) ୨ । ଦେଶୀୟ ପଲଟଣ ବା ପଦାତିମାନଙ୍କ ସରଦାରଙ୍କ ଉପାଧି—2. Subadar; a title given to an Indian captain of soldiers. ୩ । ପ୍ରହରୀବାଳ ବା ମିଲିଟେରୀ ପୋଲିସ କନଷ୍ଟବଲମାନଙ୍କ ସର୍ଦ୍ଦାର—3. A Head constable of the military police; head warder.

ସୁବାଦାର୍ ମେ(ମା)ଜର୍—ବୈଦେ· ବି (ଅ.ସୁବେଦାର୍ ଓ ଇଂ. ମାଜର୍) Subādār me(mā)jar ଭାରତୀୟ ସୈନ୍ୟବିଭାଗର କାପ୍ତାନଙ୍କ ସ୍ଵବାଦାର ମେଜର ଉପାଧି ବିଶେଷ—A title given to सूबेदार मेजर Indian Captains of the Indian army; Subadar major.

ସୁବାଦାରି—ବୈଦେ. ବି—ସୁବାଦାରର କାର୍ଯ୍ୟ ବା ଗୃହର— Subādāri The position or office of a ସ୍ଵବାଦାରି सूबेदारि Subadar.

ସୁବାଦାରିଆ—ଦେ. ବଣ—ସୁବାଦାର ସମ୍ବନ୍ଧୀୟ— Subādāria Relating to Subadar. ସ୍ଵବାଦରି सूबेदारका

ସୁବାନି—ଦେ. ବି—ହାତି ମାହୁନ୍ତଙ୍କୁ ରାଜଦତ୍ତ ଉପାଧି—A title Subāni given by a Rājā to an elephant-ସ୍ଵବାନି सूबानी driver.

ସୁବାମତି—ଦେ· ବଣ—ସାଧାରଣ—Ordinary. [ଦ୍ର—× × × Subāmati ଲଭ କଥାକୁ ପୁଚ୍ଛାଏ, ମୁନସି ଜମାଦାର ବରକନ୍ଦାଜ ସାଧାରଣ ସବାଶେ ନେବାଉଛ ସୁବାମତି କଥା । ଫକୀରମୋହନ-साधारण ଗ୍ରନ୍ଥା. ଅଠଗଡ଼ ।]

ସୁବାସ—ସଂ. ବି (ସୁ+ବାସ)—୧ । ସୁନ୍ଦର ବସ୍ତ୍ର—1. A nice Subāsa cloth. ୨ । ସୁଗନ୍ଧ; ସୌରଭ—2. Sweet scent; fragrance. ୩ । ସୁନ୍ଦର ଗୃହ—3. A nice house. ୪ । ସୁଖରେ ବାସ କରିବା—4. Comfortable living. ୫ । ଶିବଙ୍କର ଏକ ନାମ (ଦ୍ଵ. ଶ)—5. A name of Siba. ବଣ—ସୁଗନ୍ଧଯୁକ୍ତ—Sweet-scented; fragrant. [ଦ୍ର—ସୁବାସ ଶବ୍ଦର ବିଶେଷ୍ୟରେ ପ୍ରଥମୋକ୍ତ ୩ ଅର୍ଥ ଓ ବଣରେ ଶେଷୋକ୍ତ ଅର୍ଥକୁ ଲକ୍ଷ୍ୟ କରି ଏହି ପଦଟି ରଚିତ ହୋଇଅଛି—ଯେଉଁ ଦିନ୍ତି ହେଲା ସୁବାସ (ବଣ) ନାସ (ନସ୍ୟ), ସେହିଦିନୁଁ ଗଲା (ହେଲା) ସୁବାସ (ସୁଗନ୍ଧ ଗ୍ରାହୀ) ନାଶ, ସୁବାସ (ସୁନ୍ଦର ବସ୍ତ୍ର) ନାଶ, ସୁବାସ (ସୁନ୍ଦର ଗୃହ) ନାଶ]

ସୁବାସ ଦେ, ବି· ପୁଂ—ପୁରୁଷଙ୍କ ନାମ—A name given सुवास to males.

ସୁବାସକ—ସଂ· ବି—ତରଭୁଜ (ହି. ଶ)— Subāsaka Water melon.

ସୁବାସନ—ଦେ. ବଣ—ସୁବାସିତ—Scented. [ଦ୍ର—ଦିବ୍ୟ ବଡ଼ଡ Subāsana ବାସୀମାନ, ଉତ୍ତୁଙ୍ଗ ଗନ୍ଧେ ସୁବାସନ । ଜଗନ୍ନାଥ· ସ୍ଵବାସିତ ଭାଗବତ ।] ସଂ. ବି. ପୁଂ (ନାମ)—ଦଶମ ମନୁଙ୍କର सुवासित ଏକ ପୁତ୍ର—Name of a son of the 10th Manu.

ସୁବାସ ନାଶ—ସଂ. ବି (୬ଷ୍ଠୀ ତତ୍)—୧ । ସୁଗନ୍ଧର ବିନାଶ— Subāsa nāśa 1. Disappearance of good smell. ୨ । ସୁନ୍ଦର ଗୃହର ବିନାଶ—2. Spoiling of a good house. ୩ । ସୁନ୍ଦର ବସ୍ତ୍ରର ନାଶ—3. Spoiling of a good cloth.

ସୁବାସ ନାସ—ଦେ. ବି—ସୁବାସିତ ନସ୍ୟ— Subāsa nāsa Sweet scented snuff. ସ୍ଵବାସ ନସ୍ୟ सुवास हुलास

ସୁବାସ ବାସ—ଦେ· ବି—୧ । ସୁଗନ୍ଧ—1. Sweet smell. ୨ । Subāsa bāsa ସୁଗନ୍ଧ ଗ୍ରହଣ—2. Smelling of sweet ସ୍ଵବାସ ବାସ smell. ୩ । ସୁବାସିତ ବସ୍ତ୍ର—3. Perfumed सुवास वास cloth. [ଦ୍ର—ଯେଉଁ ଦିନୁ ହେଲା ସୁବାସ ନାସ ସେହି ଦିନୁ ଗଲା ସୁବାସ ବାସ, ସୁବାସ ବାସ, ସୁବାସ ବାସ—ତଗ ।]

ସୁବାସର—ସଂ· ବି—ସୁଦିନ—A good or agreeable day. Subāsara

ସୁବାସରା—ସଂ. ବି (ବୈଦ୍ୟକ)—ଚନ୍ଦ୍ରଶୂର; ହାଲିମ— Subāsarā Common cress.

ସୁବାସାଃ—ସଂ· ବଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସୁବାସସ୍ ଃ ୧ମା.୧ବ)— Subāsāḥ ସୁନ୍ଦର ବସ୍ତ୍ର ପରିହିତ—Having good cloth. (ସୁବାସା—ଦେ, ରୂପ)

ସୁବାସିତ—ସଂ· ବଣ (ସୁବାସ+ସଞ୍ଜାତ ଅର୍ଥରେ· ଇତ)—୧ । ସୁବାସ Subāsita ଯୁକ୍ତ; ସୌରଭ ଯୁକ୍ତ—1. Fragrant; sweet-smelling. ୨ । ସୁଗନ୍ଧୀକୃତ; ଯାହାକୁ (ତୈଳାଦି) ବାସଯୁକ୍ତ କରି ଯାଇଅଛି—2. Scented.

ସୁବାସିନୀ—ସଂ. ବଣ· ସ୍ତ୍ରୀ (ସୁବାସ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ+ଈ)— Subāsini ସୁବାସୀର ସ୍ତ୍ରୀଲିଙ୍ଗ—Feminine of Subāsī. ବି—୧ । ସୁବାସଯୁକ୍ତା ରମଣୀ—1. A woman from whose body a sweet smell emanates. ୨ । ଚିରଣ୍ଟୀ; ଚିରକାଳ ପିତ୍ରାଳୟବାସିନୀ ବିବାହିତା· କନ୍ୟା (ଅମର)—2. A married girl who always resides in her father's house. ୩ । ଦ୍ଵିତୀୟବୟସ୍କା ବା ପ୍ରୌଢ଼ା ସ୍ତ୍ରୀ—3. A middle-aged woman. ୪ । ଚିରକାଳ ପିତ୍ରାଳୟବାସିନୀ ବିବାହିତା ବା ଅବିବାହିତା ସ୍ତ୍ରୀ—4. A woman married or single who resides in her father's house (Apte). ୫ । ସମ୍ମାନ୍ତ ବଂଶୀୟା ଅବିଧବା ସ୍ତ୍ରୀଲୋକଙ୍କ ପ୍ରତି ବ୍ୟବହୃତ ସମ୍ବୋଧନ—5. A term of courtesy for a respectable woman whose husband is alive (M. W.).

୬ । ସଧବା ସ୍ତ୍ରୀଲୋକ (ହ. ଶ)—6. A lady whose husband is alive. [ଦ୍ର—ବୋଧ ହୁଏ ଚଳନ୍ତି ଓଡ଼ିଆ 'ଭୁଆସୁଣୀ' ଶବ୍ଦ ଏହି ଶବ୍ଦର ଅପଭ୍ରଂଶ; ମାତ୍ର ପ୍ରକୃତରେ ଭୁଆସୁଣୀ ଶବ୍ଦ ସଂସ୍କୃତ 'ବହୁସୂନୁ' (ଅର୍ଥାତ୍ ଯେ ଅନେକଥର ପୁତ୍ରବତୀ ହୁଏ) ଶବ୍ଦର ଅପଭ୍ରଂଶ ପରି ଜଣାଯାଏ ।]

ସୁବାସୀ—ସଂ. ବିଣ (ସୁ+ବାସ+ଇନ୍; ଏମା. ୧ବ)—୧ । ସୁଖରେ
Subāsi ବାସ କରୁଥିବା—1. Residing or living comfortably. ୨ । ସୌରଭମୟ—2. Scented; fragrant. ୩ । ସୁନ୍ଦର ବାସଯୁକ୍ତ—3. Having a good scent. ୪ । ସୁନ୍ଦର ଘରରେ ବାସ କରୁଥିବା—4. Dwelling in a comfortable or respectable abode (M. W.). ଦେ. ବି. ପୁଂ ଓ ସ୍ତ୍ରୀ—ପୁରୁଷ ଓ ସ୍ତ୍ରୀଲୋକଙ୍କ ନାମ—A name given to males and females.

ସୁବାହ—ସଂ. ବି—୧ । ଉତ୍ତମ ଘୋଡ଼ା (ହ. ଶ)—1. A good
Subāha horse. ୨ । (ନାମ) ସ୍କନ୍ଦଙ୍କ ଅନୁଚରବିଶେଷ (ହ. ଶ)—2. Name of an attendant of Skanda. ସଂ. ବିଣ—୧ । ସୁନ୍ଦର ଅଶ୍ୱବିଶିଷ୍ଟ—1. Having good horse. ୨ । (ସୁ+ବହ ଧାତୁ+କର୍ମ. ଅ) ସହଜରେ ବହନ ଯୋଗ୍ୟ—2. Capable of being easily carried.

ସୁବାହୁ—ସଂ. ବି. ବିଣ (ବହୁବ୍ରୀହି)—ସୁନ୍ଦର ବାହୁବିଶିଷ୍ଟ—
Subāhu Having nice arms.
ସଂ. ବି—୧ । ଉତ୍ତମ ବା ସୁନ୍ଦର ବାହୁ—1. Fine arm. ୨ । (ନାମ) ସ୍କନ୍ଦଙ୍କର ଜଣେ ପାର୍ଷଦ (ହ.ଶ)—2. Name of a courtier of Skanda. ୩ । (ନାମ) ଧୃତରାଷ୍ଟ୍ରଙ୍କ ପୁତ୍ର ଓ ଚେଦିର ରାଜା (ହ. ଶ)—3. Name of a son of Dhṛutarāshṭra. ୪ । (ନାମ) ଶ୍ରୀକୃଷ୍ଣଙ୍କ ଏକ ପୁତ୍ର—4. Name of a son of Śrikṛushṇa. ୫ । ବିଶ୍ୱାମିତ୍ରଙ୍କ ତପୋବନ୍ନ-ନାଶ ମାରୀଚର ସହଚର ରାକ୍ଷସ—5. Name of a demon. ୬ । ଦଶରଥଙ୍କର ସାରଥିର ନାମ—6. Name of a charioteer of Daśaratha. ୭ । ଶତ୍ରୁଘ୍ନଙ୍କର ଜ୍ୟେଷ୍ଠ ପୁତ୍ରର ନାମ—7. Name of a son of Śatrughna. (ଦ୍ର—ସୁବାହୁ ଶ୍ରୁତସେନ ସାର, ହୋଇବେ ଶତ୍ରୁଘ୍ନ କୁମର—ଜଗନ୍ନାଥ. ଭାଗବତ ।) ୮ । ପ୍ରାଚୀନ ଭାରତର ଜଣେ ରାଜା, କୁବଲୟାଶ୍ୱଙ୍କ ପୁତ୍ର—8. Name of an ancient king of India, son of Kubaḷayāśwa. (ଦ୍ର—ସୁବାହୁଙ୍କ ସଙ୍ଗେ ଗଲେ ଯୁଦ୍ଧ ହୋଇ—କୃଷ୍ଣସିଂହ. ମହାଭାରତ. ବନ ।)

ସୁବିକଟ—ସଂ. ବିଣ—ଅତି ଭୟଙ୍କର—
Subikaṭa Very frightful.

ସୁବିକ୍ରମ(ବିକ୍ରାନ୍ତ)—ସଂ. ବିଣ. ପୁଂ—ଅତି ପରାକ୍ରମୀ—Very valiant
Subikrama(bikrānta) (ସୁବିକ୍ରମା[ବିକ୍ରାନ୍ତା]—ସ୍ତ୍ରୀ)—

ସୁବିକ୍ଳବ—ସଂ. ବିଣ—ଅତି ବିହ୍ୱଳ—
Subikḷaba Much perturbed.

ସୁବିଖ୍ୟାତ—ସଂ. ବିଣ—ଅତ୍ୟନ୍ତ ପ୍ରସିଦ୍ଧ—
Subikhyāta Very celebrated.

ସୁବିଗ୍ରହ—ସଂ. ବି—ସୁନ୍ଦର ଦେହ—Graceful body. ସଂ. ବିଣ
Subigraha ପୁଂ—ସୁନ୍ଦର.ଶରୀରବିଶିଷ୍ଟ—
(ସୁବିଗ୍ରହା—ସ୍ତ୍ରୀ) Having a graceful body.

ସୁବିଚାର—ସଂ. ବି—୧ । ଉତ୍ତମ ବିଚାର; ନ୍ୟାୟବିଚାର—1. Just
Subichāra consideration; just decision. ୨ । (ନାମ) ଶ୍ରୀକୃଷ୍ଣଙ୍କର ଏକ ପୁତ୍ର (ହ. ଶ)—
2. Name of a son of Śrikṛushṇa.

ସୁବିଚାରକ—ସଂ. ବିଣ. ପୁଂ—ନ୍ୟାୟବିଚାରକାରୀ (ବ୍ୟକ୍ତି)—
Subichāraka (a judge) Who judges rightly; discriminating (judge).

ସୁବିଚାରିତ(ବିବେଚିତ)—ସଂ. ବିଣ—ଉତ୍ତମ ରୂପେ ବିଚାର କରାଯାଇ
Subichārita (bibechita) ଥିବା—Well considered.

ସୁବିଜ୍ଞ—ସଂ. ବିଣ. (ପୁଂ)—ଉତ୍ତମ ରୂପେ ବିଜ୍ଞ—Very wise or
Subijña experienced.
(ସୁବିଜ୍ଞା—ସ୍ତ୍ରୀ) (ସୁବିଜ୍ଞତା—ବି)

ସୁବିଜ୍ଞାନ—ସଂ. ବିଣ—ସହଜରେ ଜ୍ଞେୟ (ହ. ଶ)—1. Easily
Subejñāna knowable. ୨ । ଅତିଶୟ ବୁଦ୍ଧିମାନ୍ (ହ. ଶ)—
2. Very intelligent.

ସୁବିଜ୍ଞେୟ—ସଂ. ବିଣ—ସହଜରେ ଯାହା ଜଣାଯାଇ ପାରେ—Easily
Subijñeya knowable. ସଂ. ବି—ଶିବ (ହ. ଶ)—
Śiba

ସୁବିତ—ସଂ. ବିଣ—୧ । ଯାହା ସହଜରେ ପହଞ୍ଚା ଯାଇ ପାରେ—
Subita 1. Easily reachable. ୨ । ସହଜରେ ପ୍ରାପ୍ୟ—
2. Easily attainable.

ସୁବିତତ—ସଂ. ବିଣ—ସୁବିସ୍ତୃତ—
Subitata Extensive; well spread.

ସୁବିଧା(ଧା)—ଗ୍ରା. ବି (ସଂ. ସୁବିଧା)—ସୁବିଧା—Convenience.
Subitā(dhā) ବିଣ—୧ । ସୁବିଧାଜନକ—1. Convenient.
सुबीधा सुभिता
শোভীত ୨ । (ସଂ. ଶୋଭିତ) ମନୋରମ; ଶୋଭାଯୁକ୍ତ—
सुहावना 2. Beautiful; nice.

ସୁବିତ୍ତ—ସଂ. ବି—୧ । ଉତ୍ତମ ମାର୍ଗରେ ଅର୍ଜିତ ବା ପ୍ରାପ୍ତଧନ—
Subitta Honestly acquired wealth.
(ସୁବିତ୍ତା—ସ୍ତ୍ରୀ) ସଂ. ବିଣ. ପୁଂ—ଖୁବ୍ ଧନୀ (ହ. ଶ)—
Very rich.

ସୁବଦ୍—ସ. ବି. ପୁଂ ଓ ସ୍ତ୍ରୀ (ସୁ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Subid ୧ । ପଣ୍ଡିତ—1. A learned man. ୨ । ଗୁଣଯୁକ୍ତା ନାରୀ—2. A virtuous woman.

ସୁବିଦ—ସ. ବି. ପୁଂ (ସୁ+ବିଦ୍. ଧାତୁ+କର୍ତ୍ତୃ. ଅ)—୧ । ପଣ୍ଡିତ
Subida (ସମସ୍ତ ସୂତ୍ର)—1. A learned man. ୨ । କଞ୍ଚୁକୀ;
(ସୁବିଦା—ସ୍ତ୍ରୀ) ଅନ୍ତଃପୁର ରକ୍ଷକ—2. The keeper of a seraglio. ୩ । ଫୁଲର ବୃକ୍ଷବିଶେଷ (ବୃ. ଶ)—3. A kind of flowering tree.

ସୁବିଦତ୍—ସ. ବି (ସୁବିଦ୍=ପଣ୍ଡିତ+ଅତ୍. ଧାତୁ=ସତତ ଗମନ
Subidat କରିବା+କର୍ତ୍ତୃ. କ୍ୱିପ୍)—ରାଜା (ସମସ୍ତ ସୂତ୍ର)-A king.

ସୁବିଦତ୍ର ସ. ବି (ସୁ+ବିଦ୍. ଧାତୁ+କର୍ତ୍ତୃ ଅତ୍ର)—୧ । କୁଟୁମ୍ବ -
Subidatra 1. Kinsman; kindred. ୨ । (+ଭାବ. ଅତ୍ର) ଜ୍ଞାନ (ବୃ. ଶ)—2. Knowledge. ୩ । କୃପା; ଦୟା (ବୃ. ଶ)—3. Kindness; mercy. ୪ । (+କର୍ମ. ଅତ୍ର ଧନ; ସମ୍ପତ୍ତି (ବୃ. ଶ)—4. Riches. ସ. ବିଣ- ୧ । ଅତ୍ୟନ୍ତ ସାବଧାନ (ବୃ. ଶ)—1. Very careful. ୨ । ମହାଶୟ (ବୃ. ଶ)—2. Magnanimous; large-hearted. ୩ । ଉଦାର (ବୃ. ଶ)—3. Liberal-minded. ୪ । ଦୟାଳୁ (ବୃ. ଶ)—4. Kind.

ସୁବିଦଲ୍ଲ—ସ. ବି (ସୁ+ବିଦ୍. ଧାତୁ+ଅଲ୍ଲ, କିମ୍ବା ସୁବିଦତ୍+ଲ୍ଲ.
Subidalla ଧାତୁ=ଭୂଷଣ କରିବା+କର୍ତ୍ତୃ. ଅ)—୧। ଅନ୍ତଃପୁର (ସମସ୍ତ ସୂତ୍ର)—1. Harem; female apartment. ୨ । କଞ୍ଚୁକୀ—2. A male servant who is in charge of a harem.

ସୁବିଦଲ୍ଲା(ଳା)—ସ. ବି. ସ୍ତ୍ରୀ (ସୁବିଦଲ୍ଲ+ଆ) ସଧବା ନାରୀ; ବିବାହିତା
Subidalla(la) ସ୍ତ୍ରୀ—A married woman.

ସୁବିଦିତ—ସ. ବି—ସୁପରିଜ୍ଞାତ; ଉତ୍ତମରୂପେ ଜ୍ଞାତ—
Subidita Well known.

ସୁବିଦ୍ୟ—ସ. ବିଣ. ପୁ° (ସୁ+ବିଦ୍ୟା+ଅ; ବହୁବ୍ରୀହି)—ଖୁବ୍ ପଣ୍ଡିତ
Subidya Very learned.

ସୁବିଦ୍ୟା—ସ. ବି—ଉତ୍ତମ ବିଦ୍ୟା; ଉଚ୍ଚତର ବିଦ୍ୟା—Good or
Subidyā high learning. ସ. ବିଣ. ସ୍ତ୍ରୀ—ସୁବିଦ୍ୟର ସ୍ତ୍ରୀଲିଙ୍ଗ—Feminine of Subidya.

ସୁବିଧ—ସ.ବିଣ. ପୁ° (ସୁ+ବିଧା+ଅ; ବହୁବ୍ରୀହି)—ସୁଶୀଳ (ବୃ. ଶ)-
Subidha (ସୁବିଧା—ସ୍ତ୍ରୀ) Of good nature.

ସୁବିଧା—ସ ବି (ସୁ+ବିଧା=ପ୍ରକାର)—୧ । ଉତ୍ତମ ପ୍ରକାର—
Subidhā 1. Good sort or mode. ୨ । ସଦୁପାୟ—2. Good or effectual or honest means. ସ° ବିଣ. ସ୍ତ୍ରୀ—ସୁବିଧର ସ୍ତ୍ରୀଲିଙ୍ଗ—Feminine of
সুবিধা सुविधा, सुभिता Subidha. ଦେ. ବି—୧ । ସୁଯୋଗ—1. Opportunity; occasion; advantage ୨ । ସ୍ୱାଚ୍ଛନ୍ଦ୍ୟ—2. Comfort; convenience. ୩ । ଉପାୟ—3. Means.

ସୁବିଧା କରିବା—ଦେ. କ୍ରି—୧ । ସୁଯୋଗ ଲଗାଇବା—
Subidhā kariba 1. To arrange for a
সুবিধাকরা सुविधा करना suitable opportunity. ୨ । ସ୍ୱାଚ୍ଛନ୍ଦ୍ୟ ଘଟାଇବା—2. To make comfortable arrangements.

ସୁବିଧା ଜନକ—ଦେ. ବିଣ—୧ । ଯାହା ସୁଯୋଗ ଘଟାଏ—
Subidhā janaka 1. Opportune. ୨ । ଯହିଁରୁ
সুবিধাজনক सुविधाजनक ସ୍ୱାଚ୍ଛନ୍ଦ୍ୟ ଘଟେ—2 Convenient.

ସୁବିଧାନ—ସ°. ବି (ସୁ+ବିଧାନ)—ଉତ୍ତମ ନିୟମ ବା ବ୍ୟବସ୍ଥା—
Subidhāna Good rule or arrangement.
(ସୁବିଧାନ —କି)

ସୁବିଧି—ସ°. ବି (ସୁ+ବିଧି)—୧ । ଉତ୍ତମ ବିଧି—1. Nice or
Subidhi good rule. ୨ । (ଜୈନ)—ବର୍ତ୍ତମାନ ଅବସର୍ପିଣୀର ଜୈନ ଅର୍ହତ୍ ବିଶେଷ (ହେମଚନ୍ଦ୍ର)—2. Name of a Jaina saint.

ସୁବିନୀତ—ସ° ବିଣ. ପୁ° (ସୁ+ବିନୀତ)—ଅତ୍ୟନ୍ତ ବିନୟଯୁକ୍ତ—
Subinita Very gentle.
(ସୁବିନୀତା—ସ୍ତ୍ରୀ) (ଅବିନୀତ, ଦୁର୍ବିନୀତ—ବିପରୀତ)

ସୁବିନୀତା—ସ° ବିଣ. ସ୍ତ୍ରୀ- ସୁବିନୀତର ସ୍ତ୍ରୀଲିଙ୍ଗ—Feminine of
subinitā 'Subinita ବି: ସ୍ତ୍ରୀ—ସୁଶୀଳ ଗାଈ; ସୁଧାର ଗାଈ—A meek cow.

ସୁବିବା—ଗ୍ରା. କ୍ରି (ସ. ଶ୍ରୁ ଧାତୁ; ପ୍ରା ସୁଣ୍ ଧାତୁ)—ଶୁଭିବା; ଶୁଣାଯିବା-
Subibā To be heard.
শুনাযাওয়া सुनाजाना

ସୁବିମଳ—ସ° ବିଣ—ଅତି ନିର୍ମଳ—
Subimala Very clear.

ସୁବିଶାଳ—ସ° ବିଣ—ଅତି ବିଶାଳ—
Subisāla Very extensive.

ସୁବିସ୍ତା—ଗ୍ରା. ବି (ସ° ସୁବିଧା)—ସୁବିଧା (ଦେଖ)
Subistā Subidhā (See)
সুবিধা सुभीता

ସୁବିସ୍ତାରିତ—ସ° ବିଣ—ଅତି ବିସ୍ତାରିତ—
subistarita Much extended.
(ସୁବିସ୍ତର—ଦେ. ରୂପ)

ସୁବିସ୍ତୀର୍ଣ୍ଣ—ସ° ବିଣ—ଅତି ବିସ୍ତୀର୍ଣ୍ଣ—
subistirnna Very wide.

ସୁବିସ୍ତୃତ—ସ° ବିଣ—ଅତି ବିସ୍ତୃତ—
Subistruta Very extensive; much extended.

ସୁବୀଜ—ସ. ବି—୧ । ସୁନ୍ଦର ବୀଜ—1. Nice seed. ୨ । ଫଳୋ-
Subija ତ୍ପାଦକ ବୀଜ—2. A seed which succeeds in sprouting. ୩ । ବେଣାଚେର (ରାଜ ନିର୍ଘଣ୍ଟ)—3. The root of the Benā grass. ବିଣ—
(ସୁବୀଜା—ସ୍ତ୍ରୀ) ସୁନ୍ଦର ବୀଜଯୁକ୍ତ—Having nice seeds.

ସୁବୀର—ସଂ. ବି—୧ । ଦେଶ ବିଶେଷ; ସିନ୍ଧୁନଦ ସନ୍ନିକଟସ୍ଥ ଦେଶ—
Subira 1. Name of a country. ୨ । ଉତ୍କୃଷ୍ଟ ବୀର ବା ଯୋଦ୍ଧା—2. A great hero or warrior. ୩ । ସ୍କନ୍ଦଙ୍କର ଏକ ନାମ (ବୃ. ଶ)—3. A name of Skanda. ୪ । ଶିବଙ୍କର ଏକ ନାମ (ବୃ. ଶ)—4. A name of Śiba. ୫ । ଶିବଙ୍କର ଏକ ପୁତ୍ର (ବୃ. ଶ)—5. A son of Śiba. ୬ । ଶିବିଙ୍କର ଏକ ପୁତ୍ର (ବୃ. ଶ)—6. A son of king Śibi. ୭ । ଏକ-ପ୍ରକାର ବୃକ୍ଷ (ବୃ. ଶ) – 7. Name of a wild tree.

ସୁବୀରକ—ସଂ. ବି—୧ । ସୌବୀରାଞ୍ଜନ (ଶବ୍ଦ ଦେଖନ୍ତୁ) (ଦେଖ)—
Subiraka 1. Saubirāñjana (See). ୨ । ବଦରୀ; ବରକୋଳି (ବୃ. ଶ)—2. Jujube. ୩ । ଏକପ୍ରକାର ବୃକ୍ଷ (ବୃ. ଶ)—3. Name of a wild tree.

ସୁବୀରଜ—ସଂ. ବି—ସୌବୀରାଞ୍ଜନ (ଦେଖ)
Subiraja Saubirāñjana (See)

ସୁବୀରାମ୍ଳ—ସଂ. ବି—କାଞ୍ଜିକ (କଠୋପଧ୍ୟ); ଯବର ବା ଗହମର କାଞ୍ଜି—
Subirāmla Fermented barley or wheat gruel.
[ବ୍ୟୁ—ସୌବୀରକ ଶବ୍ଦେ ଟୀକା ଦେଖ ।]

ସୁବୀର୍ଯ୍ୟ—ସଂ. ବି—୧ । ଉତ୍ତମ ବୀର୍ଯ୍ୟ—1. Good matter or
Subirjya semen. ୨ । ସନ୍ତାନୋତ୍ପାଦନସମର୍ଥ ବୀର୍ଯ୍ୟ—2. Productive semen. ୩ । ଉଚ୍ଚବଂଶୀୟ ବ୍ୟକ୍ତିର ବୀର୍ଯ୍ୟ—3. The semen of a man of a great family. ୪ । ବଦରୀ ଫଳ (କଠୋପଧ)—4. The
[ସୁବୀର୍ଯ୍ୟା—ସ୍ତ୍ରୀ. ବଣ] Jujube berry. ସଂ. ବିଣ. ପୁଂ—ମହାଶକ୍ତ ବା ବଳଶାଳୀ—Very mighty.

ସୁବୀର୍ଯ୍ୟା—ସଂ. ବି—୧ । ବନ କାର୍ପାସୀ; ବଣ କପା (ଶବ୍ଦ ଚନ୍ଦ୍ରିକା)—1. The wild cotton plant.
Subirjyā ୨ । ବଡ଼ ଶତାବରୀ (ବୃ. ଶ)—2. The larger variety of Asparagus. ୩ । ନାଡ଼ୀ ହିଙ୍ଗୁ; ବୃକ୍ଷ-ବିଶେଷ (ବୈଦ୍ୟକ)—3. Dikamallegum; Gummy Gardenia. ସଂ. ବିଣ. ସ୍ତ୍ରୀ—ସୁବୀର୍ଯ୍ୟର ସ୍ତ୍ରୀଲିଙ୍ଗ—Feminine of Subirjya.

ସୁବୁଦ୍ଧି—ସଂ. ବି (କର୍ମଧା)—୧ । ସଦ୍‌ବୁଦ୍ଧି; ଉତ୍ତମ ବୁଦ୍ଧି—
Subuddhi 1. Good intellect. ୨ । ସୁମତି; ଭଲ (ଦୁର୍ବୁଦ୍ଧି—ବିପରୀତ) କାର୍ଯ୍ୟରେ ମତି—2. Inclination to do good acts. ବିଣ—୧ । ଉତ୍ତମ ବୁଦ୍ଧି ବିଶିଷ୍ଟ; ସୁନ୍ଦର ବୁଦ୍ଧିଯୁକ୍ତ—1. Possessing good intellect; of good intellect. ୨ । ବୁଦ୍ଧିମାନ୍—2. Intelligent. ୩ । ସତ୍‌ ସ୍ୱଭାବ—3. Of good nature. ଦେ. ବି—୧ । ଓଡ଼ିଆ ତେଲି ଓ ଖଣ୍ଡାୟତଙ୍କର ବଂଶୋପାଧି ବିଶେଷ—1. A family title of Oilmen and Khandāyets. [ବ୍ୟୁ—ରାଜାଙ୍କ ଦରବାରରେ ତେଲି ଜାତୀୟ ସୁବୁଦ୍ଧି ଉପାଧିଧାରୀ ମହାଜନ ଓ କମିଦାର ବଣ ବାସ କରନ୍ତି ।] ୨ । ରାଜଦତ୍ତ ଉପାଧି-ବିଶେଷ—2. A title bestowed by kings.

ସୁବୁଦ୍ଧି ଶିରୋମଣି—ଦେ. ବି—ନବଦ୍ୱୀପର ଜ୍ୟୋତିଃଶାସ୍ତ୍ରାନୁଶୀଳନରେ
Subuddhi śiromani ପ୍ରଖ୍ୟାତ ବଂଶର ଆଦିପୁରୁଷ—Name of the ancestor of a famous family of astrologers of 'Nabadwipa'. [ବ୍ୟୁ—ଏହାଙ୍କର ପ୍ରପୌତ୍ର ଗୋକୁଳାନନ୍ଦ ବିଦ୍ୟାମଣି ମହାରାଜ କୃଷ୍ଣଚନ୍ଦ୍ରଙ୍କଠାରୁ ବୃତ୍ତି ପାଇ ଆପଣାର ଜନ୍ମ-ସ୍ଥାନ ଯଶୋହର ଜିଲ୍ଲାର ଚୌଗାଛ ଗ୍ରାମରୁ ଆସି ନଦିଆରେ ରହିଥିଲେ ।]

ସୁବୁଧି—ଗ୍ରା. ବି ଓ ବିଣ (ସୁବୁଦ୍ଧିର ଅଶୁଦ୍ଧ ଉଚ୍ଚାରଣ)—ସୁବୁଦ୍ଧି
Subudhi (ଦେଖ)—Subuddhi (See)

ସୁବୁଧିଆ—ଗ୍ରା. ବିଣ. ପୁଂ - ସୁବୁଦ୍ଧି (ଦେଖ)
Subudhiā Subuddhi (See)
(ସୁବୁଧୀ—ସ୍ତ୍ରୀ) ସୁବୁଦ୍ଧି ସুবুদ্ধিবালা

ସୁବୁଧି କଇଁ—ଦେ. ବି— ନେଳୀ କଇଁ ଫୁଲ; ନୀଳୋତ୍ପଳ—
Subudhi kaiñ . The blue water-lily.
नील शालूक नील कुमुद

ସୁବୃତ୍ତ—ସଂ. ବିଣ (ସୁ=ଉତ୍ତମ+ବୃତ୍ତ=ଚରିତ୍ର ଯାହାର; ବହୁବ୍ରୀହି)-
Subrutta ୧ । ସମ୍ପୂର୍ଣ୍ଣ ଗୋଲ; ସୁବର୍ତ୍ତୁଳ—
(ସୁବୃତ୍ତା—ସ୍ତ୍ରୀ) 1. Fully circular. ୨। ସୁନ୍ଦର ଓ ବର୍ତ୍ତୁଳ—
ଦୁର୍ବୃତ୍ତ } ବିପରୀତ 2. Fine and circular. ୩ । (ପୁଂ)
ଦୁର୍ବୃତ୍ତି } ସଚ୍ଚରିତ୍ର—3. Of good conduct.
୪ । (ପୁଂ) ସତ୍‌ ସ୍ୱଭାବ; ସାଧୁ—4. Of good nature; saintly. ବି—ଶୂରଣ (ରାଜନିର୍ଘଣ୍ଟ); ଓଲଅ—Wild arum.

ସୁବୃତ୍ତା—ସଂ. ବିଣ—ସୁବୃତ୍ତର ସ୍ତ୍ରୀଲିଙ୍ଗ—Feminine of Subrutta.
Subruttā ବିଣ—୧ । ଶତପତ୍ରୀ (ରାଜନିର୍ଘଣ୍ଟ); ସେବତୀ ଫୁଲ 1. The musk rose. ୨ । ଗୋଲକୀ ଦ୍ରାକ୍ଷା—2. A species of circular grape. ୩ । (ନାମ) ଅପ୍ସରାବିଶେଷ—3. Name of a heavenly nymph. ୪ । ପ୍ରତ୍ୟେକ ଚରଣରେ ୧୧ ଅକ୍ଷର ବିଶିଷ୍ଟ ବୃତ୍ତ ବିଶେଷ (ବୃ. ଶ)—4. Name of a Sanskrit metre. [ବ୍ୟୁ—ଏଥିର ୧ମ, ୭ମ, ୮ମ, ୯ମ, ୧୦ମ, ୧୧ଶ, ୧୩ଶ, ୧୬ଶ ବର୍ଣ୍ଣ ଗୁରୁ (ବୃ. ଶ)]

ସୁବୃତ୍ତି—ସଂ. ବି (କର୍ମଧା)—୧ । ସୁନ୍ଦର ବା ଉତ୍ତମ ବା ପବିତ୍ର ଜୀବିକା—
Subrutti 1. A good or high or pure occupation. ୨ । ଉତ୍ତମ ବୁଦ୍ଧି ବୃତ୍ତି—2. Good or noble inclination. ୩ । ସଦାଚାର (ବୃ. ଶ)—3. Approved conduct. ୪ । ସଚ୍ଚରିତ୍ର (ବୃ. ଶ)—4. Good conduct. ସଂ. ବିଣ (ପୁଂ ଓ ସ୍ତ୍ରୀ)—୧ । ସତ୍‌ ଜୀବିକାବାନ୍—1. Of good or honest livelihood. ୨ । ସଚ୍ଚରିତ୍ର—2. Of good conduct.

ସୁବୃଦ୍ଧ—ସଂ. ବିଣ (ପୁଂ)—୧ । ଅତ୍ୟନ୍ତ ବୃଦ୍ଧ—1. Very old.
Subṛuddha ୨। ଅତି ପ୍ରାଚୀନ—2. Very old; ancient.
(ସୁବୃଦ୍ଧା ସ୍ତ୍ରୀ) ସଂ. ବି (ନାମ)—ଦକ୍ଷିଣ ଦିଗ୍‌ଗଜର ନାମ—Name of the mythological elephant guarding the south.

ସୁବେ—ବୈଦେ. ବି (ଅ)—ସନ୍ଦେହ—
Sube Suspicion; doubt.
সোবে सुभा

ସୁବେ କରିବା—ଦେ. କ୍ରି—ସନ୍ଦେହ କରିବା—
Sube karibā To suspect.
সোবে করা सुभा करना

ସୁବେଗା—ସଂ. ବି—ମହା ଜ୍ୟୋତିଷ୍ମତୀ (ରାଜନିର୍ଘଣ୍ଟ) (ଦେଖ)
Subegā Mahājyotismatī (See)

ସୁବେଣୀ—ଦେ. ବି—୧ । ଉତ୍ତମ କେଶବିଶିଷ୍ଟା ସ୍ତ୍ରୀ—1. A
Subeṇī woman having graceful hair on
সুবেণী her head. ୨ । ସ୍ତ୍ରୀ; ନାରୀ—2. Woman
सुवेणी [ଉ—ଅଦ୍ଭୁଂକ୍ରିହି ନିବେଣୀକି ଯାଇ ଏକ ସୁବେଣୀକି ବୁଡ଼ାଇ ମାୟା ଜାନକୀ କରୁ । ଭଞ୍ଜ. ବୈଦେହୀଶବିଳାସ ।]

ସୁବେଦ—ସଂ. ବିଣ (ପୁଂ) (ସୁ+ବିଦ ଧାତୁ+କର୍ତ୍ତି. ଅ)—୧ । ଅଧ୍ୟାତ୍ମ-
Subeda ଶାସ୍ତ୍ରରେ ପାରଙ୍ଗମ (ତ୍ରି. ଶ)—1. Proficient in spiritual or estoric knowledge. ୨ । ବେଦପାରଗ—2. Versed in the Bedas.

ସୁବେଦାର୍ (ଇତ୍ୟାଦି)—ବୈଦେ. ବି—ସୁବାଦାର୍ ଇତ୍ୟାଦି (ଦେଖ)
Subedār (etc) Subedār etc. (See)

ସୁବେଦୀ—ଦେ. ବିଣ. (ସଂ. ସୁବେଦ)—ବେଦପାରଗ (ବ୍ରାହ୍ମଣ)—
Subedī a Brāhmaṇa) Well versed in the
সুবেদী सुवेदी Bedas.

ସୁବେଦୀ ଗୋସା(ସେ)ଇଁ(ବ୍ରାହ୍ମଣ, ବିପ୍ର)—ଦେ. ବି—ବେଦପାରଗ,
Subedī gosā(se)iñ(brāhmaṇa, bipra) ଆଚାରନିଷ୍ଠ
সুবেদী গোসাই ବ୍ରାହ୍ମଣ—A Brāhmaṇa well ver-
सुवेदी गोसाइँ sed in the Bedas and of approved conduct.

ସୁବେଧ—ଦେ. ବିଣ—ଅତି ଗାଢ଼—Very sound. [ଉ—ଚାରି
Subedha ବରଦେ ଗୁରୁ ମନୋରଥ ତହିଁ ସମାନ ସୁବେଧ ସୁରତ
গাঢ় बहुत मोटा ଶିଶୁଶଙ୍କର. ଉଷାଭିଳାଷ ।]

ସୁବେ ବରାତ୍—ବୈଦେ. ବି (ଫା)—ସବେ ବରାତ୍ (ଦେଖ)
Sube barāt Sabe barāt (See)
(ସୁବେବ୍ରାତ୍—ଅନ୍ୟରୂପ)

ସୁବେଳ—ସଂ.ବି(ବହୁବ୍ରୀହି.ସୁ+ସୁନ୍ଦର ଅଟେ ବେଳା ଯାହାର)—ଲଙ୍କାର
Subeḷa ନିକଟ ପର୍ବତ (ହେମଚନ୍ଦ୍ର) –The Sanscrit name of a mountain in Ceylon. [ବି—ଏହା ଲଙ୍କାରେ ଅବସ୍ଥିତ ଓ ତ୍ରିକୂଟ ପୋଲକ ପର୍ବତ । ରାମଚନ୍ଦ୍ର କପିସେନା ସହ ଏହା ନିକଟରେ ରହିଥିଲେ ଓ ଏହା ଉପରେ ଆରୋହଣ କରି ଲଙ୍କାପୁରୀର ଦର୍ଶନ କରି ବିସ୍ମୟମୁଗ୍ଧ ହୋଇଥିଲେ । ଏହି ପର୍ବତରେ ଲୁଚି ରହି ରାବଣର ଅନୁଚର ଶାର୍ଦ୍ଦୂଳ ନାମକ ରାକ୍ଷସ ଓ ୧୦ ଜଣ ଅନୁଚର ରାମଚନ୍ଦ୍ରଙ୍କ ସୈନ୍ୟବଳ ପର୍ଯ୍ୟବେକ୍ଷଣ କରି ରାବଣଙ୍କୁ ଜଣାଇଥିଲେ ।] ବିଣ—୧ । ପ୍ରଣତ; ଶାନ୍ତ (ମେଦିନୀ)—1. Meek; mild. ୨ । ବହୁତ ନଇଁ ଥିବା (ତ୍ରି. ଶ)—2. Much bent. ଦେ. ବି—
সুবেলা सुलमय ସୁବେଳା (ଦେଖ)—Subeḷā (See)

ସୁବେଳା—ସଂ. ବି (କର୍ମଧା)—୧ । ଶୁଭଯୁକ୍ତ ସମୟ—1. Auspi-
Subeḷā cious time. ୨ । ଉପଯୁକ୍ତ କାଳ—2. Proper time. ୩ । ସୁବିଧାଜନକ ମୁହୂର୍ତ୍ତ—3. Opportune moment

ସୁବେଶ—ସଂ. ବି—୧ । ସୁନ୍ଦର ବେଶ—1. Nice dress. ୨ ।
Subeśa ସୁନ୍ଦର ପରିଚ୍ଛଦ ଓ ସଜ୍ଜା—2. Nice toilet. ୩ । ଶ୍ୱେତେକ୍ଷୁ (ରାଜନିର୍ଘଣ୍ଟ)—3. The white variety of sugarcane. ବିଣ—୧ । (ବହୁବ୍ରୀହି; ସୁ ଅଟେ
(ସୁବେଶା—ସ୍ତ୍ରୀ) ବେଶ ଯାହାର) ସୁନ୍ଦର ବେଶଯୁକ୍ତ—1. Having a good dress; well dressed. ୨ । ସୁନ୍ଦର; ରୂପବାନ୍ (ତ୍ରି. ଶ)—2. Beautiful.

ସୁବେଶିନୀ—ସଂ. ବିଣ. ସ୍ତ୍ରୀ (ସୁବେଶ+ଇନ୍+ସ୍ତ୍ରୀ. ଈ)—ସୁବେଶୀର
Subeśinī ସ୍ତ୍ରୀଲିଙ୍ଗ—Feminine of Subeśī.

ସୁବେଶୀ—ସଂ. ବିଣ, ପୁଂ (ସୁବେଶ+ଇନ୍; ୧ମା. ୧ବ)—ସୁବେଶ-
Subeśī ଧାରୀ—Well dressed

ସୁବୋଧ—ସଂ. ବିଣ (ବହୁବ୍ରୀହି; ସୁ ଅଟେ ବୋଧ ଯାହାର)—୧ । ସୁବୁଦ୍ଧି;
Subodha ସଦ୍‌ବୁଦ୍ଧିବିଶିଷ୍ଟ—1. Intelligent. ୨ । ଅତି ବୁଦ୍ଧିମାନ—2. Very intelligent. ୩ । ତୀକ୍ଷ୍ଣ
(ସୁବୋଧା—ସ୍ତ୍ରୀ) ବୁଦ୍ଧିବିଶିଷ୍ଟ—3. Sharp of intellect.
ଦୁର୍ବୋଧ } ବିପରୀତ ବିଣ ୪ । ଶିଷ୍ଟ; ନମ୍ର—4. Gentle; mild.
ନିର୍ବୋଧ } ବି—୧ । ସୁବୁଦ୍ଧି—1. Good inclination. ୨ । ସୁଜ୍ଞାନ—2. Good knowledge. ୩ । ନିଦ୍ରାରୁ ଜାଗରଣ—3. Awakening.

ସୁବୋଧ୍ୟ—ସଂ. ବିଣ (ସୁ+ବୁଧ୍ ଧାତୁ+କର୍ମ. ଯ)—୧ । ଯାହା
Subodhya ସହଜରେ ବୁଝି ହୁଏ; ସୁଖବୋଧ୍ୟ—1. Capable
[ଦୁର୍ବୋଧ୍ୟ—ବିପରୀତ] of being easily understood.
[ସୁବୋଧ୍ୟା—ସ୍ତ୍ରୀ] ୨ । ଯାହାଙ୍କୁ ସହଜରେ ନିଦ୍ରାରୁ ଉଠାଇ ଦିଆଯାଇ ପାରେ—2. One who can be awakened easily from sleep.

ସୁବ୍ୟକ୍ତ—ସଂ. ବିଣ—୧ । ସୁପ୍ରକାଶିତ—1. Clearly expressed;
Subyakta patent. ୨ । ପ୍ରକଟିତ—2. Explicit. ୩ । ସୁସ୍ପଷ୍ଟ—3. Very clear.

ସୁବ୍ୟବସ୍ଥ—ସଂ. ବିଣ (ବହୁବ୍ରୀହି; ସୁ+ବ୍ୟବସ୍ଥା+ଅ)—ସୁନ୍ଦରରୂପେ
Subyabastha ବ୍ୟବସ୍ଥାଯୁକ୍ତ—Well arranged; nicely
[ସୁବ୍ୟବସ୍ଥା—ସ୍ତ୍ରୀ] got up.

ସୁବ୍ୟବସ୍ଥା—ସଂ. ବି—ଉତ୍ତମ ବ୍ୟବସ୍ଥା—Good or nice arrangement.
Subyabasthā ସଂ. ବଣ. ସ୍ତ୍ରୀ—ସୁବ୍ୟବସ୍ଥର ସ୍ତ୍ରୀଲିଙ୍ଗ—Feminine of Subyabastha.

ସୁବ୍ୟବସ୍ଥିତ—ସଂ. ବି (ସୁ+ବି+ଅବ+ସ୍ଥା ଧାତୁ+କର୍ମ. ତ)—
Subyabasthita ଉତ୍ତମରୂପେ ବ୍ୟବସ୍ଥାଯୁକ୍ତ—Well arranged.

ସୁବ୍ରତ—ସଂ. ବଣ (ବହୁବ୍ରୀହି)—୧। ଶୋଭନ ବ୍ରତାନୁଷ୍ଠାନ; ଦୃଢ଼ତା
Subrata ଅନୁସାରେ ବ୍ରତପାଳନକାରୀ—1. Carrying out
[ସୁବ୍ରତା—ସ୍ତ୍ରୀ] a vow nicely or rigidly. ୨। ଧର୍ମପରାୟଣ—2. Pious. ୩। ବଶୀଭୂତ ବା ନମ୍ର (ପଶୁ ଯଥା—ଘୋଡ଼ା, ଗୋରୁ) [ବି. ଣ]—3. Meek (animal). ବି—୧। ଉତ୍ତମ ବ୍ରତ—1. A good religious vow. ୨। (ନାମ) ବର୍ତ୍ତମାନ ଯୁଗର ବିଂଶ ଜିନ—2. The 20th Jaina saint of the present era. ୩। (ନାମ) ଭବିଷ୍ୟତ୍ କାଳର ଏକାଦଶ ଜୈନ ମୁନି—3. Name of the 11th Jaina saint of the future era. ୪। (ନାମ) ସ୍କନ୍ଦଙ୍କର ଏକ ଅନୁଚର (ବି. ଣ)—4. Name of an attendant of Skanda. ୫। (ନାମ) ଏକ ପ୍ରଜାପତିଙ୍କ ନାମ [ବି ଣ]—5. Name of a progenitor of mankind. ୬। (ନାମ) ରୌଚ୍ୟମନୁଙ୍କର ଏକ ପୁତ୍ର (ବି. ଣ)—6. A son of Rochyamanu. ୭। (ନାମ) ଉଶୀନରଙ୍କ ଏକ ପୁତ୍ର (ବି ଣ)—7. A son of Usinara. ୮। (ନାମ) ପ୍ରିୟବ୍ରତଙ୍କ ଏକ ପୁତ୍ର (ବି. ଣ)—8. A son of Priyabrata. ୯। ବ୍ରହ୍ମଚାରୀ (ବି. ଣ)—9. A Brahmachārī.

ସୁବ୍ରତା—ସଂ. ବଣ. ସ୍ତ୍ରୀ—ସୁବ୍ରତର ସ୍ତ୍ରୀଲିଙ୍ଗ—Feminine of
Subratā Subrata. ବି—୧। ପତିବ୍ରତା ଓ ସାଧ୍ୱୀ ସ୍ତ୍ରୀ—1. A chaste and good woman. ୨। ସୁଦୋହ୍ୟା ଗାଭୀ—2. A cow which is easily milched. ୩। ଗନ୍ଧପଲାଶୀ, ଗନ୍ଧଶଠୀ (ବୈଦ୍ୟକ)—3. A species of scented medicinal root ୪। (ନାମ) ଦକ୍ଷଙ୍କ ଏକ କନ୍ୟା—4. Name of a daughter of Daksha. ୫। (ନାମ) ଅପ୍ସରା ବିଶେଷ—5. Name of a heavenly nymph. ୬। (ନାମ) ବର୍ତ୍ତମାନ କଳ୍ପର ପଞ୍ଚଦଶ ଅର୍ହତଙ୍କ ମାତା—6. Name of the mother of the 15th Buddhist saint of the present Kalpa.

ସୁବ୍ରହ୍ମଣ୍ୟ—ସଂ. ବି—୧। ବ୍ରହ୍ମର ଉପାସକ—1. A sincere
Subrahmaṇya worshipper of the Brāhman. ୨। କାର୍ତ୍ତିକେୟ—2. God Kārttikeya. ୩। ବିଷ୍ଣୁ (ବି. ଣ)—3. Bishṇu. ୪। ଶିବ (ବି. ଣ)—4. Siba. ଦେ. ବି—୧। (ସଂ. ସୁ ବ୍ରାହ୍ମଣ)
ସୁବ୍ରାହ୍ମଣ (ଦେଖ)—1. Subrāhmaṇa (See)
ସୁବ୍ରହ୍ମଣ୍ୟ ୨। (ପୁଂ) ଦାକ୍ଷିଣାତ୍ୟରେ ପୁରୁଷଙ୍କୁ ପ୍ରଦତ୍ତ ନାମ—
ସୁବ୍ରମଣ୍ୟ 2. A name given to males in the Deccan; Subramanya.

ସୁବ୍ରହ୍ମଣ୍ୟ କ୍ଷେତ୍ର—ଦେ ବି—ମାନ୍ଦ୍ରାଜପ୍ରଦେଶର ଦକ୍ଷିଣ କାନାଡ଼ାରେ
Subrahmaṇya kshetra ଥିବା ହିନ୍ଦୁ ତୀର୍ଥ (ବି. ଣ)—Name of a place of Hindu pilgrimage in south Kanara in Madras Presidency.

ସୁବ୍ରହ୍ମ ବାସୁଦେବ—ସ ବି କୃଷ୍ଣରୂପ ବାସୁଦେବସ୍ୱରୂପ (ଭଗବଦ୍ଗୀତା);
Subrahma bāsudeba ଶ୍ରୀକୃଷ୍ଣ—Śrīkṛushṇa, who is an incarnation of the Divine Soul.

ସୁବ୍ରାହ୍ମଣ—ସ ବି—ଅତ୍ୟନ୍ତ ସଚ୍ଚରିତ୍ର ବ୍ରାହ୍ମଣ—
Subrāhmaṇa A very good and pious Brāhmaṇa.

ସୁଭକ୍ଷ(କ୍ଷ୍ୟ)—ସ ବି—ସୁଖଭକ୍ଷ୍ୟ—
Subhaksha(kshya) Easily eatable.

ସୁଭଗ—ସ ବଣ (ବହୁବ୍ରୀହି: ସୁ+ଭଗ=ଧନ, ଐଶ୍ୱର୍ଯ୍ୟ ଯାହାର)—
Subhaga ୧। ଶୋଭନ ଐଶ୍ୱର୍ଯ୍ୟଯୁକ୍ତ; ସୌଭାଗ୍ୟ-
(ସୁଭଗା—ସ୍ତ୍ରୀ) ଯୁକ୍ତ—1. Affluent. ୨। ଭାଗ୍ୟବାନ୍—2. Fortunate; lucky. ୩। ପ୍ରିୟ—3. Dear. ୪। ସୁନ୍ଦର; ସୁରୂପ; ପ୍ରିୟଦର୍ଶନ—4. Beautiful. ୫। ମନୋହର—5. Charming. ୬। ସୁଖଦ; ଆନନ୍ଦଦାୟକ (ବି. ଣ)—6. Delightful. ବି—୧। ଟଙ୍କଣ; ଫାଟିକ (ଘରକର୍ଣ୍ଣୁ)—1. Alum. ୨। ଚମ୍ପକ (ପୁଷ୍ପବିଶେଷ)-2 The Champaka flower. ୩। ଅଶୋକ—3. The Asoka tree. ୪। ରକ୍ତଝିଣ୍ଟୀ; ରକ୍ତାମ୍ଲାନ; ଅର୍ଦ୍ଧଲେଖ ଫୁଲ ଗଛ—4. Red-flowered species of Barleria plant. ୫। ଶୈଳେୟ; ଶିଳାପୁଷ୍ପ (ବି. ଣ)—5. Parmalia Perlata. ୬। ଗନ୍ଧକ (ବି. ଣ)—6. Sulphur. ୭। ଶିବ (ବି. ଣ)—7. Siba. ୮। (ନାମ) ସୁବଳଙ୍କର ଏକ ପୁତ୍ର (ବି. ଣ)—9. Name of a son of Subala. ୯। ଜ୍ୟୋତିଷମତରେ ଯେଉଁ କାର୍ଯ୍ୟଦ୍ୱାରା ଲୋକ ସୌଭାଗ୍ୟଶାଳୀ ହୁଏ (ବି. ଣ)—9. An act which makes one affluent.

ସୁଭଗମ୍ଭାବୁକ—ସ ବି. ପୁଂ (ସୁଭଗଂ+ଭୂ ଧାତୁ+କର୍ତ୍ତି ଉକ; ଅଲୁକ୍
Subhagambhābuka ସମାସ)—ଯେ ବର୍ତ୍ତମାନ ସୁଭଗ
(ସୁଭଗମ୍ଭାବୁକା—ସ୍ତ୍ରୀ) ହୋଇଅଛି—One who has
(ସୁଭଗଂଭାବୁକ—ଅଙ୍ଗରୂପ) turned out to be beautiful or fortunate.

ସୁଭଗମ୍ମନ୍ୟ—ସ ବଣ. ପୁଂ (ସୁଭଗଂ+ମନ ଧାତୁ+କର୍ତ୍ତି ଯ)—ଯେ
Subhagammanya ଆପଣାକୁ ସୁଭଗ (ସୁନ୍ଦର ବା ପ୍ରିୟ)
(ସୁଭଗମ୍ମନ୍ୟା—ସ୍ତ୍ରୀ) ବୋଲି ମନେକରେ—One who

(ସୁଭଗଂମନ୍ୟ—ଚନ୍ୟଭୁତ) thinks himself beautiful or lucky.

ସୁଭଗସେନ—ବେ· ବ (ନାମ)—ଅଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ
Subhagasena ସମୟରେ ପଶ୍ଚିମ ଭାରତର ଏକପ୍ରାନ୍ତର ଶାସକ (ହି. ଶ)—The Governor of a part of Western India when Alexander the Great invaded India.

ସୁଭଗା—ସ. ବଣ. ସ୍ତ୍ରୀ (ସୁଭଗ+ଆ)—୧ । ସୁଭଗର ସ୍ତ୍ରୀଲିଙ୍ଗ—
Subhagā 1. Feminine of Subhaga. ୨ । ସୌଭାଗ୍ୟବତୀ, ଅତି ପ୍ରିୟା (ଭାର୍ଯ୍ୟା)—2. (a wife) Much loved by the husband. ୩ । ସୁନ୍ଦରୀ (ସ୍ତ୍ରୀ)—3. Beautiful (woman). ବ—୧ । ଦେବୈଶ୍ରୀ (ରାଜନିର୍ଘଣ୍ଟ); କୈବର୍ତ୍ତିମୁସ୍ତକ—1. A variety of bulbous grass-root. ୨ । ଶାଳପର୍ଣ୍ଣୀ (ରାଜନିର୍ଘଣ୍ଟ)—2 Śālaparṇṇi (See) ୩ । ହଳଦୀ (ରାଜନିର୍ଘଣ୍ଟ)—3. Turmeric. ୪ । ନୀଳ ଦୁବ (ରାଜନିର୍ଘଣ୍ଟ)—4. Blue doob grass. ୫ । ତୁଳସୀ (ରାଜନିର୍ଘଣ୍ଟ)—5. The holy Basil plant. ୬ । ପ୍ରିୟଙ୍ଗୁ (ରାଜନିର୍ଘଣ୍ଟ)—6. Agalia Roxburghiana (fragrant creepeer). ୭ । କସ୍ତୁରୀ (ରାଜନିର୍ଘଣ୍ଟ)—7. Musk. ୮ । ସୁବର୍ଣ୍ଣ କଦଳୀ (ରାଜନିର୍ଘଣ୍ଟ) (ଦେଖ)—8. Subarṇṇa kadali (See) ୯ । ବନମଲ୍ଲୀ (ଭୈଷଜ୍ୟ ରତ୍ନାବଳୀ)—9. Wild Jasmine. ୧୦ । ପତିଙ୍କ ପ୍ରିୟା ସ୍ତ୍ରୀ; ସୌଭାଗ୍ୟବତୀ ସ୍ତ୍ରୀ—10. A wife who is very much loved and fondled by her husband. ୧୧ । ପାଞ୍ଚ ବର୍ଷ ବୟସ୍କା କୁମାରୀ (ହି. ଶ)—11 A maid 5 years old. ୧୨ । (ନାମ)—ସ୍କନ୍ଦଙ୍କ ଏକ ମାତୃକା (ହି. ଶ)—12. Name of a foster-mother of Skanda. ୧୩ । ରାଗିଣୀବିଶେଷ (ହି. ଶ)—13. Name of a musical air. ୧୪ । ନାଗ ପୁଷ୍ପ [ହି. ଶ]; ଜାଇ ଫୁଲ [ହି. ଶ]—14. Large-petal ed jasmine.

ସୁଭଗାନନ୍ଦନାଥ—ସ. ବ—ତାନ୍ତ୍ରିକ ଉପାସ୍ୟ ଭୈରବବିଶେଷ [ହି. ଶ]—
Subhagānandanātha ପୂଜିତ ଭୈରବବିଶେଷ [ହି. ଶ]—Name of a Bhairaba.

ସୁଭଗାସୁତ—ସ ବ—ସୁଭଗାର ପୁତ୍ର—The son of a woman
Subhagā suta who is much loved by her husband.

ସୁଭଙ୍ଗ—ସ ବ—ନାରିକେଳ ବୃକ୍ଷ [ଶବ୍ଦାର୍ଥ]—
Subhaṅga Cocoanut tree.

ସୁଭଟ—ସ ବ, ପୁଂ—ମହାନ୍ ଯୋଦ୍ଧା [ହି ଶ]—
Subhaṭa A great warrior.

ସୁଭଟ୍ଟ—ସ ବ, ପୁଂ—ମହାପଣ୍ଡିତ ବ୍ୟକ୍ତି (ହି ଶ)—
Subhaṭṭa A very learned man.

ସୁଭଦ୍ର—ସ ବଣ ପୁଂ [ସୁ+ଭଦ୍ର=ମଙ୍ଗଳ ଅଛି ଯାହାର]—
Subhadra ୧ । ସୁମଙ୍ଗଳଯୁକ୍ତ—1. Auspicious. [ସୁଭଦ୍ରା—ସ୍ତ୍ରୀ] ୨ । ସୌଭାଗ୍ୟଶାଳୀ—2. Lucky; fortunate. ବ ୧—୧ । ବିଷ୍ଣୁ [ଶବ୍ଦମାଳା]—1. Bishṇu. ୨ । ରାଜାବିଶେଷ [ହେମଚନ୍ଦ୍ର]; ନୃପତିବିଶେଷ—2. Name of a king of ancient India. ୩ । ଲଙ୍କାର ସମୁଦ୍ରଉପକୂଳସ୍ଥ ଉତ୍ତରଦିଗରେ ଶତଯୋଜନ ବିସ୍ତୃତ ବହୁଶାଖାବିଶିଷ୍ଟ ପୌରାଣିକ ବଟ ବୃକ୍ଷର ନାମ—3. Name of a mythological banyan tree in ancient Ceylon. [ଦ୍ର—ଏହାଙ୍କ ଗରୁଡ଼ ଗୋଟିଏ ମହାକାୟ ହସ୍ତୀ ଓ କଚ୍ଛପକୁ ଗ୍ରହଣ କରି ଭକ୍ଷଣାର୍ଥ ଏ ବୃକ୍ଷର ଶାଖାରେ ଯାଇ ବସିଥିଲେ ।] ୪ । ସନତ୍‌କୁମାରଙ୍କର ଏକ ନାମ [ହି. ଶ]—4. A name of Sanat-kumāra. ୫ । [ନାମ] ବସୁଦେବଙ୍କ ଔରସରେ ପୌରବୀଗର୍ଭଜାତ ସନ୍ତାନ [ହି. ଶ]—5. The name of Basudeba's son. ୬ । [ନାମ] ଶ୍ରୀକୃଷ୍ଣଙ୍କର ଏକ ପୁତ୍ର [ହି. ଶ]—6. Name of a son of Srikrushṇa. ୭ । [ନାମ] ପ୍ଲକ୍ଷଦ୍ୱୀପର ଅନ୍ତର୍ଗତ ଏକ ବର୍ଷର ନାମ [ହି. ଶ]—7. Name of a part of the mythological Plaksha island. ୮ । କଲ୍ୟାଣ [ହି. ଶ]—8. Bliss. ୯ । ସୌଭାଗ୍ୟ [ହି. ଶ]—9. Good fortune.

ସୁଭଦ୍ରକ—ସ. ବ (ସୁଭଦ୍ର+କ)—୧ । ଦେବରଥ (ଶବ୍ଦରତ୍ନାବଳୀ)-୨
Subhadraka 1. Divine or aerial car of the gods. ୨ । ବ୍ୟୋମଯାନ; ବେଲୁନ—2. Aeroplane; balloon. ୩ । ବେଲ ବୃକ୍ଷ (ଶବ୍ଦଚନ୍ଦ୍ରିକା)—3. The Marmalos tree.

ସୁଭଦ୍ରା—ସଂ. ବଣ. ସ୍ତ୍ରୀ (ସୁଭଦ୍ର+ଆ)—ସୁଭଦ୍ରର ସ୍ତ୍ରୀଲିଙ୍ଗ—
Subhadrā Feminine of Subhadra. ବ. ସ୍ତ୍ରୀ (ନାମ)—୧ । ଅର୍ଜୁନଙ୍କ ଦ୍ୱିତୀୟା ପତ୍ନୀ; ଶ୍ରୀକୃଷ୍ଣଙ୍କ ବୈମାତ୍ରେୟ ଭଗିନୀ; ବସୁଦେବଙ୍କ ଔରସରେ ରୋହିଣୀଗର୍ଭଜାତା କନ୍ୟା-1. Name of the second wife of Arjuna. [ଦ୍ର—ଏ ସୁନ୍ଦରୀ ହେବା ସଙ୍ଗେ ଅର୍ଜୁନଙ୍କ ଦୃଷ୍ଟିରେ ପଡ଼ିବାରୁ ସେ ଏହାଙ୍କ ରୂପରେ ମୁଗ୍ଧ ହୋଇ ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁସାରେ ଏହାଙ୍କୁ ହରଣ କରି ବିବାହ କଲେ । ଏହାଙ୍କ ଗର୍ଭରୁ ଅର୍ଜୁନଙ୍କ ଔରସରେ ଅଭିମନ୍ୟୁ ଜନ୍ମ ହୋଇଥିଲେ । ପାଣ୍ଡବମାନଙ୍କ ବନବାସ କାଳରେ ସୁଭଦ୍ରା ପୁତ୍ର ସହିତ ପିତୃଗୃହରେ ଅବସ୍ଥାନ କଲେ । କୁରୁକ୍ଷେତ୍ର ଯୁଦ୍ଧରେ ଅଭିମନ୍ୟୁଙ୍କ ମୃତ୍ୟୁରେ ଏ ଅତି ଶୋକସନ୍ତପ୍ତା ହୋଇଥିଲେ; କିନ୍ତୁ ଅଭିମନ୍ୟୁଙ୍କ ସ୍ତ୍ରୀ ଉତ୍ତରାଙ୍କ ଗର୍ଭରୁ ପରୀକ୍ଷିତ ଜନ୍ମ ହେବାରୁ ଏ କଥଞ୍ଚିତ

ସାନ୍ତ୍ୱନା ଲାଭ କଲେ । ପାଣ୍ଡବମାନେ ସତ୍ୟାନୁଷ୍ଠାନ ଉତ୍ତାରୁ ସୁଭଦ୍ରା ସୈନିକ ସନ୍ନିହିତ ସଙ୍ଗେ ଦ୍ୱାରିକାରେ ଉତ୍ତ ଶେଷ ଜୀବନ ଅତିବାହନରେ ଉଠାଇଥିଲେ ।] ୨ । ଦୁର୍ଗାଙ୍କର ଏକ ରୂପ (ହ. ଶ)—2. One of the forms of Durgā. ୩ । ସଙ୍ଗୀତର ଏକ ଶ୍ରୁତିର ନାମ (ହ. ଶ)- 3. Name of a musical Śruti. ୪ । (ନାମ) ଅନିରୁଦ୍ଧଙ୍କ ସ୍ତ୍ରୀ (ହ- ଶ)—4. Name of the wife of Aniruddha. ୫ । (ନାମ) ବଳିଙ୍କ କନ୍ୟା ଓ ଅବଶିଷ୍ଟଙ୍କ ସ୍ତ୍ରୀ ହ. ଶ)—5. Name of a daughter of Bali. ୬ । ଶାରିବା (ହ- ଶ)— 6. Hemidesmus Indicus. ୭ । ଗମ୍ଭାରୀ [ହ.ଶ] 7. Gmelina Arborea. ୮ । ଦୁର୍ବାଜାତି ଘାସ [ହ. ଶ]— 8. A kind of grass.

ସୁଭଦ୍ରା ସୁଭଦ୍ରା ଦେ. ବ—୧ । ପୁରୀରେ ଜଗନ୍ନାଥ ଓ ବଳଦେବଙ୍କ ପ୍ରତିମା ମଧ୍ୟରେ ପ୍ରତିଷ୍ଠିତା ଦେବୀପ୍ରତିମା ମୂର୍ତ୍ତି— 1. Name of the idol placed between the idols of Jaganratha and Balabhadra in the temple at Puri. ୨ । ସ୍ତ୍ରୀଲୋକଙ୍କ ନାମ— 2. A name given to females.

ସୁଭଦ୍ରାଣୀ—ସଂ. ବି— ଶାସ୍ତ୍ରୀ (ଉତ୍ତମଙ୍କା); ଉଦ୍ଭିଦ ବିଶେଷ ନାମକ ଗୁଳ୍ମ Subhadrāṇi —Thalictrum Faliolosum (a plant).

ସୁଭଦ୍ରା ହରଣ—ସଂ. ବି—ଅର୍ଜୁନଙ୍କ ଦ୍ୱାରା ବଳାତ୍କାରରେ ଶ୍ରୀକୃଷ୍ଣଙ୍କ Subhadrā haraṇa ଭଗ୍ନୀରୂପେ ସୁଭଦ୍ରାଙ୍କର ସ୍ତ୍ରୀଜାତ୍ରୁସ- ହରଣ—The forcible removal of Subhadrā by Arjuna for marrying her.

ସୁଭଦ୍ରେଶ—ସଂ. ବ (୬ଷ୍ଠୀ ତତ୍; ସୁଭଦ୍ରା+ଈଶ=ସ୍ୱାମୀ)-ଅର୍ଜୁନ— Subhadreśa Arjuna.

ସୁଭସତ୍ତରା—ସଂ. ବି. ସ୍ତ୍ରୀ—ସୁଭଗା ସ୍ତ୍ରୀ (ହ. ଶ) — Subhasattarā A lady very much loved by her husband.

ସୁଭାଗ—ସଂ. ବଣ. ପୁଂ—ଭାଗ୍ୟବାନ୍ (ହ. ଶ) — Subhāga Fortunate. (ସୁଭାଗା—ସ୍ତ୍ରୀ)

ସୁଭାଗୀ—ଦେ. ବଣ. ସ୍ତ୍ରୀ (ସଂ. ସୁଭଗା)—ସୌଭାଗ୍ୟବତୀ— Subhāgi Fortunate; lucky (woman).

ସୁଭଗା ସୁହାଗିନ ସଂ. ବି— ସୁଭଗା ସ୍ତ୍ରୀ—A greatly loved wif (ଉ—ଦେଖାଦେ ଜଣେ ସେ ଭୂଷଣରେ ଭୂଷ ହୁ ହୁଲି ତାହାର ଶୋଭିତା- ଉକ୍ତ କୋରିକ୍ଷ୍ଣୁସୁ- ସୁଭଗା ।) ଦେ. ବଣ (ପୁଂ)—

ସୁଭାଗୀ ସୁଭାଗୀ ସୌଭାଗ୍ୟବାନ୍—Fortunate.

ସୁଭାଗ୍ୟ—ସଂ. ବି—ଉତ୍ତମ ଭାଗ୍ୟ—Good luck ସଂ ବଣ. ପୁଂ Subhāgya —(ବହୁବ୍ରୀହି)—ଅତି ଭାଗ୍ୟବାନ୍— (ସୁଭାଗ୍ୟା—ସ୍ତ୍ରୀ) Very fortunate.

ସୁଭାଞ୍ଜନ—ସଂ. ବି—ଶୋଭାଞ୍ଜନ ବୃକ୍ଷ (ଭରତ, ଦ୍ୱିରୂପକୋଷ)— Subhāñjana ସଜନା—The Indian horse-radish tree.

ସୁଭାନ୍ ଅ(ଆ)ଲ୍ଲା—ଦେ. ଅ—ସୁବହାନଲ୍ଲା (ଦେଖ) Subhān a(ā)llā Suban-allā (See)

ସୁଭାଷିତ—ସଂ ବି—୧ । ସୁନ୍ଦର କଥା; ସୂକ୍ତି—1. Nice speech. Subhāshita ୨ । ବୁଦ୍ଧଦେବ (ବିକାଣ୍ଡଶେଷ)— 2. Name of a Buddhist saint. ବଣ—ସୁନ୍ଦରରୂପେ କଥିତ—Nicely spoken.

ସୁଭାଷୀ—ସଂ. ବଣ. ପୁଂ (ସୁ+ଭାଷ ଧାତୁ+ଣିନି, କର୍, ୧ମା. ୧ବ)— Subhāshi ମଧୁରଭାଷୀ—Sweet-speaking. (ସୁଭାଷିଣୀ—ସ୍ତ୍ରୀ)

ସୁଭାସ—ସଂ. ବଣ—ବିଶେଷ ପ୍ରକାଶମାନ (ହ. ଶ) — Subhāsa Very lustrous. (ସୁଭାସା—ସ୍ତ୍ରୀ)

ସୁଭିକ୍ଷ—ସଂ. ବ (ସୁ+ଭକ୍ଷ ଧାତୁ+ଅଧି. ଅ)—୧ । ଯେଉଁ କାଳରେ Subhiksha ଭିକ୍ଷୁକର ଭିକ୍ଷା ସୁଲଭ 1. A time of plen- (ଦୁର୍ଭିକ୍ଷ—ବିପରୀତ) ty (when beggars get plenty of alms easily). ୨ । ସୁଲଭ ଭିକ୍ଷା ଦ୍ରବ୍ୟ— 2. Cheap articles of alms. ୩ । ଯେଉଁ କାଳରେ ଦେଶରେ ଖାଦ୍ୟ ଖାଦ୍ୟ ପ୍ରଚୁର ପରିମାଣରେ ମିଳେ—3. A time when the necessaries of life are cheap and plentiful.

ସୁଭିକ୍ଷା—ସଂ. ବି—ଧାତୁ ପୁଷ୍ପିକା (ଅମର); ଧାଇ ଫୁଲ—Wood- Subhikshā fordia Floribunda; Grislea Tomentosa (Apte) (M. W.)

ସୁଭିତା—ଆ. ବ (ସଂ. ସୁବିଧା)—ସୁବିଧା—Convenience. ବଣ— Subhitā ୧ । ସୁବିଧାଜନକ—1. Convenient. ୨ । (ସଂ, ସ୍ୱବିଧା ଶୋଭିତ) ଶୋଭାଯୁକ୍ତ—2. Resplendent. सुभीता शोभित शोभायुक्त

ସୁଭୀମ—ସଂ, ବଣ—ଅତି ଭୀଷଣ (ହ. ଶ)— Subhima Very fierce. (ସୁଭୀମା—ସ୍ତ୍ରୀ)

ସୁଭୀରକ—ସଂ. ବି—ପଳାଶ ବୃକ୍ଷ (ଜ୍ୟୋତିରତ୍ନ) — Subhiraka butea Frondosa (tree).

ସୁଭୁଜ —ସଂ, ବଣ, ପୁଂ (ବହୁବ୍ରୀହି)—ସୁନ୍ଦର ବାହୁ ବିଶିଷ୍ଟ— Subhuja Having good hands or arms. (ସୁଭୁଜା—ସ୍ତ୍ରୀ)

ସୁଭୂ—ସଂ. ବ (ସୁ+ଭୂ ଧାତୁ+କ୍ୱିପ୍, କର୍ତ୍ତୃ)—ଉତ୍କୃଷ୍ଟ ଭୂମି— Subhū Excellent soil. ବଣ—୧ । ଉତ୍କୃଷ୍ଟ ଭୂମି ସମ୍ବନ୍ଧୀୟ 1. Relating to excellent soil. ୨ । ସୁଜନ୍ମା (ମୁଗ୍ଧବୋଧ) (ଦେଖ)—2. Sujanmā (See)

ସୁଭୂତି—ସଂ. ବି—୧ । ମୃଗଲ; କ୍ଷେମ; ମଙ୍ଗଳ (ହ୍ରୁ. ଶ)—
Subhūti 1. Bliss. ୨ । ଉନ୍ନତି (ହ୍ରୁ. ଶ)—2. Advancement.

ସୁଭୂତିକ—ସଂ. ବି (ସୁ+ଭୂତି=ମଙ୍ଗଳ+କ)—ବିଲ୍ୱବୃକ୍ଷ (ସ୍ୱର୍ଗଦ ବର୍ଦ୍ଧକ); ବେଲ ଗଛ—The Bilwa tree.
Subhūtika

ସୁଭୂମ—ସଂ. ବି (ନାମ)—ଜୈନମାନଙ୍କ ଅଷ୍ଟମ ଚକ୍ରବର୍ତ୍ତୀ କାର୍ତ୍ତବୀର୍ଯ୍ୟ (ହେମଚନ୍ଦ୍ର)—Name of the 8th Emperor of the Jainas; Kārtabirjya.
Subhūma

ସୁଭୂଷଣ—ସଂ. ବି—ସୁନ୍ଦର ଅଳଙ୍କାର—Beautiful ornament.
Subhūshaṇa ସଂ. ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ଅଳଙ୍କାରରେ (ସୁଭୂଷଣା—ସ୍ତ୍ରୀ) ଭୂଷିତ—Decked with dainty ornament.

ସୁଭୃଶ(ଷ)—ସଂ. କ୍ରି ବି ଓ କ୍ରି. ବିଣ—ଅତିଶୟ—Very much. ବିଣ—ସମଧିକ—Excessive.
Subhṛisa(sha)

ସୁଭିକ୍ଷ—ଦେ. ବି (ସଂ. ସୁଭିକ୍ଷ)—ସସ୍ତା କାଳ—A time when the necessaries of life are cheap and plentiful.
Subhaiksha
सुभिक्ष सुभिक्ष

ସୁଭୋଗ୍ୟ—ସଂ. ବିଣ—ଉତ୍ତମ ରୂପେ ଭୋଗ କରିବା ଯୋଗ୍ୟ—Enjoyable with ease.
Subhogya
(ସୁଭୋଗ୍ୟା—ସ୍ତ୍ରୀ)

ସୁଭୌମ—ସଂ. ବି (ନାମ)—ଜୈନଙ୍କ ଚକ୍ରବର୍ତ୍ତୀ କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର—Son of the Jaina emperor Kārttabirjya's son. [ଦ୍ର—ଜୈନ ହରିବଂଶରେ ଲେଖାଅଛି ଯେ, ପର୍ଶୁରାମ କାର୍ତ୍ତବୀର୍ଯ୍ୟଙ୍କୁ ବଧ କରିବା ପରେ କାର୍ତ୍ତବୀର୍ଯ୍ୟପତ୍ନୀ ଶିଶୁ ସୁଭୌମକୁ ନେଇ ଭୂମିକାନ୍ଥମକୁ ଗଲେ । ସେଠାରେ ବଢ଼ି ସୁଭୌମ ବୟଃପ୍ରାପ୍ତ ହୋଇ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ବୋଲ୍ତଏଥର ପୃଥିବୀକୁ ବ୍ରାହ୍ମଣଶୂନ୍ୟ କରି କ୍ଷତ୍ରିୟଙ୍କ ପ୍ରାଧାନ୍ୟ ପୃଥିବୀରେ ପ୍ରତିଷ୍ଠିତ କଲେ—ହ୍ରୁ. ଶ]
Subhauma

ସୁଭ୍ରୂ—ସଂ. ବିଣ. ସ୍ତ୍ରୀ (ସୁ=ସୁନ୍ଦର+ଭ୍ରୂ ଯାହାର; ବହୁବ୍ରୀହି)—ସୁନ୍ଦର ଭ୍ରୂଯୁକ୍ତା (ନାରୀ)—(a woman) Having nice-eye brows. ବି. ସ୍ତ୍ରୀ—୧ । ସୁନ୍ଦରୀ ନାରୀ—1. A beautiful woman; a lovely woman. ୨ । ନାରୀ; ସ୍ତ୍ରୀ (ଜଟାଧର)—2. Woman. [ଦ୍ର—ଏହି ଶବ୍ଦର ସମ୍ବୋଧନ ଏକ ବଚନରେ ରୂପ 'ସୁଭ୍ରୂ'; କିନ୍ତୁ ଭଟ୍ଟି, କାଳିଦାସ ଓ ଭବଭୂତି ଆଦି କବିମାନେ ଏ ଶବ୍ଦର ସମ୍ବୋଧନ ଏକ ବଚନରେ 'ସୁଭ୍ରୁ' ଆକାର ବ୍ୟବହାର କରି ଅଛନ୍ତି । ଯଥା ଭୂଷାର ସମ୍ବନ୍ଧ ଶାଳ୍ମ; ମାଳବିକାଗ୍ନିମିତ୍ର ୩ୟ—ଅଙ୍କ ।]
Subhrū
(ସୁଭ୍ରୂକ—ପୁଂ)

ସୁମ୍ଭା—ପ୍ରାଦେ (ସମ୍ବଲପୁର) ବି—ବନାଶୀ ଦଉଡ଼ି—Rope made of Pollindium Augustifolium or Ischaemum Augustifolium grass.
Sum-bhā

ସୁମ—ସଂ. ବି (ବହୁବ୍ରୀହି; ସୁ=ସୁନ୍ଦର+ମା=ଲକ୍ଷ୍ମୀ ବା ଶୋଭା ଯାହାର)—୧ । ପୁଷ୍ପ; ଫୁଲ (ଭରତ)—1. Flower. ୨ । ଚନ୍ଦ୍ର (ଶବ୍ଦ ସାର)—2. The moon. ୩ । ଜଳ; ଆକାଶ; ଗଗନ (ଶବ୍ଦ ସାର)—3. The sky
Suma

ସୁମି—ଦେ. ବି. ସ୍ତ୍ରୀ—ସୁମତୀ ଓ ସୁମିତ୍ରାର ଡାକ ନାମ—Name for calling women named Sumati or Sumitrā.
सुमित्रा सुम

ସୁମ—ବିଣ (ସଂ. ଶୋଭ)—କୃପଣ—Miserly. ବୈଦେ. ବି(ଫା.ସୁମ୍=ଖୁରା)—ଘୋଡ଼ା ଆଦି ଚତୁଷ୍ପଦର—The nail or hoof of horse and other animals.
सुम टाप

ସୁମଖାର—ବୈଦେ. ବି (ଫା)—ଯେଉଁ ଘୋଡ଼ାର ଚକ୍ଷୁର ଗୋଟିଏ ଖୁସି ଖରାପ ହୋଇଥାଏ—A horse with one defective eye-ball.
Sumakhārā
सुमखारा सुमखारा

ସୁମଙ୍ଗଳ—ସଂ. ବି—୧ । ଅତ୍ୟନ୍ତ ମଙ୍ଗଳ ବା ଶୁଭ—1. supreme bliss. ୨ । ଏକପ୍ରକାର ବିଷ (ହ୍ରୁ. ଶ)—2. A kind of poison. ବିଣ—୧ । ଅତି ଶୁଭଦାୟକ—1. Very auspicious. ୨ । ଅତି କେମସୂକ୍ତ—2. Very blissful.
Sumaṅgala
(ସୁମଙ୍ଗଳା—ସ୍ତ୍ରୀ. ବିଣ)

ସୁମଙ୍ଗଳା—ସଂ. ବିଣ. ସ୍ତ୍ରୀ (ସୁମଙ୍ଗଳ+ଆ)—ସୁମଙ୍ଗଳର ସ୍ତ୍ରୀଲିଙ୍ଗ—Feminine of Sumaṅgala. ବି—୧ । କାମୁଦୋଲି (ଭରତ); ଏକପ୍ରକାର ଘାସ (ହ୍ରୁ. ଶ); (ହିନ୍ଦୀ) ମକଡ଼ା ଘାସ (ହ୍ରୁ. ଶ)—1. Name of a grass. ୨ । କାମାଖ୍ୟାଦେଶୀୟ ନଦୀବିଶେଷ—2. Name of a river in Assam. [ଦ୍ର—ଏହା ହିମାଳୟରୁ ବାହାରି ମଣିକୂଟ ପର୍ବତର ପୂର୍ବ ଦିଗେ କାମାଖ୍ୟା ଦେଶ ମଧ୍ୟରେ ବହି ଯାଇଅଛି । ସେହି ନଦୀରୁ ମଣିକୂଟ ପାହାଡ଼କୁ ଚଢ଼ି ଏ ନଦୀକୁ ଦେଖିଲେ ସେ ଗଙ୍ଗାସ୍ନାନ ଫଳ ପାଏ—କାଳିକା ପୁରାଣ ।] ୩ । ଅର୍ହତ୍ ମାତା (ହେମଚନ୍ଦ୍ର)—
3. The mother of a Buddhist saint.
Sumaṅgalā

ସୁମତ—ସଂ. ବିଣ (ସୁ+ମନ୍ ଧାତୁ+କର୍ମ ତ)—୧ । ସୁବୁଦ୍ଧିଶାଳୀ—1. Having good intelligence. ୨ । ବନ୍ଧୁ ଓ ମିତ୍ର—2. Having friendship. ୩ । ପ୍ରିୟ—3. Dear.
Sumata

ସୁମ(ମ୍)ତରାଶ—ବୈଦେ. ବି (ଫା. ସୁମ୍‌ତରାଶ୍)—ଘୋଡ଼ାର ଖୁରା କାଟିବାର ଛୁରୀ—A knife for cutting the nail of horses.
Suma(m-)tarās
सुमतराश सुमतराश

ସୁମତି—ସଂ. ବି (କର୍ମଧା)—୧ । ସୁବୁଦ୍ଧି (ଦେଖ)—1. Subuddhi (See) ୨ । ଦୟା; ଅନୁଗ୍ରହ—2. Favour; kindness. ୩ । ଭକ୍ତି (ହ୍ରୁ. ଶ)—3. Devotion ୪ । (ବହୁବ୍ରୀହି) ସାରିକା; ସଜାରୀ (ହ୍ରୁ. ଶ)—4. Myna bird. ୫ । ମେଳ (ହ୍ରୁ. ଶ)—5. Agreement. ୬ । (ପୁଂ) (ନାମ) ବର୍ତ୍ତମାନ କାଳର ପଞ୍ଚମ ଜୈନ ମୁନି (ହେମଚନ୍ଦ୍ର)—6. Name of the 5th Jaina saint of the present era. ୭ । (ନାମ) (ପୁଂ) ଭରତଙ୍କର ଜୈନମୁନି ବଂଶ (ହେମଚନ୍ଦ୍ର)
Sumati

7. Name of a Jaina saint of the past era. ୮ । (ନାମ) ସ୍ତ୍ରୀ—କଳ୍କିଙ୍କର ବିଷ୍ଣୁ ଅବତାରଙ୍କ ମାତା; କଲ୍କି ମାତା; ବିଷ୍ଣୁଯଶା ନୃପଙ୍କ ପତ୍ନୀ 8. Mother of the Kalki incarnation of Bisnu. ୯ । (ନାମ) ସ୍ତ୍ରୀ—ଶ୍ରୀକୃଷ୍ଣଙ୍କ ପରମଭକ୍ତ ସୁଦାମା ବ୍ରାହ୍ମଣଙ୍କ ସ୍ତ୍ରୀଙ୍କ ନାମ—9. Name of the wife of Sudāmā. ୧୦ । (ନାମ) ସ୍ତ୍ରୀ—ଅରିଷ୍ଟନେମି ରାଜାଙ୍କର ପୁତ୍ରୀ ଓ ସଗରରାଜପତ୍ନୀ (ଡ଼ି. ଷ)— 10. Name of the wife of king Sagara. ୧୧ । (ନାମ) ପୁଂ—ଭରତଙ୍କର ଏକ ପୁତ୍ର (ହ. ଶ) — 11. Name of a son of Bharata. ୧୨ । [ନାମ] ପୁଂ—ଜନମେଜୟଙ୍କ ଏକ ପୁତ୍ର [ହ. ଶ]— 12. Name of a son of Janamejaya. ୧୩ । [ନାମ] (ପୁଂ)-ସୂତଙ୍କ ଏକ ପୁତ୍ର ବା ଶିଷ୍ୟଙ୍କ ନାମ- 13. Name of a son or disciple of Sage Sūta. ବଣ—୧ । [ବହୁବ୍ରୀହି] ସୁନ୍ଦର ମତଯୁକ୍ତ; ସୁବୁଦ୍ଧିଯୁକ୍ତ—1. Intelligent. ୨ । ସୁନ୍ଦରପ୍ରକୃତିକ— 2. Of good nature. [ଭ—ଜୁଧେ ସୁଶୀଳା ସେହୁ ସୁମତି—ଭଞ୍ଜ. ବୈଦେହୀଶବିଳାସ ।] ଦେ. ବି. ସ୍ତ୍ରୀ—ସ୍ତ୍ରୀମାନଙ୍କ ନାମ · A name given to females.

ସୁମଦ—ସଂ. ବଣ. ପୁଂ [ବହୁବ୍ରୀହି]—ମଦୋନ୍ମତ୍ତ; ମତ୍ତ [ହ. ଶ]- **Sumada** Intoxi cated. ସଂ. ବି. ପୁ—ରାମଚନ୍ଦ୍ରଙ୍କ (ସୁମଦା—ସ୍ତ୍ରୀ) ବାନର ସେନାପତି ବିଶେଷ [ହ. ଶ]— Name of a monkey comander of Rama's army.

ସୁମଦନ—ସଂ. ବ—ଅମ୍ବୃବୃକ୍ଷ [ରାଜନିର୍ଘଣ୍ଟ]— **Sumadana** Mango tree.

ସୁମଦର—ଗ୍ରା· ବ (ସଂ. ସମୁଦ୍ର)—ସମୁଦ୍ର— **Sumadara** समुन्दर समुंदर, सुमंदर Sea. (ସୁମଦ୍ର—ଅନ୍ୟରୂପ)

ସୁମଦାତ୍ମଜା—ସଂ. ବ—ଅପ୍ସରା (ବିକାଣ୍ଡ ଶେଷ)— **Sumadātmajā** A heavenly nymph.

ସୁମଧୁର—ସଂ. ବଣ—ଅତ୍ୟନ୍ତ ମଧୁର—Very sweet. ବି-୧ । ଅତି **Sumadhura** ମଧୁର ବାକ୍ୟ (ହେମଚନ୍ଦ୍ର)—1. Very (ସୁମଧୁରା—ସ୍ତ୍ରୀ) sweet words. ୨ । ଜୀବଶାକ; ଜୀବନ୍ତୀ (ରାଜନିର୍ଘଣ୍ଟ)—2. Celtis Orientallis (a herb).

ସୁମଧ୍ୟମ (ମଧ୍ୟ)—ସଂ. ବଣ. ପୁଂ (ବହୁବ୍ରୀହି; ସୁ ଅର୍ଥ ମଧ୍ୟମ=କଟି **Su madhyama (madhya)** ଯାହାର)—ସୁନ୍ଦର ବା ସରୁ (ସୁମଧ୍ୟମା—ସ୍ତ୍ରୀ) କଟିବିଶିଷ୍ଟ—Having a beautiful or slender waist.

ସୁମଧ୍ୟମା (ମଧ୍ୟା)—ସଂବଣ. ସ୍ତ୍ରୀ (ସୁମଧ୍ୟମ+ଆ)—ସୁମଧ୍ୟମର ସ୍ତ୍ରୀଲିଙ୍ଗ— **Su madhyamā (madhyā)** Feminine of Sumadhyama. ବି—୧। କ୍ଷୀଣକଟି ସ୍ତ୍ରୀ—1. A slender-waisted woman. ୨ । ସୁନ୍ଦରୀ ସ୍ତ୍ରୀ— 2. A graceful woman.

ସୁମନ—ଦେ. ବ (ସଂ. ସୁମନସ୍, ସୁମନାଃ)—୧ । ସୁମନାଃ; ପୁଷ୍ପ; **Sumana** ଫୁଲ—1. Flower. ୨ । ଉତ୍ତମ ମନ— 2. Good mind. (ଭ—[୧+୨] ବଚନ ଧ୍ୱନିରେ ସେନ ସୁମନ ଭ୍ରମରେ ମେଳ ଦଶରଥ ଏମନ୍ତ କହିଲେ । ଭଞ୍ଜ· ବୈଦେହୀଶବିଳାସ ।) ୩ । ପଣ୍ଡିତ—3. Learned man. ୪ । ଦେବତା—4. Deity. ବଣ— ୧ । ରସିକ—1. Witty; humorous. ୨ । ସରସ-ମନୋଯୁକ୍ତ-2. Of amiable frame of mind. ୩ । ହୃଷ୍ଟ; ଆନନ୍ଦିତ—3. Glad; cheerful; pleased. (ଭ—ଦଶରଥ ସୁମନ୍ତ୍ର ସୁଖ ଜାଣିଲେ; ସେହି ଛାଲେ ବଲେ ସେ ହୋଇଣ ସୁମନ । କୃଷ୍ଣସିଂହ· ମହାଭାରତ· ବନ ।) ୪ । ପ୍ରସନ୍ନଚେତାଃ—4. Gracious-minded. ସଂ· ବ (ସୁ+ମନ୍. ଧାତୁ=ବୋଧ କରିବା+କର୍ମ· ଅ)—୧ । ଗୋଧୂମ; ଗହମ (ଅମର)— 1. Wheat. ୨ । ଧତୂର; ଧତୁରା (ଶବ୍ଦମାଳା)— 2. Dhatura plant; Datura Fastosa. ସଂ. ବଣ—ଅତି ମନୋହର (ଶବ୍ଦ ରତ୍ନାବଳୀ)— Very amiable; very charming.

ସୁମନଃ—ସଂ. ବ (ସୁମନସ୍ ଶବ୍ଦ)—୧ । (ବର୍ଜ୍ୟା) ସରସ ମନ— **Sumanah** 1. Witty mind. ୨ । ପ୍ରସନ୍ନ ମନ— 2. Favourable disposition. ଦେ. ବ— ୧ । (ସୁମନସ୍ ଶବ୍ଦ, ସୁ ଉପ ମନସ୍ ସହିତରେ ୧ମା. ୧ବ; ସୁମନାଃ)—ପୁଷ୍ପ; ଫୁଲ—1. Flower. ୨ । ପଣ୍ଡିତ— 2. Learned man. ୩ । ଦେବତା—3. Deity.

ସୁମନଃ ପତ୍ରିକା(ପତ୍ର)—ସଂ. ବ—ଜାଇ ପତ୍ରିକା, ଜାଇଜି (ରାଜ- **Sumanah patrikā(patra)** ନିର୍ଘଣ୍ଟ)—Mace (spice).

ସୁମନଃ ଫଳ—ସଂ. ବ—୧ । ଜାଇ ଫଳ; ଜାଇଫଳ (ରାଜନିର୍ଘଣ୍ଟ)— **Sumanah phala** 1. Nutmeg. ୨ । କପିତ୍ଥ ବୃକ୍ଷ (ଶବ୍ଦ ଚନ୍ଦ୍ରିକା)—2. The wood apple tree.

ସୁମନଃ ଶର—ସଂ. ବ (ବହୁବ୍ରୀହି; ସୁମନସ୍=ପୁଷ୍ପରେ ରଚିତ ଧନୁ **Sumanah śara** ଯାହାର)—ସୁମନ ଶର (ଦେଖ) Sumana śara (See)

ସୁମନ ଦୀପ—ଦେ. ବ (ସଂ. ସୁମନଃ+ଦୀପ)—ଦେବ ଦୀପ (ଦେଖ) **Sumana dipa** Deba dipa (See) [ଭ—ବନେଶ ଅଛିର ଶୀର ଜାଳ ମୋ ଭମାର ମାର ଚେଳେ ସୁମନ ଦୀପର ପର—ଭଞ୍ଜ. ପ୍ରେମସୁଧାନିଧି ।]

ସୁମନ ଶର(ଚାପ)—ଦେ. ବ (ସଂ· ସୁମନଃ ଶର)—ପୁଷ୍ପଧନ୍ୱା; କାମ; **Sumana śara(cāpa)** କନ୍ଦର୍ପ - Cupid. (ଭ— सुमन शर ମୋତେ ଚନ୍ଦ୍ର ମହିବ ସୁମନ ଶରେ —ଭଞ୍ଜ. ପ୍ରେମସୁଧାନିଧି) सुमन शर

ସୁମନସ୍—ସଂ. ବ—ସୁମନାଃ (ଦେଖ)—
Sumanas Sumanah (See)

ସୁମନସ—ଦେ. ବ (ସଂ. ସୁମନସ୍)—୧ । ପୁଷ୍ପସମୂହ—
Sumanasa 1. A collection or multitude
सुमनस of flowers. ୨ । (ସଂ. ସୁମନସ୍) ଦେବତା—
सुमनस 2. Deity. ୩ । ପଣ୍ଡିତ—3. A learned man.
(ଉ—ବାହୁଡଲେ ଘର ବର ସୁମନସ ବର—ଉଞ୍ଜ. ବୈଦେହୀଶବିଳାସ ।) ୪ । ପ୍ରସନ୍ନ ଚିତ୍ତ—4. Delighted heart. ୫ । ଉତ୍ତମ ମନ—5. Good mind. (ଉ—ଜଣା ଯେ ସୁମନସେ ସୁମନ୍ତ୍ର ସୁମନସେ ଛୁଡିଲ ନ ଛୁଡିଲ ମୁଣ୍ଡ—ଉଞ୍ଜ. ବୈଦେହୀଶବିଳାସ ।)

ସୁମନସ ପଦ୍ଧତି—ଦେ. ବ (ସଂ. ସୁମନସ୍ =ଦେବତା+ପଦ୍ଧତି=
Sumanasa paddhati ମାର୍ଗ; ଦେବମାର୍ଗ)—୧ । ନକ୍ଷତ୍ର-
सुमन पद्धति ପାନ୍ଥ—1. The milky way. ୨ । (ସଂ. ସୁମନସ୍
सुमन पद्धति =ଫୁଲ + ପଦ୍ଧତି = ଶ୍ରେଣୀ) ପୁଷ୍ପମାଳା—
2. Flower-garland. (ଉ—ବସ୍ତ୍ରାଭିର ସୁମନସ ପଦ୍ଧତି ଅଧର—ଉଞ୍ଜ. ବୈଦେହୀଶବିଳାସ ।)

ସୁମନସ୍କ—ସଂ. ବଣ. ପୁଂ (ସୁ+ମନସ୍+କ; ବହୁବ୍ରୀହି)—୧ । ପ୍ରସନ୍ନ;
Sumanaska ହୃଷ୍ଟ (ହ. ଶ)—1. Pleased. ୨ । ସୁଖୀ
(ହ. ଶ)—2. Happy.

ସୁମନା—ଦେ. ବ (ସଂ. ସୁମନସ୍ ଶବ୍ଦର ୧ମା. ୧ବ; ସୁମନାଃ)—
Sumanā ସୁମନାଃ (ଦେଖ)—Sumanāh (See) (ଉ—
सुमना सुमना ତାହାଙ୍କର ଝିଅ ନାମ ଅଟେ ସୁକନ୍ୟା, ଦେଖିଲେ ତାଙ୍କୁ ବଶ ହୋଇବେ ସୁମନା—କୃଷ୍ଣସିଂହ. ମହାଭାରତ. ବନ ।) ସଂ. ବ—ଜାଇ ଫୁଲ—One-petalled or great-flowered large jasmine (Apte). (ଉ—ସୁମନା-କାମିନୀ ଗନ୍ଧ ସୁମନା । ନାଗ-ନାଗରୀ ଶିରୋମଣି ସିନା—ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।) ଦେ. ବଣ (ସଂ. ସୁମନାଃ)—ସୁମନାଃ (ଦେଖ)—
Sumanāh (See)

ସୁମନାଃ—ସଂ. ବଣ. ପୁଂ. ସ୍ତ୍ରୀ (ବହୁବ୍ରୀହି; ସୁ+ମନସ୍; ସୁମନସ୍; ୧ମା.
Sumanāh ୧ବ)—୧ । ମହାମନା; ଉଦାରଚେତା—
1. Magnanimous; liberal-minded; benevolent (Apte). ୨ । ଅନନ୍ଦଯୁକ୍ତ; ହୃଷ୍ଟ—
2. Joyous; delighted. ୩ । ପ୍ରୀତିଯୁକ୍ତ—
2. Loving; affectionate. ୪ । ସୁନ୍ଦର—
4. Graceful. ସଂ. ବ—୧ । ଦେବତା (ଅମର)—
1. Deity. ୨ । ପଣ୍ଡିତ (ମେଦିନୀ)—2. Learned man. ୩ । ପୂତିକରଞ୍ଜ (ଶବ୍ଦମାଳା)—3. Pūtikarañja (See). ୪ । ଜାତିପୁଷ୍ପ ବୃକ୍ଷ; ଜାଇଫୀ ଗଛ (ଶବ୍ଦରତ୍ନାବଳୀ)—4. The nutmeg tree. ୫ । ନିମ୍ବ (ରାଜନିର୍ଘଣ୍ଟ)—5. The Nima tree. ୬ । ସେବତୀ; ଶତପତ୍ରୀ (ରାଜନିର୍ଘଣ୍ଟ)—5. Muskrose. ୭ । ମହାକରଞ୍ଜ (ରାଜନିର୍ଘଣ୍ଟ)—7. Pongamia Indica (tree). ୮ । ଗୋଧୂମ; ଗହମ (ରାଜନିର୍ଘଣ୍ଟ)—8. Wheat. ୯ । (ସୁ=ପ୍ରସନ୍ନ+ମନଃ ହୁଏ ଯାହାଦ୍ୱାରା, ବହୁବ୍ରୀହି) ପୁଷ୍ପ (ମେଦିନୀ)-9. Flower. ୧୦ । ମାଲତୀ ଫୁଲ (ମେଦିନୀ)—10. A kind of Jasmine. ୧୧ । ଚମରୀ ଗୋ; ଚମରୀ ଗୋ (ହ. ଶ)—11. Yak. ୧୨ । (ନାମ) କୈକେୟୀଙ୍କ ବାସ୍ତବିକ ନାମ (ହ. ଶ)—12. The actual name of Kaikeyī. ୧୩ । (ନାମ) ଦମଘୋଷଙ୍କ ପତ୍ନୀ (ହ. ଶ)—13. Name of the wife of Dama. ୧୪ । (ନାମ) ମଧୁଙ୍କ ପତ୍ନୀ ଓ ବୀରବ୍ରତଙ୍କ ମାତା (ହ. ଶ)—14. Name of the wife of Madhu. ୧୫ । ଜାଇ ଫୁଲ (ହ. ଶ)—15. Large-petalled jasmine. [ଦ୍ର—ସଂସ୍କୃତରେ ସୁମନସ୍ ଶବ୍ଦ ନିତ୍ୟ ବହୁବଚନାନ୍ତ, କେବେ କେବେ ଏକବଚନାନ୍ତ ମଧ୍ୟ ହୁଏ ।] ୧୬ । ପ୍ରିୟା—16. One's beloved lady. (ଉ—ବରଙ୍ଗ ସୁମନା ହାତେ, ବଟ ମଧୁଲିଟ ହାତେ—ଉଞ୍ଜ. ବୈଦେହୀଶବିଳାସ ।)

ସୁମନା ସୁମନା—ଦେ. ବ—ଦେବପୁଷ୍ପ; ଲବଙ୍ଗ—Cloves. (ଉ—
Sumanā sumanā ବଇଦେହି ସୁମନା ସୁମନା ଏ ସୁରଙ୍ଗୀ ।
लवङ्ग ବଇଦେହୀ ସୁମନା ସୁମନା ଏ ସୁରଙ୍ଗୀ—ଉଞ୍ଜ. ବୈଦେହୀଶବିଳାସ ।)
लवंग

ସୁମନୋଜ୍ଞ—ସଂ. ବଣ. ପୁ—ଅତି ସୁନ୍ଦର—
Sumanojñya Very lovely.
[ସୁମନୋଜ୍ଞା—ସ୍ତ୍ରୀ]

ସୁମନୋତ୍ତରା—ସଂ. ବ. ସ୍ତ୍ରୀ—ରାଜାମାନଙ୍କ ଅନ୍ତଃପୁରସ୍ଥା ସ୍ତ୍ରୀ (ହ. ଶ)—
Sumanottarā A woman living in the harem of kings.

ସୁମନୋରଜଃ—ସଂ ବ (ଷଷ୍ଠୀ ତତ୍; ସୁମନସ୍+ରଜସ୍; ସୁମନୋରଜସ୍
Sumanorajah ୧ମା ୧ବ)—ପୁଷ୍ପପରାଗ—
The pollen of flowers.

ସୁମନୌକା—ସଂ. ବ. (ଷଷ୍ଠୀ ତତ୍; ସୁମନ୍+ଓକସ୍; ୧ମା ୧ବ)—
Sumanauka ସ୍ୱର୍ଗ (ହ. ଶ)—Heaven, the abode of the gods.

ସୁମନ୍ତ ପଟ୍ଟ(ଟ୍ଟ)ନାୟକ—ଦେ. ବ [ସ୍ୱ ସୁମନ୍ତ]—ଗଡ଼ଜାତର ରାଜାଙ୍କଦ୍ୱାରା
Sumanta paṭa(ṭṭa)nāyaka କରଣଙ୍କୁ ପ୍ରଦତ୍ତ ଉପାଧି-ବିଶେଷ—A title given to some Karanas in the Orissa States by the Rajas.

ସୁମନ୍ତର—ଗ୍ରା. ବ (ସଂ. ସୁମନ୍ତ୍ର)—ସୁମନ୍ତ୍ର (ଦେଖ)
Sumantara Sumantra (See).
सुमन्त्र सुमन्तर

ସୁମନ୍ତୁ—ସଂ. ବ (ନାମ)—୧ । ଅଥର୍ବ ବେଦର ଶାଖାପ୍ରଣେତା
Sumantu ଓ ସ୍ମୃତି ପ୍ରଣେତା ମୁନିବିଶେଷ (ପୁରାଣ)—1. Name of a sage [ଦ୍ର—ଏ ବେଦବ୍ୟାସଙ୍କ ଶିଷ୍ୟ ଥିଲେ ।

ଏହାଙ୍କ ନାମ ସ୍ମରଣ କଲେ ଲୋକଙ୍କ ବହୁ ପାପ ନାଶ ପାଏ।] ୨। ଜହ୍ନୁଙ୍କର ଏକ ପୁତ୍ର—2. Name of a son of sage Jahnu. ✱। ଉତ୍କୃଷ୍ଟ ଉପଦେଶକ—3. A good adviser (Apte) ବଣ—(ସୁ=ଅତି+ମନ୍ତୁ=ଅପରାଧ ଯାହାର)—୧। ଅତ୍ୟପରାଧୀ—1. Very sinful or offending. ୨। ଅତି ନିନ୍ଦନୀୟ—2. Very blameable (Apte) ✱।(ସୁ+ମନ୍ ଧାତୁ+କର୍ତ୍ତୃ ତୃ) ଉତ୍ତମ ଉପଦେଶଦାତା—3. Advising well (Apte).

ସୁମନ୍ତ୍ର—ସଂ ବି—୧। ବିଷ୍ଣୁଙ୍କ କଳ୍କିଅବତାରରେ କଳ୍କି ଦେବଙ୍କର Sumantra ଜ୍ୟେଷ୍ଠଭ୍ରାତା ତିନି ଜଣଙ୍କ ମଧ୍ୟରୁ ଜଣେ—1. Name of one of the three elder brothers of the Kalki incarnation of Bishnu. [ଦ୍ର—ଅନ୍ୟ ଦୁଇ ଭାଇଙ୍କ ନାମ କବି ଓ ପ୍ରାଜ୍ଞ। କଳ୍କିପୁରାଣ] ୨। ଦଶରଥଙ୍କ ମନ୍ତ୍ରୀବିଶେଷ ଓ ସାରଥି—2. Name of a minister and charioteer of king Daśaratha. (ଉ—ବଣି ବଶିଷ୍ଠ ଚଳାଇ ରାମଦେବ ଲକ୍ଷ୍ମଣ ସୁମନ୍ତ ସେନ। ଉତ୍ତ. ବୈଦେହୀଶବିଳାସ।) ✱। (ନାମ) ଅନ୍ତରୀକ୍ଷଙ୍କର ଏକପୁତ୍ର (ହି. ଶ)—3. Name of a son of Antariksha.

वीचारज्ञ ବି. ବଣ—ବିଚାରବାନ୍—Considerate. (ଉ—विचारवाला ବିବେକ ସୁମନ୍ତ ସୁମନ୍ତ୍ରର ଥିବ ଯାର। ଉତ୍ତ. ବୈଦେହୀଶବିଳାସ।)

ସୁମନ୍ଥନ—ସଂ ବି ०। (କର୍ମଧା) ଉତ୍ତମ ମନ୍ଥନ—1. Thorough sumanthana churning. ୨। (ବହୁବ୍ରୀହି) ମନ୍ଦର ପର୍ବତ (ହି. ଶ)-2. The Mandara mountain.

ସୁମନ୍ଦ—ସଂ ବଣ—ଅତି ମୃଦୁ—Sumanda Very mild.

ସୁମନ୍ୟୁ—ସଂ ବି—୧। (ନାମ) ପରଶୁରାମଙ୍କ ଶିଷ୍ୟବିଶେଷ—Sumanyu 1. Name of a disciple of Paraśurāma. (ଉ—ସୁମନ୍ୟୁ ନାମରେ ପରଶୁରାମ ଶିଷ୍ୟ ପ୍ରବର। ସୁଧାନାଥ ତରଙ୍ଗିଣୀ।) ୨। ଗନ୍ଧର୍ବ ବିଶେଷ (ହି ଶ)—2. Name of a Gandharba. ସଂ ବଣ—ଅତି କ୍ରୋଧୀ (ହି. ଶ)—Very fiery-tempered.

ସୁମ ଫଟା(ଫାଟ)—ଦେ. ବି (ଫା. ସୁମ୍+ଓ. ଫାଟ, ଫଟା)—Suma phaṭā(phāṭa) ଘୋଡ଼ାଙ୍କ ଖୁରା ଫାଟିବା ରୋଗ-सुमफाटा ବିଶେଷ—A disease affecting the hoofs of सुमफटा horses.

ସୁମର—ସଂ. ବି (ସୁ+ମୃ ଧାତୁ+ଅ)—୧। ବାୟୁ (ହି ଶ)—Sumara 1. Air. ୨। ସହଜ ମୃତ୍ୟୁ (ହି. ଶ)—2. Easy or painless death.

ସୁମରଣ—ସଂ. ବି—ସୁନ୍ଦର ବା ସୁଖମୟ ମୃତ୍ୟୁ; ଯେଉଁ ମୃତ୍ୟୁରେ ମୃତ Sumararaṇa ବ୍ୟକ୍ତି ଦୁଃଖ ପାଏ ନାହିଁ—A painless death. ଦେ. ବି—ସୁମରଣା (ଦେଖ)—Sumaraṇā (See)

ସୁମରଣା—ଦେ. (ତଦ୍ଭବ) ବି (ସଂ. ସ୍ମରଣ)—ସ୍ମରଣ (ଦେଖ)—Sumaraṇā Smaraṇa (See) (ଉ—ମନେ ମୋତେ ମଧ୍ୟ स्मरण सुमरण କରିବ ସୁମରଣା। କୃଷ୍ଣସିଂହ. ମହାଭାରତ ବନ।)

ସୁମରଣୀ—ଦେ. ବି (ସଂ. ସ୍ମରଣୀୟ)—ସ୍ମରଣୀୟ (ଦେଖ)—Sumaraṇi Smaraṇīya (See) ଦେ. ବି—ଦେବତାଙ୍କ छोट जपमाला ନାମ ଜପିବା ପାଇଁ ବ୍ୟବହୃତ ୨୭ଟି ଦାନା ଥିବା सुमरणी ଜପମାଳା—A rosary of 27 beads. [ଦ୍ର—ଏଥିରେ ୪ଥର ଜପ କଲେ ଜପସଂଖ୍ୟା ୧୦୮ ହୁଏ।] (ଉ—ପ୍ରାତଃ ସୁମରଣୀ ଏହି। ଉତ୍ତ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ।)

ସୁମରା—ଦେ. ବି (ସଂ. ସ୍ମୃ ଧାତୁ)—ସ୍ମରଣ—Sumarā Remembrance. स्मरा सुमरन

ସୁମରା(ରେ)ଇବା—ଦେ. କ୍ରି (ସୁମରିବା କ୍ରିୟାର ଣିଜନ୍ତରୂପ)—ସ୍ମରଣ Sumarā(re)ibā କରାଇବା—To remind; to cause. स्मरण करान to remember. (ଉ—ସୁଯୋଧନ ଶୋକେ सुमरन कराना ବୋଲନ୍ତି ବଚନକୁ, ଭଦାରେ ସ୍ୱାମୀ ସୁମରାଇବେ ତାହାଙ୍କୁ। କୃଷ୍ଣସିଂହ. ମହାଭାରତ ଉ।)

ସୁମରିବା—ଦେ. କ୍ରି (ସଂ. ସ୍ମୃ ଧାତୁ)—ସ୍ମରଣ କରିବା—Sumaribā To remember. स्मरणकरा सुमरना

ସୁମ ଶାୟକ—ସଂ. ବି—୧। (ଷ, ତ. ଶ) ପୁଷ୍ପରଚିତ ଧନୁ—Suma śāyaka 1. A bow made of flowers. ୨। (ବହୁବ୍ରୀହି) ପୁଷ୍ପଧନ୍ୱା; କାମଦେବ—2. Cupid.

ସୁମ ଶୁଖା—ଦେ ବି—ଘୋଡାଙ୍କ ଖୁରା ଶୁଖିଯିବା ରୋଗ-ବିଶେଷ—Suma śukhā A horse-disease in which the सुमशुका सुमसुखड़ा hoofs become shrunken.

ସୁମା—ଦେ. ବି (ସଂ. ସୁମ=କୁସୁମ ସଙ୍ଗେ ଆ ଯୋଗକରି ସ୍ତ୍ରୀଲିଙ୍ଗ Sumā ରୂପ ପ୍ରଯୋଜନାର୍ଥ ବ୍ୟବହୃତ)—କୁସୁମ; ପୁଷ୍ପ—फूल Flower. (ଉ—ସୁମା ସୁରସକୁ ଅଳିକ କହିଲେ, ଭଲ फूल ସୁମନେ ସେ ଯେବେ ଅବନେହିଲେ। ଅଭିମନ୍ୟୁ. ପ୍ରୀତିଦର୍ପଣ।)

ସୁମାତ୍ରା—ଦେ. ବି—ପୂର୍ବ ଭାରତୀୟ ବା ମାଳୟ ଦ୍ୱୀପପୁଞ୍ଜ ମଧ୍ୟରୁ Sumātrā ଏକ ଦ୍ୱୀପ—Sumātrā; name of an सुमात्रा island in the Indian archipelago. [ଦ୍ର—सुमात्रा ଏହା ମାଳୟ ଉପଦ୍ୱୀପର ଦକ୍ଷିଣ ଓ ମାଲକ୍କା ପ୍ରଣାଳୀର ଅପର ଧାରରେ; ଏହାର ମଧ୍ୟରେ ବିଷୁବରେଖା ଯାଇଅଛି। ଏହା ବୋର୍ଣ୍ଣିଓ ଦ୍ୱୀପର ପଶ୍ଚିମ ଓ ଯାବା ଦ୍ୱୀପର ଉତ୍ତରରେ ଅବସ୍ଥିତ। ପୂର୍ବେ କଳିଙ୍ଗ ଦେଶୀୟ ବଣିକମାନେ ଜଳପଥରେ ଯାଇ ଏଠାରେ ବାଣିଜ୍ୟ ଓ ଉପନିବେଶ କରୁଥିଲେ।]

ସୁମାନସ—ସଂ. ବିଣ. ପୁଂ (ସୁ+ମାନସ; ବହୁବ୍ରୀହି)—ସହୃଦୟ—
Sumānasa Magnanimous.
(ସୁମାନସା—ସ୍ତ୍ରୀ)

ସୁମାନିକା—ସଂ. ବି—ପ୍ରତ୍ୟେକ ଚରଣରେ ସାତ ଅକ୍ଷର ଥିବା ବୃତ୍ତ-
Sumānikā ବିଶେଷ (ବୃ· ଶ)—Name of a Sanscrit metre. [ଦ୍ର—ଏଥିର ୧ମ, ୩ୟ, ୫ମ ଓ ୭ମ ବର୍ଣ୍ଣ ଲଘୁ ।]

ସୁମାନୀ—ସଂ. ବିଣ· ପୁଂ (ସୁମାନିନ୍; ୧ମା· ୧ବ)—ଅତି ଅଭିମାନୀ (ବୃ·
Sumāni (ସୁମାନିନୀ—ସ୍ତ୍ରୀ) ଶ)—Very egoistic.

ସୁମାୟ -ସଂ. ବିଣ· ପୁଂ (ସୁ+ମାୟା+ଅ)—୧ । ଅତ୍ୟନ୍ତ ବୁଦ୍ଧିମାନ୍
Sumāya (ବୃ. ଶ)—1. Very intelligent. ୨ ।
(ସୁମାୟା—ସ୍ତ୍ରୀ) ମାୟାଯୁକ୍ତ (ବୃ. ଶ)—2. Illusive; illusory.

ସୁମାର୍(ରି)—ବୈଦେ· ବି (ଫା· ସୁମାର)—୧ । ସଂଖ୍ୟା—
Sumā·(ri) 1. Number. ୨ । ଗଣନା—2. Counting.
স্থমার্[রি] सूमार

ସୁମାରି କରିବା— ଦେ, କ୍ରି—ଗଣିବା—To count.
Sumāri karibā স্থমারি করা सुमारी करना

ସୁମାଳିନୀ—ସଂ. ବି—ପ୍ରତି ଚରଣରେ ଛଅଟି ବର୍ଣ୍ଣ ଥିବା ବୃତ୍ତବିଶେଷ
Sumālini (ବୃ· ଶ)—1. Name of a Sanscrit metre. [ଦ୍ର—ଏଥିର ୨ୟ ଓ ୫ମ ବର୍ଣ୍ଣ ଲଘୁ; ଅନ୍ୟ ବର୍ଣ୍ଣମାନ ଗୁରୁ ।] ୨ । ଗନ୍ଧର୍ବୀବିଶେଷ (ବୃ· ଶ)— 2. Name of a Gandharba-female

ସୁମାଳୀ—ସଂ. ବି· (ନାମ)—୧ । ସୁକେଶ ନାମକ ଧର୍ମିଷ୍ଠ ରାକ୍ଷସଙ୍କ
Sumāli ପୁତ୍ର; ରାବଣଙ୍କ ମାତାମହ—1. Name of the maternal grandfather of Rābaṇa. [ଦ—ଏହି ରାକ୍ଷସ ଏହାଙ୍କ ଭ୍ରାତା ମାଲୀ ଓ ମାଲ୍ୟବାନଙ୍କ ସଙ୍ଗେ ତପସ୍ୟା କରି ବ୍ରହ୍ମାଙ୍କ ବରରେ ବ୍ରହ୍ମାଣ୍ଡରେ ଅଜେୟ ହୋଇଥିଲେ । ଏହି ୩ ଭାଇଙ୍କ ଆଦେଶରେ ବିଶ୍ୱକର୍ମା ଲଙ୍କା ନିର୍ମାଣ କଲେ । ଏମାନେ ଦେବତାମାନଙ୍କୁ ଉତ୍ପୀଡ଼ନ କରିବାରୁ ବିଷ୍ଣୁ ଏହାଙ୍କୁ ପରାସ୍ତ କଲେ, ତେଣୁ ଏମାନେ ପଳାଇ ଯାଇ ପାତାଳରେ ଲୁଚିଲେ । ସୁମାଳୀ କୁବେରଙ୍କ ପିତା ବିଶ୍ରବାଙ୍କୁ ଆପଣା କନ୍ୟା ନିକଷା ବା କୈକଶୀଙ୍କୁ ବିବାହ ଦେଲେ । ବିଶ୍ରବାଙ୍କ ଔରସରେ ନିକଷାଙ୍କ ଗର୍ଭରୁ ରାବଣ, କୁମ୍ଭକର୍ଣ୍ଣ, ଶୂର୍ପଣଖା ଓ ବିଭୀଷଣ ଜାତ ହେଲେ । ରାବଣ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବର ପାଇ ଦେବତାମାନଙ୍କୁ ଜିଣି ଲଙ୍କା ଅଧିକାର କରି ରାଜତ୍ୱ କଲେ ଓ ତାଙ୍କ ସଙ୍ଗେ ସୁମାଳୀ ଆସି ରହିଲେ । ରାବଣ ଦିଗ୍‌ବିଜୟ କରିବାରୁ ଲଙ୍କାରୁ ଅନ୍ୟତ୍ର ଯାଇଥିବା ସମୟରେ ଅଷ୍ଟମ ବସୁ ସାବିତ୍ରଙ୍କଦ୍ୱାରା ସୁମାଳୀ ହତ ହେଲେ ।] ୨ । (ନାମ) ବାନରବିଶେଷ(ବୃ· ଶ)—2. Name of a monkey.

ସୁ(ସୋ)ମାଲୀ - ବୈଦେ. ବି(ଫା· ସୁମାଲ୍)-(ନାମ) ସୋମାଲ୍; ଅଫ୍ରିକାର
Su(so)māli ଉତ୍ତର ପୂର୍ବ ଉପକୂଳରେ ଓ ଏଡେନ୍‌ରେ ବାସ
সোমালী ‍ କରୁଥିବା କୃଷ୍ଣକାୟ ଆରବ ଜାତିବିଶେଷ—The
सोमाली Somalis inhabiting the north-east corner of Africa. [ଦ୍ର—ଏମାନଙ୍କ ପୂର୍ବପୁରୁଷମାନେ ନିଗ୍ରୋ ଥିଲେ । ସଭ୍ୟ ଜାତିମାନେ ଏମାନଙ୍କ ପୂର୍ବପୁରୁଷଙ୍କୁ ଦକ୍ଷିଣ ଅଫ୍ରିକାରୁ ଆଣିଥିଲେ । ଏମାନେ ଅସଭ୍ୟ ଅବସ୍ଥାରେ ଅଛନ୍ତି ।]

ସୁ(ସୋ)ମାଲି ଲ୍ୟାଣ୍ଡ୍—ବୈଦେ. ବି (ଫା. ସୁମାଲ୍+ଇଂ. ଲ୍ୟାଣ୍ଡ)—
Su(so)māli lāṇd ଅଫ୍ରିକାର ଉତ୍ତର ପୂର୍ବ ଉପକୂଳରେ ସୋମାଲି ଜାତିଙ୍କ ଅଧ୍ୟୁଷିତ ଅଞ୍ଚଳ—Somaliland. [ଦ୍ର—ଏଥିର ଉତ୍ତରାଂଶ ଇଂରେଜଙ୍କ ଅଧିକୃତ (British Somaliland) ଓ ଦକ୍ଷିଣାଂଶ ଇଟାଲିର ଅଧିକୃତ (Italian Somaliland) ଅଟେ ।]

ସୁମିତ୍ର—ସଂ. ବି — ୧ । ଉତ୍ତମ ବା ଉପକାରୀ ମିତ୍ର—1. A good
Sumitra friend. ୨ । (ନାମ) ଇକ୍ଷ୍ୱାକୁ ବଂଶୀୟ ଅନ୍ତିମ ରାଜା ସୁରଥଙ୍କ ପୁତ୍ର (ବିଷ୍ଣୁପୁରାଣ)—2. Name of the son of Suratha, the last king of the Ikshwāku dynasty. ୩ । (ନାମ) ବର୍ତ୍ତମାନ ଯୁଗର ବିଂଶ ଅର୍ହତ୍ ସୁବ୍ରତଙ୍କ ପିତା (ହେମଚନ୍ଦ୍ର)— 3. Name of Subāta, the 20th Jaina saint of the modern era. ୪ । (ନାମ) ଶ୍ରୀକୃଷ୍ଣଙ୍କ ଏକ ପୁତ୍ର—4. Name of a son of Śrikṛushṇa. ୫ । (ନାମ) ଅଭିମନ୍ୟୁଙ୍କ ସାରଥି— 5. Name of the charioteer of Abhimanyu. ୬ । (ନାମ) ବୃଷ୍ଣିଙ୍କର ଏକ ପୁତ୍ର—6. A son of Bṛushṇi. ୭ । (ନାମ) ମେବାର ରାଣାବଂଶର ସ୍ଥାପୟିତା—7. The progenitor of the Ranas of Mewar. [ଦ୍ର—ଭାଗବତରେ ଏହାଙ୍କ ଉଲ୍ଲେଖ ଅଛି । ଏ ସୌରିବଂଶର ଅନ୍ତିମ ରାଜା ଥିଲେ । କର୍ଣ୍ଣେଲ୍ ଟଡ୍ ରାଜସ୍ଥାନଗ୍ରନ୍ଥରେ ଏହାଙ୍କୁ ବିକ୍ରମାଦିତ୍ୟଙ୍କ ସମସାମୟିକ ବୋଲି ଲେଖିଅଛନ୍ତି । ଏ ସୌରିବଂଶରୁ ରାଜପୁତାନାକୁ ଯାଇ ସେଠାରେ 'ରାଣା' ବଂଶର ପ୍ରତିଷ୍ଠା କରିଥିଲେ—ହି. ଶ ।] ସଂ· ବିଣ, ପୁଂ—ଉତ୍ତମ ମିତ୍ରବିଶିଷ୍ଟ—Having good friend.

ସୁମିତ୍ରଭୂ—ସଂ. ବି (ନାମ)—୧ । ସଗର ନାମକ ଜୈନମାନଙ୍କ ଜନୈକ
Sumitrabhū ଚକ୍ରବର୍ତ୍ତୀ—1. Name of a Jaina Emperor. ୨ । ବର୍ତ୍ତମାନ ଅବସର୍ପିଣୀର ବିଂଶ ଅର୍ହତ୍ (ବୃ. ଶ)—2. Name of the 20th Jaina saint of the present era.

ସୁମିତ୍ରା—ସଂ. ବି. ସ୍ତ୍ରୀ (ସୁ+ମିତ୍ର+ଅ)—୧ । ଦଶରଥଙ୍କ ତୃତୀୟା
Sumitrā ରାଣୀ; ଶତ୍ରୁଘ୍ନ ଓ ଲକ୍ଷ୍ମଣଙ୍କ ମାତା—1. Name of the mother of Śatrughna and Lakshmaṇa [ଦ୍ର—ଏ ଦଶରଥଙ୍କ ତୃତୀୟା ପତ୍ନୀ । କୌଶଲ୍ୟା ଓ କୈକେୟୀଙ୍କୁ ଦଶରଥ ଯେଉଁ ଚରୁଅଂଶ ଦେଇଥିଲେ, ସେ

ଦୁଇଁ ରାଜାଙ୍କର ଅଂଶରୁ ଏକ ଏକ ଭାଗ କାଢ଼ି ଏହାଙ୍କୁ ଦେଲେ; ତାହା ଖାଇବାରୁ ଏହାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ନାମକ ଦୁଇ ପୁତ୍ର ଜନ୍ମି ଥିଲେ । ରାମଙ୍କ ସଙ୍ଗେ ଲକ୍ଷ୍ମଣ ବନବାସ ଗଲାରୁ ଓ ଦଶରଥଙ୍କ ମୃତ୍ୟୁ ହେବାରୁ ଏ ଅତି ଦୁଃଖରେ ଥିଲେ ଓ ରାମଙ୍କର ବନବାସରୁ ଫେରିବା ପରେ ଏ ସୁଖରେ କାଳ କଟାଇଲେ । ରାମଙ୍କ ସଙ୍ଗେ ବନକୁ ଯିବାକୁ ଏ ଲକ୍ଷ୍ମଣଙ୍କୁ ଅନୁମତି ଦେଇଥିଲେ ଏବଂ ଲକ୍ଷ୍ମଣଙ୍କୁ ଏହି ଉପଦେଶ ଦେଇଥିଲେ, 'ରାମଙ୍କୁ ପିତା, ଓ ସୀତାଙ୍କୁ ମାତା ବୋଲି ଜ୍ଞାନ କରି ଚଳିବୁ ।' କୌଶଲ୍ୟାଙ୍କ ମୃତ୍ୟୁ ପରେ ଏହାଙ୍କର ଦେହାନ୍ତ ହୋଇଥିଲା ।] ୨ । (ନାମ) ମାର୍କଣ୍ଡେୟଙ୍କ ମାତା—2. Mother of

सुमित्रा sage Mārkaṇḍeya. ବେ. ବି. ସ୍ତ୍ରୀ—ସ୍ତ୍ରୀମାନଙ୍କ

সুমিত্রা ନାମ—A name given to females.

ସୁମିତ୍ର୍ୟ—ସଂ. ଣ. ପୁଂ (ସୁମିତ୍ର+ଯ)—ଉତ୍ତମ ମିତ୍ର ବଶିଷ୍ଟ Sumitrya (ବି. ଣ)—Having good friend. (ସୁମିତ୍ର୍ୟା—ସ୍ତ୍ରୀ)

ସୁମୁଖ—ସଂ. ବି (କର୍ମଧା)—୧ । ସୁନ୍ଦର ମୁଖ—1. Nice face. ୨ । Sumukha (ବହୁବ୍ରୀହି) ରତିଶାସ୍ତ୍ରବର୍ଣ୍ଣିତ ନଖକ୍ଷତବିଶେଷ (ଶବ୍ଦ ରତ୍ନାବଳୀ)—2. Name of a kind of scratch with the nails. ୩ । (ନାମ) ଗରୁଡ଼ଙ୍କର ଏକ ପୁତ୍ର (ଶବ୍ଦ ରତ୍ନାବଳୀ)—3. Name of a son of 'Garurda'. ୪ । ଗଣେଶ (ଶବ୍ଦ ରତ୍ନାବଳୀ)—4. God Ganesa. ୫ । ଶାକଭେଦ (ଶବ୍ଦ ରତ୍ନାବଳୀ)—5. Name of a potherb. ୬। ନାଗଭେଦ (ଶବ୍ଦ ରତ୍ନାବଳୀ)—6. Name of a serpent. [କି—ଏ ଐରାବତ ବଂଶୋଦ୍ଭବ ଆର୍ଯ୍ୟକଙ୍କ ପୁତ୍ର । ଏ ମାତଲି-କନ୍ୟା ଗୁଣକେଶୀର ପାଣିଗ୍ରହଣ କରିଥିଲେ । ଏକଦା ଗରୁଡ଼ ଏହାଙ୍କୁ ଖାଇବାକୁ ସ୍ଥିର କଲାରୁ ଏ ଇନ୍ଦ୍ରଙ୍କ ଶରଣ ନେଲେ । ବିଷ୍ଣୁଙ୍କ ଆଦେଶରେ ଇନ୍ଦ୍ର ଏହାଙ୍କୁ ଦୀର୍ଘାୟୁ ଦେଲେ । କିନ୍ତୁ ଗରୁଡ଼ ନିଜର ବଳ ଦେଖାଇବାକୁ ଯାଇ ବିଷ୍ଣୁଙ୍କ ସମକ୍ଷରେ ଇନ୍ଦ୍ରଙ୍କୁ ସ୍ପର୍ଦ୍ଧା କରିବାରୁ ଓ ବିଷ୍ଣୁ ଗରୁଡ଼ର କାନ୍ଧରେ ନିଜର ବାହୁ ରଖିବାରୁ ଗରୁଡ଼ ସେ ବାହୁର ଭାରରେ ମୃତବତ୍ ହୋଇ ବିଷ୍ଣୁଙ୍କୁ ସ୍ତବ କଲେ । ବିଷ୍ଣୁ ପ୍ରୀତ ହୋଇ ଗରୁଡ଼ଙ୍କ ଦୋଷ କ୍ଷମା କଲେ ଏବଂ ନିଜ ପାଦ ଦ୍ୱାରା ଏ ନାଗକୁ ଗରୁଡ଼ଙ୍କ ବକ୍ଷସ୍ଥଳକୁ ପକାଇଦେଲେ । ସେହି ଦିନଠାରୁ ଗରୁଡ଼ ଓ ସୁମୁଖଙ୍କ ମଧ୍ୟରେ ବନ୍ଧୁତା ହେଲା ।] ୭। ପଣ୍ଡିତ (ବିଶ୍ୱ)—7. Learned man. ୮ । ସିତାର୍ଜ୍ଜକ (ରାଜନିର୍ଘଣ୍ଟ) (ଦେଖ)—8. Sitārjjaka (See) ୯ । ବନ ବର୍ବରକା (ରାଜ ନିର୍ଘଣ୍ଟ)—9. The wild black basil plant. ୧୦ । ଶିବ (ହି. ଶ)—10. Śiba. ୧୧ । (ନାମ) ଦ୍ରୋଣଙ୍କର ଏକ ପୁତ୍ର—11. A son of Droṇa. ୧୨ । କିନ୍ନରମାନଙ୍କ ରାଜା (ହି. ଶ)—12. The king of the Kinnaras. ୧୩ । ଜଳପକ୍ଷିବିଶେଷ (ହି. ଶ)—13. A kind of aquatic bird. ୧୪ । ରାଜ ସର୍ଷପ; ରାଇ ସୋରିଷ (ହି. ଶ)—14. Rye. ଣ—୧ । ସନ୍ଦର ମୁଖ ବା (ସୁମୁଖା[ଖୀ]—ସ୍ତ୍ରୀ) ମନୋରମ ମୁହଁ ବା ସାମନା ସୁନ୍ଦର—1. Having a nice mouth or front. ୨ । (ବହୁବ୍ରୀହି) ପୁଂ ସୁନ୍ଦର ମୁଖ ବଶିଷ୍ଟ—2. Having a nice face. ୩ । ସୁନ୍ଦର—3. Beautiful. ୪ । ପ୍ରସନ୍ନ; ଅନୁକୂଳ (ହି. ଶ)—4. Favourable. (ଉ—ତାଙ୍କର ଚତୁର ମୁଖ ଉତ୍ତରେ ସୁଯଶ । ଉଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।) ୫ । କୃପାଳୁ (ହି. ଶ)—5. Kind.

ସୁମୁଖ ଗ୍ରା. ବି ଓ ଣ—(ସଂ. ସମ୍ମୁଖ) ସମ୍ମୁଖ (ଦେଖ)—
सन्मुख Sammukha (See)

ସୁମୁଖା—ସଂ. ଣ. ସ୍ତ୍ରୀ (ସୁମୁଖ+ଆ)—ସୁମୁଖର ସ୍ତ୍ରୀଲିଙ୍ଗ; ଚନ୍ଦ୍ରମୁଖୀ—Sumukhā (Feminine of Sumukha); Fair-faced (woman). ବି. ସ୍ତ୍ରୀ—୧ । ସୁନ୍ଦରୀ ନାରୀ—1. A beautiful woman. ୨ । ଦର୍ପଣ [ଶବ୍ଦ ଚନ୍ଦ୍ରିକା]—2. Mirror.

ସୁମୁଖା ସୁମୁଖୀ—ବେ. ଣ ଓ କ୍ରି ଣ (ସଂ. ସମ୍ମୁଖ)—ପରସ୍ପରର Sumukhā sumukhī ସମ୍ମୁଖବର୍ତ୍ତୀ; ସାମନା ସାମନି—
सुमुखासुमुखी आमनेसामने Facing each other.

ସୁମୁଖୀ—ସଂ. ବି. ସ୍ତ୍ରୀ—୧ । ସୁମୁଖା; ସୁନ୍ଦରୀ ସ୍ତ୍ରୀ—1. A beautiful Sumukhi woman. ୨ । ଏକାଦଶାକ୍ଷର ଛନ୍ଦୋବିଶେଷ—2. A Sanscrit metre of 11 syllables. [କି—ଏଥିର ପ୍ରଥମ, ଅଷ୍ଟମ ଓ ଏକାଦଶ ବର୍ଣ୍ଣ ଲଘୁ, ଅନ୍ୟ ବର୍ଣ୍ଣମାନ ଗୁରୁ—ହି. ଶ] ୩ । ସଙ୍ଗୀତରେ ଏକ ପ୍ରକାର ମୂର୍ଚ୍ଛନା (ହି. ଶ)—3. A kind of modulation in music. ୪ । (ନାମ) ଅପ୍ସରୋବିଶେଷ (ହି. ଶ)—4. Name of an Apsarā. ୫ । ନୀଳ ଅପରାଜିତା (ହି. ଶ)—5. The blue-flowered Clitoris creeper. ୬ । ଶଙ୍ଖପୁଷ୍ପୀ (ହି. ଶ)—6. Śankhapushpi (See) ଣ—ସୁମୁଖା (ଦେଖ)—Sumukhā (See)

ସୁମୁଦ(ନ୍ଦ)ର—ଗ୍ରା. ବି—ସମୁଦ୍ର—
Sumuda(nda)ra Ocean.
समुन्दर समुंदर

ସୁମୁଦି—ପ୍ରାଦେ (ମେଦିନୀପୁର) ବି—ସମୁଦି (ଦେଖ)
Sumudi Samudi (See)

ସୁମୁରା—ପ୍ରାଦେ (ଉତ୍ତର ବାଲେଶ୍ୱର) ବି—ହାଣ୍ଡିଫୁଟା ଦେଖ
Sumurā Hāṇḍiphuṭā See)

ସୁମୁରି କରିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ସନ୍ତୋଳିବା
Sumuri karibā (ଦେଖ)—Santoḷibā (See)
[ଯଥା—ମାଛ ସୁମୁରି କରି ରଖିବା]

ସୁମୂର୍ତ୍ତି—ଗ୍ରା· ବି (ସଂ· ସ୍ମୃତି)—୧ । ସ୍ମୃତିଶାସ୍ତ୍ର; ହିନ୍ଦୁଶାସ୍ତ୍ର—
Sumurti 1. Hindu code of law. (ଉ—ବନଯୁ
स्मृति ଦାସୀ ପ୍ରକାରେ ଶାଇବା ଯାର, ବଣୀ ବେଳୁଁ ବଦ୍ୟା ଅବ
सुमुरती, सुमृति ସୁମୂର୍ତ୍ତି ସାର । ଭଞ୍ଜ· ବୈଦେହୀଶ ବିଳାସ ।)
स्मृत्ति ୨ । ଧର୍ମଶାସ୍ତ୍ର—2. Scripture. ୩ । ସଂସ୍କୃତ
समूर्त्ति ଶ୍ଳୋକ—3. Sanscrit sloka. [ଦ୍ର—ଏହି ଶବ୍ଦ ସଙ୍ଗେ ସହଚରରୂପେ ପୁରାଣ, ଶାସ୍ତ୍ର (ଶାସ୍ତ୍ର, ଶାହାସ୍ତ୍ର), ଶ୍ଳୋକ (ଶୋଲକ) ଅବ ଶବ୍ଦମାନ ବ୍ୟବହୃତ ହୁଏ ।] ୪ । (ସଂ. ସୁମୂର୍ତ୍ତି) ସୁନ୍ଦରରୂପ—4. Beautiful appearance. ବିଣ—ସୁମୂର୍ତ୍ତି; ସୁନ୍ଦର ରୂପବିଶିଷ୍ଟ—
Of a good shape.

ସୁମୁଷ୍ଟି—ସ. ବି—ମହାନିମ୍ବ (ହି· ଶ)
Sumushṭi Melia Azadirichtatree.

ସୁମୁହିଁ—ଗ୍ରା. ବିଣ. ସ୍ତ୍ରୀ—ସୁମୁଖୀ; ସୁନ୍ଦରୀ—Beautiful. [ଉ—
Sumuhiñ ଅହେ ଜନମେଜୟ ଏ ରୂପରେ କହୁ, ଗଲେ ପଞ୍ଚ-
स्मुखी କୁଠୀକ ଦ୍ରୌପଦୀ ସୁମୁହିଁ । କୃଷ୍ଣସିଂହ. ମହାଭାରତ· ବନ ।]
सुमुँही ବି—ସୁମୁଖୀ ସ୍ତ୍ରୀ; ସୁନ୍ଦରୀ ସ୍ତ୍ରୀ—Beautiful woman. [ଉ—ବୋଲଦେଲେ ସୁମୁହିଁ ଅନ୍ତର ମୁହିଁ, ବଭୂ ଶ୍ରୀବର ଗ୍ରହିଲ୍‌ ହୁହ । ଭଞ୍ଜ. ବୈଦେହୀଶବିଳାସ ।]

ସୁମୂର୍ତ୍ତି—ସ. ବି—୧ । (କର୍ମଧା) ସୁନ୍ଦର ମୂର୍ତ୍ତି—1. A nice
Sumūrtti shape. ୨ । ଶିବଙ୍କର ଏକ ଗଣ (ହୃ. ଶ)—
स्मृत्ति 2. A class of Śiba's retinue. ବିଣ—
सुमुरती (ବହୁବ୍ରୀହି) ସୁନ୍ଦର ମୂର୍ତ୍ତିଯୁକ୍ତ—Having a nice shape. ଗ୍ରା. ବି (ସ. ସ୍ମୃତି)—ସ୍ମୃତିଶାସ୍ତ୍ର—Hindu code of law. (ଉ—କଚନ୍ତ ଭଣେ ମାରୁଛ ବହିଲ ଏତେ ସୁମୂର୍ତ୍ତି ଶୁଣିବେ ଏ କଥା ଶୁଣା କାହିଁ ।
ଭଞ୍ଜ· ବୈଦେହୀଶବିଳାସ ।)

ସୁମୂଳ—ସ, ବି—୧ । (ବହୁବ୍ରୀହି) ଶ୍ୱେତ ଶିଗ୍ରୁ (ବୃକ୍ଷ କର୍ଷଣ)—
Sumūḷa 1. The white variety of horse radish. ୨ । ଉତ୍ତମ ମୂଳ—2. Good root. ବିଣ (ବହୁ-ବ୍ରୀହି)—ସୁନ୍ଦର ମୂଳଯୁକ୍ତ—Having a good root.
(ସୁମୂଳା—ସ୍ତ୍ରୀ· ବିଣ)

ସୁମୂଳକ—ସଂ· ବି—ଗର୍ଜ୍ଜର (ବୃକ୍ଷ କର୍ଷଣ); ଗାଜର—
Sumūḷaka Carrot.

ସୁମୂଳା—ସଂ· ବିଣ. ସ୍ତ୍ରୀ (ସୁମୂଳ+ଆ)—ସୁମୂଳର ସ୍ତ୍ରୀଲିଙ୍ଗ—
Sumūḷā Feminine of Sumūḷa. ବି—୧ । ଶାଳପର୍ଣ୍ଣୀ (ବୃକ୍ଷ କର୍ଷଣ) (ଦେଖ)—1. Śāḷaparṇṇī (See) ୨ । ପୃଶ୍ନିପର୍ଣ୍ଣୀ (ବୃକ୍ଷ କର୍ଷଣ) (ଦେଖ)—
2. Pṛuśniparṇṇi.

ସୁମୃତି—ଗ୍ରା. ବି ଓ ବିଣ—ସୁମୂର୍ତ୍ତି (ଦେଖ)
Sumṛuti Sumurti (See)

ସୁମେଖଳ—ସଂ· ବିଣ (ବହୁବ୍ରୀହି)—ସୁନ୍ଦର ମେଖଳା ଯୁକ୍ତ—Having
Sumekhaḷa a nice belt or girdle. ବି—ମୁଞ୍ଜ (ବୃକ୍ଷ
(ସୁମେଖଳା—ସ୍ତ୍ରୀ. ବିଣ) କର୍ଷଣ) (ଦେଖ)—Muñja (See)

ସୁମେଚକ—ସଂ· ବି (ବୈଦ୍ୟକ)—ଶ୍ୟାମବୀଜ; କଳା ଦାନା—
Sumechaka Ipomœa Hederacea (plant and seed).

ସୁମେଧାଃ—ସଂ· ବିଣ (ବହୁବ୍ରୀହି; ସୁ+ମେଧସ୍; ୧ମା. ୧ବ)—ସୁନ୍ଦର
Sumedhāḥ ମେଧା ବା ବୁଦ୍ଧିବିଶିଷ୍ଟ; ବୁଦ୍ଧିମାନ୍—Of good
(ସୁମେଧସୀ—ସ୍ତ୍ରୀ) intelligence; sharp of intellect.
[ସୁମେଧା—ଦେ·ରୂପ] ସଂ. ବି—୧ । (ନାମ) ଚକ୍ଷୁଷମନ୍ୱନ୍ତରର ଏକ ଋଷି (ହୃ. ଶ)—1. Name of an ancient sage. ୨ । ପଞ୍ଚମ ମନ୍ୱନ୍ତରର ବଶିଷ୍ଠ ଦେବତା—2. Name of the special Deity of the 5th Manwantara. ୩ । ପିତୃଲୋକଙ୍କ ଗଣ ବିଶେଷ—3. Name of a class of deceased ancestors. ୪ । ଜ୍ୟୋତିଷ୍ମତୀ ଲତା (ହୃ· ଶ)—4. Jyotishmatī latā (See).

ସୁମେଧ୍ୟ—ସ. ବିଣ—ସୁପବିତ୍ର; ଅତି ପବିତ୍ର—
Sumedhya Very pure.
(ଅମେଧ୍ୟ—ବିପରୀତ) ସୁମେଧ୍ୟା—ସ୍ତ୍ରୀ]

ସୁମେରୁ—ସଂ· ବି—୧ । ପୁରାଣୋକ୍ତ ଭୂମଧ୍ୟସ୍ଥ ପର୍ବତ ବିଶେଷ; ମେରୁ
Sumeru ଗିରି—1. The Meru mountain of mythological fame. [ଦ୍ର—ଭାଗବତ ଅନୁସାରେ ଏହା ପର୍ବତରାଜ । ପୌରାଣିକ ଭୂମଣ୍ଡଳର ସାତଦ୍ୱୀପ ମଧ୍ୟରୁ ଜମ୍ବୁଦ୍ୱୀପର ୯ ଗୋଟି ବର୍ଷ ମଧ୍ୟରୁ ଇଳାବୃତ୍ତ ନାମକ ଅଭ୍ୟନ୍ତରସ୍ଥ ବର୍ଷରେ ଏ ପର୍ବତ ଅବସ୍ଥିତ । ଏହା କନକ-ମଣ୍ଡିତ ଥିବାରୁ ଏହାର ନାମ ହେମାଦ୍ରି । ଏହାର ସାନୁରେ ନାନା ରତ୍ନ ଥିବାରୁ ଏହାର ନାମ ରତ୍ନସାନୁ । ଏହାର ଶୃଙ୍ଗରେ ଦେବତାମାନେ ବିହାର କରୁଥିବାରୁ ଏହାର ନାମ ସ୍ୱରାଳୟ, ଅମରାଦ୍ରି । ଏହା ପୃଥିବୀରେ ଥିବାରୁ ଏହାର ନାମ ଭୂସ୍ୱର୍ଗ । ଏହାର ଉଚ୍ଚତା ୮୪ ହଜାର ଯୋଜନ । ଏଥି ମଧ୍ୟରୁ ଭୂତଳରେ ୧୬ ହଜାର ଯୋଜନ ଅଛି । ଏହାର ଶୃଙ୍ଗ ୩ ଗୋଟି । ଏହାର ମଧ୍ୟମ ଶୃଙ୍ଗ ସ୍ଫଟିକ ଓ ବୈଦୂର୍ଯ୍ୟମୟ, ପୂର୍ବଶୃଙ୍ଗ ଇନ୍ଦ୍ରନୀଳମୟ ଓ ପଶ୍ଚିମ ଶୃଙ୍ଗ ମାଣିକ୍ୟମୟ । ଭାଗବତ ୫।୨୧, ମତ୍ସ୍ୟପୁରାଣ ୯୫, ନୃସିଂହ ପୁରାଣ ୩୦ ଓ କୂର୍ମପୁରାଣ ୪୩ ଅଧ୍ୟାୟରେ ଏ ପର୍ବତର ବିବରଣ ଅଛି । ଏହି ପର୍ବତର ପୂର୍ବରେ ଦେବଧାନୀ ନାମକ ଇନ୍ଦ୍ରପୁରୀ, ପଶ୍ଚିମରେ ନିମ୍ନୋଚନୀ ନାମକ ବରୁଣପୁରୀ ଓ ଉତ୍ତରରେ ବିଭାବରୀ ନାମକ ସୋମପୁରୀ ଅଛି । ଏହାର ପୂର୍ବପାର୍ଶ୍ୱ ଶ୍ୱେତବର୍ଣ୍ଣ, ପଶ୍ଚିମ ପୀତ, ଉତ୍ତର ରକ୍ତବର୍ଣ୍ଣ ଓ ଦକ୍ଷିଣ ପାର୍ଶ୍ୱ ଅନ୍ଧକାରମୟ । ଏହାର ପଶ୍ଚିମରେ ଭଦ୍ରାଶ୍ୱ, ଭାରତ ଓ କେତୁମାଲଦେଶ, ଉତ୍ତରରେ କୁରୁଦେଶ ଅଛି ।] ୨ । (ଭୂଗୋଳ) ପୃଥିବୀର ଉତ୍ତର କେନ୍ଦ୍ର; ଉତ୍ତର ମେରୁ; ଉତ୍ତର ଧ୍ରୁବ—2. (Geography) The north pole of the globe. [ଦ୍ର—ଦକ୍ଷିଣ କେନ୍ଦ୍ରକୁ କୁମେରୁ ବୋଲାଯାଏ ।] ୩ । ଜପମାଳାର ମଧ୍ୟସ୍ଥ ଗୁଣ୍ଟିକା; ମେରୁ—3. The central bead of a

rosary. ୪ । ଶିବଙ୍କର ଏକ ନାମ (ହ. ଶ)—4. A name of Śiba.

ସୁମେରୁ ବୃତ୍ତ—ଦେ. ବ (ଭୂଗୋଳ)—ପୃଥିବୀର ଉତ୍ତର କେନ୍ଦ୍ରଠାରୁ Sumeru bṛutta ଅକ୍ଷାଂଶ ୬୭॥ ଡିଗ୍ରୀ ଦୂରରେ ଗୋଲକର ସুমেরু বৃত্ত ପୃଷ୍ଠଭାଗରେ ବେଢ଼ିଥିବା କଳ୍ପିତ ବୃତ୍ତ ବା ରେଖା—सुमेरु वृत्त (Geography) The Arctic circle. [ଦ୍ର—ଏହି ରେଖା ଓ ସୁମେରୁ ମଧ୍ୟରେ ଉତ୍ତର ଶୀତକଟିବନ୍ଧ ଅବସ୍ଥିତ ।]

ସୁମେରୁ ଶୃଙ୍ଗ—ସଂ. ବ—ସୁସ୍ୱର୍ଣୋଜ୍ଜ୍ୱଳ ସୁମେରୁ ପର୍ବତର ତିନୋଟି ଶୃଙ୍ଗ Sumeru śṛunga (ଯହିଁରେ ଦେବତାମାନେ ବିହାର କରନ୍ତି)—The three peaks of the mythological Sumeru mountain.

ସୁମେରୁ ମହାସାଗର (ସମୁଦ୍ର, ସାଗର)—ଦେ. ବ (ଭୂଗୋଳ)—Sumeru mahāsāgara (samudra; sagara) ଉତ୍ତର সুমেরু মহাসাগর ମେରୁକୁ ବେଢ଼ିଥିବା ମହାସାଗର; ଉତ୍ତର सुमेरु महासागर ମେରୁ ମହାସାଗର—(Geography) The Arctic ocean.

ସୁମ୍ପଲୁଣ୍ଠ—ସଂ. ବ—କର୍ପୂର (ଶବ୍ଦଚନ୍ଦ୍ରିକା)—Sumpaluṇṭha Camphor.

ସୁମ୍ବ—ପ୍ରାଦେ (ଗଡ଼ଜାତ) ବ—ଘାସ ବିଶେଷ—Sumba A kind of grass; Sachcharum Spontanacium.

ସୁମ୍ଭ—ସ, ବ (ନାମ)—୧ । ଦେଶ ବିଶେଷ—1. Name of a Sumbha country. ୨ । ସୁମ୍ଭଦେଶବାସୀ ବ୍ୟକ୍ତି—2. An inhabitant of the 'Sumbha' country. ପ୍ରାଦେ (ଗଡ଼ଜାତ)—ସୁମ୍ବ (ଦେଖ)—Sumba (See)

ସୁମ୍ଭା—ପ୍ରାଦେ (ସମ୍ବଲପୁର) ବ—ସୁମ୍ବା (ଦେଖ) Sumbhā Sum-bā (See)

ସୁଯଜ୍ଞ—ସଂ. ବଣ, ପୁଂ (ବହୁବ୍ରୀହି)—ଉତ୍ତମତା ବା ସଫଳତା Sujajña ସହକାରେ ଯଜ୍ଞ ସମ୍ପାଦନକାରୀ—Performing a Jajña well. ସଂବ (କର୍ମଧା)—୧ । ଉତ୍ତମ ଯଜ୍ଞ—1. Good Jajña. ୨ । (ବହୁବ୍ରୀହି) (ନାମ) ଅକୁତି ଗର୍ଭଜାତ ରୁଚି ପ୍ରଜାପତିଙ୍କ ପୁତ୍ର (ହ. ଶ)—2. A son of Ruchi. ୩ । (ନାମ) ବଶିଷ୍ଠଙ୍କ ଏକ ପୁତ୍ର—3. A son of Baśishṭha. ୪ । ଧ୍ରୁବଙ୍କର ଏକ ପୁତ୍ର—4. A son of Dhruba. ୫ । ଉଶୀନରର ଏକ ରାଜା—5. Name of a king of Uśinara.

ସୁ(ସୂ)ୟା—ଦେ. ବ—ସ୍ନେହ—Affection. Su(sū)yā (ଉ—ହୃତ ମଣି ସେ ଅନୁସୂୟା । ସୁୟା ଭାବ ଯେନ ସ্নেহ स्नेह ଦେହେ ପ୍ରୀତି ହୃଦୟା—ଅଧମଭୂଷା. ଚିନ୍ତାମଣି)

ସୁଯାତ୍ର—ସଂ. ବଣ (ବହୁବ୍ରୀହି; ସୁ+ଯାତ୍ରା=ଗତି+ଅ)—ମନୋହର Sujātra ଗତିବିଶିଷ୍ଟ—Having a nice motion. ବ—(ସୁଯାତ୍ରା—ସ୍ତ୍ରୀ.ବଣ) ସୂର୍ଯ୍ୟ—The sun.

ସୁଯାତ୍ରା—ଦେ. ବ—ଶୁଭ ଯୋଗରେ ଯାତ୍ରା—An auspicious Sujātrā starting. [ଦ୍ର—ଯେଉଁ ଯାତ୍ରାରେ ଅନୁକୂଳ ଉଚିତ ସুযাত্রা ସମୟରେ ଶୁଭଲକ୍ଷଣମାନ ଦେଖାଯାଏ ଓ ଯେଉଁ सुयात्रा ଯାତ୍ରାରେ କୌଣସି ବାଧାବିଘ୍ନ ଘଟେ ନାହିଁ ଏବଂ ଯେଉଁ ଯାତ୍ରାର ଫଳ ଶୁଭ ହୁଏ ।]

ସୁଯାମୁନ—ସଂ. ବ (ସୁ+ଯମୁନା+ଅ)—୧ । ବିଷ୍ଣୁ (ହେମଚନ୍ଦ୍ର); Sujāmuna ବିଷ୍ଣୁସହସ୍ରନାମୋକ୍ତ ବିଷ୍ଣୁଙ୍କର ନାମ—1. A name of Bishṇu, ୨ । ବତ୍ସରାଜ (ହେମଚନ୍ଦ୍ର); ବାରସୁତ (ଦେଖ)—Bārasuta (See) ୩ । ରାଜପ୍ରାସାଦ (ହେମଚନ୍ଦ୍ର)—3. Royal building, palace. ୪ । ପର୍ବତବିଶେଷ (ହେମଚନ୍ଦ୍ର)—4. Name of a mountain. ୫ । ମେଘବିଶେଷ (ମେଦିନୀ)—5. Name of a cloud.

ସୁଯୁକ୍ତି—ସଂ. ବ (କର୍ମଧା)—ସୁନ୍ଦର ଯୁକ୍ତି—Sujukti Nice argument.

ସୁଯୁଦ୍ଧ—ସ. ବ—୧ । ଧର୍ମଯୁଦ୍ଧ (ହ. ଶ)—1. Righteous war. Sujuddha ୨ । ନ୍ୟାୟସଙ୍ଗତ ଯୁଦ୍ଧ (ହ. ଶ)—2. War carried on properly.

ସୁୟେଜ୍—ବୈଦେ. ବ (ନାମ)—ସୁଏଜ୍ (ଦେଖ)—Suyej Suej (See)

ସୁଯୋଗ—ସଂ. ବ (କର୍ମଧା)—୧ । ଉତ୍ତମ ଯୋଗ—1. Nice Sujoga conjunction. ୨ । ଶୁଭକର ଯୋଗ—2. Auspi-(ଦୁର୍ଯୋଗ—ବିପରୀତ) cious conjunction. ୩ । ଉତ୍ତମ ଅବସର—3. Nice or good opportunity. ୪ । ଉପଯୁକ୍ତ ଅବସର—4. Suitable opportunity ୫ । ସୌଭାଗ୍ୟ—5. Good luck. (ଉ—ତୁମ୍ଭପରିବାର ସମ୍ପଦଙ୍କ ନାହିଁତ ଅମ୍ଭ ସୁଯୋଗ ବିନା ଭଞ୍ଜ ଅବଲମ୍ବ ରେ—ଜଗନ୍ନାଥ. ଚଇତାଳି ଗୀତ ।) ୬ । ମଙ୍ଗଳକର ସାହଚର୍ଯ୍ୟ; ଶୁଭକର ମିଳନ ବା ସଙ୍ଗ—6. Good company or association.

ସୁଯୋଗରେ—ଦେ. କ୍ରି. ବଣ—ସୌଭାଗ୍ୟକ୍ରମେ—Sujogaku Fortunately; luckily. সুযোগক্রমে सुयोगसे (ସୁଯୋଗକ୍ରମେ—ଅନ୍ୟରୂପ)

ସୁଯୋଗ୍ୟ—ସଂ. ବଣ. ପୁଂ—ଅତ୍ୟନ୍ତ ଉପଯୁକ୍ତ—Very able or Sujogya (ସୁଯୋଗ୍ୟା—ସ୍ତ୍ରୀ) fit. (ସୁଯୋଗ୍ୟତା—ବ) (ଅଯୋଗ୍ୟ—ବିପରୀତ)

ସୁଯୋଧନ—ସ, ବ, ପୁଂ (ସୁ+ଯୁଧ୍ ଧାତୁ+ଅନିଟ୍, ଅନ)—ଦୁର୍ଯୋ-Sujodhana ଧନଙ୍କ ନାମାନ୍ତର—A name of Durjyodhana. (ଉ—ଉଦରଲଭ ଅର ଦୃଷ୍ଟି ଦେଲେ ସୁଯୋଧନ—ରାଧାନାଥ. ମହାଯାତ୍ରା ।)

ସୁର୍ (ଧାତୁ)—ସ—୧ । ଦୀପ୍ତି ପାଇବା; ଶୋଭା ପାଇବା—1. To Sur (root) shine. ୨ । ଐଶ୍ୱର୍ଯ୍ୟଯୁକ୍ତ ହେବା—2. To prosper. ୩ । ଆଧିପତ୍ୟ କରିବା—3 To rule; to exercise mastery.

ସୁର୍—ଦେ, ବି (ସଂ. ସ୍ୱର)—୧ । ଶବ୍ଦ; ଧ୍ୱନି—1. Sound.
Sur　୨ । ସଙ୍ଗୀତର ସ୍ୱର ବା ତାନ—2. Tune. ୩ ।
সুর सुर ବଙ୍ଗୀୟ ବଂଶୋପାଧିବିଶେଷ—3. A family title in
সোর Bengal. ବୈଦେ. ବି—୧ । (ଫା. ସୁର୍) ହୋସ୍;
सूर ଚେତନା—1. Consciousness. ୨ । (ଫା. ଶୁରୁ)
শুরু शुरु ଆରମ୍ଭ—2. Beginning.

ସୁର୍କି(ଖି)—ବୈଦେ. ବି (ଫା. ସୁର୍ଖୀ)—ସୁରୁକି (ଦେଖ)
Sur-ki(khi)　Suruki (See)

ସୁର୍କିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଶୋଷିବା—1. To
Sur-kibā suck; to imbibe. ୨ । ଘୋଣ୍ଟିବା—
2. To gulp with a gusto.

ସୁର୍କୁଟା (ଇତ୍ୟାଦି)—ଦେ. ବିଣ—ସୁରୁକୁଟା ଇତ୍ୟାଦି (ଦେଖ)
Sur-kuṭā (etc)　Surukuṭā etc (See)

ସୁର୍କୁଟିବା—ପ୍ରାଦେ (ଗାଞ୍ଜାମ) କ୍ରି—ଶୁଙ୍ଘିବା—
Sur-kuṭibā　To smell.

ସୁର୍ଖୁର୍—ଦେ. ବିଣ ଓ କ୍ରି. ବିଣ—ସୁରୁଖୁରୁ (ଦେଖ)
Sur-khur　Surukhur (See)

ସୁର୍ଖୁରିଆ—ଦେ. ବିଣ—ଶାନ୍ତଶିଷ୍ଟ—
Sur-khuriā शान्तशिष्ट सुरखुर　Very meek.
(ସୁର୍ଖୁରୀ, ସୁରୁଖୁରେଇ—ସ୍ତ୍ରୀ)

ସୁର୍ଗୁନା—ପ୍ରାଦେ (ସମ୍ବଲପୁର) ବି—ଶାଗୁଣା—
Sur-gunā　Vulture.

ସୁର୍ଗୁଜା—ଦେ. ବି (ନାମ)—ମଧ୍ୟ ପ୍ରଦେଶର ବର୍ତ୍ତମାନ ଇଷ୍ଟର୍ଣ୍ଣ ଷ୍ଟେଟସ୍
Sur-gujā ଏଜେନ୍‌ସିର ଅନ୍ତର୍ଗତ ଗୋଟିଏ ଦେଶୀୟ ରାଜ୍ୟ—
সুরগুজা 1. The name of a State in the
सुरगुजा Central Province included in the
present Eastern States Agency; Surguja.
୨ । ସର୍ଗୁଜା, ଜାଶପୁର, ଉଦୟପୁର ଆଦି ଅଞ୍ଚଳରେ
ପ୍ରଚଳିତ ଛତିଶଗଡ଼ୀ ଭାଷାର ରୂପଭେଦ—2. A form
of Chhatisgarḍi dialect of Eastern
Hindi spoken in Surgujā, Jāspur
Udaipur etc.

ସୁର୍ଜୁନା—ପ୍ରାଦେ (ସମ୍ବଲପୁର) ବି—ସର୍ଜନ—
Sur-junā　Creation.

ସୁର୍ତା—ପ୍ରାଦେ (ଗାଞ୍ଜାମ) ବି—ଚେତା—
Sur-tā　Sense; consciousness.

ସୁର୍ତି—ଦେ. ବି—ସୁରୁତି (ଦେଖ)
Sur-ti　Suruti (See)

ସୁର୍ ଦାସ—ଦେ. ବି (ସଂ. ସୁର+ଦାସ)—ସୁରଦାସ (ଦେଖ)
Sur-dāsa　Sura dāsa (See)
সুর দাস सूर दास

ସୁର୍ମା—ବୈଦେ. ବି (ଫା)—ସୁରୁମା (ଦେଖ)
Sur-mā　Surumā (See)

ସୁର୍ ଯିବା—ପ୍ରାଦେ (ଗାଞ୍ଜାମ) କ୍ରି—ଶୀଘ୍ର ବା ପ୍ରତ୍ୟୁଷରେ ଖାଇବା—
Sur-jibā　To take one's meal at an early hour of the day.

ସୁର୍(ରୁ)ସାର୍—ଦେ. ବି (ସଂ. ସ୍ୱର ଶବ୍ଦ ଭରର୍ଥକ ଶବ୍ଦଚୟ)—
Sur(ru)sār ହୋଇଲା; ସାଡ଼ାଶବ୍ଦ; କୌଣସି ପ୍ରକାରର ଧ୍ୱନି—
সাড়াশব্দ आवाज　Any sound.　ବିଣ—ପ୍ରକାଶ
প্রকটিত　ପ୍ରକାଶିତ; ପ୍ରସାରିତ; ପ୍ରକଟ ହୋଇଥିବା—
प्रघट, प्रगट　Published abroad; made public.

ସୁର୍(ରୁ)ସାର୍ କରିବା—ଦେ. କ୍ରି—୧ । ଶବ୍ଦ କରିବା—1. To
Sur(ru)sār karibā make a sound. ୨ । କୌଣସି ଗୁପ୍ତ
আবাজ করা ବିଷୟକୁ ସାଧାରଣରେ ପ୍ରକାଶ କରିବା—2. To
प्रगट करना make a matter public; to divulge a matter.

ସୁର୍ଶିଆ ମାଲ୍—ପ୍ରାଦେ (ସମ୍ବଲପୁର) ବି—ସୁର୍ଶିଆ ମାଲ୍ (ଦେଖ)
Sur-shiā māl　Surshiā māl (See)

ସୁର—ସଂ. ବି. ପୁଂ(ସୁ ଧାତୁ=ଐଶ୍ୱର୍ଯ୍ୟ କରିବା + କର୍ତ୍ତୃ.ରି; ଅଥବା ସ୍ୱର୍.
Sura ଧାତୁ+କର୍ତ୍ତୃ ଅ)—୧ । ଦେବ (ଅମର)—1. Deity;
(ସୁରୀ—ସ୍ତ୍ରୀ) the gods. ୨ । ସୂର୍ଯ୍ୟ—2. The sun.
[ଅସୁର—ବିପରୀତ] ୩ । ସୁଧୀଜନ; ପଣ୍ଡିତ—3. Learned
man. ୪ । ମୁନି; ଋଷି (ହେ. ଶ)—4. Sage; seer.
সুর ଦେ. ବି (ସଂ. ସ୍ୱର)—୧ । କଣ୍ଠସ୍ୱର; ରବ—
सुर 1. Sound issuing from the throat; tone.
୨ । ଧ୍ୱନି—2. Sound. (ଯଥା—କଡ଼ା ସ୍ୱର, ଚଢ଼ାସୁର,
ମିଠାସୁର, ଖାଦ୍‌ସୁର (ଖାଦ୍‌ସୁର), କଳସ୍ୱର, ମିହିସୁର,
କାଙ୍କସୁର ଇତ୍ୟାଦି ।) ୩ । ସଙ୍ଗୀତର ସ୍ୱର—3. The
scales of music; tune. (ଯଥା—ଉଦାସସୁର
ଚାପସୁର, କାଳସୁର, ଅନୁବାଦୀ ସୁର, ସହାଯସୁର,
ବିବାଦୀସୁର) ୪ । ସୁରରାଜ, ସୁରପତି, ସୁରେନ୍ଦ୍ର ଭାକ-
ନାମ—4. Name for calling Surarāja,
Surapati, Surendra. ୫ । ସୁରଲୋକ; ଦେବ
ଲୋକ—5. The place of the gods. ବୈଦେ.
ବି (ଫା)—ସୁର୍ (ଦେଖ)—Sur (See) ପ୍ରାଦେ.
(ଛତିଶଗଡ଼) ବି—ଘୁଷୁରି (ତୁଳ. ହି. ସୁଅର୍)—
Hog.

ସୁର କରୀ—ସଂ. ବି (୬ଷ୍ଠୀ ତତ୍)—ଦେବତାମାନଙ୍କ ହସ୍ତୀ; ଐରାବତ
Sura kari　ଗଜ—The mythological elephant of
[ସୁରକଞ୍ଜର, ସୁରହସ୍ତୀ—ଅନ୍ୟରୂପ]　the heaven.

ସୁର କାରୁ—ସଂ. ବି (ବହୁବ୍ରୀହି; ସୁର ବା ଦେବତାମାନଙ୍କ ମଧ୍ୟରେ
Sura kāru　କାରୁ=କାରିଗର)—ବିଶ୍ୱକର୍ମା—
The Divine Architect.

ସୁର କାର୍ମୁକ—ସଂ. ବି—ଇନ୍ଦ୍ର ଧନୁ [ହେ. ଶ]—
Sura kārmuka　Rainbow.

ସୁର କାଷ୍ଠ—ସଂ. ବି—ଦେବଦାରୁ [ହେ. ଶ]—
Sura kāshṭha　Pine.

ସୁରକ୍ତ—ସଂ, ଵଣ (ସୁ+ରକ୍ତ)—୧ । ଉତ୍ତମରୂପେ ରଞ୍ଜିତ—
Surakta 1. Nicely painted. ୨ । ସୁନ୍ଦର ରକ୍ତବର୍ଣ୍ଣ-ବିଶିଷ୍ଟ—2. Of nice red colour. ୩ । ଅତ୍ୟନ୍ତ ଅନୁରକ୍ତ—3 Much attached. ୪ । ସୁମଧୁର—4. Very sweet. ୫ । ସୁଶ୍ରାବ୍ୟ; ଶ୍ରବଣ ସୁଖକର—5. Sweet to the ear. ୬ । ଯାହାର କଣ୍ଠଧ୍ୱନି ମଧୁର—6. Having a sweet tone.

ସୁରକ୍ତକ—ସଂ. ବି—୧ । ତୋଖାମ୍ର (ଶବ୍ଦକଳ୍ପଦ୍ରୁମ); ତୁତମଗଛ—
Suraktaka The mulberry tree. ୨ । ସ୍ୱର୍ଣ୍ଣଗୈରିକ [ଶବ୍ଦକଳ୍ପଦ୍ରୁମ]—2. Yellow chalk.

ସୁରକ୍ଷିତ—ସଂ. ଵଣ—ଉତ୍ତମରୂପେ ରକ୍ଷିତ—
Surakshita Well preserved.

ସୁର ଖଣ୍ଡନିକା(ମଣ୍ଡଳିକା)—ସଂ. ବି (ସୁର=ଦେବତା+ଖଣ୍ଡ୍ ଧାତୁ
Sura khandanikā(mandalikā) +ଅନ+ଇକ+ଅ)—ବୀଣାଭେଦ [ଶବ୍ଦରତ୍ନାବଳୀ)—A sort of harp. [ଦ୍ର—ଏ ଯନ୍ତ୍ରରେ ଗୋଟିଏ ଘଟା ଉପରେ ତାର ଟଣା ଯାଇଥାଏ; ଭୂମି ଉପରେ ରଖି ଏହାକୁ ମିଜ୍‌ରାବ ଦ୍ୱାରା ବଜାଇବାକୁ ହୁଏ—ହି. ଶ ।]

ସୁର ଗଜ—ସଂ. ବି—ଐରାବତ ହସ୍ତୀ [ହି, ଶ]—
Sura gaja Indra's elephant.

ସୁରଗଣ୍ଡ—ସଂ. ବି—ବ୍ରଣରୋଗବିଶେଷ (ଶବ୍ଦକଳ୍ପଦ୍ରୁମ)—A sort
Suraganda রাজগাঁড় of boil or tumour (a disease),

ସୁର ଗୁରୁ—ସଂ. ବି (୬ଷ୍ଠୀ ତତ୍)—୧ । ବୃହସ୍ପତି; ଦେବତାମାନଙ୍କ
Sura guru ଗୁରୁ—1. Bruhaspati; the preceptor of the gods. ୨ । ବୃହସ୍ପତି ଗ୍ରହ—
2. Jupiter (planet).

ସୁର ଗ୍ରାମଣୀ—ସଂ. ବି (ସୁରମାନଙ୍କର ଗ୍ରାମଣୀ=ଅଗ୍ରଣୀ)—ଇନ୍ଦ୍ର
Sura grāmani [ହିତାଭି ଶେଷ]—Indra (the leader (ସୁରାଗ୍ରଣୀ—ଅନ୍ୟରୂପ) of the gods).

ସୁରଙ୍ଗ—ସଂ. ବି (ସୁ+ରଙ୍ଗ)—୧ । ନାଗରଙ୍ଗ; ନାରଙ୍ଗ—
Suranga 1. A kind of orange. ୨ । ସୁଡ଼ଙ୍ଗ; ସୁଡ଼ଙ୍ଗ; ଛିଦ୍ରଗର୍ତ୍ତ (ଶବ୍ଦକଳ୍ପଦ୍ରୁମ); ଭୂମି ତଳେ ତଳେ ଖୋଳାଯିବା ପଥଶ୍ରେଣୀ;—2. Tunnel; trench. ୩ । ହିଙ୍ଗୁଳ (ଶବ୍ଦକଳ୍ପଦ୍ରୁମ)—3. Vermillion. ୪ । ପତଙ୍ଗ (ଶବ୍ଦକଳ୍ପଦ୍ରୁମ); ରକ୍ତଚନ୍ଦନ—4. Sappan wood. ୫ । ସୁନ୍ଦର ରଙ୍ଗ—5. Nice colour. (ଦ୍ର—ସୁରଙ୍ଗ ବେଣି ଗିଳିଥିଲା ସର୍ପ, ଇନ୍ଦ୍ର ଚନ୍ଦ୍ର ମାଇଲ ଭୁମ୍ବ ଚନ୍ଦ୍ର—ବିଶ୍ୱନାଥ. ବଡ଼ଜେନା ବିଚିତ୍ର ରାମାୟଣ ।) ୬ । ସିନ୍ଧ ଗାତ (ହି, ଶ)—6. Hole bored into a house by a house breaker. ସଂ. ଵଣ—୧ । ସୁରକ୍ତ; ସୁନ୍ଦର ରକ୍ତବର୍ଣ୍ଣବିଶିଷ୍ଟ—1. Of nice red colour. ୨ । ସୁରଞ୍ଜିତ—2. Nicely
ସୁରଙ୍ଗ painted. ଦେ, ଵଣ—ଅତ୍ୟନ୍ତ ରଙ୍ଗୀଳା; କୌତୁକଯୁକ୍ତ—
कुतुकयुक्त Very frolicsome. [ଦ୍ର—ଗୋଷାଇଁଙ୍କ ଖେଳ ଦେଖି ଭୁଲିଗଲେ ଅଷ୍ଟି । ସୁରଙ୍ଗ ବାହାର ଗଡ଼ ଦେଖିବେ ପୁଣି—ରୋହିତ ଲୋହର ପୁଣି ।]

ସୁରଙ୍ଗଦ—ସଂ.ବି (ସୁରଙ୍ଗ+ଦା. ଧାତୁ+କର୍ତ୍ତୃ.ଅ)—ପତଙ୍ଗ; ରକ୍ତଚନ୍ଦନ
Surangada (ଶବ୍ଦକଳ୍ପଦ୍ରୁମ)—Sappan wood.

ସୁରଙ୍ଗ ଧାତୁ—ସଂ. ବି—ଗୈରିକ (ଶବ୍ଦକଳ୍ପଦ୍ରୁମ); ଗେରୁମାଟି—
Suranga dhātu Red chalk.

ସୁରଙ୍ଗଯୁଜ୍—ସଂ. ବି (ସୁରଙ୍ଗ=ସୁଡ଼ଙ୍ଗ, ଦ୍ୱାର+ଯୁଜ୍ ଧାତୁ+କର୍ତ୍ତୃ.
Surangajuk କ୍ୱିପ୍; ସୁରଙ୍ଗଯୁକ୍ ଶବ୍ଦ; ୧ମା, ୧ବ)—ଯେଉଁ ବ୍ୟକ୍ତି ସୁରଙ୍ଗ ବା ସିନ୍ଧ କରି ଚୋରି କରେ; ସିନ୍ଧିଆଳ—
A thief who steals by boring a tunnel into the house.

ସୁରଙ୍ଗରେ—ଦେ. କ୍ରି. ବଣ—କୌତୁକରେ—Gaily.
Surangare (ଦ୍ର—ବନରେ ଯୁଥପତି ଗଜଣ ରଙ୍ଗରେ ସୁରଙ୍ଗେ कौतुकसे ଭଣାଙ୍କଣେ ସୁରଙ୍ଗରେ । ଉଜ. ବୈଦେହୀଶ ବିଳାସ ।)

ସୁରଙ୍ଗା—ସଂ. ସ୍ତ୍ରୀ (ସୁରୁଙ୍ଗ+ଆ)—୧ । ସିନ୍ଧଗାତ (ହଳାୟୁଧ)—
Surangā 1.A hole bored into a house by a house-breaker. ୨ । ନୈବର୍ତ୍ତିକା; ଦେବହିଅ ମୁଥା (ଶବ୍ଦକଳ୍ପଦ୍ରୁମ)—2. A sort of bulbous grass root.

ସୁରଙ୍ଗି—ଦେ. ବି—ଗଞ୍ଜାମ ଜିଲ୍ଲାର ଜମିଦାରୀ ବିଶେଷ—Name of
Surangi an estate in the Ganjam district.
सुरङ्गी [ଦ୍ର—ଏଥିର ସ୍ୱର୍ଗତ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନଦେବ
सुरंगी ଉତ୍କଳ ସାହିତ୍ୟ ସେବାରେ ସୁପରିଚିତ ।] ଵଣ—ସୁରକ୍ତ (ଦେଖ)—Surakta (See)

ସୁର(ରି)ଙ୍ଗି କମଳା—ଦେ. ବି (ଗଞ୍ଜାମର ସୁରଙ୍ଗି ଗ୍ରାମର
Sura(ri)ngi kamalā ନାମାନୁସାରେ)—ଗଞ୍ଜାମ ଓ ବିଶାଖାପାଟଣାର ସମୁଦ୍ର ଉପକୂଳୀ ଉଦ୍ୟାନଖଣ୍ଡ ଅଞ୍ଚଳରେ ଉତ୍ପନ୍ନ ହେବା କମଳାଲେମ୍ବୁ—A species of deep yellow or reddish orange. [ଦ୍ର—ଏହା ମିଠା ଓ ନାଲି ଅଟେ।]

ସୁରଙ୍ଗିକା—ସଂ. ବି (ସୁରଙ୍ଗ+କ+ଅ)—ମୂର୍ବା—
Surangikā The bow-string grass.

ସୁରଙ୍ଗୀ—ସଂ. ବି (ସୁରଙ୍ଗ+ଇନ୍; ୧ମା. ୧ବ)—୧ । କାକନାସା
Surangī (ଶବ୍ଦକଳ୍ପଦ୍ରୁମ); କଣ୍ଟିକାରୀ ସଦୃଶ ଫଳଯୁକ୍ତ ଲତା—
1. Solanum Indicum (plant). ୨ । ରକ୍ତ ଶୋଭାଞ୍ଜନ (ରତ୍ନମାଳା); ନାଲି ସଜନା—2. The red variety of horse-radish. ୩ । ପୁନ୍ନାଗ (ହି. ଶ)—3. Punnāga.

ସୁର ଚଢ଼ା(ଢେ଼)ଇବା—ଦେ. କ୍ରି—୧ । ଧ୍ୱନିକୁ ଉଚ୍ଚତର କରିବା—
Sura chardhā(rdhe)ibā 1. To raise the tone.

ସୁରଚଢ଼ାନ **सुरचढ़ाना** ୨ । ଯନ୍ତ୍ରରୁ ଉତ୍ପାଦିତ ସ୍ୱରକୁ ଉଚ୍ଚତର କରିବା— 2. To raise the tune of a musical instrument to a higher pitch. ୩ । ବେହେଲା ଓ ବୀଣାର ଅଦର ତାରକୁ ଠିକ୍ ସ୍ୱରଯୁକ୍ତ କରିବା—3. To regulate the tune of a musical instrument; to set a musical instrument to tune.

ସୁର ଚାପ—ସଂ. ବି—ଇନ୍ଦ୍ରଧନୁ—
Sura chāpa Rainbow.

ସୁରୁଜ—ପ୍ରାଦେ (ଉତ୍ତରଭାଗ) ବି—ସୂର୍ଯ୍ୟ—
Suruj The sun.

ସୁରଜଃଫଳ—ସଂ. ବି (ବହୁବ୍ରୀହି; ସୁରଜସ୍ + ଫଳ)—ପଣସ ବୃକ୍ଷ—
Surajaḥ phala The jack fruit tree.

ସୁରଜନୀ—ସଂ. ବି (ସୁ + ରଜନୀ)—୧ । ସୁନ୍ଦର ରାତ୍ରି—
Surajanī 1. A nice night.
୨ । ରାତ୍ରି (ଶବ୍ଦ ରତ୍ନାକର)—2. Night.

ସୁର ଜ୍ୟେଷ୍ଠ—ସଂ. ବି (୭ମୀ ତତ୍; ସୁରମାନଙ୍କ ମଧ୍ୟରେ ଜ୍ୟେଷ୍ଠ)—
Sura jyeshṭha ବ୍ରହ୍ମା (ଅମର)—Brahmā.

ସୁରଞ୍ଜନ—ସଂ. ବି—ଗୁବାକ ବୃକ୍ଷ (ହାରାବଳୀ କୋଷ)—
Surañjana The areca nut tree.

ସୁରଞ୍ଜିତ—ସଂ. ବିଣ (ସୁ + ରଞ୍ଜିତ)—ସୁନ୍ଦର ରଙ୍ଗରେ ରଞ୍ଜିତ—
Surañjita Nice coloured; nicely painted.

ସୁରଟ—ଦେ. ବି (ସୁରାଟ୍ ବା ସୌରାଷ୍ଟ୍ର ଦେଶର ନାମରୁ)—ରାଗିଣୀ
Suraṭa सुरट **सुरट** ବିଶେଷ)—Name of a musical note. [ଦ୍ର—(ସୁରଟ ମଲ୍ଲାର—ଅନ୍ୟରୂପ) ଏହା ରାଗିଣୀର ପ୍ରଥମ ଓ ଦ୍ୱିତୀୟ ପ୍ରହରରେ ଗେୟ, ସପ୍ତସ୍ୱରବିଶିଷ୍ଟ ଓ ଏହା ଅଧିକା କୋମଳସ୍ୱରଯୁକ୍ତ ।]

ସୁରତ(ଥ)—ବୈଦେ. ବି (ଫା)—୧ । ଶୈଳୀ; ପ୍ରଣାଳୀ—
Surat(th) सूरत् **सूरत**, 1. Fashion; mode; manner. ୨ । ଦେହର ଚେହେରା; ମୁଖଭଙ୍ଗୀ—2. The appearance of the body. ୩ । ଅବସ୍ଥା—3. Condition. ୪ । ଆକୃତି—4. Form; shape. ବିଣ—୧ । ମିଷ୍ଟ; ମଧୁର—1. Sweet. ୨ । ସୁନ୍ଦର, ମନୋଜ୍ଞ—2. Beautiful. ୩ । କାରଣ—3. By reason of; by means of. ଦେ. କ୍ରି. ବିଣ (କଟକୀଅ)—୧ । ଅବଲମ୍ବନ ଦେ; ଉକ୍ତ ବୃତ୍ତରେ—1 On the basis of. ୨ । କାରଣରୁ—2. On account of; owing to.

ସୁରତ୍ ବଦଳା(ଳେ)ଇବା—ଦେ. କ୍ରି—ଅନ୍ୟ ରୂପ ବା ଚେହେରା ଧାରଣ
Surat badalā(le)ibā सूरत् बदलान **सुरत बदलाना** କରିବା—To change one's shape or appearance.

ସୁରତ୍‌ରେ—ଦେ. କ୍ରି. ବିଣ (କଟକୀଅ) କ୍ରି. ବିଣ—ସୁରତ୍ (ଦେଖ)
Surat-re Surat (See)

ସୁରତ୍ ହ(ହା)ରାମ—ବୈଦେ. ବିଣ (ଫା)—ଯେଉଁ ବ୍ୟକ୍ତି ଦେଖିବାକୁ
Surat-ha(hā)rām सूरत्हाराम **सुरतहराम** ସୁନ୍ଦର କିନ୍ତୁ ଅନ୍ତରରେ କ୍ରୂର; ବଗଭକ୍ତ ପୟୋମୁଖ ବିଷକୁମ୍ଭ ଚରିତ୍ରୀ—A person who is cruel at heart, but nice in appearance.

ସୁରତ୍‌ହାଲ—ବୈଦେ. ବି (ଫା କଟକୀଅ)—୧ । ମୃତବ୍ୟକ୍ତିର ଦେହର
Surat-hāl (ସୁରଥାଲ୍—ଅନ୍ୟରୂପ) सूरत्हाल **सुरतहाल** ବା ଶବର ଅବସ୍ଥା—1. The condition of a dead body. ୨ । ସରଜମିନ ତଦନ୍ତ—2. Local investigation; inquest.

ସୁରତ୍‌ହାଲ୍ ରିପୋର୍ଟ—ଦେ. ବି (କଟକୀଅ) (ଫା ଓ ଇଂ)—୧ । ମୃତ
Surat-hāl ripoṭ (ସୁରଥାଲ୍ ରିପୋର୍ଟ—ଅନ୍ୟରୂପ) सूरतहाल रिपोर्ट **सुरतहाल रिपोर्ट** ବ୍ୟକ୍ତିର ଦେହ ପରୀକ୍ଷା କରି ଡାକ୍ତର ବା ପୁଲିସ ଯେଉଁ ରିପୋର୍ଟ ଦିଅନ୍ତି—1. Inquest report on the condition of a dead body. ୨ । ସରଜମିନ ତଦନ୍ତ ରିପୋର୍ଟ—2. A report of the result of a local investigation.

ସୁରତ—ସଂ. ବି (ସୁ + ରମ୍ ଧାତୁ + ଭାବ. ତ)—ରତିକ୍ରିୟା; ମୈଥୁନ;
Surata ସ୍ତ୍ରୀ ପୁରୁଷ ସଙ୍ଗମ—Copulation; coition. ବିଣ. (ସୁରତା—ସ୍ତ୍ରୀ. ବିଣ) ପୁଂ (ସୁ + ରମ୍ ଧାତୁ + କର୍ତ୍ତୃ. ତ)—୧ । ଅତ୍ୟନ୍ତ ଅନୁରକ୍ତ—1. Much attached to; enamoured of. ୨ । ଦୟାଳୁ—2. Kind ୩ । अति ଅତି କୃପାଳୁ—3. Very merciful. ଦେ. ବିଣ—
शूरत्व **शूरत्व** (ସଂ. ଶୂରତ୍ୱ) ଶୂରତ୍ୱ; ବଳଶୀଳତା; ବଳବତ୍ତପଣିଆ (ଗୋପୀନାଥ ନନ୍ଦ)—Strength; might. ବୈଦେ. ବି (ଫା)—ସୁରତ୍ (ଦେଖ)—Surat (See)

ସୁରତ ଖେଦ (ଗ୍ଲାନି)—ସଂ. ବି (ମ. ପ. ଲୋ; ସୁରତଜନିତ ଖେଦ)—
Surata kheda (glāni) ସୁରତ ଶ୍ରମ (ଦେଖ)—Surata śrama (See)

ସୁରତ ଗୋପନା—ସଂ. ବି ଓ ବିଣ. ସ୍ତ୍ରୀ—ସୁରତି ଗୋପନା (ଦେଖ)
Surata gopanā Surati gopanā (See)

ସୁରତ ତାଳୀ—ସଂ. ବି. ସ୍ତ୍ରୀ—୧ । ଦୂତୀ (ମେଦିନୀ)—1. A
Surata tālī female go-between. ୨ । ଶିରଃସ୍ରକ୍; ଶିରୋଗ୍ରଥିତ ମାଳା—2. A chaplet for the head.

ସୁରତ ପ୍ରସଙ୍ଗ—ସଂ. ବି—୧ । ରତିକ୍ରିୟା—1. Act of copula-
Surata prasaṅga tion. ୨ । ରତି ସମ୍ବନ୍ଧେ ଗଳ୍ପ—2. Talk about copulation.

ସୁରତ(ତି) ବିଚିତ୍ରା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ସୁରତ ଅଟେ ବିଚିତ୍ର
Surata(ti) bichitrā ଯାହାର; ସୁରତ + ବିଚିତ୍ର + ଆ)—ଶୃଙ୍ଗାରପ୍ରଧାନ ମଧ୍ୟାକାବ୍ୟିକା ମଧ୍ୟରୁ ଏକ ପ୍ରକାର ନାୟିକା; ଯେଉଁ ମଧ୍ୟାକାବ୍ୟିକାର ରତିକ୍ରିୟା ବିଚିତ୍ର ଅଟେ—A lady or heroine of love stories whose coition is wunderful. [ଦ୍ର—ମଧ୍ୟାକାବ୍ୟିକାଙ୍କ

ଗୁର ଶ୍ରେଣୀ ଯଥା—ଅରୂଢ଼ଯୌବନା, ପ୍ରଗଲ୍ଭବଚନା, ପ୍ରାଦୁର୍ଭୂତଯୌବନା ଓ ସୁରତବୋଧିକା—ହ. ଶ।] ସଂ. ବଣ. ସ୍ତ୍ରୀ—ବିଚିତ୍ର ରତିକ୍ରୀଡ଼ାକାରିଣୀ (ସ୍ତ୍ରୀ)—(a woman) Of wonderful coition.

ସୁର ତରଙ୍ଗିଣୀ—ସଂ. ବି (୬ଷ୍ଠୀ ତତ୍)—ଗଙ୍ଗା ନଦୀ—
Sura tarangini The river Ganges.
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
A name given to females.

ସୁର ତରୁ—ସଂ. ବି—୧। ନନ୍ଦନ କାନନର ତରୁ—1. A tree of
Sura taru the heaven. (ଜ—ଗର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲ୍ ରେ। କବିସମ୍ରାଟ୍ ଉପେନ୍ଦ୍ରଭଞ୍ଜ—ଲାବଣ୍ୟବତୀ।) [ଦ୍ର—କଳ୍ପତରୁ, ମନ୍ଦାର, ପାରିଜାତ, ସନ୍ତାନ ଓ ହରିଚନ୍ଦନ, ଏମାନେ ନନ୍ଦନ କାନନର ତରୁ ଅଟନ୍ତି।] ୨। ସ୍ୱର୍ଗର କଳ୍ପତରୁ—2. The wish-bearing tree of the heaven. ୩। ପୁନ୍ନାଗ—3. Mast wood; Calophyllum Inophyllum. (ଜ—ସୁରତରୁ କୁଞ୍ଜେ ମଞ୍ଜୁଳ ମୋର ମୈତ୍ରେୟ ଏ। ସ୍ୱଧାନାଥ. ଚନ୍ଦ୍ରଭାଗା।)

ସୁରତ ଶ୍ରମ—ସଂ. ବି (ମ. ପ. ଲୋ; ସୁରତଜନିତ ଶ୍ରମ)—ରମଣଜନିତ
Surata śrama ପରିଶ୍ରମ—Exertion due to cohabitation.

ସୁରତ ସୁଖ—ସଂ. ବି (ମ. ପ. ଲୋ; ସୁରତଜନିତ ସୁଖ)—ରତିଜନିତ
Surata sukha ଆନନ୍ଦ—Pleasure derived from coition.

ସୁରତ ସ୍ୱେଦ—ସଂ. ବି (ମ. ପ. ଲୋ; ସୁରତଜନିତ ସ୍ୱେଦ)—ରତିଶ୍ରମ
Surata sweda ଜନିତ ଘର୍ମ—Perspiration due to the strain of cohabitation.

ସୁରତା—ସଂ. ବଣ. ସ୍ତ୍ରୀ (ସୁରତ+ଆ)—ସୁରତର ସ୍ତ୍ରୀଲିଙ୍ଗ—
Suratā Feminine of Surata. ବି—୧। (ସୁର+ଭାବାର୍ଥେ. ତା) ଦେବତ୍ୱ (ମେଦିନୀ)—1. Divinity. ୨। (+ସମୂହାର୍ଥେ. ତା) ସୁର ବା ଦେବସମୂହ—2. A gathering of the gods.

ସୁରତା(ତୁ)ଙ୍ଗ—ସଂ. ବି—ସୁରପୁନ୍ନାଗ (ରାଜନିର୍ଘଣ୍ଟ) (ଦେଖ)
Surata(tu)nga Surapunnāga (See)

ସୁରତାନ୍ତ—ସଂ. ବି (୬ଷ୍ଠୀ ତତ୍; ସୁରତ+ଅନ୍ତ)—ରତିର ଶେଷ—
Suratānta The end of coition.

ସୁରତି—ସଂ. ବି (ସୁ+ରମ୍ ଧାତୁ=ରମଣ କରିବା+ଭାବ. ତି)—
Surati ରତି; ସୁରତ; ମୈଥୁନ—Copulation. ବୈଦେ. ବି—ସୁରତି ସୁର୍ତି (ଦେଖ)—Surti (See) ଦେ. ବି—ସୁରୁତି (ଦେଖ) सुरति Suruti (See).

ସୁରତି ଗୋପନା—ସଂ. ବି ଓ ବଣ (ସ୍ତ୍ରୀ)—ଯେଉଁ ନାୟିକା ନାୟକ
Surati gopanā ସଙ୍ଗେ କୃତ ରତିକ୍ରୀଡ଼ା ବିଷୟ ଅଣେ ସଖୀମାନଙ୍କଠାରୁ ଲୁଚାଏ (ହ. ଶ)—A woman who conceals the fact of her amorous dalliance from her companions.

ସୁର ତୋଷକ—ସଂ. ବଣ—ଦେବତାମାନଙ୍କ ପ୍ରୀତିକାରକ—
Sura toshaka Pleasing to the gods.
(ସୁରତୋଷିକା—ସ୍ତ୍ରୀ) ବି—କୌସ୍ତୁଭମଣି (ଶବ୍ଦ ରତ୍ନାବଳୀ)—
The gem worn by Bishnu.

ସୁରତ୍ନ—ସଂ. ବି—୧। ଉତ୍ତମ ରତ୍ନ—1. Excellent gem.
Suratna ୨। ସୁନା (ହ. ଶ)—2. Gold. ୩। ମାଣିକ୍ୟ (ହ. ଶ)—3. Ruby. ସଂ. ବଣ—୧। ସର୍ବଶ୍ରେଷ୍ଠ (ହ. ଶ)—1. Superior to all others. ୨। ଉତ୍ତମ ରତ୍ନଯୁକ୍ତ—2. Having good gems.

ସୁରଥ—ସଂ. ବି (ସୁ ଅଟେ ରଥ ଯାହାର)—୧। ଚୈତ୍ରବଂଶ ସମ୍ଭବ
Suratha ଚନ୍ଦ୍ରବଂଶୀୟ ରାଜା—1. Name of a king of the Lunar dynasty. [ଦ୍ର—ଚନ୍ଦ୍ରଙ୍କ ଔରସରେ ବୃହସ୍ପତୀ ତାଙ୍କ ଗର୍ଭରୁ ବୁଧ ଜନ୍ମିଥିଲେ। ବୁଧଙ୍କଠାରୁ ଚୈତ୍ର ଓ ଚୈତ୍ରଙ୍କଠାରୁ ସୁରଥ ଜନ୍ମିଥିଲେ। ଏ ଶତ୍ରୁମାନଙ୍କ ଦ୍ୱାରା ରାଜ୍ୟଭ୍ରଷ୍ଟ ହୋଇ ତପୋବନକୁ ଗଲେ। ସେଠାରେ ଗୋଟିଏ ଗୃହତ୍ୟାଗୀ ବୈଶ୍ୟ (ସମାଧି ନାମକ)କୁ ଭେଟି ମେଧା ନାମକ ମୁନିଙ୍କଠାରୁ ସଂସାରର ମହାମାୟା ବା ଦୁର୍ଗାଙ୍କ ବୃତ୍ତାନ୍ତ ଓ ଦେବୀଙ୍କ କର୍ତ୍ତୃକ ମହିଷାସୁର, ରକ୍ତବୀଜ, ଶୁମ୍ଭ, ନିଶୁମ୍ଭ ଆଦି ରାକ୍ଷସମାନଙ୍କ ବଧର ବିବରଣ ଶୁଣି ପୃଥିବୀରେ ପ୍ରଥମେ ମୃଣ୍ମୟୀ ପ୍ରତିମା ସ୍ଥାପନ କରି ଶାରଦୀୟ ଦୁର୍ଗା ପୂଜା ଆରମ୍ଭ କଲେ ଏବଂ ଦେବୀଙ୍କ ବରରେ ନଷ୍ଟରାଜ୍ୟ ପ୍ରାପ୍ତ ହୋଇ ଦେହାନ୍ତେ ସ୍ୱର୍ଗକୁ ଗଲେ। ଏ ପରଜନ୍ମରେ ସାବର୍ଣ୍ଣି ମନୁରୂପେ ଜାତ ହେଲେ। (ମାର୍କଣ୍ଡେୟ ପୁରାଣୋକ୍ତ ଦେବୀ. ମହାତ୍ମ୍ୟ ବା ଚଣ୍ଡୀରେ ଏବଂ ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି ଖଣ୍ଡରେ ଏ ବିଷୟ ବର୍ଣ୍ଣିତ ହୋଇଅଛି)।
ସୁରଥଙ୍କ ପୁତ୍ର ଜୟଦ୍ରଥଙ୍କ ଜନ୍ମକାଳରେ ଦୈବବାଣୀ ହୋଇଥିଲା ଯେ, ନବଜାତ କୁମାର ଗୁଣୀ ଓ ଶତ୍ରୁହନ୍ତା ହେବ। ତାହା ଶୁଣି ସୁରଥ କହିଥିଲେ, 'ଯେ ଜୟଦ୍ରଥଙ୍କ ମୁଣ୍ଡ କାଟି ଭୂତଳରେ ପକାଇ ଦେବ, ତାର ଶିର ଶତଧା ଛିନ୍ନ ହେବ, ଭଗବାନ ଶ୍ରୀକୃଷ୍ଣଙ୍କର ଆଦେଶ ଅନୁସାରେ ମହାଭାରତ ଯୁଦ୍ଧରେ ଅର୍ଜୁନ ଜୟଦ୍ରଥଙ୍କର ମୁଣ୍ଡ କାଟି ସନ୍ଧ୍ୟା ହେବାକାଳରେ ସୁରଥଙ୍କ ଅଞ୍ଜଳିରେ ତାହାକୁ ପକାଇ ଦେଲେ। ସୁରଥଙ୍କ ହାତରୁ ଜୟଦ୍ରଥଙ୍କ ମୁଣ୍ଡ ଭୂତଳରେ ଖସି ପଡ଼ିବାରୁ ସୁରଥଙ୍କ ମୁଣ୍ଡ ଶତଧା ଛିନ୍ନ ହୋଇଗଲା; ଯଥା—

ସୁରଥ ଥିଲେ ତପସ୍ୟାରେ
ତା ପୁତ୍ର ମୁଣ୍ଡ ନେଇ କରେ
କପଟେ ନାଶ ତାଙ୍କୁ କଲେ
ଦୁରନ୍ତ କର୍ମ କେ ବୋଇଲେ।

ପ୍ରାଚୀ. ପୂର୍ଣ୍ଣିମ ଚନ୍ଦ୍ରୋଦୟ।] ୨। (ନାମ) ଦ୍ରୁପଦଙ୍କ ଏକପୁତ୍ର (ହ. ଶ)—2. Name of a son of Drupada. ୩। (ନାମ) ଜୟଦ୍ରଥଙ୍କ

ଏକ ପୁତ୍ର (ହ. ଶ)—3. Name of a son of Jayadratha. ୪ । ଜନମେଜୟଙ୍କ ଏକ ପୁତ୍ର (ହ.ଶ)—4. Name of a son of Janamejaya. ୫ । (ନାମ) ଚମ୍ପକପୁରର ରଜା ହଂସଧ୍ୱଜଙ୍କ ପୁତ୍ର—5. Name of the son of Rajā Hamsadhwaja. ବଣ—ସୁନ୍ଦର ରଥ ବିଶିଷ୍ଟ—Having a nice car.

ସୁର ଦାରୁ—ସଂ. ବି (ଷଷ୍ଠୀ ତତ୍)—ଦେବଦାରୁ (ରତ୍ନମାଳା)—
Sura dāru The pine or cedar.

ସୁର ଦାସ—ଦେ. ବି—୧ । ଅନ୍ଧ—1. Blind man. ୨ । କଣା—
Sura dāsa 2. One-eyed person. ୩ । (ନାମ) ପ୍ରସିଦ୍ଧ
সূরদাস ସ୍ୱର୍ଗୀୟ ହିନ୍ଦୀ କବି—3. Name of a celebrated
सूर दास Hindi poet. [ବି—ଏ ଦିଲ୍ଲୀ ନିକଟବର୍ତ୍ତୀ ସିହ୍ମୀ ନାମକ ଗ୍ରାମରେ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ । ଏ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କବି । ଭାରତର ଶେଷ ସ୍ୱାଧୀନ ସମ୍ରାଟ ପୃଥ୍ୱୀରାଜଙ୍କ ରାଜସଭାର କବି 'ଚାନ୍ଦ'ଙ୍କର ଏ ବଂଶଧର ଥିଲେ । ଏ ବାଲ୍ୟକାଳରେ ଯମୁନା ତୀରବର୍ତ୍ତୀ ଗୌଘାଟ ଗ୍ରାମରେ ଥିବା ମାତୁଳାଳୟରେ ରହି ସଂସ୍କୃତ ଓ ପାରସୀ-ଭାଷାରେ ପାଣ୍ଡିତ୍ୟ ଲାଭ କରିଥିଲେ । ଏହାଙ୍କ ପିତାଙ୍କ ନାମ ରାମଚନ୍ଦ୍ର । ଏହାଙ୍କର ଆଉ ଛଅ ଭାଇ ଥିଲେ ଓ ସେମାନେ ତତ୍କାଳୀନ ଦିଲ୍ଲୀର ଲୋଦିବଂଶୀୟ ମୁସଲମାନ ସମ୍ରାଟଙ୍କ ଅଧୀନ ସୈନିକ କର୍ମ କରି ବାବରଙ୍କ ସହ ଯୁଦ୍ଧରେ ହତ ହୋଇଥିଲେ । ଏ ସର୍ବକନିଷ୍ଠ ଥିଲେ ଓ ଅନ୍ଧ ଥିବାରୁ ସୈନ୍ୟ ବିଭାଗରେ ପଶି ପାରି ନ ଥିଲେ । ଏହାଙ୍କର ଅନ୍ୟ ନାମ ସୂର୍ଯ୍ୟଦାସ, ସୂରଦାସ, ସୂରଶ୍ୟାମ, ସୂର୍ଯ୍ୟଚନ୍ଦ୍ର । ଏ ଜନ୍ମାନ୍ଧ ନ ଥିଲେ । ପିଲାଦିନୁଁ ଏ ଧର୍ମାନୁରାଗୀ ଥିଲେ ଓ ପ୍ରତିଦିନ ଦେବଦର୍ଶନାର୍ଥ ଗୋଟିଏ ଦେଉଳକୁ ଆସି ସେଠାରେ ଗୋଟିଏ ସୁନ୍ଦରୀ ଯୁବତୀ ବଣିଆଣୀଙ୍କୁ ଦେଖି ତାହାଙ୍କ ରୂପରେ ମୁଗ୍ଧ ହେଲେ ଓ ବଣିଆଣୀ ମଧ୍ୟ ଏହାଙ୍କ ରୂପରେ ମୁଗ୍ଧା ହେଲେ । ଏହି ସମୟରେ ବଣିଆଣୀ ଏହାଙ୍କ ନିକଟକୁ ଆସି ଠିଆ ହେବା ସମୟରେ ଦେଖିଲେ ଯେ, ଦେବ ପ୍ରତିମା ଚାଲି ଯାଉଅଛନ୍ତି । ଏହା ଦେଖି ବଣିଆଣୀ ସେଠାରୁ ପଳାଇଲେ ଓ ସୁରଦାସ ତାଙ୍କ ପଛରେ 'ଗୋଟିଏ ମାଗି ଭିକ୍ଷା' ଏହି ବାକ୍ୟ ଚିତ୍କାର କରି କରି ଗୋଡ଼ାଇଲେ । ପାଉ ଯାଉ ଭୀଷଣ ଅରଣ୍ୟ ମଧ୍ୟରେ ସନ୍ଧ୍ୟାରେ ଅଗ୍ନି ଜଳୁଥିବା ଦେଖି ବଣିଆଣୀ ଠିଆ ହେଲେ ଓ ସୂରଦାସ 'ଗୋଟିଏ ମାଗି ଭିକ୍ଷା' ଏହି ବାକ୍ୟ ଚିତ୍କାର କରି ତାଙ୍କ ନିକଟରେ ପଡ଼ିଗଲେ । ବଣିଆଣୀ ତାଙ୍କୁ ପଚାରିଲେ 'କି ଭିକ୍ଷା ମାଗୁଛ ?' ସୂରଦାସ କହିଲେ 'ଏ ଚକ୍ଷୁ ମୋର ପରମ ଶତ୍ରୁ; ତୁମେ କଣ୍ଟା ଆଣି ମୋର ଏହି ଆଖି ଦିଓଟିକୁ ଫୁଟାଇ ଦିଅ, ମୁଁ ଏହି ଭିକ୍ଷା ମାଗୁଅଛି ।' ବଣିଆଣୀ ନିକଟବର୍ତ୍ତୀ ଜଙ୍ଗଲରୁ କଣ୍ଟା ଆଣି ସୁରଦାସଙ୍କ ଆଖି ଦିଓଟି ଫୁଟାଇ ଦେଲେ ଓ ସେହିଦିନୁ ସେ ଅନ୍ଧ ହେଲେ । ସୁରଦାସ ଅନ୍ଧ ଥିବା ହେତୁ ଭାରତପ୍ରସିଦ୍ଧ ଥିବାରୁ ସୁଦୂର ଓଡ଼ିଶାରେ ମଧ୍ୟ ଅନ୍ଧ ଗାୟକ, ଭିକ୍ଷୁକ ଓ ସାଧୁମାନଙ୍କୁ ଲୋକେ ସୂରଦାସ ନାମରେ ଡାକନ୍ତି । କଥୋପକଥନରେ ମଧ୍ୟ 'ତୁ ଅନ୍ଧ, କି ସୂରଦାସ ?' ବୋଲି ଲୋକେ କହି ଥାଆନ୍ତି । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ସୁରସାଗର ବା ସୁରସାଗ-ବଳୀରେ ହିନ୍ଦୀ ଭାଷାରେ ଭାଗବତ କଥା ପଦ୍ୟରେ ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥକୁ ସେ ୬୭ ବର୍ଷ ବୟସରେ ସମାପ୍ତ କରିଥିଲେ । ଏହା ଛଡ଼ା ସାହିତ୍ୟଲହରୀ ନାମକ ଖଣ୍ଡିଏ ଗ୍ରନ୍ଥ ସେ ୧୫୧୩ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ । ହିନ୍ଦୀ-ଭାଷାରେ କବିଙ୍କ ମଧ୍ୟରେ ତାଙ୍କୁ ସୂର୍ଯ୍ୟ ଓ ତୁଳସୀଦାସଙ୍କୁ ଚନ୍ଦ୍ରଙ୍କ ସଙ୍ଗେ ତୁଳନା କରାଯାଏ । ତାଙ୍କ କବିତାରେ ସମ୍ରାଟ ଅକବର ମୁଗ୍ଧ ହୋଇ ତାଙ୍କୁ 'ମନ୍ସବ୍' (ମାସିକ ୭୦୦ ଟଙ୍କାର ବୃତ୍ତି) ଦେଇଥିଲେ ଓ ଉକ୍ତ ଧନ ସେ ଗରିବ, ଦୁଃଖୀଙ୍କୁ ବିତରଣ କରୁଥିଲେ । ତାଙ୍କର କବିତାରେ ଆବାଳବୃଦ୍ଧବନିତା ସମସ୍ତେ ମୁଗ୍ଧ । ଓଡ଼ିଶାରେ ଓ ବଙ୍ଗ ଦେଶରେ ତାଙ୍କର କେତେଗୋଟି ହିନ୍ଦୀ ସଙ୍ଗୀତ ଗାୟକ-ମାନେ ବୋଲନ୍ତି ।

[ରସଚକ୍ର ପତ୍ରିକାରୁ ଉଦ୍ଧୃତ]

୪ । ଭୀମ ଭୋଇଙ୍କର ଗୁରୁଦତ୍ତ ନାମ—4. The name given to Bhima Bhoi by his preceptor. [ବି—ଭୀମଭୋଇ ରେଢ଼ାଖୋଲ ରାଜ୍ୟର ଅନ୍ତର୍ଗତ ଗ୍ରାମଡିହ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଜାତିରେ କନ୍ଧ ଓ ଜନ୍ମରୁ ଅନ୍ଧ ଥିଲେ । ଗୁରୁ ମହିମାଗୋସାଇଁଙ୍କ ଅନୁଗ୍ରହରୁ ତାଙ୍କ ଚକ୍ଷୁ ଦେଖାଗଲା । ସେ ମହିମାଗୋସାଇଁଙ୍କଠାରୁ ମହିମାଧର୍ମର ଉପଦେଶ ଗ୍ରହଣ କରିଥିଲେ ଏବଂ ଗୁରୁଙ୍କ ଦୟାରେ ଭୀମଙ୍କଠାରେ ଅଲୌକିକ କବିତାଶକ୍ତି ପ୍ରକାଶ ପାଇଲା । ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୂପଣ, ଶ୍ରୁତିନିଷେଧ ନିର୍ବେଦସାଧନା ପ୍ରଭୃତି ଗ୍ରନ୍ଥ ତାଙ୍କ ରଚିତ । ତାହାଙ୍କ ଭଜନ ଓ ଜଣାଣମାନଙ୍କରେ ମହିମାଧର୍ମ ଓ ମହିମାଗୋସାଇଁଙ୍କ ଲୀଳା-ବିବରଣ ପ୍ରଥମେ ପ୍ରକାଶିତ ହୋଇଥିଲା । ଭୀମ ଭୋଇ କେତେକ ଦିନ ରେଢ଼ାଖୋଲରେ ରହି ତତ୍ପରେ ସେ ସ୍ଥାନ ତ୍ୟାଗ କରି ସୁନପୁର (ସୋନପୁର) ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଗୋଟିଏ ମଠ ନିର୍ମାଣ କରାଇ ଗୃହସ୍ଥାଶ୍ରମୀ ହୋଇ ରହିଥିଲେ । ସେ ଅଞ୍ଚଳର ସାଧାରଣ ଲୋକେ ଭୀମ ଭୋଇଙ୍କୁ ମହାପୁରୁଷ ଜ୍ଞାନ କରି ତାହାଙ୍କଠାରୁ ଧର୍ମ ଉପଦେଶ ଗ୍ରହଣ କରି ତାଙ୍କ ସେବା ପୂଜାରେ ରତ ରହୁଥିଲେ । ସେହି ମଠରେ ଭୀମ ଭୋଇ ମାନବଲୀଳା ସମ୍ବରଣ କରିଥିଲେ । ବର୍ତ୍ତମାନ ସେ ସ୍ଥାନରେ ତାଙ୍କର ଗୋଟିଏ ସମାଧି ମନ୍ଦିର ଓ ମଠ ରହିଅଛି ।

ସନ୍ଦର୍ଭ ଲେଖକ—ଅବଧୂତ ଶ୍ରୀ ବିଶ୍ୱନାଥ ବାବା ।]

ସୁର ଦୀର୍ଘିକା—ସଂ. ବି (ଷଷ୍ଠୀ ତତ୍)—ମନ୍ଦାକିନୀ; ସ୍ୱର୍ଗଙ୍ଗା (ଅମର)—
Sura dirghikā The Ganges said to flow in the heaven.

ସୁର ଦୁନ୍ଦୁଭି—ସଂ. ବ—୧ । ଦେବତାମାନଙ୍କ ଦୁନ୍ଦୁଭି ବାଦ୍ୟ—
Sura dundubhi 1. The trumpet of the gods.
୨ । ତୁଳସୀଗୁଳ୍ମ (ରାଜନିର୍ଘଣ୍ଟ)—
2. The holy Basil plant.

ସୁରଦ୍ୱିଟ୍—ସଂ. ବଣ· ପୁଂ (ସୁର+ଦ୍ୱିଷ୍ ଧାତୁ=ହିଂସା କରିବା+
Suradwiṭ କର୍ତ୍ତି· କ୍ୱିପ୍; ସୁରଦ୍ୱିଷ୍; ୧ମା. ୧ବ)—ଦେବ-
ଦ୍ୱେଷୀ—Malignant to the gods. ବି· ପୁଂ—
୧ । ଅସୁର—1. Demon. ୨ । ଦେବ ଶତ୍ରୁ—
2. Enemy of the gods.

ସୁର ଦ୍ୱିପ—ସଂ· ବ (୬ଷ୍ଠୀ ତତ୍)—ଦେବହସ୍ତୀ; ଐରାବତ (ଶବ୍ଦ-
Sura dwipa କଳ୍ପଦ୍ରୁମ)—The elephant of Indra.

ସୁର ଦ୍ରୁମ—ସଂ· ବ—୧ । ସୁରତରୁ (ଦେଖ)—1. Surataru
Suradruma (See). ୨ । ଦେବନଳ (ରାଜନିର୍ଘଣ୍ଟ)—
2. Name of a reed plant.

ସୁର ଧନୁଃ(ଧ୍ୱଜ, କେତୁ)—ସଂ. ବ (୬ଷ୍ଠୀ ତତ୍)—ଇନ୍ଦ୍ରଧନୁ—
Sura dhanuḥ(dhwaja, ketu) Rainbow.
[ସୁରଧନୁ—ଦେ· ରୂପ]

ସୁର ଧାମ(ନଗର)—ସଂ. ବ (ସୁରଧାମନ୍; ୬ଷ୍ଠୀ ତତ୍)—ଦେବଲୋକ;
Sura dhāma(nagara) ସ୍ୱର୍ଗ—Heaven.

ସୁର ଧୁନୀ(ନଦୀ, ନିମ୍ନଗା)—ସଂ· ବ (୬ଷ୍ଠୀ ତତ୍; ସୁର=ଦେବତା+
Sura dhūnī(nadī, nimnagā ଧୁନୀ=ନଦୀ)—୧ ।
ଗଙ୍ଗାନଦୀ—1. The river Ganges. ୨ । ସ୍ୱର୍ଗଙ୍ଗା
—2. The Ganges said to flow in heaven.

ସୁର ଧୂପ—ସଂ. ବ—ଝୁଣା (ରାଜନିର୍ଘଣ୍ଟ); ଝୁଣା—
Sura dhūpa Resin.

ସୁର ଧେନୁ—ସଂ· ବ· ସ୍ତ୍ରୀ (୬ଷ୍ଠୀ ତତ୍)—କାମଧେନୁ—The
Sura dhenu mythological cow granting what-
ever is desired.

ସୁର ନନ୍ଦା—ସଂ. ବ (ନାମ)—ନଦୀବିଶେଷ (ଶବ୍ଦରତ୍ନାବଳୀ)—
Sura nandā Name of a river.

ସୁର ନାଥ(ନାୟକ)—ସଂ. ବ (୬ଷ୍ଠୀ ତତ୍)—ଇନ୍ଦ୍ର—
Sura nātha(nāyaka) Indra.

ସୁରନାଳ—ସଂ· ବ—ଦେବନାଳ (ରାଜନିର୍ଘଣ୍ଟ)—
Suranāḷa Name of a reed plant.

ସୁରନିର୍ଗନ୍ଧ—ସଂ· ବ—ପତ୍ରକ (ରାଜନିର୍ଘଣ୍ଟ); ତେଜପତ୍ର—
Suranirgandha Cassia leaf.

ସୁର ନିଳୟ—ସଂ· ବ (୬ଷ୍ଠୀ ତତ୍; ଦେବତାମାନଙ୍କ ବାସସ୍ଥାନ)—
Sura niḷaya ସୁମେରୁ ପର୍ବତ—
The mythological Sumeru mountain.

ସୁରପ୍—ପ୍ରାଦେ (ଲରଅ) ବ ଓ ବଣ—ସୋଷ; ପାଣିଟିକୁ କରତଳରେ
Surap ସମ୍ଭାଳିବା ବସ୍ତୁର ପୂର୍ଣ୍ଣ ପରିମାଣ—One handful
(of any thing). [ଯଥା—ସୁରପେ ଖୁଦ ।]

ସୁର ପତି—ସଂ. ବ (୬ଷ୍ଠୀ ତତ୍)—ଦେବରାଜ; ଇନ୍ଦ୍ର (ଅମର)—
Sura pati Indra.

ସୁରପତ୍ରୀ(ର୍ଣ୍ଣ)—ସଂ. ବ (ବୈଦ୍ୟକ)—ସୁଗନ୍ଧପତ୍ର ଶାକବିଶେଷ—
Surapatrī(rṇṇa) A sweet-smelling herb.
ଅନ୍ୟ ସଂ. ନାମ— [ଗୁ—ଏହା କଟୁ, ଉଷ୍ଣ, ପାଚକ,
ଦେବପର୍ଣ୍ଣ, ସୁରପର୍ଣ୍ଣ, ବର୍ଣ୍ଣକର, ବାଳଗ୍ରହରୋଗ ହରକର;
ସୁଗନ୍ଧକ, ମାଟୀପତ୍ର, କୃମି, ଶ୍ୱାସ, କଫ, କାସ ଓ ବାୟୁ-
ସୁଗନ୍ଧପତ୍ର, ଦେବାର୍ହ, ଗନ୍ଧପତ୍ରକ ନାଶକ ।]
মাচিপত্রী, পানমৌরী; হিন্দী সুরপর্ন ମ· ସୁରପର୍ଣ୍ଣୀ

ସୁରପର୍ଣ୍ଣିକ—ସଂ· ବ—ସୁରପୁନ୍ନାଗ (ରାଜନିର୍ଘଣ୍ଟ); ଡୁବଅଣା—
Suraparṇṇika A sweet-scented flowering tree
Ochrocarpus Longifolinus

ସୁରପର୍ଣ୍ଣିକା—ସଂ. ବ—ପୁନ୍ନାଗ (ହେମଚନ୍ଦ୍ର) (ଦେଖ)
Suraparṇṇikā Punnāga (See)

ସୁରପା—ପ୍ରାଦେ (ଲରଅ) ବ—ସୋଉଡ଼ା—One draught
Surapā drinkable food). [ଭୁ—ସଂଗଳା ଭୂକ
ସୁରପା ଏ—ଲରଅ ପ୍ରଚଳନ ।]

ସୁର ପାଦପ—ସଂ. ବ—ସୁରତରୁ (ଦେଖ)
Sura pādapa Surataru (See)

ସୁରପୁନ୍ନାଗ—ସଂ. ବ—ଡୁବଅଣା ଗଛ—Ochrocarpus Longi-
Surapunnāga folinus. [ଗୁ—ଏହାର ଗୁଣ
ଅନ୍ୟ ସଂ. ନାମ—ସୁରପର୍ଣ୍ଣିକ, ପୁନ୍ନାଗବତ୍, ଏହି ଗଛ ପୁ ନ
ନମେରୁ, ସୁରେଷ୍ଟ, ସୁରଭାଗ ନାଗସୁ, କିନ୍ତୁ ପୁନ୍ନାଗ ଅପେକ୍ଷା ଡେଙ୍ଗା
সুলতানিচাঁপা ଓ ସରୁ; ଫୁଲ ଧଳା ଓ ଏହାର ପାଖୁଡ଼ା
सुलतानचंपा ଓ ବଡ ହେମଙ୍ଗୁଳ୍କ । ସତ୍ୟବାଦୀ
ଗୋପୀନାଥଙ୍କ ମନ୍ଦିର ସଂଲଗ୍ନ ବକୁଳବନରେ ଏ ଗଛ
ଅନେକ ମନକୁ ରୁଚିଅଛି ।]

ସୁର ପୁର(ପୁରୀ)—ସଂ. ବ—ଅମରାବତୀ; ଇନ୍ଦ୍ରପ୍ରସ୍ଥ—The capital
Sura pura(purī) of the gods in heaven.

ସୁର ପୁରୋଧା—ସଂ. ବ (୬ଷ୍ଠୀ ତତ୍)—ବୃହସ୍ପତି; ସୁରଗୁରୁ—
Sura purodhā Bṛuhaspati, the preceptor of
the gods.

ସୁର ପ୍ରିୟ—ସଂ· ବଣ (ପୁଂ)—୧ । ଦେବତାମାନଙ୍କ ପ୍ରିୟ—1. Loved
Sura priya by the gods. ୨। ଯେ ଦେବତାମାନଙ୍କୁ ସ୍ନେହ
[ସୁରପ୍ରିୟା—ସ୍ତ୍ରୀ] କରେ—2. Fond of the gods. ବି—
୧ । ଅଗସ୍ତ୍ୟବୃକ୍ଷ (ରାଜନିର୍ଘଣ୍ଟ)—2. Sesbania
Grandiflora. ୨ । କଙ୍କୋଳ—2. Cubeb
pepper. ୩ । ଇନ୍ଦ୍ର—3. Indra. ୪ । ବୃହସ୍ପତି—
4. The preceptor of the gods.

ସୁରପ୍ରିୟା—ସଂ· ବଣ. ସ୍ତ୍ରୀ—ସୁରପ୍ରିୟର ସ୍ତ୍ରୀଲିଙ୍ଗ—Feminine of
Surapriyā Surapriya. ସଂ. ବି. ସ୍ତ୍ରୀ—୧ । ଜାଗପୁଷ୍ପ—
1. Long-petalled jasmine, ୨ । ଚମ୍ପାକଦଳୀ
(ବୃ. ଶ)—2. A kind of banana;

ସୁର ବଧୂ(ବନିତା; ଲଳନା)—ସଂ. ବ—ଦେବ ସ୍ତ୍ରୀ—The wife of
Sura badhu(banitā, laḷanā) one of the gods.

ସୁର ବର—ସଂ. ବ (୭ମୀ ତତ୍)—ଇନ୍ଦ୍ର—
Sura bara Indra.

ସୁର ବର୍ତ୍ମ—ସଂ. ବି (୭ମୀ ତତ୍)—ଦେବପଥ; ଆକାଶ (ଅମର)—
Sura barttma   The sky.

ସୁର ବଲ୍ଲଭା—ସଂ. ବି—ଶ୍ୱେତଦୂବା (ରାଜନିର୍ଘଣ୍ଟ)—A bleached
Sura ballabhā   variety of doob grass.

ସୁର ବଲ୍ଲୀ—ସଂ. ବି—ତୁଳସୀ (ରାଜନିର୍ଘଣ୍ଟ)—
Sura balli   The Holy Basil plant.

ସୁର ବସ୍ତ୍ର—ସଂ.ବି—ବଲ୍କଳନିର୍ମିତ ବସ୍ତ୍ର—Cloth made of bark;
Sura bastra   bark used as cloth.

ସୁର ବାରି—ସଂ. ବି—ଗଙ୍ଗା—The Ganges. (ଉ —ଭୂତ ଅମର
Sura bāri   ଧୌତ ତନୁ, ଯେଷ୍ଟେ ସୁରଭ ସୁର ବାରି—ଜଗନ୍ନାଥ ଭଗବତ ।]

ସୁର ବୀଥୀ—ସଂ. ବି—ନକ୍ଷତ୍ରମାର୍ଗ (ହ. ଶ)—
Surabīthi   The milky way.

ସୁର ବାଲା—ସଂ. ବି—୧ । ଦେବବାଳା; ଦେବ ସ୍ତ୍ରୀ—1. Goddess;
Sura bālā   wife of one of the gods.
(ସୁରବାଳୀ—ଦେ. ରୂପ)   ୨ । ଅପ୍ସରା—2. Heavenly
ସୁରବାଲା   सुरबाला   nymph. ଦେ. ବି—
ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ସୁର ବୀର—ଦେ.ବିଣ (ସଂସ୍କୃତ ଶବ୍ଦ) (ସଂ ଶୂର=ବୀର)—୧ । ବଳୁଅ-
Sura bira   1. Strong.   ୨ । ସାହସୀ—2. Brave.
शुरबीर   सुरबीर   ୩ । ଯେ ନିଜର ବଳ ଦେଖାଏ—
3. Displaying one's prowess.   ସଂ. ବି—
(୭ମୀ ତତ୍) ଇନ୍ଦ୍ର (ହ. ଶ)—Indra.

ସୁରବୀର ହେବା—ଦେ. କ୍ରି—୧ । ନିଜର ବଳ ଦେଖାଇ ହେବା—
Surabira heba   1. To display one's prowess.
स्रबीर हओवा सुरबीर होना   ୨ । ନିଜର ବଳୁଅପଣିଆ
ଅସ୍ଫାଳନ କରିବା—2. To boast of one's prowess.

ସୁରବୁଲି—ଦେ. ବି—ସୁରୁବୁଲି (ଦେଖ)
Surabuli   Surubuli (See)

ସୁର ବୃକ୍ଷ—ସଂ. ବି—କଳ୍ପତରୁ (ହ. ଶ)—
Sura bruksha The mythological tree of plenty.

ସୁର ବେଶ୍ମ—ସଂ. ବି (ସୁରବେଶ୍ମନ୍; ୧ମା. ୧ବ)—ସ୍ୱର୍ଗ (ହ. ଶ) —
Sura besma   Heaven.

ସୁର ବୈରୀ(ରିପୁ)—ସଂ. ବି (୬ଷ୍ଠୀ ତତ୍)—ଅସୁର—
Sura bairi(ripu)   Demon.

ସୁରଭି—ସଂ. ବି (ସୁ+ରଭ୍ ଧାତୁ+କର୍ତ୍ତୃ. ଇ)—୧ । ସୌରଭ;
Surabhi ସୁଗନ୍ଧ (ଅମର)—1. Sweet scent. ୨ । ଚମ୍ପକ
(ମେଦିନୀ)—2. The Champaka tree. ୩ ।
ବସନ୍ତ ଋତୁ (ମେଦିନୀ)—3. The spring season.
୪ । ଜାଟଫଳ ବୃକ୍ଷ (ମେଦିନୀ)—4. The nut-meg
tree. ୫ । ଶମୀ ବୃକ୍ଷ (ରାଜନିର୍ଘଣ୍ଟ)—5. The
spung tree; Prosopis Spicigera. ୬ । କଦମ୍ବ
ବୃକ୍ଷ (ରାଜନିର୍ଘଣ୍ଟ)—6. Neuclea Kadamba.
୭ । ଶଲ୍ଲ ଗୁଗ୍ଗୁଳ (ରାଜନିର୍ଘଣ୍ଟ)—7. A kind of
bdellium. ୮ । ଗନ୍ଧ ତୃଣ (ରାଜନିର୍ଘଣ୍ଟ)—
8. Lemon-scented grass. ୯ । ବକୁଳ ବୃକ୍ଷ
(ରାଜନିର୍ଘଣ୍ଟ)—9. Bakula tree. ୧୦ । ଝୁଣା; ସର୍ଜ
(ରାଜନିର୍ଘଣ୍ଟ)—10. Resin. ୧୧ । ଚୈତ୍ର ମାସ (ଧରଣୀ)
—11. The month of Chaitra. ୧୨ । ଧୀର;
ପଣ୍ଡିତ (ଧରଣୀ)—12. A learned man. ୧୩ ।
ଗନ୍ଧ ଫଳ (ଶବ୍ଦ ରତ୍ନାବଳୀ) (ଦେଖ)—13. Gandha
phala (See) ୧୪ । ବର୍ବର ଚନ୍ଦନ (ବୈଦ୍ୟକ)—
14. A species of sandal. ୧୫ । ମୁରା; ମୁରାମାଂସୀ
(ମେଦିନୀ)—15. Murraya Grofica (Scented;
herb). ୧୬ । ବଣତୁଳସୀ (ଭାବପ୍ରକାଶ ଦ୍ରବ୍ୟଗୁଣ)—
16. A sort of wild sweet Basil plant
Ocimum Gratissimm. ୧୭ । ଶଲ୍ଲକୀ (ମେଦିନୀ);
ଶ୍ୱେତବାତ୍ର—17. Olibanum. ୧୮ । ବନମଲ୍ଲିକା
(ରାଜନିର୍ଘଣ୍ଟ)—18. Wild jasmine. ୧୯ ।
ତୁଳସୀ (ରାଜନିର୍ଘଣ୍ଟ)—19. Holy Basil plant.
୨୦ । ପାଟଳି (ରାଜନିର୍ଘଣ୍ଟ); ଲତା ବିଶେଷ—
20. A kind of creeper. ୨୧ । ରୁଦ୍ର ଜଟା
(ରାଜନିର୍ଘଣ୍ଟ)—21. Cock'scomb; Celosia
Cristata. ୨୨ । ସ୍ୱର୍ଣ୍ଣ (ଶବ୍ଦରତ୍ନାବଳୀ)—
22. Gold. ୨୩ । ଗନ୍ଧକ (ଶବ୍ଦରତ୍ନାବଳୀ); ଗନ୍ଧକ—
23. Sulphur. ୨୪ । ପୃଥିବୀ; ଧରଣୀ—24. The
earth. ୨୫ । ଗୋରୁ (ଧରଣୀ)—25. The
cow. ୨୬ । ଗୋମାତା; ଗୋରୁମାନଙ୍କର ଆଦ୍ୟମାତା—
26. The progenitress of the cow-kind.
[ବି—ସୁରଭି ଦକ୍ଷପ୍ରଜାପତିଙ୍କର ଏକତମା କନ୍ୟା । ମହର୍ଷି
କଶ୍ୟପଙ୍କ ସହିତ ଏହାଙ୍କର ବିବାହ ହୋଇଥିଲା ଏବଂ
ଏହାଙ୍କ ଗର୍ଭରୁ ପୃଥିବୀର ଯାବତୀୟ ଚତୁଷ୍ପଦ ଜନ୍ତୁ
ଜନ୍ମିଥିଲେ । ଏ ପାତାଳରେ ବରୁଣାଳୟରେ ବାସ
କରୁଥିଲେ । ଏହାଙ୍କ ସ୍ତନରୁ ସର୍ବଦା କ୍ଷୀରଧାରା ବହୁଥିଲା;
ଏହି କ୍ଷୀରଧାରାକୁ କ୍ଷୀରୋଦସାଗର ନାମକ ସରୋବରର
ଉତ୍ପତ୍ତି । ଏହି କ୍ଷୀରୋଦସାଗରରୁ ଚନ୍ଦ୍ର, ଲକ୍ଷ୍ମୀ, ଅମୃତ ଓ
ପିତୃଗଣଙ୍କ ସ୍ୱଧା ସବୁ ଜନ୍ମିଥିଲେ । ଏହାଙ୍କୁ ପୂଜା କଲେ
ପୂଜକ ସର୍ବକାମପ୍ରାପ୍ତ ହୁଅନ୍ତି । ଏହାଙ୍କ କନ୍ୟା ଓ ବଶିଷ୍ଠ
ଋଷିଙ୍କ ହୋମଧେନୁ ନନ୍ଦିନୀଙ୍କୁ ଦିଲୀପ ଓ ସୁଦକ୍ଷିଣା ପୂଜା
କରି ରଘୁଙ୍କୁ ପୁତ୍ରରୂପେ ପ୍ରାପ୍ତ ହୋଇ ଥିଲେ ।
ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତିଖଣ୍ଡରେ ୪୭ ଅଧ୍ୟାୟରେ
ନାରଦ-ଭଗବାନ ସମ୍ବାଦରେ ଲେଖା ଅଛି ଯେ, ବୃନ୍ଦା-
ଅରଣ୍ୟରେ ଗୋପାଙ୍ଗନାପରିବୃତ ହୋଇ ରାଧାନାଥ ରାଧିକାଙ୍କ
ସଙ୍ଗେ କ୍ରୀଡ଼ା କରିବାକୁ ଗିବା ସମୟରେ ତାଙ୍କର କ୍ଷୀରପାନ

ପାର ଇଚ୍ଛା ହେଲା ଏବଂ ଭଗବାନ୍ ସ୍ୱଧାନାଥଙ୍କ ବାମପାର୍ଶ୍ୱରୁ ସବତ୍ସା ସୁରଭି ଧେନୁଙ୍କର ଅବିର୍ଭାବ ହେଲା । ସୁଦାମ ନାମକ ଗୋପବାଳକ ରତ୍ନଭାଣ୍ଡରେ ଏହାଙ୍କଠାରୁ ଦୁଗ୍ଧ ଦୋହନ କଲେ ଓ ସ୍ୱଧାନାଥ ସେହି କଦୁଷ୍ଣ ଦୁଗ୍ଧ ପାନକରି ତୃପ୍ତି ଲାଭ କଲେ । ଦୁଗ୍ଧ ଦୋହନ କାଳରେ ଦୁଗ୍ଧ ଭାଣ୍ଡରୁ ଉଛୁଳି ପଡ଼ିଲା ଓ ତଦ୍ୱାରା ଗୋଲୋକରେ ଶତଯୋଜନ ବିସ୍ତୃତ କ୍ଷୀର ସରୋବର ଉତ୍ପନ୍ନ ହେଲା । ଏହା ରାଧିକା ଓ ଗୋପୀନାଥଙ୍କର କ୍ରୀଡ଼ା ସରୋବର । ପରେ ଭଗବାନଙ୍କ ଇଚ୍ଛାରେ ସୁରଭିଙ୍କ ଲୋମକୂପରୁ ଲକ୍ଷ କୋଟି କାମଧେନୁ ଉତ୍ପନ୍ନ ହେଲେ । ଦୀପାନ୍ୱିତା ଅମାବାସ୍ୟାର ପର ଦିନ ଓ ମନ୍ୱନ୍ତରରେ କୋଜାଗରୀ ବା କୁମାର-ପୂର୍ଣ୍ଣିମା ଦିନ ଗୋଅଧିକାରୀ ବ୍ୟକ୍ତିମାନେ ସୁରଭିଙ୍କ ପୂଜା କରିବେ—ଶବ୍ଦକୋଷ ।]

୨୭ । କାର୍ତ୍ତିକେୟଙ୍କ ମାତୃକା ବିଶେଷ—27. Name of a foster mother of Kārttikeya. ୨୮ । ସୁରା; ମଦ୍ୟ—28. Wine. ୨୯। ସୁଗନ୍ଧ ଦ୍ରବ୍ୟ (ପ୍ରକୃତିବାଦ) — 29. A scented article. ୩୦ । ବୀର (ଶବ୍ଦକୋଷ)- 30. A hero. ୩୧। ଏକ ବିଷ (ରତ୍ନକୋଷ) ଦେଖ — 31. Wolfsbane. ୩୨ । ମହାଭରୀ ବଚ (ଶବ୍ଦକୋଷ) 32. A kind of achorus root. ୩୩। ଯଜ୍ଞ ଯୂପର ସ୍ଥାପନା ସମୟରେ ପ୍ରଜ୍ୱଳିତ ଅଗ୍ନି (ହ. ଶ)— 33. Name of the fire ignited on the occasion of setting a Jajña Jūpa.

ବିଣ — ୧ । ସୁଗନ୍ଧ ବିଶିଷ୍ଟ—1. Sweet-scented. ୨ । ପ୍ରିୟ—2. Beloved. ୩ । ବିଦ୍ୱାନ୍; ପଣ୍ଡିତ— 3. Learned. ୪ । ମନୋହର—4. Charming. (ଦ୍ର—ବଇଦେଶ୍ୱ ସୁମନା ଏ ସୁମନା ସୁରଭି । ବଇଦେଶ୍ୱ ସୁମନା ସୁମନାବ ସୁରଭି— ଉଈ. ବୈଦେଶ୍ୱପ୍ରକାଶ ।) ୫ । ବିଖ୍ୟାତ—5. Famous. ୬ । ଧାର୍ମିକ— 6. Pious. ୭ । ଉତ୍ତମ; ଶ୍ରେଷ୍ଠ (ହ. ଶ)— 7. Good; excellent. ୮ । ଗୁଣବାନ୍ (ହ. ଶ)— 8. Endowed with good qualities.

ସୁରଭିକା—ସଂ. ବି (ସୁରଭି+କ+ଅ)— ସ୍ୱର୍ଣ୍ଣ କଦଳୀ; ଚମ୍ପା କଦଳୀ
Surabhikā (ରାଜନିର୍ଘଣ୍ଟ)—A species of scented banana.

ସୁରଭିକାନ୍ତା—ସଂ. ବି – ବାସନ୍ତୀ ପୁଷ୍ପ ବୃକ୍ଷ; କଣ୍ଟାଳ (ହ, ଶ)—
Surabhikāntā Jasminum Arborescens.

ସୁରଭି ଗନ୍ଧ—ସଂ. ବିଣ (ବହୁବ୍ରୀହି)—ସୁବାସବିଶିଷ୍ଟ—Fragrant,
Surabhi gandha ସଂ. ବି—ତେଜପତ୍ର (ହ. ଶ)— Cassia leaf.

ସୁରଭିଗନ୍ଧା—ସଂ. ବି—ଜାଇଫୁଲ (ହ. ଶ) (ଜାତୀ ଚମେଲି)—
Surabhigandhā Catalonian jasmine. ସଂ. ବିଣ. ସ୍ତ୍ରୀ —ସୁରଭିଗନ୍ଧର ସ୍ତ୍ରୀଲିଙ୍ଗ—Feminine of Surabhigandha.

ସୁରଭି ଗନ୍ଧି —ସଂ. ବିଣ —ମନୋହର ଗନ୍ଧଯୁକ୍ତ —
Surabhi gandhi Fragrant; sweet-scented.

ସୁରଭିଚ୍ଛଦ—ସଂ. ବି (ବହୁବ୍ରୀହି)—କପିତ୍ଥ —
Surabbichchhada Wood apple.

ସୁରଭିତ — ସଂ. ବିଣ (ସୁରଭି+ଇତ; ଅଥବା ସୁ+ରଭ ଧାତୁ=ହୃଷ୍ଟ ହେବା+କର୍ମ ତ)—୧ । ସୌରଭଯୁକ୍ତ; ସୁଗନ୍ଧ-
Surabhita (ସୁରଭିତା—ସ୍ତ୍ରୀ) ବିଶିଷ୍ଟ—1. Scented; fragrant. ୨ । ପ୍ରସିଦ୍ଧ; ଖ୍ୟାତ—2. Renowned; celebrated.

ସୁରଭି ତନୟ(ପୁତ୍ର)— ସଂ, ବି· ପୁଂ—ଅଣ୍ଡିରା ଗୋରୁ; ଷଣ୍ଢ —
Surabhi tanaya(putra) Bullock; bull.
(ସୁରଭି ତନୟା, ସୁରଭି ପୁତ୍ରୀ—ସ୍ତ୍ରୀ)

ସୁରଭିତା—ସଂ. ବିଣ. ସ୍ତ୍ରୀ (ସୁରଭିତ+ଆ)—ସୁରଭିତର ସ୍ତ୍ରୀଲିଙ୍ଗ—
Surabhitā Feminine of Surabhita. ବି (ସୁରଭି +ଭାବ. ତା)—ସୌରଭ; ସୁଗନ୍ଧ—
Scent; fragrance.

ସୁରଭି ତ୍ୱକ୍—ସଂ. ବି (ସୁରଭି+ତ୍ୱଚ୍; ୧ମା. ୧ବ)—ଗୁଡ଼ତେଜ; ବଡ଼ ଅଳାଇଚ—Cardamum.
Surabhi twak

ସୁରଭି ତ୍ରିଫଳା—ସଂ· ବି—ସୁଗନ୍ଧ ତ୍ରିଫଳା (ରାଜନିର୍ଘଣ୍ଟ)—
Surabhi triphalā Aggregate of 3 scented fruits.

ସୁରଭି ଦାରୁ(ଦାରୁକ)—ସଂ. ବି—ସରଳ ବୃକ୍ଷ; ଦେବଦାରୁ (ରାଜ-
Surabhi dāru(dāruka) ନିର୍ଘଣ୍ଟ)—The pine tree; Pinus Longifolia.

ସୁରଭି ନିମ୍ବୁ—ସଂ· ବି (ବୈଦ୍ୟକ)—ସୁଗନ୍ଧ ଲେମ୍ବୁବିଶେଷ—
Surabhi nimbu A sort of fragrant lemon.
বরসুঙ্গা [ଦ୍ର—ଏହା ଅମ୍ଳମଧୁର, ତୃଷ୍ଣାଘ୍ନ,
हरिकिटनिम ରୁଚିକର, ମୁଖର ଦୁର୍ଗନ୍ଧ ନାଶକ, କଫ-
ମ. ଡାହନମ୍ବୁ ପିତ୍ତ ବର୍ଦ୍ଧକ ଓ ବାୟୁନାଶକ ।]
ତେ, ନରବେଂଗୈ ତା· ନରବେମ୍ବୁ

ସୁରଭିପତ୍ରା—ସଂ. ବି (ବହୁବ୍ରୀହି)—୧ । ଜମ୍ବୁ ବୃକ୍ଷ (ରାଜନିର୍ଘଣ୍ଟ)—
Sruabhipatrā 1. The black berry tree. ୨ । ମହାଜମ୍ବୁ; ରାଜଜମ୍ବୁ; ଗୋଲାପଜାମୁ (ବୈଦ୍ୟକ) —
2. Rose-berry.

ସୁରଭି ବର—ଦେ· ବି—୧ । ବୃଷଭ—1. Bull. ୨ । ଜାଇଫଳ
Surabhi bara ବୃକ୍ଷ—2. The nutmeg tree. [ଦ୍ର— স্বরভিবর सुरभिबर ଦ୍ୱିପି ସୁରଭିଙ୍କରେ ସେ ଅଛୁ ଶିଶ ହୋଇ । ଉଈ. ବୈଦେହୀଶ ବିଳାସ ।]

ସୁରଭି ବଲ୍କଲ—ସଂ. ବି (ବହୁବ୍ରୀହି)—ଗୁଡ଼ତ୍ୱକ୍; ଡାଲଚିନି (ଗନ୍ଧ
Surabhi balkala ଦ୍ରୋବଲୀ)—Cinnamon.

ସୁରଭି ବାଣ—ସଂ. ବି (ବହୁବ୍ରୀହି)—କାମଦେବ (ଶବ୍ଦ କଳ୍ପଦ୍ରୁମ)—
Surabhi bana Cupid.

ସୁରଭିମଞ୍ଜରୀ—ସଂ. ବି (ବହୁବ୍ରୀହି) —ଶ୍ୱେତ ତୁଳସୀ (ହ· ଶ)—
Surabhi mañjari The white-flowered variety of Holy Basil plant.

ସୁରଭି ମାସ—ସଂ. ବି—ଚୈତ୍ର ମାସ—
Surabhi māsa — The month of Chaitra.

ସୁରଭି ମୁଖ—ସଂ. ବି (୬ଷ୍ଠୀ ତତ୍)—ବସନ୍ତଋତୁର ଆରମ୍ଭ—
Surabhi mukha — The beginning of the spring Season.

ସୁରଭି ସମୟ—ସଂ. ବି—ବସନ୍ତ କାଳ—
Surabhi samaya — The spring season.

ସୁରଭିସୁବା—ସଂ. ବି—ଶଲ୍ଲକୀ; ଲୋବାନ୍—
Surabhisubā — Olibanum.

ସୁରଭି—ସଂ, ବି (ସୁରଭ+ଇ)—୧ । ସୁଗନ୍ଧି; ସୌରଭ (ବ୍ୟ. ଶ)—
Surabhi 1. Fragrance; sweet scent. ୨ । ଗାଈ (ବ୍ୟ. ଶ)—2. Cow. ୩ । କପିକଚ୍ଛୁ (ବ୍ୟ. ଶ)—3. Cowhage. ୪ । ବନତୁଳସୀ (ବ୍ୟ. ଶ)—4. The wild Basil plant. ୫ । ରୁଦ୍ରଜଟା (ବ୍ୟ. ଶ) (ଦେଖ)—5. Rudrajaṭā (See). ୬ । ଏଲବାଲୁକ (ବ୍ୟ. ଶ)—6. Wolfsbane. ୭ । ମାଠକା ଶାକ (ବ୍ୟ. ଶ)—7. A kind of potherb. ୮ । ସୁଗନ୍ଧିତ ଶାଳିଧାନ୍ୟ, ବାସବତୀ ଧାନ (ବ୍ୟ. ଶ)—8. Scented winter rice. ୯ । ମୁରାମାଂସୀ (ବ୍ୟ. ଶ)—9. Murraya Grofica. ୧୦ । ରାସ୍ନା (ବ୍ୟ. ଶ)-10. Vanda Roxburghii. ୧୧ । ଚନ୍ଦନ—11. Sandal. ୧୨ । ଶଲ୍ଲକୀ; ଲୋବାନ—12. Olibanum. ୧୩ । ଗୋମାତା; ଗୋଜାତିର ଆଦିମାତା—13. Name of the original mother of the cow kind. [ଦ୍ର—ସ୍ତ୍ରୀରେ ଏହି ଶବ୍ଦ ଦେଖ ।]

ସୁରଭିରସା—ସଂ, ବି—ଶଲ୍ଲକୀ ବୃକ୍ଷ (ଏଥିରୁ ଲୋବାନ)—The tree
Surabhirasā — from which olibanum is got.

ସୁର ଭୂମି—ସଂ. ବି (୬ଷ୍ଠୀ ତତ୍)—ଦେବଲୋକ; ସ୍ୱର୍ଗ—
Surabhūmi — Heaven; the abode of the gods.

ସୁର ଭୂରୁହ—ସଂ. ବି—୧ । ଦେବଦାରୁ ଗଛ (ଶବ୍ଦପ୍ରକାଶ)—
Sura bhūruha — 1. The pine. ୨ । କଳ୍ପତରୁ (ବ୍ୟ. ଶ)—2. The heavenly tree of plenty.

ସୁର ଭୂଷଣ—ସଂ. ବି—ଦେବ ପ୍ରତିମାଙ୍କ ପାଇଁ ୪ ହାତ ଲମ୍ବ ଓ ୧୦୦୮
Sura buūshaṇa — ହୀରା ଥିବା ମୋତି ହାର (ବ୍ୟ. ଶ)—A pearl necklace for idols, 4 cubits long and contaning 1008 pearls.

ସୁର ଭୋଗ—ସଂ. ବି (୬ଷ୍ଠୀ ତତ୍)—ଅମୃତ (ବ୍ୟ. ଶ)—
Sura bhoga — Nectar.

ସୁର ଭୋଗ୍ୟ—ସଂ. ବିଣ—ଦେବ ଭୋଗ୍ୟ; ଦେବତାଙ୍କ ଭୋଗ ପାଇଁ
Sura bhogya — ଉପଯୁକ୍ତ—Fit for being enjoyed by the gods.

ସୁରମ—ସଂ. ବିଣ (ସୁ+ରମ୍ ଧାତୁ+କର୍ତ୍ତୃ. ଅ)—ଅତି ରମଣୀୟ—
Surama — Very charming.
(ସୁରମଣୀ, ସୁରମଣୀୟ—ଅନ୍ୟରୂପ) (ସୁରମା—ସ୍ତ୍ରୀ)

ସୁରମଇ କଲମ—ବୈଦେ. ବି (ଫା)—ସୁରମଚୁ (ଦେଖ)
Suramai kalama — Suramachū (See)
सुरमई कलम — سرمائی قلم

ସୁରମଚୁ—ବୈଦେ.ବି (ଫା)—ଆଖିରେ ସୁରମା ଲଗାଇବା ପାଇଁ ବ୍ୟବହୃତ
Suramachū — କାଠି—A pick with which collyrium is applied to the eyes.
सुरमचू — سرمچو

ସୁରମା—ବୈଦେ. ବି (ଫା. ସୁର୍ମହ୍)—ସୁର୍ମା (ଦେଖ)—
Suramā — Surumā (See) ସଂ. ବିଣ. ସ୍ତ୍ରୀ—ସୁରମର ସ୍ତ୍ରୀଲିଙ୍ଗ—Feminine of Surama.

ସୁର ମଣ୍ଡଳ—ସଂ, ବି (୬ଷ୍ଠୀ ତତ୍)—୧ । ଦେବତାମାନଙ୍କର
Sura maṇḍala — ମଣ୍ଡଳ—1. A circle formed by the gods. ୨ । ସୁର ଖଣ୍ଡନିକା (ଦେଖ) 2. Sura khaṇḍanikā (See)

ସୁର ମନ୍ତ୍ରୀ—ସଂ. ବି (୬ଷ୍ଠୀ ତତ୍)—ବୃହସ୍ପତି—
Sura mantrī — Bṛuhaspati.

ସୁର ମନ୍ଦିର—ସଂ. ବି (୬ଷ୍ଠୀ ତତ୍)—ଦେବମନ୍ଦିର—
Sura mandira — Temple.

ସୁରମା ଦାନ୍(ନୀ)—ବୈଦେ. ବି (ଫା. ସୁର୍ମହ୍‌ଦାନ୍) (ବର୍ଣ୍ଣଅଶୁଦ୍ଧ)—
Surama dān(nī) — ଆଖିରେ ଲଗାଇବା ସୁରମାକୁ ରଖିବା ପାଇଁ ବ୍ୟବହୃତ ରୂପାର ପାତ୍ରବିଶେଷ—A silver receptacle for keeping the soothing powder for the eye.
सुरमादान — सुरमादानी

ସୁରମାନୀ—ସଂ. ବିଣ, ପୁଂ (ସୁର+ମନ ଧାତୁ+କର୍ତ୍ତୃ. ଇନ୍; ସୁରମାନିନ୍;
Suramānī — ୧ମା, ୧ବ,)—ଯେ ଆପଣାକୁ ଦେବତା ମନେ କରେ (ବ୍ୟ. ଶ)—Imagining oneself to be a god.
(ସୁରମାନିନୀ—ସ୍ତ୍ରୀ)

ସୁର ମୃତ୍ତିକା—ସଂ. ବି—ସୌରାଷ୍ଟ୍ରୀ; ସୌରାଷ୍ଟ୍ର ମୃତ୍ତିକା; ଗୋପୀଚନ୍ଦନ—
Sura mṛutikā — A sort of fragrant earth or clay with which marks are put on the forehead.

ସୁର ମେଦା—ସଂ. ବି—ମହାମେଦା (ରାଜନିର୍ଘଣ୍ଟ) (ଦେଖ)
Sura medā — Mahāmedā (See)

ସୁରମ୍ୟ—ସଂ. ବିଣ (ସୁ+ରମ୍ୟ)—ଅତି ରମଣୀୟ—
Suramya (ସୁରମ୍ୟା—ସ୍ତ୍ରୀ) Very charming.

ସୁର ଯାନ—ସଂ. ବି—ଦେବତାମାନଙ୍କ ବ୍ୟବହୃତ ରଥ—
Sura jāna — A cer used by the gods.

ସୁରଯା(ଯ୍ୟା)ନି—ବୈଦେ. ବି (ବଙ୍ଗଳା)—ପଠାଣମାନଙ୍କ ଉପାଧିବିଶେଷ
Surajā(yā)ni — (ଖ୍ରୀ ଦେନ୍ଦ୍ର, ଅଭିଧାନ)—A title of Pathans. [ଦ୍ର—ସାହାନି, ଲୋହାନି, ଅଲ୍ ଲୋଦାନି ସୁରଯାନି ପ୍ରଭୃତି ପଠାଣ ବଂଶର ନାନା ଜାତି—ବଙ୍ଗଳା, ଚଳନ୍ତିକା ।]

ସୁର ଯୁବତୀ(ଯୋଷିତ୍)—ସଂ, ବ, ସ୍ତ୍ରୀ—ଅପ୍‌ସରା—
Sura jubati(joshit) Heavenly nymph.

ସୁରରାୟ(ଏ)—ଦେ. ବ (ସଂ. ସୁରରାଜ)—ଇନ୍ଦ୍ର—
Surarāya(e) সুররায় सुरराय Indra.

ସୁରରାଜ(ଜ୍)—ସଂ. ବ (୬ଷ୍ଠୀ ତତ୍)—ଦେବରାଜ; ଇନ୍ଦ୍ର—
Surarāja(j) Indra. ଦେ. ବ, ପୁଂ—ଲୋକଙ୍କ ନାମ—
সুররাজ सुरराज A name given to males.

ସୁର ରିପୁ—ସଂ. ବ (୬ଷ୍ଠୀ ତତ୍)—ଅସୁର—
Sura ripu Demon.

ସୁରର୍ଷଭ—ସଂ. ବ (୭ମୀ ତତ୍; ସୁର+ଋଷଭ)—୧ । ଇନ୍ଦ୍ର—
Surarshabha 1. Indra. ୨ । ମହାଦେବ—2. Siba.

ସୁରର୍ଷି—ସଂ. ବ (ସୁର+ଋଷି)—ଦେବର୍ଷି—A class of sages.
Surarshi [ଦ୍ର—ନାରଦ, ତୁମ୍ବୁରୁ, କୋଲାହଳ ଅବ—ଅମର. ଭରତ ।] [ଦ୍ର—ଋଷିମାନଙ୍କର ଏକ ଉଚ୍ଚ ଶ୍ରେଣୀ ବୋଲି ଜଣାଯାଇଅଛି । ଯଥା—ବ୍ରହ୍ମର୍ଷି, ଦେବର୍ଷି, ରାଜର୍ଷି, ମହର୍ଷି, ପରମର୍ଷି, କାଣ୍ଡର୍ଷି, ଶ୍ରୁତର୍ଷି ।]

ସୁର ଲକ୍ଷ୍ମୀ—ସଂ. ବ (୬ଷ୍ଠୀ ତତ୍)—ସୁରଶ୍ରୀ (ଦେଖ)—
Sura lakshmī Surasrī (See)

ସୁର ଲତା—ସଂ. ବ—ମହା ଜ୍ୟୋତିଷ୍ମତୀ (ରାଜ ନିର୍ଘଣ୍ଟ) (ଦେଖ)
Sura latā Mahā jyotishmatī (See)

ସୁରଲା—ସଂ. ବ (ସୁର+ଲା ଧାତୁ=ଦାନ କରିବା+କର୍ମ. ଅ+ ଅ)—୧ । ଗଙ୍ଗା ନଦୀ (ହାରାବଳୀ)—1. The
Suralā Ganges. ୨ । ନଦୀ ବିଶେଷ (ଶବ୍ଦ ଚନ୍ଦ୍ରିକା)—
2. Name of a river.

ସୁର ଲସିକା—ସଂ. ବ (୬ଷ୍ଠୀ ତତ୍)—୧ । ବଂଶୀ ଧ୍ୱନି—1. The
Sura lāsikā sound of the flute. ୨ । (ବହୁବ୍ରୀହି) ବଂଶୀ
(ହ. ଶ)—2. Flute.

ସୁର ଲୋକ—ସଂ. ବ (ମ. ପ. ଲୋ; ସୁରମାନଙ୍କ ଅଧିଷ୍ଠିତ ଲୋକ)—
Sura loka ଦେବ ଲୋକ; ସ୍ୱର୍ଗ—The heaven.

ସୁର ଶତ୍ରୁ—ସଂ. ବ (୬ଷ୍ଠୀ ତତ୍)—ଅସୁର—
Sura satru Demon.

ସୁର ଶୟନୀ—ସଂ. ବ—ଆଷାଢ଼ ଶୁକ୍ଳ ଏକାଦଶୀ; ବିଷ୍ଣୁଙ୍କ ଶୟନ
Sura sayanī ଏକାଦଶୀ (ହ. ଶ)—The eleventh day
of the bright lunar fortnight of
Ashārdha (when Bishṇu goes to sleep).

ସୁର ଶାଖୀ—ସଂ. ବ—ସୁର ତରୁ (ଦେଖ)
Surs sākhī Sura taru (See)

ସୁର ଶିଖ—ଦେ. ବ—ଇନ୍ଦ୍ର—Indra. [ଦ୍ର—ତଦଅନ୍ତେ ତାଙ୍କୁ
Sura sikha ପୁଚ୍ଛିଲେ ସୁରଶିଖ, ଅଛିଲଟି କ ତୁମ୍ଭେ ବାଟେ ଲଭ
ସୁଖ । ଭୃଷ୍ଣସିଂହ, ମହାଭାରତ. ବନ ।]

ସୁର ଶିଳ୍ପୀ—ସଂ. ବ—ବିଶ୍ୱକର୍ମା—
Sura silpī The Divine Architect.

ସୁର ଶୈବଳିନୀ—ସଂ. ବ—ସୁର ଧୁନୀ; ଗଙ୍ଗା—
Sura saibalinī The Ganges.

ସୁରଶ୍ରୀ—ସଂ. ବ (୬ଷ୍ଠୀ ତତ୍)—ଦେବତାମାନଙ୍କର ଶ୍ରୀ ବା
Sura srī ସୌନ୍ଦର୍ଯ୍ୟ—The prosperity or effulgence
of the gods.

ସୁର ଶ୍ରେଷ୍ଠ—ସଂ. ବ (୭ମୀ ତତ୍; ସୁରମାନଙ୍କ ମଧ୍ୟରେ ଶ୍ରେଷ୍ଠ)—
Sura sreshtha ୧ । ସୁରଜ୍ୟେଷ୍ଠ; ବ୍ରହ୍ମା—1. God
'Brahmā'. ୨ । ବିଷ୍ଣୁ (ହ, ଶ)—2. Bishṇu.
୩ । ଶିବ 3. Siba. ୪ । ଗଣେଶ (ହ. ଶ)—
4. Gaṇesa. ୫ । ଇନ୍ଦ୍ର (ହ, ଶ)—5. Indra.

ସୁରଶ୍ରେଷ୍ଠା—ସଂ. ବ. ସ୍ତ୍ରୀ (ସୁରଶ୍ରେଷ୍ଠ+ଆ)—ବ୍ରାହ୍ମୀ (ରାଜନିର୍ଘଣ୍ଟ)
Surasreshthā (ଦେଖ)—Brāhmi (See)

ସୁରଷ୍—ପ୍ରାଦେ (ଗଞ୍ଜାମ) ବ—ସୋରିଷ—
Surash Mustard seed.

ସୁରସ—ସଂ. ବଣ (ବହୁବ୍ରୀହି; ସୁ ଅଟେ ରସ=ସ୍ୱାଦ ଯାହାର)—
Surasa ୧ । ସୁସ୍ୱାଦ; ମଧୁର; ମିଷ୍ଟ—1. Sweet. ୨ ।
(ସୁରସା—ସ୍ତ୍ରୀ) (କାବ୍ୟ) ରସଯୁକ୍ତ—2. Full of noble sentiments. ୩ । ରସମୟ—3. Juicy. ୪ । ସୁନ୍ଦର; ମନୋହର (ହ. ଶ)—4. Beautiful. ବ—୧ । ବୋଲ (ରାଜନିର୍ଘଣ୍ଟ); ଗନ୍ଧବୋଲ—1. Myrrh, gum myrrh. ୨ । ଗୁଡ଼ (ରାଜନିର୍ଘଣ୍ଟ); ଗୁଡ଼ତ୍ୱକ୍; ଡାଲଚିନି—2. Cinnamon. ୩ । ଗନ୍ଧ ତୃଣ (ରାଜନିର୍ଘଣ୍ଟ)—3. A species of scented grass. ୪ । ବକ୍କଳ; ଗଛର ଛାଲ (ଶ୍ରୀଧର)—4. Bark of trees. ୫ । ତୁଳସୀ (ମେଦିନୀ)—5. The holy Basil. ୬ । ଶ୍ୱେତପୁଷ୍ପ ତୁଳସୀବିଶେଷ (ବୈଦ୍ୟକ)—6. A white-flowered Basil plant. [ଦ୍ର—ଏହାର ନାମାନ୍ତର ପର୍ଣ୍ଣାସ । ଏହା କଟୁତିକ୍ତ, ଉଷ୍ଣବୀର୍ଯ୍ୟ, ଅଗ୍ନିବର୍ଦ୍ଧକ, ରୁଚିକର, ବାତଶ୍ଳେଷ୍ମାନାଶକ, ପିତ୍ତବର୍ଦ୍ଧକ, ଶ୍ୱାସ, କାଶ, ପାର୍ଶ୍ୱଶୂଳ, ଜ୍ୱର, ବିଷଦୋଷ ଓ ଶାଦ ଦୌର୍ଗନ୍ଧ୍ୟର ଶାନ୍ତିକାରକ ।] ୭ । ସିନ୍ଧୁବାର (ରତ୍ନାବଳୀ); ବେଗୁନିଆ—7. Vitex Trifolia. ୮ । ମୋଚରସ (ରାଜନିର୍ଘଣ୍ଟ); ଶିମିଳି ଅଠା—8. The gum Bombax Malabarica. ୯ । ତେଜପତ୍ର (ହ. ଶ)—9. Cassia leaf. ୧୦ । ପୀତଶାଳ (ହ. ଶ)(ଦେଖ)—10. Pītasāla
সুরস (See) ଦେ. ବ—୧ । ଅମୃତ—1. Nectar.
सुरस ୨ । ପ୍ରୀତି; ଶୃଙ୍ଗାରରସ—2. Cohabitation. (ଦ୍ର—ସୁର ସୁରସ ଭୋଗକୁ ଚନ୍ଦ୍ରମା ପୂର୍ଣ୍ଣି । ଭାବେ, ଭାବେ ଯଥା ତଥା ନୃପନନ୍ଦନ—ଭଞ୍ଜ. ପ୍ରେମସୁଧାନିଧି ।]

ସୁର ସଖ—ସଂ. ବ—ଇନ୍ଦ୍ର (ହ. ଶ)—
Sura sakha Indra.

ସୁର ସଦ୍ମ(ସଦନ)—ସଂ. ବ (୬ଷ୍ଠୀ ତତ୍, ସୁର+ସଦ୍ମନ୍; ୧ମା.
Sura sadma(sadana) ଏକ)—ସ୍ୱର୍ଗ—The heaven.

ସୁର ସମିଧ୍—ସଂ. ବ—ଦେବଦାରୁ (ବୃ. ଶ)—
Sura samidh Pinus Longifolius.

ସୁର ସରଣୀ—ସଂ. ବ (୬ଷ୍ଠୀ ତତ୍)—ଆକାଶ; ଗଗନ—
Sura saraṇī The sky.

ସୁର ସରିତ୍—ସଂ. ବ (୬ଷ୍ଠୀ ତତ୍)—ଗଙ୍ଗା (ଜଟାଧର)—
Sura sarit The Ganges.
[ସୁରସରିତ—ଦେ. ରୂପ] [ଉ—ପାଶେ ଥିଲେ ସୁରସରିତ । ବଳଇ କି ତହିଁ ଗୃହକ ଚତ୍ର—ସଙ୍ଗୀତ ।]

ସୁର ସର୍ଷପକ—ସଂ. ବ—ଦେବ ସର୍ଷପ (ରାଜନିର୍ଘଣ୍ଟ)—
Sura sarshapaka A species of mustard seed.

ସୁରସା—ସଂ. ବଣ, ସ୍ତ୍ରୀ (ବହୁବ୍ରୀହି; ସୁରସ+ଆ)—ସୁରସର ସ୍ତ୍ରୀଲିଙ୍ଗ—
Surasā Feminine of Surasa. ବି—୧ । ପର୍ଣ୍ଣାସ; ଶ୍ୱେତପୁଷ୍ପଯୁକ୍ତ ତୁଳସୀ [ଶବ୍ଦରତ୍ନାବଳୀ]—1. The white Basil; the white-flowered Basil plant. ୨ । ତୁଳସୀ [ମେଦିନୀ]—2. The holy Basil plant. ୩ । ମେଦିନୀ; ପୃଥିବୀ—3. The earth. ୪ । ଯୂଇ ଫୁଲ ଓ ଗୁଳ୍ମ—4. Jui (flower and plant). ୫ । ନାଗମାତା [ମେଦିନୀ]—5. Name of the mother of serpents. [ବ୍ର—ଏ ସମୁଦ୍ରରେ ରହୁଥିଲେ; ହନୁମାନ୍ ସୀତାଙ୍କୁ ଠାବ କରିବାକୁ ସମୁଦ୍ରକୁ ଡେଇଁଲା ବେଳେ ଏ ଦେବ ଗନ୍ଧର୍ବାଦିଙ୍କ ଅନୁରୋଧରେ ରାକ୍ଷସୀ ରୂପ ଧାରଣ କରି କିଛିକାଳ ହନୁମାନଙ୍କ ବଳ ପରୀକ୍ଷା କରିବା ପାଇଁ ହନୁମାନଙ୍କୁ ବାଧା ଦେଇଥିଲେ । ହନୁମାନ୍ ଅତି କ୍ଷୁଦ୍ର ରୂପ ଧାରଣ କରି ଏହାଙ୍କ ପେଟରେ ପଶି ପୁଣି ବାହାରି ପଡ଼ିଲେ । ଏହା ଦେଖି ସୁରସା ପ୍ରୀତା ହେଲେ—ବାଲ୍ମୀକି ରାମାୟଣ ।] ୬ । ମିଶ୍ରେୟା (ଶବ୍ଦଚନ୍ଦ୍ରିକା); ପାନମହୁରି—6. Aniseed. ୭ । ଚନ୍ଦ୍ରିକା [ରତ୍ନମାଳା]; ଚନ୍ଦ୍ରଶୂର; ହାଲିମ—7. Common cress. ୮ । ବ୍ରାହ୍ମୀ [ରତ୍ନମାଳା]—8. A medicinal herb. ୯ । ଛନ୍ଦୋବିଶେଷ [ଛନ୍ଦୋବେଦ]—9 Name of a Sanscrit metre. ୧୦ । ମହା ଶତାବରୀ [ରାଜନିର୍ଘଣ୍ଟ]; ଶତାବରୀର ପ୍ରକାର ଭେଦ—10. Asparagus Racemosus. ୧୧ । ଦୁର୍ଗା [ଶବ୍ଦ କଳ୍ପଦ୍ରୁମ]—11. Goddess Durgā. ୧୨ । ଭାଗବତ ପଞ୍ଚମ ସ୍କନ୍ଧୋକ୍ତ ନଦୀଭେଦ [ଶବ୍ଦ କଳ୍ପଦ୍ରୁମ)—12. Name of a river. ୧୩ । ଲଣ୍ଡାବଗୁଲି (ଦେଖ)—13. Laṇḍābaguli (See). ୧୪ । ରାସ୍ନା (ବୃ. ଶ)—14. Randa Roxburghii. ୧୫ । ଅପ୍ସରୋବିଶେଷ [ବୃ. ଶ]—15. Name of a heavenly nymph. ୧୬ । ଶ୍ୱେତ ତ୍ରିବୃତ୍ [ବୃ. ଶ]—16. The white variety of Tribṛut. ୧୭ । ଶଲ୍ଲକୀ [ବୃ. ଶ]—17. Olibanum. ୧୮ । ନିର୍ଗୁଣ୍ଡୀ [ବୃ. ଶ] (ଦେଖ)—18. Nirguṇḍī (See). ୧୯ । ବୃହତୀ [ବୃ. ଶ] (ଦେଖ)—19. Bṛuhati (See). ୨୦ । କଣ୍ଟକାରୀ [ବୃ. ଶ] (ଦେଖ)—20. Kaṇṭakārī (See). ୨୧ । ଅଙ୍କୁଶର ଅଗ୍ରରେ ଥିବା ସୂକ୍ଷ୍ମ ଅଂଶ [ବୃ. ଶ]—21. The sharp point at the end of a goad.

সুরসিকা
সুরসা

ଦେ. ବଣ ସ୍ତ୍ରୀ—ସୁରସିକା—(female) Versed in sentimental aspects. [ଉ—ନବ ସୁରସାରେ ସୁଧା, ନବ ସୁରସାରେ । ତୁ ପରି ମୋ ଅଙ୍ଗ ଦଳା ନ ବସୁ ରସା ରେ—ଉପେନ୍ଦ୍ର ସଙ୍ଗୀତ ।]

ସୁରସାଳ—ସଂ. ବଣ—୧ । ଉତ୍ତମ ରସଯୁକ୍ତ—1. Very juicy;
Surasāḷa luscious. ୨ । ଅତି ମଧୁର ରସ ପୂର୍ଣ୍ଣ—2. Full of sweet juice.

ସୁରସାଷ୍ଟ—ସଂ.ବ (ସୁରସ+ଅଷ୍ଟ=ରସଯୁକ୍ତ ଆଠଗୋଟି ଦ୍ରବ୍ୟ)—ବୈଦ୍ୟ-
Surasāshṭa ଶାସ୍ତ୍ରୋକ୍ତ ବୃକ୍ଷମାନଙ୍କ ଗଣବିଶେଷ—A group of 8 trees, classified in the Hindu medical books. [ଦ୍ର—ଏହି ୮ ଗୋଟିର ନାମ ଯଥା—ଶ୍ୱେତ ବାରହ୍ମଯ୍ୟ, ତୁଳସୀ, ବ୍ରାହ୍ମୀ, ବୃହତୀଦ୍ୱୟ, କଣ୍ଟକାରିକା, ପୁନର୍ନବା ।]

ସୁରସିକ—ସଂ. ବଣ. ପୁଂ—୧ । ଉତ୍ତମ ରସଜ୍ଞ—1. Well versed
Surasika in tender sentiments. ୨ । ଉତ୍ତମ ରସଗ୍ରାହୀ
(ସୁରସିକା—ସ୍ତ୍ରୀ) —2. Very capable of comprehending tender sentiments. ୩ । ମଧୁରାଳାପୀ—3. Sweet in conversation. ୪ । ଅତ୍ୟନ୍ତ ରସିକ—4. Very witty or gallant.

ସୁର ସିଂଙ୍ଗ(ଙ୍ଗି, ଙ୍ଘ, ଙ୍ଘି, ହ)—ଦେ. ବି (ସଂ. ଶୂର ଓ ସିଂହ)—ଗଡ଼ଜାତର
Sura simṅga(ṅgi, ṅgha, ṅghi, ha) କରଣ ଓ ପାଇକମାନଙ୍କୁ ରାଜଦତ୍ତ ଉପାଧି ବିଶେଷ (ଗୋପୀନାଥ ନନ୍ଦ)—A title given by Rajas to Karaṇas and Pāikas of the Oriya States.

ସୁର ସିନ୍ଧୁ—ସଂ. ବ—ସୁରଧୁନୀ; ଗଙ୍ଗା (ଶବ୍ଦ କଳ୍ପଦ୍ରୁମ)—
Sura sindhu The Ganges.

ସୁରସୀ—ଦେ. ବଣ—ସୁରସିକ; ଉତ୍ତମ ରସଜ୍ଞ—Well-versed in
Surasī tender sentiments. [ଉ—ତୋ ଗାଳେ ଲେପିବ ଅରେ ସୁରସୀ । ଗୋପୀନାଥ. କବିତା ।]

সুরসিক সুরসী

ସୁର ସୁନ୍ଦର—ସଂ. ବଣ. ପୁଂ—ଦେବତାଙ୍କ ପରି ଅତି ସୁନ୍ଦର—
Sura sundara Very beautiful.

ସୁର ସୁନ୍ଦରୀ—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ସୁରମାନଙ୍କର ସୁନ୍ଦରୀ = ନାରୀ)
Sura sundarī —୧ । ଦେବକନ୍ୟା; ଦେବୀ—1. A Goddess. ୨ । ସୁରବେଶ୍ୟା; ଅପ୍ସରା (ଶବ୍ଦ କଳ୍ପଦ୍ରୁମ)—2. The heavenly nymphs. ୩ । ଦୁର୍ଗା (ଶବ୍ଦ କଳ୍ପଦ୍ରୁମ)—3. Goddess Durgā. ୪ । (ତନ୍ତ୍ର) ଯୋଗିନୀ ବିଶେଷ; ଶ୍ରୀ ସୁନ୍ଦରୀ (ଶବ୍ଦ କଳ୍ପଦ୍ରୁମ)—4. Name of a Jogini worshipped by the Tāntrikas.

୫ । ବିଦ୍ୟୁତ୍ (ଶବ୍ଦ କଳ୍ପଦ୍ରୁମ)—5. Lightning.
୬ । ଏକପ୍ରକାର ମାଛ (ଶବ୍ଦ କଳ୍ପଦ୍ରୁମ)—6. A kind of fish.

ସୁରା—ସଂ. ବି (ସୁର. ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ+ଆ; ଅଥବା ସୁ. Surā ଧାତୁ=ପ୍ରସବ କରିବା+କର୍ତ୍ତୃ. ର+ଆ)—୧ । ମଦିରା; ମଦ୍ୟ - 1. Wine; distilled spirit. [ଦ୍ର—ଚାଉଳ ଦ୍ରବ୍ୟକୁ ପାଣିରେ ସଢ଼ାଇବା ପରେ ଉକ୍ତ ଦ୍ରବ୍ୟ ଫେନଯୁକ୍ତ Fomented) ହୋଇଗଲେ ତାକୁ ନିଆଁ ଉପରେ ବସାଇ ବକଯନ୍ତ୍ର ଦ୍ୱାରା ତହିଁରୁ ଯେଉଁ ଦ୍ରବ ବାହାରାଏ ତାକୁ ସୁରା କହନ୍ତି ।

ଅନ୍ୟ ସଂ. ନାମ—ମଦିରା, ବାରୁଣୀ, ଇରା, ମଦୋତ୍କଟା, ହଲିପ୍ରିୟା, କାରଣ, ମାଣିକା, ଅମୃତା, ମାଧବୀ, ମତ୍ତା, ମଦନା, ମୋଦନା, ମଧୁ, ହଳିପ୍ରିୟା, ଦେବସୃଷ୍ଟା, କାମିନୀ, କପିଶୀ ।
ସରାପ, ମଦ
दारू, सराब
ପା. ସବତ୍
ଅ. ଖମର

ବୈଦ୍ୟଶାସ୍ତ୍ରରେ ସୁରାର ଉପାଦାନ ଓ ପ୍ରସ୍ତୁତ କରିବାର ପ୍ରକ୍ରିୟା-ଭେଦରେ ନାନା ପ୍ରକାର ନାମକରଣ ହୋଇଅଛି ।
ଯଥା—
ଗୌଡୀ—(ଗୁଡ ଓ ଧାତକୀ ଫୁଲରୁ ଉତ୍ପନ୍ନ)
ପୈଷ୍ଟୀ—(ତଣ୍ଡୁଳ ଆଦି ଶସ୍ୟରୁ ଉତ୍ପନ୍ନ)
ମାଧ୍ୱୀ—(ମଧୁ ଓ ଅନ୍ୟ ପୁଷ୍ପ ରସରୁ ପ୍ରସ୍ତୁତ)
କାଦମ୍ବରୀ—(ନାନା ଉପାଦାନରୁ ପ୍ରସ୍ତୁତ)
ମାଧୂକା—(ମହୁଲ ଫୁଲରୁ ପ୍ରସ୍ତୁତ)
ନୈ ଭେଷୀ—(ବେଲମୂଳ, କରକୋଳ ଓ ଶର୍କରାରୁ ପ୍ରସ୍ତୁତ)
ମାର୍ଦ୍ଦ୍ୱୀକ—(ଦ୍ରାକ୍ଷା ଫଳରୁ ପ୍ରସ୍ତୁତ)
ମନୁସଂହିତାରେ ସୁରାକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଯଥା—
ଗୌଡ଼ୀ—ଗୁଡ଼ରୁ ଉତ୍ପନ୍ନ
ପୈଷ୍ଟୀ—ତଣ୍ଡୁଳାଦି ଶସ୍ୟରୁ ଉତ୍ପନ୍ନ
ମାଧ୍ୱୀ—ମଧୁ ଓ ଅନ୍ୟାନ୍ୟ ପୁଷ୍ପରସରୁ ଉତ୍ପନ୍ନ ।
ଏହା ମାଦକତା ଶକ୍ତିବିଶିଷ୍ଟ । ବ୍ରାହ୍ମଣମାନଙ୍କ ପକ୍ଷରେ ଏହାର ପାନ ନିଷିଦ୍ଧ । ସୁରାପାୟୀ ବ୍ରାହ୍ମଣ ପ୍ରାୟଶ୍ଚିତ୍ତାର୍ହ । ସୁରାପାନ ମହାପାପ । ସୁରାପାନ କଲେ ବିକଳତା, ବଚନ-ସ୍ଖଳନ, ଗତିସ୍ଖଳନ, ଲଜ୍ଜାହୀନତା, ମାନଚ୍ୟୁତି, ପ୍ରେମାଧିକ୍ୟ ଓ ଭ୍ରମ ଘଟେ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଗୁରୁପାକ, ମଳରୋଧକ, ବଳକର, ସ୍ତନ୍ୟବର୍ଦ୍ଧକ, ପୁଷ୍ଟିକର, ମେଦୋକର, କଫଜନକ ଓ ଗୁଳ୍ମ, ଅର୍ଶ, ଶୋଥ, ମୂତ୍ରକୃଚ୍ଛ୍ର ଆଦି ବ୍ୟାଧିନାଶକ ।]
୨ । ମଦ୍ୟପାନ ପାତ୍ର—2. Wine-glass. ୩ । ସର୍ପିଣୀ—3. A female serpent. ୪ । ଜଳ ହି. ଶ)—4. Water. ୫ । ସର୍ପ (ହି. ଶ)—5. Serpent. ବିଣ (ସୁ=ଶୋଭନ+ରା=ଧନ ଯାହାର ଅଛି)—ଧନବାନ୍; ଧନୀ—Rich. ଦେ. ବି— ୧ । (ସଂ. ସ୍ପୃହା) ସ୍ପୃହା—1. Hankering after a thing.
স্পৃহা
स्पृहा
২ । ସୁରରାଜ ଓ ସୁରେଶର ଡାକ ନାମ—2. Name for calling Sureśa and Surarāja.
সুর
सुर

ସୁରା—ବୈଦେ. ବି (ଅ)—ମୁସଲମାନ୍ ଧର୍ମଗ୍ରନ୍ଥ କୋରାନ୍‌ର ଶ୍ଳୋକ ବା ସ୍ତୋତ୍ର—A couplet or hymn of the Koarn.
সুরা सुरा

ସୁରାଇ—ବୈଦେ. ବି. (ପା)—ସୋରେଇ; ଲମ୍ବ ମୁଖଯୁକ୍ତ ଗୋଲ ଜଳ ଭାଣ୍ଡ—A long-necked round water-jug ସୁରହି (ଦେଖ)—Surāhi (See).
Surāi
সোরাই सुराही

ସୁରା(ରେ)ଇବା—ଦେ. କ୍ରି—(ସ, ସ୍ଫୁର ଧାତୁ)—୧ । ସ୍ଫୁରିବା—1. To be tickled. ୨ । (ସ. ସ୍ପୃହ୍ ଧାତୁ; ଆଁଟ ବା ତୁଣ୍ଡ)—ସ୍ପୃହାଯୁକ୍ତ ହେବା; ଲାଳାୟିତ ହେବା—(The mouth) To hanker after; to water after a thing.
Surā(re)ibā
স্ফুরা, फरकना
লালায়িত হওয়া लालायित होना

ସୁରାକ୍(ଖ୍)—ବୈଦେ. —(କଚରଅ) (ପା. ସୁରାଙ୍ଗ୍=ଛିଦ୍ର; ତୁର୍କୀ= ସୁରଗ୍=ସୂତ୍ର ବା ସନ୍ଧାନ)—୧ । ଅନୁସନ୍ଧାନ କରାଯାଉଥିବା କୌଣସି ବିଷୟର ସୂତ୍ର; ଚିହ୍ନ—1. Trace of anything which is being investigated; clue. ୨। ଅନୁସନ୍ଧାନ—2. Investigation. ୩ । ଇସାରା; ଅଭାସ—3. A nod; a sign; hint; indication.
Surāk(kh)
সুরাক্ सुराख

ସୁରାକ୍(ଖ୍)କରିବା—ଦେ. କ୍ରି (କଚରଅ) କୌଣସି ବିଷୟର ଅନୁସନ୍ଧାନ କରିବା—To investigate into a matter.
Surāk(kh)karibā
সন্ধানকরা सुराखकरना
[ସୁରାକ୍(ଖ୍) ନେବା—(ଅନ୍ୟରୂପ)

ସୁରାକ୍(ଖ୍)ଦେବା—ଦେ. କ୍ରି (କଚରଅ)—କୌଣସି ଗୁପ୍ତ ବିଷୟର ସନ୍ଧାନ ବା ସୂତ୍ର କହିଦେବା—To give the clue to a matter.
Surāk(kh)debā
সুরাক্ দেওয়া सुरखदेना

ସୁରାକ୍(ଖ୍) ପାଇବା—ଦେ. କ୍ରି—(କଚରଅ)—କୌଣସି ବିଷୟର ସୂତ୍ର ପାଇବା—To get at or find out the clue of a matter.
Surāk(kh)pāibā
সুরাক্ পাওয়া सुराख पाना

ସୁରାକ୍(ଖ୍) ସନ୍ଧାନ—ଦେ.ବି—(କଚରଅ)—(ପା.ସୁରାଗ୍+ସ.ସନ୍ଧାନ; ଏକାର୍ଥକ ଶବ୍ଦଦ୍ୱୟ)—କୌଣସି ବିଷୟର ସନ୍ଧାନ ବା ସୂତ୍ର—Clue to anything.
Surāk(kh) sandhāna
সুরাক্ সন্ধান सुराखसंधान

ସୁରାକତ୍—ବୈଦେ. ବି (ଅ. ସିରାକତ୍)—୧ । ସମ୍ପର୍କ—1. Connection. ୨ । ଯୋଗ; ସଂଯୋଗ—2. Conjunction; union.
Surākat
সুরাকৎ संपर्क, शराकत

ସୁରାକର—ସଂ. ବି (ସୁରା+କୃ. ଧାତୁ+ଅଧି. ଅ)—୧ । ମଦ୍ୟୋତ୍ପତ୍ତି-ସ୍ଥାନ; ଯେଉଁ ବସ୍ତୁରୁ ମଦ୍ୟ ପ୍ରସ୍ତୁତ ହୁଏ—1. An article or thing from which wine is got. ୨ । ନାରିକେଳ ବୃକ୍ଷ (ଶବ୍ଦ କଳ୍ପଦ୍ରୁମ)—2. Cocoanut tree. [ଦ୍ର—ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର ଅପ୍ରସ୍ଫୁଟିତ ପୁଷ୍ପକୋଷର ଅଗକୁ କାଟିଲେ ତହିଁରୁ

ଯେଉଁ ରସ ଥିରେ, ତାହା ତାଙ୍କ ରୂପ ବ୍ୟବହୃତ ହୁଏ। ରଘୁବଂଶରେ ମଧ୍ୟ ରଘୁଙ୍କ ଯୋଦ୍ଧାମାନେ ଦାକ୍ଷିଣାତ୍ୟରେ 'ନାରିକେଳାସବ' ପାନ କରୁଥିବା କଥାର ଉଲ୍ଲେଖ ଅଛି।]

ସୁରକ—ବୈଦେ. ବଣ (ଉତରଥ) (ଫା. ସୁରାଖୀ)—ଅନୁସନ୍ଧାନ
Suraki ବାଷସୂତ୍ରରେ ଦକ୍ଷ—Skilful in finding out a clue.
সুরাকি, সন্ধানী सुराखी
(ସୁରକଅ—ଅନ୍ୟରୂପ)

ସୁରାଗ—ସଂ. ବ—ସୁନ୍ଦର ରଙ୍ଗ—
Surāga Beautiful colour.

ସୁରାଗ ରଞ୍ଜିତ—ସଂ. ବଣ—ସୁନ୍ଦର ବର୍ଣ୍ଣରେ ରଞ୍ଜିତ—
Surāga rañjita Nicely painted or coloured.

ସୁରାଗାର—ସଂ. ବ (ସୁର+ଅଗାର)—୧। ଦେବ ମନ୍ଦିର—
Surāgāra 1. Temple. ୨। (ସୁରା+ଅଗାର)—ସୁରାଶାଳା—2. Tavern.

ସୁରାଗ୍ରହ—ସଂ. ବ ରା+ଗ୍ରହ ଧାତୁ+ଅଧି. ଅ)—ମଦ୍ୟ ପାତ୍ର—
Surāgraha Wine cup.

ସୁରାଙ୍ଗନା—ସଂ. ବ (୬ଷ୍ଠୀ ତତ୍)—୧। ଦେବାଙ୍ଗନା; ଅପ୍ସରା—
Surāngana 1. The heavenly nymphs. ୨। ଦେବତାମାନଙ୍କ ସ୍ତ୍ରୀ—2. Wife of one of the gods.

ସୁରାଚାର୍ଯ୍ୟ—ସଂ. ବ (ସୁର+ଆଚାର୍ଯ୍ୟ; ୬ଷ୍ଠୀ ତତ୍)—ସୁରଗୁରୁ; ବୃହସ୍ପତି
Surāchārjya (ଅମର)—Bṛuhaspati, the preceptor of the gods; Jupitor.

ସୁରାଜକ—ସଂ. ବ—ଭୃଙ୍ଗରାଜ (ଶବ୍ଦମାଳା) (ଦେଖ)
Surājaka Bhṛuṅgarāja (See)

ସୁରାଜା—ସଂ. ବ (ସୁ+ରାଜନ୍)—ଉତ୍ତମ ରାଜା (ମୁଗ୍ଧବୋଧ)—
Surājā A good king.

ସୁରାଜି—ଦେ. ବ (ସଂ. ସୁ ଓ ଫା. ରାଜୀ)—ସ୍ୱେଚ୍ଛା; ନିଜର ସ୍ୱାଧୀନ
Surāji ଇଚ୍ଛା—One's free will.
স্বরাজি स्वराजी

ସୁରାଜୀବ—ସଂ. ବ (ସୁରା+ଆଜୀବ=ଜୀବିକା ଯାହାର)—ଶୌଣ୍ଡିକ;
Surājiba ଶୁଣ୍ଢୀ—A wine trader; distiller.

ସୁରାଜୀବୀ—ସଂ. ବ (ସୁରା+ଜୀବ୍ ଧାତୁ+କର୍ତ୍ତୃ. ଇନ୍)—ଶୌଣ୍ଡିକ;
Surājibī ଶୁଣ୍ଢୀ (ହେମଚନ୍ଦ୍ର)—A wine merchant; a distiller of wine.

ସୁରାଜ୍ୟ—ସଂ. ବ—୧। ଉତ୍ତମ ରାଜ୍ୟ—1. A good kingdom.
Surājya ୨। ଯେଉଁ ରାଜ୍ୟରେ ପ୍ରଜାଙ୍କ ହିତ ପ୍ରତି ଦୃଷ୍ଟି ରଖା-ଯାଏ ଓ ଯେଉଁଠାରେ ସୁଖ ଓ ଶାନ୍ତି ବିରାଜେ ଥାଏ (ହି. ଶ
স্বরাজ্য 2. A kingdom governed for the benefit
सुराज्य of the ruled and where happiness and peace reign. ଦେ. ବ—ସ୍ୱରାଜ୍ୟ (ଦେଖ) Swarājya (See

ସୁରାଟ୍—ଦେ. ବ (ସଂ. ସୌରାଷ୍ଟ୍ର)—୧। ଭାରତର ପଶ୍ଚିମ ଉପକୂଳସ୍ଥ
Surāṭ ଗୋଟିଏ ଜିଲ୍ଲା, ନଗର ଓ ବନ୍ଦର; ସୁରଟ—1. Name
সুরাট of a district, town and port in West
सुरत India. [ବି—ଏ ନଗର ବମ୍ବେ ପ୍ରଦେଶରୁ ଓ ତାପ୍ତୀ ନଦୀର ମୁହାଣରେ ଅବସ୍ଥିତ। ଇଂରାଜ ଇଷ୍ଟ ଇଣ୍ଡିଆ କୋମ୍ପାନୀ ଏଠାରେ ପ୍ରଥମେ ବାଣିଜ୍ୟ କୋଠି ସ୍ଥାପନ
সুরাজ করିଥିଲେ।] ୨। (ସଂ. ସୁ ଓ ରାଷ୍ଟ୍ର)—ଉତ୍ତମ ରାଜ୍ୟ;
सुराज ଉତ୍ତମ ଦେଶ—2. A good country or kingdom.

ସୁରାଟୀ—ଦେ. ବଣ—ସୁରାଟ ଦେଶୀୟ—Of or pertaining to
Surāṭi 'Surāt.' ବି—ସୁରାଟମଲ୍ଲାର; ରାଗିଣୀ ବିଶେଷ—
সুরাটি सुराटी Name of a musical tune.

ସୁରାଦ୍ରି—ସଂ ବ (୬ଷ୍ଠୀ ତତ୍)—ସୁମେରୁ ପର୍ବତ—The mythological Sumeru mountain.
Surādri

ସୁରାଧାନୀ—ସଂ. ବ (ସୁରା+ଆଧାନୀ)—ସୁରା ରଖାଯିବାର କ୍ଷୁଦ୍ର କଳଶ;
Surādhānī ଓର—A small wine-pitcher.

ସୁରାଧିପ—ସଂ. ବ (୬ଷ୍ଠୀ. ତତ୍)—ଇନ୍ଦ୍ର—Indra.
Surādhipa (ସୁରାଧୀଶ—ଅନ୍ୟରୂପ)

ସୁରାଧ୍ୟକ୍ଷ—ସଂ. ବ (୬ଷ୍ଠୀ ତତ୍; ସୁର+ଅଧ୍ୟକ୍ଷ)—୧। ବ୍ରହ୍ମା (ହି-
Surādhyaksha ଶ)—1. Brahmā. ୨। ଶିବ (ହି.ଶ)—2. Śiba. ୩। ଶ୍ରୀକୃଷ୍ଣ (ହି. ଶ)—3. Śrikṛushṇa.

ସୁରାଧ୍ୱଜ—ସଂ. ବ—ମଦ୍ୟପାନକାରୀ ବ୍ୟକ୍ତିର କପାଳରେ ପ୍ରାଚୀନ
Surādhwaja କାଳରେ ତାତଲା ଲୁହାରେ ଦାଗ ଦିଆ ଯାଉଥିବା ମଦ୍ୟପାତ୍ରର ଚିହ୍ନ (ହି. ଶ)—The figure of a wine-cup marked on the brow of a wine drinker with red hot iron as a punishment.

ସୁରାନକ—ସଂ. ବ (୬ଷ୍ଠୀ ତତ୍; ସୁର+ଆନକ)—ଦେବତାମାନଙ୍କ
Surānaka ନାଗରା—Drum of the gods.

ସୁରାନୀକ—ସଂ. ବ (୬ଷ୍ଠୀ ତତ୍; ସୁର+ଅନୀକ)—ଦେବ ସେନା—
Surānika The army of the gods.

ସୁରାପ—ସଂ. ବ. ପୁଂ (ସୁରା+ପା. ଧାତୁ+କର୍ତ୍ତୃ. ଅ)—୧। ସୁରାପାୟୀ
Surāpa ବ୍ୟକ୍ତି—1. A person who drinks wine.
(ସୁରାପା—ସ୍ତ୍ରୀ) ୨। ମଦୁଆ ବ୍ୟକ୍ତି—2. A drunkard ୩। ମଦ୍ୟ ରକ୍ଷକ—3. A person who stores wine ସଂ. ବଣ. ପୁଂ—୧। ମଦ୍ୟପାୟୀ; ମଦୁଆ—1. Addicted to drink. ୨। ବୁଦ୍ଧିମାନ୍; ମନୀଷୀ (ହି. ଶ)—2. Intelligent.

ସୁରାପଗା—ସଂ. ବ. ସ୍ତ୍ରୀ (ସୁର=ଦେବ+ଆପଗା=ନଦୀ)—ସୁରଧୁନୀ;
Surāpagā ଗଙ୍ଗା—The river Ganges.

ସୁରା ପାତ୍ର—ସଂ. ବ—ମଦଭାଣ୍ଡ; ମଦ୍ୟ ପାତ୍ର—A receptacle for
Surā pātra wine; wine cup.

ସୁରା ପାନ(ଣ)—ସଂ. ବ (୬ଷ୍ଠୀ ତତ୍)—୧। ମଦ୍ୟ ପାନ; ମଦ ପିଇବା
Surā pāna(ṇa) —1. Drinking of wine. ୨।

ଅବଦଂଶ; ଚଖଣ୍ଟ (ହି. ଶ)—2. Any relishable thing eaten by drinkers of wine.

ସୁରାପାନୋଦ୍ଦୀପ୍ତ—ସଂ. ବଣ. ପୁଂ (୭ମୀ ଓ ତୃତୀୟା ତତ୍) —ସୁରାପାନ **Surāpānoddipta** ଯୋଗୁଁ ଉଦ୍ଦୀପିତ—Intoxicated (ସୁରାପାନୋଦ୍ଦୀପ୍ତା —ସ୍ତ୍ରୀ) with wine.

ସୁରାପାୟୀ—ସଂ. ବଣ ଓ ବ ପୁଂ—(ସୁରାପାୟିନ୍ ଶବ୍ଦ; ସୁରା+ପା. ଧାତୁ **Surāpāyi** +ଣିନ୍. କ୍ର)—ସୁରାପ; ଯେ ମଦ୍ୟପାନ କରେ— (ସୁରାପାୟିନୀ – ସ୍ତ୍ରୀ) One who drinks wine.

ସୁରାପୀତ—ସଂ. ବଣ. ପୁଂ (ବହୁବ୍ରୀହି; ପୀତ ହୋଇ ଅଛି ସୁରା ଯାହା **Surāpita** ଦ୍ୱାରା)—ଯେ ମଦ ପିଇଅଛି—Drunk. (ସୁରାପୀତା—ସ୍ତ୍ରୀ)

ସୁରାପୀଥ—ସଂ. ବ—ସୁରାପାନ (ହି. ଶ)— **Surāpitha** Drinking of wine.

ସୁରାବ୍ଧି—ସଂ. ବ (ମ. ଷ. ଲୋ; ସୁରାପୂର୍ଣ୍ଣ ଅବ୍ଧି)—ପୌରାଣିକ ସାତ **Surābdhi** ସମୁଦ୍ର ମଧ୍ୟରୁ ତୃତୀୟ ସମୁଦ୍ର—One of the seven mythological oceans surrounding the earth.

ସୁରାଭାଗ—ସଂ. ବ (୬ଷ୍ଠୀ ତତ୍)—୧ । ସୁରାମଣ୍ଡ; ସୁରାର ଅଗ୍ରଭାଗ **Surābhāga** ବା ସର (ଶବ୍ଦଚନ୍ଦ୍ରିକା)—1. The scum of wine. ୨ । ସୁରାଭାଣ୍ଡ (ହି. ଶ)— 2 Wine vessel.

ସୁରାଭାଣ୍ଡ—ସଂ. ବ (୬ଷ୍ଠୀ ତତ୍)—ମଦ୍ୟଭାଣ୍ଡ; ସୁରା ପାତ୍ର— **Surā bhānda** A receptacle for wine.

ସୁରା ମଣ୍ଡ—ସଂ. ବ—ସୁରାର ଅଗ୍ରଭାଗ (ଶବ୍ଦଚନ୍ଦ୍ରିକା); ସୁରା ଉପରେ ଥିବା **Surā manda** ଥିବା ସର—The scum of wine.

ସୁରା ମତ୍ତ—ସଂ. ବଣ. ପୁଂ (୩ୟା ତତ୍)—ମାତାଲ— **Surā matta** Intoxicated with wine. [ସୁରାମତ୍ତା—ସ୍ତ୍ରୀ] (ସୁରାମତ୍ତତା—ବ)

ସୁରାମେହ—ସଂ. ବ—ଏକ ପ୍ରକାର ମେହ ରୋଗ—A kind of **Surā meha** gonorrhœa. [ବି—ଏଥିରେ ରୋଗୀର ପ୍ରସ୍ରାବ ସୁରା ସଦୃଶ ମାତୃଅ ବା ଉପରେ ଉଜ୍ଜ୍ୱଳବର୍ଣ୍ଣ ହୁଏ । ପାତ୍ର ବୋତଲରେ ଏ ପ୍ରସ୍ରାବକୁ ରଖିଲେ ତାହାର କମ୍ଣାଂଶ ଗାଢ଼ ଓ ଉର୍ଦ୍ଧ୍ୱାଂଶ ପତଳା ଦେଖାଯାଏ—ହି. ଶ ।]

ସୁରା ରାଣୀ—ସଂ. ବ—ଦେବମାତା; ଅଦିତି (ହି. ଶ) **Surā rāni** The mother of the gods.

ସୁରାରାତି—ସଂ. ବ (ସୁର+ଅରାତି; ୬ଷ୍ଠୀ ତତ୍)—ଦେବତାମାନଙ୍କ **Surārāti** ଅରି; ଅସୁର—Demon. [ସୁରାର—ଅନ୍ୟରୂପ]

ସୁରାରି ହନ୍ତା—ସଂ ବ (୬ଷ୍ଠୀ ତତ୍; ସୁରାରିହନ୍ତୃ ଶବ୍ଦ; ୧ମା. ୧ବ)— **Surāri hantā** ଦେବାରି; ବିଷ୍ଣୁ (ଉଅଥାବ ଉକ୍ତି)— (ସୁରାରିହନ୍ତ—ଅନ୍ୟରୂପ) An epithet of Bishnu.

ସୁରାର୍ଦ୍ଦନ—ସଂ. ବ (ସୁର+ଅର୍ଦ୍ଦନ=ଦେବ ପୀଡ଼କ)—ଅସୁର **Surārddana** (ହି. ଶ)—A demon.

ସୁରାର୍ହ—ସଂ. ବ (୬ଷ୍ଠୀ ତତ୍; ସୁର=ଦେବ+ଅର୍ହ=ଯୋଗ୍ୟ) — **Surārha** ୧ । ହରିଚନ୍ଦନ (ରାଜନିର୍ଘଣ୍ଟ)—1. A species of sandal. ୨ । ସ୍ୱର୍ଣ୍ଣ (ଶବ୍ଦ ଚନ୍ଦ୍ରିକା)—2. Gold. ୩ । ହରିଚନ୍ଦନରୁ ଭିନ୍ନ (ହି. ଶ)—3. Another kind of sandal.

ସୁରାଳ—ସଂ. ବ—ଧୂନା (ହି. ଶ)— **Surala** Resin.

ସୁରାଳୟ—ସଂ. ବ (୬ଷ୍ଠୀ ତତ୍)—୧ । ସୁମେରୁ (ଅମର) (ଦେଖ)— **Suralaya** 1. Sumeru. ୨ । (ସୁର+ଅଳୟ) ଦେବତା ମାନଙ୍କ ଗୃହ; ଦେବମନ୍ଦିର—2. Temple ୩ । (ସୁରା + ଲୟ) ମଦ୍ୟଶାଳା—3. A distillery.

ସୁରାଳିକା—ସଂ. ବ—ସପୁଲା ନାମକ ବନ୍ୟ ଲତା—A kind of **Surālikā** wild creeper. [ବି—ଏହାର ପତ୍ର ଖଜୁର ପତ୍ର ଅପେକ୍ଷା ବଡ଼ି ଓ ସୂକ୍ଷ୍ମ । ଏଥିର ଫୁଲ ହଳଦିଆ ଓ ଚେପଟା; ମଞ୍ଜି ଲାଲ, ମଞ୍ଜିରୁ ହଳଦିଆ ରସ ବାହାରେ । ବୈଦ୍ୟକ ମତରେ ଏହା ଲଘୁ, ତିକ୍ତ ଓ କଟୁ । ଏହା କଫ, ପିତ୍ତ, କଣ୍ଡୁ, ବ୍ରଣ ଓ ଶୋଥ ନାଶକ ଅଟେ— ହି. ଶ ।]

ସୁରାବ—ସଂ. ବ—୧ । ଉତ୍ତମ ଧ୍ୱନି—1. Good sound. ୨ । ଏକ **Surāba** ପ୍ରକାର ଘୋଡ଼ା (ହି. ଶ)—2. A species of horse.

ସୁରାବନି—ସଂ. ବ—୧ । ଦେବମାତା; ଅଦିତି (ହି. ଶ)—1. Aditi; **Surābani** the mother of the gods. ୨ । ପୃଥିବୀ (ହି. ଶ) —2. The earth.

ସୁରାବାସ—ସଂ. ବ (୬ଷ୍ଠୀ ତତ୍ ସୁର+ଅବାସ)—ସୁମେରୁ ପର୍ବତ— **Surābāsa** The mythological Sumeru mountain. [ସୁରାଶ୍ରୟ—ଅନ୍ୟରୂପ]

ସୁରାବୃତ୍ତ—ସଂ. ବ—ସୂର୍ଯ୍ୟ [ହି. ଶ] **Surābrutta** The sun.

ସୁରାଷ୍ଟ୍ର—ସଂ. ବ (ସୁ=ଉତ୍ତମ+ରାଷ୍ଟ୍ର=ରାଜ୍ୟ)—୧ । ସୁରାଟ **Surāstra** (ଦେଖ)—1. Surat (See) [ବି—ତାହା ତାହା [ବୌଦ୍ଧଗ୍ରନ୍ଥ—ଦେଖ] ମତରେ ଏହା ପ୍ରାଚୀନ ସୁରାଟ, କାହା କାହା ମତରେ କାଠିଆ ବାଡ଼—ହି. ଶ ।] ୨ । (ନାମ) ରାଜା ଦଶରଥଙ୍କର ଏକ ମନ୍ତ୍ରୀ—2. Name of a minister of Dasaratha.

ସୁରାଷ୍ଟ୍ରଜ—ସଂ. ବଣ [ସୁରାଷ୍ଟ୍ର+ଜନ୍. ଧାତୁ+କର୍ତ୍ତି. ଅ]—ସୁରାଷ୍ଟ୍ର **Surāshtraja** ଦେଶ ଜାତ—Produced in Surat. ବ— [ସୁରାଷ୍ଟ୍ରଜା —ସ୍ତ୍ରୀ] ୧ । ଭୂତୁଳସୀ [ଅମର]; ବନ ତୁଳସୀ—1. A sort of wild Basil. ୨ । କୃଷ୍ଣମୁଦ୍ଗ [ରାଜ ନିର୍ଘଣ୍ଟ] କଳାମୁଗ—2. A species of Phasoelus Moonga (grain). ୩ । ଗୋପୀ ଚନ୍ଦନ; ସୌରାଷ୍ଟ୍ର ମୃତ୍ତିକା (ହି. ଶ)—3. A kind of yellow arth. ୪ । ନାଲି ବୋଳଅ [ହି. ଶ]—4. Red

horse-gram. ୪ । ଏକ ପ୍ରକାର ବିଷ [ହ୍ରି.]—5. A kind of poison.

ସୁରାଷ୍ଟ୍ରଜା—ସଂ. ବିଣ. ସ୍ତ୍ରୀ—ସୁରାଷ୍ଟ୍ରଜର ସ୍ତ୍ରୀଲିଙ୍ଗ—Feminine of Surāstrajā Surāshtraja. ବି. ସ୍ତ୍ରୀ—୧ । ଭୁତସି (ଗ୍ରାମ ଜାତୀୟ); ଲଣ୍ଡାତୁଳସୀ—1. A sort of wild Basil plant. ୨ । ସୌରାଷ୍ଟ୍ରୀ; ସୌରାଷ୍ଟ୍ର ମୃତ୍ତିକା (ବୈଦ୍ୟକ)—2. A sort of fragrant earth.

ସୁରାଷ୍ଟ୍ରୋଦ୍ଭବା—ସଂ. ବି—ଫିଟ୍‌କିରି [ହ୍ରି. ଶ] Surāstrodbhabā Alum.

ସୁରା ସନ୍ଧାନ—ସଂ. ବି [୬ଷ୍ଠୀ ତତ୍] —ସଢ଼ା ଯାଇଥିବା ଦ୍ରବ୍ୟରୁ ଯନ୍ତ୍ର-Surā sandhāna ଯନ୍ତ୍ର ସାହାଯ୍ୟରେ ସୁରା ବାହାର କରିବା କ୍ରିୟା—Distillation of wine.

ସୁରାସବ—ସଂ. ବି—୧ । ଗୁଡ଼ଳ ପିଠା ଇତ୍ୟାଦିରୁ ଯନ୍ତ୍ର ସାହାଯ୍ୟରେ Surāsaba ଚୁଆଁ ହୋଇ ବାହାର କରାଯିବା ମଦ; ଅରଖି—1. Distilled spirit or wine. ୨ । ସୁରାପରି ଗାଢ଼ ମାଦକତା ଶକ୍ତିଯୁକ୍ତ ଆସବ ବା ଅରଖି ବିଶେଷ—2. A very intoxicating spirit (like wine). [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ତୀକ୍ଷ୍ଣ, ମୁଖପ୍ରିୟ, ରୁଚିକର, ବାୟୁନାଶକ, ମୂତ୍ରବର୍ଦ୍ଧକ, କଫବାୟୁନାଶକ । ଏହାର ମାଦକତା ବହୁକ୍ଷଣ ସ୍ଥାୟୀ ।]

ସୁରା ସମୁଦ୍ର (ସାଗର)—ସଂ. ବି—ସୁରାବ୍ଧି (ଦେଖ) Surā samudra Surābdhi (See)

ସୁରାସୁର—ସଂ. ବି (ସୁର+ଅସୁର; ଦ୍ୱନ୍ଦ୍ୱ)—ଦେବତା ଓ ଦାନବ—Surāsur Gods and demons.

ସୁରା ସେବନ—ସଂ. ବି (୬ଷ୍ଠୀ ତତ୍)—ସୁରାପାନ (ଦେଖ) Surā sebana Surāpāna (See)

ସୁରା ସେବୀ—ସଂ. ବିଣ. ପୁଂ (ସୁରା ସେବନ୍ ଶବ୍ଦ; ସୁରା+ସେବ୍ ଧାତୁ Surā sebī +କର୍ତ୍ତ୍ରି. ଇନ୍)—ସୁରାପାୟୀ (ଦେଖ) (ସୁରା ସେବିନୀ—ସ୍ତ୍ରୀ) Surāpāyī (See)

ସୁରାହା—ଦେ. ବି (ସଂ. ସୁ ଓ ଫା. ରାହ୍)—୧ । ସୁପଥ—1. Good Surāhā road. ୨ । ସୁମାର୍ଗ; ସତ୍‌ପଥ—2. Good ways. ସୁରାହା ୩ । ସୁବିଧା—3. Convenience. ୪ । ଶୁଭଲକ୍ଷଣ ସୁराह —4. Auspicious or good sign.

ସୁରାହି—ବୈଦେ. ବି (ଫା)—୧ । ଲମ୍ବ ମୁଖଯୁକ୍ତ ଗୋଲାକାର ଜଳଭାଣ୍ଡ Surāhi —1. A long-necked round water-jug. সোরাই, কুজো [ଦ୍ର—ଖରାଦିନେ ଏଥିରେ ପାଣି ରଖି ଏ ପାତ୍ରକୁ ମୁକ୍ତ सुराही, कुज्जा ବାୟୁରେ ରଖି ଦେଲେ ମାଠିଆ ଅପେକ୍ଷା ଏଥିରେ ପାଣି ବେଶି ଥଣ୍ଡା ହୁଏ ।] ୨ । (ବଙ୍ଗିଅ ଶବ୍ଦ) ବାଜୁ ଅଳଙ୍କାରୁ ଲଟକି ଥିବା ଝୁମ୍ପା ଉପରେ ଲଗାଯିବା ରୁପାର ବା ସୁନାର ସୁରାହି ଆକୃତି ବିଶିଷ୍ଟ ଅଳଙ୍କାର—2. A surahi-shaped gold or silver ornament attached to the upper side of the tassels of the Bāju. ୩ । (ଦରଜିଙ୍କ ଶବ୍ଦ) ଶାମିଆନା ଉପରେ ସିଲାଇ କରାଯିବା ସୁରାହି ଆକାରର କନା—3. A soraishaped bit of cloth sewn on shamianas. ୪ । ହୁକାର ନଳର ସୁରାହି ଆକୃତିବିଶିଷ୍ଟ ଅଗ୍ରଭାଗ (ଯହିଁ ଉପରେ କଲିକା ରଖାଯାଏ)—4. The sorahi-shaped top of the tube of a hookah.

ସୁରାହ୍ୱ—ସଂ. ବି (ସୁର+ଆ+ହ୍ୱେ ଧାତୁ=ଡାକିବା+କରଣ. ଅ)—Surāhwa ୧ । ଦେବଦାରୁ [ଶବ୍ଦରତ୍ନାବଳୀ]—1. Pine tree. ୨ । ଦାରୁହରିଦ୍ରା; ଦାରୁହଳଦୀ [ରାଜନିର୍ଘଣ୍ଟ]—2. Cascinium Fenestratum. ୩ । ମରୁବକ [ରାଜନିର୍ଘଣ୍ଟ]; ମରୁଆ ଗଛ—3. Origanum Marjoram.

ସୁରି—ସଂ. ବିଣ (ସୁ+ରା+ଇ=ଶୋଭନ ଧନବାନ୍—ମୁଗ୍ଧବୋଧ Suri ବ୍ୟାକରଣ)—ଖୁବ୍ ଧନୀ—Very rich. सुर सुर ଦେ. ବି—ସୁରରାଜ, ସୁରେଶ, ସୁରେନ୍ଦ୍ର, ସୂର୍ଯ୍ୟମଣିଙ୍କ ଡାକ ନାମ—Name for calling Surarāja, Sureśa, Surendra, Sūrjyamaṇi

ସୁରିବା—ଦେ. କ୍ରି (ସଂ. ସ୍ଫୁର ଧାତୁ)—୧ । ସ୍ଫୁରିବା; ସ୍ପନ୍ଦିତ ହେବା—Suribā 1. To tickle; to throb; to vibrate. সুরা फरकना [ଯଥା—ମୋ ଆଖି ସୁରୁଛି ।] লালায়িত হওয়া ୨ (ସଂ. ସ୍ପୃହ୍ ଧାତୁ) (ଜିଭ, ପାଟି) ସ୍ପୃହାଯୁକ୍ତ लालायित होना ହେବା; ଲାଳାୟିତ ହେବା; ଗୋରେଇବା—2. To be watering after; to hanker after. [ଯଥା—ଖାଇବା ପଦାର୍ଥ ଦେଖି ମୋ ଜିଭ ସୁରୁଛି ।] ୩ । ଅନୁରାଗଯୁକ୍ତ ହେବା—3. To be attached to any person or thing. ୪ । সুরা (ସଂ. ସ୍ଫୁର୍ ଧାତୁ) (କଥା) ବାକ୍ ସ୍ଫୂର୍ତ୍ତି ହେବା; ପଶିବା—बात निकलना 4. To come to the tip of one's tongue. [ଯଥା—ମୋ ତୁଣ୍ଡରୁ କଥା ସୁରୁ ନାହିଁ ।]

ସୁରୀ—ସଂ. ଟ—୧ । (ସୁର+ଈ, ଅଥବା ସୁର୍ ଧାତୁ=ସମ୍ପତ୍ତି ପାଇବା+ Surī କର୍ତ୍ତ୍ରି. ଇ)—ସୁରା (ଦେଖ)—1. Surā (See) ୨। (ସ୍ତ୍ରୀ) (ସୁର+ଈ) ଦେବପତ୍ନୀ (ହ୍ରି. ଶ)—2. Wife of one of the gods. [ଦ୍ର—ବହୁଧାନ୍ୟ ନଗର ସ୍ଥିତି ନାରୀ ସୁରୀ, ଦାନ୍ତେ ସ୍ମେରା ମନମୋହନ ଛବି ଯାହାର—ଉପ. ବୈଦେହୀଶବିଳାସ ।].

ସୁରୁ—ବୈଦେ. ବି (ଅ)—ଆରମ୍ଭ—Beginning. ପ୍ରାଦେ-Suru (ସମ୍ବଲପୁର; ବଲାଙ୍ଗିର ପାଟଣା) ବିଣ—ସାନ; ଛୋଟ सुरु सुरू (ପିଲା)—Very young (said of children); tiny.

ସୁରୁଅ—ବୈଦେ. ବି (ଅ. ଶୋର୍‌ବା)—ମାଂସର ଝୋଳ; କ୍ୱାଥ; ମାଂସର Suruā ଅର୍କ—Soup of meat. [ଦ୍ର—ସୁରୁଅ ତିଆରି সুরুয়া କରିବା ଲାଗି ଅତି ଶୁଦ୍ଧ ଛଦ୍ରପୂର୍ଣ୍ଣ ବୋତଲ ଆକାରର ପାତ୍ର शो(सु)रबा ଆବଶ୍ୟକ । ଏଥିରେ କୁକୁଡ଼ା ଛେଳି ବା କୁକୁଡ଼ା ମାଂସ ରଖି ଟିପି ବନ୍ଦ କରି ଏହାକୁ ଜଳପୂର୍ଣ୍ଣ ହାଣ୍ଡିରେ ଝୁଲାଇ ରଖି, ହାଣ୍ଡି ତଳେ ବହୁକ୍ଷଣ ଜାଳ ଦେଲେ ବୋତଲ ଗରମ ହୋଇ ଏହା ମଧ୍ୟସ୍ଥ ମାଂସରୁ ଅର୍କ ତରଳ ପଦାର୍ଥ ବାହାରେ ।

ମାଂସକୁ ପିଙ୍ଗି ଦେଇ ଏହୁ ପାଣି ବା ସୁରୁଅକୁ ସେବନ କଲେ ଶୁକ୍ ବଳ ହୁଏ ।]

ସୁରୁ କରିବା—ଦେ. କ୍ରି—କୌଣସି କାର୍ଯ୍ୟ ଆରମ୍ଭ କରିବା—
Suru kariba To begin any work.
शुरू करना शुरू करना

ସୁରୁକା—ବୈଦେ. ବି (ଫା. ସରେକା; ଶରୀକତ)—ସମ୍ପର୍କ; ସମ୍ବନ୍ଧ—
Suruka Connection; relationship.
सुरुका शराकत

ସୁରୁକି(ଖି)—ବୈଦେ, ବି (ଫା. ସୁର୍ଖ; ସୁରଖୀ)—ଚୂନ ସଙ୍ଗେ ମିଶା ଯିବା ପାଇଁ ଚୂର୍ଣ୍ଣ କରଯିବା ଇଟା; ଇଷ୍ଟକ ଚୂର୍ଣ୍ଣ—
Suruki(khi) Powdered brick or brick dust intended to be used as mortar when mixed with lime.
सुरकि(खि) सुरखी

ସୁରୁକୁଟା—ଦେ. ବିଣ ପୁଂ (ସଂ. ଶୁଷ୍କୀକୃତ)—୧। କ୍ଷୀଣଗାତ୍ର—1. Lean-bodied. ୨। ଶୀର୍ଣ୍ଣ—2. Emaciated; withered.
Surukuta
(ସୁରୁକୁଟିଆ—ଅନ୍ୟରୂପ)
(ସୁରୁକୁଟୀ; ସୁରୁକୁଟେଇ—ସ୍ତ୍ରୀ)

ସୁରୁକୁଟା ମୁରୁକୁଟା—ଦେ. ବିଣ (ସଂ. ଶୁଷ୍କ ଓ ମର୍ଦ୍ଦିତ; ସହଚର ଶବ୍ଦ)—ଜୀର୍ଣ୍ଣ ଶୀର୍ଣ୍ଣ—Withered and lean; lean and emaciated.
Surukuta murukuta
(ସୁରୁକୁଟିଆ ମୁରୁକୁଟିଆ—ଅନ୍ୟରୂପ)
(ସୁରୁକୁଟୀ ମୁରୁକୁଟୀ, ସୁରୁକୁଟେଇ ମୁରୁକୁଟେଇ-ସ୍ତ୍ରୀ)

ସୁରୁକୁଟି—ଦେ. ବି—ଜଳଜ ଶାକବିଶେଷ—A species of aquatic herb. [ଦ୍ର—ଏହାର ମୂଳ କନ୍ଦମୂଳ ବା ମୂଳା ପରି । ଏହି ମୂଳକୁ କଞ୍ଚା ବା ସିଝାଇ ଖାଆନ୍ତି । ଏହା ଶିଶୁମାନଙ୍କୁ ଝାଡ଼ାରୋଗରେ ଖୁଆଇଲେ ଉପକାର ହୁଏ । ଏହାର ପତ୍ରର ଲମ୍ବ ୫ ଇଞ୍ଚ ଓ ଚଉଡ଼ା ୧ ଇଞ୍ଚ । ଏ ଗଛର କାଣ୍ଡ ନାହିଁ ।]
Surukuti

ସୁରୁକୁଟେଇବା—ଦେ. କ୍ରି—ଜୀର୍ଣ୍ଣଶୀର୍ଣ୍ଣ ହେବା—To wither; to become emaciated.
Surukuteiba
(ସୁରୁକୁଟେଇ ଯିବା—ଅନ୍ୟରୂପ)

ସୁରୁଖୁର(ରୁ)—ଦେ. ବିଣ (ସଂ. ସୁସ୍ଥିର; ତୁଳ. ଫା. ସୁର୍ଖ୍ରୁ=କାନ୍ତିବାନ୍; ପ୍ରଫୁଲ୍ଲିତ; ସମ୍ମାନିତ)—୧। ବାଧାରହିତ—1. Free from obstacles. ୨। ଜଟିଳତା ବା ଗୋଳମାଳରହିତ—2. Free from complications. ୩। ଶାନ୍ତ; ସୁଶୀଳ—3. Meek; good. ୪। ସୁନ୍ଦର; ଶୋଭନ; ସୁନ୍ଦର; ସୁଦୃଶ୍ୟ—4. Beautiful. ୫। ସହଜ—5. Easy. କ୍ରି. ବିଣ—୧। ସୁନ୍ଦରଭାବେ; ସୁନ୍ଦରରୂପେ—1. Beautifully. [ଉ—ସୁରୁଖୁରୁ ଚଳିବ ସଂସାର, ସ୍ୱଭାବଟା ଅଳ ପରି ହେଲେ ଘର ଘର ଲୋ ବୋଲନ୍ତି ।—ବାଳକୃଷ୍ଣ. ଅବାଳ ବୋଲନ୍ତି ।] ୨। ନିର୍ବିଘ୍ନରେ—2. Easily. ୩। ନିର୍ବିଘ୍ନେ—3. Without any let or hindrance. [ଉ—କାମକାମ ସବୁ ସୁରୁଖୁରୁରେ ହୋଇ ଯାଉଛି—ଉଦାସ. ଉତ୍କଳମାଳା ।]
Surukhur(ru)
सुविधा
सुरखुर(रु)

ସୁରୁଖୁରିଆ—ଦେ. ବିଣ, ପୁଂ ଓ ସ୍ତ୍ରୀ—୧। ଶାନ୍ତ; ସୁଶୀଳ—1. Meek; mild. ୨। ଯେ ଦୁଷ୍ଟ ନୁହେଁ—2. One who is not wicked.
Surukhuria
शान्तशिष्ट सुरुखुरिया
(ସୁରୁଖୁରୀ—ସ୍ତ୍ରୀ)

ସୁରୁଖୁରୁରେ—ଦେ, କ୍ରି. ବିଣ—ସୁରୁଖୁର୍ (ଦେଖ)
Surukhurure Surakhur (See)

ସୁରୁଗୁଡ଼ା—ଦେ. ବିଣ, ପୁଂ ଓ ସ୍ତ୍ରୀ (ସଂ. ଶୀର୍ଣ୍ଣକାୟ)—୧। ଅତି କୃଶକାୟ—1. Very lean. ୨। ଶୀର୍ଣ୍ଣ—2. Emaciated. ୩। ଦୁର୍ବଳସ୍ୱାସ୍ଥ୍ୟ; ବାମନ—3. Dwarfish.
Surugurda
रोगापटका दुबला पतला
(ସୁରୁଗୁଡ଼ିଆ—ଅନ୍ୟରୂପ) (ସୁରୁଗୁଡ଼ୀ—ସ୍ତ୍ରୀ)

ସୁରୁଗୁଲି—ପ୍ରାଦେ. (ଗଞ୍ଜାମ) ବି—ସୁରୁବୁଲି (ଦେଖ)
Suruguli Surubuli (See)

ସୁରୁଙ୍ଗ—ସଂ. ବି—ଶୋଭାଞ୍ଜନ; ଶଜନା (ଶବ୍ଦମାଳା)—The Indian horse radish tree.
Suruṅga

ସୁରୁଙ୍ଗା—ସଂ. ବି—ସୁରଙ୍ଗ (ଚତୁଃଧର) (ଦେଖ)
Suruṅga Suraṅga (See)
ଦେ. ବି—ଚିଲିକା ହ୍ରଦରେ ମିଳୁଥିବା ଏକପ୍ରକାର ମାଛ—A kind of fish (in the Chilka).

ସୁରୁଙ୍ଗାହି—ସଂ. ବି (ସୁରୁଙ୍ଗା+ଅହି)—ସିନ୍ଧିଆଳ ଚୋର; ସୁରଙ୍ଗଯୁକ୍ତ ଅଧଶ୍ଚୋର; କୁଳଂଗିଳ (ଶବ୍ଦରତ୍ନାବଳୀ)—A house breaker, who bores a tunnel into a house.
Suruṅgahi

ସୁରୁଚ—ଗ୍ରା. ବି (ସଂ. ସ୍ରୁଚ)—ସ୍ରୁକ୍ (ଦେଖ)—Sruk (See)
Surucha ସଂ. ବି—ଉଜ୍ଜ୍ୱଳ ପ୍ରକାଶ; ଦୀପ୍ତି (ହ. ଶ)—Luminosity; bright display. ସଂ. ବିଣ—ସୁନ୍ଦର ପ୍ରକାଶବିଶିଷ୍ଟ (ହ. ଶ)—Finely luminous or bright.

ସୁରୁଚି—ସଂ. ବି (କର୍ମଧା)—୧। ଶୋଭନରୁଚି; ଅଶ୍ଳୀଳତା ବର୍ଜିତ ରୁଚି—1. Good taste; taste free from obscenity. ୨। ଅତ୍ୟନ୍ତ ପ୍ରସନ୍ନତା (ହ. ଶ)—2. Much favourableness. ୩। (ନାମ; ସ୍ତ୍ରୀ) ଧ୍ରୁବଙ୍କ ବିମାତା—3. Step-mother of Dhruba. ୪। (ପୁଂ) ଗନ୍ଧର୍ବରାଜବିଶେଷ—4. Name of a king of the Gandharbas. ୫। (ନାମ) ଯକ୍ଷବିଶେଷ—5. Name of a Jaksha. ବିଣ—୧। ଶୋଭନ ରୁଚିବିଶିଷ୍ଟ—1. Of good taste. ୨। ରୁଚିକର; ସ୍ୱାଦୁ—2. Tasteful.
Suruchi

ସୁରୁଚିମାନ୍—ସଂ. ବି (ରୁଚିମତ୍ ଶବ୍ଦ; ସୁରୁଚି+ମତ୍)=ଶୋଭନ ରୁଚିସମ୍ପନ୍ନ—Of polished taste.
Suruchiman

ସୁରୁଚିର—ସଂ. ବିଣ—୧। ମନୋହର—1. Charming. ୨। ଦୀପ୍ତିଶାଳୀ; ଉଜ୍ଜ୍ୱଳ—2. Bright.
Suruchira
(ସୁରୁଚିରା—ସ୍ତ୍ରୀ) (ସୁରୁଚିରତା—ବି)

ସୁରୁଚି ସଙ୍ଗ(ମ୍ମ)ତ—ସଂ. ବି—ଶୋଭନ ରୁଚିର ଅନୁମୋଦିତ—Of
Suruchi sanga(mma)ta polished taste; approved by good taste; tasteful.

ସୁରୁଜ—ସଂ. ବିଣ. ପୁଂ (ବହୁବ୍ରୀହି; ସୁ+ରୁଜ)—ରୁଗ୍ଣ; ପୀଡ଼ିତ
Suruja (ହି, ଷ)—Ill. ଗ୍ରା° ବି—୧ । (ସଂ· ସୂର୍ଯ୍ୟ)
सूरज सुरुज ସୂର୍ଯ୍ୟ ଇତ୍ୟାଦି (ଦେଖ)—1. Sūrjya etc (See) ୨ । (ପୁଂ) ସୂର୍ଯ୍ୟମଣି ନାମକ ପୁରୁଷର ଡାକ ନାମ—Nickname for Sūrjyamaṇi.

ସୁରୁଜମଣି—ଗ୍ରା. ବି (ପୁଂ ଓ ସ୍ତ୍ରୀ)—ସୂର୍ଯ୍ୟମଣି ନାମକ ପୁରୁଷର ଓ
Surujamaṇi ସ୍ତ୍ରୀର ଡାକ ନାମ—Nickname for
सूरजमनी सुरुजमनी Sūrjyamaṇi.

ସୁରୁଜମୁଖୀ—ଗ୍ରା° ବି (ସଂ. ସୂର୍ଯ୍ୟମୁଖୀ —ସୂର୍ଯ୍ୟମୁଖୀ (ଦେଖ)—
Surujamukhī Sūrjyamukhī (See)
सूरजमुखी सुरुजमुखी

ସୁରୁଜୀ—ଗ୍ରା, ବି (ସ୍ତ୍ରୀ)—ସୂର୍ଯ୍ୟମଣି ନାମ୍ନୀ ସ୍ତ୍ରୀର ଡାକ ନାମ—
Surujī Nickname for Sūrjyamaṇi.
सूर्जी सुरुजमनी

ସୁରୁଟି—ଦେ° ବି (ବଣିଅଶବ୍ଦ)—ରଜା ବା ଠାକୁରଙ୍କ ଆଗରେ ରଖିବା
Suruṭi ପାଇଁ ବ୍ୟବହୃତ ଗୃମରମୁଠି ପର ମୟୂରପୁଚ୍ଛଗୁଚ୍ଛବିଶିଷ୍ଟ ରୂପାର ବଇଠି—A silver holder for holding a bound bunch of peacock tail put before a Raja or an idol.

ସୁରୁଣ—ପ୍ରାଦେ° (କଳଙ୍ଗିର ପାଠଣା) ବି—ସ୍ମରଣ—
Suruṇa Recollection; reminding.

ସୁରୁତ—ପ୍ରାଦେ (କଳଙ୍ଗିର ପାଠଣା) ବି ଓ ବିଣ —ସ୍ୱାଦ—
Suruta Taste.

ସୁରୁତା—ପ୍ରାଦେ° (କଳଙ୍ଗିର ପାଠଣା) ବି—୧ । (ଭୁଲ° ହି. ସରୌତା;
Surutā ସରେତା) ଗୁଆକାତି—1. Nut-cracker.
୨ । ସ୍ମରଣ—2. Remembrance.

ସୁରୁତା କରିବା—ପ୍ରାଦେ° (କଳଙ୍ଗିର ପାଠଣା) କ୍ରି—ସ୍ମରଣ କରିବା—
Surutā kariba To recollect; to remember.

ସୁରୁତି—ବୈଦେ. ବି (ଇଂ ଲଟେରି)—ଭାଗ୍ୟ ପରୀକ୍ଷାବିଶେଷ; ସୁରତି;
Suruti ଲଟରୀ—Lottery. ଦେ°ବି (ସଂ. ସୁରାଷ୍ଟ୍ର ଦେଶୀୟନାମ
सुर्ति ସୁରତ (Surat)ରୁ;ଏହା ପ୍ରଥମେ ସୁରତ ଦେଶରେ ଅବିଷ୍କୃତ
जूर्दा ହୋଇ ଥିବାରୁ)—ପାନ ସଙ୍ଗେ ଖିଅଯିବା ପାଇଁ କାଶୀ,ଗୁଜରାଟ,
सुर्ति ବମ୍ବେ, କଲିକତା ଅଞ୍ଚଳରେ ପ୍ରସ୍ତୁତ ଏକ ପ୍ରକାର ତମାଖୁର ଚୂର୍ଣ୍ଣ
सुरती, खैनी —A preparation from tobacco
सुर्ति chewed with betel. [ବି—ଏହା ପାନ ସଙ୍ଗେ ଗୁଣ୍ଡି
सम्मृती ପରି ବ୍ୟବହୃତ ହୁଏ ।] ଗ୍ରା. ବି. (ସଂ. ଶ୍ରୁତି; ସ୍ମୃତି)—
ପୁରାଣ; ଧର୍ମଶାସ୍ତ୍ର ଆଦି—Scripture; religious tract.

ସୁରୁଦ୍ରି—ସଂ, ବି—ଶତଦ୍ରୁ ନଦୀର ଏକ ନାମ (ହି. ଶ)—
Surudri A name of the Sutlej river.

ସୁରୁନୁଣି—ପ୍ରାଦେ (ସମ୍ବଲପୁର) ବି—ସାନ ଝିଅ; ସାନ ଟୋକି—
Surunūni A very young girl.
[ଉ—ମାଗୁର ମାଛର ମୁଣ୍ଡ ଚେପଟା, ଟେଙ୍ଗଣା ମାଛର ଭଣ୍ଡା, ଆମ ସୁରୁନୁଣି ସପୁର ଅଣ୍ଟା, ଲୋକ ଦେବେ ଚୋପା ମଠା—ଛଡ଼ ।]

ସୁରୁପୁଅ—ପ୍ରାଦେ. (ସମ୍ବଲପୁର) ବି—୧ । କୋଡ଼ପୋଛା ପୁଅ—
Suru pua 1. Parents' last son. ୨ । ଦୁଗ୍ଧ ପୋଷ୍ୟ ବାଳକ; ଶିଶୁ ବାଳକ—2. A male-child.

ସୁରୁବ—ଗ୍ରା° ବି (ସଂ. ସ୍ରୁବ)—ସ୍ରୁବ (ଦେଖ)
Suruba Sruba (See)

ସୁରୁବୁଲି—ଦେ. ବି—୧ । (ସଂ. ଛଦ ଚଲ୍ଲି ବା ଛଦବଲ୍ଲୀ)—ଲୁଗା ବା
Surubuli ସୂତା ରଙ୍ଗାଇବାରେ ବ୍ୟବହୃତ ଅଶ୍ୱଗନ୍ଧାଦି ବର୍ଗର
सुरबली କ୍ଷେତପାପଡ଼ା ପରି ଗୁଳ୍ମ ବିଶେଷ—1. Olden-
चिरवल, सुरबुली landia Umbellata; Morenda Tincoria. [ବି—ଏ ଗୁଳ୍ମ ବଙ୍ଗ ଦେଶଠାରୁ ସିଂହଳ ପର୍ଯ୍ୟନ୍ତ ଭାରତର ବାଲିଆ ଭୂମିରେ ସ୍ୱଭାବ ଜାତ ହୁଏ ଏବଂ ୨ ମାସ ମାତ୍ର ବଞ୍ଚେ । ଏହାର ଚେରର ଛାଲରୁ ସୁନ୍ଦର ନାଲି ରଙ୍ଗ ବାହାରେ । ଏହି ନାଲି ରଙ୍ଗରେ ରୁରୁନ୍ଦି ସାଡ଼ିର ଧଡ଼ିର ସୂତା ରଙ୍ଗାଯାଏ । ମଚ୍ଛଳିପଟ୍ଟଣା ଅବିସମୁଦ୍ରପକୂଳସ୍ଥ ବାଲିଆ ମାଟି ଥିବା ଅଞ୍ଚଳରେ ଏ ଗଛର କୃଷି କରାଯାଏ । ଏଥିର ମଞ୍ଜି ଅଷାଢ଼ ମାସରେ ବୁଣାଯାଏ (ହି. ଶବ୍ଦସାଗର)

ତାଳ୍ଚର ସାଧାରଣ ସଣ୍ଡା କହନ୍ତି ଯେ, ଚିଲିକା ମଧ୍ୟସ୍ଥ କେତେକ ଦ୍ୱୀପରେ ପୂର୍ବେ ଏକ ପ୍ରକାର ଘାସ ମିଳୁଥିଲା । ଏହି ଘାସମୂଳରୁ ରଙ୍ଗ ତିଆର ହେଉଥିଲା । ସେହି ରଙ୍ଗ ସୁରୁବୁଲି ଲୁଗାରେ ଦିଆ ଯାଉଥିଲା । ବର୍ତ୍ତମାନ ବିଦେଶୀ ରଙ୍ଗର ପ୍ରଚୁର ଯୋଗୁଁ ଏ ରଙ୍ଗର ଆମଦାନି ବନ୍ଦ ହୋଇଅଛି ।] ୨ । ଚିଲିକା ମଧ୍ୟସ୍ଥ ଦ୍ୱୀପରେ ମିଳିବା ଏକ ପ୍ରକାର ଘାସ (ଏଥିର ଚେରକୁ ସିଝାଇଲେ ନାଲି ରଙ୍ଗ ବାହାରେ)—2. A kind of grass found on some of the islands of the Chilka lake.
୩ । (ଏ ସାଡ଼ିର ଧଡ଼ି ସୁରୁବୁଲି ଚେରରୁ ବାହାରିବା ରଙ୍ଗରେ ରଙ୍ଗା ଯାଉଥିବାରୁ) ଅନ୍ତ୍ୟ ସ୍ତ୍ରୀ ଲୋକମାନଙ୍କ ପିନ୍ଧିବା ଦେଶୀ ନାଲିଧଡ଼ିଆ ଏକ ପ୍ରକାର ଧଳା ଶାଢ଼ୀ—3. A species of red bordered white cloth for females. [ବି—ଏଥିର ଧଡ଼ି ୩।୨ ଅଙ୍ଗୁଳ ଚଉଡ଼ା ଓ ଧଡ଼ି ତଳେ କୁମ୍ଭ ବା କାଙ୍ଗୁଲ ପଡ଼ି ଥାଏ ଏବଂ ଏହାର ମଝିଣା ୧୧ ହାତ ପର୍ଯ୍ୟନ୍ତ ବ୍ୟାପି ଥାଏ ।

ସୁରୁବେଲି—ପ୍ରାଦେ, (ଚିଲିକା ଅଞ୍ଚଳ) ବି—୧ । ଏକପ୍ରକାରର ସିପ—
Surubeli 1. A kind of shell. ୨ । ସୁରୁବୁଲି ୨।୩ (ଦେଖ)—2. Surubuli 2-3 (See)

ସୁରୁମଇ କଲମ—ବୈଦେ· ବ—ସୁରମଇ କଲମ (ଦେଖ)
Surumai kalama Suramai kalama (See)
(ସୁରୁମଚୂ—ଅନ୍ୟରୂପ)

ସୁରୁମା—ବୈଦେ. ବ (ଫା. ସୁରମହ୍)——୧ । ଆଖିରେ ଅଞ୍ଜନାର୍ଥ
Surumā ବ୍ୟବହୃତ କଳାଗୁଣ୍ଡ ବିଶେଷ—1. Galena; a
सुर्मा black powder used as a paint for the
सुरमा eye. ୨ । ରସାଞ୍ଜନ—2. Sulphurette of antimony used as collyrium; stilenite. [ବି—ଅଣ୍ଟିମନି ନାମକ ଧାତୁ ଓ ଗନ୍ଧକ ମିଶ୍ରିତ ଏ ନୀଳବର୍ଣ୍ଣ ଖଣିଜ ଦ୍ରବ୍ୟ ପାରସ୍ୟ, ପଞ୍ଜାବ ଓ ବ୍ରହ୍ମଦେଶରେ ମିଳେ । ଏହାର ଚୂର୍ଣ୍ଣ ଚକ୍ଷୁର ଅଞ୍ଜନ ରୂପେ ବ୍ୟବହୃତ ହୁଏ । ବଜାରରେ ଯାହା 'ସୁରୁମା' ବା ସୁର୍ମା ନାମରେ ବିକା ଯାଏ ତାହା ସୀସା ଓ ଗନ୍ଧକର ମିଶ୍ରଣ (galene). ଏହା କାବୁଲ ଓ ବୋଖାରାରୁ ଆସେ । ଛାପାଖାନାରେ ବ୍ୟବହୃତ ସୀସା ଅକ୍ଷର (ଟାଇପ୍)କୁ ଦୃଢ଼ କରିବା ପାଇଁ ଏହା ସୀସାରେ ମିଶାଯାଏ ।]

ସୁରୁମାଦାନ(ନି)—ବୈଦେ. ବ (ଫା.ସୁରମହ୍‌ଦାନ୍)—ସୁରୁମା ରଖିବାର
Surumādān(nī) ଛୋଟ ଶିଶି—A small phial for
सुर्मादान सुरमादान(नी) keeping galona.

ସୁରୁ(ର)ମା ଫେଦ୍—ବୈଦେ· ବ (ଫା)—୧ । ଏକ ପ୍ରକାର ଖଣିଜ
Suru(ra)mā saphed ପଦାର୍ଥ—1. Gypsum. [ବି—
सफेद सुर्मा ଏହାର ବର୍ଣ୍ଣ ଜଳଦଅ ମିଶା ଧଳା; ଇଲେକ୍ଟ୍ରୋ-
सुरमा सफेद ଟାଇପ୍ ବା ଛବିର୍ ମୋହରର ଛାଞ୍ଚ କରିବା ପାଇଁ
(ସୁର୍ମା ସଫେଦ୍—ଅନ୍ୟରୂପ) ପାରିସ୍ ପ୍ଲାଷ୍ଟର୍ (Plaster of Paris) ଏଥିରୁ ତିଆରି କରାଯାଇ ପାରେ । ସାଧାରଣତଃ ଏତଦ୍ଦ୍ୱାରା ସୀସାର ଓ ଅନ୍ୟ ଧାତୁର ଦ୍ରବ୍ୟମାନ ଯୋଡ଼ାଯାଏ ହି. ଶ] ୨। ଚିକ୍କଣର ପରି ଧଳା ଖଣିଜ ପଦାର୍ଥ ବିଶେଷ—2. A kind of white mineral. [ବି—ଏହା କାବୁଲ ଅଞ୍ଚଳର ପାହାଡ଼ମାନଙ୍କରେ ମିଳେ । ଆଖିର କଳା ଗୋଡ଼ାରେ ଓ ମେହ ଅଧ ରୋଗରେ ଏହ ଉପକାରୀ । ହି. ଶ]

ସୁରୁଷୋ—ପ୍ରାଦେ (ବଲାଙ୍ଗିର ପାଟଣା) ବ (ତୁଳ. ହି· ସରସୋଁ ।)—
Surusho ସୋରିଷ—Mustard seed.

ସୁରୁସୁରୁ—ଦେ. ଅ (ଧ୍ୱନ୍ୟାନୁକରଣ)—୧ । ଜଳର ଅତି କ୍ଷୀଣ
Surusuru ଧାରାରେ ରେଖା କ୍ରମେ ପତନ ହେବାର ଶବ୍ଦ—
सुरसुर 1. Low sound or gurgling of water
सुरसुर dropping in a very slender line.
୨ । ସୁଲୁସୁଲୁ (ଦେଖ)—2. Sulusulu (See) [ଉ—ସୁରୁସୁରୁ ସ୍ୱନେ ଯେବେ ବେଦାରେ କାନ୍ତାରେ, ପ୍ରସରେ ମଳୟ ସ୍ରୋତ ପରିମଳ ସଖା । ରାଧାନାଥ· ମହାଯାତ୍ରା ।]
ପ୍ରାଦେ· (ପାଟଣା) ବଣ (ବହୁବଚନ)—ସାନ ସାନ—
Small (plural).

ସୁରୁହା—ଗ୍ରା. ବ (ସ. ସ୍ପୃହା)—ସ୍ପୃହା (ଦେଖ)
Suruhā Spṛuhā (See)

ସୁରୂପ—ସ. ବ—୧ । ଶୋଭନ ରୂପ; ସୁନ୍ଦର ରୂପ—1. Charming
Surūpa or beautiful form. ୨ । ତୁଳା ଯନ୍ତ୍ର (ସ୍ୱଳ୍ପ ଲକ୍ଷ୍ୟ)—2. Balance. ୩ । ଶିବ (ହି. ଶ)—3. A name of Śiba. ୪ । କାର୍ପାସ (ହି. ଶ)—4. Cotton. ୫ । ପଦ୍ମପାଖିକ୍ଷ (ହି· ଶ)—5. A kind of tree. ୬ । କାମଦେବ (ହି· ଶ)—6. Cupid personified. ୭ । ଅଶ୍ୱିନୀକୁମାର ଦ୍ୱୟ (ହି. ଶ)—7. The twin sons of Aświnī. ୮ । ନକୁଳ ପାଣ୍ଡବ (ହି. ଶ)—8. The 4th Pāṇḍaba brother. ୯ । ପରୁରବା (ହି. ଶ)—9. Parurabā. ୧୦ । ନଳକୁବର (ହି· ଶ)—10. Naḷakūbara. ୧୧ । ଶାମ୍ବ (ହି. ଶ)—11. Śāmba. ବଣ—୧ । (ବହୁବ୍ରୀହି) ଶୋଭନରୂପ
(ସୁରୂପା—ସ୍ତ୍ରୀ) ବିଶିଷ୍ଟ; ରୂପବାନ୍—1. Charming, beautiful; symmetrical. ୨ । ବିଦ୍ୱାନ୍ (ହି· ଶ)—2. Learned. ୩ । ବୁଦ୍ଧିମାନ (ହି. ଶ)—3. Intelligent.

ସୁରୂପା—ସ. ବଣ. ସ୍ତ୍ରୀ (ସୁରୂପ+ଆ)—ସୁରୂପର ସ୍ତ୍ରୀଲିଙ୍ଗ; ସୁନ୍ଦରୀ—
Surūpā Feminine of 'Surūpa'. ବ—୧ । ଶାଳପର୍ଣ୍ଣୀ (ସ୍ୱଳ୍ପ ଲକ୍ଷ୍ୟ) (ଦେଖ)—1. Śāḷaparṇṇī (See) ୨ । ଭାର୍ଗୀ (ସ୍ୱଳ୍ପଲକ୍ଷ୍ୟ) (ଦେଖ)—2. Bhārgi (See) ୩ । ସୁନ୍ଦରୀ ସ୍ତ୍ରୀ—3. Beautiful woman. ୪ । ରୁପା—4. Silver. (ଉ—[୩+୪] ବଦନ ସୁଚନ୍ଦ୍ରଯୋଗ ସତ ସୁରୂପା । ଭଞ୍ଜ· ବୈଦେହୀଶବିଳାସ ।) ୫ । ସେବତୀ (ହି. ଶ)—5. Muskrose. ୬ । କାର୍ତ୍ତିକ ମଲ୍ଲିକା (ହି. ଶ)—6. Jasminum Sambac.

ସୁରୂହକ—ସ· ବ (ସୁ+ରୁହ୍· ଧାତୁ+କର୍ତ୍ତି. ଅକ; ଯାହା ଉପରେ
Surūhaka ସୁଖରେ ଆରୋହଣ କରାଯାଏ)—ଗର୍ଦ୍ଦଭାଶ୍ୱ (ହେମଚନ୍ଦ୍ର); ଖଚର—Mule.

ସୁରେଇ—ବୈଦେ· ବ (ଫା)—ସୁରାଇ (ଦେଖ)—Surāi (See)
Surei ପ୍ରାଦେ (ସମ୍ବଲପୁର) ବ—ଝରି—A spouted jug.

ସୁରେଖ—ସ. ବଣ (ସୁ+ରେଖା)—୧ । ସୁନ୍ଦର ରେଖାଯୁକ୍ତ—
Surekha 1. Having beautiful lines. ୨ । ସୁନ୍ଦର—
(ସୁରେଖା—ସ୍ତ୍ରୀ) 2. Beautiful. (ଉ—ସୁନ୍ଦର ସସ୍ମିତହାସ ମୁଖ, କୁଟିଳ କୁନ୍ତଳ ସୁରେଖ । ଜଗନ୍ନାଥ. ଭାଗବତ ।)
ଦେ. ବ—ଗଞ୍ଜପା ତାସର ସୂର୍ଯ୍ୟରଙ୍ଗ—A pale blue colour used in painting the 'sun' cards of 'Gañjapā'.

ସୁରେଖା—ସ. ବଣ. ସ୍ତ୍ରୀ—ସୁରେଖର ସ୍ତ୍ରୀଲିଙ୍ଗ—Feminine of
Surekhā Surekha. ସ. ବ—୧ । ସୁନ୍ଦର ରେଖା—
1. Good line. ୨ । ହାତଗୋଡ଼ରେ ଥିବା ଶୁଭସୂଚକ ରେଖା (ହି. ଶ)—2. Auspicious lines in the hands and feet. ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ସୁରେଖିତ—ଦେ· ବିଣ—ଉତ୍ତମରୂପେ ରେଖା ଟଣା ଯାଇଥିବା—
Surekhita স্থরেখাঙ্কিত सुरेखित Well-lined.
(ଉ—ସୁରେଖିତ ଅଳକାଭରଣ ଦେଖିଲେ ରଞ୍ଜଇ ମନ ।
ପ୍ରାଚୀ, ରସବାରିଧି ।)

ସୁରେଜ୍ୟ—ସଂ, ବି· ପୁଂ (ସୁର+ଇଜ୍ୟ=ପୂଜ୍ୟ)—ସୁରଗୁରୁ;
Surejya ବୃହସ୍ପତି—Bṛuhaspati, the preceptor of
the gods. ବିଣ· ପୁଂ (୬ଷ୍ଠୀ ତତ୍)—ଦେବତାମାନଙ୍କ
(ସୁରେଜ୍ୟା—ସ୍ତ୍ରୀ) ପୂଜ୍ୟ; ଦେବପୂଜ୍ୟ—Adorable or
honoured by the gods.

ସୁରେଜ୍ୟା—ସଂ. ବିଣ, ସ୍ତ୍ରୀ—ସୁରେଜ୍ୟର ସ୍ତ୍ରୀଲିଙ୍ଗ—Feminine of
Surejyā Surejya. ବି—୧ । ତୁଳସୀ (ରାଜନିଘଣ୍ଟ)—
1. The holy Basil plant. ୨ । ବ୍ରାହ୍ମୀ (ହ.ଶ)—
2. Brāhmi (See)

ସୁରେଣୁ—ସଂ. ବି—୧ । ତ୍ରସରେଣୁ (ହ· ଶ)—1. Particle or
Surenu speck of dust. ୨ । (ପୁଂ) (ନାମ) ଏକ ପ୍ରାଚୀନ
ରାଜା (ହ· ଶ)—2. Name of a king of
ancient India. ୩ । (ସ୍ତ୍ରୀ) ତ୍ୱାଷ୍ଟ୍ରୀଙ୍କ କନ୍ୟା ଓ
ବିବସ୍ୱାନ୍‌ଙ୍କ ପତ୍ନୀ—3. Name of a wife of
Bibaswān. ୪ । (ସ୍ତ୍ରୀ) ପୌରାଣିକ ନଦୀ ବିଶେଷ—
4. Name of mythological river.

ସୁରେତର—ସଂ. ବି (୫ମୀ ତତ୍; ସୁର+ଇତର)—ଅସୁର (ହ· ଶ)
Suretara Demon.

ସୁରେତା—ସଂ. ବିଣ (ସୁ+ରେତସ୍; ବହୁବ୍ରୀହି; ୧ମା· ୧ବ)—ବହୁ-
Suretā ବୀର୍ଯ୍ୟବାନ୍ ବା ସାମର୍ଥ୍ୟବାନ୍ (ହ. ଶ)—
Very mighty.

ସୁରେନ୍ଦ୍ର—ସଂ. ବି. ପୁଂ (୬ଷ୍ଠୀ ତତ୍; ସୁର+ଇନ୍ଦ୍ର)—୧ । ଦେବେନ୍ଦ୍ର;
Surendra ବାସବ; ଇନ୍ଦ୍ର; ଦେବରାଜ—1. Indra; the
king of the gods. ୨ । ଲୋକପାଳ; ରାଜା(ହ.ଶ)—
স্থরেন্দ্র 2. King. ଦେ. ବି, ପୁଂ—ଲୋକଙ୍କ ନାମ—A name
सुरेन्द्र given to males.

ସୁରେନ୍ଦ୍ର କନ୍ଦ—ସଂ. ବି—ଜଙ୍ଗଲି ଓଲୁଅ (ହ. ଶ)—
Surendra kanda Wild arum.
(ସୁରେନ୍ଦ୍ରକ—ଅନ୍ୟରୂପ)

ସୁରେନ୍ଦ୍ର କୁମାର—ସଂ. ବି· ପୁଂ (୬ଷ୍ଠୀ ତତ୍)—ଇନ୍ଦ୍ରଙ୍କ ପୁତ୍ର—
Surendra kumāra The son of Indra. ଦେ.ବି. ପୁଂ—
ଲୋକଙ୍କ ନାମ—A name given to males.

ସୁରେନ୍ଦ୍ର ଗୋପ—ସଂ. ବି—ଇନ୍ଦ୍ରଗୋପ ପୋକ (ହ. ଶ)—
Surendra gopa Cochineal insect.

ସୁରେନ୍ଦ୍ର ଚାପ—ସଂ· ବି—ଇନ୍ଦ୍ରଧନୁ—
Surendra chāpa Rainbow.

ସୁରେନ୍ଦ୍ରଜିତ—ସଂ. ବି (ସୁରେନ୍ଦ୍ର=ଇନ୍ଦ୍ର+ଜି, ଧାତୁ=ଜୟ
Surendrajit କରିବା+କ୍ୱିପ୍)—୧ । ଇନ୍ଦ୍ରଜିତ;
ରାବଣର ପୁତ୍ର; ମେଘନାଦ—1. Name of a son
of 'Rābana'. ୨ । ଗରୁଡ଼ (ହଳାୟୁଧ)—
2. Garurda; the king of birds.

ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ—ଦେ. ବି (ନାମ)—କଲିକତାର ପ୍ରସିଦ୍ଧ
Surendranātha bandopāddyāya ସ୍ୱର୍ଗୀୟ ବକ୍ତା ଓ ଦେଶ-
ସୁରେନ୍ଦ୍ରନାଥ ବାନାର୍ଜି } —ଅନ୍ୟରୂପ ହିତୈଷୀ—Name of
ସୁରେନ୍ଦ୍ରନାଥ ବାନୁର୍ଜି } the late famous
patriot and orator of Bengal. [ଦ୍ର—
ଏହାଙ୍କର ଜନ୍ମ ଖ୍ରୀ· ୧୮୪୮ ଓ ମୃତ୍ୟୁ ୧୯୨୫ ସାଲରେ; ଏ
କଲିକତାରୁ ବି, ଏ ପାଶ୍ କରି ସିଭିଲ୍ ସର୍ଭିସ୍ ପରୀକ୍ଷା
ଦେବା ପାଇଁ ବିଲାତ ଯାଇଥିଲେ ଓ ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ
ବୟସରୁ ଏହାଙ୍କ ବୟସ ଅଳ୍ପ ଥିବାରୁ ପ୍ରଥମେ ଗୋଳମାଳ
ଘଟିଥିଲା; କିନ୍ତୁ ପରେ ଏ ଉକ୍ତ ପରୀକ୍ଷାରେ ପାଶ୍ କରି
କେତେକ ଦିନ ସିଲହଟ୍‌ରେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ୍ ହୋଇ
ପରେ ଉକ୍ତ ପଦରୁ ଅନ୍ତର ହୋଇଥିଲେ । ପରେ କଲିକତାର
କେତେକ କଲେଜରେ ପ୍ରଫେସର କରି ସ୍ୱୟଂ ରିପନ୍
କଲେଜ୍ ନାମକ ଗୋଟିଏ କଲେଜ୍ ପ୍ରତିଷ୍ଠା କଲେ । ଏ
ଛାତ୍ରମାନଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ ଓ ଛାତ୍ରମାନେ ମଧ୍ୟ
ଏହାଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିଲେ । ଏ ଇଣ୍ଡିଆନ୍
ଆସୋସିଏସନ୍ ନାମକ ଗୋଟିଏ ରାଜନୀତିକ ସମିତି ସ୍ଥାପନ
କରି ଭାରତୀୟମାନଙ୍କ ରାଜନୀୟ ଅଧିକାର ପାଇଁ ଆନ୍ଦୋଳନ
ଲଢ଼ିଥିଲେ । ଏ 'ବେଙ୍ଗଲି' ନାମକ ଗୋଟିଏ ଇଂରାଜୀ
ସମ୍ବାଦପତ୍ର ସମ୍ପାଦନ କରୁଥିଲେ । ଭାରତରେ ଏ ଜଣେ
ଅସାଧାରଣ ବାଗ୍ମୀ ଥିଲେ । ଭାରତବାସୀଙ୍କ ସ୍ୱାୟତ୍ତଶାସନାଦି
ଅଧିକାର ପାଇଁ ଭାରତବ୍ୟାପୀ ନାନା ଆନ୍ଦୋଳନରେ ଏ
ଅଗ୍ରଣୀ ହୋଇଥିଲେ ଓ ଏହି ଆନ୍ଦୋଳନ ପ୍ରସଙ୍ଗରେ
ଇଂଲଣ୍ଡକୁ ଯାଇ ସେଠାରେ ମଧ୍ୟ ବକ୍ତୃତାଦି କରିଥିଲେ ।
ବଙ୍ଗକୁ ଗଭର୍ଣ୍ଣମେଣ୍ଟ ୧୯୦୨ ସାଲରେ ଦୁଇଟି ପ୍ରଦେଶରେ
ବିଭକ୍ତ କରିବା ଯୋଗୁଁ ଭାରତବ୍ୟାପୀ ଯେଉଁ ଆନ୍ଦୋଳନ
ହୋଇଥିଲା, ସେଥିରେ ଏ ଜଣେ ପ୍ରଧାନ ନେତା ଥିଲେ ।
ଏ ଗଭର୍ଣ୍ଣମେଣ୍ଟଙ୍କ ଆଦେଶ ବିରୁଦ୍ଧରେ ବରିଶାଲର
ପ୍ରାଦେଶିକ ସମ୍ମେଳନୀକୁ ଚଳାଇ ଥିବାରୁ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା
ଧୃତ ହୋଇ ଦଣ୍ଡିତ ହୋଇଥିଲେ, କିନ୍ତୁ ହାଇକୋର୍ଟରେ
ଅପିଲ୍ କରି ଖଲାସ ହେଲେ । ଭାରତର ବିଶେଷତଃ
ବଙ୍ଗଦେଶର ସମସ୍ତ ରାଜନୀତିକ ଆନ୍ଦୋଳନରେ ଏ
ଶକ୍ତିକାରବରେ ଯୋଗ ଦେଇ ୫୦ ବର୍ଷକାଳ ଦେଶ-
ସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ । ଏ ମଧ୍ୟ
ଭାରତୀୟ କଂଗ୍ରେସର ଜଣେ ପ୍ରଧାନ କର୍ମୀ ଥିଲେ;
ବଡ଼ ଲାଟ ଓ ଛୋଟ ଲାଟଙ୍କ ବ୍ୟବସ୍ଥାପକ ସଭାରେ ଏକାଧିକ
ଥର ମେମ୍ବର ହୋଇଥିଲେ ଏବଂ ମଣ୍ଟେଗୁ-ଚେମ୍ସଫୋର୍ଡ୍
ଶାସନ ସଂସ୍କାର ପ୍ରବର୍ତ୍ତିବା ପରେ ଏ ବଙ୍ଗପ୍ରଦେଶର ପ୍ରଥମ
ମନ୍ତ୍ରୀ ହୋଇଥିଲେ ।]

ସୁରେନ୍ଦ୍ର ପୂଜ୍ୟ—ସଂ. ବିଣ· ପୁଂ (୬ଷ୍ଠୀ ତତ୍)—ଇନ୍ଦ୍ରଙ୍କ ପୂଜନୀୟ—
Surendra pūjya Adorable by Indra. ସଂ. ବି—
ବୃହସ୍ପତି—Bṛuhaspati.

ସୁରେନ୍ଦ୍ର ବଜ୍ରା—ସ. ବି—ବର୍ଣ୍ଣବୃତ୍ତବିଶେଷ; ଇନ୍ଦ୍ରବଜ୍ରା—Name of Surendra bajrā a Sanscrit metre. [ଦ୍ର—ଏଥିରେ ଦୁଇ ତଗଣ, ଏକ ଜଗଣ ଓ ଦୁଇଟି ଗୁରୁ ବର୍ଣ୍ଣ ଥାଏ ।]

ସୁରେନ୍ଦ୍ରବତୀ—ସ. ବି. ସ୍ତ୍ରୀ—ଶଚୀ; ଇନ୍ଦ୍ରାଣୀ (ହି. ଶ)—Surendrabati The wife of Indra.

ସୁରେନ୍ଦ୍ର ବଟ—ସ. ବି—ରମପୁଗ (କିଆଣ୍ଡ ଭେଦ); ଏକପ୍ରକାର ଗୁଆ—Surendra bata A species of areca nut.

ସୁରେଭ—ସ. ବି—୧ । ରଙ୍ଗ ନାମକ ଧାତୁ (ଜିଆଣ୍ଡ ଭେଦ); Surebha ତୁଣ—1. Tin; a metal. ୨ । ଦେବହସ୍ତୀ (ହି° ଶ)—2. An elephant used by the gods.

ସୁରେଶ—ସ° ବି (ସୁର+ଈଶ; ୬ଷ୍ଠୀ ତତ୍)—୧ । ସୁରେନ୍ଦ୍ର (ଦେଖ)—Suresa 1. Surendra (See) ୨ । ଶିବ (ହି. ଶ)—2. Śiba. ୩ । ବିଷ୍ଣୁ (ହି. ଶ)—3. Bishnu. ୪ । ଲୋକପାଳ (ହି° ଶ)—4. The guardian Deities of the world. ଦେ. ବି. (ପୁ°)—ଲୋକଙ୍କ ନାମ—A name given to males.

ସୁରେଶ ଚନ୍ଦ୍ର (ପ୍ରସାଦ)—ଦେ. ବି (ପୁ°)—ଲୋକଙ୍କ ନାମ—Suresa chandra (prasāda) A name given to males. সুরেশচন্দ্র (প্রসাদ) सुरेशचन्द्र (प्रसाद)

ସୁରେଶଚନ୍ଦ୍ର ବିଶ୍ୱାସ—ଦେ. ବି (ନାମ)—ଜନୈକ ସ୍ୱର୍ଗତ ଖ୍ୟାତନାମା Suresachandra biswāsa ବଙ୍ଗୀୟ ବୀରପୁରୁଷ—Name of a late celebrated hero of Bengal. [ଦ୍ର—ଏ ବଙ୍ଗର କୃଷ୍ଣନଗରରେ ୧୮୬୧ ଖ୍ରୀଃରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୦୫ରେ ପ୍ରାଣତ୍ୟାଗ କଲେ । ଏ କଲେଜରେ ପଢ଼ିବା ଅବସ୍ଥାରେ ପରିବାର ତ୍ୟାଗ କରି ଖ୍ରୀଷ୍ଟାନ୍ ହୋଇଥିଲେ । ଏ ଇଂଲଣ୍ଡ, ଇଉରୋପ ଓ ଅମେରିକାର ନାନା ଦେଶ ବୁଲି ସର୍କସରେ ପଶୁମାନଙ୍କୁ ଶାସନ କରିବାରେ ବିଶେଷ ପଟୁତା ଦେଖାଇ ପରେ ଦକ୍ଷିଣ ଅମେରିକାର ବ୍ରାଜିଲ୍ ରାଜ୍ୟରେ ସେନାବିଭାଗରେ ପ୍ରବେଶ କରି 'କର୍ପୋରାଲ୍' ଠାରୁ 'ଫାଷ୍ଟ ଲେଫ୍ଟେନେଣ୍ଟ' ପଦ ପର୍ଯ୍ୟନ୍ତ ଉନ୍ନତି ଲାଭ କରିଥିଲେ । ଏ ବ୍ରାଜିଲ୍ ଦେଶବାସୀ ଜଣେ ଯେତାଙ୍ଗ ଡାକ୍ତରଙ୍କ କନ୍ୟାକୁ ବିବାହ କରି ଦକ୍ଷିଣ ଅମେରିକା ରିଓଡି ଜେନେରୋ ନଗରରେ ୪୪ ବର୍ଷ ବୟସରେ ଲୋକାନ୍ତର ଗମନ କଲେ । ଏ ଅସ୍ତ୍ର ଚିକିତ୍ସା ଓ ବିଧେ ଜ୍ଞାନରେ ପାରଦର୍ଶୀ ଥିଲେ । ବିଦେଶରେ ଯୁଦ୍ଧବିଦ୍ୟାରେ ପାରଦର୍ଶିତା ଲାଭ କରି ବିଦେଶୀୟ ଗଭର୍ଣ୍ଣମେଣ୍ଟଠାରୁ ଉଚ୍ଚ ସୈନିକ ସମ୍ମାନ ଲାଭ କରିବାରେ ଏ ଭାରତବାସୀଙ୍କ ମଧ୍ୟରେ ଅଗ୍ରଗଣ୍ୟ ।]

ସୁରେଶଚନ୍ଦ୍ର ସମାଜପତି—ଦେ. ବି (ନାମ)—ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ Suresachandra samājapati ସ୍ୱର୍ଗତ ଜ୍ୟେଷ୍ଠ ଜାମାତା—The late eldest son-in-law of Īswarachandra Bidyāsāgara (a Bengalee author and writer). [ଦ୍ର—ଏ ବଙ୍ଗର ଜଣେ ପ୍ରସିଦ୍ଧ ଗ୍ରନ୍ଥକାର, ପଣ୍ଡିତ ଓ ଲେଖକ, ବଙ୍ଗର ପ୍ରସିଦ୍ଧ 'ସାହିତ୍ୟ' ନାମକ ମାସିକ ପତ୍ରିକାର ଓ 'ବସୁମତୀ' ନାମକ ସାପ୍ତାହିକ ପତ୍ରିକାର ସମ୍ପାଦକ ଓ ସୁଲେଖକ ଲେଖକ ଓ ବକ୍ତା ଥିଲେ । ଏହାଙ୍କ ରଚନା ଅତି ମଧୁର ଓ ସରସ ।]

ସୁରେଶପ୍ରସାଦ ସର୍ବାଧିକାରୀ—ଦେ. ବି (ନାମ)—ବଙ୍ଗର ପ୍ରସିଦ୍ଧ ସ୍ୱର୍ଗୀୟ Suresaprasāda sarbādhikāri ଡାକ୍ତର—Name of a late famous doctor of Bengal. [ଦ୍ର—ଏହାଙ୍କର ପିତା ମଧ୍ୟ ଜଣେ ଡାକ୍ତର ଥିଲେ । ଏ ବାଲ୍ୟକାଳରୁ ଅତି ବୁଦ୍ଧିମାନ ଥିଲେ । କଲିକତା ମେଡିକାଲ୍ କଲେଜ୍‌ରୁ ଉତ୍ତୀର୍ଣ୍ଣ ହୋଇ ଏ ଅସ୍ତ୍ର ଚିକିତ୍ସାରେ ଅଲୌକିକ କୃତିତ୍ୱ ଦେଖାଇ ଇଉରୋପୀୟ ଡାକ୍ତରମାନଙ୍କୁ ବିମୁଗ୍ଧ କରିଥିଲେ । ବଙ୍ଗର ପ୍ରସିଦ୍ଧ ଡାକ୍ତରମାନେ ମୁକ୍ତକଣ୍ଠରେ ଏହାଙ୍କର ନୈପୁଣ୍ୟକୁ ପ୍ରଶଂସା କରୁଥିଲେ ।

ଏହାଙ୍କ ଚେଷ୍ଟାରେ ଡାକ୍ତର ଲାଲମୋହନ ସରକାର ପ୍ରମୁଖ ପ୍ରସିଦ୍ଧ ଚିକିତ୍ସକଗଣଙ୍କଦ୍ୱାରା ବଙ୍ଗରେ ଗୋଟିଏ ବେସରକାରୀ ଡାକ୍ତରୀ କଲେଜ (College of Surgeons and Physicians of Bengal) ପ୍ରତିଷ୍ଠିତ ହୋଇ ଭାରତବିଖ୍ୟାତ ହୋଇଅଛି । ଏ ଅସ୍ତ୍ରଚିକିତ୍ସା ଓ ଔଷଧଚିକିତ୍ସାରେ ସମାନ ଭାବରେ ପାରଙ୍ଗମ ଥିଲେ । ଏବଂ କଲିକତା ବିଶ୍ୱବିଦ୍ୟାଳୟର ଫେଲୋ ଓ ସିଣ୍ଡିକେଟର ମେମ୍ବର ମଧ୍ୟ ଥିଲେ ।]

ସୁରେଶୀ—ସ. ବି (ସୁର+ଈଶୀ)—ଦୁର୍ଗା—Sureśī Durgā.

ସୁରେଶ୍ଚନ୍ଦ୍ର—ଗ୍ରା. ବି—ସୁରେଶ ଚନ୍ଦ୍ର ନାମର ଅଶୁଦ୍ଧ ବନାନ ଓ Sureschandra ଉଚ୍ଚାରଣ—Incorrect spelling of সুরেশ্চন্দ্র सुरेश चन्द्र the name Suresa chandra.

ସୁରେଶ୍ୱର—ସ° ବି° ପୁ° (୬ଷ୍ଠୀ ତତ୍)—୧ । ସୁରେନ୍ଦ୍ର (ଦେଖ) Sureswara 1. Surendra (See) ୨ । ମହାଦେବ; ଶିବ—2. God; Śiba. ୩ । ବ୍ରହ୍ମା (ହି. ଶ)—3. Brahmā.

ସୁରେଶ୍ୱର ରତ୍ନ—ସ° ବି. ପୁ° (୬ଷ୍ଠୀ ତତ୍)—ଇନ୍ଦ୍ର ନୀଳମଣି (ଦେଖ) Sureswara ratna Indra nilamani (See)

ସୁରେଶ୍ୱରୀ—ସ. ବି (୬ଷ୍ଠୀ ତତ୍)—୧ । ଦୁର୍ଗା—1. Goddess Sureswari Durgā. ୨ । ସ୍ୱର୍ଗଗଙ୍ଗା (ଶବ୍ଦ ରତ୍ନାବଳୀ)—2. The Ganges of the heaven. ୩ । ଲକ୍ଷ୍ମୀ (ହି. ଶ)—3. Lakshmi. ୪ । ରାଧା (ହି. ଶ)—4. Rādhā.

ସୁରେଷ୍ଟ—ସ. ବି (୬ଷ୍ଠୀ ତତ୍; ସୁର=ଦେବ+ଇଷ୍ଟ=ପ୍ରିୟ)—Sureshta ୧ । ବକ ବା ବକଫୁଲ ବା ଅଗସ୍ତି ଗଛ—1. Sesbania Grandifloria. ୨ । ଶାଳ (ରାଜ ନିର୍ଘଣ୍ଟ)—2. The Sal tree. ୩ । ସୁରପୁନ୍ନାଗ (ରାଜ ନିର୍ଘଣ୍ଟ); ସୁରଅଳା—3. Ochrocarpus Longifolius (flowering tree). ୪ । ଶିବମଲ୍ଲୀ (ରାଜ

ଜର୍ଣ୍ଣ); ବଡ଼ ବଉଳ ଫୁଲର ଗଛ (ପ୍ର. ଶ) — 4. The large-flowered variety of Bakula.

ସୁରେଷ୍ଠା — ସଂ. ବି. ସ୍ତ୍ରୀ (ସୁ ଶ୍ରେଷ୍ଠ + ଆ) — ବ୍ରାହ୍ମୀ (ରାଜନିର୍ଘଣ୍ଟ) (ଦେଖ)
Sureshṭā Brāhmī (See)

ସୁରେ ସୁରେ — ପ୍ରାଦେ (ବାଲେଶ୍ୱର ପାଠଣା) କ୍ରି. ବିଣ — ଅଳ୍ପ ଦୂରରେ —
Sure sure At a short distance; at short distances.

ସୁରେହା — ଗ୍ରା. ବି (ସଂ. ସ୍ପୃହା) — ସ୍ପୃହା; ଲାଳସା — Hankering.
Surehā ବିଣ — ସୁରେହି (ଦେଖ) — Surehi (See)
স্পৃহা स्पृहा

ସୁରେହି — ଗ୍ରା. ବିଣ. ପୁଂ (ସଂ. ସ୍ପୃହା) — ୧ । ସ୍ପୃହାଯୁକ୍ତ; ଲାଳାୟିତ —
Surehi 1. Hankering after a thing. ୨ । ଅନୁରକ୍ତ
স্পৃহাযুক্ত ରାଗଯୁକ୍ତ — 2. Attached to; addicted to.
स्पृहायुक्त (ସୁରେହା — ସ୍ତ୍ରୀ) ୩ । ସୁରାଇ (ଦେଖ)
3. Surāi (See)

ସୁରେଇବା — ଦେ. କ୍ରି — ସୁରେଇବା (ଦେଖ)
Surebibā Sureibā (See)

ସୁରୈ — ସଂ. ବି (ସୁ + ରୈ = ଧନ ଯାହାର) — ଐଶ୍ୱର୍ଯ୍ୟଶାଳୀ; ଧନୀ —
Surai Rich; affluent. ବୈଦେ. ବି — ସୁରାଇ (ଦେଖ)
সোৰাই सुराही Surāi (See)

ସୁରୋଚନା — ସଂ. ବି. ସ୍ତ୍ରୀ (ନାମ) — କାର୍ତ୍ତିକେୟଙ୍କର ଏକ ମାତୃକା —
Surochanā Name of a mother of Kārttikeya.

ସୁରୋତ୍ତମ — ସଂ. ବିଣ (ସୁର + ଉତ୍ତମ; ୭ମୀ ତତ୍) — ଦେବତାମାନଙ୍କ
Surottama ମଧ୍ୟରେ ଶ୍ରେଷ୍ଠ — Chief amongst the gods.
ବି — ୧ । ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ) — 1. The sun.
୨ । ବିଷ୍ଣୁ (ପ୍ର. ଶ) — 2. Bishṇu.

ସୁରୋତ୍ତର — ସଂ. ବି — ଚନ୍ଦନ (ଶବ୍ଦଚନ୍ଦ୍ରିକା) —
Surottara Sandal.

ସୁରୋଦ — ସଂ. ବି (ମ. ପ. କ୍ଳେ; ସୁରା + ଉଦ = ଜଳ) — ପୁରାଣ
Suroda ପ୍ରସିଦ୍ଧ ସୁରା ସମୁଦ୍ର — The mythological
(ସୁରୋଦକ, ସୁରୋଦଧି — ଅନ୍ୟରୂପ) ocean of wine.

ସୁରୋମା — ସଂ. ବିଣ (ପୁଂ ଓ ସ୍ତ୍ରୀ) (ସୁ + ରୋମନ୍; ୧ମା. ୧ବ) —
Suromā ଉତ୍ତମ ବା ସୁନ୍ଦର ଲୋମବିଶିଷ୍ଟ — Having good fur. ସଂ. ବି - ଯଜ୍ଞବିଶେଷ (ପ୍ର. ଶ) —
A kind of vedic sacrifice.

ସୁରୌକା — ସଂ. ବି (୬ଷ୍ଠୀ ତତ୍; ସୁର + ଓକସ୍ = ଗୃହ; ସୁରୌକସ୍;
Suraukā ୧ମା. —Heaven. ୨ । ଦେବମନ୍ଦିର — 2. Temple.

ସୁର୍କା(ର୍ଖା) — ବୈଦେ. ବି (ଫା. ସୁର୍ଖ୍ = ଲାଲ୍‌ଅ) — ଲାଲ ରଙ୍ଗର ପାରା-
Surkā(rkhā) Pigeon of red colour.
সুৰ্কাপায়রা सुर्खा

ସୁର୍କି — ବୈଦେ. ବି — (ଫା. ସୁର୍ଖୀ = ଇଟାଚୂର୍ଣ୍ଣ) — ସୁରୁକି (ଦେଖ)
Surki Suruki (See)

ସୁର୍କୁଟା(ଇତ୍ୟାଦ) — ଦେ. ବିଣ — ସୁରୁକୁଟା ଇତ୍ୟାଦ (ଦେଖ)
Surkuṭā (etc) Surukuṭā etc (See)

ସୁର୍ଗୁଡ଼ା — ଦେ. ବିଣ — ସୁରୁଗୁଡ଼ା (ଦେଖ)
Surgurdā Surugurdā (See)

ସୁର୍ଚ — ଗ୍ରା. ବି (ସଂ. ସ୍ରୁଚ) — ସ୍ରୁଚ (ଦେଖ)
Surcha Srucha (See)

ସୁର୍ତା — ପ୍ରାଦେ. (ପାଠଣା) ବି (ଭୁଲ. ହି. ସରୌତା) — ଗୁଆକାତି —
Surtā Nut-cracker.

ସୁର୍ତା କରିବା — ପ୍ରାଦେ. (ବାଲେଶ୍ୱର ପାଠଣା) କ୍ରି (ସଂ. ସ୍ମୃତି) —
Surtā kariba ମନେ କରିବା — To recollect.
মনে করা याद् करना

ସୁର୍ତି — ବୈଦେ. ବି (ପର୍ତ୍ତୁଗୀଜ୍) — ସୁରୁତି (ଦେଖ)
Surti Suruti (See)

ସୁର୍ବ — ଗ୍ରା. ବି (ସଂ. ସ୍ରୁବ) — ସ୍ରୁବ (ଦେଖ)
Surba Sruba (See)

ସୁର୍ବୁଲି — ଦେ. ବି — ସୁରୁବୁଲି (ଦେଖ)
Surbuli Surubuli (See)

ସୁର୍ମା (ଇତ୍ୟାଦ) — ବୈଦେ. ବି — ସୁରୁମା ଇତ୍ୟାଦ (ଦେଖ)
Surmā (etc) Surumā etc (See)

ସୁର୍ଷି — ଦେ. ବି (ସଂ. ସୁର୍ଷର) — କୁଣ୍ଡଣା; କବାଟର ଶିକୁଳିକୁ ଉପ-
Surshi ରରେ ଅଟକାଇବା ପାଇଁ ବ୍ୟବହୃତ ଅର୍ଦ୍ଧଚନ୍ଦ୍ରାକୃତ
সুৰ্ষি कुलावा ଲୌହ — The semi-circular bit or loop of iron to which the chain of a door or box is attached when the door or box is closed; staple.

ସୁର୍ଷିଆ ମାଳ — ପ୍ରାଦେ. (ସମ୍ବଲପୁର) ବି — ସୋରିଷିଆ ମାଳ; ସୋରିଷ
Surshiā māl ପରି ଛୋଟ ଦାନାଯୁକ୍ତ ହାର — A necklace with small beads like mustard seeds.

ସୁର୍ଷୋ — ପ୍ରାଦେ. (ବାଲେଶ୍ୱର ପାଠଣା) ବି — ୧ । ସୋରିଷ ତେଲ —
Surso 1. Mustard oil. ୨ । ସୋରିଷ —
2. Mustard seed.

ସୁର୍ସାର୍ — ଦେ. ବି ଓ ବିଣ — ସୁର୍‌ସାର୍ (ଦେଖ)
Sursār Sur-sār (See)

ସୁର୍ସୁର୍(ରୁ) — ଦେ. ଅ — ସୁରୁସୁରୁ (ଦେଖ)
Sursur(ru) Surusuru (See)

ସୁଲ୍କି — ପ୍ରାଦେ. (ସମ୍ବଲପୁର) ବି — ୧ । ସଙ୍କୀର୍ଣ୍ଣସ୍ଥାନ — 1. Narrow
Sul-ki place. ୨ । ଦୁଇ ଘରର ମଝିରେ ଥିବା ଗଳି ବାଟ ବା
ସନ୍ଧି — 2. A narrow lane or space between two houses.

ସୁଲ୍ଖୁଲ୍ — ଗ୍ରା. ବିଣ — ସୁରୁଖୁରୁ (ଦେଖ)
Sul-khul Surukhuru (See)

ସୁଲ୍ତାନ୍ — ବୈଦେ. ବି (ଅ) — ସୁଲତାନ୍ (ଦେଖ)
Sul-tān Sulatān (See)

ସୁଲ୍ତାନା — ବୈଦେ. ବି (ଫା) — ସୁଲତାନା (ଦେଖ)
Sul-tānā Sulatānā (See)

ସୁଲ୍ତାନ (ଇତ୍ୟାଦ) — ବୈଦେ. ବି ଓ ବିଣ (ଫା) — ସୁଲତାନ ଇତ୍ୟାଦ
Sul-tāni (etc) (ଦେଖ) — Sulatāni etc (See)

ସୁଲ୍ ସୁଲ୍—ଦେ. ଅ—ସୁଲୁସୁଲୁ (ଦେଖ)
Sul-sul Sulusulu (See)

ସୁଲ୍ ସୁଲି—ପ୍ରାଦେ. (ସମ୍ବଲପୁର) ବି—ସଂକୀର୍ଣ୍ଣ ପଥ—
Sul-suli A narrow path or way.

ସୁଲ୍ ସୁଲେଇବା—ପ୍ରାଦେ (ସମ୍ବଲପୁର) କ୍ରି—କୁଣ୍ଡେଇବା—To
Sul-suleibā scratch for the purpose of relieving itching.

ସୁଲ—ପ୍ରାଦେ (ବାଲେଶ୍ୱର) ବି—୧ । ସୋଲ—1. Indian
Sula cork plant; Aechynomene Aspera.
[ଉ—ସୁଲ ବଣ ନାଁ, ପୋଖରୀରେ ହୁଏ; ଚୁନା ତକୁଲୀ ପିଠା ହୁଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୨ । ସୁଲକ୍ଷଣା ବା ସୁଲୋଚନା ନାମକ ସ୍ତ୍ରୀର ଡାକ ନାମ—2. Nick-name of a woman named Sulakshaṇā or Sulochanā.

ସୁଳ(ଳି) (ଇତ୍ୟାଦି)—ଗ୍ରା, ବି—ଶୂଳ(ଳି) ଇତ୍ୟାଦି (ଦେଖ)
Su̱la(l̠i) (etc) Sūl̠a(l̠i) ete. (See)

ସୁଲକ୍ଷଣ—ସଂ. ବି (କର୍ମଧା)—୧ । ଉତ୍ତମ ଲକ୍ଷଣ—1. Good or
Sulakshaṇa characteristic sign. ୨ । ଶୁଭସୂଚକ
(ସୁଲକ୍ଷଣା—ସ୍ତ୍ରୀ) ଲକ୍ଷଣ—2. Auspicious sign. ବିଣ. ପୁଂ (ବହୁବ୍ରୀହି)—୧ । ଶୁଭ ବା ଉତ୍ତମ ଲକ୍ଷଣଯୁକ୍ତ—1. Having auspicious or characteristic signs. ୨ । ଭାଗ୍ୟବାନ୍ (ହି. ଣ)—2. Fortunate.

ସୁଲକ୍ଷଣ ବନ୍ତ—ଦେ. ବିଣ (ସଂ. ସୁଲକ୍ଷଣବାନ୍)—ସୁଲକ୍ଷଣଯୁକ୍ତ—
Sulakhaṇa banta Having good signs.
(ସୁଲକ୍ଷଣବନ୍ତୀ—ସ୍ତ୍ରୀ)

ସୁଲକ୍ଷଣା—ସଂ. ବିଣ. ସ୍ତ୍ରୀ (ସୁଲକ୍ଷଣ+ସ୍ତ୍ରୀ. ଅ)—ସୁଲକ୍ଷଣର ସ୍ତ୍ରୀଲିଙ୍ଗ—
Sulakshaṇā Feminine of Sulakshaṇa.
ବି. ସ୍ତ୍ରୀ (ନାମ)—ଉମାଙ୍କର ସଖୀବିଶେଷ—Name of a female companion of Pārbati in her girl-hood. ଦେ. ବି. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to females.

ସୁଲକ୍ଷଣାକ୍ରାନ୍ତ—ସଂ. ବିଣ (ତୃତୀୟା ତତ୍)—ସୁଲକ୍ଷଣ ଦ୍ୱାରା ଯୁକ୍ତ—
Sulakshaṇākrānta Having good or auspicious signs.
(ସୁଲକ୍ଷଣାକ୍ରାନ୍ତା—ସ୍ତ୍ରୀ)

ସୁଲକ୍ଷଣା ଦେଈ—ଦେ. ବି (ନାମ)—ଢେଙ୍କାନାଳର ସୁଯୋଗ୍ୟ ସନ୍ତାନ
Sulakshaṇā dei ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକଙ୍କ ମାତା—
Name of the Oriya authoress of a poem Pārijāta Māl̠ā. [ଦ୍ର—ଏ କରଣକୁଳରେ ଜନ୍ମିଥିଲେ । ଏହାଙ୍କ ରଚିତ 'ପାରିଜାତମାଳା' ନାମକ କବିତା-ପୁସ୍ତକରେ ଶ୍ରୀ ଜଗନ୍ନାଥ ଦେବଙ୍କ ନାନା ଉତ୍ସବ ଅତି କବିତ୍ୱ ଢଙ୍ଗରେ ବର୍ଣ୍ଣିତ ହୋଇଅଛି । ଏହି ପୁସ୍ତକଟି ଉତ୍କଳସଂସଦର ପୂର୍ଣ୍ଣି ।]

ସୁଲକ୍ଷଣୀ—ଦେ.ବିଣ.ସ୍ତ୍ରୀ (ସଂ. ସୁଲକ୍ଷଣା)—୧। ସୁଲକ୍ଷଣ ଯୁକ୍ତା (ସ୍ତ୍ରୀ)—
Sulakshaṇī 1. (female) Having good signs.
স্লক্ষণী [ଉ—ଦୁଃଖରେ ସୁଖ ପର ରହିଲେ ସୁଲକ୍ଷଣୀ ।
सुलक्षणी କୃଷ୍ଣସିଂହ. ମହାଭାରତ. ଅଦ ।] ୨ । ସୌଭାଗ୍ୟବତୀ—
2. Fortunate (woman). ବି—ସ୍ତ୍ରୀ ଲୋକଙ୍କ ନାମ —A name given to females.

ସୁଲକ୍ଷ୍ମୀ—ଦେ. ବିଣ. ସ୍ତ୍ରୀ—ସୌଭାଗ୍ୟବତୀ—Fortunate. [ଉ—
Sulakshmī ସୁଲକ୍ଷ୍ମୀ ଟିଏ ନବଯୁବା, ତୋତେ ସେ କରୁଥାଉ ବନ୍ଦ । ହାଡୀ. ରଙ୍କୁଣି ମାହାତ୍ମ୍ୟ ।]

ସୁଲଗ୍ନ—ସଂ. ବି—ଉତ୍ତମ ବା ଶୁଭ ଲଗ୍ନ—Good or auspicious
Sulagna Lagna. ସଂ. ବିଣ (ବହୁବ୍ରୀହି)—୧ । ଉତ୍ତମ ଲଗ୍ନଯୁକ୍ତ—1. Having auspicious Lagna. ୨ । ଅତି ଦୃଢ଼ ରୂପେ ଲଗ୍ନ ବା ସଂଯୁକ୍ତ—2. Very firmly attached.

ସୁଲଚନା—ଗ୍ରା. ବି. ସ୍ତ୍ରୀ—ସୁଲୋଚନାର ଅଶୁଦ୍ଧ ଉଚ୍ଚାରଣ—
Sulachanā Wrong pronunciation of the name Sulochanā.

ସୁଲତାନ୍—ବୈଦେ. ବି. ପୁଂ (ଅରବୀ ଓ ପାର୍ସୀ ସୁଲ୍ତାନ୍ ଶବ୍ଦ; ଏ
Sulatān ଶବ୍ଦ ସଂସ୍କୃତରେ 'ସୁରତ୍ରାଣ' ଆକାର ଧାରଣ କରିଅଛି)
(ସୁଲତାନା—ସ୍ତ୍ରୀ) —୧ । ମୁସଲ୍‌ମାନ୍ ସମ୍ରାଟ୍; ବାଦ୍‌ସାହା—
সুলতান 1. Mahomedan name for an emperor;
सुलतान Sultan. [ଦ୍ର—ତୁର୍କୀର ପୂର୍ବତନ ସମ୍ରାଟଙ୍କୁ ସୁଲ୍ତାନ୍ କୁହାଯାଉଥିଲା । ଏ ଶବ୍ଦ ଇଂରାଜୀ ଭାଷାରେ ଅବିକଳ ହୋଇ ଚଳେ ।] ୨ । ମୁସଲ୍‌ମାନ୍‌ମାନଙ୍କ ନାମବିଶେଷ—2. A name given to Mahomedan males.

ସୁଲତାନତ୍—ବୈଦେ. ବି (ପା. ସୁଲ୍ତାନତ୍)—୧ । ସୁଲତାନଙ୍କ
Sulatānat ଅଧିକାର ବା ଅବସ୍ଥା ବା ପଦ—1. Sovereignty;
সুলতানী sultanate. ୨ ସାମ୍ରାଜ୍ୟ—2. Empire.
सुलतानी

ସୁଲତାନା—ବୈଦେ. ବି. ସ୍ତ୍ରୀ (ପା)—୧ । ସମ୍ରାଟ୍ ପତ୍ନୀ—1. Wife
Sulatānā of the emperor. ୨। ସମ୍ରାଜ୍ଞୀ—2. Empress.
সুলতানা सुलताना

ସୁଲତାନି—ବୈଦେ. ବି (ପା)—ସୁଲତାନଙ୍କ କର୍ମ ବା ରାଜତ୍ୱ—
Sulatāni Sovereignty. ବିଣ—୧ । ସୁଲତାନ୍ ସମ୍ବନ୍ଧୀୟ
সুলতানী —1. Relating to Sultan. ୨ । ସୁଲତାନଙ୍କ
सुलतानी ଯୋଗ୍ୟ—2. Befitting a Sultan.

ସୁଲତାନିଆ—ଦେ. ବିଣ (ପା. ସୁଲତାନୀ)—ସୁଲତାନ ସମ୍ବନ୍ଧୀୟ—
Sulatāniā Relating to Sultans.
সুলতানি सुलतानी

ସୁଲତାନି ଚମ୍ପା—ଦେ. ବି (ଅକ୍ଷରିକ ଅର୍ଥ-ସମ୍ରାଟ୍ ଯୋଗ୍ୟ ଚମ୍ପକପୁଷ୍ପ)-
Sultāni champā ୧। ସୁରପୁନ୍ନାଗ ବୃକ୍ଷ ଓ ଫୁଲ; କୁରଅନା—
সুলতানি চাঁপা 1. Ochrocarpus Longifolius (tree.)
सुलतानीचंपा ୨। ପୁନ୍ନାଗ; ପୁନ୍ନଙ୍ଗ (ଗଛ ଓ ଫୁଲ)—2. Mast-wood; Alexandrian laurel.

ସୁଲ(ଲ୍)ଫା—ବୈଦେ. ବି (ପା. ସୁଲ୍ଫହ୍)—ଚେଲମ୍ ଧୂଆଁ ପତ୍ରକୁ
Sula(l)phā ଗଞ୍ଜେଇ ପରି ଦଳି କରି ଚିଲମରେ ଭରି ଧୂମ ପାନ

তামাখ সুলফা କସ୍ତୁରା ଏ—Tobacco leaves which are crushed and put in the chilam and smoked.

ସୁଲଭ—ସଂ. ଵଣ (ସୁ=ସହଜରେ+ଲଭ୍ ଧାତୁ+କର୍ମ. ଅ)—Sulabha ୧ । ଅନାୟାସଲଭ୍ୟ; ସହଜପ୍ରାପ୍ୟ=1. Easily (ସୁଲଭା—ସ୍ତ୍ରୀ) available. [ଦ୍ର—ଗଙ୍ଗା ଯମୁନାଙ୍କ ସଙ୍ଗମେ (ଦୁର୍ଲଭ—ବିପରୀତ) ଯେ ବୁଡ଼ନ୍ତି, ତାଙ୍କ ସକୁ କଥା ସୁଲଭ ତାକୁ [ସୁଲଭତା(ତ୍ୱ)—ବି] ଅଛି । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଶସ୍ତା—2. Cheap. [ଦ୍ର—ଏ ସବାଙ୍କୁ ଯମକୁ ଦେଲେ ସେ ସୁଲଭ । କୃଷ୍ଣସିଂହ. ମହାଭାରତ. ସଭା ।] ୩ । ଅଯତ୍ନ-ସିଦ୍ଧ—3. Easily accomplished. ୪ । ସହଜ—4. Easy.

ଶୁଭ সুখকর ୫ବି. ବଣ—୧ । ଶୁଭସୂଚକ—1. Auspicious. ୨ । ସୌଭାଗ୍ୟମୟ—2. Lucky. ୩ । ସୁଖକର; ସୁଖଦାୟକ—3. Pleasant. [ଦ୍ର—ପିତା ମାତା ଛୋଡ଼ ଭାଇ ବାନ୍ଧବ, ସବୁର ଦୁର୍ଲଭ ଅତି ସୁଲଭ—ଉପ ।]

শোভা সুন্দরতা ବି—୧ । ସୌନ୍ଦର୍ଯ୍ୟ; ଶୋଭା—1. Beauty. [ଦ୍ର—ସେ ସବାଙ୍କୁ ଦୃଷ୍ଟି ଅବୃତ ହୋଇ ନବ, ଭାଙ୍ଗି ଦେଲ ଚନ୍ଦ୍ର ନକ୍ଷତ୍ର ସୁଲଭ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ସୁଖ—2. Pleasure; happi-

সুখ সুখ ness. [ଦ୍ର—ଏବେ ତୁମ୍ଭେ ପଣ୍ଡୁ ପାଇ ସୁଖ ଲଭ, ମୋ ହିଂସାମାନଙ୍କର କରାଇ ସୁଲଭ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]

ସୁଲଭା—ସଂ. ବି (ବୈଦ୍ୟକ) (ସୁଲଭ+ଆ)—୧ । ତୁଳସୀ—Sulabhā 1. The holy basil plant. ୨ । ମାଷପର୍ଣ୍ଣୀ (ଦେଖ)—2. Māsaparṇṇi (See) ୩ । ଧୂମ୍ର-ପତ୍ରା; ତମାଖୁ—3. Tobacco. ୪ । ମଲ୍ଲିଫୁଲ (ବୃ. ଶ)—4. Jasminun Zambac. ୫ । (ନାମ) ବୈଦିକ କାଳର ଏକ ବ୍ରହ୍ମବାଦିନୀ ସ୍ତ୍ରୀ (ବୃ. ଶ)—5. Name of a spiritualist lady of the vedic age. ସଂ. ବଣ. ସ୍ତ୍ରୀ—ସୁଲଭର ସ୍ତ୍ରୀଲିଙ୍ଗ—Feminine of Sulabha.

ସୁଲଭେତର—ସଂ. ବଣ—୧ । ଦୁର୍ଲଭ—1. Not easily avail-Sulabhetara able. ୨ । କଠିନ—2. Difficult. ୩ । ମହାର୍ଘ—3. Dear (in price).

ସୁଲଭ୍ୟ—ସଂ. ବଣ (ସୁ+ଲଭ ଧାତୁ+କର୍ମ. ଯ)—ସୁଲଭ—Sulabhya Easily attainable. (ସୁଲଭ୍ୟା—ସ୍ତ୍ରୀ) (ସୁଲଭ୍ୟତା—ବି)

ସୁଲଳିତ—ସଂ. ବଣ—୧ । ଅତି ସୁନ୍ଦର—1. Very beautful. Sulalita ୨ । ଅତି ମଧୁର—2. Very sweet. ୩ । ଅତି (ସୁଲଳିତା—ସ୍ତ୍ରୀ) କୋମଳ—3. Very soft. ୪ । ଅତ୍ୟନ୍ତ (ସୁଲଳିତତ୍ୱ—ବି) ଶ୍ରୁତିମଧୁର—4. Very sweet to the ear.

ସୁଲା—ବୈଦେ. ବି (ଅରବୀ) (ଅ. ସୁଲହ୍)—୧ । ବିବାଦର Sulā ଅପୋଷ ମୀମାଂସା—1. Amicable settlement

স্থলা সুলহ of a dispute. ୨ । ଦୁଇ ରାଜାଙ୍କ ମଧ୍ୟରେ ସନ୍ଧି—2. Treaty.

ସୁଲଗି—ଦେ. ବି—୧ । ଭଲ ଦ୍ରବ୍ୟ—1. Good thing. ୨ । Sulāgi ପ୍ରୟୋଜନୀୟ ଦ୍ରବ୍ୟ—2. Useful article. [ଦ୍ର—ভাল জিনিশ ସୁଲଗି କଲର ପ୍ରାଏ ଅସବୁର ଗର୍ବ, ସୁଲଗି ସବାର আচ্ছী চীজ ସେ ଅଲ୍ପଟି ରଖେ ସବ—ପ୍ରାଚୀ. ରବସ୍ୟମଞ୍ଜରୀ ।]

ସୁଲନାମା—ବୈଦେ. ବି (ଅରବୀ) (ଫା. ସୁଲହ୍ ନାମହ୍)—Sulānāmā ୧ । ରଫାନାମା—1. Deed of amicable স্থলানামা settlement. ୨ । ସନ୍ଧିପତ୍ର—সুলহ নামা 2. A document embodying a treaty.

ସୁଲା ମାଂସ—ପ୍ରାଦେ. (ବଲଙ୍ଗିର ପାଟଣା) ବି—ଶୁଖା ହୋଇଥିବା Sulā mānsa ମାଂସ—Dried meat.

ସୁଲିଆ—ଦେ. ବି (ନାମ)—ଓଡ଼ିଶାର ପର୍ବତବିଶେଷ—Name of a Suliā hill of Nayagarh State of Orissa. [ଦ୍ର—ଏହା ନୟାଗଡ଼ ରାଜ୍ୟରେ ଅବସ୍ଥିତ । ଏହାର ଉଚ୍ଚତା ୨୨୩୧ ଫୁଟ ।]

ସୁଲୁଆ—ପ୍ରାଦେ. (କୌଣ୍ଟ) ବି—ଶୁଖିଲା ବାଇଗଣ—Suluā Dried brinjal.

ସୁଲୁକା(କେ)ଇବା—ଦେ. କି—୧ । କାନ ମଧ୍ୟରେ କୁଟା ବା ସରୁ Sulukā(ke)ibā ପକ୍ଷୀର ପର ପୂରାଇ ଖଲଖଲ କରିବା—1. To স্থলকান tickle the ear with a feather. ୨ । ଉତ୍ସୁ-সুলগানা କାଇବା; କୌଣସି କଥାର ପ୍ରସଙ୍ଗକୁ ଉତ୍ଥାପନ କରିବା—2. To initiate a controversy or discussion. ୩ । ଗୋପନରେ ଉତ୍ତେଜିତ କରିବା—3. To instigate a person secretly. ୪ । କାଠ ଅଙ୍ଗାରେ ନିଆଁ ଧରାଇବା; ଜଳାଇବା—4. To ignite (wood).

ସୁଲୁକିବା—ଦେ. କି (ସଂ. ସୁ+ଲଗ୍ନ)—୧ । (କାନ ଭିତର) ଖଲ Sulukibā ଖଲ ହେବା—1. (the ear-hole) To have a স্থলকা tickling sensation. ୨ । ଉତ୍ତେଜିତ ହେବା সুলগনা —2. To be irritated. ୩ । (କାଠରେ ନିଆଁ ଧରିବାକୁ ତାହା) ଜଳିବା—3. To become ignited.

ସୁଲୁ(ଲୁ)ଖୁଲୁ(ଲୁ)—ଗ୍ରା. ବଣ—ସୁରୁଖୁରୁ (ଦେଖ)—Sulu(lu)khulu(lu) Surukhuru (See)

ସୁଲୁଙ୍ଗା—ଦେ. ବଣ—ଫୁଲିବା; ଶୋଥରେ ଫୁଲିବା ପଣ (ମୁଣ୍ଡି)—Sulungā খেঁসো সুজা Swollen.

ସୁଲୁପ୍—ବୈଦେ. ବି (ଇଂ. ସ୍ଲୁପ୍; ଓଲ. ସ୍ଲୁଅପ୍)—ଏକ ମାସ୍ତୁଲିଆ Sulup ଛୋଟ ଜାହାଜ—Sloop; one-masted ship. স্থলুপ সুলুপ [ଦ୍ର—ଓଡ଼ିଶାରେ ବାଲେଶ୍ୱର ଉପକୂଳରେ ୧୦୦ ବର୍ଷ ପୂର୍ବେ ଜାହାଜ କାରବାର ଚଳୁଥିବା ବେଳେ ଏ ଶବ୍ଦ ବ୍ୟବହୃତ ହେଉଥିଲା ।]

ସୁଲୁପୀ—ଦେ. ବି—ଦେବୀବିଶେଷ—1. Name of a popular Goddess. ୨ । ଯୋଗିନୀବିଶେଷ—2. Name of a Jogini. [ଦ୍ର—ଏହା ଗଣ ବାଳକା ଏବଂ
Sulupi
ସুলুপী
सूलूपी
ବେଶ୍ୟା ଦେଶି ବର୍ଷୀୟସୀମାନେ ସେମାନଙ୍କୁ ଲକ୍ଷ୍ୟ କରି ରଗ ବୋଲନ୍ତି—ଉଲ୍ପୀ, ସୁଲ୍ପୀ, ବାଲେବ, ବାଣ୍ଡିକଲା ।]

ସୁଲୁସୁଲ(ଲୁ)—ଦେ. ଅ (ଧ୍ୱନ୍ୟନୁକରଣ)—୧ । ପବନର ଧୀର-Sulusul(lu) ଭାବରେ ବହିବାର ଅବସ୍ଥା ଓ ଶବ୍ଦ—1. The
সরসর state and sound of mild blowing of breeze.
धीरे धीरे [ଦ୍ର—ସୁଲୁ ସୁଲୁ ପଶି ବହୁଛି ପବନ ଫୁଲୁଛି ଝାଟିପି ବର—ଜଗବନ୍ଧୋର, କାହ୍ନରେଣୀ ।] ୨ । ସଲ୍‌ସଲ୍ (ଦେଖ)
2. Sal-sal (See)

ସୁଲୁସୁଲା(ଲେ)ଇବା—ଦେ.କି—କାନରେ ବା ନାକରେ ପକ୍ଷୀର ପର ବା
Sulusulā(le)ibā କାଠି ପୂରେଇ ସଲସଲ କରିବା—To tickle
সুরসুর করা the ear or nostril with a feather.
सुलूगाना

ସୁଲୁସୁଲା(ଲେ)ଇ ହେବା—ଦେ. କି—(କାନ ଅବା ଅଙ୍ଗୁଳିରେ)
Sulusulā (le)i hebā ସଲସଲ ବା ଚଲୁ ଅନୁଭବ ହେବା—
সুরসুর করা खुजलाना To feel ticklish

ସୁଲୁସୁଲିଆ—ଦେ. ବିଣ—ଧୀରଭାବରେ ବହୁଥିବା (ପବନ)—.
Sulusuliā Mild (breeze). [ଯଥା—ସୁଲୁସୁଲିଅ ବାଆ ।]
ফুরফুরে धीरे धीरे चलने वाला

ସୁଲୂ—ସ. ବିଣ (ପୁଂ ଓ ସ୍ତ୍ରୀ) (ସୁ+ଲୂ ଧାତୁ=ଛେଦନ କରିବା+
Sulū କ୍ୱିପ୍)—ଉତ୍କୃଷ୍ଟ ରୂପେ ଛେଦନକାରୀ—
Cutting excellently.

ସୁଲେ - ବୈଦେ ବି (କଚେରୀ) (ଅ. ସୁଲହ୍)—୧ । ବିବାଦର
Sule ଅପୋଷ ମୀମାଂସା; ରଫା—1. Amicable settle-
সোলে ment of a dispute. ୨ । ଦୁଇ ରାଜାଙ୍କ ମଧ୍ୟରେ
सुलह सନ୍ଧି—2. Treaty between two kings.

ସୁଲେଇ—ଦେ. ବି— ୧ । ଏକପ୍ରକାର ଜଳଚର ବିଷାକ୍ତ ଜୀବ—
Sulei 1. A species of aquatic poisonous animal. ୨ । (ସ. ସୁଲୋଚନା) ସ୍ତ୍ରୀଲୋକଙ୍କୁ ଡାକିବା ନାମ—2. A name given to females.

ସୁଲେଖକ—ସ. ବି. ପୁଂ—୧ । ଶ୍ରେଷ୍ଠ ଲିପିକର—1. Excellent
Sulekhaka writer. ୨ । ଉତ୍କୃଷ୍ଟ ପ୍ରବନ୍ଧରଚୟିତା—
(ସୁଲେଖିକା—ସ୍ତ୍ରୀ) 2. A good composer or author.

ସୁଲେନାମା—ବୈଦେ. ବି (କଚେରୀ) (ଫା=ସୁଲହ୍‌ନାମହ୍)—
Sulenāmā ୧ । ରଫାନାମା; ଦୁଇ ଜଣଙ୍କ ବିବାଦର ଅପୋଷରେ
সুলেনামা ନିଷ୍ପତ୍ତି ହେବାର ନିଦର୍ଶନସ୍ୱରୂପ ଲେଖାଯିବା ଦଲିଲ—
सुलहनामा 1. A document embodying the terms of an amicable settlement; deed of compromise. ୨ । ସନ୍ଧି ପତ୍ର—2. A document embodying a treaty.

ସୁଲେମାନ୍—ବୈଦେ. ବି (ଫା)—୧ । ମୁସଲମାନୀ ନାମ—1. A
Sulemān name given to Mahomedans;
সুলেমান্ Suleman. ୨ । ଇହୁଦୀମାନଙ୍କର ଏକ ପ୍ରାଚୀନ
सुलेमान ସମ୍ରାଟ—2. Suleman, an ancient Jewish Emperor. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ. ପୂର୍ବ ୧୦୩୩ ରେ ଓ ମୃତ୍ୟୁ ଖ୍ରୀ. ପୂର୍ବ ୯୭୫ ରେ ହୋଇଥିବା କଥିତ । ଏହାଙ୍କୁ ଇହୁଦୀମାନେ ଜଣେ ଈଶ୍ୱରପ୍ରେରିତ ଦୂତ ବୋଲି ମାନନ୍ତି । ଦେବତା, ପଶୁ ଓ ପକ୍ଷୀ ପକ୍ଷୀମାନଙ୍କ ଏ ବଶ କରିଥିଲେ—ହି. ଶ ।] ୩ । ବେଲୁଚିସ୍ଥାନ ଓ ପଞ୍ଜାବର ମଧ୍ୟରେ ଥିବା ଏକ ପର୍ବତଶ୍ରେଣୀ—3. The Suleman range of hills between the Punjab and Beluchistan.

ସୁଲେମାନୀ—ବୈଦେ. ବିଣ (ଫା)—ସୁଲେମାନ୍ ସମ୍ବନ୍ଧୀୟ—Relating
Sulemānī to Suleman. ବି—୧ । ଧଳା ଆଖି ଥିବା
সুলেমানী ଘୋଡ଼ା (ହି. ଶ)—1. A horse with white
सुलेमानी eyes. ୨ । ଅଂଶତଃ ଧଳା ଓ ଅଂଶତଃ କଳା ଏକ ପ୍ରକାର ରତ୍ନ (ହି. ଶ)—2. A kind of gem partly white and partly black.

ସୁଲେମାନୀ ନୁ(ଲୁ)ଣ—ବୈଦେ. ବି (ଫା. ସୁଲେମାନୀ ଓ ସ. ଲବଣ)—
Sulemānī nu(lu)ṇa (ଅରବୀ ବୈଦ୍ୟଶାସ୍ତ୍ରରେ ବ୍ୟବହୃତ)
সুলেমানীনুণ ଏକ ପ୍ରକାର ଔଷଧ ଲବଣ—Sulemāni salt
सुलेमानी नमक prescribed by Arabian medical books.

ସୁଲୋକ—ସ. ବି—ସ୍ୱର୍ଗ (ହି. ଶ)
Suloka Heaven.

ସୁଲୋଚନ—ସ. ବିଣ. ପୁଂ (ବହୁବ୍ରୀହି)—ସୁନେତ୍ର; ସୁନ୍ଦର ନୟନ ବିଶିଷ୍ଟ
Sulochana —Having beautiful eyes. ବି—୧ ।
(ସୁଲୋଚନା—ସ୍ତ୍ରୀ. ବିଣ) ମୃଗ; ହରିଣ (ଶବ୍ଦ କଳ୍ପଦ୍ରୁମ)—1. Deer. ୨ । ଦୁର୍ଯ୍ୟୋଧନ (ଶବ୍ଦ କଳ୍ପଦ୍ରୁମ)—2. A name of Durjyodhana. ୩ । ଚକୋର (ହି. ଶ)—3. Coccyster bird. ୪ । (ନାମ) ରୁକ୍ମିଣୀଙ୍କ ପିତା (ହି. ଶ)— 4. Name of Rukmiṇi's father. ପ୍ରାଦେ. (ଗଞ୍ଜାମ) ବି—ଚଶମା—Spectacles.

ସୁଲୋଚନା—ସ. ବିଣ. ସ୍ତ୍ରୀ (ସୁଲୋଚନ+ଆ)—ସୁଲୋଚନର ସ୍ତ୍ରୀଲିଙ୍ଗ—
Sulochanā Feminine of Sulochana. ବି—୧। (ନାମ) ପଦ୍ମପୁରାଣୋକ୍ତ ମାଧବରାଜ ପତ୍ନୀ—1. Name of the queen of King Mādhaba (described in Padmapurāṇa). [ଦ୍ର—ଏ ଚନ୍ଦ୍ର ଦ୍ୱୀପର ଗୁଣାକର ରାଜାଙ୍କ କନ୍ୟା । ଏହାଙ୍କୁ ମାଧବରାଜା ଗାନ୍ଧର୍ବ ବିଧିରେ ବିବାହ କରିଥିଲେ । ଏ ଅପୂର୍ବ ପତିବ୍ରତା ଥିଲେ—[ପଦ୍ମପୁରାଣ- କ୍ରିୟା ଯୋଗସାର ।] ୨। (ନାମ) ଅପ୍ସରୋବିଶେଷ (ହି. ଶ)—2. Name of a

heavenly nymph. ୩ (ନାମ) ବାସୁକୀଙ୍କ କନ୍ୟା ଓ ମେଘନାଦଙ୍କ ସ୍ତ୍ରୀ (ହ୍ର. ଶ)—3. Name of a daughter of Bāsuki and wife of Meghanāda.

ସୁଲୋଚନା ଦେ. ବ—ସ୍ତ୍ରୀମାନଙ୍କ ନାମ—A name given to females.

ସୁଲୋଚନା ଦେଈ—ଦେ.ବ.ସ୍ତ୍ରୀ (ନାମ)—ବାମଣ୍ଡା ଷ୍ଟେଟର ଜଣେ କବୟିତ୍ରୀ
Sulochanā dei ବା ଲେଖିକା—A female poet and writer of the Bāmrā State (still living). [ବ୍ର—ଏ ବାମଣ୍ଡା ରାଜ-ମୁଦ୍ରାଯନ୍ତ୍ରର ସ୍ୱର୍ଗତ ମାନେଜରଙ୍କ ଶ୍ରୀ ଘନଶ୍ୟାମ ଗଡ଼ନାୟକଙ୍କ କନ୍ୟା । ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ରାଣୀ ଶ୍ରୀମତୀ ଡମରୁଧର ପ୍ରିୟା ମହାଦେବୀଙ୍କ ସାହାଯ୍ୟରେ ଏ ଦେବଗଡ଼ ରାଜଧାନୀରେ ଶିକ୍ଷା ଲାଭ କରିଥିଲେ ଓ ବାମଣ୍ଡାର କନ୍ୟାମାନଙ୍କ ମଧ୍ୟରେ ପ୍ରଥମେ ମିଡ଼ିଲ୍ ଭର୍ଣ୍ଣାକୁଲର୍ ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇଥିଲେ । ଘରେ ବଙ୍ଗଳା ଓ ହିନ୍ଦୀ ଓ ଉତ୍କଳ ପୁସ୍ତକମାନ ପାଠ କରି ଏ ବହୁଜ୍ଞାନାର୍ଜ୍ଜନ କରିଅଛନ୍ତି । ଅବକାଶରଞ୍ଜନ (କବିତା), ଚମ୍ପୁବନାଗ (ଗଦ୍ୟ ଓ ପଦ୍ୟ), ବନମେଷ୍ଣୀ (ଗଦ୍ୟ ଓ ପଦ୍ୟ), ଦମୟନ୍ତୀ (ଗଦ୍ୟ), ସାବିତ୍ରୀ (ଗଦ୍ୟ), ଭବାନୀମଙ୍ଗଳ ଆଦି କେତେଗୁଡ଼ିଏ ପୁସ୍ତକ ଏ ରଚନା କରିଅଛନ୍ତି । ବର୍ତ୍ତମାନ ସେ ତାଙ୍କ ଗ୍ରାମ ବାମଣ୍ଡା ରାଜ୍ୟର ସଇଁହାରେ ବାସ କରୁଅଛନ୍ତି । ୧୯୩୮ ସାଲ ଫେବ୍ରୁୟାରି ମାସରେ ଭାଷା କୋଷ ସଙ୍କଳୟିତା ତାଙ୍କର ମଫସଲରେ ଥିବା ଘରକୁ ଯାଇ ତାଙ୍କୁ ଭେଟିଥିଲେ । ସେ ବାମଣ୍ଡା ରାଜଦରବାରରୁ 'କବିତା ମନୋରମା' ଉପାଧି ପାଇ ଅଛନ୍ତି । ଲେଖିକା ବିଷୟରେ ସୁଲୋଚନା ବାମଣ୍ଡାର ଗୌରବ ବୋଲି ବାମଣ୍ଡାର ରାଜ ପିତାମହୀ ଶ୍ରୀମତୀ ଡମରୁଧର ପ୍ରିୟାଦେବୀ ପ୍ରକାଶ କରିଅଛନ୍ତି । ଏ ୧୯୧୮ ସାଲରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଏହାଙ୍କର ବୟସ ୪୦ ବର୍ଷ ।]

ସୁଲୋମଶା—ସଂ. ବ—କାକଜଂଘା (ରାଜନିର୍ଘଣ୍ଟ); ଏକପ୍ରକାର ପୋକ-
Sulomaśā ଶୁଂଘା—Lea Hirta (a herb).

ସୁଲୋମା—ସଂ. ବ—୧ । ତାମ୍ରବଲ୍ଲୀ (ରାଜନିର୍ଘଣ୍ଟ)—1. A herb.
Sulomā ୨ । ମାଂସଚ୍ଛଦା (ରାଜ ନିର୍ଘଣ୍ଟ)—2. Another herb.

ସୁଲୋହକ—ସ. ବ (ସୁ=ଉତ୍ତମ+ଲୋହ+କ)—ପିତ୍ତଳ—
Sulohaka Brass.

ସୁଲୋହିତ—ସ. ବଣ—ମନୋହର ଲୋହିତବର୍ଣ୍ଣବିଶିଷ୍ଟ—Of charming
Sulohita (ସୁଲୋହିତା—ସ୍ତ୍ରୀ) red colour.

ସୁଲୋହିତା—ସ. ବ. ସ୍ତ୍ରୀ—ଅଗ୍ନିଙ୍କ ସପ୍ତଜିହ୍ୱା ମଧ୍ୟରୁ ଏକ—
Sulohitā One of the 7 tongues of the Fire-god
ସ. ବଣ. ସ୍ତ୍ରୀ—ସୁଲୋହିତର ସ୍ତ୍ରୀ ଲିଙ୍ଗ—
Feminine of Sulohita.

ସୁଲ୍ତାନ୍ (ନା, ନି) (ଇତ୍ୟାଦି)—ବୈଦେ. ବ ଓ ବଣ—ସୁଲତାନ୍
Sultān(nā, ni) (etc ଇତ୍ୟାଦି (ଦେଖ)—
Sulatān etc (See)

ସୁଶକ(କ୍ୟ)—ସ. ବଣ (ସୁ+ଶକ୍ ଧାତୁ+କର୍ମ. ଅ; ଯ)—ସୁକର—
Suśaka(kya) Easily performable.

ସୁଶକ୍ତ—ସଂ. ବଣ. ପୁଂ – ଖୁବ୍ ଶକ୍ତିଶାଳୀ—
Suśakta (ସୁଶକ୍ତା—ସ୍ତ୍ରୀ) Very potent.

ସୁଶବୀ—ସ. ବ—୧ । କଳାଜୀରା (ହ୍ର. ଶ)—1. Black cumin-
Suśabī seed. ୨ । କଲରା (ହ୍ର. ଶ)—2. Memordica. ୩ । କରଞ୍ଜ (ହ୍ର. ଶ)—3. Pongamia Glabra (tree).

ସୁଶବ୍ଦ—ସଂ. ବ—ମନୋହର ଶବ୍ଦ—Sweet or fine sound.
Suśabda ସଂ. ବଣ—ମନୋହର ଧ୍ୱନିକାରୀ—Making or
(ସୁଶବ୍ଦା—ସ୍ତ୍ରୀ. ବଣ) emitting a sweet sound.

ସୁଶରଣ୍ୟ—ସ. ବ—ମହାଦେବ (ହ୍ର. ଶ)—
Suśaraṇya Śiba

ସୁଶରୀର—ସ. ବ—ଉତ୍ତମ ବା ସୁନ୍ଦର ଦେହ—Good or fine
Suśarīra body. ସ. ବଣ. ପୁଂ—ସୁନ୍ଦର ଶରୀରବିଶିଷ୍ଟ—
(ସୁଶରୀରା—ସ୍ତ୍ରୀ) Fine-bodied.

ସୁଶର୍ମା—ସ. ବଣ. ପୁଂ. ଓ ସ୍ତ୍ରୀ (ସୁ=ଶୋଭନ+ଶର୍ମନ୍=ସୁଖ ଯାହାର,
Suśarmā ୧ମା. ୧ବ)—ଶୋଭନ ସୁଖବିଶିଷ୍ଟ—Happy.
ସଂ. ବ—୧ । କଦର୍ଯ୍ୟ ବ୍ରାହ୍ମଣବିଶେଷ—1. A class of bad Brāhmaṇas. [ବ୍ର—ଏମାନେ ଦୁର୍ମେଧା, ପାପାତ୍ମା, ବେଦ ବଦ୍ୟାରେ ଅଜ୍ଞ ଓ କ୍ରୂରକର୍ମୀ ଅଟନ୍ତି—ପଦ୍ମପୁରାଣ ଉତ୍ତରଖଣ୍ଡ ।] ୨। ରାଜାବିଶେଷ; ପ୍ରାଚୀନ ତ୍ରିଗର୍ତ୍ତ ଦେଶର ରାଜା—2.Name of a king of ancient Trigartta country. [ବ୍ର—କୀଚକଙ୍କଦ୍ୱାରା ବିରାଟ ରାଜା ଏହାଙ୍କ ରାଜ୍ୟକୁ ଅଧିକାର କରିଥିବାରୁ ଏ ଦୁର୍ଯ୍ୟୋଧନଙ୍କ ଶରଣାପନ୍ନ ହୋଇଥିଲେ । କୀଚକଙ୍କ ମୃତ୍ୟୁ ପରେ ଏ ଦୁର୍ଯ୍ୟୋଧନଙ୍କ ଉତ୍ତେଜନା କରି ବିରାଟଙ୍କ ଗାଈମାନଙ୍କୁ ହରଣ କରିବାକୁ ଯାଇ ବିରାଟ ରାଜାଙ୍କୁ ବନ୍ଦୀ କଲେ, କିନ୍ତୁ ଛଦ୍ମବେଶୀ ଭୀମଙ୍କଦ୍ୱାରା ପରାଜିତ ହୋଇ ପଳାଇ ଆସିଲେ । କୁରୁକ୍ଷେତ୍ରରେ ଏ କୌରବଙ୍କ ପକ୍ଷ ଅବଲମ୍ବନ କରି ଦଶମ ଦିବସରେ ଅର୍ଜ୍ଜୁନଙ୍କଦ୍ୱାରା ନିହତ ହେଲେ ।]

ସୁଶଲ୍ୟ—ସଂ. ବ—ଖଦିର (ରାଜନିର୍ଘଣ୍ଟ)—
Suśalya Catechu.

ସୁଶାକ—ସଂ. ବ—୧ । ଅର୍ଦ୍ରକ (ରାଜନିର୍ଘଣ୍ଟ); ଅଦା—1. Ginger.
Suśāka ୨ । ଚଞ୍ଚୁ; ରକ୍ତ ଏରଣ୍ଡ (ରାଜନିର୍ଘଣ୍ଟ)—2. Red variety of castor oil-seed plant. ୩ । ଭେଣ୍ଡି (ରାଜନିର୍ଘଣ୍ଟ)—3. Lady's finger. ୪ । ତଣ୍ଡୁଳୀୟ (ରାଜନିର୍ଘଣ୍ଟ); ଲେଉଟିଆ ଶାଗ—4. A kind of pot-herb; Amaranthus Polygamus.

ସୁଶାନ୍ତ—ସଂ. ବିଣ. ପୁଂ—ଅତି ଶାନ୍ତ—Very meek.
Suśānta (ସୁଶାନ୍ତା—ସ୍ତ୍ରୀ)

ସୁଶାନ୍ତା—ସଂ. ବି. ସ୍ତ୍ରୀ—ଶଶିଧ୍ୱଜ ରାଜପତ୍ନୀ—Name of the wife
Suśāntā of king Śaśidhwaja. [ବ୍ର—ଏ ଅଟ୍ଟା ବସ୍ତ୍ର ପରିପୂର୍ଣ୍ଣା ଥିଲେ ଓ କଲ୍କୀଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସ୍ୱାମୀଙ୍କୁ ନିଷେଧ କରିଥିଲେ—କଲ୍କୀପୁରାଣ ।]
ସଂ. ବିଣ. ସ୍ତ୍ରୀ—ସୁଶାନ୍ତର ସ୍ତ୍ରୀ ଲିଙ୍ଗ—
Feminine of Suśānta.

ସୁଶାସନ—ସଂ. ବି—୧ । ନ୍ୟାୟସଙ୍ଗତ ଶାସନ—1. Just or
Suśāsana righteous rule. ୨ । ଉତ୍ତମରୂପେ ଦମନ; କଡ଼ାକଣା—2. Efficient controlling; discipline.

ସୁଶାସିତ—ସଂ. ବିଣ—୧ । ନ୍ୟାୟ ମାର୍ଗରେ ଶାସିତ—1. Justly
Suśāsita ruled. ୨ । ସୁନ୍ଦର ରୂପେ ଦମିତ—2. Well
(ସୁଶାସିତା—ସ୍ତ୍ରୀ) controlled; kept under discipline.

ସୁଶାସ୍ୟ—ସଂ. ବିଣ. ପୁଂ—ସହଜରେ ଶାସନୀୟ—
Suśāsya Easily governable.
(ସୁଶାସନୀୟ—ଅନ୍ୟରୂପ) (ସୁଶାସ୍ୟା, ସୁଶାସନୀୟା—ସ୍ତ୍ରୀ)

ସୁଶିକ୍ଷା—ସଂ. ବି—୧ । ଉତ୍ତମ ଅଧ୍ୟୟନ—1. Good learning
Suśikshā or education. ୨ । ଉତ୍ତମ ଉପଦେଶ—2. Good advice. ୩ । ସୁନ୍ଦର ଅଭ୍ୟାସ—3. Good habit or training.

ସୁଶିକ୍ଷିତ—ସଂ. ବିଣ. ପୁଂ—ଉତ୍ତମ ରୂପେ ଶିକ୍ଷା ପ୍ରାପ୍ତ—
Suśikshita Well educated; well trained.
(ସୁଶିକ୍ଷିତା—ସ୍ତ୍ରୀ)

ସୁଶିଖ—ସଂ. ବିଣ (ବହୁବ୍ରୀହି; ସୁ ଅଟେ ଶିଖା ଯାହାର)—ଉତ୍ତମ ଶିଖାଯୁକ୍ତ—
Suśikha Having a good flame or pigtail.
(ସୁଶିଖା—ସ୍ତ୍ରୀ. ବିଣ) ବି—ଅଗ୍ନି (ଜଟାଧର)—Fire.

ସୁଶିଖା—ସଂ. ବି—୧ । ମୟୂର ଶିଖା (ସଜନବର୍ତ୍ତ)—1. The tail-
Suśikhā feather of a peacock. ୨ । ମୟୂରଶିଖା ଗୁଳ୍ମ—2. Celesia Cristala herb.
ସଂ. ବିଣ. ସ୍ତ୍ରୀ—ସୁଶିଖର ସ୍ତ୍ରୀ ଲିଙ୍ଗ—
Feminine of Suśikha.

ସୁଶୀତ—ସଂ. ବିଣ—ଅତିଶୟ ଶୀତଳ ବା ଥଣ୍ଡା—Very cold. ବି—
Suśita ୧ । ପୀତ ଚନ୍ଦନ (ଶବ୍ଦକଳ୍ପଦ୍ରୁମ)—1. The yellow variety of sandal. ୨ । କ୍ଷୁଦ୍ରପ୍ଲକ୍ଷ (ଶବ୍ଦାର୍ଣ୍ଣବ)—2. A small variety of Plaksha tree ୩ । ଜଳବେତସ (ହ୍ର. ଷ)—3. Water-ratan. ୪ । ବେଣୀ—4. Lady's only.

ସୁଶୀତଳ—ସଂ. ବି—୧ । ଗନ୍ଧତୃଣ (ରତ୍ନମାଳା)—1. A fragrant
Suśitala species of grass. ୨ । ନାଗ ଦମନ (ହ୍ର. ଷ)—2. Indian wormwood ୩ । ଶ୍ୱେତ ଚନ୍ଦନ (ହ୍ର. ଷ)—3. The white sandal wood. ବିଣ (ସୁଶୀତଳା—ସ୍ତ୍ରୀ. ବିଣ) —ସୁଶୀତ (ଦେଖ)—Suśita (See)

ସୁଶୀତଳା—ସଂ. ବିଣ. ସ୍ତ୍ରୀ—ସୁଶୀତଳର ସ୍ତ୍ରୀ ଲିଙ୍ଗ—
Suśitala Feminine of Suśitala.
ସଂ. ବି—କାକୁଡ଼—Cucumber.

ସୁଶୀତା—ସଂ. ବି—୧ । ଶତପତ୍ରୀ (ଶବ୍ଦଚନ୍ଦ୍ରିକା); ସେବତୀ ଫୁଲ—
Suśitā 1. Cabbage-rose; musk rose. ୨ । ସ୍ଥଳକମଳ (ହ୍ର. ଷ)—2. Hibiscus Mutabilis.

ସୁଶୀବିକା—ସଂ. ବି—କନ୍ଦ ବିଶେଷ; ବାରାହୀକନ୍ଦ (ଶବ୍ଦ ଚନ୍ଦ୍ରିକା)—
Suśibikā A species of herbarious bulbous root; Dioscorea.

ସୁଶୀ(ଷୀ)ମ—ସଂ. ବି—୧ । ଶୀତଳତ୍ୱ; ଶୈତ୍ୟ; ଶୀତଳତା—
Suśi(shi)ma 1. Coolness. ୨ । ଚନ୍ଦ୍ରକାନ୍ତ ମଣି (ହ୍ର. ଷ)—2. Moon stone. ୩ । ଏକ ପ୍ରକାର ସର୍ପ—3. A kind of serpent. ବିଣ—୧ । ଶୀତଳ—1. Cool. ୨ । ମନୋଜ୍ଞ (ହ୍ର. ଷ)—2. Beautiful.

ସୁଶୀଳ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ସଚ୍ଚରିତ୍ର; ସଦ୍ବ୍ୟବହାରଶୀଳ—1. Of good conduct or nature.
Suśila
(ସୁଶୀଳା—ସ୍ତ୍ରୀ. ବିଣ) ୨ । ନମ୍ର; ନମ୍ର (ହ୍ର. ଷ)—2. Humble.
ବି. ପୁଂ—ପଦ୍ମପୁରାଣୋକ୍ତ ଜନୈକ ପ୍ରଶଂସଶୀଳ ବସ୍ତ୍ରଭକ୍ତ ରାଜା; ଶୈଳପ୍ରଜ—Name of a king of ancient India. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males. ଦେ. ବିଣ—ଅତି ଟାଣୁଆ; ଅତି କଠିନ—Very hard. [ଉ—ଦୁଃଖ ଅସମ୍ଭାଳ ଗାଳ ଛୁଦ ନ ସୁଶୀଳ, ଶିଳ ଦେଇ ଅଛ କୋଲୁ ଘାଳ ଘାଳ । ଭକ୍ତ, ପ୍ରେମସୁଧାନିଧି ।]
सुशील सुशील
कठिन कठिन

ସୁଶୀଳତା(ତ୍ୱ)—ସଂ. ବି—୧ । ସଚ୍ଚରିତ୍ରତା—1. Goodness
Suśilatā(twa) of disposition or nature.
୨ । ବିନୟ; ନମ୍ରତା—2. Humility.

ସୁଶୀଳା—ସଂ. ବିଣ. ସ୍ତ୍ରୀ—ସୁଶୀଳର ସ୍ତ୍ରୀ ଲିଙ୍ଗ—Feminine of
Suśilā 'Suśila'. ବି—୧ । (ନାମ)—ଶ୍ରୀକୃଷ୍ଣଙ୍କର ଅଷ୍ଟ ମହିଷୀଙ୍କ ମଧ୍ୟରୁ ଏକତମା—1. Name of one of the 8 queens of 'Śrikrushna'. ୨ । (ନାମ) ଯମ ଭାର୍ଯ୍ୟା—2. The name of the wife of the King of death. ୩ । (ନାମ) ରାଧାଙ୍କର ଏକ ଅନୁଚରୀ (ହ୍ର. ଷ)—3. Name of a female companion of Rādhā. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.
सुशीला सुशीला

ସୁଶୃଙ୍ଖଳ—ସଂ. ବିଣ—(ବହୁବ୍ରୀହି; ସୁ+ଶୃଙ୍ଖଳା+ଅ)—
Suśrunkhala ୧ । ସୁନିୟମିତ—1. Well regulated
(ସୁଶୃଙ୍ଖଳା—ସ୍ତ୍ରୀ) ୨ । ଉତ୍ତମରୂପେ ବ୍ୟବସ୍ଥିତ—2. Well
(ସୁଶୃଙ୍ଖଳ—ବିଶେଷଣ) arranged. ୩ । ସୁସଜ୍ଜିତ—3.
(ସୁଶୃଙ୍ଖଳତା—ବି) Nicely equipped.

ସୁଶୃଙ୍ଖଳା—ସଂ. ବି—୧ । ଉତ୍ତମ ବନ୍ଦୋବସ୍ତ ବା ବ୍ୟବସ୍ଥା—Susṛunkhalā 1. Nice arrangement. ୨ । ସୁନ୍ଦର ନିୟମ—2. Good rule. ବିଣ. ସ୍ତ୍ରୀ—ସୁଶୃଙ୍ଖଳର ସ୍ତ୍ରୀଲିଙ୍ଗ—Feminine of Susṛunkhala.

ସୁଶୃଙ୍ଗ—ସଂ. ବିଣ. ପୁଂ—(ବହୁବ୍ରୀହି)—ସୁନ୍ଦର ଶୃଙ୍ଗ ବିଶିଷ୍ଟ—Susṛunga Having beautiful peak or horn. (ସୁଶୃଙ୍ଗା—ସ୍ତ୍ରୀ)

ସୁଶୃତ—ସଂ. ବିଣ—ଅତି ତପ୍ତ (ତୁ. ଶ)—Very hot Susṛuta

ସୁଶେକ୍—ପ୍ରାଦେ (ଲବଣ) କ୍ରି (ଧ୍ୱନ୍ୟନୁକରଣ)—ସରୁ କାନ୍ଦଣା, Susek ଶବ୍ଦେଇ ହୋଇ କାନ୍ଦିବା; ସୁଁ ସୁଁ ହୋଇ କାନ୍ଦିବା—Weeping with bated sighs; whimper.

ସୁଶୋଭନ—ସଂ. ବି—ଅତି ସୁନ୍ଦର—Very beautiful. Susobhana [ସୁଶୋଭନା—ସ୍ତ୍ରୀ]

ସୁଶୋଭିତ—ସଂ. ବିଣ—୧ । ଅତିଶୟ ଶୋଭାଯୁକ୍ତ—1. Very Susobhita graceful. ୨ । ସୁଶୋଭିତ—2. Handsomely decorated. ୩ । ସୁନ୍ଦରରୂପେ ପ୍ରକାଶିତ—3. Elegantly embellished. ଦେ. ବି—ସୌନ୍ଦର୍ଯ୍ୟ—Beauty. [ଭୂ—ବହୁ ତହିଁ । ବନେକ ଶୋଭା सुन्दरता ମଯୂରୀ ସୁଶୋଭନ । ଉଞ୍ଜ, ବୈଦେହୀଶବିଳାସ]

ସୁଶ୍ରାବ୍ୟ—ସଂ. ବିଣ—ଶୁଣିବାକୁ ମଧୁର; ଶ୍ରୁତିମଧୁର—Sweet to Susrābya (ଦୁଃଶ୍ରାବ୍ୟ—ବିପରୀତ) hear. (ସୁଶ୍ରାବ୍ୟତା—ବି)

ସୁଶ୍ରୀ—ସଂ. ବିଣ—ପୁ ଓ ସ୍ତ୍ରୀ (ବହୁବ୍ରୀହି)—ଶ୍ରୀମାନ୍; ସୁନ୍ଦର ଶୋଭାଯୁକ୍ତ—Susri (ସୁଶ୍ରୀକ—ଅନ୍ୟରୂପ) Handsome; beautiful. (ସୁଶ୍ରୀକା—ଅନ୍ୟ ସ୍ତ୍ରୀ. ରୂପ)

ସୁଶ୍ରୀକା—ସଂ. ବି—ସଜାରୁ (ଭାଜକର୍ଣ୍ଣ)—Percupine. ସଂ. ବିଣ. Susrikā ସ୍ତ୍ରୀ—ସୁଶ୍ରୀକର ସ୍ତ୍ରୀଲିଙ୍ଗ—Feminine of Susrika.

ସୁଶ୍ରୁତ—ସଂ. ବିଣ—୧ । (ସୁ+ଶ୍ରୁତ=ବେଦ; ବହୁବ୍ରୀହି)—ବେଦରେ Susruta ପାରଙ୍ଗମ; ବେଦବିଶାରଦ—Well versed in the Bedas. ୨ । ଉତ୍ତମରୂପେ ଶୁଣା ଯାଇଥିବା—2. Distinctly heard. ୩ । ପ୍ରସିଦ୍ଧ—3. Celebrated. ବି—୧ । ହିନ୍ଦୁ ଚିକିତ୍ସା-ଶାସ୍ତ୍ର ପ୍ରଣେତା ଓ ବିଶ୍ୱାମିତ୍ର ମୁନିଙ୍କ ପୁତ୍ର—1. Name of the son of sage Biswāmitra, the author of the well-known treatise on Hindu medicine. [ଭୂ—ଏ କାଶୀକୁ ଯାଇ ଧନ୍ୱନ୍ତରିଙ୍କ ଅବତାର କାଶୀରାଜ ଦିବୋଦାସଙ୍କଠାରୁ ଚିକିତ୍ସାଶାସ୍ତ୍ର ଶିକ୍ଷା କରିଥିଲେ] ୨ । (ଦ୍ୱାପରଯୁଗରେ) ସୁଶ୍ରୁତ ଋଷିଙ୍କ ପ୍ରଣୀତ ଶ୍ରୁତ ସଂହିତା ନାମକ ଚିକିତ୍ସାଗ୍ରନ୍ଥ ବିଶେଷ—2. Name of the medicinal treatise by sage 'Susruta' (in the Dwāpara age).

ସୁଶ୍ରୁତ ସଂହିତା—ସଂ. ବି—ସୁଶ୍ରୁତ ଋଷିଙ୍କ ରଚିତ ଚିକିତ୍ସାଗ୍ରନ୍ଥ—Sasruta samhitā Title of the medical work by Susruta.

ସୁଶ୍ରୋଣି—ସ. ବିଣ. ସ୍ତ୍ରୀ—ସୁନ୍ଦର ନିତମ୍ବବତୀ (ସ୍ତ୍ରୀ) (ତୁ. ଶ)—Susroṇi (a woman) With nice buttocks.

ସୁଶ୍ଳିଷ୍ଟ—ସଂ. ବିଣ—ଦୃଢ଼ରୂପେ ସଂଯୁକ୍ତ; ଉତ୍ତମରୂପେ ଲଗ୍ନ ବା ଯୁକ୍ତ—Suslishṭa Well-united; well attached.

ସୁଶ୍ଳୋକ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ପୁଣ୍ୟଶ୍ଳୋକ; ପୁଣ୍ୟକୀର୍ତ୍ତି Susloka (ତୁ. ଶ)—1. Of pious memory. (ସୁଶ୍ଳୋକା—ସ୍ତ୍ରୀ) ୨ । ସୁପ୍ରସିଦ୍ଧ (ତୁ. ଶ)—2. Celebrated.

ସୁଷବୀ—ସ. ବି (ସୁ+ସୁ ଧାତୁ=ପ୍ରେରଣ କରିବା+କର୍ମ ଅ+ଈ)—Sushabi ୧ । କାଉବେଲ୍ଲ (ଅମର); କଲରା—1. Hairy memordica. ୨ । କୃଷ୍ଣ ଜୀରକ (ମେଦିନୀ); କଳା ଜୀରା—2. Black variety of cumin seed; Nigella Sativa. ୩ । କ୍ଷୁଦ୍ର କାରବେଲ୍ଲ (ରାଜନିର୍ଘଣ୍ଟ); ଛୋଟ କଲରା—3. Small-fruited variety of hairy memordica.

ସୁଷମ—ସଂ. ବିଣ (ସୁ+ସମ; ଷତ୍ୱବିଧାନ ଅନୁସାରେ ସ ସ୍ଥାନରେ ଷ)—୧ । ଅତି ସମାନ—1. Equal Sushama (ସୁଷମତା—ବି) in all respects; symmetrical. (ସୁଷମା—ସ୍ତ୍ରୀ) ୨। ଶୋଭନ; ସୁନ୍ଦର—2. Charming; beautiful. ପ୍ରା. ବି (ଗଦ୍ୟ) ସୁଷମା; ଶୋଭା; ସୌନ୍ଦର୍ଯ୍ୟ—Beauty. (ଭୂ—ମଦନ ସରସିଜ ସୃଷ୍ଟି ସୁଷମ—ଅନନ୍ୟ ବିଦଗ୍ଧଚିନ୍ତାମଣି ।)

ସୁଷମା—ସଂ. ବି—୧ । ପରମ ଶୋଭା; ସୌନ୍ଦର୍ଯ୍ୟ—1. Beauty; Sushamā grace; exquisite beauty. ୨ । ସୁନ୍ଦର ସମତା—2. Symmetry. ୩ । ପ୍ରତି ଚରଣରେ ୧୦ଟି ଅକ୍ଷର ଥିବା ବର୍ଣ୍ଣ ବୃତ୍ତବିଶେଷ—3. Name of a Sanscrit metre. [ଦ୍ର—ଏଥିର ୧ମ, ୪ର୍ଥ, ୮ମ ଓ ୯ମ ବର୍ଣ୍ଣ ଗୁରୁ, ଅନ୍ୟ ବର୍ଣ୍ଣମାନ ଲଘୁ—ତୁ. ଶ)—ସଂ. ବିଣ. ସ୍ତ୍ରୀ—ସୁଷମର ସ୍ତ୍ରୀଲିଙ୍ଗ—Feminine of Sushama.

ସୁଷି—ସଂ. ବି—୧। ଶୁଷି (ଗର୍ତ୍ତ); ମୁଣ୍ଡି କାଠ ମଧ୍ୟରେ ଥିବା ଲମ୍ବ ଛିଦ୍ର—Sushi A hole running through the length of a log of wood. ୨ । ଛିଦ୍ର; ଗର୍ତ୍ତ—2. Hole. ୩ । ବଂଶୀବିଶେଷ (ପ୍ରକୃତିବାଦ)—3. A kind of flute. ପ୍ରାଦେ (ବଲାଙ୍ଗୀର-ପାଟଣା) ବି—ଗଛର ମଜ୍ଜା—The pith of a tree.

ସୁଷିକ—ସଂ. ବି—ଶୀତଳତା (ତୁ. ଶ)—Coolness. ସଂ. ବିଣ. Sushika ଶୀତଳ (ତୁ. ଶ)—Cool.

ସୁଷିବା—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) କ୍ରି—ଶୋଷିବା—Sushibā To suck.

ସୁଷିର—ସଂ. ବ (ସୁଷି+ର ଧାତୁ+କର୍ତ୍ତି ଅ)—୧ । ଛିଦ୍ର,—
Sushira 1. Hole. ୨ । ବାଉଁଶ (ହୃ. ଶ)—
2. Bamboo. ୩ । ବେତ (ହୃ. ଶ)—
3. Ratan; cane. ୪ । ଅଗ୍ନି (ହୃ. ଶ)—4 Fire;
୫ । ମୂଷିକ (ହୃ. ଶ)—5. Mouse. ୬ । ବାୟୁ-ପୂରଣ ସଙ୍ଗୀତଯନ୍ତ୍ର (ହୃ.ଶ)—6. A wind instrument. ୭ । ବାୟୁମଣ୍ଡଳ (ହୃ. ଶ)—7. The air.
୮ । ଲବଙ୍ଗ [ହୃ. ଶ]—8. Cloves. ୯ । କାଠ—
[ହୃ. ଶ]—9. Wood. ସଂ. ବଣ — ଛିଦ୍ରଯୁକ୍ତ [ହୃ.ଶ].
Having hole

ସୁଷିରା—ସଂ. ବ—୧ । [ବୈଦ୍ୟକ] ନଳକା ନାମକ ଗନ୍ଧଦ୍ରବ୍ୟ ଓ ଔଷଧିର ଲତା; ନଦୀ ନଳକା [ହୃ.ଶ]
Sushirā 1. A scented herb. ୨ । ନଦୀ [ହୃ. ଶ]—
2. River.

ସୁଷିମ—ସଂ. ବଣ—୧ । ଶୀତଗୁଣ ଯୁକ୍ତ (ଅମର)—1. Cool.
Sushima ୨ । ମନୋଜ୍ଞ—2. Beautiful.
ବ—୧ । ଚନ୍ଦ୍ରକାନ୍ତ ମଣି (ଜଟାଧର)—1. A gem;
moon stone. ୨ । ସର୍ପବିଶେଷ (ମେଦିନୀ)—
2. A species of serpent. ୩ । ସ୍ୱର୍ଣ୍ଣ; ସୁନା—
3. Gold.

ସୁଷୁ—ସଂ. ବ (ଧ୍ୱନ୍ୟନୁକାରୀ)—ଅବ୍ୟକ୍ତ ଶବ୍ଦ—
Sushu A very soft hissing sound.

ସୁଷୁପ୍ସୁ—ସଂ. ବଣ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଉ, ସୁସୁପ୍ସ ଶବ୍ଦ)
Sushupsu —୧ । ଶୋଇବାକୁ ଇଚ୍ଛୁକ (ହୃ. ଶ)—
1. Desirous of sleep. ୨ । ନିଦ୍ରାତୁର (ହୃ.ଶ)—
2. Sleepy; feeling sleepy.

ସୁଷୁପ୍ତ—ସଂ. ବଣ (ସୁ+ସ୍ୱପ୍ ଧାତୁ+କର୍ତ୍ତି କ୍ତ)—୧ । ଗଭୀର ନିଦ୍ରାଗ୍ରସ୍ତ—1. Profoundly asleep. ୨ ।
Sushupta (ସୁଷୁପ୍ତା—ସ୍ତ୍ରୀ) ଅଜ୍ଞ; ଆତ୍ମବୋଧ ଶୂନ୍ୟ—2. Devoid of self-consciousness. ବ—(+ଭାବ. କ୍ତ) ସୁଷୁପ୍ତି;
ଗଭୀର ନିଦ୍ରା—Profound sleep.

ସୁଷୁପ୍ତି—ସଂ. ବ (ସୁ+ସ୍ୱପ୍ ଧାତୁ+ଭାବ. କ୍ତି)—୧ । ସୁନିଦ୍ରା;
Sushupti ଗଭୀର ନିଦ୍ରା—1. Slumber; profound sleep; sound sleep. [ବ—ଯେଉଁ ନିଦ୍ରାରେ ପ୍ରାଣୀର କୌଣସି ବାହ୍ୟଜ୍ଞାନ ବା କାମନା ନ ଥାଏ ଓ ଯହିଁରେ କୌଣସି ସ୍ୱପ୍ନ ଦେଖାଯାଏ ନାହିଁ ତାକୁ ସୁଷୁପ୍ତି ବୋଲାଯାଏ ।] ୨ । (ପାତଞ୍ଜଳ ଦର୍ଶନ) ଚିତ୍ତବୃତ୍ତି ବା ଅନୁଭୂତିବିଶେଷ—2.(Pātanjala philosophy) A kind of mental experience. [ବ—ଏ ଅବସ୍ଥାରେ ଜୀବ କତ୍ୟନ୍ତୃପ୍ତିକୁ ପ୍ରାପ୍ତ ହୋଇଥାଏ, ତାକୁ ଆବର ଦୁଃଖ ପ୍ରାପ୍ତି ବିଷୟରେ ଜ୍ଞାନ ନ ଥାଏ—ହୃ. ଶ । ସୁଷୁପ୍ତି ଅବସ୍ଥାରେ ମନୁଷ୍ୟ ସ୍ୱର୍ଗଲୋକରେ ବିଚରଣ କରେ—ବେଦାନ୍ତ]

ସୁଷୁପ୍ସୁ(ପ୍ସୁ)—ସଂ. ବଣ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଅ, ଉ)—
Sushupsa(psu) ଶୋଇବାକୁ ଇଚ୍ଛୁକ (ହୃ. ଶ)—
Desirous of sleep.

ସୁଷୁପ୍ସା—ସଂ. ବ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଅ —ଶୋଇବାକୁ
Sushupsā ଇଚ୍ଛା (ହୃ. ଶ)—Desire to sleep.

ସୁଷୁମ୍ଣା(ଣା)—ସ୍ତ୍ରୀ. ବ (ସଂ. ସୁଷୁମ୍ନା)—ସୁଷୁମ୍ଣା (ଦେଖ)—
Sushumnā(nā) Sushumnā (See) [ହି—ତାହାକୁ ସୁଷୁମ୍ନା सुखु(ष)मना ସୁଷୁମ୍ନା କହୁ—ପଣୋଦକଂ ପ୍ରେମଭକ୍ତି ବ୍ରହ୍ମଗୀତା ।]

ସୁଷୁମ୍ନା(ମ୍ନା)—ସଂ. ବ (ସୁଷୁ=ଅତ୍ୟନ୍ତ ଶବ୍ଦ+ମ୍ନା ଧାତୁ=ଅଭ୍ୟାସ
Sushumnā(mnā) କରିବା+କର୍ତ୍ତି. ଅ+ଆ)—୧ ।
(ଯୋଗଶାସ୍ତ୍ର) ମେରୁଦଣ୍ଡରେ ଥିବା ଇଡ଼ା ଓ ପିଙ୍ଗଳା ନାଡ଼ୀ ମଧ୍ୟସ୍ଥ ନାଡ଼ୀବିଶେଷ—1. A vein or artery running along the backbone between the two other veins Irdā and Pingalā.
[ବ—ନାସିକାର ବାମ ଭାଗରେ ଇଡ଼ା; ଦକ୍ଷିଣ ଭାଗରେ ପିଙ୍ଗଳା ଓ ମଧ୍ୟଭାଗ (ବ୍ରହ୍ମରନ୍ଧ୍ର) ରେ ସୁଷୁମ୍ନା ପ୍ରବାହିତ । ଇଡ଼ା ଚନ୍ଦ୍ରସ୍ୱରୂପା, ପିଙ୍ଗଳା ସୂର୍ଯ୍ୟସ୍ୱରୂପା ଓ ସୁଷୁମ୍ଣା ତ୍ରିଗୁଣାତ୍ମିକା ବା ମତାନ୍ତରରେ ଅଗ୍ନିସ୍ୱରୂପା—ହୃ. ଶ ।]
୨ । (ବୈଦ୍ୟକ) ନାଭିର ମଧ୍ୟସ୍ଥ ଓ ଶରୀରର ଅନ୍ୟ ନାଡ଼ୀମାନଙ୍କଦ୍ୱାରା ବେଷ୍ଟିତ ନାଡ଼ୀବିଶେଷ (ହୃ. ଶ)—
2. One of the veins inside the navel.

ସୁଷୁରୀ—ଦେ. ବ (ସଂ. ସୁଷିର, କ୍ରମ୍ପା ସୁ+ସ୍ୱର)—୧ । ଏକପ୍ରକାର
Sushurī ବଂଶୀ—1. A kind of flute. ୨। ସିଟି ମାରିବା
सीटि सुषिर ଯନ୍ତ୍ର—2. Whistle.

ସୁଷେଣ—ସଂ. ବ (ବହୁବ୍ରୀହି; ସୁ+ସେନା; ସୁ ଅଛି ସେନା ଯାହାର)
Sushena —୧ । ବିଷ୍ଣୁ—1. A name of Bishnu. ୨।
(ନାମ) ମର୍କଟବିଶେଷ; ବାଳିରାଜାଙ୍କ ଶ୍ୱଶୁର; ତାରାଙ୍କ ପିତା—2. Name of a monkey who was also a physician and the father of Tārā, wife of Bāli. [ବ—ଏ ଯୁଦ୍ଧବିଦ୍ୟା ଓ ଚିକିତ୍ସା ବିଦ୍ୟାରେ ଅତ୍ୟନ୍ତ ନିପୁଣ ଥିଲେ । ରାବଣର ଶକ୍ତିଦ୍ୱାରା ଲକ୍ଷ୍ମଣ ଅଚେତନ ହୁଅନ୍ତେ ଏହାଙ୍କ ପରାମର୍ଶରେ ହନୁମାନ ଔଷଧ ଆଣିବାରୁ ଲକ୍ଷ୍ମଣ ବଞ୍ଚିଲେ । ଏ ଅଶ୍ୱିନୀକୁମାରଙ୍କର, ମତାନ୍ତରରେ ବରୁଣଙ୍କର, ମତାନ୍ତରରେ ଧନ୍ୱନ୍ତରିଙ୍କର ପୁତ୍ର ଥିଲେ । ଏ ବାଳିଙ୍କ ଶ୍ୱଶୁର ଓ ସୁଗ୍ରୀବଙ୍କ ବୈଦ୍ୟ ଥିଲେ । ରାମ-ରାବଣ ଯୁଦ୍ଧ ସମୟରେ ଏ ରାମଚନ୍ଦ୍ରଙ୍କୁ ବହୁ ସାହାଯ୍ୟ କରିଥିଲେ ।] ୩ । କରମର୍ଦ୍ଦ; କରଦା ବୋଲି ଗଛ—
3. Name of a tree; Carissa Caranda.
[ହି—ବେ ବୋଲେ ଅମ୍ଳ ରାମ ସୈନ୍ୟ ପସ୍ୱ, କଞ୍ଚନ ଡାଳିମ୍ବ ସୁଷେଣାଦି ଥିବାଏ । ଭଞ୍ଜ. ବୈଦେହୀଶବିଳାସ ।]
୪ । ବେତସ ଲତା—4. Ratan cane. ୫ ।
(ନାମ) ଶ୍ରୀକୃଷ୍ଣଙ୍କର ଏକ ପୁତ୍ର (ହୃ. ଶ)—5. A son of

Srikrushna. ୬ । (ନାମ) ପରୀକ୍ଷିତଙ୍କର ଏକ ପୁତ୍ର (ହ୍ବ. ଶ)—6. A son of King Parikshita. ୭ । (ନାମ) ବସୁଦେବଙ୍କର ଏକ ପୁତ୍ର (ହ୍ବ. ଶ)—7. A son of Basudeba. ୮ । (ନାମ) ଶମ୍ବରର ଏକ ପୁତ୍ର (ହ୍ବ. ଶ)—8. A son of Sambara demon. ୯ । (ନାମ) ଦ୍ୱିତୀୟ ମନୁଙ୍କ ଏକ ପୁତ୍ର (ହ୍ବ. ଶ)—9. A son of the 2nd Manu. ୧୦। (ନାମ) ଗନ୍ଧର୍ବ ବିଶେଷ—10. Name of one of the Gandharbas. ୧୧। (ନାମ) ଯକ୍ଷ ବିଶେଷ (ହ୍ବ.ଶ)—11. Name of a Jaksha. ୧୨ । (ନାମ) ନାଗାସୁର ବିଶେଷ (ହ୍ବ. ଶ)—12. Name of a Nāga demon.

ସୁଷେଣିକା—ସଂ. ବି—କୃଷ୍ଣ ନିଶୁଣା (ଅମର); ଶ୍ୟାମାନିଶୁଣ; କଳା
Sushenikā ତ୍ରିବୃତ୍—A black variety of Ipomœa Turpethum.

ସୁଷେଣୀ—ସଂ. ବି—ନିଶୁଣ; ତ୍ରିବୃତ୍ (ରାଜନିର୍ଘଣ୍ଟ)—
Susheni Ipomœa Turpethum.

ସୁଷୋମା—ସଂ. ବି—ନଦୀ ବିଶେଷ (ଭାଗବତ)—Name of a
Sushomā river mentioned in the Bhāgabata.

ସୁଷ୍ଠୁ—ସଂ. ଅ (ସୁ+ସ୍ଥା ଧାତୁ+କର୍ତ୍ତି. କୁ)—୧ । ସୁନ୍ଦର ରୂପେ—
Sushthu 1. Well; excellently. ୨ । ସତ୍ୟ—2. True. ୩ । ଶ୍ରେଷ୍ଠ—3. Excellent; pre-eminent. ୪ । ଅତିଶୟ—4. Very; much. ୫ । ଯଥାଯୋଗ୍ୟ—5. Proper. ୬ । ସୁନ୍ଦର—6. Beautiful.

ସୁଷ୍ଠୁତା(ତ୍ୱ)—ସଂ.ବି (ସୁଷ୍ଠୁ+ଭାବ. ତା)—୧। ମଙ୍ଗଳ; କଲ୍ୟାଣ (ହ୍ବ. ଶ)
Sushthutā(wa) —1. Bliss. ୨ । ସୌଭାଗ୍ୟ (ହ୍ବ ଶ)—2. Good fortune; prosperity. ୩ । ସୁନ୍ଦରତା (ହ୍ବ. ଶ)—3. Beauty; grace.

ସୁଷ୍ମ—ସଂ. ବି—୧ । ରଜ୍ଜୁ (ସ୍ୱାମୀ)—1. Rope. ୨ । ବେତସ (ରାଜନିର୍ଘଣ୍ଟ)—2. Cane; ratan. ୩ । କରମର୍ଦ୍ଦକ (ଅମର); କେରେଣ୍ଡା କୋଳି—3. A kind of a plum; Carissa Caranda.
Sushma

ସୁସ୍ତା—ପ୍ରାଦେ (ଲବଣ) କ୍ରି. ବଣ—ଧୀରେ ଧୀରେ—
Sus-tā Slowly.

ସୁଁ ସୁଁ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଥଣ୍ଡି ଯୋଗୁଁ ନାକରୁ
Sun̄ sun̄ ବାହାରିବା ଅନୁନାସିକ ଶବ୍ଦ—1. Nasal sound
सूँ सूँ due to cold. ୨ । ଧୀରେ କରି କାନ୍ଦିବାର ଶବ୍ଦ—
सूँ सूँ 2. Sound of slow sighing cry; whining whimpering sound.

ସୁଁ ସୁଁଆ—ଦେ. ବଣ (ପୁଂ)—ଯେଉଁ ବ୍ୟକ୍ତି ସବୁଦା ଥଣ୍ଡି ଯୋଗୁଁ
Sun̄ sun̄ān̄ ନାକରୁ ସୁଁ ସୁଁ ଶବ୍ଦ କରେ—A person
(ସୁଁସୁଁଈ—ସ୍ତ୍ରୀ) who always suffers from cold and
शर्दि लेको emits a nasal sound on account of
सूँ सूँ करने वाला mucus in the nasal passage.

ସୁସମ୍ବାଦ—ସଂ. ବି—ଶୁଭବାର୍ତ୍ତା; ସୁସମାଚାର—
Susambāda Good news.
(ଦ୍ବୈସଂବାଦ—ବିପରୀତ)

ସୁସଂଯତ—ସଂ. ବଣ (ସୁ+ସମ୍+ଯମ୍ ଧାତୁ+କର୍ମ. ତ)—
Susamjata ୧ । ଦୃଢ଼ବଦ୍ଧ—1. Well attached. ୨ । (ସୁସଂଯତା—ସ୍ତ୍ରୀ) ଯଥାବିଧି ନିୟମିତ—2. Well regulated. ୩ । ଯଥାବିଧି ସଂଯମ ରକ୍ଷିତ—3. Well kept under control; well disciplined.

ସୁସଂସ୍କୃତ—ସଂ. ବଣ—୧ । ଉତ୍ତମ ରୂପେ ପକ୍ୱ ବା ସିଦ୍ଧ—
Susamskruta 1. Well-boiled. ୨ । ଘୃତାଦି ଦ୍ୱାରା ପ୍ରଯତ୍ନ ସଂସ୍କୃତ (ବ୍ୟଞ୍ଜନାଦି)—2. Well seasoned and fried (curry). ୩ । ଯାହାର ଉତ୍ତମ ରୂପେ ସଂସ୍କାର କରା ଯାଇଅଛି—3. Thoroughly repaired.

ସୁସଁ—ପ୍ରାଦେ. (ଗଞ୍ଜାମ) ବି—ଶୋଷ—
Susan̄ Thirst.

ସୁସଙ୍ଗ—ସଂ. ବି—୧ । ଉତ୍ତମ ସଙ୍ଗ—1. Good company ୨ ।
Susanga ସାଧୁଙ୍କ ସଙ୍ଗ—2. Companionship of good people.
[ସୁସଙ୍ଗତି—ଅନ୍ୟରୂପ]

ସୁସଙ୍ଗତ—ସଂ. ବଣ (ସୁ+ସଙ୍ଗତ)—୧ । ଉତ୍ତମ ରୂପେ ଯୁକ୍ତିଯୁକ୍ତ—
Susangata 1. Fairly reasonable. ୨ । ସୁଯୋଗ୍ୟ—(ସୁସଙ୍ଗତି—ବି) 2. Very fit. ୩ । ନିତ୍ୟ—3. Permanent. ୪ । ଅତି ଉଚିତ—4. Very proper.

ସୁସଜ୍ଜ—ସଂ. ବଣ (ବହୁବ୍ରୀହି; ସୁ+ସଜ୍ଜା+ଅ)—ଉତ୍ତମରୂପେ ସଜ୍ଜିତ
Susajja ବା ଅଳଙ୍କୃତ—Well adorned or equipped nicely fitted.
[ସୁସଜ୍ଜିତ—ଅନ୍ୟରୂପ]
(ସୁସଜ୍ଜା—ସ୍ତ୍ରୀ)

ସୁସଜ୍ଜା—ସଂ. ବଣ. ସ୍ତ୍ରୀ (ସୁସଜ୍ଜ+ଆ)—ସୁସଜ୍ଜର ସ୍ତ୍ରୀ ଲିଙ୍ଗ—
Susajjā Feminine of Susajja. ସଂ. ସ୍ତ୍ରୀ ବି—ଉତ୍ତମ ସଜ୍ଜା—Nice equipment.

ସୁସଜ୍ଜୀକୃତ—ସଂ. ବଣ. ପୁଂ (ସୁ+ସଜ୍ଜୀକୃତ)—ଯାହା ଉତ୍ତମ ରୂପେ
Susajjikruta ସଜ୍ଜିତ ବା ଅଳଂକୃତ କରା ଯାଇଅଛି—
(ସୁସଜ୍ଜୀକୃତା—ସ୍ତ୍ରୀ) Recently decorated well by
(ସୁସଜ୍ଜୀକରଣ—ବି) another person.

ସୁସଜ୍ଜୀଭୂତ—ସଂ. ବଣ ପୁଂ. (ସୁ+ସଜ୍ଜୀଭୂତ)—ଯାହା ବା ଯେ ପୂର୍ବେ
Susajjibhūta ସୁସଜ୍ଜିତ ନ ଥିଲା ଓ ବର୍ତ୍ତମାନ ନିଜେ ସୁସଜ୍ଜିତ
(ସୁସଜ୍ଜୀଭାବ—ବି, ସୁସଜ୍ଜୀଭୂତା—ସ୍ତ୍ରୀ.ବଣ) ହୋଇଅଛି—Recently well equipped or adorned himself.

ସୁସଞ୍ଚ—ଦେ. ବଣ (ସଂ. ସୁସଜ୍ଜ)—୧ । ଅତି ସୁନ୍ଦର—1. Very
Susancha nice. ୨ । ସଜ୍ଜିତ; ପ୍ରସ୍ତୁତ—2. Fitted; pre-
परमसुन्दर pared. [ଦ୍ର—ବାହାରିଲୁ ସୁସଞ୍ଚ ସମନସ୍ତର, ମଣି ତେଜଣ
खुबसुरत ପୁଞ୍ଜ ଗନ୍ଧ ମୁଖ । ଉଦ୍ଧ. ବୈଦେହୀଶ ବିଳାସ ।]

ସୁସଞ୍ଚିତ—ସଂ. ବଣ—ଉତ୍ତମ ରୂପେ ବା ଯତ୍ନପୂର୍ବକ ସାଇତା ହୋଇଥିବା
Susañchita —Well stored; stored with care.
(ସୁସଞ୍ଚୟ—ବ)

ସୁସଞ୍ଚିବା—ଦେ. କ୍ରି—ଯତ୍ନପୂର୍ବକ ବା ଉତ୍ତମରୂପେ ସଞ୍ଚୟ କରିବା—
Susañchibā To store carefully. [ଉ—ଏ ଧନ ଦ୍ରବ୍ୟ ସୁସଞ୍ଚୁଲେ, ସଞ୍ଚିବ ଥାଇ ଅନ୍ତକାଳେ । ପ୍ରାଚୀ· କର୍ଣ୍ଣ ମାହାତ୍ମ୍ୟ ।]
सञ्चयकरना सं'चयकरना

ସୁସତ୍ୟା—ସଂ. ବି· ସ୍ତ୍ରୀ—ଜନକ ରାଜାଙ୍କର ଏକ ରାଣୀ (ଜାନକୀ-
Susatyā ପୁରାଣ)—A wife of king Janaka.

ସୁସବୀ—ସଂ. ବ—ସୁଷବୀ (ଗାସ୍ତ ମୁଳ୍ଟ) (ଦେଖ)
Susabī Sushabī (See)

ସୁସମୟ—ସଂ. ବ—୧ । ସୁଖର ସମୟ—1. Happy time. ୨ ।
Susamaya ସୁଦିନ—2. Good day. ୩ । ସୁଭିକ୍ଷ କାଳ—3. Time of plenty.

ସୁସମାଚାର—ସଂ. ବ—ସୁସମ୍ବାଦ; ଉତ୍ତମ ସମ୍ବାଦ; ଶୁଭ ଖବର—
Susamāchāra Good news.
[ଉ—"ବହୁ ଅଣ ସ୍ୱଦେଶୁ ସୁସମାଚାର
ଲଭବ ନାହିଁ ଅଭ ଦର୍ଶନ ପାଇ ।"
କବାସିତର ବଳାପ—ମଧୁସୂଦନ ।]
ଦେ· ବ—ଖ୍ରୀଷ୍ଟାନ୍ ଧର୍ମପୁସ୍ତକରେ ଉକ୍ତ ଉକ୍ତ ଅଂଶରେ ଲିପିବଦ୍ଧ ହୋଇଥିବା ଧର୍ମ-ସଂବାଦ ଯଥା—ମାଥିଉ, ଲ୍ୟୁକ୍, ଜନ୍ ଆଦି ମହର୍ଷିଙ୍କ ଲିଖିତ ସୁସମାଚାର)—Relations recorded in the Bible; the Epistles in the Bible (e. g. Luke, Mathew, John etc).

ସୁସମୃଦ୍ଧ—ସଂ, ବଣ—ଅତ୍ୟନ୍ତ ସମୃଦ୍ଧିଶାଳୀ—Very prosperous.
Susamṛudha (ସୁସମୃଦ୍ଧି—ବ)

ସୁସମେ—ଦେ. ଅ (ସଂ ସୁସମ) —ସମାନ; ସଦୃଶ—Like; similar.
Susame [ଉ—ତୁଲନ୍ତି ଜଗତେ ଯେଉ ସଙ୍ଗତରେ ସୁସମେ ନ ମିଳେ ବର । ଭଞ୍ଜ· ବୈଦେହୀଶବିଳାସ ।]
समान, सुसमे समान

ସୁସମ୍ପଦ(ଦ୍)—ସଂ. ବ—ସୌଭାଗ୍ୟ (ଦ୍ବିକାଣ୍ଡ ଶେଷ)—
Susampat(da) Good fortune; prosperity.

ସୁସମ୍ପନ୍ନ—ସଂ. ବଣ—ଉତ୍ତମରୂପେ ନିଷ୍ପନ୍ନ; ସୁନିଷ୍ପନ୍ନ—
Susampanna Well accomplished.
(ସୁସମ୍ପାଦନ—ବ) (ସୁସମ୍ପାଦିତ—ଅନ୍ୟରୂପ)

ସୁସମ୍ବର—ଦେ. ବ—୧ । ଶିଶୁମାର (ଦେଖ)—1. Sisumāra
Susambara (See) ୨ । ରକ୍ତଖାଇ (ଦେଖ)—2. Rakta-khāi (See)

ସୁସମ୍ବାଦ—ସଂ· ବ—ଆନନ୍ଦଜନକ ଖବର—
Susambāda Happy news.

ସୁସହ—ସଂ· ବଣ (ସୁ+ସହ୍. ଧାତୁ+କର୍ମ. ଅ)—ଅନାୟାସରେ
Susaha ସହ୍ୟ; ସୁଖସହ୍ୟ—Easily bearable. ସଂ
[ସୁସହା—ସ୍ତ୍ରୀ. ବଣ] ବ—ଶିବଙ୍କର ଏକ ନାମ (ହ. ଶ)—
(ଦୁଃସହ—ବିପରୀତ) A name of Siba.

ସୁସାଧ୍ୟ—ସଂ. ବଣ (ସୁ+ସାଧ୍. ଧାତୁ+କର୍ମ· ଯ)—ସୁକର; ଅନାୟାସ-
Susādhya ସାଧ୍ୟ; ସହଜରେ ସାଧନୀୟ—Easily accomplishable.
[ଦୁଃସାଧ୍ୟ—ବିପରୀତ]
(ସୁସାଧନ, ସୁସାଧ୍ୟତା—ବ) (ସୁସାଧନୀୟ—ଅନ୍ୟରୂପ)

ସୁସାର—ସଂ. ବଣ (ବହୁବ୍ରୀହି; ସୁ+ସାର)—୧ । ଶ୍ରେଷ୍ଠ—1. Excel-
Susāra lent. ୨ । ସର୍ବୋତ୍କୃଷ୍ଟ—2. Superior to all. ୩ । ଅତ୍ୟନ୍ତ ସାରବିଶିଷ୍ଟ—3. Substantial; having good essence or sap. ୪ । ସୁଦୃଢ଼—4. Very strong. ବ—୧ । ଉତ୍ତମ ସାର—1. Good essence, sap or substance. ୨ । ସାରବତା—2. Competence (M. W) ୩ । (ବହୁବ୍ରୀହି; ସୁ+ସାର ଯାହାର) ରକ୍ତଖଦିର (ରାଜନିର୍ଘଣ୍ଟ)—3. Red catechu. ୪ । ଇନ୍ଦ୍ରନୀଳମଣି (ହ· ଶ)—4. Sapphire. ଦେ. ବଣ—୧ । ପ୍ରଚୁର; ଯଥେଷ୍ଟ—
यथेष्ट 1. Enough; sufficient. ୨ । ଅତ୍ୟନ୍ତ ଆଦରଯୁକ୍ତ—
पूरा, सुधार 2. Very fond. ୩ । ଉତ୍ତମ—3. Good. ୪ । ସହଜ—4. Easy. ୫ । ସଚ୍ଚରିତ (ବାଳକ)—5. Of good conduct (boy). ୬ । ଦୋଷମୁକ୍ତ—6. Free from defects. ୭ । ସୁସ୍ଥ; ସୁସ୍ଥତାଯୁକ୍ତ (ଶରୀର)—7. Healthy (body). ୮ । ରୋଗମୁକ୍ତ (ଦେହ)—8. Cured; recovered from illness. ୯ । ମରାମତି କରାଯାଇଁ ସଜଡ଼ା ଯାଇଥିବା—9. Repaired; set right

ସୁସାର ବଚନ—ଦେ· ବ.—ମିଠା କଥା—Sweet words.
Susāra bachana ପ୍ରାଦେ (ଗଞ୍ଜାମ)ବ—ଫୋଟଫାଟକଥା—
मिष्टिकथा मीठीबात Bold language, outspokenness·

ସୁସାରବତ୍—ସଂ. ବ—ସ୍ଫଟିକ (ତ୍ରିକାଣ୍ଡଶେଷ);
Susaārabat Quartz.

ସୁସାରିବା—ଦେ. କ୍ରି—୧ । ଅସୁସ୍ଥ ଦେହକୁ ସ୍ୱାସ୍ଥ୍ୟାବସ୍ଥାକୁ ଆଣିବା—
Susāribā 1.To restore to health. ୨ । ଦୋଷମୁକ୍ତ
सुधरान सुधारना କରିବା—2. To free from defects.

ସୁସାରରେ—ଦେ. କ୍ରି. ବଣ—୧ । ଉତ୍ତମରୂପେ—Goodly; well.
Susārare ୨ । ନିର୍ଦ୍ଦୋଷ ରୂପେ—2. Faultlessly. ୩ ।
उत्तमरूपे · अच्छीतरह ଅତ୍ୟନ୍ତ ଆଦର ସହକାରେ—3. With great fondness. [ଉ—ଯତ୍ନେ ସମ୍ଭାବିବା ଚନ୍ଦ୍ରାମଣି ଅବା ମୋ କରେ ଦେଲୁ ସୁସାରରେ । କବିସୂର୍ଯ୍ୟ—କଳୋଲଚମ୍ପୂ ୬ ଗୀତ ।] ୪ । ବିନା ଆପତ୍ତିରେ—4. Without any objection. [ଉ—ସୁଜା ଅସ୍ତ୍ରଦୁର୍ଗର ଏ ଉପାରେ, ଉଠେ ଏବେ ବଳେ ଦେଉ ସୁସାରେ । କବିସୂର୍ଯ୍ୟ—କଳୋଲଚମ୍ପୂ ୬ ଗୀତ ।]

ସୁସିକତା—ସ.ବ.—(ସୁ+ସିକତା) ୧ । ଉତ୍ତମ ବାଲୁକା—1 Good,
Susikstā sand. ୨ । ଶର୍କରା(ରାଜନିର୍ଘଣ୍ଟ)—2 Molasses. ୩ । ଚିନି (ହ ଶ)—3 White sugar.

ସୁସିଦ୍ଧ—ସଂ. ବଣ—୧ । ଉତ୍ତମରୂପେ ସିଦ୍ଧ ବା ପକ୍ୱ (ଅନ୍ନାଦି)—
Susiddha 1. Well boiled; well dressed (food).
୨ । ଉତ୍ତମରୂପେ ସଫଳ (ଉଦ୍ଦେଶ୍ୟ, କର୍ମ)—2. Well successful (work, aim). ୩ । (ବିଦ୍ୟା, ତପସ୍ୟା, ଯୋଗ ସାଧନାଦିରେ) ଉତ୍ତମରୂପେ ସିଦ୍ଧିଲାଭ କରିଥିବା (ବ୍ୟକ୍ତି)—3. Adept; well proficient.

ସୁସିଦ୍ଧି—ସଂ. ବି—ସାହିତ୍ୟର ଅଳଙ୍କାର ବିଶେଷ—
Susiddhi Name of a rhetorical figure.
[ଦ୍ର—ଯେଉଁଠାରେ ଜଣେ ମନୁଷ୍ୟର ପରିଶ୍ରମର ଫଳ ଅନ୍ୟ ଲୋକ ଭୋଗ କରେ ସେଠାରେ ଏହି ଅଳଙ୍କାର ହୁଏ—ହି. ଶ ।]

ସୁସିର—ସଂ. ବି—ବାଗ୍ଭଟ ଅନୁସାରେ ଦାନ୍ତମୂଳର ସରସା ରୋଗ—
Susira A disease of the gum.
[ଦ୍ର—ଏ ରୋଗରେ ଦାନ୍ତକୁ ଫୁଲିଥାଏ ଓ ଖୁବ୍ ଦରଜ ହୁଏ; ଦାନ୍ତମୂଳରୁ ବହୁତ ରକ୍ତ ବହେ ଓ ଦାନ୍ତମୂଳର ମାଂସ କଟିଯାଏ ବା ଗଳିପଡ଼େ; ପିତ୍ତ ଓ ରକ୍ତ ଦୂଷିତ ହେବାରୁ ଏ ରୋଗ ହୁ —ହି ଶ ।]

ସୁସୀତା—ସଂ. ବି—ଶତପତ୍ରୀ; ସେବତୀ (ହି. ଶ)
Susitā Musk rose.

ସୁସୀମା—ସଂ. ବି (ନାମ)—ସୁପ୍ରଭଦେବଙ୍କ ଷଷ୍ଠ ଜିନଙ୍କ ଜନନୀ—
Susimā Name of th mother of the sixth Jaina saint.

ସୁସୁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ପବନର ଜୋରରେ ବହିବାର
Susu ଶବ୍ଦ—1. he hissing sound of blowing
শোঁশোঁ wind. ୨ । ସର୍ପ ଗର୍ଜିବାର ଶବ୍ଦ—2. The
सर सर hissing sound of a snake. ୩ । ଓଠଦ୍ୱାରା ସିଟି ମାରିବାର ଶବ୍ଦ—3. The sound of whistling
খোঁস্‌খোস্‌ सुस् with the lips.

ସୁସୁନି(ଣ୍ଡି)—ଗ୍ରାଦେ (ମେଦିନୀପୁର ଓ ବାଲେଶ୍ୱର) ବି—(ସଂ. ସୁନିଷଣ୍ଣକ; ଭୁଲ—ବ. ସୁସନେ)—ସୁନିଷୁଣିଆ (ଦେଖ)—
Susuni(ndi) Sunishunia (See)

ସୁସୁମାର—ଦେ. ବି (ସଂ. ଶିଶୁମାର)—ଶିଶୁମାର (ଦେଖ)
Susumāra Gangetic porpoise.
শিশুমার, শুশুক सूसमार, सूँ(सँ)स

ସୁସୁର ପ୍ରିୟା—ସଂ. ବି—ଜାତିପୁଷ୍ପ (ଦେଖ) (ହି. ଶ)—
Susura priyā Jāti pushpa (See)

ସୁସୂକ୍ଷ୍ମ—ସଂ. ବଣ—ଅତି ସୂକ୍ଷ୍ମ—Very minute; ବି—ପରମାଣୁ
Susūkshma (ହି. ଶ)—Molecule.

ସୁସୂକ୍ଷ୍ମ ପତ୍ର—ସଂ. ବି—ଜଟାମାଂସୀ (ହି. ଶ)—
Susūkshma patrā Indian spikenard.

ସୁସୌଭଗ—ସଂ. ବି—ଦାମ୍ପତ୍ୟ ସୁଖ (ହି. ଶ)—
Susaubhaga Conjugal happiness.

ସୁସ୍କନ୍ଦନ—ସଂ. ବି—ବବୁର ବୃକ୍ଷ (ହି. ଶ)—
Suskandana Acacia Arabica (tree).

ସୁସ୍କିବା—ଗ୍ରାଦେ (ଲଇଥ) କ୍ରି, (ଭୁଲ. ହି. ସୁସୁକ୍‌ନା)—ସକେଇ
Suskibā ସକେଇ କାନ୍ଦିବା—To cry with bated sobs; to whimper.

ସୁସ୍ତ—ଗ୍ରା. ବଣ (ସଂ. ସୁସ୍ଥ)—୧ । ସୁସ୍ଥ—1. Healthy. ୨ । ନିଶ୍ଚିନ୍ତ;
Susta ଚିନ୍ତାଶୂନ୍ୟ—2. Free from anxiety. ବି—
স্বস্থ ୧ । ସୁସ୍ଥତା—1. Health. ୨ । ସୁଖ—2. Happi-
सुस्थ ness. ୩ । ସ୍ୱଚ୍ଛନ୍ଦତା—3. Comfort. ବୈଦେ, ବଣ
সুস্ত (ଫା. ସୁସ୍ତ୍)—୧ । ଦୁର୍ବଳ—1. Weak; devoid of
सुस्त strength. ୨ । ଚଳିବା ବା ଲଢ଼ିବା ଆଦି ଯୋଗ୍ୟ ନଥିବା ବା ନିସ୍ତେଜ—2. Shorn of vigour. ୩ । ଯାହାର ବେଗ, ପ୍ରବଳତା, ଗତି ଆଦି ମନ୍ଦ ହୋଇ ଯାଇଅଛି; ମାନ୍ଦା—3. With one's motion slackened. ୪ । ଅଳସ; ଅଳସୁଆସ୍ୱଭାବ—4. Idle; lazy. ୫ । ମନ୍ଥର—5. Slow; slothful. ୬ । ଶିଥିଳ—6. Slack. ୭ । ଦୀର୍ଘସୂତ୍ରୀ—7. Dilatory.

ସୁସ୍ତନା—ସଂ. ବଣ ଓ ବି, ସ୍ତ୍ରୀ (ବହୁବ୍ରୀହି; ସୁ+ସ୍ତନ+ଅ)—
Sustanā ୧ । ସୁନ୍ଦର ସ୍ତନବିଶିଷ୍ଟା ନାରୀ (ହି. ଶ)—
1. A woman with charming breasts.
୨ । ପ୍ରଥମ ଥର ରଜସ୍ୱଳା ହୋଇଥିବା ସ୍ତ୍ରୀ (ହି. ଶ)—
2. A girl who has had her first menstruation.

ସୁସ୍ତା—ଗ୍ରାଦେ. (ବାଲେଶ୍ୱର) ବି—କ୍ଷୁଦ୍ର ମତ୍ସ୍ୟ ବିଶେଷ—
Sustā A kind of small fish.

ସୁସ୍ତାଇବା—ଗ୍ରାଦେ. (ଲଇଥ) କ୍ରି. (ଭୁଲ. ହି. ସୁସ୍ତାନା)—
Sustaibā ଥକା ମାରିବା; ଶ୍ରମ ମେଣ୍ଟାଇବା—To refresh oneself after fatigue.

ସୁସ୍ତି—ଗ୍ରା. ବଣ ଓ ବି—ସୁସ୍ତ (ଦେଖ)—Sust (See). ବୈଦେ.
Susti ବଣ (ଫା. ସୁସ୍ତ)—୧ । ଅଳସୁଆ—1. Lazy; idle.
আলসে ୨ । ଦୀର୍ଘସୂତ୍ରୀ; ମନ୍ଥର—2. Slow; dilatory. ୩ ।
सुस्त ଶିଥିଳ—3. Slack. ବି—୧ । ବିଶ୍ରାମ—1. Rest.
୨ । ଅଳସ୍ୟ—2. Idlness. ୩ । ମନ୍ଥରପଣ—3. Slowness. ୪ । ଶିଥିଳତା—4. Slackness ୫ । ଦୀର୍ଘସୂତ୍ରିତା—5, Dilatoriness

ସୁସ୍ଥ—ସଂ. ବଣ (ତ୍ରି) (ସୁ+ସ୍ଥା. ଧାତୁ+କର୍ତ୍ତୃ. ଅ)—୧ । ସ୍ୱାସ୍ଥ୍ୟଯୁକ୍ତ;
Sustha ଆରୋଗ—1. Healthy; hale; free from
(ସୁସ୍ଥା—ସ୍ତ୍ରୀ sickness. ୨ । ସୁସ୍ଥିର—2. Calm; fixed
[ସୁସ୍ଥତା(ତ୍ୱ)—ବି] ୩ । ସ୍ୱଚ୍ଛନ୍ଦ—3. Easy; comfortable.
[ବିପରୀତ—ଅସୁସ୍ଥ] ୪ । ସୁଖୀ—4. Happy. ୫ । ନିଶ୍ଚିନ୍ତ—5. Free from anxiety. ୬ । ସୁନ୍ଦର—6. Beautiful. ୭ । ଉତ୍ତମ ରୂପେ ସ୍ଥିତ (ହି. ଶ)—7. Well placed; well situated.

ସୁସ୍ଥକାୟ—ସଂ. ବି (କର୍ମଧା)—ଆରୋଗ ଦେହ—Healthy body.
Susthakāya ବଣ (ତ୍ରି) (ବହୁବ୍ରୀହି)—ଯାହାର ଦେହରେ

(ସୁସ୍ଥ ଦେହ, ସୁସ୍ଥ ଶରୀର—ଅନ୍ୟରୂପ) ରୋଗ ନାହିଁ—Healthy.
(ସୁସ୍ଥକାୟା, ସୁସ୍ଥ ଦେହା, ସୁସ୍ଥ ଶରୀରା—ସ୍ତ୍ରୀ)

ସୁସ୍ଥ ଚିତ୍ତ—ସଂ. ବିଣ. ପୁଂ (ବହୁବ୍ରୀହି)—ସ୍ଥିରଚିତ୍ତ; ସୁଖୀ—
Sustha chitta Of easy mind; delighted.
(ସୁସ୍ଥଚିତ୍ତା - ସ୍ତ୍ରୀ)
[ସୁସ୍ଥଚେତାଃ, ସୁସ୍ଥମନାଃ—ଅନ୍ୟ ପୁଂ ଓ ସ୍ତ୍ରୀରୂପ]

ସୁସ୍ଥତା(ତ୍ୱ)—ସଂ. ବି (ସୁସ୍ଥ+ଭାବ ତା; ତ୍ୱ)—୧ । ଆରୋଗ୍ୟତା—
Susthatā(twa) 1. Good health; freedom from illness. ୨ । ସୁଖଦତା—2. Comfort. ୩ । ସୁଖ—3. Happiness. ୪ । ସୁସ୍ଥିରତା—4. Calmness. ୫ । କୁଶଳ; କ୍ଷେମ (ହି. ଶ)—5. Weal; bliss. ୬ । ଆନନ୍ଦ (ହି. ଶ)—6. Joy.

ସୁସ୍ଥି—ଦେଶଜ, ବି ଓ ବିଣ—ସୁସ୍ତ (ଦେଖ)
Susthi Susta (See)

ସୁସ୍ଥିତ—ସଂ. ବିଣ. ପୁଂ—୧ । ଉତ୍ତମରୂପେ ଅବସ୍ଥିତ—Well situated; well positioned. ୨ । ସୁସ୍ଥ (ହି. ଶ)—
Susthita
(ସୁସ୍ଥିତା—ସ୍ତ୍ରୀ) 2. Healthy. ୩ ଭାଗ୍ୟବାନ୍ (ହି. ଶ)—
[ସୁସ୍ଥିତତା(ତ୍ୱ), ସୁସ୍ଥିତି—ବି] 3. Fortunate. ୪ । ପ୍ରହୃଷ୍ଟ, ଆନନ୍ଦିତ—4. Delighted. ସଂ. ବି—୧ । ଯେଉଁ ବାସ୍ତୁର ବା ଘରର ଚାରି ପାଖରେ ରାସ୍ତା ବା ମାର୍ଗ ଥାଏ (ହି. ଶ)—1. A homestead or house having roads on all sides. ୨ । ଘୋଡ଼ାଙ୍କର ଏକ ରୋଗ (ହି. ଶ)— 2. A kind of horse-disease [ବି—ଏ ରୋଗଗ୍ରସ୍ତ ଘୋଡ଼ା ସବୁବେଳେ ଠିଆ ହୋଇ ରହେ ଓ ଖାଏ । ଦେହରୁ ଘାମ ବୋହୁଥାଏ—ହି ଶ।] ୩ । (ଜୈନ) ଜୈନାଗ୍ରଣୀ ବିଶେଷ (ହି. ଶ)—3. Name of a Jaina preceptor.

ସୁସ୍ଥିର—ସଂ. ବିଣ ପୁଂ—୧ । ଅତି ସ୍ଥିର—1. Very calm. ୨ । ଅଚଳ ନିଶ୍ଚଳ—2. Fixed. ୩ । ସୁନିଶ୍ଚିତ—
Susthira
(ସୁସ୍ଥିରା—ସ୍ତ୍ରୀ) 3. Certain.

ସୁସ୍ଥିରା—ସଂ. ବିଣ. ସ୍ତ୍ରୀ—ସୁସ୍ଥିରର ସ୍ତ୍ରୀଲିଙ୍ଗ—Feminine of
Susthirā Susthira. ସଂ. ବି—ରକ୍ତବାହକ ଶିରା (ହି. ଶ)—Blood vessels.

ସୁସ୍ନା—ସଂ. ବି— ଶମୀଧାନ୍ୟ ଭେଦ (ସ୍ୱଳ୍ପବର୍ଣ୍ଣ); ଖେସାରି—
Susnā A kind of pulse, Lathegra Sativus.

ସୁସ୍ନାତ—ସଂ. ବିଣ (ପୁଂ) (ସୁ+ସ୍ନାତ)—୧ । ଯଜ୍ଞଶେଷରେ ସ୍ନାନ କରିଥିବା—1. One who had his sacrificial bath. ୨ । ସୁନ୍ଦରରୂପେ କୃତସ୍ନାନ—
Susnāta
(ସୁସ୍ନାତା—ସ୍ତ୍ରୀ) 2. Well-washed. ୩ । ମାଙ୍ଗଲ୍ୟ ଦ୍ରବ୍ୟ ବା ସର୍ବୌଷଧି ମିଶ୍ରିତ ଜଳଦ୍ୱାରା କୃତସ୍ନାନ—3. Bathed with medicated or auspicious ingredients mixed in water. ବି (ସୁ+ସ୍ନା ଧାତୁ+ଭାବ. ତ) —ସୁସ୍ନାନ(ଦେଖ)—Susnāna (See)

ସୁସ୍ନାନ—ସଂ. ବି—୧ । ଉତ୍ତମ ସ୍ନାନ—1. A good bath; a
Susnāna thorough bath. ୨। ଯଜ୍ଞାନ୍ତ ସ୍ନାନ; ଅବଭୃଥ—2. Bath after a Vedic sacrifice. ୩ । ସର୍ବୌଷଧି ମିଶ୍ରିତ ଜଳରେ ସ୍ନାନ—3. Bath with medicated water.

ସୁସ୍ନିଗ୍ଧ—ସଂ. ବିଣ—୧ । ଅତି ସ୍ନିଗ୍ଧ—1. Very smooth. ୨ ।
Susnigdha ଅତି ମୃଦୁ—2. Very mild. ୩ । ଅତି
(ସୁସ୍ନିଗ୍ଧତା—ବି) ମଧୁର—3. Very sweet. ୪। ସୁଶୀତଳ—4. Agreeably cool.

ସୁସ୍ନେହା—ଦେ. ବିଣ. ସ୍ତ୍ରୀ—ଉତ୍ତମ ସ୍ନେହବତୀ ସ୍ତ୍ରୀ; ସ୍ନେହବତୀ—Very
Susnehā স্নেহবতী सुस्नेहा affectionate (woman).
(ସୁସ୍ନେହୀ—ପୁଂ. ଓ ସ୍ତ୍ରୀ—ଅନ୍ୟରୂପ) (ଉ—ବନ୍ଧୁ ଯାହା ତାହା ସୁଦେହା ସୁସ୍ନେହା କାଳି ନ ଥିବୁ ଅବଶ୍ୟ । ଉଦ୍ଧ. ବୈଦେହୀଶ ବିଳାସ ।)

ସୁସ୍ପଷ୍ଟ—ସଂ. ବିଣ—୧ । ଅତିଶୟ ସ୍ପଷ୍ଟ—1. Very clear. ୨ ।
Suspashta ସୁବ୍ୟକ୍ତ—2. Well evident.
(ସୁସ୍ପଷ୍ଟତା—ବି)

ସୁସ୍ୱଧା—ସଂ. ବିଣ—୧ । କଲ୍ୟାଣ; ମଙ୍ଗଳ (ହି. ଶ)—
Suswadhā 1. Bliss; weal.
୨ । ସୌଭାଗ୍ୟ (ହି. ଶ)—2. Good fortune.

ସୁସ୍ୱନ—ସଂ. ବିଣ (ବହୁବ୍ରୀହି)—୧ । ଉତ୍ତମ ବା ମଧୁର ଧ୍ୱନିଯୁକ୍ତ—
Suswana 1. Having good or sweet sound. ୨ । ଖୁବ୍ ଉଚ୍ଚ (ହି. ଶ)—2. Very high. ୩ । ସୁନ୍ଦର (ହି. ଶ)—3. Charming. ସଂ. ବି—ଶଙ୍ଖ (ହି. ଶ)—Conch.

ସୁସ୍ୱପ୍ନ—ସଂ. ବି—୧ । ଶୁଭସୂଚକ ସ୍ୱପ୍ନ—1. Dream which
Suswapna augers well. ୨ । ଆନନ୍ଦଦାୟକ ସ୍ୱପ୍ନ—
(ଦୁଃସ୍ୱପ୍ନ—ବିପରୀତ) 2. Pleasant dream. ୩ । ଶିବ (ହି. ଶ)—3. Śiba.

ସୁସ୍ୱର—ସଂ. ବି—୧ । ମଧୁର ସ୍ୱର—1. Sweet tune. ୨ । ମଧୁର
Suswara କଣ୍ଠସ୍ୱର—2. Sweet tone. ୩ । ଉଚ୍ଚ ଓ ସ୍ପଷ୍ଟ
(ସୁସ୍ୱରା—ସ୍ତ୍ରୀ) ସ୍ୱର—3. Loud and clear sound. ସଂ. ବିଣ. ପୁଂ (ବହୁବ୍ରୀହି)—୧ । ସୁନ୍ଦର ସ୍ୱର ଉତ୍ପାଦନକାରୀ (ଯନ୍ତ୍ର)—1. Emitting sweet tune; melodious. ୨ । ମଧୁର କଣ୍ଠସ୍ୱରବିଶିଷ୍ଟ; ସୁକଣ୍ଠ—2. Having medious tone. ୩ । ଉଚ୍ଚସ୍ୱର ବିଶିଷ୍ଟ—3. Loud-voiced. (Apte)

ସୁସ୍ୱରୀ—ଦେ. ବି (ସଂ. ସୁସ୍ୱର)—ମୁଖଦ୍ୱାରା ବାଦ୍ୟ ବାଦ୍ୟ ବିଶେଷ—
Suswari An instrument blown by the mouth.
सुस्वरी सुसुरी

ସୁସ୍ମିତ—ଦେ. ବିଣ. ପୁଂ (ବହୁବ୍ରୀହି; ସୁ ଅଛି ସ୍ମିତ ଯାହାର)—ସୁନ୍ଦର
Susmita ହାସ୍ୟଯୁକ୍ତ; ହସୁରୀମୁହାଁ—Sweetly smil-
(ସୁସ୍ମିତା—ସ୍ତ୍ରୀ) ing; having a smiling face.

ସୁସ୍ମିତା—ସଂ. ବି. ସ୍ତ୍ରୀ—ସୁହାସ୍ୟମୁଖୀ ସ୍ତ୍ରୀ; ସୁନ୍ଦର ଈଷତ୍ହାସ୍ୟଯୁକ୍ତା ସ୍ତ୍ରୀ—
Susmitā A sweet smiling woman; a woman with a pleased or smiling countenance (Apte), ସଂ. ବିଣ. ସ୍ତ୍ରୀ—ସୁସ୍ମିତର ସ୍ତ୍ରୀଲିଙ୍ଗ—Feminine of Susmita.

ସୁହରନ୍—ବୈଦେ. ବି (ଇଂ. ଶୁହର୍ନ୍)—ଯୋତା ମଧ୍ୟରୁ ଗୋଡ଼ର
Suharan ଗୋଇଠିକୁ ସହଜରେ ପୁରାଇବା ପାଇଁ ବ୍ୟବହୃତ (ସୁହର୍ଣ୍ଣ—ଅନ୍ୟରୂପ) ଶିଂଘର ବନ୍ଦା ଓ ଗାଲ୍ଭ ପାତ୍ରଖ—
ଶୁହରନ୍ सुहरन Shoe-horn.

ସୁହସ୍ତ—ସଂ. ବି—୧ । ସୁନ୍ଦର ହାତ—1. Graceful hand. ୨ ।
Subasta ଦାନଶୀଳ ହସ୍ତ—2. Bounteous hand. ୩ । (ସୁହସ୍ତା—ସ୍ତ୍ରୀ) ଶୁଭସୂଚକ ହସ୍ତ—3. Auspicious hand. ୪ । (ନାମ) ଧୃତରାଷ୍ଟ୍ରଙ୍କ ଏକ ପୁତ୍ର—4. A son of Dhrutarāshtra. ସଂ. ବିଣ. ପୁଂ (ବହୁବ୍ରୀହି)—୧ । ସୁନ୍ଦର ହସ୍ତବିଶିଷ୍ଟ—1. Having dainty hands ୨ । ଶୁଭସୂଚକ ହସ୍ତବିଶିଷ୍ଟ—2. Having auspicious hands.

ସୁହସ୍ତି(ସ୍ତୀ)—ସଂ. ବି—(ନାମ) ବୌଦ୍ଧ ବିଶେଷ (ହେମଚନ୍ଦ୍ର);
Suhasti(stī) ଜୈନାଚାର୍ଯ୍ୟ ବିଶେଷ—Name of a Jaina monk.

ସୁହା—ଦେ. ବି (ସଂ. ସହ୍. ଧାତୁ)—ସହ୍ୟ କରିବା—
Suhā ସହା, সহন सहना Bearing; enduring.
ସ୍ୱାହା ଗ୍ରା. ବି (ସଂ. ସ୍ୱାହା)—ସ୍ୱାହା (ଦେଖ)
स्वाहा Swāhā (See)

ସୁହାଇବା—ଦେ. କ୍ରି (ସଂ. ସହ୍. ଧାତୁର ଣିଜନ୍ତ)—୧ । ସହିବା କ୍ରିୟାର
Suhāibā ଣିଜନ୍ତରୂପ—1. To cause to bear. [ଉ—ସହାନା ସୁହାଇଲ ସଖୀମାନଙ୍କ ପରିହାସ । କୃଷ୍ଣସିଂହ. ମହାଭାରତ.
सहाना ବନ ।] ୨ । ସହ୍ୟ ହେବା; ସୁହାଯିବା—2. To be endured or borne. (ଉ—ଚକଡ଼ାକୁ ଗୋଲପାଣି ସୁହାଏ । ଢଗ ।)

ସୁହାଗ—ଦେ. ବି (ସଂ. ସୌଭାଗ୍ୟ; ପ୍ରା. ସୋହଗ୍ଗ)—୧ । ଅତି
Suhāga ସ୍ନେହ—1. Excessive fondness or
সোহাগ affection. (ଉ—ଦେଖ ଗୋ ମୁରଲୀର ଭାଗ୍ୟ, ଅଧିକେ
सुहाग କୃଷ୍ଣର ସୁହାଗ । ଜଗନ୍ନାଥ. ଭାଗବତ ।) ୨ । ସ୍ତ୍ରୀର ସୌଭାଗ୍ୟ ବା ପତିପ୍ରିୟା ହେବା ଅବସ୍ଥା—2. The state of a woman being loved and fondled by her husband.

ସୁହାଗ କରିବା—ଦେ. କ୍ରି—ଅତି ସ୍ନେହ କରିବା—
Subāga karibā To fondle; to dote for.
সোহাগ করা सुहाग करना

ସୁହାଗ କାଢ଼ିବା—ଦେ. କ୍ରି (ବ୍ୟଙ୍ଗ୍ୟ)—ଅତି ସ୍ନେହଭାବ
Suhāga kārdhibā ଦେଖାଇବା—To make a show
সোহাগ কাড়ান, সোহাগ দেখান of great fondling
सुहाग निकालना

ସୁହାଗା—ଦେ. ବି (ସଂ. ସୁଭଗ; ସୌଭାଗ୍ୟ)—ଟଙ୍କଣ; ଟାଙ୍ଗଣା—
Suhāgā Borax; Sodas Biboras. [ବି—ଏହା ଜଳ
সোহাগা ସନ୍ନିଧାନରେ ଜାତ କ୍ଷାରବିଶେଷ । କାଶ୍ମୀର ଦେଶର
सुहागा, टङ्कण ଉଷ୍ଣ ପ୍ରସ୍ରବଣର ଜଳରୁ ଗନ୍ଧକ ଓ ସୁହାଗା ମିଳେ ।
ସଂ. ପର୍ଯ୍ୟାୟ—ଲୋହଦ୍ରାବୀ, ଟଙ୍କଣ, ସୁଭଗ, ସ୍ୱର୍ଣ୍ଣପାଚକ, ରସଶୋଧନ, କନକକ୍ଷାର, ସୌଭାଗ୍ୟ, ଧାତୁଦ୍ରାବକ, କ୍ଷାର—
ମ. ସବାଗୀ, ଟଙ୍କଣଖାର
ଫା. ତଙ୍ଗାର
ଅ. ବୁରକ
ତେ. ଏଲିଗରମ୍
ତିବ୍ବତର ହ୍ରଦଜଳରୁ ସୁହାଗା ମିଳେ । ସୁନାରେ ବା ରୁପାରେ ସୁହାଗା ମିଶାଇ ନିଆଁରେ ରଖିଲେ ଶୀଘ୍ର ଅଲୁଟି ହୋଇଯାଏ । ଏହା ଔଷଧରେ ଲାଗେ । ଲୁଗାର ରଙ୍ଗକୁ ପକ୍କା କରିବାକୁ ରଙ୍ଗମିଶା ପାଣିରେ ସୁହାଗା ଦିଆଯାଏ ଏବଂ ଲୁହା ଓ ପିତ୍ତଳକୁ ଝାଳିବାରେ ସୁହାଗା ଲାଗେ । ପୋଡ଼ାମାଟିର ବାସନରେ ଏହାର ପୁଟ ଦେଲେ ତାହା ଚକଚକିଆ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ଅଗ୍ନିବର୍ଦ୍ଧକ, କଫ ଓ ରକ୍ତୋତ୍ପ୍ରବର୍ତ୍ତକ, ବଳକାରକ, ମୂଢ଼ ଗର୍ଭକର୍ଷକ ଓ ପିତ୍ତବର୍ଦ୍ଧକ ।] ବିଣ—ସୁହାଗିଆ (ଦେଖ)—Suhāgiā (See)

ସୁହାଗା ଖଇ—ଦେ. ବି—ନିଆଁରେ ପୋଡ଼ାଯିବା ଯୋଗୁଁ ଫୁଲିଥିବା
Suhāgā khai ଫୁଲିଥିବା ଟାଙ୍ଗଣା—Borax which
সোহাগা খই सुहागा लावा becomes swollen being heated.

ସୁହାଗିଆ(ହା)—ଦେ. ବିଣ. ପୁଂ—ସୁହାଗୀ (ଦେଖ)
Suhāgiā(hā) Suhāgī (See)
(ସୁହାଗୀ, ସୁହାଗେଲି—ସ୍ତ୍ରୀ)

ସୁହାଗିନୀ—ଦେ. ବିଣ. ସ୍ତ୍ରୀ—୧ । ସ୍ନେହଶୀଳା—1. Affection
Suhāginī ate. (ଉ—ରୂପ ଯୌବନ ଗୁଣ ସବୁ, ଗୁଣନି
সোহাগী, সোহাগিনী ସୁହାଗିନୀ ଗବ । ଭୂପତି. ପ୍ରେମ
सुहागिनी ପଞ୍ଚାମୃତ ।) ୨ । ଅତିରିକ୍ତ ସ୍ନେହଶୀଳା—2. Doting; fond. ଦେ. ବି. ସ୍ତ୍ରୀ—୧ । ସୁଭଗା ସ୍ତ୍ରୀ—1. A beloved wife. ୨ । ପତିଜୀବିତା ସ୍ତ୍ରୀ—2. A woman whose husband is living.

ସୁହାଗୀ—ଦେ. ବିଣ (ପୁଂ ଓ ସ୍ତ୍ରୀ)—୧ । ଯାହାକୁ ଅତିରିକ୍ତ ସ୍ନେହ କରା-
Suhāgi. ଯାଏ; ସ୍ନେହପାତ୍ର—Unduly fondled. [ଉ—
সোহাগী लेही କୃଷ୍ଣର ସୁରସିକପଣେ ସଙ୍ଗେ ସୁହାଗୀ ମନେ ମନେ—ଭୂପତି. ପ୍ରେମପଞ୍ଚାମୃତ ।] ୨ । ଯେ ଅତି ସ୍ନେହ କରେ—2. Doting; fond. ୩ । ସ୍ନେହଶୀଳ—3. Loving; affectionate. [ଦ୍ର—ଏ ଶବ୍ଦ ଅନ୍ୟ ବ୍ୟକ୍ତିବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ଗଉଡ଼ା-ସୁହାଗୀ; ଝିଅ-ସୁହାଗୀ ଇତ୍ୟାଦି ।] ପ୍ରାଦେ (ଗଡ଼ଜାତ) ବି—ରାଜା ପେଣ୍ଠ ରଖିଥା ଦାସୀଜାତି ବିଶେଷ ଅନୁରକ୍ତ ହୁଅନ୍ତି—The beloved concubine of a Rājā

ସୁହାଗେଇ ହେବା—ଦେ· କ୍ରି (ସ୍ତ୍ରୀ ପକ୍ଷରେ)—୧ । ସ୍ୱାମୀ-ସ୍ନେହ ଲାଭ **Suhāgei hebā** କରିବା ପାଇଁ ଲାଳାୟିତ ହେବା—1. To hanker after a husband's fondling or caressing. ୨ । ସ୍ୱାମୀ ତାଙ୍କପ୍ରତି ବିଶେଷ ଅନୁରକ୍ତ ଅଛନ୍ତି ବୋଲି ଦେଖାଇ ହେବା ବା ଗର୍ବ କରିବା—2. To show or boast to people that one's husband is very fond of her.

ସୁହା ଯି(ହେ)ବା—ଦେ. କ୍ରି (ସଂ. ସହ୍)—ସହିବାର କର୍ମବାଚ୍ୟରୂପ—**Suhā ji(he)bā** The passive form of Sahibā. সহ্যহওয়া **सहाजाना** ସହ୍ୟ ହେବା—To be borne or endured. [ଉ—ତାହା ମଧ୍ୟ ମୋହର ଦେହ ସୁହାଗିଲା—କୃଷ୍ଣସିଂହ ମହାଭାରତ ବନ ।]

ସୁହାରା—ଦେ. ବି—ଛୁଆଁରା (ଦେଖ)—**Suhārā** Chhuāṅrā (See)

ସୁହାସ(ସ୍ୟ)—ସଂ. ବି—୧ । ମଧୁର ହାସ୍ୟ—1. Sweet laugh. **Suhāsa(sya)** ୨ । ମୃଦୁହାସ—2. Smile. ସଂ. ବିଣ. [ସୁହାସା(ସ୍ୟା)—ସ୍ତ୍ରୀ ବିଣ] ପୁଂ—୧ । ମଧୁର ହାସ୍ୟଯୁକ୍ତ—Sweetly laughing. ୨ । ମୃଦୁହାସବିଶିଷ୍ଟ—2. Smiling.

ସୁହାସିନୀ—ସଂ. ବିଂ. ସ୍ତ୍ରୀ(ସୁହାସ+ଇନ୍+ସ୍ତ୍ରୀ ଈ)—୧ । ସୁନ୍ଦର ହାସ୍ୟ-**Suhāsinī** ଯୁକ୍ତା—1. (woman) Having a smiling face. ୨ । ପ୍ରସନ୍ନବଦନା—2. Having a cheerful face. ୩ । ମୃଦୁହାସ୍ୟକାରୀ—3. Smiling. (ଉ—ସୁହାସିନୀ ରୂପାଦେଶୀ ଅଲେଖ-ନୟନୀ ବନେ ଭଲ୍ଲିରେ ଯେବେ ତୋର ପଡନ୍ତେ—ମଧୁସୂଦନ କବିତା)

ସୁହାସୀ—ସ. ବିଣ. ପୁଂ (ସୁହାସ+ଇନ୍; ୧ମା ୧ବ)—ସୁହାସିନୀର **Suhāsī** ପୁଂଲିଙ୍ଗ—Masculine of Suhāsinī. ଦେ. ବିଣ. ସ୍ତ୍ରୀ (ସ. ସୁହାସା)—ସୁହାସିନୀ (ଦେଖ)—Suhāsinī (See)

ସୁହିତ—ସଂ. ବିଣ (ସୁ+ଧା ଧାତୁ+କର୍ତ୍ତୃ ତ)—୧ । ତୃପ୍ତ; ସନ୍ତୁଷ୍ଟ **Suhita** (ବିଣ)—1. Satisfied; pleased. ୨ । (+କର୍ମ ତ) ଉଚିତ (ବିଣ)—2. Proper. ୩ । [+କର୍ତ୍ତୃ ତ]—ଅତି ହିତ—3. Very beneficial. ୪ । ସାଧିତ; କୃତ [ପ୍ରକୃତିବାଦ]—4. Done; accomplished. ୫ । ଉପଯୋଗୀ [ହି. ଶ]—5. Suitable.

ସୁହିତା—ସଂ. ବି—୧ । ଅଗ୍ନିଙ୍କ ସପ୍ତ ଜିହ୍ୱା ମଧ୍ୟରୁ ଏକତମ [ଜଟାଧର]-**Suhitā** 1. Name of one of the seven tongues of fire. ୨ । ରୁଦ୍ରଜଟା (ହି. ଶ) (ଦେଖ)· 2. Rudrajaṭā (See)

ସୁହୁଜେ—ଗ୍ରାଦେ [ଲଇଅ କ୍ରି. ବିଣ—ସହଜେ—**Suhuje** Easily.

ସୁହୃତ୍(ଦ୍)—ସ. ବି [ବହୁବ୍ରୀହି; ସୁ=ଶୋଭନ+ହୃତ୍=ହୃଦୟ;ଯାହାର] **Suhṛut(d)** —୧ । ମିତ୍ର—1. Friend. ୨ । ସଦାନୁଗତ ସଙ୍ଗୀ; ପ୍ରକୃତ ବନ୍ଧୁ—2. A true or constant friend. ୩ । ସଖା—3. A boon companion. ୪ । ଅନ୍ତରଙ୍ଗ ବନ୍ଧୁ—4. Intimate friend; bosom friend. ୫ । [ଜ୍ୟୋତିଷ]—ଲଗ୍ନର ଚତୁର୍ଥ ବା ମିତ୍ର ସ୍ଥାନ—5. (Astrology) The 4th house from the 'Lagna.' ସଂ. ବିଣ—ଉତ୍ତମହୃଦୟବିଶିଷ୍ଟ [ହି. ଶ]—Good-hearted.

ସୁହୃଦୟ—ସ· ବିଣ. ପୁଂ (ବହୁବ୍ରୀହି; ସୁ ଅଟେ ହୃଦୟ ଯାହାର)—**Suhṛudaya** ୧ । ହୃଦୟାଳୁ; ପ୍ରଶସ୍ତମନାଃ; ସହୃଦୟ; ଉଦାର-(ସୁହୃଦୟା—ସ୍ତ୍ରୀ) ଚେତାଃ—1. Noble-hearted; magnanimous. ୨ । ଶୁଦ୍ଧ ଚିତ୍ତ—2. Pure-minded. ୩ । ସ୍ନେହଶୀଳ (ହି. ଶ)—3. Affectionate.

ସୁହୃଦ୍ବର—ସ· ବି. ପୁଂ (୭ମୀ ତତ୍; ସୁହୃଦ୍+ବର)—୧ । ବନ୍ଧୁଶ୍ରେଷ୍ଠ **Suhṛudbara** —1. Chief friend. ୨ । ଅତି ଉତ୍ତମ (ସୁହୃଦ୍ବରା—ସ୍ତ୍ରୀ) ବନ୍ଧୁ—2. Very good friend.

ସୁହୋତା—ସ. ବି ଓ ବିଣ. ପୁଂ (ସୁହୋତୃ; ୧ମା. ୧ବ) —ଉତ୍ତମରୂପେ **Suhotā** ହବନକାରୀ—Excellently performing vedic (ସୁହୋତ୍ରୀ—ସ୍ତ୍ରୀ) sacrifice.

ସୁହୋତ୍ର—ସ, ବି. ପୁଂ (ନାମ)—୧ । ଚନ୍ଦ୍ରବଂଶୀୟ ବୃହତ୍କ୍ଷତ୍ର ରାଜାଙ୍କର **Suhotra** ପୁତ୍ର (ମହାଭାରତ; ହରିବଂଶ)—1. Name of a prince of the Lunar dynasty. ୨ । ସହ-ଦେବଙ୍କ ଏକ ପୁତ୍ର (ହି. ଶ)—2. A son of Sabadeba. ୩ । ଧୃତରାଷ୍ଟ୍ରଙ୍କ ଏକ ପୁତ୍ର (ହି. ଶ)—3. A son of Dhrutarāshṭra. ୪ । ବୈଦିକ ଋଷିବିଶେଷ (ହି· ଶ)—4. Name of a Vedic sage. ୫ । ଦୈତ୍ୟବିଶେଷ (ହି. ଶ)—5. Name of a demon.

ସୁହ୍ମ—ସ· ବି (ସୁହ୍ମ ଧାତୁ=ପ୍ରୀତି ପାଇବା+କର୍ତ୍ତୃ. ଅ)—୧ । **Suhma** ପ୍ରାଚୀନ ଦେଶବିଶେଷ—1. Name of an ancient country. [ଦ୍ର—ଗୌଡ଼ ଦେଶର ପଶ୍ଚିମରେ ଏହା ଅବସ୍ଥିତ ଥିଲା (ହି· ଶ); କେହି କେହି ଇଉରୋପୀୟ ପଣ୍ଡିତ ଏହାକୁ ଅଧୁନାର ମିଦ୍ନାପୁର ଓ ଅସ୍ୱାକାନ୍ ପ୍ରଦେଶ ବୋଲି ଅନୁମାନ କରନ୍ତି; କଳିଙ୍ଗର ଉତ୍ତରାଂଶରେ ଅବସ୍ଥିତ ତାମ୍ରଲିପ୍ତ (ତମଲୁକ) ନଗର ସୁହ୍ମର ଅନ୍ତର୍ଗତ ଥିଲା ବୋଲି କେହି କେହି କହନ୍ତି ।] ୨ । ସୁହ୍ମ ଦେଶବାସୀ ପ୍ରାଚୀନ ଯବନ ଜାତିବିଶେଷ—2. A class of Jabanas of the Suhma country. ଦେ. ବି ଓ ବିଣ—ସୁମ (ଦେଖ)—Suma (See)

ସୂ (ଧାତୁ)—ପ—୧ । ପ୍ରସବ କରିବା—1. To give birth to.
Sū (root) ୨ । ପୀଡ଼ନ କରିବା—2. To oppress. ୩ । ଉତ୍ପନ୍ନ ହେବା—3. To be born.

ସୂ—ସଂ, ବି (ସୂ ଧାତୁ+ଭାବ. କ୍ୱିପ୍)—୧ । ସୂତି; ପ୍ରସବ—
Sū 1. Bringing forth of a child. ୨ । କ୍ଷେପ—2. Entrusting; throwing. ବିଣ—(ସ୍ତ୍ରୀ. ଓ ପୁଂ)—୧ । ପ୍ରସୂ; ଯେ ପ୍ରସବ କରେ—1. Bringing forth or giving birth to children. ୨ । ଉତ୍ପାଦକ—2. Producing.

ସୂକ—ସଂ. ବି (ସୂ ଧାତୁ=ପ୍ରସବ କରିବା+କର୍ତ୍ତ୍ରି. କ୍ୱିପ୍+ସ୍ୱାର୍ଥେ
Sūka କ)—୧ । ବାଣ (ମେଦିନୀ)—1. Arrow. ୨ । ବାତ; ପବନ (ମେଦିନୀ)—2. Air; wind. ୩ । ଉତ୍ପଳ; ପଦ୍ମ (ମେଦିନୀ)—3. Lotus.

ସୂକର—ସଂ. ବି (ପୁଂ) (ଶୂକରର ଅନ୍ୟରୂପ)—୧ । ଶୂକର ଇତ୍ୟାଦି
Sūkara (ଦେଖ); ଘୁଷୁରି (ଶବ୍ଦ ରତ୍ନାବଳୀ)
ପ୍ରଥମାର୍ଥରେ ଅନ୍ୟ ସଂ. ନାମ— —1. Hog. ୨ । କୁମ୍ଭକାର
ଶୂକର, ଦଂଷ୍ଟ୍ରୀ, ଭୂଦାର, (ଶବ୍ଦ ରତ୍ନାବଳୀ)—2. Potter.
ସ୍ଥୂଳନାସିକ, ଦନ୍ତାୟୁଧ, ବକ୍ରବକ୍ତ୍ର, ୩। ମୃଗଭେଦ (ଜଟାଧର)—
ପୋତ୍ରୀ, ଅଶକାର, ଭୂକ୍ଷିତ, 3. A species of deer. ୪ ।
ସ୍ତବ୍ଧରୋମା, ମୁଖଲାଙ୍ଗଲ । ଧଳା ଧାନ (ପ୍ର.ଶ)—4. A white
(ସୂକରୀ—ସ୍ତ୍ରୀ) variety of paddy. ୫ । ନରକ ବିଶେଷ—5. Name of a part of hell.

ସୂକର କନ୍ଦ—ସଂ. ବି—ବାରାହୀକନ୍ଦ; ଭୂଇଁ କଖାରୁ (ପ୍ର. ଶ)—
Sūkara kanda Disocorea (root-bulb).

ସୂକର କ୍ଷେତ୍ର—ସଂ. ବି—ମଥୁରା ଜିଲ୍ଲାରେ ଅଧୁନାଲ ସୋରୋ ନାମରେ
Sūkara kshetra ପ୍ରସିଦ୍ଧ ହିନ୍ଦୁମାନଙ୍କ ତୀର୍ଥବିଶେଷ (ପ୍ର.ଶ)—Name of an ancient place of Hindu pilgrimage.

ସୂକରପାଦିକା—ସଂ. ବି—୧ । କପିକଚ୍ଛୁ; ବାଇଡଙ୍କ (ପ୍ର. ଶ)—
Sūkarapādikā 1. Cowhage. ୨ । ଶିମ୍ବ (ପ୍ର. ଶ)—2. Bean.

ସୂକରୀ—ସଂ. ବି (ସୂକର+ଈ)—୧ । (ସ୍ତ୍ରୀ) ମାଈ ଘୁଷୁରି—1. A
Sūkarī female hog; sow. ୨ । ବରାହକ୍ରାନ୍ତା (ଦେଖ) (ପ୍ର. ଶ)—2. Barāhakrāntā (See) ୩ । ବାରାହୀକନ୍ଦ (ପ୍ର. ଶ)—3. Disocorea. ୪। ଦେବୀ; ଦେବୀବିଶେଷ (ପ୍ର. ଶ)—4. A popular Goddess. ୫ । ପକ୍ଷିବିଶେଷ (ପ୍ର. ଶ)—5. Name of a species of birds.

ସୂକ୍ତ—ସଂ, ବି (ସୁ=ଶୋଭନ+ଉକ୍ତ=ଉକ୍ତି ବହିର୍ଭୂ)—୧ ।
Sūkta ବେଦୋକ୍ତ ସ୍ତୋତ୍ର ମନ୍ତ୍ରାଦି—1. Vedic hymns and incantations. [ଦ୍ର—ଋଗ୍ବେଦର ଅଗ୍ନି ସୂକ୍ତ—'ଅଗ୍ନି ମୀଳେ' ଇତ୍ୟାଦି । ଋଗ୍ବେଦର ପୁରୁଷ ସୂକ୍ତ—'ସହସ୍ର ଶୀର୍ଷା' ଇତ୍ୟାଦି । ଋଗ୍ବେଦର ଦେବୀ ସୂକ୍ତ—'ଅହଂରୁଦ୍ରେଭିଃ' ଇତ୍ୟାଦି । ଋଗ୍ବେଦର ଶ୍ରୀ ସୂକ୍ତ—'ହିରଣ୍ୟବର୍ଣ୍ଣା' ଇତ୍ୟାଦି । ଋଗ୍ବେଦର ରାତ୍ରି ସୂକ୍ତ—'ରାତ୍ରି ବ୍ୟଖ୍ୟାୟତୀ' ଇତ୍ୟାଦି । ଋଗ୍ବେଦର ଗଣେଶ ସୂକ୍ତ—'ଆତୂନ ଇନ୍ଦ୍ର' ମନ୍ତ୍ର । ଋଗ୍ବେଦର ସରସ୍ୱତୀ ସୂକ୍ତ—'ଇୟମଦଦାତ୍ ରଭସ' ଇତ୍ୟାଦି । ଏହିପରି ଋଗ୍ବେଦରେ ସହସ୍ର ସୂକ୍ତ ଅଛି ।] ୨ । ଉତ୍ତମ କଥନ; ସଦ୍ବଚନ (ପ୍ର. ଶ)—2. Good speech. ୩। ମହାପୁରୁଷମାନଙ୍କ ବାକ୍ୟ (ପ୍ର. ଶ)—3. Saying of great men. ବିଣ—ଉତ୍ତମ ରୂପେ କଥିତ—Excellently uttered or spoken.

ସୂକ୍ତା—ସଂ. ବି (ସୁ+ଉକ୍ତ+ଆ)—ଶାରିକା; ମଇନା (ବିହଙ୍ଗ ଭେଦ)
Sūktā —The hill-myna bird.
(ଅନ୍ୟ ସଂ. ନାମ—ମଦନଶଲାକା, ଚିତ୍ରାକ୍ଷୀ, ଗୋରଣ୍ଡା, ଶାରିକା)

ସୂକ୍ତି—ସଂ. ବି (ସୁ+ଉକ୍ତି)—ସୂକ୍ତ (ଦେଖ)
Sūkti Sūkta (See)

ସୂକ୍ତିକ—ସଂ. ବି—ଏକ ପ୍ରକାର ଝାଞ୍ଜ ବା କରତାଳ (ପ୍ର. ଶ)—
Suktika A kind of cymbals.

ସୂକ୍ଷ୍ମ—ସଂ. ବିଣ (ସୂଚ୍ ଧାତୁ=ସୂଚନା କରିବା+କର୍ମ. ମନ୍)—
Sūkshma ୧ । ଅତି ଅଳ୍ପ—1. Very little. ୨। କ୍ଷୁଦ୍ର—
(ସୂକ୍ଷ୍ମା—ସ୍ତ୍ରୀ) 2. Small; fine; minute. ୩ । ହ୍ରସ୍ୱ—
(ସୂଗ[ଶୂ]ମ—ଗ୍ରାମ୍ୟ ରୂପ) 3. Diminutive. ୪ । କ୍ଷୀଣ; ସରୁ;
(ସ୍ଥୂଳ—ବିପରୀତ) ପତଳା—4. Slender; thin. ୫ । ସଙ୍କୀର୍ଣ୍ଣ
[ସୂକ୍ଷ୍ମତା(ତ୍ୱ)—ବି] —5. Narrow. ୬ । ଅତୀନ୍ଦ୍ରିୟ; ଇନ୍ଦ୍ରିୟମାନଙ୍କର ଅଗୋଚର—6. Imperceptible to the senses; subtle; atomic. ୭। ଅଭିନିବେଶ ଯୁକ୍ତ—7. Sharp; attentive. ୮ । ପ୍ରକୃତ; ସତ୍ୟ—8. Accurate; correct. ୯ । ସୁବିଚାରଯୁକ୍ତ—9. Discerning. ବି—୧ । ଅଣୁ (ମେଦିନୀ)—1. Atom. ୨। କତକ ବୃକ୍ଷ (ମେଦିନୀ); ନିର୍ମଳୀ ଗଛ—2. Strychnos Potatorum (tree); clearing nut tree. ୩ । ଅଧ୍ୟାତ୍ମବସ୍ତୁ; ପରବ୍ରହ୍ମ—3. The Essential Soul of the universe. ୪ । ଅଧ୍ୟାତ୍ମ ବିଦ୍ୟା—4. Metaphysics. ୫ । କାପଟ୍ୟ—5. Crookedness. ୬। ଛଳ; କୈତବ—6. Deceit; subtlity. ୭ । କାବ୍ୟାଲଙ୍କାର ବିଶେଷ—7. A figure of speech. [ଦ୍ର—ଏହା ପରାଶୟାଭିଜ୍ଞ ଓ ଇଙ୍ଗିତାକୃତ ଚେଷ୍ଟିତ ଅଟେ; ଏଥିରେ ଚତୁରଙ୍କ ସୂକ୍ଷ୍ମ ଚେଷ୍ଟା ଦ୍ୱାରା ଲକ୍ଷିତ କରିବା ବିଷୟ ବର୍ଣ୍ଣିତ ହୋଇଥାଏ—ପ୍ର. ଶ] ୮ । ଲିଙ୍ଗ ଶରୀର (ପ୍ର. ଶ)—8. The subtle frame in which the soul is settled; etheric body of a being. ୯ । ଶିବ (ପ୍ର. ଶ)—9. Śiba. ୧୦ । ଦାନବ ବିଶେଷ (ପ୍ର. ଶ)—10. Name of a demon. ୧୧ । ଜୀରକ; ଜୀରା (ପ୍ର. ଶ)—11. Cumin seed. ୧୨ । ଅଭିପ୍ରାୟ; ଲପ୍ତି

(ହି. ଶ)—12. Soap-nut. ୧୩ । ଗୁଆ; ଗୁଅ (ହି. ଶ)—13. Betel-nut. ୧୪ । ଲୋମ କୂପ ବାଟେ ଶରୀରରେ ପ୍ରବେଶ କରିବା ଔଷଧ (ହି. ଶ)—14. Medicine which is administered through the pores of the skin.

ସୂକ୍ଷ୍ମ କଳା—ସଂ. ବି (ଅଧୁନିକ ପ୍ରୟୋଗ)—ଅନୁଧ୍ୟାନଯୋଗ୍ୟ Sūkshma kaḷā ସୁନ୍ଦର କଳା—Fine arts. (ଯଥା—ସୂକ୍ଷ୍ম কলা सूक्ष्म कला ସଙ୍ଗୀତ, ନୃତ୍ୟ, ଚିତ୍ରବିଦ୍ୟା ଆଦି।)

ସୂକ୍ଷ୍ମ କୋଣ—ସଂ. ବି (ଜ୍ୟାମିତି)—ସମକୋଣ ବା ୯୦ ଡିଗ୍ରୀରୁ କମ୍ Sūkshma koṇa କୋଣ—(geometry) Acute angle. (ସ୍ଥୂଳ କୋଣ —ବିପରୀତ) সূক্ষ্ম কোণ सूक्ष्म कोण

ସୂକ୍ଷ୍ମ କୋଣୀ—ବି. ଣ (ଜ୍ୟାମିତି)—ସୂକ୍ଷ୍ମ କୋଣବିଶିଷ୍ଟ—Sūkshma koṇī Acute-angled. সূক্ষ্ম কোণী सूक्ष्म कोणी

ସୂକ୍ଷ୍ମକୋଣୀ ତ୍ରିଭୁଜ—ବି. ବି (ଜ୍ୟାମିତି)—ଯେଉଁ ତ୍ରିଭୁଜର ଭିନ Sūkshmakoṇī tribhuja ଗୋଟିଯାକ କୋଣ ସୂକ୍ଷ୍ମକୋଣ সূক্ষ্মকোণী ত্রিভুজ ଅଟେ—Acute-angled triangle. सूक्ष्म कोणी त्रिभुज

ସୂକ୍ଷ୍ମ ତଣ୍ଡୁଳ—ସଂ. ବି—୧ । ସରୁ ବା ବାରିକ୍ ଚାଉଳ—1. Fine Sūkshma taṇḍula rice. ୨ । ପୋସ୍ତଦାନା (ହି. ଶ)—2. Poppy seed. ୩ । ଝୁଣା (ହି. ଶ)—3. Resin.

ସୂକ୍ଷ୍ମ ତଣ୍ଡୁଳା—ସଂ. ବି (ଉଦ୍ଭିଦ୍)—୧ । ପିପ୍ପଳି—Sūkshma taṇḍulā 1. Long pepper. ୨ । ଝୁଣା (ହି. ଶ)—2. Resin.

ସୂକ୍ଷ୍ମ ଦର୍ଶନ—ସଂ. ବି—ଅନ୍ତର୍ଦେଶସ୍ପର୍ଶୀ ଦୃଷ୍ଟି—Sūkshma darśana Insight; discernment. সূক্ষ্ম দর্শন ବି. ବି—ଅତି ସୂକ୍ଷ୍ମ ବସ୍ତୁର ଦର୍ଶନ—सूक्ष्म दर्शन Seeing of minute things.

ସୂକ୍ଷ୍ମଦର୍ଶନ(କ) ଯନ୍ତ୍ର—ବି. ବି—ଅଣୁବୀକ୍ଷଣ ଯନ୍ତ୍ର—Sūkshmadarśana(ka) jantra Microscope. সূক্ষ্মদর্শনযন্ত্র सूक्ष्मदर्शन यन्त्र

ସୂକ୍ଷ୍ମଦର୍ଶୀ—ସ. ବଣ (ସୂକ୍ଷ୍ମଦର୍ଶିନ୍ ଶବ୍ଦ; ୧ମା· ୧ବ; ସୂକ୍ଷ୍ମ+ଦୃଶ୍ Sūkshmadarśī ଧାତୁ=ଦେଖିବା+ଇନ୍. ଇନ୍)—[ସୂକ୍ଷ୍ମଦର୍ଶିନୀ—ସ୍ତ୍ରୀ] ୧ । ତୀକ୍ଷ୍ଣ; ଅତିଶୟ ବୁଦ୍ଧିମାନ୍—(ସ୍ଥୂଳଦର୍ଶିତା—ବି) 1. Very sharp-witted. ୨। ଉପସ୍ଥିତବୁଦ୍ଧିମନ୍ତ; ଦୂରଦର୍ଶୀ; ପ୍ରତ୍ୟୁତ୍ପନ୍ନମତି—2. Having presence of mind.

ସୂକ୍ଷ୍ମ ଦୃଷ୍ଟି—ସ. ବି—ଅତି ସୂକ୍ଷ୍ମ ବିଷୟ ପ୍ରତି ଦୃଷ୍ଟି ବା ଅନ୍ତର୍ଦେଶ—Sūkshma drushṭi Sharp insight. ସ୍ ବଣ· ପୁଂ ଓ ସ୍ତ୍ରୀ—ସୂକ୍ଷ୍ମ ଦୃଷ୍ଟିବିଶିଷ୍ଟ—Sharp-sighted.

ସୂକ୍ଷ୍ମଦେହୀ—ଦେ. ବଣ—ଅଣୁବୀକ୍ଷଣ ଯନ୍ତ୍ର ବିନା ଦେଖା ନ ଯିବା ସୂକ୍ଷ୍ମ Sūkshmadehī (ଜୀବ)—Microscopic (animals); সূক্ষ্মদেহী (animals) which can not be seen सूक्ष्मदेही without a microscope; having a very diminutive body. ବି—୧ । ଅତି ସୂକ୍ଷ୍ମଜୀବ—1. The infusoria. ୨ । ପରମାଣୁ (ହି· ଶ)—2. Molecule.

ସୂକ୍ଷ୍ମ ପତ୍ର—ସଂ. ବି (ଉଦ୍ଭିଦ୍; ସୂକ୍ଷ୍ମ ଅଟେ ପତ୍ର ଯାହାର)—Sūkshma patra ୧ । ଧନିଆ (ରାଜ ନିର୍ଘଣ୍ଟ); ଧନିଆ—1. Coriander. ୨ । ବନଜୀରା (ରାଜ ନିର୍ଘଣ୍ଟ)—2. Wild cumin seed. ୩ । ବବୁର ଗଛ (ଶବ୍ଦ ଚନ୍ଦ୍ରିକା)—3. Acacia tree. ୪ । ବନବର୍ବରୀ (ରାଜନିର୍ଘଣ୍ଟ); ଜଙ୍ଗଲୀତୁଳସୀ—4. Wild variety of Basil plant. ୫ । ଦେବସର୍ଷପ (ରାଜନିର୍ଘଣ୍ଟ)—5. A species of mustard. ୬ । କ୍ଷୁଦ୍ର ବଦର (ରାଜ ନିର୍ଘଣ୍ଟ)—6. A species of Jujube. ୭ । ସୁରପର୍ଣ୍ଣୀ (ରାଜ ନିର୍ଘଣ୍ଟ)—7. A tree. ୮ । କ୍ଷୁଦ୍ର ଜମ୍ବୁ; ବନଜାମୁ (ବୈଦ୍ୟକ)—8. A species of wild blackberry. ୯ । ଲୋହିତେକ୍ଷୁ (ରାଜନିର୍ଘଣ୍ଟ)—9. The red variety of sugar-cane. ୧୦. । କୁକୁରଶିଙ୍ଘା (ରାଜ ନିର୍ଘଣ୍ଟ)—10. Blumea Odorata (plant). ୧୧ । ଦୁରାଳଭା (ହି. ଶ)—11. Alhagi Maurorum (plant). ୧୨ । ମାଷ (ହି. ଶ); ବିରି—12. Phaseolus Radiatus. ୧୩ । ଅର୍କପର୍ଣ୍ଣୀ (ହି. ଶ.) (ଦେଖ)—13. Arkaparnnā (See)

ସୂକ୍ଷ୍ମପତ୍ରିକା—ସଂ. ବି—୧ । ଶତପୁଷ୍ପା (ରାଜ ନିର୍ଘଣ୍ଟ); ଶୁଆ—Sūkshma patrikā 1. Dill seed. ୨ । ଶତାବରୀ (ରାଜନିର୍ଘଣ୍ଟ)—2. Asparagus Racemosus. ୩ । କ୍ଷୁଦ୍ର ବ୍ରାହ୍ମୀ (ରାଜ ନିର୍ଘଣ୍ଟ)—3. A short of potherb. ୪ । କ୍ଷୁଦ୍ରପୋଦିକା (ରାଜ ନିର୍ଘଣ୍ଟ); ସାନ ପୋଇ—4. A sort of Basella creeper. ୫ । ଦୁରାଳଭା (ରାଜନିର୍ଘଣ୍ଟ)—5. Fogonia Arabica; Alhagi Maurorum. ୬ । ଅକାଶ ମାଂସୀ (ରାଜ ନିର୍ଘଣ୍ଟ)—6. A medicinal plant.

ସୂକ୍ଷ୍ମପର୍ଣ୍ଣା—ସଂ· ବି—୧ । ରାମ୍ବପର୍ଣ୍ଣୀ (ରାଜ ନିର୍ଘଣ୍ଟ); ଜାବନ୍ତି; Sūkshmaparṇṇā ଗୁଡୁଚି—1· Combus Cordifolia (Creeper). ୨ । ବୃହଦାରକ (ହି. ଶ)—2. Melina Asiatica. ୩ । ବୃହତୀ (ହି. ଶ)—3. Solanum Xanthocarpum.

ସୂକ୍ଷ୍ମପର୍ଣ୍ଣୀ—ସଂ. ବି—ରାମତୁଳସୀ ବୃକ୍ଷ (ଶବ୍ଦଚନ୍ଦ୍ରିକା); ଗୁଡୁଚୀ—Sūkshmaparṇṇī Combus Cordifolia (creeper). (ଅନ୍ୟ ସଂ ନାମ—ରାମତୁଳସୀ, ଶତପୁଷ୍ପା, ଉଚ୍ଚଣ୍ଡାହ୍ୱା, ବଟଲ୍ଲା, ନାଗଦନ୍ତିକା, କାଣ୍ଡଳି, ଫଣିଜ୍ଝକ ।

रामतुलसी

ସୂକ୍ଷ୍ମପୁଷ୍ପା(ଷ୍ପୀ)—ସଂ. ବି (ବୈଦ୍ୟକ)—ଯବଚିଲ୍ଲୀ; ଭୂଇଁନିମ୍ବ; ଶ୍ୱେତ Sūkshmapushpā(shpī) ବନବନା; ଏକପ୍ରକାର ଚରେଇଲତା; କାଳମେଘ ভুইঁনিম —Andropogen Paniculata

ସୂକ୍ଷ୍ମଫଳା—ସଂ. ବି—୧ । ଭୂମ୍ୟାମଳକୀ; ଭୂଇଁଅଁଳା (ଉଦ୍ଭିଦ)— Sūkshmaphalā 1. Phyllanthus Niruri (a herb). ୨ । ତାଳିସପତ୍ର (ହି. ଶ) (ଦେଖ)—2. Tālisa-patra (See) ୩ । ମହାଜ୍ୟୋତିଷ୍ମତୀ ଲତା (ହି. ଶ) (ଦେଖ)—3. A phosphorescent plant.

ସୂକ୍ଷ୍ମ ବଦରୀ—ସଂ. ବି—ଭୂବଦରୀ (ରାଜନିର୍ଘଣ୍ଟ); ଭୂଇଁବରକୋଳି— Sūkshma badari A small variety of jujube.

ସୂକ୍ଷ୍ମବଲ୍ଲୀ—ସଂ. ବି—୧ । ତାମ୍ରବଲ୍ଲୀ; ଜତୁକା (ରାଜନିର୍ଘଣ୍ଟ); ପର୍ପଟୀ— Sūkshmaballī 1. A kind of plant; Oldenlandia Biflora. ୨ । ଲଘୁ କାରବେଲ୍ଲ (ହି. ଶ); ଟୁଲୀ-କଲରା—2. Small variety of memordica.

ସୂକ୍ଷ୍ମ ବସ୍ତ୍ର—ସଂ. ବି—ପତଳା ଲୁଗା; ସରୁ ଲୁଗା— Sūkshma bastra Fine cloth.

ସୂକ୍ଷ୍ମ ବିଚାର—ସଂ. ବି—୧ । ଅତ୍ୟନ୍ତବିଶେଷଯୁକ୍ତ ବିଚାର—1. Dis-Sūkshma bichāra cernment. ୨। ନ୍ୟାଯ୍ୟ ବିଚାର— 2. Just consideration.

ସୂକ୍ଷ୍ମ ବୀଜ—ସଂ. ବି—ପୋସ୍ତଦାନା (ହି. ଶ)— Sūkshma bīja Poppy seed.

ସୂକ୍ଷ୍ମ ବୁଦ୍ଧି(ମତି)—ସଂ.ବି(କର୍ମଧା)—ତୀକ୍ଷ୍ଣ ବୁଦ୍ଧି—Sharp intellect. Sūkshma buddhi(mati) ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି)— ତୀକ୍ଷ୍ଣଧୀ—Keen-witted.

ସୂକ୍ଷ୍ମଭୂତ—ସଂ. ବି—ଆକାଶାଦି ପଞ୍ଚ ସ୍ଥୂଳମହାଭୂତର ସୂକ୍ଷ୍ମାଂଶ— Sūkshmabhūta Atoms of the five elements of nature; five elementary particles of matter. [ଦ୍ର—ସାଂଖ୍ୟଦର୍ଶନ ମତରେ ପଞ୍ଚତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ) ପୃଥକ୍ ପୃଥକ୍ ସୂକ୍ଷ୍ମଭୂତ ଅଟନ୍ତି । ଏହି ପଞ୍ଚତନ୍ମାତ୍ରରୁ ପଞ୍ଚ ମହାଭୂତର ଉତ୍ପତ୍ତି ହୋଇଅଛି । ପଞ୍ଚୀକୃତ ହେବା ପରେ ଆକାଶାଦି ଭୂତଙ୍କୁ ସ୍ଥୂଳଭୂତ ବୋଲାଯାଏ—ହି. ଶ ।]

ସୂକ୍ଷ୍ମ ମକ୍ଷିକ—ସଂ. ବି. ପୁଂ—ମଶକ (ରାଜନିର୍ଘଣ୍ଟ); ମଶା—Gnat. Sūkshma makshika [ସୂକ୍ଷ୍ମମକ୍ଷିକା—ସ୍ତ୍ରୀ]

ସୂକ୍ଷ୍ମ ମୂଳା—ସଂ. ବି—୧ । ଜୟନ୍ତୀ (ରାଜନିର୍ଘଣ୍ଟ) (ଦେଖ)— Sūkshma mūlā 1. Jayantī (See) ୨ । ବ୍ରାହ୍ମୀ (ହି. ଶ) (ଦେଖ)—2. Brāhmī (See)

ସୂକ୍ଷ୍ମ ଶରୀର—ସଂ. ବି—ପଞ୍ଚ ପ୍ରାଣ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, Sūkshma śarira ମନ ଓ ବୁଦ୍ଧି, ଆତ୍ମାର ଭୋଗସାଧନ (ସ୍ଥୂଳ ଶରୀର—ଉପଶରୀର) ଏହି ସପ୍ତଦଶ ତତ୍ତ୍ୱର ସମଷ୍ଟି; ଆତ୍ମାର ୧୭ ଗୋଟି ଅବୟବ; ଲିଙ୍ଗଦେହ—The sentient soul according to Theosophy; the causal body. [ଦ୍ର—ସାଂଖ୍ୟଦର୍ଶନ ମତରେ ଶରୀର ଦୁଇ ପ୍ରକାରର, ଯଥା—ସ୍ଥୂଳ ଶରୀର ଓ ସୂକ୍ଷ୍ମ ଶରୀର । ହାତ, ଗୋଡ଼, ମୁଣ୍ଡ, ଉଦରାଦି ଅଙ୍ଗବିଶିଷ୍ଟ ଶରୀର ସ୍ଥୂଳ ଶରୀର ଅଟେ । ପରନ୍ତୁ ଏହି ସ୍ଥୂଳଶରୀର ନଷ୍ଟ ହୋଇଯିବା ପରେ ଏହି ପ୍ରକାର ଅନ୍ୟ ଏକ ଶରୀର ରହିଥାଏ, ଯାହା ଉକ୍ତ ୧୭ ତତ୍ତ୍ୱରେ ନିର୍ମିତ । ଏହାକୁ ସୂକ୍ଷ୍ମ ଶରୀର କହନ୍ତି । ଏହା ମଧ୍ୟ କୁହାଯାଏ ଯେ, ଯେତେବେଳ ପର୍ଯ୍ୟନ୍ତ ଆତ୍ମାର ମୁକ୍ତି ହୁଏ ନାହିଁ, ସେ ପର୍ଯ୍ୟନ୍ତ ଏହି ସୂକ୍ଷ୍ମ ଶରୀରର ସଂସାରକୁ ଗମନାଗମନ ବରାବର ହେଉଥାଏ । ସ୍ୱର୍ଗ ଓ ନରକ ଆଦିର ଭୋଗ ମଧ୍ୟ ଏ ସୂକ୍ଷ୍ମ ଶରୀରକୁ କରିବାକୁ ପଡ଼େ—ହି. ଶ ।]

ସୂକ୍ଷ୍ମ ଶର୍କରା—ସଂ. ବି—ବାଲୁକା (ରାଜନିର୍ଘଣ୍ଟ— Sūkshma śarkarā Sand.

ସୂକ୍ଷ୍ମ ଶାଳି—ସଂ. ବି—୧ । ସରୁ ଶାରଦ ଧାନ—1. Fine variety Sūkshma śāli of winter paddy. ୨ । ଅଣୁଧାନ୍ୟ-ବିଶେଷ—2. A sort of minute grain. [ଦ୍ର—ଏଥିର ଗୁଣ ସୁମଧୁରତ୍ୱ, ଲଘୁତ୍ୱ, ପିତ୍ତାସ୍ରଦାହନାଶିତ୍ୱ ।]

ସୂକ୍ଷ୍ମ ଷଟ୍‌ଚରଣ—ସଂ. ବି—ପକ୍ଷ୍ମୟୂକ (ରାଜନିର୍ଘଣ୍ଟ); ଅକ୍ଷିପତାର Sūkshma shat-charana ଡମଉକୁଣୀ— Lice adhering to the eye-lashes.

ସୂକ୍ଷ୍ମା—ସଂ. ବିଣ (ସୂକ୍ଷ୍ମ + ଆ)—ସୂକ୍ଷ୍ମ ର ସ୍ତ୍ରୀଲିଙ୍ଗ—Feminine Sūkshmā of Sūkshma. ବି—୧ । ଯୂଥିକା; ଜୁଇଫୁଲ (ଶବ୍ଦଚନ୍ଦ୍ରିକା)—1. A sort of jasmine. ୨ । ମଲ୍ଲିକା; ମଲ୍ଲୀଫୁଲ—2. Jasminum Sambac. ୩ । ବାଲୁକା; ବାଲି (ରାଜନିର୍ଘଣ୍ଟ)—3. Sand. ୪ । କ୍ଷୁଦ୍ରୈଲା (ରାଜନିର୍ଘଣ୍ଟ); ଗୁଜରାତି—4. The white species of cardamum. ୫ । ଶବ୍ଦ-ପ୍ରବୃତ୍ତିବିଶେଷ; ଶବ୍ଦର ପ୍ରକୃତାର୍ଥ—5. An attribute of words; connotation of words. ୬ । ମୁଷଳୀ (ହି. ଶ) (ଦେଖ)—6. Mūsalī (See) ୭ । ବିଷ୍ଣୁଙ୍କର ଏକ ଶକ୍ତି (ହି. ଶ)— 7. One of the Śaktis of Bishnu.

ସୂକ୍ଷ୍ମାଂଶ—ସଂ. ବି (କର୍ମଧା)—ଅତି ସରୁ ଅଂଶ— Sūkshmāmśa Atomic particle.

ସୂକ୍ଷ୍ମାଗ୍ର—ସଂ. ବି (କର୍ମଧା)—ଅତି ତୀକ୍ଷ୍ଣ ଅଗ୍ରଭାଗ; ଅସ୍ତ୍ରାଦିର ମୁନିଆଁ Sūkshmāgra ଧାର; ମୁନ—Fine sharp edge. ସଂ. ବିଣ(ବହୁବ୍ରୀହି)—ମୁନିଆ (ଅସ୍ତ୍ରାଦି)—Fine-pointed.

ସୂକ୍ଷ୍ମାଣୁ(ତି)ସୂକ୍ଷ୍ମ—ସଂ. ବିଣ—୧ । ପୁଙ୍ଖାନୁପୁଙ୍ଖ—1. Thorough. Sūkshmānu(ti)sūkshma ୨ । ଅତି ସୂକ୍ଷ୍ମ— 2. Very fine; molecular.

ସୂକ୍ଷ୍ମୈଳା—ସଂ. ବି—ଛୋଟ ଅଳାଇଚ; ଗୁଜରାତି—The small Sūkshmailā cardamum; Ellettaria Cardamomum. [ଦ୍ର—ଏହା ମଧୁରରିକ୍ତ, ଶୀତବୀର୍ଯ୍ୟ, ଲଘୁପାକ, ଦୀପନ, ଉଷ୍ଣ, ବଳକର, ଶୁକ୍ରବର୍ଦ୍ଧକ, ବାୟୁନାଶକ
ଅନ୍ୟ ସଂ.—ଚନ୍ଦ୍ରବାଳା, ଗନ୍ଧଗର୍ଭା, କପୋତି, ତୁଟି, ସୂକ୍ଷ୍ମା, ଉପକୁଞ୍ଚିକା, ତୁତ୍ଥା,

ଚୋରଙ୍ଗୀ, ବାବଙ୍ଗୀ । ଓ ଶ୍ୱାସ, କାଶ, ଅର୍ଶଃ ଓ ମୂତ୍ରକୃଚ୍ଛ୍ର
গুজরাটি, এলাচ, ছোট এলাচ ରୋଗରେ ଉପକାରୀ । ଏହା ଛୋଟ
छोटी इलाइची ବଡ଼ ଅଳାଇଚର ଗୁଣମାନ ଏଥିରେ
ତେ. ଚନ୍ନମ୍ବାବିୟୁଲୁ, ଏଲ୍ଲକାୟା ଅଛି ।]

ସୂଚ୍ (ଧାତୁ)—ସ—୧ । ଜ୍ଞାପନ କରିବା—1. To intimate. ୨ । Sūch (root) କହିବା—2. To speak out. ୩ । ସୂଚନା କରିବା—3. To hint. ୪ । ସଙ୍କେତ କରିବା—4. To indicate by signs. ୫। ହିଂସନ କରିବା—5. To take revenge. ୬ । ଆବିଷ୍କାର କରିବା—6. To discover. ୭ । ଅଭିନୟ କରିବା—7. To act a part. ୮ । ଦୋଷ ଦେଖାଇବା—8. To find fault with.

ସୂଚ—ସ. ବି—କୁଶାଙ୍କୁର—
Sūcha The tender sprouts of Kuśa grass.

ସୂଚକ—ସଂ. ବିଣ. ପୁଂ (ସୂଚ୍ ଧାତୁ ଣିଚ୍=ସୂଚି ଧାତୁ= Sūchaka ଜଣାଇବା+କର୍ତ୍ତୃ. ଅକ)—୧ । ଯାହା କୌଣସି (ସୂଚିକା—ସ୍ତ୍ରୀ) ବିଷୟର ସୂଚନା କରେ—1. Indicating, hinting. ୨ । କଥକ—2. Speaking. ୩ । ଜ୍ଞାପକ—3. Informing. ୪ । ଯାହା ସୂତ୍ରରୁ କୌଣସି ବିଷୟର ସୂଚନା କରେ—4. Indicative of. ବି—୧ । ପିଶୁନ (ଅମର; ଶବ୍ଦରତ୍ନାବଳୀ); ଚୁଗୁଲିଆ—1. A backbiter; slanderer. ୨ । କର୍ଣ୍ଣେଜପ; ଚରବିଶେଷ; ଚୁଙ୍ଗ ପୁରୁଷ—2. A spy; an informer. ୩ । ସୀବନ ଯନ୍ତ୍ର (ମେଦିନୀ)—3. Sewing machine. ୪ । ସୂଚୀ; ଛୁଞ୍ଚି—4. Needle. ୫ । କୁକୁର (ମେଦିନୀ)—5. Dog. ୬ । ବିଡ଼ାଲ (ମେଦିନୀ) 6—Cat. ୭ । କାକ (ମେଦିନୀ)—7. Crow. ୮ । ସୂତ୍ରଧର; ସୂତ୍ରଧାର (ହେମଚନ୍ଦ୍ର)—8. Stage-manager. ୯ । ବଢ଼େଇ (ହେମଚନ୍ଦ୍ର)—9. Carpenter. ୧୦ । ପିଶାଚ (ଶବ୍ଦରତ୍ନାବଳୀ)—10. An evil spirit. ୧୧ । ସିଦ୍ଧ (ଶବ୍ଦରତ୍ନାବଳୀ)—11. A class of aerial beings. ୧୨ । ବୁଦ୍ଧ (ଶବ୍ଦରତ୍ନାବଳୀ)—12. The Buddha. ୧୩ । କଥକ (ହେମଚନ୍ଦ୍ର)—13. A speaker. ୧୪ । ସୂକ୍ଷ୍ମଶାଳି (ରାଜନିର୍ଘଣ୍ଟ)—14. A fine grain. ୧୫ । ଦଳପତି—15. Leader of a gang. ୧୬ । ବିଲୁଆ (ହି. ଶ)—16. Jackal. ୧୭ । ବାରଣ୍ଡା (ହି. ଶ)—17. Varanda. ୧୮ । ଅଳଗଡ଼ା; ରେଲିଙ୍ଗ୍ ଦ୍ୱାରା ବେଷ୍ଟିତ ସ୍ଥଳ (ହି. ଶ)—18. Railed enclosure. ୧୯ । ଦରଜୀ (ହି. ଶ)—19. Tailor. ୨୦ । ଖଳ ବ୍ୟକ୍ତି (ହି. ଶ)—20. A wicked person. ୨୧ । ଉଚ୍ଚ କାନ୍ଥ (ହି. ଶ)—21. High wall. ୨୨ । ଅୟୋଗବ-ମାତା ଓ କ୍ଷତ୍ରିୟ-ପିତାଙ୍କଠାରୁ ଉତ୍ପନ୍ନ ପୁତ୍ର (ହି. ଶ)—22. Son born of a Ayogaba mother & Kshatriya father.

सूचक सूचक ଦେ. ବି—ସୂଚକ ଲକ୍ଷଣ—Indicative sign.

ସୂଚନ(ନା)—ସ. ବି (ସୂଚ୍ ଧାତୁ+ଣିଚ୍, ଅନ)—୧ । ଜ୍ଞାପନ—Sūchana(nā) 1. Indication. ୨ । ସଙ୍କେତ ବା ଇଙ୍ଗିତ ଦ୍ୱାରା ଜଣାଇବା—2. Indicating by signs; hinting. ୩ । କଥନ—3. Speaking. ୪ । ହିଂସନ—4. Taking revenge. ୫ । ଅଭିନୟ—5. Acting. ୬ । ଦୋଷ ଅନ୍ୱେଷଣ; ଦୋଷ ଦେଖାଇବା—6. Finding fault. ୭ । ବିଦ୍ଧ କରିବା; ଗୋଞ୍ଜିବା; ଭେଦନ—7. Piercing. ୮ । ସୁଗନ୍ଧ ବିସ୍ତାର କର୍ମ (ହି. ଶ)—8. The act of diffusing fragrance. ୯ । କୌଣସି ବିଷୟର ପୂର୍ବାଭାସ—9. Preliminary indication; hint. ୧୦ । ବିଜ୍ଞାପନ—10. Notifying. ୧୧ । ହିଂସା (ହି.ଶ)—11. Envy; bitterness.

ସୂଚନୀୟ—ସ. ବିଣ (ସୂଚ୍ ଧାତୁ+କର୍ମ. ଅନୀୟ)—ସୂଚିତ ହେବାର Sūchaniya ଯୋଗ୍ୟ—Fit to be indicated or hinted.

ସୂଚା(ଚେ)ଇବା—ଦେ. କ୍ରି—୧ । ସୂଚିବା କ୍ରିୟାର ଣିଜନ୍ତ ରୂପ—Sūchā(che)ibā 1. Causative of Sūchibā. ୨। ସୂଚିବା सूचाना सूचित कराना (ଦେଖ)—2. Sūchibā (See)

ସୂଚି—ସ. ବି (ସିବ୍ ଧାତୁ=ସିଲାଇ କରିବା+କରଣ, ଚି; ନିପାତନ) Sūchi —୧ । ବେଧନୀ; ସୀବନୀ; ଛୁଞ୍ଚି—1. Needle. ୨ । ନୃତ୍ୟଭେଦ (ଶବ୍ଦକୋଷ); ଏକ ପ୍ରକାର ନୃତ୍ୟ—2. A sort of dance. ୩ । ସୂକ୍ଷ୍ମ ଅଗ୍ରଭାଗ; ଶିଖା (ଶବ୍ଦକୋଷ)—3. Pointed top; fine point. ୪। ନର୍ତ୍ତକମାନଙ୍କର କର ଓ ଅଙ୍ଗାଦି ଦ୍ୱାରା ଅଭିନୟ; ଗାୟନା—4. Indicating of the purport of a song by signs made by the hands and limbs; mime. ୫ । କେତକୀ ଫୁଲ (ହି. ଶ)—5. The yellow-flowered Pandanus Odoratissimus. ୬ । ବ୍ୟୂହବିଶେଷ (ହି. ଶ)—6. A kind of battle-array. [ଦ୍ର—ଏଥିରେ କୁଶଳ ଓ ବଳିଷ୍ଠ ସେନାଙ୍କୁ ଆଗରେ ରଖାଯାଏ ଓ ଅନ୍ୟମାନଙ୍କୁ ପଛରେ ରଖାଯାଏ—ହି. ଶ) ୭ । କାଠଗଡ଼ା; ଅଳଗଡ଼ା (ହି. ଶ)—7. Railed enclosure. ୮ । କବାଟର ଛିଟକିଣି (ହି. ଶ)—8. The bolt of a door. ୯ । ନିଷାଦ ପିତା ଓ ବୈଶ୍ୟା ମାତାଙ୍କଠାରୁ ଜାତ ସନ୍ତାନ (ହି. ଶ)—9. The son of a Nishāda father and Baisya mother. ୧୦। ରତିବନ୍ଧ ବିଶେଷ (ହି.ଶ)—10. A mode of coition. ୧୧ । ଶୂର୍ପକାର (ହି.ଶ)—11. The manufacturer of winnowing

fan. ୧୨ । କୁଶ (ହି. ଶ)—12. Kuśa grass. ୧୩ । ଦୃଷ୍ଟି (ହି. ଶ)—13. Sight; vision. ୧୪ । (ସୂଚ୍ ଧାତୁ=ସୂଚନା କରିବା+କରଣ ଇ)—ପୁସ୍ତକସ୍ଥ ବିଷୟର ସୂଚୀପତ୍ର; ଫର୍ଦ୍ଦ—14. Indication of the contents of a book; index. ୧୫ । ତାଲିକା (ହି. ଶ)—15. List.

ସୂଚିକ—ସଂ. ବି. ପୁଂ (ସୂଚି+ସ୍ୱାର୍ଥେ କ)—ସୂଚିକର୍ମକର; ଦରଜି— Sūchika A tailor.
(ଅନ୍ୟ ସଂ. ନାମ—ସୌଚିକ, ସୌଚି, ତୁନ୍ନବାୟ, ସୂଚିକାର)
(ସୂଚିକା—ସ୍ତ୍ରୀ)

ସୂଚିକର୍ମ—ସଂ. ବି—୧ । ସିଲେଇକାମ—1. Sewing. ୨ । ବସ୍ତ୍ର Sūchi karma ଉପରେ ଛୁଞ୍ଚିଦ୍ୱାରା କରିବା କାରୁକାର୍ଯ୍ୟ—2. Fine needle work done on cloth.

ସୂଚିକା—ସଂ.ବିଣ. ସ୍ତ୍ରୀ (ସୂଚକ+ଆ)—ସୂଚକର ସ୍ତ୍ରୀଲିଙ୍ଗ; ଜ୍ଞାପିକା— Sūchikā (Feminine of Sūchaka) Indicating (female) ସଂ. ବି (ସ୍ତ୍ରୀ)—୧ । (ସୂଚିକ+ଆ)—ଦରଜିଆଣୀ—1. A female tailor. ୨ । (ସୂଚି+କ+ଆ)—ଛୁଞ୍ଚି; ସୂଚି—2. Needle. ୩ । ହାତୀର ଶୁଣ୍ଢ—3. The trunk of elephant. ୪ । କେତକୀ (ହି. ଶ)—4. Yellow-flowered Pandanus. ୫ । ଅପ୍ସରୋବିଶେଷ (ହି. ଶ)—5. Name of a heavenly nymph.

ସୂଚିକାଧର—ସଂ. ବି (ସୂଚିକା ଅଟେ ଅଧର ଯାହାର)—ହସ୍ତୀ (ଶବ୍ଦମାଳା)- Sūchikādhara Elephant.

ସୂଚିକାପୁଷ୍ପ—ସଂ. ବି—ସୂଚିପୁଷ୍ପ (ଦେଖ)— Sūchikā pushpa Sūchipushpa (See)

ସୂଚିକାଭରଣ—ସଂ. ବି—ସନ୍ନିପାତରେ ପ୍ରଯୁଜ୍ୟ ଅଳ୍ପ ମାତ୍ରାରେ Sūchikābharaṇa ସେବ୍ୟ ଔଷଧବିଶେଷ (ଭୈଷଜ୍ୟ- (ସୂଚିକାଭରଣ ରସ—ଅନ୍ୟରୂପ) ରତ୍ନାବଳୀ)— A sort of medicinal preparation administered in minute doses. [ପ୍ର—ସର୍ପବିଷ ଓ ପାରଦ ଚୂର୍ଣ୍ଣ କରି ଘୋଡଣୀଦ୍ୱାରା ମୁଦ କାଚ ବୋତଲରେ ପୂରାଇ ମନ୍ଦ ମନ୍ଦ ଜଳୁଥିବା ଅଗ୍ନିରେ ଦୁଇ ପ୍ରହରକାଳ ପୁଟପାକ କରାଯାଏ; ତହିଁରୁ ବାଷ୍ପରୂପେ ଯାହା ଉଠି ବୋତଲରେ ଓ ଘୋଡଣୀରେ ଲାଗିଯାଏ ତାକୁ ସଂଗ୍ରହ କରାଯାଏ । ଏହା ସନ୍ନିପାତ ରୋଗୀ ଓ ସର୍ପ-ଦଷ୍ଟ ବ୍ୟକ୍ତି ଠାରେ ପ୍ରୟୋଗ କଲେ ଅଶୁଫଳ ଫଳେ । ବୋତଲର ଦେହରେ ଲାଗିଥିବା ପଦାର୍ଥ ଛୁଞ୍ଚି ମୁନରେ ଲାଗି ଅସିଲେ ଔଷଧ ପ୍ରସ୍ତୁତ ହେଲା ବୋଲି ଜଣାଯାଏ । ଏଥି ଯୋଗୁ ଏହି ନାମ ହୋଇଅଛି । ସନ୍ନିପାତ, ବିସୂଚିକା ସର୍ପଦଂଶନ ଯୋଗୁଁ ରୋଗୀର ଅନ୍ତିମ ଅବସ୍ଥା ଉପସ୍ଥିତ ହେଲେ ଏ ଔଷଧର ପ୍ରୟୋଗ କରାଯାଏ । ମୃତପ୍ରାୟ ରୋଗୀର ମୁଣ୍ଡରେ ଗୋଟିଏ ଛୋଟ ଛିଦ୍ର କରି ସେହି ଛିଦ୍ରରେ ଛୁଞ୍ଚି ମୁନଦ୍ୱାରା ଏ ଔଷଧ ପୂରାଇ ଦିଆଯାଏ । ଏ ଔଷଧ ଦ୍ୱାରା ଭଲ ନ ହେଲେ ରୋଗୀର ମରଣ ଅନିବାର୍ଯ୍ୟ । ଏ ଔଷଧ ପ୍ରୟୋଗ କରିବା ଦ୍ୱାରା ରୋଗୀର ଦେହ ଅତି ଗରମ ହୋଇଯାଏ ଓ ଏଥିପାଇଁ ବହୁ ଶୀତଳ ଉପଚାର କରିବାକୁ ହୁଏ । ଏ ଔଷଧ ପ୍ରସ୍ତୁତ କରିବା ପାଇଁ ଉପର୍ଯ୍ୟୁକ୍ତ ପ୍ରଣାଳୀ ଛଡ଼ା ଅନ୍ୟ ପ୍ରଣାଳୀମାନ ଅଛି :—

୧ । ପାରା, ଗନ୍ଧକ, ସୀସା, କାଠବିଷ ଓ କଳା ନାଗସାପର ଗରଳକୁ ଏକ କରି ଯଥାକ୍ରମେ ରୋହୁ ମାଛର, ମଇଁଷିର, ମୟୂରର, ଛେଳିର ଓ ଘୁଷୁରିର ପିତ୍ତରେ ତାହାକୁ ଭାବନା କରି ସୋରିଷ ପରି ବଟିକା ପ୍ରସ୍ତୁତ କରାଯାଏ ।

୨ । କାଠବିଷ, ସାପ ଗରଳ, ଦାରୁମୁଷି, ପ୍ରତ୍ୟେକ ଏକ ଭାଗ, ହିଙ୍ଗୁଳ ୩ ଭାଗ, ଏ ସବୁକୁ ଏକ ଯଥାକ୍ରମେ ରୋହୁ ମାଛର, ମଇଁଷିର, ମୟୂରର, ଛେଳିର ଓ ଘୁଷୁରିର ପିତ୍ତରେ ୧ ଦିନ ଭାବନା କରି ସୋରିଷ ପରି ବଟିକା ତିଆରି କରାଯାଏ— ହି. ଶ.]

ସୂଚିକାମୁଖ—ସଂ. ବି—(ବହୁବ୍ରୀହି; ସୂଚିକା=ଛୁଞ୍ଚି ପରି ମୁଖ ଯାହାର) Sūchikāmukha ୧ । ଶଙ୍ଖ—1. Conch shell. ୨ । ଚୁଚୁନ୍ଦ୍ରା—2. Mole. ୩ । ମୂଷିକ; ମୂଷା—3. Rat; mouse. ୪ । (ଷଷ୍ଠୀ ତତ୍)—ଛୁଞ୍ଚିର ମୁହଁ; ଛୁଞ୍ଚିର କଣା—4. The mouth or eye of a needle.

ସୂଚିଘନ—ଦେ. ବିଣ—ଲମ୍ବା ଓ ମୁନିଆ; ଶୋଳିଆ; ଚୂଳିଆ— Sūchighana Conical; long and sharp pointed. सुतीक्ष्ण, छूँचाल नोकदार

ସୂଚିତ—ସଂ. ବିଣ (ସୂଚ୍ ଧାତୁ. ଣିଚ୍+କର୍ମ. କ୍ତ)—୧ । ଜ୍ଞାପିତ— Sūchita 1. Indicated; intimated. ୨ । ପ୍ରସ୍ତାବିତ— (ସୂଚନ[ନା]—ବି) 2. Proposed. ୩ । ସଙ୍କେତାଦି ଦ୍ୱାରା ଜ୍ଞାପିତ—3. Hinted at; indicated by signs. ୪ । କଥିତ—4. Spoken. ୫ । ହିଂସିତ—5. Avenged; hurt. ୬ । ଖୁବ୍ ଉପଯୁକ୍ତ (ହି. ଶ)—6. Very fit.

ସୂଚିତବ୍ୟ—ସଂ. ବିଣ (ସୂଚ୍ ଧାତୁ+କର୍ମ. ତବ୍ୟ)—ସୂଚିତ ହେବାର Sūchitabya ଯୋଗ୍ୟ—Fit to be hinted at; (ସୂଚ୍ୟ, ସୂଚୟିତବ୍ୟ—ଅନ୍ୟରୂପ) requiring to be indicated.

ସୂଚିତାର୍ଥ—ସଂ. ବି (କର୍ମଧା)—ବ୍ୟଞ୍ଜନା ଦ୍ୱାରା ପ୍ରକାଶିତ ଶବ୍ଦାର୍ଥ— Suchitārtha Suggested meaning of a word.

ସୂଚିଦଳ (ପତ୍ର, ପତ୍ରକ)—ସଂ. ବି—୧ । ଶିରିଆରି; ସୁନିଷଣ୍ଣକ (ସ୍ୱନ Sūchi daḷa (patra, patraka) ଷଣ୍ଣ); ସ୍ୱନସ୍ୱନଅ ଶାଗ— 1. Marselea Quadrifolia (a pot herb). ୨ । ଏକ ପ୍ରକାର ଅଖୁ (ହି. ଶ)—2. A kind of

sugarcane. ୩ । ସୂଚୀପତ୍ର (ଦେଖ)—3. Sūchīpatra (See)

ସୂଚି ପାଶ—ସଂ. ବି (୬ଷ୍ଠୀ ତତ୍)—ଛୁଞ୍ଚର ବେଣା—
Sūchi pāsa The eye of a needle.

ସୂଚି ପୁଷ୍ପ—ସଂ. ବି—କେତକୀ ବୃକ୍ଷ (କିଆବଣ);କିଆ ଗଛ—
Sūchi pushpa The yellow-flowered screw pine; Pandanus Odoratissimus.

ସୂଚି ବ(ର)ଦନ—ସଂ. ବି (ବହୁବ୍ରୀହି)—୧ । ନକୁଳ; ନେଉଳ (ସ୍ତନ-
Sūchi ba(ra)dana ନ୍ୟବର୍ଗସ୍ଥ)—1. Ichneumon. ୨ । ମଶକ; ମଶା (ସ୍ତନକବର୍ଗସ୍ଥ)—2. Mosquito.

ସୂଚିବା—ଦେ. କ୍ରି (ସଦ୍ୟ)—୧ । ସୂଚନା କରିବା—1. To
sūchibā indicate. ୨ । ସଙ୍କେତାଦିଦ୍ୱାରା ଜଣାଇ କହିବା—2. To hint at a thing. [ବ୍ର—ତୋ ଠାରେ କଣ ସ୍ନେହ ସେହି ସୂଚିବ । ଋଷାଳାଥ. ଦେଦବୁର ।]
সূচনাদেওয়া ୩ । ଗୋପନରେ କୌଣସି ବିଷୟ କହିବା—3. To
सूचना देना speak a thing secretly. ୪ । (ମନ୍ଦାର୍ଥ) କାନରେ କହିଦେବା; ଯୋଗ୍ତ ଦେବା—4. To whisper a thing to the ears of another (bad sense).

ସୂଚିବାନ୍—ସଂ. ବି. ପୁଂ (ସୂଚି+ବତ୍; ୧ମା. ୧ବ)—ଗରୁଡ଼ (ଶବ୍ଦ
Sūchibān ରତ୍ନାବଳୀ)—The mythological king of birds.

ସୂଚିଭେଦ୍ୟ—ସଂ. ବିଣ (ତୃତୀୟା ତତ୍)—୧ । ଯାହା ସୂଚିଦ୍ୱାରା
Sūchibhedya ଭେଦକ କରାଯାଇ ପାରେ—1. Fit to be pierced with a needle. ୨ । ଘନ; ଗାଢ଼ (ଅନ୍ଧକାର)—2. Dense (darkness).

ସୂଚିଭେଦ୍ୟ ଅନ୍ଧକାର—ସ. ବି—ଘନ ଅନ୍ଧକାର (ଏପରି ଅନ୍ଧକାର
Sūchibhedya andhakāra ଯେ, ତାକୁ ଛୁଞ୍ଚିଦ୍ୱାରା ଫୋଡ଼
সূচিভেদ অন্ধকার ହୋଇପାରେ ବୋଲି କହିଲେ ଅତ୍ୟୁକ୍ତି
सूचिभेद्यअंधकार ହେବ ନାହିଁ)—Dense darkness.

ସୂଚିମଲ୍ଲିକା—ସ. ବି—ନବମଲ୍ଲିକା, ଜଅଳ ଫୁଲ (ବୃ. ଶ) (ଦେଖ)
Sūchi mallikā Nisli (See)

ସୂଚି ମାଛି ପରୀକ୍ଷ(କ୍ଷା)—ଦେ. କ୍ରି—କରି ଦେଖିବା
Sūchi māchhi pariksha(kshā) kariba
তন্ম তন্ম করিয়া দেখা, খুঁটিনাটি করিয়াদেখা Scrutiny.
बतुकरदेखना [ବ୍ର—ସେଠାବରେ ସୂଚମ ସୂଚି ପରୀକ୍ଷ କୃତହ—ପ୍ରାଚୀ. ତୃତ୍ତ୍ୱକଶ୍ରୁଣଗୀତା ।]

ସୂଚିମୁଖ—ସ. ବି (ବହୁବ୍ରୀହି)—୧ । ହୀରକ (ହେମଚନ୍ଦ୍ର; ହୀରା—
Sūchimukha 1. Diamond. ୨ । ସିତକୁଶ (ରତ୍ନକର୍ଣ୍ଣ); ଧଳାକୁଶ—2. White variety of kuśa grass. ୩ । ମୂଷାଜାତୀୟ (ହେମଚନ୍ଦ୍ର); ମୂଷିକ—3. Mouse. ୪ । ଛୁଚୁନ୍ଦ୍ର—4. Shrew; mole. ୫ । ବ୍ୟୂହ-ବିଶେଷ—5. A kind of battle-array. ୬ । ଛୁଞ୍ଚିରେ ଛିଦ୍ର (ବୃ. ଶ)—6. The eye of a needle.

ସୂଚିରୋମା—ସ. ବି (ବହୁବ୍ରୀହି; ସୂଚୀ+ରୋମନ୍; ୧ମା. ୧ବ)—
Sūchiromā ୧ । ଶୂକର—1. Hog. ୨ । ବରାହ—2. Wild hog; boar. ବିଣ. ପୁଂ ଓ ସ୍ତ୍ରୀ—ଛୁଞ୍ଚି ପରି ରୋମବିଶିଷ୍ଟ—Having bristles; needle-haired.

ସୂଚିଶାଳି—ସଂ. ବି—ଖୁବ୍ ସରୁ ଶାରଦ ଧାନ (ବୃ. ଶ)—
Sūchisāli Very fine winter paddy.

ସୂଚି ଶିଖା—ସ. ବି (୬ଷ୍ଠୀ ତତ୍)—ଛୁଞ୍ଚିର ମୁନ—
Sūchi śikhā The sharp point of a needle.

ସୂଚି ସୂତ୍ର—ସ.ବି—୧ । (ମ.ଘ.ଲୋ) ଛୁଞ୍ଚିର ଛିଦ୍ରରେ ପୁରାଯାଇଥିବା
Sūchi sūtra ସୂତା—1. Thread passed through the eye of a needle. ୨ । (ଦ୍ୱନ୍ଦ୍ୱ)ଛୁଞ୍ଚି ଓ ସୂତା—2. Needle and thread.

ସୂଚୀ (ଇତ୍ୟାଦି)—ସ. ବି (ସୂଚି+ଈ)—୧ । ସୂଚି ଇତ୍ୟାଦି (ଦେଖ)
Sūchī (etc) Sūchi etc (See) ୨ । (ବ୍ୟକ୍ତ ସୂଚିତ) ଯେଉଁ ସାକ୍ଷୀ ବିନା ସମନରେ ଆସି ସାକ୍ଷ୍ୟ ଦିଏ (ବୃ.ଶ)—2. A witness who gives evidnece without being summoned. ୩ । (ସୁଶ୍ରୁତ) ଶସ୍ତ୍ରର କ୍ଷତ ସ୍ଥାନକୁ ସିଲାଇ କରିବା ପାଇଁ ବ୍ୟବହୃତ ଛୁଞ୍ଚି (ବୃ. ଶ)—3. Surgeon's needle. ୪ । (ସଂ ସୂଚନ୍; ୧ମା. ୧ବ. ପୁଂ) ଚର; ଭେଦିଆ (ବୃ. ଶ)—4. Spy; informer. ୫ । (ପୁଂ) ପିଶୁନ; ଚୁଗୁଲିଖୋର୍ ବ୍ୟକ୍ତି (ବୃ. ଶ)—5. Backbiter. ୬ । (ପୁଂ) ଖଳ ବ୍ୟକ୍ତି; ଦୁଷ୍ଟ ବ୍ୟକ୍ତି (ବୃ. ଶ)—6. A wicked person. ସଂ. ବିଣ ପୁ—୧ । ସୂଚନାକାରୀ—1. Indicating. ୨ । ଚୁଗୁଲିଆ—2. Backbiting. ୩ । ଖଳ—3. Wicked; depraved.

ସୂଚୀକ—ସ. ବି (ସୂଚୀ+କ)—ଯେଉଁ ଜନ୍ତୁର କାମୁଡ଼ା ଛୁଞ୍ଚି ପରି ମୁନିଆ
Sūchik (ବୃ. ଶ) (ଯଥା—ମଶା)—
Animals having needle-like tongues.

ସୂଚୀ କଟାହ ନ୍ୟାୟ—ସଂ. ନ୍ୟାୟ—ପ୍ରଥମେ ସ୍ୱଳ୍ପାୟାସସାଧ୍ୟ ସୂଚୀ
Sūchī katāha nyāya ନିର୍ମାଣ କରି ପାଛ ପରେ ବହ୍ୱାୟାସ-ସାଧ୍ୟ କଟାହ ନିର୍ମାଣ କରିବା ନ୍ୟାୟ; ବହୁଶ୍ରମସାଧ୍ୟ କାର୍ଯ୍ୟ ସ୍ଥଗିତ ରଖି ଅଳ୍ପଶ୍ରମସାଧ୍ୟ କାର୍ଯ୍ୟ କରିବା ନ୍ୟାୟ—(Analogy) Deferring a difficult matter till the completion of an easy one.

ସୂଚୀ କର୍ମ—ସଂ: ବି—ସୂଚି କର୍ମ (ଦେଖ)
Sūchī Karma Sūchi karma (See)

ସୂଚୀ ଜୀବୀ—ସଂ. ବି. ପୁଂ (ସୂଚୀ+ଜୀବ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Sūchī jībī ୧ବ)—ଦରଜି—Tailor.
[ସୂଚୀ ଜୀବନୀ—ସ୍ତ୍ରୀ]

ସୂଚୀ ଦଳ—ସଂ. ବି—ସୂଚି ଦଳ (ଦେଖ)—Sachi dala (See)
Sūchī dala

ସୂଚୀ ପତ୍ର (ପତ୍ରକ)—ସଂ. ବି—୧ । ସୂଚି ଦଳ (ଦେଖ)—1. Sūchi
Sūchi patra (patraka) daḷa (See) ୨ । ପୁସ୍ତକର ବିଷୟର ସଂକ୍ଷିପ୍ତ ସୂଚନା ବା ତାଲିକା ଯେଉଁ ପୃଷ୍ଠାରେ ଲେଖା ହୋଇଥାଏ—2. An index to a book; table of contents. ୩ । ବ୍ୟବସାୟୀଙ୍କ ଦୋକାନରେ ଥିବା ଜିନିଷ ଅଦିର ନାମ, ବିବରଣ ଓ ମୂଲ୍ୟର ତାଲିକା ଯେଉଁ ବହିରେ ଥାଏ (ଭୁ. ଶ)—3. Catalogue or price-list of a trader or shopkeeper.

ସୂଚୀପତ୍ରା—ସଂ. ବି—ଗଣ୍ଡଦୂର୍ବା (ରାଜନିର୍ଘଣ୍ଟ)—
Sūchīpatrā A sort of knotted grass.

ସୂଚୀପଦ୍ମ—ସଂ. ବି—ବ୍ୟୂହବିଶେଷ (ଭୁ. ଶ)—
Sūchīpadma A kind of bettle-array.

ସୂଚୀ ପୁଷ୍ପ—ସଂ. ବି—ସୂଚିପୁଷ୍ପ (ଦେଖ)
Sūchīpushpa Sūchipushpa (See)

ସୂଚୀ ବକ୍ତ୍ର—ସଂ. ବି (ନାମ)—୧ । ସ୍କନ୍ଦଙ୍କ ଅନୁଚରବିଶେଷ (ଭୁ. ଶ)—1. Name of a companion of Skanda. ୨ । ଅସୁରବିଶେଷ (ଭୁ. ଶ)—
Sūchi baktra
2. Name of a demon. ସଂ. ବିଣ. ପୁଂ (ବହୁବ୍ରୀହି)—ଛୁଞ୍ଚି ପରି ମୁହଁ ବା ପାଟି ଯାହାର—Having the mouth or face pointed like the needle.

ସୂଚୀବକ୍ତ୍ରା—ସଂ. ବିଣ. ସ୍ତ୍ରୀ—ସୂଚୀବକ୍ତ୍ରର ସ୍ତ୍ରୀଲିଙ୍ଗ—Feminine of
Sūchībaktrā Suchībaktra. ସଂ. ବି—ବୈଦ୍ୟକ ମତରେ ୨୦ ପ୍ରକାର ଯୋନି ରୋଗରୁ ଏକତମଦ୍ୱାର ଅତ୍ୟନ୍ତ ଅତି ସୂକ୍ଷ୍ମମୁଖ ଯୋନି (ଯାହା ପୁରୁଷସଙ୍ଗମାର୍ଥ ଏକାନ୍ତ ଅଯୋଗ୍ୟ) [ଭୁ. ଶ]—A very narrow mouthed vagina which is totally unfit for cohabitation.

ସୂଚୀ ବଦନ—ସଂ. ବି—ସୂଚି ବଦନ (ଦେଖ)—
Sūchī badana Sūchi badana (See)

ସୂଚୀଭେଦ୍ୟ—ସଂ. ବିଣ—ସୂଚିଭେଦ୍ୟ (ଦେଖ)—
Sūchībhedya Sūchibhedya (See)

ସୂଚୀମୁଖ—ସଂ. ବି—୧ । ସୂଚିମୁଖ (ଦେଖ)—1. Suchimukha
Sūchīmukha (See) ୨ । ନରକବିଶେଷ (ଭୁ. ଶ)—
2. Name of a part of the hell. ୩ । ହୀରକ (ଭୁ. ଶ)—3. Diamond.

ସୂଚୀରୋମା—ସଂ. ବି ଓ ବିଣ—ସୂଚିରୋମା (ଦେଖ)
Sūchīromā Sūchiromā (See)

ସୂଚ୍ୟ—ସଂ. ବିଣ (ସୂଚ ଧାତୁ + କର୍ମ. ଯ)—ସୂଚିତବ୍ୟ (ଦେଖ)
Sūchya Sūchitabya (See)

ସୂଚ୍ୟଗ୍ର—ସଂ. ବି (୬ଷ୍ଠୀ ତତ୍)—୧ । ଛୁଞ୍ଚିର ଅଗ—1. The fine
Sūchyagra point of a needle. ୨ । କୁଶ—
2. The Kuśa grass.

ସୂଚ୍ୟଗ୍ର ପରିମିତ—ସଂ. ବିଣ—୧ । ଛୁଞ୍ଚିର ଅଗଦ୍ୱାରା ଯେତେ ସ୍ଥାନ
Sūchyagra parimita ଅଧିକୃତ ହୋଇପାରେ—1. Measured by the fine point of a needle. ୨ । ଅତି ସୂକ୍ଷ୍ମ—2. Minutest. [ଯଥା—ଦୁର୍ଯୋଧନ କହିଲେ ଯେ, ବିନା ଯୁଦ୍ଧରେ ମୁଁ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ପରିମିତ ସ୍ଥାନ ଛାଡ଼ି ଦେବି ନାହିଁ ।]

ସୂଚ୍ୟଗ୍ରବତ୍—ସଂ.ବିଣ—ଛୁଞ୍ଚିର ଅଗ ପରି—Like the fine point
Sūchyagrabat of a needle.

ସୂଚ୍ୟଗ୍ର ସ୍ତମ୍ଭ—ସଂ. ବି—ମିନାର୍; ସୂଚଅ ଗମ୍ବୁଜ (ଭୁ. ଶ)—
Sūchyagra stambha Minaret; a column having the top formed like a needle.

ସୂଚ୍ୟଗ୍ର ସ୍ଥୂଳକ—ସଂ. ବି—୧ । ତୃଣବିଶେଷ; କୁଶ ଘାସ; ଦର୍ଭ—
Sūchyagra sthūlaka 1. The Kuśa grass; Andropogen Nordeides. ୨ । କୁଶ ଘାସ (ଭୁ. ଶ) —2. A kind of needle-pointed grass.

ସୂଚ୍ୟାକାର—ସଂ. ବିଣ (ବହୁବ୍ରୀହି)—ଛୁଞ୍ଚି ପରି ଲମ୍ବ, ସରୁ ଓ ମୁନିଆ
Sūchyākāra —Long, slender and sharp-pointed like the needle.

ସୂଚ୍ୟାର୍ଥ—ସଂ.ବି (କର୍ମଧା;ସୂଚ୍ୟ+ଅର୍ଥ)—ଶବ୍ଦର ବ୍ୟଞ୍ଜନା ଶକ୍ତିଦ୍ୱାରା
Sūchyārtha ବୋଧ୍ୟ ଅର୍ଥ (ଭୁ. ଶ)—Suggestive meaning of a word.

ସୂଚ୍ୟାସ୍ୟ—ସଂ. ବି (ବହୁବ୍ରୀହି; ସୂଚୀ+ଆସ୍ୟ)—ସୂଚିମୁଖ (ଦେଖ)
Sūchyāsya Suchimukha (See)

ସୂଚ୍ୟାହ୍ୱ—ସଂ. ବି—ସୁନିଷଣ୍ଣକ ଶାକ (ଭୁ. ଶ)—
Sūchyāhwa Marselia Quadrifolia (herb).

ସୂତ୍କାର—ସଂ. ବି (ସୂତ୍=ଅନୁକରଣ ଶବ୍ଦ + କାର)—ଶୀତ୍କାର;
Sūt-kāra ଅନୁକରଣ ଶବ୍ଦବିଶେଷ—A whistling or hissing sound.

ସୂତ୍ପର—ସଂ. ବି—ସୁରାସନ୍ଧାନ (ଶବ୍ଦଚନ୍ଦ୍ରିକା)—
Sūt–para Fermentation of wine.

ସୂତ—ସଂ. ବିଣ (ସୂ ଧାତୁ=ଉତ୍ପନ୍ନ ହେବା + କର୍ତ୍ତୃ. ତ)—୧ ।
Sūta ପ୍ରସୂତ; ଉତ୍ପାଦିତ (ମେଦିନୀ)—1. Produced;
(ସୂତା – ସ୍ତ୍ରୀ) brought forth. ୨ । ପ୍ରେରିତ (ମେଦିନୀ)—
2. Sent forth. ବି—୧ । ସାରଥି (ମେଦିନୀ)—
1. Charioteer. ୨ । ସୂର୍ଯ୍ୟ—2. The sun.
୩ । ପାରଦ (ଅମର)—3. Mercury. ୪ । ସ୍ତୁତିପାଠକ; ବନ୍ଦୀ; ମାଗଧ; ଭାଟ (ମେଦିନୀ)—4. A herald; panegyrist. ୫ । ସଙ୍କର ଜାତିବିଶେଷ; ବ୍ରାହ୍ମଣୀ ଗର୍ଭରୁ କ୍ଷତ୍ରିୟ ଔରସଜାତ ସନ୍ତାନ (ମେଦିନୀ)—
5. A caste begotten by a Kshatriya on a Brāhmaṇa girl. [ଦ୍ର—ଏ ଜାତିର ବୃତ୍ତି ସାରଥ୍ୟପଣ ।] [ଦ୍ର—ବ୍ରାହ୍ମଣ ସ୍ତ୍ରୀଠାରେ କ୍ଷତ୍ରିୟ କଲେ ସୂତ । ବୋଲଉଥି ତା ନାମ ଜଗତରେ ସୂତ—କୃଷ୍ଣସିଂହ. ମହାଭାରତ· ଅନୁଶାସନ ।] ୬ । ରଥକାର ବା ସୂତ୍ରଧର—
6. Carpenter or car-maker. ୭ । (ନାମ) ନୈମିଷାରଣ୍ୟବାସୀ ପୁରାଣବକ୍ତା ଜନୈକ ମୁନି (ଏ ବ୍ୟାସ-

ସିଙ୍କ ସୂତ ଥିଲେ—ହି. ଶ)—7. Name of a sage who propounded the Purāṇas. to the sages, ୮ । ମୃତ୍ୟୁଶଯ୍ୟା; ପୌରାଣିକ (ହି. ଶ)—8. The reciter of mythologies.

ସୂତକ—ସଂ. ବି (ସୂତ+କ)—୧ । ଜନ୍ମ (ମେଦନୀ)—1. Birth.
Sūtaka ୨ । ଜନନାଶୌଚ; ଜାତକର୍ମ—2. Impurity which affects the kinsmen of new-born baby. ୩ । ପାରଦ (ମେଦନୀ)—3. Mercury; quick silver. ୪ । ମରଣାଶୌଚ (ହି. ଶ)—4. Impurity affecting the kinsmen of a deceased. ୫ । ସୂର୍ଯ୍ୟ ବା ଚନ୍ଦ୍ରର ଗ୍ରହଣ—5. Solar or lunar eclipse.

ସୂତକା—ସଂ. ବି (ସୂତକ+ଆ)—ସୂତିକା (ଦେଖ)
Sūtakā Sūtikā (See)

ସୂତକାଗାର—ସଂ. ବି—ସୂତିକାଗୃହ (ଦେଖ)
Sūtakāgāra Sūtikāgruha (See)

ସୂତକାନ୍ନ—ସଂ.ବି—ଜନନାଶୌଚ ଦୂଷିତ ବ୍ୟକ୍ତିର ବା ଲୋକ ପରିବାରର
Sūtakānna ଅନ୍ନାଦି—Rice etc cooked by a family affected by Sutakāsaucha.

ସୂତକାଶୌଚ—ସଂ. ବି (ମ. ତ. ଲୋ; ସୂତକ ହେତୁ ଅଶୌଚ)—
Sūtakāsaucha ଜନନାଶୌଚ;ସନ୍ତାନ ଜନ୍ମ ହେତୁ ଅଶୌଚ—Impurity which affects the kinsmen of a new-born baby. [ଦ୍ର—କନ୍ୟା ବା ପୁତ୍ର ଜନ୍ମିଲେ ସେହି ବଂଶୀୟମାନଙ୍କର ସମ୍ପୂର୍ଣ୍ଣ ଅଶୌଚ ହୁଏ । ପୁତ୍ର ଓ କନ୍ୟା ଜନ୍ମିଲେ ବ୍ରାହ୍ମଣମାନଙ୍କର ୧୦ ଦିନ ଓ ଶୂଦ୍ରମାନଙ୍କର ୧ ମାସ ଅଶୌଚ ହୁଏ ।]

ସୂତକୀ—ସଂ. ବିଣ. ପୁଂ (ସୂତକ+ଇନ୍; ୧ମା. ୧ବ)—୧ । ଜନନାଶୌଚ ଯୋଗୁ ଅଶୁଚ (ବ୍ୟକ୍ତି ବା ପରିବାର)—
Sūtakī
(ସୂତକିନୀ—ସ୍ତ୍ରୀ) 1. (a person or family) Affected by impurity due to a birth in the family. ୨ । ମରଣାଶୌଚ ଯୋଗୁ ଅଶୁଚ (ବ୍ୟକ୍ତି ବା ପରିବାର) [ହି. ଶ]—2. (a person or family) Affected by impurity due to a death in the family.

ସୂତଗ୍ରାମଣୀ—ସଂ. ବି. ପୁଂ—ଗ୍ରାମର ମୁଖ୍ୟ ବ୍ୟକ୍ତି [ହି. ଶ]—
Sūtagrāmaṇī The headman of a village.

ସୂତ ଗୃହ—ଦେ. ବି—ସୂତିକା ଗୃହ (ଦେଖ)
Sūta gruha Sūtikā gruha (See)

ସୂତ ତନୟ(ପୁତ୍ର, ପୁତ୍ରକ, ନନ୍ଦନ)—ସଂ. ବି—୧ । (ସୂତ=ସୂର୍ଯ୍ୟ
Suta tanaya(putra, putraka, nandanc) ତନୟ, କର୍ମ (ସୂତକ—ଅନ୍ୟାରୂପ) ଅଧିରଥ ନାମକ ସୂତଦ୍ୱାରା ପାଳିତ ତନୟ) ସୂର୍ଯ୍ୟଙ୍କ ଔରସଜାତ କୁନ୍ତୀଙ୍କ କାନୀନ ପୁତ୍ର କର୍ଣ୍ଣ—1. The famous warrior Karṇṇa. ୨ । କୀଚକ (ହି. ଶ)—2. Kīchaka.

ସୂତବଶା—ସଂ. ବି—ଗାଈ (ହି. ଶ)—
Sūtabaśā Cow.

ସୂତରାଟ୍—ସଂ. ବି (ସୂତମାନଙ୍କ ରାଜ; ୧ମା. ୧ବ)—ପାରଦ (ସ୍ୱାନ୍ତର୍ଜ୍ଞ)-
Sūtarāṭ Mercury.

ସୂତଲି—ଦେ. ବି—ସୁତୁଲି (ଦେଖ)
Sūtali Sutuli (See)

ସୂତା—ସଂ, ବିଣ, ସ୍ତ୍ରୀ (ସୂତ+ସ୍ତ୍ରୀ. ଆ)—୧ । ସୂତର ସ୍ତ୍ରୀଲିଙ୍ଗ—
Sūtā 1. Feminine of Suta. ୨ । ପ୍ରସୂତା (ସ୍ତ୍ରୀ)—2. (a woman) Who has been delivered of a child. ବି. ସ୍ତ୍ରୀ—ନବ ପ୍ରସୂତା ସ୍ତ୍ରୀ (ଯାହାର ପ୍ରସବଠାରୁ ୧୦ ଦିନ ଗତ ହୋଇ ନାହିଁ)—A woman who has recently been delivered of a child. ୨ । ସୂତିକା ରୋଗ (ଦେଖ)—2. Sūtikā
সুতো roga (See) ଦେ. ବି (ସଂ. ସୂତ୍ର)—୧ । ସୂତ୍ର—
सुता 1. Thread; yarn. ୨ । ଅଣ୍ଟା ସୂତା—2. Waist-chain. ୩ । ସରୁ ଦଉଡ଼ି—3. A slender rope. ୪ । ଏକ ଇଞ୍ଚର ଆଠ ଭାଗରୁ ଏକ ଭାଗ—4. One-eighth of an inch (linear measure). ୫ । ତୁଳାରୁ କଟା ଯାଇଥିବା ସୂତ୍ର—5. Cotton thread. ୬ । ବଢ଼େଇ ଓ କରତିମାନେ କାଠ ଆଦି ଉପରେ ଚିହ୍ନ ଦେବା ପାଇଁ ଖଡ଼ି ବା ଚକ୍ ଗୁଣ୍ଡରେ ରଞ୍ଜିତ ଯେଉଁ ସୂତ୍ର ବ୍ୟବହାର କରନ୍ତି—6. A string saturated with chalk or black used by carpenters and sawyers to mark timbers. ୭ । ରାଜମିସ୍ତ୍ରୀଙ୍କ ବ୍ୟବହୃତ ଓଳମ ସୂତା—7. Plumb line of masons.

ସୂତା ଆଳୁ—ପ୍ରାଦେ (ଗଡ଼ଜାତ) ବି—ଏକପ୍ରକାର ବନ୍ୟ ସରୁ ମୂଳ-
Sūtā āḷu ବିଶିଷ୍ଟ ଆଳୁ—A kind of wild slender yam. [ଦ୍ର—ଏହାକୁ ଲୋକମାନେ ସୋଲ ଖାଆନ୍ତି ।]

ସୂତାଏ—ଦେ. କ୍ରି. ବିଣ—୧ । ସୂତା ପରିମାଣରେ—1. To the
Sūtāe breadth of ⅛th of an inch. ୨ । ସୂତା ପରି
এক সুতা ଖୁବ୍ ସରୁଭାବରେ—2. Very delicately. ୩ ।
एक सुता ଅତି ମୃଦୁଭାବରେ—3. Very tenderly. ୪ । ସାମାନ୍ୟ ମାତ୍ର—4. Very slightly. ଦେ. ବିଣ—ଏକ ସୂତା ପରିମିତ—Measuring an eighth of an inch. ଦେ. ବି—ଏକ ସୂତା ପରିମାଣ—Measurement of ⅛th of an inch.

ସୂତା କଟା—ଦେ. ବି—ତୁଳାରୁ ସୂତା କାଟିବା—Spinning of
Sūtā kaṭā thread; spinning. [ଦ୍ର—ସୁରୁଖୁରୁ
সুতোকাটা ଜୀବନ ସଂସାର, ସୂତା କଟା ଥାଏ ଘର ହେଲେ
सुता कातना ଘର ଘର ଯେ ହୋଇଲା—ବାଳକୃଷ୍ଣ. ଅବାଳ ବୋଇଲ ।]

ସୂତା କଣ୍ଡା(କାଣ୍ଡିଆ)—ଦେ. ବି (ସଂ. ସୂତ୍ର ଓ କଣ୍ଡଳ)—ତନ୍ତରେ Sūtā kaṇḍā(kāṇḍiā) ବୁଣିବା ପାଇଁ କାଠିରେ ଗୁଡ଼ଅ ସୁତୋର ডাণ্ডা ହୋଇଥିବା ସୂତାର ବଡ଼ା—A bundle of **नरी** thread twisted round a reel, ready for weaving.

ସୂତା କାଟିବା—ଦେ. କ୍ରି—ତୁଳାକୁ ପଣି ସେଥିରୁ କଳଣା କରି ଅରଟ Sūtā kāṭibā ବା ତାକୁଡ଼ ସାହାଯ୍ୟରେ ତୁଳାର ସୂକ୍ଷ୍ମ ତନ୍ତୁ- সুতোকাটা ମାନଙ୍କରୁ ସୂତ୍ର ପ୍ରସ୍ତୁତ କରିବା—To spin **सूता कातना** thread from cotton.

ସୂତା କନାରି—ପ୍ରାଦେ. (ବାଲେଶ୍ୱର) ବିଣ—ଯାହାର (ଯେଉଁ ଗୁଡ଼ିର) Sūtā kināri ମୋଡ଼ା ହୋଇଥିବା ଧଡ଼ ମଧ୍ୟରେ ସୂତା ଥାଏ—(a paper kite) Having thread twisted into its upturned rim.

ସୂତା ଖିଅ—ଦେ. ବି (ସଂ. ସୂତ୍ର+ଖ ଉକ୍ତ)—ସୂତ୍ରର ଗୋଟିଏ ସରୁ Sūtā khia —One string of thread. সুতোর খী **सूता तागा**

ସୂତା ଗଣ୍ଠି—ଦେ. ବି (ସଂ. ସୂତ୍ର+ଗ୍ରନ୍ଥି)—ସୂତ୍ରରେ ପଡ଼ିଥିବା ଗଣ୍ଠି- Sūtā ganṭhi A knot of thread. সুতারগাঁইট **सूता गाँठ**

ସୂତା ଗାଣ୍ଠି—ଦେ. ବି—ବହୁତ ସୂତା ଏକତ୍ର ବନ୍ଧା ହୋଇଥିବା ବଡ଼ Sūtā gānṭhi ବଡ଼ା—A big package or bundle of সুতার গাঁঠি **सूतागाँट** yarn or thread.

ସୂତା ଛାଡ଼ିବା (ଦେବା, ବଢ଼ାଇବା)—ପ୍ରାଦେ. (ବାଲେଶ୍ୱର) କ୍ରି— Sūtā chhārḍibā (debā, barḍhāibā) ଗୁଡ଼ିକୁ ବହୁ ଉଚ୍ଚକୁ ଉଠାଇବା ପାଇଁ ଚରଖିରେ ଗୁଡ଼ଅ ହୋଇଥିବା ସୂତାକୁ ଫିଟାଇ ଦେବା—To let out the string of a kite so that the kite may fly high.

ସୂତା ଜାଲ—ପ୍ରାଦେ (ବାଲେଶ୍ୱର) ବି—କପାର ସୂତାରେ ତିଆରି ଜାଲ- Sūtā jāla ବିଶେଷ—A kind of net made of thread.

ସୂତା ଧରିବା—ପ୍ରାଦେ (ବାଲେଶ୍ୱର) କ୍ରି—ଗୁଡ଼ି କଟିଗଲେ ତାକୁ ଗୁଡ଼ି Sūtā dharibā ସହିତ ଲଗି ଥିବା ସୂତା ଏବଂ ଚରଖି ଦେହରେ ଲଗିଥିବା ସୂତା ଭୂମିରେ ପଡ଼ିବା ମାତ୍ରେ ତାହାକୁ ଚରଖିରେ ଗୁଡ଼ାଇ ଦେବା—To wind up the string of a kite after it is cut by another kite.

ସୂତା ନ ଚାଲିବା—ପ୍ରାଦେ. (ବାଲେଶ୍ୱର) କ୍ରି—ଦୁଇଟିର ପେଞ୍ଚ ବସିବା Sūtā na chālibā ପରେ କୌଣସି କାରଣରୁ ଦୁଇ ଗୁଡ଼ିର ସୂତା ମଧ୍ୟରେ ଗଣ୍ଠି ପଡ଼ିବା ଯୋଗୁଁ ସୂତା ଅଚଳ ହେବା—The string of two flying kites becoming under-knotted and incapable of being worked. [ଦ୍ର—ସେତେବେଳେ ଗୋଟିଏ ଗୁଡ଼ିର ସୂତା ଛାଡ଼ିଲେ ଅନ୍ୟ ଗୁଡ଼ିର ସୂତା ଯଦି ଛାଡ଼ା ନ ଯାଏ, ତେବେ ପ୍ରଥମ ଗୁଡ଼ିର ସୂତା ଓହଳ ପଡ଼େ; କାରଣ, ସେପରି ଅବସ୍ଥାରେ ଦୁଇଟି ଯାକ ଗୁଡ଼ିର ଜୋର୍ ଦ୍ୱିତୀୟ ଗୁଡ଼ିର ସୂତା ଉପରେ ଅସି ପଡ଼େ । ଏହି ଅବସ୍ଥାକୁ ପ୍ରଥମ ଗୁଡ଼ିର ସୂତା ନ ଚାଲିବା କହନ୍ତି ।]

ସୂତା ନାଗ—ଦେ. ବି—ସୂତା ପରି ଲମ୍ବ ଓ ପାତଳିଆ ସରୁ ସରୁ ଏକ- Sūtā nāga ଜାତୀୟ ସର୍ପ—A kind of very slender সরু সাপ serpent. [ଦ୍ର—ଏ ପ୍ରାୟ ଏକ ହାତରୁ ଲମ୍ବ ହୁଏ, ଏ ସାମାନ୍ୟ ବିଷଧର । ଏହାର ମୁଣ୍ଡ ଉପରେ ଗୋଟିଏ ଚୋଟି ପରି ଆବରଣ ଥାଏ । ଏମାନେ ବର୍ଷା ଦିନେ ବାହାରେ ଥାଆନ୍ତି ଓ ଘାସର ଫଳକୁ ଭଣା କରି ଖାଆନ୍ତି ।]

ସୂତା ଭାଙ୍ଗିଯିବା—ପ୍ରାଦେ. (ବାଲେଶ୍ୱର) କ୍ରି—ଛଟେଇବା (ଦେଖ) Sūtā bhāṅgijibā Chhateibā (See)

ସୂତା ମସିଣା(ସଉପ, ସପ)—ଦେ. ବି—ମୋଟ ଦଉଡ଼ିରେ ବୁଣା ନ Sūtā masiṇā (saupa, sapa) ହୋଇ ତୁଳାର ସୂତାରେ সূতা সপ, সুতোর মাদুর ବୁଣା ଯାଇଥିବା ସରୁ ମସିଣା—A thin **सूतेकी चटाई** mat woven with thread. [ଦ୍ର—ଏହାକୁ ବଡ଼ଲୋକମାନେ ଗ୍ରୀଷ୍ମ ଦିନରେ ଶେଯ ଉପରେ ପକାଇ ଶୁଅନ୍ତି । ତୁଳା ଶେଯ ତୁଳନାରେ ଏହା ଦେହକୁ ଶୀତଳ ଲାଗେ ।]

ସୂତାର—ପ୍ରାଦେ. (ମେଦିନୀପୁର ଓ ବାଲେଶ୍ୱର) ବି (ତୁଳ. ବଂ. ସୁ- Sūtār [ଛୁ]ତାର୍)—(ସଂ. ସୂତ୍ରଧର)—ବଢ଼େଇ—Carpenter, ପ୍ରାଦେ. (ସମ୍ବଲପୁର) ବି—ଟୀକା ଦିଆ—Vaccinator.

ସୂତାରି—ପ୍ରାଦେ. (ସମ୍ବଲପୁର) ବି—ଟୀକା ଦିଆ— Sūtāri Vaccinator.

ସୂତା ଲୁଗା—ତୁଳାର ସୂତାରେ ବୁଣା ହୋଇଥିବା ଲୁଗା—Cloth Sūtā lugā woven with cotton thread. সুতি কাপড় **सूता कपड़ा**

ସୂତି—ସଂ. ବି (ସୂ ଧାତୁ+ଭାବ. ତି)—୧ । ଜନନ; ଜନ୍ମ— Sūti 1. Birth. ୨ । (+କର୍ମ. ତି) ସନ୍ତାନ—2. Child. ୩ । (ସିବ୍ ଧାତୁ+ଭାବ. ତି) ସୀବନ; ସେଲାଇ—3. Sewing. ୪ । ସୂଚୀ କାର୍ଯ୍ୟ—4. Needle work. ୫ । (+ଅପାଦାନ. ତି) ଉତ୍ପତ୍ତିର ସ୍ଥାନ ବା କାରଣ (ହେ. ଶ)—5. Place or cause of birth; origin. ୬ । (+ଭାବ. ତି) ଫଳର ବା ଫସଲର ଉତ୍ପତ୍ତି (ହେ. ଶ)—6. Production of fruit or crop. ୭ । ଯଜ୍ଞାର୍ଥ ସୋମରସ ବାହାର କରିବା କର୍ମ (ହେ. ଶ)—7. The act of extacting the soma juice for a vedic sacrifice. ୮ । (ନାମ) ବିଶ୍ୱାମିତ୍ରଙ୍କର ଏକ ପୁତ୍ର (ହେ. ଶ)—8. A son of sage Biswāmitra. ୯ । ହଂସ (ହେ. ଶ)—9. Gander; drake. ଗ୍ରା.

ସୂତି ବିଣ (ସଂ ସୂତ୍ର)—୧ । ସୂତ୍ର ନିର୍ମିତ—1. Made of
ସූତୀ yarn. ୨ । କପା ସୂତା ନିର୍ମିତ—
2. Made of cotton thread.

ସୂତିଆ—ଦେ. ବି (ସଂ. ସୂତ୍ର)—ନାଆ ଦଉଡ଼ା; ଡଙ୍ଗାକୁ ଟାଣିକରି
Sutiā ନେବା ପାଇଁ ବ୍ୟବହୃତ ଲମ୍ବ ଦଉଡ଼ି—Long rope
गुण दड़ि रस्सी for towing a boat.

ସୂତିକା—ସଂ. ବି (ସୂତିକ+ଆ)—୧ । ନବ ପ୍ରସୂତା ସ୍ତ୍ରୀ; ପୋଷଡ଼ି-
Sūtikā ଆଳୀ ସ୍ତ୍ରୀ—1. A woman who has been recently delivered of a child. ୨ । ସୂତିକା ରୋଗ (ଦେଖ)—2. Sūtikā roga (See) ୩ । ନବ ପ୍ରସୂତା ଗାଈ (ହି. ଶ)—
3. Recently calved cow

ସୂତିକାଗାର—ସଂ. ବି (ସୂତିକା+ଅଗାର)—ପ୍ରସବ ଗୃହ; ଅନ୍ତୁଡ଼ି-
Sūtikāgāra ଶାଳ; ଯେଉଁଠାରେ ପ୍ରସୂତି ପିଲା ଜନ୍ମ କରେ—
A lying-in room.

ସୂତିକାଗୃହ, ସୂତିକାଗେହ, ସୂତିକାଶାଳା, ସୂତିକାବାସ, ସୂତିକା ଭବନ } ଅନ୍ୟରୂପ

ସୂତିକା ଗ୍ରହଣୀ—ସଂ. ବି—ସୂତିକା ରୋଗଜନିତ ନବପ୍ରସୂତିର ଗ୍ରହଣୀ
Sūtikā grahaṇi ରୋଗ—Chronic dysentery or diarrhoea which attacks a woman after delivery.
ସୂତିକା ଝାଡ଼ା } ଦେ. ରୂପ
ସୂତିକା ହଗା }

ସୂତିକା ଜ୍ୱର—ସଂ. ବି—ପ୍ରସବ କାଳରେ ଧାଈମାନଙ୍କର ଅସାବଧାନତା
Sūtikā jwara ବା ବ୍ୟବହୃତ ବସ୍ତ୍ର ଅବା ମଇଳା ଥିବା ଯୋଗୁଁ ପ୍ରସୂତିର ଗର୍ଭରେ ବିଷ ପ୍ରବେଶ କରିବା ଯୋଗୁଁ ପ୍ରସବର ୫।୭ ଦିନ ମଧ୍ୟରେ ପ୍ରସୂତିଙ୍କୁ ଯେଉଁ ମାରାତ୍ମକ ଜ୍ୱର ହୁଏ [ଡାକ୍ତର ସଚ୍ଚିଦାନନ୍ଦ ନନ୍ଦ. ପ୍ରସୂତିଚର୍ଯ୍ୟା]—
Puerperal fever; puerperal sepsis.

ସୂତିକା ରୋଗ—ସଂ. ବି—ନବପ୍ରସୂତା ସ୍ତ୍ରୀଙ୍କର ବ୍ୟାଧିବିଶେଷ—A dis-
Sūtikā roga ease attacking some women after delivery. [ଦ୍ର—ଏ ରୋଗ ଅତି କଷ୍ଟସାଧ୍ୟ ହୁଏ । ପ୍ରସବାନ୍ତେ ପ୍ରସୂତିଙ୍କ ଯତ୍ନ ଭଲ ନ ହେଲେ, ପଥ୍ୟ ଭଲ ନ ହେଲେ ଗୁରୁପାକ ଦ୍ରବ୍ୟର ଭୋଜନ ହେଲେ ଓ ଦେହରେ ଥଣ୍ଡା ଲାଗିଲେ ଏ ରୋଗ ହୁଏ । ପ୍ରଥମେ ଜ୍ୱର ହୁଏ, ତା ପରେ ଅତିସାର, ଶୋଥ, ପେଟଫମ୍ପା, ପେଟମରା ବା ଦୂକ, ଅଗ୍ନି-ମାନ୍ଦ୍ୟ, ବମି, ଦୁର୍ବଳତା, ଗୋଡ଼ ହାତ ଓ ଦେହ ଫୁଲା, କାଶ,ଜ୍ୱର ଓ ରକ୍ତହୀନତା ଲକ୍ଷଣ ଓ ଏହା ସମୟେ ସମୟେ ବହୁବର୍ଷ ବ୍ୟାପି ରହି ଶେଷରେ ରୋଗୀଙ୍କର ମୃତ୍ୟୁ ଘଟାଏ ।]

ସୂତି କାଳ(ବେଳା)—ସଂ. ବି—ସନ୍ତାନ ଜନ୍ମ ହେବାର ସମୟ ବା ମୁହୂର୍ତ୍ତ
Sūti kāḷa(beḷā) The moment or time when a child is born.

ସୂତିକା ଷଷ୍ଠୀ—ସଂ. ବି—୧ । ସୂତିକାଗୃହରେ ନବଜାତ ସନ୍ତାନର ଜନ୍ମର
Sūtikā shashṭhi ଷଷ୍ଠ ଦିବସରେ ପୂଜିତା ଦେବୀବିଶେଷ; ଷଷ୍ଠୀ ଦେବୀ; ଷଠୀଦୁଅସଣି—1. The Goddess who looks after the safety of infants and is worshipped on the sixth day of a birth. ୨ । ଷଠୀଘର; ଜନ୍ମର ଷଷ୍ଠ ଦିନ କରାଯିବା ଉତ୍ସବ (ହି.ଶ)—2. The festival observed on the sixth day of a child's birth.

ସୂତି ଗୃହ(ଭବନ, ଶାଳା, ବାସ)—ସଂ. ବି—ସୂତିକାଗାର (ଦେଖ)
Sūti gṛuha(bhabana, śāḷā, bāsa) Sūtikāgāra (See.)

ସୂତି ମାରୁତ(ବାତ)—ସଂ. ବି—ପ୍ରସବ ବେଦନା; ପ୍ରସବକାଳୀନ ଶୂଳ
Sūti māruta(bāta) (ହି. ଶ)—Throes of child-birth.

ସୂତି ମାସ—ସଂ. ବି—(ଏଥିର ନାମାନ୍ତର ବୈଜନନ—ଅମର) ପ୍ରସବ
Sūti māsa ମାସ; ଗର୍ଭାଧାନର ନବମ ବା ଦଶମ ମାସ—
The 9th or 10th month of pregnancy, which is the time of delivery.

ସୂତୀ—ସଂ. ବି. ସ୍ତ୍ରୀ (ସୂତ+ଈ)—ସୂତ ପତ୍ନୀ (ହି. ଶ)—
Sūtī The wife of a sūta.

ସୂତ୍ତର—ସଂ. ବିଣ (ସୁ+ଉତ୍ତର)—ଖୁବ୍ ଶ୍ରେଷ୍ଠ (ହି ଶ)—Very
Sūttara excellent. ସଂ. ବି—ଉତ୍ତମ ବା ଯୋଗ୍ୟ ଉତ୍ତର—Good or fitting reply.

ସୂତ୍ତୀ—ପ୍ରାଦେ (ବାଲେଶ୍ୱର) ବି—ବନଶିରେ ମାଛ ଧରିବା ପାଇଁ
Suttī ବ୍ୟବହୃତ ଖୁବ୍ ମୋଟା ଏବଂ ଶକ୍ତ ସୂତାର ତିଆରି ଲମ୍ବା
[ସୂତୁଳି—ଅନ୍ୟରୂପ] ଡୋରି—A thick angling string.
[ଦ୍ର—ଏଥିରେ ଖଣ୍ଡିଏ ବଡ଼ ଗୋଲ ବାଙ୍କ ବନଶି କଣ୍ଟାରେ ଲାଗିଥାଏ। ମାଛ କମ୍ପା ସେହିପରି ଅନ୍ୟ କୌଣସି ଥୋପ ଗୁନ୍ଥି ମାଛ ଧରିବା ଲାଗି ପାଣି ଭିତରକୁ ପକାଇ ଦିଆଯାଏ । ଏହାକୁ ବନଶିକଣ୍ଡାରେ ବାନ୍ଧିବା ଦରକାର ହୁଏ ନାହିଁ ।]

ସୂତ୍ଥାନ—ସଂ. ବି (ସୁ+ଉତ୍ଥାନ)—ସୁନ୍ଦର ଉତ୍ଥାନ—Nice arising.
Sūtthāna ବିଣ—(ବହୁବ୍ରୀହି; ସୁ ଅଟେ ଉତ୍ଥାନ ଯାହାର)—
୧ । ଚତୁର (ଅମର)—1. Smart; clever.
୨ । କର୍ମଦକ୍ଷ; ପଟୁ—2. Skilful.

ସୂତ୍ୟଶୌଚ—ସଂ. ବି (ମ. ପ. ଲୋ; ସୂତି=ପ୍ରସବଜନିତ
Sūtyaśaucha ଅଶୌଚ)—ସୂତିକାଶୌଚ (ଦେଖ)
Sūtikāśaucha (See)

ସୂତ୍ୟା—ସଂ. ବି (ସୁ ଧାତୁ+ଭାବ. ଯ+ଆ)—୧ । ଯଜ୍ଞାନ୍ତ ସ୍ନାନ
Sūtyā (ଭରତ)—1. Bath taken after a vedic sacrifice. ୨ । ସୋମରସ ପାନ (ଭରତ)—
2. Drinking of the soma juice. ୩ । ସୋମ-ରସ ବାହାର କରିବା କର୍ମ (ହି. ଶ)—3. The extraction of the Soma juice for vedic sacrifice.

ସୂତ୍ର (ଧାତୁ)—ସଂ—ଗ୍ରନ୍ଥନ କରିବା; ଗୁନ୍ଥିବା-
Sūtra (root) To lay or string through.

ସୂତ୍ର—ସଂ. ବି (ସିବ୍ ଧାତୁ=ସିଲାଇ କରିବା+ଉଣାଦି ଷ୍ଟ୍ରନ୍; ଯାହାଦ୍ୱାରା
Sūtra ସିଲାଇ କରାଯାଏ, ଅଥବା ସୂତ୍ର ଧାତୁ+କରଣ ଅ)—
୧ । ସରୁ ବା ସୂକ୍ଷ୍ମ ରଜ୍ଜୁ; ସୂତା—1. Thread. ୨ । ତନ୍ତୁ—2. Fibre. ୩ । ଯାହାଦ୍ୱାରା ଲୁଗା ବୁଣାଯାଏ; ବସ୍ତ୍ରାରମ୍ଭକ—3. Yarn. ୪ । ଡୋର; ସରୁ ସୂତା—4. String. ୫ । ବ୍ୟବସ୍ଥାର ଓ ଶାସ୍ତ୍ରର ସୂଚନା ଗ୍ରନ୍ଥ (ମେଦିନୀ)—5. A treatise indicating the scriptures and the law books. ୬ । ବ୍ୟବସ୍ଥା, ବ୍ୟାକରଣ, ଦର୍ଶନାଦି ଶାସ୍ତ୍ରପ୍ରଣେତାଙ୍କର ପ୍ରଥମ ପ୍ରଣୀତ ସଂକ୍ଷିପ୍ତ ବାକ୍ୟ; ସାରଗର୍ଭିତ ସଂକ୍ଷିପ୍ତ ପଦ—6. Aphorism; terse sentence conveying a rule in any branch of knowledge (e. g. grammar, logic, law, philosophy). ୭ । ବିଷୟନିର୍ଦ୍ଦେଶ—7. Indication of the contents. ୮ । ନାଟ୍ୟଶାସ୍ତ୍ରର ଉପକ୍ରମ; ନାଟକର ପ୍ରସ୍ତାବନା—8.Indication of the contents of a drama; a prologue. ୯ । ବିଜ୍ଞାନାଦି ଶାସ୍ତ୍ରବିଷୟକ ସଂକ୍ଷିପ୍ତ ନିୟମ—9. Axiom; a rule of science or grammar. ୧୦ । ଯଜ୍ଞସୂତ୍ର; ପଇତା—10. A Brahman's sacred thread. ୧୧ । ପ୍ରାଚୀନ କାଳର ମାନବିଶେଷ (ହି. ଶ)—11. A unit standard of measurement of ancient times. ୧୨ । ରେଖା (ହି. ଶ)—12. Line. ୧୩ । କରଧୁନି; କଟି ଭୂଷଣ (ହି. ଶ)—13. A string worn round the waist. ୧୪ । କାରଣ; ଉତ୍ପତ୍ତି; ମୂଳ (ହି. ଶ)—14. Cause; root. ୧୫ । ପତ୍ତା; ସୁରାକ୍ (ହି. ଶ)—15. Trace; clue. ୧୬ । ବୁଢ଼ିଆଣୀ ସୂତା—16. Spider's thread. ୧୭ । ତାର—17. Wire (M. W.). ଦେ, ବି ଓ ବିଣ—ସୂତର (ଦେଖ)—Sutara (See) [ଦ୍ର—ସୂତ୍ର ଭଣ୍ଡିବା, ସୂତ୍ର କରିବା, ସୂତ୍ର ପାଇବା ଇତ୍ୟାଦି ଦେଶଜ ଶବ୍ଦମାନଙ୍କ ପାଇଁ ସୂତର ତଳେ କୋଠ୍ ଦେଖ ।]

ସୂତ୍ରକ—ସଂ. ବି (ସୂତ୍ର+କ)—୧ । ସୂତ୍ର (ଦେଖ)—1. Sūtra
Sūtraka See) ୨ । ଅଟାରେ ବା ମଇଦାରେ ତିଆରି ସରୁ ସୂତା ଭଳି ଖାଦ୍ୟ (ହି. ଶ)—2. Vermicelli.

ସୂତ୍ର କଣ୍ଠ—ସଂ. ବି. ପୁଂ (ବହୁବ୍ରୀହି; ସୂତ୍ର ଅଛି କଣ୍ଠରେ ଯାହାର)—
Sūtra kaṇṭha ୧ । ବିପ୍ର; ବ୍ରାହ୍ମଣ (ମେଦିନୀ)—1. A Brāhmaṇa. ୨ । ଖଞ୍ଜରୀଟ; ଖଞ୍ଜନ ପକ୍ଷୀ (ମେଦିନୀ)—2. The wagtail bird. ୩ । କପୋତ (ମେଦିନୀ)—3. Dove.

ସୂତ୍ର କର୍ମ—ସଂ. ବି (ସୂତ୍ର+କର୍ମନ୍; ୧ମା. ତତ୍)—୧ । ବଢ଼େଇ
Sūtra karma କାମ (ହି. ଶ)—1. Carpentry. ୨ । ରାଜକାମ (ହି. ଶ)— . Mason's work.

ସୂତ୍ର କାର(କୃତ୍)—ସଂ. ବି—୧ । ସୂତ୍ରର ପ୍ରଣୟନକର୍ତ୍ତା; ସୂତ୍ରରଚୟିତା
Sūtra kāra(krut) —1. The author of aphorisms or rules of a treatise. ୨ । ବଢ଼େଇ (ହି. ଶ) —2. Carpenter. ୩ । ତନ୍ତୀ (ହି. ଶ)—3. Weaver. ୪ । ବୁଢ଼ିଆଣୀ (ହି. ଶ)—4. Spider.

ସୂତ୍ର କୋଣ—ସଂ. ବି (ବହୁବ୍ରୀହି; ସୂତ୍ର ଅଛି କୋଣରେ ଯାହାର)—
Sūtra koṇa ଡମରୁ (ଶବ୍ଦକଳ୍ପ; ଚିକାଣ୍ଡଶେଷ)—A slender-waisted double-mouthed small drum shaped like an hour-glass.

ସୂତ୍ରକ୍ରୀଡ଼ା—ସଂ. ବି—ସୂତ ସାହାଯ୍ୟରେ କରାଯିବା ୬୪ କଳାର
Sūtra krirdā ଅନ୍ତର୍ଗତ କ୍ରୀଡ଼ାବିଶେଷ (ହି. ଶ)—A kind of game witk thread considered as one of the fine arts in India.

ସୂତ୍ର ଗଣ୍ଡିକା—ସଂ. ବି—ତନ୍ତୁବାୟର ଉପକରଣବିଶେଷ; ଏଷଣୀ (ଶବ୍ଦ-
Sūtra gaṇḍikā ମାଳା);ନାଲି—The weaver's shuttle.

ସୂତ୍ରଗ୍ରହ—ସଂ. ବିଣ (ସୂତ୍ର+ଗ୍ରହ ଧାତୁ+କର୍ତ୍ତୃ. ଅ)—ଯେ ସୂତ୍ର ଧାରଣ
Sūtragraha ବା ଗ୍ରହଣ କରେ(ହି. ଶ)--Holding thread.

ସୂତ୍ରଣ—ସଂ. ବି (ସୂତ୍ର ଧାତୁ+ଭାବ. ଅନ)—୧ । ସୂତ୍ର ରଚନା କରିବା
Sūtraṇa କର୍ମ (ହି. ଶ)—1. The act of composing aphorisms. ୨ । ସୂତା କାଟିବା କର୍ମ (ହି. ଶ)—2. Spinning. ୩ । ଗୁନ୍ଥିବା—3. Stringing (M. W).

ସୂତ୍ର ତନ୍ତୁ—ସଂ. ବି—ସୂତ୍ର; ସୂତା (ଶବ୍ଦକଳ୍ପ)—
Sūtra tantu Thread; string.

ସୂତ୍ର ତର୍କୁଟୀ—ସଂ. ବି—ଟାକୁଆ (ଜଟାଧର)—
Sūtra tarkuṭī Spindle.

ସୂତ୍ର ଧ(ଧା)ର—ସଂ. ବି (ସୂତ୍ର+ଧୃ ଧାତୁ+କର୍ତ୍ତୃ. ଅ)—୧ । ନାଟକା-
Sūtra dha(dhā)ra ଭିନୟ ଆରମ୍ଭ ହେବା ପୂର୍ବରୁ ଯେଉଁ ନାଟ୍ୟକାର ରଙ୍ଗଭୂମିକୁ ଆସି ଦର୍ଶକମାନଙ୍କୁ ନାଟକୀୟ କଥାର ସୂଚନା ଦିଅନ୍ତି; ନାଟ୍ୟପ୍ରସ୍ତାବକ—1.An actor who appears on the stage and indicates the contents of the drama; stage manager. ୨ । ବଢ଼େଇ—2. Carpenter. [ଦ୍ର—ଏ ବିଶ୍ୱକର୍ମା ଔରସରେ ଶୂଦ୍ର ଗର୍ଭଜାତ ସନ୍ତାନ—ବ୍ରହ୍ମବୈବର୍ତ୍ତ ପୁରାଣ ।] ୩ । ଶଚୀପତି; ଇନ୍ଦ୍ର—3. God Indra. ୪ । ସୂତ୍ରକାର (ଦେଖ)—4. Sūtrakāra (See)

ସୂତ୍ରଧାରୀ—ସଂ. ବିଣ. ପୁଂ (ସୂତ୍ରଧାରିନ୍; ୧ମା. ତତ୍)—ଯଜ୍ଞୋପବୀତ
Sūtradhārī ଧାରଣକାରୀ—Wearing the sacred thread. ସଂ. ବି—ଅଭିନୟର ସୂତ୍ରଧର (ହି. ଶ)—Stage manager.

ସୂତ୍ର ପାତ—ଦେ. ବି (ରାଜ, ବଢ଼େଇ ଓ ଦରଜୀମାନେ କାମ ଆରମ୍ଭ
Sūtra pāta କରିବା ପୂର୍ବରୁ ସୂତା ଧରି କାର୍ଯ୍ୟ ପାଇଁ ମାପ କରି-
सूत्रपात ବାରୁ ଏହି ଅର୍ଥ)—୧ । କୌଣସି ବିଷୟର ଆରମ୍ଭ;

सूत्रपात ଡାକ୍ତରିକ୍—1. Beginning or commencement of any thing. [ଦ୍ର—ଲୋକେ ସୂତ୍ର ଧରିବାର ସୂତ୍ରପାତ ହୋଇ, ଏହିରୂପେ ଛଳ ଘଷ୍ଟ ହେଲେ ଅର୍ଥ ତାହ—ପ୍ରଧାନାଥ ମହାପାତ୍ର ।] ୨ । କାର୍ଯ୍ୟର ପ୍ରାଥମିକ ସୂଚନା—2. Preliminary indication of a work. ସଂ. ବ—ମାପିବା ସୂତ୍ରାଦ୍ୱାରା ମାପ କରିବା—Applying the measuring line (M. W).

ସୂତ୍ର ପୁଷ୍ପ—ସଂ. ବ (ସୂତ୍ର ହୁଏ ପୁଷ୍ପରୁ ଯାହାର)—କାର୍ପାସ; କପା
Sūtra pushpa (ବିଡ଼ାଣ ଶେଷ)—Cotton.

ସୂତ୍ର ପ୍ରୋତ—ସଂ, ବଣ (ଷଷ୍ଠୀ ତତ୍)—ସୂତ୍ରାଦ୍ୱାରା ଗୁନ୍ଥା ବା ସଂଲଗ୍ନ—
Sūtra prota Fastened with wires (M. W.)

ସୂତ୍ର ବାପ—ସଂ. ବ (୬ଷ୍ଠୀ ତତ୍)—ବୟନ; ଲୁଗା ଆଦି ବୁଣିବା କର୍ମ
Sūtra bāpa (ହ. ଶ)—Weaving.

ସୂତ୍ର ବୀଣା—ସଂ. ବ—ପ୍ରାଚୀନ ବୀଣାଭେଦ, ଲାବୁକୀ (ଡାଇବଲି)—
Sūtra biṇā A sort of harp used in ancient time. [ଦ୍ର—ଏଥିରେ ଧାତବ ତାର ପରିବର୍ତ୍ତେ ସୂତ୍ରର ବ୍ୟବହାର ହେଉଥିଲା—ହ. ଶ ।]

ସୂତ୍ର ବେଷ୍ଟନ—ସଂ. ବ—୧ । (ବହୁବ୍ରୀହି) ତନ୍ତୁବାୟୋପକରଣ; ତାସଣ;
Sūtra beshṭana ନଳିକ; ମାକୁ—1. A shuttle. ୨ । (ଷଷ୍ଠୀ ତତ୍) ବୟନ (ହ. ଶ)—2. Weaving. ୩ । (ବହୁବ୍ରୀହି) ତନ୍ତ—3. Loom.

ସୂତ୍ରଭିତ୍(ଦ୍)—ସଂ. ବ (ସୂତ୍ର+ଭିଦ୍ ଧାତୁ+କର୍ତ୍ତି. କ୍ୱିପ୍; ଯେ
Sūtrabhit(d) ସୂତ୍ରଦ୍ୱାରା ଭେଦ କରେ)—ଶୌଚକ (ଶବ୍ଦ ରତ୍ନାବଳୀ); ଦରଜି—A tailor.

ସୂତ୍ରମଧ୍ୟଭୂ—ସଂ. ବ—ଯକ୍ଷଧୂପ (ଶବ୍ଦଚନ୍ଦ୍ରିକା); ଗନ୍ଧଦ୍ରବ୍ୟବିଶେଷ—
Sūtramadhyabhū A sort of incense.

ସୂତ୍ର ଯନ୍ତ୍ର—ସଂ. ବ—ସୂତ୍ରବେଷ୍ଟନ ଦାରୁ (ଶବ୍ଦମାଳା); ତନ୍ତ—
Sūtra jantra Loom.

ସୂତ୍ରଳା—ସଂ. ବ (ସୂତ୍ର+ଲା ଧାତୁ=ଗ୍ରହଣ କରିବା+କର୍ତ୍ତି. ଅ)—
Sūtraḷā ୧ । ତକୁଳୀ; ଟାକୁଡ଼ି—1. Spindle. ୨ । ଭୁଲାର ବଲବା—2. A skein or roll of cotton for spinning.

ସୂତ୍ରଶାଖ—ସଂ ବ (ବହୁବ୍ରୀହି, ସୂତ୍ର ଅଟେ ଶାଖା ଯାହାର)—ଶରୀର
Sūtraśākha (ହ. ଶ)—Body.

ସୂତ୍ରାଙ୍ଗ—ସଂ. ବ—ଉତ୍ତମ କଂସା (ହ. ଶ)—
Sūtrāṅga Excellent bellmetal.

ସୂତ୍ରାମା—ସଂ. ବ (ସୁ=ଉତ୍ତମରୂପେ+ତ୍ରୈ ଧାତୁ=ପାଳନ କରିବା
Sūtrāmā +କର୍ତ୍ତି. ମନ୍; ୧ମା. ୧ବ)—ଇନ୍ଦ୍ର (ଅମର)—Indra.

ସୂତ୍ରାଳୀ—ସଂ. ବ (ସୂତ୍ର+ଆଳୀ)—୧ । ଗଳସୂତ୍ର; ଗଳମେଖଳ—
Sūtrāḷī 1. A string used as ornament for the neck. ୨ । ମାଳା (ହ. ଶ)—2. Garland.

ସୂତ୍ରିତ—ସଂ. ବଣ (ସୂତ୍ର ଧାତୁ+କର୍ମ. ତ)—୧ । ଗୁନ୍ଥା ହୋଇଥିବା—
Sūtrita 1. Strung (M. W). ୨ । ବ୍ୟବସ୍ଥିତ—2. Arranged (M. W). ୩ । ସୂତ୍ରରୂପେ କଥିତ ବା ରଚିତ—3. Prescribed or delivered in aphorisms (M. W).

ସୂତ୍ରୀ—ସଂ. ବଣ (ସୂତ୍ର+ଇନ୍; ୧ମା. ୧ବ)—ସୂତ୍ରବିଶିଷ୍ଟ—
Sūtrī Fibrous. ବ—କାକ (ବିଡ଼ାଣ ଶେଷ)—Crow.

ସୂତ୍ରୀୟ—ସଂ. ବଣ (ସୂତ୍ର+ଈୟ)—ସୂତ୍ର ସମ୍ବନ୍ଧୀୟ—
Sūtriya Relating to sūtra.

ସୂତ୍ରେ—ଦେ. କ୍ରି. ବଣ—କୌଶଳରେ—With great tact;
Sūtre tactfully. [ଦ୍ର—ବୋଇଲେ ଏ ସୂତ୍ରେ ସୂତ୍ରେ ଫିକିରେ ଯାଇ ଭୁଲାଇ ସୂତ୍ରେ ସାଦରେ ବନନ ହୋଇଲ—
कौशलसे ଲକ୍ଷ. ବୈଦେହୀଶବିଳାସ ।]

ସୂତ୍ରେଇବା—ଦେ. କ୍ରି—ସୁତରାଇବା (ଦେଖ)
Sūtreibā Sutarāibā (See)

ସୂତ୍ରେ ସୂତ୍ରେ—ଦେ. କ୍ରି. ବଣ—ସୁତ୍ରେ ସୁତ୍ରେ (ଦେଖ)
Sūtre sūtre Sutre sutre (See)

ସୂଦ (ଧାତୁ)—ସଂ—୧ । ବଧ କରିବା—1. To kill; to
Sūda (root) slaughter. ୨ । ନାଶ କରିବା—2. To destroy. ୩ । ହିଂସା କରିବା—3. To hurt; to injure.

ସୂଦ—ସଂ. ବ (ସୂଦ ଧାତୁ; ଶିଜନ୍ତ=ସୂଦ ଧାତୁ=ନାଶ କରିବା+
Sūda କର୍ତ୍ତି. ଅ; ଯେ କ୍ଷୁଧା ନାଶ କରେ)—୧ । ସୂପକାର (ଅମର); ସୁଆର; ପାଚକ—1. Cook. ୨ । (+କର୍ମ. ଅ) ବ୍ୟଞ୍ଜନ (ଅମର)—2. Curry. ୩ । ଝୋଳ; ସୂପ (ବିଶ୍ୱ)—3. Soup. ୪ । ସାରଥ୍ୟ (ଜୟପାଳ)—4. Charioteership. ୫ । ଅପରାଧ; ଦୋଷ (ଜୟପାଳ)—5. Crime; delinquency. ୬ । ପାପ (ଜୟପାଳ)—6. Sin. ୭ । ଲୋଧ୍ର (ଜୟପାଳ) —7. Simplocos Racemosa.

ସୂଦନ—ସଂ. ବ (ସୂଦ୍. ଧାତୁ=ବଧ କରିବା+ଭାବ. ଅନ)—
Sūdana ୧ । ହନନ; ମାରଣ; ମାରିବା—1. Killing; slaughtering. ୨ । କ୍ଷେପଣ—2. Throwing; consigning. ୩ । ଅଙ୍ଗୀକରଣ—3. Agreeing, ବଣ (+କର୍ତ୍ତି. ଅନ)—(ଏହା ଅନ୍ୟ ନାମବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ହୋଇ ବିଶେଷଣ ରୂପ ଧାରଣ କରେ । ଯଥା—ମଧୁସୂଦନ, କେଶୀସୂଦନ) ନାଶକାରୀ, ମାରକ; ହତ୍ୟାକାରୀ—Destructive of. ଦେ. ବ—ପାନ;
भक्षण ଭକ୍ଷଣ—Drinking; eating. (ଦ୍ର—ସେ ବାଳେ
मत्तता ହାଲେ ବଦନ, ବ ଶୋଭ୍ ଭଞ୍ଜବଦନ ଅଳକ ମଧୁସୂଦନ ମଧୁସୂଦନ । ଲକ୍ଷ. ପ୍ରେମ ସୁଧାନିଧି ।)

ସୂଦଶାଳା—ସଂ. ବ—ପାକଶାଳା (ହେମଚନ୍ଦ୍ର)—
Sūdśāḷā Kitchen.

ସୂଦ ଶାସ୍ତ୍ର—ସଂ. ବି—ପାକଶାସ୍ତ୍ର—The science of cooking; Sūda śāstra culinary art.

ସୂଦାଧ୍ୟକ୍ଷ—ସଂ. ବି. ପୁଂ—ପାକଶାଳାଧ୍ୟକ୍ଷ (ହେମଚନ୍ଦ୍ର)—Sūdādhyaksha Chief cook; head cook. (ଅନ୍ୟ ସଂ ନାମ—ପୌରୋଗବ, ସୂପ୍ରୋଗବ)

ସୂଦିତ—ସଂ. ବିଣ (ସୂଦ୍ ଧାତୁ+କର୍ମ. ତ)—୧ । ଆହତ—Sūdita 1. Wounded. ୨ । ବିନଷ୍ଟ—2. Destroyed. ୩ । ନିହତ—3. Killed.

ସୂନ—ସଂ. ବି (ସୂ ଧାତୁ=ପ୍ରସବ କରିବା+ଭାବ. ତ)—୧ । ପ୍ରସବ Sūna (ଜଟ, ମେଦିନୀ)—1. Birth. ୨ । (+କର୍ମ. ତ) ପୁଷ୍ପ (ଜଟ, ମେଦିନୀ)—2. Flower. ବିଣ—୧ । ବିକସିତ; ପ୍ରସ୍ଫୁଟିତ (ଜଟ, ମେଦିନୀ)—1. Full blown; with expanded petals. ୨ । ଜାତ (ମୁଗ୍ଧବୋଧ)—2. Born. ୩ । ଶୂନ୍ୟ; ଖାଲି; ରିକ୍ତ (ପ୍ରାକୃତବାଦ)—3. Empty.

ସୂନବାନ୍—ସଂ. ବିଣ ପୁଂ (ସୂନବତ୍ ଶବ୍ଦ; ସୂ ଧାତୁ+କର୍ତ୍ତି. ତବତ୍ Sūnabān ୧ମା. ୧ବ)—ଜାତ (ମୁଗ୍ଧବୋଧ)—Born. (ସୂନବତୀ—ସ୍ତ୍ରୀ)

ସୂନ ଶର—ସଂ, ବି—୧ । ପୁଷ୍ପଶର; କାମଦେବଙ୍କ ଧନୁ—1. The Sūna śara flowery bow of cupid. ୨ । (ବହୁବ୍ରୀହି) କାମଦେବ—2 Cupid personified.

ସୂନା—ସଂ. ବି (ସୂ ଧାତୁ=ପ୍ରସବ କରିବା+କର୍ମ. ତ+ସ୍ତ୍ରୀ. ଆ)—Sūnā ୧ । ପୁତ୍ରୀ; କନ୍ୟା (ମେଦିନୀ)—1. Daughter. ୨ । (+ଅଧି. ଅ)—ବଧ ସ୍ଥାନ (ମେଦିନୀ)—2. Place of slaughter. ୩ । ଗଳଶୁଣ୍ଡିକା (ମେଦିନୀ); ଘଣ୍ଟିକା—3. The uvula. ୪ । ମୃଗମାଂସ ବିକ୍ରୟ (ହରିପ୍ରସାଦ)—4. Sale of meat of beasts. ୫ । ମୃଗପକ୍ଷୀ-ବଧ ସ୍ଥାନ (ହରିପ୍ରସାଦ); କଂସେଇଖାନା—5. Slaughter-house. ୬ । ମାଂସ ବିକ୍ରୟ (ହରିପ୍ରସାଦ)—6. Sale of meat. ୭ । ପ୍ରାଣିହତ୍ୟାର ବା ଜୀବହିଂସାର ଉପକରଣ; ଗୃହସ୍ଥର ନିତ୍ୟ ବ୍ୟବହାର୍ଯ୍ୟ ୫ଟି ବସ୍ତୁ—7. Five household articles or utensils which cause slaughter of animals. (ଦ୍ର—ଗୃହସ୍ଥର ୫ଗୋଟି ଉପକରଣରେ ଅଜ୍ଞତସାରଭାବରେ ଘଟି ପଡ଼ୁଥିବା ଜୀବହିଂସା ବା ପ୍ରାଣିହତ୍ୟା ହୁଏ । ଏହି ୫ ଗୋଟି ବସ୍ତୁକୁ ପଞ୍ଚସୂନା ବୋଲାଯାଏ । ଯଥା—ଚୁଲି; ଶିଳ, ଶିଳପୁଅ ଓ ଚକି; ଝାଡ଼ୁଣୀ ଓ ପହଁରା; ଉଦୁଖଳ ମୂଷଳ ବା ଢିଙ୍କି; ହାଣ୍ଡି ମାଟିଆ ରଖିବାର ପିଣ୍ଡି । ଗୃହସ୍ଥ ପ୍ରତିଦିନ 'ପଞ୍ଚଯଜ୍ଞ' ଦ୍ୱାରା ଏହି ପଞ୍ଚସୂନାଜନିତ ପାପରୁ ମୁକ୍ତିଲାଭ କରେ ।) ୮ । ହତ୍ୟା (ହି. ଶ)—8. Slaughter.

ସୂନା ଦୋଷ—ସଂ. ବି—ଚୁଲି, ଚକି ଓ ଶିଳ, ଢିଙ୍କି, ଝାଡ଼ୁ ଓ ପାଣି Sūnā dosha ମାଟିଆ ଆଦି ରଖିବା ପିଣ୍ଡି ଆଦି ଯୋଗୁଁ ଗୃହସ୍ଥ ସେଥିରେ ଅଜ୍ଞାନକୃତ ଜୀବହିଂସା କଲେ ଲାଗୁଥିବା ଦୋଷ ବା ପାପ—Sin committed by a householder by the daily use of five domestic articles.

ସୂନିକ—ସଂ. ବି (ସୂନା+ଇକ)—୧ । ମାଂସ ବିକ୍ରୟକାରୀ ବ୍ୟକ୍ତି (ହି Sūnika ଶ)—1. Seller of meat. ୨ । ବ୍ୟାଧ—2. Hunter. ୩ । କଂସେଇ—3. Butcher.

ସୂନ୍ମଦ—ସଂ. ବି (ସୁ+ଉନ୍ମଦ)—୧ । ଉନ୍ମତ୍ତ (ଭରତ)—Sūnmada 1. Maddened; insane. ୨ । ଉନ୍ମଦଗ୍ରସ୍ତ (ଭରତ)—2. Intoxicated.

ସୂନ୍ମାଦ—ସଂ. ବିଣ (ବହୁବ୍ରୀହି; ସୁ+ଉନ୍ମାଦ)—ପାଗଳ; ଉନ୍ମାଦ Sūnmāda ରୋଗବିଶିଷ୍ଟ (ରମାନାଥ)—Insane; lunatic.

ସୂପ୍—ବୈଦେ. ବି (ଇଂ)—ମାଂସାଦିର ଝୋଳ ବା ଅଣ; ସୁରୁଆ—Sūp ସූප शोरबा Soup

ସୂପ—ସଂ. ବି (ସୂ ଧାତୁ=ପ୍ରସବ କରିବା+କର୍ମ. ପ)—୧ । ଝୋଳ; Sūpa ତରଳର ଅଣ—1. Soup. ୨ । ମୁଗ, ମସୁର ଆଦିର ଡାଲି; ବ୍ୟଞ୍ଜନବିଶେଷ—2. Soup of pulse. [ଦ୍ର—ମୁଗ ଆଦିକୁ ଭଜି, ପାଣିରେ ସିଝାଇ ଲୁଣ, ଅଦା, ହେଙ୍ଗୁ ଆଦି ଦେଇ ପ୍ରସ୍ତୁତ କରିବା ବ୍ୟଞ୍ଜନକୁ ସୂପ ବୋଲାଯାଏ । ଏହା କଷାୟମଧୁର,ରୁକ୍ଷ ଓ ଶୀତଳ । ଚୋପା ଛଡ଼ା ଡାଲିର ସୂପ ଲଘୁପାକ ।] ୩ । ସୂଦ (ମେଦିନୀ) ୧ (ଦେଖ)—3. Sūda (See) ୪ । ଭାଣ୍ଡ (ଶବ୍ଦରତ୍ନାବଳୀ); ଭାଜନ—4. Receptacle; utensil. ୫ । ବାଣ; ଶାୟକ (ଶବ୍ଦରତ୍ନାବଳୀ)—5. Arrow. ୬ । ପାଚକ (ହି. ଶ)—6. Cook. ୭ । ଡାଲି ଆଦିର ପାଣି ବା ଅଣ—7. The water or soup of boiled pulse.

ସୂପକାର—ସଂ. ବି. ପୁଂ (ସୂପ+କୃ ଧାତୁ+କର୍ତ୍ତି. ଅ)—୧ । Sūpakāra ପାଚକ—1. Cook. ୨ । ଶୂଦ୍ରପାକୋପଜୀବୀ (ସୂପକାରୀ—ସ୍ତ୍ରୀ) (ବ୍ରହ୍ମବୈବର୍ତ୍ତ)—2. The cook of a Śūdra. (ଅନ୍ୟ ସଂ. ନାମ—ବଲ୍ଲବ, ଆରାଳିକ, ଆନ୍ଧସିକ, ସୂଦ, ଔଦନିକ, ଗୁଣ, ପାଚକ, ପାକ୍ତୃକ, ଭକ୍ଷ୍ୟଙ୍କାର ।)

ସୂପ ଧୂପନ(କ)—ସଂ. ବି (ଏହାଦ୍ୱାରା ସୂପ ବାସିତ ଯାଉଥିବାରୁ)—Sūpa dhūpana(ka) ହିଙ୍ଗୁ (ହିଙ୍ଗୁଳ ଦେଖ)—Asafoetida

ସୂପପର୍ଣ୍ଣୀ—ସଂ. ବି—ମୁଦ୍ଗପର୍ଣ୍ଣୀ (ରତ୍ନମାଳା) (ଦେଖ) Sūpaparṇṇī Mudgaparṇṇī (See)

ସୂପ ଶାସ୍ତ୍ର—ସଂ. ବି—ପାକ ଶାସ୍ତ୍ର—Sūpa śāstra The art of cooking.

ସୂପ ଶ୍ରେଷ୍ଠ—ସଂ. ବି—ମୁଦ୍ଗ; ମୁଗ (ରାଜନିର୍ଘଣ୍ଟ)—Sūpa śreshṭha A pulse.

ସୂପ ସ୍ଥାନ(ଶାଳା)—ସଂ. ବି—ପାକଶାଳା (ହି. ଶ)—Sūpa sthāna(śālā) Kitchen.

ସୂପାଙ୍ଗ—ସଂ, ବି (୬ଷ୍ଠୀ ତତ୍)—ହିଙ୍ଗୁ (ଶବ୍ଦାର୍ଣ୍ଣବ)—
Sūpānga Asafœtida.

ସୂପୋଦନ—ସଂ. ବି (ଦ୍ୱନ୍ଦ୍ୱ; ସୂପ+ଓଦନ)—ଡାଲି ଓ ଭାତ (ହି
Sūpodana ଶ)—Dal and boiled rice.

ସୂମ—ସଂ. ବି (ସୂ· ଧାତୁ+କର୍ତ୍ତୃ. ମ)—୧ । କ୍ଷୀର; ଦୁଗ୍ଧ [ମେଦିନୀ]—
Sūma 1. Milk. ୨ । ଆକାଶ [ମେଦିନୀ]—2. Sky.
୩ । ଜଳ [ଶବ୍ଦରତ୍ନାବଳୀ]—3. Water. ୪ ।
ସ୍ୱର୍ଗ [ହି. ଶ]—4. Heaven. ବୈଦେ· ବିଣ
କୃପণ সুম (ଅ. ସୁମ୍=ଅଶୁଭ)—କୃପଣ—Niggardly.

ସୂୟ—ସଂ. ବି (ସୂ· ଧାତୁ=ପ୍ରସବ କରିବା+ଭାବ ଅ)—୧। ସୋମରସ
Sūya ବାହାର କରିବା କର୍ମ [ହି. ଶ]—1. The act of pressing out the Soma juice for vedic sacrifice. ୨ । ଯଜ୍ଞ [ହି. ଶ]—
2. Vedic sacrifice.

ସୂର୍(ଧାତୁ)—ସଂ—୧ । ବଧ କରିବା—1. To kill. ୨ । ସ୍ତମ୍ଭିତ
Sūr(root) କରିବା—2. To stop.

ସୂର—ସଂ· ବି (ସୂ=ପ୍ରସବ କରିବା+କର୍ତ୍ତୃ· ର)—୧। ସୂର୍ଯ୍ୟ [ଅମର]
Sūra —1. The sun. ୨ । ଅର୍କ ବୃକ୍ଷ [ଅମର]—2. Calotropis Gigantea (a plant). ୩ । ବର୍ତ୍ତମାନ ଅବସର୍ପିଣୀର ସପ୍ତଦଶ ଅର୍ହତ୍ କୁନ୍ଥୁଙ୍କ ପିତା—3. Name of the father of the Buddhist saint of the present age. ୪ । (ସୁର ଧାତୁ+କର୍ତ୍ତୃ, ଅ) ପଣ୍ଡିତ (ଶବ୍ଦକଳ୍ପଦ୍ରୁମ)—4. Learued man. ୫ । ଶୂର; ବୀର—5. Hero. ୬ । ମସୁର (ହି. ଶ)—
6. A kind of lentil.

ସୂରଜ୍—ପ୍ରାଦେ· (ହିନ୍ଦୁସ୍ଥାନୀ) ବି (ତୁଳ· ହି. ସୂରଜ୍)—ସୂର୍ଯ୍ୟ—
Sūraj The sun.

ସୂରଜ୍ ଫୁଲ୍—ପ୍ରାଦେ (ସାନ୍ତାଳ ପର୍ଗନାର) ବି—ସୂର୍ଯ୍ୟମୁଖୀ ଫୁଲ—
Sūraj phul The sun-flower.

ସୂର(ରୁ)ଜ(ଜୀ) (ଇତ୍ୟାଦି)—ଗ୍ରା.ବି (ସଂ. ସୂର୍ଯ୍ୟ)—ସୂର୍ଯ୍ୟ (ର୍ଯ୍ୟୀ) ଇତ୍ୟାଦି
Sūra(ru)ja(jī) (etc) (ଦେଖ)—Sūrjya (rjī)etc (See)

ସୂର(ରି)ଞ୍ଜାନ୍—ବୈଦେ. ବି (ଫା. ସୁରଂଜାନ୍)—ଔଷଧରେ ବ୍ୟବହୃତ
Sūra(ri)ñjān ଗୁଳ୍ମବିଶେଷ—Name of a medicinal
সুরংজন plant. [ଦ୍ର—ଏଥିର ପିଆଜ ସଦୃଶ ମୂଳ
সুর্‌ংজান ଔଷଧରେ ଲାଗେ । ଏହା ବେଶିର (ଜାଫ୍ରାନ୍)—ଜାତୀୟ ଗୁଳ୍ମ । ପଶ୍ଚିମ ହିମାଳୟର ସମଶୀତୋଷ୍ଣ ଅଞ୍ଚଳରେ ପର୍ବତର ଢାଲୁରେ ଘାସ ମଧ୍ୟରେ ଏ ଗୁଳ୍ମ ମନକୁ ଉଠେ ଓ ଏହା ଏକବୃଷଣ୍ଡ ପର୍ଯ୍ୟନ୍ତ ଉଚ୍ଚ ହୋଇ ବଢ଼େ । ପାରସ୍ୟ ଦେଶରେ ମଧ୍ୟ ଏ ଗୁଳ୍ମ ଜନ୍ମେ । ଏଥିର ପତ୍ର ଅତି ଅଳ୍ପ ଓ ତାହା ଫୁଲ ସହିତ ବାହାରେ । ଫୁଲ ଲମ୍ବ ଓ ତେଜ-ବିଶିଷ୍ଟ । ମୂଳରେ ରସୁଣଠାରୁ ବଡ଼ କନ୍ଦ ଥାଏ । ଏଥିର କନ୍ଦ କଡ଼ୁଆ ଓ ମିଠା ଭେଦରେ ଗୁଳ୍ମ ଦୁଇ ପ୍ରକାରର । ମିଠା କନ୍ଦ ପାରସ୍ୟରୁ ଏ ଦେଶକୁ ଆସେ ଓ ଔଷଧରୂପେ ଖିଆଯାଏ । କଡ଼ୁଆ କନ୍ଦ ତେଲ ଆଦିରେ ମିଶା ଯାଇ ଦେହରେ ମାଲିସ କରାଯାଏ । ଏଥିର ବୀଜ ବିଷାକ୍ତ ଥିବାରୁ ଏଥିର ମାତ୍ରା ବଡ଼ ସାବଧାନତା ସହକାରେ ରୋଗୀକୁ ଦିଆଯାଏ । ୟୁନାନୀ ଚିକିତ୍ସା ଅନୁସାରେ ସୂରଞ୍ଜାନ୍ ରୁକ୍ଷ, ରୁଚିକର ଓ ବାତ, କଫ, ପାଣ୍ଡୁ, ପ୍ଲୀହା, ସନ୍ଧିବାତ ରୋଗ ଦୂର କରେ—ହି. ଶ ।]

ସୂରଣ—ସଂ. ବି (ସୂର ଧାତୁ+କର୍ତ୍ତୃ. ଅନ)—୧ । ଶୂରଣ, ଓଲଅ—
Sūraṇa 1. Wild taro. ୨ । ବେଣା ମୂଳ (ପ୍ରକୃତିବାଦ)—
(ଶୂରଣ—ଅନ୍ୟରୂପ) 2. The root of Beṇā.
(ପ୍ରଥମ ଅର୍ଥରେ ଅନ୍ୟ ସଂ· ନାମ—ସୂରକନ୍ଦ,କନ୍ଦଲ, ଅର୍ଶୋଘ୍ନ ।)

ସୂରତ—ସଂ. ବିଣ· ପୁ (ସୁ+ରମ୍ ଧାତୁ+କର୍ତ୍ତୃ· ତ; ସୁ ସ୍ଥାନରେ ସୂ
Sūrata ଆଦେଶ)—ଅତି କୃପାଳୁ (ଅମର)—Very merciful.
(ସୂରତା—ସ୍ତ୍ରୀ)

ସୂର ଦାସ—ସଂ· ବି (୬ଷ୍ଠୀ ତତ୍)—ପଣ୍ଡିତମାନଙ୍କ ଭୃତ୍ୟ—The
Sūra dāsa servant of learned men. ଦେ. ବି—
স্থর দাস ୧ । (କବି ସୁରଦାସ ଅନ୍ଧ ଥିବାରୁ) ଅନ୍ଧ ବ୍ୟକ୍ତି—
সুর্‌ দাস 1. A blind person. ୨ । ଅନ୍ଧ ଗାୟକ—
2. A blind singer. ୩ । (ନାମ) ଉତ୍ତର ଭାରତର ପ୍ରସିଦ୍ଧ ସ୍ୱର୍ଗୀୟ କୃଷ୍ଣଭକ୍ତ କବି—3. Suradāsa, the late celebrated poet of North India.

[ଦ୍ର—ଏ ତୁଳସୀ ଦାସଙ୍କ ପରି ଭାରତ ବିଖ୍ୟାତ ଶ୍ରେଷ୍ଠ ହିନ୍ଦୀ କବିରୂପେ ଅମର ହୋଇଅଛନ୍ତି । ଏ କୃଷ୍ଣଲୀଳା ସମ୍ବନ୍ଧେ ବହୁ ସହସ୍ର ପଦ ସମ୍ବଳିତ 'ସୂରସାଗର' ନାମକ କାବ୍ୟ ରଚନା କରିଥିଲେ । ଏ ଆକବର ସମ୍ରାଟଙ୍କ ସମସାମୟିକ ଥିଲେ । ଏହାଙ୍କ ଜନ୍ମ ୧୫୪୦ ସମ୍ବତ୍‌ରେ । ଏ ସାରସ୍ୱତ ବ୍ରାହ୍ମଣ ଥିଲେ । ଏହାଙ୍କ ପିତାଙ୍କ ନାମ ରାମ ଦାସ । ଜନଶ୍ରୁତି ଅଛି ଯେ, ଏ ଜନ୍ମାନ୍ଧ ଥିଲେ । କିନ୍ତୁ ଅନ୍ୟ ଏକ କିମ୍ବଦନ୍ତୀ ଅଛି ଯେ, ଜଣେ ପରସ୍ତ୍ରୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହେବାରୁ, ଏହା ନିଜର ଚକ୍ଷୁଷ୍ମତ୍ତ୍ୱ ଯୋଗୁଁ ଘଟିଥିବା ଉପଲବ୍ଧି କରି ନିଜର ଆଖି ଦୁଇଟିକୁ ଏ ନିଜେ ଫୁଟାଇ ଦେଇଥିଲେ । ଏ ନିଜ ଗ୍ରନ୍ଥରେ ଏକ ସ୍ଥାନରେ ଲେଖିଅଛନ୍ତି ଯେ, ଏ ଚନ୍ଦବରଦାଇ ନାମକ ବିଖ୍ୟାତ ହିନ୍ଦୀ ମହାକବିଙ୍କର ବଂଶଧର ଥିଲେ ଓ ଏହାଙ୍କର ଆଉ ଛଅ ଭାଇ ଥିଲେ । ଏହାଙ୍କ ଜନ୍ମ ସ୍ଥାନ ଦିଲ୍ଲୀ ନିକଟସ୍ଥ ସୀହୀ ଗ୍ରାମରେ ଥିବା କଥିତ । ଏ ଆଠ ବର୍ଷ ବୟସରେ 'ବ୍ରତ' ହୋଇ ପିତାମାତାଙ୍କ ସଙ୍ଗେ ମଥୁରା ତୀର୍ଥକୁ ଯାଇ ସେହିଠାରେ କୃଷ୍ଣଭକ୍ତ ହୋଇ ରହିଗଲେ, ଆଉ ଘରକୁ ଫେରି ଆସିଲେ ନାହିଁ । ଏ ବୃନ୍ଦାବନ ନିକଟସ୍ଥ ଗୋକୁଳରେ ଶ୍ରୀନାଥଜୀଙ୍କ ମନ୍ଦିରରେ ବହୁ ପଦମାନ ରଚନା କରିବାରେ ଲାଗିଲେ । ବଲ୍ଲଭନାଥ ନାମକ ଗୁରୁଙ୍କଠାରୁ ଏ କୃଷ୍ଣମନ୍ତ୍ର ଗ୍ରହଣ କରିଥିଲେ ଓ ଆଗ୍ରା ଏବଂ ମଥୁରା ମଧ୍ୟବର୍ତ୍ତୀ ଗଉଘାଟ ନାମକ ସ୍ଥାନରେ ରହୁଥିଲେ । ଏ

କେବଳ 'ବ୍ରଜଭାଷା'ରେ ପଦ୍ୟାବଳୀ ରଚନା କରଥିଲେ । ତୁଳସୀ ଦାସ କଡ଼ ଅବଧୀ (ଅଯୋଧ୍ୟା ପ୍ରଚଳିତଭାଷା) ଓ ବ୍ରଜ ଭାଷାରେ କବିତା ରଚନା କରଥିଲେ । ଏହାଙ୍କର ଅନ୍ୟ ଗୋଟିଏ ଗ୍ରନ୍ଥ 'ସାହିତ୍ୟଲହରୀ' । ଏହାଙ୍କ କବିତା ଶୃଙ୍ଗାର ଓ ବାତ୍ସଲ୍ୟ ରସରେ ପୂର୍ଣ୍ଣ । କଥିତ ଅଛି ଯେ, ଅକବର ଏହାଙ୍କ ଗାନ ଶୁଣିବାକୁ ଏହାଙ୍କୁ ଫତେପୁର ସିକ୍ରିଠାକୁ ଡକାଇ ଥିଲେ କିନ୍ତୁ ଏ ନ ଯିବାରୁ ଅକବର ଏହାଙ୍କୁ ଦେଖିବାକୁ ତାନସେନଙ୍କ ସଙ୍ଗେ ଛଦ୍ମବେଶରେ ମଥୁରାକୁ ଯାଇ ଏହାଙ୍କ ଗାନ ଶୁଣିଥିଲେ—ହି. ଶ ।]

ସୂରମୁଖୀ—ସଂ. ବି—୧ । ସୂର୍ଯ୍ୟମୁଖୀ କାଚ (ହି. ଶ)—1. Double
Sūramukhī convex lens. ୨ । ସୂର୍ଯ୍ୟକାନ୍ତ ମଣି (ହି. ଶ)—2. A kind of precious stone. ୩ । ସୂର୍ଯ୍ୟମୁଖୀ ଫୁଲ (ହି. ଶ)—3 The sunflower.

ସୂର ସୁତ—ସ. ବି. ପୁଂ (୬ଷ୍ଠୀ ତତ୍)—୧ । ଶନିଗ୍ରହ—1. The
Sūra suta planet Saturn. ୨ । ସୁଗ୍ରୀବ—
2. Sugrība (monkey king).

ସୂର ସୁତା—ସ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ଯମୁନା—
Sūra sutā The river Jamunā.

ସୂର ସୂତ—ସ. ବି (୬ଷ୍ଠୀ ତତ୍, ସୂର୍ଯ୍ୟଙ୍କର ସାରଥି)—ଅରୁଣ—
Sūra sūta The dawn (personified).

ସୂରା—ବୈଦେ. ବି (ଅ)—କୋରାନର ଶ୍ଲୋକ ବା ପ୍ରକରଣ—
Sūrā सूरा सुरा Section of the Quoran.

ସୂରି—ସ. ବି (ସୂର୍ ଧାତୁ + କର୍ତ୍ତି ଇ)—୧ । ପଣ୍ଡିତ (ଅମର)—
Sūri 1. Learned man. ୨ । ସୂର୍ଯ୍ୟ (ଭୂଣାଦକୋଷ)—2. The sun. ୩ । କବି—3. Poet. ୪ । ଯାଦବବିଶେଷ—4. Name of a member of the Jadu dynasty. ୫ । କୃଷ୍ଣ (ପ୍ରକୃତିବାଦ)—5. A name of Krushna. ୬ । (ନାମ) ଜୈନ ଗୁରୁବିଶେଷ (ପ୍ରକୃତିବାଦ)—6. Name of a Jaina preceptor. ୭ । ବୃହସ୍ପତି (ହି. ଶ)—
7. A name of Bruhaspati.

ସୂରୀ—ସ. ବି (ସୂର୍ ଧାତୁ + ଈକ୍; ୧ମା. ୧ବ)—୧ । (ପୁଂ) ଜ୍ଞାନୀ ବ୍ୟକ୍ତି—1. Wise man. ୨ । (ପୁଂ) ପଣ୍ଡିତ—2. A learned man. ୩ । (ସ୍ତ୍ରୀ) ବିଦୁଷୀ, ପଣ୍ଡିତା—3. A learned woman. ୪ । କୁନ୍ତୀ (ହି. ଶ)—4. Kunti. ୫ । ରାଜସର୍ଷପ (ବହୁମାଲା); ରାଇସୋରିଷ—5. A kind of rye. ୬ । ପୁରୋହିତ—6. A priest (Apte). ୭ । ଜୈନ ପଣ୍ଡିତଙ୍କୁ ଦିଆଯିବା ଉପାଧି (ଯଥା—ମଲ୍ଲିନାଥ ସୂରୀ)—7. A title of respect given to Jaina Pandits. ବିଣ (ପୁଂ. ଓ ସ୍ତ୍ରୀ)—୧ । ଜ୍ଞାନୀ—1. Wise. ୨ । ବିଦ୍ୱାନ୍—2. Learned.

ସୂରୁଜ୍—ପ୍ରାଦେ. (ସମ୍ବଲପୁର) ବି—ସୂର୍ଯ୍ୟ—
Sūruj The sun.

ସୂରୁଜ (ଇତ୍ୟାଦି)—ଗ୍ରା. ବି (ସ. ସୂର୍ଯ୍ୟ)—୧ ସୂର୍ଯ୍ୟ ଇତ୍ୟାଦି (ଦେଖ)
Sūruja (etc) 1. Sūrjya etc (See) ୨ । ଗଞ୍ଜପା
सूर्य्य ଖାଳରେ ଦିଆଯିବା ରଙ୍ଗବିଶେଷ (ନୀଳ ଓ ଶଙ୍ଖ ବାଟି
सुरुज କରିଥ ଅଠା ମିଶାଇ କରାଯିବା ରଙ୍ଗ)—2. A pale blue paint used in painting the cards of the game of Ganjapā. ୩ । ସୂର୍ଯ୍ୟମଣିର ଡାକ ନାମ—3. Name for calling Sūrjyamaṇi.

ସୂରୁଜ ବନ୍ଧୁ—ଗ୍ରା. ବି—ସୂର୍ଯ୍ୟ ବନ୍ଧୁ; ମହାପ୍ରସାଦ ବନ୍ଧୁ—
Sūruja bandhu God-friend.

ସୂର୍କ୍ଷ(ର୍କ୍ଷ୍ୟ) (ଧାତୁ)—ସ.—୧ । ଅନାଦର କରିବା—1. To disre-
Sūrksha(rkshya) (root) gard; to slight. ୨ । ଈର୍ଷା କରିବା—2. To spite. ୩ । ସମ୍ମାନ କରିବା—
3. To respect; to honour (Apte).

ସୂର୍କ୍ଷ(ର୍କ୍ଷ୍ୟ)ଣ—ସ. ବି (ସୂର୍କ୍ଷ୍ ଧାତୁ + ଭାବ. ଅନ)—ଅନାଦର—
Sūrksha(rkshya)ṇa Disregard; disrespect; slight.

ସୂର୍କ୍ଷ୍ୟ—ସ. ବି—ମାଷ; ବିରୁଡ଼ି (ଶବ୍ଦରତ୍ନାବଳୀ)—
Sūrkshya A pulse; Phaseolus Radiatus.

ସୂର୍ପ—ସ. ବି (ଶୂର୍ପର ଅନ୍ୟରୂପ)—୧ । ଶୂର୍ପ (ଦେଖ)—1. Śurpa
Sūrpa (See) ୨ । (ବୈଦ୍ୟକ) କୁମ୍ଭ ପରିମାଣ; ଦ୍ୱିଦ୍ରୋଣ ପରିମାଣ—2. A unit of measure of quantity

ସୂର୍ପଣ(ଖ)ଖା—ସଂ. ବି. ସ୍ତ୍ରୀ (ଶୂର୍ପଣଖାର ଅନ୍ୟରୂପ)—ଶୂର୍ପଣଖା
Sūrpaṇa(na)khā (ଦେଖ)—Śurpaṇakhā (See) (ସୁର୍ପଣଖୀ—ଗ୍ରାମ୍ୟ. ରୂପ)

ସୂର୍ପୀ—ସ. ବି. ସ୍ତ୍ରୀ (ଶୂର୍ପୀର ଅନ୍ୟରୂପ)—ଶୂର୍ପୀ; କୁଲେଇ; ଛୋଟ
Sūrpī କୁଲା—A small winnowing tray.

ସୂର୍ମ୍ମି(ର୍ମ୍ମୀ, ର୍ମି, ର୍ମୀ)—ସଂ. ବି (ଶୂର୍ମିର ଅନ୍ୟରୂପ)—୧ । ଲୌହର
Sūrmmi(rmmī, rmi, rmī) ବା ଧାତୁର ମୂର୍ତ୍ତି—1. An image made of iron or other metal (Apte). ୨ । ଲୌହ ନିର୍ମିତ ସ୍ତ୍ରୀ ମୂର୍ତ୍ତି (ହି. ଶ)—2. The image of a woman made of iron. [ଦ୍ର—ମନୁସଂହିତାରେ ଲେଖା ଅଛି ଯେ, ଗୁରୁପତ୍ନୀହରଣ ବା ବ୍ୟଭିଚାର କରିଥିବା ବ୍ୟକ୍ତି ନିଜର ପାପ ପ୍ରକାଶ କରି ତପ୍ତ ଲୌହଶଯ୍ୟାରେ ଶୋଇ କିମ୍ବା ତପ୍ତ ସୂର୍ମିକୁ ଆଲିଙ୍ଗନ କରି ମୃତ ହେଲେ, ଉକ୍ତ ପାପରୁ ମୁକ୍ତ ହୁଏ—ମନୁ—୧୧।୧୦୩ ।] ୩ । ଘରର ଖୁମ୍ବ; ସ୍ତମ୍ଭ—3. The pillar of a house [Apte] ୪ । ପାଣିର ନଳ (ହି. ଶ)—4. Water-pipe; water-tube. ୫ । ଉଜ୍ଜ୍ୱଳ୍ୟ—5. Radiance; lustre [Apte]. ୬ । ଅଗ୍ନିର ବା ଅଲୋକର ଶିଖା—
6. Flame [Apte].

ସୂର୍ମୀ ଯନ୍ତ୍ର—ସଂ. ବି—ଭୃତ ଯଜୁର୍ବେଦୋକ୍ତ କାଳକାସ୍ତ୍ରବିଶେଷ; ଏକ
Sūrmī jantra ପ୍ରକାର ବନ୍ଧୁକ—A sort of gun used in the vedic age. [ଦ୍ର—ଏଥିର ଲୌହ ନଳର

ମଧ୍ୟ ଦେଇ ଉତ୍ତପ୍ତ ସୀସକ ପିଣ୍ଡ ବାହାର କରୁଥିବା ଦଣ୍ଡୁ ଦଣ୍ଡୁଥିବ ।] ଦେ· ୨—ନଳଦ୍ୱାରା ପାଣି ବୁହା ହେବା କଳ—Appliance for carrying water through pipes or tubes.

ସୂର୍ଯ୍ୟ(ର୍ଯ୍ୟ)—ସଂ. ବି· ପୁଂ (ସୃ, ଧାତୁ=ଗମନ କରିବା+କର୍ତ୍ତି. ଯ; ଯେ ଗତି କରେ ବା ସୁର+ସ୍ୱାର୍ଥେ. ଯ)—
Surjya(rja)
ସୂର୍ଯ୍ୟା; ସୂର୍ଯ୍ୟା, ସୂର୍ଯ୍ୟାଣୀ, ସୂର୍ଯ୍ୟାଣୀ } ସ୍ତ୍ରୀ
୧ । ରବି; ଦିବାକର—1. The sun. [ଦ୍ର—ପୁରାଣ ମତରେ କଶ୍ୟପ ମୁନିଙ୍କ ଔରସରେ ଡପତ୍ନୀ ଅଦିତିଙ୍କ ଗର୍ଭରୁ ଏହାଙ୍କ ଜନ୍ମ । ଏଥିପାଇଁ ଏହାଙ୍କର ଏକ ନାମ ଆଦିତ୍ୟ । ପୁରାଣ ମତରେ ଏ ସପ୍ତାଶ୍ୱଯୁକ୍ତ ରଥରେ ଆକାଶ ମାର୍ଗରେ ବିଚରଣ କରନ୍ତି ଓ ପୂର୍ବଦିଗରେ ଉଦୟାଚଳରେ ଉଇଁ ପଶ୍ଚିମରେ ଅସ୍ତାଚଳରେ ଅସ୍ତ ହୁଅନ୍ତି । ଅରୁଣ ଏହାଙ୍କର ସାରଥି । ଏ ବିଶ୍ୱକର୍ମାଙ୍କ କନ୍ୟା ସଂଜ୍ଞାଙ୍କର ପାଣିଗ୍ରହଣ କରିଥିଲେ ଓ ସଂଜ୍ଞାଙ୍କ ଗର୍ଭରୁ ବୈବସ୍ୱତମନୁ ଓ ଯମ ଏ ଦୁଇଟି ପୁତ୍ର ଓ ଯମୁନା ନାମରେ ଗୋଟିଏ କନ୍ୟା ଜନ୍ମିଥିଲେ । ଅନନ୍ତର ସଂଜ୍ଞା ସୂର୍ଯ୍ୟଙ୍କ ତେଜ ସମ୍ଭାଳି ନ ପାରି ଛାୟାନାମ୍ନୀ ଗୋଟିଏ ସ୍ତ୍ରୀ ସୃଜନ କରି ତାଙ୍କୁ ସୂର୍ଯ୍ୟଙ୍କ ଅଜାଣନ୍ତରେ ତାଙ୍କ ନିକଟରେ ନିଜର ବଦଳରେ ରଖି ଦେଇ ପିତୃଗୃହକୁ ପଳାଇଲେ । ସୂର୍ଯ୍ୟ ଛାୟାଙ୍କୁ ସ୍ୱପତ୍ନୀ ସଂଜ୍ଞା ବୋଲି ବିଶ୍ୱାସ କରି ତାଙ୍କ ସଙ୍ଗେ ବାସ କଲେ । ଛାୟାଙ୍କ ଗର୍ଭରୁ ଶନି ନାମକ ପୁତ୍ର ଓ ତପତୀନାମ୍ନୀ କନ୍ୟା ଜନ୍ମ ହେଲେ । ଘଟନାକ୍ରମରେ ସୂର୍ଯ୍ୟ ପରେ ଜାଣି ପାରିଲେ ଯେ, ସଂଜ୍ଞା ପଳାଇ ଯାଇଅଛନ୍ତି ଓ ସଂଜ୍ଞାଙ୍କୁ ସୂର୍ଯ୍ୟ ଖୋଜିବାକୁ ବାହାରିଲେ । ଏଣେ ସଂଜ୍ଞା କିଛି ଦିନ ପିତୃଗୃହରେ ରହିବା ପରେ ସ୍ୱାମୀଙ୍କ ନିକଟକୁ ଫେରି ଯିବା ପାଇଁ ବିଶ୍ୱକର୍ମା ସଂଜ୍ଞାଙ୍କ ସଙ୍ଗେ ବିଶେଷ ଜିଗର କରିବାରୁ ସେ ସେଠାରୁ ପଳାଇ ଗୋଟିଏ ଅଶ୍ୱିନୀ (ଘୋଟକୀ) ରୂପ ଧାରଣ କରି 'ଉତ୍ତର କୁରୁ' ଦେଶରେ ବିଚରଣ କଲେ । ସୂର୍ଯ୍ୟ ଏହା ଜାଣି ପାରି ଅଶ୍ୱ ବେଶ ଧାରଣ କରି ସଂଜ୍ଞାଙ୍କୁ ଭେଟିଲେ ଓ ତାଙ୍କ ଔରସରେ ସଂଜ୍ଞାଙ୍କ ଗର୍ଭରୁ ଅଶ୍ୱିନୀକୁମାରଦ୍ୱୟ ଜନ୍ମିଲେ । ପରେ ବିଶ୍ୱକର୍ମା ସୂର୍ଯ୍ୟଙ୍କ ଅସହନୀୟ ତେଜକୁ ଉହାରେ ଘଷି ହ୍ରାସ କରି ଦେବାରୁ ସଂଜ୍ଞା ଆସି ପୁଣି ସୂର୍ଯ୍ୟଙ୍କ ସଙ୍ଗେ ବାସ କଲେ ଓ ପରେ ସୂର୍ଯ୍ୟଙ୍କ ଔରସରେ କପିରାଜ ବାଳି ଓ ସୁଗ୍ରୀବ ଜନ୍ମ ହେଲେ । କୁମାରୀ କୁନ୍ତୀଙ୍କ କାନ ବାଟେ ସୂର୍ଯ୍ୟଙ୍କ ଔରସରେ କର୍ଣ୍ଣ ଜନ୍ମ ହେଲେ । ରାବଣ ଦିଗ୍ବିଜୟ ଉପଲକ୍ଷରେ ସୂର୍ଯ୍ୟଲୋକରେ ଉପସ୍ଥିତ ହେବାରୁ ସୂର୍ଯ୍ୟ ତତ୍କାଳନ୍ତରେ ରାବଣ ନିକଟରେ ପରାଜୟ ସ୍ୱୀକାର କଲେ । ଏକଦା ଜମଦଗ୍ନି ସ୍ୱପତ୍ନୀ ରେଣୁକାଙ୍କ ସହିତ ନର୍ମଦା ତଟରେ ଦିବାମୈଥୁନରେ ରତ ଥିବା ସମୟରେ ସୂର୍ଯ୍ୟ ବ୍ରାହ୍ମଣ ରୂପରେ ସେଠାରେ ଉପସ୍ଥିତ ହୋଇ ତାଙ୍କ ମୈଥୁନରେ ବାଧା ଦେବାରୁ ଜମଦଗ୍ନି ସୂର୍ଯ୍ୟଙ୍କୁ ଶାପ ଦେଲେ ଯେ, ତୁମ୍ଭେ ରାହୁଗ୍ରସ୍ତ ହେବ । ସେହି ଶାପ ଯୋଗୁଁ ସୂର୍ଯ୍ୟ ରାହୁଗ୍ରସ୍ତ ହୁଅନ୍ତି ।

ବେଦ ମତରେ ବ୍ରାହ୍ମଣମାନେ ସନ୍ଧ୍ୟା କରିବା ସମୟରେ ସୂର୍ଯ୍ୟମଣ୍ଡଳର ମଧ୍ୟବର୍ତ୍ତୀ ସରସିଜାସନ ସନ୍ନିବିଷ୍ଟ ନାରାୟଣଙ୍କୁ ଧ୍ୟାନ କରନ୍ତି । ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ ଦେବୀମାନେ ମଧ୍ୟ ସୂର୍ଯ୍ୟମଣ୍ଡଳମଧ୍ୟସ୍ଥା ଅଟନ୍ତି । ବ୍ରାହ୍ମଣମାନଙ୍କର ଗାୟତ୍ରୀ ମନ୍ତ୍ର କେବଳ ସୂର୍ଯ୍ୟଙ୍କୁ ନାରାୟଣରୂପରେ କଳ୍ପନା କରି ସ୍ତବ କରିବାର ମନ୍ତ୍ର ଅଟେ ।

ସୂର୍ଯ୍ୟଙ୍କର ୧୨ ମାସରେ ପୂଜନୀୟ ରୂପ ଓ ନାମ—

ମାର୍ଗଶିର—ମିତ୍ର,
ପୌଷ—ବିଷ୍ଣୁ, ସନାତନ,
ମାଘ—ଅରୁଣ,
ଫାଲ୍ଗୁନ—ସୂର୍ଯ୍ୟ,
ଚୈତ୍ର—ବେଦାଙ୍ଗ,
ବୈଶାଖ—ଭାନୁ,
ଜ୍ୟେଷ୍ଠ—ଇନ୍ଦ୍ର,
ଆଷାଢ଼—ରବି,
ଶ୍ରାବଣ—ଗଭସ୍ତି,
ଭାଦ୍ର—ଯମ,
ଆଶ୍ୱିନ—ସ୍ୱର୍ଣ୍ଣରେତାଃ,
କାର୍ତ୍ତିକ—ଦିବାକର,
ଅଧିମାସ—ପୁରୁଷ
(ଅଧିତ୍ୟହୃଦୟ) ।

ଜ୍ୟୋତିଷ ମତରେ ସୂର୍ଯ୍ୟ ବା ରବି ନବଗ୍ରହମାନଙ୍କ ମଧ୍ୟରେ ପ୍ରଥମ ଗ୍ରହ ବା ଗ୍ରହରାଜ ଅଟନ୍ତି । ଏହାଙ୍କ ଦଶାର ପରିମାଣ ୬ ବର୍ଷ ।

ଆଧୁନିକ ବିଜ୍ଞାନ ମତରେ ସୂର୍ଯ୍ୟ ଘୂର୍ଣ୍ଣାୟମାନ ଧାତବ ବାଷ୍ପର ସମଷ୍ଟି । ଏ ନିଜର ଅକ୍ଷରେ ଘୂରେ ଓ ଏକ ସ୍ଥାନରେ ଅବସ୍ଥିତ ଥାଏ । ଏହାର ଚାରିଆଡ଼େ ପୃଥିବୀ ଆଦି ଯାବତୀୟ ଗ୍ରହ ଓ ଉପଗ୍ରହମାନେ ନିଜ ନିଜ କକ୍ଷରେ ବୁଲୁ ଅଛନ୍ତି । ସୂର୍ଯ୍ୟ ଏମାନଙ୍କଠାରୁ ବହୁ ସହସ୍ର କୋଟି ମାଇଲ୍ ଦୂରରେ ଅବସ୍ଥିତ । ପୃଥିବୀ ମଧ୍ୟ ନିଜ କକ୍ଷରେ ବୁଲୁଅଛି । ସୂର୍ଯ୍ୟ ପୃଥିବୀଠାରୁ ବହୁ ସହସ୍ର କୋଟି ମାଇଲ୍ ଦୂରରେ ଅବସ୍ଥିତ । ପୃଥିବୀ ମଧ୍ୟ ନିଜ ଅକ୍ଷରେ ବୁଲି ବୁଲି ସୂର୍ଯ୍ୟ ଚାରିପାଖେ ୩୬୭ ଦିନରେ ଥରେ ବୁଲି ଆସେ । ପୃଥିବୀ ନିଜର ଅକ୍ଷ ଉପରେ ଦିବସରେ ଥରେ ବୁଲିବା ଅବସ୍ଥାରେ ଯେଉଁ ଅଂଶ ସୂର୍ଯ୍ୟାଲୋକରେ ଆଲୋକିତ ହୁଏ ତହିଁରେ ଦିନ ଓ ଯେଉଁ ଅଂଶ ସୂର୍ଯ୍ୟର ବିପରୀତ ଦିଗରେ ଥାଏ ତହିଁରେ ରାତି ହୁଏ । ସୂର୍ଯ୍ୟର ଆଲୋକ ଚନ୍ଦ୍ର ଉପରେ ପଡ଼ି ପ୍ରତିଫଳିତ ହୋଇ ପୃଥିବୀରେ ଜ୍ୟୋସ୍ନାରୂପରେ ପଡ଼େ ।

ଆଧୁନିକ ବୈଜ୍ଞାନିକମାନେ ସ୍ଥିର କରିଅଛନ୍ତି ଯେ, ସୂର୍ଯ୍ୟ ପୃଥିବୀଠାରୁ ୯ କୋଟି ୨୫ ଲକ୍ଷ ମାଇଲ୍ ଦୂରରେ ଅବସ୍ଥିତ । ଏହାର ବ୍ୟାସ ପୃଥିବୀର ବ୍ୟାସଠାରୁ ୧୦୮ ଗୁଣ, ଅର୍ଥାତ୍ ·୪ ଲକ୍ଷ ୩୩ ହଜାର କ୍ରୋଶ ଅଟେ । ଘନଫଳ ହିସାବରେ ସୂର୍ଯ୍ୟ ଯେତେ ସ୍ଥାନ ଅଧିକାର କରିଅଛି ୧୨ ଲକ୍ଷ ୫୦ ହଜାରଟି ପୃଥିବୀ ସେତିକି ସ୍ଥାନ ଅଧିକାର କରିବ । ସୂର୍ଯ୍ୟଙ୍କ ଦେହର ଉପାଦାନର ଗୁରୁତ୍ୱ ପୃଥିବୀର ଏକ ଚତୁର୍ଥାଂଶ, ଅର୍ଥାତ୍ ସୂର୍ଯ୍ୟଙ୍କ ଉପାଦାନ ପୃଥିବୀର ଉପାଦାନ ଅପେକ୍ଷା ଖୁବ୍ ପତଳା । ଏହା ତରଳ ଜ୍ୱଳନ୍ତ ବସ୍ତୁ ଅଟେ । ଏଥିର ତାପ ୨୦ ହଜାର ଡିଗ୍ରୀ । ସୂର୍ଯ୍ୟର ଦେହରେ ଅନେକ କଳା ଦାଗ ଅଛି । ଏକ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଏ ଦାଗମାନଙ୍କର କ୍ଷୟବୃଦ୍ଧି ଘଟେ । ଏ ଦାଗମାନ ବଢ଼ିଗଲେ ପୃଥିବୀରେ ଚୁମ୍ବକଶକ୍ତିର କ୍ଷୋଭ ବଢ଼ିଯାଏ ଓ ବେଶି ବୈଦ୍ୟୁତିକ କାଣ୍ଡମାନ ସଂଘଟିତ ହୁଏ । ଏହି ଦାଗମାନଙ୍କ କ୍ଷୟବୃଦ୍ଧି ସଙ୍ଗେ ପୃଥିବୀରେ ବର୍ଷାର ସମ୍ବନ୍ଧ ଅଛି ବୋଲି କେତେକ ବୈଜ୍ଞାନିକ କହନ୍ତି । ସୂର୍ଯ୍ୟ ସୌର-ଜଗତ୍‌ର କେନ୍ଦ୍ର ଓ ଏହାର ଚାରିପାଖେ ପୃଥିବୀ, ଶୁକ୍ର, ଶନି, ମଙ୍ଗଳ, ବୃହସ୍ପତି, ବୁଧ ଓ ଅନ୍ୟାନ୍ୟ ଗ୍ରହ ନିରନ୍ତର ଘୂରୁଅଛନ୍ତି । ପ୍ରାୟ ସବୁ ସଭ୍ୟ ପ୍ରାଚୀନ ଜାତିଙ୍କ ମଧ୍ୟରେ ସୂର୍ଯ୍ୟ ଦେବତାରୂପେ କଳ୍ପିତ ହୋଇଥିଲେ ଓ ତାଙ୍କୁ ଉପାସନା କରାଯାଉଥିଲା । ପ୍ରାଚୀନ ଆସିରୀୟ, ମେକ୍ସିକୋବାସୀ, ଭାରତୀୟ ଓ ପାରସିକମାନେ ସୂର୍ଯ୍ୟ ପୂଜା କରୁଥିଲେ । ହିନ୍ଦୁମାନଙ୍କ ମତରେ ସୂର୍ଯ୍ୟ ସାତ ଘୋଡ଼ା ଯୋଚା ଏକଚକ୍ରବିଶିଷ୍ଟ ରଥରେ ଯିବା ଆସିବା କରନ୍ତି—ହି· ଶ ।

ଓଡ଼ିଶାର କୋଣାର୍କରେ ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟମନ୍ଦିର ତୋଳାଇଥିଲେ । ତାହାର ଭଗ୍ନାବଶେଷ ଅବଶ୍ୟ ବିଦ୍ୟମାନ । କଥିତ ଅଛି ଯେ, ଶାମ୍ବ ଏହିଠାରେ ସୂର୍ଯ୍ୟ ପୂଜା କରି କୁଷ୍ଠରୋଗରୁ ମୁକ୍ତିଲାଭ କରିଥିଲେ ।

ସୂର୍ଯ୍ୟଙ୍କର ନାମାନ୍ତର :—

ସୂର, ସୂର୍ଯ୍ୟ, ଆଦିତ୍ୟ, ଦିବାକର, ଅହସ୍କର, ଭାସ୍କର, ପ୍ରଭାକର, ବିଭାକର, ବିବସ୍ୱାନ୍, ଭାସ୍ୱାନ୍, ସପ୍ତାଶ୍ୱ, ବିକର୍ତ୍ତନ, ଅର୍କ, ମାର୍ତ୍ତଣ୍ଡ, ଉଷ୍ଣରଶ୍ମି, ମିହିର, ଦ୍ୟୁମଣି, ତରଣି, ମିତ୍ର, ଚିତ୍ରଭାନୁ, ବିରୋଚନ, ବିଭାବସୁ, ଗ୍ରହପତି, ତ୍ୱିଷାଂପତି, ବ୍ରଧ୍ନ, ଦ୍ୱାଦଶାତ୍ମା, ହରିଦଶ୍ୱ, ଅରୁଣ, ଅହଃପତି, ଭାନୁ, ହଂସ, ସହସ୍ରାଂଶୁ, ତପନ, ସବିତା, ରବି, ଦିନକର, ତିଗ୍ମଦୀଧିତି, ମରୀଚିମାଳୀ, ଚଣ୍ଡକର, ଶୂର, ଭଗ, ବ୍ରଧ୍ନ, ପଦ୍ମିନୀବଲ୍ଲଭ, ହରି, ଦିନମଣି, ଚଣ୍ଡାଂଶୁ, ସପ୍ତସପ୍ତି, ଗଭସ୍ତିମାନ୍, ଅଂଶୁମାଳୀ, କାଶ୍ୟପେୟ, ଖଗ, ଭାନୁମାନ୍, ଲୋକଲୋଚନ, ପଦ୍ମବନ୍ଧୁ, ଜ୍ୟୋତିଷ୍ମାନ୍, ଅବ୍ୟଥ, ତାପନ, ଚିତ୍ରରଥ, ଖମଣି, ଦିବାମଣି, ଗଭସ୍ତିହସ୍ତ, ହେଳି, ପତଙ୍ଗ, ଅର୍ଚ୍ଚିଃ, ଦିନପ୍ରଣୀ, ବେଦୋଦୟ, କାଳକୃତ୍, ଗ୍ରହରାଜ, ତମୋନୁଦ, ରସାଧାର, ପ୍ରତିଦିବା, ଇନ, ଜଗଚ୍ଚକ୍ଷୁଃ, ଖଦ୍ୟୋତ, ଲୋକବାନ୍ଧବ, ପଦ୍ମିନୀକାନ୍ତ, ଅଂଶୁହସ୍ତ, ପଦ୍ମପାଣି, ହିରଣ୍ୟରେତା, ପୀତ, ହିମାରାତି, ଗୋପତି, କୁଞ୍ଜର, ପ୍ଲବଗ, ସ୍ୱନୁ, ଗଭସ୍ତି, ତମୋପହ, ଅଦ୍ରି, ଜ୍ୟୋତିଃପୀଥ, କର୍ମସାକ୍ଷୀ, ଜଗଦୀପ ।] ୨ । ତାମ୍ର— 2. Copper. ୩ । ବାର ସଂଖ୍ୟା (ଆଦିତ୍ୟଙ୍କ ସଂଖ୍ୟା ୧୨ ଥିବାରୁ) (ହି. ଶ)—3. The number twelve. ୪ । ଅର୍କଗଛ (ହି. ଶ)—4. Calotropis Gigantea plant. ୫ । (ନାମ) ବଳିଙ୍କର ଏକ ପୁତ୍ର (ହି. ଶ)—5. Name of a son of Baḷi. ଦେ. ବି (ବଣିଆ ଶବ୍ଦ)—୧ । ସ୍ତ୍ରୀମାନଙ୍କ ତାଳୁ ଉପରେ ପିନ୍ଧାଯିବା ସୁନାପତ୍ରରେ ନକାସି ହୋଇଥିବା ଗୋଲାକୃତି ଅଳଙ୍କାର—1. A circular gold ornament for the crown of the head of females. ୨ । ଏକକଉଡ଼ିର ୧୨ ଭାଗରୁ ୧ ଭାଗ—2. One twelfth of a cowri.

ସୂର୍ଯ୍ୟ ଉଠି(ଇଁ)ବା—ଦେ, କ୍ରି—ସୂର୍ଯ୍ୟୋଦୟ ହେବା—
Sūrjya uṭhi(iñ)bā Sunrise; the rising of the sun.
সূর্য্য উদয় হওয়া सूर्य उगना

ସୂର୍ଯ୍ୟ ଉଦିବା—ପ୍ରାଦେ· (ସମ୍ବଲପୁର) କ୍ରି—ସୂର୍ଯ୍ୟୋଦୟ ହେବା—
Sūrjya udibā The rising of the sun.

ସୂର୍ଯ୍ୟ କମଳ—ସଂ· ବି—ସୂର୍ଯ୍ୟମୁଖୀ ଫୁଲ (ହି· ଶ)—
Sūrjya kamaḷa The sunflower.

ସୂର୍ଯ୍ୟ କର—ସଂ. ବି (ଷଷ୍ଠୀ ତତ୍)—ସୂର୍ଯ୍ୟଙ୍କ କିରଣ; ରଶ୍ମି—
Sūrjya kara Sun's rays.

ସୂର୍ଯ୍ୟକାନ୍ତ—ସଂ. ବି (ବହୁବ୍ରୀହି; ସୂର୍ଯ୍ୟ ଅଟେ କାନ୍ତ=ପ୍ରିୟ ଯାହାର)
Sūrjyakānta —୧ । ମଣିବିଶେଷ; ଆତସମଣି— 1. A species of precious gem. (ଦ୍ର—ଏହାକୁ ସୂର୍ଯ୍ୟର କିରଣରେ ଧରିଲେ ଏଥିରୁ ନିଆଁ ପଡ଼େ । ଏହାର ଗୁଣ—ଉଷ୍ଣତ୍ୱ, ନିର୍ମଳତ୍ୱ, ରସାୟନତ୍ୱ, ବାତଶ୍ଳେଷ୍ମହରତ୍ୱ, ମେଧ୍ୟତ୍ୱ । ଏହାକୁ ପୂଜା କଲେ ସୂର୍ଯ୍ୟଦେବ ତୁଷ୍ଟ ହୁଅନ୍ତି—ରାଜନିର୍ଘଣ୍ଟ ।) ୨ । ଦ୍ୱିକୁବ୍ଜବିଶିଷ୍ଟ କାଚ (ହି. ଶ)—2. Double-convex lens. (ଦ୍ର—ଏହାକୁ ସୂର୍ଯ୍ୟକିରଣରେ ଧରିଲେ ନିଆଁ ବାହାରେ ।) ୩ । ସ୍ଫଟିକ (ହଲାୟୁଧ)— 3. Crystal; quartz. ୪ । ଆଦିତ୍ୟପର୍ଣ୍ଣୀ; ପୁଷ୍ପବୃକ୍ଷବିଶେଷ (ଶବ୍ଦଚନ୍ଦ୍ରିକା)—4. A flowering plant. ଦେ· ବି, ପୁଂ—

ଅନ୍ୟ ସଂ· ନାମ—ସୂର୍ଯ୍ୟମଣି, ସୂର୍ଯ୍ୟାଶ୍ମା, ଦହନୋପମ, ତପନମଣି, ତାପନ, ରବିକାନ୍ତ, ଦୀପ୍ତୋପଳ, ଅଗ୍ନିଗର୍ଭ, ଜ୍ୱଳନାଶ୍ମା, ଅର୍କୋପଳ, ସୂରମଣି, ଆତସମଣି ।

ଅନ୍ୟ ସଂ· ନାମ—ସୂର୍ଯ୍ୟମଣି, ପୁଷ୍ପରକ୍ତା, ପତତ୍ପୁଟ, ଆଦିତ୍ୟପର୍ଣ୍ଣୀ

सूर्यकान्त ପୁରୁଷଙ୍କ ନାମ—A name given
सूर्यकान्त to males.

ସୂର୍ଯ୍ୟ କାଳ—ସଂ. ବି—ଦିବସ (ଶବ୍ଦଚନ୍ଦ୍ରିକା)—
Sūrjya kā.la Day time.

ସୂର୍ଯ୍ୟ କାଳାନଳ ଚକ୍ର—ସଂ. ବି (ଫଳିତ ଜ୍ୟୋତିଷ)—ନରମାନଙ୍କ
Sūrjya kā.lāna.la chakra ଶୁଭାଶୁଭ ଜାଣିବା ନିମନ୍ତେ ନିର୍ଦ୍ଧାରିତ ଚକ୍ରବିଶେଷ—An astrological figure.

ସୂର୍ଯ୍ୟକୁମାର ସର୍ବାଧିକାରୀ—ଦେ. ବି (ନାମ)—ବଙ୍ଗୀୟ ସ୍ୱର୍ଗତ ପ୍ରସିଦ୍ଧ
Sūrjyakumāra sarbādhikārī ଡାକ୍ତର—Name of a late famous doctor of Bengal. (ଦ୍ର— ଏ ୧୮୩୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ କଲିକତା ମେଡିକାଲ୍ କଲେଜରୁ ପାଶ୍ କରି ସୈନିକ ବିଭାଗରେ ଡାକ୍ତର କର୍ମ କରୁଥିଲେ । ଏହାଙ୍କର ଗାଜିପୁରରେ ଅବସ୍ଥାନ କାଳରେ ଏ ୧୮୫୭ ସାଲର ସିପାହି ବିଦ୍ରୋହର ସୂଚନା ପାଇ ସ୍ଥାନୀୟ ଇଂରାଜ କର୍ମଚାରୀମାନଙ୍କୁ ସାବଧାନ କରାଇ ବିପଦରୁ ରକ୍ଷା କରିଥିଲେ । ଲକ୍ଷ୍ନୌ ଉଦ୍ଧାର କାଳରେ ଏ ଇଂରାଜ ସେନାଙ୍କ ସଙ୍ଗରେ ଥିଲେ । ଏ ସେନାବିଭାଗରେ ' ବ୍ରିଗେଡ୍ ସର୍ଜନ୍ ' ଉପାଧି ପାଇଥିଲେ । କେତେକ ଉପରସ୍ଥ ସେନାଙ୍କ ସୈନିକ କର୍ମଚାରୀ ଏହାଙ୍କ ପ୍ରତି ଈର୍ଷାପରବଶ ହୋଇଥିଲେହେଁ ଏହାଙ୍କର କିଛି ଅନିଷ୍ଟ କରି ପାରି ନ ଥିଲେ । ଶେଷରେ ଏ ସୈନିକ ବିଭାଗର କାର୍ଯ୍ୟ ତ୍ୟାଗ କରି ପ୍ରଥମେ ଶ୍ରୀରାମପୁରରେ ଓ ପରେ କଲିକତାରେ ସ୍ୱାଧୀନ ଚିକିତ୍ସା ବ୍ୟବସାୟ କରି ଚିକିତ୍ସାପ୍ରବୀଣତା, ଦାନଶୀଳତା ଓ ସାହିତ୍ୟସେବାଦ୍ୱାରା ଖ୍ୟାତ ହୋଇଥିଲେ । ଏହାଙ୍କ ଉପାର୍ଜିତ ଅର୍ଥ ଦେଶସେବା ଓ ଦରିଦ୍ର ରୋଗୀଙ୍କ ସେବାରେ ବ୍ୟୟିତ ହେଉଥିଲା । ଏ ଭାରତର ସର୍ବ ଅଞ୍ଚଳ ଓ ବ୍ରହ୍ମଦେଶ ପର୍ଯ୍ୟଟନ କରିଥିଲେ । ଓଡ଼ିଶାର ପ୍ରସିଦ୍ଧ ନଅଙ୍କ ସମୟରେ ଏ ଓ ଏହାଙ୍କ ବଡ଼ ଭାଇ ପ୍ରସନ୍ନକୁମାର ଅକାତର ଅର୍ଥ ବ୍ୟୟ କରି ବହୁ ପ୍ରାଣୀଙ୍କ ଜୀବନ ରକ୍ଷା କରିଥିଲେ । ଏହାଙ୍କର ଦୁଇ ପୁତ୍ର ଦେବପ୍ରସାଦ ଓ ସୁରେଶପ୍ରସାଦ ।)

ସୂର୍ଯ୍ୟ କ୍ଷୟ—ସଂ. ବି—ସୂର୍ଯ୍ୟମଣ୍ଡଳ (ହି. ଶ)—
Sūrjya kshaya The orb of the sun.

ସୂର୍ଯ୍ୟ ଗ୍ରହ—ସଂ. ବି—୧ । ନବଗ୍ରହ ମଧ୍ୟରୁ ପ୍ରଥମ ଗ୍ରହ; ସୂର୍ଯ୍ୟ—
Sūrjya graha 1. The sun as a first planet. ୨ । ସୂର୍ଯ୍ୟଗ୍ରହଣ—2. Solar eclipse ୩ । ରାହୁ—3. Rāhu; the ascending node. ୪ । କେତୁ—4. Ketu; the descending node. ୫ । କଳସୀର ତଳଭାଗ (ପ୍ରକୃତିବାଦ)—
5. The bottom of a pitcher.

ସୂର୍ଯ୍ୟ ଗ୍ରହଣ—ସଂ. ବି—ସୂର୍ଯ୍ୟୋପରାଗ—Solar eclipse. (ଦ୍ର—
Sūrjya grahaṇa ହିନ୍ଦୁପୁରାଣ ମତରେ ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କଲେ ସୂର୍ଯ୍ୟଗ୍ରହଣ ହୁଏ; କିନ୍ତୁ ଆଧୁନିକ ବିଜ୍ଞାନର ସିଦ୍ଧାନ୍ତ ଅନୁସାରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଚନ୍ଦ୍ର ଅବସ୍ଥିତ ହେଲେ ଚନ୍ଦ୍ରର ଛାୟାଦ୍ୱାରା ସେହି ଅବସ୍ଥାରେ କିଛିକାଳ ସକାଶେ ସୂର୍ଯ୍ୟ ଦେଖାଯାଏ ନାହିଁ ।)

ସୂର୍ଯ୍ୟଜ—ସଂ. ବି. ପୁଂ—୧ । ସୁଗ୍ରୀବ ବାନର (ଜଟାଧର)—
Sūrjyaja 1. Sugrība, the monkey king. ୨ । ଶନି ଗ୍ରହ—2. The planet Saturn. ୩ । ଯମ—3. The Hindu God of death. ୪ । କର୍ଣ୍ଣରାଜା—4. King Karṇṇa. ୫ । ସାବର୍ଣ୍ଣି ମନୁ—
5. Sābarṇṇi Manu.

ସୂର୍ଯ୍ୟଜା—ସଂ. ବି. ସ୍ତ୍ରୀ—ଯମୁନା ନଦୀ (ହେମଚନ୍ଦ୍ର)—
Sūrjyajā The river Jamunā.

ସୂର୍ଯ୍ୟ ତନୟ (ନନ୍ଦନ)—ସଂ. ବି. ପୁଂ—୧ । ଶନିଗ୍ରହ—1. The
Sūrjya tanaya (nandana) planet Saturn. ୨ । ଯମ—2. The God of death. ୩ । ସାବର୍ଣ୍ଣିମନୁ—3. A progenitor of mankind. ୪ । କର୍ଣ୍ଣରାଜା—4. King Karṇṇa. ୫ । ସୁଗ୍ରୀବ—5. Sugrība, the monkey king. ୬ । ଅଶ୍ୱିନୀକୁମାରଦ୍ୱୟ—6. The twin Aświnīkumāras. ୭ । ବରୁଣ (ହି. ଶ)—7. The Sea-god.

ସୂର୍ଯ୍ୟ ତନୟା (ନନ୍ଦନା)—ସଂ. ବି. ସ୍ତ୍ରୀ—୧ । ଯମୁନା ନଦୀ—1. The
Sūrjya tanayā (nandanā) river Jamunā. ୨ । ତପତୀ—2. Tapatī, another daughter of the Sungod.

ସୂର୍ଯ୍ୟ ନାଡ଼ୀ—ସଂ. ବି—ଇଡ଼ାନାଡ଼ୀ—The vein running
Sūrjya nā.ṛdī along the right side of the vertebral column and making the breath escape through the right nostril. [ଦ୍ର— ସ୍ୱରୋଦୟ ଶାସ୍ତ୍ର ମତରେ ଏହି ନାଡ଼ୀରେ ନିଶ୍ୱାସ ବହୁଥିଲା ବେଳେ ଭୋଜନ କରିବ ଓ ଶୟନ କରିବ । ସ୍ୱରୋଦୟ ଦେଖ ।]

ସୂର୍ଯ୍ୟ ପକ୍ୱ—ସଂ. ବି (ଶସ୍ୟ ଚଢ଼ିବା ମ. ଫ. କେ; ସୂର୍ଯ୍ୟୋତ୍ତାପ ପକ୍ୱ)—
Sūrjya pakwa ସୂର୍ଯ୍ୟପାଗୀ (ଦେଖ)—
Surjyapāgī (See)

ସୂର୍ଯ୍ୟପତ୍ର - ସଂ.ବି—୧। ଅର୍କସୋଦ୍ଭବ ଗୁଳ୍ମ ; ଆଦିତ୍ୟଭକ୍ତା (ରାଜନିର୍ଘଣ୍ଟ)
Sūrjyapatra —1. A plant; Cleomi Viscosa. ୨ । ଅର୍କ ଗୁଳ୍ମ (ହି. ଶ)—
2. Calotropis Gigantea.

ସୂର୍ଯ୍ୟପରାଗ - ଦେ. ବି (ସଂ. ସୂର୍ଯ୍ୟୋପରାଗ)—ସୂର୍ଯ୍ୟଗ୍ରହଣ—
Sūrjyaparāga Solar eclipse.

ସୂର୍ଯ୍ୟପର୍ବ—ସଂ. ବି—ସୂର୍ଯ୍ୟର ଏକ ନୂଆ ରାଶିରେ ପ୍ରବେଶ କରିବା
Sūrjyaparba ସମୟ—The time of the sun's entering into a new sign of the zodiac

ସୂର୍ଯ୍ୟପର୍ଣ୍ଣୀ—ସଂ. ବି—୧ । ମୁଦ୍ଗପର୍ଣ୍ଣୀ (ଦେଖ)—1. Mudga-
Sūrjyaparṇṇī parṇṇī (See) ୨ । ମାଷପର୍ଣ୍ଣୀ (ଦେଖ)
2. Māshaparṇṇī (See)

ସୂର୍ଯ୍ୟପାଗୀ—ଦେ. ବିଣ (ସଂ. ସୂର୍ଯ୍ୟପକ୍ୱ)—ଖରାରେ ବହୁକାଳ ରଖା
Sūrjyapāgī ଯାଇ ପାକ କରା ଯାଇଥିବା—Prepared after
ସୂର୍ଯ୍ୟ পাক being exposed to the heat of the sun
सूर्य पाक for some time' [ଦ୍ର—ଅଗୁଳ, ଚାଣ୍ଡି
ଅଦିକୁ ଖରାରେ ରଖି ପାକ କରାଯାଏ ।]

ସୂର୍ଯ୍ୟପାଦ—ସଂ. ବି (୬ଷ୍ଠୀ ତତ୍)—ସୂର୍ଯ୍ୟକିରଣ (ହି. ଶ)—
Sūrjya pāda The rays of the sun.

ସୂର୍ଯ୍ୟପୁତ୍ର (ସୁତ)—ସଂ. ବି. ପୁଂ—ସୂର୍ଯ୍ୟତନୟ (ଦେଖ)
Sūrjya putra (suta) Surjyatanaya (See)

ସୂର୍ଯ୍ୟପୁତ୍ରୀ (ସୁତା)—ସଂ. ବି. ସ୍ତ୍ରୀ—୧ । ସୂର୍ଯ୍ୟ ତନୟା (ଦେଖ)—
Sūrjya putrī (sutā) 1. Sūrjya tanayā (See)
୨ । ବିଦ୍ୟୁତ୍ (ହି. ଶ)—2. Lightning.

ସୂର୍ଯ୍ୟ ପୁରାଣ—ସଂ. ବି—ସୌରପୁରାଣ, ଉପପୁରାଣବିଶେଷ—
Sūrjya purāṇa Name of a minor Purāṇa.
[ଦ୍ର—ଏଥିରେ ସୂର୍ଯ୍ୟଙ୍କ ମାହାତ୍ମ୍ୟ ବର୍ଣ୍ଣିତ—ହି. ଶ ।]

ସୂର୍ଯ୍ୟପୂଜକ—ସଂ. ବି—ସୂର୍ଯ୍ୟୋପାସକ—Worshipper of the
Sūrjya pūjaka Sun god. [ଦ୍ର—ପାରସୀମାନେ ସୂର୍ଯ୍ୟ-
ପୂଜକ ଅଟନ୍ତି ।]

ସୂର୍ଯ୍ୟପୂଜା—ସଂ. ବି—ସୂର୍ଯ୍ୟଦେବଙ୍କ ଉପାସନା—
Sūrjya pūjā Worship of the Sungod.

ସୂର୍ଯ୍ୟପ୍ରଭ—ସଂ. ବିଣ. ପୁଂ (ବହୁବ୍ରୀହି; ସୂର୍ଯ୍ୟ+ପ୍ରଭା)—ସୂର୍ଯ୍ୟ ପରି
Sūrjyaprabha ଜ୍ୟୋତିଷ୍ମାନ୍—Radiant like the sun.
(ସୂର୍ଯ୍ୟପ୍ରଭା—ସ୍ତ୍ରୀ)

ସୂର୍ଯ୍ୟପ୍ରଭବ—ସଂ. ବିଣ. ପୁଂ—ସୂର୍ଯ୍ୟଙ୍କଠାରୁ ଜାତ—
Sūrjyaprabhaba Born of the Sungod.
(ସୂର୍ଯ୍ୟପ୍ରଭବା—ସ୍ତ୍ରୀ)

ସୂର୍ଯ୍ୟଫଣି ଚକ୍ର—ସଂ. ବି—ସର୍ବ କାର୍ଯ୍ୟ ଶୁଭାଶୁଭଜ୍ଞାପକ ଜ୍ୟୋତିଷୋକ୍ତ
Sūrjyaphaṇi chakra ଚକ୍ରବିଶେଷ (ସ୍ୱରୋଦୟ)—
A sort of astrological figure.

ସୂର୍ଯ୍ୟ ବଂଶ—ସଂ. ବି—ସୂର୍ଯ୍ୟଙ୍କଠାରୁ ଜାତ ସନ୍ତାନପରମ୍ପରାକ୍ରମ ବଂଶ—
Sūrjya baṁsa The solar dynasty of kings of
India. [ଦ୍ର—ପରମେଶ୍ୱରଙ୍କଠାରୁ ବ୍ରହ୍ମା, ବ୍ରହ୍ମାଙ୍କ-
ଠାରୁ ମରୀଚି, ମରୀଚିଙ୍କ ପୁତ୍ର କଶ୍ୟପ, କଶ୍ୟପଙ୍କ ପୁତ୍ର ସୂର୍ଯ୍ୟ,
ସୂର୍ଯ୍ୟଙ୍କ ପୁତ୍ର ବୈବସ୍ୱତ ମନୁ (ଏ ସତ୍ୟଯୁଗରେ ଭାରତର
ରାଜା ଥିଲେ ।) ଏହାଙ୍କ ପୁତ୍ର ଇକ୍ଷ୍ୱାକୁ ଓ ତାହାଙ୍କ
ବଂଶଧରମାନେ [ଯଥା—ଦିଲୀପ, ଅଜ, ରଘୁ ଓ ଦଶରଥ)
ତ୍ରେତାଯୁଗରେ ରାଜା ହେଲେ । ତ୍ରେତା ଓ ଦ୍ୱାପର ସନ୍ଧିରେ
ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଜନ୍ମ ହେଲେ । ତାହାଙ୍କ ପୁତ୍ର କୁଶ
ଓ ତାଙ୍କ ବଂଶଧରମାନେ କଳିଯୁଗର ସହସ୍ର ବର୍ଷ ପର୍ଯ୍ୟନ୍ତ
ରାଜତ୍ୱ କଲେ ।

ଭାରତର ଦୁଇ ପ୍ରାଚୀନ ରାଜବଂଶ (ଚନ୍ଦ୍ରବଂଶ ଓ
ସୂର୍ଯ୍ୟବଂଶ) ମଧ୍ୟରୁ ଏହା ଏକତର । ଜନକ ରାଜା
(ମିଥିଳାଧିପତି) ଚନ୍ଦ୍ରବଂଶୀୟ ଥିଲେ । ବିବାହ ସୂତ୍ରରେ
(ଜନକଙ୍କ କନ୍ୟାମାନଙ୍କ ସହିତ ଦଶରଥଙ୍କ ପୁତ୍ରମାନଙ୍କ
ବିବାହଦ୍ୱାରା) ଚନ୍ଦ୍ର ଓ ସୂର୍ଯ୍ୟବଂଶ ମିଳିତ ହେଲେ ।

ସୂର୍ଯ୍ୟ ଓ ଚନ୍ଦ୍ରବଂଶର ବଂଶବୃକ୍ଷ—

(ରାୟବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ସଂକଳିତ ଭାଗବତ ଜନନୀଜନର ଜ୍ଞାନପତ୍ର ରୁ ଉଦ୍ଧୃତ ।)



(ପର ପୃଷ୍ଠା ଦେଖ)


ଇକ୍ଷ୍ୱାକୁ
ବିକୁକ୍ଷି
ନିମି
କକୁତ୍ସ
୧୫ ପୁରୁଷ ବ୍ୟବଧାନ
ମାନ୍ଧାତା
୬ ପୁରୁଷ ବ୍ୟବଧାନ
ସତ୍ୟବ୍ରତ (ତ୍ରିଶଙ୍କୁ)
ହରିଶ୍ଚନ୍ଦ୍ର
୮ ପୁରୁଷ ବ୍ୟବଧାନ
ସଗର
୨ ପୁରୁଷ ବ୍ୟବଧାନ
ଦିଲୀପ
ଭଗୀରଥ
୧୩ ପୁରୁଷ ବ୍ୟବଧାନ
ଖଟ୍ବାଙ୍ଗ
ଦୀର୍ଘବାହୁ
ରଘୁ
ଅଜ
ଦଶରଥ
ଜନକ
୧୯ ପୁରୁଷ ବ୍ୟବଧାନ
ଶୀରଧ୍ୱଜ
ରାମଚନ୍ଦ୍ର = ସୀତା
ଲବ
କୁଶ
୧୮ ପୁରୁଷ ବ୍ୟବଧାନ
ମରୁ
(କଳାପି ଗ୍ରାମେ ଯୋଗସ୍ଥ; ଭବିଷ୍ୟତ୍ ସୂର୍ଯ୍ୟବଂଶର ପ୍ରକାଶକ ।
ଏଠାରୁ ୩୪ ପୁରୁଷ ପରେ ଏ ବଂଶର ଲୋପ)
ଇଳାକନ୍ୟା = ବୁଧ
ପୁରୁରବା
ଆୟୁ
ବିଜୟ
ନହୁଷ
୯ ପୁରୁଷ ବ୍ୟବଧାନ
ଯଯାତି
ଗାଧି
ଯଦୁ
ଅନୁ
ପୁରୁ
ବିଶ୍ୱାମିତ୍ର
ସତ୍ୟବତୀ (ପତି ଋଚୀକ)
କ୍ରୋଷ୍ଟୁ
୧୧ ପୁରୁଷ ବ୍ୟବଧାନ
୧୪ ପୁରୁଷ ବ୍ୟବଧାନ
ଜମଦଗ୍ନି
୨୯ ପୁରୁଷ ବ୍ୟବଧାନ
ବଳି (ଶେଷରେ ଦୀର୍ଘତମା)
ଦୁଷ୍ମନ୍ତ
ପରଶୁରାମ
ସାତ୍ୱତ
ଭରତ
ବୃଷ୍ଣି
ଅନ୍ଧକ
୧୧ ପୁରୁଷ ବ୍ୟବଧାନ
୯ ପୁରୁଷ ବ୍ୟବଧାନ
ଅଙ୍ଗ ବଙ୍ଗ କଳିଙ୍ଗ ସୁହ୍ମ ପୌଣ୍ଡ୍ର ଓଡ୍ର
(ଏମାନେ ପୂର୍ବଦେଶରେ ସ୍ୱ ସ୍ୱ ନାମେ ରାଜ୍ୟମାନ ସ୍ଥାପନ କଲେ)
ଶୂର
ଆହୁକ
ଭରଦ୍ୱାଜ (ଦତ୍ତକପୁତ୍ର)
ଦେବକ
ଉଗ୍ରସେନ
୬ ପୁରୁଷ ବ୍ୟବଧାନ
ବସୁଦେବ = ଦେବକୀ
କଂସ
କୁରୁ
ବଳରାମ
ଶ୍ରୀକୃଷ୍ଣ
୧୧ ପୁରୁଷ ବ୍ୟବଧାନ
ପ୍ରତୀପ
ଶାନ୍ତନୁ
ଦେବାପି
(ଭାରତର କଳାପି ଗ୍ରାମରେ ଯୋଗସ୍ଥ; ଭବିଷ୍ୟତ୍ ଚନ୍ଦ୍ରବଂଶର ପ୍ରକାଶକ)
ଭୀଷ୍ମ (ବ୍ରହ୍ମଚାରୀ)
ଧୃତରାଷ୍ଟ୍ର
ପାଣ୍ଡୁ
ଶତପୁତ୍ର (ଭାରତ ଯୁଦ୍ଧେ ହତ)
ଯୁଧିଷ୍ଠିର
ଭୀମ
ଅର୍ଜୁନ
ନକୁଳ
ସହଦେବ
ଅଭିମନ୍ୟୁ
ପରୀକ୍ଷିତ
ଜନମେଜୟ
୨୨ ପୁରୁଷ ପରେ ଏ ବଂଶର ଲୋପ ।

ସୂର୍ଯ୍ୟବଂଶିକ—ଦେ, ବଣ—୧ । ସୂର୍ଯ୍ୟବଂଶ ସମ୍ବନ୍ଧୀୟ—1. Relating
Sūrjyabamśika to solar dynasty. ୨ । ସୂର୍ଯ୍ୟ-
সূর্য্যবংশীয় ବଂଶୋଦ୍ଭବ—2. Born of the solar dyna-
सूर्यवंशी sty. [ବ୍ର—ବାସ ଦେ ସ୍ଥାନେ ଲଖିବ, ବାସରେ ସୂର୍ଯ୍ୟବଂଶିକ, ବନେ ଦକ୍ଷିଣ ମୁଖରେ, ବହାର ଖରେ ଦେ । ଭଞ୍ଜ· ବୈଦେହୀଶବିଳାସ ।]

ସୂର୍ଯ୍ୟ ବଂଶୀ (ବଂଶୀୟ, ବଂଶ୍ୟ)—ସ· ବଣ. ପୁଂ—ସୂର୍ଯ୍ୟବଂଶିକ (ଦେଖ)
Sūrjya bamśī (bamśīya, bamśya) Sūrjya-bamśika (See)
(ସୂର୍ଯ୍ୟବଂଶିନୀ, ସୂର୍ଯ୍ୟବଂଶୀୟା, ସୂର୍ଯ୍ୟବଂଶ୍ୟା—ସ୍ତ୍ରୀ)

ସୂର୍ଯ୍ୟ ବନ୍ଧୁ—ଦେ. ବ—ମହାପ୍ରସାଦ ବନ୍ଧୁ; ଧର୍ମବନ୍ଧୁ—
Sūrjya bandhu God-relation.

ସୂର୍ଯ୍ୟବନ୍ଧୁତା—ଦେ· ବ—ମହାପ୍ରସାଦ ବନ୍ଧୁତା—
Sūrjyabandhutā God relationship.

ସୂର୍ଯ୍ୟବଲ୍ଲୀ—ସ. ବ—ଅର୍କପୁଷ୍ପିକା ବୃକ୍ଷ (ଭଦ୍ରମାଳା); ସୂର୍ଯ୍ୟମୁଖୀ
Sūrjyaballī ଫୁଲ—The sunflower.

ସୂର୍ଯ୍ୟବଲ୍ଲଭା—ସ.ବ—୧। ଅଣସୋରିଷିଅ—1. Cleome Viscosa.
Sūrjyaballabhā ୨ । ପଦ୍ମ (ବୈ. ଶ)—2. Lotus.

ସୂର୍ଯ୍ୟ ବାଉଲି —ଦେ. ବ (ବଣିଥ ଶବ୍ଦ)—ଚଳ ଭାକରେ ପିନ୍ଧାଯିବା
Sūrjya bāuli ସୁନାର ଅଳଙ୍କାର ବିଶେଷ—Name of a gold ornament for the ear. [ବ୍ର—ଏଥିରେ ଭାଗ୍ର ଚିତ୍ର (କଳ୍ପିତ ସୂର୍ଯ୍ୟ) ଘର ଚଳଣ ଲଗିଥାଏ ।]

ସୂର୍ଯ୍ୟ ବାର (ବାସର)—ସଂ. ବ—ରବିବାର—
Sūrjya bāra (bāsara Sunday.

ସୂର୍ଯ୍ୟ ବିମ୍ବ—ସଂ· ବ (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ ମଣ୍ଡଳ—
Sūrjya bimba The orb of the sun.

ସୂର୍ଯ୍ୟ ବିଲୋକନ—ସଂ. ବ—ଶିଶୁର ୪ ମାସ ବୟସରେ
Sūrjya bilokana ପ୍ରଥମ ସୂର୍ଯ୍ୟ ଦର୍ଶନରୂପ ମାଙ୍ଗଳିକ କର୍ମ (ବୈ. ଶ)—The ceremonial of looking at the sun on the 4th month of a child's birth.

ସୂର୍ଯ୍ୟ ବୁଡ଼ିବା—ଦେ. କ—ସୂର୍ଯ୍ୟର ଅସ୍ତ ହେବା—
Sūrjyā burdibā The setting of the sun.
সূর্য্য ডোবা सूर्यास्त

ସୂର୍ଯ୍ୟ ବୃକ୍ଷ—ସଂ. ବ—ଅର୍କଗଛ (ବୈ. ଶ)—
Sūrjya bruksha Calotropis Gigantea (plant).

ସୂର୍ଯ୍ୟ ବେଶ୍ମ—ସଂ. ବ (୬ଷ୍ଠୀ ତତ୍; ସୂର୍ଯ୍ୟବେଶ୍ମନ୍; ୧ମା. ୧ବ)—
Sūrjya beśma ସୂର୍ଯ୍ୟମଣ୍ଡଳ—The orb of the sun.

ସୂର୍ଯ୍ୟ ବ୍ରତ—ସଂ, ବ—୧ । ସୂର୍ଯ୍ୟପୂଜାରୂପ ବ୍ରତ—1. The vow
Sūrjya brata of worshipping the sun.
୨ । ସୋମନାଥ ବ୍ରତ (ଦେଖ)—
2. Somanātha brata (See)

ସୂର୍ଯ୍ୟଭକ୍ତ—ସ. ବି. ପୁଂ—୧ । ସୂର୍ଯ୍ୟୋପାସକ—1. A devotee
Sūrjyabhakta of the Sungod. ୨ । ବନ୍ଧୁକ ପୁଷ୍ପ; (ସୂର୍ଯ୍ୟଭକ୍ତକ—ଅନ୍ୟରୂପ) (ମେଦିନୀ); ଦୁପହରିଆ ଫୁଲ; ବନ୍ଧୁଲି ଫୁଲ—2. Pentapetes Phoenicea (flower).

ସୂର୍ଯ୍ୟଭକ୍ତା—ସ. ବ—୧। ସୁବର୍ଚ୍ଚଳା; ସୂର୍ଯ୍ୟମୁଖୀ ଗଛ—1. The sun
Sūrjya bhaktā flower. ୨ । ଅଣସୋରିଷିଅ (ବୃକ୍ଷ)—
2. Cleomi Viscosa (plant).

ସୂର୍ଯ୍ୟ ମିତ୍ର—ଦେ. ବ—ସୂର୍ଯ୍ୟବନ୍ଧୁ (ଦେଖ)—
Sūrjya maitra Sūrjyabandhu (See).
সূর্য্যবন্ধু सूर्य बंधु

ସୂର୍ଯ୍ୟମଣି—ସ. ବ—ସୂର୍ଯ୍ୟକାନ୍ତ (ଦେଖ)—Sūrjyakānta (See)
Sūrjyamaṇi ଦେ. ବ. ସ୍ତ୍ରୀ ଓ ପୁଂ—ସ୍ତ୍ରୀ ଓ ପୁରୁଷଙ୍କୁ ଦିଆଯିବା ନାମ—A name given to males and females.

ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକ—ଦେ. ବ (ନାମ)—ସ୍ୱର୍ଗତ ଓଡ଼ିଆ
Sūrjyamaṇi chyāupaṭṭanāyaka କବିବିଶେଷ—Name of an Oriya poet of the 18th century. [ବ୍ର—ଏ ଜାଜପୁରରେ ଜନ୍ମ ଥିଲେ; ୧୭୭୮ ଖ୍ରୀଷ୍ଟାବ୍ଦରେ ଗଞ୍ଜାମଜିଲ୍ଲା ଘୁମୁସର ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ଏ ଅତି ସରଳଭାଷାରେ ଅଧ୍ୟାତ୍ମରାମାୟଣ ଲେଖି ଯାଇ-ଅଛନ୍ତି—ଭାରତୀ. ଓଡ଼ିଆ ସାହିତ୍ୟ ଇତିହାସ ।]

ସୂର୍ଯ୍ୟମଣି ପାଟମହାଦେଇ(ବୀ)—ଦେ· ବ (ନାମ)—ପୁରୀ ଗଜପତି ରାଜ-
Sūrjyamaṇi pāṭa mahādei(bī) ବଂଶର ଜଣେକା ସ୍ୱର୍ଗତା ରାଜମାତା—A dowager Ranee of the Gajapati dynasty of Puri, the great grand mother of the present Gajapati Raja Ramachandra Deba.
[ବ୍ର—ଏ ପୁରୀର ରାଜା । ଦିବ୍ୟସିଂହ ଦେବଙ୍କ ମାତା, ସ୍ୱର୍ଗତ ମୁକୁନ୍ଦ ଦେବଙ୍କ ପିତାମହୀ ଓ ବର୍ତ୍ତମାନ ଶ୍ରୀ ରାମଚନ୍ଦ୍ର ଦେବଙ୍କ ପ୍ରପିତାମହୀ ଥିଲେ । ଏ ଅତି ବୃଦ୍ଧା ହୋଇ ୧୯୨୨ ସାଲରେ ସ୍ୱର୍ଗଗାମିନୀ ହେଲେ; ଗଭର୍ଣ୍ଣମେଣ୍ଟ ପୁରୀମନ୍ଦିରକୁ ଖାସ୍ ତତ୍ତ୍ୱାଧୀନ କରିବାରୁ ଏ ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ ମକଦ୍ଦମାରେ ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼ି ମନ୍ଦିରରେ ପୁରୀ ରାଜାମାନଙ୍କର ପୁରୁଷାନୁକ୍ରମ ସର୍ବସ୍ୱତ୍ୱାଧିକାର ପ୍ରତିଷ୍ଠିତ କରିବାରେ ସମର୍ଥା ହୋଇଥିଲେ ।]

ସୂର୍ଯ୍ୟମଣି ଫୁଲ—ଦେ. ବ—ବନ୍ଧୁଲି ଫୁଲ—
Sūrjyamaṇi phula Pentapetes Phoenicia.
বাঁধুলি दुपहरिया

ସୂର୍ଯ୍ୟ ମଣ୍ଡଳ—ସଂ.ବ (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ ପରିବେଶ ବା ପରିଧି—
Sūrjya maṇḍala The orb of the sun; the sun's disc.
ଅନ୍ୟ ସଂ—ପରିବେଶ, ପରିଧି,
ଉପସୂର୍ଯ୍ୟକମଣ୍ଡଳ

ସୂର୍ଯ୍ୟମୁଖୀ—ସ· ବ—ଅଣସୋରିଷିଅ; ବନ୍ୟଶାକବିଶେଷ—Cleom
Sūrjyamukhī Viscosa. ଦେ· ବ (ସ. ସୂର୍ଯ୍ୟ + ମୁଖ; ଏ ଫୁଲ ସୂର୍ଯ୍ୟଙ୍କ ଆଡ଼େ ମୁଖ କରିଥାଏ ଫୁଟୁଥିବାରୁ)—ଏକପ୍ରକାର ହଳଦିଆ ଫୁଲ ଓ ତାହାର ଗଛ—
হুড়হুড়ে, শুলটে
हुरहुर

The sun flower; Helianthus Annuus.

সূর্য্যমুখী, রাধাপদ্ম
सुरजमुखी
ଫା. ଗୁଲ୍ ଅଫ୍‌ତାବ୍ ପରସ୍ତ୍
ଅ. ଅର୍‌ଦେଉଳ୍
ତେ. ସୂର୍ଯ୍ୟକାନ୍ତମୁ
ତ. ସୂର୍ଯ୍ୟପୁଲବନ୍ଥି
ସଂ. ନାମ—ଆଦିତ୍ୟଭକ୍ତା, ବରଦା, ସୁବର୍ଚ୍ଚଳ, ସୂର୍ଯ୍ୟଲତା, ଅର୍କକାନ୍ତା, ଭାସ୍କରେଷ୍ଟା, ଭକ୍ତାନ୍ତା, ସ୍ୱତେଜା, ସୌରି, ଅର୍କହିତା ।

[ଦ୍ର—ଏହା ସୋମରାଜ୍ୟାଦି ବର୍ଗର ଉଦ୍ଭିଦଜାତ ବର୍ଷଜୀବୀ ଗୁପ (ବୁଦା) । ଏହାର ପୁଷ୍ପମଞ୍ଜରୀ ଓ ଶାଖାଗ୍ର ହଳଦିଆ । ଏ ଫୁଲ ବ୍ୟାସରେ ପ୍ରାୟ ୬ ଇଞ୍ଚ୍ ପର୍ଯ୍ୟନ୍ତ ବଢ଼େ । ସୂର୍ଯ୍ୟାସ୍ତ ପୂର୍ବରୁ ଏ ଫୁଲ ତଳକୁ ଝୁଙ୍କି ପଡ଼େ ଓ ସୂର୍ଯ୍ୟୋଦୟ ପରେ ଉପରକୁ ଉଠିଯାଏ । ଡ଼ାଏନ୍‌ସାଙ୍କ ମତରେ ଏ ଫୁଲଗୁଡ଼ିକ ସବୁପ୍ରଥମେ ଆମେରିକାରୁ ଆସିଥିଲା । ଏ ଗଛ ଦୂଷିତ ବାୟୁକୁ ଶୁଦ୍ଧ କରେ ବୋଲି କଥିତ ।

ଏ ଫୁଲ ଦୁଇ ପ୍ରକାରର; ଯଥା ଶ୍ୱେତ ଓ ପୀତ ।

ଶ୍ୱେତ ସୂର୍ଯ୍ୟମୁଖୀ—ଶୀତବୀର୍ଯ୍ୟ, ରୁକ୍ଷ, ମଧୁରବିପାକ, ସାରକ, ଗୁରୁ, ଈଷତ୍ କଟୁରସ, ଉଷ୍ଣମ୍ଭ, କଫ ଓ ବାତନାଶକ (ଶ୍ୱେତଫୁଲର ସଂସ୍କୃତ ପର୍ଯ୍ୟାୟ ସୂର୍ଯ୍ୟଭକ୍ତା, ସୁବର୍ଚ୍ଚଳା, ବରଦା, ବଦର, ସୂର୍ଯ୍ୟାବର୍ତ୍ତୀ, ରବିପ୍ରୀତା ।

ପୀତ ସୂର୍ଯ୍ୟମୁଖୀ—(ସଂ. ସୁଦୁର୍ଲଭା) । ଏହା ତିକ୍ତ-କଷାୟରସ, କଟୁ, ଉଷ୍ଣବୀର୍ଯ୍ୟ, ସାରକ, ରୁକ୍ଷ, ଲଘୁ ଓ କଫ, ରକ୍ତପିତ୍ତ, ଶ୍ୱାସ, କାସ, ଅରୁଚି, ଜ୍ୱର, ବିସ୍ଫୋଟ, କୁଷ୍ଠ, ମେହ, ବସ୍ତିଦୋଷ, ଯୋନିବ୍ୟାପତ୍, କୃମି ଓ ପାଣ୍ଡୁରୋଗ ନାଶକ ।]

ସୂର୍ଯ୍ୟ ରଶ୍ମି—ସଂ. ବ(୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ କିରଣ—The rays
Sūrjya rasmi of the sun [ଦ୍ର—ସୂର୍ଯ୍ୟଙ୍କୁ ହିନ୍ଦୁପୁରାଣରେ ସପ୍ତାଶ୍ୱବାହନ ବୋଲି ଯାଇଅଛି । ଆଧୁନିକ ବିଜ୍ଞାନଦ୍ୱାରା ପ୍ରମାଣିତ ହୋଇଅଛି ଯେ ସୂର୍ଯ୍ୟରଶ୍ମି ୭ ଗୋଟି ମୌଳିକ ବର୍ଣ୍ଣର ସମନ୍ୱୟ ଅଟେ । ଯଥା—

୧ । ବାଇଗଣି—(Violet)
୨ । ନେଳି—(Indigo)
୩ । ଶ୍ୟାମଳ—(Blue)
୪ । ଶାଗୁଆ—(Green)
୫ । ହଳଦିଆ—(Yellow)
୬ । ନାରଙ୍ଗୀ—(Orange)
୭ । ନାଲି—(Red) ।]

ସୂର୍ଯ୍ୟ ଲତା—ସଂ. ବ—୧ । ଆଦିତ୍ୟଭକ୍ତା (ସୁବର୍ଚ୍ଚଳ); ଅର୍କ-
Sūrjya lata ସୋହରିଆ—1. Cleome Viscosa.
୨ । ସୂର୍ଯ୍ୟମୁଖୀ (ଦେଖ)—
2. Sūrjyamukhi (See)

ସୂର୍ଯ୍ୟ ଲୋକ—ସଂ. ବ—୧ । ସୌରଭୂବନ; ସୂର୍ଯ୍ୟଭକ୍ତ, ପୁଣ୍ୟଶୀଳ
Sūrjya loka ଓ ଯୁଦ୍ଧରେ ମୃତ ବ୍ୟକ୍ତିମାନଙ୍କର ପ୍ରାପ୍ତବ୍ୟ ପାରଲୌକିକ ବାସସ୍ଥାନ—1. The abode of the sun. worshippers after death. ୨ । ସୌରଜଗତ୍—
2. The universe of which the sun is the centre; the solar system.

ସୂର୍ଯ୍ୟ ଶିଷ୍ୟ—ସଂ. ବି. ପୁଂ—୧ । ଯାଜ୍ଞବଲ୍କ୍ୟ ଋଷି (ହେ. ଶ.)—
Sūrjya sishya 1. Jājnabalka sage. ୨ । ଜନକ ରାଜର୍ଷି (ହେ. ଶ.)—2. King Janaka.

ସୂର୍ଯ୍ୟ ସଂକ୍ରମଣ (ସଂକ୍ରାନ୍ତି, ସଂକ୍ରମ) ବି—ସୂର୍ଯ୍ୟର ଏକରାଶିରୁ ଅନ୍ୟ
Sūrjya saṁkramaṇa (saṁkrānti, saṁkrama) ରାଶିକୁ ଗମନ—The transition of the sun from one zodiacal sign to another.
(ସୂର୍ଯ୍ୟ ସଙ୍କ୍ରମଣ [ସଙ୍କ୍ରାନ୍ତି, ସଙ୍କ୍ରମ]—ଅନ୍ୟରୂପ)

ସୂର୍ଯ୍ୟସଂଜ୍ଞ—ସଂ. ବି (ସୂର୍ଯ୍ୟ+ସଂଜ୍ଞା; ବହୁବ୍ରୀହି)—୧ । କୁଙ୍କୁମ
Sūrjyasaṁjña (ତ୍ରିକାଣ୍ଡ ଶେଷ)—1. Saffron. ୨ । ଅର୍କଗଛ (ହେ. ଶ)—2. Calotropis Gigantea. ୩ । ତାମ୍ର (ହେ. ଶ)—3. Copper. ୪ । ଏକପ୍ରକାର ମାଣିକ୍ୟ (ହେ. ଶ)—4. A kind of ruby.

ସୂର୍ଯ୍ୟସାବର୍ଣ୍ଣି—ସଂ. ବି—ମାର୍କଣ୍ଡେୟ ପୁରାଣ ଅନୁସାରେ ଅଷ୍ଟମ ମନୁଙ୍କ
Sūrjya sābarṇṇi. ନାମ—Name of the eighth Manu. [ଦ୍ର—ଏ ସୂର୍ଯ୍ୟଙ୍କ ଔରସରେ ସଞ୍ଜ୍ଞାଙ୍କ ଗର୍ଭରୁ ଉତ୍ପନ୍ନ ହୋଇଥିଲେ । ଦେବୀମାହାତ୍ମ୍ୟ (ଚଣ୍ଡୀ)ରେ ଲିଖିତ ସୁରଥ ରାଜା ପରଜନ୍ମରେ ସାବର୍ଣ୍ଣି ମନୁ ହୋଇଥିବା କଥିତ ।]

ସୂର୍ଯ୍ୟ ସାରଥି—ସଂ. ବି (୬ଷ୍ଠୀ ତତ୍)—ଅରୁଣ—
Sūrjya sārathi The dawn (personified).

ସୂର୍ଯ୍ୟ ସିଦ୍ଧାନ୍ତ—ସଂ. ବି—ହିନ୍ଦୁ ଜ୍ୟୋତିଷର ପ୍ରଧାନ ଗ୍ରନ୍ଥ—Name
Sūrjya siddhānta of a famous ancient Sanscrit treatise on astrology. [ଦ୍ର—ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥ ଅତି ପ୍ରାଚୀନ । ବର୍ତ୍ତମାନ ମିଳୁଥିବା ଗ୍ରନ୍ଥରେ ଅନେକ ଭାଗ ପ୍ରକ୍ଷିପ୍ତ ଓ କେତେକାଂଶ ଲୁପ୍ତ ହୋଇ ବହୁପ୍ରକାର ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥ ଦେଖିବାକୁ ମିଳେ । ସତ୍ୟଯୁଗର ଶେଷରେ ମୟ ନାମକ ଅସୁର ଏହି ସିଦ୍ଧାନ୍ତ ବୋଧ ନିମିତ୍ତ ସୂର୍ଯ୍ୟଦେବଙ୍କର ଆରାଧନା କରିଥିଲେ । ସେଥିରେ ସୂର୍ଯ୍ୟଦେବ ପ୍ରୀତ ହୋଇ ମୟାସୁରଙ୍କୁ ଏହି ସକଳ ତତ୍ତ୍ୱବୋଧ କରାଇଥିଲେ । ଏଥିରେ ଗ୍ରହମାନଙ୍କର ଗତି, ସ୍ଥିତି, ଭୂଗୋଳ ବର୍ଣ୍ଣନ ଇତ୍ୟାଦି ସିଦ୍ଧାନ୍ତର ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ବିବୃତ କରାଯାଇଅଛି । ଆରବୀମାନେ ଏହି ସିଦ୍ଧାନ୍ତକୁ ଅବଲମ୍ବନ କରି 'ଅର୍କନ୍' ନାମକ ଜ୍ୟୋତିଷ ଗ୍ରନ୍ଥ ରଚନା କରିଥିଲେ । ବର୍ତ୍ତମାନ ମିଳୁଥିବା ସୂର୍ଯ୍ୟସିଦ୍ଧାନ୍ତ ବରାହଙ୍କ ସଙ୍କଳିତ—ସନ୍ଦର୍ଭ ଲେଖକ, ବାଇକୋଳି ମହାପାତ୍ର ଜ୍ୟୋତିଷବିଶାରଦ ।]

ସୂର୍ଯ୍ୟ ସୂକ୍ତ—ସଂ. ବି—ସୂର୍ଯ୍ୟଦେବଙ୍କ ସ୍ତୁତି ସମ୍ୱଳିତ ଋଗ୍ବେଦର ସୂକ୍ତ-
Sūrjya sukta ବିଶେଷ—Name of a vedic prayer. to the Sungod

ସୂର୍ଯ୍ୟସ୍ତବରାଜ—ସଂ. ବି—ଶାମ୍ବପୁରାଣୋକ୍ତ ସୂର୍ଯ୍ୟଙ୍କର ଏକବିଂଶ ନାମ
Sūrjyastabarāja ସମ୍ବଳିତ ସ୍ତୋତ୍ର—Title of a hymn of the Sungod containing 21 names of the sun. [ଦ୍ର—ଏ ସ୍ତବକୁ ସୂର୍ଯ୍ୟଦେବ ଶାମ୍ବକୁ ଉପଦେଶ ଦେଇଥିଲେ ଓ ଶାମ୍ବ ଏହା ପ୍ରତିଦିନ ତ୍ରିସନ୍ଧ୍ୟାରେ ପାଠ କରି କୁଷ୍ଠ ରୋଗ ମୁକ୍ତ ହୋଇଥିଲେ ।]

ସୂର୍ଯ୍ୟସ୍ୱର—ଦେ. ବି—୧ । ଶରୀରରେ ଥିବା ବାୟୁବିଶେଷ (ଏ ପୁରୁଷ
Sūrjya swara ଓ ଏହାର ବର୍ଣ୍ଣ ଶ୍ୱେତ ଅଟେ)—A kind of wind which is circulated in the human body.
୨ । ସୂର୍ଯ୍ୟନାଡ଼ୀ (ଦେଖ)—
2. Surjyanārdi (See)
[ଦ୍ର—ଶୁଣ ଶାରମ୍ଭରେ ସୂର୍ଯ୍ୟସ୍ୱରରେ କେତେକ କଠିନ କର୍ମମାନ କରନ୍ତୁ ଏ ସଂସାର—ଶିବସ୍ୱରୋଦୟ ।]

ସୂର୍ଯ୍ୟହାର—ଦେ. ବି (ବଣିଅଣଦ)—ଅଣ୍ଟାରେ ପିନ୍ଧା ଯିବା ପାଇଁ
Sūrjya hāra ସୁନାର ବା ରୁପାର ଏକପ୍ରକାର ଜାଲକଣି
सूर्य्यहार ଅଳଙ୍କାର—A kind of gold or silver waist-
सुर्यहार chain with filagree works thereon.

ସୂର୍ଯ୍ୟହୃଦୟ—ସଂ. ବି—ଅଦିତ୍ୟହୃଦୟ; ସୂର୍ଯ୍ୟଦେବଙ୍କ ସ୍ତବବିଶେଷ
Sūrjya hrudaya (କୂର୍ମପୁରାଣ, ଗରୁଡ଼ପୁରାଣ)—
Name of a hymn to the Sungod.

ସୂର୍ଯ୍ୟା(ର୍ଯ୍ୟା)—ସଂ. ବି (ସୂର୍ଯ୍ୟ+ଅ)—୧ । ସୂର୍ଯ୍ୟପତ୍ନୀ; ସଂଜ୍ଞା
Sūrjya(rjā) (ଶବ୍ଦରତ୍ନାବଳୀ)—1. The wife of the Sungod. ୨ । ଇନ୍ଦ୍ରବାରୁଣୀ (ରାଜନିର୍ଘଣ୍ଟ); ମହାକାଳ ଲତା—2. Colocynth. ୩ । ନବୋଢ଼ା; ନବବଧୂ (ଶବ୍ଦରତ୍ନାବଳୀ)—3. A bride; a newly married girl. ୪ । ସୂର୍ଯ୍ୟଙ୍କ କନ୍ୟା—4. The daughter of the Sungod (Apte). ୫ । ଔଷଧ —5. Drug (Apte). ୬ । ସୂର୍ଯ୍ୟଙ୍କ ବିବାହ ସମ୍ବନ୍ଧୀୟ ସ୍ତୋତ୍ରବିଶେଷ—6. The hymn about the marriage of Sungod (Apte). ଦେ. ବି (ପୁଂ)—ସୂର୍ଯ୍ୟମଣିର ଅନାଦରାର୍ଥକ ଡାକ ନାମ—
Name for calling Sūrjyamaṇi in contempt.

ସୂର୍ଯ୍ୟା(ର୍ଯ୍ୟା)ଣୀ—ସଂ. ବି. ସ୍ତ୍ରୀ (ସୂର୍ଯ୍ୟ+ସ୍ତ୍ରୀ· ଅଣ)—ସୂର୍ଯ୍ୟପତ୍ନୀ;
Sūrjyā(rjā)ṇi ସଂଜ୍ଞା—The wife of the Sungod.

ସୂର୍ଯ୍ୟାତପ—ସଂ. ବି (୬ଷ୍ଠୀ ତତ୍; ସୂର୍ଯ୍ୟ+ଅତପ)—ଖରା—
Sūrjyātapa The glare of the sun; sunshine.

ସୂର୍ଯ୍ୟାତ୍ମଜ—ସଂ. ବି· ପୁଂ (୬ଷ୍ଠୀ ତତ୍; ସୂର୍ଯ୍ୟ+ଅତ୍ମଜ)—ସୂର୍ଯ୍ୟ-
Sūrjyātmaja ତନୟ (ଦେଖ)—
Sūrjya tanaya (See).

ସୂର୍ଯ୍ୟାତ୍ମଜା—ସ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ସୂର୍ଯ୍ୟତନୟା (ଦେଖ)
Sūrjyātmajā Sūrjyatanayā (See)

ସୂର୍ଯ୍ୟାପିଢ଼—ସ. ବି (ନାମ)—ପରୀକ୍ଷିତଙ୍କ ଏକ ପୁତ୍ର (ହି. ଶ)
Sūrjyāpirda Name of a son of Pariksbita.

ସୂର୍ଯ୍ୟାବର୍ତ୍ତ(ର୍ତ୍ତ)—ସ· ବି (ସୂର୍ଯ୍ୟ+ଆ+ବୃତ୍· ଧାତୁ=ଦ୍ରୁବା+
Sūrjyābartta(rttā) କର୍ତ୍ତି· ଅ+ଅ; ଯାହା ସୂର୍ଯ୍ୟଙ୍କ ଦଗକୁ ମୁହିଁ ବୁଲାଏ)—୧ । ସୂର୍ଯ୍ୟମୁଖୀ ଫୁଲ—1. The sun-flower: Helianthus Annuus. ୨ । ଅଣ-ହୋଲିଶିଆ ଗୁଳ୍ମ—2. Cleome Viscosa plant. ୩ । ଗଜପିପ୍ପଳୀ (ହି. ଶ)—3. Pothos Officinalis (creeper). ୪ । ଅଧାକପାଳବଥା ରୋଗ—4. Megrim. [ଦ୍ର—ଏ ବଥା ରୋଗ ସୂର୍ଯ୍ୟୋଦୟଠାରେ ପ୍ରତିଦିନ ଅରମ୍ଭ ହୁଏ ଓ ସୂର୍ଯ୍ୟର ଗତି ସଙ୍ଗେ ବୃଦ୍ଧି ପାଇ ଦ୍ୱିପ୍ରହର ପରେ କମି କମି ସୂର୍ଯ୍ୟାସ୍ତବେଳେ ବନ୍ଦ ହୋଇଯାଏ ।]

ସୂର୍ଯ୍ୟାୟାମ—ସଂ. ବି (୬ଷ୍ଠୀ ତତ୍)—ସୂର୍ଯ୍ୟାସ୍ତ ସମୟ (ହି· ଶ)—
Sūrjyāyāma The time of sunset.

ସୂର୍ଯ୍ୟାର୍ଘ୍ୟ—ସ. ବି (ମ· ପ. ଲୋ)—ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ମନ୍ତ୍ର
Sūrjyārghya ପାଠପୂର୍ବକ ଦିଆଯିବା ଜଳ—Oblation of water made to the Sungod.

ସୂର୍ଯ୍ୟାହ୍ନ ବାର—ଦେ.. ବି—ରବିବାର—Sunday. [ଦ୍ର—
Sūrjyāṇa bāra ସୂର୍ଯ୍ୟାହ୍ନ ବାରରେ ଯେ ପୃଥ୍ୱୀତତ୍ତ୍ୱଜଳ,
रविवार ମଙ୍ଗଳବାରରେ ଅଗ୍ନିତତ୍ତ୍ୱ ପରମାଣ ।
रविवार ପ୍ରାଚୀ. ଶିବ ସ୍ୱରୋଦୟ ।]

ସୂର୍ଯ୍ୟାଶ୍ମା—ସ. ବି (ସୂର୍ଯ୍ୟ+ଅଶ୍ମନ୍; ୧ମା. ୧ବ)—ସୂର୍ଯ୍ୟକାନ୍ତ ମଣି—
Sūrjyāsmā A precious gem.

ସୂର୍ଯ୍ୟାଶ୍ୱ—ସ. ବି—ସୂର୍ଯ୍ୟଙ୍କ ରଥରେ ଲଗିଥିବା ୭ ଗୋଟି ଅଶ୍ୱ—
Sūrjyaśwa The seven horses yoked to the chariot of the Sungod.

ସୂର୍ଯ୍ୟାସ୍ତ—ସ. ବି (୬ଷ୍ଠୀ ତତ୍)—ସୂର୍ଯ୍ୟର ପଶ୍ଚିମ ଦଗରେ ବୁଡ଼ିଯିବା,
Sūrjyāsta ସୂର୍ଯ୍ୟର ଅସ୍ତ ଗମନ—Sunset; setting
(ସୂର୍ଯ୍ୟୋଦୟ—ବିପରୀତ) of the sun.

ସୂର୍ଯ୍ୟାହ୍ୱ—ସ. ବିଣ (ସୂର୍ଯ୍ୟ+ଆହ୍ୱା=ନାମ; ବହୁବ୍ରୀହି)—
Sūrjyāhwa ସୂର୍ଯ୍ୟନାମଧାରୀ—Bearing the name of 'Sūrjya'. ବି—୧ । ତାମ୍ର (ଶବ୍ଦାର୍ଥ କୋଷ)—1. Copper. ୨ । ଅର୍କ ଗୁଳ୍ମ (ରାଜନିର୍ଘଣ୍ଟ)—2. Calotropis Gigantea (plant). ୩। ମହେନ୍ଦ୍ର-ବାରୁଣୀ (ହି. ଶ)—3. The large variety of Colocinth.

ସୂର୍ଯ୍ୟେନ୍ଦୁ ସଙ୍ଗମ—ସ. ବି (ଦ୍ୱନ୍ଦ୍ୱ, ୬ଷ୍ଠୀ ତତ୍)—ସୂର୍ଯ୍ୟ ଓ ଚନ୍ଦ୍ରର
Sūrjyendu sangama ମେଳନ; ଅମାବାସ୍ୟା (ସେଦିନ ତଥିରେ ସୂର୍ଯ୍ୟ ଓ ଚନ୍ଦ୍ର ଏକ ରାଶିରେ ଥାଆନ୍ତି)—The change of the moon; the day on which the moon and the sun are in the same sign of the zodiac.

ସୂର୍ଯ୍ୟୋଢ଼—ସ. ବି (ସୂର୍ଯ୍ୟ+ବହ୍· ଧାତୁ+କର୍ମ. ତ; ସୂର୍ଯ୍ୟ ଯାହାକୁ
Sūrjyordha ବହନ କରି ଅଣନ୍ତି)—୧ । ସୂର୍ଯ୍ୟାସ୍ତକାଳରେ ଅଗତ

ଅତିଥି (ହେମଚନ୍ଦ୍ର); ଯେଉଁ ଅତିଥି ସୂର୍ଯ୍ୟାସ୍ତ ପରେ ଆସି କୌଣସି ଗୃହସ୍ଥଙ୍କ ଘରେ ପହଞ୍ଚ ଯାଆନ୍ତି—1. An unexpected guest who arrives at sunset. ୨ । ଅସ୍ତଗତ ସୂର୍ଯ୍ୟ (ବିଷ୍ଣୁ ପୁରାଣ)—2. The sun which has set. ୩ । ସୂର୍ଯ୍ୟାସ୍ତ ସମୟ (ହି. ଶ)—3. The time of sunset.

ସୂର୍ଯ୍ୟୋତ୍ଥାନ—ସଂ. ବି (୬ଷ୍ଠୀ ତତ୍)—୧ ସୂର୍ଯ୍ୟୋଦୟ—1. Sunrise. ୨ । (ମଧ୍ୟାହ୍ନ ପୂର୍ବରୁ) ସୂର୍ଯ୍ୟଙ୍କ ଆକାଶମାର୍ଗରେ କ୍ରମଶଃ ଉପରକୁ ଉଠିବା—2. The rising of the sun and higher in the sky (in the forenoon).
Sūrjyotthāna

ସୂର୍ଯ୍ୟୋଦୟ—ସଂ. ବି (୬ଷ୍ଠୀ ତତ୍)—୧ । ପୂର୍ବ ଦଗରେ ସୂର୍ଯ୍ୟଙ୍କ ପ୍ରକାଶ—2. Sunrise. ୨ । ସୂର୍ଯ୍ୟଙ୍କ ପୂର୍ବ ଦଗରେ ଉଇଁବା ସମୟ—1. The time of sunrise.
Sūrjyodaya

ସୂର୍ଯ୍ୟୋଦୟ ଗିରି—ସଂ. ବି (୬ଷ୍ଠୀ ତତ୍)—ଉଦୟାଚଳ—
Sūrjyodaya giri The mythological mountain from behind which the sun rises.

ସୂର୍ଯ୍ୟୋପରାଗ—ସଂ. ବି (୬ଷ୍ଠୀ ତତ୍)—ସୂର୍ଯ୍ୟଗ୍ରହଣ; କେତୁଦ୍ୱାରା ସୂର୍ଯ୍ୟର ଗ୍ରାସ—Solar eclipse.
Sūrjyoparāga

ସୂର୍ଯ୍ୟୋପସ୍ଥାନ—ସଂ. ବି (ମ. ପ. ଲୋ)—ପ୍ରାତଃକାଳ, ମଧ୍ୟାହ୍ନ ଓ ସୂର୍ଯ୍ୟାସ୍ତ କାଳରେ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ ରୁଖଇ ଏକ ଗୋଡ଼ରେ ଦଣ୍ଡାୟମାନ ହୋଇ ସ୍ତୋତ୍ର ଦ୍ୱାରା ସୂର୍ଯ୍ୟଦେବଙ୍କର ଉପାସନା (ହି. ଶ)—The rite of turning the face towards the sun (at sunrise, noon and sunset) and praying to the Sungod by standing on one leg.
Sūrjyopsthāna

ସୂର୍ଯ୍ୟୋପାସକ—ସଂ. ବି. ପୁଂ (୬ଷ୍ଠୀ ତତ୍)—ସୂର୍ଯ୍ୟପୂଜକ—
Sūrjyopāsaka Worshipper of the Sun-god.
(ସୂର୍ଯ୍ୟୋପାସିକା—ସ୍ତ୍ରୀ)

ସୂର୍ଯ୍ୟୋପାସନ(ନା)—ସଂ.ବି (୬ଷ୍ଠୀ ତତ୍)—ସୂର୍ଯ୍ୟଦେବଙ୍କର ଉପାସନା ବା ପୂଜା—Worship of the Sungod.
Sūrjopāsana(nā)

ସୂଷ୍ (ଧାତୁ)—ସ—ପ୍ରସବ କରିବା—
Sūsh (root) To bring forth (Apte).

ସୂଷଣା—ସଂ. ବି. ସ୍ତ୍ରୀ (ସୂଷ୍ ଧାତୁ+କର୍ତ୍ତୃ. ଅନ+ଆ)—ମାତା—
Sūshaṇā A mother (Apte).

ସୂଷ୍ୟନ୍ତୀ—ସଂ. ବି. ସ୍ତ୍ରୀ (ସୂଷ୍ ଧାତୁ+କର୍ତ୍ତୃ. ଶତ୍+ଈ)—ଆସନ୍ନପ୍ରସବା ସ୍ତ୍ରୀ—A woman about to be confined; parturient woman (Apte).
Sūshyati

ସୃ (ଧାତୁ)—ସ—୧ । ଗତି କରିବା—1. To move. ୨ । ଦଉଡ଼ିବା—2. To run (Apte). ୩ । ଆକ୍ରମଣ କରିବାକୁ ଅଗ୍ରସର ହେବା—3. To rush at (Apte). ୪ । (ପବନ, ଜଳ) ବହିବା—4. To blow (as the wind); to flow (as the water) (Apte).
Sṛu (root)

ସୃକ୍ (ଗ୍, ଟ୍, ଡ୍)—ସଂ. ବି. ପୁଂ (ସୃଜ୍ ଧାତୁ+କ୍ୱିପ୍; ସୃକ୍ ଶବ୍ଦ; ୧ମା. ୧ବ)—ସୃଷ୍ଟିକର୍ତ୍ତା (ସିଦ୍ଧାନ୍ତକୌମୁଦୀ) The creator of. [ଦ୍ର—ଏହା ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ; ଯଥା—ବିଶ୍ୱସୃକ୍ ।]
Sṛuk (g, ṭ, ṛd)

ସୃକ—ସଂ. ବି (ସୃ ଧାତୁ+କର୍ତ୍ତୃ. କ)—୧ । କୈରବ (ସିଦ୍ଧାନ୍ତକୌମୁଦୀ); କଇଁଫୁଲ—1. Water lily. ୨ । ବାଣ (ସିଦ୍ଧାନ୍ତକୌମୁଦୀ)—2. Arrow. ୩ । ପଦ୍ମ (ସିଦ୍ଧାନ୍ତକୌମୁଦୀ)—3. Lotus. ୪ । ବାୟୁ (ସିଦ୍ଧାନ୍ତକୌମୁଦୀ)—4. Air. ୫ । ଶୂଳ; ବର୍ଛାଷ୍ତ୍ର (ହି. ଶ)—5 Javelin. ୬ । ବଜ୍ର—6. Thunderbolt (Apte).
Sṛuka

ସୃକଣ୍ଡୁ—ସଂ. ବି—କଣ୍ଡୁ ରୋଗ (ଶବ୍ଦରତ୍ନାବଳୀ); ଖାଜୁ କୁଣ୍ଡିଅ—
Sṛukaṇḍu Itches; scab.

ସୃକାଲ (ଇତ୍ୟାଦି)—ସଂ. ବି (ସୃ ଧାତୁ+କର୍ତ୍ତୃ. କାଲ)—ସୃଗାଲ; ଶୃଗାଳ; ବିଲୁଆ—Jackal (Apte). ୨ । ସୃଗାଲ ଇତ୍ୟାଦି (ଦେଖ)—2. Sṛugāla etc (See)
Sṛukāla(etc)

ସୃକ୍କ—ସଂ. ବି (ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ. କନ୍; ସୃକ୍କନ ଶବ୍ଦ; ୧ମା.୧ବ; ସୃଜ୍ ଧାତୁ+କ)—ସୃକ୍କଣୀ (ଉଭୟ) (ଦେଖ)—Sṛukkaṇi (See)
Sṛukka

ସୃକ୍କଣୀ—ସଂ. ବି (ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ. କନନ୍+ ସ୍ତ୍ରୀ. ଈ; ଏହା ଲାଳାଦ ସୃଜନ କରୁଥିବାରୁ)—ଦୁଇ ଓଷ୍ଠର ପ୍ରାନ୍ତ ଭାଗ (ଉଭୟ); ଓଷ୍ଠଦ୍ୱୟର ବାମ ଓ ଦକ୍ଷିଣ ପ୍ରାନ୍ତ—The right and left corners of the lips; the ends of the lips.
Sṛukkaṇi

ସୃକ୍କନ—ଦେ. ବି (ସଂ. ସୃକ୍କଣୀ)—ସୃକ୍କଣୀ (ଦେଖ)—
Sṛukkana Sṛukkaṇi See) [ଉ—ଚ୍ଚାଲସୁ ଅଗ୍ନି ପର ଜଳନ୍ତ ନୟନ । ଦେଖନ୍ତ କରେ ଲହ ଲହ ତା ସୃକ୍କନ—ନୃସିଂହ, ମହାଭାରତ. ବନ ।]

ସୃକ୍କି (କ୍କୀ) —ସଂ.ବି (ସୃଜ୍ ଧାତୁ+କର୍ତ୍ତୃ କ;କନ୍)—ସୃକ୍କଣୀ (ଦେଖ)
Sṛukki(kki) Sṛukkaṇi (See)

ସୃକ୍କିଣୀ—ସଂ. ବି (ସୃଜ ଧାତୁ+କର୍ତ୍ତୃ. କନ୍+ଈ)—ସୃକ୍କଣୀ
Sṛukkiṇi (ଦେଖ)—Sṛukkaṇi (See)

ସୃକ୍ୱ—ସଂ. ବି (ସୃଜ୍ ଧାତୁ+କର୍ତ୍ତୃ ବ)—ସୃକ୍କଣୀ (ଦେଖ)—
Sṛukwa Sṛukkaṇi (See)

ସୃକ୍ୱ(କ୍ୱ)ଣୀ—ସଂ. ବି (ସୃଜ୍ ଧାତୁ+କନନ୍+ସ୍ତ୍ରୀ, ଈ)—ସୃକ୍କଣୀ
Sṛukwa(kwi)ṇi (ଦେଖ)—Sṛukkaṇi (See)

ସୃକ୍ୱି(କ୍ୱୀ)—ସଂ. ବି (ସୃଜ୍ ଧାତୁ+କର୍ତ୍ତୃ. ବ;+ଈ)—ସୃକ୍କଣୀ
Sṛukwi(kwi) (ଦେଖ) Sṛukkaṇi (See)

ସୃଗ—ସଂ. ବି (ସୃ ଧାତୁ=ଗତି କରିବା+କର୍ତ୍ତୃ. ଗ)—ଭିନ୍ଦିପାଳ—
Sṛuga A small javelin thrown from the hand; a sling (Apte).

ସୃଗାଲ (ଇତ୍ୟାଦି)—ସଂ. ବି. ପୁଂ (ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ.ଆଲ)—ଶୃଗାଳ ଇତ୍ୟାଦି(ଦେଖ),ଶିଆଳ
Srugāla(etc) Jackal; Srugāla etc
(ସୃଗାଲକ—ଅନ୍ୟରୂପ) ଜମ୍ବୁକ—
(ସୃଗାଲକା, ସୃଗାଲୀ—ସ୍ତ୍ରୀ) (See)

ସୃଗାଲିକା—ସଂ. ବି. ସ୍ତ୍ରୀ (ସୃଗାଲ+କ+ଅ)—
Srugālikā ୧ । ମାଈ ଶିଆଳ—1. A female jackal. ୨ । ଭୂଇଁକଖାରୁ (ହ. ଶ)—2. Diascorea. ୩ । ପଳାୟନ (ହ. ଶ)—3. Fleeing away. ୪ । ଦଙ୍ଗା ଫିସାଦ; ହଙ୍ଗାମ (ହ. ଶ)—4. Affay; breach of the peace.)
(ସୃଗାଲୀ—ଅନ୍ୟରୂପ)

ସୃଜ୍ (ଧାତୁ)—ସଂ—୧ । ସୃଷ୍ଟି କରିବା—1. To create. ୨ ।
Sruj (root) ସନ୍ତାନ ଜନ୍ମ କରିବା—2. To beget; to procreate (Apte). ୩ । ମୁକ୍ତ କରିବା—3. To release; to loose (Apte). ୪ । ଉପରେ ଲଗାଇବା; ବୋଳିବା—4. To put on; to place on; to apply (Apte) ୫ । (ରେତ-ଆଦି) ତ୍ୟାଗ କରିବା—5. To emit; to shed; to pour out (Apte). ୬ । (ଶସ୍ତ୍ର) ଫିଙ୍ଗିବା; କ୍ଷେପଣ କରିବା—6. To throw; to discharge (Apte). ୭ । ତ୍ୟାଗ କରି ଚାଲିଯିବା—7. To quit; to a bandon (Apte);

ସୃଜକା କ୍ଷାର—ସଂ. ବି—ସର୍ଜ୍ଜିକା କ୍ଷାର (ସମାନାର୍ଥ) (ଦେଖ)
Srujakā kshāra Sarjakī kshāra (See)

ସୃଜନ—ଦେ. ବି (ସଂ. ସର୍ଜନ)—ସର୍ଜନ; ସୃଷ୍ଟି—Creating.
Srujana [ଦ୍ର—ଏ ଶବ୍ଦ ବଙ୍ଗରେ ଓ ହିନ୍ଦୁସ୍ଥାନରେ ସାଧୁ ସৃଜন सृजन ଭାଷାରେ ବହୁଳ ବ୍ୟବହୃତ ହୋଇଅଛି, କିନ୍ତୁ ଏହା ବ୍ୟାକରଣ ବିରୁଦ୍ଧ ପ୍ରୟୋଗ; ବ୍ୟାକରଣର ନିୟମାନୁସାରେ (ସୃଜ୍ ଧାତୁ ଭାବବାଚ୍ୟରେ ଅନ ପ୍ରତ୍ୟୟ ହେଲେ) 'ସର୍ଜନ' ପଦ ସିଦ୍ଧ ଅଟେ ।]

ସୃଜୟ—ସଂ. ବି—ପକ୍ଷିବିଶେଷ (ହ. ଶ)—
Srujaya A species of bird.

ସୃଜୟା—ସଂ. ବି—ନୀଳମକ୍ଷିକା (ହ. ଶ)—
Srujayā The blue bottle.

ସୃଜିକା କ୍ଷାର—ସଂ. ବି—ସାଜିମାଟି—
Srujikā kshāra Natron; alkali (Apte).

ସୃଜିବା—ଦେ. କି (ପଦ୍ୟ)—(ସଂ. ସୃଜ୍ ଧାତୁ)—ସୃଷ୍ଟି କରିବା—
Srujibā সৃজন করা सृजना To create.
(ଉ—ଶତ ଶତ ଉପନାତି ସୃଜିବେ ବ୍ରାହ୍ମଣେ । ରାଧାନାଥ· ମହାଯାତ୍ରା ।)

ସୃଜ୍ୟ—ସଂ. ବିଣ. ପୁଂ (ସୃଜ୍ ଧାତୁ+କର୍ମ. ଯ)—ସର୍ଜନୀୟ—
Srujya Fit or about to be created etc.

ସୃଞ୍ଜୟ—ସଂ. ବି. ବି (ନାମ)—୧ । ଶ୍ୱିତ୍ୱ ନାମକ ରାଜାଙ୍କ ପୁତ୍ର—
Sruñjaya 1. Name of a son of King Switwa of ancient India. [ଦ୍ର—ଏ ସୃଞ୍ଜୟଙ୍କୁ ନାରଦଙ୍କୁ ପ୍ରଦାନ କରିଥିଲେ । ନାରଦଙ୍କ ବରରେ ଏହାଙ୍କର 'ସୁବର୍ଣ୍ଣଷ୍ଠୀବି' ନାମକ ପୁତ୍ର ଜନ୍ମିଥିଲେ । କିନ୍ତୁ ଉକ୍ତ ପୁତ୍ରଙ୍କୁ ଦସ୍ୟୁମାନେ ଅପହରଣ କରି ନେଲେ; ପରେ ନାରଦଙ୍କ ବରରେ ଏ ଉକ୍ତ ପୁତ୍ରଙ୍କୁ ପାଇଥିଲେ ।] ୨ । (ନାମ) ମନୁଙ୍କର ଏକ ପୁତ୍ର (ହ.ଶ)—2. Name of a son of Manu. ୩ । (ନାମ) ଏକ ପୌରାଣିକ ରାଜବଂଶ, ଯହିଁରେ ଧୃଷ୍ଟଦ୍ୟୁମ୍ନ ଜନ୍ମିଥିଲେ (ହ. ଶ)—3. A line of kings in which Dhrushtadyumna was born. ୪ । (ନାମ) ଯଯାତିବଂଶୀୟ କାଳନର ରାଜାଙ୍କ ଏକ ପୁତ୍ର (ହ. ଶ)—4. Name of a son of Kālanara.

ସୃଣି—ସଂ. ବି (ସୃ. ଧାତୁ=ଗମନ କରିବା+କର୍ତ୍ତୃ. ନି)—୧ । ଅଙ୍କୁଶ
Sruṇi (ଅମର); ହାତୀଅଙ୍କୁଶ—1. A hook used to goad an elephant. ୨ । ଶତ୍ରୁ (ଶବ୍ଦମାଳା)—2. Enemy. ୩ । ଚନ୍ଦ୍ର—3. The moon (Apte).
(ସୃଣୀ—ଅନ୍ୟରୂପ)

ସୃଣିକା—ସଂ. ବି (ସୃ. ଧାତୁ+କର୍ମ. ଣିକ+ଆ)—୧ । ଲାଳ—
Sruṇikā 1. Saliva. ୨ । ଛେପ; ଥୁକ—2. Spitte (Apte).

ସୃଣୀ—ସଂ. ବି (ସୃଣି+ଈ)—ଅଙ୍କୁଶ—
Sruṇī A hook.

ସୃଣୀକ—ସଂ. ବି (ସୃ. ଧାତୁ+କର୍ତ୍ତୃ. ଣୀ. କ)—୧ । ବାୟୁ (ହ. ଶ)—
Sruṇīka 1. Air. ୨ । ଅଗ୍ନି (ହ. ଶ)—2. Fire. ୩ । ବଜ୍ର (ହ. ଶ)—3. Thunder bolt. ୪ । (ପୁଂ) ଉନ୍ମତ୍ତ ବ୍ୟକ୍ତି (ହ. ଶ)—4. A maddened person.
(ସୃଣୀକା—ସ୍ତ୍ରୀ)

ସୃଣୀକା—ସଂ. ବି (ସୃଣୀ+କ+ଆ)—୧ । ଲାଳ (ସ୍ୱମାଣ୍ଡସ୍ୟ)—
Sruṇikā 1. Saliva. ୨ । (ସ୍ତ୍ରୀ) ଉନ୍ମତ୍ତ ସ୍ତ୍ରୀ—2. A maddened woman.

ସୃତ—ସଂ. ବିଣ (ସୃ. ଧାତୁ+କର୍ତ୍ତୃ. ତ)—୧ । ଗତ—1. Gone; moved. ୨ । ବିଗତ; ଅତୀତ—2. Past.
Sruta

ସୃତା—ସଂ. ବି—୧ । ଗମନ କରିବା (ହ. ଶ)—1. Going. ୨ ।
Srutā ପଳାୟନ (ହ. ଶ)—2. Fleeing away.

ସୃତି—ସଂ. ବି (ସୃ. ଧାତୁ+ଭାବ. ତି)—୧ । ଗମନ—1. Going.
Sruti ୨ । (+ଅଧିକରଣ. ତି) ମାର୍ଗ—2. Road; path. ୩ । (+କରଣ. ତି) ଜନ୍ମ (ହ. ଶ)—3. Birth. ୪ । (ଭାବ. ତି) ଅପକାରକରଣ; ହିଂସନ—4. Hurting; injuring (Apte)

ସୃତ୍ୱର—ସଂ. ବିଣ (ସୃ. ଧାତୁ+କର୍ତ୍ତୃ. ବର)—ଗମନକାରୀ; ଗତିଶୀଳ
Srutwara (ମୁଗ୍ଧବୋଧ)—Moving.

ସୃତ୍ୱରୀ—ସଂ. ବିଣ. ସ୍ତ୍ରୀ (ସୃତ୍ୱର+ସ୍ତ୍ରୀ. ଈ)—ସୃତ୍ୱରର ସ୍ତ୍ରୀଲିଙ୍ଗ—
Srutwarī Feminine of Srutwara. ୦ ସ୍ତ୍ରୀ—

୧ । ମାତା (ସଂକ୍ଷିପ୍ତସାର)—1. Mother. ୨ । ନଦୀ—
2. River; stream (Apte)

ସୃଦର—ସଂ. ବି (ସୃ. ଧାତୁ+କର୍ତ୍ତୃ. ଦର)—ସର୍ପ (ସିଦ୍ଧାନ୍ତକୌମୁଦୀ)—
Sṛudara Serpent.

ସୃଦାକୁ—ସଂ. ବି.ପୁଂ (ସୃ. ଧାତୁ + କର୍ତ୍ତୃ; ଆକୁ; ଦ ଆଗମ)—୧। ବାୟୁ
Sṛudāku (ମେଦିନୀ)—1. Wind. ୨ । ବଜ୍ର (ମେଦିନୀ)—
2. Thunder. ୩ । ଅଗ୍ନି (ମେଦିନୀ)—3. Fire. ୪ ।
ପ୍ରତପ୍ତ ସୂର୍ଯ୍ୟ; ସୂର୍ଯ୍ୟମଣ୍ଡଳ (ମେଦିନୀ)—4. Sun's disc.
୫ । ମୃଗ (ସଂକ୍ଷିପ୍ତସାର)—5. Deer. ୬ । ବନାଗ୍ନି
(ହ. ଶ)—6. Forest fire. ୭ । (ସ୍ତ୍ରୀ) ନଦୀ (ଉଣାଦି
କୋଷ)—7. River. ୮ । ଗୋଧି (ହ. ଶ)—
8. Varanus Salvator.

ସୃପ୍ (ଧାତୁ)—ସଂ—୧ । ଗତି କରିବା—1. To move. ୨ । ଧୀରେ
Sṛup (root) ଧୀରେ ଗତି କରିବା; ଗଡ଼ି ଗଡ଼ି ଗତି କରିବା—
2. To creep; to crawl; to glide gently.
(Apte)

ସୃପ—ଗ୍ରା. ବି (ସଂ. ଶୂର୍ପ)—କୁଲା—Winnowing tray.
Sṛupa (ଗ୍ର—ପରସାଦ ସାଦରେ ଭୁ ଦୋପୀ ଥିଲେ ପ୍ରକାଶ ସାର
कुलो, कुला सूप ସୃପରେ । ଜଗନ୍ନାଥ. ବଳଷ୍ଟ ଚନ୍ଦ୍ରାମଣି ।)

ସୃପମା—ସଂ. ବି (ସୃପ୍. ଧାତୁ+କର୍ତ୍ତୃ. ଅମନ୍; ସୃପମନ୍; ୧ମା. ୧ବ)—
Srupamā ୧ । ସର୍ପ (ହ. ଶ)—1. Serpent ୨ । ଶିଶୁ
(ହ. ଶ)—2. Infant. ୩ । ତପସ୍ୱୀ (ହ. ଶ)—
3. An anchorite.

ସୃପାଟ(ଟୀ)—ସଂ. ବି (ସୃପ୍. ଧାତୁ+କର୍ତ୍ତୃ. ଅଟ; ଈ)—୧ । ପରିମାଣ
Sṛupāṭa(ṭī) ଭେଦ (ଭରତ)—1. A unit of measure.
୨ । ରକ୍ତଧାର (ଗୋବର୍ଦ୍ଧନ)—2. A flow of
blood. ୩ । ଫୁଲର ତଳେ ଥିବା କ୍ଷୁଦ୍ର ପତ୍ର (ହ. ଶ)
3. Little leaves below a flower.

ସୃପାଟିକା—ସଂ. ବି (ସୃ. ଧାତୁ+ପାଟ+କର୍ତ୍ତୃ. କ+ଆ)—ଚଞ୍ଚୁ; ଥଣ୍ଟ
Sṛupāṭikā Beak of birds.

ସୃପ୍ର—ସଂ. ବି (ସୃପ୍ ଧାତୁ+କର୍ତ୍ତୃ. ର)—୧ । ଚନ୍ଦ୍ର (ଉଣାଦିକୋଷ)
Sṛupra —1. The moon. ୨ । ମଧୁ (ହ. ଶ)—
2. Honey. ସଂ. ବିଣ—୧ । ଚିକ୍କଣ; ସ୍ନିଗ୍ଧ (ହ. ଶ)—
1. Smooth; glossy. ୨ । ଖସଡ଼ା (ହ. ଶ)—
2. Slippery.

ସୃ(ସୃଂ)ଭ୍ (ଧାତୁ)—ସଂ. ବି—ହିଂସା କରିବା—
Sṛu(sṛuṁ)bh (root) To injure; to hurt.

ସୃମର—ସଂ. ବି (ସୃ ଧାତୁ+ମର)—୧ । ପଶୁବିଶେଷ—1. A kind
Sṛumara of beast. ୨ । ବାଳମୃଗ (ଶବ୍ଦକଳ୍ପଦ୍ରୁମ)—
2. A young deer. ୩ । ଅସୁରବିଶେଷ (ହ.ଶ)—
3. Name of a demon. ବିଣ (ପୁଂ)—ଗମନଶୀଳ
—Moving.

ସୃଷ୍ଟ—ସଂ. ବିଣ (ସୃଜ୍ ଧାତୁ+କର୍ମ. ତ)—୧ । ରଚିତ; ନିର୍ମିତ—
Sṛushṭa 1. Created. ୨ । କୃତ—2. Done. ୩ ।
(ସୃଷ୍ଟ—ବି) ଯୁକ୍ତ (ମେଦିନୀ)—3. Joined. ୪ । ବହୁଳ
(ମେଦିନୀ)—4. Excessive; numerous. ୫। ନିଶ୍ଚିତ
(ମେଦିନୀ)—5. Ascertained; determined.
୬। ତ୍ୟକ୍ତ (ମେଦିନୀ)—6. Abandoned. ୭ । ଭୂଷିତ
(ଅଜୟ)—7. Adorned. ୮ । ଉତ୍ପନ୍ନ (ହ. ଶ)
—8. Produced. ୯ । ବହିର୍ଗତ; ଉତ୍ସୃଷ୍ଟ—
9. Emitted; given out. ୧୦ । ଢଳା ହେବା;
ଢଗା ହେବା — 10. Poured out (Apte).
୧୧ । ମୁକ୍ତ—11. Let loose (Apte). ୧୨ । ନିକ୍ଷିପ୍ତ
—12. Discharged. ସଂ. ବି—ଭଦ୍ରକ; ଭେନ୍ଦ
(ହ. ଶ)—Diospyrus Glutinosa(tree).

ସୃଷ୍ଟ ମାରୁତ—ସଂ.ବିଣ (ବହୁବ୍ରୀହି; ସୃଷ୍ଟ ହୁଏ ମାରୁତ ଯାହାଦ୍ୱାରା)—
Sṛushṭa māruta (ସୁଶ୍ରୁତ) ଯେଉଁ ଔଷଧଦ୍ୱାରା ଉଦରସ୍ଥ ବାୟୁ
ବାହାର ଯାଏ—(medicine) Causing the wind
inside the belly to be emitted or discharged.

ସୃଷ୍ଟି—ସଂ. ବି (ସୃଜ୍ ଧାତୁ+ଭାବ. ତି)—୧ । ନିର୍ମାଣ; ରଚନା—
Sṛushṭi 1. Creating; building; making. ୨ ।
ନିସର୍ଗ; ସ୍ୱଭାବ—2. Nature. ୩ । (+କର୍ମ. ତି)
ବ୍ରହ୍ମାଣ୍ଡ; ବିଶ୍ୱ; ଜଗତ୍—3. Creation; universe.
୪ । ଶିଳ୍ପ—4. Handicraft; manufacture.
୫ । (+ଭାବ. ତି) ଦାନଶୀଳତା (ହ. ଶ)—
5. Liberality; bounty. ୬ । (+କର୍ମ. ତି)
ଗମ୍ଭାରି ଗଛ (ହ. ଶ)—6. Gmelina Arborea
tree. ୭ । ଯଜ୍ଞବେଦୀ ନିର୍ମାଣାର୍ଥ ବ୍ୟବହୃତ ଏକପ୍ରକାର
ଇଷ୍ଟକ (ହ. ଶ)—7. A kind of brick used
for raising a sacrificial alter. ୮ । (+ଭାବ
ତି) ମୋଚନ—8. Letting loose; emission.
୯ । ଦାନ— 9. Giving away; a gift (Apte).
ଦେ. ବି (ପ୍ରାଚୀନ ସାହିତ୍ୟ)—୧ । ସମୂହ—
1. Multitude; myriads. [ଗ୍ର—ଯେରୂପେ
କରଇ କଳଶ୍ରା ମାସେ ବୃଷ୍ଟି । ସେରୂପେ ବାହାର ମୋ
ଧନୁ ଶର ସୃଷ୍ଟି—କୃଷ୍ଣସିଂହ. ମହାଭାରତ. ବନ ।]
୨ । ସମାଜ; ସାମାଜିକ ରୀତି ନୀତି—
2. Society; social customs and rules.

ସୃଷ୍ଟିକର୍ତ୍ତା—ସଂ. ବି. ପୁଂ—୧ । ବ୍ରହ୍ମା—1. Brahmā; the
Sṛushṭi karttā Creator. ୨ । ପରମେଶ୍ୱର—
2. God.

ସୃଷ୍ଟିକୃତ୍—ସଂ. ବି—୧ । ସୃଷ୍ଟିକର୍ତ୍ତା (ହ. ଶ)—1. Creator.
Sṛushṭikrut ୨ । ଯେତପାପଡ଼ା (ହ. ଶ)—
2. Umeria parviflora (Apte).

ସୃଷ୍ଟିକୌଶଳ—ସଂ. ବି (୬ଷ୍ଠୀ ତତ୍)—ସୃଷ୍ଟିଚାତୁର୍ଯ୍ୟ (ଦେଖ)
Sṛushṭi kauśala Sṛushṭichāturjya (See)

ସୃଷ୍ଟି କ୍ରମ—ସଂ; ବ (୬ଷ୍ଠୀ ତତ୍)—ଜଗତର କ୍ରମବିକାଶ—The
Srushti krama gradual evolution of the creation. [ଦ୍ର—ଭାଗବତ ଅନୁସାରେ ସୃଷ୍ଟିକ୍ରମ ଏହିପରି—କାଳ, କର୍ମ ଓ ସ୍ୱଭାବବଶତଃ ଗୁଣକ୍ଷୋଭ ଉପସ୍ଥିତ ହୁଅନ୍ତେ ମହତ୍ତତ୍ତ୍ୱର ଆବିର୍ଭାବ ହେଲା; ତହିଁରୁ ଅହଙ୍କାର ଜାତ ହେଲା। ସେ ଅହଙ୍କାର ଗୁଣଭେଦରେ, ସତ୍ତ୍ୱଗୁଣରୁ ମନ ଓ ଇନ୍ଦ୍ରିୟ ଅଧିଷ୍ଠାତୃ ଦେବତା, ରଜୋଗୁଣରୁ ଦଶ ଇନ୍ଦ୍ରିୟ ଏବଂ ତମୋଗୁଣରୁ ପଞ୍ଚତନ୍ମାତ୍ର ଓ ପଞ୍ଚ ମହାଭୂତରୂପେ ପରିଣତ ହେଲା। ଏହି ତତ୍ତ୍ୱସମସ୍ତ ଭଗବାନଙ୍କ ଦ୍ୱାରା ଅନୁପ୍ରାଣିତ ହୁଅନ୍ତେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ସୃଷ୍ଟ ହୋଇ ବିରାଟ ପୁରୁଷରୂପେ ପ୍ରକାଶିତ ହେଲା।]

ସୃଷ୍ଟି କ୍ରିୟା—ସଂ. ବ (୬ଷ୍ଠୀ ତତ୍)—ବିଶ୍ୱନିର୍ମାଣ କ୍ରିୟା—
Srushti kriyā The act of creating the universe.

ସୃଷ୍ଟି ଚାତୁର୍ଯ୍ୟ—ସଂ. ବ (୭ମୀ ତତ୍)—୧। ନିର୍ମାଣକୌଶଳ—
Srushti chāturjya 1. Skill in creation. ୨। ବିଶ୍ୱ ସୃଷ୍ଟି କରିବାର ନୈପୁଣ୍ୟ—2. Skill in the creation of the universe

ସୃଷ୍ଟି ଛଡ଼ା—ଦେ. ବିଣ (ସମାର୍ଥ)—୧। ଦୁନିଆରୁ ବହିର୍ଭୂତ;
Srushti chhardā ଅଲୌକିକ—1. Extraordinary.
সৃষ্টি ছাড়া ୨। ଅସ୍ୱାଭାବିକ—2. Unnatural; abnormal.
दुनियासे बाहर [ଦ୍ର—ସୃଷ୍ଟିଛଡ଼ା ମୋହଠାରେ ଦୁର୍ଯ୍ୟୋଗର ବାଜ। ନଡ଼ଭକଣୋର· ଶୀତାବନବାସ।]

ସୃଷ୍ଟିଦା—ସଂ. ବ—ଋଦ୍ଧି ନାମକ ଔଷଧ—
Srushtidā A kind of rare herb.

ସୃଷ୍ଟି ନାଶ—ସଂ. ବ (୬ଷ୍ଠୀ ତତ୍)—ବିଶ୍ୱର ଧ୍ୱଂସ—
Srushti nāsa The destruction of the universe.

ସୃଷ୍ଟି ନୈପୁଣ୍ୟ—ସଂ. ବ (୭ମୀ ତତ୍)—ସୃଷ୍ଟିଚାତୁର୍ଯ୍ୟ (ଦେଖ)
Srushti naipunya Srushtichāturjya (See)

ସୃଷ୍ଟିପ୍ରଦା—ସଂ. ବ—ଗର୍ଭଦାତ୍ରୀ କ୍ଷୁପ (ରାଜନିର୍ଘଣ୍ଟ); ପୁତ୍ରଜୀବ ବୃକ୍ଷ—
Srushtipradā Nagera Putranjiba (a medicinal bush).

ସୃଷ୍ଟି ପ୍ରଳୟ—ସଂ. ବ (୬ଷ୍ଠୀ ତତ୍)—ସୃଷ୍ଟି ନାଶ—Dissolution
Srushti pralaya of the universe.

ସୃଷ୍ଟି ବାହାର—ଦେ. ବିଣ—ସୃଷ୍ଟି ଛଡ଼ା (ଦେଖ)
Srushti bāhāra Srushti chhardā (See)
[ଦ୍ର—ତାଙ୍କ ସଙ୍ଗତ ସୃଷ୍ଟି ବାହାର, ବାଳା ବାନ୍ଧୁ ଥାଉ ଗଳେ ବକଲ୍ଲ ହାର। ଭଞ୍ଜ· ପ୍ରେମସୁଧାନିଧି।]

ସୃଷ୍ଟି ବୁଡ଼ା—ଦେ. ବିଣ—୧। ସର୍ବନାଶକାରୀ—1. Causing ut-
Srushti burdā ter ruination. ୨। ସମାଜ ବିପ୍ଳବକାରୀ
সর্বনেশে —2. Bringing about convulsions in
सृष्टि डुबानेवाला society.

ସୃଷ୍ଟି ବୁଡ଼ିବା—ଦେ. କି—୧ ସର୍ବନାଶ ଘଟିବା—1. Being
Srushti burdibā undone; utter ruination.
সর্বনাশ হওয়া [ଦ୍ର—ଶୁଭିଲ ଲୋହିତ ଅଳ ମଶିଲେ ସେ
दुनिया बुड़ना ସୃଷ୍ଟି ବୁଡ଼ିବଟ ମୋର। ଭଞ୍ଜ. ପ୍ରେମସୁଧାନିଧି।]
୨। ସମାଜରେ ଭୟଙ୍କର ବିପ୍ଳବ ଉପସ୍ଥିତ ହେବା; କୁଳଧର୍ମର ଲୋପ—2. Fierce revolution in society.

ସୃଷ୍ଟି ରକ୍ଷଣ(ରକ୍ଷା)—ସଂ. ବ (୬ଷ୍ଠୀ ତତ୍)—ଜଗତର ରକ୍ଷା ବା
Srushti rakshana(rakshā) ପାଳନ—Preservation of the creation.

ସୃଷ୍ଟି ସଂହାର—ସଂ. ବ (୬ଷ୍ଠୀ ତତ୍)—ସୃଷ୍ଟି ନାଶ—Dissolution
Srushti samhāra of the universe.

ସୃଷ୍ଟି ସ୍ଥିତି ପ୍ରଳୟ—ସଂ. ବ (ଦ୍ୱନ୍ଦ୍ୱ)—ଜଗତର ସୃଷ୍ଟି, ରକ୍ଷଣ ଓ
Srushti sthiti pralaya ପ୍ରଳୟ—The creation, preservation and dissolution of the universe.

ସୃ (ଧାତୁ)—ସଂ—ହିଂସା କରିବା—
Srū (root) To spite; to injure.

ସେ—ଦେ. ସର୍ବ (ସଂ· ତତ୍ ଶବ୍ଦ; ପୁଂ=ସଃ; ସ୍ତ୍ରୀ. ସା; କ୍ଳୀ ବ—ତତ୍)
Se —୧। (ପୁଂ. ସ୍ତ୍ରୀ ଓ କ୍ଳୀ) ତାହା; ସେହି; ଉଦ୍ଦିଷ୍ଟ ବସ୍ତୁ ବା (ଏ - ବିପରୀତ) ବ୍ୟକ୍ତି—1. He, she or that. ୨। ଅନୁ-
সে ବହ ପସ୍ଥିତ ବ୍ୟକ୍ତି ବା ବସ୍ତୁ—2. That (absent person or thing). [ଦ୍ର—ଅନୁପସ୍ଥିତ ବା ପ୍ରସଙ୍ଗର ଦୂରବର୍ତ୍ତୀ ବ୍ୟକ୍ତିଙ୍କୁ ବା ବସ୍ତୁକୁ 'ସେ' ବୋଲାଯାଏ। ଉପସ୍ଥିତ ବା ପ୍ରସଙ୍ଗସମ୍ପୃକ୍ତ ବ୍ୟକ୍ତିଙ୍କୁ ବା ବସ୍ତୁକୁ "ଏ" ବୋଲାଯାଏ।]

ସେ ଅବଧି—ଦେ.ଅ—ତଦବଧି; ସେହି ସମୟଠାରୁ—
Se abadhi From that time.
সে অবধি उस समयसे

ସେଆ(ୟା)ର—ବୈଦେ. ବ (ଇଂ. ସେଅର୍)—ସମ୍ମିଳିତ ବା ବ୍ୟବସାୟ
Seā(yā)r ସୂତ୍ରରେ ଅଂଶ—Share.
সেয়ার सेयार

ସେଅର୍ ବସିବା—ଦେ. କି—କୌଣସି ବ୍ୟବସାୟରେ ବା ବ୍ୟୟରେ
Seār basibā (ଏକାଧିକ ବ୍ୟକ୍ତି) ଭାଗିଦାର ହେବା—
সেয়ার বসা To go into shares in anything
सेयारदार होना with others.

ସେଅର୍ ହୋଲ୍ଡ(ଲ୍ଡା)ର୍—ବୈଦେ· ବ (ଇଂ)—ଅଂଶଭାଗୀ; ଅଂଶୀ-
Seār holda(ldā)r ଦାର—Share holder; cosharer.
সেয়ার হোলডার सेयार होल्डार

ସେଇ—ଦେ. ସର୍ବ (ସଂ. ତତ୍ ଓ ହି)—ସେ; ସେହି; ଉଦ୍ଦିଷ୍ଟ ବ୍ୟକ୍ତି
Sei ବା ବସ୍ତୁ—He, she or that; the very; the (ବିପରୀତ—ଏଇ) same; self-same. [ଦ୍ର—ସେଇ ଗାଣ୍ଡୀବ
সেই वहि ସେଇ ହାତ, ସେଇ ଗାଣ୍ଡୀବ ଏବେ ମାଥ—ରଗ।]
কালি [ଦ୍ର—ଅନୁପସ୍ଥିତ ବା ପ୍ରସଙ୍ଗର ଦୂରବର୍ତ୍ତୀ ବ୍ୟକ୍ତି ବା
स्याही ବସ୍ତୁକୁ ସେଇ ବୋଲାଯାଏ।] ଗ୍ରା. ବ—ଶ୍ୟାହି; କାଳି; ମସି—Ink.

ସେଇଆ(ଯ୍ୟା)—ଦେ. ସର୍ବ—୧ । ତାହାହିଁ—1. That much. ୨। Seiā(yā) ସେହିତା—2. The same. [ଢ଼—ତାହା ଥେଇଆ, (ଏଇଆ—ବିପରୀତ) ଯାହା କହୁଥିଲ ସେଇଆ—ତଣ ।] তাই वही

ସେଇ ଷ(କ୍ଷି, ଖି)ଣି—ଦେ. ଅ (ସ. ତତ୍କ୍ଷଣଂ)—୧ । ତତ୍‌କ୍ଷଣାତ୍—Sei ksha(kshi, khi)ṇi 1. Immediately; at once. ୨ । ସେଇ ସମୟରେହିଁ—2. Then and there. তক্ষুনী उसी समय [ସେଇ ଷ(କ୍ଷି, ଖି)ଣିକା, ସେଇ ଛକା, ସେଇ ଛୁଣିକା, ସେଇ ଛୁଣି(ଣୁ), ସେଇ ଛ(ଛୁ)ଣି(ଣୁ)କା]—ଅନ୍ୟରୂପ

ସେଇ ଘଡ଼ି—ଦେ. ବି—୧ । ସିହାଇ ଘଡ଼ି; ମସୀଧାର—1. Ink pot Sei ghaṛi ୨ । ସେହି ସମୟ—2. That hour. দোয়াত मसिहानी

ସେଇଟା—ଦେ. ସର୍ବ (ଅନାଦରାର୍ଥକ)—ସେହି ଲୋକଟାକୁ; ସେହି ବ୍ୟକ୍ତି Seiṭā ବା ବସ୍ତୁଟା—That person or thing (in (ଏଇଟା—ବିପରୀତ) contempt) সেটা, সেইটা वही

ସେଇଟି—ଦେ. ସର୍ବ (ଆଦରାର୍ଥକ)—୧। ସେହି ବସ୍ତୁ ବା ବ୍ୟକ୍ତିଟି— Seiṭi 1. That person or thing (in fondness.) ୨। সেটি, সেইটি वहीସେଇତ; ତାହାହିଁ—2. The very same.

ସେଇଠଉଁ—ଦେ. ଅ—ସେଇଠୁଁ (ଦେଖ) Seiṭhauñ Seiṭhuñ (See) (ଏଇଠଉଁ—ବିପରୀତ)

ସେଇଠା—ଦେ. ସର୍ବ (ସ. ତତ୍ ଓ ସ୍ଥାନ)—ସେହି ସ୍ଥାନ— Seiṭhā That place. (ଏଇଠା—ବିପରୀତ) সেথা वह स्थान

ସେଇଠାକୁ—ଦେ. ଅ—ସେଠାକୁ; ସେ ସ୍ଥାନକୁ— Seiṭhāku To that place. (ଏଇଠାକୁ—ବିପରୀତ) সেথায় उसस्थानको

ସେଇଠାରୁ—ଦେ. ଅ—୧ । ସେହି ସ୍ଥାନରୁ—1. Thence. Seiṭhāru ୨ । ସେହି କାଳରୁ—2. From that time. (ଏଇଠାରୁ—ବିପରୀତ) সেথাথেকে उसस्थानसे

ସେଇଠାରେ—ଦେ. ଅ—ସେଠାରେ; ସେ ସ୍ଥାନରେ— Seiṭhāre There; at that place. (ଏଇଠାରେ—ବିପରୀତ) সেথায় उसस्थानमे

ସେଇଠି(ଠିଁ)—ଦେ. ଅ—ସେହି ସ୍ଥାନରେ; ସେହିଠାରେ— Seiṭhi(ṭhiñ) There. (ଏଇଠି—ବିପରୀତ) সেথায় उसस्थानमें

ସେଇଠିକା—ଦେ. ବଣ—ସେହି ସ୍ଥାନର; ତତ୍ରତ୍ୟ—Of that place. Seiṭhikā সেথাকার उसस्थानका (ସେଇଠିକାର—ଅନ୍ୟରୂପ) (ଏଇଠି, ଏଇଠିକାର—ବିପରୀତ)

ସେଇଠିକି—ଦେ. ଅ—ସେଠାକୁ; ସେହି ସ୍ଥାନକୁ—To that place. Seiṭhiki সেখানে उसस्थानको (ଏଇଠିକି—ବିପରୀତ)

ସେଇଠୁ(ଠୁଁ)—ଦେ. ଅ—୧ । ସେଠାରୁ; ସେହି ସ୍ଥାନରୁ—1. Thence; Seiṭhu(ṭhuñ) from that place. ୨ । ତତ୍ପରେ— সেখাথেকে, তারপর 2. Thereafter; after that. उसस्थानसे, उसकाबाद [ଏଇଠୁଁ—ବିପରୀତ]

ସେଇତ—ଦେ. ସର୍ବ—ସେ ନିଶ୍ଚୟ; ସେଇ—The very same Seita [ଢ଼—ସେଇତ ସେଇ, ସେଇ ଥିଲେ ସେଇ ଜୁଆଡ଼ା সেইত वहितो ସେଇ—ନାଆଁ ଦଅ ।] [ଏଇତ—ବିପରୀତ]

ସେଇତା—ଦେ. ସର୍ବ—ତାହାହିଁ—That only; the same. Seitā তাই वही [ଏଇତା—ବିପରୀତ]

ସେଇଥିକି—ଦେ. ଅ—୧ । ସେହି କର୍ମନ୍ତେ—1. For that pur- Seithiki pose. ୨ । ସେହି କାରଣରୁ—2. There- সেইজন্যে उसकेलिये, उसकारनसे fore.
ସେଇଥିପା(ପାଇଁ)ଇଁ, ସେଇଥିକରି, ସେଇଥିଯୋଗୁ(ଗୁଁ, ଗେ) } ଅନ୍ୟରୂପ
[ଏଇଥିକି—ବିପରୀତ]

ସେଇଥି(ଥୁ)ରୁ—ଦେ. ଅ—୧ । ସେଇ କାରଣରୁ—1. Therefore. Seithi(thu)ru ୨ । ତତ୍ପରେ—2. After that. ୩ । সেই কারণে, তারপর, তাইথেকে ତହିଁରୁ—3. From that उस कारनसे, उसके बाद, उससे

ସେଇଥିରେ—ଦେ. ଅ—ସେଥିରେ; ତହିଁରେ—In that. [ଢ଼— Seithire ତାକୁ ଯେ ଯାହା କହେଇଲା, ସେ ସେଇଥିରେ ଲାଗିଲେ তাতে उसमें ଲୁଚ୍ଚାଲୁଆମାନଙ୍କ ନଅଭୁଣ୍ଡ ।] [ଏଇଥିରେ—ବିପରୀତ]

ସେଇ ଦୁଆତ—ଦେ. ବି—ସିହାଇ ଘଡ଼ି—Inkpot. Sei duāta দোয়াত मसिहनी

ସେଇନା(ଲା)ଗି—ଗ୍ରା. ଅ—ସେଇଯୋଗୁଁ (ଦେଖ)— Seinā(lā)gi Seijoguñ (See) সেইজন্য उसलिये

ସେଇ ନା(ଲା)ଗେ—ଗ୍ରା. ଅ—ସେଇଲାଏ (ଦେଖ)— Sei nā(lā)ge Seilāe (See) তখনি उसी समय

ସେଇପରି—ଦେ. ବଣ—ତଦ୍ରୂପ—Like that. seipari সেই রকম उसके जैसे
ସେହିପରି, ସେଇପରିକା, ସେହିପରିକି, ସେହିମଇକା } ଗ୍ରାମ୍ୟରୂପ
[ସେଇମଇକା, ସେଇମଇ, ସେଇମଇକା—ଅନ୍ୟରୂପ]

ସେଇ ଯୋଗୁଁ(ଗେ)—ଦେ. ଅ—ସେହି କାରଣରୁ—For that rea- Sei joguñ(ge) son; owing to that. সেইজন্যে उसकारणसे [ସେଇପାଇଁ, ସେଇଲାଗି—ଅନ୍ୟରୂପ]

ସେଇ ଲାଏ(ଗେ)—ଦେ. ଅ (ସ. ତତ୍ ଓ ଲଗ୍ନ)—ତତ୍‌କ୍ଷଣାତ୍; Seilāe(ge) ସେହିକ୍ଷଣରେ—Instantaneously; at once তখনি उसीवकत immediately. [ଢ଼—ମୋ ପର [ଏଇଲାଏ, ଏଇଲାଗେ—ବିପରୀତ] ଲାଜଗୁଣକୁ ଚୋରାହବା କାଣ୍ଡଳ, ଗଣ ଗିଲନ୍ତା ସେଇଲାଗେ ଲୋ—ଉପେନ୍ଦ୍ର ଭଞ୍ଜ. ସଙ୍ଗୀତ ।]

ସେଉ(ଓ)—ଦେ. ବ (ଫ. ସେବ; ପା. ସେଓ୍)—ସିଉ ଫଳ; କାଶ୍ମୀରଦେଶଜାତ ଖାଦ୍ୟଫଳବିଶେଷ —Apple; Pyrus Malus.
Seu(o)
ସ. ନାମ—ସେବ, ସେବ,
ସେବକାଫଳ,
ସିଂଚିତିକାଫଳ
আপেল, সেউ
सेब

[ଦ୍ର—ଏହା ଉତ୍ତର ଶୀତପ୍ରଧାନ-ଦେଶୀୟ ଫଳ । ଏ ଗଛ ବହୁକାଳ ହେଲା ଭାରତକୁ ଅଣାଯାଇ କାଶ୍ମୀର, ପଞ୍ଜାବ, କୁମାଉନ, ଗଡ଼ବାଲ,କାଙ୍ଗଡ଼ା ଆଦି ଅଞ୍ଚଳରେ କୃଷି କରାଯାଇ ବହୁତ ଫଳୁଅଛି ଓ ଭାରତରେ ଅନ୍ୟ ଅଞ୍ଚଳକୁ ଏ ଫଳ ପଠାଯାଇ ବିଦେଶୀ ଖାଦ୍ୟ ଫଳରୂପେ ବିକ୍ରି ହେଉଅଛି । ବ୍ରହ୍ମଦେଶର ଖାସିଆ ପାହାଡ଼ରେ ଜଙ୍ଗଲୀ ସେଓ ଫଳେ; କିନ୍ତୁ ଏହା ଅଖାଦ୍ୟ ।]

ଏ ଗଛର ପତ୍ର ଈଷତ୍ ବୃତ୍ତାକାର ଓ ଦେଖିବାକୁ ଶ୍ୱେତାଭ ଓ ଏଥିରେ ଲୋମ ଥାଏ । ଫୁଲ ରକ୍ତାଭ ବନ୍ଧୁଯୁକ୍ତ ଓ ଧଳା । ଫଳ ପାଚିଗଲେ ଈଷତ୍ ହଳଦିଆ ଓ କେତେକ ଫଳ ଟୋପା ନାଲି ହୁଏ । ଏ ପାଚିଲା ଫଳ ଭିତରର ଶସ ଖାଇବାକୁ ଈଷତ୍ ମିଠା ଓ କୋମଳ ଅଥଚ ଟାଣୁଆ । ଦନ୍ତହୀନ ବ୍ୟକ୍ତି ଏହାକୁ ଦାନ୍ତପାଟିରେ ଚିପି ଦେଲେ ଏହା ମିଳାଇ ଯାଏ । କେତେକ ଫଳରେ ମିଠା ଅପେକ୍ଷା ଖଟା ସ୍ୱାଦ ବେଶି ଥାଏ । ଏ ଗଛ ଫଗୁଣଠାରୁ ବୈଶାଖ ପର୍ଯ୍ୟନ୍ତ ଫୁଲ ଧରେ ଓ ଜ୍ୟେଷ୍ଠରେ କଷି ଧରେ ଓ ଭାଦ୍ର ମାସରେ ଫଳ ଉତ୍ତମରୂପେ ପାଚି ଯାଏ । ଭାବପ୍ରକାଶ ଅନୁସାରେ ଏ ଫଳ ବାତପିତ୍ତ ନାଶକ, ପୁଷ୍ଟିକର, କଫ-ଜନକ, ମଧୁରବିପାକ, ଶୀତଳ ଓ ଶୁକ୍ରକର । ଖ୍ରୀ: ସପ୍ତଦଶ ଶତାବ୍ଦୀରେ ରଚିତ ଭାବପ୍ରକାଶର ପୂର୍ବବର୍ତ୍ତୀ କୌଣସି ସଂସ୍କୃତ ବୈଦ୍ୟକ ଗ୍ରନ୍ଥରେ ଏ ଫଳର ନାମୋଲ୍ଲେଖ ନାହିଁ —ହ୍ର. ଶ ।]

ସେଉଟା—ଦେ. ସର୍ବ (ଅନାଦରାର୍ଥକ)—ସେହି ବ୍ୟକ୍ତି ବା ବସ୍ତୁଟା—That person or thing; (used in contempt.
Seuṭā
সেটা वह
(ସେଉଟି—ଅଦରାର୍ଥକ) (ଏଉଟା—ବିପରୀତ)

ସେଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ତାତିଲା ଧାତୁ ଉପରେ ପାଣି ପଡ଼ିଲେ ଯେଉଁ ଶବ୍ଦ ଜାତ ହୁଏ—1. Hissing sound of water dropped on a hot metal.
Señ
ছুঁক छन
(ସେଁ ସେଁ—ଅନ୍ୟରୂପ) ୨ । ମନ୍ଦ ଅଗ୍ନି ଉପରେ ବହୁକ୍ଷଣ ଜଳକୁ ଗରମ କଲେ ତହିଁରୁ ଜାତ ଶବ୍ଦ—2. Feeble simmering sound made by water boiled long over slow fire. ୩ । ଚୁଲି ଉପରେ ଜଳ ଫୁଟିବା ପୂର୍ବରୁ ହେବା କ୍ଷୀଣ ଶବ୍ଦ—3. Simmering sound of water which is beginning to boil. ୪ । ସୁଁ ସୁଁ ଠାରୁ ଉଚ୍ଚତର ଶବ୍ଦ—4. Sound louder than 'Suñ Suñ.'

ସେଁଇଁ(ଇ)ବା—ଦେ. କ୍ରି (ସ. ସିବ୍ ଧାତୁ)—ସିଲାଇ କରିବା—To sew.
Señiñ(i)bā সিঅঁা सीना

ସେଁତର(ରେ)—ପ୍ରାଦେ (ଭଦ୍ରକ) ଅ—୧ । ସେଥିରେ—1. In that. ୨ । ତହିଁରେ—2. In that matter.
Señtara(re)

ସେଁତରା (ଇତ୍ୟାଦି)—ଦେ. ବ—ସନ୍ତରା ଇତ୍ୟାଦି (ଦେଖ)—Santarā etc (See)
Señtarā (etc)

ସେଁତସେଁତିଆ—ଦେ. ବିଣ—ସନ୍ତସନ୍ତିଆ (ଦେଖ)—Santasantiā (See)
Señtaseñtiā

ସେଁତା—ପ୍ରାଦେ (ସମ୍ବଲପୁର) ସର୍ବ—ସେନ୍‌ତା (ଦେଖ)—Sen-tā (See)
Señtā

ସେଁପୁଟ—ପ୍ରାଦେ. (ଲରିଆ) ବି—ଦୀର୍ଘଶ୍ୱାସ—Sigh.
Señpuṭa

ସେଁପୁଟ ସେଁପୁଟ ହେବା—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି—ଅଣ-ନିଶ୍ୱାସୀ ହେବା—To feel choked.
Señpuṭa señpuṭa hebā

ସେଁର୍ରା—ପ୍ରାଦେ. (ବଲାଙ୍ଗିର ପାଟଣା) ବିଣ—ନିର୍ଲଜ୍ଜ—Shameless.
Señrrā

ସେଁ ସୁର୍‌କୁଟୀ—ପ୍ରାଦେ. (ଯାଜପୁର) ବି—ଜଳୀୟ ଔଷଧ ବୃକ୍ଷବିଶେଷ—A kind of aquatic medicinal plant.
Señ surkuṭī

ସେଁସେଁଇଁୟାଁ—ଦେ. ବିଣ, ପୁଂ—ସେଁ ସେଁ ଶବ୍ଦ କରୁଥିବା—Making a simmering sound.
Señseñiñyāñ
শুঁশুঁয়ে छन छनकरने वाला
[ସେଁସେଁୟାଁ—ଅନ୍ୟରୂପ ସେଁସେଁଇଁ—ସ୍ତ୍ରୀ]

ସେକ(ଖ)—ବୈଦେ. ବି (ପା. ଶେଖ୍)—୧ । ମୁସଲମାନଙ୍କର ସାମାଜିକ ଶାଖାଗତ ଉପାଧିବିଶେଷ—1. Shaikh; a social title of one branch of Mahomedans.
Sek(kh)
সেখ सेख

[ଦ୍ର—ଏହି ପଦ ନାମ ପୂର୍ବରେ ଲାଗେ । ଯଥା—ସେକ୍ ସିରାଜଉଦ୍ଦିନ୍ । ଭାରତକୁ ଆସିଥିବା ମୁସଲମାନ୍‌ମାନଙ୍କୁ ସେକ୍, ସୟଦ୍, ମୋଗଲ୍, ପଠାଣ, ଏହି ଚାରି ଶ୍ରେଣୀରେ ବିଭକ୍ତ କରି ଭାରତବାସୀମାନେ ପୂର୍ବେ ଚିହ୍ନୁଥିଲେ ।] ୨ । ମୁସଲମାନ୍ ସାମନ୍ତ ନୃପତି ବା ଜମିଦାର ବା ଧନୀମାନଙ୍କ ଉପାଧି—2. A title of Mahomedan Feudatory Chiefs or rich Mahomedans.

ସେକ୍[ଖ]ଚିଲି (ଇତ୍ୟାଦି)—ଦେ. ବି ଓ ବିଣ—ସେଙ୍କଚିଲି ଇତ୍ୟାଦି [ଦେଖ]—Senkachili etc [See]
Sek[kh]-chili (etc)
[ସେକ୍ (ଖ୍) ଚିଲିଆ—ଅନ୍ୟରୂପ]

ସେକ୍‌ସ୍‌ପିଅର୍—ଦେ. ବି (ଇଂ. ନାମ)—ସେକ୍ସପିଅର୍ (ଦେଖ)—Seks-piar (See)
Sek-s-piar

ସେକ୍ ହା[ହେ, ହ୍ୟା]ଣ୍ଡ—ବୈଦେ. ବି (ଇଂ. ଶେକ୍ ହାଣ୍ଡ୍)—ବନ୍ଧୁମାନଙ୍କର ମିଳନ ସମୟରେ ପରସ୍ପର ସମ୍ବର୍ଦ୍ଧନା କରିବା ସୂଚକ କରତଳମର୍ଦ୍ଦନ—
Sek hā[he, hyā]nḍ
সেক্ হ্যাণ্ড

सेक हैण्ड Shake-hand; mutual shaking of hands when two friends meet.

ସେକ୍ [ଧାତୁ]—ପ୍ର—ଗତି କରିବା—
Sek [root] To move.

ସେକ—ପୁ. ବି (ସଂ. ସିଚ୍ ଧାତୁ+ଭାବ ଅ)—ସେଚନ; ସେଚନ; ଜଳ ଆଦି
Seka ଛିଞ୍ଚିବା—Sprinkling. ଦେ. ବି (ସଂ. ସ୍ୱିଦ୍ ଧାତୁ
সেক सेक, सेंक ଅଥବା ସେଷ୍ ଧାତୁ=ଜାଳିବା; ତତାଇବା)—
୧ । ଦେହ ଆଦିରେ ଅନ୍ୟ ଉଷ୍ଣବସ୍ତୁ ସାହାଯ୍ୟରେ ଉତ୍ତାପ ପ୍ରୟୋଗ କରିବା; ସ୍ୱେଦନ; ସେକିବା କର୍ମ—1. Fomenting; warming; toasting. ୨ । ବାଉଁଶ ବଙ୍କା ହୋଇଥିଲେ ବଙ୍କା ସ୍ଥାନର ବାଙ୍କର ଭିତର ପାଶକୁ କଟୁରିରେ ହାଣି ଉକ୍ତ ବାଉଁଶକୁ ସଳଖି ଦେଇ ସେହି କଟା ଫାଟରେ ଖଣ୍ଡିଏ ଜିଅସ୍ଥୁଣ୍ଟ କାଷ୍ଠଖଣ୍ଡ ଲଗାଇବା କ୍ରିୟା—2. An operation for straightening a bent piece of bamboo by making a cut inside the bend and driving a wedge into the split part. ୩ । କୌଣସି କଠିନ ବସ୍ତୁ [ଯଥା—ଲୁହା, ବାଉଁଶ ବା ବେତ ବାଡ଼ି] କୁ ଅଗ୍ନି ଉପରେ ଧରି ତାକୁ ଉତ୍ତପ୍ତ କରିବା—
3. Heating of any solid thing.

ସେକ[କେ]ଣ୍ଡ୍—ବୈଦେ. ବି (ଇଂ. ସେକଣ୍ଡ୍=୨ୟ ଅଥବା ସମୟ)—
Seka(ke)nd ୧ । ଏକ ମିନଟର ୬୦ ଅଂଶରୁ ଏକ ବା ଏକ
সেকেণ্ড ଘଣ୍ଟାର ୩୬୦୦ ଅଂଶରୁ ଏକ ଅଂଶ—1. Second
सेकण्ड (time). [ଦ୍ର—୧ ଘଣ୍ଟା=୬୦ ମିନଟ, ୧ ମିନଟ=୬୦ ସେକଣ୍ଡ୍ ।] ୨ । ଏକ ସମକୋଣର ୩୨୪୦୦୦ ଭାଗରୁ ଏକଭାଗ—2. Second (of an angle). [ଦ୍ର—ସମକୋଣ=୯୦ ଡିଗ୍ରୀ, ୧ ଡିଗ୍ରୀ =୬୦ ମିନଟ, ୧ ମିନଟ=୬୦ ସେକଣ୍ଡ୍ ।] ବିଣ— ଦ୍ୱିତୀୟ—Second. [ଯଥା—ସେକଣ୍ଡ୍ କ୍ଲାସ୍, ସେକଣ୍ଡ୍ କ୍ଲାର୍କ ପ୍ରଭୃତି ।]

ସେକ(କେ)ଣ୍ଡ୍ ଇଅର୍ କ୍ଲାସ୍—ବୈଦେ. ବି (ଇଂ)—(ବିଦ୍ୟାଳୟାଦିର)
Seka(ke)nd iar klās ଦ୍ୱିତୀୟ ବାର୍ଷିକ ଶ୍ରେଣୀ—The
সেকেণ্ড ইয়র ক্লাস second year class (of a college
सेकण्ड ईयर क्लास etc).

ସେକ(କେ)ଣ୍ଡ୍ କଣ୍ଟା—ଦେ. ବି (ଇଂ. ସେକେଣ୍ଡ୍+ସଂ. କଣ୍ଟକ)—
Seka(ke)nd kantā ସେକଣ୍ଡ୍ ହାଣ୍ଡ୍ (ଦେଖ)—
Sekand hānd (See)

ସେକ(କେ)ଣ୍ଡ୍ କ୍ଲାସ୍—ବୈଦେ. ବି (ଇଂ)—୧। ସ୍କୁଲର ଦ୍ୱିତୀୟ ଶ୍ରେଣୀ
Seka(ke)nd klās —1. Second class of a school.
সেকেণ্ড ক্লাস ୨ । ଥିଏଟରର ଦର୍ଶକ ଓ ରେଲର ବା ଜାହାଜର
सेकण्ड क्लास ଯାତ୍ରୀମାନଙ୍କ ପ୍ରଥମ ଶ୍ରେଣୀର ଅନନ୍ତର ଶ୍ରେଣୀ—
2. Second class of a railway carriage or theatre or ship. [ଦ୍ର—ଏହି ଇଂରାଜୀ ସେକଣ୍ଡ୍ ଶବ୍ଦ ସଙ୍ଗେ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଯୋଗ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଛି । ଯଥା ସେକଣ୍ଡ୍ ମାଷ୍ଟର, ସେକଣ୍ଡ୍ ବେଲ୍, ସେକଣ୍ଡ୍ ଇଅର୍, ଇତ୍ୟାଦି ।]

ସେକ(କେ)ଣ୍ଡ୍ ହାଣ୍ଡ୍—ବୈଦେ.ବି (ଇଂ)—ଘଣ୍ଟାର ସେକଣ୍ଡ୍ ଜ୍ଞାପକ ସରୁ
Seka(ke)nd hānd କଣ୍ଟା—The second hand of a
সেকেণ্ড হাণ্ড clock or watch. ବିଣ—ଥରେ ବ୍ୟବହାର
सेकण्ड हैण्ड କରିସିବା ପରେ ବିକ୍ରି କରିବା ପାଇଁ ଉଦ୍ଦିଷ୍ଟ ବା ବଳିତ (ଦ୍ରବ୍ୟ)—Second hand (article); (an article which has been) once used before its intended sale or gift.

ସେକ(କେ)ଣ୍ଡା, ଣ୍ଡେ)ରି—ଦେ. ବିଣ (ଇଂ. ସେକଣ୍ଡାରି)—ପ୍ରାଥମିକ
Seka(ek)nda(ndā, nde)ri (ଶିକ୍ଷା)ର ପରବର୍ତ୍ତୀ ଓ ଉଚ୍ଚ (ଶିକ୍ଷା)
সেকেণ্ডরী ଉ ଚ୍ଚବର୍ତ୍ତୀ—Secondary (education).
सेकण्डरी

ସେକ(କେ)ଣ୍ଡରି ସ୍କୁଲ୍—ବୈଦେ. ବି (ଇଂ)—ଯେଉଁ ବିଦ୍ୟାଳୟରେ
Seka(ke)ndari skul ପ୍ରାଥମିକଶିକ୍ଷାର ପରବର୍ତ୍ତୀ ଶିକ୍ଷା ଦିଆଯାଏ
(ସେକଣ୍ଡରି ବିଦ୍ୟାଳୟ—ଅନ୍ୟରୂପ) —Secondary school.
সেকেণ্ডরী স্কুল [ଦ୍ର—ମିଡ଼ଲ୍ ଭର୍ଣ୍ଣାକୁଲର, ମିଡ଼ଲ ଇଂଲିଷ୍ ବା
सेकण्डरी स्कूल ମାଇନର୍ ସ୍କୁଲ୍ ଓ ହାଇ ସ୍କୁଲ୍‌କୁ ସେକଣ୍ଡରି ସ୍କୁଲ୍ କୁହାଯାଏ ।]

ସେକ(କୁ)ଟୁଣୀ—ଦେ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ନବଜାତ ଶିଶୁକୁ ଓ ମାତାକୁ
Seka(ku)tuni ଅନ୍ତୁଡ଼ିଶାଳରେ ସେକୁ ଥାଏ—A woman
দাই or nurse who foments the baby and
सेकनेवाली the newly delivered mother.

ସେକ ଦେବା—ଦେ. କ୍ରି—୧ । ସେକିବା (ଦେଖ)—1. Sekibā
Seka debā (See) ୨। ବଙ୍କା ବାଉଁଶର ବାଙ୍କିଥିବା ଅଂଶର
সেক দেওয়া ପେଟରେ କଟୁରିରେ ଖେଞ୍ଚ ମାରି ତାକୁ ସଳଖ
सेक देना କରିବା—2. To straighten a bent bamboo by driving a wedge into a split cut in the concave part.

ସେକନ୍ଦର୍—ବୈଦେ. ବି (ନାମ) (ଗ୍ରୀକ୍—ସେକନ୍ଦର; ଇଂ. ଅଲେକ୍-
Sekandar ଜାଣ୍ଡର)—ଖ୍ରୀଷ୍ଟପୂର୍ବ ଚତୁର୍ଥ
[ସେକନ୍ଦର୍ ବାଦସା(ସାହା)—ଅନ୍ୟରୂପ] ଶତାବ୍ଦୀରେ ଭାରତକୁ
সেকন্দর ଆକ୍ରମଣ କରିଥିବା ଗ୍ରୀସ୍ ଦେଶର ମହାବୀର ରାଜା;
सिकन्दर, ଅଲେକ୍‌ଜାଣ୍ଡର୍—Alexander the Great
[ଦ୍ର—ଏ ଜଣେ ପ୍ରଧାନ ବୀର ଥିଲେ । ଏ ବହୁଦେଶ ଜୟ କରି ଶେଷରେ ଭାରତକୁ ଆସିଥିଲେ । ପଞ୍ଜାବର ଅନେକ ରାଜା ନର୍ଦ୍ଦିଷ୍ଟରେ ଜୟ କରିବା ପରେ ପୁରୁ ନାମକ ଜଣେ ରାଜା ତାଙ୍କୁ ବାଧା ଦେଲେ, ମାତ୍ର ପରାଜିତ ହେଲେ । ଏହାଙ୍କର ସୈନ୍ୟମାନେ ଆଉ ଅଗକୁ ଯିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଏ ବାଧ୍ୟ ହୋଇ ନିଜ ଦେଶକୁ ଫେରି ଯିବା ସମୟରେ ବାଟରେ ପ୍ରାଣତ୍ୟାଗ କଲେ ।]

ସେକନ୍ଦର୍ ସାହ(ହା)—ଦେ. ବି (ନାମ)—ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର
Sekandar sāh(hā) ବଙ୍ଗର ଜଣେକ ସ୍ୱାଧୀନ ମୁସଲମାନ୍

সেকন্দর সাহ্ ରାଜା—Name of a Mahomedan
सिकन्दर साह king of Bengal.
[ଦ୍ର—ଏ ସମ୍ସୁଦ୍ଦିନ୍ ଇଲିୟାସଙ୍କ ପୁତ୍ର । ଏ ୧୩୬୧ରେ ରାଜା ହୋଇଥିଲେ ଓ ଗୌଡ଼ଠାରୁ ପାଣ୍ଡୁଆଠାକୁ ରାଜଧାନୀ ଉଠାଇ ନେଇଥିଲେ; ସେଠାରେ ସୁପ୍ରସିଦ୍ଧ ଅଦିନା ମସ୍‌ଜିଦ୍ ନିର୍ମାଣ କରିଥିଲେ । ଏହାଙ୍କ ଅମଲରେ ଅନେକ ବର୍ଣ୍ଣୀୟ ହିନ୍ଦୁ ମୁସଲମାନ୍ ଧର୍ମ ଗ୍ରହଣ କରିଥିଲେ । ଏହାଙ୍କର ବିଦ୍ରୋହୀ ଜ୍ୟେଷ୍ଠପୁତ୍ରଙ୍କୁ ଏ ଦମନ କରିବାକୁ ଯାଇ ଯୁଦ୍ଧରେ ପ୍ରାଣତ୍ୟାଗ କଲେ ।]

ସେକନ୍ଦରାବାଦ୍—ଦେ. ବି (ନାମ)—ସେକନ୍ଦରଙ୍କ ନାମରେ ନାମ-
Sekandarābād କରଣ ହୋଇଥିବା ପଞ୍ଜାବର ଗୋଟିଏ
সেকন্দরাবাদ নগର—Secunderabad; a town
सिकन्दराबाद in the Punjab.

ସେକନ୍ଦରୀ—ଦେ. ବିଣ—ସେକନ୍ଦର୍ ବାଦ୍‌ସାହଙ୍କ ରାଜତ୍ୱକାଳୀନ—
Sekandarī Relating to the time of Alexander
সেকন্দরী सिकन्दरी the Great.

ସେକ ପାତ୍ର (ଭାଜନ)—ସଂ. ବି—ସେଚନୀ; ସେଣୀ; କ୍ଷେତକୁ ପାଣି
Seka pātra (bhājana) ଦୃହାଇବା ପାଇଁ ବ୍ୟବହୃତ ପାତ୍ର; ଯେଉଁ ପାତ୍ରଦ୍ୱାରା ଏକ ସ୍ଥାନରୁ ପାଣିକୁ ଉଠାଇ ଦୂରକୁ ପକାଇବାକୁ ହୁଏ—A baling basket used for irrigating fields.

ସେକମିଶ୍ରାନ୍ନ—ସଂ. ବି—ଦଧି ମିଶ୍ରିତ ଅନ୍ନ (ହ. ଶ)—
Sekamisrānna Food mixed with curds.

ସେକରା—ପ୍ରାଦେ (ବାଲେଶ୍ୱର ଓ ମେଦିନୀପୁର) ବି (ସଂ. ସ୍ୱର୍ଣ୍ଣକାର; ତୁଳ. ବଂ. ସେକରା)—ସ୍ୱର୍ଣ୍ଣକାର; ବଣିଆ—
Sekarā Goldsmith.

ସେକା—ଦେ. ବି (ସଂ. ସିଚ୍ ଧାତୁ)—ସେକ; ସେକିବା କ୍ରିୟା—
Sekā Act of fomenting or toasting. ବିଣ—
সেকা ସେକିବାଦ୍ୱାରା ଉତ୍ତପ୍ତ କରାଯାଇଥିବା—Heated.
से(सें)कना (ସେକା ସେକ—ଅନ୍ୟରୂପ)

ସେକାଇବା—ଦେ. କ୍ରି—ସେକିବା କ୍ରିୟାର ଣିଜନ୍ତରୂପ—
Sekāibā The causative form of Sekibā.
সেকান से(सें)काना

ସେକାଇ ହେବା—ଦେ. କ୍ରି—ନିଜର ଦେହକୁ ଅନ୍ୟ ବ୍ୟକ୍ତିଙ୍କ
Sekāi hebā ସାହାଯ୍ୟରେ ସେକ ଦିଆଇବା—To cause
সেক দেওয়ান cne's body to be fomented by
सेकाना another.

ସେ କାଳ—ଦେ. ବି (ସଂ. ତତ୍‌କାଳ)—୧ । ସେ ସମୟ—1. That
Se kāla time. ୨। ପୂର୍ବକାଳ; ଅତୀତକାଳ—2. The
সেকাল उस वखत past. ୩ । ବହୁ ପୂର୍ବର କାଳ—
সেকালের 3. Time long past. ବିଣ—ସେକାଳର:
उस समयका ପୂର୍ବକାଳର; ପୂର୍ବକାଳୀନ—Of the past. [ଦ୍ର ସେକାଳ ପଞ୍ଚାଳ ଅଉ ନାହିଁ—ଉଗ ।]

ସେକାଳର—ଦେ. ବିଣ—୧ । ସେହି ସମୟର—1. Of that
Sekālara time. ୨ । ପୂର୍ବକାଳର; ଅତୀତକାଳର—
সেকেলে, সেকেলের 2. Of the past. ୩ । ପ୍ରାଚୀନ;
उस समयका ପୁରାତନ—3. Old; ancient. ୪ । ମରହଟ୍ଟିଆ—
(ସେକାଳିଆ—ଅନ୍ୟରୂପ) 4. Obsolete; old fashioned; antique.

ସେକା ହେ(ଯି)ବା—ଦେ. କ୍ରି—ସେକିବାର କର୍ମବାଚ୍ୟ—
Sekā he(ji)bā Passive voice of the verb Sekibā.
সেক দেওয়ান सिकाजाना

ସେକିବା—ଦେ. କ୍ରି (ସଂ. ସିଚ୍ ଧାତୁ; ସଂ. ସେଷଣ=ଜଳାଇବା; ଉତାଇବା)—୧ । ନିଆଁ ଦ୍ୱାରା ତାପ ପ୍ରୟୋଗ କରିବା—
Sekibā
সেকা 1. To heat over a fire. ୨ । ଦେହରେ
सेकना, सेंकना ଉତ୍ତପ୍ତ ଜଳ ବା ବସ୍ତ୍ରାଦିଦ୍ୱାରା ତାପ ପ୍ରୟୋଗ କରିବା—2. To foment. ୩ । ସେକ ଦେବା ୨ (ଦେଖ)—3. Seke debā 2 (See) ୪ । ରୁଟି ଆଦିକୁ ବଡ଼ ନିଆଁ ଉପରେ ଦେଖାଇ ଗରମ କରିବା—
4. To toast; to scorch.

ସେକିମ୍ ଇତ୍ୟାଦ—ବୈଦେ. ବିଣ—ସିକିମ୍ ଇତ୍ୟାଦ (ଦେଖ)
Sekim (etc) Sikim etc (See)

ସେକିମ—ସଂ. ବି (ସିଚ୍ ଧାତୁ+କର୍ମ-ଇମ)—ମୂଳକ; ମୂଳା (ହେମଚନ୍ଦ୍ର)
Sekima —Radish. ସଂ. ବିଣ—୧। ସିକ୍ତ; ସେଚିତ ହୋଇଥିବା—1. Sprinkled. ୨ । ତରଳ ହୋଇଥିବା (ଲୁହା) (ହ. ଶ)—2. Molten.

ସେକି ହେବା—ଦେ. କ୍ରି—ନିଜେ ନିଜେ ଅଗ୍ନି ଆଦିର ଉତ୍ତାପଦ୍ୱାରା
Seki hebā ନିଜର ଦେହରେ ତାପ ଲଗାଇବା—To warm
সেক দেওয়া सेकना up one's self by fomentation.

ସେଖି(ଖୀ)—ଦେ. ବି (ପା. ସେଖ୍ ସଙ୍ଗେ ଓଡ଼ିଆ ଇ ପ୍ରତ୍ୟୟ)—
Sekī(khī) ୧ । ସେଖ ପଦବୀ—1. The state of being
সেখপনা a Sheikh. ୨ । ଭଦ୍ରତା; ଉଚ୍ଚବଂଶୀୟତା—
सेखी 2. Gentility; nobility. ୩ । ଧନବତ୍ତା; ବଡ଼ଲୋକୀ—3. The state of being a rich man.

ସେଖି(ଖୀ) ଜାହିର(ରି) କରିବା—ଦେ. କ୍ରି—୧। ନିଜର ଉଚ୍ଚବଂଶୀୟତା
Seki(khi) jāhir(ri) karibā ବା ଧନବତ୍ତା ବା ବାହାଦୁରୀକୁ
বনিয়াদি চাল দেখান ବାଣ୍ଡରେ ପ୍ରକାଶ କରିବା ବା କହି ହେବା—
सेखी हाँकना To parade or boast of one's heridity or gentility or riches. ୨ । ଫାଲ୍‌ତୁମି କରିବା—2. To brag or boast of one's excellence.
ସେଖି କରାଇବା, ସେଖି କରାଇ ହେବା } ଅନ୍ୟରୂପ

ସେକେ ସେକେ—ଦେ, ଅ—ଥରେ ଥରେ—One at a time; Seke seke each one by turn. [ଉ—ପୁଣି ପୁଣି
বারে বারে ଲୋକେ ଅଗ ଦୁଅନ୍ତି । ସେହି ସେକେ ସେକେ ଲକ୍ଷ
एक एकबार ବଅନ୍ତି—ଜଗନ୍ନାଥ· ସମରତରଙ୍ଗ ।]

ସେକ୍ତା—ସ. ବଣ, ପୁଂ (ସେକ୍ତୃ ଶବ୍ଦ; ସିଚ୍ ଧାତୁ+କର୍ମ. ତୃ)—Sekta १ । ସେଚନକାରୀ—1. Sprinkling (person).
(ସେକ୍ତ୍ରୀ—ସ୍ତ୍ରୀ) ୨ । ଗର୍ଭସେଚନକାରୀ—2. Putting or depositing the semen for the first time in the womb of the wife.

ସେକ୍ତ୍ର—ସ. ବ (ସିଚ୍ ଧାତୁ+କରଣ. ତ୍ର)—ଜଳ ପାତ୍ର; ସେଣା Sektra (ସିଦ୍ଧାନ୍ତକୌମୁଦୀ)—The basket used for baling out water.

ସେ କ୍ଷଣ(ଣି)—ଦେ. ବି· ଣ (ସ. ତତ୍କ୍ଷଣ)—ସେହିକ୍ଷଣି; ତତ୍କ୍ଷଣାତ୍ Se kshaṇa(ṇi) —At once; then and there; immediately. [ଉ—ନମସ୍କାର କରଣ ସେକ୍ଷଣେ
তখুনি एका एका ସେ ଗଲେ—କୃଷ୍ଣସିଂହ. ମହାଭାରତ. ବନ ।]
(ସେକ୍ଷଣି, ସେକ୍ଷଣିକା, ସେକ୍ଷିଣିକା—ଅନ୍ୟରୂପ)

ସେକ୍ରେଟ(ଟା, ଟେ)ରୀ—ବୈଦେ· ବ (ଇଂ. ସେକ୍ରେଟାରୀ)—१ । ସଭା Sekreta(ṭā, ṭe)ri ଅଥବା ସଙ୍ଘର—1. Secretary of
সেক্রেটারী an association. ୨ । ସରକାରୀ ଶାସନ ଅଧ
सेक्रेटरी ବିଭାଗର ଉପରସ୍ଥ କର୍ମଚାରୀ—2. Secretary of any Government Department. ୩ । ରାଜା ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଆଦେଶ ଅନୁସାରେ ପତ୍ରାଦି ବ୍ୟବହାର କରିବା ପାଇଁ ନିଯୁକ୍ତ କର୍ମଚାରୀ—3. Secretary of Rajas and highly placed personages.

ସେକ୍ରେଟ(ଟା, ଟେ)ରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ—ବୈଦେ· ବ (ଇଂ)—Sekreṭa(ṭā, ṭe)ri aph shteṭ phar indiā ବିଲାତ
সেক্রেটারি অফ ইষ্টেট ପାର୍ଲିଅମେଣ୍ଟରେ ଭାରତ ଶାସନ ବିଭାଗର
सेक्रेटरी अफ स्टेट ଭାରପ୍ରାପ୍ତ କର୍ମଚାରୀ—Secretary of State for India. [ଉ—ଏହାଙ୍କୁ ସାହାଯ୍ୟ କରିବା ପାଇଁ ଗୋଟିଏ ସମିତି ବା କାଉନ୍‌ସିଲ୍ ଅଛି । ସେ ଉକ୍ତ କାଉନ୍‌ସିଲ୍‌ର ପରାମର୍ଶରେ ଯାହା କରନ୍ତି ତାହା Secretary of State for India in Council ସଭାଭୁକ୍ତ ସେକ୍ରେଟେରୀ ଅଫ୍ ଷ୍ଟେଟ୍‌ଙ୍କ କର୍ମ ବୋଲଯାଏ ।]

ସେକ୍ରେଟା(ଟେ)ରିଏଟ୍—ବୈଦେ. ବ (ଇଂ. ସେକ୍ରେଟାରିଏଟ୍)—ଏକ Sekreṭā(ṭe)rieṭ ବା ବହୁ ସେକ୍ରେଟାରୀଙ୍କ କାର୍ଯ୍ୟାଳୟ ବା
সেক্রেটেরিয়েট অଫିସ—Secretariate.
सेक्रेटेरियट

ସେକ୍‌ସ୍‌ଟନ୍—ବୈଦେ, ବ (ଇଂ)—ଖ୍ରୀଷ୍ଟିଆନମାନଙ୍କର ଗୀର୍ଜା ଘରର Sek-s-ṭan ଜମାଦାର; ପାଦ୍ରୀଙ୍କ ପାଖ ଘର ଓ କବର ଖନନକାରୀ
সেক্সটন্ କର୍ମଚାରୀ—Sexton of a church.
सेक्सटन

ସେକ୍‌ସ୍‌ଟାଣ୍ଟ—ବୈଦେ. ବ (ଇଂ)—ବୃତ୍ତର ଏକ ଷଷ୍ଠାଂଶ ବୃତ୍ତଖଣ୍ଡ-Sek-s-ṭānṭ ସମ୍ବଳିତ ବୈଜ୍ଞାନିକ ଯନ୍ତ୍ର ବିଶେଷ, ଯାହାର
সেক্সটাণ্ট ସାହାଯ୍ୟରେ କୌଣିକ ଦୂରତ୍ୱ ସ୍ଥିର କରାଯାଏ—
सेक्सटैंट Sextant (instrument).

ସେକ୍‌ସ୍‌ପିଅର୍—ଦେ. ବ (ଇଂ. ନାମ,—ଇଂଲଣ୍ଡର ସର୍ବଶ୍ରେଷ୍ଠ କବି ଓ Sek-s-piar ନାଟ୍ୟକାର—William Shakespeare the
সেক্সপিঅর্ greatest English poet.
सेक्स पीयर [ଉ—ଏ ୧୫୬୪ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରି ୧୬୧୬ ରେ ପ୍ରାଣତ୍ୟାଗ କରିଥିଲେ । ଏ ୩୭ଖଣ୍ଡ ନାଟକ ପ୍ରଣୟନ କରିଥିଲେ । ଏ ନିଜକୃତ ନାଟକମାନ ରଙ୍ଗଭୂମିରେ ଅଭିନୟ କରୁଥିଲେ । ଏହାଙ୍କ ରଚନାରେ ଓ ମାନବ ପ୍ରକୃତି ବର୍ଣ୍ଣନାରେ ସମଗ୍ର ଜଗତ ମୁଗ୍ଧ ।]

ସେକ୍‌ସନ୍—ବୈଦେ. ବ (ଇଂ)—१ । ଅଂଶ—1. Section. ୨ । Seksan ବିଦ୍ୟାଳୟର ଏକ ଶ୍ରେଣୀର ବିଭକ୍ତ ଭାଗ—2. Sec-
সেক্সন্ tion of a class of an institution.
सेक्सन ୩ । ପୂର୍ତ୍ତ ଅଥ ବିଭାଗର ନିମ୍ନତମ ବିଭାଗ—3. The lowest administrative division of the Public works or other Department. ୪ । କୋଠା ଅଥ ନକ୍‌ସାର ତଳଚିତ୍ର ବା ଗ୍ରାଉଣ୍ଡ୍ ପ୍ଲାନ୍‌ର ନିର୍ଦ୍ଦିଷ୍ଟ ଅଂଶକୁ ଗୋଟିଏ ରେଖା ଦ୍ୱାରା କାଟି ସେହି କଟା ସ୍ଥାନରେ କୋଠାକୁ ଛେଦନ କଲେ ସେଭଳି ଘର ଦେଖା ଯାଆନ୍ତା ତାହାର ଚିତ୍ର—4. The map of a section of a building or other construction of which a ground plan has been prepared.

ସେକ୍‌ସନ୍ ଅଫିସର୍—ବୈଦେ· ବ (ଇଂ)—ବାରିକ୍ ମିସ୍ତ୍ରୀ ଇଞ୍ଜିନିୟର Sek-san aphisar ନିର୍ଦ୍ଦିଷ୍ଟ ସେକ୍‌ସନ୍‌ର ଭାରପ୍ରାପ୍ତ କର୍ମଚାରୀ-
সেক্সন্ আফিসর Section Officer of P. W. D; an
सेक्सन आफिसर Overseer or Sub-overseer in charge of a Section of P. W D.

ସେଖ (ଇତ୍ୟାଦି)—ବୈଦେ. ବ—ସେକ୍ ଇତ୍ୟାଦି (ଦେଖ) Sekh (etc) Sek etc. (See)

ସେଖୁତେ—ପ୍ରାଦେ. (ବାଲେଶ୍ୱର ପାଟଣା) ଅ—ସେ ପାଖରେ—Sekhute. In that side.

ସେଗବ—ସ. ବ—କଙ୍କଡ଼ା ଛୁଆ (ହ. ଶ)—Segaba The young ones of crabs.

ସେଗୁନ—ଦେ, ବ (ଶାଗୁଆନର ଇଂରାଜି ଉଚ୍ଚାରଣ)—ଶାଗୁଆନ Seguna (ଦେଖ)—Sāguāna (See)
সেগুন सेगुन

ସେଘେନି—ଦେ. ଅ—ସେଥିପାଇଁ—For that. [ଉ—ସୁଲ ସୁତ Segheni ତବେ ଅସ୍ତ୍ରକୁ ନ ଜାଣଇ, ଅମ୍ଭ ସଙ୍ଗେ ସେ ସେଘେନି
সেই জন্য ବିବାଦ କରଇ । କୃଷ୍ଣସିଂହ. ମହାଭାରତ· ବନ ।]
इसलिये

ସେଙ୍କ୍(ଙ୍ଖ)—ଦେ. ବି—ସେଙ୍କ୍ ଚିଲି (ଦେଖ)
Senk (ṅkh)   Senk chili (See)
ଧଣ—ସେଙ୍କ୍ ଚିଲିଆ (ଦେଖ)—Senk chilia (See)

ସେଙ୍କ(ଙ୍ଖ) ଚିଲି—ଦେ. ବି (ସ. ଶଙ୍ଖଚିଲ୍ଲ ପକ୍ଷୀ ଅନ୍ୟ ପକ୍ଷୀମାନଙ୍କଠାରୁ
Senk(ṅkh) chili ଚତୁରତା ପୂର୍ବକ ମାଛ ଆଦି ଝାମ୍ପି ନେବାରୁ
चालाकी ଶଙ୍ଖଚିଲ୍ଲ ଶବ୍ଦରୁ ଏ ଶବ୍ଦର ଭାବ ଆସିଅଛି)—୧ ।
सेखचिल्ली ଦୁଷ୍ଟିତା; ଚତୁରତା; ଧୂର୍ତ୍ତତା—1. Slyness; cunning. ୨ । ଫାଜିଲପଣ—2. Boastfulness; over forwardness; bragging. ବିଣ (ପୁଂ ଓ ସ୍ତ୍ରୀ)—ସେଙ୍କ୍ ଚିଲିଆ (ଦେଖ)—Senk chilia (See)

ସେ(ସି)ଙ୍କ୍(ଙ୍ଖ) ଚିଲିଆ—ଦେ. ବିଣ—(ସ୍ତ୍ରୀ ଓ ପୁଂ)—୧ । ଧୂର୍ତ୍ତ;
Se(si)ṅk(ṅkh)chilia. ଚତୁର—1. Sly; cunning
चालाकी ୨ । ଫାଜିଲ୍—2. Boastful; over forward;
सेखचिल्ली braggart

ସେଙ୍କା—ଗ୍ରା. ବି— ୧ । (ସ. ଶଙ୍କା) ଶଙ୍କା (ଦେଖ)—1. Śaṅkā
Seṅkā (See) ୨ । (ସ. ସଙ୍କୋଚ) ସଙ୍କୋଚ (ଦେଖ)
Saṅkocha (See)

ସେଙ୍କା(ଙ୍କେ)ଇବା—ଗ୍ରା. କ୍ରି—୧ । ସେଙ୍କିବାର ଣିଜନ୍ତରୂପ—
Seṅkā(ṅke)ibā 1. Causative form of Seṅkibā
शंका देआन ୨ । ଶଙ୍କିତ କରାଇବା; ଶଙ୍କା ଦେବା—2. To
सङ्कित करना frighten. ୩ । ଚେପାଇବା; ନିପୀଡ଼ିତ କରିବା
—3. To oppress.

ସେଙ୍କିବା—ଦେ. କ୍ରି (ସ. ଶଙ୍କା)—୧ । ଶଙ୍କିତ ହେବା—1. To
Seṅkibā be frightened. ୨ । (ସ. ସଙ୍କୋଚ; ଭୁଲ
शंकित हओया ଇଂ. ଶ୍ରିଙ୍କ୍) କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ
सङ्कित होना ହେବା—2. To shrink from doing a thing. ୩ । ମାନ୍ୟଜନଙ୍କୁ ବା ଗୁରୁଙ୍କୁ ବା ପ୍ରଭୁଙ୍କୁ ଦେଖି ଲଜ୍ଜାରେ ବା ଭୟରେ ଜଡ଼ୀଭୂତ ହେବା—3. To shrink before one's superior, owing to fear or awe.

ସେଙ୍ଗା—ପ୍ରାଦେ. (ବଲାଙ୍ଗିର ପାଠଣା) ବି—ଛୁଇଁ—
Seṅgā Legumen.

ସେଙ୍ଗେଲ୍—ପ୍ରାଦେ. (ବଲାଙ୍ଗିର ପାଠଣା, କୋନ୍ଧ ଭାଷା)—ଜୁଇ—
Seṅgel Fire.

ସେଚକ—ସଂ. ବି. ପୁଂ (ସିଚ୍ ଧାତୁ + କର୍ତ୍ତୃ. ଅକ)—୧ । ସେଚନକାରୀ
Sechaka ବ୍ୟକ୍ତି (ମେଦିନୀ)—1. Sprinkler. ୨ । ମେଘ
(ସେଚକା—ସ୍ତ୍ରୀ. ବିଣ) (ମେଦିନୀ)—2. Cloud. ସ. ବିଣ. ପୁ.—
ସେଚନକାରୀ—Sprinkling.

ସେଚନ—ସଂ. ବି (ସିଚ୍ ଧାତୁ + ଭାବ. ଅନ)—୧ । ସେକ; ପାଣି
Sechana ଆଦି ଛିଞ୍ଚିବା—1. Sprinkling. ୨ । କ୍ଷେତ୍ରରେ ପାଣି ମଡ଼ାଇବା—2. Irrigation of a field for raising a crop. ୩ । କ୍ଷରଣ—3. Oozing. ୪ । ଅଭିଷେକ (ହେ. ଶ)—4. Shower-bath. ୫ । ଧାତୁକୁ ତାଳିବା କାମ (ହେ. ଶ)—5. Melting and moulding of metal; casting of metal. ୬ । (+ କରଣ. ଅନ) ନୌକା ଭିତରୁ ଜଳ ସେଚନ କରିବା ପାତ୍ର (ମେଦିନୀ)—6. A pot for baling out water from inside a boat. ୭ । ସେଣା—7. A basket for baling out water from a tank. ୮ । ଜଳ ସେଚନ କରିବା ବାଲ୍ଟି—8. Sprinkling bucket (Apte).

ସେଚନକ—ସଂ. ବି (ସେଚନ + କ)—ଅଭିଷେକ—
Sechanaka Ceremonial shower-bath.

ସେଚନ ଘଟ—ସଂ. ବି (ମ. ଭ. ଶ୍ଳୋ)—ଯେଉଁ ଘଟରେ ଥିବା ପାଣି
Sechana ghaṭa ଘଟର ମୁହଁ ବାଟେ ଛିଞ୍ଚା ଯାଏ—A pitcher with which water is sprinkled.
[ଦ୍ର—ଏହାପରି ସେଚନ ପାତ୍ର, ସେଚନ କଲସ ଆଦି ଶବ୍ଦ ହୁଏ ।]

ସେଚନୀ—ସଂ. ବି. ସ୍ତ୍ରୀ (ସେଚନ + ସ୍ତ୍ରୀ. ଈ)—ସେଚନ କରିବା ପାତ୍ର;
Sechanī ସେଣା—A basket for baling out water.

ସେଚନୀୟ—ସଂ. ବିଣ (ସିଚ୍ ଧାତୁ + କର୍ମ. ଅନୀୟ)—ସେଚନ
Sechanīya କରିବା ଯୋଗ୍ୟ—
Fit to be sprinkled or irrigated.

ସେଜ୍‌କେ—ପ୍ରାଦେ. (ପାଠଣା) ଅ—ସେଠାକୁ—
Sej-ke To that place.

ସେଜ (ଇତ୍ୟାଦି)—ଦେ. ବି (ସ. ଶଯ୍ୟା)—ଶେଜ ଇତ୍ୟାଦି (ଦେଖ)
Seja (etc) Śeja etc. (See)

ସେଜାଇବା—ଦେ. କ୍ରି (ସ. ଶଯ୍ୟା; ସଜ୍ଜିତ)—୧ । ଶଯ୍ୟାକୁ ସଜ୍ଜିତ
Sejāibā କରିବା—1. To arrange or prepare the
साजान bed for a person. ୨ । ସଜ୍ଜିତ କରିବା—
सजाना 2. To arrange. ୩ । ଶେଜାଇବା (ଦେଖ)
3. Śejāibā (See)

ସେଜି—ପ୍ରାଦେ. (ଗଞ୍ଜାମ) ବି (ସ. ସଦ୍ମନ୍)—ଘରର ଛାତରେ ପଡ଼ିବା
Seji ଭୁଷ ଆଦି (ଗୋପୀନାଥ ନନ୍ଦ); ଘରଛପରର ବଲମ—
The framework of a thatched roof.

ସେଟ୍—ବୈଦେ. ବି (ଇଂ)—୧ । ବହୁ ଅଳଙ୍କାରର ସଜ ବା ମେଳ—
Set 1. A set of ornaments. ୨ । ଯନ୍ତ୍ରପାତିର
সেট ସଜ—2. A set of instruments. ୩ । ପୋଷାକର ସାଜ—3. A set of dress. ୪ । ବହୁ ଖଣ୍ଡ
सेट ବା ଭାଗବିଶିଷ୍ଟ ପୁସ୍ତକର ଏକ ସାଜ—4. A set of books. ବୈଦେ. ବିଣ—ଶୃଙ୍ଖଳରୂପେ ବସା ଯାଇଥିବା ବା ଖଞ୍ଜା ଯାଇଥିବା (ସମ୍ବାଦ)—
Well set; regulated; put into order.

ସେଟ୍ କରିବା—ଦେ. କ୍ରି—ଯନ୍ତ୍ରାଦିକୁ ଶୃଙ୍ଖଳରୂପେ ଖଞ୍ଜିବା—To set
Set karibā or regulate any instrument
সেট করা सेट करना or machine.

ସେଟ୍ ସ୍କୋ(ସ୍କ୍ୱା)ୟାର୍—ବିଦେ ବ (ଇଂ ସେଟ୍ ସ୍କ୍ୱାୟାର୍)—
Set sko(skwā)yār ଉଦ୍‌ଗାରେ ରେଖା-ଓ ସମକୋଣ ଟାଣିବା
সেট স্কোয়ার ପାଇଁ ବ୍ୟବହୃତ ତ୍ରିକୋଣାକାର ୨ ଖଣ୍ଡ କାଠ
सेट स्कोयार ବା ଧାତୁ ଫଳକ—Set-square.

ସେଟ—ସଂ ବ—ଏକ ପ୍ରାଚୀନ ଓଜନ ବା ମାନ (ବ୍ରୁ ଶ)—
Seta An ancient standard of weight or measure.

ସେଟର୍—ବିଦେ. ବ (ଇଂ)—ଏକପ୍ରକାର ଶିକାରି କୁକୁର—
Setar Setter, a kind of dog. [ଦ୍ର—ଏମାନେ
সেটর सेटर ଶିକାର ଉପରେ ବା ଅନ୍ତରାଳରେ ଥିବା ଚଢ଼େଇ ଆଦିଙ୍କୁ
ଲକ୍ଷ କରି ସେହିପରେ ବସି ରହି ଶିକାରୀଙ୍କୁ ଏଥିର
ସଙ୍କେତ ଦଅନ୍ତି ।]

ସେଟଲ୍—ବିଦେ. ଷଣ (ଇଂ. ସେଟ୍‌ଲ୍ କ୍ରିୟାର ରୂପବ; ଷଣ. ସେଟ୍‌ଲ୍ଡ)
Setal —ଚୁକ୍ତିଦ୍ୱାରା ସ୍ଥିରୀକୃତ; କର୍ଣ୍ଣାରିତ—Settled by
সেটল contract. ବ (ଇଂ. ସେଟ୍‌ଲ୍‌ମେଣ୍ଟ୍)—୧ । ଚୁକ୍ତି-
सेटल ମତେ ସ୍ଥିରୀକରଣ—1. Settling of a contract
୨ । କୌଣସି ବିଷୟର ଶେଷ ମୀମାଂସା—
2. Final settlement of a matter.

ସେଟଲ୍ କରିବା—ଦେ. କ୍ରି (ଇଂ. କ୍ରିୟା ସେଟ୍‌ଲ୍)—୧ । ଚୁକ୍ତି
Setal kariba ମୁତାବକ କୌଣସି ବିଷୟ ମୀମାଂସା
সেটল করা କରିବା—1. To settle a contract. ୨ ।
सेटल करना ଚୁକ୍ତି କରିବା—2. To settle; to contract. ୩ । ହିସାବ ନିକାଶ କରିବା—3. To settle an account.

ସେଟଲ୍‌ମେଣ୍ଟ୍—ବିଦେ. ବ (ଇଂ.ସେଟ୍‌ଲ୍‌ମେଣ୍ଟ୍)—ଭୂରାଜସ୍ୱ ବନ୍ଦୋବସ୍ତ;
Setal-ment ଭୂରାଜସ୍ୱ ସ୍ଥିରୀକରଣାର୍ଥ ଜମିଦାର ଓ ପ୍ରଜାଙ୍କ ଜମି-
(ସେଟ୍‌ଲ୍‌ମେଣ୍ଟ୍—ଅପଭ୍ରଂଶ) ଜମା, ସମ୍ପର୍କ ଓ ବାଧ୍ୟବାଧକତା ଓ ସ୍ୱତ୍ୱ
সেটলমেন্ট লିପିବଦ୍ଧ କରିବା ପାଇଁ ସରକାରଙ୍କ ଅବଲମ୍ବିତ
सेटलमेंट ଅନୁଷ୍ଠାନ ପ୍ରଣାଳୀ—Revenue settlement operation undertaken by the Government for settlement of land revenue and preparation of record-of-rights.
[ଦ୍ର—ଏହି ଶବ୍ଦ ସଙ୍ଗେ ଓଡ଼ିଆ ଭାଷାରେ ଅନେକଗୁଡ଼ିଏ ଇଂରାଜୀ ଓ ଫାରସୀ ଶବ୍ଦ ପ୍ରବେଶ କରିଅଛି ଓ ଇଂରାଜୀ ଭାଷାରେ ମଧ୍ୟ ଅନେକଗୁଡ଼ିଏ ଫାରସୀ ଶବ୍ଦ ପ୍ରବେଶ କରିଅଛି—

(ଫା) ଦଶସାଲ ସେଟଲ୍‌ମେଣ୍ଟ—Decennial settlement.

(ଇଂ) ରିଭିଜନ୍ ସେଟଲ୍‌ମେଣ୍ଟ—Revisional settlement.

(ଇଂ) ରେକର୍ଡ—Record.

(ଫା) ଖାନାପୁରୀ—Khanapuri.

(ଫା) ଖସଡ଼ା—Khasra.

(ଇଂ) ଅଟେଷ୍ଟେସନ୍—Attestation.

(ଫା) ଯାଞ୍ଚ—Janch.

(ଫା) ଅମୀନ—Amin.

(ଇଂ) ଇନ୍‌ସ୍‌ପେକ୍ଟର୍—Inspector.

(ଇଂ) ସୁପରଭାଇଜର—Supervisor.

(ଫା) ପଟୱାରୀ, ପଟାଳ—Pertal.

(ଫା) ବଦର—Bother.

(ଫା) ରାଜି ବଦର—Rāzi bother.

(ଫା) କବୁଲିୟତ୍—Kabuliyat.

(ଇଂ) ଫାଇନାଲ୍ ପବ୍ଲିକେସନ୍—Final publication.

(ଇଂ) ସର୍ଭେ—Survey.

(ଇଂ) ସରଭ(ଭ)ୟର ବା ସର୍ବେ(ର୍ଭେ)ୟର୍—Surveyor.

(ଇଂ) ଏକର୍—Acre.

(ଇଂ) ଡି(ଡେ)ସିମଲ୍—Decimal.

(ଫା) ମିଲନ୍ ଖସଡ଼ା—Milan khasra.

(ଇଂ) ହେଡ୍ ଅଫିସ—Head office.

(ଫା) ଜରିବ—Jarib; measurement.

(ଇଂ) ଏରିଆ—Area.

(ଇଂ) ଏକର୍ କୋମ୍—Acre comb.

(ଇଂ) ସ୍କେଲ୍—Scale.

(ଇଂ) କମ୍ପାସ—Compass (divider).

(ଇଂ) ବାଉଣ୍ଡେରି, ବାଣ୍ଡେରି—Boundary.

(ଇଂ) ପ(ପା)ର୍ଚ୍ଚା; ପାର୍ଚ୍ଚା—Parcha, (Parchment).

(ଇଂ) ସ୍ଲିପ—Slip.]

ସେଟଲ୍‌ମେଣ୍ଟ ଅଫି(ଫି)ସ୍(ସି)—ବିଦେ. ବ (ଇଂ. ସେଟ୍‌ଲ୍‌ମେଣ୍ଟ୍
Setal-ment api(phi)s(si) ଅଫିସ୍)—ସେଟଲ୍‌ମେଣ୍ଟ
সেটলমেন্ট আফিস ଅଫିସରଙ୍କ କଚେରି—Settlement office.
सेटलमेंट ऑफिस

ସେଟଲ୍‌ମେଣ୍ଟ ଅଫିସର—ବିଦେ. ବ (ଇଂ. ସେଟ୍‌ଲ୍‌ମେଣ୍ଟ୍ ଅଫିସର୍)—
Setal-ment aphisar ସେଟଲ୍‌ମେଣ୍ଟ ବିଭାଗର ସର୍ବୋଚ୍ଚ
সেটলমেন্ট আফিসর্ হাকিম—Settlement Officer. [ଦ୍ର—
सेटलमेंट ऑफिसर ଏହାଙ୍କ ଅଧସ୍ତନ ହାକିମଙ୍କୁ ଅସିଷ୍ଟାଣ୍ଟ ସେଟଲ୍‌ମେଣ୍ଟ ଅଫିସର୍—Assistant Settlement Officer କୋଲାଯାଏ ।]

ସେଟଲ୍‌ମେଣ୍ଟ କା(କ୍ୟା,କେ)ମ୍ପ—ବିଦେ. ବ (ଇଂ. ସେଟ୍‌ଲ୍‌ମେଣ୍ଟ୍
Setal-ment kā(kyā,ke)mp କାମ୍ପ)—ମଫସଲର ଯେଉଁ
সেটলমেন্ট কাম্প ଯେଉଁ ସ୍ଥାନରେ ସେଟଲ୍‌ମେଣ୍ଟ କାମ ତଦାରଖ କରିବା
सेटलमेंट कैम्प କର୍ମଚାରୀମାନଙ୍କ ଅବସ୍ଥାନରେ କେହି କାର୍ଯ୍ୟ କରୁଥିବା ହାକିମଙ୍କ ଛାଉଣି—Camp of an official of the Settlement Department.

ସେଟଲ୍‌ମେଣ୍ଟ୍ ନକ୍ସା—ବୈଦେ· ବି (ଇଂ. ସେଟ୍‌ଲ୍‌ମେଣ୍ଟ୍ + ଫା. ନକ୍ସା)—
Seṭal-meṇṭ nakṣā ସେଟ୍‌ଲ୍‌ମେଣ୍ଟ୍ ହାକିମଙ୍କ କାଣ୍ଡର ଅନୁସାରେ (ସେଟ୍‌ଲ୍‌ମେଣ୍ଟ୍ ମା[ମେ]ପ୍—ଅନ୍ୟ ଇଂ. ରୂପ) କରାଯାଇଥିବା ଜମିର
সেটলমেণ্ট নক্সা — ଚିତ୍ର—Settlement-map.
सेटलमेंट नक्सा

ସେଟଲ୍‌ମେଣ୍ଟ୍ ପଟା(ଟ୍ଟା)—ଦେ. ବି (ଇଂ. ସେଟ୍‌ଲ୍‌ମେଣ୍ଟ୍ + ସଂ· ପଟ୍ଟ)—
Seṭal-meṇṭ paṭā(ṭṭā) ସେଟ୍‌ଲ୍‌ମେଣ୍ଟ୍ ହାକିମଙ୍କ ଦ୍ୱାରା ଦତ୍ତ
সেটলমেণ্ট পাট্টা ହୋଇଥିବା ଭୂସ୍ୱତ୍ୱ ଲିପି—Settlement
सेटलमेंट पट्टा record-of-rights. [ଦ୍ର—ଏହାର ମୂଳ ଲେଖ ସରକାରୀ ମହାଫେଜ ଖାନାରେ ରହେ ଓ ଗୋଟିଏ ନକଲ ଜମିଦାରଙ୍କୁ ଓ ଗୋଟିଏ ନକଲ ପ୍ରଜାଙ୍କୁ ଦିଆଯାଏ ।]

ସେଟଲ୍‌ମେଣ୍ଟ୍ ପ(ପା)ରଚ୍ଚା—ବୈଦେ. ବି (ଇ.. ସେଟ୍‌ଲ୍‌ମେଣ୍ଟ୍ + ଇଂ.
Seṭal-meṇṭ pa(pā)rachā ପାର୍‌ଚ୍‌ମେଣ୍ଟ୍)—ଭୂସ୍ୱତ୍ୱ ଲିପିର (ସେଟଲମେଣ୍ଟ୍ ପରଚ୍ଚା, ସେଟଲମେଣ୍ଟ୍ ପାର୍ଚ୍ଚା—ଅନ୍ୟରୂପ) ସର୍ବ-
সেটলমেণ্ট পার্চা ଶେଷରେ ପ୍ରକାଶିତ ହେବା ପୂର୍ବରୁ ପ୍ରଜାଙ୍କୁ ଓ
सेटलमेंट पर्चा ଭୂମ୍ୟଧିକାରୀଙ୍କୁ ହାଲ୍ ଜଣାଇ ଦେବା ପାଇଁ ଯେଉଁ ଚିଠା ଦାଖଲ ମିଳେ—
Slips of paper or notes supplied to the raiyats and the landowners (containing a memo of the holdings) before final publication.

ସେଟଲ୍‌ମେଣ୍ଟିଆ—ଦେ. ବିଣ—୧ । ସେଟଲ୍‌ମେଣ୍ଟ୍ ବିଭାଗରେ କର୍ମ
Seṭal-meṇṭiā କରୁଥିବା (କର୍ମଚାରୀ)—1. Serving in the
সেটলমেণ্টি Settlement Department. ୨ । ସେଟ୍‌ଲ୍‌ମେଣ୍ଟ୍
सेटलमेंटवाला ସମ୍ବନ୍ଧୀୟ—2. Relating to Settlement.

ସେଟଲ୍‌ମେଣ୍ଟୁ—ପ୍ରାଦେ (ଗଞ୍ଜାମ) ବୈଦେ· ବି—(ତେଲୁଗୁମାନଙ୍କର
Seṭalmeṇṭu ଶବ୍ଦର ଶେଷ ଅକ୍ଷରର 'ଅ' ସ୍ଥାନରେ 'ଉ' ଉଚ୍ଚାରଣଜନିତ ଅଭ୍ୟାସର ଅନୁକରଣ; ଇଂ. ସେଟ୍‌ଲ୍‌ମେଣ୍ଟ୍)—
୧ । ସେଟଲ୍‌ମେଣ୍ଟ୍ (ଦେଖ)—1. Seṭalmeṇṭ (See)
୨ । ଚୋର, ଦଣ୍ଡାସୀ ଆଦି ଅପରାଧୀ ଜାତିମାନଙ୍କୁ ରାତିରେ ଗ୍ରେଫ୍ କରିବାର ସୁବିଧା ନ ଦେବା ଉଦ୍ଦେଶ୍ୟରେ ଗଭର୍ଣ୍ଣମେଣ୍ଟ ସ୍ଥାନେ ସ୍ଥାନେ ସେମାନଙ୍କ ପାଇଁ ଯେଉଁ ଉପନିବେଶ ପ୍ରତିଷ୍ଠା କରିଥାନ୍ତି—2. Settlement of the members of some criminal tribes, at certain places, started by the Government (with a view to keeping watch over their movements during the night).

ସେଟା—ଗ୍ରା. ସର୍ବ (ଅନାଦରାର୍ଥକ)—ସେଇଟା (ଦେଖ)—
Seṭā Seiṭā (See) ପ୍ରାଦେ (ପାଟଣା) ଅ—ସେହିଠି—The same.

ସେଟି—ଦେ· ସର୍ବ (ଅନାଦରାର୍ଥକ)—ସେଇଟି (ଦେଖ)—Seiṭi (See)
Seṭi [ସେଟି ନିର୍ମଳ ସ୍ଥାନ ହେତୁ, ଭବସାଗର ପାର ସେତୁ—ଜଗନ୍ନାଥ, ଭାଗବତ ।] ବୈଦେ· ବି (ଇଂ· ସେଟ୍ଟୀ)—
সেট্টি **सेट्टी** ଦୁଇ ଜଣଙ୍କର ବସିବା ପାଇଁ ବ୍ୟବହୃତ ଓ ଆଉଜିବା ପାଇଁ ପଛଆଡ଼େ ବାଡ଼ା ଥିବା ଚଉକି ବା ସୋଫା—Settee.

ସେଟିକୁ—ପ୍ରାଦେ (ବାଲେଶ୍ୱର) ଅ—ସେଠାକୁ—
Seṭiku To that place.

ସେଟୁ—ଦେ· ବି—ତରଭୁଜ ଫଳ (କଟାଧର)—
Seṭu Water melon.
ଅନ୍ୟ ସ. ନାମ—ତେଲାକ, ଚକ୍ରଫଳ, ମୁଖାଶ, ଗଜଚର୍ମିଭ, ଲତା-ପନସ, କାଟାମ୍ର ।

ସେଟ୍ (ଇତ୍ୟାଦି)—ସେଟଲ୍ ଇତ୍ୟାଦି (ଦେଖ)
Seṭl (etc) Seṭal etc. (See).

ସେଠ(ଇତ୍ୟାଦି)—ଦେ. ବି (ସ. ଶ୍ରେଷ୍ଠୀ)—ଶେଠ ଇତ୍ୟାଦି (ଦେଖ)
Seṭha (etc) Seṭha etc. (See).

ସେଠଉଁ—ଦେ. ସର୍ବନାମ (ସ, ତତ୍ସ୍ଥାନାତ୍)—୧ । ସେହି ସ୍ଥାନରୁ—
Seṭhauṅ 1. Thence; from that place.
সেথাথেকে **वहाँसे** ଦେ. ଅ—ତା ପରେ—
(ଏଠଉଁ—ବିପରୀତ) Then; thereafter.

ସେଠା—ଦେ. ସର୍ବ (ସ. ତତ୍ ଓ ସ୍ଥାନ)—ସେହି ସ୍ଥାନ—
Seṭhā That place, ବିଣ—ସେ ସ୍ଥାନର—
সেথা **वहाँ** Of that place.
(ଏଠା—ବିପରୀତ)

ସେଠାଇଁ[ଏଁ]—ଦେ. ଅ (ସ· ତତ୍ ସ୍ଥାନେ)—୧ । ସେ ସ୍ଥାନରେ—
Seṭhāiṅ(eṅ) 1. There; at that place.
(ଏଠାଇଁ—ବିପରୀତ) ୨ । ତାଙ୍କଠାରେ—
সেথায় **वहांपर** 2. At him or her.
୩ । ତାଙ୍କ ନିକଟରେ—3. Near him or her.

ସେଠାକା(ର)—ଦେ. ବିଣ—୧ । ସେହି ସ୍ଥାନର—1. Of that
Seṭhākā(ra) place. ୨ । ସେହି ଦେଶର—
[ସେଠାକାର—ଅନ୍ୟରୂପ] 2. Of that country.
[ଏଠାକା—ବିପରୀତ]
সেথাকার **वहाँका**

ସେଠାକୁ—ଦେ· ସର୍ବନାମ—ସେ ସ୍ଥାନକୁ—
Seṭhāku To that place.
সেথায় **वहाँ**

ସେଠାନେ—ପ୍ରାଦେ [ସମ୍ବଲପୁର] ସର୍ବନାମ [ସ. ତତ୍ ଓ ସ୍ଥାନେ]—
Seṭhāne ୧ । ସେଠାରେ; ତହିଁ—1. There. ୨ । ସେଠାକୁ—2. To that place.

ସେଠାବେଣ—ଦେ ସର୍ବ(ପ୍ରାଚୀନ ପ୍ରୟୋଗ,ପଦ୍ୟ)-ସେଠାରେ—There,
Seṭhābeṇa [ଉ—ତୁରାଶ ହୋଇଲ ସେଠାବେଣ—ପ୍ରାଚୀ. (ସେଠାବେ - ଅନ୍ୟରୂପ) ପୂର୍ଣ୍ଣଚନ୍ଦ୍ରୋଦୟ ।)
সেথায় **वहाँ**

ସେଠାରୁ—ଦେ. ସର୍ବନାମ—୧ । ସେ ସ୍ଥାନରୁ—1. Thence; from
Setharu that place. ୨ । ତା ପରେ—
সেথাথেকে वहाँसे 2. After that.

ସେଠାରେ—ଦେ. ସର୍ବନାମ—ସେ ସ୍ଥାନରେ—There.
Sethare সেথায় वहाँपर (ଏଠାରେ—ବିପରୀତ)

ସେଠି (ଠିଁ)—ଦେ. ଅ—ସେହି ସ୍ଥାନରେ—There; at that
Sethi (thin) place. ଦେ. ବି—ଧୋବା ଜାତିର ଉପାଧି—
[ଏଠି (ଠିଁ) ବିପରୀତ] Family title of the washer-
সেথায় वाहाँपर man caste.

ସେଠିକା—ଦେ. ବିଣ—ସେହି ସ୍ଥାନର—Of that place.
Sethika সেথাকার वहाँका (ସେଠିକାର—ଅନ୍ୟରୂପ)
(ଏଠିକା, ଏଠିକାର—ବିପରୀତ)

ସେଠି(ଠିଁ)କି—ଦେ. ସର୍ବନାମ—ସେଠାକୁ; ସେ ସ୍ଥାନକୁ—
Sethi(thin)ki To that place.
(ଏଠିକି - ବିପରୀତ) সেথায়; वहाँ

ସେଠୁ(ଠୁଁ)—ଦେ. ସର୍ବ—୧ । ସେହି ସ୍ଥାନରୁ—1. Thence.
Sethu(thun) ୨ । ତତ୍ପରେ — 2. There-after.
[ଏଠୁ (ଠୁଁ)—ବିପରୀତ] সেথাথেকে वहाँसे

ସେଠେ(ଠେଁ)ଇଁ—ଦେ. ସର୍ବ—ସେହି ସ୍ଥାନରେ —There; at
Sethe(then)in সেথায়; वहाँ that place.
[ଏଠେ(ଠେଁ)ଇଁ—ବିପରୀତ]

ସେଡ଼(ଢ଼)—ବୈଦେ. ବି (ଜାହାଜିଅ ଶବ୍ଦ;ଇଂ.ସେଲ୍)ଜାହାଜର ପାଲ—
Serda(rdha) পাল पाल The sail of a ship.

ସେଡ଼(ଢ଼)ଖାନା—ବୈଦେ. ବି (ଜାହାଜିଅ ଶବ୍ଦ)—(ଇଂ. ସେଲ୍+
Serda(rdha)khana ଫା. ଖାନାହ୍)—ଜାହାଜର ଯେଉଁ
পালখানা, सेढ़खाना କୋଠିରିରେ ପାଲମାନ ବ୍ୟବହୃତ ନ
ହେଉଥିବେଳେ ରଖାଯାଇ ଥାଏ ବା ତିଆର ହୁଏ—
The cabin of a ship where the sails
when not in use are stored or where
they are made.

ସେଡ଼(ଢ଼) ହଙ୍କାରିବା—ଦେ. କ୍ରି (ଜାହାଜିଅ ଶବ୍ଦ)—୧ । ଜାହାଜର
Serda(rdha) hankariba ପାଲକୁ ଟାଣିବା—1. To
পালউড়ান(টানা) सेढ़खपटना draw up the sails of a
ship. ୨ । ପାଲ୍‌ଟାଣି ଜାହାଜକୁ ଚଳ କରିବାକୁ
ଛାଡ଼ିବା—2. To set sail.

ସେଢ଼ି—ଦେ. ବି—(ଜାହାଜିଅ ଭାଷା)—ଡଙ୍ଗାରୁ କୂଳକୁ ଓ କୂଳ
Serdi ଡଙ୍ଗା ଉପରକୁ ଯିବା ପାଇଁ ଲଗାଯିବା ପଟା—The
সিঁড়ী सीढ़ी plank used for embarking or dis-
embarking.

ସେଢ଼ିକି—ଦେ. ଅ—୧ । ତେତିକି; ତେତେବଡ଼—1. So big.
Serdiki ୨ । ସେହିପରି; ସେହି ପ୍ରକାରେ—2. Such; in
ততবড়; इतनाबड़ा such manner. ୩ । ତେତେ ଉଚ—
3. So high.

ସେଢ଼ୁ(ଢ଼ୁ)ଆ—ଦେ. ବି—(ସଂ. ସେତୁ; ସେତୁ)—ଛୋଟ ଶ୍ରେଣୀ;
Serdu(rdhu)a ବଡ଼ ଶ୍ରେଣୀରେ ଜଳାଶୟରୁ ଜଳ ଉତ୍ତୋଳନ
সেঁউতী; ডোলচী, लोहँदी ହୋଇ ସେହି ମଧ୍ୟରୁ ପଡ଼ିଆରେ କମ୍
ହେଲେ ଉକ୍ତ ହେଣ୍ଟାରୁ ସେତିକି ଯନ୍ତ୍ର ସାହାଯ୍ୟରେ ଦୁଇ ହାତ
ଦ୍ୱାରା ପାଣିକୁ କିଆରି ମଧ୍ୟକୁ ଫିଙ୍ଗାଯାଇ ଛଣାଯାଏ—
A small wooden spoon-like tray for
throwing water from channels into the
fields for irrigation. [ବି—ଏହି ଯନ୍ତ୍ର କାଠରେ
ତିଆରି । ଏହାରି ଗୋଟିଏ ପାଖରେ ହାତ ବା ବେଣ୍ଟ
ଲାଗିଥାଏ । ଏହାର ଲମ୍ବ ଦେଢ଼ ହାତ ଓ ଚଉଡ଼ା ଆଠ
ଇଞ୍ଚ । ଏହା ନୌକା ପରି ଖୋଳା ହୋଇଥାଏ ଏବଂ ଏଥିର
ଅଗପାଖ ଖୋଲା ଥାଏ; ଖୋଲ ପାଖର ଦୁଇ ନାକରେ
ଡୋର ଲାଗିଥାଏ । ମନୁଷ୍ୟ ଗୋଟାଏ ହାତରେ ସେଢ଼ୁଅର
ବେଣ୍ଟକୁ ଧରେ ଓ ଅନ୍ୟ ହାତରେ ସେଢ଼ୁଅର ନାକରେ
ଲାଗିଥିବା ଦଉଡ଼ି ଦୁହିଁକି ଧରି ପଡ଼ଣୀରୁ ପାଣିକୁ ଉଠାଇ
କିଆରି ମଧ୍ୟକୁ ପୋଖରେ ।]

ସେ(ସି)ଢ଼ୁ(ଢ଼ୁ)ଆ—ଦେ. ବିଣ—ସିଢ଼ି ପରି ସରୁଆ—Thin or nar-
Se(si)rdu(rdhu)a row as a ladder. ବି (ନାମ)—କାଠ-
সিঁড়ীর মতন ଯୋଡ଼ି ନଦୀରୁ ବାହାରି ୧ ମାଇଲ ପୂର୍ବରେ କାହାଜ-
सीढ़ीके जैसे ଥିବା ନଦୀ (ଏହା ସିଢ଼ି ପରି ସରୁଆ
ଥିବାରୁ)—Name of a branch of the Katha-
jordi river, a mile to the east of the
Cuttack town.

ସେଡ଼ୁଟାଏ—ଦେ. ବିଣ ଓ ସର୍ବ (ଅନାଦରାର୍ଥକ)—୧ । ତେତେ
Serdutae ବଡ଼—1. So big. ୨ । ତେତେ ଉଚ—
ততবড়টা উतनाबड़ा 2. So high.
[ସେଡ଼ୁଟିଏ—ଆଦରାର୍ଥକ] [ଏଡ଼ୁଟାଏ—ବିପରୀତ]

ସେଡ଼େ—ଦେ. ବିଣ, କ୍ରି. ବିଣ, ବିଣର ବିଣ—୧ । ସେତେବଡ଼—
Serde 1. So big. ୨ । ସେଡ଼େ ଉଚ—2. So high. ୩ ।
ততবড় इतनाबड़ा ସେତେ ପରିମିତ—3. So much.
[ଏଡ଼େ—ବିପରୀତ]

ସେଡ଼େଟାଏ—ଦେ. ବିଣ ଓ ସର୍ବ (ଅନାଦରାର୍ଥକ)—୧ । ତେଡ଼େ
Serdetae ବଡ଼—1. So big. ୨ । ତେତେ ଉଚ—
ততবড় उतनाबड़ा 2. So high.
[ସେଡ଼େଟିଏ—ଆଦରାର୍ଥକ] [ଏଡ଼େଟାଏ—ବିପରୀତ]

ସେଡ଼େବଡ଼—ଦେ. ବିଣ—ତେଡ଼େ ବଡ଼; ତାହା ପରି ବଡ଼—So big.
Serde barda [ବି—ଏହିପରି ସେଡ଼େ ଖାନ, ସେଡ଼େ ଲମ୍ବା,
ততবড় इतनाबड़ा ସେଡ଼େ ମୋଟା ଆଦି ହୁଏ ।]
[ଏଡ଼େବଡ଼—ବିପରୀତ]

ସେଣ—ଦେ. ସଂ (ସଂ. ତତ୍ ଓ ସ୍ଥାନ)—୧ । ସେହି ସ୍ଥାନ; ତେଣ—
Sena সেদিগ, সেথা, 1. That place. ୨ । ସେହି ଦିଗ—
ওখান वहाँ, उधर (ଏଣ—ବିପରୀତ) 2. That quarter.
ওখানকার वहाँका ଣ—ସେହି ସ୍ଥାନର; ତେଣର—Of that
সেন place. ୪ (ସଂ. ସେନ)—ଉତ୍କଳବାସୀ ବଙ୍ଗାଳୀ
सेन ତନ୍ତୀଙ୍କ ବଂଶୋପାଧିବିଶେଷ—A family-title of Bengalee weavers settled for generations in Orissa. (ଦ୍ର—ଏମାନେ ବଙ୍ଗୀୟ ସେନ ଉପାଧିଧାରୀ । ଏମାନଙ୍କ ପୂର୍ବପୁରୁଷମାନେ ଓଡ଼ିଶାକୁ ବହୁ ପୂର୍ବରୁ ଆସି ବର୍ତ୍ତମାନ ଓଡ଼ିଆଙ୍କ ସହିତ ଗ୍ରହଣ କରିଅଛନ୍ତି ଓ ସେଣ ଉପାଧି ଗ୍ରହଣ କରିଅଛନ୍ତି ।]

ସେଣକା—ଦେ. ଣ (ସଂ. ତତ୍ ଓ ସ୍ଥାନ)—୧ । ସେ ସ୍ଥାନର—
Senaka 1. Of that place. ୨ । ସେହି ଦିଗର—
ওখানকার, সেখানকার वहाँका 2. Of that quarter.
(ସେଣକାର—ଅନ୍ୟରୂପ) (ଏଣକା—ବିପରୀତ)

ସେଣ(ଣି)କୁ—ଦେ. ଅ—ସେଣିକି (ଦେଖ)—
Sena(ni)ku Seniki (See)

ସେଣା—ଦେ. ବ (ସଂ. ଶ୍ୟେନ)—୧ । ଶ୍ୟେନ; ଛଞ୍ଚାଣ ପକ୍ଷୀ—
Senā 1. Hawk. [ଦ୍ର—ସେଣାପକ୍ଷୀ ପ୍ରାୟେ କ୍ଷେତ୍ରନ୍ତ୍ର
বাজপাখী ଗଗନଗତ—ସାରଳା. ମହାଭାରତ, ଅଦି ।] ୨ ।
बाज (ସଂ. ସେଚନ) ବାଉଁଶ ପାତିଆରେ ନିର୍ମିତ ଏକପ୍ରକାର ଜଳସେଚନ ଯନ୍ତ୍ର—2. A basket made of split bamboo for baling out water from
সিঅনী tanks.

ସେଣିକା—ଦେ. ଣ (ସଂ. ତତ୍ ଓ ସ୍ଥାନ)—୧ । ତେଣିକାର;
Senikā ସେହି ଅଡ଼ର—1. Of that side. ୨ । ସେହି
ওখানকার, সেখানকার ସ୍ଥାନର—2. Of that place.
वहाँका (ସେଣିକାର—ଅନ୍ୟରୂପ)

ସେଣିକି—ଦେ. ଅ—୧ । ତେଣିକି; ସେହି ଅଡ଼କୁ—1. To that
Seniki সেখানে side. ୨ । ସେହି ସ୍ଥାନକୁ—
वहा সেদিগে उधर 2. To that place. ୩ । ସେହି
ଦିଗକୁ—3. To that direction. ୪ । ସେହି
ଦିଗରେ—4. In that direction. (ଦ୍ର—ବୋହୂଘର ପାଣି ଯାଉ ସେଣିକି । ବଳାଇର ପାଣି ବହୁ ଏଣିକି—
তার পর, ওর পর उसके बाद ଢଗ ।) ୫ । ତା ପରେ—
5. Thereafter.

ସେଣୁ—ଦେ. ସଂ—୧ । ସେହି ସ୍ଥାନରୁ; ତେଣୁ—
Senu 1. Therefrom
সেখানথেকে उधरसे ୨ । ସେହି ଦିଗରୁ; ସେହିଆଡ଼ୁ—
(ଏଣୁ—ବିପରୀତ) 2. From that side.
সেইজন্যে ୩ । ତେଣୁ; ସେହି ଯୋଗୁଁ; ସେହି କାରଣରୁ—
उसकारणसे 3. Therefore.

ସେଣେ—ଦେ. ଅ—୧ । ସେଠାରେ; ସେହି ସ୍ଥାନରେ—1. There.
Sene সেখানে वहाँ ୨ । ସେହି ଅଡ଼ରେ—
(ଏଣେ—ବିପରୀତ) 2. In that side.
সেদিগে उधर ୩ । ସେହି ଦିଗରେ—3. In that direction.
୪ । ବିପରୀତ ଦିଗରେ—4. In opposite direction.
୫ । ପକ୍ଷାନ୍ତରରେ—5. On the other hand.
୬ । କର୍ଣ୍ଣେଷ୍ଟ ବ୍ୟକ୍ତିଙ୍କ ଅନୁପସ୍ଥିତିରେ—6. In one's absence; behind one's back.

ସେଣ୍ଟ୍—ବୈଦେ. ବ (ଇଂ)—୧ । ସାଧୁବ୍ୟକ୍ତି; ମହାତ୍ମା; ଖ୍ରୀଷ୍ଟାନ
Sent ଶାସ୍ତ୍ର ଲିଖିତ ଧର୍ମପ୍ରାଣ ବ୍ୟକ୍ତି, ଯେ ଧର୍ମରକ୍ଷାର୍ଥ ପ୍ରାଣ
সেন্ট संट ଦେବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ—1. Saint.
(ଯଥା—ସେଣ୍ଟ୍ ପଲ୍, ସେଣ୍ଟ୍ ପିଟର୍, ସେଣ୍ଟ୍ ଜର୍ଜ୍ ।)
୨ । (ଲାଟିନ୍ ସେଣ୍ଟ୍=ଶତ)—ସିଂହଳ ଆଦି ଦେଶ ପ୍ରଚଳିତ ରୌପ୍ୟମୁଦ୍ରାର ଶତାଂଶ ମୂଲ୍ୟର ତାମ୍ର ମୁଦ୍ରା—
2. Cent; a copper coin representing $\frac{1}{100}$ of a rupee. ୩ । ଆମେରିକା ଇଉନାଇଟେଡ୍ ଷ୍ଟେଟ୍‌ସ୍ ବା ଯୁକ୍ତରାଜ୍ୟରେ ପ୍ରଚଳିତ ମୁଦ୍ରାବିଶେଷ (ରୌପ୍ୟମୁଦ୍ରା ଡୋଲାରର $\frac{1}{100}$ ଅଂଶ)—3. A United State's coin, the hundredth part of a dollar. (ଦ୍ର—ପୂର୍ବେ ଏହା ତମ୍ବାରେ ତିଆରିଥିଲା, ବର୍ତ୍ତମାନ ଏହା ତମ୍ବା, ଟିଣ, ଦସ୍ତା ମିଶ୍ରିତ ଧାତୁ(Bronze) ରେ ତିଆରି ହେଉଅଛି ।) ୪ । ଶତ; ଶହେ—
4. Hundred. (ଯଥା—ପର୍ ସେଣ୍ଟ୍, ସେଣ୍ଟ୍ ପର୍ ସେଣ୍ଟ୍) ପ୍ରାଦେ (ଗଞ୍ଜାମ)—ଏକ ଏକରର $\frac{1}{100}$ ଅଂଶ ଜମି; ଏକ ଡେସିମଲ୍ (ଜମି)—Hundredth part of an acre; one decimal (of land).

ସେଣ୍ଟ୍ ଅପ୍—ବୈଦେ. ଣ (ଆଧୁନିକ ସ୍କୁଲ ପ୍ରଚଳିତ ଶବ୍ଦ) (ଇଂ)—
Sent ap ମାଟ୍ରିକୁଲେସନ୍, ଆଇ. ଏ, ବି. ଏ, ବି ଆଦି ଅନ୍ତିମ ପରୀକ୍ଷା
সেন্ট অপ ପାଇଁ ଅନୁଷ୍ଠିତ ଟେଷ୍ଟ୍ ବା ବଛାବଛି ପରୀକ୍ଷାର ଫଳ
सण्ट अप ପ୍ରତି ଦୃଷ୍ଟି ଦିଆଯାଇ ଯେଉଁ ଛାତ୍ରକୁ ବା ଛାତ୍ରୀକୁ ଉକ୍ତ ପରୀକ୍ଷାମାନ ଦେବା ପାଇଁ ମନୋନୀତ କରାଯାଏ—
(a student) Sent up for a final examination in consideration of the result of the preliminary test examination.

ସେଣ୍ଟ୍ ପର୍ ସେଣ୍ଟ୍—ବୈଦେ. ଣ (ଇଂ. ଇଂରାଜୀରେ ପ୍ରଚଳିତ ଲାଟିନ୍
Sent par sent ଶବ୍ଦଦ୍ୱୟ)—ଶତକଡ଼ା ଶହେ; ଶହେ ଭିତରେ
সেন্ট পর সেন্ট सेन्टपरसेन्ट ମଧ୍ୟରେ ସମସ୍ତେ—
Cent per cent.

ସେଣ୍ଟ୍ ଜର୍ଜ୍—ବୈଦେ. ବ (ଇଂ. ନାମ)—ଇଂଲଣ୍ଡ ରାଜ୍ୟର ରକ୍ଷାକର୍ତ୍ତା
Sent Jarj ଗୌରବିତ ସାଧୁଙ୍କ ନାମ—Saint George,
সেন্ট জর্জ सन्टजर्ज the patron saint of England. [ଦ୍ର—ଏ ଘୋଡ଼ାରେ ଚଢ଼ି

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ମୂତ' ନ ମିଳିଲେ 'ମୂତ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ରା' ନ ପାଇଲେ 'ଅଗ୍ରା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଡଚୋଇ ପଡ଼ିଥିବା ଗୋଟାଏ ଅସୁରକୁ ବର୍ଚ୍ଛାଦ୍ୱାରା ବଧ କରିଥିଲେ ଓ ଏଥିଯୋଗୁଁ ଏହାଙ୍କର ଅସୁରବଧକାଳୀନ ଚିତ୍ର ଇଂଲଣ୍ଡର ସ୍ୱର୍ଣ୍ଣ ମୁଦ୍ରାରେ ଛପା ହୋଇ ଅଛି ଓ ଏହାଙ୍କ ସ୍ମରଣାର୍ଥ ଇଂରେଜମାନେ ମାନ୍ଦ୍ରାଜର ଦୁର୍ଗକୁ ଫୋର୍ଟ୍ ସେଣ୍ଟ୍ ଜର୍ଜ୍ ନାମ ଦେଇଥିଲେ ।]

ସେଣ୍ଟ୍ ପଲ୍—ବିଦେ. ବ (ଇଂ. ନାମ)—ଖ୍ରୀଷ୍ଟ ଧର୍ମଶାସ୍ତ୍ର ରଚିତ
Sent pal ଜଣେ ମହାତ୍ମା—Saint Paul.
ସେଣ୍ଟପଲ सेन्टपल [ଦ୍ର—ଏହାଙ୍କ ନାମରେ ଇଂଲଣ୍ଡର ପ୍ରଧାନ ଗିର୍ଜାର ନାମକରଣ ହୋଇଅଛି ।] ଏ ଶବ୍ଦକୁ ଓଡ଼ିଆ ଖ୍ରୀଷ୍ଟାନମାନେ ସେଣ୍ଟ୍ ପାଉଲ୍ ବୋଲି ମଧ୍ୟ ଉଚ୍ଚାରଣ କରିବା ଦେଖାଯାଏ ।]

ସେଣ୍ଟ୍ ପିଟର୍—ବିଦେ. ବ (ରୁଷ୍ ନାମ)—ରୁଷିଆର ରକ୍ଷାକର୍ତ୍ତା
Sent pitar ଜଣେ ପୌରାଣିକ ମହାତ୍ମା—Saint
সেন্টপিটর सेन्टपिटर Peter, the patron saint of Russia.

ସେଣ୍ଟ ପିଟର୍ସ୍‌ବର୍ଗ—ଦେ.ବ (ନାମ)—ରୁଷିଆର ରାଜଧାନୀ ପେଟ୍ରୋଗ୍ରାଡ଼ର
Sent-pitars-barg ପୂର୍ବ ନାମ ଓ ଏକ ପ୍ରଦେଶର ନାମ—
সেন্টপিটার্স বর্গ सेन्टपिटर्स बर्ग Saint Petersburg, the old name of Petrograd, the capital of Russia and of a Province.

ସେଣ୍ଟ ବାର୍ଣ୍ଣାର୍ଡ଼ ପାଶ୍—ବିଦେ. ବ (ଇଂ)—ଆଲ୍‌ପ୍ସ ପର୍ବତର ଗିରିସଙ୍କଟ
sent barnnard pās ବିଶେଷ—Saint Bernard
সেন্টবার্নাড পাশ सन्टबार्नार्ड पास Pass.
(ସେଣ୍ଟବାର୍ଣ୍ଣାର୍ଡ଼ ଗିରିସଙ୍କଟ—ଦେ. ରୂପ) [ଦ୍ର— ଏହା ଇଟାଲୀରୁ ସୁଇଜରଲଣ୍ଡକୁ ଯିବା ପାଇଁ ବରଫମୟ ଗିରିସଙ୍କଟ । ଏହି ବାଟେ ଯିବା ଆସିବା ଯାତ୍ରୀମାନେ ବରଫରେ ପୋତି ହୋଇ ମରିଯିବାର ଆଶଙ୍କା ଥିବାରୁ ସେଠାରେ ପୂର୍ବକାଳରୁ ଗୋଟିଏ ଖ୍ରୀଷ୍ଟାନ୍ ମଠ ଅଛି । ଏହି ମଠରେ ସ୍ୱତନ୍ତ୍ର ଶିକ୍ଷିତ କୁକୁର (Saint Bernard dogs) ଅଛନ୍ତି । ସେମାନେ ଦିନଯାକ ଏହି ଗିରିସଙ୍କଟରେ ବୁଲି ମନୁଷ୍ୟ ଦେହର ବାସନା ବାରି ଜାଣିବ ଗୋଡ଼ର ନଖ ଦ୍ୱାରା ବରଫକୁ ଖୋଳି ତହିଁର ବରଫରେ ପୋତି ହୋଇ ଯାଇ ଅବଶ ହୋଇଥିବା ଯାତ୍ରୀମାନଙ୍କୁ ଖୋଜି ବାହାର କରନ୍ତି ପିଠିରେ ପକାଇ ମଠଠାକୁ ନେଇ ଆସନ୍ତି ଓ ମଠବାସୀ ବୈରାଗୀମାନେ ଏହି ଯାତ୍ରୀମାନଙ୍କୁ ଖାଦ୍ୟ ଔଷଧାଦି ଦେଇ ରକ୍ଷା କରନ୍ତି ।]

ସେଣ୍ଟ ଭିନସେଣ୍ଟ—ଦେ. ବ (ନାମ)—ବ୍ରିଟିଶଅଧିକୃତ ୱେଷ୍ଟଇଣ୍ଡିଜ୍‌ର
Sent bhin-sent ଦ୍ୱୀପବିଶେଷ—Isle of Saint
ସେণ্ট ভিনসেণ্ট सेन्टभिनसेन्ट Vincent in the West Indies.

ସେଣ୍ଟ୍ ହେଲେନା—ଦେ. ବ (ନାମ)—ଦକ୍ଷିଣ ଆଫ୍ରିକାର ପଶ୍ଚିମରେ
Sent helenā ଦକ୍ଷିଣ ଆଟଲାଣ୍ଟିକ୍ ମହାସାଗରସ୍ଥ
সেন্ট হেলেনা सेन्टहेलेना ବ୍ରିଟିଶ ଅଧିକୃତ ଦ୍ୱୀପବିଶେଷ—The Island of Saint Helena
[ଦ୍ର— ସେଠାରେ ନେପୋଲିୟନ୍ ବନ୍ଦୀ ହୋଇଥିଲେ ।]

ସେଣ୍ଟର୍—ବିଦେ. ବ (ଇଂ)—୧ । ବୃତ୍ତର କେନ୍ଦ୍ର—1. Center
Sentar of a circle. ୨ । ବହୁ ସ୍ଥାନର
সেন্টর सेंटर ପରୀକ୍ଷାର୍ଥୀଙ୍କର ପରୀକ୍ଷା ଦେବାପାଇଁ ନିର୍ଦ୍ଦିଷ୍ଟ କେନ୍ଦ୍ରସ୍ଥଳ—2. A centre for holding an examination; examination center.

ସେଣ୍ଟିଗ୍ରାମ୍—ବିଦେ. ବ (ଇଂ)—ଇଂରାଜୀ ଔଷଧର ଓଜନ 'ଗ୍ରାମ୍'ର
Sentigrām $\frac{1}{100}$; ଏକ ଗ୍ରେନ୍‌ର ·୧୫୪୩୨—
সেন্টিগ্রাম सेंटीग्राम Centigramme.

ସେଣ୍ଟିଗ୍ରେଡ୍—ବିଦେ. ବ (ଇଂ)—୧୦୦ ଭାଗରେ ବିଭକ୍ତ ଥର୍ମୋମିଟର୍
Sentigred ବା ଶରୀରର ତାପମାନ ଯନ୍ତ୍ର—Centigrade
সেন্টিগ্রেড thermometer. [ଦ୍ର—ଏଥିର ଜଳରେ ଜଳ
सेंटीग्रेड ବରଫହେବା ବେଳେ ପାରଦ ରହିବା ସ୍ଥାନରେ ୦ [ଶୂନ୍ୟ] ଡିଗ୍ରୀ ଓ ଜଳ ଫୁଟି ବାଷ୍ପ ହେବା ବେଳେ ପାରଦ ରହିବା ସ୍ଥାନରେ ୧୦୦ ଡିଗ୍ରୀ ଚିହ୍ନ ଦିଆ ଯାଇଥାଏ । ଏହି ତାପମାନ ଯନ୍ତ୍ରକୁ ମନୁଷ୍ୟର କାଖ ସନ୍ଧି ଓ ପାଟିରେ ପୂରାଇଲେ ପାରଦ ଜଳରେ ଯେତେ ଡିଗ୍ରୀରେ ଥାଏ, ଉକ୍ତ ବ୍ୟକ୍ତିର ସେତେ ଡିଗ୍ରୀ ଜ୍ୱର ହୋଇଅଛି ବୋଲି ଜଣାଯାଏ ।]

ସେଣ୍ଟିମେ(ମି)ଟର୍—ବିଦେ. ବ (ଇଂ)—ଫ୍ରେଞ୍ଚ୍ ଲମ୍ବ ମାପର ପରିମାଣ-
Senti me(mi)tar ବିଶେଷ; ଏକ ମିଟରର $\frac{1}{100}$; ୧ ଇଞ୍ଚର
সেন্টিমিটর सेंटीमिटर ·୩୯୩୭—Centimeter.

ସେଣ୍ଠୀ(ଣ୍ଠି)—ଗ୍ରା. ବ (ଅଶ୍ଳୀଳ) (ତୁଳ. ସଂ. ଶିଶ୍ନଦେଶପୃଷ୍ଠ ଶିଣ୍ଠିକା;
senti(nthi) ତୁଳ. ଗ୍ରୀକ୍ କ୍ଲାଇଟୋରିସ୍)—
ସଂ. ନାମ—ଯୋନିମଣି, ସ୍ତ୍ରୀ ଜନନେନ୍ଦ୍ରିୟ ମଧ୍ୟସ୍ଥ କୋମଳ
ଯୋନିଲିଙ୍ଗ; ଭଗାଙ୍କୁର; ମାଂସପିଣ୍ଡ; ଯୋନ୍ୟଙ୍କୁର (ଯାହା
কোঁট टना, टनी, टीटा ସାମାନ୍ୟ ପରିମାଣରେ ଲମ୍ବିକରି ରହିଥାଏ)—The clitoris [ଦ୍ର—ପୁରୁଷର ଲିଙ୍ଗ ପରି ଏହା ସ୍ତ୍ରୀମାନଙ୍କର କାମୋଦ୍ରେକକ । ଅଧୁନା (୧୯୩୮ ସେପ୍ଟେମ୍ବର ମାସରେ) ପ୍ରକାଶିତ 'ଦମ୍ପତି'ଙ୍କ ପ୍ରଣୀତ 'ବିବାହ ପରେ' ନାମକ ଯୌନବିଜ୍ଞାନ ବିଷୟକ ଗ୍ରନ୍ଥରେ 'ଶିଶ୍ନ' ଶବ୍ଦୋତ୍ପନ୍ନ 'ଶିଣ୍ଠିକା' ଶବ୍ଦ ଏହି ଅର୍ଥରେ ବ୍ୟବହୃତ ହୋଇଅଛି । ଏହା ସ୍ତ୍ରୀମାନଙ୍କ ପକ୍ଷରେ ପୁରୁଷର ଶିଶ୍ନର ସମ କାମୋଦ୍ରେକକାରୀ ଅଟେ ।]

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଞ	ଇୟ	ଉଅ	ଭ
୨	ଈ	ଊ	ଋ	ଌ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁ: ର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଁ	ଇଅ	ଢ଼	ନ୍ବ

ସେଣ୍ଟୁ—ପ୍ରାଦେ. (ଗଞ୍ଜାମ) ବି—ଏକ ଏକର୍ ଭୂମିର ଡେସିମଲ୍ ବା
Sentu ଶତାଂଶ—Decimal or one hundredth part of an acre of land.

ସେଣ୍ଟୁଲୁ—ପ୍ରାଦେ. (ଗଞ୍ଜାମ) ବି—ସେଣ୍ଟୁ; ଡେସିମଲ (ଜମି)—
Sentulu Decimal (of land).

ସେଣ୍ଟ୍(ଣ୍ଟ୍ରା)ଲ୍—ବୈଦେ. ବଣ (ଇଂ)—କେନ୍ଦ୍ର—Central.
Sentra(ntrā)l [ଦ୍ର—ଏହା ଅନ୍ୟ ଇଂରାଜୀ ଶବ୍ଦ ପୂର୍ବେ ସେଣ୍ଟ୍ରାଲ सेण्ट्रल ଯୁକ୍ତ ହୁଏ । ଯଥା—ସେଣ୍ଟ୍ରାଲ୍ କଲେଜ୍, ସେଣ୍ଟ୍ରାଲ୍ ଜେଲ୍, ସେଣ୍ଟ୍ରାଲ୍ ଡିଭିଜନ୍, ସେଣ୍ଟ୍ରାଲ୍ ଷ୍ଟେସନ୍]

ସେଣ୍ଟ୍(ଣ୍ଟ୍ରା)ଲ୍ ହିନ୍ଦୁ କଲେଜ୍—ବୈଦେ. ବି (ନାମ)—ସ୍ୱର୍ଗତା
Sentra(ntrā)l hindu kalej ଆନିବେଶାଣ୍ଟଙ୍କ ପ୍ରତିଷ୍ଠିତ ବନାରସ (କାଶୀ)ସ୍ଥ ଉଚ୍ଚ ବିଦ୍ୟାଳୟ—The Central Hindu College of Benares (started by the late Anne Besant). [ଦ୍ର—ଏଥିର ବିସ୍ତୃତ ବିବରଣ ପାଇଁ ପଣ୍ଡିତ ନୀଳମଣି ଦାସଙ୍କ 'ହିମାଳୟ ପଥେ' ଗ୍ରନ୍ଥ ଦ୍ରଷ୍ଟବ୍ୟ ।]

ସେଣ୍ଡ(ଣ୍ଢ)—ଦେ. ବି—୧ । ସେଣ (ଦେଖ) —1 Sena [See]
Senda(ndha) ୨ । ଷେଣ୍ଡ(ଣ୍ଢ) ଇତ୍ୟାଦି [ଦେଖ]—
2. Shenda(ndha) etc [See]

ସେଣ୍ଡା(ଣ୍ଢା)—ଦେ. ବି—ବେକ ମୁଣ୍ଡା; ବେକର ପୃଷ୍ଠଭାଗ—
Sendā(ndhā) The nape of the neck.
ঘাড় गरदन

ସେ(ସେଁ)ତଖାନା—ବୈଦେ. ବି (ଆ. ସେହତ୍+ଫା. ଖାନା; ସେହତ୍; =ଆରାମ୍, ସୁଖ, ରୋଗମୁକ୍ତ)—୧ । ପାଇଖାନା—1. Latrine; privy. ୨ । ମଳ-
Se(señ)tkhānā
সেখানা
संडास
ମୂତ୍ର ତ୍ୟାଗ କରିବା ପାଇଁ ଜାହାଜରେ ଓ ରେଲ ଗାଡ଼ିରେ ଥିବା କ୍ଷୁଦ୍ର କୋଠରି—
2. Lavatory in a ship or railway train.

ସେତ (ଇତ୍ୟାଦି)—ଦେ. ବଣ (ସଂ. ଶ୍ୱେତ)—ଶେତ ଇତ୍ୟାଦି (ଦେଖ)
Seta (etc) Śeta etc (See)

ସେତକ—ଦେ. ସର୍ବ—ସେତିକି ପରିମାଣ ବା ସଂଖ୍ୟା—So much;
Setaka that much (in quantity or number)
ততটা उतना

ସେତରଙ୍ଗ(ଙ୍ଗି, ଞ୍ଜ, ଞ୍ଜି)—ଦେ. ବି—ସତରଞ୍ଜ (ଦେଖ)—
Setaranga(ngi, nja, nji) Sataranga (See)
[ସେତରଞ୍ଜ (ଞ୍ଜି, ଙ୍ଗ, ଙ୍ଗି)—ଅନ୍ୟରୂପ]

ସେତା (ଇତ୍ୟାଦି)—ଦେ. ବଣ (ସଂ. ଶ୍ୱେତ)—ଶେତା ଇତ୍ୟାଦି (ଦେଖ)
Setā (etc) Śetā etc (See)

ସେତାଙ୍କ—ପ୍ରାଦେ. (ସମ୍ବଲପୁର) ସର୍ବ—ତାହାଙ୍କ—
Setānka His.

ସେତାର୍—ବୈଦେ. ବି (ଫା. ସିତାର୍)—ସିତାର୍ (ଦେଖ)
Setār Sitār (See) [ଦ୍ର—ମୁକୁନ୍ଦ ସେତାର-ତାର ଝଙ୍କାରେ ମଧୁପ ଉଡ଼ି ଉଡ଼ି—ଚନ୍ଦ୍ରାମଣି. ବନ୍ଧୁୟାଦବୀ ।]

ସେତାରା—ଦେ. ବି (ପ୍ରାଚୀନ ଓଡ଼ିଆ)—ତମ୍ବୁ (ପାଲଲା ଘାଞ୍ଜି)—
Setārā তাম্বু तम्बू Camp.

ସେତାରୀ—ବୈଦେ. ବଣ, ଓ ବି (ଫା. ସିତାରୀ)—ସିତାର ବଜାଇ-
Setārī ବାରେ ଦକ୍ଷ ବ୍ୟକ୍ତି—A person who can play
সেতারী सितारी on guitar.
[ସେତାରିଆ—ଦେ. ରୂପ]

ସେତି - ଗ୍ରା. ସର୍ବ—ସେହି; ସେଇଟି—That; that very thing
Seti [ଦ୍ର—ଏଥି ସେତେବେଳ ଦ୍ରବ୍ୟ ବୋଲନ୍ତି । ସକଳ ବସ୍ତୁ
সেইটি वही ଯୋଗ ବେଦ—ଯଶୋବନ୍ତ, ପ୍ରେମଭକ୍ତି. ବ୍ରହ୍ମଗୀତା]

ସେତିକି—ଦେ. ସର୍ବ—ସେହି ପରିମାଣ; ତେତିକି; ତେତେ ପରିମାଣ—
Setiki That much; so much. ବଣ—ସେହି ପରିମିତ—
ততটা उतनाही That much of.
[ଏଜିକ—ରୂପଭେଦ]

ସେତିକି ବେଳ—ଦେ. ବି—ସେହି ସମୟ; ତେତିକି ବେଳ—That
Setiki bela সেই সময় उस समय time.

ସେତିକି ବେଳକୁ—ଦେ. ଅ—ସେହି ସମୟସୁଦ୍ଧା—By that time.
Setiki belaku সেই সময়ে उस वक्तमें

ସେତିକି ବେଳୁଁ—ଦେ. ଅ—ସେହି ସମୟରୁ—Since then.
Setiki beluñ তখন থেকে उस समयसे

ସେତିକି ବେଳେ—ଦେ. ଅ—ସେହି ସମୟରେ—
Setiki bele At that time; then.
সেই সময়ে उस समयमें

ସେତୁ—ସଂ. ବି (ସି ଧାତୁ=ବନ୍ଧନ କରିବା+କରଣ. ତୁ)—
Setu ୧ । ଜଳ ବନ୍ଧାଇବା ପାଇଁ ନିର୍ମିତ ବନ୍ଧ; ହୁଡ଼ା; ଆଡ଼ବନ୍ଧ—
1. Embankment; dyke; high bank; dam.
୨ । ପୋଲ; ସାଙ୍କ—2. A bridge. ୩ । ନଦୀ ପାର ହେବା ପାଇଁ ନିର୍ମିତ ବନ୍ଧ—3. Causeway; mole across a river. ୪ । କ୍ଷେତର ହିଡ଼; ଅଳି (ଅମର) —
4. Ridge of a field. ୫ । ମର୍ଯ୍ୟାଦା; ସୀମା—
5. Boundary; limit. ୬ । ପ୍ରଣବ; ଓଁକାର (ହ. ବି)—6. The mystic syllable 'Om'. ୭ । ଟୀକା; ବ୍ୟାଖ୍ୟା (ହ. ଶ)—7. Annotation; key.
୮ । ବରୁଣ ବୃକ୍ଷ (ହ. ଶ)—
8. Cratoeva Aurifolia (wild tree).

ସେତୁକ—ସଂ. ବି (ସି ଧାତୁ+କର୍ତ୍ତୃ. ତୁ+କ)—୧ । ବରୁଣ ବୃକ୍ଷ
Setuka (ଶବ୍ଦରତ୍ନାବଳୀ)—1. Cratoeva Aurifolia

(a wild tree). ୨ । ବନ୍ଧ (ହୁ. ଶ)—2. Dam; dyke. ୩ । ପୋଲ (ହୁ. ଶ)—3. Bridge.

ସେତୁକୃତ—ବି. ବିଣ (ସଂ ସେତୁକୃତ୍)—ସେତୁ ବନ୍ଧନକାରୀ—Setukṛuta Constructing an embankment. [ଉ—ବିଶାଳ ଜାନୁ ସେତୁକୃତ ଦଶାସ୍ୟ ଉଗାନ ଟାଂଗା ପ୍ରତାରୁ—ଉଷ୍ଣ. ବୈଦେହୀଶବିଳାସ ।]

ସେତୁ ପତି—ବି. ବି—ମାନ୍ଦ୍ରାଜ ପ୍ରଦେଶର ମଦୁରା ଜିଲ୍ଲାର ଅନ୍ତର୍ଗତ ରାମନାଦ Setu pati ରାଜ୍ୟର ରାଜାଙ୍କ ବଂଶାନୁଗତ ଉପାଧି—The family title of the Raja of Ramnad estate in South India.

ସେତୁ ବନ୍ଧ—ସଂ. ବି—୧। ନଦୀ ବା ସମୁଦ୍ର ପାର ହେବା ପାଇଁ ପଥରରେ Setu bandha ବା ମାଟିରେ ନିର୍ମିତ ବନ୍ଧ—1. A dyke or bank accross a river or sea. ୨ । ସେତୁ (ଦେଖ)—2. Setu (See). ୩ । (ଉକ୍ତସ୍ଥାନ; ସେତୁ ହୋଇଅଛି ବୋଲି ପ୍ରବାଦ) ଭାରତର ଦକ୍ଷିଣ ପୂର୍ବ କୋଣ ରାମେଶ୍ୱରଠାରୁ ଲଙ୍କାର ଉତ୍ତର ପଶ୍ଚିମ କୋଣ ମାନ୍ନାର ପର୍ଯ୍ୟନ୍ତ ଲମ୍ବିଥିବା ମାନ୍ନାର ଉପସାଗରରେ ଥିବା ପ୍ରାଚୀନ ବନ୍ଧର ଭଗ୍ନାବଶିଷ୍ଟ ଅଧାରର ଖଣ୍ଡ ଖଣ୍ଡ ପାହାଡ଼ ଶ୍ରେଣୀ—3. Adam's bridge between Rāmeśwar in India and Mannar in Ceylon. ୪ । ସୀତାଙ୍କ ଉଦ୍ଧାରାର୍ଥ ରାମଚନ୍ଦ୍ରଙ୍କ ଆଦେଶରେ ଭାରତବର୍ଷରୁ ଲଙ୍କାକୁ ପାର ହୋଇ ଯିବା ନିମନ୍ତେ ଜଳ ଉପରେ ସମାଯୁକ୍ତବଦ୍ଧିତ ପଥରର ରାମମାନଙ୍କ ପୋଲ—4. The stone bridge described in the Rāmāyana to have been floated on the sea between India and Ceylon. [ପ୍ର—କଥିତ ଅଛି ଯେ, ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରିବାକୁ ଯାଉଥିବା ବାନରସେନାମାନଙ୍କର ପାର ହେବା ପାଇଁ ରାମଚନ୍ଦ୍ରଙ୍କ ଆଦେଶରେ ହନୁମାନ, ନଳ, ନୀଳ ଆଦି ବୀରମାନେ ରାମନାମ ପଥର ଆଦି ଦ୍ୱାରା ଏହି ସେତୁବନ୍ଧ ବାନ୍ଧିଥିଲେ,ଏବଂ ଲଙ୍କାରୁ ସୀତାଙ୍କୁ ଘେନି ଫେରି ଆସିବା ସମୟରେ ବାଟେ ଏହି ବନ୍ଧ ବାଟେ ରାକ୍ଷସମାନେ ଭାରତକୁ ଆସିବେ, ଏହି ଆଶଙ୍କାରେ ରାମଚନ୍ଦ୍ର ଉକ୍ତ ସେତୁବନ୍ଧକୁ ମଧ୍ୟେ ମଧ୍ୟେ କାଟି ଦେଇ ଆସିଥିଲେ ଓ ଏହା ଏ ପର୍ଯ୍ୟନ୍ତ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥରୂପେ ପରିଗଣିତ ହୋଇଅଛି । ଏହି ସେତୁବନ୍ଧ ବସ୍ତୁତଃ ଗୋଟିଏ ସମୁଦ୍ରସ୍ଥିତ ପାହାଡ଼ର ଶ୍ରେଣୀ ଅଟେ ଓ ଏହା ସ୍ଥାନେ ସ୍ଥାନେ ଅଗଭୀର ସମୁଦ୍ରରେ ବୁଡ଼ି ଅଛି ଓ ସ୍ଥାନେ ସ୍ଥାନେ ଦ୍ୱୀପରୂପେ ସମୁଦ୍ର ଉପରକୁ ଉଠିଅଛି । ଏହି ସେତୁବନ୍ଧର ଉତ୍ତର ସୀମାରେ ରାମେଶ୍ୱର ତୀର୍ଥରେ ରାମନାଥ ଶିବଲିଙ୍ଗ ଅଛନ୍ତି ଏବଂ ଦକ୍ଷିଣ ସୀମାରେ ମାନ୍ନାର ନଗର ଅଛି । ଉକ୍ତ ରାମନାଥ ହିନ୍ଦୁମାନଙ୍କର ଭାରତର ସୁପ୍ରସିଦ୍ଧ ଚାରି ଧାମ ମଧ୍ୟରୁ ଏକତମ ।]

ସେତୁ ବନ୍ଧନ—ସଂ. ବି (୬ଷ୍ଠୀ ତତ୍)—ନଦୀ ବା ସମୁଦ୍ର ଉପରେ ବନ୍ଧ Setu bandhana ବା ପୋଲ ବାନ୍ଧିବା—Laying of a bank or bridge across a river or sea.

ସେତୁବନ୍ଧ ରାମେଶ୍ୱର—ବି. ବି—ସେତୁବନ୍ଧ ତଳେ ଟୀକା (ଦେଖ) Setubandha rāmeśwara Notes under Setu bandha (See)

ସେତୁ ବାନ୍ଧିବା—ଦେ. କ୍ରି—ନଦୀ ଆଦି ଉପରେ ପୋଲ ନିର୍ମାଣ କରିବା Setu bāndhibā —To lay a bridge or bank সেতু বাঁধা सेतु बाँधना across a river or sea.

ସେତୁ ବୃକ୍ଷ—ସ. ବି—ବରୁଣ ବୃକ୍ଷ (ସ୍ୱର୍ଣ୍ଣବର୍ଣ୍ଣ)—Setu bruksha Cratoeva Aurifolia (tree).

ସେତୁ ଭେଦ(ଭଙ୍ଗ)—ସ. ବି (୬ଷ୍ଠୀ ତତ୍)—ଭଗ୍ନ ହୋଇଥିବା Setu bheda (bhanga) ପୋଲର ଭାଙ୍ଗିଯିବା (ହୁ. ଶ)—The dismantling of a bridge or dyke.

ସେତୁ ଭେଦୀ—ସ. ବି—ଦନ୍ତୀବୃକ୍ଷ (ଗଛଉତ୍ପଳା)—Croton Setu bhedi Polyandrum (a medicinal plant).

ସେତୁ ଶୈଳ—ସ. ବି—ଦୁଇ ଦେଶର ବା ରାଜ୍ୟର ସୀମାରେ ଥିବା Setuśaila ପର୍ବତ ବିଶେଷ (ହୁ. ଶ)—A mountain standing on the boundary of two countries.

ସେତେ—ଦେ. ସର୍ବନାମ ଅବ୍ୟୟ—ସେହି ପରିମାଣ—Sete That much. ততটা उतना

ସେତ୍ର—ସ. ବି (ସି. ଧାତୁ=ବନ୍ଧନ କରିବା+କରଣ, ତ୍ର)—ଶିକୁଳି; Setra ବେଡ଼ି—Chain.

ସେଥିକି(କୁ)—ଦେ. ସର୍ବ—୧ । ସେହି ବିଷୟକୁ ବା ପ୍ରତି—1. To Sethiki(ku) that matter. ୨ । ତନ୍ନିମିତ୍ତ—2. For সেইজন্য उसवास्ते that.

ସେଥି ପା(ପେ)ଇଁ (ଲାଗି)—ଦେ. ସର୍ବ—୧ । ତନ୍ନିବନ୍ଧନ—Sethi pā(pe)iñ (lāgi) 1. Owing to that. ୨ । [ସେଥି ପା(ପେ)ଇଁ—ଅନ୍ୟରୂପ] ତନ୍ନିମିତ୍ତ—2.For that. তারজন্যে, ওরজন্যে ୩ । ସେହି କାରଣରୁ—3. Therefor उसकेलिये for that reason.

ସେଥିର୍ ଲାଗି—ପ୍ରାଦେ. ସମ୍ବଲପୁର. ଅ—ସେଥିପାଇଁ (ଦେଖ) Sethir lāgi Sethi pāiñ (See)

ସେଥି(ଥୁ)ରୁ—ଦେ. ସର୍ବ—୧ । ତହିଁରୁ—1. Form that. ୨ । Sethi(thu)ru ସେହି କାରଣରୁ—2 Therefore; তাইথেকে, সেইথেকে owing to that. ୩ । ତହୁଁ ପରେ—उससे 3. After that.

ସେଥିରେ—ଦେ. ସର୍ବ—୧ । ତହିଁରେ—1. In that. ୨ । ସେହି Sethire ବିଷୟରେ—2. In respect of that matter. তাতে, ওতে उसमें

ସେଥ୍ର—ପ୍ରାଦେ [ଲିବ୍ଧ] ଷ—ଅଗ ଥର—
Sethra In the previous or first occasion.

ସେଦ୍ଧବ୍ୟ—ସଂ ବଣ (ସିଧ୍ ଧାତୁ+କର୍ମ. ତବ୍ୟ)—୧ । ନିବାରଣ
Seddhabya ହେବାର ଯୋଗ୍ୟ—1, Fit to be prevented
(ସେଧତବ୍ୟ—ଅନ୍ୟରୂପ) or prohibited. ୨ । ଯାହା ନିବାରଣ
ବା ନଷିଦ୍ଧ ହେବ—2, About to be prohibited,

ସେଧ—ସ. ବ (ସିଧ୍ ଧାତୁ+ଭାବ. ଅ)—୧ । ନିଷେଧ—
Sedha 1, Prohibition. ୨ । ନିବାରଣ—2. Prevention,

ସେଧକ—ସ. ବଣ. ପୁଂ (ସିଧ ଧାତୁ+କର୍ତ୍ତୃ.ଅକ)—୧ । ନିବାରଣକାରୀ
Sedhaka —1. Preventing, ୨ । ପ୍ରତିରୋଧକ (ବ୍ଲୁ. ଶ)—
(ସେଧିକା—ସ୍ତ୍ରୀ) 2. Obstructing.

ସେଧା—ସ. ବି—ଝିଙ୍କ (ବ୍ଲୁ. ଶ)—
Sedhā Porcupine.

ସେନ୍—ପ୍ରାଦେ. (ସମ୍ବଲପୁର) ସବ—ତେଣେ; ସେହଠାରେ; ତହିଁ—
Sen In that place or direction; there. ଦେ.
ସେନ ବ (ସ. ସେନ୍)—ବଙ୍ଗୀୟ କାୟସ୍ଥ ଓ ବୈଦ୍ୟଙ୍କର
ସେନ ବଂଶୋପାଧିବିଶେଷ—Family-title of some
Bengalee Kāyasthas and Baidyas.

ସେନ୍‌କେ—ପ୍ରାଦେ. (ବଲାଙ୍ଗିର ପାଟଣା) ସବ—ସେଠାକୁ—
Sen-ke To that place.

ସେନ୍‌ତା—ପ୍ରାଦେ. (ସମ୍ବଲପୁର) ଅ (ତୁଳ. କେନ୍‌ତା, ଏନ୍‌ତା)—
Sen-tā ୧ । ସେହିପରି; ତଥା—1. In that manner.
୨ । ତାଦୃଶ—2. Similar to that.
(ସେନ୍ତା—ଅନ୍ୟରୂପ) ୩ । ତାହାହିଁ—3. That also; that too.

ସେନ—ସଂ ବ (ସି. ଧାତୁ=ବନ୍ଧନ କରିବା+କର୍ତ୍ତୃ. ନ)—୧ । ବୀର;
Sena ଶୂର—1. A hero; a warrior. [ଯଥା—
ଭୀମସେନ ।) ୨ । ଦଳପତି; ଅଧିନାୟକ; ନାୟକ—
2. A leader. ୩ । ଦଳର ପ୍ରଧାନ ବ୍ୟକ୍ତି—
3. Headman. ୪ । ରାଜା; ନୃପତି—4. King.
୫ । (+କର୍ମ. ନ) ଶରୀର (ବ୍ଲୁ. ଶ)—5. Body.
୬ । ଜୀବନ (ବ୍ଲୁ. ଶ)—6. Life. ସ. ବଣ—
୧ । ସନାଥ (ବ୍ଲୁ. ଶ)—1. Having a lord.
୨ । ଆଶ୍ରିତ; ଅଧୀନ (ବ୍ଲୁ. ଶ)—2. Subservient;
dependent. ଦେ. ବ—୧ । ବଙ୍ଗଦେଶର ବୈଦ୍ୟ
ଓ କାୟସ୍ଥ ଜାତିଙ୍କ ବଂଶୋପାଧିବିଶେଷ – 1. Family-title of some Bengalee Kāyasthas and
Baidyas. ୨ । ବଙ୍ଗରେ ଖ୍ରୀଷ୍ଟୀୟ ୧୧ଶ ଠାରୁ ୧୪ଶ
ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ପ୍ରାଚୀନ ରାଜବଂଶବିଶେଷ—2. Family-title of some Rajas of
ancient Bengal ୩ । ବଙ୍ଗଦେଶର କେତେକ
ତନ୍ତୀଙ୍କ ବଂଶୋପାଧି—3. Family-title of some
weavers in Bengal. [ଦ୍ର—ଏହି ସେନ
ଉପାଧିଧାରୀ ତନ୍ତୀମାନେ ବଙ୍ଗଦେଶରୁ ଅସି ବହୁପୁରୁଷାବଧି
ଓଡ଼ିଶାରେ ରହିଅଛନ୍ତି ଓ ବର୍ତ୍ତମାନ ଓଡ଼ିଆରେ ତାଙ୍କର
ଉପାଧି ସେଣ ବା ସେଣ୍ଡ ବା ସେଣ୍ ହୋଇଅଛି ।]

ସେନ ଗୁପ୍ତ—ଦେ. ବ—ବଙ୍ଗୀୟ ବୈଦ୍ୟମାନଙ୍କର ବଂଶୋପାଧିବିଶେଷ—
Sena gupta Family-title of some Baidyas
of Bengal.

ସେନ ଗୁପ୍ତ ଯତୀନ୍ଦ୍ରମୋହନ—ଦେ. ବ—ବଙ୍ଗର ପ୍ରସିଦ୍ଧ ନେତା ସ୍ୱର୍ଗତ
Sena gupta jatindramohana ଦେଶପ୍ରିୟ ଯତୀନ୍ଦ୍ରମୋହନ
ସେନ ଗୁପ୍ତ—The late celebrated J. M. Sen
Gupta, one of the leaders of Bengal.
[ଦ୍ର—୧୮୮୫ ଖ୍ରୀଷ୍ଟାବ୍ଦରେ ଚଟ୍ଟଗ୍ରାମ ଜିଲ୍ଲାର ବରମା
ଗ୍ରାମରେ ଶ୍ରୀଯୁକ୍ତ ଯତୀନ୍ଦ୍ରମୋହନ ସେନ ଗୁପ୍ତ ଜନ୍ମଗ୍ରହଣ
କରିଥିଲେ । ତାଙ୍କର ପିତା ଯାତ୍ରାମୋହନ ସେନ ଗୁପ୍ତ
ଗତ ଶତାବ୍ଦୀର ବଙ୍ଗର ଜଣେ ବିଖ୍ୟାତ ନେତା ଥିଲେ ।
ଯତୀନ୍ଦ୍ର କଲିକତାର ବ୍ରହ୍ମବିଦ୍ୟାଳୟ, ଚଟ୍ଟଗ୍ରାମ କଲେଜ ଏଣ୍ଟ୍
ସ୍କୁଲ୍, ହେୟାର ସ୍କୁଲ୍ ଏବଂ ପ୍ରେସିଡେନ୍‌ସି କଲେଜରେ
ଶିକ୍ଷା ଶେଷ କରି ୧୯୦୪ ସାଲ ଅଗଷ୍ଟ ମାସରେ ବିଲାତ
ଯାତ୍ରା କରି କେମ୍ବ୍ରିଜ୍‌ର ଡାଉନିଙ୍ଗ୍ କଲେଜ୍‌ରେ ଶିକ୍ଷାଲାଭ
କଲେ ଓ ୧୯୦୮ରେ ବି. ଏ. ଏବଂ ୧୯୦୯ ସାଲରେ
ବାରିଷ୍ଟରୀ ଶେଷ ପରୀକ୍ଷା ପାସ୍ କଲେ । ସେ ମିସ୍ ନେଲି ଗ୍ରେ
ନାମ୍ନୀ ଇଂରେଜ କୁମାରୀଙ୍କ ପାଣିଗ୍ରହଣ କରିଥିଲେ ।

ଭାରତକୁ ଫେରିଆସି ସେ ୧୯୧୦ ସାଲରେ କଲିକତା
ହାଇକୋର୍ଟର ଅଡ୍‌ଭୋକେଟ୍ ହେଲେ ଏବଂ କେତେକ
କଠିନ ଫର୍ଜଦାରୀ ମକଦ୍ଦମାରେ ଖୁବ୍ ପ୍ରଖରତା
ଦେଖାଇଥିଲେ । ବମ୍ୱେରେ ବାବୁଙ୍କ ନରହତ୍ୟା ମକଦ୍ଦମାରେ
ତାଙ୍କୁ ନିଯୁକ୍ତ କରାଯାଇଥିଲା ।

୧୯୧୦ ସାଲରୁ ସେ ବଙ୍ଗଦେଶର ରାଜନୀତିକ ଜୀବନରେ
ଅଗ୍ରଣୀରୂପେ ଦଣ୍ଡାୟମାନ ହୋଇଥିଲେ । ୧୯୧୧ ସାଲରେ
ଫରିଦପୁରଠାରେ ଅନୁଷ୍ଠିତ ବଙ୍ଗୀୟ ପ୍ରାଦେଶିକ ସମ୍ମେଳନରେ
ସେ ଯୋଗଦାନ କରିଥିଲେ ଏବଂ ସମ୍ମେଳନର ଆଗାମୀ
ବୈଠକକୁ ଚଟ୍ଟଗ୍ରାମକୁ ଆହ୍ୱାନ କରିଥିଲେ । ୧୯୧୨
ସାଲରେ ଚଟ୍ଟଗ୍ରାମର ସମ୍ମେଳନରେ ଯେଉଁ ଅଧିବେଶନ
ହେଲା, ତାହାଙ୍କର ପିତା ତହିଁର ଅଭ୍ୟର୍ଥନା ସମିତିର
ସଭାପତି ହୋଇଥିଲେ ଏବଂ ୧୯୨୨ ସାଲରେ ସେହି
ଚଟ୍ଟଗ୍ରାମରେ ଯେଉଁ ଅଧିବେଶନ ହୋଇଥିଲା, ସେଥିରେ
ଯତୀନ୍ଦ୍ରମୋହନ ସଭାପତି ହୋଇଥିଲେ । ୧୯୨୧ ସାଲରେ
ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ଓକିଲାତି
ବ୍ୟବସାୟ ପରିତ୍ୟାଗ କଲେ । ୧୯୨୧ ସାଲ ଅପ୍ରେଲ୍
ମାସରେ ସେ ଚଟ୍ଟଗ୍ରାମର ବର୍ମା ଅଏଲ୍ କମ୍ପାନୀରେ କାମ
କରୁଥିବା ମୂଲିଆମାନଙ୍କ ଧର୍ମଘଟର ପରିଚାଳନା କରିଥିଲେ ।
କୌଣସି ସାଧାରଣ ସଭା ନ କରିବା ଲାଗି ଅଥବା କୌଣସି
ଶୋଭାଯାତ୍ରାରେ ଅଗ୍ରଣୀ ନ ହେବା ଲାଗି ସେଠାର

ମାଜିଷ୍ଟ୍ରେଟ୍ ତାଙ୍କ ଉପରେ ନୋଟିସ୍ ଜାରି କଲେ । ସେ ଏହି ଆଦେଶ ପାଳନ ନ କରିବାରୁ ତାଙ୍କୁ ଗିରଫ୍ କରାଗଲା । ଶେଷରେ ଉକ୍ତ ଧର୍ମଘଟ ସାନ୍ତୋଷଜନକ ରୂପେ ମୀମାଂସିତ ହେଲା । ୧୯୨୧ ସାଲ ମଇ ୨୮ ତାରିଖରେ ଶ୍ରୀଯୁକ୍ତ ସେନ ଗୁପ୍ତ ଆଉ ଗୋଟିଏ ଧର୍ମଘଟର ଆୟୋଜନ କଲେ । ଏହା ଗୌହାଟି ଏବଂ ଇମ୍ବ୍ରଡନ୍‌ଠାରୁ ଚଟ୍ଟଗ୍ରାମ ପର୍ଯ୍ୟନ୍ତ ବିସ୍ତୃତ ହେଲା ଏବଂ ଏଥିରେ ଆସାମ ବଙ୍ଗ ରେଲୱେର କାମ କରୁଥିବା ୧୪ ହଜାର ମୂଲିଆ ସଂଯୁକ୍ତ ହେଲେ । ଏହି ଧର୍ମଘଟ ପ୍ରାୟ ୩ ମାସ କାଳ ରହିଲା ଏବଂ ଧର୍ମଘଟକାରୀଙ୍କ ଭରଣ ପୋଷଣ ପାଇଁ ଶ୍ରୀଯୁକ୍ତ ସେନ ଗୁପ୍ତଙ୍କୁ ୪୦ ହଜାର ଟଙ୍କା ଋଣ କରିବାକୁ ପଡ଼ିଥିଲା । ଜୁଲାଇ ୪ ତାରିଖରେ ସେ ପୁଣି ଗିରଫ୍ ହୋଇଥିଲେ ଏବଂ ହାଜତରେ ତିନି ଦିନ ରହିଥିଲେ । ଅକ୍ଟୋବର ୨୦ ତାରିଖରେ ପୁଲିସ୍‌ଠାରୁ ଅନୁମତି ନ ନେଇ ଚଟ୍ଟଗ୍ରାମରେ ଗୋଟିଏ ଶୋଭାଯାତ୍ରା କରିଥିବାରୁ ସେ ଏବଂ ଅନ୍ୟ ୧୭ ଜଣ ୩ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ପାଇଲେ । ଜେଲ୍‌ରୁ ମୁକ୍ତ ହେବା ପରେ ଅତ୍ୟନ୍ତ ଅଭାବରେ ପଡ଼ିବାରୁ ସେ ପୁଣି ଓକିଲାତି ପେଶାରେ ପଶିବାକୁ ବାଧ୍ୟ ହୋଇଥିଲେ ।

୧୯୨୨ ସାଲରେ ସେ ନିଖିଳ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସଭାର ଜଣେ ସଭ୍ୟ ହୋଇଥିଲେ । ଯେତେବେଳେ ଦେଶବନ୍ଧୁ ଚିତ୍ତରଞ୍ଜନ ସ୍ୱରାଜ୍ୟ ଦଳ ଗଠନ କରିଥିଲେ, ସେତେବେଳେ ସେ ତହିଁରେ ଯୋଗ ଦେଇ ଥିଲେ ଏବଂ ବଙ୍ଗଦେଶର ସ୍ୱରାଜ ଦଳର ସମ୍ପାଦକ ହୋଇଥିଲେ ।

ଦେଶବନ୍ଧୁଙ୍କ ବିୟୋଗ ପରେ ଶ୍ରୀଯୁକ୍ତ ସେନ ଗୁପ୍ତ କଲିକତା କର୍ପୋରେସନ୍‌ର ମେୟର୍ ପଦରେ ପ୍ରତିଷ୍ଠିତ ହେଲେ । ଏହି କାର୍ଯ୍ୟ ସେ ସୁଚାରୁରୂପେ ଚଳାଇଥିଲେ । ୧୯୨୭ ସାଲରେ ମାନ୍ଦ୍ରାଜରେ କଂଗ୍ରେସର ଅଧିବେଶନରେ ଯୋଗ ଦେବାକୁ ଯାଇ ସେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ସେ ବରିଶାଲରେ ଅନୁଷ୍ଠିତ ପ୍ରାଦେଶିକ କନ୍‌ଫରେନ୍ସ୍‌ରେ ସଭାପତି ହୋଇଥିଲେ ।

କଲିକତାରେ ମେହନ୍ତରମାନେ ଧର୍ମଘଟ କରିବାଦ୍ୱାରା ସେହି ଜାତିର ଲୋକମାନଙ୍କର ଅନେକ କ୍ଷତି ହେଉଥାଏ ଏବଂ କଲିକତାବାସୀମାନଙ୍କର ମଧ୍ୟ ବହୁତ ଅସୁବିଧା ହେଉଥାଏ । ଯତୀନ୍ଦ୍ରମୋହନ ବହୁ ଚେଷ୍ଟାଦ୍ୱାରା ଏହି କଠିନ ସମସ୍ୟାର ସନ୍ତୋଷଜନକ ସମାଧାନ କରିପାରିଥିଲେ । ତାଙ୍କ ସହଧର୍ମିଣୀ ନେଲି ସେନ ଗୁପ୍ତ ଇଂରାଜ ମହିଳା ହୋଇ ମଧ୍ୟ ସ୍ୱାମୀଙ୍କ ଜାତୀୟ ସମରରେ ଏବଂ ଭାରତୀୟମାନଙ୍କ ପକ୍ଷରେ ପ୍ରାଣପଣେ ଲଢ଼ିଥିଲେ ଓ ସେ ଭାରତୀୟ ମହିଳାମାନଙ୍କ ପୋଷାକ ପରିଧାନ କରୁଥିଲେ ।

୧୯୩୦ ସାଲରେ ଶ୍ରୀଯୁକ୍ତ ସେନ୍‌ଗୁପ୍ତ ଡାକ୍ତରମାନଙ୍କ ପରାମର୍ଶରେ ସ୍ୱାସ୍ଥ୍ୟୋଦ୍ଧାର ଲାଗି ବିଲାତ ଯାତ୍ରା କରିଥିଲେ । ତାହାଦ୍ୱାରା ତାଙ୍କର ପ୍ରକୃତ ସ୍ୱାସ୍ଥ୍ୟର ଉନ୍ନତି ହେଉଥିଲା । ମାତ୍ର, ଯେତେବେଳେ ଶୁଣିଲେ ଯେ, ମହାତ୍ମା ଗାନ୍ଧି, ଜହରଲାଲ ନେହେରୁ ଓ ସୁଭାଷଚନ୍ଦ୍ର ବୋଷ ବନ୍ଦୀ ହୋଇ ଅଛନ୍ତି ଏବଂ ଦେଶରେ ପୁଣି ଅଇନ୍ ଅମାନ୍ୟ ଆନ୍ଦୋଳନ ଚାଲିଛି, ସେତେବେଳେ ସେ ଆଉ ବିଲାତରେ ରହି ପାରିଲେ ନାହିଁ । ୧୯୩୨ ସାଲ ଜାନୁଆରି ୨୦ ତାରିଖ ସକାଳେ ସେ ଭାରତରେ ପଦାର୍ପଣ କରିବା ମାତ୍ରେ ତାଙ୍କୁ ଗିରଫ୍ କରାଯାଇ ଯାରବାଦା ଜେଲ୍‌କୁ ପଠାଗଲା । ତାଙ୍କର ରକ୍ତଚାପ ପୁଣି ବଢ଼ିବାରୁ ତାଙ୍କୁ ଦାର୍ଜିଲିଂ ଜେଲ୍‌କୁ ପଠାଗଲା । ସେଠାରୁ ଆଲିପୁର ଜେଲ୍‌କୁ ତାଙ୍କୁ ଅଣାଯାଇଥିଲା । ତତ୍ପରେ କଲିକତା ମେଡିକାଲ୍ କଲେଜ୍ ହାସ୍‌ପାତାଲରେ ୬ ମାସ ରହିବା ପରେ ତାଙ୍କୁ ରାଞ୍ଚି ପଠାଗଲା ।

୧୯୩୩ ସାଲ ଜୁଲାଇ ୨୨ ତାରିଖରେ ଦେଶପ୍ରିୟ ୪୮ ବର୍ଷ ବୟସରେ ପରଲୋକ ଗମନ କଲେ ।

ସନ୍ଦର୍ଭ ଲେଖକ—ଶ୍ରୀ ଜଗନ୍ନାଥ ତ୍ରିପାଠୀ, ବି. ଏ. ବି. ଟି. ।]

ସେନ ବଂଶ —ସଂ. ବି—ଖ୍ରୀଷ୍ଟୀୟ ୧୧ଶ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀ
Sena baṁśa ପର୍ଯ୍ୟନ୍ତ ବଙ୍ଗରେ ରାଜତ୍ୱ କରୁଥିବା ରାଜାମାନଙ୍କ
সেনবংশ ବଂଶ—The name of a family of kings
सेनवंश who reigue1 in Bengal from the 11th
to the 1ith Century A. D. [ଦ୍ର—ସେନ ବଂଶରେ କେତେ ଜଣ ଖ୍ୟାତ ରାଜା ଥିଲେ । ଏହି ବଂଶର ବଲ୍ଲାଳ ସେନ ବଙ୍ଗୀୟ ବ୍ରାହ୍ମଣ, ବୈଦ୍ୟ ଓ କାୟସ୍ଥ ସମାଜରେ କୌଳିନ୍ୟ ପ୍ରଥାର ସୃଷ୍ଟି କରିଥିଲେ ଓ 'ଦାନସାଗର' ନାମକ ସୁପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ରାଢ଼ (ବର୍ତ୍ତମାନ ବର୍ଦ୍ଧମାନ ବିଭାଗ), ବରେନ୍ଦ୍ର (ରାଜସାହି), ବାଗଡ଼ି (ପ୍ରେସିଡେନ୍ସି ବିଭାଗ), ବଙ୍ଗ (ଢାକା ଓ ଚଟ୍ଟଗ୍ରାମ), ମିଥିଳା (ଉତ୍ତର ବିହାର), ଏହିପରି ୫ ଭାଗରେ ବଙ୍ଗ ରାଜ୍ୟକୁ ବିଭକ୍ତ କରି, ନବଦ୍ୱୀପ, ଗୌଡ଼ ଓ ସୁବର୍ଣ୍ଣଗ୍ରାମରେ ଏ ସ୍ଥାନୀୟ ରାଜଧାନୀ କରିଥିଲେ ।

ସୁବଳଚନ୍ଦ୍ର ।]

ସେନାନ୍‌ସ(ସେ,ସ୍ —ବୈଦେ. ବି (ଇଂ)—ସେନ୍ସସ୍ (ଦେଖ)
Sena(n)sā(se)s Sensas (See)

ସେନା—ସଂ. ବି. ସ୍ତ୍ରୀ (ସି. ଧାତୁ=ବନ୍ଧନ କରିବା+କର୍ତ୍ତି. ନ+ଅ; Sena ଶତ୍ରୁଙ୍କୁ ବନ୍ଧନ କରୁଥିବାରୁ; କିମ୍ବା ସ+ଇନ=ପ୍ରଭୁ; ଅନ୍ୟ ସଂ. ନାମ—ଚତୁରଙ୍ଗ, ରାଜାଙ୍କ ସହିତ ରହୁଥିବାରୁ)—
୧ । ସୈନ୍ୟ; ଫଉଜ; ଦେଶରକ୍ଷା, ରାଜ୍ୟରକ୍ଷା ଓ ଶତ୍ରୁଙ୍କୁ ଆକ୍ରମଣ କରିବା ପାଇଁ ସଂଗୃହୀତ ଓ ସଜ୍ଜିତ ଯୋଦ୍ଧୃଦଳ; ପଲଟଣ—1. Army. [ଦ୍ର—ହନୁମାନଙ୍କର ସେନାର ଚତୁ

ବଳ, ଧ୍ୱଜିନୀ, ବାହିନୀ, ପୃତନା, ଅକ୍ଷୌହିଣୀ, ଚମୂ, ସୈନ୍ୟ, ବରୂଥିନୀ, ଅନୀକ, ଚକ୍ର, ବାହିନୀ, ଯୁଦ୍ଧିନୀ, ବଳଚକ୍ର ।

ଅଙ୍ଗ (ଚତୁରଙ୍ଗ) ଥିଲା । ଯଥା—ହସ୍ତୀ, ଅଶ୍ୱ, ରଥ, ପଦାତି । ସୈନ୍ୟମାନଙ୍କ ସଂଖ୍ୟା ଅନୁସାରେ ସେନାଦଳର ଭିନ୍ନ ଭିନ୍ନ ନାମ ମଧ୍ୟ ଥିଲା । ମହାଭାରତର ସଭା ପର୍ବରେ ନାରଦ ଯୁଧିଷ୍ଠିରଙ୍କୁ ଉପଦେଶ ଦେଇ ଯାଇ ଅଛନ୍ତି ଯେ, ରାଜା ସେନାମାନଙ୍କୁ ଉପଯୁକ୍ତ ଭରୁଛେ ବେତନ ପାଉଣା ହେବା ମାତ୍ରେ ବେତନ ଦେବେ । ଚତୁରଙ୍ଗ ବଳର ଅତିରିକ୍ତ ସେନାକୁ ପୁଣି ଚାରିଭାଗରେ ବିଭକ୍ତ କରାଯାଇ ଥିଲା, ଯଥା—୧ । ବିଷ୍ଟି (ସୈନ୍ୟଙ୍କର ଓ ଯୁଦ୍ଧୋପକରଣ ବହନ କରି ଯଥାସ୍ଥାନରେ ପହଞ୍ଚାଇବା), ୨ । ନୌକା (ଯୁଦ୍ଧକାର୍ଯ୍ୟୋପଯୋଗୀ ଉପାୟ ବ୍ୟବସ୍ଥା), ୩ । ଚର (ବିପକ୍ଷଙ୍କ ସମ୍ବାଦ ସଂଗ୍ରହ କରି ସ୍ୱପକ୍ଷକୁ ଜଣାଇବା) ଓ ୪ । ଦେଶିକ (ସୈନ୍ୟ ଯେଉଁସ୍ଥାନରେ ପହଞ୍ଚିଥିଲେ ସେଠାର ସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ସୈନ୍ୟଙ୍କ ସାହାଯ୍ୟ କରିବା) । ସେନାର ଛୋଟ ଛୋଟ ଦଳକୁ ଗୁଲ୍ମ ବୋଲାଯାଉଥିଲା—ହି· ଶ]

୨ । (ଜୈନ) ବର୍ତ୍ତମାନ ଅବସର୍ପିଣୀର ତୃତୀୟ ଅର୍ହତ୍ ଶଂଭବଙ୍କ ମାତା—2. Name of the mother of the 3rd Jaina saint of the present era. ୩ । ଲିଷ୍ଟି; ବରଛା (ହି· ଶ)—3. Spear. ୪ । ଇନ୍ଦ୍ରଙ୍କ ବଜ୍ର (ହି. ଶ)—4. Indra's thunderbolt. ୫ । ଇନ୍ଦ୍ରାଣୀ—5. The wife of Indra.

ସେନା କକ୍ଷ—ସଂ. ବି (୬ଷ୍ଠୀ ତତ୍)—ସେନାର ପାର୍ଶ୍ୱ ବା କଡ଼ (ହି. ଶ)
Senā kaksha The flank of an army.

ସେନା ଗୋପ—ସଂ. ବି (୬ଷ୍ଠୀ ତତ୍)—ସେନାର ରକ୍ଷକ ବା ସେନାନାୟକ-ବିଶେଷଙ୍କ ଉପାଧି (ହି. ଶ)—The title of one of the generals or captains of an army.
Sena gopa

ସେନାଗ୍ର—ସଂ. ବି (୬ଷ୍ଠୀ ତତ୍; ସେନା+ଅଗ୍ର)—ସେନାମୁଖ; ସେନାର ଅଗ୍ରରେ ଥିବା ସୈନ୍ୟଦଳ—The advance guard of an army.
Senāgra
[ସେନାପୃଷ୍ଠ—ବିପରୀତ]

ସେନାଙ୍ଗ—ସଂ. ବି (୬ଷ୍ଠୀ ତତ୍)—ସେନାର ୪ ଗୋଟି ଅଙ୍ଗ—
Senānga The 4 component parts of an army.
[ଯଥା—ହସ୍ତୀ—ହସ୍ତ୍ୟାରୋହୀ ସେନା,
ଅଶ୍ୱ—ଅଶ୍ୱାରୋହୀ ସେନା,
ରଥ—ରଥାରୋହୀ ସେନା,
ପଦାତି—ପଦଗାମୀ ସେନା]

ସେନାଚର—ସଂ· ବିଣ (ସେନା+ଚର୍· ଧାତୁ+କର୍ତ୍ତୃ. ଅ)—
Senāchara ସୈନ୍ୟାନୁଗାମୀ; ସୈନ୍ୟ ସହ ଗମନ କରୁଥିବା—Accompanying an army. ବି—ସୈନ୍ୟଭୁକ୍ତ ବ୍ୟକ୍ତି—A person enrolled as a member of the force.

ସେନାଜୀବ(ବୀ)—ସଂ. ବି (ସେନା+ଜୀବ. ଧାତୁ+କର୍ତ୍ତୃ· ଅ; +ଇନ୍; ୧ମା.୧ବ)—ସୈନିକ; ସିପାହୀ; ଯୋଦ୍ଧା (ହି.ଶ)—A soldier.
Senājība(bī)

ସେନାଧିପ—ସଂ· ବି. ପୁଂ (୬ଷ୍ଠୀ ତତ୍; ସେନା+ଅଧିପ)—ସେନାପତି—
Senādhipa General; commander.
[ସେନାଧିକାରୀ, ସେନାଧିପତି, ସେନାଧୀଶ, ସେନାଧିନାଥ, ସେନାଧିନାୟକ, ସେନାଧ୍ୟକ୍ଷ—ଅନ୍ୟରୂପ]

ସେନା ନାୟକ—ସଂ· ବି (୬ଷ୍ଠୀ ତତ୍)—ସେନାପତି; ବାହିନୀପତି—
Senā nāyaka A general; a commander.
সেনা নায়ক
सेनानायक ଦେ. ବି—ଭାରତୀୟ ପଦାତିକ ସେନା ଦଳର ସର୍ଦ୍ଦାର; ନାୟକ—A Naik; the captain of a body of Indian foot soldiers.

ସେନା ନିବାସ(ନିବେଶ)—ଦେ. ବି (୬ଷ୍ଠୀ ତତ୍)—ସୈନ୍ୟମାନଙ୍କ
Senā nibāsa(nibesa) ରହିବା ସ୍ଥାନ; ଛାଉଣି; କାମ୍ପ୍—The camp of an army; barracks; cantonment. [ଦ୍ର—ଅସ୍ଥାୟୀ ସେନାନିବାସକୁ କାମ୍ପ୍ ବା ଛାଉଣି ଏବଂ ସ୍ଥାୟୀ ସେନାନିବାସକୁ ବାରିକ୍ ବୋଲାଯାଏ ।

ବୃହତ୍ ସଂହିତାରେ ଉପଦେଶ ଅଛି ଯେ, ଯେଉଁ ସ୍ଥାନରେ ପାଂଶୁ, ଅଙ୍ଗାର, ହୋଇକ, ହାଡ଼, ତୁଷ, କେଶ, ଗର୍ତ୍ତ, ଲୁଣୀମାଟି, କଙ୍କଡ଼ା, ହିଂସ୍ରଜନ୍ତୁ, ମୂଷାଗାତ, ଉଇ ଢିପା ନ ଥିବ ଓ ଯେଉଁ ସ୍ଥାନର ଭୂମି ଘନ, ଚିକ୍କଣ, ସୁଗନ୍ଧିତ, ମଧୁର ଓ ସମତଳ ହୋଇଥିବ, ଏପରି ସ୍ଥାନରେ ରାଜା ସେନାନିବାସ ରଚନା କରାଇବେ—ହି· ଶ ।]

ସେନାନୀ—ସଂ. ବି (ସେନା+ନୀ ଧାତୁ=ନେବା+କର୍ତ୍ତୃ. କ୍ୱିପ୍)—
Senānī ୧ । ସେନାପତି; ସୈନ୍ୟାଧ୍ୟକ୍ଷ—1. Commander; general. ୨ । କାର୍ତ୍ତିକେୟ (ଦେବସେନାର ସେନାପତି)—2. God Kārttikeya, the commander of the army of the gods. ୩ । (ନାମ) ଏକ ରୁଦ୍ରଙ୍କ ନାମ (ହି. ଶ)—3. Name of one of the Rudra Deities. ୪ । (ନାମ) ଧୃତରାଷ୍ଟ୍ରଙ୍କର ଏକ ପୁତ୍ର (ହି. ଶ)—4. Name of a son of Dhrutarāshtra. ୫ । (ନାମ) ଶମ୍ବର ଦୈତ୍ୟର ଏକ ପୁତ୍ର (ହି. ଶ)—5. Name of a son of demon Śambara. ୬ । ଏକପ୍ରକାର ପଶା ଖେଳ (ହି. ଶ)—6. A kind of indoor game.

ସେନାପଟା—ଦେ. ବି—ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମାର ପୃଷ୍ଠଭାଗରେ
Senāpaṭā ଲଗିଥିବା କାଠର ପଟା—A plate of wood attached to the back of the image of Lord Jagannātha.

ସେନାପତି—ସଂ· ବି (୬ଷ୍ଠୀ ତତ୍)—୧ । ସେନାନୀ; ସୈନ୍ୟାଧ୍ୟକ୍ଷ—
Senāpati 1. A commander; a general. [ଦ୍ର—ମତ୍ସ୍ୟପୁରାଣ ରାଜଧର୍ମ ୧୮୯ ଅଧ୍ୟାୟରେ ସେନାପତିଙ୍କ ଅବଶ୍ୟକ ଲକ୍ଷଣମାନ ଲିଖିତ ହୋଇଅଛି । ଯଥା—କୁଳୀନ, ଶୀଳସମ୍ପନ୍ନ, ଧନୁର୍ବେଦବିଶାରଦ, ହସ୍ତ୍ୟଶ୍ୱ-

ଶାସ୍ତ୍ରରେ କୁଶଳ, ମଧୁରଭାଷୀ, କମିତ୍ରଜ୍ଞ, ଶତ୍ରୁଭଙ୍କ, ଚତୁଷ୍ଟା-ଶାସ୍ତ୍ରଜ୍ଞ, ସ୍ୱାମିଭକ୍ତ, ଶାସ୍ତ୍ରଜ୍ଞ, ଶସ୍ତ୍ରଜ୍ଞ, ଉଣବଦ୍ୟାପଠୁ, ସୁଧୀର ବ୍ରାହ୍ମଣଙ୍କୁ ବା ଖତ୍ରିୟଙ୍କୁ ରଜା ସେନାପତି ପଦରେ ବରଣ କରିବେ ।] ୨ । କାର୍ତ୍ତିକେୟ—2. God Kārttikeya.

ସେନାପତି ଦେ. ବ—୧ । ଖଣ୍ଡାଏତଙ୍କ ବଂଶୋପାଧିବିଶେଷ—1. Family title of some Khandāyetas. ୨ । କଳକତ୍ର ଗୋଷ୍ଠୀ ବା ମାସ୍ତାନ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—2. A family title of some Māstāna Brāhmanas.

ସେନାପତ୍ୟ—ସଂ. ବ—୧ । (ସେନାପତି+ଯ) ସେନାପତିଙ୍କ କର୍ମ ବା Senāpatya ଅଧିକାର (ହି. ଶ)—1. Generalship; commandership of an army. ୨ । ଅଧୁନାତନ ସମୟର ଘଟନା ଯୋଗୁଁ ଅବଶ୍ୟକ ନୂତନ ଅର୍ଥ) (୬ଷ୍ଠୀ ତତ୍; ସେନା+ଅପତ୍ୟ) ଅତକାଳୀ ଯୁଦ୍ଧ ସମୟରେ ସେନାମାନେ କୌଣସି ସ୍ଥାନରେ ଛାଉଣୀ ପକାଇ ସେଠାରେ ସ୍ଥାନୀୟ ମହିଳାମାନଙ୍କସଙ୍ଗେ ପ୍ରଣୟ ଓ କାମବୃତ୍ତି ଚରିତାର୍ଥ କରିବା ଫଳରେ ଜାତ ସନ୍ତାନ – War baby; child begotten from women of places of encampment of an army as a result of love-intrigues of the soldiers.

ସେନା ପାଳ—ସଂ. ବ (ପୁଂ)—୧ । ସୈନ୍ୟପାଳକ—1. The Senā pāla maintainer of an army. ୨ । ସେନାଧ୍ୟକ୍ଷ; ସେନାପତି—2. A commander; a general. [ଉ—ହେଲେ ରଜାମାନଙ୍କ ମଧ୍ୟେ ସେନାପାଳ—କୃଷ୍ଣସିଂହ ମହାଭାରତ ସଭା ।]

ସେନା ପୃଷ୍ଠ—ସଂ. ବ (୬ଷ୍ଠୀ ତତ୍)—ସେନାର ପଶ୍ଚାଦ୍ଭାଗ—Senā prushtha The vanguard or rear of an army

ସେନାବାସ—ସଂ. ବ (୬ଷ୍ଠୀ ତତ୍ ସେନା+ଆବାସ)—୧। ସେନା ନିବାସ Senābāsa (ଦେଖ)—1. Senā nibāsa (See) ୨ । ଛାଉଣୀ; ତମ୍ବୁ (ହି. ଶ)—2. Tent.

ସେନାବାହ—ସଂ. ବ (ସେନା+ବହ ଧାତୁ+କର୍ତ୍ତୃ. ଅ)—ସେନାପତି Senābāha (ହି. ଶ)—General.

ସେନା ବ୍ୟୂହ(ବିନ୍ୟାସ, ସଜ୍ଜା)—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧ ପାଇଁ Senā byūha(binyāsa,sajjā) ଭିନ୍ନ ଭିନ୍ନ ସ୍ଥାନରେ ଓ ଭାଗ ଭାଗମାନଙ୍କରେ ସେନାର ଭିନ୍ନ ଭିନ୍ନ ଅଙ୍ଗର ବା ଅଂଶର କୌଶଳପୂର୍ଣ୍ଣ ସ୍ଥାପନ—Battle array.

ସେନା ମୁଖ—ସଂ. ବ (୬ଷ୍ଠୀ ତତ୍)—୧ । ସେନାର ଅଗ୍ରଭାଗ—Senā mukha 1. The advance guard of an army. ୨ । ୩ ହସ୍ତୀ, ୯ ଅଶ୍ୱ, ୩ ରଥ ଓ ୧୫ ପଦାତି, ଏପରି ୩୦ ଜଣ ସମ୍ବଳିତ ସେନାଦଳ (ଅମର)—2. A compony of 30 soldiers;—consisting of 3 elephants, 9 cavalry, 3 chariots and 15 foot soldiers [ଚ—ମହାଭାରତରେ ୯ ହସ୍ତୀ, ୨୭ ଅଶ୍ୱ, ୯ ରଥ ଓ ୪୫ ପଦାତି ସମ୍ବଳିତ ସେନାଦଳକୁ ସେନାମୁଖ ବୋଲାଯାଏ—ହି. ଶ ।] ୩ । ପତ୍ତିର ୩ଗୁଣ ବା ୧୬୫ ଜଣ ପଦାତିକ ସୈନ୍ୟ—3. A body of 165 foot soldiers. [ଉ—ଶତ୍ରୁ ଭଜ ଶୁଣରେ ସେନାମୁଖ ଘାତ—କୃଷ୍ଣସିଂହ, ମହାଭାରତ. ଉଦ୍ଯୋଗ ।] ୪ । ପୁରଦ୍ୱାରର ସମ୍ମୁଖବର୍ତ୍ତୀ ପଥ (ଶବ୍ଦକଳ୍ପଦ୍ରୁମ)—4. The road passing in front of the gate of a town.

ସେନା ରକ୍ଷ(ରକ୍ଷକ)—ସଂ. ବ—୧ । ସୈନ୍ୟମାନଙ୍କୁ ଜଗିବା ପ୍ରହରୀ—Senā raksha(rakshaka) 1. A sentinel. ୨। ସୈନିକ—2. A soldier

ସେନୁ—ପ୍ରାଦେ. (ବୌଦ୍ଧଗ୍ରନ୍ଥ ଓ ପାଠଣା). ଅ—ସେଠାରୁ—Senu From that place.

ସେନେ—ପ୍ରାଦେ. (ବୌଦ୍ଧ ଓ ପାଠଣା) ଅ—ସେହି—Sene That.

ସେନେଁ—ପ୍ରାଦେ. (ବୌଦ୍ଧ ଓ ପାଠଣା) ଅ—ସେଠାରେ—Senen There; in that place.

ସେନେଟ୍ (ଇତ୍ୟାଦି)—ବୈଦେ. ବ—ସିନେଟ୍ ଇତ୍ୟାଦି (ଦେଖ) Senet (etc) Sinet etc (See)

ସେନେହ—ଗ୍ରା. (ପଦ୍ୟ) ବ (ସଂ. ସ୍ନେହ)—ସ୍ନେହ (ଦେଖ)—Seneha Sneha (See) [ଉ—ସେନେହେ ସଙ୍ଗେକର ଜଳେ । ମୁଁ ଥିଲି ଗୋପୀ ମୀନ ମେଳେ—କୃପଣ. ପ୍ରେମପଞ୍ଚାମୃତ ।]

ସେନେହା—ଗ୍ରା. ବଣ. ପୁଂ—ସେନେହୀ (ଦେଖ)—Senehā Senehi (See)

ବ—(ପ୍ରାଚୀନ ପଦ୍ୟ); (ସଂ. ସ୍ନେହ)—ସ୍ନେହ—Love. [ଉ—ପଳାଇ ନ ସମ୍ଭାଳି ତାହା । ତେମନ୍ତ କୃଷ୍ଣର ସେନେହା—ଜଗନ୍ନାଥ, ଗୁଣ୍ଡିଚା ।]

ସେନେହୀ - ଗ୍ରା. ବଣ (ପୁ°. ଓ ସ୍ତ୍ରୀ) (ସଂ. ସ୍ନେହୀ)—ସ୍ନେହଶୀଳ—Senehi Affectionate; loving. [ଉ—ବନ୍ଧୁତ ପଣରେ ସେନହୀ ସନେହୀ ହୋଇ ଉଦତ ସେନେହୀ —ଉତ୍କ. ବୈଦେହୀଶବିଳାସ ।]

ସେନୋ—ପ୍ରାଦେ. (ବାଲେଶ୍ୱର ପାଠଣା) ବ—ସ୍ନେହ—Seno Love; affection.

ସେଣ୍ଟ୍ଖାନା—ବୈଦେ. ବ (ଅ. ସେଣ୍ଟଖାନା)—ସେଟ୍ଖାନା (ଦେଖ) Sent-khānā Set-khānā (See

ସେଣ୍ଟ ସେଣ୍ଟିଆ—ଦେ. ବଣ—ସନ୍ତସନ୍ତିଆ (ଦେଖ) Sent sentiā Santasantiā (See)

ସେଣ୍ଟରା (ଇତ୍ୟାଦି)—ଦେ. ବଣ ଓ ବ—ସନ୍ତରା ଇତ୍ୟାଦି (ଦେଖ) Sentarā (etc) Santarā etc (See)

ସେଣ୍ଟା—ଦେ. ବ. ପୁଂ—ଅପଣ୍ଡିଅଣି ଲୋକଙ୍କ ନାମ—A name Sentā given to males whose elders had predeceased them at their birth. (ସେଣ୍ଟୁ—ଅନ୍ୟରୂପ) (ସେଣ୍ଟି, ସେଣ୍ଟେଇ—ସ୍ତ୍ରୀ) ପ୍ରାଦେ. (ସମ୍ବଲପୁର ଓ ପଟ୍ଟଜାତ) ଅ—ସେଣ୍ଟତା (ଦେଖ)—Sen-tā (See)

ସେନ୍ତ(ନ୍ଥି)—ଦେ. ବ (ସଂ. ଶୀମନ୍ତ)—ସିଁଥି (ଦେଖ)
Senti(nthi) Siñti (See)

ସେନ୍ତ୍ରି—ବୈଦେ. ବ (ଇଂ. ସେଣ୍ଟ୍ରୀ)—ପ୍ରହରୀ; ପହରୀ, ଦେଉଥିବା
Sentri ସଶସ୍ତ୍ର ସୈନିକ—Sentry; armed watchman.

ସେନ୍ଦୁର—ପ୍ରାଦେ· (ବାଲେଶ୍ୱର ପାଟଣା)ବ(ଭୂଲ. ହ୍ବ. ସେଁଦୁର)—
Sendur ସିନ୍ଦୂର—Vermilion.

ସେନ୍ଦ୍ରିୟ—ସଂ· ବଣ (ସହାର୍ଥ ବହୁବ୍ରୀହି; ସ+ଇନ୍ଦ୍ରିୟ)—୧ । ଇନ୍ଦ୍ରିୟ
Sendriya ବିଶିଷ୍ଟ—1. Having organs of sense.
୨ । ପୁଂସ୍ତ୍ୱ ବିଶିଷ୍ଟ (ହ୍ର. ଶ)—
2. Virile; having virility.

ସେନ୍ସସ୍—ବୈଦେ. ବ (ଇଂ)—ଜନ ସୁମାରି; ସରକାରଙ୍କଦ୍ୱାରା କରା-
Sensas ଯିବା ରାଜ୍ୟର ଲୋକସଂଖ୍ୟା ଗଣନା କ୍ରିୟା—Census.
সেন্সস সেন্সস

ସେପ୍‌ଟିକ୍—ବୈଦେ. ବଣ (ଡାକ୍ତରୀ ଭାଷା) (ଇଂ)—୧ । ପଚନଶୀଳ
Sep-ṭik (ଘାଆ ଅବା)—1. Septic. ୨ । ଯାହା ଘାଆ
সেপটিক ଆଦିକୁ ପଚାଇ ଦଏ—2. Promoting putre-
सेप्टीक faction of sores etc

ସେପ୍‌ଟେମ୍ବର୍—ବୈଦେ.ବ (ଇଂ. ଲାଟିନ୍ ସେପ୍‌ଟେମ୍—ସଂ.ସପ୍ତନ୍=ସାତ;
Sep-ṭembar —ପୂର୍ବେ ରୋମ୍‌ରେ ପ୍ରଚଳିତ ମାସଗଣନା
সেপ্টেম্বর · सितंबर ଅନୁସାରେ ଏହା ସପ୍ତମ ମାସ ଥିବାରୁ)
(ସେପ୍ଟେମ୍ବର—ଅନ୍ୟରୂପ) ପାଶ୍ଚାତ୍ୟ ମାସ ଗଣନାରେ ନବମ ମାସ;
ଅଗଷ୍ଟ ମାସର ପରବର୍ତ୍ତୀ ଓ ଅକ୍ଟୋବର୍ ମାସର ପୂର୍ବବର୍ତ୍ତୀ
ମାସ; ତିରିଶ ଦିନର ଓ ଇଂରାଜୀ ମାସ—September.

ସେପଟା—ବୈଦେ. ବ (ବୈଦ୍ୟକ) (ଇଂ· ସାପୋଟା)—ସୁଖାଦ୍ୟ
Sepaṭā ଫଳବିଶେଷ; ସପେଟା—A species of fruit
সপেটা सपेटा Achras Sapota. [ଗୁ—ଏହା ମଧୁର, ପିତ୍ତ-
ନାଶକ ଓ ପୁଷ୍ଟିକର—ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]

ସେପତ୍ତନି—ଦେ. ବ (ଫା· ସେ=ତୃତୀୟ ଓ ସଂ. ପତ୍ତନ)—ଦର-
Sepattani ପତ୍ତନିଦାରଠାରୁ ଗୃହୀତ ପତ୍ତନି—An underte-
সেপত্তনী nure under a Darpattanidār.

ସେପତ୍ତନିଦାର୍—ଦେ. ବ—ଦରପତ୍ତନି ଅଧୀନ ପତ୍ତନିଦାର—
Sepattanidār An undertenure-holder under
সেপত্তনীদার a Darapattani.

ସେ ପରା—ଦେ. ବଣ—୧। ତତ୍‌ସଦୃଶ—1. Similar to it; like
Se parā him, her or it. ୨ । ସେ ପ୍ରକାରର—
সেই রকম, ওরকমারি 2. Of that kind. ୩ । ତାର ସମ;
वैसा ଅତି ଉତ୍କୃଷ୍ଟ—3. Excellent. ୪ । ଅତୁଳନୀୟ—
4. Incomparable. ଅ—ସେପରି; ସେହିପରି—
In that manner.

ସେପରି—ଦେ. ଅ—୧ । ତଦ୍ରୂପ—1. Like that. ୨ । ସେହି
Separi সেই রকম वैसा ପ୍ରକାରେ—2. In that way.

ସେ ପାଇଁ—ଗ୍ରା. ଅ—ସେଥିପାଇଁ (ଦେଖ)
Se pāiñ Sethipāiñ (See)

ସେପାୟା(ହ୍ୟା)—ବୈଦେ. ବ (ଫା)—ତିପାୟା; ତିନଗୋଡ଼ିଆ
Sepāyā(hyā) ଆଧାରକ—Tripod; tepoy.
সেপায়া, তেপায়া तपाई

ସେପିଆ—ବୈଦେ. ବ (ଇଂ)—ଚିତ୍ରାଙ୍କରେ ବ୍ୟବହୃତ ଫିକା କଳା
Sepiā সেপিয়া सेपिया ରଙ୍ଗ—Sepia (colour).

ସେ ପୁର(ରୀ)—ଦେ. ବ—ଯମପୁର—The abode of Death.
Se pura(ri) ও পুরী सपुर

ସେ ପୁରକୁ ଯିବା—ଦେ. କ୍ରି ମରିଯିବା—To die. [ଭୂ—
Sepuraku jibā ବାଦଅ ସେପୁରକୁ ଗଲା—କୃତ୍ତିବାସଭାଗବତ.
ওপুরীতে যাওয়া मरजाना; जमपुर पर जाना କାଅକୁଣ୍ଡଳୀ ।]

ସେଫ୍—ବୈଦେ· ବ (ଇଂ)—ଧନ ଅବା ବହୁମୂଲ୍ୟ ପଦାର୍ଥକୁ ଚୋରି ଓ ଅଗ୍ନି
Seph ଆଦିରୁ ନିରାପଦ ରଖିବା ପାଇଁ ଅଗ୍ନିପ୍ରୁଫ ଲୁହାର
সেফ सेफ ମଜବୁତ ସିନ୍ଦୁକ—Ironsafe.

ସେଫ୍‌ଟି ପିନ୍—ବୈଦେ. ବ (ଇଂ)—କଣ୍ଟାଲଗା ଏକପ୍ରକାର
Seph-ṭi pin ଧାତୁମୟ ପିନ୍, ଯଦ୍ଦ୍ୱାରା କେଶ, ବସ୍ତ୍ର ଆଦିକୁ
সেফটী পীন सेफटी पीन ଏକତ୍ର ଲଗାଇ ରଖାଯାଇ ପାରେ—
Safety pin.

ସେଫ୍‌ଟି ଫାଷ୍ଟ୍—ବୈଦେ. ବ (ଇଂ· ସେଫ୍‌ଟୀ+ଫାର୍ଷ୍ଟ=ଏଥିର
Seph-ṭi phāsht ଅର୍ଥ ବିପଦରୁ ଦୂରରେ ରହିବା ପ୍ରଥମ
সেফটী ফাষ্ট্ ଆବଶ୍ୟକ)—ରେଲଗାଡ଼ି ଓ ଅପଦଜନକ କଳ-
सेफटी फाष्ट କାରଖାନା ନିକଟରେ ଚଳପ୍ରଚଳ ହେବା ସମୟରେ
ସାବଧାନ ହେବା ପାଇଁ ଲୋକମାନଙ୍କୁ ସତର୍କ କରିବା
ନିମନ୍ତେ ଆଧୁନିକ ଆନ୍ଦୋଳନ—The Safety first
movement recently started to warn
people to look to their own safety while
going about railway trains and dan.
gerous machines.

ସେଫ୍‌ଟି ଭଲ୍—ବୈଦେ· ବ (ଇଂ)—ବାଷ୍ପୀୟ କଳ ଆଦିରେ ବାଷ୍ପର
Seph-ṭi bhālbh ବେଗ ବେଶି ହୋଇଗଲେ ଅଧିକା ବାଷ୍ପ
সেফটী ভাল্ভ ଓ ଉଷ୍ଣ ବାହାରି ଯିବା ପାଇଁ ଉକ୍ତ କଳରେ ଲାଗିଥିବା
सेफटी भाल्भ କବାଟ—Safety valve.

ସେଫ୍‌ଟି ଲମ୍ପ—ବୈଦେ. ବ (ଇଂ)—କୋଇଲା ଖଣି ମଧ୍ୟରୁ ବାହାରୁ-
Seph-ṭi lāmp ଥିବା ଜ୍ୱଳନଶୀଳ ବାଷ୍ପ ଖଣିରେ କାମ କରୁଥିବା
সেফটি ল্যাম্প ବ୍ୟକ୍ତିଙ୍କଦ୍ୱାରା ଆଲୋକାର୍ଥ ବ୍ୟବହୃତ ଲମ୍ପରେ ଥିବା
सेफटी लैंफ ଅଗ୍ନିଦ୍ୱାରରେ ଲଗି ଜଳି ନ ଉଠିବା ପାଇଁ ତାର ଦେଇ
ଆଚ୍ଛାଦନବିଶିଷ୍ଟ ଲମ୍ପ—Safety lamp.

ସେଫ୍‌ଟି ରା(ରେ)ଜର୍—ବୈଦେ· ବ (ଇଂ)—ଯେଉଁ ଖୁରଦ୍ୱାରା କରା-
Seph-ṭi ra(re)jar ପଦଗ୍ରହରେ କ୍ଷୌର କର୍ମ ସମାହିତ ହୁଏ—
সেফটি রাজর सेफटी रेजर Safety razor.

ସେଫ—ସଂ. ବ (ଶେଫର ରୂପାନ୍ତର)—ଶିଶ୍ନ; ଲିଙ୍ଗ (ଜନନେନ୍ଦ୍ରିୟ)—
Sepha Penis.

ସେଫାଳିକା—ସଂ. ବ (ଶେଫାଳିକାର ରୂପାନ୍ତର)—ଶେଫାଳିକା (ଦେଖ)
Sephālikā Sephālikā (See)

ସେଫ୍ଟ (ଇତ୍ୟାଦ)—ବୈଦେ॰ ବ (ଇ॰)—ସେଫ୍‌ଟି ଇତ୍ୟାଦ (ଦେଖ)
Sephṭi (etc) Seph-ṭi etc (See)
সেফ্‌টি सेफटी

ସେବ୍ (ଧାତୁ)—ସ—୧ । ସେବନ କରିବା; ଭୋଗ କରିବା—
Seb (root) 1. To enjoy. ୨ । ଖାଇବା—
2. To partake of. ୩ । ପରିଚର୍ଯ୍ୟା କରିବା—
3. To serve. ୪ । ବ୍ୟବହାର କରିବା; ଉପଭୋଗକରିବା—
4. To use; (Apte) ୫ । ସମ୍ଭୋଗ କରିବା—5. To enjoy carnally (Apte)
୬ । ବାସ କରିବା; ବହୁଥର ଯିବା—6. To inhabit; to frequent (Apte). ୭ । ଚର୍ଚ୍ଚା ବା ଅଭ୍ୟାସ କରିବା—7. To practise; to cultivate (Apte).
୮ । ଜଗିବା—8. To watch; to guard (Apte).

ସେବ—ସ. ବି (ସେବ୍ ଧାତୁ+କର୍ମ॰ ଅ)—୧ । ସେଓ ଫଳ (ହି. ଫା. ସେଓ); (ଭାବପ୍ରକାଶ)—1. Apple; Pyrus Malus.
Seba
୨ । (+ଭାବ॰ଅ) ସେବା (ଦେଖ)—2. Sebā (See). ଦେ॰ ବି. ସ୍ତ୍ରୀ (ସେବତୀ)—ସେବତୀର ଡାକ ନାମ—Nickname for Sebati.

ସେବକ—ସ. ବିଣ. ପୁଂ (ସେବ୍ ଧାତୁ+କର୍ତ୍ତୃ ଅକ)-୧ । ସେବାକାରୀ
Sebaka 1. Rendering service; serving.
[ସେବ(ବି)କା—ସ୍ତ୍ରୀ] ୨। ପରିଚର୍ଯ୍ୟାକାରୀ 2. Tending.
୩ । ଧାରାମତେ କୌଣସି କର୍ମାବଲମ୍ବନକାରୀ (ଯଥା—ସାହିତ୍ୟ ସେବକ)—3. Following an occupation regularly. ୪ । ଭୋଗକାରୀ—4. Enjoying. ବି—୧ । ପ୍ରସେବକ (ମେଦିନୀ); ବୀଣାପ୍ରାନ୍ତସ୍ଥ ବନ୍ଧ କାଷ୍ଠ; ବୀଣାଗ୍ରିତ ଅଲାବୁ ଫଳକ—1. The gourd attached to the end of a harp. ୨ । ଚୋକଟ୍ଟ ମୁଣି—2. A wallet made of rags. ୩ । (ଷୀବ୍ ଧାତୁ=ସିଲାଇ କରିବା + କର୍ତ୍ତୃ. ଅକ)—ସୀବନ କର୍ତ୍ତା; ଦରଜି—3. Sewer; tailor. ୪ । ପରିଚାରକ; ଦାସ; ଭୃତ୍ୟ; ଗୃହକର୍ମ—4. Servant. ୫ । ପରିଚର୍ଯ୍ୟାକାରୀ ବ୍ୟକ୍ତି; 5. Attendant. ୬ । ଭକ୍ତ (ହ॰ ଶ.)—6. A devotee. ୭ । ଉପାସକ; ଆରାଧକ (ହ. ଶ)—7. Worshipper; a votary. ୮ । (କୌଣସି ବସ୍ତୁର) ବ୍ୟବହାରକାରୀ ବ୍ୟକ୍ତି (ହ॰ ଶ)—8. The user of a certain thing. ୯। ଧାରାବାହିକ ରୂପେ କୌଣସି କର୍ମ ଅବଲମ୍ବନକାରୀ ବ୍ୟକ୍ତି—9. Regularly following or devoted to an occupation. ୧୦। (+କର୍ମ॰ ଅକ)—ବୋରା, ବସ୍ତା (ହ. ଶ)—10. Sack; gunny bag (Apte) ୧୧ । (ସେବ୍ ଧାତୁ+କର୍ତ୍ତୃ. ଅକ) ଦେବତାଙ୍କ ପୂଜା ଆଦି କରିବା ବ୍ୟକ୍ତି; ପୂଜାକାରୀ—11. A person who regularly performs the worship and rituals of a Deity. [ଦ୍ର—ପୁରୀର ଜଗନ୍ନାଥଙ୍କର ସେବକମାନେ ଦେବତାଙ୍କର ଭିନ୍ନ ଭିନ୍ନ କାର୍ଯ୍ୟ କରିବା ଅନୁସାରେ ୩୬ଟି ଶ୍ରେଣୀରେ ବିଭକ୍ତ—ସେମାନଙ୍କୁ ଛତିଶା ନିଯୋଗ ବୋଲାଯାଏ, ସାଧାରଣତଃ ଶିବ ଓ ବିଷ୍ଣୁଙ୍କ ମନ୍ଦିରରେ ଦୁଇ ଜାତିର ସେବକ ଦେଖାଯାଆନ୍ତି ଯଥା—ବ୍ରାହ୍ମଣ (ପଣ୍ଡା ବା ପୂଜାରି) ଓ ଶୂଦ୍ର (ମାଳି, ବଡ଼ୁ ବା ମଲିଆ) ।]

[ଦ୍ର—ନିମ୍ନରେ ‘ସେବକ’ ପଦ ସଂଯୁକ୍ତ କେତେକ ପଦ ଦିଆଗଲା—

ଉପାଙ୍ଗିଆ ସେବକ—ଦେ॰ ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଉପାଙ୍ଗ ନାମକ ଏକ ପ୍ରକାର ବାଜା ବଜାଇବା ସେବକ ବିଶେଷ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଗ୍ରାମ ସେବକ—ଦେ॰ ବି—ଗ୍ରାମବାସୀଙ୍କର ସେବାକାରୀ ଭୃତ୍ୟ—ଭଣ୍ଡାରୀ, ଧୋବା ଆଦି ।

ଚରଣ ସେବକ, ପାଦ ସେବକ—ସ. ବି—ପାଦ ସେବା କରିବା ଭୃତ୍ୟ ।

ଜୟମଙ୍ଗଳ ଅଳତି ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଅଳତି କରିବା ସେବକ ।

ଦରପଣିଆ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ସମୟରେ ଆଗରେ ଦର୍ପଣ ଧରିବା ସେବକବିଶେଷ ।

ଦେବ ସେବକ—ସ, ବି—ଦେବତାଙ୍କ ସେବାକାରୀ ବ୍ୟକ୍ତି ।

ଧ୍ୱଜଧରା ସେବକ—ଦେ, ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୁକ୍ତିଶାହ୍ନ ବେଳେ ଗରୁଡ଼ଧ୍ୱଜ, ତାଳଧ୍ୱଜ, ଆଦି ଧରିବା ସେବକ ।

ପଣ୍ଡା ସେବକ—ଦେ॰ ବି—ପଣ୍ଡାଜାତୀୟ ଦେବପୂଜକ ।

ପତ୍ରିବଡ଼ୁ ସେବକ—ଦେ॰ ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପୂଜାର ସମସ୍ତ ଉପକରଣ ପଣ୍ଡାମାନଙ୍କୁ ବଢ଼ାଇ ଦେବା ସେବକ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ପାଣି ଆପଟ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବାପୂଜା କ୍ରମରେ ପାଣି ଯୋଗାଇବା ସେବକ ।

ପାଳିଆ ସେବକ—ଦେ. ବି—ଯେଉଁ ସେବକଙ୍କର ଦେବସେବାରେ ପାଳିର ଦିନ ପଡ଼ିଥାଏ ।

ପୁରାଣପଣ୍ଡା ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ପୁରାଣ ପାଠ କରିବା ସେବକବିଶେଷ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ପ୍ରସାଦ ବଡ଼ୁ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସାଦ ନେଇ ଗଜପତି ରାଜାଙ୍କ ଛାମୁରେ ପହଞ୍ଚାଇବା କାମ କରିବା ସେବକ ।

ଫୁଲ ବଡ଼ୁ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଫୁଲ ପ୍ରସାଦ ନେଇ ଗଜପତି ମହାରାଜାଙ୍କ ନଅରରେ ପହଞ୍ଚାଇବା ସେବକ—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ପଣ୍ଡୁ ସେବକ—ଦେ· ବ (ସଂ ବଟୁ ଓ ସେବକ)—ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମହାପ୍ରଭୁଙ୍କ ସ୍ନାନ ଜଳ ଓ ଫୁଲ ବେଲପତ୍ରୀ ଯୋଗାଉଥିବା ଶୂଦ୍ର ସେବକ ।

ବଢ଼ୁଆ ଯୋଗଣ ସେବକ—ଦେ. ବ—ଠାକୁରଙ୍କ ଲାଗି ପାନପତ୍ର ସଂଗ୍ରହ କରି ଆଣି ହଡ଼ପ ନାୟକଙ୍କୁ ଯୋଗାଇବା ସେବକ ।

ବିମାନବଡ଼ୁ ସେବକ—ଦେ· ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାମାନଙ୍କୁ ଯାତ୍ରାର ସମୟରେ ବହନ କରୁଥିବା ବିମାନକୁ କାନ୍ଧେଇବା ଓ ଫୁଲ ପାଣି ଆଦି ଲାଗି କରୁଥିବା ସେବକ ।

ବ୍ରାହ୍ମଣ ସେବକ—୧ । ସଂ· ବ—ବ୍ରାହ୍ମଣଜାତୀୟ ଦେବ-ସେବକ ।

୨ । ଦେ. ବ—ଭୁବନେଶ୍ୱର ଲିଙ୍ଗରାଜଙ୍କ ସୂପକାର ବ୍ରାହ୍ମଣଜାତୀୟ ସେବକ ।

ଭିତର ଗଚ୍ଛବଡ଼ୁ—ଦେ. ବ—ଆବଶ୍ୟକ ବେଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପାଣି ଧରି ରହିବା ସେବକ ।

ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।

ମହାସୁଆର, ସୁଆର ସେବକ—ଦେ. ବ (ସଂ ସୂପକାର ସେବକ)—ପୁରୀ ଓ ଭୁବନେଶ୍ୱରରେ ବିଗ୍ରହଙ୍କ ଦେବଙ୍କ ଅନ୍ନପାକକାରୀ ବ୍ରାହ୍ମଣ ସେବକ ।

ମାଳି ସେବକ—ଦେ. ବ (ସଂ ମାଳାକାର ସେବକ)—ଦେବଙ୍କୁ ଫୁଲ ଯୋଗାଇବା ଶୂଦ୍ର ମାଳାକାରଜାତୀୟ ସେବକ ।

ଯୋଗାଡ଼ମଞ୍ଜା ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାସନ ମାଜିବା ସେବକ ।

ରାଜ ସେବକ—ସଂ. ବ—ରାଜାଙ୍କର ଭୃତ୍ୟ ।

ଶୂଦ୍ର ସେବକ—ସଂ. ବ—ଶୂଦ୍ରଜାତୀୟ ଦେବସେବକ ।

ସାହିତ୍ୟ ସେବକ—ଦେ· ବ—ଧାରାବାହିକ ସାହିତ୍ୟଚର୍ଚ୍ଚା କରୁ-ଥିବା ବ୍ୟକ୍ତି ।

ସୁଆର ବଡ଼ୁ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ପରେ ମନ୍ଦିରର ଭିତରକୁ ପାଣି ପକାଇ ଧୋଇବା, ପାହାଡ଼ା ପକାଇବା, ଧୂପ ଓ ଅଳତି ପାଇଁ କାଅଁ ଓ ଅଙ୍ଗାର ଆଣି ଦେବା ଏବଂ ପଣ୍ଡାମାନଙ୍କୁ ଅଳତି ବାଠି, ଧୂପଦାନୀ ଆଦି ବଢ଼ାଇ ଦେବା ସେବକ ।

ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।

ସୂକ୍ଷ୍ମ ସୁଆର ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ପାଇଁ ମୁଗ ରଗଡ଼ିବା, ପରିବା କାଟିବା, ପାଚିଲାକଦଳୀ ପ୍ରସ୍ତୁତ ଆଣି ଦେବା ଏବଂ ପଞ୍ଚାମୃତ ଯୋଗାଇବା ଇତ୍ୟାଦି କାର୍ଯ୍ୟ କରିବା ସେବକ—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।

ସ୍ୱେଚ୍ଛାସେବକ—ଦେ. ବ—ଯେ ନିଜ ଇଚ୍ଛାରେ କୌଣସି ସେବାକାର୍ଯ୍ୟ ଗ୍ରହଣ କରି ଥାଆନ୍ତି ।

ହାଣ୍ଡୋଳା ବଡ଼ୁ ସେବକ—ଦେ· ବ—ଦେବବିଗ୍ରହଙ୍କ ହାଣ୍ଡୋଳା ବା ଦୋଳା କାନ୍ଧେଇବା ସେବକ ।]

ସେବକ ଜାଗିର—ଦେ. ବ—ସେବକାନ୍ ଜାଗିର (ଦେଖ)
Sebaka jāgiri Sebakān jāgiri (See)

ସେବକ ନିଯୋଗ—ଦେ· ବ—ଭିନ୍ନ ଭିନ୍ନ ଶ୍ରେଣୀର ସେବକମାନଙ୍କର
Sebaka nijoga ଗୋଷ୍ଠୀ ବା ସମାଜ—A society of different classes of Sebaks. [ଦ୍ର—ଭିନ୍ନ ଭିନ୍ନ ସେବକଶ୍ରେଣୀଙ୍କର ଭିନ୍ନ ଭିନ୍ନ ନିଯୋଗ ଅଛି । ଉକ୍ତ ନିଯୋଗ ଦ୍ୱାରା ଉକ୍ତ ଦଳର ସାମାଜିକ ନିୟମମାନ ପରିଚାଳିତ ହୁଏ ।]

ସେବକ ବରତନ (ବର୍ତ୍ତନ)—ଦେ. ବ—ସେବକକୁ ଦେୟ ବେତନ
Sebaka baratana (bartana) ସେବାର ପାରିଶ୍ରମିକ—
সেবক বেতন Wages given to a servant for
सेवकवेतन service rendered.

ସେବକ ବ୍ରାହ୍ମଣ—ସଂ. ବ—ଦେଉଳିଆ ବା ପଣ୍ଡା ବ୍ରାହ୍ମଣ;
Sebaka brāhmaṇa ନିକୃଷ୍ଟଶ୍ରେଣୀର ବ୍ରାହ୍ମଣ—
Brāhmans who serve as worshippers to idols and are deemed lower than others.

ସେବକା—ସଂ· ବ. ସ୍ତ୍ରୀ (ସେବକ+ଆ)—ସେବକର ସ୍ତ୍ରୀଲିଙ୍ଗ—
Sebakā Feminine of 'Sebaka'.
ଦେ. ଵଣ—ସେବକାର (ଦେଖ)—Sebakāra (See)

ସେବକାଧମ—ସଂ, ବ ପୁଂ (୭ମୀ ତତ୍)(ବିନମ୍ରୋକ୍ତି)—ଅଧମ ସେବକ—
Sebakādhama An humble servant; most
(ସେବକାଧମା—ସ୍ତ୍ରୀ) humble servant.

ସେବକାନ୍—ଦେ· ବ (ବହୁବଚନ)—ସେବକମାନେ—
Sebakān A number of 'Sebakas'.
সেবকেরা सेवकान्

ସେବକାନ୍ ଜାଗିର—ଦେ. ବ—ଦରମା ପରିବର୍ତ୍ତେ ସେବକକୁ ଦିଆ
Sebakān jāgiri ଯାଉଥିବା ବୃତ୍ତି—Service tenure
চাকরান জাগিরি given to a servant in lieu of pay.
सेवकान जागीर

ସେବକାନ୍ ନିଷ୍କର—ଦେ· ବ—ସେବା କରିବା ଯୋଗୁଁ ସେବକ ଯେଉଁ
Sebakān nishkara ଜମିର ରାଜସ୍ୱ ମାଫ ପାଇଥାଏ—Hol-
নিষ্কর চাকরান ding granted to a Sebaka free of
सेवकान निष्कर rent.

ସେବକାନୁସେବକ—ସଂ· ବ—ଅତି ହୀନ ବ୍ୟକ୍ତି (ଯେ ଆପଣଙ୍କର
Sebakānusebaka ସେବକର ସେବକ ହେବାର ଉପଯୁକ୍ତ)—
One who is fit to be the servant to your servant.

ସେବକାର—ଦେ. ଵଣ—୧ । ସେହି ସମୟର—1. Of that time
Sebakāra ୨ । ଅତୀତକାଳର—2. Of the past.
তখনকার ୩ । ଅତି ପୁରାତନ—3. Very old.
उस समयका

ସେବକାଳୁ—ସଂ· ବ—୧ । ଜଣାଜଙ୍ଗଲୀ ବୃକ୍ଷ (ଶଙ୍କରଜଟା); ବୃକ୍ଷ-ବିଶେଷ
Sebakālu ଜେଠୀ ବୃକ୍ଷ—1. A kind of wild tree.
୨ । ଦୁଧିଅମେଣ୍ଡି ଲତା; ଦୁଗ୍ଧିକା; ଉତ୍କଳଦୁଗ୍ଧା ଲତା—
2. Oxystelma Esculentum (creeper)

ସେବକୀ—ଗ୍ରା. ବି. ସ୍ତ୍ରୀ (ସେବକାର ଅଶୁଦ୍ଧ ଉଚ୍ଚାରଣ)—ସେବକା Sebakī (ଦେଖ)—Sebakā (See) [ଦ୍ର—ପ୍ରାକୃତରେ ସେବିକା ଏହି ଶବ୍ଦ ବହୁଳ ବ୍ୟବହୃତ ହେଉ ନ ଥିବାରୁ ଭୂମି ଶୂଦ୍ର ଭାବ **सेविका, सेवकी** ନଜଣା ସେବକୀ—ଉଣ୍ଡ. ବୈଦେଶିକଉଲ୍ଲାସ ।] (ସେବକୀ—ଅନ୍ୟ ଅଶୁଦ୍ଧରୂପ)

ସେବତୀ—ସ. ବି—୧ । ଶତପତ୍ରୀ—1. Muskrose; Rosa Moschata; the garden daisy (Kritikar); Crysthemum (large); Coronaria. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ହିମ, ହୃଦ୍ୟା, ଗ୍ରାହିଣୀ, ଶୁକ୍ରଳା, ଲଘୁ, ତିକ୍ତା, କଟୁ, ପାଚନା ଓ ଦୋଷତ୍ରୟ ଓ କୁଷ୍ଠରୋଗ ଓ ବର୍ଣ୍ଣହର ।]
Sebatī
ଅନ୍ୟ ସ—ଶତପତ୍ରୀ, ତରୁଣୀ, ହେମନ୍ତୀ, କର୍ଣ୍ଣିକା, ଗନ୍ଧବେଶୀ, ସେବନ୍ତୀ, ମହାକୁମାରୀ, ଗନ୍ଧାଢ୍ୟା, ଲକ୍ଷପୁଷ୍ପା, ଅତିମଞ୍ଜୁଳା, ଭୃଙ୍ଗବଲ୍ଲଭ ।
সেউঁতী, গুলদাউদী, সেঙ্গতী, সেউতীগোলাপ
गुलचिनी, सेवती गोलाप
ତେ. ଗୁମଲ୍ଲ
୨। ସ୍ତ୍ରୀଲୋକଙ୍କ ନାମ—2. A name given to females. ଦେ. ବି—ସ୍ତ୍ରୀଲୋକମାନଙ୍କ ମଧ୍ୟରେ ପତିଷ୍ଠିତ ବନ୍ଧୁତ୍ୱ ବିଶେଷ—A godfrendship set up between females. [ଦ୍ର—ସ୍ତ୍ରୀମାନେ ପରସ୍ପର ମହାପ୍ରସାଦ, ଗଙ୍ଗାଜଳ, ତୁଳସୀ ମୁଣ୍ଡିକା, ପୁଷ୍ପ ଅବା ଦଧି ଦେଇ ହୋଇ ସେହି ସେହି ନାମର ଧର୍ମବନ୍ଧୁତା ସ୍ଥାପନ କରନ୍ତି ।]

ସେବତୀ ଫୁଲ—ଦେ. ବି—୧ । ସେବତୀ (ଦେଖ)—1. Sebatī Sebatī phula (See) ୨। (ବଶିଷ ଅଳ) ସ୍ତ୍ରୀଲୋକମାନଙ୍କ ବାଳରେ ଖୋସାଯିବା ପାଇଁ ସେବତୀ ଫୁଲ ପରି କାରୁକାର୍ଯ୍ୟବିଶିଷ୍ଟ ସୁନାର ବା ରୂପାର ଅଳଙ୍କାରବିଶେଷ—2. Name of an ornament of gold or silver for the hair.
সেউঁতী
सेवती फूल

ସେବତୀ ମାଳଥା—ଦେ. ବି—ସେବତୀ ଫୁଲରେ ଗୁନ୍ଥା ହୋଇଥିବା ମାଳ ବା ହାର—A garland of Sebatī flowers.
Sebatī mālathā
সেউঁতী মালা **सेवती माला**
[ଦ୍ର—ଗୁନ୍ଥି ଥିବ ଯେବେ ମୁଁ ସେବତୀ ମାଳଥା, ତା ଦେଖିଲେ କମ୍ପିବ ଜନକଙ୍କର ହିଆ—କୃଷ୍ଣସିଂହ. ମହାଭାରତ. ବନ୍ଧୁ ।]

ସେବଧି—ସ. ବି (ସେବ—ସେବା+ଧା ଧାତୁ+କର୍ତ୍ତୃ. ଇ)—Sebadhi କୁବେରଙ୍କ ନିଧି;—ରତ୍ନ, ଶଙ୍ଖ, ପଦ୍ମାଦି—The gams of God Kubera.

ସେବନ—ସ. ବି (ଷିବ୍ ଧାତୁ+ଭାବ. ଅନ)—୧ । ବସ୍ତ୍ରାଦି ସୀବନ; Sebana ସିଲାଇ କରିବା—1. Sewing. ୨। (ସେବ୍ ଧାତୁ +ଭାବ. ଅନ) ସେବା କରିବା; ପରିଚର୍ଯ୍ୟା—2. Serving. ୩। ଆରାଧନ; ଉପାସନା, ପୂଜନ—3. Worshipping. ୪। ଉପଭୋଗ—4. Enjoyment. ୫। ଭୋଜନ—5. Eating; partaking of. ୬। ଚର୍ଚ୍ଚା; ଅଭ୍ୟାସନ—6. Practising; cultivati n ସମ୍ଭୋଗ—7. Enjoying carnally (Apte) ୮। ବାସ କରିବା; ବିହାର—8. Dwelling in; frequenting (Apte). ୯। (+କର୍ମ. ଅନ) ବୋଷ୍ଟ; ବସ୍ତା (ହି. ଶ)—9. Sack.
ସେବକ, ସେବ୍ୟ, ସେବନୀୟ } ବିଣ

ସେବନ କରିବା—ଦେ. କ୍ରି—୧ । ସେବା କରିବା; ପରିଚର୍ଯ୍ୟା କରିବା—Sebana karibā 1. To serve; to tend. [ଦ୍ର—ସନ୍ତ ଅଯୁଧ କରେ ଛନ୍ତି । ସେବକ ସେବନ କରନ୍ତି—ଜଗନ୍ନାଥ. ଭାଗବତ ।] ୨। (ଔଷଧାଦି) ଖାଇବା—2. To take (medicine); to partake of. ୩। (ବାୟୁ) ସେବନ କରିବା; (ବାୟୁକୁ) ଦେହରେ ଉପଭୋଗ କରିବା—3. To take (in airing) to enjoy. ୪। (ଖରା) ପୋଇଁବା—4. To bask (in the sun). ୫। (ମଦ୍ୟ) ପାନ କରିବା—5. To drink (wine). ୬। (ଦେବତାଙ୍କୁ) ଉପାସନା କରିବା—6. To worship (a Deity).
সেবা করা **सेवन करना**

ସେବନା—ସ. ବି (ସେବନ+ଆ)—ଉପାସନା—Worshipping.
Sebanā

ସେବନୀ—ସ. ବି (ସିବ୍ ଧାତୁ+କରଣ. ଅନ+ଈ)—ସୂଚୀ; ଛୁଞ୍ଚ—Needle.
Sebanī

ସେବନୀୟ—ସ. ବି (ସେବ୍ ଧାତୁ+କର୍ମ. ଅନୀୟ)—ସେବନ ଯୋଗ୍ୟ—Sebanīya 1. Fit to be enjoyed. ୨। ଭୋଗ୍ୟ—2. Enjoyable. ୩। ଉପାସ୍ୟ—3. Adorable; worshipable.

ସେବା—ସ. ବି (ସେବ୍ ଧାତୁ+ଭାବ. ଅ+ଆ)—୧ । ପରିଚର୍ଯ୍ୟା—Sebā 1. Serving. ୨। ଦାସ୍ୟ—2. Service, servitude. ୩। ଆରାଧନା; ଉପାସନା—3. Worshipping; rendering homage. [ଦ୍ର—ସେବା ୫ ପ୍ରକାର—୧ । ମଧୁର (ଗୋପୀମାନଙ୍କର), ୨ । ସଖ୍ୟ (ଦାମ, ସୁଦାମାଦିଙ୍କର), ୩ । ବତ୍ସଳ (ନନ୍ଦ ଯଶୋଦାଙ୍କର), ୪ । ଦାସ୍ୟ (ଗରୁଡ଼, ହନୁମାନ ପ୍ରଭୃତିଙ୍କର), ୫ । ଶାନ୍ତ(ଯୋଗୀ ଓ ଋଷିଙ୍କର) ଯଥା—ମଧୁର ବଳି ସଖା ହେଲ । ବତ୍ସଳ ଦାସ ଶାନ୍ତ ସେନ ॥ ଏ ଉପାସନା ପଞ୍ଚ ବିଧ । ବୋଲିଣ କହୁଛନ୍ତି ବୁଧ—ପ୍ରାଚୀ. ପୁର୍ଣ୍ଣତମ ଚନ୍ଦ୍ରୋଦୟ ।] ୭ । ଧାରାବାହିକ ଚର୍ଚ୍ଚା—7. Practice; exercise (Apte). ୮ । (କୌଣସି କାର୍ଯ୍ୟ ପ୍ରତି) ଅନୁରକ୍ତି—8. Fondness or attachment for; devotion or addiction to. ୯ । (କୌଣସି ସ୍ଥାନରେ) ବାସ ବା ବିହାରାଦି—9. Frequenting; moving about; living in (Apte). ୧୦ । ସମ୍ଭୋଗ—
ସେବକ, ସେବ୍ୟ, ସେବନୀୟ } ବିଣ

10. Carnal enjoyment. ୧୧ । (+ଚଟିଣ ଅ +ଅ) ଚାଟୁବାକ୍ୟ—
11. Flattery; coaxing words (Apte).

ସେବାଇ(ଏ, ୟ)ତ—ଦେ. ବ (ସ. ସେବତା)—୧ । ସେବକ;
Sebāi(e, ya)ta ଦେବତାଙ୍କ ସେବାକାରୀ—1. Person
সেবায়ত **सेवायत** performing the services of a
ସେବେଇତ, ସେବେିତ } ଅନ୍ୟରୂପ — Deity. ୨ । ମନ୍ଦିରର ସେବକ ଭୃତ୍ୟ—2. Temple servant.
୩ । ଗ୍ରାମଲୋକଙ୍କ ସେବାକାରୀ ଭଣ୍ଡାରୀ ଓ ଧୋବା—
3. Village servant (e. g. barber, washerman etc).

ସେବାଇ(ଏ, ୟ)ତ ମାର୍‌ଫତ୍‌ଦାର—ଦେ. ବ (ଯୌଗିକ ଶବ୍ଦ)—
Sebāi(e, ya)ta mār-phat-dār ଦେବତାଙ୍କର ସେବକ
সেবায়ত মারফতদার ପୂଜକ ଓ ସେବା କାର୍ଯ୍ୟ ତଦାରଖ କରିବା
सेवायत मारफतदार ପାଇଁ ନିଯୁକ୍ତ ବ୍ୟକ୍ତି—
Servants and trustees of a Deity.

ସେବାଇ(ଏ, ୟ, ୟି, ୟେ)ତି—ଦେ. ବ—ସେବାଇତର କାର୍ଯ୍ୟ—
Sebāi(e, ya, yi, ye)ti Sebāyetship; the duty or
সেবায়তি **सेवायती** post of a temple-servant.

ସେବାଏ(ୟ, ୟେ)—ବିଦେ. ଅ (ଫା. ସିବା)—ଛଡ଼ା; ବ୍ୟତୀତ—
Sebāe(ya, ye) Beside; except.
ব্যতীত **सिवा, सेवाय**

ସେବା କରିବା—ଦେ. କ୍ରି—ସେବନ କରିବା (ଦେଖ)
Sebā karibā Sebana karibā (See)

ସେବା କାକୁ—ସ. ବ (ମ. ଅ. ଲେ)—ସେବା କରିବା ସମୟରେ
Sebā kāku ସେବକଙ୍କ କଣ୍ଠସ୍ୱରର ପରିବର୍ତ୍ତନ (କେତେବେଳେ ଉଚ୍ଚ, କେତେବେଳେ ନୀଚ, କେତେବେଳେ କୋମଳ କେତେବେଳେ ମଧୁର) (ବୃ. ଷ)—
Modulation or change of voice during service (Apte).

ସେବାକାରୀ—ସ. ବଣ ଓ ବ (ପୁଂ) (ସେବାକାରିନ୍ ଶବ୍ଦ)—ସେବକ
Sebākārī (ଦେଖ)—Sebaka (See)
(ସେବାକାରିଣୀ—ସ୍ତ୍ରୀ)

ସେବା ଖଞ୍ଜା—ଦେ. ବ—ଦେବସେବା ନିମନ୍ତେ ନିର୍ଦ୍ଦିଷ୍ଟ ସମ୍ପତ୍ତି—
Sebā khañjā Endowment for the service of a
দেবোত্তর **देवोत्तर** Deity.

ସେବା ଖଟିବା—ଦେ କ୍ରି—କୌଣସି ବ୍ୟକ୍ତିଙ୍କର ସେବା କରିବା—
Sebā khaṭibā To render personal service to a
সেবা করা **सेवा करना** person. [ଦୃ—ଦୂରୁ ଡାକୁଥାନ୍ତି ଯାମିକ ଭଟ । ଅସି ପରି ତୁମ୍ଭେ ତା ସେବା ଖଟ— ବୈଦେହୀଶ, ଉପେନ୍ଦ୍ର ।]

ସେବା ଦାସୀ—ଦେ. ବ (ସେବା ନିମିତ୍ତ ରକ୍ଷିତା ଦାସୀ)—୧ । ଦେବ-
Sebā dāsi ସେବା ପାଇଁ ରକ୍ଷିତା ଦାସୀ—1. Maid ser-
সেবা দাসী vants entertained in a temple for
सेवा दासी performing the services of Idols.
୨ । ପ୍ରଭୁଙ୍କର ସେବାକାରିଣୀ ଦାସୀ—2. A maid servant engaged for serving a master. [ଦୃ—ଏ ବେଣୀ ବନ୍ଧନ୍ତି ସେବାଦାସୀ ଯିବା ଦେବ ଉଦଗେ ଭୁମ୍ବର—ଚନ୍ଦ୍ରାମଣି, ଉପେନ୍ଦ୍ରଭଞ୍ଜ ।] ୩ । ଦାକ୍ଷିଣାତ୍ୟରେ ମନ୍ଦିରମାନଙ୍କରେ ଉତ୍ସର୍ଗୀକୃତ ଅବିବାହିତା ରମଣୀ ଓ କନ୍ୟାଗଣ; ଜଗନ୍ନାଥ ଦେଉଳର ମାହାରୀ—3. Damsels and unmarried girls kept in temples for dancing before the Idol. ୪ । ଉପଭୋଗାର୍ଥ ରକ୍ଷିତା ସ୍ତ୍ରୀ—4. A concubine. ୫ । କୌଣସି କୌଣସି ସମ୍ପ୍ରଦାୟ ଭୁକ୍ତ ବୈଷ୍ଣବଙ୍କର ରକ୍ଷିତା ଅଙ୍ଗଲଗା ମାଈଜୀ—
5. Concubines entertained by a sect of Baishṇabas for administering to the personal comforts and animal wants of the latter.

ସେବା ଧର୍ମ—ସ. ବ (ରୂପକ)—୧ । ଅବଶ୍ୟକର୍ତ୍ତବ୍ୟରୂପେ ଗୃହୀତ
Sebā dharma ସେବା କର୍ମ—1. The duty of service.
୨ । ସେବକର କର୍ତ୍ତବ୍ୟ କର୍ମ—2. The duties or ଧର୍ମ—obligations of a Sebaka.

ସେବା ବୃତ୍ତି—ସ. ବ (ରୂପକ)—ଜୀବିକାର୍ଥ ଗୃହୀତ ସେବା କର୍ମ—
Sebā brutti Service taken as a profession.
ସ. ବଣ ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ସେବାର ଯାହାର ଜୀବିକା
Having service as a profession.

ସେବା ବ୍ରତ—ସ. ବ—ଜନସେବାର ଓ ଧର୍ମଚର୍ଯ୍ୟାରୂପ ନିୟମ—
Sebā brata Religious vow taken for rendering service to humanity or to a Deity or to a cause.

ସେବା ମନ୍ଦିର—ଦେ. ବ—ସେବାଶ୍ରମ (ଦେଖ)
Sebā mandira Sebāśrama (See)

ସେବାୟୁଧ—ଦେ. ବ—ସେବା ନିମନ୍ତେ ଆବଶ୍ୟକ ଦ୍ରବ୍ୟସମୂହ—
Sebāyudha Articles required for performing different kinds of ser-
সেবায়ুধ **सेवा सामग्री** vices. [ଦୃ—ବିଦ୍ୟା ଦେଶ ସର୍ବ ସ୍ତ୍ରୀଣୀ ପାଇ ଯେବେ ସଜନା ସେବାୟୁଧ କରେ ସେଲ ସର୍ବେ ଚଳାଏ—ପ୍ରାଚୀ, ଉତ୍ତମମଞ୍ଜରୀ ।]

ସେବାର୍ହ—ସ. ବଣ(ସେବା+ଅର୍ହ ଧାତୁ+କର୍ତ୍ତୃ. ଅ)—ସେବନ ହେବାର
Sebārha ଯୋଗ୍ୟ—Fit to be worshipped.
(ସେବାର୍ହା—ସ୍ତ୍ରୀ)

ସେବାଶ୍ରମ—ସ. ବ—ଯେଉଁ ଆଶ୍ରମରେ ସେବକମାନେ ନାନାପ୍ରକାରେ
Sebāśrama ଦେଶସେବା ଓ ଦରିଦ୍ରସେବା କରନ୍ତି—
সেবাশ্রম A place where volunteers serve the
सेवाश्रम country and the poor.

ସେବା ସଂଘ—ସ. ବ (ମ. ଅ. ଲେ; ସେବା ନିମନ୍ତେ ପ୍ରତିଷ୍ଠିତ ସଂଘ)—
Sebā saṃgha ଦେଶ ସେବା ପାଇଁ ଗଢ଼ା ସମାଜ—A league
সেবা সংঘ **सेवा संघ** formed for social service.

ସେବା ଶୁଶ୍ରୂଷା—ସଂ. ବି (ଏକାର୍ଥକ ସହଚର)—କୌଣସି ବ୍ୟକ୍ତିଙ୍କର ବା
Sebā śuśrūshā ରୋଗୀର ପରିଚର୍ଯ୍ୟା—
Nursing of a patient or person.

ସେବା ସମର୍ପଣ—ସଂ. ବି—ଦେବ ବିଗ୍ରହ ନିର୍ଦ୍ଧାରିତ ପରଗ୍ଭଣରେ ରଖିବା ପାଇଁ
Sebā samarpaṇa କୌଣସି ବ୍ୟକ୍ତିଙ୍କ ହସ୍ତରେ ଦେବତାଙ୍କ
সেবা সমর্পণ ସେବାର ଅର୍ପଣ—Consignment or gift
सेवा समर्पण of the service of a Deity to a person in trust.

ସେବାସମର୍ପଣ ପତ୍ର—ଦେ. ବି (ତତ୍ପୁରୁଷ)—ଯେଉଁ ଦଲିଲ ଦ୍ୱାରା ଜଣେ
Sebāsamarpaṇa patra ବ୍ୟକ୍ତି ଦେବତାଙ୍କ ସେବାକୁ
সেবাসমর্পণপত্র सेवासमर्पणपत्र ଅନ୍ୟ ବ୍ୟକ୍ତିଙ୍କ
ଠାରେ ଅର୍ପଣ କରେ—A trust deed conveying the service of an Idol to another person.

ସେବାସି—ଗ୍ରା. ବି—ସେବକ (ଦେଖ)—
Sebāsi Sebaka (See).

ସେବି—ସଂ. ବି—୧ । ସେଓଫଳ—1. Apple. [ବୃ—ଏହା କାଶ୍ମୀର,
Sebi ସିଉଡ଼, କୁଲୁ, କୁଣ୍ଡଳ, କଳେର, କଫର, କୃଷ୍ଣ ଓ
ପାଟଲେ ସ୍ୱାଦୁ ।] ୨ । ବଦରଫଳ;ବରକୋଳି(ହ୍ଵ.ଶ)-
Jujube (Apte) tree and berry.

ସେବିକା—ଦେ. ବିଣ. ସ୍ତ୍ରୀ (ସଂ. ସେବକା)—ସେବକର ସ୍ତ୍ରୀଲିଙ୍ଗ—
Sebikā Feminine of 'Sebaka' [ଦ୍ର—ସେବକର ସ୍ତ୍ରୀ-
সেবিকা सेविका ଲିଙ୍ଗରୂପ ସଂସ୍କୃତ ବ୍ୟାକରଣ
ଅନୁସାରେ ସେବକା ଅଟେ,କିନ୍ତୁ ଭାଷାରେ କେହି କେହି
ସେବକୀ ଓ ସେବିକା ଲେଖନ୍ତି; କିନ୍ତୁ ଏହା ବ୍ୟାକରଣ-
ବିରୁଦ୍ଧ ବ୍ୟବହାର ।] ସଂ.ବି—ଖାଦ୍ୟ ବିଶେଷ;ସିମେଇ—
সেমই सेव, सेवई Vermicelli.
[ବ୍ୟ—ମଇଦାକୁ ବଳ ଏଥିରୁ ବଡ଼ ସରୁ ସରୁ ଲମ୍ବ
ଖଣ୍ଡମାନ କରି ତାକୁ ଖରାରେ ଶୁଖାଇ ଦୁଗ୍ଧ, ଶର୍କରା ଓ
ଘୃତରେ ମୃଦୁ ଅଗ୍ନିରେ ପାକ କରି ଏହା ପ୍ରସ୍ତୁତ କରାଯାଏ
(ଭାବପ୍ରକାଶ) । ଏହା ତର୍ପଣୀ, ବଲ୍ୟା, ଗୁର୍ବୀ, ପିତ୍ତ-
ନାଶକରା, ଗ୍ରାହିଣୀ, ସନ୍ଧାନକୃତ, ରୁକ୍ଷ । ଏହାକୁ ଅତି
ମାତ୍ରାରେ ଖାଇବ ନାହିଁ । ଅନ୍ୟ ଏକପ୍ରକାର ସୁବ ଧଳ
ଲମ୍ବା ଲମ୍ବା ସିମେଇ ତିଆରି କରାଯାଏ । ମଇଦାକୁ ବା ଚୂନ
ବେସନକୁ ପାଣିରେ ଚକଟି ଚାଳଣୀ ଉପରେ ଲେଉଟରେ
ତାକୁ ମଳନ୍ତେ ଚାଳଣୀର ଛିଦ୍ର ବାଟେ ସରୁ ସରୁ ଧାର
ବାହାରୁଥିବା ଖଣ୍ଡମାନ ଚୁଲି ଉପରେ ଫୁଟୁଥିବା ଘିଅରେ
ବା ତେଲରେ ପକ୍ୱ ହୁଏ । ଏହାକୁ ଭୁଜିଆ ସିମେଇ
ବୋଲାଯାଏ ।]

ସେଭି(ଭି)ଙ୍ଗ—ବିଦେ.ବି(ଇଂ)—ବ୍ୟୟରୁ ଉଦ୍‌ବୃତ୍ତ ଧନର ସଞ୍ଚୟ—
Sebi(bhi)ṇg Saving of money.
সেভিঙ্গ सेविंग [ସେଭଂ (ଇଂ)—ଅଣ୍ଟକ ଅଭାବ]

ସେଭି(ଭି)ଙ୍ଗସ୍ ବା(ବ୍ୟା,ବେ)ଙ୍କ—ବିଦେ. ବି. (ଇଂ)—ଯେଉଁ ଠାରେ
Sebi(bhi)ṇg-s|ba(byā,be)ṇk ଲୋକେ ନିଜ ନିଜର ଉଦ୍‌ବୃତ୍ତ
সেভিঙ্গ্স ব্যাঙ্ক सेविंगबैंक ଧନକୁ ଜମାରଖି ଦରକାର ପାଇଁ
ସହିତ ଫେରି ଓ ଆବଶ୍ୟକ ସମୟରେ ସେଠାରୁ ଧନ ଅଣି
ପାରନ୍ତି (ଏଥିରେ କିଛି ସୁଧ ମଧ୍ୟ ମିଳେ)—Savings bank.

ସେବିତ—ସଂ. ବିଣ (ସେବ୍ ଧାତୁ+କର୍ମ. କ୍ତ)—୧ । ସମୁପାସିତ;
Sebita ଅର୍ଚ୍ଚିତ; ପୂଜିତ—1. Worshipped.
(ସେବିତା—ସ୍ତ୍ରୀ. ବିଣ) ୨ । ଉପଭୁକ୍ତ—2. Enjoyed;
partaken of. ୩ । ଅଧ୍ୟୁଷିତ—3.Inhabited.
[ଉ—ସିନ୍ଧୁ, କାନ୍ତାର, ମୃଗରେ ସେବିତ ହୋଇଅଛୁ—
କୃଷ୍ଣସିଂହ. ମହାଭାରତ ବନ ।] ୪ । ଆଶ୍ରିତ; ଯାହାଙ୍କଠାରୁ
ଆଶ୍ରୟ ନିଆ ଯାଇଅଛୁ—4. Resorted to. ୫ । ରକ୍ଷିତ
5. Protected. ୬ । ଅଭ୍ୟସ୍ତ—6. Practised.
୭ । ବ୍ୟବହୃତ—7. Used. ୮ । ଯାହାଙ୍କର ସେବା
ବା ପରିଚର୍ଯ୍ୟା କରା ଯାଇଅଛୁ—8. Served; looked
after; tended. ସଂ. ବି—ସେବ (ଦେଖ) (ହ୍ଵ. ଶ)—
Sebi (See).

ସେବିତବ୍ୟ—ସଂ.ବିଣ.ପୁଂ—୧ । (ସେବ ଧାତୁ+କର୍ମ.ତବ୍ୟ)—ସେବିତ
Sebitabya ହେବା ଯୋଗ୍ୟ—Fit to be served,
tended, worshipped etc. ୨ । (ସିବ ଧାତୁ+
କର୍ମ. ତବ୍ୟ) ସିଲାଇ କରାଯିବା ଯୋଗ୍ୟ (ହ୍ଵ. ଶ)—
(ସେବିତବ୍ୟା—ସ୍ତ୍ରୀ) 2. Fit to be sewn.

ସେବିତା—ସଂ. ବିଣ—୧ । (ସ୍ତ୍ରୀ) (ସେବିତ+ଆ)—ସେବିତର ସ୍ତ୍ରୀଲିଙ୍ଗ.
Sebitā Feminine of Sebita. ୨ । (ପୁଂ)
(ସେବ ଧାତୁ+କର୍ତ୍ତି ତୃ; ୧ମା. ୧ବ)—ସେବାକାରୀ—
(ସେବିତ୍ରୀ—ସ୍ତ୍ରୀ) Performing service etc.
ସଂ.ବି—୧ । (ପୁଂ) ସେବକ (ଦେଖ) Sebaka (See)
୨ । (କ୍ଲୀ) (ସେବିତୃ+ଭାବ ତା)—ସେବକର କର୍ମ—
Servitude

ସେବି ଫଳ—ସଂ. ବି—ସେବି (ଦେଖ)
Sebi phala Sebi (See).

ସେବିବା—ଦେ.କ୍ରି (ସଂ.ସେବଧାତୁ) (ସକ)—୧। ସେବା କରିବା;ଭଜିବା—
Sebibā 1. To serve.[ଉ—ବୋଲିଲେ ଅବା ଅନ ନୃପଙ୍କ
সেবাকরা ସେବିବ । କୃଷ୍ଣସିଂହ. ମହାଭାରତ ବନ ।] ୨ । (ତୀର୍ଥାଦିକୁ)
सेवना ଯିବା—2.To go to;to frequent.(ଉ—ନାନା ତୀର୍ଥ
ସେବି, ଶୁଣେ ଅସିଣ ମିଳିଲେ । ବ୍ରଧାନାଥ. ମହାଯାତ୍ରା ।]

ସେବୀ—ସଂ. ବିଣ. ପୁଂ (ସେବିନ୍ ଶବ୍ଦ; ସେବ୍ ଧାତୁ+କର୍ତ୍ତୃ. ଇନ୍; ୧ମା
Sebī ୧ବ)—ଯେ ସେବା କରେ; ସେବକ (ଦେଖ)—One
(ସେବିନୀ—ସ୍ତ୍ରୀ) who enjoys or partakes of a thing.
[ବି—ଏହା ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହୁଏ ।
ଯଥା—ଅହିଫେନସେବୀ, ମାଦକସେବୀ ଇତ୍ୟାଦି ।]

ସେବେ—ଦେ. ଅ—୧ । ସେକାଳରେ—1. At that time.
Sebe ୨ । ପୂର୍ବେ—2. In the past.
সেকালে उस समयमें

ସେବେଷ୍ଟି—ଗ୍ରା. ବି (ସ. ସେବତୀ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—
Sebeṣṭi ସେବତୀ (ଦେଖ)—Sebati (See)

ସେବ୍ୟ—ସ. ବିଣ (ସେବ୍ ଧାତୁ+କର୍ମ. ଯ)—ସେବନୀୟ; ସେବାର୍ହ
Sebya (ସେବ ଧାତୁର ସମସ୍ତ ଅର୍ଥ ଦେଖ)—Fit to
(ସେବ୍ୟା—ସ୍ତ୍ରୀ) be enjoyed or worshipped. etc.
ବି—୧ । ବୀରଣ ମୂଳ; ବେଣାଚେର—1. The root of the 'Beṇā' grass. ୨ । ଅଶ୍ୱତ୍ଥ ବୃକ୍ଷ (ରାଜନିର୍ଘଣ୍ଟ)—2. Ficus Religiosa tree. ୩ । ହିଜ୍ଜଳ ବୃକ୍ଷ (ଶବ୍ଦ ରତ୍ନାବଳୀ)—3. Barringtonia Acutangulia. ୪ । ସେବକର ପ୍ରଭୁ—4 The master of a servant (Apte). ୫ । ଲାମଜ୍ଜକ ତୃଣ (ହି. ଶ) – 5. A kind of grass. ୬ । ରକ୍ତଚନ୍ଦନ (ହି. ଶ)—6. Sappan wood. ୭। ସୁଗନ୍ଧବାଲା; ଭୂରୁଭେଲି (ହି. ଶ)—7. Pavonia Odorata. ୯ । ସାମୁଦ୍ର ଲବଣ (ହି. ଶ)—9. Sea salt. ୧୦। ଜଳ (ହି. ଶ)—10. Water. ୧୧ । ଜଳପକ୍ଷିବିଶେଷ (ହି. ଶ) (ହନ୍ଦଗୋବେଷ୍ଟ୍ୟା ପକ୍ଷୀ)—11. A kind of aquatic bird.

ସେବ୍ୟକ—ଦେ. ବି— (ବୈଦ୍ୟକ; ସ. ସେବ୍ୟ) —ବେଣାଚେର—The root of Beṇā grass.
Sebyaka
সেব্যক,বেঁণার মূল खसखस

ସେବ୍ୟ ସେବକ—ସ. ବି ପୁଂ—(ପୁଂ)—ଦ୍ୱିବଚନ—ପ୍ରଭୁ ଓ ଭୃତ୍ୟ—
Sebya sebaka Master and servant.
(ସେବ୍ୟା ସେବିକା—ସ୍ତ୍ରୀ)

ସେବ୍ୟା—ସ. ବି, ସ୍ତ୍ରୀ—୧ । ବନ୍ଦାବୃକ୍ଷ (ଶବ୍ଦ ରତ୍ନାବଳୀ) ବନ୍ଦାର;
Sebyā ମଞ୍ଜରୀ—1. A parasitic plant; Loranthus Longifolius. ୨ । ଅଁଳା; ଆମଳକୀ (ହି. ଶ)—2.Embelic Myrobalan. ୩ । ଏକ ପ୍ରକାର ଜଙ୍ଗଲି ଧାନ (ହି. ଶ)—3. A kind of wild paddy. ସ. ବିଣ.ସ୍ତ୍ରୀ—ସେବ୍ୟର ସ୍ତ୍ରୀଲିଙ୍ଗ—Feminine of Sebya.

ସେ ଭଳି—ଦେ. ଅ—୧ । ସେହି ପ୍ରକାରର; ସେପରି—1.Of that
Se bhaḷi kind or nature. ୨ । ତାହିଁର ସମାନ—2 Like
সেরকম that; similar to that. (ଉ—ସେ ଭଳି ସେବକ
उसतरह ଆଉ ନ ଦେଖି ଭାରତେ, ଭାରତ ସେ ସାରା ଏବେ ଧନ୍ଦେ ଶାନ୍ତରେ । ରାଧାନାଥ—ମହାଯାତ୍ରା ।)

ସେଭିଙ୍ଗ୍ସ ବା(ବ୍ୟା,ବେ)ଙ୍କ୍—ବୈଦେ. ବି (ଇଂ)—ଡାକଘରେ ଏକ
Sebhings bā(byā,be)ṅk ବିଭାଗ ଜମା ଅନ୍ୟ ବାଙ୍କ୍,
সেভিঙ্গ্স ব্যাঙ্ক ଯହିଁରେ ଲୋକେ ଅପଣାର ଇଚ୍ଛାନୁସାରେ ଧନ ଜମା
सेविंगबैंक ରଖନ୍ତି ଓ ଆବଶ୍ୟକବେଳେ ଆଣନ୍ତି ଏବଂ ଟଙ୍କା ଯେତେ ଦିନ ଜମା ରହେ ସେତେଦିନ ପାଇଁ ଜମା ଟଙ୍କାର ଉତ୍ତୁ ସୁଧ ପାଆନ୍ତି—Savings Bank. [ଦ୍ର—ଡାକ ଘରର ସେଭିଙ୍ଗ୍ସ୍ ବାଙ୍କ୍ର ପୋଷ୍ଟାଲ୍ ସେଭିଙ୍ଗ୍ସ୍ ବାଙ୍କ୍ Postal Savings Bank କହନ୍ତି ।]

ସେମଏ—ବୈଦେ. ବି (ଫ୍ରେଞ୍ଚ୍—ସାମୋଏ)— ଏକ ପ୍ରକାର
Semae ଇଉରୋପୀୟ ହରିଣ—Chamoise. [ଦ୍ର—ଏହାର
সেময় ଚମଡ଼ା ଅତି ନରମ । ଚଷମା ଓ ଗହଣା ଆଦିକୁ ସଫା କରିବାପାଇଁ
सेमये ଏହା ବ୍ୟବହୃତ ହୁଏ ।]

ସେମଏ ଲେଦର୍ (ଚମଡ଼ା)—ବୈଦେ. ବି (ଫ୍ରେଞ୍ଚ୍. ସାମୋଏ+ଇଂ.
Semae ledar(chamarḍā) ଲେଦର୍)—ସେମଏ ହରିଣର ଚର୍ମ—
Chamois leather.
সেময় লেদর্ सेमय लेदर्

ସେମଟା—ଦେ. ବିଣ (ସ. ଶୀର୍ଣ୍ଣ କମ୍ପ ଶମ୍)—୧ । ଶୁଖିଯାଇ ଶୀର୍ଣ୍ଣ
Semaṭā ବା ଶୀର୍ଣ୍ଣ ହୋଇଥିବା; କ୍ଷୀଣ ଶୀର୍ଣ୍ଣ—1. Emaciat-
(ସେମଟୀ—ସ୍ତ୍ରୀ) ed; withered. ୨ । ଶୀର୍ଣ୍ଣକାୟ—2 Thin;
সিটকান सिकुड़ा lean.

ସେମଟା(ଟେ)ଇବା—ଦେ. କ୍ରି—୧। ସେମଟିବା କ୍ରିୟାର ଣିଜନ୍ତ ରୂପ—
Semaṭā(ṭe)ibā 1. Causative from of Semaṭibā.
সিটাকে দেওয়া ୨ । ଶୀର୍ଣ୍ଣ କରିବା—2. To cause to
सिकुड़ाना become lean.

ସେମଟିବା—ଦେ. କ୍ରି—କ୍ଷୀଣ ଶୀର୍ଣ୍ଣ ହେବା—
Semaṭibā To become lean and thin.
(ସେମିଟିଯିବା—ଅନ୍ୟରୂପ) সিটিকা सिकुड़ना

ସେ ମ(ମି, ମେ)ତି—ଗ୍ରା. ଅ—୧ । ସେପରି; ତେମନ୍ତ; ସେହିପରି—
Se ma(mi me)ti 1. Like that. ୨ । ତତ୍ ସଦୃଶ—
ସେମନ୍ତ(ନ୍ତି) } ଅନ୍ୟରୂପ 2. Similarly. ୩। ସେହି ପ୍ରକାରେ—
ସେମନ୍ତେ } 3. In that manner. [ଉ—ସିନ୍ଧୁ
তেমন ସଙ୍ଗେ କରିଛି ମୋତେ ସେ ସେମନ୍ତ । କୃଷ୍ଣସିଂହ, ମହା-
वैसा ଭାରତ, ସଭା ।]

ସେମ(ମି, ମେ)ତିକା—ଗ୍ରା. ଅ—ତେମନ୍ତ; ତେମନ୍ତ; ସେହି ପ୍ରକାରର
Sema(mi, me)tikā —Of that kind; similar to
[ସେମ(ମି, ମେ)ତିକିଆ—ଅନ୍ୟରୂପ] that.
সেই রকম वैसा

ସେ ମାଡାରେ—ଗ୍ରା ଅ—୧ । ସେହି ଯୋଗୁଁ; ସେହି ହେତୁରୁ—
Se māḍāre 1. For that reason. ୨ । ସେହି
সেই জন্য ସମ୍ବନ୍ଧରେ—2. In that connection.
उस कारणसे

ସେମାଫୋର୍—ବୈଦେ. ବି (ଇଂ) (ରେଳ ବ୍ୟବହୃତ ଶବ୍ଦ)—
Semāphor ରେଳ ଷ୍ଟେସନର ଶେଷଭାଗରେ ପୋତା ହୋଇ-
সিমা ফোর্ ଥିବା ସୂଚକ ଖୁଣ୍ଟି; ସିଗ୍ନାଲ୍ ଖୁଣ୍ଟି—
से मा फोर Railway signal post; semaphore.

ସେମାନେ—ଦେ. ସବ (ସଂ. ତତ୍ ଶବ୍ଦ; ବହୁବଚନ)—
Semāne ଉକ୍ତ ବ୍ୟକ୍ତିମାନେ—They.
তাহারা वे सब

ସେମାହି—ବୈଦେ. ବିଣ (ଫା. ସେ=ତିନ+ମାହ୍=ମାସ+ଇ)—
Semāhi ତୈମାସିକ—Quarterly. ବି—ତିନିମାସ କାଳ—
সেমাহি Quarter; a period of three months.
सेमाही

ସେମି—ବୈଦେ· ଉଣ (ଇଂ. ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ବ୍ୟବହୃତ,
Semi ଯଥା—ସେମିକୋଲନ୍, ସେମି ସର୍କଲ୍, ସେମି ଅଫ-
ସେমি सेमी ସିଅଲ୍)—ଅର୍ଦ୍ଧ—Half.

ସେମି ଅଫିସିଅଲ୍—ବୈଦେ· ଉଣ (ଇଂ)—କର୍ମଚାରୀମାନଙ୍କ ମଧ୍ୟରେ
Semi aphisial ଚଳିବା କର୍ମସଂକ୍ରାନ୍ତ ଓ ଘରୋଇ ଚିଠି (ଚିଠି
সেমি অফিসিঅল্ सेमि आफिशियल ଅଦ)—Semi official.

ସେମିକୋଲନ୍—ବୈଦେ. ବ (ଇଂ)—ରଚନାରେ ଭାବପ୍ରକାଶର ସମାପ୍ତି
Semikolan ହୋଇ ନ ଥିବା ବାକ୍ୟ ପରେ ବ୍ୟବହୃତ ଚିହ୍ନ—
সেমিকোলন্ सेमीकोलन Semicolan.

ସେମିଜ୍(ଜି)—ବୈଦେ· ବ (ଇଂ. ଫ୍ରେଞ୍ଚ୍ ସେମିଜ୍)—ସ୍ତ୍ରୀଲୋକମାନଙ୍କ
Semij(ji) ଦ୍ୱାରା ପିନ୍ଧାଯିବା ଏକ ପ୍ରକାର ଲମ୍ବାକୁର୍ତ୍ତା—Chemise.
সেমিজ্ सेमीज [ଦ୍ର—ଏହା ବେକ ପାଖରୁ ଅଣ୍ଟା ତଳକୁ ନଳୀଯୋଡ଼ି
ପର୍ଯ୍ୟନ୍ତ ଲମ୍ବି ଥାଏ ଓ ଏଥିରେ ହାତ ନ ଥାଏ କମା ହାତ
ପର୍ଯ୍ୟନ୍ତ ଅସ୍ତ୍ରିନ୍ ଥାଏ । ଏହାକୁ ପିନ୍ଧି ଏହା ଉପରେ
ଭାରତୀୟ ସ୍ତ୍ରୀମାନେ ଶାଢ଼ୀ ପିନ୍ଧନ୍ତି ।]

ସେମିଟିକ୍—ବୈଦେ. ଉଣ (ହେବ୍ରୁ ସେମ୍ ନାମରୁ)—ହେବ୍ରୁ କାଗସ୍
Semitik ସେମ୍ ନାମକ ବ୍ୟକ୍ତିଙ୍କ ବଂଶଧର ଓ ସେମାନଙ୍କ
সেমিটিক ভাষা ସମ୍ବନ୍ଧୀୟ—Relating to the descen-
सेमिटिक dants of Shem and their language;
Semitic. ବ—୧ । ମନୁଷ୍ୟମାନଙ୍କର ଅଧୁନାତନ ବର୍ଗର
ଶାଖା ବିଶେଷ—1. A branch of the people of
the world according to the modern
classification; the Semitic branch of
humanity. [ଦ୍ର—ଏହି ବର୍ଗରେ ପ୍ରାଚୀନ ଓ ଅଧୁନାତନ
ଇହୁଦୀ, ଆରବୀ, ସୀରୀୟ, ମିଶ୍ର ଦେଶୀୟ ଅବ ଲୋହିତ
ସାଗରର ଉପକୂଳବାସୀ ଜାତିମାନେ ଅନ୍ତର୍ଭୁକ୍ତ । ମୋଶେ,
ଯୀଶୁ, ମହମ୍ମଦ୍ ଏହି ବର୍ଗରେ ଜନ୍ମିତ । ଏ ବର୍ଗ ଆର୍ଯ୍ୟ
ବର୍ଗଠାରୁ ପୃଥକ୍ । ହ. ଶ] ୨ । ଉପର୍ଯ୍ୟୁକ୍ତ ବର୍ଗର
ବ୍ୟକ୍ତିମାନଙ୍କ କଥିତ ଭାଷାମାନ—2. Thee Smitic
languages. [ଦ୍ର—ଇବ୍ରାନୀ, ଆରବୀ, ଅଶୀରୀୟ,
ଫିନିସୀୟ ଭାଷାମାନ ଏହି ବର୍ଗର ଅନ୍ତର୍ଗତ । ଏହା ଆର୍ଯ୍ୟ-
ବର୍ଗୀୟ ଭାଷାମାନଙ୍କଠାରୁ ପୃଥକ୍ । ହ. ଶ]

ସେମି(ମେ)ଟି ଯିବା—ଦେ. କ୍ରି—ସେମିଟିବା (ଦେଖ)
Semi(me)ṭi jibā Semiṭibā (See)

ସେମିନା(ନେ)ରୀ—ବୈଦେ. ବ (ଇଂ)—ବିଦ୍ୟାଳୟ; ବଦ୍ୟାଳୟ—
Seminā(ne)rī Seminary. (ଯଥା—ମୋସ୍ଲେମ
সেমিনারী सेमीनरी ସେମିନାରୀ ।)

ସେମି ସର୍କଲ୍—ବୈଦେ· ବ (ଇଂ)—ବୃତ୍ତାର୍ଦ୍ଧ—
Semi sark-l Semicircle.
(ସେମି ସର୍କ୍—ଅନ୍ୟରୂପ) সেমি সার্কল सेमी सर्कल

ସେମୀ—ପ୍ରାଦେ (ଗଡ଼ଜାତ) ବ (ତୁଳ. ହି· ସେମ୍, ସେମା=ଶିମ୍)—
Semī ଶିମ୍—Bean.

ସେମେଇ—ଦେ. ବ—ସିମେଇ (ଦେଖ)
Semei Simei (See)

ସେମୁଏଲ୍—ଦେ. ବ (ହେବ୍ରୁ ନାମ)—ସାମୁଏଲ୍ (ଦେଖ)
Semuel Sāmuel (See

ସେମ୍ବର—ପ୍ରାଦେ (ବସ୍ତର) ବ—ପାଲଧୁଅ ଗଛ—
Sembara The Indian coral tree.

ସେମ୍ବି—ପ୍ରାଦେ (ସମ୍ବଲପୁର) ବ (ସ. ଶିମ୍ବ)—ଶିମ୍—
Sembi Bean.

ସେୟା—ଗ୍ରା. ସବ । ସେଇଆ (ଦେଖ)
Seyā Seiā (See)

ସେର୍—ବୈଦେ. ବ (ଫା. ସେର୍=ବ୍ୟାଘ୍ର)—ମୁସଲମାନମାନଙ୍କ
Ser ନାମ ପୂର୍ବରେ ବସିବା ପରାକ୍ରମବ୍ୟଞ୍ଜକ ଉପାଧିବିଶେଷ—
সের शेर A title prefixed to names of Mahomedans indicating might or heroism (literally; a tiger).

ସେର୍ ଅ(ଆ)ଲି—ଦେ. ବ (ନାମ)—ଅଫଗାନସ୍ତାନବାସୀ ଜନୈକ ଅତ-
Ser a(a) liଘାତୀ—Sher Ali, name of an assassin of
সেরআলি Lord Mayo in the Andamans in 1872.
शेरआली [ଦ୍ର—ଭାରତର ବଡ଼ଲାଟ ଲର୍ଡ୍ ମେୟୋ ଅଣ୍ଡାମାନ
(ସେର୍ ଅଫଗାନ୍—ଅନ୍ୟରୂପ) ଦ୍ୱୀପ (କଳାପାଣି)କୁ ପରିଦର୍ଶନ
କରିବାକୁ ଯାଇଥିବା ସମୟରେ ସେଠାରେ ନରହତ୍ୟା
ଦୋଷରେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଭୋଗ କରୁଥିବା
ଏହି ବ୍ୟକ୍ତି ୧୮୭୨ ସାଲରେ ବଡ଼ଲାଟଙ୍କ ଦେହରେ
ଛୋରା ଭୁଷି ତାଙ୍କୁ ମାରି ପକାଇଥିଲେ । ଏ ବ୍ୟକ୍ତି
ଅଫଗାନସ୍ତାନବାସୀ, କାନାଦେବେ ପେଶାବାରରେ ଇଂରାଜ
ସେନାପତିଙ୍କର ଅଶ୍ୱାରୋହୀ ଅର୍ଦ୍ଦଲୀ (Orderly)
କାର୍ଯ୍ୟ କରୁଥିଲା । ପରେ ଏ ନରହତ୍ୟା ଅପରାଧରେ
ଅଭିଯୁକ୍ତ ହୋଇ ଅଣ୍ଡାମାନ ଦ୍ୱୀପରେ ଯାବଜ୍ଜୀବନ
ଦ୍ୱୀପାନ୍ତର ଦଣ୍ଡ ଭୋଗ କରୁଥିବା ଅବସ୍ଥାରେ
ବଡ଼ଲାଟଙ୍କୁ ହତ୍ୟା କଲା ଓ ଏଥିର ଦଣ୍ଡସ୍ୱରୂପ ଫାଶୀ
ପାଇଲା ।]

ସେରନା—ପ୍ରାଦେ (ସମ୍ବଲପୁର) ବ—ସେରଣା ମାଛ—
Serna A kind of fresh water fish.

ସେର୍ ପେଟିବା—ପ୍ରାଦେ (ପାଟଣା) କ୍ରି—ଲୁଚିଯିବା; ଲୁଚିଯିବା—
Ser peṭibā To hide oneself, to lay hidden.

ସେର୍ବବର୍—ବୈଦେ. ବ (ଫା. ବବୁରବାଲ ଅର୍ଥ କେଶରଯୁକ୍ତ
Ser-babbar ବ୍ୟାଘ୍ର)—ସିଂହ—Lion.
সেরববর शेरबबर

ସେର୍ଷ—ପ୍ରାଦେ (ଗଞ୍ଜାମ) ବ (ସଂ. ସର୍ଷପ)—ସୋରିଷ—
Ser-sha Mustard seed.

ସେର୍ଷାଁ—ପ୍ରାଦେ (ଲବଣ) ବ—ସୋରିଷ—
Sershaṅ Mustard seed.

ସେର୍ଷୋ—ପ୍ରାଦେ· (ଗଡ଼ଜାତ, ଗଞ୍ଜାମ ଓ ସମ୍ବଲପୁର) ବ—
Ser-sho ସୋରିଷ—Mustard seed.

ସେର୍ ସାହା—ଦେ. ବି (ପା. ନାମ)—ଭାରତରେ ପଠାଣ ସାମ୍ରାଜ୍ୟର ପୁନଃ ସ୍ଥାପନ କର୍ତ୍ତା—Name of an invader who re-established the Pathan empire in North India; Sher Saha.
Ser sāhā
সেরসাহা
शेरशाह
[ଦ୍ର—ଏ ଅଫଗାନ୍‌ବଂଶୀୟ ଥାଇ ବାବରଙ୍କ ଅଧୀନ ବହାରର ଜଣେ ଜାଗିରଦାର ଥିଲେ । ବାବରଙ୍କ ମୃତ୍ୟୁ ପରେ ଏ ହୁମାୟୁନଙ୍କ ସଙ୍ଗେ ଯୁଦ୍ଧ କରି କୌଶଳରେ ହୁମାୟୁନଙ୍କୁ ଶୋଣ ଓ ଗଙ୍ଗା ନଦୀ ସଙ୍ଗମ ଚଉଷାଠାରେ ଓ କାନ୍ୟକୁବ୍ଜଠାରେ ୧୫୩୯ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ଦିଲ୍ଲୀର ସିଂହାସନରେ ନିଜକୁ ସମ୍ରାଟ୍ ଘୋଷଣା କରି ୧୫୪୦ଠାରୁ ୧୫୪୫ ପର୍ଯ୍ୟନ୍ତ ସମ୍ରାଟ୍ ହେଲେ ଓ ହୁମାୟୁନ୍ ପାରସ୍ୟକୁ ପଳାଇଲେ । ଏହାଙ୍କ ମୃତ୍ୟୁ ପରେ ଏହାଙ୍କ ପୁତ୍ର ଇସ୍ଲାମ୍ ବା ସେଲିମ୍ ସାହା ୧୫୫୨ ପର୍ଯ୍ୟନ୍ତ ଓ ସେଲିମ୍‌ଙ୍କ ଭାଇ ଅଦିଲ୍ ସାହା ୧୫୫୫ ପର୍ଯ୍ୟନ୍ତ ଓ ଅଦିଲ୍ ସାହାଙ୍କର ଜଣେ ଭଣଜା ତାପରେ କେତେକ ମାସ ପର୍ଯ୍ୟନ୍ତ ସମ୍ରାଟ୍ ହେଲା ପରେ ହୁମାୟୁନ୍ ପାରସ୍ୟରୁ ସୈନ୍ୟ ସଂଗ୍ରହ କରି ପୁଣି ଦିଲ୍ଲୀର ସମ୍ରାଟ୍ ହେଲେ । ସେର୍ ସାହା ତାଙ୍କ ରାଜତ୍ୱ କାଳରେ ଅନେକ ଦେଶହିତକର କାର୍ଯ୍ୟ କରିଥିଲେ । ସେ ରାସ୍ତାର ଦୁଇ ପାର୍ଶ୍ୱରେ କୂଅ ଖୋଳି, ଗଛ ପୋତି, ଚଟି (ସରାଇ) ତିଆରି କରି ଅନେକଗୁଡ଼ିଏ ସଡ଼କ ତିଆରି କରାଇ ଥିଲେ ଏବଂ ଏହି ରାସ୍ତା ବାଟେ ସରକାରୀ ଡାକ ଯିବା ଆସିବା କରୁଥିଲା । ଇନ୍ଦ୍ରପ୍ରସ୍ଥ ବା ଦିଲ୍ଲୀରେ ସେର୍ ସାହା ଗୋଟିଏ ବଡ଼ ମସ୍‌ଜିଦ୍ ତାଙ୍କ ନାମରେ ନିର୍ମାଣ କରାଇ ଥିଲେ । ମାରବାଡ଼ ଓ ମେବାରର ରାଜପୁତଙ୍କ ସଙ୍ଗେ ସେର୍ ସାହା ଯୁଦ୍ଧରେ ବ୍ୟାପୃତ ଥାଇ କଠୋର ଅଧିକାର କରିଥିଲେ, କିନ୍ତୁ ବୁନ୍ଦେଲଖଣ୍ଡସ୍ଥ କାଳିଞ୍ଜର ଦୁର୍ଗ ଅବରୋଧ କରିବା ସମୟରେ ୧୫୪୫ ରେ ନିହତ ହେଲେ ।]

ସେର୍ ସେଟା—ପ୍ରାଦେ (ଲରଅ) ବି—ଶୁଖି ଯାଉଥିବା ଘାଆ ଉପରର ଖୋଳପା—Stiff slough formed on a convalescent sore.
Ser-seṭā

ସେର—ଦେ. ବି (ସଂ. ଶରକ)—ଶେର (ଦେଖ)—Śera (See). ପ୍ରାଦେ (ଯାଜପୁର) ବି—ମାର୍ଗଶିର ମାସ ଗୁରୁବାରଦିନ କରାଯିବା ଲକ୍ଷ୍ମୀ ପୂଜା; ମାଣବସା—The worship of Goddess Lakshmī in the shape of a measuring pot filled with paddy on a Thursday of the month of 'Mārgasira'. ପ୍ରାଦେ (ସିଂହଭୂମି) ବି—୮୦ ତୋଳା ଓଜନ—A weight of 80 toḻās or rupees.
Sera
সের शेर

ସେ ରଙ୍ଗେ—ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି. ବିଣ—ସମ୍ପୂର୍ଣ୍ଣଭାବେ—Completely; in full measure. ଦେ. ଅ—ସେ ପ୍ରକାରେ—In that manner.
Se-raṅge

ସେରଣ୍ଡା—ଦେ. ବି—ଚିଲିକାହ୍ରଦର ଏକପ୍ରକାର ଲୁଣି ମାଛ—A species of salt water fish (found in the Chilka lake).
Seraṇḍā

ସେର(ରେ)ଣା—ଦେ. ବି (ସଂ. ଶରଣ)—ସାରଣା ମାଛ—Barbus Sarana (fish). [ଦ୍ର—ଏହା ଚେଙ୍ଗ ଜେରଣ୍ଡିର ଅନୁରୂପ ଶ୍ରେଣୀସ୍ଥ, କିନ୍ତୁ ଚେଙ୍ଗ ଜେରଣ୍ଡିଠାରୁ ପତଳା; ଏହା ମଧୁର ଜଳରେ ବାସ କରେ ଓ ୧୨ ଫୁଟ୍ ପର୍ଯ୍ୟନ୍ତ ବଢ଼େ ।]
Sera(re)ṇā
সরণপুঁটী शरना

ସେରନ୍ତା—ଦେ. ବିଣ. ପୁଂ ଓ ସ୍ତ୍ରୀ [ସଂ. ସ୍ନେହ; ସ୍ନେହବର୍ଦ୍ଧିତ)—ଗେହ୍ଲା; ଅତ୍ୟଧିକ ଆଦରରେ ଲାଳିତପାଳିତ (ସନ୍ତାନ)—Much fondled (child). [ଉ—ସେରନ୍ତା ହୋଇ କି ଘର କରିବେ ?—ପ୍ରାଚୀ ଉଦ୍ଧବମଞ୍ଜରୀ ।]
Serantā
ସେରନ୍ତୀ, ସେରନ୍ତେଇ }—ସ୍ତ୍ରୀଲିଙ୍ଗର ଅନ୍ୟରୂପ
আদুরে दुलार(रा)

ସେରନ୍ତେଇ ହେବା—ଦେ. କ୍ରି—ଅତ୍ୟଧିକ ସ୍ନେହ ପାଇବାର ଲକ୍ଷଣ ପ୍ରକାଶ କରିବା—To make a show of one's being fondled.
Serantei hebā
আদর দেখান दुलारपन दिखलाना

(ତାର)ସେର ପୂରିଲା—ଦେ. ବାକ୍ୟ—ବିଧିନିର୍ଦ୍ଧାରିତ ଆୟୁକାଳ ଶେଷ ହେଲା; ମରଣସମୟ ଉପସ୍ଥିତ ହେଲା—The appointed time (of death) is come; one's preordained time of dissolution is at hand. [ଉ—ଦେଖୁ ଦେଖୁ ସେର ପୂରିଲା । ଦୁର୍ଲଭ ମାନବ ଜନ୍ମ ବୃଥା ସରିଲା—ସାଲମଣି ମିଶ୍ର, ଅମ୍ବ. ନିବେଦନ ।]
Sera pūrilā
পরমাই ফুরাল आयु शेषहुआ

ସେର ବସିବା—ପ୍ରାଦେ (ଯାଜପୁର) ବି—ମାଣବସା; ସେର (ଦେଖ) Sera (See)
Sera basibā

ସେରସ୍ତା (ଇତ୍ୟାଦି)—ବୈଦେ. ବି—ସିରସ୍ତା ଇତ୍ୟାଦି (ଦେଖ) Sirastā etc (See)
Serastā (etc)

ସେରା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବିଣ—ସେହିଗୁଡ଼ିକ—Those. ପ୍ରାଦେ (ସିଂହଭୂମି) ବି—୨୫ ଠାରୁ ୩୦ ତୋଳା ଓଜନ—A standard weight of 25 to 30 Toḻās.
Serā

ସେରାଳ—ସଂ ବି—ଫିକା ହଳଦିଆ ବର୍ଣ୍ଣ (ହେ. ଶ)—Faint yellow colour. ସଂ. ବିଣ—ଫିକା ହଳଦିଆ (ହେ. ଶ)—Faint yellow; yellowish.
Serāḻa

ସେରାହ—ସଂ, ବି—ଦୁଧ ପରି ଧଳା ଘୋଡ଼ା (ହେ. ଶ)—Milk-white horse.
Serāha

ସେରଫ—ବୈଦେ. ବି (ଇଂ)—କଲିକତା ଆଦି ରାଜଧାନୀରେ ଥିବା ମିଉନିସିପାଲିଟିର ଚେୟାରମ୍ୟାନ୍—Sheriff.
Seriph
সেরিফ शेरिफ

ସେରୁ—ସ. ବଣ—ବନ୍ଧନକାରୀ (ଦ୍ର. ଷ)—
Seru Binding.

ସେରୁଗହ—ସ.ବ—ଯେଉଁ ଧଳା ଘୋଡ଼ାର ମୁଣ୍ଡରେ ଦାଗ ଥାଏ (ଦ୍ର.ଶ)
Serurāha —A white horse having a mark on the head.

ସେରେ—ଦେ. ବ ଓ ବଣ—ଏକସେର ପରିମାଣ—One seer.
Sere একসের एकसेर

ସେର୍ଣ୍ଣା(ର୍ନା)—ପ୍ରାଦେ (ସମ୍ବଲପୁର) ବ—ସେରଣା (ଦେଖ)
Sernnā(rnā) Seranā (See)

ସେଲ୍—ବୈଦେ. ବ (ଇଂ)—୧ । ବିକ୍ରି—1. Sale. ୨ । ଅଦାଲତ ଅଦରେ ବଇଲିବା ଡାକ ନିଲାମ—2. Auction sale. ୩ । ଲିଗଣ ମାଉସ୍ବକ ଅସ୍ତ୍ର ଫୁଟି ଦାରୁଦ ଗୁଳା—3. Shell (of a cannon). ୪ । ଜେଲ୍ ଖାନାରେ ଜଣେ ମାତ୍ର କଏଦୀକୁ ବନ୍ଦ କରି ରଖାଯିବା ପାଇଁ ନିର୍ଦ୍ଦିଷ୍ଟ ସ୍ୱଳ୍ପ କୋଠରି—4. Cell or small room for one person in a Jail.
Sel সেল सेल

ସେଲ୍ ଖତମ୍ କରିବା—ଦେ. କି (ବଚରଅ) (ଇଂ. ସେଲ୍ ଓ ଫା. ଖତମ୍)—ପ୍ରକାଶ୍ୟ ଡାକ ନିଲାମରେ ସର୍ବୋଚ୍ଚ ଡାକକୁ ଗ୍ରହଣ କରି ସର୍ବୋଚ୍ଚ ଡାକବାବ୍ୟକ୍ତିଙ୍କ ନାମ ଘୋଷଣା କରିବା—To conclude an auction sale by proclaiming the name and call of the highest bidder.
Sel khatam karibā সেল খতম করা सेल खतम करना

ସେଲ୍ ଡେଟ୍—ବୈଦେ. ବ (ବଚରଅ) (ଇଂ)—ଅଦାଲତ ଅଦରେ ସମ୍ପତ୍ତିର ପ୍ରକାଶ୍ୟ ନିଲାମ ବଇଲିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ ଓ ଘୋଷିତ ଦିବସ—Sale date. (ସେଲ୍ ତାରିଖ[ଖ]—ଅନ୍ୟରୂପ)
Sel det সেল্ ডেট सेल डेट

ସେଲ୍ ପ୍ରୋକ୍ଲାମେସନ୍—ବୈଦେ. ବ (ବଚରଅ) (ଇଂ)—ନୌଲାମି ସମ୍ପତ୍ତିର ନିଲାମ ହେବା ପାଇଁ ପୂର୍ବରୁ ପ୍ରକାଶିତ ରାଜସ୍ୱ ଆଦେଶପତ୍ର ବା ନିଲାମ ଇସ୍ତିହାର—Sale proclamation.
Sel proklāmesan সেল প্রোক্লামেসন सेल प्रोक्लामेसन

ସେଲ୍ ଫରଦ୍—ବୈଦେ. ବ (ବଚରଅ) (ଇଂ ସେଲ୍ ଓ ଫା. ଫର୍ଦ)—ନୌଲାମି ସମ୍ପତ୍ତିର ଅଦାଲତ ଅଦରେ ପ୍ରକାଶ୍ୟ ନିଲାମ ବଇଲିବା ସମୟରେ ନିଲାମ ଡକା ଡକା ଡାକରେ ଓ କେତେ କେତେ ମୂଲ୍ୟରେ ଡାକରେ ଏହା (ସେଲ୍ ଫର୍ଦ—ଅନ୍ୟରୂପ) ନିଲାମ କରିବା ହାକମ ଯେଉଁ (ସେଲ୍ ସିଟ୍—ଇଂ. ରୂପ) କାଗଜରେ ଲେଖନ୍ତି—Sale sheet.
Sel pharad সেল ফর্দ सेल फर्द

ସେଲ୍ ରଦ୍(ଦ୍)—ବୈଦେ. ବ (ବଚରଅ) (ଇଂ. ସେଲ୍ ଓ ଫା. ରଦ୍)—ସମ୍ପତ୍ତିର ନିଲାମ ହେବା ପରେ ଉପଯୁକ୍ତ ହାକମଙ୍କଦ୍ୱାରା ଅଇନସଙ୍ଗତ କାରଣରୁ ଉକ୍ତ ନିଲାମର ଖଣ୍ଡନ—The setting aside of a sale; annulment of a sale.
Sel rad(dd) সেল্ রদ্ सेल रद

ସେଲ୍ ଲିଷ୍ଟ (ଷ୍ଟି)—ବୈଦେ. ବ (ବଚରଅ) (ଇଂ)—ନିଲାମ ହୋଇଥିବା ବା ନିଲାମରେ ଉଠିଥିବା ସମ୍ପତ୍ତି ମାନଙ୍କର ତାଲିକା—Sale list.
Sel lisht(shti) সেল লিষ্ট सेल लिस्ट

ସେ ଲଗେ—ପ୍ରାଦେ (ବଙ୍ଗଳାର ପାଠକଣା) ଅ—ସେହି ସ୍ଥାନରେ—In that place; there.
Se lage

ସେଲମ୍—ଦେ. ବ (ସ. ଚେଲମ୍)—ଦାକ୍ଷିଣାତ୍ୟରେ ନିର୍ମିତ ଉତ୍କୃଷ୍ଟ ସୂତା ଅତି ସୂକ୍ଷ୍ମ ବୋର୍ଡିର ବସ୍ତ୍ର—A fine kind of cotton cloth woven in South India.
Selam সেলম चेलम

ସେଲ୍ଲା—ପ୍ରାଦେ (ଲଢ଼ଆ) ସର୍ବ—ସେହିଟା—That.
Selā

ସେଲାଇ (ଇତ୍ୟାଦି)—ଦେ. ବ [ବଙ୍ଗଳା ଉଚ୍ଚାରଣରୁ ଅନୁକୃତ]—ସିଲାଇ ଇତ୍ୟାଦି (ଦେଖ)—Silāi etc (See)
Selāi (etc)

ସେ ଲାଗି—ଦେ. ଅ—ସେଥିପାଇଁ; ସେଥିଯୋଗୁଁ—For that; owing to that.
Se lāgi সেইজন্য उसकेलिए

ସେ ଲାଗେ—ଦେ. ଅ—(ସଂ ତତ୍ ଲଗେ)—ସେଇକ୍ଷଣେ, ତତ୍କ୍ଷଣାତ୍—Immediately; at once; in that very moment.
Se lāge তখনি उससमय

ସେଲା ବର୍ଦାର୍—ବୈଦେ. ବ (ଫା. ସିଲହ୍=ଅସ୍ତ୍ର+ବର୍ଦାର୍=ଧାରୀ)—ଅସ୍ତ୍ରଧାରୀ ସିପାହୀ—A soldier or peon armed with weapons.
Selā bar-dār সেলাবরদার् सेलावरदार

ସେଲାମ୍ (ଇତ୍ୟାଦି)—ବୈଦେ. ବ (ବଙ୍ଗଳା ଉଚ୍ଚାରଣର ଅନୁକରଣ)—ସଲାମ୍ ଇତ୍ୟାଦି (ଦେଖ)—Salām etc (See)
Selām (etc)

ସେଲାମତ୍—ବୈଦେ. ବ (ବଙ୍ଗଳା ଉଚ୍ଚାରଣ ଅନୁକରଣ)—ସଲାମତ (ଦେଖ)—Salāmat (See)
Selāmat

ସେଲାମି—ବୈଦେ, ବଣ ଓ ବ (ବଙ୍ଗଳା ଉଚ୍ଚାରଣର ଅନୁକରଣ)—ସଲାମି (ଦେଖ)—Salāmi (See)
Selāmi

ସେଲି—ଦେ. ବ [ସ. ଚେଲ]—ସୂକ୍ଷ୍ମ ବସ୍ତ୍ର ବା ପୋଷାକବିଶେଷ—A sort of fine cloth or dress.
Seli চেলি चेल
[ଦ୍ରୁ—ସିପାର ବେଶ ସେଲି ଅଲଙ୍କ ଜେତେ ଭଳି—କୃଷ୍ଣ-ସିଂହ. ମହାଭାରତ. ଅବ ।]
ସେଲି—ବୈଦେ. ବ [ଇଂ. ନାମ]—ଇଂଲଣ୍ଡର ଜଣେ ପ୍ରଧାନ ସ୍ୱର୍ଗତ କବି—Shelley; a late famous poet of England.
সেলি शेलि

ସେଲିବିସ୍—ବୈଦେ. ବ (ନାମ)—ଭାରତୀୟ ଦ୍ୱୀପପୁଞ୍ଜର ଅନ୍ତର୍ଗତ ଓ ବୋର୍ଣ୍ଣିଓ ଦ୍ୱୀପର ପୂର୍ବରେ ଅବସ୍ଥିତ ଦ୍ୱୀପ ଓ ସମୁଦ୍ର—Celebes (island and sea) in the Indian archipelago. [ଦ୍ରୁ—ଏହି ଦ୍ୱୀପର ଉତ୍ତରରେ ଥିବା ଉପସାଗରକୁ ସେଲିବିସ୍ ଉପସାଗର କୁହାଯାଏ ।]
Selibis সেলিবিস্ सेलिबिस

ସେଲିମ୍—ବୈଦେ, ବ (ଫା. ନାମ)—୧ । ସେରସାହାଙ୍କ ଦ୍ୱିତୀୟ ପୁତ୍ର—1. The second son of Sher Saha who
Selim

ସେଲିମ reigned at Delhi for 9 years till 1554.
सलीम [ବ୍ର—ଏ ଦିଲ୍ଲୀରେ ଖ୍ରୀ. ୧୫୪୫ ରୁ ୧୫୫୪ ପର୍ଯ୍ୟନ୍ତ ଭାରତ ସମ୍ରାଟ୍ ହୋଇ ସୁନାମରେ ରାଜ୍ୟ ଶାସନ କରିଥିଲେ ।]
୨ । ମୋଗଲ ସମ୍ରାଟ୍ ଅକବରଙ୍କ ଜ୍ୟେଷ୍ଠ ପୁତ୍ରଙ୍କର ପ୍ରଥମ ନାମ—2. The first name of Emperor Jahangir. [ବ୍ର—ଅକବରଙ୍କ ମୃତ୍ୟୁପରେ ୧୬୦୫ ସାଲରେ ଏ 'ଜାହାଙ୍ଗୀର' ନାମ ଗ୍ରହଣ ପୂର୍ବକ ଭାରତ ସମ୍ରାଟ୍ ହୋଇଥିଲେ ।]

ସେଲୁ(ଲ୍ୟୁ)କସ୍—ବିଦେ. ବ (ନାମ)—ଭାରତବିଜୟୀ ମହାବୀର
Selu(lyu)kas ସିକନ୍ଦରଙ୍କ ସେନାପତି—Nikator Seleu-
সেলুকস্ cus; the name of a general of Alexander
सेलूकस the Great who formed alliance with Chandragupta and ceded to him the Provinces west of the Indus, conquered by the Greeks.
[ବ୍ର—ଏ ସିକନ୍ଦରଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟପୂର୍ବ ୩୨୩ ଅବ୍ଦରେ ସିକନ୍ଦରଙ୍କ ବିଜିତ ଭାରତବର୍ଷର ରାଜା ହେଲେ ହେଲେ ଏବଂ ଭାରତ ଆକ୍ରମଣରେ ଅକୃତକାର୍ଯ୍ୟ ହୋଇ ଚନ୍ଦ୍ରଗୁପ୍ତଙ୍କ ସହିତ ସନ୍ଧି ସ୍ଥାପନ କଲେ । ଏ ସିନ୍ଧୁ ନଦୀର ପଶ୍ଚିମରେ ଥିବା ଗ୍ରୀକ୍ ଅଧିକୃତ ପ୍ରଦେଶମାନଙ୍କୁ ଚନ୍ଦ୍ରଗୁପ୍ତଙ୍କୁ ଛାଡି ଦେଇ ତତ୍‌ପରିବର୍ତ୍ତେ ଚନ୍ଦ୍ରଗୁପ୍ତଙ୍କଠାରୁ ଖ୍ରୀଷ୍ଟପୂର୍ବ ୩୧୨ ରେ ୫୦୦ ଗୋଟି ହାତୀ ଗ୍ରହଣ କରିଥିଲେ ।]

ସେ(ସା)ଲୁନ୍—ବିଦେ. ବ (ଇଂ ଓ ଫ୍ରେଞ୍ଚ)—ଜାହାଜରେ ଏବଂ
Se(sā)lun ରେଲରେ ଉଚ୍ଚ ଶ୍ରେଣୀର ଯାତ୍ରୀମାନଙ୍କ ବ୍ୟବହାର
সেলুন্ ନିମନ୍ତେ ସ୍ୱତନ୍ତ୍ର କୋଠରି—Saloon in a ship
सेलून or railway train.

ସେଲେଖାନା—ବିଦେ. ବ (ଫା. ସିଲହ୍+ଖାନା)—ଅସ୍ତ୍ରାଗାର—
Selekhanā Arsenal; armoury.
সেলখানা सेलखाना

ସେଲେଟ୍ (ଇତ୍ୟାଦି)—ବିଦେ. ବ—ସିଲଟ୍ ଇତ୍ୟାଦି (ଦେଖ)
Selet (etc) Silat etc. (See)

ସେଲ୍ଫ୍ ଷ୍ଟାର୍ଟର—ବିଦେ. ବ (ଇଂ)—ମଟର ଗାଡ଼ିବିଶେଷ (ଯହିଁରେ
Selph startar ଡ୍ରାଇଭର ତାଙ୍କ ଆସନରେ ବସି ଗୋଟିଏ ମୋଡ଼
সেল্‌ফ ষ্টার্টার ଦେଲେ ସେ ଗାଡ଼ି ଗତି କରେ)—A self-
सेल्फ स्टार्टर starter motor car.

ସେସ୍—ବିଦେ. ବ (ଇଂ)—ଶୁଳ୍କ; ରାଜକର—Cess. [ବ୍ର—
Ses ଗବର୍ଣ୍ଣମେଣ୍ଟକୁ ବା ରାଜାଙ୍କୁ ଦେୟ ଜମିର ଖଜଣା ବା
সেস্ ରାଜସ୍ୱ ଛଡ଼ା ବିଶିଷ୍ଟ ରାଜକୀୟ କାର୍ଯ୍ୟ ନିର୍ବାହାର୍ଥ (ଯଥା—
सेस् ଶିକ୍ଷା, ରାସ୍ତା, ଡାକ, ପୂର୍ତ୍ତ ଆଦି କାମ ପାଇଁ) ଭୂମ୍ୟଧିକାରୀ ଓ ପ୍ରଜାମାନଙ୍କଠାରୁ ଯେଉଁ ଶୁଳ୍କ ଗବର୍ଣ୍ଣମେଣ୍ଟ ବା ରାଜା ଆଦାୟ କରନ୍ତି ତାକୁ ସେସ୍ କୋହାଯାଏ । ଚଳିତମତରେ ଏହାକୁ ସିସ୍ତ କହନ୍ତି ।]

ସେସ୍‌ପିଟ୍—ବିଦେ. ବ (ଇଂ)—ଘର, କଣ୍ଢା ଓ ପାଇଖାନାରୁ ବୋହି-
Ses pit ଯିବା ମଇଳା ପାଣି ଜମା ହେବାପାଇଁ ନିର୍ମିତ ଗର୍ତ୍ତ
(ସେସ୍ ପୁଲ୍—ଅନ୍ୟରୂପ) କୁଣ୍ଡ—Cesspit; cesspool.
সেস্ পিট্ [ବ୍ର—ଏହିର ପରିବର୍ତ୍ତେ ପାଇଁ ଗୃହ ସ୍ୱାମୀ ମିଉନିସି-
सेसपीट ପାଲିଟିକୁ ଅଧିକା ସେସ୍ ଦିଅନ୍ତି ।]

ସେଶନ—ବିଦେ. ବ (ଇଂ)—୧ । ସେସନ୍ସ (ଦେଖ)
Sesan 1. Sesans (See)
সেসন্ ୨ । ବିଦ୍ୟାଳୟର ପାଠବର୍ଷ—2. The session
सेशन of a school. ୩ । ବ୍ୟବସ୍ଥା ସଭା ଅଧିବେଶନ ବୈଠକ—
3. Session of a Legislative Council.
[ବ୍ର—ନ୍ୟାୟାଳୟ, ପାର୍ଲିଅମେଣ୍ଟ, ବ୍ୟବସ୍ଥାପକ ସଭା ଆଦିରେ ଏକାଦିକ୍ରମେ କିଛିକାଳ ଧରି ଅଧିବେଶନ ଚାଲିଲେ ଉକ୍ତ ଅଧିବେଶନକୁ ସେସନ୍ କୋହାଯାଏ ।]

ସେଶନ୍ସ—ବିଦେ. ବ (ଇଂ)—ଗୁରୁତର ଫଉଜଦାରୀ ମାମଲା (ଯଥା—
Sesans ନରହତ୍ୟା, ଗୁରୁତର ଆଘାତ, ଡକାଏତି)ମାନଙ୍କ ବିଚାର
(ସେଶିଅନ୍—ଗଞ୍ଜାମୀ ରୂପ) କରିବା ପାଇଁ ପ୍ରତିଷ୍ଠିତ ଅଦାଲତ;
সেসন্‌স্ ଦଉରା—Sessions. [ବ୍ର—ଏ ଅଦାଲତରେ ଜଜଙ୍କ
सेशन्स ସହିତ ମନୋନୀତ କେତେ ଜଣ ଜୁରି ବା ଆସେସର ବସି ମକଦ୍ଦମାମାନଙ୍କ ବିଚାର କରନ୍ତି ।]

ସେସନ୍ସ(ନ୍) କେସ୍—ବିଦେ. ବ (ଇଂ) (ଇଂରାଜୀ)—ସେଶନ୍ସ ମକଦ୍ଦମା
Sesans(n) kes (ଦେଖ)—Sesans makadamā (See)

ସେଶନ୍ସ(ନ୍)କୋର୍ଟ(ର୍ଟ)—ବିଦେ. ବ—ସେଶନ୍ସରେ ବର୍ଣ୍ଣିତ ମକଦ୍ଦମ
Sesans(n) kot(rt) ବିଚାର କରିବାକୁ ଭାରପ୍ରାପ୍ତ ଅଦାଲତ ବା
(ସେଶନ୍ସ ଅଦାଲତ—ଅନ୍ୟରୂପ) କଚେରୀ—Sessions court.
সেসন্‌স্ কোর্ট্ court of sessions.
सेशन्स कोर्ट

ସେଶନ୍ସ(ନ୍) ଜଜ୍—ବିଦେ. ବ (ଇଂ)—ଜିଲ୍ଲାର ସର୍ବ ପ୍ରଧାନ
Sesans(n) jaj ଫଉଜଦାରୀ ବିଚାରପତି—Sessions Judge;
সেসন জজ্ [ବ୍ର—ସାଧାରଣତଃ ଫଉଜଦାରୀ ମୋକଦ୍ଦମାକୁ
सेशन जज ମାଜିଷ୍ଟ୍ରେଟ ବିଚାର କରନ୍ତି ଓ ଉକ୍ତ ମାଜିଷ୍ଟ୍ରେଟମାନଙ୍କ
(ସେଶିଅନ ଜଡଜ—ଗଞ୍ଜାମୀ ରୂପ) ବିଚାର ବିରୁଦ୍ଧରେ ସେଶନ୍ସ ଜଜଙ୍କ ନିକଟରେ ଅପିଲ୍ ହୁଏ । ଗୁରୁତର ଫଉଜଦାରୀ ମକଦ୍ଦମା (ଯଥା—ନରହତ୍ୟା, ଡକାୟତି, ଗର୍ଭପାତ, ଘର ଭାଙ୍ଗି ଚୋରି,ଡକାଇତି)ମାନଙ୍କରେ ମାଜିଷ୍ଟ୍ରେଟମାନେ ପ୍ରଥମେ ଅନୁ-ସନ୍ଧାନପୂର୍ବକ ତଦନ୍ତ କଲା ପରେ ଅପରାଧୀକୁ ସେଶନ୍ସ କୋର୍ଟକୁ ବିଚାର ନିମନ୍ତେ ପଠାନ୍ତି । ସେସନ୍ ଜଜଙ୍କ ସଙ୍ଗେ ସର୍ବ-ସାଧାରଣଙ୍କ ମଧ୍ୟରୁ ମନୋନୀତ ଏକାଧିକ ବ୍ୟକ୍ତି (ଜୁରି ବା ଆସେସର) ବସି ସେଶନ୍ ମକଦ୍ଦମା ବିଚାର କରନ୍ତି । ଓଡ଼ିଶାରେ ଯେଉଁ ଯେଉଁ ଜିଲ୍ଲାରେ ସେଶନ୍ ମକଦ୍ଦମାମାନ ଘଟେ, ସେଶନ୍ ଜଜ୍ ସେହି ସେହି ଜିଲ୍ଲାର ସଦରଧାମକୁ ଯାଇ ସେଠାରେ ବୈଠକ କରି ଉକ୍ତ ମକଦ୍ଦମାମାନ ବିଚାର କରନ୍ତି ।]

ସେସନ୍ସ(ନ୍) ବିଚାର—ବିଦେ. ବ—ସର୍ବସାଧାରଣଙ୍କ ମଧ୍ୟରୁ ମନୋନୀତ
Sesans(n) bichāra ଏକାଧିକ (୨ ଠାରୁ ୧୨ ସଂଖ୍ୟକ)

ସେସନ୍ସ ବିଚାର ନ୍ୟାୟାଳୟରେ ସେସନ୍ ଜଜ୍‌ଙ୍କଦ୍ୱାରା ଗୁରୁତର
सेशन विचार ଫଉଜଦାରୀ ମକଦମାର ବିଚାର—Sessions
trial.

ସେସନ୍ସ(ନ୍) ମକଦ(ଦ୍ଦ)ମା—ବୈଦେ. ବି—ସେସନ୍ ଅଦାଲତର ବିଚାର୍ଯ୍ୟ
Sesans(n) makada(dda)mā ଗୁରୁତର ଫଉଜଦାରୀ ମକଦମା
सेशन मकदमा —Serious criminal cases triable
सेशन मुकदमा by the sessions court.

ସେସନ୍ସ (ନ୍) ସୁପରଦ—ବୈଦେ. ବି (ଉଦରଥ)—ବଡ଼ର ସୁପର୍ଦ୍ଦ;
Sesans(n) suprada ଗୁରୁତର ଫଉଜଦାରୀ ମକଦମାମାନଙ୍କର
ସେସନ୍ସ(ନ୍) ସୁ(ସୋ)ପର୍ଦ୍ଦ } —ଅନ୍ୟରୂପ ପ୍ରଥମେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା
ସେସନ୍ସ(ନ୍) ସମର୍ପଣ ତଦନ୍ତ ହେବା ପରେ
सेसन्स सोपर्द ଅସାମୀ ଅପରାଧ କରିଥିବାର ସମ୍ଭାବନା ଦେଖାଗଲେ
सेशन सपुर्द ଉକ୍ତ ମକଦମାର ଶେଷ ବିଚାର ପାଇଁ ମାଜିଷ୍ଟ୍ରେଟଙ୍କ ଦ୍ୱାରା
ଉକ୍ତ ଅସାମୀକୁ ସେସନ୍ ଜଜ୍‌ଙ୍କ କୋର୍ଟ୍‌କୁ ପ୍ରେରଣ—
Commitment of an accused to the
sessions after preliminary enquiry by
a magistrate.

ସେସରି—ଦେ. ଅ—୧ । ସେ ପର୍ଯ୍ୟନ୍ତ—
Sesari सेपर्यन्त वहाँतक 1. Till then.
(ସେ ସରିକି—ଅନ୍ୟରୂପ) ୨ । ସେ ଅବସ୍ଥା—2. That
condition.

ସେହା (ଇତ୍ୟାଦି)—ବୈଦେ. ବି—(ବଙ୍ଗଳା ଉଚ୍ଚାରଣର ଅନୁକୃତ)—
Sehā (etc) ସିହା ଇତ୍ୟାଦି (ଦେଖ)—Sihā etc (See)

ସେହି—ଦେ. ସର୍ବ (ସ. ତଦ୍ ଶବ୍ଦ 'ସଃ')—ସେ (ସ୍ତ୍ରୀ. ପୁ. ଓ
Sehi କ୍ଲୀବ)—He, she or it. [ଉ—ଗୁରୁଙ୍କଠାରେ ଭକ୍ତି
से କରଥାନ୍ତି ସେହି । କୃଷ୍ଣସିଂହ. ମହାଭାରତ. ଆଦି ।] ୨ ।
वह (ସ. ତଦ୍+ହି) ନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି; ସେ ଏହା; ନିଶ୍ଚୟ ସେ
ताहा ବା ତାହା—2. That only; certainly he, she
वही or it; a certain person or thing. ୩ । ଅନୁପସ୍ଥିତ
ବ୍ୟକ୍ତି ବା ବସ୍ତୁ—3. That person or thing

କାଳି ବୈଦେ. ବି (ଫା. ସିଆହି)—ସିହାଇ; ସ୍ୟାହି; କାଳି—
स्याही Ink.

ସେହି (ଇତ୍ୟାଦି)—ଦେ. ସର୍ବନାମ—ସେଇ ଇତ୍ୟାଦି (ଦେଖ)
Sehi (etc) Sei etc (See)

ସେହି ଖନ—ପ୍ରାଦେ. (ଉତ୍ତର) କ୍ରି. ବିଣ—ସେହିକ୍ଷଣି—
Sehi khan At that moment; immediately;
ସେହି କ୍ଷ(ଖି,ଛ କ୍ଷି)ଣି ସେହି ଖ (ଖି ଛି କ୍ଷି)ଣିକା ଦେ ରୂପ at once.

ସେହି ସଜରେ—ଦେ. କ୍ରି. ବିଣ—୧ । ତତ୍‌କ୍ଷଣାତ୍—1. At once;
Sehi sajare suddenly. [ଉ—ଏହା କହି ସେହି
तखनि ସଜରେ ଯାଇ ସ୍ତ୍ରତେ । ଧାଇଁଲେ ଜୟଦ୍ରଥ ଯ ଉ-
उसी हालतमें ଥିବା ପଥେ—କୃଷ୍ଣସିଂହ. ମହାଭାରତ. ବନ ।]
୨ । ଅଲକ୍ଷିତ ପ୍ରଣାଳୀରେ—2. In a secret
manner. [ଉ—ଉଦାର ! ସେହି ସଜରେ । ଧାଣି
ଘଣିଲେ ଚାଳସଜରେ—ଶିଶୁରଞ୍ଜନ ପଦ ।]

ସେହୁ—ଦେ. ସର୍ବ (ଉଦ୍ୟ) ପୁଂ ଓ ସ୍ତ୍ରୀ (ସ. ସଃ+ହି; ପ୍ରା. ସୋହି)—
Sehu ନିର୍ଦ୍ଦିଷ୍ଟ ବ୍ୟକ୍ତି—A certain person. [ଉ—
सेइ ତାହାଙ୍କୁ ସେହୁ ସେବା କଲେ ଅହର୍ନିଶ—କୃଷ୍ଣସିଂହ.
वही ମହାଭାରତ. ଆଦି ।]

ସେହୁଣ୍ଡ—ସ. ବି—ଘରର ସିଜୁ; ମନସା ସିଜୁ—Uphorbia Ner-
Sehunda rifolia [ଗୁ—ଏହା କଟୁରସ,
ଅନ୍ୟ ସ—ସିଂହତୁଣ୍ଡ, ଗୁରୁପାକ, ତୀକ୍ଷ୍ଣ, ବିରେଚକ, ଅଗ୍ନି-
ବଜ୍ରୀ, ବଜ୍ରଦ୍ରୁମ, ସୁଧା, ବର୍ଦ୍ଧକ ଏବଂ କଫ, ବାୟୁ, ଆମଦୋଷ,
ସମନ୍ତଦୁଗ୍ଧା, ସ୍ନୁକ୍, ସ୍ନୁହା, ଶୂଳ, ଉଦରାଧ୍ମାନ, ଉଦର ରୋଗ,
ଗୁଡ଼ା । ଗୁଳ୍ମ, ଅଷ୍ଠୀଳା, ପ୍ଲୀହା, ଯକୃତ, କୃଚ୍ଛ୍ର,
मनसा सीज ପାଣ୍ଡୁ, ଶୋଥ, ଅର୍ଶ, କୁଷ୍ଠ, ଉନ୍ମାଦ
सेहुण्ड, थुहर, सिज ବ୍ରଣ, ମେଦ, ଅଶ୍ମରୀ, ମେଦୋ ଦୋଷ-
ଅ. ଜକୁମ୍ ଓ ବିଷଦୋଷର ଶାନ୍ତିକାରକ ।
ଏହାର ପତ୍ରର ରସ ବାହ୍ୟ ପ୍ରୟୋ-
ଗରେ ଶୋଥରେ ବିଶେଷ ଉପକାରୀ ।
ଏ ଗଛର କ୍ଷୀର (ଅଠା) କଟୁରସ, ଉଷ୍ଣବୀର୍ଯ୍ୟ, ଲଘୁ-
ପାକ, ସ୍ନିଗ୍ଧ ଏବଂ ଗୁଳ୍ମ, କୁଷ୍ଠ ଓ ଉଦର ରୋଗରେ
ଉପକାରକ ।]

ସେହୁଲ—ପ୍ରାଦେ (ସମ୍ବଲପୁର) ବି—ସେଉଳ ମାଛ—
Sehula Ophiceplasus Striatus fish.

ସେ ହେଲା—ପ୍ରାଦେ (ଉତ୍ତର) ସର୍ବ—ସେହିଟା—
Se helā That.

ସେହ୍ନା—ଦେ. ବି (ସ. ସନ୍ନାହ)—୧ । କବଚ; ସାଞ୍ଜୁ—1. Armour;
Sehnā coat of mail. [ଉ—ଜୀର୍ଣ୍ଣ ଜଳ ସେହ୍ନା ଅଙ୍ଗେ,
साँजोया सनाह ଦେଖୁ ଧାଇଁଲ ଅଛ ବେଗେ । ଜଗନ୍ନାଥ. ଭାଗବତ]
स्नेह स्नेह ୨ । (ସ. ସ୍ନେହ) ସ୍ନେହ—2. Affection.
सहाय सहाय ୩ । ସହାୟ—3. Help. [ଉ—କାହିଁ କେତେ
କୋଳୁଛ ସେହ୍ନା—ଘନକୃଷ୍ଣ. ରସକଲ୍ଲୋଳ ।]
ବିଣ—ସ୍ନେହୀ—Loving; affectionate.

ସୈ—ବୈଦେ. ବି (ଫା)—ସହି (ଦେଖ)
Sai Sahi (See)

ସୈଂ(ସୈଁ)ତିରିଶ(ଶି)—ଦେ. ବି ଓ ବିଣ (ସଂଖ୍ୟାବାଚକ) (ସି. ସପ୍ତ-
Saim(saiñ)tirisa(Si) ତ୍ରିଂଶତ୍; ପାଲି—ସତ୍ତତିଂସତି, ପ୍ରା.
सायँत्रिस ସତ୍ତତିସ)—ତିରିଶଠାରୁ ସାତ ଅଧିକ—
सैंतीस Thirty seven.
(ସୈଂ[ସୈଁ]ତି[ରି]ଶ[ଶି]—ଅନ୍ୟରୂପ)

ସୈଂ(ସୈଁ)ତିରିଶାଶଏ(ହେ)—ଦେ. ବି ଓ ବିଣ (ସଂଖ୍ୟାବାଚକ)
Saim(saiñ)tirisāsae(he) (ସ. ସପ୍ତତ୍ରିଂଶତ୍+ଶତ)—
एकश सायंत्रिश ଏକଶତ ସୈଂତିରିଶ—One hundred and
एकसौ सैंतीस thirty seven.
[ସୈଂ(ସୈଁ)ତି(ରି)ଶାଶଏ(ହେ)—ଅନ୍ୟରୂପ]

ସୈଂଦୁର—ସ. ବିଣ—ସୈନ୍ଦୂର (ଦେଖ)
Saimdūr Saindūra (See)

ସୈଂଧବ (ଇତ୍ୟାଦି)—ସଂ. ବି ଓ ବିଣ—ସୈନ୍ଧବ ଇତ୍ୟାଦି (ଦେଖ)
Saimdhaba (etc) Saindhaba etc (See)

ସୈଂହ—ସଂ. ବିଣ (ସିଂହ+ସମ୍ବନ୍ଧାର୍ଥେ ଅ)—୧ । ସିଂହସମ୍ବନ୍ଧୀୟ—
Saimba 1. Leonine; relating to lion. ୨ । ସିଂହ ସଦୃଶ—2. Similar to a lion.

ସୈଂହଳ—ସଂ. ବିଣ (ସିଂହଳ+ସମ୍ବନ୍ଧାର୍ଥେ ଅ)—୧ । ସିଂହଳଦ୍ୱୀପ
Saimhala ସମ୍ବନ୍ଧୀୟ—1. Ceylonese. ୨ । ସିଂହଳ-
(ସୈଂହଳୀ—ସ୍ତ୍ରୀ) ଦ୍ୱୀପଜାତ—2. Produced in Ceylon.

ସୈଂହଳୀ ପିପ୍ପଳୀ—ସଂ. ବି—ଏକପ୍ରକାର ପିପ୍ପଳୀ—A kind of long
Saimhali pippali pepper. [ଦ୍ର—ବୈଦ୍ୟକ ଅନ୍ୟ ନାମ—ସୈଂହଳୀ, ସର୍ପଦଣ୍ଡୀ, ମତରେ ଏହା କଟୁରସ, ଉଷ୍ଣବୀର୍ଯ୍ୟ, ସର୍ପାକ୍ଷୀ, ଉତ୍କଟା, ଯାବନୀ, ଅଗ୍ନିବର୍ଦ୍ଧକ, କୋଷ୍ଠଶୋଧକ, ତୈଳିନୀ, ବହୁଭୂମିକା, ଲମ୍ବାଙ୍ଗୀ, ଏବଂ କଫ, ଶ୍ୱାସ, ବାତ ଓ କୃମି-ତାମ୍ରା, ଅବ୍ଦଳା, ସିଂହଳସ୍ଥା, ନାଶକ ।]
ଗାବଳ, ଲମ୍ବଦଣ୍ଡା, ଗାବରେନ୍ଦ୍ରୀ, ଜବାନି, କୁରୁମ୍ବୀ ।
सिंहली पीपल म. ଗଜ ପିପ୍ପଳ ତର୍ଣ୍ଣାଟୀ. ବାହୁ ପିପଳୀ ।

ସୈଂହିକ—ସଂ. ବି. ପୁଂ (ସିଂହିକା+ଅପତ୍ୟାର୍ଥେ ଅ)—
Saimhika ସିଂହିକା ପୁତ୍ର; ରାହୁଗ୍ରହ—The Ascending
(ସୈଂହିକେୟ—ଅନ୍ୟରୂପ) Node; the Dragon's head.

ସୈକତ—ସଂ. ବିଣ (ସିକତା=ବାଲି+ବହୁତ୍ୱାର୍ଥେ ଅ)—୧ ।
Saikata ସିକତିଲ; ସିକତାବହୁଳ; ବାଲୁକାମୟ (ସ୍ଥାନ); ବାଲିଅଧିକ (ଭୂମି)—1. Sandy; full of sand (soil). ୨ । ବାଲିରେ ତିଆରି—2. Made of sand. ବି—୧ । ନଦୀର ବା ସମୁଦ୍ରର ବାଲୁକାମୟ ତଟ; ପୁଳିନ (ଅମର)—1. Sandy shore of a river or sea coast. ୨ । ବାଲିଆମାଟି (ହ. ଶ)—2. Sandy soil.

ସୈକତଚର—ସଂ. ବିଣ. ପୁଂ (ସୈକତ+ଚର୍ ଧାତୁ+କର୍ତ୍ତୃ. ଅ)—
Saikatachara ସୈକତରେ ବିଚରଣକାରୀ—Walking
(ସୈକତଚରୀ—ସ୍ତ୍ରୀ) or moving in the sandy coast.

ସୈକତ ବାହିନୀ—ସଂ. ବିଣ. ସ୍ତ୍ରୀ—ବାଲୁକାମୟ ତଟର ମଧ୍ୟ ଦେଇ
Saikata bāhini ପ୍ରବାହିତା (ନଦୀ)—(river) Flowing through sandy soil

ସୈକତ ଭୂମି—ସଂ. ବି—୧ । ବାଲୁକାମୟ ଭୂମି—1. Sandy
Saikata bhūmi soil. ୨ । ବାଲୁକାମୟ ତଟ—
2. Sandy coast.

ସୈକତିକ—ସଂ. ବିଣ. ପୁଂ (ସିକତା+ଇକ)—୧ । ଶ୍ରମଜୀବୀ—1. A
Saikatika labourer. ୨ । ସନ୍ଦେହଜୀବୀ (ମେଦିନୀ)—
2. Living a life full of doubt. ୩ । ସନ୍ଦେହବାନ—3. Doubting. ୪ । ସିକତା ସମ୍ବନ୍ଧୀୟ—
4. Sandy. ୫ । ସୈକତ ସମ୍ବନ୍ଧୀୟ—5. Relating to Saikata. ବି—୧ । କ୍ଷପଣକ—
1. A Buddhist ascetic. ୨ । ଯାତ୍ରାକାଳରେ ହାତରେ ବନ୍ଧାଯିବା ମଙ୍ଗଳ ସୂତ୍ର (ମେଦିନୀ)—2. An auspicious string tied on the arm before beginning a journey. ୩ । ସାଧୁ; ସନ୍ନ୍ୟାସୀ (ହ.
(ସୈକତିକା—ବିଣ. ସ୍ତ୍ରୀ) ଶ)—3. An ascetic.

ସୈକତିଲ—ସଂ. ବିଣ (ସିକତା+ଇଲ; ଅଥବା ସିକତିଲ+ସ୍ୱାର୍ଥେ
Saikatila ଅ)—ସିକତାମୟ; ବାଲୁକାମୟ—Sandy.

ସୈକତୀ—ସଂ. ବିଣ. ପୁଂ—ସୈକତଯୁକ୍ତ; ବାଲୁକାମୟ (କୂଳ) (ହ. ଶ)
Saikati —Sandy (shore)
(ସୈକତିନୀ—ସ୍ତ୍ରୀ)

ସୈକତେଷ୍ଟ—ସଂ. ବି (ସୈକତ=ବାଲୁକାମୟ ସ୍ଥାନ+ଇଷ୍ଟ=ପ୍ରିୟ;
Saikateshta ବହୁବ୍ରୀହି)—ଅଦ୍ରକ; ଅଦା (ଶବ୍ଦକଳ୍ପଦ୍ରୁମ)—
Ginger. [ଦ୍ର—ଏହା ବାଲୁକାମୟ ଭୂମିରେ ଭଲ ହୋଇଥାଏ ।] ବିଣ—ବାଲୁକାମୟ ସ୍ଥାନ ଯାହାକୁ ସୁଖକର ବୋଧହୁଏ—Fond of sandy soil.

ସୈକାରିଆ—ଦେ. ବିଣ—ସହିକାରିଆ (ଦେଖ)
Saikāriā Sahikāriā (See)

ସୈଗୋ—ପ୍ରାଦେ (କଟକ) ବିଣ—ଅଖଣ୍ଡ—
Saigo Undivided; unbroken.

ସୈତବାହିନୀ—ସଂ. ବି (ସିତ=ଶୁଭ୍ର+ବହ୍ ଧାତୁ+ଇନ୍+ଈ)—
Saitabāhini ବାହୁଦା; ନଦୀବିଶେଷ—Name of a river issuing from Himalayas.

ସୈତମ୍ବା(ମ୍ମା)—ପ୍ରାଦେ (ସିଂହଭୂମ) ବି—ପିଜୁଳି—
Saitambā(mmā) Guava.

ସୈତାନ୍ (ଇତ୍ୟାଦି)—ବୈଦେ. ବି—ସଇତାନ୍ ଇତ୍ୟାଦି (ଦେଖ)
Saitān (etc) Saitān etc (See)

ସୈତାନି (ଇତ୍ୟାଦି)—ବୈଦେ. ବି ଓ ବିଣ—ସଇତାନି ଇତ୍ୟାଦି (ଦେଖ,
Saitāni (etc) Saitāni etc (See)

ସୈ(ସୈଁ)ତିରିଶ—ଦେ. ବି ଓ ବିଣ (ସଂ. ସପ୍ତତ୍ରିଂଶତ୍; ପ୍ରା. ସତ୍ତତ୍ତିସ)
Sai(saiñ)tirisa —ସପ୍ତତ୍ରିଂଶ; ୩୭—Thirty seven.
सायँत्रिश सैंतिस 37.

ସୈଦ—ବୈଦେ. ବି (ଅ)—ସୈୟଦ୍ (ଦେଖ)
Said Saiyad See)

ସୈନ[ନି]—ଦେ. ବି (ପଦ୍ୟ) (ସଂ. ସୈନ୍ୟ)—୧ । ସୈନ୍ୟ
Saina[ni] (ଦେଖ)—1. Sainya (See) [ଦ୍ର—
সেনা सैन, फउज ତେଣେ ନାଚିଲେ ରୁଦ୍ର ସୈନି । ତା ଦେଖି ବେଟେ ଦେବ ମୁନି—ଜଗନ୍ନାଥ. ଭାଗବତ ।] ୨ । କୌଣସି ବ୍ୟକ୍ତିଙ୍କ ଗହଣରେ ଅସିଥିବା ବହୁ ଅନୁଚର—
2. A large body of followers or attendants accompanying a person.

ସୈନ ସାମନ୍ତ—ଦେ. ବି (ସହଚର ଶବ୍ଦ; ସଂ. ସୈନ୍ୟ ଓ ସାମନ୍ତ)—
Saina sāmanta ୧ । ରାଜାଙ୍କ ସଙ୍ଗେ ଯିବା ସେନା ଓ
सैन्य सामन्त ସର୍ଦ୍ଦାର ଆଦି—1. Soldiers and noblemen
सैनसामन्त accompanying a king. ୨ । ବହୁ ସଂଖ୍ୟକ ଅନୁଚର—2. A large body of attendants.

ସୈନାନ୍ୟ—ସଂ. ବ (ସେନାନୀ+ସ୍ୱାର୍ଥେ ଯ)—ସେନାପତ୍ୟ (ବ୍ର. ଶ)—Generalship.
Sainānya

ସୈନାପତ୍ୟ—ସଂ. ବଣ (ସେନାପତି+ସମ୍ବନ୍ଧାର୍ଥେ ଯ)—ସେନାପତି ସମ୍ବନ୍ଧୀୟ—Relating to a general.
Saināpatya
ବ (+ଭାବ ଓ କର୍ମ. ଯ)—ସେନାଧ୍ୟକ୍ଷତା—Generalship; the position of a commander.

ସୈନିକ—ସଂ. ବ (ସେନା+ଇକ)—୧ । ସୈନ୍ୟବଳଭୁକ୍ତ ବ୍ୟକ୍ତି; ଯୋଦ୍ଧୃପୁରୁଷ—1. Warrior; soldier. ୨ । ପ୍ରହରୀ—2. Sentry; sentinel; a guard. ୩ । ସେନାନାୟକ—3. Captain of soldiers. ୪ । ସେନା ଶ୍ରେଣୀ—4. A row or line of soldiers. ୫ । ମିଳିତ ଚତୁର୍ବିଧବଳ—5. An army consisting of 4 kinds of soldiers. ୬ । କୌଣସି ପ୍ରାଣୀକୁ ବଧ କରିବା ପାଇଁ ନିଯୁକ୍ତ ବ୍ୟକ୍ତି (ବ୍ର. ଶ)—6. A person engaged to kill any living being. ୭ । (ନାମ) ଶମ୍ବରାସୁର ଦୈତ୍ୟର ଏକ ପୁତ୍ର (ବ୍ର. ଶ)—7. Name of son of demon Śambara. ବଣ—ସେନାସମ୍ବନ୍ଧୀୟ—Relating to an army; military; martial.
Sainika

ସୈନିକ ପୁରୁଷ—ସଂ. ବ—ଯୋଦ୍ଧା; ଯୋଦ୍ଧୃପୁରୁଷ—
Sainika purusha Warrior; soldier.

ସୈନିକ ବେଶ—ସଂ. ବ (୬ଷ୍ଠୀ ତତ୍)—ଯୋଦ୍ଧାର ପୋଷାକ—
Sainika besa Military dress.

ସୈନ୍ଦୂର—ସଂ. ବଣ (ସିନ୍ଦୂର+ଅ)—୧ । ସିନ୍ଦୂର ରଞ୍ଜିତ (ବ୍ର. ଶ)—1. Painted with vermillion. ୨ । ସିନ୍ଦୂର ପରି ବର୍ଣ୍ଣବିଶିଷ୍ଟ (ବ୍ର. ଶ)—2. Vermillion-coloured.
Saindūra

ସୈନ୍ଧବ—ସଂ. ବଣ (ସିନ୍ଧୁ+ଭବାର୍ଥେ ଅ)—୧ । ସମୁଦ୍ରଜାତ—1. Produced from the sea. ୨ । ସିନ୍ଧୁଦେଶଜାତ—2. Produced in the Sindh country. ୩ । ସିନ୍ଧୁ ସମ୍ବନ୍ଧୀୟ—3. Relating to the sea or Sindh country. ବ—୧ । ସିନ୍ଧୁଦେଶଜାତ ଉତ୍କୃଷ୍ଟ ଅଶ୍ୱ—1. A breed of excellent horses of the Sind Province. ୨ । ସିନ୍ଧୁନଦ ନିକଟସ୍ଥ ଦେଶର ପ୍ରସିଦ୍ଧ ଲବଣବିଶେଷ—2. Rock salt; a kind of salt got from the Sindh country; sodium sulphate. [ଦ୍ର—ସୈନ୍ଧବ ଲବଣ ସିନ୍ଧୁଦେଶର ବା ପଞ୍ଜାବର ଓ କୋହାଟର ଖଣିରୁ ମିଳେ । ଏହା ବିଶୁଦ୍ଧ ଲବଣ । ଏଥିରେ ୯୯ ଭାଗ ଲବଣ ଓ ୧ ଭାଗ ଖାର ଥାଏ । ଏହା ବୃଷ୍ୟ, ସୁସ୍ୱାଦ୍ୟ, ପାଚକ, ରୁଚିକର, ନେତ୍ର ହିତକର, ସ୍ୱାଦୁ, ଅଗ୍ନିଉଦ୍ଦୀପକ ଓ ଲଘୁ ।]
Saindhaba
ଅନ୍ୟ ସଂ—ଶୀତଶିବ, ମାଣିମନ୍ଥ, ସିନ୍ଧୁଜ, ବଶିର, ସିନ୍ଧୁଦେଶଜ, ମାଣିବନ୍ଧ, ନାଦେୟ, ଶିବ, ସିନ୍ଧୁ, ଶିବାତ୍ମକ, ପଥ୍ୟ, ଶିତଶିବ ।

ସୈନ୍ଧବ ଲବଣ—ସଂ. ବ—ସିନ୍ଧୁଦେଶର ପର୍ବତଜାତ ଲବଣବିଶେଷ—
Saindhaba labaṇa Rock salt. [ଦ୍ର—ସୈନ୍ଧବ ତଳେ ଦେଖ ।]

ସୈନ୍ଧବୀ—ସଂ. ବ, ସ୍ତ୍ରୀ—ରାଗିଣୀବିଶେଷ—Name of a musical tune. [ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ ଓ ଭୈରବ ରାଗର ସ୍ତ୍ରୀରୂପରେ କଳ୍ପିତା । ଏହା ଦିବସର ଦ୍ୱିତୀୟ ପ୍ରହରର ଦ୍ୱିତୀୟ ଘଡିରେ ଗେୟ—ବ୍ର. ଶ ।] ବଣ, ସ୍ତ୍ରୀ—ସିନ୍ଧୁଦେଶୀୟା—(female) Pertaining to Sindh. [ଦ୍ର—ହେମ ଆସନରେ ଗାଢ଼େ ତାଙ୍କ ସିନ୍ଧବୀ; ଅଧର ସୈନ୍ଧବ ଅମ୍ବୁ—ସୁଧାଜାଥ. ମହାଯାତ୍ରା ।]
Saindhabī

ସୈନ୍ଧୀ—ସଂ. ବ (ସିନ୍ଧୁ+ଈ)—ତାଳାଦିରସ କଣ୍ଟୀୟାସ; ତାଡ଼ି—
Saindhi Intoxicating juice of palm etc; toddy.
ଅନ୍ୟ ସ. ନାମ—ତାଡ଼ି [ଦ୍ର—ବୈଦ୍ୟକ ମତରେ ଏହା ଶୀତଳ, କଷାୟ ଅମ୍ଳ ଓ ପିତ୍ତବାତନାଶକ ଓ ବାତକର୍କ୍ଷ ।]

ସୈନ୍ୟ—ସଂ. ବ (ସେନା+ସ୍ୱାର୍ଥେ. ଯ)—୧ । ଯୁଦ୍ଧକାରୀ, ଅସ୍ତ୍ରଧାରୀ ବ୍ୟକ୍ତି; ଯୋଦ୍ଧା; ସିପାହୀ—1. Soldier. ୨ । ସେନାଦଳ; ସଇନ୍ଦଣ (ବ୍ର. ଶ)—2. A body of soldiers. ୩ । ପ୍ରହରୀ ବ୍ର. ଶ)—3. Sentry. ୪ । ଶିବିର; ଛାଉଣୀ (ବ୍ର. ଶ)—4. Camp. ୫ । ଶ୍ରେଣୀବଦ୍ଧ ଯୋଦ୍ଧୃବୃନ୍ଦ; ସମବେତ ସେନା—5. Army; a troop or company of armed soldiers arrayed for fighting. [ଦ୍ର—ପୂର୍ବକାଳରେ ଯୁଦ୍ଧରେ ମିଳିତ ହସ୍ତୀ, ଅଶ୍ୱ, ରଥ ଓ ପଦାତି ଏହି ଚତୁରଙ୍ଗ ବଳକୁ ସେନା ବା ବଳ ବୋଲାଯାଉଥିଲା ।
Sainya
ଏହି ସେନାରେ ଏକଦେଶୀଭୂତ ଯୋଦ୍ଧୃବୃନ୍ଦଙ୍କୁ ସୈନ୍ୟ ବା ସୈନିକ ବୋଲାଯାଉଥିଲା । ସୈନ୍ୟମାନଙ୍କୁ ହିନ୍ଦୁମାନେ ଛଅ ଶ୍ରେଣୀରେ ବିଭକ୍ତ କରଥିଲେ । ଯଥା—
୧ । ମୌଳ, ୨ । ଭୃତ୍ୟ, ୩ । ସୁହୃତ୍, ୪ । ଶ୍ରେଣୀ, ୫ । ଦ୍ୱିଷତ୍, ୬ । ଅଟବ୍ୟ ।] ସ. ବଣ—ସେନା ସମ୍ବନ୍ଧୀୟ (ବ୍ର. ଶ)—Relating to the army or soldiers. ଦେ. ବ—ସମୂହ; ଏକ ଜାତୀୟ ଅନେକ—Many of the same kind; a multitude. [ଦ୍ର—ଅନୁକୂଳ ହୋଇଣ କହନ୍ତ ପବନ, ପଛେ ଥିବେ ବହଗୁଧ୍ରସୈନ୍ୟ । କୃଷ୍ଣସିଂହ. ମହାଭାରତ. ଶାନ୍ତିପର୍ବ ।]
मैन्य
सैन

ସୈନ୍ୟ କକ୍ଷ—ସ. ବ (୬ଷ୍ଠୀ ତତ୍)—ସେନାର ପାର୍ଶ୍ୱ—
Sainya kaksha The flank of an army.

ସୈନ୍ୟ କ୍ଷୋଭ—ସ. ବ (୬ଷ୍ଠୀ ତତ୍ ବା ୭ମୀ ତତ୍)—ସେନାର ବିଦ୍ରୋହ (ବ୍ର. ଶ)—Mutiny amongst soldiers.
Sainya kshobha

ସୈନ୍ୟ ଚାଳନ—ସ. ବ (୬ଷ୍ଠୀ ତତ୍)—୧ । ଯୁଦ୍ଧାର୍ଥ ସହିତ ସୈନ୍ୟମାନଙ୍କ ଗତିବିଧିର ନିୟନ୍ତ୍ରଣ—
Sainya chālana

1. Directing the movements of an army. ୨ । ସେନାଙ୍କୁ ଅଗକୁ ବା ପଛକୁ ଚଳାଇବା—2. Causing the army to advance or move.

ସୈନ୍ୟ ଦଳ—ସଂ. ବ—ସୈନ୍ୟମାନଙ୍କର ଏକତ୍ର ସମାବେଶ—
Sainya dala A company of soldiers.

ସୈନ୍ୟ ପତି (ନାୟକ, ପାଳ)—ସଂ. ବ—ସେନାପତି—
Sainya pati (nāyaka, pāla) General.

ସୈନ୍ୟ ପରିଚାଳନ—ସଂ. ବ—ସୈନ୍ୟ ଚାଳନ (ଦେଖ)
Sainya parichālana Saiyna chālana (See)

ସୈନ୍ୟ ପୃଷ୍ଠ—ସଂ. ବ (୬ଷ୍ଠୀ ତତ୍) —ସମ୍ମିଳିତ ସେନାମାନଙ୍କର
Sainya prushtha ପଶ୍ଚାଦ୍ଭାଗ (ଯେଉଁଠାରେ ରାଜା ନିଜେ ଥାଇ ଆଦେଶ ଦ୍ୱାରା ସେନା ଚାଳନ କରନ୍ତି—
The rear of an army.

ସୈନ୍ୟ ବଳ—ସଂ. ବ—୧ । (ରାଜାଙ୍କର) ସୈନ୍ୟରୂପ ଶକ୍ତି ବା
Sainya bala ସମର୍ଥ—1. The strengh of an army.
୨ । (ଏକାର୍ଥକ ସହଚର) ସମ୍ମିଳିତ ସୈନ୍ୟଦଳ—
2. Collected troops.

ସୈନ୍ୟ ବାସ(ନିବାସ)—ସଂ. ବ (୬ଷ୍ଠୀ ତତ୍)—ଶିବିର; ଛାଉଣୀ—
Sainya bāsa(nibāsa) Camp.

ସୈନ୍ୟ ବିଭାଗ—ସଂ. ବ (୬ଷ୍ଠୀ ତତ୍)—ରାଜକୀୟ ବିଭାଗ ବିଶେଷ;
Sainya bibhāga ସୈନ୍ୟମାନଙ୍କର ଯାବତୀୟ କାର୍ଯ୍ୟର ତତ୍ତ୍ୱ ଯେଉଁ ବିଭାଗ ନିଏ—The Army Department.

ସୈନ୍ୟ ବ୍ୟୂହ—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧାର୍ଥ ସଜ୍ଜିତ ଓ ଶୃଙ୍ଖଳିତ
Sainya byūha ପ୍ରଣାଳୀରେ ସମାବେଶିତ ସୈନ୍ୟଦଳ—
Battle array.

ସୈନ୍ୟ ସଞ୍ଚାଳନ—ସଂ. ବ (୬ଷ୍ଠୀ ତତ୍)—ସୈନ୍ୟ ଚାଳନ (ଦେଖ)
Sainya sanchālana Sainya chālana (See)

ସୈନ୍ୟ ସମାବେଶ—ସଂ. ବ (୬ଷ୍ଠୀ ତତ୍)—୧ । ଯୁଦ୍ଧ ବା ଅନ୍ୟ
Sainya samābesa ଉଦ୍ଦେଶ୍ୟରେ ସୈନ୍ୟମାନଙ୍କର ସମ୍ମିଳନ—
1. The disposition of an army. ୨ । ସୈନ୍ୟବ୍ୟୂହ—2. Military array; arrangement of troops in battle order.

ସୈନ୍ୟ ସାମନ୍ତ—ସଂ. ବ (ଦ୍ୱନ୍ଦ୍ୱ)—ରାଜାଙ୍କ ସଙ୍ଗେ ଯୁଦ୍ଧଭୂମିରେ ଉପସ୍ଥିତ
Saiyna sāmanta ବା କୌଣସି ସ୍ଥାନକୁ ଯାଉଥିବା ସୈନ୍ୟଦଳ ଓ ଅଧୀନ ରାଜଗଣ—An army and Feudatory Chiefs accompanying a king.

ସୈନ୍ୟାଗ୍ର—ସଂ. ବ (୬ଷ୍ଠୀ ତତ୍)—ସମ୍ମିଳିତ ସେନାଦଳର ଅଗପାଖ—
Sainyāgra The front of an army.
(ସୈନ୍ୟ ଶିରଃ—ଅନ୍ୟରୂପ)

ସୈନ୍ୟାଧ୍ୟକ୍ଷ—ସଂ. ବ (୬ଷ୍ଠୀ ତତ୍)—ସେନାପତି; ସେନାନାୟକ—
Sainyādhyaksha Commander or general of an army.
(ସୈନ୍ୟାଧିପତି—ଅନ୍ୟରୂପ)

ସୈପ(ପି,ଫ,ଫି)ନ୍—ବୈଦେ. ବ (ଇଂ)—ସଇପନ୍ (ଦେଖ)—
Saipa(pi,pha,phi)n Saipan (See).

ସୈବାଳ—ସଂ. ବ (ଅନ୍ୟରୂପ ଶୈବାଳ; ସେବା+ଅଳ ଧାତୁ=ଭୂଷିତ
Saibāla କରିବା+କର୍ତ୍ତୃ. ଅ)—ଶୈବାଳ; ଶିଉଳ—
Moss.

ସୈମନ୍ତିକ—ସଂ. ବଣ (ସୀମନ୍ତ+ଇକ)—ସୀମନ୍ତସମ୍ବନ୍ଧୀୟ—
Saimantika Relating to the parting of the hair in the middle of the forehead. ବ—ସିନ୍ଦୂର (ଏହା ସୀମନ୍ତରେ ଦିଆଯାଉଥିବାରୁ)—Vermillion.

ସୈୟଦ—ବୈଦେ. ବ (ଅ)—୧ । ମୁସଲମାନଧର୍ମପ୍ରବର୍ତ୍ତକ ହଜରତ
Saiyad ମହମ୍ମଦଙ୍କ ଦୌହିତ୍ର ଅଲିଙ୍କ ପୁତ୍ର ହୁସେନଙ୍କ
সৈয়দ سید ବଂଶଧରମାନଙ୍କର ବଂଶୋପାଧି—
1. Syed; a family-title of a Mahomedan descended from the daughter's son of Prophet Mahammad. [ଦ୍ର—ଏହା ନାମ ପୂର୍ବେ ଲାଗେ। ଯଥା—ସୈୟଦ୍ ଫଜଲର୍ ଅଲ୍ଲୀ।] ୨। ଉଚ୍ଚବଂଶୀୟ ମୁସଲମାନମାନଙ୍କର ବଂଶୋପାଧିବିଶେଷ—2. A family-title of Muslim nobles. [ଦ୍ର—ପୂର୍ବେ ଭାରତବାସୀମାନେ ଭାରତକୁ ଆକ୍ରମଣ କରିବା ମୁସଲମାନମାନଙ୍କୁ ୪ ଶ୍ରେଣୀରେ ବିଭକ୍ତ କରୁଥିଲେ;—ସେଖ୍, ସୈୟଦ୍, ମୋଗଲ୍, ପଠାଣ; ତନ୍ତୁ ଏ ବିଭାଗ ଧର୍ମ ବା ସାମ୍ପ୍ରଦାୟିକ ବିଭାଗ ନୁହେଁ।]

ସୈର୍—ବୈଦେ. ବ (ଫା. ସାଏର୍)—ସଇର୍ (ଦେଖ)—
Sair Sair (See).
(ସୈରାତ୍, ସୈରାତ୍ ଜମା—ଅନ୍ୟରୂପ)

ସୈର(ରି)ନ୍ଧ୍ର—ସଂ. ବ. ପୁଂ (ସ୍ୱୈର=ଇଚ୍ଛାମତ+ଧୃ ଧାତୁ=ଧାରଣ
Saira(ri)ndhra କରିବା+କର୍ତ୍ତୃ. ଅ, ନିପାତନ; କିମ୍ବା ସୀର=
[ସୈର(ରି)ନ୍ଧ୍ରୀ—ସ୍ତ୍ରୀ] ଲଙ୍ଗଳ+ଧୃ ଧାତୁ+କର୍ତ୍ତୃ. ଅ, ନିପାତନ.
୧ । କୃଷକ; ଚଷା—1. A cultivator; a husbandman. ୨ । ଗୃହଦାସ; ଗୃହକର୍ମକାରୀ ଭୃତ୍ୟ (ବୃ. ଶ)—2. A menial domestic servant. ୩। ଦସ୍ୟୁପିତା ଓ ଅୟୋଗବଜାତୀୟା ମାତାଙ୍କଠାରୁ ଉତ୍ପନ୍ନ ସଙ୍କରଜାତିବିଶେଷ (ବୃ. ଶ)—3. Name of a low-caste hybrid.

ସୈର(ରି)ନ୍ଧ୍ରୀ—ସଂ. ବ. ସ୍ତ୍ରୀ (ସୈରନ୍ଧ୍ର, ସୈରିନ୍ଧ୍ର+ଈ)—୧ । ଶିଳ୍ପ-
Sair(ri)ndhri କର୍ମ ଓ ବେଶଭୂଷା କର୍ମରେ ଦକ୍ଷା, ପର-
[ସୈର(ରି)ନ୍ଧ୍ରିକା—ଅନ୍ୟରୂପ] ଗୃହସ୍ଥିତା ସ୍ୱବଶା ଭୃତ୍ୟା; ଅସ୍ୱା; ଅନ୍ୟଗୃହସ୍ଥିତା ସ୍ୱତନ୍ତ୍ରା ଶିଳ୍ପକାରିଣୀ—1. A female (skilled in various arts and toilette) artisan in the service of a rich householder or Raja; an āyāh. ୨। ଚଷୁଣୀ—2. A female of the cultivator class. ୩ । ବର୍ଣ୍ଣସଙ୍କର ସୈରନ୍ଧ୍ରଜାତୀୟା ସ୍ତ୍ରୀ (ଦେଖ)—3. A woman of the Sairandhra caste. ୪ । ଦ୍ରୌପଦୀ (ପାଣ୍ଡବମାନେ ବିରାଟଗୃହରେ

ଅଜ୍ଞାତବାସ କରୁଥିବାବେଳେ ଦ୍ରୌପଦୀ ଅପଣାର ଏହି ନାମରେ ପରିଚୟ ଦେଇ ବିରାଟରାଜା ସୁଦେଷ୍ଣାଙ୍କ ଅନୁଚରୀ ହୋଇଥିଲେ)—4. The assumed name of Draupadī while living incognito in the harem of the king of Birāta. ୫ । ଅନ୍ତଃପୁର ପରିଚାରିକା, ମହଲ୍ଦାରିଣୀ [ହି. ଶ]—5. A maid servant of the harem. ୬ । ବର୍ଣ୍ଣସଙ୍କରସମ୍ଭୂତା ସ୍ତ୍ରୀ (ମେଦକ)—6. A woman of hybrid parentage.

ସୈରିକ—ସଂ. ଵଣ (ସୀର=ଲଙ୍ଗଳ+ଇକ)—ଲଙ୍ଗଳ ସମ୍ବନ୍ଧୀୟ—
Sairika Relating to the plough. ବି—୧ । କୃଷକ; ଯେ ହଳ ବୁଲାଏ—1. Ploughman. ୨ । ଚଷା; କୃଷକ—2. Cultivator; husbandman. ୩ । ହଳିଆ ଗୋରୁ—3. A plough-bullock. ୪ । ଆକାଶ [ହି. ଶ]—4. The sky.

ସୈରିଭ—ସଂ. ବି (ସୀର=ଲଙ୍ଗଳ+ଇଭ)—୧ । (ପୁଂ) ମହିଷ
Sairibha [ଅମର]—1. Buffalce, ୨ । ସ୍ୱର୍ଗ [ତ୍ରିକାଣ୍ଡ ଦେଖ]—2. Heaven.
[ସୈରିଭୀ—ସ୍ତ୍ରୀ]

ସୈରିୟ—ସଂ. ବି (ସ୍ୱୈର=ସ୍ୱେଚ୍ଛାରେ ଅର୍ଥାତ୍ ବିନା କୃଷିରେ+ଇୟ;
Sairiya ଜାତାର୍ଥେ)—ଝିଣ୍ଟି; ବାସକେଉଣ୍ଡା [ଶବ୍ଦମାଳା, ଭରତ]—Barlaria Cristata. [ଦ୍ର—ଏହା କୃଷ୍ଣ,
ଝିଣ୍ଟି, ଶ୍ୱେତ ଝିଣ୍ଟି
କଟସରୈୟା
ମ. କୋରଣ୍ଟା
ବାୟୁ, ରକ୍ତଦୋଷ, କଫ, କଣ୍ଡୁ ଓ କୃଷ୍ଠନାଶକ, ତିକ୍ତ ମଧୁରରସ, ଉଷ୍ଣବୀର୍ଯ୍ୟ ଓ ଈଷତ୍ ଅମ୍ଳ, ସ୍ନିଗ୍ଧ ଓ କେଶରଞ୍ଜକ ।

ଫୁଲର ବର୍ଣ୍ଣଭେଦରେ ସୈରିୟ ୪ ପ୍ରକାରର । ଯଥା—
୧ । ଶ୍ୱେତ ସୈରିୟ—ଧଳା ଫୁଲ ବାସକେଉଣ୍ଡା । ଅନ୍ୟ ସଂ—ସୈରେୟ, ସୈରିୟକ, ସୈରେୟକ, ଶ୍ୱେତ ପୁଷ୍ପ, କାଟସାରିକା, କଟସାରିକା, ସହାଚର, ସହଚର, ଝିଣ୍ଟି ।
୨ । ପୀତ ସୈରିୟ—[ହଳଦିଆ ଫୁଲ] । ଅନ୍ୟ ସଂ—କୁରଣ୍ଟକ, ବାସୀ, ଅର୍ତ୍ତଗଳ ।
୩ । ରକ୍ତ ସୈରିୟ—[ନାଲି ଫୁଲ] । ଅନ୍ୟ ସଂ—କୁରୁବକ, ଓଡ଼ିଅଁଅଳେଇ ଫୁଲ ।
୪ । ନୀଳ ସୈରିୟ—[ନେଳୀ ଫୁଲ] । ଅନ୍ୟ ସଂ—ବାଣା, ଦାସୀ ।]

ସୈରିୟକ—ସଂ. ବି (ସୈରିୟ+ସ୍ୱାର୍ଥେ କ)—ସୈରିୟ [ଦେଖ]
Sairiyaka Sairiya [See]

ସୈରେୟ—ସଂ. ବି (ସ୍ୱୈର+ଏୟ+କ)—ସୈରିୟ [ଦେଖ]
Saireya Sairiya [See]
(ସୈରେୟକ—ଅନ୍ୟରୂପ)

ସୈଲଗ—ସଂ. ବି—ତସ୍କର (ହି. ଶ)—
Sailaga A thief.

ସୈଲାବ—ଗ୍ରାଦେ. (ବାଲେଶ୍ୱର) ବି (ଭୁକ. ଫା. ସୈଲାବ—ଜଳପ୍ଲାବ
Sailābi ଜନ୍ମ)—ଅନେକ ଦିନ ବ୍ୟାପି ହେବା ବର୍ଷା, ଝଡ଼ ଓ ତୋଫାନ—Hurricane accompanied with rain continuing for many days. [ଦ୍ର—ଉତ୍କଳର ନଅଙ୍କ ଦୁର୍ଭିକ୍ଷର ପରବର୍ଷ (ଅର୍ଥାତ୍ ୧୮୬୭ ସାଲରେ) ହୋଇଥିବା ବଡ଼ ଝଡ଼, ତୋଫାନର ଏହି ନାମ ।]

ସୈଶ—ବୈଦେ. ବି (ଫା. ସାଇସ୍)—ସଇଶ [ଦେଖ]
Saiśa Saiśa [See]

ସୈଶି—ଦେ. ବି—ସଇଶି [ଦେଖ]
Saiśi Saiśi [See]

ସୈଶିଆ—ବୈଦେ. ବଣ—ସଇଶିଆ [ଦେଖ]
Saiśiā Saiśiā [See]

ସୈସ—ସଂ. ବଣ (ସୀସ+ଅ)—ସୀସାଧାତୁ ସମ୍ବନ୍ଧୀୟ (ହି. ଶ)—
Saisa Relating to lead (metal); leaden.

ସୈ ସଙ୍ଗାତ—ଦେ. ବି—ସହି ସଙ୍ଗାତ [ଦେଖ]
Sai saṅgāta Sahi saṅgāta [See]

ସୈହ—ଗ୍ରା. ବଣ (ସଂ. ସହ୍ୟ; ସହ୍ୟର ଅଶୁଦ୍ଧ ଉଚ୍ଚାରଣ)—ସହ୍ୟ
Saiha [ଦେଖ]—Sahya [See]

ସୋ (ଧାତୁ)—ସଂ—୧ । ବିନାଶ କରିବା; ମାରିବା—1. To kill.
So (root) ୨ । ସମାପ୍ତ କରିବା—2. To finish.

ସୋଆଗ (ଇତ୍ୟାଦି)—ଦେ. ବି—ସୁହାଗ ଇତ୍ୟାଦି [ଦେଖ]
Soāga (etc) Suhāga [See]

ସୋଆଗା—ଦେ. ବି—ସୁହାଗା [ଦେଖ]
Soāgā Suhāgā [See]

ସୋଆଗୀ—ଦେ. ବଣ (ସ୍ତ୍ରୀ ଓ ପୁଂ)—ସୁହାଗୀ (ଦେଖ)
Soāgī Suhāgī (See)
(ସୋହାଗେଇ—ଅନ୍ୟ ସ୍ତ୍ରୀ. ରୂପ) (ସୋଅଗିଆ—ଅନ୍ୟ ପୁଂ. ରୂପ)

ସୋଆଗେଇ ହେବା—ଦେ. କି—ସୁହାଗେଇ ହେବା (ଦେଖ)
Soāgei hebā Suhāgei hebā (See)

ସୋଇ—ଦେ. ବି—୧ । ଏକପ୍ରକାର ରୋହିମାଛ—1. A species of
Soi Rohi fish. [ଦ୍ର—ଏମାନେ ଅଳ୍ପରେ ରୋହିମାଛଠାରୁ ସାନ ଓ ଏମାନଙ୍କ ବର୍ଣ୍ଣ ଫିକା । ଏମାନଙ୍କ ପିତ୍ତ କଫ ଓ ସନ୍ନିପାତ ରୋଗୀକୁ ଖୁଆଇବାକୁ ଦୁଏ ।] ୨ । [ସ୍ତ୍ରୀ] କାହାଣୀ ବର୍ଣ୍ଣିତ ରାଜାଙ୍କର ଦ୍ୱିତୀୟା ରାଣୀ—2. The name of the king's less honored wife in the folktales) (ଦ୍ର—କାହାଣୀରେ ଏ ରାଣୀ ରାଜାଙ୍କ ଅପ୍ରିୟପାତ୍ରୀ ହୋଇ ନାନାବିଧ କଷ୍ଟ ଓ ଅପମାନ ଭୋଗ କରନ୍ତି ।]

ସୋଇଁ—ଗ୍ରା. ବି (ସ ସ୍ୱାମୀ)—ସୁଅଇଁ; କେତେକ ଚଷା, ଦୁଡ଼ୁ ଓ ମସ୍ତାନ
Soiñ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—Family-title of some Śūdras and Mastāna Brāhmaṇas.

ସୋଇ ବଢ଼ନ୍ତି—ପ୍ରାଦେ (ବାଲେଶ୍ୱର) ବି—ସ୍ୱାଇ ବା ପୁଅଇ ବା ¼
Soi bardbanti ସୁଦ ଭାବରେ ଧାନ କରଜ ଦେଇଥିବା ସ୍ୱତ୍ୱାଧିକାରୀ ଅଦାୟ ହେବା ସୁଧ—Interest accruing on paddy lent at the rate of ¼ or 25 per cent per annum interest.
[ଦୃ—ଧାନ ବର୍ଷକୁ ସୋଇ ବଢ଼ନ୍ତିରୁ ବେଶି ନୁହେଁ—
ଫକୀରମୋହନ ମାମୁ]

ସୋଇଲ୍—ଦେ· ବି (ଜାହାଜୀଅ ଶବ୍ଦ) ଦକ୍ଷିଣ ଦିଗ—
Soil The south point of the mariner's compass (nautical term).

ସୋଅବତ (ଇତ୍ୟାଦି)—ବୈଦେ· ବି ସୋହବତ ଇତ୍ୟାଦି (ଦେଖ)
So-abat (etc) Sohabat etc (See)

ସୋଁ—ଦେ (ଧ୍ୱନ୍ୟନୁକରଣ) ଅ—ପବନ ବହିବାର ବା ଜୋରରେ କଣ୍ଠୀର ମାରିବାର ଶବ୍ଦ—The sound of loud hissing.
Soñ
(ସେଁ ସେଁ—ଅନ୍ୟରୂପ)
ସେঁসেঁ सनसन [ଦୃ—ବେଳା ସୁଁ ସୁଁ ଠାରୁ ଉଚ୍ଚରେ ଧ୍ୱନି।]

ସୋଁଇ—ଗ୍ରା· ବି—ସୋଇଁ (ଦେଖ)
Soñi Soiñ (See)

ସୋଁଠା—ଦେ· ବିଣ ଓ ବି—ସୋଠା (ଦେଖ)
Soñṭā Soṭā (See)
ବୈଦେ (ଇଂ·ସୋଡା) ପ୍ରାଦେ (ମେଦିନୀପୁର) ବି—ସୋଡ଼ା—
Soda.

ସୋଁଠା(ଟା)—ଦେ·ବି (ସଂ·ଶୁଣ୍ଡ)—ସୁନା ବା ରୁପାର ଏକପ୍ରକାର ଲମ୍ବ ଓ ମୋଟ ବାଡ଼ି—A sort of long and thick stick made of gold or silver.
Soñṭhā(ṭā)
সোঁটা
सोंटा ୨। ସୋଠା(ଟା) (ଦେଖ)—2. Soṭā(ṭhā) (See)
[ଦୃ—ଦରବାର ଓ ଶୋଭାଯାତ୍ରାରେ ରାଜା ଅଥବା ଅନେକ ଅନେ ଏ ଯଷ୍ଟିବାହକ ବ୍ୟକ୍ତିମାନେ ଗୁଲନ୍ତି। ବେଳା ସୁନାରେ ବା ରୁପାରେ ତିଆରି ହୁଏ।]

ସୋଁଠା(ଟା) ବର୍‌ଦାର୍—ଦେ· ବି—ରାଜା ଅଥବା ସବାରୀ ସଙ୍ଗେ ଗୁଲୁଥିବା ସୋଁଠାଧାରୀ ଭୃତ୍ୟ—
Soñṭhā(ṭā) bar-dār Carriers of long and thick sticks accompanying a Raja in a procession.

ସୋଁବାର (ଇତ୍ୟାଦି)—ଗ୍ରା· ବି—ସୋମବାର ଇତ୍ୟାଦି (ଦେଖ)
Soñbāra (etc) Somabāra etc. (See)

ସୋଃ—ସଂ· ବି· ସ୍ତ୍ରୀ (ସୋ ଧାତୁ+ଡ୍ୱସ୍)—ପାର୍ବତୀ (ଶବ୍ଦ କଳ୍ପଦ୍ରୁମ)-
Soh Goddess Pārbatī.

ସୋ କେଶ୍—ବୈଦେ· ବି (ଇଂ)—ମନୋହର ଓ ଅଳଙ୍କାର ଦୋକାନମାନଙ୍କର ଦୋକାନରେ ରଖିଥିବା କାଚର ବାକ୍ସ (ଯହିଁରେ ବନ୍ଦ ହୋଇ ରହିଥିବା ପଣ୍ୟଦ୍ରବ୍ୟମାନ ଦର୍ଶକଙ୍କୁ ପ୍ରଦର୍ଶିତ ହୁଏ)—A show case.
So kes
সো কেশ
सोकेश

ସୋଖତା—ଦେ· ବି (ଫା· ସୋଖ୍ତହ୍)—ବ୍ଲଟିଂ କାଗଜ—
Sokh-tā Blotting paper.
সোখ্তা, ব্লটিঙ্গ सोखता, स्याहि सोख

ସୋଗତ—ଦେ· ବି [ସଂ· ସୁଗୋତ୍ର (ଗୋପୀନାଥ ନନ୍ଦ), ଅମ୍ବା ସ୍ୱାଗତ]—
So-gata ୧। ସ୍ନେହ—1. Affection. ୨। ଅପଣା ଗୋତ୍ର—2. One's gotra. ବିଣ—ସ୍ନେହୀ—Affectionate.
স্নেহ
स्नेह

ସୋଗଲ ରେଖା—ପ୍ରାଦେ (ଗଞ୍ଜାମ) ବି—କାନର ଅଳଙ୍କାର ବିଶେଷ—
Sogala rekhā A sort of ear-ring.

ସୋଗା—ପ୍ରାଦେ· (ଜୟପୁର) ବି—ଛୋରି—
Sogā Dagger.

ସୋଚଲ(ଲ୍)—ଦେ· ବି (ସଂ· ସୌବର୍ଚ୍ଚଳ)—ସୌବର୍ଚ୍ଚଳ; ଗାରଲୁଣ
Sochala(la) A kind of salt; chloride of sodium mixed with sulphate of soda and potassium.
সচল
काला नमक, साँचल

ସୋଚ୍(ଚେ)ଇବା—ଦେ· କ୍ରି—୧। ସୁଚିବା (ଦେଖ)
Sochā(che)ibā 1. Sūchibā (See)
সোচাম ୨। ଶୋକାକୁଳ କରାଇବା—
सूचना 2. To cause sorrow.
শোকাকুল করা सो(सु)चाना

ସୋଚିବା—ଦେ· କ୍ରି—୧। ସୁଚିବା (ଦେଖ)—1. Sūchibā
Sochibā (See) ୨। ଶୋକ କରିବା—2. To grieve; to be sorrowful. ୩। ପସ୍ତାଇବା—3. To repent.
সোচা, মনে করা
सोचना पस्तान सोक करना, पस्ताना

ସୋଜ୍—ପ୍ରାଦେ· (ସମ୍ବଲପୁର) କ୍ରି· ବିଣ—ବୃଥା—
Soj In vain.

ସୋଜ—ସଂ· ବି· ପୁଂ (ସୋ=ପାର୍ବତୀ+ଜନ୍ ଧାତୁ+କର୍ତ୍ତୃ· ଅ)—
Soja ଗଣେଶ—God Gaṇesa.

ସୋଜା—ଦେ· ବିଣ (ଫା· ସହଜ; ଅମ୍ବା ଶୁଦ୍ଧ; ଅମ୍ବା ଋଜୁ; ବଙ୍ଗଳାରୁ ଅନୁକୃତ)—୧। ସରଳ; ସିଧା; ସଳଖ—
Sojā 1. Straight. ୨। ସହଜ—2. Easy. ୩।
সোজা
सीधा, सोझा ସରଳ; ନିଷ୍କପଟ—3. Frank.

ସୋଜା ସୁ(ସୋ)ଜି—ଦେ· କ୍ରି· ବିଣ (ବଙ୍ଗଳାରୁ ଅନୁକୃତ)—
Sojā su(so)ji ସିଧାଏ ସିଧାଏ—Straightway.
সোজা সুজি सिधासिधि

ସୋଜି—ପ୍ରାଦେ· (ଗଞ୍ଜାମ) ବି—ସୁଜି—
Soji Semola; coarse wheaten flour.

ସୋଝ (ଇତ୍ୟାଦି)—ଦେ· ବି—ସୁଝ ଇତ୍ୟାଦି (ଦେଖ)
Sojha (etc) Sujha etc. (See)

ସୋଠ(ଠ)—ଦେ· ବିଣ (ମୋଠ ଶବ୍ଦ ସହିତ ଏକାର୍ଥକ ସହଚର ରୂପେ ବ୍ୟବହୃତ)—ମୋଠ; ରେଠ; ସ୍ଥୂଳକାୟ—
Soṭa(ṭha) Thick; stout.
মোটা সোটা
मोटा सोटा (ଯଥା—ମୋଟ ସୋଠ, ରେଠ ସୋଠ) ବି—ସୁଠ (ଦେଖ)—Suṭa (See)

ସୋଠା(ଟା)—ଦେ· ବିଣ (ମୋଠା ଓ ରେଠା ସଙ୍ଗେ ଏକାର୍ଥକ ସହଚର ରୂପେ ବ୍ୟବହୃତ)—୧। ମୋଟା—1. Thick.
Soṭā(ṭhā)
মোটা ୨। ସ୍ଥୂଳକାୟ—2. Stout. ବି (ହି· ସଟା ଅମ୍ବା
मोटा सोटा ଫା· ସୋଠା=ଠେଙ୍ଗା)—୧। ଲଉଡ଼ି; ଠେଙ୍ଗା; ସ୍ଥୂଳ

ଦଣ୍ଡ—1. A thick stick. ୨ । ସ୍ଥୂଳଦଣ୍ଡ; ସ୍ୱର୍ଣ୍ଣ-
সোঁটা, সোটা ରୌପ୍ୟକାଷ୍ଠାଦିର ମୁଣ୍ଡଯୁକ୍ତ ଦଣ୍ଡ (ଯାହାକୁ ରାଜା ଓ
सोंटा ମହନ୍ତମାନଙ୍କ ଗମନରେ ସୋଟାବରଦାରମାନେ ବହନ
କରନ୍ତି)—2. Mace; one of the insignia of
সোডা सोडा royalty or majesty.—ବୈଦେ. ବ (ଇଂ.
ସୋଡ଼ା)—ସୋଡ଼ା—Soda.

ସୋଟା(ଠା) ବରଦାର୍—ଦେ. ବି—ରାଜା ଓ ମହନ୍ତଙ୍କ ଗମନରେ
Soṭā(ṭhā) bar-dār ସୋଟା ବା ସ୍ଥୂଳଦଣ୍ଡ ବହନ କର
সোটাবরদার सोटाबरदार ଭୃତ୍ୟ—
Mace-bearer in the retinue of kings, Mahants and other high personages.

ସୋଟା(ଠା) ବାଡ଼ି—ଦେ. ବ (ସହଚର ଶବ୍ଦ)—ମୋଟା ଓ ପତଳା ବାଡ଼ି—
Soṭā(ṭhā) bārḍi Sticks thick and thin.
সোটা লাঠি सोटाडंडा

ସୋଟୀ(ଠୀ)—ଦେ. ବଣ. ସ୍ତ୍ରୀ—(ମୋଟୀ ଶବ୍ଦ ସଙ୍ଗେ ସହଚର-
Soṭī(ṭhī) ରୂପେ ବ୍ୟବହୃତ) ୧। ସୋଟା ଶବ୍ଦର ସ୍ତ୍ରୀଲିଙ୍ଗ—
মোটী मोटीशोटी 1. Feminine of 'Soṭā' & a companion word of 'Moṭī'. ୨। ସ୍ଥୂଳକାୟା—
2. Corpulent or stout (female).

ସୋଡ଼କା—ଦେ. ବ (ସ. ସୁର+କ୍ରିୟା)—(ଧ୍ୱନ୍ୟନୁକରଣ)—
Sordakā ୧। ତାଳୁରବା; ପାନୀୟ ଖାଦ୍ୟ (ଯଥା—ଦହି
হাপরান सुरुकाइ ଭାତ)କୁ ଓଠ ଦ୍ୱାରା
ସଡ଼୍ ସଡ଼୍ ଶବ୍ଦପୂର୍ବକ ଶୋଷିବା—1. (onomatopoeic)
Gulping down of a liquid food through the lips by making smacking
হাপরা सुरुक सुरुक sounds. ୨। ଥରେ
ତାଳୁରବାଦ୍ୱାରା ଯେତେ ପରିମିତ ପାନୀୟ ଖାଦ୍ୟ ପାଟି
ଭିତରକୁ ଯିବ; ଚୋଳା—2. A quantity of liquid food which can enter into the mouth with one gulping. [ଦ୍ର—ମାଗିଥିଲି
ଭାଗ ସୋଡ଼କାଏ—ଭଗ] ବଣ. ପୁଂ— ୧। ଯେ
(ସୋଡ଼କୀ—ସ୍ତ୍ରୀ) ସୋଡ଼କାପ୍ରଣାଳୀରେ ଖାଦ୍ୟ ଖାଏ—
सुरकनेवाला 1- Eating liquid food by making smacking sound. [ଦ୍ର—ଏହା ଅନ୍ୟ
ଶବ୍ଦ ସହିତ ବ୍ୟବହୃତ ହୁଏ। ଯଥା—ଦହି ସୋଡ଼କା।]
উড়উড়ে सरसरकरनेवाला ୨। ଯେ ପାଟି ବା ନାକ
ଦ୍ୱାରା ସଡ଼ ସଡ ଶବ୍ଦ କରେ—2. Making a smacking or gurgling sound through the throat or the nostrils. [ଦ୍ର—ଚୋଟିରେ
ବା ନାକରେ ବହୁପରିମିତ ଶ୍ଳେଷ୍ମା ପୂର୍ଣ୍ଣ ଥିଲେ
ନିଶ୍ୱାସ ମାରିବାବେଳେ ଏହି ଶବ୍ଦ ହୁଏ। ଯଥା—ନାକ
ସୋଡ଼କା।]

ସୋଡ଼କା(କେ)ଇବା—ଦେ. କ୍ରି—୧। ତାଳୁରବା; ପାନୀୟଦ୍ରବ୍ୟକୁ
Sordakā(ke)ibā ସଡ଼ ସଡ଼ଶବ୍ଦପୂର୍ବକ ପାଟି ମଧ୍ୟକୁ
হাপরান सुरुकना, सुरकना ଶୋଷିବା—
1. To take liquid food into the mouth
উড় উড় করা सरसर करना with a smacking gulp.
୨। ନାକ ବା ଚଣ୍ଟିଦ୍ୱାରା ସଡ଼ ସଡ଼ ଶବ୍ଦ କରିବା—
2. To emit a smacking or gurgling sound through the nostrils or the throat.

ସୋଡ଼କାଏ—ଦେ. ବ. ଓ ବଣ. ଓ କ୍ରି. ବଣ—ଥରେ ସୋଡ଼କିବାପାଇଁ
Sordakāe ଉପଯୁକ୍ତପରିମାଣର (ପାନୀୟ ଖାଦ୍ୟ);
এক হাপরা एक सुरुक ଚୋଳାଏ—
(A quantity of liquid food) Just sufficient to be taken into the mouth with one smacking gurgle. (ଦ୍ର—ମାଗିଥିଲି
ଭାଗ ସୋଡ଼କାଏ—ଭଗ।)

ସୋଡ଼କିବା—ଦେ. କ୍ରି—ସୋଡ଼କାଇବା ୧ (ଦେଖ)—
Sordakibā Sordakāibā 1 (See) (ଦ୍ର—
[ସୋଡ଼କବେ(କେ)ବା – ଅନ୍ୟରୂପ] ଘୋଷରଙ୍କ ସୋଡ଼କିଦେଲେ
ମନସୁଖ—କୃଷ୍ଣସିଂ. ମହାଭାରତ ଅଦି।)

ସୋଡ଼କୀ—ଦେ. ବଣ. ସ୍ତ୍ରୀ-୧। ଯେ କୌଣସି ପାନୀୟ ବସ୍ତୁକୁ ସୋଡ଼କାଇ
Sordakī ଭଳ ଖାଏ—1. (a woman) Habituated to
सुरुकनेवाला eating things with a smacking sound.
[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସହିତ ଲାଗେ। ଯଥା—
ঘড়ঘড়ে शरशर करनेवाला ଦହିସୋଡ଼କୀ।]
୨। ଯେ ସଡ ସଡ଼ ଶବ୍ଦ କରେ—2. Emitting a smacking or gurgling sound. (ଦ୍ର—
ସିଦ୍ଧାଣୀଟାର ଦହିସୋଡ଼କୀ ଅଣ୍ଟା ସରୁ ଖାଏ—
ଭଗ।)

ସୋଡ଼ା(ଡା)—ବୈଦେ. ବ (ଇଂ)—୧। ସର୍ଜିକା କ୍ଷାର—1. Soda;
Sordā(ḍā) bicarbonate of Soda- ୨।
সোড়া सोड़ा ସୋଡ଼ା ୱାଟର୍ (ଦେଖ)—
2. Sordā uāṭar (See).

ସୋଡ଼ା(ଡା) ୱାଟର୍ (ୱାଟର୍)—ବୈଦେ. ବ (ଇଂ)—ସୋଡ଼ା ଓ
Sordā(ḍā) uāṭar(wāṭar) କାର୍ବନିକ୍ ଗ୍ୟାସ୍ ମିଶ୍ରିତ ଜଳ—
সোড়া ওয়াটর सोडा वाटर Soda water. [ଦ୍ର—ଏହା
ପାନକଲେ ଉଦରରୁ ବାୟୁ ବାହାରି ଯୋଉ ବାହାରିଯାଏ
ଓ ଖାଦ୍ୟ ଜୀର୍ଣ୍ଣ ହୁଏ।]

ସୋଡ଼ା(ଡା)ଏସିଡ୍—ବୈଦେ. ବ (ଇଂ)—ସୋଡ଼ା ଓ କାର୍ବନିକ୍ ଏସିଡ୍
Sordā(ḍā) esid ମିଶ୍ରଣରେ ପ୍ରସ୍ତୁତ ଓ ଗ୍ୟାସ୍‌ପୂର୍ଣ୍ଣକର
সোড়া এসিড় सोडाएसिड, ଏକପ୍ରକାର ଚୂର୍ଣ୍ଣ—
Soda acid; carbonic acid and soda.
[ଦ୍ର—ଏହା ପାଣିରେ ପକାଇଲେ ପାଣି ଅଣ୍ଡାଳିଆ ମଧ୍ୟ
ବଡ଼ ବଡ଼ ହୋଇ ଉଠୁଥାଏ।]

ସୋଡ଼ା(ଡା) କାଚ—ଦେ (ଗଞ୍ଜାମ) ବ—ସୋଡ଼ା ୱାଟର୍ ବୋତଲ—
Sorḍā(ḍā) kācha Sodawater bottle.

ସୋଡ଼ା(ଡ଼ି,ଡି,ଡା) ବାଇକାର୍ବ—ବୈଦେ.ବ (ଇଂ)—ଡାକ୍ତରୀ ଔଷଧବିଶେଷ
Sorḍā(rḍi,ḍi,ḍā) bāikārb —Sodium
সোড়বাইকার্ব सोडाबाइकार्ब bicarbonate; sodi bicarb;
(ସୋଡ଼ାବାଇକାର୍ବନେଟ୍—ଅନ୍ୟରୂପ) bicarbonate of soda.
[ଦ୍ର—ଏଥିରେ ସୋଡ଼ା ଓ କାର୍ବନ ଏସିଡ୍ ମିଶ୍ରିତ ଥିବାରୁ ଏହାକୁ ଅଜୀର୍ଣ୍ଣରୋଗରେ ଔଷଧରୂପେ ଡାକ୍ତରମାନେ ବ୍ୟବସ୍ଥା କରନ୍ତି ।)

ସୋଡ଼ା(ଡା) ନେ(ଲେ)ମ(ମୋ)ନେଟ୍(ଡ୍)—ବୈଦେ. ବ ଇଂ. (ସବୁତର
Sorḍā(ḍā) ne(le)ma(mo)net(ḍ) ଶବ୍ଦ)—ସୋଡ଼ାମିଶ୍ରିତ ଜଳ
সোড়ালেমনেভ सोडानेमनेट ଓ ଲେମ୍ବୁ ଅର୍କମିଶ୍ରିତ ସୋଡ଼ା
ପାଣି—Soda water and lemonade.
(ଦ୍ର—ସୋଡ଼ା ୱାଟର୍ ଖାଇବାକୁ ଟିକିଏ କଟୁ ଲାଗେ, କିନ୍ତୁ ଲେମନେଡ଼୍ ଖାଇବାକୁ ମିଠା ଲାଗେ ।)

ସୋଡିଅ(ୟ)ମ୍—ବୈଦେ.ବ (ଇଂ)—ପଦାର୍ଥବିଜ୍ଞାନ ଅନୁସାରେ ମୌଳିକ
Soḍia(ya)m ଦ୍ରବ୍ୟବିଶେଷ—Sodium.
সোড়িয়ম सोडियम

ସୋଡି ବାଇକାର୍ବ—ବୈଦେ. ବ (ଇଂ. ସୋଡିଅମ୍ ଓ ବାଇକାର୍ବନେଟ୍
Soḍi bāikārb ଶବ୍ଦର ସାଙ୍କେତିକ)—ସୋଡ଼ା ବାଇକାର୍ବ—
সোড়ি বাইকার্ব Sodi bicarb; bicarbonate of soda;
सोडि बाइकार्ब (abbreviation of sodium bicarbonate).

ସୋଡ଼ୁଅ—ଦେ. ବ—ସେଡ଼ୁଅ (ଦେଖ)
Sorḍua द्दाथा Serḍua (See)

ସୋଢ଼—ସଂ. ବଂ. ପୁଂ (ସହ୍ ଧାତୁ+କର୍ମ. ତ)—୧ । ଯାହା ସହ୍ୟ କରି ଯାଇଅଛି—1. Borne. ୨ । କ୍ଷାନ୍ତ (ଅମର); କ୍ଷମାଶୀଳ
Sorḍha
(ସୋଢ଼ା—ସ୍ତ୍ରୀ) —2. Forgiving. ୩ । ଦୁଃଖାଦି ସହନଶୀଳ (ଶବ୍ଦକଳ୍ପ)—3. Able to bear pain; forbearing.

ସୋଢ଼ବ୍ୟ—ସଂ. ବ (ସହ୍ ଧାତୁ+କର୍ମ. ତବ୍ୟ)—ସହ୍ୟ; ସହନୀୟ—
Sorḍhabya Bearable.

ସୋଢ଼ା—ସଂ. ବଣ. ପୁଂ (ସହ୍ ଧାତୁ+କର୍ତ୍ତୃ. ତୃ=ସୋଢ଼ୃ, ୧ମା. ୧ବ)
Sorḍhā —୧ । କ୍ଷମାଯୁକ୍ତ; କ୍ଷମାଶୀଳ (ମେଦିନୀ)—1. For-
(ସୋଢ଼ୃ—ସ୍ତ୍ରୀ) giving. ୨ । ସହନଶୀଳ—2. Able to bear pain; forbearing. ୩ । ଶକ୍ତ; ସମର୍ଥ (ମେଦିନୀ)—3. Capable; able. ୪ । (ସ୍ତ୍ରୀ) ସୋଢ଼ର ସ୍ତ୍ରୀଲିଙ୍ଗ—4. Feminine of Sorḍha.
ବୈଦେ. ଗ୍ରା. ବ—ସୋଡ଼ା (ଦେଖ)—Sorḍā (See)

ସୋଢ଼ା ଖାର—ଦେ. ବ (ବୈଦ୍ୟକ)—ସାଚିକ୍ଷାର (ଦେଖ)
Sorḍhā khāra Sāchikshāra (See)

ସୋଢ଼ୁଅ—ପ୍ରାଦେ (ଯାଜପୁର) ବ—ସେଢ଼ୁଅ (ଦେଖ)
Sorḍhua Serḍua (See)

ସୋଣ(ନ)—ଦେ. ବ (ସଂ. ଶୋଣ)—ଶୋଣନଦୀ; ଗଙ୍ଗାର ଉପନଦୀ-
Soṇa (na) ବିଶେଷ—The river Sone; a tributary
শোণ शोण of the Ganges.

ସୋଣି—ଗ୍ରା. ବ (ସଂ. ଶୋଣିତ)—ଶୋଣିତ; ରକ୍ତ—
Soṇi শোণি शोणि Blood.
(ସୋଣିତ—ଅନ୍ୟ ଅଶୁଦ୍ଧ ରୂପ)

ସୋତ୍କ—ସଂ. ବଣ ପୁଂ (ସ+ଉତ୍କ)—ଉତ୍କଣ୍ଠା ପୂର୍ଣ୍ଣ (ହ ଶ)—
Sot-ka Full of anxiety.
(ସୋତ୍କା—ସ୍ତ୍ରୀ)

ସୋତ୍କଣ୍ଠ—ସଂ. ବଣ. ପୁଂ(ସହାର୍ଥ ବହୁବ୍ରୀହି; ସ=ସହିତ+ଉତ୍କଣ୍ଠା)—
Sot-kaṇṭha ଉଦ୍‌ବିଗ୍ନ; ଉତ୍କଣ୍ଠାଯୁକ୍ତ; ଉତ୍ସୁକ—Anxious;
(ସୋତ୍କଣ୍ଠା—ସ୍ତ୍ରୀ) concerned.

ସୋତ୍କର୍ଷ—ସଂ. ବଣ (ସହାର୍ଥ ବହୁବ୍ରୀହି)—ଉତ୍କର୍ଷଯୁକ୍ତ; ଉତ୍କୃଷ୍ଟ—
Sot-karsha Excellent; having excellence.

ସୋତ୍ପ୍ରାସ—ସଂ. ବ (ସହାର୍ଥ ବହୁବ୍ରୀହି, ସ+ଉତ୍ପ୍ରାସ=ପରିହାସ;
Sot-prāsa ବୃତ୍ତି)—୧ । ସଶବ୍ଦ ହାସ୍ୟ (ଶବ୍ଦରତ୍ନାବଳୀ)—
1. Loud laugh. [ଦ୍ର—ହାସ୍ୟ ଅନେକ ପ୍ରକାର, ଯଥା—ସୋତ୍ପ୍ରାସ, ଅଟ୍ଟହାସ, ଅବହସିତ, ଅଟ୍ଟହାସ୍ୟ, ମହାହାସ, ହାସ, ପ୍ରହାସ—ଶବ୍ଦରତ୍ନାବଳୀ ।] ୨ । ପ୍ରିୟ ବାକ୍ୟ; ଚାଟୁ—2. Flattery. ୩ । ଉପହାସଯୁକ୍ତ ବାକ୍ୟ—3. Words accompanied with smile. ୪ । ଶ୍ଳେଷ ବାକ୍ୟ—4. Jocular words.
ବଣ—୧ । ବୁଦ୍ଧିଯୁକ୍ତ—1. Intelligent. ୨ । ପରିହାସଯୁକ୍ତ—2. Jestful; jocular. ୩ । ଅତିରଞ୍ଜିତ (ହ. ଶ)—3. Exaggerated ୪ । ବ୍ୟଙ୍ଗ୍ୟଯୁକ୍ତ (ହ. ଶ)—4. Ironical.

ସୋତ୍ସଙ୍ଗ—ସଂ. ବଣ. ପୁଂ (ସ+ଉତ୍ସଙ୍ଗ)—ଶୋକାକୁଳ (ହ.ଶ)—
Sot-saṅga Sorrowing; grieved.
(ସୋତ୍ସଙ୍ଗା—ସ୍ତ୍ରୀ)

ସୋତ୍ସବ—ସଂ-ବଣ. ପୁଂ (ସ+ଉତ୍ସବ)—୧ । ଉତ୍ସବଯୁକ୍ତ—1. Fes-
Sot-saba tive. ୨ । ପ୍ରଫୁଲ୍ଲ (ହ. ଶ)—2. Delighted.
[ସୋତ୍ସବା—ସ୍ତ୍ରୀ]

ସୋତ୍ସୁକ—ସଂ. ବଣ (ସ.+ଉତ୍ସୁକ)—୧ । ଉତ୍କଣ୍ଠିତ (ହ. ଶ)—
Sot-suka 1. Anxious (Apte). ୨ । ଅନୁତପ୍ତ—
2. Regretful (Apte). ୩ । ଝୁରୁଥିବା—
3. Repining (Apte). ୪ । ଶୋକାକୁଳ—
4. Sorrowful (Apte).
(ସୋତ୍ସୁକା—ସ୍ତ୍ରୀ) (ସୋତ୍ସୁକ—ଅନ୍ୟରୂପ)

ସୋତ୍ସେକ—ସଂ. ବଣ. ପୁଂ (ସ+ଉତ୍ସେକ)—ଗର୍ବୀ (ହ. ଶ)—
Sot-seka (ସୋତ୍ସେକା—ସ୍ତ୍ରୀ) Proud.

ସୋତ୍ସେଧ—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଉତ୍ସେଧ)—
Sot-sedha ଉନ୍ନତ—Raised; elevated; high; lofty.

ସୋତ—ପ୍ରାଦେ. (ସିଂହଭୂମି) ବ (ସଂ. ସ୍ରୋତ)—ବର୍ଷା ପାଣି ବୋହି
Sota ଯିବା ପାଇଁ କଟା ଯାଇଥିବା ନାଳ—
Drains for rain-water.

ସୋଥ (ଇତ୍ୟାଦି) – ଗ୍ରା. ବ—ଶୋଥ ଇତ୍ୟାଦି (ଦେଖ)
Sotha (etc) Śotha etc (See)

ସୋଦୟ—ସଂ. ବି (ସ+ଉଦୟ)—୧ । ବୃଦ୍ଧିଯୁକ୍ତ—1. Accompanied with increase or rising. ୨ । ସୁଧ
Sodaya
ସମେତ—2. Accompanied or together with interest.

ସୋଦର—ସଂ. ବି. ପୁ. (ବହୁବ୍ରୀହି; ସ+ଉଦର=ଉଦରସ୍ଥାନ)—୧ ।
Sodara ସହୋଦର; ଭାଇ—1. Brother. ୨ । ଏକ
ସୋଦର୍ଯ୍ୟ } ସ୍ତ୍ରୀ
ସୋଦରୀ
ଗର୍ଭଜାତ ସନ୍ତାନ; ଏକୋଦର ଭାଇ—2. Uterine brother. ୨। (ଲକ୍ଷଣାର୍ଥ) (ଭାଇ ପରି)
ଉପକାରୀ ବା ସହାୟକ ବ୍ୟକ୍ତି; ହିତୈଷୀ; ଅଶ୍ରପୂଜାରା—
2. A beneficial and helpful person (like one's brother). [ଉ—ତୁ ନାଥ କରୁଣାସାଗର । ଦୁଃଖୀ ଦରିଦ୍ରଙ୍କ ସୋଦର—ଜଗନ୍ନାଥ. ଭାଗବତ ।]
ସଂ; ବିଣ, ପୁଂ—୧ । ଏକଗର୍ଭେ ଉତ୍ପନ୍ନ—Uterine; born of the same mother. ଦେ. ବିଣ—
ସ୍ନେହୀ ୧ । ବତ୍ସଳ—1. Loving; affectionate. [ଯଥା—
स्नेही ତୁ ଅଟୁ ଶରଣ-ସୋଦର] ୨ । ଅନ୍ତରଙ୍ଗ; ବନ୍ଧୁ—
2. Friend. [–ଏଣୁ ଏ ବୋଧ ତୁ ସଂହର । ତୁ ନାଥ ଜଗତ ସୋଦର—ଜଗନ୍ନାଥ. ଭାଗବତ ।] ୩ ।
ସମାନ; ତୁଲ୍ୟ—3. Like. [ଉ—କଠିନ ବର୍ତ୍ତୁଳ ହେଲା ଶ୍ରୀଫଳ ସୋଦର—ଗୋପୀକୃଷ୍ଣ, ରସକଲ୍ଲୋଳ ।]

ସୋଦରିମା—ସଂ. ବ (ସୋଦର+ଭାବ. ଇମନ୍; ୧ମା. ୧ବ)—
Sodarimā ସୋଦରର ଭାବ; ଭାଇପଣିଆ—Brotherliness,

ସୋଦର୍ଯ୍ୟ—ସଂ. ବି. ପୁଂ (ସୋଦର+ସ୍ୱାର୍ଥେ. ଯ)—ସୋଦର (ଦେଖ)
Sodarjya Sodara (See)
(ସୋଦର୍ଯ୍ୟା—ସ୍ତ୍ରୀ)

ସୋଦ୍ବେଗ—ସଂ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଉଦ୍ବେଗ)—
Sodbega ଉଦ୍ବିଗ୍ନ—Anxious; eager.
(ସୋଦ୍ବେଗା—ସ୍ତ୍ରୀ)

ସୋଦ୍ରମା—ଗ୍ରା. ବ (ସଂ. ସୋଦରିମା)—ସୋଦରିମା; ଭ୍ରାତୃଭାବ—
Sodrimā Brotherliness.
সোদরিমা भाइचारा

ସୋଧନ—ଦେ. ବ—ଶୋଧନ (ଦେଖ)
Sodhana Śodhana (See)

ସୋଧ (ଇତ୍ୟାଦି)—ଦେ. ବିଣ ଓ ବିଣର ବିଣ—ଶୋଧ ଇତ୍ୟାଦି
Sodh (etc) (ଦେଖ)—Śodh etc (See)

ସୋଧା (ଇତ୍ୟାଦି)—ଦେ. ବ—ଶୋଧା ଇତ୍ୟାଦି (ଦେଖ)
Sodhā (etc) Śodhā etc. (See)

ସୋଧି (ଇତ୍ୟାଦି)—ଦେ. ବ—ଶୋଧି ଇତ୍ୟାଦି (ଦେଖ)
Sodhi (etc) Śodhi etc. (See)

ସୋଧିବା(ଇତ୍ୟାଦି)—ଦେ. କ୍ରି—ଶୋଧିବା ଇତ୍ୟାଦି (ଦେଖ)
Sodhibā (etc) Śodhibā etc. (See)

ସୋଧୁଅ—ଦେ. ବ—୧ । ଚାଉଳ ଓ ଗୁଡ଼ରେ ତିଆରି ପ୍ରସ୍ତୁତ ଏକପ୍ରକାର
Sodhua ପିଠା—1. A kind of cake. ୨ । ଚାଉଳ
ପିଠୁଳି ବାଟି ଜଳ ମିଶାଇ ପାଣିପାଣିଆ କରି କାନ୍ଥ ଉପରେ
पिठार ଚିତା ଦେବା ପାଇଁ ବ୍ୟବହୃତ ତରଳ ଦ୍ରବ୍ୟ ବିଶେଷ—
2. A liquid made by pesting rice and used in painting on walls. ୩ । ପିଠା ଅଦ କରିବାପାଇଁ ଚାଉଳବଟା ପିଠୁଳି—3. Rice-paste for preparing pastry cakes.

ସୋନ—ଦେ. ବ—୧ । ସୋଣ ୧ (ଦେଖ)—1. Soṇa 1 (See)
Son ୨ । ଅଳଙ୍କାରରେ ବସାଯିବା ସୁନାର ବା ରୁପାର ଗୋଟି
ଗୁଣ—2. Minute globules of silver or gold set on ornaments.
ପ୍ରାଦେ. (ଉତ୍ତରଦେଶ) ବ—ସ୍ୱର୍ଣ୍ଣ—Gold. (ଭୁଲ. ଏହି ଅର୍ଥରେ ହିନ୍ଦୀ ସୋନ)

ସୋନପୁର—ଦେ. ବ (ସଂ. ସ୍ୱର୍ଣ୍ଣ ଓ ପୁର)—୧ । ଉତ୍କଳର ପଶ୍ଚିମାଞ୍ଚଳସ୍ଥ
Sonapura ଗୋଟିଏ ଦେଶୀୟ ରାଜ୍ୟ ଓ ତାହାର ରାଜଧାନୀ
—1. Name of a Ruling State and its chief town to the west of Orissa.
[ଉ—ସୋନପୁରର ରାଜାମାନେ ଚନ୍ଦ୍ରବଂଶ କ୍ଷତ୍ରିୟ; ମାତ୍ର ଏମାନେ ଶକ୍ତିପୂଜା କରନ୍ତି । ସୁବର୍ଣ୍ଣମେରୁ ମହାଦେବଙ୍କ ନାମାନୁସାରେ ଏ ସ୍ଥାନର ନାମ 'ସୁବର୍ଣ୍ଣମେରୁ' ବା 'ସୋନପୁର' ହୋଇଅଛି ଏ ରାଜାମାନଙ୍କ ରାଜଚିହ୍ନ ଛତ୍ର । (ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।)

ଏ ରାଜ୍ୟର ଉତ୍ତରରେ ସମ୍ବଲପୁର ଜିଲ୍ଲା, ପୂର୍ବରେ ରେଢ଼ାଖୋଲ ଓ ଅଠମଲ୍ଲିକ, ଦକ୍ଷିଣରେ ବୌଦ୍ଧ ଓ ପଶ୍ଚିମରେ ପାଟନା ରାଜ୍ୟ । ଏହାର ରାଜଧାନୀ ସୋନପୁର ମହାନଦୀ ଓ ଦକ୍ଷିଣ ଦିଗରୁ ଆସି ପଡ଼ିଥିବା ଶାଖା ତେଲ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ମହାନଦୀ କୂଳରେ ସୋନପୁରଠାରୁ ୨୦ ମାଇଲ ଉତ୍ତରରେ ସମ୍ବଲପୁର ନଗର ଅବସ୍ଥିତ ସୋନପୁର ରାଜ୍ୟ ପୂର୍ବେ ମଧ୍ୟପ୍ରଦେଶର 'ଛତିଶ ଗଡ଼ଜାତ'ର ଅନ୍ତର୍ଭୁକ୍ତ ଥାଇ ଓଡ଼ିଶାର 'ଅଠର ଗଡ଼ଜାତ'ର ବହିର୍ଭୂତ ଥିଲା; କିନ୍ତୁ ସମ୍ବଲପୁର ଅଞ୍ଚଳ ଓଡ଼ିଶାର ରାଜନୀତିକ ସୀମାଭୁକ୍ତ ହେବା ସମୟରୁ ଏହି ରାଜ୍ୟ ଓଡ଼ିଶା ଗଡ଼ଜାତର ଅନ୍ତର୍ଭୁକ୍ତ ହେଲା ଓ ବର୍ତ୍ତମାନ ନବ ଓଡ଼ିଶା ପ୍ରଦେଶର ବହିର୍ଭୂତ । ଏହା ବର୍ତ୍ତମାନ ଇଷ୍ଟର୍ଣ୍ଣ ଷ୍ଟେଟ୍ସ ଏଜେନ୍ସି ଅଧୀନର 'ଓଡ଼ିଶା ଷ୍ଟେଟ୍ସ'ର ଅନ୍ତର୍ଗତ ରାଜ୍ୟ ହୋଇଅଛି । ଏହି ରାଜ୍ୟର ବର୍ତ୍ତମାନ ମହାରାଜା ସୁଧାଂଶୁ ଶେଖର ସିଂହ ଦେବଙ୍କ ପିତା ସ୍ୱର୍ଗତ ଶ୍ରୀ ଶ୍ରୀ ରାଜ-ବିନୋଦୟ ଧର୍ମସିଂହ ଦେବ କେ. ସି, ଆଇ. ଇ. ଧର୍ମନିଷ୍ଠ

ଜ୍ଞାନଗୁଣାକର ସ୍ୱୀୟ ବଦାନ୍ୟତା, ଧର୍ମଶୀଳତା, ବିଦ୍ୟାନୁରାଗ, ସାହିତ୍ୟସେବା, ରାଜଭକ୍ତି ଓ ପାଣ୍ଡିତ୍ୟାଦି ଗୁଣରେ ଉତ୍କଳରେ ଓ ଭାରତରେ ସର୍ବତ୍ର ସୁପରିଚିତ ଓ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ବିଶେଷ ରୂପେ ସମ୍ମାନିତ ହୋଇଥିଲେ । ଏହାଙ୍କ ଅମଳରେ 'ମହାରାଜା' ଉପାଧି ଏହାଙ୍କର ବଂଶଗତ ଉପାଧି ରୂପେ ସରକାର ମଞ୍ଜୁର କରି ଅଛନ୍ତି । ଓଡ଼ିଆ ଭାଷାର ଓ ସାହିତ୍ୟର ଉନ୍ନତି କାମନାରେ ଏ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍. ଏ. ପର୍ଯ୍ୟନ୍ତ ଶିକ୍ଷା ଦଆଯିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରି ଯାଇ ଅଛନ୍ତି ଓ ଏହାଙ୍କର ସହଧର୍ମିଣୀ ମହାରାଣୀ ଶ୍ରୀମତୀ ପାର୍ବତୀ ଦେବୀ କଟକ ରେଭେନ୍ସା କଲେଜରେ ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ବହୁ ସହସ୍ର-ମୁଦ୍ରା ଦାନ କରି ଅଛନ୍ତି । ସ୍ୱର୍ଗତ ମହାରାଜ ନିଜେ ଅନେକ-ଗୁଡ଼ିଏ ପୁସ୍ତକ ରଚନା ଓ ଅନୁବାଦ କରଥିଲେ ଓ ଏହାଙ୍କ ଅନୁକୂଲ୍ୟରେ ପ୍ରାଚୀନ ଓ ଅଧୁନିକ ଉତ୍କଳ ସାହିତ୍ୟରୁ ନିର୍ବାଚିତ ଗଦ୍ୟ ଓ ପଦ୍ୟ ଅଂଶମାନ ସଙ୍କଳନ କରି Selections from Oriya Literature ୩ ଖଣ୍ଡ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ସଙ୍କଳନ କଲେ; ଏତଦ୍ୱାରା ଉତ୍କଳ ସାହିତ୍ୟରେ ଗୋଟିଏ ସ୍ଥାୟୀ କୀର୍ତ୍ତି-ସ୍ତମ୍ଭ ସ୍ଥାପିତ ହୋଇଅଛି । ସ୍ୱର୍ଗତ ମହାରାଜଙ୍କର ଉତ୍କଳ ଭାଷା ଛଡ଼ା, ହିନ୍ଦି, ସଂସ୍କୃତ, ବଙ୍ଗଳା ଆଦି ବହୁ ଭାଷାରେ ପାଣ୍ଡିତ୍ୟ ଥିଲା । ବିହାରୋତ୍କଳରେ ପ୍ରତ୍ନତତ୍ତ୍ୱ ଗବେଷଣା କାର୍ଯ୍ୟରେ ମହାରାଜା ବିଶେଷ ଯତ୍ନବାନ୍ ଥିଲେ । ଦେଶ-ସେବା ସଙ୍ଗେ ନିଜ ରାଜ୍ୟର ବୈଷୟିକ, ବ୍ୟାବସାୟିକ ଓ ଶାସନଗତ ଉନ୍ନତିରେ ସ୍ୱର୍ଗତ ମହାରାଜ ସର୍ବଦା ବ୍ରତୀ ଥିଲେ ।] ୨। ପାଟନା ରାଜଧାନୀର ନିକଟସ୍ଥ ପ୍ରସିଦ୍ଧ ମେଳାର ସ୍ଥାନ (ସୋନପୁର ମେଳା ଦେଖ)—2. Name of a place near Patna in Bihar.

ସୋନପୁର ମେଳା—ଦେ. ବି—ବିହାର ପ୍ରଦେଶର ରାଜଧାନୀ ପାଟନା Sonapura melā ନିକଟସ୍ଥ ସୋନପୁରଠାରେ ହେବା ପ୍ରସିଦ୍ଧ ମେଳା—The celebrated annual fair held at Sonepur near Patna.

[ଦ୍ର—ବିହାରର ରାଜଧାନୀ ପାଟଣା ନିକଟବର୍ତ୍ତୀ ଗଣ୍ଡକୀ ନଦୀ ଗଙ୍ଗାରେ ପଡ଼ିବାସ୍ଥାନର ନିକଟସ୍ଥ (ପାଟନା ସହରର ବିପରୀତ ଦିଗରେ ୩୨ ମାଇଲ୍) ସୋନପୁର ନାମକ ସ୍ଥାନରେ ଏହି ମେଳା ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ବସେ । ଏହାକୁ ହରିହର ଛତ୍ର ମେଳା ବୋଲାଯାଏ । ଏହା ପୂର୍ଣ୍ଣିମାର ପ୍ରାୟ ୧୫ ଦିନ ପୂର୍ବରୁ ବସେ ଓ ପୂର୍ଣ୍ଣିମାର ୧୫ ଦିନ ପରେ ଭାଙ୍ଗେ । ସୁତରାଂ ଏହି ମେଳା ମାସେ କାଳ ରହେ । ଏପରି ବଡ଼ ମେଳା ଭାରତରେ ଅଦ୍ୱିତୀୟ । ଗଙ୍ଗା ଓ ଗଣ୍ଡକୀ ସଙ୍ଗମରେ ସ୍ନାନଯୋଗ ଏ ସମୟରେ ପଡ଼େ । ଏଠାରେ ସ୍ନାନ କରିବା ଲାଗି ବହୁ ସହସ୍ର ସାଧୁ ସନ୍ନ୍ୟାସୀ ଏଠାକୁ ଆସନ୍ତି । ଏହାକୁ ଇଂରେଜିରେ Sonepur Fair କହନ୍ତି । ଶତ ଶତ ହସ୍ତୀ, ଅଶ୍ୱ, ସହସ୍ର ସହସ୍ର ଗାଈ, ବଳଦ ବିକ୍ରୟ ନିମିତ୍ତ ଏଠାକୁ ଆସନ୍ତି । ଏମାନଙ୍କ ରହିବା ଲାଗି ଭିନ୍ନ ଭିନ୍ନ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥାଏ । ଏତେ ବହୁତ ହାତୀ, ଘୋଡ଼ା, ଗାଈ ଏକ ସ୍ଥାନରେ ଦେଖିବା ଭାରତରେ ଅନ୍ୟତ୍ର ସମ୍ଭବ ନୁହେ । ଲେଖକ ଏହି ମେଳା ଦେଖିଅଛି । କ୍ଷୁଦ୍ର ହାତୀଛୁଆ ଠାରୁ ଆରମ୍ଭ କରି ଅତ୍ୟନ୍ତ ବୃହତ୍ ହାତୀ ପର୍ଯ୍ୟନ୍ତ ଏଠାକୁ ବିକ୍ରୀ ହେବା ପାଇଁ ଆସନ୍ତି । ଯେ ବୁଢ଼ା ହାତୀ କଣନ୍ତି ସେ କେବଳ ଏହାର ବହୁମୂଲ୍ୟ ହାଡ଼ ଓ ଦାନ୍ତ ପାଆନ୍ତି । ଏ ମେଳାକୁ ଭାରତର ଭିନ୍ନ ଭିନ୍ନ ସ୍ଥାନରୁ ଅନେକ ଲୋକ ଉତ୍କୃଷ୍ଟ ବଳଦ ଓ ଉତ୍କୃଷ୍ଟ ଗାଈ ଓ ଉତ୍କୃଷ୍ଟ ଘୋଡ଼ା କିଣିନେବା ଲାଗି ଆସନ୍ତି । ଭାରତର ପ୍ରତ୍ୟେକ ଅଂଶରୁ ଏବଂ ଭାରତର ବାହାରୁ ମଧ୍ୟ ଲୋକେ ଏହି ମେଳାକୁ ଆସନ୍ତି । ଅନେକ ସାହେବ, ମେମ୍ ଏ ମେଳାକୁ ଦେଖିବାଲାଗି ଯାଆନ୍ତି । ନାନା ଜାତୀୟ ପଶୁ, ପକ୍ଷୀ ବ୍ୟତୀତ ସବୁପ୍ରକାର କଳପ୍ରସ୍ତୁତ ଓ ହସ୍ତ ନିର୍ମିତ ଶିଳ୍ପ ବସ୍ତୁମାନ ଏଠାକୁ ବିକ୍ରୀ ନିମିତ୍ତ ଆସିଥାଏ । ବହୁତ ହୋଟେଲ୍, ମିଷ୍ଟାନ୍ନଦୋକାନ, ସିନେମା, ଥିଏଟର୍ ଅମୋଦ ଲାଗି ସର୍ବଦା ଉନ୍ମୁକ୍ତ ଥାଏ । ଯେଉଁମାନେ ପାଟନାରୁ ଯାଆନ୍ତି ସେମାନେ ଷ୍ଟୀମର୍‌ରେ ଗଙ୍ଗା ପାର ହେବା ପରେ ରେଳରେ ବସନ୍ତି । କେବଳ ଏହି ମେଳା ଲାଗି ଗୋଟିଏ ସାମୟିକ ରେଲଲାଇନ୍ ଗଙ୍ଗା ବାଲିରେ ନିର୍ମିତ ହୁଏ ଓ ଏହା ଷ୍ଟୀମର ଘାଟଠାରୁ ଯାତ୍ରୀମାନଙ୍କୁ ଏହି ମେଳା ପର୍ଯ୍ୟନ୍ତ ନେଇଯାଏ । ବହୁତ ସଶସ୍ତ୍ର ପୁଲିସ ଓ ସେବାସଂଘର ସ୍ୱେଚ୍ଛାସେବକ ଶାନ୍ତିରକ୍ଷା ଓ ଯାତ୍ରୀମାନଙ୍କୁ ନାନାରୂପେ ସାହାଯ୍ୟ କରନ୍ତି ।

ସନ୍ଦର୍ଭ ଲେଖକ—

ଶ୍ରୀ ଜଗନ୍ନାଥ ତ୍ରିପାଠୀ, ବି. ଏ., ବି. ଟି ।]

ସୋନଭଦ୍ରା—ଦେ. ବି—ଶୋଣ (ଦେଖ) Sonabhadrā Śoṇa (See)

ସୋନହ—ସଂ. ବି—ଲସୁନ; ରସୁଣ (ଶବ୍ଦ ରତ୍ନାବଳୀ)— Sonaha Garlic.

ସୋନାରଙ୍ଗ—ଦେ. ବି—ଅରଣ୍ୟବୃକ୍ଷ ବିଶେଷ— Sonāraṅga Sonāraṅga Kukurbichā; Grewia Hirsuta (wild tree).

ସୋନାଲି—ଦେ. ବି (ବଙ୍ଗଳାରୁ ଅନୁକୃତ)—୧ । ସୁବର୍ଣ୍ଣ ମଣ୍ଡିତ— Sonāli 1. Set with gold. ୨। ସ୍ୱର୍ଣ୍ଣବର୍ଣ୍ଣ ବିଶିଷ୍ଟ; ସୁନେଲି— সোনালী 2. Of golden colour. ୩ । ସୁବର୍ଣ୍ଣମୟ— ସୁ(ସୋ)ନହଲା 3. Golden.

ସୋନ୍ନା—ପ୍ରାଦେ (ମେଦିନୀପୁର) ବି—(ସଂ. ସନ୍ଦଂଶ)—ସଣ୍ଡୁଆସି; Sonnā ବଣିଆର ଚିମୁଟା—Pincers.

ସୋନ୍ମାଦ—ସଂ. ବିଣ (ସହାର୍ଥେ ବହୁବ୍ରୀହି; ସ+ଉନ୍ମାଦ)— Sonmāda ୧ । ଉନ୍ମାଦଗ୍ରସ୍ତ; ଉନ୍ମତ୍ତ—1. Maddened; (ସୋନ୍ମାଦା—ସ୍ତ୍ରୀ) become insane; suffering from brain derangement. ୨ । କ୍ଷିପ୍ତ—2. Intoxicated.

ସୋପ୍—ବୈଦେ. ବ (ଇଂ.)—ସାବୁନ୍—
Sop সোপ্ सोप Soap.

ସୋପ୍‌ଷ୍ଟୋନ୍—ପ୍ରାଦେ (ଜେନ୍‌ଟ୍ରାର) ବ—ଖଡ଼ିପଥର—
Sop-shton Soap-stone.
[ଦ୍ର—ଏହା ନରମ ଧଳା । ଏଥିରେ ସୁନ୍ଦର ପଥୁର, ଥାଳ, ଗାସ୍, ଗିନା ପ୍ରଭୃତି ହୁଏ ।
ଶ୍ରେଷ୍ଠମୋହନ- ବେଜ୍ନାଇର ଭୂଗୋଳ ।]

ସୋପକରଣ—ସଂ. ବଣ (ସହାର୍ଥେ ବହୁବ୍ରୀହି; ସ+ଉପକରଣ)—
Sopakarana ଉପକରଣ ବଶିଷ୍ଟ—Having the materials.

ସୋପକାର—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଉପକାର)—
Sopakāra ଉପକାରଯୁକ୍ତ—Accompanied with benefit.

ସୋପଧ—ସଂ. ବ (ସ+ଉପଧା)—ସତ୍ତବ୍ଧକାର; ଅନ୍ୟ ଲୋକଙ୍କୁ ଶୁଣାଇ
Sopadha କର ଲୋକସମ୍ମାନାର୍ଥ କରିବା ଦାନ (ଶୁଦ୍ଧି-ତତ୍ତ୍ୱ)—A donation or gift given with a view to court public applause.

ସୋପପ୍ଲବ—ସଂ. ବ (ସହାର୍ଥ ବହୁବ୍ରୀହି; ସ+ଉପପ୍ଲବ=ଗ୍ରହ)—
Sopaplaba ରାହୁଗ୍ରସ୍ତ (ଚନ୍ଦ୍ର ବା ସୂର୍ଯ୍ୟ)—The sun or moon undergoing an elcipse.

ସୋପବାସ—ସଂ. ବଣ (ପୁଂ) (ସହାର୍ଥ ବହୁବ୍ରୀହି; ସ+ଉପବାସ)—
Sopabāsa ଉପବାସଯୁକ୍ତ; ଉପବାସୀ—Fasting.
(ସୋପବାସା—ସ୍ତ୍ରୀ)

ସୋପବୀତ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଉପବୀତ)—ପଇତା
Sopabita ପରିହିତ—Wearing or bearing the sacred thread.

ସୋପରଦ୍(ଦ୍ଦ୍)—ବୈଦେ. ବଣ—ସୁପରଦ୍ (ଦେଖ)—
Soparad(dd) Suparad (See)
[ସୋପର୍ଦ୍ଦ(ର୍ଦ୍)—ଅନ୍ୟରୂପ]

ସୋପାକ—ସ. ବ—୧ । [ଶ୍ୱପାକର ଅନ୍ୟରୂପ (ପଦକଳ୍ପଦ୍ରୁମ)]—
Sopāka ଶ୍ୱପାକ୍ (ଦେଖ)—1. Swapak (See).
[ଦ୍ର—ଚଣ୍ଡାଳ ପିତା ଓ ପୁକ୍କସଜାତୀୟା ମାତା ଗର୍ଭେଥିବା ସନ୍ତାନକୁ ସୋପାକ କୋହଯାଏ (ହ୍ର. ଶ)—୨ । ବନୌଷଧ ବିକ୍ରେତା (ହ୍ର. ଶ)—2. A seller of herbs.

ସୋପାଧି—ସଂ. ବଣ (ସ+ଉପାଧି)—୧ । ଉପାଧିଯୁକ୍ତ—1. Titled.
Sopādhi ୨ । ପ୍ରତିଉପକାରପ୍ରତ୍ୟାଶାରେ କୃତ (ଦାନାଦି)—
(ସୋପାଧିକ—ଅନ୍ୟରୂପ) 2. (gift etc) Done with a view to getting something in return.

ସୋପାନ—ସଂ. ବ (ସହ+ଉପ=ଊର୍ଦ୍ଧ୍ୱ+ଅନ୍ ଧାତୁ=ଗମନକରିବା
Sopāna +କରଣ ଅ)—୧ । ଅଧିରୋହଣୀ; ସିଢ଼ୀ; ପାବଚ୍ଛ; ପାହାଚ—1. Steps ଦ୍ର—ଇଷ୍ଟକ ବା ପାଷାଣ ଦ୍ୱାରା ନିର୍ମିତ ଅଧିରୋହଣୀକୁ ସୋପାନ (ପାହାଚ) ଓ କାଷ୍ଠଦ୍ୱାରା ନିର୍ମିତ ଅଧିରୋହଣୀକୁ ନିଃଶ୍ରେଣୀ ବା ଅଧିରୋହଣୀ (ନିଶୁଣି) ବୋଲାଯାଏ—ଶବ୍ଦରତ୍ନାବଳୀ ।]
୨ । କ୍ରମଶଃ ଉଚ୍ଚ ବା ନିମ୍ନକୁ ଥିବା ସ୍ତରମାନ—
2. Gradually high or low layers; grade.
সুলভ सुलभ ଦେ. ବଣ—ସୁଲଭ; ଅନୁକୂଳ; ପ୍ରସନ୍ନ—Favourable. (ଦ୍ର—ଗାନର ବାଳୀକ ବେ ବୋଲେ କର ନାହିଁ ମୁଁ ଗାନ, ଗାନ ଶୁଣି ଶୁଣି ଦଶ ଗୋ ମୋତେ ହୋଇ ସୋପାନ—ଉକ୍ତାର ବୋଲ ।]

ସୋପାନ ପରମ୍ପରା(ଶ୍ରେଣୀ)—ସଂ. ବ—ବହୁ ପାବଚ୍ଛଯୁକ୍ତ ଅଧିରୋହଣୀ—
Sopāna paramparā(śreṇ Flight of steps.
[ସୋପାନାବଳି(ଳୀ)—ଅନ୍ୟରୂପ]

ସୋପେନ୍‌ହାଉଆର୍—ଦେ. ବ (ଜର୍ମାନ୍ ନାମ)—ଜର୍ମାନଦେଶୀୟ
Sopen-hāuār ଉନବିଂଶ ଶତକ ପ୍ରସିଦ୍ଧ ଦାର୍ଶନିକ ପଣ୍ଡିତ—
সোপেন্‌হাউআর सोपेनहाउआर Arthur Schopenhour; late famous German philosopher. [ଦ୍ର—ଏହାଙ୍କର ଜନ୍ମ ଖ୍ରୀ ୧୭୮୮ ରେ ଓ ମୃତ୍ୟୁ ଖ୍ରୀ ୧୮୬୦ ରେ । ଏ ଜଗତର ଦୁଃଖବାଦ (Pessimism) ର ଜଣେ ପ୍ରଧାନ ବ୍ୟାଖ୍ୟାତା ଥିଲେ । ଏ ଉପନିଷଦ ପାଠ କରି କହିଥିଲେ ଯେ, ଏହା ମତେ ଜୀବନରେ ଶାନ୍ତି ପ୍ରଦାନ କରିଅଛି ଓ ମୃତ୍ୟୁ ପରେ ଶାନ୍ତି ପ୍ରଦାନ କରିବ ।]

ସୋଫ(ଫେ)ଦ୍—ଗ୍ରା. ବଣର ବଣ—[ଫା. ସଫେଦ୍ ର ଅଶୁଦ୍ଧ ଉଚ୍ଚାରଣ]—ସମ୍ପୂର୍ଣ୍ଣରୂପେ—Fully
Sopha(phe)d বিলকুল बिलकुल [ଯଥା—ସୋଫଦ୍ ଧଳା, ସୋଫେଦ୍ କଳା ଇତ୍ୟାଦି ।]

ସୋବତ୍—ବୈଦେ. ବ [ଅ. ସୋହବତ]—୧ । ସହବାସ—
Sobat 1. Living together. ୨ । ସଂସର୍ଗ—
সোহবত सोहबत 2. Intimate connection. ୩ । ସଙ୍ଗ—3. Companionship. ୪ । ବନ୍ଧୁତା—4. Friendship. ୫ । ମୈଥୁନ; ଯୌନ ସଙ୍ଗମ—5. Cohabitation. ୬ । (ଫା. ମୋହବତ୍) ବନ୍ଧୁଜନଙ୍କ ଭୂପରୋଧ ବା ଇଚ୍ଛାରକ୍ଷା—6. Sensitiveness to the feelings or requests of friends.

ସୋବତିଆ—ଦେ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସାଙ୍ଗସୁଖ ବା ବନ୍ଧୁମାନଙ୍କ ସଙ୍ଗେ ସର୍ବଦା ଚଳିବାକୁ ଭଲପାଏ—
Sobatiā সোহবতী सोहबतकरनेवाला Loving company of friends. ୨ । ଯେଉଁ ବ୍ୟକ୍ତି ବନ୍ଧୁମାନଙ୍କର ଅନୁରୋଧ ଉପରୋଧ ଶୁଣି ପାରେ ନାହିଁ—2. Obliging to friends.
[ସୋହବତି (ପୁଂ ଓ ସ୍ତ୍ରୀ)—ଅନ୍ୟରୂପ]

ସୋବାକ—ସଂ. ବ—ସୁହାଗା (ହ୍ର. ଶ)—
Sobāka Borax.

ସୋବାଲ—ସଂ. ବିଣ—ଧୂମ୍ରବର୍ଣ୍ଣବିଶିଷ୍ଟ (ହି. ଶ.)
Sobāla Having the colour of smoke,

ସୋବି(ଭି)ତା—ଗ୍ରା· ବିଣ (ଅ· ସୁବିଧା)—ସୁବିଧାଜନକ—
Sobi(bhi)tā সুবিধা সুবীতা Convenient.
ବି—ସୁବିଧା—Convenience.

ସୋବେ(ଭେ)—ବୈଦେ. ବି (ଫା. ସୁବେ)—୧ । ସୁବେ (ଦେଖ)—
Sobe(bhe) 1. Sube (See) ୨ । ସନ୍ଦେହ—
সকাল সুবহ 2. Suspicion; doubt.
সন্দেহ সুভা

ସୋଭାଞ୍ଜନ—ସଂ. ବି—ଶୋଭାଞ୍ଜନର ରୂପାନ୍ତର (ଭରତ)—ଶୋଭାଞ୍ଜନ
Sobhānjan (ଦେଖ)—Śobhānjana (See)

ସୋଭିଏଟ୍—ବୈଦେ. ବି (ଋ°)—ରୁଷିଆ ଦେଶରେ ଜାରଙ୍କ ରାଜତ୍ୱ
Sobhiet ପରେ ପ୍ରଚଳିତ ସାଧାରଣତନ୍ତ୍ର ଶାସନ—Soviet
সোভিয়েট সোভিয়েট (of modern Russia).

ସୋମ—ସଂ· ବି (ସୁ. ଧାତୁ=ପ୍ରସବ କରିବା+କର୍ତ୍ତି· ମ; ଯାହା
Soma ଅମୃତ ପ୍ରସବ କରେ)—୧ । (ପୁଂ) ଚନ୍ଦ୍ର (ଅମର)—
1. The moon. [ଦ୍ର—ବ୍ରହ୍ମାଙ୍କ ମାନସପୁତ୍ର ଅତ୍ରିଙ୍କ ପୁତ୍ର ସୋମ । ଏ ଦକ୍ଷଙ୍କର ୨୭ଟି କନ୍ୟା (ନକ୍ଷତ୍ର)ଙ୍କୁ ବିବାହ କରିଥିଲେ । ଏହି ୨୭ ପତ୍ନୀଙ୍କ ମଧ୍ୟରେ ରୋହିଣୀ ଶ୍ରେଷ୍ଠା । ସୋମ ଅନ୍ୟ ସ୍ତ୍ରୀମାନଙ୍କୁ ଅନାଦର କରି ରୋହିଣୀଙ୍କଠାରେ ଆସକ୍ତ ହେବାରୁ ସେମାନେ ଦକ୍ଷଙ୍କ ନିକଟରେ ଅଭିଯୋଗ କଲେ । ଦକ୍ଷଙ୍କ ଶାପରେ ସୋମ ବିନାଶପ୍ରାପ୍ତ ହେବାରୁ ସମଗ୍ର ବ୍ରହ୍ମାଣ୍ଡ ଉଚ୍ଛନ୍ନ ହେବାକୁ ବସିଲା । ଦେବତାମାନେ ଏହା ଦେଖି ବିଷ୍ଣୁଙ୍କ ଶରଣ ପଶିଲେ ଓ ବିଷ୍ଣୁଙ୍କ ଆଜ୍ଞାରେ ଦେବାସୁରମାନେ ସମୁଦ୍ରକୁ ମନ୍ଥନ କରିବାରୁ ସମୁଦ୍ରରୁ ସୋମ (ଚନ୍ଦ୍ର)ପୁଣି ଜାତ ହେଲେ । ସୋମଙ୍କର ୧୬ କଳା ମଧ୍ୟରୁ ପୂର୍ଣ୍ଣିମା ପରଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ କଳାକୁ ଦେବତାମାନେ ପାନ କରନ୍ତି ଓ ଶେଷରେ ଗୋଟିଏ କଳା ରହିଯାଏ; ତାହା ଯାଇ ସୂର୍ଯ୍ୟମଣ୍ଡଳରେ ପଶିଯାଏ; ଏବଂ ଶୁକ୍ଳପକ୍ଷରେ ସୂର୍ଯ୍ୟ ପ୍ରତିଦିନ ସୋମଙ୍କଠାରେ ଗୋଟିଏ ଲେଖାଏଁ କଳା ଯୋଗ କରି ପୂର୍ଣ୍ଣିମା ସୁଦ୍ଧା ସୋମଙ୍କୁ ପୂର୍ଣ୍ଣ ୧୬ କଳାଯୁକ୍ତ କରନ୍ତି । ସୋମ ବାୟୁକୋଣ, ସ୍ତ୍ରୀ, ବୈଶ୍ୟଜାତି, ସତ୍ତ୍ୱଗୁଣ, ଲବଣରସ, ମୃଗଶିର ନକ୍ଷତ୍ର ଓ ସମୁଦ୍ରମାନଙ୍କରେ ଅଧିପତି ଅଟନ୍ତି । ପୁରାଣ ମତରେ ଏହାଙ୍କ ଶରୀର ଏକହସ୍ତପ୍ରମାଣ, ପରିଧାନ ଶ୍ୱେତବସ୍ତ୍ର, ବର୍ଣ୍ଣ ଶୁକ୍ଳ; ଏହାଙ୍କର ଏକ ହସ୍ତରେ ବର ନାମକ ଅସ୍ତ୍ର ଓ ଅନ୍ୟ ହସ୍ତରେ ଗଦା । ଏହାଙ୍କ ରଥର ଅଶ୍ୱସଂଖ୍ୟା ୧୦ । ଏ ଶ୍ୱେତପଦ୍ମମଧ୍ୟସ୍ଥିତ, ଉପାଧିଦେବତ, ଜଳ ପ୍ରତ୍ୟଧିଦେବତ ଓ ସୂର୍ଯ୍ୟାଭିମୁଖୀ । ସୋମ ଓଷଧିମାନଙ୍କୁ ପୁଷ୍ଟ କରନ୍ତି । ଏହି ଓଷଧିକୁ ଗାଈମାନେ ଭକ୍ଷଣ କରି ଦୁଗ୍ଧ ଦିଅନ୍ତି । ଏହି କ୍ଷୀର ଅମୃତରୂପ ଧାରଣ କରିବାରୁ ବ୍ରାହ୍ମଣମାନେ ଏତଦ୍ୱାରା ହୋମ (ଯଜ୍ଞ) କରନ୍ତି ଓ ହୋମଦ୍ୱାରା ସୋମଙ୍କର କଳାମାନ ବୃଦ୍ଧି ହୁଏ ଓ ଉକ୍ତ କଳାମାନଙ୍କୁ ଦେବତାମାନେ ପାନ କରି ଜୀବନଧାରଣ କରନ୍ତି । ସୋମଙ୍କ ଔରସରେ ଗୁରୁପତ୍ନୀ ତାରାଙ୍କ ଗର୍ଭରୁ ବୁଧଗ୍ରହ ଜନ୍ମ ହୋଇଥିଲେ । ସୋମ ସମ୍ବନ୍ଧେ ଅନ୍ୟ ଜ୍ଞାତବ୍ୟ ବିଷୟ ପାଇଁ ଚନ୍ଦ୍ର ତଳେ ଟୀକା ଦେଖ ।] ୨ । (କ୍ଳୀ) ସ୍ୱର୍ଗ (ଶବ୍ଦ କଳ୍ପଦ୍ରୁମ)—2. Heaven. ୩ । (ପୁଂ) କର୍ପୂର (ଅମର)—3. Camphor. ୪ । (କ୍ଳୀ) କାଞ୍ଜି (ଶବ୍ଦ କଳ୍ପଦ୍ରୁମ)—4. Fermented rice water. ୫ । (ପୁଂ) ବାନର (ମେଦିନୀ)—5. Monkey. ୬ । (ପୁଂ) କୁବେର (ମେଦିନୀ)—6. The God of riches. ୭ । (ପୁଂ) ଯମ (ମେଦିନୀ)—7. The God of death. ୮ । (ପୁଂ) ବାୟୁ (ମେଦିନୀ)—8. The wind; air. ୯ । (ପୁଂ) ବସୁଭେଦ (ମେଦିନୀ)—9. One of the 8 Basu class of Deities. ୧୦। (ପୁଂ) ଜଳ (ମେଦିନୀ)—10. Water. ୧୧ । (ପୁଂ) ସୋମଲତା (ମେଦିନୀ)—11. The Soma creeper. ୧୨ । (ପୁଂ) ଶିବ [ଉଣାଦିକୋଷ]—12. God Śiba. ୧୩ । [ପୁଂ] ରଶ୍ମି; କିରଣ [ମେଦିନୀ]—13. Ray or beam of light. ୧୪ । [ପୁଂ] ଦିବ୍ୟୌଷଧି [ହେମଚନ୍ଦ୍ର]—14, A heavenly herb. ୧୫ । [ପୁଂ] ସୋମଲତାର ରସ [ହେମଚନ୍ଦ୍ର]—15, The juice of the Soma plant. ୧୬। [ପୁଂ]ଅମୃତ [ଶବ୍ଦ କଳ୍ପଦ୍ରୁମ] —16. Nectar. ୧୭ । [ପୁଂ] ପର୍ବତ ବିଶେଷ [ଶବ୍ଦକଳ୍ପଦ୍ରୁମ] ସୋମଗିରି (ଦେଖ)—17, Name of a mythological mountain. ୧୮ । ବୈଦିକ କାଳରେ ଆରାଧିତ ଦେବବିଶେଷ (ହି.ଶ)—18. One of the Vedic Deities. [ଦ୍ର—ଋଗ୍ବେଦରେ ଏହାଙ୍କର ଅନେକ ସ୍ତୁତି ଅଛି । ଇନ୍ଦ୍ର ଓ ବରୁଣଙ୍କ ପରି ଏହାଙ୍କର ମାନବୀୟ ରୂପ କଳ୍ପିତ ହୋଇ ନ ଥିଲା । ଏ ସୂର୍ଯ୍ୟଙ୍କ ପରି ପ୍ରକାଶମାନ, ବହୁ ବେଗବାନ୍, ଜେତା, ଯୋଦ୍ଧା । ଏ ଅନ୍ନ, ସମ୍ପତ୍ତି ଓ ଗୋଧନଦାନକାରୀ ବୋଲି କଳ୍ପିତ । ଏ ଇନ୍ଦ୍ରଙ୍କ ସଙ୍ଗେ ଇନ୍ଦ୍ରଙ୍କ ରଥରେ ବସି ଯୁଦ୍ଧକୁ ଯାଉଥିଲେ ଓ କେଉଁ କେଉଁ ସ୍ଥଳରେ ଏ ଇନ୍ଦ୍ରଙ୍କ ସାରଥି ଥିଲେ ବୋଲି କଳ୍ପିତ । ଆର୍ଯ୍ୟମାନଙ୍କ ଇରାଣୀ ଶାଖାର ବ୍ୟକ୍ତିମାନେ ମଧ୍ୟ ଏହାଙ୍କୁ ପୂଜା କରୁଥିଲେ । ଜେନ୍ଦାବେସ୍ତା ଗ୍ରନ୍ଥରେ ଏହାଙ୍କ ନାମ ହଓମ ବା ହୋମ ହୋଇଅଛି— [ହି ଶ] । ଅଥର୍ବବେଦରେ ଓ ଶତପଥବ୍ରାହ୍ମଣରେ ସୋମ ଦେବତାଙ୍କୁ ଚନ୍ଦ୍ର ବୋଲି ଯାଇଅଛି—[ବିଶ୍ୱକୋଷ]। ୧୯ । ସୋମବାର [ହି. ଶ]—19. Monday. ୨୦ । ଯଜ୍ଞାର୍ଥ ସୋମରସ ଚୂପୁଡ଼ିକରି ବାହାର କରିବାର ଦିନ [ହି· ଶ]—20. The day when the juice of the Soma creeper used to be pressed out for Vedic sacrifice ୨୧ । ସୋମଯଜ୍ଞ (ହି. ଶ); ଯେଉଁ ଯଜ୍ଞରେ ସୋମରସ ଆହୁତି ଦିଆଯାଏ—21. Vedic sacrifice in

which the Soma juice is offered unto the fire. ୨୨ । ପିତୃମାନଙ୍କର ଏକ ବର୍ଗ (ହି. ଶ) 22. A class of the departed souls of the ancestors. ୨୩ । ତେଜ (ହି ଶ)—23. Water in which rice has been boiled ୨୪ । ଭରତମାନଙ୍କ ମତରେ ମାଲକୋଶ ରାଗରେ ଏକ ପତ୍ନୀ; ରାଗିଣୀ-ବିଶେଷ (ହି. ଶ)—24. Name of a secondary tune in Hindu music. ୨୫ । ବିବାହିତ ପତି (ହି. ଶ)—25. One's married husband. ୨୬ । ଯଜ୍ଞ ସାମଗ୍ରୀ (ହି. ଶ)—26. Materials or ingredients for a Jajna. ୨୭ । ସ୍ତ୍ରୀରୋଗ-ବିଶେଷ; ସୋମ ରୋଗ (ଦେଖ) (ହି. ଶ)—27. A female disease; the whites. ବଣ—

ସୋମ ୧ । ଶ୍ୱେତ; ଧଳା—1. White. ୨ । ମନୋହର;

उत्तरदिशा ସୁନ୍ଦର—2. Beautiful. ଦେ. ବି—୧ । ଉତ୍ତର ଦିଗ—1. The north. (ଯଥା—ସୋମେ ଯିବା ଅନ୍ତରୁକ ଦେଖ ଗୋ ସଖି । ପ୍ରାଚୀ- ଉପେନ୍ଦ୍ରଭଞ୍ଜ ।) ୨ । ସୁଆଁ ଲଇ (ଦେଖ)—2. Suān lai (See) [ଯଥା—ବାଲୁ-ମାନଙ୍କରେ ପୁଷ୍ପ ସୋମ ଫୁଲ ଧରନ୍ତି । ମଧୁସୂଦନ. ଛନ୍ଦମାଳା ।] ବୈଦେ. ବଣ (ଫା. ସୁମ୍)—କୃପଣ; କାଞ୍ଜି—

कृपण सोम Miserly; close-fisted.

ସୋମ କ୍ଷୟ—ସ. ବି (ଚନ୍ଦ୍ରର ଛୟ)—ଅମାବାସ୍ୟା—
Soma kshaya Change of the moon.

ସୋମକ୍ଷୀର(ରୀ)—ସ. ବି—୧ । ସୋମଲତା (ଦେଖ)—1. Soma latā (See) ୨ । ସୋମରାଜୀ (ଦେଖ)—2 Soma-rāji (See)

ସୋମଗନ୍ଧକ—ସ. ବି—ରକ୍ତପଦ୍ମ (ହି. ଶ)
Somagandhaka The red lotus.

ସୋମଗର୍ଭ—ସ. ବି (ବହୁବ୍ରୀହି; ସୋମ ଅଛନ୍ତି ଗର୍ଭରେ ଯାହାର)—
Somagarbha ବିଷ୍ଣୁ (ହିକାଣ୍ଡ ଶେଷ—Bishnu.

ସୋମଗା—ସ. ବି—ସୋମରାଜି (ଦେଖ)
Somagā Somarāji (See)

ସୋମ ଗିରି—ସ. ବି—ଉତ୍ତର ସମୁଦ୍ରସ୍ଥିତ ଦେବଗଣଙ୍କର ଅଗମ୍ୟ ଓ
Soma giri ଅଲଂଘ୍ୟ ପୁରାଣୋକ୍ତ ପର୍ବତ—1. Name of a mythological impenetrable mountain in the Northern ocean. ୨ । (ବ୍ରହ୍ମାଣ୍ଡ ପୁରାଣ କିଷ୍କିନ୍ଧ୍ୟାକାଣ୍ଡ ବର୍ଣ୍ଣିତ) ଦେବାଧିଦେବ ଶଙ୍କରଙ୍କ ଆଳୟ; ପୃଥିବୀର ଉତ୍ତର ସୀମାନ୍ତରେ ଅବସ୍ଥିତ ପର୍ବତ—2. Name of a mountain said to be on the northern frontier of the Universe. ୩ । ସୁମେରୁସ୍ଥ ଚନ୍ଦ୍ର-ପ୍ରତିଫଳିତ ଚନ୍ଦ୍ରାଲୋକ (ଶବ୍ଦକୋଷ); ମେରୁଜ୍ୟୋତି (ହି. ଶ)—3. Aurora Borialis.

ସୋମ ଗୃଷ୍ଟିକା—ସ. ବି—କୁଷ୍ମାଣ୍ଡ ଲତା (ହି ଶ)
Soma grushtikā The white gourd creeper.

ସୋମ ଗ୍ରହ—ସ. ବି—୧ ଚନ୍ଦ୍ର ଗ୍ରହ —1. The planet Moon.
Soma graha ୨ । ଚନ୍ଦ୍ର ଗ୍ରହଣ (ହି. ଶ)—2. Lunar eclipse. ୩ । ଅଶ୍ୱରୋଗ ବିଶେଷ (ଶବ୍ଦକୋଷ)—3. A disease of the horse. [ଯଥା—ଏ ରୋଗଗ୍ରସ୍ତ ଅଶ୍ୱ ଅନେକ୍ଷ, ଅଳ୍ପ ମାତ୍ର ଭୋଜନ କରେ, ଗାତ୍ର ପ୍ରସାରଣ କରି ଶୟନ କରେ; ଅଶ୍ୱର ଅଙ୍ଗମାନ ଶୀତଳ ହୁଏ—ଶବ୍ଦକୋଷ ।]

ସୋମ ଘୃତ—ସ. ବି—ବୈଦ୍ୟଶାସ୍ତ୍ରୋକ୍ତ ପ୍ରକ୍ରିୟାରେ ପ୍ରସ୍ତୁତ ସ୍ତ୍ରୀରୋଗ ଓ
Soma ghruta ଦେହୋପଯୋଗୀ ପ୍ରଶମକ ଘୃତବିଶେଷ—A kind of medicinal ghee.

ସୋମ ଚମସ—ସ. ବି (ସ. ତ. ପୁ)—ସୋମରସ ପାନକରିବା ପାତ୍ର—
Soma chamasa A goblet for drinking the Soma juice.

ସୋମଜ—ସ. ବଣ (ସୋମ+ଜନ୍. ଧାତୁ+କର୍ତ୍ତୃ. ଅ)—ଚନ୍ଦ୍ରଠାରୁ
Somaja ଜାତ—Born from the moon. ବି—୧ । ଦୁଗ୍ଧ (ହେମଚନ୍ଦ୍ର)—1. Milk. ୨ । ଗଜ (ଶବ୍ଦକୋଷ)—2. Elephant. ୩ । ବୁଧ ଗ୍ରହ—3. The planet Mercury.

ସୋମତ(ଇତ୍ୟାଦି)—ବୈଦେ. ସ୍ତ୍ରୀ. ବି (ଫା. ସୋହବତ୍)—ସୋହବତ
Somat(etc) ଇତ୍ୟାଦି (ଦେଖ)—Sohabat etc (See)

ସୋମ ତୀର୍ଥ—ସ. ବି—ପ୍ରଭାସ ତୀର୍ଥ (ତ୍ରିକାଣ୍ଡ ଶେଷ); ଭାରତର ପଶ୍ଚିମ
Soma tīrtha ପ୍ରଦେଶସ୍ଥ ତୀର୍ଥ ବିଶେଷ—Name of a place of pilgrimage in Western India [ଯଥା—ଏଠାରେ ସୋମ ବା ଚନ୍ଦ୍ର ସର୍ବକାଳ ତପସ୍ୟା କରି ଯକ୍ଷ୍ମାରୋଗମୁକ୍ତ ହୋଇ ସ୍ୱୀୟ ପ୍ରଭାକୁ ପୁନଃପ୍ରାପ୍ତ ହୋଇ ଥିବାରୁ ଏ ତୀର୍ଥକୁ ସୋମତୀର୍ଥ ବୋଲାଯାଏ । ବୈଶାଖ ମାସ ଶୁକ୍ଳପକ୍ଷ ଦ୍ୱାଦଶୀଦିନ ଏ ଘାଟରେ ସ୍ନାନ କଲେ ମହାପୁଣ୍ୟ ଲାଭ ହୁଏ । ଏହି ସ୍ଥାନ ବର୍ତ୍ତମାନ ବମ୍ବେଇ ପ୍ରେସିଡେନ୍ସି କାଠିଆୱାଡ଼ ଉପକୂଳର ବେରୁଲ ବା ପିଣ୍ଡପୁରୀ ନାମକ ସ୍ଥାନ ନିକଟରେ ଅବସ୍ଥିତ—ଶବ୍ଦକୋଷ ।] (ଯଥା—ଜମ୍ବୁଦ୍ୱୀପରେ ଯେ ସୋମତୀର୍ଥ ବହିଛନ୍ତି, ତହିଁରେ ସ୍ନାନ କଲେ ଜନମ ତୁଟନ୍ତି । କୃଷ୍ଣସିଂହ. ମହାଭାରତ. ବନ ।)

ସୋମତ୍ତ—ଦେ. ବଣ (ବଙ୍ଗଳାରୁ ଅନୁକୃତ, ସଂ ସମର୍ଥ)—୧ । (ସ୍ତ୍ରୀ)
Somatta ଗୃହ ସଂସାର କରିବାକୁ ସମର୍ଥ; ଯେ ଜ୍ଞାନ ପାଇଛି;

सोमत्त ଯୌବନବତୀ; ବଢ଼ିଲ (କନ୍ୟା)—1. A young and

समर्थ maturud (girl). ୨ । (ପୁଂ ଓ ସ୍ତ୍ରୀ) ହୃଷ୍ଟପୁଷ୍ଟ—2.

हृष्टपुष्ट stout and strong; buxom. ୩ । ଯୁବା—

युवा 3. Young. [ଯଥା—ସୋମତ୍ତ ଅଣ୍ଡିରା, ସୋମତ୍ତ ଝିଅ ।]

ସୋମ ଦତ୍ତ—ସ. ବି (ନାମ)—ପ୍ରାଚୀନ ଭାରତର ଜନୈକ ରାଜା—
Soma datta Name of a king of ancient India. [ଯଥା—ଏହାଙ୍କ ପିତା ବାହ୍ଲିକ ଓ ପୁତ୍ର ଭୂରିଶ୍ରବା । ଦେବକରାଜକନ୍ୟା ଦେବକୀଙ୍କ ସ୍ୱୟମ୍ବର ସଭାରେ ଏ ଉପସ୍ଥିତ ଥିଲେ; ଯଦୁବଂଶୀୟ ସାର୍ ଶିନି ବସୁଦେବଙ୍କ ପାଇଁ ଦେବକୀଙ୍କୁ ବଳପୂର୍ବକ ହରଣ କରିବାକୁ ଉଦ୍ୟତ ହେବାରୁ

ଏ ଶିଷ୍ୟଙ୍କୁ ବାଧା ଦେଲେ, ବନ୍ଧୁ ପରାସ୍ତ ହୋଇ ସଙ୍ଗ୍ରେ ଶିଷ୍ୟଙ୍କଠାରୁ ଗୋଇଠା ଖାଇଲେ । ଏହି ଅପମାନରେ ଏ ମ୍ରିୟମାଣ ହୋଇ ତପସ୍ୟା କଲେ ଓ ମହାଦେବଙ୍କଠାରୁ ବର ପାଇଲେ ଯେ, ଏହାଙ୍କ ପୁତ୍ର ଶିଷ୍ୟ ପୌତ୍ରଙ୍କୁ ପରାସ୍ତ କରି ଗୋଇଠା ମାରିବେ । ମହାଭାରତ ଯୁଦ୍ଧରେ ଏ କୌରବମାନଙ୍କ ପକ୍ଷରେ ଯୁଦ୍ଧ କରି ତତ୍ପୁତ୍ରଙ୍କ ଦ୍ୱାରା ଯୁଦ୍ଧରେ ଶାତ୍ୟକିଙ୍କଦ୍ୱାରା ନିହତ ହୋଇଥିଲେ ।]

ସୋମ ଦେ(ଦୈ)ବତ—ସଂ.ବିଣ—ଯାହାର ଅଧିଷ୍ଠାତ୍ରୀ ଦେବତା ସୋମ—
Soma de(dai)bata Having soma as its titular Deity. ସଂ. ବିଣ—ମୃଗଶିରା ନକ୍ଷତ୍ର—The 5th asterism.

ସୋମ ଧାରା—ସଂ. ବି (୬ଷ୍ଠୀ ତତ୍; ସୋମଙ୍କର ଧାରା=ପଥ)—ଆକାଶ
Soma dhārā (ତ୍ରିକାଣ୍ଡ ଶେଷ)—The sky.

ସୋମନାଥ—ସଂ. ବି (ନାମ)—ଗୁଜରାଟ ପ୍ରଦେଶର ନଗରବିଶେଷ ଓ
Somanātha ସେଠାରେ ପ୍ରତିଷ୍ଠିତ ଶିବଲିଙ୍ଗଙ୍କ ନାମ—
Name of a town and an idol of Śiba in Gujerat. [ଦ୍ର—ଏହି ନଗର ଦେଓପତ୍ତନ, ପ୍ରଭାସ-ପତ୍ତନ ଓ ବେରାବେଲପତ୍ତନ ନାମରେ ମଧ୍ୟ ଖ୍ୟାତ । ଏହା ବୋମ୍ବାଇ ପ୍ରେସିଡ଼େନ୍ସି ଅଧୀନ କାଠିୟାବାଡ଼ ଅନ୍ତର୍ଗତ ଯୁନାଗଡ଼ ରାଜ୍ୟର ଅନ୍ତର୍ଗତ ଗୋଟିଏ ପ୍ରାଚୀନ ନଗର । ଏ ନଗର ସୋମନାଥ ଦେବଙ୍କ ମନ୍ଦିର ନିମନ୍ତେ ଖ୍ୟାତ । ଏହି ମନ୍ଦିରରେ ଭଗବାନ୍ ଶିବଙ୍କର [ସୋମନାଥଙ୍କର] ଲିଙ୍ଗମୂର୍ତ୍ତି ପ୍ରତିଷ୍ଠିତ ଅଛି । ଏହାର ପଶ୍ଚିମରେ ଭାଲ୍‌କୁଣ୍ଡ ନାମକ ଜଳାଶୟ ଅଛି । ପ୍ରବାଦ ଅଛି, ଶ୍ରୀକୃଷ୍ଣ ଏହାର ଜଳରେ ତନୁତ୍ୟାଗ କରିଥିଲେ । ଗିର୍ଣ୍ଣାର ନାମକ ଶୈଳ ଏହି ମନ୍ଦିରଠାରୁ ଅଳ୍ପ ଦୂରବର୍ତ୍ତୀ । ଏ ଶିବ ମୂର୍ତ୍ତି ବହୁମୂଲ୍ୟ ପ୍ରସ୍ତରରେ ନିର୍ମିତ ହୋଇଥିଲା । ଏହାକୁ ଖ୍ରୀ ୧୦୨୪ ରେ ମାମୁଦ୍ ଗଜନୀ ବିଧ୍ୱସ୍ତ କରି ମନ୍ଦିରରେ ସଞ୍ଚିତ ବହୁ ଧନ-ରତ୍ନ ଲୁଣ୍ଠନ କରି ସ୍ୱଦେଶକୁ ନେଇଯିବା ପରେ ଏହାର ଅଧିକାଂଶ ପ୍ରସ୍ତର ଗଜନୀର ଜୁମା ମସଜିଦ୍ କାର୍ଯ୍ୟରେ ଲଗା ହୋଇଥିଲା । ଗଜନୀକୁ ଫେରିଯିବା ବେଳେ ମାମୁଦ୍ ଏ ଦେଶବାସୀ ଦେବଶର୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ଏଠାର ଶାସନକର୍ତ୍ତା ନିଯୁକ୍ତ କରିଗଲେ । ଶୂଲ୍‌ତ୍ୟପ୍ରତି ଦୁର୍ଲ୍ଲଭରାଜ ତାହାଙ୍କୁ ତଡ଼ି ସୋମନାଥ ଦଖଲ କଲେ । ଏହା ପରେ ରାଠୋରବଂଶୋଦ୍ଭବ ଚନ୍ଦ୍ରବଂଶୀୟଗଣ ସୋମନାଥ ଅଧିକାର କଲେ । ବନ୍ଧୁ ଖ୍ରୀ ୧୩୦୦ ରେ ପୁନର୍ବାର ଅଲାଉଦ୍ଦୀନ୍ ଖିଲ୍‌ଜୀ ସୋମନାଥ ଅଧିକାର କରି ମୁସଲମାନ ରାଜ୍ୟ ପ୍ରତିଷ୍ଠା କଲେ । ମୋଗଲ ସାମ୍ରାଜ୍ୟର ଧ୍ୱଂସ ହେବା ପରେ ଭିନ୍ନ ଭିନ୍ନ ସମୟରେ ମାଂଗ୍ରୋଲର ସେଖ୍‌ଗଣ ଏବଂ ପୋରବନ୍ଦରର ରାଣାଗଣ ସୋମନାଥରେ ରାଜତ୍ୱ କରୁଥିଲେ । ଅବଶେଷରେ ଜୁନାଗଡ଼ର ନବାବ ଏହା ଅଧିକାର କଲେ ଏବଂ ସେହି ସମୟରୁ ଏହା ନବାବବଂଶୀୟମାନଙ୍କ ଶାସନାଧୀନ ଅଛି । (ମାମୁଦ୍ ଗଜନୀ ଦେଖ) । ସୋମନାଥ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକତମ ।] କେ. ବି. (ପୁଂ)—ଲୋକଙ୍କ ନାମ—
A name given to males.

ସୋମନାଥ ବ୍ରତ—ସଂ. ବି—ଭାଦ୍ର ଶୁକ୍ଳଷଷ୍ଠୀଠାରୁ ଆଶ୍ୱିନ ଶୁକ୍ଳ ଦଶମୀ
Somanātha brata ମଧ୍ୟରେ ପଡ଼ିବା ପ୍ରତି ସୋମବାର ଦିନ ସୂର୍ଯ୍ୟପୂଜାରୂପ ବ୍ରତ—A religious vow observed every year on Mondays of the period from 'Bhādra śukla shashṭhī' to "Āswina śukla daśamī".

ସୋମନାଥ ସିଂହ ଭୂପ—ଦେ. ବି (ନାମ)—ପ୍ରାଚୀନ ଉତ୍କଳର କବି-
Somanātha simha bhūpa ବିଶେଷ—Name of a poet of ancient Utkal. [ଦ୍ର—ଏ କବି 'ସଙ୍ଗୀତ-ମାଳା' ନାମକ ପୁସ୍ତକ ଲେଖିଯାଇଅଛନ୍ତି । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ସୋମନାଥି—ପ୍ରାଦେ(କେନ୍ଦୁଝର)ବି--କେନ୍ଦୁଝରର ଅନାର୍ଯ୍ୟମାନଙ୍କ ପୂଜିତ
Somanāthi ଦେବତା ବିଶେଷ—A Deity worshipped by the non-aryans of the Keonjbar State. [ଦ୍ର—ଏହିପରି ପାଟଖଣ୍ଡା, ଗ୍ରାମକାଣ୍ଡ ବା ମହାଭାଇ,ନାମଧାରୀ ଦେବତାମାନଙ୍କୁ କେନ୍ଦୁଝରର ଅନାର୍ଯ୍ୟ-ମାନେ ପୂଜା କରନ୍ତି ।]

ସୋମପ(ପା)—ସଂ. ବି. ପୁଂ (ସୋମ+ପା. ଧାତୁ+କର୍ତ୍ତୃ. ଅ; କ୍ୱିପ୍)—
Somapa(pā) ୧ । ଯାଗରେ ସୋମରସ ପାନକାରୀ ବ୍ରାହ୍ମଣ—
1. A Brahman who drinks the Soma juice in a vedic sacrifice.
୨ । ପିତୃ ବିଶେଷ—2, A class of the souls of the deceased ancestors.

ସୋମପୀତୀ—ସଂ.ବି (ସୋମ+ପା. ଧାତୁ+ଭାବ.ତ+ଇନ୍;ସୋମପୀତିନ୍;
Somapīti ୧ମା. ୧ବ)—ସୋମପ (ଅମର) (ଦେଖ)—
Somapa (See)

ସୋମପୀଥୀ—ସଂ. ବି (ସୋମ+ପା. ଧାତୁ+ଇନ୍; ନିପାତନ; ସୋମ
Somapīthī ପିଥିନ୍, ୧ମା. ୧ବ)—ସୋମପ [ଶବ୍ଦ କଳ୍ପଦ୍ରୁମ] (ଦେଖ)—Somapa (See)

ସୋମ ପ୍ରଦୋଷ -ସଂ. ବି—ସୋମବାର ବ୍ରତ [ଦେଖ] [ହି. ଶ]
Soma pradosha Somabāra brata [See]

ସୋମ ବଂଶ—ସଂ. ବି—ପ୍ରାଚୀନ ଭାରତର ରାଜବଂଶବିଶେଷ; ଚନ୍ଦ୍ରବଂଶ—.
Soma bamśa Name of a royal dynasty of ancient India; the lunar dyansty. [ଦ୍ର— ଏହି ବଂଶରୁ ଯୁଧିଷ୍ଠିର ଜନ୍ମିଥିଲେ । ପୁରାଣରେ ଲେଖା ଅଛି ଯେ, ବ୍ରହ୍ମା ନାରାୟଣଙ୍କ ପୁତ୍ର । ବ୍ରହ୍ମାଙ୍କ ପୁତ୍ର ଅତ୍ରି । ଅତ୍ରିଙ୍କ ପୁତ୍ର ସୋମ । ସୋମ ଓ ବୃହସ୍ପତିଙ୍କ ପତ୍ନୀ ତାରାଙ୍କ ଠାରୁ ବୁଧ ଜାତ ହେଲେ । ବୁଧଙ୍କ ପୁତ୍ର ପୁରୂରବା । ପୁରୂ-ରବାଙ୍କଠାରୁ ଉର୍ବଶୀଙ୍କ ଗର୍ଭରୁ ୬ ପୁତ୍ର ଜନ୍ମିଲେ ଓ ସେହିମାନଙ୍କ ପୁତ୍ର ଓ କନ୍ୟା ପରମ୍ପରାଙ୍କ ବଂଶର ଭିନ୍ନ ଭିନ୍ନ ଶାଖାରେ ବିଶ୍ୱାମିତ୍ର, କନ୍ୟା ସତ୍ୟବତୀ, ଯମଦଗ୍ନି, ପରଶୁ-ରାମ, ନହୁଷ, ଦେବକ, ପ୍ରସେନ, ପଣ୍ଡୁ, ବସୁଦେବ, ବୃଷ୍ଣି, ସାତ୍ୟକି, ସଞ୍ଜୟ, କୃଷ୍ଣ, ବଳରାମ, ଧୃତରାଷ୍ଟ୍ର, ପାଣ୍ଡବ,

କୌରବ, ଜନମେଜୟ, ଦୁଷ୍ମନ୍ତ, ଭରତ, ଭୀମସେନ, ଅଭିମନ୍ୟୁ, ପରୀକ୍ଷିତ ଆଦି ଜନ୍ମିଥିଲେ—ଗରୁଡ଼ ପୁରାଣ ।] ଦେ· ବି—ପ୍ରାଚୀନ ଉତ୍କଳର କେଶରୀ ବଂଶ—The Keśarī dynasty of ancient Utkala. [ଦ୍ର—ଏମାନେ ଖ୍ରୀ: ନବମ ଓ ଦଶମ ଶତାବ୍ଦୀରେ ରାଜତ୍ୱ କରୁଥିଲେ ।]

ସୋମବଂଶୀୟ ରାଜା—ଦେ. ବି—ଖ୍ରୀ: ଏକାଦଶ ଶତାବ୍ଦୀରେ ଉତ୍କଳରେ
Somabaṁśīya rājā ରାଜତ୍ୱ କରୁଥିବା ନୃପବଂଶ—Kings of the Soma dynasty who ruled Utkala in the 11th century A. D. making Cuttack their capital. [ଦ୍ର—କଟକ ଏମାନଙ୍କର ରାଜଧାନୀ ଥିଲା । ଗଙ୍ଗବଂଶୀୟ ରାଜାମାନେ ସୋମବଂଶୀୟ ଥିବା କଥିତ ।]

ସୋମ ବନ୍ଧୁ—ସଂ. ବି (ବହୁବ୍ରୀହି) —୧ । କୁମୁଦ (ଶବ୍ଦ ରତ୍ନାବଳୀ)—
Soma bandhu 1. The water lily. ୨ । ସୂର୍ଯ୍ୟ (ଜ୍ୟୋତିଷତତ୍ତ୍ୱ)—2. The sun. ୩ । ବୁଧ ଗ୍ରହ (ଜ୍ୟୋତି-ତତ୍ତ୍ୱ)—3. The planet Mercury.

ସୋମବଲ୍କ—ସଂ. ବି—୧ । ଶ୍ୱେତ ଖଦିର (ଅମର, ମେଦିନୀ); ଖାଇରା
Somabalka ଗଛର—1. White variety of catechu. ୨ । କଟ୍‌ଫଳ (ଅମର, ମେଦିନୀ); କାଫଡ଼—2. Myrica Sapida. ୩ । କରଞ୍ଜ (ଜଟାଧର)—3. Pongamia tree. ୪ । ରାଠୀ କରଞ୍ଜ (ରାଜନିର୍ଘଣ୍ଟ) —4. Name of a wild tree. ୫ । ବବୁର ଗଛ (ବୈଦ୍ୟକୋଷ)—5. Acacia Arabica.

ସୋମ ବଲ୍ଲରୀ—ସଂ. ବି—ସୋମଲତା (ଦେଖ)—1. Somalatā
Soma ballarī (See) ୨ । ବ୍ରାହ୍ମୀଶାକ (ଦେଖ)—2. Brāhmīśāka (See)

ସୋମ ବଲ୍ଲିକା—ସଂ, ବି—୧ । ସୋମରାଜୀ (ଅମର) (ଦେଖ)—
Soma ballikā 1. Somarājī (See) ୨ । ସୋମଲତା (ଭରତ) (ଦେଖ)—2. Somalatā (See)

ସୋମ ବଲ୍ଲୀ—ସଂ. ବି—୧ । ଗୁଳୁଚି (ଅମର)—1. Tinaspora
Soma ballī Cordifolia. ୨ । ସୋମଲତା (ଭରତ)—2. The moon plant. ୩ । ସୋମରାଜୀ (ଶବ୍ଦରତ୍ନାବଳୀ); ବାକୁଚି—3. Serratula Anthelmintica. ୪ । ପାତାଳ ଗରୁଡ଼ୀ (ରାଜନିର୍ଘଣ୍ଟ)—4. Cogenaria Vulgaris. ୫ । ବ୍ରାହ୍ମୀ (ରାଜନିର୍ଘଣ୍ଟ); ଥାଲକୁଡ଼ି—5. Indian pennywort. ୬ । ସୁଦର୍ଶନା (ରାଜନିର୍ଘଣ୍ଟ); ପଦ୍ମଗୁଳଞ୍ଚ—6. Tinospora Tomentosa.

ସୋମ ବାର (ବାସର)—ସଂ. ବି—ଚନ୍ଦ୍ରବାସର; ସୋମଗ୍ରହଙ୍କ ଭୋଗ୍ୟ
Soma bāra (bāsara) ଦିବସ; ସପ୍ତାହର ଏକତମ ଦିନ; ରବିବାରର ପରବର୍ତ୍ତୀ ଓ ମଙ୍ଗଳବାରର ପୂର୍ବବର୍ତ୍ତୀ ଦିବସ—Monday. [ଦ୍ର—ସୋମବାର ସପ୍ତାହର ଗୋଟିଏ ଶୁଭଦିନ । ଏ ଦିନ କ୍ଷୌର, ଅଳଙ୍କାର ଧାରଣ, ରାଜଦର୍ଶନ, ନାମକରଣ, କର୍ଣ୍ଣବେଧ, ଅନ୍ନପ୍ରାଶନ, ବାଣିଜ୍ୟାଦି କରାଯାଏ । ସୋମବାରର ପ୍ରଥମ ପ୍ରହର ବାରବେଳା ଓ ଦ୍ୱିତୀୟ ଓ ସପ୍ତମ ଯାମାର୍ଦ୍ଧ କାଳବେଳା ଅଟେ ।

ସୋମବାର ଦିନ ଅମାବାସ୍ୟା ହେଲେ ଏହା ଶୁଭଦାୟୀ ଅବସ୍ଥା ବୋଲି ହୁଏ । ସୋମବାରରେ ବଦ୍ୟାରମ୍ଭ ଓ ପୂର୍ବଦିଗକୁ ଯାତ୍ରା ନିଷିଦ୍ଧ । ସୋମବାରରେ ପ୍ରଥମ ରଜୋଦର୍ଶନ ହେଲେ ବାଳିକା ପତିବ୍ରତା ହୁଏ ।

ଜ୍ୟୋତିଷମତରେ ସୋମବାରରେ ଜାତ ବ୍ୟକ୍ତି ସୁନ୍ଦର, ମେଧାବୀ ଓ ଶ୍ଳେଷ୍ମାଧିକପ୍ରକୃତି, ସ୍ଥିରବୁଦ୍ଧି ଓ ଧନସ୍ୱୀ ହୁଏ । ସୋମବାର ଅମାବାସ୍ୟା ପଡ଼ିଲେ ସେ ଦିନ ସ୍ନାନ ଦାନାଦି ପୁଣ୍ୟପ୍ରଦ । ସୋମବାର ଦିନ ଚନ୍ଦ୍ରଗ୍ରହଣ (ଓ ରବିବାର ସୂର୍ଯ୍ୟଗ୍ରହଣ) ହେଲେ 'ଚୂଡ଼ାମଣି' ନାମକ ଶୁଭ ଯୋଗ ହୁଏ । ରବି ଓ ସୋମବାର ଦିନ ପୂର୍ଣ୍ଣାତିଥି (ପଞ୍ଚମୀ, ଦଶମୀ, ଅମାବାସ୍ୟା ବା ପୂର୍ଣ୍ଣିମା) ହେଲେ ଯାତ୍ରା ପକ୍ଷରେ ଶୁଭଅମୃତ ଯୋଗ ହୁଏ । ଶୁକ୍ର ଓ ସୋମବାର ଭଦ୍ରା (ଦ୍ୱିତୀୟା, ଦ୍ୱାଦଶୀ ବା ସପ୍ତମୀ) ତିଥି ହେଲେ ପାପଯୋଗ ହୁଏ । ସୋମବାର ଏକାଦଶୀ ହେଲେ ଅଶୁଭ । ଦିନଦଗ୍ଧା ଓ ସେ ଦିନ କୃତ୍ତିକା ନକ୍ଷତ୍ର ହେଲେ ଅଶୁଭ । ମାସଦଗ୍ଧା ହୁଏ—ବିଶ୍ୱକୋଷ ।] ଦେ. ବି—ସୋମବାର ବ୍ରତ (ଦେଖ)—Somabāra brata (See)

ସୋମବାର ବ୍ରତ—ଦେ. ବି—ପ୍ରତି ସୋମବାରରେ ଉପବାସପୂର୍ବକ
Somabāra brata ସାୟଂକାଳକର୍ତ୍ତବ୍ୟ ଶିବଦୁର୍ଗାପୂଜାରୂପ ବ୍ରତବିଶେଷ—A religious vow and fasting observed on every Monday. [ଦ୍ର— ଏ ବ୍ରତକୁ ବ୍ରହ୍ମଚାରୀ,ଗୃହସ୍ଥ, କନ୍ୟା, ସଧବା ସ୍ତ୍ରୀ, ସମସ୍ତଙ୍କର କରିବାର ବିଧି ଅଛି । ଏଥିରେ ଐଶ୍ୱର୍ଯ୍ୟଲାଭ, ମନୋରଥସିଦ୍ଧି ଓ ବିପଦୁଦ୍ଧାର ହୁଏ ।

ଏହି ବ୍ରତର ବିଷୟ ସ୍କନ୍ଦପୁରାଣ ବ୍ରହ୍ମୋତ୍ତରଖଣ୍ଡ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏଥିର କଥା ଏହି :—ଆର୍ଯ୍ୟାବର୍ତ୍ତରେ ଚିତ୍ରଧର୍ମା, ମତାନ୍ତରରେ ଚିତ୍ରବର୍ମା, ନାମକ ଏକ ରାଜା ଥିଲେ । ତାଙ୍କର ପୁତ୍ର ନ ଥିଲେ ; ତାଙ୍କର ଗୋଟିଏ କନ୍ୟା ହେଲା । ଉକ୍ତ ରାଜା ଅତ୍ୟନ୍ତ ଦୁଃଖୀ ଥିବାରୁ କନ୍ୟାର ଜାତକ ଗଣନାରୁ ଦେଖାଗଲା ଯେ, କନ୍ୟାଟି ୧୪ ବର୍ଷ ବୟସରେ ବିଧବା ହେବ । କନ୍ୟା ଏହା ଶୁଣି ଯାଜ୍ଞବଲ୍କ୍ୟ ମୁନିଙ୍କ ସ୍ତ୍ରୀ ମୈତ୍ରେୟୀଙ୍କୁ ପଚାରିବାରୁ ସେ ତାଙ୍କୁ ଏହି ବ୍ରତ କରିବାକୁ କହିଲେ ଓ ଏ ବ୍ରତ ପାଳନ କରି କନ୍ୟା ବୈଧବ୍ୟ ଦଶାରୁ ମୁକ୍ତ ହେଲା ।] ଦେ° ବି—

সোমবার ব্রত କାର୍ତ୍ତିକ, ବୈଶାଖ ଓ ମାଘ ମାସର ପ୍ରତି ସୋମବାରରେ
সোমবার ব্রত ଦିନଯାକ ଉପବାସ ରହି ସନ୍ଧ୍ୟାରୁ ହବିଷ୍ୟାନ୍ନ ଭୋଜନରୂପ ଲୌକିକ ବ୍ରତ—A fast observed on the Mondays of the months of Kārttika, Baiśākha and Māgha. [ଦ୍ର—

ଏ ବ୍ରତରେ ଶିବଙ୍କ ପୂଜା କରାଯାଏ । ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ ହେବା ପାଇଁ କୌଣସି ଶିବଲିଙ୍ଗଙ୍କୁ ମାନସିକ କରି ମଧ୍ୟ ଏ ବ୍ରତ କରାଯାଏ ।]

ସୋମବାରିଆ—ଦେ. ବି. ପୁଂ—୧ । ସୋମବାରବ୍ରତ ପାଳକ
Somabāriā କରିବା ବ୍ୟକ୍ତି—1. A person observing
(ସୋମବାରେଣୀ—ସ୍ତ୍ରୀ) the Somabāra fasting. ୨ ।
সোমবারী ସୋମବାରରେ ଜନ୍ମ ହେବା ବ୍ୟକ୍ତି—2. A person
सोमबारिआ who has taken his birth on Monday. ଦେ. ବିଣ—ସୋମବାର ସମ୍ବନ୍ଧୀୟ—
(ସୋମବାରିଆଣୀ—ସ୍ତ୍ରୀ) Relating to Monday.

ସୋମ ବିକ୍ରୟୀ—ସଂ. ବି. ପୁଂ (ସୋମ+ବି+କ୍ରୀ ଧାତୁ+କର୍ତ୍ତୃ. ଇନ୍;
Soma bikrayī ୧ମା. ୧ବ)—ସୋମଲତାରସ ବିକ୍ରୟକାରୀ—
A person who sells the juice of Soma creeper. [ଦ୍ର—ମନୁ ଲେଖି ଅଛନ୍ତି ଯେ ସୋମବିକ୍ରୟୀ ବ୍ରାହ୍ମଣ ଦାନର ଅଯୋଗ୍ୟ ଅଟନ୍ତି ।]

ସୋମ ବୃକ୍ଷ—ସଂ. ବି—୧ । କଟ୍ଫଳବୃକ୍ଷ; କାଫଡ଼ା ଗଛ (ରତ୍ନମାଳା)—
Soma bṛuksha 1. Myrica Sapida (tree). ୨। ଶ୍ୱେତ ଖଦିର (ରାଜନିର୍ଘଣ୍ଟ); ଧଳାଖଇର—2. The white variety of catechu.

ସୋମଭୂଃ—ସଂ. ବି (ସୋମଠାରୁ ଭୂଃ=ଉତ୍ପତ୍ତି ଯାହାର; ବହୁବ୍ରୀହି)—
Somabhūḥ ୧ । ସୋମପୁତ୍ର; ବୁଧଗ୍ରହ—1. The planet Mercury. ୨ । ଜୈନରାଜ ଭେଦ—2. Name of a Jaina king. ବିଣ—ସୋମବଂଶୋଦ୍ଭବ—Born of the Lunar Dynasty.

ସୋମ ମଣି—ସଂ. ବି (ମ.ତ. ଲେ; ସୋମଙ୍କ ପ୍ରିୟ ମଣି)-ଚନ୍ଦ୍ରକାନ୍ତମଣି—
Soma maṇi The moon-stone; a kind of gem.

ସୋମ ଯାଗ(ଯଜ୍ଞ, ମଖ)—ସଂ.ବି ସୋମଲତା ରସ ପାନାଙ୍ଗକ ତ୍ରୈବାର୍ଷିକ
Soma jāga(jajna, makha) ଯଜ୍ଞବିଶେଷ—A sort of
(ସୋମେଜ୍ୟା—ଅନ୍ୟରୂପ) vedic sacrifice. [ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣର କୃଷ୍ଣଜନ୍ମଖଣ୍ଡ ୬୦ ଅଧ୍ୟାୟରେ ଏ ଯାଗର ବିଧି ବର୍ଣ୍ଣିତ ହୋଇଅଛି । ଏହି ଯଜ୍ଞଦ୍ୱାରା ବ୍ରହ୍ମହତ୍ୟା ପାପ ମୋଚନ ହୁଏ । ଯାଜକ ପ୍ରଥମ ବର୍ଷ ସୋମଲତା ରସ ପାନ, ଦ୍ୱିତୀୟ ବର୍ଷ କେବଳ ଫଳ ଭୋଜନ ଓ ତୃତୀୟ ବର୍ଷ କେବଳ ଜଳପାନ କରି ଏ ଯାଗ ୩ ବର୍ଷରେ ଶେଷ କରନ୍ତି । ଯେଉଁ ବ୍ୟକ୍ତିଙ୍କର ୩ ବର୍ଷର ପୁରୁଣା ଧାନ ଘରେ ବ୍ୟୟିତ ନ ହୋଇ ସଞ୍ଚିତ ଥିବ, ସେ ଏହି ଯାଗ କରି ୩ ବର୍ଷର ସଞ୍ଚିତ ଧାନକୁ ଅନ୍ନ ଓ ଦକ୍ଷିଣାରୂପେ ବାଣ୍ଟିବେ ।]

ସୋମ ଯାଜୀ—ସଂ. ବି. ପୁଂ (ସୋମ+ଯଜ୍ ଧାତୁ+କର୍ତ୍ତୃ. ଇନ୍, ୧ମା
Somajāji ୧ବ)—ସୋମଯାଗ କର୍ତ୍ତା—
A person who performs the Somajāga.

ସୋମଯାଜୀ ପୁର—ଦେ. ବି—ପୁରୀ ଜିଲ୍ଲାର ସତ୍ୟବାଦୀ ଥାନାନ୍ତର୍ବର୍ତ୍ତୀ ରହାଙ୍ଗ
Somajāji pura ବ୍ରାହ୍ମଣ ଶାସନ ମଧ୍ୟରୁ ଏକତମ—Name of a Brāhmaṇa village (in Rahānga pergunna) in the Puri district.

ସୋମ ଯୋନି—ସଂ. ବି—୧ । ଚନ୍ଦନବିଶେଷ (ଶବ୍ଦଚନ୍ଦ୍ରିକା); ପୀତ
Soma joni ଚନ୍ଦନ (ହ୍ର. ଶ)—1. A
(ଅନ୍ୟ ସ—ତୈଲପର୍ଣ୍ଣିକ, species of excellent
ଶିଳୋଦ୍ଭବ) sandal wood. [ଦ୍ର—ଏହା ଅତ୍ୟନ୍ତ ଶୀତଳ ଅଟେ ।] ୨ । ଦେବତା (ହ୍ର. ଶ)—2. Deity. ୩ । ବ୍ରାହ୍ମଣ (ହ୍ର ଶ)—3. A Brāhmaṇa.

ସୋମରାଜ—ଦେ. ବି (ସଂ. ସୋମରାଜି)—ସୋମରାଜି (ଦେଖ)—
Somarāja Somarāji (See)
ସଂ. ବି—ଚନ୍ଦ୍ର (ହ୍ର. ଶ)—The moon.

ସୋମରାଜିକା—ସଂ. ବି—ସୋମରାଜୀ [ଶବ୍ଦରତ୍ନାବଳୀ] (ଦେଖ)
Somarājikā Somarāji (See)

ସୋମରାଜୀ—ସଂ. ବି (ସୋମ=ଶ୍ୱେତ+ରାଜ୍ ଧାତୁ=ଦୀପ୍ତି ପାଇବା+
Somarāji କର୍ତ୍ତୃ. ଇନ୍; ସୋମରାଜି; ୧ମା. ୧ବ)—ଔଷଧିବିଶେଷ; ବାକୁଚ—Serratula Anthelmintica (plant). [ଦ୍ର—ଏହା ଗୋକଣ୍ଟା ବର୍ଗର ତ୍ରାମ୍ୟ ବର୍ଷାୟୁଃ ଶାକ । ଏହାର ପତ୍ର ଏକୋତ୍ତର, ଦନ୍ତୁର । ଏହାର ତଳଭାଗରେ ଧଳା ରେଖା ଅଛି । ମଞ୍ଜରୀର ସବୁ ଫୁଲ ଏକ ପ୍ରକାର । ଫଳ ବା ବୀଜ ଅଠ ଦଶ ଶିରାଯୁକ୍ତ ଓ କୃଷ୍ଣବର୍ଣ୍ଣ । ଏହା ଜାତ୍ପୁର ଦେଖାଯାଏ । ଏହା ମଧୁର ତିକ୍ତରସ, କଟୁବିପାକ, ରସାୟନ, ବିଷ୍ଟମ୍ଭନାଶକ, ଶୀତଳ, ରୁଚିକର, ସାରକ, ହୃଦ୍ୟ ଓ ହୃଦ୍ୟ । ଏହା ଶ୍ଳେଷ୍ମା, ରକ୍ତପିତ୍ତ, ଶ୍ୱାସ, କୁଷ୍ଠ, ମେହ, ଜ୍ୱର ଓ କୃମିନାଶକ ।

ଅନ୍ୟ ସ—ଅବଲ୍ଗୁଜ, ବାକୁଚୀ, ସୋମବଳ୍କ, ସୁପର୍ଣ୍ଣିକା, ଶଶିଲେଖା, ସିତା, କୃଷ୍ଣଫଳା, ସୋମା, ସୋମବଲ୍ଲୀ, କାଳମେଷୀ, ବାଗୁଜା, ବାକୁଜା, କୃଷ୍ଣସ୍ରୀ, ସୁବର୍ଣ୍ଣା, ସୋମବଲ୍ଲିକା, ପୂତିଫଳା, ଅବଲ୍ଗୁଜା, ଚନ୍ଦ୍ରଲେଖା । সোমরাজ; বাকুচি; হাকুচি; হাকুচ
बाकुचि, बावचि, बकुचि
ମ. ବାଳେ ଗାବ
ତେ. ଭପିଂଚେଗେ, କୋଳବ ଏଲଏ, ବାବଞ୍ଚାଲ୍ ।

ସୋମରାଜୀ ମଞ୍ଜି—ପିତ୍ତବର୍ଦ୍ଧକ, କଟୁରସ, କେଶ ହିତକର ଓ ଚର୍ମର ଉପକାରକ । ଏହି ବୀଜ କୁଷ୍ଠ, କଫ, ବାୟୁ, କଫି, ଶ୍ୱାସ, କାଶ, ଶୋଥ, ଅମ ଓ ପାଣ୍ଡୁରୋଗର ପ୍ରଶମକ ।]

ସୋମରାଜୀ ତୈଳ—ସଂ. ବି—କୁଷ୍ଠାଦି ଚର୍ମରୋଗରେ ଉପକାରୀ
Somarāji taila ଆୟୁର୍ବେଦୋକ୍ତ ତୈଳବିଶେଷ—
Name of a medicinal oil for skin diseases.

ସୋମ ରୋଗ—ସଂ. ବି—୧ । ସ୍ତ୍ରୀରୋଗବିଶେଷ; ସ୍ତ୍ରୀମାନଙ୍କର ମୂତ୍ରାତିସାର
Soma roga ରୋଗ—1. A female disease like diabetes. [ଦ୍ର—ଏହି ରୋଗରେ ସବୁ ଦେହସ୍ଥ ଜଳୀୟପଦାର୍ଥ ମୂତ୍ରରୂପେ ଅତ୍ୟଧିକ ପରିମାଣରେ

ନିର୍ଗତ ହୁଏ । ଏଥିରେ ଶିରୋବ୍ୟଥା, ମୁଖର ଓ ତାଳୁର ଶୁଷ୍କତା, ମୂର୍ଚ୍ଛା, ଜୃମ୍ଭା, ପ୍ରଳାପ, ଭୋଜନରେ ଓ ପାନରେ ଅତୃପ୍ତି ହୁଏ । (ସୋମର ଅର୍ଥ ଜଳ । ସ୍ତ୍ରୀମାନଙ୍କ ଦେହରୁ ପ୍ରସ୍ରାବଦ୍ୱାର ବିଶେଷ ଜଳ ଯାଏ ହେବାରୁ ଏହି ନାମ ହୋଇଅଛି) । ଏହା ଅତ୍ୟଧିକ ସହବାସ, ଅତି ଶୋକ ଓ ଅତି ଶ୍ରମରୁ ଜନ୍ମେ । ଏହା ସ୍ତ୍ରୀମାନଙ୍କର ମୂତ୍ରାତିସାର ରୋଗ । ଏ ରୋଗରେ ମୂତ୍ରମାର୍ଗରେ ସ୍ୱଚ୍ଛ, ନିର୍ମଳ, ବେଦନାହୀନ, ନିର୍ଗନ୍ଧ, ଶୀତଳ, ଶ୍ୱେତବର୍ଣ୍ଣ ସ୍ରାବ ନିର୍ଗତ ହୁଏ । (ଭାବ-ପ୍ରକାଶ) ।] ୨ । ବହୁମୂତ୍ରରୋଗ—2. Diabetes.

ସୋମ ଲତା—ସଂ. ବି—ଅର୍କାଦିବର୍ଗର ବନ୍ୟ କ୍ଷୀରୀ, ପତ୍ରହୀନ ଲତା—
Soma latā Ascelpias Acida or Sarcostemma Brevistigma; the moon plant; Sarcostemma Viminale.
[ଅନ୍ୟ ସଂ—ସୋମବଲ୍ଲୀ, ସୋମା, କ୍ଷୀରୀ, ଗୁଲ୍ମବଲ୍ଲୀ, ଯଜ୍ଞଶ୍ରେଷ୍ଠା, ଯଜ୍ଞାଙ୍ଗା, ଶଣା, ଦ୍ୱିଜସୌମ୍ୟା, ଧନୁର୍ଲତା, ଯଜ୍ଞବଲ୍ଲୀ, ଦ୍ୱିଜପ୍ରିୟା, ସୋମକ୍ଷୀର(ରୀ) ମହାଗୁଲ୍ମା।]

ଗୌମ ଲତା
ସୋମ ଲତା

ତେଂଟୁଗଣ୍ଡୁ ସୁଲ୍ଲୁ, ପୁଲ୍ଲତୋଗେ] [ଦ୍ର—ଏହାର ଡେମ୍ଫ ହଳଦିଆ ଓ କାଣି ଅଙ୍ଗୁଠି ପରି ମୋଟା । ଏହାର ପତ୍ର ଅତ୍ୟନ୍ତ କ୍ଷୁଦ୍ର ଥିବାରୁ ଦୂରରୁ ଦେଖାଯାଏ ନାହିଁ; ଫୁଲ ଧଳା ଓ ଗନ୍ଧହୀନ; ଏକସଙ୍ଗେ ୮।୧୦ଗୋଟି ଫୁଲ ଧରେ; ଫୁଲର ଆକାର ଅର୍କଫୁଲ ପରି, କ୍ଷୀର ଈଷତ ଅମ୍ଳ । ଛୋଟ-ନାଗପୁର ଓ ଓଡ଼ିଶାରେ ଏହି ଲତା ଦେଖାଯାଏ ।

ଏହା ତ୍ରିଦୋଷଘ୍ନ, କଟୁ, ତିକ୍ତ ଓ ରସାୟନ, ପିତ୍ତ-ଦାହହର, କାନ୍ତିବର୍ଦ୍ଧକ, ମେଧାଜନକ ।

ପୂର୍ବେ ଯଜ୍ଞରେ ଏହି ଲତାର ରସକୁ ଋଷିମାନେ ପାନ କରୁଥିଲେ ଓ ଦେବତାଙ୍କୁ ନିଆ ଦେଉଥିଲେ । ଏହି ଲତାରେ ୧୫ଟି କ୍ଷୁଦ୍ର ପତ୍ର ଥାଏ । ଚନ୍ଦ୍ରକଳାର ବୃଦ୍ଧି ଅନୁସାରେ ଏହାର ଗୋଟିଏ ଲେଖାଏଁ ପତ୍ର ଉଦ୍ଗତ ହୁଏ ଓ ହ୍ରାସ ଅନୁସାରେ ଗୋଟିଏ ଲେଖାଏଁ ପତ୍ର ଝଡ଼େ । ସୋମଲତା ଚତୁର୍ବିଂଶତି ପ୍ରକାରର । ତନ୍ମଧ୍ୟରୁ ଯାହାର ଗନ୍ଧ ଘୃତ ପରି ତାହାର ନାମ ଅଂଶୁମାନ; ଯାହାର କନ୍ଦ କଦଳୀ କନ୍ଦ ପରି ତାହାର ନାମ ରଜତପ୍ରଭ; ରସୁଣ ପତ୍ର ପରି ଯାହାର ପତ୍ର ତାହାର ନାମ ମୁଞ୍ଜବାନ; ଯାହାର ବର୍ଣ୍ଣ ସ୍ୱର୍ଣ୍ଣବର୍ଣ୍ଣ ଓ ଯାହା ଜଳରେ ଉତ୍ପନ୍ନ ହୁଏ ତାହାର ନାମ ଚନ୍ଦ୍ରମା; ଯେଉଁ ଲତା ସାପକାତି ପରି ତାହାର ନାମ ଗରୁଡ଼ାହୃତ ଓ ଶ୍ୱେତାକ୍ଷ; କିନ୍ତୁ ସମସ୍ତ ଜାତିର ଲତାର ୧୫ ଗୋଟି ପତ୍ର ଓ ପତ୍ରର ପୂର୍ବୋକ୍ତ ହ୍ରାସବୃଦ୍ଧି ଲକ୍ଷିତ ହୁଏ । ନାମଭେଦ ଓ ରୂପଭେଦ ହେଲେ ମଧ୍ୟ ଗୁଣ ସମସ୍ତଙ୍କର ସମାନ । ମହେନ୍ଦ୍ର, ମଳୟ, ଶ୍ରୀପର୍ବତ, ଦେବଗିରି, ହିମାଳୟ, ପାରିପାତ୍ର, ସହ୍ୟ ଓ ବିନ୍ଧ୍ୟପ୍ରଭୃତି ପର୍ବତରେ ଏବଂ କାଶ୍ମୀର ଦେଶସ୍ଥ ହ୍ରଦ, ମାନସରୋବରରେ ଏ ଲତାର ଉତ୍ପତ୍ତି ହୁଏ ବୋଲି ଶାସ୍ତ୍ରମାନଙ୍କରେ ଲେଖା ଅଛି । ବେଦ ଆଦି ପ୍ରାଚୀନ ଗ୍ରନ୍ଥମାନଙ୍କରେ ସୋମ ଲତାର ବହୁ ଉଲ୍ଲେଖ ଅଛି । ଏଥିର ରସ ହଳଦିଆ ଓ ମାଦକ । ଏହାକୁ ବୈଦିକ ଋଷିମାନେ ପାନ କରୁଥିଲେ ଓ ଏହା ପାନ କଲେ ଜରା, ମୃତ୍ୟୁ, ପାପ ଓ ବ୍ୟାଧିରୁ ମୁକ୍ତି ମିଳୁଥିଲା ଓ ଏହା ଅମୃତ ସମ ବୋଲି ବର୍ଣ୍ଣିତ ହୋଇଅଛି । ଚରକ ଓ ସୁଶ୍ରୁତ ଗ୍ରନ୍ଥରେ ଏ ଲତାର ଓ ରସର ଉଲ୍ଲେଖ ଅଛି; କିନ୍ତୁ ସେ ଗ୍ରନ୍ଥଦ୍ୱୟର ରଚନା ସମୟରୁ ଏହା ଦୁଷ୍ପ୍ରାପ୍ୟ ହୋଇଥିବା ଜଣାଯାଏ । ବର୍ତ୍ତମାନ କାଳରେ ଏବମ୍ବିଧ ଗୁଣବିଶିଷ୍ଟ ଲତା ଦୁର୍ଲଭ । ଚନ୍ଦ୍ରଙ୍କ ଗତି ଅନୁସାରେ ସୋମ ଲତାର ବୃଦ୍ଧି ଓ କ୍ଷୟ ହେଉଥିବା ଦୃଷ୍ଟିରେ ଋଷିମାନେ ଚନ୍ଦ୍ରଙ୍କୁ ସୋମ ଲତାର ଅଧିଦେବତା ରୂପେ କଳ୍ପନା କରିଥିଲେ ।]
ଦେ. ବି.—ସୁଆଁ ଲଇ ଲତା (ଦେଖ)—
Suan̄ lai (See).

ସୋମ ଲତିକା—ସଂ. ବି—ଗୁଡ଼ୁଚୀ (ରାଜ ନିର୍ଘଣ୍ଟ)
Soma latikā Tinaspora Cordifolia.

ସୋମ ଶକଲା—ସଂ. ବି—କ୍ଷୀରାଣ୍ଟୁଲୀ (ରାଜନିର୍ଘଣ୍ଟ); ଏକପ୍ରକାର
Soma śakalā କାକୁଡ଼ି—A sort of cucumber.

ସୋମ ସଂଜ୍ଞ—ସଂ. ବି (ବହୁବ୍ରୀହି; ସୋମ+ସଂଜ୍ଞା+ଅ)—କର୍ପୂର
Soma samjña (ଶବ୍ଦମାଳା)—Camphor.

ସୋମ ସାର—ସଂ. ବି—୧ । ଶ୍ୱେତ ଖଦିର (ରାଜନିର୍ଘଣ୍ଟ)—
Soma sāra 1. White catechu. ୨ । ବବୁର ଗଛ (ହି. ଶ)—2. Acacia Arabica.

ସୋମ ସିଦ୍ଧାନ୍ତ—ସଂ. ବି—୧ । ବୁଦ୍ଧଭେଦ (ଜଟାଧର)—1. The
Soma siddhānta name of a Buddhist saint.
୨ । ଉକ୍ତ ପ୍ରୋକ୍ତ ଜ୍ୟୋତିଷଗ୍ରନ୍ଥ ବିଶେଷ; ହିନ୍ଦୁ ଜ୍ୟୋତି-ଷୋକ୍ତ ପଞ୍ଚସିଦ୍ଧାନ୍ତ (ସୂର୍ଯ୍ୟସିଦ୍ଧାନ୍ତ, ସୋମସିଦ୍ଧାନ୍ତ, ଆର୍ଯ୍ୟସିଦ୍ଧାନ୍ତ ରୋମଶ ସିଦ୍ଧାନ୍ତ, ବ୍ରହ୍ମ ସିଦ୍ଧାନ୍ତ) ମଧ୍ୟରୁ ଏକତମ—2. One of the Hindu astronomical treatises. ୩ । (ସ+ଉମା+ଅ=ସୋମ=ମହାଦେବ; ତତ୍କୃତ ସିଦ୍ଧାନ୍ତ=ତନ୍ତ୍ର ବିଶେଷ)—ମହାଦେବକଥିତ ତନ୍ତ୍ରଶାସ୍ତ୍ର ବିଶେଷ—3. Name of a Tantric treatise. ୪ । ଶ୍ରୀକୃଷ୍ଣ ମିଶ୍ରକୃତ ପ୍ରବୋଧଚନ୍ଦ୍ରୋଦୟ ନାଟକର କାପାଳିକ ବେଶଧାରୀ ଅଭିନେତା—4. Name of an actor in the Sanscrit drama, called Prabodha Chandrodaya. ୫ । ଶୈବ ମତାବଲମ୍ବୀ ପଣ୍ଡିତ ବିଶେଷ—5. Name of a Pandit professing the Saiba faith.

ସୋମ ସିଦ୍ଧାନ୍ତୀ—ସଂ. ବିଣ. ପୁଂ (ସୋମ ସିଦ୍ଧାନ୍ତ+ଇନ୍; ୧ମା.
Soma siddhānti ୧ବ)—ସୋମ ସିଦ୍ଧାନ୍ତ ବେତ୍ତା—Versed in Somasiddhānta.

ସୋମ ସୁତ(ତ)—ସଂ. ବି (ସୋମ+ସୁ. ଧାତୁ=କ୍ଷେପଣ କରିବା+
Soma sut(ta) କର୍ତ୍ତୃ. କ୍ୱିପ୍; ବନ୍; ସୋମସୁତ୍ ୧ମା. ୧ବ)—
ଯେଉଁ ବ୍ୟକ୍ତି ଯଜ୍ଞରେ ସୋମଲତା ରସ ଆହୁତି ଦିଅନ୍ତି—
A priest whose duty is to offer the Soma juice unto the fire in a vedic sacrifie.

ସୋମ ସୁତ—ସଂ. ବି. ପୁଂ (୬ଷ୍ଠୀ ତତ୍)—ବୁଧଗ୍ରହ—
Soma suta The planet Mercury.

ସୋମସୁତା—ସଂ. ବି. ପୁଂ (୬ଷ୍ଠୀ ତତ୍)—ରେବା ବା ନର୍ମଦା ନଦୀ—
Somasutā The river Nerbudda.
(ସୋମୋଦ୍ଭବା—ଅନ୍ୟରୂପ)

ସୋମ ସୁତି(ତ୍ୟା)—ସଂ. ବି—ସୋମଲତାରୁ ଚିପୁଡ଼ି ସଙ୍ଗ୍ରହ କରି ବାହାର କରିବା କ୍ରିୟା (ପୂ. ଶ)—Soma suti(tyā) The act of pressing out the juice of the Soma creeper for Jajña.

ସୋମ ସୂତ୍ର—ସଂ. ବି—ପ୍ରଣାଳ; ଶିବଲିଙ୍ଗ ସମୀପସ୍ଥ ଜଳନିଃସରଣ ମାର୍ଗ ବା ନଳୀ (ପୂ. ଶ)—Soma sūtra The channel at the mouth of the 'Śakti' of a "Śiba-liṅga" through which the bath-water of the image of Śiba flows out. ଦେ. ବି—ପାଦୁକକୁଣ୍ଡ—The pit for holding such bath water. [ଉ—ବାଲଶା କରିବ ନାହିଁ ସୋମସୂତ୍ର ପ୍ରାପ୍ତେ—ଘନକୃଷ୍ଣ. ରସକଲ୍ଲୋଳ ।]

ସୋମା—ସଂ. ବି (ସୋମ+ଅ)—୧ । ସୋମଲତା (ଦେଖ)—Somā 1. Somalatā (See) ୨ । ଅପ୍ସରାବିଶେଷ (ପୂ. ଶ)—2. Name of a heavenly nymph. ୩ । ମାର୍କଣ୍ଡେୟ ପୁରାଣୋକ୍ତ ନଦୀବିଶେଷ (ପୂ. ଶ)—3. Name of a mythological river.

ସୋମାଖ୍ୟ—ସଂ. ବି (ସୋମ+ଆଖ୍ୟା+ଅ)—ରକ୍ତକୈରବ (ରତ୍ନମାଳା); ଲାଲ କଇଁ—Somākhya The red water-lily.

ସୋମାଭା—ସଂ. ବି. ସ୍ତ୍ରୀ—୧ । (ବହୁବ୍ରୀହି; ସୋମ+ଆଭା+ଅ) ଚନ୍ଦ୍ରାବଳୀ (ଭକ୍ତିରସାମୃତସିନ୍ଧୁ)—Somābhā 1. A female companion of Rādhā. [ଉ—ସଖୀ ସୋମାଭା ଦେଖି ପାଶେ । ଅଶ୍ରୁର ନିଃସର ଦେଶେ—ପ୍ରାଚୀ· ପୂର୍ଣ୍ଣତମ ଚନ୍ଦ୍ରୋଦୟ ।] ୨ । (୬ଷ୍ଠୀ ତତ୍) ଚନ୍ଦ୍ରକିରଣ (ପୂ. ଶ)—2. The rays of the moon.

ସୋମାୟନ—ସଂ. ବି—୨୭ ଦିନ ଗୋଦୁଗ୍ଧ ପାନ ଓ ୩ ଦିନ ଉପବାସ କରିଯିବା, ଏପରି ଏକମାସକାଳ କରଣୀୟ ବ୍ରତବିଶେଷ—Somāyana A kind of religious vow observed by subsisting on cow's milk for 27 days and fasting for 3 days. [ଦ୍ର—ଯାଜ୍ଞବଲ୍କ୍ୟସ୍ମୃତି ଅନୁସାରେ ବ୍ରତକାରୀ ପ୍ରଥମ ୭ ଦିନ ଗାଈର ୪ ସ୍ତନରୁ, ଦ୍ୱିତୀୟ ସପ୍ତାହରେ ୩ ସ୍ତନରୁ, ତୃତୀୟ ସପ୍ତାହରେ ୨ ସ୍ତନରୁ ଓ ପରବର୍ତ୍ତୀ ୬ ଦିନ ୧ ସ୍ତନରୁ ଦୁହାଁଯିବା ଦୁଗ୍ଧ ମାତ୍ର ପାନ କରିବେ ଓ ଶେଷରେ ୩ ଦିନ ନିର୍ଜଳ ଉପବାସ କରିବେ—ପୂ. ଶ ।]

ସୋମାରୁଦ୍ର—ସଂ. ବି (ସୋମ+ରୁଦ୍ର; ଦ୍ୱନ୍ଦ୍ୱ)—ସୋମ ଦେବତା ଓ ରୁଦ୍ର ଦେବତା—Somārudra The two Deities Soma and Rudra.

ସୋମାର୍ଦ୍ଧ—ସଂ. ବି (୬ଷ୍ଠୀ ତତ୍; ସୋମ+ଅର୍ଦ୍ଧ)—ଅର୍ଦ୍ଧଚନ୍ଦ୍ର—Somārddha Halfmoon.

ସୋମାର୍ଦ୍ଧଧାରୀ—ସଂ. ବିଣ. ପୁଂ (ସୋମାର୍ଦ୍ଧ+ଧୃ ଧାତୁ+କର୍ତ୍ତ୍ରି. ଣିନ୍; ୧ମା. ୧ବ)—ମସ୍ତକରେ ଅର୍ଦ୍ଧଚନ୍ଦ୍ର ଧାରଣକାରୀ—Somārddhadhārī Holding the half-moon on the head or brow. (ସୋମାର୍ଦ୍ଧଧାରିଣୀ—ସ୍ତ୍ରୀ) ସଂ. ବି. ପୁଂ—ଶିବ—Śiba.

ସୋମାଲ—ସଂ. ବିଣ (ସୋମ+ଅଲ ଧାତୁ=ଭୂଷିତ କରିବା+କର୍ତ୍ତ୍ରି. ଅ)—କୋମଳ (ହେମଚନ୍ଦ୍ର)—Somāla Soft.

ସୋମାଲକ—ସଂ. ବି—ପୁଷ୍ପରାଗମଣି (ପୂ. ଶ)—Somālaka Topaz (gem).

ସୋମାଷ୍ଟମୀ—ସଂ. ବି—ସୋମବାର ଦିନ ଅଷ୍ଟମୀ ହେଲେ କରାଯିବା ବ୍ରତ (ଶବ୍ଦକୋଷ)—Somāshṭamī A religious vow observed if a monday falls on the 8th day of a lunar fortnight.

ସୋମାହ—ସଂ. ବି (ସୋମ+ଅହନ୍)—ସୋମବାର (ଦେଖ)—Somāha Somabāra (See)

ସୋମାହୁତି—ସଂ. ବି—୧ । ଭାର୍ଗବ ଋଷି (ପୂ. ଶ)—Somāhuti 1. Sage Bhārgaba. ୨ । ସୋମରସଦ୍ୱାରା ଅଗ୍ନିରେ ଆହୁତି (ପୂ. ଶ)—2. Offering of the Soma juice unto the fire.

ସୋମେଶ୍ୱର—ସଂ. ବି—୧ । (ସୋମଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାରୁ) କାଶୀର ଶିବଲିଙ୍ଗବିଶେଷ—Someśwara 1. Name of an image of Śiba at Benares. ୨ । (ନାମ) ପ୍ରାଚୀନ କବିବିଶେଷ (ଶବ୍ଦକୋଷ)—2. Name of an ancient poet. ୩ । (ନାମ) ସଙ୍ଗୀତଶାସ୍ତ୍ରର ଅଭିଜ୍ଞବିଶେଷ (ପୂ. ଶ)—3. Name of an expert in music. ୪ । (ନାମ) ସର୍ବଦର୍ଶନସଂଗ୍ରହର ରସେଶ୍ୱର ଦର୍ଶନରେ ଉଲ୍ଲିଖିତ ଦାର୍ଶନିକବିଶେଷ (ଶବ୍ଦକୋଷ)—4. Name of an ancient Indian philosopher. ୫ । (ନାମ) ଜୈମିନୀୟ ନ୍ୟାୟମାଳା ଗ୍ରନ୍ଥରଚୟିତା—5. Name of the author of a treatise on philosophy. ୬ । (ନାମ) ତନ୍ତ୍ରାଲୋକ ଓ ଚତୁର୍ବିଂଶିକା ନାମକ ଗ୍ରନ୍ଥଦ୍ୱୟର ରଚୟିତା (ଶବ୍ଦକୋଷ)—6. Name of a Tantric writer. ୭ । (ନାମ) ଯୋଗେଶ୍ୱରଙ୍କ ଶିଷ୍ୟ; ଶବ୍ଦାର୍ଥ ସମୁଚ୍ଚୟ ଗ୍ରନ୍ଥ ପ୍ରଣେତା (ଶବ୍ଦକୋଷ)—7. Name of a lexicographer. ୮ । (ନାମ) ଖେଚର ଭୂତ ସିଦ୍ଧାନ୍ତ ସଂଗ୍ରହର ଟୀକାକାର (ଶବ୍ଦକୋଷ)—8. Name of an annotator. ୯ । (ନାମ) କୁମାରିଲଭଟ୍ଟଙ୍କ ତନ୍ତ୍ରବାର୍ତ୍ତିକର ସର୍ବାନବଦ୍ୟକାରିଣୀ ଟୀକାର ଗ୍ରନ୍ଥକାର (ଶବ୍ଦକୋଷ)—9 Name of another commentator. ୧୦ । ଶ୍ରୀକୃଷ୍ଣଙ୍କର ଏକ ନାମ—10. A name of Śrikrushṇa.

୧୧ । ସୋମନାଥ (ହି. ଶ)(ଦେଖ)—11. Somanātha

ସোমেশ্বর (See)· ଦେ· ବ—୧ । କୋଶଳର ଜନୈକ ସୋମ
सोमेश्वर ବଂଶୀୟ ରାଜା—1· Name of a king of the Soma dynasty who ruled in Kośala. [ଦ୍ର—ଏ ମହାରାଜାଧିରାଜ ସୋମବଂଶୀ ଉଦ୍ୟୋତ କେଶରୀଙ୍କ ପରେ କୋଶଳରେ ରାଜତ୍ୱ କରୁଥିଲେ । ତାଙ୍କ ରାଜତ୍ୱରେ ଲିର୍ମିତ ସୋମେଶ୍ୱର ମନ୍ଦିର ପାଟଣାଗଡ଼ ଅନ୍ତର୍ଗତ ରାଣୀପୁର ଝରିଅଲ ନାମକ ବହୁ ପ୍ରାଚୀନ ସହର-ଶୋଭିତ ସ୍ଥାନରେ ଅଦ୍ୟାପି ବିଦ୍ୟମାନ ।

ସୋମବଂଶର ସୋମେଶ୍ୱରଙ୍କ ଛଡ଼ା କୋଶଳ ବା ପାଟଣା ଓ ସୋନପୁର ଅଞ୍ଚଳରେ ତ୍ରୈଳବଂଶୀୟ 'ସୋମେଶ୍ୱର' ନାମକ ଦୁଇ ଜଣ ରାଜା ରାଜତ୍ୱ କରୁଥିଲେ—କେଦାରନାଥ ମହାପାତ୍ର ।] ୨ । ପାଟଣାରାଜ୍ୟାନ୍ତର୍ଗତ ରାଣୀପୁର ଝରିଅଲରେ ପ୍ରତିଷ୍ଠିତ ଶିବଲିଙ୍ଗ—2. Name of an idol of Śiba in the Patna state.

ସୋମୋଦ୍ଭବ—ସଂ. ବଣ. ପୁଂ(ବହୁବ୍ରୀହି; ସୋମଙ୍କଠାରୁ ଉଦ୍ଭବ ଯାହାର)
Somodbhaba —ସୋମଙ୍କଠାରୁ ଜାତ—Born of Soma.
(ସୋମୋଦ୍ଭବା—ସ୍ତ୍ରୀ) ବି· ପୁଂ—୧ । ବୁଧଗ୍ରହ—1. Planet Mercury. ୨ । ଶ୍ରୀକୃଷ୍ଣଙ୍କର ଏକ ନାମ (ଚନ୍ଦ୍ରମା ଉତ୍ପନ୍ନକାରୀ) (ହି· ଶ)—
2. A name of Śrikrushna.

ସୋମୋଦ୍ଭବା—ସଂ. ବି. ସ୍ତ୍ରୀ—ରେବା ବା ନର୍ମଦା ନଦୀ (ଅମର)—
Somodbhabā The Nerbudda river.
ସଂ. ବଣ. ସ୍ତ୍ରୀ—ସୋମୋଦ୍ଭବର ସ୍ତ୍ରୀଲିଙ୍ଗ—Feminine of Somodbhaba.

ସୋମୋଦ୍ର—ଗ୍ରା· ବି (ମାଙ୍କଡ଼ା ପାଞ୍ଜି)—ସମୁଦ୍ର—
Somodra Ocean.
সমদ্দুর समुंदर

ସୋମ୍ୟ—ସଂ· ବଣ (ସୋମ+ଯ)—୧ । ସୋମ ସମ୍ବନ୍ଧୀୟ—
Somya 1. Relating to Soma· ୨ । ସୋମଯୁକ୍ତ (ହି. ଶ)—2· Having Soma. ୩ । ସୋମପାନର ଯୋଗ୍ୟ (ହି. ଶ)—3. Entitled to or fit for drinking Soma juice. ୪ । ସୋମ ରସର ଅଗ୍ନିରେ ଦେବାକାରୀ (ହି. ଶ)—4. (a person or priest) Offering the Soma juice unto fire.

ସୋୟଂ—ଗ୍ରା. ଅ (ସ୍ୱୟଂର ଅଶୁଦ୍ଧ ଉଚ୍ଚାରଣ)—ସ୍ୱୟଂ—
Soyam Self; personally.
স্বয়ং स्वयं

ସୋୟମ୍—ଦେଦେ. ବଣ (ପା)—୧ । ତୃତୀୟ—1. Third. ୨ ।
Soyam ତୃତୀୟ ଶ୍ରେଣୀର (ଜମି)—2. Of the third class
সোয়ম (land)· [ଦ୍ର—ଓଡ଼ିଶାର ସାବକ ରାଜସ୍ୱ ବନ୍ଦୋବସ୍ତରେ
सोयम ଜମିମାନଙ୍କୁ ଉର୍ବରତା ଦୃଷ୍ଟିରେ—
ଅବ୍ୱଲ୍ (୧ମ ଶ୍ରେଣୀର ବା ଉତ୍କୃଷ୍ଟ),
ଦୋୟମ୍ (୨ୟ ଶ୍ରେଣୀର),
ସୋୟମ୍ (୩ୟ ଶ୍ରେଣୀର),
ଚହାରମ୍ (୪ର୍ଥ ଶ୍ରେଣୀର),
ଏହିପରି ଶ୍ରେଣୀବଦ୍ଧ କରାଯାଉଥିଲା ।]

ସୋର୍—ଦେଦେ. ବି—୧ । (ଇଂ ନାମ) ସର୍ଜନ୍ ଶୋର୍; ଭାରତର
Sor ଜନୈକ ଗଭର୍ଣ୍ଣର୍ ଜେନେରଲ୍—1. Sir John Shore, a
সোর্ Governer General of India; Lord
सोर Teignmouth.
[ଦ୍ର—ଏ ଖ୍ରୀ: ୧୭୯୩ରୁ ୧୭୯୮ ପର୍ଯ୍ୟନ୍ତ ଗଭର୍ଣ୍ଣର୍ ଜେନେରଲ୍ ହୋଇଥିଲେ । ଏହାଙ୍କର ଅନ୍ୟ ନାମ ଲର୍ଡ୍ ଟେନ୍ ମାଉଥ । ଏହାଙ୍କ ଅମଳରେ କନାରସ ରାଜ୍ୟ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ଖାସ୍ ଦଖଲରେ ଅସିଥିଲା ଏବଂ ଅଲ୍ଲାହାବାଦ ଖାସ୍ ଦଖଲରେ ଅସିଥିଲା ।] ୨ । (ପା. ଶୋର୍) କୋଳାହଳ; ସୋରା—2. Noise (ଭୁଲ· ସଂ. ସ୍ୱର)—
୩ । (ଇଂ) ସମୁଦ୍ର ଅବର ତଟ; କନାର—3. Shore. ୪ । (ପା. ଶୁର୍) ଚେତନାବସ୍ଥା—4. Conscious condition.

ସୋର୍ କରିବା—ଦେ. କି—୧ । ଗୋଳ କରିବା—1. To make
Sor karibā a noise. ୨ । ହୋ ଉଠାଇବା—2· To
সোর গোলকরা raise a hue and cry. ୩ । ପାଟି
शोर मचाना କରିବା—3. To make a loud voice.
୪ । ରବ କରିବା—4. To make a sound. ୫ । କୌଣସି ବିଷୟ ସାଧାରଣରେ ପ୍ରକାଶ କରିବା; ରାଷ୍ଟ୍ର କରିବା—5. To publish a matter broadcast.

ସୋର୍ ଗୋଳ —ଦେ· ବି (ସହଚର ଶବ୍ଦ; ସଂ.ସ୍ୱର ଓ ପା. ଗୋଲ୍)—
Sor gola ଗୋଳମାଳ · ଗଣ୍ଡଗୋଳ—Noise; ado.
সোর গোল शोरगो(गु)ल

ସୋର୍ ଶବଦ—ଦେ. ବି (ସହଚର ଶବ୍ଦ, ସଂ. ସ୍ୱର ଓ ଶବ୍ଦ)—କୌଣସି
Sor śabada ପ୍ରକାରର ଶବ୍ଦ—Any sound or noise.
সোর শব্দ शोरगुल
(ସୋର୍ ଶବ୍ଦ—ଅନ୍ୟରୂପ)

ସୋର୍ ସାର୍—ଦେ. ବି (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—ସୋର୍
Sor sār ଶବଦ (ଦେଖ)—Sor śabada (See)

ସୋର୍ ବୁଡ଼ିବା—ଦେ. ବି—ଚୈତନ୍ୟଲୋପ ହେବା—
Sor bajibā Losing or loss of consciousness.
বেহুঁশ হওয়া चेत होना

ସୋର୍ ହେବା—ଦେ. ବି—୧ । ଜ୍ଞାନଲାଭ ହେବା—1. Regain-
Sor hebā ing or revival of consciousness. ଦେ,
চৈতন্য হওয়া କି (କୌଣସି ବିଷୟ)—ରାଷ୍ଟ୍ର ହେବା—To be
चेत होना published; to become public.
রটিয়া যাওয়া शोरहोना

ସୋର—ଦେ· ବି (ସଂ. ସ୍ୱରର ଅଶୁଦ୍ଧ ଉଚ୍ଚାରଣ)—୧ । ସ୍ୱର; ଶବ୍ଦ—
Sora 1. Sound. ୨ । ବାଦ୍ୟର ଶବ୍ଦ—2. Tone of
সোর musical instrument. ୩ । ଗଣ୍ଡଗୋଳ; ଗୋଳମାଳ—

ସ୍ୱର 3. Noise. ୪ । ସୋରେ (ଦେଖ)—4. Soro (See)
हूँश ୫ । ସ୍ମରଣ—5. Recollection. ବୈଦେ. ବ (ଫା. ସୁର୍) ହୋଷ୍; ଚେତ୍; ଜ୍ଞାନ)—Consciousness. ସଂ. ୬—ବକ୍ରଗତି (ହ୍. ଷ)—Tortuous motion.
होश, सूर

ସୋରକ—(ଅର୍ବାଚୀନ) ସଂସ୍କୃତ. ବ—ସୋରା (ଶବ୍ଦକୋଷ)—
Soraka Saltpetre.
[ଦ୍ର—ପ୍ରାଚୀନ ସଂସ୍କୃତ ଅଭିଧାନରେ ଏ ଶବ୍ଦ ମିଳେ ନାହିଁ ବୋଲି ଡାକ୍ତର ଉଦୟଚାନ୍ଦ ଦତ୍ତ ତାଙ୍କ ରଚିତ Materia Medica of the Hindus (ହିନ୍ଦୁଙ୍କ ଭୈଷଜ୍ୟ ବିଜ୍ଞାନ ଗ୍ରନ୍ଥରେ ଲେଖିଅଛନ୍ତି ।]

ସୋରଟ (ଠ) ମଲ୍ଲା(ହ୍ଲା)ର—ଦେ. ବ—ସମ୍ପୂର୍ଣ୍ଣ ଜାତିର ରାଗ ବିଶେଷ—
Sorata(tha) mallā(hlā)ra Name of musical tune.
सुरट मल्लार [ଦ୍ର—ଏଥିରେ ସବୁ ଶୁଦ୍ଧସ୍ୱର ଲାଗେ—ହ୍. ଷ ।]
सोरठ मल्लार

ସୋରଡ଼ା—ପ୍ରାଦେ (ଗଞ୍ଜାମ) ବ. (ଧ୍ୱନ୍ୟନୁକରଣ)—୧ । ସୋଡ଼କା
Sorardā (ଦେଖ)—1. Sordakā (See) ୨ । ଗଞ୍ଜାମର (ସୋରଡ଼ୀ—ସ୍ତ୍ରୀ) ଗୋଟିଏ ଗ୍ରାମ—2. Name of a village in Ganjam. ବିଣ—ସୋଡ଼କା (ଦେଖ)—
Sordakā (See)

ସୋରଡ଼ିବା—ପ୍ରାଦେ (ଗଞ୍ଜାମ) କ୍ରି. (ଧ୍ୱନ୍ୟନୁକରଣ)—ସୋଡ଼କିବା
Sorardibā (ଦେଖ)—Sordakibā (See)

ସୋରଣ—ସଂ. ବିଣ—ଈଷତ୍ କଷା, ମିଠା ଖଟା ଓ ଲୁଣିଆ ହେବାରୁ
Sorana ରୁଚିକର (ହ୍. ଷ)—Palatable owing to being a little astringent, sweet, sour and saline.

ସୋରଣୀ—ପ୍ରାଦେ (ଗଡ଼ଜାତ) ବ—୧ । ସାନ ସଣ୍ଡୁଆସି—
Soranā 1. Small pincers. ୨ । ନାକୁଆସି—
2. Pincers used by barbers to draw out the furs from the nostrils.

ସୋର(ରୋ)ତ—ଗ୍ରା. (ପଦ୍ୟ) ବ. (ସଂ. ସ୍ରୋତ)—ସ୍ରୋତ—
Sora(ro)ta Current.
स्रोत सोत
(ଉ—ଶତ୍ରୁଅଛନ୍ତି ତହିଁ ଯେ ସୋରତର ବେଳା, ପାର ହେବାପାଇଁ କ ଉପେ ଶବ ଭେଳା—କୃଷ୍ଣସିଂହ ମହାଭାରତ ଦ୍ରୋଣ ।]

ସୋରସ(ସୋ)ତି—ଗ୍ରା. ବ (ସଂ. ସରସ୍ୱତୀ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)-
Sorasa(so)ti ସରସ୍ୱତୀ (ଦେଖ)—Saraswati
सरस्वती सरोसती (See).

ସୋରା—ବୈଦେ. ବ (ଫା; ତୁଲ. ସଂ. କ୍ଷାର, ସୁବର୍ଚ୍ଚିକା ଓ ସର୍ଜ୍ଜିକା କ୍ଷାର
Sorā ୧ । ଯବକ୍ଷାର; ଲୁଣିଆ ମାଟିରୁ ଜାତ କ୍ଷାରବିଶେଷ—
सोरा शोरा 1. Saltpetre; Potassium nitrate; nitrate of potash. [ଦ୍ର—ଇଉରୋପ, ଆମେରିକା, ମଧ୍ୟଏସିଆ, ପାରସ୍ୟ, ଚୀନ୍, ଭାରତବର୍ଷରେ ପ୍ରାୟ ସର୍ବତ୍ର ଓ ବିଶେଷତଃ ବଙ୍ଗାଳାରେ ଓ ଆମେରିକାର କଶ୍ଚିଣ ଅଞ୍ଚଳମାନଙ୍କରେ ମାଟି ଉପରେ ଲୁଚାଇଥିବା ଫୁଟିଲା ପରି ଏ କ୍ଷାରର ସ୍ତର ଦେଖାଯାଏ । ଏହି ସ୍ତର (ଖାଲମାଟି)କୁ ପାଣିରେ ଗୋଳାଇ ଛାଣି ମାଟିଆ ପାଣିକୁ ଛାଳିଦେଇ ତଳେ ବସିବା ଅଂଶକୁ ଖରାରେ ବା ନିଆଁ ତାପରେ ଶୁଖାଇଲେ ସୋରା ମିଳେ । ସୋରା ସହିତ ଗନ୍ଧକ ଓ କୋଇଲାଗୁଣ୍ଡା ମିଶାଯାଇ ବାରୁଦ ପ୍ରସ୍ତୁତ କରାଯାଏ ।] ୨ । ସୋଢ଼ା (ଦେଖ)—2. Sordā (See). ୩ । (ସଂ. ସର) ହାର ଅବର ସରୁ—
नर लर
3. A string of beads etc. ୪ । ସୋଢ଼ୋରା; ଜମି ଅବର ଲମ୍ବ ଖଣ୍ଡ—4. A long strip of land. ୫ । ଲେମ୍ବୁ ଅବର ଚ(ଚୁ)ରୁଡ଼ା ବା କୋଷ—
5. One strip of lemon. ୬ । କରମଙ୍ଗା, ଅମୃତଭଣ୍ଡା, ବୋଇତାଳଙ୍କାରୁ ଅବ ଉପରେ ଶିରା ଥିବା ଫଳର ଭୁଇଁ ଶିର ମଧ୍ୟରେ ଥିବା ଲମ୍ବ ଚୁରୁଡ଼ା—
6. A long ridged portion or strip of a corrugated fruit (e. g. carrambola, red gourd) from the stem of the fruit to its end. ପ୍ରାଦେ (ଘାଟଣା) ବ—ସ୍ମରଣ—
Recollection

ସୋରା(ରେ)ଇ—ବୈଦେ. ବ (ଫା—ସୁରାଇ) ସୁରାଇ (ଦେଖ)
Sorā(re)i Surāi (See)

ସୋରା(ରେ)ଇବା—ଦେ. କ୍ରି (ସଂ. ସ୍ମୃ ଧାତୁ କମ୍ବା ସ୍ମୃ ଧାତୁ)—ସୁରାଇବା (ଦେଖ)—
Sorā(re)ibā Surāibā (See)

ସୋରାକ୍(ଖ)(ଇତ୍ୟାଦି)—ବୈଦେ. ବ.—ସୁରାକ୍ ଇତ୍ୟାଦି (ଦେଖ)
Sorāk(kh)(etc) Surāk etc (See)

ସୋରା କ୍ଷାର—ଦେ. ବ (ବୈଦ୍ୟକ)—ଯବକ୍ଷାର—
Sorā kshāra Potassium nitrate; saltpetre.
सोराक्षार शोरा

ସୋରାଜାନ—ଦେ. ବ (ବିଜ୍ଞାନପରିଭାଷା)—ଯବକ୍ଷାରଜାନ ବାଷ୍ପ—
Sorājāna Nitrogen.
सोराजान शोराजान

ସୋରା ଝଲକା—ପ୍ରାଦେ. (ଗଞ୍ଜାମ) ବ—କାନର ଉପର ଫାଳିଆ (ଯହିଁରୁ
Sorā jhalakā ସୋରା ସୋରା ଝଞ୍ଜିର ଓହୋଳି ଥାଏ)—
An ear—ornament worn on the upper part of the ear and from which hang chained pendants.

ସୋରାବାସ—ସଂ.ବ—ଲୁଣ ମିଶା ଯାଇ ନ ଥିବା ମାଂସର ସୋରୁଅ(ହ୍.ଶ)-
Sorābāsa Soup of meat not seasoned with salt.

ସୋରାଷ୍ଟ୍ରିକ—ସଂ. ବ—ସୌରାଷ୍ଟ୍ରିକ (ଶବ୍ଦକୋଷ) (ଦେଖ)
Sorāshtrika Saurāshtrika (See)

ସୋରି—ଦେ. ବ—ସୋରା ୩ (ଦେଖ)—Sorā 3 (See) [ଉ—
Sori ବନ୍ଧୁ ଭୁ ମୋ ଗଜ ମୁକୁତାର ସୋରି ସୋରି ହିତୁ ଗଣି ପଶୋର ରେ—ଲବଣ୍ୟ. ସଙ୍ଗୀତ ।]

ସୋରିବା—ଦେ. କ୍ରି—ସୁରିବା (ଦେଖ)—
Soribā Suribā (See)

ସୋରିଷ—ଦେ. ବି (ସଂ. ସର୍ଷପ)—ସର୍ଷପ; ତୈଳବୀଜବିଶେଷ—
Sorisha Indian rape; mustard; Brassia Papus;
সরিষা सरसों Sinapis Nigra. [ଦ୍ର—ସର୍ଷପ ଦେଖ ଦେଖ ।]

ସୋରିଷ ତେଲ(ମାଲପା)—ଦେ. ବି—ସର୍ଷପ ତୈଳ—
Sorisha tela(mālapā) Mustard oil.
সরিষা তেল सरसों का तेल

ସୋରିଷା—ଦେ. ବିଣ—୧ । ସୋରିଷ ପରି ଆକୃତିବିଶିଷ୍ଟ—1. Having the shape of a mustard. ୨। ସୋରିଷର
Sorishā
সরিষা सरसों के जसे ବର୍ଣ୍ଣବିଶିଷ୍ଟ—2. Mustard-coloured.
(ସୋରିଷିଆ—ଅନ୍ୟରୂପ) ବି—୧। ସୋରିଷ ପରି ଗୋଟି ଦାନା ଥିବା କଣ୍ଠହାର—1. Necklace consisting of mustard like-beads. ୨ । କବାଟ ଅଦରେ ଲଗିଥିବା ଏକପ୍ରକାର କଣ୍ଟା—2. A kind of nail for doors. ୩ । କବାଟରେ ବା ସିକୁଳ ଅଦରେ ମରି ଯାଉଥିବା କୁନ୍ଦୁଗ୍ରା—3. Staple of a door.
স্বরসো
कुलाबा

ସୋରିଷା କଣ୍ଠି (ମାଳ,ମାଳି,ହାର)—ଦେ.ବି—ସୋରିଷପରି କ୍ଷୁଦ୍ର ଦାନା-
Sorishā kanṭhi (māla,māḷi, hāra) ଯୁକ୍ତ କଣ୍ଠାଭରଣ—
সরিসা হার कंठी A necklace of mustard-shaped beads.

ସୋରିଷିଆ (ଇତ୍ୟାଦି)—ଦେ. ବିଣ ଓ ବି—ସୋରିଷା ଇତ୍ୟାଦି (ଦେଖ)
Sorishiā (etc) Sorishā etc (See)

ସୋରିଷିଆ ଗୋଧି—ଦେ. ବି—ଏକପ୍ରକାର ହଳଦିଆ ଓ ସୋରିଷ ପରି
Sorishiā godhi ଫୁଟୁଫୁଟିକା ଚିହ୍ନଯୁକ୍ତ ଗୋଧି—A species
গোসাপ विषखपरा of iguana. [ଦ୍ର—ଏ ଶ୍ରେଣୀର ଗୋଧିଙ୍କ ବିଷ ମାରାତ୍ମକ । ଅନ୍ୟ ପ୍ରକାରର ଗୋଧିଙ୍କୁ ମାଟିଆ ଗୋଧି କୁହାଯାଏ ।]

ସୋରିହା—ଗ୍ରା. ବି ଓ ବିଣ—ସୋରେହା (ଦେଖ)
Sorihā Sorehā (See)

ସୋରି—ଗ୍ରା. ବି. ସ୍ତ୍ରୀ—ସରସ୍ୱତୀ । ସ୍ତ୍ରୀର ଡାକ ନାମ—
Sori Nickname for Saraswati

ସୋରୁଅ—ଦେ. ବି—ପାଚିଲା ପଣସ ବା ପାଚିଲା ତାଳର ଚକଟା ରସ—
Sorua The kneaded juice of a ripe jackfruit or ripe palm.
সত্ত্ব रस

ସୋରୁଆ—ବୈଦେ. ବି (ପା. ଶୋର୍ବା)—ମାଂସର ଝୋଳ—
Soruā সুরুয়া सोरवा Meat soup.

ସୋ ରୁମ୍—ବୈଦେ. ବି (ଇଂ) —ଦୋକାନମାନେ ଯେଉଁ ଘ-ର ପଣ୍ୟ-ଦ୍ରବ୍ୟମାନ ଲୋକଙ୍କୁ ଦେଖାଇବା ପାଇଁ ସଜାଇ ରଖନ୍ତି—
So rum
সোরুম सोरुम Show room.

ସୋରେ ଅ—ଗ୍ରା. ବାକ୍ୟ (ସଂ. ସ୍ୱର + ଅ)—ଅବଧାନମାନେ ଖଡ଼ିରେ ପିଲାଙ୍କୁ ସ୍ୱରବର୍ଣ୍ଣର 'ଅ' ଅକ୍ଷରକୁ ଭୂଇଁରେ ଲେଖାଇବା ବେଳେ ଡାକିବା ପଦ—The first vowel letter 'a' called out by the teacher while causing the beginner to write it on the ground with chalk and repeat it.
Sore a
সরে অ
स्वर अ

ସୋରେ ଆ—ଦେ. ବାକ୍ୟ—୧ । ଅବଧାନମାନେ ଖଡ଼ିରେ ପିଲାଙ୍କୁ 'ଆ' ଅକ୍ଷର ପଢ଼ାଇବା ବାକ୍ୟ—1. The second vowel letter 'ā' called out by the teacher while causing the beginner to write it on the ground with chalk, ୨ । ସୋରେହା (ଦେଖ)—2 Sorehā (See).
Sore ā
সরে আ
स्वर आ

ସୋରେହା—ଦେ. ବି (ସଂ. ସ୍ପୃହା)—୧ । ସ୍ପୃହା; ଆଗ୍ରହ; ଲାଳସା—
Sorehā 1. Eagerness; hankering. ୨ । ସ୍ନେହ—
স্পৃহা स्पृहा 2. Affection; liking. [ଦ୍ର—ମୋତେ ଯାହା ବ ଦର୍ଶିଲି ମୁଁ ବଖାଣିଲି ତାହା । ଯାହାର ଦେଖିଲ ରୂପେ ଚେମନ୍ତ ସୋରେହା—ପ୍ରାଚୀ. ବସ୍ତ୍ରଭରଣ ।] ବିଣ. ପୁ—ସ୍ପୃହାଯୁକ୍ତ; ଅନୁରାଗଯୁକ୍ତ—Eager or hankering; attached to; doting on.

ସୋରେହିବା—ଦେ. କ୍ରି—କୌଣସି ଦ୍ରବ୍ୟ ପ୍ରତି ସ୍ପୃହାଯୁକ୍ତ ହେବା—
Sorehibā To hanker after a thing.
স্পৃহাযুক্ত হওয়া स्पृहायुक्त होना

ସୋରୋ—ଦେ. ବି (ନାମ)—ବାଲେଶ୍ୱରର ଗୋଟିଏ ଥାନାର ଓ ଗ୍ରାମର ନାମ—Name of a village and police station in the district of Balasore.
Soro

ସୋର୍ଣ୍ଣ—ସଂ. ବିଣ (ସଦାର୍ଥେ ବହୁବ୍ରୀହି; ସ + ଊର୍ଣ୍ଣା)—ଊର୍ଣ୍ଣାବିଶିଷ୍ଟ—
Sornna Having wool; wooly.

ସୋର୍ଣ୍ଣଭ୍ରୂ—ସଂ. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସୋର୍ଣ୍ଣ + ଭ୍ରୂ)—
Sornna bhrū ଯେଉଁ ବ୍ୟକ୍ତିର ଦୁଇ ଭ୍ରୂଲତା ମଧ୍ୟରେ ଲୋମ ବା ଲୋମର ଭଉଁରି ଥାଏ (ଦ୍ରୂ. ଣ)—(a person) Having downs or downy whorl between the two eyebrows.

ସୋର୍ମ୍ମି—ସଂ. ବିଣ (ସଦାର୍ଥେ ବହୁବ୍ରୀହି; ସ + ଊର୍ମ୍ମି)—ଊର୍ମ୍ମି ବା ଲହରୀବିଶିଷ୍ଟ (ଶବ୍ଦକୋଷ)—
Sormmi Having waves; wavy.

ସୋଲ୍—ବୈଦେ. ବି (ଇଂ)—୧ । ଜୋତାର ଗୋଇଠିର ଚମଡ଼ା—
Sol 1. The heel of a shoe. ୨ । ଜୋତାର ତଳ
সোল सोल ଚମଡ଼ା; ତଳା—2. The sole of a shoe.

ସୋଲ୍ ଟମ୍ ପୋଲ୍ ଟମ୍—ଦେ. ଅ—ଓଲଟ ପାଲଟ—Tupsy turvy.
S l-ṭam pol-ṭam [ଦ୍ର—ସୋଲ୍ ଟ. ପୋଲ୍ ଟମ୍ ଗାଉଁଲି—ଭଗ ।]
ওলট পালট उलट पलट
(ସୋଲଟ ପୋଲଟ, ସୋଲ୍ଟଂ ପୋଲ୍ଟଂ—ଅନ୍ୟରୂପ)

ସୋଲ(ହ୍ଳ, ହ୍ଲା ଇତ୍ୟାଦି)—ଦେ. ବି—ଶୋଳ ଇତ୍ୟାଦି (ଦେଖ)—
Sola(hla, hlā) etc Sola etc (See).

ସୋଲ—ସଂ. ବି—୧ । (ଶୀତଳତା; ଥଣ୍ଡାପଣ (ଦ୍ରୂ. ଶ.)—
Sola 1. Coolness. ୨ । ସ୍ୱାଦ (ଦ୍ରୂ. ଶ.)—

2. Taste. ସଂ. ବଣ । ୧ ଶୀତଳ; ଥଣ୍ଡା (ହି. ଶ)-
1. Cold. ୨ । ସ୍ୱାଦବିଶିଷ୍ଟ (ହି. ଶ)—
2. Having a taste.

ସୋଲ (ଇତ୍ୟାଦ)—ଗ୍ରା. ବ. ଓ ବଣ—ଷୋଲ ଇତ୍ୟାଦ (ଦେଖ)—
Sola (etc) Shola etc (See).

ସୋଲ(ଲା)ଙ୍କ(ଙ୍କି)—ଦେ. ବ—ଉତ୍ତର ଭାରତର ପ୍ରାଚୀନ କ୍ଷତ୍ରିୟ
Sola(lā)ṅka(ṅki) ରାଜବଂଶବିଶେଷ—Name of a celebrated Kshatriya royal family of North India. [ବି—ଖ୍ରୀଷ୍ଟ ୬୩୦ଠାରୁ ୧୭୦୦ ପର୍ଯ୍ୟନ୍ତ ଅନେକ ଶିଳାଲେଖ ଓ ତାମ୍ରପତ୍ର ଆଦିରୁ ଏ ବଂଶ ଚନ୍ଦ୍ରବଂଶୀୟ ଓ ପାଣ୍ଡବଙ୍କ ବଂଶଧର ଥିବାର ପ୍ରମାଣ ମିଳେ । କିଛିକାଳ ଏ ବଂଶ ଗୁଜରାଟରେ ରାଜତ୍ୱ କରୁଥିଲେ । କିନ୍ତୁ 'ପୃଥ୍ୱୀରାଜ ରାସୋ' ଆଦି ପରବର୍ତ୍ତୀକାଳର ଗ୍ରନ୍ଥରେ ଲେଖା ଅଛି ଯେ, ଏ ବଂଶର ଆଦିପୁରୁଷ ଚାଲୁକ୍ୟ ଆବୁ ପର୍ବତରେ ବଶିଷ୍ଠ ଋଷିଙ୍କ ଯଜ୍ଞ କୁଣ୍ଡରୁ ଉତ୍ପନ୍ନ ହୋଇଥିଲେ । କଥିତ ଅଛି ଯେ, ପ୍ରଥମେ ସୋଲଙ୍କିମାନଙ୍କ ରାଜ୍ୟ ଅଯୋଧ୍ୟାରେ ଥିଲା । ତତ୍ପରେ ସେ ବଂଶ ଦକ୍ଷିଣଦିଗକୁ ଗଲେ ଓ ସେଠାରୁ ପୁଣି ଗୁଜରାଟ, କାଠିଆବାଡ଼, ରାଜପୁତାନା ଓ ବଘେଲଖଣ୍ଡରେ ରାଜ୍ୟ କଲେ । ଉତ୍ତରଭାରତରେ ଯେତେବେଳେ ହର୍ଷବର୍ଦ୍ଧନ ରାଜତ୍ୱ କରୁଥିଲେ, ସେ ସମୟରେ ଦକ୍ଷିଣରେ ସୋଲଙ୍କି ସମ୍ରାଟ ଦ୍ୱିତୀୟ ପୁଲକେଶୀ ରାଜତ୍ୱ କରୁଥିଲେ ଓ ସେ ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ । ରୀମା ରାଜ୍ୟର ବଘେଲ ବଂଶ ଏହି ସୋଲଙ୍କି ବଂଶର ଏକ ଶାଖା। ଓ ଏ ଅଗ୍ନିବଂଶୀୟ ବୋଲି ସମ୍ମତ (ହି. ଶ) ।]

ସୋଲନ୍—ଦେ. ବ (ଗ୍ରୀକ୍ ନାମ)—ପ୍ରାଚୀନ ଗ୍ରୀସ୍‌ର ରାଜଧାନୀ ଅଥେନ୍ସର
Solan ପ୍ରସିଦ୍ଧ ବ୍ୟବସ୍ଥାପକ ଓ ଗ୍ରୀସ୍‌ର ଉଦାହାରଣ ୭ ଜଣ
ସোলন সোলন ମହାପଣ୍ଡିତଙ୍କ ମଧ୍ୟରୁ ଏକତମ—
Solon the Wise; the great philosopher and legislator of Athens. [ବି—ଏହାଙ୍କର ଜନ୍ମ ଖ୍ରୀ. ପୂ. ୬୪୦ ଓ ମୃତ୍ୟୁ ଖ୍ରୀ. ପୂ. ୫୫୯ । ଏ ବହୁ ଦେଶ ଭ୍ରମଣ କରି ତାଙ୍କର ଜ୍ଞାନବୋଧୀପକ କବିତା ରଚନା କରି ନିଜର ଜନ୍ମଭୂମି ସାଲେମିସ୍ ଦ୍ୱୀପକୁ ବିଜେତାଙ୍କ ହସ୍ତରୁ ମୁକ୍ତ କରାଇଥିଲେ । ଏ ଜଣେ ଦାର୍ଶନିକ ଓ ଜ୍ଞାନୀ ଥିଲେ । ଏହାଙ୍କର ଗୋଟିଏ ଉକ୍ତି ଓଡ଼ିଆ ଭାଗବତର 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି' ଉକ୍ତିର ଭାବାର୍ଥଦ୍ୟୋତକ । ଏହାଙ୍କ ପ୍ରଣୀତ ବ୍ୟବସ୍ଥା (ଆଇନ)ର ସାରବତ୍ତା ସର୍ବ୍ୟଜଗତକୁ ମୁଗ୍ଧ ଓ ଚମତ୍କୃତ କରିଅଛି ।]

ସୋଲ(ଲୁ)ପ—ବୈଦେ. ବ (ଇଂ. ସ୍ଲୁପ୍)—କ୍ଷୁଦ୍ର ଜାହାଜ—
Sola(lu)pa A small ship; sloop. (ଭି—
ଶ୍ଳୂପ୍ সোলপ ଗଡ଼ ସଗଡ଼ ଡଙ୍ଗା ଯିବା ରହି, ସୋଲପ ଘରୀ ମଣଲୁ ବହି, ରଘୁମାନଙ୍କୁ ବୋଲନ୍ତୁ ଦେଖ, ବୋହିତ ଏହି ଯେ—ବୃନ୍ଦାବନ ଅ. ସମଭଞ୍ଜ ।)

ସେଲରୀ—ଦେ. ବ (ନାମ)—ଖୋରଧାର ବାଣପୁର ଅଞ୍ଚଳରେ ଅବସ୍ଥିତ
Solari ଚିଲିକାହ୍ରଦ ନିକଟବର୍ତ୍ତୀ ଗୋଟିଏ ପାହାଡ଼—
Name of a hill in Banpur in the Khurda Subdivision on the shore of the Chilka lake.

ସୋଲା—ଦେ. ବ. (ହିନ୍ଦୀ; ସଂ. ଚଣକ)—ବୁଟ; ଚଣା—
Solā Gram; chickpea; Cicer Arletinum
ছোলা ଆଲ, ବୁଟ ଦେ. ବଣ—ସୋଲ ପରି
ହାଲୁକା—As light as cork. ପ୍ରାଦେ
हालका (ଗଞ୍ଜାମ) ବ—ଗଞ୍ଜାମ ଅଞ୍ଚଳରେ ପ୍ରଚଳିତ ଶସ୍ୟ ଓ
हलका ତୈଳାଦିର ମାପବିଶେଷ; ୧୬ ତୋଳା ଓଜନ—A unit of voluminal measure in Ganjam [ଭି—ଅଡ଼ା ଭଳି ନୋଟ୍ ଦେଖ ।]

ସୋଲା ଚଣା—ଦେ. ବ—ସୋଲା (ଦେଖ)—
Solā chaṇā Solā (See)

ସୋଲେ—ବୈଦେ. ବ (ଆରବୀ; ଫା. ସୁଲହ୍)—ସୁଲେ (ଦେଖ)—
Sole Sule (See).

ସୋଲେନାମା—ବୈଦେ. ବ(ଆରବୀ; ଫା. ସୁଲହ୍‌ନାମା)—ସୁଲେନାମା
Solenāmā (ଦେଖ)—Sulenāmā (See).

ସୋଲୋପ୍—ବୈଦେ. ବ (ଇଂ)—ପାହାଡ଼ଆ ବା ଜମିରେ ଗ୍ଳାନ;
Solop ଗଡ଼ାଣି—A slope. ବଣ—ଗଡ଼ାଣିଆ; କ୍ରମନମ୍ର—
ঢালু स्लोप Sloping; slanting.

ସୋଲ୍ଲାସ—ସଂ. ବଣ. ପୁଂ (ସହାର୍ଥ ବହୁବ୍ରୀହି; ସ+ଉଲ୍ଲାସ)—ଉଲ୍ଲାସ-
Sollāsa ଯୁକ୍ତ; ଉଲ୍ଲସିତ—Delighted,
(ସୋଲ୍ଲାସା—ସ୍ତ୍ରୀ)

ସୋଲ୍ଲୁଣ୍ଠ—ସଂ. ବଣ ପୁଂ(ସହାର୍ଥ ବହୁବ୍ରୀହି,ସ+ଉଲ୍ଲୁଣ୍ଠ—ପରିହାସ)—
Solluṇṭha 1. Jocular; jestive. ୨ । ପାର୍ଶ୍ୱ ପରିବର୍ତ୍ତନାଦି ଯୁକ୍ତ—2. Accompanied with rolling on the sides. ସଂ. ବ—ସୋଲ୍ଲୁଣ୍ଠନ (ଦେଖ)—
(ସୋଲ୍ଲୁଣ୍ଠା—ସ୍ତ୍ରୀ. ବଣ) Solluṇṭhana (See)

ସୋଲ୍ଲୁଣ୍ଠନ—ସଂ. ବ (ସ+ଉଲ୍ଲୁଣ୍ଠନ; ସହାର୍ଥ ବହୁବ୍ରୀହି)—
Solluṇṭhana ୧ । ପରିହାସଯୁକ୍ତ ବାକ୍ୟ—1. Jestive words; redicule. ୨ । (ଅଳଙ୍କାର) ବ୍ୟାଜସ୍ତୁତି; ବ୍ୟଙ୍ଗ୍ୟ—2. Ironical praise. ୩ । ସ୍ତୁତିପୂର୍ବକ ନିନ୍ଦାବାଦ (ଜଟାଧର)—3. Satire; sarcasm; irony (Apte).]

ସୋଲ୍ଲୁଣ୍ଠୋକ୍ତି—ସଂ. ବ—ବ୍ୟଙ୍ଗୋକ୍ତି—
Solluṇṭhokti Irony; ironical expression.

ସୋସିର(ରି)—ଦେ. ବଣ(ସଂ. ସଦୃଶ; ଭୁଲ ଓଡ଼ିଆ ହୋଇଛି; ସଦୃଶ)—
Sosira(ri) ୧ । ସରି; ସଦୃଶ—1. Similar. ୨ । ସମସ୍ତ;
सरिस ସମାନ—2. Equal.

ସୋସିର(ସା,ରା)—ଦେ. ବ(ସଂ. ଶୁଷିର)—ଓଠଦ୍ୱୟ, ଚର୍ମ ପାହାର ପବନ ଦ୍ୱାରା
Sosira(rā ri) ଉତ୍ପାଦିତ ଧ୍ୱନି; ସୁଷିର ବାଦ୍ୟ—A whistle.
সিটি सुसकारी

ସୋସାଇଟ୍(ଟି)—ବୈଦେ, ବି (ଇଂ)—୧ । ସମାଜ—1. Society.
Sosāiṭ(ṭi)   ୨ । କୋଅପରେଟିଭ୍ ସୋସାଇଟି—2. Co-operative Society.
ସୋସାଇଟି   ୩ । ଥିଓସଫିକାଲ୍ ସୋସାଇଟି,
सोसाइटी   ବ୍ରହ୍ମବିଦ୍ୟା ସମିତି—3. The Theosophical Society.

[ଦ୍ର—କଥଣ ? ରୁଷ୍‌ଦେଶର ବ୍ରହ୍ମବିଦ୍ୟା ମାଡ଼ାମ୍ ବ୍ଲାଭଟ୍‌ସ୍କି ନାମ୍ନୀ ମହିଳା ଏବଂ ଆମେରିକା ଯୁକ୍ତରାଜ୍ୟର କର୍ଣ୍ଣେଲ୍ ଅଲ୍‌କଟ୍ ସାହେବ ପ୍ରଥମେ ୧୮୭୫ ଖ୍ରୀଷ୍ଟାବ୍ଦରେ ଆମେରିକାର ନିଉୟର୍କ୍ ସହରରେ ବ୍ରହ୍ମବିଦ୍ୟା ସମିତି (Theosophical Society) ସ୍ଥାପନ କରିଥିଲେ । ଏହି ସମିତି ଏବଂ ବ୍ରହ୍ମବିଦ୍ୟା ସମ୍ପର୍କରେ ଇଂରେଜୀ ଭାଷାରେ ବହୁସଂଖ୍ୟକ ପୁସ୍ତକ ଲିଖିତ ହୋଇଅଛି । ମାତ୍ର ଭାରତୀୟ ଭାଷାମାନଙ୍କରେ ସେପରି ପୁସ୍ତକମାନଙ୍କର ସଂଖ୍ୟା ଅଳ୍ପ । ବର୍ତ୍ତମାନ ପୃଥିବୀର ପ୍ରାୟ ଅଧିକାଂଶ ଦେଶରେ ଏହି ସମିତି ସ୍ଥାପିତ ହୋଇଅଛି ଏବଂ ସେହି ସେହି ଦେଶମାନଙ୍କରେ ଯେତେ ସମିତି ଅଛି ସେମାନଙ୍କର ଗୋଟିଏ ଲେଖାଏଁ କେନ୍ଦ୍ର ଅଛି । ଉଦାହରଣ ସ୍ୱରୂପ, ଭାରତବର୍ଷରେ ବନାରସ ବା କାଶୀ ଏ ଦେଶର ସମିତିମାନଙ୍କର କେନ୍ଦ୍ର । ପୁଣି ସମସ୍ତ ପୃଥିବୀର ସମିତିମାନଙ୍କର କେନ୍ଦ୍ର (Head quarters) ଏହି ଭାରତ ବର୍ଷରେ ମାନ୍ଦ୍ରାଜ ସହରର ଆଡ୍‌ୟାର୍ ନାମକ ସ୍ଥାନରେ ସ୍ଥାପିତ ।

ବ୍ରହ୍ମବିଦ୍ୟା କୌଣସି ବ୍ୟକ୍ତିକୁ କୌଣସି ଅନ୍ଧବିଶ୍ୱାସ ଉପରେ ପ୍ରତ୍ୟୟ ସ୍ଥାପନ କରିବାକୁ କହେ ନାହିଁ; କାରଣ, ଏହା କହେ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଏପରି ଶକ୍ତି ନିହିତ ଅଛି, ଯାହା ଜାଗରିତ ହେଲେ ସେ ପ୍ରତ୍ୟେକ ସତ୍ୟ ନିଜେ ଦେଖି ପାରିବେ ଓ ପରୀକ୍ଷା କରି ପାରିବେ । ସାଧାରଣ ଭାଷାରେ ଆମ୍ଭେମାନେ କହୁଁ, ମନୁଷ୍ୟର ଆତ୍ମା ଅଛି । ମାତ୍ର ବ୍ରହ୍ମବିଦ୍ୟା କହେ, ମନୁଷ୍ୟହିଁ ଆତ୍ମା । ଏହାର ଦେହ ବା ଶରୀର ଅଛି । ଅଧିକ ଠିକ୍ ଭାବରେ କହିଲେ, ମନୁଷ୍ୟର ଅନେକ ଦେହ ଅଛି । ଏଥିମଧ୍ୟରୁ କେବଳ ସ୍ଥୂଳ ଶରୀରଟି ସାଧାରଣ ଦେଖି ପାରନ୍ତି । ଅନ୍ୟ ଶରୀରଗୁଡ଼ିକ କେବଳ ସାଧକ ମନୁଷ୍ୟମାନେ ଦେଖି ପାରନ୍ତି । ଏହି ଶରୀରଗୁଡ଼ିକ ଶରୀରଦ୍ୱାରା ମନୁଷ୍ୟ ଭିନ୍ନ ଭିନ୍ନ ଲୋକରେ ଯାତାୟାତ କରେ । ଏହି 'ଲୋକ'ଗୁଡ଼ିକ ଗୋଟିକ ଉପରେ ଗୋଟିଏ ସ୍ଥାପିତ ନୁହେଁ; ମାତ୍ର ସମସ୍ତେ ଏକାବେଳକେ ଏହିଠାରେ ଆମ୍ଭମାନଙ୍କ ନିକଟରେ ଉପସ୍ଥିତ । ସାଧାରଣ ଲୋକେ କେବଳ ସ୍ୱଳ୍ପ ଭୂର୍ଲୋକକୁ ଜାଣି ପାରନ୍ତି; କେବଳ ସ୍ୱପ୍ନରେ ସମୟ ସମୟରେ ଭୁବର୍ଲୋକର ଆଭାସ ପାଆନ୍ତି । ଯାହାକୁ ମୃତ୍ୟୁ କହନ୍ତି ତାହା କେବଳ ଏହି ସ୍ୱଳ୍ପ ଭୂର୍ଲୋକ ସମ୍ପର୍କୀୟ ଜଡ଼ଦେହର ପରିତ୍ୟାଗ । ଯେଉଁପରି ମନୁଷ୍ୟ ଗୋଟିଏ ପୋଷାକ ଖୋଲି ପୋଷାକ ଦେଲେ ତାହାର ଜଡ଼ଦେହର କୌଣସି ପରିବର୍ତ୍ତନ ହୁଏ ନାହିଁ, ସେହିପରି ମୃତ୍ୟୁ ସମୟରେ ଜଡ଼ ବା ସ୍ଥୂଳ ଦେହ ପରିତ୍ୟାଗଦ୍ୱାରା ଆତ୍ମାର କୌଣସି ପରିବର୍ତ୍ତନ ଘଟେ ନାହିଁ । ଏହା ଅନୁମାନ ନୁହେଁ, ମାତ୍ର ସାଧକ ଓ ସିଦ୍ଧ ମହାତ୍ମାମାନଙ୍କର ସାକ୍ଷାତ୍ ପରିଦର୍ଶନ ଓ ପରୀକ୍ଷାସିଦ୍ଧ ।

ଯେଉଁମାନଙ୍କର ସୂକ୍ଷ୍ମଦୃଷ୍ଟି ଲାଭ ହୋଇଅଛି ସେମାନେ ଅନୁସନ୍ଧାନଦ୍ୱାରା ଜାଣି ଅଛନ୍ତି ଯେ, ମନୁଷ୍ୟ ସ୍ୱୟଂ ଭଗବାନଙ୍କଠାରୁ ପ୍ରଥମେ ଆସିଅଛି ଏବଂ ଦୀର୍ଘକାଳବ୍ୟାପୀ କ୍ରମବିକାଶ ଦ୍ୱାରା ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଅଛି ଓ କ୍ରମବିକାଶ ଦ୍ୱାରା ପୁଣି ଭଗବାନଙ୍କଠାରେ ଯାଇ ପହଞ୍ଚିବ । ଏହି କ୍ରମବିକାଶ ଦୁଇ ପ୍ରକାର । ଆତ୍ମାର କ୍ରମବିକାଶ ଓ ବାହ୍ୟ ଆକାରର ବା ଶରୀରର କ୍ରମବିକାଶ । ଏଥିରୁ ଆମ୍ଭେମାନେ ଜାଣୁ ଯେ, ମାନବାତ୍ମାର ଜୀବନକାଳ ଅତ୍ୟନ୍ତ ଦୀର୍ଘ, ଏବଂ ଯାହାକୁ ଆମ୍ଭେମାନେ ଜୀବନ ବୋଲି କହୁଁ, ତାହା ସେହି ମହାଜୀବନର ଗୋଟିଏ ଦିନ ମାତ୍ର । ମନୁଷ୍ୟ ଏହିପରି ଅନେକ ଦିନ ବଞ୍ଚିଅଛି ଏବଂ ଭବିଷ୍ୟତରେ ମଧ୍ୟ ଅନେକ ଦିନ ବଞ୍ଚିବ ।

ସିଦ୍ଧପୁରୁଷମାନେ ବର୍ତ୍ତମାନ ସୁଦ୍ଧା ପୃଥିବୀରେ ଅଛନ୍ତି ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିବା ଓ ସେମାନଙ୍କଠାରୁ ଉପଦେଶ ପାଇବା ଯେ ସମ୍ଭବ, ଏହା ବ୍ରହ୍ମବିଦ୍ୟାର ଆଉରି ଗୋଟିଏ ସୁସମ୍ବାଦ । ଏହି ପୃଥିବୀ ଅନିୟମିତ ଭାବରେ ଅରାଜକତା ଆଡ଼କୁ ପ୍ରଧାବିତ ହେଉ ନାହିଁ । ମାତ୍ର ଏହାର ନିୟତ ଦେବନିର୍ଦ୍ଦିଷ୍ଟ ଏକ ଋଷିସଂଘ ଦ୍ୱାରା ସୁବିଧି ନିୟନ୍ତ୍ରିତ ।

ଯେଉଁମାନେ ଏ ସବୁ ବିଷୟ ବୁଝି ପାରନ୍ତି ସେମାନେ କ୍ରମବିକାଶର ଏହି ମୃଦୁଗତିରେ ସନ୍ତୁଷ୍ଟ ନ ହୋଇ ସିଧା ରାସ୍ତା ଅନ୍ୱେଷଣ କରନ୍ତି ଏବଂ ଲାଭ ମଧ୍ୟ କରନ୍ତି । ଏହି ପଥରେ ପଥିକ ହେବା ଯେ କଷ୍ଟସାଧ୍ୟ, ଏହା ବୋଲିବା ବାହୁଲ୍ୟ । ଏହି ପଥରେ ଯାଇ ଯେଉଁମାନେ ମୁକ୍ତିଲାଭ କରନ୍ତି ସେମାନେ ଏହି ବିଶାଳ କାର୍ଯ୍ୟ-ନିର୍ଘଣ୍ଟ ବୁଝି ପାରନ୍ତି ଏବଂ ଉପରିଲିଖିତ ଋଷିସଂଘ ସହିତ ସହଯୋଗ କରି ସୃଷ୍ଟିର କ୍ରମବିକାଶରେ ସାହାଯ୍ୟ କରି ପାରନ୍ତି ।

ପୂର୍ବେ କୁହାଯାଇଅଛି ଯେ, ବ୍ରହ୍ମବିଦ୍ୟା କାହାରିକୁ କୌଣସି ବିଷୟ ଅନ୍ଧଭାବରେ ବିଶ୍ୱାସ କରିବାକୁ କହେ ନାହିଁ । ମାତ୍ର ଯେ ବ୍ରହ୍ମବିଦ୍ୟା ପ୍ରଥମେ ଅଧ୍ୟୟନ କରିବାକୁ ଆରମ୍ଭ କରିବେ, ସେ ତ ସବୁ ବିଷୟ ଅନୁଭୂତିଦ୍ୱାରା ଜାଣି ନ ଥିବେ । ସୁତରାଂ, ସେ ଅନ୍ୟମାନଙ୍କର ଅନୁଭୂତିସିଦ୍ଧ ସତ୍ୟଗୁଡ଼ିକୁ ସମ୍ଭବ ବୋଲି ପ୍ରଥମେ ଗ୍ରହଣ କରିବେ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ଲାଗି ସର୍ବଦା ଚେଷ୍ଟା କରିବେ; ମାତ୍ର ନିଜ ଜୀବନରେ ଅନୁଭୂତ ନ ହେବାଯାଏ କୌଣସି ବିଷୟ ବିଶ୍ୱାସ କରିବାକୁ ସେ ବାଧ୍ୟ ନୁହନ୍ତି ।

ବ୍ରହ୍ମବିଦ୍ୟା କାହାରିକୁ ତାଙ୍କର ନିଜ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିବାକୁ ଉପଦେଶ ଦିଏ ନାହିଁ; ପଶ୍ଚାନ୍ତରେ ତାଙ୍କ ନିଜ ଧର୍ମକୁ ତାଙ୍କୁ ବିଶଦ ଭାବରେ ବୁଝାଇ ଦିଏ । ସେ

ବ୍ରହ୍ମବିଦ୍ୟା ପଢ଼ିବା ପୂର୍ବରୁ ତାଙ୍କର ନିଜ ଧର୍ମକୁ ଯେପରି ବୁଝୁଥିଲେ ତଦପେକ୍ଷା ଭଲଭାବରେ ବୁଝି ପାରିବେ ଓ ଭଲ ଭାବରେ କାର୍ଯ୍ୟ କରିବେ; ଯେଉଁଥିରେ ତାଙ୍କର ବିଶ୍ୱାସ ହେଉ ନ ଥିଲା ତହିଁରେ ଦୃଢ଼ ବିଶ୍ୱାସ ହେବ ।

ଏହା ବିଜ୍ଞାନ ଶାସ୍ତ୍ର ପରି ପ୍ରତ୍ୟେକ ସତ୍ୟକୁ ବାରମ୍ବାର ପରୀକ୍ଷା ଓ ପରିଦର୍ଶନ କରି ଗ୍ରହଣ କରେ । ଏହିପରି ଭାବରେ ପ୍ରକୃତିର ଭିନ୍ନ ଭିନ୍ନ ଲୋକ (planes) ଏବଂ ଜୀବନରେ ଓ ମୃତ୍ୟୁ ପରେ ମାନବର (ଆତ୍ମାର) ଚୈତନ୍ୟ ସମ୍ବନ୍ଧରେ ନାନାବିଧ ଅନୁସନ୍ଧାନ କରି ଏହା ନାନା ସତ୍ୟରେ ଉପନୀତ ହୋଇଅଛି । ମାତ୍ର କୌଣସିଟି ଅନୁମାନ ନୁହେ—ମହାତ୍ମାମାନଙ୍କର ପ୍ରତ୍ୟକ୍ଷ ଅନୁଭୂତ ।

ବ୍ରହ୍ମବିଦ୍ୟାର ଉପଦେଶ :-

୧ । ମନୁଷ୍ୟର ଆତ୍ମା ଅମର । ଯେଉଁ ବସ୍ତୁର ବିକାଶ ଓ ସୌନ୍ଦର୍ଯ୍ୟର ସୀମା ନାହିଁ ତାହାର ଭବିଷ୍ୟତ୍ ଯାହା, ମନୁଷ୍ୟ ଆତ୍ମାର ଭବିଷ୍ୟତ୍ ତାହା ।

୨ । ଯେଉଁ ଶକ୍ତି ଆମ୍ଭମାନଙ୍କୁ ଜୀବନ ପ୍ରଦାନ କରେ ତାହା ଆମ୍ଭମାନଙ୍କ ଭିତରେ ଅଛି, ବାହାରେ ଅଛି, ତାହା ଅମର, ଚିରମଙ୍ଗଳମୟ । ତାଙ୍କୁ କେହି ଦେଖି ପାରେ ନାହିଁ, ଶୁଣି ପାରେ ନାହିଁ କିମ୍ବା ଘ୍ରାଣ କରି ପାରେ ନାହିଁ । କେବଳ ଯାହାର ଅନୁଭୂତ କରିବା ପାଇଁ ଇଚ୍ଛା ଥାଏ, ସେ ସମ୍ୟକ୍ ଚେଷ୍ଟାଦ୍ୱାରା ସେହି ଶକ୍ତିର ଅନୁଭୂତି ଲାଭ କରି ପାରେ ।

୩ । ପ୍ରତ୍ୟେକ ଲୋକ ନିଜର ଭାଗ୍ୟବିଧାତା, ନିଜର କର୍ମ ଲାଗି ଦାୟୀ, ସୁତରାଂ ନିଜ ସୁଖ ଦୁଃଖର ସ୍ରଷ୍ଟା ।

୪ । ଏକ, ଅନନ୍ତ ସର୍ବବ୍ୟାପୀ ପରମେଶ୍ୱରଙ୍କ ସମ୍ବନ୍ଧରେ ଆମ୍ଭେମାନେ ବର୍ତ୍ତମାନ ଅବସ୍ଥାରେ କିଛି ଜାଣି ପାରିବା ନାହିଁ । ଅସୀମକୁ ଧାରଣା କରିବା ବର୍ତ୍ତମାନ ଅବସ୍ଥାରେ ଅସମ୍ଭବ । କେବଳ ଏତିକି ଜାଣିବା—ସେ ଅଛନ୍ତି ।

ତାଙ୍କ ଭିତରେ ଅଗଣିତ ବ୍ରହ୍ମାଣ୍ଡ ଓ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଅଗଣିତ ସୌର ଜଗତ୍ ଅଛି । ପ୍ରତ୍ୟେକ ସୌର ଜଗତ୍ ଗୋଟିଏ ମହାଶକ୍ତିଶାଳୀ ଦେବଙ୍କ ପ୍ରକଟୀଭୂତ । ଏହାଙ୍କୁ ଆମ୍ଭେମାନେ ସୂର୍ଯ୍ୟଦେବତା ବା ସୂର୍ଯ୍ୟନାରାୟଣ କହୁଥାଉଁ । ସାଧାରଣତଃ ଈଶ୍ୱର କହିଲେ ଯାହା ବୁଝୁଁ ଆମ୍ଭମାନଙ୍କ ପକ୍ଷରେ ସେ ତାହାହିଁ ଅଟନ୍ତି । ସେ ସମସ୍ତ ସୌର ଜଗତରେ ବ୍ୟାପ୍ତ । ତାଙ୍କ ବିରହିତ ବସ୍ତୁ ସୌର ଜଗତରେ ନାହିଁ । ତଥାପି ସେ ସୌର ଜଗତ୍ ଉପରେ ଓ ବାହାରେ ଥାନ୍ତି ।

ତାଙ୍କର ଉଚ୍ଚତର ଜୀବନ ବିଷୟରେ ଆମ୍ଭେମାନେ କିଛି ଜାଣୁ ନାହିଁ । ମାତ୍ର ତାଙ୍କର ଯେଉଁ ଅଂଶ ଏହି ସୌର ଜଗତକୁ ପ୍ରାଣ ଦାନ କରୁଅଛି, ସେ ଅଂଶ ସମ୍ବନ୍ଧରେ କିଛି ଜାଣି ପାରିବା । ଆମ୍ଭେମାନେ ତାଙ୍କୁ ଦେଖି ପାରିବା ନାହିଁ, ମାତ୍ର ତାଙ୍କର ଶକ୍ତିର କାର୍ଯ୍ୟ ଦେଖି ପାରିବା ।

ସେ ନିଜ ରୂପରୁ ଏହି ପ୍ରକାଣ୍ଡ ସୌର ଜଗତ୍ ଉତ୍ପାଦନ କରିଅଛନ୍ତି । ଆମ୍ଭେମାନେ ସମସ୍ତେ ତାଙ୍କର କଳା ଏବଂ ଶେଷରେ ତାଙ୍କ ମଧ୍ୟକୁ ଫେରିଯିବା ।

ସେ କେତେ ଉଚ୍ଚରେ ଅଛନ୍ତି, ତାହା ଆମ୍ଭମାନଙ୍କର ବୁଦ୍ଧିର ଅଗମ୍ୟ । ମାତ୍ର ତାଙ୍କର ଯେଉଁ ଶକ୍ତି ଜଡ଼-ଜଗତରେ କାର୍ଯ୍ୟ କରେ ତାହା ସର୍ବଦା ତ୍ରିବିଧ । ସୁତରାଂ ସବୁ ଧର୍ମରେ ତାଙ୍କର ତ୍ରିବିଧ ମୂର୍ତ୍ତି କଳ୍ପିତ ହୋଇଅଛି; ତିନି ମୂର୍ତ୍ତି, ମାତ୍ର ଏକ ଈଶ୍ୱରଙ୍କର ତିନି ଭିନ୍ନ ଭିନ୍ନ ଦୃଶ୍ୟ । ଏହି ତ୍ରିବିଧ ଶକ୍ତିଦ୍ୱାରା ସୌର ଜଗତର ଓ ମାନବର କ୍ରମବିକାଶ ସାଧିତ ହେଉଅଛି । ଏହି କ୍ରମବିକାଶହିଁ ତାଙ୍କର ଇଚ୍ଛା ।

ସୂର୍ଯ୍ୟଦେବଙ୍କର ସାତ ଜଣ ମନ୍ତ୍ରୀ ଅଛନ୍ତି । ଯେତେ କ୍ରମ-ବିକାଶ ତାଙ୍କଠାରୁ ଆସୁଅଛି ସେ ସମସ୍ତ ଏହି ସାତ ଜଣ ମଧ୍ୟରୁ କାହାର ନାଁ କାହାର ମଧ୍ୟ ଦେଇ ଆସୁଅଛି ।

ଆମ୍ଭମାନଙ୍କ ପୃଥିବୀରେ ସୂର୍ଯ୍ୟଦେବତାଙ୍କର ଭାଗବତ-ବର୍ଣ୍ଣିତ ସନତ୍‌କୁମାର ନାମକ ଜଣେ ପ୍ରତିନିଧି ଅଛନ୍ତି । ଆମ ପୃଥିବୀରେ ଯେତେ କ୍ରମବିକାଶ ହେଉଅଛି ସେ ସବୁ ତାଙ୍କଦ୍ୱାରା ପରିଚାଳିତ । ସେ ରାଜା ଏବଂ ଭିନ୍ନ ଭିନ୍ନ ବିଭାଗ ଲାଗି ତାଙ୍କ ତଳେ ମନ୍ତ୍ରୀ ସବୁ ରହିଅଛନ୍ତି, ଯାହାଙ୍କ ଅଧୀନରେ ଶିକ୍ଷା ଓ ଧର୍ମବିଭାଗ ସ୍ଥାପିତ; ସେ ନିଜେ କିମ୍ବା ତାଙ୍କର କୌଣସି ଶିଷ୍ୟ ନୂତନ ଧର୍ମ ସ୍ଥାପନ କରିବାଲାଗି ସମୟ ସମୟରେ ଦେହଧାରଣ କରନ୍ତି ।

ସବୁ ଧର୍ମ ଏହି ମହାପୁରୁଷଙ୍କଦ୍ୱାରା ସ୍ଥାପିତ ହୋଇଥିବାରୁ ଏକ ସାଧାରଣ ସତ୍ୟ ଉପରେ ପ୍ରତିଷ୍ଠିତ । କେବଳ ସଭ୍ୟତା ଓ କ୍ରମବିକାଶର ପାର୍ଥକ୍ୟ ହେତୁ ଭିନ୍ନ ଭିନ୍ନ ଧର୍ମର ବାହ୍ୟ ଆବରଣ ଭିନ୍ନ ଭିନ୍ନ ଦେଖାଯାଏ । ଏପରିକି, କେତେକ ଧର୍ମ ପରସ୍ପର ବିରୋଧୀ ହେବା ପରି ଜଣା-ଯାଏ । ମାତ୍ର ସବୁ ଧର୍ମର ଅନ୍ତର୍ନିହିତ ସତ୍ୟ ଏକ; କାରଣ, ସବୁ ଧର୍ମର ସ୍ରୋତ ଏକ ଉତ୍ସରୁ ଆସିଅଛି ।

ମାନବ ଜାତିର ଆଦିମ ଅବସ୍ଥାରେ ଋଷିସଂଘର କର୍ମ-ଶ୍ରେଣୀମାନେ ପୃଥିବୀର ବାହାରୁ ଆଗତ ହୋଇଥିଲେ ମାତ୍ର ମନୁଷ୍ୟମାନେ ଯେତେବେଳେ ସେହି ଉଚ୍ଚ ଜ୍ଞାନର ଓ ଶକ୍ତିର ଅଧିକାରୀ ହୋଇ ପାରିଲେ ସେତେବେଳେ ସେମାନଙ୍କୁ ସେହି ସବୁ ପଦରେ ନିଯୁକ୍ତ କରାଗଲା । ସେହି ପଦ ଲାଭ କରିବାକୁ ମନୁଷ୍ୟଙ୍କୁ ଅଧ୍ୟାତ୍ମିକ ଜଗତର ଉଚ୍ଚସ୍ତରକୁ ଯିବାକୁ ପଡ଼େ । ସେ ଅବସ୍ଥା ପ୍ରାପ୍ତ ହେଲେ ମନୁଷ୍ୟକୁ ଜୀବନ୍ମୁକ୍ତ ବୋଲଯାଏ । ବୌଦ୍ଧ ଧର୍ମଶାସ୍ତ୍ରରେ ତାହାଙ୍କୁ ଅଶେଷ ବୋଲଯାଏ । ଇଂରାଜୀରେ (Adept) ଅଡେପ୍ଟ୍ ବୋଲଯାଏ । ସେମାନେ ମାନବର କ୍ରମବିକାଶର ଶେଷ ସୀମାରେ ପହଞ୍ଚି ଅଛନ୍ତି । ମାତ୍ର ସେମାନଙ୍କର କ୍ରମ-ବିକାଶ ଦେବତ୍ୱ ପ୍ରାପ୍ତି ପର୍ଯ୍ୟନ୍ତ ଚାଲିଥାଏ ।

ବହୁତ ମହାପୁରୁଷ ଏ ଅବସ୍ଥା ପ୍ରାପ୍ତ ହୋଇଅଛନ୍ତି । ସେମାନେ କୌଣସି ବିଶେଷ ଜାତିର ନୁହନ୍ତି । ମାତ୍ର

ପୃଥିବୀର ପ୍ରାୟ ସବୁ ପ୍ରଧାନ ପ୍ରଧାନ ଜାତିରୁ ଉଠିଅଛନ୍ତି । ସେମାନେ ଅଦମ୍ୟ ସାହସ ଓ ଚେଷ୍ଟାଦ୍ୱାରା ପ୍ରକୃତିର ଦୁର୍ଭେଦ୍ୟ ଦୁର୍ଗ ସବୁ ଜୟ କରି ତାହାର ଅନ୍ତରତମ ସତ୍ୟ ସବୁ ଲାଭ କରିଅଛନ୍ତି । ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟା ହୋଇଅଛି ଏବଂ ପ୍ରତ୍ୟେକ ବିଭାଗର କାର୍ଯ୍ୟ ଭିନ୍ନ ଭିନ୍ନ । ମାତ୍ର ସବୁ ସମୟରେ ସେମାନଙ୍କ ମଧ୍ୟରୁ କେତେଜଣ ଏହି ପୃଥିବୀର ସଂସ୍ପର୍ଶରେ ଥାଆନ୍ତି ଓ ଋଷିସଂଘର ସଭ୍ୟସ୍ୱରୂପେ ଏହି ପୃଥିବୀର କାର୍ଯ୍ୟମାନ ପରିଦର୍ଶନ କରନ୍ତି ।

ଏହି ଋଷିସଂଘର ସଭ୍ୟମାନେ ସ୍ଥୂଳଦେହରେ ନ ଥିବାରୁ ଏକ ସ୍ଥାନରେ ସେମାନଙ୍କର ରହିବା ଆବଶ୍ୟକ ହୋଇ ନ ଥାଏ । ସେମାନେ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଥାଇ ସୁଦ୍ଧା ଅନାୟାସରେ ପରସ୍ପର ମଧ୍ୟରେ ସର୍ବଦା ଭାବର ଆଦାନ-ପ୍ରଦାନ କରି ପାରନ୍ତି । ଯେ କୌଣସି ଲୋକ ସେମାନଙ୍କ ମଧ୍ୟରୁ କାହାର ମନୋଯୋଗ ଆକର୍ଷଣ କରି ପାରନ୍ତି । ମାତ୍ର ତାଙ୍କର ମନୋଯୋଗ ଆକର୍ଷଣ କରିବା ପାଇଁ ଉପଯୁକ୍ତ ହେବା ଆବଶ୍ୟକ । ଯେ ଏହି ଦିଗରେ ଚେଷ୍ଟା କରିବେ ତାଙ୍କର ଚେଷ୍ଟାକୁ କାଳେ କେହି ଦୃଷ୍ଟି ଦେଖିବେ ନାହିଁ,କାହାର ଏପରି ଆଶଙ୍କା କରିବାର ଆବଶ୍ୟକତା ନାହିଁ । କାରଣ,କେତେକ ଜୀବନ୍ମୁକ୍ତ ପୁରୁଷ ଅଟଳପ୍ରଜ୍ଞ ଲୋକଙ୍କୁ ପାଇଲେ ତାଙ୍କୁ ଶିଷ୍ୟ (ଚେଲା) କରିବାକୁ ଇଚ୍ଛୁକ । ଏହି କେତେକ ଜୀବନ୍ମୁକ୍ତ ପୁରୁଷଙ୍କୁ ଗୁରୁ (ଇଂରାଜୀରେ ମାଷ୍ଟର—Master) ବୋଲାଯାଏ । ଏହି ଗୁରୁଙ୍କୁ ଲକ୍ଷ୍ୟ କରି ଆମ୍ଭମାନଙ୍କ ଶାସ୍ତ୍ରରେ ଉପଦେଶ ଅଛି :—

"ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଲାକୟା ।
ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥"

ଯେଉଁ ମାଡାମ୍ ବ୍ଲାଭାଟ୍ସ୍କିଙ୍କ ନାମ ଏହି ଗ୍ରନ୍ଥ ଆରମ୍ଭରେ ଲେଖା ହୋଇଅଛି, ସେ ଏହିପରି କୌଣସି ପୁରୁଷଙ୍କ ଚେଲା ବା ଶିଷ୍ୟା ଥିଲେ । ସେହି ମହାମାନସୀ ଯେଉଁ ଜ୍ଞାନପ୍ରଚାର ଲାଗି ଭୂମଣ୍ଡଳରେ ଅବତୀର୍ଣ୍ଣା ହୋଇଥିଲେ ତାହା ସମ୍ୟକ୍ ସଫଳତା ଲାଭ କରିଅଛି । ତାହାଙ୍କଦ୍ୱାରା ସ୍ଥାପିତ ବ୍ରହ୍ମବିଦ୍ୟା ସମିତି (ଥିଓସଫିକାଲ୍ ସୋସାଇଟି) ପାଠିଏ ବର୍ଷ ମଧ୍ୟରେ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶାଖା ପ୍ରଶାଖା ବିସ୍ତାର କରି ଦିନକୁଦିନ ଉନ୍ନତି ମାର୍ଗରେ ଦ୍ରୁତଗତିରେ ପ୍ରଧାବିତ ହେଉଅଛି । ପୃଥିବୀର ନାନା ଭାଷାରେ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ପୁସ୍ତକମାନ ଲିଖିତ, ମୁଦ୍ରିତ ଓ ପ୍ରଚାରିତ ହେଉ-ଅଛି । ସହସ୍ର ସହସ୍ର ନରନାରୀ ଏହି ପବିତ୍ର କାର୍ଯ୍ୟରେ ମନ ପ୍ରାଣ ଢାଳି ଦେଇ ନିଜ ନିଜର ଜୀବନକୁ ସାର୍ଥକ କରୁଅଛନ୍ତି । ସବୁ ଦେଶରେ ଏହାର ଆଦର୍ଶ ବଢ଼ୁଅଛି ।

ଯେଉଁ ପନ୍ଥା ଅବଲମ୍ବନ କଲେ ଗୁରୁଙ୍କ କୃପା-ଲାଭ ହୋଇ ପାରେ ତାହା ଅତ୍ୟନ୍ତ କଠିନ । ବୋଧହୁଏ ଆଉ ସେପରି କଠିନ କଷ୍ଟ ପନ୍ଥା ଏ ଜଗତରେ ନାହିଁ । ଏ ପନ୍ଥାରେ ସିଦ୍ଧି ସୁନିଶ୍ଚିତ; ତେବେ ତାହା କେତେ କାଳରେ ଲାଭ ହେବ, ତାହା କେହି କହି ପାରିବେ ନାହିଁ । ପୁଣି ସାଂସାରିକ କାର୍ଯ୍ୟରେ ମୁକ୍ତାଗ୍ରହ ଅଳ୍ପ ହେଲେ ଚଳିବ ନାହିଁ, ଅସଙ୍ଗାନୁରକ୍ତ ହେବାକୁ ହେବ । ପର ସେବା ଓ ସ୍ୱାର୍ଥତ୍ୟାଗ ଏ ପନ୍ଥାର ପ୍ରଧାନ କର୍ତ୍ତବ୍ୟ ।

ଯେଉଁ ସ୍ୱର୍ଗତ ମହାପୁରୁଷ (ବିଶପ୍ ଲେଡ୍ ବୀଟର୍)ଙ୍କ ଗ୍ରନ୍ଥରୁ ଏହି ଗ୍ରନ୍ଥର ଅଧିକାଂଶ ଅନୁବାଦିତ, ସେ ବହୁକାଳ ଏହି ପନ୍ଥାରେ କାର୍ଯ୍ୟ କରିବା ପରେ କେତେକ ଜଣ ଗୁରୁଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କଠାରୁ ଅନେକ ଶିକ୍ଷା ପାଇ ପରେ ସେ ନିଜେ ସେମାନଙ୍କର ଶିକ୍ଷା ସବୁ ପରୀକ୍ଷା ଦ୍ୱାରା ପ୍ରମାଣିତ କରି ପାରିଲେ ।

ଏହି ଗୁରୁମାନଙ୍କର ଶିଷ୍ୟ ହେବା ପ୍ରତ୍ୟେକ ବ୍ରହ୍ମବିଦ୍ୟା-ପାଠକଙ୍କର ଚରମ ଲକ୍ଷ୍ୟ ହେବା ଉଚିତ । ସେ ସୌଭାଗ୍ୟ ଲାଭ କରିବା ଲାଗି ଅଦମ୍ୟ ସଙ୍କଳ୍ପ ଓ ସାଧନା ଆବଶ୍ୟକ । ଶ୍ରୀ ଜଗନ୍ନାଥ ତ୍ରିପାଠୀ, ବି. ଏ., ବି. ଟି.ଙ୍କ 'ବ୍ରହ୍ମବିଦ୍ୟା ପରିଚୟ' ଗ୍ରନ୍ଥରୁ ଗୃହୀତ ।]

ସୋସିଆଲିଜ୍‌ମ୍—ବୈଦେ. ବି. (ଇଂ)—ସମାଜତନ୍ତ୍ର ବା ସାମ୍ୟବାଦ ନାମକ Sosiālij-m ମତବାଦ; ଆଧୁନିକ ରାଜନୀତିକ ମତବାଦ ବିଶେଷ—সোসিআলিজ্‌ম্ Name of a modern political creed; सोसिआलिज़्म् socialism. [ଦ୍ର—ସମାଜରେ ବଡ଼ଲୋକଙ୍କର ବେଶୀ ଧନୀ ହେବା ଅବସ୍ଥାର ଓ ଗରିବ ଲୋକଙ୍କ ନିର୍ଦ୍ଧନ ଅବସ୍ଥାର ଲୋପକରି ତହିଁ ପରିବର୍ତ୍ତେ ଦେଶରେ ଥିବା ସବୁଧନ ଓ ସମ୍ପତ୍ତିକୁ ସବୁ ଲୋକଙ୍କ ମଧ୍ୟରେ ସମାନ ଭାଗରେ ବାଣ୍ଟି ଦେଇ ଜଗତକୁ ସ୍ୱର୍ଗରାଜ୍ୟରେ ପରିଣତ କରିବା ଏ ମତବାଦର ଚରମ ଲକ୍ଷ୍ୟ ଅଟେ । ଏ ମତବାଦୀମାନେ ନାନା ଆନ୍ଦୋଳନ ଓ ବକ୍ତୃତା ଆଦି କରି ଜଗତରୁ ରାଜା,ଜମିଦାର, ସେଠ ଓ ଧନପତିମାନଙ୍କ ଉଚ୍ଛେଦ ସାଧନ କରିବାକୁ ଲୋକଙ୍କୁ ଉପଦେଶ, ଉତ୍ତେଜନା ଓ ମନ୍ତ୍ରଣା ଦେବାରେ ଲାଗିଛନ୍ତି ଓ ସାମ୍ୟବାଦ ବଲସେଭିକବାଦ (bolshivism) ଧାରଣ କରୁଅଛି ।]

ସୋସିଆଲିଷ୍ଟ୍—ବୈଦେ. ବି ଓ ବିଣ (ଇଂ)—ସମାଜତାନ୍ତ୍ରିକ; Sosiālisht ସୋସିଅଲିଜମ୍ ମତବାଦୀ ବ୍ୟକ୍ତି—সোসিআলিষ্ট सोसिआलिस्ट Socialist.

ସୋହଂ—ସଂ. ବାକ୍ୟ (ସଃ=ସେ+ଅହଂ=ମୁଁ; ସନ୍ଧିଦ୍ୱାରା ସଃ ଓ Soham ଅହଂ ମିଳିଯାଇ ସୋଽହଂ ପଦ ହେଲା । ସୋ ଏବଂ ହଂ (ସୋଽହଂ, ସୋଽହମସ୍ମି—ଅନ୍ୟରୂପ) ମଧ୍ୟରେ ଽ ବା ଲୁପ୍ତ ଅକାର ରହିଲା । ଏଥିର ଅର୍ଥ:—ସେ ମୁଁ ଅଟେଁ, ଅର୍ଥାତ୍ ଈଶ୍ୱର ବା ପରମାତ୍ମା ମୋ ଭିତରେ ଅଛନ୍ତି; ଅର୍ଥାତ୍, ଈଶ୍ୱର ଓ ସୃଷ୍ଟି ଏକ ଅଟେ, ଅର୍ଥାତ୍ ଈଶ୍ୱର ବା ପରମାତ୍ମା ଜଗତ୍ରର ପ୍ରତ୍ୟେକ ବ୍ୟକ୍ତିରେ ବା ବସ୍ତୁରେ ବିଦ୍ୟମାନ)—The elementary principle of Pantheism, meaning 'God is myself; God is present in the creation; the Divine Essence pervades

the universe. [ଢ଼—ଏହା ବେଦାନ୍ତ ଦର୍ଶନର ଅଦ୍ୱୈତବାଦର ମୌଳିକ ପ୍ରତିଜ୍ଞା। ଜୀବାତ୍ମା ଓ ପରମାତ୍ମା ଏକ; ବ୍ରହ୍ମ ଓ ମୁଁ ଅଭିନ୍ନ।]

ସୋହଡ଼ା—ଦେ. ବିଣ (ସଂ. ସୁଗ୍ରଥିତ)—ସୁଗଠିତ; ସୌଷ୍ଠବଯୁକ୍ତ—
Soharda ସୁগঠিত सुगठित Symmetrical.
[ଢ଼—ସୋହଡ଼ା ସୁନ୍ଦର ନାଥ ଜଗତମୋହନ।
ସାରଳା. ମହାଭାରତ. ଅଦି।]

ସୋହତି—ଦେ. ବି (ପ୍ରାଚୀନ ପ୍ରୟୋଗ)—୧। (ସଂ. ସପ୍ତଋଷି)—
Sohati ସମୁଦ୍ର—1. The sea. ୨। (ସଂ. সমুদ্র समुद्र (ସୌଭାଗ୍ୟ)—ସୌଭାଗ୍ୟ—2. Fortune. সুহাগ सुहाग (ଢ଼—ମାଳବ ଯେ କାଳେ ସୋହତିରେ ଫୁଟି ষ্রোত सोता ଫୁଲେଇ ଦୁଅଇ ଘଡ଼ିକଥାକୁ—ଅଜୟୁଚନ୍ଦ୍ର. ଶେଷବନ୍ଦୀ।) ୩। (ସଂ. ସ୍ରୋତ)—ସ୍ରୋତ—3. Current. (ଢ଼—ସୋହତିରେ ପଡ଼ି ଅସେ କାଳନ୍ଦୀରେ ଭାସି—ପ୍ରାଚୀ. ବୃନ୍ଦାବନରୁପଣ ଗୀତା।)
. ପ୍ରାଦେ (ବାଲେଶ୍ୱର) ବି—ନଦୀ—River.

ସୋହତ୍ର—ଗ୍ରା. ବି (ସଂ. ସମୁଦ୍ର)—ସମୁଦ୍ର—The sea. (ଢ଼—
Sohatra ସୋହତ୍ର ଜଳେ ଯେସନେ ଭାସଇ
সমুদ্দুর समुद्र ଛଟପଟେ—ସାରଳା ମହାଭାରତ. ଅଦି।)

ସୋହଦ୍ର—ଗ୍ରା. ବି (ସଂ ସମୁଦ୍ର)—୧। ସୋହତ୍ର (ଦେଖ)—
Sohadra 1. Sohatra (See). ୨। ସୋହୋଦ୍ର (ଦେଖ)
2. Sohodra (See).

ସୋହବତ—ବୈଦେ. ବି (ଫା)—ସୋବତ୍ (ଦେଖ)—
Sohabat Sobat (See).

ସୋହବତି—ବୈଦେ. ବିଣ—ସୋବତି (ଦେଖ)—
Sohabati Sobati (See).
(ସୋହବତିଅ—ଦେଶଜରୂପ)

ସୋହମତ୍—ବୈଦେ. ବି (ଫା)—ସୋବତ୍ (ଦେଖ)—
Sohamat Sobat [See].

ସୋହମତି—ବୈଦେ. ବିଣ—ସୋବତି (ଦେଖ)—
Sohamati Sobati (See).
(ସୋହମତିଅ—ଦେଶଜରୂପ)

ସୋହରତ୍—ବୈଦେ. ବି (ଫା)—୧। ଘୋଷଣା—Publication.
Soharat ୨। ଢୋଲ ବା ନାଗରା ବଜାଇବା ଦ୍ୱାରା সোহরত शोहरत କରାଯିବା ଘୋଷଣା—
2. Publication of any matter by beat of drum.

ସୋହାଇବା—ଦେ. କ୍ରି—ସୁହାଇବା (ଦେଖ)—
Sohāibā Suhāibā (See).

ସୋହାଗ (ଇତ୍ୟାଦି)—ଦେ. ବି—ସୁହାଗ ଇତ୍ୟାଦି (ଦେଖ)—
Sohāga (etc) Suhāga etc (See).

ସୋହାଗା—ଦେ. ବି—ସୁହାଗା (ଦେଖ)—
Sohāgā Suhāgā (See).

ସୋହାଗିଆ—ଦେ. ବିଣ. ପୁଂ—ସୁହାଗୀ (ଦେଖ)—
Sohāgiā Suhāgi (See).
[ସୋହାଗେଇ(ସ୍ତ୍ରୀ)—ସ୍ତ୍ରୀ]

ସୋହାଗିନୀ—ଦେ. ବିଣ. ସ୍ତ୍ରୀ ସୁହାଗିନୀ (ଦେଖ)—
Sohāgini Suhāgini (See).

ସୋହାଗୀ—ଦେ. ବିଣ (ପୁଂ ଓ ସ୍ତ୍ରୀ)—ସୁହାଗୀ (ଦେଖ)—
Sohāgi Suhāgi (See).

ସୋହାରା—ଦେ. ବି—ଛୁଆରା (ଦେଖ)—
Sohārā Chhuārā (See.)

ସୋହିନୀ—ଦେ. ବି (ସଂ. ଶୋଭନା)—ରାଗିଣୀ ବିଶେଷ—
Sohini Name of a musical tune.
সোহিনী शोभनी [ଢ଼—ଏହା ଷଟ୍ସ୍ୱରବିଶିଷ୍ଟ ବସନ୍ତ ରାଗିଣୀ। ଏହା ରାତ୍ରିର ଶେଷ ଓ ୪ର୍ଥ ପ୍ରହରରେ ଗେୟ।]

ସୋହି—ଦେ. ବି. ସ୍ତ୍ରୀ—ସୋଇ (ଦେଖ)—
Sohi Soi (See)

ସୋହୋଡ଼—ଦେ. ବିଣ—ଶୋଭନ—Beautiful. (ଢ଼—
Sohorda ଜୟ ହୁ ବଡ଼ା ଢଗ ବର୍ଣ୍ଣ କଡ଼ଡ଼ା ଜୟ শোভন शोभन ସୋହୋଡ଼ ପଣ୍ଡା ଗିରିବା ମୋଡ଼,
ପ୍ରାଚୀ ଭଗବଦ୍‌ଗୀତା।]

ସୋହୋଦ୍ର—ଗ୍ରା. ବି (ପ୍ରାଚୀନ ପଦ୍ୟ) (ସଂ. ସହୋଦର; ସୋଦର)—
Sohodra ସହୋଦର; ଏକ ଗର୍ଭଜାତ ଭ୍ରାତା—
সহোদর सहोदर Uterine brother.
ବିଣ—(ସଂ,ସୁହୃଦ୍) ୧। ସୁହୃଦ୍ ସମ୍ବନ୍ଧୀୟ—1. Relating to suhrud. ୨। ସାକ୍ଷାତ୍ ସମ୍ବନ୍ଧରେ ସମ୍ପର୍କିତ—2. Directly related. (ଢ଼—ସୋହୋଦ୍ର ମାଉଁସ ହୋଇଲେ, ଭଉଣୀ ସଙ୍ଗେ ରସ କରିଲ—ପ୍ରାଚୀ. ଭାଗବତ ମାହାତ୍ମ୍ୟ।)

ସୋହୋରା—ପ୍ରାଦେ (ଜୟପୁର) ବି—ଚୁଡ଼ା, ମୁଢ଼ି, ଲିଆ ଆଦି ତିଆରି
Sohorā କରୁଥିବା ଯାହାଙ୍କ ହାତରୁ ପାଣି ଖିଆଯାଏ ନାହିଁ ଏପରି ଶୂଦ୍ର ଜାତି ବିଶେଷ—A class of Sūdras who prepare flattened rice; parched rice etc and from whose hands high caste people do not drink water.

ସୋହ୍ଲା—ଦେ. ବିଣ—ଶୋଲପରି ହାଲୁକା—As light as cork.
সোলা ବି—୧। ସୋଲ; ବୁଟ—1. Gram; chick-
हौला pea. ୨। ସୋଲ (ଉଦ୍ଭିଦ)—2. Aeschynomene.
সোলা ୩। (ପାନବରଜ) ପାନଲତାର ରୋଗ ବିଶେଷ—3. A
बूण्ट, चना disease of betel plant. [ଢ଼—ଏହି ରୋଗରେ ପାନଲତାର ମୂଳରେ ବହୁପରିମାଣରେ ଜଳ ଦେବା ଦ୍ୱାରା ମାଟି ସର୍ବଦା ଓଦା ରହି ପାନଲତା ଖୁବ୍ ବଢ଼ୁଥିବା ହୋଇ ବଢ଼ି ଉପରେ ଉଠିବ ତାହି ଏହାବେଳେ ତ ବନ୍ଦ ହୋଇଯାଏ।]

ସୋଙ୍କେନାମା—ବିଦେ. ବ (ଚରିତ) (ଫା)—ସୁଲେନାମା (ଦେଖ)
Sohlenāmā Sulenāmā (See)

ସୌଆ (ଇତ୍ୟାଦି)—ଦେ. ବ ଓ ବଣ—ସଉଆ ଇତ୍ୟାଦି (ଦେଖ)
Saua (etc) Sauā etc (See)

ସୌଆର୍—ବିଦେ. ବ—(ଫା)—ସଉଆର୍ (ଦେଖ)
Sauār Suār (See)

ସୌଆରି—ବିଦେ; ବ (ଫା)—ସବାରି (ଦେଖ)
Sauāri Sabāri (See)

ସୌଆଲ୍ (ଇତ୍ୟାଦି)—ସବାଲ୍ ଇତ୍ୟାଦି (ଦେଖ)
Saual (etc) Sabāl etc (See)

ସୌକ୍(ଖ) (ଇତ୍ୟାଦି)ଦେ· ବ ଓ ବଣ—ସଉକ୍ (ଖ) ଇତ୍ୟାଦି (ଦେଖ)
Sauk(kh) (etc) Sauk(kh) etc (See)

ସୌକତ ଅଲି—ବିଦେ· ବ (ନାମ)—ମହମ୍ମଦଅଲିଙ୍କ ଭାଇ; ଭାରତର
Saukata ali ଖିଲାଫତ୍ ଆନ୍ଦୋଳନର ନେତା ଦୁଇ ଭାଇଙ୍କ
সৌকতআলি ମଧ୍ଯରୁ ଜଣେ—One of the Mahomedan
सौकतअलि brothers who were the leaders of the
Khillafat movement in India in the 20th century.
[ଦ୍ର—ଏ ୧୯୩୮ ସାଲ ଶେଷାଂଶରେ ମୃତ ହେଲେ ।]

ସୌକନ୍ୟ—ସଂ. ବଣ (ସୁକନ୍ୟା+ସମ୍ବନ୍ଧେ. ଅ)—ସୁକନ୍ୟା ସମ୍ବନ୍ଧୀୟ—
Saukanya Relating to Sukanyā· (ଉ—ଏଠାରେ ସୌକନ୍ୟଚରିତ ସମାପନ୍ତ, ହୋଇଲା ଚରିତ କୃଷ୍ଣସିଂହ ରଚିତ । କୃଷ୍ଣସିଂହ. ମହାଭାରତ. ବନ ।]

ସୌକର—ସ. ବ (ସୂକର+ସମ୍ବନ୍ଧେ. ଅ)—ସୂକର ସମ୍ବନ୍ଧୀୟ (ଶବ୍ଦ-
Saukara କଳ୍ପଦ୍ରୁମ)—Relating to pig.

ସୌକରିକ—ସ. ବ (ସୂକର+ଇକ)—ବ୍ୟାଧ; ଶିକାରୀ (ଶବ୍ଦ
Saukarika କଳ୍ପଦ୍ରୁମ)—A hunter.

ସୌକର୍ଯ୍ୟ—ସଂ· ବ (ସୁକର +ଭାବ· ଯ)—୧ । ସୁକରତା; ସୁସାଧ୍ୟତା—
Saukarjya 1. State of being easy of execution; feasibility· ୨ । ଅନାୟାସ—2. Easiness; facility. ୩ । କୌଶଳ—3. Skill, ୪ । (ସୂକର+ ଭାବେ. ଯ) ସୂକରତ୍ୱ—4. State of being a pig.

ସୌକି(ଖି)—ଦେ· ବ ଓ ବଣ—ସଉକି (ଦେଖ)
Sauki(khi) Sauki (See)
(ସୌକି[ଖି]ନ[କି]—ଅନ୍ୟରୂପ)

ସୌକିନ୍ ସେନା—ଦେ. ବ—ସଉଖିନ୍ ସେନା (ଦେଖ)
Saukin senā Saukhin Senā (See)

ସୌକୁମାର୍ଯ୍ୟ ସ. ବ (ସୁକୁମାର=ଅତି ମୃଦୁ+ଭାବ. ଯ)—
Saukumārjya ୧ । ସୁକୁମାରତା; ମୃଦୁତା; କୋମଳତା—1. Softness; delicacy· ୨ । ଯୌବନ—2. Youth.

ସୌକ୍ଷ୍ମ୍ୟ—ସ ବ (ସୂକ୍ଷ୍ମ+ଭାବ. ଯ)—ସୂକ୍ଷ୍ମତା—
Saukshmya Tenderness; minuteness; delicacy.

ସୌଖଶାୟନିକ—ସ. ବ. ପୁଂ (ସୁଖଶୟନ+ଇକ; ଯେଉଁ ବ୍ୟକ୍ତି
Saukha śāyanika ସୁଖଶୟନ ବିଷୟ ଜିଜ୍ଞାସା କରେ)—
ସୌଖ ସୁପ୍ତିକ } —ଅନ୍ୟରୂପ
ସୌଖ ଶାୟିକ }
ବୈତାଳିକ; ସ୍ତୁତିପାଠକ—A herald or person (whose duty it was to sing songs to rouse a sleeping king early every morning). ବଣ. ପୁଂ—ସୁଖଶୟନ ଜିଜ୍ଞାସୁ—Enquiring after one's sound sleeping.

ସୌଖିକ—ସଂ. ବଣ (ସୁଖ+ଇକ)—୧ । ସୁଖ ସମ୍ବନ୍ଧୀୟ—
Saukhika 1. Relating to pleasure (Apte),
(ସୌଖୀୟ—ଅନ୍ୟରୂପ) ୨ । ସୁଖମୟ; ସୁଖଜନକ—
[ସୌଖିକୀ, ସୌଖୀୟୀ—ସ୍ତ୍ରୀ] 2. Pleasant; delightful (Apte).

ସୌଖୀନ—ସଂ. ବଣ· ପୁ' (ସୁଖ+ସମ୍ବନ୍ଧେ· ଈନ)—୧ । ସୁଖାର୍ଥୀ;
Saukhīna (ମହାଭାରତ; ଶାନ୍ତିପର୍ବ) ସୁଖେଚ୍ଛୁ—1. Desiring
(ସୌଖୀନା—ସ୍ତ୍ରୀ) happiness· ୨ । ସଉକିନ୍; ବିଳାସୀ—2. Luxury-loving.

ସୌଖୀନତା—ସଂ, ବ—ବିଳାସିତା; ବାବୁଗିରି—
Saukhīnatā Foppery; luxuriousness; gallantry.

ସୌଖ୍ୟ—ସଂ. ବ (ସୁଖ+ଭାବ. ଯ)—୧ । ସୁଖ—1. Happiness.
Saukhya ୨ । ଆନନ୍ଦ—2· Pleasure. ୩ । ସୁଖୀ ହେବାର ଭାବ—3. The state of being happy or
सुख सौख्य comfortable. ଦେ. ବଣ—ସୁସ୍ଥ—Hale. (ଉ—ଶଶକେ କ୍ଷୀର ପାଇ ସୌଖ୍ୟ ହୋଇ ମୁହିଁ । କୃଷ୍ଣସିଂହ. ମହାଭାରତ. ବନ ।)

ସୌଗତ—ସଂ. ବ (ସୁଗତ+ସ୍ୱାର୍ଥେ· ଅ)—୧ । ବୁଦ୍ଧ ବିଶେଷ
Saugata (ହେମଚନ୍ଦ୍ର)—1. Name of a Buddhist saint. ୨ । ବୌଦ୍ଧ; ଶୂନ୍ୟବାଦୀ—2. A Buddhist. ୩ । ବୌଦ୍ଧମାନଙ୍କ ସମ୍ପ୍ରଦାୟ ବିଶେଷ—3. A sect or school of the Buddhists.[ଦ୍ର—ବୌଦ୍ଧମାନେ ୪ ସମ୍ପ୍ରଦାୟ ବା ଶ୍ରେଣୀରେ ବିଭକ୍ତ ହୋଇଥିଲେ; ଯଥା—ମାଧ୍ୟମିକ, [ସୌଗତ] ବା ସୌତ୍ରାନ୍ତିକ, ଯୋଗାଚାର ଓ ବୈଭାଷିକ—Apte ।] ୪ । ନାସ୍ତିକ ବ୍ୟକ୍ତି—4. An atheist.

ସୌଗତିକ—ସଂ. ବ (ସୁଗତ+ସମ୍ବନ୍ଧେ. ଇକ)—୧ । ବୁଦ୍ଧ ବିଶେଷ
Saugatika (ଶବ୍ଦ କଳ୍ପଦ୍ରୁମ)—1. Name of a Buddhist saint. ୨ । ବୌଦ୍ଧ ସନ୍ନ୍ୟାସୀ—3. Buddhist monk. ୩ । ସନ୍ନ୍ୟାସୀ ବ୍ରାହ୍ମଣ—2. A Brahman recluse. ୪ । ସନ୍ଦେହ [ପ୍ରକୃତିବାଦ]—4. Doubt. ୫ । ଈଶ୍ୱରଙ୍କଠାରେ ବିଶ୍ୱାସର ଅଭାବ [ପ୍ରକୃତିବାଦ]—5. Absence of faith in God. ୬। ନାସ୍ତିକତା [ପ୍ରକୃତିବାଦ]—5. Atheism. ୭ । ବୌଦ୍ଧ ସମ୍ପ୍ରଦାୟବିଶେଷ—7. A sect of Buddhists (Apte).

ସୌଗନ୍ଧ—ସଂ. ବି (ସୁଗନ୍ଧ + ସ୍ୱାର୍ଥେ ଅ)—୧ । କତ୍ତୃଣ (ଶବ୍ଦରତ୍ନାବଳୀ); ଏକପ୍ରକାର ସୁଗନ୍ଧ ତୃଣ; ଧନ୍ୱଶୀ—1. Andropogen Schoenanthus; a kind of scented grass. [ଦ୍ର—ପତ୍ରର ଶ୍ୱେତ ବର୍ଣ୍ଣ ଭେଦରେ ଏହା ଦୁଇ ପ୍ରକାରର । ୧. କ୍ଷୁଦ୍ରପତ୍ରୀ ସୌଗନ୍ଧ କଷାୟତିକ୍ତରସ, କଟୁବିପାକ; ହୃଦ୍ରୋଗ, କଣ୍ଠରୋଗ, ପିତ୍ତ, ରକ୍ତଦୋଷ, ଶୂଳ, କାସ ଓ ଜ୍ୱରନାଶକ । ୨ । ସ୍ଥୂଳପତ୍ରୀ ସୌଗନ୍ଧ କଟୁତିକ୍ତରସ, ଉଷ୍ଣବୀର୍ଯ୍ୟ, ବ୍ରଣ, କ୍ଷତକ୍ଷୀଣ ଓ ଭୂତଗ୍ରହାବେଶରେ ଉପକାରକ ।] ୨ । ସୁଗନ୍ଧ ହେବାର ଅବସ୍ଥା—2. The state of being scented. ୩ । ସୌରଭ; ସୁଗନ୍ଧ—3. Fragrance. ବିଣ—ଶୋଭନ ଗନ୍ଧଯୁକ୍ତ—Sweet-scented; fragrant.
Saugandha
ଅନ୍ୟ ସଂ. ନାମ—କତ୍ତୃଣ, ରୌହିଷ, ଦେବଜଗ୍ଧ, ସୌଗନ୍ଧିକ, ଭୂତିକ, ଧ୍ୟାମ, ପୌର, ଶ୍ୟାମକ, ଧୂମଗନ୍ଧିକ
ହି. रामकपूर, रोहिस, शेंधिया, गधेजघाँस
ତେ. କାମଂଚଗଡ୍ଡି, ଭୂଟୀକୃଣ
ଫା. ଖବାଲ୍ ମାମୁନ୍
ମ. ରୋହିଷ
କ. କରୁଗଞ୍ଜିକ
ଅ. ଅଜଖର

ସୌଗନ୍ଧିକ—ସଂ. ବିଣ (ସୁଗନ୍ଧ + ଇକ)—ସୌଗନ୍ଧ (ଦେଖ)—Saugandha (See) ବି—୧ । ସୌଗନ୍ଧ; କତ୍ତୃଣ [ଅମର]—1. A species of sweet scented grass; Andropogen Scheonanthus. ୨ । ଗନ୍ଧକ [ଅମର]—2. Sulpher. ୩ । ଶୀତାଂଶୁ ତୈଳ; କାଜୁପୁଟୀ ତେଲ (ବୈଦ୍ୟକ)—3. The oil of kajuputi. ୪ । ଶ୍ୱେତକହ୍ଲାର; କଇଁ [ଅମର]—4. Nymphea lotus (white); white water lily. ୫ । ଗନ୍ଧବଣିକ୍ (ଶବ୍ଦକଳ୍ପଦ୍ରୁମ); ପୋଟଳି ବଣିଆ—5. Apothocary; druggist; a person dealing in herbs, spices and scents. ୬ । ନୀଳୋତ୍ପଳ (ରାଜନିର୍ଘଣ୍ଟ)—6. The blue variety of nymphea lotus. ୭ । ପଦ୍ମରାଗ ମଣି [ମେଦିନୀ]—7. A species of gem; ruby.
Saugandhika

ସୌଗନ୍ଧିକା—ସଂ. ବି (ସୌଗନ୍ଧିକ + ଆ)—ପଦ୍ମଭେଦ [ମହାଭାରତ]—A species of lotus.
Saugandhikā

ସୌଗନ୍ଧ୍ୟ—ସଂ. ବି (ସୁଗନ୍ଧ + ଯ)—୧ । ସୁଗନ୍ଧଯୁକ୍ତ ଅବସ୍ଥା—1. The state of being scented. ୨ । ସୁଗନ୍ଧ; ସୌରଭ—2. Fragrance; sweet smell. ୩ । ସୁଗନ୍ଧ ଦ୍ରବ୍ୟ—3. Scented article; a scent.
Saugandhya

ସୌଗମ୍ୟ—ସଂ. ବି (ସୁଗମ + ଭାବ. ଯ)—ସୁଗମତା; ସହଜତା—Ease; facility (Apte).
Saugamya

ସୌଚି—ସଂ. ବି. ପୁଂ (ସୂଚୀ + ଜୀବକାର୍ଥେ ଇ)—ସୌଚିକ [ଶବ୍ଦରତ୍ନାବଳୀ] (ଦେଖ)—Sauchika (See)
Sauchi

ସୌଚିକ—ସଂ. ବି. ପୁଂ (ସୂଚୀ + ଜୀବକାର୍ଥେ ଇକ)—ସୂଚୀକର୍ମୋପଜୀବୀ; ଦରଜୀ [ଶବ୍ଦରତ୍ନାବଳୀ]—A tailor.
Sauchika
ଅନ୍ୟ ସଂ. ନାମ—ତୁନ୍ନବାୟ, ସୂଚକ, ସୌଚି, ସୂଚିଜୀବୀ

ସୌଜନ୍ୟ—ସଂ. ବି (ସୁଜନ + ଭାବେ. ଯ)—୧ । ସୁଜନତା—1. Goodness of manners. ୨ । ଭଦ୍ରତା; ଶିଷ୍ଟାଚାର—2. Civility; urbanity. ୩ । ସଦ୍‌ବ୍ୟବହାର—3. Gentlemanly behaviour.
Saujanya
[ଅସୌଜନ୍ୟ—ବିପରୀତ]

ସୌଜନ୍ୟ କ୍ରୀତ—ସଂ. ବିଣ. ପୁଂ (କର୍ମ୍ମ ତତ୍)—କୌଣସି ବ୍ୟକ୍ତିଙ୍କ ପ୍ରଦର୍ଶିତ ଭଦ୍ରତା ବା ଶିଷ୍ଟାଚାରଦ୍ୱାରା ବଶୀଭୂତ—Charmed or enamoured by the civility or gentlmanly behaviour of a person.
Saujanya krita
[ସୌଜନ୍ୟକ୍ରୀତା—ସ୍ତ୍ରୀ]

ସୌଣ୍ଡୀ—ସଂ. ବି—ପିପ୍ପଳୀ [ଶବ୍ଦଚନ୍ଦ୍ରିକା]—Black pepper.
Saundī

ସୌତ ଭାଇ—ପ୍ରାଦେ. (ବସ୍ତର) ବି (ତୁଳ. ହି. ସୌତେଲା ଭାଇ)—ସାବତ ଭାଇ—Step brother.
Sauta bhāi

ସୌତ ମାଁୟ (ଆ)—ପ୍ରାଦେ. (ବସ୍ତର) ବି—ସାବତ ମାଆ—Step mother.
Sauta māya(ā)

ସୌତୁଣୀ (ଇତ୍ୟାଦି)—ଦେ. ବି. ସ୍ତ୍ରୀ—ସଉତୁଣୀ ଇତ୍ୟାଦି (ଦେଖ)—Sautuṇī etc (See).
Sautuṇī (etc)

ସୌତ୍ୟ—ସଂ. ବି (ସୂତ + ଯ)—ସାରଥ୍ୟ; ସାରଥିପଣ—The office of a charioteer [Apte].
Sautya

ସୌତ୍ର—ସଂ. ବିଣ (ସୂତ୍ର + ଅ)—୧ । ସୂତ୍ରସମ୍ବନ୍ଧୀୟ—1. Relating to sūtra. ୨ । ସୂତ୍ରାନୁଯାୟୀ—2. Following or according to the aphorisms. ବି—୧ । ବ୍ରାହ୍ମଣ (ଯଜ୍ଞସୂତ୍ର ଧାରଣ କରିଥିବାରୁ)—1. Brāhmaṇa. ୨ । ସୌତ୍ର ଧାତୁ [ଦେଖ]—2. Sautra dhātu [See].
Sautra
[ସୌତ୍ରିକ—ଅନ୍ୟରୂପ]

ସୌତ୍ର ଧାତୁ—ସଂ. ବି (ବ୍ୟାକରଣ) ଜନ୍ୟପ୍ରୟୋଗାର୍ଥକ ଧାତୁର ଗଣବିଶେଷ; ଗଣପାଠୋକ୍ତ ଧାତୁ ପରି ବ୍ୟାକରଣ ଗ୍ରନ୍ଥାଦିରେ ଯେଉଁ ଧାତୁର ପ୍ରୟୋଗ ଦେଖାଯାଏ ନାହିଁ । କିନ୍ତୁ ଶବ୍ଦବିଶେଷର ସାଧନାର୍ଥ ସ୍ୱୀକୃତ ବ୍ୟାକରଣ ସୂତ୍ର ଅନୁସାରେ ଗଢ଼ା ଧାତୁ—[grammar] A root coined and formed extempore for manufacturing a particnlar word by following the grammatical aphorisms for the formation of roots, though such root is not to be found in the list of different classes [Gaṇas] of roots mentioned in grammatical treatises, nor can be conjugated like a regular verb. [ଦ୍ର—ସୌତ୍ର ଧାତୁ ଯଥା—ଋଚ୍ ଧାତୁ = ଗତି କରିବା; ଋଦ-
Sautra dhātu

ଧାତୁ=ଅଘାତ କରିବା; ତୁ ଧାତୁ=ବୃଦ୍ଧି କରିବା। ୪୬ ଗୋଟି ସୌତ୍ର ଧାତୁ ଗଢ଼ିବା ପାଇଁ ସଂସ୍କୃତ ବ୍ୟାକରଣରେ ସୂତ୍ର ସନ୍ନିବେଶିତ ଅଛି। ଏହି ସୌତ୍ର ଧାତୁମାନଙ୍କ ସାହାଯ୍ୟରେ ଶବ୍ଦମାନ ଗଢ଼ାଯାଏ। ମର୍ଚ୍ଚ ଶବ୍ଦ ମର୍ଚ୍ଚ ନାମକ ସୌତ୍ର ଧାତୁରୁ ଜାତ। ସମସ୍ତ ଅନ୍ୟାନ୍ୟ ଧାତୁ ପରି ଏହି ଧାତୁର ରୂପ ହୁଏ ନାହିଁ, ତେଣୁ ଏହା ବ୍ୟାକରଣରେ କୌଣସି ଗଣର ଅନ୍ତର୍ଗତ ନୁହେ। ଅଛି ମଧ୍ୟ ଏହାର ଅନ୍ୟତ୍ର ବ୍ୟବହାର ନାହିଁ, କେବଳ ବେଦୋକ୍ତ ଶବ୍ଦସାଧନ ପାଇଁ ଏହି ସୌତ୍ର ମର୍ଚ୍ଚ ଧାତୁ ଗତ କରିବା ଅର୍ଥରେ ବ୍ୟବହୃତ ହୁଏ—ପଣ୍ଡିତ ଭୁବନେଶ ଦାଶ।]

ସୌତ୍ରାନ୍ତିକ—ସଂ. ବି—ବୌଦ୍ଧ ସମ୍ପ୍ରଦାୟବିଶେଷ—Name of a Sautrāntika school of the Buddhists

ସୌତ୍ରାମଣୀ—ସଂ. ବି (ସୁତ୍ରାମା=ଇନ୍ଦ୍ର+ଅଣ+ଈ;କଳାପ ମତ)—Sautrāmaṇi ଯାଗବିଶେଷ—Name of a vedic sacrifice. [ଦ୍ର—ଯଜୁର୍ବେଦର କାଣ୍ଵଶାଖାର ୨୧। ୨୨।୨୩ରେ ଏହି ଯାଗର ମନ୍ତ୍ର ଓ ବିଧି ଲେଖାଅଛି ଏବଂ ଏହି ଯାଗର କ୍ରମ କାତ୍ୟାୟନ ସୂତ୍ର ଗ୍ରନ୍ଥରେ ଲେଖାଅଛି ଯେ, "ସ ଏତଂ ମହାନ୍ତଂ ଅପଶ୍ୟତ୍" ଏହି ପ୍ରକୃତି-ପ୍ରତ୍ୟୟଦ୍ଵାରା ସୌତ୍ରାମଣୀ ଶବ୍ଦ ନିଷ୍ପନ୍ନ ହୋଇଅଛି। ଏହି ଯାଗରେ ମନ୍ତ୍ର ପାଠପୂର୍ବକ ସୁରାପାନ କରିବାକୁ ହୁଏ। ଏହି ଯାଗର ଋଷି ପ୍ରଜାପତି, ଦେବତା ସୁରା, ଛନ୍ଦ—ଅନୁଷ୍ଟୁପ୍।]

ସୌତ୍ରିକ—ସଂ. ବି (ସୂତ୍ର+ଇକ)—୧। ତନ୍ତୁବାୟ; ତନ୍ତୀ (ହି. ଶ)—1. A weaver. ୨। ବୁଣା ହୋଇଥିବା ବସ୍ତ୍ର (ହି. ଶ)—2. A woven thing.
Sautrika

ସୌଦର୍ଯ୍ୟ—ସଂ. ବିଣ (ସୋଦର+ଯ)—ସହୋଦରସମ୍ବନ୍ଧୀୟ—Relating to uterine brother. ସଂ. ବି—ସହୋଦରତା—The state of being a uterine brother.
Saudarjya

ସୌଦା (ଇତ୍ୟାଦି)—ବୈ.ଦେ. ବି (ଅ. ସୌଦା)—ସଉଦା ଇତ୍ୟାଦି (ଦେଖ)—Saudā etc (See)
Saudā (etc)

ସୌଦାଗର—ବୈଦେ. ବି (ଫା)—ସଉଦାଗର (ଦେଖ)—Saudāgara (See)
Saudāgara

ସୌଦାଗରି(ଇତ୍ୟାଦି)—ବୈଦେ.ବି ଓ ବିଣ(ଫା)—ସଉଦାଗରି ଇତ୍ୟାଦି—Saudāgari etc (See)
Saudāgari (etc)

ସୌଦାଗରିଆ—ଦେ. ବିଣ—ସଉଦାଗରିଆ (ଦେଖ)—Saudāgariā (See)
Saudagariā

ସୌଦା ପତର(ପତ୍ର)—ଦେ. ବି—ସଉଦାପତର (ଦେଖ)—Saudāpatara (See)
Sauda patara (patra)

ସୌଦାମନୀ—ସଂ. ବି. ସ୍ତ୍ରୀ (ସୁଦାମନ୍=ପର୍ବତ+ଅ+ଈ; ପର୍ବତର ଝରଣାଦିରୁ ଉତ୍ପନ୍ନ; ଅଥବା ଋଷିଦତ୍ତରୁ ଉତ୍ପନ୍ନ; କିମ୍ବା ସୁଦାମନ୍=ଐରାବତ ହସ୍ତୀ+ ଈ; ଅର୍ଥାତ ମେଘରୁ ଜାତ; କିମ୍ବା ସୁଦାମନ୍=ମାଳ+ ତଦ୍‌ବତ୍‌ପ୍ରଭ ଅର୍ଥରେ+ଈ; ଅର୍ଥାତ୍ ମାଳାକାର)—୧। ବିଦ୍ୟୁତ୍; ବିଜୁଳି (ଶବ୍ଦରତ୍ନାବଳୀ)—1. Lightning. ୨। ଜଣେ ଅପ୍ସରାର ନାମ (ମେଦିନୀ)—2. Name of a heavenly nymph. ୩। ବିଦ୍ୟୁତ୍-ଭେଦ; ଏକପ୍ରକାର ବିଜୁଳି; ମାଳାକାର ବିଜୁଳି (ମେଦିନୀ)—3. A kind of lightning which flashes like a garland. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.
saudāmani
[ସୌଦାମଣୀ—ଗ୍ରାମ୍ୟରୂପ]

ସୌଦାମନୀ
ସୌଦାମନୀ

ସୌଦାମିନୀ—ସଂ. ବି. ସ୍ତ୍ରୀ (ସୁଦାମନ୍+ଈ; କଳାପମତ)—୧। ବିଦ୍ୟୁତ୍; ବିଜୁଳି—Lightning. ୨। ତଡ଼ିଦ୍‌ଭେଦ (ହେମଚନ୍ଦ୍ର)—2. A kind of lightning. ୩। ଅପ୍ସରାଭେଦ (ହେମଚନ୍ଦ୍ର)—3. Name of a heavenly nymph. ୪। ଦେଶ-ବିଶେଷ (ଅଜ୍ଞାତ)—4. Name of a country. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.
Saudāmini
[ସୌଦାମ୍ନୀ—ଅନ୍ୟରୂପ]

ସୌଦାମିନୀ
ସୌଦାମିନୀ

ସୌଦାୟିକ—ସଂ. ବି (ସୁ—ଉତ୍ତମ+ଦାୟ=ଧନ+ଇକ)—(ସ୍ତ୍ରୀ ବା ହିନ୍ଦୁ ଆଇନ) ପିତୃମାତୃ-ସମ୍ପର୍କୀୟଲୋକଙ୍କଠାରୁ ସ୍ତ୍ରୀ-ଲୋକ ବିବାହ କାଳରେ ବା ପରେ ବା ପୂର୍ବରୁ ପିତୃକୁଳରୁ ଓ ମାତୃକୁଳରୁ ସ୍ତ୍ରୀ ଯେଉଁ ଧନ ପାଆନ୍ତି ଓ ବିବାହପରେ ସ୍ଵାମୀକୁଳରୁ ଯେଉଁ ସମ୍ପତ୍ତି ପାଆନ୍ତି (କାତ୍ୟାୟନ)—Wealth or property got by a woman as gift from her parents, paternal and maternal relatives, husband and husbands relatives. [ଦ୍ର—ଏହି ସୌଦାୟିକ ଧନରେ ସ୍ତ୍ରୀଙ୍କର ସ୍ଵତନ୍ତ୍ର ଅଧିକାର ଅଛି। ଏହାକୁ ସ୍ତ୍ରୀ ସ୍ଵାମୀଙ୍କ ବିନା ଅନୁମତିରେ ଖର୍ଚ୍ଚ ବା ଦାନ ବା ବାନ୍ଧବଗ୍ରସ୍ତ ବା ହସ୍ତାନ୍ତର କରି ପାରନ୍ତି [କାତ୍ୟାୟନ ସ୍ମୃତି]।]
Saudāyika

ସୌଦାସ—ସଂ. ବି (ନାମ) (ସୁଦାସ+ଅ)—ଇକ୍ଷ୍ଵାକୁବଂଶୀୟ ଅଯୋଧ୍ୟାଧିପତି—Name of a king of ancient Ajodhyā. [ଦ୍ର—ଏହାଙ୍କ ବିଷୟ ଭାଗବତ ନବମ ସ୍କନ୍ଧରେ ବର୍ଣ୍ଣିତ ହୋଇ ଅଛି; ଏ ସୁଦାସଙ୍କ ପୁତ୍ର ଓ ରଘୁପତିଙ୍କ ଗୋତ୍ର ଥିଲେ।]
Saudāsa
ଅନ୍ୟ ନାମ—କଳ୍ମାଷପାଦ,

ସୌଧ—ସଂ. ବିଣ (ସୁଧା+ସମ୍ବନ୍ଧାର୍ଥେ, ଅ—୧। ସୁଧା ସମ୍ବନ୍ଧୀୟ—1. Relating to Sudhā. ୨। (ସୁଧା=ଚୂନ+ ବିକାରାର୍ଥେ. ଅ) ଚୂନନିର୍ମିତ—2. Made of lime. ୩। ଚୂନଧଉଳିତ—3. Whitewashed with lime. ବି—୧। କୋଠା; ଇଷ୍ଟକାଦି ନିର୍ମିତ ଭବନ; ପ୍ରାସାଦ; ହର୍ମ୍ୟ; ଅଟ୍ଟାଳିକା—1. Building; pucca house. ୨। ରାଜଭବନ [ଅମର]—2. Palace; mansion. ୩। ରୌପ୍ୟ [ରାଜନିର୍ଘଣ୍ଟ]—
Saudha
[ସୌଧୀ—ସ୍ତ୍ରୀ]

3. Silver. ୪ । ଦୁଗ୍ଧପାଷାଣ [ଖଡ଼ିପଥର]; ଦୁଧଖଡ଼ି; ଚକ୍ ଖଡ଼ି—4. Chalk-stone. ୫ । ସୁଧାଧବଳିତ ଗୃହ—5. A white-washed house.

ସୌଧକାର—ସଂ. ବି—ରାଜମିସ୍ତ୍ରୀ [ହି. ଶ]
Saudhakāra A mason; a builder.

ସୌଧ କିରୀଟୀ - ସଂ. ବିଣ (ସୌଧକିରୀଟିନ୍ ଶବ୍ଦ; ରୂପକ; ସୌଧରୂପ କିରୀଟ
Saudha kiriṭi ଅଛି ଯାହାର, ସୌଧକିରୀଟ + ଅସ୍ତି ଅର୍ଥରେ [ସୌଧକିରୀଟିନୀ—ସ୍ତ୍ରୀ] ଇନ୍, ୧ମା· ୧ବ)—ସୌଧମାନ ଯାହାର [ଯେଉଁ ନଗରର ବା ପୁରର] କିରୀଟ ବା ମୁକୁଟ ରୂପେ ଶୋଭା ପାଉଥାଏ—A town or place ornamented with buildings [compared to a crown on the head.]

ସୌଧ ଚୂଡ଼ା—ସଂ· ବି (୬ଷ୍ଠୀ ତତ୍)—କୋଠାର ଅଗ୍ରଭାଗ—The
Saudha chūrdā top of a building; a terrace.
(ସୌଧାଗ୍ର—ଅନ୍ୟରୂପ)

ସୌଧ ପୃଷ୍ଠ—ସଂ· ବି (୬ଷ୍ଠୀ ତତ୍)—କୋଠାର ଉପର; କୋଠାର ଛାତ
Saudha prushṭha —The roof of a building.

ସୌଧ ବାସ - ସଂ. ବି—ଅଟ୍ଟାଳିକା; ହର୍ମ୍ୟ—
Saudha bāsa A palatial building (Apte),

ସୌଧମୟ—ସଂ. ବିଣ (ସୌଧ+ମୟ)—କୋଠାମାନଙ୍କରେ ପୂର୍ଣ୍ଣ—
Saudhamaya Full of buildings; abounding in mansions.

ସୌଧ ମାଳା—ସଂ· ବି (୬ଷ୍ଠୀ ତତ୍)—ପ୍ରାସାଦଶ୍ରେଣୀ—
Saudha māḷā A row of buildings.

ସୌଧ ଶିଖର—ସଂ. ବି (୬ଷ୍ଠୀ ତତ୍)—କୋଠାର ଊର୍ଦ୍ଧ୍ୱଦେଶ;
Saudha śikhara ସୌଧଚୂଡ଼ା—The top of a building.

ସୌଧାକର—ସଂ. ବିଣ (ସୁଧାକର + ଅ)—ଚନ୍ଦ୍ରସମ୍ବନ୍ଧୀୟ—
Saudhākara Relating to the moon; lunar.

ସୌଧାତ—ସଂ. ବି—ବ୍ରାତ୍ୟବ୍ରାହ୍ମଣ ଓ ବ୍ରାହ୍ମଣୀଙ୍କଠାରୁ ଉତ୍ପନ୍ନ ଭୂଜକଣ୍ଠ
Saudhāta ଜାତୀୟା ସ୍ତ୍ରୀ ଓ ବ୍ରାହ୍ମଣ ପୁରୁଷଜାତ ସନ୍ତାନ (ହି. ଶ)—Name of a hybrid caste.

ସୌଧାର—ସଂ. ବି—ନାଟକର ଚତୁର୍ଦ୍ଦଶ ଭାଗରୁ ଏକଭାଗ (ଶବ୍ଦ-
Saudhāra କଳ୍ପଦ୍ରୁମ)—One fourteenth part of a drama.

ସୌଧାରୂଢ଼—ସଂ. ବିଣ. ପୁଂ (୭ମୀ ତତ୍)—କୋଠା ଉପରେ ଉଠି-
Saudhārūrḍha ଥିବା—Standing on the top of a
(ସୌଧାରୂଢା—ସ୍ତ୍ରୀ) (ସୌଧାରୋହଣ—ବି) building.

ସୌଧାଳ—ସଂ· ବି (ସୌଧ + ଅଲ)—ଶିବ ମନ୍ଦିର (ଶବ୍ଦକଳ୍ପଦ୍ରୁମ)—
Saudhāḷa A Śiba's temple.

ସୌଧୋପରି—ସଂ. ଅ (୬ଷ୍ଠୀ ତତ୍)—କୋଠା ଉପରେ—
Saudhopari On a building.

ସୌନ—ସଂ. ବିଣ (ସୂନା + ଅ)—ବଧଭୂମି ସମ୍ବନ୍ଧୀୟ—Relating
Sauna to a slaughter house (Apte). ୨ । (ସୌନୀ—ସ୍ତ୍ରୀ· ବିଣ) ଜୀବବଧ ସମ୍ବନ୍ଧୀୟ—2. Relating to butchery (Apte). ସଂ· ବି—କଂସେଇଦ୍ୱାରା ହତ ପଶୁର ମାଂସ—Butcher's meat (Apte).

ସୌନଧର୍ମ୍ୟ—ସଂ. ବି (ସୌନଧର୍ମ + ଯ)—ଭୟଙ୍କର ବା ମାରାତ୍ମକ
Saunadharmya ଶତ୍ରୁତା—A state of deadly hostility (Apte).

ସୌନନ୍ଦ—ସଂ· ବି (ସୁନନ୍ଦ + ଅ)—ବଳଦେବଙ୍କ ମୂଷଳ (ହେମଚନ୍ଦ୍ର)
Saunanda The name of the mace carried by Baḷadeba.

ସୌନନ୍ଦୀ—ସଂ. ବି. ପୁଂ (ସୌନନ୍ଦ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)
Saunandī —ବଳଦେବ—Baḷadeba.

ସୌନିକ—ସଂ· ବି. ପୁଂ (ସୂନା = ବଧଭୂମି + ଇକ)—୧ । ପଶୁପକ୍ଷୀ-
Saunika ମାଂସ ବ୍ୟବସାୟୀ—1. A dealer in meat.
(ଶୌନିକ—ଅନ୍ୟରୂପ) ୨ । ବ୍ୟବସାୟାର୍ଥ ଜୀବବଧକାରୀ—
ଅନ୍ୟ ସଂ—ବୈତଂସିକ, 2. A butcher (Apte).
ମାଂସିକ, କୌଟିକ

ସୌନ୍ଦ—ସଂ. ବି ପୁଂ (ସୁନ୍ଦ + ଅପତ୍ୟାର୍ଥେ. ଅ)—ମାରୀଚ ରାକ୍ଷସ—
Saunda The demon Māricha.

ସୌନ୍ଦର୍ଯ୍ୟ—ସଂ· ବି (ସୁନ୍ଦର + ଭାବ. ଯ)—୧ । ସୁନ୍ଦରତା—
Saundarjya 1. Beauty. ୨ । ସୁଲକ୍ଷଣ—2. Grace. ୩। ଅଙ୍ଗପ୍ରତ୍ୟଙ୍ଗମାନଙ୍କର ଯଥୋଚିତ ସନ୍ନିବେଶଜନିତ ଶୋଭା; ସୁଶ୍ରୀକତା—3. Symmetry of form of the several limbs of the body. [ଦ୍ର—ଉଜ୍ଜ୍ୱଳ ନୀଳମଣି ଗ୍ରନ୍ଥର ଉକ୍ତି—ଅଙ୍ଗପ୍ରତ୍ୟଙ୍ଗକାନାଂ ଯଃ ସନ୍ନିବେଶୋ ଯଥୋଚିତଃ, ସୁଶ୍ଲିଷ୍ଟଃ ସନ୍ଧିବନ୍ଧଃ ସ୍ୟାତ୍ ତତ୍ ସୌନ୍ଦର୍ଯ୍ୟ ମୁଦାହୃତମ୍ ।]

ସୌନ୍ଦର୍ଯ୍ୟ ଗର୍ବ—ସଂ. ବି (ମ. ପ. ଲୋ; ସୌନ୍ଦର୍ଯ୍ୟଜନିତ ଗର୍ବ)—
Saundarjya garba ନିଜର ସୌନ୍ଦର୍ଯ୍ୟ ଯୋଗୁଁ ମନରେ
(ସୌନ୍ଦର୍ଯ୍ୟ ଗର୍ବିତ—ପୁଂ. ବିଣ) ଜନ୍ମିବା ଅହଙ୍କାର—Pride of
(ସୌନ୍ଦର୍ଯ୍ୟ ଗର୍ବିତା—ସ୍ତ୍ରୀ· ବିଣ) having a graceful form.

ସୌନ୍ଦର୍ଯ୍ୟ ଗୌରବ—ସଂ· ବି (ମ· ପ. ଲୋ; ସୌନ୍ଦର୍ଯ୍ୟଜନିତ ଗୌରବ)
Saundarjya gauraba —ସୌନ୍ଦର୍ଯ୍ୟ ଗର୍ବ (ଦେଖ)—
1. Saundarjya garba (See). ୨ । (୬ଷ୍ଠୀ ତତ୍) ସୌନ୍ଦର୍ଯ୍ୟର ମହିମା—
2. The majesty of beauty.

ସୌନ୍ଦର୍ଯ୍ୟ ପୂର୍ଣ୍ଣ—ସଂ. ବିଣ—ସୌନ୍ଦର୍ଯ୍ୟମୟ (ଦେଖ)
Saundarjypūrṇṇa Saundarjyamaya (See)

ସୌନ୍ଦର୍ଯ୍ୟ ପ୍ରିୟ—ସଂ. ବିଣ· ପୁଂ (ବହୁବ୍ରୀହି; ସୌନ୍ଦର୍ଯ୍ୟ ଅଟେ ପ୍ରିୟ
Saundarjya priya ଯାହାର)—ଯେ ସୌନ୍ଦର୍ଯ୍ୟ ଦେଖିବାକୁ ସୁଖ ପାଏ—Aesthetic; fond of beauty.

ସୌନ୍ଦର୍ଯ୍ୟ ପ୍ରିୟତା—ସଂ. ବି—ସୁନ୍ଦରପଣ ଦେଖିବା ପାଇଁ ଔତ୍ସୁକ୍ୟ—
Saundarjya priyatā Aesthetic faculty; love of beauty.

ସୌନ୍ଦର୍ଯ୍ୟ ମୟ—ସଂ. ବିଣ—ଶୋଭାମୟ; ସର୍ବାଙ୍ଗସୁନ୍ଦର—
Saundarjya maya Very beautiful; full of grace.
(ସୌନ୍ଦର୍ଯ୍ୟମୟୀ—ସ୍ତ୍ରୀ)

ସୌନ୍ଦର୍ଯ୍ୟ ଲାଭ—ସଂ. ବି—ସୁନ୍ଦର ହେବା ଅବସ୍ଥାର ପ୍ରାପ୍ତି— Saundarjya lābha Attainment of grace or beauty.

ସୌନ୍ଦର୍ଯ୍ୟ ଲିପ୍ସା—ସଂ. ବି—୧ । ସୁନ୍ଦର ହେବାର ବାସନା—1. The Saudarjya lipsā desire to be beautiful. ୨ । ସୌନ୍ଦର୍ଯ୍ୟ ଅନୁଭବ କରିବାର ଅଭିଳାଷ—2. The (ସୌନ୍ଦର୍ଯ୍ୟ ଲିପ୍ସୁ—ବିଣ) desire to appreciate beauty

ସୌନ୍ଦର୍ଯ୍ୟାଧାର—ସଂ. ବିଣ (୬ଷ୍ଠୀ ତତ୍)—ଅତି ସୁନ୍ଦର; ଅତି Saundarjyādhāra ଶୋଭାମୟ—Very beautiful; graceful.

ସୌପର୍ଣ୍ଣ—ସଂ ବି (ସୁପର୍ଣ୍ଣ+ସ୍ୱାର୍ଥେ.ଅ)—୧। ମରକତ (ରାଜନିର୍ଘଣ୍ଟ)— Sauparnna 1. Emerald. ୨ । ଶୁଣ୍ଠୀ (ରାଜନିର୍ଘଣ୍ଟ)— 2. A species of dry ginger. ୩ । (ସୁପର୍ଣ୍ଣୀ= କଦ୍ରୁ+ଅପତ୍ୟାର୍ଥେ. ଅ, ଅଥବା ସୁପର୍ଣ୍ଣ=ଗରୁଡ଼+ ସ୍ୱାର୍ଥେ. ଅ)—ଗରୁଡ଼ (ହେମଚନ୍ଦ୍ର)—3. The mythological king of birds. ବି. ବିଣ—ସୁପର୍ଣ୍ଣ ସମ୍ବନ୍ଧୀୟ—Relating to 'Suparnna'.

ସୌପର୍ଣ୍ଣାଂଶୁ—ସ. ବି(ବହୁବ୍ରୀହି)—ମରକତମଣି; ଗାରୁଡ଼ମଣି— Sauparnnāmsu Emerald.

ସୌପର୍ଣ୍ଣୀ—ସ. ବି—ପାତାଳ ଗରୁଡ଼ୀ ଲତା (ରାଜନିର୍ଘଣ୍ଟ)— Sauparnni Cululus Villosus, Congenaria Vulgaris (a creeper).

ସୌପର୍ଣ୍ଣେୟ—ସ. ବି. ପୁଂ (ସୁପର୍ଣ୍ଣୀ=କଦ୍ରୁ+ଅପତ୍ୟାର୍ଥେ ଏୟ)— Sauparnneya ୧ । ଗରୁଡ଼ (ହେମଚନ୍ଦ୍ର)—1. Garurda, the king of birds. ୨ । ଗାୟତ୍ର୍ୟାଦି ଛନ୍ଦୋଗଣ (ଅଗ୍ନିପୁରାଣ)—2. The vedic metres, Gāyatri etc.

ସୌପ୍ତିକ—ସଂ. ବି (ସୁପ୍ତ=ନିଦ୍ରା+ଇକ)—୧ । ରାତ୍ରିଯୁଦ୍ଧ— Sauptika 1. Battle during the night. ୨ । ରାତ୍ରି ମାରଣ—2. Murder during night. ୩ । ଶୋଇଥିବା ବ୍ୟକ୍ତିମାନଙ୍କ ଉପରେ ଆକ୍ରମଣ— 3. Night attack; murderous attack on sleeping man (Apte). ୪ । ମହାଭାରତର ପର୍ବ-ବିଶେଷ—4. The title of one of the 18 books of the Mahābhārata.

[ଦ୍ର—ମହାଭାରତର (୧୮) ପର୍ବମାନଙ୍କର ନାମ ଯଥା—ଆଦି, ସଭା, ବନ, ବିରାଟ, ଉଦ୍ୟୋଗ ବା ଉଦ୍ଯୋଗ, ଭୀଷ୍ମ, ଗୁରୁ ବା ଦ୍ରୋଣ, କର୍ଣ୍ଣ ବା କର୍ଣ୍ଣ, ଅଦ୍ରବ ବା ଶଲ୍ୟ, ସୌପ୍ତିକ, ସ୍ତ୍ରୀ, ଶାନ୍ତି, ଅନୁଶାସନ, ଅଶ୍ୱମେଧ, ଆଶ୍ରମବାସ, ମୁଷଳ, ମହାପ୍ରସ୍ଥାନ, ସ୍ୱର୍ଗାରୋହଣ।

ମହାଭାରତ ଯୁଦ୍ଧ ଶେଷ ହେବା ପରେ କୁରୁବଂଶୀୟ ବୀରମାନେ ପାଣ୍ଡବଙ୍କ ଶିବିରରେ ପ୍ରବେଶ କରି ରାତିରେ ମହାଭାରତ ଯୁଦ୍ଧରୁ ବଞ୍ଚିଥିବା କୃତବର୍ମା, ଅଶ୍ୱତ୍ଥାମା ଓ କୃପଙ୍କ ହତ୍ୟା କରିଥିବାର ବିଷୟ ସୌପ୍ତିକ ପର୍ବରେ ବର୍ଣ୍ଣିତ ହୋଇଅଛି ।] ବିଣ—ସୁପ୍ତି ସମ୍ବନ୍ଧୀୟ— Relating to sleep.

ସୌପ୍ତିକ ବଧ—ସଂ ବି—୧ । ଶୋଇଥିବା ବ୍ୟକ୍ତିମାନଙ୍କ ରାତିରେ Sauptika badha ଆକ୍ରମଣ ପୂର୍ବକ ହତ୍ୟା—1. Nocturnal attack & slaughter of a sleeping person or persons (Apte). ୨ । କୁରୁକ୍ଷେତ୍ର ଯୁଦ୍ଧ ପରେ କୌରବ ବୀରଙ୍କ ଦ୍ୱାରା ରାତିରେ ପାଣ୍ଡବ ବୀରମାନଙ୍କ ହତ୍ୟା—2. [The great nocturnal slaughter of the surviving Pāndaba warriors by the Kauraba warriors

ସୌବ—ସଂ. ବି (ସ୍ୱ+ଅ)—୧ । ସ୍ୱୀୟ; ସ୍ୱକୀୟ; ସ୍ୱସମ୍ବନ୍ଧୀୟ (ମୁଗ୍ଧ- Sauba ବୋଧ)—1. Relating to self. ୨ । ସ୍ୱର୍ଗରେ ଭବ (ମୁଗ୍ଧବୋଧ)—2. Existing or produced in heaven. ୩ । ରାଜ୍ୟ ଶାସନ (ଶବ୍ଦ କଳ୍ପଦ୍ରୁମ)—3. Administration. ୪ । ରାଜାଜ୍ଞା—4. Royal order; command. ୫ । ଘୋଷଣା ପତ୍ର—5. A proclamation.

ସୌବଗ୍ରାମିକ—ସଂ. ବି (ସ୍ୱଗ୍ରାମ+ଇକ)—ସ୍ୱଗ୍ରାମୋଦ୍ଭବ ବସ୍ତୁ (ମୁଗ୍ଧ- Saubagrāmika ବୋଧ ବ୍ୟାକରଣ)—Any article produced in one's own village.

ସୌବର—ସଂ. ବିଣ (ସ୍ୱର+ଅ)—ସ୍ୱର ସମ୍ବନ୍ଧୀୟ (ମୁଗ୍ଧବୋଧ Saubara ବ୍ୟାକରଣ)—Relating to sound, tune or vowel.

ସୌବର୍ଗ—ସଂ. ବି (ସ୍ୱର୍ଗ+ଅ)—ସ୍ୱର୍ଗ ସମ୍ବନ୍ଧୀୟ—Heavenly. Saubarga ବି—ଦେବ; ସୁର—Deity.

ସୌବର୍ଚ୍ଚଲ—ସଂ.ବି (ସୁବର୍ଚ୍ଚଳ=ଦେଶବିଶେଷ+ଜାତାର୍ଥେ ଅ)—୧ । Saubarchchala ପଞ୍ଚଲବଣ ମଧ୍ୟରୁ ଏକପ୍ରକାର ସୁବର୍ଚ୍ଚଳ ଦେଶଭବ ଲବଣ; ସଚଳଲବଣ—1. A kind of salt; sochal salt; sodium chloride; unaqua.

ଅନ୍ୟ. ସ—ଅକ୍ଷ, ରୁଚକ, କୃଷ୍ଣଲବଣ, ରଚକ, ହୃଦ୍ୟ-ଗନ୍ଧକ, ରୁଚ୍ୟ, କୌତ୍ରକ, ପାକ୍ୟ ।
ସଚଲନୂନ
चोहारकोड़ा, नमकसोसा
ଫା. ନମକ୍‌ସିଯ଼ା
ଅ. ମଲ୍ ହୁଲକ ଯାଯ୍

[ଦ୍ର—ଏହା ରୁଚିକର, ଉଷ୍ଣବୀର୍ଯ୍ୟ, କର୍ମଲ, କଟୁ ଓ ଗୁଲ୍ମଶୂଳବିବନ୍ଧନାଶକ, ତୀକ୍ଷ୍ଣ, ପିତ୍ତକର, ଲଘୁ, ବାୟୁନାଶକ; ଭେଦକ, ଅଗ୍ନିଦୀପକ, ପାଚକ, ଉଦ୍‌ଗାର ଶୁଦ୍ଧିକାରକ ।] ୨ । ସାଜ ମାଟି (ହ. ଷ)—2. Natron (Apte)

ସୌବର୍ଣ୍ଣ—ସ. ବିଣ (ସୁବର୍ଣ୍ଣ+ସମ୍ବନ୍ଧେ. ଅ)—୧ । ସୁବର୍ଣ୍ଣ ସମ୍ବନ୍ଧୀୟ— Saubarnna 1. Golden. ୨ । ସୁବର୍ଣ୍ଣ ବର୍ଣ୍ଣଯୁକ୍ତ—2. Of (ସୌବର୍ଣ୍ଣୀ, ସୌବର୍ଣ୍ଣା—ସ୍ତ୍ରୀ) golden colour. ୩ । କର୍ଷ ବା ବା ୧୬ ମଷା ପରିମିତ ସୁବର୍ଣ୍ଣ ସମ୍ବନ୍ଧୀୟ—3. Relating to a fixed weight of gold. ୪ । (+ ବିକାରାର୍ଥେ. ଅ) ସ୍ୱର୍ଣ୍ଣନିର୍ମିତ; ସୁବର୍ଣ୍ଣମୟ—4. Made

of gold. ସ. ବ (+ସ୍ୱାର୍ଥେ. ଅ)—୧। ସୁବର୍ଣ୍ଣ; ସୁନା (ହ. ଶ)—1. Gold. ୨। ଏକ କର୍ଷ ବା ୧୬ ମଷା ତୌଲିତ ସୁନା (ହ. ଶ)—2. A quantity of gold weighing one Karsha.

ସୌବର୍ଣ୍ଣ ଭେଦନୀ—ସ. ବ—ପ୍ରିୟଙ୍ଗୁ (ଶବ୍ଦମାଳା)—
Saubarnna bhedini Priyangu (See)

ସୌବର୍ଣ୍ଣ ଶିଳାଜତୁ—ସ. ବ—ସୁବର୍ଣ୍ଣବର୍ଣ୍ଣଯୁକ୍ତ ବା ଚୋପା ରଙ୍ଗ
Saubarnna silājatu ଶିଳାଜତୁ—Asphalt of golden colour. [ଦ୍ର—ଶିଳାଜତୁ ୪ ପ୍ରକାର; ଯଥା—ସୌବର୍ଣ୍ଣ, ରାଜତ, ତାମ୍ର ଓ ଆୟସ। ସୌବର୍ଣ୍ଣ ଶିଳାଜତୁ ଜବାପୁଷ୍ପ ସଦୃଶ ବର୍ଣ୍ଣବଶିଷ୍ଟ, କଟୁତିକ୍ତ ମଧୁରରସ, ଶୀତସ୍ପର୍ଶ ଓ କଟୁବିପାକ।]

ସୌବର୍ଣ୍ଣିକ—ସ. ବ (ସୁବର୍ଣ୍ଣ+ଇକ)—ସ୍ୱର୍ଣ୍ଣକାର; ବଣିଆ (ହ. ଶ)—
Saubarnnika A goldsmith. ସ. ବଣ—ଏକ କର୍ଷ ବା ୧୬ ମଷା ଓଜନର (ହ. ଶ)—Weighing 1 Karsha.

ସୌବଲ—ସଂ. ବ. ପୁଂ (ସୁବଲ=ଗାନ୍ଧାର ଦେଶର ଜଣେ ରାଜା+
Saubala ଅପତ୍ୟାର୍ଥେ. ଅ)—ଶକୁନି; ଦୁର୍ଯ୍ୟୋଧନଙ୍କ ମାମୁଁ—(ସୌବଲକ, ସୌବଲେୟ—ଅନ୍ୟରୂପ) Sakuni; the maternal uncle of 'Durjyodhana.'

ସୌବଲୀ—ସଂ. ବ. ସ୍ତ୍ରୀ (ସୁବଲ+ଅପତ୍ୟାର୍ଥେ. ଅ+ସ୍ତ୍ରୀ ଈ)—
Saubali ଧୃତରାଷ୍ଟ୍ରଙ୍କ ସ୍ତ୍ରୀ ଗାନ୍ଧାରୀ—A name of [ସୌବଲେୟୀ—ଅନ୍ୟରୂପ] Gāndhāri.

ସୌବଶ୍ୟ—ସଂ. ବ—ଘୋଡ଼ଦୌଡ଼ (ହ. ଶ)
Saubasya Horse race.

ସୌବସ୍ତିକ—ସଂ. ବଣ (ସ୍ୱସ୍ତି+ଇକ)—୧ । ସ୍ୱସ୍ତି ସମ୍ବନ୍ଧୀୟ—
Saubastika 1. Relating to Swasti. ୨। ଅଶୀର୍ବାଦ [ସୌବସ୍ତିକୀ—ସ୍ତ୍ରୀ. ବଣ] ସମ୍ବନ୍ଧୀୟ—2. Benidictory (Apte) ବ—୧ । (ସ୍ୱସ୍ତିବାଚନ କରୁଥିବାରୁ) ପୁରୋହିତ—1. A priest. ୨ । ସ୍ୱସ୍ତିବାଚକ—2. One who recites benedictory mantras.

ସୌବାଧ୍ୟାୟିକ—ସଂ. ବଣ. ପୁଂ (ସ୍ୱାଧ୍ୟାୟ+ଇକ)—ସ୍ୱାଧ୍ୟାୟୀ; ବେଦ-
Saubādhyāyika ପାଠନିରତ—Engaged in the (ସୌବାଧ୍ୟାୟିକୀ—ସ୍ତ୍ରୀ) study of the Bedas.

ସୌବାସ୍ତବ—ସଂ. ବଣ (ସୁବାସ୍ତୁ+ଅ)—୧ । ସୁନ୍ଦରବାସ୍ତୁ ସମ୍ବନ୍ଧୀୟ—
Saubāstaba 1. Relating to a fine building-site. (ସୌବାସ୍ତବୀ—ସ୍ତ୍ରୀ) ୨ । ଉତ୍ତମବାସ୍ତୁଉପରେ ନିର୍ମିତ [ଗୃହାଦି]—2. (house) Built on a good site; pleasantly situated (Apte).

ସୌବିଦ—ସଂ. ବ ପୁଂ (ସୁ+ବିଦ୍ ଧାତୁ+କର୍ତ୍ତୃ. ଅ)—ଅନ୍ତଃପୁରରକ୍ଷକ
Saubida ଭୃତ୍ୟ (ଅମର); କଞ୍ଚୁକୀ—A servant who guards the harem.

ସୌବିଦଲ୍ଲ—ସଂ. ବ. ପୁଂ (ସୁ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ ଅ—
Saubidalla ସୁବିଦ=ପଣ୍ଡିତ; ସୁବିଦ+ଅଚ୍. ଧାତୁ=ଗମନ (ସୌବିଦଲ୍ଲକ; ସୌବିଦ—ଅନ୍ୟରୂପ) କରିବା+କ୍ୱିପ୍=ସୁବିଦଲ୍ =ନୃପତି; ସୁବିଦଲ୍+ଲା.ଧାତୁ=ଗ୍ରହଣ
ଅନ୍ୟ ସଂ—କଞ୍ଚୁକୀ, ସ୍ଥାପତ୍ୟ, ସ୍ଥପତି, ସୁବିଦ। 'କରିବା+କର୍ତ୍ତୃ. ଅ=ସୁବିଦଲ୍ଲ=ଅନ୍ତଃ-ପୁର+ନିଯୁକ୍ତାର୍ଥେ. ଅ; ଯାହାକୁ ରାଜାମାନେ ଅନ୍ତଃପୁରରକ୍ଷା କରିବାପାଇଁ ନିଯୁକ୍ତ କରନ୍ତି)—ଅନ୍ତଃପୁରରକ୍ଷକ; କଞ୍ଚୁକୀ; ମହଲ୍ଲରକ୍ଷକ; ବନ୍ଧ୍ୟସ୍ତ୍ରୀରକ୍ଷା-କାରିଣୀ ସ୍ତ୍ରୀମାନଙ୍କ ପ୍ରେରିତ ବେତ୍ରଧର ଭୃତ୍ୟ—A servant watching the female apartments and the maids of a king.

ସୌବୀର—ସଂ. ବ (ସୁବୀର=ସିନ୍ଧୁନଦ ନିକଟସ୍ଥ ଦେଶବିଶେଷ+
Saubira ଅ)—୧ । ବଦରୀ; ବରକୋଳି (ରତ୍ନମାଳା)—1. The jujube berry. ୨। ସୌବୀରକ; କାଞ୍ଜିକା—2. Fermented gruel. [ଦ୍ର—ଯବ, ଗୋଧୂମ ଆଦିକୁ ସିଝାଇ ବା କଞ୍ଚାଅବସ୍ଥାରେ ପାଣିରେ ସଢ଼ାଇ ଏହି କାଞ୍ଜି କରାଯାଏ। ଏହା ଗ୍ରହଣୀ, ଅର୍ଶଃ, କଫ, ଉଦାବର୍ତ୍ତ, ଶୂଳ ଓ ଅନାହନାଶକ, ଭେଦୀ ଓ ପାଚକ।] ୩ । ସ୍ରୋତାଞ୍ଜନ ସୌବୀରାଞ୍ଜନ (ଅମର)—3. A kind of collyrium. ୪ । ସୁବୀର; ଦେଶ ବିଶେଷ (ମେଦିନୀ); ସିନ୍ଧୁନଦ ସନ୍ନିକଟସ୍ଥ ଦେଶ ବିଶେଷ—4. Name of a country near the Indus. ୫ । ସୁବୀର ପ୍ରଦେଶ-ବାସୀ ବ୍ୟକ୍ତି (ହ.ଶ.)—5. An inhabitant of the Subira country. ୬ । ସୁବୀରପ୍ରଦେଶର ରାଜା (ହ: ଶ)—6. A king of the Subira country.

ସୌବୀରକ—ସଂ. ବ—(ସୌବୀର+ସ୍ୱାର୍ଥେ. କ)—କାଞ୍ଜିକାବିଶେଷ;
Saubiraka ସୁବୀରାମ୍ଳ; ଯବ ଓ ଗହମରୁ ପ୍ରସ୍ତୁତ କାଞ୍ଜି—
ଅନ୍ୟ ସଂ—ସୁବୀରାମ୍ଳ, ଗୋଧୂମ-ସମ୍ଭବ, ଯବାମ୍ଳଜ, ଯବୋତ୍ଥ, ତୁଷୋତ୍ଥ, ତୁଷୋଦକ, ସୌବୀରାମ୍ଳ] ସୌବୀର। 1. A kind of fermented barley gruel. [ଦ୍ର—ଯବ ବା ଗହମକୁ ୮ଗୁଣ ପାଣିରେ ବହୁଦିନ ସଢ଼ାଇଲେ ଯେଉଁ କାଞ୍ଜି ହୁଏ ତାକୁ ସୌବୀରକ କହନ୍ତି।

ଏହା ଅମ୍ଳ, କେଶ୍ୟ, ବଳକାରକ, ଅଗ୍ନିବର୍ଦ୍ଧକ, ମଳଭେଦକ, ଜଳକାରକ, ସନ୍ତର୍ପଣ; ଏହା ମସ୍ତକଦୋଷ, ଜ୍ୱର, ଶୈତ୍ୟ, ଅସ୍ଥିଶୂଳ, ଅର୍ଶଃ ଓ ଗ୍ରହଣୀନାଶକ—ରାଜ-ନିର୍ଘଣ୍ଟ। ସୁବୀର ଦେଶବାସୀ ଏ କାଞ୍ଜିକୁ ଭାରି ଭଲ ପାଉଥିଲେ—ହ. ଶ।] ୨ । ବଦରୀ ବୃକ୍ଷ; ବରକୋଳି ଗଛ—2. The jujube berry tree. ୩ । ସୌବୀରାଞ୍ଜନ (ଦେଖ)—3. Saubirānjana. (See) ୪ । ଜୟଦ୍ରଥ-ଙ୍କର ଏକ ନାମ—4. A name of Jayadratha (Apte).

ସୌବୀର ପାଷାଣ—ଦେ· ବି· (ବୈଦ୍ୟକ)—ପାଷାଣବିଷବିଶେଷ
Saubira pāshāna (ଦ୍ ବ୍ୟଗୁଣ କଳ୍ପଦ୍ରୁମ)—A kind stony of poison. [ଦ୍—ଏହାର ଶୋଧନ ବିଧି ଦାରୁମୁଷାର ଶୋଧନବିଧି ତୁଲ୍ୟ ।]

ସୌବୀର ବଦର—ବୈଦେ· ବି (ବୈଦ୍ୟକ)—ମିଠା ଓ ବଡ଼ ବର-
Saubira badara କୋଳି; ପାଟଣାଇ ବରକୋଳି—A sort of big and sweet jujube berry.
नारकेलीकूल, पाटनाइकूल काशीबेर (ଦ୍—ଏହା ମଧୁର-ରସ, ଶୀତଳ, ଗୁରୁପାକ, ପୁଷ୍ଟିକର, ଶୁକ୍ରବର୍ଦ୍ଧକ, ମଳ-ଭେଦକ; ଏହା ବାୟୁ, ପିତ୍ତ, ତୃଷ୍ଣା, ରକ୍ତ ଓ କ୍ଷତ ରୋଗରେ ହିତକର ।)

ସୌବୀର ସାର—ସଂ· ବି—ସୌବୀରାଞ୍ଜନ (ଦେଖ)
Saubira sāra Saubirānjana (See)

ସୌବୀରାଞ୍ଜନ—ସଂ· ବି (ସୌବୀର=ଦେଶବିଶେଷ; ତଜ୍ଜାତ ଅଞ୍ଜନ)—
Saubirānjana ଶୁକ୍ଳ ସ୍ରୋତାଞ୍ଜନ; ଔଷଧରୂପେ ପ୍ରଯୁକ୍ତ ଅଞ୍ଜନବିଶେଷ; ଶ୍ୱେତସୁରୁମା—Sulphuret of antimony. [ଦ୍—ଶ୍ୱେତବର୍ଣ୍ଣ ବା ପାଣ୍ଡୁର ଅଞ୍ଜନକୁ ସୌବୀରାଞ୍ଜନ ବୋଲାଯାଏ । ସୌବୀରାଞ୍ଜନ କଲ୍ମଷନାଶକ ତୁଲ୍ୟ ଅକୃଷ୍ଣ-ବର୍ଣ୍ଣ ଅଭ୍ୟନ୍ତରରେ ଅଞ୍ଜନ ସଦୃଶ ଅଗ୍ର ପ୍ରକାଶ ପାଏ ଓ ଘର୍ଷଣ କଲେ ଗେରୁ ମାଟିର ବର୍ଣ୍ଣ ତୁଲ୍ୟ ହୁଏ । ଏହା ମଧୁରକଷାୟରସ, ଚକ୍ଷୁର ହିତକର, କଫ ପିତ୍ତ ନାଶକ, ଶୀତବୀର୍ଯ୍ୟ, ଲେଖନଗୁଣଯୁକ୍ତ, ସ୍ନିଗ୍ଧ, ଧାରକ; ଏହା ବମି, ତୃଷା, କ୍ଷୟ ଓ ରକ୍ତଦୋଷନାଶକ । ସୌବୀରାଞ୍ଜନ ଓ ସ୍ରୋତାଞ୍ଜନ ସମଗୁଣବିଶିଷ୍ଟ କିନ୍ତୁ ସ୍ରୋତାଞ୍ଜନ ଶ୍ରେଷ୍ଠ ।]
ଅନ୍ୟ ସଂ—ଅଞ୍ଜନ, କାପୋତ, ଯାମୁନ, ଓ କୃଷ୍ଣ ଅଞ୍ଜନର ନାମ ନାଦେୟ, ମେଚକ, ସ୍ରୋତଜ, ଦୃଷ୍ଟିଦ, ନୀଳ, ସୁବୀରଜ, ନୀଲାଞ୍ଜନ,ତକ୍ଷପୁଷ୍ପ, କପୋତାଞ୍ଜନ
नीलाञ्जन सुफेदसुर्मा
ଫା· ସୁରମା, ସୋଫେଦସୁର୍ମା, ଅସ୍ମାହାକ
ଅ· କୁହଲର ସମ୍ବନ୍ଧ
ତେ· ସୌବୀରାଞ୍ଜନ

ସୌବୀରାମ୍ଳ—ସଂ· ବି—ଯବର ବା ଗହମର କାଞ୍ଜି—
Saubirāmla Fermented barley or wheat water.

ସୌବୀରକ—ସଂ· ବି—ବରକୋଳି ଗଛ ଓ କୋଳି—
Saubirika Jujube plant and berry

ସୌବୀରୀ—ସଂ· ବି—୧ । ସଙ୍ଗୀତର ମୂର୍ଚ୍ଛନା ବିଶେଷ—1. One of
Saubiri the musical flourishes. [ଦ୍—ଏଥିର ସ୍ୱରଗ୍ରାମ—ମଧ୍ୟମସ୍ୱରେଣ ନିଷାଦେଣ ମଧ୍ୟମସ୍ୱରେ ଗମ—ହ· ଶ] ୨ । ସୌବୀର ରାଜକୁମାରୀ—A princess of the Saubira country.

ସୌବୀର୍ଯ୍ୟ—ସଂ· ବି· (ସୁବୀର+ଭାବ· ଷ୍ୟ)—୧ । ସୁବୀରତା—Great
Saubirjya heroism ୨ । (ସୌବୀର+ଯ) ସୌବୀର ଦେଶର ରାଜା (ହ· ଶ·) A king of Saubira.

ସୌବ୍ରତ୍ୟ—ସଂ· ବି· (ସୁବ୍ରତ+ଯ)—୧ । ଏକନିଷ୍ଠା ଭକ୍ତି (ହ· ଶ·)
Saubratya 1. Devotion ୨ । ଆଜ୍ଞାପାଳନ (ହ· ଶ·)—Obedience.

ସୌଭ—ସଂ· ବି—ହରିଶ୍ଚନ୍ଦ୍ରପୁର (ତ୍ରିଶଙ୍କୁ ଦେଶ)—The capital
Saubha of king Harischandra, said to have been suspended (ଝୁଲିଥିବା) in the sky. [ଦ୍—ଏହା ଶୂନ୍ୟ ବା ଆକାଶରେ ଝୁଲିଥିଲା ବୋଲି କଳ୍ପିତ ହୋଇଅଛି ।]
ଅନ୍ୟ ସଂ· ନାମ—କାମାଗ୍ରହପୁର

ସୌଭଗ—ସଂ· ବି (ସୁଭଗ+ଭାବ· ଅ)—ସୁଖ; ସୁଖଭୋଗ—
Saubhaga Bliss; happiness; enjoyment of bliss or happiness. [ଦ୍—ଭୋଗ, ସୌଭଗ ତ୍ୟାଗି ଜାଣ । ଏ ସବୁ ଜାଣ ମୋର ଅଂଶ—ଜଗନ୍ନାଥ, ଭାଗବତ]

ସୌଭଦ୍ର—ସଂ· ବି· ପୁଂ (ସୁଭଦ୍ରା+ଅପତ୍ୟାର୍ଥେ· ଅ)—ସୁଭଦ୍ରା ପୁତ୍ର;
Saubhadra ଅଭିମନ୍ୟୁ—Abhimanyu, the son of Subhadrā by Arjuna. ବିଣ—ସୁଭଦ୍ରା ସମ୍ବନ୍ଧୀୟ—Relating to Subhadrā.

ସୌଭଦ୍ରେୟ—ସଂ· ବି· ପୁଂ (ସୁଭଦ୍ରା+ଅପତ୍ୟାର୍ଥେ ଏୟ)—୧ ।
Saubhadreya ସୁଭଦ୍ରାପୁତ୍ର, ଅଭିମନ୍ୟୁ—1. Abhimanyu the son of Subhadrā. ୨ । ବିଭୀତକ ବୃକ୍ଷ; ବାହାଡ଼ା ଗଛ—The Beleric myrobalan tree.

ସୌଭରି—ସଂ· ବି (ନାମ)—ଜଣେକ ମୁନି—Name of a sage.
Saubhari [ଦ୍—ଏ ତପସ୍ୟାଚରଣଦ୍ୱାରା ବିଶେଷ ଅପ୍ରୋକ୍ଷତ ଲାଭ କରି ପରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ଇଚ୍ଛୁକ ହୋଇ ରାଜା ମାନ୍ଧାତାଙ୍କ କନ୍ୟାଙ୍କ ପାଣିଗ୍ରହଣପ୍ରାର୍ଥୀ ହୋଇ ମାନ୍ଧାତାଙ୍କ ନିକଟରେ ଉପସ୍ଥିତ ହେବାରୁ, ଯେଉଁ କନ୍ୟା ଏହାଙ୍କୁ ମନୋନୟନ କରିବେ, ରାଜା ତାହାଙ୍କୁ ମୁନିଙ୍କୁ ପ୍ରଦାନ କରିବେ ବୋଲି କନ୍ୟାମାନଙ୍କ ନିକଟକୁ ଏହାଙ୍କୁ ପଠାଇ ଦେଲେ । ଏ ତପୋବଳରେ ଦିବ୍ୟ ରୂପ ଧାରଣ କରି କନ୍ୟାମାନଙ୍କ ନିକଟରେ ଉପସ୍ଥିତ ହେବାରୁ ରାଜାଙ୍କର ସମସ୍ତ କନ୍ୟା ଏହାଙ୍କୁ ବରମାଳ୍ୟ ପ୍ରଦାନ କଲେ । ଏ ସେହି କନ୍ୟାମାନଙ୍କୁ ପତ୍ନୀରୂପେ ପାଇ ସଂସାରୀ ହେଲେ ଓ ତପୋବଳରେ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ବହୁ ପୁତ୍ର କନ୍ୟା ଲାଭ କଲେ । କେତେକାଳ ସଂସାରୀ ହୋଇ ପୁଣି ଏ ତପଶ୍ଚରଣ କରି ଇହଧାମ ତ୍ୟାଗ କଲେ ।]

ସୌଭାଗିନେୟ—ସଂ· ବି· ପୁଂ (ସୁଭଗା+ଅପତ୍ୟାର୍ଥେ ଏୟ)—ସୁଭଗା
Saubhāgineya ନାରୀଙ୍କ ପୁତ୍ର; ସୌଭାଗ୍ୟବତୀଙ୍କ ତନୟ—(ସୌଭାଗିନେୟୀ—ସ୍ତ୍ରୀ) The son of a lucky woman; the son of an adored or favourite wife.

ସୌଭାଗୀ—ଦେ· ବିଣ (ସଂ· ସୌଭାଗ୍ୟବତୀ)—ସୁଭଗା; ଭାଗ୍ୟବତୀ—
Saubhāgi Fortunate; lucky (woman). (ଦ୍—ଏ ସୁଭାଗୀ, ସୋହାଗୀ ମଣ୍ଡି ତୋର ପାଦ ଲଗି । ଯେମନ୍ତ ଦଶଇ ସୌଭାଗୀ—ଜଗନ୍ନାଥ, ଭାଗବତ ।)
भाग्यवती

ସୌଭାଗ୍ୟ—ସଂ· ବି (ସୁଭଗ+ଭାବ· ଯ)—୧ । ଶୁଭାଦୃଷ୍ଟ—1. Good
Saubhāgya luck; good fortune. ୨ । ସୌନ୍ଦର୍ଯ୍ୟ; ଶୋଭା—2. Beauty; grace. ୩ । ପ୍ରିୟତ୍ୱ—3. The state of being loved (ଦ୍—ଭାର୍ଯ୍ୟା ସ୍ୱାମୀଙ୍କ ପ୍ରିୟ ହେଲେ ଓ ସ୍ୱାମୀ ଭାର୍ଯ୍ୟାଙ୍କ ପ୍ରିୟ ହେଲେ;
(ଦୁର୍ଭାଗ୍ୟ—ବିପରୀତ)

ଉଭୟଙ୍କର ସେହି ଅବସ୍ଥାକୁ ସୌଭାଗ୍ୟ ବୋଲଯାଏ—ଅପ୍ତେ ।] ୪ । ଶୁଭ; ମଙ୍ଗଳ—4. Blessedness; auspiciousness (Apte). ୫ । ମନୋହାରିତ୍ୱ—5. Charm (Apte) ୬ । ମହିମା—6. Grandeur; sublimity [Apte] ୭ । ସ୍ନେହ—7. Affection [Apte] ୮ । ଅନୁଗ୍ରହ—8. Favour [Apte]. ୯ । ଶୁଭକାମନା; ଅଭିନନ୍ଦନ—9. Goodwishes; congratulation [Apte]. ୧୦ । ଅବୈଧବ୍ୟ; ସଧବାପଣ—10. The auspicious state of wifehood [as opposed to widowhood] [Apte]. ୧୧ । ଜ୍ୟୋତିଷୋକ୍ତ ଶୁଭଯୋଗବିଶେଷ—11. Name of one of the auspicious astrological conjunctions. [ଦ୍ର—ଏହା ଜ୍ୟୋତିଷୋକ୍ତ ୨୭ଟି ଯୋଗ ମଧ୍ୟରୁ ଚତୁର୍ଥ ଯୋଗ । ଏ ଯୋଗରେ ଯାତ୍ରା ଅତି ଶୁଭଜନକ ଓ ଏ ଯୋଗରେ ଜନ୍ମ ହେବା ବ୍ୟକ୍ତି ସୌଭାଗ୍ୟଶାଳୀ ହୁଅନ୍ତି ।] ୧୨ । (ସ୍ତ୍ରୀ ପକ୍ଷରେ) ସ୍ୱାମୀଙ୍କ ପ୍ରିୟତ୍ୱ; ସୁଭଗତ୍ୱ—12. The state of being the beloved or fondled wife of the husband. ୧୩ । ସିନ୍ଦୂର (ରାଜନିର୍ଘଣ୍ଟ)—13. Vermillion; red lead. ୧୪ । ଟଙ୍କଣ (ରାଜନିର୍ଘଣ୍ଟ)—14. Borax. ୧୫ । ସୌଭାଗ୍ୟ ବ୍ରତ—15. Saubhāgya brata [See]

ସୌଭାଗ୍ୟକରଣ ବ୍ରତ—ସଂ. ବି—ସୌଭାଗ୍ୟ ବ୍ରତ (ଦେଖ)—
Saubhāgyakaraṇa brata Saubhāgya brata [See]

ସୌଭାଗ୍ୟ କ୍ରମେ (ବଶତଃ)—ଦେ° କ୍ରି, ବିଣ—ଶୁଭାଦୃଷ୍ଟର ଫଳରେ—
Saubbāgya krame(baśataḥ) Luckily; fortunately. सौभाग्यक्रमे सौभाग्यक्रमे

ସୌଭାଗ୍ୟ ଗର୍ବ—ସଂ. ବି—ନିଜର ଅଦୃଷ୍ଟ ଭଲ ବୋଲି ମନରେ ଜାତ
Saubhāgya garba ଅହଙ୍କାର—Pride due to (ସୌଭାଗ୍ୟଗର୍ବିତ—ବିଣ) a person being lucky.

ସୌଭାଗ୍ୟ ଗୌରବ—ସଂ. ବି—୧ । ସୌଭାଗ୍ୟ ଗର୍ବ (ଦେଖ)—
Saubhāgya gauraba 1. Saubhāgya garba (See) ୨ । ସୌଭାଗ୍ୟଜନିତ ମହତ୍ତ୍ୱ—2. Greatness arising from good fortune.

ସୌଭାଗ୍ୟ ଚିନ୍ତାମଣି—ସଂ. ବି (ନାମ)—ଆୟୁର୍ବେଦୋକ୍ତ ସୌଭାଗ୍ୟ
Saubhāgya chintāmaṇi (ବାହାତ୍ରା) ଅତି ଉତ୍ତମ ଔଷଧ (ବଟିକା) ବିଶେଷ—Name of a medicinal pill. [ଦ୍ର—ଏହା ସେବନ କଲେ ଶୂଳ, ଶ୍ୱାସ, ମୂର୍ଚ୍ଛା, ଅରୁଚି, ତୃଷ୍ଣା, ଜ୍ୱର ଓ ତ୍ରିଦୋଷ, ଅତି ସ୍ୱେଦ, ଘୋର ତନ୍ଦ୍ରା ଆଦି ଦୂର ହୁଏ—ସାରକୌମୁଦୀ ।]

ସୌଭାଗ୍ୟ ଚିହ୍ନ—ସଂ. ବି (୬ଷ୍ଠୀ ତତ୍)—୧ । ଶୁଭାଦୃଷ୍ଟର ଲକ୍ଷଣ—
Saubhāgya chihna 1. Any mark of good fortune. ୨ । ସଧବାର ଚିହ୍ନ (ଯଥା—କପାଳରେ ସିନ୍ଦୂର, ହାତରେ ଶଙ୍ଖ)—2. Indication of wifehood.

ସୌଭାଗ୍ୟଜନ୍ମା—ସଂ. ବିଣ (ବହୁବ୍ରୀହି; ସୌଭାଗ୍ୟ+ଜନ୍ମନ୍, ୧ମା. ୧ବ)
Saubhāgyajanma .—ଯେଉଁ ବ୍ୟକ୍ତି ସୌଭାଗ୍ୟ ଯୋଗରେ ଜନ୍ମ ହୋଇ ଥାଏ—A person who is born during the 'Saubhāgyajoga.

ସୌଭାଗ୍ୟଜନ୍ମା ସୁଭଗୋ ମନୁଷ୍ୟଃ
ଶ୍ଳାଘ୍ୟୋ ଜନାନାଂ ଧନବାନ୍ ଗୁଣଜ୍ଞଃ
ଉଦାରଚେତ୍ତା ବଳବାନ୍ ଭବେଚ୍ଚ
ମହାଯଶାଃ ପ୍ରିୟଭାଷଣଶ୍ଚ—କୋଷ୍ଠୀପ୍ରଦୀପ ।)

ସୌଭାଗ୍ୟ ତନ୍ତୁ(ସୂତ୍ର)—ସଂ° ବି (ମ° ପ. ଲୋ)—ବିବାହ ସମୟରେ
Saubhāgya tantu(sūtra) କନ୍ୟାଙ୍କ ଗଳାରେ ବର ଯେଉଁ ମଙ୍ଗଳ ସୂତ୍ର ବାନ୍ଧି ଦିଅନ୍ତି ଓ ଯାହା ବିଧବା ହେବା ପର୍ଯ୍ୟନ୍ତ ସ୍ତ୍ରୀ ଧାରଣ କରନ୍ତି—The marriage-string put round the neck of the bride by the bridegroom and which she wears till widowhood (Apte).

ସୌଭାଗ୍ୟ ତୃତୀୟା—ସଂ. ବି—ଭାଦ୍ର ଶୁକ୍ଳ ତୃତୀୟା; ହାଳି ତୃତୀୟା;
Saubhāgya tṛutiyā ଗୌରୀ ବ୍ରତ—The 3rd day of the bright fortnight of Bhādra. [ଦ୍ର—ଏ ଦିନ ଉମା, ମହେଶ୍ୱର, ଗଣେଶ, ସରସ୍ୱତୀ ଓ ବିଷ୍ଣୁଙ୍କର ପୂଜା ହୁଏ । ଏହି ବ୍ରତ କଲେ ପୁରୁଷମାନେ ସୁଭଗ ଓ ସ୍ତ୍ରୀମାନେ ସୁଭଗା ହୁଅନ୍ତି । ଅନ୍ୟ ଦେଶରେ ସ୍ତ୍ରୀମାନେ ଏ ଦିନ ନିର୍ଜଳ ଉପବାସ କରନ୍ତି । ସ୍ତ୍ରୀମାନଙ୍କର ଏହି ବ୍ରତ କରିବାର ଫଳ—
ଉମାଂ ଶିବଂ ଗଣେଶଂ ଚ ବିଧିବତ୍ ପୂଜୟନ୍ତି ଯାଃ
ଗୌରୀବରପ୍ରସାଦେନ ସଦା ସୌଭାଗ୍ୟମାପ୍ନୁୟୁଃ ।]

ସୌଭାଗ୍ୟ ଦେବତା—ସଂ. ବି—ଇଷ୍ଟଦେବତା—
Saubhāgya debatā Tutelary Deity (Apte).

ସୌଭାଗ୍ୟ ପତି—ସଂ. ବି—ମହାଦେବ (ଯେ ଭକ୍ତକୁ ସୌଭାଗ୍ୟ ଦାନ
Saubhāgya pati କରନ୍ତି) (ବରାହ ପୁରାଣ)—God Śiba who bestows good luck on his devotees. [ଦ୍ର—ସୌଭାଗ୍ୟବ୍ରତରେ 'ଓ ସୌଭାଗ୍ୟପତୟେ ସ୍ୱାହା' ମନ୍ତ୍ରରେ ମହାଦେବଙ୍କ ଉଦ୍ଦେଶ୍ୟରେ ମଧୁଘୃତମିଶ୍ରିତ ତିଳଦ୍ୱାରା ହୋମ କରାଯାଏ]

ସୌଭାଗ୍ୟବତୀ—ସଂ. ବିଣ. ସ୍ତ୍ରୀ (ସୌଭାଗ୍ୟବତ୍+ଈ)—୧ ।
Saubhāgyabati ସୌଭାଗ୍ୟବାନ୍‌ର ସ୍ତ୍ରୀଲିଙ୍ଗ—1. Feminine of Saubhāgyabān. ୨ । ସୁଭଗା; ଅବିଧବା (ସ୍ତ୍ରୀ)—2. Unwidowed (wife) (Apte); (a woman) whose husband is living.

ସୌଭାଗ୍ୟବାନ୍—ସଂ ବଣ ପୁଂ (ସୌଭାଗ୍ୟବତ୍ ଶବ୍ଦ; ୧ମା ୧ ବଚନ
Saubhāgyabān ସୌଭାଗ୍ୟ + ଅସ୍ତ୍ୟର୍ଥରେ ବତ୍)—
(ସୌଭାଗ୍ୟବତୀ—ସ୍ତ୍ରୀ) ସୌଭାଗ୍ୟଶାଳୀ (ଦେଖ)—
(ସୌଭାଗ୍ୟବନ୍ତ—ଦେ. ରୂପ) Saubhāgyasāli (See).

ସୌଭାଗ୍ୟ ବିଲୋପୀ—ସ ବଣ. ପୁ (ସୌଭାଗ୍ୟ + ବି + ଲୁପ୍ ଧାତୁ + ଇନ୍
Saubhāgya bilopī ପ୍ରତ୍ୟୟ; ୧ମା ୧ବ)—ସୌଭାଗ୍ୟ ବା
(ସୌଭାଗ୍ୟବିଲୋପିନୀ—ସ୍ତ୍ରୀ) ଶୋଭା ନାଶକାରୀ (ନାଶକାରୀ)—
Marring or inpairing beauty.

ସୌଭାଗ୍ୟ ବ୍ରତ—ସଂ, ବି—୧। ସୌଭାଗ୍ୟ ତୃତୀୟାରେ କର୍ତ୍ତବ୍ୟ ବ୍ରତ—
Saubhāgya brata 1. A religious vow observed on the day of Saubhāgya Trutīyā
୨। ବରାହପୁରାଣୋକ୍ତ ବ୍ରତବିଶେଷ-2 Name of a religious vow prescribed in Barāha Purana
[ବି—ଫାଲ୍ଗୁନ ଶୁକ୍ଳ ତୃତୀୟାଦିନ ଉମାମହେଶ୍ୱର ଓ ଲକ୍ଷ୍ମୀନାରାୟଣଙ୍କୁ ଏକ ଦେବଦମ୍ପତିରୂପେ କଳ୍ପନା କରି ତାଙ୍କ ଅଗରେ ମଧୁଦ୍ଧୃତ ମିଶ୍ରିତ ତିଳଦ୍ୱାରା 'ଓଁ ସୌଭାଗ୍ୟ ପତୟେ ସ୍ୱାହା' ମନ୍ତ୍ର ବୋଲି ହୋମ କରିବ ଓ ଭୂମି ଉପରେ ଶୟନ, ଲବଣ ଓ ନୈଃସ୍ନେହ ଗୋଧୂମାନ୍ନ ଭୋଜନ କରିବ। ପରବର୍ତ୍ତୀ ଆଷାଢ଼ ଓ କାର୍ତ୍ତିକମାସ ଶୁକ୍ଳ ତୃତୀୟାଦିନ ଏହିପରି କରିବ। ମାଘ ଶୁକ୍ଳ ତୃତୀୟାଦିନ ସୁବର୍ଣ୍ଣର ହରଗୌରୀ ମୂର୍ତ୍ତି ଓ ସଲକ୍ଷ୍ମୀକ ବିଷ୍ଣୁମୂର୍ତ୍ତି ତିଆରି କରି ତାହା ବ୍ରାହ୍ମଣଙ୍କୁ ଦାନ କରିବ ଓ ଯଥାକ୍ରମେ ମଧୁ, ଘୃତ, ତିଳତୈଳ, ଗୁଡ଼, ଲବଣ, ଗୋକ୍ଷୀରପୂର୍ଣ୍ଣ ୬ ଗୋଟି ପାତ୍ର ବ୍ରାହ୍ମଣଙ୍କୁ ଦାନ କରିବ।
ବରାହ ପୁରାଣ।]

ସୌଭାଗ୍ୟଲକ୍ଷ୍ମୀ—ସଂ. ବି—୧। ଶୁଭଦୃଷ୍ଟର ଅଧିଷ୍ଠାତ୍ରୀ ଦେବୀ; ସୌଭାଗ୍ୟ
Saubhāgya lakshmī ଦାତ୍ରୀ ଲକ୍ଷ୍ମୀ—1. The Goddess bestowing good fortune. ୨। ସୌଭାଗ୍ୟରୂପିଣୀ ଲକ୍ଷ୍ମୀ—2. Good luck personified. ୩। ମହତୀ ଶୋଭା—3. A great beauty or charm.

ସୌଭାଗ୍ୟଶାଳୀ—ସଂ. ବଣ (ସୌଭାଗ୍ୟଶାଳିନ୍ ଶବ୍ଦ; ସୌଭାଗ୍ୟ +
Saubhāgyasālī ଅସ୍ତ୍ୟର୍ଥରେ ଶାଳିନ)—ଯାହାର ଭାଗ୍ୟ
(ସୌଭାଗ୍ୟଶାଳିନୀ—ସ୍ତ୍ରୀ) ସୁପ୍ରସନ୍ନ; ସୁଭଗ; ଭାଗ୍ୟବାନ—
Fortunate; lucky.

ସୌଭାଗ୍ୟ ଶୁଣ୍ଠି—ସଂ, ବି—ସ୍ତ୍ରୀରୋଗ ଓ ବାତରୋଗ ପାଇଁ ଆୟୁ-
Saubhāgya sunthi ର୍ବେଦୋକ୍ତ ମିଷ୍ଟ ଚୂର୍ଣ୍ଣ ବା ମୋଦକ
(ସୌଭାଗ୍ୟ ଶୁଣ୍ଠିଖଣ୍ଡ—ଅନ୍ୟରୂପ) ବିଶେଷ—[ବି—ଏଥିରେ ଶୁଣ୍ଠିର ଭାଗ ଅଧିକ ଥାଏ।]—Name of a medicinal preparation for certain female diseases and also for rheumatism.

ସୌଭାଗ୍ୟ ସୂର୍ଯ୍ୟ—ସଂ. ବି (ରୂପକ)—ସୂର୍ଯ୍ୟଙ୍କ ସଙ୍ଗେ ତୁଳନା କରାଯିବା
Saubhāgya sūrjya ସୌଭାଗ୍ୟ—Good luck compared to the sun in grandeour.

ସୌଭାଗ୍ୟ ହୀନ—ସ. ବଣ. ପୁଂ (ସ୍ତ୍ରୀ ଭବ)—ଯାହାର ସୌଭାଗ୍ୟ
Saubhāgya hīna ନାହିଁ ବା ଲୁପ୍ତ ହୋଇଅଛି; ଗ୍ଳାନକପାଳଥି;
(ସୌଭାଗ୍ୟହୀନା—ସ୍ତ୍ରୀ) ଦୁର୍ଭଗ—Unfortunate; unlucky.

ସୌଭାଞ୍ଜନ—ସଂ ବି—ଶୋଭାଞ୍ଜନ ବୃକ୍ଷ (ଭରତ); ସଜନା ଗଛ—
Saubhānjana The horse radish tree.

ସୌଭାସିକ—ସଂ. ବଣ (ସୁ + ଭାସ + ଇକ)—ସମୁଜ୍ଜ୍ୱଳ (ହ. ଶ)—
Saubhāsika Very bright; dazzling.

ସୌଭିକ—ସଂ. ବି. ପୁଂ—ଇନ୍ଦ୍ରଜାଲିକ (ହାରାବଳୀ)—
Saubhika A conjurer; magician; juggler.

ସୌଭିକ୍ଷ—ସଂ. ବଣ (ସୁଭିକ୍ଷ + ଅ)—ସୁଭିକ୍ଷ ବା ସୁସମୟ ଅନୟନ
Saubhiksha କାରୀ (ହ.ଶ)—Bringing good time.

ସୌଭିକ୍ଷ୍ୟ—ସଂ. ବି (ସୁଭିକ୍ଷ+ଯ)—ସୁକାଳ; ଖାଦ୍ୟ ପଦାର୍ଥର ପ୍ରଚୁରତା
Saubhikshya (ହ. ଶ)—Sufficiency of food stuffs.

ସୌଭ୍ରାତ୍ର—ସଂ. ବି (ସୁଭ୍ରାତୃ + ଭାବ. ଅ)—ସୁଭ୍ରାତୃତ୍ୱ; ଭ୍ରାତାମାନଙ୍କ
Saubhrātra ମଧ୍ୟରେ ପରସ୍ପର ପ୍ରୀତି—Brotherly feeling; mutual attachment amongst brothers; good brotherhood; fraternity (Apte).

ସୌମନସ—ସଂ. ବଣ (ସୁମନସ୍ + ଅ)—୧ । ପୁଷ୍ପସମ୍ବନ୍ଧୀୟ—
Saumanasa 1. Relating to flower; floral.
ସୌମନସୀ } —ସ୍ତ୍ରୀ ୨। ମନୋହର; ରୁଚିକର (ହ. ଶ)—
ସୌମନସୀ } 2. Agreeable; charming.
ସଂ. ବି—୧। ପ୍ରଫୁଲ୍ଲତା; ଅହ୍ଲାଦ (ହ.ଶ)—1. Delight.
୨। ଦୟା; ଅନୁଗ୍ରହ—2. Benevolence, kindliness of spirits (Apte). ୩। ଆନନ୍ଦ; ସନ୍ତୋଷ—3. Pleasure; satisfaction (Apte) ୪। (ନାମ) ପଶ୍ଚିମ ଦିଗର ହାତୀ (ହ, ଶ)—4. Name of the elephant guarding the west.
୫। ଜାଇଫଳ (ହ. ଶ)—5. Nutmeg. ୬। ଅସ୍ତ୍ର ସଂହାରବିଶେଷ (ହ. ଶ)—6. A kind of withdrawal of the potency of a weapon.
୭। ପର୍ବତବିଶେଷ (ହ. ଶ)—7. Name of a mountain.

ସୌମନସା—ସଂ. ବି (ସୁମନସ୍ + ଅ)—୧। ଜାଇପତ୍ରୀ; ଜାଇ.
Saumanasā (ସ୍ତ୍ରୀଲିଙ୍ଗ)—1. Mace. (spice)
(ସୌମନସାୟନୀ—ପ୍ରଥମ ଅର୍ଥରେ ଅନ୍ୟରୂପ) ୨। ରାମାୟଣ ବର୍ଣ୍ଣିତ ନଦୀବିଶେଷ (ହ. ଶ)—2. Name of a river mentioned in the Rāmāyaṇa.

ସୌମନସ୍ୟ—ସଂ. ବି (ସୁମନସ + ଭାବ. ଯ)—୧। ମନର ପ୍ରସନ୍ନତା,
Saumanasya ସନ୍ତୋଷ; ଚିତ୍ତପ୍ରସାଦ—1. Contentment; happy condition of
(ସୌମନସ୍ୟ—ବିଶେଷଣ) mind; satisfaction; pleasure. ୨। ପ୍ରେମ; ପ୍ରୀତି; ସ୍ନେହ—2. Love; affection. ୩। ଶ୍ରାଦ୍ଧରେ

ପିଣ୍ଡଦାନାନନ୍ତର ଶ୍ରାଦ୍ଧବ୍ରାହ୍ମଣଙ୍କ ହସ୍ତରେ ପୁଷ୍ପଦାନ ମନ୍ତ୍ର (ଏହା ଦ୍ୱାରା ଦାତା ଓ ଗ୍ରହୀତାଙ୍କର ସୌମନସ୍ୟ ବା ମନର ପ୍ରସାଦ ଜନ୍ମିବାରୁ)—3. Name of a formula uttered while presenting flowers to the Brāhmaṇa who takes meal on the Srāddha-plate. ୪। ପିଣ୍ଡଦାନାନନ୍ତର ଶ୍ରାଦ୍ଧ ବ୍ରାହ୍ମଣଙ୍କ ହସ୍ତରେ ପୁଷ୍ପ ଦାନ—4. Present of flowers to the Srāddha Brāhmaṇa after the offering of Piṇḍa.

ସୌମନସ୍ୟାୟିନୀ—ସଂ. ବି (ସୌମନସ୍ୟ=ମନର ପ୍ରସନ୍ନତା + ଆ ଉପସର୍ଗ + ଇ. ଧାତୁ + ଣିନ୍. ଅନ + ସ୍ତ୍ରୀ. ଈ; ଯାହା ମନରେ ପ୍ରସନ୍ନତା ଆଣେ)—ମାଳତୀ ପୁଷ୍ପ (ବିକାଣ୍ଡ ଶେଷ)—The bud of the Mālatī flower.
Saumanasyāyinī

ସୌମନା—ସଂ. ବି—୧। (ନାମ) ଉଦୟାଚଳର ଗୋଟିଏ ଶୃଙ୍ଗର ନାମ—1. Name of a peak of the mythological Udayagiri mountain. [ଦ୍ର—ସୂର୍ଯ୍ୟ ବିଷ୍ଣୁ ତ୍ରୈଲୋକ୍ୟ ଅତିକ୍ରମଣ କାଳରେ ଗୋଟିଏ ପାଦ ଏହି ଶୃଙ୍ଗରେ ଓ ଅନ୍ୟ ଦେଇ ସୁମେରୁ ଶୃଙ୍ଗରେ ରଖି ଠିଆ ହୋଇଥିଲେ।] ୨। ଫୁଲ (ହ. ଶ)—2. Flower. ୩। କଳିକା (ହ, ଶ)—3. Bud. ୪। ଦିବ୍ୟାସ୍ତ୍ରବିଶେଷ (ହ. ଶ)—4. Name of divine weapon.
Saumanā

ସୌମାୟନ—ସଂ. ବି (ସୋମ + ପୁତ୍ରାର୍ଥେ ଅୟନ)—ସୋମ ପୁତ୍ର ବୁଧଗ୍ରହ
Saumāyana — The planet Mercury.

ସୌମିକ—ସଂ. ବିଣ (ସୋମ + ଇକ)—୧। ସୋମ ବା ଚନ୍ଦ୍ରସମ୍ବନ୍ଧୀୟ
Saumika — 1. Relating to the moon; lunar. ୨। ସୋମରସସମ୍ବନ୍ଧୀୟ—2. Relating to the Soma juice. ୩। ସୋମ ଯଜ୍ଞସମ୍ବନ୍ଧୀୟ—3. Relating to the Soma sacrifice. ୪। ଚାନ୍ଦ୍ରାୟଣବ୍ରତକାରୀ (ବ୍ୟକ୍ତି) (ହ. ଶ)—4. (a person) Observing the Chāndrāyana penance. ସଂ. ବି-ସୋମରସ ରଖିବା ପାତ୍ର (ହ. ଶ) A receptacle for containing the Soma juice.

ସୌମିକୀ—ସଂ. ବି—୧। ସୋମଣୀୟ ଇଷ୍ଟି (ହେମଚନ୍ଦ୍ର); ଯାଗବିଶେଷ—
Saumikī — 1. A kind of vedic sacrifice. ୨। ଯଜ୍ଞାର୍ଥ ସୋମରସ ଚିପୁଡ଼ିବା କର୍ମ (ହ. ଶ)—2. The pressing of the Soma juice for vedic sacrifice.

ସୌମିତ୍ର(ତ୍ରି)—ସଂ. ବି. ପୁଂ (ସୁମିତ୍ରା=ଦଶରଥପତ୍ନୀ + ଅପତ୍ୟାର୍ଥେ ଅ; + ଇ)—୧। ସୁମିତ୍ରାପୁତ୍ର; ଲକ୍ଷ୍ମଣ—
Saumitra(tri) — 1. Lakshmaṇa. [ଦ୍ର—ଅଗ୍ରଜ ଅନୁଗବଦ ସୌମିତ୍ରି ରଥୀ—ମଧୁସୂଦନ ସୀତାବନବାସ।] ୨। ଶତ୍ରୁଘ୍ନ—2. Satrughna.

ସୌମେଚକ—ସଂ. ବି (ସୁମେଚକ + ଅ)—ସୁନା; ସୁବର୍ଣ୍ଣ (ହ. ଶ)—
Saumechaka — Gold (Apte).

ସୌମେଧିକ—ସଂ. ବିଣ (ସୁମେଧା + ଇକ)—୧। ଶୋଭନମେଧାସମ୍ବନ୍ଧୀୟ
Saumedhika — 1. Relating to sharp intellect. ୨। ପ୍ରଖରବୁଦ୍ଧିସମ୍ପନ୍ନ—2. Sharp of intellect. ୩। ଦିବ୍ୟଜ୍ଞାନସମ୍ପନ୍ନ—3. Having occult or supernatural knowledge. ବି—ସିଦ୍ଧ ତାପସ—A person who has attained success in penance; seer; sage.

ସୌମେରୁକ—ସଂ. ବିଣ (ସୁମେରୁ + କ)—ସୁମେରୁସମ୍ବନ୍ଧୀୟ—
Saumeruka — Relating to Sumeru.
(ସୌମେରୁକା—ସ୍ତ୍ରୀ. ବିଣ) ବି—ସୁବର୍ଣ୍ଣ (ଶବ୍ଦକଳ୍ପଦ୍ରୁମ)—Gold.

ସୌମ୍ୟ—ସଂ. ବି (ସୋମ + ଯ)—୧। ବୁଧଗ୍ରହ; ଚନ୍ଦ୍ରପୁତ୍ର (ଅମର)—
Saumya — 1. The planet Mercury. ୨। ବିପ୍ର; ବ୍ରାହ୍ମଣ (ଶବ୍ଦମାଳା)—2. Brahman. [ଦ୍ର—ଏ ଶବ୍ଦଦ୍ୱାରା ବ୍ରାହ୍ମଣଙ୍କୁ ସମ୍ବୋଧନ କରାଯାଏ।] ୩। ସୋମ ଯଜ୍ଞ—3. The Soma sacrifice. ୪। ଉଦୁମ୍ବର ବୃକ୍ଷ (ଶବ୍ଦକଳ୍ପଦ୍ରୁମ)—4. A sort of fig. ୫। ବୃଷ, କର୍କଟ, କନ୍ୟା, ବୃଶ୍ଚିକ, ମକର ଓ ମୀନରାଶିଗଣ (ଜ୍ୟୋତିଷଶାସ୍ତ୍ର)—(ହ, ଶ)—5. Six particular signs of the Zodiac. ୬। ଯଜ୍ଞର ଯୂପକାଷ୍ଠର ଚତୁର୍ଦ୍ଦିଗରେ ୧୫ ଅରତ୍ନି ପରିମିତ ଭୂଖଣ୍ଡ—6. A given area of land under the Jūpa pillar of a sacrifice. ୭। ସୌମ୍ୟକୃଚ୍ଛ୍ର ବ୍ରତ (ଦେଖ)—7. Saumya kṛuchchhra brata (See) ୮। (ସଂ. ରେ ବହୁବଚନରେ 'ସୌମ୍ୟାଃ' ରୂପେ ବ୍ୟବହୃତ) ଇଲ୍ୱଳା, କାଳପୁରୁଷର ଶିରୋଦେଶରେ ଅବସ୍ଥିତ ୫ ଗୋଟି ତାରାଙ୍କ ଏକତ୍ର ନାମ (ବିଶ୍ୱ, ହେମଚନ୍ଦ୍ର); ମୃଗଶିରା ନକ୍ଷତ୍ର (ହ. ଶ)—8. A name given to the 5 stars (in plural) situate on the top of the Orion constellation; the Orion's head. ୯। ଭକ୍ତ; ଉପାସକ (ହ. ଶ)—9. Worshipper; devotee. ୧୦। ବାମ ହସ୍ତ (ହ. ଶ)—10. The left hand. ୧୧। (ଆୟୁର୍ବେଦ) ରକ୍ତବର୍ଣ୍ଣରେ ପରିଣତ ହେବା ପୂର୍ବରୁ ରକ୍ତର ଅବସ୍ଥା; ରସ (ହ. ଶ)—11. Serum. ୧୨। ପିତ୍ତ (ହ. ଶ)—12. Bile; gastric juice (Apte). ୧୩। ମାର୍ଗଶିର ମାସ (ହ. ଶ)—13. The month of Mārgaśira. ୧୪। ବାମ ନେତ୍ର (ହ. ଶ)—14. The left eye. ୧୫। କରତଳର ମଧ୍ୟଭାଗ (ହ. ଶ)—15. The middle of the palm ୧୬। ପିତୃଗଣ ବିଶେଷ [ହ. ଶ]—16. A class of the Pitrus or the manes. ୧୭। ଜ୍ୟୋତିଷୋକ୍ତ

୬୦ ବର୍ଷ ମଧ୍ୟରୁ ଏକ (ବୃ. ଶ)—17. One of the 60 astrological years. [ଦ୍ର—ଏ ବର୍ଷ ଅନାବୃଷ୍ଟି, ମୂଷିକ ଓ ଶଲଭମାନଙ୍କ ଉପଦ୍ରବ, ରୋଗବୃଦ୍ଧି ଓ ରାଜାମାନଙ୍କ ମଧ୍ୟରେ ଶତ୍ରୁତା ହୁଏ—ବୃ. ସ ।] ୧୮ । ସୌଗନ୍ଧିକ ଦ୍ୱୀପବିଶେଷ—18. Name of a mythological island. ବିଣ—୧। ମୃଦୁ; ଅକ୍ରୂର—(ସୌମ୍ୟତା[ତ୍ୱ]—ବି) 1. Mild; gentle. ୨ । ଶାନ୍ତମୂର୍ତ୍ତି—[ସୌମ୍ୟା—ସ୍ତ୍ରୀ] 2. Of calm appearance or shape ୩ । ପ୍ରସନ୍ନ—3. Favourable. ୪ । ମନୋଜ୍ଞ; ସୁନ୍ଦର—4. Charming; graceful. ୫ । ନିପୁଣ; ଦକ୍ଷ—5. Skilful. ୬ । ସୋମଦୈବତ—6. Having 'Soma' or 'Chandra' as the presiding Deity. ୭ । ଶୁଭ—7. Auspicious (Apte) ୮ । ଉଜ୍ଜ୍ୱଳ—8. Bright; brilliant (Apte) ୯ । ସୋମ ସମ୍ବନ୍ଧୀୟ—9. Relating to Soma.

ସୌମ୍ୟକୃଚ୍ଛ୍ର ବ୍ରତ—ସଂ. ବି—ପ୍ରାୟଶ୍ଚିତ୍ତ ବା ବ୍ରତ ବିଶେଷ (ପ୍ରାୟଶ୍ଚିତ୍ତ ତତ୍ତ୍ୱ)—A sort of expiation or religious vow. Saumyakṛchchhra brata

[ଦ୍ର—ଏଥିରେ ପ୍ରତିଦିନ ଯଥାକ୍ରମେ ପିଣ୍ୟାକ=ରାଶି ପିଡିଆ, ଅଗ୍ରାମ=ଭାତର ଫେନ, ତକ୍ର=ଦହି, ଅମ୍ବୁ=ଜଳ ଓ ଶକ୍ତୁ=ଛତୁଆ ଖାଇବାକୁ ହୁଏ ଓ ଏକଦିନ ଉପବାସ କରିବାକୁ ହୁଏ । (ଗରୁଡ଼ ପୁରାଣ) ।

ମୂଳ ଛଅ ପ୍ରାୟଶ୍ଚିତ୍ତର ନାମ ଯଥା—ପ୍ରାଜାପତ୍ୟ, ସାନ୍ତପନ, ଶିଶୁକୃଚ୍ଛ୍ର, ପରାକ, ଅତିକୃଚ୍ଛ୍ର, ପୂର୍ଣ୍ଣକୃଚ୍ଛ୍ର ସୌମ୍ୟ ବା ସୌମ୍ୟକୃଚ୍ଛ୍ର, କୃଚ୍ଛ୍ର, ଅତିକୃଚ୍ଛ୍ର ବ ।]

ସୌମ୍ୟ ଗନ୍ଧ(ନ୍ଧୀ)—ସଂ. ବି—ଶତପତ୍ରୀ (ରାଜନିର୍ଘଣ୍ଟ); ସେବତୀ ଫୁଲ—Saumya gandha(ndhi) Muskrose.

ସୌମ୍ୟ ଗ୍ରହ—ସଂ. ବି—ଶୁଭ ଗ୍ରହ—Saumya graha Auspicious planet. [ପାପଗ୍ରହ—ବିପରୀତ] [ଦ୍ର—ପୂର୍ଣ୍ଣଚନ୍ଦ୍ର, ପାପଗ୍ରହଯୁକ୍ତ ଭିନ୍ନ, ବୁଧଗ୍ରହ ଓ ଶୁକ୍ରଙ୍କୁ ସୌମ୍ୟଗ୍ରହ ବୋଲାଯାଏ ।]

ସୌମ୍ୟ ଜ୍ୱର—ସଂ. ବି—ବାତପିତ୍ତ ବା ବାତକଫର ପ୍ରକୋପଜନିତ ଜ୍ୱର—A kind of fever. Saumya jwara [ଦ୍ର—ଏଥିରେ କେବେ କେବେ ଜ୍ୱରର ତାପ ବେଶୀ ହୁଏ, କେବେ କେବେ କମିଯାଏ—ବୈ. ସ ।]

ସୌମ୍ୟତରା—ସଂ. ବି, ସ୍ତ୍ରୀ—ଦୁର୍ଗାଙ୍କର ନାମବିଶେଷ (ଦେବୀମାହାତ୍ମ୍ୟ)—Saumyatarā A name of Durgā.

ସୌମ୍ୟଦର୍ଶନ—ସଂ. ବିଣ. ପୁଂ—(ବହୁବ୍ରୀହି) ପ୍ରିୟଦର୍ଶନ—Saumyadarśana Of lovely appearance. (ସୌମ୍ୟଦର୍ଶନା—ସ୍ତ୍ରୀ)

ସୌମ୍ୟ ଧାତୁ—ସଂ. ବି—କଫ (ରାଜନିର୍ଘଣ୍ଟ)—Saumya dhātu Phlegm; mucus.

ସୌମ୍ୟ ଧ୍ରୁବ—ସଂ. ବି—ଉତ୍ତର ମେରୁ ଉପରେ ଥିବା ଧ୍ରୁବ ତାରା—Saumya dhurba The Pole star. (ଯାମ୍ୟ ଧ୍ରୁବ ତାରା—ଅନ୍ୟରୂପ) [ଦ୍ର—ଏହି ଧ୍ରୁବ ତାରାକୁ ଅମ୍ଭେମାନେ ଦେଖି ପାରୁଁ ଏବଂ ଏହାକୁ ଦେଖି ନାବିକ-(ଦକ୍ଷିଣ—ଯାମ୍ୟଧ୍ରୁବ) ମାନେ ଦିଗ୍ ନିର୍ଣ୍ଣୟ କରନ୍ତି ।]

ସୌମ୍ୟ ବାର(ବାସର)—ବୁଧବାର—Saumya bāra(bāsara) Wednesday.

ସୌମ୍ୟ ଭାବ—ସଂ. ବି—୧ । ଶାନ୍ତଭାବ—1. Calm or mild Saumya bhāba condition. ୨ । ପ୍ରସନ୍ନଭାବ—2. Favourable condition. ୩ । ସାଧୁଭାବ—3. Goodness.

ସୌମ୍ୟ ମୂର୍ତ୍ତି—ସଂ. ବି (କର୍ମଧା)—୧ । ସୁନ୍ଦର ରୂପ—Saumya mūrtti 1. Graceful form. (ସୌମ୍ୟ ରୂପ—ଅନ୍ୟରୂପ) ୨ । ଶାନ୍ତ ମୂର୍ତ୍ତି—2. Calm or placid form. ବିଣ (ବହୁବ୍ରୀହି) ସୁନ୍ଦରାକୃତିଯୁକ୍ତ; ଶାନ୍ତ ବା ସୁନ୍ଦର ଆକୃତିବିଶିଷ୍ଟ—Having a graceful form.

ସୌମ୍ୟା—ସଂ. ବିଣ. ସ୍ତ୍ରୀ (ସୌମ୍ୟ+ସ୍ତ୍ରୀ ଆ)—ସୌମ୍ୟର ସ୍ତ୍ରୀଲିଙ୍ଗ—Saumyā Feminine of Saumya. ବି—୧ । ଦୁର୍ଗା (ଦେବୀମାହାତ୍ମ୍ୟ)—1. Goddess Durgā. ୨ । ମହେନ୍ଦ୍ରବାରୁଣୀ (ରାଜନିର୍ଘଣ୍ଟ)—2. A kind of big Mahākāḷa creeper and its fruit; Trichosanthes Palmata. ୩ । ବୃହତ୍ ଜଟା (ରାଜନିର୍ଘଣ୍ଟ)—3. Urariā Picta (a plant). ୪ । ମହାଜ୍ୟୋତିଷ୍ମତୀ (ରାଜନିର୍ଘଣ୍ଟ)—4. A wild plant (the buds of which make a bursting sound) ୫ । ମଣ୍ଡୁକପର୍ଣ୍ଣୀ; ଥାଲକୁଡ଼ି ଲତା—5. A kind of medicinal creeper. ୬ । ଗୁଞ୍ଜା; କାଇଁଚ (ରାଜନିର୍ଘଣ୍ଟ)—6. Abrus Pracatorius; a small pealike black-headed red berry enclosed in pod. ୭ । ଶାଳପର୍ଣ୍ଣୀ (ରାଜନିର୍ଘଣ୍ଟ) (ଦେଖ)—7. Sālaparṇi (See). ୮ । ମଲ୍ଲିକା (ରାଜନିର୍ଘଣ୍ଟ)—8. Arabian Jasmine. ୯ । ବ୍ରାହ୍ମୀ (ରାଜନିର୍ଘଣ୍ଟ) (ଦେଖ)—9. Brāhmi (See). ୧୦ । ସତୀ (ରାଜନିର୍ଘଣ୍ଟ) (ଦେଖ)—10. Sāti (See) ୧୧ । ମୁକ୍ତା (ବୃ. ସ.)—11. Pearl. ୧୨ । ମୃଗଶିରା ନକ୍ଷତ୍ର (ବୃ. ଶ.)—12. The Orion's head (constellation).

ସୌଞ୍ଜବସ—ସଂ. ବି—ତୃଣର ପ୍ରଚୁରତା (ବୃ. ଶ)—saujabasa Abundance of grass.

ସୌର—ସଂ. ବିଣ (ସୂର=ସୂର୍ଯ୍ୟ+ସମ୍ବନ୍ଧାର୍ଥେ ଅ)—୧ । ସୂର୍ଯ୍ୟସମ୍ବନ୍ଧୀୟ Saura 1. Relating to the sun; solar. ୨ । ସୂର୍ଯ୍ୟଠାରୁ ଉତ୍ପନ୍ନ—2. Born of the sun. ୩ । (ସୁର+ଅ)—ଦେବସମ୍ବନ୍ଧୀୟ—Relating to the gods. ୪ (ସୂର+ଅପତ୍ୟାର୍ଥେ ଅ)—୧ । (ସୂର୍ଯ୍ୟ-

ପୁତ୍ର) ଶନୈଶ୍ଚର—1. Planet Saturn ୨ । ଯମ—2. The God of death. ୩ । ବୈବସ୍ୱତମନୁ—3. Name of Manu or Progenitor of man. kind. ୪ । (କୁନ୍ତୀଙ୍କ କାନୀନ ପୁତ୍ର) ରାଜା କର୍ଣ୍ଣ—4. King Karnna. ୫ । ବାଳି ଓ ସୁଗ୍ରୀବ—5. Name of the monkey kings Bāli and Sugriba. ୬ । ତୁମ୍ବୁରୁ ବୃକ୍ଷ (ସଂ ଜର୍ଷ୍ଣ)—6. A tree; Zanthoxylum Alatum. ୭ । ସୂର୍ଯ୍ୟୋଦୟ-ରାଶିଭୋଗାବଚ୍ଛିନ୍ନ ମାସ; ସୌରମାସ; ଯେଉଁ କାଳ (୩୦$\frac{5}{12}$ ଦିନ) ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିକୁ ଅତିକ୍ରମ କରନ୍ତି—7. A solar month of $30\frac{5}{12}$ days. ୮ । ସୂର୍ଯ୍ୟୋପାସକ; ସୂର୍ଯ୍ୟଭକ୍ତ—8. A devotee or worshipper of the Sungod. ୯ । ତନ୍ତ୍ରୋକ୍ତ ଗୁରୁ ବିଶେଷ (ତନ୍ତ୍ରସାର)—9. A class of Tantric preceptors. [ଦ୍ର—ତନ୍ତ୍ର ଅନୁସାରେ କଥିତୋକ୍ତ ୭ ଗୋଟି ଗୁରୁ ମଧ୍ୟମ ଶ୍ରେଣୀରେ ଅନ୍ତର୍ଭୁକ୍ତ; ଯଥା—ଗୌଡ଼, ଶାଲ୍ମଭଦ୍ର, ସୌର, ମାଗଧ, କେରଳ, କୋଶଳ, ଦଶାର୍ଣ୍ଣ ।] ୧୦ । ମଗ ବ୍ରାହ୍ମଣ—10. The class of Brahmins of the Maga country. ୧୧ । ଦକ୍ଷିଣ ଚକ୍ଷୁ (ହି. ଶ)—11. The right eye. ୧୨ । ଧନିଆ (ହି. ଶ)—12. Coriander. ୧୩ । (ନାମ) ବିଂଶ କଳ୍ପ (ହି. ଶ)—13. The name of the 20th Kalpa. ୧୪ । (ନାମ) ବେଦ ସାମର ନାମ (ହି. ଶ)—14. Name of a Vedic hymn.

ସୌର କର—ସଂ. ବି (କର୍ମଧା)—ସୂର୍ଯ୍ୟଙ୍କ କିରଣ—
Saura kara Sun's rays.

ସୌର ଗଣନା—ସଂ. ବି (କର୍ମଧା)—ସୂର୍ଯ୍ୟଙ୍କ ଗତି ବା ଅବସ୍ଥିତି ଅନୁସାରେ କରାଯିବା ଗଣନା—Calculation
Saura gaṇanā made according to the position or movement of the sun

ସୌରଜ—ସଂ. ବିଣ (ସୌର+ଜନ୍ ଧାତୁ+କର୍ତ୍ତ୍ରି. ଅ)—ସୌରଠାରୁ
Sauraja ଜାତ—Born of Sau a. ବି—୧ । ତୁମ୍ବୁରୁ ବୃକ୍ଷ [ରାଜନିର୍ଘଣ୍ଟ]—1. Zanthoxylum Alatum. ୨ । ଧନ୍ୟାକ; ଧନିଆ [ହି. ଶ]—2. Coriander.

ସୌର ଜଗତ—ସଂ.ବି—ଏକ ସୂର୍ଯ୍ୟ ଓ ତାହାର ଚାରିଆଡ଼େ ଘୂରୁଥିବା ଗ୍ରହ
Saura jagat ଓ ଉପଗ୍ରହାଦିର ମଣ୍ଡଳ The solar system. [ଦ୍ର—ସୂର୍ଯ୍ୟ ସୌର ଜଗତର କେନ୍ଦ୍ରସ୍ୱରୂପ । ଏହାର ଆକର୍ଷଣଦ୍ୱାରା ଚାଳିତ ହୋଇ ଗ୍ରହ, ଉପଗ୍ରହ, ଧୂମକେତୁ ସୂର୍ଯ୍ୟର ଚାରିଆଡ଼େ ସାର୍ବଦା ଘୂରୁଅଛନ୍ତି । ପୃଥିବୀ ମଧ୍ୟ ଗୋଟିଏ ଗ୍ରହ; ବ୍ରହ୍ମାଣ୍ଡରେ ବହୁ ସୌର ଜଗତ ଅଛି ।]

ସୌରଣ—ସଂ. ବିଣ (ସୂରଣ+ଅ)—ସୂରଣ ବା ଓଲୁଅ ସମ୍ବନ୍ଧୀୟ—
Sauraṇa Relating to the wild arum.

ସୌରତ—ସଂ. ବିଣ (ସୁରତ+ଅ)—ରତିକ୍ରୀଡ଼ା ସମ୍ବନ୍ଧୀୟ—
Saurata Relating to coition; venal.
ସଂ ବି—ସୁରତ ରତିକ୍ରୀଡ଼ା—Copulation.

ସୌରତ୍ୟ—ସଂ. ବି [ସୁରତ+ଯ]—ରତିସୁଖ; ସମ୍ଭୋଗ—
Sauratya Copulation; sexual enjoyment.

ସୌର ଦିନ (ଦିବସ)—ସଂ.ବି—ଏକଦିନର ସୂର୍ଯ୍ୟୋଦୟଠାରୁ ଅନ୍ୟଦିନର
Saura dina (dibasa) ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ୨୪ ଘଣ୍ଟା ବା ୬୦ ଦଣ୍ଡ କାଳ—A solar day of 24 hours or 60 dandas.

ସୌରଧ୍ରୀ—ସଂ. ବି—ଏକ ପ୍ରକାର ତମ୍ବୁରା ବା ସିତାର (ହି. ଶ)
Saurdhri A kind of guitar.

ସୌର ନକ୍ତ—ସଂ. ବି—ବ୍ରତ ବିଶେଷ—Name of a religious
Saura nakta vow. [ଦ୍ର—ଭବିଷ୍ୟପୁରାଣୋକ୍ତ ରବିବାରରେ ଏ ବ୍ରତ କରିବାର ବିଧି । ବ୍ରତକାରୀଙ୍କ ଦେହର ଛାୟାର ଦ୍ୱିଗୁଣ ପରିମିତ ଛାୟା ଭୂମିରେ ପଡ଼ିବା ଅବସ୍ଥାରେ ସୂର୍ଯ୍ୟ ଥିବା ବେଳେ ଏ ବ୍ରତ କରି ଦିନରାତ୍ର ଉପବାସ ରହି ସୂର୍ଯ୍ୟ ପୂଜା କରି ରାତ୍ରିରେ ଖାଇବାକୁ ହୁଏ—ଭବିଷ୍ୟପୁରାଣ ।]

ସୌରପତ—ସଂ. ବି—ସୂର୍ଯ୍ୟ ପାସକ (ହି. ଶ)—
Saurapata Worshipper of the Sun.

ସୌର ପରିକର—ସଂ. ବି (କର୍ମଧା)—ସୌରଜଗତ (ଦେଖ)
Saura parikara The solar system.

ସୌର ବତ୍ସର (ବର୍ଷ, ସମ୍ବତ୍ସର)—ସଂ. ବି (କର୍ମଧା)—୩୬୫ ଦିନ
Saura batsara (barsha, sambatsara) ଓ ୧୫ ଦଣ୍ଡ ୨ ଘଣ୍ଟା କାଳ ପରିମିତ ବର୍ଷ; ଯେଉଁ ସମୟ ମଧ୍ୟରେ ପୃଥିବୀ ଥରେ ସୂର୍ଯ୍ୟର ଚାରିଆଡ଼େ ବୁଲି ଆସେ; ସୂର୍ଯ୍ୟର ଦ୍ୱାଦଶ ରାଶିକୁ ଥରେ ଭୋଗ କରିବା ଅବଚ୍ଛିନ୍ନ କାଳ—A solar year of 365¼ days. [ଦ୍ର—ସୌର ବର୍ଷର ଗଣନା ଏକ ମେଷ ସଂକ୍ରାନ୍ତିଠାରୁ ପରବର୍ତ୍ତୀ ମେଷ ସଂକ୍ରାନ୍ତିର ପୂର୍ବ ଦିନ ପର୍ଯ୍ୟନ୍ତ କରାଯାଏ ।]

ସୌରଭ—ସଂ. ବି (ସୁରଭି+ଭାବ. ଅ)—୧ । ସୁଗନ୍ଧ, ସୁବାସ—
Saurabha 1. Sweet scent; fragrance. ୨ । ସୌନ୍ଦର୍ଯ୍ୟ—2. Beauty. ୩ । ସୌଗନ୍ଧ୍ୟ—3. The state of being fragrant. ୪ । କୁଙ୍କୁମ (ହିନ୍ଦୁ ବେଶ) (ଦେଖ), ଜାଫ୍ରାନ କେଶର—4. Kuṅkuma (See), saffrom. ୫ । ଗୁଣଗୌରବ (ମେଦିନୀ)—5. Greatness of good qualities. ୬ । ବୋଳ; ଝୁଣା (ଧ୍ୱନି ରାଗର୍ଣ୍ଣ)—6. Resin. ୭ । ତୁମ୍ବୁରୁ ବୃକ୍ଷ ଓ ତହିଁର ଗନ୍ଧ ଦ୍ରବ୍ୟ (ହି. ଶ)—7. Xanthoxylum Alatum (a tree) and the scented article got from it. ୮ । ଅମ୍ବ (ହି. ଶ)—8. Mango. ୯ । ଧନିଆ (ହି. ଶ)—9. Coriander. ୧୦ । ସାମ ବିଶେଷ [ହି. ଶ]—10. Name of a Vedic hymn. ସଂ. ବିଣ—୧ । ସୁଗନ୍ଧିତ [ହି. ଶ]—1. Sweet scented. ୨ । ସୁରଭି ଗାଈଠାରୁ ଉତ୍ପନ୍ନ

[ବୃ. ଶ]—2. Produced from the divine cow Surabhi

ସୌରଭକ—ସଂ. ବ [ସୌରଭ+କ]—୧ । ସୌରଭ (ଦେଖ)—
Saurabhaka 1. Saurabha (See) ୨ । ବର୍ଣ୍ଣବୃତ୍ତି ବିଶେଷ—2. Name of a syllabic metre. [ବ୍ରୁ—ଏଥିର ପ୍ରଥମ ଚରଣରେ ସଗଣ, ଜଗଣ, ସଗଣ ଓ ୧ ଲଘୁ, ଦ୍ୱିତୀୟ ଚରଣରେ ନଗଣ, ସଗଣ, ଜଗଣ ଓ ୧ ଗୁରୁ, ତୃତୀୟ ଚରଣରେ ରଗଣ, ନଗଣ, ଭଗଣ ଓ ୧ ଗୁରୁ, ଚତୁର୍ଥ ଚରଣରେ ସଗଣ, ଜଗଣ, ସଗଣ, ଜଗଣ ଓ ୧ ଗୁରୁବର୍ଣ୍ଣ ରହେ—ବୃ. ଶ ।]

ସୌରଭମୟ—ସ. ବିଣ—୧ । ସୁବାସ ବିଶିଷ୍ଟ—1. Fragrant;
Saurabhamaya sweet smelling. ୨ । ସୁଗନ୍ଧିତ—(ସୌରଭଶାଳୀ—ଅନ୍ୟରୂପ) 2. Sweet scented. [ସୌରଭମୟୀ, ସୌରଭଶାଳିନୀ—ସ୍ତ୍ରୀ]

ସୌରଭ ରାଶି—ସ. ବ (ଷଷ୍ଠୀ ତତ୍)—ପ୍ରଚୁର ସୁଗନ୍ଧ—
Saurabha rāśi Much fragrance. (ସୌରଭ ସମୂହ, ସୌରଭ ସମ୍ଭାର—ଅନ୍ୟରୂପ)

ସୌରଭାନ୍ୱିତ—ସ. ବିଣ (ସୌରଭ+ଅନ୍ୱିତ; ତୃତୀୟା ତତ୍)—
Saurabhānwita ସୌରଭଯୁକ୍ତ; ସୁବାସିତ—Sweet-scented.

ସୌରଭିତ—ସ. ବିଣ (ସୌରଭ+ଇତ)—ସୌରଭଯୁକ୍ତ; ସୁବାସିତ—
Saurabhita Sweet scented.

ସୌରଭେୟ ସ. ବିଣ (ସୁରଭି+ଏୟ)—ସୁରଭି ସମ୍ବନ୍ଧୀୟ—
Saurabheya Relating to Surabhi (cow and (ସୌରଭେୟୀ—ସ୍ତ୍ରୀ) fragrance). ବି. ପୁଂ (ସୁରଭି+[ସୌରଭେୟକ—ଅନ୍ୟରୂପ] ଅପତ୍ୟାର୍ଥେ. ଏୟ)—ବୃଷ; ଷଣ୍ଢ (ଅମର)—Bull.

ସୌରଭେୟୀ—ସ. ବ (ସୌରଭେୟ+ସ୍ତ୍ରୀ. ଈ)—୧ । ଗାଈ; ଗାଭୀ
Saurabheyī (ଅମର)—1. Cow. ୨ । ସୁରଭି ଗାଈର କନ୍ୟା ନନ୍ଦିନୀ—2. The cow Nandinī, daughter of Surabhi. ସ. ବିଣ. ସ୍ତ୍ରୀ—ସୌରଭେୟର ସ୍ତ୍ରୀଲିଙ୍ଗ—Feminine of Saurabheya.

ସୌରଭ୍ୟ—ସ. ବ (ସୁରଭି+ଭାବ. ଯ)—୧ । ସୁବାସ; ସୁଗନ୍ଧ
Saurabhya (ମେଦିନୀ)—1. Sweet scent; fragrance. ୨ । ସୌରଭ୍ୟ—2. The state of being fragrant. ୩ । ମନୋଜ୍ଞତା; ସୌନ୍ଦର୍ଯ୍ୟ (ମେଦିନୀ)—3. Beauty; grace. ୪ । ଗୁଣ ଗୌରବ (ମେଦିନୀ)—4. Greatness of good qualities ୫ । କୁବେର (ଶବ୍ଦ ରତ୍ନାବଳୀ)—5. The God of wealth. ୬ । ପ୍ରସିଦ୍ଧି (ବୃ. ଶ)—6. Celebrity; fame.

ସୌର ମଣ୍ଡଳ—ସ. ବ—୧ । ସୂର୍ଯ୍ୟମଣ୍ଡଳ—1. The sun's disc.
Saura maṇḍala ୨ । ସୌର ଜଗତ୍—2. The solar system.

ସୌର ମାନ—ସ. ବିଣ (ସୌର+ମାନ=ପରିମାଣ)—ସୌରଗଣନା ବା
Saura māna ସୂର୍ଯ୍ୟଙ୍କଗତି ଦ୍ୱାରା ପରିମିତ (ବର୍ଷ, ମାସ, ଦିବସ)—Calculated by the solar measurement or movement.

ସୌର ମାସ—ସ. ବ—ସୂର୍ଯ୍ୟଙ୍କର ଏକ ରାଶିରୁ ଭୋଗ କରିବାର ଅବଚ୍ଛିନ୍ନ
Saura māsa କାଳ (୩୦$\frac{5}{12}$ ଦିନ)—A solar month (30$\frac{5}{12}$ days. [ବ୍ରୁ—ଆମ୍ଭେମାନେ ସୌରମାସ ଅନୁସାରେ ମାସର ଦିନସବୁ ଗଣନା କରୁଁ; ଯଥା—ମକର ବା ମାଘ ୧ ଦିନ, ୨ ଦିନ, ୩ ଦିନ; କିନ୍ତୁ ପୂର୍ବେ ବୈଦିକ ଯୁଗ ଓ ସିଦ୍ଧାନ୍ତ ରଚନା ଯୁଗରେ ଚାନ୍ଦ୍ରମାସ ଅନୁସାରେ ଦିନ ଗଣନା କରାଯାଉଥିଲା । କେହି କେହି ଅମାବାସ୍ୟାର ପର ଦିନ ପ୍ରତିପଦଠାରୁ ମାସର ପ୍ରଥମ ଦିନ ଗଣନ୍ତି (ଗୌଣଚାନ୍ଦ୍ର); କେହି ପୂର୍ଣ୍ଣିମା ରାତ୍ରି ପ୍ରତିପଦ୍ ପର ଠାରୁ ଗଣନ୍ତି (ମୁଖ୍ୟଚାନ୍ଦ୍ର) ।

ଭାରତର ପଶ୍ଚିମାଞ୍ଚଳରେ (ଯଥା—ମାରବାଡ଼ୀମାନେ) ଶୁକ୍ଳ ଓ କୃଷ୍ଣପକ୍ଷର ତିଥି ସଂଖ୍ୟା ଅନୁସାରେ ତାରିଖ ଗଣନା କରନ୍ତି (ଯଥା—କାର୍ତ୍ତିକ ସୁଦ ୩=କାର୍ତ୍ତିକ ଶୁକ୍ଳପକ୍ଷ ତୃତୀୟା) ।

ମୁସଲମାନମାନଙ୍କର ମାସ, ବର୍ଷ ଓ ଦିନ ଗଣନା ଚାନ୍ଦ୍ରମାନ କ୍ରମେ ହୁଏ । ମୁସଲମାନମାନେ ଅମାବାସ୍ୟା ପରେ ପ୍ରଥମ ଚନ୍ଦ୍ରଦର୍ଶନ ସନ୍ଧ୍ୟାଠାରୁ (ଗୌଣ ଚାନ୍ଦ୍ରମାନ କ୍ରମେ) ମାସ ଗଣନା ଆରମ୍ଭ କରନ୍ତି ।

ଆମ୍ଭେମାନେ ସୂର୍ଯ୍ୟୋଦୟ ଠାରୁ ଦିନ ଗଣନା କରୁଁ । ଇଂରାଜମାନେ ରାତ୍ର ୧୨ଟା ଘଣ୍ଟାଠାରୁ ଦିନ ଗଣନା କରନ୍ତି ।]

ସୌର ସମ୍ବତ୍ସର—ସ. ବ—ସୌର ବତ୍ସର (ଦେଖ)
Saura sambatsara Saura batsara (See)

ସୌର ସିଦ୍ଧାନ୍ତ—ସ. ବ—ସୂର୍ଯ୍ୟ ସିଦ୍ଧାନ୍ତ (ଦେଖ)
Saura siddhānta Sūrjya siddhānta (See)

ସୌରସେନ—ସ. ବ—ସ୍କନ୍ଦ; କାର୍ତ୍ତିକେୟ—
Saurasena Name of God Kārttikeya.

ସୌରସେଣୀ—ଦେ. ବଣ—ମଥୁରାଞ୍ଚଳ ବାସୀ—Inhabiting
Sauraseni Mathurā. (ବ୍ରୁ—ଅଶୁଦ୍ଧ ରୂପ । ସୋରସେନୀ ସୌରସେଣୀ ସୌରସେନୀ ସୌରସେଣୀ ପାଲି ଶବ୍ଦ ସ୍ଥାନ ପାଇଛି ଅର୍ଥରେ ଏହା ଗୃହୀତ ହୁଏ । ସୌରସେନୀ ଅସ୍ଥାନ । ପ୍ରଧାନତଃ ମହାଯାତ୍ରା ।)

ସୌରସେୟ—ସ. ବ. ପୁ (ସୁରସା+ଅପତ୍ୟାର୍ଥେ. ଏୟ)—ସ୍କନ୍ଦ;
Sauraseya କାର୍ତ୍ତିକେୟ—Kārttikeya.

ସୌର ସୈନ୍ଧବ—ସ. ବଣ (ସୁରସିନ୍ଧୁ+ଅ)—ଗଙ୍ଗା ସମ୍ବନ୍ଧୀୟ—
Saura saindhaba Relating to the Ganges. ବ—୧ । ଗଙ୍ଗାପୁତ୍ର—1. The son of the Ganges. ୨ । ଭୀଷ୍ମ—2. Bhishma. ୩ । (ସୌର=ସୂର୍ଯ୍ୟ+ସୈନ୍ଧବ=ଘୋଟକ) ସୂର୍ଯ୍ୟଙ୍କ ରଥଟାଣୁଥିବା 'ସପ୍ତ ଘୋଟକ—3. The seven horses drawing the chariot of the Sun god.

ସୌରସ୍ୟ—ସଂ. ବି (ସୁରସ+ଯ)—ସୁରସତା—
Sauresya Juiciness.

ସୌରାଜ୍ୟ—ସଂ. ବି (ସୁ+ରାଜନ୍+ଭାବେ ଯ)—୧ । ସାଧୁ ରାଜାଙ୍କ
Saurājya ଯୁକ୍ତ ହୋଇଥିବା (ଦେଶର) ଅବସ୍ଥା—1. The state of being governed by a good king. ୨ । ସୁଶାସନଯୁକ୍ତ ରାଜତ୍ୱ; ଉତ୍ତମ ରାଜତ୍ୱ ବା ସୁଶାସନ—2. Good government; a reign of good administration.

ସୌରାବ—ସଂ. ବି—ଲୁଣିଆ ଝୋଳୁଅ (ହି. ଶ)
Saurāba Saline soup.

ସୌରାଷ୍ଟ୍ର—ସଂ. ବି (ସୁରାଷ୍ଟ୍ର+ସ୍ୱାର୍ଥେ ଅ)—୧ । ସୁରାଷ୍ଟ୍ର ବା ସୁରଟ ଦେଶ
Saurāstra (ଜଟାଧର); ଆଧୁନିକ କାଠିଆବାଡ଼—1. The country round Surat. [ଦ୍ର—ଏହା ଗୁଜରାଟ—କାଠିଆବାଡ଼ର ପ୍ରାଚୀନ ନାମ—ହି. ଶ ।] ୨ । ସୁରାଷ୍ଟ୍ରଦେଶୀୟ ଲୋକ—2. A man of the Surat country. ୩ । କୁନ୍ଦୁରକ; କୁନ୍ଦୁରୁଗୋଣ୍ଡ (ରାଜନିର୍ଘଣ୍ଟ); ଶଲ୍ଲକୀନିର୍ଯ୍ୟାସ; ଲୋବାନ—3. Olibanum. ୪ । କାଂସ୍ୟ; କଂସା (ଶବ୍ଦ କଳ୍ପଦ୍ରୁମ)—4. Bell metal. ୫ । ବର୍ଣ୍ଣବୃତ୍ତ ବିଶେଷ (ହି. ଶ)—5. Name of a syllabic metre. ବିଣ—(ସୌରାଷ୍ଟ୍ରୀ—ସ୍ତ୍ରୀ) ୧ । ସୁରାଷ୍ଟ୍ର ଦେଶଜାତ—1. Produced in [ସୌରାଷ୍ଟ୍ରେୟ—ବିଣ. ଅନ୍ୟରୂପ] or got from Surat. ୨ । ସୁରାଷ୍ଟ୍ର ଦେଶ ସମ୍ବନ୍ଧୀୟ—2. Relating to the Surat country.

ସୌରାଷ୍ଟ୍ରକ—ସଂ. ବି (ସୌରାଷ୍ଟ୍ର+କ)—୧ । ପଞ୍ଚଲୌହ; ପଞ୍ଚଧାତୁ
Saurāshṭraka (ଯଥା—ସୁନା, ରୁପା, ତମ୍ବା, ରଙ୍ଗ, ସୀସା) (ହେମଚନ୍ଦ୍ର)—1. The five metals, viz, gold, silver, copper, tin and lead. ୨ । ବିଷ ବିଶେଷ (ହି. ଶ)—2. A kind of poison. ସଂ. ବିଣ—ସୁରାଷ୍ଟ୍ରଦେଶ ସମ୍ବନ୍ଧୀୟ—Relating to the Surat country.

ସୌରାଷ୍ଟ୍ର ମୃତ୍ତିକା—ଦେ. ବି—ସୌରାଷ୍ଟ୍ରୀ (ଦେଖ)
Saurāshṭra mruttikā Saurāshṭrī (See)

ସୌରାଷ୍ଟ୍ରା—ସଂ. ବି (ସୌରାଷ୍ଟ୍ର+ଅ)—୧ । ତୁବରୀ (ରାଜନିର୍ଘଣ୍ଟ)
Saurāshṭrā (ଦେଖ)—1. Tubārī (See) ୨ । ହରଡ଼—2. Cajanus Indicus (a pulse). ୩ । ସୌରାଷ୍ଟ୍ରୀ—(ଦେଖ)—3. Saurāshṭrī (See) ୪ । ବବୁଇ; ବଣତୁଳସୀ; ଲଣ୍ଡାବଗୁଲ—Wild basil plant.

ସୌରାଷ୍ଟ୍ରିକ—ସଂ. ବିଣ (ସୁରାଷ୍ଟ୍ର+ଇକ)—ସୁରାଷ୍ଟ୍ରଦେଶୀୟ—Relat-
Saurāshṭrika ing to the Surat country. ବି—ବିଷଭେଦ (ଛନ୍ଦ ରତ୍ନାବଳୀ)—A sort of poisonous root. [ଦ୍ର—ଏହା ସୁରାଷ୍ଟ୍ର ଦେଶରେ ଜାତ ଏକ ପ୍ରକାର ବିଷମୟ ମୂଳ । ଏଥିର ଫଳ ପଳାଶ ପତ୍ର ପରି । ଏ ମୂଳ କୃଷ୍ଣାଭରୁ ପର କଳା ଓ ବାହାରର ଚେହେରା ଓ ବସୁଦ—ହି. ଶ ।]

ସୌରାଷ୍ଟ୍ରୀ—ସଂ. ବିଣ (ସୌରାଷ୍ଟ୍ର+ଈ)—ସୌରାଷ୍ଟ୍ରର ସ୍ତ୍ରୀଲିଙ୍ଗ—Femi-
Saurāshṭrī nine of 'Saurāshṭra'. ବି—ସୌରାଷ୍ଟ୍ରଦେଶୀୟ ସୁଗନ୍ଧ ମୃତ୍ତିକା; ଗୋପୀଚନ୍ଦନ—A kind of fragrant earth of Surat.
ଅନ୍ୟ ସଂ. ନାମ—ଆଢକୀ, କାଶୀ, ମୃତ୍ସ୍ନା, କାକ୍ଷୀ, ପର୍ପଟୀ, କାଳକା, ସତୀ, ତୁବରୀ, କାଙ୍କ୍ଷୀ, ମୃତାଳକ, ସୁରାଷ୍ଟ୍ରଜା, ଅଢକୀ, ସୁରମୃତ୍ତିକା ।
[ଦ୍ର—ଏହାକୁ ହିନ୍ଦିରେ ଗୋପୀଚନ୍ଦନ କହନ୍ତି ଓ ଏହା ଚନ୍ଦନରୂପେ ଦେହରେ ଲେପାଯାଏ । ଏହ ମଧ୍ୟ ଔଷଧରେ ଲାଗେ । ଫିଟିକିରିର ଯେଉଁ ଗୁଣ ଏହାର ସେହି ଗୁଣ । ଏହାର ଅଭାବରେ ପଙ୍କର ଉପରସ (ଅର୍ଥାତ୍ ଶୁଖିଲା ପଙ୍କ ଉପରେ ପଡ଼ିବା ଶାର) ପ୍ରୟୋଗ କରାଯାଏ । ଏହା କଫ, ପିତ୍ତ ବିସର୍ପ ଓ ବ୍ରଣନାଶକ ।]

ସୌରାସ୍ତ୍ର—ସଂ. ବି (କର୍ମଧା)—ଦିବ୍ୟାସ୍ତ୍ର ବିଶେଷ (ହି. ଶ)
Saurāstra A kind of divine weapon.

ସୌରି—ସଂ. ବି (ସୂର=ସୂର୍ଯ୍ୟ+ଅପତ୍ୟାର୍ଥେ ଇ)—୧ । ଯମ—
Sauri 1. The God of death. ୨ । ଶନି (ଅମର)—2. Planet Saturn. ୩ । ଅସନ ବୃକ୍ଷ (ରାଜନିର୍ଘଣ୍ଟ)—3. Indian kino tree. ୪ । ଅଜଗନ୍ଧା; ଅଣସୋରିଷା (ରାଜନିର୍ଘଣ୍ଟ)—4. Polanisia Icosandra; Cleome Viscosa (plant) ୫ । ରାଜା କର୍ଣ୍ଣ—5. King Karṇa. ୬ । ସୁଗ୍ରୀବ—6. Sugrība, the monkey king. ଦେ. ବି—(ପୁଂ ଓ ସ୍ତ୍ରୀ)—ଲୋକଙ୍କୁ ଦିଆଯିବା ନାମ—A name given to males and females.

ସୌରିକ—ସଂ. ବି (ସୁର+ଇକ)—୧ । ସ୍ୱର୍ଗ (ଛନ୍ଦ ରତ୍ନାବଳୀ)—
Saurika 1. Heaven. ୨ । (ସୁରା+ଇକ) ସୁରାବିକ୍ରୟକର୍ତ୍ତା; ଶୁଣ୍ଡି—2. Wine seller. ୩ । (ସୌରି+ସ୍ୱାର୍ଥେ କ) ଶନିଗ୍ରହ (ଶବ୍ଦ କଳ୍ପଦ୍ରୁମ)—3. Planet saturn. ସଂ. ବିଣ—୧ । ସ୍ୱର୍ଗୀୟ (ହି. ଶ)—1. Heavenly. ୨ । ସୁରା ବା ମଦ୍ୟ ସମ୍ବନ୍ଧୀୟ (ହି. ଶ)—2. Relating to wine. ୩ । ମଦ୍ୟପାନାର୍ଥ କରାଯାଇଥିବା (ଋଣ) (ହି. ଶ)—3. (debt) Incurred for drinking wine.

ସୌରି ବାସର (ବାର)—ସଂ. ବି—ଶନିବାର—
Sauri bāsara (bāra) Saturday.

ସୌରି ମଣି (ରତ୍ନ)—ସଂ. ବି (ମ. ପ. ଲୋ) (ଶନିଗ୍ରହଙ୍କ ପ୍ରିୟରତ୍ନ)—
Sauri maṇi (ratna) ନୀଳମଣି (ରାଜନିର୍ଘଣ୍ଟ)—Sapphire.

ସୌରୀ—ସଂ. ବି. ସ୍ତ୍ରୀ (ସୂର=ସୂର୍ଯ୍ୟ+ଅପତ୍ୟାର୍ଥେ ଅ+ସ୍ତ୍ରୀ ଈ)—
Saurī ୧ । ସୂର୍ଯ୍ୟଙ୍କ କନ୍ୟା; ଯମୁନା—1. River Jamunā, the daughter of the Sun-god. ୨ । ସୂର୍ଯ୍ୟଙ୍କ ସ୍ତ୍ରୀ; ଛାୟା; ଶନିଙ୍କ ମାତା (ହି. ଶ)—2. Wife of the Sun god. ୩ । ଗାଈ (ହି. ଶ)—3. Cow. ୪ । ଅଜଗନ୍ଧା; ଅଣିସୋରିଷିଆ ଗୁଳ୍ମ—4. Cleome Viscosa (plant).

ସୌରୀୟ—ସଂ. ବଣ (ସୌର+ଈୟ)—୧ । ସୂର୍ଯ୍ୟ ସମ୍ବନ୍ଧୀୟ (ମୁଗ୍ଧ- Sauriya ବୋଧ)—1. Solar. ୨ । ସୂର୍ଯ୍ୟଙ୍କର ହିତକର (ମୁଗ୍ଧବୋଧ)—2. Beneficial to the sun. ସ.ବ— ୧ । ବଗାଲ୍ ଭର୍ଷାବସ୍ତ୍ରାର ବୃକ୍ଷବିଶେଷ (ହ୍ର. ଶ)— 1. A tree exuding a kind of poisonous gum. ୨ । ଉକ୍ତ ବୃକ୍ଷରୁ ଜନ୍ମେ ବଗାଲ୍ ଅଠା (ହ୍ର.ଶ)— 2. Poisonous gum from the said tree.

ସୌରେୟ—ସଂ. [ବି—ଶ୍ୱେତ ଝିଣ୍ଟିଗୁଳ୍ମ; ଧଳାଫୁଲଯୁକ୍ତ Saureya ବାସବେରେଣ୍ଡା—The white-flowered [ସୌରେୟକ—ଅନ୍ୟରୂପ] variety of Barlaria ଅନ୍ୟ ସ ନାମ—କଟସାରିକା, Cristata plant. [ଭ୍ର—ଏହା କଟସାରିକା, ଶ୍ୱେତପୁଷ୍ପ, କଫ, ବାତରକ୍ତ, କଣ୍ଡୁ ଓ ବିଷ- ସୌରେୟୀ, ସହଚର, ସହାଚର, ନାଶକ । ଏହା ତିକ୍ତ, ଉଷ୍ଣ, ମଧୁର, ହିନ୍ଦି । ଦନ୍ତ୍ୟ, ସୁସ୍ନିଗ୍ଧ ଓ କେଶରଞ୍ଜକ ଶ୍ୱେତଝାଁଟି सफेदकटसरैया (ଭାବପ୍ରକାଶ) ।] ମ. ଝୋରେଣ୍ଡା

ସୌର୍ଯ୍ୟ(ର୍ଯ୍ୟ)—ସଂ. ବଣ (ସୂର୍ଯ୍ୟ, ସୂର୍ଯ୍ୟ+ଅ)—ସୂର୍ଯ୍ୟ ସମ୍ବନ୍ଧୀୟ Saurja(rjya) (ହ୍ର. ଶ)—Solar. ସଂ. ବି—୧ । ଶନିଗ୍ରହ— 1. The planet Saturn. ୨ । (ନାମ) ହିମାଳୟର ଦୁଇଟି ଶୃଙ୍ଗର ନାମ (ହ୍ର. ଶ)—2. Name of two peaks of the Himalayas. ୩ । (ନାମ) ସଂବତ୍ସର ବିଶେଷ [ହ୍ର. ଶ]—3. Name of an astrological year.

ସୌର୍ଯ୍ୟୀ(ର୍ଯ୍ୟୀ)—ସଂ. ବି (ସୌର୍ଯ୍ୟ+ଈନ୍; ୧ଗା. ୧ବ) ହିମାଳୟ Sauji(rjvi) ପର୍ବତ—The Himalayas.

ସୌର୍ଯ୍ୟୋ(ର୍ଯ୍ୟୋ)ଦୟିକ—ସଂ. ବ (ସୂର୍ଯ୍ୟୋଦୟ+ଇକ)— Saurjo[rjyo]dayika ସୂର୍ଯ୍ୟୋଦୟ ସମ୍ବନ୍ଧୀୟ (ହ୍ର. ଶ)— Relating to sunrise.

ସୌଲକ୍ଷଣ୍ୟ—ସଂ. ବ (ସୁଲକ୍ଷଣ+ଯ)—ସୁଲକ୍ଷଣତା (ହ୍ର. ଶ)— Saulakshanya The state of being of good sign.

ସୌଲଭ୍ୟ—ସଂ. ବ (ସୁଲଭ+ଯ)—୧ । ସୁଲଭତା (ହ୍ର. ଶ)— Saulabhya 1. Cheapness. ୨ । ଅନାୟାସଲଭ୍ୟତା 2. The state of being easy of attainment.

ସୌଲ୍ୱିକ—ସଂ. ବ—ତାମ୍ରକୁଟ୍ଟକ (ଅମରଟୀକା;) ଅଠାର (ହ୍ର. ଶ)— Saulwika Copper smith.

ସୌଶମ୍ୟ—ସଂ. ବ (ସୁଶମ+ଯ)—ସୁଶମତା; ଶାନ୍ତି (ହ୍ର. ଶ)— Sausamya Utter or good peace.

ସୌଶୀଲ୍ୟ—ସଂ. ବ (ସୁଶୀଳ+ଯ)—ସୁଶୀଳତା; ସାଧୁତା (ହ୍ର. ଶ)— Sausilya Uprightness.

ସୌଶ୍ରବସ ସଂ. ବ (ସୁଶ୍ରବସ୍+ଅ)—ସୁଯଶ; ସୁକୀର୍ତ୍ତି (ହ୍ର. ଶ)— Sausrabasa Good reputation.

ସୌଶ୍ରେୟ—ସଂ. ବ (ସୁଶ୍ରୀ+ଅ) ଐଶ୍ୱର୍ଯ୍ୟ; ବୈଭବ— Sausreya Prosperity; splendour

ସୌଷିର—ସଂ. ବ (ସୁଷିର+ଅ)—୧ । ଦାନ୍ତମାଢ଼ିର ରୋଗବିଶେଷ— Saushira A disease of the jaws. [ଦ୍ର—ଏ ରୋଗରେ କଫ ଓ ରକ୍ତର ପ୍ରକୋପରୁ ଦାନ୍ତମାଢ଼ି ଫୁଲି ଦରଜ ହୁଏ ଓ ବହୁତ ଲାଳ ବହେ—ହ୍ର. ଶ ।] ୨ । ବାୟୁଚାଳିତ ଯନ୍ତ୍ର (ଯଥା—ବଂଶୀ, ତୂରୀ, ଶଙ୍ଖ) (ହ୍ର ଶ)— 2. Wind instrument.

ସୌଷିର୍ଯ୍ୟ—ସଂ. ବ (ସୁଷିର+ଯ)—୧ । ଛିଦ୍ରବିଶିଷ୍ଟତା (ହ୍ର. ଶ)— Saushirjya 1. Porousness. ୨ । ଖୋଲପଣ (ହ୍ର. ଶ)— 2. Hollowness.

ସୌଷ୍ଠବ—ସଂ. ବ (ସୁଷ୍ଠୁ+ଅବ. ଅ)—୧ । ଅତ୍ୟନ୍ତ; ଅତିଶଯ୍ୟ— Saushthaba 1. Excess; abundance. ୨ । ସୁଗଠନ; ସୌନ୍ଦର୍ଯ୍ୟ; ସୁଗଠନ; ସୁଶୃଙ୍ଖଳାଶ—2. Symmetry; grace. ୩ । ପ୍ରଶଂସନୀୟତ୍ୱ—3. Praiseworthiness. ୪ । ଉତ୍କର୍ଷ—4. Excellence. ୫ । ନାଟକର ଅଂଶବ (ଶବ୍ଦକଳ୍ପଦ୍ରୁମ)—5. A part of a drama. ୬ । ଲଘୁତା; ଶୀଘ୍ରତା; ଫୁର୍ତ୍ତି— 6. Smartness. ୭ । ଶରୀରର ନୃତ୍ୟକାଳୀନ ମୁଦ୍ରାବିଶେଷ (ହ୍ର. ଶ)—7. A particular dancing posture of the body.

ସୌସାଦୃଶ୍ୟ—ସଂ. ବ (ସୁସଦୃଶ+ଷ୍ୟ. ଯ)—ସମ୍ପୂର୍ଣ୍ଣ ସାଦୃଶ୍ୟ; ଉତ୍ତମ Sausadrusya ମେଳ—Equality; good similarity.

ସୌସୁରାଦ—ସଂ. ବ—କେଶରେ ଜନ୍ମିବା ଏକ ପ୍ରକାର ପୋକ (ହ୍ର. ଶ) Sausurada A kind of maggots or insects growing in foccas.

ସୌସ୍ଥିତ୍ୟ—ସଂ. ବ (ସୁସ୍ଥିତ+ଯ)—୧ । ସୁସ୍ଥିତି (ହ୍ର. ଶ)— Sausthitya 1. Good position. ୨ । ଗ୍ରହମାନଙ୍କର ଶୁଭ ଅବସ୍ଥିତି (ହ୍ର. ଶ)—2. Auspicious position of planets. [ଦ୍ର—ବୃହତ୍ ସଂହିତାରେ ଲେଖାଅଛି ଯେ ଗ୍ରହମାନଙ୍କର ସୌସ୍ଥିତ୍ୟ ଦେଖି ରାଜା ଶତ୍ରୁକୁ ଆକ୍ରମଣ କଲେ ଅଳ୍ପ ବଳଶାଳୀ ହେଲେ ମଧ୍ୟ ବହୁ ଶତ୍ରୁଙ୍କ ଉପରେ ବିଜୟୀ ହୁଅନ୍ତି—ହ୍ର. ଶ ।]

ସୌସ୍ଥିର୍ଯ୍ୟ—ସଂ. ବ (ସୁସ୍ଥିର+ଯ)—ସୁସ୍ଥିରତା— Sausthirjya The state of being very calm or settled.

ସୌସ୍ନାନିକ—ସଂ. ବ (ସୁସ୍ନାନ+ଇକ)—ଯଜ୍ଞାନ୍ତସ୍ନାନ ସଫଳ ହେଲା କି ନାହିଁ, ଏହିରୂପ ପ୍ରଶ୍ନ (ହ୍ର.)—A questioning as to the success of a bath after Sausnanika a vadic sacrifice.

ସୌସ୍ୱର୍ଯ୍ୟ—ସଂ. ବ (ସୁସ୍ୱର+ଯ)—ସୁସ୍ୱରତା (ହ୍ର. ଶ)— Sauswarjya The state of being sweet-tuned.

ସୌହାର୍ଦ୍ଦ—ସଂ. ବି (ସୁହୃଦ୍+ଅ)—୧ । ସୁହୃଦ୍ ସୁତ; ମିତ୍ରଙ୍କ ପୁତ୍ର—
Sauhārdda 1. The son of one's friend. ୨ ।
ସୌହାର୍ଦ୍ଦ୍ୟ (ଦେଖ)—2. Sauhārddya (See)

ସୌହାର୍ଦ୍ଦ୍ୟ—ସଂ. ବି (ସୁହୃଦ୍+ଭାବ. ଯ)—୧ । ସଖ୍ୟ; ମୈତ୍ରୀ—
Sauhārddya 1. Friendship. ୨ । ଘନିଷ୍ଠ ବନ୍ଧୁତା—
2. Intimate friendship. ୩ । ସ୍ନେହ—
3. Affection; attachment.

ସୌହାର୍ଦ୍ଦ୍ୟ ବନ୍ଧନ—ସଂ. ବି (ରୂପକ)—ମିତ୍ରତାରୂପ ବନ୍ଧନ—
Sauhārddya bandhana Tie of friendship.

ସୌହାର୍ଦ୍ଦ୍ୟ ସଂସ୍ଥାପନ (ସ୍ଥାପନ)—ସଂ. ବି—ବନ୍ଧୁତାର ପ୍ରତିଷ୍ଠା—
Sauhārddya samsthāpana(sthāpana) The setting up of a friendship.

ସୌହିତ୍ୟ—ସଂ. ବି (ସୁହିତ+ଭାବ. ଯ)—୧ । ତୃପ୍ତି (ଅମର)—
Sauhitya 1. Contentment; sateity; satisfaction.
୨ । ପର୍ଯ୍ୟାପ୍ତ ଓ ତୃପ୍ତିକର ଭୋଜନ—2. A full meal; a meal to one's satisfaction. ୩ । ପୂର୍ଣ୍ଣତା—
3. Fullness; completion (Apte). ୪ । ସୌହୃଦ୍ୟ—
4. Friendliness (Apte)

ସୌହୃଦ(ଦ୍ୟ)—ସଂ. ବି (ସୁହୃଦ୍+ଭାବ. ଅ; ଯ)—ସୌହାର୍ଦ୍ଦ୍ୟ (ଦେଖ)
Sauhṛuda(dya) Sauhārddya (See)
(ସୌହୃଦଯ୍ୟ—ଅନ୍ୟରୂପ)

ସ୍କଟ୍—ବୈଦେ. ବି (ଇଂ)—୧ । ସ୍କଟ୍‌ଲଣ୍ଡ ଦେଶୀୟ ଲୋକ—1. A
Skaṭ Scot; a native of Scotland. ୨ । [ନାମ] ସର୍
ସ୍କଟ୍ ୱାଲ୍‌ଟର୍ ସ୍କଟ୍ ନାମକ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର
ସ୍କଟ୍ ବ୍ରିଟେନ୍ ଜଣେ ପ୍ରଧାନ କବି ଓ ଉପନ୍ୟାସ ଲେଖକ—
2. Sir Walter Scott; the famous British poet and novelist of the 18th and 19th centuries.

[ବି—ସର୍ ୱାଲ୍‌ଟର୍ ସ୍କଟ୍ ୧୭୭୧ ସାଲରେ ସ୍କଟ୍‌ଲଣ୍ଡର ରାଜଧାନୀ ଏଡିନ୍‌ବରା ନଗରରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟାବସ୍ଥାରେ ସେ ଛୋଟା ହୋଇଥିଲେ, ମାତ୍ର ତୀକ୍ଷ୍ଣ ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ । ଯୌବନର ପ୍ରାରମ୍ଭରେ ବିଦ୍ୟାଳୟରେ ଅଧ୍ୟୟନ ଶେଷ ପରେ, ଅର୍ଥୋପାର୍ଜ୍ଜନ କରିବା ପାଇଁ ସେ ନକଲ୍ ନବିସ୍ ହୋଇ ଏକ ବୈଠକରେ ୧୨୦ ଫୁଲ୍‌ସ୍କାପ୍ ପୃଷ୍ଠା ଲେଖି ପାରୁଥିଲେ । ତାଙ୍କର ଅଦ୍ଭୁତ ସ୍ମରଣଶକ୍ତି ଥିଲା । ସେ ଲାଟିନ୍, ଇଟାଲିଅନ୍, ସ୍ପାନିଶ୍ ପ୍ରଭୃତି ଅନେକଗୁଡ଼ିଏ ଭାଷା ଶିଖିଥିଲେ, ଏବଂ ଇତିହାସ, ବିଶେଷତଃ ଯୁଦ୍ଧବର୍ଣ୍ଣନାମାନ ମନୋନିବେଶପୂର୍ବକ ପଢ଼ିଥିଲେ । ସେ କିଛିଦିନ ଓକିଲାତି ବ୍ୟବସାୟ କରିଥିଲେ; ମାତ୍ର ସାହିତ୍ୟର ଆକର୍ଷଣ ବଳବତ୍ତର ହେବାରୁ ତାହା ପରିତ୍ୟାଗ କଲେ । ସେ ପ୍ରଥମେ ଅନେକଗୁଡ଼ିଏ କବିତା ଲେଖିଥିଲେ । ସେଥିମଧ୍ୟରୁ କେତେକ ଇଂରାଜୀ ସାହିତ୍ୟରେ ଅତୁଳନୀୟ; (ଯଥା—Lay of the last ministrel, Marmion, The Lady of the Lake). ମାତ୍ର ତାଙ୍କର ଉପନ୍ୟାସଦ୍ୱାରା ଇଂରାଜୀ ସାହିତ୍ୟଜଗତରେ ନବଯୁଗର ଅବତାରଣା ହୋଇଥିଲା । ତାଙ୍କର Waverly novels ନାମକ ଉପନ୍ୟାସ ଇଂରାଜୀ ଭାଷାର ଅମୂଲ୍ୟରତ୍ନ । ବହୁସଂଖ୍ୟକ ପୁସ୍ତକ ଲେଖି ସେ ୧୮୩୨ ସାଲରେ ପ୍ରାଣତ୍ୟାଗ କଲେ ।
ସନ୍ଦର୍ଭ ଲେଖକ—ଶ୍ରୀ ଜଗନ୍ନାଥ ତ୍ରିପାଠୀ ।]

ସ୍କଟ୍‌ଲ(ଲା)ଣ୍ଡ—ଦେ. ବି (ଇଂ, ନାମ)—ଇଂଲଣ୍ଡର ଉତ୍ତରକୁ ଲାଗିଥିବା
Skaṭ-la(lā)ṇḍ ଦେଶ—Scotland. [ବି—ଇଂଲଣ୍ଡ ଓ
ସ୍କଟ୍‌ଲାଣ୍ଡ୍ ସ୍କଟ୍‌ଲଣ୍ଡ୍ ଗୋଟିଏ ଦ୍ୱୀପ; ଏଥିର ପଶ୍ଚିମରେ ଆୟର୍‌
ସ୍କଟ୍‌ଲ୍ୟାଣ୍ଡ ଲଣ୍ଡ ଦ୍ୱୀପ ଅଛି । ଇଂଲଣ୍ଡ, ସ୍କଟ୍‌ଲଣ୍ଡ ଓ ଆୟର୍‌ଲଣ୍ଡକୁ ଗ୍ରେଟ୍‌ବ୍ରିଟେନ୍ ବୋଲାଯାଏ । ଇଂଲଣ୍ଡ ଓ ସ୍କଟ୍‌ଲଣ୍ଡକୁ ଚେଭିଅଟ୍ ପାହାଡ଼ (Cheviot hills) ବିଭକ୍ତ କରିଅଛି । ସ୍କଟ୍‌ଲଣ୍ଡରେ ବହୁ ପାହାଡ଼ ଓ ଜଳାଶୟ ଅଛି ଓ ଏହାର ଉପକୂଳରେ ବହୁ ଦ୍ୱୀପ ଅଛି । ଏ ଦେଶର ପ୍ରାକୃତିକ ଦୃଶ୍ୟ ଅତି ମନୋହର । ଗ୍ଲାସ୍‌ଗୋ, ଆବର୍ଡ଼ିନ୍, ଏଡିନ୍‌ବରା, ଡଣ୍ଡୀ ଆଦି ଏଥିର ପ୍ରଧାନ ନଗରମାନ ଅଟନ୍ତି ।]

ସ୍କଦ୍(ନ୍ଦ୍)ଧାତୁ—ସ—୧ । ଡେଇଁ କରି ଚାଲିବା—1. To move by
Skad(nd) root leaps. ୨ । ଗମନ କରିବା—2. To go.
୩ । ଗତି କରିବା—3. To move. ୪ । ଶୋଷଣ କରିବା—4. To suck out. ୫ । ରେଚନ କରିବା; ଅଜାଡ଼ିବା—5. To empty; to pour out. ୬ । ଡେଇଁବା; ଲମ୍ଫ ଦେବା—6. To leap; to jump. ୭ । ଉଲ୍ଲମ୍ଫନ କରିବା; ଉପରକୁ ଡେଇଁବା—7. To rise; to jump upwards (Apte). ୮ । ଗଳି ପଡ଼ିବା—8. To be spilled (Apte) ୯ । ଧ୍ୱଂସପ୍ରାପ୍ତ ହେବା—9. To perish (Apte).

ସ୍କନ୍ଦ—ସ. ବି. ପୁଂ (ସ୍କନ୍ଦ୍ ଧାତୁ=ଗମନ କରିବା+ଭାବ. ଅ)—
Skanda ୧ । ଗତି—1. Motion; movement. ୨ । (+ କର୍ତ୍ତୃ. ଅ) କାର୍ତ୍ତିକେୟ; ଶିବଙ୍କ ପୁତ୍ର—
2. Kārttikeya. [ବି—ବାମନପୁରାଣ ୨୭ ଅଧ୍ୟାୟରେ ଏହାଙ୍କ ଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି ।] ୩ । ନୃପତି (ଜଟାଧର)—3. King. ୪ । ଶରୀର (ତ୍ରିକାଣ୍ଡ ଶେଷ)—4. Body. ୫ । ପାରଦ (ରାଜନିର୍ଘଣ୍ଟ)—
(ସ୍କନ୍ଧ—ବିଣ) 5. Mercury. ୬ । ନଦୀତଟ (ଶବ୍ଦକଳ୍ପଦ୍ରୁମ)—
6. The bank of a river. ୭ । ବିଦ୍ୱାନ୍; ପଣ୍ଡିତ [ଶବ୍ଦ କଳ୍ପଦ୍ରୁମ]—7. Learned man. ୮ । କ୍ରୂର ବାଳଗ୍ରହବିଶେଷ [ଶବ୍ଦ କଳ୍ପଦ୍ରୁମ]—8. An evil supernatural agency attacking child-

ren; an infantile disease. [ବି—ସ୍କନ୍ଦଗ୍ରହ ବାଳକଙ୍କୁ ଆକ୍ରମଣ କଲେ ବାଳକ କେତେବେଳେ ଭୟତ୍ରସ୍ତ ଓ କେତେବେଳେ କମ୍ପଯୁକ୍ତ ହୋଇ ରୋଦନ କରେ ଏବଂ ନଖ ଓ ଦାନ୍ତଦ୍ୱାରା ନିଜର ବା ଧାତ୍ରୀର ଗାତ୍ର ବିଦାରଣ କରେ; ଊର୍ଦ୍ଧ୍ୱକୁ ଦୃଷ୍ଟି କରେ; ଦାନ୍ତ ଘଷେ; ଆର୍ତ୍ତନାଦ ଓ ଓଷ୍ଠଦଂଶନ କରେ; ପୂର୍ବପରି ଆହାର କରିପାରେ ନାହିଁ । ଶିଶୁର ଜୃମ୍ଭା, ବଳହ୍ରାସ, ଦେହର ମଳିନତା, ଜ୍ଞାନାବରୋଧ, ଭ୍ରୂଦ୍ୱୟର କମ୍ପନ, ପୁନଃ ପୁନଃ ଫେନୋଦ୍ଗମ, ଅତ୍ୟଳ୍ପ ନିଦ୍ରାନାଶ, ସ୍ୱରଭଙ୍ଗ, ଅତିସାର ଏବଂ ଶରୀରରେ ମତ୍ସ୍ୟ ଓ ରକ୍ତପରି ଦୁର୍ଗନ୍ଧ ହୁଏ ।

ବିଶେଷ ଲକ୍ଷଣ—ସ୍କନ୍ଦଗ୍ରହପୀଡ଼ିତ ବାଳକର ଅଙ୍ଗ ଶିଥିଳ, ରକ୍ତଗନ୍ଧଯୁକ୍ତ ହୁଏ ଏବଂ ସେ ସ୍ତନ୍ୟପାନରୁ ବିରତ ହୁଏ; ତାହାର ମୁଖ ବକ୍ର,ନୟନ ଅଚଳ,ନେତ୍ର ଜଳପ୍ଲାବିତ,ହସ୍ତଦ୍ୱୟ ମୁଷ୍ଟିବଦ୍ଧ ଓ କଠିନ ହୁଏ ଏବଂ ସେହି ବାଳକ ଭୟତ୍ରସ୍ତ ହୋଇ ଅଳ୍ପ ଅଳ୍ପ ରୋଦନ କରେ—ବୈଦ୍ୟକୋଷ ।] ୯ । ଶିବ – 9. Siba (Apte). ୧୦ । ଚତୁର ବ୍ୟକ୍ତି—10. A clever man. ଗ୍ରା. ବି—(ସଂ. ସ୍କନ୍ଧ) [ଭାଗବତର] ଖଣ୍ଡ; ସ୍କନ୍ଧ—
One volume of 'Bhāgabat'.

ସ୍କନ୍ଦ ଅପସ୍ମାର—ଦେ. ବି—ବାଳରୋଗ ବିଶେଷ—Name of an
Skanda apasmāra infantile disease. [ବ୍ୟୁ—ସ୍କନ୍ଦଙ୍କ (ସ୍କନ୍ଦାପସ୍ମାର—ସଂ. ରୂପ) ଅଙ୍ଗରେ ଗ୍ରହଣରୂପ ହୋଇ, ଏହାର ସ୍କନ୍ଦ ଅପସ୍ମାର ନାମ ହୋଇଛି । କୃଷ୍ଣସିଂହ. ମହାଭାରତ- ବନ ।] [ବି— ଏ ଅପସ୍ମାରରେ ଶିଶୁ ଅଚେତ ହୋଇଯାଏ, ତା ମୁହଁରୁ ଫେଣ ବାହାରେ । ଚୈତନ୍ୟଲାଭ କରିବା ପରେ ସେ ହାତ ଗୋଡ଼ ଛାଟିହୁଏ ଓ ହାତ ମାରେ; ଶିଶୁର ଶରୀରରୁ ରକ୍ତ ଓ ପୂଜର ଗନ୍ଧ ବାହାରେ—ହୁ: ଖ: ।]

ସ୍କନ୍ଦକ—ସଂ. ବି ଓ ବିଣ (ସ୍କନ୍ଦ୍ ଧାତୁ+କର୍ତ୍ତୃ. ଅକ)—୧। ଲମ୍ଫକାରୀ—
Skandaka 1. One who leaps. ୨ । ସୈନ୍ୟ—
2. A soldier (Apte).

ସ୍କନ୍ଦ ଗ୍ରହ—ସଂ. ବି—ସ୍କନ୍ଦ ୮ (ଦେଖ)
Skanda graha Skanda 8 (See)

ସ୍କନ୍ଦନ—ସଂ. ବି (ସ୍କନ୍ଦ୍ ଧାତୁ+ଭାବ. ଅନ)—୧ । ଗମନ; ଗତି—
Skandana 1. Going; motion. ୨ । କ୍ଷରଣ—2. Oozing. ୩ । ରେଚନ—3. Emptying. ୪ । ଶୋଷଣ—4. Sucking. ୫ । ଶୀତଳ ପ୍ରୟୋଗଦ୍ୱାରା ରକ୍ତସ୍ରାବ ବନ୍ଦ କରିବା—5. The suppression of bleeding by cold application [Apte]. ୬ । କୋଷ୍ଠତାରଲ୍ୟ—6. Purging; looseness of the bowe's [Apte]. ୭ । ଶୁଖିଯିବା—
7. Drying up.

ସ୍କନ୍ଦ ପୁତ୍ର—ସଂ. ବି—ଚୋର (ମୁଗ୍ଧବୋଧ)—
Skanda putra A thief.

ସ୍କନ୍ଦ ପୁରାଣ—ସଂ. ବି—ପୁରାଣ ବିଶେଷ—Name of a Purāṇa-
Skanda purāṇa [ବି—ସ୍କନ୍ଦ ପୁରାଣରେ ସନତ୍କୁମାର ସଂହିତା, ସୂତ ସଂହିତା, ଶଙ୍କର ସଂହିତା, ବୈଷ୍ଣବ ସଂହିତା, ବ୍ରାହ୍ମ ସଂହିତା, ସୌର ସଂହିତା ନାମକ ୬ଟି ସଂହିତା ଅଛି ଓ ମାହେଶ୍ୱର ଖଣ୍ଡ, ବୈଷ୍ଣବ ଖଣ୍ଡ, ବ୍ରହ୍ମ ଖଣ୍ଡ, କାଶୀ ଖଣ୍ଡ, ରେବା ଖଣ୍ଡ, ତାପୀ ଖଣ୍ଡ ଓ ପ୍ରଭାସ ଖଣ୍ଡ ଅଛି ଓ କେତେକ ମାହାତ୍ମ୍ୟ ଅଛି । ଏ ପୁରାଣର କାଶୀ ଖଣ୍ଡ ଅନ୍ୟ ଖଣ୍ଡମାନଙ୍କ ଅପେକ୍ଷା ପ୍ରସିଦ୍ଧ (ହି. ଶ) । ଏଥିର ଉତ୍କଳ ଖଣ୍ଡରେ ଉତ୍କଳର ତୀର୍ଥମାନଙ୍କ ଉଲ୍ଲେଖ ଅଛି । ଏ ପୁରାଣର ଶ୍ଳୋକ ସଂଖ୍ୟା ୮୧୧୦୦ । ଏହା ବ୍ୟାସଦେବଙ୍କ ସଙ୍କଳିତ ।]

ସ୍କନ୍ଦଫଳା—ସଂ. ବି—ଖଜୁରୀ ଗଛ (ହି. ଶ)—
Skandaphalā Date palm.

ସ୍କନ୍ଦର—ଦେ. ବି—ଅଲେକ୍ଜାଣ୍ଡର; ସିକନ୍ଦର—Alexander.
Skandara सौकन्दर; सिकन्दर [ଦ୍ର—ମଲ୍ଲବେଳେ ବୀର—ବଳଶ୍ରୀ ସ୍କନ୍ଦର—ଶ୍ରୀଧାନାଥ. ଦରବାର ।]

ସ୍କନ୍ଦ ଷଷ୍ଠୀ—ସ. ବି—ଚୈତ୍ର ମାସ ଶୁକ୍ଳ ଷଷ୍ଠୀ—The sixth day
Skanda shashṭhi of the bright fortnight of Chaitra. [ଦ୍ର—ଷଷ୍ଠୀ ଦିନ ସ୍କନ୍ଦ ତ ଅଭିଷେକ ହେଲେ, ଏଣୁ ସ୍କନ୍ଦ ଷଷ୍ଠୀକୁ ସଂସେବେ ପୂଜନ୍ତେ । କୃଷ୍ଣସିଂହ, ମହାଭାରତ- ବନ ।] [ବ୍ୟୁ—ଏ ଦିନ ବ୍ରହ୍ମାଙ୍କ ଦ୍ୱାରା କାର୍ତ୍ତିକେୟ ଦେବତାମାନଙ୍କ ସେନାପତି ପଦରେ ଅଭିଷିକ୍ତ ହୋଇଥିଲେ ।)

ସ୍କନ୍ଦାଂଶକ—ସ. ବି—ପାରଦ (ଶିବ ବୀର୍ଯ୍ୟ)—Mercury; quick.
Skandāṁsaka silver.

ସ୍କନ୍ଦିତ—ସଂ. ବିଣ (ସ୍କନ୍ଦ ଧାତୁ+କର୍ତ୍ତୃ ତ)—୧ । ଢାଳି ପାଇଥିବା—
Skandita 1. Spilt. ୨ । ପତିତ—2. Fallen. ୩ । ସ୍ଖଳିତ—3. Slipped

ସ୍କନ୍ଦୋଳ—ସ. ବିଣ—ଶୀତଳ (ହି. ଶ)—Cold; cool. ସ. ବି—
Skandola ଶୀତଳତା—(ହି. ଶ)—Coldness.

ସ୍କନ୍ଧ—ସ. ବି (କ=ମସ୍ତକ, କଂ=ମସ୍ତକକୁ+ଧା, ଧାତୁ=ଧାରଣ
Skandha କରିବା+କର୍ତ୍ତୃ. ଅ, ନିପାତନ, କ ସ୍ଥାନରେ ସ୍କ; ଅନ୍ୟ ସ ନାମ—ଭୁଜଶିରଃ, ଯାହା ମସ୍ତକକୁ ଧାରଣ କରେ)—ଅଂସ, କାନ୍ଧ, ଦୋଃଶିରଃ । ୧ । କାନ୍ଧ; ଦେହର ତଳ—
1. Shoulder. ୨ । କାୟ; ଦେହ; ଗଣ୍ଡି; ମସ୍ତକଛଡ଼ା ଦେହର ଅନ୍ୟ ଅଂଶ—2. The trunk of the body . ୩ । ବୃକ୍ଷର ଗଣ୍ଡି; ତରୁର ମୂଳଠାରୁ ଶାଖା ବାହାରିବା ଅଂଶ ପର୍ଯ୍ୟନ୍ତ ଅଂଶ (ଶବ୍ଦ ରତ୍ନାବଳୀ); ବୃକ୍ଷର ଅନ୍ୟ ସ ନାମ—ପ୍ରକାଣ୍ଡ, କାଣ୍ଡ—3. The trunk of a
କାଣ୍ଡ, ଦଣ୍ଡ । tree; stem, ୪ । ନୃପତି (ମେଦିନୀ)—4. King; ୫ । ସେନାଧ୍ୟକ୍ଷ—5. Commander or general of an army. ୬ । ସମ୍ପରାୟ; ଯୁଦ୍ଧ (ମେଦିନୀ)—6. Battle, ୭ । ଦେହ

(ହେମଚନ୍ଦ୍ର)—7. Battle array. ୮ । ପଥ (ଶବ୍ଦ ରତ୍ନାବଳୀ)—8. Road; way. ୯ । ଛନ୍ଦୋବିଶେଷ (ମେଦିନୀ)—9. Name of a Sanscrit metre. ୧୦ । ଗ୍ରନ୍ଥ ପରିଚ୍ଛେଦ—10. Chapter of a book. [ଯଥା—ଭାଗବତର ୧୨ ସ୍କନ୍ଧ ।] ୧୧ । କକୁଦ; ଷଣ୍ଢର ଚୂଳ—11. The tuft of flesh on the shoulder of a bull. ୧୨ । ବୌଦ୍ଧମତରେ ଜ୍ଞାନର ପଞ୍ଚ ଅଂଶ—12. Five component parts of knowledge according to Buddhist philosophy.

[ଦ୍ର—ରୂପ ସ୍କନ୍ଧ—ବିଷୟ ପ୍ରପଞ୍ଚ,
ବେଦନା ସ୍କନ୍ଧ—ବିଷୟଜ୍ଞାନ ପ୍ରପଞ୍ଚ,
ବିଜ୍ଞାନ ସ୍କନ୍ଧ—ଅଳୟବିଜ୍ଞାନ ପ୍ରପଞ୍ଚ,
ସଂଜ୍ଞା ସ୍କନ୍ଧ—ନାମ ପ୍ରପଞ୍ଚ,
ସଂସ୍କାର ସ୍କନ୍ଧ—ବାସନା ପ୍ରପଞ୍ଚ ।

ବୌଦ୍ଧମାନେ ଏ ପାଞ୍ଚଗୋଟି ସ୍କନ୍ଧର ଅତିରିକ୍ତ ଆତ୍ମାର ପୃଥକ୍ ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ—ପ୍ର. ଅ ।]

୧୩ । ଅଭିଷେକ ସାମଗ୍ରୀ—13. Articles required for coronation. ୧୪ । ସେନା ବିଭାଗ—14. Division of an army. ୧୫ । କ୍ରୌଞ୍ଚବିଶେଷ—15. A kind of crane. ୧୬ । ବୁଦ୍ଧ—16. Buddha. ୧୭ । ସମୂହ—17. Multitude. ୧୮ । ଯୁକ୍ତି—18. Argument. ୧୯ । ନିର୍ଦ୍ଦିଷ୍ଟ କାର୍ଯ୍ୟ—19. Appointed work. ୨୦ । ବିଜ୍ଞ ପ୍ରାଚୀନ ମନୁଷ୍ୟ—20. A wise old man. ୨୧ । ପଣ୍ଡିତ—21. A learned man. ୨୨ । ଶିକ୍ଷକ—22. Teacher. ୨୩ । (ଦର୍ଶନ ଶାସ୍ତ୍ର) ପଞ୍ଚେନ୍ଦ୍ରିୟର ପଞ୍ଚ ବିଷୟ; ରୂପ ରସ ଗନ୍ଧ ଶବ୍ଦ ଓ ସ୍ପର୍ଶ—23. (Hindu philosophy) Objects of the five senses(namely,-shape taste, smell, sound and touch). ୨୪ । ଡାଳ; ଶାଖା (ପ୍ର. ଅ)—24. Branch. ୨୫ । ରାଜା (ପ୍ର. ଅ)—25. King. ୨୬ । ଯୁଦ୍ଧ (ପ୍ର. ଅ)—26. Battle. ୨୭ । ରାଜ୍ୟାଭିଷେକର ଉପଯୋଗୀ ବସ୍ତୁ (ଯଥା—ଜଳ, ଛତ୍ର) (ପ୍ର. ଅ)—27. Articles required for an installation. ୨୮ । ସନ୍ଧି; ରାଜିନାମା (ପ୍ର. ଅ)—28. Treaty; compromise. ୨୯ । କଙ୍କପକ୍ଷୀ; ଧଳା ଚିଲ (ପ୍ର. ଅ)—29. White kite. ୩୦ । ଆର୍ଯ୍ୟା ଛନ୍ଦର ଏକପ୍ରକାର (ପ୍ର. ଅ)—30. A class of Ārjyā metre.

ସ୍କନ୍ଧ ଚାପ—ସଂ. ବ (ଯାହା ସ୍କନ୍ଧକୁ ଚାପ ଦଏ; ବହୁବ୍ରୀହି)—ବାହଙ୍ଗୀ; Skandha chāpa ବଂଶାଦି ନିର୍ମିତ ଭିତ୍ୟାଧାର; ବାହୁଙ୍ଗୀ—A bamboo for carrying on the shoulders loads suspended at both ends.

ସ୍କନ୍ଧଜ—ସଂ. ବ (ସ୍କନ୍ଧ=ତରୁର ସ୍କନ୍ଧ ବା ଗଣ୍ଡିରୁ ଜାତ)—୧ । ଗନ୍ଧବିଡ଼; Skandhaja ଝୁଣା (ହେମଚନ୍ଦ୍ର)—1. Resin. ୨ । ବଟ ବା ବରଗଛ (ବୈଦ୍ୟକ)—2. The banyan tree.

ସ୍କନ୍ଧତରୁ—ସଂ. ବ—୧ । ନାରିକେଳ ବୃକ୍ଷ (ରାଜନିର୍ଘଣ୍ଟ)—Skandhataru 1. Cocoanut tree. ୨ । ଉଡ଼ୁମ୍ବର ବୃକ୍ଷ (ଶବ୍ଦଚନ୍ଦ୍ରିକା)—2. A sort of fig tree.

ସ୍କନ୍ଧ ଦେଶ(ପ୍ରଦେଶ)—ସଂ. ବ—୧। ଅଂସ; କାନ୍ଧ—1. Shoulder. Skandha deśa(pradeśa) ୨ । ହାତୀର କାନ୍ଧ (ଯେଉଁଠାରେ ମାହୁନ୍ତ ବସେ), ବଳଦ ଅଦିଙ୍କ କାନ୍ଧ (ଯେଉଁଠାରେ ଜୁଆଳି ରହେ)—2. The shoulder of an elephant or bullock.

ସ୍କନ୍ଧ ପରିନିର୍ବାଣ—ସଂ. ବ—ବୌଦ୍ଧମାନଙ୍କ ମତରେ ଶରୀରର ୫ ଗୋଟି Skandha parinirbāṇa ସ୍କନ୍ଧ (ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ)ର ନାଶ); ମୃତ୍ୟୁ (ପ୍ର. ଅ)—Death.

ସ୍କନ୍ଧ ପୀଠ—ସଂ. ବ (୬ଷ୍ଠୀ ତତ୍)—କାନ୍ଧର ହାଡ଼ (ପ୍ର. ଅ)—Skandha piṭha Shoulder blade; shoulder bone.

ସ୍କନ୍ଧଫଳ—ସଂ. ବ (ବହୁବ୍ରୀହି; ସ୍କନ୍ଧରେ ଫଳ ଫଳେ ଯାହାର)—Skandhaphala ୧ । ନାରିକେଳ ବୃକ୍ଷ—1. Cocoanut tree. ୨ । ଉଡ଼ୁମ୍ବର ବୃକ୍ଷ (ପ୍ର. ଅ)—2. Fig tree.

ସ୍କନ୍ଧଫଳା—ସଂ. ବ—ଖଜୁରୀ; ଖର୍ଜୁର—Skandhaphalā Date palm.

ସ୍କନ୍ଧବନ୍ଧନା—ସଂ. ବ—ମଧୁରିକା (ଶବ୍ଦଚନ୍ଦ୍ରିକା); ପାନମହୁରି—Skandhabandanā Aniseed.

ସ୍କନ୍ଧବାହ—ସଂ. ବ (ସ୍କନ୍ଧ+ବହ୍ ଧାତୁ+କର୍ତ୍ତୃ. ଅ; ଅଚ)—Skandhabāha ସ୍କନ୍ଧଦ୍ୱାରା ଶକଟାଦି ବହନକାରୀ ବଳଦ—Cart-bullock. ଅନ୍ୟ ସଂ—ସ୍କନ୍ଧିକ, ଶକ୍ଟ, ଶୃଙ୍ଗୀ, ଗୌରକ୍ଷ, ଦୃଷ୍ଟିଳ । ବିଣ—ଭାରବହନକାରୀ—Carrying load on the shoulder. [ସ୍କନ୍ଧବାହକ—ଅନ୍ୟରୂପ]

ସ୍କନ୍ଧମଲ୍ଲକ—ସଂ. ବ—କଙ୍କପକ୍ଷୀ (ହେମଚନ୍ଦ୍ର)—Skandhamallaka Heron.

ସ୍କନ୍ଧରୁହ—ସଂ. ବ (ସ୍କନ୍ଧ+ରୁହ୍ ଧାତୁ+କର୍ତ୍ତୃ. ଅ)—ବଟବୃକ୍ଷ (ରାଜନିର୍ଘଣ୍ଟ)—Skandharuha Banyan rree.

ସ୍କନ୍ଧ ଶାଖା—ସଂ. ବ (ସ୍କନ୍ଧରୁ ଜାତ ଶାଖା)—ବୃକ୍ଷର ପ୍ରଧାନ ଶାଖା Skandha śākhā [ଅମର]—The main branch of a tree. (ଅନ୍ୟ ସଂ. ନାମ—ଶାଳା)

ସ୍କନ୍ଧ ଶୃଙ୍ଗ—ସଂ. ବ (ସ୍କନ୍ଧ ଅବଧି ବାଗେଇ ଥାଏ ଶୃଙ୍ଗ ଯାହାର)—Skandha śrunga ମହିଷ [ଶବ୍ଦକଳ୍ପଦ୍ରୁମ]—Buffalo.

ସ୍କନ୍ଧା—ସଂ. ବ (ସ୍କନ୍ଧ+ଆ)—୧ । ଶାଖା; ଡାଳ [ଶବ୍ଦକଳ୍ପଦ୍ରୁମ]—Skandhā 1. Branch. ୨ । ଲତା [ଶବ୍ଦକଳ୍ପଦ୍ରୁମ]—2. Creeper.

ସ୍କନ୍ଧାଗ୍ନି—ସଂ. ବ—ବଡ଼ କାଠଗଣ୍ଡିଦ୍ୱାରା ଜାତ ଅଗ୍ନି [କ୍ରିୟାବିଶେଷ]—
Skandhāgni Fire of big logs of wood.
(ସ୍କନ୍ଧାନଳ—ଅନ୍ୟରୂପ

ସ୍କନ୍ଧାବାର—ସଂ. ବ (ସ୍କନ୍ଧ=ରାଜା, ସୈନ୍ୟ+ଆ+ବୃ ଧାତୁ+କର୍ତ୍ତୃ. ଅ,
Skandhābāra ଯାହା ରାଜାଙ୍କୁ ବା ସୈନ୍ୟଙ୍କୁ ଆବରଣ ବା ରକ୍ଷା କରେ)—୧ । ସେନା; ସୈନ୍ୟ—1. Army. ୨ । ରାଜଧାନୀ—2. Capital of a king. ୩ । କଟକ; ନଗର—3. City; town. ୪ । ଶିବିର; ସେନା-ଛାଉଣି—4. Cantonment. ୫ । ରାଜାଙ୍କ ଶିବିର (ହ. ଶ)—5, The camp of a king.

ସ୍କନ୍ଧିକ—ସଂ. ବ (ସ୍କନ୍ଧ+ଇକ)—୧ । ସ୍କନ୍ଧବାହକ; ଶଗଡ଼ିଆ ବଳଦ—
Skandhika 1. Cart-bullock. ୨ । ବଳଦ; ବୃଷ (ହ. ଶ) —2, Bullock; bull.

ସ୍କନ୍ଧୀ—ସଂ. ବଣ, ପୁଂ(ସ୍କନ୍ଧ+ଇନ୍; ୧ମା. ୧ବ)—ସ୍କନ୍ଧଯୁକ୍ତ—Having
Skandhī shoulder. ବ—ବୃକ୍ଷ (ଶବ୍ଦମାଳା)—(ସ୍କନ୍ଧିନ୍.ସ୍ତ୍ରୀ. ବଣ) Tree,

ସ୍କନ୍ଧେମୁଖ—ସଂ. ବଣ. ପୁଂ (ବହୁବ୍ରୀହି, ଅଲୁକ୍)—କାନ୍ଧ ଉପରେ ଯାହାର
Skandhemukha ମୁଖ ଅବସ୍ଥିତ (ହ. ଶ)—Having the
(ସ୍କନ୍ଧେମୁଖା—ସ୍ତ୍ରୀ) face fixed to the shoulders.
ସଂ. ବ—ସ୍କନ୍ଦଙ୍କ ଅନୁଚରବିଶେଷ (ହ. ଶ)—
Name of an attendant of Skanda.

ସ୍କନ୍ଧ୍ୟ—ସଂ. ବଣ [ସ୍କନ୍ଧ+ଯ]—୧ । ସ୍କନ୍ଧ ସମ୍ବନ୍ଧୀୟ—1. Relating
Skandhya to the shoulders. ୨ । ସ୍କନ୍ଧର ସମାନ [ହ. ଶ]—2. Equal to or as high as the shoulders.

ସ୍କନ୍ନ—ସଂ. ବଣ (ସ୍କନ୍ଦ ବା ସ୍କନ୍ଦ୍. ଧାତୁ+କର୍ତ୍ତୃ. ତ)—୧ । ସ୍ଖଳିତ; ଚ୍ୟୁତ
Skanna [ଅମର]—1. Separated; fallen. ୨ । ଗତ (ଶବ୍ଦ କଳ୍ପଦ୍ରୁମ)—2, Gone. ୩ । ଶୁଷ୍କ [ଶବ୍ଦ କଳ୍ପଦ୍ରୁମ]—3. Dry. ୪ । କ୍ଷରିତ—4. Oozing,

ସ୍କବ୍ଧ—ସଂ. ବଣ [ସ୍କମ୍ଭ. ଧାତୁ+କର୍ମ, ତ]—୧ । ଟେକାଯାଇଥିବା—
Skabdha 1. Supported; propped (Apte) ୨ । ରୁଦ୍ଧ; ସ୍ଥଗିତ—2. Stopped (Apte).

ସ୍କଭ(ମ୍ଭ) [ଧାତୁ]—ସଂ—୧ । ସ୍ତମ୍ଭନ କରିବା—1. To stop. ୨ ।
Skabh(mbh) [root] ରୁଦ୍ଧ କରିବା—2. To restrain. ୩ । ସର୍ଜନ କରିବା—3. To create (Apte). ୪ । ବାଧା ଦେବା—4. To hinder; to obstruct; to impede (Apte). ୫ । ଟେକି ଧରିବା—5. To prop up; to support [Apte].

ସ୍କଭନ—ସଂ. ବ (ସ୍କୁ. ଧାତୁ+କରଣ, ଅନ)—ଶବ୍ଦ [ହ. ଶ]
Skabhana Sound.

ସ୍କମ୍ଭ—ସଂ. ବ [(ସ୍କମ୍ଭ, ଧାତୁ+କର୍ତ୍ତୃ. ଅ)—୧ । ସ୍ତମ୍ଭ; ଖମ୍ବ—
Skambha 1, Pillar, ୨ । ଠେକ—2, Support; prop; stay; fulcrum [Apte]. ୩ । ପରମେଶ୍ୱର—3. The Supreme Being [Apte].

ସ୍କମ୍ଭନ—ସଂ. ବ [ସ୍କମ୍ଭ. ଧାତୁ+ଭାବ, ଅନ]—୧ । ଟେକି ଧରିବ
Skambhana କର୍ମ—1. The act of supporting [Apte] ୨ । [+କର୍ତ୍ତୃ. ଅନ] ଠେକ—2. Prop; support [Apte].

ସ୍କମ୍ଭସର୍ଜନୀ—ସଂ. ବ—ବାଡ଼ୁଲ; ବଳଦଗାଡ଼ିର ଯୁଆଳିର ଦୁଇ ମୁଣ୍ଡରେ
Skambhasarjanī ଥିବା ଯେଉଁ ଖିଲା ବା ଖୁଣ୍ଟି ଯୋଗୁଁ ବଳଦଙ୍କ କାନ୍ଧ ଏଣେତେଣେ ଘୁଞ୍ଚିଯାଏ ନାହିଁ [ହ. ଶ]—
Pins attached to the ends of the yoke of a bullock cart to keep the shoulders of the bullocks fixed to their places.

ସ୍କଲ[ଲା]ର୍‌ଶିପ୍——ବୈଦେ, ବ [ଇଂ]—ଛାତ୍ରବୃତ୍ତି; ପରୀକ୍ଷାରେ
Skala[lā]r-sip ଯାଉବର୍ଣ୍ଣ ଛାତ୍ରଙ୍କ ଉତ୍ତୀର୍ଣ୍ଣ ହେବା ଛାତ୍ରକୁ ଉଚ୍ଚତର
स्कलर्‌शीप ଶିକ୍ଷା କରିବା ପାଇଁ ଅର୍ଥ ସାହାଯ୍ୟସ୍ୱରୂପ ନିର୍ଦ୍ଦିଷ୍ଟ କାଳ ନିମନ୍ତେ ଦିଆଯିବା ବୃତ୍ତି—Scholarship; a stipend granted to a passed student for prosecuting higher studies.

ସ୍କାଇ—ବୈଦେ, ବ [ନେର୍‌ୱାଜ୍‌ଦେଶୀୟ ଭାଷା—ସ୍କାଇ ବା ସ୍କି]—ବରଫ
Skāi ଉପରେ ଗୋଡ଼କୁ ଘଷାଇ ଘଷାଇ ଗତି କରିବା ନିମନ୍ତେ
[ସ୍କି—ଅନ୍ୟରୂପ] ବ୍ୟବହୃତ ଏକପ୍ରକାର ଦୀର୍ଘ ଯୋତା—
স্কাই स्काइ Ski; Scandinavian snow shoe.
[ଦ୍ର—ଅନ୍ୟ ଦେଶରେ ମଧ୍ୟ ସ୍ତ୍ରୀପୁରୁଷମାନେ ବ୍ୟାୟାମ ବା କ୍ରୀଡ଼ା ପାଇଁ ଏ ଯୋତା ଗୋଡ଼ରେ ଲଗାଇ ବରଫ ଉପରେ ଗୋଡ଼ ଘଷାଇ ଘଷାଇ ଗତି କରୁଅଛନ୍ତି ।]

ସ୍କାଇ ଲାଇଟ୍—ବୈଦେ, ବ (ଇଂ)—କୋଠାଘରର ଛାତରେ ବା ଛାତ
Skāi lāit୍ ପାଖରେ ଲଗିଥିବା କାଚର ଝରକା, ଯେଉଁ ବାଟେ
स्काइ लाइट् স্কাই লাইট ଘର ଭିତରକୁ ଆକାଶରୁ ଆଲୁଅ ପଡ଼େ—Skylight.

ସ୍କାଉଟ୍—ବୈଦେ. ବ (ଇଂ)—୧ । ବାଳଚର—1. Scout. ୨ । ବଏ
Skāut ସ୍କାଉଟ୍ (ଦେଖ)—2. Bæskāut (See)
स्काउट् স্কাউট

ସ୍କାଉଟ୍ ମାଷ୍ଟର୍—ବୈଦେ. ବ (ଇଂ)—ବାଳଚରମାନଙ୍କ ସର୍ଦ୍ଦାର ବା ବଡ଼
Skāut māstar ଗୁରୁ—Scout master.
स्काउट् मास्टर् স্কাউট মাষ্টর

ସ୍କାଉଟ୍ ରାଲି—ବୈଦେ. ବ(ଇଂ)—ବାଳଚରମାନଙ୍କ ସମ୍ମେଳନ—
Skāut rāli Scout rally.
स्काउट् राली স্কাউট রালী

ସ୍କାଣ୍ଡିନେଭିଆ—ବୈଦେ. ବ—ନରୱେ ଓ ସ୍ୱିଡେନ୍ ସମ୍ମିଳିତ ଉପଦ୍ୱୀପ—
Skāndinebhiā Scandinavia.
स्काण्डिनेभिआ স্কাণ্ডীনেভিয়া

ସ୍କାନ୍ଦ—ସଂ. ବ (ସ୍କନ୍ଦ+ଅ)—ସ୍କନ୍ଦପୁରାଣ (ଦେଖ)—Skanda-
Skānda purāna (See) ସଂ. ବଣ—୧ । ସ୍କନ୍ଦ ସମ୍ବନ୍ଧୀୟ—
[ସ୍କାନ୍ଦୀ—ସ୍ତ୍ରୀ. ବଣ] 1. Relating to Skanda. ୨ । ଶିବ ସମ୍ବନ୍ଧୀୟ—2. Relating to Siba. (Apte)

ସ୍କିମ୍—ବୈଦେ· ବ (ଇଂ)—କୌଣସି କାର୍ଯ୍ୟ ଅଗ୍ରୁ ପୂର୍ବରୁ କଳ୍ପିତ ବା
Skim স্কীম स्कीम ସୂଚିତ କର୍ଦ୍ଦଶ୍ୟ—Scheme·

ସ୍କୁ (ଧାତୁ)—ସଂ—୧ । ଉଦ୍ଧୃତ କରିବା—1. To take out. ୨ । ଅପ୍ଲାବନ କରିବା—2. To inundate· ୩ । କୁଦିକୁଦି ଯିବା; ଡେଇଁବା—3. To go by jumps; to leap; to bound (Apte). ୪ ଉତ୍ତୋଳନ କରିବା—4. To raise; to lift (Apte). ୫ । ଘୋଡ଼ାଇ ପକାଇବା—5. To cover; to over-spread (Apte).
Sku (root)

ସ୍କୁଦ(ନ୍ଦ) (ଧାତୁ)—ସଂ—୧ । ଅପ୍ଲାବନ କରିବା—1. To inundate. ୨ । କୁଦିବା; ଡେଇଁବା—2. To leap; to jump; to spring up· ୩ । ଡେଇଁ ଗୁଳିବା—3· To frisk. ୪ । ଉତ୍ତୋଳନ କରିବା—4. To raise; to lift(Apte).
Skud(nd) (root)

ସ୍କୁନ୍ଭ୍ (ଧାତୁ)—ସ—ରୋଧନ କରିବା—To restrain; to stop; to hinder. (Apte)
Skun-bh root
(ସ୍କୁମ୍ଭ ଧାତୁ—ଅନ୍ୟରୂପ)

ସ୍କୁପ୍—ବୈଦେ· ବ (ଇଂ-ସ୍କୁ)—ପେଚ କଣ୍ଟା—
Skup স্ক্রুপ, ইস্ক্রুপ स्क्रूप Screw.

ସ୍କୁଲ୍—ବୈଦେ· ବ(ଇଂ)—(ଆଧୁନିକ ଶୃଙ୍ଖଳରେ ଚଳିତ) ବିଦ୍ୟାଳୟ—
Skul School (conducted on modern
ইস্কুল स्कूल lines) [ଦ୍ର—ଏହି ଶବ୍ଦକୁ ସାଧାରଣତଃ 'ଇସ୍କୁଲ' ବୋଲି ଉଚ୍ଚାରଣ କରାଯାଏ । ଏହି ଇଂରାଜୀ ଶବ୍ଦ ସଙ୍ଗେ ସଂଯୁକ୍ତ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଆମ ଭାଷାରେ ବ୍ୟବହୃତ ହେଲଣି; ଯଥା—

ଇଣ୍ଡିଷ୍ଟ୍ରିଅଲ୍ ସ୍କୁଲ୍, ସର୍ଭେ ସ୍କୁଲ, ମେଡ଼ିକାଲ ସ୍କୁଲ୍, ମାଇନର୍ ବା ମିଡ଼ିଲ୍ ଇଙ୍ଗ୍ଲିଶ ସ୍କୁଲ୍, ବର୍ଣ୍ଣାକ୍ୟୁଲର୍ ସ୍କୁଲ୍, ପ୍ରାଇମେରୀ ସ୍କୁଲ୍, ଅପର୍ (ଉଚ୍ଚ) ପ୍ରାଇମେରୀ ସ୍କୁଲ୍, ଲୋଅର୍ (ନିମ୍ନ) ପ୍ରାଇମେରୀ ସ୍କୁଲ୍, ଗା(ଗୋ)ର୍ଲ ସ୍କୁଲ୍, ଟ୍ରେନିଂ ସ୍କୁଲ୍, ସେକେଣ୍ଡାରୀ ସ୍କୁଲ, ହାଇ ସ୍କୁଲ୍, ନର୍ମାଲ୍ ସ୍କୁଲ, ଆର୍ଟ୍ ସ୍କୁଲ୍, ମଡେଲ୍ ସ୍କୁଲ୍, ଟେକ୍ନିକାଲ୍ ସ୍କୁଲ୍ ।

ଏପରି ଇଂରାଜୀ ଶବ୍ଦ ମାନଙ୍କର କେତେକ ଅକ୍ଷର ସାଙ୍କେତିକରୂପମାନ ମଧ୍ୟ ଚଳେ । ଯଥା—

ଏଚ୍. ଇ· ସ୍କୁଲ୍—ହାଇ ଇଙ୍ଗ୍ଲିଶ୍ ସ୍କୁଲ୍

ଲ. ପ୍ରା· ସ୍କୁଲ୍—ନିମ୍ନ ପ୍ରାଇମେରୀ ସ୍କୁଲ୍ ।

ଏଲ୍. ପି ବା ଲୋ· ପ୍ରା. ସ୍କୁଲ୍—ଲୋଅର ପ୍ରାଇମେରୀ ସ୍କୁଲ୍ ।

ୟୁ. ପି. ବା ଉ. ପ୍ରା. ସ୍କୁଲ—ଅପର ପ୍ରାଇମେରୀ ବା ଉଚ୍ଚ ପ୍ରାଇମେରୀ ସ୍କୁଲ ।

ଏମ୍.ଇ· ବା ମି.ଇ. ସ୍କୁଲ୍—ମିଡ଼ିଲ୍ ଇଙ୍ଗ୍ଲିଶ୍ ସ୍କୁଲ୍ ।

ସ୍କୁଲ୍ ଶବ୍ଦ ପରେ ମଧ୍ୟ ଇଂରାଜୀ ଶବ୍ଦମାନ ଲାଗେ । ଯଥା—ସ୍କୁଲ୍ ବୁକ୍, ସ୍କୁଲ୍ ମାଷ୍ଟର୍ ଇତ୍ୟାଦି ।]

ସ୍କୁଲ (ଇତ୍ୟାଦି)—ଶ୍କୁଲ୍ ଇତ୍ୟାଦ (ଦେଖ)
Skul (etc) Shkul etc (See)

ସ୍କୁଲ୍ ଇନ୍ସପେକ୍ଟର୍—ବୈଦେ. ବ (ଇଂ)—ବିଦ୍ୟାଳୟ ପରିଦର୍ଶକ
Skul inspektar ପ୍ରଧାନ କର୍ମଚାରୀ—Inspector of
স্কুলইন্সপেক্টার schools· [ଦ୍ର—ଏହିପରି ସ୍କୁଲ୍ ସବ୍‌ଇନ୍ସପେକ୍ଟର୍,
स्कूल इन्सपेक्टर ସ୍କୁଲ ଡେପୁଟି ଇନ୍ସପେକ୍ଟର୍, ସ୍କୁଲ ମେଡ଼ିକାଲ, ଅଫିସର୍ ଇତ୍ୟାଦି ହୁଏ ।]

ସ୍କୁଲ୍ ଫାଇନାଲ୍—ବୈଦେ. ବ (ଇଂ, ସ୍କୁଲ୍ ଫାଇନାଲ୍ ଏକ୍ଜାମିନେ-
Skul phāināl ସନ୍)—ଯେଉଁ ଛାତ୍ର ପାଶ୍ କରି କଲେଜରେ
স্কুল ফাইনাল ପଢ଼ିବାକୁ ଇଚ୍ଛୁକ ନ ଥାନ୍ତି ସେମାନଙ୍କ ପାଇଁ
स्कूलफ़ाइनाल ଉଦ୍ଦିଷ୍ଟ ମାଟ୍ରିକୁଲେସନ୍ ପରୀକ୍ଷା—
The School-final examination.

ସ୍କୁଲ୍ ବୁକ୍—ବୈଦେ. ବ (ଇଂ)—ବିଦ୍ୟାଳୟର ପାଠ୍ୟ ପୁସ୍ତକ—
Skul buk Text book.
স্কুলবুক स्कूलबुक

ସ୍କୁଲ୍ ବୁକ୍ କମିଟି—ବୈଦେ· ବ (ଇଂ)—ପାଠ୍ୟପୁସ୍ତକ ନିର୍ବାଚକ ସମିତି—
Skul buk kamiṭi School-book Committee.
স্কুলবুক কমীটি स्कूलबुककमीटी

ସ୍କୁଲ୍ ବୁକ ସୋସାଇଟି—ବୈଦେ. ବ (ଇଂ)—ସ୍କୁଲମାନଙ୍କର
Skul buk sosāiṭi ପାଠ୍ୟପୁସ୍ତକମାନ ପ୍ରକାଶ କରିବା ପାଇଁ
স্কুলবুক্ সোসাইটি ପ୍ରତିଷ୍ଠିତ ସଂଘ—
स्कूलबुक सोसाइटी School book Society.

ସ୍କୁଲ୍ ଲିଭିଙ୍ଗ୍ ସାର୍ଟିଫିକେଟ୍—ବୈଦେ· ବ—(ଇଂ)—ସ୍କୁଲର
Skul libhiṅg sārṭiphiket ଉଚ୍ଚତମ ଶ୍ରେଣୀ ପର୍ଯ୍ୟନ୍ତ
স্কুল লীভীঙ্ সার্টিফীকেট ପଢ଼ି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ
स्कूललिभिंग सार्टीफिकेट ହୋଇ ଛାତ୍ର ସ୍କୁଲ ତ୍ୟାଗ କରିବା-
କାଳରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତଛାତ୍ରକୁ ପ୍ରଦତ୍ତ ସାର୍ଟିଫିକେଟ୍—
School-leaving certificate.

ସ୍କ୍ରୁ(ସ୍କ୍ରୁ)—ବୈଦେ. ବ (ଇଂ)—ପେଚକଣ୍ଟା—
Skru(skru) Screw.
স্ক্রু स्क्रू
(ସ୍କ୍ରୁ—ଅନ୍ୟରୂପ)

ସ୍କ୍ରୁ(ସ୍କ୍ରୁ)ଡ୍ରାଇଭର୍—ବୈଦେ. ବ. (ଇଂ)—ପେଚକସ; ପେଚକଣ୍ଟାକୁ
Skru(skru)drāibhar କାଢ଼ିବା ଓ ବସାଇବା ପାଇଁ
স্ক্রু ড্রাইভার स्क्रू ड्राईभार ବ୍ୟବହୃତ ଯନ୍ତ୍ର—
Screw driver.

ସ୍କେଟ୍—ବୈଦେ· ବ (ଇଂ)—ବରଫ ଉପରେ ଶୀଘ୍ରଗତିରେ ଚଳିବା
Sket ପାଇଁ ତଳପା ଲମ୍ବା ବଗ୍ ପାଦଥିବା
স্কেট स्केट ଏକପ୍ରକାର କାଠର ଜୋତା—
A skate

ସ୍କେଟିଙ୍—ବୈଦେ. ବ (ଇଂ)—ବରଫ ଉପରେ ସ୍କେଟ୍ ମାଡ଼ି Sketing ଚଳିବା—Skating. ବିଣ. ଯାହା स्केटिङ्ग स्केटिंग ଖାହାପାଇଁରେ ସ୍କେଟିଙ୍ କରଯାଏ—Useful or used in skating. (ଯଥା—ସ୍କେଟିଙ୍ ଜୋତା)

ସ୍କେଲ୍—ବୈଦେ. ବ (ଇଂ)—୧ । ବଡ଼ ଜେତ୍ର ଅବକୁ ନକ୍ସାରେ Skel ଦେଖାଇବା ପାଇଁ ବ୍ୟବହୃତ ଅନୁପାତିକ ପରିମାଣ— स्केल स्केल 1. Scale. ୨ । ଯେଉଁ ଧନ ଉପ ପରିମାଣ ଓ ଅଙ୍କଚିହ୍ନିତ ଫଳକ (ପଟ) ଦ୍ୱାରା ନକ୍ସାରେ ଥିବା କ୍ଷେତ୍ରକୁ ମାପ କରି ଭୂମିରେ ମିଳାଇବାକୁ ହୁଏ, କିଂବା ଭୂମିର ମାପକୁ ନକ୍ସାରେ ମିଳାଇବାକୁ ହୁଏ—2. A scale or protractor; a surveyor's scale. ୩ । କ୍ରମପରିବର୍ତ୍ତନ; କମୋଛ ବା କ୍ରମନିମ୍ନ ରେଟ୍—3. Scale; rate.

ସ୍କୋଟିକା—ସଂ. ବ—ପକ୍ଷୀବିଶେଷ (ଭିନ୍ନଦେଶୀୟ); ଶଙ୍ଖଚିଲ ପକ୍ଷୀ—Skotika Name of a bird; the blue jay.

ସ୍କ୍ୱାୟାର—ବୈଦେ. ବ (ଇଂ. ସ୍କ୍ୱାୟାର୍; ଏ ସ୍କ୍ୱାୟାର)—୧ । Skwāyar ପୂର୍ବକାଳରେ ଇଂଲଣ୍ଡର ନାଇଟ୍‌ମାନଙ୍କ ସହଚର— स्क्वायार स्क्वायार 1. Squire. ୨ । ବର୍ତ୍ତମାନ ଭଦ୍ରଲୋକ ଓ ସାହେବମାନଙ୍କ ନାମ ପରେ ଲଗିବା ଉପାଧି—2. Esquire. [ଦ୍ର—ଏଥିର ସାଙ୍କେତିକ Esq. ସାହେବ ବା ସାହେବୀ ଭଦ୍ରଲୋକଙ୍କ ନାମ ପୂର୍ବେ ମିଷ୍ଟର୍ (Mr) ଲଗେ, କିଂବା ପରେ ସ୍କ୍ୱାୟାର୍ (Esq) ଯୁକ୍ତ ହୁଏ ।]

ସ୍ଖଦ୍(ଧାତୁ)—ସ—୧ । ବିଦାରଣ କରିବା—1. To pierce Skhad(root) to split. ୨ । ହିଂସା କରିବା—2. To assault; to beat; to kill. ୩ । ଅତ୍ୟାଚାର କରିବା—3. To oppress

ସ୍ଖଦନ—ସ. ବ (ସ୍ଖଦ୍ ଧାତୁ+ଭାବ ଅନ)—୧ । ବିଦାରଣ; ଫାଡ଼ିବା Skhadana ଚିରିବା—1. Piercing; splitting; tearing. ୨ । ସ୍ଥୈର୍ଯ୍ୟ—2. Calmness. ୩ । ଖାଟନ—3. Cleaving. ୪ । ହିଂସନ—4. Killing; hurting. ୫ । କଷ୍ଟଦେବା; ଉତ୍ପୀଡ଼ନ—5. Giving pain; oppressing.

ସ୍ଖଲ(ଧାତୁ)—ସ—୧ । ଚଳିତ ହେବା—1. To move. ୨ । Skhala(root) ସ୍ଥାନଚ୍ୟୁତ ହେବା—2. To move from one's position. ୩ । ପଡ଼ିବା; ଖସିପଡ଼ିବା—3. To fall down; to slip; to stumble.

ସ୍ଖଲନ—ସ. ବ (ସ୍ଖଲ୍ ଧାତୁ+ଭାବ ଅନ)—୧ । ବିଚ୍ୟୁତି; ପତନ—Skhalana 1. Falling down. ୨ । ଗୋଡ଼ ଖସି ପଡ଼ିବା (ସ୍ଖଳିତ—ବିଣ) —2. Slipping. ୩ । ସ୍ୱସ୍ଥାନଚ୍ୟୁତି—3. Loss of one's own position; removal from a place. ୪ । ଝୁଣ୍ଟି କରି ପଡ଼ିଯିବା—4. Falling down by slipping; stumbling; tripping. ୫ । ଧକ୍କା—5. Push; concussion. ୬ । ନିୟମ ଲଙ୍ଘନ—6. Transgression of rules. ୭ । ପ୍ରତିଘାତ—7. Counter-stroke. ୮ । ମୋଚନ—8. Emission. ୯ । ବାର୍ଦ୍ଧକ୍ୟ, ରୋଗ ବା ଭ୍ରମବଶତଃ ବାକ୍ୟର ଅର୍ଦ୍ଧ ବା ଭ୍ରାନ୍ତ ଉଚ୍ଚାରଣ; ତୋତଲାଇବା—9. Slip of the tongue; stammering (due to old age or disease). ୧୦ । ବିକୃତି—10. Alteration. ୧୧ । ବିଫଳ ହେବା—11. Becoming futile; frustration. ୧୨ । ଭ୍ରାନ୍ତି—12. Mistake; delusion. ୧୩ । ବିରୁଦ୍ଧାଚରଣ—13. Acting in opposition. ୧୪ । ନ୍ୟାୟପଥରୁ, ଧର୍ମରୁ ବା ନୀତିମାର୍ଗରୁ ଚ୍ୟୁତି—14. Transgression from the path of justice or morality. ୧୫ । ଅଙ୍ଗୀକୃତ ବ୍ରତାଦିର ଭଙ୍ଗ—15. Infringement of the penance or austerity undertaken by a person.

ସ୍ଖଳିତ—ସ. ବିଣ (ସ୍ଖଲ୍ ଧାତୁ+କର୍ତ୍ତୃ. କ୍ତ)—୧ । ପତିତ—1. Fallen Skhalita down. ୨ । ମୁକ୍ତ; ଚ୍ୟୁତ—2. Emitted. ୩ । ଗୋଡ଼ ଖସିଯାଇ ପଡ଼ିଯାଇଥିବା—3. Slipped. ୪ । ସ୍ଥାନଚ୍ୟୁତ; ଚଳିତ—4. Displaced; removed form one's place. ୫ । ବିଫଳୀଭୂତ—5. Frustrated; become futile. ୬ । ପ୍ରତିହତ—6. Counter-struck. ୭ । ଅର୍ଦ୍ଧୋଚ୍ଚାରିତ—7. Half-uttered. ୮ । ଝୁଣ୍ଟି କରି ପଡ଼ିଯାଇଥିବା—8. Stumbled; tripped. ବ—(+ଭାବ. କ୍ତ)—୧ । କୂଟଯୁଦ୍ଧାଦିଦ୍ୱାରା ଯୁଦ୍ଧମର୍ଯ୍ୟାଦାରୁ ସ୍ଖଳନ; ଛଳ (ମେଦିନୀ)—2. Transgression from the rules of fair fight. ୨ । ସ୍ଖଳନ—2. Slipping. ୩ । ପତନ—3. Fall. ୪ । ଭୁଲ; ଭ୍ରାନ୍ତି—4. Error. ୫ । ଉଚ୍ଚାରଣରେ ଭ୍ରାନ୍ତି—5. Slip of the tongue.

ସ୍ଖଳିତ ବଚନ—ସ. ବ—(କର୍ମଧା) ଅର୍ଦ୍ଧୋଚ୍ଚାରିତ ବାକ୍ୟ—Half Skhalita bachana uttered or stammered words. (ସ୍ଖଳିତବଚନା—ସ୍ତ୍ରୀବିଣ.) ବି.ବିଣ.ପୁଂ—ଶନା—Stammering.

ଷ୍ଟକ୍ (ଇତ୍ୟାଦି)—ବୈଦେ. ବ (ଇଂ)—ଷ୍ଟକ୍ ଇତ୍ୟାଦି (ଦେଖ) Stak (etc) ष्टक् स्टाक् Shtak etc (See) [ଦ୍ର—ସ୍ଟ, ସ୍ଟା, ସ୍ଟି, ସ୍ଟୁ, ସ୍ଟେ, ସ୍ଟୋ, ସ୍ଟ ଅଦ୍ୟାକ୍ଷର ଯୁକ୍ତ ଶବ୍ଦମାନଙ୍କ ପାଇଁ ଏ ଭାଷାକୋଷରେ ଷ୍ଟ, ଷ୍ଟା, ଷ୍ଟି, ଷ୍ଟୁ, ଷ୍ଟେ, ଷ୍ଟୋ, ଷ୍ଟ ଅଦ୍ୟାକ୍ଷର ଯୁକ୍ତ ଶବ୍ଦମାନ ଦେଖ ।]

ଷ୍ଟଲ୍—ବୈଦେ. ବ (ଇଂ)—୧ । ଘୋଡ଼ାମାନଙ୍କ ରହିବାର ଘର—Stal 1. Stall. ୨ । ପଣ୍ୟଦ୍ରବ୍ୟ ରଖିବାର ଛୋଟ ଘର—2. A ष्टल् स्टाल stall for keeping merchandise etc.

ଷ୍ଟିଚିଙ୍ଗ୍ ମେସିନ୍—ବୈଦେ. ବ (ଇଂ)—ଲୁଗା ତାର ଦ୍ୱାରା ବହୁ Stiching mesin ଶିଲାଇ କରିବା କଳ—Stitching ଷ୍ଟିଚିଙ୍ଗ୍ ମେସୀନ୍ स्टिचिं मेंसीन machine.

ଷ୍ଟେଜ୍—ବୈଦେ. ବ (ଇଂ)—୧ । ନାଟ୍ୟଶାଳାର ବା ଥିଏଟରର ବା Stej ସର୍ବସର ରଙ୍ଗମଞ୍ଚ—1. Theatrical or other ଷ୍ଟେଜ୍ स्टेज stage. ୨ । ବକ୍ତୃତା ଅଦ କରିବାର ମଞ୍ଚ—2. A stage for lecturing. ୩ । (ପୂର୍ବକାଳୀନ) ଭାଡ଼ା ଘୋଡ଼ାଗାଡ଼ି ଅଦର ମଞ୍ଜିଲ୍—3. The stage for conveyance of passengers in old times.

ଷ୍ଟେଜ୍ କୋଚ୍—ବୈଦେ. ବ (ଇଂ)—ମଟର୍ ବା ରେଳ ଅଦର ପ୍ରଚଳନ Stej koch ପୂର୍ବେ ମନୁଷ୍ୟ ଅଦଙ୍କୁ ମଞ୍ଜିଲ୍‌ଦ୍ୱାରା ବହନ କରୁଥିବା ଷ୍ଟେଜ୍ କୋଚ स्टेज कोच ଘୋଡ଼ାଗାଡ଼ି—Stage coach.

ଷ୍ଟେଜ୍ ମା (ମ୍ୟା, ମେ) ନେଜର୍—ବୈଦେ. ବ (ଇଂ)—ରଙ୍ଗମଞ୍ଚର Stej mā(myā, me)nejar ବ୍ୟବସ୍ଥାପକ—Stage ଷ୍ଟେଜ୍ ମ୍ୟାନେଜାର स्टेज मेनेजर manager.

ଷ୍ଟେଜିଙ୍ଗ୍ ବଙ୍ଗଳା(ଲୋ)—ବୈଦେ. ବ (ଇଂ)—ରେଳ, ମଟର୍ ଅଦର Stejing bangalā(lo) ପ୍ରଚଳନ ପୂର୍ବେ ମଞ୍ଜିଲ୍‌ଦ୍ୱାରା ବାହକ ଷ୍ଟେଜିଙ୍ଗ ବଙ୍ଗଲୋ स्टेजिंबङ्गलो ଲୋକମାନଙ୍କ ରକ୍ଷାର୍ଥ ପ୍ରସ୍ତୁତ କୋଠୀ—Staging bungalow.

ଷ୍ଟ୍ରବେରି—ବୈଦେ. ବ (ଇଂ)—ଏକପ୍ରକାର ସୁଖାଦ୍ୟ ଇଉରୋପୀୟ Straberi ଫୋଳ—Strawberry. ଷ୍ଟ୍ରୀବେରି स्ट्रबेरी

ସ୍ତକ୍(ଧାତୁ)—ସ—ପ୍ରତିଘାତ କରିବା—Stak (root) To counterstrike.

ସ୍ତଙ୍କୁ—ସ. ବ—ପ୍ରାଚୀନ କାଳରେ ବ୍ୟବହୃତ ଏକପ୍ରକାର ଅନଦ୍ଧ ବାଦ୍ୟ Stanku (ହ. ଶ)—A kind of ancient drum.

ସ୍ତନଭ୍ (ଧାତୁ)—ସ—୧ । ସ୍ତମ୍ଭନ କରିବା—1. To benumb. Stan-bh (root) ୨ । ଅଟକ କରିବା—2. To restrain.

ସ୍ତନ୍ (ଧାତୁ)—ସ—୧ । (ମେଘ)ଶବ୍ଦ କରିବା; (ମେଘ) ଗର୍ଜନ କରିବା Stan (root) 1. To roar (said of thunder). ୨ । ଶବ୍ଦ କରିବା—2. To make a sound

ସ୍ତନ—ସ. ବ (ସ୍ତନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ; ଏଥିରୁ ଦୁଧ Stana ଦୁହାଁ ହେବା ବେଳେ ଶବ୍ଦ ହେବାରୁ)—ଅନ୍ୟ ସ ନାମ—କୁଚ, ୧ । କୁଚ; ପୟୋଧର; ସ୍ତ୍ରୀମାନଙ୍କ ଛାତିରେ ଉରଜ, ବକ୍ଷୋଜ, ଉଠିବା ମାଂସପିଣ୍ଡଦ୍ୱୟ (ଯହିଁରେ ଗର୍ଭଜାତ ପୟୋଧର, ଉରସିଜ, ଶିଶୁର ଖାଦ୍ୟପାଇଁ ଦୁଗ୍ଧ ସଞ୍ଚିତ ଥାଏ)—ବକ୍ଷୋରୁହ 1. Female breast. [ଦ୍ର—ସାଧାରଣ ଭାଷାରେ ଏହାକୁ ଦୁଧ, ଓ ମନ୍ନା ବୋଲାଯାଏ ।] ୨ । ପଶୁ; ଛୁଧ—2. Udder. ଦେ. ବ (ସ. ସ୍ତନ୍ୟ) स्तन स्तन ସ୍ତନରସ୍ତୁତ ଦୁଗ୍ଧ; ସ୍ତନ୍ୟ—Milk.

ସ୍ତନ କୀଳ—ସ. ବ—ସ୍ତ୍ରୀମାନଙ୍କ ସ୍ତନରେ ହେବା ଏକପ୍ରକାର ବ୍ରଣ (ହ. Stana kīla ଶ)—A kind of boil on the breast of females.

ସ୍ତନ ଚୂଚୁକ—ସ.ବ (୬ଷ୍ଠୀ ତତ୍)—ସ୍ତନର ବର୍ତ୍ତୁଳାକୃତ ଅଗ୍ର; ସ୍ତନର Stana chūchuka ଭୁଣ୍ଡି—Nipple.

ସ୍ତନଥ(ଥୁ)—ସ. ବ (ସ୍ତନ୍ ଧାତୁ+ଭାବ. ଅଥ, ଅଥୁ)—(ସିଂହ ଅଦଙ୍କ) Stanatha(thu) ଗର୍ଜନ (ହ. ଶ)—Roar.

ସ୍ତନ ଦାତ୍ରୀ—ଦେ.ବ. ସ୍ତ୍ରୀ—ଶିଶୁକୁ ଯେଉଁ ସ୍ତ୍ରୀ ଅପଣା ସ୍ତନ୍ୟ ପାନ କରନ୍ତି Stana dātrī—A woman who suckles an infant.

ସ୍ତନନ—ସ. ବ (ସ୍ତନ୍ ଧାତୁ+ଭାବ. ଅନ)—୧ । ରବ; ଧ୍ୱନି—Stanana 1. Sound. ୨ । ମେଘ ଧ୍ୱନି—2. Roar of thunder. ୩ । ଅର୍ତ୍ତଧ୍ୱନି; କାତର ଧ୍ୱନି—3. Piteous sound; cry of distress.

ସ୍ତନନ୍ଧୟ—ସ. ବଣ. ପୁଂ (ସ୍ତନଂ=ସ୍ତନକୁ+ଧେ ଧାତୁ=ପାନ କରିବା Stanandhaya +କର୍ତ୍ତୃ. ଅ)—ସ୍ତନ୍ୟପାୟୀ; ଅଳ୍ପ ଶିଶୁ; (ସ୍ତନନ୍ଧୟୀ[ୟୀ]—ସ୍ତ୍ରୀ) ଦୁଗ୍ଧପୋଷ୍ୟ—Sucking (child). ପ୍ରଥମ ଅର୍ଥରେ ଅନ୍ୟ ସଂ—ଡିମ୍ଭ, ବ—୧ । ସ୍ତନ୍ୟପାୟୀ ଶିଶୁ; ଯେଉଁ ଉତ୍ତାନଶୟ (ପୁଂ), ଡିମ୍ଭା, ଶିଶୁ ମାଆଙ୍କଠାରୁ ଦୁଧ ଖାଇବା ଉତ୍ତାନଶୟା (ସ୍ତ୍ରୀ) ଛାଡ଼ି ନ ଥାଏ; ଅଳ୍ପ ଶିଶୁ—1. An infant at the breast; a child which is not yet weaned. ୨ । ବାଛୁରି (ହ. ଶ)—2. A calf.

ସ୍ତନପ—ସ. ବଣ ଓ ବ. ପୁଂ(ସ୍ତନ+ପା ଧାତୁ=ପିଇବା+କର୍ତ୍ତୃ. ଅ)—Stanapa ସ୍ତନନ୍ଧୟ (ଦେଖ)—Stanandhaya (See) (ସ୍ତନପାୟୀ—ଅନ୍ୟରୂପ ରୂପ) (ସ୍ତନପା—ସ୍ତ୍ରୀ) (ସ୍ତନପାୟିନୀ—ଅନ୍ୟ ସ୍ତ୍ରୀ ବଣ)

ସ୍ତନ ପାନ—ସ. ବ—ସ୍ତନ୍ୟପାନ (ହ. ଶ); ସ୍ତନରୁ ଦୁଧ ପିଇବା—Stana pāna Sucking of the milk from a woman's breast.

ସ୍ତନପାୟିକା—ସ.ବଣ ଓ ସ୍ତ୍ରୀ—ସ୍ତନନ୍ଧୟା; ଅଳ୍ପ ଶିଶୁ ବା ଦୁଗ୍ଧପୋଷ୍ୟା Stanapāyikā ବାଳିକା—A sucking girl.

ସ୍ତନ ବିଦ୍ରଧି—ସ. ବ—ସ୍ତନରୋଗ (ଦେଖ) Stana bidradhi Stanaroga (See)

ସ୍ତନ ବୃନ୍ତ—ସ. ବ (୬ଷ୍ଠୀ ତତ୍)—ସ୍ତନମୁଖ (ଦେଖ) Stana brunta Stanamukha (See)

ସ୍ତନ ଭବ—ସ. ବଣ—ସ୍ତନଜାତ—Born of the breast. ବ—Stana bhaba ରତିବନ୍ଧବିଶେଷ (ପୁରୁଷାୟିତା)—A posture in coition. (ଦ୍ର—ସ୍ମରଙ୍ଗଂଗାଦ୍ୱୟ ମଧ୍ୟେ ତୁ କୁଚ ଯୋଷିତ୍‌ପଦଦ୍ୱୟ । ସ୍ତନୌ ଧୃତ୍ୱା ରମେତ୍‌କାମୀ, ବନ୍ଧଃ ସ୍ତନଭବଃ ସ୍ମୃତଃ—ପୁରୁଷାୟିତା ।)

ସ୍ତନଭର—ସଂ ବଣ. ପୁଂ—ସ୍ତ୍ରୀମାନଙ୍କ ପରି ସ୍ଥୂଳ ସ୍ତନବିଶିଷ୍ଟ (ପୁରୁଷ) Stanabhara (କିରାଣ୍ଡଶେଷ)—(a man) Having plump feminine breasts. ସଂ. ବ—୧ । ସ୍ଥୂଳ ବା ପୁଷ୍ଟ ସ୍ତନ (ହ. ଶ)—1. Plump breast. ୨ । ସ୍ତ୍ରୀଙ୍କ ପରି ପୃଥୁଳ ସ୍ତନବିଶିଷ୍ଟ ପୁରୁଷ (ହ. ଶ)—2. A man having feminine breasts

ସ୍ତନ ଭରା—ଦେ. ଣ—ସ୍ତନଭରଦ୍ୱାରା ଅକାନ୍ତ—Troubled by
Stanabharā the weight of her breasts. [ଭ—
स्तनभरा स्तनमरा ଯାଇଏ ସ୍ତନଭରେ ହୋଇ । ଚଳିମେ ନ ପାରନ୍ତି
ଗୋପୀ—ଜଗନ୍ନାଥ ଭାଗବତ ।]

ସ୍ତନ ଭାର—ସଂ. ବି (୬ଷ୍ଠୀ ତତ୍)—ସ୍ଥୂଳ ସ୍ତନର ବୋଝ—
Stana bhārā Weight of big breasts.

ସ୍ତନଭାର ନମ୍ର(ତ)—ସଂ. ଣ (୬ଷ୍ଠୀ ଓ ୭ମୀ ତତ୍)—ସ୍ତନର ଭାର
Stanabhāra namra(ta) ଯୋଗୁଁ ଆଗକୁ ଝୁଙ୍କି ପଡ଼ିଥିବା
[ସ୍ତନଭାର ବନମ୍ର(ତ)—ଅନ୍ୟରୂପ] (ଦେହ ବା ଅବୟବ)—
ସ୍ତନଭାର ନମ୍ରା[ତା] } ସ୍ତ୍ରୀ (body or limb) Leaning
ସ୍ତନଭାର ବନମ୍ରା[ତା] } to the front owing to
the weight of big breasts.

ସ୍ତନ ମଣ୍ଡଳ—ସଂ. ବି—ସ୍ତନର ପରିଧି ବା ଚକଡ଼ା—The circum-
Stana mandala ference of the breast.

ସ୍ତନ ମୁଖ—ସଂ ବି (୬ଷ୍ଠୀ ତତ୍)—ସ୍ତନାଗ୍ର; ଚୁଚୁକ (ହେମଚନ୍ଦ୍ର); ଦୁଧର
Stana mukha ଭୃଣ୍ଡି—Nipple.

ସ୍ତନୟିତ୍ନୁ—ସଂ. ବି (ସ୍ତନ୍ ଧାତୁ+ଣିଜନ୍ତ=ସ୍ତନ ଧାତୁ=ଶବ୍ଦ କରିବା
Stanayitnu +କର୍ତ୍ତୃ. ଇତ୍ନୁ; ଯାହା ଶବ୍ଦ କରେ)—୧ । ମେଘ
(ଅମର)—1. Cloud. ୨ । ମୁସ୍ତକ; ମୁଥା (ଅମର)—
2. Grass root. ୩ । ମେଘ ଧ୍ୱନି (ମେଦିନୀ)—
3. Roar of thunder clouds. ୪ । ବିଦ୍ୟୁତ
(ଶବ୍ଦରତ୍ନାବଳୀ)—4. Lightning. ୫ । ମୃତ୍ୟୁ
(ହେମଚନ୍ଦ୍ର)—5. Death. ୬ । ରୋଗ (ହେମଚନ୍ଦ୍ର)
—6. Disease.

ସ୍ତନ ରୋଗ—ସଂ. ବି—(ଗର୍ଭିଣୀ ଓ ପ୍ରସୂତିଙ୍କ) ସ୍ତନରେ ଜାତ ହେବା
Stana roga ରୋଗ; ଥନଫୁଲା—Disease of the female
breast; tumour on the breast; mammites.
[ଦ୍ର—ଏ ରୋଗରେ ସ୍ତନକୁ ରକ୍ତ ଗଡ଼ି ତାହା ଫୁଲିଯାଏ
ଓ ପାଚେ ।]

ସ୍ତନ ରୋହିତ—ସଂ. ବି—ସ୍ତନର ଅଗ୍ରଭାଗର ଚାରିଆଡ଼େ ଦୁଇ ଅଙ୍ଗୁଳି
Stana rohita ପରିମିତ ଅଂଶ (ଭ. ଶ)—The part of
the female breast which is about one
inch around the nipple.

ସ୍ତନ ଶିଖା—ସଂ. ବି (୬ଷ୍ଠୀ ତତ୍)—ସ୍ତନମୁଖ (ହେମଚନ୍ଦ୍ର) [ଦେଖ]
Stana śikhā Stanamukha [See]

ସ୍ତନ ଶୋଷ—ସଂ. ବି—ଏକପ୍ରକାର ରୋଗ, ଯହିଁରେ ସ୍ତନ ଶୁଖିଯାଏ [ଭ.
Stanaśosha ଶ]—A kind of disease in which
the female breasts wither and go dry.

ସ୍ତନହରା—ଦେ. ବି (ସଂ. ସ୍ତନ୍ୟହର)—ସ୍ତନରୋଗ [ଦେଖ]
Stanaharā स्तनैली Stanaroga [See]

ସ୍ତନାଗ୍ର—ସଂ. ବି (୬ଷ୍ଠୀ ତତ୍)—ସ୍ତନମୁଖ [ଦେଖ]
Stanāgra Stanamukha [See]

ସ୍ତନାନ୍ତର—ସଂ. ବି (୬ଷ୍ଠୀ ତତ୍; ଦୁଇ ସ୍ତନର ଅନ୍ତର ବା ମଧ୍ୟଭାଗ)—
Stanāntara ୧ । ହୃଦୟ—1. The breast. ୨ । ସ୍ତନ
ଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନ—2. The part between
the two female breasts. ୩ । ସ୍ତ୍ରୀମାନଙ୍କର ବୈଧବ୍ୟ
ଲକ୍ଷଣବିଶେଷ; ଦୁଇ ସ୍ତନ ମଝିରେ ଥିବା ସମତଳ ଚର୍ମ-
ବିଶେଷ [ଯାହା ଥିଲେ ସ୍ତ୍ରୀ ବିଧବା ହୁଏ]—3. A sign
appearing in females, consisting of a
level part between the two breasts of
some women (indicative of the posses-
sor becoming a widow)

ସ୍ତନାଭୁଜ—ସଂ. ଣ ଓ ବି (ସ୍ତନ+ଆ+ଭୁଜ୍ ଧାତୁ+କର୍ତ୍ତୃ. ଅ)—
Stanābhuja ସ୍ତନ୍ୟପାୟୀ ଜୀବ—Mammal.

ସ୍ତନାଭୋଗ—ସଂ. ଣ (ସ୍ତନ+ ଅଭୋଗ)—ସ୍ତନଭର [ଦେଖ]—
Stanābhoga Stanabhara [See] ବି—ସ୍ତନର ସ୍ଥୂଳତା
ବା ପରିପୂର୍ଣ୍ଣତା—Fullness or full develop-
ment of the female breasts.

ସ୍ତନିତ—ସଂ. ବି (ସ୍ତନ୍ ଧାତୁ+ଣିଜନ୍ତ=ସ୍ତନ ଧାତୁ+ଭାବ. ତ)—
Stanita ୧ । ମେଘ ଗର୍ଜନ (ଅମର)—1. Rumbling of
thunder-cloud. ୨ । ବଜ୍ରଧ୍ୱନି—2. Thunder
clap. ୩ । କରତାଳି ଶବ୍ଦ (ଶବ୍ଦ କଳ୍ପଦ୍ରୁମ)—
3. Sound of clapping. ୪ । ରତି ଶବ୍ଦ (କ୍ଲାଇବେନ୍)—
4. Sound produced by copulation. ଣ—
୧ । (କର୍ମ. ତ) ଶବ୍ଦିତ—1. Sounding. ୨ ।
(+କର୍ତ୍ତୃ. ତ) ଶବ୍ଦକାରକ; ଗର୍ଜନକାରୀ—
2. Roaring.

ସ୍ତନିତଫଳ—ସଂ. ବି—ବିକଙ୍କତ ବୃକ୍ଷ [ସ୍ୱାଳଇର୍ଷଣ୍ଡ]; ଭଇଞ୍ଚ କୋଳି
Stanitaphala ଗଛ—Flacourtia Ramontchi (a
plum-bearing plant).

ସ୍ତନ୍ୟ—ସଂ. ବି (ସ୍ତନ+ଭବାର୍ଥେ. ଯ)—୧ । ସ୍ତନରୁ ଉତ୍ପନ୍ନ ଦୁଗ୍ଧ;
Stanya ଦୁଧ—1. Milk. ୨ । ମାତୃସ୍ତନଜାତ ଦୁଗ୍ଧ—
2. Milk from the mother's breast.
ଣ—ସ୍ତନସମ୍ବନ୍ଧୀୟ—
Relating to the female breast.

ସ୍ତନ୍ୟଜୀବୀ—ସଂ. ଣ. ପୁଂ (ସ୍ତନ୍ୟଜୀବନ୍ ଶବ୍ଦ, ସ୍ତନ୍ୟ+ଜୀବ୍ ଧାତୁ
Stanyajībi +କର୍ତ୍ତୃ.ଇନ୍)—ସ୍ତନନ୍ଧୟ [ଦେଖ]—
[ସ୍ତନ୍ୟଜୀବନୀ—ସ୍ତ୍ରୀ] Stanandhaya [See]

ସ୍ତନ୍ୟଦା—ସଂ; ଣ, ସ୍ତ୍ରୀ—୧ । ଯେଉଁ ସ୍ତ୍ରୀର ସ୍ତନରୁ ଦୁଧ ବାହାରେ—
Stanyadā 1. (a woman) Having breasts full of
(ସ୍ତନ୍ୟଧାତ୍ରୀ—ଅନ୍ୟରୂପ) milk. ୨ । ପିଲାକୁ ଯେ ଦୁଧ ପିଆଉ
ଥାଏ—2. Suckling.

ସ୍ତନ୍ୟ ଦାନ—ସଂ. ବି—ନିଜ ସ୍ତନରୁ ଶିଶୁକୁ ଦୁଧ ପିଆଇବା—
Stanya dāna Suckling a child.

ସ୍ତନ୍ୟପ—ସଂ. ଣ ଓ ବି (ପୁଂ)—ସ୍ତନପ (ଦେଖ)
Stanyapa Stanapa (See)
[ସ୍ତନ୍ୟପା—ସ୍ତ୍ରୀ] (ସ୍ତନ୍ୟପାୟୀ—ଅନ୍ୟ ପୁଂ. ବିଶେଷ)
[ସ୍ତନ୍ୟପାୟିନୀ—ଅନ୍ୟ ସ୍ତ୍ରୀ. ବିଂ ରୂପ]

ସ୍ତନ୍ୟ ପାନ—ସଂ. ବି (୬ଷ୍ଠୀ ତତ୍)—ମାତୃ ସ୍ତନରୁ ଦୁଧ ପିଇବା—
Stanya pāna Sucking from the mother's breast.

ସ୍ତନ୍ୟପାୟୀ—ସଂ. ବିଣ. ପୁଂ—(ସ୍ତନ୍ୟପାୟିନ୍ ଶବ୍ଦ; ସ୍ତନ୍ୟ + ପା. ଧାତୁ + Stanyapāyi କର୍ତ୍ତି. ଇନ୍)—ଯେ ମାତୃସ୍ତନ୍ୟ ପାନ କରେ—Feeding on the mother's milk; breast-fed. ବି—ଯେଉଁ ଜନ୍ତୁମାନେ ଶିଶୁ ଅବସ୍ଥାରେ ମାତୃସ୍ତନ୍ୟ ପାନ କରନ୍ତି — Mammals; the mammalia.

ସ୍ତନ୍ୟ ବୃଦ୍ଧି—ସଂ. ବି—ଔଷଧ ପ୍ରୟୋଗ ବା ଖାଦ୍ୟ ଦ୍ୱାରା ଜନନୀସ୍ତନ୍ୟ Stanya bruddhi ମାତାଙ୍କ ସ୍ତନରେ ଶିଶୁ ପାଇଁ ଦୁଧ ବଢ଼ିବା—Increase of milk in the mother's breast.

ସ୍ତନ୍ୟ ରୋଗ—ସଂ. ବି—ଅସୁସ୍ଥ ମାତାଙ୍କ ସ୍ତନ୍ୟ ପାନ କରିବା ଯୋଗୁ Stanya roga ଶିଶୁର ଜାତ ହେବା ରୋଗ (ହି. ଶ)—Infantile illness due to sucking a sick mother.

ସ୍ତନ୍ୟା—ସଂ. ବିଣ. ସ୍ତ୍ରୀ (ସ୍ତନ୍ୟ+ଆ)—ସ୍ତନ୍ୟର ସ୍ତ୍ରୀଲିଙ୍ଗ—
Stanyā Feminine of Stanya.
ସଂ. ବି—କଳମ ଶାଗ (ହି. ଶ)—Ipomœa Aquatica, a herb.

ସ୍ତବ—ସଂ. ବି (ସ୍ତୁ. ଧାତୁ=ପ୍ରାର୍ଥନା କରିବା; ସ୍ତୁତି କରିବା+ Staba ଭାବ. ଅ)—୧ । ସ୍ତୁତି; ପ୍ରଶଂସା; ଗୁଣଗାନ—(ସ୍ତୁତ—ବିଣ) 1. Praise; eulogy. ୨ । ଈଶ୍ୱରପ୍ରାର୍ଥନା; ସ୍ତୋତ୍ର—2. Prayer; hymn.

ସ୍ତବକ—ସଂ. ବି (ସ୍ଥା. ଧାତୁ=ଥିବା, ରହିବା+କର୍ତ୍ତି. ଅକ, Stabaka ନିପାତନ)—୧ । ଫୁଲ ଆଦିର ଗୁଚ୍ଛ; ଗୁଚ୍ଛକ; ଗୁଚ୍ଛ—1. Cluster or bunch of flowers etc. ୨ । ଫୁଲର ତୋଡ଼ା—2. A bouquet ୩ । ସମୂହ (ଶବ୍ଦକଳ୍ପଦ୍ରୁମ)—3. Multitude; collection. ୪ । ଗ୍ରନ୍ଥ ପରିଚ୍ଛେଦ (ଶବ୍ଦ କଳ୍ପଦ୍ରୁମ)—4. Chapter of a book. ୫ । (ସ୍ତୁ ଧାତୁ+କର୍ମ. ଅକ) ସ୍ତବ (ଦେଖ)—(ସ୍ତବିକା—ସ୍ତ୍ରୀ ବିଣ) 5. Staba (See) ବିଣ. ପୁଂ (+କର୍ତ୍ତି. ଅକ). ସ୍ତବକାରକ—Praying.

ସ୍ତବ କରିବା—ଦେ. କ୍ରି-୧ । ଦେବତାଙ୍କର ବା ଈଶ୍ୱରଙ୍କର ଗୁଣଗାନପୂର୍ବକ Staba karibā ପ୍ରାର୍ଥନା କରିବା—1. To utter hymns
स्तव करा or prayers to God or to Deities. ୨ ।
स्तव करना ପ୍ରଶଂସା ଗାନ କରିବା—2. To eulogise; to praise. ୩ । ତୋଷାମଦ କରିବା—3. To flatter.

ସ୍ତବକ ସ୍ତନ—ସଂ. ବି (ରୂପକ ସମାସ)—ସ୍ତନ ସଙ୍ଗେ ତୁଳନା କରାଯିବା Stabaka stana (ଅଶୋକ) ପୁଷ୍ପାଦିର ଗୁଚ୍ଛ—A bunch of flowers (e. g. Asoka) compared with to the female breast. [ଦ—ସ୍ତବକସ୍ତନରେ ନମ୍ର ଅଶୋକବଲ୍ଲରୀ—ମଧୁସୂଦନ. ନବତା ।]

ସ୍ତବକିତ—ସଂ ବିଣ (ସ୍ତବକ+ସଂଜାତାର୍ଥେ. ଇତ)—ଗୁଚ୍ଛୀକୃତ; ତୋଡ଼ା Stabakita କରାଯାଇଥିବା—Made into a bunch or nosegay.

ସ୍ତବ କୀର୍ତ୍ତନ (ଗାନ; ଗାୟନ)—ସଂ. ବି-ମହିମା କଥନ ବା ପ୍ରଶଂସାଗାନ Staba kirttana (gāna; gāyana) Singing the praise or eulogy of; eulogising.

ସ୍ତବଥ—ସଂ. ବି (ସ୍ତୁ. ଧାତୁ+ଭାବ. ଅଥ)—ସ୍ତୁତି; ସ୍ତବ; (ହି. ଶ)—
Stabatha Prayer; hymn.

ସ୍ତବଦ(ଧ)—ଗ୍ରା. ବିଣ (ପଦ୍ୟରେ) (ସଂ. ସ୍ତବ୍ଧ)—୧ । ସ୍ତବ୍ଧ (ଦେଖ)—
Stabada(dha) 1. Stabdha (See). ୨ । ନିଶ୍ଚଳ—
स्तवध 2. Motionless. ୩ । ନିଃଶବ୍ଦ—3. Quiet;
स्तवध silent.
[ଉ—କଲ ସବୁ ପ୍ରାଣୀଙ୍କର ସ୍ତବଧ ଯେ କାଳ—କୃଷ୍ଣସିଂହ, ମହାଭାରତ. ଅଦି ।] [ଉ—ବୋଲି ପିଥ୍ୟା ଏ ସେ ଶବଦ କହନେ କହୁବାକୁ ମୁଁ ସ୍ତବଦ ହୋଇ ଗୋ—ଭଞ୍ଜ. ବୈଦେହୀଶବିଳାସ ।]

ସ୍ତବନ—ସଂ. ବି (ସ୍ତୁ. ଧାତୁ+ଭାବ. ଅନ)—୧ । ସ୍ତବ କରିବା; Stabana ପ୍ରଶଂସା ଗାନ—1. Eulogising. ୨ । ସ୍ତୁତି କରିବା—2. Uttering of hymns.

ସ୍ତବନୀୟ—ସଂ. ପୁଂ ବିଣ (ସ୍ତୁ. ଧାତୁ+କର୍ମ. ଅନୀୟ)—୧ । ଯାହାଙ୍କୁ ସ୍ତବ Stabaniya କରିବା ଉଚିତ—1. Deserving to be (ସ୍ତବିତବ୍ୟ—ଅନ୍ୟରୂପ) eulogised. ୨ । ପ୍ରଶଂସନୀୟ—(ସ୍ତବନୀୟା, ସ୍ତବିତବ୍ୟା—ସ୍ତ୍ରୀ) 2. Praiseworthy.

ସ୍ତବ ପ୍ରିୟ—ସଂ. ବିଣ (ବହୁବ୍ରୀହି; ସ୍ତବ ପ୍ରିୟ ଯାହାଙ୍କର)—ଯେ ସ୍ତୁତ Stabapriya ହେବାକୁ ସୁଖ ପାଆନ୍ତି—Loving to be eulogised. ସଂ. ବି—ବିଷ୍ଣୁ ସଦସ୍ର ନାମୋକ୍ତ ବିଷ୍ଣୁଙ୍କ ନାମ—A name of Bishnu.

ସ୍ତବରକ—ସଂ. ବିଣ (ପୁଂ)—ଆବରକ (ଶବ୍ଦକଳ୍ପଦ୍ରୁମ); ବେଷ୍ଟନୀ—
Stabaraka Covering; fencing.

ସ୍ତବରାଜ—ସଂ. ବି (୬ଷ୍ଠୀ ତତ୍)—ଶ୍ରେଷ୍ଠ ସ୍ତବ—
Stabarāja Chief, principal or great hymn.

ସ୍ତବ ସ୍ତୁତି—ସଂ. ବି (ଏକାର୍ଥ ଦ୍ୱନ୍ଦ୍ୱ)—ପ୍ରାର୍ଥନା ଓ ଗୁଣଗାନ—
Staba stuti Eulogy and prayer; hymn and praise.

ସ୍ତବିତବ୍ୟ—ସଂ. ବିଣ (ସ୍ତୁ. ଧାତୁ+କର୍ମ. ତବ୍ୟ)—୧ । ସ୍ତୁତ Stabitabya ହେବା ଯୋଗ୍ୟ—1. Fit to be prayed to. ୨ । ପ୍ରଶଂସନୀୟ—2. Praiseworthy.

ସ୍ତବିତା—ସଂ. ବିଣ. ଓ ବି. ପୁଂ (ସ୍ତୁ. ଧାତୁ+କର୍ତ୍ତି. ତୃ=ସ୍ତବିତୃ; ୧ମା. Stabitā ୧ବ)—୧ । ସ୍ତବକାରୀ—1. Praying.
(ସ୍ତବିତ୍ରୀ—ସ୍ତ୍ରୀ) ୨ । ପ୍ରଶଂସାକାରୀ—2. Praising.

ସ୍ତବିବା—ଦେ. କ୍ରି (ପଦ୍ୟ)—ସ୍ତବ କରିବା; ସ୍ତୁତି କରିବା-To utter Stabibā hymns or prayers to God or to Deities.
स्तव करा [ଉ—ଇଷ୍ଟଦେବେ ସ୍ତବ ଏହିରୂପେ ଯୁବା ତଲ୍ଲା
स्तव करना ବହିଲେ—ସୁଧାକାର. ଛୁଡ଼ା ।]

ସ୍ତବେଷ୍ୟ(ଯ୍ୟ)—ସଂ. ବି (ସ୍ତୁ· ଧାତୁ=ସ୍ତବ କରିବା+କର୍ମ· ଏଷ୍ୟ; Stabeshya(jya) ଇଜ୍ୟ)—ଇନ୍ଦ୍ର (ଋଣାଦ କୋଷ)—God Indra.

ସ୍ତବ୍ଧ—ସଂ. ବିଣ (ସ୍ତନ୍ଭ୍ ଧାତୁ+କର୍ତ୍ତୃ. ତ)—୧ । ନିଶ୍ଚଳ; ନିଶ୍ଚଳ; Stabdha ସ୍ପନ୍ଦନହୀନ—1. Unmoving; calm; motionless. (ସ୍ତବ୍ଧତା, ସ୍ତବ୍ଧତ୍ୱ—ବି) ୨ । ଜଡ଼ୀଭୂତ—2. Dull; (ସ୍ତବ୍ଧା—ସ୍ତ୍ରୀ)· rigid. ୩ । ବନ୍ଦ କରାଯାଇଥିବା; ସ୍ତମ୍ଭିତ—3. Stopped. ୪ । ଅବଶୀଭୂତ—4. Paralysed. ୫ । ଦୂରୀକୃତ—5. Removed. ୬ । ମୂର୍ଚ୍ଛିତ—6. Fainted. ୭ । କାଲ; କାଳବା; ବଧିର—7. Deaf; deafened. ୮ । ଗର୍ବିତ—8. Arrogant; proud. ୯ । ଦୃଢ଼; ସ୍ଥିର (ହ୍ର. ଶ)—9. Fixed. ୧୦ । ଅଳସ (ହ୍ର. ଶ)—10. Idle; lazy; slothful. ୧୧ । ଦୁରାଗ୍ରହ (ହ୍ର· ଶ)—11. Headstrong. ୧୨ । ମାନ୍ଦା (ହ୍ର. ଶ)—12. Sluggish; dull. ସଂ. ବି—ବଂଶୀର ଛଅଗୋଟି ଦୋଷ ମଧ୍ୟରୁ ଏକ, ଯାହାର ଫଳରେ ବଂଶୀର ସ୍ୱର ଧୀମା ବା ମାନ୍ଦା ହୁଏ (ହ୍ର· ଶ)—One of the six defects of a flute, viz. when the sound becomes dull.

ସ୍ତବ୍ଧ କର୍ଣ୍ଣ—ସଂ.ବି—ସ୍ଥିର ଊର୍ଦ୍ଧ୍ୱ କର୍ଣ୍ଣ—Rigid erect ear. [ଦ୍ର— Stabdha karnna ଯେଉଁ କାନ ଏଣେ ତେଣେ ସଞ୍ଚଳ ହୋଇ ପାରେ ନାହିଁ ।] ବିଣ. ପୁଂ—ସ୍ଥିର ଊର୍ଦ୍ଧ୍ୱକର୍ଣ୍ଣବିଶିଷ୍ଟ—(ସ୍ତବ୍ଧକର୍ଣ୍ଣା-ସ୍ତ୍ରୀ ବିଣ) Having rigid and inflexible ears.

ସ୍ତବ୍ଧ ପାଦ—ସଂ· ବିଣ. ପୁଂ. (ବହୁବ୍ରୀହି)—ଖଞ୍ଜ; ପଙ୍ଗୁ; ଲେଙ୍ଗଡ଼ା (ହ୍ର. ଶ) Stabdha pāda —Lame. (ସ୍ତବ୍ଧପାଦା—ସ୍ତ୍ରୀ) (ସ୍ତବ୍ଧପାଦତା—ବି)

ସ୍ତବ୍ଧ ମତି(ଧି, ବୁଦ୍ଧି)—ସଂ· ବି (କର୍ମଧା)—ମନ୍ଦ ବୁଦ୍ଧି; ଜଡ଼ବୋଧତା— Stabdha mati[dhi, buddhi] Stupidity. ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ମନ୍ଦବୁଦ୍ଧି—Stupid.

ସ୍ତବ୍ଧ ମେଢ୍ର—ସଂ. ବିଣ. ପୁଂ (ବହୁବ୍ରୀହି)—କ୍ଲୀବ; ନପୁଂସକ (ହ୍ର·ଶ— Stabdha medhra Eunoch; neuter.

ସ୍ତବ୍ଧରୋମା—ସଂ· ବି (ବହୁବ୍ରୀହି; ସ୍ତବ୍ଧ+ରୋମନ୍=ଲୋମ, ସ୍ତବ୍ଧ- Stabdharomā ରୋମନ୍ ୧ମା. ୧ବ)—ବରାହ; ଶୂକର—Boar; hog. ସଂ· ବିଣ—ଯାହାର ରୋମ ଠିଆ ହୋଇ ଥାଏ—Having the hairs of the body rigid and erect.

ସ୍ତବ୍ଧୀଭୂତ—ସଂ· ବିଣ (ସ୍ତବ୍ଧ+ଅଭୂତତ ଭାବେ ଚ୍ୱି [ଈ]+ଭୂତ)— Stabdhibhūta ଜଡ଼ୀଭୂତ—Made dull; paralysed. [ସ୍ତବ୍ଧୀଭୂତା—ସ୍ତ୍ରୀ]

ସ୍ତବ୍ୟ—ସଂ. ବିଣ ପୁଂ (ସ୍ତୁ ଧାତୁ+କର୍ମ. ଯ)—୧ । ସ୍ତବଯୋଗ୍ୟ— Stabya 1. Deserving to be prayed to. ୨ । ପ୍ରଶଂସ୍ୟ—[ସ୍ତବ୍ୟା—ସ୍ତ୍ରୀ] 2. Praiseworthy. ସଂ· ବି—ବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରୁ ଏକତମ—One of the names of Bishṇu.

ସ୍ତଭ୍ (ଧାତୁ)—ସଂ—ସ୍ତମ୍ଭନ କରିବା—To stop. Stabh (root) (ସ୍ତନ୍ଭ୍ ଧାତୁ—ଅନ୍ୟରୂପ)

ସ୍ତଭ—ସଂ· ବି (ସ୍ତନ୍ଭ୍· ଧାତୁ+କର୍ତ୍ତୃ. ଅ)—ଛାଗ; ଛେଳି— Stabha Goat.

ସ୍ତମ୍ବ—ସଂ. ବି (ସ୍ଥା· ଧାତୁ+କର୍ତ୍ତୃ· ଅମ୍, ନିପାତନ)—୧ । ଗୁଚ୍ଛ Stamba (ଅମରଟୀକା)—1. Cluster; bunch. ୨ । ତୃଣାଦିର ଗୁଚ୍ଛ—2. Bundle or sheaf of grass or grain. ୩ । ତୃଣ—3. Grass. ୪ । କାଣ୍ଡହୀନ ବୃକ୍ଷ—4. Trunkless plant. ୫ । ଗୁଳ୍ମ—5. Shrub. ୬ । ବୃକ୍ଷର (ଗଛର); ଶାଖା—6. Branch shoot of a tree. ୭ । ସ୍ତମ୍ଭ (ଦେଖ)—7. Stambha (See). ୮ । (+କରଣ· ଅ) ହସ୍ତିବନ୍ଧନ ସ୍ତମ୍ଭ—8. The post to which an elephant is tied. ୯ । (+ଭାବ, ଅ) ଅଜ୍ଞାନ ଅବସ୍ଥା—9. The state of being unconscious; stupefaction. ୧୦ । ବୁଦା—10. Bush; thicket (Apte). ୧୧ । ପର୍ବତ—11. Mountain (Apte) ୧୨ । ରୋହିତକ ବୃକ୍ଷ (ହ୍ର. ଶ)—12. Rohitaka (See ୧୩ । ପର୍ବତ ବିଶେଷ (ହ୍ର. ଶ)—13. Name of a mountain.

ସ୍ତମ୍ବକରି—ସଂ. ବି (ସ୍ତମ୍ବ+କୃ. ଧାତୁ+କର୍ତ୍ତୃ.ଇ)—୧। ଧାନ୍ୟ(ଅମର)— Stambakari 1. Paddy. ୨ । ଶସ୍ୟ—2. Grains; pulses.

ସ୍ତମ୍ବକାର—ସଂ. ବି (ସ୍ତମ୍ବ=ଗୁଚ୍ଛ+କୃ. ଧାତୁ+କର୍ତ୍ତୃ. ଅ)—ଗୁଚ୍ଛ- Stambakāra କାରକ; ଯେ ଗୋଛାକାରେ—One who binds into sheaves.

ସ୍ତମ୍ବଘନ—ସଂ. ବି (ସ୍ତମ୍ବ+ହନ୍· ଧାତୁ+କର୍ତ୍ତୃ. ଅ)—୧ । ତୃଣାଦି Stambaghana ଛେଦନ କରିବା ଉପଯୋଗୀ ଦାଆ ପ୍ରଭୃତି ଅସ୍ତ୍ର—1. A hoe or sickle for cutting corn.

ସ୍ତମ୍ବଘ୍ନ, ସ୍ତମ୍ବଘାତ
ସ୍ତମ୍ବହନନ, ସ୍ତମ୍ବହନନୀ } ଅନ୍ୟରୂପ
ସ୍ତମ୍ବୀ

୨ । କୋଦାଳ—2. Hoe; rake. ୩ । ଖୁରୁପି (ହ୍ର. ଶ)—3. Grass mower.

ସ୍ତମ୍ବପୁ—ସଂ. ବି—ପ୍ରାଚୀନ ନଗର; ତାମ୍ରଲିପ୍ତ; ତମଲୁକ—Name of Stambapū the ancient town; called Tamluk [ସ୍ତମ୍ବପୁର—ଅନ୍ୟରୂପ] [ଦ୍ର—ଏହାର ପର୍ଯ୍ୟାୟ—ତାମ୍ରଲିପ୍ତ, ତାମଲିପ୍ତ, ତାମଲିପ୍ତୀ, ତମାଳିକା, ବିଷ୍ଣୁ ଗୃହ, ବେଳାକୁଳ, ସ୍ତମ୍ବପୁର—ହେମଚନ୍ଦ୍ର ।]

ସ୍ତମ୍ବେରମ—ସଂ· ବି (ଅଲୁକ୍; ସ୍ତମ୍ବେ=ସ୍ତମ୍ବରେ ଅର୍ଥାତ୍ ବନ୍ଧନ ସ୍ତମ୍ଭରେ Stamberama +ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅ)— ହସ୍ତୀ; ହାତୀ [ଅମର]—Elephant.

ସ୍ତମ୍ଭ୍ (ଧାତୁ)—୧ । ରୋଧନ କରିବା—1. To stop; To arrest, Stambh (root) ୨ । ଦୃଢ଼ ବା ଟାଣ କରିବା—2. To stiffen or to make firm. ୩ । ଜଡ଼ୀଭୂତ ବା ନିଶ୍ଚଳ କରିବା—3. To stupefy; to paralyse.

ସ୍ତମ୍ଭ—ସଂ. ବି (ସ୍ତନ୍ଭ୍ ବା ସ୍ତମ୍ଭ୍ ଧାତୁ+ଭାବ. ଅ)—୧ । ଜଡ଼ଭାବ;
Stambha ଗୁଣପଦ ନିଶ୍ଚଳ ଭାବରେ ଅବସ୍ଥାନ; ନିଷ୍ପନ୍ଦତା—[ସ୍ତବ୍ଧ—ବିଣ] 1. Motionlessness; stillness. ୨ । ଜଡ଼ଶୁଷ୍କତା—2. Rigidity; dullness; numbness; paralysis. ୩ । (+କର୍ତ୍ତୃ. ଅ) ଖୁଣ୍ଟ, ଖମ୍ବ—3. Pillar; post; column. ୪ । ଦେହର ନିଶ୍ଚେଷ୍ଟତାରୂପ ବିକାର ବିଶେଷ (ବ୍ୟ-ଏହା ରୋଗରୁ, ଭୟରୁ ଓ ପ୍ରେମରୁ ଘଟେ । ଭୟ, ହର୍ଷ, ଅମର୍ଷ, ବିଷାଦ ଓ ଅମର୍ଷ ଯୋଗୁଁ ଚେଷ୍ଟାର ଯେଉଁ ପ୍ରତିଘାତ ଜାତ ହୁଏ ତାହାର ନାମ ସ୍ତମ୍ଭ । ଏଷ୍ଟସାତ୍ତ୍ୱିକଭାବ ମଧ୍ୟରୁ ଏହା ଗୋଟିଏ)—4. Paralysis. ୫ । ଗଛର ଗଣ୍ଡି—5. Trunk of a tree. ୬ । ଦେହର ଅଚୈତନ୍ୟଜନକ ସ୍ଥିରାବସ୍ଥା—6. Rigidity of the body due to fit. ୭ । (+ଭାବ ଅ) ପ୍ରତିବନ୍ଧ-7. Obstacle; obstruction. ୮ । ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ—8. Stopping of action or movement by magic. ୯। ରୋଧ—9. Stopping. ୧୦। ରୋଗାଦି ହେତୁ ଅଜ୍ଞାନ ଅବସ୍ଥା—10. Unconciousness due to disease. ୧୧ । (+କରଣ ଅ) ଠେକ—11. Prop; fulcrum [Apte]. ୧୨ । ଜଡ଼ବୋଧତା—12. Stupidity (Apte).

ସ୍ତମ୍ଭକ—ସଂ. ବିଣ. ପୁଂ (ସ୍ତମ୍ଭ ଧାତୁ+କର୍ତ୍ତୃ. ଅକ)—ସ୍ତମ୍ଭକର (ଦେଖ)
Stambhaka (ସ୍ତମ୍ଭିକା—ସ୍ତ୍ରୀ) Stambhakara (See)

ସ୍ତମ୍ଭକର—ସଂ. ବିଣ ପୁଂ-୧ । ଯେ ଜଡ଼ କରେ—1. Paralysing;
Stambhakara benumbing (Apte). ୨ । ରୋଧ—(ସ୍ତମ୍ଭକରୀ—ସ୍ତ୍ରୀ) କାରୀ—2. Obstructing (Apte). ୩ । ଯାହା ସ୍ତମ୍ଭ କରେ—3. Causing stambha. ୪ । ସହବାସ କାଳରେ ଶୀର୍ଯ୍ୟ ସ୍ଖଳନ ନ କରାଉଥିବା (ଔଷଧ)—4. (medicine) Which delays the discharge of semen during coition. ୫। ମଳାବରୋଧକାରୀ—5. Astringent; causing costiveness.

ସ୍ତମ୍ଭକୀ—ସଂ. ବି (ସ୍ତମ୍ଭକିନ୍ ଶବ୍ଦ ୧ମା, ୧ ବଚନ)—ପ୍ରାଚୀନ ଅନଦ୍ଧ
Stambhaki ବାଦ୍ୟ ଯନ୍ତ୍ରବିଶେଷ (ହେ ଚନ୍ଦ୍ରଚୂଡ଼)—A sort of musical instrument covered over with skin, used in ancient times.

ସ୍ତମ୍ଭନ—ସଂ. ବି (ସ୍ତମ୍ଭ ଧାତୁ+ଭାବ. ଅନ)—୧ । ଜଡ଼ୀକରଣ—
Stambhana 1. Paralysing; benumbing; making (ସ୍ତବ୍ଧ—ବିଣ) inert. ୨ । ତନ୍ତ୍ରୋକ୍ତ ଷଟ୍‌କର୍ମାନ୍ତର୍ଗତ ଅଭିଚାର କର୍ମ; କୌଣସି ବ୍ୟକ୍ତିର କର୍ମେନ୍ଦ୍ରିୟର ଚଳନଶକ୍ତିହରଣ—2. Paralysing the limbs and activity of a person by magic; suppression of the functions of a person's faculties by charms. [ଦ୍ର—ଏହାକୁ ସାଧାରଣ ଭାଷାରେ "ବନ୍ଧନ" କରିବା କହନ୍ତି; ଏହି ଅଭିଚାର ଯାହା ପ୍ରତି ପ୍ରୟୋଜିତ ହୁଏ ତାହାର କାର୍ଯ୍ୟଶକ୍ତିର ରୋଧ ହୁଏ-]୩ । (+କର୍ତ୍ତୃ. ଅନ) କାମଦେବଙ୍କ ପଞ୍ଚବାଣ ମଧ୍ୟରୁ ଏକତମ—3. One of the five arrows of the God Cupid. [ଦ୍ର—କାମଦେବଙ୍କ ପଞ୍ଚବାଣର ନାମ ଯଥା—ଉନ୍ମାଦନ, ଶୋଷଣ, ତାପନ, ସ୍ତମ୍ଭନ ଓ ସମ୍ମୋହନ ।) ୪ । (+ଭାବ. ଅନ) ଅବରୋଧ—4. Obstruction; siege. ୫ । ଥିର ହୋଇଯିବା—5. Becoming inert. ୬ । ସ୍ଥିରୀକରଣ—6. Settling. ୭ । ନିବାରଣ—7. Prevention. ୮ । ରକ୍ତପ୍ରବାହର ଗତିରୋଧ—8. Stopping the flow of blood. ୯ । ଜଡ଼ୀକରଣ ସାଧନ; ଯାହା ଦ୍ୱାରା ଜଡ଼ କରାଯାଏ—9. Appliance for making inert rigid or benumbed. ୧୦ । ଦୃଢ଼ୀକରଣ—10. Strengthening; making rigid. ୧୧ । (+କରଣ ଅନ) ଠେକ;—11. Prop; stay; support—୧୨ । (+ଭାବ ଅନ)—ବୀର୍ଯ୍ୟ ସ୍ଖଳନର ରୋଧ (ହି. ଶ)—12. Causing retention of seminal discharge. ୧୩ । (+କରଣ ଅନ) ବିଳମ୍ବରେ ବୀର୍ଯ୍ୟ ସ୍ଖଳନ କରାଉଥିବା ଔଷଧ (ହି. ଶ)—13. Any medicine which delays seminal discharge. ୧୪ । ମଳାବରୋଧକ ଔଷଧ(ହି.ଶ)—14. Astringent medicine.

ସ୍ତମ୍ଭନୀ—ସଂ. ବି (ସ୍ତମ୍ଭନ+ଈ)—ଏକପ୍ରକାର ଇନ୍ଦ୍ରଜାଲ (ହି. ଶ)—
Stambhani A kind of magic.

ସ୍ତମ୍ଭନୀୟ—ସଂ. ବିଣ [ସ୍ତମ୍ଭ ଧାତୁ+କର୍ମ. ଅନୀୟ]—୧ । ସ୍ତମ୍ଭିତ
Stambhaniya ହେବା ଯୋଗ୍ୟ—1. Fit to be restrained or stopped, delayed etc. ୨ । ଯାହାକୁ ସ୍ତମ୍ଭିତ କରାଯିବ—2. Going to be stopped etc.

ସ୍ତମ୍ଭବୃତ୍ତି—ସଂ. ବି—ପ୍ରାଣାୟାମର ଅଙ୍ଗବିଶେଷ; କୁମ୍ଭକ (ହି. ଶ)—
Stambhabrutti The art of stopping the breath during breath exercise

ସ୍ତମ୍ଭି—ସଂ. ବି (ସ୍ତମ୍ଭ ଧାତୁ+କର୍ତ୍ତୃ. ଇ)—ସମୁଦ୍ର (ହି. ଶ)—
Stambhi The sea.

ସ୍ତମ୍ଭିକା—ସଂ. ବି (ସ୍ତମ୍ଭ+କ+ଆ)—୧ । ଖଟ, ଚଉକି ଆଦିର
Stambhikā ଗୋଡ଼ (ହି. ଶ)—1. The posts of a bedstead, chair etc. ୨ । ଛୋଟ ଖୁମ୍ବ; ଖୁଣ୍ଟି.—2. Small pillar or post.

ସ୍ତମ୍ଭିତ—ସଂ. ବି (ସ୍ତନ୍ଭ ଧାତୁ ଣିଚ=ସ୍ତମ୍ଭି ଧାତୁ+କର୍ମ. ତ)—
Stambhita ୧ । ଜଡ଼ୀଭୂତ—1. Paralysed; benumbed. ୨ । ନିବାରିତ—2. Prevented. ୩ । ରୁଦ୍ଧ; ବନ୍ଦ କରି ଯାଇଥିବା; ସ୍ଥଗିତ—3. Stopped; restrained. ୪ । ଦୃଢ଼ୀଭୂତ—4. Strengthened; made rigid. ୫ । ନିଷ୍ପନ୍ଦୀଭୂତ—5. Made

immoveable; astounded. ୬ । ସ୍ଥିରୀକୃତ—
6. Fixed.

ସ୍ତମ୍ଭି ଦେବା—ଦେ. କି (ସଂ. ସ୍ତମ୍ଭ ଧାତୁ)—ସ୍ତମ୍ଭନ କରିବା—
Stambhi debā To render motionless.
স্তম্ভন করা [ଭି—ଭଗ୍ନ କ୍ରୋଧ ହୋଇ ଅସ୍ତ୍ରେ ବଜ୍ର ଧର,
स्तम्भन करना ତାଙ୍କ ହାତ ସ୍ତମ୍ଭି ଦେଲେ ଉପସ୍ଥାସ । କୃଷ୍ଣସିଂହ,
ମହାଭାରତ, ଦନ ।]

ସ୍ତମ୍ଭିନୀ—ସଂ, ବଣ. ସ୍ତ୍ରୀ (ସ୍ତମ୍ଭିନ୍ +ଈ)—ସ୍ତମ୍ଭୀର ସ୍ତ୍ରୀ ଲିଙ୍ଗ—
Stambhinī Feminine of Stambhi.
ସଂ. ବି—ଯୋଗ ଶାସ୍ତ୍ର ଅନୁସାରେ ୫ ଗୋଟି ଧାରଣା ମଧ୍ୟରୁ
ଗୋଟିଏ (ହ. ଚ)—One of the 5 Dhāraṇās
in Joga.

ସ୍ତମ୍ଭୀ—ଦେ. ବଣ—ଜଡ଼; ସ୍ଥିର; ନିଶ୍ଚଳ—Motionless, [ଭି—ଦେ
Stambhī ନେତ୍ରେ ଲୁହ ପଡ଼ାଏ । ଦେ ସ୍ତମ୍ଭୀ ହୁଏ । ଉଭହେ—
স্তম্ভী स्तम्भी ପାଳକୃଷ୍ଣ. ଉଦ୍ଧବଚ୍ଛୋଳ ।] ସଂ ବଣ ପୁଂ (ସ୍ତମ୍ଭ+ଇନ୍
୧ମା, ଚ)—୧ । ସ୍ତମ୍ଭଯୁକ୍ତ—1. Pillared. ୨ ।
ସ୍ତମ୍ଭକର (ଦେଖ)—2. Stambhakara (See)
ସଂ. ବି—ସମୁଦ୍ର (ହ. ଶ)—The sea.

ସ୍ତମ୍ଭୀଭୂତ—ସଂ. ବଣ (ସ୍ତମ୍ଭ+ଭୂ ଧାତୁ+ଚ୍ୱି [ଈ]+କର୍ତ୍ତ. ତ)—
Stambhībhūta ୧ । ଜଡ଼ୀଭୂତ—1. Petrified
become motionless; paralysed.
୨ । ନିଶ୍ଚଳ—2. Become rigid.

ସ୍ତର—ସଂ. ବି (ସ୍ତୃ ଧାତୁ=ବିସ୍ତାରିବା+କର୍ମ. ଅ)—୧ । ଥାକ; ଭୂମି
Stara ଅଥବା ଭୂପୃଷ୍ଠ ଉପର ନିହିତ ପଦାର୍ଥ - 1. Layer
stratum. ୨ । ଶଯ୍ୟା; ତଳ୍ପ—2. Bed.

ସ୍ତରଣ—ସଂ. ବି (ସ୍ତୃ ଧାତୁ+ଭାବ. ଅନ)—୧ । ବିସ୍ତାରିବା ବା ବିଛାଇବା
Staraṇa କର୍ମ—1. The act of spreading. ୨ ।
(+କର୍ମ. ଅ) ଶଯ୍ୟା; ବିଛଣା—2. Bedding. ୩ ।
ପଲସ୍ତରା—3. Plaster.

ସ୍ତରଣୀୟ—ସଂ. ବଣ (ସ୍ତୃ ଧାତୁ+କର୍ମ ଅନୀୟ)—ବିସ୍ତୃତ ହେବା
Staraṇiya ଯୋଗ୍ୟ—Deserving to be spread.
[ସ୍ତୃଣି—ଅନ୍ୟରୂପ]

ସ୍ତରି(ରୀ)ମା—ସଂ. ବି (ସ୍ତୃ ଧାତୁ+କର୍ମ ଇମନ୍; ୧ମା. ୧ବ)—ତଳ୍ପ; ଶଯ୍ୟା
Stari(rī)mā [ଉଣାଦିକୋଷ]—Bed.

ସ୍ତରୀ—ସଂ. ବି (ସ୍ତୃ ଧାତୁ+କର୍ତ୍ତ. ଈନ୍; ୧ମା. ୧ବ)—ଧୂମ; ଧୂଆଁ—
Starī Smoke.

ସ୍ତରୁ—ସଂ. ବି (ସ୍ତୃ ଧାତୁ+କର୍ତ୍ତ. ଉ)—ଶତ୍ରୁ; ବୈରୀ ; ହ. ଶ]—
Staru Enemy.

ସ୍ତାବ—ସଂ. ବି (ସ୍ତୁ ଧାତୁ+ଭାବ ଅ)—ସ୍ତବ (ଦେଖ)—Staba
Stāba (See) ସଂ. ବଣ—ସ୍ତାବକ (ଦେଖ)
Stābaka (See)

ସ୍ତାବକ—ସଂ. ବଣ ପୁଂ (ସ୍ତୁ ଧାତୁ+କର୍ତ୍ତ ଅକ)-ସ୍ତବକାରୀ - Praising;
Stābaka praying. ସଂ ବି—୧ । ସ୍ତୁତିପାଠକ ବ୍ୟକ୍ତି—
1. A panegyrist. ୨ । ଖୋସାମଦିଆ; ଚାଟୁକାରୀ
ବ୍ୟକ୍ତି—2. A flatterer.

ସ୍ତାବଲ—ବୈଦେ. ବି (ଇଂ. ଷ୍ଟେବ୍‌ଲ୍)—ଅଶ୍ୱଶାଳା; ଘୋଡ଼ାଶାଳ—
Stābal আস্তাবল स्तबल Stable.

ସ୍ତାବ୍ୟ—ସଂ. ବଣ (ସ୍ତୁ ଧାତୁ+କର୍ମ. ଯ)—ସ୍ତବନୀୟ (ଦେଖ)
Stābya Stabaniya (See)

ସ୍ତିମ (ଧାତୁ)—ସଂ—ଆର୍ଦ୍ର ହେବା; ଓଦା ହେବା—
Stim (root) To become wet.

ସ୍ତିମି—ସଂ. ବି (ସ୍ତିମ୍ ଧାତୁ+କର୍ତ୍ତ. ଇ)—୧ । ପୁଷ୍ପଗୁଚ୍ଛ (ହ. ଶ);
Stimi ସ୍ତବକ—1. A bunch of flowers. ୨ । ସମୁଦ୍ର
(ହ. ଶ)—2. The sea. ୩ । ପ୍ରତିବନ୍ଧ; ଅବରୋଧ
(ହ. ଶ)—3. Obstruction.

ସ୍ତିମିତ—ସଂ, ବଣ (ସ୍ତିମ୍ ଧାତୁ. ଓଦା ହେବା+କର୍ତ୍ତ. ତ)—୧ ।
Stimita ଆର୍ଦ୍ର; ସିକ୍ତ—1. Moistened; wet. ୨ । ସ୍ଥିର;
ନିଶ୍ଚଳ—2. Motionless; fixed; steadfast.
୩ । ଶାନ୍ତ (ହ. ଶ)—3. Calm. ୪ । ପ୍ରସନ୍ନ;
ସନ୍ତୁଷ୍ଟ (ହ. ଶ)—4. Satisfied. ବି—(+
ଭାବ. ତ)—୧ । ଜଡ଼ତା—1. Rigidity. ୨ ।
ନିଶ୍ଚଳତା—2. Motionlessness. ୩ । ଆର୍ଦ୍ରତା—
3. Wetness.

ସ୍ତିମିତ ଦୃଷ୍ଟି—ସଂ. ବି—ଏକଦୃଷ୍ଟି; ଏକଦିଗକୁ ନିଶ୍ଚଳ ଦୃଷ୍ଟି—
Stimita drushṭi Eyesight fixed to one side;
fixed gaze. ସଂ. ବଣ, ପୁଂ ଓ ସ୍ତ୍ରୀ-ସ୍ତିମିତନୟନ [ଦେଖ]
Stimitanayana (See)

ସ୍ତିମିତ ନୟନ(ନେତ୍ର, ଲୋଚନ)—ସଂ. ବି (କର୍ମଧା)—ଏକଦୃଷ୍ଟିଯୁକ୍ତ
Stimita nayana (netra, locchana) ଚକ୍ଷୁ; ସ୍ଥିରଚକ୍ଷୁ—
Steadfast eye. ସଂ. ବଣ. ପୁଂ (ବହୁବ୍ରୀହି)—
ସ୍ଥିର ଦୃଷ୍ଟିଯୁକ୍ତ—Having fixed gaze.
[ସ୍ତିମିତନୟନା(ନେତ୍ରା, ଲୋଚନା)—ସ୍ତ୍ରୀ]

ସ୍ତିର—ଗ୍ରା. ବଣ (ସଂ. ସ୍ଥିର)—ସ୍ଥିରୀକୃତ (ଦେଖ)—Sthiri
Stira kruta (See) ବି—ସ୍ଥିରୀକରଣ (ଦେଖ)
Sthirikaraṇa (See)

ସ୍ତିରି(ରୀ, ର୍ଲା)—ଗ୍ରା. ବି (ସଂ. ସ୍ତ୍ରୀ)—୧ । ଭାର୍ଯ୍ୟା; ସ୍ତ୍ରୀ—1. Wife.
Stiri(rī, rlā) [ଭି—ପାଣିକୁହାଳୀଙ୍କ ମୁଣ୍ଡରେ ଖୋସା,
ସ୍ତିରୀ } ଘର ସ୍ତିରୀ ଯେବେ ହରଇ ଚୁଂସା; ଜବେ ଦନେଇ
ସ୍ତିରି } ଏ ଫସରଫସା—ଦନେଇ ଦାସଙ୍କ ପଦର ।] ୨ ।
স্ত্রী स्त्री ନାରୀ; ସ୍ତ୍ରୀ—2. Woman.

ସ୍ତିରି(ରୀ) ସ୍ୱଭାବ—ଗ୍ରା. ବି—ସ୍ତ୍ରୀମାନଙ୍କର ସ୍ୱାଭାବିକ ଋତୁ—
Stiri(rī)swabhāba Menstruation (which
স্ত্রীস্বভাব स्त्रीस्वभाव is natural to
females).

ସ୍ତୀର୍ବି—ସଂ ବି (ସ୍ତୃ ଧାତୁ+କର୍ତ୍ତ. ଭି)—୧ । ନଭଃ; ଆକାଶ (ଉଣାଦିପ୍ରଭାବ)—
Stīrbi 1, Sky ୨ । ରୁଧିର (ଉଣାଦିପ୍ରଭାବ)—
2. Blood ୩ । ତୃଣ—3, Grass. ୪ । ଅଧ୍ୱର୍ଯ୍ୟୁ;
ଯଜୁର୍ବେଦଜ୍ଞ ଋତ୍ୱିକ୍—4. A priest versed in the

Jajurbeda. ୫ । ଅପୂଃ; ଜଳ—5. Water. ୬ । ଶତ୍ରୁ—6. Enemy; adversary. ୭ । ଶରୀର (ହି. ଶ)—7. Body. ୮ । ଭୟ (ହି. ଶ)—8. Fear. ୯ । ଇନ୍ଦ୍ର (ହି. ଶ.)—9. Indra.

ସ୍ତୁ (ଧାତୁ)—ସଂ—୧ । ସ୍ତବ କରିବା—1. To pray. ୨ । ପ୍ରଶଂସା
Stu (root) କରିବା—To praise; to eulogise.

ସ୍ତୁକ—ସଂ. ବି. ପୁଂ [ସ୍ତୁ ଧାତୁ + କର୍ମ. କ]—ସନ୍ତାନ; ଅପତ୍ୟ [ହି. ଶ]-
Stuka (ସ୍ତୁକା—ସ୍ତ୍ରୀ) Offspring.

ସ୍ତୁଚ୍ (ଧାତୁ)—ସଂ—ପ୍ରସନ୍ନ କରିବା—To cause to be favourable; to please.
Stuch (root)

ସ୍ତୁଟି—ସଂ. ବି—ଭରଦ୍ୱାଜ ପକ୍ଷୀ [ହି. ଶ]—
Stuṭi The skylark.

ସ୍ତୁତ—ସଂ. ବିଣ [ସ୍ତୁ ଧାତୁ + କର୍ମ. କ]—୧। ପ୍ରଶଂସିତ—1. Praised;
Stuta eulogised. ୨ । ଯାହାଙ୍କୁ ସ୍ତୁତି କରା-
[ସ୍ତୁତା—ସ୍ତ୍ରୀ] ଯାଇଥାଏ—2. Prayed; to whom
(ସ୍ତୁତି—ବ prayer is offered. ୩ । ସ୍ରୁତିହୁବା (ହି. ଶ)—3. Oozing. ସଂ. ବି (+ଭାବ କ)—୧। ସ୍ତବ; ସ୍ତୁତି (ହି. ଶ)—1. Hymn. ୨। ମହାଦେବ (ହି ଶ)—2. Siba. ୩ । ପ୍ରଶଂସା—3. Praise.

ସ୍ତୁତସ୍ତୋମ—ସଂ ବିଣ ପୁଂ—ପ୍ରଶଂସିତ [ହି. ଶ.]
Stutastoma [ସ୍ତୁତସ୍ତୋମା—ସ୍ତ୍ରୀ] Praised.

ସ୍ତୁତି—ସଂ ବି—[ସ୍ତୁ ଧାତୁ + କରଣ. କ]—୧ । ସ୍ତବ [ଅମର]—
Stuti Prayer; hymn. [ଉ—ପ୍ରାଣିଙ୍କ ଦୋଷ ନ ଦେଖନ୍ତି,
[ସ୍ତୁତ—ବିଣ] ସ୍ତୁତିରେ ହରଷ ହୁଅନ୍ତି—
ଜଗନ୍ନାଥ ଭାଗବତ ।] ୨। (ଭାବ.କ) ପ୍ରଶଂସା; ଗୁଣକୀର୍ତ୍ତନ—2. Eulogy; praise. ୩। (କର୍ମ. କ) (ପୁଂ) ସତ୍ୟସ୍ତୁ-
ନାମୋକ୍ତ ବିଷ୍ଣୁଙ୍କର ନାମ—3. One of the names of Bishṇu. ୪ । (ସ୍ତ୍ରୀ) ଦୁର୍ଗା—4. The Goddess Durga.

ସ୍ତୁତି ପାଠ—ସଂ. ବି (୭ମୀ ତତ୍)—ପ୍ରଶଂସା ଗାନ—
Stuti pāṭha Eulogising; panegyrics.

ସ୍ତୁତି ପାଠକ—ସଂ. ବି. ପୁଂ—ଭାଟ; ବନ୍ଦୀ; ମାଗଧ; ଯେଉଁମାନେ ରାଜାଙ୍କ
Stuti pāṭhaka ନିକଟରେ ରାଜାଙ୍କର ଯଶୋଗାନ କରନ୍ତି
(ଅମର)—Panegyrist; herald; an encomiast.

ସ୍ତୁତି ପ୍ରିୟ—ସଂ. ବିଣ. ପୁଂ (ବହୁବ୍ରୀହି)—ଯେ ନିଜର ପ୍ରଶଂସା ଶୁଣି ଖୁସି
Stuti priya ହୁଅନ୍ତି—Fond of praise or adulation.
(ସ୍ତୁତିପ୍ରିୟା—ସ୍ତ୍ରୀ) (ସ୍ତୁତିପ୍ରିୟତା—ବି)

ସ୍ତୁତି ବାକ୍ୟ (ବାଣୀ; ବଚନ)—ସଂ. ବି—ପ୍ରଶଂସାବାକ୍ୟ—
Stuti bākya (bāṇī; bachana) Eulogy; laudatory expression.

ସ୍ତୁତି ବାଦ—ସଂ. ବି (ସ୍ତୁତି=ସ୍ତବ+ବାଦ=ବାକ୍ୟ)—୧ ।
Stuti bāda ପ୍ରଶଂସାବାଦ; ପ୍ରଶଂସାସୂଚକ ବାକ୍ୟ; ଗୁଣଗାନ—1. Eulogy; panegyric. ୨ । ଖୋସାମତ—2. Flattery.

ସ୍ତୁତିବାଦକ—ସଂ. ବିଣ. ପୁଂ (ସ୍ତୁତି + ବଦ୍ ଧାତୁ + କର୍ତ୍ତୃ. ଅକ)—୧ ।
Stuti bādaka ପ୍ରଶଂସାକାରୀ—1. Praising. ୨ ।
(ସ୍ତୁତିବାଦିକା—ସ୍ତ୍ରୀ) ଖୋସାମତିଆ—2. Flattering.

ସ୍ତୁତି ବ୍ରତ—ସଂ. ବି. ପୁଂ (ସ୍ତୁତି ଅଟେ ବ୍ରତ ଯାହାର, ବହୁବ୍ରୀହି)—
Stuti brata ସ୍ତୁତିପାଠକ; ଭାଟ—Panegyrist.

ସ୍ତୁତ୍ୟ—ସଂ. ବିଣ (ସ୍ତୁ ଧାତୁ + କର୍ମ. ଯ)—ସ୍ତବର ଯୋଗ୍ୟ; ସ୍ତବନୀୟ;
Stutya ପ୍ରଶଂସନୀୟ—Deserving praise.

ସ୍ତୁନକ—ସଂ. ବି—ଛାଗ (ଶବ୍ଦ)—
Stunaka Goat.

ସ୍ତୁନଭ୍(ଧାତୁ)—ସଂ (ସୌତ୍ର ଧାତୁ)—୧ । ରୋଧନ କରିବା—
Stunabh (root) 1. To restrain; to stop. ୨ । ଆବରଣ କରିବା—2. To cover; to enshroud.

ସ୍ତୁବିବା—ଦେ. କ୍ରି (ପଦ୍ୟ) (ସଂ. ସ୍ତୁ ଧାତୁ)—ସ୍ତୁତି ବା ସ୍ତବ କରିବା—
Stubibā To praise; to pray.

ସ୍ତୁବି—ସଂ. ବିଣ (ସ୍ତୁ ଧାତୁ + କର୍ତ୍ତୃ ବି)—ସଂ, ବି—୧ । ସ୍ତବକାରୀ;
Stubi ସ୍ତାବକ; ଉପାସକ; ପୂଜକ—
1. Worshipper, ୨ । (+ଅଧିକରଣ. ବି)—ଯଜ୍ଞ (ହି. ଶ)—2. Vedic sacrifice.

ସ୍ତୁବେଯ୍ୟ—ସଂ. ବି. ପୁଂ—ଇନ୍ଦ୍ର (ହି. ଶ)—
Stubejya Indra.

ସ୍ତୁଭ୍(ଧାତୁ)—ସଂ—ରୋଧ କରିବା—
Stubh (root) To stop; to restrain.

ସ୍ତୁଭ—ସଂ. ବି (ପୁଂ)—୧ । ଛାଗ (ଶବ୍ଦ)—1. Goat. ୨ । ଅଗ୍ନି-
Stubha ବିଶେଷ (ହି. ଶ)—2. A kind of fire.
(ସ୍ତୁଭା—ସ୍ତ୍ରୀ) (ସ୍ତୁଭକ—ଅନ୍ୟରୂପ)

ସ୍ତୁଷେଯ୍ୟ—ସଂ. ବିଣ—୧ । ସ୍ତୁତ୍ୟ; ପ୍ରଶଂସନୀୟ (ହି. ଶ)—
Stushejya 1. Praiseworthy. ୨ । ଉତ୍ତମ (ହି.ଶ) 2. Good.

ସ୍ତୂପ୍ (ଧାତୁ)—ସଂ—ଗଦା କରିବା—
Stūp (root) To heap up.

ସ୍ତୂପ—ସଂ. ବି (ସ୍ତୂପ୍ ଧାତୁ+କର୍ମ. ଅ)—୧ । ମୃତ୍ତିକା କୂଟ; ମାଟିର ବା
Stūpa ଅନ୍ୟ ଦ୍ରବ୍ୟର ଗଦା; ରାଶୀକୃତ ମୃତ୍ତିକାଦି (ଅମର)-
1. Heap of earth etc. ୨ । ମାଟିର ଢିପ—2. A mound of earth. ୩ । ସଙ୍ଘାତ (ସଂକ୍ଷିପ୍ତସାର)-3. Collection. ୪। ବଳ; ସୈନ୍ୟ—4. Army. ୫ । ଅପ୍ରୟୋଜନତା—5. Absence of use; uselessness. ୬ । ମାଟି, ପଥର, ଇଟା ଆଦିରେ ନିର୍ମିତ ଢିପ, ଯହିଁ ତଳେ ବୁଦ୍ଧଦେବଙ୍କର ବା କୌଣସି ବୌଦ୍ଧ ମହାତ୍ମାଙ୍କ ଅସ୍ଥି, ଦନ୍ତ, କେଶ ଆଦି ସୁରକ୍ଷିତ ରକ୍ଷିତ ହୋଇଥାଏ (ହି.)—6. A mound of earth or

masonry inside which is preserved some of the Buddhistic relics. ଦେ. ବ—
ସ୍ତୂପ ସ୍तूप ବୌଦ୍ଧମାନଙ୍କର ପୁରାତନ ମଠର ଭଗ୍ନାବଶେଷର ଅବଶ୍ୟସ୍ଥିତ ମୃତ୍ତିକାର ଗଦା—A mound of earth indicating the existence of an old Buddhistic monastery at the site.

ସ୍ତୂପାକାର—ସଂ. ବଣ (ବହୁବ୍ରୀହି, ସ୍ତୂପ ହୋଇଅଛି ଆକାର ଯାହାର)- Stūpākāra ସ୍ତୂପୀକୃତ—Heaped up.

ସ୍ତୂପୀକୃତ—ସଂ. ବଣ [ସ୍ତୂପ+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ]— Stūpīkruta Heaped up.

ସ୍ତୂୟମାନ—ସଂ. ବଣ. ପୁଂ (ସ୍ତୁ ଧାତୁ+କର୍ମ ଶାନଚ୍=ଅନ)— Stūyamāna ଯାହାଙ୍କୁ ସ୍ତବ କରି ଯାଉଅଛି— (ସ୍ତୂୟମାନା—ସ୍ତ୍ରୀ) One who is being praised or eulogised or prayer to.

ସ୍ତୃ(ଧାତୁ)—ସଂ—୧ । ବିସ୍ତାରିବା—1. To spread out. ୨ । Stṛu (root) ଆଚ୍ଛାଦନ କରିବା—2. To spread over.

ସ୍ତୃକ୍ଷ୍(ଧାତୁ)—ସଂ—ଗତି କରିବା— Stṛuksh (root) To move.

ସ୍ତୃତ - ସଂ. ବ (ସ୍ତୃ ଧାତୁ+କର୍ମ ତ)—୧ । ଆଚ୍ଛାଦିତ— Stṛuta 1. Spread over; covered. ୨ । ବିସ୍ତୃତ—2. Spread.

ସ୍ତୃତି—ସଂ. ବି (ସ୍ତୃ ଧାତୁ+ଭାବ ତି)—୧ । ବିସ୍ତାର— Stṛuti 1. Spreadin ୨ । ଆଚ୍ଛାଦନ— 2. Covering.

ସ୍ତୃନ୍(ଧାତୁ)—ସଂ—ପ୍ରୀତି ରକ୍ଷା କରିବା— Stṛun(root) To preserve friendship.

ସ୍ତୃହ୍ (ଧାତୁ)—ସଂ—ବଧ କରିବା— Stṛuh (root) To kill.

ସ୍ତୄ (ଧାତୁ)—ସଂ—ବିସ୍ତାରିବା— Stṛū (root) To spread out.

ସ୍ତେନ୍ (ଧାତୁ)—ସଂ. ବି—ଚୋରି କରିବା— Sten (root) To steal.

ସ୍ତେନ—ସଂ. ବି [ସ୍ତେନ୍ ଧାତୁ+ଭାବ ଅ]—୧ । ସ୍ତେୟ; ଚୌର୍ଯ୍ୟ; Stena ଚୋରି (ଭାରତ); ପରସ୍ୱାପହରଣ— 1. Stealing. ୨ । [+କର୍ତ୍ତୃ ଅ] ତସ୍କର; ଚୋର (ଅମର)-2. Thief. ୩ । ପରଦ୍ରବ୍ୟାପହାରକ- 3. Dishonest remover of other people's property. ୪ । ଦେବତାଙ୍କୁ ନିବେଦନ ନ କରି ଯେ ଅନ୍ନାଦି ଭୋଜନ କରେ (ଭଗବଦ୍ଗୀତା)—4. A person who eats food without offering it to God. । ୫ ଚୋର ନାମକ ଗନ୍ଧଦ୍ରବ୍ୟ—5. A medicinal scent.

ସ୍ତେପ୍ (ଧାତୁ) —ସ—୧ । କ୍ଷେପଣ କରିବା—1. To throw. Step (root) ୨ । କ୍ଷରିବା—2. To ooze (Apte).

ସ୍ତେମ—ସଂ. ବ (ଷ୍ଟିମ୍. ଧାତୁ+ଭାବ. ଅ)—ଆର୍ଦ୍ରୀଭାବ— Stema Moisture; wet condition. [ସ୍ତିମିତ—ବଣ].

ସ୍ତେୟ—ସଂ. ବ (ସ୍ତେନ୍. ଧାତୁ+ଭାବ. ଯ)—ଚୌର୍ଯ୍ୟ; ଚୋରି; Steya ପରଦ୍ରବ୍ୟାପହରଣ—Stealing. ସଂ. ବଣ (+କର୍ମ. ଯ) —୧। ଅପହୃତ (ଦ୍ରବ୍ୟ) (ହ. ଶ)—1. Stolen. ୨ ।ଅପହରଣୀୟ—2. Capable of being stolen.

ସ୍ତେୟୀ—ସ. ବ. ପୁଂ (ସ୍ତେୟ+ଇନ୍ ୧ମା, ୧ବ)—୧ । ଚୋର— Steyī 1. Thief. ୨ । ସ୍ୱର୍ଣ୍ଣକାର; ବଣିଆ (ଶବ୍ଦକଳ୍ପଦ୍ରୁମ)— [ସ୍ତେୟିନୀ—ସ୍ତ୍ରୀ] 2. Goldsmith. ୩ । ବନମୂଷିକ—3. Wild rat; mouse.

ସ୍ତୈନ—ସ. ବ (ସ୍ତେନ+ଭାବ.ଅ)—୧। ଚୌର୍ଯ୍ୟ; ଚୋରି(ଅମର, ଭରତ) Staina —1. Stealing. ୨ । (ସ୍ତେନ ଧାତୁ+କର୍ତ୍ତୃ ଅ)— ଚୋର—2. Thief; robber (Apte).

ସ୍ତେନ ନିଗ୍ରହ—ସ, ବ (୬ଷ୍ଠୀ ତତ୍)—୧। ଚୋରମାନଙ୍କୁ ଦଣ୍ଡ ଦେବା— Stena nigraha 1. Punishment of thieves (Apte). ୨ । ଚୋର ଅପରାଧ ବନ୍ଦ କରିବା—2. Suppression of theft (Apte).

ସ୍ତୈନ୍ୟ—ସ. ବ (ସ୍ତେନ+ସ୍ୱାର୍ଥେ.ଯ)—୧। ଚୋର (ଶବ୍ଦରତ୍ନାବଳୀ)— Stainya 1. Thief. ୨ । (+ଭାବ. ଅ) ଚୌର୍ଯ୍ୟ— 2. Theft; robbery [Apte].

ସ୍ତୈମିତ୍ୟ—ସ. ବ (ସ୍ତିମିତ+ଭାବ. ଯ)—ଜଡ଼ତା (ରାଜନିର୍ଘଣ୍ଟ)— Staimitya Rigidity; numbness.

ସ୍ତୋକ—ସ. ବଣ (ସ୍ତୁଚ୍. ଧାତୁ+କର୍ମ. ଅ)—୧ । ଅଳ୍ପ; ଈଷତ୍; ଅତି Stoka ସାମାନ୍ୟ (ଅମର)—1. Little; slight. [ଉ— ମହା ସତ୍ତ୍ୱବନ୍ତ ଅଟନ୍ତି ଯେତେ ଲୋକ, ପଢ଼ିଲେ କ୍ଳେଶ ତାଙ୍କୁ ମଣନ୍ତି ଯେ ସ୍ତୋକ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଖର୍ବ—2. Short (Apte). ୩ । ଅଳ୍ପ- ସଂଖ୍ୟକ—3. Few (Apte). ୪ । ନୀଚ—4. Low; abject (Apte). ସ. କ୍ରି. ବଣ—ଅଳ୍ପେ ଅଳ୍ପେ— Little by little. ବ-୧ । ଚାତକ ପକ୍ଷୀ (ମେଦିନୀ)— 1. The pied-crested coccyster. ୨ । ଜଳବିନ୍ଦୁ (ଶବ୍ଦକଳ୍ପଦ୍ରୁମ)—2. A drop of water. ୩ । ଟିକିଏ ମାତ୍ର—3. A little (Apte).

ସ୍ତୋକକ—ସ. ବ (ସ୍ତୋକ+ସ୍ୱାର୍ଥେ. କ)—ଚାତକ ପକ୍ଷୀ— Stokaka The pied-crested coccyster bird.

ସ୍ତୋକ କାୟ—ସ.ବଣ. ପୁଂ [ବହୁବ୍ରୀହି]-କ୍ଷୁଦ୍ର ଶରୀରବିଶିଷ୍ଟ; ବେଣ୍ଟା— Stoka kāya Short-bodied; dwarfish. [ସ୍ତୋକକାୟା—ସ୍ତ୍ରୀ] [ସ୍ତୋକ କାୟତା—ବ]

ସ୍ତୋକକୃଷ୍ଣ—ଦେ. ବ—ଗୋପରେ ଥିବା କୃଷ୍ଣଙ୍କର ସଙ୍ଗାତ—[ଦ୍ର— Stokakṛushṇa ମଥୁରାନଗରବେଳେ ଏହାଙ୍କ ହସ୍ତରେ କୃଷ୍ଣ ବଂଶୀ स्तोककृष्ण ଦେଇ ଯାଇଥିଲେ ।]—One of the playmates स्तोककृष्ण of Śrīkṛushṇa in Gopapura. [ଉ—

ସୁପରଲେ ସ୍ତୋକକୃଷ୍ଣ, ଜାଣିଲ ପ୍ରଭୁଙ୍କ ମନ, ମିଳଲ ଅସି ବହନ, ଉତ୍ତନ୍ନ ହୋଇ । ପ୍ରାଚୀ· ରହସ୍ୟମଞ୍ଜରୀ ।]

ସ୍ତୋକ୍‌ ବାକ୍ୟ—ଦେ. ବି (ସଂ. ସ୍ତୋକ; ସ୍ତୋମ=ସ୍ତବ; ସଂ. ସ୍ତାବକ)—
Stoka bākya ୧ । ପ୍ରଶଂସାବାଚକ ବା ତୋଷାମଦିଆ କଥା—
স্তোকবাক্য 1. Flattering words. ୨ । ଭୁଲାଣିଆ କଥା—
खुसामदी बात 2. Inveigling words.

ସ୍ତୋକ ମାତ୍ର—ଦେ, ବି ଓ ବିଣ—ସାମାନ୍ୟ ମାତ୍ର; ଥୋଡ଼ାଏ—
Stoka mātra A little.
সামান্যমাত্র **थोड़ासा**

ସ୍ତୋକ ରଟ—ସଂ. ବି (୬ଷ୍ଠୀ ତତ୍‌)—ଚାତକ ଧ୍ୱନି—
Stoka raṭa The twitter of the bird coccyster.

ସ୍ତୋତକ—ସଂ. ବି—୧ । ଚାତକ (ହ ଚ)—1. Coccyster bird.
Stotaka ୨ । ବତ୍ସନାଗ ବିଷ (ହ. ଚ)—
2. A kind of poison.

ସ୍ତୋତବ୍ୟ—ସଂ. ବି (ସ୍ତୁ· ଧାତୁ+କର୍ମ. ତବ୍ୟ)—ସ୍ତୁତ୍ୟ; ସ୍ତବନୀୟ—
Stotabya Fit to be prayed to.

ସ୍ତୋତା—ସଂ. ବିଣ· ପୁଂ (ସ୍ତୁ. ଧାତୁ+କର୍ତ୍ତୃ· ତୃ ୧ମା. ୧ବ)—ସ୍ତୁତି·
Stotā କାରକ; ସ୍ତବକାରକ—Praying; eulogising.
(ସ୍ତୋତ୍ରୀ—ସ୍ତ୍ରୀ) ବି—ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ—
A name of Bishṇu,

ସ୍ତୋତ୍ର—ସଂ. ବି (ସ୍ତୁ ଧାତୁ+ଭାବ ବା କରଣ ତ୍ର)—୧। ସ୍ତବ (ଅମର)—
Stotra 1. Prayer; eulogy. ୨ । ଦେବୋଦ୍ଦେଶ୍ୟରେ ରଚିତ ସ୍ତବ—2. Hymn; prayer to a Deity.
[ଦ୍ର—ମତ୍ସ୍ୟପୁରାଣରେ ସ୍ତୋତ୍ରମାନଙ୍କୁ ଚାରି ଶ୍ରେଣୀରେ ବିଭକ୍ତ କରି ଯାଇଅଛି :— ଦ୍ରବ୍ୟ ସ୍ତୋତ୍ର, କର୍ମ ସ୍ତୋତ୍ର, ବିଧି ସ୍ତୋତ୍ର ଓ ଅଭିଜନ ସ୍ତୋତ୍ର ।]

ସ୍ତୋତ୍ର ପାଠ—ସଂ, ବି (ଷଷ୍ଠୀ ତତ୍‌)—ସ୍ତବର ଆବୃତ୍ତି—
Stotra pāṭha Recital of a hymn.

ସ୍ତୋତ୍ର ପାଠକ—ସଂ. ବି. ପୁଂ—ଯେ ସ୍ତବପାଠ କରେ—
Stotra pāṭhaka Reciter of hymn.
(ସ୍ତୋତ୍ରପାଠିକା—ସ୍ତ୍ରୀ)

ସ୍ତୋତ୍ର ପ୍ରଣେତା—ସଂ.ବି.ପୁଂ (୬ଷ୍ଠୀ ତତ୍‌)—ଯେ ସ୍ତବ ରଚନା କରନ୍ତି—
Stotra praṇetā The composer of a hymn.
(ସ୍ତୋତ୍ରରଚକ, ସ୍ତୋତ୍ର ରଚୟିତା—ଅନ୍ୟରୂପ) (ସ୍ତୋତ୍ରପ୍ରଣେତ୍ରୀ, ସ୍ତୋତ୍ର ରଚକା, ସ୍ତୋତ୍ର ରଚୟିତ୍ରୀ—ସ୍ତ୍ରୀ)

ସ୍ତୋତ୍ର ରଚନା—ସଂ. ବି (୬ଷ୍ଠୀ ତତ୍‌)—ସ୍ତୁତି ପ୍ରଣୟନ—
Stotra rachanā The composing of hymn.

ସ୍ତୋତ୍ରି(ତ୍ରୀ)ୟ—ସଂ, ବିଣ—ସ୍ତୋତ୍ର ସମ୍ବନ୍ଧୀୟ (ହ, ଚ)
Stotri(trī)ya Relating to hymn or prayer,

ସ୍ତୋଭ—ସଂ. ବି (ସ୍ତୁଭ୍‌ ଧାତୁ+ଭାବ ଅ)—୧ । ସ୍ତମ୍ଭନ (ଦେଖ)
Stobha (ହେମଚନ୍ଦ୍ର)—1. Stambhana (See)
(ସ୍ତୋଭନ—ବିଣ) ୨ । ହେଳନ; ଅଗୌରବ (ହେମଚନ୍ଦ୍ର)—
2. Slighting. ୩ । ବାଧାଦାନ—3. Obstructing; restraining. ୪ । ସ୍ତବ—4. Hymn.
୫ । ସାମବେଦୀୟ ବିଶେଷ; ଗୀତାଳାପ ପୂରଣାର୍ଥ ଅନର୍ଥକ ଶବ୍ଦ ବା ଅକ୍ଷର—5. Any meaningless word or letter added to fill up a song (a part of the Sāmabeda). ୬। ତିରସ୍କାର (ହ. ଚ)—6. Abusing.

ସ୍ତୋମ୍‌ (ଧାତୁ)—ସ—ଶ୍ଳାଘା କରିବା—
Stom (root) To praise; to eulogise.

ସ୍ତୋମ—ସଂ. ବି (ସ୍ତୋମ୍‌ ଧାତୁ+କର୍ମ. ଅ) —୧ । ରାଶି; ସମୂହ (ଅମର)
Stoma —1. Multitude; heap. [ଦ୍ର—ବରେନ୍ଦ୍ରକର କଲେ ଧ୍ୱଜସ୍ତୋମ—ଉଜ୍ଜ. ବୈଦେହୀଶବିଳାସ ।] ୨ । ଯଜ୍ଞ (ହେମଚନ୍ଦ୍ର)—2. Vedic sacrifice. ୩। (+ଭାବ.ଅ) —ସ୍ତବ; ସ୍ତୁତି (ଶବ୍ଦକଳ୍ପଦ୍ରୁମ)—3. Praise; hymn. ୪ । (କର୍ମ. ଅ) ଧନ (ଶବ୍ଦକଳ୍ପଦ୍ରୁମ)—4. Riches. ୫ । ମସ୍ତକ (ଶବ୍ଦକଳ୍ପଦ୍ରୁମ) — 5. Head. ୬ । ଶସ୍ୟ (ଶବ୍ଦକଳ୍ପଦ୍ରୁମ)— 6. Grain. ୭ । ଲୌହାଗ୍ର ଦଣ୍ଡ— 7. A rod with an iron top. ୮ । ଭାଡ଼ିକ; ଗୃହ ଆଦିର ଭଡ଼ା (ଶବ୍ଦକଳ୍ପଦ୍ରୁମ)—8. Rent for occupation of a property. ୯ । ଦଶ ଧନୁପ୍ରମାଣ ବା ୪୦ ହାତର ଏକ ମାପ (ହ. ଚ)—9. A standard of linear measure, ୧୦ । ଯଜ୍ଞକାରୀ ବ୍ୟକ୍ତି (ହ, ଚ —10. The performer of a sacrifice. ବିଣ—୧ । ନତ—1. Bent. ୨ । ବକ୍ର—
2. Awry.

ସ୍ତୋମ୍ୟ—ସଂ. ବିଣ (ସ୍ତୋମ୍‌ ଧାତୁ+କର୍ମ ଯ)— ସ୍ତୁତ୍ୟ; ସ୍ତୁତିର ଯୋଗ୍ୟ
Stomya (ହ. ଚ)—Fit to be prayed to.

ସ୍ତୌପିକ—ସଂ. ବି (ସ୍ତୂପ+ଇକ)—୧ । ବୌଦ୍ଧ ସ୍ତୂପ ମଧ୍ୟରେ
Staupika ରକ୍ଷିତ ଅସ୍ଥି, କେଶ ଆଦି ସ୍ମୃତିଚିହ୍ନ (ହ. ଚ)—
1. Mementoes or relics preserved inside Buddhist Stūpas. ୨ । ଜୈନଯତିଙ୍କ ପାଖରେ ରଖାଯିବା ମାର୍ଜନୀ (ହ· ଚ)—
2. A duster kept near a Jaina ascetic.

ସ୍ତ୍ୟାନ—ସଂ· ବିଣ—(ସ୍ତ୍ୟୈ ଧାତୁ=ଶବ୍ଦ କରିବା+କର୍ତ୍ତୃ. ତ)—୧ । ଧ୍ୱନି·
Styāna କାରକ (ମୁଗ୍ଧବୋଧ)—1. Making a sound. ୨ । ସଂହତକର୍ତ୍ତା—2. Heaping up; gathering together. ୩ । (+କର୍ମ ତ) ନିବିଡ଼; ଘନ—3. Dense. ୪ । ସଂହତ—4. Heaped up. ୫ । ମିଳିତ—5 Joined together; mixed up. ୬ । ଅଶ୍ୟାନ; ଶୁଷ୍କ ଓ ଚଟଚଟିଆ—6. Dry & sticky; resinous. ୭ । ମସୃଣ; ସ୍ନିଗ୍ଧ—7. Oily; smooth. ୮ । ସ୍ଥୂଳ—8. Thick. ୯ । ଧ୍ୱନିତ; ଶବ୍ଦିତ—9. Echoed; sounded. ବି—୧ । (+ଭାବ. ତ) ଶବ୍ଦ—1. Sound. ୨ । ଘନତ୍ୱ (ବିଶ୍ୱ. ମେଦିନୀ)—2. Density. ୩ । ସ୍ଥୂଳତ୍ୱ—3. Thickness.

୪ । ଆଳସ୍ୟ—4. Idleness. ୫ । ପ୍ରତିଧ୍ୱନି—5. Echo. ୬ । ଅମୃତ (ହ୍ର. ଶ)—6. Nectar.

ସ୍ତ୍ୟାୟନ—ସଂ. ବି (ସ୍ତ୍ୟୈ ଧାତୁ+କର୍ତ୍ତୃ. ଅନ)—ଜନସମୂହ (ହ ଶ)—
Styāyana Crowd.

ସ୍ତେୟନ—ସଂ. ବି (ସ୍ତେନ୍ ଧାତୁ+କର୍ତ୍ତୃ. ଅ)—୧। ଚୋର; ତସ୍କର (ହ୍ର. ଶ)—1. Thief. ୨ । ଅମୃତ (ହ୍ର. ଶ)—
Styena 2. Nectar.

ସ୍ତ୍ୟୈ (ଧାତୁ)—ସଂ—୧ । ଶବ୍ଦ କରିବା—1. To make a sound. ୨ । ଗଦା କରିବା—2. To heap up.
Styai (root)

ସ୍ତୈନ—ସଂ. ବି (ସ୍ତେନ ଧାତୁ+କର୍ତ୍ତୃ ଅ)—୧ । ଚୋର (ଉଣାଦି କୋଷ)—1. Thief. ସଂ. ବିଣ—ଅଳ୍ପ (ହ ଶ)—Little.
Styaina

ସ୍ତ୍ରିୟମ୍ମନ୍ୟ—ସଂ. ବିଣ. ପୁଂ (ସ୍ତ୍ରିୟଂ—ସ୍ତ୍ରୀକୁ+ମନ ଧାତୁ+କର୍ତ୍ତୃ.ଯ)—
Striyammanya ଯେଉଁ ପୁରୁଷ ଆପଣାକୁ ସ୍ତ୍ରୀ ବୋଲି ଜ୍ଞାନ କରେ (ହ୍ର. ଶ)—(a male) Thinking himself to be a female.

ସ୍ତ୍ରୀ—ସଂ. ବି. ସ୍ତ୍ରୀ (ସ୍ତ୍ୟୈ ଧାତୁ+କର୍ମ ର+ସ୍ତ୍ରୀ ଈ)—୧ । ନାରୀ;
Strī ପୁରୁଷର ବିପରୀତ ଲିଙ୍ଗ ଓ ଲକ୍ଷଣ (ସ୍ତନ, ଯୋନ୍ୟାଦି) (ପୁରୁଷ—ବିପରୀତ) ବିଶିଷ୍ଟ ବ୍ୟକ୍ତି—1. Woman. ୨ । ପୁରୁଷର ବିପରୀତ ଜାତୀୟ ଜୀବ—2. Female animal. ୩ । ଭାର୍ଯ୍ୟା; ପତ୍ନୀ—3. Wife. [ଦ୍ର—ସ୍ତ୍ରୀ ଶବ୍ଦର ପର୍ଯ୍ୟାୟ—ଯୋଷିତ୍, ସୀମନ୍ତିନୀ, ବଧୂ, ପ୍ରତୀପଦର୍ଶିନୀ, ବାମା, ବନିତା, ମହିଳା, ପ୍ରିୟା, ରମା, ଜନି, ଜନୀ, ଯୋଷିତା, ବନିକା, ମଦୋତ୍କଳିକା, ମଦୋତ୍କଳା, ଶର୍ବରୀ, ସିନ୍ଦୂରତିଳକା, ସୁଭ୍ରୂ, ସ୍ତନଯୁକ୍ତା, ବାମଦୃକ୍, ଅଙ୍ଗନା, ଲଳନା, କାନ୍ତା, ପୁରନ୍ଧ୍ରୀ, କଳବଣ୍ଠିକା, ସୁତନୁ, ତନ୍ୱୀ, ତନୁ, କାମିନୀ, ତନ୍ୱଙ୍ଗୀ, ରମଣୀ, ଜ୍ଞାନଜ୍ଞାନଯୁକ୍ତା, ଭୀରୁ, ଭାବିନୀ, ବିଳାସିନୀ, ନିତମ୍ବିନୀ, ମତ୍ତକାଶିନୀ, ସୁକେଶୀ, ପ୍ରମଦା, ଅଶ୍ରୁଭଗ୍ନ, ଲଳିତା, ବାସିତା, ରୂପିଣୀ, ବରବର୍ଣ୍ଣିନୀ, ନତାଙ୍ଗୀ, ବନିତା, ବସୁ, ଶ୍ୟାମା, ଗୁରୁବର୍ଦ୍ଧନା ।

କାମଶାସ୍ତ୍ରରେ ସ୍ତ୍ରୀମାନଙ୍କ ୪ ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

୧ । ପଦ୍ମିନୀ :—

ଭବତି କମଳନେତ୍ରା, ନାସିକା କ୍ଷୁଦ୍ରରନ୍ଧ୍ରା ।
ଅବିରଳକୁଚଯୁଗ୍ମା, ଦୀର୍ଘକେଶୀ, କୃଶାଙ୍ଗୀ ।
ମୃଦୁବଚନ ସୁଶୀଳା, ନୃତ୍ୟଗୀତାନୁରକ୍ତା
ସକଳତନୁସୁବେଶା ପଦ୍ମିନୀ ପଦ୍ମଗନ୍ଧା ।

ପଦ୍ମିନୀ—ପଦ୍ମଗନ୍ଧା; ଶଶକଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

୨ । ଚିତ୍ରିଣୀ :—

ଭବତି ରତିରସଜ୍ଞା ନାତିଦୀର୍ଘା ନ ଖର୍ବା
ତିଳକୁସୁମସୁନାସା ସ୍ନିଗ୍ଧଦେହୋତ୍ପଲାକ୍ଷୀ ।
କଠିନ ଘନକୁଚାଢ୍ୟା ସୁନ୍ଦରୀ ସା ସୁଶୀଳା
ସକଳ ଗୁଣବିଚିତ୍ରା ଚିତ୍ରିଣୀ ଚିତ୍ରବକ୍ତ୍ରା ।

ଚିତ୍ରିଣୀ—ମୀନଗନ୍ଧା; ମୃଗଜାତୀୟ ପୁରୁଷ ଏହାଙ୍କ ଯୋଗ୍ୟ ।

୩ । ଶଙ୍ଖିନୀ :—

ଦୀର୍ଘା ସୁଦୀର୍ଘନୟନା ବରସୁନ୍ଦରୀ ଯା
କାମୋପଭୋଗରସିକା ଗୁଣଶୀଳଯୁକ୍ତା ।
ରେଖାତ୍ରୟେଣ ଚ ବିଭୂଷିତକଣ୍ଠଦେଶା
ସମ୍ଭୋଗକେଳିରସିକା କିଲ ଶଙ୍ଖିନୀ ସା ।

ଶଙ୍ଖିନୀ—କ୍ଷାରଗନ୍ଧା; ବୃଷଭଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

୪ । ହସ୍ତିନୀ :—

ସ୍ଥୂଳାଧରା ସ୍ଥୂଳନିତମ୍ବଭାଗା
ସ୍ଥୂଳାଙ୍ଗୁଳି ସ୍ଥୂଳକୁଚା ସୁଶୀଳା ।
କାମୋତ୍ସୁକା ଗାଢ଼ରତିପ୍ରିୟା ଚ
ନିତମ୍ବଖର୍ବା ଖଲୁ ହସ୍ତିନୀ ସ୍ୟାତ୍ ।

ହସ୍ତିନୀ—ମଦଗନ୍ଧା; ଅଶ୍ୱଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

ସ୍ତ୍ରୀମାନେ ଋତୁମତୀ ହେବା ପୂର୍ବେ ବାଳିକା ଓ ଋତୁମତୀ ହେବାଠାରୁ ୧୬ ବର୍ଷ ପର୍ଯ୍ୟନ୍ତ ବାଳା, ୩୦ ବର୍ଷ ପର୍ଯ୍ୟନ୍ତ ତରୁଣୀ, ୫୫ ବର୍ଷ ପର୍ଯ୍ୟନ୍ତ ପ୍ରୌଢ଼ା ଓ ତତ୍ପରେ ବୃଦ୍ଧା ହୁଅନ୍ତି ।]

(ସାଙ୍କେତିକ)—ସ୍ତ୍ରୀଲିଙ୍ଗାନ୍ତ ଶବ୍ଦର ସାଙ୍କେତିକ ଚିହ୍ନ—Abbreviation for words of female gender.

ସ୍ତ୍ରୀଆଚାର—ଦେ. ବି—ସ୍ତ୍ରୀଲୋକମାନଙ୍କ ଦ୍ୱାରା ବିବାହକାଳୀନ ମନ୍ତ୍ରବର୍ଜିତ ଅନୁଷ୍ଠାନ ବିଶେଷ—(ଯଥା—ଲୁଚର୍ମ ବେଦୀରେ ଜୋଇଁଙ୍କୁ ଅଳତାସିନ୍ଦୂର ଦେବା, ବରକନ୍ୟାଙ୍କୁ କୁଆ ଖେଳାଇବା ଇତ୍ୟାଦି)—Some rites performed by females in the course of a marriage ceremony.
Striāchāra
স্ত্রীআচার
स्त्रीआचार

ସ୍ତ୍ରୀକାମ—ସଂ. ବିଣ. ପୁଂ (ସ୍ତ୍ରୀ+କମ. ଧାତୁ+କର୍ତ୍ତୃ. ଅ)—ସ୍ତ୍ରୀକୁ କାମନା ବା ଇଚ୍ଛା କରୁଥିବା (ବ୍ୟକ୍ତି)—(A person) Desiring to get a woman.
S rikāma

ସ୍ତ୍ରୀକୋଶ—ସଂ. ବି—ଖଡ୍ଗ (ହ୍ର. ଶ)
Strik .sa Sword.

ସ୍ତ୍ରୀ କ୍ଷୀର—ସଂ. ବି—ସ୍ତ୍ରୀଙ୍କ ସ୍ତନରୁ ଉତ୍ପନ୍ନ ଦୁଗ୍ଧ (ହ, ଶ)—
Strī kshīra Milk got from the breast of a woman.

ସ୍ତ୍ରୀ ଗବୀ—ସଂ. ବି—ଧେନୁ; ଗାଈ—
Strī gabī Cow.

ସ୍ତ୍ରୀ ଗମନ—ସଂ. ବି—ସ୍ତ୍ରୀସଂସର୍ଗ; ମୈଥୁନ—
Strī gamana Copulation with a female.

ସ୍ତ୍ରୀ ଗୁରୁ—ସଂ. ବି—ଆଚାର୍ଯ୍ୟା—
Strī guru A preceptress.
[ଦ୍ର—ତନ୍ତ୍ରରେ ସଦାଗୁରୁଣୀ ଓ ଶାସ୍ତ୍ରଜ୍ଞା ସ୍ତ୍ରୀଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରିବାର ବିଧାନ ଅଛି—ହ୍ର. ଶ ।]

ସ୍ତ୍ରୀ ଗ୍ରହ—ସଂ. ବି—ଜ୍ୟୋତିଷମତରେ ବୁଧ, ଚନ୍ଦ୍ର ଓ ଶୁକ୍ର—The
Strī graha planets mercury, moon and venus.
[ଦ୍ର—ଜ୍ୟୋତିଷମତରେ ବୁଧ, ଚନ୍ଦ୍ର ଓ ଶୁକ୍ର ସ୍ତ୍ରୀଗ୍ରହ; ଜାତକରେ ଲଗ୍ନର ପଞ୍ଚମ ସ୍ଥାନରେ ସ୍ତ୍ରୀଗ୍ରହଙ୍କ ଅବସ୍ଥିତି ବା ଦୃଷ୍ଟି ଥିଲେ ସ୍ତ୍ରୀସନ୍ତାନ ହୁଏ ଓ ପୁରୁଷର ଲଗ୍ନରେ ସ୍ତ୍ରୀଗ୍ରହ ଥିଲେ ଉକ୍ତ ପୁରୁଷ ସ୍ତ୍ରୀସ୍ୱଭାବବିଶିଷ୍ଟ ହୁଏ—ହ. ଶ.।]

ସ୍ତ୍ରୀ ଘୋଷ—ସଂ. ବି (ବହୁବ୍ରୀହି)—ପ୍ରତ୍ୟୁଷ (ଶତକଲ୍ପଦ୍ରୁମ)—
Strī ghosha Dawn; early morning.

ସ୍ତ୍ରୀ ଚଞ୍ଚଳ—ସଂ. ବିଣ. ପୁ. (୭ମୀ ତତ୍.)—କାମୀ; ଲମ୍ପଟ (ହ. ଶ)
Strī chañchaḷa Lecherous.

ସ୍ତ୍ରୀ ଚିତ୍ତହାରୀ—ସଂ. ବି—ଶୋଭାଞ୍ଜନ (ନିଘଣ୍ଟୁ ଶେଷ)—
Strī chittahārī The Indian horse radish.
ସଂ. ବିଣ. ପୁଂ (ସ୍ତ୍ରୀଚିତ୍ତହାରିନ୍)—ସ୍ତ୍ରୀମାନଙ୍କ ଚିତ୍ତହରଣକାରୀ—
Charming females.

ସ୍ତ୍ରୀ ଚିହ୍ନ—ସଂ. ବି (୬ଷ୍ଠୀ ତତ୍)—୧ । ଯୋନି; ଭଗ—1. Female
Strī chihna organ. ୨। ନାରୀର ଲକ୍ଷଣ—2. The signs of a female.

ସ୍ତ୍ରୀ ଚୌର—ସଂ. ବି. ପୁଂ—୧ । କାମୁକ; ରତିହିଣ୍ଡକ—1. A lascivi-
Strī chaura ous person. ୨। ପରସ୍ତ୍ରୀ ରମଣକାରୀ—
(ସ୍ତ୍ରୀଚୈର—ଦେ. ରୂପ) 2. Adulterer. ୩। ପରସ୍ତ୍ରୀ ଅପ-
ହାରକ—3. Ravisher of another's wife.

ସ୍ତ୍ରୀ ଚୌର୍ଯ୍ୟ—ସଂ. ବି—୧ । ସ୍ତ୍ରୀକୁ ବଳପୂର୍ବକ ଅପହରଣ—1. Kid-
Strī chaurjya napping of a woman. ୨ । ପର ସ୍ତ୍ରୀ
ଗମନ—2. Adultery. ୩ । ସ୍ତ୍ରୀକୁ ବଳପୂର୍ବକ
ରମଣ—3. Rape.

ସ୍ତ୍ରୀ ଜନନୀ—ସଂ. ବି. ସ୍ତ୍ରୀ—କେବଳ କନ୍ୟାପ୍ରସବିନୀ ସ୍ତ୍ରୀ (ମନୁ)—
Strī janani A woman bringing forth female children only; the mother of female children only.

ସ୍ତ୍ରୀ ଜାତି—ସଂ. ବି—ନାରୀ ସମ୍ପ୍ରଦାୟ; ପୃଥିବୀର ନାରୀଗଣ—
Strī jāti The female world; the women of the world.

ସ୍ତ୍ରୀ ଜିତ(ନିର୍ଜିତ, ବିଜିତ)—ସ. ବିଣ. ପୁଂ (୩ୟା ତତ୍ପୁରୁଷ)—୧. ସ୍ତ୍ରୀ-
Strī jita (nirjita, bijita) ବଶୀଭୂତ—1. Hen-
pecked. ୨। ସ୍ତ୍ରୈଣ—2. Excessively fond of women; effeminate.

ସ୍ତ୍ରୀତା(ତ୍ୱ)—ସ. ବି (ସ୍ତ୍ରୀ+ଭାବାର୍ଥେ ତା, ତ୍ୱ)—୧ । ସ୍ତ୍ରୀର ଭାବ—
Stritā(twa) 1. The state of being a female; the characteristic qualities of a female. ୨। ସ୍ତ୍ରୀ ଧର୍ମ (ଦେଖ)—2. Stridharma (See). ୩ । (ବ୍ୟାକରଣ) ସ୍ତ୍ରୀଲିଙ୍ଗସୂଚକ ପ୍ରତ୍ୟୟ (ହ. ଶ)—3. (grammar) A suffix denoting the feminine gender. [ଦ୍ର—ଯେଉଁ ଶବ୍ଦରେ ଏ ପ୍ରତ୍ୟୟ ଯୁକ୍ତ ହୁଏ ତାହା ସ୍ତ୍ରୀଲିଙ୍ଗ ହୁଏ—ହ. ଶ.]

ସ୍ତ୍ରୀତ୍ୱ ପ୍ରାପ୍ତି—ସ. ବି (୬ଷ୍ଠୀ ତତ୍)—ପ୍ରଥମ ରଜୋଦର୍ଶନ—The first
Stritwa prāpti menstruation of a woman.

ସ୍ତ୍ରୀ ଦେହାର୍ଦ୍ଧ—ସ. ବି (ପୁଂ) (ବହୁବ୍ରୀହି)—(ପାର୍ବତୀଙ୍କୁ ଅର୍ଦ୍ଧ ଅଙ୍ଗରେ
Strī dehārddha ଧାରଣକାରୀ) ଶିବ (ହ. ଶ)—
Śiba.

ସ୍ତ୍ରୀ ଧନ—ସ. ବି (ହିନ୍ଦୁସ୍ମୃତି)—ସ୍ତ୍ରୀଙ୍କ ସ୍ୱତ୍ୱ ପ୍ରବର୍ତ୍ତିବା ଧନବିଶେଷ;
Strī dhana ସ୍ତ୍ରୀଙ୍କର ସ୍ୱତନ୍ତ୍ର ଧନ—A peculiar kind of property over which a woman has absolute control according to the Hindu law. [ଦ୍ର—ବିବାହକାଳରେ, ସ୍ୱାମି ଗୃହକୁ ଯିବା ସମୟରେ ଓ ସ୍ୱାମିଗୃହରେ ସ୍ତ୍ରୀ ନିଜର ଭାଇଙ୍କଠାରୁ ପିତାମାତାଙ୍କଠାରୁ, ସ୍ୱାମୀଙ୍କଠାରୁ, ଶାଶୁଶ୍ୱଶୁରଙ୍କ-ଠାରୁ ଓ ବନ୍ଧୁମାନଙ୍କଠାରୁ ଉପହାରରୂପେ ପାଇବା ଧନ ବା ସମ୍ପତ୍ତିକୁ ଯୌତୁକ ବା ସ୍ତ୍ରୀ ଧନ ବୋଲଯାଏ । ସ୍ତ୍ରୀଙ୍କର ନିଜର ବ୍ୟବହାର ନିମନ୍ତେ ପିତା ଓ ସ୍ୱାମୀ ଅର୍ପିତ ପ୍ରଦତ୍ତ ଅଳଙ୍କାର ସ୍ତ୍ରୀଧନ । ବିବାହିତା କନ୍ୟା ପିତୃ ଗୃହରୁ ଓ ପତି ଗୃହରୁ ଯେଉଁ ଧନ ପାଏ ତାହା କନ୍ୟାର ସୌଦାୟିକ ବା ସ୍ୱତନ୍ତ୍ର ଧନ ଅଟେ । ସ୍ତ୍ରୀଧନରେ ସ୍ୱାମୀ, ପୁତ୍ର, ପିତା ବା ଭ୍ରାତା ଅଧିକାରୀ ହୋଇ ପାରବେ ନାହିଁ । ଏଥିରେ ପୁତ୍ରଙ୍କର ଓ କନ୍ୟାଙ୍କର କେବଳ ଅଧିକାର ଅଛି ।]

ସ୍ତ୍ରୀ ଧବ—ସଂ. ବି (୬ଷ୍ଠୀ ତତ୍)—ପୁରୁଷ—
Strī dhaba Male.

ସ୍ତ୍ରୀ ଧର୍ମ—ସ. ବି—୧। ସ୍ତ୍ରୀର ଋତୁ; ରଜୋ ଦର୍ଶନ—1. Menstrua-
Strī dharma tion. ୨ । ସ୍ତ୍ରୀ ହେବାର
ଅବସ୍ଥା—2. Womanhood. (ଉ—ସେ ପୁଣି ଇଳା ନାମେ ପାଇଲେ ସ୍ତ୍ରୀ ଧର୍ମ—କୃଷ୍ଣସିଂହ ମହାଭାରତ ଅଦି ।) ୩। ମୈଥୁନ (ହ. ଶ)—3. Copulation. ୪ । ସ୍ତ୍ରୀର କର୍ତ୍ତବ୍ୟ (ହ. ଶ)—
4. The duties of a wife or a woman.
୫। ସ୍ତ୍ରୀସମ୍ବନ୍ଧୀୟ ବିଧାନ (ହ. ଶ)—5. Rules regarding women.

ସ୍ତ୍ରୀ ଧର୍ମିଣୀ—ସଂ ବିଣ. ସ୍ତ୍ରୀ (ସ୍ତ୍ରୀ ଧର୍ମ+ଇନ୍+ଈ)—ଋତୁମତୀ—
Strī dharmiṇī Menstruated.

ସ୍ତ୍ରୀ ଧୂର୍ତ୍ତ—ସଂ. ବି. ପୁଂ—ଅସତ୍ ଉଦ୍ଦେଶ୍ୟରେ ସ୍ତ୍ରୀକୁ ଫୁସଲାଇବା
Strī dhūrtta ପୁରୁଷ (ହ. ଶ)—A man who entices females for evil purposes.

ସ୍ତ୍ରୀ ଧ୍ୱଜ—ସଂ. ବିଣ. ପୁଂ (ବହୁବ୍ରୀହି)—ସ୍ତ୍ରୀଚିହ୍ନବିଶିଷ୍ଟ (ହ. ଶ)—
Strī dhwaja Having female signs or signs like the female organ. ସଂ ବି—ହାତୀ (ହ. ଶ).
Elephant.

ସ୍ତ୍ରୀ ନାମା—ସଂ ବିଣ (ବହୁବ୍ରୀହି; ସ୍ତ୍ରୀ+ନାମନ୍; ୧ମା ୧ବ)—
Strī nāmā ସ୍ତ୍ରୀନାମଧାରୀ; ସ୍ତ୍ରୀବାଚକ ନାମଧାରୀ—
Having the name of a female.

ସ୍ତ୍ରୀ ନାୟକ—ସଂ. ବଣ (ବହୁବ୍ରୀହି)—ଯେଉଁ ଅନୁଷ୍ଠାନାଦରେ ସ୍ତ୍ରୀ
Strī nāyaka ନେତ୍ରୀ ଅଛନ୍ତି—(a movement
(ସ୍ତ୍ରୀ ନାୟକା—ଦେ· ରୂପ) or institution) Led by a woman or women.

ସ୍ତ୍ରୀନାୟକତ୍ୱ(ତା)—ସଂ ବ—ଜଣେ ବା ବହୁ ସ୍ତ୍ରୀଙ୍କ ନେତୃତ୍ୱ—
Strīnāyaktwa(tā) Leadership of a woman or women.
[ସ୍ତ୍ରୀନେତୃତ୍ୱ(ତା)—ଅନ୍ୟରୂପ] [ସ୍ତ୍ରୀ ନାୟକା—ସ୍ତ୍ରୀ]

ସ୍ତ୍ରୀ ନାୟିକା(ନେତ୍ରୀ)—ସ. ବ—ନେତୃତ୍ୱରେ ଅଧିଷ୍ଠିତା ସ୍ତ୍ରୀ—
strī nāyikā(netrī) A woman installed as the leader.

ସ୍ତ୍ରୀ ନିବନ୍ଧନ—ସଂ ବ—ସ୍ତ୍ରୀମାନଙ୍କଦ୍ୱାରା କୃତ ଗୃହକର୍ମ (ହି. ଶ); ଘରେ
Stri nibandhana ମାଇପଙ୍କ କରିବା ଅତ୍ରଚପର—Works performed by females in the household.

ସ୍ତ୍ରୀ ପଣ୍ୟୋପଜୀବୀ—ସ. ବଣ ଓ ବ· ପୁଂ (ସ୍ତ୍ରୀରୂପ ପଣ୍ୟଦ୍ୱାରା ଉପଜୀବୀ;
strī panyopajibī ସ୍ତ୍ରୀପଣ୍ୟୋପଜୀବନ୍ତ ୧ମ. ୧ବ)—୧ ।
ସମ୍ଭୋଗାର୍ଥ ଅପରା ସ୍ତ୍ରୀକୁ ପରପୁରୁଷଙ୍କୁ ଦେଇ ପର-ପୁରୁଷଙ୍କଠାରୁ ପ୍ରାପ୍ତଧନ ଯେ ଭୋଗ କରେ; ଭଡ଼ୁଆଶିଆ—
1. A person who lives on the earnings of his wife's adultery. ୨ । ବେଶ୍ୟାଙ୍କ ଅର୍ଜିତ ଦ୍ୱାରା ଜୀବିକା ନିର୍ବାହକାରୀ ବ୍ୟକ୍ତି (ହି. ଶ)—2. A person living on the earning of prostitutes.

ସ୍ତ୍ରୀପର—ସ. ବ. ପୁଂ (ସ୍ତ୍ରୀ+ପର=ଅନୁରକ୍ତ; ୭ମୀ ତତ୍)—୧ ।
stripara ଷିଡ୍ଗ—1. Paramour; adulterer. ୨ । କାମୁକ ବ୍ୟକ୍ତି—2. A lecherous person. ଗୁ· ବଣ. ପୁଂ—
କାମୁକ; ଲମ୍ପଟ—Lecherous.

ସ୍ତ୍ରୀ ପୁଂ ଧର୍ମ—ସ· ବ (ଦ୍ୱନ୍ଦ୍ୱ; ୬ଷ୍ଠୀ ତତ୍)—୧ । ସ୍ତ୍ରୀଲୋକ ଓ ପୁରୁଷଙ୍କର
Strī puṁ dharma ବ୍ୟବହାର—1. The conduct of men and women. ୨ । (ହିନ୍ଦୁଶାସ୍ତ୍ର) ମନୁସଂହିତା ଅଷ୍ଟମ ଓ ନବମ ଅଧ୍ୟାୟରେ ବର୍ଣ୍ଣିତ ଅଷ୍ଟାଦଶ ବିବାଦବୋଲ୍ଲିଖିତ ବିବାଦମୀମାଂସା ଓ ନରନାରୀଙ୍କ ବିଶେଷ—2. Mode of decision of dispute between and the status of man and woman as laid down by Manu.

ସ୍ତ୍ରୀ ପୁଂସ—ଦେ· ବ (ସ· ସ୍ତ୍ରୀପୁଂସୌ—ଦ୍ୱିବଚନ)—୧ । ଦମ୍ପତି
Strī puṁsa ମିଥୁନ; ଦ୍ୱନ୍ଦ୍ୱ—1. A couple. ୨ । ସ୍ୱାମୀସ୍ତ୍ରୀ
ସ୍ତ୍ରୀ ପୁରୁଷ स्त्रीपुरुष —2. Husband and wife.

ସ୍ତ୍ରୀ ପୁଂସ ଲକ୍ଷଣା—ସ. ବଣ· ସ୍ତ୍ରୀ—କେତେକ ସ୍ତ୍ରୀଲକ୍ଷଣ (ଯଥା—
Strī puṁsa lakhanā ଯୋନି, ସ୍ତନ) ଓ କେତେକ ପୁରୁଷ-ଲକ୍ଷଣ (ଯଥା—ଶ୍ମଶ୍ରୁ, ଅଣ୍ଡକୋଷ) ଯୁକ୍ତା (ସ୍ତ୍ରୀ;) ଗୋଛା—
Hermaphrohite; (a person) exhibiting some male and female physical signs.

ସ୍ତ୍ରୀ ପୁର—ସ. ବ (୬ଷ୍ଠୀ ତତ୍)—ଅନ୍ତଃପୁର (ହି. ଶ)—
Strī pura Seraglio; harem.

ସ୍ତ୍ରୀ ପୁଷ୍ପ—ସ· ବ—୧ । (୬ଷ୍ଠୀ ତତ୍) ଆର୍ତ୍ତବ; ରଜଃ—1. Mens-
Strī pushpa trual flux. ୨ । (ଉଦ୍ଭିଦ୍ ବିଜ୍ଞାନ) ମାଈ ଫୁଲ; ଯେଉଁ ଫୁଲରୁ ଫଳ ହୁଏ—2. (Botany) A flower from which fruits grow.

ସ୍ତ୍ରୀ ପୂର୍ବ—ସ. ବଣ. ପୁଂ (ବହୁବ୍ରୀହି)—ସ୍ତ୍ରୀଜିତ (ଦେଖ)
Strī pūrba Strijita (See)

ସ୍ତ୍ରୀ ପ୍ରସଙ୍ଗ(ଭୋଗ)—ସ. ବ (୬ଷ୍ଠୀ ତତ୍)—ସୁରତ; ରତି—
Strī prasaṅga(bhoga) Copulation.

ସ୍ତ୍ରୀ ପ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି)—୧ । ନାରୀପ୍ରିୟ (ଲୋକ)—
Strī priya 1. (a person) Beloved by females.
ବ—(୬ଷ୍ଠୀ ତତ୍)—୧ । ନାରୀଙ୍କ ପ୍ରିୟ ଦ୍ରବ୍ୟ—
1. Any article of which females are fond.
୨ । ଅମ୍ବୃକ୍ଷ (କିଂବାଣ୍ଡ ଶେଷ)—
2. Mang o tree.

ସ୍ତ୍ରୀ ବନ୍ଧ—ସଂ. ବ (୬ଷ୍ଠୀ ତତ୍)—ମୈଥୁନ (ହି· ଶ)—
Strī bandha Copulation.

ସ୍ତ୍ରୀ ବଶ(ବିଧେୟ)—ସଂ. ବଣ. ପୁଂ—ସ୍ତ୍ରୀଜିତ; ସ୍ତ୍ରୈଣ—Doting on
Strī baśa(bidheya) one's wife; excessively attached to one's wife; effeminate.

ସ୍ତ୍ରୀ ବାର(ବାସର)—ସଂ. ବ—(ସୋମ, ବୁଧ ଓ ଶୁକ୍ର ସ୍ତ୍ରୀଗ୍ରହରୂପେ ଗଣ୍ୟ
Strī bāra(bāsara) ହୋଇଥିବାରୁ) ସୋମବାର, ବୁଧବାର ଓ ଶୁକ୍ରବାର—Monday, Wednesday and Friday.

ସ୍ତ୍ରୀ ବାସଃ—ସଂ ବ(ମ.ପ.ଲୋ)—ସ୍ତ୍ରୀ ସମ୍ଭୋଗ ପାଇଁ ଉପଯୁକ୍ତ ବସ୍ତ୍ର(ହି· ଶ)
Strī bāsaḥ —Dress or cloth suitable for use during copulation.

ସ୍ତ୍ରୀ ବିଷୟ—ସଂ. ବ (୬ଷ୍ଠୀ ତତ୍)—ସମ୍ଭୋଗ; ମୈଥୁନ (ହି· ଶ)—
Strī bishaya Copulation.

ସ୍ତ୍ରୀ ବୀର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—୧ । ନାରୀର ବଳ—1. The
Strī birjya might or prowess of a woman.
୨ । ସ୍ତ୍ରୀର ରଜଃ—
2. The menstrual flux of women

ସ୍ତ୍ରୀ ବ୍ୟଞ୍ଜନା—ସ·ବ(୬ଷ୍ଠୀ ତତ୍)—ସ୍ତ୍ରୀସୂଚକ ଚିହ୍ନ (ଯଥା—ସ୍ତନ,କୋମଳ
Strī byañjanā ସ୍ୱର)(ହି.ଶ)—Signs indicating the possessor to be a female.

ସ୍ତ୍ରୀ ବ୍ରଣ—ସଂ. ବ—ଭଗ; ଯୋନି (ହି· ଶ)—
Strī braṇa The female organ.

ସ୍ତ୍ରୀ ବ୍ରତ—ସଂ. ବ—ଏକପତ୍ନୀ ବ୍ରତ; ସ୍ୱ ସ୍ତ୍ରୀପରାୟଣତା (ହି. ଶ)—
Strī brata The vow of loving one's only wife.

ସ୍ତ୍ରୀ ଭୂଷଣ—ସଂ. ବ (୬ଷ୍ଠୀ ତତ୍)—୧ । ସ୍ତ୍ରୀଙ୍କ ପରିଧେୟ ଅଳଙ୍କାରବୃନ୍ଦ—
Strī bhūshaṇa 1. Ornaments for female wear.
୨ । କେତକୀଫୁଲ (ହି. ଶ)—
2. Pandanus Odoratissimus flower.

ସ୍ତ୍ରୀ ଭୋଗ—ସଂ. ବ (୬ଷ୍ଠୀ ତତ୍)—ମୈଥୁନ (ହି. ଶ)—
Strī bhoga Copulation.

ସ୍ତ୍ରୀ ମନ୍ତ୍ର—ସଂ. ବି—ଯେଉଁ ମନ୍ତ୍ରର ଶେଷରେ 'ସ୍ୱାହା' ଥାଏ—An
Strī mantra esoteric formula having Swāhā in the end.

ସ୍ତ୍ରୀ ମହଲ(ଲା)—ଦେ. ବି—୧ । ନାରୀସମାଜ—1. The society of
Strī mahala(lā) women. ୨ । ଅନ୍ତଃପୁର—2. Harem.
স্ত্রীমহল स्त्री महल

ସ୍ତ୍ରୀ ମୁଖପ—ସଂ. ବି (ସ୍ତ୍ରୀ ମୁଖ+ପା ଧାତୁ+କର୍ତ୍ତୃ. ଅ)—ବକୁଳ—
Strī mukhapa The Bakula tree and flower.

ସ୍ତ୍ରୀ ମୂର୍ତ୍ତି—ସଂ. ବି—ସ୍ତ୍ରୀଲୋକର ଆକୃତି—
Strī mūrtti The shape of a woman.

ସ୍ତ୍ରୀମ୍ମନ୍ୟ—ସଂ. ବିଣ. ପୁଂ—ସ୍ତ୍ରୀଂମନ୍ୟ (ଦେଖ)
Strīmmanya Strīmmanya (See)

ସ୍ତ୍ରୀ ରଞ୍ଜନ—ସଂ. ବି—ତାମ୍ବୂଳ. (ଶବ୍ଦକଳ୍ପଦ୍ରୁମ)—
Strī rañjana Betel.

ସ୍ତ୍ରୀ ରତ୍ନ—ସଂ. ବି—୧ । ଉତ୍ତମା ସ୍ତ୍ରୀ—1. An excellent woman;
Strī ratna a paragon of beauty. ୨ । ଲକ୍ଷ୍ମୀ (ହ୍ର. ଶ)—
2. Goddess Lakshmī.

ସ୍ତ୍ରୀ ରୋଗ—ସଂ. ବି—ସ୍ତ୍ରୀମାନଙ୍କର ବିଶିଷ୍ଟ ରୋଗ—Female
Strī roga diseases; diseases peculiar to females. (ଯଥା—ପ୍ରଦର, ସୂତିକାରୋଗ, ଯୋନିବ୍ୟାପତ୍, ସ୍ତନ୍ୟାଭାବ ।)

ସ୍ତ୍ରୀ ଲକ୍ଷଣ—ସଂ. ବି (୬ଷ୍ଠୀ ତତ୍)—୧ । ସ୍ତ୍ରୀ ଚିହ୍ନ; ଯୋନି—
Strī lakshaṇa 1. Female organ. ୨ । ସ୍ତ୍ରୀଙ୍କର ବିଶିଷ୍ଟ ଲକ୍ଷଣ—2. Female characteristics.

ସ୍ତ୍ରୀ ଲମ୍ପଟ(ଲୋଲ)—ସଂ. ବିଣ. ପୁଂ (୭ମୀ ତତ୍)—୧ । କାମୁକ—
Strī lampaṭa (lola) 1. Lecherous.
(ସ୍ତ୍ରୀ ଲମ୍ପଟ, ସ୍ତ୍ରୀ ଲମ୍ପଟିଆ—ଦେ. ରୂପ) ୨ । ସର୍ବଦା ସ୍ତ୍ରୀସଙ୍ଗାଭିଳାଷୀ—
2. Always hankering after fomale company.

ସ୍ତ୍ରୀ ଲାଭ—ସଂ. ବି—(ପୁରୁଷ ପକ୍ଷରେ) ଭାର୍ଯ୍ୟା ପ୍ରାପ୍ତି; ବିବାହ—
Strī lābha (in the case of a man) Marriage.

ସ୍ତ୍ରୀ ଲିଙ୍ଗ—ସଂ. ବି—୧ । ସ୍ତ୍ରୀ ଚିହ୍ନ; ଯୋନି—1. Female organ.
Strī linga ୨ । ବ୍ୟାକରଣସମ୍ମତ ସ୍ତ୍ରୀବାଚକ ଶବ୍ଦ—
2. (grammar) Female gender. ୩ । ସ୍ତ୍ରୀଜାତି—
3. The females. (ଉ—ସ୍ତ୍ରୀଲିଙ୍ଗ ଅପରାଧ କଲେ, ପଣ୍ଡିତେ ନ ମାରନ୍ତି ଭଲେ—ଜଗନ୍ନାଥ ଭାଗବତ ।)

ସ୍ତ୍ରୀ ଲୋକ—ଦେ. ବି—୧ । ସ୍ତ୍ରୀଜାତୀୟ ବ୍ୟକ୍ତି—1. A woman. ୨ ।
Strī loka ସ୍ତ୍ରୀଜାତି—2. The females.
স্ত্রীলোক स्त्रीजाति

ସ୍ତ୍ରୀ ଶିକ୍ଷା—ସଂ. ବି (୬ଷ୍ଠୀ ତତ୍)—ସ୍ତ୍ରୀଲୋକଙ୍କର ଶିକ୍ଷା ବା ଅଧ୍ୟୟନଜନିତ
Strī śikshā ଜ୍ଞାନ—Female education.

ସ୍ତ୍ରୀ ଶୌଣ୍ଡ—ସଂ. ବିଣ. ପୁଂ (୭ମୀ ତତ୍)—ଅତି କାମୁକ; ଅତି କାମାତୁର
Strī śauṇḍa (ହ୍ର. ଶ)—Very lecherous; libidinons.

ସ୍ତ୍ରୀ ସଂସର୍ଗ (ସମାଗମ)—ସଂ. ବି (୬ଷ୍ଠୀ ତତ୍)—ମୈଥୁନ—
Strī saṁsarga (samāgama) Cohabitation.

ସ୍ତ୍ରୀ ସଙ୍ଗ (ସଙ୍ଗମ, ସହବାସ, ସମ୍ଭୋଗ)—ସଂ. ବି (୬ଷ୍ଠୀ ତତ୍)—ପୁରୁଷର
Strī saṅga (saṅgama, sahabāsa, sambhoga) ସ୍ତ୍ରୀକୁ ରମଣ କରିବା; ମୈଥୁନ—Co-habitation with woman.
[ଦ୍ର—ବୈଦ୍ୟଶାସ୍ତ୍ରର ଉପଦେଶ ଏହି ଯେ, ପର୍ବ ଦିବସମାନଙ୍କରେ, ଶ୍ରାଦ୍ଧ ଦିବସରେ, ଋତୁକାଳର ପ୍ରଥମ ଚାରି ଦିନ ମଧ୍ୟରେ ସ୍ତ୍ରୀସଙ୍ଗମ କରିବ ନାହିଁ । ଅନ୍ୟ ଦିନରେ ସ୍ନାତ ଓ ଅନୁଲିପ୍ତ ହୋଇ ସ୍ପର୍ଶବର୍ଦ୍ଧକ ଓ ବାଜୀକରଣ ଦ୍ରବ୍ୟ ସେବନ କରି ଉତ୍ତମ ବସ୍ତ୍ର ପରିଧାନପୂର୍ବକ ସୁସଜ୍ଜିତ ହୋଇ ତାମ୍ବୂଳାଦି ଚର୍ବଣ କରି ସ୍ତ୍ରୀସ୍ୱ ଧର୍ମପତ୍ନୀପ୍ରତି ଅନୁରାଗୀ ଓ ପୁତ୍ରକାମୀ ହୋଇ ଋତୁକାଳରେ ରୋଗଶୂନ୍ୟା, ଋତୁମତୀ ଓ ଅନୁରକ୍ତା ଭାର୍ଯ୍ୟାଙ୍କ ସଙ୍ଗମ କରିବ । ରୋଗୀ, କ୍ଷୁଧାର୍ତ୍ତ, ପିପାସାର୍ତ୍ତ, ଅପରିମିତଭୋଜୀ, ଶୋକାତୁର, ବାଳକ ଓ ବୃଦ୍ଧ ପୁରୁଷଙ୍କ ପକ୍ଷରେ ସ୍ତ୍ରୀସହବାସ ନିଷିଦ୍ଧ ।]

ସ୍ତ୍ରୀ ସଙ୍ଗ୍ରହଣ—ସଂ. ବି (୬ଷ୍ଠୀ ତତ୍)—୧ । ବଳାତ୍କାରପୂର୍ବକ ସ୍ତ୍ରୀସମ୍ଭୋଗ
Strī saṁgrahaṇa (ହ୍ର. ଶ)—1. Rape.
୨ । ବ୍ୟଭିଚାର (ହ୍ର. ଶ)—2. Adultery.

ସ୍ତ୍ରୀ ସଭା—ସଂ. ବି (ସ୍ତ୍ରୀ+ସଭା)—ସ୍ତ୍ରୀମାନଙ୍କର ସଭା; ମାଇପି ସଭା—
Strī sabhā A gathering of females,

ସ୍ତ୍ରୀ ସୁଖ—ସଂ ବି—୧ । (ମ. ପ. ଲୋ)—ମୈଥୁନ (ହ୍ର. ଶ)—
Strī sukha Sexual intercourse with a woman. ୨ । (ବହୁବ୍ରୀହି) ଶୋଭାଞ୍ଜନ (ହ୍ର. ଶ)—
2. Moringa tree.

ସ୍ତ୍ରୀ ସୁଲଭ—ସଂ. ବିଣ—୧ । ନାରୀଜନୋଚିତ—1. Befitting a
Strī sulabha woman. ୨ । ସ୍ତ୍ରୀସ୍ୱଭାବସମ୍ଭୂତ—
2. Natural to females

ସ୍ତ୍ରୀ ସେବନ—ସଂ. ବି (୬ଷ୍ଠୀ ତତ୍)—ମୈଥୁନ—
Strī sebana Copulation.

ସ୍ତ୍ରୀ ସ୍ୱଭାବ—ସଂ. ବି—୧ । (୬ଷ୍ଠୀ ତତ୍)—ସ୍ତ୍ରୀଲୋକଙ୍କ ପ୍ରକୃତି—
Strī swabhāba 1. The nature of females.
୨ । (ବହୁବ୍ରୀହି) ଅନ୍ତଃପୁରରକ୍ଷକ; ମହଲ୍ଲକ—
2. The keeper of the seraglio. ୩ । ନପୁଂସକ ବ୍ୟକ୍ତି—3. Eunuch (Apte).

ସ୍ତ୍ରୀ ସ୍ୱାଧୀନତା—ସଂ. ବି (ଆଧୁନିକ)—ପୁରୁଷଙ୍କ ପରି ନାରୀମାନଙ୍କର
Strī swādhīnatā ସ୍ୱାଧୀନଭାବେ ସର୍ବତ୍ର ଗମନାଗମନ ଓ କାର୍ଯ୍ୟାନୁଷ୍ଠାନ—Female liberty; female emancipation.

ସ୍ତ୍ରୈଣ—ସଂ. ବିଣ. ପୁଂ (ସ୍ତ୍ରୀ+ଅ)—୧ । ସ୍ତ୍ରୀସମ୍ବନ୍ଧୀୟ—
Straiṇa 1. Relating to woman; womanly.
୨ । ସ୍ତ୍ରୀଜିତ—2. Henpecked. ୩ । ଅତିରକ୍ତରୂପେ ସ୍ତ୍ରୀଙ୍କଠାରେ ଆସକ୍ତ—3. Addicted to women; effeminate. ୪ । ସ୍ତ୍ରୀଯୋଗ୍ୟ (ହ୍ର. ଶ)—
4. Befitting a woman. ବି (+ଭାବେ. ଇ)—

୧ । ସ୍ତ୍ରୀତ୍ୱ (ଦେଖ)—1. Stritwa (See). ୨ । ସ୍ତ୍ରୀ ସ୍ତ୍ରୀଙ୍କ; ଅନ୍ତଃପୁର ରକ୍ଷକ—2. A servant guarding the harem. ୩ । ସ୍ତ୍ରୀସମୂହ—3. A body of females.

ସ୍ତ୍ରୈଣତା(ତ୍ୱ)—ସଂ. ବ—ସ୍ତ୍ରୀବଶତା; ସ୍ତ୍ରୀବଶ ହେବା ଅବସ୍ଥା—
Strainatā(twa) The state of being henpecked.

ସ୍ତ୍ରୈଣ୍ୟ—ସଂ. ବ (ସ୍ତ୍ରୈଣ+ଭାବେ. ଯ)—ସ୍ତ୍ରୈଣତା (ଦେଖ)—
Strainya Strainatā (See)

ସ୍ତ୍ର୍ୟ(ସ୍ତ୍ର୍ୟା)ଗାର—ସଂ. ବ (ଷଷ୍ଠୀ ତତ୍)—ଅନ୍ତଃପୁର—
Strya(stryā)gāra Harem.

ସ୍ତ୍ର୍ୟଧ୍ୟକ୍ଷ—ସଂ. ବି. ପୁଂ (ଷଷ୍ଠୀ ତତ୍)—ଅନ୍ତଃପୁରର ପ୍ରଧାନ ଅଧିକାରୀ
Stryadhyaksha (ହ୍ଵ. ଶ)—The man who is in charge of the harem.

ସ୍ତ୍ର୍ୟନୁଜ—ସଂ. ବି. ଓ ବଣ ପୁଂ (ଷଷ୍ଠୀ ତତ୍)—ଭଉଣୀ ପରେ ଜନ୍ମ
Stryanuja ଲଭିଥିବା ଭାଇ (ହ୍ଵ. ଶ)—
A male child born after the birth of a female child.

ସ୍ତ୍ର୍ୟାଜୀବ—ସଂ. ବଣ ଓ ବ. ପୁଂ—ସ୍ତ୍ରୀପଣ୍ୟୋପଜୀବୀ (ଦେଖ)—
Stryājiba Stripaṇyopajibi [See].

ସ୍ତ୍ର୍ୟାଖ୍ୟା—ସଂ. ବ [ବହୁବ୍ରୀହି]—ପ୍ରିୟଙ୍ଗୁ [ହ୍ଵ. ଶ] [ଦେଖ]—
Stryākhyā Priyangu (See).

ସ୍ତ୍ର୍ୟାଚାର—ସଂ. ବି. [ମ. ପ. ଲୋ., ସ୍ତ୍ରୀଗଣଙ୍କ ଅନୁଷ୍ଠିତ
Stryāchāra ଆଚାର]—ସ୍ତ୍ରୀ ଆଚାର [ଦେଖ]—
Stri āchāra (See).

ସ୍ଥ—ସ. ବଣ, ପୁଂ (ଅନ୍ୟ ଶବ୍ଦ ପରେ ଯୁକ୍ତ ପ୍ରତ୍ୟୟ ସ୍ଥା; ଧାତୁ+
Stha କର୍ତ୍ତୃ. ଅ; ଯଥା—ସ୍ୱର୍ଗସ୍ଥ, ସଭାସ୍ଥ, ପର୍ବତାଗ୍ରସ୍ଥ ଓ ଦୁଃସ୍ଥ)—
(ସ୍ଥା—ସ୍ତ୍ରୀ) (ଅମୁକ)ରେ ସ୍ଥିତ; ବର୍ତ୍ତମାନ; ବର୍ତ୍ତିମାନ—
(a suffix) Situate in; belonging to; living in.

ସ୍ଥକିତ—ଦେ. ବଣ (ସ. ସ୍ଥଗିତ)—ସ୍ଥଗିତ (ଦେଖ)
Sthakita Sthagita (See)
स्थकित स्थकित

ସ୍ଥଗ୍ (ଧାତୁ)—ସ—୧ । ସମ୍ବରଣ କରିବା—1. To restrain. ୨ ।
Sthag (root) ଅପବାରଣ ବା ଆଚ୍ଛାଦନ କରିବା—2. To cover. ୩ । ବନ୍ଦ କରିବା—3. To stop; to discontinue.

ସ୍ଥଗ—ସ. ବଣ, ପୁଂ (ସ୍ଥଗ୍. ଧାତୁ+କର୍ତ୍ତୃ. ଅ)—୧ । ଧୂର୍ତ୍ତ; ଠଗ;
Sthaga ପ୍ରବଞ୍ଚକ—1. Fraudulent; cheating; deceptive.
(ସ୍ଥଗା—ସ୍ତ୍ରୀ) ୨ । ନିର୍ଲଜ୍ଜ—2. Shameless.

ସ୍ଥଗଣା—ସ, ବ (ସ୍ଥଗ୍ ଧାତୁ+କର୍ତ୍ତୃ. ଅନ+ଆ)—ପୃଥିବୀ (ହ୍ଵ. ଶ)
Sthagaṇā The earth.

ସ୍ଥଗନ—ସ, ବ (ସ୍ଥଗ୍ ଧାତୁ+ଭାବ. ଅନ)—୧ । ଗୋପନ—
Sthagana 1. Concealment. ୨ । ଲୁଚିରହିବା—
(ସ୍ଥଗିତ—ବଣ) 2. Hiding. ୩ । ଆଚ୍ଛାଦନ—3. Covering.

ସ୍ଥଗର—ସ. ବ—ତଗର (ଦେଖ) (ହ୍ଵ. ଶ)
Sthagara Tagara (See)

ସ୍ଥଗିକା—ସ. ବ (ସ୍ଥଗ୍ ଧାତୁ+କର୍ମ, ଇକ+ଆ)—
Sthagikā ୧ । ତାମ୍ବୂଳକରଙ୍କ; ପାନଡବା (ହ୍ଵ. ଶ)—1. A metal case for keeping betel packets. ୨ । (+କରଣଇକ)(ବୈଦ୍ୟକ) ଅଙ୍ଗୁଠି ଓ ଲିଙ୍ଗ ଅବର ଅଗ୍ରଭାଗର ଘାଆ ଉପରେ ବନ୍ଧାଯିବା (ପାନଡବା ଆକାରର) ପଟ୍ଟୀ (ହ୍ଵ. ଶ)—2. (Surgery) A bandage (shaped like a betel case) put over the sores on the end of a finger or male organ.

ସ୍ଥଗିତ—ସଂ, ବ (ସ୍ଥଗ୍ ଧାତୁ+କର୍ମ, ତ)—୧ । ଆଚ୍ଛାଦିତ—
Sthagita 1. Covered. ୨ । ଅବୃତ—2. Hidden. ୩ । ଉଚ୍ଛେଦିତ—3. Extinct. ୪ । ନିବର୍ତ୍ତିତ; ଅପବାରିତ—4. Restrained; prevented. ୫ । ବନ୍ଦ କରାଯାଇଥିବା—5. Stopped; discontinued. ୬ । ସଂଗୋପିତ—6. Concealed. ୭ । ଅବରୁଦ୍ଧ (ହ୍ଵ. ଶ)—7. Confined. ୮ । କିଛି ସମୟ ପାଇଁ ବନ୍ଦ କରାଯାଇଥିବା; ମୁଲତବି (ହ୍ଵ. ଶ)—
8. Postponed; adjourned; stayed.

ସ୍ଥଗିବା—ଦେ. କ୍ରି (ଦେ୍ୟ) (ସଂ. ସ୍ଥଗ୍ ଧାତୁ)—ବନ୍ଦ କରିବା; ସ୍ଥଗିତ
Sthagibā ରଖିବା—To stop.
स्थगित राखा स्थगित करना

ସ୍ଥଗୀ—ସଂ. ବ (ସ୍ଥଗ୍ ଧାତୁ+କର୍ମ. ଇ)—ତାମ୍ବୂଳାଧାର; ପାନବଟା—
Sthagi A betel-box.

ସ୍ଥଗୁ—ସଂ. ବ (ସ୍ଥଚ୍. ଧାତୁ+କରଣ. ଉ)—୧ । ଗଡ଼୍ଡୁ; ପାଣିର
Sthagu ଝୁଲା—1. A long-necked pitcher. ୨ । (+କର୍ତ୍ତୃ. ଉ) ପିଠି ଉପରେ ଥିବା କୁଜ (ହ୍ଵ. ଶ)—
2. Hump on the back.

ସ୍ଥଣ୍ଡିଳ—ସଂ. ବ (ସ୍ଥା. ଧାତୁ+ଅଧିକରଣେ ଅଣ୍ଡିଳ, ଅଥବା ସ୍ଥଲ୍ ଧାତୁ=
Sthaṇḍila ରହିବା+ଅଧି. ଇଲ; ନିପାତନ)—୧ । ଚତ୍ୱର; ଅଗଣା—1. Courtyard. ୨ । ଯଜ୍ଞାର୍ଥ ପରିଷ୍କୃତ ଭୂମି—2. A place cleansed for the performance of vedic rites. ୩ । ବାଲୁକାଦ୍ୱାରା ପ୍ରସ୍ତୁତ ହୋମାର୍ଥ ମଣ୍ଡଳବିଶେଷ । (ଏହା ବସ୍ତୁପରିମିତ ଉଚ୍ଚରେ ହେବାର ବିଧି, ବଶିଷ୍ଠ ସଂହିତା କ୍ରିୟାସାର ।)—
3. A raised platform of sand prepared for making offering to the fire. ୪ । ଯଜ୍ଞବେଦୀର ଚାରି ପାଖର ପରିଷ୍କୃତ ଭୂମି—4. A cleansed and well-swept plot of land round the sacrificial altar. ୫ । ସୀମା; ସରହଦ (ହ୍ଵ. ଶ)—
5. Boundary; limit. ୬ । ମାଟିଗଦା (ହ୍ଵ. ଶ)—
6. A heap of earth. ୭ । ଜମି; ଭୂମି (ହ୍ଵ. ଶ)—
7. Land. ୮ । (ନାମ) ପ୍ରାଚୀନ ଋଷି ବିଶେଷ (ହ୍ଵ. ଶ) –
8. Name of an ancient sage.

ସ୍ଥଣ୍ଡିଳ ଶଯ୍ୟା—ସଂ. ବି—ବ୍ରତାଦଯୋଗୁଁ ବ୍ରତାନୁଷ୍ଠାନର ଭୂମିଶୟନ—
Sthaṇḍila śajyā Sleeping on the bare ground (of a person observing a vow.)

ସ୍ଥଣ୍ଡିଳଶାୟୀ—ସଂ. ବିଣ (ସ୍ଥଣ୍ଡିଳ+ ଶୀ· ଧାତୁ+କର୍ତ୍ତୃ· ଇନ୍. ୧ମା. ୧ବ;
Sthaṇḍilaśāyī ସ୍ଥଣ୍ଡିଳଶାୟିନ୍ ୧ମା· ୧ବ)—ଯେଉଁ ବ୍ୟକ୍ତି
[ସ୍ଥଣ୍ଡିଳଶାୟିନୀ—ସ୍ତ୍ରୀ] ବ୍ରତ ପାଳନ କରୁଥିବା ଯୋଗୁଁ ସ୍ଥଣ୍ଡିଳରେ ବା ଭୂମିରେ ଶୋଇଥାନ୍ତି—Sleeping on bare ground during the observance of a vow.

ସ୍ଥଣ୍ଡିଳସିତ—ସଂ. ବି—ଯଜ୍ଞବେଦୀ (ବୃ· ଶ)
Sthaṇḍilasita Sacrificial altar.

ସ୍ଥଣ୍ଡିଳେଶୟ—ସଂ. ବିଣ ପୁଂ (ସଂ. ସ୍ଥଣ୍ଡିଳେ=ଭୂମିରେ+ଶୀ. ଧାତୁ+
Sthaṇḍileśaya କର୍ତ୍ତୃ· ଅ; ଅଲୁକ୍ ସମାସ)—ସ୍ଥଣ୍ଡିଳଶାୟୀ (ଦେଖ)—Sthaṇḍilaśāyī (See) ସଂ. ବି—ପ୍ରାଚୀନ ଋଷି ବିଶେଷ—Name of an ancient sage.

ସ୍ଥପତି—ସଂ. ବି (ସ୍ଥ=ସ୍ଥିତ+ପତି)—୧ । କଞ୍ଚୁକୀ; ଅନ୍ତଃପୁରରକ୍ଷକ
Sthapati [ମେଦନୀ]—1. A servant watching the harem. ୨ । ରାଜମିସ୍ତ୍ରୀ; ଶିଳ୍ପିବିଶେଷ (ଅମର); ବାସ୍ତୁବିଦ୍ୟାବିଧାନର ଲକ୍ଷଣଜ୍ଞ ଶିଳ୍ପୀ; ବାସ୍ତୁଶିଳ୍ପୀ—2. Mason. ୩ । ବଢ଼େଇ;ସୂତ୍ରଧର—3. Carpenter. ୪ । ବାର୍ହସ୍ପତ୍ୟ ଯଜ୍ଞକର୍ତ୍ତା; ଗୀଷ୍ପତିଯଜ୍ଞକର୍ତ୍ତା—4. The performer of the Bārhaspatya sacrifice. ୫ । ମନ୍ତ୍ରୀ—5. Minister. ୬ । ବୃହସ୍ପତି—6. Bṛuhaspati. ୭ । କୁବେର—7. Kubera; the God of Wealth. ୮ । ରାଜା (ବୃ. ଶ)—8. King. ୯ । ଉଚ୍ଚ ରାଜକର୍ମଚାରୀ (ବୃ. ଶ)—9. A high government official. ୧୦ । (ନାମ) ରାମଚନ୍ଦ୍ରଙ୍କ ସଖା; ଗୁହ ଶବର (ବୃ· ଶ)—10. Name of the Sabara friend of Rāma. ୧୧ । ସାରଥି (ବୃ· ଶ)—11. Charioteer. ବିଣ—୧ । ପ୍ରଧାନ—1. Chief; principal. ୨ । ଉତ୍ତମ; ଶ୍ରେଷ୍ଠ—2. Excellent; best.

ସ୍ଥପତି ବିଜ୍ଞାନ—ସଂ· ବି—୧ । ଗୃହ ନିର୍ମାଣ ସମ୍ବନ୍ଧୀୟ ଶିଳ୍ପବିଜ୍ଞାନ—
Sthapati bijnāna 1. The science of house-building. ୨ । ସୂତ୍ରଧର ସମ୍ବନ୍ଧୀୟ ବିଜ୍ଞାନ—2. The science of carpentry.

ସ୍ଥପନୀ—ସଂ. ବି—ଦୁଇ ଭ୍ରୂଲତାର ମଧ୍ୟବର୍ତ୍ତୀ ସ୍ଥାନ (ବୃ. ଶ)—The
Sthapanī middle of the two eyebrows.
[ଦ୍ର—ବୈଦ୍ୟକ ମତରେ ଏହା ଏକ ମର୍ମସ୍ଥାନ ଅଟେ—ବୃ. ଶ]

ସ୍ଥପା(ପେ)ଇବା—ଦେ· କ୍ରି—ଅନ୍ୟଦ୍ୱାରା ସ୍ଥାପିତ କରାଇବା—
Sthapā(pe)ibā Causative form of the verb
রাখান स्थापित कराना Sthāpibā. [ଦ୍ର—ନଗର ଦ୍ୱାରେ ପୂର୍ଣ୍ଣକୁମ୍ଭ ସ୍ଥପାଇଲେ । ଯୋଗାଇ ଦେଲାରୁ ତୋରଣ ବାନ୍ଧିଲେ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ସ୍ଥପିତ କରିବା—ଦେ. କ୍ରି (ପଦ୍ୟ)—ହୃଦୟରେ ଲୁଚାଇ ରଖିବା—
Sthapita kariba To keep to one's self; to have
হৃদয়ে লুকিয়ে রাখা some secret deposited in the
गुप्त रखना inner recesses of one's heart. [ଦ୍ର—ସ୍ଥପିତ ନ କର ଭୂପତିଙ୍କ ଆଗେ କହ ବ ?—ଉପେନ୍ଦ୍ରଭଞ୍ଜ. ରହସ୍ୟରତ୍ନ ଚମ୍ପୂ ।]

ସ୍ଥପୁଟ—ସଂ. ବି (ସ୍ଥ+ପୁଟ ଧାତୁ+କର୍ତ୍ତୃ. ଅ)—୧ । ଅସ୍ଥିର ସନ୍ଧିସ୍ଥାନ—
Sthapuṭa 1. Bone-joint. ୨ । ଉଚ୍ଚାବଚ ସ୍ଥାନ—2. High and low place; undulating place. ୩ । ବିଷମ ସ୍ଥାନ ସଂଶ୍ଲିଷ୍ଟ ଜୀବ—3. Animals living or moving in undulating places. ବିଣ—୧ । ବିଷମୋନ୍ନତ (ହେମଚନ୍ଦ୍ର)—1. Undulating; high and uneven. ୨ । ପୀଡ଼ା ବା ଦୁଃଖଭାରରେ କୁବ୍ଜାକୃତ—2. Bent double with sorrow or illness. ୩ । ବିପନ୍ନ (ବୃ. ଶ)—3. Involved in danger. ୪ । କୁବ୍ଜ (ବୃ. ଶ); କୁଜା—4. Having a hump.

ସ୍ଥବି—ସଂ· ବିଣ (ସ୍ଥା· ଧାତୁ+କର୍ତ୍ତୃ. ଇ)—ଜଙ୍ଗମ (ଉଣାଦିବୃତ୍ତି)—
Sthabi Moving. ବି—୧ । ତନ୍ତୁବାୟ—1. Weaver. ୨ । ସ୍ୱର୍ଗ—2. Heaven. ୩ । ଜଙ୍ଗମ; ପଦାର୍ଥ—3. Moveable thing. ୪ । ଥଳି (ବୃ. ଶ)—4. Bag. ୫ । ଅଗ୍ନି (ବୃ. ଶ)—5. Fire. ୬ । ଫଳ (ବୃ. ଶ)—6. Fruit.

ସ୍ଥବିର—ସଂ· ବିଣ (ସ୍ଥା· ଧାତୁ+କର୍ତ୍ତୃ· ଇର)—୧ । ବୃଦ୍ଧ—
Sthabira 1. Old; aged. ୨ । ଅଚଳ—2. Unmoving.
(ସ୍ଥବିରା—ସ୍ତ୍ରୀ) ୩ । ବୃଦ୍ଧ ଓ ପୂଜ୍ୟ (ବୃ. ଶ)—3. Old and adorable. ବି—୧ । ବ୍ରହ୍ମା—1. Brahmā. ୨ । ଶୈଳେୟ (ଗନ୍ଧଦ୍ରବ୍ୟ) (ଦେଖ)—2. Saileya (See) ୩ । ବୃଦ୍ଧଦାରକ (ବୃ· ଶ) (ଦେଖ)—3. Bṛuddhadāraka (See) ୪ । ବୃଦ୍ଧ ଓ ପୂଜ୍ୟ ବୌଦ୍ଧଯତି (ବୃ. ଶ)—4. An old and revered Buddhist mendicant. ୫ । ବୌଦ୍ଧ ସମ୍ପ୍ରଦାୟ ବିଶେଷ (ବୃ. ଶ)—5. A sect of Buddhists.

ସ୍ଥବିରତା(ତ୍ୱ)—ସଂ. ବି (ସ୍ଥବିର+ଭାବ· ତା)—ବାର୍ଦ୍ଧକ୍ୟ—
Sthabiratā(twa) Old age.

ସ୍ଥବିର ଦାରୁ—ସଂ. ବି—ବୃଦ୍ଧଦାରକ (ବୃ. ଶ) (ଦେଖ)
Sthabira dāru Bṛuddhadāraka (See)

ସ୍ଥବିରା—ସଂ. ବିଣ, ସ୍ତ୍ରୀ (ସ୍ଥବିର+ସ୍ତ୍ରୀ, ଆ)—୧ । ବୃଦ୍ଧା—1. Old
Sthabirā (woman). ୨ । ବୃଦ୍ଧା ଓ ପୂଜ୍ୟା—2. Old

and adorable (female).ସଂ.ଭ.ସ୍ତ୍ରୀ—ମହାଶ୍ରାବଣୀ (ରାଜନିର୍ଘଣ୍ଟ) (ଦେଖ)—1. Mahāsrābani (See). ୨ । ବୃଦ୍ଧା ସ୍ତ୍ରୀ—2. An old woman.

ସ୍ଥବିଷ୍ଠ—ସଂ. ବଣ ପୁଂ(ସ୍ଥୂଳ+ଅତ୍ୟର୍ଥେ ଇଷ୍ଠ)—ଅତି ସ୍ଥୂଳ—Sthabishtha(ସ୍ଥବିଷ୍ଠା—ସ୍ତ୍ରୀ) Very corpulent and thick.

ସ୍ଥବୀୟାନ୍—ସଂ.ବଣ ପୁଂ(ସ୍ଥୂଳ+ଅତ୍ୟର୍ଥେ ଈୟସ୍ ; ସ୍ଥବୀୟସ୍ ,୧ମା ୧ବ.) Sthabiyān —ଅତି ମୋଟା—Very corpulant and thick. (ସ୍ଥବୀୟସୀ—ସ୍ତ୍ରୀ)

ସ୍ଥମ୍ଭିବା—ଦେ. କ୍ରି (ସଂ. ସ୍ତମ୍ଭ୍ ଧାତୁ)—ଅଟକିବା; ଗତି କରୁ କରୁ Sthambibā ରହିଯିବା—To stop while moving. থামা स्तंभना [ସ୍ତମ୍ଭା(ମ୍ଭେ)ଇବା—ଶିଥିଳ କରାଇ]

ସ୍ଥମ୍ଭି ରହିବା—ଦେ. କ୍ରି (ସଂ. ସ୍ତମ୍ଭ ଧାତୁ)—ଗତି କରୁ କରୁ ବନ୍ଦ Sthambi rahibā ହୋଇ ରହିବା—To come to a থামিয়া যাওয়া stand-still. [ଉ—ଏ ସକାଶୁଁ ସ୍ଥମ୍ଭି स्तम्भी रहना ରହିଲା ରଥ ସ୍ୱୟେ । ପୁଣି ମଡ଼ା ଯେବେ ନୋ ପୂରିଲେ କୋଶେ ଯାଏ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ]

ସ୍ଥଲ୍ (ଧାତୁ)—ସଂ—୧ । ଥିବା; ଅବସ୍ଥାନ କରିବା—1. To be. Sthal (root) ୨ । ରହିବା—2. To remain.

ସ୍ଥଳ—ସଂ. ବି (ସ୍ଥଲ୍ଧାତୁ=ସ୍ଥିର ହେବା+କର୍ତ୍ତୃ. ଅ)—୧ । ଅକୃତ୍ରିମ Sthala ଭୂମି—1.A bit of land in its natural condition. ୨ । ପ୍ରଦେଶ; ସ୍ଥାନ—2. Place; site; tract of country; locality. ୩ । ପାତ୍ର—3. Receptacle. ୪ । ଥାଳ—4. A big cup; a deep plate. ୫ । ଥାଳୀ—5. A plate. ୬ । ତମ୍ବୁ; ପଟ୍ଟବାସ—6. Tent. ୭ । ଶୁଖିଲା ସ୍ଥାନ; ଜଳଶୂନ୍ୟ ଭୂଭାଗ—7. Land; waterless place. ୮ । ଅବସ୍ଥିତି—8. Position. ୯ । ବିଷୟ—9. Subject; topic; matter. ୧୦ । ଅବସର (ଉ. ଶ)—10. Occasion. ୧୧ । ଉଚ୍ଚ ଜାଗା (ଉ. ଶ)—11. A high place. ୧୨ । ପୁସ୍ତକର ଏକ ଅଂଶ ବା ପରିଚ୍ଛେଦ (ଉ. ଶ)—12. Portion or chapter of book.

ସ୍ଥଳ କନ୍ଦ—ସଂ. ବି—ଅଗ୍ରାମ୍ୟ କନ୍ଦ; ବଣ ଓଲୁଅ—Sthala kanda Wild arum.

ସ୍ଥଳ କମଳ(କମଳିନୀ)—ସ. ବି (ମ. ପ. ଲେ, କର୍ମଧା; ସ୍ଥଳଜାତ କମଳ) Sthala kamala(kamalini) —ସ୍ଥଳପଦ୍ମ—Hibiscus स्थलकमल Mutabilis; Tonidium Suffruticosum. খলকমল [ଉ—ସ୍ଥଳକମଳେ ଦେଖ ରୂପର ଭଙ୍ଗ । କର୍ଣ୍ଣ ଦେଲେ [ଥଳକମଳ—ଦେ. ରୂପ] ଲୋକ ହୁଏ ଏ ଜାତ—ରାଧାନାଥ. ତୁଳସୀ ସ୍ତବକ ।] [ଉ—ଏହାର ପର୍ଯ୍ୟାୟ—ପଦ୍ମଚାରିଣୀ, ଅତିଚରା, ପୁଷ୍କର ପର୍ଣ୍ଣିକା, ପଦ୍ମାହ୍ୱା, ଅମ୍ବୁରୁହା, ପୁଷ୍କରନାଡ଼ୀ, ସ୍ଥଳପଦ୍ମ, ଅବ୍ୟଥା, ପଦ୍ମା, ସୁବର୍ଚ୍ଚୀ, ସାରଦା, ଛତ୍ରପତ୍ର, ସ୍ଥଳପଦ୍ମିନୀ, ଉମାଲକ, ସ୍ଥଳରୁହା, ସୁଗନ୍ଧମୂଳା, ପଦ୍ମାବତୀ, ପୁଷ୍କରିଣୀ । ବୈଦ୍ୟକ ମତରେ ଏହା ଅନୁଷ୍ଣ, କଟୁତିକ୍ତକଷାୟରସ ଏବଂ କଫ, ବାୟୁ, ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଶୂଳ, ଶ୍ୱାସ, ଦାହ, ଅପସ୍ମାର, ବମନ, ଭ୍ରମ ଓ ବିଷନାଶକ ! ଏହା ଭୂତାବେଶ ଶାନ୍ତିକାରକ ଓ ସ୍ତନ ଦୁଗ୍ଧର ସମ୍ପାଦକ ।

ଏହା ଉଦ୍ଭିଦ ବର୍ଗରେ ପୁଷ୍ପଗୁଚ୍ଛବିଶେଷ, ଗଛ ୫।୬ ହାତ ଉଚ୍ଚ, ପତ୍ର ବଡ଼ ବଡ଼ । ଏଥିରେ ଶରତ୍କାଳରେ ଫୁଲ ଫୁଟେ । ଏହି ଫୁଲ ପ୍ରଥମେ ଧଳା, ପରେ ପଦ୍ମବର୍ଣ୍ଣ ବା ରକ୍ତାଭ ହୁଏ । ଏ ଫୁଲ ବହୁ ଦଳ ଓ ଦେଖିବାକୁ ଫିକା ନାଲି ବା ଗୋଲାପି ରଙ୍ଗର । ମାତ୍ର ଏହା ଗନ୍ଧହୀନ ।]

ସ୍ଥଳ କୁମୁଦ—ସ.ବି (ମ. ପ. ଲୋ)—କରବୀର (ରାଜନିର୍ଘଣ୍ଟ) (ଦେଖ) Sthala kumuda Karabira (See)

ସ୍ଥଳ କୂଳ—ଦେ. ବି (ସହଚର)—୧ । କୌଣସି ବିଷୟର ଠିକଣା—Sthala kūla 1.Trace or clue of any thing. ୨ । কূল কিনারা ଆଶ୍ରୟ—2. Shelter. ୩ । ଆଶ୍ରୟ ନେବା तट किनारा ସ୍ଥାନ—3 Place of shelter. [ଉ—ବ କରିବେ ବହୁ ବୁଦ୍ଧି ନ ଦଶିଲା, ନ ପାଇଲେ ସ୍ଥଳ କୂଳ—ଜନକଶୋର ଷମିସ୍ରା ।]

ସ୍ଥଳଚର.—ସ.ବି.ଣ ପୁଂ (ସ୍ଥଳ+ଚର୍ ଧାତୁ+କର୍ତ୍ତୃ. ଅ)—ଯେଉଁ ଜୀବ Sthalachara ସ୍ଥଳରେ ବିଚରଣ କରେ—(animals) (ଜଳଚର—ବିପରୀତ) Moving on land. (ସ୍ଥଳଚ, ସ୍ଥଳଗାମୀ, ସ୍ଥଳଗୃହ—ଅନ୍ୟରୂପ) (ସ୍ଥଳଚରୀ—ସ୍ତ୍ରୀ)

ସ୍ଥଳ ପଥ—ସ. ବି (୭ମୀ ତତ୍)—ଭୂମି ଉପରେ ଯିବା ପଥ—Road on Sthala patha land; land route. (ଜଳ ପଥ—ବିପରୀତ)

ସ୍ଥଳ ପଦ୍ମ(ପଦ୍ମିନୀ)—ସ.ବି—୧ । ସ୍ଥଳ କମଳ (ଦେଖ)—1. Sthala Sthala padma(padmini) kamala (See) ୨ । ମାନକ; ମାଣସାରୁ (ହେମମାଳା)—2. A kind of taro.

ସ୍ଥଳ ବାଣିଜ୍ୟ—ଦେ. ବି—ସ୍ଥଳ ପଥରେ ରପ୍ତାନି ବାଣିଜ୍ୟ—Trade Sthala bānijya on land route; land-borne স্থল বণিজ্য थल वाणिज्य trade.

ସ୍ଥଳ ଭାଗ—ସ. ବି—ଭୂଭାଗ—Dry land; land portion. Sthala bhāga (ଜଳ ଭାଗ—ବିପରୀତ)

ସ୍ଥଳ ମଞ୍ଜରୀ—ସଂ. ବି—ଅପାମାର୍ଗ (ହେମମାଳା) (ଦେଖ) Sthala manjari Apāmārga (See)

ସ୍ଥଳ ମର୍କଟ—ସ. ବି—କରମର୍ଦ୍ଦକ (ଉ. ଶ) (ଦେଖ) Sthala markata Karamarddaka (See)

ସ୍ଥଳ ଯୁଦ୍ଧ(ବିଗ୍ରହ)—ସ.ବି—ସ୍ଥଳ ଭାଗ ଅର୍ଥାତ୍ ଭୂମିର ଉପରେ ଥାଇ ଦୁଇ Sthala juddha(bigraha) ପକ୍ଷଙ୍କ ମଧ୍ୟରେ ଯୁଦ୍ଧ—War between two armies on the land.

ସ୍ଥଳରୁହା—ସ. ବି (ସ୍ଥଳ+ରୁହ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—Sthalaruhā ସ୍ଥଳକମଳ (ଦେଖ)—Sthalakamala (See)

ସ୍ଥଳ ଶୃଙ୍ଗାଟ(ଶୃଙ୍ଗାଟକ)—ସଂ. ବି—ଗୋଖୁରା ଗଛ (ରତ୍ନମାଳା); Sthala śrungāṭa(śrungāṭaka) ଗୋଖରା (ଦେଖ) Gokharā (See)

ସ୍ଥଳ ସଙ୍କଟ—ଦେ· ବି (ଭୂଗୋଳ)—ଯୋଜକ; ଯେଉଁ ସଙ୍କୀର୍ଣ୍ଣ ଭୂଭାଗ Sthala sankaṭa ଦୁଇଟି ବୃହତ୍ ଭୂଭାଗକୁ ଯୋଗ କରିଥାଏ— স্থল সংকট, যোজক থল সংযোজক Isthmus.

ସ୍ଥଳ ସୀମା—ସଂ· ବି (ସ୍ଥଳ+ସୀମନ୍; ୧ମା. ୧ବ)—୧ । ସ୍ଥଣ୍ଡିଳ Sthala sīmā (ଶବ୍ଦକଳ୍ପଦ୍ରୁମ) (ଦେଖ)—1. Sthaṇḍila (See) ୨ । ଦୁଇ ଦେଶର ସୀମା— 2. Boundary between two countries.

ସ୍ଥଳା—ସଂ. ବି. ସ୍ତ୍ରୀ (ସ୍ଥଳ+ଅ)—୧ । ଜଳଶୂନ୍ୟ କୃତ୍ରିମ ଭୂମି Sthalā (ଭରତ)—1. An artificial dry land; a spot of dry ground artificially raised and drained (Apte). ୨ । ଜଳଶୂନ୍ୟ ଭୂଭାଗ (ହ· ଶ) 2. Waterless land.

ସ୍ଥଳାଭିଷିକ୍ତ—ସଂ.ବିଣ.ପୁଂ —୧ । ଅନ୍ୟ ବ୍ୟକ୍ତିର ପ୍ରତିନିଧି—1. Representing another. Sthalābhishikta ୨ । ଅନ୍ୟ ବ୍ୟକ୍ତିର ଜାଗାରେ ପ୍ରତିଷ୍ଠିତ (ବ୍ୟକ୍ତି)—2. (a person) Placed (ସ୍ଥଳାଭିଷିକ୍ତା—ସ୍ତ୍ରୀ) in the position of another.

ସ୍ଥଳୀ—ସଂ. ବି· ସ୍ତ୍ରୀ (ସ୍ଥଳ+ସ୍ତ୍ରୀ. ଈ)—୧ । ସ୍ଥଳ (ଦେଖ)— Sthalī 1. Sthala (See) [ଉ—ଏବେ ସ୍ଥଳୀ ଥାଉଁ ଜଳପୁରେ ପୁଣି ଅସ ଦେଖି ଅଣା କହ ?—ସ୍ୱଧାକାଠ. ଖାନ୍ଦା ।] ୨ । ଜଳଶୂନ୍ୟ ଅକୃତ୍ରିମ ଭୂମି—2. A natural spot of dry ground. ୩ । ଗୁଣ୍ଡି—3. Bag. ୪ । ଦୃଢ଼ ଭୂମି—4. Firm land (Apte). ୫ । ସ୍ଥଳ ଦେବତା—5. A Deity of the soil (Apte). ୬ । ସ୍ଥଳାଧିପତି ଦେବତା— 6. Tutelary Deity (Apte).

ସ୍ଥଳୀ ଦେବତା—ସଂ. ବି—ଗ୍ରାମ ଦେବତା— Sthali debatā Presiding Deity of a village.

ସ୍ଥଳୀୟ—ସଂ· ବିଣ (ସ୍ଥଳ+ଈୟ)—୧ । ସ୍ଥାନୀୟ—1. Relating Sthalīya to a place. ୨ । ସ୍ଥଳସମ୍ବନ୍ଧୀୟ— 2. Relating to land.

ସ୍ଥଳେରୁହା—ସଂ. ବି (ସ୍ଥଳେ+ରୁହ୍ ଧାତୁ+କର୍ତ୍ତି. ଅ+ସ୍ତ୍ରୀ· ଆ; Sthaleruhā ଲତ୍ୟସମାସ)—୧ । ଘୃତକୁମାରୀ (ରାଜନିର୍ଘଣ୍ଟ); ଘୃତକୁମାରୀ; ଘିକୁଆଁରୀ—1. Indian aloe. ୨ । ବନ୍ଧ୍ୟାବୃକ୍ଷ; ଚଡାକୁଣ୍ଡୀ ଗଛ—2. A plant; Euparveiflora. ବିଣ—ସ୍ଥଳଜାତ (ବୃକ୍ଷାଦି)— Growing on land.

ସ୍ଥଳେଶୟ—ସଂ. ବିଣ (ସ୍ଥଳେ+ଶୀ ଧାତୁ+କର୍ତ୍ତି. ଅ; ଅଲୁକ୍ ସମାସ)— Sthaleśaya ଶୁଷ୍କ ଭୂଇଁରେ ଶୋଉଥିବା—Sleeping on land. ବି—କୁରଙ୍ଗ; କୁରଙ୍ଗାଦି ପଶୁ— Deer; antelope.

ସ୍ଥଳୌକା—ସଂ. ବି(ବହୁବ୍ରୀହି;ସ୍ଥଳ+ଓକସ୍=ଗୃହ ଯାହାର;ସ୍ଥଳୌକସ Sthalaukā ଶବ୍ଦ)—ସ୍ଥଳଚର ଜୀବ—Animals moving on land.

ସ୍ଥା (ଧାତୁ)—ସଂ—୧ । ଥିବା—1. To be. ୨ । ସ୍ଥିତ ହେବା—2. To Sthā (dhātu) be placed. ୩ । ରହିବା—3. To stay. [ଦ୍ର—ଏହି ଧାତୁ ପୂର୍ବେ ଅ, ଅବ, ଉପ, ଅଧି, ଅନୁ, ପ୍ର, ପ୍ରତି ଅାଦି ଉପସର୍ଗ ଲାଗିଲେ ଭିନ୍ନ ଭିନ୍ନ ଅର୍ଥ ବୁଝାଯାଏ। ପ୍ରତି, ଅଧି ଓ ଅନୁ ପରେ 'ସ୍ଥା'ର ରୂପ 'ଷ୍ଠା' ହୁଏ ।]

ସ୍ଥା—ସଂ. ବିଣ. ସ୍ତ୍ରୀ ('ସ୍ଥ'ର ସ୍ତ୍ରୀଲିଙ୍ଗ)—ଅବସ୍ଥିତା; ସ୍ଥିତା— Sthā Placed; situated. (female). ବି—୧ । ଅବସ୍ଥାନ—1. Position. ୨ । ସ୍ଥାନ— 2. Place.

ସ୍ଥାଇ—ଗ୍ରା· ବିଣ (ସଂ. ସ୍ଥାୟୀ)—ସ୍ଥାୟୀ (ଦେଖ)— Sthāi Sthāyī (See).

ସ୍ଥାଗ—ସଂ. ବି—୧ । ଶବ (ହ. ଶ)—1. Corpse; ୨ । ଶିବାନୁଚରବିଶେଷ—2. Name of one of Sthāga Śiba's attendants.

ସ୍ଥାଣବୀୟ—ସଂ. ବିଣ (ସ୍ଥାଣୁ+ଈୟ)—ସ୍ଥାଣୁସମ୍ବନ୍ଧୀୟ— Sthāṇabīya Relating to Sthāṇu.

ସ୍ଥାଣୁ—ସଂ. ବିଣ (ସ୍ଥା ଧାତୁ+କର୍ତ୍ତି ନୁ)—୧ । ଅଚଳ; ସ୍ଥିର— Sthāṇu 1. Fixed; steady. ୨ । ସ୍ଥବିର (ଦେଖ) 2. Sthabira (See). ବି—୧ । କାଣ୍ଡଶାଖାବୃକ୍ଷ; ଶାଖାପତ୍ରଶୂନ୍ୟ ଗଛ; ଲଣ୍ଡା ଗଛ; ଥୁଣ୍ଟା ଗଛ—1. A pollard; the branchless trunk of a tree. (ଏହାର ପର୍ଯ୍ୟାୟ ଧ୍ରୁବ, ଶଙ୍କୁ, ଅଶାଖବୃକ୍ଷ)—୨ । ଶିବ; ମହାଦେବ—2. God Śiba. ୩ । ସ୍ତମ୍ଭ; ଖୁଣ୍ଟ; ଖମ୍ବ· 3. Pillar. ୪ । ଖିଲ—4. A post or peg drawn into the ground. ୫ । ଜୀବକ ନାମକ ଗନ୍ଧଦ୍ରବ୍ୟ(ଶବ୍ଦଚନ୍ଦ୍ରିକା)—5. A rare scented herb; ୬ । ଅସ୍ତ୍ରଭେଦ (ଶବ୍ଦକଳ୍ପଦ୍ରୁମ)—6. A kind of weapon. ୭ । ଉଇ ହୁଙ୍କା—7. Anthill. ୮ । ଏକପ୍ରକାର ବର୍ଚ୍ଛା (ହ. ଶ)—8. A kind of spear. ୯ । ହଳର ଅଂଶବିଶେଷ (ହ.ଶ)—9. A part of the plough. ୧୦ । ସୂର୍ଯ୍ୟ ଘଡ଼ିର କଣ୍ଟା [ହ. ଶ]—10. The hand of a sundial. ୧୧ । ସ୍ଥାବର ପଦାର୍ଥ [ହ· ଶ]— 11. An immovable thing. ୧୨ । [ନାଗ] ନାଗବିଶେଷ—12. Name of a Nāga. ୧୩ । ଏଗାର ରୁଦ୍ର ମଧ୍ୟରୁ ଏକ [ହ. ଶ]—13. One of the eleven Rudra Deities. ୧୪ । ଦାନବବିଶେଷ [ହ.ଶ]—14. Name of a demon. ୧୫ । ପ୍ରଜାପତି-ବିଶେଷ—15. Name of a Progenitor of mankind.

ସ୍ଥାଣୁ ତୀର୍ଥ—ସଂ.ବି—(ମ.ଭ.ଶଲ୍ୟ)—ବାମନପୁରାଣ ଚତୁର୍ଥଅଧ୍ୟାୟୋକ୍ତ ତୀର୍ଥ Sthāṇu tirtha ବିଶେଷ—[ଦ୍ର-ଏହା କୁରୁକ୍ଷେତ୍ରରେ ସ୍ଥାଣୁ ବଟ, ଶ୍ରୀବଳଭ

ଥିବାରୁ ଏହି ନାମ । ଏ ଶିବଲିଙ୍ଗଙ୍କ 'କରୁଃକ୍ଷେତ୍ରେ ଏକ ଜଳାଶୟ ଅଛି ।]ଥାନେଶ୍ୱର ନାମକ ସ୍ଥାନ, ଯେଉଁଠାରେ ପୃଥ୍ୱୀରାଜ ଓ ମହମ୍ମଦ ଘୋରୀଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା—Name of a place of pilgrimage; Thaneswar,the battlefield where Mahmmad Ghori fought with Pruthwirāja.

ସ୍ଥାଣୁବତ୍—ସଂ. ଅ—ଥୁଣ୍ଟା ଗଛ ପରି—
Sthāṇubat Like a pollard.

ସ୍ଥାଣୁ ରୋଗ—ସଂ. ବି—ଘୋଡ଼ାଙ୍କ ଜଙ୍ଘରେ ହେବା ଦୁସ୍ତରୋଗ ଭ୍ରଣବିଶେଷ [ପ୍ରା. ଶ]—A kind of boil on the thigh of the horse.
Sthāṇu roga

ସ୍ଥଣ୍ଡିଳ—ସଂ. ବିଶେ. ପୁଂ [ସ୍ଥଣ୍ଡିଳ+ଅ]—ସ୍ଥଣ୍ଡିଳଶାୟୀ [ଦେଖ]—
Sthaṇḍila Sthandilaśāyi(See) [ସ୍ଥଣ୍ଡିଳା—ସ୍ତ୍ରୀ]

ସ୍ଥାଣ୍ୱୀଶ୍ୱର—ସଂ. ବି—ଥାନେଶ୍ୱର; ସ୍ଥାଣୁତୀର୍ଥସ୍ଥ ଶିବଲିଙ୍ଗ—The idol of Śiba in Sthāṇutīrtha (modern Thaneswar).
Sthānwiswara name of the

ସ୍ଥାତବ୍ୟ—ସଂ. ବିଣ (ସ୍ଥା ଧାତୁ+ଅଧିକରଣେ. ତବ୍ୟ)—ରହିବାର ଉପଯୁକ୍ତ ବା ଉଚିତ, ଅବସ୍ଥିତି ଯୋଗ୍ୟ (ସ୍ଥାନ)—(a place) Fit to stay.
Sthātabya

ସ୍ଥାନ—ସଂ. ବି (ସ୍ଥା ଧାତୁ+ଅଧିକରଣେ. ଅନ)—୧ । ସ୍ଥଳ; ଜାଗା; ଥାନ—1. Place; spot. ୨ । ଉଦ୍ଦିଷ୍ଟ ଅଞ୍ଚଳ; ଦେଶ—2. Locality. ୩ । ଭାଜନ; ପାତ୍ର; ଆଧାର (ଜଳାଶୟ)—3. Receptacle; reservoir. ୪ । ବିଷୟ—4. Matter; topic. ୫ । ଅବକାଶ; ଫାଙ୍କ (ମେଦିନୀ)—5.Leisure; space. ୬ । ଗ୍ରନ୍ଥସନ୍ଧି (ତ୍ରିକାଣ୍ଡ ଶେଷ); ପରିଚ୍ଛେଦ—6. Chapter of a book. ୭ । ବ୍ୟବସାୟ; ପେଶା—7. Trade; business; profession. ୮ । ଘର; ଗୃହ; ବସତି; 8. Residence; dwelling. [ଦ୍ର—ପରବାସରେ ଅସି କଲ ମୁହିଁ ସ୍ଥାନ—କୃଷ୍ଣସିଂହ. ମହାଭାରତ. ବନ] ୯ । ସ୍ଥିତି; ଅବସ୍ଥିତି (ମେଦିନୀ)—9. Position; situation; site. ୧୦ । ସ୍ଥୈର୍ଯ୍ୟ—10. Fixity. ୧୧ । ସନ୍ନିବେଶ (ହେମଚନ୍ଦ୍ର)—11. Arrangement. ୧୨ । ସାଦୃଶ୍ୟ (ମେଦିନୀ)—12. Similarity. ୧୩ । ନୀତିବେତ୍ତାମାନଙ୍କର ତ୍ରିବର୍ଗାନ୍ତର୍ଗତ ବର୍ଗବିଶେଷ, ଯହିଁରେ ରାଜ୍ୟର ଅଷ୍ଟବର୍ଗର କ୍ଷୟ ବା ବୃଦ୍ଧି ନ ଥାଏ (ଅମର)—13. A position which is neither increase nor decrease(in politics) ୧୪ । ଅବସ୍ଥାନ କରିବାର ଉପଯୁକ୍ତ ସ୍ଥାନ—14. Fit or proper place or position. ୧୫ । କାର୍ଯ୍ୟ କରିବାର ଜାଗା; ପଦ; କର୍ମ, (ପ୍ରା. ଶ.)—15. Post. ୧୬ । ପଦ; ପଦବୀ (ପ୍ରା. ଶ.)—16. Position; status. ୧୭ । (ବ୍ୟାକରଣ) ମୁଖଗହ୍ୱରସ୍ଥ ଯେଉଁ ଅଂଶରୁ କୌଣସି ବର୍ଣ୍ଣ ଉଚ୍ଚାରିତ ହୁଏ) (ପ୍ରା. ଶ.); ଉଚ୍ଚାରଣ ସ୍ଥାନ—17. (Grammar) The position inside the mouth from which a sound or letter is uttered. ୧୮ । ରାଜ୍ୟ; ଦେଶ (ପ୍ରା. ଶ.)—18 Kingdom; country. ୧୯ । ମନ୍ଦିର; ଦେବାଳୟ (ପ୍ରା. ଶ.) 19. Temple. ୨୦ । ଗଡ଼; ଦୁର୍ଗ (ପ୍ରା. ଶ.)—20. Fort; fortress. ୨୧ । ସେନାଙ୍କର ଆତ୍ମରକ୍ଷା ନିମନ୍ତେ କୌଣସିଠାରେ ସ୍ଥିରରୂପେ ଅବସ୍ଥିତି—(ପ୍ରା. ଶ.)—21. Position taken up by an army for its own protection or defence. ୨୨ । ଅସ୍ତ୍ରକ୍ଷେପରେ ଶରୀରର ଏକପ୍ରକାର ମୁଦ୍ରା (ପ୍ରା. ଶ.)—22. A position or posture of the body during shooting ୨୩ । ଅବସର (ପ୍ରା. ଶ.)23. Occasion. ୨୪ । ଅବସ୍ଥା; ଦଶା (ପ୍ରା. ଶ.)—24. Condition; state. ୨୫ । କାରଣ; ଉଦ୍ଦେଶ୍ୟ, (ପ୍ରା.ଶ.)—25. Cause; aim. ୨୬ । କୌଣସି ଅଭିନେତାଙ୍କ ଅଭିନୟ ବା ଅଭିନୟଗତ ଚରିତ—26. The character of an actor in a drama. ୨୭ । ବେଦୀ (ପ୍ର ଶ.)—27. Altar. ୨୮ । ରାମାୟଣୋକ୍ତ ଗନ୍ଧର୍ବରାଜ ବିଶେଷ (ପ୍ର. ଶ.) 28. Name of a king of Gandharbas mentioned in the Rāmāyaṇa. ଦେ. ବି—୧ । ଭୋଜନ ନିମନ୍ତେ ପରିଷ୍କୃତ ସ୍ଥଳ—1. Place prepared for taking meal upon. ୨ । ଦେହର ଅଂଶ—2. Part of the body. (ଯଥା—ମର୍ମସ୍ଥାନ ଗୁହ୍ୟସ୍ଥାନ)।
Sthāna
स्थान
স্থান

ସ୍ଥାନ ଅସ୍ଥାନ—ଦେ. ବି (ସମାହାର)—୧ । ଉପଯୁକ୍ତ ସ୍ଥାନ ଓ ଅନୁପଯୁକ୍ତ ସ୍ଥାନ—1. Fit place and unfit place; good and evil places. ୨ । ଦେହର ପ୍ରକାଶ୍ୟ ଅଂଶ ଓ ଗୋପନୀୟ ଅଂଶ—2. All the parts and limbs of the body; visible and private parts of the body.
Sthāna asthāna
स्थान अस्थान
স্থান অস্থান

ସ୍ଥାନକ—ସଂ. ବି (ସ୍ଥାନ+କ)—୧ । ଆଳବାଳ; ଗଛ ମୂଳରେ ପାଣି ରହିବା ପାଇଁ କରାଯାଇଥିବା ମଣ୍ଡା—A trough made round the foot of a tree to water to feed the roots. ୨ । ନଗର—2. Town. ୩ । ଫେନ—3. Foam. ୪ । ବୁଦ୍‌ବୁଦ—4. A bubble. ୫ । ନୃତ୍ୟର ମୁଦ୍ରାବିଶେଷ—5. A posture in dancing.
Sthānaka

ସ୍ଥାନଚଞ୍ଚଳା—ସଂ. ବି—ବନ୍ୟ ତୁଳସୀ (ଶବ୍ଦଚନ୍ଦ୍ରିକା); ବନ ତୁଳସୀ—Wild Basil plant.
Sthānachañchalā

ସ୍ଥାନଚିନ୍ତକ—ସଂ. ବି—ସେନା ପାଇଁ ଛାଉଣୀର ବ୍ୟବସ୍ଥା କରିବା କର୍ମଚାରୀ (ପ୍ରା. ଶ)—An army
Sthānachintaka

officer who arranges for the camping of an army.

ସ୍ଥାନ ଚ୍ୟୁତ—ସଂ. ବଣ (୫ମୀ ତତ୍)—ସ୍ଥାନଭ୍ରଷ୍ଟ—
Sthāna chyuta Dislodged from one's position.
(ସ୍ଥାନଚ୍ୟୁତା—ସ୍ତ୍ରୀ)

ସ୍ଥାନ ତ୍ୟାଗ—ସଂ. ବି (୬ଷ୍ଠୀ ତତ୍)—କୌଣସି ସ୍ଥାନ ବା ଅଞ୍ଚଳ ଛାଡ଼ି
Sthāna tyāga ଚାଲିଯିବା—Leaving a place; going away.

ସ୍ଥାନ ତ୍ୟାଗୀ—ସଂ. ବଣ, ପୁଂ—ଯେ କୌଣସି ସ୍ଥାନ ତ୍ୟାଗ କରେ—
Sthāna tyāgī (One) Leaving any place.
(ସ୍ଥାନତ୍ୟାଗିନୀ—ସ୍ତ୍ରୀ)

ସ୍ଥାନ ଦାନ—ସଂ. ବି (୬ଷ୍ଠୀ ତତ୍)—କୌଣସି ବ୍ୟକ୍ତି ବା ବସ୍ତୁକୁ
Sthāna dāna ଅବସ୍ଥିତି ପାଇଁ ଆଶ୍ରୟ ଦେବା—Giving a place or shelter to a person or thing.

ସ୍ଥାନ ପାଳ—ସଂ. ବି(ସ୍ଥାନ + ପାଳ ଧାତୁ + କର୍ତ୍ତୃ.ଅ)—୧। ସ୍ଥାନରକ୍ଷକ;
Sthāna pāla ସ୍ଥାନିକ (ଶବ୍ଦ କଳ୍ପଦ୍ରୁମ); ଯେ କୌଣସି ସ୍ଥାନକୁ ଜଗେ; ଚୌକିଦାର—1. A person who watches a place; watchman. ୨। ପ୍ରଧାନ ନିରୀକ୍ଷକ (ବୃ.ଶ) —2. Chief Inspector.

ସ୍ଥାନ ବ୍ୟାପକତା—ସଂ. ବି—ସ୍ଥାନାବରୋଧକତା—The quality of
Sthāna byāpakatā occupying or obstructing a place.

ସ୍ଥାନ ଭ୍ରଷ୍ଟ—ସଂ. ବଣ (୫ମୀ ତତ୍)—୧। ସ୍ୱ ସ୍ଥାନରୁ ଚ୍ୟୁତ;
Sthāna bhrashṭa ପଦଚ୍ୟୁତ—1. Dislodged out of one's post or position. ୨। ଉଚିତ ସ୍ଥାନରୁ ଚ୍ୟୁତ—
(ସ୍ଥାନଭ୍ରଷ୍ଟା—ସ୍ତ୍ରୀ) 2. Displaced from the proper position. ୩। ସ୍ଥାନାନ୍ତରିତ—3. Dislocated. ୪। ନିଜ ସ୍ଥାନରୁ ଖସି ପଡ଼ିଥିବା—4. Fallen from one's place. [ଦୃ—ସ୍ଥାନଭ୍ରଷ୍ଟା ନ ଶୋଭନ୍ତେ ଦନ୍ତାଃ କେଶାଃ ନଖା ନରାଃ—ଗରୁଡ଼ ପୁରାଣ=ସ୍ଥାନଭ୍ରଷ୍ଟ ହେଲେ କେଶ, ଦନ୍ତ, ନଖ ଓ ନର ଶୋଭା ପାଆନ୍ତି ନାହିଁ।]

ସ୍ଥାନ ମୃଗ—ସଂ. ବି—୧। କଙ୍କଡ଼ା (ବୃ. ଶ)—1. Crab. ୨। ମାଛ
Sthāna mruga (ବୃ. ଶ)—2. Fish. ୩। କଇଁଛ (ବୃ. ଶ)—3. Tortoise. ୪। ମକର; ମଗର (ବୃ. ଶ)—4 Shark.

ସ୍ଥାନ ରକ୍ଷକ—ସଂ. ବି ପୁଂ—ସ୍ଥାନପାଳ; କୌଣସି ସ୍ଥାନକୁ ଜଗିବାର
Sthāna rakshaka ଭାରପ୍ରାପ୍ତ ବ୍ୟକ୍ତି—A person who is in charge of watching a place.

ସ୍ଥାନରେ—ଦେ. ଅ—୧। ବଦଳରେ; ବଦଳରେ—1. In the
Sthānare place of. ୨। ପ୍ରତିନିଧିରୂପେ—2. As a
स्थाने स्थानमे representative of. ୩। ଠାରେ; ଜାଗାରେ—3. On; at (a place).

ସ୍ଥାନ ସଙ୍କୁଳନ—ସଂ. ବି—୧। ଥାନ ଅଣ୍ଟିବା; ଅବସ୍ଥାନ କରିବାପାଇଁ
Sthāna saṅkulana ସ୍ଥାନର ଯଥେଷ୍ଟତା—1. The state of having sufficient space; provision for sufficient space. ୨। ସ୍ଥାନର ସଂକୀର୍ଣ୍ଣତା; ସ୍ଥାନ ନ ଅଣ୍ଟିବା—2. Narrowness of space.

ସ୍ଥାନ ସ୍ଥିତ—ସଂ. ବଣ—୧। ନିଜ ସ୍ଥାନରେ ବା ଉପଯୁକ୍ତ ସ୍ଥାନରେ
Sthāna sthita ଅବସ୍ଥିତ—1. Situated in one's proper or fit position. ୨। ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥିତ—2. Situated in a special position.

ସ୍ଥାନାଧିପ—ସଂ. ବି (୬ଷ୍ଠୀ ତତ୍)—୧। ସ୍ଥାନରକ୍ଷକ; ଥାନାଦାର—
Sthānādhipa 1. The person in charge of a place.
ସ୍ଥାନାଧିପତି, ସ୍ଥାନାଧିପ, ସ୍ଥାନାଧୀଶ, ସ୍ଥାନାଧୀଶ୍ୱର } ଅନ୍ୟରୂପ ୨। ଥାନପତି—2. Master; headman of a place. ୩। କୌଣସି ସ୍ଥାନର ମାଲିକ—3. Proprietor of a place

ସ୍ଥାନାନ୍ତର—ସଂ.ବି(ଅନ୍ୟ ସ୍ଥାନ=ସ୍ଥାନାନ୍ତର, କର୍ମଧାରୟ)—ଅନ୍ୟସ୍ଥାନ—
Sthānāntara Another place. ଦେ. ବି—
স্থানান্তর स्थानान्तर ୧। ସ୍ଥାନାନ୍ତରର ହେବାର ଅବସ୍ଥା—1. Removal; displacement. ୨। ଚାକିରିରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି—2. Transfer of service from one place to another.

ସ୍ଥାନାନ୍ତରିତ—ସଂ. ବଣ (ସ୍ଥାନାନ୍ତର + ଇତ)—୧। ଏକ ସ୍ଥାନରୁ ଅନ୍ୟ
Sthānāntarita ସ୍ଥାନକୁ ନୀତ ବା ପ୍ରେରିତ—1. Displaced; dislocated; removed from one place. ୨। ଚାକିରିକୁ ବଦଳ ହେବା—2. Transferred from service at one place to another.

ସ୍ଥାନାଧ୍ୟକ୍ଷ—ସଂ. ବି.ପୁ—୧। କୌଣସି ସ୍ଥାନର ରକ୍ଷକ—1. Watch-
Sthānādhyaksha man of a place. ୨। କୌଣସି
(ସ୍ଥାନାଧ୍ୟକ୍ଷା—ସ୍ତ୍ରୀ) ସ୍ଥାନର ପ୍ରଧାନ ନିରୀକ୍ଷକ—2. The principal Supervisor of a place.

ସ୍ଥାନାପନ୍ନ—ସଂ. ବିଣ—(୨ୟା ତତ୍)—ଅନ୍ୟ ବ୍ୟକ୍ତିଙ୍କ ସ୍ଥାନରେ
Sthānāpanna ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିବା (ବ୍ୟକ୍ତି)(ବୃ ଶ.) Acting temporarily for another.

ସ୍ଥାନାବରୋଧ—ସଂ. ବି (୬ଷ୍ଠୀ ତତ୍)—ଏକ ସ୍ଥାନ ମାଡ଼ି ବସିବା—
Sthānāborodha Occupying or obstructing a place
(ସ୍ଥାନାବରୋଧକ, ସ୍ଥାନାବରୋଧୀ—ବଣ)

ସ୍ଥାନାବରୋଧକତା – ସଂ.ବି(ବିଜ୍ଞାନପରିଭାଷା)—ଜଡ଼ପଦାର୍ଥର ଗୁଣବିଶେଷ,
Sthānāborodhakatā ଯେଉଁ ଗୁଣ ଯୋଗୁଁ ଜଡ଼ ପଦାର୍ଥ ଗୋଟିଏ ସ୍ଥାନକୁ ବ୍ୟାପିଥାଏ—(physics) An attribute of matter; occupation of space by matter.

ସ୍ଥାନାଭାବ—ସଂ. ବି (୬ଷ୍ଠୀ ତତ୍)—ସ୍ଥାନର ନିଅଣ୍ଟ ହେବା—
Sthānābhāba Want of space

ସ୍ଥାନିକ—ସଂ. ବଣ (ସ୍ଥାନ + ଇକ)—୧। ସ୍ଥାନୀୟ—1. Local. ୨।
Sthānika ସ୍ଥାନସମ୍ବନ୍ଧୀୟ—2. Relating to a place. ବି. ପୁ—୧। ସ୍ଥାନାଧ୍ୟକ୍ଷ; ସ୍ଥାନ ରକ୍ଷକ—

1. Custodian of a place; proprietor of a place. (ଓଡ଼ିଆରେ 'ଥାଣୀ' ଶବ୍ଦ ଏହି ଶବ୍ଦରୁ ଅପଭ୍ରଷ୍ଟ, ଯଥା—ଥାଣୀ ଭଇଚ) ୨ । ମନ୍ଦିରର ପ୍ରବନ୍ଧକ (ହି. ଶ)—2. The Superintendent of (ସ୍ଥାନିକା—ସ୍ତ୍ରୀ) a temple.

ସ୍ଥାଣୀ—ସଂ. ଵଣ (ସ୍ଥାନ+ଇନ୍; ୧ମା. ୧ବ)—୧ । ସ୍ଥାନବିଶିଷ୍ଟ; Sthāni ସ୍ଥିତିଶୀଳ (ମୁଗ୍ଧବୋଧ)—1. Having space; (ସ୍ଥାନିନୀ—ସ୍ତ୍ରୀ) spacious. ୨ । ସ୍ଥାୟୀ (ହି. ଶ)—2. Permanent. ୩ । ଉଚିତ; ଉପଯୁକ୍ତ (ହି. ଶ) ପାତ୍ର **पात्र** 3. Proper; suitable. ବେ. ବ (ଗଦ୍ୟ; ଅନ୍ୟ ଶବ୍ଦ ପରେ ଯୁକ୍ତ) (ଅମୁକର) ସ୍ଥାନ; ବିଷୟ; ପାତ୍ର—Object (e.g. of worship) (ଉ—ଭା ଭୂଲରେ ପଶ ଅଯୁତ ପ୍ରାଣଘେନ, ହେଲେ ଶେଷ ଦେବତାମାନଙ୍କ ପୂଜାସ୍ଥାଣୀ—କୃଷ୍ଣସିଂହ ମହାଭାରତ. ଶଲ୍ୟ ।)

ସ୍ଥାଣୀୟ—ସଂ. ଵଣ (ସ୍ଥା+ଅଧିକରଣ· ଅନୀୟ)—୧ । ସ୍ଥାତବ୍ୟ—Sthānīya 1. Fit to stay in. ୨ । ସ୍ଥାନସମ୍ବନ୍ଧୀୟ (ସ୍ଥାଣୀୟା—ସ୍ତ୍ରୀ) 2. Relating to a place or locality. (ଯଥା—ସ୍ଥାଣୀୟ କମ୍ପବନ୍ତୀ)—୩ । ନିର୍ଦ୍ଦିଷ୍ଟ ଅଞ୍ଚଳସମ୍ବନ୍ଧୀୟ—3. Local. ୪ । ଅନ୍ୟ ଶବ୍ଦ ପରେ ଯୁକ୍ତ) (ଅମୁକର) ସଦୃଶ; ତୁଲ୍ୟ; ସମାନସମ୍ପର୍କୀୟ (ବ୍ୟକ୍ତି)—4. Occupying a position similar to. (ଯଥା—ପିତୃସ୍ଥାଣୀୟ, ଗୁରୁସ୍ଥାଣୀୟ) । ସଂ· ବ—ନଗର (ଅମର)—Town. ସ୍ଥାନୀୟ **स्थानीय** ଦେ. ଵଣ—କୌଣସି ଅଞ୍ଚଳ ଉପରେ ଅଧିକାରଯୁକ୍ତ—Having jurisdiction over a place. (ଯଥା—ସ୍ଥାଣୀୟ ହାକିମ; ସ୍ଥାଣୀୟ ପଞ୍ଚାଏତ) ।

ସ୍ଥାଣୀୟ ହାକିମ—ଦେ.ବ—କୌଣସି ସ୍ଥାନ ଉପରେ ଅଧିକାର ପ୍ରାପ୍ତ ହାକିମ Sthānīya hākima —Local authority; authority ସ୍ଥାନীয় হাকিম having jurisdiction over a place. **स्थानीय हाकिम** [ଦ୍ର—ଏହିପରି ମୁନ୍ସଫ୍, ପୁଲିସ୍, ପ୍ରେସିଡେଣ୍ଟ, ମାଜିଷ୍ଟ୍ରେଟ୍, ସବ୍ ରେଜିଷ୍ଟ୍ରାର୍, କୋର୍ଟ, ଗଭର୍ଣ୍ଣମେଣ୍ଟ, ଇତ୍ୟାଦି ଶବ୍ଦ ପୂର୍ବରେ ସ୍ଥାଣୀୟ ଶବ୍ଦ ବ୍ୟବହୃତ ହୁଏ ।]

ସ୍ଥାନେ—ସଂ. ଅ—୧ । ଯୋଗ୍ୟ; ଉଚିତ; ଯୁକ୍ତ (ଶବ୍ଦରତ୍ନାବଳୀ)—Sthāne 1. Proper; fit. ୨ । ସମାନ; ସଦୃଶ—2. Similar; equal. ୩ । ସତ୍ୟ—3. True; real. ୪ । ସୁତରାଂ—4. Consequently. ୫ । ଫଳତଃ—5. In fact; actually. ୬ । କାରଣରୁ—6. For the reason of. ୭ । ବଦଳରେ; ବିନିମୟରେ—7. In lieu of. ୮ । ମଧ୍ୟରେ—8. Among. [ଉ—ଗ୍ରହଙ୍କରେ ଚନ୍ଦ୍ର, ଦେବଙ୍କ ସ୍ଥାନେ ମେରୁ—କୃଷ୍ଣସିଂହ. ମହାଭାରତ, ଭୀଷ୍ମ ।] ୯ । ବିଶିଷ୍ଟ ସ୍ଥାନରେ—9. In a special position.

ସ୍ଥାନେ ସ୍ଥାନେ—ଦେ. ଅ—୧ । ଭିନ୍ନ ଭିନ୍ନ ସ୍ଥାନରେ—1. At diffe-Sthāne sthāne rent places. ୨ । ଅନେକ ସ୍ଥାନରେ—স্থানে স্থানে 2. At many places. ୩ । କେତେକ **स्थान स्थान में** ସ୍ଥାନରେ—3. At some places.

ସ୍ଥାନେଶ୍ୱର—ସଂ. ବ—୧ । ସ୍ଥାନାଧିପ (ଦେଖ) —1. Sthānādhipa Sthāneswara (See) ୨ । ଥାନେଶ୍ୱର ନାମକ ପ୍ରାଚୀନ ତୀର୍ଥ—2. Thaneswar; an ancient place of Hindu pilgrimage.

ସ୍ଥାପକ—ସଂ. ଵଣ· ପୁଂ (ସ୍ଥା· ଧାତୁ ଣିଚ୍=ସ୍ଥାପି ଧାତୁ+କର୍ତ୍ତୃ. ଅକ)—Sthāpaka ସ୍ଥାପନକର୍ତ୍ତା; ଯେ ପ୍ରତିଷ୍ଠା କରେ; ସଂସ୍ଥାପକ; (ସ୍ଥାପିକା—ସ୍ତ୍ରୀ) ପ୍ରତିଷ୍ଠାତା—One who starts or establishes or places something. ବି· ପୁଂ (ନାଟ୍ୟ ଶାସ୍ତ୍ର) —୧ । ସୂତ୍ରଧରଙ୍କ ପରେ ନାଟ୍ୟକାବ୍ୟର ବିଷୟ ସୂଚନାକାରୀ ନଟ; ସୂତ୍ରଧରଙ୍କ ସହକାରୀ; ସହକାରୀ ରଙ୍ଗମଞ୍ଚାଧ୍ୟକ୍ଷ (ହି. ଶ)—1. An actor who introduces the play to the audience after the Sūtradhara; assistant stage-manager. ୨ । ଦେବପ୍ରତିମା ନିର୍ମାତା (ହି. ଶ)—2. The maker of an idol. ୩ । ଅମାନତ୍‌କାରୀ ବ୍ୟକ୍ତି (ହି· ଶ)—3. Depositor.

ସ୍ଥାପକତା }
ସ୍ଥାପକତ୍ୱ } ବି.

ସ୍ଥାପତ୍ୟ—ସଂ. ବ (ସ୍ଥପତି+ଯ)—୧ । ଘରକାମ; ସ୍ଥପତିର କାର୍ଯ୍ୟ—Sthāpatya 1. The work of a mason; masonry. ୨ । ସ୍ଥାପତ ବିଦ୍ୟା; ଗୃହାଦିର ଶିଳ୍ପ—2. Architecture; the art of house-building. ୩ । ଅନ୍ତଃପୁର ରକ୍ଷକ (ଅମର)—3. The servant in charge of the harem. ୪ । ସ୍ଥାନରକ୍ଷକଙ୍କ ପଦ (ହି. ଶ)—4. The post or position of the keeper of a place.

ସ୍ଥାପତ୍ୟ ବେଦ—ସଂ. ବ—ବାସ୍ତୁଶିଳ୍ପ ବା ଭବନନିର୍ମାଣ ବିଷୟକ Sthāpatya beda ଉପବେଦ—One of the four secondary Bedas dealing with house-building. [ଦ୍ର—ଏହା ଚାରି ଉପବେଦ ମଧ୍ୟରୁ ଗୋଟିଏ । କଥିତ ଅଛି ଯେ, ବିଶ୍ୱକର୍ମା ଅଥର୍ବ ବେଦରୁ ଏହା ବାହାର କରିଥିଲେ—ହି· ଶ ।]

ସ୍ଥାପନ(ନା)—ସଂ. ବ (ସ୍ଥା ଧାତୁ ଣିଚ୍= ସ୍ଥାପି ଧାତୁ+ଭାବ. ଅନ+ Sthāpana(nā) ଅ)—୧ । ନିବେଶନ; ରଖିବା; ଥୋଇବା (ସ୍ଥାପ୍ୟ, ସ୍ଥାପନୀୟ—ଵଣ) 1. Placing; setting up. (ଥାପନା—ଅପଭ୍ରଂଶ) ୨ । ପ୍ରତିଷ୍ଠା କରିବା; ଥାପିବା—2. Establishing; starting; founding; setting up. ୩ । ଅର୍ପଣ—3. Entrusting. ୪ । ନିଯୋଗ କରଣ—4. Deputing. ୫ । ପୁଂସବନ (ମେଦିନୀ); ଭ୍ରୂଣ ରକ୍ଷା ନିମିତ୍ତ ସଂସ୍କାର—5. A

ceremony performed by the husband of a woman when she perceives the foetus to be quick in the womb in the second or third month of conception. ୬ । ସମାଧି (ଜୈନ)—6. Laying of the ashes of a deceased saint. ୭ । କୌଣସି ନୂଆ କାମ କରିବା (ହ. ଶ) —7. Starting of a new work. ୮ । ପ୍ରତିପାଦନ; ପ୍ରମାଣିତ କରଣ (ହ ଶ)—8. Establishment of a matter by proof. ୯ । ଶରୀରରକ୍ଷା ବା ଆୟୁର୍ବୃଦ୍ଧିର ଉପାୟ (ହ ଶ)—9. Means for preservation of the body or for longevity. ୧୦ । (ରକ୍ତସ୍ରାବ) ରୋଧ କରିବା ଉପାୟ (ହ. ଶ.) 10. Means taken for restraining the flow (of blood). ୧୧ । ଆଳୟ; ଆବାସ; ଗୃହ (ହ. ଶ)—11. House. ୧୨ । ଅନ୍ନରାଶି (ହ. ଶ)—12. A heap of food. ୧୩ । ନିରୂପଣ (ହ. ଶ)—13. Ascertainment.

ସ୍ଥାପନ ନିକ୍ଷେପ—ସଂ. ବି—ଅର୍ହତଙ୍କ ମୂର୍ତ୍ତିର ପୂଜା (ହ. ଶ)—Sthāpana nikshepa Worship of the image of a Jaina saint.

ସ୍ଥାପନା ଲିଙ୍ଗ—ଦେ. ବି—ଯେଉଁ ଶିବଲିଙ୍ଗ ସ୍ୱୟମ୍ଭୂ ନୁହନ୍ତି, ଅର୍ଥାତ ଯାହାଙ୍କୁ ଲୋକେ ଆଣି କୌଣସି ସ୍ଥାନରେ ସ୍ଥାପନ କରନ୍ତି ବା ବସାନ୍ତି—An image of Siba which is set up at a place and is not self-existent. Sthāpanā linga স্থাপিত লিঙ্গ स्थापित लिङ्ग (ସ୍ୱୟମ୍ଭୂ ଲିଙ୍ଗ, ଘାଗାଳପୁଟା ଲିଙ୍ଗ—ବିପରୀତ)

ସ୍ଥାପନା ସତ୍ୟ—ସଂ. ବି—କୌଣସି ବସ୍ତୁର ବା ବ୍ୟକ୍ତିଙ୍କ ପ୍ରତିମାରେ ବା ଚିତ୍ରରେ ସ୍ୱୟଂ ଉକ୍ତ ବସ୍ତୁର ବା ବ୍ୟକ୍ତିଙ୍କର ଆରୋପ (ହ. ଶ)—Sthāpanā satya Attributing of a thing or person on its image or picture.

ସ୍ଥାପନିକ—ସଂ. ବି (ସ୍ଥାପନ+ଇକ)—ଅମାନତ ରଖି ଯାଇଥିବା (ଧନ ବା ବସ୍ତୁ)—Sthāpanika Deposited, kept in deposit.

ସ୍ଥାପନୀ—ସଂ. ବି (ସ୍ଥାପନ+ଈ)—ପାଠା (ମେଦିନୀ, ଅମର); ଅକାନବଲ୍ଲ ଗୁଳ୍ମ—Sthāpanī Stephania Hernandifolia (plant).

ସ୍ଥାପନୀୟ—ସଂ. ବିଣ (ସ୍ଥାପି ଧାତୁ+କର୍ମ. ଅନୀୟ)—ସ୍ଥାପିତ ହେବାର ଯୋଗ୍ୟ—Fit to be placed or fixed or started. Stāpanīya (ସ୍ଥାପ୍ୟ—ଅନ୍ୟରୂପ)

ସ୍ଥାପୟିତା—ସଂ. ବିଣ. ପୁଂ (ସ୍ଥାପି ଧାତୁ+କର୍ତ୍ତୃ. ତୃ; ସ୍ଥାପୟିତୃ ଶବ୍ଦ ୧ମା. ୧ବ)—ସଂସ୍ଥାପକ; ସ୍ଥାପକ; ଯେ ସ୍ଥାପନ କରନ୍ତି—Establishing; founding. Sthāpayitā (ସ୍ଥାପୟିତ୍ରୀ—ସ୍ତ୍ରୀ)

ସ୍ଥାପି(ଧାତୁ)—ସଂ.(ସ୍ଥା ଧାତୁ=ରହିବା+ଣିଚ୍)—ରଖାଇବା;ଥୋଇବା; ବସାଇବା—To set up; to place. Sthāpi (root)

ସ୍ଥାପିକା—ସଂ. ବିଣ. ସ୍ତ୍ରୀ (ସ୍ଥାପକ+ଆ)—ସ୍ଥାପକର ସ୍ତ୍ରୀ ଲିଙ୍ଗ—Sthāpikā Feminine of Sthāpaka.

ସ୍ଥାପିତ—ସଂ. ବିଣ (ସ୍ଥାପି ଧାତୁ+କର୍ମ. ତ)—୧ । ନିବେଶିତ—Sthāpita 1. Placed. ୨ । ରଖା ଯାଇଥିବା—2. Located ୩ । ନ୍ୟସ୍ତ—3. Deposited. ୪ । ରୋପିତ—4. Planted. ୫ । ଆରମ୍ଭ କରି ଯାଇଥିବା—5. Set up; started; founded. ୬ । ଲମ୍ବିତ (ମେଦିନୀ) 6. Fixed. ୭ । ଅମାନତ ରଖାଯାଇଥିବା (ହ. ଶ)—7. Deposited. ୮ । ନିର୍ଦ୍ଦିଷ୍ଟ (ହ ଶ.)—8. Specified. ୯ । ଦୃଢ଼ (ହ. ଶ.)—9. Firm; fixed. ୧୦ । ବିବାହିତ—10. Married.

ସ୍ଥାପିତ ଲିଙ୍ଗ—ସଂ. ବି—ସ୍ଥାପନା ଲିଙ୍ଗ (ଦେଖ)—Sthāpanālinga Staāpita linga (See)

ସ୍ଥାପିବା—ଦେ. କ୍ରି (ସଂ. ସ୍ଥାପି ଧାତୁ)—୧ । ସ୍ଥାପନ କରିବା—1. To set up; to start; to found; to establish. Sthāpibā স্থাপনকরা स्थापनकरना ୨ । ଥୋଇବା; ରଖିବା—2. To place. ୩ । ନିବେଶିବା—3. To locate. [ଉ—କେବଳ ମନକୁ ସ୍ଥାପି ସ୍ଥିର ଅସନେ—ସନକୁଷ୍ଣ.. ଉପେନ୍ଦ୍ରଭଞ୍ଜ] ୪ । ଅନ୍ୟଂଦ୍ୱାରା ରଖାଇବା; ଥୁଆଇବା—4. To cause to be set or placed.

ସ୍ଥାପୀ—ସଂ. ବି. ପୁଂ (ସ୍ଥାପି ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—ପ୍ରତିମା ନିର୍ମାଣକାରୀ ବ୍ୟକ୍ତି (ହ. ଶ)—The maker of an idol. Sthāpī (ସ୍ଥାପିନୀ—ସ୍ତ୍ରୀ)

ସ୍ଥାପ୍ୟ—ସଂ. ବିଣ (ସ୍ଥାପି ଧାତୁ+କର୍ମ ଯ)—ସ୍ଥାପନୀୟ—Fit to be placed or set up. Sthāpya ସଂ. ବି—୧ । ଦେବପ୍ରତିମା (ହ. ଶ)—1. Idol. ୨ । ଅମାନତ; ଗଚ୍ଛିତ (ହ. ଶ)—2. Deposit.

ସ୍ଥାବର—ସଂ. ବିଣ (ସ୍ଥା ଧାତୁ+କର୍ତ୍ତୃ ଶୀଳାର୍ଥେ ବର)—୧ । ଅଚଳ; ଯାହା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆ ଯାଇ ନ ପାରେ—Sthābara (ଜଙ୍ଗମ—ବିପରୀତ) 1. Immovable; incapable of being moved away from a place. [ଦ୍ର—ସ୍ଥାବର ସମ୍ପତ୍ତି—ଯଥା—ଘର, ଜମି, ଗ୍ରାମ । ଅସ୍ଥାବର ସମ୍ପତ୍ତି—ଯଥା—ଧନ ଦ୍ରବ୍ୟ ।] ୨ । ଚିରସ୍ଥାୟୀ; ସ୍ଥାୟୀ; ସ୍ଥିତିଶୀଳ 2. Permanent. ୩ । ସ୍ଥାବର ସମ୍ପତ୍ତିସମ୍ବନ୍ଧୀୟ (ହ. ଶ)—3. Relating to immovable property. ବି—୧ । ପର୍ବତ (ଶବ୍ଦରତ୍ନାବଳୀ)—1. Mountain. ୨ । ଧନୁର୍ଗୁଣ (ତ୍ରିକାଣ୍ଡଶେଷ)—2. Bowstring. ୩ । ବୃକ୍ଷ—3. Tree. ୪ । ଭୂସମ୍ପତ୍ତି—4. Immovable property; landed property. ୫ । ପୁରୁଷାନୁକ୍ରମେ ପରିବାରରେ ରକ୍ଷିତ ହେବା ସମ୍ପତ୍ତି—5. Any property which is retained permanently in a family from generation to generation.

ସ୍ଥାବର ଜଙ୍ଗମ—ସଂ. ବି(ବିପରୀତାର୍ଥ ସମାହାର)—୧। ଅଚଳନ୍ତ ଓ ଚଳନ୍ତ
Sthābara jaṅgama ବସ୍ତୁ—1. Immovable and movable things. ୨। ଜଡ଼ପଦାର୍ଥ ଓ ପ୍ରାଣୀ —2. Inanimate and animate things. ବିଣ—ଚଳନ୍ତ ଓ ଅଚଳନ୍ତ—Movable and immovable.

ସ୍ଥାବର ବିଷ—ସଂ. ବି—ସୁଶ୍ରୁତ ଅନୁସାରେ ଯେଉଁ ବିଷବୃକ୍ଷ ମୂଳ, ପତ୍ର,
Sthābara bisba ଫଳ, ଫୁଲ, ଦୁଧ, ସାର, ଅଠା, ଚେର ଓ ଧାତୁରେ ମିଳେ (ହି. ଶ); ସ୍ଥାବର ପଦାର୍ଥରେ ଥିବା ଜହର—Vegetable and metal poison. [ଦ୍ର—ବୈଦ୍ୟକ ମତରେ ଏ ବିଷ ଜ୍ୱର, ହିକ୍କା, ଦନ୍ତହର୍ଷ, ଗଳବେଦନା, ବମନ, ଅରୁଚି, ଶ୍ୱାସ, ମୂର୍ଚ୍ଛା ଉତ୍ପାଦନ କରେ (ହି. ଶ) ।

ସ୍ଥାବର ରାଜ—ସଂ. ବି (୬ଷ୍ଠୀ ତତ୍)—ଗିରିରାଜ; ହିମାଳୟ ପର୍ବତ—
Sthābararāja The Himalayan mountain.

ସ୍ଥାବର ସମ୍ପତ୍ତି—ସଂ. ବି—ଭୂସମ୍ପତ୍ତି; ଅଚଳନ୍ତ ସମ୍ପତ୍ତି—
Sthābara sampatti Immovable property.

ସ୍ଥାବରାଦି——ସଂ. ବି—ବତ୍ସନାଭ ନାମକ ବିଷ (ରାଜନିର୍ଘଣ୍ଟ); ମିଠା ବିଷ
Sthābarādi ମହୁରି—Aconite.

ସ୍ଥାବରାସ୍ଥାବର ସମ୍ପତ୍ତି—ସଂ. ବି—ଅଚଳନ୍ତ ଓ ଚଳନ୍ତ ସମ୍ପତ୍ତି—
Sthābarāsthābara sampatti Immovable and movable properties.

ସ୍ଥାବିର(ର୍ଯ୍ୟ)—ସଂ. ବି (ସ୍ଥବିର+ଭାବ ଅ; ଯ)—୧ । ସ୍ଥାବିରତା,
Sthābira(rjya) ବାର୍ଦ୍ଧକ୍ୟ—1. Old age. ୨ । ପୁରୁଷ ପକ୍ଷେ ୭୦ ଓ ସ୍ତ୍ରୀପକ୍ଷେ ୫୦ ବର୍ଷ ହୋଇବା ଅବସ୍ଥା 2. Attainment of the age of 70 years in the case of males and 50 years in the case of females. [ଦ୍ର—୭୦ ବର୍ଷରୁ ୯୦ ବର୍ଷ ବୟସ ପର୍ଯ୍ୟନ୍ତ ସ୍ଥାବିରାବସ୍ଥା ଓ ତହିଁରୁ ଊର୍ଦ୍ଧ୍ୱବୟସ୍କ ବ୍ୟକ୍ତି ବର୍ଷୀୟାନ ବୋଲଯାଏ—ହି. ଶ ।]

ସ୍ଥାମ—ସଂ ବି (ସ୍ଥା ଧାତୁ+କରଣ ମନ୍; ସ୍ଥାମନ୍; ୧ମା ୧ବ)—୧ ।
Sthāma ସାମର୍ଥ୍ୟ; ଶକ୍ତି (ହି. ଶ)—1. Power; ability. ୨ । ଅଶ୍ୱଘୋଷ; ଘୋଡ଼ାର ହେଁ ହେଁ ରାବ (ହି. ଶ)—2. Neighing of the horse. ୩ । (+ଅଧିକରଣ ମନ୍) ସ୍ଥାନ; ଜାଗା (ହି. ଶ)—3. Place; locality.

ସ୍ଥାୟ—ସଂ ବି (ସ୍ଥା ଧାତୁ+ଅଧିକରଣ ଅ)—୧ । ଆଧାର; ପାତ୍ର (ହି. ଶ)
Sthāya 1. Receptacle.

ସ୍ଥାୟା—ସଂ. ବି (ସ୍ଥା ଧାତୁ+ଅଧିକରଣ, ଅ)—ପୃଥିବୀ (ହି.ଶ)—
Sthāyā The earth.

ସ୍ଥାୟିତା(ତ୍ୱ)—ସଂ. ବି (ସ୍ଥାୟିନ୍+ଭାବାର୍ଥେ ତା, ତ୍ୱ)—୧ । ସ୍ଥିରତା-
Sthāyita(twa) 1. Fixedness ୨ । ସ୍ଥାୟୀ ହେବା ଭାବ—2. The state of being Sthāyī.

ସ୍ଥାୟିଭାବ—ସଂ ବି (ସ୍ଥାୟିନ୍+ଭାବ କର୍ମ ଧା) —୧ । ସ୍ଥାୟିତ୍ୱ (ଦେଖ)
Sthāyi bhāba 1. Sthāyitwa (See) ୨ । (ସାହିତ୍ୟ) ରସର ତ୍ରିଧାଭାବାନ୍ତର୍ଗତ ଭାବବିଶେଷ—2. Permanent state of a sentiment [ଦ୍ର—ଯେଉଁ ଯେଉଁ ରସ ମନରେ ଯେଉଁ ବହୁକାଳସ୍ଥାୟୀ ଭାବ ଜନ୍ମାଏ ତାକୁ ସ୍ଥାୟୀଭାବ ବୋଲଯାଏ । ରସର ଭାବ ୩ ପ୍ରକାର ।

୧ । ସଞ୍ଚାରୀ ୨ । ବ୍ୟଭିଚାରୀ ୩ । ସ୍ଥାୟୀ

ମତାନ୍ତରରେ

୧ । ସ୍ଥାୟୀ ୨ । ସାତ୍ତ୍ୱିକ ୩ । ସଞ୍ଚାରୀ ।

ଶୃଙ୍ଗାରାଦି ନଅଟି ରସର ଅବସ୍ଥାନକାଳ ପର୍ଯ୍ୟନ୍ତ ମନରେ ଯେଉଁ ଭାବମାନ ଯଥାକ୍ରମେ ଥାଏ । ଯଥା—ଶୃଙ୍ଗାରରସର ସ୍ଥାୟିଭାବ—ରତି, ହାସ୍ୟରସର—ହାସ୍ୟ, କରୁଣରସର—ଶୋକ, ରୌଦ୍ରରସର—କ୍ରୋଧ, ବୀରରସର—ଉତ୍ସାହ, ଭୟାନକ ରସର ଭୟ, ବୀଭତ୍ସ ରସର ଜୁଗୁପ୍ସା ବା ଘୃଣା, ଅଦ୍ଭୁତରସର—ବିସ୍ମୟ, ଶାନ୍ତରସର—ଶମ ବା ନିର୍ବେଦ । ସ୍ଥାୟିଭାବ ସର୍ବଦା ଚିତ୍ତରେ ସଂସ୍କାରରୂପରେ ବର୍ତ୍ତମାନ ଥାଏ ଓ ବିଭାବ ଆଦିରେ ଅଭିବ୍ୟକ୍ତ ହୋଇ ରସତ୍ୱ ପ୍ରାପ୍ତ ହୁଏ । ହି. ଶ ।)

ସ୍ଥାୟିଭାବର ଅନ୍ୟ ଲକ୍ଷଣ—ଯାହା ରସାସ୍ୱାଦନର ଅଙ୍କୁରସ୍ୱରୂପ ଏବଂ ଅବିରୁଦ୍ଧ ବା ବିରୁଦ୍ଧ କୌଣସି ଭାବ ଯାହାକୁ ଆଚ୍ଛାଦିତ କରି ପାରେ ନାହିଁ ତାହା ସ୍ଥାୟିଭାବ ଅଟେ ।)

ସ୍ଥାୟୀ—ସଂ. ବିଣ. ପୁଂ (ସ୍ଥା ଧାତୁ+କର୍ତ୍ତି. ଇନ୍=ସ୍ଥାୟିନ୍ ଶବ୍ଦ ୧ମା.
Sthāyī ୧ବ) ୧ । ଚିର; ସ୍ଥିତିଶୀଳ; ଯେ ଚିରକାଳ ରହେ—
(ସ୍ଥାୟିନୀ—ସ୍ତ୍ରୀ) 1. Permanent. ୨ । ଅଚଳ—2. Im-
(ଅସ୍ଥାୟୀ—ବିପରୀତ) movable; stable. ୩ । ବହୁକାଳ ସ୍ଥାୟୀ 3. Enduring; which can exist long. ୪ । ଅପରିବର୍ତ୍ତନଶୀଳ—4. Steady; unchangeable, invariable. ୫ । ବିଶ୍ୱାସ କରିବା ଯୋଗ୍ୟ (ହି.ଶ.) 5. Trustworthy. ସଂ. ବି.—ସ୍ଥାୟିଭାବ (ହେମଚନ୍ଦ୍ର) Sthāyibhāba (See)

ସ୍ଥାୟୀ ଚାକିରି—ଦେ. ବି.—ଯେଉଁ ଚାକିରିରେ କୌଣସି ବ୍ୟକ୍ତି ଚିରକାଳ
Sthāyī chākiri ପାଇଁ ରହେ—Permanent service.
स्थायीचाकुरी स्थायीनौकरी
(ଅସ୍ଥାୟୀ ବା ଠିକା ଚାକିରି—ବିପରୀତ)

ସ୍ଥାୟୁକ—ସଂ. ବିଣ (ସ୍ଥା ଧାତୁ+କର୍ତ୍ତି. ଉକ)—୧ । ଏକ ଗ୍ରାମରେ
Sthāyuka ନିଯୋଜିତ (ଅମର)—1. Employed or serving in the same village ୨ । ସ୍ଥାୟୀ—2. Permanent. ବି. ପୁଂ—ଗ୍ରାମର ମଣ୍ଡଳ, ଗ୍ରାମାଧିପତି Headman of a village.

ସ୍ଥାଳ (ଳ)—ସଂ. ବି (ସ୍ଥା ଧାତୁ+ଅଧିକରଣେ. ଅଳ, ଜମା ସ୍ଥଲ୍ ଧାତୁ=
Sthāḷa (la) ରହିବା+କର୍ତ୍ତୃ. ଅ)—୧ । ସ୍ଥାଳୀ (ଦେଖ)—
(ଥାଳ, ଥାଳ,ଥାଳଅ—ଅପଭ୍ରଂଶ) 1. Sthāḷī (See), ୨। ଥାଳ;
ଭୋଜନ ପାତ୍ର (ଅମର)—2. Plate for taking
meal. ୩। ଥାଳ; ଚଟକ ଭୋଜନପାତ୍ର—3. A shallow
plate for taking meal in. ୪ । ପାତ୍ର; ଆଧାର
(ହି. ଶ.)—4. Receptacle. ୫ । ଦାନ୍ତର ତଳେ ଦାନ୍ତ-
ପାଟିର ଭିତର ଅଂଶ (ହି. ଶ)—5. The inner portion of the jaw below the teeth.

ସ୍ଥାଳକ—ସଂ. ବି—ପିଠିର ଗୋଟିଏ ହାଡ଼ (ହି.ଶ.)—One of the
Sthāḷaka bones of the back.

ସ୍ଥାଳିକ—ସଂ. ବି—ମଳର ଦୁର୍ଗନ୍ଧ (ହି. ଶ)—The offensive
Sthāḷika odour of fæcus.

ସ୍ଥାଳିକା—ସଂ. ବି.—ଏକପ୍ରକାର ମାଛି (ହି. ଶ.)—A kind of
Sthāḷikā fly.

ସ୍ଥାଳୀ(ଲୀ)—ସ. ବି—(ସ୍ଥାଳ+ଈ)—୧ । ପାକପାତ୍ର ବିଶେଷ; ହାଣ୍ଡି—
Sthāḷī(lī) 1. An earthen pot; a cooking pot; a
boiler. ୨ । ଥାଳ; ଓଟରା ଭୋଜନପାତ୍ର—1. A
shallow plate. (ହି—କୁଲଛ ଛଳ କଳରେ ପାତ୍ର
ରହୁଥାଳୀ । ଉଦା. ବୈଦେହୀଶବିଳାସ ।) ୩ । କୁଣ୍ଡ—
3. Trough. [ହି—ଏଥିର ପର୍ଯ୍ୟାୟ ପିଠର, କୁମ୍ଭ,
ପିଠଗ୍ରୀ, ସ୍ଥାଳ, ଉଖା, କୁଣ୍ଡୀ, କୁଣ୍ଡା, କୁଣ୍ଡିକା, ପାତ୍ର,
ପାତ୍ରକା ।] ୪ । ମାଟିର ଥାଳଅ (ହି. ଶ)—
4. Earthen saucer. ୫ । ସୋମରସ ତିଆର
କରିବାରେ ବ୍ୟବହୃତ ପାତ୍ର ବିଶେଷ (ହି. ଶ)—5. A
kind of pot used in preparing the Soma
juice. ୬ । ପାଟଳା (ହି. ଶ)—6. Pāṭalā (See).

ସ୍ଥାଳୀ ପକ୍ୱ—ସ. ବିଣ (୭ମୀ ତତ୍)—ହାଣ୍ଡିରେ ପାକ କରାଯାଇଥିବା—
Sthāḷī pakwa Cooked in a boiler.

ସ୍ଥାଳୀ ପାକ—ସଂ. ବି—୧ । ହାଣ୍ଡିରେ ପାକ କରିବା—1. Cooking
Sthāḷī pāka in a pot. ୨ । ହାଣ୍ଡିରେ ପାକ କରାଯାଇଥିବା
ଅନାଦି—2. Food cooked in a boilor. ୩ ।
ଅଗ୍ନିରେ ଦିଆଯିବା ପାଇଁ ଦୁଧରେ ପାକକରାଯାଇଥିବା ଚାଉଳ
ବା ଯବ (ହି. ଶ); ଚରୁ ବିଶେଷ—3. Rice or barley
boiled in milk for being offered unto the
fire. ୪ । ବୈଦ୍ୟକ ଅନୁସାରେ ଲୌହର ପାକବିଧି
ବିଶେଷ (ହି. ଶ)—4. A mode of purifying
iron over fire for medicinal purpose.

ସ୍ଥାଳୀ ପୁଲାକ—ସଂ. ବି (ନ୍ୟାୟବିଶେଷ)—ହାଣ୍ଡିରେ ଥିବା ସମସ୍ତ ଚାଉଳ
Sthāḷī pulāka ଯେଉଁପରି ଏକ ସମୟରେ ସିଝେ, ଅର୍ଥାତ୍
ଗୋଟିଏ ଚାଉଳ ସିଝିଲେ ସବୁ ଚାଉଳ ସିଝିଥିବା ଜଣାଯାଏ,
ସେହିପରି ଗୋଟିଏ ବିଷୟକୁ ଅନୁଭବ କରି ସେହି ଶ୍ରେଣୀର
ସମସ୍ତ ବିଷୟ ସମ୍ବନ୍ଧେ ଅନୁମାନରୂପକ ନ୍ୟାୟ—An
analogy used when a person knows the
whole by examining a minute part
thereof. [ହି—ଓଡ଼ିଆରେ 'ଭାତହାଣ୍ଡିକୁ ଗୋଟିଏ
ଚିପ ବା' ନ୍ୟାୟ ଏହି ନ୍ୟାୟ ସଙ୍ଗେ ସମାନ ।]

ସ୍ଥାଳୀ ବିଲ—ସଂ. ବି (୬ଷ୍ଠୀ ତତ୍)—ପାକପାତ୍ରର ଅଭ୍ୟନ୍ତର—
Sthāḷī bila The inside of a cooking pot.

ସ୍ଥାଳୀ ବିଲୀୟ—ସଂ. ବିଣ (ସ୍ଥାଳୀବିଲ+ଈୟ)—ସ୍ଥାଳୀରେ ପାକ
Sthāḷī biḷiya ଯୋଗ୍ୟ (ତଣ୍ଡୁଳାଦି)—(Victuals) Fit
(ସ୍ଥାଳୀବିଲ୍ୟ—ଅନ୍ୟରୂପ) to be cooked in a boiler or
cooking pot.

ସ୍ଥାଳୀ ବୃକ୍ଷ (ଦ୍ରୁମ)—ସଂ ବି—ଅଶ୍ୱତ୍ଥ ଭେଦ (ଶବ୍ଦପ୍ରକାଶ); ନନ୍ଦୀବୃକ୍ଷ—
Sthāḷī bruksha (druma) A sort of piper tree.
[ହି—ଏହାର ପର୍ଯ୍ୟାୟ ନନ୍ଦୀବୃକ୍ଷ, ଅଶ୍ୱତ୍ଥଭେଦ, ପ୍ରରୋହୀ,
ଗଜପାଦପ, ସ୍ଥାଳୀବୃକ୍ଷ, କ୍ଷୀରୀ, ବନସ୍ଥ ।
ବୈଦ୍ୟକ ମତରେ ଏହା ଲଘୁ, ସ୍ୱାଦୁ, ତିକ୍ତ, ତୁବର,
ଉଷ୍ଣ, କଟୁପାକରସ, ଗ୍ରାହୀ ଓ ବିଷପିତ୍ତକଫରକ୍ତ-
ନାଶକ ।]

ସ୍ଥାସକ—ସଂ. ବି (ସ୍ଥା. ଧାତୁ+କର୍ତ୍ତୃ. ଣକ)—୧ । ଗନ୍ଧଦ୍ରବ୍ୟ; ବୁଷାଥ
Sthāsaka ଚୂର୍ଣ୍ଣ ବିଶେଷ (ଅମର)—1. Toilet powder.
୨ । ଜଳବୁଦ୍‌ବୁଦ—2. Water bubble. ୩ । ଗନ୍ଧ-
ଚୂର୍ଣ୍ଣ(ମେଦିନୀ) 3. Scented powder. ୪ । ଛାପ;ମୁଦ୍ରା
—4. Impression; seal. ୫ । ଶରୀରକୁ ଚନ୍ଦନାଦିରେ
ଚର୍ଚ୍ଚିତ ବା ସୁଗନ୍ଧିତ କରିବା (ହି. ଶ)—5. Toilette.
୬ । ଘୋଡ଼ାର ଜିନ୍‌ର ଏକ ଅଳଙ୍କାର (ହି. ଶ)—
6. A kind of ornament for the saddle of
a horse.

ସ୍ଥାସୁ—ସଂ. ବି (ସ୍ଥା. ଧାତୁ+କରଣ ସୁ)—ଶାରୀରିକ ବଳ—
Sthāsu Physical strength.

ସ୍ଥାସ୍ନୁ—ସଂ. ବିଣ (ସ୍ଥା. ଧାତୁ+କର୍ତ୍ତୃ. ସ୍ନୁ)—୧ । ସ୍ଥିତିଶୀଳ; ସ୍ଥାୟୀ
Sthāsnu (ଦେଖ)—1. Sthitiśīla, Sthāyī (See)
୨ । ସ୍ଥିରତର—2. Stable. ୩ । ଶାଶ୍ୱତ (ଭରତ)—
3. Eternal. ବି—ବୃକ୍ଷ (ଶ୍ରୀଧର ସ୍ୱାମୀ)—Tree.

ସ୍ଥିକ—ସଂ. ବି (ସ୍ଥା. ଧାତୁ+କରଣ. ଇକ)—କଟିପ୍ରୋଥ; ସ୍ଫିକ୍—
Sthika Buttock. [ହି—ଏଥିର ପର୍ଯ୍ୟାୟ କଟିପ୍ରୋଥ,
କଟିପ୍ରୋଥ, ପୁତ, ସ୍ଫିକ୍, ନିତମ୍ବ ।]

ସ୍ଥିତ—ସଂ. ବି (ସ୍ଥା. ଧାତୁ+କର୍ତ୍ତୃ, ତ)—୧ । ରହିଥିବା; ଅବସ୍ଥିତ—
Sthita 1. Situated in; contained in; placed
(ସ୍ଥିତା—ସ୍ତ୍ରୀ) in; being in. ୨ । କୃତାବସ୍ଥାନ; ଆସୀନ—
[ସ୍ଥିତ, ସ୍ଥାନ, ସ୍ଥିତବତ୍—ବି] 2. Staying in; seated. ୩ ।
ସ୍ଥିର; ନିଶ୍ଚଳ—3. Steady. ୪ । ବର୍ତ୍ତମାନ; ଉପସ୍ଥିତ;
ବିଦ୍ୟମାନ—4. Present. (ହି—ବନ୍ଧୁତ ବ୍ୟଥିତକୁ,
ସ୍ରଜଙ୍କ କହିଥିଲୁ, ସ୍ଥିତ ନ କର ଚନ୍ଦ୍ରେ ବେଳେ । ଉଦା.
ବୈଦେହୀଶବିଳାସ ।) ୫ । ଅଚଳ—5. Unmoving;
immovable. ୬ । ଅପରିବର୍ତ୍ତିତଶୀଳ—6. Un-

changeable. ୭ । ଦଣ୍ଡାୟମାନ—7. Standing. ୮ । ଉଚ୍ଚ—8. High. ୯ । ପ୍ରତିଜ୍ଞାବିଶିଷ୍ଟ; ଦୃଢ଼-ପ୍ରତିଜ୍ଞ—9. Determined; resolved. ୧୦ । (ଅମୁକରେ) ବାସ କରୁଥିବା—10. Living in.

ସ୍ଥିତ ଧୀ—ସଂ. ବିଣ. ପୁଂ ଓ ସ୍ତ୍ରୀ-(ବହୁବ୍ରୀହି ସମାସ, ସ୍ଥିତା ହୋଇଅଛି Sthita dhī ଧୀ=ବୁଦ୍ଧି ଯାହାଙ୍କର)—୧ । ସ୍ଥିରବୁଦ୍ଧି (ବ୍ୟକ୍ତି)—1. (a person) Of fixed mind; stable-minded. ୨ । ଦୁଃଖରେ ଅନୁଦ୍ୱିଗ୍ନମନା, ସୁଖରେ ବିଗତସ୍ପୃହ, ବୀତରାଗଭୟକ୍ରୋଧ (ବ୍ୟକ୍ତି)—2. (A person) Who is free from passions; unmoved by delight or sorrow and by worldly matters.

[ଦ୍ର—ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟର ୫୬ ଶ୍ଳୋକରେ ଭଗବାନ୍ କହିଅଛନ୍ତି ଯେ, ଦୁଃଖରେ ଅନୁଦ୍ୱିଗ୍ନ, ସୁଖରେ ସ୍ପୃହାହୀନ, ରାଗ-ଭୟ-କ୍ରୋଧହୀନ ବ୍ୟକ୍ତିଙ୍କୁ ସ୍ଥିତଧୀ ମୁନି ବୋଲଯାଏ ।]

ସ୍ଥିତ ପ୍ରଜ୍ଞ—ସଂ. ବିଣ. ପୁଂ (ବହୁବ୍ରୀହି; ସ୍ଥିତା=ସ୍ଥିର ଅଟେ ପ୍ରଜ୍ଞା Sthitaprajña ଯାହାଙ୍କର)—ଯେଉଁ ବ୍ୟକ୍ତି ମନୋଗତ ସମସ୍ତ ବାସନାକୁ ତ୍ୟାଗ କରି ସର୍ବଦା ତୁଷ୍ଟ ଥାଆନ୍ତି; ମନୋବିକାର-(ସ୍ଥିତପ୍ରଜ୍ଞା—ସ୍ତ୍ରୀ) ରହିତ—(A person) Who has relinquished all desires; free from wordly desires. [ଦ୍ର—ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବାନ୍ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟ ୫୭ ଓ ୫୮ ଶ୍ଳୋକରେ 'ସ୍ଥିତପ୍ରଜ୍ଞ' ବ୍ୟକ୍ତିଙ୍କ ଗୁଣ ବର୍ଣ୍ଣନ କରିଅଛନ୍ତି—

ଯେଉଁ ବ୍ୟକ୍ତି ଶୁଭ ବା ଅଶୁଭ ପ୍ରାପ୍ତ ହେଲେ କୌଣସି ବିଷୟ ପ୍ରତି ସ୍ନେହ ବା ମମତାଯୁକ୍ତ ହୁଅନ୍ତି ନାହିଁ, ସେ ତାହାକୁ ଅଭିନନ୍ଦନ କରନ୍ତି ନାହିଁ ଓ ତାହାପ୍ରତି ଦ୍ୱେଷ କରନ୍ତି ନାହିଁ, ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ହୋଇଅଛି । କଚ୍ଛପ ନିଜର ଅଙ୍ଗମାନଙ୍କୁ ଖୋଳ ଭିତରକୁ ଟାଣି ନେବା ପରି ଯେଉଁ ବ୍ୟକ୍ତି ଇନ୍ଦ୍ରିୟାର୍ଥମାନଙ୍କରୁ ନିଜର ଇନ୍ଦ୍ରିୟମାନଙ୍କ ସଂହାର କରନ୍ତି ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ହୋଇଅଛି ।]

ସ୍ଥିତ ପ୍ରେମା—ସଂ. ବି. ପୁଂ (ସ୍ଥିର ଅଟେ ପ୍ରେମ ଯାହାର, ସ୍ଥିତପ୍ରେମନ୍, Sthita premā ୧ମା. ୧ବ)—ସ୍ଥିରତର ବନ୍ଧୁ; ଚିରବନ୍ଧୁ—A constant friend.

ସ୍ଥିତବୁଦ୍ଧି ଦତ୍ତ—ସଂ. ବି—ବୁଦ୍ଧଦେବଙ୍କର ଏକ ନାମ—A name Sthitabuddhi datta of the Buddha.

ସ୍ଥିତି—ସଂ. ବି (ସ୍ଥା ଧାତୁ+ଭାବ.କ୍ତି)—୧। ଅବସ୍ଥାନ; ରହିବା(ଅମର)—Sthiti 1. Staying. ୨। (+ଅଧିକରଣେ କ୍ତି)—ସୀମା(ମେଦିନୀ) 2. Boundary; limit. ୩ । ମର୍ଯ୍ୟାଦା; ନ୍ୟାୟପଥରେ ଅବସ୍ଥାନ (ଅମର)—3. Propriety of conduct. ୪ । ସଂସ୍ଥିତି; କୌଣସି ଅବସ୍ଥାରେ ହେଉଥାଇ ରହିବା । (ଶବ୍ଦ ରତ୍ନାବଳୀ)—4 Continuance in any state or condition. ୫। ସ୍ଥିରତା; ସ୍ଥାୟିତ୍ୱ—5. Stability; fixity ୬ । ପାଳନ—6. Bringing up; cherishing. ୭। (+କରଣ.କ୍ତି) ସଂସ୍ଥାନ; ଜୀବଧାରଣ; ଜୀବିକା—7. Living; livelihood. ୮। ବିଶ୍ରାମ—8. Rest. ୯। ଅବଧାରଣ—9. Determination. ୧୦। ସିଦ୍ଧାନ୍ତ—10. Decision. ୧୧ । ଏକସ୍ଥାନରେ ବନ୍ଦ ହେବା—11. Stoppage at a place. ୧୨ । ନିବୃତ୍ତି—12. Cessation. ୧୩ । ଅଟକିବା—13 Pause; stopping. ୧୪।(+ଅଧିକରଣେ କ୍ତି)ସ୍ଥାନ—14. Place, position. ୧୫ । (ବିଜ୍ଞାନ) ଜଡ଼ପଦାର୍ଥର ବା ଦ୍ରବ୍ୟର ଗୁଣ ବିଶେଷ, ଯେଉଁ ଗୁଣ ଯୋଗୁ ଜଡ଼ପଦାର୍ଥ ଏକ ସ୍ଥାନରେ ସ୍ଥିର ହୋଇ ରହେ—15. (Physics) Inertia. ୧୬। (+ଅଧିକରଣେ କ୍ତି)—ଅବସ୍ଥା (ହି.ଶ.)—16. Condition. ୧୭ । ଅସ୍ତିତ୍ୱ (ହି.ଶ.)—17. Existence; being. ୧୮ । ଢଙ୍ଗ (ହି. ଶ.)—18. Mode; manner. ୧୯ । ଆକାର; ଆକୃତି (ହି. ଶ.) 19. Shape. ୨୦ । ସଂଯୋଗ; ସୁଯୋଗ (ହି. ଶ.) 20. Occasion; opportunity.

ସ୍ଥିତି କ୍ରିୟା—ସଂ.ବି—ଅବସ୍ଥାନରୂପ କାର୍ଯ୍ୟ—The act of staying. Sthiti kriyā

ସ୍ଥିତି ନିଷେଧ—ସଂ. ବି(୭ମୀ ତତ୍)—ରହିବାକୁ ନିଷେଧ—Sthiti nishedha Prohibition to stay.

ସ୍ଥିତି ବାନ୍(ନ)—ଦେ. ବି (ସଂ. ସ୍ଥିତିମାନ୍)—ନିୟତ ବୃତ୍ତିରେ ୧୨ବର୍ଷରୁ Sthitibān(na) ଉର୍ଦ୍ଧ୍ୱ ଦଖଲ କରୁଥିବା ପ୍ରଜା—Occupancy ସ୍থিতিবান দখলকার tenant. (ସ୍ଥିତବାନ ରଇତ, ସ୍ଥିତିବାନ ପ୍ରଜା—ଅନ୍ୟରୂପ)

ସ୍ଥିତିବାନ ସତ୍ତ୍ୱ—ଦେ. ବି (ସଂ ସ୍ଥିତିମାନ୍+ସତ୍ତ୍ୱ)—ବାର ବର୍ଷରୁ ଊର୍ଦ୍ଧ୍ୱ Shitibān satwa ରଇତ ଜମି ଦଖଲ କରିବାଯୋଗୁ ଉକ୍ତ ସ୍থিতিবানসত্ব ଜମିରେ ରଇତର ଉପୁଜିବା ସତ୍ତ୍ୱ—দখলিস্বত্ব Occupancy right.

ସ୍ଥିତି ବିଜ୍ଞାନ—ସଂ. ବି (ଆଧୁନିକ ବିଜ୍ଞାନ ପରିଭାଷା)—ଜଡ଼ ପଦାର୍ଥର Sthiti bijñāna ଅବସ୍ଥିତି ବିଷୟକ ଗଣନା ସମ୍ବନ୍ଧୀୟ ବିଜ୍ଞାନ—Statics(a science).

ସ୍ଥିତି ବିରୋଧ—ସଂ ବି—ଦୁଇଟି ପରସ୍ପର ବିରୋଧୀ ବସ୍ତୁର ଏକ ସ୍ଥାନରେ ଓ Sthiti birodha ଏକ କାଳରେ ଅନବସ୍ଥାନ—Impossibility of two opposed things simultaneously remaining at one place.

ସ୍ଥିତିସ୍ଥାପକ—ସଂ. ବିଣ (ଆଧୁନିକ ବିଜ୍ଞାନ ପରିଭାଷା)—୧ । ଯେଉଁ ଦ୍ରବ୍ୟ Sthitisthāpaka ଗୁଣ ପାଇଲେ ବଡ଼ ବା ଛୋଟ ହୁଏ କିନ୍ତୁ [ସ୍ଥିତି ସ୍ଥାପକତା (ସ୍ତ୍ରୀ)—ବି] ଗୁଣ କମାଇଦେଲେ ପୁଣି ଆକାର ଧାରଣ କରେ (ଯଥା—ରବର)—1. Elastic. ୨ ।

ବସ୍ତୁର ପୂର୍ବ ଅବସ୍ଥାକୁ ଯେ ପ୍ରାପ୍ତ କରାଏ (ହ୍ର. ଶ)—2. Causing a thing to resume its original condition

ସ୍ଥିର—ସଂ.ବଣ.(ସ୍ଥା ଧାତୁ+କର୍ତ୍ତ. ଇର)—୧ । ସ୍ଥାବର; ଅଚଳ; ନିଶ୍ଚଳ
Sthira (ଧରଣୀ)—1. Immovable; fixed; firm. [ଦ୍ର—ସ୍ଥିର ଜଙ୍ଗମ ମଧ୍ୟେ ହରି, ଅଚଳ୍ୟ ଘଟେ ଛନ୍ତି ପୂରି; (ସ୍ଥିରା—ସ୍ତ୍ରୀ) ଜଗନ୍ନାଥ. ଭାଗବତ]—୨ । ସ୍ଥାୟୀ—2. Perma-
(ଅସ୍ଥିର— ବିପରୀତ) nent. ୩ । ନିୟତ—3. Constant
(ଥିର; ଥୟ—ଅପଭ୍ରଂଶ) ୪ । ନିଶ୍ଚିତ—4. Certain; sure ୫ । ଶାନ୍ତ ଚିତ୍ତ—5. Calm; quiet. ୬ । କଠିନ; ଦୃଢ଼ (ଧରଣୀ)—6. Hard. ୭ । ଅପରିବର୍ତ୍ତନୀୟ—7. Unchangeable. ୮ । ସ୍ଥିରୀକୃତ; ମୀମାଂସିତ. ନିର୍ଦ୍ଧାରିତ—8. Ascertained; settled; fixed; ୯ । ବିଶ୍ୱସନୀୟ (ହ୍ର. ଶ)—9. Trustworthy. ସଂ. ବି—୧ । ଦେବତା (ଶବ୍ଦରତ୍ନାବଳୀ)—1. Deity. ୨ । ପର୍ବତ (ଶବ୍ଦରତ୍ନାବଳୀ)—2. Mountain. ୩ । କାର୍ତ୍ତିକେୟ (ଶବ୍ଦରତ୍ନାବଳୀ)—3. Kārttikeya. ୪ । ବୃକ୍ଷ (ଶବ୍ଦରତ୍ନାବଳୀ)—4. Tree. ୫ । ଶନିଗ୍ରହ (ମେଦିନୀ)—5. Saturn. ୬ । ମୋକ୍ଷ (ମେଦିନୀ)—6. Salvation. ୭ । ଅନଡ୍ୱାନ୍; ଅଣ୍ଡିରା ବାଛୁରୀ (ଶବ୍ଦକଳ୍ପଦ୍ରୁମ)—7 A bull calf. ୮ । ଧବ ବୃକ୍ଷ; ଧଅ ଗଛ (ଭାବପ୍ରକାଶ)—8 A timber tree; Anogeissus Latifolia. ୯ । (ଜ୍ୟୋତିଷ)—ବୃଷ, ସିଂହ, ବୃଶ୍ଚିକ ଓ କୁମ୍ଭ ରାଶି—9. Name of four zodiacal signs. [ଦ୍ର—ଫଳିତ ଜ୍ୟୋତିଷ, ମତରେ ଏ ରାଶିମାନଙ୍କରେ କୃତ କାର୍ଯ୍ୟ ସ୍ଥିର ବା ସ୍ଥାୟୀ ହୁଏ । ଏ ରାଶିମାନଙ୍କରେ ଜାତ ବ୍ୟକ୍ତି ସ୍ଥିର, ଗମ୍ଭୀରସ୍ୱଭାବ, କ୍ଷମାଶୀଳ ଓ ଦୀର୍ଘସୂତ୍ରୀ ହୁଅନ୍ତି—ହ୍ର ଶ) । ୧୦ । ଶିବ (ହ୍ର. ଶ)—10. Siba. ୧୧ । ଜ୍ୟୋତିଷୋକ୍ତ ଯୋଗବିଶେଷ (ହ୍ର. ଶ)—11. Name of an astronomical conjunction. ୧୨ । ସ୍କନ୍ଦାନୁଚରବିଶେଷ (ହ୍ର.ଶ)—12. Name of an attendant of Skanda. ୧୩ । ବୃଷ (ହ୍ର. ଶ)—13. Bull. ୧୪ । ଅସ୍ତ୍ର ଅଭିମନ୍ତ୍ରିତ କରିବା ମନ୍ତ୍ରବିଶେଷ (ହ୍ର. ଶ)—14. Name
स्थिर of a charm for weapons. ଦେ. ବି—ବିଶ୍ରାମ;
स्थिर ସ୍ଥିରତା—Rest. [ଦ୍ର—ବସିବ ଗୃହ ତର ସୁଧା ହୋଇବ ଦୂର ଉଭର ଲଙ୍କାପୁର ସ୍ଥିର ଦେ—ଉପେନ୍ଦ୍ର. ବୈଦେହୀଶବିଳାସ ।] ପ୍ରାଦେ. (ଗଞ୍ଜାମ)—ସ୍ଥାବର (ସମ୍ପତ୍ତି)—Immovable (property).

ସ୍ଥିରକ—ସଂ. ବି—ଶାକବୃକ୍ଷ; ଶାଗୁଆନ ଗଛ (ହ୍ର. ଶ)—
Sthiraka Teak tree.

ସ୍ଥିର କରିବା—ଦେ. କ୍ରି—୧ । ନିଶ୍ଚୟ କରିବା; ଥୟ କରିବା; ଅବ-
Sthira karibā ଧାରଣ କରିବା—1. To ascertain.
स्थिर करना ୨ । ମୀମାଂସା କରିବା—2. To settle. ୩ । (ତାରିଖ
स्थिर करना ବା ଦିନ) ପୂର୍ବରୁ ନିର୍ଦ୍ଧାରଣ କରିବା—3. To fix (a date). ୪ । ପ୍ରତିଜ୍ଞା କରିବା—4. To resolve. ୫ । (ମନକୁ) ଅଚଞ୍ଚଳ କରିବା—5. To fix or make steady (the mind).

ସ୍ଥିର କର୍ମା—ସଂ. ବିଣ (ବହୁବ୍ରୀହି; ସ୍ଥିର+କର୍ମନ୍; ୧ମା. ୧ବ)—
Sthira karmā ସ୍ଥିରତା ବା ଦୃଢ଼ତା ସହିତ କର୍ମକାରୀ (ହ୍ର. ଶ) —Acting with fixity.

ସ୍ଥିର କୁସୁମ—ସଂ. ବି—ବକୁଳ ବୃକ୍ଷ [ହ୍ର. ଶ]—
Sthira kusuma The Bakula tree.

ସ୍ଥିର ଗନ୍ଧ—ସଂ.ବି (କର୍ମ)—୧। ବହୁକାଳସ୍ଥାୟୀ ଗନ୍ଧ—1. Permanent
Sthira gandha fragrance. ୨। (ବହୁବ୍ରୀହି)—ଚମ୍ପକବୃକ୍ଷ (ସ୍ଥିର ଗନ୍ଧା—ସ୍ତ୍ରୀ. ବିଣ) [ଶବ୍ଦକଳ୍ପଦ୍ରୁମ] (ଦେଖ)—2. Champaka bruksha (See) ସଂ. ବିଣ—ଚିରସ୍ଥାୟୀ ସୌରଭଯୁକ୍ତ; ସ୍ଥାୟୀ ଗନ୍ଧଯୁକ୍ତ—Permanently fragrant.

ସ୍ଥିର ଗନ୍ଧା—ସଂ. ବି—୧ । ପାଟଲା; ପାଟଳ ଗଛ [ଶବ୍ଦକଳ୍ପଦ୍ରୁମ] (ଦେଖ)
Sthira gandhā 1. Pāṭalā (See) ୨ । କେତକୀ—2. Pandanus Odoratissimus. ସଂ. ବିଣ. ସ୍ତ୍ରୀ—ସ୍ଥିର ଗନ୍ଧର ସ୍ତ୍ରୀଲିଙ୍ଗ—
Feminine of Sthira gandha.

ସ୍ଥିର ଚକ୍ର—ସଂ. ବି—ଜିନବିଶେଷ (ତ୍ରିକାଣ୍ଡ ଶେଷ) Name of
Sthira chakra a Jaina saint. [ଦ୍ର—ଏହାଙ୍କର ଅନ୍ୟ ନାମମାନ—ମଞ୍ଜୁଶ୍ରୀ, ମଞ୍ଜୁଘୋଷ, କୁମାର, ଅଷ୍ଟାର-ଚକ୍ରବାନ୍, ବଜ୍ରଧର, ପ୍ରଜ୍ଞାକାୟ, ବାଦିସିଂହ, ନୀଲୋତ୍ପଲୀ, ମହାରାଜ, ନୀଲ, ଶାର୍ଦ୍ଦୂଳବାହନ, ଧୀମାମୃତ, ପୂର୍ବାଙ୍ଗନ, ଖଡ୍ଗୀ, ଦଣ୍ଡୀ, ବିଭୂଷଣ, ବାଳବ୍ରତ, ପଞ୍ଚଚୀର, ସିଂହକେଳି, ଶିଖାଧର ଓ ବାଗୀଶ୍ୱର, ଦଣ୍ଡୀ—ତ୍ରିକାଣ୍ଡ ଶେଷ ।]

ସ୍ଥିର ଚିତ୍ତ—ସଂ. ବି ଓ ବିଣ. ପୁଂ—ସ୍ଥିର ବୁଦ୍ଧି (ଦେଖ)
Sthira chitta Sthira buddhi (See)
[ସ୍ଥିରଚିତ୍ତା—ବିଣ. ସ୍ତ୍ରୀ]

ସ୍ଥିର ଚେତା—ଦେ. ବିଣ [ସଂ. ସ୍ଥିର ଚେତାଃ]—ସ୍ଥିର ଚେତାଃ (ଦେଖ)
Sthira chetā Sthira chetāḥ (See)

ସ୍ଥିର ଚେତାଃ—ସଂ. ବିଣ (ବହୁବ୍ରୀହି; ସ୍ଥିର+ଚେତସ୍; ୧ମା. ୧ବ)—
Sthira chetāḥ ସ୍ଥିର ବୁଦ୍ଧି (ଦେଖ)—
Sthira buddhi (See)

ସ୍ଥିରଚ୍ଛଦ—ସଂ. ବି (ବହୁବ୍ରୀହି; ସ୍ଥିର+ଛଦ; ସନ୍ଧିଯୋଗ ଚ୍ଛ)—ଭୂର୍ଜ୍ଜ
Sthirachchhada ପତ୍ର [ରତ୍ନମାଳା] (ଦେଖ)
Bhūrjja patra (See)

ସ୍ଥିରଚ୍ଛାୟ—ସଂ. ବି (ସ୍ଥିର+ଛାୟା; ବହୁବ୍ରୀହି)—୧। ବୃକ୍ଷ (ଶବ୍ଦମାଳା) —
Sthirachchhāya 1. Trees (generally). ୨ । ଛାୟାପ୍ରଧାନ ବୃକ୍ଷ; ଛାୟାତରୁ—2. Shady tree.

ସ୍ଥିର ଜିହ୍ୱ—ସଂ. ବ (ସ୍ଥିର+ଜିହ୍ୱା; ବହୁବ୍ରୀହି)—ମତ୍ସ୍ୟ—
Sthira jihwa Fish.

ସ୍ଥିର ଜୀବିତା—ସଂ. ବ—ଶାଳ୍ମଳି ବୃକ୍ଷ [ଶବ୍ଦମାଳା]—
Sthira jibitā The silk cotton tree.

ସ୍ଥିର ଜୀବୀ—ସଂ. ବଣ. ପୁଂ—ଯେ ବହୁକାଳ ବଞ୍ଚେ—Long-lived.
Sthira jibi ସଂ, ବ—କାକ [ହି.ଶ]—The crow.
[ସ୍ଥିର ଜୀବନୀ—ସ୍ତ୍ରୀ ବଣ]

ସ୍ଥିରତା(ତ୍ୱ)—ସଂ. ବ (ସ୍ଥିର+ସ୍ୱାର୍ଥେ ତା, ତ୍ୱ)—ସ୍ଥିର ହେବାର
Sthiratā(twa) ଭାବ—The state of being Sthira.

ସ୍ଥିର ଦଂଷ୍ଟ୍ର—ସଂ. ବ (ବହୁବ୍ରୀହି)—୧ । ସର୍ପ [ହି.ଶ]—1. Serpent,
Sthira damshtra ୨ । ବରାହରୂପୀ ବିଷ୍ଣୁ [ହି. ଶ]—2. The
Boar incarnation of Bishnu. ୩ । ଧ୍ୱନି
[ହି. ଶ]—3. Sound.

ସ୍ଥିରଧୀ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସ୍ଥିର+ଧୀ)—ଦୃଢ଼ ଚିତ୍ତ—
Sthiradhi Of fixed-mind.

ସ୍ଥିର ନିଶ୍ଚୟ—ସଂ ବ (ବହୁବ୍ରୀହି)—ଦୃଢ଼ସଙ୍କଳ୍ପ—Fixed resolve;
Sthira nischaya determination. ବଣ, ପୁଂ—
[ସ୍ଥିର ନିଶ୍ଚୟା—ସ୍ତ୍ରୀ. ବଣ] ଦୃଢ଼ ପ୍ରତିଜ୍ଞ—
Resolute; determined.

ସ୍ଥିର ନେତ୍ର(ଦୃଷ୍ଟି)—ସଂ. ବ—ନିଶ୍ଚଳ ଦୃଷ୍ଟି (ଦେଖ)—Fixed gaze.
Sthira netra (drushti) ବଣ. ପୁଂ—ଯାହାର ଚକ୍ଷୁ ଏଣେ
ତେଣେ ବୁଲୁ ନାହିଁ—Having the gaze fixed.

ସ୍ଥିର ପତ୍ର—ସଂ. ବ (ବହୁବ୍ରୀହି)—୧ । ହିନ୍ତାଳ [ରାଜନିର୍ଘଣ୍ଟ]—
Sthira patra (ଦେଖ)—1. Hintāla (See) ୨ ।
ଗୁଆଲ [ହି. ଶ]—2. A species of palmyra,

ସ୍ଥିର ପୁଷ୍ପ—ସଂ. ବ —୧ । ଚମ୍ପକ ବୃକ୍ଷ [ରାଜନିର୍ଘଣ୍ଟ] (ଦେଖ)—
Sthira pushpa 1. Champaka bruksha (See)
୨ । ବଉଳ ବୃକ୍ଷ [ରାଜନିର୍ଘଣ୍ଟ] (ଦେଖ)—2. Bakula
bruksha (See). ୩ । ତିଳକ ପୁଷ୍ପ ବୃକ୍ଷ [ହି. ଶ]—
3. The Tilaka flower tree.

ସ୍ଥିର ପୁଷ୍ପୀ—ସଂ. ବ—ତିଳକ ପୁଷ୍ପ ବୃକ୍ଷ (ଦେଖ)
Sthira pushpi Tilaka pushpa bruksha (See)

ସ୍ଥିର ପ୍ରତିଜ୍ଞ—ସଂ. ବଣ. ପୁଂ (ବହୁବ୍ରୀହି; ସ୍ଥିର+ପ୍ରତିଜ୍ଞା)—ଦୃଢ଼-
Sthira pratijña ପ୍ରତିଜ୍ଞ—Resolute; determined.
(ସ୍ଥିର ପ୍ରତିଜ୍ଞା—ସ୍ତ୍ରୀ. ବଣ) (ସ୍ଥିର ପ୍ରତିଜ୍ଞତା—ବ)

ସ୍ଥିର ପ୍ରତିଜ୍ଞା—ସଂ. ବ (କର୍ମଧା)—ଦୃଢ଼ ପ୍ରତିଜ୍ଞା—
Sthira pratijñā Strong resolve; determination.

ସ୍ଥିରବୁଦ୍ଧି—ସଂ. ବ (କର୍ମଧା)—ଅଚଞ୍ଚଳ ମନ ବା ବୁଦ୍ଧି—Steady
Sthira buddhi mind. ବେ. ବ (ଚଳିତ ଭାଷା)—
[ସ୍ଥିରମନାଃ, ସ୍ଥିରମତି—ଅନ୍ୟ ବ.ରୂପ] ୧ । ସୁବିବେଚନାଯୁକ୍ତ ମନ;
ସ୍থିরবুদ্ধি ଅଚଞ୍ଚଳ ମତି—1. Calm thought; undis-
स्थिरबुद्धि turbed mind. ୨ । ଚୈତନ୍ୟ; ବିବେଚନାଯୁକ୍ତ
ମନ—2. Sedateness; sensible mind or
(ସ୍ଥିରମନାଃ, ସ୍ଥିରମତି—ଅ) intellect. ସଂ. ବଣ. ପୁଂ ଓ ସ୍ତ୍ରୀ—
(ବହୁବ୍ରୀହି)—୧ । ଯାହାର ଚିତ୍ତ ଅଚଞ୍ଚଳ—
1. Having a calm mind. ୨ । ଦୃଢ଼ପ୍ରତିଜ୍ଞ—
2. Determined; firm of determination.
୩ । ସୁବିବେଚନାଯୁକ୍ତ—3. Sedate. ୪ । କାମକ୍ରୋଧାଦି
ଦ୍ୱାରା ଅଚଞ୍ଚଳ—4. Dispassionate.

ସ୍ଥିର ମଦ—ସଂ. ବ (ବହୁବ୍ରୀହି)—ମୟୂର (ହି. ଶ)—
Sthira mada Peacock.

ସ୍ଥିର ମୁଦ୍ଗ—ସଂ. ବ—ନାଲି କୋଳଥ (ହି. ଶ) —
Sthira mudgā The red Kulthi grain.

ସ୍ଥିର ଯଉବନୀ—ଦେ. ବଣ. ସ୍ତ୍ରୀ (ସଂ. ସ୍ଥିର ଯୌବନା)—
Sthira jaubani ସ୍ଥିର ଯୌବନା (ଦେଖ)
স্থির যৌবনী स्थिर यउबनी Sthira jaubani (See)

ସ୍ଥିର ଯୋନି—ସଂ. ବ—ସଦାଛାୟା ପ୍ରଦ ବୃକ୍ଷ—A tree which
Sthira joni is always shady.

ସ୍ଥିର ଯୌବନ—ସଂ. ବଣ. ପୁଂ (ବହୁବ୍ରୀହି, ସ୍ଥିର ଅଟେ ଯୌବନ
Sthira jaubana ଯାହାର)—ଯାହାର ତରୁଣାବସ୍ଥା ଚିରସ୍ଥାୟୀ-
(ସ୍ଥିର ଯୌବନା—ସ୍ତ୍ରୀ) Ever youthful; ever young.
ବ. ପୁଂ—୧ । ବିଦ୍ୟାଧର; ଦେବଯୋନି ବିଶେଷ—
1. A class of demigods of perpetual
youth. ୨ । (କର୍ମଧା) ଚିରସ୍ଥାୟୀ ତରୁଣାବସ୍ଥା—
2. Perpetual or long-lasting youth.

ସ୍ଥିର ଯୌବନା—ସଂ. ବଣ. ସ୍ତ୍ରୀ—ସ୍ଥିର ଯୌବନର ସ୍ତ୍ରୀଲିଙ୍ଗ—
Sthira jaubanā Feminine form of Sthira
jaubana. ବ. ସ୍ତ୍ରୀ—୧ । ଅପ୍ସରା—1. Heavenly
nymph. ୨ । ଯେଉଁ ସ୍ତ୍ରୀର ଯୌବନୋଚିତ ରୂପ-
ଲାବଣ୍ୟ ଶୀଘ୍ର ନଷ୍ଟ ହୁଏ ନାହିଁ—2. A woman
whose youthful appearance and bust etc.
do not decay early.

ସ୍ଥିର ଯୌବନୀ—ଦେ. ବଣ. ସ୍ତ୍ରୀ—ଚିର ଯୌବନା—
Sthira jaubani Of long-lasting youth.
স্থির যৌবনা [ଉ—ବାଳକାମଣି ସ୍ଥିର ଯୌବନୀ ରୂପିରେ
स्थिर यौबनी ରତିରତ ଏବା ଯେନ । ଉପ. ବୈଦେହୀଶବିଳାସ ।]

ସ୍ଥିର ରଙ୍ଗା—ସଂ. ବ—ନୀଳୀ (ରାଜନିର୍ଘଣ୍ଟ) ଗଛ—
Sthira rangā Indigo plant.

ସ୍ଥିର ରାଗା—ସଂ. ବ—ଦାରୁ ହରିଦ୍ରା— (ରାଜନିର୍ଘଣ୍ଟ)—
Sthira rāgā A kind of wild turmeric.

ସ୍ଥିର ଶ୍ରୀ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯେଉଁ ବ୍ୟକ୍ତିର ଲକ୍ଷ୍ମୀ
Sthira sri ବା ସମ୍ପଦ ଅଚଳ ରହେ (ମତ୍ସ୍ୟପୁରାଣ)—
(a person) Whose prosperity lasts long.

ସ୍ଥିର ସାଧନକ—ସଂ. ବ—ସିନ୍ଧୁବାର ବୃକ୍ଷ; ବେଗୁନିଆ ଗଛ (ରାଜ
Sthira sādhanaka ନିର୍ଘଣ୍ଟ)—Begunia (See)

ସ୍ଥିର ସାର—ସଂ. ବ—ଶାଳ ବୃକ୍ଷ (ରାଜନିର୍ଘଣ୍ଟ)—ଶାଗୁଆନ ଗଛ—
Sthira sāra Teak tree.

ସ୍ଥିର ସିଦ୍ଧାନ୍ତ—ସଂ. ବି—ନିଶ୍ଚିତ ମୀମାଂସା—Fixed decision;
Sthira siddhānta unchangeable decision.

ସ୍ଥିରା—ସଂ. ବିଣ (ସ୍ଥିର+ଆ)—ସ୍ଥିରର ସ୍ତ୍ରୀ ଲିଙ୍ଗ—
Sthirā Feminine of Sthira.
ବି—୧ । ପୃଥିବୀ (ଅମର)—1. The earth. ୨ । ଶାଳପର୍ଣ୍ଣୀ (ଅମର)—2. Desmodium Gangeticum. ୩ । କାକୋଳୀ (ଜଟାଧର)—3. A medical bulb. ୪ । ଶାଳ୍ମଳୀ ବୃକ୍ଷ—4. Silk cotton tree. ୫ । ଦୃଢ଼ଚିତ୍ତା ସ୍ତ୍ରୀ (ହ. ଶ)—5. A woman of fixed mind. ୬ । ବନମୁଦ୍ଗ (ହ. ଶ)—6. Wild variety of muga gram. ୭ । ମାଷପର୍ଣ୍ଣୀ (ହ.ଶ)—7. Māshaparṇṇī (See) ୮ । ମୂଷାକାଣୀ (ହ.ଶ)—8. Mushākāṇī (See)

ସ୍ଥିରା ଚକ୍ର—ସଂ. ବି—ମହୀ ମଣ୍ଡଳ—
Sthirā chakra The globe.

ସ୍ଥିରାୟୁଃ—ସଂ. ବିଣ (ସ୍ଥିର+ଆୟୁସ୍; ୧ମା ୧ବ)—୧ । ଚିରଜୀବୀ, Sthirāyuh ଚିରାୟୁଃ—1. Long-living. ୨ । ଅମର (ହ.ଶ) —2. Immortal. ବି—ଶାଳ୍ମଳୀ ବୃକ୍ଷ (ଅମର)—The silk cotton tree; Bombax Malabrica.

ସ୍ଥିରାସ୍ତି—ପ୍ରାଦେ. (ଚଟ୍ଟଗ୍ରାମ) ବି—ଭୂସମ୍ପତ୍ତି; ସ୍ଥାବର ସମ୍ପତ୍ତି; ଜମିବାଡ଼ି—
Sthirāsti Immovable or landed property.

ସ୍ଥିରୀକରଣ—ସଂ. ବି (ସ୍ଥିର+ଅଭୂତଭାବେ ଈ+କରଣ)—
Sthirīkaraṇa ୧ । ଅବଧାରଣ; ନିର୍ଣ୍ଣୟକରଣ—1. Ascertainment; finding out; fixing. ୨ । ପୁଷ୍ଟି; ସମର୍ଥନ (ହ. ଶ)—2. Ratification.

ସ୍ଥିରୀକୃତ—ସଂ. ବିଣ (ସ୍ଥିର+ଅଭୂତଭାବେ ଈ+କୃତ)—
Sthirīkṛuta ୧ । ଅବଧାରିତ—1. Ascertained. ୨ । ନିର୍ଣ୍ଣୀତ—2. Fixed. ୩ । ଦୃଢ଼ୀକୃତ—3. Strengthened. ୪ । ମୀମାଂସିତ—4. Settled. ୫ । ପ୍ରତିଜ୍ଞାତ—5. Resolved; determined.

ସ୍ଥୁଳ—ସଂ. ବି—ଏକ ପ୍ରକାର ଲମ୍ବ ତମ୍ବୁ ବା ପଟୁବାସ (ହ. ଶ)—
Sthuḷa A kind of long tent.

ସ୍ଥୁଡ୍ (ଧାତୁ)—ସଂ—ବରଣ କରିବା—
Sthuḍ (root) To invite; to appoint.

ସ୍ଥୁଣା—ସଂ. ବି (ସ୍ଥା ଧାତୁ+ଅଧି. ନକ+ଆ)—୧ । ଗୃହସ୍ତମ୍ଭ; ଖୁଣ୍ଟ—
Sthuṇā 1. Post or pillar of a house. ୨ । ଶୂର୍ମୀ; କମାରର ଲେହା—2. The anvil. ୩ । ଲୌହ ପ୍ରତିମା (ଅମର)—3. Iron image. ୪ ଠୁଣ୍ଟା ଗଛ (ହ.ଶ)—4. A pollard.

ସ୍ଥୁମ—ସଂ. ବି (ସ୍ଥା ଧାତୁ+କର୍ତ୍ତୃ. ଉମ)—୧ । ଦୀପ୍ତି (ଶବ୍ଦକଳ୍ପଦ୍ରୁମ)
Sthūma —1. Splendour. ୨ । ଚନ୍ଦ୍ର—2. The moon. ୩ । ଆଲୋକ—3. Light.

ସ୍ଥୂର—ସଂ. ବି (ସ୍ଥା ଧାତୁ+କର୍ତ୍ତୃ. ଊର)—୧ । ବୃଷ (ସଂକ୍ଷିପ୍ତସାର)—
Sthūra 1. Bull. ୨ । ବୋଝବୁହା ବଳଦ ବା ପଶୁ—2. Pack-bullock; pack animal. ୩ । ମନୁଷ୍ୟ (ସିଦ୍ଧାନ୍ତ କୌମୁଦୀ)—3. Man. ୪ । ବୋଝ; ବଳଦଙ୍କ ପିଠିରେ ଲଦାଯିବା ବୋଝ—4. Pack—load. ବିଣ—ଭାରବାହକ—Carrying a load on the back.

ସ୍ଥୂରି ପୃଷ୍ଠ—ସଂ. ବି (ବହୁବ୍ରୀହି; ସ୍ଥୂରକୁ ହୋଇଅଛି ପୃଷ୍ଠ ଯାହାର)—
Sthūri prushṭha ନବାରୂଢ଼ ଅଶ୍ୱ—Newly-ridden horse.

ସ୍ଥୂରୀ—ସଂ. ବି (ସ୍ଥୂରଲ୍, ୧ମା.୧ବ;ସ୍ଥୂର=ଭାର+ଅସ୍ତ୍ୟର୍ଥେ ଇନ୍)—
Sthūrī ୧ । ବୋଝଅ ବଳଦ—1. Pack-bullock. ୨ । ସ୍ତ୍ରୀଶ୍ୱ; ଭାରବାହକ ଅଶ୍ୱ (ସୁଗ୍ଧବୋଧ, ଭରତ)— 2. A horse carrying a load on the back; a pack-horse. [ଦ୍ର—ଏହି ଶବ୍ଦର ଅପଭ୍ରଂଶ ଥୋଡ଼ଅ (ବଳଦ) ।]

ସ୍ଥୂଲ୍ (ଧାତୁ)—ସଂ—୧ । ବୃଂହଣ ବା ଗର୍ଜନ କରିବା—1. To make a
sthūl (root) roar. ୨ । ବୃଦ୍ଧି ପାଇବା—2. To increase. ୩ । ମୋଟା ହେବା—3. To become thick or stout.

ସ୍ଥୂଳ—ସଂ. ବିଣ (ସ୍ଥୂଲ୍ ଧାତୁ+କର୍ତ୍ତୃ ଅ)—୧ । ପୀନ; ଉପଚିତାବୟବ;
Sthūḷa ମୋଟା; ପୀବର; ପୁଷ୍ଟ—1. Fat;
(ସ୍ଥୂଳା—ସ୍ତ୍ରୀ) corpulent; stout; well-developed.
(ସୂକ୍ଷ୍ମ—ବିପରୀତ) ୨ । ଇନ୍ଦ୍ରିୟ ଗ୍ରାହ୍ୟ—2. Perceptible by the senses. ୩ । ମୋଟା; ବେଧବିଶିଷ୍ଟ—3. Thick. ୪ । ମୂର୍ଖ; ଜଡ଼ବୁଦ୍ଧି (ହ. ଶ)—4. Dunce. ୫ । ଯାହାର ବେଶି ବ୍ୟାଖ୍ୟା କରିବା ଦରକାର ହୁଏ ନାହିଁ; ସହଜରେ ବୁଝା ଯାଉଥିବା—5. Clear; easily comprehensible. ବି—୧ । କୂଟ; ସମୂହ (ମେଦିନୀ)—1. Collection. ୨ । ପନସ (ରାଜନିର୍ଘଣ୍ଟ)—2. Jack fruit. ୩ । ବିଷ୍ଣୁ (ହ. ଶ) 3. Bishṇu. ୪ । ପ୍ରିୟଙ୍ଗୁ (ହ.ଶ)—4. Priyangu (See) ୫ । ଏକପ୍ରକାର କଦମ୍ବ (ହ. ଶ)—5. A kind of Kadamba tree ୬ । ଶିବଙ୍କ ଗଣବିଶେଷ (ହ. ଶ)—6. A class of Śiba's attendants. ୭ । (ଦର୍ଶନଶାସ୍ତ୍ର) ଅନ୍ନମୟ କୋଶ; ସ୍ଥୂଳଶରୀର (ହ. ଶ)—7. (philosophy)—The physical body. ୮ । ଇକ୍ଷୁ (ହ. ଶ)—8. Sugarcane. ୯ । ତୁତ୍ ଗଛ (ହ. ଶ)—9. Mulberry tree.

ସ୍ଥୂଳକୋଣ स्थूलकोण ସଂ. ବିଣ (ଜ୍ୟାମିତି)—
ସମକୋଣ ଅପେକ୍ଷା ବଡ଼—Obtuse (angle).

ସ୍ଥୂଳକ—ସଂ. ବିଣ (ସ୍ଥୂଳ+ସ୍ୱାର୍ଥେ କ)—ସ୍ଥୂଳ (ଦେଖ)—
Sthūḷaka Sthūḷa (See).

ସ୍ଥୂଳ କଙ୍ଗୁ—ସଂ. ବ—ବରକ ଧାନ୍ୟ (ରାଜନିର୍ଘଣ୍ଟ); ଏକପ୍ରକାର ଚିନା—
Sthūla kangu A kind of grain.

ସ୍ଥୂଳ କଟୀ—ସଂ. ବ (କର୍ମଧା)—ମୋଟ ଅଣ୍ଟା—Thick waist. ବଣ.
Sthūla kaṭi ସ୍ତ୍ରୀ (ବହୁବ୍ରୀହି)—ଯାହାର ଅଣ୍ଟା ମୋଟ—
(କ୍ଷୀଣକଟୀ—ବିପରୀତ) Thick-waisted woman). (ଦ୍ର—
ମର୍କଟବଦନା ସ୍ୱମା, ସ୍ଥୂଳକଟୀ କ୍ଷୀଣସ୍ତନା, ଦଶନ କ୍ଷୁଦ୍ର
ଦନ୍ତ, ଯେତ୍ତେ ମନ୍ଦର—ହାସ୍ୟତରଙ୍ଗ ।)

ସ୍ଥୂଳ କଣା—ସଂ. ବ—ସ୍ଥୂଳଜୀରକ (ରାଜନିର୍ଘଣ୍ଟ ଦେଖ)—
Sthūla kaṇā Sthūla jiraka (See).

ସ୍ଥୂଳ କଣ୍ଟକ—ସଂ. ବ—ଜାଲବବ୍ବୂର (ଗଛ)—
sthūla kanṭaka A kind of Acacia tree.

ସ୍ଥୂଳକଣ୍ଟକିକା—ସଂ. ବ—ଶାଳ୍ମଳି ବୃକ୍ଷ (ରାଜନିର୍ଘଣ୍ଟ)—
Sthūlakanṭakikā The silk-cotton tree.

ସ୍ଥୂଳ କଣ୍ଟା—ସଂ. ବ—ବୃହତୀ (ରାଜନିର୍ଘଣ୍ଟ); ଭେଜିବାଇଗଣ—
Sthūla kanṭā Solanum Indicum.

ସ୍ଥୂଳ କନ୍ଦ—ସଂ. ବ—୧ । ରକ୍ତଲଶୁନ (ରାଜନିର୍ଘଣ୍ଟ)—1. Red
Sthūla kanda garlic. ୨ । ଶୂରଣ; ଓଲୁଅ
(ରାଜନିର୍ଘଣ୍ଟ)—2. Wild arum. ୩ । ହସ୍ତିକନ୍ଦ
(ରାଜନିର୍ଘଣ୍ଟ)—3. Raphanus Sativus (root-
bulb) ୪ । ମାଣକନ୍ଦ; ମାଣସାରୁ (ରାଜନିର୍ଘଣ୍ଟ)—
4. Arum Indicum; Alocacia Indica.

ସ୍ଥୂଳକାୟ—ସଂ. ବଣ. ପୁଂ (ବହୁବ୍ରୀହି, ସ୍ଥୂଳ+କାୟା)—ଯାହାର ଶରୀର
Sthūlakāya ମୋଟା; ପୃଥୁଳ ଶରୀରବିଶିଷ୍ଟ—
(ସ୍ଥୂଳକାୟା—ସ୍ତ୍ରୀ) Corpulent; fat.

ସ୍ଥୂଳକାଷ୍ଠଧକ୍—ସଂ. ବ—ବଡ଼ କାଠର ନିଆଁ—
Sthūlakāshṭhadhak Log-fire.
(ସ୍ଥୂଳକାଷ୍ଠାଗ୍ନି—ଅନ୍ୟରୂପ)

ସ୍ଥୂଳ କୋଣ—ସଂ. ବ (ଜ୍ୟାମିତି)—ଏକ ସମକୋଣଠାରୁ ବଡ଼, ମାତ୍ର ଦୁଇ
Sthūla koṇa ସମକୋଣଠାରୁ ସାନ କୋଣ—
স্থূলকোণ स्थूलकोण Obtuse angle.

ସ୍ଥୂଳକୋଣୀ—ସଂ. ବଣ—ସ୍ଥୂଳକୋଣବିଶିଷ୍ଟ—
Sthūlakoṇi Obtuse-angled.

ସ୍ଥୂଳକୋଣୀ ତ୍ରିଭୁଜ—ସଂ. ବ (ଜ୍ୟାମିତି)—ଯେଉଁ ତ୍ରିଭୁଜର ଗୋଟିଏ
Sthūlakoṇi tribhuja କୋଣ ସ୍ଥୂଳକୋଣ—
Obtuse-angled triangle.

ସ୍ଥୂଳ କ୍ଷ୍ୱେଡ଼—ସଂ. ବ—ବାଣ—
Sthūla kshwerda Arrow.

ସ୍ଥୂଳ ଚଞ୍ଚୁ—ସଂ. ବ—ମହାଚଞ୍ଚୁ ଶାକ (ରାଜନିର୍ଘଣ୍ଟ)—
Sthūla chanchu A pot herb.

ସ୍ଥୂଳ ଚମ୍ପକ—ସଂ. ବ—ଧଳା ଚମ୍ପା [ହି. ଶ]—
Sthūla champaka The white-flowered
Champaka tree.

ସ୍ଥୂଳ ଚର୍ମ—ସଂ ବ [କର୍ମଧା]—ମୋଟ ଚମଡ଼ା—
Sthūla charma Thick skin.

ସ୍ଥୂଳଚର୍ମୀ—ସଂ. ବଣ [ସ୍ଥୂଳଚର୍ମିନ୍ ଶବ୍ଦ; ବହୁବ୍ରୀହି]—ସେଉଁ ଜୀବ-
Sthūla charmā ମାନଙ୍କର ଶରୀର ମୋଟା
[ସ୍ଥୂଳତ୍ୱକ୍—ଅନ୍ୟରୂପ] ଚମଡ଼ାରେ ଆବୃତ ଥାଏ—
Pachydermate (animals); thick-skined.
[ଦ୍ର—ହାତୀ, ଗଣ୍ଡା, ଘୁଷୁରି, ହିପୋପଟାମସ୍ ପ୍ରଭୃତି ଜୀବ
ସ୍ଥୂଳଚର୍ମୀ ଅଟନ୍ତି ।]

ସ୍ଥୂଳ ଚାପ—ସଂ. ବ—ତୁଳାଧୁଣା ଧନୁ; ତୁଳାଧୁନ; ତୁଳା ପରିଷ୍କାର କରିବା
Sthūla chāpa ପାଇଁ ବ୍ୟବହୃତ ଧନୁ [ଶବ୍ଦରତ୍ନାବଳୀ]—
Cotton carder's bow.

ସ୍ଥୂଳ ଜଙ୍ଘ—ସଂ. ବ—ରାକ୍ଷସବିଶେଷ—A demon. [ଦ୍ର—ଦଶରଥ
Sthūla jangha ରାମ ସ୍ଥୂଳଜଙ୍ଘ ଶର ମାରିବେ
ହର ହେ ଘେନିଲେ—ଉପେ. ବୈଦେହୀଶବିଳାସ ।]

ସ୍ଥୂଳ ଜୀରକ—ସଂ. ବ—ଜୀରକଭେଦ; ବୃହଜ୍ଜୀରକ; କୃଷ୍ଣଜୀରକ;
Sthūla jiraka କଳାଜିରା—Negella Sativa.
কালজীরা मंगरैला, कलौंत
[ଦ୍ର—ଏଥିର ପର୍ଯ୍ୟାୟ—ଦଦ୍ୟା, ଉପକୁଞ୍ଚିକା, କାଳା
ପୃଥ୍ୱୀ, ସ୍ଥୂଳକଣା, ପୃଥ୍ୱୀ, ମଙ୍ଗଳ୍ୟା, ଜାରଣୀ, ଜୀର୍ଣ୍ଣା, କରୁଣ,
ସୁଷବୀ, କାରବୀ,ପୃଥ୍ୱୀକା । ଏହା କଟୁ, ଉଷ୍ଣ, କଫ ଓ ବାତ-
ଗୁଳ୍ମ ଶ୍ଲେଷ୍ମାଧ୍ମାନନାଶକ, ଜୀର୍ଣ୍ଣକାରକ ଓ ପାଚକ]

ସ୍ଥୂଳ ତଣ୍ଡୁଳ—ସଂ. ବ—ସ୍ଥୂଳଶାଳି (ରାଜନିର୍ଘଣ୍ଟ); ମୋଟ ଧାନ—
Sthūla tandula Course winter paddy.

ସ୍ଥୂଳ ତନୁ—ସଂ. ବ (କର୍ମଧା)—ମୋଟା ଦେହ—
Sthula tanu Fat body.
ବଣ (ବହୁବ୍ରୀହି)—ପୃଥୁଳ ଶରୀର ବିଶିଷ୍ଟ—Corpulent; fat.

ସ୍ଥୂଳତା(ତ୍ୱ)—ସଂ. ବ (ସ୍ଥୂଳ+ଭାବ. ତା,ତ୍ୱ)—୧। ସ୍ଥୂଳତ୍ୱ—1. Fat-
Sthūlatā (twa) ness; corpulence. ୨ । (ଜ୍ୟୋତିଷ)
ତାରାମାନଙ୍କ ଉଜ୍ଜ୍ୱଳତାର ପରିମାଣ—2. Magnitude
of stars determined according to the
degree of their effulgence.
[ଦ୍ର—ଶୁକ୍ର ଉଜ୍ଜ୍ୱଳ ତାରାକୁ ପ୍ରଥମ ସ୍ଥୂଳତାଯୁକ୍ତ, ତାଠାରୁ
କ୍ଷୀଣକୁ ଦ୍ୱିତୀୟ, ଏହିପରି କ୍ରମଶଃ କ୍ଷୀଣରେ ତାରାମାନଙ୍କୁ
ତୃତୀୟ ଚତୁର୍ଥ ପଞ୍ଚମ ଓ ଷଷ୍ଠ ସ୍ଥୂଳତା ଅନୁସାରେ ଡକାଯାଏ]

ସ୍ଥୂଳ ତାଳ—ସଂ. ବ—ହିନ୍ତାଳ (ରାଜନିର୍ଘଣ୍ଟ)—
Sthūla tāla Palmyra palm.

ସ୍ଥୂଳ ତିନ୍ଦୁକ—ସଂ. ବ—ଅବନ୍ଧ୍ୟ (ବ୍ଠ) (ହି. ଶ)
Sthūla tinduka Ebony.

ସ୍ଥୂଳତିକ୍ତ—ସଂ. ବ—ଦାରୁହଳଦୀ (ହି. ଶ)—
Sthūlatiktā Dāruhaladi (See)

ସ୍ଥୂଳତଃ—ବେ. କ୍ରି. ବଣ—ମୋଟା ମୋଟି—Roughly; on the
Sthūlatah whole. [ଦ୍ର—ସଂସ୍କୃତରେ ବିଶେଷ୍ୟ ପଦରେ
स्थूलतः ପଞ୍ଚମୀ ଓ ସପ୍ତମୀ ବିଭକ୍ତିରେ ତସ୍ ପ୍ରତ୍ୟୟ ହୁଏ, ବିଶେଷଣରେ
स्थूलतः ହୁଏ ନାହିଁ । ପ୍ରକାଶ୍ୟତଃ ଆଦ ଯାହା ଅମ୍ଭେମାନେ
ବ୍ୟବହାର କରୁଁ, ତାହା ସଂସ୍କୃତ ବ୍ୟାକରଣ ବିରୁଦ୍ଧ ।]

ସ୍ଥୂଳ ତ୍ୱଚ୍ —ସଂ. ବି—କାଶ୍ମରୀ (ରାଜନିର୍ଘଣ୍ଟ); ଗମ୍ଭାରୀ ଗଛ (ହ୍ର· ଶ)— Sthūla twachā Black grape; Gmelina Arborica.

ସ୍ଥୂଳ ଦଣ୍ଡ—ସଂ. ବି—ଦେବ ନଳ [ରାଜନିର୍ଘଣ୍ଟ)— Sthūla danḍa A kind of reed. ସଂ· ବିଣ. ପୁଂ (ବହୁବ୍ରୀହି) ସ୍ଥୂଳଦଣ୍ଡବିଶିଷ୍ଟ—Having thick rod. (ସ୍ଥୂଳଦଣ୍ଡା—ସ୍ତ୍ରୀ)

ସ୍ଥୂଳଦର୍ଭ (ର୍ଭା)—ସଂ ବି—ମୁଞ୍ଜତୃଣ (ରାଜନିର୍ଘଣ୍ଟ)— Sthūladarbha (rbhā) A kind of grass; Saccharum Munja.

ସ୍ଥୂଳଦର୍ଶକ—ସଂ. ବି—ଅଣୁବୀକ୍ଷଣ ଯନ୍ତ୍ର; ଯେଉଁ ଯନ୍ତ୍ର ଦ୍ୱାରା ସୂକ୍ଷ୍ମ ବସ୍ତୁ ସ୍ଥୂଳ ଦେଖାଯାଏ (ହ୍ର. ଶ)—Microscope. (ସ୍ଥୂଳ ଦର୍ଶକ ଯନ୍ତ୍ର—ଅନ୍ୟରୂପ)

ସ୍ଥୂଳ ଦଳ—ସଂ. ବି (କର୍ମଧା) ମୋଟା ପତ୍ର—Thick leaf. ସଂ. ବିଣ. Sthūla dala ପୁଂ (ବହୁବ୍ରୀହି)—ମୋଟା ପତ୍ର ବିଶିଷ୍ଟ—Thick leaved. (ସ୍ଥୂଳଦଳା—ସ୍ତ୍ରୀ)

ସ୍ଥୂଳଦଳା—ସଂ ବି—ଘିକୁଆଁରି— Sthūladalā Aloe Indica. ସଂ. ବିଣ· ସ୍ତ୍ରୀ—ସ୍ଥୂଳ ଦଳର ସ୍ତ୍ରୀଲିଙ୍ଗ— Feminine of Sthūla dala.

ସ୍ଥୂଳ ଦେହ—ସଂ. ବି (କର୍ମଧା)—୧ । ସ୍ଥୂଳ କାୟ; ମୋଟା ଶରୀର— Sthūla deha 1. Fat body. ୨ । ଜଡ଼ ଶରୀର—(ସୂକ୍ଷ୍ମ ଦେହ, ଲିଙ୍ଗ ଦେହ—ବିପରୀତ) 2. Gross material body; physical body. [ଉ—ସ୍ଥୂଳଦେହେ ସଦା ଅଛୁଳିବ ସେହି ପାଣ୍ଡୁର ଛବି ବାହାର,—ରାଧାନାଥ. ଯାଜ୍ଞସେନୀ ।] ବିଣ. ପୁଂ—ସ୍ଥୂଳକାୟ—Corpulent; fat. (ସ୍ଥୂଳଦେହା—ବିଣ. ସ୍ତ୍ରୀ)

ସ୍ଥୂଳ ନାଳ—ସଂ. ବି—ଦେବନଳ (ରାଜନିର୍ଘଣ୍ଟ)— Sthūla nāla A sort of reed.

ସ୍ଥୂଳନାସ—ସଂ. ବିଣ·ପୁଂ (ବହୁବ୍ରୀହି; ସ୍ଥୂଳା+ନାସା)—ଚୀନ ନାସାଯୁକ୍ତ— Sthūlanāsa Having a thick nose; thick-nosed; snub-nosed. (ସ୍ଥୂଳନାସିକ—ଅନ୍ୟରୂପ) ସଂ· ବି—ଶୂକର; ବରାହ—A hog. (ସ୍ଥୂଳନାସା, ସ୍ଥୂଳନାସିକା—ସ୍ତ୍ରୀ)

ସ୍ଥୂଳ ନମ୍ବୁ—ସଂ. ବି—ମହାନିମ୍ବୁ; ବଡ଼ଲେମ୍ବୁ— Sthūla nmbu Big orange.

ସ୍ଥୂଳ ନୀଳ—ସଂ. ବି—ବାଜ ପକ୍ଷୀ (ହ୍ର. ଶ)— Sthūla nīla Hawk.

ସ୍ଥୂଳ ପଟ—ସଂ. ବିଣ ପୁଂ (ବହୁବ୍ରୀହି)—ଚୀବର ବସ୍ତ୍ରଯୁକ୍ତ— Sthūla pata Having a thick cloth. (ସ୍ଥୂଳ ପଟା—ସ୍ତ୍ରୀ)

ସ୍ଥୂଳ ପଟ୍ଟ—ସଂ. ବି—କାର୍ପାସ (ଶବ୍ଦରତ୍ନାବଳୀ)— Sthūla patta Cotton.

ସ୍ଥୂଳ ପଟ୍ଟାକ—ସଂ. ବି—ମୋଟା ଲୁଗା (ଶବ୍ଦରତ୍ନାବଳୀ)— Sthūla pattāka Thick cloth.

ସ୍ଥୂଳ ପତ୍ର—ସଂ. ବି—୧ । (କର୍ମଧା) ମୋଟ ପତ୍ର—1. Thick leaf. Sthūla patra. ୨ । (ବହୁବ୍ରୀହି) ଦମନକ; ଦଅଣା ଗୁଳ୍ମ— 2. The Damanaka plant. ୩ । ଛତିଅଣା ଗଛ (ହ୍ର. ଶ)—3. Chhatiānā (See) ସଂ. ବିଣ—ମୋଟ ପତ୍ର ବିଶିଷ୍ଟ—Thick-leaved.

ସ୍ଥୂଳପର୍ଣ୍ଣୀ—ସଂ. ବି—ଛତିଅଣା ଗଛ (ହ୍ର. ଶ)— Sthūlaparṇṇī Chhatiānā (See)

ସ୍ଥୂଳ ପାଦ—ସଂ. ବିଣ· ପୁଂ(ବହୁବ୍ରୀହି)—ଗୋଦର; ମୋଟା ଗୋଡ଼ବିଶିଷ୍ଟ; Sthūlapāda ଶ୍ଳୀପଦ—Having elephantiasis of the leg. ବି—ହସ୍ତୀ (ଶବ୍ଦମାଳା)—Elephant. (ସ୍ଥୂଳପାଦା—ସ୍ତ୍ରୀ)

ସ୍ଥୂଳ ପୁଷ୍ପ—ସଂ. ବି (ବହୁବ୍ରୀହି)—୧ । ବକବୃକ୍ଷ (ରତ୍ନମାଳା)— Sthūla pushpa 1. Sesbania Grandiflora (tree) ୨ । ମୋଟଫୁଲ—2. Thick-petalled flower.

ସ୍ଥୂଳପୁଷ୍ପା—ସଂ. ବି—୧ । ପର୍ବତଜାତ ଅପରାଜିତା (ରତ୍ନମାଳା)— Sthūlapuspā 1. Clitoria flower growing on mountains. ୨ । ମୁଦ୍ଗରମଲ୍ଲୀ (ହ୍ର. ଶ)—2. Many-patalled Malli flower.

ସ୍ଥୂଳପୁଷ୍ପୀ—ସଂ. ବି—ଯବତିକ୍ତା (ରାଜନିର୍ଘଣ୍ଟ); ଶ୍ୱେତ କଳକଳା; ଭୂଇଁ-ନିମ୍ବ—Andrographis Sthūlapushpī Paniculata.

ସ୍ଥୂଳ ପ୍ରିୟଙ୍ଗୁ—ସଂ. ବି—ବରକଧାନ୍ୟ; ଚନାଶସ୍ୟ (ହ୍ର. ଶ) Sthūlapriyangu A kind of fine grain.

ସ୍ଥୂଳ ଫଳ—ସଂ ବି—ଶାଳ୍ମଳୀବୃକ୍ଷ (ରାଜନିର୍ଘଣ୍ଟ)— Sthūla phala The silk cotton tree.

ସ୍ଥୂଳଫଳା—ସଂ. ବି—୧ । ଶଣପୁଷ୍ପୀ (ରାଜନିର୍ଘଣ୍ଟ): ବନ୍ୟ ଝୁଣପଃ— Sthūla phalā 1. Wild flax plant. ୨ । ଶାଳ୍ମଳୀ (ହ୍ର. ଶ)—2. Silk-cotton tree.

ସ୍ଥୂଳବର୍ତ୍ମକୃତ୍—ସଂ· ବି—ବ୍ରାହ୍ମଣ ଝାଟି (ଦେଶ)— Sthūlabarttmakrut Brāhmana jhāti (See)

ସ୍ଥୂଳ ବଲ୍କଳ—ସଂ. ବି—ରକ୍ତଲୋଧ୍ର (ଜଟାଧର)— Sthūla balkala The red variety of Symplocus Racemosa.

ସ୍ଥୂଳ ବୁଦ୍ଧି—ସଂ· ବି (କର୍ମଧା)—ମୋଟା ବୁଦ୍ଧି— Sthūla buddhi Dullness of wit. ବିଣ· ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ମୋଟାବୁଦ୍ଧିଅ— Dull-witted.

ସ୍ଥୂଳ ବୃକ୍ଷ—ସଂ. ବି—ବକୁଳ ବୃକ୍ଷ (ହ୍ର·ଶ)— Sthūla bruksha The Bakula tree.

ସ୍ଥୂଳବୃକ୍ଷ ଫଳ—ସଂ. ବି—୧ । ସ୍ଥୂଳ ପିଣ୍ଡିତକ (ରାଜନିର୍ଘଣ୍ଟ)— Sthūla bruksha phala 1. The small variety of Pinditaka tree. ୨ । ମଦନ ଫଳ—2. The fruit of Bushy Gardenia

ସ୍ଥୂଳ ବୈଦେହୀ—ସଂ. ବି—ଗଜ ପିପ୍ପଳୀ (ରାଜନିର୍ଘଣ୍ଟ)—
Sthūla baidehī The wild piper.

ସ୍ଥୂଳଭଦ୍ର—ସଂ ବି—ଶ୍ରୁତକେବଳ ନାମକ ଜୈନଭେଦ (ହେମଚନ୍ଦ୍ର)—
Sthūlabhadra A sect of Jainas.

ସ୍ଥୂଳ ଭୂତ—ସଂ. ବି—୧। ପଞ୍ଚୀକୃତ ଅକାଶାଦି ଭୂତ—
Sthūla bhūta 1. The materialised elements of nature. ୨। ପଞ୍ଚଭୂତ—2. The five gross elements of nature.

ସ୍ଥୂଳ ମଞ୍ଜରୀ—ସଂ. ବି. (ବହୁବ୍ରୀହି)—ଅପାମାର୍ଗ [ବୃ. ଶ]
Sthūla mañjarī Achyranthes Aspera [plant].

ସ୍ଥୂଳ ମରିଚ—ସଂ. ବି—୧। କକ୍କୋଳ (ରାଜନିର୍ଘଣ୍ଟ) (ଦେଖ)
Sthūla maricha 1. Kakkola (See)
୨। ଶୀତଳ ଚିନି; କବାବ ଚିନି (ବୃ. ଶ)—2. Cubeb.

ସ୍ଥୂଳ ମୂଳ (ମୂଳକ)—ସଂ. ବି—ବଡ଼ ମୂଳା (ବୃ. ଶ)
Sthūla mūla(mūlaka) Big radish.

ସ୍ଥୂଳରୁହା—ସଂ. ବି—ସ୍ଥଳପଦ୍ମ (ବୃ. ଶ) (ଦେଖ)
thūlaruhā Sthalapadma (Se)

ସ୍ଥୂଳ ରୂପ—ସଂ. ବି—ସ୍ଥୂଳ ଦେହ—
Sthūla rūpa Gross material body.

ସ୍ଥୂଳ ରୋଗ—ସଂ. ବି—ମେଦୋବୃଦ୍ଧି ରୋଗ—
Sthūla roga The disease of corpulence.

ସ୍ଥୂଳ ଲକ୍ଷ(କ୍ଷ୍ୟ, କ୍ଷୀ)—ସଂ. ବିଣ. ପୁଂ (ବହୁବ୍ରୀହି)—୧। ବହୁଦାନଶୀଳ—
Sthūla laksha (kshya, kshī) 1. Very bountiful.
ସ୍ଥୂଳ ଲକ୍ଷା(କ୍ଷ୍ୟା) } ସ୍ତ୍ରୀ ୨। କୃତବିଦ୍ୟ; ବିଦ୍ୱାନ୍—2. Learned.
ସ୍ଥୂଳ ଲକ୍ଷିଣୀ } ୩। କୃତଜ୍ଞ—3. Grateful.
[ସ୍ଥୂଳ ଲକ୍ଷ(କ୍ଷ୍ୟ, କ୍ଷି)ତା—ବି]

ସ୍ଥୂଳ ଶର(ଶାୟକ)—ସଂ. ବି ୧। ଗୁନ୍ଦ୍ରଶର; ଶରତୃଣବିଶେଷ—
Sthūla śara(śāyaka) (ରାଜନିର୍ଘଣ୍ଟ)—1. A sort of reed. (ଦ୍ର—ଏହା ମଧୁର, ଶୀତଳ, ବୋଷ୍ଟ, କଫପିତ୍ତଘ୍ନ- ଅନ୍ୟ ସଂ. ନାମ—ମହାଶର, ମହାବୀର; ବଳବୀର୍ଯ୍ୟକର।) ଲଘୁରକ୍ତ; ସ୍ଥୂଳପତ୍ର ବହୁମୂଳ, ସର୍ପମୂଳକ।

ସ୍ଥୂଳ ଶରୀର—ସଂ. ବି ଓ ବିଣ ପୁଂ—ସ୍ଥୂଳ ଦେହ (ଦେଖ)
Sthūla śarīra Sthūla deha (See)

ସ୍ଥୂଳ ଶାଟକ(କା)—ସଂ ବି—ମୋଟ ଲୁଗା—Thick or coarse
Sthūla śaṭaka cloth.
(ସ୍ଥୂଳଶାଟିକା, ସ୍ଥୂଳଶାଟୀ—ଅନ୍ୟରୂପ)

ସ୍ଥୂଳ ଶାଳି—ସଂ. ବି—ବଡ଼ଧାନ; ଶାଳିଧାନ୍ୟଭେଦ; ମୋଟ ଶାରଦ ଧାନ
Sthūla śali —Coarse winter paddy. [ଦ୍ର—ଏହା [ଲଘୁଶାଳି—ବୈଦ୍ୟକ] ସ୍ୱାଦୁ;ମଧୁର;ଶୀତଳ;ପିତ୍ତନାଶକ ଓ ବୀର୍ଯ୍ୟବର୍ଦ୍ଧକ- [ଅନ୍ୟନାମ—ସ୍ଥୂଳତଣ୍ଡୁଳ; ସ୍ଥୂଳାଙ୍ଗ] ଦାହଜ୍ୱରରୋଗନାଶକ; ଅଗ୍ନିବଳବର୍ଦ୍ଧକ।]

ସ୍ଥୂଳ ଶିରଃ—ସଂ. ବି [ସ୍ଥୂଳଶିରସ୍ ଶବ୍ଦ]—ବୃହତ୍ ମୁଣ୍ଡ—Bighead.
Sthūla śiraḥ ବିଣ. [ବହୁବ୍ରୀହି]—ବୃହନ୍ମସ୍ତକ [ବ୍ୟକ୍ତି]—Big-headed.

ସ୍ଥୂଳଶିର୍ଷିକା—ସଂ. ବି [ଏହାର ଶରୀର ତୁଳନାରେ ମୁଣ୍ଡ ବଡ ଥିବାରୁ]—
Sthūla śirshikā କ୍ଷୁଦ୍ରପିପୀଳିକା (ହେମଚନ୍ଦ୍ର)—Small ant.

ସ୍ଥୂଳ ଷଟ୍‌ପଦ—ସଂ. ବି—ବରଡ଼ୋଲ; ବରୁଡ଼ି (ଶବ୍ଦକଳ୍ପଦ୍ରୁମ)
Sthūla shaṭpada Wasp.

ସ୍ଥୂଳ ଶାୟକ—ସଂ. ବି—ଗୁନ୍ଦ୍ରଶର; ଭଦ୍ରମୁଞ୍ଜ (ବୃ. ଶ)
Sthūla śāyaka A kind of reed.

ସ୍ଥୂଳ ସ୍କନ୍ଧ—ସଂ. ବି (ବହୁବ୍ରୀହି)—ଲକୁଚ; ଜେଉଟ—
Sthūla skandha Autocorpus Loccucha tree.

ସ୍ଥୂଳ ସ୍ତନ—ସଂ ବି (କର୍ମଧା)—ପୀବର ସ୍ତନ—
Sthūla stana Big breasts (of a woman).

ସ୍ଥୂଳସ୍ତନା—ସଂ. ବିଣ ସ୍ତ୍ରୀ (ବହୁବ୍ରୀହି ସ୍ଥୂଳ+ସ୍ତନ+ଆ)—ପୀବର ସ୍ତନ-
Sthūlastanā ଯୁକ୍ତା [ସ୍ତ୍ରୀ]—(a woman) Having big breasts.
(ଷ ଣ୍ଢତା—ବୈଦ୍ୟକ)

ସ୍ଥୂଳ ହସ୍ତ—ସଂ. ବି (କର୍ମଧା)—୧। ପୀନ ଭୁଜ—Thick hand.
Sthūla hasta ୨। ହସ୍ତିଶୁଣ୍ଡ—The trunk of elephant.

ସ୍ଥୂଳା—ସଂ. ବିଣ. ସ୍ତ୍ରୀ (ସ୍ଥୂଳ+ଆ)—ସ୍ଥୂଳର ସ୍ତ୍ରୀ ଲିଙ୍ଗ—
Sthūlā Feminine of Sthūla.
ବିଶ. ସ୍ତ୍ରୀ—୧। ଗଜ ପିପ୍ପଳୀ (ଶବ୍ଦ ଚନ୍ଦ୍ରିକା)—1. Wild pepper. ୨। ଏଳାରୁ (ରାଜନିର୍ଘଣ୍ଟ); କାକୁଡ଼ି—2. Cucumber; Cucumis Memordicus. ୩। ସ୍ଥୂଳୈଳା (ରତ୍ନମାଳା)—3. The big variety Cardamum.

ସ୍ଥୂଳାଂଶା ସଂ. ବି—ଗଜ ପିପ୍ପଳୀ (ରାଜନିର୍ଘଣ୍ଟ)—
Sthulāṃśā A medicinal plant.

ସ୍ଥୂଳାଙ୍ଗ—ସଂ. ବି (କର୍ମଧା)—୧। ମୋଟ ଦେହ—1. Fat body.
Sthūlāṅga ୨। ଏକ ପ୍ରକାର ଚାଉଳ (ବୃ. ଶ)—2. A (ସ୍ଥୂଳାଙ୍ଗ—ବିଣ.ସ୍ତ୍ରୀ) species of rice. ବିଣ. ପୁଂ—ସ୍ଥୂଳ ଦେହ- (ସ୍ଥୂଳାଙ୍ଗୀ—ବି. ସ୍ତ୍ରୀ. ରୂପ) ବିଶିଷ୍ଟ—Fat; corpulent.

ସ୍ଥୂଳାମ୍ର—ସଂ. ବି—୧। ମହାରାଜଚୂତ; ଉତ୍କୃଷ୍ଟ ଆମ୍ରବିଶେଷ [ରାଜନିର୍ଘଣ୍ଟ]
Sthūlāmra 1. A species of excellent mango.
୨। କଲମୀଆମ୍ବ [ବୃ. ଶ]—2. Mango from graft.

ସ୍ଥୂଳାସ୍ୟ—ସଂ. ବିଣ . ପୁଂ [ବହୁବ୍ରୀହି]—ବୃହନ୍ମୁଖ—Big face.
Sthūlāsya ବି—ସର୍ପ [ହେମଚନ୍ଦ୍ର]—Serpent,
[ସ୍ଥୂଳାସ୍ୟା—ବିଣ. ସ୍ତ୍ରୀ]

ସ୍ଥୂଳୀ—ସଂ. ବି [ସ୍ଥୂଳ+ଇନ୍ ୧ମା. ୧ବ] - ଉଷ୍ଟ୍ର (ଶବ୍ଦକଳ୍ପଦ୍ରୁମ)—
Sthūli Camel.

ସ୍ଥୂଳୈରଣ୍ଡ—ସଂ. ବି—ବୃହତ୍ ଏରଣ୍ଡ ବୃକ୍ଷ—
Sthūlairanda A big variety of castor oil-seed-plant.

ସ୍ଥୂଳୈଳା—ସଂ. ବି (କର୍ମଧା)—ବଡ଼ ଅଳା (ଲେ, ଲ୍ଲେ)ଇଚ—The
Sthūlailā larger variety of Cardamum.
(ସ୍ଥୂଳୈଳା=ଗୁଜରାଟୀ—ବୈଦ୍ୟକ) [ଦ୍ର—ଏହା ଶୀତଳ, ରୁକ୍ଷ

ବଡ଼ ଏଲାଚି ସୁଗନ୍ଧ, ପିତ୍ତଶ୍ଳେଷ୍ମଜ୍ୱର, ହୃଦ୍ରୋଗନାଶକ, ପୁଂସତ୍ୱ
बड़ी इलायची ନାଶକ ଓ ରେଚକ ।]
ଫା. ହେଲବର୍ଣ୍ଣ, ଅ· କାକଲେବାର, ଙ୍ଗ. ଗ୍ରେଟ୍ ଏଲାଚି;
ଅନ୍ୟ ସଂ. ନାମ—ଏଳା, ସ୍ଥୂଳା, ବହୁଳା, ପୃଥ୍ୱୀକା, ତ୍ରିପୁଟ, ଉଦ୍ଭେଦ,
ବୃହଦେଲା, ଚନ୍ଦ୍ରବାଳା, ନିଷ୍କୁଟ, କ୍ରିଦକୋଭବା, ସୁରଗ୍ରୀଭକ୍, ମହୈଳା,
ପୃଥ୍ୱୀ, ବଲ୍ୟା, କୁମାରିକା, କାମ୍ପିଲ୍ଲା, ଇନ୍ଦ୍ରାଣୀ, କାନ୍ତା, ଦବ୍ୟଗନ୍ଧା,
ଐନ୍ଦ୍ରୀ ।]

ସ୍ଥୂଳୋଚ୍ଚୟ—ସଂ.ବି—୧। ହସ୍ତୀର ମଧ୍ୟମ ଗତି (ମେଦିନୀ)—1. Medium
Sthūlochchaya motion of an elephant. ୨। ଗଣ୍ଡୋପଲ; ଗଣ୍ଡଶୈଳ (ମେଦିନୀ)—2. A big block of stone. ୩। ଅସମ୍ପୂର୍ଣ୍ଣତା (ମେଦିନୀ)—3. Incompleteness. ୪। ବରଣ୍ଡ; ବ୍ରଣ (ମେଦିନୀ)—4. Boil. ୫। ହସ୍ତିଦନ୍ତ ମଧ୍ୟସ୍ଥ ରନ୍ଧ୍ର—5. The bore inside the tusk of the elephant.

ସ୍ଥୂଳୋଦର—ସଂ. ବି (କର୍ମଧା)—ବଡ଼ ପେଟ—Big belly. ବିଣ
Sthūlodara (ବହୁବ୍ରୀହି) ପୁଂ—ବଡ଼ ପେଟୁଆ; ଥଲ୍ଲ ପେଟା—
(ସ୍ଥୂଳୋଦରୀ—ସ୍ତ୍ରୀ. ବିଣ) Pot-bellied.

ସ୍ଥେୟ—ସଂ. ବିଣ (ସ୍ଥା. ଧାତୁ+ଅର୍ହ. ଯ)—୧। ସ୍ଥିରତର (ହେମଚନ୍ଦ୍ର)
Stheya —1. Calmer; more fixed. ୨। ସ୍ଥାପନୀୟ—2. Fit to be placed or established. ବି—୧। ବିବାଦ ପକ୍ଷର ନିର୍ଣ୍ଣେତା; ମଧ୍ୟସ୍ଥ (ମେଦିନୀ)—1. Umpire; arbitrator. ୨। ପୁରୋହିତ—2. Priest.

ସ୍ଥେୟାନ୍—ସଂ. ବିଣ. ପୁଂ (ସ୍ଥିର+ଅତ୍ୟର୍ଥେ ଈୟସ୍=ସ୍ଥେୟସ୍; ୧ମା.୧ବ)
Stheyān —୧। ଅତି ସ୍ଥିର (ଅମର)—1. Very calm or
(ସ୍ଥେୟସୀ—ସ୍ତ୍ରୀ) fixed. ୨। ଶ୍ରେଷ୍ଠ—2. Excellent. ୩। ଶାଶ୍ୱତ (ଭରତ)—3. Eternal.

ସ୍ଥେଷ୍ଠ—ସଂ. ବିଣ, ପୁଂ (ସ୍ଥିର+ଅତ୍ୟର୍ଥେ ଇଷ୍ଠ)—୧। ଅତି ସ୍ଥିର—
Sthesbtha 1. Very calm or fixed. ୨। ଦୃଢ଼ତର—
(ସ୍ଥେଷ୍ଠା—ସ୍ତ୍ରୀ) 2. Very firm.

ସ୍ଥୈର୍ଯ୍ୟ—ସଂ. ବି (ସ୍ଥିର+ଭାବାର୍ଥେ ଯ)—୧। ସ୍ଥିରତା; ସ୍ଥିରତ୍ୱ—
Sthairjya 1. Calmness; fixity. ୨। ନିଶ୍ଚଳତା—2. Unmoving condition; stability.

ସ୍ଥୋ(ସ୍ଥୌ)ରୀ—ସଂ· ବି (ସ୍ଥୋରିନ୍ ଶବ୍ଦ ୧ମା. ୧ବ)—୧। ଥୋର
Sthc(sthau)rī ବୋହିବା ପଶୁ—1. Pack-animal. ୨। ଥୋରିଆ ବଳଦ—2. Pack-bullock.

ସ୍ଥୌଣେୟ—ସଂ. ବି—ଗ୍ରନ୍ଥିପର୍ଣ୍ଣ ନାମକ ଗନ୍ଧ ଦ୍ରବ୍ୟ; ଗଣ୍ଠିଅଳା (ଅମର)
Sthauṇeya A scented herb.
(ସ୍ଥୌଣେୟକ—ଅନ୍ୟରୂପ) ଅନ୍ୟ ସଂ. ନାମ—ହରିତ

ସ୍ଥୌର—ସଂ. ବି—ପଶୁଙ୍କ ପିଠିରେ ବାହିତ ଭାର; ଥୋଇ (ହ. ଶ)—
Sthaura Loads carried in pack-saddle.

ସ୍ଥୌଲଶୀର୍ଷ—ସଂ. ବିଣ. ପୁଂ (ସ୍ଥୂଳଶୀର୍ଷ+ଅ)—ବୃହନ୍ମସ୍ତକଯୁକ୍ତ—
Sthaula śirsha Big-headed.
(ସ୍ଥୌଲଶୀର୍ଷା—ସ୍ତ୍ରୀ)

ସ୍ଥୌଲ୍ୟ—ସଂ. ବି (ସ୍ଥୂଳ+ଭାବାର୍ଥେ ଯ)—୧। ସ୍ଥୂଳତା—1. Thick-
Sthaulya ness; fatness; corpulence. ୨। ମେଦୋବୃଦ୍ଧି ରୋଗ (ହ· ଶ)—2. The disease of corpulence.

ସ୍ନ—ଗ୍ରା· ବି (ଜନରଥ ସାଙ୍କେତିକ)—'ସନ'ର ସାଙ୍କେତିକ ରୂପ—
Sna सन सन Abbreviation for Sana (meaning year).

ସ୍ନ ହାଲ୍—ଗ୍ରା. ବି (ସାଙ୍କେତିକ; ଜନରଥ ଭାଷା; 'ସନ ହାଲ'ର
Sna hāl ଅପଭ୍ରଂଶ)—ଚଳନ୍ତି ବର୍ଷ—Abbreviation for
हाल सन हाल सन 'the current year.
(ସ୍ନ ହ୍ଲା—ଅନ୍ୟରୂପ)

ସ୍ନପନ—ସଂ.ବି (ସ୍ନା ଧାତୁ ଣିଜନ୍ତ ସ୍ନାପି ଧାତୁ+ଭାବ· ଅନ)—୧। ସ୍ନାନ
Snapana କରାଇବା; ଗାଧୋଇ ଦେବା—1. Giving a bath. ୨। ଧୋଇବା—2. Washing; ablution. ୩। ଆର୍ଦ୍ରୀକରଣ—3. Moistening. ୪। ଅଭିଷେକକରଣ; ଅଭିଷେଚନ—4. Act of sprinkling consecrated water. ୫। ସ୍ନାନ—5. Bath; bathing.

ସ୍ନପିତ—ସଂ. ବିଣ (ସ୍ନାପି ଧାତୁ+କର୍ମ· ତ)—କୃତ ସ୍ନାନ; ସ୍ନାତ—
Snapita 1. Bathed. ୨। ଧୌତ—2. Washed. ୩। ଆର୍ଦ୍ରୀକୃତ—3. Moistened. [ଉ—ଜର୍ଦ୍ଦରେ କନ୍ଦର୍ପଙ୍କର ଶରରେ ପଡ଼ାରେ । ସ୍ନପିତ ଅଧର ସ୍ନିତେ ହୃଦୟ କହାରେ—ପ୍ରାଚୀ. ରସବାରିଧି ।] ୪। ବ୍ୟାପ୍ତ—4. Spread.

ସ୍ନବ—ସଂ. ବି (ସ୍ନୁ ଧାତୁ=କ୍ଷରିତ ହେବା+ଭାବ. ଅ)—ସ୍ରବଣ;
Snaba (ସ୍ନୁତ—ବିଣ) କ୍ଷରଣ—Oozing.

ସ୍ନା (ଧାତୁ)—ସଂ—୧। ଗାଧୋଇବା—1. To bathe. ୨।
Snā (root) ଧୋଇବା—2. To wash. ୩। ଓଦା କରିବା—3. To moisten.

ସ୍ନାଆନ—ଗ୍ରା. ବି (ସଂ· ସ୍ନାନ)—ସ୍ନାନ (ଦେଖ)—
Snā-āna स्नान, चान असनान Snāna (See)

ସ୍ନାତ—ସଂ. ବିଣ (ସ୍ନା ଧାତୁ+କର୍ତ୍ତୃ. ତ)—୧। କୃତସ୍ନାନ—
Snāta 1. Bathed. ୨। (+କର୍ମତ) ଧୌତ—2. Washed.
(ସ୍ନାତା—ସ୍ତ୍ରୀ) ୩। ଆର୍ଦ୍ରୀକୃତ—3. Moistened.

ସ୍ନାତକ—ସଂ. ବି (ସ୍ନାତ+ସ୍ୱାର୍ଥେ. କ)—୧। ଗୁରୁଗୃହରେ ବ୍ରହ୍ମଚର୍ଯ୍ୟ
Snātaka ଓ ବେଦାଧ୍ୟୟନ ସମାପନ ପୂର୍ବକ ଗୃହସ୍ଥାଶ୍ରମକୁ ସମାବର୍ତ୍ତନ କରିଥିବା (ସେହି ଉପଲକ୍ଷରେ ସମ୍ୟକ୍‌ସ୍ନାନ କରିଥିବା) ବ୍ୟକ୍ତି—1. A person who has entered into the stage of a householder after completing his course of

vedic studies at the house of his preceptor. ୨ । ବ୍ରହ୍ମଚର୍ଯ୍ୟ ସମାପନାର୍ଥେ ଗୃହସ୍ଥାଶ୍ରମରେ ପ୍ରବିଷ୍ଟ ବ୍ୟକ୍ତି—2. A newly married person; an initiated householder (Hindu), [ଦ୍ର—ପ୍ରାଚୀନକାଳରେ ଦ୍ୱିଜ ବାଳକ ଗୁରୁକୁଳରେ ବେଦାଦି ଅଧ୍ୟୟନ ସମାପ୍ତ କରି ୨୫ ବର୍ଷ ବୟସରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପାଇଁ ନିଜ ପରିବାରକୁ ଫେରି ଆସୁଥିଲେ ।

ସ୍ନାତକ ତ୍ରିବିଧ ; ଯଥା—ବ୍ରତସ୍ନାତକ, ବିଦ୍ୟାସ୍ନାତକ ଓ ଉଭୟ ସ୍ନାତକ ।

୧ । ବ୍ରତସ୍ନାତକ—୨୫ ବର୍ଷ ବୟସ ପର୍ଯ୍ୟନ୍ତ ଯେ ବ୍ରହ୍ମଚର୍ଯ୍ୟାଚରଣ ପୂର୍ବକ ବେଦାଧ୍ୟୟନ ସମାପ୍ତ କରି ନ ପାରି ଘରକୁ ଫେରି ଯାଉଥିଲେ—୨ । ବିଦ୍ୟାସ୍ନାତକ—ଯେ ବ୍ରହ୍ମଚର୍ଯ୍ୟାଚରଣ ପୂର୍ବକ ୨୫ ବର୍ଷ ବୟସ ହେଲେ ମଧ୍ୟ ଗୁରୁଗୃହରେ ରହି ବେଦାଧ୍ୟୟନ କରୁଥିଲେ ଓ ଘରକୁ ଫେରୁ ନଥିଲେ—୩ । ଉଭୟ ସ୍ନାତକ—ବ୍ରହ୍ମଚର୍ଯ୍ୟପାଳନ ପୂର୍ବକ ଯେ ବେଦପାଠ ଶେଷ କରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ଆଜିକାଲି ଭାରତରେ ପ୍ରତିଷ୍ଠିତ ଗୁରୁକୁଳ ଓ ଋଷିକୁଳରେ ବିଦ୍ୟାଧ୍ୟୟନ କରି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ବାଳକକୁ ସ୍ନାତକ ଉପାଧି ଦିଆଯାଏ (ହି॰ ଶ)]

ସ୍ନାତକ ବ୍ରତ—ସଂ. ବି—ସ୍ନାତକଙ୍କ କର୍ତ୍ତବ୍ୟ ବ୍ରତ ବିଶେଷ—A religious vow observed by a newly initiated householder.
Snātaka brata

ସ୍ନାତାନୁଲିପ୍ତ—ସଂ. ବିଣ. ପୁଂ [କର୍ମଧା; ଆଦୌ ସ୍ନାତ, ପଶ୍ଚାତ୍ ଅନୁଲିପ୍ତ (ସ୍ନାତାନୁଲିପ୍ତା—ସ୍ତ୍ରୀ)—ସ୍ନାନ କରିସାରି ଯେଉଁ ବ୍ୟକ୍ତି ଦେହରେ ଚନ୍ଦନାଦି ବୋଳି ହୋଇଥାଆନ୍ତି—Besmeared with sandal paste etc. after bath.
Snātānulipta

ସ୍ନାନ—ସଂ. ବି (ସ୍ନା ଧାତୁ+ଭାବ ଅନ)—୧ । ଗାଧୋଇବା—1. Bathing; bath. ୨ । ଅବଗାହନ; ପାଣିରେ ବୁଡ଼ି ଗାଧୋଇବା; ମୁଣ୍ଡବୁଡ଼ାଇ ଗାଧୋଇବା—2. Bathing by dipping into water. ୩ । ସର୍ବାଙ୍ଗ କ୍ଷାଳନ—3. Washing of all the parts of the body. [ଦ୍ର—ସ୍ନାନ ସାତ ପ୍ରକାର, ଯଥା—୧ । ମାନ୍ତ୍ର ବା ମନ୍ତ୍ର ସ୍ନାନ—ମନ୍ତ୍ରପାଠପୂର୍ବକ ମାର୍ଜ୍ଜନ ବା ପ୍ରକୃତ ସ୍ନାନ—୨ । ବାୟୁ ସ୍ନାନ—ବାୟୁଦ୍ୱାରା ଶରୀର କ୍ଷାଳନ—୩ । ଭୌମସ୍ନାନ—ଦେହରେ ମାଟିବୋଳି ସ୍ନାନ—୪ । ଅଗ୍ନେୟ ସ୍ନାନ—ଧୂଆଁଦ୍ୱାରା ଦେହ ଧୂପନ, କିମ୍ବା ଦେହରେ ଭସ୍ମ ବୋଳି ହେବା—୫ । ଦିବ୍ୟ ବା ଆତପ ସ୍ନାନ—ସୂର୍ଯ୍ୟାଲୋକରେ ସ୍ନାନ—୬ । ବାରୁଣ ସ୍ନାନ—ଧୂଳିଦ୍ୱାରା ବା ଗୋରଜ ଦ୍ୱାରା ଶରୀର କ୍ଷାଳନ—୭ । ମାନସ ସ୍ନାନ—ଭାବନିକ ସ୍ନାନ । ଏହି ସ୍ନାନ ଶବ୍ଦ ବିଶିଷ୍ଟ ଅନେକ ପ୍ରକାର ଶବ୍ଦ ଭାଷାରେ ଅଛି । ସେଥିମଧ୍ୟରୁ କେତେଗୁଡ଼ିଏ ଅତି ପ୍ରଚଳିତ ଶବ୍ଦ ନିମ୍ନରେ ଦିଆ ଯାଉଅଛି । ଯଥା—ଶିରଃ ସ୍ନାନ (ମୁଣ୍ଡଧୋଇ ଗାଧୋଇବା); (ସ୍ତ୍ରୀମାନଙ୍କର) ଋତୁସ୍ନାନ ବା ଶୁଦ୍ଧସ୍ନାନ; ପ୍ରାତଃସ୍ନାନ; ତୀର୍ଥସ୍ନାନ; ଦେବସ୍ନାନ (ଜ୍ୟୈଷ୍ଠ ପୂର୍ଣ୍ଣିମାରେ ବିଷ୍ଣୁ ପ୍ରତିମାଙ୍କ ସ୍ନାନବିଧି), ମନ୍ତ୍ରସ୍ନାନ, ଗଙ୍ଗାସ୍ନାନ, ବସ୍ତ୍ରସ୍ନାନ, ମୋକ୍ଷସ୍ନାନ (ସୂର୍ଯ୍ୟ ବା ଚନ୍ଦ୍ରଙ୍କର ଗ୍ରହଣରୁ ମୁକ୍ତ ହେବା ପରେ ହିନ୍ଦୁମାନଙ୍କର ସ୍ନାନ), ଗ୍ରସ୍ତ ସ୍ନାନ ବା ଗ୍ରହଣସ୍ନାନ (ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ ଲାଗିବା ବେଳେ ହିନ୍ଦୁଙ୍କର ସ୍ନାନ), ପ୍ରେତସ୍ନାନ (ମୃତ ବ୍ୟକ୍ତିଙ୍କ ପ୍ରେତ ଉଦ୍ଦେଶ୍ୟରେ କରାଯିବା ସ୍ନାନ), ନିତ୍ୟସ୍ନାନ, ନୈମିତ୍ତିକ ସ୍ନାନ (କୌଣସି ବିଶେଷ ନିମିତ୍ତ ଉପଲକ୍ଷରେ (ଯଥା—ଗ୍ରହଣ ସମୟରେ, କୌଣସି କୁଟୁମ୍ବ ମୃତ ହେଲେ) କରାଯିବା ସ୍ନାନ, ଜାତସ୍ନାନ, ମହାସ୍ନାନ, (ଦେବପ୍ରତିମାଙ୍କର ସ୍ନାନ, ଦେବ ମନ୍ଦିରରେ କୌଣସି ଅଶୁଚିଜନକ ଘଟଣା ଘଟିଲେ, ଯଥା—ଅସ୍ପୃଶ୍ୟ ବ୍ୟକ୍ତି ଦେବତାଙ୍କୁ ଛୁଇଁଦେଲେ, ମନ୍ଦିର ମଧ୍ୟରେ କେହି ଝାଡ଼ା ଫେରି ପକାଇଲେ ବା ପ୍ରସ୍ରାବ କଲେ, ଦେବତାଙ୍କୁ ଗାଧୋଇଦେବାରୂପ କର୍ମ), କାମ୍ୟସ୍ନାନ (ପ୍ରାୟଶ୍ଚିତ୍ତ, ଅଭିଷେକ, ଉପନୟନ, କର୍ଣ୍ଣବେଧ ଇତ୍ୟାଦି କାମ୍ୟ କର୍ମ ଉପଲକ୍ଷରେ ସ୍ନାନ), ସମୁଦ୍ର ସ୍ନାନ ବା ସାଗର ସ୍ନାନ, ନଦୀସ୍ନାନ, ଅଶୌଚସ୍ନାନ, ସଦ୍ୟଃସ୍ନାନ, ମକରସ୍ନାନ ବା ମାଘସ୍ନାନ, କାର୍ତ୍ତିକସ୍ନାନ, ପ୍ରୟାଗସ୍ନାନ, ତ୍ରିବେଣୀ ସ୍ନାନ) ।
Snāna
(ସ୍ନାତା—ବିଣ)
ଏହାର ଅପଭ୍ରଂଶ—
ସ୍ନାଅ (ହା) ନ, ସ୍ରାଅ-
(ହା) ନ, ସିନା-
(ହି) ନ)

ସ୍ନାନ କରିବା—ଦେ. କ୍ରି—୧ । ଗାଧୋଇବା—1. To take a bath. ୨ । ମୁଣ୍ଡବୁଡ଼ାଇ ଗାଧୋଇବା—2. To take a dip in the water.
Snāna karibā
स्नानकरा, চানকরা
स्नानकरना

ସ୍ନାନ କଳସ(ଘଟ)—ସଂ ବି (ମ.ପ. ଲୋ)—ଯେଉଁ କୁମ୍ଭରେ ସ୍ନାନାର୍ଥ ଜଳ ରହିଥାଏ—A pitcher containing water for bath.
Snāna kalasa [ghaṭa]

ସ୍ନାନ ଗୃହ—ସଂ ବି—ସ୍ନାନାଗାର (ଦେଖ)—Snānāgāra (See)
Snāna gṛuha

ସ୍ନାନ ତୃଣ—ସଂ. ବି—କୁଶ (ଶବ୍ଦମାଳା)—The kuśa grass. (ଦ୍ର—କୁଶକୁ ହସ୍ତରେ ଧାରଣ କରି ସ୍ନାନ କରିବାର ବିଧି ଶାସ୍ତ୍ରରେ ଅଛି । (ହି॰ ଶ)
Snāna tṛuṇa

ସ୍ନାନ ଦାନ—ସଂ. ବି—୧ । ସ୍ନାନାନ୍ତେ ବ୍ରାହ୍ମଣଙ୍କୁ ଧନାଦିର ଦାନ—1. Giving of presents to Brāhmaṇas after bath. ୨ । ସ୍ନାନ ଓ ବ୍ରାହ୍ମଣଙ୍କୁ ଧନାଦି ଦାନ—2. Bathing and giving presents to Brāhmaṇas.
Snāna dāna

ସାନ ପୂର୍ଣ୍ଣମୀ—ଦେ. ବି (ସଂ. ସ୍ନାନପୂର୍ଣ୍ଣିମା)—ସ୍ନାନ ପୂର୍ଣ୍ଣିମା (ଦେଖ)—Snāna pūrṇṇimā (See). (ସାନ ପୁନେଇଁ—ଅନ୍ୟରୂପ)
Snāna pūrṇṇamī
स्नानपूर्णिमा असनानपूनमी

ସ୍ନାନ ପୂର୍ଣ୍ଣିମା—ସଂ. ବି—ଜ୍ୟେଷ୍ଠ ପୂର୍ଣ୍ଣିମା, ଯେଉଁ ଦିନ ବିଷ୍ଣୁ ପ୍ରତିମାଙ୍କର ସ୍ନାନ ମଣ୍ଡପରେ ସ୍ନାନ ବିଧି ସମ୍ପାଦିତ ହୁଏ—Full moon of Jyaishṭha.
Snāna pūrṇṇimā

ସ୍ନାନ ପ୍ରକାର—ଦେ. ବି (ଉଭୟାର୍ଥକ ସହଚର)—ଗାଧୁଆ ପାଧୁଆ—
Snāna prakāra Bathing etc. (ଉ—ସ୍ନାନ ପ୍ରକାର ଚାନଟାନ **अस्नान उस्नान** ବର୍ଣ୍ଣାଶ୍ରଥ, ପାଠଶାଳା ଚକ୍ରର ଛୁଡ଼ିସିବ—ଫଗୀରମୋହନ ଗଳ୍ପସ୍ୱଳ୍ପ ।)

ସ୍ନାନ ବସ୍ତ୍ର—ସଂ. ବି (ମ.ପ. ଲୋ)—ସ୍ନାନ କରିବା ସମୟରେ ଯେଉଁ ଲୁଗା
Snāna bastra ପିନ୍ଧା ହୋଇଥାଏ—Cloth put on during bath; bath-dress.

ସ୍ନାନ ବେଦୀ (ବେଦିକା)—ସ. ବି—ସ୍ନାନମଣ୍ଡପ (ଦେଖ)
Snāna bedi (bedikā) Snāna mandapa (See)

ସ୍ନାନ ଭୋଜନ—ସ. ବି—ସ୍ନାନାନ୍ତେ ଭୋଜନ—
Snāna bhojana Taking bath and then taking meal.

ସ୍ନାନମଣ୍ଡପ—ସ.ବି—ଯେଉଁ ମଣ୍ଡପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ
Snāna mandapa ପ୍ରତିମାମାନଙ୍କର ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ କାର୍ଯ୍ୟ ସମ୍ପାଦନ କରାଯାଏ—An altar on which the images of Jagannātha, Balabhadra and Subhadrā are given a washing on Snāna Purnnimā day.

ସ୍ନାନ ଯାତ୍ରା—ସ. ବି—ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ବିଷ୍ଣୁ ପ୍ରତିମାଙ୍କର (ଏବଂ
Snāna jātrā ପୁରୀରେ ଓ ଅନ୍ୟ ସ୍ଥାନରେ ପ୍ରତିଷ୍ଠିତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପ୍ରତିମାମାନଙ୍କର) ମହାସ୍ନାନ ଉପଲକ୍ଷରେ ଉତ୍ସବ—The ceremony of washing of the images of Bishnu and of Jagannātha on the full moon of Jaishtha. [ଦ୍ର—ଏହି ଦିନ ଯାଉଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମାମାନଙ୍କ ଉପରେ ବହୁପରିମାଣରେ ପାଣି ଢଳାହେବାଦ୍ୱାରା ତାଙ୍କ ଦେହରୁ ରଙ୍ଗ ଛାଡ଼ିଯାଏ; ଏଥିପାଇଁ ସ୍ନାନଯାତ୍ରା ପରେ ସେ ମୂର୍ତ୍ତିମାନଙ୍କୁ ପୁନର୍ବାର ଚିତ୍ରିତ କରିବାକୁ ୧୫ ଦିନ ଲାଗେ । ସେ ସମୟରେ ଜଗନ୍ନାଥ ଆଦିଙ୍କ ମୂର୍ତ୍ତି ଆଗରେ ଟାଟି ବନ୍ଧାଯାଏ ଓ ଯାତ୍ରୀମାନେ ଜଗନ୍ନାଥଙ୍କୁ ଦର୍ଶନ କରି ପାରନ୍ତି ନାହିଁ । ଉକ୍ତ ୧୫ ଦିନକୁ 'ଅଣସର' (ସଂ.ଅନବସର) ବୋଲାଯାଏ । କାରଣ ସ୍ନାନାଧିକ୍ୟ ଯୋଗୁଁ ଜଗନ୍ନାଥଙ୍କୁ ଜ୍ୱର ଧରିଥିବାରୁ ଯାତ୍ରୀଙ୍କୁ ଦର୍ଶନ ଦେବାକୁ ତାଙ୍କୁ ଅନବସର (ଅଣସର) ହୁଏ ବୋଲି କୋହ୍ଲାଯାଏ । ଚିତ୍ର କାର୍ଯ୍ୟ ଶେଷ ହୋଇଗଲେ ଜଗନ୍ନାଥଙ୍କର 'ନବଯୌବନ' ବେଶକୁ ଯାତ୍ରୀମାନେ ଦେଖନ୍ତି ଓ ତତ୍ପରେ ନବ ଚିତ୍ରିତ ମୂର୍ତ୍ତିମାନଙ୍କୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥକୁ କଢ଼ାଯାଇ ରଥଯାତ୍ରା କରାଯାଏ ।]

ସ୍ନାନ ଶାଳା—ସ. ବି—ସ୍ନାନାଗାର (ଦେଖ)
Snāna sālā Snānāgāra (See)

ସ୍ନାନଶୀଳ—ସଂ. ବିଣ. ପୁଂ—ବେଶୀ ଗାଧୋଇବା ଯାହାର ଅଭ୍ୟାସ—
Snānasila Habituated to taking bath frequently.
(ସ୍ନାନଶୀଳା—ସ୍ତ୍ରୀ)

ସ୍ନାନାଗାର—ସଂ. ବି (ମ. ପ. ଲୋ)—ଯେଉଁ ଘରେ ସ୍ନାନ କରାଯାଏ;
Snānāgāra ଗୋସଲଖାନା—Bath room.

ସ୍ନାନାହାର—ସଂ. ବି—ପ୍ରଥମେ ସ୍ନାନ ଓ ପରେ ଭୋଜନ—
Snānāhāra Taking bath and taking meal after bath.

ସ୍ନାନିଆ—ଗ୍ରା· ବିଣ—ସ୍ନାତ; କୃତସ୍ନାନ—Bathed; washed.
Snānia [ସ୍ନା(ସ୍ରା)ହାନିଆ—ଅନ୍ୟ, ଗ୍ରାମ୍ୟ. ରୂପ]
[ଅସ୍ନାନିଆ, ଅସ୍ନା(ସ୍ରା)ହାନିଆ—ବିପରୀତ]
स्नात अस्नान कियाहुआ

ସ୍ନାନିବା—ଦେ· କ୍ରି· (ପଦ୍ୟ)—(ସଂ. ସ୍ନାନ)—ସ୍ନାନ କରିବା—
Snāniba To bathe. (ଉ—ପ୍ରଭାତ ଶିଶିରେ ସ୍ନାନ ସର ସ୍ନାନକରା ପୁଷ୍ପ ଯେବେ, ବୃନ୍ତାଗ୍ରରେ ଦିଶୁଥାଇ ଅଳକ ଅନାଇ, **स्नानकरना** ପ୍ରେମୋତ୍ସବେ ଜଳମୟ ହେବେ କି ସେ ଅଳ, ଖାଇରେ ମଣ୍ଡଳ ପୁଷ୍ପ କାହିଁ ହେବା ଯାଏ ?—ରାଧାନାଥ, ମହାଯାତ୍ରା)

ସ୍ନାନୀୟ—ସଂ. ବିଣ—(ସ୍ନାନ+ଈୟ)—୧ । ସ୍ନାତ ହେବାର ଯୋଗ୍ୟ—
Snāniya —1. Fit to be bathed. ୨ । ସ୍ନାନସମ୍ବନ୍ଧୀୟ 2. Relating to bath. ୩ । ସ୍ନାନୋପଯୋଗୀ— 3. Requisite for a bath. ସ. ବି—ସ୍ନାନସାଧନ; ସ୍ନାନ ସମ୍ପାଦକ ଦ୍ରବ୍ୟ (ଯଥା—ଜଳ, ଗନ୍ଧଦ୍ରବ୍ୟ, ସାବୁନ, ଗାମୁଛା, ତୈଳ ଇତ୍ୟାଦି)—Materials required for a bath; requisites for a bath.

ସ୍ନାନୋପକରଣ—ସ. ବି (ଷଷ୍ଠୀ ତତ)—ସ୍ନାନୀୟ (ବି) (ଦେଖ)—
Snānopakarana Snāniya (See)

ସ୍ନାନୋତ୍ସବ—ସ. ବି—ସ୍ନାନଯାତ୍ରା (ଦେଖ)—Snānajātrā (See)
Snānotsaba (ସ୍ନାନୋତ୍ସବ—ଅନ୍ୟରୂପ)

ସ୍ନାବ—ସ. ବି—ସ୍ନାୟୁ (ଶବ୍ଦକଳ୍ପଦ୍ରୁମ) (ଦେଖ)—
Snāba Snāyu (See)

ସ୍ନାୟନ—ସ. ବି—ସ୍ନାନ (ହ·ଶ)—
Snāyana Bath.

ସ୍ନାୟବିକ—ସ. ବିଣ (ସ୍ନାୟୁ+ଇକ)—ସ୍ନାୟୁ ସମ୍ବନ୍ଧୀୟ—
Snāyabika Relating to the nerves; nervine; nervous.

ସ୍ନାୟବିକ ଦୁର୍ବଳତା (ଦୌର୍ବଲ୍ୟ)—ସ.ବି (ଅଧୁନାତନ)—ସ୍ନାୟୁର ଦୋଷଜନିତ
Snāyabika durbalatā [daurbalya] ଦୁର୍ବଳତା—Nervous debility.

ସ୍ନାୟବୀୟ—ସଂ. ବିଣ (ସ୍ନାୟୁ+ଈୟ)—ସ୍ନାୟୁ ସମ୍ବନ୍ଧୀୟ—Nervine.
Snāyabiya ସଂ· ବି—କର୍ମେନ୍ଦ୍ରିୟ (ହ. ଶ)—The organs of action.

ସ୍ନାୟୀ—ସ. ବିଣ· ପୁଂ (ସ୍ନା· ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—
Snāyi ସ୍ନାନକର୍ତ୍ତା—One who takes a bath.
(ସ୍ନାୟିନୀ—ସ୍ତ୍ରୀ)

ସ୍ନାୟୁ—ସ. ବି (ସ୍ନା· ଧାତୁ+କର୍ତ୍ତୃ· ଉ)—୧ । (ଶରୀର ବନ୍ଧନ) ସବ-
Snāyu ଦେହବ୍ୟାପୀ ସୂକ୍ଷ୍ମ ଅସ୍ଥିବନ୍ଧନୀ ନାଡ଼ୀଗଣ—

1. Ligaments of the body. ୨ । ପେଶୀବନ୍ଧକ ନାଡ଼ୀ—2. Tendons. ୩ । ବାୟୁବାହକ ନାଡ଼ୀ; ସୂକ୍ଷ୍ମ ଶିରା—3. Nerves. [ଦ୍ର—ମେଦର ସ୍ନେହଶୂନ୍ୟକୁ ଗ୍ରହଣ କରି ଶିରାମାନେ ସ୍ନାୟୁରୂପରେ ପରିଣତ ହୁଅନ୍ତି । ଦେହର ଅସ୍ଥି, ମେଦ, ମାଂସ ଓ ସନ୍ଧିମାନଙ୍କୁ ସ୍ନାୟୁଗଣ ବନ୍ଧନ କରି ସ୍ୱ ସ୍ୱ ସ୍ଥାନରେ ରଖନ୍ତି ଏବଂ ଏଥିଯୋଗୁଁ ମନୁଷ୍ୟ ଭାର ବହିବାକୁ, ଅଙ୍ଗଚାଳନ କରିବାକୁ ଓ ପରିଶ୍ରମ କରିବାକୁ ସମର୍ଥ ହୁଏ । ସ୍ନାୟୁଗଣ ଚିରକାଳ ସ୍ଥିତିସ୍ଥାପକ ଓ ସେଗୁଡ଼ିକ ଦୁର୍ବଳ ବା ଢିଲା ହେଲେ ମନୁଷ୍ୟ କର୍ମ କରିବାକୁ ଅସମର୍ଥ ହୁଏ । ସ୍ନାୟୁ ଉପରେ ଜୋର୍ ପଡ଼ିଲେ 'ରକା' ପଶେ ବା ପବନ ଅଟକେ ଯାଏ । ସ୍ନାୟୁମାନଙ୍କ ଦ୍ୱାରା ବାହ୍ୟ ବସ୍ତୁର ସ୍ପର୍ଶ ଅନୁଭବର ଜ୍ଞାନ ଶରୀରର ବିଭିନ୍ନ ସ୍ଥାନରୁ ମସ୍ତିଷ୍କକୁ ବାହିତ ହୁଏ ଏବଂ ପୁଣି ସ୍ନାୟୁମାନଙ୍କଦ୍ୱାରା ମସ୍ତିଷ୍କରୁ ବହିର୍ଗତ ଆଦେଶ ଅଙ୍ଗମାନଙ୍କୁ ବାହିତ ହୁଏ । ସ୍ନାୟୁର ବର୍ଣ୍ଣ ଧଳା; ଏହା ଚିକ୍କଣ, ଚିମୁଡ଼ା ଓ ଛଣପଟସୂତ୍ର ପରି; ସ୍ନାୟୁମାନ ଶରୀରସ୍ଥ ମାଂସପେଶୀମାନଙ୍କ ମଧ୍ୟରେ ବ୍ୟାପ୍ତ ହୋଇଥାଏ । ବୈଦ୍ୟଶାସ୍ତ୍ରରେ କଥିତ ହୋଇଅଛି ଯେ, ଦେହରୁ ଘର୍ମ ବାହାରିବା ବା ଓ ଲୋମକୂପବାଟେ ଲେପ ଓ ତୈଳ ଆଦି ଶରୀର ମଧ୍ୟକୁ ପ୍ରବେଶ କରିବା ଆଦି କର୍ମ ସ୍ନାୟୁମାନଙ୍କ ଦ୍ୱାରା ଘଟେ (ହ. ଶ) । ମାନବ ଦେହରେ ସର୍ବସୁଦ୍ଧା ୯୦୦ଟି ସ୍ନାୟୁ ଅଛି । ଏଥି ମଧ୍ୟରୁ ମସ୍ତକରେ ୭୦ଟି, ହସ୍ତପଦରେ ୬୦୦, କୋଷ୍ଠରେ ବା ଗ୍ରୀବାଠାରୁ କଟି ପର୍ଯ୍ୟନ୍ତ ୨୩୦ଟି ସ୍ନାୟୁ ଅଛି ।

ସ୍ନାୟୁ ମଣ୍ଡଳ—ସଂ. ବି (ଶରୀର ରକ୍ଷକ) – ସର୍ବ ଶରୀରରେ ପରିବ୍ୟାପ୍ତ ଓ
Snāyu mandala ଓ ପରସ୍ପରସମ୍ବନ୍ଧ ସ୍ନାୟୁସମୂହ—The nervous system.

ସ୍ନାୟୁର୍ମ—ସଂ. ବି (ସ୍ନାୟୁ+ଅର୍ମନ୍; ୯ମା, ୧ବ)—ନେତ୍ରରୋଗ ବିଶେଷ
Snāyūrma (ମାଧବକରର ନିଦାନ)—A sort of eye-disease. [ଦ୍ର—ଏ ରୋଗରେ ଆଖିର ଧଳାଅଂଶ ଉପରେ ଗୋଟିଏ ଗ୍ରନ୍ଥି ବାହାରି ପଡ଼େ; ଏ ରୋଗ ୩ ପ୍ରକାର :—ଅର୍ଦ୍ଧଭେଦ, ଊର୍ଦ୍ଧ୍ୱଭେଦ ଓ ଅଧୋଭେଦ—ହ. ଶ ।]

ସ୍ନାହାନ—ଗ୍ରା. ବି (ସଂ. ସ୍ନାନ)—ଗାଧୁଆ; ସ୍ନାନ—
Snahāna Bath.
ଚାନ (ଉ—ସ୍ନାହାନ ସମୁଦ୍ରେ ସାରିଲେ । ଯଶୋବନ୍ତ. ପ୍ରେମଭକ୍ତି
ଅସ୍ନାନ ବ୍ରହ୍ମଗୀତା ।)

ସ୍ନିଗ୍ଧ—ସଂ. ବିଣ. ପୁଂ (ସ୍ନିହ୍ ଧାତୁ=ସ୍ନେହ କରିବା, ଚିକ୍କଣ କରିବା,
Snigdha ତୈଳାକ୍ତ କରିବା+କର୍ମ. ତ)—୧ । ଅରୁକ୍ଷ; (ସ୍ନିଗ୍ଧା—ସ୍ତ୍ରୀ) ସ୍ନେହଯୁକ୍ତ; ତେଲିଆ (ଅମର)—1. Oily; (ସ୍ନିଗ୍ଧତା[ତ୍ୱ]—ବି) oiled; greasy. ୨ । ଚକଚକିଆ—2. Glossy; shining. ୩ । ଚିକ୍କଣ; ମସୃଣ (ଶବ୍ଦରତ୍ନାବଳୀ)—3. Smooth. ୪ । ପ୍ରିୟ; ସ୍ନେହପାତ୍ର; ସ୍ନେହର ଆଧାର—4. Beloved; dear; object of affection; affectionate. ୫ । ସ୍ନେହଯୁକ୍ତ; ବତ୍ସଳ; ସ୍ନେହୀ—5. Loving; fond. ୬ । ସୁଶ୍ରାବ୍ୟ; ଶ୍ରୁତିମଧୁର—6. Sweet to the ear; agreeable to hear. ୭ । ସୁଖକର ଓ ଶୀତଳ—7. Cool and pleasing. ୮ । ନିବିଡ଼—8. Thick. ୯ । କୋମଳ—9. Soft. ୧୦ । ଶୀତଳତାକାରକ—10. Cooling. ୧୧ । ରମ୍ୟ; ରମଣୀୟ—11. Pleasing. ସଂ. ବି—୧ । ସିକ୍ଥକ; ମହମ (ରାଜନିର୍ଘଣ୍ଟ)—1. Wax. ୨ । ବୟସ୍ୟ (ଅମର)—2. Companion. ୩ । ରକ୍ତୈରଣ୍ଡ (ରାଜନିର୍ଘଣ୍ଟ)—3. The red variety of castor oil seed plant. ୪ । ସରଳ ବୃକ୍ଷ,(ରାଜନିର୍ଘଣ୍ଟ)—4. Pine tree. ୫ । ଦୁଧସର (ହ. ଶ)—5. Cream of milk. ୬ । ଗନ୍ଧବିରଜା (ହ. ଶ) [ଦେଖ]—6. Gandha birijā [See]

ସ୍ନିଗ୍ଧ କାନ୍ତି—ସଂ. ବି (କର୍ମଧା)—ରମଣୀୟ ଲାବଣ୍ୟ—
Snigdha kānti Charming beauty or grace.
ସଂ. ବିଣ (ବହୁବ୍ରୀହି)—ରମଣୀୟ କାନ୍ତିଯୁକ୍ତ—Graceful.

ସ୍ନିଗ୍ଧ ଗମ୍ଭୀର—ସଂ. ବିଣ. ପୁଂ—ରମଣୀୟ ଅଥଚ ଗମ୍ଭୀର—
Snigdha gambhira Grave yet graceful.
(ସ୍ନିଗ୍ଧଗମ୍ଭୀରା—ସ୍ତ୍ରୀ)

ସ୍ନିଗ୍ଧ ଗାମ୍ଭୀର୍ଯ୍ୟ—ସଂ. ବି (କର୍ମଧା)—ମନୋରମ ଗମ୍ଭୀରତ୍ୱ—
Snigdha gāmbhirjya Graceful gravity.

ସ୍ନିଗ୍ଧଚ୍ଛଦ—ସଂ ବି (ବହୁବ୍ରୀହି; ସ୍ନିଗ୍ଧ+ଛଦ)—ବରଗଛ (ହ. ଶ.)—
Snigdhachchhada Banian tree.
ସଂ. ବିଣ—ମସୃଣପତ୍ରବିଶିଷ୍ଟ—Having smooth leaves.

ସ୍ନିଗ୍ଧଚ୍ଛଦା—ସଂ. ବିଣ. ସ୍ତ୍ରୀ—ସ୍ନିଗ୍ଧଚ୍ଛଦର ସ୍ତ୍ରୀଲିଙ୍ଗ—Feminine of
Snigdhachchhadā Snigdhachchhada. ସଂ. ବି—ବରକୋଳି ଗଛ—Jujube tree.

ସ୍ନିଗ୍ଧ ଜୀରକ—ସଂ. ବି—ଇସବଗୋଲ (ହ. ଶ. ଦେଖ)
Snigdha jiraka Isabagol (See)

ସ୍ନିଗ୍ଧ ତଣ୍ଡୁଳ—ସଂ. ବି—ଶସ୍ତୀଶାଳ (ରାଜନିର୍ଘଣ୍ଟ); ଲଘୁ ଧାନ;
Snigdha tandula ଷାଠିଏ ଧାନ—A light variety of winter-paddy.

ସ୍ନିଗ୍ଧତା(ତ୍ୱ)—ସଂ. ବି (ସ୍ନିଗ୍ଧ+ଭାବାର୍ଥେ ତା, ତ୍ୱ)—୧ । ସ୍ନିଗ୍ଧତ୍ୱର-
Snigdhatā (twa) 1. Oiliness; smoothness; coolness; softness. ୨ । ସ୍ନେହ (ରାଜନିର୍ଘଣ୍ଟ)—2. Affection; ୩ । ତେଲ (ରାଜନିର୍ଘଣ୍ଟ)—3. Oil.

ସ୍ନିଗ୍ଧ ଦାରୁ—ସଂ. ବି (ବହୁବ୍ରୀହି)—୧ । ସରଳ ବୃକ୍ଷ; ଦେବଦାରୁ
Snigdha dāru (ଜଟାଧର, ରାଜନିର୍ଘଣ୍ଟ)—1. The pine tree. ୨ । ଶାଳ ଗଛ (ହ. ଶ)—2. Shorea Robusta tree.

ସ୍ନିଗ୍ଧ ଦୃଷ୍ଟି—ସଂ. ବି (କର୍ମଧା ।)—୧ । ମଧୁର ଦୃଷ୍ଟି—
Snigdha drushti 1. Sweet look; loving glance.
୨ । କୋମଳ ଦୃଷ୍ଟି—2. Fond or soft look. ସଂ.
ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—କୋମଳ ଦୃଷ୍ଟିଯୁକ୍ତ—
Sweetlooking.

ସ୍ନିଗ୍ଧ ନିର୍ମଳ—ସ. ବିଣ—ଚିକ୍କଣ ଓ ସଫା—
Snigdha nirmala Smooth and clear.
ସ. ବି—କଂସା ଧାତୁ (ହି. ଶ)—Bell metal.

ସ୍ନିଗ୍ଧ ପତ୍ରକ—ସଂ. ବି—୧ । ଗଙ୍ଗରୁ ତୃଣ (ରାଜନିର୍ଘଣ୍ଟ)—1. A
Snigdha patraka kind of grass. ୨। ଗୁଚ୍ଛ କରଞ୍ଜ; ଘୃତ
କରଞ୍ଜ (ରାଜନିର୍ଘଣ୍ଟ)—2. A species of Karañja.
୩ । ଅବନ୍ତିକା ଲତା (ହି. ଶ)—3. A kind of wild
creeper.

ସ୍ନିଗ୍ଧପତ୍ରା—ସଂ. ବି—୧ । ବଦରୀ (ଜଟାଧର)—1. The Jujube
Snigdhapatrā tree. ୨ । ପାଳଙ୍ଗ (ରାଜନିର୍ଘଣ୍ଟ), ପାଳଙ୍ଗ
ଶାଗ—2. Spinage. ୩ । କାଶ୍ମରୀ (ରାଜନିର୍ଘଣ୍ଟ);
ଗମ୍ଭାରୀ—3. A tree; Gmelina Arborea.

ସ୍ନିଗ୍ଧ ପିଣ୍ଡୀତକ—ସ. ବି—ମଦନ ବୃକ୍ଷ ବିଶେଷ (ରାଜନିର୍ଘଣ୍ଟ)—
Snigdha pinditaka A species of Madana tree.

ସ୍ନିଗ୍ଧଫଳା—ସଂ. ବି—ନାକୁଲୀ (ରାଜନିର୍ଘଣ୍ଟ); ରାସ୍ନା—
Snigdhaphalā Vanda Roxburghi.

ସ୍ନିଗ୍ଧ ବୀଜ—ସଂ. ବି (ବହୁବ୍ରୀହି)—୧ । ଇସବଗୋଲ (ଦ୍ର. ଶ)
Snigdha bija 1. Isabagol (See)
୨ । ଚିକ୍କଣ ମଞ୍ଜି—2. Smooth seed.

ସ୍ନିଗ୍ଧ ମଜ୍ଜକ—ସ. ବି—ବାଦାମ୍ (ହି. ଶ)
Snigdha majjaka Almond.

ସ୍ନିଗ୍ଧା—ସଂ. ବିଣ, ସ୍ତ୍ରୀ—'ସ୍ନିଗ୍ଧ'ର ସ୍ତ୍ରୀଲିଙ୍ଗ—Feminine of
Snigdhā 'Snigdha'. ସଂ. ବି—୧। ମେଦା [ରାଜନିର୍ଘଣ୍ଟ]—
1. A rare root-bulb used in medicine.
୨ । ମଜ୍ଜା; ଅସ୍ଥିସାର [ହି. ଶ]—2. Bone marrow.
୩ । ବିକଂକତ; ଭଇଞ୍ଚ [ହି. ଶ]
3. Flacourtia Ramontchi [plant].

ସ୍ନିହ୍ [ଧାତୁ]—ସଂ. ବି—ସ୍ନେହ କରିବା—
Snit [root] To love.

ସ୍ନିହ୍ (ଧାତୁ)—ସ. ବି—୧ । ସ୍ନେହ କରିବା—1. To love. ୨ ।
Snih (root) ତେଲାକ୍ତ କରିବା—2. To oil. ୩ । ମସୃଣ
କରିବା—3. To polish; to smooth.

ସ୍ନୁ (ଧାତୁ)—ସ—ସରିତ ହେବା—
Snu (root) To ooze.

ସ୍ନୁ—ସ. ବି—୧ । ସାନୁ; ପର୍ବତୋପରିସ୍ଥ ସମଭୂମି (ଅମର)—
Snu 1. Table land. ୨। ସ୍ନାୟୁ (ଭାଗବତ)—2. Nerve.

ସ୍ନୁକ୍—ସ. ବି (ସ୍ନୁହ୍ ଧାତୁ=ବମନ କରିବା+କରଣ, କ୍ୱିପ୍)—ସ୍ନୁହୀ
Snuk ବୃକ୍ଷ (ଅମର); ସିଜୁ ଗଛ—Euphorbia tree.
(ସ୍ନୁହ୍‌ଦକ—ଅନ୍ୟରୂପ) [ଦ୍ର—ଏହି ବୃକ୍ଷର କ୍ଷୀର ବମନର ଔଷଧ
ରୂପେ ବ୍ୟବହୃତ ହୁଏ ।

ସ୍ନୁକ୍‌ଛଦ—ସ. ବି—କ୍ଷୀର କାକୁଡ଼ୀ ବୃକ୍ଷ (ରତ୍ନମାଳା); କ୍ଷୀର ବୃକ୍ଷ—
Snuk-chhada A tree with leaves like the
Euphorbia tree.

ସ୍ନୁତ—ସ. ବିଣ (ସ୍ନୁ ଧାତୁ+କର୍ତ୍ତୃ. ତ)—୧ । ଗଳିତ; କ୍ଷରିତ
Snuta (ହଳାୟୁଧ)—1. Oozing. ୨ । ପତିତ—
(ସ୍ରବ—ଚ) 2. Fallen.

ସ୍ନୁଷା—ସ. ବି. ସ୍ତ୍ରୀ (ସ୍ନୁ ଧାତୁ+କର୍ତ୍ତୃ. ସ+ସ୍ତ୍ରୀ. ଆ)—୧ । ପୁତ୍ରବଧୂ
Snushā (ଅମର —1. Daughter-in-law. ୨ । ସ୍ନୁହୀ
ବୃକ୍ଷ; ସିଜୁ ଗଛ (ଶବ୍ଦଚନ୍ଦ୍ରିକା)—2. The Euphorbia tree.

ସ୍ନୁହ୍ (ଧାତୁ)—ସଂ—ବମନ କରିବା—
Snuh (root) To vomit.

ସ୍ନୁହା(ହି, ହୀ)—ସଂ. ବି (ସ୍ନୁହ୍ ଧାତୁ=ଉଦ୍‌ଗୀରଣ କରିବା+କର୍ତ୍ତୃ. କ+ଆ,
Snuhā(hi, hī) ଇ, ଈ)—ସିଜୁ (ଦେଖ)—Sijhu (See)

ସ୍ନେୟ—ସଂ. ବିଣ (ସ୍ନା ଧାତୁ+କର୍ତ୍ତୃ. ଯ)—୧ । ସ୍ନାନ କରିବା ଯୋଗ୍ୟ
Sneya —1. Fit to take a bath. ୨ । ଯେ ସ୍ନାନ
କରିବାକୁ ଯାଉଅଛି—2. About to bathe.

ସ୍ନେହ—ସଂ. ବି (ସ୍ନିହ୍ ଧାତୁ+ଭାବ. ଅ)—୧ । ପ୍ରେମ (ଅମର)—
Sneha 1. Love. ୨ । ବାତ୍ସଲ୍ୟ; ନିଜ ଅପେକ୍ଷା କନିଷ୍ଠର
ବ୍ୟକ୍ତି (ଯଥା—ପୁତ୍ର, କନ୍ୟା, ଶିଷ୍ୟ, କନିଷ୍ଠ ଇତ୍ୟାଦି)
प्यार, पियार ଙ୍କ ପ୍ରତି ଗୁରୁଜନଙ୍କର ପ୍ରେମ—2. Affection
(towards one's youngers). [ଦ୍ର—'ସ୍ନେହ'
ସାଧାରଣତଃ ପ୍ରେମ ବା ପ୍ରୀତି (ଅର୍ଥାତ୍ ଏକ ବ୍ୟକ୍ତି ପ୍ରତି
ଅନ୍ୟର ମନର ପ୍ରସନ୍ନତା)କୁ ବୁଝାଏ । କିନ୍ତୁ ଏହି ଶବ୍ଦ
ବିଶିଷ୍ଟ ଭାବରେ ପିତା, ମାତା ଓ ଗୁରୁସ୍ଥାନୀୟ ବ୍ୟକ୍ତିଙ୍କର
ପୁତ୍ର, କନ୍ୟା ଓ ଶିଷ୍ୟାଦିଙ୍କ ପ୍ରତି ବାତ୍ସଲ୍ୟ ବା ମନର
ପ୍ରସନ୍ନତାକୁ ବୁଝାଏ ।] ୩ । ତୈଳ, ଘୃତ, ଚର୍ବି ଆଦି
(ସ୍ନିଗ୍ଧ—ବିଣ) ଚିକ୍କଣ ପଦାର୍ଥ; ତୈଳାଦି ରସଭେଦ (ମେଦିନୀ)—
ଏହାର ଅପଭ୍ରଂଶ— 3 Oil, ghee, grease, etc; any
ସିନେହ, ସିନେହ oily thing. [ଦ୍ର—(୧ ଓ ୩ ଅର୍ଥ) ବାସ
ସେନେହ, ସିନେହ ପିଧାନରେ ପୁତ୍ର ଦବ୍ୟ କନ୍ୟା ଘର, ବିଶେଷତ
ଦୟିତ ଚାହିଁରେ ସ୍ନେହ ବରି । ଉତ୍ତ. ବୈଦେହୀଶବିଳାସ ।]
୪ । ଚିକ୍କଣତା—4. Oiliness; smoothness. ୫ ।
(ନ୍ୟାୟ ଦର୍ଶନ) ଗୁଣ ବିଶେଷ; ଜଳୀୟ ପରମାଣୁରେ
ସମବାୟ ସମ୍ବନ୍ଧରେ ଥିବା ଗୁଣ—5. (Logic) Name of a
quality or attribute in water-atoms. ୬
କୋମଳତା (ହି. ଶ)—6. Softness. ୭ । ହନୁମାନଙ୍କ
ମତରେ ହିନ୍ଦୋଳରାଗର ପୁତ୍ର ରାଗ ବିଶେଷ (ହି. ଶ)—
7. Name of a secondary musical air.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂତ୍ର' ନ ମିଳିଲେ 'ମୂତ' ଖୋଜିବେ, 'ବନ୍ଧୁ'ନ ମିଳିଲେ'ବନ୍ଧୁ'ଖୋଜିବେ। 'ଅଗଁ୍ୟା'ନ ପାଇଲେ'ଅଙ୍ଗ୍ୟା'ଦେଖିବେ'ଅଲବଡ'ନ ପାଇଲେ'ଅଲ୍‌ବଡ୍'ଦେଖିବେ

୮ । ଶୋରିଷ (ହ୍ର. ଶ)—8. Mustard. ୯ । ଦୁଧ ସର (ହ୍ର. ଶ)—9. Cream of milk. ଦେ. ବି— ୧ । କୌଣସି ଦ୍ରବ୍ୟ ପ୍ରତି ଅନୁରାଗ—1. Liking for any thing. ୨ । ଅଗ୍ରହ —2. Hankering; eagerness. [ଯଥା—ଶୁଣିବାକୁ ତାହା ମୋହର ବଳ ଅଛି ସ୍ନେହ । କୃଷ୍ଣସିଂହ, ମହାଭାରତ- ଅଦି ।]
স্নেহ
स्नेह

ସ୍ନେହ କରିବା—ଦେ. କ୍ରି—୧ । ସୁଖ ପାଇବା—1. To love. ୨ । କାହାରିପ୍ରତି ଦେଖାଇବା—2. To have affection for.
Sneha karibā
স্নেহ করা पियार रखना, प्यार करना

ସ୍ନେହ କ୍ରୀତ—ସଂ. ବିଣ. ପୁଂ (ଆସ୍ଥା ତଦ୍)—(ଲକ୍ଷଣାର୍ଥ)—ସ୍ନେହ ଦ୍ୱାରା କଣା ହେବା ପରି ବଶୀଭୂତ—(figurative) Purchased or over-powered with affection shown by another.
Sneha krīta

ସ୍ନେହ ଗର୍ଭ—ସଂ. ବିଣ (ବହୁବ୍ରୀହି; ସ୍ନେହ ଅଛି ଗର୍ଭରେ ବା ଅନ୍ତରରେ ଯାହାର)—ସ୍ନେହ ପୂର୍ଣ୍ଣ; ସ୍ନେହ ଜଡିତ—(ସ୍ନେହ ଗର୍ଭିତ—ଅନ୍ୟରୂପ) Full of affection; affectionate. [ଯଥା—ସ୍ନେହଗର୍ଭ ବାକ୍ୟ; ସ୍ନେହଗର୍ଭିତ ବ୍ୟବହାର ।] ସଂ. ବି—ତିଳ (ହ୍ର. ଶ)—Sessamum.
Sneha garbha

ସ୍ନେହ ତୁଟ—ଦେ. ବିଣ—୧ । ଯେଉଁ ମନରୁ କୌଣସି ବ୍ୟକ୍ତି ପ୍ରତି ପୂର୍ବର ସ୍ନେହ ତୁଟି ଯାଇଅଛି—1. (a mind) Which has lost its former attachment to a person. [ଯଥା—ଚାରି ପଟେ ପଟେ କହନ୍ତି, କାହିଁକି ମନ କଲୁ ସ୍ନେହତୁଟ ?—ଜଗନ୍ନାଥ, ସଙ୍ଗୀତ ।] ୨ । ଯେଉଁ ମନରୁ ସ୍ନେହ ଊଣା ହୋଇଅଛି—2. (a mind) Which has lessened its former love or attachment. ଦେ. ବି—୧ । ପୂର୍ବ ସ୍ନେହର ଊଣା ହେବା—1. The abatement of one's former attachment or love. ୨ । ସ୍ନେହ ବନ୍ଧନର ଛେଦ—2. Loss of former love or attachment.
Sneha tuṭa
স্নেহ ছাড়া
स्नेह टूट

ସ୍ନେହ ଦୋସ୍ତି—ଦେ. ବି (ସହଚର)—ସ୍ନେହାଧିକ୍ୟଜନିତ ବନ୍ଧୁତା—Bosom friendship; intimate friendship.
Sneha dosti
প্রগাঢ় বন্ধুত্ব पक्की दोस्ती

ସ୍ନେହନ—ସଂ. ବି (ସ୍ନିହ୍ ଧାତୁ+ଭାବ. ଅନ)—୧ । ସ୍ନେହ କରିବା —1. Loving; entertaining affection for. ୨ । ତୈଳ ମର୍ଦ୍ଦନ; ତେଲ ମାଖିବା ବା ଲଗାଇବା; ତୈଳ ମ୍ରକ୍ଷଣ; ଅଭ୍ୟଞ୍ଜନ; ଅଭ୍ୟଙ୍ଗ—2. Besmearing with oil; oiling; anointing with oil. ୩ । ଚିକ୍କଣତା ଉତ୍ପାଦନ (ହ୍ର. ଶ) 3. Producing smoothness. ୪ । କଫ; ଶ୍ଳେଷ୍ମ (ହ୍ର. ଶ)—4. Phlegm. ୫ । ନବନୀତ (ହ୍ର. ଶ)—5. Butter.
Snehana

ସ୍ନେହ ପତ୍ର—ସଂ. ବି (ମ. ପ. ଲୋ; ସ୍ନେହସୂଚକ ପତ୍ର)—ସ୍ନେହପୂର୍ଣ୍ଣ ପତ୍ର; ସ୍ନେହମୟ ଲେଖ—Affectionate letter.
Sneha patra

ସ୍ନେହ ପଦାର୍ଥ—ସଂ. ବି (ମ. ପ. ଲୋ)—ତୈଳାଦ ବସ୍ତୁ—Oily substance.
Sneha padārtha

ସ୍ନେହପରାୟଣ—ସଂ. ବିଣ. ପୁଂ (ବହୁବ୍ରୀହି)—ସ୍ନେହଶୀଳ (ଦେଖ) Sneha śīla (See) [ସ୍ନେହପରାୟଣା—ସ୍ତ୍ରୀ] [ସ୍ନେହ ପରାୟଣତା—ବି]
Sneha parāyana

ସ୍ନେହ ପରିପ୍ଲୁତ—ସଂ. ବିଣ. ପୁଂ (ଆସ୍ଥା ତତ୍)—ସ୍ନେହଦ୍ୱାରା ବ୍ୟାପ୍ତ; ସ୍ନେହଦ୍ୱାରା ପୂର୍ଣ୍ଣ—Filled with affection [ସ୍ନେହ ପରିପ୍ଲୁତା—ସ୍ତ୍ରୀ]
Sneha paripluta

ସ୍ନେହ ପାତ୍ର—ସଂ. ବି (୬ଷ୍ଠୀ ତତ୍)—ସ୍ନେହଭାଜନ ବ୍ୟକ୍ତି; ଯାହାକୁ ସ୍ନେହ କରାଯାଏ—Object of affection.
Sneha pātra

ସ୍ନେହ ପାନ—ସଂ. ବି (୬ଷ୍ଠୀ ତତ୍)—ରୋଗନିବାରଣାର୍ଥ ତୈଳ, ଘୃତ, ଚର୍ବି ଅାଦି ପାନ—Drinking of oil etc to allay some disease. [ଯଥା—ଏତଦ୍ଦ୍ୱାରା ଅଗ୍ନି ଦୀପ୍ତ ହୁଏ, କୋଷ୍ଠ ଶୁଦ୍ଧି ହୁଏ । ସ୍ନେହ ୪ ପ୍ରକାର—ତୈଳ, ଘୃତ, ବସା ଓ ମଜ୍ଜା । କେବଳ ତୈଳର ପାନକୁ ସ୍ନେହପାନ,ତେଲ ଓ ଘିଅ ମିଶ୍ରିତ ପାନକୁ ଯାମଳ ସ୍ନେହପାନ, ତେଲ, ଘିଅ ଓ ବସା ମିଶ୍ରିତ ପାନକୁ ତ୍ରିବୃତ୍ ସ୍ନେହପାନ ଓ ଓ ତେଲ, ଘିଅ, ବସା ଓ ମଜ୍ଜା ମିଶ୍ରିତ ପାନକୁ ମହାସ୍ନେହପାନ ବୋଲାଯାଏ (ହ୍ର. ଶ)
Snehapāna

ସ୍ନେହ ପାଳିତ—ସଂ. ବିଣ. ପୁଂ (ଆସ୍ଥା ତତ୍)—ବାତ୍ସଲ୍ୟ ହେତୁରେ ପାଳିତ—Brought up with affection (ସ୍ନେହପାଳିତା—ସ୍ତ୍ରୀ)
Sneha pālitā

ସ୍ନେହ ପିଣ୍ଡିତକ—ସଂ. ବି—ମଦନଫଳ— Madanaphala (See)
Sneha pinditaka

ସ୍ନେହ ପିତା—ସଂ. ବି (ଦେଶଜ ବ୍ୟବହାର)—କୌଣସି ବ୍ୟକ୍ତିକୁ ପୁତ୍ର ବତ୍ ସ୍ନେହରେ ପାଳନ କରିବା ବ୍ୟକ୍ତି— A person who brings up another as affectionately as a father would do.
Sneha pitā

ସ୍ନେହ ପିତୁଳା (ଳି)—ଦେ. ବି (ସଂ. ସ୍ନେହ ପୁତ୍ତଳ)—ସ୍ନେହ ପୁତ୍ତଳି (ଦେଖ)—Snehaputtali (See)
Sneha pitula(li)
স্নেহপুতলি स्नेहभाजन

ସ୍ନେହ ପୁତ୍ତଳି—ସଂ. ବି—ଅତ୍ୟନ୍ତ ସ୍ନେହର ପାତ୍ର—One's cherished idol of affection. (ସ୍ନେହ ପୁତ୍ତଳିକା—ଅନ୍ୟରୂପ)
Sneha puttali

୧	ଋ	ଊ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଋଷ୍ଯ	ଋଅ	ଛ
୬	ଇ	ଈ	ଋ	ଲ	ସ୍ନେ	ଅକାରାନ୍ତ ବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଗ	ଯ	ଶ	ଙ୍ଗଁ	ଇଅ	ଡ଼	ହ୍ନ

ସ୍ନେହ ପୁତ୍ର(ତ୍ର)—ସଂ. ବ (ଦେଶଜ ବ୍ୟବହାର)—ପୁତ୍ରପରି ସ୍ନେହପାଳିତ
Sneha putra (ttra) ବ୍ୟକ୍ତି; ଯେ ଜନ୍ମତଃ ପୁତ୍ର ନୁହେ, କିନ୍ତୁ ପୁତ୍ର ପରି ସ୍ନେହରେ ପାଳିତ ହୋଇଥାଏ—A person who is brought up by a person as his own son.

ସ୍ନେହ ପୁର (ଫଳ)—ଦ. ବ—ତିଳ
Sneha pūra (phala) Sessamum.

ସ୍ନେହ ପ୍ରଣୋଦିତ—ସ. ବଣ. ପୁଂ (ତୃତୀୟା ତତ୍)—ସ୍ନେହଦ୍ୱାରା ସୂଚିତ
Sneha pranodita ବା ପ୍ରେରିତ—Prompted by
(ସ୍ନେହପ୍ରଣୋଦିତା—ସ୍ତ୍ରୀ) affection.

ସ୍ନେହ ପ୍ରଫୁଲ୍ଲ—ସ. ବଣ. ପୁଂ (ସପ୍ତମୀ ତତ୍)—ବାତ୍ସଲ୍ୟହେତୁ ହର୍ଷୋତ୍ଫୁଲ୍ଲ
Sneha praphulla Delighted with affection.
(ସ୍ନେହପ୍ରଫୁଲ୍ଲା—ସ୍ତ୍ରୀ) (ସ୍ନେହପ୍ରଫୁଲ୍ଲତା—ସ୍ତ୍ରୀ)

ସ୍ନେହ ପ୍ରବଣ—ସଂ. ବଣ. ପୁଂ—(ସପ୍ତମୀ ତତ୍)—ସ୍ନେହାର୍ଦ୍ର; ସ୍ନେହାସକ୍ତ;
Sneha prabana ଅତିଶୟ ସ୍ନେହଶୀଳ—Very affectionate.
(ସ୍ନେହପ୍ରବଣା—ସ୍ତ୍ରୀ) (ସ୍ନେହପ୍ରବଣତା—ବ)

ସ୍ନେହପ୍ରବଲା—ଦେ. ବଣ. ସ୍ତ୍ରୀ (ସ. ସ୍ନେହପ୍ରବଣା)—ସ୍ନେହମୟୀ—
Snehaprabalā Affectionate. [ଦ୍ର—କଲାହକସ୍ତୁମ ସ୍ନେହପ୍ରବଲା—ଉକ୍ତ. ବୈଦେହୀଶବିଳାସ]

ସ୍ନେହ ପ୍ରିୟ—ସ. ବ (ବହୁବ୍ରୀହି, ସ୍ନେହ=ଘିଅ ବା ତେଲ ଅଟେ ପ୍ରିୟ ଯାହାର)—ପ୍ରଦୀପ [ଦେଶଜ]—Oil
Sneha priya lamp. ସ. ବଣ—୧ । ତେଲ ପ୍ରିୟ—1. Fond of oil. ୨ । ଅତ୍ୟନ୍ତ ସ୍ନେହୀ—
2. Very fond or affectionate.

ସ୍ନେହବତୀ—ସ. ବ—ମେଦା [ରାଜନିର୍ଘଣ୍ଟ]—A rare herbarious root. ସ. ବଣ. ସ୍ତ୍ରୀ—ସ୍ନେହମୟୀ—
Snehabati
[ସ୍ନେହବାନ୍—ପୁଂ] Loving (female)

ସ୍ନେହ ବନ୍ଧ—ସ. ବ (ଷଷ୍ଠୀ ତତ୍ ବା ରୂପକ କର୍ମଧାରୟ)—ସ୍ନେହ
Sneha bandha ଜନିତ ମମତା; ବନ୍ଧନରୂପ ସ୍ନେହ—
[ସ୍ନେହ ବନ୍ଧନ—ଅନ୍ୟରୂପ] Ties of affection.

ସ୍ନେହ ବନ୍ଧୁ—ସ. ବ (ଦେଶଜ ବ୍ୟବହାର)—ରକ୍ତ ବା ବିବାହସମ୍ପର୍କୀୟ
Sneha bandhu ବନ୍ଧୁ ନ ହୋଇ ସ୍ନେହବନ୍ଧନଦ୍ୱାରା ହୋଇଥିବା ବନ୍ଧୁ; ପ୍ରୀତି ବନ୍ଧୁ—
A friend of love (not by relationship)

ସ୍ନେହ ବନ୍ଧୁତା—ସ. ବ (ଦେଶଜ ବ୍ୟବହାର)—ସ୍ନେହଦ୍ୱାରା ସୃଷ୍ଟ
Sneha bandhutā ବନ୍ଧୁତା—
Frendship established by affection.

ସ୍ନେହ ବଳିବା—ଦେ. ବ—ଅତ୍ୟାଗ୍ରହ ହେବା—Excess or
Sneha balibā eagerness of attachment. [ଦ୍ର—
আগ্রহ বাড়া ଶୁଣିବାରୁ ତାହା ମୋର ବଳିଅଛି ସ୍ନେହ—
इच्छा बढ़ना କୃଷ୍ଣସିଂହ. ମହାଭାରତ. ଅଦି ।]

ସ୍ନେହ ବସ୍ତି—ସଂ. ବ—ଅନୁବାସନ ବସ୍ତି; ତେଲଦ୍ୱାରା ଗୁହ୍ୟଦ୍ୱାର ବାଟେ
Sneha basti ଦିଆଯିବା ପିଚକାରୀ [ଭାବପ୍ରକାଶ]—
Giving oil douche for medicinal purposes. [ଦ୍ର—ବାୟୁ ପ୍ରକୋପର ଶାନ୍ତି ଓ କୋଷ୍ଠଶୁଦ୍ଧି କରିବା ପାଇଁ ଏହା ପ୍ରୟୋଗ କରାଯାଏ—ହ. ଶ ।]

ସ୍ନେହବାନ୍—ସଂ. ବଣ. ପୁଂ (ସ୍ନେହ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)
Snehabān —ସ୍ନେହୀ, ସ୍ନେହମୟ; ସ୍ନେହବିଶିଷ୍ଟ; ଯେ ସ୍ନେହ
(ସ୍ନେହବତୀ—ସ୍ତ୍ରୀ) କରେ—Loving; affectionate.

ସ୍ନେହ ବିଦ୍ଧ—ସଂ. ବ—ଦେବଦାରୁ (ଜଟାଧର)—
Sneha biddha The pine.

ସ୍ନେହ ବୀଜ - ସଂ. ବ (ରୂପକ)—୧ । ବୀଜ ସଙ୍ଗେ ତୁଳନା କରାଯିବା
Sneha bija ସ୍ନେହ; କ୍ଷେତ୍ରରେ ବୀଜ ବୁଣାଯିବା ପରି ହୃଦୟରେ ବୁଣାଯିବା ସ୍ନେହ—1. Affection compared to seeds planted in a field. ୨ । ସ୍ନେହର ପ୍ରଥମ ପ୍ରକାଶ—2. Exhibition or dawning or attachment. ୩ । ସ୍ନେହର କାରଣ—3. Object or cause of attachment. ୪। ପିଆଳ ବୃକ୍ଷ (ରାଜନିର୍ଘଣ୍ଟ)—4. Buchanania Latifolia tree.

ସ୍ନେହ ବୋଳା—ଦେ. ବଣ (ଲକ୍ଷଣାର୍ଥ)—୧ । ସ୍ନେହାର୍ଦ୍ର; ପ୍ରୀତିପୂର୍ଣ୍ଣ;
Sneha bolā ବାତ୍ସଲ୍ୟମୟ; ସ୍ନେହପୂର୍ଣ୍ଣ—1. Full of affec-
স্নেহমাখা tion; (literally) smeared with affection,
स्नेहपूर्ण overflowing with affection. ୨ । ପ୍ରୀତିମଧୁର—2. Sweetened with affection

ସ୍ନେହଭରେ - ଦେ. କ୍ରି. ବଣ—ଅତ୍ୟନ୍ତ ସ୍ନେହରେ—With much
Snehabhare affection. ଦେ. ବଣ (ବହୁବଚନ)—
স্নেহভরে ପ୍ରୀତିଭାଜନ; ପ୍ରିୟ (ବନ୍ଧୁ)—Dear; loving; affec-
स्नेहसे tionate (many). [ଦ୍ର—ସବୁ ଯେ ବନ୍ଧୁମାନଙ୍କରେ । (ସ୍ନେହଭର—ଏକବଚନ) ଶାଳକେ ହେବେ ସ୍ନେହଭରେ—ଜଗନ୍ନାଥ. ଭାଗବତ ।]

ସ୍ନେହ ଭାଜନ—ସଂ. ବଣ. ପୁଂ ଓ ସ୍ତ୍ରୀ (ଷଷ୍ଠୀ ତତ୍)—ସ୍ନେହପାତ୍ର;
Sneha bhājana ଯାହାକୁ ସ୍ନେହ କରାଯାଏ—
Object of affection.'

ସ୍ନେହଭୂ—ସଂ. ବ—୧ । ସ୍ନିଗ୍ଧ ଭୂମି—1. Oil-sturated or
Snehabhū oily soil. ୨ । ଶ୍ଳେଷ୍ମା (ଦେଶଜ)—
2. Phlegm; rheum.

ସ୍ନେହମୟ—ସଂ. ବଣ. ପୁଂ (ସ୍ନେହ+ପ୍ରଚୁରାର୍ଥେ, ମୟ)—୧ । ବାତ୍ସଲ୍ୟ
Snehamaya ମୟ; ସ୍ନେହପୂର୍ଣ୍ଣ—1. Full of affection.
(ସ୍ନେହମୟୀ—ସ୍ତ୍ରୀ) ୨ । ସ୍ନେହଯୁକ୍ତ—2. Affectionate. ୬ । ବତ୍ସଳ; ସ୍ନେହୀ; ସ୍ନେହଶୀଳ—3. Loving; affectionate by nature. ୪ । ତୈଳଯୁକ୍ତ; ତୈଳାକ୍ତ—4. Oily.

ସ୍ନେହ ରଙ୍ଗ—ସଂ. ବ—ତିଳ (ଶବ୍ଦରତ୍ନାବଳୀ)—
Sneha ranga Sessamum seed.

ସ୍ନେହ ରସ—ସଂ. ବ—ବାତ୍ସଲ୍ୟରୂପ ରସ—
Sneha rasa The sentiment of affection.

ସ୍ନେହ ଶୀଳ—ସଂ. ବଣ. ପୁଂ (ବହୁବ୍ରୀହି)—୧ । ବାତ୍ସଲ୍ୟପରାୟଣ;
Sneha śila ସ୍ନେହମୟ—1. Affectionate. ୨ । ବତ୍ସଳ
(ସ୍ନେହଶୀଳା—ସ୍ତ୍ରୀ) ପ୍ରକୃତିବିଶିଷ୍ଟ —2. Affectionate by
(ସ୍ନେହଶୀଳତା—ବ) nature.

ସ୍ନେହ ସଞ୍ଚାର—ସଂ. ବ (୬ଷ୍ଠୀ ତତ୍)—ସ୍ନେହୋଦ୍ରେକ (ଦେଖ)
Sneha sañchāra Snehodreka (See)

ସ୍ନେହ ସାର—ସଂ. ବ—ଅସ୍ଥିସାର; ମଜ୍ଜା (ହି. ଶ)—
Sneha sāra Bone-marrow.

ସ୍ନେହ ସିକ୍ତ—ସଂ. ବଣ (୩ୟା ତତ୍) (ଲକ୍ଷଣାର୍ଥ)—ସ୍ନେହାର୍ଦ୍ର;
Sneha sikta ସ୍ନେହବୋଳା—Overflowing with affection.

ସ୍ନେହ ସିନ୍ଧୁ—ସଂ. ବ (ରୂପକ କର୍ମଧା)—ପ୍ରଗାଢ଼ ସ୍ନେହ; ସମୁଦ୍ର ସଙ୍ଗେ
Sneha sindhu ତୁଳନା କରାଯିବା ସ୍ନେହ—Affection compared to the ocean; unbounded affection.

ସ୍ନେହ ସୁଧା—ସଂ. ବ (ରୂପକ କର୍ମଧା)—ଅମୃତ ସଙ୍ଗେ ତୁଳିତ ସ୍ନେହ—
Sneha sudhā Affection compared to nectar.

ସ୍ନେହା—ସଂ. ବ (ସ୍ନିହ୍ ଧାତୁ+ଅଚ୍; ସ୍ନେହର ଣତ ୧ମା. ୧ବ)—
Snehā ୧ । ରୋଗ ବିଶେଷ [ଉଣାଦିକୋଷ]—1. A sort of disease. ୨ । ବନ୍ଧୁ (ସିଦ୍ଧାନ୍ତକୌମୁଦୀ)—2. Friend. ୩ । ଚନ୍ଦ୍ର (ସିଦ୍ଧାନ୍ତ କୌମୁଦୀ)—
ସ୍ନେହ 3. The moon. ଦେ. ବ—ସ୍ନେହ—Affection;
स्नेह love. (ଉ—ଏ ବର୍ତ୍ତମାନ ଦେଦେ ଯାହା, ଯେରୂପେ ଦେଖି କରେ ସ୍ନେହା । ଜଗନ୍ନାଥ. ଭାଗବତ ।) ଦେ.
ସ୍ନେହୀ ବଣ—୧ । ସ୍ନେହୀ—1. Affectionate; loving.
स्नेही (ଉ—ଜମାନ ବୋଲୁ ତାହା ପଞ୍ଚ ସୋଦରସ୍ନେହା ନୋହେ ତାଙ୍କ ପ୍ରବନ୍ଧ ଭୂହା ।
ଉପେ. ବୈଦେହୀଶବିଳାସ ।)
୨ । ଅନୁରକ୍ତ—2. Attached. (ଉ—ଏମନ୍ତ ପ୍ରଭୁ ତୋର ମାୟା, ଜୀବ ନ ଜାଣି ବେଗେ ସ୍ନେହା । ଜଗନ୍ନାଥ. ଭାଗବତ ।)

ସ୍ନେହାକୃଷ୍ଟ—ସଂ. ବଣ (୩ୟା ତତ୍; ସ୍ନେହ+ଆକୃଷ୍ଟ)—ଯାହାର
Snehākrushta ସ୍ନେହଦ୍ୱାରା ସ୍ନେହୀ ବ୍ୟକ୍ତି ଆସକ୍ତ ହୁଏ—
Attracted by affection.

ସ୍ନେହାର୍ଦ୍ର—ସଂ. ବଣ (୩ୟା ତତ୍)—ସ୍ନେହବୋଳା (ଦେଖ) —
Snehārdra Snehabolā (See)

ସ୍ନେହାଶ—ସଂ. ବ (ସ୍ନେହ୍=ତୈଳ+ଅଶ୍, ଧାତୁ=ଭକ୍ଷଣ କରିବା+
Snehāśa କର୍ତ୍ତୃ. ଅ)—ପ୍ରଦୀପ—Light; lamp. (ଉ—
ବୋଲେ ଉଦନ ବଲେ ବେଶାରିଙ୍କୁ ଘାତ ତ କରେ ସ୍ନେହାଶ ସେ । ଉପେ. ବୈଦେହୀଶବିଳାସ ।)

ସ୍ନେହାସ୍ପଦ—ସଂ. ବ (୬ଷ୍ଠୀ ତତ୍)—ସ୍ନେହପାତ୍ର; ସ୍ନେହଭାଜନ—
Snehāspada Object of affection.

ସ୍ନେହିତ—ସଂ. ବଣ (ସେହ+ଇତ)—୧ । ସ୍ନେହଯୁକ୍ତ (ହି. ଶ)—
Snehita 1. Oily. ୨ । ସ୍ନେହ ଦ୍ରବିତ (ହି. ଶ)—2. Oiled. ୩ । ସ୍ନେହାସ୍ପଦ (ହି. ଶ)—3. Beloved. ସଂ. ବ—ବନ୍ଧୁ (ହି. ଶ)—Friend.

ସ୍ନେହୀ – ସଂ. ବଣ. ପୁଂ (ସ୍ନେହ+ଅସ୍ତ୍ୟର୍ଥେ. ଇନ୍; ସ୍ନେହିନ୍ ୧ମା.
Snehī ୧ବ)—୧ । ସ୍ନେହଶୀଳ; ସ୍ନେହଯୁକ୍ତ; ଯେ ସ୍ନେହ
(ସ୍ନେହିନୀ—ସ୍ତ୍ରୀ) କରେ—1. Affectionate; loving. ୨ । ଅନୁରାଗୀ—2. Fond. ୩ । ତୈଳାକ୍ତ (ହି. ଶ)—3. Oily. ସଂ. ବ. ପୁଂ—୧ । ଚିତ୍ରକର (ଶବ୍ଦକଳ୍ପଦ୍ରୁମ)—1. A painter. ୨ । ବନ୍ଧୁତ୍ୱ ମିତ୍ର—2. A companion; intimate friend. ୩ ।
ସ୍ନେହୀ ସ୍ନେହପାତ୍ର—3. Object of affection. (ଉ—
स्नेही ସୁଗାଢ଼, ସୁରୁଚ ଏ ହୁଦ, ସୁରୁଚ ରାଜାଙ୍କର ସ୍ନେହୀ । ଜଗନ୍ନାଥ. ଭାଗବତ ।)

ସ୍ନେହୁ—ସଂ. ବ. (ସ୍ନିହ ଧାତୁ+କର୍ତ୍ତୃ.ଉ)—୧ । ସ୍ନେହା; ରୋଗବିଶେଷ
Snehu (ଉଣାଦି କୋଷ)—1. A sort of disease. ୨ । ରୋଗ (ହି. ଶ)—2. Disease. ୩ । ଚନ୍ଦ୍ର (ସିଦ୍ଧାନ୍ତ କୌମୁଦୀ)—The moon.

ସ୍ନେହୋତ୍ତମ—ସ. ବ (୭ମୀ ତତ୍)—ତିଳତୈଳ (ହି. ଶ)
Snehottama Sessamum oil.

ସ୍ନେହୋଦ୍ରେକ—ସ. ବ (୬ଷ୍ଠୀ ତତ୍)—ସ୍ନେହର ସଞ୍ଚାର; ମନରେ ସ୍ନେହ
Snehodreka ଜାତ ହେବା; ମନରେ ସ୍ନେହର ଅଙ୍କୁରୋଦ୍ଗମ—
The dawning of affection in a mind.

ସ୍ନେହୋପହାର - ସ. ବ—(ମ. ପ. ଲୋ)—ସ୍ନେହ ସହକାରେ ପ୍ରଦତ୍ତ
Snehopahāra ଉପହାର—Loving or affectionate present.

ସ୍ନେହୋପହୃତ—ସ. ବଣ—ସ୍ନେହଦ୍ୱାରା ଉପହାର ଦିଆଯାଇଥିବା—
Snehopahruta Presented with affection.

ସ୍ନେହ୍ୟ—ସ. ବଣ. ପୁଂ (ସ୍ନିହ ଧାତୁ+କର୍ମ ଯ)—ସ୍ନେହ କରାଯିବାର,
Snehya ଯୋଗ୍ୟ—Fit to be loved or oiled.
(ସ୍ନେହ୍ୟା—ସ୍ତ୍ରୀ)

ସ୍ନୈଗ୍ଧ୍ୟ—ସ. ବ (ସ୍ନିଗ୍ଧ+ଭାବ ଯ)—୧ । ସ୍ନିଗ୍ଧତା—1. Smooth
Snaigdhya ness. ୨ । ମାଧୁର୍ଯ୍ୟ—2. Sweetness.

ସ୍ନୈହିକ—ସଂ. ବଣ (ସ୍ନେହ+ଇକ)—୧ । ସ୍ନେହ ସମ୍ବନ୍ଧୀୟ—
Snaihika 1. Relating to affection. ୨ । ତୈଳାକ୍ତ 2. Oily. ୩ । ଶୀତଳତା କାରକ—3. Cooling.

ସ୍ନୋ—ବୈଦେ. ବି (ଇଂ—ସ୍ନୋ)—ସ୍ତ୍ରୀମାନଙ୍କ ମୁଖାଦିର ଶୋଭାବୃଦ୍ଧ୍ୟର୍ଥ
Sno ପ୍ରସ୍ତୁତ ଏକପ୍ରକାର ଧଳା ମଲମ—Snow; name of an ointment prepared for the complexion (e.g. Hazeline snow)
[ଦ୍ର—ଇଂରେଜୀରେ ସ୍ନୋ (snow) ଶବ୍ଦର ଅର୍ଥ ବରଫ । ଏହି ମଲମ ବରଫ ପରି ଶୁକ୍ଳ ଥିବାରୁ ଓ ଏହାକୁ ଲଗାଇଲେ ମୁଖର ବର୍ଣ୍ଣ ବରଫ ପରି ଶୁକ୍ଳ ଓ ସୁନ୍ଦର ହେବ ବୋଲି ବିଜ୍ଞାପିତ ହେଉଥିବାରୁ ବର୍ଣ୍ଣ ସୌସାଦୃଶ୍ୟ ଯୋଗୁ ଇଂରାଜୀରେ ଏହାର ଏପରି ନାମକରଣ ହୋଇଅଛି ।
ଆଜିକାଲି ସ୍ତ୍ରୀମାନଙ୍କର ପାଶ୍ଚାତ୍ୟ ବେଶଭୂଷା ପ୍ରତି ଆଦର ବୃଦ୍ଧି ସଙ୍ଗେ ଏ ଶବ୍ଦ ଓଡ଼ିଆ ଭାଷାରେ ଓ ଏ ବେଶୋପକରଣ ଦ୍ରବ୍ୟ ଆଜିକାଲି ଲଲନାଙ୍କ ପ୍ରସାଧନ ସାମଗ୍ରୀ-ସମ୍ଭାର ମଧ୍ୟରେ ପ୍ରବେଶାଧିକାର ଲାଭ କରୁଅଛି]

ସ୍ନୋଡନ୍—ବୈଦେ. ବି (ଇଂ. ନାମ)—ଇଂଲଣ୍ଡର ପଶ୍ଚିମାଂଶସ୍ଥ ୱେଲ୍‌ସ୍
Snodan ପ୍ରଦେଶରେ ଏକ ପର୍ବତର ନାମ—The Snowdon
स्नोडन. स्नोडन mountain in Wales.

ସ୍ନୋମାନ୍—ବୈଦେ. ବି (ଇଂ ସ୍ନୋ=ବରଫ+ମାନ୍=ମନୁଷ୍ୟ)—
Snomān ତିବ୍ବତର ଉତ୍ତରାଂଶସ୍ଥ ତୁଷାରାବୃତ ମାଳଭୂମିର ଗୋଟିଏ ଅଞ୍ଚଳର ଅଧିବାସୀ ଦୀର୍ଘାକାର, ସ୍ଥୂଳକାୟ, ଘନଲୋମାବୃତ-ଦେହ ମନୁଷ୍ୟ—Snowman; a number of tall stout men covered with long hairs over the body, inhabiting the mountanous plateau north of Tibet. [ଦ୍ର—କଲିକତା 'ଭିକ୍ଟୋରିଆ ମେମୋରିଅଲ୍' ସ୍ମୃତିମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ୍ କାପ୍‌ଟେନ୍ ଭି. ଡାଭର୍ଣ୍ଣି (Captain V. D'Auverne) ତିବ୍ବତ ଦେଶର ଉତ୍ତରାଞ୍ଚଳସ୍ଥ ପର୍ବତମୟ ମାଳଭୂମିରେ ଏ ଜାତୀୟ ଜଣେ ବ୍ୟକ୍ତିଙ୍କୁ ଦେଖିଥିଲେ ଓ ସେହି ପର୍ବତ-ଗୁମ୍ଫାବାସୀ ତୁମ୍ପୋ ଲାମା ନାମକ ଜଣେ ବୌଦ୍ଧଯତିଙ୍କଠାରୁ ଶୁଣି ଏହି 'ସ୍ନୋମାନ୍' ଜାତି ସମ୍ବନ୍ଧେ ନିମ୍ନଲିଖିତ ବିବରଣୀ ପ୍ରକାଶ କରିଥିବାରୁ ତାହା କଲିକତାର ଷ୍ଟେଟ୍‌ସ୍‌ମାନ୍ (The Statesman) ପତ୍ରିକାର ୯ । ୧୨ । ୩୯ରେ ସଂଖ୍ୟାରେ ପ୍ରକାଶିତ ହୋଇଅଛି । ଏମାନେ ଉଚ୍ଚତାରେ ୮ ଫୁଟ୍ ଓ ସ୍ଥୂଳକାୟ । ଏମାନଙ୍କ ଦେହର ବର୍ଣ୍ଣ ଶ୍ୱେତ ଓ ଏମାନଙ୍କର ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ସର୍ବାଙ୍ଗ ୨ଇଞ୍ଚ ଲମ୍ବ ଘନ ଶୁକ୍ଳ କେଶରେ ଆବୃତ । ଏମାନଙ୍କ ଆଖି ଖୁବ୍ ବଡ଼ ଓ ଆଖିର ଡୋଳା ଗାଢ଼ କୃଷ୍ଣବର୍ଣ୍ଣ; ଏମାନେ ଅଧିକାଂଶରେ ତଦ୍ଦେଶୀୟ ଏକଜାତୀୟ ବ୍ୟାଘ୍ର (snow leopard)ର ଚମଡ଼ାର ପଟି ଗୁଡ଼ାଇ ହୋଇଥାଆନ୍ତି । ଏମାନେ ଅନାବୃତଦେହ ଓ ଅନାବୃତପଦ ହୋଇ ବରଫ ଉପରେ ବିଚରଣ କରନ୍ତି ଏବଂ ବୋଝ ବୋହି ସୁଦ୍ଧା ଅବଲୀଳାକ୍ରମେ ଦୁର୍ଗମ ଅତଟମୟ ପାର୍ବତ୍ୟ ପଥରେ ଏବଂ ଏକ ଶିଳାଖଣ୍ଡରୁ ଅନ୍ୟ ଶିଳାଖଣ୍ଡକୁ ଡେଇଁ କରି ଗତି କରନ୍ତି । ଏମାନେ ଅଓର୍ (A-ore) ନାମକ ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି ।
ଏ ଅଞ୍ଚଳର ଅଳ୍ପ ଉତ୍ତରରେ ବାସ କରୁଥିବା କେତେ ଲୋକ ସ୍ଥାନୀୟ ଶାସକଙ୍କ ଅତ୍ୟାଚାର ସହି ନ ପାରି ପ୍ରାୟ ୮୦ ବର୍ଷ ପୂର୍ବେ ସେଠାରୁ ପଳାଇ ଆସି ବର୍ତ୍ତମାନ ଏମାନଙ୍କ ବାସ କରୁଥିବା ତିବ୍ବତର ଉତ୍ତରାଞ୍ଚଳରେ ତୁଷାର-ମୟ ପାର୍ବତ୍ୟ ସ୍ଥାନରେ ବସତି ସ୍ଥାପନ କରିଥିଲେ । ଏହି ସ୍ଥାନର ତୁଷାରମୟ ଅବହାଓ୍ୱା (climate), ଜଳ ଓ ସ୍ଥଳର ରାସାୟନିକ ପ୍ରତିକ୍ରିୟାର ଫଳରେ ପଳାତକମାନଙ୍କ ସନ୍ତାନସନ୍ତତିମାନେ ସେମାନଙ୍କ ଅପେକ୍ଷା ଦୀର୍ଘାକୃତି ହେଲେ । ପୁରୁଷାନୁକ୍ରମେ ଏହି ଦୀର୍ଘାକୃତି ବ୍ୟକ୍ତିଙ୍କ ସନ୍ତାନ-ମାନେ ପିତାମାତାଙ୍କ ଅପେକ୍ଷା ଅଧିକ ଦୀର୍ଘାକୃତି ହେଲେ । ଏହିପରି ପୁରୁଷାନୁକ୍ରମେ ବଂଶଧରମାନଙ୍କ ଦେହର ଆକାର ଅତି ବୃଦ୍ଧି ପାଇ ୮୦ ବର୍ଷରେ ଏମାନେ ବର୍ତ୍ତମାନ ପରିଲକ୍ଷିତ ଆକାର ଓ ଅବସ୍ଥାରେ ଉପନୀତ ହୋଇଅଛନ୍ତି ।]

ସ୍ନୋ ଲେପାର୍ଡ୍—ବୈଦେ. ବି. (ଇଂ)—ତିବ୍ବତ ଦେଶର ତୁଷାରାବୃତ
Sno lepārd ଉତ୍ତରାଞ୍ଚଳସ୍ଥ ପାର୍ବତ୍ୟପ୍ରଦେଶରେ ରହୁଥିବା ହିଂସ୍ର ଶ୍ୱେତ ବ୍ୟାଘ୍ର—Snow leopard; a species of white leopard found in the snowy mountainous northern part of Tibet.

ସ୍ପଞ୍ଜ୍—ବୈଦେ. ବି. (ଇଂ. ସ୍ପଞ୍ଜ୍)—ଏକ ପ୍ରକାର ସାମୁଦ୍ର ଜୀବର ବହୁ-
Spañj ଛିଦ୍ରମୟ କୋମଳ କଙ୍କାଳୀୟ ଅଂଶ—Sponge. [ଦ୍ର—
स्पंज् ଏହାର ଛିଦ୍ରମାନଙ୍କରେ ପାଣି ଶୋଷି ହୋଇ ରହେ ଓ ଚିପୁଡ଼ି
स्पंज ଦେଲେ ଉକ୍ତ ପାଣି ନିଗିଡ଼ିଯାଏ । ଏହା ଭୂମଧ୍ୟସାଗର ଓ ଆମେରିକାର ନିକଟସ୍ଥ ସମୁଦ୍ରରେ ମିଳେ ।

ସ୍ପଞ୍ଜ୍ ଖିର୍‌ମୋହନ—ଦେ. ବି—ଛେନାରେ ପ୍ରସ୍ତୁତ,ଭିତରେ ବହୁ ଛିଦ୍ର-
Spañj khir-mohana ଯୁକ୍ତ ଖିରମୋହନ ନାମକ ମିଷ୍ଟାନ୍ନ—
स्पंज् क्षीरमोहन A kind of sweetmeat. [ଦ୍ର—ଏହି
स्पंज क्षीरमोहन ଖିରମୋହନର ଛିଦ୍ରମାନଙ୍କ ଭିତରେ ବହୁ ପରିମାଣରେ ସିରା ପଶି ଥାଏ ଓ ଏହା ଖାଇବାକୁ ବଡ଼ ତୃପ୍ତିକର ବୋଧ ହୁଏ ।]

ସ୍ପଦ୍(ନ୍ଦ୍)(ଧାତୁ)—ସଂ—ଈଷତ୍ କମ୍ପିବା; ସ୍ପନ୍ଦିତ ହେବା—To slight-
Spad(nd) (root) ly tremble; to quiver.

ସ୍ପନ୍ଦ—ସଂ. ବି (ସ୍ପନ୍ଦ୍ ଧାତୁ=ଈଷତ କମ୍ପିବା+ଭାବ. ଅ)—୧। ଈଷତ୍
Spanda କମ୍ପନ—1. Tremour; slight trembling vibration; quaking. ୨ । ସ୍ଫୁରଣ; ଚକ୍ଷୁର ଓ ଶରୀରର ଅନ୍ୟାନ୍ୟ ଅଙ୍ଗର ସ୍ଫୁରଣ; ଡେଇଁବା—2. Involuntary throbbing or dancing of the eye lids or the skin of the different limbs of the body. [ଦ୍ର—ମତ୍ସ୍ୟପୁରାଣ ୨୧୫ ଅଧ୍ୟାୟରେ ଦେହର ଭିନ୍ନ ଭିନ୍ନ ଅଙ୍ଗର ସ୍ପନ୍ଦନର ଶୁଭାଶୁଭ ଫଳ ବର୍ଣ୍ଣିତ ହୋଇଅଛି । ସାଧାରଣତଃ ପୁରୁଷଙ୍କ ଦକ୍ଷିଣାଙ୍ଗର ସ୍ଫୁରଣ ଶୁଭକର; ବାମାଙ୍ଗର ଓ ସ୍ତ୍ରୀର ସ୍ଫୁରଣ ଅଶୁଭ-

ସୂଚକ । ସ୍ତ୍ରୀମାନଙ୍କ ପକ୍ଷରେ ଠିକ୍ ଏଥିର ବିପରୀତ ଫଳ ।]
୩ । (ଛାତି ବା ନାଡ଼ି) ଦମ୍ ଦମ୍ ହେବା—3. Palpitation (of the heart or pulse); fluttering; pulsation.

ସ୍ପନ୍ଦନ—ସଂ. ବି (ସ୍ପନ୍ଦ୍ ଧାତୁ+ଭାବ. ଅନ)—ସ୍ପନ୍ଦ (ଦେଖ)
Spandana Spanda (See)

ସ୍ପନ୍ଦନ ରହିତ—ସଂ. ବିଣ (ଅନ୍ୟ । ତତ୍)—ନିସ୍ପନ୍ଦ; କମ୍ପନହୀନ; ସ୍ଥିର—
Spandana rahita Motionless.
(ସ୍ପନ୍ଦନ ଶୂନ୍ୟ, ସ୍ପନ୍ଦନହୀନ, ସ୍ପନ୍ଦ ରହିତ, ସ୍ପନ୍ଦ ଶୂନ୍ୟ, ସ୍ପନ୍ଦହୀନ—ଅନ୍ୟରୂପ)

ସ୍ପନ୍ଦିତ—ସଂ. ବିଣ (ସ୍ପନ୍ଦ୍ ବା ସ୍ପନ୍ଦ୍ ଧାତୁ+ତ)—କମ୍ପିତ—
Spandita Agitated vibrating, fluttering; palpitating.

ସ୍ପନ୍ଦିନୀ—ସଂ. ବିଣ. ସ୍ତ୍ରୀ (ସ୍ପନ୍ଦନ୍+ସ୍ତ୍ରୀ. ଈ)—ସ୍ପନ୍ଦୀର ସ୍ତ୍ରୀ ଲିଙ୍ଗ—
Spandinī Feminine of Spandī. ଦେ. ବି. ସ୍ତ୍ରୀ—
୧ । ରଜସ୍ୱଳା ସ୍ତ୍ରୀ (ହ୍ର. ଶ)—1. A woman in her menses. ୨ । କାମଧେନୁ; ସଦା ଦୁଗ୍ଧବତୀ ଗାଈ (ହ୍ର. ଶ)
(ସ୍ପନ୍ଦୀ—ବିଣ. ପୁଂ) 2. A cow which perpetually gives milk.

ସ୍ପରଶ—ଗ୍ରା. ବି (ପଦ୍ୟ) (ସଂ, ସ୍ପର୍ଶ)—ସ୍ପର୍ଶ; ଛୁଇଁବା—
Sparaśa Touch.
পরশ [ଉ—ଶ୍ରବଣ ସୀମା ସ୍ପରଶେ । ଉପେନ୍ଦ୍ର ଭଞ୍ଜ-ଲାବଣ୍ୟବତୀ ।]
परस

ସ୍ପରଶନ—ଗ୍ରା. ବି (ପଦ୍ୟ) (ସଂ. ସ୍ପର୍ଶନ)—ସ୍ପର୍ଶନ; ଛୁଇଁବା—
Sparaśana Touching.
পরশন परसन

ସ୍ପରଶିବା—ଗ୍ରା. କ୍ରି (ସଂ. ସ୍ପୃଶ୍ ଧାତୁ)—ସ୍ପର୍ଶ କରିବା; ଛୁଇଁବା—
Sparaśibā To touch.
পরশন করা, পরশা परसना

ସ୍ପରିତା—ସଂ. ବିଣ (ସ୍ପୃ ଧାତୁ+କର୍ତ୍ତୃ. ତୃ; ସ୍ପରିତୃ; ୧ମା. ୧ବ)—
Sparitā ଦୁଃଖୋତ୍ପାଦକ (ଯଥା—ଶତ୍ରୁ, ଦୁର୍ଜନ, ରୋଗ)—
Causing sorrow.

ସ୍ପରିଶ—ସଂ. ବି (ସ୍ପୃଶ୍ ଧାତୁ+ଭାବ. ଅ)—ସ୍ପର୍ଶ (ଶବ୍ଦ କଳ୍ପଦ୍ରୁମ)—
Sparisa Touch.

ସ୍ପର୍ଦ୍ଧ୍ (ଧାତୁ)—ସଂ—୧ । ସଂଘର୍ଷ ହେବା; ଟେକାଟେକି କରିବା—1. To
Sparddh (root) defy. ୨ । ଆସ୍ଫାଳନ କରିବା—2. To boast. ୩ । ପ୍ରତିଯୋଗୀ ହେବା—3. To emulate. ୪ । ଯୁଦ୍ଧକୁ ଆହ୍ୱାନ କରିବା—4. To challenge.

ସ୍ପର୍ଦ୍ଧନ(ନା)—ସଂ. ବି (ସ୍ପର୍ଦ୍ଧ୍ ଧାତୁ+ଭାବ. ଅନ)—୧ । ମତ୍ସରତା—
Sparddhana (nā) 1. Defiance. ୨। ପ୍ରତିଯୋଗିତା—2. Rivalry; emulation. ୩ । ଆସ୍ଫାଳନ—3. Boasting. ୪ । ଅହଂକାର; ବଡ଼ାଇ—4 Arrogance. ୫ । ସାଦୃଶ୍ୟ—5. Similarity. ୬ । କ୍ରମୋନ୍ନତି—6. Gradual improvement. ୭ । ସଂଘର୍ଷ—7. Collision. ୮ । ସମୀକରଣ—8. Equalisation. ୯ । ଭିଡ଼—9. Crowd. ୧୦ । ଈର୍ଷା; ଦ୍ୱେଷ (ହ୍ର. ଶ)—10. Spite.

ସ୍ପର୍ଦ୍ଧନୀୟ—ସଂ. ବି (ସ୍ପର୍ଦ୍ଧ୍ ଧାତୁ+କର୍ମ. ଅନୀୟ)—ଯାହା ସଙ୍ଗେ ସ୍ପର୍ଦ୍ଧା
Sparddhanīya କରାଯାଇ ପାରେ—Fit to be defied or challenged etc.

ସ୍ପର୍ଦ୍ଧା—ସଂ. ବି (ସ୍ପର୍ଦ୍ଧ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—ସ୍ପର୍ଦ୍ଧନ (ଦେଖ)
Sparddhā Sparddhana (See)

ସ୍ପର୍ଦ୍ଧିତ—ସଂ. ବିଣ. ପୁଂ (ସ୍ପର୍ଦ୍ଧା+ସଂଜାତାର୍ଥେ. ଇତ)—ସ୍ପର୍ଦ୍ଧାଯୁକ୍ତ—
Sparddhita Boastful; defiant.
(ସ୍ପର୍ଦ୍ଧିତା—ସ୍ତ୍ରୀ)

ସ୍ପର୍ଦ୍ଧୀ—ସଂ. ବିଣ. ପୁଂ (ସ୍ପର୍ଦ୍ଧ୍ ଧାତୁ+କର୍ତ୍ତୃ. ଇନ୍; ସ୍ପର୍ଦ୍ଧିନ୍ ୧ମା. ୧ବ)
Sparddhī ୧ । ସ୍ପର୍ଦ୍ଧାକାରୀ—1. Arrogant; defiant.
(ସ୍ପର୍ଦ୍ଧିନୀ—ସ୍ତ୍ରୀ) ୨ । ଆସ୍ଫାଳନକାରୀ; ବଡ଼ାଇ କରୁଥିବା—2. Boastful; bragging. ୩। ତୁଲ୍ୟ—3. Similar.
ସଂ. ବି (ଜ୍ୟାମିତି ପରିଭାଷା)—ଯେଉଁ କୋଣ ଏକ ନିର୍ଦ୍ଦିଷ୍ଟ କୋଣ ସଙ୍ଗେ ମିଶିଲେ ଦୁଇ ମିଶି ୨ ସମକୋଣ ବା ୧୮୦ ଡିଗ୍ରି ହୁଏ (ହ୍ର. ଶ)—(geometry) An angle which when joined to a given angle makes up 180 degrees or two right angles.

ସ୍ପର୍ଶ୍ (ଧାତୁ)—ସଂ—୧ । ଛୁଇଁବ—1. To touch. ୨ । ଗ୍ରହଣ
Sparś (root) କରିବା—2. To hold. ୩। ଆଶ୍ଳେଷ କରିବା—
[ସ୍ପୃଶ୍ (ଧାତୁ)—ଅନ୍ୟରୂପ] 3. To embrace.

ସ୍ପର୍ଶ—ସଂ. ବି (ସ୍ପୃଶ୍ ବା ସ୍ପର୍ଶ୍ ଧାତୁ+ଭାବ. ଅ)—୧ । ଛୁଇଁବା;
Sparś ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣ—1. Touch. [ଦ୍ର—ସ୍ପର୍ଶ-
(ସ୍ପୃଷ୍ଟ—ବିଣ) ମତରେ 'ସ୍ପର୍ଶ' ଏକାଦଶବିଧ; ଯଥା—ଉଷ୍ଣ, ଶୀତ, ସୁଖ, ଦୁଃଖ, ସ୍ନିଗ୍ଧ, ବିଶଦ, ଖର, ମୃଦୁ, ଶ୍ଳକ୍ଷ୍ଣ, ଲଘୁ ଓ ଗୁରୁ । ମହାଭାରତ. ଅଶ୍ୱମେଧିକ ପର୍ବ ।] ୨ । ରୁଜା; ରୋଗ—2. Illness; sickness. ୩ । ଦାନ—3. Giving, donation. ୪ । ବାୟୁ—4. Air. ୫ । (+କର୍ତ୍ତୃ. ଅ) ବର୍ଗ୍ୟବର୍ଣ୍ଣ; ବର୍ଗାକ୍ଷର; 'କ'ଠାରୁ 'ମ' ପର୍ଯ୍ୟନ୍ତ ୨୫ଟି ବର୍ଗ୍ୟବର୍ଣ୍ଣ—5. The 25 consonants from 'Ka' to 'Ma'. ୬ । ରତିବନ୍ଧ ବିଶେଷ—6. A mode of coition. ୭ । ଯୋଗ—7. Contact. ୮ । (ସଙ୍ଗୀତ) କୌଣସି ସ୍ୱର ଉଚ୍ଚାରିତ ହେବାର ପୂର୍ବେ ବା ପରେ ଅନ୍ୟ ପୂର୍ବବର୍ତ୍ତୀ ସ୍ୱରର ନାମ ମାତ୍ର ଉଚ୍ଚାରଣ ଯୋଗୁଁ ପ୍ରଧାନ ସ୍ୱରର ଅଙ୍ଗ ରୂପେ ବ୍ୟବହାର—8. (music) Nominal or slight utterance of a note as an accompaniment before or after the principal

note. ୯ । ପଦାର୍ଥ (ପ୍ରକୃତିବାଦ)—9. Thing. ୧୦ । ପ୍ରଣିଧି; ଦୂତ—10. Messenger. ୧୧ । ଗ୍ରହଣ ବା ଉପରାଗରେ ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଉପରେ ଛାୟାପାତର ଆରମ୍ଭ (ବୃ. ଶ)—11. The beginning of the shadow to fall on the disc of the sun or the moon during an eclipse.

ସ୍ପର୍ଶକ—ସ. ବଣ. ପୁଂ (ସ୍ପୃଶ ବା ସ୍ପର୍ଶ ଧାତୁ+କର୍ତ୍ତ୍ରି. ଅକ)—ସ୍ପର୍ଶକାରୀ, Sparśaka (ସ୍ପର୍ଶିକା—ସ୍ତ୍ରୀ) ଯେ ଛୁଏଁ—Touching.

ସ୍ପର୍ଶ କରିବା—ଦେ. କ୍ରି.—ଛୁଇଁବା—To touch; to come in Sparśa kariba স্পর্শকরা स्पर्शकरना contact with.

ସ୍ପର୍ଶ କୋଣ—ସଂ. ବି. (ଜ୍ୟାମିତି)—ବୃତ୍ତ ଓ ସ୍ପର୍ଶଜ୍ୟାର ମଧ୍ୟସ୍ଥ କୋଣ Sparśa kona (ବୃ. ଶ)—The angle formed by a tangent and a circle.

ସ୍ପର୍ଶ ଜନ୍ୟ(ଜନିତ)—ସ.ବି. (ଶଷ୍ଠୀ ତତ୍)—ସଂକ୍ରାମକ (ରୋଗ)(ବୃ.ଶ)—Sparśa janya (janita) Contagious.

ସ୍ପର୍ଶ ଜ୍ୟା - ସଂ. ବି.—(ଜ୍ୟାମିତି)—ବୃତ୍ତ ସ୍ପର୍ଶୀ ରେଖା; ସ୍ପର୍ଶିନୀ—Sparśa jyā (Geometry) Tangent. [ଦ୍ର—ଏହି ରେଖାକୁ ବୃଦ୍ଧି କଲେ ଏହା ବୃତ୍ତକୁ ଛେଦ କରିବ ନାହିଁ] ।

ସ୍ପର୍ଶଜ୍ଞାନ—ସଂ. ବି—(ମ. ପ. ଲୋ) ସ୍ପର୍ଶଜନିତ ଜ୍ଞାନ—Knowledge Sparśa jnāna derived from touch.

ସ୍ପର୍ଶ ତନ୍ମାତ୍ର—ସଂ.ବି.—ବାୟୁର ଉପାଦାନ କାରଣ; ସୂକ୍ଷ୍ମ ଭୂତ ବିଶେଷ—Sparśa tanmātra A fine element of the air.

ସ୍ପର୍ଶଦିଶା—ସଂ. ବି.—ଚନ୍ଦ୍ରର ବା ସୂର୍ଯ୍ୟର ଯେଉଁ ଦିଗରୁ ଗ୍ରହଣର Sparśa diśā ଛାୟାପାତ ଆରମ୍ଭ ହୁଏ (ବୃ. ଶ)—The direction or quarter of the sun or the moon from which the shadow begins to creep into it.

ସ୍ପର୍ଶନ—ସଂ. ବି. (ସ୍ପର୍ଶ ବା ସ୍ପୃଶ ଧାତୁ+ଭାବ.ଅନ)—୧। ସ୍ପର୍ଶ; ଛୁଇଁବା Sparśana (ମେଦିନୀ)—1. Touching. ୨ । ଦାନ (ମେଦିନୀ)—2. Giving. ୩ । ବିତରଣ (ମେଦିନୀ)—3. Distributing. ୪ । ଗ୍ରହଣ—4. Accepting. ୫ । ବାୟୁ (ଅମର)—5. Air.

ସ୍ପର୍ଶନୀୟ—ସଂ. ବିଣ. (ସ୍ପର୍ଶ ବା ସ୍ପୃଶ ଧାତୁ+କର୍ମ ଅନୀୟ)—ଯାହାକୁ Sparśaniya ଛୁଅଁ ଯାଇପାରେ; ସ୍ପୃଶ୍ୟ—Capable of being touched; tangible; touchable.

ସ୍ପର୍ଶେନ୍ଦ୍ରିୟ—ସଂ. ବି—ସ୍ପର୍ଶେନ୍ଦ୍ରିୟ; ଚର୍ମ—Skin; the organ Sparśanendriya of touch.

ସ୍ପର୍ଶ ପ୍ରସ୍ତର—ସଂ. ବି.—ସ୍ପର୍ଶମଣି (ଦେଖ)—Sparśamani (See). Sparśa prastara

ସ୍ପର୍ଶ ବର୍ଣ୍ଣ—ସଂ. ବି—(ବ୍ୟାକରଣ)—କ ଠାରୁ ମ ପର୍ଯ୍ୟନ୍ତ ୨୫ଟି Sparśa barnna ବର୍ଗ୍ୟ ବର୍ଣ୍ଣ—The 25 consonants from 'Ka' to 'Ma'.

ସ୍ପର୍ଶ ମଣି—ସଂ. ବି—ସ୍ପର୍ଶମାତ୍ରକେ ଅନ୍ୟ ବସ୍ତୁକୁ ସୁନାରୂପରେ ବଦଳାଇ Sparśa mani ଦେବା କଳ୍ପିତ ଶକ୍ତିବିଶିଷ୍ଟ ମଣିବିଶେଷ; ପରଶ ପଥର—The philosopher's stone; a stone which is said to turn other things into gold by mere touch.

ସ୍ପର୍ଶମଣି ପ୍ରଭବ—ସଂ. ବି—ସ୍ୱର୍ଣ୍ଣ; ସୁନା (ଶବ୍ଦରତ୍ନାବଳୀ)—Sparśamoni prabhaba Gold

ସ୍ପର୍ଶ ରସିକ—ସଂ.ବି—କାମୁକ ବ୍ୟକ୍ତି (ବୃ. ଶ)—Sparśa rasika A lecher.

ସ୍ପର୍ଶରେଖା—ସଂ. ବି—(ଜ୍ୟାମିତି) ସ୍ପର୍ଶ ଜ୍ୟା (ଦେଖ) Sparśa rekhā Sparśa jyā (See)

ସ୍ପର୍ଶ ଲଜ୍ଜା—ସଂ.ବି—ଲଜ୍ଜାଳୁ ଲତା (ଶବ୍ଦଚନ୍ଦ୍ରିକା)—Sparśa lajjā The mimosa creeper.

ସ୍ପର୍ଶଶକ୍ତି—ସଂ. ବି—ଛୁଇଁବା ଦ୍ୱାରା ଅନୁଭୂତ ହେବା ଶକ୍ତି—Sparśa śakti The feeling or sensation caused by touch.

ସ୍ପର୍ଶଶୁଦ୍ଧା—ସଂ. ବି ଶତମୂଳୀ; ଶତାବରୀ (ଶବ୍ଦଚନ୍ଦ୍ରିକା)—Sparśa śuddhā Asparagus Racemosus.

ସ୍ପର୍ଶ ସଙ୍କୋଚ—ସଂ. ବି—ଲଜ୍ଜାଳୁ ଲତା (ବୃ. ଶ)—Sparśa sankocha The mimosa creeper.

ସ୍ପର୍ଶ ସୁଖ—ସଂ. ବି · ସ୍ପର୍ଶ ଜନିତ ସୁଖ; ସ୍ପର୍ଶଜାତ ଆନନ୍ଦ; ଛୁଇଁବାଯୋଗୁ Sparśa sukha ଜାତ ଆନନ୍ଦ—Pleasure derived from the touch of any agreeable thing

ସ୍ପର୍ଶସ୍ୟନ୍ଦ—ସଂ ବି (ସ୍ପର୍ଶ=ଛୁଇଁବା+ସ୍ୟନ୍ଦ ଧାତୁ=ଝରିବା+କର୍ତ୍ତୃ ଅ; Sparśa syanda ଯାହାକୁ ସ୍ପର୍ଶ କଲେ ସେ ମୂତ୍ରପାତ କରେ)—ବେଙ୍ଗ, ବେଙ୍ଗ—Frog.

ସ୍ପର୍ଶ ହାନି(ଲୋପ)—ସଂ.ବି—କୌଣସି ରୋଗ ଆଦି ଯୋଗୁ ଚର୍ମଦ୍ୱାର Sparśa hāni(lop) ସ୍ପର୍ଶଶକ୍ତିର ଲୋପ—Loss of the sense of touch owing to some disease.

ସ୍ପର୍ଶା—ସଂ. ବି. (ସ୍ପର୍ଶ+ଆ)—୧ । ବେଶ୍ୟା—1. Harlot; whore Sparśā ସ୍ୱୈରିଣୀ—ଗ୍ରା. ରୂପ ୨ । କୁଳଟା—2. Adulteress.

ସ୍ପର୍ଶାକ୍ରାମକ—ସଂ. ବିଣ—(ସ୍ପର୍ଶ+ଆକ୍ରମକ)—ସଂକ୍ରାମକ (ରୋଗ)—Sparśākrāmaka Contagious (disease)

ସ୍ପର୍ଶାନନ୍ଦା—ସଂ. ବି. ସ୍ତ୍ରୀ—ଅପ୍ସରା; ସ୍ୱର୍ବେଶ୍ୟା—Sparśānandā The heavenly nymphs.

ସ୍ପର୍ଶାସ୍ପର୍ଶ—ସଂ. ବି—କୌଣସି ବ୍ୟକ୍ତିକୁ ଛୁଇଁବା ବା କୌଣସି ବ୍ୟକ୍ତିକୁ Sparśāsparśa ନଛୁଇଁବା ଭାବ ବା ବିଚାର (ବୃ. ଶ)—The state or consideration of touching or not touching a person.

ସ୍ପର୍ଶିକ—ସଂ. ବିଣ (ସ୍ପୃଶ ଧାତୁ+କର୍ତ୍ତ୍ରି ଇକ)—ସ୍ପର୍ଶକାରୀ (ବୃ. ଶ)—Sparśika Touching ବି. ବି—ବାୟୁ (ବୃ. ଶ)—Air.

ସ୍ପର୍ଶିକା—ସଂ ବି (ଜ୍ୟାମିତି)—ସ୍ପର୍ଶଜ୍ୟା (ଦେଖ)—Sparśajyā (See) Sparśini ସଂ. ବିଣ ସ୍ତ୍ରୀ—'ସ୍ପର୍ଶୀ'ର ସ୍ତ୍ରୀଲିଙ୍ଗ—Feminine of "Sparśi." ସ୍ପର୍ଶୀ—ପୁଂ. ବିଣ)

ସ୍ପର୍ଶୀ—ସଂ. ବଣ. ପୁଂ (ସ୍ପୃଶ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—ଯାହା ସ୍ପର୍ଶ
Sparśī କରିଥାଏ—(ଯଥା ଗଗନ ସ୍ପର୍ଶୀ)—Touching.
(ସ୍ପର୍ଶିନୀ—ସ୍ତ୍ରୀ)

ସ୍ପର୍ଶେନ୍ଦ୍ରିୟ—ସଂ. ବ.—ତ୍ୱଗିନ୍ଦ୍ରିୟ; ଯଦ୍ୱାରା ସ୍ପର୍ଶଜ୍ଞାନ ଜନ୍ମେ—
Sparśendriya Sense of touch; the skin.

ସ୍ପର୍ଶୋପଲ—ସଂ. ବ—ପରଶ ପଥର—
Sparśopala The philosopher's stone.

ସ୍ପର୍ଷ୍ଟା—ସଂ. ବଣ (ସ୍ପୃଶ ଧାତୁ+କର୍ତ୍ତୃ ତୃ; ସ୍ପର୍ଷ୍ଟୃ; ୧ମା. ୧ବ)—ଉପତାପକ
Sparshta ମାନ; ରୋଗ (ଭରତ)—Sickness; illness.

ସ୍ପଶ୍ (ଧାତୁ)—ସ.—୧ । ବ୍ୟକ୍ତ କରିବା—1. To make clear,
Spaśh (root) to cleanse. ୨ । ବାଧା ଦେବା—2. To obstruct; to hinder.

ସ୍ପଶ—ସଂ. ବ, (ସ୍ପଶ ଧାତୁ+କର୍ତ୍ତୃ. ଅ)—୧ । ଚର; ଗୁପ୍ତଦୂତ,
Spaśa (ଅମର); ଗୁଇନ୍ଦା—1. Spy. ୨ । [+ଅଧିକରଣେ ଅ] ଅବସର; ଯୁଦ୍ଧ (ଅମର)—2. Battle. ୩ । ଯେ ପ୍ରାଣ-ନିରପେକ୍ଷ ହୋଇ ଯୁଦ୍ଧ କରେ (ଭରତ)—3. A warrior who fights without caring for his life.

ସ୍ପଷ୍ଟ—ସଂ. ବ (ସ୍ପଶ ଧାତୁ+କର୍ମ ତ)—୧ । ବ୍ୟକ୍ତ; ସଫା; ସ୍ଫୁଟ—
Spashṭa 1. Clear; plain; apparent.

ଏଥିର ଗ୍ରାମ୍ୟ ଅପଭ୍ରଂଶ— ପଷ୍ଟ, ପୁଷ୍ଟ, ପୋଷ୍ଟ } ୨ । ପ୍ରକାଶିତ; ପ୍ରକଟିତ— 2. Evident. ୩ । ଇନ୍ଦ୍ରିୟ-ଗୋଚର—3. Perceptible to the senses. ୪ । ଜ୍ୟୋତିଷ ମତରେ ଗ୍ରହମାନଙ୍କ ସ୍ଫୁଟ ସାଧନ—4. Clear calculation of the positions of the planets at a fixed time or at a person's birth. [ବି—ଏ ସାଧନରେ ଜନ୍ମକାଳରେ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ କାଳରେ କେଉଁ ଗ୍ରହ କେଉଁ ରାଶିରେ, କେତେ ଅଂଶ,କେତେ କଳା, କେତେ ବିକଳାରେ ଅବସ୍ଥିତ ଥିଲେ, ଏହା ସାଧିତ ହୁଏ—ହି. ଶ ।] ୫ । (ବ୍ୟାକରଣ) କେତେକ ବର୍ଣ୍ଣର ଉଚ୍ଚାରଣରେ ଏକ ପ୍ରକାର ପ୍ରଯତ୍ନ, ଯହିଁରେ ଦୁଇ ଓଠ ପରସ୍ପରକୁ ଛୁଇଁ ରହିଥାଏ (ହି. ଶ)—(grammar) The effort in pronouncing some letters in which both the lips touch one another. (ଯଥା—ପ, ବ, ମ)

ସ୍ପଷ୍ଟଇ(ହିଁ)—ଦେ. କ୍ରି. ବଣ (ବଙ୍ଗଳାରୁ ଅନୁକୃତ) (ସଂ. ସ୍ପଷ୍ଟ+ହି)—
Spashṭai(hiṅ) ସାଫ୍; ସ୍ପଷ୍ଟରୂପେ—Clearly; apparently.
स्पष्टई स्पष्टही

ସ୍ପଷ୍ଟ କଥନ—ସଂ. ବ (ବ୍ୟାକରଣ)—କଥକଙ୍କ କଥିତ ବାକ୍ୟ ଠିକ୍
Spashṭa kathana କହିବା ଅନୁସାରେ ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା କଥନ (ହି. ଶ)—The report of the speech of a speaker exactly as he delivered it.

ସ୍ପଷ୍ଟ କଥା—ଦେ. ବ—ସରଳ ସ୍ଫୁଟ ବାକ୍ୟ—
Spashṭa kathā Plain words.
स्पष्ट कथा खुलीबात

ସ୍ପଷ୍ଟତୟା—ସଂ. କ୍ରି.ବଣ (ପଣ୍ଡିତମାନଙ୍କ ଦ୍ୱାରା ଭାଷାରେ ବ୍ୟବହାର;ସ୍ପଷ୍ଟତା
Spashṭatayā ଶବ୍ଦର ତୃତୀୟା ଏକବଚନ)—ସ୍ପଷ୍ଟଭାବରେ; ସ୍ପଷ୍ଟତା ସହକାରେ—Clearly.

ସ୍ପଷ୍ଟତା(ତ୍ୱ)—ସଂ. ବ (ସ୍ପଷ୍ଟ+ଭାବ. ତା, ତ୍ୱ)—ସ୍ପଷ୍ଟଭାବ—
Spashṭatā(twa) Clearness.

ସ୍ପଷ୍ଟ ପ୍ରଯତ୍ନ—ସଂ. ବ (ବ୍ୟାକରଣ)—ଦୁଇ ଓଠର ପରସ୍ପର ଛୁଇଁବାଦ୍ୱାରା
Spashṭa prajatna ଉଚ୍ଚାରଣ କରାଯିବା କେତେକ ଓଷ୍ଠ୍ୟବର୍ଣ୍ଣର ଉଚ୍ଚାରଣରେ ପ୍ରଯତ୍ନ—The effort required in pronouncing some labial letters in which both the lips touch one another.

ସ୍ପଷ୍ଟ ବକ୍ତା—ସଂ. ବଣ. ପୁଂ (ସ୍ପଷ୍ଟ ବକ୍ତୃ ୧ମା. ୧ବ)—ଯେ ସଫା କଥା
Spashta baktā କହେ; ଯେ କାହାର ମନ ରଖା
(ସ୍ପଷ୍ଟବକ୍ତ୍ରୀ—ସ୍ତ୍ରୀ) କରିବାପ୍ରତି ଦୃଷ୍ଟି ନ ଦେଇ ସ୍ୱୀୟ ମନୋଗତଭାବ ପ୍ରକାଶ କରେ—Plain-spoken.

ସ୍ପଷ୍ଟବାଦୀ—ସଂ. ବଣ. ପୁଂ (ସ୍ପଷ୍ଟ+ବଦ ଧାତୁ+କର୍ତ୍ତୃ, ଇନ୍; ସ୍ପଷ୍ଟ-
Spashṭa bādī ବାଦିନ୍ ୧ମା ୧ବ)—ଯେ ସ୍ପଷ୍ଟ କଥା କହେ—
(ସ୍ପଷ୍ଟଭାଷୀ—ଅନ୍ୟରୂପ) Plainspoken.
(ସ୍ପଷ୍ଟବାଦିନୀ, ସ୍ପଷ୍ଟଭାଷିଣୀ—ସ୍ତ୍ରୀ)

ସ୍ପଷ୍ଟବାଦିତା (ତ୍ୱ)—ସଂ ବ.—ସ୍ପଷ୍ଟ କଥା କହିବାର ଗୁଣ—Plain-
Spashṭa bāditā (twa) spokenness.
[ସ୍ପଷ୍ଟଭାଷିତା (ତ୍ୱ) —ଅନ୍ୟରୂପ]

ସ୍ପଷ୍ଟ ଶ୍ରୁତ—ସଂ. ବଣ.—ସ୍ଫୁଟ ଭାବରେ ଶୁଣାଯିବା (କଥା, ଧ୍ୱନି)—
Spashṭa śruta Clearly audible.

ସ୍ପଷ୍ଟ ସ୍ଥିତି—ସଂ. ବ (ଫଳିତଜ୍ୟୋତିଷ)—ଶିଶୁର ଜନ୍ମକାଳରେ ରାଶି-
Spashṭa sthiti ମାନଙ୍କର ଅଂଶ, କଳା, ବିକଳା ଅବଧାରି ପ୍ରଦର୍ଶିତ ଗ୍ରହମାନଙ୍କର ସ୍ପଷ୍ଟ ଅବସ୍ଥାନ (ହି. ଶ)—(astrology) Exact position of the planets or the zodiacal signs, giving the exact degrees, minutes and seconds.

ସ୍ପଷ୍ଟ ସ୍ପଷ୍ଟ—ଦେ. କ୍ରି. ବଣ—ସଫା ସଫା; ସ୍ପଷ୍ଟଭାବରେ—Plainly
Spashṭa spashṭa bluntly; in a plain manner.
स्पष्टास्पष्ट, स्पष्ट स्पष्ट साफ साफ

ସ୍ପଷ୍ଟାକ୍ଷର—ସଂ. ବ (କର୍ମଧା)—୧ । ବ୍ୟକ୍ତଭାବରେ ଲିଖିତ ଅକ୍ଷର;
Spashṭākshara ବର୍ଣ୍ଣୋଜ୍ଜ୍ୱଳ ହସ୍ତାକ୍ଷର—1. Distinctly written script. ୨ । ସ୍ପଷ୍ଟ ବାକ୍ୟ—2. Plain words.

ସ୍ପଷ୍ଟାକ୍ଷରରେ—ଦେ କ୍ରି. ବଣ—ସ୍ଫୁଟଭାବରେ—Clearly; in un-
Spashṭāksharare ambiguous terms; in plain terms.
स्पष्टाक्षरे स्पष्टाक्षरमे

ସ୍ପଷ୍ଟାର୍ଥ—ସଂ. ବ (କର୍ମଧା)—ବ୍ୟକ୍ତୀକୃତ ଅର୍ଥ—Clear or Spashtārtha apparent meaning.
ସଂ. ବଣ (ବହୁବ୍ରୀହି) ବୋଧଗମ୍ୟ—(ସ୍ପଷ୍ଟାର୍ଥତା—ବ)—Intelligible.

ସ୍ପଷ୍ଟୀକୃତ—ସଂ. ବଣ (ସ୍ପଷ୍ଟ+ଅଭୂତଭାବେ ଚ୍ୱି+କୃ ଧାତୁ+କର୍ମ. ତ)—Spashtikruta ବ୍ୟକ୍ତୀକୃତ—Made clear; (ସ୍ପଷ୍ଟୀକରଣ, ସ୍ପଷ୍ଟୀକ୍ରିୟା—ବ) elucidated.

ସ୍ପଷ୍ଟୀକ୍ରିୟା—ସଂ. ବ. (ଜ୍ୟୋତିଷ) ଯେଉଁ କ୍ରିୟା ବା ଗଣନାପଦ୍ଧତି ଦ୍ୱାରା Spashti kriyā କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କୌଣସି ଗ୍ରହର କେଉଁ ରାଶିର କେତେ ଅଂଶ, କେତେ କଳା ଓ କେତେ ବିକଳାରେ ଅବସ୍ଥିତ ହୋଇଥାଏ, ତାହା ସ୍ପଷ୍ଟରୂପେ ଜଣା ପଡ଼େ (ବୃ. ଶ)—(astronomy) The process by which the exact position of a planet in any zodiacal sign (showing degrees, minutes and seconds) at a particular point of time is found out.

ସ୍ପଷ୍ଟୀଭୂତ—ସଂ. ବଣ (ସ୍ପଷ୍ଟ+ଅଭୂତତଭାବେ ଚ୍ୱି+ଭୂ ଧାତୁ+କର୍ତ୍ତୃ. ତ)—ଯାହା ପୂର୍ବେ ସ୍ପଷ୍ଟ ହୋଇ ନ ଥିଲା, Spashtibhūta ବର୍ତ୍ତମାନ ସ୍ପଷ୍ଟ ହୋଇଅଛୁ—Become (ସ୍ପଷ୍ଟୀଭବ—ବ) plain or evident.

ସ୍ପା—ବୈଦେ. ବ (ଇଂ)—(ବେଲ୍‌ଜିଅମ୍‌ରେ ଥିବା ସ୍ପା ନାମକ ସ୍ୱାସ୍ଥ୍ୟନିବାସର Spā ନାମରୁ)—ଧାତୁମିଶ୍ରିତ ସ୍ୱାସ୍ଥ୍ୟପ୍ରଦ ଜଳପୂର୍ଣ୍ଣ ନିର୍ଝରିଣୀ ସ୍ପା स्पा ଥିବା ସ୍ଥାନ—Spa; a place where there is a mineral spring of water, frequented as a health-resort.

ସ୍ପାନିଆର୍ଡ୍—ବୈଦେ. ବଣ, ଓ ବ (ଇଂ. ସ୍ପାନିଅର୍ଡ୍)—ସ୍ପେନ୍ Spāniārd ଦେଶବାସୀ (ବ୍ୟକ୍ତି)—Spaniard. ସ୍ପାନିୟାର୍ଡ୍ स्पानियार्ड

ସ୍ପାନିଏଲ୍—ବୈଦେ. ବ. (ଇଂ. ସ୍ପାନିଏଲ୍)—ଏକ ପ୍ରକାର ବଳିଷ୍ଠ Spāniel କୁକୁର—Spaniel. [ବି—ଏ କୁକୁର ଅନ୍ୟ ଦେଶୀ ସ୍ପାନିୟେଲ୍ କୁକୁରମାନଙ୍କଠାରୁ ଆକାରରେ ଛୋଟ; ଲୋମ ୨।୩ ଇଞ୍ଚ स्पेनियल ଲମ୍ବ, କାନ ଝୁଲି ପଡ଼ିଥାଏ; ଦେହ ଧଳା, କାଳି ବା ଧଳାକଳା ମିଶା ବର୍ଣ୍ଣର ଲୋମରେ ପୂର୍ଣ୍ଣ ।]

ସ୍ପାନିଶ୍—ବୈଦେ. ବଣ. (ଇଂ ସ୍ପାନିଶ୍) ସ୍ପେନ୍ ଦେଶୀୟ—Spanish. Spānish ସ୍ପାନିଶ୍ स्पेनिश

ସ୍ପାର୍ଟା—ଦେ. ବ. (ନାମ)—ପ୍ରାଚୀନ ଗ୍ରୀସ୍‌ର ଗୋଟିଏ ନଗର—Spartā Sparta, a town in ancient Greece. ସ୍ପାର୍ଟା [ବି—ଏଠାର ଅଧିବାସୀମାନେ ମହା ବୀର ଥିଲେ ।।] स्पार्टा

ସ୍ପାର୍ଟାନ୍—ବୈଦେ. ବଣ. (ଇଂ. ସ୍ପାର୍ଟାନ୍)—ସ୍ପାର୍ଟା ଦେଶୀୟ—Spartān ସ୍ପାର୍ଟାନ स्पार्टान Spartan.

ସ୍ପିକର୍—ବୈଦେ. ବ. (ଇଂ. ସ୍ପିକର୍)—୧ । ପାର୍ଲିଅମେଣ୍ଟର ବୈଠକ Spikar ସମୟରେ ଶୃଙ୍ଖଳା ରକ୍ଷିବା ବ୍ୟକ୍ତି ବା ସଭାପତି—ସ୍ପିକ(କା)ର୍ 1. The Speaker of the Parliament. स्पीकर ୨ । ଭାରତୀୟ ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭାମାନଙ୍କର ନିର୍ବାଚିତ ସଭାପତି--2.The Speaker of the Provinciar and Imperial Assemblies of India. ୩ । କୌଣସି ସଭାର ବା ବୈଠକର ବକ୍ତା—3. A speakel in a meeting or gathering.

ସ୍ପିଚ୍—ବୈଦେ. ବ. (ଇଂ. ସ୍ପିଚ୍) ୧ । ବକ୍ତୃତା—1. Speech; Spich lecture. ୨ । କଥା; କଥନ—2. Speech. ସ୍ପିଚ୍ स्पीच

ସ୍ପିଟ୍‌ସ୍ ବର୍ଜ(ର୍ଜେ)ନ୍—ବେଦେ. ବ.(ନାମ)—ଉତ୍ତରମେରୁର ଉତ୍ତରଦିଗରେ Spit-s barja (rje)n ଶୀତ ମହାସାଗରସ୍ଥ ଦ୍ୱୀପବିଶେଷ—ସ୍ପିଟସ୍ ବର୍ଜନ୍ An island in the Arctic ocean;Spits-स्पीट्स बर्जन bergen.

ସ୍ପିନ୍ କିସ୍‌ମିସ୍—ବୈଦେ. ବ.—କ୍ୱେଟାର ପିଶିନ୍ ଅଞ୍ଚଳରେ ଜାତ ଏକ Spin kis-mis ପ୍ରକାର ଉତ୍କୃଷ୍ଟ କିସ୍‌ମିସ୍—A kind of ପିସିନ୍ କସ୍‌ମିସ୍ स्पीनकिसमिस excellent raisin. (ପିଶିନ୍ କିସ୍‌ମିସ୍—ଅନ୍ୟରୂପ)

ସ୍ପିରିଚୁଆଲିଜ୍‌ମ୍—ବେଦେ. ବ—ମୃତ ବ୍ୟକ୍ତିଙ୍କ ଆତ୍ମାକୁ ଆହ୍ୱାନ ପୂର୍ବକ Spirichuālij-m ତାଙ୍କ ସଙ୍ଗେ ଜୀବିତ ବ୍ୟକ୍ତିଙ୍କର ଭାବ ଆଦାନ ସ୍ପିରିଚୁଅଲିଜ୍‌ମ୍ ପ୍ରଦାନ ଯେଉଁ ବିଦ୍ୟା ବା କ୍ରିୟା ଦ୍ୱାରା ସାଧିତ स्पिरिचुअलिज़म् ହୁଏ—Spiritualism.

ସ୍ପିରିଚୁଆଲିଷ୍ଟ—ବୈଦେ. ବ—ମୃତ ବ୍ୟକ୍ତିଙ୍କ ଆତ୍ମାକୁ ଆହ୍ୱାନକାରୀ ବ୍ୟକ୍ତି Spirichuālisht —A spiritualist. ସ୍ପିରିଚୁଆଲିଷ୍ଟ स्पिरिचुआलिष्ट

ସ୍ପିରିଟ୍—ବୈଦେ. ବ. (ଇଂ. ସ୍ପିରିଟ୍) ୧ । ଉଗ୍ରସୁରା; ଅରକ୍ଷି—Spirit 1. Sprit. ୨ । ସୁସ୍ୱାର—2. Essence. ୩ । ମନର ସ୍ପିରିଟ ସ୍ଫୂର୍ତ୍ତି; ଦମ୍ଭ; ଉତ୍ତେଜନା—3. Spirits; intellec-स्पिरिट tual activity. ୪ । ଜୀବନସତ୍ତ୍ୱ; ଆତ୍ମା—4. The Vital Force; Soul. ୫ । ଭୂତ—5. Ghost. ୬ । ଶରୀରସ୍ଥ ଆତ୍ମା—6. The Soul or Spirit inside the body. ୭ । ସୂକ୍ଷ୍ମ ଶରୀର ମୃତ୍ୟୁ ପରେ ସ୍ଥୂଳ ଶରୀରରୁ ବାହାରି ଯେଉଁ ଶରୀର, ଶୂନ୍ୟରେ ବିଚରଣ କରେ—7. The astral body.

ସ୍ପୃ(ଧାତୁ)—ସଂ.—୧ ।.ପ୍ରୀତି ବା ସ୍ନେହ କରିବା—1. To love Spru(root) ୨ । ରକ୍ଷା କରିବା—2. To save. ୩ । ପାଳନ କରିବା—3. To bring up.

ସ୍ପୃକ୍—ସ. ବଣ. ପୁଂ ଓ ସ୍ତ୍ରୀ (ସ୍ପୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍; ସ୍ପୃଶ୍ ଶବ୍ଦ; Spruk ୧ମା. ୧ବ)—ସ୍ପର୍ଶୀ—Touching. [ବି—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇଥାଏ । ଯଥା—ମର୍ମସ୍ପୃକ୍ ।]

ସ୍ପୃକ୍କା—ସ.ବ (ସ୍ପୃଶ୍ ଧାତୁ+କର୍ମ କ+ଅ)—୧। ପୃକ୍କା; ପିଡ଼ଙ୍ଗ ଶାଗ—Sprukkā 1. A potherb; Trigonella Corniculata. ୨ । ଲଜ୍ଜାକୁ ଲତା (ବୃ. ଶ)—2. Mimosa Pudica (creeper). ୩ । ଶତପତ୍ରୀ; ସେବତୀ (ବୃ. ଶ)—3. Musk rose.

ସ୍ପୃଶ୍(ଶି) (ଧାତୁ)—ସ—ଛୁଇଁବା—Sprus(si) (root) To touch.

ସ୍ପୃଶା—ସ.ବ (ସ୍ପୃଶ୍ ଧାତୁ+ଭାବ.ଅ+ଆ)—୧। ସ୍ପର୍ଶ—1. Touch,
Sprusā ୨। (+କର୍ମ.ଅ+ଆ) ସର୍ପିଣୀ; ଭୁଜଙ୍ଗ ଖାଇବା ଦ୍ରବ୍ୟ;
ଭଦାଳିଆ ଗୁଳ୍ମ—2. A medicinal plant. ୩।
କଣ୍ଟକାରୀ (ଦ୍ର.ଶ) 3. Kantakārī (See)

ସ୍ପୃଶୀ—ସ. ବ (ସ୍ପୃଶ୍ ଧାତୁ+କର୍ମ.ଅ+ଈ)—କଣ୍ଟକାରୀ(ଅମର)(ଦେଖ)
Sprusī Kantakārī (See)

ସ୍ପୃଶ୍ୟ—ସ. ବଣ. ପୁଂ (ସ୍ପୃଶ୍ ଧାତୁ+କର୍ମ. ଯ)—ସ୍ପର୍ଶ କରିବାର
Sprusya ଯୋଗ୍ୟ—Fit to be touched; touchable.
(ସ୍ପୃଶ୍ୟା—ସ୍ତ୍ରୀ) (ଅସ୍ପୃଶ୍ୟ—ବିପରୀତ)

ସ୍ପୃଷ୍ଟ—ସ. ବଣ. ପୁଂ (ସ୍ପୃଶ୍ ଧାତୁ+କର୍ମ. ତ)—୧। ଛୁଆଁଯାଇଥିବା;
Sprushta ଯାହା ଛୁଅଁ ଯାଇଅଛି—1. Touched. ୨।
(ସ୍ପୃଷ୍ଟା—ସ୍ତ୍ରୀ) ଛୁଆଁ; ଅସ୍ପୃଶ୍ୟ ବସ୍ତୁର ସ୍ପର୍ଶ ଯୋଗୁଁ ଦୂଷିତ—
2. Defiled by touch.

ସ୍ପୃଷ୍ଟକ—ସ. ବ (ସ୍ପୃଶ୍ ଧାତୁ+ଭାବ. ତ+ସ୍ୱାର୍ଥେ କ)—ଗାଢ଼ ସ୍ପର୍ଶ
Sprushtaka ପୂର୍ବକ ଆଲିଙ୍ଗନ—Embrace by touching the body.

ସ୍ପୃଷ୍ଟ ରୋଦନିକା—ସ. ବ—ଲଜ୍ଜାଳୁ ଲତା (ଦ୍ର. ଶ)—
Sprushta rodanikā Mimosa Pudica (creeper).

ସ୍ପୃଷ୍ଟା ସ୍ପୃଷ୍ଟି(ଷ୍ଟି)—ସ. ଅ—୧। ପରସ୍ପର ସ୍ପର୍ଶନ—1. Mutual
Sprushtā sprushta(shti) touching; touching
each other. ୨। (ଯାତ୍ରା ଆଦି ସ୍ଥାନରେ) ସମସ୍ତଙ୍କର
ଅବାରିତ ଭାବରେ ସମସ୍ତଙ୍କୁ ଛୁଇଁବା—2. Promiscuous touching (e. g. in crowds).

ସ୍ପୃଷ୍ଟି—ସ. ବ (ସ୍ପୃଶ୍ ଧାତୁ+ଭାବ. ତି)—ସ୍ପର୍ଶ (ଶବ୍ଦ ରତ୍ନାବଳୀ)—
Sprushti (ସ୍ପୃଷ୍ଟା—ବଣ) Touch.

ସ୍ପୃହ୍ (ଧାତୁ)—ସ—କୌଣସି ବସ୍ତୁ ପାଇଁ ଇଚ୍ଛା କରିବା—1. To
Spruh (root) wish for. ୨। ଆକାଂକ୍ଷା କରିବା—2. To
hanker after; to long for.

ସ୍ପୃହଣ—ସ, ବ (ସ୍ପୃହ୍ ଧାତୁ+ଭାବ. ଅନ)—ଇଚ୍ଛା; ଅଭିଳାଷ—
Spruhana Desire; wish.

ସ୍ପୃହଣୀୟ—ସ. ବଣ. ପୁଂ (ସ୍ପୃହ୍ ଧାତୁ ଣିଚ୍=ସ୍ପୃହି ଧାତୁ+କର୍ମ.
Spruhaniya ଅନୀୟ)—୧। ବାଞ୍ଛନୀୟ—1. Desirable.
(ସ୍ପୃହଣୀୟା—ସ୍ତ୍ରୀ) ୨। ଲୋଭନୀୟ—2. Enviable. ୩। ଯାହା
ଲୋଭ କରିବାର ଉପଯୁକ୍ତ—3. Fit to be longed
for. ୪। ଶ୍ଳାଘ୍ୟ—4. Praiseworthy. ୫। ଅଶ୍ଚର୍ଯ୍ୟ
—5. Wonderful. ୬। ଗୌରବ ପାଇବାର ଯୋଗ୍ୟ
(ହି. ଶ)—6. Respectable; honourable.

ସ୍ପୃହୟାଳୁ—ସ. ବଣ (ସ୍ପୃହ୍ ଧାତୁ+କର୍ତ୍ତୃ. ଆଳୁ)—୧। ସ୍ପୃହାଶୀଳ;
Spruhayālu ଲୋଭୀ—1. Covetuous after. ୨।
ଆକାଂକ୍ଷାଯୁକ୍ତ—2. Desirous.

ସ୍ପୃହା—ସ. ବ (ସ୍ପୃହ୍ ଧାତୁ, ଣିଚ୍=ସ୍ପୃହି ଧାତୁ=ଭାବ. ଅ+ଆ)—
Spruhā ୧। ଇଚ୍ଛା; ଆକାଂକ୍ଷା; ଅଭିଳାଷ—1. Desire
ଏକାର ଅପଭ୍ରଂଶ— longing. ୨। ଛନ୍ଦଲୋଭ; ଲୋଭ—
ସ୍ପରେହା, ସ୍ପୁରେହା। 2. Hankering after a thing. ୩।
ଗଣନା—3. Calculation. ୪। (ନ୍ୟାୟ ଦର୍ଶନ)—
କୌଣସି ପଦାର୍ଥର ପ୍ରାପ୍ତି ପାଇଁ ଧର୍ମାନୁକୂଳ କାମନା (ଦ୍ର.ଶ)
—4. (Nyāya philosophy) Pious desire to get a thing.

ସ୍ପୃହି—ସଂ. ବଣ. ପୁଂ (ସ୍ପୃହ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Spruhī ସ୍ପୃହାକାରୀ; ଅଭିଳାଷୀ—Hankering; desirous.
(ସ୍ପୃହିଣୀ—ସ୍ତ୍ରୀ)

ସ୍ପୃହ୍ୟ—ସଂ. ବଣ (ସ୍ପୃହ୍ ଧାତୁ+କର୍ମ. ଯ)—ଯାହା ପାଇବା ପାଇଁ
Spruhya ସ୍ପୃହା କରଯାଏ—Desired; wished for;
(ସ୍ପୃହ୍ୟା—ସ୍ତ୍ରୀ. ବଣ) hankered after. ସ. ବ—ବୀଜପୂର;
ଟଭ (ଦ୍ର. ଶ)—Citron.

ସ୍ପେଆର୍ କପି—ବୈଦେ.ବ—କୌଣସି ପୁସ୍ତକର ବା ଲେଖାର ଅତିରିକ୍ତ
Spear kapi ବା ଅଧିକା ଖଣ୍ଡ—Spare copy of a book
স্পেয়ার কাপি स्पेयार कौपी or writing.

ସ୍ପେନ୍—ବୈଦେ. ବ (ନାମ)—ଇଉରୋପର ଦକ୍ଷିଣ ପଶ୍ଚିମସ୍ଥ ରାଜ୍ୟ—
Spen [ଦ୍ର—ଏହା ରାଜଧାନୀ ମାଡ୍ରିଡ୍।] Spain.
স্পেন स्पेन

ସ୍ପେନୀୟ—ଦେ. ବଣ (ଇଂ. ସ୍ପେନ୍+ସ. ଈୟ; ତୁଳନା କର
Speniya ମଧୁସୂଦନ ରାଓଙ୍କ 'ଇଟାଲୀୟ ଯୁବା')—ସ୍ପେନ ଦେଶୀ
স্পেনীয় स्पेनका Spanish.

ସ୍ପେଲିଙ୍ଗ୍—ବୈଦେ. ବ (ଇଂ. ସ୍ପେଲିଙ୍ଗ୍)—ଶବ୍ଦର ବ ବାକ୍ୟର ବନାନ
Speling স্পেলিঙ্গ स्पेलिङ्ग —Spelling.

ସ୍ପେଲିଙ୍ଗ୍ ମିଷ୍ଟେକ—ବୈଦେ. ବ (ଇଂ. ସ୍ପେଲିଙ୍ଗ୍ ମିଷ୍ଟେକ୍)—
Speling mishtek ବନାନରେ ଭୁଲ; ବର୍ଣ୍ଣାଶୁଦ୍ଧି—
(ସ୍ପେଲିଙ୍ଗ୍ ଭୁଲ୍—ଦେ. ରୂପ) Spelling mistake.
স্পেলিঙ্গ মিষ্টেক स्पेलिङ्ग मिष्टेक

ସ୍ପେଶ—ବୈଦେ. ବ. (ଇଂ. ସ୍ପେଶ୍)—(ଛାପାଖାନା) ଦୁଇ ଧାଡ଼ିର ବା
Spes ଦୁଇ ଶବ୍ଦର ବା ଦୁଇ ଅକ୍ଷରର ମଧ୍ୟରେ ଥିବା ସ୍ଥାନ—
স্পেশ स्पेस (printing) Space.

ସ୍ପେଶ୍ ରଖିବା(ଦେବା, ଛାଡ଼ିବା)—ଦେ. କ୍ରି—(ଛାପାଖାନା) ଦୁଇ ଧାଡ଼ି
Spes rakhibā(debā, chhārdibā) ବା ଶବ୍ଦ ମଧ୍ୟରେ ଥାନ
স্পেশ রাখা ଛାଡ଼ିବା—(Printing) To leave a space
स्पेस रखना between letters, words or lines.

ସ୍ପେଶ(ଶା, ଶ୍ୟ)ଲ୍—ବୈଦେ. ବଣ (ଇଂ. ସ୍ପେଶାଲ୍)—୧। ବଶିଷ୍ଟ—
Spesa(sā,sya)l 1. Special. ୨। ବଶିଷ୍ଟ ଘଟଣା ଉପଲକ୍ଷରେ
[ସ୍ପେଶିଅ(ଅ)ଲ୍—ଅନ୍ୟରୂପ] ରଚିତ ବା ସଜ୍ଜିତ—
স্পেশাল 2. Specially made or fitted. ବ—ସ୍ପେଶାଲ୍
स्पेशाल ଟ୍ରେନ୍ (ଦେଖ)—Spesal tren (See)

ସ୍ପେଶ(ଶା,ଶ୍ୟ)ଲ୍ ଟ୍ରେନ୍(ଗାଡ଼ି)—ବୈଦେ.ବ (ଇଂ.ସ୍ପେଶଲ ଟ୍ରେନ୍)—
Spesa(sā, sya)l tren(gārdi) ବଶିଷ୍ଟ ଘଟଣା ଉପଲକ୍ଷରେ
[ସ୍ପେଶିଅ(ଅ)ଲ୍ ଟ୍ରେନ୍(ଗାଡ଼ି)—ଅନ୍ୟରୂପ] ବା ବଶିଷ୍ଟ ବ୍ୟକ୍ତିଙ୍କ
স্পেশাল ট্রেন ପାଇଁ ଚାଳିତ ରେଳ ଗାଡ଼ି—Special train.
इस्पेसल गाडी

ସ୍ପେସିମେନ୍—ବୈଦେ. ବି. (ଇଂ ସ୍ପେସିମେନ୍)—ପୁସ୍ତକର ବା Spesimen ପୁସ୍ତକର ପୃଷ୍ଠାର ନମୁନା—Specimen (of স্পেশিমেন स्पेसिमेन signature or page of a book). [ଦ୍ର—ସ୍ପେସିମେନ୍ ପେଜ୍ (Page=ପୃଷ୍ଠା); ସ୍ପେସିମେନ୍ ସିଗ୍ନେଚର୍ (Signature=ଦସ୍ତଖତ)] ।

ସ୍ପୃଷ୍ଟା—ସ. ବି. (ସ୍ପୃଶ୍ ଧାତୁ+କର୍ତ୍ତୃ କ୍ତ; ସ୍ପୃଷ୍ଟ, ୧ମା. ୧ବ.)—Sprashtā ଉପତାପକମାତ୍ର; ରୋଗ (ଅମର; ଭରତ)—Disease; sickness.

ସ୍ପ୍ରିଙ୍ଗ୍—ବୈଦେ. ବି (ଇଂ)—୧ । ଧାତୁର ପତଳା ଲମ୍ବ ସ୍ଥିତିସ୍ଥାପକ Spring ବସ୍ତୁ—1. Spring. ୨ । ଗାଡ଼ି ଅବର କମାଣୀ—স্প্রিং स्प्रिंग (ସ୍ପ୍ରିଂ—ଅନ୍ୟରୂପ) 2. The spring of a carriage.

ସ୍ପ୍ରିଂଗଦାର୍ (ବାଲା)—ବୈଦେ. ବଣ (ଇଂ. ସ୍ପ୍ରିଙ୍ଗ+ଫା. ଦାର୍, Spring dār(bālā) ' ଯୁକ୍ତ)—ସ୍ପ୍ରିଙ୍ଗ ଲାଗିଥିବା (ଯଥା ଘଣ୍ଟା, স্প্রিঙ্দার स्प्रिंगदार କଲ, ଗଦି)—Having spring; [ସ୍ପ୍ରିଂଦାର (ବାଲା)—ଅନ୍ୟରୂପ] springed.

ସ୍ପ୍ରେ—ବୈଦେ. ବି. (ଇଂ)—ଜଳୀୟ ବସ୍ତୁକୁ ଖୁବ୍ ସୂକ୍ଷ୍ମ କଣାରେ ଛିଞ୍ଚିବା Spre স্প্রে स्प्रे ପାଇଁ ବ୍ୟବହୃତ ପିଚକାରୀ—Spray.

ସ୍ପ୍ଲିଣ୍ଟ—ବୈଦେ. ବି. (ଇଂ)—(ପାଶ୍ଚାତ୍ୟ ଚିକିତ୍ସା)—ଭାଙ୍ଗି ଯାଇଥିବା Splint ହାଡ଼ମାନଙ୍କୁ ଯୋଡ଼କରି ବସାଇବା ପରେ ଯୋଡ଼ା স্প্লিন্ট स्प्लिंट ହୋଇଥିବା ହାଡ଼ମାନଙ୍କୁ ଠିକ୍ ଅବସ୍ଥିତିରେ ରଖିବା ପାଇଁ ବ୍ୟବହୃତ କାଠର ବା ଧାତୁର ଲମ୍ବ ଖଣ୍ଡ—(Surgery) Splint.

ସ୍ଫଟ (ଧାତୁ)—ସଂ.—୧ । ଶୀର୍ଣ୍ଣ ହେବା—To wither. ୨ । Sphat (root) ସ୍ଫୀତ ହେବା—2. To inflate.

ସ୍ଫଟ (ଟା)—ସଂ. ବି.—(ସ୍ଫଟ୍ ଧାତୁ+କର୍ମ ଅ; ଆ)—ସର୍ପର ଫଣା, Sphata (tā) (ଅମର)—The hood of a serpent.

ସ୍ଫଟି (ଟୀ)—ସଂ. ବି.—(ସ୍ଫଟ୍ ଧାତୁ+କର୍ମ ଇ; ଈ)—ଫିଟକିରି—Sphati(tī) Alum.

ସ୍ଫଟି (ଟୀ) କ—ସଂ ବି. (ସ୍ଫଟ୍ ଧାତୁ=ଭେଦ କରିବା+କର୍ତ୍ତୃ ଇକ; ବା Sphati(tī)ka ସ୍ଫଟି+ସ୍ୱାର୍ଥେ କ)—୧ । ଶୁଭ୍ର ସ୍ୱଚ୍ଛ ପ୍ରସ୍ତର ପ୍ରଥମ ଅର୍ଥରେ ଅନ୍ୟ ସଂସ୍କୃତ ବିଶେଷ—1. Crystal; quartz. ନାମ—ସ୍ଫଟିକ, ସ୍ଫାଟିକ, ୨ । ସୂର୍ଯ୍ୟକାନ୍ତ ମଣି—2. The sun-ଭସ୍ମକ, ସ୍ଫଟିକୋପଲ, stone. ୩ । କାଚ (ହି.ଶ)—ଶାଳପିଷ୍ଟ, ଶୈତଶିଳ, 3. Glass. ୪ । ଫିଟକିରି (ହି.ଶ)—ସିତୋପଳ, ବିମଳମଣି. 4. Alum. ୫ । କର୍ପୂର (ହି.ଶ)—ନିର୍ମଳୋପଳ, ସ୍ୱଚ୍ଛ, ସ୍ୱଚ୍ଛମଣି, 5. Camphor. ବୈ. ବଣ.—ଅମର ରତ୍ନ, କମ୍ବୁଷ ରତ୍ନ, ସ୍ଫଟିକ ପରି ସ୍ୱଚ୍ଛ—Transperent স্ফটিক, ফটিক फटिक as crystal. [ଦ୍ର—'ସ୍ଫଟିକ ଜଳ ଦେ' 'ସ୍ଫଟିକ ଜଳ ଦେ' ସବଳ, ସଚ୍ଛନ୍ଦ ଗଙ୍ଗେ—ନନ୍ଦକିଶୋର. ଷମିଷ୍ଠା]

ସ୍ଫଟିକ କ୍ଷା(ଖା)ର—ଦେ. ବି—ଟାଙ୍କଣ (ହରେକୃଷ୍ଣ 'ଦ୍ରବ୍ୟଗୁଣ')—Sphatika kshā(khā)ra Borax. স্ফটিকক্ষার सोहागा

ସ୍ଫଟିକ ନିନ୍ଦୀ—ସଂ. ବଣ.—ସ୍ଫଟିକ ଅପେକ୍ଷା ସ୍ୱଚ୍ଛତର—More Sphatika nindi transparent than quartz.

ସ୍ଫଟିକ ବିଷ—ସଂ ବି.—ଦାରୁ ମୁଷ୍ଟି (ହି ଶ)—Aconite; bellebore. Sphatika bisha

ସ୍ଫଟିକ ମୟ—ସଂ. ବଣ.—ସ୍ଫଟିକ ନିର୍ମିତ—Made of crystal. Sphatika maya

ସ୍ଫଟିକ ସ୍ତମ୍ଭ—ସଂ. ବି.—ସ୍ଫଟିକ ନିର୍ମିତ ଖୁଣ୍ଟ—Pillar or column Sphatika stambha of quartz.

ସ୍ଫଟିକା—ସଂ. ବି—ସ୍ଫଟିକାରି; ଫିଟକିରି (ଭାବ ପ୍ରକାଶ)—Alum. Sphatikā

ସ୍ଫଟିକାଚଳ—ସଂ. ବି.—କୈଳାସ ପର୍ବତ (ହେମଚନ୍ଦ୍ର)—The Spatikāchala Kailāsa mountain. (ଦ୍ର—ଏହା (ସ୍ଫଟିକାଦ୍ରି—ଅନ୍ୟରୂପ) ତୁଷାରରୁ ସ୍ଫଟିକମୟ ପରି ଦେଖାଯାଏ]—

ସ୍ଫଟିକାଦ୍ରିଭିଦ୍—ସଂ. ବି.—(ସ୍ଫଟିକାଦ୍ରି=କୈଳାସ ପର୍ବତ+ଭିଦ୍ Sphatikādribhid ଧାତୁ=ଲଙ୍ଘିତ ହେବା+କର୍ତ୍ତୃ କ୍ୱିପ୍) କର୍ପୂର (ରାଜ ନିର୍ଘଣ୍ଟ)—Camphor.

ସ୍ଫଟିକାରି (ରୀ)—ସଂ ବି.—ଫିଟକିରି—Alum Sphatikāri(rī) (ସ୍ଫଟିକା, ସ୍ଫଟିକାରିକା—ଅନ୍ୟରୂପ)—[ଦ୍ର—ଏହା କଟୁ, ସ୍ନିଗ୍ଧ, ଅନ୍ୟ ସଂସ୍କୃତ—କଷାୟ, ପ୍ରଦର, ମେହ, ମୂତ୍ରକୃଚ୍ଛ୍ର, ବମି ଓ ଶୋଷନାଶକ, ଉଦରୀ, ରକ୍ତଦୁଷ୍ଟି, ବାତ ପିତ୍ତ କଫ ନାଶକ, ଯୋନିସଂକୋଚକ ଦୃଢ଼ରଙ୍ଗ. ରଙ୍ଗୋ ଓ ମୁଖରୋଗରେ ହିତକର । ଏହାଦ୍ୱାରା ସ୍ୱର୍ଣ୍ଣାଦି ଧାତୁର ରଙ୍ଗ ଦୃଢ଼ ହୁଏ ।]

ସ୍ଫଟିକାଧାର—ସଂ ବି (ମ. ପ. ଲେ; ସ୍ଫଟିକ+ଆଧାର)—ସ୍ଫଟିକନିର୍ମିତ Sphatikādhāra ପାତ୍ର—A pot made of crystal

ସ୍ଫଟିକାଭ୍ର—ସଂ ବି—କର୍ପୂର—Sphatikābhra Camphor.

ସ୍ଫଟିକୀ—ସ. ବି—ଟାଙ୍କଣ—Sphatikī (ସ୍ଫଟିକାରିକା—ଅନ୍ୟରୂପ) Borax.

ସ୍ଫଟିକୋପମ—ସଂ. ବଣ (ବହୁବ୍ରୀହି; ସ୍ଫଟିକ ସଙ୍ଗେ ଉପମା ହୁଏ ଯାହାର) Sphatikopama ସ୍ଫଟିକ ସଙ୍ଗେ ତୁଳନୀୟ—Crystal—(ସ୍ଫଟିକୋପମା—ସ୍ତ୍ରୀ. ବଣ) like. ସ. ବି—୧ । କର୍ପୂର (ହି. ଶ)—1. Camphor. ୨ । ଦସ୍ତା ଧାତୁ (ହି. ଶ) 2. Zinc. ୩ । ଚନ୍ଦ୍ରକାନ୍ତ ମଣି (ହି. ଶ)—3. Moonstone.

ସ୍ଫଟୀ—ସ. ବି.—ଫିଟକିରି—Sphatī Alum.

ସ୍ଫର୍ଡ୍ (ଧାତୁ)—ସ—ପରିହାସ କରିବା—Sphard (root) To joke.

ସ୍ଫର(ଧାତୁ)—ସ—୧ । ସ୍ଫୁରଣ କରିବା—1. To flash. ୨ । ଚଳିବା. 2. Sphar (root) To move.

ସ୍ଫରଣ—ସ. ବି (ସ୍ଫର୍ ଧାତୁ+ଭାବ. ଅନ)—ସ୍ଫୁରଣ (ଦେଖ)—Spharana Sphurana (See)

ସ୍ଫଲ୍ (ଲ) (ଧାତୁ)—ସ—ସ୍ଫୁରଣ କରିବା—Sphal (l)(root) To flash,

ସ୍ଫାଟକ—ସଂ ବି—(ସ୍ଫଟ୍‌ଧାତୁ+କର୍ତ୍ତୃ ଅକ)—୧ । ସ୍ଫଟିକ (ହୁ· ଶ)—
Sphāṭaka 1. Crystal. ୨। ଜଳବିନ୍ଦୁ—2. Water-drop

ସ୍ଫାଟିକ—ସଂ ବିଣ (ସ୍ଫଟିକ+ସମ୍ବନ୍ଧାର୍ଥେ ଅ)—ସ୍ଫଟିକସମ୍ବନ୍ଧୀୟ—
Sphāṭika Crystalline.

ସ୍ଫାତ—ସଂ. ବିଣ—(ସ୍ଫାଇ ଧାତୁ = ବୃଦ୍ଧି ପାଇବା + କର୍ତ୍ତୃ ତ)—ବୃଦ୍ଧିପ୍ରାପ୍ତ; ସ୍ଫୀତ—In-
Sphāta creased; swollen.

ସ୍ଫାୟ୍ (ଇ) (ଧାତୁ)—ସ.—୧ । ବୃଦ୍ଧି ପାଇବା—1. To increase.
Sphāy (r) [root) ୨ । ଉନ୍ନତିଯୁକ୍ତ ହେବା—2. To improve. ୩ । ଫୁଲିବା—3. To swell.

ସ୍ଫାର—ସ.ବିଣ—(ସ୍ଫାୟ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ ର, କିଂବା ସ୍ଫାର
Sphāra ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ ଅ)—୧ । ବୃଦ୍ଧିପ୍ରାପ୍ତ—
1. Increased; enhanced, ୨। ବିସ୍ତୃତ—
2. Extended; extensive ୩ । ପ୍ରଚୁର (ଅଭିପ୍ରଧାନ)
3. Sufficient; abundant; ample ୪ । ବିପୁଳ;
ବୃହତ୍ (ଦେଶଜକ୍ସ)—4. Big; large; wide. ୫ ।
ବିକଟ (ମେଦିନୀ)—5. Hideous; fierce. ସ. ବି
୧ । ସ୍ଫୁରଣ; ପ୍ରକାଶ—1. Exhibition; flashing;
manifestation. ୨ । କନକାଦି ଧାତୁର ବୁଦ୍‌ବୁଦ
(ମେଦିନୀ)—2. Drops or bubbles of molten gold or other metal.

ସ୍ଫାରଣ—ସଂ ବି· (ସ୍ଫୁର ଧାତୁ ଣିଚ୍=ସ୍ଫାର ଧାତୁ+ଭାବ ଅନ)—୧
Sphārana ବଢ଼ାଇବା—1. Widening; increasing; enhancing. ୨ । ବିସ୍ତାର କରିବା—2. Extending. ୩ । ସ୍ଫୁରଣ (ଦେଖ)—3. Sphurana (See)

ସ୍ଫାର ଦର୍ପଣ—ସଂ· ବି—ବଡ଼ ଆଇନା—
Sphāra darpana Big mirror.

ସ୍ଫାରିତ—ସଂ. ବିଣ (ସ୍ଫାର ଧାତୁ, ଣିଚ+କର୍ମ ତ)—୧ । ବିସ୍ଫାରିତ
Sphārita 1. Widened ୨ । ବିସ୍ତାରିତ—2. Extended.

ସ୍ଫାନ—ସଂ. ବି (ସ୍ଫଲ ଧାତୁ=ସ୍ଫୁର୍ତ୍ତି ପାଇବା+ଭାବ ଅ)
Sphāna ୧ । ସ୍ଫୁର୍ତ୍ତି; ସ୍ଫୁରଣ—1. Flashing ୨ । ଅସ୍ଫାଳନ—2. Boasting.

ସ୍ଫିକ୍—ସଂ. ବି (ସ୍ଫାୟ ଧାତୁ+କର୍ତ୍ତୃ ଇକ୍, ଣିତ୍ ୧ମା. ୧ବ)—ସ୍ଫିଚ୍;
Sphic କଟିପ୍ରୋଥ—Buttocks.

ସ୍ଫିକ୍‌ଘାତନକ—ସ. ବି.—କଟ୍‌ଫଳ; କାଫଳ—
Sphik-ghatanaka Myrica Sapida. (plant)

ସ୍ଫିଟ୍(ଧାତୁ)—ସଂ.—ରତିକରିବା—
Sphiṭ (root) To cohabit.

ସ୍ଫିର—ସ. ବିଣ (ସ୍ଫାୟ ଧାତୁ+କର୍ତ୍ତୃ ଇର)—ପ୍ରଚୁର—
Sphira Sufficient; abundant.

ସ୍ଫିର ଧନ—ସଂ· ବିଣ. ପୁଂ (ବହୁବ୍ରୀହି) ଯାହାର ବହୁଧନ ଅଛି—
Sphira dhana Having abundant riches.
(ସ୍ଫିରଧନା—ସ୍ତ୍ରୀ)

ସ୍ଫୀତ—ସଂ· ବିଣ (ସ୍ଫାୟ ଧାତୁ+କର୍ତ୍ତୃ ତ)—୧ । ପ୍ରବୃଦ୍ଧ; ବଢ଼ିଥିବା;
Sphīta ବର୍ଦ୍ଧିତ—1. Increased. ୨ । ସମୃଦ୍ଧ
(ସ୍ଫୀତି, ସ୍ଫୀତତା—ବି (ଭାଗବତ)—2. Grown rich or prosperous. ୩ । ଫୁଲିଥିବା—3. Swollen; bloated.

ସ୍ଫୀତ ବକ୍ଷଃ—ସଂ. ବି (କର୍ମଧା)—୧ । ଫୁଲିଥିବା ଛାତି—
Sphīta bakshah 1. Expanded breast. ୨ । ଗର୍ବୋନ୍ନତ ଛାତି—2. Bloated breast. ସଂ. ବିଣ (ବହୁବ୍ରୀହି) ଦର୍ପ ବା ଗର୍ବାଧିକ୍ୟ ଯାହାର ଛାତି ଫୁଲି ଉଠିଅଛି; ଦର୍ପୋଦ୍ଧତ ବା ଗର୍ବୋଦ୍ଧତ—Having one's breast expanded through pride or joy.

ସ୍ଫୀତ ହେବା—ଦେ. କ୍ରି—ଫୁଲିବା—
Sphīta hebā To swell; to heave.
স্ফীত হওয়া स्फीत होना

ସ୍ଫୀତି—ସଂ. ବି [ସ୍ଫାୟ ଧାତୁ+ଭାବ ତି]—୧ । ପ୍ରବୃଦ୍ଧି—
Sphīti 1. Increase. ୨ । ଶୋଥ—2. Dropsy;
[ସ୍ଫୀତ—ବିଣ] plethora. ୩ । ଫୁଲା—
3. Swelling. ୪ । ଉନ୍ନତି—4. Improvement.

ସ୍ଫୀତୋଦର—ସଂ. ବି—୧ । [କର୍ମ] ଫୁଲା ପେଟ—1. Swollen
Sphītodara belly. ୨ । [ବହୁବ୍ରୀହି]
ପେଟ ଫମ୍ପା ରୋଗ—2. Tympanites. ସଂ. ବିଣ.
[ସ୍ଫୀତୋଦରୀ—ସ୍ତ୍ରୀ] ପୁଂ [ବହୁବ୍ରୀହି]—ଯାହାର ପେଟ ଫାମ୍ପିଛି—
Having the belly swollen.

ସ୍ଫୁଟ୍ [ଧାତୁ]—ସଂ.—୧ । ବିକସିତ ହେବା; [ଫୁଲ] ଫୁଟିବା—
Sphuṭ (root) 1. To blow; to expand (said of a flower) ୨ । ପରିହାସ କରିବା—2. To joke.
୩ । ବ୍ୟକ୍ତ ହେବା—3. To be manifest.
୪ । ଫୁଟାଇବା; ଭେଦ କରିବା—4. To pierce.
୫ । ବିଦୀର୍ଣ୍ଣ ହେବା—5. To be split. ୬ । ଫାଟିଯିବା—
6. To burst.

ସ୍ଫୁଟ—ସଂ. ବିଣ [ସ୍ଫୁଟ୍ ଧାତୁ+କର୍ତ୍ତୃ ଅ]—୧ । ପ୍ରସ୍ଫୁଟିତ; ବିକଶିତ;
Sphuṭa ପ୍ରଫୁଲ୍ଲ [ମେଦିନୀ]—1. Fully blown.
[ସ୍ଫୁଟତା—ବି] [ଜି—ଅଳଙ୍କୃତ ଯଥ କୁସୁମ ସ୍ଫୁଟେ
[ଏଥିର ଅପଭ୍ରଂଶ—ଫାଟିବା, ଫୁଟିବା] ଚମ୍ପକ କରି ସବୁରେଶ
ଲୁଠେ—ପ୍ରାଚୀ ରସବାରିଧି ।] ୨ । ବ୍ୟକ୍ତ; ସ୍ପଷ୍ଟ
[ମେଦିନୀ]—2. Manifest; distinct. ୩ । ବିଶଦ—
3. Clear; plain; obvious. ୪ । ପ୍ରଦୀପ୍ତ—
4. Lighted. ୫ । ବିଦୀର୍ଣ୍ଣ—5. Pierced; lacerated. ୬ । ଭିନ୍ନ (ଶବ୍ଦକଳ୍ପଦ୍ରୁମ)—
6. Separated. ୭ । ଫାଟି ଯାଇଥିବା—
7. Burst; split. ୮ । ନିଶ୍ଚିତ—8. Sure; ascertained. ୯ । ଶୁକ୍ଳ [ଅଜୟ]—

9. White. ୧୦ । ଶୁଭ୍ର—10. Bright. ୧୧ । ନିର୍ମଳ—11. Clean. ୧୨ । ଛିଦ୍ରଯୁକ୍ତ; ଫୁଟା—12. Having holes; perforated. ୧୩ । ପୃଥକ୍ (ପ୍ର, ଗ୍ରା)—13. Separate; distinct. ସଂ. ବି—୧ । ସର୍ପର ଫଣା—1. The expanded hood of a serpent. ୨ । ଜନ୍ମ ସମୟରେ କେଉଁ କେଉଁ ଗ୍ରହର କେଉଁ କେଉଁ ରାଶିରେ କେତେ ଅଂଶ, କେତେ କଳା, କେତେ ବିକଳାରେ ଅବସ୍ଥିତି, ଜନ୍ମ କୁଣ୍ଡଳୀରେ ଏଥିର ପ୍ରଦର୍ଶନ [ପ୍ରା. ଗ୍ରା.]—2. Showing in the horoscope the positions of different planets in degrees, minutes and seconds in the different zodiacal signs at the time of one's birth.

ସ୍ଫୁଟକ—ସଂ. ବି—ଜ୍ୟୋତିଷ୍ମତୀ ଲତା [ପ୍ର. ଗ୍ରା.]
Sphuṭaka Cardiospermum Helicacabum plant.

ସ୍ଫୁଟ ଗଣନା—ସଂ. ବି.—(ଜ୍ୟୋତିଷ)—ଗ୍ରହମାନଙ୍କର ଦୃଶ୍ୟମାନ ଗତି ବା
Sphuṭa gaṇanā ବା ସ୍ଥିତି ଛଡ଼ା ପ୍ରକୃତ ଅବସ୍ଥିତି ସ୍ଥିର କରିବା ରୂପ ଗଣନା—(Astronomy) Calculation of the true motion or position of planets, as distinct from the apparent motion or position. [ଦ୍ର—ଯେତେବେଳେ ଆଖିକୁ ସୂର୍ଯ୍ୟ ବୁଡ଼ିନ ଥିବାପରି ଦେଖାଯାଏ, ପ୍ରକୃତରେ ସେତେବେଳେ ସୂର୍ଯ୍ୟ ବୁଡ଼ି ଯାଇଥାଏ ଓ ଅସ୍ତାଚଳପୃଷ୍ଠ ତଳକୁ ଯାଇଥାଏ; କିନ୍ତୁ ବାୟୁମଣ୍ଡଳର ପ୍ରତିଫଳନ (refraction) ଯୋଗୁ ତାହା ଦିଗ୍ମଣ୍ଡଳର ଉପରେ ଆଖିକୁ ଦେଖାଯାଏ ।]

ସ୍ଫୁଟ ଗତି—ସଂ. ବି— ଜ୍ୟୋତିଷ)—ଗ୍ରହମାନଙ୍କ ପ୍ରକୃତ ଗତି—The
Sphuṭa gati true motion of planets. [ଦ୍ର— ଔଦୟିକ ବା ମଧ୍ୟାହ୍ନକାଳୀନ (କମ୍ବା ମଧ୍ୟରାତ୍ରୀୟ) ସ୍ଫୁଟଗ୍ରହ ଓ ପରଦିନର ଔଦୟିକ, ମାଧ୍ୟାହ୍ନିକ ବା ମାଧ୍ୟରାତ୍ରିକ ସ୍ଫୁଟଗ୍ରହର ଅନ୍ତରହିଁ ସ୍ଫୁଟଗତି ଅଟେ । ସୂକ୍ଷ୍ମ ତାତ୍କାଳିକ ସ୍ଫୁଟଗତି ଆଣିବାକୁ ହେଲେ 'ମନ୍ଦକେନ୍ଦ୍ର' ଗତିକୁ ମନ୍ଦକେନ୍ଦ୍ରର କୋଟିଫଳ ଦ୍ୱାରା ଗୁଣି ତ୍ରିଜ୍ୟା ଦ୍ୱାରା ଭାଗ କଲେ ମନ୍ଦଗତିଫଳ ଆସେ । ଏହି ଗତିଫଳକୁ କର୍କ୍ୟାଦି କେନ୍ଦ୍ରରେ ମଧ୍ୟଗତିରେ ଯୋଗକଲେ ଓ ମକରାଦି କେନ୍ଦ୍ରରୁ ବିଯୋଗ କଲେ ତାତ୍କାଳିକ ମନ୍ଦସ୍ଫୁଟଗତି ହୁଏ । ସିଦ୍ଧାନ୍ତ ଶିରୋମଣି ଓ ସିଦ୍ଧାନ୍ତ ଦର୍ପଣରେ ଏହି ବିଷୟମାନଙ୍କର ଉଲ୍ଲେଖ ଅଛି ।] (ସନ୍ଦର୍ଭ ଲେଖକ ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷଭୂଷଣ ।)

ସ୍ଫୁଟ ଗ୍ରହ—ସଂ.ବି—(ଜ୍ୟୋତିଷ)—ଗ୍ରହମାନଙ୍କର ଦୃଶ୍ୟମାନ ଅବସ୍ଥିତିରି
Sphuṭa graha ନିର୍ଣ୍ଣୟ—The ascertaining of the true positions of the planets in the Zodiac. [ଦ୍ର—ଗ୍ରହାଦିଙ୍କ ଗତି ପ୍ରଥମେ 'ମଧ୍ୟମାଧିକାର' ରେ ସ୍ଥିର କରାଯାଇ ପରେ 'ସ୍ଫୁଟ' କରାଯାଏ । ଏହାର ବିଷୟମାନ 'ସିଦ୍ଧାନ୍ତ ଶିରୋମଣି' ଓ 'ସିଦ୍ଧାନ୍ତ ଦର୍ପଣ'ରେ ଉକ୍ତ ଅଛି । ମଧ୍ୟମ ଗତିରୁ ସ୍ଫୁଟ ଗତି ସ୍ଥିର କରା ନ ଗଲେ, କେବଳ ମଧ୍ୟମ ଗତି ବା ଅବସ୍ଥିତିରୁ ଧରି କୌଣସି କାର୍ଯ୍ୟ କରିଣ‌ିପୁ ନୁହେ ।

ଫଳତ ଜ୍ୟୋତିଷରେ ସ୍ଫୁଟଗ୍ରହ ନ ଆଣିଲେ ଗ୍ରହମାନଙ୍କର ବର୍ଣ୍ଣାଦି ଓ ଉଚ୍ଚାଦି ବଳ ନିର୍ଣ୍ଣିତ ହୋଇ ନ ପାରେ । ତେଣୁ ସ୍ଫୁଟ ଆଣିବା ସର୍ବାଦୌ ଉଚିତ । ପଞ୍ଜିକାରେ ସଧାରଣତଃ ପ୍ରତ୍ୟେକ ଦିନର ଔଦୟିକ ସ୍ଫୁଟଗ୍ରହ ଦିଆଯାଇ ଥାଏ । ଏଥିରୁ ସେ ଦିବସର ଯେକୌଣସି ସମୟର ସ୍ଫୁଟଗ୍ରହ ଅଣାଯାଇପାରେ । ପର ଦିବସ ଔଦୟିକ ସ୍ଫୁଟରୁ ଆଜଣ୍ୟାକ ଦିନର ଔଦୟିକ ସ୍ଫୁଟ ବାଦ୍ ଦେଲେ ଗ୍ରହର ଦୈନିକ ସ୍ଫୁଟଗତି ତାହାରେ । ଦୈନିକର ଗତି ଜଣାଗଲେ, ଗୋଟିଏ ଦଣ୍ଡକର ବା ଲିତାକର ଗତି ମଧ୍ୟ ଅଣାଯାଇ, ଆବଶ୍ୟକ କାଳ ଉଦୟଠାରୁ ଯେତେ ଦଣ୍ଡ ଯେତେ ଲିତା (ବା ଘଣ୍ଟା, ମିନିଟ) ହେଲା, ସେ ସମସ୍ତ ଗତି ହିସାବ କରି ଔଦୟିକ ସ୍ଫୁଟରେ ଯୋଗ କଲେ ଆବଶ୍ୟକକାଳୀନ ସ୍ଫୁଟଗ୍ରହ ତାହାରେ ।]
(ସନ୍ଦର୍ଭ ଲେଖକ —ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷଭୂଷଣ)

ସ୍ଫୁଟତା (ତ୍ୱ)—ସଂ. ବି. (ସ୍ଫୁଟ+ଭାବେ. ତା,ତ୍ୱ)—୧ । ସ୍ପଷ୍ଟତା—
Sphuṭatā (twa) 1. Clearness; distinctness. ୨ । ଶୁଭ୍ରତା—2. Brightness.

ସ୍ଫୁଟତ୍ୱଚା—ସଂ. ବି—ଜ୍ୟୋତିଷ୍ମତୀ—Cardiospermum Heli.
Sphuṭa twachā cacabum (plant)

ସ୍ଫୁଟ ଧ୍ୱନି—ସଂ. ବି—(ବହୁବ୍ରୀହି)—ଧଳା କପୋତ (ପ୍ର. ଗ୍ରା)
Sphuṭa dhwani The white dove.

ସ୍ଫୁଟନ—ସଂ. ବି. (ସ୍ଫୁଟ ଧାତୁ+ଭାବ ଅନ)—୧ । (ପୁଷ୍ପାଦିର)
Sphuṭana ବିକାଶନ; ଫୁଟିବା; ବିକଶିତା—1. Expanding, blowing; opening (of flowers). ୨ । ଫାଟିବା ବିଦାରଣ—2. Splitting; bursting. ୩ । ଫୁଟିବା, ଛିଦ୍ରଯୁକ୍ତ ହେବା—3. Perforation. ୪ । ଫୁଟାଇବା, ବେଧନ; ଭେଦନ—4. Piercing. ୫ । ବ୍ୟକ୍ତ ହେବା —5. Being manifest, clear or distinct.

ଦେ. ବି.—(ଭାଙ୍ଗିହେବା ସମୟରେ ହାତର ଓ ଗୋଡ଼ର ଅଙ୍ଗୁଠି
ଫୁଟନ ଆଦି) ଫୁଟୁକି ଫୁଟାଇବା—The cracking of the
ସ୍ଫୁଟନ joints of the finger or other limbs
[ଦ୍ର—ସ୍ଫୁଟନ କଲେ ବି ଅଙ୍ଗୁଳି—ସାମନ୍ତ ସିଂହାର ବିଦଗ୍ଧ ଚିନ୍ତାମଣି ।]

ସ୍ଫୁଟ ଫଳ—ସଂ. ବି—(ବହୁବ୍ରୀହି; ଯାହାର ଫଳ ପାଚିଲେ ଫାଟିଯାଏ)—
Sphuṭa phala ଭୁମୁରୁ (ପ୍ର. ଗ୍ରା): ଏକପ୍ରକାର ନାରଙ୍ଗୀ—
Anthoxylum Alatum (tree).

ସ୍ଫୁଟ ବନ୍ଧନୀ(ନା)—ସଂ. ବି—ଜ୍ୟୋତିଷ୍ମତୀ; ପାରାବତ-ପଦୀ; ଫୁଟଫୁଟିକା;
Sphuṭa bandhanī(nā) ଲତା (ରତ୍ନମାଳା)—
নয়া ফটকী Cardiospermum Helicacabum (plant).
माल कंगनी (ସ୍ଫୁଟ ବଲ୍ଲୀ[ଲ୍ଲି]—ଅନ୍ୟରୂପ)

ସ୍ଫୁଟ ଭାବ—ସଂ. ବି (ଜ୍ୟୋତିଷ)—ଜନ୍ମକୁଣ୍ଡଳୀରେ ଗ୍ରହମାନଙ୍କର
Sphuṭa bhāva ପ୍ରକୃତ ଅବସ୍ଥିତିର ଗଣନା—The real cusp of planets in the horoscope.
[ବି—ପ୍ରଥମେ ଲଗ୍ନସ୍ଫୁଟ ଆଣି ତହିଁରୁ ଅନ୍ୟ ଭାବସ୍ଫୁଟ ଆଣିବାକୁ ହୁଏ । ଭାବସ୍ଫୁଟ ନ କଲେ ଭାବବଳ ଓ ତହିଁରେ ଗ୍ରହମାନଙ୍କର ସଂଯୋଗ ସମ୍ୟକ୍ ସ୍ଥିର କରାଯାଇ ନ ପାରେ; ଲଗ୍ନ ସ୍ଫୁଟରୁ ମଧ୍ୟ ଲଗ୍ନ ବା ଦଶମ ଭାବସ୍ଫୁଟ କରାଯାଏ । ଲଗ୍ନଭାବସ୍ଫୁଟରେ ୬ ରାଶି ବା ୧୮୦ ଅଂଶ ଯୋଗ କଲେ ସପ୍ତମ ଭାବସ୍ଫୁଟ ହୁଏ । ଦଶମ ଭାବକୁ ଲଗ୍ନଭାବରୁ ବାଦ୍ ଦେଇ ଅବଶିଷ୍ଟକୁ ୩ ରେ ହରଣ କରି ଏକ ଏକ ଭାବକୁ ଦଶମ ସ୍ଫୁଟରେ ମିଶାଇଲେ ଲାଭଭାବ ଓ ବ୍ୟୟଭାବ ବାହାରେ । ଏହାପରି ଚତୁର୍ଥ ଓ ସପ୍ତମ ଭାବର ଅନ୍ତରରୁ ପଞ୍ଚମ ଓ ଷଷ୍ଠ ଭାବ ସ୍ଥିର ହୁଏ । ଲଗ୍ନ ଓ ଚତୁର୍ଥର ଅନ୍ତରରୁ ଧନ ଓ ଭ୍ରାତୃଭାବ ସ୍ଫୁଟ ସ୍ଥିର କରାଯାଏ । ଦଶମ ଓ ସପ୍ତମର ଅନ୍ତରରୁ ଅଷ୍ଟମ ଓ ନବମଭାବସ୍ଫୁଟ ସ୍ଥିର କରାଯାଏ । ଦଶମ ସ୍ଫୁଟରୁ ୬ ରାଶି ଅନ୍ତର କଲେ ଚତୁର୍ଥର ସ୍ଫୁଟ ବାହାର ଅଟେ । (ସଙ୍କଳକ ଲେଖକ—ଶ୍ରୀ ବାଇଧର ମହାପାତ୍ର ଜ୍ୟୋତିଷ ବିଶାରଦ) ।]

ସ୍ଫୁଟମାନ ହେବା—ଦେ. କ୍ରି—ପ୍ରକାଶିତ ହେବା—To appear
Sphuṭamāna hebā clearly or distinctly.
স্ফুটমান হওয়া [ଉ—ସେ ପୁଣି ତାଙ୍କୁ ସ୍ଫୁଟମାନ ହୁଅନ୍ତେ,
स्फुटमान होना ମୋତେ କୃଷ୍ଣ ପାସୋରଲେ । ପ୍ରାଚୀ. ବଂଶବାରିଧି ।)

ସ୍ଫୁଟା—ସଂ. ବି—(ସ୍ଫୁଟ୍ ଧାତୁ+କର୍ମ.ଅ+ଆ)—ଫଟା; ଫଣା (ରାମାଶ୍ରମ)
Sphuṭā —The expanded hood of a serpent.

ସ୍ଫୁଟି(ଟୀ)—ସଂ. ବି—(ସ୍ଫୁଟ ଧାତୁ=ଫାଟିବା+କରଣ.ଇ; ଈ)—
Sputi(ṭi) ୧ । ପାଦସ୍ଫୋଟ ରୋଗ; ଗୋଡ଼ଫାଟ ରୋଗ (ଶବ୍ଦକଳ୍ପଦ୍ରୁମ)—1. Kibe; a disease; splitting up of the skin of the soles of the feet ୨ । ଫୁଟି କାକୁଡ଼ି; ଉର୍ବାରୁ କର୍କଟୀ ଫଳ (ମେଦିନୀ)—2. Musk melon; a kind of melon which bursts when ripe; Cucumis Melo.

ସ୍ଫୁଟିକା—ସଂ. ବି—୧ । ଫୁଟି କାକୁଡ଼ି—1. A kind of musk
Sphuṭikā melon. ୨ । ଫିଟକିରି (ହ୍ରି. ଶ)—2. Alum.

ସ୍ଫୁଟିତ—ସଂ. ବିଣ (ସ୍ଫୁଟ୍ ଧାତୁ+କର୍ତ୍ତୃ. ତ)—୧ । ବିକସିତ—
Sphuṭita 1. Opened; expanded; full blown. ୨ । ପରିହସିତ—2. Laughed at; derided. ୩ । ବ୍ୟକ୍ତୀକୃତ; ପ୍ରକଟିତ—3. Made distinct or apparent. ୪ । ଫାଟି ଯାଇଥିବା; ଭଗ୍ନ—4. Split up; pierced. ୫ । ଫୁଟି ଯାଇଥିବା; କଣା ହୋଇଥିବା—5. Perforated. ୬ । ଜ୍ଞାତ—6. Ascertained. ୭ । ଶୁଭ୍ରୀକୃତ—7. Brightened.

ସ୍ଫୁଟିତ କାଣ୍ଡ ଭଙ୍ଗ(ଗ୍ନ)—ସଂ. ବି—(ବୈଦ୍ୟକ)—ହାଡ଼ ଟିକି ଟିକି
Sphuṭita kāṇḍa bhaṅga(gna) ହୋଇ ଭାଙ୍ଗିବା—
The breaking of a bone into many bits.

ସ୍ଫୁଟୀ କରଣ—ସଂ. ବି (ସ୍ଫୁଟ+ଅଭୂତଭାବେ ଚ୍ୱି+କରଣ)—ଅସ୍ଫୁଟ
Sphuṭī karaṇa ବା ଅସ୍ପଷ୍ଟ ବସ୍ତୁର ବ୍ୟକ୍ତୀକରଣ—
(ସ୍ଫୁଟୀକୃତ—ବିଣ) Making distinct.

ସ୍ଫୁଟ୍ଟ (ଧାତୁ)—ସଂ—ଅନାଦର କରିବା—To slight; to treat
Sphuṭṭ (root) with disregard.

ସ୍ଫୁର୍ଡ୍ (ଧାତୁ)—ସଂ—୧ । ପରିହାସ କରିବା—1. To joke. ୨ ।
Sphurḍ (root) ବିକଶିତ ହେବା—2. To be expanded; to be full blown. ୩ । ବରଣ କରିବା—3. To choose; to invite.

ସ୍ଫୁତ୍—ସଂ. ଅ—ଅନୁକରଣ ଶବ୍ଦ; ଫୁତ୍କାର; ଫୁଙ୍କିବା ଶବ୍ଦ; ଫୁ ଫୁ
Sphut ଶବ୍ଦ—Sound of blowing wind through
ফুঁ, ফুঁ फुंकार the mouth.

ସ୍ଫୁତ୍-କର—ସଂ. ବି (ସ୍ଫୁତ୍=ଫୁଂ ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ)—
Sphut-kara ଅଗ୍ନି (ଶବ୍ଦଚନ୍ଦ୍ରିକା)—Fire.

ସ୍ଫୁତ୍-କାର—ସଂ. ବି (ସ୍ଫୁତ୍=ଫୁଂ ଶବ୍ଦ+କୃ ଧାତୁ+ଭାବ. ଅ)—
Sphut-kāra ଫୁତ୍କାର; ମୁହଁରେ ଫୁଙ୍କିବା ଶବ୍ଦ; ଫୁଁ ଫୁଁ ଶବ୍ଦ
Sound of blowing air through the lips.

ସ୍ଫୁତ୍କାର କରିବା—ଦେ. କ୍ରି—ମୁହଁରେ ଫୁଙ୍କିବା—To blow air
Sphut-kāra karibā through the lips.
ফুঁ দেওয়া फूत्कार करना

ସ୍ଫୁର୍ (ଧାତୁ)—ସଂ—୧ । ଚଞ୍ଚଳ ହେବା—1. To be active.
Sphur (root) ୨ । ଇତସ୍ତତଃ ଈଷତ୍ ଚଳିବା—2. To move
ଏହାର ଅପଭ୍ରଂଶ— slightly to and fro; to palpit-
ଫୁରିବା, ସ୍ଫୁରିବା । ate; to throb. ୩ । (ଅଙ୍ଗର ଚର୍ମ) ତେଇଁବା—3. To throb (said of the skin of a limb). ୪ । ପ୍ରକାଶିତ ହେବା—4. To be manifest; to be apparent. ୫ । କମ୍ପିବା—5. To shiver; to tremble.

ସ୍ଫୁର—ସଂ. ବି (ସ୍ଫୁର ଧାତୁ+କର୍ତ୍ତୃ. ଅ)—୧ । ଫଳକ (ହେମଚନ୍ଦ୍ର);
Sphura ପଟା—1. Pane; plate; board. ୨ । (+ଭାବ ଅ)—ସ୍ଫୁରଣ (ଅମର ଟୀକା) (ଦେଖ)—2. Sphuraṇa (See) ୩ । ବାୟୁ (ହ୍ରି. ଶ)—3. Wind.

ସ୍ଫୁରଣ—ସଂ. ବି (ସ୍ଫୁର ଧାତୁ+ଭାବ. ଅନ)—୧ । କମ୍ପନ; କିଞ୍ଚିତ୍
Sphuraṇa ଚଳନ (ଭରତ)—1. Quivering; tremb-
ସଂସ୍କୃତ ପର୍ଯ୍ୟାୟ—ସ୍ଫୁର, ସ୍ଫୁରଣ, ling; slight movement.
ସ୍ଫାର, ସ୍ଫାରଣ, ସ୍ଫୁଲନ, ସ୍ଫୋରଣ ୨ । ଇତସ୍ତତଃ ଚଳନ—
(ସ୍ଫୁରିତ—ବିଣ) 2. Oscillating. ୩ । ସ୍ଫୂର୍ତ୍ତି (ଶବ୍ଦରତ୍ନମାଳା)—3. Being manifest or expressed; ex-

pression ୪ । ଫୁଟିବା—4. Blowing; expanding. ୫ । ଦୀପ୍ତି—5. Shining; sparkling. ୬ । ପ୍ରତିବିମ୍ବିତ ହେବା—6. Reflection. ୭ । ଉଦ୍ଭେଦ—7. Rising. ୮ । ଅଙ୍ଗ ଥର ସ୍ଫୁରିବା—8. Throbbing of the skin of some part of the body.

ସ୍ଫୁରନ୍—ସ. ବଣ ସୁଂ (ସ୍ଫୁର ଧାତୁ+ଅତ୍ (ଶତୃ); ସ୍ଫୁରତ୍‌ ୧ମା. ୧ବ)
Sphuran ୧। କମ୍ପମାନ ସ୍ଫୁ—1. Trembling; vibrating; (ସ୍ଫୁରନ୍ତୀ—ସ୍ତ୍ରୀ) throbbing. ୨। ସ୍ଫୁର୍ତ୍ତିଯୁକ୍ତ—2. Finding expression. ୩ । ଦୀପ୍ୟମାନ—3. Shining.

ସ୍ଫୁରା (ରେ) ଇବା—ଦେ. କ୍ରି—ସ୍ଫୁରିବାର ଣିଜନ୍ତ ରୂପ—Causa
Sphurā (re) ibā tive of Sphuribā. [ଭ—ସ୍ଫୁରାଅ ଅଶା ফুরান ফুরবানা ସ୍ଫୁରଅ ଭାଷା—ମଧୁସୂଦନ, ହଳ୍ପଗାଥା]

ସ୍ଫୁରିତ—ସ. ବଣ (ସ୍ଫୁର ଧାତୁ+କର୍ତ୍ତୃ. ତ)—୧ । କମ୍ପିତ—1.
Sphurita Trembling. ୨। ସ୍ଫୁରଣ ବିଶିଷ୍ଟ—2. Throbbing. ୩ । ପ୍ରତିବିମ୍ବିତ—3. Reflected. ୪ । ସ୍ଫୁର୍ତ୍ତିବିଶିଷ୍ଟ—4. Expressed. ୫ । ସ୍ଫୁର୍ତ୍ତିପ୍ରାପ୍ତ—5. Shining; exhibited; manifest.
ସଂ ବ—ସ୍ଫୁରଣ (ଦେଖ)—Sphūraṇa (See)
ଦେ. ବଣ—୧ । ଉଚ୍ଚାରିତ—1. Uttered. ୨ । ପ୍ରକଟିତ—2. Published; proclaimed [ଭ—ବଗ୍‌ବଦ୍ୱା ଶେଷକାଳେ, ସ୍ଫୁରିତ ଶଙ୍ଖ ମଙ୍ଗଳେ, ସ୍ଥୂଳ ଜଗତ୍ତ ଡାମୁଳେ ତୋଷି—ଉତ୍କ. ବୈଦେହୀଶବିଳାସ]

ସ୍ଫୁରିତାଧର—ସଂ. ବଣ. ପୁଂ (ବହୁବ୍ରୀ)—(କ୍ରୋଧରେ ଯାହାର ଓଠ
Sphuritādhara ଥରୁଅଛି; କମ୍ପିତୋଷ୍ଠ—With the lips trembl ng (out of anger) (ସ୍ଫୁରିତାଧରା—ସ୍ତ୍ରୀ) ସଂ ବ (କର୍ମଧା)—କମ୍ପୁଥିବା ଓଠ—Trembling lip.

ସ୍ଫୁରିବା—ଦେ' କ୍ରି (ସଂ. ସ୍ଫୁର ଧାତୁ)—୧ । କମ୍ପିବା—1. To
Sphuribā tremble. ୨ । (ଅଙ୍ଗବିଶେଷ) ତେଇଁବା—2. To throb or palpitrate. [ଭ—ହୃଦପୁରେ ଭୟ ହୋଇଲା ଉପସ୍ଥିତ, ସ୍ଫୁରିଲା ବାମଭୁଜ ଭୁଲେ ବାମ ନେତ୍ର—କୃଷ୍ଣସିଂହ ମହାଭାରତ,ବନ] ୩। (ଭାବ ବା ବାକ୍ୟ) ପ୍ରକଟିବା—3. To find expression. [ଭ—ଭାରତ ଗୀତ ହୋଇ ସ୍ଫୁରୁ ମୋ ହୃଦରେ—କୃଷ୍ଣସିଂହ. ମହାଭାରତ, ଆଦି] ୪ । ପ୍ରକାଶିତ ହେବା—4. To be manifest. [ଭ—ଜଗମ ହେବାର କମୂଳର ସାର, ଶିରୀ ସ୍ଫୁରିଲା ସେ କ ପ୍ରକାର—ଭକତସୂର୍ଯ୍ୟ, କଣୋପ୍ରି ଚମ୍ପୂ—ଳ ଗୀତ] ୫ । ବାହାରି ପଡିବା—5. To come out [ଭ—କାହୁଁ ସ୍ଫୁରେ କେବା ସ୍ଫୁରେ, କରବଲମ୍ବ ଜଗଧାରେ—ଭୂପତି. ପ୍ରେମ ପଞ୍ଚାମୃତ] ୬। ଉଚ୍ଚାରିତ ହେବା—6. To be uttered. [ଭ—ଏମନ୍ତ ପ୍ରଶଂସାମୃତ ସ୍ଫୁରୁ କଂସାହୁତ ମୁଖ ଶଶଧରରେ—ଭକତସୂର୍ଯ୍ୟ. ସଙ୍ଗୀତ] ୭ । ପ୍ରକଟିତ ହେବା—7. To be published.

ସ୍ଫୁର୍ଚ୍ଛ୍ (ଧାତୁ)—ସ—ବିସ୍ମୃତ ହେବା—
Sphurchchh (root) To forget.

ସ୍ଫୁର୍ଜ୍(ର୍ଜ୍ଜ୍) (ଧାତୁ)—ସ—(ବଜ୍ର)ଗର୍ଜ୍ଜନ କରିବା—
Sphurj(rjj) (root) To roar (said of thunder).

ସ୍ଫୁର୍ଜ(ର୍ଜ୍ଜ)କ—ସ. ବ (ସ୍ଫୁର୍ଜ୍ ଧାତୁ+କର୍ତ୍ତୃ ଅକ; କଅଁଳେ ଜଳାଇଲେ
Sphurja(rjja)ka ଏହା ଚଡ଼ ଚଡ଼ ଶବ୍ଦ କରେ)—ତନ୍ଦୁର ବୃକ୍ଷ; କେନ୍ଦୁ ଗଛ—Disopyrus Glutinosa (tree).

ସ୍ଫୁର୍ଜ(ର୍ଜ୍ଜ)ଥୁ—ସ. ବ (ସ୍ଫୁର୍ଜ୍ ଧାତୁ+ଭାବ ଅଥୁ)—୧ । ବଜ୍ରପତନ
Sphurja(rjja)thu ଶବ୍ଦ—1. Roar of thunder; thunder clap.

ସ୍ଫୁଲ୍(ଧାତୁ)—ସ—୧ । ସ୍ଫୁର୍ (ଧାତୁ) (ଦେଖ)—1. Sphur [root]
Sphul [root] (See) ୨ । ସ୍ଫୁରଣ କରିବା—2. To sparkle. ୩ । ଖଣ୍ଡିତ ହେବା—3. To split. ୪ । ଚଳିବା—4. To move. ୫ । ସଞ୍ଚୟ କରିବା—5. To store up.

ସ୍ଫୁଲ—ସ. ବ (ସ୍ଫୁଲ୍ ଧାତୁ+କର୍ତ୍ତୃ ଅ)—୧ । ବସ୍ତ୍ରବେଶ୍ମ; ତମ୍ବୁ; ରାଉଟି
Sphula (ଶବ୍ଦରତ୍ନାବଳୀ)—1. Tent. ୨ । ସ୍ଫୁର୍ତ୍ତି (ହି. ଶ)—2. Manifestation.

ସ୍ଫୁଲନ—ସ. ବ (ସ୍ଫୁଲ୍ ଧାତୁ+ଭାବ ଅନ)—ସ୍ଫୁରଣ (ସାଳକଣ୍ଠ)(ଦେଖ)-
Sphulana Sphuraṇa (See)

ସ୍ଫୁଲିଙ୍ଗ—ସ. ବ (ସ୍ଫୁଲ୍=ଫୁଟିବାର+ଲିଙ୍ଗ୍ ଧାତୁ=ନେବା+କର୍ତ୍ତୃ
Sphuliṅga ଅ; ଯାହା ଫୁଟିବାଦ୍ୱାରା ଉଡ଼ଯାଏ)—ଅଗ୍ନିକଣା; ନିଆଁରୁ ଉଠୁଥିବା ଅଗ୍ନିଚୂର୍ଣ୍ଣ—Sparks of fire.

ସ୍ଫୁଲିଙ୍ଗିନୀ—ସ. ବ (ସ୍ଫୁଲିଙ୍ଗ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ ଈ)—
Sphuliṅginī ଅଗ୍ନିଙ୍କ ସପ୍ତ ଜିହ୍ୱା ମଧ୍ୟରୁ ଗୋଟିଏ (ଜଟାଧର)—One of the seven tongues of the fire-god.

ସ୍ଫୁର୍ଜ(ର୍ଜି) (ଧାତୁ)—ସ—ସ୍ଫୁର୍ଜ୍ (ଧାତୁ) (ଦେଖ)—
Sphūrj(rji)(root) Sphurj [root](See).

ସ୍ଫୁର୍ଜ(ର୍ଜ୍ଜ)କ—ସ. ବ (ସ୍ଫୁର୍ଜ୍ ଧାତୁ+ଭାବ ଅକ)—୧। ସ୍ଫୁର୍ଜକ (ଦେଖ)-
Sphūrja(rjja)ka 1. Sphurjaka (See). ୨ । ଶ୍ୟୋଣାକ; ଫମଫମା ଗଛ (ହି. ଶ)—2. Bignonia Indica tree.

ସ୍ଫୁର୍ଜ(ର୍ଜ୍ଜ)ଥୁ—ସଂ. ବ (ସ୍ଫୁର୍ଜ୍ ଧାତୁ+ଅଥୁ)—୧ । ସ୍ଫୁର୍ଜଥୁ (ଦେଖ)—
Sphūrja [rjja]thu 1. Sphurjathu (See) ୨ । ଭୁଣ୍ଡୁଲିସ୍ତ; କାଣ୍ଟାଲେଉଟିଆ ଶାଗ (ହି. ତୋଲିଭ ଶାଗ)—2. Prickly amaranth (pot herb).

ସ୍ଫୁର୍ତ୍ତି—ସ. ବ (ସ୍ଫୁର୍ ଧାତୁ+ଭାବ. ତି; ର=ର୍)—୧ । ସ୍ଫୁରଣ
Sphūrtti (ଦେଖ)—1. Sphuraṇa (See). ୨ । ସ୍ପନ୍ଦନ—2. Throbbing; palpitating. ୩ । ଉଲ୍ଲାସ; ହର୍ଷ—3. Joy; delight; ecstacy of joy. ୪ । ପ୍ରତିଭା—4. Genius. ୫ । ପ୍ରଭା—5. Dazzling.

ଦେ. ବି—୧ । ହର୍ଷଜନିତ ମଉଜ; ଆମୋଦ—1. Merriment. ୨ । ଅନନ୍ଦଜନିତ ମନର ଉତ୍ତେଜନା ବା ଶରୀରରେ ପ୍ରକାଶିତ ଚଞ୍ଚଳତା; ଉତ୍ତେଜନା—3. Buoyancy of spirits and body; exuberence of spirits. ୩। ମନର ସ୍ଥିତିସ୍ଥାପକତା;ସ୍ଫୂର୍ତ୍ତି—3.Activity or elasticity of mind. ୪। ଦ୍ରୁତ—4. Haste. ଦେ. ବିଣ—ଚଞ୍ଚଳ—Active.
ଫୁର୍ତ୍ତି ଫୁରती

ସ୍ଫୁର୍ତ୍ତି କରିବା—ଦେ. କ୍ରି—୧ । ଆନନ୍ଦରେ ମଉଜ କରିବା—1. To be merry or exuberent in spirits. ୨ । ଦ୍ରୁତ କରିବା—2. To make haste,
Sphūrtti kariba
ଫୁର୍ତ୍ତିକରା
फुरती करना

ସ୍ଫୁର୍ତ୍ତି ଜନକ—ସଂ. ବିଣ—ତୃପ୍ତିଦାୟକ—Delightful,
Sphūrtti janaka

ସ୍ଫୁର୍ତ୍ତିବାଜ୍—ଦେ. ବିଣ—୧ । ସ୍ଫୁର୍ତ୍ତିମାନ୍ (ଦେଖ)—1. Sphūrtiman (See) ୨ । ପ୍ରଫୁଲ୍ଲମନା—2. Having buoyancy of spirits. ୩ । ଚଞ୍ଚଳ—3. Active.
Sphūrttibāj
ଫୁର୍ତ୍ତିବାଜ୍
फुरतीला; फुरतीबाज

ସ୍ଫୁର୍ତ୍ତିବାଜି—ଦେ. ବି—'ସ୍ଫୁର୍ତ୍ତିବାଜ' ହେବା ଅବସ୍ଥା—Activity in work; dexterity.
Sphūrttibāji
ଫୁର୍ତ୍ତିବାଜି
फुर्तिबाजी

ସ୍ଫୁର୍ତ୍ତି ବ୍ୟଞ୍ଜକ—ସଂ. ବିଣ—ଯାହା ସ୍ଫୁର୍ତ୍ତି ସୂଚନା କରେ; ଉଲ୍ଲାସ-ସୂଚକ—Indicating buoyancy of spirits;
Sphūrtti byañjaka

ସ୍ଫୁର୍ତ୍ତିମାନ୍—ସଂ. ବିଣ, ପୁଂ (ସ୍ଫୁର୍ତ୍ତି+ଅସ୍ତ୍ୟର୍ଥେ ମତ୍; ସ୍ଫୁର୍ତ୍ତିମତ୍; ୧ମା, ୧ବ)—୧ । ସ୍ଫୁର୍ତ୍ତିବିଶିଷ୍ଟ—1. Joyful; buoyant. ୨ । ବିକଶିତ ହେଉଥିବା—2. Expanding. ୩ । କମ୍ପମାନ—3. Throbbing. ୪ । ଚଞ୍ଚଳ—4. Active. ସଂ. ବି—ପାଶୁପତ (ଶିବାସ୍ତ୍ରବିଶେଷ)—God Siba's weapon.
Sphūrttimān
(ସ୍ଫୁର୍ତ୍ତିମତୀ—ସ୍ତ୍ରୀ)

ସ୍ଫେୟାନ—ସଂ. ବିଣ ପୁଂ (ସ୍ଫିର=ପ୍ରଚୁର+ଅତ୍ୟର୍ଥେ ଈୟସ୍, ୧ମା ୧ବ)—୧। ଅତି ପ୍ରଚୁର—1.Very abundant. ୨ । ଅତ୍ୟଧିକ ଅତିଶୟ; (ଅମର)—2 Excessive
Spheyān
(ସ୍ଫେୟସୀ—ସ୍ତ୍ରୀ)

ସ୍ଫେଷ୍ଠ—ସଂ. ବିଣ (ସ୍ଫିର=ପ୍ରଚୁର+ଅତ୍ୟର୍ଥେ ଇଷ୍ଠ)—୧ । ଅତି ପ୍ରଚୁର—1. Very abundant. ୨। ଅତ୍ୟଧିକ 2. Excessive.
Sphesṭha

ସ୍ଫୋଟ—ସଂ. ବି (ସ୍ଫୁଟ ଧାତୁ+କର୍ତ୍ତୃ ଅ)—୧ । ଫୋଟକ; ଫୋଟକା—1. Blister. ୨। ବ୍ରଣ; ବିସ୍ଫୋଟକ—2. Boil. ସଂ. ପର୍ଯ୍ୟାୟ— ୩। (+ଭାବ ଅ) ବହିରାବରଣକୁ ଭେଦ କରି ଭିତରୁ କୌଣସି ବସ୍ତୁର ବହିର୍ଗମନ (ହି. ଶ); ଫାଟିବାର ଶବ୍ଦ—3. The bursting of the outer covering by a thing from inside. ୪ । (+କର୍ତ୍ତୃ ଅ) ମୋତି; ମୁକ୍ତା (ହି. ଶ) 4. Pearl. ୫। (+ଭାବ ଅ) ଦେହ ଓ ହସ୍ତଦ୍ୱାରା ଅଙ୍ଗୁଳି ଫୁଟାଇବା ଶବ୍ଦ;ଫୁଟୁକ—5. A sound of cracking made by the lim bs. [ଯଥା—ବାହାସ୍ଫୋଟ] ୬ । (ବ୍ୟାକରଣ) ପୂର୍ବ ପୂର୍ବ ବର୍ଣ୍ଣର ଅନୁଭବ ସହିତ ଚରମ ବର୍ଣ୍ଣ ବ୍ୟଙ୍ଗ୍ୟ ଅଖଣ୍ଡ ଶବ୍ଦବିଶେଷ [ପ୍ରକୃତିବାଦ];ନିତ୍ୟ ଶବ୍ଦ [ହି. ଶ]-6.The expression of the meaning of a word by joining together the separate letters comprising it. [ଦ୍ର—ସର୍ବଦର୍ଶନ ସଂଗ୍ରହ ଅନୁସାରେ ଏହି ନିତ୍ୟ ଶବ୍ଦଦ୍ୱାରା ବସ୍ତୁ ବର୍ଣ୍ଣାତ୍ମକ ଶବ୍ଦର ଅର୍ଥ ଜ୍ଞାନ ହୁଏ । ଯଥା—କମଳ ଶବ୍ଦସ୍ଥ ବର୍ଣ୍ଣତ୍ରୟ 'କ' 'ମ' ଓ 'ଲ' ର ପୃଥକ୍ ଉଚ୍ଚାରଣଦ୍ୱାରା କିଛି ଅର୍ଥ ପ୍ରକାଶ ହୁଏ ନାହିଁ । କିନ୍ତୁ ଏ ତିନି ବର୍ଣ୍ଣକୁ ଯଥାକ୍ରମେ ଉଚ୍ଚାରଣ କଲେ ଯେଉଁ 'ସ୍ଫୋଟ' ବା ନିତ୍ୟଶବ୍ଦ ହୁଏ, ସେଥିରୁ ବ୍ୟକ୍ତିବିଶେଷର ଅର୍ଥ ଜ୍ଞାନ ହୁଏ (ହି. ଶ) ।
Sphoṭa
ଫୋଟକ, ବିସ୍ଫୋଟକ
ପିଡ଼କ, ଗଣ୍ଡ ।

ସ୍ଫୋଟକ—ସଂ. ବି—(ସ୍ଫୁଟ୍ ଧାତୁ+କର୍ତ୍ତୃ ଅକ)—୧ । ଫୋଟକା—1. Blister. ୨ । ବ୍ରଣ; ବଥ—2. Boil. ୩ । ବିସ୍ଫୋଟକ—3. Eruptions on the skin. ୪ । ଅର୍ବୁଦ—4. Tumour. ୫ । ଭଲ୍ଲାତକ; ଭଲିଆ (ହି. ଶ)—5. Marking nut. [ଦ୍ର—ଏହା ଦେହରେ ଲାଗିଲେ ଦେହରେ ସ୍ଫୋଟକ ବାହାରେ ।] ସଂ. ବିଣ (ସ୍ଫୁଟ୍ ଧାତୁ+କର୍ତ୍ତୃ ଅକ)—୧ । ଭେଦକ —1. Piercing. ୨। ପରିହାସକ—2. Jesting.
Sphoṭaka
(ସ୍ଫୋଟିକା—ସ୍ତ୍ରୀ. ବିଣ)

ସ୍ଫୋଟନ—ସଂ. ବି (ସ୍ଫୁଟ୍ ଧାତୁ, ଣିଚ୍=ସ୍ଫୋଟି ଧାତୁ+ଭାବ ଅନ)—୧ । ବିଦାରଣ; ଫାଡ଼ିବା—1. Piercing; splitting. ୨ । ପ୍ରକାଶନ—2. Exhibiting; manifesting. ୩ । ଫୁଟାଇବା; ଫୋଡ଼ିବା—3. Perforating; drilling. ୪ । ଶବ୍ଦ (ହି .ଶ)—4. Sound. ୫ । ସୁଶ୍ରୁତ ଅନୁସାରେ ବାୟୁ ପ୍ରକୋପରୁ ବ୍ରଣର ପୀଡ଼ାବିଶେଷ, ଯହିଁରେ ବ୍ରଣ ଫାଟିଗଲା ଭଳି ଜଣାଯାଏ (ହି. ଶ)—5. Bursting sensation of boils.
Sphoṭana

ସ୍ଫୋଟନୀ—ସଂ. ବି (ସ୍ଫୋଟି ଧାତୁ+କରଣ ଅନ+ଈ)—୧ । ବେଧନୀ; ମଣି ଶଙ୍ଖ ପ୍ରଭୃତି ଫୋଡ଼ିବା ଯନ୍ତ୍ର; ଫୋଡ଼ଣୀ—1. Auger; drilling instrument. ୨। ବଢ଼େଇଙ୍କ ଭଅଁର—2. Carpenter's bit; auger.
Sphoṭani
ଅନ୍ୟ ସଂ ନାମ—ଅସ୍ଫୋଟନୀ, ଆସ୍ଫୋଟନୀ, ବେଧନୀ, ଭୃଙ୍ଗଦଂଶିକା

ସ୍ଫୋଟନୀୟ—ସଂ. ବି (ସ୍ଫୋଟି ଧାତୁ+କର୍ମ ଅନୀୟ)—ଫୋଡ଼ା ହେବାର ଉପଯୁକ୍ତ—Fit to be drilled into.
Sphoṭaniya

ସ୍ଫୋଟବୀଜକ (ହେତୁ)—ସଂ. ବି (ଏଥିର ମଞ୍ଜି ଦେହରେ ଲାଗିଲେ ସ୍ଫୋଟ ଜାତ ହେବାରୁ)—
Sphoṭa bijaka (hetu)

ଭଲ୍ଲାତକ; ଭଲିଆ (ଶବ୍ଦକଳ୍ପଦ୍ରୁମ)—Marking nut.

ସ୍ଫୋଟ—ସଂ. ବି (ସ୍ଫୁଟ୍ ଧାତୁ+କର୍ତ୍ତୃ. ଅ+ଅ)—୧। ସର୍ପର ଫଣା—
Sphoṭa 1. The expanded hood of a serpent. ୨। ଶ୍ୱେତ ଶାରବା; ଧଳା ଅନନ୍ତମୂଳ (ବୈ. ଶ)—2. The white-rooted variety of Hemidesmus Indicus.

ସ୍ଫୋଟାୟ(ବ)ନ—ସଂ. ବି—ମୁନିବିଶେଷ—Name of a sage.
Sphoṭāya(da)na [ଦ୍ର—ଏହି ଋଷିଙ୍କର ଅନ୍ୟ ନାମ 'କଶୀବାନ୍' ।]

ସ୍ଫୋଟିକ—ସଂ. ବି—ପ୍ରସ୍ତରମୟ ଭୂମିକୁ ଖୋଳିବା ଅବ କର୍ମ (ହି. ଶ)—
Sphoṭika The act of digging stony ground.

ସ୍ଫୋଟିକା—ସଂ. ବି—୧ । ପକ୍ଷୀବିଶେଷ; ହାପୁତ୍ରିକା (ହିଂକାଶ୍ରଶେଷ)
Sphoṭikā (ଦେଖ)—1. Hāputrikā (See) (a bird) ୨ । ଛୋଟ ବ୍ରଣ (ବୈ. ଶ)—2. Small eruption or boil.

ସ୍ଫୋଟିନୀ—ସଂ. ବି (ସ୍ଫୁଟ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—କାକୁଡ଼—
Sphoṭinī Cucumber.

ସ୍ଫୋଟା—ସଂ. ବି—୧ । ଶାରବା; ଅନନ୍ତମୂଳ—1. Hemidesmus
Sphoṭā Indicus. ୨ । ଶ୍ୱେତ ଅର୍କ ଗଛ—2. The white variety of Calotropis Gigantea.

ସ୍ଫ୍ୟ—ସଂ. ବି—ଖଦିର କାଷ୍ଠ ନିର୍ମିତ ଖଡ଼୍ଗାକାର ଯଜ୍ଞକାଷ୍ଠ—
Sphya A sacrificial bit of wood in the shape of a sword.

ସ୍ୱ—ସଂ. ସର୍ବ. (ସ୍ୱନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ ଅ)—୧ । ଆତ୍ମା
Swa (ଅମର)—1. Soul. ୨ । ସ୍ୱୟଂ—2. Self.
ସଂ. ବି—୧ । ଧନ (ଅମର)—1. Property; wealth. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଲାଗେ । ଯଥା –ଶିବସ୍ୱ, ବ୍ରହ୍ମସ୍ୱ, ସର୍ବସ୍ୱ, ଦେବସ୍ୱ ।]—୨ । ଜ୍ଞାତି (ଅମର)—2. Kinsman. ୩ । ଜୀବାତ୍ମା—3. The Living Soul. ସଂ. ବିଣ.—ସ୍ୱକୀୟ; ନିଜର—One's own; relating to one's self.

ସ୍ୱ ଆୟତ—ପ୍ରାଦେ (ଗଞ୍ଜାମ) ଅବ୍ୟୟ—ଦେଇଅଦେ—Through.
Swa āyata ଦ୍ୱାରା ବଜରିଏ

ସ୍ୱଇରଣୀ—ଗ୍ରା. ବିଣ ସ୍ତ୍ରୀ. (ପଦ୍ୟ)—(ସଂ. ସ୍ୱୈରିଣୀ)—ସ୍ୱୈରିଣୀ—
Swa-irini (ଦେଖ) Swairiṇī See) [ଦ୍ର—ପରର ଅର୍ଥେ ସ୍ୱୈରିଣୀ ଲେଖାଯାଇ ବଲେ ଜାତ, ସ୍ୱଇରଣୀ ଚାକୁଟ ବୋଲନ୍ତି ସ୍ୱୈରିଣୀ ଜଗତ—କୃଷ୍ଣସିଂହ ମହାଭାରତ ଆଦି ।]

ସ୍ୱଃ—ସଂ. ଅବ୍ୟୟ—(ସ୍ୱନ୍=ଶବ୍ଦ କରିବା+ଅଧିକରଣ ଡ୍ୱିପ୍)—
Swah ସ୍ୱର୍ ଦେ ୧ମା. ୧ବ)—୧ । ସ୍ୱର୍ଗ (ଅମର)—1. Heaven; paradise. ୨ । ଆକାଶ (ଶବ୍ଦରତ୍ନାବଳୀ)—2. The sky. ୩ । ନିତ୍ୟସୁଖ; ନିରବଚ୍ଛିନ୍ନ ସୁଖ—3. Constant or uninterrupted happiness. ୪ । ପରଲୋକ (ଅମର)—4. Life after death. ୫ । ଜ୍ୟୋତିଃ; ପ୍ରଭା—5. Lustre; splendour. ୬ । ସପ୍ତଲୋକ ମଧ୍ୟରୁ ଏକତମ; ସୂର୍ଯ୍ୟଲୋକ ଓ ଧ୍ରୁବଲୋକର ମଧ୍ୟସ୍ଥାନ—6. One of the seven worlds of Hindu mythology. ସଂ. ବିଣ—ଶୋଭନ; ସୁନ୍ଦର (ଶବ୍ଦରତ୍ନାବଳୀ)—Graceful.

ସ୍ୱଃ ପଥ—ସଂ. ବି (୬ଷ୍ଠୀତତ୍)—ମୃତ୍ୟୁ (ହି.ଶ) - Death.
Swah patha

ସ୍ୱଃ ସରିତ୍—ସଂ. ବି. (୬ଷ୍ଠୀତତ୍)—ସ୍ୱର୍ଗ ଗଙ୍ଗା—
Swah sarit The heavenly Ganges.

ସ୍ୱଃ ସୁନ୍ଦରୀ—ସଂ. ବି—ଅପ୍ସରା (ହି.ଶ)—
Swah sundari Heavenly maids.

ସ୍ୱକ—ସଂ. ବିଣ. ପୁଂ. (ସ୍ୱ+କ)—୧ । ସ୍ୱକୀୟ; ସ୍ୱୀୟ; ନିଜର—
Swaka 1. Belonging to one's self. ୨ । ଆତ୍ମୀୟ; ଆତ୍ମ (ସ୍ୱକା—ସ୍ତ୍ରୀ) ସମ୍ବନ୍ଧୀୟ—2. Relating to self.

ସ୍ୱକମ୍ପନ—ସଂ. ବି (ସ୍ୱତଃ କମ୍ପନ ହୁଏ ଯାହାର; ବହୁବ୍ରୀହି)—ବାୟୁ
Swa kampana (ଶବ୍ଦରତ୍ନାବଳୀ)—Air

ସ୍ୱ କର୍ମ—ସଂ. ବି (୬ଷ୍ଠୀ ତତ୍)—ନିଜକୃତ କାର୍ଯ୍ୟ—
Swa karma Work done by one's self.

ସ୍ୱକୀୟ—ସଂ. ବିଣ. ପୁଂ. (ସ୍ୱ+ଈୟ ସମ୍ବନ୍ଧ ଅର୍ଥେ; କ ଆଗମ, ଭୂଳାକାର
Swakiya ପରକୀୟ, ସ୍ୱଜାତୀୟ)—୧ । ସ୍ୱକ; ସ୍ୱୀୟ; ନିଜର—
(ସ୍ୱକୀୟା-ସ୍ତ୍ରୀ) 1 Belonging to one's self; one's own. (ପରକୀୟ—ବିପରୀତ) ୨ । ନିଜ ସମ୍ବନ୍ଧୀୟ—2 Relating to one's self. (ସ୍ୱୀୟ—ଅନ୍ୟ ଆକୃତି)

ସ୍ୱକୀୟା—ସଂ. ବି. ସ୍ତ୍ରୀ—ସ୍ୱୀୟା (ଦେଖ)—Swiyā (See)
Swakiyā ('ନାୟିକା' ତଳେ ନୋଟ୍ ଦେଖ; ସ୍ୱକୀୟା ନାୟିକା (ସ୍ୱକୀୟା ନାୟିକା—ଅନ୍ୟରୂପ) ୨ ପ୍ରକାରର ଯଥା—ଜ୍ୟେଷ୍ଠା ଓ କନିଷ୍ଠା । ବୟସ ଅନୁସାରେ ଏମାନଙ୍କର ମଧ୍ୟ ୩ ଶ୍ରେଣୀ ଅଛି । ଯଥା—ମୁଗ୍ଧା, ମଧ୍ୟା ଓ ପ୍ରୌଢ଼ା—ହି. ଶ ।)
ସଂ, ବିଣ, ସ୍ତ୍ରୀ—ସ୍ୱକୀୟର ସ୍ତ୍ରୀ ଲିଙ୍ଗ—
Feminine of Swakiya

ସ୍ୱକୀୟା ପ୍ରୀତି—ସଂ.ବି—୧। ନିଜ ସ୍ତ୍ରୀଙ୍କ ପ୍ରତି ସ୍ୱାମୀର ପ୍ରେମ—1. Love
Swakiyā priti of a husband towards his wife. (ପରକୀୟା ପ୍ରୀତି—ଅନ୍ୟରୂପ) ୨ । ନିଜ ସ୍ୱାମୀଙ୍କ ପ୍ରତି ସ୍ତ୍ରୀଙ୍କର ପ୍ରେମ—2. Love of a wife to her husband.

ସ୍ୱ କୁଳ—ସଂ. ବି (୬ଷ୍ଠୀ ତତ୍)—ନିଜର ବଂଶ—
Swakula One's family.

ସ୍ୱକୁଳ କ୍ଷୟ—ସଂ. ବି (୬ଷ୍ଠୀ ତତ୍)—୧ । ନିଜ ବଂଶର ନାଶ—
Swakula kshaya 1. Extinction of one's family. ୨ । (ବହୁବ୍ରୀହି) ମତ୍ସ୍ୟ (ହେମଚନ୍ଦ୍ର)—2. Fish. ସଂ. ବିଣ—ନିଜ ବଂଶର ବିନାଶକ—Destructive of one's own family.

ସ୍ୱକୃତ— ସଂ. ବଣ. (ଷଷ୍ଠୀ ତତ୍)—ନିଜ: କୃତ; ନିଜେ କରିଥିବା—
Swakruta Done by one's self; made by one's self.

ସ୍ୱଖାତ—ସଂ. ବଣ (ଷଷ୍ଠୀ ତତ୍)—୧ । ନିଜ ଦ୍ୱାରା ଖୋଳା; ଯାଇଥିବା-
Swa khāta 1.Dug by one's self. ୨। ନିଜ ବ୍ୟୟରେ ଖୋଳା ଯାଇଥିବା—2. Dug at one's expense
ସଂ. ବି—ନିଜ ଦ୍ୱାରା ଖୋଳା ଯାଇଥିବା ପୋଖରୀ—Tank dug by one's self.

ସ୍ୱଖାତ ଜଳ(ସଲିଳ)—ସଂ.ବି(ଷଷ୍ଠୀ ତତ୍)—ନିଜଦ୍ୱାରା ଖୋଳାଯାଇଥିବା
Swakhāta jala(salila) ଜଳାଶୟର ପାଣି —Water of a tank dug by one's self.

ସ୍ୱଗ୍ (ଧାତୁ)—ସଂ—ଚଳିବା—
Swag (root) To move.

ସ୍ୱଗତ—ସଂ.ବଣ (ଷଷ୍ଠୀ ତତ୍; ସ୍ୱ=ଅସ୍ମା+ଗତ=ଯାହା ଯାଇଅଛି)—
Swa gata ୧ । ଅସ୍ୱଗତ; ମନୋଗତ—1. Arising in one's mind. ୨। କହିବା ଲୋକ ଛଡ଼ା ଅନ୍ୟ କାହାକୁ ଯେଉଁ କଥା ଶୁଣାଯାଏ ନାହିଁ—2. (speech) Which is not audible to another. ସଂ.କ୍ରି—୧ । (ନାଟକ) ମନେ ମନେ କହିବା—1. (Drama) Soliloquising; speaking out to one's self ୨ । (ନାଟକ) ରଙ୍ଗମଞ୍ଚରେ ଅଭିନେତା ଯାହାଙ୍କ ସଙ୍ଗେ କଥାବାର୍ତ୍ତା କରୁଥାଅନ୍ତି, ତାଙ୍କୁ ନ ଶୁଣାଇ ମନର ଭାବକୁ ଶ୍ରୋତାମାନଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ ଯେଉଁ କଥା କହନ୍ତି—2. (Drama) Aside; soliloquy.

ସ୍ୱଗତ କଥନ—ସଂ. ବି—ନାଟକାଭିନୟରେ ପାତ୍ରର ନିଜେ ନିଜେ କଥା
Swagata kathana କହିବା—Soliloquy in a dramatic performance. [ଦ୍ର—ରଙ୍ଗମଞ୍ଚରେ ଏକାଧିକ ପାତ୍ରଙ୍କ ଉପସ୍ଥିତିରେ ଯେବେ ଜଣେ ଅନ୍ୟ ପାତ୍ରମାନଙ୍କୁ ନ ଶୁଣାଇବା ଅଭିପ୍ରାୟରେ କୌଣସି କଥା କହେ, ତାକୁ ସ୍ୱଗତ କଥନ ବୋଲାଯାଏ ।]

ସ୍ୱଗୁପ୍ତା—ସଂ. ବି—୧ । ଶୁକଶିମ୍ବୀ (ଶବ୍ଦ ରତ୍ନାବଳୀ); ବାଇଡଙ୍କ—
Swa guptā 1. Cowbage. ୨। ଲଜକୁଳି ଲତା; ଲଜ୍ଜାଳୁ ଲତା—2. The mimosa plant.

ସ୍ୱଗୃହ—ସଂ.ବି(ଷଷ୍ଠୀ ତତ୍)—୧। ନିଜର ଘର—1. One's house.
Swa gruha ୨। (ଜ୍ୟୋତିଷ) ଗ୍ରହମାନଙ୍କର ନିଜ ନିଜର ଭବନ—2. (astrology) The proper houses of respective planets. [ଦ୍ର-ପ୍ରତ୍ୟେକ ଗ୍ରହର ନିର୍ଦ୍ଦିଷ୍ଟ ଗୃହ ଅଛି । ଫଳିତ ଜ୍ୟୋତିଷ ମତରେ ରବି ଓ ଚନ୍ଦ୍ରଙ୍କର ଗୋଟିଏ ଓ ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ଏବଂ ଶନିଙ୍କର ଦୁଇଟି ଲେଖାଏଁ ଗୃହ ଅଛି । ପ୍ରମାଣ—

ଭୂକଶୁକ୍ରବୁଧେନ୍ଦ୍ୱର୍କସୌମ୍ୟଶୁକ୍ରାକକାଭିବାଂ
ଗୀବାର୍ଙ୍କିନୁଜେଜ୍ୟାନାଂ କ୍ଷେତ୍ରାଣି ସ୍ୟୁରଜାଦୟଃ ।

ରବିର ସ୍ୱଗୃହ ସିଂହ, ଚନ୍ଦ୍ରର ସ୍ୱଗୃହ କର୍କଟ, ମଙ୍ଗଳର ସ୍ୱଗୃହ ମେଷ ଓ ବୃଶ୍ଚିକ, ବୁଧର ମିଥୁନ ଓ କନ୍ୟା, ବୃହସ୍ପତିର ଧନୁ ଓ ମୀନ, ଶୁକ୍ରର ବୃଷ ଓ ତୁଳା, ଶନିର ମକର ଓ କୁମ୍ଭ ସ୍ୱଗୃହ ଅଟେ ।

ଗ୍ରହମଣ୍ଡଳ ମଧ୍ୟରେ ରବି ଓ ଚନ୍ଦ୍ରଙ୍କୁ ରାଜା ରୂପେ କଳ୍ପନା କରାଯାଇଅଛି । ସେହିପରି ବୁଧ ରାଜକୁମାର, ଶୁକ୍ର ମନ୍ତ୍ରୀ, ମଙ୍ଗଳ ସେନାପତି, ବୃହସ୍ପତି ମନ୍ତ୍ରୀ ଓ ଶନି ଦୂତ ଅଟନ୍ତି । ରବିଙ୍କ ଅଧିକାର ସିଂହ ରାଶିରେ ଆଦେଶ କରାଯାଇ କ୍ରମେ ବାମାବର୍ତ୍ତରେ ଗୋଟିଏ ଗୋଟିଏ ରାଶି କୁମାର, ମନ୍ତ୍ରୀ, ସେନାପତି ଓ ଦୂତଙ୍କୁ ଦିଆ ଯାଇଅଛି । ସେହିପରି ଚନ୍ଦ୍ରଠାରୁ ଅର୍ଥାତ୍ କର୍କଟ ରାଶିଠାରୁ ମଧ୍ୟ ସେମାନଙ୍କର ଗୋଟିଏ ଗୋଟିଏ ସ୍ଥାନ ଦକ୍ଷିଣାବର୍ତ୍ତରେ ନିର୍ଦ୍ଦେଶ କରାଯାଇଅଛି । ଆକାଶ ପଟରେ ଗ୍ରହାବସ୍ଥିତିକୁ ଦେଖିଲେ ରବିଠାରୁ ରାଶିଚକ୍ରର ସ୍ୱଗୃହ ନିର୍ଦ୍ଦେଶ ଠିକ୍ ବୋଲି ମନେହୁଏ । ଚନ୍ଦ୍ରଙ୍କୁ ରବିର ସମାନ ଅଧିକ ଦିଆ ଯାଇଥିବା ହେତୁ ତାହା ଜମନ୍ଦେ ମଧ୍ୟ ଗୃହ ରହିଛି । ରବିକୁ କେନ୍ଦ୍ର କରି ଧରିଲେ କ୍ରମେ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନିଙ୍କର କକ୍ଷା ରହିଛି । ଏହି ରାଶିଚକ୍ରର "ଗୃହ ସ୍ୱତ୍ୱ" ଏଥିରୁ ଅଣାଯାଇଥିବା ସମ୍ଭବ । ଫଳିତ ଜ୍ୟୋତିଷରେ ସ୍ୱଗୃହସ୍ଥ ଗ୍ରହମାନେ ଶୁଭଦାୟକ ଅଟନ୍ତି । ଜାତକାଭରଣରେ ଉକ୍ତ ଅଛି :—

ଦୁର୍ଗାଦିଭରଣ୍ୟାଢ଼ କୃଷିକର୍ଷିସ୍ୟାସ୍ୟାଂ ଧନାନ୍ୟନେକାନ୍ ଭବନ୍ତନୂନଂ,
ସ୍ୱୀୟଂ ଖ୍ୟାତି ଭୂପୈର୍ନ୍ନୃପଗୌରବତ କଣ୍ଠୀରବସ୍ଥାର୍କଦଶା ପ୍ରବେଶ ।

ଅର୍ଥାତ୍ ରବି ସିଂହ (ସ୍ୱଗୃହ) ରାଶିରେ ଥିଲେ ଦୁର୍ଗ ଅରଣ୍ୟାଦି ବିଷମ ସ୍ଥାନରେ କୃଷି ହେତୁ ବହୁ ଧନଲାଭ ଓ ରାଜାହେତୁକ ଗୌରବ ଲାଭ ହୁଏ ।

କୁଳୀକସଂସ୍ଥସ୍ୟ କଳାଧରସ୍ୟାଭ୍ୟାଗମେ ପଶୁଦ୍ରବ୍ୟ କୃଷିପ୍ରବୃଦ୍ଧିଃ
କଳାକଳାପାକଳନଂ ଚ ଶୈଳେବନେଜୁଚର୍ଯ୍ୟା ଦ୍ୟୁଦେବକୋଷଃ ।

ଅର୍ଥାତ୍ ଚନ୍ଦ୍ର କର୍କଟରେ ଥିଲେ ପଶୁ,ଦ୍ରବ୍ୟ ଓ କୃଷିର ବୃଦ୍ଧି ହୁଏ, କଳାଶାସ୍ତ୍ରରେ ଅଧିକାର ଜାତ ହୁଏ, ବନ ଓ ପର୍ବତ ବିହାରରେ ମନ ବଳେ ଓ ଗୁହ୍ୟ ସ୍ଥାନରେ ରୋଗ ହୁଏ ।

ମେଷୋପଯାତସ୍ୟ ଚ ଭୂସୁତସ୍ୟ ସ୍ୱଃ ପାକକାଳେ ବଳମଙ୍ଗଳାତ
ସ୍ୟାତ୍ୱବୃଦ୍ଧିଃ ଖାଦ୍ୟସମଗ୍ନିବାଧା ନାନାବିଧାରାତିସମୁଦ୍ଭବଃ ସ୍ୟାତ୍ । ୩
ପ୍ରମାନ୍ଦଭବେ ବୃଶ୍ଚିକରାଶିଗସ୍ୟ ଭୌମସ୍ୟ ପାକେ କୃଷିକର୍ମ୍ମକର୍ତ୍ତା ।
ସ୍ୱସଂଭ୍ରହୋକାଭମନଃ ପ୍ରବୃଦ୍ଧଦ୍ୱେଷୀ କଦନ୍ନାମନ୍ନ ଜନ୍ମବସ୍ତ୍ର । ୪ ।

ଅର୍ଥାତ୍,ମଙ୍ଗଳ ମେଷରେ ଥିଲେ ମଙ୍ଗଳୋତ୍ସବ,ପ୍ରବାଦସୌଖ୍ୟ, ସାହସ, ଅଗ୍ନିଭୟ ଓ ଶତ୍ରୁ ଭୟ ହୁଏ । ମଙ୍ଗଳ ବୃଷଭରେ ଥିଲେ କୃଷିକର୍ମରୁ ଧନ ପ୍ରାପ୍ତି ହୁଏ । ଉକ୍ତ ବ୍ୟକ୍ତି ସଂଗ୍ରହଶୀଳ ଓ କାମୁକ ହୁଏ ଏବଂ ବନ୍ଧୁଦ୍ୱେଷୀ ଓ ବନ୍ଧୁକ୍ଲେଶୀ କରାଏ ।

ହୃଦ୍ୱାଧିଗସ୍ଥସ୍ୟ ବୁଧସ୍ୟପାକେ ହ୍ୟନେକବାର୍ତ୍ତା ବହୁକଳ୍ପକର୍ତ୍ତୃ

ଦାବସ୍ତ୍ରକନ୍ୟାଦ ସୁଖୋପପନ୍ନୋ ନୂନଂ ଜନନ୍ୟାସ୍ତ

ସୁଖେନ ହୀନଃ ॥

କନ୍ୟାଶ୍ରିତସ୍ୟେନ୍ଦୁସୁତସ୍ୟପାକେ ବିବେକ ବଖ୍ୟାତ

ଗୁଣୈଃପ୍ରପୂର୍ଣ୍ଣଃ ।

ବିଦେଶଯାନାନୁରତୋ ନରଃ ସ୍ୟାତ୍ ପରାକ୍ରମାଦାପ୍ତଧନୋ-

ଽଧିକଶ୍ଚ ।

ଅର୍ଥାତ୍ ବୁଧ ମିଥୁନରେ ଥିଲେ ବହୁ ପ୍ରକାର ବିଷୟରୁ, କଳ୍ପନାରୁ,ସ୍ତ୍ରୀ ପୁତ୍ର ଜ୍ଞାତିଙ୍କଠାରୁ ସୁଖ ଲାଭହୁଏ,ମାତୃସୁଖ ହୀନ କରାଏ । ବୁଧ କନ୍ୟାରେ ଥିଲେ ବିବେକ, ଖ୍ୟାତି ଓ ଗୁଣରେ ପୂର୍ଣ୍ଣ କରାଏ; ବିଦେଶ ଯାତ୍ରାରୁ ଓ ପରାକ୍ରମରୁ ଧନଲାଭ ହୁଏ ଏବଂ ଉକ୍ତ ବ୍ୟକ୍ତି ଜୟମଙ୍ଗ ହୁଏ

ଚାପାଧିରୂଢ଼ସ୍ୟ ଗୁରୋର୍ଦ୍ଦଶାୟାଂ ଭବେନ୍ନୃପେଭ୍ୟୋ

ନୃପଲବ୍ଧମାନଃ ।

କୃଷିକ୍ରିୟାଯଜ୍ଞଚତୁଷ୍ପଦେଷୁ ଭବେନ୍ନୃପସ୍ୟାସ୍ୟ ମନଃ

ପ୍ରବୃତ୍ତିଃ ॥

ଝଷୋପଯାତସ୍ୟ ଚ ଗୀଷ୍ପତେଃସ୍ୟାଦଶାପ୍ରବେଶେ

ପୁରୁଷୋମନସ୍ୱୀ ।

ସମ୍ମାନଯୁକ୍ତ ପ୍ରମଦାଦ ସମ୍ପଦ୍ରାଜାନ୍ୱୟୋପାତ୍ତମହାସୁଖଶ୍ଚ ।

ଅର୍ଥାତ୍ ବୃହସ୍ପତି ଧନୁରେ ଥିଲେ ରାଜ ସମ୍ମାନ ମିଳେ, କୃଷିକ୍ରିୟା,ଯଜ୍ଞ, ଚତୁଷ୍ପଦାଦ ପାଳନରେ ମନ ନିରତ ହୁଏ । ବୃହସ୍ପତି ମୀନରେ ଥିଲେ ଜାତକ ମନସ୍ୱୀ, ସମ୍ମାନଯୁକ୍ତ ହୁଏ; ଯୁବତୀ ସ୍ତ୍ରୀ ସମ୍ପଦାଦ ସୌଖ୍ୟ ଓ ରାଜହେତୁକ ସୁଖ ଲାଭ କରେ ।

ବୃଷୋପଯାତୋଶନସୋ ଦଶାୟାଂ କୃଷିକ୍ରିୟା ସତ୍ପଶୁ

ସୌଖ୍ୟବୃଦ୍ଧିଃ ।

ଶାସ୍ତ୍ରେମତିଃସ୍ୟାତ୍ ସୁଭଗଂ ବଚଶ୍ଚ ଦାତୃତ୍ୱକନ୍ୟାଜନନ

ପ୍ରସାଦାଃ ॥

ତୁଲାଧରସ୍ଥାସୁରପୂଜିତସ୍ୟ ଦଶାପ୍ରବେଶେ କୃଷିକୃତ୍ନୃପସ୍ୟଃ ।

ବଶିଷ୍ଠମାନୋଧନବାହନାଢ୍ୟଃ ସ୍ୱଜ୍ଞାତ ସଂପ୍ରାପ୍ତ

ମହାସୁଖଃ ସ୍ୟାତ୍ ॥

ଅର୍ଥାତ୍ ଶୁକ୍ର ବୃଷରେ ଥିଲେ କୃଷିକ୍ରିୟାରୁ ଓ ଉତ୍ତମ ପଶୁ ହେତୁ ଲାଭାଦ ହୁଏ । ସେ ଶାସ୍ତ୍ରନିରତ, ଦାତା, କନ୍ୟା-ଲାଭକାରୀ ଓ ସୁଖୀ ହୁଏ । ଶୁକ୍ର ତୁଳାରେ ଥିଲେ କୃଷିହେତୁ, ବଶିଷ୍ଠ ସମ୍ମାନରୁ ଧନ, ବାହନ ଇତ୍ୟାଦିର ପ୍ରାପ୍ତି ହୁଏ ଓ ଜ୍ଞାତିବର୍ଗଙ୍କ ହେତୁ ସୁଖ ମିଳେ ।

ଶନେର୍ଦ୍ଦଶାୟାଂ ମକରସ୍ଥିତସ୍ୟ ବହୁଶ୍ରମୋପାର୍ଜ୍ଜିତଧନଂ ନରାଣାଂ ।

ନପୁଂସକସ୍ତ୍ରୀ ଜନସେବନଞ୍ଚ ବିଶ୍ୱାସଘାତେନଧନାଦଲଞ୍ଚ ॥

ଶନେର୍ଦ୍ଦଶାୟାଂ କଲଶାଶ୍ରିତସ୍ୟ ସୁଖାନ୍ୱିତଂ ମହତାପ୍ରତିଷ୍ଠା ।

ଶ୍ରେଷ୍ଠତ୍ୱମୁଚ୍ଚୈଃ ସ୍ୱକୁଲେନରସ୍ୟ କୃଷିକ୍ରିୟା ପୁତ୍ରଧନାଦିଲବ୍ଧଃ ।

ଅର୍ଥାତ୍ ଶନି ମକରରେ ଥିଲେ ବହୁଶ୍ରମ ହେତୁକ ଧନ ଲାଭହୁଏ; ନପୁଂସକ ଓ ସ୍ତ୍ରୀହେତୁକ ସେବାରୁ ଧନ ଲାଭ ହୁଏ; ବିଶ୍ୱାସଘାତକତାରେ ଧନ ଘଟ ହୁଏ । ଶନି କୁମ୍ଭ ରାଶିରେ ଥିଲେ ସୁଖ, ମହତ୍ ପ୍ରତିଷ୍ଠା, ଶ୍ରେଷ୍ଠତ୍ୱ ହୁଏ; ଉକ୍ତ ବ୍ୟକ୍ତି ନିଜ କୁଳରେ ସମ୍ମାନିତ, କୃଷି ହେତୁକ ଲାଭବାନ୍ ଓ ପୁତ୍ରଧନାଦଯୁକ୍ତ ହୁଏ । ଗ୍ରହମାନେ ସେମାନଙ୍କର ସ୍ୱଗୃହକୁ ଓ ସେଥିରେ ଥିବା ଗ୍ରହମାନଙ୍କୁ ଦେଖିବା ମଧ୍ୟ ଯୋଗକାରକ ।

ସତର୍କ ଲେଖକ—

ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷ ରତ୍ନାକର ।]

୩ । ଜଳଚର ପକ୍ଷୀ (ଶଃ ।ଧର)—3. A kind of bird.

ସ୍ୱଙ୍ଗ—ସଂ. ବି. (କର୍ମଧା, ସୁ+ଅଙ୍ଗ)—ସୁନ୍ଦର ଅବୟବ—Graceful Swanga limb. ସଂ. ବିଣ.—(ବହୁବ୍ରୀହି) ସୁନ୍ଦର ଅଙ୍ଗବିଶିଷ୍ଟ (ସ୍ୱଙ୍ଗୀ—ସ୍ତ୍ରୀ) (ହେମଚନ୍ଦ୍ର)—Having graceful limbs.

ସ୍ୱ ଚକ୍ଷୁରେ—ଦେ. କ୍ରି. ବିଣ—ନିଜ ଆଖିରେ (ଦେଖିବା)—Swa chakshure (To see) With one's eyes.
স্বচক্ষে स्वचक्षु से

ସ୍ୱଚ୍ଛ—ସଂ. ବିଣ. (ସୁ=ଅତ୍ୟନ୍ତ+ଅଚ୍ଛ=ନିର୍ମଳ)—୧ । ଅତି ନିର୍ମଳ Swachcha 1, Very clear. ୨ । ପ୍ରତିବିମ୍ବଧାରଣକ୍ଷମ—(ଅନଚ୍ଛ—ବିପରୀତ) 2. Transparent. ୩ । ଶୁକ୍ଳ—3. White. ୪ । ଶୁଭ୍ର—4. Bright. ୫ । ରୋଗବିମୁକ୍ତ—5. Free from disease ୬ । ନିଷ୍କପଟ (ବ୍ୟ.ଶ)—6. Guileless

ସଂ. ବି.—୧ । ମୁକ୍ତା (ରାଜନିର୍ଘଣ୍ଟ)—1. Pearl. ୨ । ସ୍ଫଟିକ (ରାଜ ନିର୍ଘଣ୍ଟ)—2. Crystal. [ଉ—ଧର୍ମପାଦେ 'ସତ୍ୟ' ମହା ତେଜସ୍ୱୀ କର୍ଣ୍ଣିକ ସ୍ୱଚ୍ଛବତ ଦକ୍ଷେଯାଙ୍କ ସମସ୍ତ ଉଗ୍ରହ—ରାଧାନାଥ ମହାଯାତ୍ରା ।] ୩ । ବଦରୀ ବୃକ୍ଷ (ହ୍ର. ଷ) 3. Jujube tree. ୪ । ଅଭ୍ରକ (ହ୍ର. ଶ)—4. Mica. ୫ । ସ୍ୱର୍ଣ୍ଣମାକ୍ଷିକ (ହ୍ର. ଶ)—5. Iron pyrites. ୬ । ରୌପ୍ୟମାକ୍ଷିକ (ହ୍ର. ଶ)—6. A kind of iron pyrites. ୭ । ସ୍ୱର୍ଣ୍ଣ ଓ ରୌପ୍ୟର ମିଶ୍ରଣ (ହ୍ର. ଶ)—7. Fusion of gold and silver. ୮ । ବିମଳ ଉପରସ (ରାଜନିର୍ଘଣ୍ଟ)—8. Clear liquid or metal.

স্বচ্ছ स्वच्छ ୧ । ମନର ପ୍ରସନ୍ନତା—1. Favourable condition of mind. ୨ । ମନର ଅକୁଣ୍ଠିତ ଭାବ—2. Sportaneous mental condition; free will. [ଉ—ଅମୁକ କାର୍ଯ୍ୟ ପାଇଁ ଟ ୩୯ ଦେବାକୁ ମୋର ସ୍ୱଚ୍ଛ ହେଉଛି ।] ଦେ. ବିଣ—୧ । ଉଚିତ; ଯଥାର୍ଥ—1. Proper; appropriate. (ଉ—କାସରେ ତନ୍ତୁଟେ ଯୋଜନଗନ୍ଧା ନାମହିଁ ସ୍ୱଚ୍ଛ—ବୈଦେହୀଶବିଳାସ ।)

୨ । କୁଣ୍ଠା ରହିତ (ମନ)—2. (mind) Free from any scruple.

ସ୍ୱଚ୍ଛତା(ତ୍ୱ)—ସଂ. ବି (ସ୍ୱଚ୍ଛ+ଭାବ. ତା, ତ୍ୱ)—୧ । ନିର୍ମଳତା—
Swachchhatā(twa) 1. Clearness. ୨ । ପ୍ରତିବିମ୍ବଧାରଣ କ୍ଷମତା—2. Transparence. ୩ । ଶୁଭ୍ରତା—3 Brightness.

ସ୍ୱଚ୍ଛନ୍ଦ—ସଂ. ବିଣ. ପୁଂ (ସ୍ୱ ଅଟେ ଛନ୍ଦ ଯାହାର; ବହୁବ୍ରୀହି; ସ୍ୱ+ଛନ୍ଦ=
Swachchhanda ଇଚ୍ଛା; ଷଷ୍ଠୀର ଛ ସ୍ଥାନରେ ଚ୍ଛ)—
(ସ୍ୱଚ୍ଛନ୍ଦା—ସ୍ତ୍ରୀ) ୧ । ସ୍ୱେଚ୍ଛାଧୀନ; ସ୍ୱେଚ୍ଛାନୁବର୍ତ୍ତୀ—1. Self-
[ସ୍ୱଚ୍ଛନ୍ଦତା, ସ୍ୱାଚ୍ଛନ୍ଦ୍ୟ—ବି] willed; voluntary. (ଉ—ବ ରୂପରେ ମୋହର ହୋଇବ ଗୋବିନ୍ଦ, ଏଥିକି ଯାହା କୁଅ ହୋଇଣ ସ୍ୱଚ୍ଛନ୍ଦ । କୃଷ୍ଣସିଂହ ମହାଭାରତ. ବନ୍ତ୍ର ।) ୨ । ଅପରାଧୀନ; ସ୍ୱତନ୍ତ୍ର; ସ୍ୱାଧୀନ—2. Independent; free. ୩ । ବାଧାଶୂନ୍ୟ; ଅନିଯନ୍ତ୍ରିତ; ନିରଙ୍କୁଶ—3. Unobstructed; unrestrained. ୪ । ସୁଖୀ—4. Happy. ୫ । ସନ୍ତୁଷ୍ଟ—5. Contented. ୬ । ଅଯତ୍ନଜାତ; ଆପେ ଆପେ ଉତ୍ପନ୍ନ; ମନକୁ ଉଠିଥିବା (ଗଛ); ରମ୍ୟ (ଗଛ)—6. Spontaneous; natural; produced without effort. ୭ । ସୁସ୍ଥ—7. Healthy. ୮ । ଅନାୟାସଲବ୍ଧ—8. Easily available. ସଂ. ବି (୬ଷ୍ଠୀ ତତ୍)—୧ । ସ୍ୱେଚ୍ଛା; ଅନ୍ୟଦ୍ୱାରା ଅନିଯନ୍ତ୍ରିତ ନିଜର ଇଚ୍ଛା—1. One's free will. ୨ । ସ୍ୱାଧୀନତା—2. Freedom. ୩ । ସ୍ୱେଚ୍ଛାଚାର—3. Action according to one's own will.

ସ୍ୱଚ୍ଛନ୍ଦେ
स्वच्छन्दे
ଦେ. କ୍ରି. ବିଣ (ପଦ୍ୟ)—୧ । ସ୍ୱଚ୍ଛନ୍ଦରେ (ଦେଖ)—1. Swachchhandare (See) (ଉ—ସ୍ୱଚ୍ଛନ୍ଦେ ଭୁଜଙ୍ଗଦଣ୍ଡ ଉଠିଲ ମାଧବ । ପ୍ରାଚୀ. ଭସ-ବାରଧ ।) ୨ । ସ୍ୱେଚ୍ଛାକ୍ରମେ—2. Voluntarily.

ସ୍ୱଚ୍ଛନ୍ଦ ଗତି—ସଂ. ବି (କର୍ମଧା)—ସ୍ୱେଚ୍ଛାକ୍ରମେ ଯିବା—Voluntary
Swachchhanda gati motion. ସଂ. ବିଣ, ପୁଂ ଓ ସ୍ତ୍ରୀ—
(ସ୍ୱଚ୍ଛନ୍ଦ ଗମନ—ଅନ୍ୟ ପୁଂ. ରୂପ) (ବହୁବ୍ରୀହି)—ଯେ ସ୍ୱେଚ୍ଛାକ୍ରମେ
[ସ୍ୱଚ୍ଛନ୍ଦଗମନା—ସ୍ତ୍ରୀଲିଙ୍ଗ ରୂପ] ଗତି କରେ—Moving freely.

ସ୍ୱଚ୍ଛନ୍ଦଚର—ସଂ. ବିଣ. ପୁଂ (ସ୍ୱଚ୍ଛନ୍ଦ+ଚର. ଧାତୁ+କର୍ତ୍ତୃ. ଅ)—
Swachchhandachara ସ୍ୱଚ୍ଛନ୍ଦଚାରୀ (ଦେଖ)—
(ସ୍ୱଚ୍ଛନ୍ଦଚରୀ—ସ୍ତ୍ରୀ) Swachchhandachārī (See)

ସ୍ୱଚ୍ଛନ୍ଦଚାରିଣୀ—ସଂ. ବିଣ. ସ୍ତ୍ରୀ (ସ୍ୱଚ୍ଛନ୍ଦଚାରିନ୍+ସ୍ତ୍ରୀ. ଈ)—ସ୍ୱଚ୍ଛନ୍ଦଚାରୀର
Swachchhandachāriṇī ସ୍ତ୍ରୀଲିଙ୍ଗ—Feminine of Swachchhandachārī. ସଂ. ବି. ସ୍ତ୍ରୀ—ବେଶ୍ୟା (ବ୍ୟ. ଅ)—Harlot.

ସ୍ୱଚ୍ଛନ୍ଦଚାରୀ—ସଂ. ବିଣ. ପୁଂ—ଯେ ଇଚ୍ଛାନୁସାରେ ବିଚରଣ
Swachchhandachārī କରେ; ସ୍ୱେଚ୍ଛାବିହାରୀ—Moving
(ସ୍ୱଚ୍ଛନ୍ଦଚାରିଣୀ—ସ୍ତ୍ରୀ) according to one's own free will.

(ଉ—ସେହି କାଳେ ହେଲେ ଯେତେକ ଦ୍ୱିଜ ଜାତି, ସ୍ୱଚ୍ଛନ୍ଦଚାରୀ ବୋଲି ତାହାଙ୍କୁ କହନ୍ତି । କୃଷ୍ଣସିଂହ. ମହାଭାରତ. ବନ ।)

ସ୍ୱଚ୍ଛନ୍ଦ ଚିତ୍ତ—ସଂ. ବି (କର୍ମଧା)—୧ । ଚିନ୍ତାଶୂନ୍ୟ ମନ—1. Unper-
Swachchhanda chitta turbed mind. ୨ । ସ୍ୱାଧୀନ ମନ—2. Independent mind. ସଂ. ବିଣ. ପୁଂ—
(ସ୍ୱଚ୍ଛନ୍ଦଚେତାଃ—ଅନ୍ୟ ପୁଂ ଓ ସ୍ତ୍ରୀ. ବିଣରୂପ) (ବହୁବ୍ରୀହି)—
[ସ୍ୱଚ୍ଛନ୍ଦଚିତ୍ତା—ସ୍ତ୍ରୀ. ବିଣ] ସୁସ୍ଥଚେତାଃ; ଚିନ୍ତାଶୂନ୍ୟମନାଃ—1. Contented; free from anxiety. ୨ । ସ୍ୱାଧୀନଚେତାଃ—2. Having an independent or uninfluenced mind.

ସ୍ୱଚ୍ଛନ୍ଦତା(ତ୍ୱ)—ସଂ. ବି (ସ୍ୱଚ୍ଛନ୍ଦ+ଭାବ. ତା, ତ୍ୱ)—୧ । ସ୍ୱାଧୀନତା;
Swachchhandatā(twa) ସ୍ୱାତନ୍ତ୍ର୍ୟ—1. Independ-
[ସ୍ୱାଚ୍ଛନ୍ଦ୍ୟ—ଅନ୍ୟ ବି. ରୂପ] ence. ୨ । ବାଧାଶୂନ୍ୟ ଅବସ୍ଥା—2. State of being unobstructed. ୩ । ଅଯତ୍ନଜାତ ଅବସ୍ଥା—3. Spontaneity. ୪ । ସୁଖ—4. Happiness. ୫ । ସନ୍ତୋଷ—5. Contentedness. ୬ । ସୁସ୍ଥତା—6. Healthiness. ୭ । ନିଶ୍ଚିନ୍ତତା—7. Freedom from care or anxiety or uneasiness.

ସ୍ୱଚ୍ଛନ୍ଦ ବିହାର—ସଂ. ବି—ନିଜ ଇଚ୍ଛାନୁସାରେ ବୁଲିବା; ସ୍ୱଚ୍ଛନ୍ଦଗତି—
Swachchhanda bihāra Rambling at one's
(ସ୍ୱଚ୍ଛନ୍ଦବିହାରୀ—ବିଣ. ପୁଂ) pleasure; a walk of
[ସ୍ୱଚ୍ଛନ୍ଦବିହାରିଣୀ—ବିଣ. ସ୍ତ୍ରୀ] pleasure.

ସ୍ୱଚ୍ଛନ୍ଦ ମରଣ—ସଂ. ବି (ଦେଶଜ ବ୍ୟବହାର)—୧ । ଇଚ୍ଛାମରଣ; ଇଚ୍ଛା-
Swachchhanda maraṇa ମୃତ୍ୟୁ; ନିଜର ଇଚ୍ଛାଅନୁସାରେ
स्वच्छन्दमरण ମୃତ୍ୟୁ—1. Voluntary death. (ଉ—ତାହା
ইচ্ছামরণ ଶୁଣିଣ ବାପେ ପାଇ ହରଷ୍ଟ, ବରଣ ଦେଇଦେଲେ ସ୍ୱଚ୍ଛନ୍ଦ ମରଣକୁ । କୃଷ୍ଣସିଂହ. ମହାଭାରତ. ଆଦି ।) ୨ । ଅନାୟାସମୃତ୍ୟୁ—2. Painless death.

ସ୍ୱଚ୍ଛନ୍ଦରେ—ଦେ. କ୍ରି. ବିଣ—ସ୍ୱେଚ୍ଛାକ୍ରମେ—Voluntarily; of
Swachchhandare one's free will. ୨। ଅନାୟାସରେ—
स्वच्छन्दे 2 Easily; at one's ease. ୩ । ସ୍ୱାଧୀନରୂପେ—3. Freely. ୪ । ଅଯତ୍ନରେ—4. Spontaneously. ୫ । ବାଧା ରହିତ ଭାବରେ—5. In an unobstru-
स्वच्छन्दमे cted manner.

ସ୍ୱଚ୍ଛନ୍ଦାଚାର—ସଂ. ବି. (କର୍ମଧା)—ସ୍ୱେଚ୍ଛାଚାର; ଅପରାଧୀନତା—
Swachchhandāchāra Independence; unsubser-viency. ସଂ. ବିଣ. ପୁଂ (ବହୁବ୍ରୀହି)—ସ୍ୱେଚ୍ଛା ବିହାରୀ—
(ସ୍ୱଚ୍ଛନ୍ଦାଚାରା—ସ୍ତ୍ରୀ ବିଣ) Moving freely.

ସ୍ୱଚ୍ଛନ୍ଦାନୁବର୍ତ୍ତିତା—ସଂ. ବି. (ସ୍ୱଚ୍ଛନ୍ଦାନୁବର୍ତ୍ତିନ୍+ଭାବେ ତା)—୧ ।
Swachchhandānubarttitā ସ୍ୱେଚ୍ଛାଚାରିତା—1. Liberty of action. ୨। ନିଜର ବ୍ୟକ୍ତିତ୍ୱ—2. One's individuality.

ସ୍ୱଚ୍ଛନ୍ଦାନୁବର୍ତ୍ତୀ—ସଂ. ବିଣ. ପୁଂ (ସ୍ୱଚ୍ଛନ୍ଦ+ଅନୁବର୍ତ୍ତିନ୍; ସ୍ୱଚ୍ଛନ୍ଦାନୁ-
Swachchhandānubartti ବର୍ତ୍ତିନ୍ ୧ମା ୧ବ)—
(ସ୍ୱଚ୍ଛନ୍ଦାନୁବର୍ତ୍ତିନୀ—ସ୍ତ୍ରୀ) ସ୍ୱେଚ୍ଛାଗ୍ରସ୍ତ—Acting of one's free will; free to act.

ସ୍ୱଚ୍ଛ ପତ୍ର—ସଂ. ବି. (ବହୁବ୍ରୀହି; ସ୍ୱଚ୍ଛ ଅଟେ ପତ୍ର ଯାହାର)—ଅଭ୍ର
Swachchha patra (ବୈଦ୍ୟକ)—Mica.

ସ୍ୱଚ୍ଛ ବାଲୁକ—ସଂ. ବି. (କର୍ମଧା)—ନିର୍ମଳ ଉପରସ; ବିମଳ ଜାତକ
Swachchha bāluka (Kā) ଉପଧାତୁ (ବ୍ୟ. ଶ)—Clear-salts.

ସ୍ୱଚ୍ଛ ମଣି—ସଂ. ବି. (କର୍ମଧା)—ସ୍ଫଟିକ (ରାଜନିର୍ଘଣ୍ଟ)—.
Swachchha maṇi Crystal.

ସ୍ୱଚ୍ଛ ମନ - ସଂ. ବି (ଦେଶଜ ବ୍ୟବହାର)—୧ । ନିର୍ମଳ ବା ସରଳ ମନ—
Swachchha mana 1. Clear or frank mind. ୨ ।
स्वच्छमन ଅସନ୍ଦିଗ୍ଧ ହୃଦୟ—2. Unsuspecting mind;
स्वच्छमन mind having no scruple to do a thing.
୩ । ସ୍ୱେଚ୍ଛା—3. Free will.

ସ୍ୱଚ୍ଛ ସଲିଳ—ସଂ. ବି. (କର୍ମଧା)—ନିର୍ମଳ ଜଳ—Clear or trans-
Swachchha salila parent water.—ସଂ. ବିଣ. ପୁଂ.
(ସ୍ୱଚ୍ଛ ସଲିଳା—ସ୍ତ୍ରୀ) (ବହୁବ୍ରୀହି) - ନିର୍ମଳ ଜଳବିଶିଷ୍ଟ—
Containing clear or transparent water.

ସ୍ୱଚ୍ଛା - ସଂ. ବିଣ. ସ୍ତ୍ରୀ—ସ୍ୱଚ୍ଛର ସ୍ତ୍ରୀଲିଙ୍ଗ—Feminine of Swa-
Swachchhā chchha. ସଂ. ବି.—ଶ୍ୱେତ ଦୂବ (ରାଜ-
ନିର୍ଘଣ୍ଟ)—The white Doob grass.

ସ୍ୱଚ୍ଛେ—ଦେ. କ୍ରି. ବିଣ—ସ୍ପଷ୍ଟରୂପେ—Clearly; distinctly;
Swachchhe (ଉ—ବାହାରିଲେ ତ ଅଙ୍ଗ, ଉଠିବ ସ୍ତୁତ୍ ମନ୍ତ୍ର,
स्पष्टभावे ବେଷ୍ଟିତ ଦେଖି ପର ସ୍ୱଚ୍ଛେ ।
स्पष्टभावसे ଲକ୍ଷ. ବୈଦେହୀଶବିଳାସ ।)

ସ୍ୱଜ—ସଂ. ବିଣ. ପୁଂ (ସ୍ୱ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ଆତ୍ମଜାତ—
Swaja 1. Produced from one's self. ୨ । ଶରୀରରୁ
(ସ୍ୱଜା—ସ୍ତ୍ରୀ) ଜାତ—2. Born of the body. ସଂ. ବି—
୧ । ରକ୍ତ (ମେଦିନୀ)—1. Blood. ୨ । (ପୁଂ) ପୁତ୍ର
(ମେଦିନୀ)—2. Son. ୩ । ସ୍ୱେଦ; ଝାଳ (ମେଦିନୀ)
—3. Sweat; perspiration.

ସ୍ୱଜନ—ସଂ. ବିଣ. ପୁଂ (ସ୍ୱ+ଜନ; ରକ୍ତସମ୍ପର୍କ, ବିବାହସମ୍ପର୍କ
Swajana ବା ଧର୍ମସମ୍ପର୍କରେ ଯେଉଁ ବ୍ୟକ୍ତି ଆପଣାର
ଅଟନ୍ତି ।)—୧ । ଆତ୍ମୀୟ ବ୍ୟକ୍ତି; ମିତ୍ର—1. Friend.
୨ । ବନ୍ଧୁ ବାନ୍ଧବ—2. Relative. ୩ । ଜ୍ଞାତି;
କୁଟୁମ୍ବ—3. Kinsman. ୪ । ନିଜର ଲୋକ—
4. One's own people. ୫ । ଆପଣା ପରିବାରସ୍ଥ
ବ୍ୟକ୍ତି—5. A member of one's family.

ସ୍ୱଜନତା(ତ୍ୱ)—ସଂ. ବି—(ସ୍ୱଜନ+ଭାବାର୍ଥେ ତା, ତ୍ୱ)—ସ୍ୱଜନ
Swajanatā(twa) ହେବାର ଅବସ୍ଥା; ଆତ୍ମୀୟତା—Kinship;
relationship; friendship.

ସ୍ୱଜନ ବିନାଶ (ନାଶ)—ସଂ ବି.—(୬ଷ୍ଠୀ ତତ୍) ନିଜର ଆତ୍ମୀୟ
Swajana bināsa (nāsa) ବ୍ୟକ୍ତିଙ୍କ କ୍ଷୟ—Destruction of one's kinsmen and friends.

ସ୍ୱଜନ ବିରୋଧ—ସଂ. ବି. (୭ମୀ ତତ୍)—ଆତ୍ମୀୟ ବ୍ୟକ୍ତିମାନଙ୍କ ସଙ୍ଗେ
Swajana birodha ବିବାଦ—Dispute or difference
(ବିଣ. ପୁଂ.—ସ୍ୱଜନ ବିରୋଧୀ)—with one's kinsmen or
(ବିଣ. ସ୍ତ୍ରୀ—ସ୍ୱଜନ ବିରୋଧିନୀ) friends.

ସ୍ୱଜନୀ—ସଂ. ବି. ସ୍ତ୍ରୀ (ସ୍ୱଜନ+ସ୍ତ୍ରୀ ଈ)—ସଜନୀ; ସ୍ତ୍ରୀସଙ୍ଗିନୀ—A
Swajanī female friend or companion.
(ଅପଭ୍ରଂଶ—ସଜନୀ)

ସ୍ୱଜନ୍ମା—ସଂ. ବିଣ. ପୁଂ ଓ ସ୍ତ୍ରୀ—(ବହୁବ୍ରୀହି; ସ୍ୱ+ଜନ୍ମନ୍; ସ୍ୱଜନ୍ମନ୍; ୧ମା
Swajanmā ୧ବ)—ସ୍ୱୟମ୍ଭୂ; ନିଜଠାରୁ ଜାତ; ଅନନ୍ୟଜନ୍ମା—
Born of ones self; not born of another

ସ୍ୱଜା—ସଂ. ବିଣ. ସ୍ତ୍ରୀ. (ସ୍ୱଜ+ସ୍ତ୍ରୀ ଆ)—'ସ୍ୱଜ'ର ସ୍ତ୍ରୀଲିଙ୍ଗ—The
Swajā feminine of Swaja. ସଂ ବି—କନ୍ୟା; ଝିଅ—
Daughter.

ସ୍ୱଜାତ—ସଂ. ବିଣ ଓ ବି. ପୁଂ - (ସ୍ୱ+ଜାତ; ୫ମୀତତ୍)—ସ୍ୱଜ (ଦେଖ)
Swajāta Swaja (See)
(ସ୍ୱଜାତା - ସ୍ତ୍ରୀ)

ସ୍ୱଜାତି—ସଂ. ବି. (୬ଷ୍ଠୀ ତତ୍)—ନିଜର ଜାତି ବା ଶ୍ରେଣୀ—One's
Swajāti own caste, class or nation.

ସ୍ୱଜାତିଦ୍ୱିଷ—ସଂ. ବିଣ. (ପୁଂ ଓ ସ୍ତ୍ରୀ)—(ସ୍ୱଜାତି+ଦ୍ୱିଷ୍ ଧାତୁ+କର୍ତ୍ତୃ
Swajātidwish କ୍ୱିପ୍)—ନିଜର ଜାତି ପ୍ରତି ବିଦ୍ୱେଷୀ—
ସ୍ୱଜାତି ଦ୍ୱେଷୀ (ପୁଂ) } ଅନ୍ୟ ବିଣ ରୂପ—Spiteful to one's
ସ୍ୱଜାତି ଦ୍ୱେଷିଣୀ (ସ୍ତ୍ରୀ) } own caste.

ସ୍ୱଜାତି ଦ୍ରୋହ (ଦ୍ୱେଷ)—ସଂ. ବି.—ସ୍ୱଜାତି ବିରୋଧ (ଦେଖ)—
Swajāti droha (dwesha) Swajāti birodha (See)
ସ୍ୱଜାତିଦ୍ରୋହୀ (ଦ୍ୱେଷୀ)—ବିଣ. ପୁ }
ସ୍ୱଜାତି ଦ୍ରୋହିଣୀ (ଦ୍ୱେଷିଣୀ)—ବିଣ. ସ୍ତ୍ରୀ }

ସ୍ୱଜାତି ପ୍ରିୟ—ସଂ. ବିଣ. ପୁ. — ୧ । (ବହୁବ୍ରୀହି) ଯେଉଁ ବ୍ୟକ୍ତି ଆପଣା
Swajāti priya ଜାତିକୁ ସ୍ନେହ କରେ—1. Fond of
(ସ୍ୱଜାତି ପ୍ରିୟା—ସ୍ତ୍ରୀ) one's nation or class. ୨ ।
(ସ୍ୱଜାତି ପ୍ରିୟତା—ବି) (୬ଷ୍ଠୀ ତତ୍) ସ୍ୱଜାତୀୟମାନଙ୍କ ଅନୁରାଗ-
ଭାଜନ—2. Loved by one's class.

ସ୍ୱଜାତି ପ୍ରୀତି (ପ୍ରେମ)—ସଂ. ବି.—ନିଜର ଜାତି ପ୍ରତି ଅନୁରାଗ—
Swajāti priti (prema) Love for or attachment
ସ୍ୱଜାତି ପ୍ରେମିକ (ପୁଂ) } ବିଣ—to one's kinsmen or
ସ୍ୱଜାତି ପ୍ରେମିକା (ସ୍ତ୍ରୀ) } class.

ସ୍ୱଜାତି ବିରୋଧ (ବିଦ୍ରୋହ)—ସଂ. ବି - ସ୍ୱଜାତି ପ୍ରତି ଦ୍ରୋହ; ନିଜ ଜାତି
Swajāti birodha (bidroha) ସଙ୍ଗେ ବିବାଦ—Dispute with or opposition to one's own caste or nation.

ସ୍ୱଜାତି ବିରୋଧୀ[ବିଦ୍ରୋହୀ]—ସ. ବଣ. ପୁଂ—ନିଜ ଜାତିପ୍ରତି ବିଦ୍ରୋହା-
Swajāti birodhī(bidrohī) ଚରଣକାରୀ—Acting
(ସ୍ୱଜାତିବିରୋଧିନୀ, ସ୍ୱଜାତିବିଦ୍ରୋହିଣୀ—ସ୍ତ୍ରୀ) in opposition to the interests of one's own nation or caste.

ସ୍ୱଜାତି ସୁଲଭ—ସ. ବଣ (୭ମୀ ତତ୍)—ନିଜ ଜାତିର ସ୍ୱାଭାବିକ (ଗୁଣ,
Swajāti sulabha ଅଭ୍ୟାସ ଆଦି); ଯାହା ସ୍ୱଜାତିରେ ସହଜରେ ଦେଖାଯାଏ—Natural to one's own class or nation.

ସ୍ୱଜାତୀୟ—ସ. ବଣ. ପୁଂ (ସ୍ୱ+ଜାତି+ଈୟ)—୧ । ସ୍ୱଜାତି
Swajātiya ସମ୍ବନ୍ଧୀୟ—1. Relating to one's caste
(ସ୍ୱଜାତୀୟା—ସ୍ତ୍ରୀ) or class. ୨ । ସ୍ୱଜାତିଭୁକ୍ତ—2. Belonging to or included in one's caste, class or nation.

ସ୍ୱ ଜାୟା(ଦାରା)—ସ. ବ (୬ଷ୍ଠୀ ତତ୍)—ସ୍ୱସ୍ତ୍ରୀ; ନିଜର ବିବାହିତା ସ୍ତ୍ରୀ—
Swa jāyā(dārā) One's married wife.

ସ୍ୱତଃ—ସ. ଅ (ସ୍ୱ+ତସ୍)—୧ । ଆପେ ଆପେ; ନିଜେ, ସ୍ୱୟଂ—
Swatah 1. Of itself; of one's own self.
(ପରତଃ—ବିପରୀତ) ୨ । ସ୍ୱେଚ୍ଛାକ୍ରମେ—2. Out of one's own accord or free will. ୩ । ନିଜର ଇଚ୍ଛା ଅନୁସାରେ—3. Voluntarily. ୪। ସ୍ୱାଧୀନ ଭାବରେ—4. Independently. ୫ । ନିଜଠାରୁ—5. From one's self. ୬। ଛଁ ଛଁ; ଅନ୍ୟର ଯତ୍ନ ବିନା—6. Spontaneously. ୭। ଅନ୍ୟର ବିନା ମନ୍ତ୍ରଣାରେ—7. Without any suggestion or prompting from any other person.

ସ୍ୱତଃ ପରତଃ—ସ. ଅ (ବିପରୀତାର୍ଥ ସହଚର)—ନିଜଠାରୁ ଓ ପରଠାରୁ-
Swatah paratah From one's self and from others.

ସ୍ୱତଃ ପ୍ରବୃତ୍ତ—ସ. ବଣ. ପୁଂ—ନିଜ ଇଚ୍ଛାରେ ବ୍ୟାପୃତ—Actuated
Swatah prabrutta by one's self; actuated by
(ସ୍ୱତଃ ପ୍ରବୃତ୍ତା—ସ୍ତ୍ରୀ) (ସ୍ୱତଃ ପ୍ରବୃତ୍ତି—ବ) one's free will.

ସ୍ୱତଃ ସିଦ୍ଧ—ସ. ବଣ. ପୁଂ—୧। ଆପେ ଆପେ ସିଦ୍ଧ; ସହଜସିଦ୍ଧ;ସ୍ୱାଭାବ-
Swatah siddha ସିଦ୍ଧ—1. Instinctive; innate. ୨।
(ସ୍ୱତଃ ସିଦ୍ଧା—ସ୍ତ୍ରୀ) ନିଜେ ସିଦ୍ଧିପ୍ରାପ୍ତ—2. Self-accomplish-
(ସ୍ୱତଃ ସିଦ୍ଧି—ବ) ed. ୩ । ଯାହା ପ୍ରମାଣର ଅବଶ୍ୟକତା ରଖେ ନାହିଁ—3. Self-evident; axiomatic. ସଂ. ବ—(ଜ୍ୟାମିତି)—ଯେଉଁ ସତ୍ୟ ପ୍ରମାଣିତ ହେବାର ଅବଶ୍ୟକତା ନାହିଁ—(Geometry) Axiom.

ସ୍ୱତନ୍ତର—ଗ୍ରା. ବଣ (ସଂ. ସ୍ୱତନ୍ତ୍ର)—ସ୍ୱତନ୍ତ୍ର (ଦେଖ)
Swatantara Swatantra (See)
স্বতন্তর स्वतंतर [ସ୍ୱତନ୍ତରୀ(ରା)—ସ୍ତ୍ରୀ]

ସ୍ୱତନ୍ତରା—ଗ୍ରା. ବଣ. ସ୍ତ୍ରୀ (ସଂ. ସ୍ୱତନ୍ତ୍ରା)—'ସ୍ୱତନ୍ତର'ର ସ୍ତ୍ରୀଲିଙ୍ଗ—
Swatantarā Feminine of 'Swatantara'.
[ଭ—ସ୍ୱକାର୍ଯ୍ୟ ସ୍ୱତନ୍ତ୍ରର କାର୍ଯ୍ୟ, ଯାହାକୁ ଅଟି ବଳି ନଦ । କୃପଣ, ପ୍ରେମତରଙ୍ଗ ।]

ସ୍ୱତନ୍ତ୍ର—ସଂ. ବଣ. ପୁଂ (ବହୁବ୍ରୀହି; ସ୍ୱ ହୋଇଅଛି ତନ୍ତ୍ର ଯାହାର)—
Swatantra ୧ । ସ୍ୱାଧୀନ—1. Independent; free;
(ସ୍ୱତନ୍ତ୍ରା—ସ୍ତ୍ରୀ) self-dependent. ୨ । ସ୍ୱେଚ୍ଛାଚାରୀ—
(ପରତନ୍ତ୍ର—ବିପରୀତ) 2. Self-willed. ୩। ନିର୍ବାଧ; ନିରଙ୍କୁଶ
(ସ୍ୱତନ୍ତ୍ରତା, ସ୍ୱାତନ୍ତ୍ର୍ୟ—ବ) —3. Unobstructed. ୪ । ଅନ୍ୟ ମାନଙ୍କଠାରୁ ପୃଥକ୍—4. Distinct; separate from others; different. ୫ । ବିଶିଷ୍ଟ କାର୍ଯ୍ୟପାଇଁ ବା ପୃଥକ୍ ରୂପେ ନ୍ୟସ୍ତ—5. Specially set apart; set apart for a particular purpose.

ସ୍ୱତନ୍ତ୍ରତା(ତ୍ୱ)—ସଂ. ବ (ସ୍ୱତନ୍ତ୍ର+ଭାବ. ତା)—୧ । ସ୍ୱାଧୀନତା—
Swatantratā(twa) 1. Independence. ୨ । ସ୍ୱେଚ୍ଛାଚାରିତା—
(ସ୍ୱାତନ୍ତ୍ର୍ୟ—ଅନ୍ୟରୂପ) 2. State of acting freely. ୩ । ବିଶିଷ୍ଟତା—3. Speciality. ୪ । ବ୍ୟକ୍ତିତ୍ୱ—4. Individuality. ୫ । ଅନ୍ୟମାନଙ୍କଠାରୁ ପୃଥକ୍ ହେବା ଅବସ୍ଥା—5. State of being distinct from others; distinction.

ସ୍ୱତନ୍ତ୍ରା—ସଂ. ବଣ. ସ୍ତ୍ରୀ (ସ୍ୱତନ୍ତ୍ର+ଆ)—'ସ୍ୱତନ୍ତ୍ର'ର ସ୍ତ୍ରୀ ଲିଙ୍ଗ—
Swatantrā Feminine of Swatantra.
(ସ୍ୱତନ୍ତ୍ର—ପୁଂ) ସଂ. ବ. ସ୍ତ୍ରୀ—ସ୍ୱୈରିଣୀ ସ୍ତ୍ରୀ; ଯେଉଁ ସ୍ତ୍ରୀ ନିଜ ଇଚ୍ଛା ଅନୁସାରେ ଆଚରଣ କରେ—A woman who acts in an unrestrained manner.

ସ୍ୱତନ୍ତ୍ରାଚାର—ସଂ. ବଣ. ପୁଂ ଓ ବ—ସ୍ୱେଚ୍ଛାଚାର (ଦେଖ)
Swatantrāchāra Swechchhāchāra (See)

ସ୍ୱତନ୍ତ୍ରୀ—ସଂ. ବଣ. ପୁଂ (ସ୍ୱ+ତନ୍ତ୍ରିନ୍; ୧ମା. ୧ବ)—ସ୍ୱାଧୀନ (ହ.ଶ)
Swatantrī Free; independent.
(ସ୍ୱତନ୍ତ୍ରିଣୀ—ସ୍ତ୍ରୀ)

ସ୍ୱତୀ—ଗ୍ରା. ବଣ. ସ୍ତ୍ରୀ ଓ ବ (ସଂ. ସତୀ)—ସତୀ (ଦେଖ)—Satī (See)
Swati [ଭ—ସବୁ ସ୍ତ୍ରୀ ସ୍ୱତୀ ପରେ ସେ ଅଟନ୍ତି ମହାସ୍ୱତୀ । ପୀତାମ୍ବର
সতী सती ନ ସିଂହପୁରଣ ।]

ସ୍ୱ ତୁଲ୍ୟ(ସଦୃଶ)—ସ. ବଣ. ପୁଂ (୬ଷ୍ଠୀ ତତ୍)—ନିଜ ପରି—
Swa tulya(sadrusa) Like one's self.
(ସ୍ୱତୁଲ୍ୟା—ସ୍ତ୍ରୀ) (ସ୍ୱତୁଲ୍ୟତା, ସ୍ୱସାଦୃଶ୍ୟ—ବ)

ସ୍ୱତୋବିରୋଧ—ସଂ. ବ(ସ୍ୱତଃ+ବିରୋଧ)—ନିଜଠାରୁ ଉଠିବା ବିରୋଧ;
Swatobirodha ନିଜ ଦ୍ୱାରା ସ୍ୱମତର ଖଣ୍ଡନ—Self-incongruity; self-contradiction.

ସ୍ୱତୋବିରୋଧୀ—ସଂ. ବଣ.ପୁଂ (ସ୍ୱତୋବିରୋଧିନ୍; ୧ମା. ୧ବ)—ନିଜର
Swatobirodhī ବିରୋଧୀ; ସ୍ୱମତର ବିରୋଧକାରୀ ବା ଖଣ୍ଡନକାରୀ—Self-contradictory; self-incongruous.
(ସ୍ୱତୋବିରୋଧିନୀ—ସ୍ତ୍ରୀ)

ସ୍ୱତ୍ୱ—ସଂ. ବ (ସ୍ୱ+ଭାବ. ତ୍ୱ)—୧ । ସ୍ୱାତନ୍ତ୍ର୍ୟ—1. Individual-
Swatwa ity. ୨ । ଶାସ୍ତ୍ର ସଂଗତ ଯଥେଷ୍ଟ ବିନିଯୋଗାର୍ହତ୍ୱ—
(ଅପରିଂଶ—ଶବ୍ଦ) 2. Proprietory right according

to the law books. ୩ । ସ୍ୱାମିତ୍ୱ; କୌଣସି ସମ୍ପତ୍ତିରେ ପ୍ରଭୁତ୍ୱ—3. Proprietory right; mastery; ownership; title to a property. ୪ । ସଂପତ୍ତିରେ ଅଧିକାର; ସମ୍ପତ୍ତିକୁ ପାଇବା, ପାଖରେ ରଖିବା ଓ ଯଥେଚ୍ଛ ବ୍ୟବହାର କରିବାର ଅଧିକାର—4. Unrestricted right over property. ଦେ. ବି—ସଂପତ୍ତିକୁ ଦଖଲ କରିବାର ଅଧିକାର—Right to enjoy a property (on certain conditions). [ଦ୍ର—(୧) ଉତ୍ତରାଧିକାରିତ୍ୱ, କ୍ରୟ, ଦାନ, ବହୁକାଳ ଭୋଗ ଦ୍ୱାରା ଓ ଯୁଦ୍ଧରେ ରାଜ୍ୟାଦି ଜୟ କରିବା ଦ୍ୱାରା ସଂପତ୍ତିରେ କୌଣସି ବ୍ୟକ୍ତିର ସ୍ୱତ୍ୱ ଜନ୍ମେ।] [ଦ୍ର (୨)—ଅନୁଲ୍ଲଗତ ନିୟମାନୁସାରେ 'ସ୍ୱତ୍ୱ' ଅନେକ ପ୍ରକାରର ହୁଏ। ସେଥିରୁ କେତେଗୁଡ଼ିକର ପରିଚୟ ତଳେ ଦିଆ ଯାଉଅଛି।

୧ । ଉପସ୍ୱତ୍ୱ—(କ) ସ୍ୱତ୍ୱର ବା ସ୍ୱାମିତ୍ୱର ଅଧସ୍ତନ ଅଧିକାର (ଖ) ଏକ ବ୍ୟକ୍ତିର ସ୍ୱତ୍ୱ ଉପରେ ଅନ୍ୟ ବ୍ୟକ୍ତିର ଜନ୍ମିବା ଅଧିକାର।

୨ । କ୍ରୟ (କ୍ରୋ)ୟ ସ୍ୱତ୍ୱ—କିଣିବା ଯୋଗୁଁ ସମ୍ପତ୍ତିରେ କ୍ରେତାଙ୍କର ପ୍ରବର୍ତ୍ତିବା ଅଧିକାର।

୩ । ଚିରସ୍ଥାୟୀ ସ୍ୱତ୍ୱ ବା ସ୍ଥାୟୀ ସ୍ୱତ୍ୱ—ଯାବଚ୍ଚନ୍ଦ୍ରାର୍କ କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କର ପୁରୁଷାନୁକ୍ରମେ ଜନ୍ମିବା ସ୍ୱତ୍ୱ।

୪ । ଜମିଦାରୀ ସ୍ୱତ୍ୱ—ଜମିଦାରୀ ରୂପ ଭୂସମ୍ପତ୍ତି। (ଏହାପରେ ଲାଖରାଜ ସ୍ୱତ୍ୱ, ଦେବୋତ୍ତର ସ୍ୱତ୍ୱ, ବ୍ରହ୍ମୋତ୍ତର ସ୍ୱତ୍ୱ, ବାଜେଯାପ୍ତି ସ୍ୱତ୍ୱ, ଠିକା ସ୍ୱତ୍ୱ, ବ୍ୟାଜ୍ୟାପ୍ତି ସ୍ୱତ୍ୱ ଆଦି ଏହା ମଧ୍ୟ ହୁଏ।)

୫ । ଜୀବନ ସ୍ୱତ୍ୱ—କୌଣସି ସମ୍ପତ୍ତିକୁ ଦଖଲ କରୁଥିବା ବ୍ୟକ୍ତିଙ୍କର ବଞ୍ଚିଥିବା ପର୍ଯ୍ୟନ୍ତ ଉକ୍ତ ସମ୍ପତ୍ତିରେ ତାଙ୍କର ପ୍ରବର୍ତ୍ତିବା ଅଧିକାର।

୬ । ଥାନି ସ୍ୱତ୍ୱ—ରଇତି ଯୋତ ଉପରେ ଥାନି ବା ମଉଜାନିବାସୀ ରଇତର ଜନ୍ମିବା ସ୍ୱତ୍ୱ। (ଏହାପରେ ପାହିସ୍ୱତ୍ୱ, ସିକମି ସ୍ୱତ୍ୱ, ଜାଗିରି ସ୍ୱତ୍ୱ, ଦେବାଏତ ସ୍ୱତ୍ୱ, ଚନ୍ଦନା ସ୍ୱତ୍ୱ, ମିଆଦି ସ୍ୱତ୍ୱ ଆଦି ହୁଏ।)

୭ । ଦଖଲ ସ୍ୱତ୍ୱ—ସମ୍ପତ୍ତି ଦଖଲ କରିବାର ଅଧିକାର ବା ବହୁକାଳ ଦଖଲ କରିବା ଯୋଗୁ ଦଖଲକାରୀର ଜନ୍ମିବା ଅଧିକାର।

୮ । ଦାନ ସ୍ୱତ୍ୱ—ଦାନ ଦ୍ୱାରା ଦତ୍ତସମ୍ପତ୍ତି ଉପରେ ଗ୍ରହୀତାଙ୍କର ଜନ୍ମିବା ସ୍ୱତ୍ୱ।

୯ । ନିର୍ବ୍ୟୂଢ଼ ସ୍ୱତ୍ୱ, ନିଗୂଢ଼ ସ୍ୱତ୍ୱ—ସମ୍ପତ୍ତି ଉପରେ ପୂର୍ଣ୍ଣ ସ୍ୱାମିତ୍ୱ।

୧୦ । ନିଷ୍କର ସ୍ୱତ୍ୱ ବା ନିଷ୍କା ସ୍ୱତ୍ୱ—ଖଜଣା ନ ଦେଇ ରଇତି ଜମିକୁ ଭୋଗ କରିବାର ପ୍ରଜାସ୍ୱତ୍ୱ।

୧୧ । ପଟା(ଟ୍ଟା)ଇ ସ୍ୱତ୍ୱ—ଜମିଦାରଙ୍କଠାରୁ ପଟା ପାଇଥିବା ଯୋଗୁଁ ଜମିରେ ପଟାଗ୍ରହୀତାଙ୍କର ଜନ୍ମିବା ଅଧିକାର।

୧୨ । ପ୍ରଜାସ୍ୱତ୍ୱ—ଜମିଦାରଙ୍କ ଅଧୀନ ପ୍ରଜା ସ୍ୱରୂପ ରଇତି ଜମିକୁ ଭୋଗ କରିବାର ଅଧିକାର।

୧୩ । ବିବାଦୀୟ ସ୍ୱତ୍ୱ ବା ବିରୋଧୀୟ ସ୍ୱତ୍ୱ—ଯେଉଁ ସ୍ୱତ୍ୱ ପାଇଁ ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଲାଗିଥାଏ।

୧୪ । ବିରୁଦ୍ଧ ସ୍ୱତ୍ୱ—ଅନ୍ୟ ବ୍ୟକ୍ତିର ପ୍ରତିଦ୍ୱନ୍ଦ୍ୱିତା ଲୁପ୍ତ ହୋଇ କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କର ପ୍ରବର୍ତ୍ତିବା ଅଧିକାର।

୧୫ । ଭୂସ୍ୱତ୍ୱ—ଜମିରେ ଜନ୍ମିବା ଅଧିକାର।

୧୬ । ଭୋଗ ଦଖଲ ସ୍ୱତ୍ୱ—(କ) ଯେଉଁ ସମ୍ପତ୍ତିକୁ ବହୁ କାଳ ଭୋଗ ବା ଦଖଲ କରିବା ଦ୍ୱାରା ଭୋଗକାରୀଙ୍କର ତହିଁରେ ଯେଉଁ ସ୍ୱତ୍ୱ ଜନ୍ମେ।

(ଖ) ଯେଉଁ ସ୍ୱତ୍ୱକୁ ସମ୍ପତ୍ତିର ପ୍ରକୃତ ସ୍ୱାମୀ ସ୍ୱୟଂ ଭୋଗ ବା ଦଖଲ କରୁଥାଆନ୍ତି।

୧୭ । ମଧ୍ୟ ସ୍ୱତ୍ୱ—ପ୍ରଜାଙ୍କଠାରୁ ଖଜଣା ଆଦାୟ କରି ଜମିଦାରଙ୍କ ନିକଟରେ ଦଖଲ କରିବା ପାଇଁ ନିଯୋଜିତ ମଧ୍ୟସ୍ଥ ବ୍ୟକ୍ତିଙ୍କର ସ୍ୱତ୍ୱ।

୧୮ । ମାଲିକ(କା)ସ୍ୱତ୍ୱ—ସମ୍ପତ୍ତିରେ ସମ୍ପୂର୍ଣ୍ଣାଧିକାରିରୂପ ସ୍ୱତ୍ୱ।

୧୯ । ଗ୍ରନ୍ଥସ୍ୱତ୍ୱ—ଗ୍ରନ୍ଥକାରଙ୍କର ତତ୍କୃତ ଗ୍ରନ୍ଥର ପ୍ରକାଶ ବିଷୟରେ ଅଧିକାର—Copyright.]

ସ୍ୱତ୍ୱ ଉପସ୍ୱତ୍ୱ—ଦେ. ବି (କଚେରୀ ଭାଷା)—୧ । ସମ୍ପତ୍ତିରେ ଥିବା ସବୁ ପ୍ରକାରର ସ୍ୱାମିତ୍ୱ ଓ ଅଧିକାର—
Swatwa upaswatwa
স্বত্ব উপস্বত্ব स्वत्व उपस्वत्व
1. Proprietory and subordinate rights connected with a property. ୨ । ସମ୍ପତ୍ତିରେ ପୂର୍ଣ୍ଣ ସ୍ୱାମିତ୍ୱ ଓ ସମ୍ପତ୍ତିର ଆୟକୁ ମାତ୍ର ଭୋଗ କରିବାର ଅଧିକାର—2. Right over a property and right over its usufruct.
(ସତ୍ୱ ଉପସତ୍ୱ—ଗ୍ରାମ୍ୟରୂପ)

ସ୍ୱତ୍ୱ ତ୍ୟାଗ—ସ. ବି (କଚେରୀ ଭାଷା)—୧। କୌଣସି ସମ୍ପତ୍ତିରୁ ସ୍ୱାମିତ୍ୱ ବା ଅଧିକାର ଛାଡ଼ି ଦେବା—
Swatwa tyāga
1. Relinquishment of one's right over a property. ୨ । ନିଜର ଦଖଲକୁ ଛାଡ଼ିଦେବା—2. Giving up of possession.

ସ୍ୱତ୍ୱ ତ୍ୟାଗ ପତ୍ର—ଦେ. ବି [କଚେରୀ ଭାଷା]—ଯେଉଁ ଦଲିଲଦ୍ୱାରା କୌଣସି ବ୍ୟକ୍ତି କୌଣସି ସମ୍ପତ୍ତିରେ ନିଜର ସ୍ୱାମିତ୍ୱ ଛାଡ଼ିଦେବା କଥା ଲେଖି ଦିଅନ୍ତି; ନାଦାବୀପତ୍ର—Deed of relinquishment or release.
Swatwa tyāga patra
স্বত্বত্যাগপত্র स्वत्वत्यागपत्र

ସ୍ୱତ୍ୱ ଦଖଲ—ଦେ. ବି (ସଦର; କଚେରୀ ଭାଷା)—ସମ୍ପତ୍ତିର ସ୍ୱାମିତ୍ୱ ଓ ଭୋଗ—Title to and possession of a property.
Swatwa dakhala
স্বত্বদখল स्वत्वदखल

ସ୍ୱତ୍ୱ ଦାୟୀ—ଦେ. ବିଣ (କଚେରୀ ଭାଷା)—ସତ୍ୱଦାୟୀ (ଦେଖ)—Satwadāyi (See)
Swatwa dāyi

ସ୍ୱତ୍ୱ ନିବୃତ୍ତି—ସ. ବି (କଚେରୀ ଭାଷା)—କୌଣସି ସମ୍ପତ୍ତିରୁ ସ୍ୱାମିତ୍ୱ ଲୁପ୍ତ ହେବା—Cessation of right over a property.
Swatwa nibrutti

ସ୍ୱତ୍ୱ ନିର୍ଦ୍ଧାରଣ—ଦେ. ବି (ଉଚିତାର୍ଥ)—କୌଣସି ସମ୍ପତ୍ତିରେ କୌଣସି Swatwa nirddhāraṇa ବ୍ୟକ୍ତିଙ୍କର ଥିବା ସ୍ୱତ୍ୱର ସ୍ଥିରୀକରଣ— স্বত্বনির্দ্ধারণ स्वत्वनिर्धारण Ascertainment of a person's right over a property.

ସ୍ୱତ୍ୱ ପ୍ରଚାର—ଦେ. ବି(ଉଚିତାର୍ଥ)—କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କ Swatwa prachāra ସ୍ୱାମିତ୍ୱ ଥିବା ବିଷୟ ଅଦାଲତଙ୍କ ଦ୍ୱାରା স্বত্বপ্রচার स्वत्वप्रचार ଘୋଷଣା—Declaration by a court of a person's right over a property.

ସ୍ୱତ୍ୱ ଭୋଗ—ସଂ. ବି—କୌଣସି ସମ୍ପତ୍ତିରେ ସ୍ୱାମିତ୍ୱର ଦଖଲ— Swatwa bhoga Enjoyment of proprietory right.

ସ୍ୱତ୍ୱ ଭୋଗୀ—ସଂ. ବିଣ (ଉଚିତାର୍ଥ ଭାଷା)—ଯେଉଁ ବ୍ୟକ୍ତି ସମ୍ପତ୍ତିରେ Swatwa bhogī ମାଲିକରୂପେ ଦଖଲକାର ଥାଏ— স্বত্বভোগী स्वत्वभोगी (a person) In possession of a property as its proprietor.

ସ୍ୱତ୍ୱ ଲୋପ—ସଂ.ବି(ଉଚିତାର୍ଥ ଭାଷା)—ସମ୍ପତ୍ତିରେ ଅଧିକାର ଲୁପ୍ତ ହେବା; Swatwa lopa ସ୍ୱତ୍ୱନାଶ; ସ୍ୱତ୍ୱନିବୃତ୍ତି—Cessation of right over property. [ଦ୍ର—ଆଇନ ଅନୁସାରେ କୌଣସି ସମ୍ପତ୍ତିରୁ ୧୨ ବର୍ଷ ଦଖଲ ପରିତ୍ୟକ୍ତ ହେଲେ ପୂର୍ବସ୍ୱାମୀଙ୍କ ସ୍ୱତ୍ୱର ଲୋପ ହୁଏ ଓ ଦଖଲକାରୀଙ୍କ ସ୍ୱତ୍ୱ ହୁଏ ।]

ସ୍ୱତ୍ୱ ସାବ୍ୟସ୍ତ—ଦେ. ବି (ଉଚିତାର୍ଥ ଭାଷା)—କୌଣସି ସମ୍ପତ୍ତିରେ Swatwa sābyasta କୌଣସି ବ୍ୟକ୍ତିଙ୍କ ସ୍ୱତ୍ୱ ଥିବା স্বত্বসাব্যস্ত स्वत्वसाबस्त ବିଷୟର ଅଦାଲତଙ୍କ ଦ୍ୱାରା ସ୍ଥିରୀକରଣ ଓ ଘୋଷଣା—Establishment of right over property by a law court; declaration of title to a property.

ସ୍ୱତ୍ୱ ସାବ୍ୟସ୍ତ କରିବା—ଦେ. କ୍ରି—(ଉଚିତାର୍ଥ)—କୌଣସି ସମ୍ପତ୍ତିରେ Swatwa sābyāsta karibā କାହାଙ୍କ ସ୍ୱତ୍ୱ ଥିବା ବିଷୟ স্বত্ব সাব্যস্ত করা (ଅଦାଲତ) ସ୍ଥିର କରିବା—To declare सत्व साव्यस्त करना or establish title to property.

ସ୍ୱତ୍ୱ ସାବ୍ୟସ୍ତ ମକଦ(ଦ୍ଦ)ମା—ଦେ ବି. (ଉଚିତାର୍ଥ)—କୌଣସି Swatwa sabyasta makada(dda)mā ସମ୍ପତ୍ତିରେ କାହାଙ୍କ সত্ব সাব্যস্ত মোকদমা ସ୍ୱତ୍ୱ ସାବ୍ୟସ୍ତ କରିବା ପାଇଁ ଯେଉଁ सत्व साब्यस्त मुकद्दमा ମକଦମା ଦାଏର୍ ହୁଏ—Declara- (ସ୍ୱତ୍ୱ ସାବ୍ୟସ୍ତ ମାମଲା—ଅନ୍ୟରୂପ) tory suit; suit for the establishment and declaration of plaintiff's title to a property.

ସ୍ୱତ୍ୱ ସ୍ୱାମିତ୍ୱ—ସଂ. ବି.(ଦେଶଜ, ଉଚିତାର୍ଥ ପ୍ରୟୋଗ; ଏକାର୍ଥକ ଶବ୍ଦର) Swatwa swāmitwa ସମ୍ପତ୍ତିରେ ଥିବା ଅଧିକାର— স্বত্ব স্বামিত্ব सत्व स्वामित्व Right over land or other property.

ସ୍ୱତ୍ୱହାନି—ସଂ. ବି.—୧ । ସ୍ୱତ୍ୱ ଲୋପ (ଦେଖ)—1. Swatwa Swatwa hāni lopa (See). ୨ । ସ୍ୱତ୍ୱରେ ବାଧା— Obstruction to or cloud over the title to a property.

ସ୍ୱତ୍ୱାଧିକାର—ସଂ. ବି (ଉଚିତାର୍ଥ ଭାଷା)—୧ । ସମ୍ପତ୍ତିରେ ସ୍ୱାମିତ୍ୱ ଓ Swatwādhikāra ଦଖଲ—1. Title to and স্বত্বাধিকার सत्वाधिकार possession of a property; right and title to property. ୨ । ସମ୍ପତ୍ତିରେ ସମ୍ପୂର୍ଣ୍ଣ ଅଧିକାର—2. Full proprietory right over property; absolute proprietory right. [ଦ୍ର—ଏହି ସ୍ୱତ୍ୱାଧିକାର ଦ୍ୱାରା ମାଲିକ ଉକ୍ତ ସମ୍ପତ୍ତିକୁ ସ୍ୱଚ୍ଛନ୍ଦମେ ଭୋଗ, ଦଖଲ, ଦାନ, ହସ୍ତାନ୍ତର ବା ବନ୍ଧକ କରିପାରନ୍ତି ।]

ସ୍ୱତ୍ୱାଧିକାରୀ—ସଂ. ବିଣ. ପୁଂ (ଉଚିତାର୍ଥ ଭାଷା)—୧ । ସମ୍ପତ୍ତିରେ ପୂର୍ଣ୍ଣ Swatwādhikārī ସ୍ୱାମିତ୍ୱପ୍ରାପ୍ତ (ବ୍ୟକ୍ତି)— (ସ୍ୱତ୍ୱାଧିକାରିଣୀ—ସ୍ତ୍ରୀ) 1. (a person) Having full proprietory right and title to property. ୨ । ଦାନ ବିକ୍ରୟାଦିର ଅଧିକାର-ବିଶିଷ୍ଟ (ବ୍ୟକ୍ତି)—2. (a person) Having absolute power of disposal over a property. ୩ । ଯାହାର ସମ୍ପତ୍ତିରେ ସ୍ୱତ୍ୱ ଓ ଦଖଲ ଥାଏ—3. Having title to and possession of a property.

ସ୍ୱଦ୍ (ଧାତୁ)—ସଂ. ବି—୧ । ଆସ୍ୱାଦନ କରିବା; ଗୁଣିବା— Swad(root) 1. To taste. ୨ । ଅନୁଭବ କରିବା—2. To experience. ୩ । ଛେଦନ କରିବା [ଶବ୍ଦକୋଷ]—3. To cut.

ସ୍ୱଦନ—ସଂ. ବି (ସ୍ୱଦ୍ ଧାତୁ+ଭାବ. ଅନ)—୧ । ଆସ୍ୱାଦନ; Swadana ଗୁଣିବା—1. Tasting. ୨ ।(ସୁ+ ଅଦନ) ଭୋଜନ; ଭକ୍ଷଣ (ହେମଚନ୍ଦ୍ର)— 2. Eating. ୩ । ଲେହ୍ୟ [ଗୃହକର୍ମ୍ମ]— 3. A food which is to be eaten by licking. ୪ । ଲୌହ; ଲୁହା (ହୃ. ଶ)— 4. Iron.

ସ୍ୱ ଦଳ(ପକ୍ଷ)—ସଂ. ବି—ନିଜର ଦଳ— Swa dala(paksha) One's party.

ସ୍ୱଦାର—ସ. ବି—(୬ଷ୍ଠୀ ତତ୍)—ନିଜର ବିବାହିତା ସ୍ତ୍ରୀ; ସ୍ୱପତ୍ନୀ— Swa dārā One's married wife [ଦ୍ର—ଏହି ଶବ୍ଦ (ପରଦାର—ବିପରୀତ) ସଂସ୍କୃତରେ ବହୁ ବଚନାନ୍ତକ 'ସ୍ୱଦାରା'ରୂପେ (ସ୍ୱଦାର—ଦେ. ରୂପ) ବ୍ୟବହୃତ ହୁଏ ।]

ସ୍ୱଦାରାଭିଗମନ—ସ. ବି—ନିଜର ବିବାହିତା ଭାର୍ଯ୍ୟାଙ୍କ ସହବାସ— Swadārābhigamana Sexual union with one's (ସ୍ୱଦାରଗାମୀ—ବିଣ, ପୁଂ) wedded wife.

ସ୍ୱଚିତ—ସଂ ବିଣ. (ସୁ+ଅଦଧାତୁ+କର୍ତ୍ତ୍ର. କ)—ଉତ୍ତମରୂପେ ଭୋଜନ Swadita କରିଥିବା (ବ୍ୟକ୍ତି) (ମନୁ ୩।୨୪୧,୨୫୪)—Well-fed. [ଦ୍ର—ପିତୃଶ୍ରାଦ୍ଧରେ ଭୋଜନ କରିଥିବା ବ୍ରାହ୍ମଣମାନଙ୍କୁ ଶ୍ରାଦ୍ଧକାରୀ ବ୍ୟକ୍ତି ପଚାରିବେ—'ସ୍ୱଦିତ ?' ଅର୍ଥାତ୍ ଆପଣମାନଙ୍କର ସୁଭୋଜନ ହୋଇଅଛି କି ?]

ସ୍ୱ ଦେଶ—ସଂ. ବି. (୬ଷ୍ଠୀ ତତ୍)—ଯେଉଁ ଦେଶରେ ସ୍ୱୟଂ ଓ Swa desa ପିତୃପିତାମହାଦଙ୍କ ଜନ୍ମ ହୋଇଥାଏ;ମାତୃଭୂମି; ନିଜର (କଦେଶ—ବିପରୀତ) ଜନ୍ମଭୂମି—One's native land; mother country; father land; the country of one's birth; one's home country.

ସ୍ୱଦେଶ ଦ୍ରୋହ—ସଂ. ବି. (୬ଷ୍ଠୀ ତତ୍)—ଜନ୍ମଭୂମିର ଅମଙ୍ଗଳଜନକ Swadesa droha ଆଚରଣ—Opposition or revolt. (ସ୍ୱଦେଶ ଦ୍ରୋହିତା—ଅନ୍ୟରୂପ) against one's own country.

ସ୍ୱଦେଶ ଦ୍ରୋହୀ—ସଂ. ବିଣ. ପୁଂ. (ସ୍ୱଦେଶ ଦ୍ରୋହନ୍ ୧ମା ୧ବ)—Swadesa drohi ସ୍ୱଦେଶର ବା ମାତୃଭୂମିର ବିରୁଦ୍ଧାଚାରୀ—(ସ୍ୱଦେଶ ଦ୍ରୋହିଣୀ—ସ୍ତ୍ରୀ) A person who acts against one's mother country; inimical to one's mother land.

ସ୍ୱଦେଶ ପ୍ରିୟ—ସଂ ବିଣ. ପୁଂ—ସ୍ୱଦେଶଭକ୍ତ—Swadesa priya (ସ୍ୱଦେଶ ପ୍ରିୟା—ସ୍ତ୍ରୀ) Patriotic.

ସ୍ୱଦେଶ ପ୍ରୀତି(ପ୍ରେମ)—ସଂ.ବି.—ମାତୃଭୂମି ପ୍ରତି ମମତା;ସ୍ୱଦେଶାନୁରାଗ—Swadesa priti (prema) Patriotism.

ସ୍ୱଦେଶ ପ୍ରେମିକ—ସଂ. ବିଣ. ପୁଂ.—ସ୍ୱଦେଶବତ୍ସଳ—Swadesa premika Patriotic (ସ୍ୱଦେଶପ୍ରେମୀ—ଅନ୍ୟରୂପ)(ସ୍ୱଦେଶ ପ୍ରେମିକା,ସ୍ୱଦେଶ ପ୍ରେମିଣୀ—ସ୍ତ୍ରୀ)

ସ୍ୱଦେଶ ବତ୍ସଳ—ସଂ ବିଣ. ପୁଂ.—ସ୍ୱଦେଶପ୍ରତିଅନୁରାଗୀ—Patriotic. Swadesa batsala (ସ୍ୱଦେଶ ବତ୍ସଳା—ସ୍ତ୍ରୀ) (ସ୍ୱଦେଶବତ୍ସଳତା, ସ୍ୱଦେଶ ବାତ୍ସଲ୍ୟ—ବି)

ସ୍ୱଦେଶ ଭକ୍ତ—ସଂ ବିଣ. ପୁଂ.—(୬ଷ୍ଠୀ ତତ୍)—ସ୍ୱଦେଶାନୁରାଗୀ—Swadesa bhakta Patriotic. ସଂ. ବି.—ସ୍ୱଦେଶପ୍ରିୟ (ସ୍ୱଦେଶ ଭକ୍ତା—ସ୍ତ୍ରୀ) (ସ୍ୱଦେଶ ଭକ୍ତି—ବି) ବ୍ୟକ୍ତି—A patriot.

ସ୍ୱଦେଶ ହିତୈଷଣା—ସଂ. ବି. (୬ଷ୍ଠୀ ତତ୍)—ମାତୃଭୂମିର ହିତଚିନ୍ତା—Swadesa hitaishana Patriotism. (ସ୍ୱଦେଶ ହିତୈଷିତା-ଅନ୍ୟରୂପ)

ସ୍ୱଦେଶ ହିତୈଷୀ—ସଂ. ବିଣ. ପୁଂ—(ସ୍ୱଦେଶ ହିତୈଷିନ୍ ୧ମା ୧ବ) Swadesa hitaishi ଯେଉଁ ବ୍ୟକ୍ତି ମାତୃଭୂମିର କଲ୍ୟାଣ (ସ୍ୱଦେଶ ହିତୈଷିଣୀ—ସ୍ତ୍ରୀ) ବାଞ୍ଛା କରନ୍ତି—Patriotic. (ସ୍ୱଦେଶ ହିତୈଷିତା—ବି)

ସ୍ୱଦେଶାନୁରକ୍ତ—ସଂ ବିଣ. ପୁଂ. (୭ମୀ ତତ୍)—ସ୍ୱଦେଶ ଭକ୍ତ; ସ୍ୱଦେଶ Swadesanurakta ପ୍ରେମିକ—Patriotic (ସ୍ୱଦେଶାନୁରକ୍ତା—ସ୍ତ୍ରୀ)

ସ୍ୱଦେଶାନୁରକ୍ତି—ସଂ. ବି. (୭ମୀ ତତ୍)—ସ୍ୱଦେଶ ପ୍ରୀତି—Patriotism; love for one's mother-country Swadesanurakti (ସ୍ୱଦେଶାନୁରାଗ—ଅନ୍ୟରୂପ)

ସ୍ୱଦେଶାନୁରାଗୀ—ସଂ. ବିଣ. ପୁଂ (ସ୍ୱଦେଶାନୁରାଗିନ୍ ୧ମା. ୧ବ.)—Swadesanuragi ସ୍ୱଦେଶ ପ୍ରେମିକ—Patriotic. (ସ୍ୱଦେଶାନୁରାଗିଣୀ - ସ୍ତ୍ରୀ)

ସ୍ୱଦେଶୀ—ଦେ. ବିଣ. ପୁଂ (ସ୍ୱଦେଶୀୟ)—୧ । ସ୍ୱଦେଶରେ ନିର୍ମିତ—Swadesi 1. Country-made; home-made. स्वदेशी **स्वदेशी** ୨ । ସ୍ୱଦେଶରେ ଜାତ—2. Produced in one's own country. ୩ । ସ୍ୱଦେଶସମ୍ବନ୍ଧୀୟ—3. Relating to one's native land. ୪ । ସ୍ୱଦେଶବାସୀ—4. Inhabitant of one's mother country

ସ୍ୱଦେଶୀ ଆନ୍ଦୋଳନ—ଦେ· ବି (ଆଧୁନିକ)—ବିଦେଶୀୟ ଦ୍ରବ୍ୟର Swadesi andolana ବ୍ୟବହାର ବର୍ଜନ ପୂର୍ବକ ସ୍ୱଦେଶୋତ୍ପନ୍ନ स्वदेशी आन्दोलन ବସ୍ତ୍ରାଦି ବ୍ୟବହାର କରିବାପାଇଁ ବଙ୍ଗଦେଶରେ **स्वदेशी आन्दोलन** ଓ ପରେ ସମଗ୍ର ଭାରତରେ ପରିବ୍ୟାପ୍ତ ଆନ୍ଦୋଳନ—[ଦ୍ର—ଏହି ଆନ୍ଦୋଳନ ୧୯୦୯ ସାଲରେ ଆରମ୍ଭ ହୋଇଥିଲା ।]—A movement which was first started in Bengal in 1909 and then diffused throughout India,advising the Indians to eschew foreign cloths, etc., and use country goods.

[ଦ୍ର—ବଡ଼ଲାଟ ଲର୍ଡ୍ କର୍ଜନ୍ ବଙ୍ଗ ପ୍ରଦେଶକୁ ପୂର୍ବବଙ୍ଗ ଓ ପଶ୍ଚିମ ବଙ୍ଗ, ଏହିପରି ଦୁଇ ପ୍ରଦେଶରେ ବିଭକ୍ତ କଲେ ଓ ତଦ୍ୱାରା ବଙ୍ଗବାସୀମାନେ ସେମାନଙ୍କ ମଧ୍ୟରେ ସ୍ୱଦେଶ ପ୍ରେମର ବିକାଶରେ ବାଧା ଘଟିବାର ଆଶଙ୍କା କରି ଏହି ବଙ୍ଗବିଭାଗକରଣ ଆଦେଶ ବିରୁଦ୍ଧରେ ଘୋର ପ୍ରତିବାଦ କରିବା ପାଇଁ ଏହି ଆନ୍ଦୋଳନର ସୂତ୍ରପାତ କରିଥିଲେ ଏବଂ କ୍ରମଶଃ ଏହା ଭାରତ ତମାମ୍ ବ୍ୟାପିଗଲା । ଭାରତ ଗଭର୍ଣ୍ଣମେଣ୍ଟ ଓ ବିଲାତ ଗଭର୍ଣ୍ଣମେଣ୍ଟ ଏହା ଦେଖି ଏହି ବଙ୍ଗ ବ୍ୟବଚ୍ଛେଦ ଆଦେଶକୁ ପ୍ରତ୍ୟାହାର କଲେ । ଏହି ଆନ୍ଦୋଳନ ଫଳରେ ଭାରତବର୍ଷରେ ଅନେକ ଲୁଗାକଳ ପ୍ରତିଷ୍ଠିତ ହେଲା ଓ ଭାରତୀୟମାନେ ବିଲାତ ଓ ବିଦେଶୀ ବସ୍ତ୍ରର ବ୍ୟବହାର ଛାଡ଼ିବା ଆରମ୍ଭ କଲେ । କ୍ରମଶଃ ଏହି ଆନ୍ଦୋଳନ କ୍ଷୀଣତା ଭଜିବାକୁ ବସିଥିଲା; କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ 'ସ୍ୱରାଜ ଆନ୍ଦୋଳନ' ଓ 'ଖଦଡ଼ ପ୍ରଚାର' ଏହି ଆନ୍ଦୋଳନକୁ ପୁନରୁଜ୍ଜୀବିତ କରିଅଛି ।]

ସ୍ୱଦେଶୀୟ—ସଂ. ବିଣ. ପୁଂ (ସ୍ୱଦେଶ+ଈୟ)—୧ । ସ୍ୱଦେଶ ସମ୍ବନ୍ଧୀୟ Swadesiya —1. Relating to one's native land. (ସ୍ୱଦେଶୀୟା—ସ୍ତ୍ରୀ) ୨ । ସ୍ୱଦେଶରେ ପ୍ରସ୍ତୁତ—2. Country-made. ୩ । ସ୍ୱଦେଶରେ ଉତ୍ପନ୍ନ—3. Produced or made in one's country. ୪। ସ୍ୱଦେଶବାସୀ—4. Inhabiting the mother country.

ସ୍ୱଦେହରେ—ଦେ. କି. ବଣ (ସଂ. ସ୍ୱଦେହେ)—ନିଜର ଶରୀର ସହିତ—
Swadehare With one's body; bodily.
(ସ୍ୱଦେହେ—ଅନ୍ୟରୂପ) स्वदेहे स्वदेहमें

ସ୍ୱଧର୍ମ—ସଂ. ବି (୬ଷ୍ଠୀ ତତ୍)—୧। ନିଜର ଜାତିର ବା ବର୍ଣ୍ଣର ଅନୁଷ୍ଠେୟ
Swa dharma ଧର୍ମ; ନିଜର ବର୍ଣ୍ଣାଶ୍ରମ ଧର୍ମ—1. Religion
(ପର ଧର୍ମ—ବିପରୀତ) of one's caste. [ଦ୍ର—ଯଜନ-ଯାଜନ, ଅଧ୍ୟୟନ-ଅଧ୍ୟାପନ, ଦାନ-ପ୍ରତିଗ୍ରହ, ଏମାନ ବ୍ରାହ୍ମଣଙ୍କ ସ୍ୱଧର୍ମ; ଯୁଦ୍ଧ କରିବା, ବିପନ୍ନଙ୍କୁ ଉଦ୍ଧାର କରିବା, ରାଜ୍ୟଶାସନ କରିବା କ୍ଷତ୍ରିୟଙ୍କ ସ୍ୱଧର୍ମ; କୃଷି, ଗୋପାଳନ, ବାଣିଜ୍ୟ ବୈଶ୍ୟଙ୍କ ସ୍ୱଧର୍ମ; ସେବା ଶୂଦ୍ରଙ୍କ ସ୍ୱଧର୍ମ ଅଟେ। ଭଗବାନ୍ ଗୀତା (୩।୩୫)ରେ ଅର୍ଜୁନଙ୍କୁ କହି ଅଛନ୍ତି। "ସୁନ୍ଦର ରୂପେ ଅନୁଷ୍ଠିତ ପର ଧର୍ମାନୁଷ୍ଠାନ ଅପେକ୍ଷା ଅଙ୍ଗହୀନ ସ୍ୱଧର୍ମାନୁଷ୍ଠାନ ଶ୍ରେୟସ୍କର ଓ ସ୍ୱଧର୍ମାନୁଷ୍ଠାନ କରୁ କରୁ ମୃତ୍ୟୁ ଘଟିଲେ ତାହା ଶ୍ରେୟସ୍କର, କିନ୍ତୁ ପରଧର୍ମାନୁଷ୍ଠାନ ଭୟାବହ ଅଟେ।"] ୨। କୌଣସି ବ୍ୟକ୍ତି ନିଜେ ଯେଉଁ କୁଳରେ ବା ସମାଜରେ ଜନ୍ମଲାଭ କରିଅଛନ୍ତି, ସେହି କୁଳର ଧର୍ମ—2. Religion of the family or society in which one was born. ୩। ନିଜର ଧର୍ମ—3. One's own religion. ୪। ନିଜର କର୍ତ୍ତବ୍ୟ କର୍ମ—4. One's peculiar duties. ୫। ନିଜର ଗୁଣ ବା ଲକ୍ଷଣ—5. Attributes or symptoms peculiar to any thing or animal. [ଉ—ଜୀବ ହିଂସା କରିବା ବ୍ୟାଘ୍ରର ସ୍ୱଧର୍ମ। ଦାହିକା ଶକ୍ତି ଅଗ୍ନିର ସ୍ୱଧର୍ମ।] ୬। ସ୍ୱଭାବ; ପ୍ରକୃତି—6. Nature. ୭। ବେଦବିହିତ ଅଚାର ବା ଧର୍ମ—7. Religious rites or conduct prescribed by the Bedas. ୮। ସ୍ୱ ବର୍ଣ୍ଣାଚାର—8. Practices prescribed for one's caste people. ୯।(ଯୋଗଶାସ୍ତ୍ର) ପ୍ରାଣାୟାମ—9. The operation of controlling or exercising the breath; breathing exercise.

ସ୍ୱଧର୍ମ ତ୍ୟାଗ—ସଂ. ବି (୬ଷ୍ଠୀ ତତ୍)—୧। ନିଜର ଧର୍ମକୁ ବା ଜାତିକୁ
Swadharma tyāga ଛାଡ଼ିବା—1. Act of forsaking
(ସ୍ୱଧର୍ମ ତ୍ୟାଗୀ—ବିଣ. ପୁଂ) one's caste or religion;
(ସ୍ୱଧର୍ମ ତ୍ୟାଗିନୀ—ବିଣ. ସ୍ତ୍ରୀ) apostacy. ୨। ନିଜର କର୍ତ୍ତବ୍ୟ ପାଳନ ନ କରିବା—2. Breach of one's peculiar duties.

ସ୍ୱଧର୍ମ ନିରତ—ସଂ. ବିଣ. ପୁଂ (୭ମୀ ତତ୍)—ସ୍ୱଧର୍ମର ପାଳନରେ
Swadharma nirata ସର୍ବଦା ରତ—
(ସ୍ୱଧର୍ମ ନିରତା—ସ୍ତ୍ରୀ) Engaged in the observance of one's religious rites or duties.

ସ୍ୱଧର୍ମ ପାଳନ—ସଂ. ବି (୬ଷ୍ଠୀ ତତ୍)—ନିଜର ଧର୍ମର ବା କର୍ତ୍ତବ୍ୟର
Swadharma pālana ଅନୁଷ୍ଠାନ—Observance or following of one's duties or religion.
(ସ୍ୱଧର୍ମ ପାଳକ, ସ୍ୱଧର୍ମ ପାଳିକା—ସ୍ତ୍ରୀ. ବିଣ)

ସ୍ୱଧର୍ମ ଭ୍ରଷ୍ଟ—ସଂ. ବିଣ. ପୁଂ (୫ମୀ ତତ୍)—ନିଜର ସଧର୍ମ
Swadharma bhrasṭa ଧର୍ମକୁ ତ୍ୟାଗ କରିଥିବା (ବ୍ୟକ୍ତି)—
(ସ୍ୱଧର୍ମ ଭ୍ରଷ୍ଟା—ସ୍ତ୍ରୀ) (a person) Who has forsaken his religion; aspostate; renegade.

ସ୍ୱଧା—ସଂ. ଅ (ସ୍ୱଦ୍ ଧାତୁ—ଆସ୍ୱାଦନ କରିବା+କର୍ମ. ଅ+ଆ)—
Swadhā ୧। ଦେବତାଙ୍କୁ ହବିର୍ଦାନ କରିବା ବେଳେ ଉଚ୍ଚାରିତ ମନ୍ତ୍ର ବିଶେଷ—1. (Interjection) The mystic exclamation or formula uttered while offering ghee to the Gods through fire. [ଦ୍ର—ସ୍ୱାହା, ଶ୍ରୌଷଟ୍, ବୌଷଟ୍, ବଷଟ୍ ଓ ସ୍ୱଧା, ଏହି ପାଞ୍ଚ ଗୋଟି ଶବ୍ଦ ସ୍ଥାନବିଶେଷରେ ବ୍ୟବହୃତ ହୁଏ। ଏହାର ଅର୍ଥ—"ହେ ଦେବ! ଏହା ଆପଣ ଗ୍ରହଣ ବା ଆସ୍ୱାଦନ କର"। ଏହି ଶବ୍ଦମାନଙ୍କ ଯୋଗରେ ସଂସ୍କୃତରେ ୪ର୍ଥୀ ବିଭକ୍ତି ହୁଏ।] ୨। ପିତୃଙ୍କୁ ପିଣ୍ଡ ଓ ଜଳାଞ୍ଜଳି ଦେବା ସମୟରେ ଉଚ୍ଚାରିତ ମନ୍ତ୍ର—2. Formula or exclamation uttered while giving oblations to the manes of one's ancestors. ବି.୧। (ସ୍ତ୍ରୀ) ଶ୍ରାଦ୍ଧର ଅଧିଷ୍ଠାତ୍ରୀ ଦେବୀ; ମାତୃକା ଦେବୀବିଶେଷ ପିତୃଲୋକଙ୍କ ପତ୍ନୀ—1. The Goddess presiding over Srāddha. [ଦ୍ର—ଏ ବ୍ରହ୍ମାଙ୍କ ମାନସୀ କନ୍ୟା; ଏ ସୁସ୍ଥିରଯୌବନା, ଶ୍ୱେତଚମ୍ପକବର୍ଣ୍ଣା, ଗୁଣବତୀ, ବିଦ୍ୟାବତୀ ଓ ରୂପବତୀ। ଏହାଙ୍କ ନାମ ଉଚ୍ଚାରଣ କଲେ ପିତୃଲୋକେ ପିଣ୍ଡ ପାଆନ୍ତି। ଏହାଙ୍କୁ ପ୍ରଥମେ ଅର୍ଚ୍ଚନ ନ କରି ଶ୍ରାଦ୍ଧ କଲେ ଉକ୍ତ ପିଣ୍ଡକୁ ପିତୃଲୋକେ ପାଆନ୍ତି ନାହିଁ। ଏହାଙ୍କର ପୂଜା ମନ୍ତ୍ର—"ଓଁ ହ୍ରୀଂ ଶ୍ରୀଂ କ୍ଲୀଂ ସ୍ୱଧା ଦେବ୍ୟୈ ସ୍ୱାହା"—ବ୍ରହ୍ମବୈବର୍ତ୍ତ ପୁରାଣ, ପ୍ରକୃତିଖଣ୍ଡ।] ୨। ପିତୃଲୋକଙ୍କୁ ପ୍ରଦତ୍ତ ଅନ୍ନ ବା ପିଣ୍ଡ (ଋଗ୍‌ବେଦ. ଦେବୀ ସୂକ୍ତ)—2. Funeral cake offered to the manes of one's ancestors. ୩। ଅଗ୍ନି ପତ୍ନୀ—3. The wife of the Firegod. ୪। ଗୌର୍ଯ୍ୟାଦି ଷୋଡ଼ଶ ମାତୃକାଭେଦ (ବିଶ୍ୱକୋଷ)—4. One of the 16 Mātṛukā Deities. [ଦ୍ର—ନାନ୍ଦୀମୁଖ ଶ୍ରାଦ୍ଧରେ ବା ଷଷ୍ଠୀ ଦେବୀଙ୍କ ପୂଜାରେ ଏହାଙ୍କର ପୂଜା କରାଯାଏ। ଏ ଦେବୀ ସର୍ବଦା ସମସ୍ତଙ୍କର ମଙ୍ଗଳ କାମନା କରନ୍ତି। ଶ୍ରୀମଦ୍ ଭାଗବତମତରେ ଏ ଦକ୍ଷ କନ୍ୟା। ଏହାଙ୍କର ଦୁଇଟି କନ୍ୟା—ଯମୁନା ଓ ଧାରଣୀ। ଏ ଦୁଇ କନ୍ୟା ତପସ୍ୱିନୀ ହୋଇ ତପସ୍ୟାରେ କାଳାତିପାତ କରନ୍ତି। ଏମାନେ ସନ୍ତାନହୀନା।]

ସ୍ୱଧାକର—ସଂ. ବିଣ. ପୁଂ—ଶ୍ରାଦ୍ଧ କରିବାର ଅଧିକାରୀ (ବ୍ୟକ୍ତି)
Swadhākara (ମନୁ ୩।୧୬୭)—(a person) Entitled to perform Śrāddha.

ସ୍ୱଧାକାର—ସଂ. ବି—(ସ୍ୱଧା+କୃ. ଧାତୁ+ଭାବ ଅ)—ଶ୍ରାଦ୍ଧାଦିରେ
Swadhākāra ସ୍ୱଧାଶବ୍ଦର ଉଚ୍ଚାରଣ (ମନୁ ୩।୨୫୨)—
The utterance of the word Swadhā in Srāddha.

ସ୍ୱଧାଧିପ—ସଂ. ବ (୬ଷ୍ଠୀ ତତ୍)—ଅଗ୍ନି (ଶବ୍ଦକୋଷ)—Fire.
Swadhādhipa

ସ୍ୱଧା ପ୍ରିୟ—ସଂ. ବ.—୧ । ଅଗ୍ନି (ଶବ୍ଦ ରତ୍ନାବଳୀ)—1. Fire.
Swadhā priya ୨ । କୃଷ୍ଣତିଳ (ଶବ୍ଦ ରତ୍ନାବଳୀ)—2. The black sessamum seed.

ସ୍ୱଧା ଭୁକ୍ (ଭୋଜୀ)—ସଂ ବ.—(ସ୍ୱଧା+ଭୁଜ୍ ଧାତୁ+କର୍ତ୍ତୃ କ୍ୱିପ୍;
Swadhā bhuk (bhoji) ସ୍ୱଧାଭୁକ୍ ୧ମା. ୧ବ), ଏଣୁ ଲେ (ସ୍ୱଧାଶନ—ଅନ୍ୟରୂପ) 'ସ୍ୱଧା' ମନ୍ତ୍ର ଦ୍ୱାରା ଭୋଜନ କରୁଥିବାରୁ)—
୧ । ପିତୃଗଣ; ପୂର୍ବପୁରୁଷ—1. The deified deceased ancestors. ୨ । ଦେବତା—2. The gods.

ସ୍ୱଧିତ(ତି)—ସଂ. ବ.—(ସ୍ୱଦ୍ ଧାତୁ=ଛେଦନ କରିବା+କରଣ କ୍ତି;
Swadhiti (ti) ଦ=ଧ)—୧ । କୁଠାର (ଅମର)—1. Axe.
୨ । ପରଶୁ—2. Battle-axe.

ସ୍ୱଧିତି ହେତିକ—ସଂ. ବ.—ପରଶୁଧାରୀ ଯୋଦ୍ଧା (ଶବ୍ଦକଳ୍ପଦ୍ରୁମ)—
Swadhiti hetika A warrior armed with battle-axe.

ସ୍ୱଧିଷ୍ଠିତ—ସଂ. ବଣ.—(ସୁ+ଅଧିଷ୍ଠିତ)—୧ । ଉତ୍ତମରୂପେ ଅବସ୍ଥିତ—
Swadhishṭhita 1. Well situated. ୨ । ହସ୍ତୀ ବା-
(ସ୍ୱଧିଷ୍ଠାନ—ବ) ପୃଷ୍ଠରେ ଆସନ ଜମାଇ ବସିଥିବା (ଶବ୍ଦକୋଷ)—
2. Comfortably seated on an elephant or horse.

ସ୍ୱଧୀତ—ସଂ. ବ—(ସୁ+ଅଧୀତ)—ସ୍ୱାଧ୍ୟାୟ; ବେଦାଦି ପାଠ (ଶବ୍ଦ-
Swadhīta କୋଷ)—Study of the Bedas—ସଂ. ବଣ.
—ଉତ୍ତମରୂପେ ପଠିତ—Well studied.

ସ୍ୱଧୀତି (ତୀ)—ସଂ. ବଣ (ବହୁବ୍ରୀହି; ସୁ+ଅଧୀତ, ସ୍ୱଧୀତ+ଅସ୍ତି ଅର୍ଥରେ
Swadhiti (ti) ଇନ୍; ୧ମା. ୧ବ)—ସ୍ୱାଧ୍ୟାୟ ଯୁକ୍ତ; ବେଦପାଠ-
ରତ (ଶବ୍ଦକୋଷ)—Studious of the Bedas.

ସ୍ୱନ୍ (ଧାତୁ)—ସଂ.—୧ । ଶବ୍ଦ କରିବା—1. To make a sound.
Swan (root) ୨ । ଭୂଷଣ କରିବା—2. To adorn.

ସ୍ୱନ—ସଂ. ବ.—(ସ୍ୱନ୍ ଧାତୁ+ଭାବ. ଅ)—୧ । ଶବ୍ଦ; ଧ୍ୱନି—1.
Swana Sound. ୨ । ପ୍ରାଣୀମାନଙ୍କର ମୁଖ୍ୟାଦି କୃତ ଶବ୍ଦ—
(ସ୍ୱନତ—ବଣ) 2. Voice; sound made by animals.

ସ୍ୱ ନକ୍ଷତ୍ର—ସଂ.ବ.—୧ । (ଜ୍ୟୋତିଷ) ନିଜର ଜନ୍ମ ନକ୍ଷତ୍ର—1. (Ast-
Swa nakshatra rology) The asterism in which a person is born. ୨ । ନିଜର ବାର୍ଷିକ ଜନ୍ମଦିନ
—2. Birthday (annual). [ଦ୍ର—ହିନ୍ଦୁମାନଙ୍କ ପରିବାରରେ ଜନ୍ମଦିନ ଜାତ ବ୍ୟକ୍ତି ନବ ବସ୍ତ୍ର ପରିଧାନ କରନ୍ତି ଓ ଷଷ୍ଠୀ ଦେବୀଙ୍କୁ ପିଷ୍ଟକାଦି ଭୋଗ ଦିଆଯାଏ ।]

ସ୍ୱନ ଚକ୍ର—ସଂ. ବ—ରତିବନ୍ଧ ବିଶେଷ—Name of a pose in
Swana chakra coition. [ଦ୍ର—ଟୀକା ବାହୁଂ ତଥା କଣ୍ଠଂ ପାଦଦୋଃଭି ଶିରଃ ସ୍ଥିତଃ, ଗୃହ୍ଣଂ ତ କାମୟେତ୍ କାମୀ 'ସ୍ୱନଚକ୍ରଃ' ପ୍ରକୀର୍ତ୍ତିତଃ—ରତିମଞ୍ଜରୀ ।]

ସ୍ୱନନ୍ଦା—ସଂ. ବ—ଦୁର୍ଗା (ହ. ଶ)—
Swanandā Durgā.

ସ୍ୱ ନାମ—ସଂ. ବି.—ନିଜର ନାମ—
Swa nāma One's own name.

ସ୍ୱନାମ ଖ୍ୟାତ—ସଂ. ବଣ. ପୁଂ.—(୩ୟା ତତ୍)—ନିଜର ନାମଦ୍ୱାରା
Swanāma khyāta ସର୍ବତ୍ର ପ୍ରସିଦ୍ଧ ବା ପରିଚିତ—Known
(ସ୍ୱନାମ ଖ୍ୟାତା—ସ୍ତ୍ରୀ) by one's own name; (a person) celebrated by his own actions. [ଦ୍ର—ଯେଉଁ ବ୍ୟକ୍ତି ନିଜର ବିଶିଷ୍ଟ କାର୍ଯ୍ୟଦ୍ୱାରା ବିଖ୍ୟାତ ଓ ତାହାଙ୍କୁ ଚିହ୍ନାଇବା ପାଇଁ ତାଙ୍କ ପିତାଙ୍କ ନାମ କହିବାକୁ ହୁଏ ନାହିଁ, ସେହିପରି ବ୍ୟକ୍ତିଙ୍କ ପକ୍ଷରେ ଏହି ବିଶେଷଣ ପ୍ରଯୁକ୍ତ ହୁଏ ।)

ସ୍ୱନାମ ଧନ୍ୟ—ସଂ. ବଣ. ପୁଂ.—(୩ୟା ତତ୍)—ନିଜର ନାମଦ୍ୱାରା
Swanāma dhanya ପ୍ରଶଂସିତ; ପିତ୍ରାଦିଙ୍କ ନାମକରଣପେକ୍ଷ
(ସ୍ୱନାମଧନ୍ୟା—ସ୍ତ୍ରୀ) ହୋଇ ଯେ ନିଜ ନାମଦ୍ୱାରା ସର୍ବତ୍ର ଧନ୍ୟ ବା ପ୍ରଶଂସିତ ହୁଅନ୍ତି—(a person) Who in extolled by virtue of his own actions.

ସ୍ୱନାମ ମିତ୍ର—ସଂ. ବ.—ମୈତ୍ର; ମିତ; ନିଜ ନାମର ସୌସାଦୃଶ୍ୟ ଯୋଗୁଁ
Swanāma mitra ଯେଉଁ ବ୍ୟକ୍ତିଙ୍କ ସଙ୍ଗେ ମିତ୍ରତା ସ୍ଥାପିତ ହୁଏ—A friend whose name tallies with another's name; one's namesake.

ସ୍ୱନାମା—ସଂ. ବଣ. ପୁଂ. (ସ୍ୱ+ନାମନ୍ ଅସ୍ତି ଯାହାର: ବହୁବ୍ରୀହି; ୧ମା.
Swanāmā ୧ବ.)—ସ୍ୱନାମଧନ୍ୟ (ଦେଖ)—Swanāma-dhanya (See). [ଦ୍ର—ସ୍ୱନାମା ପୁରୁଷୋ ଧନ୍ୟଃ;
—ଶ୍ଳୋକାଂଶ]

ସ୍ୱନାମୀ—ଦେ. ବଣ. (କଥିତ) (ସଂ. ସ୍ୱ+ନାମୀୟ)—୧ । ନିଜର
Swanāmi ନାମରେ କ୍ରୀତ ହୋଇଥିବା (ସମ୍ପତ୍ତି)—
(ସ୍ୱନାମୀୟ, ସ୍ୱନାମିତ—ଅନ୍ୟରୂପ) 1. (Property) Purchased
(ବେନାମୀ—ବିପରୀତ) openly in one's own name
स्वनामी **स्वनामी** (and not 'benāmee' in the name of another). ୨ । ନିଜର ନାମରେ ବା ନିଜର ସ୍ୱାକ୍ଷରରେ ପ୍ରକାଶିତ (ପତ୍ରାଦି)—2. (letters) Published with the writer's name attached thereto.

ସ୍ୱନି—ସଂ. ବ. (ସ୍ୱନ୍ ଧାତୁ+ଭାବ. ଇ)—୧ । ସ୍ୱନ; ଧ୍ୱନି—
Swani 1. Sound. ୨ । (+କର୍ତ୍ତୃ. ଇ)—ଅଗ୍ନି (ହ.ଶ)—Fire.

ସ୍ୱନିତ—ସଂ. ବଣ. (ସ୍ୱନ୍ ଧାତୁ+କର୍ମ. କ୍ତ) ୧ । ଧ୍ୱନିତ (ଅମର)—
Swanita 1. Sounded. ୨ । (+କର୍ତ୍ତୃ. କ୍ତ)ଗର୍ଜିତ—
2. Roaring. ସଂ. ବ.—୧। (+ଭାବକ୍ତ) ମେଘ ଗର୍ଜନ (ମେଦିନୀ)—2. Roar of thunder; thunder clap.

ସ୍ୱନିତାହ୍ୱୟ—ସଂ. ବ.—ତଣ୍ଡୁଳୀୟ (ରାଜନିର୍ଘଣ୍ଟ); ଲେଉଟିଆ ଶାଗ—
Swanitāhwaya A pot herb; amaranth.

ସ୍ୱନବା—ଦେ. କି, (ପଦ୍ୟ) (ସଂ. ସ୍ୱନ୍ ଧାତୁ)—ସ୍ୱନ କରିବା—
Swanibā To make a sound. [ଉ—ସ୍ୱନଲେ ସ୍ୱନା,ସ୍ୱনিতহওয়া শব্দকরনা ପବନ ଯେଷ୍ଟେ କଣୀଥିଲା କରୁଣସ୍ୱର । —ରାଧାନାଥ,ଉଷା] [ଦ୍ର—ଏହି ଶବ୍ଦ ବଙ୍ଗୀୟ କବି ମାଇକେଲ୍ ମଧୁସୂଦନଙ୍କ ରଚନା ଅନୁକରଣରେ ବ୍ୟବହୃତ ଏବଂ ଅଧୁନାତନ ଓଡ଼ିଆ କବିମାନଙ୍କ ରଚନାରେ ବ୍ୟବହୃତ ହେବା ଦେଖାଯାଏ ।]

ସ୍ୱନୋତ୍ସାହ—ସଂ. ବି. (ବହୁବ୍ରୀହି; ସ୍ୱନ=ଶବ୍ଦରେ ଉତ୍ସାହ ଯାହାର)—
Swanotsāha ଗଣ୍ଡକ; ଗଣ୍ଡା। (ଜନ୍ତୁ) (ଶବ୍ଦ ରତ୍ନାବଳୀ)—Rhinocerus.

ସ୍ୱନ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି, ସୁ ହୋଇଅଛି ଅନ୍ତ=ପରିଣାମ
Swanta ଯାହାର)—ଶୁଭୋଦର୍କ; ଯାହାର ପରିଣାମ ଭଲ—
(ସ୍ୱନ୍ତା—ସ୍ତ୍ରୀ) Having good result; blessed with good result.

ସ୍ୱପ୍ (ଧାତୁ)—ସଂ—ଶୋଇବା—To sleep.
Swap (root)

ସ୍ୱ ପକ୍ଷ—ସଂ. ବି. ପୁଂ (୬ଷ୍ଠୀ ତତ୍) —୧ । ନିଜର ଦଳ—1. One's
Swa paksha party. ୨ । ନିଜର ପାଖ—2. One's
(ବିପକ୍ଷ, ପରପକ୍ଷ—ବିପରୀତ) side. ସଂ. ବିଣ—ନିଜ ପକ୍ଷୀୟ—
(ସ୍ୱପକ୍ଷା—ସ୍ତ୍ରୀ —ବିଣ) Belonging to one's party.

ସ୍ୱପକ୍ଷ ସମର୍ଥନ—ସଂ.ବି. (୬ଷ୍ଠୀ ତତ୍)—ନିଜର ପକ୍ଷର ଅନୁମୋଦନ—
Swapaksha samarthana Supporting one's
(ସ୍ୱପକ୍ଷସମର୍ଥକ—ବିଣ. ପୁଂ) party.

ସ୍ୱପକ୍ଷୀୟ—ସଂ. ବିଣ. ପୁଂ— (ସ୍ୱପକ୍ଷ+ସମ୍ବନ୍ଧାର୍ଥେ ଈୟ)—୧ । ନିଜର
Swa pakshiya ଦଳ ସମ୍ବନ୍ଧୀୟ—1. Relating to one's
(ସ୍ୱପକ୍ଷୀୟା—ସ୍ତ୍ରୀ) party. ୨। ନିଜର ଦଳଭୁକ୍ତ—2. Belonging to one's party.
(ବିପକ୍ଷୀୟ—ବିପରୀତ)

ସ୍ୱ ପତି—ସଂ. ବି. (୬ଷ୍ଠୀ ତତ୍)—୧ । ନିଜର ସ୍ୱାମୀ—1. One's
Swa pati husband. ୨। ସମ୍ପତ୍ତିର ସ୍ୱାମୀ—2. Owner of a property.

ସ୍ୱ ପତ୍ନୀ—ସଂ. ବି. ସ୍ତ୍ରୀ—ନିଜର ବିବାହିତା ସ୍ତ୍ରୀ—One's married
Swa patni wife.

ସ୍ୱପନ—ସଂ. ବି.—(ସ୍ୱପ୍ ଧାତୁ+ଭାବ ଅନ)—୧ । ନିଦ୍ରା—1.
Swapana Sleep. ୨ । ସ୍ୱପ୍ନ—2. Dream. [ଉ—ଜାଣି ସେହି ଜାଣି ମୁହିଁ ଅଛଇ ନ। ଦେଖୁଥିଲି ପିନା ଜାଗ୍ରତ ସ୍ୱପନ—ରାଧାନାଥ, ଚିଲିକା] ୩ । ସୁନୁସୁନିଆ ଶାଗ (ହରେକୃଷ୍ଣ ଦ୍ରବ୍ୟଗୁଣ)—3. Marsila Quadrifolia (pot-herb).

ସ୍ୱପନ କଥା—ଦେ. ବି—ସ୍ୱପ୍ନଦୃଷ୍ଟ ବିଷୟ—
Swapana kathā A matter seen in dream.
স্বপ্ন কথা स्वप्नकी बात

ସ୍ୱପନ ସୁନ୍ଦରୀ—ଦେ. ବି. ସ୍ତ୍ରୀ—୧ । ସ୍ୱପ୍ନାବତୀ (ଦେଖ)—
Swapana sundari 1. Swapnābati (See)
স্বপ্নসুন্দরী स्वपनसुन्दरी (ଉ—ସ୍ୱପନସୁନ୍ଦରୀ ଛାୟା ଅଙ୍ଗେ ବହେ ସେଣୁ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।) ୨ । ସ୍ୱପ୍ନରେ ମନୁଷ୍ୟଙ୍କୁ ଦେଖା ଦେଇ ସ୍ୱପ୍ନଦୋଷାଦି ଘଟାଇବା ସ୍ତ୍ରୀମୂର୍ତ୍ତି—2. The form of a charming female appearing in dreams and causing nocturnal emissions.

ସ୍ୱପନା—ଦେ. ବି. ସ୍ତ୍ରୀ—ସ୍ୱପ୍ନାବତୀ (ଦେଖ)—
Swapanā Swapnābati (See)

ସ୍ୱପନା(ନେ)ଇବା—ଦେ. କି—ସ୍ୱପ୍ନାଇବା (ଦେଖ)—
Swapanā(ne)ibā Swapnāibā (See).

ସ୍ୱପନାବତୀ—ଦେ. ବି. ସ୍ତ୍ରୀ—ସ୍ୱପ୍ନାବତୀ (ଦେଖ)—
Swapanābati Swapnābati (See).

ସ୍ୱପନୀୟ—ସ.ବିଣ (ସ୍ୱପ ଧାତୁ+କର୍ମ ଅନୀୟ)—ନିଦ୍ରାର ଯୋଗ୍ୟ [ହି·ଶ]
Swapaniya Fit to sleep.
(ସ୍ୱପ୍ତବ୍ୟ—ଅନ୍ୟରୂପ)

ସ୍ୱପ୍ନ—ସ. ବି (ସ୍ୱପ୍ ଧାତୁ+ଭାବ ନ)—୧ । ନିଦ୍ରା—
Swapna 1. Sleep. ୨ । ନିଦ୍ରାବସ୍ଥାରେ ବିଷୟାନୁଭବ—2. Dream. ୩ । [ଲକ୍ଷଣାର୍ଥ] ବୃଥା କଳ୍ପନା ବା ଆଶା—3. Day dream. [ଉ—ସଂସାରଟା ଭୁଲା ସ୍ୱପ୍ନ ।] ବିଣ.ଦେ. ବି—ନିଦ୍ରାବସ୍ଥାରେ ମନୁଷ୍ୟଙ୍କୁ ଦେବତାଙ୍କ ଆଦେଶ ପ୍ରାପ୍ତି—Revelation of Divine will to a person in dream. ୧।ସ୍ୱପ୍ନଦୃଷ୍ଟ ବସ୍ତୁ ପରି ଅପ୍ରାପ୍ୟ; ଅଲଭ୍ୟ—1. Unavailable (like the things seen in a dream). [ଉ—ଦେଖିବାକୁ ସ୍ୱପ୍ନ ଅଟଇ ମାତ୍ର ଭାଳ—କୃଷ୍ଣସିଂହ· ମହାଭାରତ ବନ ।] ୨ । ଅନୁପସ୍ଥିତ—2. Absent. (ଉ—ଏ ବନରେ ମନୁଷ୍ୟ ସହୁଛି ସ୍ୱପନ-କୃଷ୍ଣସିଂହ ମହାଭାରତ. ବନ ।)

ସ୍ୱପ୍ନକ୍—ସ. ବିଣ (ସ୍ୱପ୍ ଧାତୁ+କର୍ତ୍ତୃ ଅକ; ସ୍ୱପ୍ନକ୍ ୧ମା. ୧ବ)—
Swapnak ନିଦ୍ରିତ; ନିଦ୍ରାଶୀଳ; ଶୟନଶୀଳ—Given to sleep; sleepy.

ସ୍ୱପ୍ନ କାରକ—ସଂ. ବିଣ—୧ । ନିଦ୍ରାକାରକ—1. Soporific.
Swapna kāraka ୨ । ଯାହା ସ୍ୱପ୍ନ ଘଟାଏ—2. Causing dreams.

ସ୍ୱପ୍ନକୃତ—ସଂ. ବିଣ [ସ୍ୱପ୍ନ+କୃ ଧାତୁ+କର୍ତ୍ତୃ କ୍ୱିପ୍]—ସ୍ୱପ୍ନକାରକ
Swapna krut (ଦେଖ)—Swapna kāraka (See). ସଂ. ବି—ସୁନୁସୁନିଆ ଶାଗ—Marsila Quadrifolia (pot herb).

ସ୍ୱପ୍ନ ଗୃହ—ସଂ. ବି [ମ. ଷ. ଲୋ]—ଶୋଇବା ଘର—
Swapna gruha Sleeping room; bed room.

ସ୍ୱପ୍ନ ଜାଲ—ସଂ. ବି (ରୂପକ)—ଜଟିଳ ବା ଅବୋଧ ସ୍ୱପ୍ନ—
Swapna jāla Knotty or incomprehensible dream.

ସ୍ୱପ୍ନ ଜାଳ—ସଂ. ବି [୬ଷ୍ଠୀ ତତ୍]—ସ୍ୱପ୍ନସମୂହ—
Swapna jāla A variety of dreams.

ସ୍ୱପ୍ନ ତତ୍ତ୍ୱ—ସଂ. ବି [୬ଷ୍ଠୀ ତତ୍ ବା ମ. ପ. ଲୋ]—ସ୍ୱପ୍ନବିଷୟକ
Swapna tattwa ରହସ୍ୟର ଉଦ୍ଘାଟନ—The key to dreams.

ସ୍ୱପ୍ନ ଦର୍ଶନ—ସଂ. ବି—୧ । ସ୍ୱପ୍ନ ଦେଖିବା—1. Dreaming.
Swapna darsana ୨ । ସ୍ୱପ୍ନରେ କୌଣସି ବ୍ୟକ୍ତିଙ୍କର ଦେଖା ଦେବା—2. Vision during a dream.

ସ୍ୱପ୍ନଦର୍ଶୀ—ସଂ ବିଣ.ପୁଂ (ସ୍ୱପ୍ନଦର୍ଶିନ୍, ୧ମା.୧ବ)—ଯେ ସ୍ୱପ୍ନ ଦେଖେ—
Swapna darsi Dreaming.
(ସ୍ୱପ୍ନଦର୍ଶିନୀ—ସ୍ତ୍ରୀ)

ସ୍ୱପ୍ନ ଦୃଷ୍ଟ—ସଂ. ବିଣ (୭ମୀ ତତ୍)—ସ୍ୱପ୍ନରେ ପ୍ରତ୍ୟକ୍ଷୀକୃତ—
Swapna drushta Seen in dream; dreamt of.

ସ୍ୱପ୍ନ ଦେଖା(ଖେ)ଇବା—ଦେ. କ୍ରି [ସଂ. ସ୍ୱପ୍ନ]—ସ୍ୱପ୍ନାଇବା (ଦେଖ)—
Swapna dekhā[khe]ibā Swapnāibā (See)
স্বপ্ন দেখান स्वपनाना, स्वप्न दिखाना

ସ୍ୱପ୍ନ ଦେଖିବା—ଦେ. କ୍ରି—୧ । ନିଦ୍ରାବସ୍ଥାରେ କେତେକ ବିଷୟ ପ୍ରତ୍ୟକ୍ଷ
Swapna dekhibā କରିବା—1. To dream. ୨ । ବୃଥା
স্বপ্ন দেখা କଳ୍ପନା କରିବା—2. To build castles in the
स्वप्न देखना air. ୩ । ସତ୍ୟ ଘଟଣାକୁ ସ୍ୱପ୍ନ ଦେଖିଲା ପରି ବୋଧ କରି ସତ୍ୟରେ ବିଶ୍ୱାସ ନ କରିବା—3. Not to believe a real thing, thinking it to be a dream.

ସ୍ୱପ୍ନ ଦେବୀ—ସଂ. ବି.—୧ । ଦେବୀରୂପେ କଳ୍ପିତ ସ୍ୱପ୍ନ (ଭୁଲ. ନିଦ୍ରା-
Swapna debi ଦେବୀ)—1. Dream personified as a Deity. ୨ । ସ୍ୱପ୍ନାବତୀ (ଦେଖ)—2. Swapna bati (See)

ସ୍ୱପ୍ନ ଦୋଷ—ସଂ. ବି. (୬ଷ୍ଠୀ ତତ୍)—୧ । ସ୍ୱପ୍ନରେ ଭୟଙ୍କର ବିଷୟ
Swapna dosha ଦେଖିବା; ଦୁଃସ୍ୱପ୍ନ—1. Frightful dream; nightmare. ୨ । ସ୍ୱପ୍ନରେ ଦୃଷ୍ଟ କାମୋଦ୍ଦୀପକ ଦୃଶ୍ୟର ବା ସ୍ତ୍ରୀପ୍ରସଙ୍ଗର ଫଳରେ ରେତଃସ୍ଖଳନ—2. Wet dream; nocturnal emission of semen.

ସ୍ୱପ୍ନ ନିକେତନ (ସ୍ଥାନ)—ସଂ. ବି—ଶୋଇବା କୋଠରି; ଶୟନାଗାର
Swapna niketana (sthāna) (ବ୍ୟ. ଶ)—Bedroom.

ସ୍ୱପ୍ନ ପ୍ରାପ୍ତ—ସଂ. ବିଣ.—ସ୍ୱପ୍ନ ଲବ୍ଧ (ଦେଖ)—Swapna labdha (See)
Swapna prāpta

ସ୍ୱପ୍ନ ଫଳ—ସଂ. ବି.—(୬ଷ୍ଠୀ ତତ୍)—ସ୍ୱପ୍ନାଧ୍ୟାୟ ଇତ୍ୟାଦି ଗ୍ରନ୍ଥବର୍ଣ୍ଣିତ
Swapna phala ବିଭିନ୍ନ ସ୍ୱପ୍ନର ବିଭିନ୍ନ ଫଳମାନ—Results of different dreams as elucidated by seers.

ସ୍ୱପ୍ନବତ୍—ସଂ. ଅ.—ସ୍ୱପ୍ନ ପରି—Like dream. ସଂ. ବିଣ.—୧ ।
Swapna bat ଅବାସ୍ତବ—1. Unreal. ୨ । ଅସାର—2. Unsubstantial.

ସ୍ୱପ୍ନ ବିଚାର—ସଂ. ବି.—ସ୍ୱପ୍ନର ଶୁଭାଶୁଭ ଫଳର ଅନ୍ୱେଷଣ—Ascertainment of or discussion about the good or bad result of a dream.
Swapna bichāra

ସ୍ୱପ୍ନ ବିଚାରୀ—ସଂ.ବିଣ.ପୁଂ—ଶୁଭାଶୁଭ ସ୍ୱପ୍ନର ବ୍ୟାଖ୍ୟାକାରୀ—Expounding the results of dreams.
Swapna bichāri

ସ୍ୱପ୍ନବିତ୍—ସଂ. ବିଣ. (ସ୍ୱପ୍ନ+ବିଦ୍ ଧାତୁ+କର୍ତ୍ତ୍ତୃ କ୍ୱିପ୍; ସ୍ୱପ୍ନବିଦ୍
Swapna bit ଶବ୍ଦ, ୧ମା. ୧ବ)—ସ୍ୱପ୍ନର ଫଳାଫଳ ବିଷୟ (ସ୍ୱପ୍ନବିତ[ଦ]—ଦେ. ରୂପ) ଜାଣିବା ବିଷୟରେ ଅଭିଜ୍ଞ—Well-versed in understanding results of the dreams. [ପ୍ର—ଫଳ ଜାଣିଥିଲେ ନୃପ ସ୍ୱପ୍ନବିତ ବୁଧେ ଭଣାଇ ।—ରାଧାନାଥ, ଉଷା]

ସ୍ୱପ୍ନ ବିବରଣ (ବୃତ୍ତାନ୍ତ)—ସଂ. ବି—ସ୍ୱପ୍ନରେ ଦେଖା ଯାଇଥିବା ବିଷୟର
Swapna bibarana (bruttānta) ବର୍ଣ୍ଣନା—Description of what was seen in a dream.

ସ୍ୱପ୍ନମୂଳକ—ସଂ. ବିଣ—(ବହୁବ୍ରୀହି)—୧। ସ୍ୱପ୍ନରେ ଦେଖାଯାଇଥିବା—
Swapna mūlaka 1. Seen in a dream. ୨ । କାଳ୍ପନିକ—2. Imaginary. ୩ । ସ୍ୱପ୍ନ ଉପରେ ପ୍ରତିଷ୍ଠିତ—3. Based on dream.

ସ୍ୱପ୍ନରେ ସୁଦ୍ଧା ବିଚାରି (ଭାବି) ନ ଥିବା—ଦେ. କ୍ରି—କଳ୍ପନାରେ ସୁଦ୍ଧା
Swapnare suddhā bichari(bhābi)na thibā ଚିନ୍ତା
স্বপ্নেও না ভাবা କରି ନ ଥିବା—Not to have dreamt of
स्वप्नमे भी न बिचारना it for a moment. (said of any impossible or impracticable matter.

ସ୍ୱପ୍ନ ଲବ୍ଧ—ସଂ. ବିଣ.(୩ୟା ତତ୍)—ଦୈବାନୁଗ୍ରହରେ ସ୍ୱପ୍ନାଦେଶରେ
Swapna labdha ପ୍ରାପ୍ତ—(Information) Obtained during dream through Divine Grace.

ସ୍ୱପ୍ନ ସୁନ୍ଦରୀ—ଦେ. ବି. ସ୍ତ୍ରୀ—ସ୍ୱପ୍ନାବତୀ (ଦେଖ)—Swapnābati
Swapna sundari (See)

ସ୍ୱପ୍ନ ହେବା—ଦେ. କ୍ରି—ନ ମିଳିବା; ଦୁଷ୍ପ୍ରାପ୍ୟ ହେବା—
Swapna hebā Not to be had; unavailable.
স্বপ্ন হওয়া [ପ୍ର—ଧର୍ମ ଏପରି ସ୍ୱପ୍ନ ହୋଇଲା ଅସି । ଜଗବନ୍ଧୁ-
स्वप्न होना କବିତା ।]

ସ୍ୱପ୍ନା(ପ୍ନେ)ଇବା—ଦେ. କ୍ରି—୧ । ସପନାଇବା; (ଦେବତା) କାହାର
Swapnā(pne)ibā ବ୍ୟକ୍ତିକୁ ସ୍ୱପ୍ନରେ ଦେଖା ଦେବା—
স্বপ্ন দেওয়া 1. (a Deity) To appear in dream; to
सपनाना, स्वप्नाना appear to a person in dream.
୨ । (ଦେବତା) କାହାର ବ୍ୟକ୍ତିକୁ ସ୍ୱପ୍ନରେ ଦେଖା ଦେଇ କୌଣସି ଆଦେଶ କରିବା—2. (God or Deity) To convey certain orders in dream; to order a person to do a thing, by appearing to one in dream. [ପ୍ର—କଥିତ ଅଛି ଯେ, ଦେବତାମାନେ କାହାର ବ୍ୟକ୍ତିକୁ ସ୍ୱପ୍ନରେ ଦେଖା ଦେଇ ସ୍ୱପ୍ନାବସ୍ଥାରେ ତାଙ୍କୁ ନାନାବିଧ ଆଦେଶ ଦିଅନ୍ତି ଓ ତାଙ୍କର ଇଚ୍ଛା ତାଙ୍କୁ ବ୍ୟକ୍ତିକୁ ଜଣାନ୍ତି । ଉତ୍କଳର ରାଜା ପୁରୁଷୋତ୍ତମ ଦେବଙ୍କୁ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଇବାରୁ

ସେ ଦ୍ୱିତୀୟ ଥର କାଞ୍ଚୀ ଯୁଦ୍ଧ କରିବାକୁ ଯାଇ ଜୟ କରିଥିବାର କମ୍ବଦନ୍ତୀ ଅଛି ।
ଅନେକ ରୋଗୀ ଆରୋଗ୍ୟ ଲାଭାର୍ଥ ଦେବତାଙ୍କ ନିକଟରେ ଅଧିା ପଡ଼ନ୍ତି; ଏବଂ ଦେବତା ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ୱପ୍ନାନ୍ତେ ଓ ଆରୋଗ୍ୟର ଉପାୟମାନ କହାନ୍ତି ବା ହୁକୁମ ଦିଅନ୍ତି ।
ଥିଓସଫୀ ବା ବ୍ରହ୍ମବିଦ୍ୟାର ମତ ଏହି କି, ମନୁଷ୍ୟର ନିଦ୍ରିତ ଥିବା ଅବସ୍ଥାରେ ତାର ସ୍ଥୂଳ ଶରୀର ନିଦ୍ରିତ ଥାଏ, କିନ୍ତୁ ସୂକ୍ଷ୍ମ ଶରୀର (astral body) ଜାଗ୍ରତ୍ ଥାଏ ଓ ସେହି ସୂକ୍ଷ୍ମ ଶରୀର ସ୍ୱପ୍ନ ଦେଖେ ।] ୩ । ମନ୍ତ୍ର ଯନ୍ତ୍ରାଦି ପ୍ରୟୋଗ ପୂର୍ବକ କୌଣସି ନିଦ୍ରିତ ବ୍ୟକ୍ତିଙ୍କୁ ନାନା ଭୟଙ୍କର ସ୍ୱପ୍ନ ଦେଖାଇବା—3. To cause (by the employment of charm) a person to have frightful dreams and nightmares.

ସ୍ୱପ୍ନାଟନ—ସଂ. ବି (୭ମୀ ତତ୍—ରୋଗ ବିଶେଷ; ନିଦ୍ରିତ ଅବସ୍ଥାରେ ବୁଲିବୁଲି କହିବା—Somnambulism.
Swapnāṭana

ସ୍ୱପ୍ନାଦେଶ—ସଂ. ବି (ମ. ପ. ଲୋ)—ସ୍ୱପ୍ନରେ ପ୍ରାପ୍ତ ଦେବାଦେଶ—
Swapnādeśa Divine commandment conveyed to a person in dream.

ସ୍ୱପ୍ନାଧ୍ୟାୟ—ସଂ. ବି—ପୁରାଣାଦିରେ ସ୍ୱପ୍ନର ଫଳାଫଳର ବର୍ଣ୍ଣନ—
Swapnādhyāya A study of the good and bad results of different dreams.
[ଦ୍ର—ବ୍ରହ୍ମବୈବର୍ତ୍ତପୁରାଣ ଶ୍ରୀକୃଷ୍ଣଜନ୍ମ ଖଣ୍ଡ ସପ୍ତତିତମ (୭୦) ଅଧ୍ୟାୟରେ ସ୍ୱପ୍ନ ବିଷୟ ଓ ୮୨ ଅଧ୍ୟାୟରେ ଦୁଃସ୍ୱପ୍ନ ବିଷୟ ଓ ଫଳାଦି ବର୍ଣ୍ଣିତ ହୋଇଅଛି ଏବଂ ୩୫ ଅଧ୍ୟାୟରେ କଂସର ମୃତ୍ୟୁ ପୂର୍ବରୁ କଂସ ଦ୍ୱାରା ଦୃଷ୍ଟ ଦୁଃସ୍ୱପ୍ନ ବର୍ଣ୍ଣିତ ହୋଇଅଛି । ମତ୍ସ୍ୟ ପୁରାଣର ୨୧୬ ଅଧ୍ୟାୟରେ ଯାତ୍ରାଦି ସମ୍ପର୍କରେ ଶୁଭାଶୁଭ ସୂଚକ ସ୍ୱପ୍ନମାନ ବର୍ଣ୍ଣିତ ହୋଇଅଛି । ମହାଭାରତ, ରାମାୟଣ, ଦେବୀପୁରାଣ, କାଳିକା ପୁରାଣ ଆଦିରେ ମଧ୍ୟ ସଫଳ ସ୍ୱପ୍ନମାନଙ୍କ ବିଷୟ ବର୍ଣ୍ଣିତ ହୋଇଅଛି ।]

ସ୍ୱପ୍ନାବତୀ—ଦେ.ବି.ସ୍ତ୍ରୀ (ହି.ସ୍ୱପ୍ନବତୀ)—ସ୍ୱପ୍ନର ଅଧିଷ୍ଠାତ୍ରୀ ଦେବତା ବା ଠାକୁରାଣୀ—Name of the Goddess who appears to persons in dreams.
Swapnābati
স্বপ্ন দেবী
स्वप्न देवी [ଦ୍ର—ଏ ଲୋକଙ୍କୁ ସ୍ୱପ୍ନରେ ଦେଖା ଦେଇ ଉପଦେଶ ଦିଅନ୍ତି ବା ଭୟ ଦେଖାନ୍ତି ବା ସତର୍କ କରାନ୍ତି ।]

ସ୍ୱପ୍ନାବସ୍ଥା—ସଂ. ବି— ୧ । ନିଦ୍ରାବସ୍ଥା—1. The state of sleep.
Swapnābasthā ୨ । ନିଦ୍ରାରେ ସ୍ୱପ୍ନ ଦେଖୁଥିବା ଅବସ୍ଥା—2. The state of dreaming.

ସ୍ୱପ୍ନାବେଶ—ସଂ. ବି—ସ୍ୱପ୍ନର ଆବିର୍ଭାବ; ସ୍ୱପ୍ନ ଦେଖିବା ଅବସ୍ଥା—
Swapnābeśa The state of dreaming.

ସ୍ୱପ୍ନାଳୁ—ସଂ. ବିଣ (ସ୍ୱପ୍ନ+ଆଳୁ)—ନିଦ୍ରାଳୁ (ହି. ଶ)—
Swapnālu Sleepy.

ସ୍ୱପ୍ନେଶ୍ୱର—ଦେ. ବି—୧ । ପୁରୁଷ ଲୋକଙ୍କୁ ଦିଆଯିବା ନାମ—
Swapneśwara 1. A name given to males.
স্বপ্নেশ্বর स्वप्नेश्वर ୨ । ଏକ ଶିବଲିଙ୍ଗଙ୍କ ନାମ—2. The name of an image of Śiba,

ସ୍ୱପ୍ନୋତ୍ଥିତ—ସଂ.ବିଣ.ପୁଂ— ସ୍ୱପ୍ନ ଦେଖୁଥିବା ଅବସ୍ଥାରେ ବା ସ୍ୱପ୍ନ ଦେଖି-
Swapnotthita ବାର ଅବ୍ୟବହିତ ପରେ ନିଦ୍ରାରୁ ଉଠିଥିବା—
Awakened from sleep while dreaming or just after dreaming.
(ସ୍ୱପ୍ନୋତ୍ଥିତା—ସ୍ତ୍ରୀ)

ସ୍ୱ ପ୍ରକାଶ—ସଂ. ବି—୧ । ସ୍ୱୀୟ ଶକ୍ତି ଦ୍ୱାରା ପ୍ରକାଶିତ; ଅନ୍ୟର ବିନା
Swa prakāśa ସାହାଯ୍ୟରେ ପ୍ରକାଶିତ ବା ଦୃଷ୍ଟ; ନିଜ ଆଲୋକରେ ଦୃଷ୍ଟ—1. Self luminous; shining by its own light. ୨ । ସ୍ୱତଃସିଦ୍ଧ—2. Self-evident.

ସ୍ୱ ବଶ—ସଂ. ବିଣ. ପୁଂ (୬ଷ୍ଠୀ ତତ୍)—ଅସ୍ୱବଶ; ସ୍ୱାଧୀନ—
Swa baśa (ସ୍ୱବଶା—ସ୍ତ୍ରୀ,ସ୍ୱବଶତା—ବି) Independent.

ସ୍ୱ ବାସିନୀ—ସଂ. ବି.ସ୍ତ୍ରୀ (ସ୍ୱ=ଜ୍ଞାତି ମଧ୍ୟରେ; ପିତୃ ଗୃହରେ+ବାସିନୀ)
Swa bāsinī —ତରୁଣୀ; ଆଜନ୍ମ ପିତୃଗୃହବାସିନୀ (ବିବାହିତା ବା ଅବିବାହିତା) କନ୍ୟା (ଅମର)—A girl who lives in her parent's house for life.

ସ୍ୱ ବୀଜ—ସଂ. ବି—୧ । ଆତ୍ମା (ଶବ୍ଦ ରତ୍ନାବଳୀ)—1. Soul. ୨ ।
Swa bīja ନିଜର ବୀର୍ଯ୍ୟ—2. One's own semen.

ସ୍ୱ ବୀର୍ଯ୍ୟ—ସଂ. ବି—୧ । ନିଜର ବୀର୍ଯ୍ୟ—1. One's semen. ୨ ।
Swa birjya ନିଜର ବଳ—2. One's own might.

ସ୍ୱ ବୀର୍ଯ୍ୟ ଗୁପ୍ତ—ସଂ. ବିଣ ପୁଂ. (୩ୟା ତତ୍)—ନିଜର ବଳ ଦ୍ୱାରା
Swa birjya gupta ଯେ ଆପଣାକୁ ରକ୍ଷା କରେ—Protectep
(ସ୍ୱବୀର୍ଯ୍ୟ ଗୁପ୍ତା—ସ୍ତ୍ରୀ) by one's own power or might.

ସ୍ୱ ଭଦ୍ରା—ସଂ. ବି—ଗମ୍ଭାରୀ ବୃକ୍ଷ (ହି. ଶ)—
Swa bhadrā Gmelina Arborica (tree).

ସ୍ୱ ଭାଗ୍ୟ—ସଂ. ବି—ନିଜର ଭାଗ୍ୟ—
Swa bhāgya One's luck.

ସ୍ୱ ଭାଜନ—ସଂ, ବି (ସ୍ୱ+ଭାଜନ)—୧ । ଅଭିନନ୍ଦନ; ଅଭ୍ୟାଗମନ—
Swa bhājana 1. Welcoming; reception.
୨ । ସୌଜନ୍ୟ—2. Courtesy; civility.
୩ । ନିଜର ପାତ୍ର—3. One's receptacle.

ସ୍ୱଭାବ—ସଂ. ବି (ସ୍ୱ+ଭାବ)—୧ । ପ୍ରକୃତି; ପ୍ରାଣୀର ସଙ୍ଗେ ଜନ୍ମ
Swabhāba ହୋଇଥିବା ଗୁଣ—1. Nature; natural or innate character.
(ସ୍ୱାଭାବିକ—ବିଣ)
୨ । ଅସ୍ୱଭାବ; ବସ୍ତୁର ସହଜ ଗୁଣ—2. Natural propensity or quality of a thing. ୩ । ଚରିତ୍ର—3. Character, ୪ । ଅଭିପ୍ରାୟ; ଉଦ୍ଦେଶ୍ୟ—4. Intention. ୫ । ସ୍ୱାଭାବିକ ଅବସ୍ଥା—5. Natural condition. ୬ । ନିସର୍ଗ—6. Nature. ଦେ, ବି—୧ ।
স্বভাব ନୀଚକୁଳରେ ବିବାହାଦିଦ୍ୱାରା ବ୍ରାହ୍ମଣର ଜାତି
समाज ପ୍ରାପ୍ତ ହୋଇ ନ ଥିବା ଅବସ୍ଥା; ଅଭଙ୍ଗ କୌଳିନ୍ୟ—

1. The state of not having lost one's family-dignity by low marriage (amongst the Kulina Brāhmaṇas of Bengal). [ଦୃ—ଯେ ସ୍ୱଭାବରେ ନାହାନ୍ତି, ସେ ଭଙ୍ଗ କୁଳୀନ; ଯେ ସ୍ୱଭାବରେ ଅଛନ୍ତି, ସେ ଅଭଙ୍ଗ କୁଳୀନ ।]
୩ । ଅଭ୍ୟାସ — 3. Habit.

ସ୍ୱଭାବ ଗତ — ସଂ. ବଣ (୨ୟା ତତ୍)— ୧ । ପ୍ରକୃତିଗତ; ସ୍ୱାଭାବିକ— Swabhāba gata 1. Natural; innate. ୨ । ସ୍ୱାଭାବିକ ଅବସ୍ଥାପ୍ରାପ୍ତ—2. Restored to natural condition.

ସ୍ୱଭାବ ଚରିତ୍ର —ଦେ, ବ (ସମାହାର)— ୧ । ପ୍ରକୃତି ଓ ଗୁଣଚରିତ୍ର; Swabhāba charitra ପ୍ରକୃତି ଓ ଆଚରଣ— স্বভাব চরিত্র स्वभाव चरित्र 1. Nature and character; character and conduct. ୨ । ସ୍ୱଭାବ ଗତି — 2. Manners.

ସ୍ୱଭାବ ଚିକିତ୍ସା —ସଂ. ବ (ଆଧୁନିକ ପ୍ରୟୋଗ)— ଉଷଧ ଭିନ୍ନ ରୋଗଗ୍ରସ୍ତ Swabhāba chikitsā ବ୍ୟକ୍ତିଙ୍କୁ କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ, ଏହି ପଞ୍ଚଭୂତର ଭିନ୍ନ ଭିନ୍ନ ପ୍ରୟୋଗଦ୍ୱାରା ଚିକିତ୍ସା କରିବାର ବର୍ତ୍ତମାନ ଯୁଗରେ ଆବିଷ୍କୃତ ଚିକିତ୍ସା— ପ୍ରଣାଳୀ—Naturopathy.

ସ୍ୱଭାବଜ—ସଂ. ବଣ (ଉପପଦ ତତ୍ପୁରୁଷ, ସ୍ୱଭାବ+ଜନ୍ ଧାତୁ+କର୍ତ୍ତୃ Swabhābaja ଅ)—୧। ସ୍ୱାଭାବିକ—1. Natural. ୨ । ସହଜ; ପ୍ରକୃତିଗତ; ସ୍ୱଭାବସିଦ୍ଧ—2. Innate: inborn.

ସ୍ୱଭାବତଃ—ସଂ. ଅ (ସ୍ୱଭାବ+ତସ୍)— ୧ । ପ୍ରକୃତିବଶତଃ — 1. By Swabhābataḥ nature. ୨ । ପ୍ରକୃତି ବଶରୁ; ସାଭାବିକ-ରୂପେ—2. Naturally.

ସ୍ୱଭାବ ପ୍ରକୃତି—ଦେ.ବ (ଏକାର୍ଥକ ସମାହାର) – ୧ । ସ୍ୱଭାବ ବା ପ୍ରକୃତି— Swabhāba prakruti 1. Nature. ୨ । ସ୍ୱଭାବ ଚରିତ୍ର— 2. Nature and conduct.
স্বভাবপ্রকৃতি स्वभाव प्रकृति

ସ୍ୱଭାବ ବିରୁଦ୍ଧ (ବିରୋଧୀ)—ସଂ. ବଣ (୬ଷ୍ଠୀ ତତ୍) — ୧ । ଅସ୍ୱାଭାବିକ Swabhāba biruddha (birodhi) —1. Unnatural. ୨ । ପ୍ରକୃତିର ବିରୁଦ୍ଧ—2. Opposed to one's nature.

ସ୍ୱଭାବ ଶୋଭା—ସଂ. ବ— ୧ । ପ୍ରାକୃତିକ ସୌନ୍ଦର୍ଯ୍ୟ; ଅକୃତ୍ରିମ ସୌନ୍ଦର୍ଯ୍ୟ- Swabhāba śobhā 1. Natural grace or beauty. ୨ । ନୈସର୍ଗିକ ଶୋଭା—2. The beauty of Nature.

ସ୍ୱଭାବ ସଙ୍ଗତ—ସଂ. ବଣ (୬ଷ୍ଠୀ ତତ୍)— ୧ । ସ୍ୱଭାବର ଅନୁକୂଳ; Swabhāba saṅgata ସ୍ୱଭାବଗତ—1. Favourable to one's nature. ୨ । ସ୍ୱାଭାବିକ—2. Natural.

ସ୍ୱଭାବ ସିଦ୍ଧ – ସଂ, ବଣ—ପ୍ରକୃତିଗତ— Swabhāba siddha Innate; natural; inborn.

ସ୍ୱଭାବ ସୁଲଭ—ସଂ ବଣ— ୧ । ପ୍ରକୃତିଗତ; ସ୍ୱଭାବଜ—1. Inborn Swabhāba sulabha ୨ । ସ୍ୱାଭାବିକ—2. Natural.

ସ୍ୱଭାବ ସୌନ୍ଦର୍ଯ୍ୟ—ସଂ ବ—ସ୍ୱଭାବ ଶୋଭା (ଦେଖ)— Swabhāba saundarjya Swabhāba śobhā (See)

ସ୍ୱଭାବା—ଦେ. ବ (ପ୍ରାଚୀନପଦ୍ୟ)—ପ୍ରକୃତିଦତ୍ତ ଗୁଣ—Innate Swabhābā quality; natural propensity. [ଦୃ— କୃଷ୍ଣଙ୍କୁ ଦେଖି ଯେଣ୍ଟା ଗୁଣ ଉତ୍କଣ୍ଠା ଉଦୟ କଲେ ସ୍ୱଭାବା—ପ୍ରାଚୀ. ରସବାରିଧି]

ସ୍ୱଭାବେ—ଦେ. କ୍ରି. ବଣ—୧ । ସହଜେ; —1. Easily. Swabhāte ୨। ସ୍ୱଭାବତଃ—2. Naturally. [ଦୃ—ସ୍ତ୍ରୀ ଖଣ୍ଡ স্বভাবে ବିଶ୍ୱାସ ଯେ ଲୋକ କଲ, ଜୀବନ ଥାଉଁ ସେ स्वभावसे ସ୍ୱଭାବେ ମଲ—ଘନକୃଷ୍ଣ. ପ୍ରସ୍ତାବସିନ୍ଧୁ ।]—୩ । ଫଳତଃ; ଫଳରେ; ପ୍ରକୃତରେ—3. As a matter of course; consequently. [ଦୃ—ବୈଶ୍ରିଷଣ ବେଶ ଧ୍ରୁବଁ ଦୋଷେ, ସ୍ୱଭାବେ ଅଳପ ଆୟୁଷେ—ଜଗନ୍ନାଥ. ଭାଗବତ] ୪ । ସ୍ୱତଃ — 4. Of itself.

ସ୍ୱଭାବୋକ୍ତି—ସଂ. ବ— (୬ଷ୍ଠୀତତ୍)—ଅର୍ଥାଲଙ୍କାର ବିଶେଷ; ଦ୍ରବ୍ୟାଦିର Swabhābokti ସ୍ୱଭାବ ବର୍ଣ୍ଣନ ରୂପ ଅଳଙ୍କାର (ଅଳଙ୍କାର ଦେଖ) A rhetorical figure which describes an object in its natural or true colour. [ଦୃ— ପ୍ରକୃତି କିମ୍ବା କୌଣସି ପ୍ରାକୃତ ବସ୍ତୁର ସ୍ୱଭାବ-ସଙ୍ଗତ ଚମତ୍କାର ବର୍ଣ୍ଣନା ହେଲେ ତାହାକୁ ସ୍ୱଭାବୋକ୍ତି ଅଳଙ୍କାର କହନ୍ତି । ଯଥା—
୧ । ପ୍ରକୃତି ବର୍ଣ୍ଣନା—
ପ୍ରଶାନ୍ତ ନଶାନ୍ତ କାଳ ବିସ୍ତାରେ ଉତ୍ଫୁଲେ, ଉଷାର ଭୂଷାର ଶୁଭ୍ର ଲଲାଟମଣ୍ଡଳେ, ସୂର୍ଯ୍ୟରେ କୌସ୍ତୁଭ ମଣି ଶୁଭ୍ର ସୁଶୋଭନ, ପଶ୍ଚିମ ଦଗନ୍ତ ପଟେ ଛବି ଅତୁଳନ, ଉପାଶୀ ଆକାଶେ ଦୂରେ ମହା ଜ୍ୟୋତିର୍ମୟ, ତୁଷାର ବସ୍ତୃତ ଗ୍ରାମେ ବିଷାଦ ଅଳସ୍ୟ, ଅନନ୍ତ ହିମାନୀ ଶେଷ ଶୁଭ୍ର, ହିମାଚଳ, ତ୍ରିଦିବର ପୁଣ୍ୟ ପୁଞ୍ଜ ପ୍ରାୟ ସମୁଜ୍ଜ୍ୱଳ—ମଧୁସୂଦନ. ଋଷିପ୍ରାଣେ ଦେବାବତରଣ ।

୨ । ସ୍ୱଭାବ ବର୍ଣ୍ଣନା—
ହେମାଙ୍ଗ ହଳଧାବସନ୍ତ ଦେଖି ଯେଝେ ସଞ୍ଚାଣ, ଅନ୍ତରୀକ୍ଷେ ଧାଏଁ ସଲକ୍ଷେ କ୍ଷଣପ୍ରଭା ସମାନ । ଜୀବନ ଭୟରେ ସଭୟେ ଶରେ ଧାଏଁ ତୁରଙ୍ଗ, ଶରତର ବେଗେ ଜୀବନ୍ତ-ଅଗେ ଧାଏଁ ପ୍ରବଳ । ମୁହୂର୍ତ୍ତ ଉର୍ଦ୍ଧ୍ୱମୁଖ ସଞ୍ଚାଣ ପକ୍ଷ କରେ ବିସ୍ତାର । କ୍ଷଣେ କରଗତ ପଲକେ ପଶୁ ହେଲ ଶୀକାର, ହଳଧାବସନ୍ତ ଏକାନ୍ତ ପ୍ରାଣଭୟେ ଅସ୍ଥିର । କ୍ଷଣେ ଧୃତ କ୍ଷଣେ ମୁକତ ମରଣେ ନିଜ ଶରୀର । ଶାଣିତ ପୁଚ୍ଛକୁ ସଞ୍ଚାଣ ଉର୍ଦ୍ଧ୍ୱ କ୍ଷଣେ ପରକ୍ଷେ, ଚଞ୍ଚଳ ଏଡ଼ାଇ ଶୀକାର ଶରେ ଭର୍ଯ୍ୟକେ ଖସେ—ରାଧାନାଥ, ଚନ୍ଦ୍ରଭାଗା]

ସ୍ୱଭୂ—ସଂ. ବ. (ସ+ଭୂଧାତୁ+କର୍ତ୍ତୃ କ୍ୱିପ୍)—ସ୍ୱୟମ୍ଭୂ (ଦେଖ) — Swabhū Swayambhu (See)

ସ୍ୱମବାର—ଗ୍ରା. ବି.—ସୋମବାର (ଦେଖ)
Swamabāra Somabāra (See)

ସ୍ୱମେକ– ସଂ. ବି.—ସଂବତ୍ସର (ଇତ୍ୟାଦ ଉକ୍ତି)—
Swameka A year.

ସ୍ୱୟଏତ—ପ୍ରାଦେ. (ଗଞ୍ଜାମ) ଅ. (ସଂ. ସ୍ୱାସୃତ୍ତ)—ଜରିଆରେ—
Swayaeta ଦ୍ୱାରା ଜରିଯିସେ Through.

ସ୍ୱୟଂ—ସଂ. ଅ—(ସୁ+ଅୟଂ; କ୍ଷାବେନ୍ଦ୍ର)—୧ । ଛ୍ୱଏଁ; ଆପେ; ନିଜେ
Swayam 1. By itself; of one's self. ୨ । ଖୋଦ୍; ନିଜେ—2. Itself; himself; herself.

ସ୍ୱୟଂକୃତ—ସଂ. ବଣ—ଆପେକୃତ—Preformed by one's self.
Swayam kruta

ସ୍ୱୟଂ ଗୁପ୍ତା—ସ.ବ—ଶୁକ ଶିମ୍ବିକା (ଶବ୍ଦ ରତ୍ନାବଳୀ); ବାଇଡଙ୍କ—
Swayam guptā Cowhage.

ସ୍ୱୟଂ ଜ୍ୟୋତିଃ—ସଂ. ବ (ବହୁବ୍ରୀହି)—ପରମେଶ୍ୱର (ହି. ଶ)—
Swayam jyotiḥ God.

ସ୍ୱୟଂ ଦତ୍ତ—ସଂ. ବ—ସ୍ମୃତି ଶାସ୍ତ୍ରୋକ୍ତ ଦ୍ୱାଦଶ ବିଧ ପୁତ୍ରାନ୍ତର୍ଗତ ପୁତ୍ର-
Swayam datta ବିଶେଷ—A class of sons according to the Hindu Law; a son who gives himself to another as the latter's son. [ଦ୍ର—ପିତୃ ମାତୃ ହୀନ ବା ପିତୃ ମାତୃ ତ୍ୟକ୍ତ ଯେଉଁ ସନ୍ତାନ ଅନ୍ୟ ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତ ହୋଇ ଆପଣାକୁ ତାଙ୍କର ପୁତ୍ର ବୋଲି ସ୍ୱୀକାର କରେ ତାକୁ ସ୍ୱୟଂଦତ୍ତ ବୋଲିଯାଏ—ମିତାକ୍ଷରା]

ସ୍ୱୟଂଦୂତ—ସ. ବ. ପୁଂ—ଯେଉଁ ନାୟକ ନାୟିକାଙ୍କଠାରୁ ଅନ୍ୟ ଦୂତକୁ
Swayam dūta ବା ଦୂତୀକୁ ନ ପଠାଇ ନିଜେ ନାୟିକାଙ୍କ ନିକଟରେ ପ୍ରଣୟ ପ୍ରାର୍ଥନା କରନ୍ତି (ହି. ଶ)—A class of heroes in fiction who, instead of sending any emissary or employing a go between, delivers his amatory messages personally to his sweet heart.

ସ୍ୱୟଂ ଦୂତୀ—ସ. ବ. ସ୍ତ୍ରୀ—ଯେଉଁ ପରକୀୟା ନାୟିକା କୌଣସି ଦୂତ ବା
Swayam dūti ଦୂତୀଙ୍କ ବିନା ସାହାଯ୍ୟରେ ନାୟକଙ୍କ ନିକଟରେ ନିଜର ପ୍ରେମ ପ୍ରକାଶ କରନ୍ତି—A class of heroines in fiction who acts as her own emissary before her lover—[ଦ୍ର—ବିଦଗ୍ଧ ଗୀତରେ ସ୍ୱୟଂ ଦୂତୀ ବିଶ୍ରାମ ଏଠାରେ କରନ୍ତି ।—ଉପେ. ବୈଦେହୀଶ ବିଳାସ ।]

ସ୍ୱୟଂପତିତ—ସ. ବ—ନିଜେ ବା ଛ୍ୱଏଁ ଖସି ପଡ଼ିବା—Fallen down
Swayam patita of itself. (ଯଥା—ପକ୍ୱଫଳ ବୃକ୍ଷରୁ ସ୍ୱୟଂପତିତ ହୁଏ ।)

ସ୍ୱୟଂ ପ୍ରକାଶ—ସ. ବଣ. (ବହୁବ୍ରୀହି)—ସ୍ୱପ୍ରକାଶ (ଦେଖ)—
Swayam prakāsa Swa prakāsa (See).

ସ୍ୱୟଂ ପ୍ରଭ—ସ.ବଣ. ପୁଂ (ସ୍ୱୟଂ+ପ୍ରଭୁ;ବହୁବ୍ରୀହି)—ସ୍ୱପ୍ରକାଶ (ଦେଖ)
Swayam prabha Swa prakāsa (See).
(ସ୍ୱୟଂପ୍ରଭା—ସ୍ତ୍ରୀ) ସ. ବ—ଜୈନମାନଙ୍କ ଶାସ୍ତ୍ରଲିଖିତ ଭାବୀ ୨୪ ଜଣ ଅର୍ହତଙ୍କ ମଧ୍ୟରୁ ଚତୁର୍ଥ ଅର୍ହତ (ହି. ଶ)—Name of the fourth of the 24 Jaina saints who will come to the world.

ସ୍ୱୟଂ ପ୍ରଭା—ସଂ. ବ—ଅପ୍ସରାବିଶେଷ, ମେରୁସାବର୍ଣ୍ଣି ଋଷିଙ୍କ କନ୍ୟା
Swayam prabhā —Name of one of the heavenly nymphs. [ଦ୍ର—ଏ ମୟଦାନବଙ୍କ ପ୍ରଣୟିନୀ ଓ ହେମା ଅପ୍ସରାଙ୍କର ପ୍ରିୟ ସଖୀ ।- ହେମାଙ୍କ ଅନୁରୋଧରେ ଏ ମୟ ଦାନବଙ୍କ ପୁରୀକୁ ଜଗୁଥିଲେ । ମୟଦାନବଙ୍କ ଔରସରେ ଏହାଙ୍କ ଗର୍ଭରୁ ମନ୍ଦୋଦରୀ ଜନ୍ମ ଗ୍ରହଣ କରିଥିଲେ । ସୀତାନ୍ୱେଷଣ ରତ ହନୁମାନଙ୍କ ସଙ୍ଗେ ମୟ ଦାନବଙ୍କ ପୁରୀଠାରେ ଏହାଙ୍କର ଭେଟ ହୋଇଥିଲା ।]
ସଂ. ବଣ. ସ୍ତ୍ରୀ—ସ୍ୱୟଂ ପ୍ରଭର ସ୍ତ୍ରୀଲିଙ୍ଗ—Feminine of Swayam prabha.

ସ୍ୱୟଂ ପ୍ରମାଣ—ସଂ. ବଣ. (ବହୁବ୍ରୀହି)—ଅନ୍ୟ କୌଣସି ପ୍ରମାଣର
Swayampramāṇa ନିରପେକ୍ଷ ହୋଇ ଯାହା ପ୍ରମାଣିତ ହୁଏ (ହି. ଶ)—Self-evident.

ସ୍ୱୟଂଫଳ—ସଂ. ବଣ (ବହୁବ୍ରୀହି)—ଯାହା ଅନ୍ୟ କୌଣସି କାରଣରୁ
Swayamphala ଉତ୍ପନ୍ନ ନ ହୋଇ ନିଜେହିଁ ନିଜର କାରଣ ହୋଇଥାଏ (ହି. ଶ)—That which is the cause of itself.

ସ୍ୱୟଂ ବର—ସଂ. ବ. (ସ୍ୱୟଂ+ବୃ ଧାତୁ+ଭାବ ଅ)—୧ । କନ୍ୟାଙ୍କ
Swayam bara ଦ୍ୱାରା ସ୍ୱକୀୟ ଇଚ୍ଛାନୁସାରେ ପତିଗ୍ରହଣ-ରୂପ ବିବାହ; ଯେଉଁ ବିବାହରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରୁ କନ୍ୟା ନିଜର ସ୍ୱାମୀଙ୍କୁ ବରଣ କରନ୍ତି—1. A form of marriage in which the bride chooses her husband from the assembled suitors; self-choice; the election of a husband by a girl at a public gathering of suitors.
[ଦ୍ର—ପ୍ରାଚୀନକାଳରେ ଭାରତୀୟ ଆର୍ଯ୍ୟ, ବିଶେଷତଃ କ୍ଷତ୍ରିୟ ଓ ରାଜବଂଶରେ ଏ ସ୍ୱୟମ୍ବର ପ୍ରଥାରେ ବିବାହ ସମ୍ପାଦିତ ହେଉଥିଲା । କନ୍ୟା ବିବାହଯୋଗ୍ୟା ହେଲେ କନ୍ୟାପିତା ବହୁ ଯୋଗ୍ୟ ପ୍ରାର୍ଥୀଙ୍କୁ ନିମନ୍ତ୍ରଣ କରି ଆଣୁଥିଲେ ଓ ସେମାନଙ୍କର ଉପସ୍ଥିତିରେ ସ୍ୱୟମ୍ବର ସଭା ହେଉଥିଲା । କନ୍ୟା ଉକ୍ତ ସଭାକୁ ଆସି ପ୍ରାର୍ଥୀମାନଙ୍କୁ ଦେଖି ଓ ସେମାନଙ୍କର ଗୁଣ ଆଦି ଜାଣିପାରି ହୋଇ ଯାହାଙ୍କୁ ଉପଯୁକ୍ତ ବର ବୋଲି ସ୍ଥିର କରୁଥିଲେ, ତାଙ୍କ ଗଳାରେ ବରଣମାଳା ଅର୍ପଣ କରୁଥିଲେ ଓ ଉକ୍ତ ମନୋନୀତ ବ୍ୟକ୍ତିଙ୍କ ସଙ୍ଗେ ତାଙ୍କର ବିବାହ ବୈଦିକ ଅନୁସାରେ ସମ୍ପନ୍ନ ହେଉଥିଲା ।
କେତେକ ସ୍ଥାନରେ ବରଙ୍କ ବଳ ଓ ଗୁଣ ପରୀକ୍ଷା ପାଇଁ କନ୍ୟାପିତା କୌଣସି କାର୍ଯ୍ୟ [ଯଥା—ଧନୁର୍ଭଙ୍ଗ ଲକ୍ଷ୍ୟଭେଦ] ନିରୂପଣ କରୁଥିଲେ । ଯେ ଉକ୍ତ କାର୍ଯ୍ୟ କରିବାରେ ସମର୍ଥ ହେଉଥିଲେ, କନ୍ୟା ତାଙ୍କୁ ବରମାଳା ଅର୍ପଣ କରୁଥିଲେ ।]

୨ । ସ୍ୱୟମ୍ବର ସଭା; ଯେଉଁଠାରେ କନ୍ୟାଙ୍କ ପାଣିଗ୍ରହଣାର୍ଥ ବରମାନେ ଏକତ୍ର ହେଉଥିଲେ (ହ. ଶ.)— 2. The assembly or gathering where suitors assembled for selection by the bride.

ସ୍ୱୟଂବରଣ—ସଂ. ବି—ସ୍ୱୟଂବର ୧ (ଦେଖ)—
Swayambaraṇa Swayambara 1 (See)

ସ୍ୱୟଂବରା—ସଂ. ବିଣ. ସ୍ତ୍ରୀ—ପତିମ୍ବରା; ବର୍ଷା; ସ୍ୱୟମ୍ବର ସଭାରେ
Swayambarā ପତିଗ୍ରହଣକାରିଣୀ (କନ୍ୟା)— (a girl) Choosing her husband from amongst the invited suitors; self-choosing; (a girl) who chooses her husband herself.

ସ୍ୱୟଂବହ—ସଂ. ବିଣ. ପୁଂ (ସ୍ୱୟଂ+ବହ ଧାତୁ+କର୍ତ୍ତୃ ଅ)—ଯେ ସ୍ୱୟଂ
Swayambaha ବା ନିଜେ ଅର୍ଥାତ୍ ଅନ୍ୟର ବିନା ସାହାଯ୍ୟରେ
(ସ୍ୱୟଂବହା—ସ୍ତ୍ରୀ) ବହେ—Self-flowing; self-rotating; self revolving.

ସ୍ୱୟଂବହ ଯନ୍ତ୍ର—ସଂ. ବି—ସମୟଜ୍ଞାପକ ଜ୍ୟୋତିଷିକ ଯନ୍ତ୍ରବିଶେଷ—
Swayambaha jantra Name of an astronomical self-rotating timekeeper.

[ଦ୍ର—ଏହି ଯନ୍ତ୍ର ନିଜେ ଘୂରୁଥାଏ ଓ ଏହଦ୍ୱାରା ସମୟ ନିର୍ଦ୍ଦେଶ କରାଯାଏ । 'ସିଦ୍ଧାନ୍ତଶିରୋମଣି' ଗ୍ରନ୍ଥର ଯନ୍ତ୍ରାଧ୍ୟାୟରେ ଏ ଯନ୍ତ୍ରର ନିର୍ମାଣବିଧି ବର୍ଣ୍ଣିତ ହୋଇଅଛି । ଏହା ଅନେକ ପ୍ରକାରର । ଗୋଟିଏ ପ୍ରକାର ଯନ୍ତ୍ରର ନିର୍ମାଣ ବିଧି—

"ଲଘୁଦାରୁଜ ସମଚକ୍ରେ ସମସୁଷିରାଃ ସମାନ୍ତରାନେମ୍ୟାଃ
ଶ୍ଳିଷ୍ଟଦ୍ୱିବନ୍ଧଯୋଜ୍ୟାଃ ସୁଷିରସ୍ୟାର୍ଦ୍ଧେ ପୃଥକ୍ ତାସାଂ
ରସପୂର୍ଣ୍ଣେ ତଚ୍ଚକ୍ରଂ ବ୍ୟାଧାରାକ୍ଷସ୍ଥିତଂ ସ୍ୱୟଂ ଭ୍ରମତି"

ଲଘୁ (ହାଲୁକା) କାଷ୍ଠରେ ସମବର୍ତ୍ତୁଳ ଗୋଟିଏ ଚକ୍ର କରି, ସେହି ଚକ୍ରର ପରିଧିରେ ସମସଂଖ୍ୟକ ଛିଦ୍ର କରି ବାହାରେ ଛିଦ୍ରମାନଙ୍କ ସମାନ୍ତରମିତ ଅରମାନ ଲଗାଇବ । ଅରଗୁଡ଼ିକୁ ଏକାନ୍ତରରେ ଶ୍ଳିଷ୍ଟ ବକ୍ରଭାବରେ ପରସ୍ପର ସମଦୂର କରି ବସାଇବ । ଅରମାନଙ୍କ ଉପରେ ଥିବା ଛିଦ୍ରମାନଙ୍କ ଅର୍ଦ୍ଧ ଅଂଶକୁ ପାରଦଦ୍ୱାରା ପୂର୍ଣ୍ଣ କରିବ ଓ ଅପର ଅର୍ଦ୍ଧାଂଶ ଶୂନ୍ୟ ରଖିବ । ସେଉଁ ପରି ଘାଣି ଯନ୍ତ୍ର (କେ)ର ଅକ୍ଷର ଦୁଇ ମୁଣ୍ଡକୁ ଦୁଇଟି ଖୁଣ୍ଟି ଉପରେ ରଖା କରାଯାଏ, ଏ ଚକ୍ରର ଅକ୍ଷକୁ ଦୁଇଟି ଖୁଣ୍ଟି ଉପରେ ରଖିବ, ଯେଣୁକରି, ଚକ୍ରଟି ସ୍ୱାଧୀନଭାବରେ ଘୂରି ପାରିବ । ଅର୍ଦ୍ଧସଂଖ୍ୟକ ଅରର ଛିଦ୍ରମଧ୍ୟସ୍ଥ ପାରଦ ଚକ୍ରର କେନ୍ଦ୍ର ପାଖରେ ରହିଥିବ ଓ ବିପରୀତପାଖର ଅରମାନଙ୍କରେ ଥିବା ପାରଦ ଚକ୍ରର ପରିଧି ପାଖକୁ ଚାଲିଆସିବ । ଚକ୍ରକୁ ଥରେ ଘୁରାଇଦେଲେ ଅର୍ଦ୍ଧସଂଖ୍ୟକ ଅରର ପାରଦ ଚକ୍ରର ପରିଧିଅଡ଼କୁ ବୋହି ଯାଉଥିବ ଓ ବିପରୀତ ଦିଗର ଅରମାନଙ୍କ ପାରଦ ଚକ୍ରର କେନ୍ଦ୍ର (ନାହି)ଅଡ଼କୁ ବହି ଯାଉଥିବ; ତେବେ ଘୂରିବା ବେଳକୁ ନେମି ପାଖର ପାରଦ ନାଭି ଅଡ଼କୁ ଆସୁଥିବ ଓ ନେମିର ଦୂରବର୍ତ୍ତୀ ପାରଦ ନାଭି ଅଡ଼ୁ ବହି ଯାଉଥିବା ଏହିପରି ପାରଦ କ୍ରମଶଃ ଉପରକୁ ଓ ତଳକୁ ବହିଯିବାଦ୍ୱାରା ପାରଦ ଥିବା ପାଖର ନେମି ଭାରି ହେଉଥିବ ଓ ତଳକୁ ଘୂରି ଯାଉଥିବ । ପୁଣି ନେମିର ଯେଉଁ ପାଖ ଉପରକୁ ଥିବ ସେ ପାଖର ପାରଦ ନେମି ଅଡ଼କୁ ଚାଲି ଆସୁଥିବ । ଏହିପରି ପାରଦର ସ୍ଥାନ ପରିବର୍ତ୍ତନକ୍ରମ ଅନୁସାରେ ଚକ୍ରର ନେମି ଘୂରୁଥିବ । ତାକୁ ଆଉ ଘୂରାଇବା ଦରକାର ହେବ ନାହିଁ । ଏହି ଚକ୍ର ସ୍ୱୟଂ ଘୂରୁଥିବାରୁ ଏ ଯନ୍ତ୍ରର ନାମ ସ୍ୱୟଂବହ ଯନ୍ତ୍ର—ସନ୍ଦର୍ଭଲେଖକ ଶ୍ରୀ କାଳିଚରଣ ମହାପାତ୍ର ଜ୍ୟୋତିଷରତ୍ନାକର ।]

ସ୍ୱୟଂ ବିକ୍ରୀତ—ସଂ.ବିଣ. ପୁଂ—ଯେ ନିଜକୁ ଦାସରୂପେ ଅନ୍ୟକୁ ବିକିଦେଇ
Swayam bikrita ଥାଏ (ହ.ଶ)—One who has sold
(ସ୍ୱୟଂବିକ୍ରୀତା—ସ୍ତ୍ରୀ) himself to another (as slave).

ସ୍ୱୟଂଭୁ (ଭୂ)—ସଂ. ବି (ସ୍ୱୟଂ+ଭୂ ଧାତୁ+କର୍ତ୍ତୃ କ୍ୱିପ୍)—୧ । ବ୍ରହ୍ମା—
Swayambhu (bhū) 1. Brahmā. ୨ । ବିଷ୍ଣୁ—2. Bishṇu. ୩ । ମହାଦେବ—3. Śiba. ୪ । କାମଦେବ—4. Cupid. ୫ । କାଳ, ସମୟ—5. Time (personified) ୬ । ମାଷପର୍ଣ୍ଣୀ (ରାଜନିର୍ଘଣ୍ଟ)—6. A wild creeper of the bean species; Teramuns Lebialis. ୭ । ଲବଙ୍ଗ (ରାଜନିର୍ଘଣ୍ଟ) ଲତା ବିଶେଷ—7. A wild creeper. ୮ । ଜିନଚକ୍ରବର୍ତ୍ତିବିଶେଷ (ହେମଚନ୍ଦ୍ର)—8. Name of a Buddhistic emperor. ସଂ. ବିଣ—୧ । ଯେ ଅନ୍ୟ କାହାଠାରୁ ଜାତ ହୋଇ ନାହାନ୍ତି—1. Self-existing. ୨ । ଅନନ୍ତ କାଳରୁ ବିଦ୍ୟମାନ—2. Existing from eternity. ୩ । (ଶିବଲିଙ୍ଗ) ଯେ ନିଜେ ଭୂମିରୁ ଉଠିଛନ୍ତି, ଅର୍ଥାତ୍ ଯାହାଙ୍କୁ କେହି ସ୍ଥାପନା କରିନାହିଁ —3. (An image of Siba) Which has not been set up by any human agency.

ସ୍ୱୟଂଭୁବ—ସଂ. ବି ୧ । (ସ୍ୱୟଂଭୂ+ସ୍ୱାର୍ଥେ ଅ)—ବ୍ରହ୍ମା—
Swayambhuba 1. Brahma. ୨ । (ସ୍ୱୟଂଭୂ+ଅପତ୍ୟାର୍ଥେ ଅ)—ସ୍ୱାୟଂଭୁବ ମନୁ; ପ୍ରଥମ ମନୁ; ବ୍ରହ୍ମାଙ୍କ ପୁତ୍ର, ଆଦି ମନୁ—2. The first Manu or progenitor of mankind.

ସ୍ୱୟଂଭୁବା—ସଂ ବି. ସ୍ତ୍ରୀ—୧ । ଦୁଆଁପତ୍ର; ଧୂମ୍ର ପତ୍ର (ରାଜନିର୍ଘଣ୍ଟ)—
Swayam bhubā Tobacco leaf. ୨ । ଶିବଲିଙ୍ଗୀ ଲତା (ହ. ଶ)—2. A wild creeper. ୩ । ମାଷପର୍ଣ୍ଣୀ (ହ.ଶ) —3. Teramuns Lebialis.

ସ୍ୱୟଂଭୁ (ଭୂ) ଲିଙ୍ଗ—ସଂ. ବି—ଯେଉଁ ଶିବଲିଙ୍ଗକୁ କେହି ସ୍ଥାପନା କରି
Swayambhu (bhū) linga. ନାହିଁ; ସ୍ୱୟଂ ଉଦ୍ଭୂତ ଶିବଲିଙ୍ଗ —An image of Siba which has not been

set up by human hands but has risen itself from the ground. [ଦ୍ର—ଶିବଙ୍କ ନୈବେଦ୍ୟ ଦ୍ରବ୍ୟ ବା ଶିବନିର୍ମାଲ୍ୟକୁ ଶିବଭକ୍ତ (ଶୈବ)ଙ୍କ ଛଡ଼ା ଅନ୍ୟ କାହାରି ଭୋଜନ କରିବା ନିଷିଦ୍ଧ । କିନ୍ତୁ ଶିବପୁରାଣ ଓ ଲିଙ୍ଗପୁରାଣରେ ଅଛି ଯେ, ସ୍ୱୟମ୍ଭୂ ଲିଙ୍ଗଙ୍କୁ ଅର୍ପିତ ନୈବେଦ୍ୟକୁ ସମସ୍ତେ ଭୋଜନ କରି ପାରିବେ । ଭୁବନେଶ୍ୱରରେ ବର୍ତ୍ତମାନ ଲିଙ୍ଗରାଜ ମହାପ୍ରଭୁ ସ୍ୱୟମ୍ଭୂ ଲିଙ୍ଗ ଥିବାରୁ ତାଙ୍କଠାରେ ଅର୍ପିତ ନୈବେଦ୍ୟ ସବୁ ହିନ୍ଦୁ ଅବାଧରେ ଖାଆନ୍ତି । ଶାସ୍ତ୍ର ପୁରାଣମାନ ଆଲୋଚିତ ହୋଇ କଟକ ସବ୍‌ଜଜ୍ କୋର୍ଟରେ ଓ ହାଇକୋର୍ଟରେ ଏହା ଗୋଟିଏ ମକଦ୍ଦମାରେ ସିଦ୍ଧାନ୍ତ ହୋଇଅଛି ।]

ସ୍ୱୟଂଭୋଜ—ସଂ. ବି.—(ନାମ)—ଶିବି ରାଜାଙ୍କର ଏକ ପୁତ୍ର (ହ. ଶ)—Swayam bhoja Name of a son of king Śibi.

ସ୍ୱୟଂ ଶ୍ରେଷ୍ଠ—ସଂ. ବି.—ଶିବ (ହ.ଶ)—Swayam śreshṭha Śiba.

ସ୍ୱୟଂସିଦ୍ଧ—ସଂ.ବିଣ.—୧ । ନିଜର ଚେଷ୍ଟାଦ୍ୱାରା ସିଦ୍ଧି ପ୍ରାପ୍ତ—1. Self accomplished. ୨ । ସ୍ୱତଃସିଦ୍ଧ (ଦେଖ)—2. Swatah Siddha (See) Swayam siddha

ସ୍ୱୟଂ ସେବକ—ସଂ. ବି. ପୁ. (ଅଧୁନିକ ପ୍ରୟୋଗ)—ସ୍ୱେଚ୍ଛା ସେବକ (ଦେଖ)—Swechchhā sebaka (See) Swayam sebaka (ସ୍ୱୟଂ ସେବିକା—ସ୍ତ୍ରୀ)

ସ୍ୱୟଂ ହାରକରୀ (ହାରିକା)—ସଂ. ବି. ସ୍ତ୍ରୀ—ପୁରାଣବର୍ଣ୍ଣିତା କଣେ ସ୍ତ୍ରୀ; ବ୍ରହ୍ମମାନସ ସୃଷ୍ଟ ଦୁଃସହଙ୍କ ଔରସରେ ତତ୍ପତ୍ନୀ ନିର୍ମାଷ୍ଟିଙ୍କ ଗର୍ଭଜାତ ଆଠ କୁମାର ଓ ଆଠ କନ୍ୟାଙ୍କ ମଧ୍ୟରୁ ଏକତମା କନ୍ୟା—Name of a malignant spirit, one of the daughters of Duhsaba [ଦ୍ର—ପୁରାଣ ମତରେ ଏହି କନ୍ୟାମାନେ ଗୃହସ୍ଥମାନଙ୍କ ଶଳାରୁ ଧାନ, ଗୋସ୍ତନରୁ ଦୁଗ୍ଧ ଓ ଅର୍ଦ୍ଧପକ୍ୱ ଅନ୍ନ, ତିଳରୁ ତୈଳ ଓ କପାରୁ ସୂତାକୁ ଅପହରଣ କରନ୍ତି । ଶାସ୍ତ୍ରୋକ୍ତ ବିଧିଦ୍ୱାରା ଏମାନଙ୍କର ଶାନ୍ତିବିଧାନ କରିଯାଏ ।] Swayam harakari (harika)

ସ୍ୱୟଙ୍କୃତ—ସଂ. ବିଣ.—ସ୍ୱୟଂକୃତ (ଦେଖ)—Swayaṅkruti Swayam kruta (See)

ସ୍ୱୟଙ୍ଗୁପ୍ତା—ସଂ. ବି.—ସ୍ୱୟଂଗୁପ୍ତା (ଦେଖ)—Swayaṅguptā Swayam guptā (See).

ସ୍ୱୟନ୍ଦତ୍ତ—ସଂ. ବି.—ସ୍ୱୟଂଦତ୍ତ (ଦେଖ) Swayandatta Swayamdatta (See)

ସ୍ୱୟମ୍—ସଂ ଅ.—ସ୍ୱୟଂ (ଦେଖ)—Swayam Swayam (See).

ସ୍ୱୟମର୍ଜିତ—ସଂ. ବିଣ. (ସ୍ୱୟଂ + ଅର୍ଜିତ)—ଆପଣାଦ୍ୱାରା ଅର୍ଜ୍ଜନ କରାଯାଇଥିବା—Self-earned; self-acquired. Swayamarjita (ସ୍ୱୟମୁପାର୍ଜିତ—ଅନ୍ୟରୂପ)

ସ୍ୱୟମାଗତ—ସଂ. ବିଣ. ପୁଂ.—(ସ୍ୱୟଂ + ଆଗତ = ଉପସ୍ଥିତ)—ଯେ ନିଜେ ଆସି ଉପସ୍ଥିତ ହୁଏ—Attending voluntarily Swayamāgata

ସ୍ୱୟମୁପସ୍ଥିତ
ସ୍ୱୟମୁପାଗତ —ଅନ୍ୟରୂପ
ସ୍ୱୟମୁପେତ

[ସ୍ୱୟମାଗତା, ସ୍ୱୟମୁପାଗତା, ସ୍ୱୟମୁପସ୍ଥିତା, ସ୍ୱୟମୁପେତା—ସ୍ତ୍ରୀ]

ସ୍ୱୟମୀଶ୍ୱର—ସଂ. ବି.—୧ । ପରମେଶ୍ୱର (ହ. ଶ)—1. God. ୨ । ପରମାତ୍ମା (ହ. ଶ)—2. The Supreme Soul. Swayamiśwara

ସ୍ୱୟମୁକ୍ତି—ସଂ. ବି.—(ସ୍ୱୟଂ + ଉକ୍ତି)—ସ୍ମୃତିଶାସ୍ତ୍ରୋକ୍ତ ୫ ପ୍ରକାର ସାକ୍ଷୀ ମଧ୍ୟରୁ ଏକ; ଯେଉଁ ସାକ୍ଷୀ କୌଣସି ପକ୍ଷଦ୍ୱାରା ଅହୂତ ନ ହୋଇ ନିଜେ ଆସି ଧର୍ମାଧିକରଣରେ ସାକ୍ଷ୍ୟ ଦିଏ (ହ. ଶ)—A witness who attends court and gives evidence without being called by any of the parties. Swayamukti

ସ୍ୱୟମୁପାତ୍ତ—ସଂ. ବିଣ.—(ସ୍ୱୟଂ + ଉପାତ୍ତ)—ସ୍ୱୋପାର୍ଜିତ (ଦେଖ)—Swayamupātta Swopārjita (See) [ସ୍ୱୟମୁପାର୍ଜି (ର୍ଜ୍ଜି)ତ—ଅନ୍ୟରୂପ]

ସ୍ୱୟମ୍ପ୍ରକାଶ—ସଂ. ବିଣ.—ସ୍ୱୟଂ ପ୍ରକାଶ (ଦେଖ)—Swayam prakāsa (See). Swayamprakāsa

ସ୍ୱୟମ୍ପ୍ରଭ—ସଂ. ବିଣ. ପୁଂ.—ସ୍ୱୟଂ ପ୍ରଭ (ଦେଖ)—Swayam prabha (See) Swayamprabha (ସ୍ୱୟଂପ୍ରଭା—ସ୍ତ୍ରୀ)

ସ୍ୱୟମ୍ପ୍ରଭା—ସଂ. ବି. ସ୍ତ୍ରୀ ସ୍ୱୟଂପ୍ରଭା (ଦେଖ)—Swayamprabhā Swayam prabhā (See)

ସଂ. ବିଣ. ସ୍ତ୍ରୀ—ସ୍ୱୟମ୍ପ୍ରଭର ସ୍ତ୍ରୀଲିଙ୍ଗ—Feminine of Swayamprabha.

ସ୍ୱୟମ୍ବର(ଇତ୍ୟାଦି)—ସଂ. ବି—ସ୍ୱୟଂବର ଇତ୍ୟାଦି (ଦେଖ)—Swayambara (etc) Swayam bara etc(See)

ସ୍ୱୟମ୍ବରା—ସଂ. ବିଣ. ସ୍ତ୍ରୀ—ସ୍ୱୟଂବରା (ଦେଖ)—Swayambarā Swayambarā (See)

ସ୍ୱୟମ୍ବହ(ଇତ୍ୟାଦି)—ସଂ. ବିଣ—ସ୍ୱୟଂବହ ଇତ୍ୟାଦି (ଦେଖ)—Swayambaha (etc) Swayambaha etc (See)

ସ୍ୱୟମ୍ଭୁ (ମ୍ଭୂ) (ଇତ୍ୟାଦି)—ସଂ. ବି ଓ ବିଣ—ସ୍ୱୟଂଭୁ ଇତ୍ୟାଦି (ଦେଖ) Swayambhu (mbhū) (etc) Swayambhu (etc) (See)

ସ୍ୱୟମ୍ଭୁବ—ସଂ. ବି—ସ୍ୱୟଂଭୁବ (ଦେଖ)—Swayambhuba Swayambhuba (See)

ସ୍ୱୟମ୍ଭୁବା—ସଂ. ବି. ସ୍ତ୍ରୀ—ସ୍ୱୟଂଭୁବା (ଦେଖ)—Swayambhuba Swayambhubā (See)

ସ୍ୱୟେଂ—ଗ୍ରା. ଅ—ସ୍ୱୟଂ (ଦେଖ)—Swayem Swayam (See)

[ଭୂ—ଅନାଦି ପ୍ରଭୁ ନିରାକାର. ସ୍ୱୟେଂ ଅଛନ୍ତି ଏ ଶରୀର ପ୍ରାଣୀ. କର୍ଣ୍ଣ ଶ ମାହାତ୍ମ୍ୟ]

ସ୍ୱୟେଁ — ଗ୍ରା· ଅ· — ସ୍ୱୟଂ (ଦେଖ)—
Swayen Swayam (See)
[ଉ—ଦେବ ଗୁରୁଙ୍କ ଶିଷ୍ୟ ସ୍ୱୟେଁ, ସ୍ୱଭାବେ ମନ୍ତ୍ରବୃଦ୍ଧି ବନ୍ଧେ—ଜଗନ୍ନାଥ ଭାଗବତ]

ସ୍ୱ ଯୋନି—ସଂ· ସ୍ତ୍ରୀ—୧ । (ଷଷ୍ଠୀ ତତ୍) ନିଜର ଉତ୍ପତ୍ତି ସ୍ଥାନ—
Swa joni 1. One's place of origin. ୨ । (ବହୁବ୍ରୀହି) ନିଜର ଉତ୍ପତ୍ତିର କାରଣ—2. The cause of one's birth or origin.

ସ୍ୱର (ଧାତୁ)—ସଂ· ୧ । ଆକ୍ଷେପ କରିବା—1. To repent; to
Swara (root) lament. ୨ । ଉଚ୍ଚାରଣ କରିବା—2. To utter. ୩ । ଶବ୍ଦ କରିବା—3. To make a sound. ୪ । ଶବ୍ଦାୟମାନ ହେବା—4. To resound.

ସ୍ୱର୍—ସଂ· ଅ—ସ୍ୱଃ (ଦେଖ)—
Swar Swah (See)

ସ୍ୱର—ସଂ· ବି—୧ । (ସ୍ୱର୍ ଧାତୁ = ଶବ୍ଦକରିବା + ଭାବ ଅ)—(ବେଦ)
Swara ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ, ଏହି ତିନିପ୍ରକାରର କଣ୍ଠଧ୍ୱନି (ଅମର)—1. Accent; a vocal sound (which is loud, low or intermediate). ୨ । (ସଙ୍ଗୀତ) ତନ୍ତ୍ରୀକଣ୍ଠୋତ୍ଥିତ ସପ୍ତ ଧ୍ୱନି (ଅମର); ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ, ଏହି ସପ୍ତବିଧ ଗାନାଙ୍ଗ ଧ୍ୱନି—2. A tune or tone in music (which is seven in number or scale); a musical note. [ଦ୍ର—ଏହି ସପ୍ତ ସ୍ୱରରୁ ୨୨ ଗୋଟି ଶ୍ରୁତି ଉତ୍ପନ୍ନ ହୁଏ, ଏବଂ ଭାରତୀୟ ସଙ୍ଗୀତଶାସ୍ତ୍ରରେ ଏହି ୨୨ଟି ଶ୍ରୁତିର ନାମ, କମ୍ପନ ଓ କମ୍ପନର ସମ୍ପର୍କ ନିମ୍ନରେ ଦିଆଗଲା । ଏହା ଭାରତୀୟ ସଙ୍ଗୀତ ଶାସ୍ତ୍ରର ବିଶେଷତ୍ୱ (Indian chromatic scale) । ଭାରତୀୟ ହିନ୍ଦୁ ସଙ୍ଗୀତ-ଶାସ୍ତ୍ର ଅନୁଯାୟୀ ରାଗ ଗାନ କରିବାକୁ ହେଲେ ଏହି ଶ୍ରୁତିମାନଙ୍କର ସାହାଯ୍ୟ ବିନା ରାଗ ବିଶୁଦ୍ଧ ଓ ଭାବାପନ୍ନ ହୁଏ ନାହିଁ ।

ଶ୍ରୁତିର ନାମ	ସ୍ୱରର ନାମ	କମ୍ପନ	କମ୍ପନ ସମ୍ପର୍କ
୧—ଛନ୍ଦୋବତୀ	ଷଡ୍ଜ	୨୪୦	୧
୨—ଦୟାବତୀ	ଋଷଭ (ଅତି କୋମଳ)	୨୫୩	୨୫୬/୨୪୩
୩—ରଞ୍ଜନୀ	ଋଷଭ (କୋମଳ)	୨୫୬	୧୬/୧୫
୪—ରକ୍ତିକା	ଋଷଭ [ମଧ୍ୟମ]	୨୬୬ ୨/୩	୧୦/୯
୫—ରୌଦ୍ରୀ	ଋଷଭ (ତୀବ୍ର)	୨୭୦	୯/୮
୬—କ୍ରୋଧା	ଗାନ୍ଧାର (କୋମଳ)	୨୮୪ ୪/୯	୩୨/୨୭
୭—ବଜ୍ରିକା	ଗାନ୍ଧାର (ସାଧାରଣ)	୨୮୮	୬/୫
୮—ପ୍ରସାରିଣୀ	ଗାନ୍ଧାର (ତୀବ୍ର)	୩୦୦	୫/୪
୯—ପ୍ରୀତି	ଗାନ୍ଧାର (ତାର ତୀବ୍ର)	୩୦୩ ୩/୪	୮୧/୬୪
୧୦—ମାର୍ଜନୀ	ମଧ୍ୟମ (କୋମଳ)	୩୨୦	୪/୩
୧୧—କ୍ଷିତି	ମଧ୍ୟମ (କୈଶିକ)	୩୨୪	୨୭/୨୦
୧୨—ରକ୍ତା	ମଧ୍ୟମ (ତୀବ୍ର)	୩୩୭ ୧/୨	୪୫/୩୨
୧୩—ସନ୍ଦୀପନୀ	ମଧ୍ୟମ (ତାର ତୀବ୍ର)	୩୪୧ ୧/୩	୬୪/୪୫
୧୪—ଆଳାପିନୀ	ପଞ୍ଚମ	୩୬୦	୩/୨
୧୫—ମଦନ୍ତୀ	ଧୈବତ (ଅତି କୋମଳ)	୩୭୮	୧୨୮/୮୧
୧୬—ରୋହିଣୀ	,, (କୋମଳ)	୩୮୪	୮/୫
୧୭—ରମ୍ୟା	,, (ମଧ୍ୟମ)	୪୦୦	୫/୩
୧୮—ଉଗ୍ରା	,, (ତୀବ୍ର)	୪୦୫	୨୭/୧୬
୧୯—କ୍ଷୋଭିଣୀ	ନିଷାଦ (କୋମଳ)	୪୨୬ ୨/୩	୧୬/୯
୨୦—ତୀବ୍ରା	,, (କୈଶିକ)	୪୩୨	୯/୫
୨୧—କୁମୁଦ୍ୱତୀ	,, (ତୀବ୍ର)	୪୫୦	୧୫/୮
୨୨—ମନ୍ଦା	,, (ତାର ତୀବ୍ର)	୪୫୫ ୧/୯	୨୪୩/୧୨୮

ଆଧୁନିକ ପ୍ରଚଳିତ ହାର୍ମୋନିଅମ୍‌ରେ ଯେଉଁ ୧୨ ଗୋଟି ସ୍ୱର ଦିଆଯାଇଅଛି, ତାହାର କମ୍ପନସମ୍ପର୍କର ଭାରତୀୟ ଉପର୍ଯ୍ୟୁକ୍ତ ପ୍ରଚଳିତ ଶ୍ରୁତି ସହିତ କୌଣସି ସମ୍ପର୍କ ନାହିଁ । ଅତଏବ ହାର୍ମୋନିଅମ୍‌ରେ ଭାରତୀୟ ରାଗ, ରାଗିଣୀମାନ ଗାନ କରାଯାଇ ପାରେ ନାହିଁ ।

(ଲେଖକ—ଶ୍ରୀ ମନମୋହନ ଘୋଷ)

ପ୍ରାଣୀଙ୍କ କଣ୍ଠରୁ ଅଥବା କୌଣସି ପଦାର୍ଥରେ ଆଘାତ ହେବାରୁ ଉତ୍ପନ୍ନ ଶବ୍ଦଲହରୀକୁ ସ୍ୱର ବୋଲାଯାଏ । ସ୍ୱରମାନଙ୍କ ସଂଖ୍ୟା କରାଯାଇ ପାରେ ନାହିଁ । କିନ୍ତୁ ସୁବିଧା ସକାଶେ ପଣ୍ଡିତମାନେ ୭ଟି ସ୍ୱର (ସା ରି ଗ ମ ପ ଧ ନୀ) ନିଯୁକ୍ତ କରିଅଛନ୍ତି । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖି ଅଛନ୍ତି ଯେ, କୌଣସି ବସ୍ତୁରେ ୨୫୬ ଥର କମ୍ପ ଜାତ ହେଲେ ଷଡ୍ଜ, ୨୮୮ କମ୍ପନରେ ଋଷଭ, ୩୨୦ ରେ ଗାନ୍ଧାର ଓ ଏହିପରି କମ୍ପନ ବଢ଼ି ବଢ଼ି ୪୮୦ ବାର କମ୍ପ ହେଲେ ନିଷାଦ ସ୍ୱର ଉତ୍ପନ୍ନ ହୁଏ । କମ୍ପନର ସଂଖ୍ୟା ଯେତେ ଅଧିକ ହୁଏ ସ୍ୱର ସେତିକି ଉଚ୍ଚତାକୁ ଉଠେ । ଏହି କ୍ରମୋଚ୍ଚ ସୋପାନରେ ଅବରୋହଣକାରୀ ସପ୍ତସ୍ୱରକୁ 'ସପ୍ତକ' ବୋଲାଯାଏ । ଏକ ସପ୍ତକର ଉପରକୁ ଆଉ ଗୋଟିଏ ସପ୍ତକ ଅଛି । ଏଥିରେ ସ୍ୱରମାନଙ୍କ କମ୍ପନ ସଂଖ୍ୟା ଉପର୍ଯ୍ୟୁକ୍ତ ସଂଖ୍ୟାର ଦ୍ୱିଗୁଣ । ଏହିପରି ତୃତୀୟ ଓ ଚତୁର୍ଥ ସପ୍ତକ ମଧ୍ୟ ଅଛି—ହି. ଶ ।]

୩ । (ବ୍ୟାକରଣ)—ବ୍ୟଞ୍ଜନ ବର୍ଣ୍ଣର ବିନା ସାହାଯ୍ୟରେ ଉଚ୍ଚାରିତ ହେବା ୧୪ ଗୋଟି ବର୍ଣ୍ଣ (ଅ. ଆ. ଇ. ଈ. ଉ. ଊ. ଋ. ୠ. ଌ. ୡ. ଏ. ଐ. ଓ. ଔ) (ମେଦିନୀ)—3. Vowel. [ଦ୍ର—କେହି କେହି ଅନୁସ୍ୱାର ଓ ବିସର୍ଗକୁ ସ୍ୱର କହନ୍ତି । ସ୍ୱରବର୍ଣ୍ଣମାନେ ହ୍ରସ୍ୱ ଓ ଦୀର୍ଘ, ଏହି ଦୁଇ ଶ୍ରେଣୀରେ ବିଭକ୍ତ । ହ୍ରସ୍ୱସ୍ୱର—ଅ. ଇ. ଉ. ଋ. ଌ; ଦୀର୍ଘସ୍ୱର—ଆ. ଈ. ଊ. ୠ. ୡ, ଏ, ଐ. ଓ. ଔ । ଏହା ଛଡ଼ା ବୈଦିକ ଉଚ୍ଚାରଣରେ ସ୍ୱରମାନଙ୍କର 'ପ୍ଲୁତ' ଉଚ୍ଚାରଣ ନିର୍ଦ୍ଦିଷ୍ଟ ଅଛି ।]

୪ । (ତନ୍ତ୍ର)—ପ୍ରାଣାଦି ବାୟୁର ବ୍ୟାପାର ବିଶେଷ—4. (Tantra) One of the actions of five vital airs. [ଉ—ତାହାକୁ ଯେ ସ୍ୱର କହି ଶୁଣ ଖାତମସ୍ତ—ସ୍ତ୍ରୀତୀ. ଶିବସ୍ୱରୋଦୟ ।

୫ । (ତନ୍ତ୍ର)—ନାସା ବାୟୁ (ମେଦିନୀ); ନାକପୁଡ଼ାବାଟେ ଯିବା ଆସିବା ଶ୍ୱାସ ବାୟୁ—5. Breath passing through the nostrils. [ଦ୍ର—ଏହି ନାସାବାୟୁର ଶ୍ୱାସ ପ୍ରଶ୍ୱାସ ଦ୍ୱାରା ଜୀବ ସର୍ବଦା ଅଜପା ଜପ ମନ୍ତ୍ର (ସୋଽହଂ ଓ ହଂସଃ) ଜପୁଛି ଓ ଦିନରାତ୍ର ୨୧୬୦୦ ଥର ଜପୁଛି—ମହାଭାରତ ଅଶ୍ୱମେଧ ପର୍ବ।

୬ । (ଜ୍ୟୋତିଷ)ଶୁଭାଶୁଭ ନିର୍ଣ୍ଣୟାର୍ଥ ପାଞ୍ଚିଗ ଚକ୍ରରେ ସ୍ଥାପିତ କରାଯିବା ନିର୍ଦ୍ଦିଷ୍ଟ ସ୍ୱରବର୍ଣ୍ଣ ସ୍ଥଳରେ କଳ୍ପନା କରାଯାଇଥିବା ରାଶି,ଗ୍ରହ ଓ ନକ୍ଷତ୍ରଗଣ—6. (astrology) Planets and astrological signs representing different vowels and used in making astrological calculations. [ଦ୍ର—ଏହି ଗ୍ରହସ୍ୱରଚକ୍ର ଓ ରାଶିସ୍ୱର ଚକ୍ରରେ ନିମ୍ନଲିଖିତରୂପେ ରାଶି ଓ ଗ୍ରହମାନଙ୍କୁ କଳ୍ପନା କରାଯାଏ, ଯଥା—

ଅ—ମେଷ, ସିଂହ ଓ ବୃଷ ରାଶି ।
ଇ—କନ୍ୟା, ମିଥୁନ ଓ କର୍କଟ ।
ଉ—ଧନୁ, ମୀନ ।
ଏ—ତୁଳା, ବୃଷ ।
ଓ—ମକର, କୁମ୍ଭ ।
ମେଷ, ବୃଶ୍ଚିକ ରାଶି=ମଙ୍ଗଳଗ୍ରହ ।
ବୃଷ, ତୁଳା=ଶୁକ୍ର ।
କନ୍ୟା, ମିଥୁନ=ବୁଧ ।
କର୍କଟ=ଚନ୍ଦ୍ର
ମୀନ, ଧନୁ=ଜୀବ ବା ବୃହସ୍ପତି ।
ମକର, କୁମ୍ଭ=ଶନି ।
ସିଂହ=ରବି ।

ସ୍ୱରୋଦୟ ଗଣନା ଚକ୍ରରେ ମଧ୍ୟ ସ୍ୱରମାନଙ୍କ ସ୍ଥଳରେ ବିଭିନ୍ନ ନିର୍ଦ୍ଦିଷ୍ଟ କ୍ଷେତ୍ରମାନଙ୍କୁ ସ୍ଥାପନ କରାଯାଏ ।

ଏହି ଚକ୍ରମାନଙ୍କୁ ଯଥାକ୍ରମେ ରାଶିସ୍ୱରଚକ୍ର, ଗ୍ରହସ୍ୱରଚକ୍ର ଓ ନକ୍ଷତ୍ରସ୍ୱରଚକ୍ର ବୋଲାଯାଏ—ବ୍ରହ୍ମ ଯାମଳ ତନ୍ତ୍ର]

୭ । (ଜ୍ୟୋତିଷ) ଶୁଭାଶୁଭ ଜ୍ଞାପକ ପକ୍ଷିସ୍ୱର, କାକାଦି ପକ୍ଷୀଙ୍କ ଧ୍ୱନି—7.(astrology), The sound or note uttered by crow and other birds. [ଦ୍ର—ଏହାକୁ ପକ୍ଷିସ୍ୱରଜ୍ଞାନଶାସ୍ତ୍ର ବୋଲାଯାଏ ଓ ପକ୍ଷୀମାନଙ୍କ ଭିନ୍ନ ଭିନ୍ନ ସ୍ୱରରୁ ମନୁଷ୍ୟର ଶୁଭାଶୁଭ ନିର୍ଣ୍ଣୀତ ହୁଏ—ବସନ୍ତ ରାଜ, ଶାକୁନ ଗ୍ରନ୍ଥ]

ସ୍ୱରକର—ସଂ. ବିଣ (ସ୍ୱର+କୃ ଧାତୁ+କର୍ତ୍ତୃ ଅ)—ଯେଉଁ ପଦାର୍ଥର Swarakara ସେବନରେ ବା ବ୍ୟବହାରରେ ଗଳାର ସ୍ୱର ଭଲ ଓ ସ୍ପଷ୍ଟ ବା ମଧୁର ହୁଏ—(a thing) Which improves the tone or voice.

ସ୍ୱର କ୍ଷୟ—ସଂ. ବି (୬ଷ୍ଠୀ ତତ୍)—ସ୍ୱରଭଙ୍ଗ (ଦେଖ)—
Swara kshaya Swarabbanga (See)

ସ୍ୱରକ୍ଷୁ—ସଂ. ବି—ପୁରାଣାନୁସାରେ ମେରୁ ପର୍ବତର ପଶ୍ଚିମ ଭାଗରେ Swarakshu ବହୁଥିବା ଗଙ୍ଗାନଦୀର ଏକ ଧାରାର ନାମ; ବକ୍ଷୁ—Name of a mythological current of the Ganges said to flow by the wetern side of the Meru mountain. [ଦ୍ର—ମାର୍କଣ୍ଡେୟ ପୁରାଣରେ ଅଛି ଯେ, ଭଗୀରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିବା ସମୟରେ ଗଙ୍ଗା ଚାରିଗୋଟି ଧାରରେ ବିଭକ୍ତ ହେଲେ । ମେରୁ ପର୍ବତର ପଶ୍ଚିମରେ ବହୁଥିବା ଧାରର ନାମ ସ୍ୱରକ୍ଷୁ ବା ବକ୍ଷୁ—ହି. ଶ]

ସ୍ୱରଗ—ଗ୍ରା. (ପଦ୍ୟ) ବି. (ସଂ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven. Swaraga [ଦ୍ର—ହୋଇ ସ୍ୱର୍ଗରେ ଅନ୍ତେ ସ୍ୱରଗେ ବାସ— सरग ରାଧାନାଥ, ମେଘଦୂତ]—୨ । ଆକାଶ—2.The sky. रग ୩ । ଶୂନ୍ୟ—3. The Space
(ମଣ୍ଡ· ପାତାଳ· ବିପରୀତ)

ସ୍ୱରଗତ(ତା)—ଗ୍ରା· (ପଦ୍ୟ) ବିଣ—ସ୍ୱର୍ଗତ (ଦେଖ)—
Swaragata(tā) Swargata (See)
सर्गत [ଦ୍ର—ନହୁଷ ଅନୁଜାଙ୍କ ସଗର ମାନଧାତା, ଜନ୍ମି ଅନ୍ତ ଯେହେ सर्गत ନୃପତି ସ୍ୱରଗେତା—କୃଷ୍ଣସିଂହ ମହାଭାରତ ବନପର୍ବ]

ସ୍ୱରଗ ପଥର—ଦେ. ବି—ଶିଳାପଥର—Hailstone. [ଦ୍ର—Swaraga pathara ପାଣି ସଙ୍ଗେ ପଡ଼େ ସ୍ୱରଗ ପଥର ତା सरगपाथर ଫल ଦେଖି ବାଳକମାନେ—ନନ୍ଦକିଶୋର· ନିର୍ଝରିଣୀ]

ସ୍ୱର ଗ୍ରାମ—ସଂ.ବି (୬ଷ୍ଠୀ ତତ୍)—ସଙ୍ଗୀତର ସ୍ୱରଶ୍ରେଣୀ—The musical scale; gamut. [ଦ୍ର—ଗ୍ରାମରେ Swara grāma ଦେଖ]

ସ୍ୱରଘ୍ନ—ସଂ.ବି.—ସୁଶ୍ରୁତ ଅନୁସାରେ ଗଳାର ରୋଗ ବିଶେଷ—(ହି ଶ) Swaraghna A kind of throat disease. [ଦ୍ର—ଏ ରୋଗ ବାୟୁ ପ୍ରକୋପରୁ ହୁଏ । ଏଥିରେ ଗଳା ଫୁଲିଯାଏ, ସ୍ୱର ବସିଯାଏ, ଖାଇବା ପଦାର୍ଥ ଗଳାବାଟେ ଭିତରକୁ ଯାଏ ନାହିଁ ଓ ଶ୍ୱାସବାହିନୀ ନାଡ଼ୀ ଦୂଷିତ ହୋଇଯାଏ—(ହି ଶ) ସଂ. ବିଣ (ସ୍ୱର+ହନ୍ ଧାତୁ+କର୍ତ୍ତୃ ଅ)—ସ୍ୱରନାଶକାରୀ—Destructive of the tone.

ସ୍ୱରଚିତ—ସଂ. ବିଣ (୩ୟା ତତ୍)—ନିଜଦ୍ୱାରା ରଚିତ; ନିଜଦ୍ୱାରା Swarachita ପ୍ରଣୀତ—Composed by one's self.

ସ୍ୱରଜ୍ଞ—ସଂ. ବିଣ. ପୁଂ (ସ୍ୱର+ଜ୍ଞା ଧାତୁ+କର୍ତ୍ତୃ ଅ)—ଯାହାର ସ୍ୱର Swarajña ବୋଧ ଅଛି—Skilled in the science of (ସ୍ୱରଜ୍ଞା— ସ୍ତ୍ରୀ) musical notes.

ସ୍ୱର ଜ୍ଞାନ—ସଂ.ବି(୬ଷ୍ଠୀ ତତ୍)—ସ୍ୱର ସମ୍ବନ୍ଧେ ଜ୍ଞାନ—Knowledge Swara jñāna of the science of Swara in music and astrology.

ସ୍ୱରଣ—ଗ୍ରା. ବି (ସଂ. ରଣ) ସ୍ମରଣ (ଦେଖ)—
Swarana Smārana (See)
सरन समरन

ସ୍ୱରଧର ଯନ୍ତ୍ର—ସଂ. ବି. (ଅଧୁନିକ)—ଗ୍ରାମଫୋନ୍; ଯେଉଁ ଯନ୍ତ୍ର ସାହା- Swaradhara jantra ଯ୍ୟରେ ମନୁଷ୍ୟମାନଙ୍କ ଗଳାର ସ୍ୱର ଓ

स्वरधर यन्त्र ବାଦ୍ୟବିଶେଷ ସ୍ୱର ଅବିକଳ ପ୍ରସ୍ତୁତ ହୋଇ ପରେ ବାହାର
ग्रामोफोन ହୋଇପାରେ—Gramophone.

ସ୍ୱର ଧରି ଗାଇବା—ଦେ. କ୍ରି—କୌଣସି ଗୀତକୁ ଉପଯୁକ୍ତ ସ୍ୱର-
Swara dhari gāibā ରାଗିଣୀରେ ଗାଇବା—To sing a
स्वरधरिया गानकरा song in proper tune.[ଉ—ଭୂମ୍ୟେମାନେ
स्वरधरकरगाना ପ୍ରତ୍ୟହ କୋଡ଼ିଏ ଅଧ୍ୟାୟ ରାମାୟଣ ସ୍ୱରଧରି
ଗାଇବ—ଫକୀରମୋ. ପିଲ୍ଲାଙ୍କ ରାମାୟଣ]

ସ୍ୱରନାଦ—ସଂ. ବି. (ସ୍ୱରନାଦକ; ୧ମା. ୧ବ)—ମୁହଁରେ ଫୁଙ୍କାଯାଇ
Swaranād ବଜାଯିବା ବାଦ୍ୟ (ହ. ଶ)—A musical
instrument played by blowing wind
through it.

ସ୍ୱରନାଭି—ସଂ. ବି—ମୁହଁରେ ଫୁଙ୍କାଯାଇ ବଜାଯିବା ପ୍ରାଚୀନ କାଳରେ
Swaranābhi ବ୍ୟବହୃତ ଏକ ପ୍ରକାର ବାଜା—(ହ. ଶ)
A kind of musical instrument used in
ancient times by blowing with the
mouth.

ସ୍ୱରନାମା—ଦେ. ବି କନ୍ଦର୍ପ; (ସ୍ୱରକାମନନ୍ଦନ) ମଦନ—Cupid [ଉ—
Swaranāmā ବନ୍ଧୁର ଥିଲେ ସେହି ସ୍ୱରନାମା ତୁହେ—ଉଷ.
स्वर कन्दर्प ବୈଦେହୀଶବିଳାସ)

ସ୍ୱର ନାଳୀ—ସଂ. ବି —ଗଳା ମଧ୍ୟର ଯେଉଁ ନାଳୀବାଟେ କଣ୍ଠ ସ୍ୱର
Swara nāli ବାହାରେ—Trachea; windpipe.

ସ୍ୱର ପଡ଼ିବା—ଦେ. କ୍ରି.—କଣ୍ଠ ସ୍ୱରର କ୍ଷୀଣତା ଲୋପ ହେବା—The
Swara pardibā state of one's voice becoming
(ସ୍ୱର ପଡ଼ିଯିବା—ଅନ୍ୟରୂପ) hushed up.
स्वरपड़ेयाओया गलारोक

ସ୍ୱର ପତ୍ତନ—ସଂ. ବି.—(୬ଷ୍ଠୀ ତତ୍ ; ଏହା ଗାନାତ୍ମକ ଥିବାରୁ)—
Swara pattana ସାମବେଦ (ହିନ୍ଦୀ ଶେଷ)—The
Sāma Beda.

ସ୍ୱରବଦ୍ଧ—ସଂ. ବି. (୩ୟା ତତ୍)—ସୁରରେ ବନ୍ଧା ହୋଇଥିବା
Swara baddha (ଗୀତଆଦି); ନିର୍ଦ୍ଦିଷ୍ଟ ସ୍ୱର ଅନୁସାରେ ରଚିତ
(ସଙ୍ଗୀତ)—(Song) Composed in a certain
musical measure.

ସ୍ୱରବନ୍ଧ—ସଂ. ବି. (୬ଷ୍ଠୀ ତତ୍)—ଗଳାର ସ୍ୱର ବନ୍ଦ ହୋଇଯିବା;
Swara bandha କଣ୍ଠ ପଡ଼ିଯିବା ରୋଗ—Loss of one's
(ସ୍ୱର ବନ୍ଦ—ଦେ. ରୂପ) voice.

ସ୍ୱର ବର୍ଣ୍ଣ—ସଂ. ବି.—ବର୍ଣ୍ଣମାଳା ମଧ୍ୟରୁ ଯେଉଁ ବର୍ଣ୍ଣମାନଙ୍କ ଉଚ୍ଚାରଣ
Swara barṇa ଅନ୍ୟ ବର୍ଣ୍ଣ ଲୋଡ଼ା ହୁଏ ନାହିଁ
(ଅଠାରୁ ଔ ପର୍ଯ୍ୟନ୍ତ)—The vowels.

ସ୍ୱର ବସିବା—ଦେ. କ୍ରି—ସ୍ୱର ପଡ଼ିବା (ଦେଖ)—Swara pardibā
Swara basibā (See).
(ସ୍ୱର ବସିଯିବା—ଅନ୍ୟରୂପ)

ସ୍ୱରବାହୀ—ସଂ. ବି. (ସ୍ୱରବାହକ; ୧ମା. ୧ବ)—ଯେଉଁ ବାଦ୍ୟରୁ
Swarabāhi କେବଳ ସ୍ୱର ବାହାରେ, ତାଳ ଆଦି ସୂଚିତ ହୁଏ
ନାହିଁ (ହ. ଶ)—A musical instrument from
which tunes merely issue (& not the
measures).

ସ୍ୱର ବିକାର(ବିକୃତି) —ସଂ. ବି (୬ଷ୍ଠୀ ତତ୍)—କଣ୍ଠସ୍ୱରର ବିକୃତି; କଣ୍ଠ
Swara bikāra(bikruti) ଫାଟିଯିବା ବା ବସିଯିବା—
Derangement or change of one's voice.

ସ୍ୱର ବିଜ୍ଞାନ—ସଂ. ବି.—୧ । ଯେଉଁ ବିଦ୍ୟା ଦ୍ୱାରା ସ୍ୱର ସମ୍ବନ୍ଧେ ବିଶିଷ୍ଟ
Swara bijñāna ଜ୍ଞାନ ଜନ୍ମେ—1. The science of
singing or music. ୨ । ସ୍ୱରୋଦୟ (ଦେଖ)—
2. Swarodaya (See).

ସ୍ୱର ବିବର୍ତ୍ତ—ସଂ. ବି.—(୬ଷ୍ଠୀ ତତ୍)—୧ । ଧ୍ୱନିର ପରିବର୍ତ୍ତନ—
Swara bibartta 1. Change of tune. ୨ । କଣ୍ଠ-
ଧ୍ୱନିର କମ୍ପନ—2. Vibration of the voice.

ସ୍ୱର ବୋଧ—ସଂ ବି.—ସ୍ୱରଜ୍ଞାନ; ସଙ୍ଗୀତର ସ୍ୱର ସମ୍ବନ୍ଧେ ଅଭିଜ୍ଞତା —
Swara bodha Knowledge of the tunes or
notes of music.

ସ୍ୱର ଭଙ୍ଗ—ସଂ ବି.—୧ । କଣ୍ଠ ବସିଯିବା ରୋଗ; ସ୍ୱର ବିକୃତିକର ରୋଗ-
Swara bhanga ବିଶେଷ; ଗଳାର ରୋଗବିଶେଷ; ସ୍ୱରଭେଦ —
1. A disease resulting in making the
voice hoarse; hoarseness; [ବି—ଏହି
ରୋଗରେ କଣ୍ଠସ୍ୱର କ୍ଷୀଣତର, କର୍କଶତର ଓ କମ୍ପନଯୁକ୍ତ
ହୁଏ । ଖୁବ୍ ଉଚ୍ଚୈଃସ୍ୱରରେ ବାରମ୍ବାର ଚିତ୍କାର କଲେ
ବା ପାଠ କଲେ, ବିଷପାନ କଲେ, ଗଳାରେ ଗୁରୁତର
ଆଘାତ ଲାଗିଲେ ବାୟୁ କୁପିତ ହୋଇ ସ୍ୱରନାଳୀରେ
ପ୍ରବେଶ କରିବାରୁ ଏ ରୋଗ ହୁଏ (ହ. ଶ)—୨ । କଥା
କହିବାବେଳେ (ଦୁର୍ବଳତା, ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ)
ସ୍ୱରର କମ୍ପନ—2. Tremulousness of the
voice (due to weakness, old age or
disease etc). ୩ । ଉଜ୍ଜ୍ୱଳନୀଳ ପ୍ରେମିକ ପ୍ରେମିକାଙ୍କ-
ଠାରେ ଲକ୍ଷିତ ଅଷ୍ଟବିଧ ସାତ୍ତ୍ୱିକ ବିକାର ମଧ୍ୟରୁ ଏକତମ
—3. One of the eight stages marked in
insatiated lovers. [ବି—ଏହାର ଉଦାହରଣ
ଉଷ କୋଟିବ୍ରହ୍ମାଣ୍ଡସୁନ୍ଦରୀ ୮ ଛାନ୍ଦ ୬୮ ପଦରେ ବର୍ଣ୍ଣିତ
ହୋଇଅଛି ।]

ସ୍ୱର ଭଙ୍ଗୀ—ସଂ. ବି.—(ସ୍ୱର ଭଙ୍ଗିନ୍ ଶବ୍ଦ; ୧ମା ୧ବ)—୧ । ପକ୍ଷି-
Swara bhangi ବିଶେଷ (ଶକୁନ୍ତିକା)—1. Name of
a kind of bird. ୨ । ସ୍ୱରଭଙ୍ଗ (ଦେଖ)—2.
Swara bhanga (See). ୩ । ସ୍ୱରର ବିଶେଷତ୍ୱ—
3. Peculiarity of voice. ସଂ. ବିଣ. ପୁଂ.—
ସ୍ୱରଭଙ୍ଗ ରୋଗଗ୍ରସ୍ତ (ବ୍ୟକ୍ତି) —(a person) Suffer-
(ସ୍ୱରଭଙ୍ଗିନୀ—ସ୍ତ୍ରୀ.ବିଣ) ing from hoarseness of voice.

ସ୍ୱର ଭାଙ୍ଗିଯିବା—ଦେ. କ୍ରି.—୧ । ସ୍ୱର ବିକାର (ଦେଖ)—Swara
Swara bhāngijibā bikāra (See). ୨ । ସ୍ୱରଭଙ୍ଗ
स्वर भेङ्गेयाओया (ଦେଖ)—2. Swara bhanga (See)
स्वर टुटजाना

ସ୍ୱର ଭେଦ—ସଂ ବି.—ସ୍ୱରଭଙ୍ଗ ରୋଗ—A disease (hoarse-
Swara bheda ness). [ଦ୍ର—ଖୁବ୍ ଜୋର୍‌ରେ ବା ବହୁ ସମୟ ପର୍ଯ୍ୟନ୍ତ ଚିତ୍କାର କରି ବା ଚାଳିଶ୍ରୋଇ କଥା କହିବା ବା ଗୀତ ବୋଲିବା, ବହୁତ ପାଣି ପିଇବା, ଦେହରେ ଥଣ୍ଡା ଲାଗିବା, ବହୁତ ଶୋକ କରିବା ଓ କାନ୍ଦିବା ଯୋଗୁଁ ବା ଗଳାରେ କଫ ଜମିଲେ ବା ଶରୀର ଓ କାଶ ହେଲେ ଏ ରୋଗ ଜାତ ହୋଇ କଣ୍ଠର ସ୍ୱର ବସିଯାଏ, ଅର୍ଥାତ୍ କର୍କଶ ବା ଶବ୍ଦହୀନ ହୁଏ । ଗଳା ଭିତରେ କ୍ଲେଦର ସ୍ତର ବସିବା ଓ ଗଳାରେ କ୍ଷତ ହେବା ଯୋଗୁଁ ସ୍ୱର ବିକୃତ ହୋଇଯାଏ । ଘିଅ, ଅଦା, ପିପ୍ପଳି, କାହାଡ଼ା, ବହେଡ଼ା ଆଦି ସେବନ କଲେ ଏ ରୋଗ କମିଯାଏ ।]

ସ୍ୱର ଭାନୁ—ସଂ, ବି.—(ନାମ) ସତ୍ୟଭାମାଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ଦଶପୁତ୍ର
Swarabhānu ମଧ୍ୟରୁ ଜଣେ (ହି·ଶ)—Name of one of the ten sons of Sri Krushna by Satyabhāmā.

ସ୍ୱର ଭାବ—ସଂ. ବି.—କେବଳ ସ୍ୱରଦ୍ୱାରା ମନୋଭାବ ପ୍ରକାଶ କରିବା
Swara bhāba ରୂପ ସଙ୍ଗୀତର ଚାରି ଭାବ ମଧ୍ୟରୁ ଗୋଟିଏ (ହି.ଶ)—One of the four modes of expressing one's thought by the voice only.

ସ୍ୱର ଭେଦ—ସଂ. ବି.—ସ୍ୱରଭଙ୍ଗ (ହି. ଶ) (ଦେଖ)—Swara
Swara bheda bhanga (See)

ସ୍ୱର ମଣ୍ଡଳ—ସଂ. ବି.—ବୀଣା ବିଶେଷ (ଶବ୍ଦରତ୍ନାବଳୀ)—A kind
Swara mandala of harp. [ଭ—ଉପାଙ୍ଗ ମର୍ଦ୍ଦଳ (ସ୍ୱର ମଣ୍ଡଳିକା—ଅନ୍ୟରୂପ) ସ୍ୱରମଣ୍ଡଳ ଏ ବୀଣା—ପ୍ରାଚୀ. ରହସ୍ୟ-ମଞ୍ଜରୀ ।]

ସ୍ୱରମଣ୍ଡଳିକା—ସଂ. ବି.—ପ୍ରାଚୀନକାଳର ଏକ ପ୍ରକାର ବୀଣା (ହି. ଶ)]
Swaramandalikā A kind of ancient harp

ସ୍ୱର ମାଧୁରୀ(ମାଧୁର୍ଯ୍ୟ)—ସଂ. ବି (ଷଷ୍ଠୀ ତତ୍)—ସ୍ୱରର ମଧୁରତା; ଶ୍ରୁତି-
Swara mādhurī(mādhurjya) ମଧୁରତା—Sweetness of voice or tune.

ସ୍ୱରାଜ୍—ପ୍ରାଦେ (ବସ୍ତୁତ) ବି—ସୂର୍ଯ୍ୟ—
Swaraj The sun.

ସ୍ୱର ଯୋଗ—ସ ବି—ସଙ୍ଗୀତରେ ବାଦ୍ୟଯନ୍ତ୍ରର ସ୍ୱର ସଙ୍ଗେ କଣ୍ଠସ୍ୱରର
Swara joga ସଂଯୋଗ; ଲୟ—Intonation of a song; making the instrumental music tally with the vocal music.

ସ୍ୱର ଲମ୍ବା(ମ୍ବେ)ଇବା—ଦେ.କ୍ରି—ଛଳନା କରି ଉଚ୍ଚ ସ୍ୱରରେ କାନ୍ଦିବା-
Swara lambā(mbe)ibā To moan with a
স্বরলম্বাকরা बिलखकररोना long voice.

ସ୍ୱର ଲାସିକା—ସ.ବି (ସ୍ୱର + ଲସ୍ ଧାତୁ = ଲୀଳାକରିବା + କର୍ତ୍ତୃ. ଅକ +
Swara lāsikā ସ୍ତ୍ରୀ· ଆ)—ବଂଶୀ (ଶବ୍ଦରତ୍ନାବଳୀ)—Flute.

ସ୍ୱର ଲିପି—ଦେ· ବି (ସ. ପ. ଲୋ; ସ୍ୱରଜ୍ଞାପକ ଲିପି)—କୌଣସି ସଙ୍ଗୀତ
Swara lipi କଣ୍ଠସ୍ୱରରେ ବୋଲାଯିବ ବା ଯନ୍ତ୍ର
স্বরলিপি स्वरलिपि ଦ୍ୱାରା ବଜା ଯାଇ ପାରିବ, ଏହା ଜାଣିବାପାଇଁ ଲେଖା ଯାଇଥିବା ପାଠକ୍ରମ; ସଙ୍ଗୀତର ସ୍ୱର, ରାଗରାଗିଣୀ, ତାଳ, ଲୟ, ମାତ୍ରା ଆଦି ଜ୍ଞାପକ ଲିପି—A chart indicating the intonation and tune etc of a song; musical chart. [ଦ୍ର—ଏହି ସ୍ୱରଲିପିକୁ ଦେଖି ଉପଦେଶକର ସାହାଯ୍ୟ ବିନା ହୋଇ କୌଣସି ସ୍ୱରଲିପିଜ୍ଞ ବ୍ୟକ୍ତି ସଙ୍ଗୀତବିଶେଷକୁ ଅନାୟାସରେ ଗାଇ ପାରିବେ ଓ ବଜାଇ ପାରିବେ ।]

ସ୍ୱର ଶାସ୍ତ୍ର—ସ. ବି—ସ୍ୱରୋଦୟ (ଦେଖ)—
Swara śāstra Swarodaya (See)

ସ୍ୱ ରସ—ସ. ବି (ଷଷ୍ଠୀ ତତ୍; ସ୍ୱ = ନିଜର + ରସ = ଅଭିପ୍ରାୟ)—
Swa rasa ୧ । ନିଜର ଇଚ୍ଛା; ସ୍ୱେଚ୍ଛା-1. One's wish.
୨ । (ବୈଦ୍ୟକ) ଶିଳ ରେ ଛେଚି ହୋଇ ଚିପୁଡ଼ା ଯାଇଥିବା ରସ; (ବୃକ୍ଷ, ଲତା, ପତ୍ରାଦିର) ଶିଳାପିଷ୍ଟ ପୀଡ଼ିତ ରସ—2. Juice pressed after bruising any leaf,plant, fruit etc.
୩ । ସଦ୍ୟଃ ସଂଗୃହୀତ ଶତାବରୀ ଓ ଶ୍ୱେତପୁନର୍ଣ୍ଣବା ପ୍ରଭୃତି କେତେକ ଓଷଧିର ମୂଳ ଏବଂ ଅବଶ୍ୟକ ଦ୍ରବ୍ୟର ପତ୍ର ପ୍ରଭୃତିକୁ କୁଟି ବାହାର କରାଯିବା ରସ ଦ୍ରବ୍ୟଗୁଣ କଳ୍ପଦ୍ରୁମ)—3.The juice which is pressed out from fresh leaves, roots etc of Aspargus Racemosus, white bogweed and some other medicinal herbs.

ସ୍ୱର ସନ୍ଧି—ସ. ବି—(ବ୍ୟାକରଣ) ପୂର୍ବପଦର ପ୍ରାନ୍ତସ୍ଥ ଓ ପରବର୍ତ୍ତୀ ପଦର
Swara sandhi ଆଦ୍ୟସ୍ଥ ଦୁଇଟି ସ୍ୱରବର୍ଣ୍ଣର ମିଳନ ଦ୍ୱାରା ଉଭୟ ବର୍ଣ୍ଣର ଏକ ବର୍ଣ୍ଣରେ ପରିଣତ ହେବାର ଅବସ୍ଥା ଓ ସେ ସମ୍ବନ୍ଧୀୟ ବ୍ୟାକରଣର ନିୟମ— Grammar) Coalition of two vowels (one at the end of a word and the other at the beginning of another word) into one. [ଦ୍ର—'ଅ' ବା 'ଆ' ସଙ୍ଗେ 'ଅ' ବା 'ଆ' ମିଶିଲେ 'ଆ' ହୁଏ । ଯଥା—ପ୍ରେମ + ଆନନ୍ଦ = ପ୍ରେମାନନ୍ଦ । ଏହିପରି ଅ + ଇ = ଏ; ଅ + ଉ = ଓ; ଅ + ଏ = ଐ; ଅ + ଓ = ଔ ଇତ୍ୟାଦି ।]

ସ୍ୱର ସମୁଦ୍ର—ସ. ବି—ପ୍ରାଚୀନକାଳର ତନ୍ତ୍ରୀ ବାଦ୍ୟ ବିଶେଷ (ହି. ଶ)-
Swara samudra A kind of stringed musical instrument of ancient times.

ସ୍ୱରସା—ସ, ବି—୧ । କପିତ୍ଥ ପତ୍ରିକା ନାମକ ଔଷଧ (ହି· ଶ)—
Swarasā 1. Name of medicinal herb.
୨ । ଲାଖ (ହି. ଶ)—2. Shell lac.

ସ୍ୱରସାଦ—ସ, ବି—ଗଳା ବସିଯିବା; ସ୍ୱରଭଙ୍ଗ (ହି· ଶ)—
Swarasāda Hoarseness of voice.

ସ୍ୱ ରସାଦି—ସ. ବି—କଷାୟ; କେତେକ ଔଷଧ ଦ୍ରବ୍ୟ ପାଣିରେ ଅଉଟା
Swa rasādi ହୋଇ ପ୍ରସ୍ତୁତ କରାଯିବା ପାଚନ—A decoction made by boiling some medicines with water.

ସ୍ୱରା—ସଂ. ବି (ସ୍ୱର+ଅ)—ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ; ଗାୟତ୍ରୀଙ୍କ ସପତ୍ନୀ
Swarā (ପଦ୍ମପୁରାଣ ଉତ୍ତର ଖଣ୍ଡ; କାର୍ତ୍ତିକ ମାହାତ୍ମ୍ୟ)—
Name of the elder wife of Brahmā.

ସ୍ୱରା(ରେ)ଇବା—ଦେ. କ୍ରି. (ସଂ. ସ୍ମୃ ଧାତୁ)—ସୁରାଇବା (ଦେଖ)
Swarā(re)ibā Surāiba (See)

ସ୍ୱରାଂଶ—ସଂ. ବି (ଷଷ୍ଠୀ ତତ୍) (ସଙ୍ଗୀତ)—ସ୍ୱରର ଅର୍ଦ୍ଧ ବା ପାଦ (ଶବ୍ଦ
Swarāmśa କଳ୍ପଦ୍ରୁମ)—(Music) A part or half
of a musical note.

ସ୍ୱରାନ୍ତ—ସଂ. ବିଣ (ବହୁବ୍ରୀହି; ସ୍ୱର+ଅନ୍ତ)—ଯେଉଁ ପଦର ଶେଷ
Swarānta ଅକ୍ଷର ସ୍ୱରବର୍ଣ୍ଣ ଅଟେ—(a word) Ending
with a vowel.

ସ୍ୱରାଜ୍(ଜ)—ଦେ. ବି (ସଂ. ସ୍ୱରାଜ୍ୟ)—ସ୍ୱରାଜ୍ୟବାସୀ ବା ସ୍ୱଦେଶବାସୀଙ୍କ
Swarāj(ja) ଦ୍ୱାରା ରାଜ୍ୟଶାସନ ପ୍ରଣାଳୀ; ସ୍ୱାୟତ୍ତଶାସନ—
स्वराज Autonomy; Swaraj; government of a
स्वराज country by its own people; self-government. [ଦ୍ର—ଏହି ଶବ୍ଦ ଇଂରାଜୀ ଭାଷାରେ ଚଳନ୍ତି । ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତନାରେ ଭାରତବାସୀମାନେ 'ସ୍ୱରାଜ' ପାଇବା ପାଇଁ ବ୍ରିଟିଶ୍ ଜାତିଙ୍କ ନିକଟରେ ଅନେକ ସହିତ ଦାବୀ କରୁ ଅଛନ୍ତି ଓ ଏହି ଆନ୍ଦୋଳନ ଫଳରେ ଇଂରେଜ ସରକାର ଭାରତବାସୀଙ୍କୁ କ୍ରମଶଃ ସ୍ୱାୟତ୍ତ ଶାସନ ବା ସ୍ୱରାଜ ଦେବା ପାଇଁ ୧୯୧୯ ସାଲଠାରୁ ପ୍ରତିଶ୍ରୁତ ହୋଇ ଅଛନ୍ତି । କେହି କେହି କହନ୍ତି ଯେ, 'ସ୍ୱରାଜ'ର ଅର୍ଥ ଇଂରେଜମାନଙ୍କ ସଙ୍ଗରୁ ସବୁ ସମ୍ପର୍କ ତୁଟାଇ ଦେଇ ଭାରତବାସୀମାନେ ନିଜ ଦେଶକୁ ଶାସନ କରିବେ । ପୁଣି କେହି କେହି କହନ୍ତି—କାନାଡା, ଅଫ୍ରିକା, ଅଷ୍ଟ୍ରେଲିଆ ପରି ଭାରତବର୍ଷ ଇଂରେଜ 'ସାମ୍ରାଜ୍ୟ'ର ପରିବାରଭୁକ୍ତ ହୋଇ ବ୍ରିଟିଶ୍ ସମ୍ରାଟଙ୍କୁ ନାମ ମାତ୍ର (Constitutional) ସମ୍ରାଟ୍ ବୋଲି ସ୍ୱୀକାର କରିବ ଓ ସବୁ ବିଷୟରେ ଇଂରେଜମାନଙ୍କ ସମକକ୍ଷ ହେବ । ଏହି ସ୍ୱରାଜ ମତାବଲମ୍ବୀମାନେ ୨ଟି ଦଳ ହୋଇଅଛନ୍ତି । ଯଥା—

୧ । ଚରମ ପନ୍ଥୀ (Extremists)—ଯେଉଁମାନେ ଭାରତର ଇଂଲଣ୍ଡ ସଙ୍ଗେ କୌଣସି ମାତ୍ର ରାଜନୈତିକ ସମ୍ପର୍କ ରଖିବାକୁ ଇଚ୍ଛା କରନ୍ତି ନାହିଁ ।

୨ । ନରମ ପନ୍ଥୀ ବା ମଡରେଟ୍ (Moderates)—ଭାରତ ବ୍ରିଟିଶ୍ ସାମ୍ରାଜ୍ୟର ପରିବାରଭୁକ୍ତ ସ୍ୱାୟତ୍ତାଧିକାରପ୍ରାପ୍ତ ରାଜ୍ୟ ହେବ ବୋଲି ଯେଉଁମାନେ ଦାବୀ କରନ୍ତି । ଏହି ମତାବଲମ୍ବୀମାନଙ୍କୁ 'ସ୍ୱରାଜ' ଦଳଭୁକ୍ତ (Swarajist) ବୋଲାଯାଏ ।

ଗାନ୍ଧୀ ମହାତ୍ମା ମଡରେଟ୍ ଦଳର ନେତା । ବଙ୍ଗର ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସ (ସି. ଆର୍. ଦାସ) ପ୍ରଥମେ ଚରମ ପନ୍ଥୀ ସ୍ୱରାଜ ଥିଲେ; କିନ୍ତୁ ପରେ ମଡରେଟ୍ ଦଳର ଏକ ପ୍ରଧାନ ଅଙ୍ଗ ହେଲେ । ପ୍ରଥମେ ସ୍ୱରାଜୀମାନେ ସରକାରଙ୍କ ସଙ୍ଗେ ଅସହଯୋଗ (Non-co-operation) ପନ୍ଥା ଅବଲମ୍ବନ କରିଥିଲେ; କିନ୍ତୁ କ୍ରମଶଃ ପ୍ରତିକାରମୂଳକ ସହଯୋଗ (Responsive co-operation) ନୀତି ଅବଲମ୍ବନ କରୁ ଅଛନ୍ତି । ଭାରତର ପ୍ରାଦେଶିକ ଓ କେନ୍ଦ୍ରୀୟ ସଭାମାନଙ୍କର ମେମ୍ବରମାନେ ଯେଉଁ ବହୁଳ ଦଳମାନ ଗଢ଼ି ଥିଲେ, ସେମାନଙ୍କ ମଧ୍ୟରେ ସ୍ୱରାଜୀ ଗୋଟିଏ ଦଳ ଗଢ଼ି ଥିଲେ ଏବଂ ଚିତ୍ତରଞ୍ଜନଙ୍କ ମୃତ୍ୟୁ ପରେ ପଣ୍ଡିତ ମୋତିଲାଲ୍ ନେହରୁ ଓ କେଲ୍କରଙ୍କର ପଟେଲ ଆଦି ସେହି ଦଳର ମୁଖିଆ ହୋଇ ଥିଲେ । ବର୍ତ୍ତମାନ କଂଗ୍ରେସ୍ ମଧ୍ୟ 'ଭାରତର ପୂର୍ଣ୍ଣ ସ୍ୱାଧୀନତା' ନୀତିର ସମର୍ଥକ ଅଟେ । ତଥାପି କଂଗ୍ରେସ୍ ଉକ୍ତ ବହୁବାକ୍ୟ ଔପନିବେଶିକ ସ୍ୱାୟତ୍ତ ଶାସନର ପକ୍ଷପାତୀ ଥିବା ଜଣାଯାଏ ।]

ସ୍ୱରାଜ ଦଳ—ଦେ. ବି.—ଭାରତ ସ୍ୱରାଜ୍ୟ ଲାଭ କରିବ, ଏହି ଦାବୀ
Swarāja dala ଉପରେ ପ୍ରତିଷ୍ଠିତ ରାଜନୈତିକ ଦଳ—A
স্বরাজ দল political party formed for claiming
स्वराज दल self-government for India; the Swaraj
party.

ସ୍ୱରାଜ (ଜୀ)—ଦେ. ବି.—ନିଜର ଇଚ୍ଛା ବା ସମ୍ମତି; ନିଜର ସ୍ୱାଧୀନ ସମ୍ମତି
Swarāji (jī) —One's free consent; consent
সরাজী obtained from a person without coercion.
स्वराजी ଦେ. ବିଣ.—ସ୍ୱରାଜିଆ (ଦେଖ)—Swarājiā (See).

ସ୍ୱରାଜିଆ (ସ୍ଥ)—ଦେ. ବିଣ. (ସଂ. 'ସ୍ୱରାଜ୍ୟ'ରୁ ଉତ୍ପନ୍ନ ଦେଶୀୟ 'ସ୍ୱରାଜ'
Swarājiā (sht) ଶବ୍ଦ ସଙ୍ଗେ ଦେଶୀୟ 'ଇଆ' ପ୍ରତ୍ୟୟ ଏବଂ
স্বরাজী ଇଂରାଜୀ ଇଷ୍ଟ 'ist' ପ୍ରତ୍ୟୟ କଷ୍ଟନ ପଦ)—୧ । ସ୍ୱରାଜ
स्वराजी ଦଳ ସମ୍ବନ୍ଧୀୟ—1. Relating to the Swarāj
party. ୨ । ସ୍ୱରାଜ ଦଳଭୁକ୍ତ—2. Belonging to
the Swarāj party; ଦେ. ବି—ସ୍ୱରାଜ ମତାବଲମ୍ବୀ
ବ୍ୟକ୍ତି—A Swarājist; a person who is a
member of the Swaraj party.

ସ୍ୱରାଜ୍ୟ—ସଂ. ବି.—୧ । ନିଜର ରାଜ୍ୟ—1. One's kingdom.
Swarājya ୨ । ନିଜର ଦେଶ; ମାତୃଭୂମି; ସ୍ୱଦେଶ—2. One's
(ପର ରାଜ୍ୟ—ବିପରୀତ) mother country. ଦେ. ବି.—୧ ।
স্বরাজ্য ସ୍ୱଦେଶବାସୀଙ୍କ ଦ୍ୱାରା ଶାସିତ ରାଜ୍ୟ—1. A country
स्वराज्य governed by its own people; republic.
୨ । ସ୍ୱାୟତ୍ତ ଶାସନ ('ସ୍ୱରାଜ' ଦେଖ)—2. Self
government. ୩ । ସ୍ୱରୂପରେ ସ୍ଥିତ ବା ଅବସ୍ଥାନ—
3. Personal presence. [ଯଥା—ଯେବେ ଦେବ ଦର୍ଶନ
ଦେବେ ମୋତେ, ସ୍ୱରାଜ୍ୟେ ରହିବ କହିଲେ
—ଜଗନ୍ନାଥ ଭାଗବତ ।]

ସ୍ୱରାଜ୍ୟ ଦଳ—ସଂ. ବି. (ଅଧୁନିକ ପ୍ରୟୋଗ)—ଭାରତର ରାଜନୈତିକ
Swarājya dala ଦଳବିଶେଷ—The Swarājist
স্বরাজ্য দল स्वराज्यदल party (of India).

ସ୍ୱରାଟ୍—ସଂ. ବି.—(ସ୍ୱ=ନିଜେ+ରାଜ୍. ଧାତୁ=ଶୋଭା ପାଇବା+
Swarāt କର୍ତ୍ତୃ କ୍ୱିପ୍; ସ୍ୱରାଜ୍ ଶବ୍ଦ; ୧ମା. ୧ବ)—ସ୍ୱୟଂପ୍ରକାଶ;

ସ୍ୱପ୍ରକାଶ—Self-illuminated; self-effulgent. ବି—୧ । ଈଶ୍ୱର—1. God. ୨ । ବୈଦିକ ଛନ୍ଦୋ-ବିଶେଷ (ଶବ୍ଦ କଳ୍ପଦ୍ରୁମ)—2. Name of a vedic Sanscrit metre. [ବି—ଏ ଛନ୍ଦର ଚାରି ପାଦ ଅଛି —ପ୍ରଥମ ତୃଇ ପଦରେ ୮ ଅକ୍ଷର ଲେଖାଏଁ ଓ ତୃତୀୟ ପାଦରେ ୧୦ ଅକ୍ଷର ଥାଏ ।]—୩ । ସ୍ୱରାଜ୍ୟ ଶାସନ ପ୍ରଣାଳୀ ପ୍ରଚଳିତ ଥିବା ରାଜ୍ୟର ରାଜା (ହି. ଶ)—3. A constitutional monarch of a republic.

ସ୍ୱରାନୁକରଣ—ସଂ. ବି.—(୬ଷ୍ଠୀ ତତ୍)—କଣ୍ଠ ଧ୍ୱନିର ଅନୁକରଣ—Swarānukaraṇa Imitation of the voice.

ସ୍ୱରାନୁଭାବକତା—ସଂ. ବିଣ.—ସ୍ୱରଜ୍ଞାନ୍ତକାରକ ବୃତ୍ତି—Faculty Swarānubhābakatā of understanding the Swara (of music) or musical note.

ସ୍ୱରାପଗା—ସଂ. ବି. (୬ଷ୍ଠୀ ତତ୍; ସ୍ୱଃ=ସ୍ୱର୍ଗ+ଆପଗା=ନଦୀ)—Swarāpagā ସ୍ୱର୍ଗଙ୍ଗା (ହେମଚନ୍ଦ୍ର); ମନ୍ଦାକିନୀ—The Ganges said to flow in the heaven.

ସ୍ୱରାମକ—ସଂ. ବି.—ଆଖରୋଟ ଗଛ (ହି. ଶ)—The walnut Swarāmaka tree.

ସ୍ୱରାଳୁ—ସଂ. ବି.—ବଚ (ଶବ୍ଦଚନ୍ଦ୍ରିକା)—Swarālu The sweet flag; Acorus Calamus.

ସ୍ୱରାଷ୍ଟକ—ସଂ. ବି.—ବଙ୍ଗାଳୀ, ଭୈରବ, ଗାନ୍ଧାର, ପଞ୍ଚମ ଓ ଗୁର୍ଜରୀ Swarāshṭaka ରାଗର ମେଳରେ ରଚିତ ସଙ୍କର ରାଗ (ହି. ଶ) —Name of a hybrid tune in Hindu music.

ସ୍ୱରାଷ୍ଟ୍ର—ସଂ. ବି.—୧ । ରାଜାଙ୍କର ନିଜରାଜ୍ୟ—1. A king's swarāshṭra own kingdom. ୨ । ପ୍ରାଚୀନ ସୌରାଷ୍ଟ୍ର ଦେଶର ଏକ ନାମ (ହି. ଶ)—2. A name of ancient Saurāshṭra. ୩ । ତାମସ ମନୁଙ୍କ ପିତାଙ୍କ ନାମ (ହି.ଶ)—3. Name of the father of Tāmasa Manu. [ପରରାଷ୍ଟ୍ର—ବିପରୀତ]

ସ୍ୱରାଷ୍ଟ୍ର ସଚିବ—ସଂ. ବି.—ଯେଉଁ ମନ୍ତ୍ରୀ ରାଜ୍ୟର ଅଭ୍ୟନ୍ତରୀଣ ଶାସନାଦି Swarāshṭra sachiba ବିଭାଗର କାର୍ଯ୍ୟ ତୁଲନ୍ତି—Secre-(ପରରାଷ୍ଟ୍ର ସଚିବ—ବିପରୀତ) tary of State; minister for the internal affairs of a State; Home Secretary.

ସ୍ୱରିତ—ସଂ. ବିଣ.—(ସ୍ୱର=ଗୀତ ଧ୍ୱନି+ଯୁକ୍ତାର୍ଥେ ଇତ)—୧ । ସ୍ୱର Swarita ଯୁକ୍ତ—1. Accompanied with sound. ୨ । ଉଚ୍ଚାରିତ—2. Uttered. ୩ । (ସ୍ୱର୍ ଧାତୁ+କର୍ମଣି) —ଅଚିତ୍ର—3. Abused; overthrown. ସଂ. ବି— ଉଦାତ୍ତ ଓ ଅନୁଦାତ୍ତର ମଧ୍ୟବର୍ତ୍ତୀ ସ୍ୱର; ମଧ୍ୟମରୂପେ ଉଚ୍ଚାରିତ ସ୍ୱର—The middle or intermediate tone in music. [ବି—ଏହା ଅତି ଉଚ୍ଚ (ଉଦାତ୍ତ) ବା ଅତି ହୀନ (ଅନୁଦାତ୍ତ) ନୁହେ ।]

ସ୍ୱରିବା—ଗ୍ରା. କି (ସ୍ମୃ ଧାତୁ)—୧ । ସ୍ମରିବା (ଦେଖ)—Swaribā 1. Smaribā (See) ୨ । (ସଂ. ସ୍ଫୁର ଧାତୁ) ସ୍ଫୁରା ସ୍ଫୁରିବା (ଦେଖ)—2. Sphuribā (See) [ଉ—ସମସନା ପାଦ ନ ଚଳଇ ନହିଁ କି ସ୍ୱରଇ ଭାଷା । ପ୍ରାଚୀ. ଉତ୍କଳ କରୁଣ ଗୀତା ।] ୩ । (ସଂ. ସ୍ପୃହ ଧାତୁ) ସ୍ପୃହାଯୁକ୍ତ ହେବା—3. To be desirous of.

ସ୍ୱରୀ—ଗ୍ରା. ବି. ସ୍ତ୍ରୀ (ନାମ)-୧ । ସରସ୍ୱତୀର ଡାକ ନାମ-1. Nick name Swarī of Saraswatī. ୨ । ଧୋଡ଼; ମାଳର ସରୁ—ସର ସରୀ ସର ଲଡ଼ 2. String of necklace etc.

ସ୍ୱରୀଶ୍ୱର—ସଂ. ବି (୬ଷ୍ଠୀ ତତ୍; ସ୍ୱଃ=ସ୍ୱର୍ଗ+ଈଶ୍ୱର)—ଇନ୍ଦ୍ର; Swarīśwara ସୁରପତି—Indra; the king of the gods.

ସ୍ୱରୁ—ସଂ. ବି (ସ୍ୱୃ ଧାତୁ+କର୍ତ୍ତୃ. ଉ)—୧ । ବଜ୍ର (ଅମର)—Swaru 1. Thunder; thunder-bolt. ୨ । ଯୂପଖଣ୍ଡ (ମେଦିନୀ)—2. A piece of sacrificial log. ୩ । (+ଅଧି. ଉ) ଯଜ୍ଞ; (ମେଦିନୀ)—3. Vedic sacrifice. ୪ । ବେଧନାସ୍ତ୍ର—4. A drill; auger. ୫ । ଶର (ମେଦିନୀ), ବାଣ—5. Arrow. ୬ । ସୂର୍ଯ୍ୟ-ରଶ୍ମି; ଖର (ଶବ୍ଦ କଳ୍ପଦ୍ରୁମ)—2. Sun's rays; sunbeam. ୭ । ବୃଶ୍ଚିକ ଭେଦ (ଶବ୍ଦ କଳ୍ପଦ୍ରୁମ)—7. A kind of scorpion.

ସ୍ୱରୁଃ—ସଂ. ବି (ସ୍ୱରୁସ୍ ଶବ୍ଦ; ୧ମା. ୧ବ; ସ୍ୱୃ ଧାତୁ+କର୍ତ୍ତୃ.ଉସ୍)—Swaruḥ ବଜ୍ର (ମାଳଚନ୍ଦ୍ର)—Thunder.

ସ୍ୱରୁଚି—ସଂ. ବି (୬ଷ୍ଠୀ ତତ୍)—୧ । ସ୍ୱେଚ୍ଛା (ପ୍ରାକୃଷ୍ଟିତ୍ତ ଚନ୍ଦ୍ର)—Swaruchi 1. One's free will. ୨ । ନିଜର ରୁଚି—2. One's natural or personal taste. ବିଣ. (ପୁଂ ଓ ସ୍ତ୍ରୀ)(ବହୁବ୍ରୀହି)—ସ୍ୱେଚ୍ଛାଚାରୀ; ସ୍ୱୈର; ସ୍ୱତନ୍ତ୍ର—Independent; acting with freedom; freely moving.

ସ୍ୱରୂପ—ସଂ. ବି (୬ଷ୍ଠୀ ତତ୍)—୧ । ନିଜର ପ୍ରକୃତ ରୂପ—1. One's Swarūpa real form. ୨ । ସ୍ୱଭାବ; ପ୍ରକୃତି (ଅମର)—2. Nature. ୩ । ସ୍ୱାଭାବିକ ଅବସ୍ଥା—3. Natural condition. ୪ । ପଣ୍ଡିତ—4. A learned man. ୫ । କୌଣସି ବସ୍ତୁର ବା ବ୍ୟକ୍ତିର ମୂର୍ତ୍ତି ବା ଛବି [ହି. ଶ] 5. The image or picture of any thing or person. ୬ । ଦେବତା ଅବତାର ଧୃତ ରୂପ (ହି. ଶ)—6. The form assumed by a Deity. ୭ । ଆତ୍ମା (ହି. ଶ)—7 Soul ବିଣ.—୧ । ପଣ୍ଡିତ (ଅମର)—(ସ୍ୱରୂପା—ସ୍ତ୍ରୀ·ବିଣ) 1. Learned. ୨ । ମନୋଜ୍ଞ; ସୁନ୍ଦର; ଅପରୂପ (ଅମର)—2. Graceful; charming. ୩ । ଅବିକଳ—3. Exact; true; complete. [ଉ—ଏବେ ମୁହିଁ କହୁଛି ସ୍ୱରୂପ ବଚନ—ଜଗନ୍ନାଥ ଦାସଙ୍କ ଭାଗବତ ।]

ସ୍ୱରୂପତା, ସ୍ୱରୂପତ୍ୱ, ସ୍ୱାରୂପ୍ୟ } ବି

୪ । ପ୍ରକୃତ; ଯଥାର୍ଥ—4. Actual; real. ୫। ସଦୃଶ; ତୁଲ୍ୟ—5. Similar. ୬ । (ଯେକୌଣସି ବସ୍ତୁର ବା ବ୍ୟକ୍ତିର) ସଦୃଶରୂପ—6. The image of (any thing or person). [ଭି—ସ୍ୱରୂପବଧାରେ ବଧାତା ଗଲ୍ଲ ଏ ରୂପ ଲଭି—ଲକ୍ଷ କୋଟବ୍ରହ୍ମାଣ୍ଡସ୍ତବସ୍ୱ ।] ଦେ.ବି—୧। ବାସ୍ତବିକ ଘଟଣା ବା ଅବସ୍ଥା—1.Actual state of affairs. [ଭି—ସ୍ୱରୂପ କଥାର କଣ୍ଠେ କହନ୍ତେ ବୋଲ—ଶିଶୁପାଳର ଲଜ୍ଜା ଅପଳାଶ ।]—୨ । (ସଂ.ରୂପ) ରୂପ—2. Shape; form. [ଭି—ନାନା ସ୍ୱରୂପ ଭୁମେ ଧର, ଅନେକ ଶ୍ରମେ କର୍ମ କର । ଭୂପଛ ପ୍ରେମ ପଞ୍ଚାମୃତ ।]

ସ୍ୱରୂପ ଚିନ୍ତା—ସଂ. ବି—ଦେବତାଙ୍କର ନିଜର ରୂପର ଧ୍ୟାନ—Swarūpa chintā Contemplation of the form of a Deity.

ସ୍ୱରୂପତଃ—ସଂ. ଅ (ସ୍ୱରୂପ+ତସ୍)—ଯାଥାର୍ଥ୍ୟତଃ; ପ୍ରକୃତପକ୍ଷେ—Swarūpatah Actually.

(ସ୍ୱରୂପତ—ଦେ. ରୂପ)

ସ୍ୱରୂପତା(ତ୍ୱ)—ସଂ. ବି(ସ୍ୱରୂପ+ଭାବ. ତା; ତ୍ୱ)—୧ । ଅନନ୍ୟତା—Swarūpatā(twa) 1. Identity. ୨ । ସାଦୃଶ୍ୟ—2. Similarity.

ସ୍ୱରୂପ ନିରୂପଣ(ନିର୍ଣ୍ଣୟ)—ସଂ. ବି—ପ୍ରକୃତ ଅବସ୍ଥାର ବା ରୂପର ନିର୍ଦ୍ଧାରଣ Swarūpa nirūpaṇa(nirṇṇaya) —Ascertainment of the actual form or condition.

ସ୍ୱରୂପ ଯୋଗ୍ୟ—ସଂ. ବିଣ—ନିଜର ଉପଯୋଗିତା ଅନୁସାରେ କାର୍ଯ୍ୟ-Swarūpa jogya ସିଦ୍ଧି ପାଇଁ ଉପଯୁକ୍ତ; କାର୍ଯ୍ୟ ସାଧନୋ-(ସ୍ୱରୂପଯୋଗ୍ୟତା—ବି) ପଯୋଗୀ—Individually fit for accomplishing any work.

ସ୍ୱରୂପ ସମ୍ବନ୍ଧ—ସଂ. ବି—ଅଭିନ୍ନ ସମ୍ବନ୍ଧ; ଅନ୍ୟ ବ୍ୟକ୍ତିର ବା ବସ୍ତୁର Swarūpa sambandha ଅନୁରୂପତାଜନିତ ସମ୍ବନ୍ଧ—Exact relationship; relationship in which there is no difference.

ସ୍ୱରୂପାଖ୍ୟାନ—ସଂ. ବି (୬ଷ୍ଠୀ ତତ୍)—ପ୍ରାକୃତିକ ଅବସ୍ଥାର ବର୍ଣ୍ଣନା—Swarūpākhyāna The story or description of the natural or original condition.

ସ୍ୱରୂପାନନ୍ଦ—ଦେ.ବି.ପୁଂ (ନାମ)—୧। ଲୋକଙ୍କ ନାମ—1. A name Swarūpānanda given to males. ୨ । କଟକଜିଲ୍ଲାର स्वरूपानन्द ନେମ୍ବାଳ ଗାଦିର ପ୍ରତିଷ୍ଠାତା ଅଚ୍ୟୁତାନନ୍ଦଙ୍କ ବଂଶଧରଙ୍କ स्वरूपानन्द ନାମ ବିଶେଷ—2. Name of a descendant of Achyutānanda of a Nembāḷa Matha of the Cuttack district.

ସ୍ୱରୂପାତ୍ମକ—ସଂ. ବିଣ ପୁଂ (ସ୍ୱରୂପ+ଆତ୍ମନ୍+କ)—ସାଦୃଶ୍ୟ ଜ୍ଞାପକ; Swarupātmaka ସାଦୃଶ୍ୟାତ୍ମକ; ଯଦ୍ଦ୍ୱାରା ମୌଳିକ ବସ୍ତୁର ସ୍ୱରୂପ ଦେଖାଯାଏ ବା ଜଣାଯାଏ—Exactly representing the original; conveying the idea as (ସ୍ୱରୂପାତ୍ମିକା—ସ୍ତ୍ରୀ) to the true state of the original.

ସ୍ୱରୂପୀ—ଦେ. ବିଣ ସ୍ତ୍ରୀ (ପ୍ରାଚୀନପଦ୍ୟ)—ନିଜର ପ୍ରକୃତରୂପ ବିଶିଷ୍ଟା—Swarūpi Of one's real form [ଭି—ରାଧିକା ଅଂଶ ଯେତେକ ଗୋପୀ; ସେ କୃଷ୍ଣ ଜୀବନ ସ୍ୱରୂପୀ—ଭୂପଛ ପ୍ରେମ ପଞ୍ଚାମୃତ] ସ. ବିଣ. ପୁଂ (ସ୍ୱରୂପ+ଇନ୍; ୧ମା; (ସ୍ୱରୂପିଣୀ—ସ୍ତ୍ରୀ) ୧ବ)—୧ । ସ୍ୱରୂପ ବିଶିଷ୍ଟ—1. Having similarity. ୨ । ସ୍ୱରୂପଧାରୀ—2. Assuming one's real form.

ସ୍ୱରୂପୋତ୍ପ୍ରେକ୍ଷା—ସ. ବି (ଅଳଙ୍କାର ଶାସ୍ତ୍ର)—ଉତ୍ପ୍ରେକ୍ଷା ଅଳଙ୍କାରର Swarupotprekshā ପ୍ରକାର ଭେଦ—A figure of speech; of class at Utprekshā or allegory.

ସ୍ୱରୂପୋପନିଷଦ୍—ସଂ. ବି—ବେଦାନ୍ତ ଉପନିଷଦ୍ ବିଶେଷ; ଉପନିଷଦ୍ Swarupopanishad ବିଶେଷ—Title of a philosophical supplement to the Vedas.

ସ୍ୱରେ 'ଅ'—ଦେ· (ବାକ୍ୟ)—ସ୍ୱରବର୍ଣ୍ଣ ମଧ୍ୟରୁ ପ୍ରଥମ ବର୍ଣ୍ଣ—The Sware 'a' first vowel of the Oriya alphabet. स्वरेअ [ଭି—ଅବଧାନମାନେ ପିଲ୍ଲମାନଙ୍କୁ ପ୍ରଥମେ ଖଡ଼ିଦ୍ୱାରା स्वर अ ଭୂମିରେ 'ଅ' ଲେଖାଇ ମଡ଼ାଇଲା ବେଳେ ଏହି ବାକ୍ୟ ଉଚ୍ଚାରଣ କରନ୍ତି]

ସ୍ୱରେ ଆ—ଦେ· ବି—୧ । (ସଂ· ସ୍ପୃହା)—ସ୍ପୃହା (ଦେଖ)—Spruhā Sware ā (See) ୨ । ସ୍ୱରବର୍ଣ୍ଣର ଦ୍ୱିତୀୟବର୍ଣ୍ଣ ଆ—2. The second vowel of the Oriya alphabet.

ସ୍ୱରେଣୁ—ସ. ବି (ନାମ)—ସୂର୍ଯ୍ୟପତ୍ନୀ; ସଂଜ୍ଞା—Sajnā; one of Swareṇu the two wives of the Sun-god.

ସ୍ୱରେହା—ଗ୍ରା· ବି—୧ । କୁମାର, ବାଳ; ନନ୍ଦନ; (ଅମୁକ କୁଳର) Swarehā ସନ୍ତାନ—1. Son or child (of such and सन्तान such a family) [ଭି—ଶୁଣ ରାମଚନ୍ଦ୍ର ତୁଳ ସ୍ୱରେହା, सन्तान —ଅଚ୍ୟୁତାନନ୍ଦ, ଶୂନ୍ୟ ସଂହିତା]—୨ । (ସଂ) ସ୍ପୃହା—2. Acute wish; hankering.

ସ୍ୱରୋଚିଷ—ସଂ.ବି—ଦ୍ୱିତୀୟ ମନୁ (ଅଗ୍ନିଙ୍କର ପୁତ୍ର)—The second Swarochisha progenitor of mankind (son of the Fire-god). [ଭି—ସେ ମନୁ ଅନ୍ତେ ସ୍ୱରୋଚିଷ, ଦ୍ୱିତୀୟ ମନୁ ସେ ବିଶେଷ—ଜଗନ୍ନାଥ. ଭାଗବତ] [ଦ୍ର—ଏ କଳି ନାମକ ଗନ୍ଧର୍ବଙ୍କ ଔରସରୁ ବରୂଥିନୀ ନାମ୍ନୀ ଅପ୍ସରାଙ୍କ ଗର୍ଭରୁ ଜନ୍ମିଥିଲେ । ଏ ସ୍ୱାରୋଚିଷ ମନୁଙ୍କ ପିତା ଥିଲେ ।)

ସ୍ୱରୋଦୟ—ସଂ· ବି (୬ଷ୍ଠୀ ତତ୍)—୧ । ନାସାବାୟୁର ଉଦୟ; ନିଶ୍ୱାସ Swarodaya ପ୍ରଶ୍ୱାସ—1. Breathing; flow of breath through the nostrils. ୨। (ଯୋଗଶାସ୍ତ୍ର)—ନାସିକାର ବାୟୁ ଦ୍ୱାରା ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀମାନଙ୍କର ଗତି ପର୍ଯ୍ୟବେକ୍ଷଣ କରି ଯାତ୍ରା, ଭୋଜନ, ଶୟନାଦି କର୍ମ କରିବାର ପାଇଁ ଉପଦେଶ ଦେବାର ଶାସ୍ତ୍ରରେ ଅଛି—2. A treatise

giving advice to regulate one's actions by observing the flow of one's breath through the left or right nostril or through both. [ଦ୍ର—ମନୁଷ୍ୟଦେହରେ ୩ଟି ନାଡ଼ୀ ଅଛି । ଇଡ଼ା ନାଡ଼ି ନାକର ବାମ ପୁଡ଼ା ବାଟେ ନିଶ୍ୱାସ ବୁହାଏ । ପିଙ୍ଗଳା ନାଡ଼ି ଡାହାଣ ପୁଡ଼ା ବାଟେ ବୁହାଏ ଓ ସୁଷୁମ୍ନା ନାଡ଼ି ଦୁଇ ପୁଡ଼ାରେ ସମାନ ଭାବରେ ନିଶ୍ୱାସକୁ ଚଳାଏ । ଡାହାଣ ପୁଡ଼ା (ପିଙ୍ଗଳା) ରେ ପବନ ଚଳୁଥିବା ବେଳେ ଭୋଜନ, ମୈଥୁନ ବା ଯୁଦ୍ଧ କଲେ ଶୁଭ ଫଳ ଘଟେ ।

ବାମପୁଡ଼ା (ଇଡ଼ା) ବାଟେ ପବନ ବହୁଥିବା ବେଳେ ଯାତ୍ରା, ଶୟନ, ମଳମୂତ୍ର ତ୍ୟାଗ କରିବ ଓ ଦୁଇପୁଡ଼ାରେ ସମାନ ଭାବରେ (ସୁଷୁମ୍ନା ନାଡ଼ିରେ) ନିଶ୍ୱାସ ବହୁଥିବା ବେଳେ ଯୋଗସାଧନ, ଈଶ୍ୱର ଭଜନ, ତନ୍ତ୍ର ସାଧନ ଓ ଜପାଦି କରିବ ।

ଯୁଦ୍ଧକାଳରେ ଯୋଦ୍ଧାଙ୍କର ଯେଉଁ ପୁଡ଼ାରେ ପବନ ବହୁଥିବ ସେ ସେହି ଦିଗକୁ ଲକ୍ଷ୍ୟ କରି ଶତ୍ରୁକୁ ଆକ୍ରମଣ କଲେ ଜୟଯୁକ୍ତ ହେବେ ।

ଏହି ସ୍ୱରୋଦୟ ଶାସ୍ତ୍ରଜ୍ଞାନ ଦ୍ୱାରା କେଉଁ ସମୟରେ ପଞ୍ଚ ତତ୍ତ୍ୱ (କ୍ଷିତ୍ୟପ୍‌ତେଜମରୁଦ୍ୱ୍ୟୋମ) ମଧ୍ୟରୁ କେଉଁ ତତ୍ତ୍ୱ ଦେହରେ ପ୍ରବଳ ହୋଇଅଛି ତାହା ଜାଣିପାରି ତଦନୁସାରେ କାର୍ଯ୍ୟ କଲେ ଫଳ ଲାଭ ହେବ ।

ଏହି ୩ ନାଡ଼ି ଛଡ଼ା ଦେହରେ ଆଉ ୭ ଗୋଟି ନାଡ଼ି ଅଛି । ସେମାନଙ୍କ କ୍ରିୟା ଚକ୍ଷୁ, ଜିହ୍ୱା, କର୍ଣ୍ଣ, ମୁଖ, ଲିଙ୍ଗାଦିର ଅବସ୍ଥାରୁ ଜଣାପଡ଼େ ଓ ତଦନୁସାରେ ନିଜ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିବାକୁ ହୁଏ ।

ଏହି ନାଡ଼ିମାନଙ୍କ ଦ୍ୱାରା ନାସାବାୟୁର ଚଳନକ୍ରମକୁ ଲକ୍ଷ୍ୟ ରଖି ମନୁଷ୍ୟ ମୃତ୍ୟୁକାଳ ଓ ଗର୍ଭସ୍ଥ ସନ୍ତାନାଦି ବିଷୟ ପୂର୍ବରୁ ଜାଣିପାରେ—ଗରୁଡ଼ପୁରାଣ ।

ସଂସ୍କୃତ ସ୍ୱରୋଦୟଲେଶ ନାମକ ଗ୍ରନ୍ଥ ଅବଲମ୍ବନରେ ଯଶୋବନ୍ତ ଦାସଙ୍କ ଶିବ ସ୍ୱରୋଦୟ (ପ୍ରାଚୀ ସମିତି ଗ୍ରନ୍ଥମାଳା ଷୋଡ଼ଶଖଣ୍ଡ) ଗ୍ରନ୍ଥ ଲିଖିତ । ଏଥିରେ ସ୍ୱରୋଦୟର ବିବରଣ ଲେଖାଅଛି । ଏହା ମହାଦେବ ପାର୍ବତୀଙ୍କୁ କହିଥିଲେ । ଏ ଶାସ୍ତ୍ରରେ ନିଶ୍ୱାସ ବାୟୁର ଗତି, ଶରୀରମଧ୍ୟସ୍ଥ ନାଡ଼ୀ ଓ ଷଟ୍‌ଚକ୍ରମାନଙ୍କ ବିଷୟ ଉଲ୍ଲେଖ ଅଛି । କେଉଁ ନାସାପୁଟରେ ଶ୍ୱାସବାୟୁ ବହିଲେ କି ଫଳ ହେବ, ତାହା ଏହି ଶାସ୍ତ୍ରରୁ ମନୁଷ୍ୟ ଜାଣିପାରେ ।]

୩ । (ଜ୍ୟୋତିଷ) ରାଶି, ଗ୍ରହ, ନକ୍ଷତ୍ରମାନ ସନ୍ନିବେଶିତ ହୋଇ ଅଙ୍କିତ ହୋଇଥିବା ଚକ୍ରରୁ ଶୁଭାଶୁଭ ଜ୍ଞାପକଶାସ୍ତ୍ର—3. Astrological treatise dealing with the future of a person by calculating the position of astrological units in a figure drawn on the ground.

ସ୍ୱର୍ଗ—ସଂ. ବି (ସୁ=ସୁଖ+ଋଜ୍ ଧାତୁ=ପ୍ରାପ୍ତ ହେବା+ଅ ଏ ଅ ଯେଉଁଠାରେ ସୁଖ ପ୍ରାପ୍ତି ହୁଏ)—
Swarga
ଅନ୍ୟ ସଂ ନାମ—ସ୍ୱଃ, ନାକ, ତ୍ରିଦିବ, ତ୍ରିଦଶାଳୟ, ସୁରଲୋକ, ଦ୍ୟୋଃ, ଦ୍ୟୌ, ତ୍ରିପିଷ୍ଟପ, ମନ୍ଦର, ଅବରୋହ, ଗୌଃ, ଋମନ୍ତ, ଫଳୋଦୟ, ଦେବଲୋକ, ସ୍ୱର୍ଲୋକ, ଊର୍ଦ୍ଧ୍ୱଲୋକ, ସୁଖାଧାର, ସୌରିକ, ଶକ୍ରଭୁବନ, ଦ୍ୟୁବାଜ ।
(ନରକ—ବିପରୀତ)

୧ । (ହିନ୍ଦୁ ମତ) ସୁରଲୋକ; ଦେବତାମାନଙ୍କର ଆବାସ (ଏ ଲୋକର ରାଜା ଇନ୍ଦ୍ର)
1. Heaven; the abode of the Gods of the Hindus.
୨ । (ପୁରାଣ) ସୂର୍ଯ୍ୟଲୋକ ଓ ଧ୍ରୁବଲୋକ ମଧ୍ୟସ୍ଥ ଲୋକ; ସ୍ୱର୍ଲୋକ; ମୃତ୍ୟୁ ପରେ ସୁକୃତକାରୀ ବ୍ୟକ୍ତିମାନେ ଯେଉଁ ଲୋକକୁ ବା ସ୍ଥାନକୁ ଯାଇ ସୁଖଭୋଗ କରନ୍ତି (ଯେଉଁଠାରେ ରୋଗ, ଶୋକ, କ୍ଷୁଧା, ପିପାସା, ଗ୍ଲାନି, ଜନ୍ମ, ଜରା ଓ ମୃତ୍ୟୁ ନାହିଁ)—2. The abode of the virtuous after death (according to the Purāṇas). ୩। (ସମସ୍ତ ଧର୍ମଶାସ୍ତ୍ର ମତରେ)—ଈଶ୍ୱରଙ୍କର ବାସସ୍ଥାନ; ବୈକୁଣ୍ଠ; ଯେଉଁଠାକୁ ପୁଣ୍ୟାତ୍ମାମାନେ ମୃତ୍ୟୁ ପରେ ଯାଇ ଚିରସୁଖ ଭୋଗ କରନ୍ତି—3. The paradise (according to the scriptures of all religions). [ଦ୍ର—ପୃଥିବୀର ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିଖିତ ଅଛି ଯେ, ମନୁଷ୍ୟ ଇହସଂସାରରେ ଯେଉଁ ଭଲ ବା ମନ୍ଦ କାର୍ଯ୍ୟ କରେ ତାହାର ଫଳରେ ମୃତ୍ୟୁ ପରେ ଯଥାକ୍ରମେ ସ୍ୱର୍ଗ ଓ ନରକ ଭୋଗ କରେ । ଶାସ୍ତ୍ରକାରମାନେ କଳ୍ପନା ବଳରେ ସ୍ୱର୍ଗକୁ ସମସ୍ତ ସୁଖର ସ୍ଥାନ ଓ ନରକକୁ ସମସ୍ତ ଦୁଃଖର ଓ ଯନ୍ତ୍ରଣାର ସ୍ଥାନ ବୋଲି ବର୍ଣ୍ଣନା କରିଅଛନ୍ତି ।

ହିନ୍ଦୁ ପୁରାଣ ମତରେ ସ୍ୱର୍ଗ ଦେବତାମାନଙ୍କର ବାସସ୍ଥାନ । ଏଠାରେ ରୋଗ, ଶୋକ, କ୍ରୋଧ, କ୍ଷୁଧା, ପିପାସା, ଗ୍ଲାନି, ଜନ୍ମ, ଜରା, ମୃତ୍ୟୁ ଆଦି ନାହିଁ; ଏହା ସୂର୍ଯ୍ୟଲୋକର ଊର୍ଦ୍ଧ୍ୱରେ ଓ ଧ୍ରୁବଲୋକର ନିମ୍ନରେ ଅବସ୍ଥିତ, ଏଠାରେ ଦେବତାମାନେ ବାସ କରନ୍ତି ଓ ଦେବତାମାନଙ୍କର ରାଜା ଇନ୍ଦ୍ର ଏଠାରେ ରାଜତ୍ୱ କରନ୍ତି ।] ଦେ. ବି—୧ । ଆକାଶ—1. The heavens; the sky. [ଉ—ବଡ଼ଲୋକକୁ ଉତ୍ତର ନାହିଁ; କି ସ୍ୱର୍ଗକୁ ନିଶୁଣି ନାହିଁ—ଢଗ ।] ୨ । (ଲକ୍ଷଣାର୍ଥ)—ସର୍ବସୁଖମୟ ସ୍ଥାନ—2. (figurative) A place full of happiness or bliss.

ସ୍ୱର୍ଗକାମ—ସଂ. ବିଣ, ପୁଂ (ବହୁବ୍ରୀହି)—ସ୍ୱର୍ଗାଭିଳାଷୀ; ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗରେ ବାସ କରିବାକୁ କାମନା କରନ୍ତି—Desirous of attaining the heaven after death.
Swargakāma
(ସ୍ୱର୍ଗକାମା—ସ୍ତ୍ରୀ)

ସ୍ୱର୍ଗ କାମନା—ସଂ ବି—ମୃତ୍ୟୁ ପରେ ସ୍ୱର୍ଗଲାଭ କରିବା ପାଇଁ ବାସନା-
Swarga kāmanā Desire of attaining the heaven after death.

ସ୍ୱର୍ଗକାମୀ – ସଂ. ବିଣ. ପୁଂ (ସ୍ୱର୍ଗକାମିନ୍ ଶବ୍ଦ; ସ୍ୱର୍ଗ+କାମ+ଇନ୍, ୧ମା. ୧ବ)-ସ୍ୱର୍ଗକାମ (ଦେଖ)
Swarga kāmī Swarga kāma (See)
(ସ୍ୱର୍ଗକାମିନୀ—ସ୍ତ୍ରୀ)

ସ୍ୱର୍ଗକୁ ଉଠା(ଠେ)ଇବା—ଦେ କ୍ରି—(ଲକ୍ଷଣାର୍ଥ)—୧ । କୌଣସି
Swargaku uṭhā(ṭhe)ibā ବ୍ୟକ୍ତିକୁ ଅତ୍ୟନ୍ତ ପ୍ରଶଂସା ବା
[ସ୍ୱର୍ଗକୁ ଉଠା(ଠେ)ଇ ଦେ (ଦେ)ବା—ଅନ୍ୟରୂପ] ଚାଟୁବାଦ କରିବା
স্বর্গে তোলা —1. (figurative) To adulate or glorify
स्वर्ग चढ़ाना a person; to raise a person to the seventh heaven. ୨ । କୌଣସି ବ୍ୟକ୍ତିର ଉନ୍ନତି କରିବା—2. To improve a person; to lift a person high. ୩ । ମୋକ୍ଷ ଲାଭରେ ସହାୟ ହେବା —3. To help a person in gaining salvation or beatitude.

ସ୍ୱର୍ଗକୁ ଉଠିବା—ଦେ. କ୍ରି—୧। (ଲକ୍ଷଣାର୍ଥ)—ମନେ ମନେ ଚାଟୁବାଦ
Swargaku uṭhibā କରିବା; ନିଜକୁ ଭାଗ୍ୟବାନ୍ ବୋଲି ମନେ
স্বর্গে উঠা করିବା—1. (Figurative) To think one's
स्वर्ग चढ़ना self the happiest of beings. ୨ । ମୋକ୍ଷ ଲାଭ କରିବା—2. To attain salvation.

ସ୍ୱର୍ଗକୁ ନିଶୁଣି ନାହିଁ—ଦେ. ପ୍ରବଚନାଂଶ—ସ୍ୱର୍ଗକୁ ବା ଆକାଶକୁ ଉଠିବା
Swargaku nisuṇi nāhiṅ ପାଇଁ ସିଡ଼ି ନାହିଁ—There
স্বর্গে সিড়ি নাই is no ladder to go up to the
स्वर्ग की सिढ़ी नहीं heaven. [ଦ୍ର—ପୂର୍ଣ୍ଣ ପ୍ରବଚନ—ସ୍ୱର୍ଗକୁ ନିଶୁଣି ନାହିଁ; କି, ବଡ଼ଲୋକଙ୍କୁ ଉତ୍ତର ନାହିଁ ।]

ସ୍ୱର୍ଗକୁ ଲଗି ବଢ଼ା(ଢ଼େ)ଇବା—ଦେ. କ୍ରି.—(ଲକ୍ଷଣାର୍ଥ)—ବାଉଁଶ
Swargaku lagi barḍhā (rḍhe) ibā ବାଉଁଶ ଦ୍ୱାରା
স্বর্গে লগি বাড়ান আକାଶକୁ ସ୍ପର୍ଶ କରି ପାରିବା ପରି ଦୁଃସାଧ୍ୟ ବା
स्वर्ग में सिढ़ी लगाना ଅସମ୍ଭବ କଥା କରିବା ପାଇଁ ସାହସ କରିବା
—(Figurative) To dare an impossible thing (literally, to try to touch the sky with a pole or log).

ସ୍ୱର୍ଗ ଖଣ୍ଡ—ସଂ. ବି.—ପଦ୍ମପୁରାଣର ଖଣ୍ଡ ବା ବିଭାଗ ବିଶେଷର ନାମ—
Swarga khaṇḍa Name of one of the parts of the Padma purāṇa.

ସ୍ୱର୍ଗ ଗଙ୍ଗା—ସଂ. ବି.—ସ୍ୱର୍ଗଙ୍ଗା (ଦେଖ)—
Swarga gaṅgā Swargaṅgā (See).

ସ୍ୱର୍ଗ ଗଣିକା—ସଂ. ବି.—ସ୍ୱର୍ଗଣିକା (ଦେଖ)—Swargaṇikā
Swarga gaṇikā (See).

ସ୍ୱର୍ଗ ଗତ—ସଂ. ବିଣ. ପୁଂ—(୨ୟା ତତ୍)—ମୃତ—
Swarga gata Dead.
(ସ୍ୱର୍ଗଗତା—ସ୍ତ୍ରୀ)

ସ୍ୱର୍ଗଗତି(ଗମନ)—ସଂ. ବି—୧ । ସ୍ୱର୍ଗକୁ ଯିବା—1. Going to
Swarga gati (gamana) heaven. ୨ । ମୃତ୍ୟୁ—2. Death.

ସ୍ୱର୍ଗଗାମୀ—ସଂ. ବିଣ. ପୁଂ (ସ୍ୱର୍ଗଗାମିନ୍ ଶବ୍ଦ, ସ୍ୱର୍ଗ+ଗମ ଧାତୁ
Swargagāmī +କର୍ତ୍ତୃ. ଇନ୍ ୧ମା. ୧ବ) —
(ସ୍ୱର୍ଗଗାମିନୀ—ସ୍ତ୍ରୀ) ୧ । ମୃତ—1. Dead.
୨ । ଯେଉଁ ପୁଣ୍ୟକର୍ମୀ ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗଲାଭ କରନ୍ତି
2. (a person) Attaining heaven after death by virtue of one's meritorious acts in this life.

ସ୍ୱର୍ଗ ଗିରି—ସଂ. ବି [୬ଷ୍ଠୀ ତତ୍]—ସୁମେରୁ (ଦେଖ)—
Swarga giri Sumeru (See)

ସ୍ୱର୍ଗଙ୍ଗା—ସ. ବି (୬ଷ୍ଠୀ ତତ୍ ବା ମ, ପ ଲୋ; ସ୍ୱଃ=ସ୍ୱର୍ଗରେ ବହୁଥିବା
Swargaṅgā ଗଙ୍ଗା)—୧ । ହିନ୍ଦୁ ପୁରାଣ ବର୍ଣ୍ଣିତ ଦେବଲୋକରେ ବହୁଥିବା ଗଙ୍ଗା ନଦୀ; ମନ୍ଦାକିନୀ—
1. The Ganges said to flow in heaven (according to the Purāṇas).
୨। ଆକାଶରେ ପଡ଼ିଥିବା ଅସଂଖ୍ୟ ନକ୍ଷତ୍ର ଗଠିତ ଶ୍ୱେତ ପଥ
2. The milky way; the galaxy.

ସ୍ୱର୍ଗଜିତ୍—ସ. ବିଣ. ପୁଂ ଓ ସ୍ତ୍ରୀ (ସ୍ୱର୍ଗ+ଜି ଧାତୁ=ଜୟ କରିବା +
Swargajit କର୍ତ୍ତୃ. କ୍ୱିପ୍)—ଯେ ସ୍ୱର୍ଗକୁ ବା ଦେବତାମାନଙ୍କୁ ନିଜର ବାହୁବଳରେ ବା ଧର୍ମବଳରେ ଜୟ କରନ୍ତି—
Winning the heaven by one's prowess or piety.

ସ୍ୱର୍ଗଣିକା—ସ. ବି (୬ଷ୍ଠୀ ତତ୍)—ସ୍ୱର୍ବେଶ୍ୟା; ଅପ୍ସରାମାନେ—
Swargaṇikā The nymphs or dancing girls of heaven. [ଦ୍ର—ଏମାନେ ଚିର ଯୁବତୀ ଓ ଦେବବେଶ୍ୟା । ଏମାନେ ଇନ୍ଦ୍ରଙ୍କ ସଭାରେ ନୃତ୍ୟଗୀତାଦି କରନ୍ତି ।]

ସ୍ୱର୍ଗତ—ସ. ବିଣ.ପୁଂ (୨ୟା ତତ୍, ସ୍ୱଃ=ସ୍ୱର୍ଗକୁ ଗତ)—ପରଲୋକଗତ;
Swargata ମୃତ—Dead.
(ସ୍ୱର୍ଗତା—ସ୍ତ୍ରୀ) (ସ୍ୱର୍ଗତି—ବି)

ସ୍ୱର୍ଗ ତରଙ୍ଗିଣୀ—ସ. ବି. (୬ଷ୍ଠୀ ତତ୍)—ସ୍ୱର୍ଗଙ୍ଗା (ଦେଖ)
Swarga taraṅgiṇi Swargaṅgā (See)

ସ୍ୱର୍ଗ ତରୁ—ସଂ. ବି (ମ. ପ. ଲୋ; ସ୍ୱର୍ଗରେ ଜାତ ତରୁ)—୧ । ସ୍ୱର୍ଗରେ
Swarga taru ଜାତ ତରୁ—1. The trees said to grow in the heaven. ୨ । କଳ୍ପତରୁ—
2. A mythological tree in the heaven said to grant every one his wishes. ୩ । (ସ୍ୱର୍ଗର) ପାରିଜାତ ବୃକ୍ଷ—3. A flowering tree of the heaven said to produce the 'Pārijāta flower.

ସ୍ୱର୍ଗତି—ସଂ. ବି—ସ୍ୱର୍ଗ ଗତି (ଦେଖ)
Swargati Swarga gati (See)

ସ୍ୱର୍ଗ ଦୁଆର—ଦେ. ବି (ସଂ. ସ୍ୱର୍ଗଦ୍ୱାର)—ସ୍ୱର୍ଗଦ୍ୱାର (ଦେଖ) Swarga duāra Swarga dwāra (See) স্বর্গ দুয়ার स्वर्गद्वार

ସ୍ୱର୍ଗ ଦ୍ୱାର—ସଂ. ବି (୬ଷ୍ଠୀ ତତ୍)—୧ । (ପୁରାଣୋକ୍ତ) ସ୍ୱର୍ଗକୁ ଯିବାର Swarga dwāra ଦରଜା; ସ୍ୱର୍ଗ ପ୍ରବେଶର ପଥ—1. The gate of heaven. ଦେ. ବି. ୧ । (ନାମ) ପୁରୀର ସମୁଦ୍ରକୂଳସ୍ଥ ତୀର୍ଥ ବିଶେଷ—1. Name of a holy place on the sea beach on the Puri Town. [ଦ୍ର—'ଜମ୍ବୁ ଗଙ୍ଗେଶ୍ୱର' ବୋଲି ସ୍ୱର୍ଗଦ୍ୱାରେ ଯାତ୍ରୀଏ କରନ୍ତି ଗୋଳ । ରାଧାନାଥ. ଯାଜନ୍ତି ।] [ଦ୍ର—ଏଠାରେ ଶବଦାହ ହୁଏ ।] ୨। ଅଯୋଧ୍ୟାରେ ସରଯୂ ନଦୀର ଗୋଟିଏ ସ୍ନାନ ଘାଟର ନାମ—2. Name of a bathing ghat on the river 'Saraju in Ajodhyā'.

ସ୍ୱର୍ଗଦ—ସଂ. ବିଣ. ପୁଂ (ସ୍ୱର୍ଗ+ଦା ଧାତୁ+କର୍ତ୍ତୃ. ଅ)—ଯେଉଁ ବା ଯାହା Swargada ସ୍ୱର୍ଗଲାଭ କରାଏ—Causing one to attain heaven. (ସ୍ୱର୍ଗଦା, ସ୍ୱର୍ଗଦାତ୍ରୀ, ସ୍ୱର୍ଗଦାୟିକା—ସ୍ତ୍ରୀ) (ସ୍ୱର୍ଗଦାତା, ସ୍ୱର୍ଗ ଦାୟକ—ଅନ୍ୟରୂପ)

ସ୍ୱର୍ଗ ଧାମ—ସଂ. ବି—(ରୂପକ; ସ୍ୱର୍ଗ+ଧାମନ୍)—୧ । (ମୃତ୍ୟୁପରେ) Swarga dhāma ସ୍ୱର୍ଗରୂପ ବାସସ୍ଥାନ—1. Heaven, which becomes the abiding place of the pious after death. ୨ । ସ୍ୱର୍ଗଲୋକ—2. The heaven.

ସ୍ୱର୍ଗ ଧେନୁ—ସଂ. ବି.—(୬ଷ୍ଠୀ ତତ୍)—(ପୁରାଣ) କାମଧେନୁ— Swarga dhenu A divine cow said to give whatever is desired and to give as much milk as required.

ସ୍ୱର୍ଗ ନଦୀ—ସଂ. ବି.—(୬ଷ୍ଠୀ ତତ୍)—ସ୍ୱର୍ଗଗଙ୍ଗା (ଦେଖ)—Swarga nadi Swarganga (See).

ସ୍ୱର୍ଗ ପତି—ସଂ. ବି.—(୬ଷ୍ଠୀ ତତ୍) (ପୁରାଣ)—ଦେବରାଜ; ଇନ୍ଦ୍ର— Swarga pati A name of Indra, the king of the Gods.

ସ୍ୱର୍ଗ ପୁର(ରୀ)—ସଂ. ବି.—(ପୁରାଣ) ଇନ୍ଦ୍ରଙ୍କ ରାଜଧାନୀ; ଅମରାବତୀ— Swarga pura (ri) The capital where Indra is said to hold his court in heaven.

ସ୍ୱର୍ଗ ପୁଷ୍ପ—ସଂ. ବି.—(୬ଷ୍ଠୀ ତତ୍)—୧ । ସ୍ୱର୍ଗସ୍ଥ ପୁଷ୍ପବୃକ୍ଷର (ଯଥା Swarga pushpa ପାରିଜାତର) ଫୁଲ—1. The flower of heavenly trees. ୨ । ଲବଙ୍ଗ (ଗ୍ରା. ଶ)—2. Clove.

ସ୍ୱର୍ଗ ପ୍ରାପ୍ତି—ସଂ. ବି—ସ୍ୱର୍ଗଲାଭ (ଦେଖ)— Swarga prāpti Swarga lābha (See).

ସ୍ୱର୍ଗ ବଧୂ—ସଂ. ବି—(ପୁରାଣ) ସୁରାଙ୍ଗନା; ଅପ୍ସରା—The heavenly Swarga badhū nymphs.

ସ୍ୱର୍ଗ ବାଣୀ—ସଂ. ବି—(ମ. ପ. ଲୋ; ସ୍ୱର୍ଗରୁ ଅଗତ ବାଣୀ)—ଆକାଶ- Swarga bāṇi ବାଣୀ; ଶୂନ୍ୟବାଣୀ—Word heard from nowhere or from the void.

ସ୍ୱର୍ଗ ବାସ—ସଂ. ବି—(୭ମୀ ତତ୍)—୧ । ସ୍ୱର୍ଗରେ ରହିବା—1. Swarga bāsa Abode in the heaven. ୨ । ମୃତ୍ୟୁ—(ସ୍ୱର୍ଗବାସୀ—ବିଣ. ପୁଂ) 2. Death.

ସ୍ୱର୍ଗବାସୀ—ସଂ. ବିଣ. ପୁଂ—(ସ୍ୱର୍ଗବାସିନ୍ ଶବ୍ଦ)—୧ । ଯେ ସ୍ୱର୍ଗରେ Swargabāsi ବାସ କରେ—1. Living in heaven. (ସ୍ୱର୍ଗବାସିନୀ—ସ୍ତ୍ରୀ) ୨ । ମୃତ; ସ୍ୱର୍ଗତ—2. Dead; deceased. ବି—ଦେବତା—Deity.

ସ୍ୱର୍ଗ ବେଶ୍ୟା—ସଂ. ବି—(୬ଷ୍ଠୀ ତତ୍)—ସ୍ୱର୍ଗବଧୂ (ଦେଖ)— Swarga besyā Swarga badhū (See).

ସ୍ୱର୍ଗ ଭୂତି—ସଂ. ବି—ସ୍ୱର୍ଗ ସମ୍ପତ୍ତି (ଦେଖ)—Swarga sampatti Swarga bhūti (See).

ସ୍ୱର୍ଗ ଭୂମି—ସଂ. ବି—(ନାମ) ବାରାଣସୀର ପଶ୍ଚିମସ୍ଥ ପ୍ରାଚୀନ ଜନପଦବିଶେଷ Swarga bhūmi (ଗ୍ରା. ଶ)—Name of an ancient village to the west of Benares. [ଦ୍ର—କଥିତ ଅଛି ଯେ, ଏହିଠାରେ ଭଗବତୀ ଦୁର୍ଗ ନାମକ ରାକ୍ଷସକୁ ବଧ କରି ନିଜେ 'ଦୁର୍ଗା' ନାମରେ ଅଭିହିତା ହେଲେ (ଗ୍ରା. ଶ)—କିନ୍ତୁ ଦେବୀମାହାତ୍ମ୍ୟ ବା ଚଣ୍ଡୀ ପୁରାଣର ୧୧ଶ ଅଧ୍ୟାୟରେ ଦେବୀଙ୍କ ବାକ୍ୟ ନିମ୍ନଲିଖିତ ମତେ ଉକ୍ତ ହୋଇଅଛି—"ଶତବାର୍ଷିକ ଅନାବୃଷ୍ଟି ହେଲେ ଜଳଶୂନ୍ୟ ଭୂମିରେ ମୁଁ ଅଯୋନିଜାରୂପେ ଉତ୍ପନ୍ନ ହେବି (୪୬ ଶ୍ଳୋକ); ସେତେବେଳେ ମୁଁ ଶତନେତ୍ର ଦ୍ୱାରା ମୁନିମାନଙ୍କୁ ନିରୀକ୍ଷଣ କରିବି ଓ ସେହି ହେତୁରୁ ମୋ ନାମ ଶତାକ୍ଷୀ ହେବ (୪୭ ଶ୍ଳୋକ); ସେ ସମୟରେ ବୃଷ୍ଟି ହେବା ପର୍ଯ୍ୟନ୍ତ ମୁଁ ନିଜ-ଦେହ ସମ୍ଭୂତ ପ୍ରାଣଧାରକ ଶାକ ଦ୍ୱାରା ସମୁଦାୟ ଲୋକଙ୍କ ଭରଣ କରିବି (୪୮ ଶ୍ଳୋକ); ଓ ସେହି ହେତୁରୁ ମୋ ନାମ ଶାକମ୍ଭରୀ ହେବ (୪୯ ଶ୍ଳୋକ); ସେହି ଅନାବୃଷ୍ଟି ସମୟରେ ମୁଁ ଦୁର୍ଗ (ଦୁର୍ଗମ) ନାମକ ମହାସୁରକୁ ବଧ କରିବି ଓ ସେହି ହେତୁରୁ ମୋ ନାମ ଦୁର୍ଗା ହେବ (୫୦ ଶ୍ଳୋକ)]

ସ୍ୱର୍ଗ ଭୋଗ—ସଂ. ବି—(୬ଷ୍ଠୀ ତତ୍)—୧ । ସ୍ୱର୍ଗରେ ସୁଖ ଉପଭୋଗ— Swarga bhoga 1. Enjoyment of bliss or beatitude in heaven. ୨ । ଦିବ୍ୟ ସୁଖ ଭୋଗ—2. Enjoyment of heavenly bliss.

ସ୍ୱର୍ଗମନ—ସଂ. ବି.—ସ୍ୱର୍ଗତି (ଦେଖ)— Swargamana Swargati (See).

ସ୍ୱର୍ଗ ରାଜ୍ୟ—ସଂ. ବି.—୧। ସ୍ୱର୍ଗ ଲୋକ – 1. The kingdom of Swarga rājya heaven. ୨ । ପୁଣ୍ୟାତ୍ମା ବ୍ୟକ୍ତିମାନଙ୍କ ପରଲୋକ—2. The place where the pious go after death.

ସ୍ୱର୍ଗ ଲାଭ—ସଂ. ବି (୬ଷ୍ଠୀ ତତ୍)—୧ । ପୁଣ୍ୟବଳରେ ସ୍ୱର୍ଗବାସ—
Swarga lābha 1. Attainment of heaven after death, as the result of one's pious acts. ୨ । ମୃତ୍ୟୁ—2. Death.

ସ୍ୱର୍ଗ ଲୋକ—ସଂ. ବି—୧ । (ପୁରାଣ) ଦେବଲୋକ—
Swarga loka 1. The abode of the Gods. ୨ । ସ୍ୱର୍ଗ—2. Swarga (See).

ସ୍ୱର୍ଗ ଲୋକେଶ—ସଂ. ବି (୬ଷ୍ଠୀ ତତ୍)—୧ । ଇନ୍ଦ୍ର—1. Indra.
Swarga lokeśa ୨ । ଶରୀର; ତନୁ (ହ. ଶ)—2. The body.

ସ୍ୱର୍ଗ ଶିରି—ଦେ. ବି (ସ. ସ୍ୱର୍ଗ ଶ୍ରୀ)—ସ୍ୱର୍ଗ ସମ୍ପତ୍ତି (ଦେଖ)
Swarga siri Swarga sampatti (See)
স্বর্গের শ্রী [ଡ଼—ଜୁମ୍ ପରାକ୍ରମରେ ଅସୁରଙ୍କୁ ମାରି, ଦେବେ
স্বর্গ সংপদ্ ଭୁଞ୍ଜୁ ଅଛନ୍ତି ସୁଖେ ସ୍ୱର୍ଗ ଶିରି । କୃଷ୍ଣସିଂହ. ମହାଭାରତ. ବନ ।]

ସ୍ୱର୍ଗ ସମ୍ପତ୍ତି—ସ. ବି—୧ । ସ୍ୱର୍ଗଲାଭ କରିବା ରୂପ ଐଶ୍ୱର୍ଯ୍ୟ ବା ବିଭୂତି—
Swarga sampatti 1. The supreme happiness of a person attaining heaven. ୨ । ସ୍ୱର୍ଗର ପରକାଷ୍ଠା—2. Utmost happiness. ୩ । ସ୍ୱର୍ଗସୁଖ (ଦେଖ)—3. Swarga sukha (See)

ସ୍ୱର୍ଗ ସରିଦ୍ୱରା—ସ. ବି (୬ଷ୍ଠୀ ତତ୍)—ଗଙ୍ଗା (ଶବ୍ଦକଳ୍ପଦ୍ରୁମ)—
Swarga saridbarā The Ganges.

ସ୍ୱର୍ଗ ସୁଖ—ସ. ବି—୧ । ସ୍ୱର୍ଗରେ ଅନୁଭୂତ ସୁଖ—1. Happiness
Swarga sukha enjoyed in heaven. ୨ । ଦୁଃଖ-ଲେଶଶୂନ୍ୟ ଆନନ୍ଦ—2. Unmixed or unalloyed bliss. ୩ । ସ୍ୱର୍ଗସୁଖ ପରି ଅପାର ଆନନ୍ଦ—3. Excessive or incomparable heavenly bliss.

ସ୍ୱର୍ଗ ସ୍ତ୍ରୀ—ସ. ବି (୬ଷ୍ଠୀ ତତ୍)—ଅପ୍ସରୋଗଣ (ହ. ଶ)—
Swarga strī The heavenly nymphs.

ସ୍ୱର୍ଗସ୍ଥ—ସ. ବଣ. ପୁଂ (୭ମୀ ତତ୍)—୧ । ସ୍ୱର୍ଗରେ ଅବସ୍ଥିତ—
Swargastha 1. Placed or situated in heaven. (ସ୍ୱର୍ଗସ୍ଥା—ସ୍ତ୍ରୀ) ୨ । ସ୍ୱର୍ଗତ; ମୃତ—2. Dead.

ସ୍ୱର୍ଗାଚଳ—ସ. ବି (୬ଷ୍ଠୀ ତତ୍)—ସୁମେରୁ (ଦେଖ)
Swargāchala Sumeru (See)

ସ୍ୱର୍ଗାପଗା—ସ. ବି (୬ଷ୍ଠୀ ତତ୍)—୧ । ଗଙ୍ଗା (ହେମଚନ୍ଦ୍ର)—
Swargāpagā 1. The Ganges. ୨ । ମନ୍ଦାକିନୀ—2. The Ganges said to flow in heaven.

ସ୍ୱର୍ଗାମୀ—ସ. ବଣ. ପୁଂ—ସ୍ୱର୍ଗତ (ଦେଖ)
Swargāmi (ସ୍ୱର୍ଗାମିନୀ—ସ୍ତ୍ରୀ) Swargata (See)

ସ୍ୱର୍ଗାରୂଢ଼—ସ. ବଣ—୧ । ଯେ ସ୍ୱର୍ଗକୁ ଆରୋହଣ କରି ଅଛନ୍ତି—
Swargārurdha 1. Having ascended the (ସ୍ୱର୍ଗାରୂଢ଼ା—ସ୍ତ୍ରୀ) heaven. ୨ । ସ୍ୱର୍ଗତ; ମୃତ—2. Dead.

ସ୍ୱର୍ଗାରୋହଣ—ସ. ବି—୧ । ସ୍ୱର୍ଗପ୍ରାପ୍ତି; ସ୍ୱର୍ଗକୁ ଉଠିବା; ସ୍ୱର୍ଗକୁ
Swargārohaṇa ଯିବା—1. Ascension to heaven; (ସ୍ୱର୍ଗାରୂଢ଼—ବଣ) ascending to heaven. ୨ । ମୃତ୍ୟୁ—2. Death. ୩ । ମହାଭାରତର ପର୍ବ ବିଶେଷ; ମହାଭାରତର ୧୮ ପର୍ବ ମଧ୍ୟରୁ ଶେଷ ପର୍ବ, ଯେଉଁ ପର୍ବରେ ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ବିବରଣ ବର୍ଣ୍ଣିତ ହୋଇଅଛି—3. The last chapter or volume of the Mahābhārata.

ସ୍ୱର୍ଗିରି—ସ. ବି (୬ଷ୍ଠୀ ତତ୍)—(ପୁରାଣ) ସ୍ୱର୍ଗଗିରି; ସୁମେରୁ ପର୍ବତ—
Swargiri The Sumeru mountain.

ସ୍ୱର୍ଗୀ—ସ. ବ. ପୁଂ (ସ୍ୱର୍ଗ+ଅସ୍ତ୍ୟର୍ଥେ ଇନ୍; ୧ମା.୧ବ)—ଦେବତା—
Swargī Deity. ସ. ବଣ. ପୁଂ—୧ । ସ୍ୱର୍ଗତ (ଦେଖ) (ସ୍ୱର୍ଗିଣୀ—ସ୍ତ୍ରୀ) 1. Swargata (See) ୨ । ମୃତ—2. Dead 'the late' (so and so). ୩ । ସ୍ୱର୍ଗବାସୀ—3. Living in heaven. ୪ । ଦୟାଶୀଳ, ସତ୍ୟବାଦୀ, ଗୁରୁଦେବପୂଜକ ଓ ସାଧୁ ସଙ୍ଗମକାରୀ (ବ୍ୟକ୍ତି) (ଗରୁଡ଼ ପୁରାଣ)—4. Kind, truthful, god-fearing and devoted (person).

ସ୍ୱର୍ଗୀୟ—ସ. ବଣ. ପୁଂ (ସ୍ୱର୍ଗ+ଈୟ)—୧ । ସ୍ୱର୍ଗ ସମ୍ବନ୍ଧୀୟ—
Swargīya 1. Relating to heaven; divine. (ସ୍ୱର୍ଗୀୟା—ସ୍ତ୍ରୀ) ୨ । ସ୍ୱର୍ଗ ସମ୍ବନ୍ଧୀୟ ଗୁଣ ପୂର୍ଣ୍ଣ—2. Heavenly. ୩ । ଯାହା ସ୍ୱର୍ଗସୁଖ ଦିଏ—3. Giving heavenly bliss. ୪ । ସ୍ୱର୍ଗସ୍ଥ—4. Situated in heaven. ୫ । ସ୍ୱର୍ଗତ; ମୃତ—5. Dead. [ଦ୍ର—"ମୃତ" ଅର୍ଥରେ ଏହି ଶବ୍ଦ ବ୍ୟବହୃତ ହେବା ସ୍ଥଳରେ "ସ୍ୱର୍ଗୀୟ ଅମୁକ" ଏହା ନ ଲେଖି "৺ ଅମୁକ" ବଙ୍ଗଳାରେ ଲେଖାଯାଏ ଏବଂ ଏଥିର ଅନୁକରଣରେ ଓଡ଼ିଆର ଅଧିକାଂଶ କେତେକ ଲେଖକ ମଧ୍ୟ ଏହି "৺" ଚିହ୍ନ ବ୍ୟବହାର କରୁଥିବା ଦେଖାଯାଏ । କେହି କେହି "ସ୍ୱର୍ଗୀୟ" ଶବ୍ଦ ପରିବର୍ତ୍ତେ "ଈଶ୍ୱର" ଅମୁକ ବୋଲି ଉଚ୍ଚାରଣ କରନ୍ତି ।]

ସ୍ୱର୍ଗୌକାଃ—ସଂ. ବି (ବହୁବ୍ରୀହି; ସ୍ୱର୍ଗ ଅଟେ ଓକସ୍=ବାସସ୍ଥାନ
Swargaukāh ଯାହାଙ୍କର; ୧ମା. ୧ବ)—ଦେବତା—Deity.

ସ୍ୱର୍ଗ୍ୟ—ସଂ. ବଣ (ସ୍ୱର୍ଗ+ସମ୍ବନ୍ଧାର୍ଥେ ଯ)—୧ । ସ୍ୱର୍ଗୀୟ—
Swargya 1. Heavenly. ୨ । ଯେଉଁ କାର୍ଯ୍ୟ ଦ୍ୱାରା ଲୋକ ସ୍ୱର୍ଗ ଭୋଗ କରେ—2. (any act) By which a person attains heaven.

ସ୍ୱର୍ଚ୍ଚ(ର୍ଚ୍ଚ)ନ—ସଂ. ବି—ଯେଉଁ ଅଗ୍ନିରୁ ସୁନ୍ଦର ଜ୍ୱାଳା ବହିର୍ଗତ
Swarcha(rchcha)na ହେଉଥାଏ (ହ. ଶ)—Fire emitting a good blaze or flame.

ସ୍ୱର୍ଜକ୍ଷାର—ସଂ. ବି—ସର୍ଜିକ୍ଷାର; ସାଜିମାଟି (ହ. ଶ)—
Swarja kshāra Fuller's earth; natron.

ସ୍ୱର୍ଜି(ର୍ଜ୍ଜି)କ—ସଂ. ବି (ସ୍ୱ+ଅର୍ଜ୍ ଧାତୁ+ଇକ)—୧ । ସର୍ଜିକାକ୍ଷାର;
Swarji(rjji)ka ସାଜିମାଟି—Natron; fuller's

ସ୍ୱର୍ଜି(ର୍ଜ୍ଜୀ)କାକ୍ଷାର
ସ୍ୱର୍ଜି(ର୍ଜ୍ଜୀ)କ୍ଷାର
ସ୍ୱର୍ଜି(ର୍ଜ୍ଜୀ)
ସ୍ୱର୍ଜ୍ଜି(ର୍ଜ୍ଜୀ)କା

earth. ୨ । ଯବକ୍ଷାର (ରାଜନିର୍ଘଣ୍ଟ)—2. Saltpetre; nitre. [ଦ୍ର—ଏହା ଉଷ୍ଣ, ତୀକ୍ଷ୍ଣ, ବାତକଫନାଶକ, ସ୍ନିଗ୍ଧ, ଲଘୁ, ବହ୍ନିଦୀପକ ଓ ଗୁଲ୍ମ, ଶୂଳ, ଆଧ୍ମାନ, କୃମି, ବ୍ରଣ,ଜଠରଦୋଷ ନାଶକ ।]

ସଂ. ପର୍ଯ୍ୟାୟ—କ୍ଷାର, ସୁବର୍ଚ୍ଚିକ; ସୁବର୍ଚ୍ଚକ, ସୁବର୍ଚ୍ଚିକ, ସୁବର୍ଚ୍ଚିଃ, ସୁକ୍ଷବର୍ଚ୍ଚାଃ, ଯାବଶୂକ, ଯବାଗ୍ରଜ, କପୋତ, ସ୍ୱର୍ଚ୍ଚିକା ।

ସ୍ୱର୍ଣ୍ଣ—ସଂ. ବ (ସୁ—ସୌନ୍ଦର୍ଯ୍ୟ+ଋଣ୍ ଧାତୁ=ପାଇବା+କର୍ତ୍ତୃ. ଅ; ଅଂବା ସୁ—ସୁନ୍ଦର ଅଟେ ଅର୍ଣ୍ଣ=ବର୍ଣ୍ଣ ଯାହାର)-
Swarṇṇa

ସଂ. ପର୍ଯ୍ୟାୟ—ସୁବର୍ଣ୍ଣ, କାଞ୍ଚନ, ହେମ, ହାଟକ, କଳଧ୍ୱ, କନକ, ଗାଙ୍ଗେୟ, ତପନୀୟ, କଳଧୌତ, ଶାତକୁମ୍ଭ, ଚାମୀକର, ଜାମ୍ବୁନଦ, ଜାତରୂପ, କାର୍ତ୍ତସ୍ୱର, ମହାରଜତ, ଅଷ୍ଟାପଦ ।

୧ । ସୁନ ; ସୁନା; ଧାତୁବିଶେଷ—1. Gold (metal). [—ଏହା ଖଣିରୁ ବାହାରେ । ଦକ୍ଷିଣ ଭାରତ, ଅଷ୍ଟ୍ରେଲିଆ ଓ ଆଫ୍ରିକାରେ ସ୍ୱର୍ଣ୍ଣଖଣି ଅଛି, ଏହା ଦୁଷ୍ପ୍ରାପ୍ୟ ଥିବାରୁ ମୂଲ୍ୟବାନ୍; ଏଥିରେ ଅଳଙ୍କାର, ମୁଦ୍ରା ଓ ବାସନ ଆଦି ପ୍ରସ୍ତୁତ ହୁଏ ।

ବ୍ରହ୍ମବୈବର୍ତ୍ତ ପୁରାଣ କୃଷ୍ଣଜନ୍ମ ଖଣ୍ଡ ୧୩୦ଶ ଅଧ୍ୟାୟରେ ଲେଖା ଅଛି ଯେ ଏକଦା ଦେବତାମାନେ ସ୍ୱର୍ଗର ସଭାରେ ଏକତ୍ର ଅବସ୍ଥାନ କରୁଥିଲେ; ସେହି ସମୟରେ ସେଠାରେ ଅପ୍ସରମାନେ ନୃତ୍ୟ ଗୀତ କରୁଥିଲେ । ଏହି ସମୟରେ 'ବହ୍ନି' ଦେବ ସୁଶ୍ରୋଣୀ ରମ୍ଭାଙ୍କୁ ଦେଖି ମୁଗ୍ଧ ହେଲେ ଏବଂ ବହ୍ନିଙ୍କ ପରୁହନ୍ତ ବରେ ରେତଃ ସ୍ଖଳନ ହେଲା । ସେହି ରେତଃ ସ୍ୱର୍ଣ୍ଣ ରୂପରେ ପରିଣତ ହୋଇ ବୃଦ୍ଧି ପାଇ 'ସୁମେରୁ' ପର୍ବତ ହେଲା । ଏଥିପାଇଁ ଅଗ୍ନିଙ୍କୁ 'ହିରଣ୍ୟରେତାଃ' ବୋଲାଯାଏ ।

ଉତ୍ତମ ସୁବର୍ଣ୍ଣର ଲକ୍ଷଣ—ଏହା ପୋଡ଼ିଲେ ରକ୍ତବର୍ଣ୍ଣ, କାଟିଲେ ଶୁକ୍ଳାଭ, କଷଟି ପଥରରେ କଷିଲେ କୁଙ୍କୁମାଭ ଓ କୋମଳ ଦେଖାଯାଏ ।

ଏଥିର ଗୁଣ—ଏହା ତିକ୍ତ, ମଧୁର, କଷାୟ, ଗୁରୁ, ହୃଦ୍ୟ, ରସାୟନ, ବଲ୍ୟ, ଚକ୍ଷୁଷ୍ୟ, କାନ୍ତିଦ ଓ ଶୁଚି । ଏହା ଆୟୁଃ, ମେଧା, ବାକ୍ୟଶୁଦ୍ଧି ଓ ଦ୍ୟୁତି-ପ୍ରଦାୟକ ଏବଂ କ୍ଷୟ ଓ ଉନ୍ମାଦନାଶକ ।

ଏହାକୁ ଖୁବ୍ ପତଳା ପାତିଆ କରି ନିଆଁରେ ପୋଡ଼ି ତେଲ, ତକ୍ର, କାଞ୍ଜି, ଗୋମୂତ୍ର ଓ କୋଳଥ ପାଣିରେ ତିନିଥର ଲେଖାଏ ବୁଡ଼ାଇଲେ ଏହା ଶୋଧିତ ହୁଏ । ଏହି ଶୋଧିତ ସ୍ୱର୍ଣ୍ଣକୁ ଦୁଇଗୁଣ ପାରଦ ଓ ଅମ୍ଳ ସଙ୍ଗେ ମର୍ଦ୍ଦନ କରି ଏଥିରେ ସ୍ୱର୍ଣ୍ଣର ତିନି ଗୁଣ ଗନ୍ଧକଚୂର୍ଣ୍ଣ ମିଶାଇ ଗୁଳା ତିଆରି କରି ୧୪ ଥର ପୁଟପାକ କଲେ ଏହା ଭସ୍ମ ହୁଏ ।

ସ୍ୱର୍ଣ୍ଣ ସାହାଯ୍ୟରେ ଆୟୁର୍ବେଦୋକ୍ତ ମକରଧ୍ୱଜ, ବସନ୍ତ ଆଦି ନାନା ରସାୟନ ଓ ବାଜୀକରଣ ଔଷଧ ପ୍ରସ୍ତୁତ ହୁଏ ।] ୨ । ଧସ୍ତୂର (ଅମର)—2. The Datura plant. ୩ । ଗୌର ସୁବର୍ଣ୍ଣ ଶାକ (ରାଜନିର୍ଘଣ୍ଟ)—3. A pot herb. ୪ । ନାଗକେଶର (ରାଜନିର୍ଘଣ୍ଟ)—4. A flowering tree, Mesua Ferra. ୫। ପୌରାଣିକ ନଦୀବିଶେଷ (ହି. ଶ)—Name of mythological river.

ସ୍ୱର୍ଣ୍ଣ କଣ—ସଂ. ବ —୧ । (୬ଷ୍ଠୀ ତତ୍) ସୁବର୍ଣ୍ଣର ରେଣୁ—1. Gold dust; small particles of gold. ୨ । (ବହୁବ୍ରୀହି) କଣଗୁଗ୍ଗୁଲୁ (ରାଜନିର୍ଘଣ୍ଟ)—2. A species of Bdellium.
Swarṇṇa kaṇa

ସ୍ୱର୍ଣ୍ଣ କଣା (କଣିକା)—ସଂ. ବ (୬ଷ୍ଠୀ ତତ୍)—ସୁବର୍ଣ୍ଣର ରେଣୁ—
Swarṇṇa kaṇā (kaṇikā). Gold dust.

ସ୍ୱର୍ଣ୍ଣକଣ୍ଡୁ—ସଂ. ବ—ଧୂନା (ହି. ଶ)—
Swarṇṇa kaṇḍu Resin.

ସ୍ୱର୍ଣ୍ଣ କଦଳୀ—ସଂ. ବ—ସ୍ୱର୍ଣ୍ଣଫଳା; ଚମ୍ପା କଦଳୀ—
Swarṇṇa kadaḻi A kind of banana.
[ଉ—ସ୍ୱର୍ଣ୍ଣ କଦଳୀ ଦଳ ଚଳଦଗରେ, ଶୋହେ ବଳୂକ ଯେସନେ ତୋ କଳେବରେ—ରାଧାନାଥ ମେଘଦୂତ ।]

ସ୍ୱର୍ଣ୍ଣ କମଳ—ସଂ. ବ—ରକ୍ତ ପଦ୍ମ (ହି. ଶ)...
Swarṇṇa kamaḻa The red variety of lotus.

ସ୍ୱର୍ଣ୍ଣ କାୟ—ସଂ. ବ—୧ । ସ୍ୱର୍ଣ୍ଣମୟ ଶରୀର—1. Golden body. ୨ । ଗରୁଡ଼ (ହେମଚନ୍ଦ୍ର)—2. The mythological king of birds.
Swarṇṇa kāya
(ସ୍ୱର୍ଣ୍ଣକାୟା—ସ୍ତ୍ରୀ ବିଣ) ସଂ. ବିଣ ପୁଂ—ସ୍ୱର୍ଣ୍ଣବର୍ଣ୍ଣଯୁକ୍ତ ଦେହବିଶିଷ୍ଟ—Having the body of golden colour.

ସ୍ୱର୍ଣ୍ଣକାର—ସଂ ବ (ସ୍ୱର୍ଣ୍ଣ+କୃ ଧାତୁ+କର୍ତ୍ତୃ ଅ)-୧ । ସୁନାରି ବଣିଆ—1. Goldsmith. ୨ । ଜାତିବିଶେଷ—2. Name of a Hindu caste.
Swarṇṇa kāra
(ସ୍ୱର୍ଣ୍ଣକୃତ—ଅନ୍ୟରୂପ)
ସଂ. ପର୍ଯ୍ୟାୟ—ନାଡ଼ୀନ୍ଧମ, କଳାଦ, ରୁକ୍ମକାର, କଣାଦ, ହେମଳ ।

[ଦ୍ର—ବିଶ୍ୱକର୍ମାଙ୍କ ଔରସରେ ଶୂଦ୍ରାଗର୍ଭଜାତ ଗୋଟିଏ ସନ୍ତାନ ଏ ଜାତିର ଆଦିପୁରୁଷ । ବିଶ୍ୱକର୍ମାଙ୍କ ଔରସରେ ଶୂଦ୍ରାଗର୍ଭରେ ନଅଗୋଟି ଶିଳ୍ପୀ ଜାତି ଜନ୍ମିଥିଲେ । ଯଥା—

୧ । ମାଳାକାର (ମାଳୀ), ୨ । କର୍ମକାର (କମାର),
୩ । ଶଙ୍ଖକାର (ଶଙ୍ଖାରି), ୪ । କୁବିନ୍ଦକ (ତନ୍ତୀ),
୫ । କୁମ୍ଭକାର (କୁମ୍ଭାର), ୬ । କଂସକାର (କଂସାରି),
୭ । ଚିତ୍ରକର (ଚିତ୍ରକାର), ୮ । ସୂତ୍ରଧାର (ବଢ଼େଇ),
୯ । ସ୍ୱର୍ଣ୍ଣକାର (ସୁନାରି ବଣିଆ) ।

ସ୍ୱର୍ଣ୍ଣକାରମାନେ ବ୍ରାହ୍ମଣମାନଙ୍କର ସ୍ୱର୍ଣ୍ଣ ସ୍ତେୟ କରିବାରୁ ବ୍ରହ୍ମଶାପରେ ପତିତ ଜାତି ହେଲେ—ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ ।]

ସ୍ୱର୍ଣ୍ଣ କୁମାରୀ—ଦେ. ବି. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—
Swarnna kumāri 1. A name given to females.
স্বর্ণকুমারী स्वर्णकुमारी ୨ । ରାଜସ୍ଥାନର ଜଣେ ପ୍ରସିଦ୍ଧ କ୍ଷତ୍ରିୟରମଣୀ—2, The name of an illustrious Kshyatriya lady of Rājasthāna. ୩ । ବଙ୍ଗର ସ୍ୱର୍ଗୀୟ ସାହିତ୍ୟପ୍ରେମିକା ସ୍ୱର୍ଣ୍ଣକୁମାରୀ ଦେବୀ—3, The late Swarnakumāri Debi of Bengal. [ବି—ଏ ସ୍ୱର୍ଗୀୟ ଦେବେନ୍ଦ୍ରନାଥ ଠାକୁରଙ୍କ କନ୍ୟା; ୧୮୪୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ବଙ୍ଗ ମହିଳାମାନଙ୍କ ମଧ୍ୟରେ ପ୍ରଥମ ଉପନ୍ୟାସ ଲେଖିଥିଲେ । ଏହାଙ୍କ ପ୍ରଥମ ଉପନ୍ୟାସ 'ଦୀପନିର୍ବାଣ'; ଏ ପରେ 'ଛିନ୍ନମୁକୁଳ, ହୁଗଲିର ଇମାମ୍ବାଡ଼ା, ସ୍ନେହଲତା, ବିଦ୍ରୋହ, ମିବାରରାଜ; ଫୁଲେର ମାଲା, କାହାକେ, ନବ କାହିନୀ, ବସନ୍ତ ଉତ୍ସବ, ଗାଥା, ବାଲ୍ୟବିନୋଦ' ଆଦି ବଙ୍ଗଳା ଗ୍ରନ୍ଥ ଲେଖିଥିଲେ । ଏ ବଙ୍ଗଳା, ସଂସ୍କୃତ ଓ ଇଂରାଜୀ ଭାଷା ଉତ୍ତମରୂପେ ଜାଣିଥିଲେ । ଏହାଙ୍କ ସ୍ୱାମୀଙ୍କ ନାମ ଜାନକୀନାଥ ଘୋଷାଲ । ଏ ୧୧ ବର୍ଷ 'ଭାରତୀ' ମାସିକ ପତ୍ରିକାର ସମ୍ପାଦକତା କରିଥିଲେ । ଏହାଙ୍କ କନ୍ୟା ଶ୍ରୀମତୀ ସରଳା ଦେବୀ ବି. ଏ । ଏ ଭାରତୀୟ ପରଦାନସୀନ୍ ସ୍ତ୍ରୀଲୋକମାନଙ୍କ ପାଇଁ 'ସଖୀ ସମିତି', 'ବିଧବାଶ୍ରମ' ଓ 'ମହିଳା-ଶିଳ୍ପମେଳା' ଆଦି ଅନେକଗୁଡ଼ିଏ ଅନୁଷ୍ଠାନର ସୂତ୍ରପାତ କରିଥିଲେ ।]

ସ୍ୱର୍ଣ୍ଣ କେତକୀ—ସଂ ବି—୧ । ହଳଦିଆ ବର୍ଣ୍ଣର କେତକୀ (ରାଜନିର୍ଘଣ୍ଟ)—
Swarnna ketaki 1, The yellow variety of Pandanus Odoratissimus,
ସଂସ୍କୃତପର୍ଯ୍ୟାୟ—ହେମକେତକୀ, କନକପ୍ରସବା, ହେମୀ, ଛିନ୍ନରୁହା, ଦଣ୍ଡାରୁହା, ସ୍ୱର୍ଣ୍ଣପୁଷ୍ପୀ, କାମଖଡ୍ଗଦଳା ।
[ବି—ଏହା କଟୁ, କେଶଦୌର୍ଗନ୍ଧ୍ୟ ନାଶକ । ଏହା ପିତ୍ତକଫନାଶକ, ରସାୟନ ଓ ଦେହଦାର୍ଢ୍ୟକର ।]

ସ୍ୱର୍ଣ୍ଣ କ୍ଷିରିଣୀ (କ୍ଷୀରୀ, ଦୁଗ୍ଧା)—ସଂ ବି—(ବୈଦ୍ୟକ)—ଅଗସ୍ତ ଗୁଳ୍ମ—
Swarnna kshirini [kshiri, dugddhā]
ସ. ପିଶୌର ଭେଣ୍ଡୁ Gamboje Thistle;
ଡା. ଚନ୍ଦ୍ରଦଣ୍ଡବରଇ Cleome Felina
ତେ. ତଜ୍ଜଣିକଭେଣ୍ଡୁ (plant). [ବି—
শীয়ালাকাঁটা, সোনাখীরুই ଏହାର ମୂଳ ରେଚକ,
सत्यानाशी, कटेरी, भरभांड़ ଭେଦକ ଓ ଉଷ୍ଣ ଓ ଏହା
ସଂସ୍କୃତପର୍ଯ୍ୟାୟ—ହେମକ୍ଷୀରୀ, କୃମି, ଶୋଥ, ଅନାହ, କଫ,
ହେମବତୀ, କଟୁପର୍ଣ୍ଣୀ, ହୈମବତୀ, ରକ୍ତପିତ୍ତ ଓ କୁଷ୍ଠ
ହେମାହ୍ୱା, ପୀତଦୁଗ୍ଧା, ନାଶକ । ଏହାର କ୍ଷୀର
ଶୃଗାଳକଣ୍ଟକ । ହଳଦିଆ ।]

ସ୍ୱର୍ଣ୍ଣ ଖଚିତ—ସଂ. ବିଣ (ଅନ୍ୟ ରୂପ)—ସ୍ୱର୍ଣ୍ଣମଣ୍ଡିତ; ସୁନାର ଫୁଟା ଦିଅା ଯାଇଥିବା—
Swarnna khachita Set with gold stars; gold-starred.

ସ୍ୱର୍ଣ୍ଣ ଗିରି—ସଂ ବି—ସୁମେରୁ ପର୍ବତ—
Swarnna giri The mythological Sumeru mountain.

ସ୍ୱର୍ଣ୍ଣ ଗୈରିକ—ସଂ ବି—ସୁବର୍ଣ୍ଣଗୈରିକ; ଜଳମାଟି—
Swarnna gairika A kind of yellow earth; yellow ochre.

ସ୍ୱର୍ଣ୍ଣ ଗ୍ରୀବା—ସଂ ବି—କାଳିକାପୁରାଣ (୮୧୬୩)ରେ ଉକ୍ତ ନାଟକ ଶୈଳର ପୂର୍ବଭାଗରୁ ଜାତ ନଦୀବିଶେଷ—
Swarnna gribā Name of a mythological river.

ସ୍ୱର୍ଣ୍ଣ ଘଟିତ—ସଂ ବିଣ (ଅନ୍ୟ ରୂପ)—ଯେଉଁ ଔଷଧରେ ସ୍ୱର୍ଣ୍ଣ ମିଳିତ ହୋଇଥାଏ ବା ବ୍ୟବହୃତ ହୋଇ ଥାଏ—
Swarnna ghatita Any preparation in which gold has been mixed or used [ଯଥା, ସ୍ୱର୍ଣ୍ଣଘଟିତ ମକରଧ୍ୱଜ ।]

ସ୍ୱର୍ଣ୍ଣ ଚୂଡ଼(ଳ)—ସଂ ବିଣ. ପୁଂ (ବହୁବ୍ରୀହି; ସ୍ୱର୍ଣ୍ଣ ଚୂଡ଼ାରେ ଅଛି ଯାହାର)
Swarnna churda(la) ୧ । ଯାହାର ଚୂଡ଼ାରେ ସ୍ୱର୍ଣ୍ଣ ଅଛି—1. Gold-crested
(ସ୍ୱର୍ଣ୍ଣଚୂଡ଼ା—ସ୍ତ୍ରୀ.ବିଣ)
୨ । ଯାହାର ମସ୍ତକ ସ୍ୱର୍ଣ୍ଣାଭ—2. Having the head of the colour of gold. ସଂ ବି—
ସଂସ୍କୃତପର୍ଯ୍ୟାୟ— ପକ୍ଷୀବିଶେଷ; ନୀଳକଣ୍ଠ ପକ୍ଷୀ—
ଗୃଷ୍ଟ, ଖାଦ୍ୟାହର, The blue-necked jay
ପୀତମୁଣ୍ଡକ ଦେ. ବି—ଓଡ଼ିଶାର ନୀଳଗିରି ରାଜ୍ୟର ରାଜଧାନୀ ସନ୍ନିହିତ ପର୍ବତର ନାମ; ସୁନାଚୂଡ଼ ପର୍ବତ—
The name of a mountain near the capital of the Nilgiri State of Orissa. [ଉ—ନୀଳଗିରି ଯହିଁ ମର୍କତ ମହୀଧ୍ର, ଶେଖର ଅଗ୍ରରେ ଶୈଳ ସ୍ୱର୍ଣ୍ଣଚୂଡ଼—ରାଧାନାଥ ଚନ୍ଦ୍ରଭାଗା ।]

ସ୍ୱର୍ଣ୍ଣଜ—ସଂ. ବି (ସ୍ୱର୍ଣ୍ଣ+ଜନ୍ ଧାତୁ=ଜାତ ହେବା+କର୍ତ୍ତୃ ଅ)—
Swarnnaja ସ୍ୱର୍ଣ୍ଣରୁ ଜାତ—Produced
[ସ୍ୱର୍ଣ୍ଣଜାତ—ଅନ୍ୟରୂପ] from gold. ସଂ ବି—
ଟିଣ ଧାତୁ; ରଙ୍ଗ ଧାତୁ [ହେମଜ]—
Tin (metal).

ସ୍ୱର୍ଣ୍ଣଜାତି(ଜାତିକା)—ସଂ ବି—ପୀତବର୍ଣ୍ଣ ଜାଇଫୁଲ ପୀତଜାଙ୍ଗୀ—
Swarnna jāti(jātikā) Yellow Jāi flower.

ସ୍ୱର୍ଣ୍ଣ ଜୁବି(ବୁ)ଲି—ଦେ. ବି (ସଂ. ସ୍ୱର୍ଣ୍ଣ+ଇଂ, ଜୁବିଲି)—ରାଜାମାନଙ୍କର
Swarnna jubi(bu)li ୫୦ ବର୍ଷ ରାଜତ୍ୱ ପୂର୍ଣ୍ଣ ହେଲେ ସାମ୍ରାଜ୍ୟବ୍ୟାପୀ ଯେଉଁ ଉତ୍ସବ ପାଳିତ ହୁଏ—
Golden jubilee.

ସ୍ୱର୍ଣ୍ଣ ଜୀବନ୍ତୀ—ସଂ. ବି—ଗୁଳ୍ମ ବିଶେଷ—Name of a plant.
Swarnna jibanti [ବି—ଏହା ବୃଷ୍ୟ, ମଧୁର, ଚକ୍ଷୁଷ୍ୟ, ଶୀତଳ, ବାତପିତ୍ତରକ୍ତଦାହନାଶକ ଓ ବଳବର୍ଦ୍ଧକ
(ସ୍ୱର୍ଣ୍ଣ ଜୀବା, ସ୍ୱର୍ଣ୍ଣ ପର୍ଣ୍ଣୀ, ସ୍ୱର୍ଣ୍ଣ ଲତା—ଅନ୍ୟରୂପ) ଅଟେ ।]
ସ. ପର୍ଯ୍ୟାୟ—ହେମାହ୍ୱା, ହେମ ଜୀବନ୍ତୀ, ତୃଣଗ୍ରନ୍ଥୀ; ହୈମାଗ୍ର୍ୟା, ସୁଜୀବନ୍ତୀ, ସୁପର୍ଣ୍ଣିକା, ହେମପୁଷ୍ପା, ହେମବଲ୍ଲୀ, ହେମ ଲତା ।

ସ୍ୱର୍ଣ୍ଣଦୀ—ସଂ. ବି (ସ୍ୱଃ—ସ୍ୱର୍ଗର+ନଦୀ; ୬ଷ୍ଠୀ ତତ୍)—୧ । ସ୍ୱର୍ଗଙ୍ଗା; ମନ୍ଦାକିନୀ (ଅମର)—1. The river Ganges said to flow in heaven. ୨ । ବୃଶ୍ଚିକାଳୀ(ରାଜନିର୍ଘଣ୍ଟ); ବିଛୁଆତି—2. The stinging nettle. ୩ । ସିନ୍ଧୁ ନଦୀ; ଆସାମ ଦେଶର କାମାଖ୍ୟାର ପୂର୍ବ ଭାଗରେ ବହୁଥିବା ନଦୀ—3. Name of a river flowing in Assam. [ବି—ଏହି ନଦୀ ଉପରେ ବକ୍ରକରବାସିନୀ ଦେବୀ ଓ ମହାଦେବ ବସନ୍ତି । ଏଥିରେ ସ୍ନାନ କଲେ ଗଙ୍ଗାସ୍ନାନର ଫଳ ଲାଭ ହୁଏ । —କାଳିକା ପୁରାଣ ।]
Swarṇṇadī

ସ୍ୱର୍ଣ୍ଣ ଦୀଧିତି—ସଂ. ବି. (ବହୁବ୍ରୀହି; ସ୍ୱର୍ଣ୍ଣ—ସ୍ୱର୍ଣ୍ଣ ବର୍ଣ୍ଣର+ଦୀଧିତି=କିରଣ ଯାହାର)—ଅଗ୍ନି—Fire.
Swarṇṇa dīdhiti

ସ୍ୱର୍ଣ୍ଣ ଦ୍ରୁ—ସଂ. ବି—ଆରଗ୍ୱଧ (ରାଜନିର୍ଘଣ୍ଟ); ସୁନାରୁ ଗଛ—A tree; Cassia Fistula.
Swarṇṇa dru

ସ୍ୱର୍ଣ୍ଣ ପକ୍ଷ—ସଂ. ବିଣ. ପୁଂ(ବହୁବ୍ରୀହି)—ସୁବର୍ଣ୍ଣ ପକ୍ଷବିଶିଷ୍ଟ—Having golden wings. ବି—ଗରୁଡ଼ (ବିହଙ୍ଗ ବିଶେଷ)—The mythological king of birds.
Swarṇṇa paksha
(ସ୍ୱର୍ଣ୍ଣପକ୍ଷା—ସ୍ତ୍ରୀ. ବିଣ)

ସ୍ୱର୍ଣ୍ଣ ପତ୍ର—ସଂ. ବି—ସୁନାର ପାତିଆ—Thin plate of gold.
Swarṇṇa patra

ସ୍ୱର୍ଣ୍ଣ ପତ୍ରୀ(ମୁଖୀ)—ସଂ. ବି—ସୁନାମକେଇ—Cassia Indica.
Swarṇṇa patrī(mukhī)
(ସ୍ୱର୍ଣ୍ଣ ପତ୍ରିକା—ଅନ୍ୟରୂପ)

ସ୍ୱର୍ଣ୍ଣ ପଦ୍ମ—ସଂ. ବି—ସ୍ୱର୍ଣ୍ଣ ବର୍ଣ୍ଣବିଶିଷ୍ଟ ପଦ୍ମଫୁଲ—Golden lotus. [ବି—ଏହା ସ୍ୱର୍ଗଙ୍ଗାରେ ଫୁଟେ ବୋଲି ପୁରାଣରେ ବର୍ଣ୍ଣିତ ।]
Swarṇṇa padma

ସ୍ୱର୍ଣ୍ଣ ପଦ୍ମା—ସଂ. ବି—ସ୍ୱର୍ଗଙ୍ଗା (ଶବ୍ଦ ରତ୍ନାବଳୀ)—The Ganges said to flow in heaven.
Swarṇṇa padmā

ସ୍ୱର୍ଣ୍ଣ ପାଠକ—ସଂ. ବି—ଟଙ୍କଣ; ଠାଙ୍କଣା (ଶବ୍ଦମାଳା)—Borax.
Swarṇṇa pāṭaka

ସ୍ୱର୍ଣ୍ଣ ପାରେବତ—ସଂ. ବି—ମହାପାରେବତ (ରାଜନିର୍ଘଣ୍ଟ)—A species of golden-coloured guava.
Swarṇṇa pārebata

ସ୍ୱର୍ଣ୍ଣ ପିଞ୍ଜର—ସଂ. ବି (ମ. ଘ. ଲୋ)—ସୁନାରେ ତିଆରି ପଞ୍ଜୁରୀ—Golden cage; a cage of gold.
Swarṇṇa piñjara

ସ୍ୱର୍ଣ୍ଣ ପୁର—ଦେଶ. ବି—ସୋନପୁର (ଦେଖ)—Sonapura (See)
Swarṇṇa pura
ସଂ. ବି. (ମ. ଘ. ଲୋ)—୧ । ସ୍ୱର୍ଣ୍ଣନିର୍ମିତ ନଗର—1. A city of gold. ୨ । ସୁନାରେ ତିଆରି ଗୃହ—2. A house made of gold.

ସ୍ୱର୍ଣ୍ଣ ପୁଷ୍ପ—ସଂ. ବି (ବହୁବ୍ରୀହି)—୧ । ଚମ୍ପକ ବୃକ୍ଷ (ରାଜନିର୍ଘଣ୍ଟ)—1. Champaka tree. ୨। ଆରଗ୍ୱଧ ବା ସୁନାରୁ ଗଛ (ରାଜନିର୍ଘଣ୍ଟ)—2. Cassia Fistula (tree). ୩ । ବବୁର ଗଛ ବା କଣ୍ଟାଭୂଷଣ (ବୈଦ୍ୟକ)—3. Acacia tree. ୪ । କପିତ୍ଥ (ହି. ଶ)—4. Wood apple. ୫ । ପାଣି କଖାରୁ (ହି ଶ)—5. The white gourd. ୬ । (ମ. ଘ. ଲୋ)—ସୁନାରେ ତିଆରି ଫୁଲ—6. Golden flower.
Swarṇṇa pushpa

ସ୍ୱର୍ଣ୍ଣ ପୁଷ୍ପା—ସଂ. ବି—୧। ମେଣ୍ଢାଶିଙ୍ଗା ମହୁରୀ (ହି. ଶ)—1. Aconite. ୨ । ବିଷ ଲାଙ୍ଗୁଳିଆ (ଦେଖ)—2. Bisbalāṅgulia (See) ୩ । ସ୍ୱର୍ଣ୍ଣୁଲୀ; ଆରଗ୍ୱଧ; ସୁନାରୁ ଗଛ—3. Cassia Fistula (tree). ୪ । ସାତଲା (ରାଜନିର୍ଘଣ୍ଟ) (ଦେଖ)—4. Sātaḷa (See) ୫ । ସ୍ୱର୍ଣ୍ଣ କେତକୀ (ହି. ଶ)—5. The yellow-flowered Pandanus Odoratissimus.
Swarṇṇa pushpā

ସ୍ୱର୍ଣ୍ଣ ପୁଷ୍ପୀ—ସଂ. ବି—୧ । ଆରଗ୍ୱଧ; ସୁନାରୁ ଗଛ (ଶବ୍ଦ ଚନ୍ଦ୍ରିକା)—1. Cassia Fistula. ୨ । ସ୍ୱର୍ଣ୍ଣକେତକୀ (ରାଜନିର୍ଘଣ୍ଟ)—2. The yellow-flowered variety of Pandanus Odoratissimus. ୩ । ସାତଲା (ଦେଖ)—3. Sātaḷā (See)
Swarṇṇa pushpī

ସ୍ୱର୍ଣ୍ଣ ପ୍ରତିମା—ସଂ. ବି—(ମ. ଘ. ଲୋ)—ସ୍ୱର୍ଣ୍ଣନିର୍ମିତ ମୂର୍ତ୍ତି—Golden image.
Swarṇṇa pratimā

ସ୍ୱର୍ଣ୍ଣପ୍ରଭ—ସଂ.ବିଣ.ପୁଂ—ସ୍ୱର୍ଣ୍ଣ+ପ୍ରଭା; ବହୁବ୍ରୀହି)—ସ୍ୱର୍ଣ୍ଣ ପରି ଆଭା ବିଶିଷ୍ଟ—Having the lustre of gold.
Swarṇṇaprabha
(ସ୍ୱର୍ଣ୍ଣପ୍ରଭା—ସ୍ତ୍ରୀ)

ସ୍ୱର୍ଣ୍ଣପ୍ରସୂ—ସଂ. ବିଣ. (ସ୍ତ୍ରୀ)—ସ୍ୱର୍ଣ୍ଣ ପ୍ରସବକାରିଣୀ; ସ୍ୱର୍ଣ୍ଣୋତ୍ପାଦକ (ଭୂମି)—Producing gold.
Swarṇṇa prasū

ସ୍ୱର୍ଣ୍ଣ ଫଳ—ସଂ. ବି (ବହୁବ୍ରୀହି)—ଧାଡୁରା—Datura Fustosa.
Swarṇṇa phaḷa

ସ୍ୱର୍ଣ୍ଣଫଳା—ସଂ. ବି. (ସ୍ତ୍ରୀ)—ପୀତରମ୍ଭା; ଚମ୍ପା କଦଳୀ (ରାଜ ନିର୍ଘଣ୍ଟ)—A variety of banana.
Swarṇṇaphaḷā

ସ୍ୱର୍ଣ୍ଣ ବଣିକ୍—ସ. ବି—(ସ୍ୱର୍ଣ୍ଣ ବଣିକ୍ ଶବ୍ଦ;୧ମା, ୧ବ)—ସୁନାରୀ ବଣିଆ; ସୁନାରୀ ବଣିଆ; ସ୍ୱର୍ଣ୍ଣକାର—Goldsmith.
Swarṇṇa baṇik
(ସ୍ୱର୍ଣ୍ଣ ବଣିକ—ଦେ. ରୂପ)

ସ୍ୱର୍ଣ୍ଣ ବର୍ଣ୍ଣ—ସଂ. ବି (୬ଷ୍ଠୀ ତତ୍)—ସୁନାର ରଙ୍ଗ—Golden colour. ବିଣ. ପୁଂ (ବହୁବ୍ରୀହି)—1. Of golden hue; golden. ୨ । ହେମାଙ୍ଗ; ଯାହାର ଦେହ ଝଲମଲ; ସୁନାପରି ଗୌର—2. Having the body of golden colour, golden-complexioned. ଦେ. ବି—୧ । ସ୍ୱର୍ଣ୍ଣାକ୍ଷର (ଦେଖ)—1. Swarṇṇākshara (See).
Swarṇṇa barṇua
(ସ୍ୱର୍ଣ୍ଣବର୍ଣ୍ଣା—ସ୍ତ୍ରୀ. ବିଣ)

୨ । କଣଗୁଗ୍ଗୁଳ (ବୃ. ଶ)—2. A kind of Bdellium. ୩ । ହରିତାଳ—3. Yellow orpiment. ୪ । ସ୍ୱର୍ଣ୍ଣଗୈରିକ (ବୃ. ଶ)—4. Yellow ochre. ୫ । ଦାରୁହଳଦୀ (ବୃ. ଶ) (ଦେଖ)—5. Dāru haladī (See)

ସ୍ୱର୍ଣ୍ଣବର୍ଣ୍ଣା—ସଂ. ବି. (ସ୍ତ୍ରୀ)—ହରିଦ୍ରା; ହଳଦୀ—Tumeric.
Swarṇṇa barṇṇā ସଂ. ବଣ. (ସ୍ତ୍ରୀ) [ଯେଉଁ ସ୍ତ୍ରୀର ଦେହ ସୁନା ପରି ହଳଦିଆ ଦିଶେ ଗୋରୀ; କେତକୀ ଗୋରୀ—(a woman) Having the colour of the skin yellow.

ସ୍ୱର୍ଣ୍ଣବର୍ଣ୍ଣକ—ସଂ. ବି—ମୁର୍ଦ୍ଦାର ଶଙ୍ଖ; କଂକୁଷ୍ଠ (ବୃ ଶ)—Litbarge,
Swarṇṇa barṇṇaka

ସ୍ୱର୍ଣ୍ଣ ବଳୟ—ସଂ ବି—(ମ. ଘ. ଲେ)—ସ୍ୱର୍ଣ୍ଣ ନିର୍ମିତ ହାତ ଖଡ଼ୁ—
Swarṇṇa balaya A wristlet of gold.

ସ୍ୱର୍ଣ୍ଣ ବଲ୍କଲ—ସଂ,ବି—ଶ୍ୟୋଣାକ ବୃକ୍ଷ [ଶବ୍ଦ ଚନ୍ଦ୍ରିକା]; ଫମ୍ପଣା—
Swarṇṇa balkala Bignonia Indica.

ସ୍ୱର୍ଣ୍ଣ ବଲ୍ଲୀ—ସଂ ବି.—୧ । ଲତାବିଶେଷ—1. Name of a
Swarṇṇa balli creeper. [ଦ୍ର—ଏହା ଦୁଗ୍ଧଧାରଯୁକ୍ତ, [ଅନ୍ୟ ସଂ ନାମ—କାକବଲ୍ଲୀ, କାକାୟୁ, ରକ୍ତଫଳା] ଶିତଳବୀର୍ଯ୍ୟା ଏବଂ ତ୍ରିଦୋଷ ନାଶକ (ରାଜନିଘଣ୍ଟୁ)] । ଏଥିର ଫଳ ରକ୍ତବର୍ଣ୍ଣ । ୨ । ଅରଗ୍ୱଧ; ସୁନାରି ଗଛ (ବୃ. ଶ)—2. Cassia Fisula.

ସ୍ୱର୍ଣ୍ଣ ବାଲୁକା—ସଂ.ବି.—(ମ.ଘ.ଲେ)—୧ । ସ୍ୱର୍ଣ୍ଣରେଣୁ ମିଶ୍ରିତ ବାଲି—
Swarṇṇa bāluka 1. Sand mixed with gold dust. ୨ । ସ୍ୱର୍ଣ୍ଣରେଣୁ—2. Gold dust.

ସ୍ୱର୍ଣ୍ଣ ବିନ୍ଦୁ—ସଂ. ବି.—ସ୍ୱର୍ଣ୍ଣରେଣୁ; ସ୍ୱର୍ଣ୍ଣକଣା—1. Gold dust.
Swarṇṇa bindu ୨ । (ବିଷ୍ଣୁନାମୋକ୍ତ) ବିଷ୍ଣୁଙ୍କର ନାମ—ବିଶେଷ—2. One of the names of Bishṇu.

ସ୍ୱର୍ଣ୍ଣ ବୀଜ—ସଂ. ବି—ଧାତୁରୀ ମଞ୍ଜି—
Swarṇṇa bija Seed of Dhatura Plant.

ସ୍ୱର୍ଣ୍ଣ ଭସ୍ମ—ସଂ. ବି.—ଆୟୁର୍ବେଦୋକ୍ତ ବୈଜ୍ଞାନିକ ପ୍ରକ୍ରିୟାରେ ଯାଉଁଶ
Swarṇṇa bhasma ରୂପେ ପରିଣତ ସ୍ୱର୍ଣ୍ଣ—Oxide of (ଦ୍ର—ସୁନାଭସ୍ମ ତଳେ ଲୋଡ଼ ଦେଖ) gold.

ସ୍ୱର୍ଣ୍ଣ ଭୂମି—ସଂ. ବି—(ମ. ଘ. ଲେ)—୧ । ସ୍ୱର୍ଣ୍ଣପ୍ରସୂ ଭୂମି—1. A
Swarṇṇa bhūmi land producing gold. ୨ । ଅତି ଉର୍ବର ବା ଫଳପ୍ରସୂ ଭୂମି—2. A very fruitful land. ୩ । ସ୍ୱର୍ଣ୍ଣଖଣିଯୁକ୍ତ ଭୂମି—3. A land containing gold mines. ୪ । ଗୁଡ଼ତ୍ୱକ୍; ଦାରୁଚିନି (ବୃ. ଶ)—4. Cinnamon,

ସ୍ୱର୍ଣ୍ଣ ଭୂଷଣ—ସଂ. ବି.—(ମ.ଘ. ଲେ)—୧ । ସ୍ୱର୍ଣ୍ଣନିର୍ମିତ ଅଳଙ୍କାର—
Swarṇṇa bhūshaṇa 1. Golden ornaments. ୨ । ଅରଗ୍ୱଧ; ସୁନାରି ଗଛ—2. Cassia Fistula. ୩ । ସ୍ୱର୍ଣ୍ଣ ଗୈରିକ (ବୃ. ଶ)—3. Yellow ochre.

ସ୍ୱର୍ଣ୍ଣ ଭୃଙ୍ଗରାଜ—ସଂ ବି—ଏକ ପ୍ରକାର ଭୃଙ୍ଗରାଜ ଗୁଳ୍ମ (ରାଜନିର୍ଘଣ୍ଟ)—
Swarṇṇa bhṛungarāja The yellow variety of Bhṛungarāja plant.

ସ୍ୱର୍ଣ୍ଣ ଭୃଙ୍ଗାର—ସଂ ବି—(ମ. ଘ. ଲେ)—ସ୍ୱର୍ଣ୍ଣନିର୍ମିତ ଝରି—A pitcher of gold ୨ । ସ୍ୱର୍ଣ୍ଣ
Swarṇṇa bhṛungāra ଭୃଙ୍ଗରାଜ (ଦେଖ)—2. Swarṇṇa bhṛungarāja (See).

ସ୍ୱର୍ଣ୍ଣ ମଣ୍ଡନ—ସଂ. ବି.—ସ୍ୱର୍ଣ୍ଣ ଗୈରିକ (ବୃ. ଶ)—
Swarṇṇa maṇdana Yellow ochre.

ସ୍ୱର୍ଣ୍ଣ ମଣ୍ଡିତ—ସଂ. ବି.—(ଜ୍ୟା ଶବ୍ଦ)—୧ । ସୁନାଦ୍ୱାରା ଭୂଷିତ—
Swarṇṇa maṇdita 1. Adorned with gold. ୨ । ସ୍ୱର୍ଣ୍ଣ ଖଚିତ—2. Set with gold. ୩ । ସୁନାର ବୁନ୍ଦା ବସାଯାଇଥିବା—3. Spangled with gold.

ସ୍ୱର୍ଣ୍ଣମୟ—ସଂ, ବି—(ସ୍ୱର୍ଣ୍ଣ + ବୋଧାର୍ଥେ. ମୟ)—୧ । ସ୍ୱର୍ଣ୍ଣ ନିର୍ମିତ—1.
Swarṇṇamaya Made of gold. ୨ । ସ୍ୱର୍ଣ୍ଣରେ ପୂର୍ଣ୍ଣ—(ସ୍ୱର୍ଣ୍ଣମୟୀ—ସ୍ତ୍ରୀ) 2. Filled with gold.

ସ୍ୱର୍ଣ୍ଣମୟୀ—ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to
Swarṇṇamayī females. ସଂ. ବଣ. ସ୍ତ୍ରୀ—ସ୍ୱର୍ଣ୍ଣମୟର ସ୍ତ୍ରୀଲିଙ୍ଗ—Feminine of Swarṇṇamaya.

ସ୍ୱର୍ଣ୍ଣମୟୀ (ମହାରାଣୀ)—ଦେ. ବି—(ଜ ମ)—ବଙ୍ଗ ପ୍ରଦେଶର ଖ୍ୟାତିମ
Swarṇṇamayī (mahārāṇī) ବଙ୍ଗାଳର ସୁବର୍ଣ୍ଣତା ଦାନଶୀଳା ଭୂମ୍ୟଧିକାରିଣୀ—A famous landlady of Bengal who was famous for her extensive charities. [ଦ୍ର—ଏ ଅତି ନିଃସ୍ୱ ବେଳ କୁଳରେ ୧୮୨୭ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲେ । ଏ ଅତି ସୁନ୍ଦରୀ ଓ ଗୁଣବତୀ ଥିବାରୁ କାଶିମବଜାରର ଜମିଦାର କୃଷ୍ଣନାଥଙ୍କ ସହିତ ଏହାଙ୍କର ବିବାହ ହେଲା । ଏହାଙ୍କର ଦୁଇଟି କନ୍ୟା ଜାତ ହୋଇଥିଲେ । ଏହାଙ୍କର ସ୍ୱାମୀ ତାଙ୍କର ଶିକ୍ଷା ବିସ୍ତାର ଓ ଲୋକହିତକର କାର୍ଯ୍ୟରେ ଦାନଶୀଳତା ଯୋଗୁଁ ଗଭର୍ଣ୍ଣମେଣ୍ଟଙ୍କଠାରୁ ରାଜାବାହାଦୁର ଉପାଧି ପାଇଥିଲେ । ୧୮୪୫ ସାଲରେ କୃଷ୍ଣନାଥ ଗୋଟିଏ ନରହତ୍ୟା ମୋକଦ୍ଦମାରେ ଅଭିଯୁକ୍ତ ହୋଇ ଆତ୍ମହତ୍ୟା କଲେ । ଏଥି ପୂର୍ବରୁ କୃଷ୍ଣନାଥଙ୍କ ଉଇଲ୍ ବଳରେ ସ୍ୱର୍ଣ୍ଣମୟୀଙ୍କ ସ୍ତ୍ରୀଧନ ଛଡ଼ା କୃଷ୍ଣନାଥଙ୍କର ତ୍ୟକ୍ତ ଅନ୍ୟ ସମସ୍ତ ସମ୍ପତ୍ତିକୁ ଇଷ୍ଟଇଣ୍ଡିଆ କମ୍ପାନୀ ଅଧିକାର କଲେ । ପରେ ସ୍ୱର୍ଣ୍ଣମୟୀ କଲିକତା ସୁପ୍ରିମ୍ କୋର୍ଟରେ ମୋକଦ୍ଦମା କରି ଉକ୍ତ ଉଇଲ୍‌କୁ ରଦ୍ କରାଇ ସ୍ୱାମୀଙ୍କତ୍ୟକ୍ତ ସମସ୍ତ ସମ୍ପତ୍ତିରେ ମାଲିକ ହେଲେ । ଏହାଙ୍କର ସୁଦକ୍ଷ ଦେୱାନ ରାଜୀବଲୋଚନଙ୍କ ସାହାଯ୍ୟରେ ଏ ମୋକଦ୍ଦମା ନିମନ୍ତେ ହୋଇଥିବା ଦେଣା ପରିଶୋଧ କରି ଜମିଦାରୀର ଆୟ ବୃଦ୍ଧି ଓ ଉନ୍ନତି କଲେ । ଏହାଙ୍କ ଆୟର ଅଧିକାଂଶ ଦାନ ଓ ପରୋପକାରରେ ବ୍ୟୟିତ ହେଉଥିଲା । ଗଭର୍ଣ୍ଣମେଣ୍ଟ ଏଥିରେ ସନ୍ତୁଷ୍ଟ ହୋଇ ଏହାଙ୍କ 'ମହାରାଣୀ' ଓ C. I. E

ଉପାଧି ଦେଲେ ଏବଂ ଏହାଙ୍କ ଉତ୍ତରାଧିକାରୀ 'ମହାରାଜା' ଉପାଧି ପାଇବେ ବୋଲି ସନନ୍ଦ ଦେଲେ । ଏହାଙ୍କ ଦେବାନଙ୍କୁ ମଧ୍ୟ ରାୟବାହାଦୁର ଉପାଧି ଦିଆଗଲା । ଏହାଙ୍କର ବଙ୍ଗପ୍ରଦେଶର ମୁର୍ଶିଦାବାଦ, ରାଜଶାହୀ, ପାବନା, ଦିନାଜପୁର, ମାଲଦହ, ରଙ୍ଗପୁର, ବଗୁଡ଼ା, ଫରିଦପୁର, ଯଶୋହର, ନଦିଆ, ବର୍ଦ୍ଧମାନ, ହାବଡ଼ା, ଚବିଶପ୍ରଗଣାରେ ଏବଂ ଉତ୍ତର ପଶ୍ଚିମର ଗାଜିପୁର, ଆଜମଗଡ଼ ଆଦିରେ ଥିବା ଜମିଦାରୀର ବାର୍ଷିକ ଆୟ ୮ଲକ୍ଷ ଟଙ୍କା ଥିଲା । ଏ ୧୮୮୯ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗଲାଭ କରିବାରୁ କୃଷ୍ଣନାଥଙ୍କ ଭଣଜା ମହାରାଜ ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ କାଶିମ ବଜାରର ମହାରାଜ ହେଲେ । ମହାରାଜ କୌଣସି ଯାଚକଙ୍କୁ ନିରାଶ କରୁ ନ ଥିଲେ । ମୁର୍ଶିଦାବାଦ ଜିଲ୍ଲାର ବହରମପୁର ସହରର ଜଳ କଳ ପାଇଁ ଏ ୧୯ ଲକ୍ଷ, ଉତ୍ତର ବଙ୍ଗ ଦୁର୍ଭିକ୍ଷ ପାଇଁ ୧ଲକ୍ଷ ୨୫ହଜାର ଓ କଲିକତା ମେଡ଼ିକାଲ୍ କଲେଜର ଛାତ୍ରମାନଙ୍କ ଆବାସ ପାଇଁ ୧ଲକ୍ଷ ଟଙ୍କା ଦାନ କରିଥିଲେ । ବଙ୍ଗଦେଶରେ ଅନେକ ବିଦ୍ୟାଳୟ, କଲେଜ୍, ଚତୁଷ୍ପାଠୀ ଓ ପାଠଶାଳାକୁ ମହାରାଜ ମଣୀନ୍ଦ୍ରଚନ୍ଦ୍ର ପ୍ରଚୁର ଦାନ କରିଥିଲେ ।]

ସ୍ୱର୍ଣ୍ଣମହା—ସଂ. ବି.—(ନାଂ)—କାଳିକା ପୁରାଣୋକ୍ତ ନଦୀ ବିଶେଷ—Swarnnamahā Name of a mythological sacred river. [ଦ୍ର—ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଏଥିରେ ସ୍ନାନ କଲେ ମନୁଷ୍ୟ ପରଲୋକରେ ଶିବଲୋକ ଓ ବ୍ରହ୍ମଲୋକପ୍ରାପ୍ତ ହୁଏ ।] (ସ୍ୱର୍ଣ୍ଣଶ୍ରୀ - ଅନ୍ୟରୂପ)

ସ୍ୱର୍ଣ୍ଣମାକ୍ଷିକ—ସଂ.ବି—ଉପଧାତୁ ବିଶେଷ; ସୁନାମାଛି—Iron pyrites; Swarnnamākshika Ferri sulphuratum. [ଦ୍ର—ଅ.ସଂ.ନାମ—ତାପିଜ,ମଧୁମାକ୍ଷିକ; ଏହା ଖନିଜ । ଏହା ସ୍ୱର୍ଣ୍ଣର ତାପ୍ୟ, ମାକ୍ଷିକ ଧାତୁ, ମଧୁଧାତୁ ଉପଧାତୁ; କିଞ୍ଚିତ୍ ସ୍ୱର୍ଣ୍ଣଗୁଣଯୁକ୍ତ ତାପିଜ । ଥିବାରୁ ଏଥିର ଏହି ନାମ ହୋଇଅଛି । ଏହା ଦେଖିବାକୁ ସ୍ୱର୍ଣ୍ଣାଭ ଓ ଈଷତ୍ କୃଷ୍ଣ । ଏହାକୁ ଭାଙ୍ଗିଦେଲେ ଭିତରେ ସୁନାର ଆଭା ଦେଖାଯାଏ, ବୈଦ୍ୟଶାସ୍ତ୍ରମତରେ ଏହା ମଧୁର, ତିକ୍ତରସ, ବୃଷ୍ୟ, ରସାୟନ ଚକ୍ଷୁଷ୍ୟ ଏବଂ ଅର୍ଶଃ, ଶୋଥ, ବିଷ, କଣ୍ଡୁ, ତ୍ରିଦୋଷ, ବସ୍ତିଦୋଷ, କଣ୍ଠଦୋଷ, ପାଣ୍ଡୁ, ମେହରୋଗରେ ଉପକାରୀ ।

ସୋନାମାଖୀ
सोनामाखी; सोनामक्खी
ପା—ତର୍ଦ୍ଦଲା
ଅ—ରବିତୁଲ୍ ଜହବ୍
ତେ—ସ୍ୱର୍ଣ୍ଣମାଖୀ

ଏଥିରେ ୩ ଗୁଣ ସୈନ୍ଧବ ଲବଣ ମିଶାଇ ଜମ୍ବୀର ଓ ଟଭାରସରେ ବୁଡ଼ାଇ ଲୌହ ପାତ୍ରରେ କିଛି ଦିନ ରଖିଲେ ଏହା ଶୋଧିତ ହୁଏ ଓ କୋଲଥସିଝା ପାଣିରେ ଏହାକୁ ମର୍ଦ୍ଦନ କରି ତେଲ ଓ ଛେଳି ମୂତରେ ଏହାକୁ ପୁଟପାକ କଲେ ଏହାର ଭସ୍ମ ହୁଏ ।]

ସ୍ୱର୍ଣ୍ଣ ମାରଣ—ସଂ. ବି—୧ । ବୈଦ୍ୟଶାସ୍ତ୍ରୋକ୍ତ ବିଧି ଦ୍ୱାରା ସ୍ୱର୍ଣ୍ଣର Swarnna mārana ଶୋଧନ କରିବା—1. Refining of gold by Ayurvedic process. ୨ । ଦ୍ରବ୍ୟସଂଯୋଗ ଦ୍ୱାରା ଅନ୍ୟ ଧାତୁକୁ ସୁନାରେ ପରିବର୍ତ୍ତିତ କରିବା—2. The process of changing basermetals into gold; alchemy

ସ୍ୱର୍ଣ୍ଣମୁଖୀ—ସଂ. ବି—ସ୍ୱର୍ଣ୍ଣପତ୍ରୀ; ସୁନାମକେଇ (ଦ୍ର. ଶ)—Senna. Swarnnamukhi

ସ୍ୱର୍ଣ୍ଣ ମୁଦ୍ରା—ସଂ. ବି—ଅସରଫି; ସୁନା ମୋହର—Gold coin. Swarnna mudrā

ସ୍ୱର୍ଣ୍ଣ ମୃଗ—ସଂ. ବି—ରାମଚନ୍ଦ୍ରଙ୍କୁ ପ୍ରଲୋଭିତ କରି ଦୂରସ୍ଥ ଅରଣ୍ୟକୁ Swarnna mruga ନେଇଯିବା ପାଇଁ ରାବଣର ଆଦେଶକ୍ରମେ ମାରିଚ ରାକ୍ଷସର ଧାରଣ କରିଥିବା ସ୍ୱର୍ଣ୍ଣାଭ ଜୀବନ୍ତ ମୃଗମୂର୍ତ୍ତି—The form of a golden deer assumed by Māricha to tempt Rama into the distant woods, so that Rāvana would abduct Sitā.

ସ୍ୱର୍ଣ୍ଣଯୁଥିକା (ଯୂଥୀ)—ସଂ. ବି—ପୀତବର୍ଣ୍ଣ ଯୁଇ ଫୁଲ—The Swārnna Jūthikā (juthi) yellow variety of
ଅ. ସ —ହରିଣୀ, ପୀତିକା, ହେମପୁଷ୍ପିକା, ହେମା Jui flower.
(ସୁନା ଯୁଇ—ଦେ, ରୂପ) ସୋନାଯୁଁଇ **स्वर्णजुही; पीलीजुही**

ସ୍ୱର୍ଣ୍ଣ ରମ୍ଭା—ସଂ. ବି—ସ୍ୱର୍ଣ୍ଣ କଦଳୀ; ଚମ୍ପାକଦଳୀ—A yellow-Swarnna rambhā kernelled variety of plantain.

ସ୍ୱର୍ଣ୍ଣ ରୀତି—ସଂ. ବି—ଭଲ ପିତ୍ତଳ (ଦ୍ର. ଶ)—A kind of bright Swarnnariti brass.

ସ୍ୱର୍ଣ୍ଣ ରେଣୁ—ସଂ. ବି—ସୁନାର ଚୂନ—Gold-dust. Swarnna renu

ସ୍ୱର୍ଣ୍ଣଲତା—ସଂ. ବି—ଜ୍ୟୋତିଷ୍ମତୀ (ରାଜ ନିର୍ଘଣ୍ଟ); ଫୁଟି ଫୁଟିକା ଗୁଳ୍ମ—Swarnna latā 1. The staff tree; Cardiospermum Halicacabum. ୨ । (ଲକ୍ଷଣାର୍ଥ) କ୍ଷୀଣଦେହା ସୁନ୍ଦରୀ ସ୍ତ୍ରୀ—2.(figurative) A graceful and slender lady. ୩ । ସ୍ୱର୍ଣ୍ଣ ଜୀବନ୍ତୀ (ଦ୍ର. ଶ)—3. The yellow variety of Jibanti.

ସ୍ୱର୍ଣ୍ଣାଳି—ସଂ. —ଏକ ପ୍ରକାର ଆରଗ୍ୱଧ ବା ସୁନାରି ଗଛ; Swarnnali ସ୍ୱର୍ଣ୍ଣପୁଷ୍ପୀ—A species of Cassia Fistula [ଦ୍ର—ଏହା କଟୁ କଷାୟ, ଶୀତଳାର୍ଯ୍ୟ, ବିରେଚକ, ସୋନାଲୁ, ସୋଁଦାଲ କୃମିନାଶକ, ଓ ସାଧାରଣ ସୁନାରି ଗଛର, **अमलतास, सोनुली** ଅନ୍ୟଗୁଣ ବିଶିଷ୍ଟ ।]
ମ. ଘୁଡ଼ମଲବର, ତେ. ରେଲ୍ଲୁ, ଗୁ. ସୋନ୍ଲୀ

ସ୍ୱର୍ଣ୍ଣଶିଖ—ସଂ. ବି—ନୀଳବର୍ଣ୍ଣ ପକ୍ଷୀ—The blue jay (bird). Swarnnasikha

ସ୍ୱର୍ଣ୍ଣଶେଫାଳିକା—ସଂ. ବି—୧ । ଆରଗ୍ୱଧ (ଶବ୍ଦମାଳା); ସୁନାରି ଗଛ Swarnna śephālikā —1 Cassia Fistula. ୨ ।

ପୀତ ଶେଫାଳିକା (ଶବ୍ଦ କଳ୍ପଦ୍ରୁମ)—2. A yellow variety of Sephālikā.

ସ୍ୱର୍ଣ୍ଣ ସିନ୍ଦୂର—ସଂ. ବି—(ବୈଦ୍ୟକ)—ରସସିନ୍ଦୂର; ପାରଦ ଓ
Swarnna sindūra ଗନ୍ଧକ ମିଶ୍ରିତ ପୁଟପାକ ଯୋଗେ ସ୍ୱର୍ଣ୍ଣଘଟିତ ଔଷଧ ବିଶେଷ—Name of an Ayurvedic preparation from gold, mercury and sulphur. [ବି—ଏହାର ବର୍ଣ୍ଣ ଗାଢ଼ରକ୍ତ ଓ ଏହାକୁ ଚୂର୍ଣ୍ଣ କଲେ ସିନ୍ଦୂର ପରି ରଙ୍ଗ ହୁଏ ।]
[ମକରଧ୍ୱଜ ତଳେ ନୋଟ୍ ଦେଖ

ସ୍ୱର୍ଣ୍ଣ ସୁଯୋଗ—ଦେ· ବି.—(ଇଂରାଜୀ ଭାଷାରୁ ଅନୁକୃତ ଅଧୁନାତନ
Swarnna sujoga ପ୍ରୟୋଗ)—ସ୍ୱର୍ଣ୍ଣ ପରି ମୂଲ୍ୟବାନ୍ ବା ଶ୍ରେଷ୍ଠ
স্বর্ণসুযোগ ସୁଯୋଗ; ଶ୍ରେଷ୍ଠ ସୁଯୋଗ ବା ଅବସର—Golden
स्वर्ण सुयोग opportunity.

ସ୍ୱର୍ଣ୍ଣ ସ୍ତେନ—ସଂ.ବି (୬ଷ୍ଠୀ ତତ୍)—ସୁନା ଚୋର;ଯେ ସୁନା ଚୋରି କରେ
Swarnna stena —Stealer of gold.

ସ୍ୱର୍ଣ୍ଣ ସ୍ତେୟ—ସଂ. ବି. ପୁଂ (୬ଷ୍ଠୀ ତତ୍)—ସୁନା ଚୋରି କରିବାରୂପ ପାପ
Swarnna steya —Stealing of gold, counted as a sin.

ସ୍ୱର୍ଣ୍ଣହାଲି—ସଂ. ବି.—ଅରଗ୍ୱଧ; ସୁନାରୀଗଛ—Cassia Fistula
Swarnnahāli (tree).

ସ୍ୱର୍ଣ୍ଣାକର—ସଂ. ବି. (୬ଷ୍ଠୀ ତତ୍)—ସୁନାର ଖଣି; ଯେଉଁ ଖଣିରୁ ସୁନା
Swarnnākara ବାହାରେ—Gold mine.

ସ୍ୱର୍ଣ୍ଣାକ୍ଷର—ସଂ. ବି (ମ. ପ. ଲୋ)—୧ । ସ୍ୱର୍ଣ୍ଣଖଚିତ ଅକ୍ଷର—1.
Swarnnākshara Golden letters. ୨। ସ୍ୱର୍ଣ୍ଣପରି ଉଜ୍ଜ୍ୱଳ ଓ
স্বর্ণাক্ষর ଚିରସ୍ଥାୟୀ ଅକ୍ଷର—2. Letters as bright and
स्वर्णाक्षर permanent as gold. ୩ । ଯେଉଁ ଅକ୍ଷର ସହଜରେ ଲିଭିଯାଏ ନାହିଁ—3 Letters which can not be effaced soon. (ଯଥା—ଉପେନ୍ଦ୍ର ଭଞ୍ଜଙ୍କ ନାମ ଉତ୍କଳ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି ।)

ସ୍ୱର୍ଣ୍ଣାଙ୍ଗ—ସଂ. ବିଂ—ଅରଗ୍ୱଧ (ରାଜନିର୍ଘଣ୍ଟ); ସୁନାରୀ ଗଛ—
Swarnnānga Cassia Fistula (tree).

ସ୍ୱର୍ଣ୍ଣାଙ୍ଗୁରୀୟ—ସଂ. ବି.—(ମ. ପ. ଲୋ)—ସ୍ୱର୍ଣ୍ଣନିର୍ମିତ ଅଙ୍ଗୁରୀୟ; ସୁନା
Swarnnānguriya ମୁଦି—Gold ring.
(ସ୍ୱର୍ଣ୍ଣାଙ୍ଗୁରୀୟକ—ଅନ୍ୟରୂପ)

ସ୍ୱର୍ଣ୍ଣାଦ୍ରି—ସଂ. ବି·—(ମ. ପ. ଲୋ)—୧ । ସ୍ୱର୍ଣ୍ଣମୟ ପର୍ବତ—1.
Swarnnādri Mountain of gold. ୨ । ସୁମେରୁ
(ସ୍ୱର୍ଣ୍ଣାଚଳ—ଅନ୍ୟରୂପ) (ଦେଖ)—2. Sumeru (See). ୩ । ସ୍ୱର୍ଣ୍ଣାଭ ପର୍ବତ—3. A mountain of golden hue. ୪ । ପୁରୀଜିଲ୍ଲାର ଭୁବନେଶ୍ୱର ତୀର୍ଥର ପୌରାଣିକ ନାମାନ୍ତର—4. A mythological name of Bhubaneśwara in the Puri district

ସ୍ୱର୍ଣ୍ଣାଦ୍ରି ମହୋଦୟ—ସଂ. ବି·—(ନାମ)—ଭୁବନେଶ୍ୱର ତୀର୍ଥର ମାହାତ୍ମ୍ୟ
Swarnnādri mahodaya ଓ ସେଠାରେ ପ୍ରତିଷ୍ଠିତ ଲିଙ୍ଗମାନଙ୍କ ବର୍ଣ୍ଣନମୂଳକ ପୌରାଣିକ ଗ୍ରନ୍ଥ—A mythological work dealing with the particulars of the sacred place Bhubaneśwara and its shrines.

ସ୍ୱର୍ଣ୍ଣାଭ—ସଂ. ବଣ.—(ସ୍ୱର୍ଣ୍ଣ + ଆଭା; ବହୁବ୍ରୀହି)—ସ୍ୱର୍ଣ୍ଣର ପ୍ରଭାଯୁକ୍ତ—
Swarnnābha Glittering like gold; of a golden
(ସ୍ୱର୍ଣ୍ଣାଭା—ସ୍ତ୍ରୀ) hue. ସଂ. ବି.—ହରିତାଳ—Yellow orpiment

ସ୍ୱର୍ଣ୍ଣାଭରଣ—ସଂ. ବି. (ମ. ପ. ଲୋ)—ସ୍ୱର୍ଣ୍ଣ ଭୂଷଣ; ସ୍ୱର୍ଣ୍ଣ ନିର୍ମିତ
Swarnnābharana ଗହଣା; ସୁନା ଗହଣା—Gold ornament.
(ସ୍ୱର୍ଣ୍ଣାଲଙ୍କାର—ଅନ୍ୟରୂପ)

ସ୍ୱର୍ଣ୍ଣାରି—ସଂ. ବି. (୬ଷ୍ଠୀ ତତ୍)—ଗନ୍ଧକ (ଶବ୍ଦକଳ୍ପଦ୍ରୁମ)—
Swarnnāri Sulphur.

ସ୍ୱର୍ଣ୍ଣାରୀ—ସଂ. ବି.—(୬ଷ୍ଠୀ ତତ୍ ସ୍ୱଃ + ନାରୀ)—ସ୍ୱର୍ଗଣିକା (ଦେଖ)—
Swarnnāri Swarganikā (See)

ସ୍ୱର୍ଣ୍ଣାଳୁ—ସଂ. ବି.—ସ୍ୱର୍ଣ୍ଣୁଲୀ (ଦେଖ) (ବୃ. ଶ)—
Swarnnalu Swarnnuli (See)

ସ୍ୱର୍ଣ୍ଣାହ୍ୱା—ସଂ. ବି—ସ୍ୱର୍ଣ୍ଣକ୍ଷୀରୀ (ଦେଖ)—
Swarnnāhwā Swarnnakshiri (See)

ସ୍ୱର୍ଣ୍ଣିକା—ସଂ. ବି.—ଧନିଆ (ବୃ. ଶ)—
Swarnnikā Coriander

ସ୍ୱର୍ଣ୍ଣୁଲୀ—ସଂ. ବି—ସ୍ୱର୍ଣ୍ଣାଲି; ଅରଗ୍ୱଧ; ସୁନାରୀ—Cassia Fistula.
Swarnnuli [ବି—ଏହା କଟୁ, ଶୀତଳ, କଷାୟ, ବ୍ରଣାପହ]
সোংদাল **सोनुली** [ଅନ୍ୟ ସଂ· ନାମ—ହେମପୁଷ୍ପୀ, ସ୍ୱର୍ଣ୍ଣପୁଷ୍ପା; ଅଧ୍ୟୁଳା]

ସ୍ୱର୍ଣ୍ଣୋପଧାତୁ—ସଂ· ବି—ସ୍ୱର୍ଣ୍ଣମାକ୍ଷିକ (ଦେଖ)—
Swarnnopadhātu Swarnnamākshika (See).

ସ୍ୱର୍ତ୍ତ (ଧାତୁ)—ସଂ—୧ । ଗତି କରିବା—1. To move. ୨ ।
Swartt (root) ଦୁଃଖରେ ଜୀବନ ଧାରଣ କରିବା—2. To live in misery. ୩ । ଆତଙ୍କଯୁକ୍ତ ହେବା—3. To be frightened or terrified.

ସ୍ୱର୍ଦ୍ (ଧାତୁ)—ସଂ.—୧ । ପ୍ରୀତି କରିବା—1. To make love.
Sward (root) ୨ । ଆସ୍ୱାଦନ କରିବା—2. To taste ୩ । ଚାଟିବା—3. To lick.

ସ୍ୱର୍ଧୁନୀ—ସଂ. ବି (ସ୍ୱଃ + ଧୁନୀ)—ସ୍ୱର୍ଗଗଙ୍ଗା—The river Ganges
Swardhūni said to flow in heaven.

ସ୍ୱର୍ନଗରୀ—ସଂ. ବି (୬ଷ୍ଠୀ ତତ୍)—ଅମରାବତୀ—The capital or
Swarnagari court of Indra.

ସ୍ୱର୍ନଦୀ—ସଂ. ବି (୬ଷ୍ଠୀ ତତ୍)—ସ୍ୱର୍ଗଙ୍ଗା; ସ୍ୱର୍ଧୁନୀ (ଭରତ)
Swarnadi The river Ganges said to flow in heaven.

ସ୍ୱର୍ପତି—ସଂ. ବି (୬ଷ୍ଠୀ ତତ୍, ସ୍ୱଃ + ପତି)—ଦେବରାଜ; ଇନ୍ଦ୍ର—
Swarpati Indra.

ସ୍ୱର୍ବ(ର୍ବ)ଧୂ—ସ. ବ—(ପୁରାଣ)—୧ । ସ୍ୱର୍ଗୀୟା ସ୍ତ୍ରୀ—1. A
Swarba (rbba) dhū woman of heaven. ୨ ।
ଅପ୍‌ସରାମାନେ (ହେମଚନ୍ଦ୍ର)—2. The heavenly nymphs.

ସ୍ୱର୍ବା(ର୍ବ୍ବା)ପୀ—ସ. ବ—ଗଙ୍ଗାନଦୀ (ହେମଚନ୍ଦ୍ର)—
Swarbā (rbbā) pī The Ganges.

ସ୍ୱର୍ବେ(ର୍ବ୍ବେ)ଶ୍ୟା—ସ. ବ—ଅପ୍‌ସରା—
Swarbe (rbbe) śyā The heavenly nymphs.

ସ୍ୱର୍ବୈଦ୍ୟ—ସ. ବ (୬ଷ୍ଠୀ ତତ୍)—୧ । ସ୍ୱର୍ଗରେ ଦେବତାମାନଙ୍କର
Swarbaidya ଚିକିତ୍ସକ—1. The physician of heaven. ୨। ଅଶ୍ୱିନୀକୁମାର ଦ୍ୱୟ—2 The twin brothers, Aświnī Kumāras. [ଦ୍ର—ସଂସ୍କୃତରେ ଏହି ଶବ୍ଦ ନିତ୍ୟ ଦ୍ୱିବଚନ 'ସ୍ୱର୍ବୈଦ୍ୟୌ' ରୂପ ଧାରଣ କରେ; କାରଣ, ଅଶ୍ୱିନୀକୁମାରଦ୍ୱୟ ଯମଜ ।]

ସ୍ୱର୍ଭାନବ—ସଂ. ବ—ଗୋମେଦକ ମଣି—
Swarbhānaba Topaz; a species of gem.

ସ୍ୱର୍ଭାନୁ—ସ. ବ—୧ । (ସ୍ୱଃ=ସ୍ୱର୍ଗରେ+ଭାନୁ=କିରଣ ଯାହାର)—
Swarbhānu ରାହୁ (ଅମର)—1. The Ascending Node. ୨ । (ନାମ) ସତ୍ୟଭାମାଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କର ଏକ ପୁତ୍ର (ହ. ଶ)—2. Name of a son of Śrikrushṇa.

ସ୍ୱର୍ଭାନୁ ସୂଦନ—ସଂ. ବ—ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—
Swarbhānu sūdana The sun.

ସ୍ୱର୍ଯାତ—ସଂ. ବଣ. ପୁଂ (ସ୍ୱଃ+ଯା ଧାତୁ+କର୍ତ୍ତୃ ତ)—ସ୍ୱର୍ଗତ (ଦେଖ)—
Swarjāta (ସ୍ୱର୍ଯାତା—ସ୍ତ୍ରୀ) Swargata (See).

ସ୍ୱର୍ଲୋକ—ସ. ବ—୧ । ସ୍ୱର୍ଗଲୋକ; ଦେବଲୋକ; ସୁରଲୋକ—
Swarloka 1. Heaven, the abode of the gods. ୨ । ସ୍ୱର୍ଗ (ଦେଖ)—2. Swarga (See).

ସ୍ୱଲୀନ—ସଂ. ବ. ପୁଂ—ଦାନବବିଶେଷ—Name of a demon.
Swalīna [ଦ୍ର—ଭଗୀରଥ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିବା ସମୟରେ ବାଟରେ ଏ ଦାନବ ପର୍ବତରୂପ ଧାରଣ କରି ୧୦୦ ବର୍ଷକାଳ ଗଙ୍ଗାଙ୍କର ପଥରୋଧ କରିଥିଲା । ଭଗୀରଥ କୌଶିକଙ୍କୁ ଆରାଧନା କରିବାରୁ ସେ ତାଙ୍କୁ ଗୋଟିଏ ନାଗବାହନ ଦେଲେ । ଏହି ନାଗ ସ୍ୱଲୀନକୁ ବଧାରଣ କରିବାରୁ ଗଙ୍ଗାଙ୍କ ବାଟ ଫିଟିଲା—(ବହ୍ନିପୁରାଣ ଗଙ୍ଗାବତରଣ)] ।

ସ୍ୱଳ୍ପ—ସଂ. ବଣ [ସୁ=ଅତି+ଅଳ୍ପ]—୧ । ଟିକିଏ—
Swalpa 1. A little. ୨ ଅତ୍ୟଳ୍ପ—2. Very little. ୩ । ଅତିକ୍ଷୁଦ୍ର; ଅତି କ୍ଷେଠ-3. Very small. ୪ । ଅତି ସାମାନ୍ୟ—
[ସ୍ୱଳ୍ପତା(ତ୍ୱ)—ବ] 4. Very slight.

ସ୍ୱଳ୍ପ କନ୍ଦ—ସଂ. ବ (ବହୁବ୍ରୀହି)—କଶେରୁ—
Swalpa kanda Scirpus Grossus; Kysoor.

ସ୍ୱଳ୍ପ କାଷ୍ଠ—ସଂ. ବ. [ବହୁବ୍ରୀହି]—ଶଙ୍ଖ ଅଳୁ—
Swalpa kāshṭha (ହ. ଶ.)—Pachyrhinzus Augulatus.

ସ୍ୱଳ୍ପ କେଶରୀ(ର)——ସ. ବ (ସ୍ୱଳ୍ପ+କେଶର+ଇନ୍; ୧ମା. ୧ବ)—
Swalpa kesarī(ra) କାଞ୍ଚନାର; କୋବିଦାର ବୃକ୍ଷ (ରାଜନିର୍ଘଣ୍ଟ); କଞ୍ଚନ ଗଛ (ନାଲି ଓ ଧଳା)—Bauhinia Variegata tree.

ସ୍ୱଳ୍ପ କେଶ—ସ. ବ (କର୍ମଧା)—ଅତି ଅଳ୍ପ ବାଳ—Very few or
Swalpa kesha short hairs. ସ-ବଣ. ପୁଂ (ବହୁବ୍ରୀହି) (ସ୍ୱଳ୍ପକେଶା—ସ୍ତ୍ରୀ ବ.ଣ) ସ୍ୱଳ୍ପକେଶୀ (ଦେଖ)—Swalpakeshī (See)

ସ୍ୱଳ୍ପ କେଶିନୀ—ସ. ବଣ. ସ୍ତ୍ରୀ (ସ୍ୱଳ୍ପ+କେଶ+ଇନ୍; ସ୍ତ୍ରୀ. ଈ)—
Swalpa keśinī ଅତ୍ୟଳ୍ପ କେଶବିଶିଷ୍ଟା (ସ୍ତ୍ରୀ)—Having a (ସ୍ୱଳ୍ପକେଶୀ—ପୁଂ) few or short hairs.

ସ୍ୱଳ୍ପକେଶୀ—ସ. ବ—୧ । ଶୁକ୍ଳକେଶ ନାମକ ଘାସ; ଶ୍ୱେତଦୁବ—
Swalpakeśī 1. The white variety of Doob
ଅନ୍ୟ ସ. ନାମ—ଶୁକ୍ଳକେଶ, grass; creeping Cynodon.
ଦୂର୍ବା, ଶତଗ୍ରନ୍ଥି, ଗୋଲୋମୀ, ୨। ଗୋଲୋମୀ; ବଚ (ଶବ୍ଦଚନ୍ଦ୍ରିକା);
କେଶଯୁକ୍ତ । ବଚ—2. The sweet flag; Acorus Calamus. ସଂ ବଣ. ପୁଂ—ସ୍ୱଳ୍ପକେଶିନୀର ପୁଂଲିଙ୍ଗ—(a female) Having very few or short hairs.

ସ୍ୱଳ୍ପ ଚଟକ—ସଂ. ବ—ବାୟା ଚଢ଼େଇ—
Swalpa chaṭaka The weaver-sparrow.

ସ୍ୱଳ୍ପ ଜମ୍ବୁକ—ସଂ. ବ—ଲୋକଣି ଅଳ (ହ. ଶ)—
Swalpa jambuka Fox.

ସ୍ୱଳ୍ପ ତରୁ(ବିଟପ)—ସଂ. ବ—କେମୁକ (ହ. ଶ)—
Swalpa taru(biṭapa) Cabbage; Costus Speciosus.

ସ୍ୱଳ୍ପ ଦୃଷ୍ଟି—ସଂ. ବଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସ୍ୱଳ୍ପ ଅଟେ ଦୃଷ୍ଟି
Swalpa drushṭi ଯାହାର)—ଯାହାର ଦୃଷ୍ଟିଶକ୍ତି କ୍ଷୀଣ—Short-sighted.

ସ୍ୱଳ୍ପ ନଖ—ସଂ. ବ (ବୈଦ୍ୟକ)—ନଖୀ ୪ (ଦେଖ)
Swalpa nakha Nakhī 4 (See)

ସ୍ୱଳ୍ପ ପତ୍ରକ—ସଂ. ବ (ସ୍ୱଳ୍ପ+ପତ୍ର+କ)—(ବୈଦ୍ୟକ, ରତ୍ନମାଳା)
Swalpa patraka ଗୌରଶାକ; ମଧୁକ ଭେଦ; ପାହାଡ଼ୀ
ଅନ୍ୟ ସଂ ନାମ—ଗୌରଶାକମଧୁ } ଅ—A wild or hilly
ମଧୂକ, ଗିରିଜ । plant.

ସ୍ୱଳ୍ପ ପର୍ଣ୍ଣୀ—ସଂ. ବ (ସ୍ୱଳ୍ପ+ପର୍ଣ୍ଣ+ଈନ୍)—ମେଦା ନାମକ ଅଷ୍ଟବର୍ଗୀୟ
Swalpa parṇṇī ଔଷଧ—A rare herb.

ସ୍ୱଳ୍ପ ଫଳା—ସଂ. ବ—ବୃହତୀ ଭେଦ (ରାଜନିର୍ଘଣ୍ଟ); ମନୁଷ୍ୟାକୃତି ଫଳ
Swalpa phalā ବିଶିଷ୍ଟ ଗୁଳ୍ମବିଶେଷ—Thueetia Nerifolia. [ଦ୍ର—ଜହ୍ନୁଆ ଗଛ କୋଠ ଦେଖ ।]

ସ୍ୱଳ୍ପ ବର୍ତ୍ତୁଳ—ସଂ. ବ—ମଟର (ହ. ଶ)—
Swalpa barttula Pea.

ସ୍ୱଳ୍ପ ବଲ୍କଲା—ସଂ. ବି (ବହୁବ୍ରୀହି)—ଡେନ୍ତବଣ (ହି. ଶ) ବୃକ୍ଷ—
Swalpa balkalā The toothache tree.

ସ୍ୱଳ୍ପ ବିରାମ ଜ୍ୱର—ସଂ. ବି—ଯେଉଁ ଜ୍ୱରରେ ମଝିରେ ମଝିରେ
Swalpa birāma jwara ଅଳ୍ପକାଳ ପାଇଁ ଦେହର ତାପ କମିଯାଇ ପୁଣି ବଢ଼େ—A kind of remittant fever.

ସ୍ୱଳ୍ପ ଭାଷୀ—ସଂ. ବିଣ. ପୁଂ (ସ୍ୱଳ୍ପ ଭାଷିନ୍ ଶବ୍ଦ; ସ୍ୱଳ୍ପ+ଭାଷ୍ ଧାତୁ+କର୍ତ୍ତୃ
Swalpa bhāshi ଇନ୍)—ଯେ ଅତି ଅଳ୍ପ କଥା କହେ—
(ସ୍ୱଳ୍ପ ଭାଷିଣୀ—ସ୍ତ୍ରୀ) Speaking or talking very little.

ସ୍ୱଳ୍ପ ମାତ୍ର—ସଂ. ବି ଓ ବିଣ ପୁଂ ଓ କ୍ଳି. ବିଣ (ସ୍ୱଳ୍ପ+ମାତ୍ରା; ବହୁବ୍ରୀହି)—
Swalpa mātra ୧। ଅତି ଅଳ୍ପ ମାତ୍ରାବିଶିଷ୍ଟ—1. Very in quantity. littl:. ୨। ଅତି ଅଳ୍ପ—2. Very
(ସ୍ୱଳ୍ପମାତ୍ରା—ସ୍ତ୍ରୀ. ବିଣ) little.

ସ୍ୱଳ୍ପମାତ୍ରା—ସଂ. ବି (କର୍ମଧା)—ଅତି ଅଳ୍ପ ପରିମାଣ—Very small
Swalpamātrā quantity or dose. ସଂ. ବିଣ ସ୍ତ୍ରୀ—
ସ୍ୱଳ୍ପମାତ୍ରର ସ୍ତ୍ରୀ ଲିଙ୍ଗ—Feminine of Swalpamatra.

ସ୍ୱଳ୍ପ ଶବ୍ଦା—ସଂ. ବି—ଶଣପୁଷ୍ପୀ (ହି. ଶ)—
Swalpa śabdā Crotolaria Juncia (plant).

ସ୍ୱ ଶବ୍ଦ ବାଚ୍ୟ ଦୋଷ—ସଂ. ବି—ରସ ଦୋଷ ବିଶେଷ—A defect
Swa śabda bāchya dosha in rhetoric, in which a particular sentiment is expressed by the very verbal expression which denotes that sentiment. [ଦ୍ର—ଯେବେ କୌଣସି ରସ ବା ରସର ସ୍ଥାୟୀ ଭାବ ବା ବ୍ୟଭିଚାରୀ ଭାବ ସ୍ୱଶବ୍ଦ ଦ୍ୱାରା ବର୍ଣ୍ଣିତ ହୁଏ ତେବେ ସ୍ୱଶବ୍ଦବାଚ୍ୟ ଦୋଷ ହୁଏ।

ଯଥା—ଗଣ୍ଡିରୁ ବହିର୍ଗତ ହୋଇ ଛଟକେ ଛଡ଼ଉଛ ଛଟପଟ ହେଲା ଭୂମେ, ରକ୍ତ ଉସ୍ର ସ୍ରାବ ସାଲଙ୍କାର ହସ୍ତ ପାଦ ସଞ୍ଚିବନ୍ଧ ଶିରଃ, ପେଷି ହୋଇ ଗଲେ ଘନ ଅଶେ ଅଶ୍ୱରଥେ ରଥ ଭଙ୍ଗେ ସେ ବିମର୍ଦ୍ଦେ, ରୁଧିର କର୍ଦ୍ଦମେ ମସ୍ତିଷ୍କ ଯକୃତ୍ ପ୍ଲୀହା ଅନ୍ତ୍ର ମାଂସ ବସା, ହୃଦୟାଦି ମିଶି ହେଲା ଅଯତ୍ନେ ସେ କାଳେ ବୈିଭତ୍ସର ଚେଗ ଯୋଗ୍ୟ ବୀଭତ୍ସ ସାଜିଅ। ରାଧାନାଥ. ମହାଯାତ୍ରା। ବୀଭତ୍ସ ରସର ବର୍ଣ୍ଣନାରେ "ବୀଭତ୍ସ" ଶବ୍ଦର ଉଲ୍ଲେଖ ଦୋଷାବହ।]

ସ୍ୱ ସର—ସଂ. ବି—୧। ଗୃହ; ଘର (ହି. ଶ)—1. House. ୨। ଦିନ
Swa sara (ହି. ଶ)—2. Day.

ସ୍ୱସା—ସଂ. ବି ସ୍ତ୍ରୀ (ସୁ=ଉତ୍ତମ+ଅସ୍ ଧାତୁ=ହେବା+କର୍ତ୍ତୃ ଋ;
Swa sā ସ୍ୱସୃ ଶବ୍ଦ; ୧ମା, ୧ବ)—୧। ଭଗିନୀ; ଭଉଣୀ—1 Sister. ୨। ଡେନ୍ତବଣ (ହି. ଶ)—2. The toothache tree.

ସ୍ୱସ୍କ୍ (ଧାତୁ)—ସଂ.—ଗତି କରିବା—
Swask (root) To move.

ସ୍ୱସ୍ତି—(ସୁ=ଉତ୍ତମ+ଅସ୍ ଧାତୁ=ହେବା+ଭାବ ତି)—(ଆଶୀର୍ବାଦ,
Swasti ମଙ୍ଗଳ କାମନା ଆଦି ଉଦ୍ଦେଶ୍ୟରେ ବ୍ୟବହୃତ ଅବ୍ୟୟ ଶବ୍ଦ;—ତୁମ୍ଭର ମଙ୍ଗଳ ହେଉ।) (Interjection used in benedictions and goodwishes;—God bless you!) ସଂ. ବି—୧। ଆଶୀର୍ବାଦ—1. Blessing. ୨। ପୁଣ୍ୟ—2. Piety. ୩। କଲ୍ୟାଣ; ଶୁଭ; ମଙ୍ଗଳ—3. Auspiciousness; bliss. ୪। ସ୍ୱୀକାର—4. Consent. ୫। ତୃପ୍ତି; ସନ୍ତୋଷ—5. Satisfaction; contentment. ୬। ଶାନ୍ତି—6. Peace. ୭। ପୁରାଣାନୁସାରେ ବ୍ରହ୍ମାଙ୍କର ୩ ସ୍ତ୍ରୀଙ୍କ ମଧ୍ୟରୁ ଜଣେ (ହି. ଶ)—7. One of the 3 wives of Brahmā. ଅଂ. (ଅ)—୧। ଆଶୀର୍ବାଦ ଓ ମଙ୍ଗଳକାମନା ବେଳେ ବ୍ୟବହୃତ ଶବ୍ଦ)—ତୁମ୍ଭର କଲ୍ୟାଣ ହେଉ—1. God bless you! ୨। ମଙ୍ଗଳ କର୍ମରେ ସ୍ୱସ୍ତି ଶବ୍ଦଯୁକ୍ତ ମନ୍ତ୍ର 2. Holy formula with the word 'Swāsti' used on auspicious occasions. ୩। ଦାନ ସ୍ୱୀକାର ମନ୍ତ୍ର—3. A formula pronounced by a person while accepting a gift. [ଦ୍ର—ବ୍ରାହ୍ମଣ ଦାନ ଗ୍ରହଣ କରିସାରି 'ସ୍ୱସ୍ତି' 'ସ୍ୱସ୍ତି' 'ସ୍ୱସ୍ତି' ଏହି ମନ୍ତ୍ର ଉଚ୍ଚାରଣ କରନ୍ତି।

ସଂସ୍କୃତରେ ଏହି ଶବ୍ଦ ଯୋଗେ ତତ୍ସମ୍ବନ୍ଧ ପଦର ଚତୁର୍ଥୀ ବିଭକ୍ତି ହୁଏ। ଯଥା—"ସ୍ୱସ୍ତି ଧାତ୍ରେ" (ମୁଗ୍ଧବୋଧ ବ୍ୟାକରଣ)।

ଦେ. ବି—୧। ମଙ୍ଗଳ—1. Good. [ଉଦା—କାହା ଜାଣିପାରି ଏ ଧନ ବ୍ରାହ୍ମଣ, ବୋଇଲେ ହେଉ ସ୍ୱସ୍ତି ତବ ନନ୍ଦନ। କୃଷ୍ଣ ତା ଶୁଣି ଭୀମ ସ୍ୱସ୍ତି ବସ୍ତ୍ରରେ, ଯୁଦ୍ଧ ବୋଲି ତାହାଙ୍କୁ ବେଗେ ଆଜ୍ଞା ଦେଲେ—କୃଷ୍ଣସିଂହ. ମହାଭାରତ—ସଭା] ୨। ମନର ଶାନ୍ତି; ଉଦ୍ବେଗଶୂନ୍ୟତା—2. Peace of mind; freedom from anxiety. ୩। ସ୍ୱଚ୍ଛନ୍ଦତା—3. Comfort. ୪। ସନ୍ତୋଷ; ସୁଖ ଓ ଶାନ୍ତିମୟ ଅବସ୍ଥା—4. A state of happiness, peace and contentment. ୫। ପତ୍ରାଦିର ଆରମ୍ଭରେ ଲେଖାଯିବା ମଙ୍ଗଳସୂଚକ ଶବ୍ଦ—5. A word written at the beginning of a letter.

ସ୍ୱସ୍ତିକ—ସଂ. ବି.—(ସ୍ୱସ୍ତି+କ)—୧। ମଙ୍ଗଳ ଦ୍ରବ୍ୟ—1. Auspi-
Swastika cious article. ୨। ପିଠଉ ବା ଗୁଣ୍ଡିଲ ଚୂର୍ଣ୍ଣ ନିର୍ମିତ ଏକ ପ୍ରକାର ଅଧିବାସ ଦ୍ରବ୍ୟ—2. An article made of rice paste used on the eve of auspicious occasions. [ଦ୍ର—ବିବାହାଦି ମଙ୍ଗଳ କାର୍ଯ୍ୟରେ ଏହା ଆଦର ହୁଏ ଓ ଏହା ଦେବତାମାନଙ୍କ ନିବାସ ବୋଲି ବିବେଚିତ (ହି. ଶ)—୩। ଚତୁଷ୍ପଥ; ଚଉଛକ—3. A meeting place of two

cross roads. ୪ । ଚଉକ; ଚତ୍ୱର—4. A square; a courtyard. ୫ । ଏକ ପ୍ରକାର ଗୃହ (ମେଦନୀ)—5. A sort of house facing east and having varandas on two sides and portico on the front. [ଦ୍ର—ଏ ଗୃହର ଦୁଆର-ମୁହଁ ପୂର୍ବକୁ ଓ ଏଥିର ସାମନାରେ ଓ ଦୁଇପାଖରେ ବରଣ୍ଡା ବା ଅଳନ୍ଦ ଥାଏ (ଭରତ); ସେହିଁ ଘରର ଦୁଇପାଖରେ ବରଣ୍ଡା ଓ ସାମନା ପାଖରେ ଗୁନ୍ଦନୀ ବା ଗାଡ଼ି-ବରଣ୍ଡା ଥାଏ, ମତାନ୍ତରରେ, ଯେଉଁ ଘରର ପଶ୍ଚିମାଂଶରେ ଗୋଟିଏ ଦଲ୍ଲଣ (ମେଲ୍ଲ) ଓ ପୂର୍ବାଂଶରେ ଦୁଇଟି ଦଲ୍ଲଣ ଥାଏ, ତାକୁ ସ୍ୱସ୍ତିକ ବୋଲଯାଏ । ଏ ଘରେ ରହୁବା ଗୃହସ୍ଥଙ୍କର ମଙ୍ଗଳ ବା ସ୍ୱସ୍ତି ହୁଏ ବୋଲି ଏଥିର ଏହି—ନାମ (ହି. ଶ)—୬ । ପିଷ୍ଟକ ବିକାର (ବୈଦ୍ୟ); ପିଠଉ—6. A paste for pastry cakes. ୭ । (ପୁଂ) ଲଠ ଜାଳକ (ବୈଦ୍ୟ); ବିଟ୍ଟଲ—7. A panderer; a
(ସ୍ୱସ୍ତିକା—ସ୍ତ୍ରୀ) person who procures women for a gallant. ୮ । ବୁଦ୍ଧଦେବଙ୍କର ଚରଣର ଛାପ; ବୌଦ୍ଧମାନଙ୍କର ଚତୁର୍ବିଂଶତି ଚିହ୍ନାନ୍ତର୍ଗତ ଚିହ୍ନ ବା ଧ୍ୱଜ-ବିଶେଷ (ତ୍ରିକାଣ୍ଡ ଶେଷ)—8. A print of the footsteps of the Buddha borne on the flag of the Buddhists. [ଦ୍ର—ବୌଦ୍ଧମାନଙ୍କର ଚତୁର୍ବିଂଶତି ଚିହ୍ନ—ବୃଷ, ଗଜ, ଅଶ୍ୱ, ପ୍ଲବଗ, କ୍ରୌଞ୍ଚ, ଅବ୍ଜ, ସ୍ୱସ୍ତିକ, ଶଶୀ, ମକର, ଶ୍ରୀବତ୍ସ, ଖଡ୍ଗୀ, ମହିଷ, ଶୂକର, ଶ୍ୟେନ, ବଜ୍ର, ମୃଗ, ଛାଗ, ନନ୍ଦ୍ୟାବର୍ତ୍ତ, ଘଟ, କୂର୍ମ, ନୀଳୋତ୍ପଳ, ଶଙ୍ଖ, ଫଣୀ ଓ ସିଂହ ।]—୯ । ସିତାବର ଶାକ (ରାଜ ନିଘଣ୍ଟୁ); ସୁନୁସୁନିଆଁ ଶାଗ—9. Blepharis Edulis (a potherb) ୧୦। ସ୍ୱସ୍ତିକାସନ; ଯୋଗାସନ ବିଶେଷ—10. One of the seats prescribed for joga exercise. [ଦ୍ର—ଏହି ଆସନରେ ବସିଲେ ହଠଯୋଗୀ ସାଧକଙ୍କୁ ସ୍ୱସ୍ତି ବା ଆରାମ ବୋଧହୁଏ । ଏ ଆସନରେ ଦୁଇ ଗୋଡ଼ର ଗୋଇଠିକୁ ଯଥାକ୍ରମେ ଗୁହ୍ୟ-ଦ୍ୱାର ଓ ଉପସ୍ଥ ନିକଟରେ ରଖି ଓ ଦୁଇ ପାଦକୁ ବିପରୀତ ଜଙ୍ଘରେ ନ୍ୟସ୍ତ କରି ସାଧକ ଦେହକୁ ସରଳ ଭାବରେ ରଖି ବସନ୍ତି ।] ୧୧ । ସର୍ପଫଣା—11. The expanded hood of a serpent. ୧୨ । ସର୍ପଫଣାକୃତି ଅଞ୍ଜଳି—12. Palms of the hand folded like the expanded hood of a serpent. ୧୩ । ପ୍ରାଚୀନ କାଳରେ ବ୍ୟବହୃତ ଶଲ୍ୟୋଦ୍ଧାରଣ ଯନ୍ତ୍ର ବିଶେଷ—13. A kind of surgical instrument used in ancient India for drawing out an arrow or foreign body from a wound. [ଦ୍ର—ଏ ଯନ୍ତ୍ର ୧୮ ଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ଓ ସିଂହ, ଶୃଗାଳ, ମୃଗଆଦିଙ୍କ ଆକାର ଅନୁସାରେ ଏ ଯନ୍ତ୍ର ୧୮ ପ୍ରକାର (ହି. ଶ) ।] ୧୪ । ଶୁଭସୂଚକ ଚିହ୍ନବିଶେଷ; ବକ୍ରଚିହ୍ନ—14. A conventional sign, viz, 卐 [ଦ୍ର—ପ୍ରାଚୀନ-କାଳରେ ଏହି ଶୁଭସୂଚକ ଚିହ୍ନ, ବିବାହାଦି ଉତ୍ସବରେ ମାଙ୍ଗଳିକ ଦ୍ରବ୍ୟମାନଙ୍କ ଉପରେ ଅଙ୍କିତ ହେଉଥିଲା । ଆଜିକାଲି କେତେକ ପାଶ୍ଚାତ୍ୟ ଜାତି (ଯଥା, ଜର୍ମାନ୍) ଏ ଚିହ୍ନକୁ ମଧ୍ୟ ବ୍ୟବହାର କରୁଅଛନ୍ତି । ଥିଓସଫି (Theosophy) ବା ବ୍ରହ୍ମବିଦ୍ୟାର ଏକତତ୍ତ୍ୱ ପ୍ରତିଷ୍ଠାତ୍ରୀ ମାଡାମ୍ ବ୍ଲାଭାସ୍କି (Madam Blavatsky) ତାଙ୍କ ସଙ୍କଳିତ ଗୁପ୍ତ-ବାଦ (The Secret Doctrine) ନାମକ ଗ୍ରନ୍ଥରେ (୧ମ ଖଣ୍ଡ ୭୨-୭୩ ପୃଷ୍ଠା, ୩ୟ ଖଣ୍ଡ ୧୦୭।୧୦୮ ପୃଷ୍ଠା, ୪ର୍ଥ ଖଣ୍ଡ ୧୫୭-୧୫୮ ପୃଷ୍ଠା) ପୃଥିବୀର ପ୍ରାୟ ସବୁ ପ୍ରାଚୀନ ଧର୍ମାବ-ଲମ୍ବୀମାନଙ୍କ ଶାସ୍ତ୍ରବଚନମାନ ଉଦ୍ଧାର କରି ପ୍ରମାଣ କରି ଅଛନ୍ତି ଯେ, ଏ ଚିହ୍ନ ପ୍ରାଚ୍ୟ ପାଶ୍ଚାତ୍ୟ ସବୁ ପ୍ରାଚୀନ ଧର୍ମ (ଯଥା—ହିନ୍ଦୁ, ଜୈନ, ବୌଦ୍ଧ, ଖ୍ରୀଷ୍ଟାନ୍, ମିଶରୀୟ) ରେ ଅନନ୍ତକାଳ(eternity)ର ପ୍ରତୀକରୂପେ ଗୃହୀତ ହୋଇଥିଲା ଓ ସବୁ ଦେଶବାସୀମାନେ ଏହାକୁ ମଙ୍ଗଳମୟ ଚିହ୍ନରୂପେ ଗ୍ରହଣ କରିଥିଲେ ।] ୧୫। ରସୋନ; ରସୁଣ (ତ୍ରିକାଣ୍ଡଶେଷ)—15. Garlic. ୧୬। ରକ୍ତାଳୁ (ହି.ଶ)—16. The red variety of yam. ୧୭ । ମୂଳା (ହି.ଶ)—17. Radish. ୧୮ । (ସାମୁଦ୍ରିକ) କେତେକ ବ୍ୟକ୍ତିଙ୍କ ଶରୀରରେ ପ୍ରକାଶିତ ଶୁଭକର ସ୍ୱସ୍ତିକ ଚିହ୍ନ (ହି. ଶ)—18. A sign like Swastika found on the limbs of some persons. ୧୯ । ଘାଅ ଓ ବଥ ଆଦି ବନ୍ଧାଯିବା ଏକ ପ୍ରକାର ପଟି (ହି.ଶ)—19. A kind of bandage tied on boils and sores. ୨୦ । ସର୍ପଫଣା ଉପରେ ଥିବା ନୀଳବର୍ଣ୍ଣ ରେଖା (ହି. ଶ)—20. Blue line on a serpent's hood. ୨୧ । ପ୍ରାଚୀନକାଳରେ ରାଜାଙ୍କ ବ୍ୟବହାର୍ଯ୍ୟ ଉତ୍କୃଷ୍ଟ ନୌକା (ହି. ଶ)—21. A kind of excellent royal barge used in ancient India.

ସ୍ୱସ୍ତିକା—ସଂ. ବି—(ହି· ଚମେଲି)—ଜାଇଫୁଲ—Catalonain or Spanish jasmine.
Swastikā

ସ୍ୱସ୍ତିକାସନ—ସଂ. ବି—ଯୋଗ ଶାସ୍ତ୍ରୋକ୍ତ ଆସନ ବିଶେଷ—A kind of sitting posture prescribed in joga exercise. [ଦ୍ର—ଏଥିରେ ସାଧକ ଦେହ ସଳଖ କରି ବା ପଦ୍ମାସନ କରି ବସିବାବେଳେ ଦୁଇ ଗୋଇଠିକୁ ଯଥାକ୍ରମେ ଗୁହ୍ୟ ଓ ଉପସ୍ଥ ଉପରେ ରଖି ଡାହାଣପାଦକୁ ବାଆଁ ଜଙ୍ଘକୁ ଓ ବାଆଁ ପାଦକୁ ସଙ୍ଗେ ଡାହାଣ ଜଙ୍ଘକୁ ଲଗାଇ ଦେହକୁ ସରଳ ଭାବରେ ରଖି ଯୋଗ ସାଧନ କରନ୍ତି । (ଯୋଗଶାସ୍ତ୍ର)]
Swastikāsana

ସ୍ୱସ୍ତିକୃତ୍—ସଂ. ବଣ (ପୁଂ ଓ ସ୍ତ୍ରୀ) (ସ୍ୱସ୍ତି + କୃ ଧାତୁ + କର୍ତ୍ତୃ କ୍ୱିପ୍)—
Swastikrut କଲ୍ୟାଣକାରୀ—Doing good. ସଂ. ବି—ଶିବ (ହ. ଶ)—Śiba.

ସ୍ୱସ୍ତିଘୋଷ—ସଂ. ବି—ଦକ୍ଷିଣା ପାଇବା ବ୍ରାହ୍ମଣମାନଙ୍କର ସ୍ୱସ୍ତି ଶବ୍ଦ
Swastighosa ଉଚ୍ଚାରଣ—Utterance of the word 'Swasti' by Brāhmaṇas on receiving gifts. (ଉ—ଦକ୍ଷିଣା ପାଇ ଦ୍ୱିଜେ ସ୍ୱସ୍ତି ଘୋଷ କଲେ । ସେ ଶବଦେ ଆକାଶ ମଣ୍ଡଳ ମଣ୍ଡିଲେ । କୃଷ୍ଣସିଂହ. ମହାଭାରତ—ସଭା)

ସ୍ୱସ୍ତିବାଚ—ଦେ. ବି—ସ୍ୱସ୍ତିବାଚନ (ଦେଖ)—
Swastibācha Swastibāchana (See)
(ଉ—ଜଳପାଣି ଦେଇ ଯେ କରାଏ ସ୍ୱସ୍ତିବାଚ—କୃଷ୍ଣସିଂହ ମହାଭାରତ—ବନ)

ସ୍ୱସ୍ତିବାଚକ—ସଂ. ବଣ. ପୁଂ (ସ୍ୱସ୍ତି + ବଚ ଧାତୁ + କର୍ତ୍ତୃ ଅକ)—୧।
Swastibāchaka ସ୍ୱସ୍ତି ଶବ୍ଦ ଉଚ୍ଚାରଣକାରୀ—1. Uttering the word Swasti. ୨। ଆଶୀର୍ବାଦକ—2. Blessing.

ସ୍ୱସ୍ତିଦ—ସଂ. ବଣ. ପୁଂ—(ସ୍ୱସ୍ତି + ଦା ଧାତୁ + କର୍ତ୍ତୃ ଅ)—କଲ୍ୟାଣଦାୟକ
Swastida Giving bliss (ସ୍ୱସ୍ତିଦା—ସ୍ତ୍ରୀ) ସଂ. ବି. ପୁଂ ଶିବ (ହ. ଶ)—Śiba.

ସ୍ୱସ୍ତିବାଚନ—ସଂ. ବି—ମାଙ୍ଗଲ୍ୟ କର୍ମାରମ୍ଭରେ 'ସ୍ୱସ୍ତି ! ସ୍ୱସ୍ତି !' ମନ୍ତ୍ର
Swastibāchana ଉଚ୍ଚାରଣ ପୂର୍ବକ ଅକ୍ଷତ ବିକୀରଣ ଓ ଦେବତାଙ୍କର ଆଶୀର୍ବାଦ ପ୍ରାର୍ଥନା—The utterance of certain formula beginning with 'Swasti' and invoking blessing of the gods and sprinkling rice while beginning any auspicious ceremony. (ଉ—ଡକାଇ ଦ୍ୱିଜ ସ୍ୱସ୍ତିବାଚନ କରାଅ, ଦୁର୍ଦ୍ଦଶଙ୍କୁ ପୀଡ଼ା ଦେବାପାଇଁ ଯାଅ—କୃଷ୍ଣସିଂହ. ମହାଭାରତ—ସଭା)
(ଦ୍ର—ସ୍ୱସ୍ତିବାଚନ ମନ୍ତ୍ର ଯଥା—କର୍ମକର୍ତ୍ତା କହିବେ 'ସ୍ୱସ୍ତି ପୁଣ୍ୟାହଂ ଭବନ୍ତୋ ଅମୁକ କର୍ମଣି ସ୍ୱସ୍ତି ବ୍ରୁବନ୍ତୁ;' ବ୍ରାହ୍ମଣମାନେ କହିବେ 'ଏବମସ୍ତୁ, ବଞ୍ଚୟାମି'; କର୍ମକର୍ତ୍ତା କହିବେ 'ଉଚ୍ୟତାଂ'; ବ୍ରାହ୍ମଣମାନେ କହିବେ 'ଓଁ ବ୍ରାହ୍ମଣାନାଂ ରାଜା ପ୍ରଜାନାଂ ଶାନ୍ତିର୍ଭବତୁ ।

ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ
ସ୍ୱସ୍ତି ନଃ ପୂଷା ବିଶ୍ୱଦେବାଃ
ସ୍ୱସ୍ତି ନସ୍ତାର୍କ୍ଷ୍ୟୋଽରିଷ୍ଟନେମିଃ
ସ୍ୱସ୍ତି ନୋ ବୃହସ୍ପତି ର୍ଦ୍ଦଧାତୁ ।'

ଏହା ବୋଲି ଭୂମିରେ ତଣ୍ଡୁଳ ବୁଣିବେ ।)

ସ୍ୱସ୍ତିବାଚନିକ—ସଂ. ବଣ—୧। ସ୍ୱସ୍ତିବାଚନ ସମ୍ବନ୍ଧୀୟ—1. Relating
Swastibāchanika to 'swastibāchana' ୨। ସ୍ୱସ୍ତିବାଚନଉଚ୍ଚାରଣକାରୀ—2. Reciting the 'swastibāchana' formula

ସ୍ୱସ୍ତିମୁଖ—ସଂ. ବି—(ବହୁବ୍ରୀହି, ସ୍ୱସ୍ତି ଶବ୍ଦ ଅଛି ମୁଖରେ ଯାହାଙ୍କର)—୧।
Swasti mukha ବ୍ରାହ୍ମଣ (ମେଦିନୀ)—1. A Brāhmaṇa. ୨। ବନ୍ଦୀ; ଭାଟ (ମେଦିନୀ)—2. A herald; a panegyrist. ୩। (ଲିପି ଆଦିର ଆରମ୍ଭରେ ସ୍ୱସ୍ତି ଶବ୍ଦ ଲେଖିବାର ବିଧି ଥିବାରୁ) ଲିପି; ଲେଖ; ପତ୍ର (ମେଦିନୀ)—3. A letter.

ସ୍ୱସ୍ତ୍ୟନ—ଗ୍ରା. ବି. (ପଦ୍ୟ) ସ୍ୱସ୍ତ୍ୟୟନ (ଦେଖ)—Swastyayana
Swastyana (See).
स्वस्त्ययन स्वस्तेन [ଉ—ଭୂଷଣ ଦେଇ ଭୂଷିତ, ସ୍ୱସ୍ତ୍ୟନ କଲେ ଦ୍ୱିଜେ ମିଳି । ଜଗନ୍ନାଥ. ଭାଗବତ ।]

ସ୍ୱସ୍ତ୍ୟୟନ—ସଂ. ବି (ବହୁବ୍ରୀହି; ସ୍ୱସ୍ତି = ମଙ୍ଗଳ + ଅ + ଇ ଧାତୁ +
Swastyayana ଭାବ. ଅନ)—୧। କୁଗ୍ରହଙ୍କ ଶାନ୍ତି କରିବା ପାଇଁ ଅନୁଷ୍ଠିତ ହୋମାଦି ମଙ୍ଗଳ କର୍ମ; ଗ୍ରହଯାଗ—1. Oblations unto fire made for propitiating evil planets. ୨। ଦାନଗ୍ରହୀତା ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ୱସ୍ତିବାଚନ ପୂର୍ବକ ଆଶୀର୍ବାଦ—2. Blessings uttered by Brāhmaṇas on accepting gifts. [ଉ—ସ୍ୱର୍ଣ୍ଣନିହିତ ଆଦି ମଙ୍ଗଳପ୍ରଦ ଜଳ, ପାଶରେ ଥାଇ କରାନ୍ତି ତହିଁ ସ୍ୱସ୍ତ୍ୟୟନ । କୃଷ୍ଣସିଂହ. ମହାଭାରତ. ସଭା]

ସ୍ୱସ୍ଥ—ସଂ. ବଣ. ପୁଂ (ସ୍ୱ + ସ୍ଥା ଧାତୁ + କର୍ତ୍ତୃ. ଅ)—୧। ସୁସ୍ଥ (ଦେଖ ମାହାତ୍ମ୍ୟ)
Swastha —1. Hale; in enjoyment of (ସ୍ୱସ୍ଥା—ସ୍ତ୍ରୀ) health. ୨। ନିରୁଦ୍ୱିଗ୍ନ—2. Free from (ସ୍ୱସ୍ଥତା—ବି) anxiety. ୩। ସନ୍ତୁଷ୍ଟଚିତ୍ତ—3. Contented.

ସ୍ୱସ୍ଥଚିତ୍ତ—ସଂ. ବଣ. ପୁଂ—ଯାହାର ଚିତ୍ତ ସ୍ୱସ୍ଥ ବା ଶାନ୍ତ ହୋଇଅଛି—
Swastha chitta With the mind tranquilised.
(ସ୍ୱସ୍ଥ ଚିତ୍ତା—ସ୍ତ୍ରୀ) (ସ୍ୱସ୍ଥ ଚେତାଃ—ଅନ୍ୟ ବଣ. ରୂପ)

ସ୍ୱସ୍ରୀୟ—ସଂ. ବି. ପୁଂ (ସ୍ୱସୃ + ଅପତ୍ୟାର୍ଥେ. ଇୟ)—ଭାଗିନେୟ; ଭଣଜା
Swasrīya Sister's son.
(ସ୍ୱସ୍ରୀୟା—ସ୍ତ୍ରୀ) ସଂ. ବଣ—ଭଗିନୀ ସମ୍ବନ୍ଧୀୟ—Relating to a sister; sisterly.

ସ୍ୱସ୍ରୀୟ ବଧୂ—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ଭଣଜା ବୋହୂ—The
Swasrīya badhū wife of one's sister's son.

ସ୍ୱସ୍ରୀୟା—ସଂ. ବି. ସ୍ତ୍ରୀ (ସ୍ୱସ୍ରୀୟ + ଆ)—ଭାଗିନେୟୀ; ଭାଣିଜୀ—
Swasrīyā One's sister's daughter.

ସ୍ୱ ହସ୍ତ—ସଂ. ବି (୬ଷ୍ଠୀ ତତ୍)—ନିଜର ହାତ—
Swa hasta One's own hand.

ସ୍ୱହସ୍ତ ପାକ—ସଂ. ବି (୩ୟା ତତ୍)—ନିଜର ହାତରେ ରନ୍ଧଣା—
Swahasta pāka Cooking by one's own hand.

ସ୍ୱହସ୍ତ ଲିପି(ଲେଖା)—ସଂ. ବି (୬ଷ୍ଠୀ ତତ୍)—ନିଜର ହସ୍ତାକ୍ଷର—
Swahasta lipi(lekha) One's own handwriting.

ସ୍ୱହସ୍ତାଙ୍କିତ—ସଂ. ବଣ (୩ୟା ତତ୍)—ନିଜର ହାତଦ୍ୱାରା ଲେଖା—
Swahastānkita Written by one's self.

ସ୍ୱହିତ—ସଂ. ବି (ଷଷ୍ଠୀ ତତ୍)—ନିଜର ମଙ୍ଗଳ—
Swa hita One's good.

ସ୍ୱାଇ—ଦେ. ବି (ସଂ ସପାଦ)—୧ । ସୁଅଇ; କରଜ ଦିଆଯିବା ଧାନ
Swāi ଉପରେ ଆଦାୟ କରାଯିବା ¼ ପରିମିତ ସୁଧ—
ପାଇ 1. Interest at the rate of 25 per cent on
ସବାଇ, ସଓଆ paddy lent as loan.
[ଦ୍ର—ଦୋଳପୂର୍ଣ୍ଣିମାଠାରୁ ପରବର୍ତ୍ତୀ ଧାନ ଫସଲ ଅମଦାନ ହେବା ପର୍ଯ୍ୟନ୍ତ ଯେଉଁ ଖାତକମାନେ ଧାନ କରଜ ନିଅନ୍ତି ସେମାନଙ୍କଠାରୁ ପରବର୍ତ୍ତୀ ଧାନ ଫସଲ ଅମଦାନୀ ହେଲାରୁ କରଜ ନିଆଯାଇ ଥିବା ଧାନ ଓ ତହିଁର ସୁଧ ¼ ହିସାବରେ ଆଦାୟ କରାଯାଏ । ସେ ବର୍ଷ ସୁଝି ନ ପାରିଲେ ତହିଁ ଅର ବର୍ଷକୁ ଉକ୍ତ ସୁଧ ଓ ମୂଳ ଧାନ ମୂଳରୂପେ ପରିଗଣିତ ହୋଇ ତହିଁ ଉପରେ ଉକ୍ତରୂପି ସୁଧ ନିଆଯାଏ । ଏହାକୁ ସ୍ୱାଇ କରଜ ବା ସୁଅଇ କରଜ କହନ୍ତି । ପୂର୍ବେ ଧାନ ମହାଜନମାନେ ¼ ହାରରେ ସୁଧ ନେଉଥିଲେ । ସେଥିପାଇଁ ଏହାକୁ କେତେ ଅଞ୍ଚଳରେ ଦେଢ଼ି ବୁଝାଯାଏ । ଏଠାରେ ଅନ୍ୟ ଗୋଟିଏ କଥା ବକ୍ତବ୍ୟ ଏହି ଯେ, ସ୍ୱାଇର ଅର୍ଥ ସଉଅ ବା ୧¼, କିନ୍ତୁ ଭାଷାରେ 'ସ୍ୱାଇ' ଶବ୍ଦ କେବଳ ଏକ ଚତୁର୍ଥାଂଶ ଅର୍ଥରେ ବ୍ୟବହୃତ ହୁଏ ।] ୨ । ଏକ ଚତୁର୍ଥାଂଶ—
2. One fourth

ସ୍ୱାଇଁ—ଦେ. ବି (ସଂ. ସ୍ୱାମୀ)—କେତେକ କୃଷକ ଓ ବଳରାମଗୋତ୍ରୀ
Swāin ବ୍ରାହ୍ମଣଙ୍କ ବଂଶୋପାଧି—A family-title of some cultivators and Balarāma Gotri Brāhmaṇas.

ସ୍ୱାଇ ସୁଦ(ଧ)—ଦେ. ବି—ମୂଳ ଧନର ଏକ ଚତୁର୍ଥାଂଶ ସୁଧ—
Swāi suda(dha) Interest at 25 percent.

ସ୍ୱାକ୍ଷ ପାଦ—ସଂ. ବି (ସ୍ୱ+ଅକ୍ଷ ପାଦ)—ନୈୟାୟିକ (ନ୍ୟାୟଧର)—
Swāksha pāda A logician.

ସ୍ୱାକ୍ଷର—ସଂ. ବି (ଷଷ୍ଠୀ ତତ୍)—୧ । ଦସ୍ତଖତ; ସହି; ଦଲିଲ ଓ ପତ୍ର
Swākshara ଅନ୍ତରେ ଅପଣାର ନାମ ଦସ୍ତଖତ—1. Signature. ୨ । ନିଜର ହସ୍ତାକ୍ଷର—2. One's own handwriting.

ସ୍ୱାକ୍ଷରକାରୀ—ସଂ. ବଣ. ପୁଂ—କୌଣସି ଲେଖାରେ ଯେ ସ୍ୱାକ୍ଷର କରି
Swāksharakāri ଅଛନ୍ତି—One who has signed a
(ସ୍ୱାକ୍ଷରକାରିଣୀ—ସ୍ତ୍ରୀ) writing.

ସ୍ୱାକ୍ଷରିତ—ସଂ. ବଣ (ସ୍ୱାକ୍ଷର+ଇତ)—ସ୍ୱାକ୍ଷରଯୁକ୍ତ; ଦସ୍ତଖତ—
Swāksharita Containing one's signature; signed by a person.

ସ୍ୱାଗତ—ସଂ. ବି (ସୁ+ଅଗତ)—୧ । ସୁଖରେ ଅସି ପହଞ୍ଚିବା—
Swāgata 1. Safe arrival. ୨ । ଶୁଭାଗମନ—
2. Welcome; auspicious arrival. ୩ । କୁଶଳ—
3. Weal; well being. ୪ । ଅଭ୍ୟାଗତ ବ୍ୟକ୍ତିଙ୍କୁ କରାଯିବା ଅଭିନନ୍ଦନ; ଅଭ୍ୟର୍ଥନା—4. Welcoming of a newly arrived honoured person. ସଂ. ଅ (ସଂ. ସ୍ୱାଗତଂ)—(ଅଭ୍ୟାଗତ ବ୍ୟକ୍ତିଙ୍କୁ ଅଭ୍ୟର୍ଥନା କରିବା ଉପଲକ୍ଷରେ ଉଚ୍ଚାରିତ ଶବ୍ଦ) ଆପଣ ସର୍ବଶୁଭରେ ଆସି ପହଞ୍ଚିଲେ ତ ? ଆପଣଙ୍କର ଶୁଭାଗମନ ହେଲା ତ ? ଆପଣଙ୍କ ଶୁଭାଗମନରେ ମୁଁ ଆପ୍ୟାୟିତ ହେଲି—Interjection—(a word uttered to welcome a guest)—Hail!
(ସ୍ୱାଗତା—ସ୍ତ୍ରୀ) Welcome! ସଂ. ବଣ. ପୁ—କୁଶଳରେ ଆଗତ
Arived safely.

ସ୍ୱାଗତ ଜିଜ୍ଞାସା(ପ୍ରଶ୍ନ)—ସଂ. ବି—ସ୍ୱାଗତ ରୂପ ପ୍ରଶ୍ନ; ଅଭ୍ୟାଗତ
Swāgata jijnāsā(prasna) ବ୍ୟକ୍ତିଙ୍କୁ କୁଶଳ ପ୍ରଶ୍ନ (ଯଥା—ଆପଣଙ୍କର ସର୍ବଶୁଭ ତ ? ଆପଣ ନିର୍ବିଘ୍ନରେ ଆସିଲେଟିକି?)—Enquiry about the well-being or safe journey of a newly arrived honoured guest.

ସ୍ୱାଗତ ପତିକା(ଭର୍ତ୍ତୃକା)—ସଂ. ବି. ସ୍ତ୍ରୀ—(ବହୁବ୍ରୀହି, ସ୍ୱାଗତ+ପତି;
Swāgata patikā (bharttrukā) ଭର୍ତ୍ତୃ+କ+ଆ)—ଏକ ଶ୍ରେଣୀର ନାୟିକା; ଅପଣାର ପତି ବିଦେଶରୁ ଫେରି ଅସିବା ସମୟରେ ତାଙ୍କୁ ପ୍ରସନ୍ନ ଚିତ୍ତରେ ଅଭ୍ୟର୍ଥନାକାରିଣୀ ନାୟିକା (ହି. ଶ)—(a class of heroines in a plot) A woman who welcomes her husband returning home after a long sojourn

ସ୍ୱାଗତପ୍ରିୟ—ସଂ.ବି. ପୁଂ—(ବହୁବ୍ରୀହି; ସ୍ୱାଗତ+ପ୍ରିୟା)—ଏକଶ୍ରେଣୀର
Swāgatapriyā ନାୟକ; ବିଦେଶରୁ ଫେରି ଆସି ପତ୍ନୀଙ୍କ ପ୍ରତି ପ୍ରସନ୍ନ ନାୟକ (ହି. ଶ)—(a clsas of heroes in a plot) A husband who assumes a very pleasant attitude to his wife on meeting her after his long sojourn.

ସ୍ୱାଗତ ସମ୍ଭାଷଣ—ସଂ. ବି.—ଅଭ୍ୟାଗତ ବ୍ୟକ୍ତିଙ୍କୁ ଭେଟିଲା ବେଳେ ସ୍ୱାଗତ
Swāgata sambhāshan ଜିଜ୍ଞାସା ପୂର୍ବକ ଅଭିନନ୍ଦନ—Words of welcome addressed to an honoured guest on meeting him.

ସ୍ୱାଗତିକ—ସଂ. ବଣ. ପୁଂ—(ସ୍ୱାଗତ+ଇକ)—ସ୍ୱାଗତକାରୀ; ସମାଗତ
Swāgatika ବ୍ୟକ୍ତିଙ୍କୁ ସାଦର ସମ୍ଭାଷଣକାରୀ—(a person)
(ସ୍ୱାଗତିକା—ସ୍ତ୍ରୀ) Welcoming a guest.

ସ୍ୱାଗମ—ସଂ. ବି—(ସୁ+ଅଗମ)—ସ୍ୱାଗତ (ଦେଖ)—Swāgata.
Swāgama (See)

ସ୍ୱାଙ୍କିକ—ସଂ. ବି (ସୁ+ଅଙ୍କ+ଇକ)—ମାର୍ଦ୍ଦଙ୍ଗିକ (ଶବ୍ଦ ରତ୍ନାବଳୀ);
Swānkika (ସ୍ୱାଙ୍କିକା—ସ୍ତ୍ରୀ) ଯେଉଁ ବ୍ୟକ୍ତି ମୃଦଙ୍ଗ ବଜାନ୍ତି—A person who plays on 'Mrudanga' or earthen drum.

ସ୍ୱାଙ୍ଗ—ସଂ. ବି—(ସ୍ୱ+ଅଙ୍ଗ) ନିଜର ଅଙ୍ଗ—One's limb or
Swānga body.

ସ୍ୱାଚ୍ଛନ୍ଦ୍ୟ—ସଂ. ବି.—(ସ୍ୱଚ୍ଛନ୍ଦ+ଭାବ ଯ)—୧ । ସ୍ୱଚ୍ଛନ୍ଦତା; ଅକ୍ଲେଶ—
Swāchchhandya 1. Comfort; ease; feeling of ease. ୨ । ସ୍ୱାସ୍ଥ୍ୟ—2. Health. ୩ । ସ୍ୱାଧୀନତା—3. Independence.

ସ୍ୱାଜନ୍ୟ—ସଂ. ବି. (ସ୍ୱଜନ+ଭାବ ଯ)—ସ୍ୱଜନତା—The state of
Swājanya being a Swajana.

ସ୍ୱାଜୀବ (ବ୍ୟ)—ସଂ. ବିଣ [ବହୁବ୍ରୀହି; ସୁ+ଆଜୀବ(ବ୍ୟ)]—ଯେଉଁ
Swājiba(bya) ସ୍ଥାନରେ ବା ଦେଶରେ କୃଷିବାଣିଜ୍ୟାଦି ଜୀବିକା ସୁଲଭ ଅଟେ (ସ୍ଥ. ଶ)—(a place) Where it is easy to get a living.

ସ୍ୱାତନ୍ତ୍ର୍ୟ—ସଂ. ବି.—(ସ୍ୱତନ୍ତ୍ର+ଭାବ ଯ)—୧ । ସ୍ୱତନ୍ତ୍ରତା—1. Speciality; peculiarity. ୨ । ବ୍ୟକ୍ତିତ୍ୱ—
Swatantrya
2. Individuality. ୩ । ସ୍ୱାଧୀନତା—3. Independence; freedom. (ଯଥା—ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟ ମର୍ହତି—ସ୍ତ୍ରୀଲୋକ ସ୍ୱାତନ୍ତ୍ର୍ୟର ଯୋଗ୍ୟା ନୁହନ୍ତି ।)

ସ୍ୱାତି(ତୀ)—ସଂ. ବି.—(ସ୍ୱ+ଅତ୍‌ଧାତୁ=ଗମନ କରିବା+କର୍ତ୍ତୃ ଇ;)
Swāti (tī) (ପୁରାଣୋକ୍ତ) ସୂର୍ଯ୍ୟ ପତ୍ନୀବିଶେଷ (ତ୍ରିକାଣ୍ଡ ଶେଷ)—Name of one of the wives of the sun god. [ଦ୍ର—ସୂର୍ଯ୍ୟଙ୍କ ପତ୍ନୀମାନଙ୍କ ନାମ—ସଂଜ୍ଞା, ସ୍ୱାତି, ସୂର୍ଯ୍ୟା, ସୁବର୍ଚ୍ଚଲା, ସରେଣୁ, ଦ୍ୟୁମୟୀ, ତ୍ୱାଷ୍ଟ୍ରୀ (ତ୍ରିକାଣ୍ଡ ଶେଷ) ୨ । ଖଡ୍ଗ (ଧରଣୀ)—2. Sword. ୩ । ବହୁଶାଖ ତୃଣ ବିଶେଷ—3 A species of grass having many branches. ୪ । ଜ୍ୟୋତିଷୋକ୍ତ ସପ୍ତବିଂଶତି ନକ୍ଷତ୍ର ମଧ୍ୟରୁ ପଞ୍ଚଦଶ ନକ୍ଷତ୍ର—4.(Astrology) The 15th asterism. [ଦ୍ର—ଏହା କୁଙ୍କୁମାରୁଣବର୍ଣ୍ଣ ଓ ଏକତାରକାଯୁକ୍ତ । ଏହାର ଅଧିଦେବତା ପବନ । ଏହି ନକ୍ଷତ୍ରରେ ଜାତ ବ୍ୟକ୍ତି କନ୍ଦର୍ପ ପରି ରୂପବାନ୍, କାନ୍ତାଜନପ୍ରିୟ, ନତିପ୍ରସନ୍ନ, ମହାମତି, ଓ ବିଭୂତିଶାଳୀ ହୁଅନ୍ତି ।— କୋଷ୍ଠୀ ପ୍ରଦୀପ ଚୂଡ଼ାମଣି)
ଏହି ନକ୍ଷତ୍ରଯୁକ୍ତ ତିଥିରେ ପବନ ବା ବତାସ ବହେ ଓ ବୃଷ୍ଟି ହୁଏ ବୋଲି ଲୌକିକ ବିଶ୍ୱାସ ଅଛି ।
ଅମାବାସ୍ୟା, ଶନିବାର ଓ ସ୍ୱାତି ନକ୍ଷତ୍ର ଏହି ତିନିଙ୍କର ଏକତ୍ର ସଂଯୋଗ ମହାବାତ୍ୟାସୂଚକ, । ପୁରାଣରେ ଉକ୍ତ ଅଛି ଯେ, ସ୍ୱାତି ନକ୍ଷତ୍ରରେ ହେବା ବର୍ଷା ବା ଜଳବିନ୍ଦୁ ସାମୁଦ୍ରରେ ମୁକ୍ତା, ବାଉଁଶରେ ବଂଶଲୋଚନ ଓ ସର୍ପଙ୍କଠାରେ ବିଷ ଉତ୍ପାଦନ କରେ ।] (ଉ—ମହାବାତ୍ୟା ଯଥା ଅମାଶୌରି ସ୍ୱାତିଯୋଗେ—ରଘୁନାଥ, ମହାଯାତ୍ରା ।) ୨ । ଝଡ଼ି ବର୍ଷା; ଲଗାଣ; ବତାସ—2. Storm; hurricane accompanied with continuous rain. ପ୍ରାଦେ. (ଗଡ଼ଜାତ) ବି—ଟଭ୍ରପରି ଏକ ପ୍ରକାର ମଧୁର ଫଳ—A species of sweet fruit like citron.

ସ୍ୱାତି(ତୀ) ଯୋଗ—ସଂ. ବି.—(ଜ୍ୟୋତିଷ)—୧ । ଆଷାଢ଼ ମାସ ଶୁକ୍ଳ
Swāti (tī) joga ପକ୍ଷରେ ଚନ୍ଦ୍ରଙ୍କର ସ୍ୱାତି ନକ୍ଷତ୍ର ସଙ୍ଗେ ସଂଯୋଗ—1. (astrology) The conjunction of the moon with the 15th asterism during the bright lunar fortnight of Āshārdha.
[ଦ୍ର—ସ୍ୱାତୀ ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳତିଥିରେ ରାତ୍ରିରେ ପ୍ରଥମ ପ୍ରହରରେ ବୃଷ୍ଟି ହେଲେ ଶସ୍ୟ ବୃଦ୍ଧି ହୁଏ; ଦ୍ୱିତୀୟ ପ୍ରହରରେ ତିଲାଦି ଶସ୍ୟ ପ୍ରଚୁର ହୁଏ; ତୃତୀୟ ପ୍ରହରରେ ଗ୍ରୀଷ୍ମକାଳୀନ ଶସ୍ୟ ପ୍ରଚୁର ହୁଏ । ଦିବସର ପ୍ରଥମ, ତୃତୀୟ ଓ ଚତୁର୍ଥ ଭାଗରେ ବୃଷ୍ଟି ହେଲେ ହିତକର ହୁଏ, ଅନ୍ୟଥା ଅଶୁଭ—ଶ୍ରୀ ବାଇକୋଳ ଜ୍ୟୋତିଷବିଶାରଦ ।] ୨ । (ଜ୍ୟୋତିଷ) ରବିବାର, ଶନିବାର ବା ମଙ୍ଗଳବାର ଦିନ ଅମାବାସ୍ୟା ହେବା ଓ ସେ ଦିନ ରବିର ସ୍ୱାତି ନକ୍ଷତ୍ରରେ ଅବସ୍ଥିତି ରୂପ ଜ୍ୟୋତିଷିକ ଯୋଗ—2, (astrology) The conjunction of the sun with the 15th asterism on the newmoon day of the month of Karttika, if its falls on a sunday, saturday or tuesday. [ଦ୍ର—ଏ ଯୋଗରେ ତୋଫାନ ବା ବୃଷ୍ଟି ହେଲେ ବହୁ ପ୍ରାଣୀ ବିନଷ୍ଟ ହୁଅନ୍ତି ।
ଶ୍ରୀ ବାଇକୋଳ ଜ୍ୟୋତିଷବିଶାରଦ ।]

ସ୍ୱାଦ—ସଂ. ବି.—(ସ୍ୱଦ୍ ଧାତୁ+ଭାବ ଅ)—୧ । ଆସ୍ୱାଦନ; ଜିହ୍ୱା ଦ୍ୱାରା
Swāda ପଦାର୍ଥର ରସ ଗ୍ରହଣ; ଚାଖିବା—1. The tasting of
(ସୁଆଦ—ଅପଭ୍ରଂଶ ଶବ୍ଦ) a thing with the tongue.
(ସ୍ୱାଦିତ—ବିଣ) ୨ । ପ୍ରୀତିକରଣ—2. Pleasing. ୩ । କାବ୍ୟାଦିର ରସ—3. Sentiment in literature. ୪ । ଆସ୍ୱାଦ; ଚାଖିବାଦ୍ୱାରା ପଦାର୍ଥ ଖଟା କି ମିଠା, ଜିହ୍ୱାଦ୍ୱାରା ଏହି ଅନୁଭୂତି—4. Flavour; the taste of a thing. ୫ । (ଲକ୍ଷଣାର୍ଥ) ଇନ୍ଦ୍ରିୟାଦି ଦ୍ୱାରା ଲବ୍ଧ ଅନୁଭୂତି—5. Experience acquired through the senses. ଦେ. ବିଣ—(ସଂ ସ୍ୱାଦୁ) ମିଠାଳିଆ; ମିଠା; ସୁସ୍ୱାଦୁଯୁକ୍ତ; ମଧୁର—Sweet to the taste.

ସ୍ୱାଦଂଷ୍ଟ୍ରା—ସଂ. ବି—ଗୋକ୍ଷୁର; ଗୋଖର—A thorny plant
Swādamshtrā and its thorny berry; Tygophyllae Tribulus Terrestris.

ସ୍ୱାଦ କୁସୁମ—ସଂ. ବି.—ଅରଣ୍ୟଜାତ ବୃହତ୍ ତରୁ ବିଶେଷ—
Swāda kusuma Schlichera Trijuga (a wild tree)
সাদ কুসুম কুসমা কুসুম

ସ୍ୱାଦ ଗନ୍ଧ—ସଂ. ବି.—(ଦ୍ୱନ୍ଦ୍ୱ; ସମାହାର ଶବ୍ଦ)—କୌଣସି ପଦାର୍ଥର ସ୍ୱାଦ
Swāda gandha ଓ ବାସ—Taste and smell of a thing.

ସ୍ୱାଦ ଗ୍ରହଣ—ସଂ. ବି. (୬ଷ୍ଠୀ ତତ୍)—୧ । କୌଣସି ପଦାର୍ଥକୁ
Swāda grahana ଚାଖିବା ଦ୍ୱାରା ତାହାର ରସାନୁଭବ—1.

The tasting of a thing. ୨ । କଥିତ ବା ଲିଖିତ ବିଷୟର ରସାନୁଭବ—2. The relishing or enjoyment of the sentiment of a thing spoken or written.

ସ୍ୱାଦଗ୍ରାହୀ—ସଂ. ବଣ.ପୁଂ—(ସ୍ୱାଦଚାହନ୍ ଶବ୍ଦ; ସ୍ୱାଦ+ଗ୍ରହ୍ ଧାତୁ+କର୍ତ୍ତି ଇନ୍)—୧ । ଆସ୍ୱାଦ ଗ୍ରହଣକାରୀ;
Swadagrāhi
(ସ୍ୱାଦଗ୍ରାହିଣୀ—ସ୍ତ୍ରୀ) ଯେ ଚାଖିବାକାରୀ—1. Tasting a thing; enjoying the flavour of a thing. ୨ । ଭାବ୍ୟାଦର ରସଗ୍ରାହୀ—2. Enjoying the sentiment of any matter. ୩ । ପ୍ରୀତିଯୁକ୍ତ; ପ୍ରୀତିଶୀଳ—3. Loving.

ସ୍ୱାଦନ—ସଂ. ବି.—(ସ୍ୱଦ୍ ଧାତୁ+ଭାବ ଅନ)—୧ । ରସାନୁଭବ;
Swādana ଚାଖିବା—1. Tasting. ୨ । ରସଗ୍ରହଣ—2.
(ସ୍ୱାଦକ—ବଣ) Enjoying or appreciating the sentiment of a matter; relishing. ୩ । ପ୍ରୀତିକରଣ—3. Pleasing ୪ । (+କର୍ମ ଅନ) ରସ—4. Sentiment; taste. ୫ । ମିଠା କରିବା; ମିଷ୍ଟୀକରଣ—5. Sweetening (Apte).

ସ୍ୱାଦନୀୟ—ସଂ. ବଣ (ସ୍ୱଦ ଧାତୁ+କର୍ମ ଅନୀୟ)—୧ । ଚାଖିବାକୁ
Swadaniya ଯୋଗ୍ୟ—1. Fit to be tasted. ୨ । ଯାହାର ରସ ଅନୁଭବ କରିବା ଯୋଗ୍ୟ—2. Of which the sentiment is fit to be enjoyed. ୩ । ସୁସ୍ୱାଦୁ; ସୁଆଦିଆ—3. Sweet to the taste; tasteful; relishing.

ସ୍ୱାଦି—ଦେ. ବଣ—(ସଂ. ସ୍ୱାଦୁ)—ସୁସ୍ୱାଦୁ; ମଧୁର; ସୁଆଦିଆ—
Swādi Sweet [ଦ୍ର—ବଙ୍ଗେ ଓ ଯାତ୍ରୀ ଲୋକ, ବଙ୍ଗଦେଶର ଭଲି ସୋୟାଦୀ ହୋଇ ସ୍ୱାଦ—ଭଞ୍ଜ ବୈଦେହୀଶବିଳାସ ।]
स्यादुवाला, स्वादिष्ट

ସ୍ୱାଦିଆ—ଦେ. ବଣ—ସୁସ୍ୱାଦୁ—Sweet to the taste.
Swādiā ସୋୟାଦୀ **स्वादिष्ट**

ସ୍ୱାଦିତ—ସଂ. ବଣ. ସ୍ୱଦ୍ ଧାତୁ+କର୍ମ ତ)—୧ । ଆସ୍ୱାଦିତ; ଗୃହୀତ-
Swādita ସ୍ୱାଦ; ଚଖା ଯାଇଥିବା—1. Tasted. ୨ । ପ୍ରୀତ
(ଖାଦ, ଖାଦନ—ବି) 2. Pleased. ୩ । ଭକ୍ଷିତ—3. Eaten; partaken of. ୪ । ଯାହାକୁ ମିଠା କରାଯାଇଅଛି, ମିଷ୍ଟ କୃତ—4. Sweetened (Apte).

ସ୍ୱାଦିତ୍ୱ(ତା)—ସଂ.ବଣ,(ସ୍ୱାଦନ୍+ଭାବ. ତ୍ୱ, ତା)—ସ୍ୱାଦ ହେବାର ଭାବ
Swāditwa(tā) (ହି.ଣ)—The state of having taste.

ସ୍ୱାଦିମା—ସଂ. ବି—ସ୍ୱାଦ+ଇମନ୍, (ମା ୧ବ)—ସୌମାଧୁର୍ଯ୍ୟ; ମିଠା-
Swādimā ପଣ—Sweetness; savouriness (Apte).

ସ୍ୱାଦିଷ୍ଠ—ସଂ. ବଣ—(ସ୍ୱାଦ+ବହୁମଧ୍ୟରେ ଅତିଶୟାର୍ଥେ ଇଷ୍ଠ)—ସ୍ୱାଦୁ;
Swādistha ଅତିମିଠା; ସମସ୍ତଙ୍କ ଅପେକ୍ଷା ବେଶିମିଠା; ମଧୁରତମ—Very sweet; sweetest (superlative degreee).

ସ୍ୱାଦୀ—ସଂ. ବଣ. ପୁଂ (ସ୍ୱଦ ଧାତୁ+ ଣିନ୍; ୧ମା ୧ବ)—୧ ।
Swādi ଆସ୍ୱାଦକକାରୀ; ଯେ ଚାଖେ—1. Tasting. ୨ । ଉପଭୋଗ-
(ସ୍ୱାଦିନୀ—ସ୍ତ୍ରୀ) କର୍ତ୍ତାକାରୀ—2. Relishing the flavour or sentiment of a thing. ସଂ. ବି ପୁଂ—୧। ରସିକ ବ୍ୟକ୍ତି—1. A gallant ଦେ· ବି ପୁଂ—ସୁଆଦିଆ; ରାଜା ଅବକ ପାଇଁ ପ୍ରସ୍ତୁତ ଖାଦ୍ୟକୁ ରାଜାଙ୍କ ଖାଇବା ପୂର୍ବରୁ ଚାଖିକରି ପରୀକ୍ଷା କରିବାପାଇଁ ନିଯୁକ୍ତ ବ୍ୟକ୍ତି; ସ୍ୱାଦୁ ପରୀକ୍ଷକ—A person whose duty is to examine by tasting every dish before it is partaken of by the king.

ସ୍ୱାଦୀୟାନ—ସଂ. ବଣ ପୁଂ (ସ୍ୱାଦ+ଦୁଇଙ୍କ ମଧ୍ୟରେ ଅତିଶୟାର୍ଥେ ଈୟସ୍;
Swādiyān ସ୍ୱାଦୀୟସ୍ ୧ମା. ୧ବ)—ଦୁଇ ବସ୍ତୁ ମଧ୍ୟରେ
(ସ୍ୱାଦୀୟସୀ—ସ୍ତ୍ରୀ) ବେଶି ମିଠ; ମଧୁରତର—Sweeter (than the other) (comparative degree).

ସ୍ୱାଦୁ—ସଂ. ବି—(ସ୍ୱଦ ଧାତୁ+କର୍ମ ଉ)—୧ । ମଧୁର ରସ (ହେମଚନ୍ଦ୍ର);
Swādu ମିଠାପଣ—1. Sweetness (to the taste); flavour. ୨ । ଗୁଡ଼ (ଟୀକା ଶେଷ)—2. Molasses; treacle. ୩ । ଜୀବକ ନାମକ ଔଷଧ (ଜଟାଧର)—3. A rare medicinal herb; Celtis Orientalis. ୪ । ସୁଗନ୍ଧଦ୍ରବ୍ୟ ଭେଦ (ରାଜନିର୍ଘଣ୍ଟ); ଏକପ୍ରକାର
(ଅନ୍ୟ ନାମ—ଅଗୁରୁସାର; ଧୂପ୍ୟ, ଗନ୍ଧଧୂମଜ)—ଧୂଣା—4. A kind of frankincense [ଦ୍ର—ଏହା ତିକ୍ତ-କଷାୟ, ଉଷ୍ଣ, ସୁପ୍ରମୋଦଯୁକ୍ତ, ବାତନାଶକ—ରାଜନିର୍ଘଣ୍ଟ] ୫ । ଦ୍ରାକ୍ଷା (ଭରତ)—5. Grape. ବଣ. ପୁଂ ଓ ସ୍ତ୍ରୀ ୧ । ମିଷ୍ଟ; ମଧୁର—1. Sweet; savoury. ୨। ମିଷ୍ଟ; ମନୋଜ୍ଞ—2. Graceful; chrarming; pleasing.
(ସ୍ୱାଦ୍ୱୀ—ସ୍ତ୍ରୀ)—lovely. [ଦ୍ର—ତୁଳନା କର—ଇଂ. ସ୍ୱଦ୍; ଇ. Sweet (ସ୍ୱୀଟ୍); ଲାଟିନ୍, Swadvis (ସ୍ୱାଦ୍ୱିସ୍); ଗ୍ରୀକ୍ ଭାଷା, Sd (ସୋଡ); ଗଥିକ୍ Svotis (ସ୍ୱୋଟିସ୍)]

ସ୍ୱାଦୁ କଣ୍ଟକ—ସଂ. ବି—(ବୈଦ୍ୟକ) ୧ । ବୈଚ ଗୁଳ୍ମ (ଅ ମତ
Swādu kantaka ଉଇଁଚି ଗୁଳ୍ମ; ଭଇଞ୍ଚକୋଳ ଗଛ—1. Flacourtia Romontchi (a thorny shurb). ୨ । ଗୋକ୍ଷୁର; ଗୋଖରୁ (ଅମର)—2. Fygophyllae. Tribulus Terrestris, a thorny plant.

ସ୍ୱାଦୁକନ୍ଦକ—ସଂ.ବି. (ବୈଦ୍ୟକ)—୧। ଶକରକନ୍ଦ; ପିଣ୍ଡାଳୁ; ପିଣ୍ଡାଳୁ;
Swadu kandaka ଧଳା ଅଳୁ—1. Sweet potato, a species of white yam; Batatas Esculentus. ୨। ଓଲ୍ କୋବି (ହି.ଶ)—2. Kohl rabi. ୩। ଭୂମି-କୁଷ୍ମାଣ୍ଡ (ହି.ଶ)—3. Ipomoea Digitata

ସ୍ୱାଦୁକନ୍ଦା—ସଂ. ବି—୧ । ବିଦାରୀ (ରାଜନିର୍ଘଣ୍ଟ); ଭୂଇଁ କଖାରୁ—
Swādukandā 1. Ipomoea Digitata
୨ । ବାରାହୀକନ୍ଦ (ବୈଦ୍ୟକ)—2. Disocorea.

ସ୍ୱାଦୁକର—ସଂ. ବି—ମହାଭାରତରେ ଉକ୍ତିଖିତ ବର୍ଣ୍ଣସଙ୍କର ଜାତିବିଶେଷ
Swādukara (ହ. ଶ)—Name of an ancient half caste Hindu class of India.

ସ୍ୱାଦୁକା—ସଂ. ବି—ନାଗଦନ୍ତୀ (ଶବ୍ଦକଳ୍ପଦ୍ରୁମ); ବନ୍ଦୁଅଡ଼—
Swādukā Stinging nettle; Fragia Involucrata.

ସ୍ୱାଦୁ କ୍ଷୀର—ସଂ. ବିଣ.ପୁଂ (ବହୁବ୍ରୀହି)—ଯାହାର କ୍ଷୀର ମିଠା—
Swādu kshīra Having sweet juice.
(ସ୍ୱାଦୁକ୍ଷୀରା—ସ୍ତ୍ରୀ)

ସ୍ୱାଦୁ ଖଣ୍ଡ—ସଂ ବି—୧ । ଗୁଡ଼ (ବୈଦ୍ୟକାବଳୀ)—1. Molasses.
Swādu khanda ୨ । କୌଣସି ମିଠା ବସ୍ତୁର ଖଣ୍ଡ—
2. A piece of any sweet substance (Apte).

ସ୍ୱାଦୁଗନ୍ଧା—ସଂ. ବି—୧ । ଭୂମି କୁଷ୍ମାଣ୍ଡ; ଭୂଇଁ କଖାରୁ (ଜଟାଧର)—
Swādu gandhā 1. Ipomoea Digitata.
୨ । ରକ୍ତଶୋଭାଞ୍ଜନ (ରତ୍ନମାଳ); ନାଲିସଜନା—
2. The red-flowered variety of horse-radish tree.

ସ୍ୱାଦୁ ଜାତି—ଦେ. ବି—୧ । ସ୍ୱାଦୁ ଗୁଣ—1. Sweetness
Swādu jāti ୨ । ଉତ୍ତମ ଜାତି—2. Good quality.
[ଉ—ବହୁଲକ୍ଷ୍ମୀ ଭାବେ ଦୀପ୍ତି, ବଧ୍ୱଂସ ହେବ ସ୍ୱାଦୁ ଜାତି—ଉପେ. ବୈଦେହୀଶବିଳାସ ।]

ସ୍ୱାଦୁ ତିକ୍ତ - ସଂ ବିଣ—ମିଠା ଓ ପିତା—Sweet and bitter
Swadu tikta ସଂ. ବି—ପୀଲୁ ଫଳ (ହ. ଶ) — The fruit of the tooth-brush tree.

ସ୍ୱାଦୁତିକ୍ତଫଳ—ସଂ. ବି (ବହୁବ୍ରୀହି)—ଲେମ୍ବୁ ଗଛ—
Swadutikta phala The orange tree.

ସ୍ୱାଦୁଧନ୍ୱା—ସଂ. ବି. ପୁଂ (ସ୍ୱାଦୁ=ମନୋଜ୍ଞ+ଧନୁସ୍=ସ୍ୱାଦୁଧନୁନ୍ ଶବ୍ଦ. ୧ମା. ୧ବ, ବହୁବ୍ରୀହି)—କାମଦେବ; ମଦନ
Swādudhanwā (ଶବ୍ଦକଳ୍ପଦ୍ରୁମ)—Cupid; the god of love.

ସ୍ୱାଦୁ ପଟୋଲିକା(ପତ୍ର)—ସଂ ବି—ପଟୋଳ ଲତା (ହ. ଶ)—
Swādu patolikā(patra) Trichosanthes Dioica (creeper.)

ସ୍ୱାଦୁ ପର୍ଣ୍ଣୀ (ପୁଷ୍ପିକା)—ସଂ. ବି—ଦୁଗ୍ଧିକା (ଶବ୍ଦକଳ୍ପଦ୍ରୁମ); ଚଉତାଳୁଆଁ ଗୁଳ୍ମ;
Swādu parnni(pushpikā) ଦଦଗ୍ଧା ଗୁଳ୍ମ—
କ୍ଷୀରକଇ Euparveiflora (plant).
ଦୁଗ୍ଧୀ. ଦୁଧିୟା, ଦୁଧୀ [ଦ୍ର—ଏହା ଉଷ୍ଣବୀର୍ଯ୍ୟ, ଗୁରୁ,
ଘା. ଦ୍ୟୋଡ଼ିଦ୍ୟର୍, କସାଗନ୍, ରୁକ୍ଷ, ଗର୍ଭଜନକ, ସ୍ୱାଦୁତିକ୍ତ,
ତେ. ପିଲପାଲଚେଟ୍ଟୁ, ବାୟୁବର୍ଦ୍ଧକ, ମଳମୂତ୍ରକାରକ
କୁଷ୍ଠମ୍ନୀ ଓ ଶୁକ୍ରଜନକ ।]

ସ୍ୱାଦୁ ପାକା——ସଂ. ବି—କାକମାଚୀ (ଶବ୍ଦକଳ୍ପଦ୍ରୁମ); କୃଷ୍ଣକୁଣିଆ ଗୁଳ୍ମ
Swādu pākā Solanum Nigrum; the
(ସ୍ୱାଦୁପାକଫଳା—ଅନ୍ୟରୂପ) nightshade (plant).

ସ୍ୱାଦୁ ପିଣ୍ଡା—ସଂ. ବି - ପିଣ୍ଡ ଖଜୁରୀ (ଶବ୍ଦକଳ୍ପଦ୍ରୁମ)—The sweet
Swadu pinda date palm; Phoenix Montena.

ସ୍ୱାଦୁ ପୁଷ୍ପ(ଷ୍ପୀ)—ସଂ. ବି - କଟଭୀ (ଶବ୍ଦକଳ୍ପଦ୍ରୁମ); କୁମ୍ଭୀ ଗିରିଷ ଗଛ—
Swadu pushpa(shpi) Careya tree; Careya Arborea (tree).

ସ୍ୱାଦୁଫଳ—ସଂ. ବି—୧ । ବଦରୀ ଫଳ (ଶବ୍ଦରତ୍ନାବଳୀ); ବରକୋଳି—
Swāduphala 1. The Jujube berry.
୨ । ଧନ୍ୱନ ବୃକ୍ଷ; ଧାମଣ ଗଛ (ହ. ଶ)—
2. Cordia Macleodii (tree).

ସ୍ୱାଦୁଫଳା—ସଂ. ବି—୧ । ଦ୍ରାକ୍ଷା (ଶବ୍ଦକଳ୍ପଦ୍ରୁମ)—1. Grapes.
Swādu phalā ୨ । ବରକୋଳି (ଶବ୍ଦରତ୍ନମାଳା)—
2. The jujube berry. ୩ । ଖର୍ଜୁରୀ ଗଛ (ହ. ଶ)
3. The date palm. ୪ । କଦଳୀ ଗଛ (ହ. ଶ)
4. The plantain tree. ୫ । କପିଳଦ୍ରାକ୍ଷା; ମୁନକ୍କା (ହ. ଶ)—5. Raisin.

ସ୍ୱାଦୁ ବୀଜ—ସଂ. ବି (ବହୁବ୍ରୀହି)—ଅଶ୍ୱତ୍ଥ ଗଛ (ହ. ଶ)—
Swādu bīja The Ficus Religiosa tree.

ସ୍ୱାଦୁ ମଜ୍ଜ (ଜ୍ଜା)—ସଂ.ବି (ସ୍ୱାଦୁମଜ୍ଜନ୍ ଶବ୍ଦ; ୧ମା, ୧ବ)—ପାହାଡ଼ିଆ ଖଜୁରୀ
Swadu majja(jjā) ବୃକ୍ଷ (ଜଟାଧର), ଗୁଚ୍ଛ ଫଳ—
A variety of dwarf date palm.

ସ୍ୱାଦୁମାଂସୀ—ସଂ. ବି—କାକୋଲୀ (ଶବ୍ଦକଳ୍ପଦ୍ରୁମ)—
Swādumāmsī Cocculus Indicus.

ସ୍ୱାଦୁ ମୂଳ—ସଂ. ବି—ଗର୍ଜ୍ଜର (ଶବ୍ଦକଳ୍ପଦ୍ରୁମ); ଗାଜର—
Swadu mūla Carrot.

ସ୍ୱାଦୁ ରସା—ସଂ. ବି—୧ । କାକୋଲୀ (ଅମର)—1. Cocculus
Swādu rasā Indicus. ୨ । ଦ୍ରାକ୍ଷା—
(ଶବ୍ଦକଳ୍ପଦ୍ରୁମ)—2. Grape. ୩ । ଅମ୍ରାତକ ଫଳ
(ଶବ୍ଦରତ୍ନାବଳୀ); ଅମ୍ବଡ଼ା—Hogplum (fruit). ୪ ।
ମଦିରା (ହେମଚନ୍ଦ୍ର)—4. Wine. ୫ । ଦ୍ରାକ୍ଷାଜାତ
ସୁରା (ବୈଦ୍ୟକ)—5. Wine from grapes. ୬ ।
ଶତାବରୀ (ଶବ୍ଦକଳ୍ପଦ୍ରୁମ)—6. Indian asparagus.
୭ । ମୂର୍ବା (ହ. ଶ)—7. Sansevieria Zeylanica.

ସ୍ୱାଦୁ ଲତା—ସଂ ବି—୧ । ବିଦାରୀ; ଭୂଇଁ କଖାରୁ (ଶବ୍ଦକଳ୍ପଦ୍ରୁମ)—
Swadu latā Ipomoea Digitata. ୨ । ବାରାହୀକନ୍ଦ-
2. Disocorea.

ସ୍ୱାଦୁ ଶୁଣ୍ଠି—ସଂ. ବି—ଧଳାଫୁଲ କଟଭୀ (ହ. ଶ)
Swadu sunthi The white-flowered variety of Careya tree.

ସ୍ୱାଦୁ ଶୁଦ୍ଧ—ସଂ. ବି—୧ । ସୈନ୍ଧବ ଲବଣ (ଶବ୍ଦକଳ୍ପଦ୍ରୁମ)—
Swadu suddha 1. Rock salt.
୨ । ସାମୁଦ୍ର ଲବଣ (ଶବ୍ଦକଳ୍ପଦ୍ରୁମ)—
2. Sea-salt.

ସ୍ୱାଦ୍ୱଗୁରୁ—ସଂ. ବି (ବୈଦ୍ୟକ)—ଏକପ୍ରକାର ମଧୁର ରସଯୁକ୍ତ ଅଗୁରୁ—
Swādwaguru A kind of sweet agal chia used for fumigating. [ଦ୍ର—ଏହା ମଧୁରକଷାୟରସ, ଉଷ୍ଣବୀର୍ଯ୍ୟ, ଅମବାତ ନାଶକ ଏବଂ ସାଧାରଣ ଅଗୁରୁ ପରି ଗୁଣ କରିଥାଏ ।]

ସ୍ୱାଦ୍ୱନ୍ନ ସଂ. ବି—୧ । ମିଷ୍ଟାନ୍ନ—1. Sweetmeat; dainties;
Swādwanna delicacies. ୨। (ବୈଦ୍ୟକ)—ମଧୁର ରସମିଶ୍ରିତ, ମିଷ୍ଟଦ୍ରବ୍ୟ ଅନ୍ନ ବିଶେଷ—Sweetened food. [ଦ୍ର—ଏହା ଶୀତବୀର୍ଯ୍ୟ, ଗୁରୁପାକ, କଫଜନକ, ବଳକର, ପୁଷ୍ଟିକର, ଅଗ୍ନିବର୍ଦ୍ଧକ ଏବଂ ପ୍ରୀତିକାରକ]

ସ୍ୱାଦ୍ୱମ୍ଳ—ସଂ. ବିଣ—ମିଠା ଓ ଖଟା—Of sweet and acid
Swādwamla tastes. ବି.—୧ । ଡାଳିମ୍ବ ବୃକ୍ଷ (ନିଘଣ୍ଟୁ ଭେଦ)—1. Pomegranate. ୨ । ମଧୁର ଓ ଅମ୍ଳ ରସ—2. Sweet and acid tastes ୩ । ଚାଳଙ୍ଗ ଗଛ (ଉ. ଶ)—3. Gelonium Mult florum (tree). ୪ । କଦମ୍ବଗଛ (ଉ. ଶ)—4. Nuclea Kadamba tree.

ସ୍ୱାଦ୍ୱୀ—ସଂ. ବିଣ (ସ୍ୱାଦୁ+ସ୍ତ୍ରୀ ଈ)—ସ୍ୱାଦୁର ସ୍ତ୍ରୀଲିଙ୍ଗ—Feminine
Swādwi of 'swādu' ବି—୧ । ଦ୍ରାକ୍ଷା (ଅମର)—1. Grape. ୨ । କ୍ଷୁଦ୍ର ଖର୍ଜୁରୀ (ବୈଦ୍ୟକ); ଛୁଆରା 2. The dwarf date palm; Phoenix Dactylifera (tree) ୩ । ଖଜୁରୀ ଗଛ (ଉ.ଶ)—3. The date palm tree. ୪ । କିସିମ ଦ୍ରାକ୍ଷା (ଉ. ଶ); ମୁନକ୍କା—4. Raisin. ୫ । ତରଭୁଜା (ଉ. ଶ); ଫୁଟି କାକୁଡ଼ି—5. Melon.

ସ୍ୱାଦ୍ୟ—ସଂ. ବିଣ (ସ୍ୱଦ୍ ଧାତୁ+କର୍ମ ଯ)—ଚାଖିବାର ଯୋଗ୍ୟ—Fit
Swadya to be tasted or relished

ସ୍ୱାଧିକାର ସଂ. ବି (୬ଷ୍ଠୀ ତତ୍)—୧ । ନିଜର ଅଧିକାର ବା ଦଖଲ
Swadhikāra ଜାଗ୍ ଦଖଲ—1. One's possession or enjoyment ୨ । ଅପଣା ଅଧିକାରର ବା ପ୍ରଭୁତ୍ୱର ସୀମା—2. One's jurisdiction. ୩ । ନିଜର ପଦ—3. One's post or position. ୪ । ଆପଣାର କର୍ତ୍ତବ୍ୟ କର୍ମମାନ—4. One's duties.

ସ୍ୱାଧିକୃତ—ସଂ. ବିଣ (୩ୟା ତତ୍)—ନିଜଦ୍ୱାରା ଦଖଲ କରାଯାଇଥିବା—
Swādhikruta Possessed or enjoyed by one's self.

ସ୍ୱାଧିଷ୍ଠାନ—ସଂ. ବି (ଯୋଗଶାସ୍ତ୍ର)—ଶରୀରମଧ୍ୟସ୍ଥ ଲିଙ୍ଗମୂଳସ୍ଥ
Swādhisthāna ସୁଷୁମ୍ନା ନାଡ଼ିର ଅନ୍ତର୍ଗତ ଷଡ୍ଦଳ ପଦ୍ମ—A six-petalled lotus-shaped circle said to exist inside the body at the base of the penis. [ଦ୍ର—ଏହା ବର୍ଣ୍ଣ ବ, ଭ, ମ, ଯ, ର, ଲ, ଏହି ଛଅଟି ଅକ୍ଷରଯୁକ୍ତ ଓ ବିଦ୍ୟୁତ୍ ବା ସ୍ୱାଧକ ସମ ପ୍ରକାଶିଥାଏ । ଏଠାରେ ଶିବ ଓ ଅଗ୍ନି ଦେବତାଦ୍ୱୟ ବ ତଡ଼ ଓ ଏହାର ଅଙ୍କ ଦେଶରେ ପୀତାମ୍ବର ଶ୍ୟାମଳ କୌସ୍ତୁଭଧାରୀ ବିଷ୍ଣୁଙ୍କର ରାକିଣୀ ଶକ୍ତି ବିରାଜିତ । (ତନ୍ତ୍ରସାର)] ଏହା ଷଟ୍ଚକ୍ର ମଧ୍ୟର ଦ୍ୱିତୀୟ ଚକ୍ର ।

ସ୍ୱାଧୀନ—ସଂ. ବିଣ (୬ଷ୍ଠୀ ତତ୍)—୧ । ସ୍ୱତନ୍ତ୍ର; ଅପରାଧୀନ—1. In-
Swadhina dependent. ୨ । ଅସ୍ୱବଶ—2. Free; self
(ସ୍ୱାଧୀନା—ସ୍ତ୍ରୀ) dependent ୩ । ସ୍ୱେଚ୍ଛାଚାରୀ—3. Self-
(ପରାଧୀନ—ବିପରୀତ) acting; free to act. ୪ । ସ୍ୱଦେଶୀୟ
(ସ୍ୱାଧୀନତା—ବି) ବ୍ୟକ୍ତିମାନଙ୍କ ଦ୍ୱାରା ଶାସିତ—4.Self-governed. ୫ । ନିଜର ଅଧୀନ—5. Under one's own control.

ସ୍ୱାଧୀନ ତନ୍ତ୍ର—ଦେ. ବି—୧ । ସ୍ୱରାଜ (ଦେଖ)—1. Swaraj(See)
Swādhina tantra ୨ । ପ୍ରଜାମାନଙ୍କ ନିର୍ବାଚିତ ପ୍ରତିନିଧିଙ୍କ
स्वाधीनतन्त्र **स्वाधीनतन्त्र** ଦ୍ୱାରା ପରିଚାଳିତ ଶାସନତନ୍ତ୍ର—2. Democracy.

ସ୍ୱାଧୀନତା(ତ୍ୱ)—ସଂ. ବି (ସ୍ୱାଧୀନ+ଭାବେ ତା, ତ୍ୱ)—ସ୍ୱାତନ୍ତ୍ର୍ୟ,
Swādhinatā(twa) ଅସ୍ୱବଶତା—Independence; freedom.

ସ୍ୱାଧୀନତାଦାନ—ସଂ. ବି—ପରାଧୀନତା ମୋଚନପୂର୍ବକ କୌଣସି
swādhinatā dāna ବ୍ୟକ୍ତିକୁ ସ୍ୱାଧୀନତା ଦେବା—Giving
स्वाधीनतादान a person freedom by freeing
स्वाधीनतादान him from any bondage.

ସ୍ୱାଧୀନତାପ୍ରିୟ—ସଂ ବିଣ.ପୁଂ—ଯେ ସ୍ୱାଧୀନ ହେବାପାଇଁ ଇଚ୍ଛୁକ—
Swādhinatā priya Loving freedom.
स्वाधीनताप्रिय **स्वाधीनताप्रिय**

ସ୍ୱାଧୀନତା ଲୋପ—ସଂ. ବି (୬ଷ୍ଠୀ ତତ୍)—ସ୍ୱବଶତାର ବିନାଶ—
Swādhinatā lopa Deprivation of freedom.
स्वाधीनता लोप **स्वाधीनता लोप**

ସ୍ୱାଧୀନତା ହରଣ—ସଂ. ବି (୬ଷ୍ଠୀ ତତ୍)—କୌଣସି ସ୍ୱାଧୀନ ବ୍ୟକ୍ତିକୁ
Swādhinatā harana ବା ଜାତିକୁ ପରାଧୀନ କରିବା—
स्वाधीनता हरण Depriving a person or nation
स्वाधीनता हरण of its freedom.

ସ୍ୱାଧୀନ ଦେଶ—ଦେ. ବି—ଯେଉଁ ଦେଶ ପରାଧୀନ ନୁହେଁ, ଅର୍ଥାତ
Swādhina desa ଅନ୍ୟ ଜାତି ଦ୍ୱାରା ଶାସିତ ନୁହେ—
स्वाधीन देश **स्वाधीन देश** A free country.

ସ୍ୱାଧୀନ ପତିକା(ଭର୍ତ୍ତୃକା)—ସଂ. ବିଣ. ସ୍ତ୍ରୀ (ସ୍ୱାଧୀନ+ପତି, ଭର୍ତ୍ତୃ+କ
Swādhina patikā(bharttrukā) +ଆ; ସ୍ୱାଧୀନ ଅଟେ ପତି ବା ଭର୍ତ୍ତା ଯେଉଁ ସ୍ତ୍ରୀଙ୍କର;ବହୁବ୍ରୀହି)—ଯେଉଁ ସ୍ତ୍ରୀଙ୍କ ସ୍ୱାମୀ ବଶ ହୋଇ ଥାଆନ୍ତି—(a woman) Having control over her husband. ବି. ସ୍ତ୍ରୀ—(କାମଶାସ୍ତ୍ରୋକ୍ତ) ନାୟିକାବିଶେଷ; ଯେଉଁ ନାୟିକାର ନାୟକ, ନାୟିକାବଶ ହୋଇ ସର୍ବଦା ନାୟିକାଙ୍କ ପାର୍ଶ୍ୱରେ ଓ ଅଜ୍ଞାବହ ହୋଇ ଅବସ୍ଥାନ କରନ୍ତି—A class of heroines of dramas or plots who have their lovers or husbands under their complete control [ଦ୍ର—ନାୟିକା ୧ ପ୍ରକାରର ଯଥା—

ଖଣ୍ଡିତା, ଉତ୍କଣ୍ଠିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, କଳହାନ୍ତରିତା, ପ୍ରବସ୍ୟତ୍ପତିକା, ଅଭିସାରିକା, ବାସକସଜ୍ଜା ଓ ସ୍ୱାଧୀନ ଭର୍ତ୍ତୃକା (ଜଟାଧର) ।
ଏମାନଙ୍କ ମଧ୍ୟରୁ ସ୍ୱାଧୀନ ଭର୍ତ୍ତୃକା ନାୟିକା ପୁଣି ପଞ୍ଚବିଧା ।
୧ । ମୁଗ୍ଧା—ଯେଉଁ ନାୟିକା ପ୍ରୀତି ରସରେ ସମ୍ପୂର୍ଣ୍ଣ ରୂପେ ଅଭିଜ୍ଞା ହୋଇ ନ ଥାନ୍ତି ଓ ପୂର୍ଣ୍ଣ ଯୁବତୀ ହୋଇ ନ ଥାନ୍ତି ।
ମୁଗ୍ଧାଙ୍କ କଳ୍ପିତ ଉକ୍ତି—"ମଧ୍ୟେନ କୃଶିମା, ସ୍ତନେନ ଗରିମା, ଦେହେନ ବା କାନ୍ତିମା, ଶ୍ରୋଣୀ ନ ପ୍ରଥିମା, ଗତୌ ନ ଜଡ଼ିମା, ନେତ୍ରେ ନବା ବଙ୍କିମା, ହାସ୍ୟେନ ଦ୍ରଢ଼ିମା, ନ ବାଚ ପଟିମା ହାସ୍ୟେନ ବା ସ୍ଫୀତିମା, ପ୍ରାଣେଶସ୍ୟ ତଥାପି ମଜ୍ଜତି ମନୋମଧ୍ୟେୈବ କିଂ କାରଣଂ ।"
୨ । ମଧ୍ୟା—ମଧ୍ୟାନାୟିକାଙ୍କ ଉକ୍ତି—"ଯଦପି ରତିମହୋତ୍ସବେ ନକାରେ, ଯଦପି କରେଣ ନୀବି ଧାରଣାନ୍ନ ପିୟ ସଖୀ ପତିରେଷ ପାର୍ଶ୍ୱଦେଶଂ ତଦପି ନ ମୁଞ୍ଚତି ତେନ୍ କମାଚରାମି ।"
୩ । ପ୍ରୌଢ଼ା—ପ୍ରୌଢ଼ାଙ୍କ ଉକ୍ତି—"ବଲ୍ଲଭସ୍ୟାଧରପଲ୍ଲବସ୍ୟ ବଚସୋ ହାସ୍ୟସ୍ୟ ଲାସ୍ୟସ୍ୟ ବା । ଅନ୍ୟା କାମରବିନ୍ଦ ସୁନ୍ଦର ଦୃଶାଂ କାନ୍ତ ସ୍ତନୋଭି ସ୍ଥିତଂ, ସ୍ୱପ୍ନେ ନାପି ନଗଚ୍ଛତି ଶ୍ରୁତି ପଥଂ ଚେତଃ ପଥଂ ଦୃକ୍ପଥଂ, କାପ୍ୟନ୍ୟା ଦୟିତସ୍ୟ ମେ ସଖିକଥଂ ତସ୍ୟାସ୍ତୁ ବୈଦଗ୍ଧ୍ୟତଃ ।"
୪ । ପରକୀୟା—ପରକୀୟାଙ୍କ ଉକ୍ତି—"ସ୍ୱୀପ୍ସା ସନ୍ତି ଗୃହେ ସରୋରୁହଦୃଶୋ ଯାସାଂ, ବିଲାସେଷଣଂ, କାଞ୍ଚୀ ଭୂଷଣ ହେମ କଙ୍କଣ ଝଣତ୍କାରେ ନ ବିଶ୍ରାମ୍ୟତି; ତୋହେଭୁଃ ସଖି କାନନେ ପୁରମୁଖେ ସୌଧେ ସଖୀ ସନ୍ନିଧୌ, ଖ ମନ୍ତ୍ରୀମପି ପଲ୍ଲବସ୍ୟ ପରତୋ ଦୃଷ୍ଟିର୍ନ୍ନାଂ ମୁଞ୍ଚତି ।"
୫ । ସାମାନ୍ୟା—ସାମାନ୍ୟାଙ୍କ ଉକ୍ତି—"ସନ୍ତ୍ୟେବ ପ୍ରତି ମନ୍ଦିରଂ ମୃଗଦୃଶୋ ଯାସାଂ ସୁଧା ସାଗର—, ସ୍ରୋତସ୍ୟନ୍ତ ସବୈର ସୁନ୍ଦର ତମରକାରଦୃଶୋ ବିଭ୍ରମାଃ, ତନ୍ନଂ ଚନ୍ଦ୍ର ବଦନ ମନ୍ମଥକଳା ବୈଦଗ୍ଧ୍ୟହେତୋଃ ପୁନ ର୍ବିତ୍ତଂ ତତ୍ତ୍ୱରଂ ପ୍ରସଜ୍ଜତି ଯୁବା ମଧ୍ୟେବ କିଂ କାରଣଂ ।" ରସମଞ୍ଜରୀ ।]

ସ୍ୱାଧୀନ ଭାବରେ(ଭାବେ)—ଦେ. କ୍ରି. ବିଣ—୧ । ପରାଧୀନ ନ ହୋଇ—
Swādhina bhābare(bhābe) 1. Freely. ୨ । ସ୍ୱେଚ୍ଛାକ୍ରମେ—2. Of one's free will.
স্বাধীন ভাবে स्वाधीन भावसे

ସ୍ୱାଧୀନ ମତ—ଦେ. ବି—ପର ଦ୍ୱାରା ପ୍ରଣୋଦିତ ନ ହୋଇ ନିଜର
Swādhina mata ଇଚ୍ଛାରେ ଗଠିତ ବା ପ୍ରକାଶିତ ମତ—One's free opinion.
স্বাধীন মত स्वाधीन मत

ସ୍ୱାଧ୍ୟାୟ—ସଂ. ପୁଂ ବି (ସୁ=ସୁନ୍ଦର+ଆ=ବିଶିଷ୍ଟ ରୂପେ+ଅଧ୍ୟାୟ=
Swādhyāya ଅଧ୍ୟୟନ)—୧ । ବେଦାଧ୍ୟୟନ; ବେଦ ପାଠ—1. Learning of the Bedas; Vedic studies. ୨ । ଅନୁଷ୍ଠପୂର୍ବକ ବେଦ ପାଠ—2. Recital of the Bedas. ୩ । ଜପ; ପାଟ ନ କରି ବେଦମନ୍ତ୍ର ପାଠ—3. Silent ruminati n of the Vedic formulae. ୪ । ବେଦ—4. The Bedas. ୫ । ବେଦାଂଶବିଶେଷ—5. A part of the Bedas. ୬ । ବିଧିପୂର୍ବକ ଶାସ୍ତ୍ରାଧ୍ୟୟନ—6. Studying of the scriptures according to the prescribed rules. ୭ । ଯୋଗସାଧନ—7. Spiritual exercise. ୮ । ତପସ୍ୟା—8. Religious penance.

ସ୍ୱାଧ୍ୟାୟ ନିରତ—ସଂ ବିଣ. ପୁଂ (୭ମୀ ତତ୍)-ବେଦାଭ୍ୟାସରେ ସର୍ବଦା ରତ-
Swādhyāya nirata Constantly engaged in the study of the Bedas.
[ସ୍ୱାଧ୍ୟାୟରତ—ଅନ୍ୟରୂପ]

ସ୍ୱାଧ୍ୟାୟବାନ୍—ସଂ ବିଣ. ପୁଂ [ସ୍ୱାଧ୍ୟାୟ+ବତ୍]-୧ । ସ୍ୱାଧ୍ୟାୟକାରୀ,
Swādhyāyabān ବେଦାଧ୍ୟୟନକାରୀ—1. Studying the Bedas.
(ସ୍ୱାଧ୍ୟାୟଶୀଳ—ଅନ୍ୟରୂପ)
୨ । ସ୍ୱାଧ୍ୟାୟନିରତ (ଦେଖ)—2. Swādhyāya nirata (See

ସ୍ୱାଧ୍ୟାୟ ସେବା—ସଂ. ବି—ବେଦାଭ୍ୟାସ; ନିୟମିତରୂପେ ବେଦ ପାଠ—
Swādhyāya sebā Regular and systematic study of the Bedas.

ସ୍ୱାଧ୍ୟାୟୀ—ସଂ. ବିଣ. ପୁଂ (ସ୍ୱାଧ୍ୟାୟ+ଇନ୍; ୧ମା. ୧ବ)—
Swādhyāyi ସ୍ୱାଧ୍ୟାୟବାନ୍; ସର୍ବଦା ସ୍ୱାଧ୍ୟାୟରେ ବା ବେଦାଭ୍ୟାସରେ ରତ—Engaged in regular study of the Bedas. ୧ । ବେଦପାଠକ—1. A reader of the Bedas. ୨ । ପଲ୍ଲୀବଣିକ୍ (ବଣିକ୍‌ବିଶେଷ)—2. A merchant trading in villages.

ସ୍ୱାନ—ସଂ. ବି (ସ୍ୱନ୍ ଧାତୁ=ଧ୍ୱନି କରିବା+ଭାବ ଅ)—ସ୍ୱନ;
Swāna ଧ୍ୱନି; ରବ; ଶବ୍ଦ (ଅମର)—Sound; voice. (ଉ—ବିଜନିତ ବଲ୍ଲ ସ୍ୱାନ ଅବିରତେ ତମକ ବଡଲ ଶରେ—ଭଞ୍ଜ. ବୈଦେହୀଶବିଳାସ ।)

ସ୍ୱାନୁଭୂତି—ସଂ. ବି—ଅତ୍ମଜ୍ଞାନ; ନିଜର ଜୀବନ ସମ୍ବନ୍ଧେ ଅନୁଭୂତି—
Swānubhūti Self-knowledge.
[ଉ—ସେ ମୂଳ ବଭୂତି ସ୍ୱାନୁଭୂତି ମହାଭୂତି, ଗୋପିକା ପ୍ରସଙ୍ଗେ ନର ସେ ଧନ ଲଭନ୍ତି । ଭୂପତି· ପ୍ରେମପଞ୍ଚାମୃତ ।]

ସ୍ୱାନ୍ତ—ସଂ. ବିଣ (ସ୍ୱନ୍ ଧାତୁ=ଶବ୍ଦ କରିବା+କର୍ମ. ତ)—୧ । ଶବ୍ଦିତ
Swānta (ଶବ୍ଦ କଳ୍ପଦ୍ରୁମ)—1. Sounded.
ସଂ. ବି (+କର୍ତ୍ତୃ. ତ)—ଅନ୍ତଃକରଣ; ମନ (ଅମର)—1. Mind. ୨ । ଗହ୍ୱର (ମେଦିନୀ)—2. A hole; cave. ୩ । ଆପଣାର ଅନ୍ତ ବା ମୃତ୍ୟୁ (ହ ଶ)—3. One's end or death. ୪ । ଆପଣା ରାଜ୍ୟ ବା ପ୍ରଦେଶ (ହ. ଶ)—4. One's kingdom or country.

ସ୍ୱାପ—ସଂ. ବି (ସ୍ୱପ୍ ଧାତୁ+ଭାବ. ଅ)—୧ । ନିଦ୍ରା (ଅମର)—
Swāpa 1. Sleep. ୨ । ଶୟନ (ହେ)—2. Sleeping.
(ସୁପ୍ତ—ବିଣ) ୩ । ଜଡ଼ତା—3. Inertness. ୪। ଅଚୈତନ୍ୟ;
ଅଜ୍ଞାନ (ମେଦିନୀ)—3. Unconsciousness. ୫ ।
ପକ୍ଷାଘାତ—5. Paralysis. ୬ । ସ୍ପର୍ଶଶକ୍ତିରହିତତ୍ୱ—
6. Numbness of the sense of touch. ୭ ।
ସ୍ୱପ୍ନ—7. Dream.

ସ୍ୱାନ୍ତଜ—ସଂ. ବିଣ (ସ୍ୱାନ୍ତ+ଜନ୍ ଧାତୁ+କର୍ତ୍ତ୍ରି ଅ)—ନିଜର ମନରୁ
Swāntaja ଜାତ—Born of one's mind. ସଂ. ବି—
ମନୋଜ; କାମଦେବ (ହ୍ଣ. ଶ)—1. Cupid. ୨ ।
ପ୍ରେମ (ହ୍ଣ ଶ)—2. Love.

ସ୍ୱାପକ—ସଂ. ବିଣ. ପୁଂ (ସ୍ୱପ ଧାତୁ ଣିଚ+କର୍ତ୍ତୃ. ଅକ)—ନିଦ୍ରାକାରକ
Swāpaka —Soporific; causing sleep.
(ସ୍ୱାପିକା - ସ୍ତ୍ରୀ)

ସ୍ୱାପତେୟ—ସଂ. ବି (ସ୍ୱ=ଧନ+ପଥ+ସମ୍ବନ୍ଧାର୍ଥେ. ଏୟ)—
Swāpateya ୧ । ଧନ (ଅମର)—1. Riches. ୨ । ସମ୍ପତ୍ତି
—2. Property.

ସ୍ୱାପଦ—ସଂ. ବି—ଶ୍ୱାପଦର ଅନ୍ୟରୂପ (ହଳାୟୁଧ); ଶ୍ୱାପଦ (ଦେଖ)
Swāpada Śwāpada (See)

ସ୍ୱାପନ—ସଂ. ବିଣ (ସ୍ୱପ ଧାତୁ ଣିଚ+କର୍ତ୍ତୃ. ଅ.)—ନିଦ୍ରାକାରକ (ହ୍ଣ.ଶ)
Swāpana —Soporific. ସଂ. ବି—୧ । ନିଦ୍ରାକାରକ
ଦ୍ରବ୍ୟ (ହ୍ଣ. ଶ)—1. Soporific article. ୨ । ନିଦ୍ରା-
କାରକ ପ୍ରାଚୀନ ଅସ୍ତ୍ର ବିଶେଷ (ହ୍ଣ. ଶ)—
2. A weapon of ancient times which in-
duced sleep in the smitten.

ସ୍ୱାବ୍—ବୈଦେ.ବି(ଇଂ)—ଜାହାଜର ପଟତନ (ଡେକ୍) ଓ ଛାତିରଖାନାର
Swāb ଚଟାଣ ଓ ଟେବଲ୍ ଆଦି ଝାଡ଼ିବା ପାଇଁ ବ୍ୟବହୃତ କନାର ବା
स्वाब्, स्वाब् ଭୁଲାର ବା ଛଣପଟର ବସ୍ତ୍ର—Swab.

ସ୍ୱାବଲମ୍ବନ—ସଂ. ବି (ସ୍ୱ+ଅବଲମ୍ବନ)—୧ । ଆପଣା ଉପରେ ନିର୍ଭର
Swābalambana କରିବା—1. Reliance or dep-
endence on one's self. ୨ । ନିଜର ଶକ୍ତି ଉପରେ
ନିର୍ଭର କରି ପରମୁଖାପେକ୍ଷୀ ନ ହୋଇ କାର୍ଯ୍ୟ ସାଧନ
(ସ୍ୱାବଲମ୍ବ—ଅନ୍ୟରୂପ) କରିବା—2. Self-reliance.

ସ୍ୱାବଲମ୍ବନ ଶୀଳ—ସଂ. ବିଣ. ପୁଂ—ନିଜର ଉପରେ ନିର୍ଭରକାରୀ—
Swābalambana śīla Self-reliant.
(ସ୍ୱାବଲମ୍ବଶୀଳ—ଅନ୍ୟରୂପ) (ସ୍ୱାବଲମ୍ବଶୀଳା—ସ୍ତ୍ରୀ)
(ସ୍ୱାବଲମ୍ବଶୀଳତା, ସ୍ୱାବଲମ୍ବନଶୀଳତା—ବି)

ସ୍ୱାବଲମ୍ବୀ—ସଂ. ବି. ପୁଂ (ସ୍ୱାବଲମ୍ବିନ୍ ଶବ୍ଦ; ସ୍ୱ+ଅବ+ଲମ୍ବ ଧାତୁ+
Swābalambī ଇନ୍)—ଆତ୍ମନିର୍ଭର—Self-reliant.
(ସ୍ୱାବଲମ୍ବିନୀ—ସ୍ତ୍ରୀ)

ସ୍ୱାଭାବିକ—ସଂ. ବି (ସ୍ୱଭାବ+ଭବାର୍ଥେ. ଇକ)—୧ । ସ୍ୱଭାବସିଦ୍ଧ—
Swābhābika 1. Natural; habitual. ୨ । ପ୍ରାକୃତିକ;
(ସ୍ୱାଭାବିକୀ—ସ୍ତ୍ରୀ) ନୈସର୍ଗିକ; ଯାହା କୃତ୍ରିମ ନୁହେଁ—
(ଅସ୍ୱାଭାବିକ, କୃତ୍ରିମ—ବିପରୀତ) 2. Natural; instinctive;
not artificial. ୩ । ସ୍ୱଭାବତଃ ଉତ୍ପନ୍ନ; ସହଜ—
3. Spontaneous; inherent; innate.

ସ୍ୱାଭାବ୍ୟ—ସଂ. ବି (ସ୍ୱଭାବ+ଯ)—୧ । ସ୍ୱଭାବରୁ ଉତ୍ପନ୍ନ—
Swābhābya 1. Inherent. ୨ । ସ୍ୱୟଂ ଉତ୍ପନ୍ନ—2. Self-
born.

ସ୍ୱାମ—ଦେ. ବି—ସୁଷମ (ଦେଖ)
Swāma Suṣma (See)

ସ୍ୱାମିକ—ସଂ. ବି (ସ୍ୱାମିନ୍+କ)—ସ୍ୱାମିଯୁକ୍ତ; ଯାହାର ସ୍ୱାମୀ ବା
Swāmika ମାଲିକ ଅଛନ୍ତି—Having a master. (ଦ୍ର—
(ସ୍ୱାମିକା—ସ୍ତ୍ରୀ) ଏ ଶବ୍ଦ ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ସମାସରେ
(ଅସ୍ୱାମିକ—ବିପରୀତ) ପ୍ରଯୁକ୍ତ ହୁଏ । ଯଥା—ମୃତ ସ୍ୱାମିକ ।)

ସ୍ୱାମି ଜାଙ୍ଘୀ—ସଂ. ବି ପୁଂ (ସ୍ୱାମିନ୍+ଜଙ୍ଘ+ଇନ୍; ୧ମା. ୧ବ)—
Swāmi jāmghī ପରଶୁରାମ (ଶବ୍ଦମାଳା)—A name of the
great hero Paraśurāma.

ସ୍ୱାମିଜୀ - ଦେ.ବି—ସ୍ୱାମୀ ଉପାଧିଧାରୀ ବ୍ୟକ୍ତିଙ୍କ ସମ୍ମାନାର୍ଥକ ସମ୍ବୋଧନ—
Swāmijī A respectful term used in addressing
स्वामिजी an anchorite or person having the title
स्वामीजी of Swāmī.

ସ୍ୱାମିତ୍ୱ—ସଂ. ବି (ସ୍ୱାମିନ୍+ଭାବ ତ୍ୱ)—୧ । କର୍ତ୍ତୃତ୍ୱ; ଅଧିକାର—
Swāmitwa 1. Mastery. ୨ । ସ୍ୱତ୍ୱ—2. Proprietory
right. ୩ । ପତିତ୍ୱ; ଜୋଇସୁଅପଣ—3. The state
of being the husband of a woman.

ସ୍ୱାମିନ୍—ସଂ. ସମ୍ବୋଧନ (ସ୍ୱାମିନ୍ ଶବ୍ଦର ସମ୍ବୋଧନ)—ହେ ସ୍ୱାମୀ—
Swāmin Oh Lord !

ସ୍ୱାମିନୀ—ସଂ. ବି. ସ୍ତ୍ରୀ—(ସ୍ୱାମିନ୍+ସ୍ତ୍ରୀ ଈ)—୧ । ସ୍ୱାମୀର ସ୍ତ୍ରୀଲିଙ୍ଗ—
Swāminī 1. Feminine of Swāmī. ୨ । ଅଧିକାରିଣୀ;
ମାଲିକାଣୀ—2. Mistress; a female owner. ୩।
ଗୃହିଣୀ—3. The mistress of a house.

ସ୍ୱାମି ଭକ୍ତ—ସଂ. ବିଣ ପୁଂ (୭ମୀ ତତ୍)—ସ୍ୱାମୀଙ୍କ ପ୍ରତି ଭକ୍ତିଯୁକ୍ତ—
Swāmi bhakta Devoted to one's master.
(ସ୍ୱାମିଭକ୍ତା—ସ୍ତ୍ରୀ) ବି. ପୁଂ—ସ୍ୱାମୀଙ୍କର ଭକ୍ତ—Devotee of
one's master.

ସ୍ୱାମି ଭକ୍ତା—ସଂ. ବିଣ. ସ୍ତ୍ରୀ—ପତିଙ୍କ ପ୍ରତି ଭକ୍ତିବିଶିଷ୍ଟା—Devoted
Swāmi bhaktā to one's husband. ବି. ସ୍ତ୍ରୀ—ସାଧ୍ୱୀ,
ସତୀ—A chaste woman.

ସ୍ୱାମି ଭକ୍ତି—ସଂ. ବି (୭ମୀ ତତ୍)—୧ । ପତିଭକ୍ତି—1. Devotion
Swāmi bhakti to one's husband. ୨। ପ୍ରଭୁଙ୍କ ପ୍ରତି ଭକ୍ତି—
2. Devotion to one's master.

ସ୍ୱାମି ଶୂଳ—ସଂ. ବି—୧। ନିଜ ପ୍ରଭୁଙ୍କ ବୈରୀ; ଉପକାରୀଙ୍କ ବୈରୀ—Enemy
Swāmi śūla of one's master or lord.
[ଡ୍ର—ଜୁମ୍ଭସବ ସ୍ୱାମି-ଶୂଳ ଏହୁ ଜଗତେ, ଖୋଜିଲେତ
ମିଳିବ ନାହିଁ ମୋହମତେ—କୃଷ୍ଣସିଂହ. ମହାଭାରତ—ସଭା]

୨ । ପତିଙ୍କ ପ୍ରତି ବୈରି ଭାବାପନ୍ନା ସ୍ତ୍ରୀ—2. A woman inimical to her husband

ସ୍ୱାମି ସହଗମନ (ମରଣ)—ସଂ. ବି (୬ଷ୍ଠୀ ତତ୍)—ସହଗମନ (ଦେଖ)—
Swāmi sahagamana (maraṇa) Sahagamana (See)

ସ୍ୱାମି ସହବାସ—ସଂ. ବି—୧। ସ୍ୱାମୀଙ୍କ ସଙ୍ଗେ (ସ୍ତ୍ରୀଙ୍କର) ଏକତ୍ର ବାସ—
Swami sahabāsa 1. (a wife's) Living with her husband—୨ । ସ୍ୱାମୀଙ୍କ ସଙ୍ଗେ ରତି—2. Cobabitation with one's husband.

ସ୍ୱାମି ସେବା—ସଂ. ବି (୬ଷ୍ଠୀ ତତ୍)—ସ୍ୱାମୀଙ୍କ ପରିଚର୍ଯ୍ୟା—
Swāmi sebā serving or tending one's husband.

ସ୍ୱାମୀ—ସଂ.ବି.ପୁଂ(ସ୍ୱାମିନ୍ ଶବ୍ଦ;ସ୍ୱ=ଧନ+ଅସ୍ତି ଅର୍ଥରେ.ମିନ୍;୧୮।୧ବ)
Swāmi —୧। (ଭୃତ୍ୟର) ପ୍ରଭୁ; ମାଲିକ—1. Master; lord. ୨ । (ବ୍ୟକ୍ତିର ବା ଜୀବର) ପାଳକ; ରକ୍ଷକ; ଅନ୍ନଦାତା—2. Protector maintainer. ୩ । (ଦ୍ରବ୍ୟାଦିର) (ସ୍ୱାମିନୀ—ସ୍ତ୍ରୀ) ଅଧିକାରୀ; ମାଲିକ—3. Owner; proprietor. ୪ । (ସ୍ତ୍ରୀଙ୍କ) ପତି; ଗେରସ୍ତ; ଭର୍ତ୍ତା (ଧରଣୀ)—4. Husband. [ଦ୍ର—ସ୍ୱାମୀ ଶବ୍ଦର ଭଲ ଭଲ ପ୍ରତିଶବ୍ଦ ଯଥା—ସ୍ୱାମୀ=ଦେହର ପ୍ରଭୁ, ଭର୍ତ୍ତା=ଭରଣ କର୍ତ୍ତା, ପତି=ପାଳନକର୍ତ୍ତା, କାନ୍ତ=କାମପ୍ରଦ, ବନ୍ଧୁ=ସୁଖବନ୍ଧପ୍ରଦ, ପ୍ରିୟ=ପ୍ରୀତିଦାତା, ଈଶ=ଐଶ୍ୱର୍ଯ୍ୟଦାୟକ, ପ୍ରାଣନାଥ=ପ୍ରାଣର ପ୍ରଭୁ, ରମଣ=ରତିଦାତା] ୫ । (ରାଜ୍ୟର) ରାଜା; ଅଧିପତି (ଅମର)—5. King; sovereign. [ଦ୍ର—ହିନ୍ଦୁ ନୀତିଶାସ୍ତ୍ର ମତରେ ସ୍ୱାମୀ ବା ରାଜା ରାଜ୍ୟାଙ୍ଗର ଏକତମ । ରାଜ୍ୟର ୭ ଗୋଟି ଅଙ୍ଗ ଯଥା—ସ୍ୱାମୀ=ରାଜା; ଅମାତ୍ୟ=ମନ୍ତ୍ରୀ; ସୁହୃଦ୍=ମିତ୍ରରାଜା, କୋଷ=ଧନାଗାର, ରାଷ୍ଟ୍ର=ରାଜ୍ୟ, ଦୁର୍ଗ=ଗଡ଼, ବଳ=ସୈନ୍ୟ; ଏହି ୭ ଗୋଟି ଅଙ୍ଗରୁ କୌଣସି ଅଙ୍ଗ ବିକଳ ବା ଦୁର୍ବଳ ହେଲେ ରାଜ୍ୟର ନାଶ ବା ଅନିଷ୍ଟ ଘଟେ ।] ୬ । (ଦଳର) ଦଳପତି; ନେତା; ନାୟକ (ଅମର)—6. Leader; head; headman. ୭ । (ଶିଷ୍ୟର) ଗୁରୁ (ଧରଣୀ)—7. Preceptor; teacher. [ଦ୍ର—ଶାସ୍ତ୍ରରେ ଅଛି ଯେ, ଗୁରୁ, ବିପ୍ର ଓ ଇଷ୍ଟଦେବଙ୍କ ମଧ୍ୟରେ ସ୍ୱାମୀ (ପତି) ସମସ୍ତଙ୍କଠାରୁ ଶ୍ରେଷ୍ଠ ।] ୮ । ସନ୍ନ୍ୟାସୀ ବା ପରମହଂସ ବ୍ରତଧାରୀ ବ୍ୟକ୍ତିଙ୍କ ଉପାଧି—8. Title of a person who has renounced the world and has been initiated as a 'Paramahamsa' and observes celebacy. [ଦ୍ର—ସନ୍ନ୍ୟାସୀ ଓ ପରମହଂସମାନଙ୍କର ଓ ଦେବତାଙ୍କର 'ସ୍ୱାମୀ' ଉପାଧି ଶାସ୍ତ୍ରସିଦ୍ଧ ॥ ଦୁଃଖର ବିଷୟ ଯେ, ଅଧୁନା କେତେକ ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନାର୍ଥ 'ସ୍ୱାମୀ' ଉପାଧିରେ ନିଜ ନାମକୁ ଭୂଷିତ କରୁଅଛନ୍ତି ଓ ତାଙ୍କ ସାଙ୍ଗସାଥୀ, ସାଂସାରିକ ଓ ସାମାଜିକ ଭକ୍ତମାନେ ତାଙ୍କ ପ୍ରୀତିସମ୍ପାଦନାର୍ଥ ତାଙ୍କୁ 'ସ୍ୱାମୀ' ଉପାଧିରେ ଭୂଷିତ କରୁଅଛନ୍ତି । ଉତ୍କଳରେ ବ୍ୟକ୍ତିବିଶେଷଙ୍କର ଅଧିକାର ନ ଥାଇ 'ସ୍ୱାମୀ' ପଦଗ୍ରହଣ ଓ ଅନେକ ଅର୍ଦ୍ଧସରକାରୀ କାଗଜରେ ଓ ସମ୍ବାଦପତ୍ରରେ ଏ ଉପାଧିର ତାଙ୍କ ନାମ ପୂର୍ବରେ ନିୟୋଜନ ଓ ସମୟ ସମୟରେ ତାଙ୍କ ନିଜ ସ୍ୱାକ୍ଷରରେ ମଧ୍ୟ ଏହି ଉପାଧିର ପ୍ରୟୋଗ ଏ ପଦର ସମ୍ୟକ୍ ଅପବ୍ୟବହାର ଅଟେ ॥ ଯେବେ କୌଣସି ବ୍ୟକ୍ତି ମୃତପତ୍ନୀକ ଥାଇ ଓ ଏକପତ୍ନୀବ୍ରତ ଗ୍ରହଣ କରି ଯେବେ ଏହି ଅନଧିକାର-ଗୃହୀତ ଉପାଧି ତାଙ୍କ ପ୍ରତି ପ୍ରଯୁକ୍ତ ହେଲେ ତହିଁରେ ତାଙ୍କର ତୃପ୍ତିଲାଭ ହୁଏ ବୋଲି ତାଙ୍କ ବନ୍ଧୁମାନେ ଦେଖନ୍ତି, ତେବେ ତତ୍ପୂର୍ବରୁ ତାଙ୍କଠାରେ ସେ ଉପାଧି ଲଗାନ୍ତି । ଉତ୍କଳର ବାହାରେ ମଧ୍ୟ ଅନେକଙ୍କୁ ଅନଧିକାରେ 'ସ୍ୱାମୀ' ପଦଭୂଷିତ ହେବା ଦେଖାଯାଏ ।] ୧୧ । ବିଭୁ; ଈଶ୍ୱର (ଶବ୍ଦରତ୍ନାବଳୀ)—11. God. ୧୨ । ହରି; ବିଷ୍ଣୁ (ଶବ୍ଦରତ୍ନାବଳୀ)—12 Bishṇu. ୧୩ । ହର; ଶିବ; ମହାଦେବ (ଶବ୍ଦରତ୍ନାବଳୀ)—13. Śiba. ୧୪ । ବାତ୍ସାୟନ ମୁନି (ତ୍ରିକାଣ୍ଡଶେଷ)—14. A name of sage 'Bātsāyana'. ୧୫ । ଗରୁଡ଼ (ଶବ୍ଦକଳ୍ପଦ୍ରୁମ)—15. A name of 'Garurda'. ୧୬ । ଅତୀତ କଳ୍ପୀୟ ଅର୍ହଦ୍‌ଭେଦ (ହେମଚନ୍ଦ୍ର); ଗତ ଉତ୍ସର୍ପିଣୀର ଏକାଦଶ ଅର୍ହତ୍—16. Name of a Buddhist saint before the advent of the Buddha. ୧୭ । ପଣ୍ଡିତ ବ୍ରାହ୍ମଣ—17. A learned Brāhmaṇa. ୧୮ । ସେନାପତି (ହୃଂ ଶ)—18. Commander; general. ଦେ. ଅ—(ସ. ସ୍ୱାମିନ୍) ହେ ମହାଶୟ—Sir ! [ଉ—କେ ତୁମ୍ଭେ କହ ସ୍ୱାମୀ ମୋରେ, କରୁଣାଭର ଏ ବାକ୍ୟରେ, ଜଗନ୍ନାଥ, ଭାଗବତ ।]

ସ୍ୱାମ୍ୟ—ସଂ. ବି (ସ୍ୱାମିନ୍+ଭାବାର୍ଥେ ଯ)—ସ୍ୱାମିତ୍ୱ (ହୃ. ଶ)—
Swāmya The state of being swami.

ସ୍ୱାମ୍ୟମାତ୍ୟ—ସଂ. ବି (ଦ୍ୱନ୍ଦ୍ୱ)—ରାଜା ଓ ମନ୍ତ୍ରୀ—
Swāmyamātya The king and his minister.

ସ୍ୱାମ୍ୟମାତ୍ୟସୁହୃତକୋଷରାଷ୍ଟ୍ରଦୁର୍ଗବଳ—ସଂ. ବି (ଦ୍ୱନ୍ଦ୍ୱ)—ନୀତିଶାସ୍ତ୍ରମତେ
Swāmyamātyasuhṛutkosharāshṭradurgabaḷa
ରାଜ୍ୟର ୭ଟି ଅଙ୍ଗ (ସ୍ୱାମୀ, ଅମାତ୍ୟ, ସୁହୃତ୍, କୋଷ, ରାଷ୍ଟ୍ର, ଦୁର୍ଗ ଓ ବଳ)—The 6 component parts of a kingdom (king, minister, ally, treasury, kingdom, fort and army).

ସ୍ୱାମ୍ୟର୍ଥ ମରଣ—ଆପଣାର ସ୍ୱାମୀ (ଭର୍ତ୍ତା ବା ଶାସକ)ଙ୍କ ଜୀବନ ରକ୍ଷା ବା
Swāmyartha maraṇa ଉପକାର ପାଇଁ ଜୀବନ ଦାନ—
Dying to save or benefit one's hnsband or master. [ଦ୍ର—ବହ୍ନିପୁରାଣରେ ସଂଗ୍ରାମପ୍ରଶଂସା ନାମକ ଅଧ୍ୟାୟରେ ଅଛି ଯେ, ଯେଉଁ ବ୍ୟକ୍ତି ସ୍ୱାମୀଙ୍କ ଜୀବନ-

ରକ୍ଷାର୍ଥେ ନିଜର ଜୀବନ ବିସର୍ଜନ କରନ୍ତି ସେ ନରମେଧ ଯଜ୍ଞର ଫଳ ଲାଭ କରି ସ୍ୱର୍ଗ ଲାଭ କରନ୍ତି ।]

ସ୍ୱାମ୍ୟୁପକାରକ—ସଂ. ବିଣ ପୁଂ—ସ୍ୱାମୀଙ୍କର ବା ପ୍ରଭୁଙ୍କର ଉପକାରୀ—
Swāmyupakāraka Rendering of benefit to one's master; serving one's master. ବ—
(ସ୍ୱାମ୍ୟୁପକାରୀ—ଅନ୍ୟରୂପ) (ଶବ୍ଦକଳ୍ପଦ୍ରୁମ—Hor.e.
(ସ୍ୱାମ୍ୟୁପକାର—ବି.ରୂପ)

ସ୍ୱାୟତ୍ତ—ସଂ. ବିଣ—୧ । ନିଜର ବଶୀଭୂତ—1. Under one's
Swāyatta control. ୨ । ସ୍ୱାଧୀନ— 2. Independent.

ସ୍ୱାୟତ୍ତ କରିବା—ଦେ. କ୍ରି—୧ । ନିଜର ଅଧିକାରକୁ ଆଣିବା; ବଶୀଭୂତ
Swāyatta karibā କରିବା—1. To bring
স্বায়ত্ত করা स्वायत्त करना under one's control. ୨ । ସମ୍ପୂର୍ଣ୍ଣରୂପେ ନିଜର ବଶ କରିବା—
2. To fully control a person.

ସ୍ୱାୟତ୍ତ ଶାସନ—ଦେ. ବି (ସଂସ୍କୃତ, କିନ୍ତୁ ଆଧୁନିକ ପ୍ରୟୋଗ)—ସ୍ୱରାଜ;
Swāyatta śāsana ଦେଶବାସୀଙ୍କ ଦ୍ୱାରା ଚାଳିତ ପ୍ରତିନିଧିମାନଙ୍କ
স্বায়ত্ত শাসন स्वायत्त शासन ଦ୍ୱାରା ରାଜ୍ୟ ଶାସନ—
ସ୍ୱରାଜ—Self-government; autonomy.

ସ୍ୱାୟତ୍ତୀକରଣ—ସଂ. ବି (ସ୍ୱାୟତ୍ତ+ଅଭୂତ ତଦ୍ଭାବେ ଈ+କରଣ)—
Swāyattīkaraṇa ନିଜର ବଶକୁ ଆନୟନ—
Bringing under one's control.

ସ୍ୱାୟତ୍ତୀକୃତ—ସଂ. ବିଣ (ସ୍ୱାୟତ୍ତ+ଅଭୂତତଦ୍ଭାବେ ଈ+କୃତ)—ନିଜର
Swāyattīkṛta ବଶକୁ ଆଣିତ—Brought under one's cuntrol-

ସ୍ୱାୟମ୍ଭୁବ—ସଂ. ବିଣ (ସ୍ୱୟମ୍ଭୂ=ବ୍ରହ୍ମା+ସମ୍ବନ୍ଧାର୍ଥେ ଅ)—ସ୍ୱୟମ୍ଭୂ
Swāyambhuba ସମ୍ବନ୍ଧୀୟ—Relating to
Swayambhū. ବି. (+ଅପତ୍ୟାର୍ଥେ ଅ)—ବ୍ରହ୍ମାଙ୍କ ପୁତ୍ର; ପ୍ରଥମ ମନୁ—The first progenitor of mankind.

ସ୍ୱାୟମ୍ଭୁବ ମନୁ—ସଂ. ବି—ପ୍ରଥମ ମନୁ—The 1st or original
Swāyambhuba manu progenitor of mankind
[ଦ୍ର—ସୃଷ୍ଟି ବୃଦ୍ଧି ପାଇଁ ବ୍ରହ୍ମା ଏହାଙ୍କୁ ନିଜର ଦକ୍ଷିଣ ଅଙ୍ଗରୁ ଜାତ କଲେ ଓ ବାମାଙ୍ଗରୁ ଶତରୂପାନାମ୍ନୀ କନ୍ୟାକୁ ଜାତ କରି ସ୍ୱାୟମ୍ଭୁବଙ୍କୁ ବିବାହ ଦେଲେ । ଏହି ବିବାହରୁ ଅକୂତି ଓ ଦେବହୂତି ଓ ପ୍ରସୂତି ନାମରେ ତିନିଗୋଟି କନ୍ୟା ଏବଂ ପ୍ରିୟବ୍ରତ ଓ ଉତ୍ତାନପାଦ ନାମରେ ଦୁଇଟି ପୁତ୍ର ଜାତ ହେଲେ । ପିତା ଏହି ଅକୂତି କନ୍ୟାଙ୍କୁ ରୁଚିଙ୍କୁ ଓ ଦେବହୂତିଙ୍କୁ ଦକ୍ଷପ୍ରଜାପତିଙ୍କୁ ଦେଲେ । ଦକ୍ଷପ୍ରଜାପତିଙ୍କ ଔରସରେ ୧୬ ଗୋଟି ପୁତ୍ର ଓ ୨୪ଟି କନ୍ୟା ଜନ୍ମିଲେ ଓ ଏହିମାନଙ୍କଠାରୁ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷ, ଲତା, ସରୀସୃପ ଆଦି ଜନ୍ମିଲେ ଓ କ୍ରମେ ପୃଥିବୀରେ ପ୍ରାଣୀମାନେ ମାଡ଼ିଗଲେ—ମାର୍କଣ୍ଡେୟପୁରାଣ ।]

ସ୍ୱାୟମ୍ଭୁବୀ—ସଂ. ବି—ବ୍ରାହ୍ମୀ (ସନକାଦର୍ଶ ଦେଖ)—
Swāyambhubi Brāhmi (See).

ସ୍ୱାର (ଇତ୍ୟାଦି)—ଗ୍ରା. ବି—ସୁଆର ଇତ୍ୟାଦି (ଦେଖ)—
Swāra (etc) Suāra etc (See)

ସ୍ୱାରସ୍ୟ—ସଂ. ବି (ସ୍ୱରସ+ଯ)—୧ । ସରସତା; ରସପୂର୍ଣ୍ଣତା (ହି.ଶ)—
Swārasya 1. Juiciness. ୨ । ସ୍ୱାଭାବିକତା (ହି.ଶ)-
2. Naturalness.

ସ୍ୱାରାଜ୍ୟ—ସଂ. ବି (ସ୍ୱରାଜ୍+ଭାବ. ଯ)—୧ । ସ୍ୱର୍ଗ ରାଜ୍ୟ—
Swārājya 1. The kingdom of heaven.
୨ । ଈଶ୍ୱରତ୍ୱ—2. Divinity; godhead. ୩ । ସ୍ୱର୍ଗର ଆଧିପତ୍ୟ; ଇନ୍ଦ୍ରତ୍ୱ—3. Soverignty in heaven; the state of being Indra, the king of the gods. ୪ । ସ୍ୱାଧୀନଭାବରେ ଶାସିତ ରାଜ୍ୟ—(ହି. ଶ.)—4. Autonomous country.

ସ୍ୱାରାଟ୍—ସଂ. ବି (ସ୍ୱ=ସ୍ୱର୍ଗ ଧାତୁ+କ୍ୱିପ; ସ୍ୱାରାଜ୍ ୧ମା. ୧ବ)—
Swārāṭ ଇନ୍ଦ୍ର; ଦେବରାଜ (ଅମର)—
Indra.

ସ୍ୱାରି (ଇତ୍ୟାଦି)—ଗ୍ରା. ବି ସୁଆରି ଇତ୍ୟାଦି (ଦେଖ)—
Swā i Suāri etc (See)
पालकी सवारी

ସ୍ୱାରିବା—ଦେ. କ୍ରି—ସୁଆରିବା (ଦେଖ)—
Swāribā Suāribā (See)

ସ୍ୱାରୋଚିଷ—ସଂ. ବି (ପୁଂ) (ନାମ)—(ସ୍ୱରୋଚିଷ=ଅଗ୍ନି+ଅପତ୍ୟାର୍ଥେ ଅ)—ଦ୍ୱିତୀୟ ମନୁ—
Swārochisha
The 2nd progenitor of mankind.
[ଦ୍ର—ଶ୍ରୀମଦ୍ ଭାଗବତ ମତରେ ଏ ଅଗ୍ନିସୁତ ଥିଲେ । ଏହାଙ୍କଠାରୁ ୪ ପୁତ୍ର ଓ ୭ ଋଷି (ଦତ୍ତୋଳ, ଚ୍ୟବନ, ସ୍ତମ୍ବ, ପ୍ରାଣ, କଶ୍ୟପ, ଉର୍ଜ୍ଜ ଓ ବୃହସ୍ପତି ଜନ୍ମିଥିଲେ—ମତ୍ସ୍ୟପୁରାଣ । ମାର୍କଣ୍ଡେୟପୁରାଣରେ ଏହାଙ୍କ ନାମ ଦ୍ୟୁତିମାନ୍ ବୋଲି ଲିଖିତ ହୋଇଅଛି (ହି. ଶ) ।]

ସ୍ୱାର୍ଜନ—ସଂ. ବି (୬ଷ୍ଠୀ ତତ୍)—ନିଜର ଉପାର୍ଜନ—
Swārjana Self-acquisition.

ସ୍ୱାର୍ଜିତ—ସଂ. ବିଣ (ତୃତୀୟା ତତ୍)—ନିଜଦ୍ୱାରା ଉପାର୍ଜିତ; ସ୍ୱୟଂଲବ୍ଧ-
Swārjita Self, acquired; earned by one's self.

ସ୍ୱାର୍ଥ—ସଂ. ବି (୬ଷ୍ଠୀ ତତ୍)—୧ । ନିଜର ପ୍ରୟୋଜନ; ଆତ୍ମପ୍ରୟୋଜନ;
Swārtha ନିଜକାର୍ଯ୍ୟ—1. One's necessity or exclusive aim. ୨ । ସ୍ୱାଧିକାର; ନିଜର ଅର୍ଥ; ନିଜ ବସ୍ତୁ—2. One's own or exclusive property. ୩ । ନିଜର ଅଭିପ୍ସିତ ବିଷୟ—3. A thing aimed at by one's self. ୪ । ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟ 4. Self interes. ୫ । (ବ୍ୟାକରଣ) ଲିଙ୍ଗାର୍ଥ ବିଶେଷ (ଦୁର୍ଗାଦାସ); ଶବ୍ଦର ସ୍ୱାଭାବିକ ବା ସହଜ ଅର୍ଥ—
5. (Grammar) The inherent meaning

of a word ଗ୍ରାମ୍ୟ. ବିଣ (ସଂ. ସାର୍ଥ)—୧ । ସାର୍ଥ; ସାର୍ଥକ—1. Fruitful. ୨ । ସିଦ୍ଧିଯୁକ୍ତ—2. Successful.
ସାର୍ଥକ
ମାର୍ଥକ

ସ୍ୱାର୍ଥ ତ୍ୟାଗ—ସଂ. ବି (୬ଷ୍ଠୀ ତତ୍) —(ପରର ମଙ୍ଗଳ ସାଧନାର୍ଥ) ନିଜର Swārtha tyāga ଲାଭ ସମ୍ବନ୍ଧୀୟ ବିଷୟର ପରିତ୍ୟାଗ—Renunciation of one's self-interest; self-sacrifice.
(ସ୍ୱାର୍ଥତ୍ୟାଗୀ—ପୁଂ; ସ୍ୱାର୍ଥତ୍ୟାଗିନୀ—ସ୍ତ୍ରୀ. ବିଣ)

ସ୍ୱାର୍ଥ ନାଶ—ସଂ. ବି—୧ । ନିଜର ଅଭୀଷ୍ଟ ଥିବା ଉଦ୍ଦେଶ୍ୟର ବିନାଶ—Swārtha nāsa 1. Destruction or extinction of one's self interest. ୨ । ସ୍ୱାର୍ଥରେ ବାଧା—2. Impediment or obstruction to one's self interest.

ସ୍ୱାର୍ଥ ପଣ୍ଡିତ—ସଂ.ବିଣ.ପୁଂ.—ସ୍ୱାର୍ଥସାଧନ ବିଷୟରେ ଚତୁର (ବ୍ୟଙ୍ଗ)—Swārtha pandita Clever in accomplishing one's self interest.
(ସ୍ୱାର୍ଥପଣ୍ଡିତା—ସ୍ତ୍ରୀ)

ସ୍ୱାର୍ଥପର—ସଂ. ବିଣ, ପୁଂ (୭ମୀ ତତ୍)—ନିଜର ପ୍ରୟୋଜନସିଦ୍ଧି Swārthapara କାମନାରେ ରତ ଥିବା—Selfish; self-seeking; self interested.
(ସ୍ୱାର୍ଥପରାୟଣ, ସ୍ୱାର୍ଥପରାୟଣ—ଅନ୍ୟରୂପ)
(ସ୍ୱାର୍ଥପରା, ସ୍ୱାର୍ଥପରାୟଣା; ସ୍ୱାର୍ଥପରାୟଣା—ସ୍ତ୍ରୀ)
(ସ୍ୱାର୍ଥପରତା; ସ୍ୱାର୍ଥପରାୟଣତା, ସ୍ୱାର୍ଥପରାୟଣତା—ବି)

ସ୍ୱାର୍ଥ ବଳି—ସଂ. ବି(୬ଷ୍ଠୀ ତତ୍)—ପରର ମଙ୍ଗଳପାଇଁ ନିଜର Swārtha bali ପ୍ରୟୋଜନକୁ ତ୍ୟାଗକରିବା—Self-sacrifice; sacrifice of one's self-interest to benefit others.

ସ୍ୱାର୍ଥ ବୁଦ୍ଧି—ସଂ. ବି (ମ. ପ.ଲୋ)—ନିଜର ପ୍ରୟୋଜନ ସିଦ୍ଧି ଲୋଡ଼ିବା Swārtha buddhi ବୁଦ୍ଧି—Selfish spirit.
ବିଣ.ପୁଂ ଓ ସ୍ତ୍ରୀ(ବହୁବ୍ରୀହି)—ସ୍ୱାର୍ଥପର;ଯେଉଁ ବ୍ୟକ୍ତି ସର୍ବଦା ଅପଣାର ସ୍ୱାର୍ଥସିଦ୍ଧି କଥା ଭାବୁଥାଏ—Selfish.

ସ୍ୱାର୍ଥ ଲାଭ—ସଂ. ବି (୬ଷ୍ଠୀ ତତ୍)—ସ୍ୱାର୍ଥସାଧନ (ଦେଖ)—Swārtha lābha Swārtha sādhana (See)

ସ୍ୱାର୍ଥ ସାଧକ—ସଂ. ବିଣ. ପୁଂ—ଯେ ନିଜର ପ୍ରୟୋଜନ ସାଧନ କରେ—Swārtha sādhaka One who brings about the fulfilment of ones's selfish interests.
(ସ୍ୱାର୍ଥସାଧିକା—ସ୍ତ୍ରୀ)

ସ୍ୱାର୍ଥ ସାଧନ—ସଂ ବି(୬ଷ୍ଠୀତତ୍) ନିଜର ଉଦ୍ଦେଶ୍ୟ ସଫଳ କରିବା—Swārtha sādhana Accomplishment or attainment of one's own object
(ସ୍ୱାର୍ଥ ସିଦ୍ଧି—ଅନ୍ୟରୂପ)

ସ୍ୱାର୍ଥ ହେବା—ଗ୍ରା. କ୍ରି (ସଂ. ସାର୍ଥ, ସାର୍ଥକ)—ସାର୍ଥକ ହେବା; ସଫଳ Swārtha hebā ହେବା—To be crowned with success; to attain one's end. (ଯଥା—ତୁମ୍ଭକୁ ଦର୍ଶନ କରିବାରୁ ମୋର ଏତେ ପରିଶ୍ରମ ସ୍ୱାର୍ଥ ହେଲା ।)
ସାର୍ଥକ হওয়া
सार्थक होना

ସ୍ୱାର୍ଥାନ୍ଧ—ସଂ. ବିଣ. ପୁଂ—ଅତ୍ୟନ୍ତ ସ୍ୱାର୍ଥସିଦ୍ଧି କାମନାରେ ଅନ୍ୟ Swārthāndha ବିଷୟରେ ବିବେଚନାରହିତ—Blind to things other than one's self interest.
(ସ୍ୱାର୍ଥାନ୍ଧା—ସ୍ତ୍ରୀ)
[ସ୍ୱାର୍ଥାନ୍ଧତ୍ୱ, ସ୍ୱାର୍ଥାନ୍ଧ୍ୟ—ବି]

ସ୍ୱାର୍ଥାନ୍ୱେଷଣ—ସଂ. ବି (୬ଷ୍ଠୀ ତତ୍)—ନିଜର ସ୍ୱାର୍ଥସିଦ୍ଧିର ଉପାୟ Swārthānweshana ଖୋଜି ବୁଲିବା—Seeking one's good.

ସ୍ୱାର୍ଥାନ୍ୱେଷୀ—ସଂ. ବିଣ (ସ୍ୱାର୍ଥାନ୍ୱେଷିନ୍ ଶବ୍ଦ)—ଯେ ନିଜର ସ୍ୱାର୍ଥସିଦ୍ଧି Swārthānweshī ଖୋଜି ବୁଲୁଥାଏ; ସ୍ୱାର୍ଥପର—Self-seeking.
[ସ୍ୱାର୍ଥାନ୍ୱେଷିଣୀ—ସ୍ତ୍ରୀ]

ସ୍ୱାର୍ଥିକ—ସଂ. ବିଣ (ସ୍ୱାର୍ଥ+ଇକ)—୧ । ସ୍ୱାର୍ଥ ସମ୍ବନ୍ଧୀୟ—Swārthika 1. Relating to self interest. ୨ । (ପୁଂ) ସ୍ୱାର୍ଥପର—2. Selfish.
(ସ୍ୱାର୍ଥିକା—ସ୍ତ୍ରୀ)

ସ୍ୱାର୍ଥୀ—ସଂ. ବିଣ (ପୁଂ) (ସ୍ୱାର୍ଥ+ଇନ୍; ୧ମା. ୧ବ)—ଅପସ୍ୱାର୍ଥୀ; Swārthī ସ୍ୱାର୍ଥପର—Selfish.
[ସ୍ୱାର୍ଥିନୀ—ସ୍ତ୍ରୀ]

ସ୍ୱାଶ୍ରୟ—ସଂ. ବି—ସ୍ୱାବଲମ୍ବନ (ଦେଖ)—Swābalambana (See)
Swāsraya ବିଣ (ପୁଂ)—ସ୍ୱାବଲମ୍ବୀ (ଦେଖ)—Swābalambī (See).
[ସ୍ୱାଶ୍ରୟା—ସ୍ତ୍ରୀ.ବିଣ]

ସ୍ୱାସ୍ଥ—ଗ୍ରା. ବି (ସଂ. ସ୍ୱାସ୍ଥ୍ୟ)—ସ୍ୱାସ୍ଥ୍ୟ (ଦେଖ)
Swāstha Swāsthya(See)

ସ୍ୱାସ୍ଥ୍ୟ—ସଂ. ବି (ସୁସ୍ଥ+ଭାବ. ଯ)—୧ । ସୁସ୍ଥତା; ନୀରୋଗତା; Swāsthya ନିରାମୟତା—1. Health; freedom from illness. ୨ । ଆରୋଗ୍ୟ—2. Convalescence. ୩ । ସ୍ୱାଚ୍ଛନ୍ଦ୍ୟ—3. Ease; comfort. ୪ । ସନ୍ତୋଷ (ବେମରନ୍ଧ)—4. Contentment. ୫ । ମନର ସୁସ୍ଥତା; ଉଦ୍‌ବେଗଶୂନ୍ୟତା; ନିଶ୍ଚିନ୍ତତା; ଅନୁଦ୍‌ବେଗ—5. Freedom from anxiety. ୬ । ସୁଖ—6. Happiness. [ଦ୍ର—ସ୍ୱସ୍ଥ ଶବ୍ଦର ଅର୍ଥ ନୀରୋଗ; ତହିଁରୁ ଭାବରେ 'ଯ' ପ୍ରତ୍ୟୟ ହେଲେ ସ୍ୱାସ୍ଥ୍ୟ ଶବ୍ଦ ନିଷ୍ପନ୍ନ ହୁଏ, ମାତ୍ର ଅନେକ ଅଭିଧାନରେ ପ୍ରମାଦବଶତଃ ସୁସ୍ଥ ଶବ୍ଦରୁ ଯ ପ୍ରତ୍ୟୟ ଦ୍ୱାରା 'ସ୍ୱାସ୍ଥ୍ୟ' ଶବ୍ଦ ନିଷ୍ପନ୍ନ ହୁଏ ବୋଲି ଲେଖାଅଛି ।]

ସ୍ୱାସ୍ଥ୍ୟକର—ସଂ. ବିଣ—ଯାହା ସୁସ୍ଥତା ଜନ୍ମାଏ—Healthy; health-Swāsthyakara giving; hygienic.
[ସ୍ୱାସ୍ଥ୍ୟଜନକ, ସ୍ୱାସ୍ଥ୍ୟଦାୟକ, ସ୍ୱାସ୍ଥ୍ୟପ୍ରଦ ସ୍ୱାସ୍ଥ୍ୟଦ—ଅନ୍ୟରୂପ]

ସ୍ୱାସ୍ଥ୍ୟ ନାଶ—ସଂ. ବି (୬ଷ୍ଠୀ ତତ୍)—ନୀରୋଗତାର ନାଶ—Swāsthya nāsa Loss of health.

ସ୍ୱାସ୍ଥ୍ୟ ନିବାସ(ବାସ)—ସଂ. ବି (ଅଧୁନାତନ ବ୍ୟବହାର)—Swāsthya nibāsa (bāsa) ୧ । ସ୍ୱାସ୍ଥ୍ୟରକ୍ଷା ପାଇଁ ବା ନଷ୍ଟ ସ୍ୱାସ୍ଥ୍ୟର ପୁନରୁଦ୍ଧାର ପାଇଁ ବା ସ୍ୱାସ୍ଥ୍ୟଲାଭ ପାଇଁ କୌଣସି ସ୍ୱାସ୍ଥ୍ୟକର ସ୍ଥାନରେ ବାସ—1. Resorting to a health resort for recouping or gain-

ing one's health. ୨ । ସ୍ୱାସ୍ଥ୍ୟପ୍ରଦ ସ୍ଥାନ—2 Health resort.

ସ୍ୱାସ୍ଥ୍ୟ ପାନ—ଦେ. ବି (ଇଂରାଜୀ ବାକ୍ୟର ଅନୁବାଦ)—ଉପସ୍ଥିତଙ୍କର Swāsthya pāna ବା ଉଦ୍ଦିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟର ଉନ୍ନତି ସ୍ୱাস্থ্যপান କାମନା କରି ମଦ୍ୟ ପାନ କରିବା—**स्वास्थ्यपान** Drinking to the health (of a person).

ସ୍ୱାସ୍ଥ୍ୟ ପାନ କରିବା—ଦେ. କ୍ରି (ଇଂରାଜୀ ବାକ୍ୟର ଉକ୍ତିର Swsāthyapāna karibā ଅନୁବାଦ)—ପାଶ୍ଚାତ୍ୟ ରୀତି ସ୍ୱাস্থ্যপানকরা ଅନୁସାରେ ଅଧୁନିକ ଭୋଜନ-ସମ୍ମେଳନମାନରେ **स्वास्थ्यपान करना** କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ କାମନା କରି ମଦ୍ୟ ପାନ କରିବା—To drink the health of; to toast (a person). [ଦ୍ର—ପାଶ୍ଚାତ୍ୟ ଭୋଜିରେ ସମାଗତ ବିଶିଷ୍ଟ ଅତିଥିଙ୍କର ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ କାମନା କରି ଭୋଜିରେ ଯୋଗ ଦେବା ବ୍ୟକ୍ତିମାନେ ମଦ୍ୟ ପାନ କରନ୍ତି ।]

ସ୍ୱାସ୍ଥ୍ୟ ବିଭାଗ—ଦେ. ବି.—ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ରଖିବା Swāsthya bibhāga ପାଇଁ ଭାରପ୍ରାପ୍ତ ରାଜକୀୟ ବିଭାଗ—ସ୍ୱাস্থ্যবিভাগ The Department of Public Health; **स्वास्थ्यविभाग** The Public Health Department.

ସ୍ୱାସ୍ଥ୍ୟ ଭଙ୍ଗ—ସ ବି—ସୁସ୍ଥତାର ବିନାଶ; ରୋଗାଦିର ଆକ୍ରମଣ—Swāsthya bhanga The impairment or loss of one's health.

ସ୍ୱାସ୍ଥ୍ୟ ରକ୍ଷା—ସଂ ବି—ଯେଉଁ ଉପାୟମାନ ଅବଲମ୍ବନ କଲେ ଶରୀର Swāsthya rakshā ସୁସ୍ଥ ରହିବ ତାହା କରିବା—Following hygienic rules; hygiene.

ସ୍ୱାସ୍ଥ୍ୟ ସଚିବ(ମନ୍ତ୍ରୀ)—ଦେ. ବି—ଯେଉଁ ମନ୍ତ୍ରୀଙ୍କଠାରେ ସ୍ୱାସ୍ଥ୍ୟ ବିଭାଗର Swāsthya sachiba(mantri) ତତ୍ତ୍ୱ ବା ଭାର ଥାଏ—The সাস্থ্যসচিব minister in charge of Public Health. **स्वास्थ्यसचिव**

ସ୍ୱାସ୍ଥ୍ୟ ସମ୍ପନ୍ନ—ସଂ. ବିଣ ପୁଂ (ଅନ୍ୟ ତତ୍)—ସୁସ୍ଥ—Swāsthya sampanna Hale, healthy. (ସ୍ୱାସ୍ଥ୍ୟ ସମ୍ପନ୍ନା—ସ୍ତ୍ରୀ)

ସ୍ୱାସ୍ଥ୍ୟ ସୁଖ-ସଂ. ବି (ମ.ପ.ଲୋ)-ମନୁଷ୍ୟର ସୁସ୍ଥ ରହିବାଯୋଗୁ ଅନୁଭୂତ Swāsthya sukha ଆନନ୍ଦ—Happiness enjoyed by a healthy person.

ସ୍ୱାସ୍ଥ୍ୟ ହାନି—ସଂ. ବି—ସ୍ୱାସ୍ଥ୍ୟଭଙ୍ଗ; ସୁସ୍ଥତାର ନାଶ—Swāsthya hāni Loss of one's health.

ସ୍ୱାସ୍ଥ୍ୟ ହାନି (ନାଶ, ଭଙ୍ଗ)କର—ସଂ. ବିଣ—ଯେ ବା ଯାହା ସୁସ୍ଥ Swāsthya hāni (nāsa, bhanga) kara ଲୋକକୁ ଅସୁସ୍ଥ କରେ—Impairing one's health, unhygienic

ସ୍ୱାହା—ସଂ. ଅ—(ସୁ+ଆ+ହ୍ୱେ. ଧାତୁ=ଡାକିବା+କରଣ ଅ+ଆ) Swāhā ଦେବହବିର୍ଦାନ ମନ୍ତ୍ର; ଦେବତାଙ୍କୁ ଉଦ୍ଦେଶ୍ୟ କରି ଦେବତାଙ୍କ ନାମ ଧରି ଅଗ୍ନିରେ ଆହୁତି ଦେବାର ମନ୍ତ୍ର—(Interjection) A formula or exclamation uttered while pouring ghee into fire by invoking a particular deity by name. [ଦ୍ର—ଏହି ଶବ୍ଦ ଦେବତାଙ୍କ ନାମରେ ଲାଗେ ଓ ଏହି ଶବ୍ଦ ଲାଗିବା ଯୋଗୁ ପୂର୍ବବର୍ତ୍ତୀ ପଦ ରେ ୪ର୍ଥୀ ବିଭକ୍ତି ଯୁକ୍ତ ହୁଏ । ଯଥା—ଓଁ ନାରାୟଣାୟ ସ୍ୱାହା, ଓଁ ଅଗ୍ନୟେ ସ୍ୱାହା, ଓଁ ଦୁର୍ଗାୟୈ ସ୍ୱାହା ।

ପିତୃମାନଙ୍କୁ ଉଦ୍ଦେଶ କରି ପିଣ୍ଡ ଓ ଜଳାଞ୍ଜଳାଦି ଦେଲା-ବେଳେ 'ସ୍ୱଧା' ଏବଂ ଦେବତାଙ୍କୁ ଆହୁତି ଦେଲାବେଳେ 'ସ୍ୱାହା' ଉଚ୍ଚାରିତ ହୁଏ ।

(ଅନ୍ୟ ସ.—ଅଗ୍ନାୟୀ, ହୁତଭୁକ୍‌ପ୍ରିୟା, ହବିଂ, ଅନଳପ୍ରିୟା, ବହ୍ନିବଧୂ) ବି. ୧ । (+କର୍ମ ଅ+ଆ) ଅଗ୍ନି-ଦେବତାଙ୍କ ପତ୍ନୀ; ଦକ୍ଷ କନ୍ୟା—1. Name of the wife of the Fire god.

[ଦ୍ର—ଏ ଦକ୍ଷ କନ୍ୟା ଅଟନ୍ତି । ମତାନ୍ତରରେ ଏ ପ୍ରକୃତି ଦେବୀଙ୍କଠାରୁ ଜନ୍ମିଥିଲେ । ଫଳତଃ ଏ ଅଗ୍ନିଙ୍କର ଦାହିକା ଶକ୍ତି ଓ ବିଷ୍ଣୁଙ୍କୁ ସ୍ୱାମୀ ପାଇବା ପାଇଁ କଠୋର ତପସ୍ୟା କରୁଥିଲେ ଓ ଅଗ୍ନିଙ୍କୁ ସ୍ୱାମୀ ଗ୍ରହଣ କରିବାକୁ ବିଷ୍ଣୁ ଏହାଙ୍କୁ ଉପଦେଶ ଦେଲେ ଓ ବ୍ରହ୍ମା ମଧ୍ୟ ଏହା ଅନୁରୋଧ କଲେ ଏବଂ ଏହି ବର ଦେଲେ ଯେ, ଦେବତାଙ୍କ ନାମର ମନ୍ତ୍ର ଶେଷରେ 'ସ୍ୱାହା' ଶବ୍ଦ ଉଚ୍ଚାରଣପୂର୍ବକ ଘୃତରେ ଆହୁତି ଦେଲେ ହିଁ ଆହୁତି ଦେବତାମାନେ ପାଇବେ । ଏହି ବର ପାଇ ସ୍ୱାହା ଅଗ୍ନିଙ୍କର ପତ୍ନୀ ହେଲେ । ଅଗ୍ନିଙ୍କ ଔରସରେ ଏହାଙ୍କ ଗର୍ଭରୁ ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ନାମକ ତିନି ବୈଦିକ ଅଗ୍ନି ଜାତ ହେଲେ ।

ବ୍ରହ୍ମାଙ୍କ ବରରେ ସ୍ୱାହାହୀନ ମନ୍ତ୍ର ଫଳପ୍ରଦ ହୁଏ ନାହିଁ । ଏହାଙ୍କୁ ପୂଜା କରିବାର ମନ୍ତ୍ର—"ଓଁ ହ୍ରୀଂ ବହ୍ନିଜାୟାୟୈ ଦେବ୍ୟୈ ସ୍ୱାହା" ବ୍ରହ୍ମବୈବର୍ତ୍ତପୁରାଣ ପ୍ରକୃତିଖଣ୍ଡ ।]

୨ । ଅଗ୍ନିର ଦାହିକା ଶକ୍ତି—2. The burning attribute of fire. ୩ । ବୌଦ୍ଧଶକ୍ତିବିଶେଷ—3. Name of a Buddhist goddess. [ଦ୍ର—ଏହାଙ୍କର ଅନ୍ୟ ନାମ—ତାରା, ମହାଶ୍ରୀ, ଓଁକାର, ଶ୍ରୀ, ମନୋରମା, ତାରଣୀ, ଜୟା, ଅନନ୍ତା, ଶିବା, ଲୋକେଶ୍ୱରାତ୍ମଜା, ଖଦୂରବାସିନୀ, ଭଦ୍ରା, ବୈଶ୍ୟା, ନୀଳସରସ୍ୱତୀ, ଶଙ୍ଖିନୀ, ମହାତାରା, ବସୁଧାରା, ଧନଦା, ତ୍ରିଲୋଚନା, ଲୋଚନାଖ୍ୟା (ତ୍ରିକାଣ୍ଡଶେଷ)] । ୪ । ହୋମାଗ୍ନିରେ ଦିଆଯିବା ଆହୁତି—4. Libations of ghee made into the sacrificial fire.

ସ୍ୱାହା କରିବା—ଦେ. କ୍ରି—୧ । ମନ୍ତ୍ର ସଙ୍ଗେ ସ୍ୱାହା ଉଚ୍ଚାରଣପୂର୍ବକ
Swāhā kariba ଘିଅକୁ ନିଆଁରେ ଅହୁତି ଦେବା—
स्वाहा करना **स्वाहा करना** 1. To offer ghee unto the fire by uttering the word **Swāhā**; (ଉ—ଦାତାର ଘିଅ ସରୁଛି, ବାଣ୍ଟୁଣିକି ସ୍ୱାହା କହିବାକୁ ଡର ମାଡୁଛି !—ଚଗ ।) ୨ । (ଲକ୍ଷଣାର୍ଥ)—(ଧନ ଓ ଅଦବ୍ୟ) ଅତ୍ୟବ୍ୟୟ ବା ନଷ୍ଟ କରିବା; ଉଡ଼ାଇ ଦେବା—2. To sqander away. ୩ । (ଲକ୍ଷଣାର୍ଥ)—ଅତ୍ମସାତ୍ କରିବା—3. To appropriate a thing to one's use.

ସ୍ୱାହାକୃତ୍—ସଂ.ବି.(ସ୍ୱାହା+କୃ ଧାତୁ+କର୍ତ୍ତୃ କ୍ୱିପ୍) ଯଜ୍ଞକାରୀ (ହୁଃଶ)—
Swāhā krut The performer of a Vedic sacrifice.

ସ୍ୱାହା ନାଥ (ପତି, ପ୍ରିୟ, ବଲ୍ଲଭ)—ସଂ. ବି, ପୁଂ (୬ଷ୍ଠୀ ତତ୍)—
Swāhā nātha (pati, priya, ballabha)—अग्निदेव—The Fire god.

ସ୍ୱାହାଭୁକ୍—ସଂ. ବି. ପୁଂ—(ସ୍ୱାହା+ଭୁଜ୍ ଧାତୁ+କର୍ତ୍ତୃ କ୍ୱିପ୍;
Swāhā bhuk ଯେଉଁମାନେ ସ୍ୱାହା ଦ୍ୱାରା ପ୍ରଦତ୍ତ ଆହୁତି ଭୋଜନ କରନ୍ତି)—ଦେବତା—Deity; gods.

ସ୍ୱାହାର୍ହ—ସ. ବିଣ. ପୁଂ—ଯଜ୍ଞରେ ହବି ପାଇବା ଯୋଗ୍ୟ (ଦେବ)—
Sāwhārha (a Diety) Entitled to get oblations unto the fire)
(ସ୍ୱାହାର୍ହା—ସ୍ତ୍ରୀ)

ସ୍ୱାହାଶନ—ସ.ବି. (ବହୁବ୍ରୀହି; ସ୍ୱାହା ଦ୍ୱାରା ଅଶନ ହୁଏ ଯାହାଙ୍କର)—
Swāhāsana ଦେବତା—Deity; one of the gods.

ସ୍ୱିଚ୍—ବୈଦେ. ବି. (ଇଂ)—ବିଜୁଳିବତି ଓ ଯୋ଼ ଆଦି ଚଳାଇବା ବା
Swich ବନ୍ଦ କରିବା ପାଇଁ ବ୍ୟବହୃତ କଳ ବା ଯନ୍ତ୍ର—
स्वीच् **स्वीच्** Switch of an electric contrivance.

ସ୍ୱିଜର୍‌ଲ(ଲା)ଣ୍ଡ—ବୈଦେ.ବି(ଇଂ. ନାମ)—ଇଟାଲିର ଉତ୍ତରରେ ଥିବା
Swijar-la (lā)nd ସାଧାରଣତନ୍ତ୍ର ପାର୍ବତ୍ୟ ରାଜ୍ୟ—
(ସ୍ୱିଟ୍‌ଜର୍‌ଲ (ଲା)ଣ୍ଡ—ଅନ୍ୟରୂପ) Switzerland.
स्वीजर लाण्ड **स्वीजरलेण्ड**

ସ୍ୱିଡ୍—ବୈଦେ. ବିଣ. (ଇଂ)—୧ । ସ୍ୱିଡେନ୍ ଦେଶୀୟ—
Swid 1. Swede; swedish. ୨ । ସ୍ୱିଡେନ୍ ଦେଶବାସୀ—
स्वीड् **स्वीड** 2. Inhabiting Sweden.
(ସ୍ୱିଡସ୍—ଅନ୍ୟରୂପ)

ସ୍ୱିଡେନ—ଦେ. ବି, (ଇଂ. ନାମ)ଇଉରୋପର ପଶ୍ଚିମ ପ୍ରାନ୍ତରେ ଥିବା
Swiden ନରୱେ ରାଜ୍ୟର ପୂର୍ବସ୍ଥ ଦେଶ—Sweden
स्वीड़ेन **स्वीडेन्**

ସ୍ୱିତ୍—ସ. ଅ—(ସୁ+ଇ. ଧାତୁ=ଯିବା+କର୍ତ୍ତୃ. କ୍ୱିପ୍)—ପ୍ରଶ୍ନ,
Swit ତର୍କ ଓ ପାଦପୂରଣରେ ବ୍ୟବହୃତ ଶବ୍ଦ—Interjection used in interrogation, doubt and completing a sentence. [ଦ୍ର—ଏହାର ଓଡ଼ିଆରେ ବ୍ୟବହାର ହେବା ଦେଖା ନାହିଁ ।]

ସ୍ୱିଦ୍(ଧାତୁ)—ସ—ଝାଳେଇବା—
Swid (root) To perspire.

ସ୍ୱିଦିତ—ସ. ବି—(ସ୍ୱିଦ୍ ଧାତୁ+କର୍ମ. ତ)—ସ୍ୱେଦିତ (ସିଦ୍ଧାନ୍ତ କୌମୁଦୀ)—Perspired; made to perspire.
Swidita

ସ୍ୱିନ୍ନ—ସ. ବିଣ—(ସ୍ୱିଦ୍ ଧାତୁ+କର୍ତ୍ତୃ.ତ)—୧ । ଘର୍ମଯୁକ୍ତ; ଘର୍ମାକ୍ତ—
Swinna 1. Perspiring. ୨ । ଅର୍ଦ୍ର; ସିକ୍ତ କ୍ଲେଦଯୁକ୍ତ; କ୍ଲିନ୍ନ —2. Wet; moist. ୩ । ରନ୍ଧା ହୋଇଥିବା; ପକ୍ୱ (ଚଣ୍ଡୁଲାଦି); ସିଦ୍ଧ—3. Cooked; boiled (rice). [ଦ୍ର—ଧାନ୍ୟାଦିକୁ କ୍ଷେତ୍ରଗତ ଅବସ୍ଥାରେ 'ଶସ୍ୟ', ସତୁଷ ଅବସ୍ଥାରେ 'ଧାନ୍ୟ', ନିତୁଷ ଅବସ୍ଥାରେ 'ଅନ୍ନ', ପକ୍ୱ ବା ରନ୍ଧା ଅବସ୍ଥାରେ ସ୍ୱିନ୍ନ ବୋଲାଯାଏ—ଶାବ୍ଦିକତତ୍ତ୍ୱ ।]

ସ୍ୱିଶ୍—ବୈଦେ. ବିଣ—(ଇଂ)—୧ । ସ୍ୱିଜରଲଣ୍ଡ ଦେଶୀୟ—1.
Swis Belonging or appertaining to Switzerland.
स्विश् ୨ । ସ୍ୱିଜଲେଣ୍ଡ ଦେଶବାସୀ—
स्विश 2. Inhabiting Switzerland

ସ୍ୱୀକ—ସଂ. ବିଣ—(ସ୍ୱ+ଈକ)—ସ୍ୱକୀୟ (ପ୍ରକୃତିବାଦ)—One's
Swika own.

ସ୍ୱୀକରଣ—ସଂ. ବିଣ (ସ୍ୱ+ଅଭୂତ ତଦ୍ଭାବେ.ଈ+କରଣ)—୧ ।
Swīkaraṇa ଅଙ୍ଗୀକାର କରିବା—1. Promising. ୨ । [ସ୍ୱୀକରଣୀୟ, ସ୍ୱୀକର୍ତ୍ତବ୍ୟ, ସ୍ୱୀକୃତ—ବିଣ] ରାଜିହେବା; ସମ୍ମତ ହେବ —2. Agreeing. ୩ । ପ୍ରତିଜ୍ଞା କରିବା—3. Vowing. ୪ । ପତ୍ନୀ ଗ୍ରହଣ କରିବା; ବିବାହ ହେବା (ହୁ. ଶ)—4. Taking of a wife; marriage.

ସ୍ୱୀକର୍ତ୍ତବ୍ୟ—ସ. ବିଣ (ସ୍ୱ+ଅଭୂତ ତଦ୍ଭାବେ ଈ+କୃ ଧାତୁ+କର୍ମ.
Swikarttabya ତବ୍ୟ)—ସ୍ୱୀକାର୍ଯ୍ୟ (ଦେଖ)
Swikārjya (See)

ସ୍ୱୀକର୍ତ୍ତା—ସ.ବିଣ.ପୁଂ (ସ୍ୱ+ଅଭୂତ ତଦ୍ଭାବେ ଈ+କର୍ତ୍ତୃ. ତୃ ୧ମା.୧ବ)
Swikartta —ଯେ ସ୍ୱୀକାର କରେ; ସ୍ୱୀକାରକାରୀ—
(ସ୍ୱୀକର୍ତ୍ତ୍ରୀ—ସ୍ତ୍ରୀ) Agreenig; consenting.

ସ୍ୱୀକାର—ସ. ବି (ସ୍ୱ+ଅଭୂତ ତଦ୍ଭାବେ ଈ+କୃ ଧାତୁ+ଭାବ. ଅ)—
Swikāra ୧ । ଅଙ୍ଗୀକାର; ପ୍ରତିଶ୍ରୁତି—1. Promise;
(ସ୍ୱୀକୃତ—ବିଣ) agreement. ୨ । ପ୍ରତିଜ୍ଞା—2. Avowal.
(ସିକାର—ଅପଭ୍ରଂଶ) ୩ । ପରିଗ୍ରହ—3. Acceptance of an offer; acquiescence. ୪ । ପ୍ରତିଗ୍ରହ—4. Acceptance of a gift. ୫ । ସମ୍ମତି; ରାଜି ହେବା—5. Consent; ratification. ୬ । ମାନିବା —6. Admission; confession. ୭ । ଅଧୀନୀକରଣ—7. Bringing under control. ଦେ. ବି —୧ । ବିବାହ ପୂର୍ବରୁ ବରପକ୍ଷ ଓ କନ୍ୟାପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ସମ୍ବନ୍ଧନିଶ୍ଚୟକ କାର୍ଯ୍ୟ—1. Ceremony of formal betrothal or agreement before marriage. ୨ । ସିଦ୍ଧକାର; କରଣ ସମାଜରେ

ମହାପ୍ରସାଦ ନିର୍ବନ୍ଧ ପରେ କନ୍ୟାଙ୍କ ପକ୍ଷରୁ ବରଙ୍କ ପାଖକୁ ପଠାଯିବା ବରଙ୍କ ବ୍ୟବହାର୍ଯ୍ୟ ସାମଗ୍ରୀ, ବାର, ମୁଦି, ବାସନ ଆଦି—2. Formal present of cloth, ring etc for the bridegroom elect sent by the bride's party after formal betrothal or Mahaprasāda Nirbandha.

ସ୍ୱୀକାର କରିବା—ଦେ. କ୍ରି—୧ । ମାନିଯିବା—1. To confess; Swīkāra kariba to admit. ୨ । ଅଙ୍ଗୀକାର କରିବା— স্বীকার করা स्वीकार करना 2. To promise.

ସ୍ୱୀକାର ସମ୍ମତି—ଦେ. ବ—ସିଉକାର ସନମତି (ଦେଖ) Swīkāra sammati Siukāra sanamati (See) (ସିଉକାର ସନମତି, ସଉକାର ସନମତି—ଗ୍ରାମ୍ୟ, ରୂପ)

ସ୍ୱୀକାର୍ଯ୍ୟ—ସଂ. ବଣ (ସ୍ୱ+ଅଭୂତ ତଦ୍ଭାବେ ଈ+କୃ ଧାତୁ+କର୍ମଣ ଯ)—Swīkārjya ସ୍ୱୀକୃତ ହେବାର ଯୋଗ୍ୟ—Fit to be admitted, admissible. ବ (ଜ୍ୟାମିତି)—ଜ୍ୟାମିତିରେ ଯେଉଁ ପ୍ରତିଜ୍ଞାମାନ ଅବଶ୍ୟ ସ୍ୱୀକାର କରିବାକୁ ହୁଏ—(geometry) Postulate.

ସ୍ୱୀକୃତ—ସଂ. ବଣ (ସ୍ୱ+ଅଭୂତ ତଦ୍ଭାବେ. ଈ+କୃତ)—୧ । ଯାହା Swīkruta ସ୍ୱୀକାର କରି ଯାଇଅଛି—1. Agreed upon (ସ୍ୱୀକୃତ—ବ) (matter). ୨ । ଅଙ୍ଗୀକୃତ—2. Promised. ୩ । ସମ୍ମତ—3. Agreed; consented (person). ୪ । ଅଧୀନୀକୃତ —4. Brought under control

ସ୍ୱୀୟ—ସଂ. ବ (ସ୍ୱ+ସମ୍ବନ୍ଧାର୍ଥେ. ଈୟ) —ସ୍ୱକୀୟ; ନିଜର; ଆତ୍ମୀୟ — Swīya One's own.
(ସ୍ୱକୀୟ—ଅନ୍ୟରୂପ) (ସ୍ୱୀୟା—ସ୍ତ୍ରୀ)
(ପରକୀୟ—ବିପରୀତ)

ସ୍ୱୀୟା—ସଂ. ବି. ସ୍ତ୍ରୀ—୧ । ନାୟିକାଭେଦ; ସ୍ୱକୀୟା ନାୟିକା— Swīyā 1. A class of heroines in fictions. (ସ୍ୱୀୟା ନାୟିକା—ଅନ୍ୟରୂପ) [ଦ୍ର—ଏ ନାୟିକା ସର୍ବଦା ଅପଣା (ପରକୀୟା—ବିପରୀତ) ସ୍ୱାମୀଙ୍କ ପ୍ରତି ଅନୁରକ୍ତା; ଏହାଙ୍କର ଚେଷ୍ଟା ସ୍ୱାମୀ ଶୁଶ୍ରୂଷା, ଶୀଳରକ୍ଷା, ସରଳତା ଓ କ୍ଷମା । ଏ ନାୟିକା ତ୍ରିବିଧା, ଯଥା - ମୁଗ୍ଧା=ଅଙ୍କୁରିତଯୌବନା; ମଧ୍ୟା=ସମାନ ଲଜ୍ଜା ମଦନା; ପ୍ରୌଢ଼ା ବା ପ୍ରଗଲ୍ଭା= ପତିମାତ୍ରବିଷୟକେଳି କଳାପ କୋବିଦା । ନାୟିକାମାନଙ୍କୁ କାମଶାସ୍ତ୍ର ଓ କାବ୍ୟାଦିରେ ୩ ଶ୍ରେଣୀରେ ବିଭକ୍ତ କରାଯାଇଅଛି ଯଥା—ସ୍ୱକୀୟା, ପରକୀୟା ଓ ସାମାନ୍ୟା । ଏ ପ୍ରତ୍ୟେକଙ୍କୁ ପୁଣି ୩ଶ୍ରେଣୀରେ ବିଭକ୍ତ କରାଯାଇ ଅଛି,ଯଥା— ମୁଗ୍ଧା, ମଧ୍ୟା, ପ୍ରଗଲ୍ଭା । ଏହି ୩ ଶ୍ରେଣୀର ନାୟିକା ମଧ୍ୟ ଯଥାକ୍ରମେ 'ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଲହାନ୍ତରିତା, ବିପ୍ରଲବ୍ଧା, ଉତ୍କଣ୍ଠିତା, ବାସକସଜ୍ଜା, ସ୍ୱାଧୀନ ଭର୍ତ୍ତୃକା, ଅଭିସାରିକା, ପ୍ରବତ୍ସ୍ୟତ୍ ପତିକା, ଏହି ୯ ଶ୍ରେଣୀରେ ବିଭକ୍ତା । ପୁଣି ଏ ପ୍ରତ୍ୟେକେ ଉତ୍ତମା, ମଧ୍ୟମା ଓ ଅଧମା ଭେଦରେ ଯଥାକ୍ରମେ ୩ ଶ୍ରେଣୀରେ ବିଭକ୍ତା । ଅତଏବ ଦେଖିଯାଉ ଗଲେ ହିନ୍ଦୁ କାବ୍ୟକାରମାନେ ନାୟିକାମାନଙ୍କୁ ୩×୩×୯×୩ = ୨୪୩ ଶ୍ରେଣୀରେ ବିଭକ୍ତ କରି ଅଛନ୍ତି । ଏହାଙ୍କୁ ପୁଣି କାବ୍ୟ ରସିକମାନେ, ଧୀରା, ଅଧୀରା, ଧୀରାଧୀରା, ଏହିପରି ୩ ଭାଗରେ କରି ଅଛନ୍ତି । (ଧୀରା=ବ୍ୟଙ୍ଗକୋପ ପ୍ରକାଶା, ଅଧୀରା=ଅବ୍ୟଙ୍ଗକୋପ ପ୍ରକାଶା, ଧୀରାଧୀରା=ବ୍ୟଙ୍ଗାବ୍ୟଙ୍ଗ କୋପ ପ୍ରକାଶା)। ଏମାନଙ୍କୁ ପୁଣି ଜ୍ୟେଷ୍ଠା ଓ କନିଷ୍ଠା ଭେଦରେ ଅଉ ୨ ଶ୍ରେଣୀରେ ଭାଗ କରି ଯାଇଅଛି । (ରସମଞ୍ଜରୀ)]। ୨। ପତିବ୍ରତା ସ୍ତ୍ରୀ—2. A devoted wife. ସଂ. ବଣ. ସ୍ତ୍ରୀ— ସ୍ୱୀୟର ସ୍ତ୍ରୀଲିଙ୍ଗ—Feminine of Swīya.

ସ୍ୱୂର୍ଚ୍ଛ (ଧାତୁ)—ସଂ. ବ—ବିସ୍ମୃତ ହେବା; ଭୁଲିଯିବା—To forget. Swūrchchh (root)

ସ୍ୱୃ (ଧାତୁ)—ସଂ. ୧ । ଶବ୍ଦ କରିବା—1. To make a sound. Swṛu (root) ୨ । ପୀଡ଼ା ଦେବା, ଦଣ୍ଡଦେବା—2. To punish; to oppress.

ସ୍ୱୄ (ଧାତୁ)—ସଂ.—ହିଂସା କରିବା— Swṝū (root) To trouble; to kill.

ସ୍ୱେକ (ଧାତୁ)—ସଂ.—ଗତି କରିବା— Sweka (root) To move.

ସ୍ୱେଚ୍ଛା—ସଂ. ବ—(ଷଷ୍ଠୀ ତତ୍; ସ୍ୱ+ଇଚ୍ଛା)—୧ । ନିଜର ଇଚ୍ଛା— Swechchhā 1. One's wish; volition. ୨ । ଯଦୃଚ୍ଛା —2 Free will. ୩ । ସ୍ୱଚ୍ଛନ୍ଦ; ସ୍ୱାଧୀନତା— 3. Independence; freedom.

ସ୍ୱେଚ୍ଛାକ୍ରମେ—ଦେ. କ୍ରି. ବଣ—ନିଜର ଇଚ୍ଛାନୁସାରେ—Out of Swechchhā krame one's own accord voluntarily. স্বেচ্ছাক্রমে स्वेच्छासे

ସ୍ୱେଚ୍ଛାଚରଣ—ସଂ. ବ.—୧ । ସ୍ୱୈରାଚାର; ଯଥେଚ୍ଛାଚାର; ନିଜର Swechchhācharaṇa ଇଚ୍ଛାନୁସାରେ ଆଚରଣ—1. (ସ୍ୱେଚ୍ଛାଚାର—ଅନ୍ୟରୂପ) Acting according to one's free will. ୨ । ସ୍ୱୈରତା—2. Arbitrariness.

ସ୍ୱେଚ୍ଛାଚାରୀ—ସଂ. ବଣ ପୁଂ—(ସ୍ୱେଚ୍ଛାଚାର+ଇନ୍;ସ୍ୱେଚ୍ଛା ଚରନ୍ତି ଷଷ୍ଠ ୧ମା. Swechchhāchārī ୧ବ)—୧ । ନିଜର ଇଚ୍ଛାନୁସାରେ (ସ୍ୱେଚ୍ଛାଚାରିଣୀ—ସ୍ତ୍ରୀ) କାର୍ଯ୍ୟକାରୀ—Acting according to (ସ୍ୱେଚ୍ଛାଚାରିତା—ବ) one's free will. ୨ । ଯଥେଚ୍ଛାଚାରୀ— 2. Arbitrary. ୩ । ଅବାଧ୍ୟ—3. Uncontrollable disobedient.

ସ୍ୱେଚ୍ଛାନୁବର୍ତ୍ତୀ—ସଂ. ବଣ.—(ସ୍ୱେଚ୍ଛା ଅନୁବର୍ତ୍ତି କୃ=ସ୍ୱେଚ୍ଛାନୁବର୍ତ୍ତିନ Swechchhānubarttī ଶବ୍ଦ ୧ମା. ୧ବ)—ସ୍ୱେଚ୍ଛାଚାରୀ (ସ୍ୱେଚ୍ଛାନୁବର୍ତ୍ତିତା—ବ) (ଦେଖ)—Swechchhāchārī (See)

ସ୍ୱେଚ୍ଛା ପ୍ରଣୋଦିତ—ସଂ. ବଣ.ପୁଂ—(ତୃତ୍ୟା ତତ୍)—ନିଜର ଇଚ୍ଛାଦ୍ୱାରା Swechchhāpraṇodita ପ୍ରଯୋଜିତ ବା ଚାଳିତ—Prompted by one's own will (ସ୍ୱେଚ୍ଛାପ୍ରଣୋଦିତା—ସ୍ତ୍ରୀ)

ସ୍ୱେଚ୍ଛା ବିହାରୀ—ସଂ ବିଣ.ପୁଂ (ସ୍ୱେଚ୍ଛାବିହାରିନ ଶବ୍ଦ; ସ୍ୱେଚ୍ଛା+ବିହାରିନ୍) Swechchhā bihārī —ଯଦୃଚ୍ଛା ବିହାରୀ;ଯେ ସ୍ୱେଚ୍ଛାକ୍ରମେ ବିହାର (ସ୍ୱେଚ୍ଛାବିହାରିଣୀ—ସ୍ତ୍ରୀ) କରେ—Moving freely according to one's free will. (ସ୍ୱେଚ୍ଛାବିହାର—ବି)

ସ୍ୱେଚ୍ଛା ମରଣ—ସଂ. ବି—ନିଜର ଇଚ୍ଛାରେ ମରିବା—Dying according to one's wish; self-controlled death. ବି—ଭୀଷ୍ମଦେବ—A name of Bhīshma. Swechchhā maraṇa (ସ୍ୱେଚ୍ଛାମୃତ୍ୟୁ—ଅନ୍ୟରୂପ)

ସ୍ୱେଚ୍ଛା ସେବକ—ଦେ. ବି ପୁଂ—ନିଜ ଇଚ୍ଛାନୁସାରେ କୌଣସି କାର୍ଯ୍ୟ କରିବାକୁ ବାହାରିଥିବା ବ୍ୟକ୍ତି; ସ୍ୱୟଂସେବକ; Swechchhā sebaka ସ୍ୱେଚ୍ଛାସେବକ ଭଲେଣ୍ଟିଅର୍—Volunteer. [ଦ୍ର—କୌଣସି स्वेच्छासेवक ଗୁରୁତର ଅସ୍ୱାସ୍ଥ୍ୟ କର୍ମ ଓ ଜନସେବା ଆଦି କାର୍ଯ୍ୟ (ସ୍ୱେଚ୍ଛାସେବିକା—ସ୍ତ୍ରୀ) କରିବାକୁ ଯେଉଁମାନେ ନିଜର ଇଚ୍ଛା ଅନୁସାରେ ସ୍ୱୀକୃତ ହୋଇ କାର୍ଯ୍ୟ କରନ୍ତି ସେମାନଙ୍କୁ ସ୍ୱେଚ୍ଛାସେବକ ବା ଭଲେଣ୍ଟିଅର କୁହାଯାଏ ।]

ସ୍ୱେଦ—ସଂ. ବି (ସ୍ୱିଦ୍ ଧାତୁ+ଭାବ ଅ; ତୁଳ, ଇଂ ସ୍ୱେଟ୍)—୧। ଘର୍ମ; Sweda ଝାଳ—1. Sweat; perspiration. ୨। ବାଷ୍ପ; ବାମ୍ଫ—2. Vapour; steam ୩। ଉଷ୍ମ; ତାପ—3. Heat. ୪। ସ୍ୱେଦନ; ବାମ୍ଫ ଅଗି ଦେବା—4. Vapour bath. ୫। (+କରଣ- ଅ)—ଝାଳ ବୁହାଇବା ଔଷଧ (ବୈ. ଶ)—5. Any medicine which brings about perspiration. ୬। କ୍ଳିନ୍ନ ହେବା—6. Moisture. ୭। (ବୈଦ୍ୟକ) ସେକିବା—7. Fomentation. [ଦ୍ର—ଏହା ୪ ପ୍ରକାର—ତାପସ୍ୱେଦ, ଉପନାହ ସ୍ୱେଦ, ଦ୍ରବ୍ୟ ସ୍ୱେଦ ଓ ବାଷ୍ପସ୍ୱେଦ ।

(କ) ବାଲି, କନାପୁଡ଼ା, ହାତ, ଧାତୁପାତ୍ର ଓ ଖଇର କାଠର ଅଙ୍ଗାର ଦ୍ୱାରା ମନୁଷ୍ୟ ଦେହକୁ ସେକିବାର ନାମ ତାପସ୍ୱେଦ ।

(ଖ) ଅମ୍ଳ, ଲବଣ ଓ ଘୃତ, ତୈଳାଦିଯୁକ୍ତ ବାତନାଶକ ଦ୍ରବ୍ୟ ପ୍ରଲେପର ନାମ ଉପନାହ ସ୍ୱେଦ ।

(ଗ) ଗରମପାଣି ଏବଂ ବାତନାଶକ ଦ୍ରବ୍ୟକ୍ୱାଥଦ୍ୱାରା ସ୍ନାନ କରାଇବାର ନାମ ଦ୍ରବ୍ୟ ସ୍ୱେଦ ।

(ଘ) ପଥର ଓ ଇଟା ପ୍ରଭୃତିକୁ ଅଗ୍ନିବତ୍ ଉତ୍ତପ୍ତ କରି ତହିଁରେ କ୍ୱାଥାଦି ଦ୍ରବ୍ୟ ସେଚନ କଲେ ଯେଉଁ ବାଷ୍ପ ଉଦ୍‌ଗତ ହୁଏ ତାହାର ନାମ ବାଷ୍ପସ୍ୱେଦ । (ଦ୍ରବ୍ୟଗୁଣ କଳ୍ପଦ୍ରୁମ]

୮। କୁଳଣ୍ଟିକ ପ୍ରେମିକ ପ୍ରେମିକାଙ୍କର ଅଷ୍ଟଦଶା ମଧ୍ୟରୁ ଏକତମ—8. One of the 8 stages found in unsatiated lovers. [ଦ୍ର—ଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ୧୮ଶ ଛାନ୍ଦ ୨୭ ପଦରେ ଏ ବିଷୟ ବର୍ଣ୍ଣିତ ହୋଇ ଅଛି] ସଂ ବିଣ—ଘର୍ମୋତ୍ପାଦକ (ବୈ. ଶ)—Causing perspiration.

ସ୍ୱେଦକ—ସଂ. ବି (ସ୍ୱିଦ୍ ଧାତୁ+କର୍ତ୍ତୃ ଅକ)—କାନ୍ତଲୌହ (ବୈ ଶ)—Swedaka A kind of iron. ସଂ ବିଣ—ଘର୍ମୋତ୍ପାଦକ (ବୈ. ଶ)—Causing perspiration.

ସ୍ୱେଦ ଗଞ୍ଜନ—ଦେ. ବି—ଝାଳ ମାରିବା—Drying up perspiration. [ଭ—ବିଶ୍ୱ ଥିବେଟ ଗଞ୍ଜନେ-ଷଣୀଏ ସ୍ୱେଦଗଞ୍ଜନେ—ଭଞ୍ଜ, ପ୍ରେମସୁଧାନିଧି] Sweda gañjan

ସ୍ୱେଦ ଚୂଷକ—ସଂ ବି (ସ୍ୱେଦ+ଚୂଷ୍ ଧାତୁ=ଶୋଷିବା+କର୍ତ୍ତୃ ଅକ)—Sweda chūshaka ଯାହା ଝାଳକୁ ଶୁଖାଇ ଦିଏ)—ଶୀତଳବାୟୁ (ଶବ୍ଦକଳ୍ପଦ୍ରୁମ)—Cool wind.

ସ୍ୱେଦଜ—ସଂ. ବିଣ. (ସ୍ୱେଦ+ଜନ୍ ଧାତୁ+କର୍ତ୍ତୃ ଅ) —ଘର୍ମରୁ Swedaja ଜାତ – Born of sweat or moisture. [ଦ୍ର—ପ୍ରାଣୀମାନେ ୪ ଶ୍ରେଣୀରେ ବିଭକ୍ତ ଯଥା—ଜରାୟୁଜ (ମତାନ୍ତରରେ ଜୈଜସଜ), ଉଦ୍ଭିଜ, ଅଣ୍ଡଜ (ମତାନ୍ତରରେ ଜଳଜ) ଓ ସ୍ୱେଦଜ ।] ସଂ.ବି.—କୃମି, ମଶା, ମାଛି ଆଦି—Insects (which were supposed to be born out of sweat or moisture); a class of animals.

ସ୍ୱେଦ ଜଳ (ବାରି) ସଂ. ବି—ଦେହରୁ ବୋହିବା ଝାଳ—Sweat or Sweda jaḻa(bāri) perspiration flowing from the body.

ସ୍ୱେଦଜ ଶାକ—ସଂ. ବି—ଛତ୍ରାକ; ଛତୁ—Mushroom; fungus. Swedaja śāka [ଦ୍ର —ବୈଦ୍ୟକ ମତରେ ଏହା ଶୀତଳ, ଦୋଷଜନକ, ପିଚ୍ଛିଳ ଓ ବମନ, ଅତିସାର ଓ ଜ୍ୱର ଆଦିର ଉତ୍ପାଦକ (ବୈ. ଶ) ।]

ସ୍ୱେଦନ—ସଂ. ବି (ସ୍ୱିଦ୍ ଧାତୁ ଣିଚ୍=ସ୍ୱେଦ ଧାତୁ+ଭାବ ଅନ)— Swedana ୧। ଦେହରେ ତାପ ପ୍ରୟୋଗ ପୂର୍ବକ ଝାଳବୁହାଇବା; ସେକିବା—1. Causing the body to perspire by application of heat; fomentation. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ସ୍ୱେଦନ ୪ ପ୍ରକାର— ତାପସ୍ୱେଦନ—ଦେହକୁ ନିଆଁରେ ସେକିବା—Basking in or warming with fire.

ଉଷ୍ମସ୍ୱେଦନ—ଦେହରେ ବାମ୍ଫ ଲଗାଇ ସେକିବା; ବାମ୍ଫ ଅଗି ଦେବା—Vapour bath.

ଉପନାହ ସ୍ୱେଦନ—ଲୁଣ, ବାଲି,ପତ୍ର ଚେର,ମୂଳ ଆଦିକୁ ଛେଚି, ପୁଡ଼ା କରି ତାକୁ ପୁଡ଼ାକୁ ନିଆଁରେ ତତାଇ ତାହାକୁ ପୁଡ଼ାକୁ ଦେହରେ ମାରିବା—Dry fomentation.

ଦ୍ରବ୍ୟ ସ୍ୱେଦନ—କୁଣ୍ଡ ମଧ୍ୟରେ ଗରମ ପାଣି ବା କ୍ଷୀରମ ଦୁଧ ବା ଗରମ କ୍ୱାଥ ଭରି ତହିଁରେ ନାଇ ପର୍ଯ୍ୟନ୍ତ ବୁଡ଼ାଇ ଦେହକୁ ଗରମ କରିବା—Hot bath.

ଏହି ପ୍ରକ୍ରିୟା ଦ୍ୱାରା ନାନାବିଧ ଅସାଧ୍ୟରୋଗ ଭଲ ହୁଏ ଓ ଦେହମଧ୍ୟଗତ ଦୂଷିତ ଓ ବିଷାକ୍ତ ପଦାର୍ଥ ସ୍ୱେଦରୂପେ ଲୋମକୂପ ବାଟେ ବାହାର ଅଟେ ।]

୨ । ସ୍ୱେଦୋତ୍ପତ୍ତି; ଝାଳ ବୋହିବା—2. Perspiration. ୩ । ବାଷ୍ପ ଅଗ୍ନି ଦେବା—3. Vapour bath. ୪ । ଅଥାର ବାଷ୍ପ ସିଝାଇବା—4. Boiling things in vapour. ୫ । ଔଷଧକୁ ଶୋଧନ କରିବା ପାଇଁ ବୈଦ୍ୟମାନଙ୍କ ବ୍ୟବହୃତ ଯନ୍ତ୍ର ବିଶେଷ (ହି. ଶ) ଓ ଉକ୍ତ ପ୍ରକ୍ରିୟା—5. Name of a contrivance for rectifying medicines. [ଦ୍ର—ଗୋଟିଏ ହାଣ୍ଡିରେ ଜଳ, ଦୁଗ୍ଧ ବା ସ୍ୱରସ ଅଧ ପୂରାଇ ହାଣ୍ଡିର ମୁହଁରେ କନା ବାନ୍ଧି କନା ଉପରେ ଔଷଧ-ଦ୍ରବ୍ୟକୁ ରଖି ତା ଉପରେ ଗୋଟିଏ ଢାକୁଣି ଘୋଡ଼ାଇ ହାଣ୍ଡିକୁ ଜଳନ୍ତା ଚୁଲ୍ଲୀରେ ବସାଇବାକୁ ହୁଏ । ହାଣ୍ଡିରେ ଥିବା ଜଳୀୟ ପଦାର୍ଥ ଫୁଟିଲେ ତହିଁରୁ ବାହାରିବା ବାଷ୍ପ ଉକ୍ତ କନାର ଛିଦ୍ରମାନଙ୍କ ବାଟେ ଅସି ଉକ୍ତ ଔଷଧ ଦ୍ରବ୍ୟରେ ଲାଗେ । ଉକ୍ତ ଯନ୍ତ୍ରକୁ ଓ ଉକ୍ତ ପ୍ରକାର ଦ୍ରବ୍ୟଶୋଧନ ପ୍ରଣାଳୀକୁ ସ୍ୱେଦନ ବୋଲାଯାଏ—ହି. ଶ]

ସ୍ୱେଦନ ଯନ୍ତ୍ର—ସଂ. ବି—ବୈଦ୍ୟଶାସ୍ତ୍ରୋକ୍ତ ଦୋଳା ଯନ୍ତ୍ର; ଔଷଧର Swedana jantra ପୁଟଳୀକୁ ହାଣ୍ଡିରେ କାଠି ଉପରେ ବସିଥିବା କାଞ୍ଜି ପାଣି ମଧ୍ୟରେ ଝୁଲାଇ ରଖି ଔଷଧକୁ ସିଝାଇବା ଯନ୍ତ୍ର—A contrivance for heating some herbs by suspending them into 'Kānji' boiling in a pot over fire.

ସ୍ୱେଦ ନାଶ—ସଂ. ବି (ବହୁବ୍ରୀହି)—ବାୟୁ; ପବନ (ହି. ଶ)—
Sweda nāsa Air; wind.

ସ୍ୱେଦନିକା—ସଂ. ବି (ସ୍ୱେଦନୀ+ସ୍ୱାର୍ଥେ କ+ଅ)—୧ । କଡ଼; Swedanikā ଭର୍ଜନ ପାତ୍ର; ଭଜିବାର ପାତ୍ର; ଲୁହା କରେଇ; ତାୱା (ହେମଚନ୍ଦ୍ର)—1. Frying pan. ୨ । ଭର୍ଜନ ଶାଳା—2. A room where things are roasted or fried. ୩ । ଅର୍ଣ୍ଣୀ ମଦ ବାହାର କରୁଥିବା ପାତ୍ର (ହି. ଶ)—3. Wine-distilling pot.

ସ୍ୱେଦ ନିର୍ଗମ—ସଂ. ବି (୬ଷ୍ଠୀ ତତ୍)—ଦେହରୁ ଝାଳ ବୋହିବା—
Sweda nirgama Perspiration.

ସ୍ୱେଦନୀ—ସଂ. ବି (ସ୍ୱିଦ ଧାତୁ+କରଣ. ଅନ+ସ୍ତ୍ରୀ. ଈ)—
Swedanī ସ୍ୱେଦନିକା; ଭଜିବାର ପାତ୍ର; କରେଇ; ତାୱା—
Frying pan.

ସ୍ୱେଦନୀୟ—ସଂ. ବଣ (ସ୍ୱିଦ୍ ଧାତୁ+କର୍ମ. ଅନୀୟ)—ସ୍ୱେଦ୍ୟ (ଦେଖ)
Swedanīya Swedya (See)

ସ୍ୱେଦ ବିନ୍ଦୁ(ବିପ୍ରୁଟ୍)—ସଂ.ବି (୬ଷ୍ଠୀ ତତ୍)—ଘର୍ମବିନ୍ଦୁ; ଝାଳର ଟୋପା
Sweda bindu(biprut) —Drops of perspiration.

ସ୍ୱେଦ ମଳୋଜ୍ଝିତ ଦେହ—ସଂ. ବି—୧ । ଯେଉଁ ଦେହ ସ୍ୱେଦଯୁକ୍ତ ଓ Sweda malojjhita deha ମଳଯୁକ୍ତ ହେବାରୁ ତ୍ୟକ୍ତ ହୋଇଅଛି—1. A body which has been abandoned owing to its having been spoiled with sweat and filth. ୨ । ସର୍ବଜ୍ଞୀୟ ଜନୋତ୍ତମ (ହେମଚନ୍ଦ୍ର)—2. Name of the best of the Jaina saints. ବଣ. ପୁଂ—ଯେଉଁ ବ୍ୟକ୍ତିର ଶରୀରରୁ (ସ୍ୱେଦ ମଳୋଜ୍ଝିତ ଦେହା—ସ୍ତ୍ରୀ ଣେ) ସ୍ୱେଦ ଓ ମଳ ବହିର୍ଗତ ହେଉଅଛି—(a person) Whose body is emitting sweat and filth.

ସ୍ୱେଦ ସ୍ରାବ—ସଂ. ବି (୬ଷ୍ଠୀ ତତ୍)—ଦେହରୁ ପ୍ରଚୁର ଘର୍ମ ନିର୍ଗମନ—
Sweda srāba Copious perspiration.

ସ୍ୱେଦାୟନ—ସଂ. ବି (୬ଷ୍ଠୀ ତତ୍; ସ୍ୱେଦର ଅୟନ ବା ମାର୍ଗ, ଯେଉଁ Swedāyana ବାଟେ ଦେହରୁ ସ୍ୱେଦ ବାହାରେ)—ଲୋମକୂପ (ହି. ଶ)—The pores of the skin.

ସ୍ୱେଦିତ—ସଂ. ବି (ସ୍ୱେଦ+ସଂଜାତ ଅର୍ଥରେ ଇତ)—୧ । ସ୍ୱେଦନ ଦିଆ Swedita ଯାଇଥିବା; ସେକା ଯାଇଥିବା—1. Fomented. ୨ । ସ୍ୱେଦଯୁକ୍ତ—2. Perspiring; sweating. ୩ । ତାପିତ—3. Heated.

ସ୍ୱେଦୀ—ସଂ, ବଣ ପୁଂ (ସ୍ୱିଦ୍ ଧାତୁ+କର୍ତ୍ତୃ. ଇନ୍; ସ୍ୱେଦନ୍, ୧ମା. Swedī ୧ବ)—ଘର୍ମକାରକ (ହି. ଶ)—Causing pers- (ସ୍ୱେଦନୀ—ସ୍ତ୍ରୀ) piration.

ସ୍ୱେଦୋଦ୍ଗମ—ସଂ. ବି (୬ଷ୍ଠୀ ତତ୍)—ଦେହରୁ ଝାଳ ବୋହିବା—
Swedodgama Perspiration.

ସ୍ୱେଦ୍ୟ—ସଂ. ବି—(ସ୍ୱିଦ୍ ଧାତୁ+କର୍ମ ଯ)—୧ । ସ୍ୱେଦନୀୟ; ଯାହାକୁ Swedya ସ୍ୱେଦନ କରିବା ଉଚିତ—1. Fit to be fomented. ୨ । ଯାହାକୁ ତପ୍ତ କରିବା ଉଚିତ—2. Fit to be warmed or heated. ୩ । ସ୍ୱେଦଜନକ—3. Causing perspiration.

ସ୍ୱୈର—ସଂ. ବି (ସ୍ୱ+ଈର ଧାତୁ=ଗମନ କରିବା+ଭାବ ଅ)—୧ । Swaira ସ୍ୱେଚ୍ଛାଗତି—1. Freedom of action or movement. ୨ । ସ୍ୱାଧୀନତା—2 Liberty. ୩ । ସ୍ୱାଚ୍ଛନ୍ଦ୍ୟ—3. Comfort. ବଣ. ପୁଂ—(+କର୍ତ୍ତୃ. ଅ)—୧ । ସ୍ୱଚ୍ଛନ୍ଦ—1. Independent ୨ । ସ୍ୱବଶ—2. Free. ୩ । ସ୍ୱେଚ୍ଛାଗୃହୀ (ବ୍ୟକ୍ତି)—3. Arbitrary (man). ୪ । ଧୀମା; ମାନ୍ଦା (ହି. ଶ)—4. Slow. ୫ । ଯଥେଚ୍ଛା (କର୍ମ)— (ସ୍ୱୈରୀ—ସ୍ତ୍ରୀ ବଣ) (ହି. ଶ)—5. Arbitrary (action).

ସ୍ୱୈର ଗତି—ସଂ.ବି (କର୍ମଧା)—ସ୍ୱଚ୍ଛନ୍ଦ ଗତି—Free movement.
Swaira gati ବଣ. (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି)—ସ୍ୱେଚ୍ଛାବିହାରୀ—Moving freely.

ସ୍ୱୈରଚାରିଣୀ—ସଂ. ବି. ସ୍ତ୍ରୀ ବ୍ୟଭିଚାରିଣୀ ସ୍ତ୍ରୀ—Adulteress.
Swaira chārini ସଂ. ବଣ. ସ୍ତ୍ରୀ—୧ । ବ୍ୟଭିଚାରିଣୀ (ସ୍ତ୍ରୀ)—1. Adulterous (female). ୨ । ସ୍ୱୈରଚାରୀର ସ୍ତ୍ରୀ-ଲିଙ୍ଗ—2. Feminine of swairachārī.

ସ୍ୱୈରଚାରୀ—ସଂ. ବଣ ପୁଂ (ସ୍ୱୈରଚାରିନ୍ ଶବ୍ଦ, ସ୍ୱୈର=ସ୍ୱେଚ୍ଛାପୂର୍ବକ+ Swaira chārī ଚର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)— (ସ୍ୱୈର ଚାରିଣୀ—ସ୍ତ୍ରୀ) ୧ । ସ୍ୱେଚ୍ଛାଚାରୀ; ଯଥେଚ୍ଛାଚାରୀ—1. Arbitrary, ୨ । ବ୍ୟଭିଚାରୀ—2. Adul-

(ସ୍ୱୈରଗ୍ରହତା—ବ) terous. ବ. ପୁଂ—ବ୍ୟଭିଚାରୀ ପୁରୁଷ—Adulteror.

ସ୍ୱୈର (ରୀ) ତା—ସଂ. ବ (ସ୍ୱୈର+ତା, ସ୍ୱୈରିନ୍+ତା)—୧। Swaira (ri) ta ସ୍ୱେଚ୍ଛାଚାରିତା—1. Arbitrariness. ୨। ଅବାଧ୍ୟତା—2. Disobedience; insubordination. ୩। ବ୍ୟଭିଚାରିତା—3. Adultery.

ସ୍ୱୈର(ରୀ)ନ୍ଧ୍ରୀ—ସଂ.ବ ସ୍ତ୍ରୀ(ସ୍ୱୈର=ସ୍ୱେଚ୍ଛାଚାର+ଧୃ ଧାତୁ+କର୍ତ୍ତୃ. ଅ+ ଈ, ନିପାତନ)—ପରଗୃହସ୍ଥା ସ୍ୱବଶା ଶିଳ୍ପକାରିଣୀ ନାରୀ, ଯେଉଁ ଶିଳ୍ପକାରିଣୀ ରାଜା ଅନ୍ତଃପୁର ସ୍ତ୍ରୀମାନଙ୍କର Swaira (ri) ndhri [ସ୍ୱୈର (ର) ନ୍ଧ୍ରୀ—ଅନ୍ୟରୂପ] ପ୍ରସାଧକ, ଗନ୍ଧାନୁଲେପନାଦି ଶିଳ୍ପକର୍ମ କରେ; ଅଥଚ ତା ନିଜର ଇଚ୍ଛାନୁସାରେ ସ୍ୱବଶ ରହେ ବା ସ୍ୱଚ୍ଛନ୍ଦ ବେଶରେ—A maid servant who is free in her movements and who is engaged in attending to the toilette of the females of the harem of Rajas. [ଦ୍ର—ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ଦ୍ରୌପଦୀ ସୈରିନ୍ଧ୍ରୀ ନାମରେ ବିରାଟରାଜଭବନରେ ଆପଣାକୁ ପରିଚିତା କରାଇ ଆଶ୍ରୟ ନେଇଥିଲେ।]

ସ୍ୱୈର ପେଶୀ—ଦେ. ବ—(ଅଧୁନିକ ଚିକିତ୍ସାବିଜ୍ଞାନ ପରିଭାଷା)— Swaira pesi ହୃଦୟର ଓ ପାକସ୍ଥଳୀର ପେଶୀ—The muscles of the heart and the abdomen; involuntary muscles of the body.
ସ୍ୱୈରପେଶୀ
स्वैरपेशी

ସ୍ୱୈରବର୍ତ୍ତୀ—ସଂ. ବଣ. ପୁଂ (ସ୍ୱୈର+ବୃତ ଧାତୁ+କର୍ତ୍ତୃ ଣିନ୍ ୧ମା, ୧ବ)—ସ୍ୱେଚ୍ଛାଚାରୀ (ବୁ ଶ)—Arbitrary.
Swairabartti
(ସ୍ୱୈରବର୍ତ୍ତିନୀ—ସ୍ତ୍ରୀ)

ସ୍ୱୈର ବୃତ୍ତି—ସଂ. ବ—ସ୍ୱାଧୀନ ବୃତ୍ତି; ସ୍ୱେଚ୍ଛାଚାର—Acting freely; free in movement.
Swairabrutti
(ସ୍ୱୈରବୃତ୍ତ. (ପୁଂ)—ସ୍ୱୈରବୃତ୍ତା (ସ୍ତ୍ରୀ)—ବଣ)

ସ୍ୱୈରାଚାର—ସଂ. ବ—ଯଥେଚ୍ଛାଚାର—Arbitrary action.
Swairāchāra (ସ୍ୱୈରାଚାରିଣୀ (ସ୍ତ୍ରୀ)—ସ୍ୱୈରାଚାରୀ(ପୁଂ)—ବଣ.)

ସ୍ୱୈରିଣୀ—ସଂ. ବ. ସ୍ତ୍ରୀ—୧। ବ୍ୟଭିଚାରିଣୀ। ସ୍ତ୍ରୀ; କୁଳଟା—1. Adulteress. ୨। ଯେଉଁ ସ୍ତ୍ରୀ କାମପରବଶ ହୋଇ ସ୍ୱେଚ୍ଛାକ୍ରମେ ସବର୍ଣ୍ଣ ପୁରୁଷକୁ ଆଶ୍ରୟ କରେ—2. A woman who entertains a gallant of her caste out her free will. ସଂ. ବଣ ସ୍ତ୍ରୀ—ସ୍ୱୈରୀର ସ୍ତ୍ରୀ ଲିଙ୍ଗ—Feminine of Swairi.
Swairiṇi

ସ୍ୱୈରିତା—ସଂ. ବ (ସ୍ୱୈରିନ୍+ତା)—ସ୍ୱୈରତା (ଦେଖ)— Swairata (See)
Swairitā

ସ୍ୱୈରିନ୍ଧ୍ରୀ—ସ.ବ. ସ୍ତ୍ରୀ (ସ୍ୱୈର+ଧୃ. ଧାତୁ+କର୍ତ୍ତୃ ଅ+ଈ, ନିପାତନ)— Swairindhri ସ୍ୱୈରନ୍ଧ୍ରୀ (ଦେଖ)—Swairandhri (See)—

ସ୍ୱୈରୀ—ସଂ. ବଣ. ପୁଂ (ସ୍ୱୈର+ଇନ୍; ୧ମା. ୧ବ)—ସ୍ୱୈରାଚାରୀ Swairi (ଦେଖ)—Swaira chāri (See). ବ— (ସ୍ୱୈରତା—ବ) ବ୍ୟଭିଚାରୀ ବ୍ୟକ୍ତି—Adulteror.

ସ୍ୱୋପାୟ—ସଂ. ବ—(ଷଷ୍ଠୀ ତତ୍)—ନିଜର ଉପାୟ—One's own plan.
Swopāya

ସ୍ୱୋପାର୍ଜ୍ଜନ—ସଂ. ବ (ଷଷ୍ଠୀ ତତ୍)—ନିଜର ଅର୍ଜ୍ଜନ; ନିଜର ରୋଜଗାର —Self-acquisition.
Swopārjjana

ସ୍ୱୋପାର୍ଜ୍ଜିତ—ସଂ. ବଣ—(ତୃତୀୟା ତତ୍)—ନିଜଦ୍ୱାରା ଅର୍ଜ୍ଜିତ—Self-acquired.
Swopārjjita

ସ୍ୱୋପାର୍ଜ୍ଜିତ ସମ୍ପତ୍ତି—ସଂ. ବ—ନିଜଦ୍ୱାରା ଅର୍ଜ୍ଜିତ ସମ୍ପତ୍ତି—Property which is acquired by one's self; self-acquired property.
Swopārjjita sampatti
[ଦ୍ର—ସ୍ମୃତି ଅନୁସାରେ ମନୁଷ୍ୟ ସ୍ୱୋପାର୍ଜ୍ଜିତ ଧନକୁ ନିଜର ଇଚ୍ଛାକ୍ରମେ ବ୍ୟୟ ବା ଦାନ କରିପାରେ, କିନ୍ତୁ ପୈତୃକ ସମ୍ପତ୍ତିରେ ମନୁଷ୍ୟର ଅଧିକାର ସୀମାବଦ୍ଧ। ସ୍ୱୋପାର୍ଜ୍ଜିତ ସମ୍ପତ୍ତିର କୌଣସି ପୁତ୍ରକୁ ବା ସମସ୍ତ ପୁତ୍ରଙ୍କୁ ବଞ୍ଚିତ କରିପାରି ପାରେ, କିନ୍ତୁ ପୈତୃକ ସମ୍ପତ୍ତି ପକ୍ଷରେ ମନୁଷ୍ୟ ଏହା କରି ନ ପାରେ।
ଏକମାଲି ପରିବାର ମଧ୍ୟରୁ ଜଣେ ବ୍ୟକ୍ତି ସମ୍ପତ୍ତି ଅର୍ଜ୍ଜନ କରିଥିଲେ ବଣ୍ଟାବେଳେ ସ୍ୱୋପାର୍ଜ୍ଜିତ ସମ୍ପତ୍ତିରୁ ଅନ୍ୟ ଅଂଶୀଦାରମାନେ ଭାଗ ପାଇବେ, କିନ୍ତୁ ଅର୍ଜ୍ଜକର ଭାଗ ଅନ୍ୟମାନଙ୍କ ଭାଗ ଅପେକ୍ଷା ଦୁଇଗୁଣ ହେବ। ସ୍ୱୋପାର୍ଜ୍ଜିତ ସମ୍ପତ୍ତି ୨ ଶ୍ରେଣୀରେ ବିଭକ୍ତ—୧। ପୈତୃକ ସମ୍ପତ୍ତିର ସାହାଯ୍ୟରେ ଅର୍ଜ୍ଜିତ ସମ୍ପତ୍ତି ଓ—୨। ପୈତୃକ ସମ୍ପତ୍ତିର ବିନା ସାହାଯ୍ୟରେ ଅର୍ଜ୍ଜିତ ସମ୍ପତ୍ତି।]

ସ୍ୱୋବଶୀୟ—ସଂ. ବ (ଶ୍ୱଃ=ଶ୍ରେୟ+ଈୟ; ନିପାତନ)—କଲ୍ୟାଣ; ଶୁଭ (ମୁଗ୍ଧବୋଧ)—Well being; weal.
Swobaświya

ସ୍ୱୋରସ—ସଂ. ବ—ସ୍ୱରସ; ଶିଳା ପିଷ୍ଟ; କଳ୍କ (ଶବ୍ଦଚନ୍ଦ୍ରିକା)— Sworasa Juice pressed from bruised leaves and twigs.

ସ୍ମକ୍—ବୈଦେ. ବ—(ଇଂ)—ଏକ ପ୍ରକାର ବଡ଼ କୋଟ୍—Smock.
Smak स्मक स्मक

ସ୍ମୟ—ସଂ. ବ—୧। ଗର୍ବ (ମେଦିନୀ)—1. Pride; arrogance. ୨। ବିସ୍ମୟ; ଆଶ୍ଚର୍ଯ୍ୟ (ମେଦିନୀ)—2. Wonder; astonishment. ବଣ—ଅଦ୍ଭୁତ (ମେଦିନୀ) —Wonderful: astonishing.
Smaya
(ସ୍ମିତ—ବଣ)

ସ୍ମର—ସଂ. ବ—(ସ୍ମୃ ଧାତୁ=ମନେ କରିବା+କର୍ମ ଅ)—୧। Smara କାମଦେବ; ମଦନ; କନ୍ଦର୍ପ—1. Cupid. ୨। (+କର୍ତ୍ତୃ. ଅ) ବେଦବ୍ୟାଖ୍ୟାତା—2. Comentator of the Bedas. ୩। (+ଭାବ. ଅ) ସ୍ମରଣ; ସ୍ମୃତି— 3. Remembrance. ବଣ—ସ୍ମରଣକାରୀ—Remembering.

ସ୍ମର କଥା—ସଂ. ବ (ମ. ପ. ଲୋ)—କାମୋଦ୍ଦୀପକ ଆଳାପ—Libidinous talk.
Smara kathā

ସ୍ମରକାର—ସଂ.ବଣ (ସ୍ମର+କୃ ଧାତୁ ଣିଚ୍+କର୍ତ୍ତୃ ଅ)—କାମୋଦ୍ଦୀପକ (ବୁ. ଶ)—Suggestive of lust.
Smarakāra

ସ୍ମର କୂପକ (କୂପ, କୂପିକା)—ସଂ. ବି—ସ୍ମରପୁର; ଭଗ (ସ୍ତ୍ରୀଚିହ୍ନ)—
Smara kūpaka (kūpa, kūpikā) Vagina; female organ.

ସ୍ମର ଗୁରୁ—ସଂ. ବି—(୬ଷ୍ଠୀ ତତ୍; ସ୍ମରଙ୍କ ଗୁରୁ=ପିତା)—ବିଷ୍ଣୁ—
Smara guru Bishṇu. [ଦ୍ର—ହର କୋପାନଳରେ ଦଗ୍ଧ ହେବା ପରେ ରତିଙ୍କ ପ୍ରାର୍ଥନାରେ ପ୍ରସନ୍ନ ଶିବଙ୍କ ବରର ଫଳରୁ କାମଦେବ ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରେ ପ୍ରଦ୍ୟୁମ୍ନ ନାମରେ ଜନ୍ମ ଗ୍ରହଣ କରିଥିଲେ ।]

ସ୍ମର ଗୃହ—ସଂ. ବି—ଯୋନି (ଜଠାଧର)—
Smara gṛuha Female organ.

ସ୍ମର ଚକ୍ର—ସଂ. ବି—ରତିବନ୍ଧ ବିଶେଷ (ସ୍ମରଦୀପିକା)—A pose
Smara chakra during coition. [ଉ—ଧୃତ୍ୱା ସୋମ-କରେଣୋରୁଂ ସ୍ୱପଦଦ୍ୱୟୋପରିସ୍ଥିତଂ, ଦୃଢ଼ଂଶ୍ଚ ରମତେ କାମୀ ସ୍ମରଚକ୍ରଃ ପ୍ରକୀର୍ତ୍ତିତଃ—ସ୍ମରଦୀପିକା ।]

ସ୍ମରଚ୍ଛତ୍ର—ସଂ. ବି—ଯୋନି (ଶବ୍ଦ କଳ୍ପଦ୍ରୁମ)—
Smara chchhatra Female organ.
(ସ୍ମରଚ୍ଛଦ—ଅନ୍ୟରୂପ)

ସ୍ମରଣ—ସଂ. ବି. (ସ୍ମୃ ଧାତୁ+ଭାବ ଅନ)—୧ । ସ୍ମୃତି; ମନେ ମନେ
Smaraṇa ପୂର୍ବାନୁଭୂତ, ପୂର୍ବଶ୍ରୁତ ବା ପୂର୍ବଦୃଷ୍ଟ ବିଷୟର ଅନୁଭବ—1. Remembrance. ୨ । ପୂର୍ବାନୁଭୂତ ବିଷୟର ଚିନ୍ତା—2. Thought about matters previously experienced; recollection. ୩ । ଧ୍ୟାନ—3. Contemplation. ୪ । ଦେବତାଙ୍କ ନାମ ଜପ—4. Contemplation of a Deity by counting the beads; silent recital of the name or formula of a Deity.
[ଦ୍ର—ନବଧା ଭକ୍ତି ମଧ୍ୟରୁ ମନନ ବା ସ୍ମରଣ ଏକ ଅଟେ । ଏଥିରେ ଉପାସକ ଉପାସ୍ୟଦେବଙ୍କୁ ଏକାଦିକ୍ରମ ମନେ କରନ୍ତି ଓ ତାଙ୍କ ନାମ ଉଚ୍ଚାରଣ କରନ୍ତି ।]
ଦେ.ବି—ଦେବତାଙ୍କୁ ବା ସମାଜକୁ ଦିଅଯିବା ଉପଢୌକନ
উপহার सलामी ବା ସଲାମି—A present or premium presented to a Deity or to one's caste-guild.

ସ୍ମରଣ କରା(ରେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ କୌଣସି ବିଷୟ
Smaraṇa karā(re)ibā ମନେ କରାଇ ଦେବା—To
স্মরণকরান; स्मरण कराना(दिलाना) remind a person of any matter.

ସ୍ମରଣ କରିବା—ଦେ. କ୍ରି—୧ । ମନେ ପକାଇବା—1. To re-
Smaraṇa karibā collect. ୨ । ଦେବତାଙ୍କ ନାମ ଗ୍ରହଣ
স্মরণকরা स्मरण करना କରିବା—2. To recite the name of a Deity. ୩ । ମାଳା ଜପିବା—3. To count the beads by uttering the name of a Deity.

ସ୍ମରଣ ଚିହ୍ନ—ସଂ. ବି—ସ୍ମୃତି ଚିହ୍ନ (ଦେଖ)—Smṛuti chihna
Smaraṇa chihna (See).

ସ୍ମରଣ ପଟ—ସଂ. ବି—(ରୂପକ)—ସ୍ମୃତିପଟ (ଦେଖ)—
Smaraṇa paṭa Smṛutipaṭa (See)

ସ୍ମରଣ ପତ୍ର(ପତ୍ରିକା,ଲେଖ, ଲିପି)—ସଂ. ବି—(ସ୍ମ. ଓ. ଲେ)—ସ୍ମାରକ
Smaraṇa patra (pataikā;lekha, lipi) ଲେଖା; ସ୍ମାରକପତ୍ର—Memorandum; reminder.

ସ୍ମରଣ ପଥ—ସଂ. ବି—ସ୍ମୃତିପଥ(ଦେଖ)—Smṛuti patha(See)
Smaraṇa patha

ସ୍ମରଣ ଯୋଗ୍ୟ—ସଂ.ବିଣ—ସ୍ମରଣୀୟ(ଦେଖ)—Smaraṇiya(See)
Smaraṇa jogya

ସ୍ମରଣ ଶକ୍ତି—ସଂ. ବି—ପୂର୍ବାନୁଭୂତ, ପୂର୍ବଶ୍ରୁତ, ପୂର୍ବଦୃଷ୍ଟ ବା ପୂର୍ବ
Smaraṇa śakti ପଠିତ ବିଷୟକୁ ମନେ ରଖିବାର କ୍ଷମତା; ପୂର୍ବାନୁଭୂତ ବିଷୟ ମନେ ପକାଇବାର କ୍ଷମତା—Memory.

ସ୍ମରଣ ସୂଚକ—ସଂ ବିଣ—ସ୍ମରଣାର୍ଥକ (ଦେଖ)—
Smaraṇa sūchaka Smaraṇārthaka (See)

ସ୍ମରଣାତୀତ—ସଂ. ବିଣ. (୫ମୀ ତତ୍)—ବହୁ ପୂର୍ବବର୍ତ୍ତୀ (ସମୟ); ଯେଉଁ
Smaraṇātita କାଳର ବିଷୟ କାହାରି ମନେ ନାହିଁ—Immemorial (time)

ସ୍ମରଣାତୀତ କାଳ (ଯୁଗ, ସମୟ)—ସଂ. ବି—ବହୁ ପୂର୍ବକାଳ—
Smaraṇātita kāḷa(juga,samaya) Time immemoria.

ସ୍ମରଣାପତ୍ୟତର୍ପକ—ସଂ. ବି—କଚ୍ଛପ (ଶବ୍ଦ କଳ୍ପଦ୍ରୁମ)—
Smāraṇāpatya tarpaka Tortoise.

ସ୍ମରଣାର୍ଥ—ଦେ· କ୍ରି.ବିଣ—(ସଂ. ସ୍ମରଣାର୍ଥ)—ସ୍ମୃତି ଉଦ୍ଦେଶ୍ୟ ହେବା
Smaraṇārtha ହେତୁ;କୌଣସି କଥା ମନେ ପଡ଼ିବ ବୋଲି—
স্মরণার্থ; स्मरणके लीये In memory of; with a view to be reminded of.

ସ୍ମରଣାର୍ଥକ—ସଂ. ବିଣ.—ଯାହା ମନେ କରାଇ ଦିଏ—Serving as
Smaraṇārthaka a memorial or reminder.

ସ୍ମରଣାଲଙ୍କାର—ସଂ. ବି—ଅର୍ଥାଲଙ୍କାର ବିଶେଷ—A kind of
Smaraṇālankāra figure in rhetoric
[ଦ୍ର—ସଦୃଶ ବସ୍ତୁର ଅନୁଭବ ହେଉଛୁ ଅନ୍ୟ ବସ୍ତୁର ସ୍ମରଣ ହେଲେ ସ୍ମରଣାଲଙ୍କାର ହୁଏ; ଅର୍ଥାତ୍ ପ୍ରସ୍ତୁତ ପଦାର୍ଥର ଅନୁଭବ ହେଉରୁ ଉଦ୍‌ବୋଧନ ଦ୍ୱାରା ତତ୍‌ସଦୃଶ ଅନ୍ୟ ବସ୍ତୁର ସ୍ମରଣରେ ଯେଉଁ ଚମତ୍କାରତା, ତାହାହିଁ ସ୍ମରଣାଲଙ୍କାର । ଏଥିର ଉଦାହରଣ—

ଚନ୍ଦ୍ରିକା ସ୍ମିତରେ ଗିରୀନ୍ଦ୍ରର ଶୋଭା
ଅପୂର୍ବ ଅନୁଭବ,
ସରିଲେ ସ୍ମରନ୍ତ— ତାଳୀନ ମନ୍ଦର-
ଗୁହାର କ୍ଷୀରୋଦ ରବ ।

ରାଧାନାଥ ରଚନା ।]

ସ୍ମରଣୀୟ—ସଂ. ଵଣ (ସ୍ମୃ ଧାତୁ+କର୍ମ ଅନୀୟ)—ମନେ ରହିବାର ଯୋଗ୍ୟ; ସ୍ମର୍ତ୍ତବ୍ୟ—Fit to be remembered; memorable.
Smaraṇiya

ସ୍ମର ଦଶା—ସଂ. ବ—୧। କାମଦଶା; କାମାତୁର ବ୍ୟକ୍ତିର କାମନାର ତୃପ୍ତି ନ ହେବାରୁ ଅନୁଭୂତ ଅବସ୍ଥାମାନ—1. The phases through which an amorous person passes when frustrated in his or her aim. [ଦ୍ର—କାମଦଶା ଦଶବିଧ ଯଥା—୧। ନୟନପ୍ରୀତି, ୨। ଚିନ୍ତାସଙ୍ଗ; ୩। ସଂକଳ୍ପ, ୪। ନିଦ୍ରାଚ୍ଛେଦ, ୫। ତନୁତା, ୬। ବିଷୟନିବୃତ୍ତି, ୭। ତ୍ରପାନାଶ, ୮। ଉନ୍ମାଦ, ୯। ମୂର୍ଚ୍ଛା, ୧୦। ମୃତ୍ୟୁ—ଉଜ୍ଜ୍ୱଳନୀଳମଣି।] ୨। ବିରହାବସ୍ଥା (ହି. ଶ)—2. The state of separation from one's lover.
Smara daśā

ସ୍ମର ଦହନ—ସଂ. ବ ୧। (୬ଷ୍ଠୀ ତତ୍) —ମହାଦେବଙ୍କ କ୍ରୋଧାଗ୍ନି ଦ୍ୱାରା କାମଦେବଙ୍କର ଭସ୍ମ ହେବା ଘଟଣା—1.The burning of the god Cupid with the fire of Siba's ire. ୨। (ବହୁବ୍ରୀହି)—ମହାଦେବ; ଶିବ—Śiba.
Smara dahana

ସ୍ମର ଦୀପନ—ସଂ. ବ—(୬ଷ୍ଠୀ ତତ୍)—କାମବୃତ୍ତିର ଉଦ୍ଦୀପନ—Excitement of lust.
Smara dipana
ବିଣ ପୁଂ (ବହୁବ୍ରୀହି)—କାମୋଦ୍ଦୀପକ—Exciting lust, libidinous.

ସ୍ମର ଦୀପିକା—ସଂ. ବ (ନାମ)—କୈବିଷୟକ ଗ୍ରନ୍ଥବିଶେଷ—Name of a Sanscrit treatise dealing with love and sexual science.
Smara dipikā

ସ୍ମର ଧ୍ୱଜ—ସଂ. ବ (ସ୍ମର=କାମଦେବ+ଧ୍ୱଜ=ଚିହ୍ନ, ବହୁବ୍ରୀହି)—୧। ଯୋନି (ଶବ୍ଦରତ୍ନାବଳୀ)—1. Female organ. ୨। ଲିଙ୍ଗ (ଶବ୍ଦକଳ୍ପଦ୍ରୁମ)—2. Penis. ୩। ବାଦ୍ୟ (ହେମଚନ୍ଦ୍ର, ହି ଶ)—3. Drum. ୪। (୬ଷ୍ଠୀ ତତ୍) କାମଦେବଙ୍କ ରଥର ଧ୍ୱଜ ବା ପତାକା—4. The flag of the car of God Cupid. ୫। (କାମଦେବଙ୍କ ରଥଧ୍ୱଜରେ ଅଙ୍କିତ ଚିହ୍ନିତ) ମତ୍ସ୍ୟ—5. Fish. (the sign or figure depicted on the flag of the car of God Cupid).
Smara dhwaja

ସ୍ମରଧ୍ୱଜା—ସଂ. ବ—ଜ୍ୟୋତ୍ସ୍ନାମୟୀ ରଜନୀ (ଶବ୍ଦକଳ୍ପଦ୍ରୁମ)—Moonlit night.
Smara dhwajā

ସ୍ମର ପୁର—ସଂ. ବ—ଭଗ; ଯୋନି—Female organ.
Smara pura

ସ୍ମର ପ୍ରିୟା(ବଧୂ,ଦୟିତା)—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ରତି ଦେବୀ; କାମଦେବଙ୍କ ପତ୍ନୀ—Sexual union, personified as the wife of God Cupid.
Smarapriyā(badhū, dayitā)

ସ୍ମର ବଲ୍ଲଭ—ସଂ. ବ. ପୁ—ଅନିରୁଦ୍ଧ (ଶବ୍ଦକଳ୍ପଦ୍ରୁମ); ପ୍ରଦ୍ୟୁମ୍ନଙ୍କ ପୁତ୍ର—Aniruddha. the son of Pradyumna or Cupid.
Smara ballabha

ସ୍ମର ବୀଥିକା—ସଂ.ବ—(୬ଷ୍ଠୀତତ୍; ସ୍ମର=କନ୍ଦର୍ପ+ବୀଥି=ଦୋକାନ +ସ୍ୱାର୍ଥିକ+ଅ)-ବେଶ୍ୟା;ଗଣିକା(ରାଜନିର୍ଘଣ୍ଟ) Prostitute.
Smara bithikā

ସ୍ମର ବୃଦ୍ଧି—ସଂ. ବ—କାମ ବୃଦ୍ଧି କ୍ଷୁପ (ରାଜନିର୍ଘଣ୍ଟ) —Name of a bushy plant.
Smara bruddhi
(ସ୍ମରବୃଦ୍ଧି ସଂଜ୍ଞ—ଅନ୍ୟରୂପ)

ସ୍ମର ମନ୍ଦିର—ସଂ. ବି—ସ୍ତ୍ରୀଉପସ୍ଥ; ଯୋନି The female organ.
Smara mandira

ସ୍ମର ଲେଖନୀ—ସଂ. ବ—ସାରିକା ପକ୍ଷୀ (ଶବ୍ଦରତ୍ନାବଳୀ)—The myna bird.
Smara lekhani

ସ୍ମର ଶତ୍ରୁ(ରିପୁ)—ସଂ. ବ (୬ଷ୍ଠୀତତ୍) ଶିବ; ମହାଦେବ—Śiba.
Smara śatru(ripu)

ସ୍ମର ଶାସ୍ତ୍ର—ସଂ ବ (ମ.ପ.ଲୋ)—କାମଶାସ୍ତ୍ର; ରତିଶାସ୍ତ୍ର—A treatise on sexual matters.
Smara śāstra

ସ୍ମର ସଖ—ସଂ. ବ—(ବହୁବ୍ରୀହି; ସ୍ମର+ସଖା; ସ୍ମର ଅଟେ ସଖା ଯାହାର)—୧। ସ୍ମରର ସଖା, କନ୍ଦର୍ପର ବନ୍ଧୁ—1 Friend of Cupid. ୨। ଚନ୍ଦ୍ର—(ଶବ୍ଦକଳ୍ପଦ୍ରୁମ)—2. The moon. ୩। ବସନ୍ତ—(ସ୍ମରସଖା—ଅନ୍ୟରୂପ) 3. Spring personified.
Smara sakha

ସ୍ମର ସ୍ତମ୍ଭ—ସଂ. ବ—ଲିଙ୍ଗ; ପୁରୁଷେନ୍ଦ୍ରିୟ—Penis; male organ.
Smara stambha

ସ୍ମରସ୍ମରା—ସଂ. ବ—ସେବତୀଫୁଲ (ହି. ଶ)—Muskrose.
Smarasmarā

ସ୍ମରସ୍ମର୍ଯ୍ୟ—ସଂ. ବ—ଗର୍ଦ୍ଦଭ (ତ୍ରିକାଣ୍ଡଶେଷ)—The ass.
Smara smarjya

ସ୍ମରହର—ସଂ. ବ—(ସ୍ମର+ହୃ ଧାତୁ=ନାଶ କରିବା+କର୍ତ୍ତୃ.ଅ)—ସ୍ମରହର; କାମାନ୍ତକ; ମହାଦେବ—Śiba, the destroyer of Cupid.
Smarahara

ସ୍ମରା(ରେ)ଇବା—ଦେ. କ୍ରି—ସ୍ମରିବାର ଣିଜନ୍ତ ରୂପ—The causative form of Smaribā.) ସ୍ମରଣ করান स्मरण करना କରାଇବା;ସ୍ମରଣ କରାଇବା—To remind.
Smarā(re)ibā

ସ୍ମରାଗାର—ସଂ. ବ—ଭଗ (ଶବ୍ଦରତ୍ନାବଳୀ)—Vagina; female organ.
Smarāgāra

ସ୍ମରାଙ୍କୁଶ—ସଂ. ବ—୧। ନଖ (ଶବ୍ଦରତ୍ନାବଳୀ)—1. Finger-nail. ୨। ଲମ୍ପଟ ବ୍ୟକ୍ତି—2. Adulteror. ୩। ପୁରୁଷେନ୍ଦ୍ରିୟ, ଲିଙ୍ଗ (ହି.ଶ)—3. Male organ.
Smarāṅkuśa

ସ୍ମରାଧିବାସ—ସଂ. ବ—ଅଶୋକ ବୃକ୍ଷ (ହି ଶ)—The Aśoka tree.
Smarādhibāsa

ସ୍ମରାନ୍ତକ—ସଂ. ବ—(୬ଷ୍ଠୀ ତତ୍) ଶିବ—Śiba.
Smarāntaka

ସ୍ମରାମ୍ର—ସଂ. ବି—୧ । ସ୍ୱାଦାମ୍ର (ସାଙ୍କର୍ଣ୍ଣ)—1. A kind of
Smarāmra sweet mango. ୨ । କଲମି ଆମ୍ବ (ହୃ. ଷ)
—2. The fruit from grafted mango tree.

ସ୍ମରାରି—ସଂ. ବି—(୬ଷ୍ଠୀ ତତ୍)—ଶିବ; ମହାଦେବ—Siba. [ବୃ—
Smarāri ଅସୁରପୀଡ଼ିତ ଦେବମାନଙ୍କ ପ୍ରେରଣାରେ ମଦନ ଧ୍ୟାନରତ ମହାଦେବଙ୍କ ପ୍ରତି ସମ୍ମୋହନ ନାମକ ବାଣ ପ୍ରୟୋଗ କରିବାରୁ ଓ ସେ ସମୟରେ କୁମାରୀ ପାର୍ବତୀ ମହାଦେବଙ୍କୁ ସ୍ୱାମୀ ପାଇବା ଆଶାରେ ଯୋଗସାଧନରତ ମହାଦେବଙ୍କ ସେବାରେ ନିଯୁକ୍ତା ଥିବା ଅବସ୍ଥାରେ କାମଦେବ ଉପସ୍ଥିତ ହୋଇ ମହାଦେବଙ୍କ ପ୍ରତି ବାଣ ପ୍ରୟୋଗ କଲେ; ତଦ୍ୱାରା ମହାଦେବଙ୍କର କିଞ୍ଚିତ ଧୈର୍ଯ୍ୟଚ୍ୟୁତି ହୋଇଥିଲା, ପରେ ମହାଦେବ ନିଜକୁ ସଂଯତ କରି ତାଙ୍କ ଚିତ୍ତଚାଞ୍ଚଲ୍ୟର କାରଣ ଅନୁସନ୍ଧାନ କରିବା ଫଳରେ ମଦନଙ୍କୁ ଦେଖିଲେ ଓ ମଦନଙ୍କ ଉପରେ କ୍ରୁଦ୍ଧ ହୋଇ ତାଙ୍କ ପ୍ରତି କୋପଦୃଷ୍ଟି ନିକ୍ଷେପ କରିବାରୁ ସେହି ଦୃଷ୍ଟି ସଙ୍ଗେ ମହାଦେବଙ୍କ କପାଳମଧ୍ୟସ୍ଥ ତୃତୀୟ ନେତ୍ରରୁ କୋପାନଳ ବାହାରି ମଦନଙ୍କୁ ଭସ୍ମ କରିଦେଲା ।]

ସ୍ମରାସବ—ସଂ. ବି—(ସ୍ମର+ଆସବ=ମଦ)—୧ । ମୁଖାମୃତ; ଲାଳ;
Smarāsaba ମୁଖ ନିଃସୃତ ଜଳ (ନିଘଣ୍ଟୁଶେଷ)—1. Saliva.
୨ । ତାଳ ଗଛରୁ ଉତ୍ପନ୍ନ ତାଡ଼ୀ (ହୃ. ଶ)—2. The juice extracted from date-tree.

ସ୍ମରିବା—ଦେ. କ୍ରି (ପଦ୍ୟ) (ସଂ. ସ୍ମୃ . ଧାତୁ)—୧ । ମନେ କରିବା
Smaribā —1. To think of [ଉ—ଶତ୍ରୁ ସ୍ମରି ଅାର୍ଣ୍ଣବ
ଶ୍ରୀଅଙ୍ଗ ପାଇଲୁ ସେ—
କବିସୂର୍ଯ୍ୟ ବଳଦେବ ରଥ୍ଙ୍କ ଗୀତ ।]
स्मरणकरना ୨ । ସ୍ମରଣ କରିବା—2. To recollect. ୩ ।
स्मरन करना ମନେ ପକାଇବା; ସୁମରିବା—3. To remember.
[ଉ—ଏହା ଶୁଣି ସ୍ମରିଲେ ଶ୍ରୀ ମଧୁସୂଦନ—
କୃଷ୍ଣସିଂହ ମହାଭାରତ ସଭା ।]

ସ୍ମର୍ତ୍ତବ୍ୟ—ସଂ. ବିଣ—(ସ୍ମୃ ଧାତୁ+କର୍ମ ତବ୍ୟ)—ସ୍ମରଣୀୟ (ଦେଖ)—
Smarttabya Smaraṇiya (See).

ସ୍ମର୍ତ୍ତା—ସଂ. ବିଣ ପୁଂ—(ସ୍ମୃ ଧାତୁ+କର୍ତ୍ତୃ. ତୃ, ସ୍ମର୍ତ୍ତୃ, ୧ମା. ୧ବ)—
Smarttā ସ୍ମରଣକାରୀ—Recollecting.
(ସ୍ମର୍ତ୍ତ୍ରୀ—ସ୍ତ୍ରୀ)

ସ୍ମର୍ଯ୍ୟ—ସଂ. ବିଣ (ସ୍ମୃ ଧାତୁ+କର୍ମ ଯ)—ସ୍ମରଣୀୟ—Fit to be.
Smarjya remembered; memorable

ସ୍ମଲ୍‌କ(କା)ଜ୍ କୋର୍ଟ(ଟ୍)—ବୈଦେ. ବି—(ଇଂ)—ଅଳ୍ପ ଦାବିରେ ଏହି
Smal-ka (kā)j-kot (rt) ଦେବାନୀ ମକଦ୍ଦମାମାନଙ୍କର ସଂକ୍ଷିପ୍ତ
स्मालकजकोर्ट ଭାବରେ ବିଚାର କରାଯିବା ଅଦାଲତ; ଛୋଟକୋର୍ଟ—
स्मल काजकोर्ट Court of small Causes.

ସ୍ମାର—ସଂ. ବି—(ସ୍ମୃ ଧାତୁ+ଭାବ ଅ)—୧ । ସ୍ମରଣ—Re-
Smāra collection. ୨। ଚିନ୍ତନ—2. Contemplation.

ସ୍ମାରକ—ସଂ. ବିଣ—(ସ୍ମୃ ଧାତୁ ଣିଚ, ସ୍ମାରି ଧାତୁ+କର୍ତ୍ତୃ ଅକ)—
Smāraka ୧ । ଯେ ବା ଯାହା ସ୍ମରଣ କରାଇ ଦିଏ—2. Reminding. ୨ । ସ୍ମୃତିର ଉଦ୍‌ବୋଧକ; ସ୍ମୃତିଜନକ—2. Causing remembrance; refreshing the memory.

ସ୍ମାରକ ଗୃହ—ସଂ. ବି (ଆଧୁନିକ ବ୍ୟବହାର)—କୌଣସି ବିଷୟର ବା
Smāraka gruha ଘଟଣାର ବା ବ୍ୟକ୍ତିର ସ୍ମରଣାର୍ଥ ନିର୍ମିତ ଗୃହ
—Memorial house; memorial hall.

ସ୍ମାରକ ଚିହ୍ନ—ସଂ. ବି—(ଆଧୁନିକ ବ୍ୟବହାର) ଯେଉଁ ଚିହ୍ନ ଦେଖିଲେ
Smāraka chihna କୌଣସି ବ୍ୟକ୍ତିଙ୍କର ବା ଘଟଣାର ବିଷୟ ମନେ ପଡ଼େ; ଅଭିଜ୍ଞାନ—Memento; memorial.

ସ୍ମାରକ ପତ୍ର(ଲିପି, ଲେଖା)—ସଂ. ବି (ଆଧୁନିକ ବ୍ୟବହାର)—ସ୍ମୃତି-
Smāraka patra(lipi, lekha) ଉଦ୍‌ବୋଧକ ଲେଖା—
Memo; memorandum; a reminder.

ସ୍ମାରକ ଫଳକ—ସଂ. ବି (ଆଧୁନିକ ବ୍ୟବହାର)—କୌଣସି ବିଷୟକୁ,
Smāraka phalaka ବ୍ୟକ୍ତିଙ୍କୁ ବା ଘଟଣାକୁ ଚିରସ୍ମରଣୀୟ କରିବାପାଇଁ ଯେଉଁ ଫଳକରେ ତଦ୍‌ବିଷୟ ଲେଖା ହୋଇଥାଏ—
Memorial tablet.

ସ୍ମାରକ ସ୍ତମ୍ଭ—ସଂ. ବି (ଆଧୁନିକ ବ୍ୟବହାର)—ସ୍ମୃତି ସ୍ତମ୍ଭ—
Smāraka stambha A pillar which serves as a memorial; a memorial pillar.

ସ୍ମାରିତ—ସଂ. ବିଣ (ସ୍ମୃ ଧାତୁ+ଣିଚ=ସ୍ମାରି ଧାତୁ+କର୍ମ. ତ)—
Smārita ଯେଉଁ ବ୍ୟକ୍ତିକୁ ସ୍ମରଣ କରାଇ ଦିଆଯାଏ—
Reminded (person).
ସଂ. ବି (ହିନ୍ଦୁ ସ୍ମୃତି)—ଏକ ଶ୍ରେଣୀର କୃତସାକ୍ଷୀ; ଯେଉଁ ସାକ୍ଷୀଙ୍କ ନାମକୁ ପକ୍ଷ ସାକ୍ଷୀ ତାଲିକାରେ ଲେଖି ନ ଥାଏ, କିନ୍ତୁ ପରେ ଆପଣା ପକ୍ଷ ସମର୍ଥନ କରିବା ପାଇଁ ଡକାଏ (ହୃ. ଶ)—A class of witnesses according to Hindu Law; a witness whose name does not appear in the list of witnesses given by a party, but who is called by him afterwards on being remembered by him.

ସ୍ମାର୍ତ୍ତ—ସଂ. ବିଣ (ସ୍ମୃତି+ସମ୍ବନ୍ଧ ଓ ଜ୍ଞାତାଦି ଅର୍ଥରେ. ଅ)—
Smārtta ୧ । ସ୍ମୃତି ଶାସ୍ତ୍ର ସମ୍ବନ୍ଧୀୟ—1. Relating to
(ସ୍ମାର୍ତ୍ତିକ—ଅନ୍ୟ ବିଣ, ରୂପ) the Smruti works.
୨ । ସ୍ମୃତି ଶାସ୍ତ୍ରଜ୍ଞ—2. Versed in Hindu Law. ୩ । ସ୍ମୃତି ଶାସ୍ତ୍ରୋକ୍ତ—3. Mentioned in the Smrutis. ୪ । ସ୍ମୃତି ଶାସ୍ତ୍ରର ବିଧାନ ଅନୁସାରେ କାର୍ଯ୍ୟକାରୀ—4. Followiug the dictates of the Smruti works. ବି—୧ । ସ୍ମୃତି ଶାସ୍ତ୍ରଜ୍ଞ ପଣ୍ଡିତ—1. A Pandit learned in Hindu Law. ଦେ. ବି—ଏକ ଶ୍ରେଣୀର ଆଧୁନିକ

স্মার্ত স্মার্ত ବ୍ରାହ୍ମଣ—A class of modern Brāhmaṇas.

ସ୍ମି (ଧାତୁ)—ସ. ପ—୧ । ଅନାଦର କରିବା—1. To deride; to slight. ୨ । ଈଷତ୍ ହାସ୍ୟ କରିବା—2. To smile.
Smi (root)

ସ୍ମିଟ୍ (ଧାତୁ)—ସ—ଅନାଦର କରିବା—To slight.
Smiṭ (root)

ସ୍ମିତ—ସ. ବି (ସ୍ମି ଧାତୁ+ଭାବ. ତ)—ଈଷତ୍ ହାସ୍ୟ (ଅମର)—Smile. ବିଣ (+କର୍ତ୍ତୃ. ତ)—୧ । ବିକସିତ (କିଆଣ୍ଡ ଶେଷ); ବିଭାସିତ; ପ୍ରସ୍ଫୁଟିତ—1. Expanded; full-blown. ୨ । ଈଷତ୍ ହସିତ—2. Smiling. ୩ । ବିସ୍ମିତ—3. Astonished. ୪ । ହାସ୍ୟୋଜ୍ଜ୍ୱଳ (ମୁଖ)—4. (face) Bright with laughter.
Smita

ସ୍ମିତ ମୁଖ—ସ. ବି (କର୍ମଧା)—ଈଷଦ୍ଧାସ୍ୟଯୁକ୍ତ ମୁଖ—Smiling face. ବିଣ. ପୁଂ (ବହୁବ୍ରୀହି)—ସ୍ମେରମୁଖ; (ସ୍ମିତାନନ—ଅନ୍ୟରୂପ) ଯାହାର ମୁଖ ଈଷଦ୍ଧାସ୍ୟଯୁକ୍ତ—(ସ୍ମିତମୁଖୀ, ସ୍ମିତାନନା—ସ୍ତ୍ରୀ) Having a smiling face.
Smita mukha

ସ୍ମିତ ହାସ—ସ. ବି—ମୃଦୁହାସ—Smile. ସ. ବିଣ. ପୁଂ—ମୃଦୁହାସ୍ୟଯୁକ୍ତ—Smiling. (ସ୍ମିତହାସା—ସ୍ତ୍ରୀ)
Smit hāsa

ସ୍ମିତହାସୀ—ଦେ. ବିଣ. ସ୍ତ୍ରୀ (ସଂ ସ୍ମିତହାସା)— ଈଷତ୍ ହାସ୍ୟଯୁକ୍ତା (ସ୍ତ୍ରୀ)—(female) Having a smiling face.
Smitahāsī

ସ୍ମିତ ହାସ୍ୟ—ସ. ବି—ମୃଦୁହାସ୍ୟ; ଈଷଦ୍ଧାସ୍ୟ—Smile. ସ. ବିଣ. ପୁଂ (ବହୁବ୍ରୀହି)—ଈଷଦ୍ଧାସ୍ୟକାରୀ—(ସ୍ମିତହାସ୍ୟା—ସ୍ତ୍ରୀ) Smiling.
Smita hāsya

ସ୍ମୀଳ (ଧାତୁ)—ସ—ଉନ୍ମେଷଣ କରିବା; ଆଖିର ପିଈପଡ଼ା ପକାଇବା—To close (said of the eye-lids).
Smīla (root)

ସ୍ମୃ ଧାତୁ—ସ—୧ । ଉତ୍କଣ୍ଠିତ ହେବା—1. To be eager after. ୨ । ସ୍ମରଣ କରିବା—2. To remember.
Smṛu (root)

ସ୍ମୃତ—ସ. ବିଣ (ସ୍ମୃ ଧାତୁ+କର୍ମ ତ)—ଯାହାକୁ ସ୍ମରଣ କରାଯାଇଅଛି; ସ୍ମରଣର ବିଷୟୀଭୂତ—(ସ୍ମୃତା—ସ୍ତ୍ରୀ) Remembered; recollected.
Smṛuta

ସ୍ମୃତି—ସଂ. ବି (ସ୍ମୃ ଧାତୁ+ଭାବ. ତି)—୧ । କାଳାନ୍ତରରେ ଅନୁଭୂତ ବିଷୟର ଚିନ୍ତା ବା ଚିନ୍ତନ; ସ୍ମରଣଶକ୍ତିଦ୍ୱାରା ଲବ୍ଧ ଜ୍ଞାନ; ସ୍ମରଣ—1. Remembrance; recollection. [ବି—ଏହା ମନୋବିଜ୍ଞାନ (Psychology) ର ପାରିଭାଷିକ ଶବ୍ଦ । ଯେଉଁ ବିଷୟର ଜ୍ଞାନ ପ୍ରତ୍ୟକ୍ଷ ପ୍ରୟୋଗରେ ମନୋରାଜ୍ୟରେ ଗୃହୀତ ହୁଏ, ତାହାର ପ୍ରତିରୂପ ଜ୍ଞାନର ନାମ ସ୍ମୃତି । ପ୍ରତ୍ୟକ୍ଷଜ୍ଞାନ ବସ୍ତୁର ସ୍ଥିତି (ବିଦ୍ୟମାନତା) ଉପରେ ନିର୍ଭର କରେ; କିନ୍ତୁ ବସ୍ତୁର ଅବର୍ତ୍ତମାନତାରେ ମଧ୍ୟ ସ୍ମୃତି ବସ୍ତୁର ଜ୍ଞାନ ଜନ୍ମାଏ । ଅତୀତ ଅନୁଭୂତ ବିଷୟର ଜ୍ଞାନ ସ୍ମୃତି ସାହାଯ୍ୟରେ ସମାହୃତ ହୁଏ ।
Smṛuti

ଏକବିଦ୍ୟାଗତ ହିନ୍ଦୁ ଧର୍ମଶାସ୍ତ୍ରରେ 'ସ୍ମୃତି' ଏକ ବିଶିଷ୍ଟ ଜ୍ଞାନ ପ୍ରତି ପ୍ରଯୋଜ୍ୟ ହୁଏ । ଯେଉଁ ଜ୍ଞାନ ତାଳ-ବଂଶପରମ୍ପରାରେ ମୌଖିକଭାବରେ ଗୃହୀତ, ତାହା ସ୍ମୃତି । ଶ୍ରୁତି ଓ ସ୍ମୃତି ଉଭୟେ ଜ୍ଞାନର ଭଣ୍ଡାର; କିନ୍ତୁ ଶ୍ରୁତି ଓ ସ୍ମୃତି ମଧ୍ୟରେ ବିରୋଧ ଦୃଷ୍ଟ ହେଲେ ଶ୍ରୁତି ବଳବତ୍ତର ହୁଏ—ସନ୍ଦର୍ଭ ଲେଖକ ପ୍ରୋଫେସର ହରିକ-ହାଶ୍ରୀ ଘୋଷ ଏମ୍. ଏ. ।] ୨ । ପୂର୍ବେ ଅନୁଭୂତ ହୋଇଥିବା ପ୍ରିୟ ବିଷୟମାନଙ୍କର ଚିନ୍ତା—2 Thoughts about things once experienced. ୩ । ଚିନ୍ତନ; ଧ୍ୟାନ—3. Contemplation. ୪ । ମନ୍ୱାଦିକୃତ ଧର୍ମସଂହିତା; ଧର୍ମଶାସ୍ତ୍ର—4. The Institutes or treatise on Hindu law and usage by Manu and others. [ବି—ବେଦରେ ଯାହା ଅଛି ତାହାର ସ୍ମରଣ ବା ଚିନ୍ତନର ଫଳରେ ଏ ଗ୍ରନ୍ଥମାନ ଲିଖିତ ହୋଇଥିବାରୁ ଏମାନଙ୍କର ଏହିପରି ନାମକରଣ ହୋଇଅଛି । ସ୍ମୃତିରେ ଧର୍ମ, ଦର୍ଶନ, ଆଚାର, ବ୍ୟବହାର, ପ୍ରାୟଶ୍ଚିତ୍ତ, ଶାସନନୀତି ଆଦିର ବର୍ଣ୍ଣନ ହୋଇଅଛି ।

ସ୍ମୃତିକୁ ୩ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଯଥା—

୧ । ସାତ୍ତ୍ୱିକ—ବାଶିଷ୍ଠ, ହାରୀତ, ବ୍ୟାସ, ପାରାଶର, ଭରଦ୍ୱାଜ, କାଶ୍ୟପ, ଏସ୍ମୃତି ମାନ ମୁକ୍ତିଦ ।

୨ । ରାଜସ—ଚ୍ୟବନ, ଯାଜ୍ଞବଲ୍କ୍ୟ, ଆତ୍ରେୟ, ଦାକ୍ଷ, କାତ୍ୟାୟନ, ବୈଷ୍ଣବ, ଏମାନ ସ୍ୱର୍ଗଦ ।

୩ । ତାମସ ଯଥା—ଗୌତମ, ବାର୍ହସ୍ପତ୍ୟ, ସମ୍ବର୍ତ୍ତ, ଯମ, ସାଂଖ୍ୟ, ଔଶନସ ଏମାନେ ନରକପ୍ରଦ ।

ହିନ୍ଦୁମାନଙ୍କର ଧର୍ମ ସମ୍ବନ୍ଧୀୟ ତତ୍ତ୍ୱମାନ ଶ୍ରୁତି, ସ୍ମୃତି ଓ ପୁରାଣମାନଙ୍କରେ ନିହିତ ଅଛି ।

ସତ୍ୟଯୁଗରେ ମନୁଙ୍କ ପ୍ରବର୍ତ୍ତିତ ଧର୍ମ, ତ୍ରେତାରେ ଗୌତମଙ୍କ, ଦ୍ୱାପରରେ ଧର୍ମଙ୍କ ଓ ଶଙ୍ଖଙ୍କ ଏବଂ କଳିରେ ପରାଶରଙ୍କ ପ୍ରବର୍ତ୍ତିତ ଧର୍ମ ପାଳନୀୟ ।]

ହିନ୍ଦୁମାନଙ୍କ ଧର୍ମଗ୍ରନ୍ଥ ୨ ଭାଗରେ ବିଭକ୍ତ, ଶ୍ରୁତି ଓ ସ୍ମୃତି । ବେଦ, ବେଦର ବ୍ରାହ୍ମଣ ଭାଗ ଓ ଉପନିଷଦ (ବେଦାନ୍ତ) ଶ୍ରୁତିର ଅନ୍ତର୍ଗତ । ଅନ୍ୟ ଧର୍ମଶାସ୍ତ୍ରମାନଙ୍କୁ ସ୍ମୃତି ବୋଲାଯାଏ । ନିମ୍ନଲିଖିତ ଗ୍ରନ୍ଥମାନ ସ୍ମୃତିର ଅନ୍ତର୍ଗତ (କ) ଛଅ ବେଦାଙ୍ଗ, (ଖ) ଗୃହ୍ୟ, ଆଶ୍ୱଲାୟନ, ସାଂଖ୍ୟାୟନ, ଗୋଭିଲ, ପାରସ୍କର, ବୌଧାୟନ, ଭାରଦ୍ୱାଜ ଓ ଆପସ୍ତମ୍ବାଦି ସୂତ୍ର, (ଗ) ମନୁ, ଯାଜ୍ଞବଲ୍କ୍ୟ, ଅତ୍ରି, ବିଷ୍ଣୁ, ହାରୀତ, ଉଶନସ୍, ଅଙ୍ଗିରା, ଯମ, କାତ୍ୟାୟନ, ବୃହସ୍ପତି, ପରାଶର, ବ୍ୟାସ, ଦକ୍ଷ, ଗୌତମ, ବଶିଷ୍ଠ, ନାରଦ ଓ ଭୃଗୁଆଦିଙ୍କ ରଚିତ ଧର୍ମ ଶାସ୍ତ୍ର; (ଘ) ରାମାୟଣ, ମହାଭାରତ ଆଦି ଇତିହାସ; (ଙ) ଅଷ୍ଟାଦଶ ପୁରାଣ ଓ (ଚ) ସବୁପ୍ରକାର ନୀତିଶାସ୍ତ୍ର ଗ୍ରନ୍ଥ । (ହି. ଶ)] ୫ । (ନାମ) ଦକ୍ଷକନ୍ୟା ଅଙ୍ଗିରାପତ୍ନୀଙ୍କ ଗର୍ଭରୁ ଉତ୍ପନ୍ନା କନ୍ୟା (ହି. ଶ)

5. Name of a daughter born of Angira's wife and Daksha's daughter. ୬ । (ଧର୍ମଶାସ୍ତ୍ରର ସଂଖ୍ୟା ୧୮ ଥିବାରୁ) ଅଠର ସଂଖ୍ୟା (ହି. ଶ)—6. The number eighteen. ୭ । ଛନ୍ଦୋବିଶେଷ (ହି.ଶ)—7. Name of a Sanscrit metre. ୮ । ଇଚ୍ଛା; କାମନା (ହି.ଶ)—8. Desire; wish.

ସ୍ମୃତିକାର—ସଂ. ବି.—ସ୍ମୃତି ଗ୍ରନ୍ଥର ରଚନାକାରୀ ବ୍ୟକ୍ତି—Author
Smṛutikāra of a Smṛuti work.

ସ୍ମୃତିକାରକ—ସଂ. ବିଣ—ମେଧାକର; ଯାହା ସ୍ମରଣଶକ୍ତି ଜନ୍ମାଏ
Smṛutikāraka (ଔଷଧ)—(Medicine). Which sharpens the memory.

ସ୍ମୃତି ଗୋଚର—ସଂ.ବିଣ—ସ୍ମୃତିପଥାରୂଢ଼; ମନେ ପଡ଼ିବା (କଥା)—
Smṛuti gochara Remembered; recollected

ସ୍ମୃତି ଚିହ୍ନ—ସଂ. ବି—(ମ. ପ. ଲୋ)—ସ୍ମରଣ ଚିହ୍ନ; ସ୍ମୃତି ଜନକ
Smṛutichihna ଚିହ୍ନ; ଯାହା ଦେଖିଲେ କୌଣସି ବିଷୟ ମନେ ପଡ଼େ—Memento; memorial.

ସ୍ମୃତିଧର—ସଂ.ବିଣ.ପୁଂ—(ସ୍ମୃତି+ଧୃ ଧାତୁ+କର୍ତ୍ତୃ.ଅ)—୧। ସ୍ମୃତିଶକ୍ତି
Smṛutidhara ସମ୍ପନ୍ନ—1. Of sharp memory. ୨ ।
(ସ୍ମୃତିଧରା—ସ୍ତ୍ରୀ) ବିଦ୍ୱାନ୍—2. Learned.

ସ୍ମୃତି ପଟ—ସଂ. ବି—(ରୂପକ)—(ପଟରେ କୌଣସି କଥା ଲେଖାହେଲା
Smṛuti paṭa ପରି ସ୍ମୃତିରେ ପୂର୍ବକଥା ଲେଖି ହୋଇ ଯିବାର ଭୁଲନା)—ପଟ ବା ସେଟ୍ ସଙ୍ଗେ ତୁଳନା କରାଯିବା ସ୍ମୃତି—Memory compared to a slate or tablet.

ସ୍ମୃତି ପଥ—ସଂ. ବି—(ରୂପକ)—୧ । ସ୍ମରଣ ପଥ; ପଥ ସଙ୍ଗେ ତୁଳନା
Smṛuti patha ଯିବା ସ୍ମୃତି—1. Memory compared to a road, ୨ । ସ୍ମରଣର ବିଷୟ—2. Subject of memory.

ସ୍ମୃତିପଥାରୂଢ଼—ସଂ. ବିଣ—ସ୍ମୃତି ଗୋଚର; ଯାହା ମନେ ପଡ଼ୁଥାଏ—
Smṛutipathārurḍha Recollected; remembered.

ସ୍ମୃତି ବର୍ଦ୍ଧକ—ସଂ. ବିଣ. ପୁଂ (ସ୍ମୃତି+ବୃଧ ଧାତୁ+କର୍ତ୍ତୃ.ଅକ)—
Smṛutibarddhaka ସ୍ମୃତିଶକ୍ତିର ବର୍ଦ୍ଧନକାରୀ—
(ସ୍ମୃତିବର୍ଦ୍ଧିକା—ସ୍ତ୍ରୀ) Sharpening the memory.

ସ୍ମୃତି ବର୍ଦ୍ଧିନୀ—ସଂ. ବି—ବ୍ରାହ୍ମୀ ଶାକ (ଏହା ସେବନ କଲେ ପ୍ରଖର
Smṛuti barddhini ସ୍ମରଣ ଶକ୍ତି ହୁଏ) (ହି. ଶ)—The Brāhmi herb.

ସ୍ମୃତି ବିରୁଦ୍ଧ—ସଂ. ବି—ଧର୍ମଶାସ୍ତ୍ରର ବିରୁଦ୍ଧ—
Smṛuti biruddha Opposed to the books on Hindu Law.

ସ୍ମୃତିମତ୍ତା—ସଂ.ବି(ସ୍ମୃତିମତ୍+ଭାବ-ତା)—ମେଧା; ସ୍ମରଣଶୀଳତା—
Smṛutimattā Sharpness of memory.

ସ୍ମୃତି ମନ୍ଦିର—ସ. ବି(ମ.ପ. ଲୋ)—ସ୍ମୃତି ଜନକ ବା ସ୍ମୃତି ଉଦ୍ବୋଧକ
Smṛuti mandira ମନ୍ଦିର—A memorial temple; mausoleum; a temple raised to commemorate some thing.

ସ୍ମୃତିମାନ୍—ସ. ବିଣ. ପୁଂ. (ସ୍ମୃତିମତ୍ ଶବ୍ଦ ୧ମା. ୧ବ; ସ୍ମୃତି+ଅସ୍ତ୍ୟର୍ଥ
Smṛutimān ଅର୍ଥରେ ମତ୍)—ମେଧାବୀ;ସ୍ମରଣଶକ୍ତି ବିଶିଷ୍ଟ—Having a sharp memory.
(ସ୍ମୃତିମତୀ—ସ୍ତ୍ରୀ) (ସ୍ମୃତିମନ୍ତ—ବ)

ସ୍ମୃତି ରକ୍ଷା—ସ. ବି—ସ୍ମୃତିଚିହ୍ନ ସ୍ଥାପନାଦି ଦ୍ୱାରା କୌଣସି ବ୍ୟକ୍ତିଙ୍କର
Smṛuti rakshā ବା ବିଷୟର ଭବିଷ୍ୟତରେ ଲୋକଙ୍କ ସ୍ମରଣରେ ରହିବାର ଉପାୟ—Commemoration.

ସ୍ମୃତିରକ୍ଷା କରିବା—ଦେ. କ୍ରି—ସ୍ମୃତିଚିହ୍ନାଦି ସ୍ଥାପନ ଦ୍ୱାରା କୌଣସି
Smṛuti rakshā karibā ବ୍ୟକ୍ତିଙ୍କୁ ବା ବସ୍ତୁକୁ ବା ଘଟନାକୁ ଚିର ସ୍ମରଣୀୟ କରିବା—The commemorate.
স্মৃতিরক্ষাকরা स्मृतिरक्षाकरना

ସ୍ମୃତିରତ୍ନ—ଦେ. ବି—ସ୍ମୃତିଶାସ୍ତ୍ରଜ୍ଞ ପଣ୍ଡିତଙ୍କ ଉପାଧି ବିଶେଷ—
Smṛuti ratna A title given to a Pandit learned in the Smṛutis.
স্মৃতিরত্ন स्मृतिरत्न

ସ୍ମୃତି ଶକ୍ତି—ସ. ବି—ସ୍ମରଣ ଶକ୍ତି—
Smṛuti śakti Memory.

ସ୍ମୃତି ଶାସ୍ତ୍ର - ସ. ବି—ମନୁ ଆଦିକୃତ ଧର୍ମ ଶାସ୍ତ୍ର; ଧର୍ମସଂହିତା—The in-
Smṛuti śāstra stitutes on Hindu law and usage.

ସ୍ମୃତି ସ୍ତମ୍ଭ - ସଂ. ବି (ମ,ପ, ଲୋ)—ସ୍ମାରକ ସ୍ତମ୍ଭ—
Smṛuti stambha A memorial pillar.

ସ୍ମୃତିହିତା—ସଂ. ବି—ଶଙ୍ଖପୁଷ୍ପୀ (ହି. ଶ) (ଦେଖ)—
Smṛutihitā Sankhapushpī (See)

ସ୍ମୃତି ହେତୁ—ସଂ.ବି—ସ୍ମରଣର କାରଣ, ବାସନା, ସଂସ୍କାର (ଜଡାଧର)
Smṛuti hetū Associations (which rouse remembrance).

ସ୍ମୃତ୍ୟପେତ—ସଂ. ବିଣ—ସ୍ମୃତିବିରୁଦ୍ଧ (ଶବ୍ଦ କଳ୍ପଦ୍ରୁମ)(ଦେଖ)—
Smṛutyapeta Smṛuti biruddha (See)

ସ୍ମେର—ସଂ. ବିଣ (ସ୍ମି ଧାତୁ+କର୍ତ୍ତୃ ର)—ସ୍ମିତ; ଈଷତ୍ହାସ୍ୟଯୁକ୍ତ—
Smera 1. Smiling. ୨ । ବିକଶିତ—2. Blown; expanded; opened. ୩ । ସ୍ଫୁଟ—3. Manifested.

ସ୍ମେର ବିଷ୍କିର—ସଂ. ବି (ସ୍ମେର=ଈଷତ୍ ହାସ୍ୟଯୁକ୍ତ+ବିଷ୍କିର=ପକ୍ଷୀ)
Smera bishkira ମୟୂର (ଶବ୍ଦ କଳ୍ପଦ୍ରୁମ)—Peacock.

ସ୍ମେର ମୁଖ—ସଂ. ବି (କର୍ମଧା)—ଈଷଦ୍ଧାସ୍ୟ ଯୁକ୍ତ ମୁଖ—Smiling
Smera mukha face. ବିଣ. ପୁଂ (ବହୁବ୍ରୀହି)—ଈଷଦ୍ଧାସ୍ୟ
(ସ୍ମେରାନନ—ଅନ୍ୟରୂପ) ମୁଖ ଯୁକ୍ତ—Having a smiling
(ସ୍ମେରମୁଖୀ, ସ୍ମେରାନନା—ସ୍ତ୍ରୀ) face

ସ୍ମେଲିଙ୍ଗ୍ ସଲ୍ଟ—ବୈଦେ.ବି (ଇଂ)—ନଶାଦଳ ଓ ଚୂନ ମିଶ୍ରିତ ଦ୍ରବ୍ୟ
Smeling salt (ଯାହା ଶୁଙ୍ଘିଲେ ଶର୍ଦ୍ଦି ଓ ମୂର୍ଚ୍ଛା ଅପସାରିତ ହୁଏ)
স্মেলিঙ্গসালট स्मेलिंगसल्ट କରଥାଏ—Smelling salt

ସ୍ୟଦ—ସଂ. ବ (ସ୍ୟନ୍ଦ ଧାତୁ+ଭାବ ଅ)—୧ । ବେଗ (ଅମର)—
Syada 1. Velocity. ୨ । ଶୀଘ୍ରତା—2. Haste; (ସ୍ୟନ୍ନ—ଦେଖ) speediness.

ସ୍ୟନ୍ଦ(ଧାତୁ)—ସଂ.—୧। ସ୍ରବିବା; ବୋହିବା; କ୍ଷରିବା—1. To ooze;
Syand (root) to flow down. ୨ । ଗମନ କରିବା—2. To go. ୩ । ଗତି କରିବା—3. To move.

ସ୍ୟନ୍ଦ—ସଂ. ବ (ସ୍ୟନ୍ଦ୍ ଧାତୁ+ଭାବ ଅ)—୧ । ଗତି—
Syanda 1. Motion; movement. ୨ । ଗମନ—2. Going; moving. ୩ । ବେଗ—3. Velocity; speed. ୪ । କ୍ଷରଣ—4. Oozing; flowing. ୫ । (+କରଣ ଅ)—ସ୍ୟନ୍ଦନ; ରଥ—5. Car. ୬ । (+ଭାବ ଅ) ତରଳିଯିବା; ପାଣି ହୋଇଯିବା (ଭ.ଗ) 6. Liquefaction. ୭ । ଝାଳ ବୋହିବା; ସ୍ୱେଦୋଦ୍‌ଗମ (ହି. ଶ)—7. Perspiration. ୮ । (+ଅଧିକରଣ. ଅ) ନେତ୍ରରୋଗବିଶେଷ (ଏଥିରେ ଆଖିରୁ ପାଣି ବହେ, ହି. ଶ)—8. An eye-disease. ୯ । (+କର୍ତ୍ତୃ. ଅ) ଚନ୍ଦ୍ରମା (ହି. ଶ)—9. The moon.

ସ୍ୟନ୍ଦକ—ସଂ. ବ—ତିନ୍ଦୁକ ବୃକ୍ଷ [ହି. ଶ]; କେନ୍ଦୁ (ଦେଶୀ)—
Syandaka Disporea Tomentosa tree.

ସ୍ୟନ୍ଦନ—ସଂ. ବ (ସ୍ୟନ୍ଦ୍ ଧାତୁ+କରଣ. ଅନ)—୧ । ଚକ୍ରଯୁକ୍ତ ଯାନ;
Syandana 1. Car; wheeled vehicle; chariot. ୨ । (+ଭାବ ଅନ) ଗତି—2. Motion. ୩ । ବେଗ—3. Velocity. ୪ । କ୍ଷରଣ—4. Oozing. ୫ । (+କର୍ତ୍ତୃ. ଅନ) ଜଳ(ମେଦିନୀ)—5. Water. ୬ । (+ଭାବ, ଅନ) ଗମନ (ମେଦିନୀ)—6. Going. ୭ । (+କର୍ତ୍ତୃ. ଅନ) ତିନିଶ ବୃକ୍ଷ (ଅମର); ବାନ୍ଧଣ ଗଛ—7. Ougenia Dalbergioides (a timber tree). [ଦ୍ର—ଏଥିରେ ରଥ ତିଆରି ହୁଏ] ୮ । (+କର୍ତ୍ତୃ. ଅନ) ବାୟୁ (ଶବ୍ଦକଳ୍ପଦ୍ରୁମ)—8. Air. ୯ । ଭୂତବର୍ତ୍ତିବିଶେଷ (ହେମଚନ୍ଦ୍ର)—9. Name of a Buddhist saint. [ଦ୍ର—ଏ ଗତ ଉତ୍ସର୍ପିଣୀର ତ୍ରୟୋବିଂଶ ଅର୍ହତ୍ (ହି. ଶ)] । ୧୦ । ପାଣି ହୋଇଯିବା (ହି. ଶ); ତରଳିଯିବା—10. Turning into water; melting. ୧୧ । ଚିତ୍ର [ହି. ଶ]—11. Picture. ୧୨ । ଘୋଡ଼ା [ହି. ଶ]—12. Horse. ୧୩ । ତିନ୍ଦୁକ (ହି. ଶ); କେନ୍ଦୁ ଗଛ—13. Diosporea Tomentosa tree. ୧୪ । ଅସ୍ତ୍ର ଅଭିମନ୍ତ୍ରିତ କରିଯିବା ମନ୍ତ୍ରବିଶେଷ (ହି.ଶ)—14. Name of a mystic formula for consecrating weapons.

ସ୍ୟନ୍ଦନ ଦ୍ରୁମ(ଦ୍ରୁ)—ସଂ. ବ (ମ. ପ. ଲେ)—ତିନିଶ ବୃକ୍ଷ—Ou-
Syandana druma(dru) genia Dalbergioides tree.

ସ୍ୟନ୍ଦନବର—ସଂ. ବ (୭ମୀ ତତ୍)—ଉତ୍କୃଷ୍ଟ ରଥ—
Syandanabara Excellent car.

ସ୍ୟନ୍ଦନାରୋହ—ସଂ. ବ (ବହୁବ୍ରୀହି)—ରଥାରୋହୀ ଯୋଦ୍ଧା—
Syandanāroha A warrior riding a car.

ସ୍ୟନ୍ଦନାରୋହଣ—ସଂ. ବ(୭ମୀ ତତ୍)—ରଥରେ ଚଢ଼ିବା—
Syndanārohana Riding on a car.

ସ୍ୟନ୍ଦନାରୋହୀ—ସଂ. ବିଣ. ପୁଂ—ରଥରେ ଚଢ଼ିଥିବା (ବ୍ୟକ୍ତି)—
Syndanārohī (person) Riding a car. (ସ୍ୟନ୍ଦନାରୋହିଣୀ—ସ୍ତ୍ରୀ)

ସ୍ୟନ୍ଦନି—ସଂ ବ—୧ । (ସ୍ୟନ୍ଦନ+ଇ; ଏଥିର କାଠରେ ରଥ ତିଆରି
Syandani ହେଉଥିବାରୁ)—ତିନିଶ ବୃକ୍ଷ (ଶବ୍ଦକଳ୍ପଦ୍ରୁମ), ବାନ୍ଧଣଗଛ—1. Ougenia Dalbergioides (tree). ୨ । ସ୍ୟନ୍ଦନୀ (ଦେଖ)—2. Syandanī (See)

ସ୍ୟନ୍ଦନିକା—ସଂ ବ—୧ । ଶ୍ରେଷ୍ଠ ନଦୀ [ହି. ଶ]—1. Rivulet.
Syandanikā ୨ । ଲାଳର ବିନ୍ଦୁ (ହି. ଶ)—2. Drop of saliva.

ସ୍ୟନ୍ଦନୀ—ସଂ. ବ (ସ୍ୟନ୍ଦ ଧାତୁ+କର୍ତ୍ତୃ ଅନ+ଈ)—୧। ଲାଳ; ଅଧର-
Syndanī ମୃତ (ଶବ୍ଦକଳ୍ପଦ୍ରୁମ); ଛେପ—1. Saliva. ୨ । (କରଣେ ଅନ+ଈ) ମୂତ୍ରନାଳୀ (ଶବ୍ଦକଳ୍ପଦ୍ରୁମ)—2. Urethra; urinary canal.

ସ୍ୟନ୍ଦିନୀ—ସଂ ବିଣ. ସ୍ତ୍ରୀ (ସ୍ୟନ୍ଦିନ୍+ଈ)—ସ୍ୟନ୍ଦୀର ସ୍ତ୍ରୀଲିଙ୍ଗ—
Syandinī Feminine of Syandī.
ସଂ. ବ—୧ । ଲାଳ; ଛେପ—1. Saliva. ୨ । ଯେଉଁ ଗାଈ ଏକାଥରକେ ଦୁଇଟି ବାଛୁରୀ ଜନ୍ମ କରେ—2. A cow which gives birth to two calves at a time.

ସ୍ୟନ୍ଦୀ—ସଂ.ବିଣ.ପୁଂ(ସ୍ୟନ୍ଦିନ୍ ଶବ୍ଦ;ସ୍ୟନ୍ଦ ଧାତୁ+କର୍ତ୍ତୃ ଇନ୍, ୧ମା ୧ବ)—
Syandī ୧ । ଯାହା ସ୍ରବୁଥାଏ; କ୍ଷରଣଶୀଳ—1. Oozing. ୨ । ଗମନଶୀଳ—(ସ୍ୟନ୍ଦିନୀ—ସ୍ତ୍ରୀ) 2. Moving. ୩ । ସ୍ରାବକ—3. Causing to flow.

ସ୍ୟନ୍ନ—ସଂ. ବିଣ—(ସ୍ୟନ୍ଦ ଧାତୁ+କର୍ତ୍ତୃ କ୍ତ)—କ୍ଷରୁଥିବା;
Syanna ସ୍ରବୁଥିବା (ଅମର)—Oozing; percolating.

ସ୍ୟନ୍ନବୀଣ—ସଂ. ବିଣ. ପୁଂ—ସ୍ତୁତ (ହେମଚନ୍ଦ୍ର)—
Syannabīna (ସ୍ୟନ୍ନବୀଣା—ସ୍ତ୍ରୀ) Praised.

ସ୍ୟମ୍(ଧାତୁ)—ସଂ—୧ । ଧ୍ୱନି କରିବା—1. To sound. ୨ ।
Syam (root) ତର୍କ କରିବା—2. To doubt.

ସ୍ୟମନ୍ତକ—ସଂ. ବ—ଭାଗବତପ୍ରସିଦ୍ଧ ମଣିବିଶେଷ—Name of a
Symantaka celebrated gem mentioned in the Bhāgābata. [ଦ୍ର—ସତ୍ରାଜିତ୍ ନାମକ ଜଣେ ଯାଦବଙ୍କ ତପସ୍ୟାଦ୍ୱାରା ସୂର୍ଯ୍ୟନାରାୟଣ ପ୍ରସନ୍ନ ହୋଇ ସୂର୍ଯ୍ୟଦେବ ଏ ମଣିକୁ ସତ୍ରାଜିତଙ୍କୁ ଉପହାର ଦେଇଥିଲେ । ଏ ମଣି ସୂର୍ଯ୍ୟଙ୍କ ପରି ପ୍ରଭାବଶିଷ୍ଟ ଥିଲା ଓ ପ୍ରତିଦିନ ମଣିର ଅଧିକାରୀଙ୍କୁ ୮ ଭାର (=୧୬ ହଜାର ପଳ) ସ୍ୱର୍ଣ୍ଣ ଅର୍ପଣ କରୁଥିଲା । ଏ ମଣି ଯେଉଁ ସ୍ଥାନରେ ରହୁଥିଲା, ସେସ୍ଥାନକୁ ରୋଗ, ଶୋକ, ଦୁଃଖ, ଦାରିଦ୍ର୍ୟ ଅବା ଅକଲ୍ୟାଣ କରୁ ନ ଥିଲା । ଯାଦବମାନଙ୍କ ଅନୁରୋଧ ଅନୁସାରେ ଶ୍ରୀକୃଷ୍ଣ ରାଜା ଉଗ୍ରସେନଙ୍କୁ ଦେଇଦେବା ପାଇଁ ଏ ମଣିକୁ ସତ୍ରାଜିତଙ୍କୁ ମାଗିଲେ,

କନ୍ତୁ ସତ୍ରାଜିତ୍ ତାହା ଦେଲେ ନାହିଁ । ତକେ ସେ ମଣିକୁ କଣ୍ଠରେ ଧାରଣ କରି ସତ୍ରାଜିତଙ୍କ ଭାଇ ପ୍ରସେନଜିତ୍ ମୃଗୟାକୁ ଯାଇଥିଲେ । ବନରେ ପ୍ରସେନଜିତଙ୍କୁ ଏକ ସିଂହ ମାରିପକାଇ ସେ ମଣିକୁ ନେଇଗଲା । ସିଂହ ସେ ମଣିକୁ ଧାରଣ କରି ଗୋଟିଏ ଗୁମ୍ଫାରେ ପଶିବାରୁ ସେ ଗୁମ୍ଫା ଆଲୋକିତ ହେଲା । ଏହା ଦେଖି ଋକ୍ଷରାଜ ଜାମ୍ବବାନ୍ ଉକ୍ତ ସିଂହକୁ ମାରି ତାଠାରୁ ସେ ମଣିକୁ ନେଲେ । ଏଣେ ପ୍ରସେନଜିତ୍ ବନରେ ମରିଯିବାରୁ ଶ୍ରୀକୃଷ୍ଣଙ୍କୁ ସତ୍ରାଜିତ୍ ସନ୍ଦେହ କରି ତାଙ୍କ ନାମରେ କଳଙ୍କ ରଟନା କଲେ ଯେ, ଶ୍ରୀକୃଷ୍ଣ ଏ ମଣି ଲୋଭରେ ପ୍ରସେନଜିତଙ୍କୁ ମାରିପକାଇ ଅଛନ୍ତି । ଶ୍ରୀକୃଷ୍ଣ ଏ କଳଙ୍କରୁ ରକ୍ଷା ପାଇବାପାଇଁ ଜାମ୍ବବାନ୍ଙ୍କ ସଙ୍ଗେ ଯୁଦ୍ଧ କଲେ । ଜାମ୍ବବାନ୍ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ ଭଗବାନ ବୋଲି ଉପଲବ୍ଧି କରି ନିଜର କନ୍ୟା ଜାମ୍ବବତୀଙ୍କ ସହିତ ଏ ମଣିକୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରି ତାଙ୍କଠାରେ ଶରଣ ପଶିଲେ । ଶ୍ରୀକୃଷ୍ଣ ସେ ମଣିକୁ ଆଣି ସତ୍ରାଜିତଙ୍କୁ ଦେଲେ । ସତ୍ରାଜିତ୍ ବୃଥାରେ ଶ୍ରୀକୃଷ୍ଣଙ୍କଠାରେ କଳଙ୍କ ଲଗାଇ ଥିବାରୁ ସେଥିପାଇଁ ଲଜ୍ଜିତ ହୋଇ ନିଜକନ୍ୟା ସତ୍ୟଭାମାଙ୍କୁ ଓ ଏ ମଣିକୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କଲେ । ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ପତ୍ନୀରୂପେ ଗ୍ରହଣ କଲେ, କିନ୍ତୁ ଏ ମଣିକୁ ସତ୍ରାଜିତ୍‌ଙ୍କୁ ଫେରାଇଦେଲେ । ଅନନ୍ତର ସତ୍ରାଜିତଙ୍କୁ ବଧ କରି ଏ ମଣିକୁ ଶତଧନ୍ୱା ନେଇଗଲେ । ଶତଧନ୍ୱାକୁ ଶ୍ରୀକୃଷ୍ଣ ବଧ କରି ଏ ମଣିକୁ ଆଣି ସତ୍ୟଭାମାଙ୍କୁ ଦେଲେ । କଥିତ ଅଛି ଯେ, ଶ୍ରୀକୃଷ୍ଣ ଭାଦ୍ରବ ଚତୁର୍ଥୀ (ଗଣେଶ ଚତୁର୍ଥୀ) ଦିନ ଚନ୍ଦ୍ରମା ଦର୍ଶନ କରିଥିବାରୁ ତାଙ୍କଠାରେ ମଣିହରଣରୂପ ମିଥ୍ୟା କଳଙ୍କ ଲାଗିଥିଲା । ଏଥିପାଇଁ ସେଦିନ ଚତୁର୍ଥୀ-ଚନ୍ଦ୍ର ଦର୍ଶନ ବର୍ଜିବ ; (ହି· ଶ) ଗଣେଶ ଚତୁର୍ଥୀଦିନ ଅକସ୍ମାତ ଚନ୍ଦ୍ର ଦର୍ଶନ ହେଲେ ସ୍ୟମନ୍ତକ ଉପାଖ୍ୟାନ ପାଠ କଲେ ସେଦିନ ଚନ୍ଦ୍ର ଦର୍ଶନଜନିତ ଦୋଷରୁ ମୁକ୍ତ ମିଳେ (ଇଥ୍ୟାଦିତତ୍ତ୍ୱ) ।]

ସ୍ୟମନ୍ତ ପଞ୍ଚକ—ସଂ· ବି—(ନାମ) କ୍ଷତ୍ରିୟମାନଙ୍କ ରକ୍ତରେ ପିତୃଲୋକଙ୍କ **Syamanta panchaka** ଉଦ୍ଦେଶ୍ୟରେ ପରଶୁରାମଙ୍କ ତର୍ପଣ କରିଥିବା ତୀର୍ଥ ବିଶେଷ (ଭାଗବତ)—Name of a place where Paraśurāma offered oblations of blood to the manes.

ସ୍ୟମିକ—ସଂ· ବି—(ସ୍ୟମ୍ ଧାତୁ+ଇକ)—୧ । ବଲ୍ମୀକ; ଉଇହୁଙ୍କା **Syamika** (ହି· ଶ)—1. Anthill. ୨ । ବୃକ୍ଷ ବିଶେଷ (ହି· ଶ)—2. Name of a certain tree.

ସ୍ୟମୀକ—ସଂ· ବି—(ସ୍ୟମ୍ ଧାତୁ+ଈକ)—୧ । ବଲ୍ମୀକ; ଉଇହୁଙ୍କା— **Symika** 1. Anthill. ୨ । ବୃକ୍ଷବିଶେଷ (ମେଦିନୀ)—2. Name of a particular tree. ୩ । ମେଘ—3. Cloud. ୪ । କାଳ—4. Time. ୫ । ଜଳ (ହି ଶ)—5. Water. ୬ । ପ୍ରାଚୀନ ରାଜବଂଶ-ବିଶେଷ (ହି. ଶ)—6. Name of an ancient royal family.

ସ୍ୟମୀକା—ସଂ· ବି—(ସ୍ୟମୀକ+ଆ)—୧ । ନୀଳକା (ମେଦିନୀ)—1. **Symikā** Indigo plant. ୨ । ଏକ ପ୍ରକାର ପୋକ (ହି.ଶ) 2. A kind of insect.

ସ୍ୟାଇ(ହି) [ଇତ୍ୟାଦି]—ବୈଦେ. ବି (ଫା. ସ୍ୟାହ୍=କୃଷ୍ଣବର୍ଣ୍ଣ; ସ୍ୟାହୀ **Syāi(hi)** (etc) =ମସୀ)—ସିହାଇ ଇତ୍ୟାଦି [ଦେଖ] Sihāi etc (See)

ସ୍ୟାଡ଼—ଗ୍ରା. ସର୍ବନାମ—ସେ ଅଡ଼; ସେ ଅଞ୍ଚଳ; ସେ ଦିଗ; ସେ ପକ୍ଷ— **Syārda** That side; that quarter—(ବ୍ରୁ—ସ୍ୟାଡ଼ ସେଥା ବହାଁ ପଦ ସଙ୍ଗେ ବିଭକ୍ତିସୂଚକ ଅଙ୍ଗମାନ ଲାଗେ ଯଥା. (ଗ୍ରାଡ଼—ବପସାକ) ସ୍ୟାଡ଼କୁ, ସ୍ୟାଡ଼ୁ, ସ୍ୟାଡ଼କା, ସ୍ୟାଡ଼ର, ସ୍ୟାଡ଼କାର, ସ୍ୟାଡ଼େ) ।

ସ୍ୟାଡ଼କା—ଗ୍ରା. ସର୍ବନାମ—ସେ ଅଞ୍ଚଳର; ସେହି ଅଡ଼ର—Pertaining **Syārdakā** to that place, quarter or side; of that quarter. ସେଥାକାର ବହାଁକା (ସ୍ୟାଡ଼କାର; ସ୍ୟାଡ଼ର—ଅନ୍ୟରୂପ)

ସ୍ୟାଡ଼କୁ—ଗ୍ରା· ସର୍ବନାମ—୧ । ସେହି ଅଞ୍ଚଳକୁ; ସେଠାକୁ—1. To **Syārdaku** that locality or place. ୨ । ସେହି ଦିଗକୁ—2. To that quarter. ୩ । ତତ୍ପରେ—3. After that. ସେଥାୟ ବହାଁକୋ

ସ୍ୟାଡ଼ୁ—ଗ୍ରା. ସର୍ବନାମ—୧ । ସେଠାରୁ—1. Thence. ୨ । ସେ **Syārdu** ଦିଗରୁ—2. From that quarter. ସେଥାଥେକେ; ବହାଁସେ

ସ୍ୟାଡ଼େ—ଗ୍ରା. ସର୍ବନାମ—୧ । ସେଠାରେ—1. There. ୨ । ସେ **Syārde** ସେଥାୟ ବହାଁ ଦିଗରେ—2. In that quarter. ଗ୍ରା· ଅ (ହ. ସାର୍ଦ୍ଧ) ସାଢ଼େ; ସାର୍ଦ୍ଧ; ସାଢ଼େ (ଦେଖ)— And a half. (ଯଥା, ସ୍ୟାଢେ ଘଣ୍ଟା ବେଳ) ।

ସ୍ୟାଣା (ଇତ୍ୟାଦି)—ଗ୍ରା. ବିଣ—ସିଆଣା ଇତ୍ୟାଦି (ଦେଖ) **Syāṇā** (etc) Siāṇā etc (See)

ସ୍ୟାତ୍—ଦେ· ଅ, (ସଂ. ଅସ୍ ଧାତୁ=ହେବା; ଏ ଧାତୁର ବିଧିଲିଙ୍ଗ **Syāt** କାଳ ତୃତୀୟ ପୁରୁଷ ୧ ବଚନ; ସ୍ୟାତ୍=ହୋଇପାରେ ସ୍ୟାৎ, ଯଦିସ୍ୟାৎ स्यात ଏହା 'ଯଦି' ଶବ୍ଦ ସଙ୍ଗେ ଲାଗେ)— (ତର୍କଶାସ୍ତ୍ରର୍ଥକ); କେଜାଣି; କେଜାଣି ଅବା; ଯଦି; ଯଦିସ୍ୟାତ୍—If, in case. (ଯଥା—ସ୍ୟାତ୍ ମୁଁ ସେଠାକୁ ଯାଏଁ; ଅର୍ଥାତ୍, ଯେବେ କେଜାଣି ମୁଁ ସେଠାକୁ ଯାଏଁ)

ସ୍ୟାଲ—ସଂ. ବି· ପୁଂ—ଶ୍ୟାଳକ (ସ୍ୱାମିକୃତ ଅମର ଟୀକା)— **Syāla** (ସ୍ୟାଲକ—ଅନ୍ୟରୂପ) One's wife's brother.

ସ୍ୟାଲିକା—ସଂ· ବି· ସ୍ତ୍ରୀ—ଶ୍ୟାଳିକା; ପତ୍ନୀଙ୍କ ସାନ ଭଉଣୀ (ହି. ଶ)— **Syālikā** (ସ୍ୟାଲୀ—ଅନ୍ୟରୂପ) One's wife's younger sister.

ସ୍ୟୁତ୍ନ—ସଂ. ବି—ଆହ୍ଲାଦ (ଶବ୍ଦକଳ୍ପଦ୍ରୁମ)—Joy. **Syutna**

ସ୍ୟୂ—ସଂ. ବି—(ସିବ୍ ଧାତୁ ସିଇଁବା + କରଣ ଉ)-ସୂତ୍ର; ସୂତା—(ହି. ଶ)-
Syū Thread

ସ୍ୟୂତ—ସଂ. ବଣ—(ସିବ୍. ଧାତୁ = ସିଇଁବା + କର୍ମ ତ)—୧ । ପ୍ରୋତ;
Syūta ଉତ; ଗୁମ୍ଫିତ; ସୂତା ଦ୍ୱାରା ବୁଣା ହୋଇଥିବା—
1. Woven. ୨ । ସିଲାଇ କରାଯାଇଥିବା—2. Sewn.
୩ । ରଫୁ କରାଯାଇଥିବା—3. Darned. ବି—୧ ।
ସୂତ୍ର ନିର୍ମିତ ଖଣ୍ଡ; ବସ୍ତ୍ର ନିର୍ମିତ ମୁଣି; ଧୋକଡ଼ି; ଝୋଲିକଣ୍ଠ,
(ଅନ୍ୟ ସଂ. ନାମ—ସ୍ୟୂନ, କନାର ଥଳି — A bag made of
ସ୍ୟୋନ, ସ୍ୟୋତ, ଝୋଲିକଣ୍ଠ) cloth or thread.

ସ୍ୟୂତସନ୍ଧି-ସଂ. ବି. (ଅଧୁନାତନ ପ୍ରୟୋଗ)-୧ । ମେରୁଦଣ୍ଡୀ ଜୀବମାନଙ୍କର ଶରୀରର
Syūtasandhi ସନ୍ଧି ସ୍ଥଳ ସିଲାଇ କରାଯାଇଥିବା ପରି ଦେଖା
ଯାଉଥାଏ (ମସ୍ତକର ଅସ୍ଥି ଗୁଡ଼ିକ ଦେଖିଲେ ସେମାନ
ପରସ୍ପର ସିଲାଇ ହେବାପରି ଜଣା ଯାଉଥାଏ, ଏହି ହେତୁରୁ
ସେମାନଙ୍କର ସନ୍ଧି ସ୍ଥଳକୁ ସ୍ୟୂତସନ୍ଧି କୁହାଯାଏ ।)—
1. Sutaral animuls. ୨ । ଦାରୁଦ୍ରବ୍ୟର ଯେଉଁ
ସନ୍ଧି ସିଲାଇ ହେବା ପରି ଦେଖାଯାଏ (ଯଥା, ଔଷୁଧିର
ଦାରୁମାନ)—2. Sutura.

ସ୍ୟୂତି—ସଂ. ବି—(ସିବ୍. ଧାତୁ + ଭାବ ତି)—୧ । ସୀବନ; ଛୁଞ୍ଚ ଦ୍ୱାରା
Syūti ଲୁଗା ଆଦି ସେଇଁବା—1. Sewing. ୨ । ରଫୁ
କରିବା—2. Darning. ୩ । ବୁଣିବା; ବୟନ—
3. Weaving. ୪ । (+ କର୍ମ.ତି) ତନ୍ତୁ ସନ୍ତାନ.
ତନ୍ତୁରେ ନିର୍ମିତବସ୍ତୁ (ଯଥା—ଲୁଗାପଟା)—4. Articles
woven from fibres. ୫ । ଲୁଗାର ଥଳି—
5. Cloth bag. ୬ । ସନ୍ତାନ; ସନ୍ତତି (ହି ଶ)—
6. Offspring.

ସ୍ୟୂନ—ସଂ ବି—(ସିବ୍. ଧାତୁ + କର୍ମ ନ—୧ । ସ୍ୟୂତ; ଧୋକଡ଼ି; ମୁଣି—
Syūna 1. A bag of rags sewn together.

ସ୍ୟୂମ—ସଂ. ବି—୧। (ସିବ୍ ଧାତୁ + କରଣ. ମ)—ରଶ୍ମି; କିରଣ (ସହିତ୍ର
Syūma ସାର)—1. Ray. ୨ । ଜଳ (ଉଣାଦକୋଷ)—
2. Water.

ସ୍ୟେଇ (ଇତ୍ୟାଦି)—ବୈଦେ. ବି—ସିହାଇ ଇତ୍ୟାଦି (ଦେଖ)—
Syei (etc) Sihāī etc (See)

ସ୍ୟୋତ—ସଂ. ବି—(ସିବ୍ ଧାତୁ + କର୍ମ ତ)—ସ୍ୟୂତ; ଧୋକଡ଼ (ଭରତ)
Syota A bag made of rags sewn together.

ସ୍ୟୋନ—ସଂ. ବି—(ସିବ୍ ଧାତୁ + କର୍ମ ନ)—୧ । ସ୍ୟୂତ; ଧୋକଡ଼ି;
Syona ଝୋଲିକଣ୍ଠ (ଭରତ)—1. A bag of rags. ୨। (+
କର୍ତ୍ତୃ.ନ)ସୂର୍ଯ୍ୟ (ମେଦିନୀ)—2. The sun. ୩। କିରଣ—
3. Ray of light. ୪ । ସୁଖ; ଆନନ୍ଦ (ଶବ୍ଦକଳ୍ପ-
ଦ୍ରୁମ)—4. Delight; happiness.

ସ୍ୟୋନାକ—ସଂ ବି—ଶ୍ୟୋନାକ [ହି. ଶ] (ଦେଖ)—
Syonāka Syonāka (See)

ସ୍ରଂସନ(ନା)—ସଂ. ବି [ସ୍ରଂସ୍ ଧାତୁ = ପତିତ ହେବା, ଖସିଯିବା + ଭାବ
Sraṁsana(nā) ଅନ + ଆ] ୧ । ସ୍ଖଳନ — 1. Slipping. ୨ ।
ଅଧଃପତନ; ଖସିବା; ପଡ଼ିଯିବା; ଭ୍ରଂଶ—2. Falling down;
dropping down. ୩ । ବିଚ୍ୟୁତି—3. Separation;
displacement; dislocation. ୪। ଦେହରୁ ଊର୍ଦ୍ଧ୍ୱଗତ
(ସ୍ୱସ୍ଥ—ବଣ) ଦୋଷକୁ ଅଧୋଦେଶକୁ ଆଣିବା [ସୁଶ୍ରୁତ ଟୀକା]—
4. The act of bringing down a defect from
the top of the body downwards. ୫ । (+
କରଣ ଅନ) ମଳଭେଦକ ଔଷଧ [ହି. ଶ]—
5. Cathartic medicine. ୬ । (+ ଭାବ ଅନ)
ଗର୍ଭପାତ; ଗର୍ଭସ୍ରାବ [ହି. ଶ]—6. Miscarriage;
abortion. ସଂ. ବଣ—ମଳଭେଦକ (ହି. ଶ)—
Cashartic.

ସ୍ରଂସିନୀ – ସଂ. ବଣ. ସ୍ତ୍ରୀ (ସ୍ରଂସିନ୍ + ଈ) – ସ୍ରଂଶୀର ସ୍ତ୍ରୀଲିଙ୍ଗ—
Sraṁsini Feminine of Sraṁsī. ସଂ. ବି—ପ୍ରସ୍ରଂସିନୀ;
ଯୋନିରୋଗ ବିଶେଷ—A kind of disease of the
female organ. [ବି—ଭାବପ୍ରକାଶ ଅନୁସାରେ
ପ୍ରସଙ୍ଗ ସମୟରେ ଅଘାତ ଲାଗିବା ଯୋଗୁ ଯୋନି ବାହାରି
ପଡ଼େ ଓ ଗର୍ଭଧାରଣ ହୋଇ ପାରେ ନାହିଁ । ଏ ରୋଗକୁ
ସ୍ରଂସିନୀ ବୋଲାଯାଏ [ହି.ଶ]

ସ୍ରଂସିନୀଫଳ—ସଂ ବି—ଶିରୀଷ ବୃକ୍ଷ [ଶବ୍ଦମାଳା]—Abizzia
Sraṁsiniphala Lebbek; Acacia Lebbek.

ସ୍ରଂସୀ—ସଂ. ବଣ [ସ୍ରଂସିନ୍ ଶବ୍ଦ, ସ୍ରଂସ୍ ଧାତୁ + କର୍ତ୍ତୃ ଇନ୍]=
Sraṁsī ୧। ଅଧଃପତନଶୀଳ — 1. Falling down; slipping.
(ସ୍ରଂସିନୀ – ସ୍ତ୍ରୀ) ୨ । ଭ୍ରଷ୍ଟ; ଚ୍ୟୁତ — 2. Displaced. ୩
ଅସମୟରେ ପତିତ ବା ଭ୍ରଷ୍ଟ (ଭ୍ରୂଣ) [ହି. ଶ] –
3. Miscarried (foetus) ବି. — ୧ । ପୀଲୁବୃକ୍ଷ
[ଅମର] — 1. The tooth brush tree; salve-
dor tree. ୨ । ଗୁଆଗଛ [ହି. ଶ] – 2. The
areca nut tree.

ସ୍ରକ୍ (ଧାତୁ) – ସଂ. – ଗତିକରିବା –
Srak (root) To move.

ସ୍ରକ୍(ଗ୍)—ସଂ. ବି (ସୃଜ ଧାତୁ + କର୍ମ କ୍ୱିପ୍, ସ୍ରଜ୍ଶବ୍ଦ ୧ମା. ୧ବ)
Srak (g) ୧ । ମାଳ; ମାଳା; ହାର—1. Garland. ୨ ।
ମୁଣ୍ଡରେ ପିନ୍ଧାଯିବା ପୁଷ୍ପଦାମ—2. A garland worn
(ଦ୍ରୁ—ଦେ. ରୂପ) round the head. ୩ । ଫୁଲର ମାଳ
ବା ହାର – 3. A garland of flowers. ୪ ।
ବର୍ଣ୍ଣବୃତ୍ତ ବିଶେଷ—4. Name of a Sanscrit
metre. [ବି—ଏଥିରେ ପ୍ରତ୍ୟେକ ଚରଣରେ ୪ ନଗଣ
୧ ସଗଣ ଥାଏ ଓ ୬ଷ୍ଠ ଓ ନବମ ଅକ୍ଷରରେ ଯତିପଡ଼େ
(ହି. ଶ)] ୫ । ବୃକ୍ଷ ବିଶେଷ (ହି. ଶ) — 5. A kind
of tree. ୬ । ଜ୍ୟୋତିଷୋକ୍ତ ଯୋଗ ବିଶେଷ (ହି.ଶ)
6. A kind of astrological conjuction.

ସ୍ରକ୍-ଚନ୍ଦନ – ସଂ. ବି [ଦ୍ୱନ୍ଦ୍ୱ]—ମାଳା ଓ ଚନ୍ଦନ—
Srak-chandana Garland and sandal paste

ସ୍ରଗ୍ଜିହ୍ୱ—ସଂ. ବ (ବହୁବ୍ରୀହି, ସ୍ରୁକ୍ ପରି ଜିହ୍ୱା ଯାହାର)—ଅଗ୍ନି [ହି.ଶ]
Sragjihwa Fire.

ସ୍ରଗ୍ଧର—ସଂ. ବଣ. ପୁଂ (ସ୍ରଜ୍+ଧୃ ଧାତୁ+କର୍ତ୍ତୃ ଅ)—ମାଲାଧାରୀ—
Sragdhara Wearing garland.
(ସ୍ରଗ୍ଧରା—ସ୍ତ୍ରୀ)

ସ୍ରଗ୍ଧରା—ସଂ. ବ—୧ । ଏକବିଂଶତ୍ୟକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ-
Sragdharā 1. Name of a Sanscrit metre of 21 syllables. ୨ । ବୌଦ୍ଧ ଦେବୀବିଶେଷ(ହି.ଶ)—2. Name of a Buddhist Goddess.
ବଣ. ସ୍ତ୍ରୀ—ସ୍ରଗ୍ଧରର ସ୍ତ୍ରୀଲିଙ୍ଗ—Feminine of Sragdhara.

ସ୍ରଗ୍ବାନ୍—ସଂ. ବଣ. ପୁଂ (ସ୍ରଗ୍ବତ୍ ଶବ୍ଦ; ସ୍ରଜ୍+ବତ୍)—ମାଳାଧାରୀ—
Sragbān Wearing garland; garlanded
(ସ୍ରଗ୍ବତୀ—ସ୍ତ୍ରୀ)

ସ୍ରଗ୍ବିଣୀ—ସଂ. ବଣ. ସ୍ତ୍ରୀ (ସ୍ରଗ୍ବିନ୍+ଈ)—ସ୍ରଗ୍ବୀର ସ୍ତ୍ରୀଲିଙ୍ଗ—
Sragbinī Feminine of Sragbi.
ସଂ. ବ—୧। ପ୍ରତି ଚରଣରେ ୪ ରଗଣ ଥିବା ବୃତ୍ତବିଶେଷ-
1. Name of a Sanscrit metre, ୨ । ଦେବୀବିଶେଷ (ହି. ଶ)—2. Name of a goddess.

ସ୍ରଗ୍ବୀ—ସଂ. ବଣ (ସ୍ରଗ୍ବିନ୍ ଶବ୍ଦ; ସ୍ରଜ୍+ବିନ୍)—ମାଳାଧାରୀ—
Sragbī Wearing garland.
(ସ୍ରଗ୍ବିଣୀ—ସ୍ତ୍ରୀ)

ସ୍ରଜିଷ୍ଠ—ସଂ ବଣ. ପୁଂ (ସ୍ରଜ୍+ଇଷ୍ଠ)—ମାଲ୍ୟବିଶିଷ୍ଟ—
Srajishtha Wearing garland.
(ସ୍ରଜିଷ୍ଠା—ସ୍ତ୍ରୀ)

ସ୍ରଜୀୟାନ୍—ସଂ ବଣ (ସ୍ରଜୀୟସ୍ ଶବ୍ଦ; ସ୍ରଜ୍+ଈୟସ୍)—ମାଲ୍ୟବିଶିଷ୍ଟ—
Srajiyān (ସ୍ରଜୀୟସୀ ସ୍ତ୍ରୀ) Garlanded.

ସ୍ରଜ୍ୱା—ସଂ. ବ (ସୃଜ୍ ଧାତୁ+କର୍ତ୍ତୃ ବନ୍; ସ୍ରଜ୍ୱନ୍ ଶବ୍ଦ ୧ମା ୧ ବଚନ)-
Srajwā ୧ । ପ୍ରଜାପତି—1. The Progenitor fo mankind. ୨ । (ସୃଜ୍ ଧାତୁ+ବନ୍)—ରଜ୍ଜୁ; ତନ୍ତୁପଟ୍ଟସଂଘାତ; ବଳା ହୋଇଥିବା ବଳ୍କଳ—2. Rope; fibres twisted into a rope. ୩ । (ସ୍ରଜ୍+ବନ୍; ୧ମା ୧ବ)—ମାଳାକାର (ହି. ଶ)—3. Maker of garlands.

ସ୍ରଦ୍ଧୃ—ସଂ ବ (ଶୃଧ୍ ଧାତୁ+ଭାବ ଋ)—ବାତକର୍ମ—Breaking of
Sraddhṛu wind; passing of wind through the anus.
[ଶ୍ରଦ୍ଧୃ—ଅନ୍ୟରୂପ]

ସ୍ରନ୍ଭ୍ [ଧାତୁ]—ସଂ—୧ । ପ୍ରମାଦଗ୍ରସ୍ତ ହେବା; ପ୍ରମତ୍ତ ହେବା—
Sran-bh(root) 1. To be mad. ୨ । ବିଶ୍ୱାସ କରିବା—2. To trust.

ସ୍ରନ୍ସ୍ (ଧାତୁ)—ସଂ—୧ । ଭ୍ରଂଶ ହେବା; ଖସିଯିବା—1. To slip.
Sran-s(root) ୨ । ତଳକୁ ପଡ଼ିଯିବା—2. To fall down.
୩ । ପ୍ରସନ୍ନ ହେବା—3.To be favourable.

ସ୍ରବ—ସଂ. ବ [ସ୍ରୁ ଧାତୁ+ଭାବ ଅ]—୧ । ସ୍ରାବ (ଦେଖ)—
Sraba 1. Srāba (See), ୨। ସ୍ରବଣ (ଦେଖ)—
2, Srabaṇa (See)

ସ୍ରବଣ—ସଂ. ବ (ସ୍ରୁ ଧାତୁ+କର୍ତ୍ତୃ ଅନ)—୧ । ପ୍ରସ୍ରାବ; ମୂତ୍ର
Srabaṇa [ବିଜ୍ଞାନଦର୍ଶ]—1. Urine. ୨ । ଘର୍ମ—
2. Perspiration. ୩ । (+ଭାବ ଅନ) କ୍ଷରିବା; ଝରଣ—3. Oozing; flowing down; percolating. ୪ । (+କର୍ତ୍ତୃ ଅନ) ଝରଣ; ପ୍ରସ୍ରବଣ—
4. Spring; fountain. ୫ । ପ୍ରବାହ (ହି. ଶ)—
5. Flow; current. ୬ । ଗର୍ଭସ୍ରାବ ହି. ଶ)—
6. Miscarriage

ସ୍ରବତ୍ତୋୟା—ସଂ. ବ—ରୁଦନ୍ତୀ (ଦେଖ; ହି. ଶ)—
Srabattoyā Rudantī (See)

ସ୍ରବଦ୍ଗର୍ଭା—ସଂ. ବଣ. ସ୍ତ୍ରୀ (ସ୍ରବତ୍=ସ୍ଖଳିତ ହୋଇଅଛି ଗର୍ଭ ଯାହାର)-
Srabad garbhā ଯେଉଁ ସ୍ତ୍ରୀର ଦୈବବଶରୁ ଗର୍ଭପାତ ହୋଇଅଛି; ଗର୍ଭର ପତନ ହୋଇଥିବା (ସ୍ତ୍ରୀ)।—Miscarried (woman) ବ. ସ୍ତ୍ରୀ—ଅବତୋକା; ଦୈବବଶରୁ ପତିତ-ଗର୍ଭ ଗୌ—A miscarried cow.

ସ୍ରବଦ୍ରଙ୍ଗ—ସଂ ବ—୧ । ପଣ୍ୟସ୍ଥାନ (ଙ୍କାରବଲି'); ବଜାର—
Srabadranga 1. Market; bazar. ୨ ।
ମେଳା; ପ୍ରଦର୍ଶନୀ (ହି. ଶ)—2. Fair; exhibition.

ସ୍ରବନ୍—ସଂ. ବଣ. ପୁଂ (ସ୍ରବତ୍ ଶବ୍ଦ ୧ମା ୧ବ, ସ୍ରୁ ଧାତୁ+କର୍ତ୍ତୃ
Sraban ଅତ୍ (ଶତୃ)—ସ୍ରବଣବିଶିଷ୍ଟ; ଝରୁଥିବା; କ୍ଷରଣଶୀଳ—
(ସ୍ରବନ୍ତୀ—ସ୍ତ୍ରୀ) Oozing; percolating.

ସ୍ରବନ୍ତୀ—ସଂ. ବ (ସ୍ରୁ ଧାତୁ+ କର୍ତ୍ତୃ ଅତ୍+ଈ)—୧ । ନଦୀ—1
Srabantī River. ୨। ବନସ୍ପତିବିଶେଷ-2 A kind of tree.
୩ । ଔଷଧିଭେଦ (ମେଦିନୀ)—3 A herb.
ସଂ. ବଣ—ସ୍ରବନ୍ର ସ୍ତ୍ରୀଲିଙ୍ଗ—Feminine of Sraban.

ସ୍ରବା—ସଂ. ବ [ସ୍ରୁ ଧାତୁ+କର୍ତ୍ତୃ ଅ+ଆ]—୧ । ମୂର୍ବା (ସ୍ୱୟମ୍ଭୂତ);
Srabā ମୂରୁଗା ଘାସ—1 Sansevieria Zeylanica. ୨ । ଜୀବନ୍ତୀ [ହି. ଶ ଦେଖ]—
2 Jībantī [See]

ସ୍ରବା(ବେ)ଇବା—ଦେ. କ୍ରି (ପଦ୍ୟ) (ସ୍ରୁ ଧାତୁ.ଣିଚ)—ସ୍ରବିବାର ଣିଜନ୍ତ
Srabā (be) ibā ରୂପ—The causative form of
ସ୍ରବାନ 'Srabibā' [ଯଥା—ସେ ବୃକ୍ଷର ମଧ୍ୟରୁ ବହେ ମଧୁନଦୀ. ବହାନା ସ୍ରବାନା ଭୋଗନ୍ତି ସୁଖ ସେ ସ୍ରବାଏ ନିରବଧି । କୃଷ୍ଣସିଂହ, ମହାଭାରତ—ବନ]

ସ୍ରବିବା—ଦେ. କ୍ରି (ପଦ୍ୟ)(ସଂସ୍ରୁ ଧାତୁ)—୧ । କ୍ଷରିତ ହେବା—1.To
Srabibā ooze. [ଯଥା—ଉରଜାରୁ ଅହର୍ନିଶ ସ୍ରବୁଅଛି ଜଳ । ଅବା ରଘୁନାଥ, ମହାଯାତ୍ରା] ୨ । ଧାରେ କ୍ରମେ ବୋହିବା—
ବହନା, ସ୍ରବନା 2. To flow down.

ସ୍ରଷ୍ଟବ୍ୟ—ସଂ. ବଣ (ସୃଜ ଧାତୁ+କର୍ମ. ତବ୍ୟ)—ସୃଷ୍ଟ ହେବାର
Srashṭabya ଯୋଗ୍ୟ—Fit to be created.

ସ୍ରଷ୍ଟା—ସଂ. ବଣ. ପୁଂ (ସ୍ରଷ୍ଟୃ ଶବ୍ଦ; ସୃଜ୍ ଧାତୁ+କର୍ତ୍ତୃ. ତୃ ୧ମା. ୧ବ) Srashṭā ଯେ ସର୍ଜନା କରେ; ସୃଷ୍ଟିକର୍ତ୍ତା—Creating. (ସ୍ରଷ୍ଟ୍ରୀ—ସ୍ତ୍ରୀ) ବ—୧। ନିର୍ମାତା—1. Maker ୨। ଉଦ୍ଭାବନକର୍ତ୍ତା—2. Inventor. ୩। ବିଧାତା; ବ୍ରହ୍ମା—3. Brahmā the Creator. ୪। ଶିବ (ହଳାୟୁଧ) 4. Śiba. ୫। ଈଶ୍ୱରଙ୍କର ସୃଷ୍ଟିକାରୀରୂପ—5. God in the guise of the Creator of the universe. ୬। ବିଷ୍ଣୁ—6. Bishnu.

ସ୍ରଷ୍ଟୃତା (ତ୍ୱ)—ସ. ବ (ସ୍ରଷ୍ଟୃ+ଭାବ. ତା,ତ୍ୱ)—୧। ସୃଷ୍ଟିକର୍ମ—Srastrutā (twa) 1. The act of creating; the act of the creator; creation. ୨। ସ୍ରଷ୍ଟା ହେବାର ଅବସ୍ଥା—2. The state of being the creator or maker.

ସ୍ରସ୍ତ—ସ. ବଣ (ସ୍ରନ୍ସ୍ ଧାତୁ+କର୍ତ୍ତୃ. ତ)—୧। କ୍ଷରିତ—Srasta 1. Oozed; percolated. ୨। ତଳକୁ ଖସି ପଡ଼ିଥିବା—2. Fallen down. ୩। ଚ୍ୟୁତ; ଭ୍ରଷ୍ଟ; (ସ୍ରସ୍ତା—ସ୍ତ୍ରୀ) (ସ୍ରଂସନ—ବି) ଖସିଯିବା; ସ୍ଥାନଭ୍ରଷ୍ଟ—3. Displaced; disordered. ୪। ଖସର ଯାଇଥିବା—4. Slipped off; dislocated. ୫। ଗଳିତ—5. Flowing; dropped from. ୬। ଶିଥିଳ; ଢିଲା ହୋଇଥିବା—6. Loosened; slackened.

ସ୍ରସ୍ତର—ସ. ବ [ସ୍ରନ୍ସ୍ ଧାତୁ+କର୍ମ ତର]—ସଂସ୍ତର; ଶୟନ; ଶଯ୍ୟା Srastara —A bed; mat.

ସ୍ରାଆ (ହା) ନ—ଗ୍ରା. ବ (ସଂ. ସ୍ନାନ)—ସ୍ନାନ (ଦେଖ)—Srā-ā (hā) na Snāna (see) (ସ୍ରାନ—ଅନ୍ୟରୂପ)

ସ୍ରାଆ (ହା) ନିଆ—ଦେ. ବଣ—ସ୍ନାତ, କୃତସ୍ନାନ—Srā-ā (hā) niā Bathed; washed.

ସ୍ରା କିସ୍‌ମିସ୍—ବୈଦେ. ବ—କ୍ୱେଟା ଅଞ୍ଚଳରେ ମିଳୁଥିବା ଏକପ୍ରକାର Srā kis-mis ଫିକା ବାଇଗଣୀ ରଙ୍ଗର ଅଙ୍ଗୁର, ଯାହାକୁ ଶୁଖାଇ ଗ୍ରାକିସମିସ କର କିସମିସ କରାଯାଏ [ହି. ଶ]—A kind of ग्राकिसमिस light-violet grapes which are dried into raisins.

ସ୍ରାଗ—ଗ୍ରା ବ (ପଦ୍ୟ) (ସଂ—ଅନୁରାଗ)—ସ୍ନେହ; ଅନୁରାଗ; ସୁହାଗ—Srāga Love; affection. [ହି—ଗଳିଠାରେ ଗୁଲଗୁଲ ନ स्नेह प्यार ଥାଏ କି ସ୍ରାଗ । ପୀତାମ୍ବର. ନୃସିଂହ ପୁରାଣ]

ସ୍ରାବ—ସଂ.ବ [ସ୍ରୁ ଧାତୁ+ଭାବ ଅ]—୧। ସ୍ରବ;କ୍ଷରଣ—1. Oozing. Srāba ୨। ବୋହିବା—2. Flow; discharged. ୩। ପତନ—3. Falling down. ୪। ଭ୍ରଂଶ; ଚ୍ୟୁତି 4. Dropping down; slipping. ୫। ପ୍ରସବ ପରେ ୩।୪ ଦିନ ପର୍ଯ୍ୟନ୍ତ ପ୍ରସୂତିଙ୍କ ଜନନେନ୍ଦ୍ରିୟରୁ ବାହାରିବା ନାଲି ରଙ୍ଗର ଜଳୀୟ ବସ୍ତୁ (ଏହା କ୍ରମେ କ୍ରମେ ଫିକା ଓ ଏଗାରଦିନ ପରେ ସାଦା ରଙ୍ଗ ହୋଇଯାଏ । ସ୍ତନ୍ୟଶୋଷ-ପ୍ରସୂତିଚର୍ଯ୍ୟା] 5. Lochia. ୬। ଗର୍ଭପାତ (ହି. ଘ)—6. Miscarriage. ୭। (+କର୍ତ୍ତୃ. ଅ) କର୍ଣ୍ଣାସ; ବହୁଥିବା ରସ (ହି. ଶ)—7. Exuded juice.

ସ୍ରାବକ—ସଂ. ବଣ ପୁଂ(ସ୍ରୁ ଧାତୁ+କର୍ତ୍ତୃ ଅକ)—କ୍ଷରଣଶୀଳ; କ୍ଷରକ—Srābaka Oozing; flowing. ବ—ମରିଚ [ଶବ୍ଦଚନ୍ଦ୍ରିକା] [ସ୍ରାବିକା—ସ୍ତ୍ରୀ ବଣ] Black pepper.

ସ୍ରାବଣି କରଣୀ—ଦେ. ବ—ମହୌଷଧି ବିଶେଷ—Name of a Srābaṇi karaṇi medicinal plant. [ହି—ସନ୍ଧାନ କରଣୀ ଯେ ବିଶଲ୍ୟ କରଣୀ ମୃତ୍ୟୁସଞ୍ଜୀବନୀ ଯେ ସ୍ରାବଣି କରଣୀ—କୃଷ୍ଣସିଂହ ମହାଭାରତ ବନ ।]

ସ୍ରାବଣୀ—ସ. ବ—ଋଦ୍ଧି ନାମକ ମହୌଷଧି ବୃକ୍ଷ (ଶବ୍ଦକଳ୍ପଦ୍ରୁମ)—Srābaṇī A rare medicinal plant.

ସ୍ରାବିତ—ସ.ବଣ—(ସ୍ରୁ ଧାତୁ.ଣିଚ=ସ୍ରାବି ଧାତୁ+କର୍ମ ତ)—ଦ୍ରାବିତର Srābita ବାହାର କରାଯାଇଥିବା (ରସ)—Caused to flow down.

ସ୍ରାବୀ—ସଂ. ବଣ. ପୁ—(ସ୍ରୁ ଧାତୁ ଣିଚ ସ୍ରାବ ଧାତୁ+କର୍ତ୍ତୃ ଇନ; Srābī ସ୍ରାବିନ୍ ୧ମା. ୧ବ)—୧। ଯାହା ସ୍ରାବ କରାଏ—1. (ସ୍ରାବିଣୀ—ସ୍ତ୍ରୀ) Causing to flow. ୨। ଯହିଁରୁ ବହୁଥାଏ 2. From which something is oozing out.

ସ୍ରାବ୍ୟ—ସଂ.ବଣ—(ସ୍ରୁ ଧାତୁ ଣିଚ+କର୍ମ.ଯ)—କ୍ଷରିତ କରାଯିବା ଯୋଗ୍ୟ Srābya —Fit to be caused to flow or ooze out.

ସ୍ରିଜିବା—ଦେ କ୍ରି (ପ୍ରାଚୀନ ପ୍ରୟୋଗ)—ସର୍ଜନା କରିବା—Srijiba To create. [ହି—ସ୍ରିଜ ପାଳଣ କରେ ଅନ୍ତ, ରକ୍ଷଣ सृजनकरा अपार ସଙ୍କେତ—ପ୍ରାଚୀ ବର୍ଣ୍ଣ ମାହାତ୍ମ୍ୟ ।] सरजना

ସ୍ରିମ୍ଭ୍ (ଧାତୁ)—ସ—ହିଂସା କରିବା—Srin-bh (root) To strike; to kill.

ସ୍ରିବ୍ (ଧାତୁ)—ସଂ—୧। ଶୋଷଣ କରିବା—1. To suck; to Srib (root) drain. ୨। ଶୁଖାଇବା—2. To dry up. ୩। ଗତି କରିବା—3. To move.

ସ୍ରିଭ୍ (ଧାତୁ)—ସ—ହିଂସା କରିବା—Sribh (root) To strike; to kill.

ସ୍ରୁ (ଧାତୁ)—ସଂ.—୧। ଗତି କରିବା—1. To move. ୨। Sru (root) ସ୍ରବିବା; କ୍ଷରିତ ହେବା—2. To ooze; to percolate.

ସ୍ରୁକ୍ (ଗ)—ସଂ. ବ—(ସ୍ରୁଚ୍ ଶବ୍ଦ; ସ୍ରୁ ଧାତୁ=କ୍ଷରିତ ହେବା+ Sruk (g) କରଣ,ଚୁ,ପ୍ର, ୧ମା, ୧ବ)—କାଷ୍ଠନିର୍ମିତ ଯଜ୍ଞପାତ୍ର-(ସ୍ରୁଚ—ଦେ ରୂପ) ବିଶେଷ; ଏକ ପ୍ରକାର ସ୍ରୁବ—A wooden spoon for pouring ghee unto fire (having a wider mouth than Sruba) [ହି—ଏହା ବକପକ୍ଷାକାର, ଚଟୁଆକାର, ଅର୍ଦ୍ଧଚନ୍ଦ୍ରାକୃତି ଓ ଶଙ୍ଖାକାର; ଏହା ଉର୍ଦ୍ଧ୍ୱ ବା ଅଶ୍ୱତ୍ଥ କାଠରେ ନିର୍ମିତ ହୁଏ । ଏହା

ଦ୍ୱାରା ଘୃତ ଅଗ୍ନିରେ ଢଳାଯାଏ ଓ ସ୍ରୁବ ଅପେକ୍ଷା ଏହା ଚଉଡ଼ା ଓ ମନୁଷ୍ୟର ବାହୁପରିମିତ—ପ୍ରାୟ ୧୯ ହାତ-ଲମ୍ବ ହୁଏ—ଶବ୍ଦରତ୍ନାବଳୀ ।

୧୯ ହାତ ଲମ୍ବା ଗୋଟିଏ ବାଡ଼ିର ଅଗରେ ଖପରର ଚଉଡ଼ା କାଠର ପାତ୍ର ଲଗିଥାଏ ଓ ଏହି ପାତ୍ରର ଅଗରେ ସୂକ୍ଷ୍ମଗୋଟି ଛିଦ୍ର ହୋଇଥାଏ । ସେହି ଛିଦ୍ରବାଟେ ଘୃତଧାରା ହୋଇ ଘିଅ ଅଗ୍ନିରେ ପଡ଼େ । ସାଧାରଣ ଅହୁତି ଦେବାପାଇଁ ସ୍ରୁବ ବ୍ୟବହୃତ ହୁଏ; କିନ୍ତୁ ପୂର୍ଣ୍ଣାହୁତି ଦେବାବେଳେ ସ୍ରୁକ୍ ବ୍ୟବହାର ହୁଏ । ସ୍ରୁବରେ ଅଧଛଟାଙ୍କିଏ ପର୍ଯ୍ୟନ୍ତ ଘିଅ ସମ୍ଭାଏ, କିନ୍ତୁ ସ୍ରୁକ୍‌ରେ ଅଧପାଏ ବା ତିନ ଛଟାଙ୍କି ଘିଅ ରହିପାରେ । ହୋମ ଶେଷରେ ଅଗ୍ନିରେ ଫଳ (ନାରିକେଳାଦି) ସ୍ଥାପନ କରି ତହିଁ ଉପରେ ସ୍ରୁକ୍‌ଦ୍ୱାରା ଘିଅ ଅହୁତି ଦିଆଯାଏ ।]

ସ୍ରୁଗ୍‌ଦାରୁ—ସଂ. ବି—ବ୍ୟାଘ୍ରପାଦ ଗୁଳ୍ମ (ଜଟାଧର); ଭଇଁଚକୋଳି
Srug-dāru ଗୁଳ୍ମ—Flacourtia Romontchi (a thorny shrub).

ସ୍ରୁଘ୍ନୀ—ସଂ. ବି—(ସ୍ରୁ=ସ୍ରାବ+ହନ୍ ଧାତୁ+କର୍ତ୍ତୃ ଅ+ସ୍ତ୍ରୀ ଈ)—
Srughnī ସର୍ଜ୍ଜିକାକ୍ଷାର; ସାଜିମାଟି (ହେମଚନ୍ଦ୍ର)—
Nitre; rhe-soil.

ସ୍ରୁଚ୍—ସଂ. ବି. ସ୍ତ୍ରୀ—ସ୍ରୁକ୍ (ଦେଖ)
Sruch Sruk (See).
(ସ୍ରୁଗ୍—ସ୍ତ୍ରୀ)

ସ୍ରୁଚ—ଦେ. ବି—(ସଂ. ସ୍ରୁଚ୍)—ସ୍ରୁକ୍ (ଦେଖ)—
Srucha Sruk (See).

ସ୍ରୁତ—ସଂ. ବିଣ—(ସ୍ରୁ ଧାତୁ+କର୍ତ୍ତୃ.ତ)—୧। କ୍ଷରିତ—1. Oozing; Sruta flowing; dropping down. ୨। ପତିତ—
(ସ୍ରୁତି—ବି) 2. Fallen; dropped down.

ସ୍ରୁତା—ସଂ. ବି—ହିଙ୍ଗୁପତ୍ରୀ (ଶ୍ରୁ. ଶ) (ଦେଖ)—
Srutā Hingupatrī (See)

ସ୍ରୁତି—ସଂ.ବି—(ସ୍ରୁ ଧାତୁ+ଭାବ.ତି)—୧। କ୍ଷରଣ—1. Oozing.
Sruti ୨। ପତନ—2. Falling down. ୩। ବୋହି-ପଡ଼ିବା—3. Dropping down.

ସ୍ରୁବ—ସଂ ବି [ସ୍ରୁ ଧାତୁ+କରଣ ଅ]—କାଷ୍ଠନିର୍ମିତ ଯଜ୍ଞପାତ୍ରବିଶେଷ—
Sruba A wooden spoon used in pouring ghee unto the sacrificial fire. (ଦ୍ର—ଏହା ଏକହସ୍ତପରିମିତ ଓ ପଲାଶ ବା ଖଦିର କାଠରେ ନିର୍ମିତ ହୁଏ । ଏହାର ଦେହଟି ସରୁ ହୋଇ ଲମ୍ବା ହୋଇଥାଏ । ଏଥି ମୁଣ୍ଡରେ ଗୋଟିଏ ଗମ୍ବାକାର ଗୋଲକ ଥାଏ ଓ ସେ ଗୋଲକର ଅନ୍ତର୍ଭାଗ ଖୋଲା ହୋଇ ଫମ୍ପା ହୋଇଥାଏ । ଏଥିରେ ଘିଅ ପୂର୍ଣ୍ଣ କରି ଅଗ୍ନିରେ ଢଳାଯାଏ ।] ଗ୍ରା. ବି—(ଲକ୍ଷଣାର୍ଥ; ଅଶ୍ଳୀଳ)—
धन स्रुव ଲିଙ୍ଗ; ମେଢ୍ର—Penis.

ସ୍ରୁବ ତରୁ—ସଂ. ବି (ସ. ଚ. କୋ)—ବିକଙ୍କତ ବୃକ୍ଷ—Flacourtia
Sruba taru Romontchi plant.

ସ୍ରୁବ ବୁଡ଼ା(ଡ଼େ)ଇବା—ଗ୍ରା. କ୍ରି—(ଲକ୍ଷଣାର୍ଥ, ଅଶ୍ଳୀଳ)—ସ୍ତ୍ରୀ ସଙ୍ଗମ
Sruba burdā (rde) ibā କରିବା—To copulate
स्रीसंग करना स्रुवबुड़ाना with a female.

ସ୍ରୁବ ସ୍ରୁଚ—ଦେ.ବି (ସହଚର ଶବ୍ଦ)—ହୋମ ପାଇଁ ଦୁଇଗୋଟି ଯଜ୍ଞପାତ୍ର।
Sruba srucha ସ୍ରୁବ ଓ ସ୍ରୁକ୍—Two kinds of
स्रुव स्रुच wooden spoons used in offering ghee
स्रुव स्रुच unto the fire.

ସ୍ରୁବା—ସଂ. ବି—(ସ୍ରୁ ଧାତୁ+କରଣ. ଅ+ଆ)—୧। ଶଲ୍ଲକୀ (ମେଦିନୀ);
Srubā ଲୋବାନପରି ଏକ ପ୍ରକାର ସୁଗନ୍ଧ ଧୂପ—1. Indian olibanum; Boswellia Serrata. ୨। ମୂର୍ବା (ମେଦିନୀ); ମୁରୁଗା ଘାସ—2. A kind of fibrous grass; Sansveira Zeylanica. ୩। ସ୍ରୁବ (ଦେଖ)—3. Sruba (See)

ସ୍ରୁବା ବୃକ୍ଷ—ସଂ.ବି—ବିକଙ୍କତ ଗୁଳ୍ମ [ଅମର]; ଭଇଁଚ କୋଳି ଗୁଳ୍ମ—
Srubā bṛuksha Flacourtia Romontchi shrub.

ସ୍ରୂ—ସଂ ବି (ସ୍ରୁ ଧାତୁ+କରଣ, ଊ)—୧। ସ୍ରୁବ (ଭରତ) [ଦେଖ]
Srū Sruba (See) ୨। (+କର୍ତ୍ତୃ. ଊ) ନିର୍ଝର; ଝରଣା —2. Spring; fountain,

ସ୍ରୈ (ଧାତୁ)—ସଂ.—ପାକ କରିବା; ରାନ୍ଧିବା—
Srai (root) To cook; to boil.

ସ୍ରୋତ[ତଃ]—ସଂ ବି [ସ୍ରୁ ଧାତୁ+କର୍ତ୍ତୃ ତ; ତସ୍, ସ୍ରୋତସ୍ ଶବ୍ଦ ୧ମା
Srota(taḥ) ୧ବ, ସ ସ୍ଥାନରେ ଃ]—୧। ଜଳପ୍ରବାହ; ଜଳଧାରା—Flow of water. ୨। ପ୍ରବାହ; ଜଳର ନିଜ ମନକୁ ବେଗରେ ବୋହିଯିବା; ସ୍ୱତଃ ଅମ୍ବୁସରଣ [ଅମର]—2. Current; rapid stream. ୩। (+ଭାବ ତ, ତସ୍) ମତ୍ତଗଜର ଦେହର ସପ୍ତସ୍ଥାନରୁ ମଦ କ୍ଷରଣ—3. The flowing of watery juice from seven parts of the body of an infuriated elephant. ୪। (+ଅପାଦାନ ତସ୍ ବା ଅସ୍)—ମନୁଷ୍ୟ ଦେହର ନବବିଧ ଇନ୍ଦ୍ରିୟ ପଥ ବା ନଅ ଛିଦ୍ର (ରାଜନିର୍ଘଣ୍ଟ)—4. The nine holes or openings in the body of a man. [ଦ୍ର—ଏ ସବୁ ଛିଦ୍ରବାଟେ ଅନ୍ନ, ଜଳ, ରସ, ରକ୍ତ, ମାଂସ, ମେଦ, ମଳ, ମୂତ୍ର, ଶୁକ୍ର ଓ ଅସ୍ଥିର ଶରୀରରେ ସଞ୍ଚାରିତ ହୁଏ । ପୁରୁଷର ଶରୀରର ଛିଦ୍ର ସଂଖ୍ୟା ନଅଟି । ଯଥା, ୨ ଆଖି, ୨ କାନ, ୨ ନାକ, ପାଟି, ଗୁହ୍ୟ ଓ ଲିଙ୍ଗ; ସ୍ତ୍ରୀମାନଙ୍କର ଅଉ ତିନୋଟି ଅଧିକ। ଯଥା, ୨ ସ୍ତନ ।] ୫। ନଦୀ [ହୁ. ଶ]—5. River. ୬। ବଂଶପରମ୍ପରା; କୁଳଧାରା [ହୁ. ଶ]—6. Successive generations in a family.

ସ୍ରୋତଃଶୂନ୍ୟ—ସଂ. ବିଣ—ସ୍ରୋତୋହୀନ [ଦେଖ]—
Srotaḥ śūnya Srotohīna (See).

ସ୍ରୋତ ଆପତ୍ତି—ସଂ. ବି—ବୌଦ୍ଧଶାସ୍ତ୍ର ଅନୁସାରେ ନିର୍ବାଣ-ସାଧନର ପ୍ରଥମ ଅବସ୍ଥା, ଯହିଁରେ ସାଧକଙ୍କର ସଂସାର ବନ୍ଧନ ଶିଥିଳ ହେବା ଆରମ୍ଭ ହୁଏ—The state of a Buddhist sage when his worldly ties begin to be slack.
Srota āpatti [ସ୍ରୋତଆପନ୍ନ—ବିଣ]

ସ୍ରୋତ ଈଶ—ସଂ. ବି [୬ଷ୍ଠୀ ତତ୍; ସ୍ରୋତଃ+ଈଶ]—ସମୁଦ୍ର—Ocean.
Srota īsa

ସ୍ରୋତସ୍—ସଂ [ଶବ୍ଦ] [ସ୍ରୁ ଧାତୁ+କର୍ତ୍ତୃ ତସ୍]—ସ୍ରୋତ [ଦେଖ]-Srota (See)
Srotas

ସ୍ରୋତସୋଽଞ୍ଜନ—ସଂ. ବି [ସଂ. ସ୍ରୋତସଃ=ସ୍ରୋତର+ଅଞ୍ଜନ]—ସ୍ରୋତୋଞ୍ଜନ (ଦେଖ)—Srotoñjana (See).
Srotasoañjana

ସ୍ରୋତସ୍ୱତୀ—ସଂ. ବି [ସ୍ରୋତସ୍+ବତ୍+ସ୍ତ୍ରୀ ଈ]—ନଦୀ—River.
Srotaswatī ସଂ. ବିଣ. ସ୍ତ୍ରୀ—ସ୍ରୋତସ୍ୱାନ୍‌ର ସ୍ତ୍ରୀଲିଙ୍ଗ—Feminine of Srotaswān.

ସ୍ରୋତସ୍ୱାନ୍—ସଂ. ବିଣ [ସ୍ରୋତସ୍ୱତ୍ ଶବ୍ଦ; ସ୍ରୋତସ୍+ବତ୍ ୧ମା,୧ବ]—ସ୍ରୋତୋବିଶିଷ୍ଟ—Having current.
Srotaswān
(ସ୍ରୋତସ୍ୱତୀ—ସ୍ତ୍ରୀ)

ସ୍ରୋତସ୍ୱିନୀ—ସଂ. ବି (ସ୍ରୋତସ୍+ଅସ୍ତି ଅର୍ଥରେ ବିନ୍+ସ୍ତ୍ରୀ ଈ)-ନଦୀ—River.
Srotaswinī

ସ୍ରୋତସ୍ୟ—ସଂ. ବି [ସ୍ରୋତସ୍+ଯ]—୧ । ଶିବ; ମହାଦେବ [ଶବ୍ଦକଳ୍ପଦ୍ରୁମ]—1. God Siba. ୨ । ଚୋର [ଶବ୍ଦକଳ୍ପଦ୍ରୁମ]—2. Thief.
Srotasya

ସ୍ରୋତାଞ୍ଜନ—ଦେ. ବି (ବୈଦ୍ୟକ)—ସ୍ରୋତୋଞ୍ଜନ [ଦେଖ]—Srotoñjana (See).
Srotāñjana

ସ୍ରୋତୋଜ—ସଂ. ବି (ସ୍ରୋତସ୍+ଜନ୍ ଧାତୁ+କର୍ତ୍ତୃ ଅ)—ସ୍ରୋତୋଞ୍ଜନ (ଦେଖ)—Srotoñjana (See).
Srotoja
ସ୍ରୋତୋଦ୍ଭବ }
ସ୍ରୋତୋଭବ } ଅନ୍ୟରୂପ—

ସ୍ରୋତୋ ଜଳ—ସଂ. ବି (ମ. ପ. ଲୋ ସ୍ରୋତଃ+ଜଳ)—ସ୍ରୋତଃଯୁକ୍ତ ବା ପ୍ରବାହବିଶିଷ୍ଟ ଜଳ—Flowing water.
Srotojala

ସ୍ରୋତୋଞ୍ଜନ—ସଂ.ବି (ମ. ପ. ଲୋ, ସ୍ରୋତଃ=ଯମୁନା ନଦୀର ସ୍ରୋତରୁ ଉଦ୍ଭବ+ଅଞ୍ଜନ)—କଳା ସୁରମା; କୃଷ୍ଣବର୍ଣ୍ଣ ସୌବୀରାଞ୍ଜନ; ସୁବୀର ଦେଶ ବା ଯମୁନା ନଦୀ ନିକଟସ୍ଥ ଦେଶରେ ଜାତ ଅଞ୍ଜନ-ବିଶେଷ-Black species of sulphat of antimony. [ଦ୍ର—
Srotoñjana
(ଅନ୍ୟ ସଂ ନାମ—ଯାମୁନ,
କାପୋତାଞ୍ଜନ, ସୌବୀର,
ସୌବୀରସାର, ବାରିଭବ,
ସ୍ରୋତୋଜ, ସ୍ରୋତୋଦ୍ଭବ,
ସ୍ରୋତନଦୀଭବ, ସ୍ରୋତୋଭବ,
ସୌବୀରସାର, କପୋତସାର,
ବଲ୍ମୀକ ଶୀର୍ଷ] ଏହାର ଅକୃତ୍ରିମ ଉଇହୁଙ୍କାର ଶିଖର ପରି, ଏହାର ଅଭ୍ୟନ୍ତର ଅଞ୍ଜନ ପରି । ଏହାକୁ ଘଷିଲେ ଗେରୁ ମାଟି ପରି ରଙ୍ଗ ବାହାରେ । ଏହା ମଧୁରକଷାୟରସ, କୃମିନାଶକ, ରସାୟନ, ସ୍ତନବୃଦ୍ଧିକର ଓ କଣ୍ଡୁ, ଦାହ ଓ ରକ୍ତଦୋଷ ନାଶକ, ଭଗ୍ନ ଅସ୍ଥିରେ ହିତକର, କଫ ପିତ୍ତନାଶକ, ବମନକର ଓ ବସନ୍ତ ଗୁଣ୍ଡିରେ ଓ ସ୍ନିଗ୍ଧ ଗୁଣଯୁକ୍ତ । ଏହାର ପ୍ରକାର ଭେଦ ସୌବୀରାଞ୍ଜନ । ସୌବୀରାଞ୍ଜନ ଧଳା ବା ପାଣ୍ଡୁର, ମାତ୍ର ସ୍ରୋତୋଞ୍ଜନ କଳା । ସୌବୀରାଞ୍ଜନ ଅପେକ୍ଷା ସ୍ରୋତୋଞ୍ଜନ ଗୁଣରେ ଶ୍ରେଷ୍ଠ । (ଭାବ ପ୍ରକାଶ)]

ସ୍ରୋତୋବହ୍ (ହ)—ସ.ବି—(ସ୍ରୋତସ୍+ବହ୍ ଧାତୁ+କର୍ତ୍ତୃ.କ୍ୱିପ୍,ଅ) ନଦୀ—River.
Srotobah(ha)

ସ୍ରୋତୋବହା—ସ.ବି.ସ୍ତ୍ରୀ—(ସ୍ରୋତୋବହ+ଆ)—ନଦୀ (ଜଟାଧର)—River.
Srotobahā

ସ୍ରୋତୋବାହିତ—ସ. ବିଣ—(କୃଦନ୍ତ୍ୟ)—ସ୍ରୋତଦ୍ୱାରା ଚାଳିତ—Moved by current.
Srotobāhita

ସ୍ରୋତୋବେଗ—ସ. ବି—(୬ଷ୍ଠୀ ତତ୍)—ସ୍ରୋତର କ୍ଷିପ୍ରଗତି—Velocity of a current; force of current.
Srotobega

ସ୍ରୋତୋହୀନ—ସ. ବିଣ—(୩ୟା ତତ୍) ୧ । ପ୍ରବାହରହିତ (ଜଳ)—1. Currentless. ୨ । ସ୍ଥିର (ଜଳ)—2. Stagnant (water).
Srotohīna

ସ୍ରୋହା—ଗ୍ରା. ବି—(ସ. ସ୍ପୃହା)—ସ୍ପୃହା (ଦେଖ)—Spruhā (See)
Srohā

ସ୍ରୌଘ୍ନିକା—ସ. ବି—ସର୍ଜିକାକ୍ଷାର (ଦ୍ର· ଶ)—Nitre.
Sraughnikā

ସ୍ରୌତିକ—ସ. ବି (ସ୍ରୋତ+ଇକ)—ସୀପ; ଶୁକ୍ତି (ହ. ଶ)—Oyster.
Srautika

ସ୍ଲାଇଡିଙ୍ଗ୍ ସ୍କେଲ୍—ବୈଦେ. ବି. (ଇଂ)—ଅଫିମ ଗଞ୍ଜେଇ ଆଦି ବିକ୍ରୟ କରିବାର କ୍ରମନିମ୍ନ ନିରୂପିତ ଦର—Sliding scale.
Slāiding skel
स्लाइड़िङ्गस्केल स्लाइडिङ्ग् स्केल्
(ସ୍ଲାଇଡ୍ଂ ସ୍କେଲ୍—ଅଶୁଦ୍ଧ ଲିଖିତ ଆକାର)

ସ୍ଲିପ୍—ବୈଦେ. ବି. (ଇଂ)—କାଗଜର ଲମ୍ବ ଟୁକୁଡ଼ା ବା ଖଣ୍ଡ—Long slip of paper; a strip of paper.
Slip
स्लिप स्लिप्

ସ୍ଲିପଟ୍—ବୈଦେ. ବି. (ଇଂ. ସ୍ଲିପର୍)—ସ୍ଲିପର୍ (ଦେଖ) Slipar (See). ଦେ· ବିଣ.—ସ୍ଲିପଟିଆ (ଦେଖ) Slipaṭiā (See)
Slipaṭ

ସ୍ଲିପଟିଆ—ଦେ. ବିଣ—(ଇ. ସ୍ଲିପର୍ ପରି ପତଳା)—୧ । ପତଳା—1. Thin. ୨ । ପ୍ରଲମ୍ବ କୁଚ ବା ଉରସ୍ତନହୀନା (ସ୍ତ୍ରୀମାନଙ୍କ ବକ୍ଷସ୍ଥଳ)—2. (Women's breast) Having the breasts hanging or having no breast at all. ୩ । ମର୍କଟସ୍ତନା (ନାରୀ)—3. (a woman) Breastless; having flat breasts.
Slipaṭiā
पातला स्लिपट्

ସ୍ଲିପର୍—ବୈଦେ· ବି· (ଇଂ)—୧ । ରେଲ ଲାଇନ ତଳେ ଅଡ଼ାଭାବେ ପକାଯିବା ପତଳା କାଠର କଡ଼ି—1. Railway
Slipar

স্লিপার स्लिपर्   Sleeper (under Railway lines).
୨ । ଚଟି ଜୋତା—2. Slippers (shoes).

ସ୍ଲେଜ୍—ବୈଦେ. ବି. (ଇଂ)—ବରଫ ଉପରେ ଟାଣିବା ପାଇଁ ନିର୍ମିତ ଚକଶୂନ୍ୟ ଶକଟ—Sledge.
Slej স্লেজ स्लेज

ସ୍ଲେଟ୍—ବୈଦେ. ବି—(ଇଂ)—୧ । ପେନ୍‌ସିଲ୍‌ରେ ଲେଖିବା ପାଇଁ ମାଟିର ବା ପଥରର ପଟା—1. Slate.
Slet स्लेट. স্লেট
୨ । ଏକପ୍ରକାର କଳାପଥର—2. Slate (stone).

ସ୍ଲେଟ୍ ପେନ୍‌ସିଲ୍—ବୈଦେ. ବି (ଇଂ)—୧ । ସ୍ଲେଟ୍ ଓ ପେନ୍‌ସିଲ୍—1. Slate and pencil. ୨ । ଯେଉଁ ପେନ୍‌ସିଲ୍ ଦ୍ୱାରା ସ୍ଲେଟ୍ ଉପରେ ଦାଗ ପକାଯାଏ—2. Slate-pencil.
Slet pencil স্লেটপেন্সিল स्लेट् पेन्सिल्
(ସ୍ଲେଟ ଖଡ଼ି—ଦେ. ରୂପ)

ସ୍ଲୋ—ବୈଦେ. ବିଣ (ଇଂ)—୧ । ଧୀର—1. Slow. ୨ । ଧୀର ଗତିରେ ଚାଲୁଥିବା—2. Moving slowly.
Slo স্লো स्लो (ଫାଷ୍ଟ—ବିପରୀତ)

ସ୍ଲୋ କରିବା—ଦେ. କ୍ରି—୧ । କ୍ଷିପ୍ର ଗତିରେ ଚାଲୁଥିବା ଘଣ୍ଟାର କଳକୁ ନିୟନ୍ତ୍ରିତ କରି ଘଣ୍ଟାକୁ ଧୀରଗତି କରିବା—To make a clock run slower by regulating it
Slo karibā স্লো করা स्लो करना

ସ୍ଲୋ(ସ୍ଲ)ଥ୍—ବୈଦେ. ବି (ଇଂ. ସ୍ଲଥ୍)—ଦକ୍ଷିଣ ଆମେରିକାର ଏକପ୍ରକାର ଅତ୍ୟନ୍ତ ଧୀରଗାମୀ କ୍ଷୁଦ୍ର ପଶୁ—Sloth (a South American small animal of very slow motion).
Slo(sla)th স্লোথ্ स्लोथ

ସ୍ଲୋପ୍—ବୈଦେ. ବିଣ (ଇଂ)—କ୍ରମନିମ୍ନ; ଗଡ଼ାଣିଆ; ଢାଲୁଆ—Sloping. ବି—ଗଡ଼ାଣିଆ ସ୍ଥାନ; ଢାଲୁ ଜାଗା; କ୍ରମନିମ୍ନ ସ୍ଥାନ ବା ବସ୍ତୁ—Slope.
Slop স্লোপ্ स्लोप

ସ୍ଲୋ ଫାଷ୍ଟ୍—ବୈଦେ. ବିଣ (ଇଂ. ବିପରୀତ ପଦଦ୍ୱୟର ଶବ୍ଦ)—ଧୀର ଓ କ୍ଷିପ୍ର ଗତି ଯୁକ୍ତ (ଘଣ୍ଟା)—Slow and fast (time keeper).
Slo phāsht স্লো ফাষ্ট स्लो फास्ट

[ଦ୍ର—ଏ ଗ୍ରନ୍ଥରେ 'ସ୍ୱ' ଆଦ୍ୟରେ ଥିବା ଶବ୍ଦମାନଙ୍କ ପାଇଁ 'ସ୍ପ'-ଆଦ୍ୟ ପଦମାନଙ୍କ ପରେ ଦେଖିବାକୁ ହେବ । ଏ ଗ୍ରନ୍ଥରେ ବର୍ଗ୍ୟ ବ ରେ ଅବର୍ଗ୍ୟ ୱ ସଂଯୁକ୍ତ ଶବ୍ଦମାନ ଦିଆଯାଇଅଛି ।]

ହ

ହ—ବ୍ୟଞ୍ଜନ ବର୍ଣ୍ଣମାଳାର ତ୍ରୟସ୍ତ୍ରିଂଶତ୍ ବର୍ଣ୍ଣ—The 33rd consonant of the Oḍia alphabet.
Ha

[ଦ୍ର—ଏହାର ଉଚ୍ଚାରଣସ୍ଥାନ କଣ୍ଠ। ଏହାର ଉଚ୍ଚାରଣ ଇଂରାଜୀ H (ଏଚ୍) ଓ ଫାରସୀ 'ହେ' ଅକ୍ଷରର ଉଚ୍ଚାରଣ ସଙ୍ଗେ ସମାନ।

ତନ୍ତ୍ରଶାସ୍ତ୍ରର ତନ୍ତ୍ର ମତରେ ଏହି ଅକ୍ଷରକୁ ଲେଖିବା ସମୟରେ ବଗମ୍ବର, ଅଟ୍ଟହାସା, ଅସ୍ଥିମାଳାଧାରଣୀ, ଅକ୍ଷୟଭୁଜା, ନାଗେନ୍ଦ୍ରହାର, ଭୂଷାଢ୍ୟା, ଜଟାମୁକୁଟମଣ୍ଡିତା, ସର୍ବକାମପ୍ରଦା ପାର୍ବତୀଙ୍କୁ ହୃଦୟରେ ଧ୍ୟାନ କରିବାକୁ ହୁଏ।

'ଅ' ଉଚ୍ଚାରଣ କାଳରେ ଶ୍ୱାସ ବାୟୁର ଈଷତ୍ ଘର୍ଷିତ ହୋଇ ଅସିଲା ବେଳକୁ ଏହି ଶବ୍ଦ ଗଳାରୁ ବାହାରେ। ଏହା 'ଅ' ସ୍ୱରର ମହାପ୍ରାଣ ବର୍ଣ୍ଣ। ଏହି 'ହ' ରେ 'ହଲନ୍ତ' ଯୁକ୍ତ ହେଲେ ଏହା ବିସର୍ଗର ଆକାର ଧାରଣ କରେ।]

ସଂ. ହ (ହନ୍ ଧାତୁ=ବଧ କରିବା, କିମ୍ବା ହା ଧାତୁ= ତ୍ୟାଗ କରିବା+କର୍ତ୍ତୃ.ଅ)—('ହ'ର ବର୍ଣ୍ଣାଭିଧାନରେ ଓ ରୁଦ୍ରଯାମଳତନ୍ତ୍ରରେ ଲକ୍ଷିତ ଅର୍ଥମାନ)—୧। ଶିବ; ଶମ୍ଭୁ; ଶୂଳୀ—1. God Siba. ୨। ବିଷ୍ଣୁ—2. Bishnu. ୩। ରବି; ସୂର୍ଯ୍ୟ—3. The sun. ୪। ହଂସ—4. Swan. ୫। ପୁରୁଷ ଲିଙ୍ଗ—5. Penis; male organ of generation. ୬। ନାଗ ଶେଷ—6. The of world mythological serpents. ୭। ଚନ୍ଦ୍ର—7. The moon. ୮। ଜଳ—8. Water (Apte). ୯। ଆକାଶ—9. Sky (Apte). ୧୦। ରକ୍ତ—10. Blood (Apte). ୧୧। ଜଗତ୍‌ପ୍ରାଣ—11. The life of the universe. ୧୨। ପ୍ରାଣେଶ; ସ୍ୱାମୀ—12. Husband; sweetheart. ୧୩। ଯୁଦ୍ଧ—13. Battle. ୧୪। କପିଳାମଳ—14. The dung of the Kapilā cow. ୧୫। ଗର୍ବ—15. Pride. ୧୬। ପରମାତ୍ମା—16. The Supreme Soul. ୧୭। ରୋମାଞ୍ଚ—17. Horripilation. ୧୮। ଅତ୍ମଜ—18. Son. ୧୯। ଚିକିତ୍ସକ—19. Physician. ୨୦। ଜୀବ; ପ୍ରାଣ—20. Life. ୨୧। ଶୁଭ ସୂଚକତା—21. Auspiciousness (Apte). ୨୨। କାରଣ—22. Cause. ୨୩। ଅଙ୍ଗନ—23. Courtyard. ୨୪। ଉଦ୍ଦେଶ୍ୟ—24. Aim; motive (Apte). ୨୫। ମୃଗ—25. Deer. ୨୬। ଆହ୍ୱାନ—26. Call. ୨୭। ଭୟ—27. Fear. ୨୮। ଅସ୍ତ୍ର ଶସ୍ତ୍ର—28. Weapon. ୨୯। ବୈକୁଣ୍ଠ—29. Paradise (Apte). ୩୦। ମଣିର ପ୍ରଭା—30. Lustre of a gem. ୩୧। ସ୍ଥାଣୁ; ଶୁଖିଲା ଗଛ—31. A stump; pollard. ୩୨। ବୀଣାର ଧ୍ୱନି—32. The sound of harp. ୩୩। ସ୍ୱର୍ଗ—33. Heaven (Apte). ୩୪। କୁଶଳ—34. Well. ୩୫। ଶୁଖିଯିବା—35. Drying (Apte). ୩୬। ଲକ୍ଷ୍ମୀ; ମହାଲକ୍ଷ୍ମୀ—36. The Goddess of wealth. ୩୭। ପରମେଶ୍ୱରୀ—37. The Supreme Goddess. ୩୮। (ଶ୍ଲେ) ଲଲାଟର ପ୍ରାଣ ଶକ୍ତି—38. The vital essence said to be inside the brow. ୩୯। ଚୈତନ୍ୟ—39. consciousness. ୪୦। ଭୟ—40. Fear (Apte). ୪୧। ମୃତ୍ୟୁ—41. Death. ୪୨। ଘୋଟକ—42. Horse. ୪୩। ଅଂଶ—43. Part. ୪୪। ଧ୍ୟାନ—44. Contemplation; meditation (Apte). ୪୫। ଶାଖୋଟ; ସାହାଡ଼ା ଗଛ—45. Streplus Asper. (tree). ୪୬। ସ୍ୱର୍ଗ—46. Heaven. ୪୭। ମଙ୍ଗଳ—47. Bliss. ୪୮। ସୋମ ମଣ୍ଡଳ—48. The halo of the moon. ୪୯। ରକ୍ତ—49. Blood. ୫୦। ହେତୁ—50. Reason. ୫୧। ଗଗନ; ବିଯତ୍; ଆକାଶ—51. The sky. ୫୨। ଶୂନ୍ୟ (ସଙ୍ଖ୍ୟା)—52. Cypher (Apte). ୫୩। ମହାଶୂନ୍ୟ—53. The great void. ୫୪। ଶୁକ୍ର—54. The planet venus. ୫୫। ଆନନ୍ଦ—55. Joy; delight (Apte). ୫୬। ଜ୍ଞାନ—56. Knowledge. ସଂ. ବିଣ—୧। ଉଚ୍ଚ ହସିତ—1. Laughing loudly. ୨। ଶାନ୍ତିଦ—2. Giving peace. ୩। ମତ୍ତ—3. Maddened. ୪। ସୁରାମତ୍ତ—4. Intoxicated with drink.

ସଂ. ଅ. (ହା ଧାତୁ+କର୍ମ ଅ)—୧। ପାଦପୂରଣାର୍ଥକ (ଅମର)—1. Interjection used in completing a sentence. ୨। [ସମ୍ବୋଧନାର୍ଥ ବ୍ୟବହୃତ [ମେଦିନୀ, ଶବ୍ଦରତ୍ନାବଳୀ]]—ହେ। ଅହୋ।—2. Interjection used in a addressing; Oh!

୩ । କୋପ ବା କ୍ରୋଧସୂଚକାର୍ଥକ (ମେଦିନୀ, ଶବ୍ଦରତ୍ନାବଳୀ)- 3. Interjection indicating anger. ୪ । ନିୟୋଗାର୍ଥକ (ମେଦିନୀ, ଶବ୍ଦରତ୍ନାବଳୀ)— 4. Interjection conveying order. ୫ । କୁତ୍ସାର୍ଥକ (ମେଦିନୀ, ଶବ୍ଦରତ୍ନାବଳୀ)— 5. Interjection used in abusing. ୬ । ଖେଦାର୍ଥକ (ମେଦିନୀ, ଶବ୍ଦରତ୍ନାବଳୀ)— 6. Interjection used in grieving. ୭ । ଉପଦେଶାର୍ଥକ—7. Interjection used in advising. ୮ । ଧାରଣାର୍ଥକ—8. Interjection used in comprehending or understanding a matter. ୯ । ଚିନ୍ତନାର୍ଥକ—9. Experssing one's tohughts.

ଥାମ ହ — ଦେ. ଅ— ୧ । ଶଗଡ଼ରେ ବା ହଳରେ ଲାଗିଥିବା ବଳଦଙ୍କୁ ଠିଆ କରାଇବା ପାଇଁ ବ୍ୟବହୃତ ଡାକ— Interjection used in desiring the bullocks drawing a cart or plough to stand. ୨ । ପାଦପୂରଣାର୍ଥ କ୍ରିୟା ପରେ ବ୍ୟବହୃତ (ଗ୍ରାମ୍ୟ ପଦ୍ୟ)—2. A particle used after verbs to complete a sentence. (ଉ— ଅପରାଧ ଅନୁରୂପେ କରହ ଦଣ୍ଡ—ଶିଶୁପାଳର ଇଚ୍ଛା

ହଓ ହୋ ଅଭିଳାଷ ।) ଗ୍ରା. କ୍ରି.—୧ । ହଅ (ଦେଖ)—1. Ha-a (See) ୨ । ହବା (ଦେଖ) କ୍ରିୟାର ଅନୁଜ୍ଞା ଅନାଦରାର୍ଥକ ଏକବଚନ ରୂପ— 2. Imperative mood singular form of the verb 'to be'. ପ୍ରାଦେ—୧ । (ପୁରୀ) ଅ- ହଁ—Yes. ୨ । (ଖଡ଼ଜାତ)—ହଳ ବୁଲାଇବା- [ହ ହ—ଅନ୍ୟ ଅବ୍ୟୟ ରୂପ] ବେଳେ ବଳଦଙ୍କୁ ଚାଳିବାକୁ ଉତ୍ତେଜିତ କରିବା ଡାକ—Interjection used by drivers of ploughs to instigate the bullocks to proceed. ୩ । (ଗଡ଼ଜାତ) ହୋ (ଦେଖ)—Ho (See)

ହଅ—ଗ୍ରା. କ୍ରି—ଅନାଦରାର୍ଥକ ହେବା କ୍ରିୟାର ଗ୍ରାମ୍ୟରୂପ 'ହବା'
Ha-a କ୍ରିୟାର ମଧ୍ୟମପୁରୁଷ ଅନୁଜ୍ଞା 'ଭୂ' ବର୍ତ୍ତ ସଙ୍ଗେ
ହଓ ହୋ ଲାଗିବା ଅକାର; ହୋ—Imperative mood singular of the verb Hebā or Habā (=to be) used in addressing a familiar person. ପ୍ରାଦେ (ପୁରୀ) ଅ—ହଁ—Yes.

ହଅଁକରିବା—ଦେ. କ୍ରି—ବୁଲୁଥିବା ହଳକୁ ବା ଚାଲୁଥିବା ଶଗଡ଼କୁ
Ha-a karibā ଠିଆ କରିବା—To stop a moving plough or cart.

ହଇ—ଦେ. ଅ (ସଂ. ହି)—୧ । (ସମ୍ମତିସୂଚକ) ହଁ—1. Yes
Hai (denoting assent) ୨ । (ଦୂରରୁ ବା ନିକଟରୁ
हाँ କୌଣସି ବ୍ୟକ୍ତିକୁ ଡାକିବାରେ ବ୍ୟବହୃତ) ହେ ! —2. Oh !
हाँ (used in calling a person from far or near) ୩ । କଥୋପକଥନ ବେଳେ ବକ୍ତାଙ୍କ କଥନକୁ ଶ୍ରୋତା ଶୁଣିଅଛନ୍ତି, ଏଥିର ସୂଚନାର୍ଥକ ହଁ ମାରିବାରେ ବ୍ୟବହୃତ ଶବ୍ଦ—3. A word used by the bearer to encourage a speaker to continue his discourse during a conversation. ୪ । ହେଇ ! (ଆଗରେ ଯାଉଥିବା ପଥିକମାନଙ୍କୁ ସାବଧାନ କରାଇବାପାଇଁ ଘୋଡ଼ାଗାଡ଼ିର କୋଚ୍‌ଆନ୍ ଦ୍ୱାରା ଉଚ୍ଚାରିତ ଧ୍ୱନି—4. Heigh ! (Interjection uttered by the driver of a coach warning people in front) ୫ । ପ୍ରହରୀ ଓ ବୁଲାବିକା ମାନଙ୍କଦ୍ୱାରା ସାଧାରଣଙ୍କ ଦୃଷ୍ଟି ଆକର୍ଷଣାର୍ଥେ ବ୍ୟବହୃତ କୁହାଟ—5. Interjection, exclamation or halloo used by watchmen and hawkers to attract attention. [ଉ— ହେବଲ ପ୍ରହରୀ ସାବଧାନ କରି କୁହାଟଇ ହଇହଇ ।]
ଦେ. ବି— ସମ୍ମତି—Consent; assent.
[ଯଥା—ତାଙ୍କ ମୁହଁରୁ ଥରେ ହଇ ବାହାରିଥିଲେ ଆଉ
(ବିପରୀତ—ନାହିଁ) ନାହିଁ ବାହାରିବ ନାହିଁ ।]

ହଇଆତ୍—ଦେ. ବି—ହୟାତ୍ (ଦେଖ)—
Haiāt Hayāt (See)

ହଇୟାନ୍ତ୍ (ନ୍ତି)—ଦେ. ବିଣ—ହୟାନ୍ତ୍ (ଦେଖ)—
Haiānt (nti) Hayānt (See)
(ହଇଅନ୍ତିଆ—ଅନ୍ୟରୂପ)

ହଇଏ—ଦେ. ଅ—ହଇ ହେ ! ମାନନୀୟ ବ୍ୟକ୍ତିଙ୍କ ମନୋଯୋଗ ଆକର୍ଷଣ
Haie କରିବା ଓ ତାଙ୍କୁ ଡାକିବା ପାଇଁ ବ୍ୟବହୃତ ଶବ୍ଦ—
ওহে Interjection used in addressing one's
ओ superior; Oh !

ହଇଁଚଇଁ—ଦେ. ଅ—ହଁ ଚଁ (ଦେଖ)—
Haiñ chaiñ Hañ chañ (see)

ହଇକତ୍—ବୈଦେ. ବି—(ଫା. ହକିକତ୍ =ବୃତ୍ତାନ୍ତ)—୧ । ବୃତ୍ତାନ୍ତ—
Haikat 1. Description. ୨ । ବିବରଣ ବା ବର୍ଣ୍ଣନା—
হকিকত 2. Detailed description. [ଦ୍ର—ଏ ଶବ୍ଦ 'ହାଲ' ह्किकत ଶବ୍ଦ ସଙ୍ଗେ ସହଚର ରୂପେ ମଧ୍ୟ ବ୍ୟବହୃତ ହୁଏ । ଯଥା —ଅମୁକ ଗ୍ରାମର ହାଲ ହଇକତ କିଛି ଜଣାଗଲା ନାହିଁ ।

ହଇ କରିବା—ଦେ. କ୍ରି—୧ । ସ୍ୱୀକୃତ ହେବା—1.To agree.
Hai karibā ୨ । ସ୍ୱୀକାର ଯୁକ୍ତ ଉତ୍ତର ଦେବା—2. To an-
হাঁকরা हाँकरना swer in the affirmative.
(ନାହିଁ କରିବା – ବିପରୀତ)

ହଇ କି ବେ—ଗ୍ରା. ଅ (ଘୃଣାର୍ଥକ ବା ଅତି ନୀଚ ବ୍ୟକ୍ତି ପ୍ରତି)—୧ । ରେ !
Hai ki be 1. Oh ! (in contempt). ୨ । ପ୍ରଶ୍ନାର୍ଥକ—
হাঁরে अबे 2. (Interrogative) Well ?

ହଇ କି ରେ—ଦେ. ଅ (ଆପଣାଠାରୁ ସାନ ପୁରୁଷ ବ୍ୟକ୍ତି ପ୍ରତି)—
Hai ki re ୧ । ରେ !—1. Oh ! (to one's inferrior).
হাঁরে ୨ । ପ୍ରଶ୍ନାର୍ଥକ—2. (Interrogative) Well ?
अबे [ଯଥା—ହଇକରେ ! ତୁ କୁଆଡ଼େ ଯାଇଥିଲୁ ?]

ହଇ କି ଲୋ—ଦେ. ଅ (ସ୍ତ୍ରୀ ବ୍ୟକ୍ତିଙ୍କ ପ୍ରତି)—୧। ହେ !—1. Oh ! ୨। ପ୍ରଶ୍ନାର୍ଥକ—2. Interrogative. well ?
Hai ki lo
হাঁলো ঐ

ହଇ କି ହେ—ଦେ. ଅ (ସମାନାର୍ହ ବ୍ୟକ୍ତିଙ୍କ ପ୍ରତି)—ହେ !—1. Oh ! ୨। ପ୍ରଶ୍ନାର୍ଥକ—2. (interrogative) Oh!
Hai ki he
হাঁহে, ওহে অজী

ହଇ କି ହୋ—ଦେ. ଅ (ସଙ୍ଗୀ, ସମାନାର୍ହ ଏକ ବା ବହୁ ବ୍ୟକ୍ତିଙ୍କ ପ୍ରତି) ୧। ହେ—1. Oh! ୨। ପ୍ରଶ୍ନାର୍ଥକ—2. (interrogative) Well ?
Hai ki ho
হাঁহে হো

ହଇ ଗୋ—ଦେ. ଅ—(ମାନ୍ୟ ପୁରୁଷ ଓ ମାନ୍ୟା ନାରୀଙ୍କୁ ନାରୀଙ୍କର ସମ୍ବୋଧନ କରିବାରେ ବ୍ୟବହୃତ) ହେ !—Oh ! (used by females in addressing respectable males or females).
Hai go
হাঁগো
ओ

ହଇ ଚଇ—ଦେ. ବ. ଓ ବଣ (ବଙ୍ଗଳାରୁ ଅନୁକୃତ)—ହୈ ଚୈ (ଦେଖ) Hai chai (See)
Hai chai
হৈচৈ हलचल

ହଇଜା—ବୈଦେ. ବ (ଅ. ହୈଜହ୍; ମୂଳ. ସ. ହଜଧାତୁ=ମଳତ୍ୟାଗ କରିବା) ଝାଡ଼ା ବାନ୍ତି; ଝାଡ଼ାବାନ୍ତି; ବସନ୍ତ ରୋଗ—Cholera.
Haijā
কলেরা; ওলাওঠা हैजा

ହଇଜା ଟୀକା (ଫୋଡ଼ା)—ଦେ. ବ—ବାହୁଫୋଡ଼ା (ଦେଖ)—Bārdi phordā (See)
Haijā ṭikā
কলেরারটকা हैजाटीका

ହଇଜା ଧରିବା-ଦେ. ବ—ବିଷୂଚିକା ରୋଗର ଆକ୍ରମଣ—Being attacked with cholera.
Haijā dhariba
কলেরাধরা हजाघरना

ହଇଜା ମଲୁ (ରୋଗୀ)—ଦେ. ବ—ବିଷୂଚିକା ରୋଗାକ୍ରାନ୍ତ ବ୍ୟକ୍ତି—A cholera patient.
Haijā malu (rogi)
কলেরারোগী हैजामरीज

ହଇଜା ଲାଗିବା—ଦେ. ବ—କୌଣସି ଅଞ୍ଚଳରେ ହଇଜାରୋଗର ପ୍ରବଳ ହେବା—The prevalence of cholera at a place.
Haijā lāgibā
কলেরালাগা हैजा फैलना

ହଇତୁଁ—ପ୍ରାଦେ, (ନାଗପୁର) କ୍ରି—ହୁଅନ୍ତୁ—Let him be.
Haitun

ହଇ ବେ—ଗ୍ରା. ଅ (ଘୃଣା ଓ ଅନାଦରାର୍ଥକ)—ହେ !—Oh ! (incontempt). ଗ୍ରା. (ପ୍ରାଚୀନ) କ୍ରି—'ହେବେ' ର ବିକଳ୍ପରୂପ—(old use) An alternative form of Hebe.
Hai be
হাঁরে अबे

ହଇବେହେ, ହଇବବେ, ହଇବବେ ହେ } ଅନ୍ୟ ଅବ୍ୟୟ ରୂପ (ଉ—ହେବେଣ ମାର୍ଗେ ଉଚ୍ଛଲେ ହଇବେ ପ୍ରବଳ—ପ୍ରାଚୀ ବୃନ୍ଦାବନଚମ୍ପୂଗୀତା।)

ହଇୟା(ଆ)ତ୍—ବୈଦେ. ବ—ହୟାତ୍ (ଦେଖ)—Haiyāt (See).
Haiyā(ā)t

ହଇୟା(ଆ)ନ୍ତ—ଦେ. ବଣ—ହୟାନ୍ତ (ଦେଖ)—Hayānta (See).
Haiyā(ā)nta

ହଇୟା(ଆ)ନ୍ତି—ଦେ. ବଣ—ହୟାନ୍ତି (ଦେଖ)—Hayānti [See]
Haiyā(ā)nti

ହଇୟା(ଆ)ନ୍ତିଆ—ଦେ. ବଣ—ହୟାନ୍ତିଆ (ଦେଖ)—Hayāntiā (See).
Haiyā(ā)ntiā

ହଇରାଣ—ବୈଦେ. ବଣ (ଅ. ହୈରାନ୍)—ବଣ—୧। ହଇରାଣିଆ (ଦେଖ)—Hairāniā [See] ୨। ଉତ୍ପୀଡ଼ିତ; ବିବ୍ରତ—2. Harassed; oppressed. (ଉ—ହଇରାଣ ରାହିବ ଏବେ, ହଇରାଣ ଅଛୁ କ ଉର ମନେ—କବିସୂର୍ଯ୍ୟ, ସଙ୍ଗୀତ।) ବୈଦେ. ବ. (ଅ. ହୈରାନୀ)—କଷ୍ଟ; ହଡ଼ଗଞ୍ଜ; ହେବା ଅବସ୍ଥା—Trouble; botheration.
Hairāṇa
হায়রাণ हैरान
হায়রানী हैरानी

ହଇରାଣ କରିବା—ଦେ. କ୍ରି—୧। ଉତ୍ପୀଡ଼ନ କରିବା—1. To oppress; to harass. ୨। କଷ୍ଟ ଦେବା—2.To trouble; to put to trouble; to bother.
Hairāṇa kariba
হায়রাণকরা
हैरानकरना

ହଇରାଣ ହରକତ—ବୈଦେ. ବ (ଏକାର୍ଥକ ସହଚର) (ଅ. ହୈରାନ୍ + ହରକତ୍)—ନାନାପ୍ରକାର କଷ୍ଟ—Botheration; trouble. ବୈଦେ. ବଣ—ବ୍ୟାକୁଳ ଓ କଷ୍ଟପ୍ରାପ୍ତ—Bothered and troubled.
Hairāṇa harakata
হ(হা)য়রান পরেসান
हैरान हरकत

ହଇରାଣ ହେବା—ଦେ. କ୍ରି—କଷ୍ଟଭୋଗ କରିବା—To suffer trouble.
Hairāṇa heba
হায়রাণহওয়া हैरानहोना

ହଇରାଣି—ବୈଦେ, ବ (ଅ. ହୈରାନୀ)—୧। ଉତ୍ପୀଡ଼ନ—1. Harassment; oppression. ୨। କଷ୍ଟଯୁକ୍ତ ଅବସ୍ଥା—2. State of trouble. ଦେ. ବଣ—ହଇରାଣ (ଦେଖ) Hairāṇa [See].
Hairāṇi
হায়রাণী हैरानी

ହଇରାଣିଆ(ଆଁ)—ଦେ. ବଣ (ଅ. ହୈରାନ୍)—୧। କଷ୍ଟପ୍ରଦ; ଯେ ହଇରାଣ କରେ—1. Troublesome; putting to trouble; bothersome. ୨। ହଇରାଣ (ଦେଖ) 2. Hairāṇa (See)
Hairāniā(ān)
গোলমেলে हैरान करनेवाला

ହଇ ରେ—ଦେ. ଅ (ପ୍ରଚୁରମାନଙ୍କପ୍ରତି ଓ ଆପଣାଠାରୁ ନିମ୍ନତର ବ୍ୟକ୍ତି ପ୍ରତି ବ୍ୟବହୃତ) ହେ। ରେ।—Oh ! (addressed to males of a lower status than the speaker).
Hai re
হাঁরে अरे

ହଇରୋଜ୍—ବୈଦେ. ଅ (ଅ. ହର୍+ରୋଜ)—ପ୍ରତିଦିନ—Every day; daily.
Hairoj
প্রতিদিন, রোজ রোজ हररोज

ହଇ ଲୋ—ଦେ. ଅ—୧। (ନୀଚ ବା ସମବୟସ୍କା ବା ଘନିଷ୍ଠସମ୍ପର୍କୀୟା ସ୍ତ୍ରୀମାନଙ୍କ ପ୍ରତି ବ୍ୟବହୃତ) ହେ!—1. Oh (addressed to
Hai lo
(ହଇଲେ ହେ—ଅନ୍ୟରୂପ)

হাঁগো a lower or equal or familiar women. ୬ ।
अरी (ଅବଜ୍ଞାରେ ନାରୀପ୍ରତି ସମ୍ବୋଧନରେ ମଧ୍ୟ ବ୍ୟବହୃତ)—
Hallo ! (Interjection denoting contempt
and used towards females).

ହଇ ହଇ—ଦେ. ଅ—୧ । ହଇ (ଦେଖ)—1. Hai (See)
Hai hai ୨ । (ସମ୍ମତିସୂଚକ ଅବ୍ୟୟ
হাঁ হাঁ हां हां 'ହଇ'ର ଦ୍ୱିତ୍ୱ)—2. (doubling
of the interjection 'Hai]--Ditto; yes.
হাঁ हां ବ—୧ । ସମ୍ମତ—1. Consent;
assent. ୨ । କୌଣସି ବ୍ୟକ୍ତିର କହିବା କଥାରେ
ସମ୍ମତି ପ୍ରକାଶ—2. Dittoing. (ଦ୍ର—ମାଧବଙ୍କ ଭାଇ !
ସବୁରି କଥାରେ ହଇ ହଇ — ଚଗ ।)

ହଇହୟ—ସ୍ତ୍ରୀ. ବ (ନାମ; ସଂ. ହୈହୟ)—ହୈହୟ (ଦେଖ)—
Haihaya Haihaya [See].

ହଇ ହେ—ଦେ. ଅ [ସମ୍ବୋଧନାର୍ଥ ନର ନାରୀଙ୍କ ପ୍ରତି]—ହୋ—Oh !
Hai he ବ (ଦ୍ର—ହଇ ହେ ! ମହାରାଜ
ଏବେବେଳେ କେଉଁଠି ଥିବେ ? ମଧୁସୂଦନ ଉତ୍ତର
হাঁহে ओ ରାମ ଚରିତ ।)

ହଇ ହୋ—ଦେ. ଅ—୧ । ହଇହେ [ଦେଖ]—
Hai ho হাঁ হে ओ 1. Haihe [See].
୨ । (ଏକ ବା ବହୁ ଅପରିଚିତ ନରନାରୀଙ୍କ ପ୍ରତି ସମ୍ବୋ-
ଧନରେ ବ୍ୟବହୃତ) ହେ !—Oh ! [interjection
used in addressing one or many males
or females with whom one is not
acquainted].

ହଉ—ଦେ. ଅ (ସଂ. ଭବତୁ)—୧ । (ସମ୍ମତିସୂଚକ ଅବ୍ୟୟ) ହଁ !—
Hau 1. Yes ! Interjection denoting assent.
হউক, আচ্ছা अच्छा ୨ । ତାହାହେଉ; ତଥାସ୍ତୁ—
2. Be it so. ୩ । ଅପଣାର ଭାଗ୍ୟରେ ସନ୍ତୁଷ୍ଟ ରହିବା
ମତର ଭାବଜ୍ଞାପକ ଅବ୍ୟୟ—3. Interjection
denoting a state of contentment in one's
lot. ସ୍ତ୍ରୀ. କ୍ରି—(ହେବା ଧାତୁର ଅନୁଜ୍ଞା ତୃତୀୟ
হউক हो ପୁରୁଷ—ଅବଜ୍ଞାର୍ଥକ ଆକାର) ଏହା ହେଉ,
ସେ ହେଉ—Be it he, or she.

ହଉକତ—ଦେ. ବ (ଅ. ହକୀକତ)—ହଇକତ୍ [ଦେଖ]—
Haukata Haikat (See)

ହଉଦା—ପ୍ରାଦେ (ଉତ୍ତରଖଣ୍ଡ) ବ—ଖୋଳ ଅମାରୀ; ହାତୀର ହାଉଦା—
Haudā Cushion without arm, put on the back
of an elephant

ହଉ ପଛକେ(ପଛେ)—ଦେ ଅ—(ଅନନ୍ୟୋପାୟ ହୋଇ ସମ୍ମତି
Hau pachhake (pachhe) କହିବା ସ୍ଥଳରେ ବ୍ୟବହୃତ)—
তাইহউক अच्छा ଏହା ସେପରି ପଛେ—Be it so.

ହଉଛେ—ପ୍ରାଦେ (ପାଟଣା) କ୍ରି—ହେଉଛି (ହେବା କ୍ରିୟାର ବର୍ତ୍ତମାନ
Hause କାଳ, ଏକ ପୁରୁଷ ୧ବ)—Is.

ହଏ—ସ୍ତ୍ରୀ. କ୍ରି—('ହେବା' ବା 'ହବା' କ୍ରିୟାର ବର୍ତ୍ତମାନକାଳ ତୃତୀୟ
Hae ପୁରୁଷ ୧ବଚନ)—(ସେ ବା ତାହା)ହୁଏ—(He; she; it)
হয় हो Is. ପ୍ରାଦେ (ବଲାଙ୍ଗିର ପାଟଣା) ଅ—ହଁ—Yes.

ହଏଜା—ବୈଦେ. ବ (ଅ, ହୈଜହ୍)—ହଇଜା; ବିସୂଚିକା ରୋଗ—
Haejā Cholera.

ହଏତ—ଦେ. ଅ (ବଙ୍ଗଳା ଭାଷାରୁ ଅନୁକୃତ; ବଂ. ହୟତ)—ସମ୍ଭବତଃ;
Haeta ଏହା ବୋଧ ହୁଏ ଯେ; ଏହା ହୋଇପାରେ ଯେ—
হয়ত शायद Probably; perhaps;
meseems; it seems.
[ଦ୍ର—ବହୁ ଆଧୁନିକ ଓଡ଼ିଆ ଲେଖକଙ୍କ ଲେଖା ଏ
ବଙ୍ଗୀୟ ବ୍ୟବହାରରୁ ଅନୁକୃତ 'ହଏତ' ଓ 'ହୁଏତ'
ବହୁଳ ଭାବରେ ଦେଖାଯାଏ ।']

ହଏ ବୋ—ପ୍ରାଦେ (ବଲାଙ୍ଗିର ପାଟଣା) ଅ—ହୋ—
Hae bo Hallo !

ହଏରାଣ (ଇତ୍ୟାଦି) —ବୈଦେ.ବଣ ଓ ବ—ହଇରାଣ (ଇତ୍ୟାଦି)—
Haerāṇ (etc) Hairāṇa etc (see)

ହଏରାଣି—ବୈଦେ. ବ—ହଇରାଣି (ଦେଖ)
Haerāṇi Hairāṇi (See)

ହଏରାଣିଆ—ଦେ. ବଣ—ହଇରାଣିଆ (ଦେଖ)—
Haerāṇiā Hairāṇiā (see)

ହଏରାନ୍—ପ୍ରାଦେ (ଗଡ଼ଜାତ) ବଣ ଓ ବ—ହଇରାଣ (ଦେଖ)—
Haerān Hairāṇa (See)

ହଂ—ସଂ. ଅ—୧ । କ୍ରୋଧ (ମେଦିନୀ)—1. Interjection deno-
Haṁ ting anger. ୨ । ଅନୁନୟ (ମେଦିନୀ)—2. Inter-
jection denoting request or solicitation.
୩ । ହଂ ବୀଜ; ହଂସଃ ମନ୍ତ୍ରର ବୀଜ ଅକ୍ଷର (ଯେପରି ହଂ ବୀଜାୟ
ନମଃ)—3. The seed letter of the formula
for the Haṁsaḥ mantra. ୪ । ଅଜପାମନ୍ତ୍ରର
ପ୍ରଥମ ଅଂଶ—ନାକବାଟେ ଶରୀରରୁ ନିଃଶ୍ୱାସବାୟୁ ବହିର୍ଗତ
ହେଲାବେଳେ ଅନୁଭୂତ ଶବ୍ଦ)—4. The sound
symbolising the exhalation of air
through the nostrils. [ଦ୍ର—ନାକବାଟେ ଶରୀର
ମଧ୍ୟକୁ ବାୟୁ ପ୍ରବେଶ କଲାବେଳେ ଅନୁଭୂତ ଶବ୍ଦ ସଃ; ଏହି
ଦୁଇ ଶବ୍ଦ ମିଶି ହଂସଃ ଓ ଏହାକୁ ଓଲଟାଇ ବୋଇଲେ
ସୋଽହଂ ହୁଏ ।]

ହଂକଂ—ଦେ. ବ (ନାମ)—ଚୀନ ଦେଶର କାଣ୍ଟନ୍ ନଗରର ଦକ୍ଷିଣରେ
Haṁkaṁ ବ୍ରିଟିଶ ଅଧିକୃତ ଦ୍ୱୀପ ଓ ବନ୍ଦର—Hongkong,
[ହଂକଙ୍—ଅନ୍ୟରୂପ] (an island and port in
হংকং हंकं China)

ହଂକା—ଦେ .ବ—ହଙ୍କା (ଦେଖ)—Haṅkā (See). ପ୍ରାଦେ
Haṁkā (ସମ୍ବଲପୁର) ବ—କୁଲା—Winnowing fan.

ହଂକା(କେ)ଇବା—ଦେ. କ୍ରି—ହଙ୍କାଇବା (ଦେଖ)
Haṁkā(ke)ibā Haṅkaibā (See)

ହଂକା ହଂକି—ଦେ. ବି—ହଙ୍କାହଙ୍କି (ଦେଖ)
Hamkā hamki Hankāhanki (See)

ହଂଗା(ଗେ)ରି—ବୈଦେ. ବି (ନାମ)—ଇଉରୋପର ଯୁଗୋସ୍ଲାଭିଅର
Hamgā(ge)ri ଉତ୍ତରସ୍ଥ ରାଜ୍ୟ ବିଶେଷ—Hungary.
হংগা(গে)রী हंगेरी [ହଙ୍ଗା(ଙ୍ଗେ)ରି—ଅନ୍ୟରୂପ]

ହଂଗୋରି—ଦେ. ବି—ଦାର୍ଜିଲିଙ୍ଗ୍ ପାହାଡ଼ରେ ଜନ୍ମୁଥିବା ଏକଜାତୀୟ
Hamgori କାଠଗଛ—A kind of timber wood tree
হাঙ্গোরী found in Darjeeling hills. [ଦ୍ର—ଏଗଛର କାଠ
हंगोरी ଖୁବ୍ ଦୃଢ଼ ଥିବାରୁ ଏଥିରେ ଖଟ, ଟେବୁଲ, ଚୌକି ଆଦି ଗୃହୋପକରଣ ତିଆରି ହୁଏ । ପାହାଡ଼ିଆମାନେ ଏହାର ଫଳକୁ ଖାଆନ୍ତି ।]

ହଂଜି—ସଂ. ବି—ଛିଙ୍କ (ହି. ଶ)—Sneeze.
Hamji (ହଞ୍ଜି—ଅନ୍ୟରୂପ)

ହଂତ—ସଂ. ଅ—(ଖେଦସୂଚକ ଅବ୍ୟୟ; ଅହା)—(ହି. ଶ)
Hamta Alas.

ହଂବା—ଦେ. ବି—(ସଂ ହଂ ଭା)—ହଂଭା (ଦେଖ)—
Hamba Hambhā (See)

ହଂଭା—ସଂ. ବି—ଗୋରୁମାନଙ୍କ ହମାଳିବା ଶବ୍ଦ (ହି. ଶ)—
Hambhā The lowing of cattle.

ହଂସ୍‌ଲି—ବୈଦେ. ବି—(ଫା)—ହଂସଲି (ଦେଖ)—
Hams-li Hamsali (See).

ହଂସ୍‌ଲି ହାଡ଼—ପ୍ରଦେ. (ସିଂହଭୂମି) ବି—କାନ୍ଧ ଓ ବେକକୁ ଲାଗିଥିବା
Hams-li hārdā ହାଡ଼—Clavicles or collar bones.

ହଂସ—ସଂ. ବି—(ହନ୍ ଧାତୁ=ଗତି କରିବା+କର୍ତ୍ତୃ ସ)—୧ । ଜଳଚର ପକ୍ଷୀ-ବିଶେଷ—1. The Swan. [ଦ୍ର—
Hamsa
(ହଂସୀ—ସ୍ତ୍ରୀ) ଏହା ଜଳରେ ସନ୍ତରି ପାରେ; ଏହାର ଗୋଡ଼ର ଅଙ୍ଗୁଳିଗୁଡ଼ିକ ପରସ୍ପର ସଂଯୁକ୍ତ ଥାଏ, ତେଣୁ ଏହାକୁ ଲିପ୍ତପଦ ବୋଲିଯାଏ । ଏହାର ଅଣ୍ଡା ଚେପଟା; ଏହା ପ୍ଲବଗଜାତୀୟ ଜଳଚର ପକ୍ଷୀ; ଏମାନେ ଦଳ ଦଳ ହୋଇ ବଡ଼ ବଡ଼ ସରୋବରରେ ସନ୍ତରନ୍ତି । ହଂସର ଡେଣାରୁ ଯେଉଁ ପକ୍ଷ ଝଡ଼ିପଡ଼େ ତାହାର ମୂଳଦେଶ ଧଳା ଓ ସ୍ୱଚ୍ଛ ନଳାପରି ପଦାର୍ଥବିଶିଷ୍ଟ ଥିବାରୁ ଲୋକେ ତାକୁ କାଟି କଲମ (Swan quill)ରୂପେ ବ୍ୟବହାର କରନ୍ତି ।
ସଂ. ପର୍ଯ୍ୟାୟ— ଶ୍ୱେତ ଗରୁତ୍, ଚକ୍ରାଙ୍ଗ, ମାନସୌକା, କଳକଣ୍ଠ, ସିତଚ୍ଛଦ, ସିତପକ୍ଷ, ସରଃକାକ, ପୁରୁଦଂଶକ, ଧବଳପକ୍ଷ, ମାନସାଳୟ, ବାରଟ, ବରଳ
हाँस हँस
୨. କଳ୍ପଙ୍ଗ

ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ମାଂସ ଗୁରୁପାକ, ଉଷ୍ଣବୀର୍ଯ୍ୟ, ବାତହର, ବୃଷ୍ୟ, ଶୁକ୍ରବର୍ଦ୍ଧକ, ବଳପ୍ରଦ, ବାତଘ୍ନ, କଫଜନକ, ସ୍ୱର ପରିଷ୍କାରକ ଓ ଉର୍ମିର (ଅକାରକଣା) ରୋଗର ଉପକାରକ ।

ପୁରାଣାଦିରେ ହଂସ ବ୍ରହ୍ମା ଓ ସରସ୍ୱତୀଙ୍କ ବାହନରୂପେ ବର୍ଣ୍ଣିତ ହୋଇଅଛି ।

ଭାରତରେ ପ୍ରାଚୀନ ସାହିତ୍ୟରେ ହଂସ ସମ୍ବନ୍ଧରେ ପ୍ରବାଦ ଅଛି ଯେ, ହଂସ ଆଗରେ ପାଣିମିଶା ଦୁଧ ରଖିଦେଲେ ସେ ଦୁଧତକ ଖାଇଦିଏ ଓ ପାଣିତକ ଦୁଧରୁ ଅଲଗା କରି ପାତ୍ରରେ ଛାଡ଼ିଯାଏ ("ହଂସୋହି କ୍ଷୀରମାଦତ୍ତେ, ତନ୍ମିଶ୍ରଂ ବର୍ଜ୍ୟତ୍ୟପଃ") । ପ୍ରକୃତ ବିଷୟ ଏହି ଯେ, ହଂସର ଥଣ୍ଟରୁ ଅମ୍ଳରସ ଝରଇ ହୁଏ, ସେହି ଅମ୍ଳରସ ଦୁଧରେ ମିଶିଲେ ତାହା ଛେନାରେ ପରିଣତ ହୋଇଯାଏ, ଏବଂ ସେହି ଛେନାତକ ହଂସ ଖାଇଯାଏ ଦୁଧର ଅବଶିଷ୍ଟ ଜଳୀୟ ଅଂଶ ପାତ୍ରରେ ପଡ଼ିରହେ ।

ହଂସମାନଙ୍କୁ ଲୋକେ ଡିମ୍ବ ପାଇଁ ପାଳନ୍ତି । ଡିମ୍ବକୁ କେତେକ ବ୍ୟକ୍ତି ଖାଆନ୍ତି । ଅପାଳିତ ହଂସମାନେ ଗ୍ରୀଷ୍ମକାଳରେ ଗ୍ରୀଷ୍ମପ୍ରଧାନ ଦେଶରେ ନ ରହି ଉତ୍ତରଆଡ଼କୁ ଉଡ଼ିଯାଆନ୍ତି ଓ କଥିତ ଅଛି ଯେ, ହଂସ ଓ ହଂସଜାତୀୟ ଜଳଚର ପକ୍ଷୀମାନେ ଗ୍ରୀଷ୍ମାରମ୍ଭରେ ହିମାଳୟ ପର୍ବତର କାନ୍ଥିରେ ଥିବା ଗୋଟିଏ ରନ୍ଧ୍ର ବାଟେ ଉତ୍ତର ଦିଗବର୍ତ୍ତୀ ମାନସ-ସରୋବରକୁ ଉଡ଼ିଯାଆନ୍ତି ଓ ବର୍ଷାଋତୁ ପରେ ପୁଣି ଏ ଦେଶକୁ ଆସନ୍ତି ।

ହଂସମାନଙ୍କ ମନ୍ଥର ଗତିକୁ କବିମାନେ ଗୁରୁଜଘନା ଯୁବତୀମାନଙ୍କ ଗତି ସଙ୍ଗେ ତୁଳନା କରନ୍ତି, ଏବଂ ଚାଲିଲାବେଳେ ସ୍ତ୍ରୀମାନଙ୍କ ପାଦର ନୂପୁର ଆଦିର କ୍ୱଣନକୁ କବିମାନେ କଳହଂସ ରୁତ ସଙ୍ଗେ ତୁଳନା କରନ୍ତି ।

ବଡ଼ ହଂସକୁ ରାଜହଂସ ବୋଲିଯାଏ । ବତକ ବା ପାତି-ହଂସଙ୍କ ବେକ ଅପେକ୍ଷା ହଂସମାନଙ୍କ ବେକ ଲମ୍ବା । ପୃଥିବୀର ପ୍ରାୟ ସବୁ ଅଂଶରେ ହଂସ ଦେଖାଯାଆନ୍ତି । ଏମାନେ ପାଣିରେ ଥିବା କ୍ଷୁଦ୍ରଜଳଜନ୍ତୁ ଓ ଉଦ୍ଭିଦ ଖାଇ ବଞ୍ଚନ୍ତି । ହଂସର ବର୍ଣ୍ଣ ଶ୍ୱେତ ଥିବା ପ୍ରସିଦ୍ଧ ଥିଲେ ମଧ୍ୟ ଅଷ୍ଟ୍ରେଲିଆରେ କଳାହଂସ, ଆମେରିକାରେ ପାର୍ଶ୍ୱିଅ ଓ ଚକ୍ରକଣ୍ଠ ହଂସ ଦେଖାଯାଆନ୍ତି ।] ୨ । ବିଷ୍ଣୁ (ମେଦିନୀ)—2. Bishnu, ୩ । ଜୀବାତ୍ମା—Soul of animals, as distinguished from the Supreme Soul. ୪ । ପରଂବ୍ରହ୍ମ; ପରମାତ୍ମା (ମେଦିନୀ)—4. The Divine Soul pervading the universe. ୫ । ସୂର୍ଯ୍ୟ (ମେଦିନୀ) —5. The sun. [ଦ୍ର—(୨, ୩, ୫) ବୋଲେ କେ କର୍ମ ଭଦ୍ରସ୍ନାହିଁ ଖ୍ୟାତ, ବିଧିରେ ହଂସ ତୋଷିବା ସ୍ଥିତ—ଭଞ୍ଜ ବୈଦେହୀଶ ବିଳାସ]
୬ । ବ୍ରହ୍ମା (ମେଦିନୀ)—6. The Creator Brahmā.
୭ । ଶିବ (ଅନେକାର୍ଥ କୋଷ)—7. God Siba. [।
ଅଜପା ମନ୍ତ୍ର (ମେଦିନୀ)—8. The mystic word which in involuntarily uttered with every breath. [ଦ୍ର—ସର୍ବଦା ନିଃଶ୍ୱାସବାୟୁକୁ ଛାଡ଼ିବା ଓ ପ୍ରଶ୍ୱାସ ବାୟୁକୁ ଶରୀର ଭିତରକୁ ନେବାବେଳେ ଜୀବ ଯଥାକ୍ରମେ ଏହି ହଂସଃ ମନ୍ତ୍ର ଜପୁଅଛି ।

ମହାତନ୍ତ୍ରରେ ପ୍ରାଣବାୟୁ ବା ଶ୍ୱାସର ଗ୍ରହଣକାଳରେ 'ହଂ' ଓ ଶ୍ୱାସ ଛାଡ଼ିବାବେଳେ 'ସଃ' ଏହି ଶବ୍ଦ ଅନୁଭୂତ ହୁଏ ।

ପ୍ରତିଦିନ ଜୀବ ଏହି 'ଅଜପା ମନ୍ତ୍ରକୁ ୨୧ ହଜାର ୬୦୦ ଥର ଜପୁଛି, ଅର୍ଥାତ୍, ଏତେଥର ନିଃଶ୍ୱାସ ମାରୁଛି । ଏହି ନିଃଶ୍ୱାସର ଗତିକୁ ପ୍ରାଣାୟାମଦ୍ୱାରା ନିୟନ୍ତ୍ରିତ କରିବା ଓ ଠିକ୍‌ସମୟରେ ଏବଂ କେଉଁ ପ୍ରକାରରେ ଶ୍ୱାସ ଛାଡ଼ୁଅଛି, ତାହା ଜାଣିବା ଯୋଗସାଧନର ଅଙ୍ଗ ।] ୯ । ନିର୍ଲୋଭ ନୃପ (ମେଦିନୀ)—9. A king having no avarice. ୧୦ । (ନାମ) ମେରୁର ଉତ୍ତରସ୍ଥ ପୌରାଣିକ ପର୍ବତ-ବିଶେଷ (ପୁରାଣ)—10. Name of a mythological mountain to the north of Meru (pole). ୧୧ । ମାତ୍ସର୍ଯ୍ୟ—11. Envy. ୧୨ । ମନ୍ତ୍ର-ବିଶେଷ; ହଂସମନ୍ତ୍ର (ବେଦ)—12. Name of a mystic formula. ୧୩ । ଅବଧୂତ; ଯୋଗିଭେଦ (ମେଦିନୀ); ପରମହଂସ—13. A class of anchorites who have renounced all worldly ties and passions. ୧୪ । ପ୍ରାଣବାୟୁ; ଶ୍ୱାସ; ଶରୀରସ୍ଥ ବାୟୁ-ବିଶେଷ (ମେଦିନୀ)—14. Name of the vital air; breath.

[ଦ୍ର—ଯୋଗସାଧନ ଦ୍ୱାରା ଶରୀରରେ ଷଟ୍‌ଚକ୍ର କଳ୍ପନାପୂର୍ବକ ପ୍ରାଣବାୟୁକୁ ନିରୋଧ ଓ ନିୟନ୍ତ୍ରିତ କରି ଏକାନ୍ତ ଚିତ୍ତରେ ତାହାଠାରୁ ଶୁଦ୍ଧି ସାଧନା କଲେ ସାଧକଙ୍କୁ କ୍ରମଶଃ ଲଲାଟ-ମଧ୍ୟରେ ଗୋଟିଏ ଜ୍ୟୋତିର୍ବିନ୍ଦୁ ଦେଖାଯାଏ, ଏବଂ ଇଡ଼ା (ଇଅଁଲା), ପିଙ୍ଗଳା (ପିଅଁଲା), ଓ ସୁଷୁମ୍ନା (ଶିଶୁମ୍ନା) ନାଡ଼ୀମାନଙ୍କ ମଧ୍ୟରେ ଗତି କରୁଥିବା ପ୍ରାଣବାୟୁକୁ ସାଧକ ଲକ୍ଷ କରିବାକୁ ସମର୍ଥ ହୁଅନ୍ତି । ତନ୍ତ୍ରୋକ୍ତ ଏହି ଯୋଗ-ସାଧନକୁ ଓଡ଼ିଶାରେ ବୌଦ୍ଧଧର୍ମର ପରବର୍ତ୍ତୀ ସମୟରେ ଯଥା—ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ଆଦି ଭକ୍ତମାନେ ଅଜପାଜପ ବା 'ଶରୀରଭେଦ' ନାମରେ ଚଳାଇ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମର ସମନ୍ୱୟ କରିବାକୁ ଚେଷ୍ଟା କରି ଯାଇଅଛନ୍ତି ଓ ଏହାକୁ ସାଧାରଣ ଲୋକଙ୍କ ସାଧସାଧ୍ୟ କରିବାକୁ ଚେଷ୍ଟା କରି ଯାଇଅଛନ୍ତି । ଉକ୍ତ ଭକ୍ତ ନାଡ଼ିର ସନ୍ଧି (ତ୍ରିକୂଟ, ତ୍ରିମୁନା) ରେ ପ୍ରାଣବାୟୁ (ହଂସ, ଓଲଟ ହଂସ) ଖେଳୁଥିବାର ବର୍ଣ୍ଣନା କରି ସେମାନେ 'ଶରୀର ଭେଦ ଭଜନ' ବା ତାନ୍ତ୍ରିକ ଷଟ୍‌ଚକ୍ର-ସାଧନକୁ ଲୋକସାଧାରଣରେ ପ୍ରଚାର କରି ଯାଇଅଛନ୍ତି ।]

୧୫ । ମହିଷ—15. Buffalo. ୧୬ । ତୁରଙ୍ଗମଭେଦ; ଅଶ୍ୱ ବିଶେଷ (ମେଦିନୀ)—16. A species of horse. ୧୭ । ନରପତି; ରାଜା—17. King ୧୮ । ଧର୍ମଗୁରୁ; ଅଗ୍ରଣୀ—18. Spiritual preceptor. ୧୯ । ସିତବର୍ଣ୍ଣ, ପିଙ୍ଗଳଚକ୍ଷୁ, ତାମ୍ରବର୍ଣ୍ଣ ଶୃଙ୍ଗ ଓ ବୃହତ୍-ମୁଖବିଶିଷ୍ଟ ଗାଭୀ—19. A white cow having grey eyes, coppery horns and large mouth. ୨୦ । ପର୍ବତ (ମେଦିନୀ)—20. Mountain. ୨୧ । କାମଦେବ (ହ. ଶ)—21. Cupid. ୨୨ । ନୃତ୍ୟ-ବିଶେଷ (ହ. ଶ)—22. A kind of dance. ୨୩ । ହଂସାକାରରେ ନିର୍ମିତ ଏକ ଶୃଙ୍ଗବିଶିଷ୍ଟ ପ୍ରାସାଦ (ହ.ଶ)—23. A kind of swan-shaped building. ୨୪। (ନାମ) କୃଷ୍ଣଙ୍କଦ୍ୱାରା ନିହତ ଜନୈକ ଦୁଷ୍ଟ କ୍ଷତ୍ରିୟବୀର—24. Name of a warrior killed by Krushna,

[ଦ୍ର—ଏହାର ଭାଇର ନାମ ଡମ୍ଭକ; ଏ ଦୁଇ ଭାଇ ତପସ୍ୟା-ଦ୍ୱାରା ମହାଦେବଙ୍କଠାରୁ ବର ଓ ଅସ୍ତ୍ର ପାଇ ଅଜେୟ ହେଲେ ଓ କ୍ରମଶଃ ସମସ୍ତଙ୍କ ଉପରେ ଅତ୍ୟାଚାର କଲେ । ଥରେ ଏମାନେ ଦୁର୍ବାସାଙ୍କଠାରୁ କୌପୀନ ଖଣ୍ଡିକ ଛଡ଼ାଇ ନେବାରୁ ମୁନି ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ନିକଟରେ ଫେରାଦ ହେଲେ ଓ କୃଷ୍ଣ ହଂସକୃତ ଏ ଅବମାନନାର ପ୍ରତିଶୋଧ ନେବାପାଇଁ ପ୍ରତିଶ୍ରୁତ ହେଲେ । କେତେ ଦିନ ପରେ ହଂସର ପିତା ରାଜସୂୟ ଯଜ୍ଞ କରିବାରୁ ହଂସ ଯାଇ ଶ୍ରୀକୃଷ୍ଣଙ୍କଠାରୁ କର ମାଗିଲା, କୃଷ୍ଣ ନାହିଁ କଲେ; ଓ ଏହା ସଙ୍ଗେ କୃଷ୍ଣଙ୍କର ପୁଷ୍କର କ୍ଷେତ୍ରରେ ଯୁଦ୍ଧ ହେଲା; ଓ ଏ କୃଷ୍ଣଙ୍କଦ୍ୱାରା ହତ ହେଲା । ଡମ୍ଭକ ଭ୍ରାତୃଶୋକରେ ଯମୁନାରେ ଝାସଦେଇ ମଲା—ଭାଗବତ] ବିଣ—୧। ଅଗ୍ରତଃ ସ୍ଥିତ (ଶବ୍ଦରତ୍ନାବଳୀ)—1. Situated in front. ୨। ମତ୍ସର (ମେଦିନୀ)—2. Envious. ୩। ଶ୍ରେଷ୍ଠ (ହେମଚନ୍ଦ୍ର); ଉତ୍କୃଷ୍ଟ; ପ୍ରଧାନ—3. Excellent. ୪ । ବିଶୁଦ୍ଧ (ଅଜୟ)—4. Pure. ଦେ. ବି—୧ । ପୁରୁଷଲୋକଙ୍କୁ

हाँस हँस ପ୍ରଦତ୍ତ ନାମ—1. A name given to males. ୨। ଅବଧୂତ ବିଶେଷ—[ଦ୍ର—ଏମାନେ ହଂସାଶ୍ରୁତ୍ୟ, ଗୃହ-ତ୍ୟାଗୀ, କାମନାରହିତ, ସର୍ବଦା ସନ୍ତୁଷ୍ଟ, ଚିରକୁମାର, ଯଥା—ଲବ୍ଧ ଅନ୍ନଦ୍ୱାରା ଜୀବିକା ଅର୍ଜନ କରନ୍ତି)—2. A class of recluse. ୩ । ଲଲାଟ ମଧ୍ୟରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି ସଙ୍ଗରେ କ୍ରୀଡ଼ା କରୁଥିବା କଳ୍ପିତ ପ୍ରାଣବାୟୁ (ଯାହା ଶରୀରଭେଦ ଭଜନରେ "ହଂସ ଖେଳୁଛି ତ୍ରିକୂଟ ସନ୍ଧିରେ । ଯମୁନା ବହୁଛି ଉଜାଣି" ଇତ୍ୟାଦି ପଦରେ ସୂଚିତ)-The essential air sustaining the body; and which is said to move inside the eyebrow. ପ୍ରାଦେ. (କଟକ ସହର; ବଙ୍ଗାରବାସୀଙ୍କ ବ୍ୟବହୃତ; ଭୁଲ, ହସି, ହଂସୀ) ବି. (ସଂ. ହାସ୍ୟ)—ହାସ୍ୟ; ହସ—Laughter. (ଉ—ଯଥା—ହାମ୍‌ଙ୍କୁ ଏକଥା ଶୁଣି ହଂସ ଲାଗୁଛି ।]

ହଂସ ଉଡ଼ିଯିବା—ଦେ. କ୍ରି (ଲକ୍ଷଣାର୍ଥ)—ମୃତ୍ୟୁଘଟିବା—Hams urdijiba The flying away of the bird of
প্রাণপক্ষী উড়েযাওয়া life from the cage (body);
हंस उड़जाना death taking place.

ହଂସକ—ବି.ଗ୍ରା (ହଂସ+ସ୍ୱାର୍ଥ,କ)—୧ । (ପୁଂ) ରାଜହଂସ (ଶବ୍ଦଚନ୍ଦ୍ରିକା) Hamsaka 1. Swan. (ହଂସ+ନୈଧାତୁ=ପ୍ରକାଶ କରିବା+ (ହଂସିକା—ସ୍ତ୍ରୀ) କର୍ତ୍ତୃ ଅ) ୨ । ହଂସାକୃତି ନାଦଯୁକ୍ତ ଚରଣ ଭୂଷଣ

A kind of ornament for the leg which emits a sound like that of a swan. [ଯଥା-ନୂପୁର ହଂସକାନ୍ତ ନିନାଦରେ—ଲବଣ୍ୟବତୀ, ଉପେନ୍ଦ୍ର ଭଞ୍ଜ] ୩ । ହଂସାକୃତି ଶବ୍ଦଶୂନ୍ୟ ଚରଣଭୂଷଣ—3. A soundless ornament for the leg. [ଯଥା—ବସୁଛ ଯେ ହଂସକର ନିସ୍ୱନ, ଝଟପଟ ନଖଚନ୍ଦ୍ରମାଳା ପୁନ—ଭଞ୍ଜ ବୈଦେହୀଶ ବିଳାସ] ୪ । ପାଦକଟକ (ଏହା ହଂସାକୃତି ଥିବାରୁ) ପାଦବଳୟ, ବଳା, ପାଉଁଜି ଇତ୍ୟାଦି (ଏହା ଶବ୍ଦଶୂନ୍ୟ)—4. Anklet (which does not tinkle). ୫ । ତାଳପ୍ରଭେଦ; ଯେଉଁ ତାଳ ପ୍ରଥମେ ଲଘୁ, ପରେ ଗୁରୁ ଓ ଶେଷରେ ଲଘୁ ହୋଇଯାଏ (ସଙ୍ଗୀତ ଦାମୋଦର)—5. Name of a musical measure. ୬ । ଗୋଡ଼ ଅଙ୍ଗୁଠିରେ ପିନ୍ଧାଯିବା ମୁଦ୍ରାକାରବିଶିଷ୍ଟ ଗହଣା—6. An ornament for the fingers of the leg. ପ୍ରାଦେ. (ନିଃକ ସହର, ଇତର ଜନ ବ୍ୟବହୃତ) ବି. (ସଂ. ହାସ୍ୟ) – ହସ; ହାସ୍ୟ—Laughter.

ହଂସ କଲମ—ଦେ. ବି.—ହଂସପକ୍ଷର ମୂଳ କାଟିଯାଇ ତିଆର କରାଯିବା
Hamsa kalama କଲମ—Pen from swan quill.
ହାঁস কলম हंस कलम

ହଂସ କୀଲକ—ସଂ. ବି—ରତିବନ୍ଧ ବିଶେଷ—
Hamsa kilaka Name of a posture during coition.
[ଯଥା—ନାର୍ଯ୍ୟା ପାଦଦ୍ୱୟଂ କୃତ୍ୱା କାନ୍ତସ୍ୟୋରୁ ସୁଗୋପରି କଟିମାନୋଲସ୍ୱେଦ୍ ଯତ୍ରାତ୍ ବନ୍ଧୋଽୟଂ ହଂସକୀଳକଃ—ସ୍ମରଦୀପିକା ।]

ହଂସ କୁମର—ଦେ. ବି (ସଂ. ହଂସକୁମାର)—ଯମ—
Hamsa kumara God Jama.
[ଉ—ମରକତକେଶୀ ଓଷ୍ଠସୁଧାପାନ୍ତୁଁ କ ଉପଶଇ ହଂସକୁମର—ଭଞ୍ଜ ପ୍ରେମସୁଧାନିଧି]

ହଂସ କୂଟ–ସଂ. ବି—୧ । କକୁଦ୍ (ଶବ୍ଦକଳ୍ପଦ୍ରୁମ); ବୃଷଭର ଚୂଳ—
Hamsa kuta The fleshy protuberance on the shoulder of a bull. ୨ । ପୌରାଣିକ ପର୍ବତବିଶେଷ (ପୁରାଣ)—2. Name of a mythological mountain.

ହଂସ କେଳି—ଦେ. ବି—ପିଷ୍ଟକ ବିଶେଷ—A kind of cake.
Hamsa keli [ଯଥା—ହଂସକେଳି କଟକମାଳ—ଅଭିମନ୍ୟୁ ବଦଗ୍ଧଚିନ୍ତାମଣି]

ହଂସ ଗତି—ସଂ. ବି—୧ । (୬ଷ୍ଠୀ ତତ୍) ହଂସପରି ଧୀରଗତି—Slow
Hamsa gati motion of the swan. ୨ । ବ୍ରହ୍ମପ୍ରାପ୍ତି; ମୁକ୍ତି (ଦୃ. ଶ)—2. Final beatitude. ୩ । ବୋଡ଼ଏ ମାତ୍ରାର ଛନ୍ଦୋବିଶେଷ (ଛ. ଶ)—3. A kind of syllabic metre. [ଦୃ—ଏଥିରେ ଏକାଦଶ ମାତ୍ରାରେ ବିରାମ ହୁଏ । ଏହି ଛନ୍ଦର ଦ୍ୱାଦଶ ମାତ୍ରାରେ ଯତିପାତ ହେଲେ ଏ ଛନ୍ଦକୁ ମଞ୍ଜୁତିଲକା ବୋଲାଯାଏ (ଛ. ଶ)] ସ. ବିଣ (ପୁଂ ଓ ସ୍ତ୍ରୀ) ହଂସର ଗତିପରି ଧୀର ମଧୁର ଗତି ବିଶିଷ୍ଟ—Having slow and lovely gait. [ଦୃ—ଏ ଶବ୍ଦ ସ୍ତ୍ରୀମାନଙ୍କ ବିଶେଷଣରୂପେ ସାଧାରଣତଃ ବ୍ୟବହୃତ ହୁଏ ।]

ହଂସଗଦା—ସଂ. ବି ସ୍ତ୍ରୀ (ହଂସ + ଗଦ୍ ଧାତୁ = କହିବା + କର୍ତ୍ତୃ ଅ +
Hamsagadā ସ୍ତ୍ରୀ ଆ)—ମଧୁରଭାଷିଣୀ ସ୍ତ୍ରୀ (ଦୃ. ଶ)—Sweet-voiced lady.

ହଂସଗଦ୍ଗଦା—ସଂ. ବିଣ. ସ୍ତ୍ରୀ (ହଂସ + ଗଦ୍ଗଦ + ସ୍ତ୍ରୀ. ଆ)—ମଧୁର-
Hamsagadgadā ନିଃସ୍ୱନା; ମଧୁରଭାଷିଣୀ—Sweet-voiced (woman); of sweet speech.

ହଂସ ଗମନ—ସଂ. ବି (୬ଷ୍ଠୀ ତତ୍)—୧ । ହଂସର ଚାଲି—1. Gait
Hamsa gamana of a swan. ୨ । ହଂସପରି ଚାଲି—2. Majestic walking like a swan. ବିଣ. ପୁଂ (ହଂସଗମନା—ସ୍ତ୍ରୀ. ବିଣ) (ବହୁବ୍ରୀହି)—ଯେ ହଂସପରି ଚାଲେ—Majestically walking like a swan. [ଦୃ—ଏହି ଶବ୍ଦ ପୁଂଲିଙ୍ଗରେ ପୁରୁଷମାନଙ୍କ ପ୍ରତି ବ୍ୟବହୃତ ହୁଏ ନାହିଁ; କିନ୍ତୁ କବିମାନେ ଏହାର ସ୍ତ୍ରୀଲିଙ୍ଗ ଆକାରକୁ ସ୍ତ୍ରୀମାନଙ୍କଠାରେ ବ୍ୟବହାର କରିବାକୁ ଭାରି ଖୁସି ପାଆନ୍ତି ।]

ହଂସଗମନା—ସଂ. ବିଣ. ସ୍ତ୍ରୀ (ହଂସପରି ଗମନ ଯାହାର; ହଂସ +
Hamsagamanā ଗମନ + ସ୍ତ୍ରୀ. ଆ)—ହଂସଗାମିନୀ (ଦେଖ)—Hamsagāmini (See).

ହଂସଗମନୀ—ଦେ ବିଣ ସ୍ତ୍ରୀ (ସଂ. ହଂସଗମନା) – ହଂସଗାମିନୀ (ଦେଖ)—
Hamsagamani Hamsagāmini (See).

ହଂସଗାମିନୀ—ସଂ. ବିଣ. ସ୍ତ୍ରୀ (ହଂସ + ଗମ୍ ଧାତୁ + କର୍ତ୍ତୃ. ଇନ୍ +
Hamsagāmini ସ୍ତ୍ରୀ. ଈ)—ଯେଉଁ ସ୍ତ୍ରୀ ହଂସପରି ମନ୍ଥର (ହଂସଗାମୀ—ପୁଂ) ଗତିରେ ଓ ଗର୍ବରେ ଚାଲେ—(A woman) Strutting majestically like a swan. [ଦୃ—ଏ ଶବ୍ଦର ପୁଂଲିଙ୍ଗ ଆକୃତିକୁ ପୁରୁଷମାନଙ୍କଠାରେ କବିମାନଙ୍କର ପ୍ରୟୋଗ କରିବା ଦେଖା ନାହିଁ; କିନ୍ତୁ ପୁରୁଷମାନଙ୍କ ମଧ୍ୟରେ ହଂସଗାମୀ ମଧ୍ୟ ଅଛନ୍ତି ।] ବି. ସ୍ତ୍ରୀ—୧ । ହଂସପରି ଚାଲୁଥିବା ସ୍ତ୍ରୀ—1. A woman with a swan's gait. ୨ । ବ୍ରହ୍ମାଣୀ ଦେବୀ—2. The wife of God Brahmā.

ହଂସ ଗୁଣା—ଦେ. ବି—ଯେଉଁ ଗୁଣାରେ ବା ନାକର ଅଳଙ୍କାରରେ ହଂସର
Hamsa gunā ମୂର୍ତ୍ତି ବସାଇ ଥାଏ—A nose ring set with the image of a swan.

ହଂସଜା—ସଂ. ବି (ହଂସ = ସୂର୍ଯ୍ୟ + ଜନ୍ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—
Hamsajā ଯମୁନା ନଦୀ—Jamuna river. [ଉ—କୂଳ ହଂସ ଠାର ହଂସଜାମାନେ, ବାନେ ଗମନ ପ୍ରଖର ବେଗାରେ । ଭଞ୍ଜ, ବୈଦେହୀଶବିଳାସ ।]

ହଂସ ଡିମ୍ବ—ସଂ. ବି—ହଂସର ଅଣ୍ଡା—Swan's egg. [ବୃ—
Hamsa dimba ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁରରସ, ଉଷ୍ଣ-
হাঁসের ডিম ସ୍ନିଗ୍ଧ, ଲଘୁପାକ, ବଲ୍ୟ, ବୃଂହଣ, ଶୁକ୍ରବର୍ଦ୍ଧକ ଓ
अंडा ବାତନାଶକ; ଓ ଖାଇ ହେଲେ ଲଘୁତର ଓ ରେତଃକ୍ଷୟ, କାଶ,
ହୃଦ୍‌ରୋଗ, କ୍ଷତ ଆଦି ସବୁ ରୋଗ ବିନାଶକ ହୁଏ—
ରାଜନିର୍ଘଣ୍ଟ ।]

ହଂସ ତୁଳି—ଦେ. ବି—ହଂସୁଲି ତୁଳି (ଦେଖ)
Hamsa tuli Hamsuli tuli (See)

ହଂସ ଦାହନ—ସଂ. ବି—ଅଗୁରୁ (ଶବ୍ଦଚନ୍ଦ୍ରିକା); ଗୁଗ୍ଗୁଳ—
Hamsa dāhana Agallochia.

ହଂସନ୍—ଦେ. ବି (ନାମ) (ଫା. ହସନ୍)—ହସନ୍ ବା ହୋସେନ୍‌ର ଡାକ-
ହୋସେନ୍ ନାମ—Nickname for a Mahammadan
हसन named Hossain.

ହଂସ ନଥ—ଦେ. ବି—ହଂସନୋଥ (ଦେଖ)
Hamsa natha Hamsanotha (See)

ହଂସନାଥ—ଦେ. ବି. ପୁଂ—୧ । ପୁରୁଷଙ୍କ ନାମ—1. A name
Hamsanātha given to males. ୨ । ଶିବଲିଙ୍ଗଙ୍କ ନାମ
হংসনাথ ବିଶେଷ—2. Name of an idol of Śiba. ୩ ।
हंसनाथ କଟକ ଜିଲ୍ଲାରେ କଟକ ସହରର ୭୮ ମାଇଲ୍ ପୂର୍ବରେ
କାଠଯୋଡ଼ି ନଦୀ କୂଳରେ ଅବସ୍ଥିତ ଶିବଲିଙ୍ଗ ବିଶେଷ;
ପରମହଂସନାଥ—3. A popular name Parama-
hamsanātha; an image of Śiba at
Paramhamsa in the Cuttack district.

ହଂସ ନାଦ—ସଂ. ବି (୬ଷ୍ଠୀ ତତ୍)—ହଂସର ଶବ୍ଦ—
Hamsa nāda The sound made by a swan.

ହଂସନାଦିନୀ—ସଂ. ବିଣ. ସ୍ତ୍ରୀ—ହଂସପରି ନାଦ କରୁଥିବା (ସ୍ତ୍ରୀ)—
Hamsanādini (A woman) Having the voice of a
swan. ବି. ସ୍ତ୍ରୀ—ମନୋରମା ନାରୀବିଶେଷ—[ବୃ—
ଯେଉଁ ସ୍ତ୍ରୀଙ୍କ ଗଢ଼ ହସ୍ତୀର ଗଢ଼ପରି, କଣ୍ଠସ୍ୱର କୋକିଳ
ସ୍ୱରପରି, ଯାହାଙ୍କ ଶରୀର କୃଶ, ନିତମ୍ବ ପୃଥୁଳ, ତାଙ୍କୁ
ହଂସନାଦିନୀ ବୋଲାଯାଏ ।]
(ଗଜେନ୍ଦ୍ରଗମନା ତନ୍ୱୀ କୋକିଳାଳାପସୁନ୍ଦରୀ
ନିତମ୍ବ ଗୁର୍ବିଣୀ ଯାସା କଥ୍ୟତେ ହଂସନାଦିନୀ—ଶବ୍ଦମାଳା)
A woman having the gait of an ex-
cellent elephant, the sweet voice of a
peacock and having big buttocks with
a lean body.

ହଂସନାବାଦ—ଦେ. ବି. (ନାମ)—କଟକ ସହରର ଅଂଶବିଶେଷର
Hamsanābad ନାମ—Name of a part of the
town of Cuttack.

ହଂସନାଭ—ସଂ. ବିଣ (ନାମ)—ମାର୍କଣ୍ଡେୟ ପୁରାଣୋକ୍ତ ପର୍ବତ ବିଶେଷ—
Hamsa nābha Name of a mythological
mountain.

ହଂସ ନୋ(ନ)ଥ—ଦେ. ବି.—ଯେଉଁ ନୋଥରେ ହଂସର ମୂର୍ତ୍ତି ବସି
Hamsa no(na)tha ଥାଏ—A notha or nosering
হাঁসনথ हँसनथ with the image of a swan on it.

ହଂସ ପକ୍ଷ—ସଂ. ବି. ୧ । (ସାମୁଦ୍ରିକ; ଏହି ରେଖାର ଦୁଇ ପାଖରେ
Hamsa paksha ହଂସର ପକ୍ଷରେ ଗୁଡ଼ିଏ କ୍ଷୁଦ୍ର ପର ଲାଗିଥିବା
ପରି ଗୁଡ଼ିଏ ରେଖା ଲାଗିଥିବାରୁ ଏହି ନାମ)—ଶୁଭ ସୂଚକ
କରତଳସ୍ଥ ରେଖା ବିଶେଷ—(Palmistry) Name
of a feather-like line found on the palms
of the hands. ୨ । ହଂସର ପକ୍ଷ—2. The
wing or feather of a swan.

ହଂସ ପକ୍ଷୀ—ସଂ. ବି—ହଂସ ନାମକ ପକ୍ଷୀ—The bird Swan.
Hamsa pakshī ଦେ. ବି—୧ । ହଂସର ପକ୍ଷ—1. The
হাঁসের পাখা हंसकापर feather of a swan. ୨ । ହଂସ-
ପକ୍ଷର କଲମ—2. Swan-quill pen.

ହଂସ ପଥ—ସଂ.ବି. (୬ଷ୍ଠୀ ତତ୍)—ଆକାଶରେ ବହୁ ଉଚ୍ଚରେ ହଂସମାନେ
Hamsa patha ମାନସସରୋବରକୁ ଉଡ଼ିଯିବାବେଳେ ଯେଉଁ
ବାଟ ଦେଇ ଯାଆନ୍ତି—The high part of the
sky used by the swans when migrating
to the Mānasasarobara lake.

ହଂସ ପଦ—ସଂ.ବି. (୬ଷ୍ଠୀ ତତ୍)—୧ । ହଂସର ପଦ (ଯହିଁରେ ଅଙ୍ଗୁଠି
Hamsa pada ସାରା ଏକାଠେଇଁ ଲାଗିଥାଏ)—1. Swan's
foot; the web-foot of the swan. ୨ । ହଂସ
ପଦ ପରି ଜୋଡ଼ା ଅଙ୍ଗୁଳିଯୁକ୍ତ ପଦ; ଲିପ୍ତ ପଦ—
2. Webfoot. ୩ । ଦୁଇ ତୋଳା ବା ଏକ କର୍ଷ
ପରିମିତ ଓଜନ—3. A standard weight of
2 tolas or 1 Karsha. ବିଣ. ପୁଂ. (ବହୁବ୍ରୀହି)
୧ । ଯେଉଁ ବ୍ୟକ୍ତିର ପାଦର ଅଙ୍ଗୁଠିମାନ ପରସ୍ପର
(ହଂସପଦା—ସ୍ତ୍ରୀ. ବିଣ) ଲାଗିଥାଏ—1. Webfooted
୨ । ଯେଉଁ ବ୍ୟକ୍ତିର ପାଦର ମଝି ଦେଇଳିଆ ନ ହୋଇ
ସମଗ୍ର ପାଦତଳ ଭୂମିରେ ଘସି ହୋଇ ଲାଗିଥାଏ—
2. A person whose soles touch the
ground completely without there being
any hollow in the middle.

ହଂସପଦୀ—ସଂ. ବି—୧ । ଗୋଧାପଦୀ (ରାଜନିର୍ଘଣ୍ଟ); ଗୁଅଳଲଟା
Hamsa padi ଗୋଅଳଅଲଟା, ଏକ ପ୍ରକାର ସର୍ପ ଶାକଲତା
ସଂ. ପର୍ଯ୍ୟାୟ—ମଧୁସ୍ରବା, ବିପଦା, —1. A creeper;
ଗୋଧାପଦୀ, ହଂସପାଦିକା, Vites Latifolia. [ବୃ—
ହଂସପାଦୀ, କୀଟମାତା, ତ୍ରିପାଦିକା, ଏହି ଲତାର (ସଂ. ତ୍ରିପାଦିକ)
ତେଣ ପରିକି ଫାଟ ଓ ଗଛର ବକଳର ଫାଟରେ ପକ୍ଷୀ ଏ
ଲତା ମାଡ଼େ (ଏଥିପାଇଁ ନାମ ତ୍ରିପାଦିକ); ଏହାର ପତ୍ର
ବିପତ୍ରି; ଲୋମଯୁକ୍ତ । ଏହାର ପତ୍ରର ଆକାର ହଂସର
ଲିପ୍ତ ପାଦ ପରି ଥିବାରୁ ଏହାର ନାମ ହଂସପଦୀ । ଅନ୍ତ

ଏକ ପ୍ରକାର ବଡ଼ ଲତା (ସ. ଗୋଧାପଦୀ) ଅଛୁ । ଏହାକୁ ବଡ଼ ଗୁଆଳଲତା ବୋଲୁଯାଏ (Vites Pedanta).
ଏହା କଟୁରସ, ଶୀତଳ, ଗୁରୁପାକ, ଉଷ୍ଣଯୁକ୍ତ, ଓ ବାତ, ଭ୍ରାନ୍ତ, ଅପସ୍ମାର, ଅତିସାର, ରକ୍ତଦୋଷ, ବ୍ରଣ, ବିସର୍ପ, ଭୂତାବେଶ, ଅଗ୍ନିଦାହଣୀ ଓ ବିଷଦୋଷର ଶାନ୍ତିକାରକ । ଏହି ପତ୍ରକୁ ବାଟି କଥ ଉପରେ ବୋଳିଲେ କଥ ଫାଟିଯାଏ ଏବ ଘା ଭଲ ହୁଏ ।] ୨ । ହଂସରାଜ (ଦେଖ)—2. Hamsarāja (See).

ହଂସ ପର—ଦେ.ବି.—ହଂସର ଦେହରେ ଓ ଡେଣାରେ ଥିବା କୋମଳ
Hamsa para ସୂକ୍ଷ୍ମ ରୋମ—The down of the swan;
হাঁসেরপালক हँसकापर eider down.

ହଂସପାକ ଯନ୍ତ୍ର—ସ.ବି.—ଔଷଧପାକାର୍ଥ ବ୍ୟବହୃତ ଆୟୁର୍ବେଦୋକ୍ତ ଯନ୍ତ୍ର-
Hamsapāka Jantra ବିଶେଷ – Name of a contrivance for boiling Ayurvedic preparations.

ହଂସପାତା(ତ)ଳ—ବୈଦେ. ଗ୍ରା. ବି—ହସ୍‌ପିଟାଲ୍—Hospital.
Hamsapātā(ta)la [ଉ—ସାନ ବାବୁଙ୍କର ମୁଣ୍ଡ ଫାଟିଯାଇଛି,
হঁসপাতাল ପୋଲିସ ସାନବାବୁଙ୍କୁ ହଂସପାତାଳକୁ ପଠାଇଛି—
अस्पताल ଘଟାଶ୍ରୀଚରଣ—ସଂସାରଚକ୍ର]

ହଂସ ପାଦ—ସ. ବି—୧ । ହଂସର ଚରଣ—1. The foot of a
Hamsapāda swan. ୨ । ହିଙ୍ଗୁଳ (ହିଙ୍ଗୁଳିଆ)—2. Red sulphide of mercury; cinnabar; vermilion.
୩ । ହଂସପାଦପରି ପତ୍ରବିଶିଷ୍ଟ ଲତା ବିଶେଷ (ଏହା ଔଷଧରେ ଲାଗେ)—3. A kind of medicinal herb; Vites latifolia.

ହଂସପାଦା—ଦେ. ବିଣ. ପୁଂ (ସ. ହଂସପଦ)—ଯେଉଁ ବ୍ୟକ୍ତିର ସମଗ୍ର
Hamsapāda ତଳପା ଭୂଇଁରେ ଲାଗୁଥିବାରୁ ଅଧୁକର ଦେଖା-
(ହଂସପାଦଅ—ଅପଭ୍ରଂଶ) ଯାଏ—(A person) Having
[ହଂସପାଦୀ, ହଂସପାଦେଇ—ସ୍ତ୍ରୀ] the whole sole of his
হঁসপেয়ে feet touching the ground without hav-
हंसपादा ing any hollow inside.

ହଂସପାଦିକା—ସଂ. ବି—ହଂସପଦୀ (ଦେଖ)—
Hamsapādikā Hamsapadī (See)

ହଂସପାଦୀ—ସ. ବି—୧ । ହଂସପଦୀ ଜାତୀୟ ଲତା ବିଶେଷ (ରତ୍ନମାଳା)
Hamsapādi 1. A species of Hamsapadi [ଦ୍ର—
ଏଥିର ଅନ୍ୟ ସ. ନାମ କିଟପଦୀ—ହରେକୃଷ୍ଣ . ଦ୍ରବ୍ୟଗୁଣ]

ହଂସପୁର—ଦେ.ବି—୧ । ରାଜପରିବାରସ୍ଥ ସ୍ତ୍ରୀମାନଙ୍କ ରହିବାପାଇଁ ଘର;
Hamsapura ରାଣୀ ହଂସପୁର; ଅନ୍ତଃପୁର—1. Harem.
রানীমহল [ଯଥା—ତମେ ଗଲେ ତାର ପ୍ରାଣେ ନବେ ଷ୍ଟୂରେ,
रानीमहल ନୃପତିକ ପାପ ଜେମା ହଂସପୁରେ—ରାଧାନାଥ. ନନ୍ଦିକେଶ୍ୱରୀ] ୨ । ଅଧୁନାର ମୁଲତାନ—2. Modern Multan. [ଦ୍ର—କାଶ୍ମୀର, ପୁଷ୍କଳାବତୀ, ତକ୍ଷଶିଳା ପୁରୀ, ଶୀଳାଭୂର, ହଂସପୁର ଅବଦର ଯେତେ—ରାଧାନାଥ, ମହାଯାତ୍ରା ।]

ହଂସ ବାହନ—ସ.ବି ପୁଂ (ବହୁବ୍ରୀହି, ହଂସ ଅଟେ ବାହନ ଯାହାର)—
Hamsa bāhana ବ୍ରହ୍ମା—God Brahmā. ସ. ବିଣ ପୁଂ
ଯାହାଙ୍କ ବାହନ ହଂସ—Having the swan as
(ହଂସବାହନା—ସ୍ତ୍ରୀ) his carrier.

ହଂସ ବାହନା(ବାହିନୀ)—ସ, ବି ସ୍ତ୍ରୀ (ହଂସ+ବାହନ+ଆ; ହଂସ ଅଟେ
Hamsa bāhanā(bāhini) ବାହନ ଯାହାଙ୍କର—ବହୁବ୍ରୀହି;
ହଂସ+ବହଧାତୁ + ଇନ୍+ଈ; ହଂସ ଯାହାଙ୍କର ବାହନ) ୧ । ସରସ୍ୱତୀ—1. Goddess of learning.
୨ । ବ୍ରହ୍ମାଣୀ—2. The wife of Brahmā.
ସ. ବିଣ ସ୍ତ୍ରୀ—ହଂସ ବାହନର ସ୍ତ୍ରୀ ଲିଙ୍ଗ—Feminine of Hamsa bāhana.

ହଂସ ବୀଜ—ସଂ. ବି—ହଂସଡିମ୍—
Hamsa bija Swan's egg.

ହଂସମଣି—ଦେ. ବି ପୁଂ—୧ । ଲୋକଙ୍କ ନାମ—1. A name
Hamsamani given to males. ୨ । ମହାଦେବଙ୍କ ଲିଙ୍ଗ-
হংসমনী ବିଶେଷ—2. Name of an image of Siba. ୩ । କଟକ ଜିଲ୍ଲାର ପରମହଂସନାଥ ମହାଦେବଙ୍କ ଡାକନାମ—3. Popular name of the image of Paramahamsanātha in the district of Cuttack.

ହଂସ ମନ୍ତ୍ର—ଦେ. ବି—୧ । ବ୍ରହ୍ମଜ୍ଞାନ ସମ୍ପର୍କୀୟ ମନ୍ତ୍ର ବିଶେଷ; ସୋଽହଂ.
Hamsa mantra 1. A mystic formula reciting
হংসমন্ত্র knowledge about the Supreme Soul.
हंसमन्त्र [ଦ୍ର—ହଂସ ମନ୍ତ୍ର ମୋର କର୍ଣ୍ଣରେ ଦେଇ, ଅନନ୍ତ ଶିଷ୍ୟଙ୍କର ମୋତେ ଭୁଲି—ପ୍ରାଚୀ. ପରତେ ଗୀତା] ୨ । ଅଜପା ମନ୍ତ୍ର; ଜନ୍ତୁ ଜୀବ ନିଶ୍ୱାସ ପ୍ରଶ୍ୱାସ ଦ୍ୱାରା ଯାହାଯାତ କରୁଥିବା ନାସାବାୟୁ ଜନିତ ମନ୍ତ୍ର—2. Mystic formula formed by the sound of exhalation and inhalation.

ହଂସ ମାଳା—୧ । ସ. ବି (୬ଷ୍ଠୀ ତତ)—ହଂସଶ୍ରେଣୀ; ହଂସ ସମୂହ—
Hamsa mālā 1. A crowd or herd of swans.
୨ । ରାଜହଂସ—2. Gander. ୩ । ବର୍ଣ୍ଣ ବୃତ୍ତ ବିଶେଷ (ଦ୍ର. ଷ)—3. Name of a syllabic metre.

ହଂସମାଷା—ସ. ବି.—ମାଷପର୍ଣ୍ଣୀ (ବନ କଳଥା) (ଦେଖ)—
Hamsa māshā Māshaparnni (See)

ହଂସମୁଣ୍ଡି—ପ୍ରାଦେ. ବି. (ଗଡ଼ଜାତ)—ସାହାସ ମୁଣ୍ଡି (ଦେଖ)
Hamsamundi Sāhāsamundi (See)

ହଂସ ଯୋଷିତ୍—ସ. ବି ସ୍ତ୍ରୀ—ହଂସୀ—A she-swan.
Hamsa joshit

ହଂସ ରଥ (ଯାନ)—ସ. ବି. (ବହୁବ୍ରୀହି—ହଂସ ଅଟେ ରଥ=ବାହନ
Hamsa ratha (Jāna) ଯାହାର)—ବ୍ରହ୍ମା—God Brahmā
(whose vehicle is swan).

ହଂସରାଜ—ଦେ. ବି. (ସଂ. ହଂସପାଦୀ)—ଅପୁଷ୍ପକ ଉଦ୍ଭିଦ ବିଶେଷ— Hamsarāja (ଦ୍ର—ଏହାର ଡାଙ୍ଗ କଳା ତାର ପରି; ପତ୍ର ଗୁଚ୍ଛକ ହংসরাজ সমলপত্রী ଡାଳର ଦୁଇପାଖେ କଣ୍ଟକ ବାହୁଙ୍କାରେ ଲାଗିଥିବା କଣ୍ଟା ପତ୍ର ପରି ଲାଗିଥାଏ। ପତ୍ରମାନ ଅର୍ଦ୍ଧଚନ୍ଦ୍ରାକାର। ବର୍ଷା ଦିନେ ଓଦାପାଚେରି ଓ ଇଟା କାନ୍ଥରେ ଏ ଗୁଳ୍ମ ଜନ୍ମେ। ଏ ଗୁଳ୍ମ ଦେଖିବାକୁ ସୁନ୍ଦର; ଏଥିର ମୂଳରୁ ଡାଳମାନ କଣ୍ଟା ବାହୁଙ୍କା ପରି ବାହାରି ଥାଏ। ବଡ଼ଲୋକମାନେ ସଉକରେ ଆଣି ଏହାକୁ ବଗିଚାରେ ଲଗାନ୍ତି। ଘୋଡ଼ ଓ ହୁକୁଟିଆ ପଥର ଟେକା ଉପରେ ଏ ଗଛ ଉଠେ। ବୈଦ୍ୟଙ୍କ ମତରେ ଏହା ଗରମ ଓ ଜ୍ୱରର ଔଷଧ ଅଟେ ହ୍ରୁ. ନ)—The maiden hair fern.

ହଂସରାଡ଼ି(ଳି)—ଦେ. ବି. (ସଂ. ନାମ କଳହଂସ)—ଏକ ପ୍ରକାର ଶ୍ୱେତ Hamsarādi(li) ହଂସଜାତୀୟ ଜଳଚର ପକ୍ଷୀ; କଳହଂସ— কড়হাংস পনবতক Grey lag goose; Anser Ferus.

[ଉ—ହଂସ ହଂସରାଳମାନେ ଯେ ଭାସୁଛନ୍ତି, ବୃ. ଭ. ଅର]

[ଦ୍ର—ଏହା ମ୍ଲବଗ ବର୍ଗର ୧୨ ଅଙ୍ଗୁଳ ଦୀର୍ଘ ପକ୍ଷୀ; ମୁଣ୍ଡ କଳା; ପେଟ ଧଳା ଓ ଛାତି ଖଇରା; ଗଳା ଲମ୍ବ; ଥଣ୍ଟ ସିଧା ଓ ଦାନ୍ତୁଆ; ଡେଣା ସାନ; ଲାଞ୍ଜ ପ୍ରାୟ ନାହିଁ; ଗୋଡ଼ ଶ୍ୱେତ। ଏମାନେ ପାଣିରେ ବୁଡ଼ନ୍ତି ଓ ଡେଣା ଏବଂ ଗୋଡ଼ ଦ୍ୱାରା ପହଁରନ୍ତି। ଏମାନେ ଶୀତକାଳେ ଉତ୍ତର ଅଞ୍ଚଳ ଅତିକ୍ରମି ପୋଖରୀ, ଝିଲ, ଓ ଚିଲିକା ଆଦି ହ୍ରଦରେ ଦଳ ଦଳ ହୋଇ ପଡ଼ନ୍ତି ଓ ଗ୍ରୀଷ୍ମ ଋତୁର ପୂର୍ବରୁ ଉଡ଼ି ଚାଲି ଯାଆନ୍ତି।]

ହଂସରୁତ—ସଂ. ବି (୬ଷ୍ଠୀ ତତ୍)—୧। ହଂସର ଧ୍ୱନି ବା ରବ— Hamsa ruta 1. The sound of a swan. ୨। ସଂସ୍କୃତ ଛନ୍ଦୋବିଶେଷ—2. Name of a Sanskrit metre.

ହଂସରୁତା(ତୀ)—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି—ହଂସପରି ରୁତ=ନାଦ Hamsa rutā(ti) ଯାହାର)—ହଂସପରି କଳନାଦିନୀ— (a woman) Having the voice resembling that of the swan (ହଂସରୁତ—ପୁଂ)

[ଦ୍ର—ଯେଉଁ ସ୍ତ୍ରୀଙ୍କ ଗଳାର ସ୍ୱର ବା କିଙ୍କିଣୀର ନାଦ ହଂସନାଦ ପରି କବିମାନଙ୍କ କାନକୁ ଲାଗେ, ତାଙ୍କୁ ହଂସରୁତା କହନ୍ତି; କିନ୍ତୁ ପୁରୁଷମାନଙ୍କୁ କବିମାନଙ୍କର ଏ ବିଶେଷଣ ଦେବା ଶୁଣା ନାହିଁ।]

ହଂସଲି—ଦେ. ବି (ସଂ. ଅଂଶ=କାନ୍ଧ ଓ ଲା ଧାତୁ ଗ୍ରହଣ କରିବା)— Hamsali ୧। ରୌପ୍ୟ ବା ସ୍ୱର୍ଣ୍ଣର ଅର୍ଦ୍ଧଚନ୍ଦ୍ରାକାର କଣ୍ଠାଭରଣ হাঁসুলী, হাঁসলী হঁসলী ବିଶେଷ; ହଂସୁଳି (ଉଚ୍ଚାର) (ଦେଖ)— A crescent-shaped ornament for the neck. (ଦ୍ର—ହାର ଓ ମାଳ ଗୁନ୍ଥା ହୋଇଥାଏ; କିନ୍ତୁ ହଂସଲି ଗୋଟିଏ ଧାତୁରେ ନିର୍ମିତ। ହା ମୁସଲମାନ ସ୍ତ୍ରୀଲୋକମାନେ ବ୍ୟବହାର କରନ୍ତି।) ୨। ହଂସୁଳିହାଡ଼— 2. Collar bone; clavicle.

ହଂସଲୋମଶ—ସଂ. ବି.—କାଶୀଶ (ରାଜନିର୍ଘଣ୍ଟ); ହୀରାକସ—Green Hamsa lomasa sulphate of iron.

ହଂସଲୋହକ—ସଂ. ବି.—ପିତ୍ତଳ (ହେମଚନ୍ଦ୍ର)—Brass. Hamsa lohaka

ହଂସସୁତ(ତନୟ)—ସଂ. ବି (୬ଷ୍ଠୀ ତତ୍) (ତନୟ) ଯମ—Jama. Hamsa suta (tanaya)

ହଂସସୁତା(ତନୟା)—ସଂ. ବି (୬ଷ୍ଠୀ ତତ୍) ଯମୁନାନଦୀ—The river Jumna. Hamsa sutā(tanayā)

ହଂସା—ଦେ ବି. (ସଂ. ହଂସ=ପ୍ରାଣ)—୧। ପ୍ରାଣ; ଜୀବନ— Hamsā 1. Life. ୨। ପ୍ରାଣବାୟୁ—2. Vital air; শ্বাস প্রাণবায়ু; হঁসা breath of life. ୩। ଧାରାସି; ଧୈର୍ଯ୍ୟ—3. Patience. ପ୍ରାଦେ. ବି. (କଟକ)— ହେଁସ; ମସିଣା—Rude reed mat.

ହଂସା(ସେ)ଇବା—ପ୍ରାଦେ (କଟକ ସଦର ଉତ୍ତର ଦେଶ ପ୍ରଚଳିତ) କ୍ରି— Hamsā(se)ibā ହସାଇବା—To make one laugh.

ହଂସା ଉଡ଼ା—ଦେ. ବିଣ—ଯହିଁରେ ହଂସା ଉଡ଼ିଯାଏ; ଅତ୍ୟନ୍ତ କ୍ଲାନ୍ତିଜନକ—Very toilsome. Hamsā urdā

ভয়ানকশক্ত হঁসউড়ানেবালা

ହଂସା ଉଡ଼ିବା—ଦେ. କ୍ରି—୧। ଅତି କ୍ଷୁଧାର୍ତ୍ତ ବା ତୃଷାର୍ତ୍ତ ହେବା; Hamsā urdibā କ୍ଷୁଧା ଓ ତୃଷାରେ ଓଷ୍ଠାଗତପ୍ରାଣ ହେବା— প্রাণবেরিয়েযাওয়া হঁসাউড়না 1. Being in extreme pang for thirst and hunger. ୨। ଅତ୍ୟନ୍ତ ଶୋଷ କରିବା—2. Feeling extreme. thirst. ୩। କଣ୍ଠାଗତ ପ୍ରାଣହେବା; ମୃତପ୍ରାୟ ହେବା— 3. Being about to die. ୪। ଧୈର୍ଯ୍ୟଲୋପ ହେବା; ଧାରାସି ଛାଡ଼ିଯିବା—4. Loss of patience [ଉ—ସେ ବଚନ ଶୁଣି ଦାସଙ୍କ ଉଡ଼ିଲା ହଂସା— ରାଧାନାଥ—ଭକ୍ତବନ୍ଧୁ)—୫। ଅଣନିଶ୍ୱାସ ହେବା— 5. Being out of breath.

ହଂସାଂଘ୍ରି—ସ. ବି.—୧। ହଂସପାଦ (ଦେଖ)—1. Hamsapāda Hamsāmghri (See). ୨। ହିଙ୍ଗୁଳ (ଦେଖ)— 2. Vermilion.

ହଂସାଣ୍ଡ—ସଂ. ବି. (୬ଷ୍ଠୀ ତତ୍; ହଂସ+ଅଣ୍ଡ) ହଂସ ଡିମ୍ବ— Hamsānda Swan's egg.

ହଂସାଧର—ପ୍ରାଦେ. ବି. (ସମ୍ବଲପୁର)—କୁସ୍ତି;—କସରତ— Hamsādharā Athletics; athletic feat.

ହଂସା ଧରିବା—ପ୍ରାଦେ. କ୍ରି (ସମ୍ବଲପୁର)—କୁସ୍ତି କରିବା— Hamsā dharibā To perform athletic feats.

ହଂସାବଳୀ—ସଂ. ବି (୬ଷ୍ଠୀ ତତ୍)—ହଂସମାଳା (ଦେଖ)— Hamsābali Hamsamālā (See)

ହଂସାଭିଖ୍ୟ—ସଂ. ବି (ହଂସପରି ଅଭିଖ୍ୟା=ସୌନ୍ଦର୍ଯ୍ୟ ଯାହାର)—ରୂପ୍ୟ; Hamsābhikhya ରୁପା (ହେମଚନ୍ଦ୍ର)—Silver. (ହଂସାଭିଧ୍ୟ—ଅନ୍ୟରୂପ)

ହଂସାମୁଣ୍ଡି—ପ୍ରାଦେ. ବି (ଗଞ୍ଜାମ)—ଶଗଡ଼ର ଦୁଇ ଦଣ୍ଡାର ଅଗମୁଣ୍ଡକୁ Hamsāmundi ଯୋଡ଼ିବା କାଷ୍ଠଖଣ୍ଡ, ଯହିଁରେ ଜୁଆଳି ବାନ୍ଧନ୍ତି (କନ୍ଧ)—A pin attached to the front ends

of the two poles of a cart to which the yoke is tied.

ହଂସାରୂଢ—ସଂ, ବଣ. ପୁଂ (୧ମୀ ତତ୍)—ହଂସ ଉପରେ ଚଢିଥିବା—
Hamsārūrdha Riding on a swan, ୨—ବ୍ରହ୍ମା—Brahmā.
(ହଂସାରୂଢା—ସ୍ତ୍ରୀ)

ହଂସାରୂଢା—ସ. ବି. ସ୍ତ୍ରୀ—୧ । ସରସ୍ବତୀ—1. The Goddes of
Hamsārūrdhā learning. ୨ । ବ୍ରହ୍ମାଣୀ—2. The wife of Brahmā.
ସ. ବଣ. ସ୍ତ୍ରୀ—ହଂସ ରୂଢୀର ସ୍ତ୍ରୀଲିଙ୍ଗ—Feminine of Hamsārurdha.

ହଂସାଳି—ସଂ. ବ (୬ଷ୍ଠୀ ତତ୍)—୧ । ହଂସସମୂହ—1. A brood
Hamsāli of swans. ୨ । ୩୭ ମାତ୍ରା ବିଶିଷ୍ଟ ଛନ୍ଦୋବିଶେଷ—2. A Sanscrit metre of 37 syllables.
[ଦ୍ର—ଏଥିରେ ବିଂଶମାତ୍ରା ଉପରେ ଯତିପଡ଼େ ଓ ଶେଷରେ ୧ ଯ ଗ ଣ ଥାଏ (ହ·ଗ)]

ହଂସି—ପ୍ରାଦେ. (କଟକ ସଦର ଇତର ବ୍ୟବହୃତ) ବ (ଭୁଲ. ହୁ. ହଂସୀ)
Hamsi (ସଂ ହସ୍ ଧାତୁ)—୧ । ହାସ୍ୟ; ହସ—1. Laughter.
୨ । ହସିବା—2. Laughing. ଦେ. ବ—୧ । ଏକ ପ୍ରକାର ତନ୍ତି ଜାତି—1. A caste of weavers.
୨ । ହଂସ ବା ହଂସନାଥର ଆଦରାର୍ଥକ ଡାକନାମ—2. Nickname for calling Hamsanātha in fondness.
(ହଂସୁ, ହଂସେଇ—ଆଦରାର୍ଥକ ଡାକନାମ)
(ହଂସ ଅ, ହଂସୁଆ—ଅନାଦରାର୍ଥକ ଡାକନାମ)

ହଂସିଆ—ଦେ. ବ—୧ । ଅର୍ଦ୍ଧଚନ୍ଦ୍ରାକାର ଧାରୁଆ ଦାଅ—
Hamsiā 1. Crescent-shaped sharp scythe. ୨ । କାସ୍ତେ ହଂସ ବା ହଂସନାଥ ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକ
हंसु(सि)आ ନାମ—2. Nickname for Hamsanātha in familarity. ୩ । କଞ୍ଚା ମାଟିକୁ କାଟିବାପାଇଁ ବ୍ୟବହୃତ କୁମ୍ଭାରଙ୍କର ଅର୍ଦ୍ଧଚନ୍ଦ୍ରାକାର କଟୁରୀ—3. A crescent-shaped bill hook used by potters to cut wet clay. ୪ । ମେଡ଼ାକୁ ଛେଲି ଚିକ୍କଣ କରିବାରେ ବ୍ୟବହୃତ ମୋଚିମାନଙ୍କର କଟୁରୀ—4. A kind of bill hook used by cobblers to cut or smooth leather. ୫ । ହାତୀର ଅଙ୍କୁଶର ମୁନିଆ ଅଗ ସଙ୍ଗେ ଲାଗିଥିବା ବଙ୍କା ଅଂଶ—5. The bent portion attached to the pointed edge of an elephant's goad.

ହଂସିକା—ସଂ. ବ (ହଂସକ+ଆ)—ହଂସୀ (ଶବ୍ଦରତ୍ନମାଳା)—
Hamsikā A she swan.

ହଂସିଖୁସି—ପ୍ରାଦେ. (କଟକ ସଦର ଇତର ବ୍ୟବହୃତ) ବ—୧ । ହାସ୍ୟ
Hamsikhusi ଓ କୌତୁକ; ହାସ୍ୟ ଓ ଆନନ୍ଦ—1. Laugh and joy. ୨ । ଉଲ୍ଲାସ; ମଉଜ—2. Merriment
୩ । ଠଟ୍ଟାତାମସା—3. Jesting and wittisms.

ହଂସିବା—ପ୍ରାଦେ. କ୍ରି (କଟକ ସଦର ଇତର ବ୍ୟବହୃତ ଭାଷା; ସଂ. ହସ
Hamsibā ଧାତୁ, ଭୁଲ. ହୁ. ହଂସଣା)—୧ । ହସିବା; ହାସ୍ୟ କରିବା—1. To laugh. ୨ । ଉପହାସ କରିବା—2. To deride at. ୩ । ଥଟ୍ଟା କରିବା—3. To jest.

ହଂସୀ—ସଂ. ବ ସ୍ତ୍ରୀ (ହଂସ+ଈ)—୧ । ସ୍ତ୍ରୀ ହଂସ; ମାଈ ହଂସ—1. A
Hamsi she-swan. ୨ । ଦ୍ୱାବିଂଶତ୍ୟକ୍ଷରପାଦ ଛନ୍ଦୋବିଶେଷ—2. Name of a Sanskrit metre of 22 letters. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୨ ମଗଣ, ୧ ତଗଣ, ୩ ନଗଣ, ୧ ସଗଣ ଓ ୧ ଗୁରୁବର୍ଣ୍ଣ ଥାଏ (ହ୍ବ. ଗ)]
ଦେ. ବ—ହଂସି (ଦେଖ)—Hamsi (See)

ହଂସୁଆ—ଦେ. ବ—୧ । କଟକ ଜିଲ୍ଲାର ପ୍ରାକୃତିକ ଜଳଧାରାରୁ
Hamsuā ବଙ୍ଗୋପସାଗରରେ ପଡୁଥିବା ଏକ ନୈସର୍ଗିକ ନାଳ—1. A natural drainage channel draining the water of a part of the Cuttack dist. into the sea. ୨ । ପ୍ରାଚୀନ ବନ୍ଦର ବିଶେଷ—2. The name of an old port. ୩ । ହଂସ ବା ହଂସନାଥର ଅନାଦରାର୍ଥକ ଡାକ ନାମ—3. Nickname of Hamsanātha. ୪ । ହଂସିଆ (ଦେଖ)—4. Hamsiā (See)

ହଂସୁଡ଼ା(ରା)—ପ୍ରାଦେ (କଟକ ସଦର; ଇତର ବ୍ୟବହୃତ) ବଣ. ପୁଂ—
Hamsurdā(rā) ହସୁଡ଼ା (ଦେଖ)—Hasurdā (See)
(ହଂସୁଡ଼ୀ[ରୀ]—ସ୍ତ୍ରୀ) हंसोड़(र)

ହଂସୁଲି—ଦେ. ବ—୧ । ହଂସଲି (ଦେଖ)—1. Hamsali (See)
Hamsuli ୨ । ହଂସଲୋମ ନିର୍ମିତ ଶେଯ—2. A quilt made
হাঁসের পালকের গদি of eider down. ବଣ—ହଂସଲୋମ
परकातोसक ନିର୍ମିତ—Made of eider down.

ହଂସୁଲି ତୁଳି—ଦେ. ବ (ସ. ହଂସ ଓ ତୁଳା)—ତୁଳାପରି କୋମଳ
Hamsuli tuli ହଂସ ଲୋମ—1. The down of the
হাঁসের নরম পালক swan, soft as cotton. ୨ । ହଂସ-
हंसका पर ଲୋମପୂର୍ଣ୍ଣ ଶେଯ—2. A quilt of eider down.
হাঁসের পালকের গদি (ଯଥା—ଶଯ୍ୟନକୁ ଥିବ ହଂସଲି ତୁଳି—
परकातोसक ନବଦୂର୍ବା।)

ହଂସୁଲି ହାଡ଼—ଦେ. ବ (ସ. ଅଂସ+ଲା. ଧାତୁ)—ବେକର ତଳ
Hamsuli hārda ପାଖରେ ନାକ ତଳେ ସାମନାରେ ଥିବା ଦୁଇ କଣ୍ଠାସ୍ଥି ପାଖର ଧନୁାକାର ହାଡ଼—Collar bone; clavicle.
हंसोहाड़; हसुलि

ହଂସେଇ ଦେ. ବ. ପୁଂ—(ଆଦରାର୍ଥକ) ହଂସନାଥର ଡାକ ନାମ—
Hamsei Nickname of Hamsanātha in fondness.

ହଂସେଇବା—ପ୍ରାଦେ (କଟକ ସଦର ଇତର ବ୍ୟବହୃତ ଭାଷା; ଭୁଲ. ହୁ.
Hamaeibā ହଂସାଣା) କ୍ରି—ହସାଇବା—To cause to laugh.

ହଂସୋଦକ—ସଂ. ବି (କର୍ମଧା; ହଂସ=ଉତ୍କୃଷ୍ଟ+ଉଦକ)—୧ । ସ୍ୱଚ୍ଛ ପାଣି; ନିର୍ମଳ ଜଳ—1. Excellent or pure water. ୨ । ପେୟଜଳ; ପାନୀୟ ବିଶେଷ—2. A kind of drink. [ଦ୍ର—ନୂଆ ମାଟିହାଣ୍ଡିରେ ପାଣି ରଖି ତାକୁ ଦିନରେ ଖରାରେ ଓ ରାତିରେ ଚନ୍ଦ୍ରକିରଣରେ ମୁହଁଖୋଲା କରିଥିବା ସ୍ଥାନରେ ରଖି ଏଥିରେ ଅଳାଇଚ ଗୁଣ୍ଡ ଆଦି ଦେଇ ଏହି ପାନୀୟ ପ୍ରସ୍ତୁତ କରାଯାଏ। ଏହା ଶ୍ରମ, ପିତ୍ତ, ତୃଷ୍ଣା, ଦାହ, ବିଷଦୋଷ, ମୂର୍ଚ୍ଛା ଓ ମେଦୋରୋଗରେ ଉପକାରୀ— ରାଜନିର୍ଘଣ୍ଟ ।] ୩ । (ହଂସ+ଉଦକ) ଶରତକାଳରେ ଅଗସ୍ତ୍ୟ ନକ୍ଷତ୍ରୋଦୟ ଦ୍ୱାରା ନିର୍ମଳୀକୃତ ଜଳ (ବୈଦ୍ୟଶାସ୍ତ୍ର) Water turned clear in autumn.

Hamsodaka

ହଂ ହୋ—ସଂ. ଅ—(ଜିଜ୍ଞାସାର୍ଥକ, ଦମ୍ଭାର୍ଥକ, ଅଜ୍ଞାନାର୍ଥକ, ପ୍ରଶ୍ନାର୍ଥକ) ସମ୍ବୋଧନରେ ବ୍ୟବହୃତ (ଶବ୍ଦରତ୍ନାବଳୀ); ହଇ ହେ ! ହେ ! ହୋ ! ଅହେ !—(Interjection) Oh ! (used in interrogation; addressing and assumption).

Ham ho

ହଃ—ଦେ. ଅ—୧ । ଶଗଡ଼ ଓ ହଳରେ ଲଗିଥିବା ବଳଦଙ୍କୁ ଠିଆ କରାଇବା ପାଇଁ ଗୃହକର ଡାକ—1. (Interjection) A sound made by the driver in directing the cart or plough bullocks to stop; Stop !—ପ୍ରାଦେ (ପୁରୀ) ଅ—୧ । ହଁ (ସମ୍ମତି ବା ଅନୁମୋଦନାର୍ଥକ)—1. Yes. ୨ । ପ୍ରାଦେଶିକ (ଗଡ଼ଜାତ) ଅ—ବଳଦଙ୍କୁ ଚଳାଇବା ପାଇଁ ଉଚ୍ଚାରିତ ଶବ୍ଦ) ଡ ଡ !—A sound used by drivers to goad draft bullocks to advance.

Haḥ (ହଃହଃ—ଅନ୍ୟରୂପ) ଥାମ୍; ହ

ହଃ ! ହଃ ! ଡି ! ଡି !—ଦେ. ଅ (ସହଚର)—ଗାଡ଼ିର ଓ ହଳର ବଳଦଙ୍କୁ ଯଥାକ୍ରମେ ଠିଆ କରାଇବା (ହଃ ହଃ) ଓ ଚଲାଇବା ପାଇଁ (ଡ ଡ) ବ୍ୟବହୃତ ଶବ୍ଦ—Interjections used in stopping and moving draft bullocks respectively.

Haḥ ! haḥ ! ḍi ! ḍi ! ଋଃ ! ଡ଼ୀ, ଡ଼ୀ ! ହ, ହ ! ଆବ, ଅବ !

—ଦେ. ଅ. (ସଂ. ହଂ)—୧ । ପ୍ରଶ୍ନର ସମ୍ମତି ବା ଅନୁମୋଦନ ସୂଚକ ଉତ୍ତର (ଅର୍ଥ—ପ୍ରଶ୍ନକାରୀ ଯାହା କହୁଛନ୍ତି ତହିଁରେ ମୋର ସମ୍ମତି ଅଛି ତାହାହିଁ ଯଥାର୍ଥ ଅଟେ—1. (Interjection) Yes; all right; (denoting approval or agreement). ୨ । କଥା କହୁଥିବା ବ୍ୟକ୍ତିଙ୍କର କଥା କହୁଁ କହୁଁ ହଠାତ୍ ଅଟକିଯିବା ସମୟରେ ଶ୍ରୋତା ତାଙ୍କ କଥାକୁ ମନ ଦେଇ ଶୁଣୁ ଅଛନ୍ତି ଓ ବକ୍ତା ଯେଉଁ କଥା କହୁଛନ୍ତି ତାହା କହନ୍ତୁ, ଏହା ବକ୍ତାଙ୍କୁ ଜଣାଇବାପାଇଁ ଶ୍ରୋତାଙ୍କ ଉଚ୍ଚାରିତ ବାକ୍ୟ । ହଁ (ଅର୍ଥ—ଅଚ୍ଛା; ତା ପରେ କଅଣ କହୁଛନ୍ତି କହନ୍ତୁ) 2. Yes; go on; well then; (an interjection used by hearer when a speaker takes breath, indicating that the hearer is attentive and requesting the speaker to continue. ୩ । (କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କୁ ନାମ ଧରି ଡାକୁଥିଲେ ୨ୟ ବ୍ୟକ୍ତି ୧ମ ବ୍ୟକ୍ତିଙ୍କୁ ଜବାବ ଦେବାରେ ବ୍ୟବହୃତ ପଦ)—ମୁଁ ତୁମ୍ଭ ଡାକ ଶୁଣିଛି—3. Yes (used in responding to a call), I am hearing your call. ୪ । କେତେକ ସମୟ ପୂର୍ବରେ ବୋଲି ଯାଇଥିବା କଥାକୁ ପୁଣି ଆରମ୍ଭ କରିବା ସମୟରେ ବ୍ୟବହୃତ ପଦ—4. Now to continue ; now then ; (a word used before continuing a discourse which had been left unfinished sometime before). ୫ । ପ୍ରଶ୍ନୋତ୍ତର, ଆଜ୍ଞାପାଳନ, ସମ୍ମତି, ଅଙ୍ଗୀକାର, ପ୍ରତିଜ୍ଞା, ଅନୁମୋଦନ ସୂଚକ ଶବ୍ଦ—5. Yes; it is so; (a word used in replying to a question; obeying an order, agreeing, promising, vowing and supporting a matter). ୬ । ଅନ୍ୟ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ବ୍ୟବହୃତ ଶବ୍ଦ—6. Look here; Here; hear hear ! (interjection used in drawing another person's attention). ୭ । ବକ୍ତାଙ୍କର ପୂର୍ବବିସ୍ମୃତ ବିଷୟକୁ ଉତ୍ଥାପନ କରିବା ଉପଲକ୍ଷରେ ବ୍ୟବହୃତ ଶବ୍ଦ—7. A word used to introduce a matter which the speaker had forgotten to mention before. [ଦ୍ର—ଏହି ଶବ୍ଦ ସଙ୍ଗେ ରେ, ଲୋ, ହେ, ହୋ, ବେ ଆଦି ଶବ୍ଦ ମଧ୍ୟ ସମ୍ବୋଧନରେ ବ୍ୟବହୃତ ହୁଏ] ୮ । କଥା କହିବା ସମୟରେ କଥିତ ବାକ୍ୟର ଶେଷରେ ପ୍ରଯୁକ୍ତ ଧମକାଣ—8. A word used in threatening after the finish of a a sentence.

Hañ (ହାଁ, ହାଇଁ, ହିଁହ୍ଁ; ଏହେଁ—ଅପଭ୍ରଂଶ)

ହଁକ୍—ପ୍ରାଦେ (ଗଡ଼ଜାତ) ବି—୧ । ଈର୍ଷା—1. Envy; jealousy; ୨ । ନଜର; ଦୃଷ୍ଟି—2. Look.

Hañk

ହଁ କରିବା—ଦେ. କ୍ରି—୧ । କୌଣସି ପ୍ରସ୍ତାବରେ ରାଜି ହେବା; ସମ୍ମତ ହେବା—1. To agree to. [ଦ୍ର—ଅକାର ଉକାର ମକାରେ, ଶବଦ ଉଗ୍ରେ ହଁକରେ ଜଗନ୍ନାଥ ଭଗବତ] ୨ । ଆଗଣାକୁ ଅନ୍ୟବ୍ୟକ୍ତି ଡାକୁଥିଲେ ଜବାବ ଦେବା—2. To respond to a call. ୩ । କଥା କହୁଥିବା ବ୍ୟକ୍ତି ମଝିରେ ମଝିରେ ଥମି ପଡ଼ିଲେ ତାଙ୍କୁ କଥା କହିବା ପାଇଁ 'ହଁ' ଶବ୍ଦଦ୍ୱାରା ପ୍ରେରଣା ଦେବା—3. To speak 'yes' at intervals to persuade a speaker to speak on while he stops to take breath at intervals.

Hañ karibā ହଁ करना हाँ करना

ହଙ୍କସ୍—ପ୍ରାଦେ· (ଉତ୍ତରଖଣ୍ଡ) ବ—୧ । ଈର୍ଷା—1. Envy; jealousy.
Hañkas ୨ । ଅଙ୍କସ—2. Grudge; spite.

ହଁଙ୍କଂ—ବୈଦେ. ବ—ନାମ—ହଂକଂ (ଦେଖ)—
Hañkam Hankam (See)

ହଁକା—ଦେ. ବ—ହକା (ଦେଖ)—
Hañkā Hañka (See)

ହଁକା (କେ) ଇବା—ଦେ. କି—ହକାଇବା (ଦେଖ)—
Hañkā (ke) ibā Hañkāibā (See)

ହଁକାଇ ଦେବା—କି—ହକାଇ ଦେବା—
Hañkāi debā Hañkāi debā.

ହଁକା ହଁକି—ଦେ. ବ—ହକାହକି (ଦେଖ)—
Hañkā hañki Hañkābañki (See)

ହଁଚଁ—ଦେ. ଅ—୧ । ହୁଁ ଚୁଁ; ହିଁଚୁଁ; ଇତସ୍ତତଃ ଗତ କରିବା—1. Moving to and fro.
Hañchañ ୨ । କୌଣସି କଥାରେ ଉଁ ଚୁଁ ଚୁ ପ୍ରତ୍ୟୁତ୍ତର ଦେବା—2. Replying to anything. ୩ । ପ୍ରଶ୍ନର ଉତ୍ତର ଦେବା—3. Replying to a question. ୪ । ଆପତ୍ତି କରିବା—4. Objecting to something. ୫। ଇତସ୍ତତଃ—5. To and fro.

ହଁଚଁ କରିବା—ଦେ. କି—୧ । ପ୍ରତ୍ୟୁତ୍ତର ଦେବା—1. To give
Hañchañ karibā a reply. ୨ । ଆପତ୍ତି କରି କହିବା ଉଁଚୁଁ କରନା —2. To raise any objection. [ଯଥା—ଚୁ କରନା ସାଅନ୍ତାଣୀ ଗାଳ ଦେଲାବେଳେ ଗୃହର ହଁଚଁ କରିବାର ଜୋ ନାହିଁ] ।

ହଁଚଁ ହେବା—ଦେ. କି—୧ । ଇତସ୍ତତଃ ହେବା—1. To move to
Hañ chañ hebā and fro. ୨ । କୌଣସି ସ୍ଥାନରୁ ଟିକିଏ ମାତ୍ର ଚବଂକରନା ବିଚଳିତ ହେବା—1. To move even slightly
ଇଧରଉଧରହୋନା from a place.

ହଁଡ଼ା—ପ୍ରା. ଦେ. (ଉତ୍ତରଖଣ୍ଡ) ବ—ଭୂମିରେ ପୋତା ହୋଇଥିବା ଧନ—
Hañrdā Buried treasure.

ହଁତା—ପ୍ରାଦେ.୧ ।(ସମ୍ବଲପୁର) ବ୍ୟକାଷ (କଥା କହିବାବେଳେ କୌଣସି
Hañtā ବସ୍ତୁର ବା ବିଷୟର ନାମ କଥକଙ୍କ ମନେ ନ ପଡ଼ିଲେ ସେହି ବସ୍ତୁକୁ ଲକ୍ଷ କରି ବ୍ୟବହୃତ; ତୁଳନା କର କୋରଧା ଅଞ୍ଚଳରେ ଏତା)—ଏତା; ତାହା; ସେହି ବସ୍ତୁ; ସେହିତା; ଏହିତା—That matter or that thing (whose name does not occur to my mind now).
ପ୍ରାଦେ(ଘାଟଣା) ଅ—ଜଣେ କି; ବୋଧହୁଏ—2. Meseems.

ହଁ ଭରିବା—ଦେ. କି.—ହଁ କରିବା—To agree to. [ଯଥା—
Hañ bharibā ବାପା ସାହୁଙ୍କ ...ରେ ହଁ ଭରିଲେ—
ହଁ ବଳା ହାଁକରନା ଫକୀରମୋହନ ସେନାପତି]

ହଁ ମାରିବା—ଦେ. କି.—ହଁ କରିବା (ଦେଖ)—
Hañ māribā Hañ karibā (See)
ହାଁ ହାଁ ବଳା ହାଁ ମାରନା

ହଁ ଯେ—ଦେ.କ୍ରି.—୧ । ହଁ, କିନ୍ତୁ—1. Yes, but. ୨ । ହଁ,
Hañ je ମଧ୍ୟ—2. Yes also.
ହାଁକିନ୍ତ ହାଁତୋ, ହାଁମୀ [ଯୁ—ପ୍ରଶ୍ନ—ଠାକୁର ଘରେ ତୁ ପଶିଥିଲୁ?
ଉତ୍ତର—ହଁ ଯେ, ମୁଁ କଦଳୀ ଖାଇ ନାହିଁ ।
ପ୍ରଶ୍ନ—ତୁ ପୁସ୍ତକରୁ ଏକୁଟିଆ ଯିବୁ ?
ଉତ୍ତର—ହଁ ଯେ, ମୋ ଅଣ୍ଟାରେ ପଇସା ଥିଲେ ମତେ ସାଙ୍ଗ ମିଳିବେ ।]
[ଦ୍ର—ପ୍ରଶ୍ନର ଉତ୍ତରଦାତା ସମ୍ମତିସୂଚକ 'ହଁ' ପ୍ରୟୋଗ କରି ସାରି ଅନ୍ୟ କିଛି କଥା କହିବାର ଥିଲେ 'ହଁ' ସଙ୍ଗେ 'ଯେ' ଲଗାନ୍ତି ।]

ହଁୟ—ପ୍ରାଦେ. (ଛତିଶଗଡ଼ୀ ଭାଷା) ସର୍ବ—ସେ—He.
Hañya

ହଁୟ ଠାନେ—ପ୍ରାଦେ. (ଛତିଶଗଡ଼ୀ ଭାଷା) ସର୍ବ—ସେଠାରେ—There.
Hañya thāne

ହଁୟ ଭିତର୍—ପ୍ରାଦେ. (ଛତିଶଗଡ଼ୀ ଭାଷା) ସର୍ବ—ସେମାନଙ୍କ ଭିତରୁ—
Hañya bhitar From among them; of them.

ହଁୟମନ୍—ପ୍ରାଦେ. (ଛତିଶଗଡ଼ୀ ଭାଷା) ସର୍ବ—ସେମାନେ—They.
Hañyaman (ହଁୟମନକେ=ସେମାନଙ୍କୁ)

ହଁରେ—ଦେ. ଅ—ହଇରେ (ଦେଖ)—Haire (See).
Hañre

ହଁଲୋ—ଦେ. ଅ—ହଇଲୋ (ଦେଖ)—Hailo (See).
Hañlo

ହଁସ୍ରା—ପ୍ରାଦେ. (ଛତିଶଗଡ଼) ବ—ହାତୁଡ଼ି—Hammer.
Hañsrā

ହଁସ (ଇତ୍ୟାଦି)—ଦେ. ବ. (ସଂ. ହଂସ)—ହଂସ ଇତ୍ୟାଦି (ଦେଖ)—
Hañsa (etc) Hamsa etc (See). ପ୍ରାଦେ. (କଟକ ସହର ଭିତର ବ୍ୟବହୃତ)—ହସ (ଦେଖ)—2. Hasa (See)

ହଁସଗେଲ୍—ପ୍ରାଦେ (ଗଡ଼ଜାତ ଅଞ୍ଚଳ) ବ.—କ୍ରୀଡ଼ାକୌତୁକ—
Hañsagel (ହଁସ କୌତୁକ—ଅନୁରୂପ) Merriment sport.

ହଁସର୍ରା—ପ୍ରାଦେ. (ଗଡ଼ଜାତ ଅଞ୍ଚଳ) ବଣ—ଯେ ବେଶି ବା ସର୍ବଦା ହସେ;
Hañsarrā ହସୁରା—Given to laughing much
(ହଁସରୀ ସ୍ତ୍ରୀ)

ହଁସରେଲ୍—ପ୍ରାଦେ. (ଗଡ଼ଜାତ ଅଞ୍ଚଳ) ବ—ହଂସଜାତି—Grey
Hañsarel lag goose.

ହଁସା(ସି)—ପ୍ରାଦେ (ଗଡ଼ଜାତ ଅଞ୍ଚଳ) ବ (ତୁଳ. ହି. ହଂସୀ)—ହସ; ହାସ୍ୟ—
Hañsā(si) Laughter.

ହଁସା(ସେ)ଇବା—ପ୍ରାଦେ. (କଟକ ସହର ଭିତର ବ୍ୟବହୃତ) କି—
Hañsā(se)ibā ହସାଇବା (ଦେଖ)—Hasāibā (See).

ହଁସାଧର୍—ପ୍ରାଦେ (ସମ୍ବଲପୁର) ବ.—କୁସ୍ତି; କସରତ; ବ୍ୟାୟାମ—
Hañsādharā Athletics; physical exercises.

ହଁସିବା—ପ୍ରାଦେ (ଚୋଟ ସହର ଇତର ବ୍ୟବହୃତ) କ୍ରି (ସଂ. ହସ୍ ଧାତୁ)
Hañsibā —ହସିବା (ଦେଖ)—Hasibā (See).

ହାଁ ହାଁ—ଦେ. ଅ. (ସହଚର)—ସମ୍ମତିସୂଚକ ଶବ୍ଦ ଦ୍ୱୟ—Two
Hāñ hāñ हां हांहां words denoting consent.

ହକ୍—ବୈଦେ. ବି (ଅ)—୧ । ସମ୍ପତ୍ତି ଆଦିରେ ସ୍ୱତ୍ୱ—1. Right
Hak in property etc. ୨ । ପ୍ରାପ୍ୟ ଅଧିକାର—
हक हक्क 2. Due right. ୩ । କର୍ତ୍ତବ୍ୟ କାର୍ଯ୍ୟ—3. Duty.
୪ । ନ୍ୟାଯ୍ୟ କଥା—4. Right thing. ୫ ।
ଉଚିତ ବିଷୟ—5. Proper thing. ବୈଦେ. ବିଣ
(ଅ)—୧ । ନ୍ୟାଯ୍ୟ; ନ୍ୟାୟାନୁମତ; ନ୍ୟାୟସଙ୍ଗତ;
(ବେହକ୍, ନାହକ୍—ବିପରୀତ-ଶବ୍ଦ) ପ୍ରକୃତ —1. Just. ୨ ।
ପ୍ରାପ୍ୟ—2. Due. ୩ । ଉଚିତ; ଯୋଗ୍ୟ—
3. Proper; reasonable.

ହକ କଉଡ଼ି—ଦେ. ବି—(ଅ. ହକ୍; ସ. କପର୍ଦ୍ଦିକ)—୧ । ନ୍ୟାୟାର୍ଜିତ
Hak kaurdi अर्थ—1. Well-earned money. ୨ ।
হকেরধন हककौड़ी ଉଚିତ୍ ଦାମ୍—2. Due price. ୩ ।
ଦ୍ରବ୍ୟାଦିର ପ୍ରକୃତ ଦାମ୍—3. Actual price.
୪ । ପ୍ରକୃତରେ ଦିଆଯାଇଥିବା ମୂଲ୍ୟ—4. Price
actually paid or paid in cash. ୫ । ଉଚିତ
ପ୍ରାପ୍ୟ; ହକ୍ ପାଉଣା—5. Just due.

ହକ୍ କଥା—ଦେ. ବି (ଅ. ହକ୍; ସ. କଥା)—୧ । ନ୍ୟାୟ ସଙ୍ଗତ
Hak kathā ବାକ୍ୟ—1. Just words. ୨ । ଉଚିତ କଥା
ঠিক্ কথা, হক্ কথা —2. Proper words. ୩ । ନ୍ୟାୟ
हक बात ସଙ୍ଗତ ବିଷୟ—3. Just matter. ୪ । ଉଚିତ
ବିଷୟ—4. Proper matter.

ହକ୍ କହିବା—ଦେ. କ୍ରି—ଉଚିତ କଥା କହିବା—
Hak kahibā To speak what is proper.
উচিত কথা বলা [ଯଥା—ହକ୍ କହିବ,ଗୁରୁ ଚିଡ଼ିଲେ ଚିଡ଼ିବେ—
हक कहना ପ୍ରବଚନ ।]

ହକ୍ ଚକ୍—ଦେ. ଓ ବିଣ—୧ । କଳି କଜିଆ; ଯୁକ୍ତି ପ୍ରତ୍ୟୁକ୍ତି—
Hak chak 1. Quarrel; mutual change of hot
দাম কসাকসী words. ୨ । ଦ୍ରବ୍ୟାଦି କିଣିବା ବିକିବାବେଳେ
झगड़ा ଦର ସମ୍ବନ୍ଧରେ ବହୁତ ଗପିବା; ଦର ଦସ୍ତୁର କରିବା—
2. Higgling and haggling. ୩ । କୌଣସି
ବିଷୟରୁ ଥରକେ ସ୍ଥିର କରି ନ ପାରି ଇତସ୍ତତଃ ହେବା—
3. Hesitating; hesitancy. ୪ । ଧକଚକ
(ଦେଖ)—4. Dhakachaka.

ହକ୍ ଚକ୍ କରିବା(ହେବା)—ଦେ.କ୍ରି—୧ । ଧକଚକ କରିବା; ଯଥାଯଥ
Hak chak karibā(hebā) କିଣିବା ସମ୍ବନ୍ଧରେ ଅଯଥା ବକ୍ରବାଦାନୁବାଦ
दर दस्तुर करा ଦସ୍ତୁର କରିବା—1.To higgle and haggle.
झगड़ा करना ୨ । ମନରେ ଇତସ୍ତତଃ କରିବା—2. To hesitate. ୩ । ଧକ୍‌ଚକ୍ ହେବା (ଦେଖ)—3. Dhaka chaka hebā (See)

ହକ୍ ଚକିଆ—ଦେ. ବିଣ (ପୁଂ)—୧ । ଧକଚକିଆ; ଗେଣ୍ଡା; ଯେଉଁ
Hak-chakiā ବ୍ୟକ୍ତି ଦ୍ରବ୍ୟାଦି କ୍ରୟ ବିକ୍ରୟରେ ବହୁତ ଅଯଥା
(ହକ୍ ଚକେଇ—ସ୍ତ୍ରୀ) ଦର ଦସ୍ତୁର କରେ—1. Very higgling and haggling (person).
গোল মেলে
झगड़ालू ୨ । ବାଚାଳ—2. Babbling; talkative.
୩ । ଯେଉଁ ବ୍ୟକ୍ତି ଇତସ୍ତତଃ କରେ—3. Hesitating.

ହକ୍ଟା ହକ୍ଟି—ପ୍ରାଦେ. (ଗଡ଼ଜାତ) ବି—ଟଣାଟଣି—Mutual
Hak-ṭā hak-ṭi pulling or straining.

ହକ୍ ଦାବି—ବୈଦେ. ବି (ଫାରସୀ)—୧ । ନ୍ୟାୟ ସଙ୍ଗତ ଦାବି—
Hak dābi 1. Just claim. ୨ । ନିଜର ସ୍ୱତ୍ୱକୁ ଦାବି
হক দাবী କରିବା—2. Claiming of what is one's
हक दावी due.

ହକ୍ ଦାମ୍—ଦେ. ବି—ଉଚିତ ବା ନ୍ୟାଯ୍ୟ ମୂଲ୍ୟ—
Hak dām Proper or reasonable price.
ঠিক দাম उचित दाम

ହକ୍‌ଦାର୍—ବୈଦେ. ବିଣ (ଫାରସୀ) (ଅ. ହକ୍; ଫା. ପ୍ରତ୍ୟୟ-ଦାର୍)-
Hak-dār ପାଇବାର ଅଧିକାରୀ—Entitled to get.
हकदार ବି (ଫାରସୀ)—୧ । ନ୍ୟାୟ ମତେ
হকদার ଅଧିକାରୀ ବ୍ୟକ୍ତି—1. Rightful owner.
୨ । ନ୍ୟାୟ ସଙ୍ଗତ ଦାବିଦାର୍—2. Rightful
claimant.

ହକ୍ ନାକ୍—ଦେ. ବି ଓ ବିଣ—ହକ୍ ନାହକ୍ (ଦେଖ)
Hak-nāk Hak nāhak (See)
କ୍ରି. ବିଣ—ହକ୍ ନାକେ (ଦେଖ)
Hak nāke (See)

ହକ୍ ନାକ୍ ପରିଚ୍ଛା—ଦେ. ବି—୧ । ଯେଉଁ ବ୍ୟକ୍ତି ନ୍ୟାୟ ଓ ଅନ୍ୟାୟ
Hak nāk parichhā ସ୍ଥଳରେ ମନ୍ତବ୍ୟ ପ୍ରକାଶ କରିବାର
ন্যায় অন্যায় পড়িছা ଅଧିକାରୀ—1. A person having the
उचित अनुचित जाँच करने वाला right to pass
remarks about any matters, proper or
improper. ୨ । ଯେଉଁ ବ୍ୟକ୍ତି ପରର ବିଷୟରେ ମନ୍ତବ୍ୟ
ପ୍ରକାଶ କରେ—2. A person passing opinion
on the affairs of others. ୩ । ପରର କାର୍ଯ୍ୟରେ
ଅଯଥା ହସ୍ତକ୍ଷେପକାରୀ ବ୍ୟକ୍ତି—3. An officious
person.

ହକ୍ ନାକେ—ଦେ. କ୍ରି. ବିଣ—୧ । ଅକାରଣରେ; ବୃଥା—
Hak nāke 1. In vain. ୨ । ନ୍ୟାୟରେ ଓ ଅନ୍ୟାୟରେ—
বৃথায়, নাহক 2. Justly and unjustly. ୩ । କିଛି କାରଣ
नाहक, हक नाहक ନ ଥାଇ—3. For nothing. ୪ ।
କୌଣସି କାର୍ଯ୍ୟର ଔଚିତ୍ୟ ଅନୌଚିତ୍ୟ ବିଚାର ନ
କରି—4. Without consideration of the
rightness or otherwise of any matter.
୫ । ଅନାବଶ୍ୟକରେ—5. Unnecessarily.

ହକ୍ ନାହକ୍—ବୈଦେ. ବି (ଅ)—୧ । ନ୍ୟାଯ୍ୟ କଥା ଓ ଅନ୍ୟାୟ
Hak nāhak ବିଷୟ—1. Just and unjust thing or
হক নাহক matter. ୨ । ଭଲମନ୍ଦ; କୌଣସି ବ୍ୟକ୍ତି ସମ୍ବନ୍ଧୀୟ
हक नाहक ଭଲ ଓ ମନ୍ଦ ସବୁକଥା—2. All personal
matters good and bad.

୩ । ନ୍ୟାୟ ଓ ଅନ୍ୟାୟ—3. Justice and injustice; propriety and impropriety. ବିଣ ୧ । ନ୍ୟାଯ୍ୟ ଓ ଅନ୍ୟାଯ୍ୟ—1. Just and unjust. ୨ । ଉଚିତାନୁଚିତ; ନ୍ୟାୟସଙ୍ଗତ ଓ ଅନ୍ୟାୟ—2. Proper and improper. କ୍ରି. ବିଣ—ହକ ନାହେ (ଦେଖ)—Hak nāke (See)

ହକ୍‌ ନାହକ୍‌ ପରଖ—ଦେ. ବ—ହକ୍‌ନାକ୍‌ ପରଖ (ଦେଖ)—Hak nāhak parichhā Hak nāk parichhā (See)

ହକ୍‌ ପାଉଣା—ଦେ. ବ—ନ୍ୟାଯ୍ୟ ପ୍ରାପ୍ୟବସ୍ତୁ ବା ପଦାର୍ଥ—Hak pāunā Rightful or proper dues. ন্যায্য পাওনা, হক পাওনা ବିଣ—ନ୍ୟାୟତଃ ପ୍ରାପ୍ୟ—हक पावना Rightly due.

ହକ୍‌ ବକ୍‌ (ବବକ୍‌)—ବୈଦେ. ବ (ସଂସ୍କୃତ; ଅ. ହକ୍‌=ନ୍ୟାୟ ଓ Hak bak(babak) ବକ୍‌=ଭଳ ପନ୍ଥା)—Transgression. ন্যায় অন্যায় उचित अनुचित —ନ୍ୟାୟାନ୍ୟାୟ—Right and wrong.

ହକ୍‌ ବାତ୍‌ - ବୈଦେ.ବ (ହ)(କଥିତ, ବ୍ୟଙ୍ଗ୍ୟ)—ହକ୍‌ କଥା(ଦେଖ) Hak bāt Hak kathā (See) हक कथा हक बात

ହକ୍‌ ମାଲିକାନା—ବୈଦେ, ବ (ଅ) (କଥିତ)—କୌଣସି ବସ୍ତୁରେ Hak mālikānā ବା ସମ୍ପତ୍ତିରେ ସ୍ୱାମୀଙ୍କ ସ୍ୱତ୍ୱ—হক্ মালিকানা हक मालिकाना Proprietary right in a thing or property.

ହକ୍‌ ମିଲ୍‌କିଅତ୍‌—ବୈଦେ. ବ (କଥିତ)—ସ୍ୱତ୍ୱ ଓ ସ୍ୱାମିତ୍ୱ—Hak mil-kiat Right and title. হক্ মিলকিঅত্ हक मिलकिअत्

ହକ୍‌ ମୌର(ରୁ)ସୀ—ବୈଦେ. ବ (ଅ) (କଥିତ)—ପିତୃ ପୈତାମହିକ Hak maura(ru)si ସ୍ୱତ୍ୱ—Ancestral right or title. হক্মৌরসী हक मौरुसी

ହକ୍‌ ଦଫା—ବୈଦେ. ବ (କଥିତ) (ଅ)—ହକ ସଫା (ଦେଖ) Hak saphā Haka saphā (See) হক সফা हक सफा

ହକତ୍‌—ଦେ.ବ ଓ ବିଣ (ଅ. ହରକତ୍‌ର ଅଶୁଦ୍ଧ ଉଚ୍ଚାରଣ)—ହରକତ୍‌ Hakat (ଦେଖ)—Harakat (See) हरकत हरकत

ହକର୍‌—ବୈଦେ. ବ (ଇଂ)—ଫେରିବାଲା; ଯେଉଁ ପଣ୍ୟବିକ୍ରେତା ଘର Hakar ଘର ବୁଲି ଡାକ ଡାକ ପଣ୍ୟଦ୍ରବ୍ୟ ବିକି କରେ—हकर फेरिवाला A hawker.

ହକର୍‌ ହ(ଚ)କର୍‌ ହେବା—ଦେ. କ୍ରି—୧ । ଦୁଲୁକ ଚାଲ Hakar ba(cha)kar hebā ଚାଲୁଥିବା ଘୋଡ଼ା ଉପରେ(ବସିବା হট হট করে যাওয়া ମନୁଷ୍ୟର ଦେହ) ଉପରକୁ ତଳକୁ ଉଠିପଡ଼ हिलना ହୋଇହୋଇଯିବା—1. To jolt on a trotting horse; to rise up and down with repeated jerks on a horse which is trotting. [ଯଥା—ଭଲ ଘୋଡ଼ା ଚଢ଼ି ହକର୍‌ ହକର୍‌, ମୁଁ ଶଣ୍ଢ ଖାକୁ ଚଢ଼ି ହକର୍‌ ହକର୍‌—ଲୋ ।] ୨ । ଡାକେଲ-ଥିବା ଭେଉଁମାନଙ୍କ ଚାଲର ଅସମତା ଦୋଷରୁ ସବାରିର ବୋହିଲା ଯୋଗୁଁ (ଭିତରେ ବସିଥିବା ମନୁଷ୍ୟ) ଝାଙ୍କିହୋଇ ହେବା—2. To jolt or to have one's body shaken with jerks in a palky borne by inexpert or unequal bearers. ୩ । ଚିକ୍କା ତଳରେ ବା ଅସମ ଭୂମିରେ ଚଳୁଥିବା ଶଗଡ଼ରେ ବସିଥିବା ମନୁଷ୍ୟ ଝାଙ୍କିହୋଇ କ୍ଷଣେ ଉପରକୁ କ୍ଷଣେ ତଳକୁ ଆସିବା—To jolt while riding a cart going on uneven ground. ୪ । ହକ ହକ ହେବା (ଦେଖ)—4. Haka haka hebā (See).

ହକରା—ଦେ. ବ. (ସଂ. ହୁଙ୍କାର=ଅହ୍ୱାନ)—୧ । ଡାକରା; ଅହ୍ୱାନ; Hakarā ଡାକିବା; ଡାକରା—1. Invitation; calli, হাঁকার, হাঁকা [ଯଥା—ରାମ ଅଜ୍ଞା ଦେଲେ ଅହେ ସୁଗ୍ରୀବ ସୁଜନ बुलाहट ବଳକୁ ହକରା କର ଅଣାଅ ବହନ—ବିଚିତ୍ରରାମାୟଣ] ୨। ରାଜା ବା ଅଦାଲତ ଅଧିକାରୀ ନିକଟକୁ ଯିବାକୁ ଅହ୍ୱାନ—2. Summons to attend a king or Court. [ଯଥା—ରାଜାଙ୍କ ହକରା ଆସିଲା ଦାସଙ୍କ ପ୍ରତି—ରାଧାନାଥ, ଋଷିକବି]—୩ । ବ୍ରାହ୍ମଣ ଶାସନମାନଙ୍କରେ ଗହ୍ମାପୂର୍ଣ୍ଣିମା ଦିନ ବା ଦଶହରାଦିନ ଗ୍ରାମର ଦେବତାଙ୍କ ନିକଟରେ ହୋଇଥିବା ଭୋଗ ବା ବୋଦାମାଂସ ଗ୍ରାମବାସୀ ମହାଜନଙ୍କ ମଧ୍ୟରେ ବାଣ୍ଟି ହେବା ସମୟରେ ଗ୍ରାମର ପୂର୍ବସ୍ଥିତ ଅନୁସାରେ ଲିଖିତ ପାଞ୍ଜି ପଢ଼ି ଯଥାକ୍ରମେ ଜଣେ ଜଣେ ଜଣେ ବ୍ୟକ୍ତିଙ୍କୁ ଡାକିବା—3. The act of serially calling out the names of the Brahman inhabitants of a Brahman village for giving each his share of the offering made to the village Deity on certain festival days. ୪। ବ୍ରାହ୍ମଣ ଶାସନର ଗ୍ରାମବାସୀଙ୍କ ମଧ୍ୟରେ ଭାଗରୂପେ ବଣ୍ଟା ହେବା ଭୋଗ ବା ମାଂସର ଗୋଟିଏ ଭାଗ—4. One share or allotment of the offerings of the village—Deity apportioned to each Brahman villager of a Sāsana village; perquisite due to every house-holder out of the offerings made to the village-Diety. [ବି—ପୁରୀ ଜିଲ୍ଲାର ରାଜପ୍ରତିଷ୍ଠିତ ବ୍ରାହ୍ମଣ-ଶାସନମାନଙ୍କରେ ଶାସନବାସୀ ମହାଜନମାନଙ୍କର ଭାଗ ବଣ୍ଟା ସଂଖ୍ୟା ଅନୁସାରେ ମୋଟ ସମ୍ପତ୍ତି ଓ ଗ୍ରାମ ଦେବଙ୍କ ଭୋଗରେ ପ୍ରତ୍ୟେକ ମହାଜନଙ୍କର ହକ୍‌ ବା ସତ୍ତ୍ୱ ଥାଏ । ଗହ୍ମାପୂର୍ଣ୍ଣିମା ଦିନ ଗ୍ରାମ ଦେବତାଙ୍କୁ ମୋଟ ସମ୍ପତ୍ତିରୁ ଯାହା ଭୋଗ ଲାଗେ ଓ ଶାରଦୀୟ ଦୁର୍ଗାପୂଜା ସମୟରେ ଯେଉଁ ବୋଦା ବଳିପଡ଼େ ତାହା ପୂର୍ବବିଧି ଅନୁସାରେ ପ୍ରତ୍ୟେକ ମହାଜନଙ୍କୁ ହକରା କରିଯାଇ ବଣ୍ଟା କରାଯାଏ ଓ ଯେଉଁ ବ୍ୟକ୍ତିଙ୍କ ଉପରକୁ

କେହି ହକର୍ ନେବାକୁ ଉପସ୍ଥିତ ନ ହୁଅନ୍ତି ତାଙ୍କର ହକର୍ ବୁଡ଼ିଯାଏ ବା ଲୋପପାଏ । ଏ ହକର୍ ସଙ୍ଗେ ଗ୍ରାମ ଛଡ଼ ଓ ଗ୍ରାମ ଭୂମି ଅଂଶର ସମ୍ବନ୍ଧ ଅଛି । ଅନ୍ୟ ଗ୍ରାମବାସୀ ବ୍ୟକ୍ତି ବା ବ୍ରାହ୍ମଣେତର ବ୍ୟକ୍ତି ଗ୍ରାମର ଛଡ଼ ବା ଭୂମି ଖରିଦ କଲେ ସେହି ଖରିଦ ବଳରେ 'ହକର୍' ପାଇବାର ଅଧିକାରୀ ହୋଇ ନ ପାରନ୍ତି ।]

ତତ୍ତ୍ୱପାଠାନ ୫ । ବ୍ରାହ୍ମଣସମାଜରେ ଶ୍ୱଶୁରଘରକୁ ନବବଧୂକୁ ପୁତ୍ରାଦ ପହିଲିପାଳି ଅଣିବା ପାଇଁ ଓ ପୂର୍ଣ୍ଣିମା ଅବସରେ ଜୋଇଁକୁ ଅଣିବା ପାଇଁ ପ୍ରେରିତ ନିମନ୍ତ୍ରଣ ସାମଗ୍ରୀ ବା ଯୋଗାଡ଼—5. A tray containing certain propitiatory articles as presents. (i. e ମହାପ୍ରସାଦ, କଣ୍ଟା, ବଳଣ) sent with the invitation to invite the daughter-in-law or son-in-law to the father-in-law's house.

ହକର୍(ରେ)ଇବା—ଦେ. କ୍ରି.—୧। ଡକାଇବା—1. To send for. Hakarā(re)ibā ହାଁକାନ ବୁଲାନା [ଉ—ଶ୍ରୀ ରାମଚନ୍ଦ୍ର, ହନୁ ଜନ୍ଦେ ଶାଭୁକା ଦେଇଣ ହକର୍ଇଲେ କପିକଗନ୍ ବଚନ ରାମାୟଣ] ୨। ଅଣାଇବା—2. To fetch. [ଉ—ସ୍ନେହେକ ବୋଲିଣ ସାର ହକର୍ଇଲେ । ହିଂହାସନ ଚଳେ ପଣ ସାର ପାଉଲେ — ପ୍ରାଚୀ ନଳ ଚରିତ।]

ହକର୍ କନ୍ଦା—ଦେ. ବି. (ବୈଦ୍ୟକ)—ଔଷଧ ମୂଳ ବିଶେଷ (ଏହାକୁ Hakarā kandā ଦହି ସହିତ ବାଟି ପିଅଇଲେ ଶିଶୁମାନଙ୍କର ଅଜୀର୍ଣ୍ଣ,ଅଗ୍ନିମାନ୍ଦ୍ୟ ଓ ଅତିସାର ପ୍ରଶମିତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ) A kind of medicinal root bulb.

ହକର୍ ଡାକର୍—ଦେ. ବି. (ଏକାର୍ଥକ ସହଚର)—ଡାକ ହାକ—Hakarā dā(ḍā)karā ডাক হাঁক বুলাহট ঊলাহট Calling.

ହ କରିବା—ଦେ. କ୍ରି.—ଚଳୁଥିବା ଶଗଡ଼ର ବା ହଳର ବଳଦକୁ ଠିଆ Ha karibā କରାଇ ଶଗଡ଼ର ବା ହଳର ଗତି ବନ୍ଦ କରିବା—ধামান. হ করনা To stop the motion of a cart or plough by directing the bullocks to stop.

ହକଲା—ଦେ.ବି.—(ସଂ. ପ୍ରକ୍ଷାଳନ)—(ଲୁଗା)ଧୋଇବା—Washing Hakalā (of a cloth). ଋଣ—ଧୌତ (ବସ୍ତ୍ର)—ধোয়া, কাচা ধুলাই; কাচা ধুলাযাহুআ Washed cloth.

ହକଲା(ଲେ)ଇବା—ଦେ. କ୍ରି—୧। (ହକାଳିବା କ୍ରିୟାର ଣିଜନ୍ତରୂପ) Hakalā(le)ibā ଅନ୍ୟ ଦ୍ୱାରା ହକାଳିବା କ୍ରିୟା କରିବା—କାଚାନ ধুলানা 1. (Causative of Hakāļibā). To cause to wash. ୨। (ବସ୍ତ୍ରାଦି) ଧୌତ କରାଇବା—2. To have (a cloth) washed.

ହକଲା ହକଲି—ଦେ. ବି.—ଧୁଆଧୋଇ; ବହୁ ବସ୍ତ୍ରର ବା ବହୁବାର Hakaḷā hakaḷi ଧୋଇବା କର୍ମ—Washings. ধুয়াধুয়ী ধুলাইঁওলাই

ହକ ଶଫା—ଦେଦେ. ବି—(ମୁସଲମାନ ଅଇନ) (ଅ. ହକ୍‌ଶଫା)—Hak śafā କୌଣସି ସମ୍ପତ୍ତିକୁ ସମ୍ପତ୍ତିର ମାଲିକ ବିକ୍ରି କରିବାକୁ हक्‌सफा हकशफा ବସିଲେ ତାହାକୁ ସେହି ଦାମରେ କିଣିବା ପାଇଁ ବ୍ୟକ୍ତିବିଶେଷଙ୍କର (ଯଥା — ପ୍ରତିବେଶୀଙ୍କର, ସମ୍ପତ୍ତିର ଜଣେ ଅଂଶୀଦାର ମାଲିକଙ୍କର) ସେହି ସ୍ୱତ୍ୱ ଅଇନ ଅନୁସାରେ ଅଛି ।—(Mahomedan Law) Right of preemption; right to purchase a property in preference to other purchasers which vests in a co-sharer or a neighbour of a property to be sold. [ଦ୍ର—ମୁସଲମାନ ଅଇନ ଅନୁସାରେ ଭୂସମ୍ପତ୍ତିର ମାଲିକ ଯେବେ ସମ୍ପତ୍ତି ବିକ୍ରି କରିବାକୁ ବସନ୍ତି, ଉକ୍ତ ସମ୍ପତ୍ତିର ଅନ୍ୟ ଅଂଶୀଦାର ବା ପ୍ରତିବେଶୀ ଅଇନ ଅନୁସାରେ ଭୂସ୍ୱାମୀଙ୍କୁ ସେତିକି ମୂଲ୍ୟ ଦେଲେ ଭୂସ୍ୱାମୀ ଶେଷୋକ୍ତ ବ୍ୟକ୍ତିଙ୍କୁ ସମ୍ପତ୍ତିକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ଦେବାକୁ ବାଧ୍ୟ ଅଟନ୍ତି ।]

ହକସ୍—ପ୍ରାଦେ. (ଗଞ୍ଜାମ) ବି—୧। ଅକସ; ଈର୍ଷା—1. Spite. Hakas ୨। ଅବହୁଡ଼—2. Grudge.

ହକସ କରିବା—ପ୍ରାଦେ. (ଗଞ୍ଜାମ) କ୍ରି—ବଳ ଦେଖାଇବା ପାଇଁ Hakasa karibā ପ୍ରତିଯୋଗିତାକାରୀଙ୍କ ମଧ୍ୟରେ କେଣସିଟା ହାର ଜିତ ବା ପଣ—Wager.

ହକ ହକ ହେବା—ଦେ. କ୍ରି—୧। ହକର ହକର ହେବା (୧) (ଦେଖ) Haka haka hebā 1. Hakar hakar hebā (1)(See) হুট হুট করে যাওয়া ୨। ହକର ହକର ହେବା (୨) (ଦେଖ) 2. Hakar hakar hebā (2) (See). ୩। ହକର ହକର ହେବା, (୩)(ଦେଖ)—3.Hakar hakar (3) (See). ୪। ରବେଇ ଶବେଇ ହେବା; କୌଣସି କଥା উদ্‌বিগ্নহওয়া କହିବାକୁ ବା କାର୍ଯ୍ୟ କରିବାକୁ ବିଶେଷ ଉଦ୍‌ଗ୍ରୀବତା ଦେଖାଇବା; ମନକଥା ବାହାରେ ପ୍ରକାଶ କରିବା; (ଯଥା) 'ଧକ ଧକ ହେବା—4. To show eagerness to do any act or to speak anything. [ଦ୍ର—ମନର ଲାଳାୟିତ ଅବସ୍ଥାରେ ମନୁଷ୍ୟର ମନ ଧକ ଧକ ବା ରବେଇ ଶବେଇ ହୁଏ, ତନ୍ତୁ ଉକ୍ତ ଚଞ୍ଚଳତା ବାହ୍ୟ ଲକ୍ଷଣଦ୍ୱାରା ପ୍ରକାଶ ପାଇଲେ ଉକ୍ତ ବ୍ୟକ୍ତି ଅମୁକ କାମ କରିବାକୁ "ହକ ହକ ହେଉଛି" ବୋଲି କୁହାଯାଏ ।]

ହକା—ଦେ. ବି—(ସଂ ହକ୍କାର)—ଡାକ; ଅହ୍ୱାନ—Call. Hakā হাঁক বুলাহট [ଦ୍ର—ଏ ଶବ୍ଦ ଡକା ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ]

ହକାଇବା—ଦେ. କ୍ରି—ହଙ୍କାଇବା (ଦେଖ)—Hāṅkāibā(See). Hakaiba

ହକାରିବା—ଦେ. କ୍ରି(ସଂ. ହକ୍କାର=ଅହ୍ୱାନ)—୧। ଅହ୍ୱାନ କରିବା—Hakāribā 1. To call. [ଉ—ଇନ୍ଦ୍ର ପବନକୁ হাঁকা বুলানা ହକାରି ବୋଲିଲେ ପାଖ ମଧୁପୁରୀ—ଜଗନ୍ନାଥ. ଭାଗବତ.] ୨। ପାଖକୁ ଡାକିବା— To summon. [ଯଥା—

ଦୂତମାନଙ୍କୁ ହକାରିବା — ଭୂପତି,ଚୈମ, ଷଣ୍ଡାମୁଖ]—
तुला हकारना ୩ । (ପୂର୍ବେ କାଲେଶ୍ୱରରେ ଜାହାଜ ଚଳୁଥିବା ସମୟରେ ପ୍ରଚଳିତ ଜାହାଜୀୟ ଶବ୍ଦ ।) ପାଲ ଟାଣିବା—3. To set the sails of a ship. ୪ । ପତାକା ଉଠାଇବା—4. To raise a flag.

ହକାଳିବା — ଦେ. କ୍ରି —(ସ. ପ୍ରକ୍ଷାଳନ)—(ଲୁଗା) ଧୋଇବା—
Hakālibā . কাচা धोना To wash (clothes).

ହକାଲିବା—ପ୍ରାଦେ (ଗଡ଼ଜାତ) କ୍ରି.—୧। ତଡ଼ିବା—1. To drive
Hakālibā away; to expel. ୨ । ଗାଡ଼ିରେ ଲଗିଥିବା ବଳଦମାନଙ୍କୁ ଚଳାଇବା—2.To drive the bullocks yoked to a cart

ହକାହକି—ଦେ.ବି. [ସ.ହକ୍କାର=ଆହ୍ୱାନ]—୧ । ଡାକବାକ;ବହୁଥର
Hakāhaki ଆହ୍ୱାନ—1. Several calls. ୨ । ଡକାଡକି;
ডাকাডাকি बुलाहट उलाहट ପରସ୍ପରକୁ ଡାକିବା—2. Calling each other.

ହକି(କ୍କି) — ବୈଦେ. [ଇଂ.] ବି—(ଇଂରାଜି ହକି ଶବ୍ଦ; ଇଂ. ହୁକ୍=
Haki(kki) ଅଙ୍କୁଶ ବା ବକ୍ରାଗ୍ର ଯଷ୍ଟିରୁ ଏହି ହକି ଶବ୍ଦ
হকি हौकी ହୋଇଅଛି ।) ୧ । ଏକପ୍ରକାର ପାଶ୍ଚାତ୍ୟ ଖେଳ—
1. Hockey. [ଦ୍ର—ଏହି ଖେଳ ବିସ୍ତୃତ ପଡ଼ିଆରେ ଖେଳା ହୁଏ । ଖେଳାଳିମାନେ ଦୁଇ ଦଳ ବା ଦୁଇ ଟିମ୍‌ରେ ବିଭକ୍ତ ହୁଅନ୍ତି । ଖେଳାଳିମାନେ ଭୂମିକର ବା ଘୋଡ଼ା ଉପରେ ଚଢ଼ି ହାତରେ ଗୋଟିଏ ଲେଖାଏଁ ଅଗ ଚେପ୍ଟା ଓ ବକ୍ରାଗ୍ର ଲମ୍ବ ବାଡ଼ି ଧରି ଥାଆନ୍ତି । ଭୂମିରେ ଗୋଟିଏ ପେଣ୍ଡୁ ଗଡୁଥାଏ । ତାକୁ ଏକଦଳର ଖେଳାଳିମାନେ ବାଡ଼ିର ଚେପଟା ଅଗରେ ବାଡ଼େଇ ଅପର ପକ୍ଷ ଲଗିଥିବା ନିର୍ଦ୍ଦିଷ୍ଟ ସୀମା ବା ସ୍ଥାନ (ଗୋଲ୍)କୁ ଡ଼ିଆଁଇ ପକାଇଲେ ଜିତନ୍ତି] ୨ । ହକି ଖେଳର ଅଗ-ଚେପଟା ଓ ବକ୍ରାଗ୍ର ଯଷ୍ଟି—2. Hookey stick.

ହକିଅତ—ବୈଦେ (ଅ). ବି.(ଅ. ହକିୟତ୍) (କଚେରୀ)—୧ । ସ୍ୱତ୍ୱ;
Hakiyat ସମ୍ପତ୍ତିରେ ଦ୍ରବ୍ୟିତ୍ୱ ସ୍ୱାମିତ୍ୱ—1.Title to a pro-
হকিয়ত हकियत perty.୨ ।ସମ୍ପତ୍ତିରେ ଅଧିକାର—2. Right to a property.୩ । ଭୂସମ୍ପତ୍ତିରେ ସ୍ୱତ୍ୱ—3. Title. to landed property. ୪ । ବିଷୟ ସମ୍ପତ୍ତି— 4. Property. ଦେ. ବି.—ହକିକତ୍ (ଦେଖ)—
(ହକ୍ୟତ—ଅନ୍ୟରୂପ) Hakikat (See)

ହକିଅତି—ବୈଦେ (ଅ) ବି. (କଚେରୀ) (ଅ. ହକିୟତ୍)—
Hakiati ୧ । ଭୂସମ୍ପତ୍ତି—1. Landed property.
[ହକ୍ୟତି—ଅନ୍ୟରୂପ] ୨ । ସମ୍ପତ୍ତି—2. Property. ବିଣ—
হকিয়তি [ଅ. ହକିୟତୀ] ହକିଅତ୍ ସମ୍ବନ୍ଧୀୟ —Relating to
हकीयती title in property.

ହକିଅତ ବିବାଦ—ଦେ. ବି (କଚେରୀ)—ସମ୍ପତ୍ତିରେ ସ୍ୱତ୍ୱ ସମ୍ବନ୍ଧୀୟ
Hakiati bibāda ବିବାଦ—Dispute as to title to
হকিয়তী বিবাদ हकीयती विवाद any property.

ହକିଅତ ମ(ମୋ)କଦ(ଦ୍ଦ)ମା – ବୈଦେ. ବି(ଅ)(କଚେରୀ)—ଦୁଇ ପକ୍ଷଙ୍କ
Hakiati ma(mo)kada(dda)mā ମଧ୍ୟରୁ ସମ୍ପତ୍ତିରେ(ବିଶେଷତଃ
হকিয়তী মোকদ্দমা ଭୂସମ୍ପତ୍ତିରେ) କେଉଁ ପକ୍ଷର ସ୍ୱତ୍ୱ ଅଛି, ଏହା
हकियती मुकदमा ସ୍ଥିର କରିବା ପାଇଁ ଉପସ୍ଥାପିତ ମକଦମା—
Title suit; suit for declaration of title to a property as between two contending parties.

ହକିକତ୍ – ବୈଦେ. (ଅ) ବି—୧ । ବୃତ୍ତାନ୍ତ; ବିବରଣ; ବର୍ଣ୍ଣନା—
Hakikat 1. Description. ୨ । ପ୍ରକୃତ ତଥ୍ୟ—2. Ac-
হকিকৎ tual fact. ୩ । ସବିଶେଷ ବୃତ୍ତାନ୍ତ—3. Detailed
हकिकत् description. ୪ । ଠିକ୍ ବିବରଣ—4. Correct description.

ହକିକତ୍ ନାମା—ବୈଦେ(ଅ)ବି(କଚେରୀ)—ବିବରଣ ପତ୍ର; ରିପୋର୍ଟ—
Hakikat nāmā A report; a writing contain-
হকিকৎ নামা ing description of any matter.
हाककत नामा

ହକିଗତ୍—ପ୍ରାଦେ (ସମ୍ବଲପୁର) ବିଣ (ଅ. ହକିକତ୍)—ପ୍ରକୃତ—
Hakigat Actual.

ହକିମ୍—ବୈଦେ. (ଅ) ବି. (ଅ· ହକିମ୍=ପଣ୍ଡିତ; ବୈଦ୍ୟ)—
Hakim ୧ । ମୁସଲମାନ୍ ବୈଦ୍ୟ—1. A Mahomedan
হকীম physician. ୨ । ଇରାଣୀ ବା ୟୁନାନୀ ମତରେ ରୋଗ-
हकीम ଚିକିତ୍ସକ—2. Physicians treating diseases according to the Iranian or Unani system of medicine.

ହକିମ୍ ସାହେ(ହା)ବ୍ – ବୈଦେ· ବି (ଅ. ହକିମ୍ + ଅ. ସାହାବ୍)—
Hakim sāhe(hā)b ହକିମଙ୍କ ପ୍ରତି ପ୍ରଯୁକ୍ତ ସମ୍ମାନାର୍ଥକ
হকিম সাহেব ସମ୍ବୋଧନ—Word of respect used in
हकिम साहब addressing a Hakim.

ହକିମି—ବୈଦେ. ବି—୧ । ହକିମବୃତ୍ତି—1. The practice or
Hakimi profession of a Hakim or Unani physi-
হকিমী cian. ୨ । ୟୁନାନୀ ଚିକିତ୍ସାପ୍ରଣାଳୀ—2. The Unani
हकीमी system of medicine or treatment. ବିଣ—
୧ । ହକିମ୍ ସମ୍ବନ୍ଧୀୟ—1. Relating to a Hakim. ୨ । ୟୁନାନୀ ଚିକିତ୍ସା ସମ୍ବନ୍ଧୀୟ—2. Relating to the Unani system of treating diseases.

[ଦ୍ର—ଏହି ହକିମି ଚିକିତ୍ସା ପାରସ୍ୟରୁ ମୁସଲମାନ୍ ଓ ମୋଗଲ୍ ବାଦ୍‌ସାହାମାନଙ୍କ ଅମଳରେ ଭାରତରେ ପ୍ରବେଶ କରିଥିଲା । ହକିମ୍‌ମାନେ ଅନେକ ଉତ୍କୃଷ୍ଟ ଓ ବହୁଯୋଗୀୟକ ଚିକିତ୍ସା ପ୍ରଣାଳୀ ଅବଲମ୍ବନ କରିଥିଲେ । ବାଦ୍‌ସାହାମାନଙ୍କ ବେଗମ୍‌ମାନେ ଅସୂର୍ଯ୍ୟମ୍ପଶ୍ୟା ଥିଲେ । ଏପରି ସ୍ଥଳରେ ରୋଗିଣୀଙ୍କୁ ନ ଦେଖି ଔଷଧ ବ୍ୟବସ୍ଥା କରିବାପାଇଁ ହକିମ୍‌ମାନେ ବାଧ୍ୟ ହେଉଥିଲେ ଓ ବହିଯୁକ୍ତ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ, ଅତଏବ ୧ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ଼' ଖୋଜିବେ, 'ବଧୂ' ନ ମିଳିଲେ 'ବଧୁ' ଖୋଜିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

ବିଷୟ ଏହି ଯେ, ସେକାଳ ଚିକିତ୍ସାରେ ହକିମ୍ମାନେ କୃତକାର୍ଯ୍ୟ ମଧ୍ୟ ହେଉଥିଲେ । ଶୁଣାଅଛି ଯେ, ବାଦଶାହା ଔଷଧସେବନ କରିବାକୁ ନାରାଜ୍ ହେଲେ ହକିମ୍ମାନେ ଔଷଧସଂଯୁକ୍ତ ବସ୍ତୁ ପିନ୍ଧାଇ ଓ ସମ୍ମୁଖରେ କୌଣସି ବସ୍ତୁକୁ ଦେଖାଇ ରୋଗ ଭଲ କରୁଥିଲେ । ବାଦଶାହା ଓ ଅମୀର୍ମାନେ ବହୁସଂଖ୍ୟକ ବେଗମ୍ଙ୍କୁ ପତ୍ନୀରୂପେ ଗ୍ରହଣ କରୁଥିବାରୁ ପୁରୁଷ ଓ ସ୍ତ୍ରୀଙ୍କର ଯୌବନରକ୍ଷା, ସୌନ୍ଦର୍ଯ୍ୟବୃଦ୍ଧି, କେଶବୃଦ୍ଧି, ଲୋମନାଶ ଓ ଇନ୍ଦ୍ରିୟ ତୃପ୍ତି ଆଦି ପାଇଁ ହକିମ୍ମାନେ ବହୁସଂଖ୍ୟକ ଔଷଧମାନ ପ୍ରସ୍ତୁତ କରୁଥିଲେ ।]

ହକି(କ୍କି) ଷ୍ଟିକ୍—ବୈଦେ· (ଇଂ) ବି—ହକି ଖେଳରେ ବ୍ୟବହୃତ ଦଣ୍ଡ—Hockey stick.
Haki(kki) shtik
ହକିସ୍‌ଟିକ୍ हौकीस्टीक

ହକେ—ପ୍ରାଦେ· (ଉତ୍ତରଭାଷା) ସର୍ବନାମ—୧ । ତାହାଙ୍କୁ; ସେ ବ୍ୟକ୍ତିକୁ 1. To that person. ୨ । ଏହାଙ୍କୁ; ଏହି ବ୍ୟକ୍ତିକୁ —2. To this person.
Hake

ହକ୍କ (ଇତ୍ୟାଦି)—ବୈଦେ· ବି· ଓ ବିଣ—ହକ୍ ଇତ୍ୟାଦି (ଦେଖ)
Hakk (etc) Hak etc. (See)

ହକ୍କା—ସଂ. ବି.—୧ । ହାତୀକୁ ଡାକିବା; ଗଜସମାହ୍ୱାନ (ଜଟାଧର)— 1. Words used by the driver to guide an elephant. ୨ । ହାତୀର ଡାକ— 2. The sound of an elephant.
Hakka

ହକ୍କାର—ସଂ· ବି.—୧ । ଆହ୍ୱାନ (ଶବ୍ଦକଳ୍ପଦ୍ରୁମ)—1. Call; summoning. ୨ । ଉଚ୍ଚୈଃସ୍ୱରରେ ଡାକିବା—2. Calling a person loudly.
Hakkāra
হাঁক बुलाहट

ହକ୍ୟତ(ତି) (ଇତ୍ୟାଦି)—ବୈଦେ, ବି—ହକିଅତ୍ ଇତ୍ୟାଦି (ଦେଖ)
Hakyat(ti) (etc) Hakiat etc. (See)

ହଗ୍‌ରା (ରୁ)—ପ୍ରାଦେ· (ଖଡ଼ଜାତ) ବିଣ—ହଗୁରା; ଯେ ବେଶୀ ବା ବାରମ୍ବାର ହଗେ—One who passes stool many times in a day.
Hag-rā (ru)
(ହଗ୍‌ରୀ—ସ୍ତ୍ରୀ)

ହଗହଗ—ପ୍ରାଦେ· (ଖଡ଼ଜାତ) ବି—ମଳତ୍ୟାଗାର୍ଥ ଉଦ୍‌ବେଗ— Tendency to pass stool.
Hag-hag

ହଗ—ଦେ. ବି (ସଂ. ହଦ ଧାତୁ=ବିଷ୍ଠୋତ୍ସର୍ଗ କରିବା ସଂ. ହଦନ)— ବିଷ୍ଠାତ୍ୟାଗ; ହଗିବା—Passing of stool; defecation.
Haga
হাগা हग

ହଗଣା—ଦେ, ବି (ସଂ. ହଦନ)—୧। ଝାଡ଼ା ଫେରିବା—1. Passing of stool. ୨ । ହଗାରୋଗ—2. Disease resulting in copious discharge of stool.
Haganā
হগা
हगा
[ଯଥା—ଅଳ୍ପମୋଟ ପିଲ୍ଲ ହଗଣା ସନ୍ଦେ—ଚଗ]

(ମତେ) ହଗ ମାଡ଼ିବା—ଦେ. କ୍ରି—ମଳବେଗ ଅନୁଭୂତ ହେବା— Being called by nature.
Haga mārdibā
হাগাপাওয়া टट्टी लगना

ହଗ ମୂତ—ଦେ· ବି (ସଙ୍ଗତର)—ହଗିବା ଓ ମୂତିବା; ମଳତ୍ୟାଗ ଓ ପ୍ରସ୍ରାବ କରିବା—Passing of stool and urine.
Haga mūta
হাগামূতা हगमूत

ହଗ୍‌ରା—ଦେ. ବି—୧ । ତାର ଅତିସାର ରୋଗ—1. Chronic dysentery. ୨ । ହଗାରୋଗ; ଅତିସାର; ଗ୍ରହଣୀ.
Hagarā
হাগারোগ; পেটেরঅসুখ
टट्टीकारोग
ଆମାଶୟ ଆଦି—2. Dysentery, diarrhoea etc.

হেগো हगनेवाला ବିଣ. ହଗୁରା (ଦେଖ)—Hagurā (See)

ହଗା—ଦେ. କ୍ରି—(ସଂ. ହଦ ଧାତୁ; ହଦନ)—୧ । ହଗିବା; ଝାଡ଼ା ଫେରିବା; ବାହାରେ ହେବା; ମଳୋତ୍ସର୍ଗ—1. Passing of stool. [ଭ—ହଗା ଅର୍ଥରେ ହ ବାଘର ଭୟ(ଭୟ)— ପ୍ରଚଳନ; ଲୋକର ବିଶେଷ ମନୋବେଗ ଜନିତ ପୀଡ଼ା ଉପସ୍ଥିତ ହେଲେ ସେ ବାଘ ମାଡ଼ିବାଜନିତ ଭୟରୁ ଭ୍ରୂକ୍ଷେପ ନ କରି ଯେଉଁଠାରେଇଚ୍ଛା ସେଠାରେ ଝାଡ଼ା ଫେରି ପକାଏ ।]
Hagā
হাগা
हगना
୨ । ବହୁବାର ତରଳଝାଡ଼ା ଫେରିବାରୋଗ— 2. Disease of passing liquid stool; diarrhoea. ୩ । ଅତିସାର; ଆମାଶୟ ଝାଡ଼ା— 3. Dysentery. ବିଣ. ପୁଂ—୧ । ଯେ ହଗିଥାଏ— 1. Having passed stool. ୨ । ହଗୁରା (ଦେଖ)— 2. Hagurā (See) ୩ । ଯେଉଁ ବ୍ୟକ୍ତି ହଗା ରୋଗରେ ଆକ୍ରାନ୍ତ—3. Suffering from dysentery or diarrhoea. ପ୍ରାଦେ (ବାଲେଶ୍ୱର ପାଟଣା) ଅ—ହଇରେ ! (ଅନାଦର ଅର୍ଥରେ) Interjection (in contempt) Oh !
হেগো
हगनेवाला

ହଗା (ଗେ)ଇ ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ପ୍ରହାର ଆଦି ଦେବା ଦ୍ୱାରା ବଳା ପ୍ରେରଣାରେ ତାଠାରୁ ମଳନିଃସରଣ କରାଇବା—1.To cause a person to pass stool involuntarily as a result of very severe beating. ୨ । କୌଣସି ବ୍ୟକ୍ତିକୁ ଭୟ ଦେଖାଇ ଅତର୍କ କରିବା ଦ୍ୱାରା ଅନିଚ୍ଛାକୃତ ଭାବ ମଳ ନିଃସୃତ କରାଇବା—2. To cause a person to pass stool involuntarily through extreme fear. ୩ । କୌଣସି ବ୍ୟକ୍ତି ଉପରେ ତାହାର ବୋହି ପାରିବା ଶକ୍ତିର ସୀମାଗତ ବୋଝ ଲଦିବା ଦ୍ୱାରା ଅନିଚ୍ଛାକୃତ ଭାବ ଝାଡ଼ା ଫେରିବାର କାରଣ ହେବା—3. To cause a person to pass stool involuntarily by putting on him a load very much in excess of his carrying capacity. ୧ । (ଲକ୍ଷଣାର୍ଥ) କୌଣସି
Hagā (ge) i debā
হাগিয়েদেওয়া
हगादेना

୧	ଇ	ଉ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଦ୍ଧ
୨	ଈ	ଊ	ଋ	ଲ୍ଲ	ଏ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଔ	ନ୍ତ

ବ୍ୟକ୍ତିଙ୍କୁ ଅ ତ୍ୟନ୍ତ ଅତର୍କ୍କେ କରିବା—1. (figurative) To frighten or terrify a person. ୨। କୌଣସି ବ୍ୟକ୍ତିଙ୍କୁ ବେଳସୁ ମାଡ଼ ଦେବା—2. To beat a person very severely. ୩। କୌଣସି ବ୍ୟକ୍ତି ଉପରେ ବେଳାସୁ ବୋଝ ଲଦ ଦେବା—3. To put excessive load on a person. ୪। କୌଣସି କାର୍ଯ୍ୟ କରିବାକୁ କୌଣସି ବ୍ୟକ୍ତିଙ୍କୁ ଅତିଶୟ ଭୂରାନ୍ୱିତ କରିବା—4. To cause unnecessary haste to a person by pressing him to do anything immediately.

ହଗା(ଗେ)ଇ ନେବା—ଦେ. କ୍ରି—ହଗିବାକୁ ଯିବା ବ୍ୟକ୍ତିର ସଙ୍ଗରେ ଯିବା—To accompany a person going to pass stool.
Hagā(ge)i nebā
হাগিয়েআন
हगालाना

ହଗା(ଗେ)ଇ ପକା(କେ)ଇବା—ଦେ. କ୍ରି—୧। ହଗାଇ ଦେବା (ଦେଖ)
Hagā(ge)i pakā(ke)ibā Hagāidebā (See)
হাগিয়েফেলা हगादेना [ଯଥା—ଏ କାହାରେ ଅର୍ଜ୍ଜୁନଙ୍କର ଧ୍ୱଜେ ଥିବ; ଭୂମ୍ବ ଶବ୍ଦ ଶୁଣିଲେ ହଗାଇ ପକାଇବ—କୃଷ୍ଣସିଂହ. ମହାଭାରତ. ବନ]

ହଗା(ଗେ)ଇବା—ଦେ. କ୍ରି—୧। ହଗିବା ଧାତୁର ଣିଜନ୍ତ ରୂପ—
Hāgā(ge)ibā 1. Causative of hagibā. [ଦୃ—
হাগান କୌଣସି ବ୍ୟକ୍ତିଙ୍କୁ ମଳତ୍ୟାଗରେ ସାହାଯ୍ୟ କରି (ଯଥା—ଶିଶୁ
हगाना ମାନଙ୍କୁ ଆପଣା ଦୁଇଗୋଡ଼ର ବଳାଗଣ୍ଠି ଉପରେ ବସାଇ) ଝାଡ଼ା ଫେରାଇବା] ୨। ଝାଡ଼ା ଫେରାଇବା—2. To cause a person to pass stool. ୩। ହଗାଇ ଦେବା (ଦେଖ)—2. Hagāidebā (See)

ହଗା(ଗେ)ଇବା ମୁତା(ତେ)ଇବା—ଦେ. କ୍ରି (ଲକ୍ଷଣାର୍ଥ)—
Hagā(ge)ibā mutā(te)ibā କୌଣସି ବ୍ୟକ୍ତିଙ୍କୁ ମାଡ଼
হগান মূতান ବା ଭୟ ପ୍ରଦର୍ଶନ ବା ତା ଉପରେ ଅତିରିକ୍ତ ବୋଝ
हगाना मूताना ଲଦିବା ଦ୍ୱାରା ତାର ଅନିଚ୍ଛାବଶତଃ ହଗିବା ଓ ମୂତିବାର କାରଣ ହେବା—To cause a person to involuntarily pass stool of Urine on account of fear, beating or being given excessive load.
[ହଗାଇ ମୁତାଇ ପକାଇବା (ଦେବା)—ଅନ୍ୟରୂପ]

ହଗା ଓଷଧ(ଦ)—ଦେ. ବି.—୧। ହଗା ବନ୍ଦ ହେବାର ଔଷଧ—
Hagā oshadha(da) 1. Medicine used for stopping evacuation.
বাহ্যি বন্ধের ওষুদ
हगनेकी दवा
୨। କୋଷ୍ଠଶୁଦ୍ଧି ହେବା ପାଇଁ ପ୍ରଯୁକ୍ତ ଔଷଧ, ଜୁଲାପ—
বাহ্যের ওষুদ, জোলাপ जुलाप 2. Catharitic medicine.

(ତାକୁ) ହଗା ଧରିବା(ହେବା)—ଦେ. ବି.—ଅତିସାର, ଆମାଶୟ, ବସୁନ୍ତିକାଦି ରୋଗ ଆକ୍ରମଣ କରିବା—Being attacked with diarrhoea, cholera or dysentery.
Hagā dharibā(hebā)
বাহ্যি হওয়া
टट्टीकी बीमारी होना

ହଗା ବାନ୍ତି—ଦେ. ବି—ବିସୂଚିକା—Cholera.
Hagā bānti
কলেরা
हैजा

ହଗା ବାନ୍ତି ଦି (ଦୁଇ) ମୁହଁ ଫିଟିବା—ଦେ. ବି—ପ୍ରବଳ ବିସୂଚିକାର ଆକ୍ରମଣ—
Hagā bānti di(dui)muhan phiṭibā
Being attacked with a virulent type of cholera.

ହଗା ମୁତା—ଦେ.ବି, (ଦ୍ୱନ୍ଦ୍ୱ)—ଝାଡ଼ା ଫେରିବା ଓ ପ୍ରସ୍ରାବକରିବା—
Hagā mutā Passing of stool and of urine.
হাগা মূতা हगामूता

ହଗା ରୋଗ—ଦେ.ବି.—ଉଦରାମୟ,ଅତିସାର, ବିସୂଚିକା ଆଦି ରୋଗ—
Hagā roga Diseases relating to stool, i. e.
হাগারোগ टट्टीकी बेमारी dysentery, diarrhoea and cholera.

ହଗା ରୋଗୀ—ଦେ. ବି—ଉଦରାମୟରୋଗଗ୍ରସ୍ତ ବ୍ୟକ୍ତି—A patient
Hagā rogi suffering from dysentery
হেগো রোগী टट्टीकी मरीज or dirrohea.

ହଗା ଲ(ନ)ଗା—ଦେ. ବିଣ.—୧। ଭୟଙ୍କର ଭାବରେ ପ୍ରହାରିତ—
Hagā la(na)gā Beaten or belaboured furiously.
মেরে হগিয়ে মুতিয়ে (দেওয়া)
୨। ଅତିଆକ୍ରାନ୍ତ—
हगा मूता 2. Brought to pay.

ହଗି ଦ(ଧ)ଉଡ଼ିବା(ଧାଇଁବା)—ଦେ. କ୍ରି—(ଅଜୀର୍ଣ୍ଣ ବା ରୋଗ ଯୋଗୁଁ)
Hagi da(dha)urḍibā(dhāinbā) ବାରମ୍ବାର ଝାଡ଼ା
হাগতে দৌড়া हगनेको दौड़ना ଫେରିବାକୁ ଯିବା—To
(ହଗି ଧାଇଁବା—ଅନ୍ୟରୂପ) pass stool repeatedly or at short intervals.

ହଗି ଦେବା—ଦେ. କ୍ରି—ହଗି ପକାଇବା; ହଠାତ୍ ମଳୋତ୍ସର୍ଗ କରିବା—
Hagi debā To defecate hastily. [ଯଥା—ମୁଣ୍ଡରେ
হেগে দেওয়া हगदेना ଉଠ। ଲୁଥ ହଗିଦେଲ ଲହପଡ଼—ଡଗ]

ହଗି ପକା(କେ)ଇବା—ଦେ. କ୍ରି.—୧। ଅପ୍ରତ୍ୟାଶିତ ଭାବରେ ବା
Hagi pakā(ke)ibā ଅତର୍କିତ ଭାବରେ ଝାଡ଼ା ଫେରିବା—
হেগেফেলা हगदेना 1. To defecate suddenly. ୨। ଶୀଘ୍ର ବିଷ୍ଠା ତ୍ୟାଗ କରିବା—2. To hastily pass stool. ୩। (ଲକ୍ଷଣାର୍ଥ)—ବେଳାସୁ ମାଡ଼ ବା ଅତ୍ୟନ୍ତ ଭୟ ବା ଅତ୍ୟଧିକ ବୋଝର ଫଳରେ ବିନା ଇଚ୍ଛାରେ ଝାଡ଼ା ଫେରିବା—3. To involuntarily defecate through fear or beating or excessive straining under a load.

ହଗି ବସି ନାଅଁ ସର(ରେ)ଇବା—(ନ୍ୟାୟ)—(ବାଟରେ ଝାଡ଼ାଫେର
Hagi basi nā-āṅ sarā(re)ibā ବସିଲେ କମ୍ବା ଅନ୍ୟ ବ୍ୟକ୍ତିର ବାଡ଼ ଅଦରେ ଝାଡ଼ା ଫେରିଲେ ଝାଡ଼ା ଫେରିବା
অল্পে বদনাম কেনা **हगकर नाम बुडाना** ବ୍ୟକ୍ତିକୁ ଲୋକେ ଗାଳି ଦିଅନ୍ତି ଏହି ମୌଳିକ ଭାବରୁ ଲକ୍ଷଣାର୍ଥ)—ନୀଚ ବା ଲଜ୍ଜାଜନକ କାର୍ଯ୍ୟ କରିବା ଦ୍ୱାରା ଅକୀର୍ତ୍ତି ବା ନିନ୍ଦା ଅର୍ଜନବା —(figurative) To earn censure by doing any insignificant or shameful act.

ହଗିବା—ଦେ. କ୍ରି. (ସଂ ହଦ୍‌ଧାତୁ, ପ୍ରା—ହଗ୍‌ଧାତୁ=ବିଷ୍ଠା ତ୍ୟାଗ
Hagibā କରିବା)—୧। ଝାଡ଼ା ଫେରିବା; ମଳୋତ୍ସର୍ଗ
হাগা **हगना** କରିବା—1. To pass stool; to relieve one's bowels; to defecate. [ଦ୍ର—ଏ ଶବ୍ଦ ଇତର ଲୋକଙ୍କ ବ୍ୟବହୃତ, ଭଦ୍ର ସମାଜର କଥୋପକଥନରେ ହଗିବା ନ କହି ଝାଡ଼ା ଫେରିବା, ପୋଖରୀ ଯିବା, ବହିର୍ଦେଶ ଯିବା, ବହିର୍ଭୂମି ଯିବା, ବାଡ଼କୁ ବସିବା ଓ ଗଞ୍ଜାମରେ ବନକୁ ଯିବା ଆଦି ବ୍ୟବହୃତ ହୁଏ।] ୨। (ଲକ୍ଷଣାର୍ଥ) ନିଜର ଶକ୍ତିର ବା ବାଳର ଅଭାବ ଥିବାରୁ) କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ହେବା—2. (figurative) Not to be able to do any work (for want of sufficient strength). ୩। (ଲକ୍ଷଣାର୍ଥ) କୌଣସି କାର୍ଯ୍ୟକୁ (ଯଥା—ଲେଖା, କାରିଗରୀ ଇତ୍ୟାଦି) ଅସୁନ୍ଦର କରି କରିବା—3. (figurative) To do any work clumsily. ୪। ହଗି ପକାଇବା (ଦେଖ)—4. Hagi pakāibā (See) ୫। ଝେରିବା; ଅତ୍ୟଧିକ ପାଣିଆ ମଳ ଉତ୍ସର୍ଗ କରିବା— 5. To pass a large quantity of liquid excrement.

ହଗିବା ମୁତିବା—ଦେ· କ୍ରି (ସକର୍ମକ)—ଝାଡ଼ା ଫେରିବା ଓ ପ୍ରସ୍ରାବ
Hagibā mutibā କରିବା—To pass stool and
হাগামূতা urine; to ease one'self and to make water.
हगना मूतना

ହଗି ମୁତି ପକା(ଦେ)ଇବା—ଦେ.କ୍ରି—୧। ଏକ ସମୟରେ ମଳ ଓ ପ୍ରସ୍ରାବ
Hagi muti pakāibā ତ୍ୟାଗ କରିବା—1. To pass
হেগে মূতে ফেলা stool and urine simultaneously ୨।
हगमूत देना (ଲକ୍ଷଣାର୍ଥ) ଅତ୍ୟନ୍ତ ମାଡ଼ ବା ଭୟ ବା ଅତ୍ୟଧିକ ବୋଝର ଦାବକୁ ସମ୍ଭାଳି ନ ପାରି ବିନା ଇଚ୍ଛାରେ ଝାଡ଼ା ଫେରିବା ଓ ପ୍ରସ୍ରାବ କରିବା—2. (figurative) To involuntarily pass stools and urine through fear-beating or strain of load. ୩। (ଲକ୍ଷଣାର୍ଥ) ଭୟରେ ଅଚଳ୍ଚି ହେବା—3. (figurative) To be over-powered with fear; to be terrified. [ଦ୍ର—ଦେଖାଯାଏ ଯେ, କେତେକ ବ୍ୟକ୍ତିଙ୍କୁ ଓ ପ୍ରାଣୀଙ୍କୁ ବିଶେଷ ମାଡ଼ ଦେଲେ ବା ଭୟ ଦେଖାଇ ଅଚଳ୍ଚି କରି ଦେଲେ, କମ୍ବା ତାଙ୍କ ଶକ୍ତିର ସାଧାରଣ ବୋଝ ତାଙ୍କ ଉପରେ ଲଦି ଦେଲେ ବିନା ଇଚ୍ଛାରେ ତାଙ୍କଠାରୁ ପରିସ୍ରା ଓ ଝାଡ଼ା ହୋଇଯାଏ।]

ହଗି ମୁତି ପଳା(ଲେ)ଇବା—ଦେ.କ୍ରି=ଅତି ବିସ୍ମୃଷ୍ଟ ହୋଇ ପଳାଇଯିବା
Hagi muti palā(le)ibā —To be affrighted too
হেগে মুতে পালান much and flee away. (ଉ—ବାଳ
हग मूतकर भागना ଯେ ବଞ୍ଚଲେ ଶ୍ରୀମୁଖ ମାରୁଣୀରୁ, ହଗି ମୁତି ପଳାଇଲେକ ସେ ବନରୁ। କୃଷ୍ଣସିଂହ. ମହାଭାରତ.ବନ।)

ହଗି ଯିବା—ଦେ. କ୍ରି—ମଳତ୍ୟାଗ କରିବା ପାଇଁ ସ୍ଥାନାନ୍ତରକୁ ଯିବା—
Hagijibā To go out to pass stool.
হাগতে যাওয়া **टट्टी जाना**

ହଗୁଡ଼ା(ରା)—ଦେ. ବି. ପୁଂ—୧। ଅଗ୍ରଜଙ୍କୁ ଅଣିଙ୍କୁ ଦଅଯିବା ନାମ—
Hagurdā(rā) 1. A name given to a child whose
[ହଗୁସି, ହଗୁଡ଼ୀ—ସ୍ତ୍ରୀ] elder has died before its
হেগো birth. ୨। ଚିର ଅତିସାର ରୋଗୀ—2. A person
हगुआ suffering from chronic dysentery.
ବିଣ—୧। ଯେ ପୁନଃ ପୁନଃ ମଳତ୍ୟାଗ କରେ; ଯେ ଅନେକଥର ଝାଡ଼ା ଫେରେ—1. Passing stool several times; passing stool frequently. ୨। ଯେ ହଗେ ବା ହଗିଥାଏ—2. Passing or having passed stool. ୩। ଯାହାର ବାରମ୍ବାର ହଗିବାର ଅଭ୍ୟାସ—3. Habitually passing stool. ୪। (ଲକ୍ଷଣାର୍ଥ) ଭେରୁଅ; ଅତିଭୟାଳୁ—4. (figurative) Coward; timid.

ହଗେଇ ଦେବା (ନେବା)—ହଗାଇ ଦେବା (ଦେଖ)
Hageidebā (nebā) Hagāi debā (See)
[ହଗେଇ ପକା(ଦେ)ଇବା; ହଗେଇବା—ଅନ୍ୟରୂପ]

ହଗ୍ରା—ପ୍ରାଦେ (ସମ୍ବଲପୁର) ବିଣ—ହଗୁଡ଼ା (ରା) (ଦେଖ)
Hagrā Hagurdā(rā) (See)

ହଙ୍କଙ୍ଗ୍—ଦେ. ବି (ନାମ)—ହଂକ' (ଦେଖ)
Haṅkaṅg हंकंग हंक Haṁkāṁ (See)

ହଙ୍କା—ଦେ· ବି—ଗାଡ଼ି ଇତ୍ୟାଦିର ଚାଳନ—
Haṅkā The act of driving a cart etc.
হাঁকা **हंकाई**

ହଙ୍କା(ଙ୍କେ)ଇ ଦେବା—ଦେ. କ୍ରି—ଧମକ ଦେଖାଇ କୌଣସି ବ୍ୟକ୍ତିକୁ
Haṅkā(ṅke)i debā କୌଣସି ସ୍ଥାନରୁ ତଡ଼ିଦେବା—To
হাঁকিয়ে দেওয়া **हाँकदेना** drive away a person from a place by using threats.

ହଙ୍କା(ଙ୍କେ)ଇବା—ଦେ. କ୍ରି—(ସଂ. ହୁଙ୍କାର; ହଙ୍କାର; ହଙ୍କାର= ଅହ୍ୱାନ, କମ୍ବା ହଙ୍କ=ଗଜ ସମାହ୍ୱାନରୁ)—
Haṅkā(ṅke)ibā
হাঁকান ୧। ଗାଡ଼ି ବଗି ଆଦିକୁ ହାଙ୍କିବା; ଗାଡ଼ି ଆଦିର
हाँकना, हंकाना ଚାଳକ ସ୍ୱରୂପ ଘୋଡ଼ା ଆଦିକୁ ଚଳାଇବା— 1. To drive (the horses etc of) a vehicle

etc as driver. ୨ । (ଗାଡ଼ି ହକାଇବା ଲୋକ ଶବ୍ଦକ ଧର ଶାଟକର ଗାଡ଼ର ଘୋଡ଼ାକୁ ଗୃଳକ କରବା ଅର୍ଥରୁ) କୌଣସି ବ୍ୟକ୍ତିକୁ ଧମକ ଦେଖାଇ ବା ମାଡ଼ାର ଭୁଆଇ କୌଣସି ସ୍ଥାନରୁ ତଡ଼ିଦେବା—2. To drive away a person from a place by threat or show of force. ୩ । ହାଙ୍କିବାର ଣିଜନ୍ତ; ଅନ୍ୟ ଦ୍ୱାର ହାଙ୍କିବା କ୍ରିୟା କରବା—3. Causative form of Hānkibā.

ହଙ୍ଗ(ଙ୍ଗା)ମା—ବୈଦେ. ବ—(ଫା. ହଙ୍ଗ୍ମାହ୍)—୧ । ହେଙ୍ଗମ—
Hanga(ngā)mā 1. Hengamā (See). ୨ । ଅକର୍ଥ; (ହଙ୍ଗାମ; ହେଙ୍ଗମା—ଅନ୍ୟରୂପ) କଳହ—2 Quarrel. ୩ । ହେ(হা)ঙ্গামা, হাঙ্গামা **हङ्गामा** କଳକଳଥ ପୂର୍ବକ ବବାଦ—3. Noisy quarrel. ୪ । ମାରପିଟ ପୂର୍ବକ କଳ—4. Brawl; affray. ୫ । ଶାନ୍ତିଭଙ୍ଗ—5. Breach of the peace. ୬। ଗୋଳମାଳ—6. Ado.

ହଙ୍ଗ(ଙ୍ଗା)ମା କରବା—ଦେ. କି.—୧ । କୌଣସି ବ୍ୟକ୍ତି ସଙ୍ଗେ କଳହ
Hanga(ngā)mā karibā କରବା— 1. To quarrel হাঙ্গাম (হেঙ্গামা) করা **हङ्गमाकरना** with a person. ୨ । (ହଙ୍ଗାମ କରବା—ଅନ୍ୟରୂପ) କଳହ ପୂର୍ବକ ମାରପିଟ୍ କରବ; ବେଆଇନ୍ ବଳ ପ୍ରୟୋଗ ବା ଜବରଦସ୍ତ କରବା—3. To use criminal force and asault a person; to commit affray.

ହଙ୍ଗ(ଙ୍ଗା)ମା ଦାର୍ (ବାଜ୍)—ବୈଦେ. ବଣ (ଫା. ହଙ୍ଗ୍ମାହ୍+ବାଜ୍; Hanga(ngā)mā dār (bāj) ଦାର୍)—୧ । କଳହପ୍ରିୟ
হেঙ্গামাবাজ 1. Quarrelsome. ୨ । ବେଆଇନ ବଳପ୍ରୟୋଗ **हङ्गमादार** କାରୀ—2. Using criminal force; assaul-
(ହଙ୍ଗାମି, ହଙ୍ଗାମିଆ—ଅନ୍ୟରୂପ) ting; committing affray.

ହଚ୍‌ପଟ୍‌କୁ ଆଣିବା—ବୈଦେ, (ଇଂ) ବ. (କଚହରୀ) (ଇଂ. ହଚ୍‌ପଚ୍
Hach-patku āniba ଶବ୍ଦର ଅର୍ଥ ନାନା ପଦାର୍ଥମିଶ୍ରିତ
হচপটেআনা ଘାଣ୍ଟ ଭୋଜଣ ବା ମଣ୍ଡର । ଏହି ଅର୍ଥରୁ ଏହି ଶବ୍ଦ
हचपटमें लाना ଅଦାଲତରେ ବ୍ୟବହୃତ ହେଉଅଛି ।)—ବଣ୍ଟନ ମକଦମାରେ ପକ୍ଷମାନଙ୍କର ଯାବତୀୟ ସମ୍ପତ୍ତିକୁ ଏକତ୍ର ଦାଖଲ କରବା—(Legal term) To bring all the properties of the co-sharers into the hotchpot on the occasion of partition.

ହଚକେଇ ଯିବା—ଦେ· କ୍ରି—କିଂକର୍ତ୍ତବ୍ୟବିମୂଢ଼ ହେବା—
Hachakei jibā To get confused or bewildered.
হকচকিয়েযাওয়া [ଯଥା—ତା ମୁହଁରେ ଠେଙ୍ଗାମାଡ଼ ପଡ଼ିବାରୁ ସେ
हकबकाना ହଚକେଇ ଗଲା ।]

ହଜ୍—ବୈଦେ. (ଆ) ବ—ମୁସଲମାନ୍‌ମାନଙ୍କ ତୀର୍ଥ ମକ୍କାକୁ ଗମନ ଓ
Haj ସେଠାରେ ତୀର୍ଥକୃତ୍ୟ ସମ୍ପାଦନ—Pilgrimage to
হজ Mecca and accomplishment of certain
हज religious duties there (by a Mahomedan).

[ଦ୍ର—ମୁସଲମାନୀ କାଲ୍‌ହଜ୍ ମାସର ଦଶମଦନ ମୁସଲମାନ୍‌ମାନଙ୍କର 'ବକ୍ରୀଦ୍' ପର୍ବ । ସେ ଦନ ମୁସଲମାନ୍‌ମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପଶୁବଳ ଦଅନ୍ତି । ସେହି ଦନ ଯେଉଁ ବ୍ୟକ୍ତି ମକ୍କାକୁ ଯାଇ ହଜ୍ କରନ୍ତି ଓ ବଳ ଦଅନ୍ତି ତାଙ୍କ ନାମ ପୂର୍ବରେ 'ହାଜି' ଉପାଧି ଯୁକ୍ତ ହୁଏ ।]

ହଜ୍ କରବା—ଦେ. କ୍ରି—ମକ୍କା ତୀର୍ଥ ଦର୍ଶନାଦ କରବା—
Haj karibā To accomplish a pilgrimage to
হজকরা **हजकरना** Mecca.

ହଜ୍ ଗ(ବ)ଜ୍—ଦେ. ଅ—୧ । ହାଉଜାଉ (ଦେଖ)—1. Hāujāu
Haj ga(ba)j (See). ୨ । ବହୁପଦାର୍ଥର ଇତସ୍ତତଃ ବକ୍ଷିପ୍ତ ହେବା
হ(হি)জব(বি)জ ଅବସ୍ଥା—2. The condition of many
तितिरबितिर things being strewn here and there.
୩ । [ଦ୍ର—ମହାଭାରତରେ ଯୁଧିଷ୍ଠିରଙ୍କ ଉକ୍ତି 'ଅଶ୍ୱତ୍ଥାମା ହତ ଇତି ଗଜଃ' ର ଭାବରୁ) କଳ୍ପିତ କଥା କହି ଇତସ୍ତତଃ କରବା—3. Prevarication. ୪ । ବଷୟୁଶୃଙ୍ଖଳା ନ କର ବା ଧାରାବାହିକରୂପେ ବର୍ଣ୍ଣନା ନ କର କୌଣସି ବଷୟ କହିବା—4. Speaking anything without system or at random. ୫ । ଗୋଳମାଳ—5. Ado; confusion. (ତୁଳ. ଇଂ. ହଚ୍‌ପଚ୍=ଘାଣ୍ଟଭୋଜଣ) ୬ । (ପୋକଅଦ) କୌଣସି ସ୍ଥାନରେ ବହୁ ପରମାଣରେ ସାଲୁ ସାଲୁ ହେବା—6. The state of a place abounding in or being beset with a multitude of tiny insects.

ହଜ୍‌ଗ(ବ)ଜ୍ କରବା—ଦେ· କ୍ରି—୧ । କଳ୍ପିତ କଥା କହି
Haj-ga(ba)j karibā ଇତସ୍ତତଃ କରବା—1. To preva-
হ(হি)জব(বি)জ করা ricate. ୨। ଧାରାବାହିକରୂପେ କଥା ନ କହି
तितिरबितिर करना ଏଣୁତେଣୁ ଗପିବା—2. To speak unsystematically.

ହଜ୍‌ଗଜ୍ ଗଜ୍‌ଗଜ୍—ପ୍ରାଦେ (ଖଣ୍ଡଅଳ) ବ—ଅନନ୍ଦର ଗହଳଚହଳ;
Haj-gaj gaj-gaj ଆନନ୍ଦମୟ କୋଳାହଳ—Ado or confusion due to merriment.

ହଜଗ(ବ)ଜ୍ ହେବା—ଦେ· କ୍ରି—ହାଉଜାଉ ହେବା; (ବହୁସଂଖ୍ୟକ
Haj-ga(ba)j hebā ପୋକ)ସାଲୁସାଲୁହେବା—To abound;
হ(হি)জব(বিজ করা) **तितिरबितिर होना** to swarm.
(ଯଥା—ତା ମୁଣ୍ଡରେ ଉକୁଣି ହଜଗଜ ହେଉଛନ୍ତି)

ହଜଗ(ବ)ଜିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି କଳ୍ପିତ କଥା ନ କହି
Haj-ga(ba)jiā ଇତସ୍ତତଃ କରେ—Prevaricating.
যে হজগজ করে **तितिरबितिर करनेवाला**
(ହଜଗ[ବ]ଜୀ, ହଜଗ[ବ]ଜେଇ—ସ୍ତ୍ରୀ)

ହଜ୍‌ବାଣ୍ଡା—ପ୍ରାଦେ. (ଗଡ଼ଜାତ) ବ· —ହାତବାଣ୍ଡା (ଦେଖ)—
Haj-bānḍā Hātibānḍā (See).

ହଜ୍‌ମି (ଇତ୍ୟାଦ)—ବୈଦେ. ବଣ—ହଜମି ଇତ୍ୟାଦ (ଦେଖ)—
Haj-mi (etc) Hajāmi etc (See).

ହଜରତ୍—ବୈଦେ. ବି—ହଜରତ୍ (ଦେଖ)—Hajarat (See).
Haj-rat ହଜରৎ हजरत

ହଜରତ୍ ମହମ(ମ୍ମ)ଦ୍—ବୈଦେ. ବି—(ମହମ୍ମଦଙ୍କ ନାମ ପୂର୍ବରେ
Haj-rat mahama(mma)d ସମ୍ମାନସୂଚକ ହଜରତ୍ ଶବ୍ଦର
ହଜରৎ মহম্মদ हजरतमुहम्मद ପ୍ରୟୋଗ)—ସମ୍ମାନକାରୀ ବା ମହାମହିମ ପୈଗମ୍ବର ମହମ୍ମଦ (ଦେଖ)
Hajrat Mahommed, the Prophet of Islam.

ହଜରା—ପ୍ରାଦେ (ଗଡ଼ଜାତ) ବିଣ. ପୁଂ—ଅସନ୍ତୁଷ୍ଟ—Dissatisfied·
Haj-ra (ହଜ୍‌ରୀ—ସ୍ତ୍ରୀ) discontented.

ହଜ୍‌ରିବା—ପ୍ରାଦେ (ଗଡ଼ଜାତ) କ୍ରି—ଅସନ୍ତୁଷ୍ଟ ହେବା—To be
Haj-riba dissatisfied; to be discontented.
(ହଜରିବା—ଅନ୍ୟରୂପ)

ହଜ୍ ହଜିଆ—ପ୍ରାଦେ. (ସମ୍ବଲପୁର) ବିଣ.—ଖଳ ବଳିଆ (ପିଲା);
Haj-hajia ଅସ୍ଥିର—Restless (child).

ହଜ—ପ୍ରାଦେ. (ପୁରୀ ଜିଲ୍ଲା, ଭୁବନେଶ୍ୱର ଅଞ୍ଚଳ) ବି. (ସଂ. ହ୍ରଦ)—ବଡ଼
Haja ଜଳାଶୟ—Big tank. [ଯଥା—ନୁଆପଲ୍ଲୀ ହଜ; କପିଳେଶ୍ୱର ହଜ] ବୈଦେ. (ଆ). ବି—ହଜ୍ (ଦେଖ)
Haj (See).

ହଜତ୍—ବୈଦେ. ବି—ହଜ୍ଜତ୍ (ଦେଖ)—Hajjat (See).
Hajat

ହଜମ—ବୈଦେ (ଅ) ବି—୧। ଭୁକ୍ତ ଦ୍ରବ୍ୟର ପରିପାକ—1. Diges-
Hajam tion of food. ୨। (ଲକ୍ଷଣାର୍ଥ) କୌଣସି
হজম हजम ଦ୍ରବ୍ୟକୁ ଆତ୍ମସାତ୍ କରିବା—2. (figurative) Appropriation of anything.

ହଜମ୍ କରିବା—ଦେ. କ୍ରି.—୧। ଖାଦ୍ୟଦ୍ରବ୍ୟ ସବୁ ଜୀର୍ଣ୍ଣ କରିବା—
Hajam kariba 1. To digest any food. ୨।
হজমকরা हजम करना (ଲକ୍ଷଣାର୍ଥ)—କୌଣସି ବସ୍ତୁକୁ ଆତ୍ମସାତ୍ କରିବା—2. (figurative) To appropriate anything to one's use. ୩। (ଲକ୍ଷଣାର୍ଥ) ଗୁରୁତର ଦଣ୍ଡ ବା ଅଘାତ ପାଇ ତାହା ସମ୍ଭାଳି ନେବା, ଅର୍ଥାତ୍ ତହିଁର ଫଳରେ ଶଯ୍ୟାଗତ ବା ପୀଡ଼ାଗ୍ରସ୍ତ ନ ହେବା—3. (figurative To bear heavy punishment or hurt without feeling none the worse for it. ୪। (ଲକ୍ଷଣାର୍ଥ) ପାପ କରି ତହିଁର ମନ୍ଦ ଫଳ ଭୋଗ ନ କରିବା—4. (figurative) Not to suffer for any sin committed by a person. ୫। (ଲକ୍ଷଣାର୍ଥ) ପାପ ବା ଅନ୍ୟାୟମାନ କରି ସେଥିପାଇଁ ସମାଜରେ ଦଣ୍ଡିତ ବା ନିନ୍ଦିତ ନ ହେବା-5. (figurative) To go unpunished or scotfree in society after committing sins and misdeeds ୬। (ଲକ୍ଷଣାର୍ଥ) ବୁଝି ପାରିବା; ହୃଦୟଙ୍ଗମ କରିବା—6. To understand.

ହଜମ ପାଇବା(ହେବା)—ଦେ. କ୍ରି—(ଖାଦ୍ୟ ଦ୍ରବ୍ୟାଦି) ଜୀର୍ଣ୍ଣ ହେବା—
Hajam paiba(heba) (food) To be digested.
হজম হওয়া हजम होना

ହଜମି—ବୈଦେ. ବି(ଅ)—ପରିପାକ କ୍ରିୟାରେ ସାହାଯ୍ୟକାରୀ ବା ହଜମି
Hajami হজমি हजमी ଔଷଧ—Digestive medicine.
ବିଣ—୧। ଯାହା ହଜମ କରାଏ; ଯାହା ପରିପାକ କ୍ରିୟାରେ ସାହାଯ୍ୟ କରେ—1. Digestive; helping digestion. [ଦ୍ର—ସଜନାଶାଗ ହଜମୀ, ବଳକର, ରୋଗନାଶକ, ମୂତ୍ରରେଚକ, ରୋଗର ପଥ୍ୟ—ଫକିର ମୋହନ ଛମାଣ ଅଠଗୁଣ୍ଠ]—୨। ହଜମ ବା ଭୁକ୍ତ ଦ୍ରବ୍ୟର ପରିପାକ ସମ୍ବନ୍ଧୀୟ—2. Relating to digestion.

ହଜମି ଓ(ଔ)ଷଦ(ଧ,ଧି)—ଦେ. ବି—ପାକଶକ୍ତିର ସାହାଯ୍ୟକାରୀ
Hajami o(au)shada(dha,dhi) ଔଷଧ—Digestive
হজমি ওষুদ हजमी औषध medicine
[ହଜମି ବା(ବେ)ଇ—ବୈଦେ. ରୂପ]

ହଜମି ଗୁ(ଗୋ)ଳା (ଲି)—ଦେ.ବି—ପରିପାକ ଶକ୍ତିବର୍ଦ୍ଧକ ବଟିକା—
Hajami gu (go) la (li) Digestive pill.
হজমি গুলি हजमीगोली (ହଜମି ଗୁଳ[ଲି]; ହଜମି ବଟିକା)
ହଜମିବଟି—ଅନ୍ୟରୂପ
(ଲକ୍ଷଣାର୍ଥ)—ଯେଉଁ ବସ୍ତୁର ସାହାଯ୍ୟରେ ଲୋକ ନାନା ପାପରୁ ପାର ପାଇଯାଏ—(Figurative) Any thing for which a person is saved from suffering the effect of sins. [ଯଥା—ଆଜିକାଲି ବ୍ରାହ୍ମଣମାନଙ୍କର "ପଇତା" ହଜମି ଗୁଳା ଅଟେ—ଅର୍ଥାତ୍, ବ୍ରାହ୍ମଣମାନେ ପଇତା ପକାଇ ଲୋକଙ୍କୁ ଭଣ୍ଡାଇ ନାନା ଅଖାଦ୍ୟ ଖାଉଛନ୍ତି ଓ ଅକାର୍ଯ୍ୟ କରି ସମାଜରେ ପାର ପାଇ ଯାଉଅଛନ୍ତି]

ହଜମି ବୁଟି—ଦେ. ବି—ହଜମ କରାଇବାପାଇଁ ବ୍ୟବହୃତ ମହାପୁରୁଷଙ୍କ
Hajami buti ପ୍ରଦତ୍ତ ବା ସ୍ୱପ୍ନଦତ୍ତ ମୂଳମୂଳିକାରେ ତିଆରି
হজমিগুলি ଔଷଧ—Any quack digestive medicine.
हजमीबटी

ହଜରତ୍—ବୈଦେ. (ଅ) ବି—(ଆରବୀ ହଜୁର ଶବ୍ଦରୁ ଜାତ)—୧।
Hajarat ମହାତ୍ମା ବ୍ୟକ୍ତି—1. A great man. ୨। ପ୍ରଭୁ—
হজরত 2. Lord; master. ବିଣ—୧। ମହତ୍ତମ;
हजरत ମହାତ୍ମା—1. The Great. ୨। ମହାଶୟ; ଶ୍ରୀଲ; ମାନନୀୟ; ଶ୍ରୀଯୁକ୍ତ; ସମ୍ମାନାସ୍ପଦ—2. Respectable; honourable. [ଦ୍ର—ଯେପରି ସଂସ୍କୃତ ଓ ଓଡ଼ିଆ ଭାଷାରେ ଦେବତା ଓ ଋଷି ଆଦିଙ୍କ ନାମ ପୂର୍ବେ ଶ୍ରୀ, ଶ୍ରୀଲ, ଶ୍ରୀମାନ୍, ଶ୍ରୀଯୁତ, ଶ୍ରୀଯୁକ୍ତ ଆଦି ଶବ୍ଦ ବସେ, ଆରବୀ ଓ ପାରସୀ ଭାଷାରେ ସେହିପରି ମହମ୍ମଦ ଓ ଯୀଶୁ ଆଦିଙ୍କ ନାମ ପୂର୍ବେ 'ହଜରତ୍' ଶବ୍ଦ ବସେ]

ହଜରତ୍ ମହମ(ମ୍ମ)ଦ୍—ବୈଦେ· ବ (ଅ. ହଜରତ ମହମଦ)—ମୁସଲ୍-
Hajarat mahama (mma) d ମାନଙ୍କ ଧର୍ମ ପ୍ରବର୍ତ୍ତକ
হজরৎমহমদ ମାନନୀୟ ମହମଦ—God-sent Divine
हजरतमुहम्मद् Mahomet, the Prophet of the Muslims; Mahomet the Great.
(ମହମ୍ମଦ୍ ଦେଖ ଟୀକା ଦେଖ)

ହଜା—ଦେ. କି—୧ । ହଜିବା (ଦେଖ)—1. Hajiba (See)
Haja ୨ । ହଜାଇବା (ଦେଖ)—2. Hajāiba (See)
হারান; হারিয়ে যাওয়া ବଣ—ହଜି ଯାଇଥିବା—Lost;
खोना missing. [ଭ—ହଜା ଦରବ ଖୋଜାଠେଇଁ—ଚଗ]

ହଜା(ଜେ)ଇବା—ଦେ କି—(ସ ହ୍ଧାତୁ)—୧। ହଜିବା କ୍ରିୟାର ଣିଜନ୍ତ
Hajā(je)iba 1. Causative form of Hajiba. ୨ ।
হারান ହଜିବାର ବା ନଷ୍ଟ ହେବାର ଉପାୟ କରିବା; ନଷ୍ଟ
खोदेना କରିବା—2. To destroy. [ଭ—ହଜାଇ ଦଅଇ ହବେକ ଯାକ—କବିସୂର୍ଯ୍ୟ. ଭଜତା] ୩ । କୌଣସି ବସ୍ତୁକୁ ହରାଇବା—3. To lose any thing. [ଭ—ରୁଚକରୁଚିର ରୁଚକଳସକୁ ଗୁହି ହଜାଇବେ ଯଶ ମଣ୍ଡଳ—କବିସୂର୍ଯ୍ୟ· ସଙ୍ଗୀତ] ୪ । କୌଣସି ବ୍ୟକ୍ତିକୁ ଅପଣା ସଙ୍ଗରୁ ହରାଇବା—4. To lose the company or association of a person.
[ଭ—ମୋ ଜୀବନ କାହିଁ ହଜାଇଲି, ଖୋଜି ଅଣିଦଅ ଅଳ ବୋଲି—କବିସୂର୍ଯ୍ୟ· ସଙ୍ଗୀତ ।]

ହଜାମ୍—ବୈଦେ· (ଅ) ବ.—(ଅ. ହଜାମ୍)—ଭଣ୍ଡାରି—
Hajām Barber.
নাপিত हजाम

ହଜାମତ୍—ବୈଦେ. (ଅ) ବ.—(ଅ. ହଜାମତ୍)—କ୍ଷୌରକର୍ମ—
Hajāmat Shaving.
হজামৎ हजामत

ହଜାମତ୍ କରିବା—ଦେ· କି—ଅନ୍ୟ ବ୍ୟକ୍ତିକୁ କ୍ଷୌର କରିବା—
Hajāmat kariba To shave a person.
হজামৎকরা, ক্ষৌরিকরা हजामतकरना

ହଜାମତ୍ ହେବା—ଦେ. କି—ଭଣ୍ଡାରି ଦ୍ୱାରା ଖିଅର ହେବା—
Hajāmat heba To have one's self shaven by a
কামান হজামতহওয়া हजामतहोना barber.

ହଜାମନ୍ତ—ପ୍ରାଦେ· (ଯାଜପୁର) ବ.—ହଜାମତ୍ (ଦେଖ)—
Hajāmanta Hajāmat (See)

ହଜାର(ର)—ବୈଦେ. (ଫା) ବ—(ସଂଖ୍ୟାବାଚକ)—୧। ସହସ୍ର (ସଂଖ୍ୟା)
Hajār(ra) 1. Thousand (number). ୨। ଅସଂଖ୍ୟବସ୍ତୁ—
হাজার 2. Innumerable things. ବଣ· ୧ । ସହସ୍ର
हजार ସଂଖ୍ୟକ—1· Numbering a thousand. ୨ । ବହୁ—2. Many. ୩ । ଅସଂଖ୍ୟ—3. Countless. (ଭ—ହଜାର ହଜାର ଯାଉ, ପ୍ରଣୟବନ୍ତି ନୋହୁ—କବିସୂର୍ଯ୍ୟ· ସଙ୍ଗୀତ ।) [ଭ—ସଂସ୍କୃତ ଭାଷାରେ, ଓଡ଼ିଆ ଭାଷାରେ ଓ ଅନ୍ୟ ଭାଷାରେ ମଧ୍ୟ ବହୁବଚନ ବା ଅସଂଖ୍ୟ ବସ୍ତୁକୁ ବୁଝାଇବା ପାଇଁ 'ଶହ', 'ହଜାର', 'ଲକ୍ଷ', 'କୋଟି', 'ବୃନ୍ଦ', 'ଶଙ୍ଖ' ଆଦି ଶବ୍ଦ ବ୍ୟବହୃତ ହୁଏ ।] ଦେ. କ୍ରି. ବଣ—ବହୁବାର; ଅସଂଖ୍ୟ ଥର—Many times; times out of number. (ଯଥା—ତାକୁ ହଜାର କହିଲେ ବି ସେ କେବେହେଁ ମୋର ହେବ ନାହିଁ ।)

ହଜାର୍ ମାରି(ରୁ)—ଗ୍ରାଦେ. (ଗଡ଼ଜାତ) ବଣ—ଯେ ଅନେକ ଜୀବ
Hajār mārī(ru) ହତ୍ୟା କରେ—Killing many animals.

ହଜାରକ—ଦେ. ବଣ ଓ ବ—ଏକ ହଜାର ମାତ୍ର—
Hajāraka One thousand only.
এক হাজার एक हजार

ହଜାର କଡ଼ା(ରା)—ଦେ, ଅ (ତୁଳନା କର—ଶତକଡ଼ା)—ହଜାର
Hajāra karḍā(rā) ମଧ୍ୟରେ; ହଜାରରେ—Per thous-
হাজার কড়া हजार करा and; in a thousand.

ହଜାରକିଆ—ଦେ. ବଣ—ଏକ ଗଦାରେ ବା ଏକତ୍ର ହଜାରେ
Hajārakia ଲେଖାଏଁ ସଙ୍କଳିତ ବା ସ୍ତୂପୀକୃତ ହୋଇଥିବା
এক এক হাজার (ବସ୍ତୁ)—Gathered or collected into
हजारका groups or heaps of a thousand each.

ହଜାରକେ—ଦେ· ଅ—୧ । ହଜାର ସଂଖ୍ୟା ପୂର୍ଣ୍ଣ ହେଲେ—
Hajārake 1. When a thousand is completed.
হাজারে ୨ । ହଜାରେ ଟଙ୍କା ଜମା କରିବାକୁ ସମର୍ଥ ହେଲେ—
हजारमें 2. After being able to amass a thousand (rupees).
[ଭ—ଶହକେ ସୁଆର, ହଜାରକେ ଘାଟ—ଚଗ ।]
୩ । ଏକ ହଜାର ସଂଖ୍ୟକ ବ୍ୟକ୍ତି ବା ବସ୍ତୁ ମଧ୍ୟରେ—
3. Among or in a thousand. [ଯଥା—ମୋ ସୁନା ପୁଅ ଭଳି ହଜାରକେ ଗୋଟିଏ ମିଳିବେ ନାହିଁ—ଶିଶୁରଞ୍ଜନପଦ]

ହଜାର ମଣି—ଦେ. ବ—ଭୁଇଁ ଅଁଳା ଜାତୀୟ ବର୍ଷାୟୁଃ କ୍ଷେତ ଶାକ-
Hajāra maṇi ବିଶେଷ—An annual herb; Phyllanthus Urinaria.
[ଦ୍ର—ଏହାର ପତ୍ର କ୍ଷେତ, ଫୁଲ କ୍ଷେତ ଓ ଆହୁରିଛ ; ଡେମ୍ଫ ନାହିଁ ; ଫଳ ପ୍ରାୟ ୧୨ ମାସ ଫଳେ । କ୍ଷେତ ଗଛମାନ ଲିଭୁଥା । ଏ ଗୁଳ୍ମ ବଡ଼ ଗଛମାନଙ୍କ ଛାଇରେ ଜନ୍ମେ । ଭୁଇଁ ଅଁଳାର ଫଳ ତଳ୍ଭାଗ, କିନ୍ତୁ ଏ ଫଳ ଉପର । (ଯୋଗେଶ୍ଚନ୍ଦ୍ର)]

ହଜାର(ରୁ) ହଜାର—ଦେ. ବଣ ଓ ବ—ଅସଂଖ୍ୟ—
Hajāra(ruṅ) hajāra Countless.
হাজার হাজার हजारों

ହଜାରି—ଦେ. ବ—୧ । ହରଗଉରା (ଦେଖ)—1. Haragaurā
Hajāri (See) ୨ । କୁସୁମ ଫୁଲର ଅନୁରୂପ ଭଙ୍ଗିଷ୍ଟ ଏକ
হাজারি, দোপাটি ପ୍ରକାର ଫୁଲ (ଏହି ଗଛର ପତ୍ର କୃଷଲ୍ୟକରଣୀ
हजारी ଗଛର ପରି ଥାଏ)—2. A sort of flower

resembling the safflower. ୩। ସହସ୍ର ସୈନ୍ୟଙ୍କ ନାୟକ—3. Commander of one thousand soldiers. ୪ । ବଂଶୋପାଧି ବିଶେଷ—4. Name of a family title. ୫ । ଓଡ଼ିଶାରେ ପାଣମାନଙ୍କ ବଂଶୋପାଧି ବିଶେଷ—5. A family title of low caste Pāṇas. ବିଣ—ହଜାରିଆ (ଦେଖ) Hajāriā (See)

ହଜାରିଆ—ଦେ. ବି—୧ । ଧନୀ ଲୋକ—1. Rich man. ୨। ସହସ୍ର
Hajāriā ମୁଦ୍ରାର ଅଧିକାରୀ ବ୍ୟକ୍ତି—2. Owner of one
ধনী লোক thousand coins. ୩ । ଯେଉଁ ବ୍ୟକ୍ତିଙ୍କ
हजारिया ନିକଟରେ ବହୁ ଧନ ଗଚ୍ଛିତ ଅଛି—3. A person who has got huge hoarded wealth with him. ବିଣ—୧ । ହଜାର ସଂଖ୍ୟା ସମ୍ବନ୍ଧୀୟ—
হাজারে, হাজারি 1. Relating to one thousand.
हजारीआ ୨ । ହଜାର ସଂଖ୍ୟକ ମୁଦ୍ରାର ଅଧିକାରୀ—2. Owning a thousand coins. ୩। ବଡ଼ ଲୋକ; ଧନାଢ୍ୟ—3. Rich (person). ୪ । ଯେଉଁ ବ୍ୟକ୍ତି ନିକଟରେ ବହୁ ଧନ ଗଚ୍ଛିତ ଅଛି—4. (a person) Who has hoarded immense wealth. ୫ । ହଜାରକିଆ (ଦେଖ)—5. Hajārakiā (See)

ହଜାରିକିଆ—ଦେ. ବିଣ—ହଜାରକିଆ (ଦେଖ)
Hajārikiā Hajārakiā (See)
এক হাজারে **एक हाजारका**

ହଜାରିବାଗ୍—ଦେ. ବି—ଛୋଟନାଗପୁର ବିଭାଗର ଗୋଟିଏ ଜିଲ୍ଲାର ଓ
Hajāribāg ତହିଁର ସଦର ମହକୁମାର ନାମ—Hazaribag
হাজারিবাগ্ (a district, subdivision and town
हजारीबाग in Chotanagpur Division) [ଦ୍ର—ଏହା ସ୍ୱାସ୍ଥ୍ୟକର ପାର୍ବତ୍ୟ ଅଞ୍ଚଳ ଅଟେ । ଏ ଜିଲ୍ଲାର କ୍ଷେତ୍ରଫଳ ପ୍ରାୟ ୭୦୦୦ ବର୍ଗ ମାଇଲ ଓ ଲୋକ ସଂଖ୍ୟା ପ୍ରାୟ ୧୩ ଲକ୍ଷ । ଏ ଜିଲ୍ଲାର ୩ ଗୋଟି ସବ୍‌ଡିଭିଜନ୍ :—ହଜାରିବାଗ, ଗିରିଡି, ଚତ୍ରା । ଏହା ନନ୍ ରେଗୁଲେସନ୍ ଜିଲ୍ଲା ଅଟେ ଓ ଏଥିରେ ଜଣେ ଡେପୁଟି କମିସନର ଅଛନ୍ତି ।]

ହଜାରି—ପ୍ରାଦେ. (ଉତ୍ତର ଓଡ଼ିଶା) ବି—ଗଛରେ ପାଣି ଦେବାପାଇଁ ଛିଦ୍ରମୟ
Hajāri ଝୁରି—A perforated jug for watering plants. ବିଣ—ବ୍ୟଭିଚାରିଣୀ (ସ୍ତ୍ରୀ)—Adulterous (woman).

ହଜାରୁ (ରୁଁ) ହଜାର—ଦେ. ବିଣ—ଅସଂଖ୍ୟ—
Hajāru (ruṅ) hajāra Countless.
হাজারহাজার **हाजारों**

ହଜାରେ—ଦେ. ବି—ଏକ ସହସ୍ର ସଂଖ୍ୟା—
Hajāre One thousand.
একহাজার ବିଣ—୧। ଏକ ସହସ୍ର ସଂଖ୍ୟକ—1. Numbering
एकहजार one thousand. ୨ । ବହୁତ; ବହୁସଂଖ୍ୟକ—2. Many. ୩ । ଅସଂଖ୍ୟ—3. Countless.

[ଉ—ଏ ରସିକକୁ ହଜାରେ; ପ୍ରୀତି ମିଳଇ ହଜାରେ; ସୀତା ପ୍ରୀତି ଯୋଗୁ ରାମ କଲେ ସେତୁ ବନ୍ଧନ—ସଙ୍ଗୀତ] କ୍ରି. ବିଣ—୧ । ବହୁପ୍ରକାରେ; ନାନା ପ୍ରକାରେ—1. In many ways. ୨ । ଅସଂଖ୍ୟ ଥର—2. Countless times; times out of number. [ଯଥା—ତାକୁ ହଜାରେ କହିଲେ ସେ ମୋ କଥା ମାନିବ ନାହିଁ ।]

ହଜିବା—ଦେ. କ୍ରି (ସଂ. ହୃ ଧାତୁ)—୧ । ଗଳିବା; କୌଣସି ପଦାର୍ଥ
Hajibā ଅଜ୍ଞାତସାରରେ ପଡ଼ିଯିବା—1. To be lost; to be
হারিয়ে যাওয়া missing. ୨ । ଲୁପ୍ତ ହେବା; ନଷ୍ଟ ହେବା—
खोजाना 2. To be lost. [ଉ—ହଜି ନଯିବ (ହଜିଯିବା—ଅନ୍ୟରୂପ) ରାମ ଭକ୍ତେଶର ଜ୍ଞାନ—କବିସୂର୍ଯ୍ୟ] ୩ । ନମିଳିବା—3. Not to be found. [ଉ—ହଜିଲ ଦରବ ଖୋଜାଇ ଦେବ—ରାଗ] ୪ । ଦୃଷ୍ଟ ନ ହେବା; ଅନ୍ତର୍ହିତ ହେବା—4. To disappear. ୫ । ଚୁରି ହେବା—5. To be stolen.

ହଜୁର୍—ବୈଦେ. ବି. (ଆ. ହୁଜୁର୍=ମହିମା, ପ୍ରଭୁଙ୍କ ସାନ୍ନିଧ)—
Hajur ୧। ପ୍ରଭୁଙ୍କ ସାନ୍ନିଧ ବା ସମ୍ମୁଖ—1. Presence of one's
হজুর master or lord. [ଯଥା—ଏ ପତ୍ର ସାଅନ୍ତାଣୀଙ୍କ
हुजूर ହଜୁରରେ ପହଞ୍ଚିବ] ୨ । ପ୍ରଭୁ; ହାକିମ—2. Lord; master. ଅ—(ପ୍ରଭୁଙ୍କୁ ଭୃତ୍ୟର ସମ୍ବୋଧନ)—ସ୍ୱାମୀ ! ପ୍ରଭୋ !—Lord ! Your Highness ! Your Honour !

ହଜୁର୍ ! ଖୋଦାବନ୍ଦ୍ ! ଖାମିନ୍ଦ୍(ନ୍ଦ୍) ! ବୈଦେ.ଅ. (ଫା)—(ନିବେଦନ
Hajur ! Khodāband ! Khāmid(nd) ବେଳେ ପ୍ରଭୁଙ୍କୁ
হজুর খোদাবন্দ্ খামিদ্ ଭୃତ୍ୟର ସମ୍ବୋଧନ)—ଆପଣ
हुजूर खोदावन्द, खाविंद ମୋର ପ୍ରଭୁ ଓ ସ୍ୱାମୀ ଅଟନ୍ତି—Interjection used in addressing one's lord or master.

ହଜୁର୍ ସିରସ୍ତାଦାର୍—ପ୍ରାଦେ. (ଗଞ୍ଜାମ) ବି.—କଲେକ୍ଟର ସାହେବଙ୍କ
Hajur sirastādār ପ୍ରଧାନ କିରାଣି—The head assis-
হজুর সিরস্তাদার tant of the District Collector.
हुजूर सिरिस्तादार

ହଜୁର୍ କ୍ଲର୍କ୍—ପ୍ରାଦେ. (ଗଞ୍ଜାମ) ବି—ହଜୁର ଗୁମାସ୍ତା; ରାଜାଙ୍କ
Hajur klark ନିକଟରେ ସର୍ବଦା ଥିବା କିରାଣି—The personal clerk to a Rājā.

ହଜୁର୍ ସବାରି—ବୈଦେ.ବି—(ରାଜା ଆଦି ପ୍ରଭୁଙ୍କ ସ୍ଥଳରେ ପ୍ରଯୋଜ୍ୟ)
Hajur sabāri ହଜୁର୍ ସ୍ୱୟଂ; ଆପଣ—(An euphe-
হজুরের পালকি **हुजूरकी सवारी** mism) your Honour ! (ହଜୁରଙ୍କ ସବାରି—ଦେ ରୂପ) [ଯଥା—ହଜୁର୍ ସବାରି ଏଠାକୁ କେବେ ଆସିଲା ?=(ଅର୍ଥାତ୍) ହଜୁର୍ ଏଠାକୁ କେବେ ଆସିଲେ ?]

ହଜୁର୍ ! ଧର୍ମାବତାର !—ଦେ. ଅ—(ପ୍ରଭୁଙ୍କ ପ୍ରତି ପ୍ରଯୋଜ୍ୟ)—
Hajur ! dharmābatāra ଅପରେ ଧର୍ମର ଅବତାର !—
হ(হু)জুর ধর্ম্মাবতার (Interjection used in addressing
हुजूर धर्मावतार one's lord) Oh Lord ! Oh Incarnation of Justice.

ହଜୁରି—ଦେ. ବ—ରାଜାପ୍ରଦତ୍ତ ଉପାଧି ବିଶେଷ—A title given
Hajuri by kings. ବିଣ—୧ । ହଜୁର ସମ୍ବନ୍ଧୀୟ—
হজুরি हुजूरी 1. Relating to Hajur. ୨। ସ୍ୱୟଂ ରାଜାଙ୍କ ପାଖରେ କାର୍ଯ୍ୟ କରୁଥିବା (ଭୃତ୍ୟ ବା କିରାଣି)—
2. Personal (clerk and servant).

ହଜୁରି—ଦେ. ବ—ପୁରୀ ଜଗନ୍ନାଥଙ୍କ ପଣ୍ଡାଙ୍କୁ ପ୍ରଦତ୍ତ ଉପାଧି ବିଶେଷ
Hajuri (ଯାହା ବର୍ତ୍ତମାନ ବଂଶଗତ ହୋଇଅଛି) (ଦ୍ର—ମୌଳିକ
হজুরি हुजूरी ମୌଳିକ ବଂଶୋପାଧି ଦେଖିଅ)—A title of some Paṇḍā family at Puri which has now become a family title.

ହଜୁରିକିଆ—ଦେ.ବିଣ. (ପାନକୁଣ୍ଡା ଜାତୀୟ)—ଅତି ଛୋଟ ବା ସୂକ୍ଷ୍ମ (ପାନ)
Hajurikiā —Very small in size (betel leaves).

ହଜୁରି ଗୁମାସ୍ତା—ପ୍ରାଦେ. (ଗଞ୍ଜାମ) ବ—ହଜୁର୍ କ୍ଲର୍କ୍ (ଦେଖ)
Hajuri gumāstā Hajur klark (See).

ହଜୁରେ ହାଜର୍—ଦେ. ବିଣ—ପ୍ରଭୁଙ୍କ ସମ୍ମୁଖରେ ସ୍ୱୟଂ ଉପସ୍ଥିତ—
Hajure hājar Personally present before one's
হুজুরে হাজির हुजूरमें हाज़र lord or King.

ହଜେଇବା—ଦେ. କ୍ରି—ହଜାଇବା (ଦେଖ)
Hajeibā Hajāibā (See).

ହଜ୍ଜତ୍—ବୈଦେ. ବ—(ଆରବୀ)—୧ । ହୁଜ୍ଜତ୍; କଳିକଜିଆ;ଝଗଡ଼ା;—
Hajjat 1. Noisy quarrel; brawl. ୨ । ଗୋଳମାଳ—
হুজ্জৎ हुज्जत 2. Noise. ୩ । ତର୍କ ବିତର୍କ—3. Argument; discussion.

ହଜ୍ଜତି—ଦେ. ବିଣ. ପୁଂ.—୧ । କଳହପ୍ରିୟ; କଳିହୁଡ଼ା—
Hajjati 1. Quarrelsome. ୨ । ଗୋଳମାଳପ୍ରିୟ—
হুজ্জুতি, কলহপ্রিয় हुज्जती 2. Noisy; boisterous.
(ହଜ୍ଜତିଆ—ଅନ୍ୟରୂପ) (ହଜ୍ଜତୀ—ସ୍ତ୍ରୀ)

ହଞ୍ଚଁ କରିବା—ଦେ. କ୍ରି—ହିଁ ଚିଁ କରିବା (ଦେଖ)—
Hañchañ karibā Hañ chañ karibā (See).

ହଞ୍ଜା(ଞ୍ଜେ)—ସଂ. ଅ. (ନାଟ୍ୟୋକ୍ତି)—(ଚେଟୀ ସମ୍ବୋଧନ; ଦାସୀ ପ୍ରତି
Hañjā(nje) ସ୍ତ୍ରୀଲୋକଙ୍କର ସମ୍ବୋଧନ); ହଇଲେ ! ହିଁଲେ !—
Interjection used by a mistress while addressing her maid servant. [ଦ୍ର—ଏ ଶବ୍ଦର ବ୍ୟବହାର ଓଡ଼ିଆରେ ନାହିଁ ।)

ହଞ୍ଜାନ୍ତ—ଦେ. ବିଣ—(ସଂ. ଭୟାନକ) ୧ । ହୟାନ୍ତ, (ଦେଖ)
Hañjānt প্রকাণ্ড बहुतबड़ा 1. Hayānta(See).
୨ । ଭୟାନକ—2. Fierce; ferocious. ୩ । ଅତି ବଡ଼—3. Very big; gigantic. ୪ । ଅତି ଉଚ୍ଚ
4. Very high; lofty.

ହଞ୍ଜି—ସଂ. ବ (ଭୁଜ.ଧା. ହଙ୍ଗରୁ=କ୍ଷୁଧା)—ଭୁକ; କ୍ଷୁଧା (ଜଠାଗ୍ନି)—
Hañji Hunger.

ହଞ୍ଜିକା—ସଂ. ବ—୧ । ଭାର୍ଗୀ (ଭାରଙ୍ଗୀ); ବ୍ରାହ୍ମଣ ଯଷ୍ଟିକା—
Hañjika 2. A plant; Clerodendron Siphonanthus.

ହଟ୍—ଦେ.ଅ.—୧। ଘୋଡ଼ା ଅବା ହାତୀକୁ ପଛକୁ ହଟିବା ପାଇଁ ସମ୍ବୋଧନ—
Hat 1. Interjection used by the driver to
হট্ direct a horse or elephant to move back.
हट ୨। ହଟାତ୍ (ଦେଖ)—2. Hathāt (See) ଦେ.କ୍ରି—
[ଓଡ଼ିଆ ହଟିବା କ୍ରିୟାର ଅବଜ୍ଞାର୍ଥ ଅନୁଜ୍ଞା ମଧ୍ୟମ ପୁରୁଷ ୧ ବଚନ (ତୁ କର୍ତ୍ତା ସହିତ) ରେ ବ୍ୟବହୃତ କ୍ରିୟା]—
1. (Verb, imperative mood used in directing one's inferior to move back) 1, (Thou) Move back ! ୨ । ବିରତ ହୁଅ !—
2. Desist ! ପ୍ରାଦେ. (ଗଡ଼ଜାତ) ବ—ଜିଦ୍; ହଠ
Zid; obstinacy.

ହଟ୍ କ(କି)ରି(କିନା କିନ୍, ଦିସ)—ଦେ. ଅ—୧ । ହଠାତ୍—
Hat ka(ki)ri(kinā, kin, dis) 1. At once; immedi-
(ହଟ୍‌କର (ର), ହଟ୍ କଣ—ଅନ୍ୟରୂପ) ately. ୨ । ଅତଶୀଘ୍ର—
হঠাৎ,হুট্‌করে फटसे 2.Very soon.

ହଟ୍‌କା ହଟ୍‌କି—ପ୍ରାଦେ. (ଗଡ଼ଜାତ) ବ—ହକ୍‌ଟା ହକ୍‌ଟି (ଦେଖ)
Hat-kā hat-ki Hak-tā hak-ti (See)

ହଟ୍‌କି(କେ)ଶ(ସ୍ୱ)ର—ଦେ. ବ—ହାଟକେଶ୍ୱର (ଦେଖ)—
Hat-ki(ke)śa(śwa)ra Hatakiśara (See)

ହଟ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି—ହଟିବା (ଦେଖ)—
Hat-bā Hatibā (See)

ହଟ୍‌ଲି—ପ୍ରାଦେ. (କଳାହାଣ୍ଡି) ବ—ଛୋଟ ହାଟ—A small fair.
Hat-li ପ୍ରାଦେ. (ସମ୍ବଲପୁର) ବ—ପ୍ରତ୍ୟହ ବସୁଥିବା ହାଟ—
Market held daily.

ହଟ (ଧାତୁ)—ସଂ.—୧ । ଦୀପ୍ତ ହେବା; ଉଜ୍ଜ୍ୱଳ ହେବା—1. To
Hat (root) shine; to be bright; (Apte) ୨ । ପ୍ରକାଶ ପାଇବା—2. To be manifest.

ହଟ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—ଅଟକିବା—
Hat-kibā To stick at a place.

ହଠ—ଦେ. ବ (ସ. ହଠ)—୧ । ଶଠତା; ଛଳ—1. Cunning;
Hata fraud. [ଦ୍ର—କଳମ୍ବ ମୋ କର ହଠ, କଧାନ ଯେ
জেদ ବଇଅଛୁ ଲୁଚିବା କପଟ—ରଙ୍ଗ. ବୈଦେହୀଶବିଳାସ]
हठ ୨ । କୌତୁକ; ତାମସା; କୁହର—2. Diversion; amusement; sport; sportiveness. [ଦ୍ର—ଏବେ ହଠକୁ ପାଳ ହୋଇବେ ବୋଲି ଗାଳ ଦମ୍ପାଇଲ କରେ—ପ୍ରେମ ସୁଧାନିଧି; ବ ରସ ଲୋକେ ଇନ୍ଦ୍ରଦରଜେଖା ଭାଜଟୀ ଉଠନ୍ତି ଧାଇଁଥାଏ ହଠକୁ ଗୋ—ଲଗ୍ନ କେ. ସଙ୍ଗୀତ] ୩ । ଥାର୍ଯ୍ୟଟଣ ଥଟ୍ଟା—3. Jest; practical joke; fun. ୪ । କୁହୁକ; ଗାରଡ଼ି—4. Magic;

juggIery- ୫ । କୌଶଳ—5. Ingenuity. ୬ । ଜଗର; କଚାଳ; ଅଳି; ଜିଦ—6. Importunity; obstinacy. [ଭି—ଲକ୍ଷ ଅର୍ଥବି ଅଳି, ପକାଇ ସେହ୍ନ ବଧାନ ଦେବାଯାଏ କଲେ ପୁଣି ହଟ—କବିସୂର୍ଯ୍ୟ ହୋଟର ଚମ୍ପୂ] ୭ । ପ୍ରତିଯୋଗିତା—7. Rivalry; emulation—[ଭି—ନାଥ ଭୁଲେ ହଟ, ବାଦେ କଲ ହଟ, ବୁଲାକ ଫୁଲଙ୍କ ମାନୁଥାଏ—କବିସୂର୍ଯ୍ୟ.] ୮। ପୁରୁଷ ଲୋକଙ୍କ ନାମ ବିଶେଷ—8. A name given to males, ପ୍ରାଦେ. (ପାଟଣା) ବି—ଅଭିମାନ—Sullenness; oversensitiveness.

ହଟ କରିବା (କାଢ଼ିବା, ଦେଖାଇବା, ଲଗାଇବା) -ଦେ॰ କ୍ରି—୧ । Haṭa kariba (kārdhibā, dekhāibā, lagāibā) ତୁଣ୍ଡର କରିବା; ତାମସା କରିବା; କୌତୁକ କରିବା—1. To be sportive. [ଯଥା—ଲଗାଇଛ ହଟ ଯେଣୁ ରସରେ—କବିସୂର୍ଯ୍ୟ. କଣୋତ୍ସବଚମ୍ପୂ ଲ. ଗୀତ] ୨ । ଥଟ୍ଟା କରିବା—2. To cut jokes; to jest. ୩ । ଜଗର କରିବା; କଚାଳ କରିବା; ଅଳି କରିବା—3. To importune. ୪ । କୁହୁକ ଦେଖାଇବା—4. To exhibit magic or jugglery. ୫ । ପ୍ରତିଯୋଗିତା କରିବା—5. To emulate. ୬। ହଟହଟା କରିବା—6. To harass. [ଯଥା—କେତେ ସହିବ ଗର୍ଭିକଷ୍ଟ । ବଧାତା କଲ ମୋତେ ହଟ । ଜଗନ୍ନାଥ. ଭାଗବତ]. ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି॰ ରୁଷିବା—To sulk.

ହଟକାରିଆ—ଦେ. ବଣ. ପୁଂ. (ସ. ହଠକାରୀ)—ହଟିଆ (ଦେଖ) Haṭa kāriā জিদবাজ, মজাদার হঠী Haṭiā (See)

ହଟକି(କେ)ଶ(ଶ୍ୱ)ର—ଦେ. ବି (ନାମ) (ସ. ହାଟକେଶ୍ୱର, ଭୂଲକା ଜଳ ଉ॰. Hotspring. Haṭaki(ke)śa(śwa)ra হটকেশ্বর हटकेश्वर ଜଳ ଉଷ୍ଣ (= ଉଷ୍ଣ ପ୍ରସ୍ରବଣ)—ପୁରୀ ଜିଲ୍ଲାର ଖୋର୍ଦ୍ଧା ସବଡିଭିଜନ ଅନ୍ତର୍ଗତ ଖୋର୍ଦ୍ଧା ସହରଠାରୁ ଆଠ ମାଇଲ ଦୂରବର୍ତ୍ତୀ ଅତ୍ରି ଗ୍ରାମରେ ଥିବା ଉଷ୍ଣ ପ୍ରସ୍ରବଣ ଓ ତନିକଟବର୍ତ୍ତୀ ଶିବଲିଙ୍ଗଙ୍କ ନାମ—Name of a hot-spring and an image of Śiba situated near Atri village, 8 miles from Khurda town in the Sub division of Khurda in the Puri district. [ଦ୍ର—ଏହି ଉଷ୍ଣପ୍ରସ୍ରବଣର ଜଳ ସର୍ବଦା ବୁଦ୍‌ବୁଦ୍‌ଯୁକ୍ତ ହୋଇ ଫୁଟୁଥାଏ; ଏଥିରୁ ଗନ୍ଧକର ଗନ୍ଧ ବାହାରୁଥାଏ । ମକର ସଂକ୍ରାନ୍ତି ସମୟରେ ଏକ ମାସ କାଳ ଏଠାରେ ବହୁ ସହସ୍ର ଲୋକଙ୍କର ଗୋଟିଏ ମେଳା ହୁଏ । ଏହି ମେଳାରେ ଓଡ଼ିଶାର ନାନା ଅଞ୍ଚଳରୁ ଅନେକ ଲୋକ ଓ ବୋକାନୀ ଆସି ଜମା ହୁଅନ୍ତି । ବହୁ କୁଷ୍ଠରୋଗୀ ଏହି ଉଷ୍ଣ ପ୍ରସ୍ରବଣରେ ସ୍ନାନ କରି ଏହି ଶିବଲିଙ୍ଗଙ୍କ ଠାରେ ଅଥିଆ ପଡ଼ନ୍ତି ।]

ହଟକି(କେ)ଶ(ଶ୍ୱ)ର ମେଳା—ଦେ. ବି—ମାଘ ମାସରେ ହଟକେଶ୍ୱର Haṭa ki(ke)śa(śwa)ra melā ଉଷ୍ଣ ପ୍ରସ୍ରବଣ ନିକଟରେ হটকেশ্বরের মেলা ହେଉଥିବା ମେଳା—A religious fair or हटकेशवरका मेला gathering held near the hotspring of Haṭakeśwara in the month of Māgha

ହଟ କୂଟ—ହଟନଟ (ଦେଖ)—Haṭanaṭa (See) [ଭି—Haṭa kūṭa ନଟখট नटखट ବଧାତା ଛନ୍ଦ ହଟକୂଟ—ପ୍ରାଚୀ. ଲବୁଣ ମାହାତ୍ମ୍ୟ ।]

ହଟକେଶ୍ୱର—ଦେ. ବି—୧ । ନାଗର—1. A gallant. [ଭି—Haṭakeśwara ହଟକେଶ୍ୱରଙ୍କୁ ହଦେହର, ଏଣେ ଘାଉଲ ଉଙ୍ଗେ ହଦେହ । ଗୋପୀଙ୍କର ଉନ୍ମତ୍ତ, ଉଦ୍ଭବେଶା] ୨ । ହଟକେଶର (ଦେଖ)—2. Haṭakiśara (See)

ହଟ ଗୋଳ—ଦେ. ବି (ସ. ହଟ୍ଟ ଗୋଳ)—ହଟ୍ଟ ଗୋଳ (ଦେଖ) Haṭa gola হট্ট গোল हल्लागुल्ला Haṭṭa gola (See)

ହଟ ଚ(ଛ)ମଟ—ଦେ. ବି (ସ. ହଠ)—୧ । କୁହୁକ—1. Magic; Haṭa cha(ścha)maṭa হাতের চালাকি জাদু jugglery. [ଭି—ସେ ଭାଇ ହଟ ଚମଟ ବିଦ୍ୟା ଜାଣିଥିଲେ । ନୀଳକଣ୍ଠ ଦାସ. ଦିଲ୍ଲିଙ୍କ ରାମାୟଣ ।]

[ଭି—ଠୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ
ଠୋକାଙ୍କି ସୁନ୍ଦର ନେତ,
ବୁଢ଼ୀଙ୍କି ସୁନ୍ଦର ଭାଇ ଦାମୋଦର
ବୁଢ଼ାଙ୍କୁ ସୁନ୍ଦର ଗୀତ,
ବ୍ରାହ୍ମଣଙ୍କି ସୁନ୍ଦର ଚାରିଟି ବେଦ
ଦାସୀଙ୍କି ସୁନ୍ଦର ନାଟ
ଭେଲାଙ୍କୁ ସୁନ୍ଦର ହଟ ଚମଟ
ରଜାଙ୍କୁ ସୁନ୍ଦର ଖଟ—ଛାଗ]

୨ । କୌଶଳ—2. Ingenuity; cleverness. ୩ । ଲୋକଙ୍କ ଦେଖିବା ପାଇଁ କରାଯିବା ଦୃଶ୍ୟ—3. Show. [ଭି—ଶୁଣି ଭଣିଲେ ହସି ନଟବଟ, ଅଳି ସଙ୍ଗ ଘୋର ହଟ ଚମଟ—କବିସୂର୍ଯ୍ୟ. ବଦବା ।] ୪ । କୌତୁକ—4. Fun.

ହଟ ଚ(ଛ)ମଟିଆ—ଦେ॰ ବଣ. ପୁଂ—୧ । ହଟିଆ (ଦେଖ) Haṭa cha(ścha)maṭiā বাজিকর Haṭiā (See) ୨ । କୁହୁକିଆ—2. Exhibiting jugglery जादुगर or magic.

[ହଟଚ (ଛ) ମଟେଇ—ସ୍ତ୍ରୀ]—ଦେ. ବ.ପୁ—ବାଜିଗର—Magician.

ହଟ ଛମଟ—ଦେ. ବି—ହଟ ଚମଟ (ଦେଖ) Haṭa chhamaṭa Haṭa chamaṭa (See) [ଭି—ନଟବର ମୁଁ କୁହରୁ ଯୁଗତ, ହଟ ଛମଟ ଜାଣିଛ କେମନ୍ତ—ପ୍ରତାପ. ପ୍ରାଚୀ ଷଷ୍ଠସେଣା ।]

ହଟ ତରଣ୍ଟ—ପ୍ରାଦେ. (ଗଞ୍ଜାମ) ବଣ—୧ । ଅବାଧ—1. Disobedient; insubordinate. Haṭa tiranṭa ୨ । ଦୁଷ୍ଟ—2. Wicked.

ହଟ ଦେଖିବା—ଦେ. କ୍ରି—୧ । କୌତୁକ ଦେଖିବା—1. To see
Haṭa dekhibā the fun. ୨ । ଅପରର ବ୍ୟଗ୍ରର ଅପଦରୁ
মজা দেখা କୌତୁକଦେଖିବା ଉଦ୍ଦେଶ୍ୟରେ ଦୃଷ୍ଟି ପକାଇବା—
मजा देखना 2. To see the fun at the cost of another.

ହଟ ନ(ନା)ଟ—ଦେ. ବି (ସଂ. ହଠ ଓ ନାଟ୍ୟ)—ହଟ; କୌତୁକ;
Haṭa na(nā)ṭa ତୁକକ; ଠଟ୍ଟା; ତାମସା—Fun; sport.
তামাসা [ଭି—ନଟ ନାଗରବର ବାଟରେ ହଟ ନାଟ ଭୁ କରନ୍ତି
तमाशा ରେ—ସଙ୍ଗୀତ ।]

ହଟ ନାଗର—ଦେ. ବି—ହଟୁଆ ନାଗର (ଦେଖ)
Haṭa nāgara Haṭiā nāgara (See)
নাটের গুরু मजाकी

ହଟ ପଟ —ଦେ. ବିଣ—୧ । ବ୍ୟସ୍ତବ୍ୟସ୍ତ—1. Bothered; troubled.
Haṭa paṭa [ଭି—ପଥ ଶୃଙ୍ଖଳା ତା ଅକଟ,
গোল মেলে, হাএরাণ କାର୍ଯ୍ୟ କମଲ୍ଲେ ହଟପଟ—ପ୍ରାଚୀ. ଜଗ୍ଗଣ
लटपट ମାହାତ୍ମ୍ୟ ।] ୨ । ଲଟପଟ; ଗୋଲମାଳରେ ଜଡ଼ିତ—
2. Involved in intricacies.
(ହଟପଟୁଆ—ଅନ୍ୟରୂପ)

ହଟର ପ(ବ)ଟର—ଦେ. ବିଣ — ହଟ ପଟ (ଦେଖ)
Haṭara pa(ba)ṭara Haṭa paṭa (See)

ହଟପର୍ଣ୍ଣୀ— ସ. ଅ—ଶୈବାଳ (ଶବ୍ଦ ରତ୍ନାକର)—
Haṭa parṇī Moss

ହଟ ପାଟକୀ — ଦେ. ବିଣ. ସ୍ତ୍ରୀ (ଗାଳ)—ହଟ ହଟେଇ—(a term of
Haṭa pāṭakī abuse) (a woman) Putting others to shame or ridicule.

ହଟଲି—ପ୍ରାଦେ. (ସମ୍ବଲପୁର) ବି (ସଂ. ହଟ୍ଟ)—୧ । ଛୋଟ ହାଟ—
Haṭali 1. A petty market. ୨ । (ଇଂ. ହୋଟେଲ)
ହୋଟେଲ୍ (ଦେଖ)—2. Hotel (See)
୩ । ପ୍ରତିଦିନ ବସୁଥିବା ହାଟ—3. Daily market.

ହଟ ହଟା—ଦେ. ବି (ସଂ. ହଟ୍ଟ=ହାଟ; ଅର୍ଥାତ୍ କୌଣସି କଥାର ବିଷୟ
Haṭa haṭā ହାଟରେ ପ୍ରକାଶ ପାଇଲେ ଲୋକ ଯାହା ହୁଏ)—
হাএরানী ୧ । ହଇରାଣ; ହରକତ ହେବା ଅବସ୍ଥା—
हैरानी 1. Trouble; botheration. [ଭି—ଏ ହଟହଟାରେ କେ ମରିବ, କରି ସଙ୍ଗୀତ ଦ୍ୱାଶ ଧାରୀଙ୍କ ଗୋ ।
କବିସୂର୍ଯ୍ୟ, ସଙ୍ଗୀତ ।] ୨ । ଲୋକାପବାଦ—
2. Defamation. ୩ । ଲୋକହସା—3. Scandal.
୪ । ଲୋକହସା ଅବସ୍ଥା; ଉପହାସାସ୍ପଦ ଅବସ୍ଥା—
4. State of becoming the butt end of ridicule and public gaze. [ଭି—ଏ କ ହଟହଟା ଉଅଲିଲ ଅବା, ହଟୁଆ କେଳିତ-ପତ୍ର—ସମାଜ ।] ୫ ।
ସର୍ବସାଧାରଣଙ୍କ ଉପହାସ—5. General ridicule.
୬ । ଲଜ୍ଜା—6. Shame; shameful condition.

হাএরান ଦେ. ବିଣ. (ପୁଂ ଓ ସ୍ତ୍ରୀ)—୧ । ଯେଉଁ ବ୍ୟକ୍ତି ହଟହଟା
हैरान ବା ଲୋକହସାରେ ପଡ଼ିଥାଏ—1. (a person)
(ହଟହଟୀ—ସ୍ତ୍ରୀ. ବିଣ) Who has become the butt end of general ridicule or censure. ୨ । କଷ୍ଟ ବା
ଦୁର୍ଦ୍ଦଶାରେ ପତିତ—2. In trouble; bothered.
[ଭି—କସ୍ତୁରୀର ଅବା । ମର୍ତ୍ତ୍ୟେ ସେ ପ୍ରାଣୀଙ୍କି କେତେ
ମତେ ହଟହଟା—ସମାଜ ।] ୩ । ଅପବାଦଜନକ—
3. Scandalous. [ଭି—ମୋର ପ୍ରୀତିସନ୍ତ, ହଟହଟା
କଥା, ନ ଥିବ ଏ ତ୍ରିଭୁବନେ । ଜଦକଶୋର ଶର୍ମିଷ୍ଠା ।]

ହଟହଟା କରିବା—ଦେ. କ୍ରି — ଅନ୍ୟ ବ୍ୟକ୍ତିକୁ ଉପହାସାସ୍ପଦ କରିବା—
Haṭahaṭā karibā To put a person to shame
হায়রান করা हैरान करना or ridicule.
[ହଟହଟାରେ ପକା(କେ)ଇବା—ଅନ୍ୟରୂପ]

ହଟହଟାରେ ପଡ଼ିବା — ଦେ. କ୍ରି—ସାଧାରଣରେ ହାସ୍ୟାସ୍ପଦ ହେବା—
Haṭahaṭāre paṛibā To become the butt end
হায়রানীতে পড়া हैरानीमें गीरना of ridicule or censure.
(ହଟହଟା ହେବା—ଅନ୍ୟରୂପ)

ହଟ ହଟିଆ—ଦେ. ବିଣ. ପୁଂ—୧ । ହଇରାଣିଆ; ଯେଉଁ ବ୍ୟକ୍ତି ଅନ୍ୟକୁ
Haṭabaṭiā ଲଜ୍ଜାରେ ପକାଏ—1. Putting a person
যে লোক হায়রানে ফেলে to shame. ୨ । ଯେଉଁ ବ୍ୟକ୍ତି
हैरान करनेवाला ନିଜ କାର୍ଯ୍ୟ ଯୋଗୁଁ ହାସ୍ୟାସ୍ପଦ ହୁଏ—
(ହଟହଟେଇ — ସ୍ତ୍ରୀ) 1. A person who brings public ridicule on himself. ୩ । ଯେଉଁ ବ୍ୟକ୍ତି ପରନିନ୍ଦା
କରେ—3. Scandal monger. ୪ । ଯେଉଁ ବ୍ୟକ୍ତି
ଅନ୍ୟ ଲୋକକୁ ଉପହାସାସ୍ପଦ କରଏ—4. Bringing public ridicule or censure on the head of another.

ହଟ ହମୀର ଦେଓ —ଦେ. ବି — ହମୀର ଦେଓ (ଦେଖ)
Haṭa hamīra deo Hamira deo (See)

ହଟା—ଦେ. ବି (ସଂ. ହଟ୍ଟ=ହାଟ)—୧ । ହଟହଟା; ଲୋକହସା—
Haṭā 1. Scandal; public ridicule. ୨ । ଲୋକାପ-
নিন্দা, অপবাদ ବାଦ—2. Defamation; slander.
हट [ଭି—ସେ ହଟା ହେଉ କାହିଁ ଝିକଏ ଲୋକରେ—କୃଷ୍ଣଚନ୍ଦ୍ର ମହାଭାରତ. ସଭା ।] ୩ । (ସ. ବି) ଜଞ୍ଜାଳ; ଅଳି; ହଠ;
ଜିଦ୍; ଜଗଡ଼—3. Importunity. ୪ । ଲୋକନିନ୍ଦା—
4. Dispraise. ୫ । ହାଟ—5. Market. ୬ ।
ହଟିବା; ଛେଉ ଘୁଞ୍ଚିବା — 6. Moving back; retreating. ୭ । କୌଣସି ବିଷୟର ସର୍ବସାଧାରଣରେ ପ୍ରକଟିତ
ହେବା—7. Wide publication of any matter.

ହଟା(ଟେ)ଇବା—ଦେ. କ୍ରି (ହଟିବାର ପ୍ରଯୋଜକ ରୂପ) — ୧ । ପଛକୁ
Haṭā(ṭe)ibā ଘୁଞ୍ଚାଇବା—1. To cause to move
হটাইয়ে দেওয়া back. ୨ । ପଛକୁ ଠେଲିବା—2. To push or
हटाना drive backwards. ୩ । ଘଉଡ଼ି ଦେବା—

3. To defeat. [ଭୂ—ହଟାଇ ହଟାଇ, ନ ହଟଣ ସେ ଯେ, ମୋହନ୍ତ ବଳେଇ ଦେଇ—ଳକଶୋର. ଶର୍ମିଷ୍ଠା ।]
୪। (ରୋଗକୁ) ଚିକିତ୍ସା ଦ୍ୱାରା କବୁରୁ କରାଇବା—4. To cure or control a disease by proper treatment.

ହଟା କରିବା—ଦେ. କ୍ରି—୧। ଦୁର୍ନାମ ରଟାଇବା; ଅପବାଦ ଦେବା; Hatā karibā ଲୋକାପବାଦ ଦେବା—1. To scandalise; to defame; to slander. ଚାউর্ করা ୨। ପ୍ରଘଟ ଶିକାযত করনা କହିବା, ସାଧାରଣରେ ପ୍ରଚାର କରିବା—2. To publish a thing. ଜিদ্ করা ୩। ଅଳି କରିବା; ହଠ করনা ହଠାଳି କରିବା—3. To importune. ୪। କୌଣସି ବ୍ୟକ୍ତିଙ୍କୁ ଲଜ୍ଜିତ କରାଇବା—4. To bring shame or ridicule on a person's head.

ହଟାଣ—ଦେ. ବି—୧। ହଟାଇବା—1. Pushing back. ୨
Haṭāṇa ପରାସ୍ତ କରଣ—2. Defeating.
হটান হटाव

ହଟାତ୍(ତେ)—ଗ୍ରା. ଅ (ସଂ. ହଠାତ୍)—ହଠାତ୍ (ଦେଖ)
Haṭāt(e) হঠাৎ हठात् Hathāt (See)

ହଟାତ କନା(ନି)—ଗ୍ରା. କ୍ରି. ବିଣ—ହଠାତ୍ (ଦେଖ)
Haṭāt kinā(ni) হুট্ করে फटसे Hathāt (See)
[ହଟାତ୍ ଦ(ଧ)ର୍, ହଟାତ୍ କ(କ)ର—ଅନ୍ୟରୂପ]

ହଟାତ୍ ବାବୁ—ଗ୍ରା. ବି—ହଠାତ୍ ବାବୁ (ଦେଖ)
Haṭāt bābu Hathāt bābu (See)
হঠাৎ বাবু एकाएक बाबु

ହଟା ପସରା—ପ୍ରାଦେ. (ଉତ୍ତରଅଞ୍ଚଳ) ବି—ଅପବାଦ—
Haṭā pasarā Scandal; bad name.

ହଟା ପଟକା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଆପଣା ଘରର ଛିଦ୍ରମାନ Haṭā paṭakā ବାହାରେ ଗାଇ ବୁଲେ—One who babbles out one's domestic secrets to the outside public.
যে গৃহচ্ছিদ্র প্রকাশকরে ঘরভেদী
गृहछिद्र कहनेवाला

ହଟା ବସା(ସେ)ଇବା—ଦେ. କ୍ରି—ସାଧାରଣରେ କୌଣସିବ୍ୟକ୍ତିର Haṭā basā (se) ibā ଦୁର୍ନାମ କରିବା—To defame a person publicly.
দুর্নামরটান
शिकायतकरना

(ଭା ନାମରେ) ହଟା ବସିବା—ଦେ. ବି—ଦୁର୍ନାମ ରଟନା ହେବା—
Haṭā basibā Publication of a scandal against a person.
চাউরহওয়া
शिकायतहोना

ହଟାରି—ଦେ. ବି—ଯେ ବଜାର ବା ହାଟରୁ ପଣ୍ୟ ଦ୍ରବ୍ୟ ନେଇ ବିକ୍ରି Haṭāri କରେ—Hawker; vendor of articles in a market or town.
যে হাট করে, হেটো
हाटुआ [ଭୂ—ଅଇ ନଇକୋଟରେ ଘୂର ଘୂର। କଟେଇଅ, ବଜାର, ହଟାରି ପର୍ଯ୍ୟନ୍ତ ଦେଖିବାକୁ ଧାଇଁ ଅଛନ୍ତି—ପଙ୍ଗାର ମୋହନ. ଛମାଣ ଆଠ ଗୁଣ]

ହଟାହଟି—ଦେ. ବି—ପରସ୍ପରକୁ ହଟାଇବା—Mutual pushing Haṭāhaṭi back. [ଭୂ—ଦଶୋଷ କହ ବଟବଟ ଅସମ୍ଭବ ହটাহটি ଭାବେ ହଟାହଟ, ଫିଟାଇ ଛଡ଼ମ ଚେଣ୍ଟା—କବିସୂର୍ଯ୍ୟ.
हटाहटी ସଙ୍ଗୀତ।]

ହଟି—ଦେ. ବି—ହଟ (ଦେଖ)—Haṭa (See)
Haṭi [ଭୂ—ତାହା ଯେଣୁ ଚନ୍ଦ୍ରକୁ, ଜଳାଇ ଏତେ ହଟି, ବୁଝିଲେ ସଖି କମା ଗ୍ରନ୍ଥିତ ବଅଲ୍ଲାଟ—ପିତାମ୍ବର. ନୃସିଂହ ପୁରାଣ]
ଦେ. କ୍ରି. ବିଣ—ହଟୁଣ (ଦେଖ)—Haṭuṇ (See)
[ଭୂ—ଘନଶ୍ୟାମ କହିଲା ଅନାଉଁଣିକ ମନା କରୁ ଯେ ଥାଉ ହଟି ଗୁହିଁଲୁ ଦେ—ଦଶୋଷ ରମ୍ଭ. ସ ଗୀତ]

ହଟିଆ—ଦେ. ବିଣ. ପୁଂ—୧। ଯେଉଁ ବ୍ୟକ୍ତି ଅତି ଭଳରେ କରେ ବା Haṭiā ଅଳକରେ; ହଠୀଳଅ—1. Importune
জিদখোর हठी ୨। ରଙ୍ଗିଆ; ବୁଦକଥ—2. Sportive; (ହଟେଇ—ସ୍ତ୍ରୀ) funny; jestive. [ଭୂ—ମୁଁ ସାଥ କୋହଲେ
মজাদার मजादार ଭଅରଣରେ, ମାର ମଦନ ହଟଅରଣରେ—କବିସୂର୍ଯ୍ୟ. ସଙ୍ଗୀତ] ୩। କୌତୁକପ୍ରିୟ—3. Fond of fun or amusement. ୪। ଏକବାଗିଅ—
একগুয়েঁ एकबोलिया 4. Head strong. ଦେ. ବି—(ଅନାଦରାର୍ଥକ) ହଟ ନାମକ ବ୍ୟକ୍ତିର ଡାକନାମ—Nickname for Haṭa.

ହଟିଆ ନାଗର—ଦେ.ବି.—ରଙ୍ଗିଅ ବା କୌତୁକପ୍ରିୟ ରସିକ ବ୍ୟକ୍ତି—
Haṭiā nāgara A gallant who is fond of fun.
নাটেরগুরু मजाकीआदमी

ହଟି କରି କହିବା—ଦେ. କ୍ରି—ଭୁଟକରି କଥା କହିବା—To Haṭi kari kahibā speak harshly.
মুখখারাপকশা मुह खराब करना [ଭୂ—ସାରଦା ଦ୍ୱାଙ୍କୁ ହଟି କରି ପଦେ କହେ ନାହିଁ—କୁନ୍ତଳା କୁମାରୀ, ନଅଭୁଣୀ]

ହଟି ଗୁହିଁବା—ଦେ. କ୍ରି.—ପଛ ଅଡ଼କୁ ମୁହଁ ବୁଲାଇ ଗୁହିଁବା—
Haṭi chāhiṅbā To look back. [ଭୂ—ଘନଶ୍ୟାମ ফিরেচাওয়া घूमकर देखना କହିଲା ଅନାଉଁଣି ବ ମନାକ କରୁ ଯେ ଥାଉ ହଟି ଗୁହିଁଲୁରେ—କବିସୂର୍ଯ୍ୟ. ଦଶୋଷରମ୍ଭ ସ ଗୀତ।]

ହଟି ବସିବା—ଦେ. କ୍ରି.—୧ ପଛକୁ ଘୁଞ୍ଚି ବସିବା—1. To sit Haṭi basibā পেছিয়ে বসা after moving back.
हटकर बैठना ୨। ଜିଦ କରିବା; ଏକଚଟ ଧରିବା—2. To importune; to insist on something being done. [ଭୂ—ହଟି ବସିଅଛୁ, ଘଟଣ ଦେବାକେ, ପାପ ଭାମ ଯମ ଘର ଦେ—କବିସୂର୍ଯ୍ୟ. ସଙ୍ଗୀତ]

ହଟିବା—ଦେ. କ୍ରି. (ଅକର୍ମକ) (ସ. ହଠଧାତୁ=ଉଲ୍ଲଙ୍ଘନ, ଘାତ)—
Haṭibā ୧। ପଛକୁ ଘୁଞ୍ଚିବା—1. To move back; to হটে যাওয়া हटना draw back. [ଭୂ—ନ ପିଙ୍ଗ ପୁଞ୍ଜି

ହଟ,ସୁନ୍ଦର କୁହଇଟ,—କବିସୂର୍ଯ୍ୟ. ବଳଶୋଷ୍ଣ ଚମ୍ପୂ,ନ ଗୀତ) ୨ । ପଶ୍ଚାତପଦ ହେବା—2. To shrink back. ୩ । ହଠ କରିବା; ଅଳି କରିବା—3. To importune. [ଦ୍ର—କାମ ଯମ ଜୀବନ ନେବାକୁ ଅଛି ହଟିଚ—ଅଭିମନ୍ୟୁ. ବଧରଥ ଚନ୍ତାମଣି] ୪ । ବ୍ୟୟ କରିବାକୁ ବା ଦେବାକୁ କୁଣ୍ଠିତ ହେବା—4. To shrink from giving a thing or from spending. [ଦ୍ର—ଛୋଟକୁ ଟିକ ସିନା ହଟି ମୋ ଧାର ଯାଉଛ ଭୁଟ—କବିସୂର୍ଯ୍ୟ. ବଳଶୋଷ୍ଣ ଚମ୍ପୂ. ଭ ଗୀତ] ୫ । ପରାସ୍ତ ହେବା—5. To be defeated. ୬ । ରଣଭଙ୍ଗ ଦେବା—6. To be routed; to flee from the field of battle; to retreat. [ଦ୍ର ବଳଠ ଯବନ ଥାଟ ହଟିଲ ସଂଗ୍ରାମେ —ରାଧାନାଥ. ମହାଯାତ୍ରା] [ଦ୍ର—ଶତ୍ରୁ ସଙ୍ଗେ ସମ୍ମୁଖ ଯୁଦ୍ଧ କରୁ କରୁ ପରାସ୍ତ ହୋଇ ସମ୍ମୁଖକୁ ମୁହଁ କରି ଗୋଡ଼କୁ ପଛକୁ ପଛକୁ ପକାଇ ପଛ ଅଡ଼କୁ ଗତି କରିବାକୁ ହଟିବା ବୋଲଯାଏ ।] ୭ । (ରୋଗ) ନିବୃତ୍ତ ହେବା—7. (desease) To abate. ୮ । (ବଳ) କମିବା; ଲଘୁ ହେବା; ଅପଗତ ହେବା—8. (One's strength) To become less. ୯ । (ସଙ୍କଳ୍ପ)—ଏଡ଼ ଦେବା; ଲଙ୍ଘନ କରିବା; ପାଳନ କରିବାକୁ ପଶ୍ଚାତ୍ପଦ ହେବା—9. To infringe. [ଦ୍ର—ଶୁଣି ସାହସେ ନିୟମକୁ ହଟ—କବିସୂର୍ଯ୍ୟ. ଲବଣ୍ୟ)

ହଟି ଯିବା—ଦେ. କ୍ରି—୧ । ପଛକୁ ଘୁଞ୍ଚିଯିବା—1. To move
Haṭi jibā back. ୨ । ପରାସ୍ତ ହେବା—2. To be
হটেযাওয়া हट जाना defeated. ୩ । ରଣଭଙ୍ଗ ଦେବା—3. To retreat. ୪ । ଛାଡ଼ି ଚାଲିଯିବା—4. To forsake. [ଦ୍ର—ନେଜ ପୁଟ ଯାଇ, ତୁମ ପାଣିଯାକ ପ୍ରାଣ ହଟିଯାଉ ବେଗକର—ଅଭିମନ୍ୟୁ; ବଧରଥଚନ୍ତାମଣି]

ହଟିଯିବାର ପାତ୍ର—ଦେ. ବ ଓ ବଣ—ବାଧା ପାଇଁ ସଂକଳ୍ପିତ କର୍ମରୁ
Haṭijibāra pātra ପଶ୍ଚାତ୍ ପଦ ବା ନିରୁତ୍ସାହ ହେବା ବ୍ୟକ୍ତି;
(ହଟିବା ଧାତୁ—ଅନ୍ୟରୂପ) ଅଦମ୍ୟପ୍ରବୃତ୍ତିକ—A person
हटबार पात्र (লোক) who shrinks from his purpose
हटनेकापात्र on account of any obstacle; not indomitable. [ଯଥା—ଏ କର୍ମରେ ନାନା ବାଧାବିଘ୍ନ ଥାଇ ସୁଦ୍ଧା ସେ ହଟି ଯିବାର ପାତ୍ର ନୁହନ୍ତି ।]

ହଟି ରହିବା—ଦେ. କ୍ରି—୧ । ପଛକୁ ଘୁଞ୍ଚି ରହିବା—1. To keep
Haṭi rahibā back. [ଦ୍ର—ଦେଖ ଭୀଷଣ ତଳେ ପଡ଼ ବନ୍ଧୁ,
পেছনেপড়া ଟିକିଏ ଛଟି ରହେ ହଟି ରହି—ଅଭିମନ୍ୟୁ. ବଧରଥ
हटकररहना ଚନ୍ତାମଣି] ୨ । କୌଣସି କାର୍ଯ୍ୟରୁ ବିରତ ହେବା—2. To desist from any act.

ହଠୀ—ପ୍ରାଦେ. (ଉତ୍ତରଖଣ୍ଡ) ବଣ. (ତୁଳନାକର—ହଠୀ. ହଠୀ)—
Haṭi ୧ । ଯେ ହଠ କରେ; ହଠୁଆ—1. Importunate, pertinacious. ୨ । ଜିଦବାନ୍—2. Obstinate.

ହଟୁଆ—ଦେ. ବଣ. ପୁଂ—ହଟିଆ (ଦେଖ)—Haṭiā (See)
Haṭuā ପ୍ରାଦେ. (ବୌଦ୍ଧ) ବ—ବ୍ୟବସାୟୀ ଜାତିବିଶେଷ—(ହଟୋଇ—ସ୍ତ୍ରୀ) A caste of traders. ପ୍ରାଦେ (ସମ୍ବଲପୁର) ବ—ଚଷା ବା କୃଷକ ଜାତି ବିଶେଷ—A class or caste of cultivators.

ହଟୁକି—ପ୍ରାଦେ. (କଳାହାଣ୍ଡି) ବ—ହାକୁଟ—
Haṭuki Hiccough.

ହଟୁଣ (ଣୁ)—ଦେ. କ୍ରି. ବଣ (ସ. ହଠାତ୍)—୧ । ଦୈବାତ୍; ଅକସ୍ମାତ
Haṭuṇ (ṇu) 1. Accidentally. ୨ । ହଠାତ୍—2. All
হঠাৎ at once; suddenly. ୩ । ପୁନଃ ପୁନଃ—
ऐकाएक 3. Repeatedly. ୪ । ନିଷେଧ ବା ନିବାରଣ ସତ୍ତ୍ବେ
বারবার (କୌଣସି କାର୍ଯ୍ୟ କରିବା)—4. (To do a thing)
पुनःपुनः In spite of or in the face of warning or
বারণসত্ত্বে prohibition. ୫ । ଉପେକ୍ଷା ପ୍ରଦର୍ଶନ ପୂର୍ବକ—
मनाकरनेपरभी 5. Disregarding.

ହଟେଇ—ଦେ. ବଣ. ସ୍ତ୍ରୀ—ହଟିଅର ସ୍ତ୍ରୀ ଲିଙ୍ଗ—
Haṭei Feminine of Haṭiā.

ହଟେଇବା—ଦେ. କ୍ରି—ହଟାଇବା (ଦେଖ)—
Haṭeibā Haṭāibā (See)

ହଟୋଇ—ଦେ. ବଣ. ସ୍ତ୍ରୀ—ହଟୁଅର ସ୍ତ୍ରୀ ଲିଙ୍ଗ—
Haṭoi Feminine of Haṭuā.

ହଟ୍ଟ—ସ. ବ (ହଟ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ ଟ)—ହାଟ; ପଣ୍ୟ-
Hatta କ୍ରୟବିକ୍ରୟର ମୁକ୍ତ ସ୍ଥାନ—Hata; market; fair.

ହଟ୍ଟ ଗୋଳ—ଦେ. ବ (ହଟ୍ଟ ବା ହାଟରେ ଯେଉଁପରି ଗୋଳମାଳ ହୁଏ
Haṭṭa gola ସେହିପରି ଗୋଳମାଳ)—ଗଣ୍ଡଗୋଳ—Noise; bustle; ado.

ହଟ୍ଟ ଚୌ(ଚୋ)ରକ—ସ. ବ. ପୁଂ—ଯେଉଁ ଚୋର ହାଟ ବାଟ ଅବା
Haṭṭa chau(cho)raka ପ୍ରକାଶ୍ୟ ସ୍ଥାନରେ ଚୋରି କରେ—A pick pocket; a thief plying his trade in the open market.
(ଅନ୍ୟ ସ. ପ୍ରତିଶବ୍ଦ—ପ୍ରସହ୍ୟ ଚୌର, ମଣ୍ଠୀକର, ମାତଳ, ଛଲ୍ଲାବ, ବନ୍ଦୀକାର)

ହଟ୍ଟ ବିଳାସିନୀ—ସ. ବ. ସ୍ତ୍ରୀ (ହଟ୍ଟ+ବିଳାସ+ଅଛି ଅର୍ଥରେ ଇନ୍+
Haṭṭa bilāsini ଈ)—୧ । ବାରାଙ୍ଗନା; ବେଶ୍ୟା—1. Prostitute. ୨ । ନଖୀନାମକ ଗନ୍ଧ ଦ୍ରବ୍ୟ—(ଅମର)—2. A scented article; fasciolaria; Unguis Odoratus. ୩ । ହଳଦୀ (ସ୍ୱାବଦ୍ରାବଣ)—3. Turmeric.

ହଟ୍ଟ ମଣ୍ଡପ (ମନ୍ଦିର)—ସ. ବ—ହାଟଘର; ହାଟକୁଲଥ; ଯେଉଁ ଘରେ
Haṭṭa maṇḍapa (mandira) ବସି ହାଟୁଆମାନେ ପଣ୍ୟ ବିକ୍ରୟ କରନ୍ତି—Market hut; a stall in a fair; an open shed for holding a stall in a market.

ହାଟାଧ୍ୟକ୍ଷ—ସଂ. ବି—ହାଟର ଅଧ୍ୟକ୍ଷ—
Haṭṭādhyaksha The headman of a market.

ହଟ୍ଟୀ—ସଂ. ବି (ହଟ୍ଟ+କ୍ଷୁଦ୍ରାର୍ଥେ ଈ)—ଛୋଟ ହାଟ—
Haṭṭī A small market or fair (Apte).

ହଠ୍—ଦେ, ଅ—ହଟ୍ (ଦେଖ)—
Haṭh Hat (See)
(ହଟ୍ ହଠ୍—ଅନ୍ୟରୂପ)

ହଠ୍(ଧାତୁ)—ସ ୧ । ବଳାତ୍କାର କରିବା—1. To use force.
Haṭh (root) ୨ । (ସ୍ଥିର ଥିବା ପଶୁକୁ) ଖୁଣ୍ଟରେ ବାନ୍ଧିବା—2. To tie (a beast) to a post. ୩ । ପଛକୁ ଘୁଞ୍ଚିବା—3. To retreat; to move back. ୪ । ଲମ୍ଫିବା; ଡେଇଁ ପଡ଼ିବା—4. To leap; to jump (Apte). ୫ । ଅତ୍ୟାଚାର କରିବା—5. To oppress (Apte).

ହଠ—ସଂ. ବି. (ହଠ୍ ଧାତୁ=ବଳାତ୍କାର କରିବା+ଭାବ. ଅ)—୧ । ଜଳଜ
Haṭha କୁମ୍ଭିକା—A kind of aquatic plant. ୨ । ଝୋଲିଘାସ—2. Serratophylum Submersum. ୩ । ବଳାତ୍କାର; ବଳପ୍ରୟୋଗ—3. Violence; use of criminal force. [ଉ—ହଠେ ଚୁରି ଅଭିଳାଷ, ଦେବାର ମୁଁ ଦୁର୍ଣ୍ଣଘୋଷ ।—କବିସୂର୍ଯ୍ୟ ବଳଦେବ ରଥଙ୍କ 'ହ' ଗୀତ] ୪ । ବଳ ପ୍ରଦର୍ଶନ—4. Show of force. ୫ । ଲୁଟି—5. Looting; rapine. ୬ । ପଶ୍ଚାତ୍ପଦ ହେବା; ପଛକୁ ହଟିବା; ପଶ୍ଚାଦ୍ଗତି—6. Retreating. ୭ । ପରାଜୟ—7. Defeat. ୮ । ଅବିବେଚନା; ଅବିମୃଶ୍ୟକାରିତା—8. Rashness; hastiness. ୯ । ଏକ ଜିଦ—9 Headstrongness. ୧୦ । କଣ୍ଟାଳ; ଅଳି—10. Importunity. ୧୧ । ଅତ୍ୟାଚାର—11 Oppression (Apte).
ସ. ଅ—ହଠାତ୍ (ଦେଖ)—Haṭhāt (See).

ହଠକାରିଣୀ—ସ. ବିଣ. ସ୍ତ୍ରୀ—ହଠକାରୀର ସ୍ତ୍ରୀଲିଙ୍ଗ—Feminine of
Haṭhakāriṇī Haṭhakārī.

ହଠ କାରିତା—ସ. ବି. (ହଠକାରିନ୍+ଭାବେ ତା)—୧ । ଅବିବେଚନା;
Haṭha kāritā ଅବିମୃଶ୍ୟକାରିତା—1. Rashness. ୨ । ବଳାତ୍କାର—2. Use of force; violence. ୩ । ଗୁଆଁରପଣିଆ—3. Headstrongness. ୪ । ଅନ୍ୟାୟ କରିବା—4. Doing of wrong. ୫ । ଅଭଦ୍ରତା; ଅଶିଷ୍ଟତା—5. Uncivility. ୬ । ଅତ୍ୟାଚାର—6. Oppression. ୭ । ଲୁଟତରାଜ—7. Rapine; plunder.

ହଠକାରୀ—ସଂ. ବିଣ. ପୁଂ—(ହଠ+କୃ ଧାତୁ+କର୍ତ୍ତୃ. ଇନ୍=ହଠ
Haṭhakārī କାରିନ୍ ଶବ୍ଦ; ୧ମା. ୧ବ)—୧ । ଅବିମୃଶ୍ୟକାରୀ;
(ହଠକାରିଣୀ—ସ୍ତ୍ରୀ) ଅବିବେଚକ—1. Rash. ୨ । ଗୁଆଁର—2. Headstrong. ୩ । ଅଶିଷ୍ଟ; ଅଭଦ୍ର—3. Uncivil. ୪ । ବଳ ପ୍ରକାଶକାରୀ—4. Using force or violence. ୫ । ଅନ୍ୟାୟକାରୀ—5. Doing wrong; wrong-doing. ୬ । ଅତ୍ୟାଚାରୀ—6. Oppressive.

ହଠଧର୍ମୀ—ଦେ. ବିଣ. ପୁଂ—ବିଶ୍ୱାସଘାତକ; ଅଧର୍ମୀ—Faithless;
Haṭha dharmī perfidious.
অধর্মী অধর্মী (ହଠଧର୍ମିଣୀ—ସ୍ତ୍ରୀ)

ହଠଧର୍ମ ପଣିଆଁ (ପଣ)—ଦେ. ବି—ବିଶ୍ୱାସଘାତକତା; ଅଧର୍ମ—
Haṭha dharma paṇiāṅ (paṇa) Faithlessness; perfidy.
অধর্ম অধর্ম

ହଠପର୍ଣ୍ଣୀ—ସଂ. ବି—ଶୈବାଳ (ଚିକାଣ ଶେଉଳ)—
Haṭha parṇṇī Moss.

ହଠବାଦୀ—ଦେ. ବିଣ. ପୁଂ—ଯେ ଘରେ କେବଳ ବସି ରହି ଅକସ୍ମାତ୍
Haṭha bādī କିଛି ପଦାର୍ଥ ବା ଧନ ପାଏ [ଉ—ଯେଉଁ ଲୋକଙ୍କ
আকাশবৃত্তি ଘରେ ବସିଥାଏ କାର୍ଯ୍ୟ, ଅକସ୍ମାତେ ଯେବେହେଁ ମିଳଇ
আকাশ বৃত্তি ପଦାର୍ଥ, ତେହୁ ଲୋକଙ୍କୁ ହଠବାଦୀ ବୋଲି କହି, ଶାସ୍ତ୍ର ଲେଖିଅଛି ସନ୍ଦେହ ଏଥି ନାହିଁ—କୃଷ୍ଣସିଂହ ମହାଭାରତ ।]

ହଠବିଦ୍ୟା—ସଂ. ବି—ବଳପୂର୍ବକ ଧ୍ୟାନାଦି କରିବା ବିଦ୍ୟା—The
Haṭha bidyā science of forced meditation (Apte).

ହଠ ଯୋଗ—ସଂ. ବି—(ହଠ=ହଠଦ୍ୱାରା ବା ବଳାତ୍କାରଦ୍ୱାରା ଯୋଗ)
Haṭha joga ତନ୍ତ୍ରୋକ୍ତ ଯୋଗ ବିଶେଷ—A sort of spiritual exercise. [ବି—ଏଥିରେ ତନ୍ତ୍ରୋକ୍ତ ଆସନରେ ବସି ଆସନ ସିଦ୍ଧ କରି ପୂରକ, କୁମ୍ଭକ, ରେଚକ ଦ୍ୱାରା ପ୍ରାଣାୟାମ ପୂର୍ବକ ପବନ ସାଧନ କରାଯାଏ ଓ ଧୌତି ଆଦି ଷଟ୍କର୍ମଦ୍ୱାରା ଅନ୍ତଃଶରୀରର ବା ନାଡ଼ୀର ଶୁଦ୍ଧି କରାଯାଏ । ତପୂରେ ଆକାଶରେ ଓ ନାସିକାଗ୍ରରେ ଦୃଷ୍ଟି ସ୍ଥିର କରି ଶ୍ୱେତ, ରକ୍ତ, ପୀତ, କୃଷ୍ଣବର୍ଣ୍ଣକୁ ଧ୍ୟାନ କରାଯାଏ । ଏହିପରି ଧ୍ୟାନ କରୁ କରୁ ହଠାତ୍ ଜ୍ୟୋତିର୍ମୟରୂପ ଦୃଷ୍ଟ ହୁଏ । ଏହା କରିବାଦ୍ୱାରା ହଠସିଦ୍ଧି (ହଠାତ୍ ସିଦ୍ଧି) ଲାଭ ହୁଏ ବୋଲି ଏ ସାଧନର ଏହି ନାମ—ଯୋଗସ୍ୱରୋଦୟ ।
ହଠ ଯୋଗ ପରମାତ୍ମସାଧକ ଯୋଗ ବିଶେଷ । ଯୋଗ ଦୁଇ ପ୍ରକାର, ହଠ ଯୋଗ ଓ ରାଜ ଯୋଗ । ହଠଯୋଗୀ ଯୋଗାନୁଷ୍ଠାନ ପୂର୍ବକ ପରମାତ୍ମତତ୍ତ୍ୱର ସାକ୍ଷାତ୍କାର କରନ୍ତି । ପାତଞ୍ଜଳାଦି ଦର୍ଶନ ଶାସ୍ତ୍ରରେ ରାଜଯୋଗର ସାଧନ-ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ହଠଦୀପିକାରେ ହଠ-ଯୋଗର ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ଗୁରୁଙ୍କ ଉପଦେଶ ଅନୁସାରେ ହଠଯୋଗ ସାଧନ କରିବାକୁ ହୁଏ । ପ୍ରାଣବାୟୁର ଜୟହିଁ ହଠଯୋଗରେ ପ୍ରଧାନ ଉଦ୍ଦେଶ୍ୟ । ବିଶ୍ୱକୋଷ ।]

ହଠ ସାଧକ—ସ. ବି ଓ ବିଣ. ପୁଂ—ଯେଉଁ ବ୍ୟକ୍ତି ହଠଯୋଗ ସାଧନ
Haṭha sādhaka କରେ—A person practising
(ହଠସାଧିକା—ସ୍ତ୍ରୀ) Haṭha joga.

ହଠା—ଦେ. ବ—ହଠ (ଦେଖ)—
Hathā Haṭa (See)

ହଠା(ଠେ)ଇବା—ଦେ. କ୍ରି—ହଠାଇବା (ଦେଖ)—
Hathā(the)ibā Haṭāibā (See)

ହଠାତ୍—ସଂ ଅ ଓ କ୍ରି ବଣ—୧ । ଦୈବାତ୍; ଅକସ୍ମାତ୍—1.
Hathāt Accidentally. ୨ । ସହସା; ଅପ୍ରତ୍ୟାଶିତରୂପେ; ଅତର୍କିତ ଭାବରେ—2. All on a sudden.

ହଠାତ୍କାର—ସଂ. ବ—ହଠକାରିତା (ଦେଖ)—
Hathāt-kāra Hatha kārita (See)

ହଠାତ୍ କିନା(ନି,କି, କରି ଦସ୍, ଧସ୍)—ଦେ. ଅ—ହଠାତ୍, ସହସା—
Hathat kinā(ni, ki, kari, das, dhas) All on a
হটকরে पेकापेक sudden.

ହଠାତ୍ ବଡ଼ଲୋକ—ଦେ. ବ—ଯେଉଁ ବ୍ୟକ୍ତି ସହସା ଧନଶାଳୀ ହୋଇଯାଏ—
Hathāt bardaloka A person suddenly turned
হঠাৎ বড়লোক हठात् बड़ा आदमी rich.

ହଠାତ୍ ବାବୁ—ଦେ. ବ—ଯେଉଁ ବ୍ୟକ୍ତି ହଠାତ୍ କୁଆଡ଼ୁ ଧନ ପାଇ କମ୍
Hathāt bābu ଅପଭାବକଳ୍ପିତ ହୋଇ ବାବୁ ବନିଯାଏ—
হঠাৎবাবু A person suddenly turned a beau.
हठात्बाबु

ହଠାତେ—ଗ୍ରା. କ୍ରି. ବଣ (ସଂ. ହଠାତ୍)—ହଠାତ୍ (ଦେଖ)—
Hathāte Hathāt (See)

ହଠାଳୁ—ସଂ. ବ—କୁମ୍ଭିକା (ଶବ୍ଦରତ୍ନାକର); ବାରିପର୍ଣ୍ଣୀ; ବୋଇଝାଞ୍ଜି—
Hatnālu An aquatic plant; Pistia Stratiotes.

ହଠିଆ—ଦେ. ବଣ ପୁଂ—ହଟିଆ (ଦେଖ)—
Hathiā Hatiā (See)

ହଠୀ—ସଂ. ବ—ବାରିପର୍ଣ୍ଣୀ; ବୋଇଝାଞ୍ଜି—An aquatic plant;
Hathī Pistia Stratiotes.

ହଠୁଣ(ଣୁ)—ଦେ. ଅ—ହଟୁଣ (ଦେଖ)—
Hathun (nu) Hatun (See)

ହଠେ—ଦେ. କ୍ରି, ବଣ (ସଂ. ହଠାତ୍; ହଠେନ)—ବଳପୂର୍ବକ;
Hathe ବଳାତ୍କାର କରି—By force
জবরদস্তী जबरदस्ती
[ଭି—ହଠେ ଲୁଣ୍ଠନ ଯା ବୋଠ ଭଣ୍ଡାର—ରାଧାନାଥ. ଚଳିକା]

ହଡ଼୍କମ୍ପ—ଦେ. ବ. ଓ ବଣ—ହଡ଼କମ୍ପ (ଦେଖ)—
Hard-kampa Harda kampa (See)

ହଡ଼୍କମ୍ପା—ଦେ. ବଣ ପୁଂ—ହଡ଼କମ୍ପା (ଦେଖ)—
Hard-kampā Hardakampā (See)
(ହଡ଼୍କମ୍ପି; ହଡ଼୍କମ୍ପିଆ—ଅନ୍ୟରୂପ)
(ହଡ଼୍କମ୍ପୀ, ହଡ଼୍କମ୍ପେଇ—ସ୍ତ୍ରୀ)

ହଡ଼୍କା—ଦେ. ବ—ହଡ଼କା (ଦେଖ)—
Hard-kā Hardakā (See)

ହଡ଼୍ବଡ଼—ଦେ. ବ, ଓ ବଣ—ହଡ଼ବଡ଼ (ଦେଖ)—
Hard-bard Hardabarda (See)

ହଡ଼୍ ବଡ଼ା(ଡ଼େ)ଇବା—ଦେ. କ୍ରି—ହଡ଼ ବଡ଼ାଇବା (ଦେଖ)—
Hard-bardā(rde)ibā Harda bardāibā (See)

ହଡ଼୍ବଡ଼ିଆ—ଦେ. ବଣ ପୁଂ—ହଡ଼ବଡ଼ିଆ (ଦେଖ)—
Hard-bardiā Harda badiā (See)
(ହଡ଼୍ବଡ଼ୀ, ହଡ଼୍ବଡ଼େଇ—ସ୍ତ୍ରୀ)

ହଡ଼୍ସନ୍—ବୈଦେ ବ. (ନାମ)—ଉତ୍ତର ଅମେରିକାର ନଗର,
Had-san ନଦୀ, ଉପସାଗର ଓ ପ୍ରଣାଳୀର ନାମ—Names of a
হড্সন্ town, river, strait and bay of North
हडसन America.

ହଡ଼କମ୍ପ—ଦେ. ବ (ସଂ. ହୃତ୍କମ୍ପ)—୧। ହଠାତ୍ ଭୟଯୋଗୁ ହୃତ୍କମ୍ପ-
Hardakampa 1. Palpitation of the heart, throb-
হড়কম্প bing of the heart (due to sudden fear).
हडकम्प ୨ । ଭୟ ଯୋଗୁ ଦେହ ଥରିବା—2. Shaking or shivering or trembling (through fear).
ସଂ. ବଣ—ଭୀତ ତ୍ରସ୍ତ—Terrified.

ହଡ଼କମ୍ପା—ଦେ. ବଣ ପୁଂ—୧। ଯେଉଁ ବ୍ୟକ୍ତି ଭୀତ ତ୍ରସ୍ତ ହୋଇ
Hardakampā ଥରେ; ହୃତ୍କମ୍ପ ଯୁକ୍ତ (ବ୍ୟକ୍ତି)—
(ହଡ଼କମ୍ପିଆ—ଅନ୍ୟରୂପ) 1. Trembling through fear.
(ହଡ଼କମ୍ପୀ, ହଡ଼କମ୍ପେଇ—ସ୍ତ୍ରୀ) ୨ । ଛେରୁଆ; ଡରୁଆ—
ভীতু हड़कम्पी 2. Timid.

ହଡ଼କମ୍ପା (ମ୍ପେ) ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଭୀତତ୍ରସ୍ତ
Harda kampā (mpe) ibā କରାଇବା—To frighten or terrify a person.
হৃৎকম্পকরান हडकम्पकराना

(ମୋର) ହଡ଼ କମ୍ପିବା—ଦେ. ବ—ଭୀତତ୍ରସ୍ତ ହୋଇ ଥରିବା—
Harda kampibā Being terrified.
হৃৎকম্পহওয়া हड़कम्पहोना

ହଡ଼କା—ଦେ. ବ (ସଂ. ହଠ)—ହଠାତ୍ ଆକର୍ଷଣ ବା ଧକ୍କା—
Hardakā A sudden push or jerk.
ধাক্কা, হড়কা धक्का

ହଡ଼ପ—ଦେ. ବ (ସଂ. ସମ୍ପୁଟ=ପାନ ବଟା: ମ. ହଡ଼ପା=ସିନ୍ଦୂକ;
Hardapa ବ. ହଡ଼ପୀ=ଷାପର ପେଡ଼ା)—୧ । ତାମ୍ବୂଳ
পানের সরঞ্জাম पानका सामग्री ସାମଗ୍ରୀ;
ପାନ ଖାଇବା ପାଇଁ ପାନ ଖିଲି ତିଆରି କରିବାର ସାମଗ୍ରୀ—
1. Articles necessary for preparing betel-packets for chewing. ୨। ପାନ ଖିଲିର ଉପକରଣ-
পানের ডিবা(বাটা) पानका डबबा ପାନ ଯେଉଁ ଡବାରେ
ଥାଏ—2. A casket containing ingredients for preparing betel-packets for chewing.
୩। ପାନବଟା, ପାନଡବା; ଯେଉଁ ପାତ୍ରରେ ଖିଲପାନ ରଖାଯାଏ—3. A metal case for keeping betel-packets.

ହଡ଼ପ ନାଏ(ୟ)କ—ଦେ. ବ—ରଜା ଓ ଦେବତାଙ୍କୁ ପାନ ଭାଙ୍ଗିଦେବା
Hardapa nāe(ya)ka ସେବକ—A servant
राजाके पान बनाने वाला whose duty it is to
supply prepared betel-packets to a Rājā or a Deity.

ହଡ଼ପ ମୁଣା—ଦେ. ବ—ପାନ ବଟୁଆ—Betel-bag. (ଭୂ—
Hardapa muṇā କାହା କରୁ ଭାଳ କାହା
পানের বটুয়া କରୁ ମର୍ଦ୍ଦିଲ କା କରୁ ହଡ଼ପମୁଣା—ଝଗି.
बटुआ ରାମାୟଣ ।)

ହଡ଼ପ ରତ୍ନ—ପ୍ରାଦେ (ଗଡ଼ଜାତ) ବ—ପାନ ଦେବା ସେବକଙ୍କ
Hardapa ratna ରାଜପ୍ରଦତ୍ତ ଉପାଧିବିଶେଷ—
A title given by a Raja to a servant supplying betel-packets to him.

ହଡ଼ପ ଲାଗି—ଦେ. ବ.—ରାଜାଙ୍କର ଭଙ୍ଗାପାନ ବା ବଡ଼ଅ (ପାନଖିଲ)
Hardapa lāgi ଖାଇବା କର୍ମ—The act of a Rājā
রাজার পান খাওয়া राजाका पान खाना chewing prepared betel

ହଡ଼ପ ସେବା—ଦେ. କ୍ରି.—ରାଜାଙ୍କୁ ଓ ଦେବତାଙ୍କୁ ପାନ ଯୋଗାଇବା
Hardapa sebā ସେବା—Service consisting in
রাজাকে পান যোগান supplying prepared betel to a
राजाका पान जोगाड़ king or Deity.

ହଡ଼ବଡ଼—ଦେ. ବଣ (ତୁଳନା କର, ହଡ଼ବଡ଼)—୧ । ଘାବର; ଭୟରେ
Harda barda ଅସ୍ଥିର—Restless through fear.
হড়বড়; ঘাবড়ান हड़बड़ ୨ । ଭୀତ ଓ କମ୍ପିତ—2. Frightened; trembling through fear.
୩ । କିଂକର୍ତ୍ତବ୍ୟବିମୂଢ଼—3. Dumb-founded.

ହଡ଼ବଡ଼ ହେବା—ଦେ. କ୍ରି.—୧। ଘାବର ହେବା; ଭୟଭୀତ ହେବା—
Harda barda hebā 1. To be frightened.
ঘাবড়ান हड़बड़ होना ୨ । ଭୟରେ କମ୍ପିବା—2. To tremble with fear. ୩ । ଭୟରେ ଅସ୍ଥିର ହେବା—3. To become restless through fear.

ହଡ଼ବଡ଼ା—ଦେ. ବଣ. ପୁଂ—ସ୍ୱଭାବତଃ ଭୀତ; ଯେ ଭୟରେ କମ୍ପେ—
Hardabardā Coward by nature; trembling
भीतु हड़बड़िआ [ହଡ଼ବଡ଼ଆ(ସ୍ତ୍ରୀ)—ଅନ୍ୟରୂପ] through fear.
(ହଡ଼ବଡ଼ୀ; ହଡ଼ବଡ଼େଇ—ସ୍ତ୍ରୀ)

ହଡ଼ବଡ଼ି—ଦେ. ବ.—୧ । ଗୋଳ; ଧୁମ୍‌ଧାମ୍—1. Ado; confu-
Harda bardi sion. ୨ । କିଂକର୍ତ୍ତବ୍ୟବିମୂଢ଼ତା; ଘାବର ଅବସ୍ଥା—2. Confusion.

ହଡ଼ର (ଇତ୍ୟାଦି)—ଗ୍ରା. ବ—ହରଡ଼ (ଇତ୍ୟାଦି (ଦେଖ)
Hardara(etc) Hararda etc (See).

ହଡ଼ର ଚଢ଼େଇ—ଗ୍ରା. ବ—ହରଡ଼ ଚଢ଼େଇ (ଦେଖ)
Hardara chardhei Hararda chardhei (See).
হরেল हरियल [ଭୂ—ହଡ଼ର ଚଢ଼େଇର ବଡ଼ର ଶୀ ।
କେଉଁ ଚଢ଼େଇର ଛନେ'ଛି ଅଛି—ପ୍ରହେଳିକା ବ ନ ଅଁ ଦଶ; ଉତ୍ତର—ଲଞ୍ଜଅ ।]

ହଡ଼ର ବଡ଼ର—ଦେ. ବ—ଉଚ୍ଚୈଃସ୍ୱରରେ ଏଣ୍ଡେ ତେଣ୍ଡେ କଥା କହି
Hardara bardara ଗୋଳମାଳ କରିବା—
বড়র বড়র हल्ला गुल्ला Making noise by talking loudly and incoherently.

ହଡ଼ର ହଡ଼ର ହେବା—ଦେ. କ୍ରି—ଉଚ୍ଚୈଃସ୍ୱରରେ ଏଣ୍ଡେତେଣ୍ଡେ କହି
Harda barda hebā ଗୋଳମାଳ କରିବା—
বড়র বড়র করা हल्ला गुल्लाँ करना To make noise by talking loudly and incoherently.

ହଡ଼ହଡ଼—ଦେ. ବ—୧ । ହଡ଼ବଡ଼ (ଦେଖ)—1. Hardabarda
Harda barda (See). ୨ । ବୃଥା ଇତସ୍ତତଃ
हरहर ହେବା—2. Unnecessarily moving to and fro.

ହଡ଼ହଡ଼ା—ଦେ. ବଣ. ପୁଂ—ହଡ଼ବଡ଼ା (ଦେଖ)—
Harda hardā Harda bardā (See).
(ହଡ଼ହଡ଼ଆ—ଅନ୍ୟରୂପ) (ହଡ଼ହଡ଼ୀ, ହଡ଼ହଡ଼େଇ —ସ୍ତ୍ରୀ)

ହଡ଼ହଡ଼ା(ଡ଼େ)ଇବା—ଦେ. କ୍ରି—ହଡ଼ବଡ଼ ହେବା (ଦେଖ)—
Hardaharda(rde)ibā Hardabarda hebā (See)

ହଡ଼ହଡ଼ି ଘାଟ—ଦେ. ବ (ସଂ. ହର ଓ ହରି=ଏଠାରେ ହର ଓ
Hardahardi ghāṭa ହରିଙ୍କ ମୂର୍ତ୍ତି ଥିବାରୁ ।
(ହରହରି ଘାଟ—ଅନ୍ୟ ନାମ) କଟକ ସହରର ଖୁଦକାଣ୍ଡୋଳିରେ କମିଶନର ସାହେବଙ୍କ କୋଠି ହତାର ସଂଲଗ୍ନ ଲାଗିଥିବା କାଠଯୋଡ଼ି ନଦୀର ଗୋଟିଏ ସ୍ନାନ ଘାଟ—Name of a bathing ghāt of the river Kāthjori adjoining the Commissioner's bungalow compound in the Cuttack town. [ଦ୍ର—ଏ ଘାଟକୁ ବହୁକାଳରୁ ଶିକ୍ଷିତମାନେ 'ହରିହର ଘାଟ' ଓ ସାଧାରଣ ଲୋକେ 'ହଡ଼ହଡ଼ି ଘାଟ' ନାମ ଦେଇଥାନ୍ତି । ଜନଶ୍ରୁତି ଅଛି ଯେ, ଏ ପଥର ଘାଟର ପାହାଚରେ ବହୁକାଳ ପୂର୍ବରେ ହର (ଶିବ) ଓ ହରି (ନାରାୟଣ)ଙ୍କ ମୂର୍ତ୍ତି ଖଚିତ ହୋଇଥିଲା । କିନ୍ତୁ କାଳକ୍ରମେ ସେ ମୂର୍ତ୍ତିମାନ ଲୁପ୍ତ ହୋଇ ଯାଇଥିଲା । ସନ ୧୮୯୩ ସାଲରେ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ଏ ଘାଟର କୂଳରେ ଗୋଟିଏ ଦେଉଳ ତୋଳାଇ ସେ ଦେଉଳରେ ଜଗନ୍ନାଥ ମୂର୍ତ୍ତି ସ୍ଥାପନ କଲେ ଓ ଏ ଘାଟର ପଥର ବନ୍ଧ ଉପରେ ୧୮୯୮ ସାଲରେ ହର ହରଙ୍କ ୨ଟି ପ୍ରସ୍ତର ମୂର୍ତ୍ତି ନିର୍ମିତ କରାଇ ସ୍ଥାପିତ କରିଅଛନ୍ତି । ମୂର୍ତ୍ତିଦ୍ୱୟଙ୍କ ନାମ ଲଭି "ହରହର ଘାଟ" ଓ ଏହି

ଶ୍ଳୋକଟି ଖୋଦିତ ହୋଇଅଛି "ଯଦକ୍ଷେତ୍ର ଶାସ୍ତ୍ରାନ୍ ପ୍ରୀତମ୍, କିଂଶୀ ଭକ୍ତ ଜନାରଣ୍ୟେନ୍ତ୍ର; ଦୂର୍ଯ୍ୟନ୍ତମର୍ଥପ୍ରୟୋଗଂ ତ ପରେଶେ ଦାରଦର୍ଶନଂ ।" ତା ପରେ ଶଶିଭୂଷଣଙ୍କ ନାମ ଓ ୧୮୯୮ ସାଲ ବୋଲି ଖୋଦିତ ହୋଇଅଛି । ଏ ଘାଟରୁ କାଠଯୋଡ଼ୀ ନଦୀଶଯ୍ୟାର ଦୃଶ୍ୟ ଓ ନଦୀର ଦକ୍ଷିଣ ପଶ୍ଚିମ କୂଳରେ ଥିବା ବନପର୍ବତମୟ ପ୍ରାକୃତିକ ଦୃଶ୍ୟ ଅତି ରମଣୀୟ ଦେଖାଯାଏ । କବିବର ରାଧାନାଥ ତାଙ୍କ ନନ୍ଦ-କେଶରୀ କାବ୍ୟରେ ଶୀତଋତୁରେ ଏ ଘାଟରୁ ପରିଦୃଶ୍ୟମାନ ସୂର୍ଯ୍ୟାସ୍ତକାଳର ଦୃଶ୍ୟକୁ ନିମ୍ନଲିଖିତ ରୂପେ ବର୍ଣ୍ଣନା କରି ଯାଇ ଅଛନ୍ତି :—

"ଡୁବିଲେ ଯାନାନ୍ତେ ତପ୍ତ ହେମଛବି
ଧୀରେ ଦେବୀଦ୍ୱାର ଗିରିଶୃଙ୍ଗେ ରବି,
ପୀତ କରଜାଲେ ଝଲୁଛି ଭୁବନ
ସୁବର୍ଣ୍ଣସ୍ୱପ୍ନ ପ୍ରାୟେ ହରେ ଜନମନ,
ବାରୁଣୀ ଗଗନ ମ୍ଳାନିତ ପ୍ରଭାବେ
ଗନ୍ଧର୍ବ ନଗରୀ ଶୋଭିଲୁ ଅକ୍ଷାରେ,
ବାରୁଣୀ-ରାଣୀ କି ନିଜ ସ୍ୱର୍ଣ୍ଣତେଲ
ସଖୀ ସଙ୍ଗେ ଖେଳୁଛନ୍ତି ଫଗୁ ଖେଳ,
ସୁବର୍ଣ୍ଣ ବିମାନ, ସ୍ୱର୍ଣ୍ଣ ରଥ ଦୋଳା
ନଭସ୍ଥଳେ କେତେ ହୋଇଛନ୍ତି ମେଳା,
ସୁବର୍ଣ୍ଣର ନଦେ ବହେ ସ୍ୱର୍ଣ୍ଣ ସ୍ରୋତ
ସୁବର୍ଣ୍ଣ ଅଙ୍ଗାରେ ଚଳେ ସ୍ୱର୍ଣ୍ଣ ପୋତ,
ସୁବର୍ଣ୍ଣ ମଞ୍ଚରେ ସୁବର୍ଣ୍ଣ ଆସନ
ତହିଁ କି ବସିଛି ଦେବ ବେଦଗଣ ?
ଦୂରେ ବାଳି ରାଶି ମିଶିଛି ଗଗନେ
ଭୂଷିତ ସନ୍ଧ୍ୟା-କନକ-କିରଣେ,
ସାରଙ୍ଗଗଡ଼ରୁ ଅଠଗଡ଼ ଯାଏ
ଶୋଭେ ଶୈଳ ନୀଳ ପ୍ରାଚୀର ପରାୟେ,
ଠାବେ ଠାବେ ତୁଙ୍ଗ ନୀଳ ଶୃଙ୍ଗମାଳା,
ଶୋଭେ ଯେସନେ ଇନ୍ଦ୍ରନୀଳ ଚନ୍ଦ୍ରଶାଳା
ଛାତକାଳେ ଦେଇ ସର୍ବଶୈଳେ ଲମ୍ବା
ଟେକିଛି ଶିଖର ଶିର ସପ୍ତଶଯ୍ୟା,
ମଣ୍ଡିଛନ୍ତି ସ୍ୱର୍ଣ୍ଣ କରେ ତପନରାଜ
ବୌଦ୍ଧ କୀର୍ତ୍ତିରାଜି ମଣ୍ଡିତ ନୀରଜ,"
ଉତ୍ତରେ ବିରାଜେ ଶୈଳ ସପ୍ତେଶ୍ୱର
ସପ୍ତେଶ୍ୱରୀ ଯାର ଧୂଅଇ ପୟର,
ବକ୍ରଗାମୀ ସ୍ରୋତେ, ଶସ୍ତ ସୈକତେ
ସନ୍ଧ୍ୟାରାଗ ଖେଳୁଅଛି ନାନା ମତେ,
ସ୍ୱଚ୍ଛ ସ୍ରୋତ ଜଳେ ପୀତ ରବି-ରୁଚି
ପଡ଼ି ବୀଚିମାଳା ହସୁଛି ଝଲୁଛି,
ଧୂମାକାରେ ଦୂରେ ପର୍ବତର ଶିର
ମାତି ଆସୁଅଛି ଜଳ ସ୍ଥଳ ଘିରି,
କେତେ ଗାଈ ଭରି କାଠଯୋଡ଼ି ଘାଟରେ
ଥରେ ବାନ୍ତେ; ଥରେ ଅନାଇ ପିହରେ,
ପଡ଼ିଆ ବଦଳୁ ପକ୍ଷୀ ଦଳେ ଦଳେ
ଉଡ଼ି ଆସୁଛନ୍ତି ନଦେ କୋଳାହଳେ,
ରାଗତେ ମଧୁରେ ମୁରଲୀ ବଜାଇ
ପଠାରୁ ଗୋଠକୁ ଆଣୁଛନ୍ତି ଗାଈ,
ଯେନ୍ତେ ଯେନ୍ତେ ରବି ହେଲେ ଅସ୍ତଗତ
ପଶ୍ଚିମାଶା ହେଲା କ୍ରମେ କ୍ରମେ ରଞ୍ଜିତ,
କେତେ ରୂପ ଧରୁଅଛି ଚକ୍ରବାଳ
ଦେଖାଉଛି ନବ ନବ ଇନ୍ଦ୍ରଜାଲ,
ରକ୍ତ, ପୀତ, ନୀଳେ ଶୁଭ୍ର କରି ନଭ
ଉଠାଇଛି ନାନା ବର୍ଣ୍ଣେ ବର୍ଣ୍ଣୋତ୍ସବ,
ତାରକାଏ ଫୁଟି ଗୋଧୂଳି-ଦୁକୂଳେ
ଦେଖୁଅଛି ମୁଗ୍ଧ କାଠଯୋଡ଼ି-ଜଳେ,
ଅନନ୍ତ ଗଗନୁ ବାହାରି ଅନ୍ଧାର
କ୍ରମେ ସବୁ କରୁଅଛି ଏକାକାର,
ଚହୁଦିଗେ ଘୋଟି ତିମିର କାଳିମା
ଲୁଚାଇଲା ଜଳ ସ୍ଥଳ ବ୍ୟୋମ ସୀମା ।"

ରାଧାନାଥଙ୍କର ଏହି ଛନ୍ଦଗୁଡ଼ିକ ତାଙ୍କ ପୁତ୍ର ଶଶିଭୂଷଣ ରାୟ Sunset at Cuttack (କଟକରେ ସୂର୍ଯ୍ୟାସ୍ତ) ନାମ ଦେଇ ଇଂରାଜୀରେ ଅନୁବାଦିତ ଓ ମୁଦ୍ରିତ କରି ୧୯୧୩ସାଲ ନଭେମ୍ବର ୨୯ ତାରିଖରେ କଟକଠାରେ ଭାରତର ବଡ଼ଲାଟ୍ ଲର୍ଡ୍ ହାର୍ଡିଞ୍ଜ୍‌ଙ୍କୁ ଉପହାର ଦେଇଥିଲେ ।

ଏହି ଘାଟରୁ ଲକ୍ଷିତ ପ୍ରାକୃତିକ ଦୃଶ୍ୟକୁ ବାମଣ୍ଡାର କଳାଭୂଷଣ ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ 'ଦେବୀଦ୍ୱାରରେ ସନ୍ଧ୍ୟା' ରୂପେ ଏହି ଘାଟରେ ବସି ୧୯୧୩ ସାଲରେ ଚିତ୍ରରେ ଅଙ୍କିତ କରିଥିଲେ ଓ ଏହି ଚିତ୍ର କଲିକତାର ବଙ୍ଗୀୟ ପତ୍ରିକା 'ଭାରତବର୍ଷ'ରେ ଓ କଟକର 'ଉତ୍କଳ ସାହିତ୍ୟ' ପତ୍ରିକାରେ ମୁଦ୍ରିତ ହୋଇଥିଲା । ୧୮୯୩ ସାଲଠାରୁ ଆଜକୁ ୬୭ବର୍ଷ ହେବ ଶଶିଭୂଷଣ ନିଜ ବ୍ୟୟରେ ପ୍ରତିବର୍ଷ ଏହି ଘାଟ ଉପରେ ତାଙ୍କ ପ୍ରତିଷ୍ଠିତ ଶିବଙ୍କ-ଠାରେ ଯଥାବିଧି ଶିବରାତ୍ରି ଉତ୍ସବ ସମ୍ପନ୍ନ କରି ଆସୁ ଅଛନ୍ତି ।

କଟକକୁ ଇଂରାଜ ଅଧିକାର କରିବା ସମୟରେ ଏ ଘାଟକୁ ଇଂରାଜ କର୍ତ୍ତୃପକ୍ଷ ମନୋନୀତ କରି ଏଥିର ନାମ Belle-vue (ଫ୍ରେଞ୍ଚ୍ ଶବ୍ଦଦ୍ୱୟ 'ବେଲ୍ଲୀ ଭ୍ୟୁ'ର ଅର୍ଥ ମନୋରମ ଦୃଶ୍ୟ) ରଖି ପଥର ପାହାଚ ଗାତରେ ମର୍ମର ପଥରରେ ଏ ନାମ ଖୋଳାଇ ଦେଇ ଅଛନ୍ତି । ବସ୍ତୁତଃ ଏ ଘାଟରୁ ଦେଖାଯିବା ଶ୍ୟାମଛବି ଅନନ୍ତ ବନଗିରିମାଳା ଓ କାଠଯୋଡ଼ୀ ନଦୀଶଯ୍ୟାର ତଥା ଉତ୍ତରପାର୍ଶ୍ୱର ଦେବୀଦ୍ୱାର ପର୍ବତର ଦୃଶ୍ୟ କାଠଯୋଡ଼ୀ ନଦୀର ଅନ୍ୟ

କୌଣସି ପାଠରୁ ଦେଖାଯାଏ ନାହିଁ । ଏ ସ୍ଥାନପାଠରୁ ସବୁସ୍ତ ସହସ୍ର ସ୍ଥାନୀୟ ଜନସାଧାରଣ ବ୍ୟବହାର କରନ୍ତି ଓ ଜଣାପଡ଼େ ବେଳେ ଏକ ସମୟରେ ଶହ ଶହ ପୁରୁଷ ଓ ସ୍ତ୍ରୀ ଅଲଗା ଅଲଗା ହୋଇ ଏହି ଘାଟରେ ପଥର ପାହାଚରେ ଗାଧୋଇ ପାରନ୍ତି । ଏହି ଘାଟ ନାଟେ ଅଛନ୍ତି ୩।୪ ବର୍ଷ ହେଲା କାଠଯୋଡ଼ୀ ନଦୀର ଗର୍ଭ ଶୁଖି ଯିବା ସମୟରେ ଜଳାଶୟ୍ୟା ଦେଇ ବାଙ୍କି, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଅଞ୍ଚଳକୁ ଚଳପାଳରେ ଯିବା ପାଇଁ ଅସ୍ଥାୟୀ ବାର୍ଷିକ ଛଡ଼ା ଘାଟମାନ୍ଙ୍କ ରାସ୍ତା ସରକାରଙ୍କ ବାଣକ୍ ମିସ୍ତ୍ରୀ (P. W. D) ବା ପୂର୍ତ୍ତ ବିଭାଗଙ୍କ ତଳକିରେ ପକା ଯାଉଅଛି ।]

ହଡ଼ ହଡ଼େଇବା—ଦେ. କ୍ରି—ହଡ଼ ହଡ଼ାଇବା (ଦେଖ)
Hard̤a hard̤eibā Hard̤a hard̤āibā (See)

ହଡ଼ା—ଦେ. ବି. (ସଂ. ହଡ୍=ଅସ୍ଥି)—୧ । ବୁଢ଼ା ବଳଦ—1. Old
Hard̤ā bullock. ୨ । ବୁଢ଼ା ହେବା ଯୋଗୁଁ ଯେଉଁ
বুড়ো বলদ बुढा बैल ବଳଦର ବା ଘୋଡ଼ାର ହାଡ଼ମାନ ପଦାକୁ ବାହାରି ପଡ଼ିଥାଏ—2. A horse or bullock whose bones bulge out from the body owing to old age. [ଉ—ହଡ଼ାର ବେଦନା ହାଡ଼ ନ ଜାଣେ । ଠକ ଠକ କରି ଠେଙ୍ଗାରେ ହାଣେ—ଭଗ] ୩ । ବଳଦ—3. Bullock. ୪ । ହାଡ଼ରୁ ବାହାରିବା ଏକପ୍ରକାର ବଥ—4. Caries; a kind of boil on the bone. ୫ । ହେଡ଼ା, ଗୋମାଂସ—5. Beef. ଦେ. ବିଣ—୧ । ବୁଢ଼ା—1. Old. ୨ । ଅସ୍ଥି ବାହାରି ପଡ଼ିଲା ଯୁକ୍ତ—2. With bones bulging out. ୩ । ଶୀର୍ଣ୍ଣକାୟ—3. Lean; emaciated. ପ୍ରାଦେ (ଗଡ଼ଜାତ) ବିଣ—ପାହା (ହଡ଼ର—ଅନ୍ୟ ପ୍ରାଦେ ରୂପ) ଦେହରେ କେବଳ ହସ୍ଥି ଚର୍ମଥାଏ; ହାଡ଼ୁଆ—Bony; (a person who is a bundle of bones.

ହଡ଼ାଖିଆ(ୟା)—ଦେ. ବିଣ, ପୁଂ, (ଗାଳି)—ଗୋମାଂସଭୋଜୀ
Hard̤ākhiā(yā) Beef-eating. ବି. (ଗାଳି)
গোরুখোর गोमांस खानेवाला ୧ । ଶବପଚ; ଚଣ୍ଡାଳ—
(ହଡ଼ାଖାଇ—ସ୍ତ୍ରୀ) 1. A low caste eating carrion or beef. ୨ । (ସଂ. ହଡ୍ଡିକ) ହାଡ଼ିଜାତି—2. The sweeper caste.

ହଡ଼ା ଗାଣ୍ଡି—ଦେ. ବି—ଭୂମିରେ ଛକ କଟାଯାଇ ଗୋଡ଼ି ଓ ଖପରରେ
Hard̤a gāṇdi ଖେଳାଯିବା ଏକପ୍ରକାର ଖେଳ—A kind of
(ହଡ଼ା ଖୋସର—ଅନ୍ୟରୂପ) indoor game played with bits of potsherds and gravel. [ବି—ଏ ଖେଳରେ ଭୂମିରେ ୯ଟି ଛକ ଥିବା ଗୋଟିଏ ଏକପାଖ ମୁକୁଳା ଦ୍ୱିକର୍ଣ୍ଣବିଶିଷ୍ଟ ବର୍ଗକ୍ଷେତ୍ର କଟାଯାଏ । ଦୁଇ ଜଣ ଖେଳାଳିଙ୍କ ମଧ୍ୟରୁ ପ୍ରତ୍ୟେକେ ଦୁଇଗୋଟି ସାର (ଖପର ଓ ଗୋଡ଼ି)କୁ ଏ ୯ଟି ଛକ ମଧ୍ୟରୁ ୪ଟି ଛକରେ ବସାନ୍ତି; ଗୋଟିଏ ଛକ ଖାଲିଥାଏ । ଖେଳାଳିମାନେ ଯେଉଁ ସାରକୁ ଚଳାନ୍ତି । ଚଳାଇ ଚଳାଇ ସାରମାନଙ୍କ ପରିସ୍ଥିତି ଏପରି ପଡ଼ିଯାଏ ଯେ, ଆଉ ସାର ଚଳପାଟର ନାହିଁ । ଯେଉଁ ପକ୍ଷ ସାର ଚଳାଇ ନ ପାରେ, ସେ ହାରେ ।]

ହଡ଼ା ବଳଦ—ଦେ. ବି—ବୃଦ୍ଧ ଓ ଶୀର୍ଣ୍ଣ ବଳଦ—Old and lean
Hard̤ā balada bullock. [ଉ—ହଡ଼ା ବଳଦ ବୁଢ଼ା ବୋପା,
বুড়োবলদ बुढा बैल ଯେତିକି ବୋହିବ ସେତିକି ନଫା—ଢଗ]

ହଡ଼ା ବୁଢ଼ା—ଦେ. ବିଣ—(ପ୍ରାୟ ଏକାର୍ଥକ ସହଚର)—ବୃଦ୍ଧ ଓ
Hard̤ā burd̤hā ଅସ୍ଥିମୟ ଶରୀର ଯୁକ୍ତ—Old and bony.
বুড়োহাবড়া बुड्ढा ढड्ढा

ହଡ଼ା ବେଦନା—ଦେ. ବି—ହଡ଼ା ବଳଦର ବାର୍ଦ୍ଧକ୍ୟଜନିତ କଷ୍ଟ—
Hard̤ā bedanā Pain of an old bullock due
বুড়োর দুঃখ बुढेकाकष्ट to old age.
[ଉ—ହଡ଼ା ବେଦନା ହାଡ଼ିଆ ନ ଜାଣେ ।
ଠକ ଠକ କରି ଠେଙ୍ଗାରେ ହାଣେ । ଢଗ ।]

ହଡ଼ା ବେପାର—ଦେ. ବି—୧। (ମନାର୍ଥ) ଗାଈ ବଳଦ କିଣି କଂସାଇକୁ
Hard̤ā bepāra ବିକିବା ବ୍ୟବସାୟ—1. Trade in cow
বুড়ো গোরুর কারবার and bullocks. ୨ । (ଲକ୍ଷଣାର୍ଥ) ଅତି
बुड्ढी गायका व्यापार ଜଘନ୍ୟ ବା ନିକୃଷ୍ଟ ବ୍ୟବସାୟ—2. Very mean or abominable profession. [ଉ—ଘଟନାହାକେ ଏ ହଡ଼ା ବେପାର କେବେଠୁ ଆରମ୍ଭ କଲେଣି । ଉକାରଚରଣ, ଯୋଗିକ ।]

ହଡ଼ା ବେପାରୀ—ଦେ. ବି—ଯେଉଁ ବ୍ୟକ୍ତି ବଳଦ କିଣି କଂସାଇକୁ
Hard̤ā bepāri ବିକେ—1. One who purchases
কিনেট bullocks and sells them to butchers.
बुड्ढीगायकाव्यापारी ୨ । (ଲକ୍ଷଣାର୍ଥ) ଅତି କୃପଣ ବ୍ୟକ୍ତି; ଲାଭର ସମ୍ଭାବନା ନ ଥିଲେ ଯେ ପଇସାଏ ଖରଚ କରେ ନାହିଁ—2. (figurative) A miserly person; a person who wont spend or advance money unless he is sure of getting profit.

ହଡ଼ାଳି—ପ୍ରାଦେ (ସମ୍ବଲପୁର) ବିଣ—ହାଡ଼ୁଆ—Bony.
Hard̤āli

ହଡ଼ାଳିଆ (ୟା)—ଦେ ବିଣ—୧ । ଯେଉଁ ବଳଦ ସମ୍ପୂର୍ଣ୍ଣ ରୂପେ
Hard̤aliā (yā) ହଡ଼ା ହୋଇ ନାହିଁ, ଅଥଚ ହଡ଼ା ହେବା
আদবুড়ো ଅବସ୍ଥାକୁ ଅଗ୍ରସର ହେଉଅଛି—1. (A bullock)
बुढापा Which is approaching old age. ୨ । ମଧ୍ୟବୟସ୍କ (ବଳଦ)—2. Middle-aged (bullock).

ହଡ଼ାହଡ଼ି—ଦେ. ବି—ଏକାଧିକ ବଳଦ (ବୁଢ଼ା ଓ ଦାମୁଡ଼ି)—
Hard̤ā hard̤i Many bullocks (old and young).
গোরুবলদ गायबैल
[ଉ—ସମ୍ପତ୍ତି ମଧ୍ୟରେ କେତେ ପୌଟି ଧାନ, ହଡ଼ାହଡ଼ି ଓ ପୁଞ୍ଜା—ଫକୀରମୋହନ. ଗଳ୍ପସ୍ୱଳ୍ପ]

ହଡ଼ା ହଳ—ଦେ· ବ (ସହଚର)—ଜମିଚଷ କରିବାପାଇଁ ଯୋଡ଼ା ବଳଦ
Hardā hala ଓ ହଳ—Bullocks and plough
গোরুওলাঙ্গল required to till a field.
हलबैल

ହର୍ଡ (ଧାତୁ)—ସ.—ହରଣ କରିବା ବା ଚୋର କରିବା—
Hardi (root) To steal.

ହଡ଼ି (ଡି, ଡ୍ଡି)—ଦେ. ବ — ୧ । ହାଡ—1. Bone. ୨ । ପ୍ରତି
Hardi(di, ddi) ବନ୍ଧକ; ବାଧା—2. Obstacle; obstruction. [ଭ—ଅଂଶରେ ଘର, ତୁହର ହଡ଼ି—ଚକ୍ରଘର୍ଷ।
হাড় trucion. ବନ୍ଧକ
हड्डी বাধা अड़चन]

ହଡ଼ି—ସ. ବ (ହଡ଼୍ ଧାତୁ=ବଳାତ୍କାର କରିବା+ଅଧିକରଣ ଇ)—
Hardi ୧ । କାଷ୍ଠ ନିର୍ମିତ ଯନ୍ତ୍ର ବିଶେଷ (ଶବ୍ଦମାଳା); ହଡ଼ିକାଠ—
হাড়িকাঠ 1.The stocks; a kind of instrument into
हरी the holes of which the hands and legs of a criminal are thrust and then locked up. [ବି—ଏହି ଯନ୍ତ୍ରର ଛିଦ୍ରମାନଙ୍କରେ ଅପରାଧୀର ଗୋଡ଼କୁ ଓ ହାତକୁ ଗଳାଇଦେଇ ଏଥିରେ ଖିଳ ପକାଇ ଦେଲେ ବା ଶିକୁଳି ମାର ଦେଲେ ଅପରାଧୀ ବହିରୁ ହାତଗୋଡ଼ ବାହାର କରି ନେଇ ପାରେ ନାହିଁ ।] ୨ । ହାଡ—2. Bone.
ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—କୁକୁର—A dog.

ହ ! ଡି !—ଦେ. ଅ (ସହଚର)—ଶଗଡ଼ର ବା ହଳର ବଳଦକୁ ଠିଆ
Ha ! di ! କରାଇବା ପାଇଁ ବ୍ୟବହୃତ ଭାବ (ହ !) ଓ ଚାଳନ
হ হ ! ডী ডী ! କରିବା ପାଇଁ ବ୍ୟବହୃତ ଭାବ (ଡି !) —
ह ! आव ! Interjection !—Two words used respectively in stopping a draft-bullock in motion and making him move.
(ହଃ ! ଡିଃ !, ହଚ ! ଡିଚ !—ଅନ୍ୟରୂପ)

ହଡ଼ିକ—ସ. ବ. ପୁଂ—ହାଡ଼ି; ମଇଳା ସଫା କରିବା ଅସ୍ପୃଶ୍ୟ ଜାତି
Hardika ବିଶେଷ (ଶବ୍ଦମାଳା)—The sweeper caste.
(ହଡ଼ିକା—ସ୍ତ୍ରୀ)
(ଏହାର ଅନ୍ୟ ସ. ପର୍ଯ୍ୟାୟ—ମଳାକର୍ଷୀ, ହଡ୍ଡକ, ଅବପୁଷ୍କିକା, ହଡ୍ଡି, ହଡ୍ଡିକ, ହଡ଼୍ଡିପ, ମଳେଗ୍ରାହୀ ।)

ହଡ଼ିକାଠ—ଦେ. ବ (ସ· ହଡ଼ି)—୧ । ହଡ଼ି (ସ.) (ଦେଖ)—
Hardi kātha 1. Hardi (See) ୨ । ପଶୁବଳି ଦେବାରେ
হাড়িকাঠ ପଶୁର ବେକ କାଟିବା ପାଇଁ ବ୍ୟବହୃତ ଯୁପକାଷ୍ଠ, ଅଡ଼-
हरिकाठ କାଠ—2. A stake to cut the neck of the victims of a sacrifice.

ହଡ଼(ଡ୍ଡି) ତୋଡ଼ିବା—ଦେ. କ୍ରି—୧ । ଗୁରୁତର ପ୍ରହାର ଦେଇ କୌଣସି
Hardi(ddi)tordiba ବ୍ୟକ୍ତିର ହାଡ଼ମାନଙ୍କୁ ଭାଙ୍ଗିବା—1. To
হাড় ভাঙ্গা हड्डी तोड़ना break person's bones by excessive beating. ୨ । ଗୁରୁତର ଓ ନିଷ୍ଠୁରଭାବରେ ମାଡ଼ ମାରିବା—2. To beat mercilessly.

ହଡ୍ଡ—ସ. ବ (ହଡ୍ ଧାତୁ+କର୍ତ୍ତୃ. ଡ)—ଅସ୍ଥି; ହାଡ଼ (ଶବ୍ଦଚନ୍ଦ୍ରିକା)—
Hadda Bone.

ହଡ୍ଡକ—ସ. ବ. ପୁଂ—ହାଡ଼ି ଜାତି—
Haddaka The sweeper caste.
(ହଡ୍ଡିକା—ସ୍ତ୍ରୀ)

ହଡ୍ଡଜ—ସ. ବ (ହଡ୍ଡ+ଜନ୍ ଧାତୁ+କର୍ତ୍ତୃ. ଅ)—ମଜ୍ଜା (ଶବ୍ଦଚନ୍ଦ୍ରିକା)
Haddaja ହାଡ଼ରସା—Bone marrow.

ହଡ୍ଡି—ଦେ. ବ (ସ. ହଡ୍ଡ)—ହଡ଼ [ଦେଖ]—
Haddi হাড় हड्डी Hardi (See). ସ. ବ. ପୁଂ—ହାଡ଼ି
[ହାଡ୍ଡୀ—ସ୍ତ୍ରୀ] [ଡଣ୍ଡାକୁଣୀ ଗର୍ଭରେ ଲେଟ ଜାତିର ପୁରୁଷ ଔରସରେ ଜାତ ମଳାପକର୍ଷଣ ଏ ଜାତିର ଜୀବିକା—ବ୍ରହ୍ମବୈବର୍ତ୍ତପୁରାଣ)—The sweeper caste

ହଡ୍ଡିକ(ପ)—ସ. ବ. ପୁଂ—ହାଡ଼ି—
Haddika(pa) A man of the sweeper caste.
(ହଡ୍ଡିକା, ହଡ୍ଡିପା—ସ୍ତ୍ରୀ)

ହଣା—ଦେ. ବି (ସ· ହନ୍ ଧାତୁରୁ ହନନ)—୧ । ହାଣିବା କ୍ରିୟା;
Hanā ହନନ—1. Act of cutting. ୨ । ଶସ୍ତ୍ରାଦିଦ୍ୱାରା
কাটা ଛେଦନ—2. Cutting with sharp weapons.
काटना ୩ । ଧାରୁଆ ଅସ୍ତ୍ରଦ୍ୱାରା କାଟି ମାରିପକାଇବା—3. Killing by cutting with an edged weapon.
ଦେ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସର୍ବଦା ମୁଣ୍ଡିକୁ ଖଣ୍ଡା ବା କଟୁରି ଉତ୍ତୋଳନ ପରି କରିଥାଏ—
মারমুখো 1. A person who keeps his head in the
काटनेवाला position of raising a sword to strike.
୨ । ଯେଉଁ ବ୍ୟକ୍ତି ହାଣିଲାପରି ନିଷ୍ଠୁର ବଚନ କହେ—
2. A person who is cruel in his words.
কাটা, হানা ଦେ· ବଣ—୧ । ଧାରୁଆ ଅସ୍ତ୍ରଦ୍ୱାରା କଟାଯାଇଥିବା;
कटाहुआ କର୍ତ୍ତିତ; ଶସ୍ତ୍ରଦ୍ୱାରା ଛେଦିତ—1. Cut by a sharp weapon. [ଭ—ପରଶୁ ହଣା ଡାଳ ପ୍ରାୟେ ହାଣାଗୁଣ୍ଡା, ଛୁଡ଼ିଲେ ଗୁଳକ ସେବାଳେ ଗଣ୍ଡା ଗଣ୍ଡା । କୃଷ୍ଣସିଂହ.
কাটাকাটি ମହାଭାରତ· କର୍ଣ୍ଣପର୍ବ ।] ୨। ପରସ୍ପରକୁ ହଣାହଣି ହେଉଥିବା
कटाकटी —2. Mutually cutting. [ଭ—ଠାବେ ଠାବେ ହଣା ଯୁଦ୍ଧ ହୋଇବ ବିଶେଷ । ପ୍ରାଚୀ. ଗୋବିନ୍ଦରଥଙ୍କ ଗୀତା ।]

ହଣା(ଣେ)ଇବା—ଦେ. କ୍ରି (ହାଣିବାର ଣିଜନ୍ତରୂପ)—ଅନ୍ୟଦ୍ୱାରା
Hanā(ne)ibā ହାଣିବା କ୍ରିୟା କରାଇବା—(Causative
কাটান; হানান form of Hānibā) To cause another
कटवाना to cut.

ହଣାକଟା—ଦେ· ବ. (ଏକାର୍ଥକ ସହଚର)—ହାଣକାଟ; ଶସ୍ତ୍ରଦ୍ୱାରା
Hanākatā ହାଣିବା ଓ କାଟିବା—Cutting with sharp
হানাকাটা मारकाट weapons.

ହଣା ଖା(ପା)ଇବା (ଯିବା, ହେବା)—ଦେ. କ୍ରି—୧ । ହାଣ ଖାଇବା;
Hanā khā(pā)ibā (jibā; hebā) ଖଡ୍ଗଆଦିଦ୍ୱାରା ହତ
মারখাওয়া ହେବା—1. To be cut with a sword. ୨ ।

କଟାଯାନା ଅନ୍ୟ ବ୍ୟକ୍ତିଦ୍ୱାରା ଅସ୍ତ୍ରରେ ହତ ହେବା—2. To be killed with a sword or knife.

ହଣା ଘା (ଘାଅ)—ଦେ. ବ—ଅସ୍ତ୍ରଦ୍ୱାରା ଆଘାତ ହେବା ଯୋଗୁଁ
Hanā ghā (ghā-a) ଜନ୍ମିବା କ୍ଷତ—Wound caused by
କাটা ঘা କଟା ଘାଵ cutting with a sharp weapon.

ହଣା ପଡ଼ିବା—ଦେ କ୍ରି—ହାଣ ଖାଇବା; ହଣା ଖାଇବା—
Hanā pardibā To be cut to pieces.
কাটা যাওয়া କାଟା ଜାନା

ହଣାମରା—ଦେ. ବ (ସହଚର)—୧ । ହାଣମାର; ଶସ୍ତ୍ରଦ୍ୱାରା ହାଣିମାର
Hanāmarā ପକାଇବା—1. Killing by cutting. ୨ ।
হানাকাটা ହାଣିବା ଓ ଅଘାତ କରିବା—2. Cutting and
মারকাট striking. ୩ । ପତିଆ ଜମିକୁ କୋଡ଼ ହାଙ୍କିଆଦ ଦ୍ୱାରା ହାଣିବା ଓ ତାକୁ ସମତୁଲ କରିବା—3. Act of reclaiming land by cutting with spade and levelling. ୪। ପଡ଼ିଆ ଜମିକୁ ଆବାଦ କରିବା—4. Reclamation of waste land.

ହଣାହଣି—ଦେ. ବ—୧ । ପରସ୍ପର ହାଣିବା—1. Mutual
Hanāhani cutting. [ଯୁ. ବୁଦ୍ଧ ହୋଇ ଭୂମେ ଶୁଅନ୍ତେ
কাটাকাটি ଥିବାଠାରେ, ପିଲାଏ ହଣାହଣି ଜୁହୁଲୁ କୁଠାରେ ।
କଟାକଟୀ କୃଷ୍ଣସିଂହ. ମହାଭାରତ ।] ଦେ· ବଣ—ପରସ୍ପର କଟାକଟ ହେବା—Cutting each other. [ଯୁ— ସୁଗ୍ରୀବ ସାଙ୍ଗିଛ ଖଣ୍ଡା ଘେନ, ହଣାହଣି ହେଲେ ଘୋର ତେଜ । ବଳଦ ରାମାୟଣ]

ହଣେଇ—ଦେ. ବଣ. ସ୍ତ୍ରୀ—ହଣାର ସ୍ତ୍ରୀଲିଙ୍ଗ (ଦେଖ)
Hanei Feminine of Hanā.

ହଣେଇବା——ଦେ. କ୍ରି—ହଣାଇବା (ଦେଖ)—
Haneibā Hanāibā (See).

ହଣ୍ଟର—ବୈଦେ (ଇଂ) ବ (ନାମ)—[ଜନ୍ମ—ଖ୍ରୀ୧୮୪୦ ଓ ମୃତ୍ୟୁ—
Hantar ଖ୍ରୀ ୧୯୦୦) ସର୍ ୱିଲିଅମ୍ ହଣ୍ଟର୍; ଭାରତର
হন্টর हंटर ଜଣେ ପ୍ରସିଦ୍ଧ ଇଂରାଜ ରାଜପୁରୁଷ [ଦ୍ର—ଏ ବଙ୍ଗର ଭିନ୍ନ ଭିନ୍ନ ଅଞ୍ଚଳ ସମ୍ବନ୍ଧରେ ନାନା ଜ୍ଞାତବ୍ୟ ବିଷୟପୂର୍ଣ୍ଣ ବିବରଣ ଲେଖିଥିଲେ]—Author of the Statistical Account of Bengal, Sir William Hunter. [ଦ୍ର— ଏ ମହାତ୍ମା ଇଂଲଣ୍ଡରୁ ସିଭିଲ ସର୍ଭିସ୍ ପରୀକ୍ଷାରେ ପାଶ୍ କରି ୧୮୬୨ ସାଲରେ ଭାରତବର୍ଷକୁ ଆସିଲେ । ଏ Annals of rural Bengal, Orissa (2 volumes), Statistical account of Bengal, Local Gazetteers, Rulers of India, History of India ଆଦି ଅନେକଗୁଡ଼ିଏ ଗ୍ରନ୍ଥ ପ୍ରକାଶ କରିଥିଲେ । ଏ କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର, ଶିକ୍ଷା କମିସନର ସଭ୍ୟ ଓ ବଙ୍ଗୀୟ ସଙ୍ଗୀତ ବିଦ୍ୟାଳୟର ପୃଷ୍ଠପୋଷକ ଥିଲେ । ଏହାଙ୍କ ଦ୍ୱାରା ଗଭର୍ଣ୍ଣମେଣ୍ଟ, ବିଶ୍ୱବିଦ୍ୟାଳୟ ଓ ସଙ୍ଗୀତ ବିଦ୍ୟାଳୟର ସଭ୍ୟମାନେ ଅନେକଗୁଡ଼ିଏ ଉପାଧି ଦେଇଥିଲେ । ଭାରତୀୟ ଭାଷାର ଶବ୍ଦମାନଙ୍କୁ ଇଂରାଜୀ ଅକ୍ଷରରେ ଲେଖିବା ପାଇଁ ସେହି ଉପାୟ ଉଦ୍ଭାବନ କରିଥିଲେ (Hunterian system of transliteration) ତାହା ଏପର୍ଯ୍ୟନ୍ତ ଗଭର୍ଣ୍ଣମେଣ୍ଟ ଦିଗ୍‌ଦ୍ୱାରେ ଓ ସାଧାରଣରେ ଚଳୁଅଛି ।]

ହଣ୍ଟର(ର୍) ଚାବୁକ—ବୈଦେ. ବ—(ଇଂଲଣ୍ଡର ହଣ୍ଟର୍ ନାମକ ପ୍ରସିଦ୍ଧ
Hantar (rs) chābuka ଚାବୁକ ତିଆରି କରିବା ଲୋକଙ୍କ
হন্টরচাবুক ନାମରୁ)—ବଗିର ଘୋଡ଼ାକୁ ଚଳାଇବାରେ ବ୍ୟବହୃତ
हण्टर ବହୁତ ଲମ୍ବା ଚାବୁକ—Hunters whip.

ହଣ୍ଟର (ଗ, ଲା)—ଦେ. ବ—(ଧ୍ୱନ୍ୟନୁକରଣ) ବାଘ, ସିଂହ ଓ ଷଣ୍ଢର
Hantara (rā, lā) ଗର୍ଜନ ଶବ୍ଦ—Roar of a tiger
গর্জন or lion or bull; bellowing (of the
गर्जन bull or tiger or lion).

ହଣ୍ଟର(ରା, ଲା) ଛାଡ଼ିବା—ଦେ. କ୍ରି—ହଣ୍ଟାଳିବା (ଦେଖ)
Hantara(rā, lā) chhārdibā Hantālibā (See)
গর্জনকরা गर्जन करना [ହଣ୍ଟର(ରା,ଲା)ଛଡ଼ା(ଦେ)ଇବା,ମାରିବା—ଅନ୍ୟରୂପ]

ହଣ୍ଟା(ଣ୍ଟେ)ଇବା—ଦେ. କ୍ରି—୧ । ଅଣ୍ଟାଇବା (ଦେଖ)
Hantā(nte)ibā 1. Antāibā (See)
কষ্টলাগান कष्टलगाना ୨ । ହାଣ୍ଟିବାର ପ୍ରୟୋଜକରୂପ—
2. The causative form of Hāntibā
ঘুরান घुमाना ୩ । ବୁଲାଇବା; ଚଲାଇବା; ଭ୍ରମଣ କରାଇବା—
3. To cause to walk or wander or travel.

ହଣ୍ଟା(ଣ୍ଟୋ)ଳ [ଇତ୍ୟାଦି]—ଦେ. ବ—ହଣ୍ଟର ଇତ୍ୟାଦି (ଦେଖ)—
Hantā(nto)la (etc) Hantara etc (See).

ହଣ୍ଟାଳିଆ—ଦେ. ବଣ. ପୁଂ—ଯେଉଁ ବାଘ ବା ଷଣ୍ଢ ଉଚ୍ଚୈଃସ୍ୱରରେ
Hantālia ବା ବହୁବାର ଗର୍ଜନ କରେ—
যে বেশি গর্জন করে गर्जनेवाला (a bull or tiger) Given to much bellowing; roaring.

ହଣ୍ଟାଳିବା—ଦେ. କ୍ରି (ବାଘ, ସିଂହ ଓ ଷଣ୍ଢ) ଗର୍ଜନ କରିବା—
Hantālibā To roar (said of tiger,
গর্জন করা गर्जन करना lion and bull) to bellow.

ହଣ୍ଟିଙ୍ଗ—ବୈଦେ (ଇଂ) ବଣ (ଇଂ· ହଣ୍ଟିଙ୍ଗ୍)—ଶିକାରୀମାନଙ୍କ
Hanting ବ୍ୟବହୃତ—Hunting; used by hunters.
হন্টিঙ্গ हंटिंग [ଦ୍ର—ଏହି ଶବ୍ଦ ସଙ୍ଗେ ମିଳିଥିବା ଅନ୍ୟ ଇଂରାଜୀ ଶବ୍ଦମାନ ଭାଷାରେ ବ୍ୟବହୃତ ହୁଏ । ଯଥା—ହଣ୍ଟିଙ୍ଗ୍ ନାଇଫ୍ (ଛୁରି), ହଣ୍ଟିଙ୍ଗ୍ ସୁଟ୍, ହଣ୍ଟିଙ୍ଗ୍ ୱାଚ୍ ।]

ହଣ୍ଟିଙ୍ଗ୍ ଉଅଚ(ୱାଚ୍) – ବୈଦେ (ଇଂ) ବ—ଯେଉଁ ଘଣ୍ଟାର ମୁହଁ ଉପରେ Hanting Uāch (wāch) କାଚ ଢାଙ୍କୁଣି ଦିଆ ନ ଯାଇ ଧାତୁର ହଂଟିଙ୍ଗ ଘଡ଼ି हंटिङ्ग वाच् ଘୋଡ଼ଣି ଦିଆଯାଇ ଥାଏ— Hunting watch. [ବି—ଯେଉଁ ଘଣ୍ଟାର ମୁହଁର (ହଣ୍ଟିଙ୍ଗ୍ ଘଡ଼ି—ଅନ୍ୟରୂପ) ଘୋଡ଼ଣୀର କେତେକ ଅଂଶ ଧାତୁପତ୍ରରେ ଆବୃତ ଓ ଅନ୍ୟ ଅଂଶ କାଚରେ ଆବୃତ ଥାଏ ହାଫ୍ ହଣ୍ଟିଙ୍ଗ୍ ଉଅଚ୍ (Half hunting watch) ବୋଲାଯାଏ ।]

ହଣ୍ଟିଙ୍ଗ୍ ଛୁରି—ଦେ. ବ—ଶିକାରୀମାନଙ୍କ ଦ୍ୱାରା ଶିକାରର ମାଂସ କାଟି-Hanting chhuri ବାରେ ବ୍ୟବହୃତ ବଡ଼ ଛୁରି—Hunting हन्टिङ्गछुरी हंटिङ्ग् छुरी knife. (ହଣ୍ଟିଙ୍ଗ୍ ନାଇଫ୍—ବୈଦେ. ରୂପ)

ହଣ୍ଟିଙ୍ଗଡନ୍—ବୈଦେ. (ଇଂ) ବ. (ନାମ)—ଇଂଲଣ୍ଡର ଗୋଟିଏ Hantingdan ଜାଇଗାର ଓ ସହରର ନାମ—Name of a हंटिङ्गड़न हंटिङ्ग् डन् town and county in England.

ହଣ୍ଟିଙ୍ଗ୍ ଯୁ(ଯୋ)ତା—ଦେ. ବ. (ଏହା ଶିକାରୀମାନଙ୍କ ଦ୍ୱାରା ବ୍ୟବହୃତ Hanting ju(jo)tā ହେଉ ଥିବାରୁ)—ଯେଉଁ ଯୋତାର କଡରେ ଭିତର୍ ନ ଲାଗି, ଯାହାର ଉପର ଚମଡ଼ା ଦୁଇ ହଂଟିଙ୍ଗ୍ ଜୁତା हंटिङ्ग जूता ପିଠିରେ ଟେଣା ହୋଇ ବନ୍ଧା ହୁଏ— [ହଣ୍ଟିଙ୍ଗ୍ ସୁ (ସୁଜ୍)—ବୈଦେ. ରୂପ] Hunting shoes.

ହଣ୍ଟିଙ୍ଗ୍ ବୁଟ୍—ବୈଦେ. (ଇଂ) ବ—ଯେଉଁ ବୁଟ୍ ଯୋତାର ଦୁଇପାଖ Hanting but हंटिङ्ग बुट ଚମଡ଼ାଦ୍ୱୟ ପିଠାଦ୍ୱାରା ବନ୍ଧାଥାଏ । Hunting boot.

ହଣ୍ଟେଇବା—ଦେ. କ୍ରି—ଅଣ୍ଟାଇବା (ଦେଖ)— Hanteibā Antāibā (See).

ହଣ୍ଟୋର(ଲ,ରା, ଲା) (ଇତ୍ୟାଦି) ଦେ. ବ—ହଣ୍ଟର ଇତ୍ୟାଦି (ଦେଖ) Hantora(la, rā, lā) (etc) Hantara etc (See)

ହଣ୍ଡପା—ଦେ.ବ(ନାମ)—ଅଧୁନାତନ ଗଡ଼ଜାତ ଅଠମଲ୍ଲିକର ପ୍ରାଚୀନ ନାମ Handapā —The old name of the Orissa State Athamallik.

ହଣ୍ଡ(ଣ୍ଡୋ)ଲ—ବୈଦେ. (ଇଂ) ବ.—(ଇଂ. ହାଣ୍ଡେଲ)—୧। ଯେଉଁ Handa(ndo)l କଲମରେ ଲଗାଇ ନିବ୍ ଦେଇ ଲେଖିବାକୁ हाण्डेल होल्डर,हाण्डल ହୁଏ—1. Pen-holder. ୨। ବେଣ୍ଟ— 2. Handle.

ହଣ୍ଡଲା—ପ୍ରାଦେ (ସମ୍ବଲପୁର) ବ—ପିତ୍ତଳର ବଡ଼ ହାଣ୍ଡି— Handalā (ହଣ୍ଡୁଲ—ଅନ୍ୟରୂପ) Big brass-pot.

ହଣ୍ଡା—ସ. ଅ—ହଁଲେ ! ହଇଲେ ! (ନାଟ୍ୟୋକ୍ତିରେ ଦାସୀକୁ Handa ସମ୍ବୋଧନରେ ବ୍ୟବହୃତ)—Interjection used in addressing a maid servant. [ବି— ନୀଚ ଶ୍ରେଣୀର ସ୍ତ୍ରୀମାନେ ପରସ୍ପରଙ୍କୁ ଏପରି ମଧ୍ୟ ସମ୍ବୋଧନ କରନ୍ତି—Apte.] ସ.ବ—(ହଣ୍ଡ୍ ଧାତୁ+ଅ+ଆ) ବଡ଼ ମାଟି ହାଣ୍ଡି—Large earthen cooking vessel (Apte). ·ଦେ· ବ—୧ । ଧାତୁ ନିର୍ମିତ ବଡ଼ ହାଣ୍ଡି— हाँड़ि हंडा 1.Big metal cooking pot(Apte). [ବି—ଯେଉଁ ଧାତୁରେ ବା ପଦାର୍ଥରେ ହଣ୍ଡା ତିଆରି ହୋଇଥାଏ, ସେହି ନାମ ଆଗେ ଏ ଶବ୍ଦ ବସିବ । ଯଥା—ପିତ୍ତଳ ହଣ୍ଡା, କାଚ ହଣ୍ଡା ଇତ୍ୟାଦି ।] ୨। (ଘରମାନଙ୍କ ଜଳିବା ପାଇଁ) গোলক काँचकीहाँडि କାଚର ହାଣ୍ଡି—2. Big glass globes used as lamps. ୩। (ଲକ୍ଷଣାର୍ଥ)ପେଟ— 3. (figurative) Belly. ପ୍ରାଦେ. (ଗଞ୍ଜାମ (ଲକ୍ଷଣାର୍ଥ) ଗୁଣ୍ଡିଆ; ଧୈର୍ଯ୍ୟ— (figurative) Patience.

ହଣ୍ଡା ଗରମ—ଦେ. ବ—୧ । ଊର୍ଦ୍ଧ୍ୱଶ୍ଳେଷ୍ମା ଓ ଉଦର ଗରମ ହେବା Handā garama ଶରୀରର ଅବସ୍ଥା—1. The state of পেট গরম one's body, when a person has got cold पेटगरम in the head and heat in the abdomen. (ହଣ୍ଡା ତାତିବା—ଅନ୍ୟରୂପ) ୨ । କ୍ଷୁଧାଭୁର ଅବସ୍ଥା— 2. A state of hunger.

ହଣ୍ଡା ଗିଲାସ—ଦେ. ବ (ସହରର)—ବଡ଼ଲୋକମାନଙ୍କର ବୈଠକ-Handā gilāsa ଖାନା ସଜାଇବାରେ ବ୍ୟବହୃତ କାଚର গোলক ঝাড় ନାନାପ୍ରକାରର ଆଲୋକାଧାର ଓ ପାତ୍ର—Glass झाड फानुस globes and lamps used in the parlour of rich people.

ହଣ୍ଡା ଝାଡ଼ୁ
ହଣ୍ଡା ବଲ୍ଲେର —ଅନ୍ୟରୂପ
ହଣ୍ଡା ଲଣ୍ଠନ୍

ହଣ୍ଡା ଝୁଲା(ଲେ)ଇବା—ଦେ,କ୍ରି—(ଲୋକଙ୍କର ଧନ ସଞ୍ଚୟ କରିବା ପାଇଁ Handā jhulā(le)ibā ଘରର ତଳେ ଗାତ ଖୋଳି ସେ ଗାତର ভীতে টাকা পোতা ମୁହଁରେ କାଠ ପକାଇ ସେ କାଠରୁ ବଡ଼ ବଡ଼ तहवर गाड़ना ପିତ୍ତଳହଣ୍ଡା ଝୁଲାଇ ତହିଁ ମଧ୍ୟରେ ସୁନାରୁପା ଓ ମୁଦ୍ରା ଆଦି ସଞ୍ଚୟ କରି ରଖିବା ପ୍ରଥାରୁ)—ବହୁଧନ ସଞ୍ଚୟ କରିବା—To board a large amount of money by burying it underground.

(ମୋର) ହଣ୍ଡା ଫାଟି ଯିବା—ପ୍ରାଦେ (ଗଞ୍ଜାମ) କ୍ରି—ପେଟ ଫାଟିଯିବା— Handa phāti jibā The bursting of the belly.

ହଣ୍ଡିକା—ସ. ବ—ହାଣ୍ଡି; ପାକାର୍ଥ ବ୍ୟବହୃତ ଅନାବୃତମୁଖ ଗୋଲାକାର Handikā ମୃତ୍ପାତ୍ର—An earthen pot used for cooking.

ହଣ୍ଡିକା ସୁତ—ସ. ବ—ଛୋଟ ହାଣ୍ଡି; କୁଣ୍ଡକ— Handikā suta A small earthen pot.

ହଣ୍ଡୀ—ସ. ବ—ବଡ଼ ହାଣ୍ଡି— Handī Large earthen pot.

ହ(ହେ)ଣ୍ଡୁଆ—ପ୍ରାଦେ (ସମ୍ବଲପୁର) ବ—ବାଉଁଶର ଶୁଖିଲା କରଡ଼— Ha(e)nduā Dry shoots of bamboo.

ହଣ୍ଡୁରାଜ୍ —ବୈଦେ· ବ (ନାମ)—ମଧ୍ୟ ଆମେରିକାର ଗୋଟିଏ ରାଜ୍ୟ— Handurāj Hondurās; name of a State in Central

हण्डुराज America. [ଦ୍ର—ଏହାର ଗୋଟିଏ ଅଂଶ ବ୍ରିଟିଶ୍
हयण्डुराज ଅଧିକୃତ ଓ ଉକ୍ତ ଅଂଶକୁ ବ୍ରିଟିଶ୍ ହଣ୍ଡୁରସ
କହନ୍ତି ।]

ହଣ୍ଡେ—ସଂ. ଅ (ହଣ୍ଡ୍ ଧାତୁ+ଏ) (ନାଟ୍ୟୋକ୍ତି)—(ନୀଚ ସ୍ତ୍ରୀ ବା
Hande ଦାସୀ ପ୍ରତି ବ୍ୟବହୃତ ସମ୍ବୋଧନ) ହାଲେ । ହଇଲେ !—
(Interjection used in addressing a maid
servant or inferior woman) Hallo !

ହଣ୍ଡୋଳ(ଲ୍)—ଦେ. ବି (ଇଂ. ହାଣ୍ଡ୍‌ଲ୍)—ହଣ୍ଡଲ୍ (ଦେଖ)
Handola(l) Handal (See)

ହତ୍—ଦେ. ଅ (ସଂ. ହନ୍ ଅବ୍ୟୟ=ରୁଷୋକ୍ତି, ଅନୁନୟ)—ନିଷେଧାର୍ଥକ
Hat ବା ବାରଣାର୍ଥକ)—ହାତ୍ ! ଧାତ୍ !—(Interjection
ধেৎ used in stopping a person) Stop !
दुत् Stay !

ହତ୍‌ତେରି—ଦେ. ଅ (ନିଷେଧାର୍ଥକ ବା ବାରଣାର୍ଥକ)—୧ । ହାତ୍‌ତେରି
Hat-teri (ଦେଖ)—1. Hätteri (See) ୨ । ହତ୍
(ହତ୍‌ତେରିକା[ବି,ଦେ]—ଅନ୍ୟରୂପ) (ଦେଖ)—2. Hat
হুত্তেরী धत्तेरी (See)

ହତ୍‌ଲା ମାର୍‌ବା—ପ୍ରାଦେ (କଳାହାଣ୍ଡି ପାଟଣା) କ୍ରି—ବେଶୀ ନେଇ
Hat-lā mār-bā ଯିବା—To take a large quantity.

ହତ୍‌ଲିବା—ପ୍ରାଦେ (ମେଦିନୀପୁର) କ୍ରି—ସମୁଦାୟରୁ ଖଣ୍ଡେ ଟାଣି ଅଣିବା—
Hat-libā To draw out a piece from the
whole.

ହତ୍‌ଶା—ଦେ. ବି (ସହରର)—(ସଂ. ହସ୍ତରୁ)—ଟେବୁଲ ଅଦର ଦରାଜକୁ
Hat-śā ହାତଦ୍ୱାରା ଟାଣିବା ଓ ବାକ୍ସକୁ ହାତରେ ଉଠାଇବା
হেণ্ডেল, হাতল ପାଇଁ ଲାଗିଥିବା କଡ଼ା—Handle; a ring
हथा attached to drawyers of table etc to
draw them in and out.

ହତ୍‌ଶିରି—ଦେ. ବିଣ (ସଂ. ହତଶ୍ରୀ, ହତଶ୍ରୀକ)—ହତଶ୍ରୀକ (ଦେଖ)
Hat-śiri Hataśrika (See)
হতশ্রী हतश्री

ହତ—ସଂ. ବିଣ (ହନ୍ ଧାତୁ ବଧ କରିବା+କର୍ମ କ୍ତ)—୧ । ମାରିତ;
Hata ନିହତ; ବଧପ୍ରାପ୍ତ; ଜୀବନରେ ମରି ଯାଇଥିବା—
1. Killled; slain; murdered. ୨ । ନାଶପ୍ରାପ୍ତ;
ବିନାଶିତ; ବିନଷ୍ଟ—2. Destroyed; ruined;
perished; lost. (ଉ—ସବୁ ରାଜକାର୍ଯ୍ୟମାନଙ୍କ ହୋଏ
ହତ—କୃଷ୍ଣସିଂହ ମହାଭାରତ ସଭା ।) ୩ । ନିର୍ବାପିତ; ନିଭି
ଯାଇଥିବା; ଲୁପ୍ତ—3. Extinguished. (ଉ—
ପ୍ରତାପ ହତ ଦେଖି ଭରତେ ଲୋଡ଼ା, ଲକ୍ଷଣେ ନେଇଦେଲେ
ଗବାକ୍ଷ ଘୋଡ଼ା—ଭଞ୍ଜ ସଙ୍ଗୀତ ।) ୪ । ପ୍ରତିହତ—
4. Obstructed; restrained. ୫ । ଆହତ,
ଆଘାତପ୍ରାପ୍ତ—5. Wounded; hurt; injured.
୬ । ଗତାସୁ; ମୃତ—6. Dead. ୭ । ମନ୍ଦ; କୁତ୍ସିତ—
7. Bad; wretched. ୮ । ଭଗ୍ନ—8. Broken;
shattered. ୯ । ବ୍ୟାହତ; ବିଫଳୀକୃତ—
9. Nullified; frustrated. (ଉ—ବିବୁଧଙ୍କ
ଅଭେଦ୍ୟ ଶ୍ରୀରାମେ ହୋଇ ଲକ୍ଷ୍ମଣ ଉପାୟେ ମୁଁ ତାହା
କଲି ହତ ସେ ଭଞ୍ଜ କୌଦେଶ୍ୱରୀଲୀଳା ।)
୧୦ । ତୁଚ୍ଛ; ହେୟ—10. Despised. ୧୧ । ଗୁଣିତ—
11. Multiplied. ୧୨ । ଦଗ୍ଧ—12. Burnt
down. ୧୩ । ଗତ—13. Past; gone. ୧୪ ।
ଅଶାରହିତ; ନିରାଶ—14 Desperate; hopeless.
୧୫ । ଅନ୍ତର୍ହିତ—15. Disappeared ବି —୧ ।
(+ଭାବ କ୍ତ) ନୈରାଶ୍ୟ—1. Hopelessness;
desperation. ୨ । ହନନ—2. Slaughter;
killing; slaying. ୩ । ଗୁଣନ-3. Multiplying.
হত हत ଦେ. ବି. (ସଂ. ହତ୍ୟା)—ମରଣ; ମୃତ୍ୟୁ—Death.
(ଉ—ଶୁଣ ହେ ରାଜା ପରୀକ୍ଷିତ, ଅର୍ଜୁନଠାରୁ କଲ ହତ-
ଜଗନ୍ନାଥ. ଭାଗବତ ।)

ହତକ—ସଂ. ବିଣ. ପୁଂ (ହତ+କ) ୧ । ନଷ୍ଟପ୍ରାୟ—1. About to
Hataka be destroyed; all but ruined.
(ହତକା—ସ୍ତ୍ରୀ) ୨ । ଭୀରୁ; କାପୁରୁଷ—2. Coward;
timid. ୩ । ନୀଚ—3. Low; mean. ୪ ।
ହତଭାଗ୍ୟ—4. Unfortunate. ୫ । ଦୁର୍ଦ୍ଦଶାଗ୍ରସ୍ତ —
5. Miserable (M. W) ୬ । ମୃତ—6. Dead
ବି—୧ । ନୀଚଲୋକ (ଶବ୍ଦକଳ୍ପଦ୍ରୁମ)—1. A
low or mean person. ୨ । ଭୀରୁ ବ୍ୟକ୍ତି—
2. A coward (Apte). ପ୍ରାଦେ (ସମ୍ବଲପୁର) ବି—
ଅପମାନ—Insult.

ହତ କଣ୍ଟକ—ସଂ ବିଣ. ପୁଂ (ବହୁବ୍ରୀହି,ହତ+କଣ୍ଟକ)—ଯାହାର
Hata kaṇṭaka ଶତ୍ରୁ ବା କଣ୍ଟକ ବା ବାଧା ନଷ୍ଟ
(ହତ କଣ୍ଟକା—ସ୍ତ୍ରୀ) ହୋଇଅଛି—Freed from foes or
thorns or impedements (Apte).

ହତ କର—ଦେ. ବିଣ—ଘାତକ—Muderous. [ଉ—ଦସ୍ୟୁ ଶାଖିଥ
Hata kara ତୋ ଶରୀର, ମଧୁ କୈଟଭ ହତ କର—ଜଗନ୍ନାଥ
घातुक ଭାଗବତ] ବି. ପୁଂ—ଘାତକ ବ୍ୟକ୍ତି—Murderer.
मारनेवाला (ହତକରୀ—ସ୍ତ୍ରୀ)

ହତ କରିବା—ଦେ. କ୍ରି (ସଂ. ହନ୍‌ଧାତୁ)—୧ । ମାରି ପକାଇବା—
Hata karibā 1. To kill; to murder. ୨ । ପରାଜିତ
হতকরা କରିବା—2. To defeat. [ଉ—ଭୂମି ରଥୀ
हतकरना ନଇଲେ ଅର୍ଜୁନ ସୁତ, ଅତୁଳ ହୋଇ ଚନ୍ଦ୍ରପ୍ରଭା କଲେ
ହତ—କୃଷ୍ଣସିଂହ ମହାଭାରତ ଉଦ୍‌ଯୋଗ ।] ୩ ।
(ଜ୍ଞାନ) ଲୁପ୍ତ କରିବା; ବୁଡ଼ାଇବା—3. To cause
loss of (consciousness) ୪ । ହଜାଇବା—4.
To lose. [ଉ—ସେ ଘାତରେ ବ୍ୟାକୁଳ ହୋଇ
ସୋମଦତ୍ତ, ରଥ ମଧ୍ୟେ ବସି ଚେତନା କଲେ ହତ—
କୃଷ୍ଣସିଂହ ମହାଭାରତ ଦ୍ରୋଣ ।]

ହତକର୍ମା—ସଂ. ବିଣ. ପୁଂ—(ବହୁବ୍ରୀହି ହତ+କର୍ମନ୍; ୧ମା, ୧ବ)
Hata karmā —ମନ୍ଦକର୍ମୀ; ହତଭାଗା—Unfortunate.

ହତ କିଲ୍ୱିଷ—ସଂ. ବିଣ. ପୁଂ—(ବହୁବ୍ରୀହି; ହତ+କିଲ୍ୱିଷ)—ପାପମୁକ୍ତ
Hata kilwisha Freed from sins (M. W).
(ହତକିଲ୍ୱିଷା—ସ୍ତ୍ରୀ)

ହତ ଚିତ୍ତ—ସଂ. ବିଣ. ପୁଂ—୧ । ହତବୁଦ୍ଧି; କିଂକର୍ତ୍ତବ୍ୟବିମୂଢ଼—
Hata chitta 1. Dumb founded; bewildered;
(ହତଚିତ୍ତା—ସ୍ତ୍ରୀ) confounded. ୨ । ହତ ଚେତନ (ଦେଖ)—2. Hata chetana (See).

ହତଚେତ—ଦେ. ବିଣ—(ସଂ. ହତଚେତନ)—ହତଚେତନ (ଦେଖ)
Hatacheta Hata chetana (See) [ଉ—ବାଜଗଣ
हतचेतन ପାଦଧୃତ ହତଚେତ ଅର୍ଦ୍ଧିରବ ସାଗ ବନ୍ଧୁ—ବଞ୍ଜ
हतचेता ବୈଦେହୀଶ ବିଳାସ]

ହତଚେତନ—ସଂ. ବିଣ. ପୁଂ—(ହତ+ଚେତନା; ବହୁବ୍ରୀହି; ହତ=
Hata chetana ଲୁପ୍ତ ହୋଇଅଛି ଚେତନା ଯାହାର)—
(ହତଚେତନା—ସ୍ତ୍ରୀ) ଲୁପ୍ତସଂଜ୍ଞ; ଚେତନା ଶୂନ୍ୟ; ମୂର୍ଚ୍ଛିତ—
Made unconscious; bereft of sense; become senseless.

ହତଚେତା—ସଂ. ବିଣ (ହତ+ଚେତସ୍ ୧ମା. ୧ବ; ବହୁବ୍ରୀହି)—୧। ମୁଗ୍ଧ
Hata chetā —1. Enchanted. ୨ । କିଂକର୍ତ୍ତବ୍ୟବିମୂଢ଼—
हतचेता 2. Bewildered. [ଉ—ଭରେ ଊର୍ଦ୍ଧ୍ୱରେଖା ହତଚେତା
ज्ञौजीन —ପୀନକୃଷ୍ଣ ରସକଲ୍ଲୋଳ] ୩ । ଲୁପ୍ତସଂଜ୍ଞ —
3. Become senseless.

ହତଚ୍ଛାୟ—ସଂ. ବିଣ ପୁଂ—(ବହୁବ୍ରୀହି; ହତ+ଛାୟା+ଅ; ସନ୍ଧି ଯୋଗୁ
Hata chchhāya ଛ ସ୍ଥାନରେ ଚ୍ଛ)—୧ । ସୌନ୍ଦର୍ଯ୍ୟ-
(ହତଚ୍ଛାୟା—ସ୍ତ୍ରୀ) ବିରହିତ—1. Bereft of beauty (M.W)
୨ । ଯାହାର ଉଜ୍ଜ୍ୱଳତା କମି ଯାଇଅଛି—2. Dimmed in lustre (M. W).

ହତ ଜଳ୍ପିତ—ସଂ. ବି—(କର୍ମଧା)—ଅନାବଶ୍ୟକ ଗଳ୍ପ—
Hata jalpita Useless talk (M. W).

ହତ ଜୀବନ(ଜୀବିତ)—ସଂ. ବିଣ. ପୁଂ (ବହୁବ୍ରୀହି, ହତ ହୋଇଅଛି ଜୀବନ
Hata jībana (jībit ଯାହାର)—୧ । ଗତାୟୁ; ମୃତ—
[ହତଜୀବନା, ହତଜୀବିତା-ସ୍ତ୍ରୀ. ବିଣ] 1. Dead. ୨ । ମାରିତ—
2. Killed. ୩ । ନୈରାଶ୍ୟ ଜର୍ଜ୍ଜରିତ—3. Over come with despair (M. W)
ସଂ ବି (କର୍ମଧା)—୧ । ଜୀବନ ସମ୍ବନ୍ଧେ ଅଶାନ୍ୟାତ—
1. Despair of life (M.W) ୨। ଦୁର୍ଦ୍ଦଶାଗ୍ରସ୍ତ ଜୀବନ
—2. Blighted or wrecked life (M. W)

ହତ ଜ୍ଞାନ—ସଂ ବିଣ ପୁ (ବହୁବ୍ରୀହି; ହତ ହୋଇଅଛି ଜ୍ଞାନ ଯାହାର) —
Hata jnāna ହତଚେତନ (ଦେଖ)—1. Hata chetana
(ହତଜ୍ଞାନା—ସ୍ତ୍ରୀ) (See) ୨ । ହତବୁଦ୍ଧି; କିଂକର୍ତ୍ତବ୍ୟବିମୂଢ଼—
2. Dumb founded; bewildered. ୩। ନିର୍ବୋଧ—
हतज्ञान अनादर 3. Stupid. ଦେ. ବି—ଅବଜ୍ଞା; ଅନାଦର—
Disregard.

ହତ ଜ୍ୟୋତିଃ—ସଂ. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି, ହତଜ୍ୟୋତିସ୍; ୧ମା.
Hata jyotiḥ ୧ବ)—୧ । ଯାହାର ଜ୍ୟୋତି ବା ଆଭା ଲୁପ୍ତ ହୋଇଅଛି—1. Bereft of lustre. ୨ । ଯାହାର ଆଭା କମି ଯାଇଅଛି—2. Dimmed in lustre.

ହତଜ୍ୟୋତିର୍ନିଶୀଥ—ସଂ. ବି (ବହୁବ୍ରୀହି ଓ କର୍ମଧା, ହତଜ୍ୟୋତିଃ+
Hatajyotirnisitha ନିଶୀଥ)—୧ । ଚନ୍ଦ୍ରବିହୀନ ଓ ନକ୍ଷତ୍ର-
ବିହୀନ ରାତ୍ରି—1. Moonless and starless night.
୨ । ନକ୍ଷତ୍ର ବିରହିତା ରଜନୀ—2. Starless night.
୩ । ଅନ୍ଧକାରମୟୀ ରାତ୍ରି—3. Dark night.

ହତତ୍ୱିଷ୍ (ଟ୍)—ସଂ. ବିଣ. ପୁଂ ଓ ସ୍ତ୍ରୀ (ହତ+ତ୍ୱିଷ୍, ବହୁବ୍ରୀହି; ହତତ୍ୱିଟ୍
Hatatwish (ṭ) ୧ମା. ୧ବ)—ଶୋଭା ବା ଜ୍ୟୋତିର୍ବିହୀନ—
Shorn of lustre (Apte).

ହତ ତାପ—ସଂ. ବିଣ ପୁଂ (ବହୁବ୍ରୀହି, ହତ+ତାପ)—୧ ।ତାପମୁକ୍ତ—
Hata tāpa 1. Freed from heat (M.W). ୨ । ଶୀତଳ
କୃତ—2. Cooled (M.W).

ହତଣୀ—ପ୍ରାଦେ. (ସମ୍ବଲପୁର) (ଭୁଲ. ହି. ହଥନୀ)—ବି. ସ୍ତ୍ରୀ—ହାତୁଣୀ;
Hatani ମାଈହାତୀ—A female elephant.

ହତ ତ୍ରାପ (ବ୍ରୀଡ଼)—ସଂ. ବିଣ. ପୁଂ (ହତ+ତ୍ରପା, ବ୍ରୀଡ଼ା; ବହୁବ୍ରୀହି)—
Hata trāpa (brīrda) ନିର୍ଲଜ୍ଜ; ବେହିଆ—Shameless; devoid of shame.
(ହତତ୍ରପା, ହତବ୍ରୀଡ଼ା—ସ୍ତ୍ରୀ)

ହତ ଦୈବ—ସଂ. ବିଣ. ପୁଂ (ବହୁବ୍ରୀହି; ହତ+ଦୈବ)—ହତଭାଗ୍ୟ;
Hata daiba ଦୁର୍ଭାଗ୍ୟ; ଅଭାଗା—Ill-fated; luckless;
(ହତଦୈବା—ସ୍ତ୍ରୀ) (Apte).

ହତ ଦ୍ୱିଷ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ହତ+ଦ୍ୱିଷ୍)—ଯେ ଶତ୍ରୁ
Hata dwish କୁ ହତ କରିଅଛି—One who has slain his enemies (M. W.)

ହତ ଧୀ—ସଂ.ବିଣ.ପୁଂ ଓ ସ୍ତ୍ରୀ (ବହୁବ୍ରୀହି,ହତ+ଧୀ)—ହତଚିତ୍ତ (ଦେଖ)
Hata dhi Hatachitta (See)

ହତ ଧ୍ୱାନ୍ତ—ସଂ. ବିଣ ପୁଂ (ବହୁବ୍ରୀହି)—ଅନ୍ଧକାର ମୁକ୍ତ—
Hata dhwanta Freed from darkness (M.W)
(ହତଧ୍ୱାନ୍ତା—ସ୍ତ୍ରୀ)

ହତ ପତି(ପତିକା)—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି, ହତ+ପତି,+କ+ଆ)
Hata pati(patikā) ଯେଉଁ ସ୍ତ୍ରୀର ସ୍ୱାମୀ ହତ ହୋଇଅଛନ୍ତି—
(a woman) Having her husband slain (M. W)

ହତ ପାଟ—ଦେ. ବି (ପ୍ରାଚୀନ ଓଡ଼ିଆ)—ହୃତ ରାଜ୍ୟ (ମାଦଳାପାଞ୍ଜି)—
Hatapāṭa Lost kingdom. ଦେ. ବିଣ—ହୃତରାଜ୍ୟ—
हृतराज्य हतराज Bereft ofone's sovereignty.

ହତ ପିତୃ (ପିତୃକ)—ସଂ. ବିଣ. ପୁଂ (ହତ+ପିତୃ+କ, ବହୁବ୍ରୀହି)—
Hata pitṛu(pitṛuka) ଯାହାର ପିତା ହତ ବା ମୃତ ହୋଇ
ଅଛନ୍ତି—One whose father has been slain (M. W).
(ହତପିତୃକା—ସ୍ତ୍ରୀ)
[ଦ୍ର—ଏହିପରି ହତମାତୃ, ହତମାତୃକ, ହତଭ୍ରାତୃ, ହତଭ୍ରାତୃକ ଶବ୍ଦମାନ ହୁଏ ।]

ହତପୁତ୍ର (ତ୍ର)—ସଂ. ବଣ ପୁଂ—(ବହୁବ୍ରୀହି)—ଯାହାର ପୁତ୍ର ହତ ବା
Hata puttra (tra) ମୃତ ହୋଇଅଛି—Having one's son killed; having lost one's son.
(ହତପୁତ୍ରା (ତ୍ରା)—ସ୍ତ୍ରୀ)

ହତପ୍ରଭ—ସଂ. ବଣ ପୁଂ (ହତ+ପ୍ରଭା, ବହୁବ୍ରୀହି)—ପ୍ରଭାହୀନ; ପ୍ରଭା-
Hataprabha ରହିତ—Bereft of lustre.
(ହତପ୍ରଭା—ସ୍ତ୍ରୀ)

ହତ ପ୍ରଭାବ (ପ୍ରତାପ)—ସଂ. ବଣ ପୁଂ (ବହୁବ୍ରୀହି, ହତ+ପ୍ରଭାବ)—
Hata prabhāba (pratāpa) ୧। ଯାହାର ପ୍ରଭାବ ଲୁପ୍ତ ହୋଇଅଛି—1. Bereft of glory or dignity.
୨। ଯାହାର ଅନ୍ୟ ଉପରେ କାର୍ଯ୍ୟକାରୀ ଶକ୍ତି ନଷ୍ଟ ହୋଇଅଛି—2. Shorn of one's influence.
(ହତପ୍ରଭାବା, ହତପ୍ରତାପା—ସ୍ତ୍ରୀ)

ହତପ୍ରାୟ—ସଂ. ବଣ—୧। ନଷ୍ଟପ୍ରାୟ—1. All but ruined.
Hataprāya ୨। ମୃତପ୍ରାୟ—2. All but dead. ୩। ମୁମୂର୍ଷୁ—3. Dying; at the point of death.
୪। ପ୍ରାୟ ହତ—4. Almost killed.

ହତ ବଳ—ସ. ବଣ. ପୁଂ (ବହୁବ୍ରୀହି)—୧। ଯାହାର ଶକ୍ତି ନଷ୍ଟ ହୋଇ
Hata bala ଅଛି—1. Having lost one's power.
(ହତବଳା—ସ୍ତ୍ରୀ) ୨। ଯାହାର ସୈନ୍ୟସମୂହ ନଷ୍ଟଅଛି—
2. Having one's forces killed; shorn or deprived of one's army by slaughter.

ହତ ବିକ୍ରମ—ସ. ବଣ. ପୁଂ (ବହୁବ୍ରୀହି; ହତ+ବିକ୍ରମ)—ଲୁପ୍ତ ବଳ;
Hata bikrama ବଳରହିତ; ପରାକ୍ରମରହିତ—
(ହତ ବିକ୍ରମା—ସ୍ତ୍ରୀ) Bereft of strength or prowess.

ହତବିକ୍ରମୋଦ୍ୟମ—ସଂ. ବଣ. ପୁଂ (ତ୍ରିକ; ବହୁବ୍ରୀହି; ହତ+
Hatabikramodyama ବିକ୍ରମୋଦ୍ୟମ)—ବଳ ଓ
ହତବିକ୍ରମୋଦ୍ୟମା / ହତବିକ୍ରମୋଦ୍‌ଯୋଗା } ସ୍ତ୍ରୀ— ଉଦ୍ୟମରହିତ—Bereft of strength and energy.
(ହତବିକ୍ରମୋଦ୍‌ଯୋଗ—ଅନ୍ୟରୂପ) (M. W).

ହତ ବିଧି—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ହତ+ବିଧି)—ଦୁର୍ଭାଗ୍ୟ;
Hata bidhi ଭାଗ୍ୟହୀନ—Ill-fated; ill-starred (M. W).

ହତ ବିନୟ—ସ. ବଣ. ପୁଂ (ବହୁବ୍ରୀହି; ହତ+ବିନୟ)—ଯାହାର ବିନୟ
Hata binaya ଲୁପ୍ତ ହୋଇଅଛି—Lost to a sense
(ହତ ବିନୟା—ସ୍ତ୍ରୀ) of propriety; dead to a sense of politeness.

ହତ ବୀର୍ଯ୍ୟ—ସ. ବଣ. ପୁଂ (ବହୁବ୍ରୀହି; ହତ+ବୀର୍ଯ୍ୟ)—ଶକ୍ତିହୀନ—
Hata birjya (ହତବୀର୍ଯ୍ୟା—ସ୍ତ୍ରୀ) Impotent.

ହତ ବୁଦ୍ଧି—ସ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—୧। କିଂକର୍ତ୍ତବ୍ୟବିମୂଢ଼—
Hata buddhi 1. Bewildered ୨। ନିର୍ବୋଧ—2. Foolish; silly. ୩। ମୂର୍ଖ—3. Stupid; ignorant. ୪। ଯାହାର ପୂର୍ବେ ବୁଦ୍ଧି ଥିଲା, କିନ୍ତୁ ବର୍ତ୍ତମାନ ବୁଦ୍ଧିଲୋପ ପାଇଅଛି—4. Recently shorn of one's intelligence.

ହତ ବୃତ୍ତ—ସଂ. ବଣ (ହତ+ବୃତ୍ତ; ବହୁବ୍ରୀହି)—ଛନ୍ଦୋହୀନ—
Hata brutta Defective in metre (M. W).

ହତ ବେଗ—ସଂ. ବଣ. ପୁଂ (ହତ+ବେଗ; ବହୁବ୍ରୀହି) - ଯାହାର
Hata bega ବେଗ ପ୍ରତିହତ ହୋଇଅଛି—Whose
(ହତବେଗା—ସ୍ତ୍ରୀ) impetusority force has been impeded (M. W).

ହତଭମ୍ବ(ମ୍ବ, ସ୍ବ)—ଦେ. ବଣ (ସଂ. ହତ ପ୍ରଭବ)—କିଂକର୍ତ୍ତବ୍ୟବିମୂଢ଼—
Hatabhamba(nwa, swa) Bewildered.
हतभम्ब हतबुद्धि

ହତଭାଗ—ସଂ. ବଣ. ପୁଂ [ବହୁବ୍ରୀହି; ହତ+ଭାଗ] - ହତଭାଗ୍ୟ,ଅଭାଗା-
Hatabhāga Unfortunate; unlucky (Apte).
(ହତଭାଗା—ସ୍ତ୍ରୀ)

ହତଭାଗା—ଦେ. ବଣ. ପୁଂ (ସ. ହତଭାଗ୍ୟ)—ହତଭାଗ୍ୟ (ଦେଖ)—
Hatabhāgā Hata bhāgya (See)
हतभागा हतभागा ସ. ବଣ. ସ୍ତ୍ରୀ—ହତଭାଗର
(ହତଭାଗିନୀ—ସ୍ତ୍ରୀ) ସ୍ତ୍ରୀଲିଙ୍ଗ—Feminine of Hatabhāga.

ହତଭାଗୀ—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ହତଭାଗ୍ୟ)—ଅଭାଗା; ହତଭାଗ୍ୟ
Hatabhāgi ଭାଗ୍ୟହୀନ—Unfortunate; unlucky.
हतभागी हतभागी

ହତ ଭାଗ୍ୟ—ସଂ. ବଣ. ପୁଂ (ବହୁବ୍ରୀହି ହତ+ଭାଗ୍ୟ)—ଭାଗ୍ୟହୀନ;
Hata bhāgya ଯାହାର ଭାଗ୍ୟ ମନ୍ଦ; ମନ୍ଦଭାଗ୍ୟ; ଅଭାଗା—
[ହତଭାଗ୍ୟା—ସ୍ତ୍ରୀ] Unfortunate; ill-fated; unlucky.
ବି (କର୍ମଧା)—ମନ୍ଦଭାଗ୍ୟ; ଦୁରଦୃଷ୍ଟ—Bad luck; misfortune.

ହତମାନ—ସଂ. ବଣ. ପୁଂ (ବହୁବ୍ରୀହି)—୧। ଯାହାର ସମ୍ମାନ ନଷ୍ଟ
Hata māna ହୋଇଅଛି; ଅସମ୍ମାନିତ—1. Dis-
(ହତମାନା—ସ୍ତ୍ରୀ) honoured. ୨। ଅବମାନିତ—
2. Disregarded; treated with disrespect.
(ଯଥା—ଜନ୍ମର ହସ୍ତେ ଅହା ଏ ହତମାନ—ନନ୍ଦଚୋର କର୍ତ୍ତୁଣୀ।) ୩। ଗର୍ବହୀନ; ଗର୍ବଶୂନ୍ୟ—
3. Free from pride or arrogance (M W).

ହତ ମାନସ—ସଂ. ବଣ. ପୁଂ [ବହୁବ୍ରୀହି; ହତ+ମାନସ]—ହତଚିତ୍ତ
Hata mānasa [ଦେଖ]—Hatachitta (See) [M.W].
[ହତମାନସା—ସ୍ତ୍ରୀ]

ହତ ମାନ୍ୟ—ଦେ. ବଣ.ପୁଂ ଓ ସ୍ତ୍ରୀ (ସ.ହତମାନ)—୧। ଅବମାନିତ—
Hata mānya 1. Dishonoured. ୨। ଅପମାନ ପ୍ରାପ୍ତ—
अपमानित अपमानित 2. Slighted. ବି—ଅପମାନ—
अपमान अपमान Dishonour; disrespect.

ହତ ମୂର୍ଖ—ସ. ବଣ—ଅତି ମୂର୍ଖ; ଘୋର ମୂର୍ଖ Very illiterate;
Hata mūrkha ବି. ପୁଂ—ଘୋର ମୂର୍ଖ ବ୍ୟକ୍ତି—A dolt; a
(ହତ ମୂର୍ଖା—ସ୍ତ୍ରୀ) blockhead (Apte).

ହତମ୍ଭମ୍ବ(ମ୍ବ, ସ୍ବ)—ଦେ. ବଣ. (ସ. ହତ ପ୍ରଭବ ବା ହତ ପ୍ରଭାବ)—
Hatambhamba(nwa, swa) ହତ ବୁଦ୍ଧି; କିଂ କର୍ତ୍ତବ୍ୟ-

हतभम्ब हतबुद्धि ବିମୂଢ଼—Bewildered. ଦ୍ର—ଏହାର ମୂଳ ସଂସ୍କୃତ ଶବ୍ଦ ମିଳୁ ନାହିଁ; ଅଧୁନାତନ ବଙ୍ଗୀୟ ଲେଖକମାନେ ବହୁଶଃ ଏ ଶବ୍ଦମାନ ଓ ହତଭମ୍ବ ଆଦି ଶବ୍ଦ ବ୍ୟବହାର କରୁଅଛନ୍ତି ଓ ତାଙ୍କ ଦେଖାଦେଖି ଓଡ଼ିଆ ସାହିତ୍ୟରେ ଏ ଶବ୍ଦମାନ ଚଳଇଲାଣି ।]

ହତ ଯୁଦ୍ଧ—ସଂ.ବଣ. ପୁଂ—(ବହୁବ୍ରୀହି; ହତ+ଯୁଦ୍ଧ)—ଯୁଦ୍ଧ କରିବାର Hata juddha ପ୍ରବୃତ୍ତି ରହିତ—Destitute of martial spirit. (ହତଯୁଦ୍ଧା—ସ୍ତ୍ରୀ)

ହତ ରଥ—ସଂ. ବି—(କର୍ମଧା)—ଯେଉଁ ରଥର ସାରଥି ଓ ରଥବାହୀ Hatartha ଅଶ୍ୱାଦି ହତ ହୋଇ ଅଛନ୍ତି—A chariot of which the horses and the charioteer are slain (Apte.)

ହତ ଲକ୍ଷଣ—ସଂ.ବଣ. ପୁଂ (ବହୁବ୍ରୀହି; ହତ+ଲକ୍ଷଣ)—
Hata lakshaṇa ୧ । ସୁଲକ୍ଷଣ ବର୍ଜିତ—1. Devoid of auspicious marks (Apte)
(ହତଲକ୍ଷଣା—ସ୍ତ୍ରୀ) ୨ । ହତଭାଗ୍ୟ—2. Ill fated (Apte)

ହତଲକ୍ଷ୍ମା—ଦେ. ବଣ ପୁଂ (ସଂ. ହତଲକ୍ଷ୍ମୀକ)—୧ । ହତଲକ୍ଷ୍ମୀକ—
Hatalakshmā (ଦେଖ)—Hatalakshmika (See)
हतलक्ष्मी हतलक्ष्मा ୨ । ହତଭାଗ୍ୟ (ଦେଖ)—2 Hatabhāgya (See)

ହତଲକ୍ଷ୍ମୀକ—ସଂ. ବଣ. ପୁଂ (ହତ+ଲକ୍ଷ୍ମୀ+କ)—ହତଶ୍ରୀ (ଦେଖ)—
Hatalakshmīka Hataśrī (See)
(ହତଲକ୍ଷ୍ମୀକା—ସ୍ତ୍ରୀ)

ହତ ଶକ୍ତି—ସଂ. ବଣ ପୁଂ ଓ ସ୍ତ୍ରୀ—(ବହୁବ୍ରୀହି; ହତ+ଶକ୍ତି)—ଯାହାର Hataśakti ଶକ୍ତି ବା କ୍ଷମତା ନଷ୍ଟ ହୋଇଅଛି—Shorn of one's petency

ହତଶା—ଦେ. ବି—ହତ୍‌ଶା (ଦେଖ)—
Hataśā हातल हाथरा Hat-śā (See)

ହତଶିରି—ଦେ. ବଣ (ସଂ. ହତଶ୍ରୀ)—୧ । ହତଶ୍ରୀ (ଦେଖ)—
Hata śirī 1. Hatasrī (See) [ଉ—ସକଳ ହେଲେ
हतश्री ହତଶିରି, ଚଳ ଅଚଳ ବନଗିରି—ଜଗନ୍ନାଥ. ଭାଗବତ]
हतसीरा ୨ । ଲକ୍ଷ୍ମୀହୀନ—2. Shorn of prosperity.
[ଉ—ଝଗଡ଼ା ଏକଲା ନାଗନାସି, ଯାହିଁ ଲାଗି ପଏ ଶତ କରେ ହତଶିରିଃ ଲେ ହୋଇଲ—ବାଲକୃଷ୍ଣ· ଅକାଳ ହୋଇଲି] ୩ । ଅତି ଅସୁନ୍ଦର; କୁତ୍ସିତ—3. Ugly.
[ଉ—ହତଶିରି ଘରକୁ ଘରଣୀ କୁଣିଆ କ ଯୋଗେ ମିଳଲେ ଅଛି—ଭଗ]
୧ । ଲକ୍ଷ୍ମୀହୀନତା, ଦାରିଦ୍ର୍ୟ—1. Poverty
୨ । ଶୋଭାହୀନତା—2. Gracelessness; ugliness.
[ଉ—ଦଣ୍ଡକେଶିର, ଦଣ୍ଡକେ ହତଶିରି—ଚଗ]

ହତଶିଷ୍ଟ—ସଂ. ବଣ. ପୁଂ—(ହତ+ଶିଷ୍ଟ ୫ମୀ ତତ୍)—ହତବ୍ୟକ୍ତି-
Hataśishṭa ମାନଙ୍କ ବାଦରୁ ଅବଶିଷ୍ଟ ରହିଥିବା—Left or remaining out of the slain; left
(ହତାବଶିଷ୍ଟ—ଅନ୍ୟରୂପ) surviving (M.W)

ହତଶିଷ୍ଟ ଜନ—ସଂ.ବ.ପୁଂ ଓ ସ୍ତ୍ରୀ—ଅହତମାନଙ୍କ ମଧ୍ୟରୁ ଅବଶିଷ୍ଟ ରହିଥିବା
Hataśiṣṭa jana ବ୍ୟକ୍ତି—A survivor of the slain. (M.W

ହତଶେଷ—ସଂ. ବଣ ପୁଂ (୫ମୀ ବା ୬ଷ୍ଠୀ ତତ୍, ହତ+ଶେଷ)—
Hataśesh ହତଶିଷ୍ଟ (ଦେଖ)— Hataśishṭa (See)
(ହତଶେଷା—ସ୍ତ୍ରୀ) (M.W.)

ହତଶ୍ୱାସ—ସଂ. ବଣ ପୁଂ (ବହୁବ୍ରୀହି)—୧ । ରୁଦ୍ଧଶ୍ୱାସ; ବେଦମ୍; ଯାହାର
Hata śwāsa ଶ୍ୱାସ ରୁଦ୍ଧ ହୋଇଅଛି—Out of breath; breathless.
(ହତଶ୍ୱାସା—ସ୍ତ୍ରୀ)

ହତଶ୍ରଦ୍ଧ—ସଂ. ବଣ ପୁଂ (ବହୁବ୍ରୀହି; ହତ+ଶ୍ରଦ୍ଧା+ଅ)—ହୀନଶ୍ରଦ୍ଧ;
Hataśraddha ଯାହାର ମନରୁ ଅନ୍ୟବ୍ୟକ୍ତି ବା ବିଷୟ ପ୍ରତି ପୋଷିତ ଶ୍ରଦ୍ଧା ଲୁପ୍ତ ହୋଇଅଛି—Having lost one's affection or attachment to anything or person.
(ହତଶ୍ରଦ୍ଧା—ସ୍ତ୍ରୀ)

ହତଶ୍ରଦ୍ଧା—ସଂ. ବି (କର୍ମଧା)—ଅନାଦର; ଅବଜ୍ଞା; ଅସମ୍ମାନ—Disrespect; dishonour; disregard.
Hataśradhā
ସଂ. ବଣ. ସ୍ତ୍ରୀ—ହତଶ୍ରଦ୍ଧର ସ୍ତ୍ରୀ ଲିଙ୍ଗ—Feminine of Hataśraddha.

ହତଶ୍ରୀ—ସଂ. ବଣ. ପୁଂ ଓ ସ୍ତ୍ରୀ (ହତ+ଶ୍ରୀ; ବହୁବ୍ରୀହି)—୧ । ନଷ୍ଟଶ୍ରୀ;
Hataśrī ଶ୍ରୀହୀନ; ଶୋଭାହୀନ—1. Bereft of grace. ୨ । ଅତି ଅସୁନ୍ଦର—2. Very ugly. ୩ । ଲକ୍ଷ୍ମୀହୀନ; ଅତି ଗରିବ—3. Very poor; bereft of riches; indigent. ୪ । ଯେ ଲକ୍ଷ୍ମୀବନ୍ତ ଥିଲେ, ବର୍ତ୍ତମାନ ଲକ୍ଷ୍ମୀହୀନ ହୋଇଅଛି—4. Reduced to penury.

ହତଶ୍ରୀକ—ସଂ. ବଣ. ପୁଂ (ବହୁବ୍ରୀହି; ହତ+ଶ୍ରୀ+କ)—ହତଶ୍ରୀ (ଦେଖ)
Hataśrīka Hata śrī (See)
[ହତଶ୍ରୀକା—ସ୍ତ୍ରୀ]

ହତସଂଜ୍ଞ—ସଂ. ବଣ ପୁଂ (ହତ+ସଂଜ୍ଞା; ବହୁବ୍ରୀହି)—ହତଚେତନ
Hatosaṁjñya (ଦେଖ)—Hata chetana (See)
[ହତସଂଜ୍ଞା—ସ୍ତ୍ରୀ]

ହତ ସମ୍ପଦ—ସଂ. ବଣ. ପୁଂ (ବହୁବ୍ରୀହି; ହତ+ସମ୍ପଦ୍+ଅ)—ହତଶ୍ରୀ
Hata sampada (ଦେଖ) (M. W)—Hataśrī (See)
[ହତସମ୍ପଦା—ସ୍ତ୍ରୀ]

ହତ ସମ୍ମଦ—ସଂ. ବଣ. ପୁଂ (ବହୁବ୍ରୀହି; ହତ+ସମ୍ମଦ)—ଯାହାର ଆନନ୍ଦ
Hata sampada ଧ୍ୱସ୍ତ ହୋଇଅଛି—Whose pleasures
[ହତସମ୍ମଦା—ସ୍ତ୍ରୀ] are destroyed or marred (M. W).

ହତ ସର୍ବଯୋଧ—ସଂ. ବଣ. ପୁଂ (ବହୁବ୍ରୀହି; ହତ+ସର୍ବଯୋଧ)—
Hata sarbajodha ଯାହାଙ୍କର ସବୁ ଯୋଦ୍ଧାମାନ ହତ ହୋଇଅଛନ୍ତି—Having all the warriors slain (M. W)

ହତ ସର୍ବସ୍ୱ—ସଂ. ବଣ. ପୁଂ (ବହୁବ୍ରୀହି)—ଯାହାର ସର୍ବସ୍ୱ ନଷ୍ଟ ହୋଇ
Hata sarbaswa ଅଛି—Having all the property
[ହତସର୍ବସ୍ୱା—ସ୍ତ୍ରୀ] ruined or gone; shorn or bereft of all possessions.

ହତସା—ଦେ. ବ—ହତଶା (ଦେଖ)
Hatasā Hat-śā (See)

ହତ ସାଧ୍ୱସ—ସ. ବଣ. ପୁଂ (ବହୁବ୍ରୀହି; ହତ+ସାଧ୍ୱସ)—ଭୟମୁକ୍ତ—
Hata sādhwasa Freed from fear (M. W).
[ହତସାଧ୍ୱସା—ସ୍ତ୍ରୀ]

ହତ ସାରଥି (ସୂତ)—ଯେଉଁ ଯୋଦ୍ଧାଙ୍କର ରଥର ସାରଥି ଯୁଦ୍ଧରେ ହତ
Hata sārathi (sūta) ହୋଇଅଛି—Having one's charioteer slain in battle.

ହତସ୍ତ୍ରୀକ—ସ. ବଣ. ପୁଂ (ବହୁବ୍ରୀହି; ହତ+ସ୍ତ୍ରୀ+କ)—ନାରୀଘାତକ;
Hatastrīka ସ୍ତ୍ରୀହତ୍ୟାକାରୀ—One who has murdered a woman or one's wife (M. W).

ହତସ୍ୱ—ଦେ. ବଣ (ସ. ହତ ସର୍ବସ୍ୱ)—ହତ ସର୍ବସ୍ୱ (ଦେଖ)
Hataswa Hata sarbaswa (See)
हतसर्वस्व हतस्व

ହତ ସ୍ୱର—ସ. ବଣ. ପୁଂ [ବହୁବ୍ରୀହି; ହତ+ସ୍ୱର]—ଯାହାର ଗଳା ଘଡ଼
Hata swara ଯାଇଅଛି—One who has lost his
[ହତସ୍ୱରା—ସ୍ତ୍ରୀ] voice; hoarse (M. W)

ହତସ୍ୱସୃ—ସ. ବଣ [ବହୁବ୍ରୀହି; ହତ+ସ୍ୱସୃ]—ଯାହାର ଭଉଣୀ ନିହତା
Hata swasṛu ହୋଇଥିଲେ—One who has his sister slain (M. W.)

ହତସ୍ୱାମିକ—ସ. ବଣ. ପୁଂ [ବହୁବ୍ରୀହି; ହତ+ସ୍ୱାମିନ୍+କ; ହତ+
Hataswāmika ସ୍ୱାମିନ୍]—ଯାହାର ପ୍ରଭୁ ହତ ହୋଇଅଛି—
[ହତସ୍ୱାମିକା—ସ୍ତ୍ରୀ] Having lost the master.

ହତ ସ୍ୱାମିକା—ସ. ବଣ. ସ୍ତ୍ରୀ—୧ । ଯାହାର ଭର୍ତ୍ତା ହତ ହୋଇଅଛି—
Hata swāmikā 1. Having her husband slain.
୨ । ବିଧବା—2. Widow. ୩ । ହତସ୍ୱାମିକର ସ୍ତ୍ରୀଲିଙ୍ଗ—
3. Feminine of Hata swāmika.

ହତ ସ୍ମର—ସ. ବ (ବହୁବ୍ରୀହି; ହତ ହୋଇଥିଲେ ସ୍ମର=ମଦନ ଯାହାଙ୍କ
Hata smara ଦ୍ୱାରା)—ମହାଦେବ; ଶିବ—Siba; the slayer of Cupid.

ହତ ହୃଦୟ—ସ. ବ (କର୍ମଧା)—ନୈରାଶ୍ୟଦୁଷ୍ଟ ମନ—Broken
Hata hṛudaya heart (M. W). ସ. ବଣ. ପୁଂ—ନୈରାଶ୍ୟ-
[ହତହୃଦୟା—ସ୍ତ୍ରୀ. ବଣ] ପୂର୍ଣ୍ଣ; ନିରାଶ—Broken hearted; desperate.

ହତା—ଦେ. ବ [ସ. ହସ୍ତକ]—୧ । [ହାତର ପାପୁଲିପରି ଆକାର
Hatā ବିଶିଷ୍ଟ ଥିବାରୁ]—କଉଚୁଲି—1. A big wooden
हाता, करछुलि spoon. ୨ । ଡବୀ; ଚଟୁ—2. Ladle. ୩ ।
धनुरमुठो ଧନୁର ମୁଠା; ଧନୁର ଯେଉଁ ଅଂଶକୁ ମୁଠାଇ ଧରବାକୁ
मुठा ହୁଏ—3. Handle of a bow; the part of a bow which is held with the fisted palm.
୪ । ଧନୁର ଦୁଇକୋଟି; ଧନୁର ମଧ୍ୟସ୍ଥଳରୁ ଦୁଇ ଦଗକୁ ବାହାରିଥିବା ବକ୍ର ଅଂଶ—4. The arms of bow.
[ଢ଼—କୃଷ୍ଣ ଧନୁହତା ଦୁହିଁକି ଦେଲେ ଛେଦ—ଶାରଳା.
ମହାଭାରତ] ୫ । କେବଳ ବା ଅଞ୍ଜଳି ଦ୍ୱାରା ଏକା
अँजला ଥରକେ ଯେତେ ପଦାର୍ଥ (ଯଥା—ଜଳ, ଭୂଷଣ)
अंजुल ସମ୍ଭାଏ—5. A handful (of any thing) ୬ ।
ଅଞ୍ଜଳି—6. Joined palms of the two hands.
हातल ୭। ହାତଦ୍ୱାରା ସହଜରେ ଧରି ହୋଇ ନ ପାରବା ବସ୍ତୁକୁ
हत्था ହାତରେ ଧରିବାପାଇଁ ଯେଉଁ ବେଣ୍ଟ ବା ମୁଠିଅ ଲଗା
ଯାଇଥାଏ—7. The handle attached to any cumbrous or inconvenient thing. ୮ । (ଅ. ହତ୍ତ) କୌଣସି ଘରର ଚାରିପାଖେ ବେଢ଼ିଥିବା ଅଗଣା ବା ବେଷ୍ଟିତ ସ୍ଥାନ—8. A compound or enclosed space surrounding a house. ୯ । ଘରବାଡ଼ି;
हाता ବାସ୍ତୁ—9. Homestead; a house and its
हत्ता, आहता precincts. ୧୦ । ଘର ଓ ତତ୍‌ସଲଗ୍ନ ଭୂମିର ଚାରି ପାଖେ ଘେରିଥିବା ପାଚେରି—10. Compound wall.
हाता प्रान्त ୧୧ । ରାଜକୀୟ ପ୍ରଦେଶ ବା ଶାସନ ବିଭାଗର ସୀମା —(ଯଥା, ବଙ୍ଗଳା ହତା)—11. The jurisdiction or limit of an administrative Province. ୧୧ । କୌଣସି ପ୍ରଦେଶ—11 Any Province. ସଂ. ବଣ—ସ୍ତ୍ରୀ—(ହତ+ଆ)—
୧ । ହତର ସ୍ତ୍ରୀଲିଙ୍ଗ—1. Feminine of Hata.
୨ । ବ୍ୟଭିଚାରିଣୀ (ହ. ଶ)—2. Adulterous (woman). ଦେ· ବଣ (ସଂ. ହସ୍ତ)—୧ । ଏକ କରତଳ ବା ଅଞ୍ଜଳି ପରିମିତ—1. A handful
अँजला or palmful of (anything). ୨ । (ଅନ୍ୟ
अंजुल ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ଡାଣହତା, ବାମହତା) ହସ୍ତ
हत्ता हत्था ବିଶିଷ୍ଟ—2. (used as compound after other words)—handed. ୩। (ଅନ୍ୟ ସଂଖ୍ୟାବାଚକ (ହତା, ହତେଇ—ସ୍ତ୍ରୀ) ଶବ୍ଦ ସଙ୍ଗେ ଯୁକ୍ତ) ଏତେ ହାତ ଲମ୍ବବିଶିଷ୍ଟ
हात हत्था (ଯଥା—ଷାଠିହତା ମର୍ଦ୍ଦ)—3. Long by (so many) cubits. ପ୍ରାଦେ (ଗଡ଼ଜାତ) ବ—କେତର କଅଣମାନଙ୍କୁ ପାଣିଯିବା ରାସ୍ତା—water channel or passage for taking water to the fields (for irrigation pupposes)

ହତା(ତେ)ଇବା—ଦେ. କି—ହାତଦ୍ୱାରା କୌଣସି ବସ୍ତୁକୁ ଧରବା—
Hatā(te)ibā To handle anything.
हातान हथोरना

ହତା ଉଠା(ଠେ)ଇବା (ବୁଲା[ଲେ]ଇବା)—ଦେ. କି—ଗୃହ ଓ ତତ୍
Hatā uṭhā(ṭhe)ibā (bulā[le]ibā) ସଂଲଗ୍ନ ଜମିର
(ହତା ଘେର [ରେ] ଇବା—ଅନ୍ୟରୂପ) ଚାରିଆଡ଼େ ପଚେରି
पाँचीर घेरान ଘେରାଇବା—To raise a compound
हत्ता उठाना wall round a house and its grounds.

ହତାଏ—ଦେ. ବଣ—୧ । ଏକହତା ବା କଉଚୁଲି ପରିମିତ—1. One
Hatāe ladleful of (anything) ୨ । ଏକ ଅଞ୍ଜଳି

(ହତା ଏକ—ଅନ୍ୟରୂପ) ଚଉଗିଡ—2. One double hand-
একহাতা ful of (anything) ୩। ଏକ ହାତର ପାପୁଲି ପୂରିକି—
एकलप 3. One handful of. [ଉ—ତାହାର ପାଖରୁ ଭାତ ହତାଏକ ଖାଇ, ଡାଲି ଦେଲେ ଟିକି ଟିପା ଘାସ ଶାକ ଭୋଜନ ଲେଉଟିଲେ—ସାରଳା. ମହାଭାରତ ଅରଣ୍ୟ ।]

ହତାଦର—ସଂ. ବଣ—(ହତ+ଆଦର; ବହୁବ୍ରୀହି)—୧ । ଅବଜ୍ଞାତ;
Hatādara ଅପମାନିତ; ଅନାଦୃତ; ଉପେକ୍ଷିତ—1. Dishonoured; slighted; insulted. [ଉ—ହତାଦର ହୋଇ ଦେଶ ଛାଡ଼, ହାତବାନ୍ଧି ନ କହନ୍ତୁ ଶିଳପି ସମାଜ—ବାଳକୃଷ୍ଣ ଅକାଳ ବୋଇଲ ।] ସଂ.ବି. (କର୍ମଧା)—୧ । ଆଦରର ଅଭାବ—1. Want of respect. ୨। ଅସମ୍ମାନ ଅନାଦର—2. Disregard. ୩। ହେଳାଚ୍ଛେଦ—3. Slight. ୪। ଅପମାନ—4. Dishonour; insult. ଦେ. ବି—ଅଯତ୍ନ—Want of
হতাদর care. [ଉ—ପିଲାଟା ମାମୁଁ ଘରେ ଭାରି ହତାଦର ପାଉଛି—ଫକୀରମୋହନ ।]

ହତାଧ୍ୱର—ସ. ବ. ପୁଂ—(ବହୁବ୍ରୀହି; ହତ=ନଷ୍ଟ ହୋଇଅଛି ଅଧ୍ୱର
Hatādhwara =(ଦକ୍ଷ)ଯଜ୍ଞ ଯାହାଙ୍କଦ୍ୱାରା)— (ଦକ୍ଷଯଜ୍ଞ ବିନାଶକ) ମହାଦେବ; ଶିବ—Śiba (the destroyer of Daksha's sacrifice)

ହତା ପର୍‌ଛିର୍(ତି) [ପାଛି (ଚେ)ରି]—ଦେ. ବି—ଘରର ଚାରିପାଖେ
Hatā parchhit(ti) pāchi(che)ri ଗୁଣିଥିବା ଅଳ୍ପ ଉଚ୍ଚ
হাতা চারিদিকের দেবাল କାନ୍ଥ—Compound wall or
हत्ता की चारदेवाली parapet.

ହତାପାର (ରି)—ଦେ. ବି—୧ । ଗୃହର ସୀମାରୁ ବାହାର ଯିବା—1.
Hatā pār(ri) Going out of the limits of a house
হতাপার and its grounds ୨ । ହତା ବାହାର ଦେଖ—
हत्तापार 2 Hatā bāhāra (See) ବଣ —ହତା ବାହାର ଦେଖ—Hatā bāhara (See)

ହତା ବାହାର—ଦେ.ବି—ଗୃହର ଓ ବାସ୍ତୁର ଚତୁଃସୀମାରୁ ବହିଷ୍କରଣ—
Hatā bāhār Driving away a person from the
হাতারবাহির precincts of a house. ବଣ—ଗୃହର ଚତୁଃ-
हता बाहार ସୀମାରୁ ବହିଷ୍କୃତ—Driven away from a house and its precincts.

ହତ ବୁଲା(ଲେ)ଇବା—ଦେ. କି—ହତା ଉଠାଇବା (ଦେଖ)
Hatā bulā(le)ibā Hatā uthāibā (See)

ହତାଭ—ସ. ବଣ. ପୁଂ (ହତ+ଆଭା; ବହୁବ୍ରୀହି; ହତ ହୋଇଅଛି ଆଭା
Hatābha ଯାହାର)—ହତପ୍ରଭ (ଦେଖ)—Hata prabha
[ହତାଭା—ସ୍ତ୍ରୀ] (See)

ହତା ମର୍ଦ୍ଦା(ର୍ଦ୍ଦେ)ଇବା—ଦେ କି—୧ । କୌଣସି ବ୍ୟକ୍ତିକୁ ଗୃହର
Hatā mardā(rde)ibā ହତା ମଧ୍ୟକୁ ବା ସୀମା ମଧ୍ୟକୁ ପଶିବାକୁ
হাতায় আসিতে দেওয়া ଅନୁମତି ଦେବା—1. To let a per-
हाता भितर आनेदेना son enter the precincts or premises of a house. ୨ । ସଂଲଗ୍ନ ଜମିକୁ ଅଧିକାର କରି ହତାକୁ ବଢ଼ାଇବା ବା ଦଖଲ କରିବା—2. To erect a compound wall so as to encroach on or occupy the adjoining land.

ହତା ମନା—ଦେ. ବି—ଘରର ଚତୁଃସୀମାକୁ ପଶିବାକୁ କୌଣସି
Hatā manā ବ୍ୟକ୍ତିକୁ କରିବା ନିଷେଧ—Ordering a
হতা মানা person not to enter the precincts and
हत्ता माना premises of a house.

ହତା ମାଡ଼ିବା—ଦେ. କି—କୌଣସି ବ୍ୟକ୍ତିଙ୍କ ଗୃହର ଚତୁଃସୀମାରେ
Hatā mārdibā ପଦକ୍ଷେପଣ କରିବା—To step into
হাতায় পাদেওয়া हत्तामें आना the precincts of the house of a person.

ହତାମ୍ବମ୍ବ[ନ୍ୱ,ଶ୍ୱ]—ଦେ. ବଣ—ହତାବମ୍ବ (ଦେଖ)
Hatāmbhamba(nwa,śwa) Hatabhamba (See)

ହତାର—ପ୍ରାଦେ (ସିଂହଭୂମି) ବି—ଅଥାର (ଦେଖ)
Hatāra Athāra (See)

ହତାଲ୍ଲା—ପ୍ରାଦେ (ଗଡ଼ଜାତ) ବଣ—ଏକ ହାତରେ ଯେତେ ପରିମାଣରେ
Hatālā ଧରି ହୁଏ—A handful or palmful of. ବି—ଏକ ହାତର ପାପୁଲିରେ ଧରି ହେବା ବସ୍ତୁର ପରିମାଣ—A handful.

ହତାଶ—ସ. ବଣ. ପୁଂ (ହତ+ଆଶା+ଅ; ବହୁବ୍ରୀହି; ହତ=ଲୁପ୍ତ
Hatāsa ହୋଇଅଛି ଆଶା ଯାହାର)—୧ । ନିରାଶ—
[ହତାଶା—ସ୍ତ୍ରୀ] 1. Hopeless. ୨ । ଯାହାର ଆଶା ନଷ୍ଟ ହୋଇଅଛି—2. Having one's hopes blighted; desperate. ୩ । ଭଗ୍ନହୃଦୟ—3. Disappointed. ୪ । ନିଷ୍ଫଳ—4. Fruitless. ୫ । ବନ୍ଧ୍ୟା (ଶବ୍ଦ ରତ୍ନାବଳୀ)—5. Barren. ୬ । ଅବସନ୍ନ—6. Pulled down; dejected. ୭ । ନିଷ୍ଠୁର; ନିର୍ଦ୍ଦୟ (ମେଦିନୀ)—7. Cruel; merciless. ୮ । ଦୁଷ୍ଟ – 8. Wicked. ୯ । ଦୁର୍ବଳ—9. Weak.

ହତାଶିଆ[ୟା]—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ହତାଶ)—ହତାଶ; ଯାହାର
Hatāsiā[yā] ଆଶା ନଷ୍ଟ ହୋଇଅଛି—Desperate; dis-
হতাশ हतासिया appointed.

ହତାଶିବା—ପ୍ରାଦେ. (ଗଡ଼ଜାତ) କି—ହତାଶ କରିବା; ନିରାଶ
Hatāsibā କରିବା—To disappoint; to cause disappointment.

ହତାଶ୍ୱ—ସ. ବଣ. ପୁଂ (ବହୁବ୍ରୀହି)—ଯେଉଁ ରଥୀକର ବା ଅଶ୍ୱାରୋହୀର
Hatāśwa ଅଶ୍ୱ (ଯୁଦ୍ଧାଦିରେ) ହତ ହୋଇଅଛି—Having
[ହତାଶ୍ୱା—ସ୍ତ୍ରୀ] the horse (which a person was riding or driving) slain.

ହତାଶ୍ୱାସ—ସ. ବଣ (ବହୁବ୍ରୀହି; ହତ ହୋଇଅଛି ଆଶ୍ୱାସ ଯାହାର)—
Hatāśwāsa ହତାଶ (ଦେଖ)—Hatāsa (See) ବି—

(କର୍ମଧା)—ନୈରାଶ୍ୟ—Desperation; disappointment; hopelessness.

ହତାସ୍ମି—ସ. ଅ (ସ୍ତ୍ରୀଙ୍କ ବ୍ୟବହୃତ ଶବ୍ଦ)—ହତୋସ୍ମି (ଦେଖ)
Hatāsmi — Hatosmi (See)

ହତାହତ—ସ. ବଣ—ହତ [ବ୍ୟକ୍ତି] ଓ ଅହତ [ବ୍ୟକ୍ତି]—ମାରିତ ଓ
Hatāhata — ଅଘାତପ୍ରାପ୍ତ [ବ୍ୟକ୍ତିଗଣ]—Killed and wounded [persons]. ସ. ବ—ମାରିତ ଓ ଅଘାତ ପ୍ରାପ୍ତ ବ୍ୟକ୍ତିଗଣ—The killed and the wounded.

ହତାହତି—ଦେ. ବ. (ସ. ହସ୍ତାହସ୍ତି)—୧ । ହାତାହାତି; ପରସ୍ପର
Hatāhati — ହସ୍ତଦ୍ୱାରା ଆକ୍ରମଣ—1 Hand to hand
হাতাহাতি — fighting ୨ । ହାତେ ହାତ; ଏକ ହାତରୁ ଅନ୍ୟ
हथाबाँही — ହାତକୁ କୌଣସି ଦ୍ରବ୍ୟର ହସ୍ତାନ୍ତର—2 Change of hands; transfer of a thing from one person to another

ହତାହଂ—ସଂ. ଅ—(ସ୍ତ୍ରୀଙ୍କଦ୍ୱାରା ବ୍ୟବହୃତ)—ହତୋଽହଂ (ଦେଖ)—
Hatāham — Hatoham (See)

ହତି—ସଂ. ବ.—(ହନ୍‌ଧାତୁ+ଭାବ ତି)—୧। ହନନ; ବଧ; ହତ୍ୟା—
Hati 1. Slaughter; killing; murder [ଉ—ଭୂଲିଲା ନାହିଁ ତ ଅସ୍ତ୍ର ଶସ୍ତ୍ରମାନ ଏ ଯେଉଁ ଯେତେକ ହତି ସେ—ଭଞ୍ଜ, ବୈଦେହୀଶବିଳାସ ।] ୨। ଅପକର୍ଷ; ଗ୍ଲାନତା (ଭାବ୍ୟପ୍ରକାଶ)—2. Inferiority. ୩। ଜଘନ୍ୟତା—3.Wretchedness; nastiness. ୪। ବ୍ୟାଘାତ—4. Obstruction. ୫। ଗୁଣନ—5. Multiplication.

ହତିଆ—ଗ୍ରା. ବ. ସଂ (ହତ୍ୟା)—୧। ହତ୍ୟା (ଦେଖ)—1. Hatyā.
Hatiā (See) ୨। ଅଧା; ଦେବତାଙ୍କ ନିକଟରେ ମନୋବାଞ୍ଛା
হত্যা हतिआ ପୂରଣ ହେବା ପର୍ଯ୍ୟନ୍ତ ଧାରଣାଦେଇ ପଡ଼ି ରହିବା —2.Throwing one's self before a Deity till one's prayer is fulfilled.

ହତିଆ କରିବା—ଗ୍ରା. କ୍ରି—ହତ୍ୟା କରିବା (ଦେଖ)—
Hatiā kariba — Hatyā kariba (See)
হত্যাকরা हतिआ करना

ହତିଆ ଦେବା (ପଡ଼ିବା)—ଗ୍ରା. କ୍ରି—ହତ୍ୟାଦେବା (ଦେଖ)—
Hatiā debā (pardibā) — Hatyā debā (See)
হত্যাদেওয়া हतिआ देना

ହତିଆର—ଦେ. ବ (ସଂ ହେତି=ଅସ୍ତ୍ରଶସ୍ତ୍ର; ସଂ ହତ୍ୟାକାର; କିମ୍ବା ସଂ
Hatiāra — ହସ୍ତକ; ଯାହା ହାତରେ ଧରିଯାଇ ବ୍ୟବହୃତ
হাতিআর, হেতের हथियार ହୁଏ)—୧। ଅସ୍ତ୍ରଶସ୍ତ୍ର—1. Weapons; arms. ୨। ଶିଳ୍ପକରଙ୍କ ଶିଳ୍ପକାର୍ଯ୍ୟର ସାଧନ ଶସ୍ତ୍ରାଦି—2. Implements of an artisan. ୩। ଡାକ୍ତରଙ୍କର ଶସ୍ତ୍ର—3. Surgical instrument. ଗ୍ରା. ବ (ଇତର ବ୍ୟବହୃତ; ଲକ୍ଷଣାର୍ଥ) ପୁରୁଷର ଲିଙ୍ଗ—(slang) Penis.

ହତିଆର ଘର—ଦେ. ବ—ଯେଉଁ ଘରେ ନାନାବିଧ ଅସ୍ତ୍ର ଶସ୍ତ୍ର ରହିତ
Hatiara ghara — ହୋଇଥାଏ—Armoury; arsenal.
হাতিআর ঘর हथियार घर

ହତିଆର ଚଳା(ଲା)ଇବା (ଚାଳିବା)—ଦେ. କ୍ରି—୧। ଶତ୍ରୁ ଉପରେ
Hatiāra chalā(laibā)(chālibā) — ଯୁଦ୍ଧକ୍ଷେତ୍ରର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା—1.To ply a weapon against an enemy—୨। (ଡାକ୍ତର) ଚିକିତ୍ସାର୍ଥ ଅସ୍ତ୍ରଚାଳନ କରିବା
হাতিআর চালান हथीयार चलाना 2, [a doctor] To perform an operation on a patient.

ହତିଆର ଚାଲିବା—ଦେ ବ—କାର୍ଯ୍ୟକ୍ଷେତ୍ରରେ ଅସ୍ତ୍ର ଶସ୍ତ୍ରର ବ୍ୟବହାର—
Hatiāra chālibā — The actual use of weapons
হাতিয়ার চালা हथियार चलना on the field.

ହତିଆର ବାନ୍ଧିବା—ଅସ୍ତ୍ରଶସ୍ତ୍ରାଦି ଦ୍ୱାରା ନିଜର ଦେହକୁ ସଜ୍ଜିତ କରିବା—
Hatiāra bāndhibā — To arm one's body with
হতিআর বাঁধা हथिआर बाँधना weapons; to be armed.

ହତିଆରି—ଦେ. ବଣ. ପୁଂ ଓ ସ୍ତ୍ରୀ—ଅସ୍ତ୍ର ଶସ୍ତ୍ରଦ୍ୱାରା ସଜ୍ଜିତ—
Hatiāri অস্ত্রধারী हथिआरबन्द Armed with weapons.
[ହତିଆରିଆ—ଅନ୍ୟରୂପ]

[ଡାକୁ] ହତିଆ ଲାଗିବା—ଦେ. ବ.—ହତ୍ୟାଜନିତ ପାପରେ ଲିପ୍ତ
Hatiā lagibā — ହେବା—Being tented with the
হতিআ লাগা हतिआ लगना sin of a slaughter.

ହତିଶା—ଦେ. ବ—ହଟ୍‌ଶା (ଦେଖ)
Hatisā — Hat-sā (See)

ହତିଶିରି—ଗ୍ରା.ବଣ—ହତଶିରି (ଦେଖ)
Hatisiri — Hatasiri (See)

ହତି—ପ୍ରାଦେ [ଭଟଚାଉଁଣା] ଅ—କିନ୍ତୁ—But. ପ୍ରାଦେ [ଗାଁଠଣା]
Hati — ଅ—ଏପରି—Thus.
[ହତିଲେ—ଅନ୍ୟରୂପ]

ହତୁ(ତ୍ତୁ)—ଦେ. ଅ—ହତ୍ (ଦେଖ)
Hatu(ttu) — Hat (See)
[ସଂ. ବ—ଶୀତ କାଳ—Winter [M. W]

ହତେଇବା—ଦେ. କ୍ରି—ହତାଇବା [ଦେଖ]
Hateibā — Hatāibā [See]

ହତୋତ୍ସାହ—ସଂ. ବ. ପୁଂ. (ବହୁବ୍ରୀହି; ହତ=ଲୁପ୍ତ ହୋଇଅଛି ଉତ୍ସାହ
Hatotsāha — ଯାହାର)—୧। ଯାହାର ଉତ୍ସାହ ଭଙ୍ଗି ଯାଇଅଛି—
[ହତୋତ୍ସାହା—ସ୍ତ୍ରୀ] 1. One who has his fervour extinguished, ୨। ନିରୁତ୍ସାହ—2. One who has lost his eagerness; discouraged. ବ—କର୍ମଧା—ଉତ୍ସାହର ଲୋପ—Discouragement.

ହତୋଦ୍ୟମ—ସଂ. ବଣ. ପୁଂ [ବହୁବ୍ରୀହି]—୧। ଉଦ୍ୟମହୀନ—
Hatodyama 1. Having the spirits cowed
[ହତୋଦ୍ୟମା—ସ୍ତ୍ରୀ] down; effortless. ୨। ନିରୁତ୍ସାହ—2. Discouraged.

ହତୋଽସ୍ମି—ସଂ. ଅ [ପୁରୁଷଙ୍କଦ୍ୱାରା ବ୍ୟବହୃତ ; ହତଃ+ଅସ୍ମି=ମୁଁ ହତ
Hato (a) smi ହୋଇଅଛି; ସନ୍ଧି ଯୋଗ ଅ ସ୍ଥଳରେ ଖଣ୍ଡ ଅକାର
(ଽ) ବା ହତୋଽସ୍ମି ।] (ଖେଦୋକ୍ତିରେ ବ୍ୟବହୃତ ବାକ୍ୟ)
ଅହୋ ! ମୁଁ ମଲି । ମୋ କଥା ସରିଗଲା, ଅହୋ !—
(Interjection) Oh ! I am done for; Alas !
(ହତାସ୍ମି—ସ୍ତ୍ରୀମାନଙ୍କ ବ୍ୟବହୃତ) I am gone.

ହତୋଽହଂ—ସଂ. ଅ (ପୁରୁଷଙ୍କ ବ୍ୟବହୃତ, ହତଃ+ଅହଂ)—(ଖେଦୋକ୍ତି
Hato (a) ham ବା ନୈରାଶ୍ୟ ସୂଚକ ବାକ୍ୟ)—ମୁଁ ମଲି—
(Interjection) I am done for.
(ହତାହଂ—ସ୍ତ୍ରୀ ମାନଙ୍କ ବ୍ୟବହୃତ)

ହତୌଜାଃ—ସଂ. ବ (ବହୁବ୍ରୀହି, ହତ+ଓଜସ୍, ୧ମା. ୧ବ)—୧ ।
Hataujāh ନିସ୍ତେଜସ୍କ; ତେଜୋହୀନ—1. Powerless.
୨ । ଦୁର୍ବଳ—2. Shorn of strength; reduced to impotence.

ହଟ୍ଟ—ଦେ. ଅ—ହଟ୍ (ଦେଖ)—
Hatta Hat (See)
[ହଟ୍ଟେରି, ହଟ୍ଟେରିକା (ବ, ବେ)—ଅନ୍ୟରୂପ]
খোত্ ঘত্

ହଟ୍ଟା—ଗ୍ରା. ବଣ. ଓ ବ (ଫ. ହର୍ତ୍ତା)—ହର୍ତ୍ତା (ଦେଖ)—
Hattā Harttā (See)
ଦେ. ବ.—ହଟା ଇତ୍ୟାଦ (ଦେଖ)—
হাতা হত্তা Hattā etc. (See)

ହଟ୍ଟାକର୍ତ୍ତା—ଗ୍ରା. ବ (ସଂ ହର୍ତ୍ତା ଓ କର୍ତ୍ତା ଦୁହିଁ ମିଳି ପ୍ରଳମ୍ବୁକ୍ତି)—
Hattā kattā ହର୍ତ୍ତାକର୍ତ୍ତା ଦୈବ ବିଧାତା ସ୍ୱରୂପ କୌଣସି
କାର୍ଯ୍ୟରେ ସର୍ବମୟ ପ୍ରଭୁ—An all powerful
master; a sole master or lord of the
হর্তাকর্তা हर्ताकर्ता situation
[ହର୍ତ୍ତାକର୍ତ୍ତା ବିଧାତା, ହର୍ତ୍ତାକର୍ତ୍ତା ଦୈବ ବିଧାତା—ଅନ୍ୟରୂପ]

ହଟ୍ଟେରି—ଦେ. ଅ—ହଟ୍ (ଦେଖ)—
Hatteri Hat (See)
[ହଟ୍ଟେରିକା (ବ, ବେ); ହଟ୍ଟେରେହେ—ଅନ୍ୟରୂପ]

ହତ୍ନୁ—ସ.ବ (ହନ୍ ଧାତୁ+କର୍ତ୍ତୃ ନୁ)—୧ ।ବ୍ୟାଧି (ଉଣାଦିକୋଷ)—
Hatnu 1. Disease; sickness. ୨ । (+କରଣ ନୁ,)
ଅସ୍ତ୍ରଶସ୍ତ୍ର—(ଉଣାଦିକୋଷ)—2. Weapon.

ହତ୍ୟା—ସ. ବ (ହନ୍ ଧାତୁ=ବଧ କରିବା+ଭାବ ଯ+ଅ)—ପ୍ରାଣ-
Hatyā ନାଶ; ହନନ; ବଧ; ଜୀବନରେ ମାରି ପକାଇବା—
ବଣ.—ହତ, ହନ୍ତା (ପୁଂ) Killing; murder; slaughter.
ହତା, ହନ୍ତ୍ରୀ (ସ୍ତ୍ରୀ) ଦେ. ବ—୧ । ଅଭୀଷ୍ଟ ସିଦ୍ଧି ନହେବା ପର୍ଯ୍ୟନ୍ତ
হত্যা ପ୍ରାଣପଣ କରି ଅନଶନରେ କୌଣସି ଦେବତାଙ୍କ ପାଖରେ
हतया ଧାରଣାଦେବା—1. Act of lying prostrate before
a Deity till one's prayer is responded to
by the Deity. ୨ । ହତ୍ୟା ଜନିତ ପାପ ବା
ଅପରାଧ—2. Sin or offence resulting from
murder. [ଦ୍ର—ଜୀବରେ ହତ୍ୟା, ମାଙ୍କଁ ପରେ
କାରଣ ନାହିଁ—ଭଗ] ୩ । କୌଣସି ବ୍ୟକ୍ତିର ମୃତ୍ୟୁ
ଜନିତ ପାପଭାର—3. The burden of sin due
to one's death. [ଦ୍ର—ନଳ ବନା ଯେ ଏଣେ
ଗଲିବ ମୁଁ ନାହିଁ; ମରିବ ଭୁମ୍ଭର ଉପରେ ହତ୍ୟା ଦେଇ—
କୃଷ୍ଣସିଂହ. ମହାଭାରତ. ବନ]

ହତ୍ୟା କରିବା—ଦେ. କ୍ରି—ଜୀବନରେ ମାରି ପକାଇବା; ପ୍ରାଣନାଶ
Hatyā kariba କରିବା—To kill; to murder; to
হত্যাকরা हतया करना slay.

ହତ୍ୟା କାଣ୍ଡ—ସ. ବ—କୌଣସି ଜୀବକୁ ହତ୍ୟା କରିବାର ବ୍ୟାପାର—
Hatyā kānda The act or operation of killing
any animal.

ହତ୍ୟାକାରୀ—ସଂ. ବ (ହତ୍ୟା+କୃ ଧାତୁ+କର୍ତ୍ତୃ ଇନ୍, ହତ୍ୟାକାରିନ
Hatyakāri ଶବ୍ଦର ୧ମା. ୧ବ—ବଧକାରୀ; ହନ୍ତା; ଯେ ବଧ
(ହତ୍ୟାକାରିଣୀ—ସ୍ତ୍ରୀ) କରିଥାଏ—Murderer; slayer.

ହତ୍ୟା ଦଣ୍ଡ—ସ. ବ (ମ. ପ. ଲୋ)—ହତ୍ୟାପରାଧ ପାଇଁ ହତ୍ୟାକାରୀକୁ
Hatyādanda ପ୍ରଦତ୍ତ ଦଣ୍ଡ—Punishment for
a murder.

ହତ୍ୟାଦେବା (ପଡ଼ିବା)—ଦେ. କ୍ରି—ମନୋବାଞ୍ଛା ସିଦ୍ଧି ନ ହେବାଯାଏ
Hatyā deba (pardibā) ଦେବତାଙ୍କ ନିକଟରେ ପ୍ରାଣପଣ
হত্যাদেওয়া ଜରି ପଡ଼ି ରହିବା—To lay one's self before
हत्यादेना a Deity till one's prayers are answered).

ହତ୍ୟା ଦୋଷ—ସଂ. ବ (ମ. ପ. ଲୋ)—୧ । ହତ୍ୟାପରାଧ (ଦେଖ)
Hatyā dosha 1. Hatyāparādha (See) ୨ । ହତ୍ୟା
ଜନିତ ପାପ—2. Sin resulting from murder.

ହତ୍ୟା ନିଲାମ(ମି)—ପ୍ରାଦେ (ମୁଖ) ବ. [ବିରଳ]—ହାଉଅନିଲାମ
Hatyā nilāma (mi) [ଦେଖ]—Hāuānilāma (See)

ହତ୍ୟାପରାଧ—ସଂ. ବ (ମ. ପ ଲୋ)—୧ । ହତ୍ୟା ଜନିତ ପାପ—
Hatyāparādha 1. The sin of murder. ୨ ।
ହତ୍ୟାଜନିତ ରାଜଦ୍ୱାରରେ ଅଭିଯୁକ୍ତ ବ୍ୟକ୍ତିର ଅପରାଧ—
2. The offence or crime of murder.

ହତ୍ୟାପରାଧୀ—ସଂ. ବଣ. ଓ ବ. ପୁଂ—୧ । ଯେଉଁ ବ୍ୟକ୍ତି ହତ୍ୟା
Hatyāparādhi କରିଥିବା ଅପରାଧରେ ଅଭିଯୁକ୍ତ ହୋଇଅଛି—
(offender) Accused of murder. ୨ । ଯେଉଁ
ବ୍ୟକ୍ତି ହତ୍ୟା ଅପରାଧ କରିଅଛି—2. (an offender)
(ହତ୍ୟାପରାଧିନୀ—ସ୍ତ୍ରୀ) Who has committed murder.

ହତ୍ୟା ପାଇବା—ଦେ. କ୍ରି—ହତ୍ୟା ଦୋଷରେ ଭାଗୀ ହେବା—
Hatyā pāibā To be responsible for a murder.
হত্যার ভাগী হওয়া हत्यापाना

ହତ୍ୟାର (ଇତ୍ୟାଦ)—ଦେ. ବଣ—ହତିଆର [ଦେଖ]—
Hatyāra (etc) Hatiāra (See)

ହତ୍ୟାରି—ଦେ. ବଣ—ହତିଆରି [ଦେଖ]—
Hatyāri Hatiāri (See)

[ଭାଲୁ] **ହତ୍ୟା ଲଗିବା**—ଦେ. ବ—ହତ୍ୟା ଦୋଷରେ ବା ପାପରେ
Hatyā lāgibā ଭାଗୀ ହେବା—Being responsible.
হত্যার দোষলাগা हत्या लगना, हतयारि लगना for the
murder of a person. [ଦ୍ର—କୌଣସି ବ୍ୟକ୍ତିକୁ

ଯେବେ କେହି ମୋ ଆଗରେ ହତ୍ୟା କରେ, ଅଥଚ ମୁଁ ଏହା ଦେଖି ଉକ୍ତ ଘାତକକୁ ବାରଣ ନ କରେଁ, ତେବେ ମତେ ମଧ୍ୟ ଧର୍ମ ଓ ଅଇନ୍ ଅନୁସାରେ 'ହତ୍ୟା ଲାଗିବ ।']

ହଟକଟ—ଗ୍ରା. କ୍ରି. ବିଣ [ସଂ. ଯଥ ତଥ]—୧ । ଯେନତେନ ପ୍ରକାରେ; Hatra katra ଯେକୌଣସିପ୍ରକାରେ—1. Anyhow. যেমনতেমন কিসিপ্রকারসে ୨ । ଅତିକଷ୍ଟରେ—2. With much difficulty

ହଥ—ଗ୍ରା. ବିଣ ପୁଂ—ହୋଷ୍ଟ [ଅଶିପ୍ରୟୋଗ]— Hatha Dejected. (ହଥା—ସ୍ତ୍ରୀ)

ହଦ୍—ଦେ. ଅ. ବିଣ. ବି. [ଅ॰ ହଦ୍]—ହଦ୍ଦ [ଦେଖ]—Hadd Had हद्द हद्द (See) [ଉ—ଏହାଙ୍କର ଇଲମ୍ ଓ ରାଗ ରାଗିଣୀର କସରତ୍ ହଦ୍‌ରେ ହଦ୍—ପଣ୍ଡିତମୋହନ ଛମାଣଅଠଗୁଣ୍ଠ ।] ପ୍ରାଦେ [ସମ୍ବଲପୁର] ବି—ବଡ଼ ଗାତ—A big hole. ପ୍ରାଦେ [କଟକ ଓ ବଲାଙ୍ଗିରପାଟଣା] ବି—କାଦୁଅ; ପଙ୍କ—Clay; mud; mire.

ହଦ୍[ଧାତୁ]—ସ—ମଳତ୍ୟାଗ କରିବା; ହଗିବା— Had(root) To pass fæces.

ହଦ—ପ୍ରାଦେ [ବଲାଙ୍ଗିର ପାଟଣା] ବି—କାଦୁଅ— Hada Mud; clay.

ହଦ—ଦେ. ବି [ସଂ. ହ୍ରଦ]—୧ । ଜଳାଶୟ—1. Tank. [ଉ—ରହି Hada କାଳନ୍ଦୀ ମଧ୍ୟ ହଦ—ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମ- हद हद, चँवर ଗୀତା ।] ୨ । ହ୍ରଦ—2. Lake. (ଉ—କାଳନ୍ଦୀହ୍ରଦ କୋକନଦ, କଞ୍ଜ କୁବଳୟ କୁମୁଦ—ଭୂପତି ପ୍ରେମପଞ୍ଚାମୃତ ।) ୩ । ଗମ୍ଭୀର ଓ ବିସ୍ତୃତ ଜଳାଶୟ—3. A very deep and wide tank. ୪ । ଗଭୀର ଜଳ—4. Deep water. ୫ । (ସ ବିବ)—ଦହ; ଦଳ हद दह ଓ ଲତା ପତ୍ର ମାଡ଼ିଯିବା ଯୋଗୁଁ ବଦ୍ଧ ଜଳାଶୟ—5. A tank overgrown with aquatic and other plants on its surface. ଦେ. ବିଣ—୧ । ଅତି ଗଭୀର [ଜଳ]—1. Very deep (water). ୨ । ଦଳ ଓ ବୃକ୍ଷଲତା ଦ୍ୱାରା ଆବଦ୍ଧ [ଜଳାଶୟ]—2. (Tank) Whose surface has been overgrown with plants. ପ୍ରାଦେ [ଖଡ଼ିଆଳ, ବଲାଙ୍ଗିର ପାଟଣା] ବି. ପଙ୍କ—Mire; mud. ପ୍ରାଦେ. [ଖଡ଼ିଆଳ] ବି. ସୀମା—Boundary.

ହଦନ—ସ ବି (ହଦ୍ ଧାତୁ+ଭାବ ଅନ)-ମଳତ୍ୟାଗ; ହଗିବା— Hadana Passing of faeces.

ହଦରଜିଆ—ପ୍ରାଦେ (ସମ୍ବଲପୁର) ବିଣ—(ସଂ. ହତଧୈର୍ଯ୍ୟ)— Hadarajiā ଅଧୀର; ଧୈର୍ଯ୍ୟହୀନ—Impatient.

ହଦରା—ପ୍ରାଦେ (ବଲାଙ୍ଗିର ପାଟଣା) ବିଣ, ଅଳସୁଆ— Hadarā Idle; indolent.

ହଦି—ବୈଦେ. ବି—ହଦ୍ଦି (ଦେଖ) Hadi Haddi (See)

ହଦୀସ୍—ବୈଦେ. ବି (ଅ)—୧ । ସୁନ୍ନତ୍; ମୁସଲମାନ୍ ସ୍ମୃତିଶାସ୍ତ୍ର; Hadīs ହଜରତ୍ ମହମ୍ମଦଙ୍କଠାରୁ ପୁରୁଷ ପରମ୍ପରାକ୍ରମେ ସମାଜରେ हदिस हदीस ଚଳି ଆସୁଥିବା ଧର୍ମସମ୍ବନ୍ଧୀୟ ଉକ୍ତିମାନ—1. Hadis; traditions handed down to posterity from generation to generation from the Prophet Mahomed. ୨ । ହଜରତ ମହମ୍ମଦଙ୍କ କାର୍ଯ୍ୟ ଓ ଉକ୍ତି ସମ୍ବନ୍ଧେ ପରମ୍ପରାଗତ କାହାଣୀ (ଯାହା କୋରାନ୍‌ରେ ଲେଖା ହୋଇ ନାହିଁ, ଅଥଚ ମୁସଲ୍‌ମାନ୍‌ମାନେ ଯାହା ପାଳନ କରିବାକୁ ବାଧ୍ୟ)—2. The acts or sayings of the Prophet Mahomed which have not been recorded in the Koran but handed down to posterity by words of mouth by any person who saw or heard Him [ଦ୍ର—ହିନ୍ଦୁମାନେ ବେଦ (ଶ୍ରୁତି)କୁ ମାନିବା ପରି, ମୁସଲମାନ୍‌ମାନେ କୋରାନ୍‌କୁ ମାନନ୍ତି ଓ ହିନ୍ଦୁମାନେ ମନ୍ୱାଦି ଧର୍ମଶାସ୍ତ୍ର (ସ୍ମୃତି)କୁ ମାନିବା ପରି ମୁସଲମାନ୍‌ମାନେ 'ହଦୀସ୍' କୁ ମାନନ୍ତି । ଉଦାହରଣ ସ୍ୱରୂପ ଦେଖାଯାଏ ଯେ ମୁସଲମାନ୍‌ମାନଙ୍କର 'ସୁନ୍ନତ୍' (ଲିଙ୍ଗାଗ୍ର ଚର୍ମର ଛେଦନ) କରିବା ପାଇଁ ମହମ୍ମଦ୍ କୋରାନ୍‌ରେ ଲେଖି ଯାଇ ନାହାନ୍ତି, କିନ୍ତୁ ହଜରତ୍ ମହମ୍ମଦଙ୍କ ନିଜର ଲିଙ୍ଗାଗ୍ରଚର୍ମ ଜନ୍ମତଃ ବିଦ୍ୟମାନ ନ ଥିବାରୁ ତାଙ୍କର ସେହି ଅବସ୍ଥାକୁ ଦେଖି ତାଙ୍କ ଶିଷ୍ୟମାନେ 'ସୁନ୍ନତ୍' କଲେ । 'ସୁନ୍ନତ' ଗୋଟିଏ ହଦୀସ୍ ।]

ହଦ୍ଦ—ବୈଦେ. ବି (ଅ. ହଦ୍)—୧ । ସୀମା—1. Boundary; Hadd limit. ୨ । ଊର୍ଦ୍ଧ୍ୱସୀମା—2. Utmost limit. ୩ । हद्द ଅନ୍ତ; ଶେଷ—3. End; extremity. ୪ । ଚରମ; हद्द ଚୂଡ଼ାନ୍ତ—4. Acme. ବିଣ—୧ । ସର୍ବଶେଷ—1. Last; ୨ । ଅନ୍ତ୍ୟ—2. Extreme. ୩ । ଶେଷସୀମାରେ ଉପସ୍ଥିତ—3. Arrived at the utmost limit. ୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered. କ୍ରି. ବିଣ—୧ । ପର୍ଯ୍ୟନ୍ତ—1. Upto; till. ୨ । ଊର୍ଦ୍ଧ୍ୱସୀମା ଧରିଲେ ମଧ୍ୟ—2. Taking the utmost limit. ୩ । ଅତି ଅଧିକ ହେଲେ ମଧ୍ୟ; ବଡ଼ ଜୋର୍—3. At best. (ଉ—ମତେ ବୟସ ସେତେବେଳେ ହଦ୍ଦ ଚଉଦ କି ପନ୍ଦର ।) [ଦ୍ର—ଏହି ଅର୍ଥରେ ଚଉଦରୁ ଅର୍ଥାତ୍ ଚହଦ୍ଦ (ଚତୁଃସୀମା) ଓ ... (ଜମିର ଦୁଇ ପାଖର ସୀମା) ଶବ୍ଦମାନ ଉତ୍ପନ୍ନ ହୋଇଅଛି ।] ଅ—ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଉଅଛି—(Interjection) I am astonished!

ହଦ୍ଦ କଥା—ଦେ. ବି—ଅତି ଆଶ୍ଚର୍ଯ୍ୟଜନକ କଥା— Hadd kathā A thing to be wondered at; हद्द कथा हद्द बात wonderful matter.

ହଦ୍ଦ କରିବା—ଦେ. କ୍ରି—କିଂକର୍ତ୍ତବ୍ୟବିମୂଢ଼ କରିବା— Hadd karibā To bewilder a person. हद्द कया हद्द करना

ହଦ୍ ଜବାବ୍—ଦେ. ବି (ଅ.)—୧ । ଶେଷ ଜବାବ—1. Last word in a matter; one's last say in a matter. ୨। କାଜୀଙ୍କ କୋର୍ଟରେ ପକ୍ଷମାନଙ୍କର ଦାଖଲ କରିବା ଶେଷ ଜବାବ—2. The last statement made by a party in the court of a Kājee. ଦେ. ବି—୧ । ଉତ୍ତରହୀନ—1. Having no reply to make. ୨ । କିଂକର୍ତ୍ତବ୍ୟବିମୂଢ଼—2. Bewildered. ୩ । ମୂକ—3. Silent.
Hadd jababa
हद्द् जबाब
हद्दजवाब

[ଦ୍ର—ମୁସଲମାନ୍ ରାଜତ୍ୱରେ କାଜୀମାନଙ୍କ ନିକଟରେ ବାଦୀର ପ୍ରଥମେ ଅରଜୀଦାଖଲ କରିବାପରେ ପ୍ରତିବାଦୀଜବାବ ଦେଉଥିଲା । ସେ ଜବାବକୁ ଖଣ୍ଡନ କରି ବାଦୀ ରଦ୍-ଜବାବ ଦେଉଥିଲେ । ତାପରେ ପ୍ରତିବାଦୀ 'ହଦ୍ଜବାବ' ଦେଉଥିଲା । ତାପରେ ବାଦୀ 'ହଦ୍ ଜବାବ' ଦେଉଥିଲା । ଏହିଠାରେ ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଶୁଆଲ ଜବାବ୍ (ପ୍ରଶ୍ନୋତ୍ତର) ସମାପ୍ତ ହୋଇ ତାପରେ 'କାଜୀ' ମକଦ୍ଦମାର ମୀମାଂସାରେ ପ୍ରବୃତ୍ତ ହେଉଥିଲେ ।]

ହଦ୍ ବନିବା (ମଣିବା, ମାନିବା, ହେବା)—୧ । ଆଶ୍ଚର୍ଯ୍ୟାନ୍ୱିତ ହେବା—1. To wonder at; to be astonished at. ୨। ନିଜର ପରାକ୍ରମର ବା ବୁଦ୍ଧିର ଶେଷ ସୀମାରେ ପହଞ୍ଚିବା; କିଂକର୍ତ୍ତବ୍ୟବିମୂଢ଼ ହେବା—2. To be at one's wit's end; to be bewildered. ୩ । ଥକିଯିବା—3. To be overtired.
Hadd banibā (maṇibā, mānibā, hebā)
हद्द हओया
हद्दहोना

ହଦ୍ଦମ୍—ବୈଦେ. କ୍ରି. ବିଣ (ଅ. ହର୍ଦମ୍)—ହର୍ଦମ୍ (ଦେଖ)
Haddam — Harddam (See)
हरदम् हरदम

ହଦ୍ଦା—ସ.ବି(ଜ୍ୟୋତିଷ)—ମେଷାଦି ଦ୍ୱାଦଶ ଲଗ୍ନମାନଙ୍କର ତ୍ରିଂଶଦଂଶ—
Haddā (Astrology) The 30th part of every Lagna.

[ଦ୍ର— ପ୍ରତ୍ୟେକ ରାଶିର ଲଗ୍ନରେ ୫ଟି ଲେଖାଏଁ ଗ୍ରହଙ୍କର ନିର୍ଦ୍ଦିଷ୍ଟ ୩୦ ଟି ଲଗ୍ନ ଅଛି । ମନୁଷ୍ୟମାନଙ୍କର ବର୍ଷ ପ୍ରବେଶକାଳରେ ଶୁଭାଶୁଭ ଗଣନାରେ ଏହାର ପ୍ରୟୋଜନ ହୁଏ—

ମେଷ ଲଗ୍ନରେ=ବୃହସ୍ପତି ୬+ଶୁକ୍ର ୬+ବୁଧ ୮+ମଙ୍ଗଳ ୫+ଶନି ୫=୩୦ ଅଂଶ ।

ବୃଷ ଲଗ୍ନରେ=ଶୁକ୍ର ୮+ବୁଧ ୬+ବୃହସ୍ପତି ୮+ଶନି ୫+ମଙ୍ଗଳ ୩=୩୦ ଅଂଶ ।

ମିଥୁନ ଲଗ୍ନରେ=ବୁଧ ୬+ଶୁକ୍ର ୬+ବୃହସ୍ପତି ୫+ମଙ୍ଗଳ ୭+ଶନି ୬=୩୦ ଅଂଶ ।

କର୍କଟ ଲଗ୍ନରେ=ମଙ୍ଗଳ ୭+ଶୁକ୍ର ୬+ବୁଧ ୬+ବୃହସ୍ପତି ୭+ଶନି ୪=୩୦ ଅଂଶ ।

ସିଂହ ଲଗ୍ନରେ=ବୃହସ୍ପତି ୬+ଶୁକ୍ର ୫+ଶନି ୭+ବୁଧ ୬+ମଙ୍ଗଳ ୬=୩୦ ଅଂଶ ।

କନ୍ୟା ଲଗ୍ନରେ=ବୁଧ ୭+ଶୁକ୍ର ୧୦+ବୃହସ୍ପତି ୪=ମଙ୍ଗଳ ୭+ଶନି ୨=୩୦ ଅଂଶ ।

ତୁଳା ଲଗ୍ନ=ଶନି ୬+ବୁଧ ୮+ବୃହସ୍ପତି ୭+ଶୁକ୍ର ୭+ମଙ୍ଗଳ ୨=୩୦ ଅଂଶ ।

ବୃଶ୍ଚିକ ଲଗ୍ନ=ମଙ୍ଗଳ ୭+ଶୁକ୍ର ୪+ବୁଧ ୮+ବୃହସ୍ପତି ୫+ଶନି ୬=୩୦ ଅଂଶ ।

ଧନୁର୍ଲଗ୍ନ=ବୃହସ୍ପତି ୧୨+ଶୁକ୍ର ୪+ବୁଧ ୫+ମଙ୍ଗଳ ୫+ଶନି ୪=୩୦ ଅଂଶ ।

ମକର ଲଗ୍ନ=ବୁଧ ୭+ବୃହସ୍ପତି ୭+ଶୁକ୍ର ୮+ଶନି ୪+ମଙ୍ଗଳ ୪=୩୦ ଅଂଶ ।

କୁମ୍ଭ ଲଗ୍ନ=ବୁଧ ୭+ଶୁକ୍ର ୬+ବୃହସ୍ପତି ୭+ମଙ୍ଗଳ ୫+ଶନି ୫=୩୦ ଅଂଶ ।

ମୀନ ଲଗ୍ନ—ଶୁକ୍ର ୧୨+ବୃହସ୍ପତି ୪+ବୁଧ ୩+ମଙ୍ଗଳ ୯+ଶନି ୨=୩୦ ଅଂଶ ।

—ନୀଳକଣ୍ଠୀୟ ତାଜକ]

ହଦ୍ଦି—ବୈଦେ. ବି (ଅ. ହଦ୍ଦୀ)—ସୀମା—
Haddi — Boundary; limit.
हद्दि हद्द

ହଦ୍ରା—ପ୍ରାଦେ. (ସମ୍ବଲପୁର) ବିଣ—ଭୀରୁ; ଡରୁଆ—
Hadrā — Coward; timid.

ହଦ୍ରିଆ—ପ୍ରାଦେ. (ସମ୍ବଲପୁର) ବିଣ—ଈର୍ଷୀ—
Hadriā — Spiteful; malicious.

ହଦ୍ରିବା—ପ୍ରାଦେ. (କଳିଙ୍ଗିଆ ପାଠଣା) କ୍ରି—ହଟିଯିବା—
Hadribā — To retreat; to resile; to shrink.

ହନ୍ ବ(ବା)ଲି—ଦେ. ବି (ଅ. ହନ୍ବଲୀ)—ସୁନ୍ନୀ ସମ୍ପ୍ରଦାୟ ଭୁକ୍ତ ମୁସଲମାନଙ୍କର ୪ଟି ଶାଖା ମଧ୍ୟରୁ ଏକତମ—One of the four sects Sunni Mahomedans. [ଦ୍ର—ଏହି ଶାଖାର ମୁସଲମାନ୍ମାନେ ହାଦ୍ରାମୌତ୍ ଓ ଓମାନ୍ ଅଞ୍ଚଳରେ ବାସ କରନ୍ତି । ଏମାନଙ୍କର ପ୍ରଥମ ପ୍ରବର୍ତ୍ତକ ଇମାମ୍ ଅହାମ୍ମଦ୍ ବିନ୍ ହନ୍ବଲଙ୍କ ନାମାନୁସାରେ ଏହି ଶାଖାର ନାମ । ଏମାନେ ଭାରତରେ ନାହାନ୍ତି । ସୁନ୍ନୀମାନଙ୍କର ଅନ୍ୟ ଶାଖା ତିନିର ନାମ ହନଫି, ଶାଫେଇ ଓ ମାଲିକୀ ।]
Han-ba (bā) li
हनवाली
हनबाली

ହନ୍ ଧାତୁ—ସଂ—୧ । ବଧ କରିବା—1. To kill. ୨। ହାଣିବା—2. To cut. ୩ । ହିଂସା କରିବା—3. To injure. ୪। ଗତି କରିବା—4. To move. ୫ । ନାଶ କରିବା—5. To destroy.
Han (root)

ହନ—ସଂ. ବିଣ (ହନ୍ ଧାତୁ+କର୍ତ୍ତୃ ଅ)—ହନନକାରୀ—Murdering; slaying. ବି. ହତ୍ୟାକାରୀ ବ୍ୟକ୍ତି—Murderer.
Hana

ହନନ—ସଂ. ବି (ହନ ଧାତୁ+ଭାବ ଅନ)—୧ । ମାରଣ; ଅନ୍ୟର ପ୍ରାଣନାଶ କର୍ମ; ହତ୍ୟା—1. Slaughter. ୨ । (ଅଙ୍କଶାସ୍ତ୍ର) ଗୁଣନ (ହ. ଣ)—2. (mathematics) Multiplication.
Hanana

ହନନୀୟ—ସଂ. ବଣ. ପୁଂ (ହନ୍ ଧାତୁ+କର୍ମ ଅନୀୟ)—ହତ ହେବାର
Hananiya ଯୋଗ୍ୟ—Fit to be killed.

ହନଫି—ବୈଦେ. ବି. (ଅ)—ହନାଫି (ଦେଖ)—
Hanaphi Hanāphi (See)
हनाफी हनफी

ହନଲୁଲୁ—ବୈଦେ. ବି (ନାମ)—ପ୍ରଶାନ୍ତ ମହାସାଗରର ଗୋଟିଏ
Hanalulu ଦ୍ୱୀପ; ଇଂରାଜମାନଙ୍କର ଜାହାଜମାନଙ୍କରେ କୋଇଲା
हनलूलू ନେବା ସ୍ଥାନ—Honolulu; an island and
हनलुलु coaling station of English ships in the Pacific.

ହନା(ନେ)ଇବା—ପ୍ରାଦେ. (କୋଠଧୋ ଅଞ୍ଚଳରେ ଇତର ବ୍ୟବହୃତ)—
Hanā(ne)ibā କ୍ରି—ଅନାଇବା; ଖୁଣ୍ଟିବା—(Slang) To look at.

ହନାଫୀ—ବୈଦେ. ବି (ଅ. ହନାଫୀ)—ସୁନ୍ନୀ ସମ୍ପ୍ରଦାୟ ଭୁକ୍ତ ମୁସଲ-
Hanāphi ମାନଙ୍କର ୪ଟି ଶାଖା ମଧ୍ୟରୁ ଏକତମ—One of
हनाफी the four subsects of the Sunni
हनाफी Mahomedans. [ଦ୍ର—ଇମାମ୍ ଅବୁହନିଫା
ନାମକ ଧର୍ମଗୁରୁଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ତାଙ୍କ ନାମରୁ
ଏହି ନାମ ହୋଇଅଛି । ଭାରତର ସୁନ୍ନୀ ମୁସଲମାନ୍ମାନେ
ଅଧିକାଂଶ ଏହି ଶାଖା ଭୁକ୍ତ । ଅନ୍ୟ ୩ଟି ଶାଖା ହନ୍ବଲ୍,
ସାଫେଇ ଓ ମାଲ୍କୀ ।]

ହନିମାନ୍—ବୈଦେ. ବି (ନାମ)—ହାନେମାନ୍ (ଦେଖ)
Hanimān Hahnemān (See)
हानीमान् हानिमान

ହନିମୁନ୍—ବୈଦେ (ଇଂ) ବି—ପାଶ୍ଚାତ୍ୟ ବରକନ୍ୟାଙ୍କର ବିବାହର
Hanimun ପରବର୍ତ୍ତୀ ୧୪ ଦିନ—Honeymoon.
हनीमुन [ଦ୍ର—ଏହା ଆମଦେଶର 'ମଧୁଶଯ୍ୟା' ପରି ଓ ସେହି ୧୪
हनीमून ଦିନ ବରକନ୍ୟା ଘରର ସଙ୍ଗରେ ନଥାଇ କୌଣସି ସ୍ଥାନକୁ ଯାଇ
ଆନନ୍ଦରେ ଓ ପ୍ରେମରେ ଦିନ କଟାଇ ପରେ ଘରକୁ ଫେରି
ଆସି ଘର କରି ରହନ୍ତି ।]

ହନିଶକ୍ଲ—ବୈଦେ (ଇଂ) ବି—ଏକ ପ୍ରକାର ବଣର ଫୁଲ—
Hanisakl Honey suckle (Lonicera Caprifoliam.)
हनीसंक्ल् हनीसकल
[ଦ୍ର]—ଏହି ଫୁଲ ଦେଖିବାକୁ ସୁନ୍ଦର ଓ ସୁଗନ୍ଧ
ଗନ୍ଧଯୁକ୍ତ । ଏହାର ଅନେକ ଜାତିଭେଦ ଓ ଗୋଟିଏ
ଗୋଛାପୁଟି ଲହିଁ ମଧ୍ୟରୁ ଗୁଚ୍ଛେ ଫୁଲ ବାହାରେ ।]

ହନିଲ—ସ.ବି—କେତକୀ (ଉତ୍ତମାଳା)—Pandanus Odoratis-
Hanila simus, yellowflowered variety).
(ହନାଳ—ଅନ୍ୟରୂପ)

ହନୁ—ସ. ବି (ହନ୍ ଧାତୁ+କର୍ମ. ଉ)—୧ । ଗଣ୍ଡ ଦେଶର ଉପର-
Hanu ଭାଗ; ଉପର ଗାଲପାଟି ହାଡ଼ (ଏହା ତଳେ ଉପର ଦାନ୍ତର
ଚଳଦାନ୍ତ ଥାଏ)—1. The part of the cheek
over the joint of the 2 jaws; the jaw.
[ଉ—ଧନୁ ଧରଥିବା ଲୋକଙ୍କର ହନୁରେ ବାଜନ୍ତେ
ବସିଲେ ସେ ଯମ ସଦନରେ । କୃଷ୍ଣସିଂହ. ମହଭାରତ.
ବନ ।] ୨ । ଦାନ୍ତ ପାଟିର କବଜ—2. The joint of
the jaws. ୩ । ବ୍ୟଭିଚାରିଣୀ; ବେଶ୍ୟା—3. Harlot. ୪ । ରୋଗ—4. Disease. ୫ । ଅସ୍ତ୍ର—
5. Weapon. ୬ । ମୃତ୍ୟୁ—6. Death. ୭ ।
(ବୈଦ୍ୟକ) ନଳୀ ନାମକ ଗନ୍ଧଦ୍ରବ୍ୟ—7. Fasciolaria. ଦେ. ବି (ସ. ହନୁମତ୍)—
हनुमान ହନୁମାନ୍; ହନୁମନ୍ତ; ମାଙ୍କଡ଼—The black-faced
हनुमान monkey. (ଉ—ହନୁ । ଭୁ କାହିଁ ଅଇଲ୍, ଶ୍ରୀରାମ ନାମ
ଧଇଲ୍ । ବୈଷ୍ଣ ମନୁଷ୍ୟ ।)

ହନୁ କମ୍ପ—ସ. ବି—ହନୁର ବା ଗାଲପାଟିର ହାଡ଼ କମ୍ପିବା ରୋଗ—
Hanu kampa Shivering of the jaws.

ହନୁକରଣ—ଦେ. ବି (ବ୍ୟଙ୍ଗ୍ୟ, ଅଧୁନିକ ପ୍ରୟୋଗ)—ଅନୁକରଣ—
Hanukarana (Ironical) Imitation. [ଦ୍ର—ଯେଉଁମାନେ
हनुकरण ହାସ୍ୟାସ୍ପଦ ଭାବରେ ଅନୁକରଣ କରନ୍ତି, ତାଙ୍କ
हनुकरण କର୍ମକୁ ବ୍ୟଙ୍ଗୋକ୍ତିରେ ହନୁକରଣ ବୋଲାଯାଏ ।]

ହନୁକା—ସ. ବି (ହନୁ+କ+ଆ)—ହନୁ ୧।୨ (ଦେଖ) (ହ୍ର. ଶ)
Hanukā Hanu 1 and 2 (See)

ହନୁଗ୍ରହ—ସ. ବି (ହନୁ+ଗ୍ରହ. ଧାତୁ+କର୍ତ୍ତୃ. ଅ)—ରୋଗ ବିଶେଷ
Hanugraha ଦାନ୍ତ ପାଟିର କବଜା ଅଚଳ ହେବା ରୋଗ—Lock jaw.

ହନୁବାର୍ଯ୍ୟା—ଗ୍ରା. ବଣ (ସ. ଅନିବାର୍ଯ୍ୟ)—ଦୁର୍ଦ୍ଦାନ୍ତ; ଅନ୍ତଦୁଷ୍ଟ—
Hanubārjyā अनिवार्य्य अबरा Wicked.

ହନୁ ଭେଦ—ସ. ବି (୬ଷ୍ଠୀ ତତ୍; ହନୁ+ଭେଦ)—ଦାନ୍ତପାଟିର କବଜା
Hanu bheda ଖୋଲିବା (ହ୍ର. ଶ)—The opening of the jaws,

ହନୁମତ୍—ସ. ବି. ପୁଂ (ହନୁ+ଅସ୍ତି ଅର୍ଥରେ ମତ୍; ଅର୍ଥାତ୍ ଯାହାର
Hanumat ହନୁ ଉଚ୍ଚ ବା ବଡ଼; ଏଥିର ୧ମ ପୁରୁଷ ୧ବ-
ହନୁମାନ୍)—ହନୁମାନ୍ (ଦେଖ)—Hanumān (See)

ହନୁମନ୍ତ—ଗ୍ରା. ବି (ସ. ହନୁମତ୍)—ହନୁମାନର ଡାକ ନାମ; ହନୁମାନ
Hanumanta (ଦେଖ)—Hanumān (See) (ଉ—ପରର
हनुमान ପର ହନୁମନ୍ତ ବାହୁଶସ୍ତ୍ର । କୃଷ୍ଣସିଂହ. ମହାଭାରତ.
हनुमन्त ବନ ।)

ହନୁମନ୍ତିଆ—ଦେ. ବଣ—ହନୁମାନ୍ ପରି ପ୍ରକାଣ୍ଡ ବା ବଡ଼—
Hanumantiā खूब बड़ हनुमानके जैसा Big as
Hanumān), (ଉ—ହନୁମନ୍ତିଆ ବାଇଗଣ; ହନୁମନ୍ତିଆ
କଖାରୁ ।)

ହନୁ ମାକ(ଙ୍କ)ଡ଼—ଦେ. ବି—ଏକପ୍ରକାର ମାଙ୍କଡ଼—The black
Hanu maka(ṅka)rda faced monkey; entellus;
हनुमान hongoor; Semnopithecus Entellus. (ମାକଡ଼
कालाबन्दर ତଳେ ଟୀକା ଦେଖ) [ଦ୍ର—ଏମାନଙ୍କ ମୁହଁ, କର
ତଳ ଓ ଗୋଡ଼ତଳପା ବିଲ୍କୁଲ କଳା । ଏମାନଙ୍କର
ଲାଙ୍ଗୁଡ଼ ଭୁଇଁ ବାଡ ପର୍ଯ୍ୟନ୍ତ ଲମ୍ବ; ଏମାନେ ଅଧିକ ସମୟରେ
ଗ୍ରାମରେ ଉତ୍ପାତ କରନ୍ତି ।]

ହନୁମାନ୍—ସଂ. ବି. ପୁଂ [ହନୁ+ଅସ୍ତ୍ୟର୍ଥରେ ମତ୍. ହନୁମତ୍ ଶବ୍ଦର ୧ମା, ୧ବ.)—ଶ୍ରୀରାମଙ୍କ ଦୂତ ବାନର; ଅଞ୍ଜନାଗର୍ଭରୁ ପବନଦେବଙ୍କ (ମତାନ୍ତରରେ ମହାଦେବଙ୍କ) ଔରସଜାତ ବାନରବିଶେଷ
Hanumān — Name of a monkey who was a devotee of Srirāma

ଅନ୍ୟ ସଂ. ନାମ— ପବନନନ୍ଦନ, ଆଞ୍ଜନେୟ, ଯୋଗଚର, ଅଞ୍ଜଲି, ବ୍ରହ୍ମଚାରୀ, ବାତସୁତ, ପବନସୁତ, ବାୟୁସୁତ, ପବନାତ୍ମଜ, ବାୟୁଜ, ରାମଦୂତ, ଅର୍ଜୁନଧ୍ୱଜ, ମରୁତାତ୍ମଜ।

[ବି—ଏ ସୁଗ୍ରୀବଙ୍କ ଭଣଜା; ଏହାଙ୍କ ମାତାଙ୍କ ନାମ ଅଞ୍ଜନା; ଏ ବାୟୁଦେବତାଙ୍କ ପୁତ୍ର। ଏ ପ୍ରଥମେ ବାଳୀଙ୍କର ସେନାପତି ଥିଲେ। ପରେ ବାଳୀଙ୍କର ରାଜ୍ୟରୁ ବିତାଡ଼ନ ପରେ ଏ ସୁଗ୍ରୀବଙ୍କର ପାରିଷଦ ହେଲେ। ସୀତାହରଣ ପରେ ରାମଚନ୍ଦ୍ରଙ୍କର ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା ହେବାରୁ ଏ ସୀତାଙ୍କୁ ଠାବ କରିବାକୁ ଦୂତରୂପେ ଦକ୍ଷିଣକୁ ଯାଇ ଲଙ୍କାରେ ଅଶୋକବନରେ ସୀତାଙ୍କୁ ଠାବ କରି, ତାଙ୍କୁ ଶ୍ରୀରାମଙ୍କ ସଂବାଦ ଦେଇ, ତାଙ୍କଠାରୁ ଲେଉଟି ସଂବାଦ ଓ ସଂକେତ ଆଣି ଶ୍ରୀରାମଙ୍କୁ ଦେଇଥିଲେ। ଏ ନିଜ ଲାଙ୍ଗୁଳରେ କନା ଗୁଡ଼ାଇ ତେଲ ଢାଳାଇ କହିଁରେ ନିଆଁ ଲଗାଇ ଲଙ୍କାକୁ ପୋଡ଼ି ପକାଇ ଥିଲେ। ଏ ଅତ୍ୟନ୍ତ ବଳଶାଳୀ ଥିଲେ ଓ ଭାରତବର୍ଷରୁ ଲଙ୍କାକୁ ଡେଇଁ ଥିଲେ। ଲକ୍ଷ୍ମଣଙ୍କ ଶକ୍ତିଭେଦ ହେବାରୁ ଏ ଅମରମହୌଷଧ ଆଣିବାକୁ ଯାଇ ଗନ୍ଧମାଦନ ପର୍ବତକୁ ଉପାଡ଼ି ନିଜ ମୁଣ୍ଡରେ ବୋହି ଲଙ୍କାଠାକୁ ଆଣିବାରୁ ଲକ୍ଷ୍ମଣଙ୍କର ପ୍ରାଣରକ୍ଷା ହେଲା। ଏ ରାବଣଙ୍କ ରାକ୍ଷସ ସେନା ସଙ୍ଗେ ଖୁବ୍ ବୀରତା ସହକାରେ ଯୁଦ୍ଧ କରି ଥିଲେ। ରାମଚନ୍ଦ୍ର ଦେହ ତ୍ୟାଗ କରିବା ସମୟରେ ଏହାଙ୍କୁ ଅମରବର ଦେଇଥିଲେ। କଥିତ ଅଛି ଯେ, ଲଙ୍କା ପୋଡ଼ିବା ପରେ ହନୁମାନ ନିଜ ଲାଙ୍ଗୁଡ଼ରେ ଜଳୁଥିବା ନିଆଁକୁ ହାତରେ ଓ ଗୋଡରେ ମଳି ଲିଭାଇ ଦେଇ ସେହି କରତଳକୁ ମୁହଁରେ ବୋଳି ଦେବାରୁ ତାଙ୍କ ମୁହଁ କଳା ପଡ଼ିଗଲା ଓ ତଦବଧି ତାଙ୍କ ବଂଶଧରମାନେ (ହନୁମାଙ୍କଡ଼) ମୁହଁପୋଡ଼ା ବାନର ହେଲେ। ଦ୍ୱାପର ଯୁଗରେ ଭୀମଙ୍କ ସଙ୍ଗେ ଗନ୍ଧମାଦନ ପର୍ବତରେ ଏହାଙ୍କର ଭେଟ ହୋଇଥିଲା। ଏ ମହାବୀର ଥିଲେ ଓ ଅନନ୍ତପଦ୍ମୀ ହିନ୍ଦୁମାନେ ଏହାଙ୍କୁ 'ମହାବୀର' ଠାକୁର ରୂପରେ ପୂଜା କରନ୍ତି। ଏ ରାମଚନ୍ଦ୍ରଙ୍କ ଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ।]

हनुमान **हनुमान** ଦେ. ବି—୧। ସଂସ୍କୃତ ନାଟକ ମହାନାଟକର ରଚୟିତା କବିଶ୍ରେଷ୍ଠ ଶ୍ରୀ ହନୁମାନ ମିଶ୍ର— ୨। ହନୁମାଙ୍କଡ଼—2. The black-faced monkey; entellus. ୩। ହନୁମାଙ୍କଡ଼ ପରି ଅସୁନ୍ଦରମୁହାଁ ବ୍ୟକ୍ତି— 3. An ugly-faced person (like a monkey).

ହନୁମୁହାଁ—ଦେ. ବିଣ. ପୁଂ—ହନୁମାଙ୍କଡ଼ ପରି ଅସୁନ୍ଦର ମୁଖଯୁକ୍ତ—
Hanu muhān — Monkey-faced; ugly-faced.
बादर मुखो **बांदर मुहाँ**

(ହନୁମୁହୀ—ସ୍ତ୍ରୀ)

ହନୁମୋକ୍ଷ—ସଂ. ବି—ଦାନ୍ତିପାଟିର ରୋଗବିଶେଷ। [ବି—ଏଥିରେ ଦାନ୍ତିପାଟି ଖୁବ ବଡ଼ ହୁଏ ଓ ଖୋଲି ହୁଏ ନାହିଁ —ବୃ. ଶ]—A disease of the jaws.
Hanu moksha

ହନୁଲ—ସଂ ବିଣ. ପୁଂ (ହନୁ+ଲ)—ଦୃଢ଼ ହନୁବିଶିଷ୍ଟ (ବୃ. ଶ)—
Hanula — Having strong jawbones.

ହନୁସ୍ତମ୍ଭ—ସଂ ବି—ରୋଗବିଶେଷ (ଏଥିରେ ଦାନ୍ତିପାଟିର ନାଡ଼ ବା କୋଲସ ଅଡ଼ିଯାଏ)—Lockjaw (a disease).
Hanu stambha

ହନୁହାଡ଼—ସଂ. ବି—ହନୁର ବା ଦାନ୍ତିପାଟିର ଉପରସ୍ଥ ଅସ୍ଥି—
Hanu hārda — Jawbone.

ହନୁ(ଇତ୍ୟାଦି)—ସଂ ବି (ହନ୍ ଧାତୁ+କର୍ତ୍ତୃ ଉ)—ହନୁ ଇତ୍ୟାଦି(ଦେଖ)—
Hanū (etc) — Hanu etc (See)

ହନୂମାନ୍—ସଂ ବି. ପୁଂ—ହନୁମାନ୍ (ଦେଖ)—
Hanūmān — Hanumān (See)

ହନୂଷ—ସଂ ବି (ହନ୍ ଧାତୁ ବଧ କରିବା+କର୍ତ୍ତୃ ଉଷ)—ରାକ୍ଷସ (ନିକାଣ୍ଡ ଶେଷ)—Demon.
Hanūsha

ହନେଇବା—ଗ୍ରା. କ୍ରି—ହନାଇବା (ଦେଖ)—
Haneibā — Hanāibā (See).

ହନ୍ତ ସଂ. ଅ [ହନ୍ ଧାତୁ+ଭାବ, ତ]। ୧। (ହର୍ଷ, ଅନୁକମ୍ପା, ବାକ୍ୟାରମ୍ଭ, ବିଷାଦ, ଦାନ, ସମ୍ଭ୍ରମ ଓ ଖେଦରେ ବ୍ୟବହୃତ ଅବ୍ୟୟ)—ଅହା।—
Hanta
1. An interjection used to express gladness, pity, sorrow, grief, respect and in the beginning of a speech. ୨। ତର୍ପଣରେ ପିତୃଲୋକଙ୍କୁ ଜଳ ଦେବା ସମୟରେ ସମ୍ବୋଧନ ବାକ୍ୟ ଶେଷରେ ବ୍ୟବହୃତ ଶବ୍ଦ—2. An interjection used in concluding the address to the deceased ancestors while offering oblations of water. (ଉ—ସକଳକୁସୁମ୍ଭେଭ୍ୟଃ, ତର୍ପୟେଦୁଦକଂ ହନ୍ତ ତର୍ପଣ ବଚନ)—ଦେ. ବି—ପୀଡ଼ନ
पीड़ा **पीड़ा** —Oppression. (ଉ—ଦୁଜେ ମଦନ ମସ୍ତାପିତ କରି ହନ୍ତ ସେ—ପ୍ରାଚୀ ଇସରାଦିଷ୍ଟ।)

ହନ୍ତକ—ଦେ. ବି (ସଂହନ୍ ଧାତୁ; ହନ୍ତୃ ଶବ୍ଦର ୧ମା ୧ବ ପୁଂ;ହନ୍ତା)—
Hantaka — ହତ୍ୟାକାରୀ; ଘାତକ ବ୍ୟକ୍ତି—Murderer; slayer.
घातक **हन्तक**

ହନ୍ତକାର—ସଂ. ବି (ହନ୍ତ=ବାକ୍ୟାରମ୍ଭରେ ବ୍ୟବହୃତ ଅବ୍ୟୟ+କୃଧାତୁ+କର୍ତ୍ତୃ ଅ; ବାକ୍ୟାରମ୍ଭରେ 'ହନ୍ତ' ଶବ୍ଦ ପ୍ରୟୋଗପୂର୍ବକ ଏହା ଅତିଥିଙ୍କୁ ଦିଆଯାଉଥିବାରୁ)— ୧। ଅତିଥିଙ୍କୁ ଦେୟ ତଣ୍ଡୁଳ (ଶବ୍ଦକଳ୍ପଦ୍ରୁମ)—
Hantakāra
1. Rice presented to a guest. ୨। ତର୍ପଣରେ ପିତୃଲୋକଙ୍କ ଜଳ ଦେବା ସମୟରେ 'ଏତଦୁଦକଂ ହନ୍ତ' ଶବ୍ଦର ଉଚ୍ଚାରଣ (ଅଭିଧାନ ଚିନ୍ତାମଣି)—2. Utterance

of the word Hanta while offering water to the manes—୩ । ଅତିଥିଙ୍କ ଦାନ ଦେଉଥିବା ଷୋଳ ଗ୍ରାସ ଅନ୍ନ ବା ତଣ୍ଡୁଳ (କୂର୍ମପୁରାଣ, ମାର୍କଣ୍ଡେୟ ପୁରାଣ)—3. Boiled or unboiled rice sufficient for 16 mouthfuls presented to a guest. ଦେ. ବି—ହନ୍ତକ (ଦେଖ) Hantaka (See)

ହନ୍ତକାରି(ରୁ)—ଦେ. ବଣ. (ସ. ହନ୍ତା)—୧ । ହନ୍ତକ (ଦେଖ)—
Hantakāri (ru) 1. Hantaka (See) [ଉ—ଦୁର୍ଯ୍ୟୋଧନ
घातक ସଭାରେ ଦ୍ରୌପଦୀଙ୍କି ଉରୁ, ଦେଖାଇବାର ବେଳେ ଭୀମ
हन्तकारी ହନ୍ତାକାରୁ—କୃଷ୍ଣସିଂହ ମହାଭାରତ, ବନ ।] ୨ ।
सर्वप्रधान ସର୍ବପ୍ରଧାନ; ଶ୍ରେଷ୍ଠ—2. Best; most eminent.
सर्व्वोप्रधान [ଉ—ଜର ବଶୀପତିଙ୍କୁ କାର୍ତ୍ତବୀର୍ଯ୍ୟ ଗୁରୁ, ତେବେ ସବୁ ବଳବାନଙ୍କେ ହନ୍ତକାରୁ—କୃଷ୍ଣସିଂହ ମହାଭାରତ ବନ]
୩ । ବଳିଷ୍ଠ—3. Strongest. [ଉ—ଯେତେ ଥିଲେ ବାଳରେ ହନ୍ତକାରୁ—କୃଷ୍ଣସିଂହ ମହାଭାରତ,ବନ ।]

ହନ୍ତବ୍ୟ—ସଂ. ବଣ. (ହନ୍ ଧାତୁ + କର୍ମ ତବ୍ୟ)—ହନନଯୋଗ୍ୟ; ହତ
Hantabya ହେବାର ଉପଯୁକ୍ତ; ଯାହାକୁ ମାରିପକାଇବା ଉଚିତ —
Fit to be killed; deserving death.

ହନ୍ତସନ୍ତ—ଦେ. ବଣ. (ସ. ହନ୍ତ + ସନ୍ତପ୍ତ; ହନଧାତୁ = ହିଂସା କରିବା,
Hanta santa ଭୁଳନ କର-ଶବ୍ଦକଳ୍ପଦ୍ରୁମ-ବସ୍ତୁ ହେଉ-
हस्तसस्त. प्रपीड़ित ନ୍ତାତ୍ ହତଃ = ହନ୍ତାନ୍ବେଷଣ ହତ ହତ ଅନେ
हैरान परेशान ମନୁଷ୍ୟ ବା ପଶୁ ହେଉଅଛି)—୧। ପୀଡିତ —
1. Harassed; oppressed; persecuted. ୨ ।
ଦହଗଞ୍ଜ; ବ୍ୟତିବ୍ୟସ୍ତ; କଷ୍ଟପ୍ରାପ୍ତ—2. Troubled, suffering great hardship.

ହନ୍ତସନ୍ତ କରିବା—ଦେ. କ୍ରି—୧ । ବହୁତ ଦହଗଞ୍ଜ କରିବା—1. To
Hanta santa karibā put one to much trouble.
हस्तसस्त करा ୨ । କଷ୍ଟ ଦେବା; ଅପ୍ରୀଡ଼ିତ କରିବା—2. To
हैरान (परेशान करना harass; to oppress.
[ହନ୍ତସନ୍ତା(ନ୍ତ) କରି—ଅନ୍ୟରୂପ]

ହନ୍ତସନ୍ତିଆ—ଦେ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ସବୁବେଳେ ବ୍ୟସ୍ତ ହୁଏ;
Hanta santia ବ୍ୟତିବ୍ୟସ୍ତ—1 Harassed. ୨ । ଅସନ୍ତୁଷ୍ଟ
हायराण हैरान परेशान —2 Discontented.
ହନ୍ତସନ୍ତୀ } ସ୍ତ୍ରୀ
ହନ୍ତସନ୍ତେଇ }

ହନ୍ତା—ସ. ବଣ. ପୁଂ. (ହନ ଧାତୁ + କର୍ତ୍ତୃ ତୃ; ହନ୍ତୃ ଶବ୍ଦର ୧ମା ୧ବ)
Hanta —ଘାତକ—Murderous. (ଏ ଶବ୍ଦ ଅନ୍ୟ ଶବ୍ଦ
(ହନ୍ତ୍ରୀ—ସ୍ତ୍ରୀ) ସଙ୍ଗରେ ସମାସରେ ମଧ୍ୟ ବ୍ୟବହୃତ ହୁଏ ଯଥା,
ପିତୃହନ୍ତା, ନରହନ୍ତା)—ସ. ବି. ପୁଂ—ଘାତକ
ବ୍ୟକ୍ତି—Murderer. ପ୍ରାଦେ. (ଗଞ୍ଜାମ ସମ୍ବଲପୁର)ସର୍ବନାମ—
୧ । ଅମୁକ—1. Such or such a person. [ଉ—
ହନ୍ତାର ପୁଅ; ହନ୍ତାର ମାଅ] ୨ । ଅନର୍ଥକ ବାକ୍ୟାଳଙ୍କାର
ବିଶେଷ—2. Unmeaning expression used in a sentence. ପ୍ରାଦେ. (ଉତ୍ତର ବାଲେଶ୍ୱର) ସର୍ବନାମ, ଅନାଦରାର୍ଥକ) ସେଇଟା—That(in contempt).

ହନ୍ତା(ନ୍ତେ)ଇବା—ଦେ. କ୍ରି—ହନ୍ତସନ୍ତ କରିବା (ଦେଖ)—
Hantā(nte)ibā Hanta santa karibā (See)

ହନ୍ତା ପଶିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ପଶିଯିବା; ଭିତରକୁ
Hantā pasibā ପଶିଯିବା—To shrink in. [ଉ—
ତା ପେଟ ହନ୍ତା ହେଉଛି = ପେଟ ପଶି ଯାଉଛି ।]

ହନ୍ତାଳ—ଦେ. ବି—ହେନ୍ତାଳ (ଦେଖ)
Hantāla Hentāla (See)

ହନ୍ତାଳିବା—ପ୍ରାଦେ (ସମ୍ବଲପୁର) କ୍ରି—(ବାଘଆଦି) ହଣ୍ଟାଳିବା—
Hantāliba To bellow.

ହନ୍ତୁ—ସ. ବି (ହନ୍ ଧାତୁ + ଭାବ. ତୁ)—୧ । ମୃତ୍ୟୁ—1. Death.
Hantu ୨ । (କର୍ତ୍ତୃ. ତୁ)—ବୃଷ (ଶବ୍ଦକଳ୍ପଦ୍ରୁମ)—2. Bull.

ହନ୍ତୁକ—ଦେ. ବଣ. ପୁଂ (ସ. ହନ୍ତା)—୧ । ହନ୍ତା; ଘାତକ—
Hantuka 1. Murderous. ୨ । ହିଂସ୍ର—2. Spiteful;
घातक हन्ता revengeful; rapacious. ୩ । ନିଷ୍ଠୁର—
[ହନ୍ତୁକୀ—ସ୍ତ୍ରୀ] Cruel.

ହନ୍ତୁସନ୍ତୁ—ଦେ. ବଣ—ହନ୍ତସନ୍ତ (ଦେଖ)—Hantasanta (See)
Hantusantu [ଉ—ପୋଡ଼ୁ ଏ ଜୀବନ ସଖି ହେଉଛ କପାଇଁ,
ବଅର୍ଥ କାରଣେ ହନ୍ତୁସନ୍ତୁ ହୋଇ । ପ୍ରାଚୀ. ରହସ୍ୟ-
ମଞ୍ଜରୀ ।]

ହନ୍ତୃ (ତ୍ରୃ)—ସ. ବଣ (ହନ୍ ଧାତୁ + କର୍ତ୍ତୃ; ତୃ)—ଯେ ହତ୍ୟାକରେ—
Hantru Killing; murderous. ସ.ବି—ଘାତକ ବ୍ୟକ୍ତି—
(ହନ୍ତା—ପୁଂ) [ହନ୍ତ୍ରୀ—ସ୍ତ୍ରୀ] Murderer.

ହନ୍ତୋକ୍ତି—ସ. ବି—ଅନୁକମ୍ପୋକ୍ତି (ଶବ୍ଦ କଳ୍ପଦ୍ରୁମ)—
Hantokti Expression of pity.

ହଣ୍ଡର—ବୈଦେଶିକ (ଇଂ ହଣ୍ଡ୍ରେଡ୍)—୧ । ଏକଶତ ସଂଖ୍ୟା—
Handara 1. Hundred. ୨ । ହଣ୍ଡ୍ରେଡ୍ ୱେଟ; ଇଂରେଜ-
हन्दर ପ୍ରଚଳିତ ପଦାର୍ଥର ମାପ ଓ ଓଜନର ପରିମାଣ ବିଶେଷ—
हन्दर 2. Hundred-weight; a unit of weight.
[ଦ୍ର—ଏହା ସ୍ଥାନ ବିଶେଷରେ ୧୦୦, ୧୧୨ ଓ ୧୨୦ ପାଉଣ୍ଡ ସଙ୍ଗେ ସମାନ ।
ଇଂଲଣ୍ଡରେ ଏହା ୧୧୨ ପାଉଣ୍ଡ = ବାଲେଶ୍ୱରୀ ୫୬ ସେର = କଟକ ୧ ମହଣରୁ କିଛି ବେଶି ।] ୩ । (ଇଂ ହଣ୍ଡ୍ରେଡ୍) ତାସ୍ ଖେଳରେ ଜଣେ ଖେଳାଳିଙ୍କର ପାଇଥିବା ତାସମାନଙ୍କର ମୂଲ୍ୟସ୍ୱରୂପ ଧରାଯିବା ଶତ ସଂଖ୍ୟା—
3. Hundred in the game of cards. [ଦ୍ର—ଯେବେ ଜଣେ ଖେଳାଳିଙ୍କ ହାତକୁ ଏକାଥରକେ ଗୋଟିଏ ଟିକ୍କା, ଗୋଟିଏ ସାହେବ, ଗୋଟିଏ ବିବି, ଗୋଟିଏ ଗୋଲାମ ଓ ଗୋଟିଏ ଦଶା ଓ ଗୋଟିଏ ନବା ଆସିଯାଏ, ତେବେ ତାହାର ହଣ୍ଡର ହୋଇଅଛି ବୋଲି କୁହାଯାଏ ।]

ହଣ୍ଡାର(ଲ)ିବା—ଦେ. କ୍ରି (ସ. ଅନ୍ୱେଷଣ)—୧। କୌଣସି ବସ୍ତୁ ନିମିତ୍ତ
Han ări(li)bā କୌଣସି ସ୍ଥାନକୁ ଭଲ ଭଲ କରି ଖୋଜିବା;
ଅନ୍ୱେଷଣ—1. To thoroughly search a place
হাঁতড়ান for something. ୨। ଅନ୍ଧାରରେ ଦରାଣ୍ଡିବା—
ढूंढना 2. To grope for a thing.

ହଣ୍ଡାର(ଲ) ହେବା—ପ୍ରାଦେ (ଉଣ୍ଡାର ପରି ହୋଇଣା) କ୍ରି—ଘାଣ୍ଟି ହେବା;
Handări(li) hebā ହଇରାଣ ହେବା—To be much
toubled or bothered.

ହଣ୍ଡି ସନ୍ଧି(ନ୍ଧି)—ଦେ. ବି—ଅନ୍ଧିସନ୍ଧି (ଦେଖ)
Handi sandi(ndhi) Andisandi (See)
অন্দিসন্ধি कोनेकोने

ହଣେ—ଦେ. ଅ (ପ୍ରାଚୀନ)—ହେତୁରୁ; ଯୋଗୁଁ—For (that).
Hande (ଉ—ବିଷ୍ଣୁବଦନେ କହନ୍ତେ ଅର୍କ ଦେଖିଲେ ସେହୁ, ସେ ହଣେ
ଜଗ୍ଧେ ବାନ୍ଧିଲ ମୋ ହୃଦ ହେବ ରହୁଁ। ସଦାନନ୍ଦ କବିସୂର୍ଯ୍ୟ—
के लिये, हेतु ଯୁଗଳରସାମୃତ ଲହରୀ।)

ହନ୍ନ—ସଂ. ବଣ. ପୁଂ (ହଦ୍ ଧାତୁ=ହଗିବା +କର୍ତ୍ତୃ. କ୍ତ)—
Hanna କୃତପୁରୀଷୋତ୍ସର୍ଗ; ଯେ ହଗି ସାରିଅଛି—(A person)
(ହନ୍ନା—ସ୍ତ୍ରୀ) Who has passed faeces.

ହନ୍ୟ—ସଂ. ବଣ. ପୁଂ (ହନ୍ ଧାତୁ + କର୍ମ. ଯ)—ବଧ୍ୟ—
Hanya (ହନ୍ୟା—ସ୍ତ୍ରୀ) Fit to be killed.

ହନ୍ୟମାନ—ସଂ. ବଣ ପୁଂ [ହନ୍ ଧାତୁ+କର୍ମ (ଶାନ) ଅନ]—୧।ଗାହାକୁ
Hanyam na ହଣା ଯାଉଅଛି—1. One who is being
[ହନ୍ୟମାନା—ସ୍ତ୍ରୀ] cut. ୨। ଯାହାକୁ ବଧ କରା ଯାଉଅଛି—
2. Being slain.

ହପ୍କା—ଦେ. ବି—୧। ହଠାତ୍ ଉପସ୍ଥିତ ଭୟ—1. Sudden
Hap-kā fear; terror; fright ୨। ଭୟ—2. Fear.
ভয় भय ୩। ହପ୍ପା—3. Paroxysm.

ହପ୍ତନ୍(ମ୍) (ଇତ୍ୟାଦି)—ବୈଦେ. ବି—ହପ୍ତନ୍(ଇତ୍ୟାଦି) (ଦେଖ)
Hap-tan(m) (etc) Haptan(m) etc (See)

ହପ୍ତରଙ୍ଗି—ପ୍ରାଦେ (ସୁର୍ଯ୍ୟ) ବି—ହଠାତ୍ ଦେଖାଇବା ଧମକାଇବା; ଗାଳି;
Hap-tarangi ଜମ୍ ହୋଇବା—Bravado; boastful
denial; brazen-facedness.

ହପ୍ତା—ବୈଦେ. ବି—ହପ୍ତା (ଦେଖ)
Hap-tā Haptā (See)

ହପା (ଇତ୍ୟାଦି)—ଦେ. ବି—ହପା [ଇତ୍ୟାଦି] (ଦେଖ)
Hapā (etc) Happā [etc] (See)

ହପା(ପେ)ଇବା—ଦେ. କ୍ରି—ହପ୍ପାଇବା [ଦେଖ]
Hapa(pe)ibā Happāibā (See)

ହପାଏ କ,କେ) —ଦେ.ବଣ ଓ ବି ଓ କ୍ରି ବଣ—ହପ୍ପାଏ(କ,କେ) [ଦେଖ]
Hapāe(ka,ke) Happāe(ka,ke) [See]

ହପାଲି—ଦେ. ବି—ହାତୀର ଦ୍ରୁତଗତି—
Hapāli Swift motion of an elephant.
হাতীরজোরচাল, দ্রুতগতি हाथीका ज़ोरसे चलना

ହପାଳିଆ—ଦେ. ବଣ. ପୁଂ – ହପ୍ପାଳିଆ [ଦେଖ]
Hapālia Happālia (See)
[ହପାଳି, ହପାଳେଇ – ସ୍ତ୍ରୀ]

ହପାଲିଆ—ଦେ. ବଣ. ପୁଂ—୧। ଦ୍ରୁତଗତିବିଶିଷ୍ଟ (ହାତୀ)—
Hapālia 1. Swift-going (elephant). ୨। ଦ୍ରୁତ
দ্রুতগামী ज़ोरसेचलनेवाला [ଗଜ]—2. Swift motion.
[ହପାଲି, ହପାଲେଇ—ସ୍ତ୍ରୀ]

ହପାଲିବା—ଦେ. କ୍ରି - [ହାତୀ] ଦ୍ରୁତଗତିରେ ଚାଲିବା—
Hapalibā To walk swiftly (said of an elephant)
জোরে চলা ज़ोरसेचलना

ହପିସ୍(ସି)—ବୈଦେ, ପ୍ରା. ବି (ଇଂ. ଅଫିସ)—ଅଫିସ୍; କାର୍ଯ୍ୟାଳୟ—
Hapis(si) আপিস औफिस Office.

ହପୁଷା ସଂ. ବି—ହବୁଷା (ଦେଖ)
Hapushā Habushā (See)

ହପେଇବା—ଦେ. କ୍ରି—ହପ୍ପାଇବା [ଦେଖ]
Hapeibā Happāibā (See)

ହପ୍ତନ୍(ମ୍)—ବୈଦେ. ବଣ (ଫାରସୀ) (ଅ. ହପ୍ତନ୍ ତୁଳନା କର ସ.
Haptan(m) ସପ୍ତନ୍)—ସପ୍ତମ—Seventh. ବି—ସପ୍ତମ
হপ্তম हफ़्तम ଶ୍ରେଣୀର ଉତ୍ପନ୍ନ ଜମି—A land of the 7th
class in productiveness.

ହପ୍ତନ୍(ମ୍) ଆଇନ୍(କାନୁନ୍)—ଦେ. ବି—ସ୍ୱତ୍ୱସମ୍ବନ୍ଧୀ ୧୭୯୯
Haptan(m) āin(kānun) ସାଲର ୭ ଆଇନ୍—
সপ্তমআইন हफ़्तम कानुन् Act VII of 1799

ହପ୍ତା—ବୈଦେ. ବି (ଅ ହପ୍ତା, ହଫ୍ତା)—୧। ସପ୍ତାହ—1. Week.
Haptā হপ্তা हफ्ता ୨। ସାପ୍ତାହିକ ମଜୁରି—2. Weekly
wages. (ଉ—ସେ ହପ୍ତା ନ ପାଇ ବସି ରହି
ବାବୁରୁ ଖାଇ ଉପାସ ଘେରେ ସକଳେ ଅସିତ—
ପଦ୍ମାବତୀ ମୋହନ)

ହପ୍ତାଏ—ଦେ. ବି—ଏକ ସପ୍ତାହ—
Haptāe One week.
এক হপ্তা एक हफ्ता

ହପ୍ତାକ—ଦେ. ବି—ଏକ ହପ୍ତା ମାତ୍ର—
Haptāka One week only.
এক হপ্তা एक हफ्ता

ହପ୍ତାକେ—ଦେ. କ୍ରି. ବଣ—୧। ଏକ ସପ୍ତାହ ମଧ୍ୟରେ—1. Within
Haptāke one week ୨। ପ୍ରତି ସପ୍ତାହରେ—
এক হপ্তায় एक हफ्तामें 2 In every week.

ହପ୍ତା ର(ରି)ପ(ପୋ)ଟ—ବୈଦେ. ବି (ଅ. ହପ୍ତା ଓ ଇଂ ରିପୋର୍ଟ)—
Haptā ra(re)pa(po)t ପ୍ରତି ସପ୍ତାହରେ ନିର୍ଦ୍ଦିଷ୍ଟ
সাপ্তাহিক রিপোর্ট हफ्ता रिपोर्ट କଚେରୀକୁ ପଠାଯିବ
ଖବରର ପତ୍ର—Weekly report. (ଉ—ଉତ୍କଳଦୀପିକାରେ
ଥାନାଗଡ ଚକ ଜାଗର ଖବରା ଲେଖିବା ଏକ
ମୁକ୍ୟ ଅବର ହପ୍ତା ରିପୋର୍ଟ ଥାନାରେ ରଖନ୍ତି

ହପ୍ତା ହପ୍ତା—ଦେ. କ୍ରି. ବଣ—ଫି ହପ୍ତା; ପ୍ରତି ସପ୍ତାହରେ—
Haptā haptā Every week; week after
প্রতি সপ্তাহে फि हफ्तामें week.

ହପ୍ତା ହାଟ—ଦେ. ବି (ଅ. ହପ୍ତା+ସ. ହଟ୍ଟ)—ଯେଉଁ ହାଟ ସପ୍ତାହରେ
Haptā hāta ଥରେ ବସେ—A market or fair
সাত দিনের হাট हप्ता हाट held once every week; weekly fair.

ହପ୍ପା—ଦେ. ବି (ସ. ହାଫିବା-ହାଇ ?)—୧। ତରଙ୍ଗ—
Happā ঝোঁক हप्पा 1. Wave.
୨। ହଠାତ୍ ଉପସ୍ଥିତ ଜୁଆର, ବର୍ଷା, କ୍ରୋଧ, ଆକ୍ରମଣ, ଗାଳି, ମାଡ଼ ଆଦିର ତୋଡ଼ ବା ଥର ବା ଜୁକ—
2. Outburst; one course or time of tide, rain, anger or assault; a stroke. ୩। ଆବେଗ; ଅଧୈର୍ଯ୍ୟ—3. Paroxysm; heat; a bursting; a rage (e.g. a burst of passion; heat of passion)—୪। ଜୋର; ବେଗ—4. Force. ୫। କ୍ଷଣିକ ଆବେଗ—5. Momentary outburst.
୬। ଉତ୍ତେଜନା—6. Fury.

ହପ୍ପା(ମ୍ପା,ପ୍ପେ,ପ୍ପା)ଇବା—ଦେ. କ୍ରି—୧। (ହାମ୍ପିବାର ଣିଜନ୍ତରୂପ)
Happa(mpā,ppe,ppā)iba ଅନ୍ୟ ବ୍ୟକ୍ତିକୁ ହାମ୍ପିବାକୁ ବାଧ୍ୟ
হাপান हाँपवाना କରିବା—1. To cause to gasp.
୨। ଆକ୍ରମଣ କରିବାକୁ ପ୍ରସ୍ତୁତ ହେବା—
2. To be ready for attacking. ୩। ହାମ୍ପିବା—
3. To gasp.

ହପ୍ପା ଉଠିବା—ଦେ, ବି—୧। ଅଧୈର୍ଯ୍ୟ ପ୍ରକାଶିତ ହେବା—
Happā uthibā 1. A fit or paroxysm or rage.
ঝোঁক ওঠা हप्पा उठना ୨। ଢେଉ ଉଠିବା—
2. The coming or advent of a wave.

ହପ୍ପାଏ—ଦେ. ବଣ ବି—ଏକ ହପ୍ପା—
Happāe One paroxysm or outburst.
একঝোঁক एकहप्पा

ହପ୍ପାକ—ଦେ. ବି—ଏକ ହପ୍ପା ମାତ୍ର—
Happāka One outburst.
একঝোঁক ऐकहप्पा

ହପ୍ପାକୁ ହପ୍ପା—ଦେ. କ୍ରି ବଣ—ଏକ ତୋଡ଼ ପରେ ଅନ୍ୟ ତୋଡ଼,
Happāku happā ତୋଡ଼କୁ ତୋଡ଼; ଥରକୁ ଥର—
বারেবারে फिरफिर Outburst after out burst.

ହପ୍ପାକେ—ଦେ. କ୍ରି. ବଣ—ଏକ ହପ୍ପାରେ—
Happāke In one outburst.
একবারে एक हप्पामें

ହପ୍ପାଲିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି କ୍ଷଣିକ ଆବେଗର
Happālia ବଶବର୍ତ୍ତୀ ହୁଏ—Passionate; subject
খেয়ালী हप्पालिया to momentary outbursts
ହପ୍ପାଲୀ } ସ୍ତ୍ରୀ— गुस्सैल of passion.
ହପ୍ପାଲେଇ }

ହପ୍ପାଲି—ଦେ. ବି—ହପାଲି [ଦେଖ]—
Happāli Hapāli (See).

ହପ୍ପାଲିଆ—ଦେ. ବଣ—ହପାଲିଆ (ଦେଖ)—
Happālia Hapālia (See).
[ହପ୍ପାଲୀ, ହପ୍ପାଲେଇ—ସ୍ତ୍ରୀ]

ହପ୍ପାଲିବା—ଦେ. କ୍ରି—ହପାଲିବା (ଦେଖ)—
Happāliba Hapāliba [See]

ହପ୍ପେଇବା—ଦେ. କ୍ରି—ହପ୍ପାଇବା [ଦେଖ]—
Happeibā Happāiba [See]

ହପ୍ରମ୍ କଥା—ଦେ. ବି—ପାଦ୍ରୀ ବଡ଼ିଙ୍ଗ ସାହେବଙ୍କ ସଙ୍କଳିତ ସାନ୍ତାଳ
Hapram kathā ମାନଙ୍କ ରୀତି, ନୀତି, ପ୍ରବାଦ ଆଦି ବର୍ଣ୍ଣିତ ହୋଇଥିବା ଗଣ୍ଡିଏ ଇଂରାଜୀ ଗ୍ରନ୍ଥ—The title of a work embodying the traditions, institutions and usages of the Santals, compiled by a Santalee scholar, Revd Bodding of Maulpahari—(Mayurbhanj Chronicle—July 1937.)

ହପ୍ପାଧରା—ପ୍ରାଦେ (ସମ୍ବଲପୁର) ବି—୧। କୁସ୍ତିକରିବା; ବ୍ୟାୟାମ—
Happādharā Athletics. ୨। ମାଡ଼ଧର—2. Affray.

ହଫ୍ତନ୍[ମ୍](ଇତ୍ୟାଦ)—ବୈଦେ. ବି—ହପ୍ତନ[ମ୍] ଇତ୍ୟାଦ (ଦେଖ)
Haph-tan(m) etc —Hap-tan(m)etc (See)

ହଫ୍ତା—ଦେ. ବି—ହପ୍ତା (ଦେଖ)—
Haphtā Haptā (See).

ହଫିସ[ସି]—ବୈଦେ. ଗ୍ରା. ବି [ଇଂ. ଅଫିସ]—କାର୍ଯ୍ୟାଳୟ; ଅଫିସ—
Haphis(si) আফিস ऑफिस Office.

ହ(ହେ)ବ୍କା—ପ୍ରାଦେ. (ସମ୍ବଲପୁର,ଗଡ଼ଜାତ) ବି—ହାବୁକା (ଦେଖ)—
Ha (he) b-kā Hābukā (See)

ହବ୍କା ଦବ୍କା—ପ୍ରାଦେ. (ଗଡ଼ଜାତ) ଦେ. ବି.—ଧମକ ଚମକ—
Hab-ka dab-kā Loud threats; snubbing.

ହବ୍କା ଦେବା—ପ୍ରାଦେ. (ବାଲେଶ୍ୱର) କ୍ରି—ହଠାତ୍ ଗୁଡ଼ିର ଅନେକ
Hab-ka deba ସୂତା ଏକ ସାଙ୍ଗରେ ଛାଡ଼ିଦେବା—1. To release large lengths of thread of a paper-kite at once ୨। ତରଙ୍ଗ ତୋଳିବା—2. To create
[ହାବ୍ (ବୁ) କା ଦେବା—ଅନ୍ୟରୂପ] waves on water.

ହବ୍ କୋଢ଼ ବକୋ—ପ୍ରାଦେ. (ସମ୍ବଲପୁର) ବଣ—ଅବଢ଼ାଖାବଡ଼ା;
Hab-kordh bako ବନ୍ଧୁର; ଉଚ୍ଚାନୀଚ (ଭୂମି)—
Rough or undulating (ground)

ହବ୍ଡ଼ାଇବା—ପ୍ରାଦେ. (ସମ୍ବଲ) ବି.—ଝୁଣ୍ଟି ହେବା—
Hab-rdāibā To stumble; to trip.

ହବଡ଼ାଇ ହେବା—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି.—ବଳାତ୍କାରରେ
Hab-rdai heba ପ୍ରବେଶ କରିବା—To enter forcibly.

ହବ୍ଦାଏ—ପ୍ରାଦେ. (ସମ୍ବଲପୁର) କ୍ରି. ବଣ—ଥରେ—
Hab-dāe Once.

ହବଲି ପ୍ରାଦେ. (ସମ୍ବଲପୁର)ବି. (ଭୁଲକାକର,ଫା. ହବେଲୀ)—ହବେଲି;
Hab-li ପ୍ରାସାଦ—Palace; mansion; palatial building.

ହବ—ସଂ. ବି (ହୁ ଧାତୁ=ହୋମ କରିବା+ଭାବ ଅ)—୧ । ହୋମ—
Haba 1. Oblations of ghee unto fire. ୨ । ଯଜ୍ଞ—2. Vedic sacrifice. ୩ । (+ଅଧିକରଣ ଅ) ଅଗ୍ନି (ହୁ. ଶ)—3. Fire. ୪ । (ହ୍ୱେ ଧାତୁ=ଆହ୍ୱାନ କରିବା+ଭାବ. ଅ) ଆଜ୍ଞା—4. Order. ୫ । ଆହ୍ୱାନ—5. Call. ଗ୍ରା. କ୍ରି—[ସଂ. ଭୂ ଧାତୁ ଏବଂ ଓଡ଼ିଆ ହେବା
हवे ବା ଗ୍ରାମ୍ୟ ହବା ଧାତୁର ଭବିଷ୍ୟତ କାଳୀୟ ପୁରୁଷ ୧ବଚନ
होगा —(ସେ ବା ତାହା) ଓ ମଧ୍ୟମ ପୁରୁଷ କର୍ତ୍ତାର କ୍ରିୟାର ରୂପ] ହେବ—(It, he, she, you) Will be.

ହବକ୍—ପ୍ରାଦେ· (ବଲାଙ୍ଗିର ପାଟଣା) ବି.—ଧକ୍କା; ହାକୁଡ଼ା—
Habak Push.

ହବଙ୍ଗ—ସଂ. ବି—କାଂସ୍ୟପାତ୍ରରେ ଦଧି ମିଶ୍ରିତ ଅନ୍ନ ଭକ୍ଷଣ—
Habanga Eating of boiled rice mixed with curd in a bell metal untensil.

ହବନ—ସଂ· ବି [ହୁ ଧାତୁ+ଅଧିକରଣ ଅନ]—୧ । ହୋମ—
Habana 1. Pouring of ghee unto the Homa fire. ୨ । ହୋମକୁଣ୍ଡ (ହୁ. ଶ)—2. The vessel in which fire is lighted and ghee is offered. ୩ । ଅଗ୍ନି (ହୁ. ଶ)—3. Fire. ୪ । (+କରଣ ଅନ) ସ୍ରୁବ (ହୁ. ଶ)—4. The spoon with which ghee is poured unto fire.

ହବନାୟୁଃ—ସଂ. ବି (ହବନ+ଆୟୁଃ)—ଅଗ୍ନି—
Habanāyuḥ Fire.

ହବନୀ—ସଂ· ବି—(ହୁ ଧାତୁ+କରଣ ଅନ+ସ୍ତ୍ରୀ ଈ)—ହୋମକୁଣ୍ଡ—
Habanī A pot into which ghee is offered unto fire.

ହବନୀୟ—ସଂ. ବିଣ (ହୁ ଧାତୁ+କର୍ମ ଅନୀୟ)—୧ । ହୋମରେ
Habanīya ଆବଶ୍ୟକ—1. Required for Homa. ୨ । ହୋମ କରିବାର ଯୋଗ୍ୟ—2. Fit to be offered in Homa. ବି—(+କରଣ ଅନୀୟ)—ହୋମୀୟ ଦ୍ରବ୍ୟ—Materials required for Homa.

ହବା—ବୈଦେ. ବି (କଟକଅ)—ହିବା (ଦେଖ)—Hibā (See)—
Habā ଦେ. ବିଣ—ହବ୍ବା (ଦେଖ)—Habbā (See)
ଗ୍ରା. କ୍ରି (ସଂ. ଭୂ ଧାତୁ)—(ଓଡ଼ିଆ ହେବାର ଗ୍ରାମ୍ୟଆକାର) ଘଟିବା; ହେବା—To be· ପ୍ରାଦେ. (ଖଡ଼ିଅଳ) ବି—(ଭୂକମ୍ପର—ହୁ. ଓ ଫା. ହୱା)—ପବନ—Wind; air.

ହବାକ୍—ବୈଦେ. ବି (ନକାମ)—ହବ୍ବାକ୍ (ଦେଖ)—
Habāk Habbāk (See)

ହବା କଥା ନାହିଁ (ନୁହେଁ)—ଗ୍ରା. ବାକ୍ୟ—ଅତି ଆଶ୍ଚର୍ଯ୍ୟଜନକ ଘଟନା
Habā kathā nāhiñ (nubeñ) ଦେଖାଗଲେ ବା ଶୁଣାଗଲେ, ଅତି
हओयारनय ଏ ପ୍ରକାରରେ କହିବା କଥା ହେବନାହିଁ—Interjec-
होनेकिबातनहीँ ional sentence used in giving vent to astonishment or displeasure.
[ଦ୍ର—କୌଣସି ଘଟଣା ଦେଖି ଆଶ୍ଚର୍ଯ୍ୟାନ୍ୱିତ ବା ବିରକ୍ତ ହେବା ବ୍ୟକ୍ତିଙ୍କ ବ୍ୟବହୃତ ବଚନ ଅଟେ]
ଭା ବି—ହେବା; ଘଟଣା—Being; happening.

ହବାଚନ୍ଦ୍ର—ଦେ. ବିଣ—୧ । ଓଲୁ—1. Stupid. ୨ । ଅନୁଦ୍ୟମଶୀ—
Habā chandra ମଣା—2. Not bent on doin
हबुचन्द्र justice. ଦେ. ବି—ଅନୁଦ୍ୟମଶୀ ଲୋକ; ଓଲୁ ଲୋକ—
बेबुफ A stupid person.

ହବା ନ ହବା—ଗ୍ରା. ବି—୧ । କୌଣସି ବିଷୟର ଘଟିବା ବା ନଘଟିବା;
Habā na habā ହେବା ନ ହେବା—1. Wether a thing
हओया ना हओया will take place or not; 'To be or
होंना न होंना not to be'. ୨ । ହଁ ବା ନାହିଁ—2. Yes or no. ୩ । ସ୍ୱୀକାର ବା ଅସ୍ୱୀକାର—Consent or disagreement. [ଉ—ମୁଁ ୫ ଦିନ ହେଲା ଅନୁସରଣ କରି ଥିଲିଣି; ମତେ "ହବା ନ ହବା" କଥା କହିଦେଲେ ମୁଁ ଚାଲିଯିବି]

ହବାନାମା—ବୈଦେ. ବି (କଟକଅ)—ହିବାନାମା (ଦେଖ)—
Habānāmā Hibānāmā (See)

ହବାଲ୍—ବୈଦେ. ବି (ଆ) (ଅ. ହୱାଲ)—ହୁଅଲ୍ (ଦେଖ)—
Habāl Huāl (See)
[ଦ୍ର—ଏହା ହାଲ୍ ଶବ୍ଦ ସଙ୍ଗେ ଏକାର୍ଥକ ସହଚର ରୂପେ ବ୍ୟବହୃତ ହୁଏ]

ହବାଲ୍ଦାର୍—ବୈଦେ. ବି (ଅ. ହୱାଲ୍+ଫା ପ୍ରତ୍ୟୟ ଦାର୍)—
Habāl-dār ହୁଅଲ୍ଦାର୍ (ଦେଖ)—Huāl-dār (See)

ହବାଲତ୍—ବୈଦେ. ବି· (ଆ)—ହୁଅଲତ (ଦେଖ)—
Habālat Huālat (See)

ହବାଲତି—ବୈଦେ· ବିଣ—ହୁଅଲତି (ଦେଖ)
Habālati Huālati (See)

ହବାଲା—ବୈଦେ· (ଆ) ପ୍ରାଦେ. (ଖଡ଼ିଅଳ) (ମୂଳ ହିନ୍ଦୀ, ହବାଲା)—
Habālā ଉଦାହରଣ; ଦୃଷ୍ଟାନ୍ତ—Example.

ହବାଲାତ୍—ବୈଦେ. ବି (ଆ) (କଟକଅ)—୧। ନଜରବନ୍ଦୀ—1. Sur-
Habālāt veilance. ୨। ଅଭିଯୁକ୍ତ ବିଚାରାଧୀନ ବ୍ୟକ୍ତିକୁ ବନ୍ଦୀକରି ରଖାଯିବା—2. The state of an undertrial prisoner being detained in the lock-up. ୩। ହାଜତ—3. Lock-up.

ହବାଲି—ବୈଦେ. ବି—ଏକପ୍ରକାର ବନ୍ୟ ବୃକ୍ଷ—The portia
Habāli tree; Thespesia Populnia [tree]

ହବାସ୍—ବୈଦେ. ବି (ଆ)—ଚେତନା; ସଂଜ୍ଞା—Consciousness;
Habās sense. [ଦ୍ର—ଏହା ହୋସ୍ ଶବ୍ଦ ସଙ୍ଗେ ଏକାର୍ଥକ
हुँस हबास ସହଚର ଶବ୍ଦ ରୂପେ ବ୍ୟବହୃତ ହୁଏ]

ହବି—ବୈଦେ. ବି—(ଇଂ. ହବି)—ହବି (ଦେଖ)—Habbi (See)
Habī ଦେ. ବି (ସଂ. ହବିସ୍)—ହବିଃ (ଦେଖ)—Habiḥ
हवी हवी (See)

ହବିଃ—ସଂ· ବି (ହୁ ଧାତୁ=ହୋମ କରିବା+କରଣେ; ଇସ୍; ହବିସ୍ ଶବ୍ଦ
Habiḥ ୧ମା. ୧ବ)—୧ । ଅନ୍ନ; ଘୃତ (ଅମରକୋଷ)—

1. Ghee. ୨ । ଜଳ [ଶବ୍ଦ କଳ୍ପଦ୍ରୁମ]—2. Water. ୩ । ହବିଗଯୁ ଦ୍ରବ୍ୟ—3. Materials necessary for Homa. ୪ । ହୋମ—4. Oblations of ghee unto fire.

ହବିଗଞ୍ଜ—ବୈଦେ. ବ—ହବେଇ ଗଞ୍ଜ (ଦେଖ)—
Habiganja Habeiganja (See)

ହବିତ୍ରୀ—ସଂ. ବ (ହୁ ଧାତୁ + କରଣ ଇତ୍ର + ସ୍ତ୍ରୀ ଈ)—ହୋମକୁଣ୍ଡ—
Habitrī The fier-pot into which ghee is poured in Homa.

ହବିବୁଲ୍ଲାଖାଁ—ବୈଦେ. ବ [ନାମ]—ଅଫଗାନିସ୍ଥାନ ରାଜ୍ୟର ପୂର୍ବତନ
Habibullā khan ଅମୀର୍—[ଦ୍ର—ଏ ଭୂତପୂର୍ବ ଅମୀର
ହବିବୁଲ୍ଲାଖାଁ। ଅବଦୁଲ ରହମନ୍‌ଙ୍କ ପୁତ୍ର। ଏ ୧୯୦୧ ସାଲରେ
ହବିବୁଲ୍ଲାଖାଁ ସିଂହାସନାରୋହଣ କରିଥିଲେ। ୧୯୦୬ ସାଲରେ ଏ ଭାରତ ପରଦର୍ଶନ କରିଥିଲେ। ଏ ବର୍ତ୍ତମାନ ପ୍ରଜାମାନଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ତାଙ୍କ ସ୍ଥଳରେ ଅମୀର୍ ଅମାନୁଲ୍ଲା ସିଂହାସନାରୂଢ଼ ହୋଇଅଛନ୍ତି]—The rame of the late Amir of Afghanistan.

ହବିରଶନ—ସଂ. ବ (ମ. ପ. ଲୋ)—୧ । ଅନ୍ନ ସଙ୍ଗେ ଘୃତ ଭୋଜନ—
Habirasana 1. Eating ghee with food.
୨ । (ବହୁବ୍ରୀହି) ଅଗ୍ନି—2. Fire.

ହବିର୍ଗନ୍ଧ—ସଂ. ବ (୬ଷ୍ଠୀ ତତ୍)—ହୋମରେ ପୋଡ଼ା ଯାଉଥିବା ଘୃତର
Habirgandha ବାସ—The smell of ghee burnt in Homa.

ହବିର୍ଗନ୍ଧା—ସଂ. ବ (ବହୁବ୍ରୀହି, ହବିଃ=ଘୃତପର ଗନ୍ଧ ଯାହାର)—ଶମୀବୃକ୍ଷ
Habirgandhā (ଶବ୍ଦକଳ୍ପଦ୍ରୁମ)—Sami; Prosopis Spicigera (tree).

ହବିର୍ଗେହ—ସଂ. ବ—୧ । ହୋମଗୃହ—1. The room in which
Habirgeha Homa is performed. ୨ । ହୋମଦ୍ରବ୍ୟ ପ୍ରଭୃତି ରଖାଯିବାର ଗୃହ—2. A room for storing the ghee and other materials for Homa.

ହବିର୍ଧାନୀ—ସଂ. ବ (ହବିସ୍ + ଧା. ଧାତୁ + କର୍ତ୍ତୃ. ଅନ + ସ୍ତ୍ରୀ ଈ, ଯାହାଙ୍କ
Habirdhāni ଦୁଗ୍ଧରୁ ହୋମ କମନ୍ତେ ଘୃତ ଉତ୍ପନ୍ନ ହୁଏ)—
କାମଧେନୁ; ସୁରଭି (ହ. ଶ)—The mythological cow giving plenty of milk.

ହବିର୍ଭାଗ—ସଂ. ବ (୬ଷ୍ଠୀ ତତ୍; ହବିସ୍ + ଭାଗ)—ନିର୍ଦ୍ଦିଷ୍ଟ ଦେବତାଙ୍କ
Habirbhāga ନାମ ଧରି ହୋମାଗ୍ନିରେ ଅର୍ପିତ ହୋଇଥିବା ଘୃତର ଅଂଶ—A portion of ghee offered into the fire by uttering the name of a particular Deity.

ହବିର୍ଭୁକ୍—ସଂ. ବ. ପୁଂ [ହବିସ୍ + ଭୁଜ୍. ଧାତୁ + କର୍ତ୍ତୃ. କ୍ୱିପ୍; ହବିର୍ଭୁଜ୍
Habirbhuk ଶବ୍ଦ; ୧ମା. ୧ବ]—୧ । ଦେବତା—1. Deity.
୨ । ଅଗ୍ନି—2. Fire.

ହବିର୍ଭୁଜ—ଦେ. ବ (ସଂ. ହବିର୍ଭୁଜ୍)—ହବିର୍ଭୁକ୍ (ଦେଖ)
Habirbhuja Habirbhuk (See)

ହବିର୍ଭୂ—ସଂ. ବ [ହବିସ୍ + ଭୂ]—୧ । ହୋମଭୂମି [ହ୍ର. ଶ]—
Habirbhū 1. The ground over which Homa is performed. ୨ । [ନାମ] କର୍ଦ୍ଦମଋଷିଙ୍କ କନ୍ୟା ଓ ପୁଲସ୍ତ୍ୟମୁନିଙ୍କ ସ୍ତ୍ରୀ [ହ. ଶ]—2. Name of the wife of sage Pulastya.

ହବିର୍ମ(ର୍ମ୍ମ)ନ୍ଥ—ସଂ. ବ [ହବିସ୍ + ମନ୍ଥ. ଧାତୁ + କର୍ମ. ଅ]—ଅଗବଥୁ
Habirma(rmma)ntha ଗଛ; ଅଗ୍ନିମନ୍ଥ ବୃକ୍ଷ—Premna Integrifolia (tree). [ଦ୍ର—ଏହାର କାଠକୁ ମନ୍ଥନ କରିଯାଇ ଏଥିରୁ ଯଜ୍ଞାର୍ଥ ଅଗ୍ନି ଜାତ କରାଯାଉଥିବାରୁ ଏହାର ଏପରି ନାମ ହୋଇଅଛି।]

ହବିଲ୍(ଲି)ଦାର୍—ବୈଦେ. ବ—ହାବିଲ୍‌ଦାର୍ [ଦେଖ]
Habil(li)dār Hābil-dar [See]

ହବିଲି—ବୈଦେ. ପ୍ରାଦେ [ବାଲେଶ୍ୱର] ବ—ହବେଲି [ଦେଖ]
Habili Habeli [See]

ହବିଷ—ଦେ. ବ (ସଂ. ହବିଷ୍ୟ)—କାର୍ତ୍ତିକ, ମାଘ ଓ ବୈଶାଖ ମାସରେ
Habisha ହିନ୍ଦୁଙ୍କର (ବିଶେଷତଃ ବିଧବାମାନଙ୍କର) ଦିନରେ ଥରେ
ହବিষ্য ମାତ୍ର ନିରାମିଷ ଅରୁଆ ଅନ୍ନ ଖାଇବାରୂପ ବ୍ରତ—A religi-
हविष्य ous vow observed (specially by widows) during Māgha, Baishākha and Kārttika months, consisting of taking sun-rice with vegetarian meal once in a day.
[ଦ୍ର—ଆମ ଦେଶରେ ହବିଷ କରିବା ବ୍ୟକ୍ତିମାନେ ସୂର୍ଯ୍ୟାସ୍ତ ସମୟରେ ଅରୁଆ ଅନ୍ନ, କଞ୍ଚା ମୁଗ ଡାଲି, ସାରୁ, ଅଦା, ଓଳ, କଦଳୀ, କନ୍ଦମୂଳ, ଅଗସ୍ତିଶାଗ, ଗଇଁଠା ଗିଠା, ବେଲକନ୍ଦା ଆଦି ସାତ୍ତ୍ୱିକ ବସ୍ତୁ ଖାଇ ହବିଷ କରନ୍ତି; କେହି କେହି ଏଥି ସଙ୍ଗେ କଇଁଥ, କମଳାଲେମ୍ବୁ, କନ୍ଦମୂଳ ଖାଆନ୍ତି। ହବିଷରେ ଲଙ୍କା ମରିଚ ଖାଇବା ନିଷିଦ୍ଧ; ହବିଷ ଭକ୍ଷଣ ବାସୀ ହୁଏନାହିଁ। ଆମ ଦେଶରେ ବିଧବାମାନେ କାର୍ତ୍ତିକ ମାସରେ ହବିଷ କରନ୍ତି। ଯେ ହବିଷ କରିବେ ସେ ତୈଳ ଲଗାଇବେ ନାହିଁ, କୁଶାସନରେ ବସିବେ ଓ ବ୍ରହ୍ମଚର୍ଯ୍ୟ ରକ୍ଷା କରିବେ ବୋଲି ଶାସ୍ତ୍ରରେ ଅଟେଶ ଅଛି।]
[ଭ୍ର—ବଣଲ୍ୟବ୍ରାମା ପ୍ରାଦେ ହବିଷ। ଭଞ୍ଜ. ବୈଦେହୀଶ ବିଳାସ।]

ହବିଷ କରିବା—ଦେ. କ୍ରି—୧ । ହବିଷ୍ୟାନ୍ନ ଭୋଜନ କରିବା—
Habisha karibā 1. To partake of Habishya food.
হবষ্য করা ୨। ବ୍ରହ୍ମଚର୍ଯ୍ୟପାଳନପୂର୍ବକ ହବିଷ୍ୟାନ୍ନ ଭୋଜନରୂପ ବ୍ରତ
हविष्य करना ପାଳନ କରିବା—2. To observe the vow of taking Habishya food and observing continence.

ହବିଷ ଘର—ଦେ. ବ—ଯେଉଁ ଘରେ ହବିଷ୍ୟାନ୍ନ ପାକ କରାଯାଏ—
Habisha ghara The room where Habishya
হবষ্য করিবার ঘর, हविष्यघर food is cooked.
(ଭକ୍ତିସିନ୍ଧୁ—ଗ୍ରାମଚିତ୍ର)

ହବିଷ ତିଅ(ଉ)ଣ—ଦେ. ବି—ବିଷ୍ଣୁ ମୁଗଡାଲି, କଞ୍ଚାକଦଳୀ, Habisha tia(u)ṇa ସାରୁ, ଓଳୁ ମିଶାଯାଇ ଯାହା କରାଯାଇ- হবিষ্য তরকারী थाबा अथवा ତିଅଣ, ଯାହାକୁ ହବିଷିଅଳମାନେ **हविष्य तरकारी** ଖାଆନ୍ତି—Curry eaten by persons [ହବିଷ(ଷି) ତିଅଣ—ଅନ୍ୟରୂପ] observing Habishya. [ହବିଷି ତିଅଣ (ତୁଣ, ତିଉଣ)—ଗ୍ରାମ୍ୟରୂପ]

ହବିଷ ବୋଝ(ଭାର)—ଦେ. ବି—ହବିଷ୍ୟ ବ୍ରତ କରୁଥିବା ବ୍ୟକ୍ତି Habisa bojha(bhāra) (ବିଧବା)ମାନଙ୍କ ନିକଟକୁ হবিষ্যির তত্ব **हविष्यकी चीज** କାର୍ତ୍ତିକ ମାସରେ ବନ୍ଧୁମାନଙ୍କଦ୍ୱାରା ପ୍ରେରିତ ହବିଷ୍ୟ ସାମଗ୍ରୀ (ଯଥା—ଶାରଦ ଧାନ, ମୁଗ, କଇଁଅ, ଅଦା, କଦଳୀ; ଅଗସ୍ତି ଶାଗ, ଚେଉ-କଦା ଇତ୍ୟାଦି)ର ବୋଝ ବା ଭାର—Presents of materials for Habishya sent to persons who are observing Habishya, by their relations during Kārttika. [ହବିଷି ବୋଝ(ଭାର)—ଗ୍ରାମ୍ୟରୂପ]

ହବିଷ ଭାତ—ଦେ. ବି—ହବିଷ୍ୟାନ୍ନ (ଦେଖ)— Habisha bhāta Habishyānna (See). হবিষ্যি ভাত **हविष भात** (ହବିଷି ଭାତ—ଗ୍ରାମ୍ୟରୂପ)

ହବିଷ ମାସ—ଦେ ବି—କାର୍ତ୍ତିକ ମାସ— Habisha māsa The month of Kārttika. হবিষ্যের মাস **हविष्य मास** (ହବିଷି ମାସ—ଗ୍ରାମ୍ୟରୂପ)

ହବିଷିଆଳି(ଣି)—ଦେ. ବି ଓ ବିଣ. ପୁଂ ଓ ସ୍ତ୍ରୀ (ସଂ. ହବିଷ୍ୟାଶୀ)—ଯେଉଁ Habishiāli(ṇi) ବ୍ୟକ୍ତିମାନେ ହବିଷ୍ୟାନ୍ନ ଭୋଜନରୂପ ବ୍ରତ যারা হবিষ্যি করে **हविष्य करनेवाला** ପାଳନ କରନ୍ତି— Persons observing the Habishya vow.

ହବିଷ୍ୱ—ଦେ. ବି (ସଂ ହବିଷ୍ୟ)—ବୈଶାଖ, କାର୍ତ୍ତିକ ଓ ମାଘ ମାସରେ Habishwa ହବିଷ୍ୟାନ୍ନ ଭୋଜନରୂପ ବ୍ରତ; ହବିଷ— হবিষ্যি **हविष्य** The vow of partaking of Habishyānna during the months of Kārtika, Māgha and Baisākha.

ହବିଷ୍ମତୀ—ସଂ. ବି. ସ୍ତ୍ରୀ (ହବିସ୍+ମତ୍+ଈ)—କାମଧେନୁ (ହି. ଶ)— Habishmatī The mythological cow of plenty.

ହବିଷ୍ୟ—ସଂ. ବି (ହବିସ୍+ହିତାର୍ଥେ ଯ)—୧। ଘୃତାନ୍ନ—1. Boiled Habishya rice mixed with ghee. ୨। ହବିଷ୍ୟାନ୍ନ (ଦେଖ)—2. Habishyānna (See) ୩। ଆମିଷବର୍ଜିତ ଘୃତ ମିଶ୍ରିତ ଅତପାନ୍ନ—3. Rice prepared from unboiled paddy and then mixed with ghee, but without meat. ୩। ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ ଅର୍ପିତ ଦ୍ରବ୍ୟ (ହି. ଶ)—3. Anything poured unto the Homa fire. ସ ବିଣ—୧। ହୋମ କରାଯିବା ଯୋଗ୍ୟ; ହବନୀୟ (ହି. ଶ)—1. Fit to be poured unto the Homa fire. ୨। ଯାହାଙ୍କ (ଯେଉଁ ଦେବତାଙ୍କ) ଉଦ୍ଦେଶରେ ଢାଳିବା ଉଚିତ [ହି. ଶ— 2. (a Deity) In whose name ghee is to be poured unto the Homa-fire

ହବିଷ୍ୟାନ୍ନ—ସ ବି—କାର୍ତ୍ତିକ ବ୍ରତାଦିରେ ଭକ୍ଷଣୀୟ ଘୃତମିଶ୍ରିତ ନିରାମିଷ Habishyānna ଅତପାନ୍ନ—Rice prepared from sunned paddy and then bioled and taken with ghee and vegetables without any meat. [ଦ୍ର—ଏମ ଦେଶରେ ବିଧବାମାନେ ହବିଷ୍ୟାନ୍ନରେ ଅରୁଆ ଅନ୍ନ, ଘିଅ, କଞ୍ଚା କଲା ମୁଗର ଡାଲି, କଞ୍ଚାକଦଳୀ, ସାରୁ, ଓଳୁ, ଅଗସ୍ତି ଶାଗ, ଅଦା, ଚେଉକଦା ବ୍ୟବହାର କରନ୍ତି। କିନ୍ତୁ ଅଗସ୍ତ୍ୟ-ସଂହିତାଦି ସ୍ମୃତିଶାସ୍ତ୍ରରେ "ହବିଷ୍ୟାନ୍ନ" ସମ୍ବନ୍ଧେ ନିମ୍ନଲିଖିତ ଉପଦେଶମାନ ଦେଖାଯାଏ—

ହୈମନ୍ତିକଂ ସିତାସ୍ୱିନ୍ନଂ ଧାନ୍ୟମୁଦ୍ଗାସ୍ତିଲା ଯବାଃ,
କଳାୟ କଙ୍ଗୁନୀବାରା ବାସ୍ତୁକଂ ହିଲମୋଚିକା,
ଷଷ୍ଟିକାକାଲଶାକଞ୍ଚ ମୂଲକଂ କେମୁକେତରତ୍,
ଲବଣେ ସୈନ୍ଧବ ସାମୁଦ୍ରେ ଗବ୍ୟେ ଚ ଦଧିସର୍ପିଷୀ,
ପୟୋଽନୁଦ୍ଧୃତସାରଞ୍ଚ ପନସାମ୍ର ହରୀତକୀ,
ତିନ୍ତିଡ଼ୀ ଜୀରକଞ୍ଚୈବ ନାଗରଙ୍ଗକ ପିପ୍ପଲୀ,
କଦଳୀଲବଲୀଧାତ୍ରୀ ଫଲାନ୍ୟଗୁଡ଼ମୈକ୍ଷବ,
ଅତୈଳପକ୍ୱଂ ମୁନୟୋ ହବିଷ୍ୟାନ୍ନଂ ପ୍ରଚକ୍ଷତେ।]

ହବିଷ୍ୟାଶୀ—ସ ବିଣ. ପୁଂ (ହବିଷ୍ୟ+ଅଶ୍ ଧାତୁ+କର୍ତ୍ତୃ ଇନ୍, ୧ମା ୧ବ) Habishyāśī —ଯେଉଁମାନେ ହବିଷ୍ୟାନ୍ନ ଭୋଜନ (ହବିଷ୍ୟାଶିନୀ—ସ୍ତ୍ରୀ) କରିବା ବ୍ରତ ପାଳନ କରନ୍ତି— (persons) Partaking of the Habishya food.

ହବୁଚନ୍ଦ୍ର—ଦେ. ବି ଓ ବିଣ—ହବାଚନ୍ଦ୍ର (ଦେଖ)— Habuchandra Habāchandra (See). হবুচন্দ্র **बेवकूफ**

ହବୁଷା—ସ ବି (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷର ଫଳ— Habushā The fruit of a wild tree. (ଦ୍ର—ଏହା ମଦନ ବୃକ୍ଷ ପରି ପାର୍ବତ୍ୟ ବୃକ୍ଷବର୍ତ୍ତି ବସ୍ତୁ। ଏହା ଦ୍ୱିବିଧ—

ପ୍ରଥମପ୍ରକାର ଫଳ—ମତ୍ସ୍ୟସଦୃଶ, ବସ୍ତୁଗନ୍ଧ।

ଏହାର ପର୍ଯ୍ୟାୟ—ହବୁଷା, ହପୁଷା, ବପୁଷା, ବସ୍ତୁ;

ଦ୍ୱିତୀୟପ୍ରକାର ଫଳ—ଅଶ୍ୱତ୍ଥ ଫଳ ସଦୃଶ, ମତ୍ସ୍ୟ-ଗନ୍ଧ।

ଏହାର ପର୍ଯ୍ୟାୟ — ଅଶ୍ୱତ୍ଥଫଳା, ହବୁଷା, ହପୁଷା, ସ୍ତ୍ରୀତାହନ୍ତ୍ରୀ, ବିଷଘ୍ନୀ, ଧାତୁଷ୍ଣନାଶିନୀ, କଚ୍ଛୁଘ୍ନୀ।

ଏହା ପିତ୍ତ, ଉଦରରୋଗ, ପ୍ରମେହ, ଅର୍ଶ, ପ୍ଳୀହା, ଗ୍ରହଣୀ, ଗୁଲ୍ମ ଓ ଶୂଳ ରୋଗରେ ଉପକାରୀ,

ପଷ୍ଟକ, ଛନ୍ଦକଷାସ୍ୱରସ ଓ ସ୍ୱରୁ (ସ୍ୱରକର୍ଷ)।]

ହବେଇ-ବୈଦେ. ବ (ଫା ହୱାଇ = ଯାହା ଆକାଶରେ ବା ବାୟୁରେ ଗମନ କରେ)—ହାବିଲ (ଦେଖ)—Habili (See)
Habei
हाउँई हवाई

ହବେଇଗଞ୍ଜ—ବୈଦେ. ବ (ଫା)—ଏକପ୍ରକାର ବାଣ, ଯହିଁରେ ନିଆଁ ଲଗାଇଲେ ତହିଁରୁ ଅନେକଗୁଡ଼ିଏ ହାଉଇ ଆକାଶକୁ ଉଠିଯାଏ—A sort of firework which lets off many rockets.
Habeigañja
हाउँईगंज हवाईगज

ହବେଲି—ଦେ, ବ (ଅ)—୧। ରାଜପ୍ରାସାଦର ଅଙ୍ଗନା ଓ ହତା ପାଚେରି—1. Compound and courtyard of a king's mansion.
Habeli
हवेली हवेली
୨। ପ୍ରାସାଦ—2. Mansion; palatial building.

ହବାକ୍—ବୈଦେ. ବ [ନାମ] [ଇଂ]—ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର; ସର୍ଜନ୍ ଅଷ୍ଟେନ୍ ହବାକ୍, ଏମ୍. ଏ., କେ. ସି. ଏସ୍. ଆଇ., ଆଇ. ସି. ଏସ୍—Sir John Austen Hubback, M. A., K. C. S. I., I. C. S., the first Governor of the Province of Orissa.
Habbāk

[ଦ୍ର—ସର୍ଜନ୍ ହବାକ୍ ତଳେ ଟୀକା ଦେଖ। ଏ ମହାପୁରୁଷ ବିଲାତରେ ୧୮୭୮ ସାଲ ଫେବୃଆରି ମାସ ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଏ ନବ ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର୍ କର୍ମର ଭାର ୧୯୩୬ ସାଲ ଅପ୍ରେଲ ମାସ ପହିଲା ତାରିଖରେ ଗ୍ରହଣ କଲେ; ପ୍ରଥମେ ମନ୍ତ୍ରୀ ମାନଙ୍କ ବିନା ସାହାଯ୍ୟରେ ଓ ଅଡ୍‌ଭାଇସ୍‌ରି କମିଟିଙ୍କ ପରାମର୍ଶରେ ଏକବର୍ଷକାଳ ପ୍ରଦେଶ ଶାସନକରି ୧।୪।୧୯୩୭ ଠାରୁ ୪।୧୧।୧୯୩୯ ପର୍ଯ୍ୟନ୍ତ ନିର୍ବାଚିତ ମନ୍ତ୍ରୀମାନଙ୍କ ପରାମର୍ଶରେ ଶାସନ କାର୍ଯ୍ୟ ନିର୍ବାହ କଲେ। କଂଗ୍ରେସ୍‌ର କାର୍ଯ୍ୟନିର୍ବାହକ କମିଟି [All India Congress Committee] ଙ୍କ ଅଲଙ୍ଘନୀୟ ଆଦେଶ ପାଳନପୂର୍ବକ ନିର୍ବାଚିତ ମନ୍ତ୍ରୀମାନେ ନିଜ ପଦରୁ ଇସ୍ତଫା ଦେବାରୁ ସେହିଦିନଠାରୁ ସର୍‌ଜନ୍ ଓଡ଼ିଶା ପ୍ରଦେଶର ସମ୍ପୂର୍ଣ୍ଣ ଶାସନଭାର ସ୍ୱହସ୍ତରେ ଗ୍ରହଣ କରିଅଛନ୍ତି ଓ ମାନ୍ୟବର ଇ. ସି. ଅନ୍‌ସୋର୍ଜ୍; ସି. ଆଇ; ଇ., ଆଇ. ସି. ଏସ୍‌ଙ୍କୁ ଅଡ୍‌ଭାଇସର୍ (ପରାମର୍ଶଦାତା) ରୂପେ ମନୋନୀତ କରିଅଛନ୍ତି। ଓଡ଼ିଆଭାଷା ଓ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ପ୍ରେମ ବିଷୟ ଭାଷାକୋଷର ଷଷ୍ଠ ଖଣ୍ଡ ୮୨୪୯ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି। ଇତି ମଧ୍ୟରେ ଏ ମହାଶୟ ଓଡ଼ିଆ ଭାଷାକୋଷ ପ୍ରତି ମହାମତି ଭାଇସ୍‌ରୟ୍ ଲର୍ଡ୍ ଲିନ୍‌ଲିଥ୍‌ଗୋଙ୍କ ସସ୍ନେହଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଅଛନ୍ତି। ଉତ୍କଳର କୃଷ୍ଟିର ସାଧନାର୍ଥ ଏହାଙ୍କ ପୃଷ୍ଠପୋଷକତାରେ ଓଡ଼ିଶା ଆକାଡେମୀ ନାମକ ଗୋଟିଏ ସାରସ୍ୱତ ଅନୁଷ୍ଠାନ କଟକରେ ପ୍ରତିଷ୍ଠିତ ହୋଇଅଛି। ଡକ୍ଟର୍ ମାୟାଧର ମାନସିଂହ ଏମ୍. ଏ. ଙ୍କର 'ପାଶ୍ଚାତ୍ୟ ଦୃଷ୍ଟିରେ ଉତ୍କଳୀୟ କଳା' ଶୀର୍ଷକ ଭାଷଣ ଦିଆଯିବାପାଇଁ ଉତ୍କଳ ସାହିତ୍ୟ ସମାଜଦ୍ୱାରା ଆହୂତ ୧୮।୧୧।୧୯୩୯ ତାରିଖର ସାଧାରଣ ସଭାରେ ସଭାପତିତ୍ୱ ସ୍ୱୀକାର କରି ଏବଂ ଉତ୍କଳ ସଙ୍ଗୀତ ସମାଜର ୧୮।୧୨।୧୯୩୯ ତାରିଖର ବାର୍ଷିକ ଉତ୍ସବ ଉଦ୍‌ଘାଟନ କରି ଓ ସ୍ୱତଃପ୍ରବୃତ୍ତ ହୋଇ ତହିଁର ପୃଷ୍ଠପୋଷକତା ଘୋଷଣା କରି ସର୍‌ଜନ୍ ଉତ୍କଳ ସାହିତ୍ୟ ଓ କଳା ପ୍ରତି ଯେଉଁ ପ୍ରଗାଢ଼ ମମତା ଦେଖାଇ ଅଛନ୍ତି, ଏହା ଭାରତର ତଥା ଓଡ଼ିଶାର ଇତିହାସରେ ଅନନ୍ୟସାଧାରଣ ଘଟଣା। ସର୍‌ଜନ୍‌ଙ୍କ ପରାମର୍ଶଦାତା ମାନ୍ୟବର ଅନସୋର୍ଜ ସାହେବ ୧୦ ବର୍ଷ ପୂର୍ବେ କେତେକାଳ ବିହାର ଓଡ଼ିଶାର ଗଭର୍ଣ୍ଣମେଣ୍ଟଙ୍କ ଶିକ୍ଷାବିଭାଗର ସେକ୍ରେଟେରି କର୍ମ କରିଥିଲେ। ସେହି ସମୟରେ ଓଡ଼ିଆ ଭାଷାକୋଷକୁ ସରକାରୀ ସାହାଯ୍ୟ ଦିଆଯିବା କଥା ତାଙ୍କଦ୍ୱାରା ଅନୁମୋଦିତ ହୋଇଥିଲା। ବର୍ତ୍ତମାନ ନାନା କାରଣରୁ ଦାତାମାନଙ୍କଠାରୁ ଅଙ୍ଗୀକୃତ ଅର୍ଥସାହାଯ୍ୟ ଦୁଷ୍ପ୍ରାପ୍ୟ ହେବାରୁ ଏ ଗ୍ରନ୍ଥର ସପ୍ତମଖଣ୍ଡର ମୁଦ୍ରଣରେ ଅଭୂତପୂର୍ବ ବିଳମ୍ବ ଅବଶ୍ୟମ୍ଭାବୀ ହୋଇ ଉଠିଲା। ଅତଏବ ଆବଶ୍ୟକ ଅର୍ଥ ସଂସ୍ଥାନ ପାଇଁ ଗ୍ରନ୍ଥକାର ମାନ୍ୟବର ଅନ୍‌ସୋର୍ଜ୍ ସାହେବଙ୍କ ସଙ୍ଗେ ଦେଖା କରି ଭାଷାକୋଷର ପ୍ରକାଶିତ ଖଣ୍ଡମାନଙ୍କ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରି, ଉପସ୍ଥିତ ଅର୍ଥଦୁଃସ୍ଥିତି ବିଷୟ ତାଙ୍କୁ ଜଣାଇବାରୁ ଦଶବର୍ଷ ପୂର୍ବେ ଏ ସାରସ୍ୱତ ମନ୍ଦିରର ମୂଳଦୁଆ ପଡ଼ିଥିଲାବେଳେ ସେ ବିହାର ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର କର୍ଣ୍ଣଧାର ଥିଲେ ଓ ବର୍ତ୍ତମାନ ଏ ମନ୍ଦିରର ଦଧିନଉତି ବସିଲାବେଳେ ପ୍ରଭୁ ତାଙ୍କୁ ଓଡ଼ିଶା ପ୍ରଦେଶର ଶିକ୍ଷା ବିଭାଗର କର୍ଣ୍ଣଧାର କରିଛନ୍ତି ବୋଲି ଚିନ୍ତା କରି ଆମ ନୂଆଣ୍ଟିଆ ପ୍ରଦେଶର ଅର୍ଥଭଣ୍ଡାରରୁ ଭାଷାକୋଷ ସପ୍ତମଖଣ୍ଡର ମୁଦ୍ରଣାର୍ଥ ଆବଶ୍ୟକ ସାହାଯ୍ୟ ଦିଆଯିବା ପାଇଁ ସେ ମାନ୍ୟବର ସର୍‌ଜନ୍‌ଙ୍କୁ ପରାମର୍ଶ ଦେଲେ। ସର୍‌ଜନ୍ ଉକ୍ତ ପରାମର୍ଶକୁ ପ୍ରସନ୍ନତା ସହକାରେ ଗ୍ରହଣକଲେ ଓ ସପ୍ତମଖଣ୍ଡର ପ୍ରକାଶାର୍ଥ କଣ୍ଟକିତ ମାର୍ଗ ସୁଗମ ହେଲା। ଭାଷାକୋଷର ପ୍ରକାଶାର୍ଥ ମାନ୍ୟବର ଭାଇସ୍‌ରୟ୍ ଦୁଇବର୍ଷ ପୂର୍ବେ (୧୯୩୮ ରେ) ଅର୍ଥ ସାହାଯ୍ୟ କରିଥିଲେ। ଏବେ (୧୯୪୦ ଫେବୃଆରିରେ) ପୁଣି ଅଧିକା ଅର୍ଥ ସାହାଯ୍ୟ କରିଅଛନ୍ତି। ସର୍‌ଜନ୍ ନିଜ ହାତରେ ଥିବା ପାଣ୍ଠି (Discretionary grant) ରୁ ମଧ୍ୟ ଏଥିପାଇଁ ଧନ ଦେଇଅଛନ୍ତି। ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ଭାଷାପ୍ରତି ମାନ୍ୟବର ଲର୍ଡ୍ ଲିନ୍‌ଲିଥ୍‌ଗୋ, ମାନ୍ୟବର ସର୍‌ଜନ୍ ହବାକ ଓ ମାନ୍ୟବର ଇ. ସି ଅନ୍‌ସୋର୍ଜ୍ ଯେଉଁ କରୁଣା ଓ ପ୍ରେମ ପ୍ରଦର୍ଶନ କରିଅଛନ୍ତି ତାହା ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ଜାତୀୟ ମନ୍ଦିରର ଶୁଭ ସଙ୍କଳ୍ପ ତାଙ୍କଦ୍ୱାରା ଦତ୍ତ ହୋଇଥିଲା ଓ ଏ ମନ୍ଦିର ଉପରେ ନୀଳଚକ୍ର ତାଙ୍କଦ୍ୱାରାହିଁ ବସିଲା।

ସର୍ ଜନ୍‌ଙ୍କ ସହଧର୍ମିଣୀ ଲେଡ଼ୀ ହବାକ୍ ଉତ୍କଳ ନାରୀ ସେବା ସଙ୍ଘ (Orissa Women's League of Service) ପାଇଁ ସରକାର ହଜାର ଟଙ୍କା ଗ୍ରାଣ୍ଟ ମଞ୍ଜୁର କରି ଗୋଟିଏ ପ୍ରକାଣ୍ଡ ସଦନ ନିର୍ମାଣ କରାଇ ଅଛନ୍ତି। ସର୍ ଜନ୍ ଏ ସଦନର ଶୁଭ ୧୯୩୯ ଅକ୍ଟୋବର ମାସରେ ଦେଇଥିଲେ ଓ ୧୯୪୦ ଫେବୃଆରୀ ମାସରେ ଏ ସଦନକୁ ଉଦ୍‌ଘାଟନ କଲେ। କୃଷିକ୍ଷେତ୍ର ପ୍ରଚାର, ସ୍ୱାସ୍ଥ୍ୟର ପ୍ରଚାର, ଗୋଚାରଣର ଉନ୍ନତି, ନାରୀମାନଙ୍କ ଶିକ୍ଷା ଓ ସାମାଜିକ ମିଳନ, ଦେଶରେ ଶିକ୍ଷା ବିସ୍ତାର, ଓଡ଼ିଆ ଜାତିର କୃଷ୍ଟି ଓ କଳାର ଅଭିବୃଦ୍ଧି, ସବୁଦିଗରେ ସର୍ ଜନ୍‌ଙ୍କ ବହୁମୁଖୀ ଉଦ୍ୟମ କାର୍ଯ୍ୟକାରୀ ହେଉଅଛି। ସେ ୧୫ ବର୍ଷକାଳ ଓଡ଼ିଶା ସଙ୍ଗେ ଓତପ୍ରୋତ ଭାବରେ ସଂଯୁକ୍ତ। ତାଙ୍କ ହୃଦୟବତ୍ତାର ଅନ୍ତତଃ ଗୋଟିଏ ଉଦାହରଣ ଲିପିବଦ୍ଧ ନହେଲେ ତାଙ୍କ ବିଷୟ ଅପୂର୍ଣ୍ଣ ହେବ। ଉତ୍କଳଦୀପିକା ସମ୍ବାଦ ନାୟକ ଡକାଇତି ଅପରାଧର ଦଣ୍ଡ ସ୍ୱରୂପ ଶେଷଥର ୨୦ ବର୍ଷ ଜେଲ୍‌ଦଣ୍ଡ ଭୋଗ କରି ଅଛନ୍ତି ୧୯ବର୍ଷରୁ ଊର୍ଦ୍ଧ୍ୱ ହେବ ମୁକ୍ତିଲାଭ କରି ଏଣିକି ପାପକଳୁଷିତ ଜୀବନ ଯାପନ ନ କରି ନିଜର ସତ୍ ପରିଶ୍ରମରେ ପେଟ ପୋଷି ହେବେ ବୋଲି ସଙ୍କଳ୍ପ କରିଅଛନ୍ତି। କଟକର, ପୁରୀର ଓ କେତେକ ଗଡ଼ଜାତର ସହୃଦୟ ବାବୁମାନଙ୍କ ଠାରୁ ସାହାଯ୍ୟ ଆଣି କଟକ ଜିଲ୍ଲାରେ ତାଙ୍କ ଜନ୍ମଭୂମି ଗ୍ରାମରେ ସମ୍ବାଦ ଏକ୍ତିଏ ଘର ତୋଳାଇଛନ୍ତି ଓ ବିବାହ କରିଛନ୍ତି ଏବଂ କଟକରେ ଖଣ୍ଡିଏ ମୁଦି ଦୋକାନ ଆରମ୍ଭ କରିଛନ୍ତି। ଅପଥଗାମୀ ଦସ୍ୟୁର ଏପରି ମାନସିକ ପରିବର୍ତ୍ତନ କଥା ତାଙ୍କ ଦୃଷ୍ଟିକୁ ଆସିବାରୁ ସର୍ ଜନ୍ ତାଙ୍କ ନିଜକୁ ଉପରକାରୀ ଗ୍ରାଣ୍ଟ (Discretionary grant)ରୁ ସମ୍ବାଦ ନାୟକଙ୍କୁ ତାଙ୍କ ମୁଦି ଦୋକାନର ଅଭିବୃଦ୍ଧି କରିବାପାଇଁ ଦେଢ଼ ଶହ ଟଙ୍କା ଦାନ କରିଅଛନ୍ତି। ଓଡ଼ିଶା ପ୍ରଦେଶର ଜାତୀୟ ଇତିହାସରେ ସଂଗ୍ରାମିକ ସର୍ ଜନ୍‌ଙ୍କ ଶାସନକାଳ ସ୍ୱର୍ଣ୍ଣମୟ ଯୁଗରୂପେ ବିରାଜିବ।

ସନ୍ଦର୍ଭ ଲେଖକ—ଶଶିଭୂଷଣ ରାୟ, ୧୯୪୦]

ହବ୍ୟ—ସ. ବି (ହୁ ଧାତୁ+କରଣ ଯ)—୧। ହବନୀୟ ଦ୍ରବ୍ୟ—
Habya 1. Materials for performing Homa. ୨। ଘୃତ—2. Ghee. ୩। (+ଭାବ ଯ) ହୋମ—3. Offering of ghee unto fire in the name of certain Deities. ୪। ଚରୁ—4. Offering of sweet to fire. ୫। ଦେବାନ୍ନ—5. Food offered to Deities. ୬। (+କର୍ତ୍ତୃ ଯ) ଶାକଦ୍ୱୀପାଧିପତି—6. The king of Sākadwipa. ବିଣ—୧। (+କର୍ମ ଯ) ହବନୀୟ; ହୋମଯୋଗ୍ୟ—1. Fit to be offered unto fire. ୨। ଯଜ୍ଞୀୟ—2. Relating to or required for a vedic sacrifice.

ହବ୍ୟ କବ୍ୟ—ସ. ବି (ଦ୍ୱନ୍ଦ୍ୱ)—୧। ହୋମପାଇଁ ପ୍ରୟୋଜନୀୟ ଦ୍ରବ୍ୟ ଓ
Habya kabya ପିତୃ ଶ୍ରାଦ୍ଧପାଇଁ ପ୍ରୟୋଜନୀୟ ଦ୍ରବ୍ୟ—1. Articles required for being offered to the gods through fire and those requird to be offered to the deceased ancestors in shrāddha. ୨। ଯଜ୍ଞୀୟ ଘୃତ—2. Ghee required for Homa.

ହବ୍ୟ ପାକ—ସ ବି—୧। [ହବ୍ୟ+ପଚ୍ ଧାତୁ+କର୍ମ ଅ]—ଚରୁ—
Habya pāka 1. Cooked food or sweets offered to the gods with ghee through fire. ୨। (+ଅଧିକରଣ ଅ)—ଚରୁପାକସ୍ଥାଳୀ—2. The pot in which charu is cooked.

ହବ୍ୟବାଟ୍—ସ ବି (ହବ୍ୟ+ବହ୍ ଧାତୁ+କର୍ତ୍ତୃ ଣ୍ୱି; ହବ୍ୟବାଡ୍ ୧ମା
Habyabāt ୧ବ; ଯେ ଘୃତକୁ ଦେବତାମାନଙ୍କଠାକୁ ବହନ କରେ)—ହବ୍ୟବାହ; ଅଗ୍ନି—Fire

ହବ୍ୟ ବାହ[ବାହନ]—ସ ବି [ବହୁବ୍ରୀହି; ହବ୍ୟ=ଘୃତ ଅଟେ ବାହ
Habya bāha(bāhana) ଯାହାର]—ଅଗ୍ନି—Fire.
[ଦ୍ର—ଶ୍ରୁତି ହବ୍ୟବାହ ଦେବ ନିଜ ହବ୍ୟ ତେଜ ସମ୍ବରଣ୍ଣ ପରିହାସେ ଚାହିଲେ ଗୌରବେ—ସୁଧାକାର ମହାଯାତ୍ରା।]

ହବ୍ୟାଶ—ସ. ବି (ହବ୍ୟ=ଘୃତ+ଅଶ୍ ଧାତୁ=ଖାଇବା+କର୍ତ୍ତୃ.
Habyāsa ଅ)—ହୁତାଶନ; ଅଗ୍ନି—Fire.
(ହବ୍ୟାଶନ—ଅନ୍ୟରୂପ)

ହମ୍—ସ. ଅ (ହା. ଧାତୁ=ତ୍ୟାଗ କରିବା+କର୍ମ ଅମ୍)—କ୍ରୋଧବାଚ
Ham ସୂଚକ ଅବ୍ୟୟ—An interjection used by an angry person

ହମ୍‌କାଲି—ଦେ. ବିଣ (ଅ. ହାମ୍ କାଲେବ୍) [କଚେରୀ]—୧।ହାମକାଲି
Ham-kāli (ଦେଖ)—1. Hāmakāli (See) ୨। ଏକଜ ହାମକାଳୀ ବିଷୟର ହେବା [ମକଦ୍ଦମା]; ଯେଉଁ ମକଦ୍ଦମାମାନଙ୍କରେ ହାମକାଳୀ ବସ୍ତୁର ବିଷୟ ଏକ ହୋଇଥାଏ—2. Analogous (suits);(suits) in which the subject matters are similar.

ହ[ହା]ମ୍ରାଇ[ଏ,ଓ]—ଦେ. ବି (ଫା. ହାମରାହ୍) (କଚେରୀ)—
Ha[hā]m-rāi[e,o] ୧। ହାମରାଇ (ଦେଖ)—1. Hama-rāi (See) ୨। ରାଜା ଆଦିଙ୍କ ଗହଣ—2. Retinue (of a king). ଦେଶଜ. କ୍ରି. ବିଣ—୧। (ଅମୁକର) ଯୋଗେ)ଜରିଆରେ-1.Through; per. ୨। (ଅମୁକର) ସଙ୍ଗେ—2. With; in the company of. ୩। (ଅମୁକର) ଜିମ୍ମାଦାରୀରେ—3. In the custody of; under the guard of. [ଦ୍ର—ଦୁଇ ଜଣ ଚୌକିଦାର ହମ୍‌ରାଏ ଲସ ମାଇନା ସକାଶେ କଟକ ଚାଲାଣ ହଅଗଲା। ଫକୀରମୋହନ ଛମାଣ ଅଠଗୁଣ୍ଠ।]

ହମ୍‌ସୁଆରି—ଦେଶଜ. ବିଣ (ଅ)—ହାମସୁଆରି (ଦେଖ)।
Ham-suāri Hamasuari (See)
[ହମ୍ ସୁଆରୀ—ଅନ୍ୟରୂପ]

ହମ୍ ହମ୍—ଦେ. ଅ—ହମ ହମ (ଦେଖ)
Ham-ham Hama hama (See)

ହମର—ପ୍ରାଦେ [ଉତ୍ତରୀଭାଷା; ସର୍ବନାମ]—ଅମ୍ଭମାନଙ୍କର—
H mara Our; ours.

ହମ ହମ—ଦେ. ଅ (ସଂ. ହମ୍ଭା)—ଗୋରୁଙ୍କ ହମ୍ଭାରବ—Lowing
Hama hama of cattle. ବି—[ସଂ. ଅନୁକରଣିକା] କୌଣସି
हाम्बां, हांमा କାର୍ଯ୍ୟ କରିବାକୁ ଅତ୍ୟନ୍ତ ଉଦ୍‌ଗ୍ରୀବ ବା ଉତ୍କଣ୍ଠିତ
हँमा, हंभा ହେବା—Acute eagerness to do any
लालायित work; yearning. ବିଣ—୧ । ଲାଳାୟିତ—
लालायित 1. Eager; hankering after; yearning
୨ । ଅନ୍ତରଙ୍ଗରୂପେ ଉଲ୍ଲାସ ପ୍ରକାଶ କରୁଥିବ
[ବ୍ୟକ୍ତି]—2. Giving vent to one's joy. ୩ ।
କାମୁକତା ପ୍ରକାଶ କରିବା [ବ୍ୟକ୍ତି]—3. Giving
vent to one's lust.

ହମ ହମ ହେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ
Hama hama hebā ଉତ୍କଣ୍ଠା ଏବଂ ଲାଳସା ପ୍ରକାଶ କରିବା—
लालायित होना 1. To express extreme eagerness
लालायित होना to do any work. ୨ । ଲାଳାୟିତ ହେବା—
2. To hanker after a thing. ୩ । (ସ୍ତ୍ରୀ ବା
ପୁରୁଷ) କାମାତୁରତା ପ୍ରକାଶ କରିବା; ହମ ହମ ହେବା—
3. To show signs of lust or amour.

ହମହମିଆ—ଦେ. ବିଣ. ପୁଂ—୧ । ଯେ ଅତ୍ୟନ୍ତ ଉତ୍କଣ୍ଠା ପ୍ରକାଶ
Hamahamiā କରେ—1. Expressing too much
eagerness. ୨ । ଲାଳାୟିତ—2. Hankering;
(ହମହମେଇ—ସ୍ତ୍ରୀ) yearning. ୩ । କାମପ୍ରବୃତ୍ତି ଚରିତାର୍ଥ
लालायित କରିବା ପାଇଁ ବ୍ୟଗ୍ରତା ପ୍ରକାଶ କରିବା (ବ୍ୟକ୍ତି)—
लालायित 3. Showing signs of eagerness cr
yearning for the satisfaction of one's
lust.

ହମା(ମ୍ମା)—ଦେ. ବି (ସଂ. ହମ୍ଭା=ଗୋରୁଙ୍କ ରବ)—୧ । (ଶିଶୁ-
Hamā(mmā) କଥନ) ଗୋରୁ—1. (nursery term)
हामा हंमा Cattle. ୨ । ଗୋରୁଙ୍କ ବୋବାଳି—2. Lowing
हम्बा or bellowing of cattle. ପ୍ରାଦେ (ଉତ୍ତରଅଞ୍ଚଳ) ବି—
ଲଇଁବାର ଭଙ୍ଗୀ—A mode of bending one's body.

ହମାଗୁଡ଼ି—ଦେ. ବି [ତୁଳନା କର ସଂ. ହମ୍ଭ(=ଗୋରୁଙ୍କ ରବ) ଶବ୍ଦରୁ
Hamāgurdi ଉତ୍ପନ୍ନ ଦେଶଜ ହମା=ଗୋରୁ+ଦେଶଜ ଗୋଡ଼;
हमागुड़ि ବଙ୍ଗଳାରୁ ଅନୁକୃତ]—ଦୁଇ ହାତକୁ ଓ ଦୁଇ ଅଣ୍ଟୁକୁ
ठेहुनिया ଭୂଇଁରେ ଲଗାଇ ଚତୁଷ୍ପଦଙ୍କ ପରି ଗୁରୁଣ୍ଡିବା; ହାମୁଡ଼େଇ
କରି ଗତି—Crawling on all fours; (a person's)
moving on all fours.

ହମା ଗୁଡ଼ି ଦେବା (ମାରିବା)—ଦେ. କ୍ରି [ବଙ୍ଗଳାରୁ ଅନୁକୃତ]—ଦୁଇ
Hamāgurdi debā (māribā) ହାତରେ ଓ ଦୁଇ ଅଣ୍ଟୁରେ
हामागुड़ि देओया ଗୁରୁଣ୍ଡି କରି ଚାଲିବା; ହାମୁଡ଼େଇ କରି ଗତି
ठेहुनिया देना କରିବା—To crawl on all fours.

ହ(ହୁ)ମ ଡ଼ିବା—ପ୍ରାଦେ [ଦେଶୀଅଞ୍ଚଳ] କ୍ରି—[ଶିଶୁ] ଅଣ୍ଟୁ ଓ ହସ୍ତ
Ha(hu) mārdibā ସାହାଯ୍ୟରେ ଚାଲିବା; ଗୁରୁଣ୍ଡିବା; ହାମୁଡ଼ିବା
—To crawl on all fours.

ହ(ହି)ମାନ୍(ମ୍)ଦ(ଦି)ସ୍ତା—ଦେ. ବି [ଫା. ହାୱନ୍‌ଦସ୍ତାହ୍]—ଶୁଷ୍କ-
Ha(bi)mār-(m)da(di)stā ଦ୍ରବ୍ୟକୁ ଛେଚି ଗୁଣ୍ଡ କରିବା ପାଇଁ
हमानदीस्ता ଲୁହାର ଉଦୁଖଳ ଭାଣ୍ଡ ଓ ମୁଷଳ—Iron pestle
हावानदस्ता, हमामदस्ता and mortar. [ଦ୍ର—କେହି କେହି
ଖଣ୍ଡକୁ 'ହମାନ୍‌ଦସ୍ତା' ଓ ମୁଷଳକୁ 'ପୁଅ' କହନ୍ତି ।]

ହାମାର—ପ୍ରାଦେ (ଗଞ୍ଜାମ) ବି—ଅମାର; ଧାନକୋଠି—
Hāmāra Granary for grains.

ହମା ରଡ଼ି[ବ]—ଦେ. ବି [ସଂ. ହମ୍ଭା]—ଗୋରୁମାନଙ୍କ ରବ—
Hamā rardi[ba] Lowing or bellowing of kine.
हाम्बारव हंमाराव

ହମାରିବା—ପ୍ରାଦେ [ଦକ୍ଷିଣଅଞ୍ଚଳ] କ୍ରି—୧ । ହମ୍ଭାରବ କରିବା—
Hamāribā 1. To low (said of kine).
୨ । ସ୍ନେହ କରିବା—2. To have affection.

ହମାଳ[ଳି]—ଦେ. ବି [ସଂ. ହମ୍ଭା]—ହମ୍ଭା; ଗୋରୁଙ୍କ ରବ—
Hamāla[li] हाम्बारव हंमा Lowing of kine.

ହମାଳ[ଳି] ଛାଡ଼ିବା—ଦେ. କ୍ରି—[ଗୋରୁ] ହମ୍ଭାଳିବା; ରଡ଼ିବା—
Hamāla(li)chhārdibā To low (said of kine).
हामलान हंमाना

ହମାଳି—ଦେ. ବି—୧ । ପ୍ରବଳ ବତାସ; ତୋଫାନ—1. High
Hamāli झाड़ बवंडर wind; tempest.
୨ । ହମାଳ [ଦେଖ]—2. Hamāla (See)

ହମାଳିଆ—ଦେ. ବିଣ. ପୁଂ—୧ । ଯେଉଁ ଗୋରୁ ଅଧିକ ହମ୍ଭାଳେ—
Hamāliā 1. Lowing (kine). ୨ । ଯେଉଁଠାରେ
[ହମାଳେଇ—ସ୍ତ୍ରୀ] ଶୃଙ୍ଖଳା, ସୁବିଚାର ଓ ନ୍ୟାୟବିଚାର
बीचारहीन ନାହିଁ—2. (a place) Lacking
विचारहीन in justice and civility

ହମାଳି ପଶିବା—ଦେ. କ୍ରି—(ଗୋରୁ) ଉଲ୍ଲାସ ବା ଉତ୍କଣ୍ଠା ପ୍ରକାଶ କରି
Hamāli pasibā କରି ଗୋଶାଳା ମଧ୍ୟକୁ ପ୍ରବେଶ କରିବା—
স্বেচ্ছায় ঢুকা इच्छाय ढुकना (A cow) To rush into
the cowshed after lowing [ଉ—
ଗୁହାଳ ପଖା ଥିଲେ ଗୋରୁ ହମାଳି ପଶେ—ଢଗ]
[ଦ୍ର—ଦୁଗ୍ଧଅଳ ଗାଈ ନିର୍ଦ୍ଦିଷ୍ଟ ସମୟରେ ବାଛୁରିକୁ ନ
ଦେଖିଲେ ହମାଳେ; ଗାଈମାନେ ଚରି କରି ଫେରି ଆସି
ବିଶ୍ରାମାର୍ଥ ପରିଷ୍କୃତ ଗୁହାଳକୁ ପଶିବା ସମୟରେ ହମାଳନ୍ତି;
ଗାଈମାନେ ଋତୁମତୀ ହେଲେ ବୃଷସ୍ୟନ୍ତୀ ହୋଇ
ହମାଳନ୍ତି; ଗାଈ ତାହାର ପ୍ରିୟ ଖାଦ୍ୟକୁ ଦେଖିଲେ ବା
ବାଛୁରିକୁ ଦେଖିଲେ ହମାଳେ ।]

ହମାଳିବା—ଦେ. କ୍ରି—ହମାଳ ଛାଡ଼ିବା (ଦେଖ)
Hamālibā Hamāla chhārdibā (See).

ହମା ହେବା—ପ୍ରାଦେ (ବଙ୍ଗଳିର ପାଠଣୀ) କ୍ରି—ଅଣ୍ଟୋଇ ପଡ଼ିବା—
Hamā hebā To kneel on all fours.

ହମି—ପ୍ରାଦେ· (ଉତ୍ତରଭାଷା) ସର୍ବନାମ—ଆମ୍ଭେମାନେ—We.
Hami

ହମିଙ୍ଗ୍ ବ(ବା)ର୍ଡ୍(ର୍ଡ୍)—ବୈଦେ·ବ. (ଇଂ)—ଆମେରିକାର ଏକପ୍ରକାର
Hamingba[bā]rd(rrd) ପକ୍ଷୀ—Humming bird;
হমিঙ্গ্ বাড্ হমিঙ্গ বার্ড Chrysolampis Moschitus.
[ଦ୍ର—ଏମାନଙ୍କ ଦେହର ରଙ୍ଗ ଅତି ସୁନ୍ଦର । ଏମାନଙ୍କର ଥଣ୍ଟ ଲମ୍ବା । ଏମାନେ ଫୁଲ ଉପରେ ଗୁଣୁ ଗୁଣୁ ସ୍ୱର କରି ଅସ୍ଥିର ଭାବରେ ଉଡ଼ି ଫୁଲରୁ ସରୁ ଥଣ୍ଟ ଦ୍ୱାରା ମକରନ୍ଦ ଶୋଷନ୍ତି ଓ ଫୁଲରୁ ପୋକ ଯାକ ଖାଆନ୍ତି ।]

ହମିଦ୍—ବୈଦେ· ବ.—(ନାମ)—ମୁସଲମାନଙ୍କ ନାମ ବିଶେଷ—
Hamid A name amongst Mahomedans
(ହମିଦା—ସ୍ତ୍ରୀ) হামিদ हमिद

ହମିଦ୍ ଅବ୍ଦୁଲ୍ [ଲ୍ଲା]—ଦେ· ବ (ନାମ)—ଉତ୍ତର ଆଫ୍ରିକାର ଅଧିବାସୀ
Hamid abdul[llā] 'ରିଫ୍' ନାମଧାରୀ ମୁସଲମାନଙ୍କ ନେତା—
হামিদ অবদুল हमिद अबदुल्ला Abdul Hamid the famous leader of the Riffs of North Africa. [ଦ୍ର—ଏ ଆପଣା ଜାତିକୁ ସ୍ପେନ୍ ଦେଶବାସୀଙ୍କଠାରୁ ସ୍ୱାଧୀନ କରିବା ପାଇଁ ୬।୭ ବର୍ଷ ସ୍ପେନ୍ ଓ ଫ୍ରାନ୍ସ ଦେଶବାସୀଙ୍କ ସଙ୍ଗେ ଯୁଦ୍ଧ କରି ବିଶେଷ ସାହସର ପରିଚୟ ଦେଇ ଅବଶେଷରେ ୧୯୨୬ ସାଲରେ ପରାସ୍ତ ହୋଇ ନିର୍ବାସିତ ହେଲେ ।]

ହମିଦା ବେଗମ୍—ବୈଦେ. ବ. (ନାମ)—ମୋଗଲ୍ ସମ୍ରାଟ୍ ଅକବରଙ୍କ
Hamidā begam ଜନନୀ—Name of the mother of
हमिदाबेगम হমীদাবেগম Akbar, the Great.

ହମିର ଦେଓ—ଦେ. ବ,—ଚୌହାନ ବଂଶର ପାଟଣା ଶାଖା ରାଜ ବଂଶର
Hamir Deo ଆଦି ପୁରୁଷ—Name of the progenetor of the royal Chouhan family of the Patna State.
[ଦ୍ର—ଏହାଙ୍କ ପୁତ୍ର ରମାଇଦେଓ ପାଟଣାରେ ଚୌହାନ ବଂଶ ସ୍ଥାପନ କଲେ । ହମିରଦେଓ ଖଡ଼ିଅଳ ରାଜ୍ୟ ସ୍ଥାପନ କରିଥିଲେ (ବିଲୋଚନ ପଟ୍ଟନାୟକ)]

ହମି(ମେ)ଶା—ବୈଦେ. କ୍ରି· ବିଣ—(ପା. ହାମେଶା)—ସର୍ବଦା—
Hami(me)sā হমেশা हमेशा Always; constantly.

ହମ୍ପା(ମ୍ପେ)ଇବା—ଦେ. କ୍ରି—ହାମ୍ପିବାର ଣିଜନ୍ତରୂପ—To cause
Hampā(mpe)ibā হাঁপান हाँपना another to gasp.

ହମ୍ପାଲ(ଳି)—ଦେ. ବ—ହାମ୍ପୋଳି (ଦେଖ)—Hāmpoli (See).
Hampāla(li)

ହମ୍ପାଲିବା—ଦେ. କ୍ରି—ହାମ୍ପୋଳ ମାରିବା; ଦୀର୍ଘନିଃଶ୍ୱାସ ପକାଇବା—
Hampāliba হাঁপছাড়া हाँपना To gasp; to sigh.

ହମ୍ଫ୍ରି ଡେଭିସ୍—ବୈଦେ. ବ (ନାମ)—ଇଂଲଣ୍ଡର ଜନୈକ ସ୍ୱର୍ଗତ
Hamphri debhis ପ୍ରସିଦ୍ଧ ବୈଜ୍ଞାନିକ—The late
হাম্ফ্রি ড্যাভিস্ famous English scentist Sir Hum-
हम्फ्रिडेविस) phrey Davis. [ଦ୍ର—ଏ ଅନେକଗୁଡ଼ିଏ ବୈଜ୍ଞାନିକ ଯନ୍ତ୍ର ଆବିଷ୍କାର କରିଥିଲେ ଓ କୋଇଲାଖଣି ମଧ୍ୟରୁ ଉଠୁଥିବା ବାଷ୍ପ ଲାଗିଲେ ଜଳ ନ ଉଠିବା ଭଳି ଡାଭିଡ୍ଅ ଲଣ୍ଠନ ଆବିଷ୍କାର କରିଥିଲେ ।]

ହମ୍ବର୍—ବୈଦେ. ବ (ନାମ)—ଇଂଲଣ୍ଡର ପୂର୍ବ ସମୁଦ୍ରର ଗୋଟିଏ
Hambar ନଦୀର ନାମ—The river Humber in
হম্বর হংবর England.

ବୈଦେ. ବ
হাম্বর हामर (ଇଂ ହ୍ୟାମର=ହାତୁଡ଼ି; କଚେରୀ ଭାଷା)—ଅଦାଲତରେ ନିଲାମ ହେଉଥିବା ଭୂସମ୍ପତ୍ତିର ଅସମ୍ପୂର୍ଣ୍ଣ ନିଲାମ, ଯାହାକୁ ହାକିମ ୭ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖି ପାରନ୍ତି—Hammer. [ଦ୍ର—୧୪ ତାରିଖ ଦିନ ନିମ୍ବାର ନିଲାମ ଡାକ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ନିଲାମ ହମ୍ବରରେ ରହିଲା—ଫକୀରମୋହନ ।] [ଦ୍ର—ନିଲାମ ଡାକ ହେଲାବେଳେ ପ୍ରଥମ ଓ ଦ୍ୱିତୀୟ ଡାକ ପରେ ଶେଷ ଡାକ (ତିନି) ହେଲାବେଳେ ହାକିମ ଯେଉଁ ହାତୁଡ଼ି [ହାମର୍] ଧରିଥାଆନ୍ତି, ତାକୁ ଟେବୁଲ ଉପରେ ବାଡ଼େଇ ଦଅନ୍ତି ଓ ହାମର୍ ବାଡ଼େଇବା ସଙ୍ଗେ ସଙ୍ଗେ ନିଲାମଡାକର ସମାପ୍ତି ହୁଏ ଓ ଯେଉଁ ବ୍ୟକ୍ତିଙ୍କ ଡାକରେ 'ତିନି' ହୋଇ ହମ୍ବର୍ ବାଡ଼ିଅଯାଏ, ସେହି ବ୍ୟକ୍ତି ନିଲାମ ଖରିଦଦାର ବୋଲି ଘୋଷିତ ହୁଅନ୍ତି । ୧ ଓ ୨ ଡାକ ହୋଇ 'ତିନି' ଡାକ ହୋଇ ନ ଥିବା ସମୟର ନିଲାମ ଅନ୍ୟ ତାରିଖକୁ ଘୁଞ୍ଚିଗଲେ 'ଉକ୍ତ ନିଲାମ ହମ୍ବର୍ ରେ ରହିଲା' ବୋଲାଯାଏ ।]

ହମ୍ବା—ସଂ· ବ (ଅ ଧ୍ୱନ୍ୟ ନୁକାରୀ ଶବ୍ଦ)—ଗୋରୁଙ୍କ ରବ— Lowing
Hambā of kine. ପ୍ରାଦେ [ସମ୍ବଲପୁର]
হাম্বা হংমা ବି ଓ ବିଣ—ମୁହଁମାଡ଼ିହୋଇ ପଡ଼ିଥିବା—
ଅନ୍ୟ ଅ ପର୍ଯ୍ୟାୟ— Lying with the face to
ହମ୍ବା, ହମ୍ବା, ଚେଭଣ, the ground. [ଦ୍ର—ସେ ହମ୍ବା
ଉମ୍ବା ହୋଇ ପଡ଼ିଛି ।]

ହମ୍ବା ରଡ଼ି—ଦେ. ବ (ଅ ହମ୍ବାରବ)—ହମ୍ବା ରବ—Lowing of
Hambā rardi kine. (ଦ୍ର—ଧୂଳି ଉଡ଼ାଇଣ
হাম্বারব হংমারাব ବାଣ୍ଡେ କରି ହମ୍ବାରଡ଼ି, ଅସୁଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି—ମଧୁସୂଦନ)

ହମ୍ବା ରବ—ସ. ବ—ଗୋରୁମାନଙ୍କ ହମ୍ବା—
Hambā raba Lowing of kine.

ହମ୍ବା ରାବ—ଦେ. ବ—ହମ୍ବାରବ [ଦେଖ]—Hambāraba (See)
হাম্বারাব হংমারাব (ଦ୍ର—ବୁଢ଼ାକି ହମ୍ବାରବ କରି, କ୍ଷୀର ଦୁହେଇଁ ଚରି ଘର—ରୂପକ ପ୍ରେମପଞ୍ଚାମୃତ ।)

ହମ୍ବାଳ(ଳି)—ଦେ. ବ (ଅ, ହମ୍ବା)—ହମାଳ (ଦେଖ)—
Hambāla(li) Hamāla (See).

ହମ୍ବାଳ(ଳି) ଛାଡ଼ିବା—ଦେ. କ୍ରି—ହମ୍ବା ରବ କରିବା—
Hambāla(li) chhārdibā To low (said of kine).
হামলা हमा करना

ହମ୍ବାଳ(ଳୁ)ଆ—ଦେ. ବିଣ. ପୁଂ—ହମାଳିଆ (ଦେଖ)—
Hambāli(lu)ā Hamāliā (See).
ହମ୍ବଲେଇ, ହମ୍ବାଲେଇ—ସ୍ତ୍ରୀ)

ହମ୍ଭା—ସ. ବ [ଧ୍ୱନ୍ୟନୁକରଣ]—ହମ୍ବା (ଦେଖ)—
Hambhā Hambā (See).

ହମ୍ମ ଧାତୁ—ସ—ଗଛ କରିବା—
Hamm root To move.

ହମ୍ମା (ଇତ୍ୟାଦି)—ସ. ବ (ଧ୍ୱନ୍ୟନୁକରଣ)—ହମ୍ବା ଇତ୍ୟାଦି (ଦେଖ)
Hammā (etc) Hambā etc (See)
ଦେ. ବ—ହମା (ଦେଖ)—Hamā (See).

ହମ୍ମାଗୁର୍ଡ଼ି—ଦେ. ଶ—ହମାଗୁର୍ଡ଼ି (ଦେଖ)—
Hammāgurdi Hamāgurdi (See).

ହମ୍ମାଲ(ଲି)—ଦେ. ବ—ହମାଲ (ଦେଖ)—
Hammāla(li) Hamāla (See).

ହମ୍ମାଲି(ଲୁ)ଆ—ଦେ. ବଣ. ପୁଂ—ହମାଲିଆ (ଦେଖ)—
Hammāli(lu)ā Hamāliā (See).
(ହମ୍ମାଲେଣୀ, ହମ୍ମାଲୋଣୀ—ସ୍ତ୍ରୀ)

ହମ୍ମାଳିବା—ଦେ. କ୍ରି—ହମାଳଛର୍ଡ଼ିବା (ଦେଖ)—
Hammālibā Hamāla chhardibā (See)

ହଯ୍[ଇତ୍ୟାଦି]—ବୈଦେ. ବ—ହଜ୍ ଇତ୍ୟାଦି [ଦେଖ]—
Haj (etc) Haj etc [See].

ହଯ୍ଗ(ବ)ଯ୍ [ଇତ୍ୟାଦି]—ଦେ. ଅ—ହଜ୍ଗଜ୍ ଇତ୍ୟାଦି [ଦେଖ]—
Hajga(ba)j [etc] Hajgaj etc (See)

ହଯ୍ଗ[ବ]ଯିଆ—ଦେ. ବ. ପୁଂ—ହଜ୍ଗଜିଆ [ଦେଖ]—
Hajga(ba)jiā Haj-gajiā (See).
[ହଯ୍ଗ(ବ)ଯୀ, ହଯଗ(ବ)ଯେଣୀ—ସ୍ତ୍ରୀ]

ହଯ୍ମି (ଇତ୍ୟାଦି)—ବୈଦେ. ବଣ—ହଜମି ଇତ୍ୟାଦି (ଦେଖ)—
Haj-mi (etc) Hajami etc (See)

ହଯ୍ରତ୍ (ଇତ୍ୟାଦି)—ବୈଦେ. ବ—ହଜରତ୍ ଇତ୍ୟାଦି [ଦେଖ]—
Haj-rat (etc) Haj-rat etc (See)

ହଯ—ଦେ. ବ—ହିଜ (ଦେଖ)—
Haja Haja (See.)

ହଯବରଲ—ଦେ. ବ—୧। ବିପର୍ଯ୍ୟସ୍ତ; ଅବ୍ୟବସ୍ଥିତ—1. Unsettled; mismanaged.
Hajabarala ୨। ଅନିୟମିତ;
हयबरल गड़बड़ ଲୟମଗ୍ନାଳ—2. Unregulated; irregular.
୩। ଗୋଳମାଳିଆ—3. Confused. [ଦ୍ର—ପିଲାଟା ବହି ସବୁକୁ ହଯବରଲ କରି ପକେଇ ଦେଇ କୋଉ ଆଡ଼େ ବୁଲୁଛି।]

ହଯା—ଦେ. ବ ଓ ବଣ—ହଜା (ଦେଖ)—
Hajā Hajā (See).

ହଯାର—ବୈଦେ. ବ ଓ ବଣ—ହଜାର (ଦେଖ)—
Hajāra Hajāra (See).

ହଯାରି—ବୈଦେ. ବ—ହଜାରି (ଦେଖ)—
Hajāri Hajāri (See).

ହଯାରୁ[ରୁଁ]ହଯାର—ବୈଦେ.ବଣ ଓ ବ—ହଜାରୁ ହଜାର [ଦେଖ]—
Hajāru(ruñ)hajāra Hajāruhajāra (See).

ହଯାରେ—ଦେ. ବ ଓ ବଣ—ହଜାରେ [ଦେଖ]—
Hajāre Hajāre (See)

ହଯିବା—ଦେ. କ୍ରି—ହଜିବା [ଦେଖ]
Hajibā [ହଯା(ଯୋ)ଇବା—ଣିଜନ୍ତ] Hajibā [See]

ହଯୁର୍—ବୈଦେ. ବ ଓ ଅ—ହଜୁର [ଦେଖ]—
Hajur Hajur (See)

ହଯୁରି—ଦେ. ବ. ଓ ବଣ—ହଜୁରି [ଦେଖ]
Hajuri Hajuri (See).

ହଯେ(ଯା)ଇବା—ଦେ. ବ—ହଜେଇବା (ଦେଖ)—
Haje(jā)ibā Hajeibā (See)

ହୟ (ଧାତୁ)—ସ—୧। ଗମନ କରିବା—1. To go. ୨। କ୍ଳାନ୍ତ
Haya (root) ହେବା—2. To be tierd.

ହୟ—ସ. ବ. ପୁଂ—(ହୟ ଧାତୁ+କର୍ତ୍ତୃ ଅ)—୧। ଘୋଟକ; ଘୋଡ଼ା
Haya —1. The horse ୨। ଇନ୍ଦ୍ର—2. God Indra.
(ହୟୀ—ସ୍ତ୍ରୀ) ୩। ସାତ ସଂଖ୍ୟା (ସୂର୍ଯ୍ୟଙ୍କର ୭ଟି ଅଶ୍ୱ ଥିବାରୁ)—
3. The number seven.

ହୟକାତର[କାତରିକା]—ସ. ବ—ଔଷଧବୃକ୍ଷବିଶେଷ—Name of a
Hayakātarā [kātarikā] tree used in medicine
(ଦ୍ର—ଏହା ଲଘୁ, ବାତଘ୍ନ, ପାଚକ [ରାଜନିର୍ଘଣ୍ଟ])

ହୟ ଗନ୍ଧ—ସ. ବ [ବହୁବ୍ରୀହି; ହୟ ପରି ଗନ୍ଧ ଯାହାର]—କାଚଲବଣ
Haya gandha [ରାଜନିର୍ଘଣ୍ଟ]—A sort of salt.

ହୟଗନ୍ଧା—ସ. ବ—୧। ଅଶ୍ୱଗନ୍ଧା ବୃକ୍ଷ [ହେମମାଳା] [ଦେଖ]—
Hayagandhā 1. Aswagandhā bruksha (See).
୨। ଅଜମୋଦା (ରାଜନିର୍ଘଣ୍ଟ) (ଦେଖ)—
2. Ajamodā (See)

ହୟଗ୍ରୀବ—ସ. ବଣ. ପୁଂ [ବହୁବ୍ରୀହି; ହୟର ଗ୍ରୀବା ପରି ଗ୍ରୀବା ଯାହାର, ହୟ+ଗ୍ରୀବା]—ଯାହାର ବେକ ଘୋଡ଼ାର ବେକ ପରି ଲମ୍ବା—Having a long neck like that of a horse. ବ. ପୁଂ—
Hayagriba
[ହୟଗ୍ରୀବା—ସ୍ତ୍ରୀ]
୧। ଶାଳଗ୍ରାମବିଶେଷ—1. A sort of Sālagrāma. [ଶାଳଗ୍ରାମ ତଳେ ଟୀକା ଦେଖ]—(See notes under Sālagrāma]. ୩। ଦୈତ୍ୟବିଶେଷ [ଦ୍ର—ଏ ଦୈତ୍ୟକୁ ବିଷ୍ଣୁ ମତ୍ସ୍ୟାବତାରରେ ବଧ କରି ମଧୁକୈଟଭଙ୍କ ଦ୍ୱାରା ହୃତ ବେଦକୁ ଉଦ୍ଧାର କରିଥିଲେ [ମହାଭାରତ, କାଳିକାପୁରାଣ]—3. Name of a demon killed by Bishnu in his Fish-incarnation. (ଉ—ମାତ୍ସ୍ୟାଶ୍ୱ ପ୍ରଚଣ୍ଡ ଦାନବ, ନାମ ତାହାର ହୟଗ୍ରୀବ—ଜଗନ୍ନାଥ. ଭାଗବତ।]—୪। ବିଷ୍ଣୁଙ୍କ ଅବତାରବିଶେଷ [ମହାଭାରତରେ ନୃସିଂହାବତାର]—4. An incarnation
हयग्रीव हयग्रीव of Bishnu. ଦେ. ବ. ପୁଂ—
ଲୋକଙ୍କ ନାମ—A name given to males.

ହୟଗ୍ରୀବହା—ସଂ. ବ. ପୁଂ [ହୟଗ୍ରୀବ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍]—
Hayagribahā ବିଷ୍ଣୁ—A name of Bishnu.

ହୟଗ୍ରୀବା—ସଂ. ବିଣ. ସ୍ତ୍ରୀ (ହୟଗ୍ରୀବ+ସ୍ତ୍ରୀ. ଆ)—ହୟଗ୍ରୀବର ସ୍ତ୍ରୀଲିଙ୍ଗ—
Hayagribā Feminine form of Hayagriba.
ବି. ସ୍ତ୍ରୀ—ଦୁର୍ଗା [ଦୁର୍ଗା ସହସ୍ର ନାମ]—
One of the names of Goddess Durgā.

ହୟଙ୍କଶ—ସଂ. ବି (ସଂ. ହୟଂ=ଘୋଡ଼ାକୁ+କଶ ଧାତୁ=ଚଳାଇବା+
Hayankaśba କର୍ତ୍ତୃ. ଅ)—ଇନ୍ଦ୍ର-ସାରଥି, ମାତଳି—
A name of the charioteer of Indra.

ହୟଙ୍ଗବୀନ—ଗ୍ରା. ବି [ସଂ. ହୈୟଙ୍ଗବୀନର ଅଶୁଦ୍ଧ ଉଚ୍ଚାରଣ)—
Hayangabira ହୈୟଙ୍ଗବୀନ, ସଦ୍ୟଃପ୍ରସ୍ତୁତ ଘୃତ—
हयङ्गवीन हयंगवीन Fresh ghee.
[ଦ୍ର—ତୋମଲେ ଲବଣୀ ଦଧି ସମାନ, ଭରଇ ହେଲଟି ହୟଙ୍ଗବୀନ । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ହୟଜ୍ଞ—ସଂ. ବି [ହୟ+ଜ୍ଞା ଧାତୁ+କର୍ତ୍ତୃ. ଅ]—୧ । ହୟାୟୁର୍ବେଦଜ୍ଞ;
Hayajña ଅଶ୍ୱଶାସ୍ତ୍ରବେତ୍ତା—1. A person versed in veterinary science; a vet. ୨ । ଅଶ୍ୱପାଳ;
ସଇସ—2. Groom; syce.

ହୟନ—ସଂ. ବି [ହୟ୍ ଧାତୁ+ଭାବ. ଅନ]—କର୍ଣ୍ଣୀରଥ; ଅଚ୍ଛାଦିତ
Hayana ଶକଟ; ଛାଇଗାଡ଼ି [ଅମର]—A cart with a
(ଭଯ୍ୟନ—ଅନ୍ୟରୂପ) thatch.

ହୟପୁଚ୍ଛିକା (ପୁଚ୍ଛୀ)—ସଂ. ବି—ମାଷପର୍ଣ୍ଣୀ (ଅମର) [ଦେଖ]
Hayapuchchhikā (puchchhi) Māshaparṇṇi [See]

ହୟ ପ୍ରିୟ—ସଂ. ବି (୬ଷ୍ଠୀ ତତ୍; ଏହା ଘୋଡ଼ାର ପ୍ରିୟଖାଦ୍ୟ
Haya priya ଥିବାରୁ)—ଯବ; ଯବଧାନ [ହେମଚନ୍ଦ୍ର]—
Barley;

ହୟପ୍ରିୟା—ସଂ. ବି—୧ । ଅଶ୍ୱଗନ୍ଧା [ରାଜନିର୍ଘଣ୍ଟ] (ଦେଖ)—
Hayapriyā 1. Aśwagandhā (See) ୨ । ଖର୍ଜ୍ଜୁରୀ
(ରାଜନିର୍ଘଣ୍ଟ) (ଦେଖ)—2. Kharjjuri (See)

ହୟ ବାହନ—ସଂ. ବି. ପୁଂ (ବହୁବ୍ରୀହି)—୧ । ସୂର୍ଯ୍ୟପୁତ୍ର; ରେବନ୍ତ
Haya bahana (ହେମଚନ୍ଦ୍ର)—1. A name of Rebanta, the son of the Sun-god. ୨ ।
କୁବେର (ଶବ୍ଦ କଳ୍ପଦ୍ରୁମ)—2. The Hindu God of wealth.

ହୟବାହନ ଶଙ୍କର—ସଂ. ବି—ରକ୍ତକାଞ୍ଚନ ବୃକ୍ଷ (ଶବ୍ଦଚନ୍ଦ୍ରିକା)—
Hayabahana śankara The red-flowered variety of Bouhinia Variegata tree.

ହୟ ମାର(ମାରକ)—ସଂ. ବି—କରବୀର (ରାଜନିର୍ଘଣ୍ଟ)—
Haya māra (māraka) Nerium Odorum; Apocynacae.

ହୟ ମାରଣ—ସଂ. ବି—ଅଶ୍ୱତ୍ଥ ବୃକ୍ଷ (ଶବ୍ଦଚନ୍ଦ୍ରିକା)—
Hayamāraṇa The pipal tree.

ହୟ ମୁଖ—ସଂ. ବିଣ. ପୁଂ (ବହୁବ୍ରୀହି, ହୟର ମୁଖପରି ମୁଖ ଯାହାର)—
Hayamukha ହୟପରି ମୁଖବିଶିଷ୍ଟ—Having the face
(ହୟମୁଖୀ—ସ୍ତ୍ରୀ) like that of a horse. ସଂ. ବି—୧ । ହୟଗ୍ରୀବ (ଦେଖ)—2. Hayagriba (See). ୨ । (୬ଷ୍ଠୀ ତତ୍) ଘୋଡ଼ାର ମୁହଁ—2. The face of the horse.

ହୟ ମେଧ—ସଂ. ବି—ଅଶ୍ୱମେଧ ଯଜ୍ଞ—
Haya medha A vedic sacrifie in which a horse is the victim.

ହୟରାଣ (ଇତ୍ୟାଦି)—ବୈଦେ. ବି ଓ ବିଣ—ହଇରାଣ ଇତ୍ୟାଦି (ଦେଖ)-
Hayarāṇa (etc) Hairāṇa etc (See)
(ଦ୍ର—ରେଳ ରେଳ ଠକା ଦାଗଲ କରି କରି ବୁଢ଼ା ଫନ୍ଦାଯୁକ୍ତ ହୟରାଣ—ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ହୟରାଣିଆ—ଦେ. ବିଣ—ହଇରାଣିଆ (ଦେଖ)
Hayarāṇiā Hairāṇiā (See)

ହୟ ଶକୁନ—ସଂ. ବି—ଘୋଡ଼ାର ଚାଲିଚଳଣି ଓ ଭଙ୍ଗୀରୁ ଅଶ୍ୱସ୍ୱାମୀଙ୍କ ଭବି-
Hayaśakuna ଷ୍ୟତ ସ୍ଥିର କରୁଥିବା ଶାସ୍ତ୍ର—A science by which the master's future can be foretold from the movements of a horse.
[ଦ୍ର—ଯେଉଁ ଘୋଡ଼ା ବାଆଁ ଅଡ଼କୁ ମୁହଁ କରି ହ୍ରେଷାରବ କରେ, ଡାହାଣ ପାଦଦ୍ୱାରା ଭୂଇଁ ଖୋଳେ ଓ ନିଜର ଦକ୍ଷିଣାଙ୍ଗକୁ କୁଣ୍ଡାଇ ହୁଏ, ସେ ଘୋଡ଼ା ସ୍ୱାମୀଙ୍କୁ ଉତ୍ତମପଦ ଓ ବିଭବ ଅଣିଦଏ—ବସନ୍ତରାଜ. ହୟଶକୁନ ।]

ହୟ ଶାଳା—ସଂ. ବି—ଅଶ୍ୱଶାଳା—
Hayaśāla A stable.
[ଦ୍ର—ମତ୍ସ୍ୟପୁରାଣ ଓ ଅଶ୍ୱଶାସ୍ତ୍ରରେ ଉପଦେଶ ଅଛି ଯେ, ଅଶ୍ୱଶାଳା ଏପରି ନିର୍ମିତ ହେବା ଦରକାର ଯେ, ସେଥିରେ ଘୋଡ଼ାମାନେ ଉତ୍ତରାଭିମୁଖ ବା ଦକ୍ଷିଣାଭିମୁଖ ହୋଇ ଅବସ୍ଥାନ କରିବେ । ଅଶ୍ୱଶାଳାରେ ସର୍ବଦା ଦୀପ ଜଳିବ । ଅଶ୍ୱଶାଳା ନିକଟରେ ସର୍ବଦା ଛେଳି, କୁକୁଡ଼ା, ମର୍କଟ, ଛେଳ, ଏମାନଙ୍କୁ ରଖିବ । ସୂର୍ଯ୍ୟାସ୍ତ ପରେ ଅଶ୍ୱଶାଳାରୁ ଘୋଡ଼ାର ଲଣ୍ଡି ଓ ମୂତ୍ର ବାହାର କରିବ ନାହିଁ ।]

ହୟ ଶାସ୍ତ୍ର—ସଂ. ବି (ମ. ପ. ଲୋ)—ଅଶ୍ୱଶାସ୍ତ୍ର; ଯେଉଁ ଶାସ୍ତ୍ରଦ୍ୱାରା
Haya śāstra ଅଶ୍ୱମାନଙ୍କର ଲକ୍ଷଣ ଓ ରୋଗାଦି ସ୍ଥିର କରାଯାଇ ଚିକିତ୍ସା ପ୍ରଚଳିତ କରାଯାଏ—Veterinary science.

ହୟ ଶିକ୍ଷା—ସଂ. ବି (୬ଷ୍ଠୀ ତତ୍)—ଘୋଡ଼ାକୁ ପଣ କରିବା—
Haya śikshā The training or breaking of a horse,

ହୟ ଶୀର୍ଷ—ସଂ. ବିଣ. ପୁଂ (ବହୁବ୍ରୀହି)—ହୟମୁଖ; ହୟର ମସ୍ତକପରି
Haya śirsha ମସ୍ତକ ଯାହାର—Having the head of a
(ହୟଶୀର୍ଷା—ସ୍ତ୍ରୀ) horse.

ହୟା—ସଂ. ବିଣ. ସ୍ତ୍ରୀ (ହୟ+ସ୍ତ୍ରୀ. ଆ)—୧ । ଅଶ୍ୱିନୀ; ଘୋଡ଼ୀ—
Hayā 1. Mare, ୨ । ଅଶ୍ୱଗନ୍ଧା (ରାଜନିର୍ଘଣ୍ଟ) (ଦେଖ)—
2. Aśwagandhā (See)

ହୟାଙ୍କାର—ଗ୍ରା. ବି (ସଂ. ଭୟଙ୍କର)—୧ । ଭୟଙ୍କର—1. Frightful; terrible. ୨ । ଅତି ସାଙ୍ଘାତିକ—2. Very
Hayānkāra

ভয়ঙ্কর मयंकर ... । ଅତ୍ୟୁଳ—3. Very stout.

ହୟାତ୍—ଦେ. ବ (ଅ·)—ଜୀବନ କାଳ—
Hayāt জীবনকাল ज़िन्दगी Life-time.

ହୟାତ୍ ଭରି (ଭରିରେ)—ଦେ. କ୍ରି. ଵଣ—ଜୀବନକାଳ ମଧ୍ୟରେ—
Hayāt bhari (bharire) In the course of a life-জীবনে time. (ଯଥା—ସେହି ସାଂଘାତିକ ମୋ ପର ଅଯୋଗ୍ୟ ज़िंदगीमें କଏଁମ ପାଇଁ ବାକାବାଣି ଏଣ୍ଡି ଛନ୍ତି, ତାଙ୍କ ଉପକାର ମୁଁ ହୟାତ୍‌ଭରରେ ଭୁଲି ପାରିବ ନାହିଁ ।)

ହୟାଧ୍ୟକ୍ଷ—ସ ବ. ପୁଂ (୬ଷ୍ଠୀ ତତ୍)—ଅଶ୍ୱାଧ୍ୟକ୍ଷ; ସଇସମାନଙ୍କ ସର୍ଦ୍ଦାର—
Hayādhyaksha The head syce.

ହୟାନ୍ତ(ନ୍ତି)—ଦେ. ଵଣ (ସ. ଭୟଙ୍କର)—୧ । ଅତି ଭୟଙ୍କର;
Hayanta(nti) ଭୟାନକ—1. Very frightভয়ঙ্কর मयंकर ful; terrible.

ହୟାନ୍ତ
ହୟାନ୍ତିଅ } —ଅନ୍ୟରୂପ ୨ । ଭୟଙ୍କର ରୂପବିଶିଷ୍ଟ—2. Having a terrible appearance. ୩ । ଅତି ଦୀର୍ଘକାୟ—3 Very tall. ୪ । ଅତି ସ୍ଥୂଳକାୟ—4. Very stout.

ହୟାନନ୍ଦ—ସ. ବ (ବହୁବ୍ରୀହି; ଯନ୍ମନ ନକର ଅନନ୍ଦ ହୁଏ ଯାହାଦ୍ୱାରା
Hayānanda ଏହା ଘୋଡ଼ାମାନଙ୍କର ପ୍ରିୟ ଖାଦ୍ୟ ଥିବାରୁ)—ମୁଗ; ମୁଗ (ଜାତିଶବ୍ଦ)—A sort of grain; Phaseolus Moonga.

ହୟାୟୁର୍ବେଦ—ସ ବ—ଅଶ୍ୱ ଚିକିତ୍ସା ଶାସ୍ତ୍ର-Veterinary science.
Hayāyurbeda [ଦ—ଗରୁଡ଼ପୁରାଣ ୨୦୭ ଅଧ୍ୟାୟରେ ହୟାୟୁର୍ବେଦ ବର୍ଣ୍ଣିତ ହୋଇଅଛି ।]

ହୟାରି—ସ. ବ (୬ଷ୍ଠୀ ତତ୍—କରବୀର (କରୂମାଳା ଦେଖ)—
Hayāri Karabira (See)

ହୟାରୋହ—ଦେ. ବ (ସ. ହୟାରୋହ)—ଅଶ୍ୱାରୋହୀ—
Hayāroha A horse-rider. [ଉ—ঘোড়সবার घोड़सवार ହୟାରୋହମାନେ ଯେ ଗଜାରୋହ ଭୂଲେ, ତୂଣରୁ ବାଣ କାଢ଼ିକରି ଯୁଦ୍ଧ କଲେ—କୃଷ୍ଣସିଂହ ମହାଭାରତ କର୍ଣ୍ଣପର୍ବ ।]

ହୟାଶନା—ସଂ ବ—ଶଲ୍ଲକୀ ବୃକ୍ଷ (ଶଳଚନ୍ଦ୍ରିକା)—
Hayāsanā Indian olibanum plant.

ହୟାହ୍ୱୟା—ସଂ ବ (ବୈଦ୍ୟକ)—ଅଶ୍ୱଗନ୍ଧା—.
Hoyāhwayā Withania Somnifera (tree)

ହୟି—ଦେ. ଅ—ହଇ (ଦେଖ)—
Hayi Hai (See)

ହୟିଏ(ହେ)—ଦେ. ଅ—ହଇଏ (ଦେଖ)—
Hayie(he) Haie (See)

ହୟିକତ୍—ବୈଦେ. ବ—ହଇକତ୍ (ଦେଖ)—
Hayikat Haikat (See)

ହୟି କରିବା—ଦେ. କ୍ରି—ସ୍ୱୀକାର କରିବା; ହଁ କହିବା—
Hayi karibā To agree; to answer in the হাঁবোলা हाँ करना affirmative.

ହୟିକଅତ୍—ଦେ. ବ—ହକିକତ୍ (ଦେଖ)—
Hayikiat Hakikat (See)
(ହୟିକ୍ୟତ୍, ହଇକତ୍—ଅନ୍ୟରୂପ)

ହୟିକିରେ—ଦେ. ଅ—ହଇକିରେ (ଦେଖ)—
Hayikire Haikire (See)

ହୟି(ୟିଁ)ଚୟି(ୟିଁ)—ଦେ. ବ ଓ ଵଣ—ହଇଚଇ (ଦେଖ)—
Hayi(yiñ)chayi(yiñ) Haichai (See)

ହୟିଜା—ଦେ. ବ—ହଇଜା (ଦେଖ)—
Hayijā Haijā (See)

ହୟିବେ—ଦେ. ଅ (ପୁରୁଷ ଓ ସ୍ତ୍ରୀକ ପ୍ରତି ବ୍ୟବହୃତ)—ହଇବେ (ଦେଖ)
Hayibe Haibe [See]
ହୟିରେ (ପୁରୁଷପ୍ରତି)
ହୟିରେ ହେ (ପୁରୁଷପ୍ରତି)
ହୟିଲୋ (ସ୍ତ୍ରୀପ୍ରତି – ଅନ୍ୟରୂପ)
(ହୟିଲୋ ହେ (ସ୍ତ୍ରୀପ୍ରତି)
ହୟି ହେ[ହୋ] (ପୁରୁଷ ଓ ସ୍ତ୍ରୀପ୍ରତି) (ସମ୍ମାନାର୍ଥ)

ହୟିରୋଜ୍—ଦେ. ଵ—ହଇରୋଜ୍ (ଦେଖ)—
Hayiroj Hairoj (See)

ହୟିହୟ—ଗ୍ରା. ବ—ହୈହୟ [ଦେଖ]—
Hayihaya Haihaya [See]

ହୟିହୟି—ଦେ. ଅ—ହଇହଇ (ଦେଖ)
Hayihayi Haihai (See)

ହୟେ—ଦେ. ଅ—ହଇହେ [ଦେଖ] –
Haye Haihe [See]
(ହୟେ ହେ—ଅନ୍ୟରୂପ)

ହର୍—ବୈଦେ. ଵଣ (ଫା)—୧ । ପ୍ରତି; ପ୍ରତ୍ୟେକ—1. Every.
Har हर हर ୨ । ସମସ୍ତ; ସବୁ—2. All. [ଦ୍ର—ଏହା ଅନ୍ୟ ଶବ୍ଦପୂର୍ବେ ଲାଗେ । ଯଥା—ହର୍‌କିସମ୍, ହର୍‌ଘଡ଼ି; ହର୍‌ଦମ୍ ।] ଦେ କ୍ରି—'ତୁ' କର୍ତ୍ତା ସହିତ ସଂଯୁକ୍ତ 'ହରିବା' କ୍ରିୟାର ଅନୁଜ୍ଞାରେ ଆକାର—The form of the verb 'Haribā' with the nominative 'thou' in the imperative mood.

ହର୍‌କତ୍—ବୈଦେ. ବ—୧ । କଷ୍ଟ—1. Difficulty; trouble.
Har-kat ୨ । ବିଘ୍ନ—2. Obstacle; hindrance.
নাকাল हरकत ୩ । ଅସୁବିଧା—3. Inconvenience. ୪ । ମନ୍ଦ ଓ ଅଭାବଗ୍ରସ୍ତ ଅବସ୍ଥା—4. Bad and needy condition. ବୈଦେ-ଵଣ—୧ । ଅସୁବିଧାଗ୍ରସ୍ତ—1. Undergoing inconvenience. ୨ । ଅଭାବଗ୍ରସ୍ତ—2. Needy

ପ୍ରାଦେ (ସମ୍ବଲପୁର) ଵଣ—ହରକ୍ତ—Teased.

ହର୍‌କତ୍ କରିବା -ଦେ· କ୍ରି—୧ । କଷ୍ଟ ଦେବା—1. To give
Har-kat karibā trouble. ୨ । କଷ୍ଟରେ
नाकाल करा हरकत करना ପକାଇବା—2. To
put a person to difficulty. ୩ । ଅସୁବିଧାରେ
ପକାଇବା—3. To put into inconvenience.,
ପ୍ରାଦେ [ସମ୍ବଲପୁର] କ୍ରି—ହରକ୍ତ ହେବା—
To tease

ହର୍‌କେତ୍‌ରେ ପଡ଼ିବା—ଦେ. କ୍ରି—କଷ୍ଟମଧ୍ୟ ବା ଅସୁବିଧା ଯୁକ୍ତ ବା ଅଭାବ
Har-katre pardibā ଯୁକ୍ତ ଅବସ୍ଥାରେ ପଡ଼ିତ ହେବା-To be
হয়রাণেপড়া in trouble or inconvenience or want.
हरकतमेपड़ना

ହର୍‌କତ୍ ହେବା—ଦେ. କ୍ରି—୧ । ଅସୁବିଧା ଭୋଗ କରିବା—1. To
Har-kat bebā feel inconvenience. ୨ । କଷ୍ଟ
नाकाल हওয়া ଭୋଗ କରିବା—2. To be troubled. ୩ ।
हरकतहोना ଅଭାବଗ୍ରସ୍ତ ହେବା—3. To be in want.

ହର କତିଆ—ଦେ· ବିଣ—୧ । ଅସୁବିଧା ଯୁକ୍ତ-1. Full of the con-
Har-katiā venience. ୨ । କଷ୍ଟଜନକ—2. Trouble
नाकाले some. ୩ । ଅଭାବଗ୍ରସ୍ତ (ଅବସ୍ଥା)—3. Needy
हरकतकरनेवाला (condition) ଦେ. ବିଂ. ପୁଂ—୧ । ଯେ
ହରକତ କରେ; ଯେ ଅନ୍ୟକୁ କଷ୍ଟରେ ବା ହରକତରେ
ପକାଏ—1. Putting another into trouble
or difficulty. ୨ । ଯେ ହରକତ ହୁଏ; ଯେ କଷ୍ଟରେ ବା ଦୁଃଖରେ ପଡ଼ିଥାଏ-2. One who is in
trouble or inconvenience.

ହର୍‌କରା -ବୈ·ଦେ. ବି (ପା. ହର୍‌କାର୍)—୧ । ସମ୍ବାଦ ବାହକ—
Har-karā 1. Messenger. ୨ । ପ୍ରତିବାଦ୍ୱ; ଚିଠିଅଣ୍ଡା—
हरकरा 2. Message carrier. ୩ । ଧାବକ; ପିଅନ,
हरकारा ପିଅଦା; ଧାଉଡ଼—3. A running footman;
a runner' ୪ । ଦୂତ; ଚର—4. A herald.
୫। ଡାକ ଚିଠି ଦେବା ବ୍ୟକ୍ତି;ଡାକବାଲା-5. Postman.
୬ । ପତ୍ର ବାହକ—6. Letter-carrier

ହର୍‌କିସମ୍—ବୈ ଦେ. ବି (ପା)—୧। ସବୁ ପ୍ରକାର—1. All sorts.
Har-kisam ୨ । ନାନାପ୍ରକାର—2. Various sorts. ୩ ।
हरेकरकम ପ୍ରତ୍ୟେକ ପ୍ରକାର—3. Every kind. ବିଣ—
हरकिसम ୧ । ସବୁ ପ୍ରକାରର-1. Of all sorts. ୨ । ପ୍ରତ୍ୟେକ
ରକମର—2. Of every kind. ୩ । ନାନା ପ୍ରକାରର;
3. Of various sorts.

ହର୍‌ଖନ୍—ପ୍ରାଦେ. (ସମ୍ବଲପୁର) ଅ—(ପା· ହର+ସ୍ ଖଣ)—ଅନୁକ୍ଷଣ
Har-khan Constantly; every moment.

ହର୍‌ଗଉରା (ରି)—ଦେ. ବି—ହରଗଉରା (ଦେଖ)—
Hara-gourā (ri) Haragourā (See)
[ହର୍‌ଗୌରୀ (ରୀ)—ଶବ୍ଦରୂପ]

ହର ଗିଜ୍—ବୈ ଦେ. ଅ (ପା)—ହରଗୁଡ଼; ଅର୍ଥାତ୍—1. At all.
Hargij ୨ । କେଭେଁ—2. Ever.
মোটেই हरगीज

ହର୍‌ଘଡ଼ି—ଦେ. ଅ (ଅ. ହର+ହ ଘଡ଼ି)—୧ । ପ୍ରତି ମୁହୂର୍ତ୍ତରେ—
Har-ghardi 1. At every moment. [ଉ—ସେ କଥା
হরঘড়ী ମୋର ମନେ ପଡ଼େ ହେଲେ ପ୍ରତି—ତାଙ୍କୁ ଚିନ୍ତା
हरघड़ी ସ୍ତୁହି ତୁମ୍ଭକୁ ହରଘଡ଼—କୃଷ୍ଣସିଂହ. ମହାଭାରତ
ବନ] ୨ । ସଦା; ସର୍ବଦା—2. Always. [ଉ—
ହରଘଡ଼ ଉଲକଥା, କରୁଥିବା ତୁହେ ଚଲା—ବାଲକୃଷ୍ଣ.
ରଚାଇଁ ଅ ଲଜାପୁଣ] ୩ । ପୁନଃ ପୁନଃ—
3. Repeatedly.

ହର୍‌ଡ଼ା—ପ୍ରାଦେ. (ଉତ୍ତରଖଣ୍ଡ) ବି—ହରଡ଼ା—
Har-rdā Myrobalan.
[ହିଡ଼ଡ଼ା—ଶବ୍ଦରୂପ]

ହର୍ (ରି) ତନ—ଦେ. ବି—ତାସ୍ ଖେଳରେ ନାଲପାନ ରଙ୍ଗ ଓ ସେହି
Har-(ri) tan ରଙ୍ଗରେ ଚିହ୍ନିତ ୧୩ ଖଣ୍ଡ ତାସ୍—The set
হরতন of 13 heart cards in the game of cards and
লালপান the said red mark.

ହର୍‌ତରଫ୍—ବୈ ଦେ. ବି (ପା)—୧ । ନାନାଦିଗ—1. Various
Har-taraf directions. ୨। ସବୁଆଡ଼—2. All sides
নানাদিগ, সবদিগ ୩ । ପ୍ରତ୍ୟେକ ଦିଗ—3. Every side.
हरतरफ

ହର୍‌ତାଳ—ଦେ. ବି (ହି. ହଟ୍ଟ=ହାଟ ଓ ତାଲକ=ଯୁକ୍ତ, ଦୋକାନରେ
Har-tāla ଯୁକ୍ତ ହେଲେ ତାଲା ଦେଇ ବନ୍ଦ କରିବା)—ଜନୁଆ
হরতাল ବିଷୟରେ ଜନସାଧାରଣ ଅସନ୍ତୋଷ ପ୍ରକାଶ ନିମନ୍ତେ
हड़ताल ଦୋକାନ ବନ୍ଦ କରିବା ସ୍ଥିତ—1. Closing of
shops as a mark of passive resistance.
୨ । ଧର୍ମଘଟ—2. A strike. [ଉ—ମହାତ୍ମା
ଗାନ୍ଧିଙ୍କ ଶିକ୍ଷାଦ୍ୱାରା ସାଧାରଣ ଲୋକେ ବଳବାନ୍ ସ୍ୱଜାତିଙ୍କୁ
ବଳଦ୍ୱାରା ଜବତ୍ ବନ୍ଦ କରାଇ ହରତାଳ ଦ୍ୱାରା କାଜର
ଶକ୍ତି ପ୍ରୟୋଗ କରିବାକୁ ଶିଖି ଅଛନ୍ତି] ପ୍ରାଦେ. (ଉତ୍ତରଖଣ୍ଡ)
ବି—ହରତାଳ—Yellow orpiment.

ହର୍‌ତାଳି—ଦେ. ବିଣ—ହରିତାଳି (ଦେଖ)—
Har-tāli Haritāli (See)

ହର୍‌ତାଳି(ଲି) କା—ଦେ. ବି—ହରତାଳିକା (ଦେଖ)—
Har-tāli(li)kā Haratālikā (See)

ହର୍‌ଦଫା—ବୈଦେ· ଅ (ପା)—ପ୍ରତିଥର—
Har-daphā Every time; each time.
প্রতিবার हरदफा

ହର୍‌ଦମ୍—ବୈ ଦେ. ଅ(ପା)—୧। ହର୍‌ଘଡ଼ି; ସବୁବେଳେ; ସର୍ବଦା—
Har-dam 1. Always; constantly. ୨ । ଅନବରତ,
হরদম हरदम ଅବିଶ୍ରାନ୍ତ ଭାବରେ—

2 Without interruption. ବିଣ—ଅବିଶ୍ରାନ୍ତ—Uninterrupted; constant.

ହର୍‌ଦମ୍‌ପେଲା—ଦେ. ବିଣ. ପୁଂ (ଅଶ୍ଳୀଳ)—ଯେଉଁ ବ୍ୟକ୍ତି ସର୍ବଦା
Har-dam-pelā କାମପ୍ରବୃତ୍ତି ଚରିତାର୍ଥ କରିବାରେ ରତ·
লম্পট লংপট 1. Constantly addicted to sexual enjoyment.
ହର୍‌ଦମ୍‌ପେଲି } ସ୍ତ୍ରୀ—
ହର୍‌ଦମ୍‌ ପେଲେଇ }
୨ । ଅତି କାମୁକ (ବ୍ୟକ୍ତି)—2. Very lustful; libicinous.

ହର୍‌ଦର୍‌—ବୈଦେ. ବି (ଫା)—ବସ୍ତୁ ବସ୍ତୁର ହାରାହାରି ମୂଲ୍ୟ—
Har-dar Nett price; average price or rate.
হরদর हाराहारी ବିଣ—ହାରାହାରି—Nett; average. ଦେ· କ୍ରି. ବିଣ—ହାରାହାରି [ହର୍‌ଦରରେ, ହର୍‌ଦରେ—ଅନ୍ୟ କ୍ରି· ବିଣ ରୂପ] ହାରାହାରିରେ—On the average; on an average.

ହର୍‌ଦିବା—ପ୍ରାଦେ. କ୍ରି—ହର୍ଦ୍ଦିବା (ଦେଖ)
Har-dibā Hardibā (See)

ହର୍‌ଦୁଆର—ଦେ. ବି (ନାମ) (ସଂ ହରଦ୍ୱାର)—ହରିଦ୍ୱାର (ଦେଖ)
Har-duār Haridwār (See)
(ହର୍‌ଦ୍ୱାର—ଅନ୍ୟରୂପ)

ହର୍‌ନ—ଦେ. ବି—ହର୍ଣ୍ଣ (ଦେଖ)—
Har-n Harṇṇ [See].

ହର୍‌ନବାବି-ଦେ. ବିଣ—୧ । ବଡ଼ଲୋକିଆ; ନବାବଙ୍କର ବା ବଡ଼ଲୋକଙ୍କ
Har-nabābi ଉପଯୁକ୍ତ (କାର୍ଯ୍ୟକଳାପ)—1. (acrt)
বড়লোকী, বড়মানষী नवाबी Befitting a Nabob or rich man [ଯଥା—ହର୍‌ନବାବି ଚାଲ୍‌ଚଳନ ହର୍‌ନବାବି ଢଙ୍ଗ, ହର୍‌ନବାବି ଖରଚ ।]
୨ । ଯେଉଁ ସମ୍ପତ୍ତିର ସମସ୍ତ ଆୟ ରାଜ୍ୟର ନବାବଙ୍କ ନିଜର ବ୍ୟକ୍ତିଗତ ଖରଚରେ ଲାଗେ—2, (a property) All the income of which is applied to the personal expenses of the Nabob. ଦେ. ବି—୧ । ନବାବ ବା ବଡ଼ଲୋକଙ୍କ ଉପଯୁକ୍ତ ଚାଲିଚଳଣ—1. Conduct befitting a rich man. ୨ । ନବାବଙ୍କ ନିଜର ବ୍ୟକ୍ତିଗତ ଖରଚରେ ସମସ୍ତ ଆୟ ଲାଗିବା ପାଇଁ ନିର୍ଦ୍ଦିଷ୍ଟ ଭୂସମ୍ପତ୍ତି—2. Estate set apart for meeting the personal expenses of a Nabab.

ହର୍‌ନିଆଁ—ଦେ. ବି. (ଇଂ. ହର୍‌ନିଅ)—ଅନ୍ତ୍ରକୋଷ ରୋଗ; ଯେଉଁ
Har-niā ରୋଗରେ ଅଣ୍ଡକୋଷ ମଧ୍ୟକୁ ବାୟୁପୂର୍ଣ୍ଣ ପାକସ୍ଥଳୀ ବା
হারনিয়া ଅନ୍ତ୍ର ଖସିଆସେ—Hernia (disease)
हर्निया
[ହର୍ନିଆ (ଆଁ); ହର୍ଣ୍ଣିଆ (ଆଁ)—ଅନ୍ୟରୂପ]

ହର୍‌ପ—ଦେ. ବି (ଅ. ହର୍‌ଫ୍‌) । ହରପ୍‌ ଦେଖ—
Har-pa Harap (See)

ହର୍‌ଫସଲ୍‌—ବୈଦେ. ବି (ଫା)—୧। ପ୍ରତ୍ୟେକ ଫସଲ—1. Every
Har-phasal crop. ୨ । ସମସ୍ତ ପ୍ରକାରର ଫସଲ—2. All
হরফসল हरफसल kinds of crops.

ହର୍‌ଫସଲି—ବୈଦେ. ବିଣ (ଫା)—ଯେଉଁ ଜମିରେ ଏକାଧିକ ଋତୁରେ
Har-phasli ଏକାଧିକ ଫସଲ କୃଷିଦ୍ୱାରା ଉତ୍ପନ୍ନ କରାଯାଏ—
দোফসলি (A land) On which more than one
हरफसलि crop can be grown throughout the year.

ହରବକ(ଖ)ତ—ବୈଦେ. ଅ (ଫା. ହର୍‌ବକ୍ତ)—ହରବଖତ; ସର୍ବଦା
Har-baka(kha)ta Always.
সবসময়ে हरवक्त
[ହର୍‌ବକ୍ତ୍‌—ଅନ୍ୟରୂପ]

ହର୍‌ବର୍‌—ଦେ. ବି—ହଇରାଣ (ଦେଖ)—Hairāṇa (See)
Har-bar ଦେ. ବିଣ—ହଇରାଣରେ ପଡ଼ିଥିବା—Fallen in
হয়রাণ difficulty or trouble. ପ୍ରାଦେ. (ସମ୍ବଲପୁର)
हैरबर ବିଣ—୧। ବ୍ୟସ୍ତ; ବିରକ୍ତ—1. Teased; annoyed
୨ । ତରତର—2. In haste.

ହର୍‌ବର୍‌ କରିବା—ଦେ· କ୍ରି—ହର୍‌କତ୍‌ କରିବା (ଦେଖ)—
Har-bar karibā Harkat karibā (See)
ପ୍ରାଦେ. (ସମ୍ବଲପୁର) କ୍ରି—୧ । ବିରକ୍ତ କରିବା—1. To tease; to annoy. ୨ । ତରବର କରିବା—2. To
হায়রানকরা हरबरकरना make haste.

ହର୍‌ବର୍‌ ହେବା—ଦେ· କ୍ରି—ହଇରାଣ ହେବା (ଦେଖ)—
Harbar hebā Hairāṇa hebā (See)
হায়রানহওয়া हरबरहोना

ହର୍‌ବରିଆ—ଦେ. ବିଣ—୧। ହର୍‌କଟିଆ (ଦେଖ)—1. Har-katiā
Har-bariā (See) ୨। ହର୍‌ବର୍‌ (ଦେଖ)—2. Har-bar
হায়রাণিয়া (See) ପ୍ରାଦେ. (ସମ୍ବଲପୁର) ବିଣ—ତରତରିଆ—
हरबरकरनेवाला Hasty.

ହର୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି—ହରିବା—
Har-bā To steal.

ହର୍‌ବୋଲା—ବୈଦେ. ବି. (ଫା)—ହରବ୍ବା (ଦେଖ)—Harabbā
Har-bolā (See) ଦେ. ବିଣ—ଯେ ଅନ୍ୟ ସବୁ ପ୍ରାଣୀଙ୍କର ସ୍ୱର
হরবোলা ଅନୁକରଣ କରେ—1. Imitating the cries of
हरबोला all other animals. ଯେଉଁ ବ୍ୟକ୍ତି ସବୁ ଭାଷାରେ କଥା କହିପାରେ—2. Speaking many languages polyglot.

ହର୍‌ମଉ(ଭ,ହ)ଶୁଲ—ବୈଦେ. ବିଣ (ଫା. ଚଳିତ)—ଯେଉଁ ଜମିରେ
Har-mau (bha,ha) śul ଏକାଧିକ ଫସଲ ଏକାଧିକ ଋତୁରେ
দোফসলি ଉତ୍ପାଦନ କରାଯାଇ ପାରେ—(Land) On which
हरफसलि more than one crop can be grown in different seasons of the year.

ହର୍ମ(ମୋ)ନିଅ(ୟ୍)ମ—ବୈଦେ. ବ—ହାର୍ମନିଅମ (ଦେଖ)—
Har-ma(mo)nia(ya)m Har-maniam (See)
[ହର୍ମ(ମୋ)ନିଅ—ଅନ୍ୟରୂପ]

ହର୍ମି(ମେ)ଶା—ବୈଦେ. ପ୍ରାଦେ. (ଉତ୍ତରଖଣ୍ଡ) ଅ.—(ପା-ହମେଶା)—
Har-mi(me)sā ଅନବରତ; ସର୍ବଦା—
हमेशा सर्व्वदा Constantly.

ହର୍ଯ(ଯା)—ବୈଦେ. ବ—ହରଜ୍ (ଦେଖ)—
Har-ja (jā) Haraj (See)

ହର୍‌ରଙ୍ଗ—ଦେ. ବ (ଅ. ହର୍=ସବୁ+ସ ରଙ୍ଗ)—୧ । ସବୁପ୍ରକାର
Har-ranga ରଙ୍ଗ—1. All colours. ୨ । ଅନେକରଙ୍ଗ—
অনেকরঙ্গ 2. Many colours ୩ । ନବରଙ୍ଗ; କୌତୁକ—
हरंग 3. Amusements; merriment.

ହର୍‌ରଙ୍ଗି—ଦେ. ବଣ. ପୁଂ—୧ । ନାନାପ୍ରକାରର—1. Of various
Har-rangi sorts or kinds. ୨ । ନାନାବର୍ଣ୍ଣ ବିଶିଷ୍ଟ;
[ହର୍‌ରଙ୍ଗିଅ—ଅନ୍ୟରୂପ] ନାନାବର୍ଣ୍ଣ ରଞ୍ଜିତ—2. Multi
কৌতুকপ্রিয় coloured. ୩ । ନବରଙ୍ଗିଆ; କୌତୁକପ୍ରିୟ—
हरंगी 3. Fond of amusements. ୪ । ସର୍ବଦା
(ହର୍‌ରଙ୍ଗୀ, ହର୍‌ରଙ୍ଗେଣି—ସ୍ତ୍ରୀ) ପରିବର୍ତ୍ତନପ୍ରିୟ—
4. Very fond of change. ୫ । ଯେ ସର୍ବଦା ଭିନ୍ନ
ଭିନ୍ନ ପୋଷାକ ବଦଳାଏ—5. Fond of assuming
different dresses at different times.

ହର୍‌ରା—ଦେ. ବ (ସ ହରିତ୍, ପ୍ରା. ହରଅ)—ହରିଦ୍‌ବର୍ଣ୍ଣ, ଶାଗୁଆରଙ୍ଗ-
Har-rā Green colour; emerald colour.
সবুজ हरा ଦେ. ବଣ—ହରିଦ୍‌ବର୍ଣ୍ଣବିଶିଷ୍ଟ;
ଶାଗୁଆ—Green coloured; of verdant
green.

ହର୍‌ରୋଜ୍—ବୈଦେ. ଅ (ପା)—ପ୍ରତିଦନ—
Har-roj Every day; daily.
হররোজ हररोज

ହର୍‌ଶାଲ୍—ବୈଦେ. ଅ (ପା)—ପ୍ରତି ସନ; ପ୍ରତି ବର୍ଷ—
Har-sāl Every year
হরশাল हरसाल

ହର୍‌ଶାଲ(ଲି)—ଦେ. ବଣ—ଯାହା ପ୍ରତି ସନ ଘଟେ—
Har-sālā(li) Happening every year.
(ହର୍‌ଶାଲିଅ—ଅନ୍ୟରୂପ) হরশালি हरसाला

ହର୍‌ହମି(ମେ)ଶା—ବୈଦେ.ଅ (ଅ.ହର୍=ସବୁ, ପ୍ରତ୍ୟେକ+ହମେଶା
Har-hami(me)sā =ସର୍ବଦା)—ହର୍‌ଘଡ଼ି; ସର୍ବଦା-
হামেশা हरहमेश Always; constantly.

ହର୍‌ହର୍—ପ୍ରାଦେ [ବାଲେଶ୍ୱର ପାଠଣା] ବ—ହରଡ଼—Pigeon pea;
Har-har Cajanus Indicus.
ପ୍ରାଦେ (ଉତ୍ତରଖଣ୍ଡ) ବଣ—ଅସ୍ଥିର—Restless.

ହର—ସ. ବ [ହୃ ଧାତୁ=ହରଣ କରିବା; ସଂହାର କରିବା+କର୍ତ୍ତୃ ଅ
Hara ଯେ ଜଗତକୁ ସଂହାର କରନ୍ତି)—୧ । ଶିବ;
ମହାଦେବ;ରୁଦ୍ର—1.God Siva (the Destroyer
of the universe). ୨ । ଅଗ୍ନି—2. Fire. ୩ ।
ଗର୍ଦ୍ଦଭ, ଗଧ—3. Ass. ୪ । (+କର୍ମ ଅ) ଭାଗ;
ଅଂଶ—4. Part. ୫ । (+ଭାବ ଅ; ଗଣିତ) ହରଣ-
5. (mathematics) Division. ୬ । (ଗଣିତ) ଏକ
ସଂଖ୍ୟାର ବିଭାଜକ ଅଙ୍କ; ଭଗ୍ନାଂଶର ରେଖା ତଳେ ଥିବା
ସଂଖ୍ୟା—6. (mathematics) A denominator. ୭
ହରଣ; ଚୋରି—Stealing. (ଭ୍ର—ତହିଁଲେ ଅଧ ହର
ବାଣୀ, ସୁଅଙ୍ଗନା ବାହା ଶୁଣି—ଜଗନ୍ନାଥ ଭାଗବତ ।)
ସ. ବଣ—୧ । ହରଣକାରକ; ଯାହା ହରଣ କରେ—
1. Removing. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ
(ହରା—ସ୍ତ୍ରୀ. ବଣ) ସମାସରେ ଯୁକ୍ତ ହୁଏ । ଯଥା—ଦୁଃଖହର;
ଶୋକହର ।] ୨ । ଯାହା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
(ସମ୍ବାଦ ଆଦି) ନିଏ; ବାହକ—2. Carrying
message etc (ଯଥା—ସନ୍ଦେଶହର ।) ୩ । ଯାହା ନାଶ
କରେ;ନାଶକାରକ—3.Destroying [ଯଥା—ପୁରହର]
୪ । ଯାହା ଚିତ୍ତକୁ ମୁଗ୍ଧ କରେ—4. Charming; en-
chanting. [ଯଥା—ଚିତ୍ତହର,ମନୋହର]ଦେ.ବ—୧ ।
হর हर (ପୁଂ) ହରନାଥ, ହରଗୋବିନ୍ଦ
ହରନାରାୟଣ, ହରମୋହନ ଆଦିଙ୍କ ଡାକନାମ—
1. Nick name of names beginning with
Hara. ୨ । [ସ୍ତ୍ରୀ] ହରପ୍ରିୟା, ହରମଣି ଆଦି ସ୍ତ୍ରୀଙ୍କର
ଡାକ ନାମ —2. Nickname of females
whose names begin with Hara. ଦେ. ବଣ—
(ପା. ହର୍ ଶବ୍ଦର ଓଡ଼ିଆ ଉଚ୍ଚାରଣ) ସବୁ; ପ୍ରତ୍ୟେକ—
(The Oriya pronunciation of the Persian
word Har)—All, every. ଦେ. କ୍ରି—(ତୁମ୍ଭେ କର୍ତ୍ତୃ
ସହିତ ଯୁକ୍ତ ହେବା ହରିବା କ୍ରିୟାର ଅନୁଜ୍ଞାରୂପ) ହରଣ
କର—The imperative mood of the verb
Haribā.

ହରକ—ସ. ବ. ପୁଂ (ହୃ ଧାତୁ+କର୍ତ୍ତୃ ଅକ)—୧ । ଶିବ—1. God
Haraka Siva. ୨ । ଚୋର—2. Thief.
(ହାରିକା—ସ୍ତ୍ରୀ. ବଣ) ବଣ. ପୁ—ହରଣକର୍ତ୍ତା—Stealing.
୩ । ଶଠବଂଚକ—3. A rogue. (apte)
(ଦ୍ର—ସକଳ ଘନରସକ ସନ୍ଧୁପ୍ତ ହରକ—ବଦଶତ୍ରାନ୍ତମଣି ।

ହର କଙ୍କାଳ—ଦେ. ବ—ବନମଲ୍ଲିକା (ଦେଖ)
Hara kankāla Banamallikā (See).

ହରକଚ—ଦେ. ବ—ଜଳସ୍ଥ ଗୁଳ୍ମବିଶେଷ—A species of thorny
Harakacha plant growing on the shores
চালমুগরা कटगौनी of water.
[ଦ୍ର—ଏ ଗୁଳ୍ମ ପାଣି କୂଳରେ ଜନ୍ମେ । ଚିଲିକା କୂଳରେ
ଓ ସମ୍ବଲପୁର ଅଞ୍ଚଳର ମହାନଦୀ କୂଳରେ ଓ ଶାଳନ୍ଦୀ
ନଦୀର କୂଳରେ ଏ ଗଛ ସାଧାରଣତଃ ଦେଖାଯାଏ । ଗଛ

୨ ହାତ ଉଚ୍ଚ; ପତ୍ର ବଡ଼ା ଓ, ପତ୍ରଦେହରେ କଣ୍ଟା ଥାଏ; ଫୁଲ ହଳଦିଆ ଓ କେଶରଯୁକ୍ତ । ଫୁଲର ବ୍ୟାସ ୧୨ ଇଞ୍ଚ, ଫଳ ଅଣ୍ଡାକୃତି ଓ ବହୁ କ୍ଷୁଦ୍ର ସାଳବଶିଷ୍ଟ; ମଞ୍ଜି ଜଳାସଣି ପରି । ଏ ମଞ୍ଜିର ତେଲରେ କାଛୁ କୁଣ୍ଡିଆ ଆଦି ଭଲ ହୁଏ । କେହି କେହି ଏହାକୁ ସ୍ବର୍ଣ୍ଣଲମ୍ବୁରି ବୋଲି କହନ୍ତି ।]

ହରକତ୍—ପ୍ରାଦେ (ଖଡ଼ୁଅଳ) ବି—୧ । କ୍ଷତି; ଲୋକସାନ—
Harakat 1. Loss ୨। ହରବର—
2. Botheration,

ହରକ[କ୍କ]ତ—ବୈଦେ· ବି ଓ ବିଣ—ହର୍‌କତ୍ (ଦେଖ)—
Haraka(kka)ta Har-kat (See)

ହରକ(କ୍କ)ତିଆ—ଦେ, ବିଣ—ହର୍‌କତିଆ (ଦେଖ)—
Haraka(kka)tiā Harakatiā .(See).

ହରକରା—ବୈଦେ. ବି—ହର୍‌କରା (ଦେଖ)—
Harakarā Har-karā (See).

ହରକିଶମ—ବୈଦେ· ବି—ହର୍‌କିଶମ୍ (ଦେଖ)—
Harakiśam Har-kiśam (See).

ହରକୁମାର—ସଂ. ବି, ପୁଂ—୧ । କାର୍ତ୍ତିକେୟ [୬ଷ୍ଠୀ ତତ୍]—1. God
Harakumāra Kārttikeya. ୨। ମହାଦେବଙ୍କ ପୁତ୍ର—
हर कुमार 2. Son of Śiva. ଦେ. ବି· ପୁଂ—ଲୋକଙ୍କ ନାମ—
हर कुमार A name given to males.

ହରକୁମାର ଠାକୁର—ଦେ. ବି [ନାମ]—କଲିକତାର ପ୍ରସିଦ୍ଧ ଜମିଦାର
Harakumāra ṭhākura ସ୍ୱର୍ଗୀୟ ପ୍ରସନ୍ନକୁମାର ଠାକୁରଙ୍କର ବଡ଼ ଭାଇ ଓ ଗୋପୀମୋହନ ଠାକୁରଙ୍କର ଜ୍ୟେଷ୍ଠପୁତ୍ର [ମୃତ]—Name of a late Sanskrit scholar and devout Hindu Zamindar of Calcutta.
[ଦ୍ର—ଏହାଙ୍କର ସଂସ୍କୃତରେ ପ୍ରଗାଢ଼ ପାଣ୍ଡିତ୍ୟ ଥିଲା । ଏ ଦେବାର୍ଚ୍ଚନା ଓ ସ୍ତୁତିଚର୍ଚ୍ଚାରେ ସର୍ବଦା ବ୍ୟାପୃତ ଥିଲେ ଓ ହିନ୍ଦୁ ସଙ୍ଗୀତରେ ଏହାଙ୍କର ବିଶେଷ ବ୍ୟୁତ୍ପତ୍ତି ଥିଲା । ଏ ଗୁଡ଼ିଏ ଧର୍ମଗ୍ରନ୍ଥ ରଚନା କରିଥିଲେ । ମହାରାଜ ଯତୀନ୍ଦ୍ରମୋହନ ଓ ରାଜା ସୌରୀନ୍ଦ୍ରମୋହନ ଠାକୁର ଏହାଙ୍କର ପୁତ୍ର । ଏହାଙ୍କ ମୃତ୍ୟୁ ଖ୍ରୀ: ୧୮୫୮ ।]

ହର କୋପାନଳ—ସଂ. ବି [୬ଷ୍ଠୀ ତତ୍]—ମହାଦେବ କୋପାନ୍ବିତ
Hara kopānala ହେବାରୁ ତାଙ୍କ କପାଳମଧ୍ୟସ୍ଥ ଅକ୍ଷିରୁ ବାହାରିବା ଅଗ୍ନି [ଯାହା କାମଦେବଙ୍କୁ ଭସ୍ମ କରି ଦେଇଥିଲା]—
The fire which issued through the third eye of God Śiva when he became angry with Cupid.

ହର ଗଉରା—ଦେ. ବି (ସଂ. ହର ଓ ଗୌରୀ)—
Hara gaurā ୧ । ହର ଓ ପାର୍ବତୀ—1. Śiva and his
हरगौरी consort Pārbati. ୨ । ଶିବଙ୍କର ଅର୍ଦ୍ଧନାରୀଶ୍ୱର
हरगौरी ରୂପ—2. The form of Śiva consisting half of himself and the other half of
हजारि Parbatī. ୩ । [ସଂ. ନାମ ବ୍ୟୁତ୍ପତ୍ତି]—
कोपाटी ହଜାରି ଫୁଲ—3. Indian balsam [ଦ୍ର—ଏହାର ଗଛ ଉଚ୍ଚତାରେ ପ୍ରାୟ ୨ ହାତ ହୁଏ ଓ ବର୍ଷାଦିନେ ଏଥିର ଗଛ ଉଠେ । ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକରେ ଫୁଲ ଧରେ, ଶୀତକାଳକୁ ଗଛ ମରିଯାଏ । ଗଛରେ ଧଳା, ନାଲି, ଛିଟଛିଟିକିଆ ଆଦି ଭିନ୍ନ ଭିନ୍ନ ରଙ୍ଗର ଫୁଲ ଧରେ । ଏହାର ଫଳ ଗୋଟିଏ ଲେଖାଏଁ ମୃଦଙ୍ଗାକୃତି ଓ ଅଧ ଇଞ୍ଚ ଲମ୍ବ; ମଞ୍ଜିଗୁଡ଼ିଏ ଫଳ ମଧ୍ୟରେ ଥାଏ; ମଞ୍ଜିଗୁଡ଼ିକ ସୋରିଷ ବର୍ଣ୍ଣବିଶିଷ୍ଟ, କିନ୍ତୁ ସୋରିଷଠାରୁ ବଡ଼ । ଏହାର ଫୁଲ ଓ ପତ୍ରକୁ ବାଟି ମାଇପେ ଓ ପିଲାମାନେ କରତଳରେ ଓ ଗୋଡ଼ରେ ଅଳତା ଯେପରି ଅଂଶରେ ବୋଳନ୍ତି । ଏହାକୁ କିଛିକ୍ଷଣ ରଖି କାଢ଼ି ପକାଇଲେ ସେ ସ୍ଥାନମାନ ନାଲି ରଙ୍ଗରେ ରଞ୍ଜିତ ହୁଏ ଓ କିଛିଦିନ ସ୍ଥାୟୀ ହୁଏ । ଏହାର ଫୁଲର ପାଖୁଡ଼ା ତଳେ ଯେଉଁ ଖୋଲ ଥାଏ, ତାହା ମଧ୍ୟ ଫୁଲର ବର୍ଣ୍ଣବିଶିଷ୍ଟ ଥିବାରୁ ଏହାର ସଂ. ନାମ ବ୍ୟୁତ୍ପତ୍ତି ।]

ହରଗଉରୀ—ଦେ. ବି (ସଂ. ହରଗୌରୀ)—ହରଗୌରୀ (ଦେଖ)
Hara gaurī Haragaurī (See)

ହରଗିଜ୍—ବୈଦେ. ଅ—ହର୍‌ଗିଜ୍ (ଦେଖ)
Haragij Har-gij (See)

ହରଗୁଣ—ଦେ. ବି (ସଂ. ହରଣ + ଗୁଣନ)—ହରଗୁଣ; ହରଣ ଓ
Haraguṇa ଗୁଣନ—Division and multiplication,
हरण गुणन गुणाभाग

ହର(ରି)ଗୁଣ ପୋଥି—ଦେ. ବି—ଯେଉଁ ବିଷୟକୁ ସର୍ବଦା ଝୁରିବାକୁ
Hara(ri)guṇa pothi ବା ଘୋଷିବାକୁ ବା ସ୍ମରିବାକୁ ହୁଏ—
जपमाला पुँथि A matter which a person remembers or recites or pines after always.
दिन गुनाव
[ଦ୍ର—ଶ୍ରୀକୃଷ୍ଣ ମଥୁରାକୁ ଯିବାପରେ 'ଗୋପୀମାନେ' ହରଗୁଣ ସ୍ମରଣ କରି ଶ୍ରୀକୃଷ୍ଣଙ୍କ ପାଇଁ ଝୁରୁ ହେଉଥିଲେ; ଏହି କଥାରୁ ଏ ବ୍ୟବହାର ଆସିଅଛି ।]

ହର[ରି]ଗୁଣ ପୋଥି କରିବା—ଦେ. କ୍ରି—କୌଣସି କଥାକୁ ସର୍ବଦା
Hara[ri]guṇa pothi karibā ଝୁରିବା ବା ଘୋଷି
जपमाला पुँथिकरा ହେବା—To recall to memory
दिन गुनना to pine after [any matter].

ହରଗୋବିନ୍ଦ—ସଂ· ବି—ଶିବ ଓ ବିଷ୍ଣୁ—
Hara gobinda Śiba and Bishṇu.
हर गोविन्द ଦେ, ବି. ପୁଂ—ପୁରୁଷଙ୍କ ନାମ—
हर गोविन्द A name given to males.

ହରଗୋ(ଗୌ)ରା—ଦେ· ବି—ହରଗଉରା (ଦେଖ)
Harago(gau)rā Haragaurā (See)

ହର ଗୌରୀ—ସଂ. ବି—ହରପାର୍ବତୀ; ଶିବଙ୍କର ଅର୍ଦ୍ଧନାରୀଶ୍ୱର ରୂପ—
Hara gaurī A form assumed by Śiba consisting of half male and half female.

ହରଘଡ଼ି—ଦେ. ଅ—ହର୍‌ଘଡ଼ି (ଦେଖ)—Har-ghardi (See)
Haraghardi (ଭୁ - ତା ଜାଣି ଏଣ୍ଣ ମୁଁ ଫୁଲିଲି ହରଘଡ଼ି ।
हरघड़ि हरघड़ि କୃଷ୍ଣସିଂହ. ମହାଭାରତ. ବନ ।)

ହର ଚଣ୍ଡୀ—ଦେ. ବ—ପୁରୀସହରର ଦକ୍ଷିଣପଶ୍ଚିମରେ ପ୍ରାୟ ଚାରିକୋଶ
Hara chandi ଦୂରରେ ସାଗରବେଳାରେ ପ୍ରତିଷ୍ଠିତ ପ୍ରାଚୀନ ଦେଉଳରେ ଥିବା ଦେବୀମୂର୍ତ୍ତି—The image of Durgā in the temple of Harachandi situated on the sea beach four miles to the south-west of Puri town.
[ଦ୍ର—ଚନ୍ଦ୍ରମା ବୁଡ଼ିଗଲେ ହରଚଣ୍ଡୀଙ୍କର ଉଜଳ ଦୁଇ ପ୍ରାନ୍ତରେ । ରାଧାନାଥ ରାବଣ]

ହର ଚନ୍ଦ୍ର—ଦେ. ବ. ପୁଂ—ପୁରୁଷଙ୍କୁ ଡକାଯିବା ନାମ—
Hara chandra A name given to males.

ହରଚନ୍ଦ୍ର ଘୋଷ—ଦେ. ବ. ପୁଂ—(ଜନ୍ମ ଖ୍ରୀ ୧୮୦୮—ମୃତ୍ୟୁ ୧୮୬୮)—
Harachandra ghosha କଲିକତା ଛୋଟ ଅଦାଲତର ସ୍ୱର୍ଗତ ଜଜ୍—The late Harachandra Ghosh, Judge Small Cause Court of Calcutta. [ଦ୍ର—ଏ କଲିକତାର ହେୟାର୍ ସ୍କୁଲରେ ପ୍ରସିଦ୍ଧ ହେୟାର୍ ଓ ଡ଼'ରୋଜାରିଓ ସାହେବଙ୍କଠାରୁ ଇଂରାଜୀ ଶିକ୍ଷା କରି ପ୍ରଥମେ ମୁନସଫ୍, ପରେ କଲିକତାର ଜୁନିୟର୍ ମାଜିଷ୍ଟ୍ରେଟ୍ ଓ ଶେଷରେ ଛୋଟ ଅଦାଲତର ଜଜ୍ ହୋଇଥିଲେ । କଲିକତା ଛୋଟ ଅଦାଲତର ପ୍ରବେଶଦ୍ୱାର ନିକଟରେ ଏହାଙ୍କର ପ୍ରସ୍ତରମୟୀ ମୂର୍ତ୍ତି ସ୍ଥାପିତ ହୋଇଅଛି ।]

ହର ଚୂଡ଼ାମଣି—ସଂ. ବ (ଶିବଙ୍କ ମସ୍ତକରେ ଚୂଡ଼ାମଣିରୂପେ ଦେଖାଯାଉ-
Hara chūrdāmani ଥିବାରୁ)—ଚନ୍ଦ୍ର—The moon.

ହରଜ(ଜା)—ବୈଦେ. ବ (ଅ. ହରଜ୍; ଫାରସୀ ହର୍ଜା)—
Haraj(jā) ୧ । ଅସୁବିଧା—1. Inconvenience. ୨ । ହରଜ ହର୍ଜ ହରକତ—2. Trouble; difficulty. ୩।ବାଧା—3. Impediment; obstacle.

ହରଜ ହରକ(କ୍କ)ତ—ବୈଦେ. ବ (ଅ)—(ଏକାର୍ଥକ ସବଦର)—
Haraj haraka(kka)ta ହଇରାଣ ହରକତ; କଷ୍ଟ ଓ ଅସୁବିଧା—
ହରଜାହୟରାନ ହର୍ଜହାନି Trouble and difficulty.
(ହରଜ ହରକତଅ – ବଣ)

ହରଜ (ଜା)—ପ୍ରାଦେ (ଗଡ଼ଜାତ) ବ.—ଷତି—
Haraj (jā) Loss.
[ହର୍ଜା—ଅନ୍ୟରୂପ].

ହର ଜାୟା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ପାର୍ବତୀ—
Hara jāyā Goddess Pārbati.

ହରଜା—ପ୍ରାଦେ. (ସମ୍ବଲପୁର) ବ.—ବିବାହାଦିର ଖର୍ଚ୍ଚ—
Harajā Expenses incurred for a marriage or any other social function.

ହରଜିଆ—ଦେ. ବଣ—ହର କଟିଆ (ଦେଖ)—
Harajiā Har-katiā (See)

ହରଡ଼—ଦେ ବ—[ସଂ. ହରେଣୁ; ଅଢ଼କୀ]—୧ । ଶିମ୍ବାଦିବର୍ଗର କୃଷି-
Hararda ଜାତ ଶସ୍ୟ ବିଶେଷ—1. Pigeon pea, Cajanus
ପର୍ଯ୍ୟାୟ— Indicus. [ଦ୍ର—ଏହା କୃଷିଜାତ ଗଛ
ହରେଣୁ, ଅଢ଼କୀ, କାଞ୍ଚନୀ, ଶୁକ୍ଳ ପଦ୍ମ । ଏହା ପୁଅ ଓ ୪।୫ ହାତ ଉଚ୍ଚ ତୁବରୀ, ଶଣପୁଷ୍ପିକା ହୋଇ ବଢ଼େ । ଏଥିର ଚେହେରା ଛୁଇଁଲେ ଅତର, ଅରହର ଚଳଚଳ ଓ ନାଲିମିଶା ଚେହେରା ୩।୪ଟି ଲେଖାଏ
अरहर ମଞ୍ଜି ବାହାରେ । ଏହା ମଟର ଜାତୀୟ । ଏହା ସାଧାରଣତଃ
ପ୍ର. ତୁବ, ତୁବର ଦୁଇପ୍ରକାର । ୧ । ଦେଶୀ ହରଡ଼ (Cajanus) Bicolor) ୨ । କାଙ୍କ୍ ହରଡ଼ (Cajanus Flavus)
ପ୍ରଥମ ଜାତୀୟ ଗଛ ମନୁଷ୍ୟ ଅପେକ୍ଷା ଉଚ୍ଚ ହୁଏ । ଫୁଲରେ ହଳଦିଆ ସଙ୍ଗେ ନାଲି ଚୋପ ଥାଏ । ଛୁଇଁରେ ୪।୫ଟି ମଞ୍ଜି ଥାଏ; ମଞ୍ଜି ଛୋଟ । ଏହା ଶୀତ ସମୟରେ ଫଳେ ।
ଦ୍ୱିତୀୟ ଜାତୀୟ ଗଛ ୨।୩ ହାତ ଉଚ୍ଚ । ଫୁଲ ସମ୍ପୂର୍ଣ୍ଣ ପୀତବର୍ଣ୍ଣ । ଛୁଇଁରେ ୨।୩ଟି ମଞ୍ଜି ଥାଏ; ମଞ୍ଜି ବଡ଼ । ଏ ଗଛ ବର୍ଷାଦିନେ ହୁଏ ।

ସେଥୋଲୁ ହରଡ଼ ଭାଗଲପୁର ଅଞ୍ଚଳରେ ବେଶି ଉତ୍ପନ୍ନ ହୁଏ । ଏଥିପାଇଁ ଏହାକୁ ଭାଗଲପୁରୀ ହରଡ଼ ବୋଲାଯାଏ । ଏହାକୁ କଞ୍ଚା ଅବସ୍ଥାରେ ବା ଭାଜି ରଗଡ଼ିକରି ଏଥିରୁ ଚୋପା ପାଛୁଡ଼ି ଡାଲି କରାଯାଏ । ହରଡ଼ଡାଲି ମୁଗଡାଲି ଅପେକ୍ଷା ସ୍ୱସ୍ୱାଦୁ ଓ ରୁଚିକର । ଏଥିପାଇଁ ଏହି ଡାଲି ରୋଗୀଙ୍କ ପଥ୍ୟରୂପେ ବ୍ୟବହୃତ ହୁଏ । ହେଇନ୍ସ୍ (Haines) ସାହେବଙ୍କ ମତରେ ଏ ଗୁଳ୍ମ ଅଫ୍ରିକା ଦେଶରୁ ଭାରତକୁ ଅଣାଯାଇ ଏ ଦେଶରେ କୃଷି କରାଯାଉଅଛି ।
ଏହା କଷାୟମଧୁରରସ, ଗୁରୁପାକ, ରୁଷ, ମଳ-ରୋଧକ, କଫପିତ୍ତ ନାଶକ, ଅଳ୍ପ ବାୟୁ ବର୍ଦ୍ଧକ ଓ ରୁଚିକର ।
ଏହା ଜ୍ୱର, ଗୁଲ୍ମ, ମୁଖବ୍ରଣ, କାଶ, ବମି, ହୃଦ୍ରୋଗ ଓ ଅର୍ଶରୋଗରେ ଉପକାରକ ।].
୨ । ପକ୍ଷିବିଶେଷ—2. A species of birds; Crocopus Phoenicoptorus. [ଦ୍ର—ହଂସ ହରଡ଼ ମୟୂର ପାରୁଆ—ପ୍ରାଚୀ. ପ୍ରତାପ, ଖଣ୍ଡିଖେଣା ।]

ହରଡ଼କା—ପ୍ରାଦେ. (ଗଡ଼ଜାତ) ବଣ—ହରପୋଡ଼ା—
Haradakā Half-burnt.

ହରଡ଼ ଖୁ(ଖେ)ଣ୍ଟା—ଦେ. ବ – ହରଡ଼ଛୁଇଁ ପାଚିଗଲେ କଟାଗଲୁ ହରଡ଼
Hararda khu(khe)ntā ଗଛକୁ କାଟି ନେବାପରେ ଭୂଇଁରେ
ଅଡ଼ରଖୁଣ୍ଟୋ ୨।୪ ଅଙ୍ଗୁଳ ଉଚ୍ଚ ଯେଉଁ ଖୁଣ୍ଟା ବା ମୂଳମାନ ରହି
अरहरकोखुंटी ଯାଇଥାଏ – Stumps of Hararda plants left in the field after the trees are cut when the pods become ripe.

ହରଡ଼ ଘଣା—ଦେ. ବ—(ଲକ୍ଷଣାର୍ଥ)—କୌଣସି ବ୍ୟକ୍ତିକୁ କଷ୍ଟ ବା
Hararda ghanā ଦଣ୍ଡ ଦେବାପାଇଁ ତା ପ୍ରତି ପ୍ରୟୋଗ କରି
ଅଡ଼ରଘାନି ଯିବା ଉପାୟ ବା ଯନ୍ତ୍ର – Any instrument or
अरहरघान means used to torment a person.

[ଦ୍ର—ତେଲ ଲଗାଣକୁ ଘଣାରେ ପକାଇ ପେଶିଲେ ତେଲ ବାହାରେ; ମାତ୍ର, ହରଡ଼କୁ ଘଣାରେ ପକାଇ ପେଶିଲେ ତେଲ ବାହାରେ ନାହିଁ; କେବଳ ପରିଶ୍ରମହିଁ ସାର ହୁଏ। ତେଣୁ କୌଣସି ସାରହୀନ କାମରେ କୌଣସି ବ୍ୟକ୍ତିକୁ ପକାଇଲେ ଏହି ଶବ୍ଦର ଉଦାହରଣ ହୁଅଯାଏ]

ହରଡ଼ଘଣା ପକା(କେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅନର୍ଥକ ଉତ୍ପୀଡ଼ନ କରିବା ବା କଷ୍ଟ ଦେବା—To oppress or torment a person without any justification.
Harardaghanā pakā(ke)ibā
অড়রঘানিতে ফেলা
अरहरघानिमे डालना
ହରଡ଼ଘଣା ବୁଲ(ଲେ)ଇବା
ହରଡ଼ଘଣାରେ ପକା(କେ)ଇବା }—ଅନ୍ୟରୂପ

ହରଡ଼ ଘ(ଘୁ)ମା—ଦେ. ବି—ଘଣ୍ଟିଘୁମା, ଏକପ୍ରକାର ପକ୍ଷୀ—
Hararda gba(ghu)mā A bird; Pitta Coronata.
[ଦ୍ର—ଏମାନଙ୍କ ବଣ୍ଡ ପାଉଁଶିଆ ଓ ଏମାନେ ଅହାରରେ ବର୍ଷା ଋତୁରେ ପର। ଏମାନେ ପୋକଯୋକ ଖାଆନ୍ତି ଓ ହୁଁ ହୁଁ ଶବ୍ଦ କରନ୍ତି।]

ହରଡ଼ ଚଢ଼େଇ (ପକ୍ଷୀ)—ଦେ. ବି (ସଂ. ହରିତାଳକ, ହାରିତ)—ପାରାବତ ବର୍ଗର ୧୬। ୧୭ ଅଙ୍ଗୁଳ ଦୀର୍ଘ ଏକପ୍ରକାର ପକ୍ଷୀ—A bird; the Bengal green pigeon; Crocopus Phoenicopterus. [ଦ୍ର—ଏହାର ମୁଣ୍ଡ ପାଉଁଶିଆ; ପଛ ପଟ ଶାଗୁଆ; ପୁଚ୍ଛ ଚେପଟା, ଏମାନେ ବରଫଳ ଖାଆନ୍ତି। ଏ ପକ୍ଷୀର ମାଂସ ସୁସ୍ୱାଦୁ। ଏହା ଦେଖିବାକୁ ପାରାପରି; ପର ଶାଗୁଆ, କିନ୍ତୁ ତାହାର ଅଗ୍ରଭାଗମାନ ଧଳା। ବେକ ଗୁଡ଼ାଖେ ହଳଦି ରଙ୍ଗର ଜାଲି, ହଳଦିଆ ଡୋର ବୁଲିଥାଏ। ବେକରେ ଖଗ୍ର ପଡ଼ିଲେ ବେକ ମୟୂରଚନ୍ଦ୍ରିକା ପରି ଚେଲେଚେଲ ଝଟକୁଥାଏ।
Hararda chardhei (pakshī)
ସଂ. ପର୍ଯ୍ୟାୟ—ହରିତ, ହାରିତ, ରକ୍ତଚରଣ, ହରିତ, ହରିତାଳକ
ହରିତାଳକ।
হরিয়াল
हरियल
ବୈଦ୍ୟଶାସ୍ତ୍ର ମତରେ ଏହାର ମାଂସ କଷାୟମଧୁର, ଲଘୁ, ରୁକ୍ଷ, ଉଷ୍ଣ, ରକ୍ତପିତ୍ତକଫନାଶକ, ସ୍ୱେଦକର, ସ୍ୱରକର ଓ ଈଷତ୍ ବାତକର। ରାଜବଲ୍ଲଭ।]

ହରଡ଼ ଝଟା—ଦେ. ବି—ହରଡ଼ ଗଛ କଟା ହୋଇ ତହିଁରୁ ଛୁଇଁ ଓ ପତ୍ର ଝଡ଼ିଯିବା ପରେ ଯେଉଁ କାଷ୍ଠମୟ ଓ ପତ୍ରହୀନ ଅଂଶ ରହେ—The leafless twigs of the Hararda plant.
Hararda jhatā
ହରଡ଼ ଝଟେଇ
ହରଡ଼ ଝାଟ
ହରଡ଼ ଝାଟିଆ }—ଅନ୍ୟରୂପ
অড়রঝাটা
रहठा
[ଦ୍ର—ଏହାକୁ ଲୋକେ ଚୁଲି ଜାଳିବାରେ ବ୍ୟବହାର କରନ୍ତି।]

ହରଡ଼ ଡାଲି—ଦେ. ବି—୧। ରଗଡ଼ା ବା ଭଙ୍ଗା ହୋଇ ଚୋପା ବାହାର କରିଯାଇଥିବା ହରଡ଼—1. Split pigeon pea. ୨। ରନ୍ଧା ହରଡ଼ର ଡାଲି—2. Curry prepared from split pigeon pea.
Hararda dāli
অড়র ডাইল
अरहरकी दाल

ହରଡ଼ ଫାଳ—ଦେ. ବି—ରଗଡ଼ା ହୋଇ ଦୁଇ ଭାଗରେ ବିଭକ୍ତ ହରଡ଼—Pigeon-pea split into two.
Hararda phāla
অড়র ফাল
अरहरका फांक
ଦେ. ବିଣ—ହରଡ଼ଫାଳିଆ (ଦେଖ)
Hararda phāliā (See)

ହରଡ଼ ଫାଳିଆ—ଦେ ବିଣ—ଆକୃତିରେ ହରଡ଼ଫାଳ ପରି ଚେପଟା—
Hararda phāliā Looking like split pigeon-pea.
অড়র ফালিয়া
अरहरफाँकके जैसा
[ଦ୍ର—ଯେଉଁ ହାରରେ ହରଡ଼ଫାଳପରି ଗୁଡ଼ିଏ ଚେପଟା କଣ୍ଠିମାନ ଗୁନ୍ଥା ହୋଇଥାଏ ତାକୁ ଓଡ଼ିଆରେ ହରଡ଼ଫାଳିଆ ହାର କହନ୍ତି।]

ହରଡ଼ ବେଙ୍ଗା—ଗ୍ରା. ଅ—କେଳାମାନେ 'ହାବୁଡ଼ା ଖେଳ' ଖେଳିବା ସମୟରେ ଉଚ୍ଚାରଣ କରିବା ନିରର୍ଥକ ବାକ୍ୟ—An expression used by the Keḷā's while playing 'Hāburdā'. (ଉ—ହରଡ଼ ହରଡ଼ ବେଙ୍ଗା, ଖାଠିଏ ଠଙ୍କା ବେଙ୍ଗା, ତୋ ଗାଈକ ନେଙ୍ଗା, ବାଟରେ କାଟେଇ ପଶୁରଦେଲେ ଭୁରୁକୁ ବଡେଇ ଦେଙ୍ଗା। ହାବୁଡ଼ା ଗୀତ।)
Hararda beṅgā
(ହରଡ଼ ହରଡ଼ ବେଙ୍ଗା—ଅନ୍ୟରୂପ)

ହରଣ—ସଂ. ବି (ହୃ ଧାତୁ + ଭାବ. ଅନ)—୧। ହୃତ; କୌଣସି ପଦାର୍ଥକୁ ଦ୍ରବ୍ୟସ୍ୱାମୀଙ୍କଠାରୁ ବଳପୂର୍ବକ ଛଡ଼ାଇ ନେବା; ବଳପୂର୍ବକ ଗ୍ରହଣ—1. Forcible snatching away. ୨। ଲୁଣ୍ଠନ—2. Plunder. ୩। କୌଣସି ପଦାର୍ଥକୁ ଦ୍ରବ୍ୟସ୍ୱାମୀଙ୍କ ଅଜ୍ଞାତସାରରେ ନେଇଯିବା; ଅପହରଣ; ଚୋରି—3. Stealing; theft. ୪। ସ୍ତ୍ରୀକୁ ଅଭିଭାବକଙ୍କଠାରୁ ଜବରଦସ୍ତି ବା ତାଙ୍କ ଅଜଣାରେ ନେଇଯିବା—4. Abduction; kidnapping; elopement. ୫। ଆକର୍ଷଣ—5. Pulling. ୬। ବଞ୍ଚନାପୂର୍ବକ କୌଣସି ପଦାର୍ଥ ନେବା—6. Taking a thing by cheating. ୭। ଗ୍ରହଣ—7. Taking. ୮। (ସ୍ୱାଧୀନତା) ଲୋପ କରିବା—8. Causing the disappearance of (e. g. liberty). ୯। (ରୋଗାଦି) ବିନାଶ କରିବା—9. Destroying. ୧୦। ବହନ; ବୋହିନେବା—10. Carrying away. ୧୧। (ଚିତ୍ତକୁ) ମୋହିତ କରିବା—11. Charming; enchanting. ୧୨। (ଗଣିତ) ଭାଗ କରଣ; ଭାଜ୍ୟ ଅଙ୍କକୁ ଭାଜକ ଅଙ୍କଦ୍ୱାରା ଭାଗ ଗ୍ରହଣ ପ୍ରକ୍ରିୟା (ଲୀଳାବତୀ)—12. (Arithmetic) Division. ୧୩। (କାଳକୁ) ଗତ କରାଇବା ବା କ୍ଷେପଣ କରିବା—13. Whiling away (of time). ୧୪। (+କର୍ମ. ଅନ) କନ୍ୟାକୁ ବିବାହକାଳରେ ଓ ବ୍ରହ୍ମଚାରୀକୁ ବ୍ରତବେଳରେ ଦିଆଯିବା ଦ୍ରବ୍ୟ; ଯୌତୁକଦ୍ରବ୍ୟ; ବ୍ରତଭିକ୍ଷା ଦାନ—14. Articles presented to a bride on the marriage altar or to a Brahman boy at his initiation; bridal presents. ୧୫। ଭୁଜ; ବାହୁ
Harana

(ମେଦିନୀ)—15. Arms. ୧୬। ଗୁରୁଦକ୍ଷିଣା—16. Fees presented by a pupil to a preceptor on completion of study. ୧୭। ଶୁକ୍ର (ଶବ୍ଦକଳ୍ପଦ୍ରୁମ)—17. The planet venus; semen. ୧୮। ସ୍ୱର୍ଣ୍ଣ (ଶବ୍ଦକଳ୍ପଦ୍ରୁମ)—18. Gold. ୧୯। କପର୍ଦ୍ଦିକ; କଉଡ଼ି (ଶବ୍ଦକଳ୍ପଦ୍ରୁମ)—19. Conch shell used as coin. ୨୦। ଉଷ୍ଣୋଦକ (ଶବ୍ଦକଳ୍ପଦ୍ରୁମ)—20. Warm water. ୨୧। (+ ଉପ. ଅର୍ଥ)—ବଳପୂର୍ବକ ପରସ୍ତ୍ରୀସହବାସ—21. Adultery; rape; ravishment. ୨୨। ଯେଉଁ ସ୍ତ୍ରୀଙ୍କ ସହିତ ସହବାସ ନିଷିଦ୍ଧ (ଯଥା—ଭଗିନୀ, ଭଗିନୀ, ଗୁରୁପତ୍ନୀ, ପରସ୍ତ୍ରୀ), ତାଙ୍କ ସଙ୍ଗେ ସହବାସ—22. Cohabitation with the wives of others and specially with prohibited relations; incest. (ଉ—ଭର ନାହିଁ କି ହେ ପରତରୁଣୀହରଣୁ। ଉପସୂର୍ଯ୍ୟ. ଲଶୋତ୍ପଚନ୍ଦ୍ର. ଭ ଗୀତ।) ୨୩ ବି. ପୁଂ—ହରି ବା ହର ନାମଧାରୀ ବ୍ୟକ୍ତିର ସ୍ନେହସୂଚକ ଡାକନାମ—Nickname of Hari or Hara.

ହରଣ କରିବା—ଦେ. କ୍ରି—୧। ଚୋରିବା; ଚୋରି କରିବା—
Harana kariba 1. To steal. ୨। କୌଣସି
হরণ করা হরণ করনা ରାଶିକୁ ଅନ୍ୟ ରାଶି
ଦ୍ୱାରା ଭାଗ କରିବା—2. To divide. ୩। ନିଷିଦ୍ଧ ସ୍ତ୍ରୀ ଅବଲ ସହ ସଙ୍ଗମ କରିବା—3. To cohabit with prohibited relations; to commit incest. ୪। ଜବରଦସ୍ତି ନେଇଯିବା—4. To carry away by force. ୫। ପର ସ୍ତ୍ରୀ ଅବଳାକୁ ଲୁଚାଇକରି ନେଇଯିବା—5. To kidnap. ୬। ଜବରଦସ୍ତି ସ୍ତ୍ରୀ ସଙ୍ଗମ କରିବା—6. To commit rape.

ହରଣ ଗୁଣନ—ସଂ ବି (ଗଣିତ)—ଭାଗକରଣ ଓ ଗୁଣକରଣ—
Harana gunana (mathematics) Division and multiplication.

ହରଣ ଚଳି—ଦେ. ବି (ସଂ ହରଣ ଓ ଚଳନ)—୧। କୌଣସି ବସ୍ତୁକୁ
Harana chali ଅପହରଣ କରି ସେଠୁ ଖସିଯିବା—
অপহরণ অপহরণ 1. The act of going away from a place after stealing a thing. ୨। ଅପହରଣ—2. Stealing. [ଦ୍ର—ଅପହାରକ ବ୍ୟକ୍ତିର ଅପହୃତ ବସ୍ତୁକୁ ସ୍ଥାନାନ୍ତରକୁ ନେବାର ଭାବ ଏହି ଶବ୍ଦଦ୍ୱାରା ବୋଧିତ ହୁଏ।]

ହରଣଚଳି କରିବା [ଦିବା(ଦେ)ଇବା]—ଦେ. କ୍ରି—କୌଣସି ଦ୍ରବ୍ୟକୁ
Harana chali kariba (bata[te]iba) ଅପହରଣ କରି
অপহরণ করা অপহরণ করনা ପଳାଇବା—
To steal away a thing.

ହରଣ ଚଳି ହେବା—ଦେ. କ୍ରି—(କୌଣସି ଦ୍ରବ୍ୟ) ଅପହୃତ ଓ
Harana chali heba ସ୍ଥାନାନ୍ତରିତ ହେବା—
অপহৃত হওয়া অপহরণ হোনা To be stolen and removed.

ହରଣ ପୂରଣ କରିବା—ଦେ. କ୍ରି (ସକର୍ମ)—୧। ଏକ ସ୍ଥାନରୁ ନେଇ
Harana purana kariba (ହରଣ କରି) ଅନ୍ୟ ସ୍ଥାନରେ
হরণ পূরণ করা বাঁকী পুরা করনা ଦେଇ (ପୂରଣ କରି) କାର୍ଯ୍ୟ ଚଳାଇ ନେବା; ଏକ ବ୍ୟୟରୁ କମାଇ (ହରଣ କରି) ଅନ୍ୟ ବ୍ୟୟକୁ ବଢ଼ାଇ (ପୂରଣ କରି) କାମ ଚଳାଇବା
1. To make both ends meet by taking away things here and adding things there. ୨। ଯେଉଁଠାରେ କୌଣସି ବସ୍ତୁର ଲୋଡ଼ା ନାହିଁ ସେଠାରୁ ତାହାକୁ ନେଇ ଯେଉଁଠାରେ ସେ ବସ୍ତୁ ଲୋଡ଼ା ପଡ଼େ ସେଠାରେ ଦେବା—2. To remove redundant things from a place and add them at places where indispensable. (ଦ୍ର—ମନେକରନ୍ତୁ, ୪ ଜଣ ବିଦେଶକୁ ଯାଉ ହୋଇ ଯାଇଥାନ୍ତି। ତାହାଠାରେ କେବଳ ଚଳନ୍ତିଆ ସାମଗ୍ରୀ ଅଛି, ତାହାଠାରେ କେବଳ ରୁଷେଇ ସାମଗ୍ରୀ ଅଛି, ତାହାଠାରେ କିଛି ନାହିଁ; ଏପରି ଅବସ୍ଥାରେ 'ହରଣ ପୂରଣ କରି' କାମ ଚଳାଇ ଦେଲେ ବିଦେଶରେ କେହି କଷ୍ଟ ପାଇବେ ନାହିଁ।)

ହରଣ ବାଡ଼ି—ଦେ. ବି (ନାମ)—(ଫା. ହେରିଣ୍ ଓ ଦ. ବାଡ଼=ଘର;
Harana bardi ଯେଉଁ ଘରେ ଅପରାଧୀକୁ ହରିଣ
হরিণ বাড়ি হরণ বাড়ি ଚରୁଥାଏ।)—
୧। କଲିକତାର ଉପକଣ୍ଠ ଅଲିପୁରରେ ଥିବା ବଡ଼ ଜେଲ୍‌ଖାନା—1. Name of the Alipore jail in the outskirts of Calcutta. ୨। ଜେଲ୍‌ଖାନା; କଇଦଖାନା; କାରାଗୃହ—2. Jail; house of correction.

ହରଣୀ—ଦେ. ବି (ସଂ ହରିଣୀ)—ହରିଣୀ—A female deer;
Harani doe. (ଉ—ତାହାର ହରଣୀ
হরিণী হরীণী ଯେ ନେଇ ବାନ୍ଧେ, ଘର ପୁଅ ଲାଗି ଯୋଗିଆ କାନ୍ଦେ—ଢଗ)

ହରଦଫା—ବୈଦେ. ଅ—ହର୍‌ଦଫା (ଦେଖ)—
Haradapha Har-dapha (See)

ହରଦମ୍—ବୈଦେ. ଅ—ହର୍‌ଦମ୍ (ଦେଖ)—
Haradam Har-dam (See)

ହରଦର୍ (ରେ)—ଦେ. ଅ—ହର୍‌ଦର୍ (ଦେଖ)—
Haradar (re) Har-dar (See)
[ହରଦରରେ—ଅନ୍ୟରୂପ]

ହରଦାସ—ଦେ. ବି (ନାମ)—ଜଣେ ଓଡ଼ିଆ କବିଙ୍କ ନାମ—Name of
Haradas an Oriya poet. [ଦ୍ର—ଏ କବି ଜଣେ ବୈଷ୍ଣବ
হরদাস ଥିଲେ; ହରଦାସ ମାଳିକା ଏହାଙ୍କ ଦ୍ୱାରା ରଚିତ—ତାରଣୀ
হরদাস ଚରଣ ରଥଙ୍କ ସାହିତ୍ୟର ଇତିହାସ]

ହରଦ—ପ୍ରାଦେ. (ସମ୍ବଲପୁର) ବି. ଓ ଗ୍ରାମ୍ୟ. (ଉଚ୍ଚାରଣ ଦୋଷ)—
Haradi ହଳଦ—Turmeric.

ହରଦ୍ୱାର—ସ. ବି—ହରଦ୍ୱାରର ନାମାନ୍ତର; ହରିଦ୍ୱାର (ଦେଖ)—
Haradwāra Haridwāra (See)

ହରଧନୁ—ଦେ. ବି (ସ. ହରଧନୁସ୍)—ହରଧନୁଃ (ଦେଖ)—
Haradhanu Haradhanuḥ (See)

ହରଧନୁଃ—ସ. ବି (୬ଷ୍ଠୀ ତତ୍)—ଶିବଙ୍କର ପିନାକ ଧନୁ—
Haradhanuḥ The bow carried by Śiva.

ହରଧନୁର୍ଭଙ୍ଗ—ସ. ବି (୬ଷ୍ଠୀ ତତ୍)—ସୀତାଙ୍କୁ ବିଭାହ ଦେବାପାଇଁ
Haradhanurbhanga ଜନକଙ୍କଦ୍ୱାରା ପଣରୂପେ ସ୍ଥାପିତ ହରଙ୍କର ଧନୁକୁ ରାମଚନ୍ଦ୍ରଙ୍କର ଭାଙ୍ଗିବାରୂପ କର୍ମ—
The act of breaking the bow of Śiba by Rāmachandra before King Janaka who bestowed Sītā's hand on Rāma.

ହରନ୍—ଦେ. ବି—ହର୍ଣ୍ଣ୍ (ଦେଖ)—
Haran Harṇn (See)

ହରନ୍‌ବାଣ୍ଡି—ଦେ ବି—ହରଣବାଣ୍ଡି (ଦେଖ)—
Haran-bārdi Haraṇabārdi (See)

ହରତନ—ଦେ. ବି—ହର୍ ତନ୍ (ଦେଖ)—
Haratan Har-tan (See)

ହରତରଫ—ଦେ. ବି—ହର୍ ତରଫ [ଦେଖ]—
Harataraph Har-taraph (See)

ହରତା—ଗ୍ରା. ବଣ ଓ ବି (ସ. ହର୍ତ୍ତୃ)—୧। ହର୍ତ୍ତା (ଦେଖ)—
Haratā 1. Harttā (See) ୨। ବିନାଶ କାରୀ—
हर्ता 2. Destroying; destroyer. ୩। ନାଶକାରୀ—
हरता 3. Killer. [ଉ—ତିନିଲୋକ ହରତା କରତାଟି ଭୂମେ—କୃଷ୍ଣସିଂହ. ମହାଭାରତ—ଅଦି]

ହରତା କରତା—ଦେ. ବି—୧। ହର୍ତ୍ତାକର୍ତ୍ତା ଦେବ ବିଧାତା; ସର୍ବମୟ
Haratā karatā କର୍ତ୍ତା—1. All; powerful master;
हर्ताकर्ता over lord; a person who is all in all in
हरताधरता any matter. ୨। ସ୍ୱୟଂ ପରମେଶ୍ୱର—2. God.
[ହରତା କରତା ଦଇବ (ଦୈବ) ବିଧାତା—ଅନ୍ୟରୂପ] Himself
[ଉ—ତିନି ଲୋକ ହରତା କରତାଟି ଭୂମେ—କୃଷ୍ଣସିଂହ ମହାଭାରତ—ଅଦି]

ହରତାଡ଼(ଲ)—ଦେ· ବି—ତାଳଜାତୀୟ ୧୦।୧୨ ଫୁଟ୍ ଉଚ୍ଚ ବନ୍ୟ ବୃକ୍ଷ
Haratarda (la) ବିଶେଷ—Phoenix Palludosa (Wild tree).

ହରତାଳ—ଦେ. ବି—୧। ହରତାଡ଼(ଲ)(ଦେଖ)—Haratārda(la)
Haratāla (See) ୨। ହରିତାଳ (ଦେଖ)—2 Haritāla
हरताल (See) ୩। କାର୍ଯ୍ୟବନ୍ଦ; ଧର୍ମଘଟ (ଘଟ)—3. Strike
हरताल [ଉ—ଏଥିରେ ଦୋକାନ, ବେପାର, ଗାଡ଼ିଚାଳ, ଇତ୍ୟାଦି, ସମସ୍ତେ ନିଜନିଜର କାମ ବନ୍ଦ କରନ୍ତି]

ହରତାଳି—ଦେ. ବଣ—ହରିତାଳି (ଦେଖ)—
Haratāli Haritāli (See)

ହରତାଳିକା—ଦେ. ବି—ହରିତାଳିକା (ଦେଖ)—
Haratālikā Haritālikā (See)

ହରତେଜଃ—ସ. ବି (୬ଷ୍ଠୀ ତତ୍)—୧। ପାରଦ (ଗ୍ରାମ୍ୟ ରସ)—
Haratejaḥ 1. Mercury. ୨। ଶିବବୀର୍ଯ୍ୟ—2. The semen of God Śiba;

ହରଦ—ଗ୍ରା. ବି (ସ. ହ୍ରଦ)—ହ୍ରଦ (ଦେଖ)—
Harada Hrada (See)
हृद हरद
हाराहारी हाराहारि ବଣ ଓ ବି—ହାରାହାରି—Average

ହରନାଥ—ଦେ· ବି. ପୁଂ (ନାମ)—୧। ଲୋକଙ୍କ ନାମ—1. A name
Haranātha given to males. ୨। ପାଗଲ ହରନାଥ—
हरनाथ 2. Name of a Bengali saint. [ଉ—ଏ
हरनाथ ଜଣେ ବଙ୍ଗୀୟ ଭକ୍ତ ବୈଷ୍ଣବ ଥିଲେ । ଏ ପ୍ରଥମେ ଗୃହୀ ଥିଲେ; ପରେ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ବଙ୍ଗରେ ଓ ଓଡ଼ିଶାରେ ଏହାଙ୍କର ସହସ୍ରାଧିକ ଶିଷ୍ୟଙ୍କୁ ଧର୍ମ ଉପଦେଶ ଦେଇଥିଲେ । ଏହାଙ୍କର ପୁରୀଠାରେ ଗୋଟିଏ ଅଶ୍ରମ ଅଛି ଓ ସେଠାରେ ବର୍ଷେ ଥରେ ତାଙ୍କର ଭକ୍ତମାନଙ୍କ ଗୋଟିଏ ମେଳା ହୁଏ ।]

ହର ନାରାୟଣ—ସ. ବି—ଶିବ ଓ ବିଷ୍ଣୁ—
Hara nārāyaṇa Śiba and Bishṇu.
हरनारायण ଦେ. ବି. ପୁଂ—ପୁରୁଷଲୋକଙ୍କ ନାମ—
हरनारायण A name of males.

ହରଣୀ—ପ୍ରାଦେ (ସମ୍ବଲପୁର) ବି—ଗ୍ରୀଷ୍ମଋତୁରେ ନଦୀରେ କୌଣସି
Harani ଡଙ୍ଗା ଯିବାକୁ ପାଣି ଯଥେଷ୍ଟ ନ ଥିଲେ ନଦୀ ଗର୍ଭରେ ଖୋଳାଯିବା ସୁଗଭୀର ନାଳୀ—A deep channel dug in the bed of shallow rivers for passage of country boats when they dry up in summer.

ହର ନେତ୍ର—ସ. ବି (୬ଷ୍ଠୀ ତତ୍)—୧ । ଶିବଙ୍କର ଚକ୍ଷୁତ୍ରୟ—
Hara netra 1. The three eyes of Śiba. ୨। (ଶିବଙ୍କର ୩ ନେତ୍ର ଥିବାରୁ) (ଜ୍ୟୋତିଷ) ୩ ସଂଖ୍ୟା—
3. (Astrology) The number three. ୩ ।
(ଉପମିତ କମଧା. ହରଙ୍କ ନେତ୍ରପରି ନେତ୍ର) ଯୋଗଧ୍ୟାନରତ ବ୍ୟକ୍ତିଙ୍କ ମୁଦ୍ରିତ ଚକ୍ଷୁ—3. Half-shut eyes (of a man in meditation).

ହରନେତ୍ର ଜନ୍ମା—ସ. ବଣ (୬ଷ୍ଠୀ ତତ୍; ବହୁବ୍ରୀହି, ହରନେତ୍ର+
Haranetra janmā ଜନ୍ମନ୍, ୧ମା. ୧ୟ)—ଶିବଙ୍କର ଚକ୍ଷୁରୁ ଜାତ—Born of the eyes of God Śiba.
(ଯଥା—ହରନେତ୍ରଜନ୍ମା ବହ୍ନି ମଦନଙ୍କୁ ଭସ୍ମୀଭୂତ କଲା)

ହରନ୍ତା—ଗ୍ରା. ବି (ସ. ହରଣ) – ବଧ; ନିଧନ—Killing. [ଉ—
Harantā ମନ୍ତ୍ରପୁରର ଯେ ବ୍ୟବସ୍ଥା, ଶୁଣର ମୁଣ୍ଡିତ ହରନ୍ତା—

বধ হরনে　ଜଗନ୍ନାଥ. ଭାଗବତ ।) ବିଣ — ୧ । ହରଣୋଷ୍ଟ—
हरस्त हरनेवाला　1. Stealing.

ହରଫ(ପ୍)— ବୈଦେ. ବି (ଅ. ହରଫ୍)—୧ । ବର୍ଣ୍ଣମାଳାର ଅକ୍ଷର;
Harap(ph)　ବର୍ଣ୍ଣ—1. Letters; alphabet. ୨ ।
হরফ্　ହସ୍ତାକ୍ଷର—2. Handwriting; script. ୩ ।
हरफ　ପଦାତିକ—3. Infantry; foot soldier.

ହରପ—ପ୍ରାଦେ (ବଲାଙ୍ଗିର ପାଟଣା) ବି—ବିଶୃଙ୍ଖଳା—
Harapa　Disorder; confusion.

ହର ପର—ସଂ ବି (ଚଷ୍ଠୀତତ୍ ବା ବହୁବ୍ରୀହି; ହର=ଶିବ+ପର=ଶତ୍ରୁ)
Hara para　—କାମ; କନ୍ଦର୍ପ; ମଦନ—Cupid.

ହରପା—ପ୍ରାଦେ (ସମ୍ବଲପୁର) ବି—ଚଟିଯୋତା—
Harapā　Slippers.

ହର ପାର୍ବତୀ—ସ. ବି—ଶିବ ଓ ପାର୍ବତୀ—
Hara pārbatī　Śiba and his consort.

ହରପ୍ପା—ଦେ. ବି (ନାମ)—ପଞ୍ଜାବର ସ୍ଥାନ ବିଶେଷ—Name of
Harappā　place in the Punjāb. [ଦ୍ର—ଅଲବର ଦେଶ
হরপ্পা　ଠାରେ ଭୂଗର୍ଭରୁ ୫ ହଜାର ବର୍ଷ ପୂର୍ବର ଅନେକ ପ୍ରାଚୀନ
हरप्पा　ବସ୍ତୁ ମିଳିଅଛି ।]

ହର ପ୍ରସାଦ—ସ. ବି (ଚଷ୍ଠୀ ତତ୍)—୧ । ମହାଦେବଙ୍କ ଅନୁଗ୍ରହ—
Hara prasāda　1.The grace of God Śiba. ୨। ଶିବଙ୍କୁ
ନୈବେଦ୍ୟ ଖାଦ୍ୟ ଦ୍ରବ୍ୟ—2. Food offered to God
হর প্রসাদ　Śiba. ଦେ· ବି· ପୁଂ—ଲୋକଙ୍କ ନାମ—
हर प्रसाद　A name given to males.

ହରପ୍ରସାଦ ଶାସ୍ତ୍ରୀ—ଦେ. ବି (ନାମ)—ଜଣେ ପ୍ରସିଦ୍ଧ ସ୍ୱର୍ଗତ ବଙ୍ଗୀୟ
Haraprasāda śāstrī　ବ୍ରାହ୍ମଣ—A Bengalee
হরপ্রসাদশাস্ত্রী　Brāhmaṇa. [ଦ୍ର—ଏ ପ୍ରଥମେ ଅଛି ଗରିବ
हरप्रसाद शास्त्री ଥିଲେ ଓ ମହାତ୍ମା ଈଶ୍ୱରଚନ୍ଦ୍ରଙ୍କର ଅନୁକୂଲ୍ୟରେ ଓ
ନିଜର ଅଧ୍ୟବସାୟରେ କଲିକତାରେ ସଂସ୍କୃତରେ ଏମ୍. ଏ.
ପାସ୍ କରି ଶାସ୍ତ୍ରୀ ଉପାଧି ପାଇଲେ । ଏ କଲିକତାରେ
ସଂସ୍କୃତ କଲେଜରେ ପ୍ରିନ୍ସିପାଲ୍ ହୋଇଥିଲେ ଓ ଗଭର୍ଣ୍ଣ-
ମେଣ୍ଟଙ୍କଠାରୁ ମହାମହୋପାଧ୍ୟାୟ ଉପାଧି ପାଇଥିଲେ । ଏ
ପ୍ରତ୍ନତତ୍ତ୍ୱ ଅନୁଶୀଳନରେ ବିଶେଷ ଅନୁରାଗୀ ଓ କଲିକତା
ଏସିଅଟିକ୍ ସୋସାଇଟିର ପ୍ରତ୍ନତତ୍ତ୍ୱବିଭାଗ୍ ବିଭାଗର ସେକ୍ରେଟାରୀ
ହୋଇଥିଲେ । ଏ ଇଂରାଜୀ, ସଂସ୍କୃତ, ବଙ୍ଗଳା, ଓଡ଼ିଆ,
ତାମିଲ ଓ ପାଲି ଭାଷାରେ ବ୍ୟୁତ୍ପନ୍ନ ଥିଲେ । ଏ ଅନେକ-
ଗ୍ରନ୍ଥର ବଙ୍ଗଳାନୁବାଦ ଓ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକର
ଟୀକା କରିଯାଇଅଛନ୍ତି । ଏ ନେପାଳରୁ କାବ୍ୟ ପାଦ
ଅର୍ଘ୍ୟ ନାମକ ଜଣେ ଓଡ଼ିଆ ତାନ୍ତ୍ରିକଙ୍କ ରଚିତ ଗ୍ରନ୍ଥ
ଦୋହା ଓ ଗାନ ସଂଗ୍ରହ କରି ପ୍ରକାଶ କରି ଯାଇଅଛନ୍ତି ।]

ହରପ୍ରିୟ—ସଂ. ବି— କରବୀର ଫୁଲ (ହ୍ର. ଶ)
Harapriya　The Oleander flower.

ହରପ୍ରିୟା—ସଂ. ବି· ସ୍ତ୍ରୀ (ଚଷ୍ଠୀ ତତ୍)—ପାର୍ବତୀ—
Harapriyā　Goddess Pārbatī.
হরপ্রিয়া　ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
हरप्रिया　A name given to females.

ହର ଫସଲ୍—ବୈଦେ. ବି—ହର୍ ଫସଲ୍ (ଦେଖ)
Hara phasal　Har phasal (See)

ହର ବକ(ଖ)ତ୍—ବୈଦେ· ଅ —ହର୍ ବକତ୍ (ଦେଖ)
Hara baka(kha)t　Har bakat [See]
(ହରବକ୍ତ[ଖ୍ତ]—ଅନ୍ୟରୂପ)

ହରବନ୍ଧୁ—ଦେ. ବି. ପୁଂ—ପୁରୁଷ ଲୋକଙ୍କ ନାମ—
Harabandhu　A name given to males.

ହରବର—ସଂ. ବି (ମ ପ. ଲୋ)—ଭକ୍ତଙ୍କୁ ଶିବଙ୍କ ପ୍ରଦତ୍ତ ବର—
Harabara　Boon given by Śiba to his devotee.
বিপদ আপদ্　ଦେ, ବି—ବିପଦ; ଅବସ୍ଥା—Danger; calamity. ଦେ, ବି—ହର୍‌ବର୍ (ଦେଖ)—Har-bar (See) (ଉ—ହରବର ପାଇ କେତେ, ହରବର ପାଇ ପାଇଲି ତୋତେ । ଭକ୍ତସୁର୍ଣ୍ଣ. ସଙ୍ଗୀତ ।) ଦେ. ବିଣ—
হয়রাণ　୧ । ବିଭ୍ରାନ୍ତ—1. Troubled; fallen in diffi-
हरबर　culty. ୨ । ବ୍ୟାକୁଳ—2. Perturbed. (ଉ—
ବରଛିବ କେହି ତା ବଛେରେ ମୁହିଁ ହେଉଅଛି ହରବର ।
ଭକ୍ତ. ବୈଦେଶ୍ୟବିଳାସ ।) ପ୍ରାଦେ (ସମ୍ବଲପୁର)
ବିଣ — ତରବରିଆ—Hasty.

ହରବରିଆ—ଦେ. ବିଣ —ହରବର; ବିଭ୍ରାନ୍ତ; କଷ୍ଟପ୍ରାପ୍ତ—
Harabariā　Troubled; afflicted.
হায়রানিয়া　(ଉ—ବାଟରେ ମତେ ହରବରିଆ, କରିବେ ଯେବେ କି
हरबरिया　କହିଥ । ଉପାଖ୍ୟାନ· ଗୀତିକବିତା ।) ପ୍ରାଦେ.
(ସମ୍ବଲପୁର) ବିଣ—ଅସ୍ଥିରମନା—Fickle-minded.

ହର ବଲ୍ଲଭ—ସ. ବି—ସଙ୍ଗୀତ ଦାମୋଦର ମତରେ ୬୦ ତାଳରୁ
Hara ballabha　ଗୋଟିଏ (ହ୍ର· ଶ)—One of the 60
musical cadence.

ହରବା(ବ୍ବା)—ଦେ. ବି (ଫା· ହର୍‌ବୋଲ୍=ଯେ ସବୁ ପ୍ରାଣୀଙ୍କର ସ୍ୱର
Harabā(bbā)　ବୋଲେ ବା ଗାନ କରେ)—ଶାଖାସ୍ଥୂଳବର୍ଗର
হরবোলা　ହରିଦ୍ୱର୍ଣ୍ଣ (ଶାଖ୍) ୮।୧° ଅଙ୍ଗୁଳ ପାର୍ଶ୍ୱପକ୍ଷୀ—
हरबोला, हरहोरवा　The gold-fronted green Bulbul;
Chloropsis Aurifrous; the short-winged
wren. [ଦ୍ର—ଏହାର ଚଞ୍ଚୁ ସରୁ ଓ ବଙ୍କ; ମୁଣ୍ଡ ହଳଦିଆ,
ଗଳା ନେଳ, ପକ୍ଷ ଗୋଲ; ପୁଚ୍ଛ ଛୋଟ । ଏ ନାନା ପକ୍ଷୀଙ୍କ
ସ୍ୱରକୁ ଅନୁକରଣ କରିପାରେ । ଏହାକୁ ଲୋକେ ପୋଷନ୍ତି ।
ଏହାକୁ ପୋଷିଲେ ଏ ଘରରେ ମଧୁ ରବ କରେ]

ହର ବାହନ—ସ. ବି (ଚଷ୍ଠୀ ତତ୍)—ଷଣ୍ଢ; ବୃଷ—
Hara bāhana　Bull.

ହର ବିଳାସିନୀ —ସ· ବି—ହରିଦ୍ରା; ହଳଦୀ—
Hara bilāsinī　Turmeric.

ହର ବୀଜ—ସ· ବି (ଚଷ୍ଠୀ ତତ୍)—୧ । ପାରଦ—1. Mercury.
Hara bīja　୨ । ଶିବଙ୍କ ବୀର୍ଯ୍ୟ—2. The semen of Śiba.

ହରବୋଲା—ବୈଦେ· ବି—୧ । ଅନ୍ୟ ପକ୍ଷୀର ସ୍ୱରର ଅନୁକରଣ କରି Harabolā ଗାନ କରୁଥାବା ଏକପ୍ରକାର ପକ୍ଷୀ— হরবোলা 1. Nightingale. ୨ । ଯେଉଁ ବ୍ୟକ୍ତି ଅନ୍ୟ ଜୀବ- हरबोला ମାନଙ୍କ ସ୍ୱର ବା ଦୂରସ୍ଥ ବ୍ୟକ୍ତିର ବା ନିକଟବର୍ତ୍ତୀ ବ୍ୟକ୍ତିର ସ୍ୱରର ଅନୁକରଣ କରିବା କୌଶଳରେ ପଟୁ— 2. A ventiloquist. ୩ । ନାନା ଜୀବଜନ୍ତୁ (ଯଥା— କୁକୁର, ବିଲେଇ, କୁକୁଡ଼ା, ଗୁଲୁ, କୋଇଲି)ଙ୍କ ସ୍ୱରର ଓ ଦୂରସ୍ଥ ଏବଂ ନିକଟସ୍ଥ ବ୍ୟକ୍ତିଙ୍କ କଣ୍ଠସ୍ୱରର ନକଲ ସ୍ୱରଦ୍ୱାରା ଅନୁକରଣ କରିବାର କୌଶଳ—3. Ventriloquism.

ହର ମଉ(ହୁ)ଶୁଲ୍—ବୈଦେ. ବିଣ—ହର୍ ମଉଶୁଲ୍ (ଦେଖ)
Hara mau(hu)śul Har-mausul (See)

ହରମଣି(ନି)—ଦେ· ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Haramaṇi(ni) A name given to females.

ହରମନିଅମ୍—ବୈଦେ. ବି (ଇଂ. ହାର୍ମୋନିଅମ୍)—ହାର୍ମନିଅମ୍
Haramaniam (ଦେଖ)—Hār-maniam (See)
(ହରମନିଆ—ଅନ୍ୟରୂପ)

ହରମୁହାଁ—ପ୍ରାଦେ (ସମ୍ବଲପୁର) ବିଣ—ଯେ କୁହବାକୁ ନ ରଖି ଯାହା
Haramuhāṅ ଇଚ୍ଛା ତାହା କହେ—Plain-speaking; straightforward.

ହରଯ(ଯା)—ବୈଦେ୍ ବି—ହରଜ୍ [ଦେଖ]
Haraja(jā) Haraj [See]

ହରଯ ହରକତ—ବୈଦେ. ବିଣ ଓ ବି—ହରଜ୍ ହର୍‌କତ୍ [ଦେଖ]
Haraja harakata Haraj hara-kat [See]

ହର ରକମ୍—ବୈଦେ. ବି—ହର୍ ରକମ୍ (ଦେଖ)
Hara rakam Har-rakam [See]

ହର ରଙ୍ଗ—ଦେ. ବି—ହର୍ ରଙ୍ଗ (ଦେଖ)
Hara raṅga Har-raṅga (See)

ହର ରଙ୍ଗି—ଦେ. ବିଣ. ପୁଂ—ହର୍ ରଙ୍ଗି (ଦେଖ)
Hara raṅgi Har-raṅgi (See)
[ହରରଙ୍ଗିଆ—ଅନ୍ୟରୂପ] (ହରରଙ୍ଗୀ, ହରରଙ୍ଗେଇ—ସ୍ତ୍ରୀ)

ହର ରଥ—ସଂ. ବି (୬ଷ୍ଠୀ ତତ୍)—ପୃଥିବୀ—The world.
Hara ratha (ଦୃ—ମହାଦେବ ତ୍ରିପୁରାସୁରଙ୍କୁ ମାରିବାବେଳେ ପୃଥିବୀକୁ ରଥସ୍ୱରୂପ ବ୍ୟବହାର କରିଥିଲେ ।)

ହର ରିପୁ—ସଂ. ବି (୬ଷ୍ଠୀ ତତ୍ ବା ବହୁବ୍ରୀହି)—ମଦନ; କାମଦେବ—
Hara ripu Cupid.

ହରରୂପ—ସଂ, ବି—ଶିବ; ମହାଦେବ [ବୈଦେହୀଶବିଳାସ]—
Hararūpa God Śiba.

ହର ରୋଜ୍—ବୈଦେ. ଅ—ହର୍ ରୋଜ୍ (ଦେଖ)
Hara roj Har-roj (See)

ହରଲ୍—ପ୍ରାଦେ (ଗଡ଼ଜାତ) ବି—ହରଡ଼ ଚଢ଼େଇ—Crocopus
Haral Phoenicopterus (bird); the Bengal green pigeon. [ଦୃ—ଏମାନଙ୍କ ଦେହ ହରିତ୍ ପୀତ ଓ ଫଳାରଙ୍ଗ ଚିତ୍ରିତ । ଏମାନେ ବର ଓ ଅଶ୍ୱତ୍ଥ ଫଳ ବେଶି ଖାଆନ୍ତି । ଏମାନଙ୍କ ଚକ୍ଷୁ ନାଳିଆ ଓ ସ୍ୱର ମଧୁର ।]

ହରଲା—ପ୍ରାଦେ (ଗଡ଼ଜାତ) ବି—କାନ୍ଦ ବୋବାଳି—
Haralā Lamentation; wailing.
[ପ୍ରୟୋଗ—ହରଲା ପଡ଼ିବା]

ହର ଲୋଚନ—ସଂ. ବି (୬ଷ୍ଠୀ ତତ୍)—ହରନେତ୍ର (ଦେଖ)
Hara lochana Haranetra (See)

ହର ଶାଲ୍—ବୈଦେ· ଅ—ହର୍ ଶାଲ୍ (ଦେଖ)
Hara śāl Har-śāl (See)

ହର ଶାଲିଆ—ଦେ. ବିଣ—ହର୍ ଶାଲିଆ (ଦେଖ)
Hara śāliā Har-śāliā (See)

ହରଶିରି—ଦେ. ବି [ହର+ଶ୍ରୀ]—୧ । ଶିବଙ୍କ ଶୋଭା=1. The
Haraśiri beauty residing in Śiba. ୨। [ଲକ୍ଷଣାର୍ଥ] हरश्री हरश्री ନଗ୍ନ ଅବସ୍ଥା; ଦିଗମ୍ବରତ୍ୱ—2. [Figurative] Nakedness. [ଭୂ—ବଳେ ହରଶିରି ଦେଇ ସେ ସୋଗାକୁ ପ୍ରତାପ ପ୍ରସାଦ ରାଉରେ । ଭକ୍ତ ପ୍ରେମସୁଧାନିଧି ।]

ହର ଶେଖରା—ସଂ. ବି. ସ୍ତ୍ରୀ (ହର=ଶିବ+ଶେଖର=ଚୂଡ଼ା+ଆ;
Hara śekharā ଶିବଙ୍କ ମସ୍ତକରେ ଏହା ରହିଥିବାରୁ]— ଗଙ୍ଗାନଦୀ [ହ, ଶ]—The river Ganges.

ହରଷ—ଗ୍ରା. ଓ ପଦ୍ୟ, ବି (ସ.ହର୍ଷ)—ହର୍ଷ (ଦେଖ)—Harsha (See)
Harasha ଦେ. ବିଣ—ହର୍ଷିତ; ଆନନ୍ଦିତ; ହୃଷ୍ଟ—
হরষ, হরিষ हरस Delighted. (ଭୂ—କୃଷ୍ଣ ତାହାଙ୍କୁ ଦେଖି ହୋଇଣ ହରଷ, ପୂଜା କଲେ ଦେଇ ବାରୁ ତାଙ୍କର ସନ୍ତୋଷ—କୃଷ୍ଣସିଂହ ମହାଭାରତ ବନ ।)

ହରଷ କରା(ରେ)ଇବା—ଗ୍ରା. କ୍ରି—ଆନନ୍ଦିତ କରିବା—To please;
Harasha karā(re)ibā to cause delight.
হরষ করান हरस कराना (ଭୂ—ଗଣ୍ଡେ ଦେଇଣ [ହରଷା(ଷେ)ଇବା—ପଦ୍ୟରେ ରୂପ] ଚୁମ୍ବନ; ହରଷ କରାଇବ— ସଙ୍ଗିତ ।)

ହରଷ ବଦନ—ଗ୍ରା. ବି.—ହର୍ଷୋତ୍‌ଫୁଲ୍ଲ ମୁଖ; ହର୍ଷଯୁକ୍ତ ମୁଖ;
Harasha badana ସରସ ମୁହଁ—Joyful face.
হরষ বদন हरस बदन
[ହରଷ ମୁଖ(ହଁ)—ଅନ୍ୟରୂପ]

ହରଷ ବଦନିଆ(ବଦନା)—ଗ୍ରା. ବିଣ. ପୁଂ (ସ ହର୍ଷ ବଦନ)—
Harasha badaniā(badanā) ହର୍ଷୋତ୍‌ଫୁଲ୍ଲମୁଖ—
হৃষ্টবদন हरषबदन वाला Having joyful face;
(ହରଷବଦନୀ, ହରଷବଦନା—ସ୍ତ୍ରୀ) having a delightful face.

ହରଷ ମୁଖା (ହାଁ)—ଗ୍ରା. ବିଣ. ପୁଂ—ହର୍ଷୋତ୍‌ଫୁଲ୍ଲମୁଖ—
Harasha mukhā(hāṅ) Having a delightful

हृष्ट बदन हरषमुखा face; with a Joyful appearance.

[ହରଷମୁଖୀ(ଖି) — ସ୍ତ୍ରୀ]

ହରଷିତ—ଗ୍ରା. ବଣ (ସ. ହର୍ଷିତ)—ତୁଷ୍ଟ; ଆନନ୍ଦିତ; ହର୍ଷଯୁକ୍ତ—
Harashita Delighted.
हरषित हरखित

ହରଷେ—ଗ୍ରା. କ୍ରି. ବଣ (ପଦ୍ୟରେ ବ୍ୟବହୃତ)—ଆନନ୍ଦରେ—
Harashe With delight. (ଉ—ହରଷେ
हरषे हरखमें କହେ ପଦ୍ମଯୋନି—ଜଗନ୍ନାଥ ଭାଗବତ ।)

ହରସ୍ତାପ୍—ଦେ. ଅ—୧ । ବରାବର; ମୂଳରୁ—1. From the
Harastāp beginning. ୨ । କଦାପି;
बराबर बराबर, हरगीज अର୍ଥେ; କେମାରୁ—
2. At all; ever. (ଉ—ସେ ଏ କାମ କରିବାକୁ ହରସ୍ତାପ୍ ମନା କଲା ।)

ହର ହର ବମ୍ ବମ୍—ଦେ. ଅ—ମହାଦେବଙ୍କ ନିକଟରେ ଉପସ୍ଥିତ
Hara hara bam bam ଭକ୍ତଙ୍କ ଡାକ—Words
हर हर बम् बम् हर हर बम ब used by
(ହର ହର ବମ୍ ବମ୍ ବୋଲା !—ଅନାମ୍ନୁତ) a devotee to invoke God Śiba.

ହର ହରି—ସ ବ—ଶିବ ଓ ବିଷ୍ଣୁ—
Hara hari Śiba and Bishṇu.

ହର ହରି ଘାଟ—ଦେ. ବ (ନାମ)—ହର୍ଡ ହର୍ଡି ଘାଟ (ଦେଖ)—
Hara hari ghāta Harda hardi ghāta (See)

ହର ହାର—ସ ବ (୬ଷ୍ଠୀ ତତ୍; ଶିବଙ୍କ ହାର)—ସର୍ପ (ହି. ଶ)—
Hara hāra Serpent.

ହରହ୍ଵରା—ଫ. ବ—ହାରହ୍ଵରା; ଦ୍ରାକ୍ଷା (ଗଜକଲିଦ୍ରୁମ)—
Harahwarā Grape.

ହରା—ସ ବଣ. ସ୍ତ୍ରୀ—[ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ; ହର ଶବ୍ଦର
Harā ସ୍ତ୍ରୀଲିଙ୍ଗ ଆକାର]—Feminine form of
Hara added to words) Destroying; causing to disappear. [ଉ—ଶୋକହରା,
हरण हरना ଦୁଃଖହରା] — ଦେ. ବ [ସ. ହୃ
ଧାତୁ]—୧ । ହରଣ [ଦେଖ]—1. Harana (See)
हारा हरा ୨ । ହଜିବା—2. Loss. ୩ । [ଗ୍ରା.]
—ହାରିବା; ପରାଜୟ—3. Defeat. ୪ । [ଗ୍ରା ହରିତ୍;
ତୁଳନା କର—ସ. ହରିତ]—ହରିଦ୍ବର୍ଣ୍ଣ—4. Green; emerald colour. ଦେ, ବଣ—୧ । [ସ ହୃତ]—
हृत हारा ହୃତ—1. Removed, stolen.
୨ । [ସଂ ହାରକ] ହରଣକାରୀ—2. Stealing.
୩ । ଯେ ହଜାଇଥାଏ ବା ହାରିଥାଏ—3. One who has lost. ୪ । ପରାସ୍ତ—4. Defeated; vanquished. ପ୍ରାଦେ (ବଲାଙ୍ଗିର ପାଟଣା) ବ—ମନୁଷ୍ୟ-ଶିଶୁ—Human child. ପ୍ରାଦେ—(ଗଡ଼ଜାତ) ବଣ. ପରାଜିତ—Vanquished. ବଣ. ଓ ବ—ଗ୍ରାମ୍ୟ; ହରିତ, ବର୍ଣ୍ଣ (ତୁଳନା କର ଏହି ଅର୍ଥରେ ହିନ୍ଦି ହରା)—
Green; emerald colour.

ହରା (ରେ) ଇବା—ଦେ. କ୍ରି—୧ । ହରିବା କ୍ରିୟାର ଣିଜନ୍ତ ରୂପ;
Harā(re iba (ହରିବା କ୍ରିୟାର ଉକ୍ତ ଉକ୍ତ ଅର୍ଥ ଦେଖ)—
हारीन 1. Causative form of Haribā. ୨ । ହଜା-
हराना ଇବା—2. To lose. ୩ । ଅନ୍ୟ ବ୍ୟକ୍ତିଦ୍ୱାରା ହରଣ କିମ୍ବା କରାଇବା, (ହରଣ କରିବାର ଉକ୍ତ ଉକ୍ତ ଅର୍ଥ ଦେଖ)
3. To cause another to steal etc. ୪ । ହରିବା (ଦେଖ)—4. Haribā (See) ୫ । ଚ୍ୟୁତ ହେବା, ବଞ୍ଚିତ ହେବା—5. To be bereft of; to be shorn of, [ଉ—ଅବେ ସବୁ । ଭୁଲ୍ବା କଥାରେ ହରାଉଛୁ କଲ୍ପତରୁ—ଭଗ] ୬ । ନଷ୍ଟ କରିବା—6. To spoil. ୭ । ଜ୍ଵରକାନ୍ତ ବୋଧ କରିବା—7. To feel feverish. ୮ । (ହାରିବା କ୍ରିୟାର ସକର୍ମକରୂପ) ଅନ୍ୟକୁ ପରାସ୍ତ କରିବା; ଜିଣିବା—8. To defeat a person. ୯ । ପଶା, ଜୁଆ ଆଦି ଖେଳରେ ପରାସ୍ତ ହୋଇ ଜନ୍ତୁଦ୍ୱାରା ରକ୍ଷିତ ପଣକୁ ଅପର ପକ୍ଷର ହସ୍ତଗତ ହେବାର କାରଣ ହେବା—
9. To forfeit a stake in a game. [ଉ—ଖେଳିବାରେ ମୋ ପର ଉକ୍ତଲେକେ ନାହିଁ, ତାହାଙ୍କୁ ଭାବ ଖେଳେ ହରାଇବ ମୁହିଁ—କୃଷ୍ଣସିଂହ. ମହାଭାରତ. ସଭାପର୍ବ]

ହରା ଜିନା—ପ୍ରାଦେ. (ଗଡ଼ଜାତ) ବ—ହାରଜିତ—
Harā jinā Defeat and victory.

ହରାଣ—ଦେ. ବ (ସ. ହୃ ଧାତୁରୁ ହରଣ) ୧ । ହରଣ (ଦେଖ)—
Harāṇa Harana (See) ୨ । ହଜାଇବା; ହରାଇବା; ଚ୍ୟୁତ
हारान हେବା; ବଞ୍ଚିତ ହେବା—2. Losing; being
हराना bereft of ୩ । (ଗଣିତ) ଭାଗ କରଣ—3. (Mathematics) Division. ୪ । ହରାଇବା; ପରାଜୟକରଣ—
4. Defeating.

ହରା ଦଳ—ପ୍ରାଦେ. (ସମ୍ବଲପୁର)—ପରାଜିତ ପକ୍ଷ—
Harā dala The defeated party.

ହରାଦ୍ରି—ସ. ବ (ମ. ପ. ଲୋ, ହରଙ୍କ ଅଧ୍ୟୁଷିତ ଅଦ୍ରି)—କୈଳାସ
Harādri ପର୍ବତ—The Kailāsa mountain.

ହରା ଧନ—ଦେ. ବ—୧ । ହୃତଧନ—1. Stolen property. ୨ ।
Harā dhana ହଜିଥିବା ଧନ—2. Lost property.
हाराधन हराधन

ହରାବଲ(ଲ୍)—ବୈ ଦେ.ବ (ତୁର୍କି. ହରାବଲ)—୧ । ସେନାଦଳର ଅଗ୍ର-
Harābala(l) ବର୍ତ୍ତୀ ଦଳ—1. The advance guard of
हारावल an army. ୨ । ଠଗ ବା ଡକାଇତମାନଙ୍କ ନେତା
हरावल ବା ସରଦାର—2 The leader of a gang of Thugs or dacoits.

ହରାମ୍—ବୈଦେ. ବଣ (ଅ. ହରାମ୍=ନିଷିଦ୍ଧ)—୧ ନିଷିଦ୍ଧ—Prohi-
Harām bited. ୨ । ଶାସ୍ତ୍ରନିଷିଦ୍ଧ—2. Prohibited by
हाराम the scripture. ୩ । ଅନୁଚିତ—3. Improper.

ହରାମ ୪ । ପାପଜନକ—4. Sinful. ବ—୧ । ନିଷିଦ୍ଧ ଖାଦ୍ୟଦ୍ରବ୍ୟ 1. Prohibited food. ୨ । ନିଷିଦ୍ଧ କର୍ମ—2. Prohibited act. ୩ । ବେଇମାନି; ଅଧର୍ମ; ବିଶ୍ୱାସଘାତକତା—3. Impiety; perfidy. ୪ । ପାପ—4 Sin. ୫ । ବ୍ୟଭିଚାର—5 Adultery.

ହରାମ୍‌ଖୋର୍—ବୈଦେ. ବଣ (ଅ. ହରାମ୍ + ପା. ଖୋର୍)—୧। ନିଷିଦ୍ଧ
Harām khor ଖାଦ୍ୟ ଖାଦକ—1. Eating prohibited
হারামখোর food. ୨ । ନିଷିଦ୍ଧ ବା ପାପଜନକ ଭାବରେ ଅର୍ଜିତ
हरामखोर ଧନରେ ଖାଇବା ଜୀବିକାକାରୀ—2. Living on the earning of a bad or prohibited or sinful act

ହରାମ୍‌ଖୋରି—ବୈଦେ. ବ (ଅ+ପା)—ହରାମଖୋରର କର୍ମ ବା
Harām khori ଅବସ୍ଥା—The state of being a
হারামখোরী हरामखोरी Harām-khor.

ହରାମ୍‌ଜାଦ୍‌ଗୀ—ବେଦେ. ବ (ଅ—ହରାମ୍ + ପା. ଜାଦ୍ + ପା ପ୍ରତ୍ୟୟ
Harām jād-gi ଗୀ)—ହରାମଜାଦା ପଣ—The state of
হারামজাদী हरामज़ादगी being Harām jādā.

ହରାମଜାଦା—ବୈଦେ. ବଣ (ପୁଂ)—(ଅ. ହାରାମ୍ + ଜାଦା=ଉତ୍ପନ୍ନ)
Harām jādā ୧ । ବ୍ୟଭିଚାରରୁ ଉତ୍ପନ୍ନ—1. Born of
হারামজাদা adultery ୨। (ଗାଳି) ପାଜି; ଦୁଷ୍ଟ—2 Wicked; vile
हरामजादा ୩ । ବର୍ଣ୍ଣସଙ୍କର—3. Hybrid.
(ହରାମ୍‌ଜାଦୀ—ସ୍ତ୍ରୀ)

ହରା ମଣି—ଦେ ବ—୧ । ହୃତମଣି—. Stolen gem. ୨। ହାରାମଣି
Harā mani (ଦେଖ)—2. Hārāmaṇi (See)
হারামণি हरामणि

ହରାମି—ବୈଦେ. ବ—(ଅ ହରାମି — ହରାମ୍ ହେବା ଅବସ୍ଥା—
Harāmi The state of being Harām.
হারামী हरामी

ହରା ରଙ୍ଗ—ଦେ. ବ—(ସଂ. ହରିତ୍ + ରଙ୍ଗ)—ହରିଦର୍ଣ୍ଣ—
Harā ranga Green colour.
সবুজরঙ্গ हरा रंग ବଣ. ହରିତ୍—Green.

ହରାରାତି—ସଂ. ବ—(୬ଷ୍ଠୀ ତତ୍ପୁ ବା କର୍ମଧାରୟ; ହର+ଅରାତି)—
Harārāti କାମ; କନ୍ଦର୍ପ—Cupid. [ଦ୍ର—ହରଙ୍କ ଦ୍ୱାରା ଦଗ୍ଧ ହେଲା ବୋଲି ହରାରାତି କହନ୍ତି—ଦ୍ରଷ୍ଟ. ପ୍ରେମସୁଧାନିଧି]

ହରାହା(ହ)ରି—ଦେ.ବ ଓ ବଣ—୧ । ହାରହାରି(ଦେଖ)—1.Harā
Harāha(ha)ri hāri (See). ୨ । କେତୁଟି ସ୍ଥଳର ଦ୍ରବ୍ୟ ଅବ ହିସାବ
হারাহারি हराहरि କରି ବହୁଙ୍କ ଉପରେ ଗୋଟିଏ ମୋଟ ହାରିବା;ମୋଟ ଉପରେ ହିସାବ—2. Rateable; average. ୩ । ହରଣ ଅବ କାର୍ଯ୍ୟ—3. Act of Haraṇa etc. ୪। ହାରିବା ଓ ଜିତିବା; ଜୟ ଓ ପରାଜୟ—4. Victory and defeat. ପ୍ରାଦେ (ଗଡ଼ଜାତ) ବ ଏକ ପ୍ରକାର ଶାକବିଶେଷ—A kind of pother. [ଦ୍ର—ଏଥିରେ ମାଣ୍ଡିଆ ବେଣ୍ଟାପରି ଫଳ ଧରେ]।

ହରା ହେ(ଯି)ବା—ପ୍ରାଦେ (ମେଦିନୀପୁର) କ୍ରି.—ହଜିବା—
Hara he(ji)bā To be lost.

ହରି—ସଂ. ବି. (ହୃଧାତୁ—ହରଣ କରିବା+କର୍ତ୍ତୃ ଇ)—୧ । (ଯେ
Hari ସମସ୍ତଙ୍କ ହୃଦୟ ହରଣ କରନ୍ତି) ଭଗବାନ୍—1 God [ଦ୍ର—ହିନ୍ଦୁ ଶାସ୍ତ୍ରମାନଙ୍କରେ (ଯଥା—ହରିବଂଶପୁରାଣ, ନୃସିଂହ ପୁରାଣ, ମହାଭାରତ, ଗୀତା, ବିଷ୍ଣୁପୁରାଣ, କଳ୍କି ପୁରାଣ ଓ ଗରୁଡ଼ ପୁରାଣରେ) ବାରଂବାର କଥିତ ହୋଇଅଛି ଯେ, ବ୍ରହ୍ମା, ହରି ଓ ହର ଏକ ଅଟନ୍ତି ଓ ଏ ତିନହେଁ ପରମେଶ୍ୱରଙ୍କର ସତ୍ତ୍ୱ, ରଜଃ, ତମଃ ଗୁଣର ଭିନ୍ନ ଭିନ୍ନ ଅବତାର ମାତ୍ର ।

ହିନ୍ଦୁମାନଙ୍କ ଶାସ୍ତ୍ର ମତରେ ଶିବ ରୁଦ୍ରରୂପ ଧାରଣ କରି ବ୍ରହ୍ମାଣ୍ଡ ପ୍ରଳୟରେ ସମସ୍ତ ଜୀବ, ବସ୍ତୁ ଓ ଦେବତାଙ୍କ ଲୁପ୍ତ ହେଲେ କେବଳ ଅକ୍ଷୟବଟର ଗୋଟିଏ ପତ୍ରରେ ନାରାୟଣ ବା ବିଷ୍ଣୁ ଯୋଗନିଦ୍ରାରେ ଜଡ଼ିତ ହୋଇ ଭାସିଲେ ଓ କାଳକ୍ରମେ ଅନନ୍ତ ଶଯ୍ୟାକୁ କଲେ । ବିଷ୍ଣୁଙ୍କ ନାଭିରୁ ଗୋଟିଏ ପଦ୍ମ ଫୁଟି ସେହି ପଦ୍ମଡାଳରୁ ବ୍ରହ୍ମା ବାହାରିଲେ । ଶିବ ମଧ୍ୟ ଅଦୃଶ୍ୟ ହୋଇ ବସି ରହିଲେ । ତତ୍ପରେ ହରି, ଶିବ ଓ ବ୍ରହ୍ମା, ଏହି ତିନି ଜଣଙ୍କ ଉପରେ ଗୋଟି କାର୍ଯ୍ୟ ନ୍ୟସ୍ତ ହେଲା-ବ୍ରହ୍ମା ବ୍ରହ୍ମାଣ୍ଡ ସୃଷ୍ଟି କରିବେ, ବିଷ୍ଣୁ ତାହା ପାଳନ କରିବେ ଓ ଯୁଗ ଶେଷବେଳେ ଶିବ ସୃଷ୍ଟିକୁ ସଂହାର କରିବେ । ବୁଝିବାକୁ ଗଲେ ବ୍ରହ୍ମା, ହର ଓ ହରି ଏ ତିନିଜଣ ଏକ ନାରାୟଣଙ୍କର ଯଥାକ୍ରମେ ସର୍ଜନକାରୀ, ପାଳନକାରୀ ଓ ସଂହାରକାରୀ ରୂପ । ପୃଥିବୀର ପ୍ରାୟସମସ୍ତ ଧର୍ମରେ ଏ ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବା ଦେବତା ଜଣେ ଥିବା ସ୍ଥିର ହୋଇଅଛି । ସୃଷ୍ଟିର ମୂଳକାରଣ ଉକ୍ତ ଦେବଙ୍କୁ ହରି, God (ଈଶ୍ୱର), ଖୋଦା, ଅଲ୍ଲା ନାମରେ ଲୋକେ ଭିନ୍ନ ଭିନ୍ନ ଦେଶରେ ଗ୍ରହଣ କରିଅଛନ୍ତି ଓ କହନ୍ତି ସବୁ ଧର୍ମର ମୂଳ ଈଶ୍ୱର ଓ କାଳକ୍ରମେ ସେ ପୃଥିବୀରେ ଅବତାର ଗ୍ରହଣ କରି ବା ପ୍ରେରିତଙ୍କୁ ଦୂତ ପଠାଇ ଧର୍ମ ସଂସ୍ଥାପନ କରନ୍ତି]

୨ । ନାରାୟଣ; ବିଷ୍ଣୁ; ହିନ୍ଦୁମାନଙ୍କ ବ୍ରହ୍ମାଣ୍ଡପାଳକ ଦେବତା (ଅମରକୋଷ)—2. Bishṇu, the Preserver of the universe. ୩ । ଶ୍ରୀକୃଷ୍ଣ—3. Srikṛushṇa(an incarnation of Bishṇu). ୪ । ବ୍ରହ୍ମା—(ମେଦିନୀ)—4. The Creator; God Brahmā. ୫ । ମହେଶ୍ୱର; ଶିବ (ମେଦିନୀ)—5. God Śiba. ୬ । ସିଂହ (ଅମର କୋଷ)—6. The lion. ୭ । ବାନର (ଅମର କୋଷ)—7. Monkey; ape. ୮ । ଭେକ; ବେଙ୍ଗ (ଅମରକୋଷ)—8. The frog. ୯ । ସର୍ପ (ଅମରକୋଷ)—9. Serpent, snake. ୧୦ ଶୁକପକ୍ଷୀ; ଶୁଆ (ଅମର କୋଷ)—10. Parrot. ୧୧ । ଚନ୍ଦ୍ର (ମେଦିନୀ)—11. The moon. ୧୨ । ସୂର୍ଯ୍ୟ (ମେଦିନୀ)—12. The sun. [ଦ୍ର—ବାଘ ସାପ ଏହି ସମସ୍ତ ଶବ୍ଦ ସମ ସେ ପ୍ରକୃତିକୁ ଜାଣି ଓସ୍ତ ପଥ ଦେଖାଇ ତଥା ଗ୍ରହଣ—

ଭକ୍ତ. ବୈଦେହୀଶ ବିଳାସ] ୧୩ । ବାୟୁ (ମେଦିନୀ)—13. The air. ୧୪ । ଆକାଶ—14. The sky. [ଉ—ହରି ହେଲେ ଲକ୍ଷ୍ୟମାନେ ବସନ୍ତ ଅବୃତ । ତହିଁ ପଞ୍ଚାଇ ବଶର ହର ଚକ୍ର ଘନ—ଭକ୍ତ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ] ୧୫ । ଅଶ୍ୱ (ମେଦିନୀ)—15. The horse. [ଉ—ବଲ୍ଲେବଲେ ପ୍ରଭାତର ବାଳ ହସ୍ତେ ଧରିଛନ୍ତି । ହରି ଚଢ଼ି ଅଟେ ଚଯ୍ୟ ଚଯ୍ୟ ଅରୁଣ—ଭକ୍ତ. ବୈଦେହୀଶ ବିଳାସ]—୧୬ । ଯମ (ମେଦିନୀ)—16. The Hindu God of death. ୧୭ । କିରଣ (ମେଦିନୀ)—17. Ray of light. ୧୮ । ଇନ୍ଦ୍ର 18. The Hindu's king of gods. [ଉ—୨, ୬, ୧୨, ୧୬, ୧୮ର ଉଦାହରଣ ଭକ୍ତଙ୍କ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ୨୬ ଅଧ୍ୟାୟ,୩୪, ୩୫, ୩୬, ୩୭, ୩୮ ପଦମାନଙ୍କରେ ରହିଅଛି ।]

୧୯ । ହରିବର୍ଷ; ଦେଶ ବିଶେଷ (ମେଦିନୀ); ପୁରାଣୋକ୍ତ ପୃଥିବୀର ନବ ବର୍ଷ ବା ବିଭାଗ ମଧ୍ୟରେ ଏକତମ—19. Name of a mythological country. ୨୦ । ମୟୂର (ଶବ୍ଦରତ୍ନାବଳୀ)—20. Peacock. ୨୧ । କୋକିଳ (ଶବ୍ଦ ରତ୍ନାବଳୀ) 21. Cuckoo. ୨୨ । ହଂସ (ଶବ୍ଦ ରତ୍ନାବଳୀ)—22. Swan. ୨୩ । ଅଗ୍ନି (ଶବ୍ଦ ରତ୍ନାବଳୀ)—23. Fire. ୨୪ । ଭର୍ତ୍ତୃହରି ରାଜା ଓ କବି(ଶେଷ)—24. A name of king and poet Bharttruhari. ୨୫ । ଶାଗୁଆ ବର୍ଣ୍ଣ; ହରିଦ୍‌ବର୍ଣ୍ଣ (ହେମଚନ୍ଦ୍ର)—25. Green or emerald colour. ୨୬ । ପିଙ୍ଗଳ; ପିଙ୍ଗଳବର୍ଣ୍ଣ (ହେମଚନ୍ଦ୍ର)—26. Gray colour; auburn. ୨୭ । କପିଳବର୍ଣ୍ଣ (ମେଦିନୀ); କଫୁଆରଙ୍ଗ—27. Brown or tawny colour. ୨୮ । ପୀତବର୍ଣ୍ଣ (ଅନେକାର୍ଥ କୋଷ)—28. Yellow colour. ୨୯ । (ଜ୍ୟୋତିଷ) ସିଂହରାଶି—29. (Astronomy) The sign Leo. ୩୦ । (ନାମ) ଗରୁଡ଼ଙ୍କର ଏକପୁତ୍ର (ମ. ଭା)—30. Name of a son of Garurda. ୩୧ । (ନାମ) ପୌରାଣିକ ପର୍ବତ ବିଶେଷ (ଭା ୧)—31. Name of a mythological mountain. ୩୨ । ୧୮ ବର୍ଣ୍ଣ ବିଶିଷ୍ଟ ଛନ୍ଦୋଭେଦ (ବୃ. ର) — 32. A metre of 18 letters. ୩୩ । ବୌଦ୍ଧ ଶାସ୍ତ୍ର ଲିଖିତ ବୃହତ୍ ସଂଖ୍ୟା (ଲ. ବି)—33. A very high number according to the Buddhist books. ବି. ଣ—୧ । ହରିତ୍ (ଭା. ଣ)—1. Green. ୨ । ପିଙ୍ଗଳ (ବୃ. ର)—2. Gray. ୩ । ପୀତବର୍ଣ୍ଣ (ବୃ. ର)—3. Yellow. ୪ । କପିଶ (ବୃ. ର)—4. Tawny; brown. ଦେ. ବି—ପୁରୀରେ ବିଜେ ଶ୍ରୀଜଗନ୍ନାଥ ମହାପ୍ରଭୁ—The Lord Jagannatha of Puri.

[ଉ—ହରି ହରହ୍ୱାରେ ମିଳ ହରିଧ୍ୱନି କଲେ—ଭକ୍ତ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ] । ପ୍ରାଦେ (କେନ୍ଦୁଝର) ବି—(ଅମୁକ ବସ୍ତୁର) ବ୍ୟବସାୟୀ; ଯଥା ମାଛ ହରି; ବତି ହରି) Dealer in; seller of (anything)

ହରିଅ(ଆ)ଲ୍(ଲ୍) ଚଢ଼େଇ—ଦେ· ବି. (ସଂ. ହରିତାଳ) — ହରଡ଼ ଚଢ଼େଇ (ଦେଖ)—
Haria(ā)l(l) chardhei
हरिअलपाखी हरिअल Hararda chardhei (See).

ହରିଆ—ଦେ· ବି. ପୁଂ—ହରିନାମଧାରୀ ବ୍ୟକ୍ତିର ଅନାଦରାର୍ଥକ ଡାକ ନାମ
Hariā Name for calling a person named Hari in familiarity or disregard. ପ୍ରାଦେ. (ପାଟଣା, ଖଡ଼ିଆଳ) ବି—୧ । ଲୋକ—1. Man. ୨ । (ଅମୁକ ଦ୍ରବ୍ୟର) ବ୍ୟବସାୟୀ (ଯଥା—ଦହି ହରିଆ)—2. Dealer in (any article).

ହରିଆ ତନ୍ତି—ଦେ. ବି (ହରିନାମଧାରୀ ଜଣେ ତନ୍ତୀର ଜନଶ୍ରୁତି ପରମ୍ପରାଗତ ଗଳ୍ପରୁ)—ଜନ୍ମ୍ୱିଆ ବ୍ୟକ୍ତି·
Hariā tanti
Nonsensical or stupid person; a person having no common sense. [ଦ୍ର—ଏ ବ୍ୟକ୍ତି ଗୋଟିଏ ପାଣିକଖାରୁକୁ ଘୋଡ଼ା ଅଣ୍ଡା ବୋଲି କିଣାଇ ଜଣ ହାଟରୁ କିଣିଥିଲା ।]

ହରିଆଲ(ଲ୍)—ଦେ. ବି—ହରିଅଲ୍ ଚଢ଼େଇ (ଦେଖ)—
Hariāl(l) Harial chardhei(See)

ହରି ଉଡ଼ିଯିବେ—ପ୍ରାଦେ (ଗଡ଼ଜାତ) ଅ—ଏ କଥାକୁ ମୁଁ ଶକ୍ତ ନୁହେଁ;
Hari urdijibe ଏ କଥାକୁ ମୁଁ କରି ପାରିବି ନାହିଁ—(a phrase) I am unequal to the task. (ଦ୍ର—ଦୁର୍ବଳଜଣ ବ୍ୟକ୍ତି କଥାବାର୍ତ୍ତା ହେଉଥିବେ ଏହି ବାକ୍ୟ ବ୍ୟବହାର କରନ୍ତି ;

ହରିଏଲ୍ (ହରିଆଲି, ହରେଲ୍, ହରେଲି)ଉଅଁସ—ପ୍ରାଦେ (ସମ୍ବଲପୁର)
Hariel(hariāli, harel, hareli)uāṅsa ବି—ସାବତ୍ତ୍ର (ହରିଅଲ ଉଅଁସ, ହରେଲି ଉଅଁସ—ଅନ୍ୟରୂପ) ଅମାବାସ୍ୟା ଶ୍ରାବଣ ଅମାବାସ୍ୟା—The new moon of the month of Śrābanā. [ଦ—ଏ ଅମାବାସ୍ୟା ଦିନ ଗ୍ରାମର ଗାଈ ଚରାଳିଆ ଲୋକ ଶତାବରୀ ଡାଳ ଆଣି ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଖୋସିଯାଏ । ଲୋକବିଶ୍ୱାସ ଯେ, ଏଦ୍ୱାରା ଗ୍ରାମବାସୀମାନେ କୁଶଳରେ ରହନ୍ତି ।]

ହରିଏଲ୍ (ହରେଲ୍)ଡାଲ୍—ପ୍ରାଦେ. (ସମ୍ବଲପୁର) ବି—ଶତାବରୀ ଗୁଳ୍ମ—
Hariel(harel)dal Asparagus Racemosus. [ଦ୍ର—ଶ୍ରାବଣ ଅମାବାସ୍ୟା ଦିନ ଏ ଡାଳ ଘରେ ଖୋସିବା ଦ୍ୱାରା ଘରବାସୀ ସମସ୍ତେ କୁଶଳରେ ରହନ୍ତି, ଏଣୁ ଏହାର ଅନ୍ୟ ନାମ 'ଦେ ବାତ୍ରିନ'(=ଦେବ ମାର୍ଜନା); କାରଣ, ଗ୍ରାମ ଦେବତା ଏହା ଦ୍ୱାରା ଘର ଓଳାନ୍ତି; ସୁତରାଂ ସେ ଘରର ମଙ୍ଗଳ ହୁଏ, ଏହା ଲୋକବିଶ୍ୱାସ ।]

ହରିକ—ସଂ ବି (ହୃ ଧାତୁ+ଇକ)—୧ । ଚୋର—1. Thief. ୨ ।
Harika ଅକ୍ଷକ୍ରୀଡ଼କ—2. A person who plays the

game of dice. ୩ । (ହରି=ପୀତ-ହରିତ୍ ବର୍ଣ୍ଣ+ ସ୍ୱାର୍ଥେ ଇ)—ପୀତ-ହରିତ୍ ବର୍ଣ୍ଣାଶ୍ୱ (ହେମଚନ୍ଦ୍ର)—3. A horse of mixed yellow and green colour.

ହରି କଥା—ସଂ ବି— ୧ । ଭଗବାନଙ୍କ ସମ୍ବନ୍ଧେ ଆଲୋଚନା ବା
Hari kathā କଥାବାର୍ତ୍ତା—1. Talk about God. ୨ । ଧର୍ମସମ୍ବନ୍ଧୀୟ ଆଲୋଚନା—2. Religious discussion. (ତୁ—ଘର କଥା, ହର କଥା, ଲତା;
हरि कथा हार कथा ଲୁଗା, ଘର କଥା—ଗ୍ରାମ୍ୟ।)
ଦେ. ବି—୧ । ପୌରାଣିକ ଉପାଖ୍ୟାନ—1. Mythological story. ୨ । ଜଣେ ବ୍ୟକ୍ତିଙ୍କ ଦ୍ୱାରା ରସମୟ ଗଦ୍ୟରେ ଓ ପଦ୍ୟରେ ପୌରାଣିକ ଉପାଖ୍ୟାନର ଆବୃତ୍ତି ସହ ଅଭିନୟ—2. The recital and acting of mythological stories in prose and poetry. [ଦ୍ର—ଅନ୍ଧ୍ରମାନଙ୍କ ମଧ୍ୟରେ ତେଲୁଗୁ ଭାଷାରେ 'ହରିକଥା' ବହୁକାଳରୁ ପ୍ରଚଳିତ । ଏଥିରେ କଥକ ପୋଷାକ ପିନ୍ଧି ଠିଆ ହୋଇ କୌଣସି ପୌରାଣିକ ଉପାଖ୍ୟାନ ବା ବିଷୟକୁ ଅବଲମ୍ବନ କରି ତାହାର ଗଦ୍ୟରେ ଅଗ୍ର ସୂଚନା ଦିଅନ୍ତି ଓ ମଧ୍ୟେ ମଧ୍ୟେ ଛନ୍ଦୋବଦ୍ଧ କର୍ଣ୍ଣାଟକ ସଙ୍ଗୀତ ଗାନ ଏବଂ ଭକ୍ତିସମ୍ବନ୍ଧେ ରସମୟ କଥୋପକଥନ ଆଦି କରନ୍ତି । ତାଙ୍କ ଗାନବେଳେ ଅନ୍ୟ ବ୍ୟକ୍ତିଗଣ ବାଦ୍ୟଯନ୍ତ୍ର (ବେହେଲା, ବୀଣା, ହାରମୋନିଅମ, ତବଲା ଆଦି) ବଜାଉ ଥାଆନ୍ତି । ହରିକଥା ଅଭିନୟ ତେଲୁଗୁସାଧାରଣଙ୍କର ଅତି ଚିତ୍ତାକର୍ଷକ ଓ ଆଦରଣୀୟ ବସ୍ତୁ । ଓଡ଼ିଆରେ ଏ ଭାବ ପୂର୍ବେ ନ ଥିଲା । ପାରଳାଖେମୁଣ୍ଡିର ଶ୍ରୀଯୁକ୍ତ କରୁଣାକର ପଟ୍ଟନାୟକ ଓଡ଼ିଆରେ 'ହରିକଥା'ର ଆରମ୍ଭ କରିଅଛନ୍ତି ଓ ଓଡ଼ିଆ ଗଦ୍ୟପଦ୍ୟମୟ ରଚନା, କଥୋପକଥନ, ଗାନ ଓ ରସମୟ ବିଷୟର ଅବତାରଣା କରି ଏହାକୁ ସୁନ୍ଦର କରିଅଛନ୍ତି । ସେ 'ସଙ୍ଗୀତ ଶିକ୍ଷକ' ଓ 'ଶ୍ରୀରାଧାକୃଷ୍ଣ ମିଳନ' ନାମକ ଦୁଇଖଣ୍ଡି ପୁସ୍ତକ ପ୍ରକାଶ କରିଅଛନ୍ତି । ସେ ହରିଶ୍ଚନ୍ଦ୍ର, ସାବିତ୍ରୀ, ରୁକ୍ମିଣୀପରିଣୟ, ଗୌରାଙ୍ଗସନ୍ନ୍ୟାସୀ, ରାଧାଙ୍କ କଳଙ୍କଭଞ୍ଜନ, କୃଷ୍ଣାର୍ଜୁନ ଆଦି 'ହରିକଥା' ଅଭିନୟ କରୁଅଛନ୍ତି ଓ ଭକ୍ତି ସମ୍ପର୍କରେ ସ୍ୱରଚିତ ସୁଲଳିତ ସଙ୍ଗୀତମାନ ବାଦ୍ୟଯନ୍ତ୍ର ସହକାରେ ଗାନ କରୁଅଛନ୍ତି ।]

ହରି କର୍ମ—ସଂ. ବି—ଯଜ୍ଞ [ବୈ. ଶ]
Hari karma Vedic sacrifice.

ହରିକା—ଗ୍ରା. ଅ [ଫା. ହରେକ୍]—ହେରିକା; ଇତ୍ୟାଦି; ଓଗେରେ—
Harikā Etcetra; and others.
इत्यादि वगैरा

ହରିକାଠ—ଦେ· ବି [ସଂ. ହଡ୍ଡ+କାଷ୍ଠ]—୧ । ହଡ଼ି (ଦେଖ)—
Harikāṭha 1. Hardi (See) ୨ । ହଡ଼ିକାଠ (ଦେଖ)—
हाड़िकाठ हडिकाठ Hardi kāṭha (See)

ହରିକା(କି,କେ)ନ୍ ଲ (ଲା)ଣ୍ଟ[ଣ୍ଠ,ଣ୍ଟି,ଣ୍ଠି]ନ୍[ନ୍]—ବୈଦେ· ବି—
Harikā(ki,ke)n,la(lā)nṭa[nṭha,nṭi,nṭhi]n[n] (ଇଂ. हारिकेन लण्ठन् ହରିକେନ୍=ତୋଫାନ ବା ଝଡ଼ ଓ ଇଂ ଲ୍ୟାଣ୍ଟର୍ନ= हरिकेन लालटेन ଲଣ୍ଠନ)—୧ । ଏକ ପ୍ରକାର ହାତଧରା ଲଣ୍ଠନ, ଯାହା ତୋଫାନରେ ସୁଦ୍ଧା ଲିଭେ ନାହିଁ—1. Hurricane lantern. ୨ । ସାଧାରଣତଃ ହାତରେ ଝୁଲାଇ ନେବା ଲଣ୍ଠନ୍—2. An ordinary hand-lantern.

ହରି·କୀର୍ତ୍ତନ—ସଂ. ବି—୧ । ହରିନାମ କୀର୍ତ୍ତନ; ହରି ସଙ୍କୀର୍ତ୍ତନ—
Hari kīrttana 1. Chanting of the name of Hari. ୨ । ଗୀତବାଦ୍ୟାଦି ସହ ହରିନାମଗାନ—Singing of the hymns of Hari accompanied with music.

ହରିକୁଷଁ [ଷ୍ଟଁ, ଷ୍ଣ]—ଗ୍ରା. ବି. ପୁଂ. (ସଂ ହରିକୃଷ୍ଣ)—ହରିକୃଷ୍ଣ ନାମକ
Hari kushañ (shṭañ, shṇa) ବ୍ୟକ୍ତିର ଡାକ ନାମ—
(ହରି କୃଷ୍ଣ—ଅନ୍ୟରୂପ) Nick name of Harikṛushṇa [ଦ୍ର—ଓଡ଼ିଆରେ 'ଋ'ର ଉଚ୍ଚାରଣ 'ରୁ' ଓ ବଂ ରେ 'ଋ'ର ଉଚ୍ଚାରଣ 'ରି' ଏବଂ ଓଡ଼ିଆରେ 'ଷ୍ଣ'କୁ କେହେ 'ଷ୍ଟ' ଓ 'ଷ' ଉଚ୍ଚାରଣ କରନ୍ତି ।]

ହରି କୃଷ୍ଣ—ସଂ. ବି—ହରିଙ୍କର ନାମଦ୍ୱୟ—Two names of
Hari kṛushṇa Hari. ଦେ· ବି, ପୁଂ—ଲୋକଙ୍କ ନାମ—
हरेकृष्ण हरिकृष्ण A name given to males.

ହରିକୃଷ୍ଣ ମହାପାତ୍ର—ଦେ. ବି [ନାମ]—'ରୁକ୍ମିଣୀବିଳାସ' ନାମକ ଗ୍ରନ୍ଥ-
Harikṛushṇa mahāpātra ପ୍ରଣେତା—Auther of 'Rukmiṇī Biḻāsa'.

ହରିକେନ୍ ଲଣ୍ଟ[ଣ୍ଠ]ନ୍[ଣ]—ବୈଦେ. ବି—ହରିକାନ୍ ଲଣ୍ଟଣ୍ (ଦେଖ)
Hariken lanṭa(nṭha)n(ṇa) Harikān lanṭaṇ (See)
(ହରିକେନ୍ ଲନ[ଲ]ଟଣ୍[ନ୍]—ଅନ୍ୟରୂପ)

ହରିକେଲୀୟ—ସଂ. ବି—ବଙ୍ଗଦେଶ (ହେମଚନ୍ଦ୍ର)—Bengal. ବିଣ—
Harikeḻīya ବଙ୍ଗଦେଶୀୟ; ବଙ୍ଗୀୟ (ଶବ୍ଦ କଳ୍ପଦ୍ରୁମ)—
Belonging to Bengal; Bengalee.

ହରି କେଶ—ସଂ. ବି—୧ । ଶିବ (କଳ୍ପଦ୍ରୁମ)—1. Śiba. ୨। (ନାମ)
Hari keśa ଶିବଭକ୍ତ ଯକ୍ଷ ବିଶେଷ—2. Name of Jaksha devoted to Śiba. [ଦ୍ର—ଏ ଶିବଙ୍କ ବରରୁ ଦଣ୍ଡପାଣି, କ୍ଷେତ୍ରପାଳ ଓ ଗଣାଧ୍ୟକ୍ଷ ଅଧିକାରପ୍ରାପ୍ତ ହୋଇଥିଲେ । ମତ୍ସ୍ୟପୁରାଣ ।] ୩ । ସୂର୍ଯ୍ୟଙ୍କ ସାତ ପ୍ରଧାନ କଳା ମଧ୍ୟରୁ ଗୋଟିଏ (ବୈ· ଶ)—3. One of the seven Kaḻās of the sun. ୪ । (ନାମ) ଶ୍ୟାମକ ନାମକ ଯାଦବଙ୍କ ପୁତ୍ର—5. Name of a son of Syāmaka, a member of the Jadu race, ସଂ. ବିଣ. ପୁଂ (ବହୁବ୍ରୀହି)—କପିଶ କେଶବିଶିଷ୍ଟ (ବୈ. ଶ)—
[ହରିକେଶୀ—ସ୍ତ୍ରୀ. ବିଣ] Having brown hair.

ହରିକ୍ରାନ୍ତା—ସଂ· ବି—ବିଷ୍ଣୁକ୍ରାନ୍ତା (ରାଜନିର୍ଘଣ୍ଟ) (ଦେଖ)
Harikrāntā Bishṇukrāntā (See).

ହରି କ୍ଷେତ୍ର—ସଂ ବି (ନାମ)—ହରିହରକ୍ଷେତ୍ର (ଦେଖ)
Hari kshetra Harihara kshetra (See).

ହରିଷ—ପ୍ରାଦେ [ଭିତଡ଼ହୃଷ୍ଟା] ବି—ହର୍ଷ; ଆନନ୍ଦ—
Harikba Joy; rejoicing.

ହରି ଗନ୍ଧ—ସଂ. ବି—ହଳଦିଆ ଚନ୍ଦନ [ହ୍ରି. ଶ]
Hari gandha Yellow sandal.

ହରି ଗୁଣ—ସଂ. ବି—୧। ହରିଙ୍କର ଗୁଣ—1. The attributes of
Hari guṇa Hari. ୨। ହରିନାମ ସଙ୍କୀର୍ତ୍ତନ—2.Chanting
ହରଣ ଗୁଣନ of the name of Hari. ଦେ· ବି—[ଗଣିତ] ହରଣ
ଗୁଣନ ଭାଗ ଓ ଗୁଣନ—(Mathematics) Division and
multiplication. [ଭି—ଖଡ଼ିପାଠ, ନିଶାଣ ଫେଡ଼ାଣ
ହରିଗୁଣ ଛଡ଼ାଇ ରସପୋଥି ଧରିଛି । ଫକୀରମୋହନ,
ଗଳ୍ପସ୍ୱଳ୍ପ ।]

ହରିଗୁଣ ପୋଥି—ଦେ. ବି—ଯେଉଁ ବିଷୟକୁ ମନୁଷ୍ୟ ସର୍ବଦା ସ୍ମରଣ
Hariguṇa pothi କରେ ବା ଝୁରେ—Anything which
is remembered or cherished by a person or
after which a person pines.

ହରିଗୁଣ ପୋଥି କରିବା—ଦେ· କ୍ରି—କୌଣସି ବିଷୟକୁ ସର୍ବଦା ସ୍ମରଣ
Hariguṇa pothi kariba କରିବା ବା ଝୁରିବା—To
cherish the memory of anything. [ଯଥା—
ସାଆନ୍ତେ ମୋତେ ଯେଉଁ ଅନୁଗ୍ରହ ଦେଖାଇଥିଲେ ମୁଁ
ସେହି କଥାକୁ ହରିଗୁଣ ପୋଥି କରିଛି ।)

ହରି ଗୃହ—ସଂ· ବି [୬ଷ୍ଠୀ ତତ୍]—୧ । ବିଷ୍ଣୁମନ୍ଦିର; ହରିମନ୍ଦିର—
Hari gṛuba 1. A temple of Bishṇu. ୨ । ମହା-
ଭାରତୋକ୍ତ ନଗର ବିଶେଷ; ଏକଚକ୍ର; ଶ୍ରୀମୂପୁରୀ—
2. Name of a town in ancient India.

ହରି ଗୋବିନ୍ଦ—ହରିଙ୍କର ଦୁଇଟି ନାମ—Two names of Hari
Hari gobinda ଦେ. ବି, ପୁଂ—ଲୋକଙ୍କ ନାମ—
A name given to males.

ହରିଚନ୍ଦନ—ସଂ. ବି—୧ । ପୀତଚନ୍ଦନ (ଦେଖ)—1. Pita
Harichandana chandana (See)
୨। ଦେବତରୁ ବିଶେଷ—2, Name of a tree of
heaven. ୩। ଜ୍ୟୋସ୍ନା—3. The moon's rays,
୪ । ପଦ୍ମକେଶର (ଦେଖ)—5 Padmakeśara
(See). ୫ । ଗୋଶୀର୍ଷ (ଦେଖ)—5. Gośirsha
(See) ୬। କୁଙ୍କୁମ—6. Saffron. ଦେ. ବି—
୧। କ୍ଷତ୍ରିୟ ଓ ରାଜାମାନଙ୍କର ବଂଶୋପାଧିବିଶେଷ—
1. A family title of Kshatriyas and
Rājās. (ଭି—ହରିଚନ୍ଦନଙ୍କୁ ରେ ରାମା; ହରିଚନ୍ଦନଙ୍କୁ
ଦେନ ଯଥା ବସନ୍ତରେ ହରିଚନ୍ଦନକୁ—କବିସୂର୍ଯ୍ୟ ସଙ୍ଗୀତ
୨। ତାଳଚେର ରାଜାଙ୍କ ବଂଶୋପାଧି—2. The family-
title of the Rājās of the Talcher State
of Orissa.

[ଦ୍ର—ତାଳଚେର ରାଜ୍ୟ ଓଡ଼ିଶା ଗଡ଼ଜାତର ଗୋଟିଏ
ପ୍ରଧାନ ରାଜ୍ୟ । ଏହାର କ୍ଷେତ୍ରଫଳ ୩୯୯ ବର୍ଗମାଇଲ୍ ।
ଅଯୋଧ୍ୟାର ସୂର୍ଯ୍ୟବଂଶୀୟ ରାଜା ରାମଚନ୍ଦ୍ରଙ୍କ ପୁତ୍ର କୁଶଙ୍କ
ବଂଶୋଦ୍ଭବ କାଶ୍ୟପଗୋତ୍ରୀୟ ରାଜା ଶକ୍ତସେନ ସିଂହ ଭ୍ରାତୃ-
ବିବାଦ ଫଳରେ ଯୋଧପୁରରୁ ଆସି ଜୟପୁରରେ ବିବାହ
କରି ସେଠାରେ ଗୋଟିଏ କ୍ଷୁଦ୍ର ରାଜ୍ୟରେ ରାଜତ୍ୱ କରୁ-
ଥିଲେ । ତାଙ୍କର ଜଣେ ଭାଇ ମାରୁଆଡ଼ରେ, ଜଣେ
ଉଦେପୁରରେ ଓ ଜଣେ ଭାଇ ଚିତୋରରେ ରାଜତ୍ୱ କରୁ
ଥିଲେ । ଶକ୍ତସେନଙ୍କ ପୁତ୍ର କାଳୀୟ ଅର୍ଜୁନ ସିଂହ ପିତୃ-
ରାଜ୍ୟରେ ରାଜତ୍ୱ କଲେ । ଅର୍ଜୁନସିଂହଙ୍କ ମୃତ୍ୟୁପରେ ତାଙ୍କ
ଜ୍ୟେଷ୍ଠପୁତ୍ର କୁଶଳ ସିଂହ ସେଠାର ରାଜା ହେଲେ ଓ
ନରହରି ସିଂହ ଆଦି ଅନ୍ୟ ୪ ପୁତ୍ର ଜୟପୁର ପରିତ୍ୟାଗ କରି
୧୪୭୧ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ଦର୍ଶନାର୍ଥ ଉତ୍କଳକୁ ଆସି-
ଥିଲେ । ସେ ସମୟରେ ଉତ୍କଳରେ ରାଜତ୍ୱ କରୁଥିବା ଗଜ-
ପତି ରାଜା କପିଳେନ୍ଦ୍ର ଦେବ ଏମାନଙ୍କ ପ୍ରତି ଅସଦ୍ବ୍ୟବହାର
କରିବାର ସମ୍ବାଦ ଶୀଘ୍ର ପାଇ ନରହରି ସିଂହ ଓ ଆଉ
ଏକ ଭାଇ ବିଜୟ ସିଂହ ପୁରୀ ଛାଡ଼ି ଚାଲିଗଲେ ଏବଂ
ଆପଣାକୁ ଭୀମ ନଗରୀର ରାଜା ଘୋଷଣା କଲେ ।
ଭୀମ ନଗରୀଦଣ୍ଡପାଟ ବ୍ରାହ୍ମଣୀ ନଦୀ କୂଳରେ । ଏହି ଭୀମ-
ନଗରୀରେ ଗଜପତି ଅନଙ୍ଗ ଭୀମଦେବ କେତେକ ଦୈବ
କ୍ରିୟା ସମ୍ପାଦନ ଉଦ୍ଦେଶ୍ୟରେ କିଛି କାଳ ଅବସ୍ଥାନ
କରିଥିଲେ । ଗଜପତିଙ୍କର କଳ୍ପିତ ଅସଦ୍ ବ୍ୟବହାରର
ପ୍ରତିଶୋଧନେବାପାଇଁ ନରହରି ସିଂହ ପୁରୀରୁ ଚାଲିଆସି ଭୀମ
ନଗରୀ ଅଧିକାର କରି ସେଠାରେ ନିଜର ରାଜପଣ ସ୍ଥାପନ
କରିଥିଲେ ସେହିଦିନଠୁ ସେ ତଥା ତାଙ୍କର ବଂଶଧରମାନେ
ଗଜପତିଙ୍କର ବଶ୍ୟତା ସ୍ୱୀକାର ନ କରି ଆପଣା ବଂଶର ଅଖଣ୍ଡ
ସ୍ୱାଧୀନତା ରକ୍ଷା କରି ଭୀମ ନଗରୀର ସ୍ୱାଧୀନ ରାଜାରୂପେ
ରାଜତ୍ୱ କରୁଥିଲେ ।

କିନ୍ତୁ ତାଳଚେର ରାଜବଂଶର ଆଦିମ ନୃପତି ଏହି
ନରହରି ସିଂହଙ୍କ ପୁତ୍ର ଉଦେକର୍ଣ୍ଣ ସିଂହଙ୍କ ସମୟରୁ ତାଳ-
ଚେରାଧିପତିମାନେ 'ହରିଚନ୍ଦନ' ଉପାଧି ବ୍ୟବହାର କରି
ଆସୁ ଅଛନ୍ତି । ଉତ୍କଳ ସମ୍ରାଟ୍ ଗଜପତି କପିଳେନ୍ଦ୍ର ଦେବ
ଦାକ୍ଷିଣାତ୍ୟରେ ବାହ୍ମାନୀ ନରପତିମାନଙ୍କ ସହିତ ଯୁଦ୍ଧରେ
ବ୍ୟାପୃତ ଥିବା ସମୟରେ ରାଜା ଉଦେକର୍ଣ୍ଣ ସିଂହ ସ୍ୱେଚ୍ଛାକ୍ରମେ
ତାଙ୍କ ସହ ଯୋଗ ଦେଇ ଅସୀମ ସାହସ ଓ ରଣକୌଶଳ
ଦେଖାଇଥିଲେ ଏବଂ ଅପଣାଙ୍କୁ ସାହବର ହରିଚନ୍ଦନ ବୋଲି
ପରିଚୟ ଦେଉଥିଲେ ।

ଏ ଜଣେ ପରାକ୍ରମଶାଳୀ ନରପତି ଥିଲେ । ଏହାଙ୍କ
ସମୟରେ ତାଳଚେର ଭୀମ ନଗରୀ ବୋଲି ପରିଚିତ ଥିଲା ।
ଭୀମ ନଗରୀରେ ଅବସ୍ଥିତ ହୃଦଗଡ଼ ନାମକ ଜମିଦାରର
ବୃଦ୍ଧୀଶ୍ୱର ସଦାଶିବ ସାମନ୍ତରାୟ ଏହାଙ୍କ ବିରୁଦ୍ଧରେ
ବିଦ୍ରୋହପତାକା ଉତ୍ତୋଳନ କରିବାରୁ ଏ ତାହାଙ୍କୁ ପରାଜିତ
କରି ତାଙ୍କ ବଂଶର ଚିରନ୍ତନ "ସାମନ୍ତରାୟ" ଉପାଧି ସ୍ୱୟଂ
ଗ୍ରହଣ କଲେ

ଭୀମ ନଗରୀସ୍ଥ ପରଜଙ୍ଗର ସର୍ଦ୍ଦାରଙ୍କୁ ମଧ୍ୟ ଏହିପରି
ପରାଭୂତ କରି ରାଜା ଉଦେକର୍ଣ୍ଣ ସିଂହ ଉକ୍ତ ସର୍ଦ୍ଦାର ବଂଶର

ଚରନ୍ଦନ "ସାଽଥାଙ୍ଗା ଦଳେର ମହାପାତ୍ର" ଉପାଧି ସ୍ୱୟଂ ଗ୍ରହଣ କରିଥିଲେ । ରାଜା ଉଦେକର୍ଣ୍ଣ ସିଂହ ୧୪୮୦ ଖ୍ରୀଷ୍ଟାବ୍ଦରୁ ୧୫୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ଏହାଙ୍କ ପରେ ଏହାଙ୍କ ଜ୍ୟେଷ୍ଠପୁତ୍ର ଗୋବିନ୍ଦ ଚରଣ ପିତାଙ୍କ ଉପାଧିମାନ ଧାରଣ କରି ୧୫୨୦ ଖ୍ରୀଷ୍ଟାବ୍ଦରେ ରାଜ-ସିଂହାସନ ଆରୋହଣ କରିଥିଲେ । ଏ ଶ୍ରୀ ଚୈତନ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବ ଧର୍ମ ଗ୍ରହଣ କରି ନିଜ ରାଜ୍ୟର ପ୍ରଜାଙ୍କୁ ଏହି ଧାରାରେ ଦୀକ୍ଷିତ କରାଇଥିଲେ । ୪୭ ବର୍ଷ ବୟସରେ ୧୫୨୭ ଅବ୍ଦରେ ଏ ପରଲୋକ ଗମନ କଲେ ।

ରାଜା ଗୋବିନ୍ଦ ଚରଣଙ୍କ ପରେ ରାଜା ମୁକୁନ୍ଦରାଜ "ବୀରବର ହରିଚନ୍ଦନ" ଉପାଧି ଧାରଣ କରି ସିଂହାସନାରୋହଣ କଲେ । ଏହାଙ୍କ ସୁଶାସନରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ । କିନ୍ତୁ ୧୫୨୭ରୁ ୧୫୩୪ ଯାଏ ୭ବର୍ଷ ମାତ୍ର ଏହାଙ୍କ ରାଜତ୍ୱ ସ୍ଥାୟୀ ହୋଇଥିଲା ।

ଏହାଙ୍କ ପରେ ମନାଇ ବୀରବର ହରିଚନ୍ଦନ ୧୫୩୪ ଖ୍ରୀଷ୍ଟାବ୍ଦରୁ ୧୫୪୨ ଖ୍ରୀଷ୍ଟାବ୍ଦ ଯାଏ ୮ ବର୍ଷ ରାଜତ୍ୱ କରିଥିଲେ । ଏହାଙ୍କ ସମୟରେ ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ର ଦେବ ଗଜପତିଙ୍କ ବଂଶ ପୁଅଙ୍କୁ ମାରି ଓଡ଼ିଶା ସିଂହାସନ ଅଧିକାର କରିବାରୁ ଓଡ଼ିଶାରେ ପ୍ରବଳ ଅଶାନ୍ତି ଓ ଅରାଜକତା ଘୋଟିଥିଲା ।

ରାଜା ମନାଇଙ୍କ ପରେ ତାଙ୍କ ପିତୃବ୍ୟ ଗୋବିନ୍ଦଚନ୍ଦ୍ର ତାଳଚେର ସିଂହାସନ ଅଧିକାର କଲେ । ଏ ଜଣେ ଦକ୍ଷ ରାଜା ଥିଲେ । ୧୫୫୨ ଅବ୍ଦରେ ତାଳଚେରକୁ ଶୋକ-ସାଗରରେ ଭସାଇ ଦେଇ ଗୋବିନ୍ଦଚନ୍ଦ୍ର ସ୍ୱର୍ଗାରୋହଣ କଲେ ।

ଏହାଙ୍କ ପରେ ଏହାଙ୍କ ପୁତ୍ର ବନମାଳୀ ଶ୍ରୀଚନ୍ଦନ ବୀରବର ହରିଚନ୍ଦନ ଉପାଧି ଧାରଣ କରି ୧୫୫୨ ଅବ୍ଦରେ ସିଂହାସନାରୋହଣ କଲେ । ଭୀମ ନଗରୀ ରାଜବଂଶୀୟମାନଙ୍କର ପୁରୀର ଗଜପତିମାନଙ୍କ ସହିତ ମିତ୍ରତାର ଅଭାବ ନ ଥିଲେହେଁ ଏମାନେ ଗଜପତିଙ୍କର ସାମନ୍ତ ରାଜାସ୍ୱରୂପେ ରହି ବଶ୍ୟତା ସ୍ୱୀକାର କରିବାକୁ କୁଣ୍ଠିତ ଥିଲେ । ଏଣୁ ଓଡ଼ିଶା ଗଜପତିମାନଙ୍କ ସହିତ ଏମାନଙ୍କର ସୌହାର୍ଦ୍ଦ୍ୟ ନ ଥିଲା । ଏହି ସୁଯୋଗ ପାଇ ଢେଙ୍କାନାଳର ରାଜା ହରି ବିଦ୍ୟାଧର ଓଡ଼ିଶା ଗଜପତିଙ୍କର ସାହାଯ୍ୟରେ ଭୀମ ନଗରୀ ଗଡ଼ ଓ କେତେକାଂଶ ଆପଣାର ଅଧିକାର ଭୁକ୍ତ କରିଥିଲେ । ତେଣୁ ବନମାଳୀ ସୁବଳୟା ଗଡ଼ ଛାଡ଼ି ଗାଁଅପୁରଠାରେ ଗଡ଼ ବାନ୍ଧି ରାଜତ୍ୱ କଲେ । ଏ ୧୫୫୬ ଅବ୍ଦରେ ପରଲୋକ ଗମନ କରିଥିଲେ ।

ରାଜା ବନମାଳୀ ଶ୍ରୀଚନ୍ଦନ ବୀରବର ହରିଚନ୍ଦନଙ୍କ ପରେ ତାଙ୍କ ପୁତ୍ର ହରିହର ବା ହରିରୁଦ୍ର ବୀରବର ହରିଚନ୍ଦନ ୧୫୫୬ ରୁ ୧୫୭୫ ଅବ୍ଦ ଯାଏଁ ରାଜତ୍ୱ କରିଥିଲେ । ଜଗବନ୍ଧୁ ସରଦାର ନାମକ ଏହାଙ୍କର ଜଣେ ଅମାତ୍ୟ ବିଶ୍ୱାସଘାତକତା କରି ଢେଙ୍କାନାଳର ରାଜା ହରି ବିଦ୍ୟାଧରଙ୍କ ହାତରେ ଏହାଙ୍କ ଜ୍ୟେଷ୍ଠ ପୁତ୍ରଙ୍କୁ ଧରାଇ ଦେବାରୁ ଉକ୍ତ ଜ୍ୟେଷ୍ଠପୁତ୍ର ଅସୁମାରି ହେଲେ । ହରିହର ପୁତ୍ରଶୋକରେ ବିହ୍ୱଳ ହୋଇ ରାଜ୍ୟଭାର ଯୁବକ ପୌତ୍ର ପଦ୍ମନାଭଙ୍କ ହସ୍ତରେ ସମର୍ପଣ କରି ବାନପ୍ରସ୍ଥ ଅବଲମ୍ବନ କଲେ ।

ରାଜା ପଦ୍ମନାଭ ବୀରବର ହରିଚନ୍ଦନଙ୍କ ରାଜତ୍ୱକାଳ ୧୫୭୫ ରୁ ୧୫୯୮ ଅବ୍ଦ ପର୍ଯ୍ୟନ୍ତ ଥିଲା । ଏ ଆଧୁନିକ ତାଳଚେର ରାଜ୍ୟର ପ୍ରକୃତ ସ୍ଥାପୟିତା । ତାଳଚେର ରାଜ୍ୟର ନାମ ଏହାଙ୍କ ଅମଳରେହିଁ ପ୍ରବର୍ତ୍ତିତ ହୋଇଥିଲା । ଏ ଢେଙ୍କାନାଳ ରାଜା ହରି ବିଦ୍ୟାଧରଙ୍କ ଠାରୁ ତାଳଚେରର ଅପହୃତ ଅଂଶମାନ ଛଡ଼ାଇ ଆଣିବାକୁ ବାରମ୍ବାର ଯୁଦ୍ଧ କରି-ଥିଲେ । ମାତ୍ର ଢେଙ୍କାନାଳର ବଳ ଗଜପତିଙ୍କ ଦ୍ୱାରା ସର୍ବଦା ପୁଷ୍ଟ ଥିବାରୁ ଅବଶେଷରେ ସେ ବାଧ୍ୟ ହୋଇ ଯୁଦ୍ଧରୁ କ୍ଷାନ୍ତ ହୋଇଥିଲେ ।

ଏହାଙ୍କ ସମୟରେ ରେମୁଆଁର ଖଣ୍ଡୁଅଲ ଓ ଗୋପାଳ ପ୍ରସାଦ ଗଡ଼ର ନଳ ଜମିଦାର, ଏ ଦୁହେଁ ପାଞ୍ଚ ପାଞ୍ଚ କୋଶ, ଏପରି ଦଶ କୋଶ ଭୂମିର ଜମିଦାର ଥିଲେ । ରାଜା ପଦ୍ମନାଭ ହନେ ଶିକାର ଉଦ୍ଦେଶ୍ୟରେ ବହିର୍ଗତ ହୋଇ-ଥିଲେ । ବର୍ତ୍ତମାନ ଯେଉଁଠାରେ ତାଳଚେର ଗଡ଼ ନିର୍ମିତ ହୋଇଅଛି, ସେଠାରେ ତାଙ୍କ କୁକୁରକୁ ଗୋଟାଏ ଠେକୁଆ ମାଡ଼ ବସିବା ଦେଖି ସେ ସେ ସ୍ଥାନକୁ ବୀରଭୂମି ମନେ କରି ସେଠାରେ ରାଜଧାନୀ ବସାଇବାକୁ ଇଚ୍ଛୁକ ହେଲେ, କିନ୍ତୁ ପ୍ରୋକ୍ତ ଜମିଦାର ଦ୍ୱୟ ମିଳିତ ହୋଇ ପଦ୍ମନାଭଙ୍କୁ ପ୍ରତିହତ କଲେ । ରାଜା ପଦ୍ମନାଭ ସେମାନଙ୍କ ଦ୍ୱାରା ଉପର୍ଯ୍ୟୁପରି ଦୁଇ ବାର ପରାଭୂତ ହେଲା ପରେ ଶ୍ରୀ ହିଙ୍ଗୁଳାଦେବୀ ତାଙ୍କୁ ସ୍ୱପ୍ନାଦେଶ ଦେଲେ ଯେ, ସେ ଯଦି ସେଠାର ସ୍ଥାନାଧିପ କୈବର୍ତ୍ତକୁ ଆଣି ତାଙ୍କ ଆଗରେ ବଳି ଦେବେ ତେବେ ଯୁଦ୍ଧରେ ତାଙ୍କର ଜୟ ହେବ । ରାଜା ପଦ୍ମନାଭ ତାହା କଲେ ଏବଂ ଶ୍ରୀ ହିଙ୍ଗୁଳାଙ୍କ ପ୍ରସାଦରୁ ଖଣ୍ଡୁଅଲ ବଂଶ ବିଲୁପ୍ତ ହେଲା । ଶ୍ରୀ ହିଙ୍ଗୁଳା ଠାକୁରାଣୀ ମହାବଳ ବ୍ୟାଘ୍ରରୂପରେ ଓ କେନ୍ଦୁଅରୂପରେ ଯୁଦ୍ଧରେ ଯୋଗଦେଇ ଖଣ୍ଡୁଅଲସୈନ୍ୟଙ୍କୁ ପଦା କରିଥିବାରୁ ସେହି ସମୟରୁ ବ୍ୟାଘ୍ରମୁଣ୍ଡ ତାଳଚେର ରାଜବଂଶର ସନ୍ତକ ହୋଇ ଆସିଅଛି ।

ତାଙ୍କ ସମୟରେ ତାଳଚେର ରାଜ୍ୟର ଉତ୍ତର ସୀମା ବାମଣ୍ଡା ରାଜ୍ୟର ଗଙ୍ଗାନଦୀ, ପୂର୍ବସୀମା ଢେଙ୍କାନାଳର ଅଲୋଉମା, ଦକ୍ଷିଣସୀମା କମଲଙ୍ଗ ଓ ଅନୁଗୁଳ ଏବଂ ପଶ୍ଚିମସୀମା ସିନ୍ଦୁରପାଳ ଥିଲା । ତଦାନୀନ୍ତନ ଲୋକମାନେ ଏହି ସୀମାନ୍ତର୍ଗତ ରାଜ୍ୟକୁ ଛତିଶିକୋଶ ମୁଲକ ବୋଲି କହୁଥିଲେ ।

ସୁବଳୟା ଗଡ଼ଠାରୁ ବାହାରି ଆସିବା ଦିନଠାରୁ ରାଜାଙ୍କ ରାଜଧାନୀର 'ଡେରା' କୌଣସି ସ୍ଥାନରେ ସ୍ଥିର ନ ଥିଲା । ଶ୍ରୀ ତାଳେଶ୍ୱରଙ୍କୁ ତାଳ ଡୋଠ ନାମକ ସ୍ଥାନରେ ପୂଜା କରି ଏ ରାଜ୍ୟ ଲାଭହେବାରୁ ଓ ତାଳଡୋଠରେ ରାଜଧାନୀର

'ଚେର' ଲାଗିବାରୁ ଏହି ସ୍ମୃତ୍ୟର୍ଥରେ ରାଜା ପଦ୍ମନାଭ ରାଜ୍ୟର 'ତାଳଚେର' ନାମକରଣ କଲେ । ୧୫୭୮ ଅବ୍ଦରୁ ଏହି ନାମ ପ୍ରବର୍ତ୍ତିତ ହୋଇଅଛି ।

ରାଜା ପଦ୍ମନାଭ ଧର୍ମପ୍ରାଣ ଓ ପ୍ରଜାମାନଙ୍କ ହିତୈଷୀ ନରପତି ଥିଲେ । ଏ ଗଡ଼ରେ ଜଗନ୍ନାଥ ମନ୍ଦିର ସ୍ଥାପନ କରି ତହିଁରେ ସେବା ପୂଜା ଶୃଙ୍ଖଳା କରିଥିଲେ ଓ ପିତାମହ ହରିହରଙ୍କ ନାମାନୁସାରେ ହରିହରପୁର ବ୍ରାହ୍ମଣ ଶାସନ ବସାଇଥିଲେ ।

ରାଜା ପଦ୍ମନାଭ ସସ୍ତ୍ରୀକ ଅଭିଷେକ ହେବା ପ୍ରଥା ପ୍ରବର୍ତ୍ତିତ କରି ତହିଁର ନାମ ପାଟପୂଜା ରଖିଲେ ଏବଂ ଦଶହରା ଦିନ 'ସନାରମ୍ଭ' ବା ଅଙ୍କକାଟା ପ୍ରଥା ଆରମ୍ଭ କଲେ । ସେ ୨୦ ବର୍ଷକାଳ ରାଜତ୍ୱ କରି ୧୫୯୮ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ ।

ରାଜା ପଦ୍ମନାଭଙ୍କ ପରେ ରାଜା ଚକ୍ରଧର ବୀରବର ହରିଚନ୍ଦନ ୧୫୯୮ ଖ୍ରୀଷ୍ଟାବ୍ଦରୁ ୧୬୫୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୫୩ ବର୍ଷକାଳ ରାଜତ୍ୱ କରିଥିଲେ । ଏ 'ପାଲ' ଜମିଦାର, ବନ୍ଧକୋଟ ଜମିଦାର ଓ ଅନ୍ୟାନ୍ୟ ଶବର ବୃତ୍ତୀଶ୍ୱର-ମାନଙ୍କୁ ପରାଭୂତ ଓ କରଗତ କରି ସେମାନଙ୍କଠାରୁ ବିଜିତ ରାଜ୍ୟଦ୍ୱାରା ତାଳଚେରର ସୀମାବୃଦ୍ଧି କରିଥିଲେ । ଏ ଅନେକ ବଡ଼ ଗ୍ରାମ ବସାଇ ବଡ଼ ବଡ଼ ପୁଷ୍କରିଣୀମାନ ଖୋଳାଇଥିଲେ ଓ ନାନା ସ୍ଥାନରୁ ବ୍ରାହ୍ମଣମାନଙ୍କୁ ଆଣାଇ ଚକ୍ରଧରପୁର ଆଦି ବ୍ରାହ୍ମଣ ଶାସନ ବସାଇ ଥିଲେ ।

ରାଜା ଚକ୍ରଧରଙ୍କ ପରେ ରାଜା ଗୋପୀନାଥ ବୀରବର ହରିଚନ୍ଦନ ସିଂହାସନାରୋହଣ କଲେ । ଏ ୧୬୫୧ରୁ ୧୬୧୧ ଅବ୍ଦଯାଏ ୬୦ ବର୍ଷ ରାଜତ୍ୱ କରିଥିଲେ । ଏ ଜଣେ ପରମଧାର୍ମିକ ଆଦର୍ଶ ନରପତି ଥିଲେ ଏବଂ ତୀର୍ଥାଟନ କରି ବୃନ୍ଦାବନ ଧାମରୁ ଶ୍ରୀ ଗୋପୀନାଥ ଦେବଙ୍କ ମୂର୍ତ୍ତିଙ୍କୁ ଆଣି ଗଡ଼ରେ ସ୍ଥାପନ କରିଥିଲେ । ଗମ୍ଭୀରସାମନ୍ତ (ଯୁବରାଜ) ରାମଚନ୍ଦ୍ରଙ୍କର ଅପତ୍ୟ ନ ହେବା ଦେଖି ସେ ତାଙ୍କୁ ତିନୋଟି ବିବାହ କରାଇ ଦେଇଥିଲେ ।

ଏହାଙ୍କ ଅନ୍ତେ ଗମ୍ଭୀରସାମନ୍ତ ରାଜା ରାମଚନ୍ଦ୍ର ବୀରବର ହରିଚନ୍ଦନ ନାମ ଧାରଣ କରି ୧୭୧୧ ଅବ୍ଦରୁ ୧୭୨୯ ଅବ୍ଦଯାଏ ୧୮ ବର୍ଷକାଳ ରାଜତ୍ୱ କରିଥିଲେ । ଏ ଜଣେ ପରମ ଧାର୍ମିକ ପ୍ରଜାରଞ୍ଜନ ନରପତି ଥିବାରୁ ଲୋକେ ଏହାଙ୍କ ରାଜତ୍ୱକୁ ରାମରାଜ୍ୟ ଆଖ୍ୟା ପ୍ରଦାନ କରିଥିଲେ । ଏ ରାଜ୍ୟର ସୁଶାସନ ନିମନ୍ତେ ନାନା ସୁବ୍ୟବସ୍ଥା କରିଥିଲେ । ଏହାଙ୍କ ସମୟରେ ବାମଣ୍ଡା ରାଜ୍ୟ ସହିତ ଘୋର ଯୁଦ୍ଧ ହୋଇ ଶେଷରେ ଅନୁଗୋଳର ଓ ଢେଙ୍କାନାଳର ରାଜାମାନଙ୍କ ମଧ୍ୟସ୍ଥତାରେ ଉଭୟ ରାଜ୍ୟ ମଧ୍ୟରେ ଶାନ୍ତି ସ୍ଥାପିତ ହୋଇ-ଥିଲା । ରାଜା ରାମଚନ୍ଦ୍ର ରାମଚନ୍ଦ୍ରପୁର ଶାସନ ବସାଇବା ଛଡ଼ା ବ୍ରାହ୍ମଣମାନଙ୍କୁ ଅନେକ ଭୂମି ଦାନ କରିଥିଲେ ଓ ନଅର ଆଗରେ ମନ୍ଦିର ତୋଳି ତହିଁରେ ରାମଚନ୍ଦ୍ର ଠାକୁରଙ୍କୁ ସ୍ଥାପନା କରିଥିଲେ ।

ରାଜା ରାମଚନ୍ଦ୍ର ଅପତ୍ୟହୀନ ଅବସ୍ଥାରେ ପ୍ରାଣତ୍ୟାଗ କରିବାରୁ ସାନ ସାମନ୍ତ ପୀତାମ୍ବର ବୀରବର ହରିଚନ୍ଦନ ୧୭୨୯ ଅବ୍ଦରେ ତାଳଚେର ସିଂହାସନାରୋହଣ କଲେ । ଏହାଙ୍କ କନିଷ୍ଠ ଭ୍ରାତା ମାନସିଂହ ରାଜ୍ୟଶାସନ ଓ ଶତ୍ରୁଦମନ ବିଷୟରେ ଏହାଙ୍କ ଦକ୍ଷିଣହସ୍ତସ୍ୱରୂପ ଥିଲେ । ଏହାଙ୍କ ବୀରତ୍ୱ ଏବଂ ରଣକୌଶଳରେ ମୁଗ୍ଧ ହୋଇ ଗଜପତି ଏହାଙ୍କ ସହିତ ମିତ୍ରତା ସ୍ୱୀକାର କରି ଏହାଙ୍କୁ ନିଜ ଦରବାରରେ ପ୍ରଥମ ଆସନ ଦେଇଥିଲେ । ରାଜା ମାନସିଂହ ୧୭୪୯ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ ।

ରାଜା ପୀତାମ୍ବରଙ୍କ ପରେ ତାଙ୍କ ପୁତ୍ର ଲାଲସିଂହ ବୀରବର ହରିଚନ୍ଦନ ପଦ ଧାରଣ କରି ରାଜଗାଦିରେ ବସିଲେ । ରାଜା ରାମଚନ୍ଦ୍ରଙ୍କ କନିଷ୍ଠା ପତ୍ନୀଙ୍କ ଗର୍ଭରେ 'ନରୋତ୍ତମ' ନାମରେ ଜଣେ ପୁତ୍ର ଜନ୍ମଗ୍ରହଣ କରିଥିଲେ । ନ୍ୟାୟତଃ ପୀତାମ୍ବରଙ୍କ ପରେ ଏ ସିଂହାସନର ଅଧିକାରୀ ହୋଇଥାଆନ୍ତେ ଓ ଲାଲସିଂହ ଏହାଙ୍କର ପ୍ରତିନିଧି-ରୂପେ ରାଜ୍ୟଶାସନ କରିଥାଆନ୍ତେ । କିନ୍ତୁ ଲାଲସିଂହ ସ୍ୱାର୍ଥପର ହୋଇ ନରୋତ୍ତମଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କଲେ । ନରୋତ୍ତମଙ୍କ ମାତା ଓ ବିମାତା ଅନୁଗୋଳ ରାଜାଙ୍କ କନ୍ୟା ଥିଲେ । ସେ ଦୁହେଁ ଯଉତୁକ ରୂପେ ପାଇଥିବା କାଲୁଡ଼ିଆ ଓ ଗୁଙ୍ଗୁଡ଼ିଆ ଗ୍ରାମକୁ ଯାଇ ସେଠାରେ ନରୋତ୍ତମଙ୍କୁ ନେଇ ବାସ କଲେ । ଲାଲ ସିଂହଙ୍କ ସମୟରେ ମରହଟ୍ଟାମାନେ ତାଳଚେର ଉପରେ ବାର୍ଷିକ ଦୁଇ ହଜାର ଟଙ୍କା ପେସକସ ଧାର୍ଯ୍ୟ କରିଥିଲେ । ମାତ୍ର ତାଳଚେର ରାଜକୋଷରୁ ମରହଟ୍ଟାମାନେ କେବେ ପେସକସ ନେବାକୁ କ୍ଷମ ହୋଇ ନ ଥିଲେ । ରାଜା ଲାଲସିଂହ ମରହଟ୍ଟାମାନଙ୍କୁ ପରାଜିତ କରି ତାଳଚେର ରାଜ୍ୟର ସୀମାରେ ଗୋଟିଏ ଠେଙ୍ଗା ପୋତି ଦେଇଥିଲେ —ଏହି ସ୍ଥାନ ଆଜି ସୁଦ୍ଧା ଲାଲ ଠେଙ୍ଗା ନାମରେ ଅଭିହିତ । ମରହଟ୍ଟାମାନେ ଏହି ଲାଲ ଠେଙ୍ଗା ଡେଇଁ ଏ ରାଜ୍ୟରେ କେବେ ପଶି ପାରି ନ ଥିଲେ । ଲାଲସିଂହଙ୍କ ଭାଇ ମାନସିଂହ ଢେଙ୍କାନାଳ ରାଜାଙ୍କୁ ଶୋଚନୀୟ ଭାବରେ ପରାଜିତ କରିଥିଲେ । କିନ୍ତୁ ୧୭୫୭ ଅବ୍ଦରେ ଲାଲ ସିଂହଙ୍କର ମୃତ୍ୟୁ ହେବାରୁ ତାଳଚେରର କେତେକ ଭୂଖଣ୍ଡ ଢେଙ୍କାନାଳ ରାଜା ଅକ୍ଳେଶରେ ଅଧିକାର କଲେ ।

ରାଜା ଲାଲସିଂହଙ୍କ ପରେ ତଦୀୟ ପୁତ୍ର ରାଜା କୃଷ୍ଣଚନ୍ଦ୍ର ବୀରବର ହରିଚନ୍ଦନ ୧୭୫୨ ଅବ୍ଦରୁ ୧୭୬୫ ଅବ୍ଦ ଯାଏ ରାଜତ୍ୱ କରିଥିଲେ । ସେ ଅତ୍ୟନ୍ତ ଗୌରବର୍ଣ୍ଣ ଥିବାରୁ ଲୋକେ ତାଙ୍କୁ 'କମଳୋଳ' ବୋଲି ଡାକୁଥିଲେ । ଏହାଙ୍କ ସମୟରେ ବାମଣ୍ଡା ରାଜ୍ୟ ସହିତ ତାଳଚେର ରାଜ୍ୟର ଘୋର ଯୁଦ୍ଧ ହୋଇ ପୁନଶ୍ଚ ଶାନ୍ତି ସ୍ଥାପିତ ହୋଇଥିଲା । ଏ ୧୭୬୫ ଅବ୍ଦରେ ପରଲୋକ ଗମନ କରିଥିଲେ ।

ରାଜା କୃଷ୍ଣଚନ୍ଦ୍ରଙ୍କ ପରେ ରାଜା ଚନ୍ଦ୍ରଶେଖର ବୀରବର ହରିଚନ୍ଦନ ୧୭୬୫ ରୁ ୧୭୬୬ ଯାଏଁ ଗୋଟିଏ ବର୍ଷ ମାତ୍ର ରାଜତ୍ୱ କରି ପ୍ରାଣତ୍ୟାଗ କଲେ ।

ଏହାଙ୍କ ପରେ ରାଜା ରାମଚନ୍ଦ୍ର ମାନସିଂହ ହରି ଚନ୍ଦନ ୧୭୭୪ ଅବ୍ଦ ଯାଏ ରାଜତ୍ୱ କଲେ । ଏହାଙ୍କ ସମୟରେ ତାଲଚେରରେ ବର୍ଗୀଙ୍କର ଦୁର୍ଦ୍ଦଶ ପଡ଼ିଥିଲା ଏବଂ ମରହଟ୍ଟା ଅତ୍ୟାଚାର ଘଟିଥିଲା ।

ରାଜା ରାମଚନ୍ଦ୍ର ଅପତ୍ୟହୀନ ଅବସ୍ଥାରେ ମୃତ ହେବାରୁ ତଦୀୟ ପିତୃବ୍ୟ ନିମାଇଁ ଚରଣ ଚମ୍ପତିସିଂହ ୧୭୭୪ ରୁ ୧୭୭୮ ଯାଏ ରାଜତ୍ୱ କରିଥିଲେ । ଏହାଙ୍କର ପୁତ୍ର ନ ଥିଲେ । ଏହାଙ୍କ ରାଣୀମାନଙ୍କ ମଧ୍ୟରୁ ସାବିତ୍ରୀ ଦେଈଙ୍କ ଗର୍ଭରୁ "ରାଜଦେଈ" ନାମ୍ନୀ ଗୋଟିଏ ମାତ୍ର କନ୍ୟା ଜନ୍ମଗ୍ରହଣ କରିଥିଲେ । ତେଣୁ ରାଜା ନିମାଇଁ ଚରଣଙ୍କ ମୃତ୍ୟୁ ପରେ ରାଜସିଂହାସନ ପାଇଁ ବିବାଦ ଜାତ ହେଲା । ବିଧବା ରାଣୀମାନେ ରାଜ ଦେଈଙ୍କୁ ଗାଦିରେ ବସାଇ ଜଣେ କେହି ରାଜପୁତ୍ରଙ୍କୁ ଘରଜ୍ୱାଇଁଅ କରିବାକୁ ବସିଲେ । କିନ୍ତୁ ଭାଇପୁଅମାନେ ଓ ଅନ୍ୟାନ୍ୟମାନେ ବିଦ୍ରୋହୀ ହେବାରୁ ଅପାତତଃ ତାହା ହୋଇ ପାରିଲା ନାହିଁ । ପରେ ପାତ୍ର ମନ୍ତ୍ରୀମାନେ ଭୃଙ୍ଗୁଡ଼ିଆ ଗ୍ରାମରୁ ଦୁଇ ପୁରୁଷ ଛଡ଼ା ସ୍ୱର୍ଗତ ରାମଚନ୍ଦ୍ରଙ୍କ ପୁତ୍ର ନରୋତ୍ତମ ବା ଖାରୁଙ୍କ ଶିଶୁପୁତ୍ର ଭାଗୀରଥୀଙ୍କୁ ଆଣି ତାଲଚେର ରାଜଗାଦିରେ ବସାଇଲେ । ଏହାଙ୍କ ଘଟନା-ବହୁଳ ରାଜତ୍ୱ ୧୭୭୮ ଅବ୍ଦରେ ଆରମ୍ଭ ହୋଇ ୬୮ ବର୍ଷ ପରେ ୧୮୪୬ ଅବ୍ଦରେ ଶେଷ ହୋଇଥିଲା । ସିଂହାସନରେ ବସିବା ବେଳକୁ ଏହାଙ୍କର ମୋଟେ ୭ ବର୍ଷ ବୟସ ହୋଇଥିଲା । ରାଣୀ ସାବିତ୍ରୀଦେଈ ଏହାଙ୍କ ପ୍ରତି କପଟାଚରଣ କରି ଏହାଙ୍କୁ ମାରି ପକାଇବେ ବୋଲି ବହୁତ ଯତ୍ନ କରିଥିଲେ । ଶେଷରେ ତାଙ୍କ ଚକ୍ରାନ୍ତରେ ଶିଶୁ ଭାଗୀରଥୀଙ୍କୁ ଢେଙ୍କାନାଳରାଜା ତ୍ରିଲୋଚନ ମହେନ୍ଦ୍ର ବାହାଦୁର ତାଲଚେରରୁ ଗେରାଇ ନେଇଗଲେ ଓ ତାଲଚେର ଗାଦି ବହୁ କାଳ ଯାଏଁ ଶୂନ୍ୟ ହେଲା । ଶେଷରେ ଲୋକନାଥ ପାଠଯୋଶୀ ନାମକ ରାଜପୁରୋହିତ ଓଡ଼ିଶାର ମରହଟ୍ଟା ଶାସନକର୍ତ୍ତା ରାଜାରାମ ପଣ୍ଡିତଙ୍କୁ ନିଜର ବିଦ୍ୱତ୍ତା ଓ ଧର୍ମ-ପ୍ରାଣତାରେ ମୁଗ୍ଧ କରି ତାଙ୍କର ସାହାଯ୍ୟରେ ଶିଶୁ ଭାଗୀରଥୀଙ୍କୁ ଢେଙ୍କାନାଳରୁ ମୁକ୍ତ କରି ଆଣି ପୁଣି ତାଲଚେର ଗାଦିକୁ ପୂର୍ଣ୍ଣ କଲେ । ସେତେବେଳକୁ ରାଜା ଭାଗୀରଥୀଙ୍କୁ ୯ ବର୍ଷ ମାତ୍ର ବୟସ । ରାଜଗୁରୁ ବିଦ୍ୱେଶ୍ୱର ମନ୍ତ୍ରୀ ହୋଇ ସୁଶୃଙ୍ଖଳରୂପେ ରାଜ୍ୟ ଚାଳନ କଲେ ଓ ରାଜା ଭାଗୀରଥୀଙ୍କୁ ୧୯ ବର୍ଷ ହେଲାଯାଏ ରାଜଗୁରୁ ରାଜ୍ୟରେ ସର୍ବେସର୍ବା ଥିଲେ ।

ଭାଗୀରଥୀ ୧୯ ବର୍ଷ ପରେ ସାବାଳକ ହୋଇ ରାଜ୍ୟଭାର ଗ୍ରହଣ କଲେ ।

ରାଜା ଭଗୀରଥୀ ଉପର୍ଯ୍ୟୁପରି ଛଅ ଗୋଟି ରାଣୀ ବିବାହ କରିଥିଲେ ମଧ୍ୟ ବହୁକାଳ ଯାଏଁ ତାଙ୍କର ଉତ୍ତରାଧିକାରୀ ଜାତ ହେଲେ ନାହିଁ ।

ରାଜା ଭାଗୀରଥୀ ଜଣେ ସୁଶାସକ ନରପତି ଥିଲେ । ସେ ପାଞ୍ଚ ମନ୍ତ୍ରୀ ସର୍ଦ୍ଦାର ପ୍ରଭୃତି ଆଠଜଣ ଉଚ୍ଚ ରାଜ କର୍ମଚାରୀ ନିଯୁକ୍ତ କରି ସେମାନଙ୍କୁ "ଅଷ୍ଟକୌଶଲ୍ୟ" (The council of eight) ନାମରେ ଅଭିହିତ କରୁଥିଲେ ।

ଏହାଙ୍କ ଜ୍ୟେଷ୍ଠାରାଣୀ ମୃତ୍ୟୁମୁଖରେ ପଡ଼ିବାରୁ ଏ ବଡ଼ ଶୋକାକୁଳ ହୋଇ ପଡ଼ିଥିଲେ । ଅପର ଦୁଇ ରାଣୀଙ୍କୁ ଏ ସାମାନ୍ୟ ଦୋଷରେ କେତେ ବର୍ଷ ଯାଏ ନଅରରୁ ନିର୍ବାସିତ କରିଥିଲେ । ଶବରମାନେ ରାଣୀମାନଙ୍କୁ ନିଜର ମାଆ ଜ୍ଞାନ କରି ସେମାନଙ୍କୁ କେତେ ବର୍ଷ ପାଳିଲେ । ପରେ ପୁଣି କୋପୀ ରାଜା ଭାଗୀରଥୀ ସେମାନଙ୍କୁ ଗ୍ରହଣ କରିଥିଲେ ।

ଏହାଙ୍କ ସମୟରେ ଇଂରେଜ ରାଜତ୍ୱ ଆରମ୍ଭ ହେବାରୁ ଏ ଇଂରେଜ ସରକାରଙ୍କ ସଙ୍ଗେ ସନ୍ଧିରେ ବଦ୍ଧ ହେଲେ ଓ ଟ ୧୦୩୯୮୵୬ ଚଳନ୍ତିନ ପେଶକଶ ଦେବାକୁ ସ୍ୱୀକୃତ ହେଲେ ।

ପରେ ଏହାଙ୍କର ବହୁ ପୁତ୍ରକନ୍ୟା ଜାତ ହୋଇଥିଲେ । ଦୟାନିଧି ହରିଚନ୍ଦନ ଏହାଙ୍କର ଗମ୍ଭୀର ସାମନ୍ତ ଥିଲେ । କିନ୍ତୁ ଏ ତୀର୍ଥାଟନରେ ଯାଇଥିବା ସମୟରେ ଓ ଏହାଙ୍କର ଆଉ ଫେରିବାର ସମ୍ଭାବନା ନ ଥିବା ଭାବି ଗମ୍ଭୀର ସାମନ୍ତ ରାଜଗାଦିରେ ବସିଲେ । ଭାଗୀରଥୀ ତୀର୍ଥରୁ ଫେରିଆସି ଗମ୍ଭୀର ସାମନ୍ତଙ୍କଠାରେ ଭୀଷଣ କୋପାନ୍ୱିତ ହୋଇ ତାଙ୍କୁ ରାଜ୍ୟଚ୍ୟୁତ କରି ଓ ରାଜ୍ୟରୁ ବାହାର କରିଦେଇ ପୁଣି ଥରେ ରାଜ ସିଂହାସନରେ ବସିଲେ; କିନ୍ତୁ ପରେ ଦୁଇ ପୁତ୍ର ମଧ୍ୟରେ ସଦ୍ଭାବ ପ୍ରତିଷ୍ଠିତ ହେବାରୁ ଦୟାନିଧି ପିତାଙ୍କ ଜୀବିତାବସ୍ଥାରେ ମଧ୍ୟ ପୁନଶ୍ଚ ରାଜ୍ୟ ଶାସନରେ ଭାଗୀ ହୋଇ ପାରିଥିଲେ ।

ରାଜା ଦୟାନିଧି ଜଣେ ଭାଗ୍ୟଧର ପୁରୁଷ ଥିଲେ । ନାନା ବାଧା ବିଘ୍ନ ମଧ୍ୟରେ ଜୀବନ ଆରମ୍ଭ କରି ଶେଷରେ ସମସ୍ତ ଅତିକ୍ରମ କରି ସେ ନିଜର ଆସନ ଦୃଢ଼ କରିଥିଲେ । ସେ ରାଜ୍ୟର ବହୁବିଧ ଉନ୍ନତି କରି ମୋଟ ରାଜସ୍ୱ ଟ ୩୨୦୦୦ ଯାଏ ବୃଦ୍ଧି କରିଥିଲେ । ସେ ରାଜ୍ୟର ରାଜସ୍ୱ ବନ୍ଦୋବସ୍ତ କରି ପ୍ରଜାମାନଙ୍କ ସ୍ୱତ୍ୱ ଓ ଦେବୋତ୍ତର ନାନା ସ୍ୱତ୍ୱ ସୃଷ୍ଟି କରି ଦେଇଥିଲେ । ସେ ଜଣେ ଅସାଧାରଣ ପଣ୍ଡିତ ଏବଂ ବିଚକ୍ଷଣ ନରପତି ଥିଲେ । ଅନୁଗୋଳ ବିଦ୍ରୋହରେ ବ୍ରିଟିଶ୍ ସରକାରଙ୍କୁ ସାହାଯ୍ୟ ଦେଇ ସେ ଅନୁଗୋଳ ବିଦ୍ରୋହ ଦମନ କରିବାକୁ କ୍ଷମ ହୋଇଥିଲେ । ଏଣୁ ବ୍ରିଟିଶ୍ ସରକାର ଏହାଙ୍କ ରାଜଭକ୍ତିରେ ସନ୍ତୁଷ୍ଟ ହୋଇ ଏହାଙ୍କୁ 'ମହେନ୍ଦ୍ର ବାହାଦୁର' ପଦବୀ ଏବଂ ଗୋଟିଏ ହାତୀ ଏବଂ ଖିଲାତ୍ ଉପହାର ଦେଇଥିଲେ ।

ରାଜା ଦୟାନିଧି ୧୮୭୩ ମସିହାରେ ପରଲୋକ ଗମନ କରିବାରୁ ଶ୍ରୀ ରାମଚନ୍ଦ୍ର ବୀରବର ହରିଚନ୍ଦନ ୧୮୭୩ ଖ୍ରୀଷ୍ଟାବ୍ଦରୁ ୧୮୯୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତାଲଚେର ଗାଦିରେ ବସିଥିଲେ । ରାଜା ଦୟାନିଧି ଜଣେ ରାଜର୍ଷିକଳ୍ପ ସୁଶାସକ ଥିଲେ ଏବଂ ରାଜା ରାମଚନ୍ଦ୍ର ତାଙ୍କର ଆଦର୍ଶରେ ଅନୁପ୍ରାଣିତ ଥିଲେ । ସେ ସଂସ୍କୃତ ସାହିତ୍ୟପ୍ରେମୀ କବି ଥିଲେ ଓ ମାତୃ-ଭାଷାର ସାହିତ୍ୟ ପ୍ରତି ତାଙ୍କର ଅସାଧାରଣ ମମତା ଥିଲା । ସେ

ଯୁଗରେ ମଧ୍ୟ ସେ ମନୁସଂହିତା, ପରାଶରସଂହିତା ଓ ଭାଗବତର ଓଡ଼ିଆ ଅନୁବାଦ ଛପାଇ ଦେଶରେ ବିତରଣ କରିଥିଲେ । ତାଙ୍କ ସଙ୍କଳିତ ଭାରତର ସଂକ୍ଷିପ୍ତ ଇତିହାସ ଅନେକଦିନ ପାଏ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକରୂପେ ପ୍ରଚଳିତ ଥିଲା । ସଙ୍ଗୀତବିଦ୍ୟାରେ ସେ ମଧ୍ୟ ଅସାଧାରଣ ଦକ୍ଷତା ଅର୍ଜନ କରିଥିଲେ । ସେ ଜଣେ ଆଧୁନିକ ରୁଚିସମ୍ପନ୍ନ ନରପତି ଥିବାରୁ ତାଳଚେର ରାଜ୍ୟରେ ସେ ପ୍ରଥମେ ଆଧୁନିକ ଯୁଗାଦର୍ଶରେ ଶିକ୍ଷା ବିଭାଗ, ପୁଲିସ୍ ବିଭାଗ ଓ ଜଙ୍ଗଲ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅବକାରୀ ବିଭାଗ ଆଦି ପ୍ରବର୍ତ୍ତନ କରିଥିଲେ ଓ ରାଜ୍ୟରେ ରାଜସ୍ୱ ବନ୍ଦୋବସ୍ତ (ସେଟଲ୍‌ମେଣ୍ଟ୍) କରାଇ ନିର୍ଦ୍ଦିଷ୍ଟ ରାଜସ୍ୱ ସ୍ଥିର କରି ଦେଇଥିଲେ । ବାବୁ ଜଗବନ୍ଧୁ ଘୋଷ ଏହାଙ୍କର ଦେୱାନ ଥାଇ ତାଳଚେରର ଅଶେଷବିଧ ଉନ୍ନତି ସଂସାଧିଥିଲେ ।

ସ୍ୱର୍ଗତ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର (ପଠାଣି ସାମନ୍ତ) ଆଗରୁ ଏହାଙ୍କର ମୃତ୍ୟୁକାଳ ଗଣନା ପୂର୍ବକ ଠିକ କରି ଦେଇଥିବାରୁ ଏ ତନ୍ନିମନ୍ତେ ପ୍ରସ୍ତୁତ ହୋଇ ତୀର୍ଥାଟନ କରି ଯାଇଥିଲେ । ୧୮୯୧ ଖ୍ରୀଷ୍ଟାବ୍ଦ ଡିସେମ୍ବର ୧୮ ତାରିଖ ଦିନ ଏହାଙ୍କର ଗଡ଼ଠାରେ ପରଲୋକପ୍ରାପ୍ତି ହେଲା ।

ଏ ଅପୁତ୍ରିକ ଥିଲେ । ନିଜ ଭ୍ରାତୃଷ୍ପୁତ୍ର କିଶୋରଚନ୍ଦ୍ରଙ୍କୁ ସର୍ବସୁଲକ୍ଷଣସମନ୍ୱିତ ଦେଖି ଏ ଜୀବଦ୍ଦଶାରୁ ତାଙ୍କୁ ନିଜର ଉତ୍ତରାଧିକାରୀ ବୋଲି ମନୋନୀତ କରି ଯାଇଥିଲେ ଓ କିଶୋରଚନ୍ଦ୍ରଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରିବାକୁ ପଟ୍ଟମହିଷୀ ହୀରାମାଳୀ ଦେବୀଙ୍କୁ ଅଧିକାର ଦେଇ ଯାଇଥିଲେ ।

ତେଣୁ ରାଜା ରାମଚନ୍ଦ୍ରଙ୍କ ତିରୋଭାବ ପରେ ତାଳଚେରର ବର୍ତ୍ତମାନ ଅକଳଙ୍କକୀର୍ତ୍ତି ପ୍ରଥିତଯଶା ରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ ଯଥାବିଧାନରେ ୧୮୯୧ ମସିହା ଡିସେମ୍ବର ମାସ ୧୯ ତାରିଖ ଦିନ ତାଳଚେର ସିଂହାସନ ଆରୋହଣ କରି ଗତ ୪୩ ବର୍ଷ ହେଲା ତାଳଚେରର ଭାଗ୍ୟନିୟନ୍ତାରୂପେ ତାଳଚେରର ତଥା ଉତ୍କଳର ମୁଖୋଜ୍ଜ୍ୱଳ କରୁଅଛନ୍ତି ।

ହରିଚନ୍ଦନୋପାଧିକ ବିମଳକୀର୍ତ୍ତି ତାଳଚେରାଧୀଶ୍ୱର ରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ଜଣେ ଯୋଗଜନ୍ମା ପୁରୁଷ । ତାଳଚେର ରାଜପରିବାରରେ ଶିଶୁ ଅବସ୍ଥାରେ ଏ ଅକଳଙ୍କ ଚନ୍ଦ୍ରତୁଲ୍ୟ ପ୍ରତୀତ ହେଉଥିବାରୁ ଏହାଙ୍କ ପାଳକ ପିତା ରାଜା ରାମଚନ୍ଦ୍ର ଶ୍ରଦ୍ଧାସହକାରେ ଏହାଙ୍କୁ 'କିଶୋରଚନ୍ଦ୍ର' ନାମରେ ବିଭୂଷିତ କରିଥିଲେ । ଜନ୍ମର ୪ ମାସ ପରେ ଏହାଙ୍କ ଜନନୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମାନଧାତା ସାମନ୍ତଙ୍କ ସହଧର୍ମିଣୀ ଏହାଙ୍କୁ ଶୁଆଇ ଦେଇ କାର୍ଯ୍ୟୋପଲକ୍ଷରେ ଅନ୍ୟତ୍ର ଯାଇଥିବା ସମୟରେ ଏହାଙ୍କ ମୁଣ୍ଡ ଉପରେ ଗୋଟିଏ ନାଗସାପ ଫଣା ଟେକି ଏହାଙ୍କୁ ଜଗି ରହିଥିଲା ଓ ଜନନୀ ସେଠାରେ ଉପସ୍ଥିତ ହେବାରୁ ସାପଟି ସେ ସ୍ଥାନ ପରିତ୍ୟାଗ କରି ଚାଲିଗଲା । ଖୁବ୍ ଶୈଶବକାଳରୁ ଏହାଙ୍କଠାରେ ଯାବତୀୟ ରାଜଲକ୍ଷଣ ଦୃଷ୍ଟ ହୋଇଥିଲା ।

୯ ବର୍ଷ ବୟସରେ କିଶୋରଚନ୍ଦ୍ର ଭର୍ଣ୍ଣାକୁଲାର୍ ସ୍କୁଲର ଚତୁର୍ଥ ଶ୍ରେଣୀରେ ନାମ ଲେଖାଇ ବିଦ୍ୟାରମ୍ଭ କରିଥିଲେ । ଏହାଙ୍କ ସିଂହାସନାରୋହଣରେ କେତେକ ରାଜବଂଶୀୟ ବ୍ୟକ୍ତି ବାଧା ଦେବାକୁ ଯତ୍ନଶୀଳ ହୋଇଥିଲେହେଁ ସେମାନଙ୍କ କୁଚେଷ୍ଟା ଫଳବତୀ ହୋଇ ପାରି ନ ଥିଲା ।

୧୮୯୩ ମସିହା ଫେବୃଆରୀ ମାସ ୨୭ ତାରିଖ ଦିନ ଫାଲ୍ଗୁନ ଦ୍ୱାଦଶୀ ତିଥିରେ ମହାସମାରୋହରେ ଏହାଙ୍କର ଉପନୟନ କାର୍ଯ୍ୟ ସୁସମ୍ପାଦିତ ହୋଇଥିଲା ।

ସେହି ବର୍ଷ ରାଜା କିଶୋରଚନ୍ଦ୍ର କଟକ ରେଭେନ୍ସା କଲେଜିଏଟ୍ ସ୍କୁଲକୁ ଅଧ୍ୟୟନ ନିମନ୍ତେ ଆଗମନ କରି ସ୍କୁଲରେ ନାମ ଲେଖାଇଥିଲେ । ତାଙ୍କ ଅନୁପସ୍ଥିତିରେ ରାଜମାତା ମହୋଦୟା ମହାଫିସ୍ ରୂପେ ରାଜପରିବାରର ସମସ୍ତ କାର୍ଯ୍ୟ ଚଳାଉଥିଲେ ।

ସନ ୧୮୯୮ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ୫ବର୍ଷ ସେ କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କରି ପ୍ରଥମ ଶ୍ରେଣୀକୁ ଉନ୍ନୀତ ହୋଇଥିଲେ ଓ ଦୁଇଥର ଡବଲ୍ ପ୍ରମୋଶନ୍ ପାଇଥିବାରୁ ୫ ବର୍ଷରେ ୭ଗୋଟି ଶ୍ରେଣୀର ପାଠ୍ୟ ଶେଷ କରି ପାରିଥିଲେ । ପ୍ରତ୍ୟେକ ଶ୍ରେଣୀରେ ବ୍ୟାୟାମ, ଅଶ୍ୱାରୋହଣ ଓ ଚିତ୍ରବିଦ୍ୟାରେ ସେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ତାଙ୍କର ନିରାଡ଼ମ୍ବର, ନିରଭିମାନ ବ୍ୟବହାରରେ ସ୍କୁଲର କର୍ତ୍ତୃପକ୍ଷ ଓ ସହପାଠୀଗଣ ତାଙ୍କୁ ବିଶେଷଭାବରେ ଶ୍ରଦ୍ଧା କରୁଥିଲେ । ପ୍ରତିବର୍ଷର ପୁରସ୍କାର ବିତରଣୀ ସଭାରେ ପାଠରେ ପାରଦର୍ଶିତା ଏବଂ କ୍ରିକେଟ୍, ଫୁଟ୍‌ବଲ୍ ଆଦି ଖେଳରେ ଦକ୍ଷତା ଦେଖାଇ ଢେର ପୁରସ୍କାର ପାଇ ପ୍ରଶଂସିତ ହେଉଥିଲେ ।

ତାଳଚେର ଗଡ଼ରେ ତାଙ୍କଦ୍ୱାରା ଛାତ୍ରାବସ୍ଥାରୁ ସ୍ଥାପିତ କିଶୋରଚନ୍ଦ୍ର ଉତ୍କଳ ସାହିତ୍ୟ ସମାଲୋଚନ ସମିତି ଅଦ୍ୟାପି ସୁପରିଚାଳିତ ହେଉଅଛି ।

ରାଜା କିଶୋରଚନ୍ଦ୍ର ଜଣେ ଅବ୍ୟର୍ଥ ସନ୍ଧାନୀ ମୃଗୟୁ । ଛାତ୍ରାବସ୍ଥାରେ ୨ ବର୍ଷ ମଧ୍ୟରେ ସେ ପନ୍ଦର ଗୋଟା ଚିତା ବାଘ ଓ ତିନୋଟା ମହାବଳ ବାଘ ବଧ କରିଥିଲେ । ଏହାଙ୍କ ସୁନାମରେ ମୁଗ୍ଧ ହୋଇ ବାମଣ୍ଡାର ପୁଣ୍ୟଶ୍ଳୋକ ନରପତି ସର୍ ବାସୁଦେବ ସୁଢ଼ଳଦେବ କେ. ସି. ଆଇ. ଇ. ମହୋଦୟ ଏହାଙ୍କୁ ତାଙ୍କ ଚତୁର୍ଥୀ କୁମାରୀଙ୍କୁ ସମ୍ପ୍ରଦାନ କରିବା ଇଚ୍ଛା ପ୍ରକାଶ କଲେ । ରାଜମାତା ମହୋଦୟା ଏଥିରେ ସମ୍ମତ ହେବାରୁ ୧୮୯୯ ମସିହା ଫେବୃଆରୀ ୨୭ତାରିଖ ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ତିଥିରେ ଅଭୂତପୂର୍ବ ସମାରୋହରେ ବାମଣ୍ଡା ରାଜଧାନୀରେ ଶୁଭ ବିବାହ ଅନୁଷ୍ଠିତ ହେଲା । ବିବାହ ପରେ କିଶୋରଚନ୍ଦ୍ରଙ୍କୁ ଏକବର୍ଷ ମାତ୍ର କଟକରେ ରହି ଅଧ୍ୟୟନ କରିବାକୁ ହୋଇଥିଲା ।

ସେ ସମୟରେ ଓଡ଼ିଶା ଗଡ଼ଜାତମାନ ଓଡ଼ିଶା ଟ୍ରିବ୍ୟୁଟେରି ଷ୍ଟେଟ୍‌ସ୍ ନାମରେ ଓଡ଼ିଶା ବିଭାଗର କମିଶନରଙ୍କ ତତ୍ତ୍ୱାବଧାନରେ ରାଜାମାନଙ୍କଦ୍ୱାରା ଶାସିତ ହେଉଥିଲା ।

କମିଶନର୍ ସାହେବଙ୍କ ନିର୍ଦ୍ଦେଶକ୍ରମେ ରାଜଧାନୀକୁ ପ୍ରତ୍ୟାବୃତ୍ତ ହୋଇ ରାଜା କିଶୋରଚନ୍ଦ୍ର ଶାସନକାର୍ଯ୍ୟ ସହିତ ପ୍ରତ୍ୟକ୍ଷଭାବରେ ସଂଶ୍ଳିଷ୍ଟ ହେଲେ ।

ରାଜା କିଶୋରଚନ୍ଦ୍ର ଅତ୍ୟନ୍ତ ନିୟମପରାୟଣ ଓ ତାଙ୍କ ଜୀବନ ସୁନିୟମିତ ଓ ସୁନିୟନ୍ତ୍ରିତ ପ୍ରଣାଳୀରେ ଗଠିତ । ପ୍ରତ୍ୟହ ଭୋର୍ ୫ଘଣ୍ଟା ସମୟରେ ଉଠି ଏକଘଣ୍ଟା ଅଶ୍ୱାରୋହଣ କରି ପ୍ରାୟ ୫।୬ ମାଇଲ ଭ୍ରମଣ କରିବା ଅଭ୍ୟାସ ସେ ଯୁବାବସ୍ଥାରୁ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରଖିଅଛନ୍ତି ।

ରାଜା କିଶୋରଚନ୍ଦ୍ର ଜୀବନରେ ଏକାଧିକ ପ୍ରାଣସଙ୍କଟରୁ ରକ୍ଷା ପାଇଅଛନ୍ତି । ୧୯୦୦ ମସିହା ଅପ୍ରେଲ୍ ତିନି ତାରିଖ ଦିନ ତାଙ୍କ ପ୍ରିୟତମ ଅଶ୍ୱ ହଠାତ୍ ଉତ୍ତେଜିତ ହୋଇ ତାଙ୍କ ଦୁଇଟି ଗୋଡ଼କୁ ତୀବ୍ରଭାବରେ ଦଂଶନବଦ୍ଧ କରି ଚାପି ଧରିଲା ଓ କେତେକ ସମୟ ପରେ ଉନ୍ମୁକ୍ତ କରି ଛାଡ଼ିଦେଲା । ସେ ଦଂଶନ ଦେଖି ଲୋକେ କିଶୋରଚନ୍ଦ୍ରଙ୍କ ପ୍ରାଣସଂଶୟ ମଣିଥିଲେ; କିନ୍ତୁ ସୁଚିକିତ୍ସା ଓ ରାଜମହିଷୀ ମହୋଦୟାଙ୍କ ସୁପରିଚର୍ଯ୍ୟା ଫଳରେ କିଶୋରଚନ୍ଦ୍ର ସେ ଯାତ୍ରାରୁ ବର୍ତ୍ତିଗଲେ ।

୧୯୦୦ ମସିହା ଡିସେମ୍ବର ୧୦ ତାରିଖରେ କିଶୋରଚନ୍ଦ୍ରଙ୍କ ପ୍ରିୟତମା କନ୍ୟା ସ୍ୱର୍ଣ୍ଣକୁମାରୀ ଜନ୍ମଗ୍ରହଣ କରିଥିଲେ । ୧୯୦୧ ମସିହା ଜୁନ୍ ୯ ତାରିଖ ଦିନ ଇଂରେଜ ସରକାର କିଶୋରଚନ୍ଦ୍ରଙ୍କୁ ରାଜ୍ୟଶାସନର ପୂର୍ଣ୍ଣ କ୍ଷମତା ଅର୍ପଣ କଲେ ।

ପୂର୍ଣ୍ଣ କ୍ଷମତା ପ୍ରାପ୍ତ ହୋଇ ରାଜା କିଶୋରଚନ୍ଦ୍ର ଦୂରଦର୍ଶୀ ଶାସକ-ସୁଲଭ ବିଚକ୍ଷଣତା ପ୍ରକାଶ କରିଥିଲେ । ସେ ସମୟକୁ ସୁନ୍ଦରରୂପେ ବିଭାଗ କରି ସକାଳ ୭ ଘଣ୍ଟାଠାରୁ ୧୦ ଘଣ୍ଟା ମଧ୍ୟରେ ପୋଲିସ୍, ଫରେଷ୍ଟ୍ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟମାନ ଯଥାବିଧି ଫଇସଲ୍ କରୁଥିଲେ; ମଧ୍ୟାହ୍ନରେ ବିଚାରାଳୟକୁ ଯାଇ ମକଦ୍ଦମା ବିଚାର ପରେ ଅପରାହ୍ଣ ୫ ଘଣ୍ଟାଠାରୁ କ୍ରିକେଟ୍ ଆଦି ଖେଳରେ ଚିତ୍ତବିନୋଦନ କରୁଥିଲେ; ରାତିରେ ସମ୍ବାଦପତ୍ର ଓ ଅଇନ୍-ସଂକ୍ରାନ୍ତ ପୁସ୍ତକ ପାଠ ଏବଂ ସଙ୍ଗୀତ ଚର୍ଚ୍ଚା ହେଉଥିଲା । ରାଜା କିଶୋରଚନ୍ଦ୍ର ଲଳିତ କଳାର ଜଣେ ନିଷ୍ଠାପର ଉପାସକ । ସେ ନିଜେ ସୁବାଦକ ଓ ସୁଗାୟକ ।

୧୯୦୨ ମସିହା ଫେବ୍ରୁଆରୀ ମାସ ୨୭ ତାରିଖ ଦିନ ତାଳଚେର ରାଜ୍ୟର ଭବିଷ୍ୟଦ୍ବଂଶଧର ଅଭ୍ୟୁତ୍ଥାନ୍ ଶ୍ରୀମାନ୍ ଯୁବରାଜ ହୃଦୟଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ । ଜନ୍ମାବଧି ଏକମାସକାଳ ଯୁବରାଜଙ୍କର ଚକ୍ଷୁ ଉନ୍ମୀଳିତ ନ ହେବାରୁ ରାଜଦମ୍ପତି ଚିନ୍ତାକୁଳ ଓ ଅଧୀର ହୋଇପଡ଼ିଲେ । କିନ୍ତୁ ଭଗବତ୍ କୃପାରୁ ବଙ୍ଗପ୍ରଦେଶର ସାନିଟାରୀ କମିସନର୍ ସାହେବ ଦେଖାଇ ତାଳଚେରରେ ପହଞ୍ଚି ଚିକିତ୍ସା କରିବାରୁ ୧୦ ଦିନ ମଧ୍ୟରେ ରାଜକୁମାରଙ୍କ ଚକ୍ଷୁ ଉନ୍ମୀଳିତ ହେଲା ଏବଂ ତାଳଚେରରେ ଆନନ୍ଦସ୍ରୋତ ପ୍ରବାହିତ ହେଲା । ପର ବର୍ଷ ସେପ୍ଟେମ୍ବର ମାସ ୧୨ ତାରିଖରେ ଦ୍ୱିତୀୟ କୁମାର ପ୍ରମୋଦଚନ୍ଦ୍ର ଦେବ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ସେହି ବର୍ଷଠାରୁ ପଟ୍ଟମହିଷୀ ମହୋଦୟା ସାଂଘାତିକ ଭାବରେ ପୀଡ଼ିତା ହେଲେ ଓ ସେ ପୀଡ଼ା ସୁଦୀର୍ଘ ୩ ବର୍ଷକାଳ ସ୍ଥାୟୀ ହେଲା । ଏ ତିନି ବର୍ଷକାଳ ରାଜା କିଶୋରଚନ୍ଦ୍ର ଉଦ୍‌ବେଗ ମଧ୍ୟରେ କାଳାତିପାତ କରିଥିଲେ । ଶେଷରେ ପ୍ରଭୁଙ୍କ ଅପାର କରୁଣାରୁ ମହିଷୀ ମହୋଦୟା ନିରାମୟ ହୋଇ ତାଳଚେର ପ୍ରଜାକୁଳର ଆନନ୍ଦ ବର୍ଦ୍ଧନ କଲେ । ରାଜା କିଶୋରଚନ୍ଦ୍ର ହାତୀଧରାରେ ଅତ୍ୟନ୍ତ ପାରଙ୍ଗମ । ଏହାଙ୍କର ସୌମ୍ୟବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଅନ୍ୟାନ୍ୟ ଗଡ଼ଜାତର ରାଜାମାନେ ଏହାଙ୍କ ସହିତ ସୌହାର୍ଦ୍ଦ୍ୟବନ୍ଧନରେ ଆବଦ୍ଧ । ଏ ନିଜ ରାଜ୍ୟରେ ୧୯୧୦ ମସିହାରୁ ୧୯୩୧ ମସିହା ମଧ୍ୟରେ ଶହେ ଘର ହାତୀ ଧରିଥିଲେ । ସୁନ୍ଦରାର ରାଜାସାହେବ ଏହାଙ୍କ ସାହାଯ୍ୟରେ ଯେଉଁ ୧୧ ଘର ହାତୀ ଧରିଥିଲେ ତନ୍ମଧ୍ୟରୁ ୩ ଘର ହାତୀ ସେ ଏହାଙ୍କୁ ଉପହାର ପ୍ରଦାନ କରିଥିଲେ । ରାଜା କିଶୋରଚନ୍ଦ୍ର ଅତ୍ୟନ୍ତ ଭ୍ରମଣପ୍ରିୟ । ସେ ଦାକ୍ଷିଣାତ୍ୟ ଓ ଆର୍ଯ୍ୟାବର୍ତ୍ତର ପ୍ରାୟ ସମସ୍ତ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିଅଛନ୍ତି । ରାଜପରିବାରର ସାମନ୍ତପଦସ୍ଥାଧୀଶ ପୋଷ୍ୟବର୍ଗଙ୍କ ପ୍ରତି କିଶୋରଚନ୍ଦ୍ରଙ୍କ ଦୟା ଅପରିସୀମ । ତାଙ୍କ ଅନୁଗ୍ରହରୁ ସମସ୍ତେ ଅତି ସୁଖୀ । ରାଜା କିଶୋରଚନ୍ଦ୍ର ଚାଳିଶଟି ଅନାଥ ବାଳକାଙ୍କ ବିବାହର ସମସ୍ତ ଆୟୋଜନ କରି ସମସ୍ତ ବ୍ୟୟ ବହନ କରିଅଛନ୍ତି । ରାଜା କିଶୋରଚନ୍ଦ୍ର ମାଦକଦ୍ରବ୍ୟ ସ୍ପର୍ଶ କରନ୍ତି ନାହିଁ ।

ତାଳଚେର ରାଜ୍ୟର ପ୍ରଜାବୃନ୍ଦ ଓ କର୍ମଚାରିବୃନ୍ଦ ରାଜା କିଶୋରଚନ୍ଦ୍ରଙ୍କ ସୁନୀତି, ସୁଶାସନ ଓ ଅପରିସୀମ ବଦାନ୍ୟତାରେ ପରମସନ୍ତୋଷ ଲାଭ କରି ୧୯୧୧ ମସିହା ଜୁନ୍ ମାସ ୯ ତାରିଖରେ ରାଜତ୍ୱର ଦଶ ବର୍ଷ ପୂର୍ଣ୍ଣ ହେବା ଦିନ ପ୍ରକାଣ୍ଡ ଦରବାର କରି ରାଜଭକ୍ତିର ନିଦର୍ଶନ-ସ୍ୱରୂପ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ । ସେ ଦରବାରରେ ଯାହା ଭେଟି ସଲାମୀ ମିଳିଥିଲା, ତାହା ରାଜାସାହେବ ସାଧାରଣଙ୍କ ଉପକାରାର୍ଥେ ନିଜଗଡ଼ର ଧର୍ମଶାଳା ନିର୍ମାଣାର୍ଥେ ପ୍ରଦାନ କରିଥିଲେ ।

ରାଜା କିଶୋରଚନ୍ଦ୍ର ତାଳଚେରର ହାଇକୋର୍ଟ ବା ପ୍ରଧାନ ବିଚାରପତି, ଯୁବରାଜ ହୃଦୟଚନ୍ଦ୍ର ସେସନ୍‌ସ୍ ଜଜ୍ ଓ ଟିକାଏତ ପ୍ରମୋଦଚନ୍ଦ୍ର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ କର୍ମ ସମ୍ପାଦନ କରୁଅଛନ୍ତି ।

ତାଳଚେର ରାଜ୍ୟର ଆଧୁନିକ ଯୁଗୋପଯୋଗୀ ବ୍ୟବସ୍ଥାମାନ ଦେଖିଲେ ବୋଧହୁଏ ଯେ ରାଜା ଇଂରେଜୀ

ଶାସିତ ଯେ କୌଣସି ରାଜ୍ୟଠାରୁ ଅଧିକ ସହର ସମକକ୍ଷ । ତାଳଚେରର ଡାକ୍ତରଖାନା, ହାଇ ସ୍କୁଲ୍ ଓ ଅନ୍ୟାନ୍ୟ ଅଧସ୍ତନ ଶିକ୍ଷାନୁଷ୍ଠାନମାନ ଖୁବ୍ ଉଚ୍ଚ ଧରଣର । ତାଳଚେର ଗଡ଼ରେ ପୋଷ୍ଟ ଅଫିସ ସହିତ ଟେଲିଗ୍ରାଫ ଅଫିସ ମଧ୍ୟ ଖୋଲାଯାଇଅଛି ।

ସାହିତ୍ୟପ୍ରେମୀ ରାଜାସାହେବ ଉତ୍କଳ ସାହିତ୍ୟସମାଜ ହସ୍ତରେ ପ୍ରାଚୀନ ସାହିତ୍ୟଚର୍ଚ୍ଚାମୂଳକ ପ୍ରବନ୍ଧ ପାଇଁ ପ୍ରତି ବର୍ଷ ଶୁଳଶହଙ୍କାର ଗୋଟିଏ ପୁରସ୍କାର ପ୍ରଦାନ କରିଥାଆନ୍ତି । ତାଳଚେରର କିଶୋର ପ୍ରେସ୍‌ରୁ ତାଙ୍କ ଅର୍ଥାନୁକୂଲ୍ୟରେ ଗତ ୩୫ ବର୍ଷ ହେଲା ଗଡ଼ଜାତବାସିନୀ ପତ୍ରିକା ପ୍ରକାଶିତ ହେଉଅଛି ।

ଗଡ଼ଜାତ ମହଲକୁ ରେଲ ଆଣିବା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଘଟଣା । ତାଳଚେର ଟ୍ରେନ୍ ଆଜି ଭାରତ-ପ୍ରସିଦ୍ଧ । ରାଜାସାହେବ ଅଜସ୍ର ଅର୍ଥ ବ୍ୟୟ କରି କୋଇଲା ଖଣିର ସନ୍ଧାନ ପାଇବାରୁ ତାଳଚେରକୁ ଟ୍ରେନ୍ ଯିବା ଆସିବା ସମ୍ଭବପର ହୋଇ ପାରିଅଛି ।

ରାଜାସାହେବ କ୍ରମାଗତ ୧୬ ବର୍ଷକାଳ ଭାରତ ନରେନ୍ଦ୍ରମଣ୍ଡଳୀରେ ଉତ୍କଳୀୟ ନରପତିମାନଙ୍କ ପ୍ରତିନିଧିରୂପେ ନିର୍ବାଚିତ ହୋଇ ଉତ୍କଳୀୟ ରାଜାମାନଙ୍କ ସ୍ୱାର୍ଥରକ୍ଷା ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଅଛନ୍ତି । ରାଜାସାହେବ ପୂର୍ବପ୍ରଚଳିତ ବେଠି ପ୍ରଥା ଉଠାଇଦେଇ ପ୍ରଜାମାନଙ୍କୁ ନିଜ ନିଜ ଜୋତରେ ପୂର୍ଣ୍ଣ ରଇତି ସ୍ୱତ୍ୱ ପ୍ରଦାନ କରିଅଛନ୍ତି । ଯୁବରାଜ, ପଟ୍ଟାୟତ ଓ ରାଜକୁମାରମାନଙ୍କୁ ଉଚ୍ଚ ଓ ଉଦାର ଶିକ୍ଷା ଦେବା ବିଷୟରେ ରାଜାସାହେବ ସର୍ବତୋଭାବରେ ଚେଷ୍ଟା ଓ ଅର୍ଥ ବ୍ୟୟ କରିଅଛନ୍ତି ।

ଗ୍ରାମମାନଙ୍କ ଉନ୍ନତି, ରାଜଧାନୀରେ ମିଉନିସିପାଲିଟି ସ୍ଥାପନ, ଗ୍ରାମେ ଗ୍ରାମେ ଜଳାଶୟ ଖନନ, ବନ୍ୟ ଜନ୍ତୁମାନଙ୍କ ଆକ୍ରମଣରୁ ନିଜ ନିଜ ପ୍ରାଣକୁ ଓ ଫସଲକୁ ରକ୍ଷା କରିବା ପାଇଁ ପ୍ରଜାମାନଙ୍କୁ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ଅବାଧ ଅନୁମତି ଦାନ, ଧର୍ମରକ୍ଷା ପାଇଁ ଦେବାଳୟାଦିର ସୁପରିଚାଳନ, ରାଜ୍ୟରେ ଶିକ୍ଷାବିସ୍ତାର ଓ ଉଚ୍ଚ ଶିକ୍ଷା ପାଇଁ ହାଇ ସ୍କୁଲ୍ ସ୍ଥାପନ, ମୁସଲମାନ୍ ପ୍ରଜାଙ୍କର ଉପାସନାର୍ଥ ମସ୍‌ଜିଦ୍ ନିର୍ମାଣ, ବ୍ୟାୟାମ ପାଇଁ ଉତ୍ସାହଦାନ, ସାମାଜିକ ବିବାଦର ମୀମାଂସା ପାଇଁ ଧର୍ମସଭା ନାମରେ ସାମାଜିକ ଧର୍ମାଧିକରଣ ସ୍ଥାପନ ରାଜାସାହେବଙ୍କ ରାଜତ୍ୱର ବିଶେଷତ୍ୱ ଅଟେ ।

ରାଜାସାହେବଙ୍କ ନ୍ୟାୟ ବିଚାର ସର୍ବଦା ଦୟାମିଶ୍ରିତ । ଏପର୍ଯ୍ୟନ୍ତ ତାଳଚେରର କୌଣସି ଅପରାଧୀର ଦ୍ୱୀପାନ୍ତର ହେବା ବା ଫାଶି ପାଇବା ଶୁଣାଯାଇ ନାହିଁ ।

ରାଜା କିଶୋରଚନ୍ଦ୍ରଙ୍କର ଅତିଥିବାତ୍ସଲ୍ୟ ଓ ଗୁରୁଜନଭକ୍ତି ଆଦର୍ଶସ୍ଥାନୀୟ । ତାଙ୍କର ପାଳିକା ଜନନୀ ଓ ଗର୍ଭଧାରିଣୀଙ୍କ ପ୍ରତି ଅଚଳ ଭକ୍ତି ।

ରାଜା କିଶୋରଚନ୍ଦ୍ର ପୁତ୍ରପୌତ୍ରବେଷ୍ଟିତ ହୋଇ ଅତି ଆଦର୍ଶ ଗୃହସ୍ଥ ଜୀବନଯାପନ କରୁଅଛନ୍ତି । ବୃଦ୍ଧ ବୟସରେ ମଧ୍ୟ ତାଙ୍କ କର୍ମତତ୍ପରତା ପୂର୍ବ ପରି ଅଛି ।

ସେ ଏପର୍ଯ୍ୟନ୍ତ ୧୬୬ ଗୋଟା ମହାବଳ ବ୍ୟାଘ୍ର ବଧ କରି ଓଡ଼ିଶାର ମୃଗୟାରାଜ୍ୟରେ ଉଚ୍ଚପଦ ଆସନର ଅଧିକାରୀ ହୋଇଅଛନ୍ତି । ସେ ନେପାଳରେ ଗଣ୍ଡା ବଧ କରି ମାତୃଶ୍ରାଦ୍ଧ କରିବା ଖ୍ୟାତି ମଧ୍ୟ ଅର୍ଜ୍ଜନ କରିଅଛନ୍ତି ।

ତାଙ୍କ ୬ ବର୍ଗମାଇଲ୍ ବିସ୍ତୃତ ରାଣୀପାର୍କ ନାମକ ପ୍ରାକୃତିକ ବିହାରୋଦ୍ୟାନ ମଧ୍ୟରେ ବହୁ ଦେଶର ଅଶେଷବିଧ ଦୁର୍ଲ୍ଲଭ ଜୀବ ଜନ୍ତୁ ଓ ପକ୍ଷୀ ପାଳିତ ହୋଇ ତାଙ୍କ ଉଚ୍ଚତ-ରୁଚିର ପରିଚୟ ପ୍ରଦାନ କରୁଅଛନ୍ତି । ତାଙ୍କର ଶିକାର ପ୍ରତି ଉତ୍ସାହ ଯୋଗୁଁ ତାଳଚେର ଭାରତରେ ଶିକାରୀ-ମାନଙ୍କ ତୀର୍ଥ ଆଖ୍ୟା ଲାଭ କରିଅଛି ।

ରାଜା କିଶୋରଚନ୍ଦ୍ର ପ୍ରଭୁଙ୍କ କୃପାରୁ ବହୁବାର ପ୍ରାଣ-ସଙ୍କଟରୁ ରକ୍ଷା ପାଇଅଛନ୍ତି । ଉତ୍କଳ ପକ୍ଷରେ ତାଙ୍କ ପରି ଆଦର୍ଶ ନରପତି ଓ ଆଦର୍ଶ ଗୃହସ୍ଥ ଓ ଆଦର୍ଶ ବ୍ୟକ୍ତିଙ୍କ ଜୀବନ ମହାମୂଲ୍ୟବାନ୍ ଓ ଅପରିହାର୍ଯ୍ୟ ଭାବି ପ୍ରଭୁ ତାଙ୍କୁ ବାରମ୍ବାର ଘଣ୍ଟ ଘୋଡ଼ାଇ ରକ୍ଷା କରିଅଛନ୍ତି । ୧୮୯୫ ଅବ୍ଦରେ ମହାନଦୀରେ ବୁଡ଼ି ଯାଉ ଯାଉ ସେ ତାଙ୍କ ସହାଧ୍ୟାୟୀ କହ୍ନାଇ ବାବୁଙ୍କ ଦ୍ୱାରା ଉଦ୍ଧାର ପାଇଥିଲେ । ରାଜ୍ୟର ଶ୍ରୀରାମପୁର ଜଙ୍ଗଲରେ ଶିକାର କରୁ କରୁ ହାତୀ ଉପରୁ କଣ୍ଟିଙ୍ଗ ହୋଇ ପଡ଼ିଯାଇ ତାଙ୍କ ଗୋଡ଼ ପଥରରେ ପିଚି ହୋଇ ଯାଇଥିବାରୁ ତାଙ୍କର ପ୍ରାଣସଂଶୟ ଘଟିଥିଲା । ୧୯୧୮ରେ ଇନ୍‌ଫ୍ଲୁଏଞ୍ଜା ଆକ୍ରମଣରେ ସେ ମୁମୂର୍ଷ ଦଶା ପ୍ରାପ୍ତ ହେବା ଫଳରେ ଦେଶରେ ତାଙ୍କ ସମ୍ବନ୍ଧରେ ଅମୂଳକ ଶୋକ ସମ୍ବାଦ ମଧ୍ୟ ପ୍ରଚାରିତ ହୋଇ ପଡ଼ିଥିଲା । ୧୯୧୬ ରେ ରେଢ଼ାଖୋଲ ଠାରେ ମଠରେ ନିଆଁ ଲାଗିଯିବାରୁ ସେ ସେହି ଅଗ୍ନିକାଣ୍ଡରୁ ଅଳ୍ପକେ ରକ୍ଷା ପାଇଥିଲେ । ରାଜା କିଶୋରଚନ୍ଦ୍ର ବାଲ୍ୟ-କାଳରୁ କବିତାପ୍ରିୟ । ଏପରିକି, ସେ ନିଜର ବନ୍ଧୁମାନଙ୍କ ଠାକୁ କବିତାରେ ପତ୍ର ଲେଖୁଥିଲେ । ସାହିତ୍ୟସେବକ ବାମଣ୍ଡା ରାଜବଂଶ ସଙ୍ଗେ ବୈବାହିକ ବନ୍ଧନରେ ଆବଦ୍ଧ ହେବା ଦ୍ୱାରା ତାଙ୍କ ସାହିତ୍ୟଚର୍ଚ୍ଚା ଅଧିକ ବଢ଼ିଗଲା; ଏପରିକି, ଏହାଙ୍କ ସଙ୍ଗେ ବାମଣ୍ଡା ରାଜବଂଶୀୟ ବନ୍ଧୁମାନଙ୍କର କବିତାରେ ପତ୍ରମାନ ଆଦାନପ୍ରଦାନ ଚଳୁଥିଲା । ଉକ୍ତ ପତ୍ରମାନ ସଂଗୃହୀତ ହୋଇ ସାଧାରଣତଃ ଅପ୍ରକାଶ୍ୟ ଭାବରେ ଗୋଟିଏ ଶତାଧିକ ପୃଷ୍ଠାର ଗ୍ରନ୍ଥ ମୁଦ୍ରିତ ହୋଇଅଛି । ରାଜା କିଶୋରଚନ୍ଦ୍ରଙ୍କ ସାହିତ୍ୟାନୁରାଗରୁ ଯୁବରାଜ ଓ ଟିକାଏତ ଯାଇଅଛନ୍ତି । ଟିକାଏତ ମଧ୍ୟ ଜଣେ ଉଦୀୟମାନ କବି । ପୂର୍ବରୁ ଉକ୍ତ ହୋଇଅଛି ଯେ, ରାଜାଙ୍କ ଅର୍ଥ ଓ ପୃଷ୍ଠପୋଷକତାରେ ତାଳଚେରରୁ ଗଡ଼ଜାତର ଏକମାତ୍ର ସମ୍ବାଦପତ୍ର ଗଡ଼ଜାତ-ବାସିନୀ ଆଜକୁ ୩୬ବର୍ଷ ହେଲା ପ୍ରତି ସପ୍ତାହରେ ପ୍ରକାଶିତ ହେଉଅଛି । ତାଙ୍କ ସାହିତ୍ୟାନୁରାଗରେ ପ୍ରଭାବିତ ହୋଇ

ତାଳଚେରର ବହୁସଂଖ୍ୟକ ଲେଖକ ଓ କବି ଜନ୍ମ କରିଅଛି । ତାଙ୍କ ସଙ୍ଗୀତ ତାଙ୍କର ନାତି ଟିକାଏତ ସୌଭାଗ୍ୟଚନ୍ଦ୍ରଙ୍କୁ ପ୍ରଭାବିତ କରିଅଛି ଓ ୧୦ ବର୍ଷ ବୟସରେ ସେ କବିତା ରଚନା କରି 'କବିତା ରଚନା ଶୀତା' ନାମରେ ଖଣ୍ଡିଏ ପୁସ୍ତକ ପ୍ରକାଶ କରିଅଛନ୍ତି । କିଶୋରଚନ୍ଦ୍ରଙ୍କ ପ୍ରସ୍ତାବରେ ତାଳଚେରରେ ଗୋଟିଏ ସାହିତ୍ୟିକ ବାୟୁମଣ୍ଡଳର ସୃଷ୍ଟି ହୋଇଅଛି । ପ୍ରତି ନବବର୍ଷର ଆରମ୍ଭରେ ଉତ୍କଳର ସାହିତ୍ୟିକ ବନ୍ଧୁମାନଙ୍କ-ଠାରୁ ରାଜାସାହେବ ଶୁଭକାମନା ପ୍ରେରଣ କରିଥାଆନ୍ତି । 'ବରସା' ନାମରେ ସେ ୩୪ବର୍ଷ ତଳେ ଯେଉଁ କବିତା ରଚନା କରିଥିଲେ, ତହିଁରେ ଆଧୁନିକ ସମାଜରେ ପରିଲକ୍ଷିତ ଉଚ୍ଛୃଙ୍ଖଳତା, ନାରୀଜାତିର ନିର୍ଯ୍ୟାତନା, ପୁରୁଷମାନଙ୍କର ପକ୍ଷପାତିତା ଯାହା ବର୍ଣ୍ଣିତ ହୋଇଅଛି ଓ ନାରୀଜାତି ପାଇଁ ସେ ୩୪ ବର୍ଷ ତଳେ ଯେଉଁ ନ୍ୟାଯ୍ୟ ଅଧିକାରମାନ ଦାବି କରିଥିଲେ, ତାହା ପାଠ କଲେ ତାଙ୍କର ଦିବ୍ୟ ଭବିଷ୍ୟତ୍ ଦୃଷ୍ଟିକୁ ପ୍ରଶଂସା ନ କରି ରହି ହେବ ନାହିଁ । ତାଙ୍କର ପଟ୍ଟମହିଷୀ ଶ୍ରୀମତୀ ଗୌରୀ ପଟ୍ଟମହାଦେବୀ ମଧ୍ୟ ପଣ୍ଡିତା ଓ ଗୁଣଗ୍ରାହିକା ଆଉ ପଣ୍ଡିତ ପତିଙ୍କ ଯୋଗ୍ୟା ସହଧର୍ମିଣୀରୂପେ ତାଳଚେରକୁ ମଣ୍ଡନ କରୁଅଛନ୍ତି । ସେ ରାଜକାର୍ଯ୍ୟରେ ସୁପଣ୍ଡିତ ରାଜାଙ୍କର ସୁପଣ୍ଡିତା ପରାମର୍ଶଦାତ୍ରୀ ହୋଇ ରହିଅଛନ୍ତି । ୧୯୧୬ ମସିହାରେ ଉତ୍କଳ ସମ୍ମିଳନୀର ସଭାପତି ପଦରେ ବରିତ ହୋଇ ରାଜାସାହେବ ସମଗ୍ର ଉତ୍କଳଭାଷୀ ଅଞ୍ଚଳର ସମ୍ମିଳିତ ହେବାର ଆଶା ଓ ଆକାଙ୍କ୍ଷାକୁ ବାଗ୍ରୂପଦାନ କରିଥିଲେ । ରାଯ୍ପୁର ରାଜକୁମାର କଲେଜରେ ସେ ରାଜାମାନଙ୍କ ପକ୍ଷରୁ ଚେଅରମାନ ପଦରେ ମନୋନୀତ ହୋଇଥିଲେ ଓ ନରେନ୍ଦ୍ରମଣ୍ଡଳରେ ସେ ଉତ୍କଳ ରାଜନ୍ୟମଣ୍ଡଳୀଙ୍କ ପକ୍ଷରୁ ପ୍ରତିନିଧି ହୋଇ ନିଜ ବ୍ୟକ୍ତିଗତ ଯୋଗ୍ୟତାର ଉତ୍କୃଷ୍ଟ ନିଦର୍ଶନ ଦେଖାଇଥିଲେ ।

ଏ ଭାଷାକୋଷ ପ୍ରତି ତାଙ୍କର ମମତା ଅସୀମ । ରାଜ-ପଦର ଅଧିକାରୀ ହୋଇ ସୁଦ୍ଧା ଏ ଗ୍ରନ୍ଥର ମୁଦ୍ରଣ ପୂର୍ବରୁ ଏଥିପାଇଁ ଦାନ ଆହରଣ ଉଦ୍ଦେଶ୍ୟରେ ସେ ପ୍ରାର୍ଥନା ପତ୍ରରେ ଅକୁଣ୍ଠିତଭାବରେ ସ୍ୱାକ୍ଷର କରିଥିଲେ । ଏ ଗ୍ରନ୍ଥର ମୁଦ୍ରଣ ନିମନ୍ତେ ସେ ଆଶାନୁରୂପ ସାହାଯ୍ୟ କରିଅଛନ୍ତି ।

ପ୍ରଭୁ କିଶୋରଚନ୍ଦ୍ରଙ୍କ ଭଳି ଜଣେ ସର୍ବଗୁଣ-ସମନ୍ୱିତ ରାଜାଙ୍କୁ ଦାନ କରି ଉତ୍କଳ ଜନନୀକୁ ଧନ୍ୟ କରିଅଛନ୍ତି । ରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ସପତ୍ନୀକ ଓ ସସନ୍ତାନ ଚିରଜୀବୀ ହୁଅନ୍ତୁ ଓ ତାଙ୍କର ଜୟ ହେଉ, ଏହାହିଁ ଆମ୍ଭମାନଙ୍କର ଐକାନ୍ତିକ କାମନା ।

୧୯୩୮-୩୯ ସାଲରେ ଓଡ଼ିଶା ଗଡ଼ଜାତର ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ ଏ ରାଜ୍ୟରୁ ଅନେକ-ଗୁଡ଼ିଏ ପ୍ରଜା ବାହାରିଆସି ଅନୁଗୁଳରେ ରହିଥିଲେ । କିନ୍ତୁ ରାଜାସାହେବ ପ୍ରଜାମାନଙ୍କ କେତେକ ଅଧିକାର ପ୍ରଦାନ-କରିବାକୁ ପ୍ରତିଶ୍ରୁତ ହେବାରୁ ସେମାନେ ସ୍ୱରାଜ୍ୟକୁ ଫେରି ଯାଇଅଛନ୍ତି ଏବଂ ରାଜାସାହେବଙ୍କ ନାମରେ ରଟନା କରି ଯାଇଥିବା ଦୁର୍ନାମମାନ ଅମୂଳକ ଥିବା ପ୍ରମାଣିତ ହୋଇଅଛି ।

ସନ୍ଦର୍ଭଲେଖକ—

ଶ୍ରୀ ନିତ୍ୟାନନ୍ଦଚରଣ ପଟ୍ଟନାୟକ

ହରିଚନ୍ଦନ ଦେବ—ଦେ.ବି (ନାମ)—ଲୀଳାବତୀ ନାମକ କାବ୍ୟରଚୟିତା ଜନୈକ ଗଡ଼ଜାତର ରାଜା (ଭାରତୀ)— **Harichandana deba** Author of 'Lilābati' and the Raja of a feudatory State.

ହରିଚନ୍ନ—ଗ୍ରା. ବି (ସ. ହରିଚନ୍ଦନ)—ହରିଚନ୍ଦନ (ଦେଖ)— **Harichanna** Harichandana (See).

ହରି ଚରଣ—ସ. ବି (ଷଷ୍ଠୀ ତତ୍)—ଭଗବାନଙ୍କ ପାଦ— **Hari charaṇa** The feet of God. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males.

ହରି ଚର୍ମ—ସ. ବି (ଷଷ୍ଠୀ ତତ୍)—ବ୍ୟାଘ୍ରଚର୍ମ; ବାଘର ଚମଡ଼ା (ହି.ଶ)— **Hari charma** Tiger-skin.

ହରି ଚାପ—ସ.ବି (ଷଷ୍ଠୀ ତତ୍)—ଇନ୍ଦ୍ରଧନୁ (ହି. ଶ)— **Hari chāpa** Rainbow.

ହରିଜଟା—ସଂ. ବି. ସ୍ତ୍ରୀ (ନାମ) ରାମାୟଣୋକ୍ତ ଜଣେ ରାକ୍ଷସୀ— **Hari jaṭā** Name of a demoness mentioned in the Rāmāyāṇa. [ଦ୍ର—ସୀତାଙ୍କୁ ବୁଝାଇ ସୁଝାଇ ତାଙ୍କୁ ରାବଣ ପ୍ରତି ଅନୁକୂଳା କରାଇବା ପାଇଁ ରାବଣ ଏ ରାକ୍ଷସୀକୁ ନିଯୋଜିତ କରିଥିଲେ ।]

ହରିଜନ—ସଂ ବି (ଷଷ୍ଠୀତତ୍) ଭଗବାନଙ୍କ ଭକ୍ତ—A devotee of God **Harijana** ଦେ. ବି (ଆଧୁନିକ) ହିନ୍ଦୁ ସମାଜର ତଥାକଥିତ ଅସ୍ପୃଶ୍ୟ ଜାତିଭୁକ୍ତ ବ୍ୟକ୍ତିମାନେ—Harijan; members of the socalled untouchable or depressed classes of the Hindu society. [ଦ୍ର—ହିନ୍ଦୁସମାଜର ଅନ୍ତର୍ଭୁକ୍ତ ପ୍ରାଚୀନ ଅନାର୍ଯ୍ୟମାନଙ୍କ ବଂଶଧରମାନେ ସବର୍ଣ୍ଣ ହିନ୍ଦୁମାନଙ୍କ ଦ୍ୱାରା ଅସ୍ପୃଶ୍ୟ ବୋଲି ବିବେଚିତ ହେଉଥିଲେ । ହିନ୍ଦୁ-ସମାଜର ଚାରି ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର)ଙ୍କ ଠାରୁ ଏମାନେ ପୃଥକ୍ ବିବେଚିତ ହେଉଥିବାରୁ ଏମାନଙ୍କ ଦାକ୍ଷିଣାତ୍ୟରେ ପଞ୍ଚମ ବୋଲି କୁହା ଯାଉଥିଲା । ସବର୍ଣ୍ଣ ହିନ୍ଦୁମାନେ ଏମାନଙ୍କୁ ଛୁଇଁ ଦେଲେ ଅଶୁଚି ହେଉଥିଲେ । ସବର୍ଣ୍ଣମାନଙ୍କ ବ୍ୟବହୃତ ଜଳାଶୟ, କୂପ, ବିଦ୍ୟାଳୟ, ଦେବମନ୍ଦିରମାନ ଏମାନଙ୍କ ପ୍ରତି ନିଷିଦ୍ଧ ଥିଲା । ମହାତ୍ମା ଗାନ୍ଧୀ ଏହି ନୀଚଜାତୀୟ ହିନ୍ଦୁମାନଙ୍କୁ 'ହରିଜନ' ଆଖ୍ୟା ଦେଇ ସେମାନଙ୍କ ଅସ୍ପୃଶ୍ୟତା, ମନ୍ଦିର ପ୍ରବେଶ ନିଷେଧ ଆଦି ଦୂର କରିବା ପାଇଁ ଆନ୍ଦୋଳନର ସୂତ୍ରପାତ କରି ସେମାନଙ୍କର ପୂର୍ବତନ ସାମାଜିକ ଦୁରବସ୍ଥା ଯଥାସମ୍ଭବ ପରିମାଣରେ ଦୂର କରିବାକୁ ଚେଷ୍ଟା କରୁଅଛନ୍ତି; ଏମନ୍ତ କି, ମହାତ୍ମା ଗାନ୍ଧୀଙ୍କର କେତେକ ଭକ୍ତ ହରିଜନ-

ମାନଙ୍କ ସଙ୍ଗେ ଏକ ପଂକ୍ତିରେ ଓ ଏକ ପାତ୍ରରେ ଭୋଜନ କରୁଅଛନ୍ତି ଓ ସବର୍ଣ୍ଣଙ୍କ ସଙ୍ଗେ ହରିଜନମାନଙ୍କ ବୈବାହିକ ସମ୍ବନ୍ଧ ସ୍ଥାପନାର୍ଥ ଚାଲୁନା କରୁଅଛନ୍ତି ।

ହରି ଜନମ—ଗା. ବି (ସଂ. ହରିଜନ୍ମ)—ହରିଜନ୍ମ (ଦେଖ)—
Hari janama — Hari janma (See).

ହରି ଜନ୍ମ—ସଂ. ବି (୬ଷ୍ଠୀ ତତ୍)—୧ । ଈଶ୍ୱରଙ୍କର ପୃଥିବୀରେ ଅବତାର-
Hari janma — ରୂପେ ଜନ୍ମ—1. The birth of God on the occasion of some incarnation. ୨ । ଦେବକୀ ଗର୍ଭରୁ କଂସ ରାଜାଙ୍କର ବନ୍ଦୀଶାଳାରେ ଭାଦ୍ର କୃଷ୍ଣ ଅଷ୍ଟମୀ ରାତିରେ ଶ୍ରୀକୃଷ୍ଣଙ୍କ ଜନ୍ମ—2. The birth of Shrikṛushṇa on the 8th day of the dark fortnight of Bhādra in the jail of Kaṁsa from Debakī ୩ । ଶ୍ରୀକୃଷ୍ଣଙ୍କ ଜନ୍ମ ତିଥି (ଭାଦ୍ର କୃଷ୍ଣାଷ୍ଟମୀ) ରେ କର୍ତ୍ତବ୍ୟ ଉତ୍ସବ ଓ ବ୍ରତ—3. Festival and fast observed on the birth day of Srikṛushṇa (on the 8th day of the dark fortnight of Bhādra.

ହରିଜନ୍ମାଷ୍ଟମୀ—ସଂ. ବି—ହରିଜନ୍ମ (୩) ଓ (୪) (ଦେଖ)—
Harijanmāshṭamī — Harijanma (3) & (4) (See).

ହରିଜିତମଧ୍ୟା—ସଂ. ବିଣ. ସ୍ତ୍ରୀ (ହରି ଅର୍ଥାତ୍ ସିଂହ ଯେଉଁ ମଧ୍ୟ ଅର୍ଥାତ୍
Harijitamadhyā — କଟିଦ୍ୱାରା ଜିତ ଅର୍ଥାତ୍ ପରାସ୍ତ ହୋଇଅଛି, ଏପରି ମଧ୍ୟ ବା କଟି ଅଛି ଯାହାର)—କେଶରିମଧ୍ୟା; ସିଂହକଟିବିଶିଷ୍ଟା—(a woman) Having slender waist like that of a lion. (ଉ—ବୋଲେ ସୁବୁଦ୍ଧି ଏ ବୁଦ୍ଧି ସମାଧ, ହରି ରେ ହରିଜିତମଧ୍ୟା ବାପା—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ହରିଡ଼ା—ଦେ. ବି (ସଂ. ହରୀତକୀ, ପ୍ରା. ହରିଡ଼ଇ)—୧ । ହରୀତକୀ
Harirḍā — (ଦେଖ)—1. Haritakī (See)
हत्तुकी, हत्तकी — ୨ । ହରିଡ଼ା ଆକୃତିର ସୁନାର କଣ୍ଠୀ—2. Golden beads shaped like the fruits of
हर्रे, हड़ — Myrobalan strung into a necklace.

ହରିଡ଼ା କଣ୍ଠି (ଣ୍ଠୀ)—ଦେ. ବି—ହରିଡ଼ା ଫଳ ଆକୃତିର ସୁନାଗଡ଼ଣର
Harirḍā kanṭhi (nṭhī) — ବା ହାରର କଣ୍ଠୀ ବା ଦାନା—
हत्तुकीकण्ठी — Golden beads shaped like the fruits
हर्रेकण्ठी — of myrobalan and strung into a necklace.

ହରିଡ଼ାଖଣ୍ଡି—ଦେ. ବି—(ନାମ) ଗଞ୍ଜାମ ବ୍ରହ୍ମପୁର ସହରର ଉପକଣ୍ଠରେ
Harirḍā khaṇḍi — ଥିବା ପ୍ରସିଦ୍ଧ ବୈଷ୍ଣବ ମଠ—Name of a famous Maṭha in the suberbs of Berhampur in the district of Ganjam.

ହରିଡ଼ା ବାହାଡ଼ା ଅଁଅ (ଏଁ) ଳା—ଦେ. ବି. (ସମାହାର) (ହରୀତକୀ,
Harirḍā bāhārḍā a-an̐(en̐)ḷā — ବହେଡ଼ା ଓ ଅମଳକୀ)
हत्तुकीबहेड़ाआमला — (ଔଷଧାର୍ଥେ ବ୍ୟବହୃତ) ତ୍ରିଫଳା; ହରୀତକୀ
हर्रेबहेराऔंवला — ବିଭୀତକୀ ଓ ଆମଳକୀ ନାମକ ତିନିଗୋଟି ଫଳର ସମାହାର—Three fruits; black myrobalan, beleric myrobalan and emblic myrobalan used in medicine. [ଦ୍ର—ହରିଡ଼ା ବାହାଡ଼ା ଓ ଅଁଳା ଫଳମାନଙ୍କୁ ଶୁଖାଇ ତେଚ ଭିତ୍ରର ମଞ୍ଜି ଗୁଡ଼ିକ ବାହାର କରିସାରି ଅବଶିଷ୍ଟ ପ୍ରତ୍ୟେକ ପଦାର୍ଥରୁ ସମପରିମାଣରେ ୧ ତୋଳାକୁ ଛଟାକିଏ ପାଣିରେ ୧୨ ଘଣ୍ଟା ବତୁରାଇ ଉକ୍ତ ପାଣିରୁ ବତୁରି ଯାଇଥିବା ଦ୍ରବ୍ୟକୁ ଛାଣି ଫିଙ୍ଗି ଦେଇ ସେ ପାଣିକୁ ଭୋଜନର ଅନ୍ତତଃ ୪ଘଣ୍ଟା ପରେ ପ୍ରତିଦିନ ପାନ କଲେ କୋଷ୍ଠବଦ୍ଧତା ଦୂର ହୁଏ; ଏହା ପରୀକ୍ଷିତ ।]

ହରିଣ—ସଂ. ବି. ପୁଂ (ହୃ ଧାତୁ + କର୍ତ୍ତୃ ଇନ)—୧ । ମୃଗ; ମିରିଗ; ଏଣି;
Hariṇa — ଚିତ୍ରମୃଗ—Deer; the spotted deer.
(ସ୍ତ୍ରୀ—ହରିଣୀ) [ଦ୍ର—ଉଦର ତାମ୍ରବର୍ଣ୍ଣ ଓ ବୃହତ୍କାୟ ହରିଣକୁ
(ପର୍ଯ୍ୟାୟ— ମୃଗ କହନ୍ତି । କାଳିକା ପୁରାଣରେ ହରିଣକୁ ୫ଶ୍ରେଣୀରେ
ଏଣ, କୁରଙ୍ଗ, ବିଭକ୍ତ କରାଯାଇଅଛି । ଯଥା—କୃଷ୍ଣ, ଖଡ୍ଗ, ରୁରୁ,
ମୃଗ, ବାତାୟୁ, ପୃଷତ ଓ ମୃଗ । ଏହାଙ୍କ ଚର୍ମ ମୁନିମାନେ ପିନ୍ଧନ୍ତି ଓ
ଶମ୍ବର, ରୁରୁ, ଆସନ କରନ୍ତି । ମୃଗମାନଙ୍କୁ ଦେବତାଙ୍କ ଆଗରେ
ପୃଷତ, ସାରଙ୍ଗ, ବଳି ଦିଆଯାଏ । ଏହାଙ୍କ ମାଂସ ଲୋକେ ଖାଆନ୍ତି ।
କୃଷ୍ଣ) ହରିଣଙ୍କ ଶିଙ୍ଗରେ ଛୁରୀ ପାନିଆ ଆଦି ତିଆରି ହୁଏ । ଭିନ୍ନ ଭିନ୍ନ
हरिण — ଜାତୀୟ ହରିଣଙ୍କର ଭିନ୍ନ ଭିନ୍ନ ନାମ ଅଛି । ଛେଳିଠାରୁ
हरिया, हिरन — ଆକାରରୁ ଗାଈ ଆକାର ପର୍ଯ୍ୟନ୍ତ ନାନା ପ୍ରକାର ହରିଣ ଅଛନ୍ତି । ଗାଈଙ୍କ ପରି ବଡ଼ ହରିଣଙ୍କୁ ଶମ୍ବର ଓ ଘୋଡ଼ାଙ୍କ ପରି ହରିଣଙ୍କୁ ଘୋଡ଼ାଙ୍ଗ କହନ୍ତି ।] ୨। ଶିବ; ମହାଦେବ—2. Śiba. ୩ । ବିଷ୍ଣୁ—3. Bishṇu, ୪ । ସୂର୍ଯ୍ୟ—4. The Sun. ୫ । ହଂସ—5. Swan. ୬ । ଶୁକ୍ଳବର୍ଣ୍ଣ—6. White colour. ୭ । ପାଣ୍ଡୁବର୍ଣ୍ଣ—7. Grey colour. ୮ । (ନାମ—ନାଗ ବିଶେଷ (ପୁ.ଣ)—8. Name of a mythological Nāga. ୯ । ମୃଗଜାତୀୟ ପୁରୁଷ—9. A class of males described in Hindu works. ସଂ. ବିଣ—ପାଣ୍ଡୁର, କପିଳ—Grey; tawny. ଗ୍ରା. ବି. ପୁଂ—ହରି ନାମକ ବ୍ୟକ୍ତି ଲୋକବସରିଆ ଭାବ ନାମ—Fond nick name of Hari.

ହରିଣ(ଣୀ) ଦୃଶା—ସଂ. ବିଣ. ସ୍ତ୍ରୀ—(ବହୁବ୍ରୀହି, ହରିଣର ଦୃଶା ବା
Hariṇa (ṇī) dṛśā — ନୟନ ପରି ଦୃଶା ଯାହାର)—ଏଣୀନୟନା,
ହରିଣ(ଣୀ)ନୟନା, ହରିଣ(ଣୀ)ନେତ୍ରା(ତ୍ରୀ), ହରିଣ(ଣୀ)ଲୋଚନା, ହରିଣାକ୍ଷୀ — ଯେଉଁ ସ୍ତ୍ରୀର ଆଖି ମୃଗର ଆଖିପରି ଅତ୍ୟନ୍ତ] ପରି ଲମ୍ବା,ସରୁ ଓ ମନୋହର—Deer-eyed (female) [ଦ୍ର—ଏହି ବିଶେଷଣ ପୁରୁଷମାନଙ୍କ ପ୍ରତି ବ୍ୟବହୃତ ନ ହେଉଥିବାରୁ ଏ ଶବ୍ଦର ପୁଂଲିଙ୍ଗ ଦିଆଗଲା ନାହିଁ । କାରଣ, କବି ଓ ଗ୍ରନ୍ଥକାରମାନେ

ସ୍ତ୍ରୀମାନଙ୍କୁ ଏଣୀନୟନା ବୋଲି ବ ନା କରନ୍ତି; କିନ୍ତୁ ପୁରୁଷଙ୍କୁ ଏଣନୟନ କହିବାର ଶୁଣାନାହିଁ ।

ହରିଣ କଳଙ୍କ (ଲାଞ୍ଛନ, ଲକ୍ଷଣ)—ସଂ.ବି (ବହୁବ୍ରୀହି)—ମୃଗଲାଞ୍ଛନ, ଚନ୍ଦ୍ର
Harina kalanka (lānchhana, lakshana) The moon.

ହରିଣ ନର୍ତ୍ତକ—ସଂ. ବି—କିନ୍ନର (ଶବ୍ଦରତ୍ନାବଳୀ)—A species of
Harina narttaka aerial beings said to be the songsters of the gods. [ବି—ଏମାନଙ୍କର ରୂପ ହରିଣ ପରି ଓ ଏମାନେ ନୃତ୍ୟ ଗୀତାଦି କରୁଥିବାରୁ ଏମାନଙ୍କର ଏପରି ନାମକରଣ ହୋଇଅଛି]

ହରିଣ ପ୍ଲୁତା—ସଂ. ବି—ବୃତ୍ତ ବିଶେଷ—Name of a Sanskrit
Harina plutā metre. [ବି—ଏହା ବର୍ଣ୍ଣାର୍ଦ୍ଧ ସମବୃତ୍ତ । ଏଥିର ବିଷମ ଚରଣରେ ୩ ସ ଗଣ, ୧ ଲଘୁ ଓ ୧ ଗୁରୁ ବର୍ଣ୍ଣ ଓ ସମ ଚରଣରେ ୧ ନଗଣ, ୨ଭଗଣ ଓ ୧ ରଗଣ ଥାଏ—(ଛ. ଶ)]

ହରିଣ୍(ନ୍) ବାଡ଼ି—ଦେ. ବି (ନାମ)—ହରିଣବାଡ଼ି (ଦେଖ)—
Harin(n-)bārdi Harin-bārdi (See)

ହରିଣ ମାଂସ—ସଂ. ବି (୬ଷ୍ଠୀ ତତ୍)—ମୃଗ ମାଂସ—Venison.
Harina māmsa meat of deer. [ବି—ଏହା ଶୀତବୀର୍ଯ୍ୟ ମଳମୂତ୍ର ରୋଧକ, ସୁଗନ୍ଧ ଓ ସନ୍ନିପାତ, ପିତ୍ତ, ରକ୍ତ ଓ କଫ ନାଶକ, ସଂଗ୍ରାହୀ, ରୋଚକ, ହୃଦ୍ୟ, ବଳକର, ଜ୍ୱରନାଶକ ଓ ବୃଂହଣ—ଭାବପ୍ରକାଶ]

ହରିଣ ହୃଦୟ—ସଂ. ବିଣ, ପୁଂ (ବହୁବ୍ରୀହି)—ଭୀରୁ ଡରକୁଳା (ହି. ଶ)—
Harina hrudaya Very timid; coward.
[ହରିଣ ହୃଦୟା—ସ୍ତ୍ରୀ]

ହରିଣାକ୍ଷୀ—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ହରିଣ+ଅକ୍ଷ+ସ୍ତ୍ରୀ ଈ)—ହରିଣ
Harinākshī ଦୃଶା (ଦେଖ)—Harinadrusā (See) ୨—ବିଟ୍ଟୁ ବିଳାସିନୀ ନାମକ ଗନ୍ଧ ଦ୍ରବ୍ୟବିଶେଷ; ନଖୀ—(ଶବ୍ଦଚନ୍ଦ୍ରିକା)—Fasciolaria (a scented article got from the sea).

ହରିଣାଙ୍କ—ସଂ. ବି (ବହୁବ୍ରୀହି)—ମୃଗାଙ୍କ; ଚନ୍ଦ୍ର (ଶବ୍ଦରତ୍ନାବଳୀ)—
Harināṅka The moon.

ହରିଣାଶ୍ୱ—ସଂ.ବି(ବହୁବ୍ରୀହି)—ମୃଗ ବାହନ, ବାୟୁ—The air.[ବି—
Harināswa ବାୟୁଦେବତାଙ୍କ ବାହନ ମୃଗ ଥିବା ପୁରାଣରେ କଥିତ]

ହରିଣିଆ ଗନ୍ଧ—ଦେ.ବି—ମନୁଷ୍ୟଙ୍କ ଓ ପଶୁମାନଙ୍କ ଦେହରୁ ଓ ବାସି ଦୁଧ-
Harinia gandha ଦହିରୁ ଅନୁଭୂତ ଏକପ୍ରକାର ଅପ୍ରୀତିକର ଦୁର୍ଗନ୍ଧ—An unpleasant smell arising from the body of certain persons and animals and from stale milk and curd. [ବି—କଞ୍ଚା ଦୁଧ ବା ଅଉଟା ଦୁଧ ୧।୨ ଦିନ ମହ ନ ପଡ଼ି ରହିଗଲେ ତହିଁରୁ ଯେଉଁ ଗନ୍ଧ ବାହାରେ ତାକୁ ହରିଣିଆ ଗନ୍ଧ କହନ୍ତି; ଦହି, ଦୁଧ ଓ ଲହୁଣିଆଦିରେ ସଦବା ବ୍ୟବହାର କରୁଥିବା ସହିତ୍ର ଗଉଡ଼ୁଣୀମାନଙ୍କ ଦେହରୁ ନିର୍ଗତ ହରିଣିଆ ଗନ୍ଧ ପାର୍ଶ୍ୱସ୍ଥ ଲୋକଙ୍କ ଦ୍ୱାରା ଅନୁଭୂତ ହୁଏ]

ହରିଣୀ—ସଂ. ବି. ସ୍ତ୍ରୀ (ହରିଣ+ସ୍ତ୍ରୀ ଈ)—୧ । ମୃଗୀ; ଏଣୀ—
Harinī 1. Female deer. ୨ । ପଦ୍ମିନୀ ଆଦି ଚତୁର୍ବିଧା ସ୍ତ୍ରୀଙ୍କ ମଧ୍ୟରୁ ଏକତମା;ଚିତ୍ରିଣୀ ସ୍ତ୍ରୀ—2. A class of females described in Hindu books. ୩ । ତରୁଣୀ—3. A young damsel. ୪ । ବରନାରୀ—4. An excellent and charming young woman. ୫ । ହରିଦ୍ରାଭ ସ୍ତ୍ରୀ; ଗୌରାଙ୍ଗୀ—5. A woman having yellowish complexion. ୬ । ଲକ୍ଷ୍ମୀ—6. The Goddess of wealth. ୭ । ସିଂହୀ—7. Lioness. [ଉ—(୬ଷ୍ଠ ଓ ୭ମ ଅର୍ଥ) ବଣରେ ପୂର୍ବରୁ ହରି ହରିଣୀ, ବଣେ ସେହି ଲକ୍ଷଣାରୁ ଅଣି—ଉଦ୍ଧ: ବୈଦେହୀଶବିଳାସ] ୮ । ସୁବର୍ଣ୍ଣ ପ୍ରତିମା—8.An image made of gold; golden image. [ଉ—କିଣ ଜନକ ଚତ୍ରି ହରିଣୀ ତହିଁ, କନ୍ଦ୍ରମ ହେଲା କଷ୍ଟେ ହରିଣୀ ଏହୁ—ଉଦ୍ଧ.ବୈଦେହୀଶବିଳାସ]—୯ । ଅପ୍ସରାବିଶେଷ—9. Name of a heavenly nymph. ୧୦ । ସପ୍ତଦଶ ଅକ୍ଷରଯୁକ୍ତ ଛନ୍ଦୋବିଶେଷ—10 Name of a Sanskrit metre of 17 syllables.[ବି—ଏଥିରେ ଯଥାକ୍ରମେ ୧ ନଗଣ, ୧ ସଗଣ, ୧ ମଗଣ, ୧ ରଗଣ, ୧ ସଗଣ, ୧ ଲଘୁ ଓ ୧ ଗୁରୁ ବର୍ଣ୍ଣ ଥାଏ (ଛ. ଶ)] ୧୧ । ମଞ୍ଜିଷ୍ଠା (ହି. ଶ)—11. Indian madder. ଗ୍ରା. ବି ଗୋମେଷାଦି ପାଳିତ ପଶୁ—Domestic animals
ପୋষাজন্ত মবেশী (ଉ—ତାହାର ହରିଣୀ ବେ କେଉ ବାଙ୍କେ, ପଢ଼ ପୁଅ ଲାଗି ଯୋଗିଥ ବାନ୍ଧେ—ଭଗ ।] ଗ୍ରା. ବି ବିଣ. ସ୍ତ୍ରୀ (ସଂ.ହାରିଣୀ)—ହରଣକାରିଣୀ—
Stealing; stealer [ଉ—କିଣ ଜନକ ଚନ୍ଦ୍ରହରିଣୀ ତହିଁ, କନ୍ଦ୍ରମ ହେଲା କଷ୍ଟେ ହରିଣୀ ଏହୁ—ଉଦ୍ଧ. ବୈଦେହୀଶବିଳାସ ।)

ହରିତ୍—ସଂ ବି (ହୃ ଧାତୁ+କର୍ତ୍ତୃ ଇତ୍, ଏହା ମନକୁ ହରଣ କରେ ବା ମୁଗ୍ଧ
Harit କରିବାରୁ)—୧ । ଶାଦବର୍ଣ୍ଣ; ଶାଗୁଆବର୍ଣ୍ଣ—
Emerald colour; green colour; verdant green. ୨ । ଶ୍ୟାମ ପୀତ ମିଶ୍ରିତ ବର୍ଣ୍ଣ—2. A mixed colour (yellow mixed with blue.) [ବି—ସୂର୍ଯ୍ୟରଶ୍ମିକୁ ବିଶ୍ଳେଷଣ କରି ଦେଖା ଯାଇଅଛି ଯେ'Green'(ହରିତ୍ ବର୍ଣ୍ଣ) ରଶ୍ମି Blue (ଶ୍ୟାମ ଓ Yellow (ହଳଦିଆ) ରଶ୍ମିର ମଧ୍ୟବର୍ତ୍ତୀ ଅଟେ ।] ୩ । ଶ୍ୟାମବର୍ଣ୍ଣ; ଅସ୍ମାନ ରଙ୍ଗ (ଶବ୍ଦରତ୍ନାବଳୀ)—3. Azure colour; sky colour. ୪ । ନୀଳ ପୀତ ମିଶ୍ରିତ ବର୍ଣ୍ଣ [ଅମରକୋଷ]—4. A mixed colour consisting of indigo and yellow colours. ୫ । ଅଶ୍ୱବିଶେଷ[ମେଦିନୀ]—5. A species of horse.

୬ । ତୃଣ [ମେଦିନୀ]—6. Grass. ୭ । ସୂର୍ଯ୍ୟାଶ୍ୱ [ତ୍ରିକାଣ୍ଡଶେଷ]—7. The horse of the chariot of the Sun god. ୮ । ମୁଦ୍ଗ; ମୁଗ [ହେମଚନ୍ଦ୍ର] 8. A kind of pulse or cereal. ୯ । ସିଂହ [ଶବ୍ଦକଳ୍ପଦ୍ରୁମ]—9. The lion. ୧୦ । ସୂର୍ଯ୍ୟ [ଶବ୍ଦକଳ୍ପଦ୍ରୁମ]—10. The sun. ୧୧ । ବିଷ୍ଣୁ (ଶବ୍ଦକଳ୍ପଦ୍ରୁମ)—11. Bishnu. ୧୨ । ଦିକ୍; ଦିଗ (ଅମରକୋଷ)—12. The quarters of the earth. ୧୩ । ହରିଦ୍ରା (ରାଜନିର୍ଘଣ୍ଟ)—13. Turmeric. ୧୪ । ପୀତବର୍ଣ୍ଣ (ହି. ଶ)—14. Yellow colour. ୧୫ । ବାଦାମୀରଙ୍ଗ (ହି. ଶ) 15. Almond colour. ବିଣ—ହରିତ୍ ବର୍ଣ୍ଣବିଶିଷ୍ଟ—Of green colour.

ହରିତ ଖଣ୍ଡ—ଦେ. ବି—ରବି ଫସଲ—
Harit-khanda The cereals; the green crops.
রবি ফসল रबि फसल

ହରିତ୍ପର୍ଣ୍ଣ—ସଂ. ବିଣ (ବହୁବ୍ରୀହି)—ହରିତ୍ ବର୍ଣ୍ଣ ପତ୍ରଯୁକ୍ତ—
Harit-parnna Having green leaves.
ବି—ମୂଳକ; ମୂଳା (ରାଜନିର୍ଘଣ୍ଟ)—Radish.

ହରିତ—ସଂ ବି [ହୃ ଧାତୁ+କର୍ତ୍ତୃ ଇତ]—୧ । ହରିତ୍; ହରିଦ୍ବର୍ଣ୍ଣ; ଶାଗୁଆରଙ୍ଗ—1. Green colour.
Harita
୨ । ସିଂହ (ଶବ୍ଦକଳ୍ପଦ୍ରୁମ)—2. Lion. ୩ । ସ୍ଥୌଣେୟକ (ଦେଖ)—3 Sthauneyaka (See). ୪ । ଭୃଙ୍ଗପର୍ଣ୍ଣୀ ନାମକ ଗନ୍ଧଦ୍ରବ୍ୟ; ଗଣ୍ଠିଅଳା—4. A scented herb. ୫ । ହରିତପକ୍ଷୀ (ଦେଖ)—5. Haritapakshi(See) ୬ । (ନାମ) ସୂର୍ଯ୍ୟବଂଶୀୟ ଜଣେ ରାଜା; ହରିଶ୍ଚନ୍ଦ୍ରଙ୍କ ନାତି ଓ ରୋହିତାଶ୍ୱଙ୍କ ପୁତ୍ର—6. Name of a king of the solar dynasty. ୭ । (ନାମ) କଶ୍ୟପଙ୍କ ଏକ ପୁତ୍ର [ହି ଶ]—7. Name of a son of Kasyapa. ୮ । (ନାମ) ଯଦୁଙ୍କର ଏକ ପୁତ୍ର [ହି. ଶ]—8. Name of a son of Jadu. ୯ । (ନାମ) ଯୁବନାଶ୍ୱଙ୍କ ଏକ ପୁତ୍ର (ହି. ଶ)—9. Name of a son of Jubanāswa. ୧୦ । ସେନା [ହି. ଶ]—10. Army. ୧୧ । ସବଜୀ; ଶାକସବ୍ଜୀ (ହି. ଶ)—11. Kitchen herb. ବିଣ—୧ । ହରିତ୍ ବର୍ଣ୍ଣବିଶିଷ୍ଟ; ଶାଗୁଆ—1. Verdant green. ୨ । ପୀତବର୍ଣ୍ଣ (ହି. ଶ)—2. Yellow. ୩ । ବାଦାମୀ [ହି. ଶ]—3. Brown. ଦେ. ବି [ସଂ ହରିତ୍]—୧ । ଦିଗ—
দিক दिशा 1. The quarters of the earth. [ଭି—ହରି ହରିଦ୍ବାରେ ମିଳି ହରିଦ୍ଧିକ ଭଲେ ହରିତ ପୂରିତ ହୋଇଲେ ତହିଁ ହେଲେ—ଲକ୍ଷ କୋଟି ବ୍ରହ୍ମାଣ୍ଡ ସ୍ୱରୂପ ।] ୨ । ହରିତ୍ ବର୍ଣ୍ଣ ତୃଣ ପଦାର୍ଥ—
ହରିତ हरयाली 2. Verdure; vegetable. ୩ । ଅଙ୍ଗ; ପାର୍ଶ୍ୱ—3. Side; flank. (ଭି—ସୂର ହରିତରେ ଯେଉଁ ରହିଥାନ୍ତି ତାକୁଟି—ବନସ୍ପର୍ଶ ପଶୋଷ ଚର୍ମ୍ମ ତ ଗୀତି)

ହରିତକ—ସଂ ବି—୧ । ଶାକ [ଅମରକୋଷ]—1. Pot herb;
Haritaka green. ୨ । (ଆଧୁନିକ ବୈଜ୍ଞାନିକ ପରିଭାଷା)—କ୍ଲୋରାଇନ୍ ନାମକ ଉପଧାତୁ—2. (Modern scientific name) Chlorine.

ହରିତକପିଶ—ସଂ. ବିଣ ପୁଂ—ଶାଗୁଆ ଓ ମାଟିଆମିଶା ବର୍ଣ୍ଣବିଶିଷ୍ଟ [ହି.ଶ.]
Haritakapisa Of green and brown colour.
(ହରିତକପିଶା—ସ୍ତ୍ରୀ)

ହରିତ ଗୋମୟ—ସଂ ବି[କର୍ମଧା]—ଟଟକା ଗୋବର(ଗୋରକ୍ଷ ଗୃହ୍ୟସୂତ୍ର)
Harita gomaya Fresh cowdung.

ହରିତନ୍—ଦେ. ବି (ଅ. ହର୍ତନ୍)—ହର୍ତନ୍ (ଦେଖ)—
Haritan Har-tan [See]

ହରିତ ପକ୍ଷୀ—ସଂ ବି—ହରଡ଼ ଚଢ଼େଇ (ଦେଖ)—
Harita pakshi Hararda chardhei (See)

ହରିତ ପତ୍ରିକା (ଲତା)—ସଂ ବି—ପାଚୀ [ରାଜନିର୍ଘଣ୍ଟ] (ଦେଖ)—
Harita patrikā[latā) Pāchi [See]

ହରିତ ବସନ—ଦେଂ ତ (ସ. ହରିତ+ବସନ=ହରିଦ୍ବସନ)—
Harita basana ଶାଗୁଆ ଲୁଗା—Green cloth [ଭି—ବହୁତ ହରିତ ବସନେ ହୋଇଛନ୍ତି—ଭକ୍ତ ବୈଦେହୀଶ ବିଳାସ] ଦେ ବିଣ (ସଂ ହୃତ ବସନ)—୧। ଯାହାଙ୍କ ବସନ ହୃତ ହୋଇ ଅଛି—1. Having the cloths stolen or taken away. ୨ । ବିବସ୍ତ୍ର; ଲଙ୍ଗ—2. Naked. ୩ । (ସଂ ହରିତ୍ ବସନ) ଶାଗୁଆ ଲୁଗା ପିନ୍ଧିଥିବା—3. Wearing green cloth.

ହରିତ ମଣି—ସଂ. ବି—ମରକତ ମଣି—
Harita mani Emerald.

ହରିତର ଶାକ—ସଂ. ବି—ଶିଗ୍ରୁ; ସଜନା (ରାଜନିର୍ଘଣ୍ଟ)—
Haritara śaka The moringa tree.

ହରିତା—ସଂ. ବିଣ (ହରିତ+ସ୍ତ୍ରୀ ଆ)—ହରିତର ସ୍ତ୍ରୀଲିଙ୍ଗ—Femi.
Haritā nine form of Harita ବି—୧ । ଦୂବ—(ମେଦିନୀ) —1. Creeping grass; cynoden. ୨ । ଜୟନ୍ତୀ (ରାଜନିର୍ଘଣ୍ଟ) (ଦେଖ)—2. Jayanti (See). ୩ । ହରିଦ୍ରା (ରାଜନିର୍ଘଣ୍ଟ)—3. Turmeric. ୪ । କପିଳ ଦ୍ରାକ୍ଷା(ରାଜନିର୍ଘଣ୍ଟ)—4 A sort of brown grape. ୫ । ପାଚୀ (ଦେଖ)—5 Pāchi (See). ୬ । ନୀଳ ଦୂର୍ବା (ରାଜନିର୍ଘଣ୍ଟ)—6. The green creeping grass. ୭ । କପିଳା ଗୋ (ହି. ଶ)—7. Brown cow. ୮ । (ହର+ସ୍ୱାର୍ଥେ ତା)—ହରତ୍ୱ ବା ଈଶ୍ୱରତ୍ୱ—8. The state of being God.

ହରିତାୟମାନ—ସଂ. ବିଣ (ହରିତାୟ ନାମ ଧାତୁ+କର୍ତ୍ତୃ. ଶାନ)—
Haritāyamāna ୧ । ହରିତବର୍ଣ୍ଣ ବିଶିଷ୍ଟ—1. Verdant

green. ୨ । ଯାହା ହରବର୍ଣ୍ଣ ଦେଖା ଯାଉଅଛି—
[ହରିତାୟମାନା—ସ୍ତ୍ରୀ] 2. Looking green.

ହରିତାଳ—ସଂ. ବି—[ହରିତା+ଅଲଧାତୁ=ଭୂଷିତ କରିବା+କର୍ତ୍ତୃ.ଅ;
Haritāla କିମ୍ବା ହର+ତାଳ—ଏହା ହରଙ୍କ ବୀର୍ଯ୍ୟ ବୋଲି
ପୁରାଣରେ କଥିତ]—୧ । ପାରଦବର୍ଗର ପୀତବର୍ଣ୍ଣ ବସ୍ତୁ
ଉପଧାତୁ ବିଶେଷ—1. Yellow orpiment;
[ସଂ. ପର୍ଯ୍ୟାୟ— yellow arsenic. [ବି—ଏହା ଗନ୍ଧକ ଓ
ତାଳ, ତାଳକ, ଗନ୍ଧକ ମିଶ୍ରିତ ଖଣିଜ ପୀତବର୍ଣ୍ଣ ଉପଧାତୁ ।
ଆଲ, ପୀତନ, ଏହାକୁ ଆୟୁର୍ବେଦୋକ୍ତ ପ୍ରକ୍ରିୟାରେ ଶୋଧନ କରି
ପିଞ୍ଜଳ, ଗୋଦନ୍ତ, ଭସ୍ମ କରି ଔଷଧରେ ପ୍ରୟୋଗ କରାଯାଏ । ଏହାକୁ
ନଟମଣ୍ଡନ, ମଧ୍ୟ ଘୋରି କରି ଚିତ୍ରକରମାନେ ହଳଦିଆ ରଙ୍ଗ
ହରବୀଜ,ବିଦ୍ଧଧାତୁ, ଉଆର କରନ୍ତି । ହରିତାଳ ୨ ପ୍ରକାର ଯଥା—
ବର୍ଣ୍ଣକ,ନଟଭୂଷଣ, ୧ । ପତ୍ର ହରିତାଳ—ଏହା ଅନ୍ୟ ହରିତାଳ
ପୀତ, ଗୋରୋଚନ, ଅପେକ୍ଷା ଗୁଣରେ ଶ୍ରେଷ୍ଠ । ଏହା ସ୍ୱର୍ଣ୍ଣବର୍ଣ୍ଣ,
ଚମ୍ପାଙ୍ଗ, ପିଞ୍ଜରକ, ଗୁରୁ, ଅଭ୍ର ସଦୃଶ ସ୍ତରକ ବିଶିଷ୍ଟ, ସ୍ନିଗ୍ଧ
ବୈତାଳ,କନକରସ, ରସାଯ୍ୟନ ।
କାଞ୍ଚନକ,ବଡ଼ାଳକ, ୨ । ପିଣ୍ଡହରିତାଳ—ସ୍ୱଳ୍ପ ପୀତ, ପିଣ୍ଡ ସଦୃଶ
ଚକ୍ରଗନ୍ଧ, ପିଙ୍ଗ, ବାଲୁକା ଓ ସ୍ୱଳ୍ପ ଗୁଣଶାଳୀ, ଲଘୁ, ଓ ସ୍ତ୍ରୀ-
ପିଙ୍ଗସାର, ରଜୋନାଶକ ।
ଶୈଖ୍ୟଲକତ] ଏହା କଟୁକଷାୟ ରସ, ସ୍ନିଗ୍ଧ, ଉଷ୍ଣବୀର୍ଯ୍ୟ ।
ଶୋଧିତ ହରିତାଳ ବିଷଦୋଷ, କଣ୍ଡୁ, କୁଷ୍ଠ, ମୁଖରୋଗ,
ତ୍ୱକ୍‌ଦୋଷ, ଭୂତାବେଶ, ନେତ୍ର ଦୋଷ, କଫ, ପିତ୍ତ, କେଶ ଓ
ବ୍ରଣନାଶକ । ଅଶୋଧିତ ହରିତାଳ ଶରୀରର ଲାବଣ୍ୟନାଶକ,
ବାତଶ୍ଳେଷ୍ମବର୍ଦ୍ଧକ ଏବଂ ସନ୍ତାପ, ଅଙ୍ଗଶୋଷ ଓ କୁଷ୍ଠରୋଗର
ଉତ୍ପାଦକ ।

ହରିତାଳ ଭସ୍ମ କୃଚ୍ଛ୍ର, ସନ୍ନିପାତଘ୍ନ ଓ କୁଷ୍ଠ ଏବଂ
ମୃତ୍ୟୁ ନାଶକ । (ଭାବପ୍ରକାଶ)

ହରିତାଳ ଚୂର୍ଣ୍ଣ ଶରୀରର ଲୋମଯୁକ୍ତ ସ୍ଥାନରେ ବୋଳିଲେ
ସେଠାରୁ ଲୋମଯାକ ଉଠିଯାଏ । ହରିତାଳର ବାହ୍ୟ
ପ୍ରୟୋଗ ଦ୍ୱାରା ସକଳପ୍ରକାର କ୍ଷତ ଓ ବିଶେଷତଃ ଗାଣ୍ଡୁଯୁକ୍ତ
କ୍ଷତ ଶୀଘ୍ର ନିବାରିତ ହୁଏ ।
ପୁରାଣ ମତରେ ହରଙ୍କ ବୀର୍ଯ୍ୟ=ହରିତାଳ
ଲକ୍ଷ୍ମୀଙ୍କ ରଜଃ=ମନଃଶିଳା
ଶିବଙ୍କ ବୀର୍ଯ୍ୟ=ପାରଦ
ପାର୍ବତୀଙ୍କ ରଜଃ=ଗନ୍ଧକ ।

ହରିତାଳ ଚୂର୍ଣ୍ଣ କରି କାଞ୍ଜିରେ କଦଳୀରସ ଓ କଷାୟ,
ରସରେ ଦୋଳାଯନ୍ତ୍ରରେ କଦଳୀରସ ତଳ ତୈଳ ଓ ତ୍ରିଫଳା-
ରସରେ ପାକ କଲେ ଏହା ଶୋଧିତ ହୁଏ ଓ ଶ୍ୱେତପୁନର୍ଣ୍ଣବୀ
ରସରେ ଜଳ, ଶ୍ୱେତପୁନର୍ଣ୍ଣବୀ ରସରେ ଗୋଟିଏ ହାଣ୍ଡି ପୂର୍ଣ୍ଣ
କରି ଚୁଲିରେ ୧୦ଦିନ ପାକ କଲେ ଏହା ମାରିତ ଲା ଭସ୍ମ
ହୁଏ ।]

[ଜ୍—ହରିତାଳ ଗୋରୀ ମଧ

ହର । ହରିଣାକ୍ଷୀ ମୋ ହୃଦେ ବିହର—ଭଞ୍ଜ
ପ୍ରେମସୁଧାନିଧି ।)

୨ । ହରଡ଼ ଚଢ଼େଇ (ଦେଖ)—2 Hararda
chardhei [See] ଦେ. ବି—ହରତାଳ (ଦେଖ)—
Haratāla (See)

ହରିତାଳକ—ସଂ ବି (ହରିତାଳ+ସ୍ୱାର୍ଥେ କ)—୧ । ହରିତାଳ (ଦେଖ)
Haritālaka 1. Haritala [See] ୨ । ନାଟକାଦିର
ଅଭିନୟାର୍ଥେ ଅଭିନେତା ଅଭିନେତ୍ରୀଙ୍କର ଦେହରେ ରଙ୍ଗ
ବୋଳାଯିବା କର୍ମ (ହ. ଶ.)—2. The painting
of the bodies of the actors for a
dramatic performance.

ହରିତାଳ ଭସ୍ମ—ସ. ବି—ଆୟୁର୍ବେଦୋକ୍ତ ବିଧିରେ ପ୍ରସ୍ତୁତ ହରିତାଳର
Haritāla bhasma ପାଉଁଶ—Yellow orpiment
reduced to ashes by prescribed process.
[ବି—ହରିତାଳ ତଳେ ଟୀକା ଦେଖ । ଏହା ଜ୍ୱର ଓ
ସନ୍ନିପାତଘ୍ନ ଔଷଧ ।]

ହରିତାଳି—ଦେ. ବିଣ—୧ । ହରିତାଳ ସମ୍ବନ୍ଧୀୟ—1. Relating
Haritāli to yellow orpiment. ୨ । ହରିତାଳ ପରି
ହରିତାଳି ରଙ୍ଗ ବିଶିଷ୍ଟ—2. Of the colour of yellow
हरिताली orpiment. ୩ । ହରିତାଳ ରଞ୍ଜିତ—3. Painted
with yellow orpiment.

ହରିତାଳିଆ—ଦେ. ବିଣ—ହରିତାଳି (ଦେଖ)—
Haritālia Haritāli (See).

ହରିତାଳି(ଲି)କା—ସଂ. ବି—ଭାଦ୍ର ଶୁକ୍ଳ ଚତୁର୍ଥୀ—1. The 4th
Haritāli(li)kā day of the bright lunar fortnight
of Bhādra. [ଲୋକ—ଏହି ଦିନ ହରଙ୍କୁ ପୂଜା
କରାଯାଏ ଓ ସ୍ୟମନ୍ତକ ଉପାଖ୍ୟାନ ପାଠ କରାଯାଏ ଓ ବିଷ୍ଣୁ-
ପୁରାଣୋକ୍ତ—

"ସିଂହଃ ପ୍ରସେନ ମବଧୀତ୍
ସିଂହୋ ଜାମ୍ବବତା ହତଃ
ସୁକୁମାରକ ମା ରୋଦୀ
ସ୍ତବ ହ୍ୟେଷ ସ୍ୟମନ୍ତକଃ

ଏହି ମନ୍ତ୍ରଦ୍ୱାରା ଅଭିମନ୍ତ୍ରିତ ଜଳକୁ ପାନ କରିବାକୁ ହୁଏ ।
ଏହିଦିନ ମଧ୍ୟ ଗଣେଶ ଚତୁର୍ଥୀ ବ୍ରତ କରାଯାଏ । ଏହିଦିନ
ଚନ୍ଦ୍ରକୁ ଦର୍ଶନ କଲେ ପାପ ହୁଏ ।] ୨ । (ମତାନ୍ତରରେ)
ଭାଦ୍ର ଶୁକ୍ଳ ତୃତୀୟା (ହ. ଶ)—2. The 3rd day of
the bright fortnight of Bhadra [ବି—୧ ।
हरिआलितीज ଏହିଦିନ ସ୍ତ୍ରୀମାନେ ନିର୍ଜଳ ଉପବାସ କରନ୍ତି, ନୂଆ
ଲୁଗା ପିନ୍ଧନ୍ତି ଓ ଶିବ ପାର୍ବତୀଙ୍କ ପୂଜା କରନ୍ତି (ହ. ଶ) ।
[ବି—୨ । ହିନ୍ଦି ଶବ୍ଦସାଗରରେ ହରିତାଳିକା ଭାଦ୍ର
ଶୁକ୍ଳ ତୃତୀୟାରେ ହେବା ଲେଖା ଅଛି । ଏହା ଆମ ଦେଶର
ବାଲି ତୃତୀୟା ବ୍ରତ । ସେହିଦିନ ଆମ ଦେଶର ସ୍ତ୍ରୀମାନେ
ନିର୍ଜଳ ଉପବାସ କରନ୍ତି । ତହିଁ ଆରଦିନ ଗଣେଶ ଚତୁର୍ଥୀ

ଓ ହରିତାଳିକା ବ୍ରତ ହୁଏ. ଯେଉଁ ଦିନ ତୃତୀୟା ଓ ଚତୁର୍ଥୀ ତିଥି ଏକା ଦିନରେ ପଡ଼େ (ଯଥା—୧୯୦୬ ସେପ୍ଟେମ୍ବର ୧୬ ତାରିଖ) ସେହିଦିନ ହରିତାଳିକା ଓ ଗଣେଶ ଚତୁର୍ଥୀ ଏକା ଦିନରେ ହୁଏ । ଯେଉଁ ତୃତୀୟା ଓ ଚତୁର୍ଥୀ ତିଥି ଭିନ୍ନ ଦିନରେ ପଡ଼େ (ଯଥା—୧୯୦୮ ସେପ୍ଟେମ୍ବର ୨ ତାରିଖ ତୃତୀୟା ଓ ୮ ତାରିଖ ଚତୁର୍ଥୀ) ସେ ବର୍ଷ ଏ ବ୍ରତ ପୃଥକ୍ ଦିନ କରାଯାଏ । ଏହି ତୃତୀୟାରେ ଉମା, ମହେଶ୍ୱର, ଗଣପତ୍ୟାଦି ପୂଜା ବା ଗୌରୀ ବ୍ରତ ଓଡ଼ିଶାର ଅନେକ ସ୍ତ୍ରୀ କରନ୍ତି ।] ୩ । ଦୂବା (ଶବ୍ଦକାଣ୍ଡ ଶେଷ)—3. The dūrbā grass; the creeping grass. ୪ । ଦକ୍ଷିଣରୁ ଉତ୍ତରକୁ ପଡ଼ିଥିବା ଛାୟାପଥ ବା ନକ୍ଷତ୍ର ରେଖା—4. The milky way extending from the south to the north in the sky.

ହରିତାଳି କାଗଜ—ଦେ. ବି—(ଏହାର ବର୍ଣ୍ଣ ଈଷତ୍ ହଳଦିଆ ଥିବାରୁ) Haritāli kāgaja —ପୂର୍ବେ ଓଡ଼ିଶାରେ କଟକ ନିକଟର
हरितालि कागज ପଦ୍ମପୁର ଅଞ୍ଚଳରେ ହାତବ୍ୟାରା ମୁସଲମାନମାନଙ୍କ
पिलाएँग कागज ପ୍ରସ୍ତୁତ କରୁଥିବା ଏକ ପ୍ରକାର ହଳଦିଆ କାଗଜ—A sort of handmade coarse paper formerly manufactured by Mahomedans in the Padmapur village near Cuttack. [ବି—ପୁରୁଣା ଜମିଦାରମାନଙ୍କ ସିନ୍ଦୁକରେ ଏହି ହରିତାଳି କାଗଜରେ ଲେଖା ହୋଇଥିବା ଖାତା ବର୍ତ୍ତମାନ ମଧ୍ୟ ସଞ୍ଚିତ ଥିବା ଦେଖାଯାଏ ।]

ହରିତାଳୀ—ସଂ. ବି (ହରିତାଳ+ସ୍ତ୍ରୀ ଈ)—୧ । ଦୂବା; ଦୁବ—Haritāli 1. The Dūba grass; the creeping grass. ୨ । ଦକ୍ଷିଣରୁ ଉତ୍ତରକୁ ବ୍ୟାପିଥିବା ଛାୟାପଥ ବା ନକ୍ଷତ୍ରପୁଞ୍ଜ ଯୁକ୍ତ ଶୀର୍ଣ୍ଣାଲୋକ ବିଶିଷ୍ଟ ରେଖା—2. The milky way in the sky extending north to south. ୩ । ଭାଦ୍ର ଶୁକ୍ଳ ଚତୁର୍ଥୀ (ମତାନ୍ତରରେ ଶୁକ୍ଳ ତୃତୀୟା)—3. The 4th day of the bright fortnight of Bhādra (or, according to some, the 3rd day). ୪ । ଖଡ୍ଗର ତୀକ୍ଷ୍ଣ ଅଂଶ (ହି. ଶ)—4. The sharp-edged part of a sword. ୫ । ବାୟୁ (ହି. ଶ)—5. Air. ୬ । ଆକାଶରେ ମେଘ ଅଧିକ ପତଳା ରେଖା (ହି. ଶ)—6. A thin line of cloud in the sky. ୭ । ଜ୍ୟୋତିଷ୍ମତୀ; ଫୁଟି ଫୁଟିକା ଗଛ (ହିନ୍ଦୀ—ମାଲକଙ୍ଗନି) [ହି. ଶ]—7. Cardiospermum Helicacabum (plant).

ହରିତାଳୁକ—ସଂ. ବି (ହରିତ+ଆଳୁକ)—ହରିତ ପକ୍ଷୀ [ଦେଖ]—Haritāluka Harita pakshi (See)

ହରିତାଶ୍ମ—ସଂ. ବି (ହରିତ+ଅଶ୍ମନ୍; ୧ମା; ୧ବ)—୧ । ତୁତ୍ତ; ତୁତିଆ; Haritaśma ମହୂରଚିଆ (ସ୍ୱପ୍ନକର୍ଣ୍ଣ)—1. Sulphate of copper. ୨ । ନୀଳାଭ୍ ହରିଦ୍ ବର୍ଣ୍ଣ ରତ୍ନ ବିଶେଷ; ଫିରୋଜ ମଣି (ସ୍ୱପ୍ନକର୍ଣ୍ଣ)—2. A gem of emerald colour; turquoise. [ବି—ଏହା ପାରସ୍ୟଦେଶରେ ମିଳେ]

ହରିତୀକୃତ—ସଂ. ବିଣ (ହରିତ+ଅଭୂତ ତଦ୍ଭାବେ ଚ୍ୱି+କୃତ)—ଯେଉଁ Haritīkṛuta ବସ୍ତୁ (ପୂର୍ବେ ହରିଦ୍ ବର୍ଣ୍ଣ ନ ଥିଲା) ବର୍ତ୍ତମାନ ହରିଦ୍‌ବର୍ଣ୍ଣ ବିଶିଷ୍ଟ କରା ଯାଇଅଛି—Recently painted or made green.

ହରିତ୍ପର୍ଣ୍ଣ—ସ. ବି—ହରିତପର୍ଣ୍ଣ (ଦେଖ)
Haritparnna Harita parnna (See)

ହରିଦ୍‌ଗର୍ଭ—ସଂ. ବି (ବହୁବ୍ରୀହି)—ହରିଦ୍‌ବର୍ଣ୍ଣ କୁଶ—Green Kuśa Harid-garbha grass. [ବି—ଏହାର ମୂଳ ଧୂମ, ରୁଚ୍ୟ, ସଂ ପର୍ଯ୍ୟାୟ— ମଧୁର, ପିତ୍ତ ନାଶକ, ରକ୍ତକୁଷ୍ଠ, ଓ ତୃଷ୍ଣା, ଶ୍ୱାସ ଓ ଖରପତ୍ର, କୁଟକଛଦ, କାମଳ ନିବାରକ—ସ୍ୱପ୍ନକର୍ଣ୍ଣ]
କୁଶପତ୍ର, ପାର୍ଶ୍ୱପତ୍ର, ପତ୍ରରୁକ,
ଓ ହରିଦର୍ଭ]

ହରିଦର୍ଭ—ସଂ. ବି—୧ । ହରିଦ୍‌ଗର୍ଭ (ଦେଖ)—1. Harid-garbha Haridarbha (See) ୨ । ଶାଗୁଆ ଘୋଡ଼ା (ହି. ଶ)—2. A bay horse. ୩ । ସୂର୍ଯ୍ୟ (ହି. ଶ)—3. The sun.

ହରିଦଶ୍ୱ—ସ. ବି—(ବହୁବ୍ରୀହି; ହରିତ=ଶାଗୁଆ ଅଟେ ଅଶ୍ୱ ଯାହାଙ୍କର) Haridaśwa ୧ । ସୂର୍ଯ୍ୟ (ଅମର)—1. The Sun god. ୨ । ଅର୍କବୃକ୍ଷ—2. A plant; Calotropis-Gigantea.

ହରିଦାସ—ସଂ. ବି, ପୁଂ—୧ । ହରିଙ୍କ ସେବକ—1. A servant of Haridāsa Hari. ୨ । ବୈଷ୍ଣବ; ଏକାନ୍ତ ହରିଭକ୍ତ ବ୍ୟକ୍ତି—2. A devotee of Hari. ଦେ. ବି ପୁଂ—୧ । ପୁରୁଷଙ୍କ ନାମ—1. A name given to males. ୨ । (ନାମ) ଚୈତନ୍ୟ ଦେବଙ୍କ ସମସାମୟିକ ଜଣେ ସାଧୁ—2. Name of a pious Baishnaba devotee, contemporary of Chaitanya deba. [ବି—ଏହାଙ୍କ ଜନ୍ମସ୍ଥାନ ବଙ୍ଗଦେଶ । ଏ ଜନ୍ମତଃ ମୁସଲମାନ ଥିଲେ; ପରେ ବୈଷ୍ଣବଧର୍ମ ଗ୍ରହଣ କରି ବିଜୟଦିନ ଚୈତନ୍ୟଙ୍କଠାରେ ଥିବାବେଳେ ସର୍ବଦା ହରିନାମ କରୁଥିଲେ । ଏ ପୁରୀରେ ଶେଷଜୀବନ ଯାପନ କରିଥିଲେ ଓ ଚୈତନ୍ୟ ଦେବଙ୍କ କୋଡ଼ରେ ଏହାଙ୍କର ମୃତ୍ୟୁ ଘଟିଥିଲା । ପୁରୀ ସ୍ୱର୍ଗଦ୍ୱାର ନିକଟରେ ଏ ଯେଉଁଠାରେ ରହୁଥିଲେ ସେଠାରେ ବର୍ତ୍ତମାନ ଗୋଟିଏ ପବିତ୍ର ମଠ ହୋଇଅଛି ।] ୩ । ମହାରାଜ ରଣଜିତ୍ ସିଂହଙ୍କ ସମକାଳୀନ ଜଣେ ମହାତ୍ମା ସାଧୁ—3. Name of a saint, contemporary of Ranjit Simha. [ବି—ଏ ମହାତ୍ମା ଯୋଗସାଧନା ଦ୍ୱାରା ଅଦ୍ଭୁତ ଶକ୍ତିଲାଭ କରିଥିଲେ; ଏପରିକି, ସେ ଭୂମି ତଳେ ମାସାବଧି ପୋତା ରହି ପୁଣି ଉଠୁଥିଲେ । ସାହେବମାନେ ମଧ୍ୟ ଏହା ପ୍ରତ୍ୟକ୍ଷ କରିଥିଲେ । ଏ ୮୦ ବର୍ଷ ବୟସରେ ସ୍ୱଇଚ୍ଛା କ୍ରମେ ଦେହତ୍ୟାଗ କରିଥିଲେ ।]

ହରିଦାସ ସ୍ୱାମୀ—ଦେ· ବି (ନାମ)—ସମ୍ରାଟ୍ ଅକବରଙ୍କ ରାଜସଭାର
Haridāsa swāmi ପ୍ରଧାନ ଗାୟକ ତାନ୍‌ସେନ୍‌ଙ୍କ ସଙ୍ଗୀତ-ଗୁରୁ—
Name of the music teacher of the famous musician Tansen of Emperor Akbar's court. [ଦ୍ର—ଏ ବୃନ୍ଦାବନ ବାସୀ ଥିଲେ। ତାନ୍‌ସେନ୍‌ଙ୍କ ଅପେକ୍ଷା ସଙ୍ଗୀତରେ ବେଶି ବିଦ୍ୱାନ୍ ଥିବେ ବୋଲି ସମ୍ରାଟ୍ ପଚାରିବାରୁ ତାନ୍‌ସେନ୍ ଏହାଙ୍କ ନାମୋଲ୍ଲେଖ କରିଥିଲେ। କିନ୍ତୁ ସମ୍ରାଟଙ୍କ ଆଦେଶରେ ମାନ ଏ ରାଜସଭାକୁ ଆସିବେ ନାହିଁ ବୋଲି ତାନ୍‌ସେନ୍ କହିବାରୁ ତାଙ୍କ ଗାନ ଶୁଣିବାପାଇଁ ତାନ୍‌ସେନ୍‌ଙ୍କ ଯନ୍ତ୍ରବାହକ ଅନୁଚରରୂପେ ଅକବର୍ ତାନ୍‌ସେନ୍‌ଙ୍କ ସଙ୍ଗେ ଏହାଙ୍କଠାରୁ ବୃନ୍ଦାବନକୁ ଗଲେ। ଗୋଟିଏ ସଙ୍ଗୀତ ଗାଇବାକୁ ଏହାଙ୍କୁ ତାନ୍‌ସେନ୍ କହିବାରୁ ଏ ଗାଇଲେ ନାହିଁ। ତହୁଁ ତାନ୍‌ସେନ୍ ଗୋଟିଏ ଫିକିର ପାଇଁ ଗୋଟିଏ ସଙ୍ଗୀତକୁ ଜାଣିଶୁଣି ଭୁଲ କରି ଗାଇଲେ। ସ୍ୱାମୀଜୀ ଶିଷ୍ୟଙ୍କର ଏ ଭୁଲକୁ ସହି ନ ପାରି ଭୁଲ ଗୀତକୁ ଠିକ୍ କରି ଗାଇବା ସକାଶେ ଶିଷ୍ୟଙ୍କୁ ବତାଇ ଦେବା ପାଇଁ ତାକୁ ଠିକ୍ କରି ଗାଇଲେ ଓ ସମ୍ରାଟ୍ ସ୍ୱାମୀଜୀଙ୍କ ଗୀତ ଶୁଣି ମୁଗ୍ଧ ହେଲେ—Mayurbhanj Chronicle, July 1937]

ହରିଦାସୀ—ସଂ· ବି ସ୍ତ୍ରୀ—୧। ହରିଙ୍କ ସେବାକାରିଣୀ—1. A maid-
Haridāsi servant of Hari ୨। ହରିଭକ୍ତିପରାୟଣା ସ୍ତ୍ରୀ—
2. A female devotee of Hari. ଦେ.ବି. ସ୍ତ୍ରୀ—ସ୍ତ୍ରୀ ଲୋକମାନଙ୍କ ନାମ—A name given to females.

ହରି ଦିନ (ଦିବସ)—ସଂ· ବି—(ସଂ· ଷ. ଲୋ; ହରି ଭଜନାର୍ଥ ଉଦ୍ଦିଷ୍ଟ
Hari dina (dibasa) ଦିନ)—ଏକାଦଶୀ (ହ. ଶ)—The eleventh day of a lunar fortnight.

ହରି ଦିଶା—ସଂ. ବି—(ହରି ବା ଇନ୍ଦ୍ରଙ୍କ ଦ୍ୱାରା ପାଳିତ ଦିଗ)—ପୂର୍ବଦିଗ
Hari disā (ହ. ଶ)—The eastern quarter of the earth. [ଦ୍ର—ଏ ଦିଗର ଲୋକପାଳ ଇନ୍ଦ୍ର ଅଟନ୍ତି]

ହରି ଦେବ—ସଂ. ବି (ବହୁବ୍ରୀହି, ହରି ଅଟନ୍ତି ଦେବ=ଅଧିଷ୍ଠାତା ଦେବ
Hari deba ଯାହାର)—୧। (ଜ୍ୟୋତିଷ) ଶ୍ରବଣା ନକ୍ଷତ୍ର—
1. (Astrology) The 22nd asterism. [ଦ୍ର—ଏ ନକ୍ଷତ୍ରର ଅଧିଷ୍ଠାତା ଦେବ ବିଷ୍ଣୁ] ୨। (କର୍ମଧା) ହରି ନାମକ ଦେବ—2. The Deity Hari.

ହରି ଦେବା—ଦେ. କ୍ରି—ଏକ ରାଶିକୁ ଅନ୍ୟ ରାଶିଦ୍ୱାରା ଭାଗ କରିବା—
Hari debā To divide a number by another.
ଭାଗକରୀ ଭାଗଦେନା

ହରିଦ୍ଗର୍ଭ—ସଂ. ବି—ହରିଦ୍‌ଗର୍ଭ (ଦେଖ)—
Haridgarbha Harid-garbha (See)

ହରିଦ୍ବର୍ଣ୍ଣ—ସଂ. ବି—(କର୍ମଧା)—ହରିଦ୍‌ବର୍ଣ୍ଣ (ଦେଖ)—
Haridbarnna Harid-barnna(See)

ହରିଦ୍ୱାର—ସଂ ବି—୧। ଭାରତବର୍ଷର ଯୁକ୍ତପ୍ରଦେଶରେ ଅବସ୍ଥିତ
Haridwāra ପ୍ରସିଦ୍ଧ ନଗର ଓ ତୀର୍ଥ—1. Hardwār, a town and place of Hindu pilgrimage in the United Provinces of Agra and Oadh. [ଦ୍ର—ଏହି ନଗର ଗଙ୍ଗା ନଦୀ କୂଳରେ ଅବସ୍ଥିତ। ଏହି ସ୍ଥାନ ନିକଟରେ ଗଙ୍ଗା ପୃଥିବୀକୁ ଅବତରଣ କରିଥିବାରୁ ଏହାର ଅନ୍ୟ ନାମ ଗଙ୍ଗାଦ୍ୱାର। ଏଠାରେ ଗଙ୍ଗାସ୍ନାନ କଲେ ମହାଫଳ ଲାଭ ହୁଏ। ଏଠାରେ ବାର ବର୍ଷରେ କୁମ୍ଭ ମାସରେ ଗଙ୍ଗାସ୍ନାନ ନିମନ୍ତେ ଗୋଟିଏ ମହାମେଳା ହୁଏ ଓ ଭାରତର ସବୁଅଞ୍ଚଳରୁ ବହୁ ଲକ୍ଷ ଯାତ୍ରୀ ଏଠାରେ ସମବେତ ହୁଅନ୍ତି। ଗଙ୍ଗା ଏହିଠାରୁ ଦକ୍ଷିଣବାହିନୀ ହୋଇ ବୋହି ଯାଇଅଛି। ଏହାର ଉତ୍ତରରେ ସାହେବମାନଙ୍କର ଗ୍ରୀଷ୍ମ ନିବାସ 'ଡେରାଡୁନ୍' ଅବସ୍ଥିତ। ଏହି ବାଟେ କେଦାରନାଥକୁ ଓ ବଦ୍ରୀନାଥକୁ ଯିବାକୁ ହୁଏ। ଏହିଠାରୁ ୧୪ ମାଇଲ୍ ଦୂରରେ ହୃଷୀକେଶ ଅବସ୍ଥିତ। ହରିଦ୍ୱାର ଗଙ୍ଗା ନଦୀର ଦକ୍ଷିଣତୀରସ୍ଥ ହିମାଳୟର ଅଂଶ ଶିବାଳିକ ପର୍ବତଶ୍ରେଣୀର ପାଦଦେଶରେ ଅବସ୍ଥିତ। ପୂର୍ବ କାଳରେ କପିଳ ମୁନି ଏଠାରେ ଆଶ୍ରମ କରିଥିବାରୁ ଏହାକୁ କପିଳ ସ୍ଥାନ ମଧ୍ୟ ବୋଲାଯାଏ। ଗଙ୍ଗାତୀରରେ ବହୁ ଦେବଦେବୀଙ୍କ ମନ୍ଦିର ଓ ଶ୍ରୀବିଷ୍ଣୁଙ୍କ ପାଦପଦ୍ମ ପ୍ରତିଷ୍ଠିତ। ସମ୍ମୁଖରେ ଯାତ୍ରୀମାନେ ବ୍ରହ୍ମକୁଣ୍ଡରେ ସ୍ନାନ ଓ ପିଣ୍ଡଦାନ କରିବାକୁ ହୁଏ। ହରିଦ୍ୱାରର ଉତ୍ତରଦିଗ ଭୂମିକୁ ସ୍ୱର୍ଗଭୂମି ବା ଭୋଗ ଭୂମି କହନ୍ତି—ମଦନମୋହନ, ତୀର୍ଥଦର୍ଶନ। ଏହାର ଅଦୂରରେ ଆର୍ଯ୍ୟସମାଜୀମାନଙ୍କ ପ୍ରତିଷ୍ଠିତ ଗୁରୁକୁଳାଶ୍ରମରେ ଅନେକ ହିନ୍ଦୁ ଛାତ୍ର ବ୍ରହ୍ମଚର୍ଯ୍ୟସାଧନାପୂର୍ବକ ଅଧ୍ୟୟନ କରୁଅଛନ୍ତି।
(ଉତ୍କଳ ସାହିତ୍ୟ ୧୨।୧୨)]
୨। ରାଜପ୍ରାସାଦର ବା ମନ୍ଦିରର ସିଂହଦ୍ୱାର—
2. Lions gate of a palace or temple. (ଯଥା—ହରି ହରିଦ୍ୱାରେ ମିଳି ହରିଧ୍ୱନି କଲେ ହରିତ ପୂରିତ ଭୁବନରେ ତହିଁ ହେଲେ—ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀ।)

ହରିଦ୍ୱାର ମେଳା—ଦେ· ବି—ବାର ବର୍ଷରେ ଥରେ ହରିଦ୍ୱାରଠାରେ
Haridwāra melā ଗଙ୍ଗାସ୍ନାନ ପାଇଁ ଉପସ୍ଥିତ ବହୁ ଲକ୍ଷ
হরিদ্বার মেলা हरिद्वार मेला ଯାତ୍ରୀଙ୍କର ସମାଗମ—
A religious bathing fair held at Hardwār once in every 12 years.

ହରିଦ୍ର—ସଂ ବି—ହଳଦିଆ ଚନ୍ଦନ (ହ·ଶ)—
Haridra Yellow sandal wood.

ହରିଦ୍ରବ—ସଂ ବି—ନାଗେଶ୍ୱର ଚୂର୍ଣ୍ଣ (କିଞ୍ଜଳ୍କ ଶେଷ)—
Haridraba Powdered pollen of Nāgeswara flower.

ହରିଦ୍ରା—ସଂ ବି (ହରି=ପୀତବର୍ଣ୍ଣ+ଦ୍ରୁ ଧାତୁ=ପ୍ରାପ୍ତ ହେବା+କର୍ତ୍ତୃ
Haridrā ଅ+ସ୍ତ୍ରୀ ଆ; ବା ହରି=ବିଷ୍ଣୁ ଇତ୍ୟାଦି+ଦ୍ରୁ ଧାତୁ=ଆଦର କରିବା+କର୍ମ ଅ+ସ୍ତ୍ରୀ ଆ)—
(ସଂ ପର୍ଯ୍ୟାୟ—କାଞ୍ଚନୀ, କୃମିଘ୍ନା ହଳଦିଆବର୍ଣ୍ଣ-

ପୀତା, ବରବର୍ଣ୍ଣିନୀ, କୃମିଘ୍ନା, ହଳଦୀ, ଯୋଷିତ୍‌ପ୍ରିୟା, ହରିବିଳାସିନୀ, ନିଶା ଓ ରାତ୍ରିବାଚକ ଅନ୍ୟ ଶବ୍ଦମାନ ।) ପ୍ରକାଶକ ଓ ଦେହର ବର୍ଣ୍ଣ-ବର୍ଦ୍ଧକ ଗୁଳ୍ମମୂଳବିଶେଷ; ହଳଦୀ—Turmeric; Carcum Longa.

[ଦ୍ର—ଭାରତବର୍ଷରେ ସର୍ବତ୍ର ହଳଦୀର ଚାଷ ହୁଏ । ଏହାର ଗଛ ୧ ହାତ ଉଚ୍ଚ ଏବଂ ଏହା ଅଦାଜାତୀୟ । ବଟା ହଳଦୀ ସ୍ତ୍ରୀ ଓ ଶିଶୁମାନଙ୍କ ଦେହରେ ବୋଳାଯାଏ; ତିଅଣରେ ମସଲାରୂପେ ବ୍ୟବହାର କରାଯାଏ; ଦେବମୂର୍ତ୍ତିଙ୍କ ଦେହରେ ଓ ଶୁଭକର୍ମରେ ଏହା ବ୍ୟବହୃତ ହୁଏ । ହଳଦୀ ଗଛ ଶୁଖିଗଲେ ଏଥିର କଞ୍ଚା ମୂଳକୁ କ୍ଷେତରୁ ଖୋଳି ତାକୁ ଗୋବରପାଣିରେ ଉଷାଇଁ ତା ପରେ ଶୁଖାଇକରି ରଖି ଆବଶ୍ୟକବେଳେ ଲୋକେ ବ୍ୟବହାର କରନ୍ତି ।

ସ୍ତ୍ରୀମାନେ ହଳଦୀବଟା ସଙ୍ଗେ ତେଲ ମିଶାଇ ଦେହରେ ବୋଳନ୍ତିଅନ୍ତି ଓ ଏବେ ମଧ୍ୟ ମଫସଲର ଅଶିକ୍ଷିତ ଓ ଇତର ଶ୍ରେଣୀର ସ୍ତ୍ରୀମାନଙ୍କର ହଳଦୀ, ମେଥି-ଗୁଣ୍ଡା, ଚୂଆ, ମହଣ ଓ ମାଳପା କେଶବିନ୍ୟାସ ଓ ପ୍ରସାଧନର ପ୍ରଧାନ ଅଙ୍ଗ ହୋଇ ରହିଅଛି ।

ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ହଳଦୀ ଚାଷ ହୁଏ । ହଳଦୀ ଫସଲ ସାଧାରଣତଃ ଟିପ ଜମିରେ ଓ ଛୋଟା ଅଡ ଗଛତଳିଆ ନିକୃଷ୍ଟ ଜମିରେ ଅବାଦ ହୁଏ । ଏ ଦେଶରେ ଯେଉଁ ହଳଦୀ ହୁଏ ତାକୁ ଦେଶୀ ବା ଓଡ଼ିଶୀ ହଳଦୀ ବୋଲିଯାଏ । ଗଡ଼ଜାତରୁ ଯେଉଁ ହଳଦୀ ଆସେ ତାକୁ କୁଆରପୁଉ(ରି)ଆ ହଳଦୀ ବୋଲିଯାଏ । ଆଉ ଏକପ୍ରକାର ହଳଦୀ ଅଛି; ଏହାକୁ ବାଟିଲେ ସାଧାରଣ ହଳଦୀ ଅପେକ୍ଷା ଏହାର ରଙ୍ଗ ଗାଢ଼ତର ଦେଖାଯାଏ । ଏ ହଳଦୀକୁ କ୍ଷେତରେ ଏକ ବରଷରୁ ବେଶିକାଳ ରଖିବା ପରେ ଖୋଳିବାକୁ ହୁଏ । ଏହାକୁ ବନହଳଦୀ କହନ୍ତି । ଗଡ଼ଜାତର କନ୍ଧଡ଼ା (କନ୍ଧମାନଙ୍କ ଅଧ୍ୟୁଷିତ ଅଞ୍ଚଳ)ରେ କନ୍ଧମାନେ ହଳଦୀ ଚାଷରେ ବିଶେଷ ଉଦ୍‌ଯୋଗୀ ଅଟନ୍ତି । ହଳଦୀ ଫସଲ ପାଇଁ ପୂର୍ବେ କନ୍ଧମାନେ ନରବଳି (ମେରିଆ) ଦେଇ ସେହି ବଳିର ମାଂସକୁ ହଳଦୀ କିଆରିରେ ପୋତୁଥିଲେ । ଏବେ ଇଂରାଜ ଗବର୍ଣ୍ଣମେଣ୍ଟ ବହୁ ଚେଷ୍ଟା କରି ଏହି ନୃଶଂସ ପ୍ରଥା ରହିତ କରିଅଛନ୍ତି । ବହଳିଆ ପିଠଉକୁ ହଳଦୀ ପତ୍ର ଭିତରେ ରଖି ଅଥାରରେ ସିଝାଇ ଲୋକେ ପିଠା କରନ୍ତି । କଞ୍ଚା ହଳଦୀ ବାଟିକରି ଖାଇଲେ କୃମି ନାଶ ହୁଏ । ବୈଦ୍ୟଶାସ୍ତ୍ର ମତରେ ହରିଦ୍ରା ୪ ପ୍ରକାରର । ଯଥା—

୧ । ସାଧାରଣ ହରିଦ୍ରା ।

୨ । କର୍ପୂର ହରିଦ୍ରା—ଏହା ବଣରେ ଜନ୍ମେ, ଏହାର ପତ୍ର ଓ ମୂଳ କର୍ପୂର ପରି ସୁବାସଯୁକ୍ତ; ଆମ୍ବ-ଅଦା ।

୩ । ବନ ହରିଦ୍ରା—ଏହା ବଣରେ ଜନ୍ମେ; ଏହାର ପତ୍ର ଦେଶୀ ହଳଦୀ ପତ୍ରଠାରୁ ଚୌଡ଼ା ଓ ପତ୍ରର ତଳପାଖ ରୋମଶ । ଏହା କୁଷ୍ଠ ବାତାସ୍ରନାଶକ ।

୪ । ଦାରୁହରିଦ୍ରା—ସାଧାରଣ ହଳଦୀ ଅପେକ୍ଷା ଏ ହଳଦୀର ମୂଳ ଓ ଗଛ ଶ୍ରେଷ୍ଠ ।

ହଳଦୀ କଟୁ, ତିକ୍ତରସ, ଅଙ୍ଗର ବର୍ଣ୍ଣକାରକ, ଉଷ୍ଣବୀର୍ଯ୍ୟ, ରୁକ୍ଷ, ଶୋଧକ ।

ଏହା କଫ, ବାତ, ରକ୍ତଦୋଷ, କୁଷ୍ଠ, କଣ୍ଡୁ, ପ୍ରମେହ, ତ୍ୱଗ୍‌ଦୋଷ, ବ୍ରଣ, ଶୋଥ, ପାଣ୍ଡୁ, କୃମି, ବିଷଦୋଷ, ପୀନସ, ଅରୁଚି, ଅପଚୀ ରୋଗରେ ଓ ଦାହରେ ଉପକାରୀ ।]

ହରିଦ୍ରା ଖଣ୍ଡ—ସଂ. ବି—ଆୟୁର୍ବେଦୋକ୍ତ ପ୍ରକ୍ରିୟାରେ ପ୍ରସ୍ତୁତ ଓ ପ୍ରଧାନ Haridrā khaṇḍa ଉପାଦାନରୂପେ ବ୍ୟବହୃତ ହଳଦୀ ଦ୍ୱାରା ତିଆରି ଔଷଧ ବିଶେଷ—A kind medicinal preparation of which the chief ingredient turmeric.

ହରିଦ୍ରାଗଣପତି (ଗଣନାଥ, ଗଣେଶ)—ସଂ. ବି—୧। ମନ୍ତ୍ରପାଠ ପୂର୍ବକ Haridrā gaṇapati (gaṇanātha, gaṇeśa) ମୂର୍ତ୍ତି ଉପରେ ହଳଦୀ ଚଢ଼ାଯିବା ଗଣେଶଙ୍କ ମୂର୍ତ୍ତି ବିଶେଷ (ହି.ଶ)—1. A particular image of Gaṇeśa on which layers of turmeric paste are put.

୨ । ତନ୍ତ୍ରୋକ୍ତ ବିଧିରେ ଏକାକ୍ଷର ମହାମନ୍ତ୍ର ଜପ ପୂର୍ବକ ପୂଜା କରାଯିବା ଗଣେଶ ମୂର୍ତ୍ତି (ତନ୍ତ୍ରସାର)—2. An image of God Gaṇeśa worshipped according to Tantric rites.

ହରିଦ୍ରାଙ୍ଗ—ସଂ. ବି—୧ । ହରଡ଼ ଚଢ଼େଇ (ଦେଖ)—1. Harar̤a Haridrāṅga chaṛhei (See). ୨ । ହଳଦୀ ବସନ୍ତ (ଦେଖ)—2. Haḷadi basanta (See). ୩ । ଏକ ପ୍ରକାର ପାରା (ହି. ଶ.)—3. A kind of pigeon.

ହରିଦ୍ରାଦ୍ୱୟ—ସଂ. ବି—(ବୈଦ୍ୟକ) ହଳଦୀ ଓ ଦାରୁହଳଦୀ (ହି.ଶ)—Haridrā dwaya Turmeric and Turmeric Asiatica.

ହରିଦ୍ରା ପ୍ରମେହ (ମେହ)—ସଂ. ବି—ହଳଦୀ ବର୍ଣ୍ଣ ପ୍ରସ୍ରାବ ଓ ଜ୍ୱାଳା Haridrā prameha (meha) ସମ୍ବଳିତ ଏକ ପ୍ରକାର ମେହ ରୋଗ (ହି. ଶ.)—A kind of gonorrhoea accompanied with turmeric-yellow urine & burning sensation.

ହରିଦ୍ରା ବିଷ—ସଂ. ବି—ହାରିଦ୍ର; ଏକପ୍ରକାର ଗଛର ବିଷାକ୍ତ ମୂଳ, ଯାହା Haridrā bisha ହଳଦୀ ପରି ଦେଖାଯାଏ—A sort of yellow poisonous root.

ହରିଦ୍ରାଭ—ସଂ. ବି. ଣ. (ହରିଦ୍ରା + ଆଭ; ବହୁବ୍ରୀହି) ହଳଦିଆ ରଙ୍ଗ Haridrābha ବିଶିଷ୍ଟ—Yellowish; yellow. ବି—୧ । ପୀତଶାଳ (ଦେଖ)—1. Pitaśāḷa (See) ୨ । କର୍ପୂରକ; ଗନ୍ଧଶୁଣ୍ଠି—2. Zedoary. ୩ । ହଳଦିଆ ରଙ୍ଗ—3. Yellow colour.

ହରିଦ୍ରା ରଞ୍ଜିତ—ସଂ. ବି. (୩ୟା ତତ୍)—ହଳଦୀ ଦ୍ୱାରା ରଙ୍ଗ କରା
Haridrā rañjita ଯାଇଥିବା—Coloured with turmeric.

ହରିଦ୍ରାରାଗ—ସଂ. ବି—୧ । ହରିଦ୍ରା ବର୍ଣ୍ଣ; ହଳଦିଆ ରଙ୍ଗ—
Haridrā rāga 1. Yellow colour. ୨ । ହଳଦୀ-ବୋଳା ହେବା ଯୋଗୁଁ ଉତ୍ପନ୍ନ ରଙ୍ଗ—2. Colour due to the application of turmeric on the body. ୩ । ସାହିତ୍ୟରେ ପୂର୍ବରାଗର ଏକ ଭେଦ, ଯହିଁରେ ପ୍ରଣୟୀ ଓ ପ୍ରଣୟିନୀଙ୍କ ପ୍ରେମ ହଳଦୀ ବର୍ଣ୍ଣ ପରି ଅସ୍ଥାୟୀ ହୁଏ (ହି. ଶ)—3. A kind of love or attachment which is not permanent. [ଦ୍ର—ପୂର୍ବରାଗର କୁସୁମ୍ଭରାଗ, ମଞ୍ଜିଷ୍ଠା ରାଗ ଆଦି କେତେକ ଶ୍ରେଣୀବିଭାଗ କବିମାନେ କରିଅଛନ୍ତି (ହି. ଶ.)] ବିଣ.—(ବହୁବ୍ରୀହି; ହରିଦ୍ରା ରାଗପରି ରାଗ=ସ୍ନେହ ଯାହାର)—(ଲକ୍ଷଣାର୍ଥ) (ହରିଦ୍ରା ରଙ୍ଗ ବହୁକାଳ ସ୍ଥାୟୀ ହୋଇ ନ ଥିବାରୁ) ଅସ୍ଥିରସୌହୃଦ; କ୍ଷଣମାତ୍ରାନୁରାଗୀ (ହେମଚନ୍ଦ୍ର)—Contracting short-lived friendship.

ହରିଦ୍ରୁ—ସଂ. ବି.—(ହରି=ମାଙ୍କଡ଼+ଦ୍ରୁ ଧାତୁ=ଯିବା+ ଅଧିକରଣ
Haridru କୃତ୍)—୧ । ବୃକ୍ଷ (ହେମଚନ୍ଦ୍ର)—1. Tree. ୨ । ଦାରୁହରିଦ୍ରା (ଦେଖ)—2. Dāru haridrā (See) ୩ । ପୀତଦାରୁ(ବୃକ୍ଷ) (ରାଜନିର୍ଘଣ୍ଟ)—3. A wild tree.
(ସଂ. ପର୍ଯ୍ୟାୟ— [ଦ୍ର—ଏହା ଶୀତଳ, ତିକ୍ତ, ମଙ୍ଗଳ୍ୟ, ପିତ୍ତବାତ
ପୀତଦାରୁ ହୃଦ୍‌ଦୋଷନାଶକ, ଅଙ୍ଗ କାନ୍ତିକର, ବଲ୍ୟ (ରାଜନିର୍ଘଣ୍ଟ)]
ପୀତକାଷ୍ଠ, ପୀତକ,
କଦମ୍ବ, ସୁପୁଷ୍ପ,
ସୁରଭି, ପୀତକଦ୍ରୁମ)

ହରିଧନ—ସଂ ବି. (ରୂପକ)—ଭକ୍ତର ହରିରୂପ ଧନ—God who is
Haridhana considered as the devotee's wealth. ଦେ. ବି.ପୁ—ପୁରୁଷଙ୍କ ନାମ—A name given to males.

ହରି ଧନୁଷ—ସଂ. ବି.—ଇନ୍ଦ୍ରଧନୁ (ହି ଶ.) —
Hari dhanusa Rainbow.

ହରି ଧାମ – ସଂ ବି—(୬ଷ୍ଠୀ ତତ୍; ହରି+ଧାମନ୍; ୧ମା ୧ବ)—ବିଷ୍ଣୁଲୋକ;
Hari dhāma ବୈକୁଣ୍ଠ (ହି ଶ)—Baikuntha: the paradise of the Hindus.

ହରି ଧୁନି (ଶବଦ)—ଦେ. ବି (ସଂ. ହରିଧ୍ୱନି)—ହରିଧ୍ୱନି (ଦେଖ)
Hari dhuni(śabada) Haridhwani (See).
हरिध्वनि हरिध्वनि [ଉ—ଲଙ୍କାରେ ପୂରି ହରିଧୁନି । ତଗ]

ହରି ଧ୍ୱନି—ସଂ. ବି – ୧। ଭକ୍ତର ହରିନାମ ଉଚ୍ଚାରଣ ଜନିତ ଉଚ୍ଚୈଃସ୍ୱର
Hari dhwani 1. The sound of loudly uttering the name of God. [ଉ—ହରି ହରିଦ୍ୱାରେ ମିଳି ହରିଧ୍ୱନି କଲେ—ଉଣ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୨। ହରିବୋଲ ଶବ୍ଦ—2. The recital of the word Haribola.

ହରିନ୍‌ବାଡ଼ି —ଦେ. ବି—ହରଣ ବାଡ଼ି (ଦେଖ)—
Harin bārdi Haraṇ bārdi (See).

ହରିନ—ଗ୍ରା. ବି. ପୁଂ—ହରିର ଗେଲବସରିଆ ଡାକ ନାମ—A fond
Harina nickname of Hari.

ହରିନାଥ—ଦେ. ବି. ପୁଂ—୧ । ପୁରୁଷଙ୍କ ନାମ—1. A name
Harinātha given to males. ୨ ।(ନାମ)
हरिनाथ हरिनाथ ବଙ୍ଗଦେଶର ଜଣେ ଜମିଦାର
2. A late famous land-holder of Bengal. [ଦ୍ର—ଏ ୧୮୩୩ ରେ ଜନ୍ମ ହୋଇ ୧୮୯୬ ରେ ପ୍ରାଣତ୍ୟାଗ କଲେ । ଏହାଙ୍କର ବଂଶଗତ ନାମ ହରିନାଥ ମଜୁମଦାର । ଏ ବଙ୍ଗଦେଶର ନଦୀଯାରେ ଜନ୍ମଗ୍ରହଣ କରି ବାଲ୍ୟକାଳରେ ପିତୃମାତୃହୀନ ହୋଇଥିଲେ । ପରେ ସଂସାର ତ୍ୟାଗ କରି ଲୋକସେବା ଓ ଭକ୍ତିରେ ଜୀବନ କଟାଇଲେ ।
ଏ 'ଗ୍ରାମବାର୍ତ୍ତା ପ୍ରକାଶିକା' ନାମକ ସମ୍ବାଦପତ୍ର ଚଳାଉଥିଲେ ଓ ବଙ୍ଗ ଭାଷାରେ ଅନେକଗୁଡ଼ିଏ ଭକ୍ତି ଓ ନୀତିମୂଳକ ଗ୍ରନ୍ଥ ରଚନା କରିଥିଲେ । ଏ 'ଫକୀରଚାନ୍ଦର ବାଉଲ ସଙ୍ଗୀତ' ନାମରେ ଗୁଡ଼ିଏ ବୈରାଗ୍ୟୋଦ୍ଦୀପକ ସଙ୍ଗୀତ ରଚନା କରିଥିଲେ]

ହରି ନାମ—ସଂ. ବି (୬ଷ୍ଠୀ ତତ୍)—ଭଗବାନଙ୍କ ନାମ—Name of
Hari nāma Hari. (ଦ୍ର—ପୁରାଣାଦିରେ ବର୍ଣ୍ଣିତ ଅଛି ଯେ, କଳିଯୁଗରେ ହରିନାମ କୀର୍ତ୍ତନହିଁ ମୁକ୍ତିର ପ୍ରକୃଷ୍ଟ ଉପାୟ ।]

ହରିନାମ କୀର୍ତ୍ତନ (ସଙ୍କୀର୍ତ୍ତନ)—ସଂ.ବି – ହରିନାମର ବାରମ୍ବାର ଉଚ୍ଚାରଣ
Harināma kirttana (samkirttana) The chanting or repeating of the name of Hari by a devotee

ହରିନାମ ମାହାତ୍ମ୍ୟ—ସଂ. ବି (୬ଷ୍ଠୀ ତତ୍)—ହରିନାମ ଉଚ୍ଚାରଣର
Harināma māhātmya ମହତ୍ତ୍ୱ—The greatness attained by uttering the name of Hari.

ହରିନାମ ରସାମୃତ—ସଂ. ବି—ହରିନାମ ଉଚ୍ଚାରଣ ରୂପ ରସରୁ ଭକ୍ତ
Harināma rasāmṛuta ଯେଉଁ ଅମୃତ ପାନ କରନ୍ତି—The nectar which is enjoyed by a devotee by uttering the name of Hari.

ହରିନାମା—ସଂ. ବି—ମୁଦ୍‌ଗ, ମୁଗ (ତ୍ରିକାଣ୍ଡଶେଷ)—A pulse
Harināmā Phaseolus Mungo; Phaseolus Radiatus.

ହରି ନାରାୟଣ—ସଂ. ବି—ହରିଙ୍କର ଦୁଇଟି ନାମ—Two names
Hari nārāyaṇa of Hari. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to male.

ହରି ନୀଳ – ସଂ. ବି – ଇନ୍ଦ୍ରନୀଳମଣି—
Harinīla A sort of gem; Saphire.

ହରି ନୁ(ର୍ନୁ)ଟ୍ – ଦେ. ବି—ହରିଲୁଟ୍ (ଦେଖ)—
Hari nu (rnu)ṭ Hariluṭ (See)

ହରିନେତ୍ର—ସଂ. ବି—୧ । ଶ୍ୱେତପଦ୍ମ (ରାଜନିର୍ଘଣ୍ଟ)—1. White
Harinetra lotus. ୨ । (ହରି=ଶାଖାମୃଗଙ୍କ ଯାହାର) ପେଚକ (ବିକାଣ୍ଡ ଶେଷ)—2. Owl.

ହରି ନେବା—ଦେ. କ୍ରି—୧ । ଅପହରଣ କରି ଗୁଳିଯିବା—1. To go
Hari nebā away after stealing. [କ୍ରି—ସୀତାକୁ ହରିଯାଇଥିଲା ରାବଣ କେଉଁଠି ହରି ... ହରୁଥିଲା — ... ଗୀତ ।] ୨ । (ଲକ୍ଷଣାର୍ଥ) ତୃପ୍ତ କରିବା; ମେଣ୍ଟାଇବା—2. To satiate. [କ୍ରି—ଏବଟା ପରମ ସୁଧା; ହରିବ ଜାତ କ୍ଷୁଧା—ଦାଙ୍କକୃଷ୍ଣ, ରହୁରେଣୁ ।]

ହରିନ୍ମଣି—ସଂ ବି (କର୍ମଧା) (ହରିତ୍ +ମଣି; ସନ୍ଧିସୂତ୍ର ତ୍ +ମ=ନ୍)
Harinmaṇi ମରକତ ମଣି (ଅମର କୋଷ)—Emerald (gem).

ହରିନ୍ମୁଦ୍ଗ—ସଂ. ବି.—(ହରିତ୍ +ମୁଦ୍ଗ; ସନ୍ଧିସୂତ୍ର ତ୍ +ମ=ନ୍)
Harinmudga ଶାରଦ ମୁଗ; ଶାରଦୀୟ ମୁଗ, (ରାଜନିର୍ଘଣ୍ଟ)—The green moong grain harvested in autumn.

ହରିପ—ପ୍ରା'ଦେ. (ସୁମ୍ବ ସହିତ) ବିଶ. ପୁଂ—ଅତି ଚତୁର (ବ୍ୟଙ୍ଗ୍ୟ)—
Haripa Very clever (person); sly (in a bad sense).

ହରି ପଦ—ସଂ. ବି—(ଷଷ୍ଠୀତତ୍) ବିଷ୍ଣୁଙ୍କର ଚରଣ—The feet of
Hari pada God. ଦେ. ବି. ପୁଂ—୧ । ପୁରୁଷ ଲୋକଙ୍କ ନାମ 1. A name given to males. ୨ । ଯମପୁର —2. The abode of Jama [କ୍ରି—ବାଧା ତା ହରିର ... ହରିପାଦେ ତା ଭୁବନ କରି ଲାଗି ହେବ ... —...।]

ହରିପଦୀ—ସଂ. ବି—୧ । ଅୟନମଣ୍ଡଳର ପଶ୍ଚିମ ବିଭାଗ ଯେଉଁଠାରେ
Haripadī ବିଷୁବ ରେଖା ସହିତ ମିଳିତ ହୋଇଅଛି—1. The point where the solar ecliptic meets the equator. ୨ । ଶାରଦ ବିଷୁବ ସଂକ୍ରାନ୍ତି—2. The autumnal equinox

ହରି ପର୍ଣ୍ଣ—ସ. ବି—ମୂଳକ; ମୂଳା (ହେମଚନ୍ଦ୍ର)—
Hari parṇṇa Radish.

ହରିପୁର—ଦେ. ବି· (ନାମ)—ହରିହରପୁର ୨ (ଦେଖ)—
Haripura Hariharpura 2. (See).

ହରି ପ୍ରବୋଧ —ସ. ବି. (ଷଷ୍ଠୀ ତତ୍)—କାର୍ତ୍ତିକ ଶୁକ୍ଳ ଏକାଦଶୀ; ବିଷ୍ଣୁ
Hari prabodha ମୂର୍ତ୍ତିକର ଅମାବ ... ଯାତ୍ରା—A festival held on the 11th day of the bright lunar fortnight of Karttika.

ହରି ପ୍ରସ୍ଥ—ସ. ବି—ଇନ୍ଦ୍ରପ୍ରସ୍ଥ. ଯୁଧିଷ୍ଠିରଙ୍କର ରାଜଧାନୀ; ଦିଲ୍ଲୀ—
Hari prastha Indraprastha, the capital of Judhishthira (modern Delhi).

ହରି ପ୍ରିୟ—ସଂ ବି—୧ । ହରିଚନ୍ଦନ; ପୀତ ଚନ୍ଦନ—1. A sort of
Hari priya yellow sandal wood. ୨ । କୃଷ୍ଣ ଚନ୍ଦନ; କାଳୀୟକ (ମେଦିନୀ)—2. A species of sandal wood. ୩ । ଉଶୀର; ବେଣାମୂଳ (ରାଜନିର୍ଘଣ୍ଟ)—3. The root of Beṇā grass. ୪ । କଦମ୍ବ ବୃକ୍ଷ (ଶବ୍ଦ କଳ୍ପଦ୍ରୁମ)—4. The Anthocephalus Kadamba tree. ୫ । ପୀତ ଭୃଙ୍ଗରାଜ (ରାଜନିର୍ଘଣ୍ଟ)—5. A plant, Wedelia Calendulacia. ୬ । ବିଷ୍ଣୁକନ୍ଦ (ରାଜନିର୍ଘଣ୍ଟ)—6. A herbarious bulb. ୭ । କରବୀର (ରାଜନିର୍ଘଣ୍ଟ)—7. Oleander flower. ୮ । ଶଙ୍ଖ (ରାଜନିର୍ଘଣ୍ଟ)—8. Conch. ୯ । ବନ୍ଧୁକ; ବନ୍ଧୁଳି ଫୁଲ (ରାଜନିର୍ଘଣ୍ଟ)—9. A red flower, Pentapetus Phoenicea ୧୦ । ଶିବ (ଶବ୍ଦ କଳ୍ପଦ୍ରୁମ)—10. God Siba. ୧୧ । ବାତୁଳ (ଶବ୍ଦ କଳ୍ପଦ୍ରୁମ)—11. A mad man. ୧୨ । କଞ୍ଚୁକି (ଶବ୍ଦକଳ୍ପଦ୍ରୁମ)—12. The servant in charge of the harem. ୧୩ । ହରିଭକ୍ତ—13. A devotee of Bishṇu. ବିଶ· ପୁଂ (ଷଷ୍ଠୀ ତତ୍) ହରି ଯାହାଙ୍କୁ ସ୍ନେହ (ହରିପ୍ରିୟା—ସ୍ତ୍ରୀ) କରନ୍ତି— . Beloved by God. ୨ । हरिप्रिय (ବହୁବ୍ରୀହି) ହରିଭକ୍ତିଯୁକ୍ତ—2. Devoted to हरिप्रिय Hari.

ହରିପ୍ରିୟା—ସ. ବିଶ. ସ୍ତ୍ରୀ— ହରିପ୍ରିୟର ସ୍ତ୍ରୀ ଲିଙ୍ଗ—1.
Hari priyā Feminine form of Haripriya. ୧ । ଲକ୍ଷ୍ମୀ (ଅମର)—1. Goddess Lakshmī ୨ । ତୁଳସୀ (ଶବ୍ଦକଳ୍ପଦ୍ରୁମ)—2. The holy basil plant. ୩ । ଦ୍ୱାଦଶୀ ତିଥି [ଶବ୍ଦକଳ୍ପଦ୍ରୁମ]—3. The 12th day of the lunar fortnight, ୪ । ପୃଥିବୀ [ଶବ୍ଦକଳ୍ପଦ୍ରୁମ]—4. The earth.

ହରି ପ୍ରେମ—ସ ବି—ହରିଭକ୍ତି [ଦେଖ]—
Hari prema Haribhakti (See)

ହରିପ୍ରେମିକ—ସ ବିଶ· ଓ ବି ପୁ·—ହରିଭକ୍ତ (ଦେ·)—
Hari premika Haribhakta [See]
[ହରିପ୍ରେମିକା—ସ୍ତ୍ରୀ]

ହରିବନ୍ଧୁ—ଦେ. ବି. ପୁଂ—ପୁରୁଷଙ୍କ ନାମ—
Haribandhu A name given to males.

ହରିବର୍ଷ—ସ ବି—ପୁରାଣୋକ୍ତ ଜମ୍ବୁଦ୍ୱୀପର ନବବର୍ଷ ବା ନଅଦେଶ ମଧ୍ୟରୁ
Haribarsha ଏକତମ; ପ୍ରାଚୀନ ସାଇବେରିଆ ଦେଶ—Name of one of the 9 divisions of the mythological Jambudwipa (modern Siberiā). [କ୍ରି—ଏହାର ଦକ୍ଷିଣରେ ଇଳାବୃତ ବର୍ଷ; ଏହା ନିଷଧ ଓ ହେମକୂଟ (ସୁମେରୁ) ପର୍ବତଦ୍ୱୟ ମଧ୍ୟରେ ଅବସ୍ଥିତ । ଏଠାରେ ଭଗବାନ୍ ନରହରି ରୂପ ଧାରଣ କରି ଅବସ୍ଥାନ କରୁଅଛନ୍ତି—ଜଗନ୍ନାଥ ଭାଗବତ ।] (କ୍ର—ହରି ବର୍ଷେ ଯହିଁ ହୁମବର୍ତ୍ତୀ ବସତି, ମଣ୍ଡେ ଛତ ଭାଳ ଚତୁର୍ଦ୍ଦୋଳ ... —ରାଧାନାଥ ମହାଯାତ୍ରା ।]

ହରି ବଲ୍ଲଭ—ସଂ ବଣ. ପୁଂ—ହରିପ୍ରିୟ; ଯେଉଁ ବ୍ୟକ୍ତିକୁ ହରି ସ୍ନେହ
Hari ballabha — କରନ୍ତି; ହରିଙ୍କ ପ୍ରୀତିପାତ୍ର—
(ହରିବଲ୍ଲଭା—ସ୍ତ୍ରୀ) Favoured or loved by God.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

ହରିବଲ୍ଲଭା—ବ ଣ. ସ୍ତ୍ରୀ—ହରିବଲ୍ଲଭର ସ୍ତ୍ରୀଲିଙ୍ଗ—Feminine
Hariballabhā form of Hariballabha.
ବି. ସ୍ତ୍ରୀ—୧ । ହରିପ୍ରିୟା; ଲକ୍ଷ୍ମୀ—1. Goddess; Lakshmī. ୨ । ତୁଳସୀ—2. The holy Basil plant ୩ । ଜୟା; ଅଗ୍ନିମନ୍ଥ; ଅଗବଥୁ—
3. A tree; Premna Serratifolia.

ହରିବଲ୍ଲଭୀ—ସ ବି—୧ । ଲକ୍ଷ୍ମୀ—1. Goddess Lakshmī. ୨ ।
Hariballabhī ସିଂହୀ—2. Lioness. (ଉ—
ବନସ୍ଥଳୁ ଦନ ପଞ୍ଚବଟୀରେ ବିହରି, କଣ୍ଠୁକ ହରିବଲ୍ଲଭୀ ଏ
ଅଦ୍ଭୁତ ହରି—ଭଞ୍ଜ ବୈଦେହୀଶବିଳାସ ।)

ହରିବା—ଦେ. କି [ସଂ ହୃ ଧାତୁ]—୧ । ହରଣ କରିବା—
Haribā 1. To take away. ୨ । ଅପହରଣ
[ପ୍ରଯୋଜକରୂପ—ହରାଇବା] କରିବା; ଚୋରି କରିବା—
ହରଣ କରା ହରଣ କରନା 2. To steal away.
୩ । କୌଣସି ପଦାର୍ଥ ଜବରଦସ୍ତି ନେବା—3. To plunder away. ୪ । କୌଣସି ପଦାର୍ଥ ବଳପୂର୍ବକ ଛଡ଼ାଇ ନେବା—4. To snatch away by force. (ଉ—ହରିଲ ବସନ ଯହୁଁ, ହସି ବ୍ୟାକେ କହୁଁ ଉହୁଁ—ବନସୂର୍ଯ୍ୟ ଉହାକର ଚମ୍ପୂ ।) ୫ । (ମନୁଷ୍ୟକୁ) ବଳପୂର୍ବକ ନେଇଯିବା—5. To kidnap or abduct a person. [ଉ—ସୀତାଙ୍କୁ ରାବଣ ନେଇଛି ହରି—ବହୁତ ଭୂଷଣ କରି—ପ୍ରଭୁସ୍ୱ ଗୀତ ।] ୬ । [କୌଣସି ପଦାର୍ଥକୁ] ନାଶ କରିବା—6. To destroy (a thing) (ଉ—ଗଛରେ ବନ୍ଧ ଭଙ୍ଗୀ ଘୁରୁ, ଗଜେନ୍ଦ୍ର ଗରବ ହେଲେ ହରୁ—ବନସୂର୍ଯ୍ୟ ବନିତା) ୭ । ଲୋପ କରିବା; ଲୁପ୍ତ କରାଇବା—7. To cause to disappear [ଉ—ଚନ୍ଦ୍ର ବାହୁଥାଇ ବକେ, ଲଜ୍ଜାର ତୁହମ୍ଭକେ, କରୁଣା ଅଛି ବୋଲି ସେ, ନେଇ କେ ତା ହରି ନ ରେ—ବନସୂର୍ଯ୍ୟ କପୋଲ ଚମ୍ପୂ ତ ଗୀତ ।] ୮ । ନିଷିଦ୍ଧଗମ୍ୟା ସ୍ତ୍ରୀ ବା ପଶୁକୁ ରମଣ କରିବା—8. To co-habit with a woman of prohibited relationship or beast ୯ । (ସମୟ) ଯାପନ କରିବା ବା କ୍ଷେପଣ କରିବା—9. To pass away (time); to while away. [ଉ—ଅନ୍ତୁରନ୍ତ ହୋଇଣ ହରିଲେ ଦନରୁ—କୃଷ୍ଣଚନ୍ଦ୍ର ମହାଭାରତ ସଭାପର୍ବ ।] ୧୦ । ପରସ୍ତ୍ରୀକୁ ବଳପୂର୍ବକ ତା ଇଚ୍ଛା ବିରୁଦ୍ଧରେ ରମଣ କରିବା—10. To commit rape on a stranger woman. ୧୧ । ପଦାର୍ଥକୁ ସ୍ଥାନାନ୍ତରକୁ ବୋହି ନେବା—11. To carry away a thing. ୧୨ । ନେବା—12. To take. [ଉ—ବନ ହରନ୍ତି ଯେତେ ଦେବେ ଚୋର ମରଣ ସେ ଦେଖିବେ—ଭାଗବତ ।] ୧୩ । ଜଳ ଅଦିକୁ ଖରା ବା ତାପଦ୍ୱାରା ଶୁଖାଇବା ବା ବାଷ୍ପରୂପେ ଉଡ଼ାଇ ନେବା—13. To cause [water etc] to evaporate. [ଉ—ଉଦନ୍ତେ ଅଂଶୁକୁ ଦ୍ରାବଣ ଭାଗ କରି, ହୃଦୟ ହୋଇ ରାଅ ସେ ଜଳକୁ ହରି—କୃଷ୍ଣସିଂହ ମହାଭାରତ ବନପର୍ବ ।) ୧୪ । ମନରୁ ଅଭିମାନ କ୍ରୋଧାଦି ତ୍ୟାଗ କରିବା—14. To give up [ଉ—ଏ ଗୁମାନ ସଦ୍‌ବଚନରୁ ହରି—ବନସୂର୍ଯ୍ୟ ସଙ୍ଗୀତ ।) ୧୫ । ଦୂର କରିବା; ଅପନୋଦନ କରିବା—15 To allay; to mitigate. (ଉ—ବାଟଶ୍ରାନ୍ତି ଲୋକର ହରେ ଯିବା ଶ୍ରମ—କୃଷ୍ଣସିଂହ ମହାଭାରତ ବନପର୍ବ ।) ୧୬ । ବିନାଶ କରିବା—16. To destroy; to root out. (ଉ—ଯେମନ୍ତେ ପାପ ପୁଣ ହରେ, ଯେ ବାଳେ ଯେ ବା ଶକ୍ତି ଧରେ—ଜଗନ୍ନାଥ ଭାଗବତ ।) ୧୭ । (ଚିତ୍ତକୁ, ମନକୁ) ମୁଗ୍ଧ କରିବା; ମୋହିତ କରିବା—17. To charm. (ଉ—ସିଦ୍ଧାନ୍ତମାନଙ୍କରେ ହରୁଛି ସେ ମନ—କୃଷ୍ଣସିଂହ ମହାଭାରତ ଅଦିପର୍ବ ।) ୧୮ । (ଗଣିତ) ଏକ ଅଙ୍କକୁ ଅନ୍ୟ ଅଙ୍କଦ୍ୱାରା ଭାଗ କରିବା—18 (mathematics) To divide a number by another. ୧୯ । ସମ୍ଭାଳିବା; ଏଡ଼ିବା—19. To evade; to ward off. [ଉ—ପତନବନ୍ତ ଜଗନ୍ନାଥ, ପାଦେ ହରିଲେ ଗଦାଘାତ—ଜଗନ୍ନାଥ ଭାଗବତ ।] ୨୦ । ନ ମିଳିବା; ହଜିବା—20. Not to be found; to be lost; to be missing. [ଉ—ଗୁଳ୍ମ ଗହଳେ ପଥ ଗଲାଟି ହରି—ରାଧାନାଥ ତୁଳସୀ ।]

ହରିବାଟ—ପ୍ରା. ଦେ. (ଖଡ଼ୁଆଳ) ବି—୧ । ସଂକୀର୍ଣ୍ଣ ପଥ—1.
Haribāṭa Narrow path. ୨ । ବନପଥ—2. Path through the forest. ୩ । ଲୋକଚଳ ବାଟ—
3. Road; foot path.

ହରିବାନ—ସଂ. ବି. ପୁଂ. (ହରି=ଘୋଟକ+ଅଛି ଯାହାର ଏହି
Haribān ଅର୍ଥରେ ବହୁବ୍ରୀହି ସମାସ)—ଇନ୍ଦ୍ର (ବଜ୍ରାୟୁଧ)—
God Indra.

ହରିବାଲୁ(ଳୁ)କ—ସଂ. ବି—ଏଲବାଳୁକ (ଅମରକୋଷ) (ଦେଖ)—
Haribālu(ḷu)ka Eḷabāḷuka.

ହରିବାସ—ସଂ. ବି—ଅଶ୍ୱତ୍ଥ (ବୃ. ଶ)—;
Haribāsa Ficus Religiosa (tree)

ହରି ବାସର(ବାର)—ସଂ. ବି—୧ । ଏକାଦଶୀ ତିଥି—1. The
Hari bāsara (bāra) 11th day of the lunar fortnight. [ଉ—ଏ ଦିନ ଉପବାସ ନକରି ହରିବାସର ହରାଏ] ୨ । ଏକାଦଶୀଯୁକ୍ତା ତିଥି—
2. A day of which a part is the 11th

day the of lunar fortnight ୩ । ଦ୍ୱାଦଶୀ ତିଥିର ପ୍ରଥମ ପାଦ—3. The 1st quarter of the 12th day of the lunar fortnight. [ଦ୍ର—ଦ୍ୱାଦଶୀ ତିଥିର ବେଳ ପ୍ରଥମ ପ୍ରହର ପରେ ପାରଣା କରିବାର ବିଧି ଅଛି ।]

ହରି ବାହନ—ସଂ. ବି. (ଷଷ୍ଠୀତତ୍ପୁ)—ଗରୁଡ଼ (ଦ୍ୱାଗ୍ରବଲୀ)—The king of birds; said to be the carrier of Bishnu
Hari bāhana

ହରି ବୀଜ—ସଂ. ବି—ହରିତାଳ (ଦେଖ)—Haritāla (See).
Hari bija

ହରିବୃକ୍ଷ—ସଂ. ବି—ହରିବର୍ଷ (ଶବ୍ଦ କଳ୍ପଦ୍ରୁମ) (ଦେଖ)—Haribarsha (See).
Haribṛuksha

ହରିବୋ(ବ୍ବୋ)ଲ—ଦେ. ବାକ୍ୟ (ଅବ୍ୟୟରୂପେ ବ୍ୟବହୃତ) ୧ । (ଅର୍ଥ—ହେ ଉପସ୍ଥିତ ଲୋକମାନେ ତୁମ୍ଭେମାନେ 'ହରି' ଶବ୍ଦ ବୋଲ ବା ଉଚ୍ଚାରଣ କର) କହେ 'ହରି' ନାମ ଉଚ୍ଚାରଣ କରି ପାର୍ଶ୍ୱସ୍ଥ ଅନ୍ୟମାନଙ୍କୁ 'ହରି'ନାମ ଉଚ୍ଚାରଣ କରିବା ପାଇଁ ଅନୁରୋଧ ସୂଚକ ବାକ୍ୟ—1. Interjection for uttering the name of Hari and asking others present to do so
Haribo(bbo)la
हरिबोल
हरिबोल

୨ । (ହରିନାମ ଉଚ୍ଚାରଣପୂର୍ବକ ଜୟ ଜୟକାର ଧ୍ୱନି) ଜୟ ହରି ! ଜୟ ହରି !—2. Hurrah ! [ଦ୍ର—ହରିବୋଲ ଭାଇ ଗୋବର ବୋଲ; ଭଜିବ ପଥର ବୁଡ଼ିଲା ସୋଲ—ଢଗ] ବି—ହରିଧ୍ୱନି; ଉଚ୍ଚୈଃସ୍ୱରରେ ପୁନଃ ପୁନଃ ହରିନାମ ଉଚ୍ଚାରଣ; ହରିଙ୍କ ଜୟଧ୍ୱନି—Repeated utterance of the name of Hari. [ଦ୍ର—ପାଶ୍ଚାତ୍ୟମାନେ ଆନନ୍ଦ କୋଳାହଳ ଉପଲକ୍ଷରେ 'ହୁର୍‌ରେ' (Hurrah), 'ହିପ୍ ହିପ୍ ହୁର୍‌ରେ' (Hip Hip Hurrah !) ଆଦି ଧ୍ୱନି କରନ୍ତି; କିନ୍ତୁ ଆମ୍ଭେମାନେ ଆନନ୍ଦ ପ୍ରକାଶ ସଙ୍ଗେ ସଙ୍ଗେ ହରିଙ୍କ ନାମ ଧରି 'ହରିବୋଲ୍' ଧ୍ୱନି କରୁଁ । ବହୁଲୋକ ସମାଗମରେ ଲୋକେ ସଭାପତିଙ୍କର ମଙ୍ଗଳକାମନାକରି, ପ୍ରଭୁଙ୍କୁ ବର ପ୍ରାର୍ଥନାକରି, ଅତ୍ୟାଗୃତ ଉପରେ ଚଢ଼ିଲେ କୋଧକୁ ଅହ୍ୱାନ କରି 'ହରିବୋଲ' ଦିଅନ୍ତି । ଭାରତର ଅନ୍ୟାନ୍ୟ ଅଞ୍ଚଳରେ 'ହରିବୋଲ' ପରିବର୍ତ୍ତରେ ଲୋକେ ଜୈଜୈକାର ମଧ୍ୟ କରନ୍ତି ।]

ହରିବୋଲ ଦେବା [ପକା(କେ)ଇବା]—ଦେ. କ୍ରି—ବାରଂବାର ହରିବୋଲ ଶବ୍ଦ ଉଚ୍ଚାରଣ ପୂର୍ବକ ହରି ନାମ କରିବା—To repeat the word Haribola several times. [ଦ୍ରି—
Haribola debā[pakā(ke)ibā]
हरिबोल देओया
हरिबोल देना

କ୍ରୀଡ଼ା ତେଜ ଶିଶୁ ଦେଇ ହରିବୋଲ
ବାହୁଡ଼ ସାଥିଙ୍କ ସହେ
ଅର୍ଦ୍ଧପଥେ ମେଘ ଗୋଡ଼ାଇ ଧରଣ
ଚୁପିଯାଏ ତାଙ୍କୁ ଘରେ ।
ନନ୍ଦକିଶୋର]

[ଦ୍ର—ହରିସଂକୀର୍ତ୍ତନ ଶେଷରେ, କୌଣସି ଶୁଭକୃତ୍ୟାନର ଆରମ୍ଭରେ ଓ ଶେଷରେ, ଉତ୍ସବରେ ବହୁତ ଲୋକଙ୍କ ନଗରୀକୁ ଦେଖୁଥିବା ସମୟରେ, ମେଳା ମଉଛବରେ, କୌଣସି ବ୍ୟକ୍ତିଙ୍କ ମଙ୍ଗଳ କାମନା କରିବାରେ, ଦେବତାଙ୍କଠାରୁ କିମ୍ବା ଲୋକଙ୍କ ବର ପ୍ରାର୍ଥନା କରିବା ଉପଲକ୍ଷରେ ଓ ଆନନ୍ଦ ଉତ୍ସବରେ ଲୋକେ 'ହରିବୋଲ 'ଦିଅନ୍ତି । ପଢ଼ା ଯାଉଥିବା ଧର୍ମ ଗ୍ରନ୍ଥ ପାଠ କରିସାରି ପାଠକ ହରିବୋଲ ଶବ୍ଦ ଉଚ୍ଚାରଣ କରନ୍ତି । ଅଧିକନ୍ତୁ ମଧ୍ୟ ଦେଖାଯାଏ ଯେ, ସାଧାରଣ ଲୋକେ ପରଲୋକଗତ ବ୍ୟକ୍ତି ଉପରେ ପ୍ରଭୁଙ୍କର ଦୟା ପଡ଼ୁ ବୋଲି ଇଚ୍ଛା କରି ସେହି ବ୍ୟକ୍ତିର ନାମ ଧରି ହରିବୋଲ ଦିଅନ୍ତି । କୌଣସି ଅପ୍ରୀତିକର କଥା କାହାକୁ ଶୁଣାଇବା, କୌଣସି ବଡ଼ଲୋକଙ୍କ ସମ୍ବନ୍ଧେ ଉପହାସ କଥା କହିବା, ଅସମ୍ଭବ ଘଟଣା ବିଷୟ କହିବା ଆଦି ଉପଲକ୍ଷରେ ମଧ୍ୟ ଲୋକେ ହରିବୋଲ ଉଚ୍ଚାରଣ କରନ୍ତି । ଏମନ୍ତ କି, ଅଧୁନାତନ ଯୁଗର ଲେଖକମାନଙ୍କର (ଯଥା—ଫକୀରମୋହନ) ଉକ୍ତ ପ୍ରସଙ୍ଗମାନଙ୍କରେ ହରିବୋଲ ଶବ୍ଦ ବ୍ୟବହାର କରିବା ଦେଖାଯାଏ ।

ହରିକଥାରତ ସଙ୍ଗୀତାସ୍ତୁତି ପାଠ ଶୁଣିବାକୁ ସମବେତ ହୋଇଥିବା ବ୍ୟକ୍ତିମାନେ କୌଣସି ବିଶେଷ ଅଧ୍ୟାୟ କିମ୍ବା ପ୍ରସଙ୍ଗ ଶେଷରେ 'ହରିବୋଲ ଦିଅନ୍ତି ।

ଆମ ଦେଶରେ ପୁରୁଷମାନଙ୍କର ଉଚ୍ଚୈଃସ୍ୱରରେ 'ହରିବୋଲ' ଉଚ୍ଚାରଣ କରିବା ଓ ସ୍ତ୍ରୀମାନଙ୍କର 'ହୁଳହୁଳି' ଦେବାର ପ୍ରଥା ବହୁକାଳରୁ ଅଛି । ସମବେତ ଜନମଣ୍ଡଳୀରୁ ଜଣେ ପ୍ରଥମେ କହନ୍ତି 'ଆନନ୍ଦେ ଏକବାର ହରିବୋଲ' ଓ ତା ସଙ୍ଗେ ସଙ୍ଗେ ସମବେତ ସମସ୍ତେ 'ହରିବୋଲ' ଶବ୍ଦକୁ ଟେକି ଧରନ୍ତି । ଏହାପରେ 'ଆଉ ଏକବାର ହରିବୋଲ', 'ଫେର ଏକବାର ହରିବୋଲ', 'ପୁଣି ଆନନ୍ଦେ ଏକବାର ହରିବୋଲ' ଏହିପରି ବାରମ୍ବାର ହରିବୋଲ ପଡ଼ୁଥାଏ ଓ ଏ ତାକ ସଙ୍ଗେ ସଙ୍ଗେ ସେଠାରେ ସ୍ତ୍ରୀମାନେ ଥିଲେ ସେମାନଙ୍କ ଉଚ୍ଚାରିତ ହୁଳହୁଳିର ରୋଳ ମଧ୍ୟ ଉଠୁଥାଏ ।

ହରିବୋଲ ପଡ଼ିବା—ଦେ. ବି—କୌଣସି ସ୍ଥାନରେ ସମବେତ ଲୋକଙ୍କ ଦ୍ୱାରା ବାରଂବାର ହରିଧ୍ୱନି ଉଚ୍ଚାରିତ ହେବା—The repeated utterance of Haribola by the assembled people.
Haribola paṛibā
हरिबोल पड़ा
हरिबोलपड़ना

ହରିବୋଲ୍ ବୋଲ୍ ହରି—ଦେ. ଅ—ଶବକୁ ମଶାଣିକି ନେଉଥିବା ସମୟରେ ମଧ୍ୟେ ମଧ୍ୟେ ଉଚ୍ଚାରଣ କରିବା ପଦ—Words uttered at intervals while carrying a corpse to the cremation ground.
Haribol bol hari
हरिबोल बोलहरि
राम नाम सत्य है
(ହରିବୋଲ୍ ହରି—ଅନ୍ୟରୂପ)

[ଦ୍ର—ଶବକୁ ମଶାଣିକି ନେଉଥିବା ସମୟରେ ଶବବାହକ ଓ ଶବର ପଶ୍ଚାଦ୍‌ଗାମୀ ବ୍ୟକ୍ତିମାନେ 'ରାମ ନାମ ସତ୍ୟ' ବା

'ହିମ୍‌ନାମ୍ ସତ୍ୟ ହେ' ବାକ୍ୟ ବହୁବାର ଉଚ୍ଚାରଣ କରନ୍ତି ଓ ମଝିରେ ମଝିରେ 'ହରିବୋଲ୍ ବୋଲ୍ ହରି' ଉଚ୍ଚାରଣ କରନ୍ତି ।]

ହରିବୋଲ ଭାଇ ଗୋବିନ୍ଦ ବୋଲ୍—ଦେ. ଅ (ଭଜେ ହରି ଓ ଗୋବିନ୍ଦ
Haribola bhāi gobinda bola ନାମ ଉଚ୍ଚାରଣ କରିବାର
হরিবোল ভাই গোবিন্দ বোল हरिबोल भाई गोविन्दबोल ଅନ୍ୟକୁ ତାହା କରିବାକୁ ଅନୁରୋଧ) ଜୟ ଜୟ ହରି !—(words used in uttering the name of Hari) Hurrah, in the name of God.

ହରିବୋଲ ଭାଇ ହରିବୋଲ—ଦେ. ଅ—ହରିବୋଲ ଭାଇ ଗୋବିନ୍ଦ
Haribola bhāi Haribola ବୋଲ (ଦେଖ)—Haribola
হরিবোল ভাই হরিবোল हरिबोलभाइ हरिबोल bhāi gobinda bola (See)
[ଦ୍ରି—ଖାଟେ ! ଆପଣ ପଣ୍ଡିତ ହେ, ମାଳତୀ ଚୂଡ଼ାରେ ସଜେଇଛି ଜଣ ବ୍ରାହ୍ମଣଙ୍କର ସେହି କପାଳ ପୂରିଲା ? ହରି ବୋଲଭାଇ ହରିବୋଲ—ପଣ୍ଡିତମୋହନ. ଛମାଣଆଠଗୁଣ୍ଠ]

ହରିବୋଲିଆ—ଦେ. ବଣ—୧ । ଯେଉଁ ବ୍ୟକ୍ତି (ବା ବୈଷ୍ଣବ) ସର୍ବଦା
Haribolia ମୁଖରେ ହରିନାମ ଉଚ୍ଚାରଣ କରନ୍ତି—1. (A person)
হরিবোলা Always uttering the name of Hari. ୨ ।
हरिबोलीआ ଯେଉଁ ବ୍ୟକ୍ତି ସର୍ବଦା ମୁଖରେ "ହରିବୋଲ" ଶବ୍ଦ ଉଚ୍ଚାରଣ କରେ—2. Always uttering Haribola, ୩ । (ଲକ୍ଷଣାର୍ଥ) (ବହୁଲୋକସମାଗମକାଳରେ ଉଚ୍ଚୈଃସ୍ୱରରେ ସମସ୍ତେ ମିଶି ହରିବୋଲ ଉଚ୍ଚାରଣ କରୁଥିବାରୁ) ଯେଉଁ ବ୍ୟକ୍ତି ସବୁ କାର୍ଯ୍ୟରେ ଗୋଳମାଳକୁ ବା ବହୁଲୋକଙ୍କ ଉଚ୍ଚ ସ୍ୱରକୁ ସୁଖ ପାଏ—3. (Figurative Nois-leoving; loving confusion. ପ୍ରାଦେ (ଗଡ଼ଜାତ) ବି—କଞ୍ଚା ଅମ୍ବର ଶସକୁ କାଟି ଖଣ୍ଡିରେ ଲୁଣ ଓ ଲଙ୍କାମରିଚ ଗୁଣ୍ଡ ଦେଇ ଅମ୍ବସଢ଼ା ପରି ପ୍ରସ୍ତୁତ କରି ଖରାରେ ଶୁଖାଇ ତାକୁ ପରେ ଅଗ୍ନିରେ ଭୁଞ୍ଜି ଖାଇବାକୁ ସାଇତା ଯାଇଥିବା ଅମ୍ବ ଅଚାର—Pickle made by drying the pasted kernel of green mango after seasoning it in salt and pepper.

ହରିବୋଲିଆ କରିବା—ଦେ. କ୍ରି—୧ । (ବହୁଲୋକଙ୍କ ହରିବୋଲ
Haribolia kariba ହେଉଥିବା ବେଳେ ଘଟିବା ଗଣ୍ଡଗୋଳର
হরিবোলাকরা ଭଳିରୁ)—(ଲକ୍ଷଣାର୍ଥ) କୌଣସି କାର୍ଯ୍ୟକୁ ଗୋଳ-
हरिबोलियाकरना ମାଳିଆ କରିବା—(1. Figurative) To confuse matters. ୨ । ଦଶ ଫଳ ଭାବରେ କୌଣସି କାର୍ଯ୍ୟ କରିବା—2. To perform a thing in a perfunctory or disorderly manner.

ହରିବଂଶ—ସଂ. ବି—୧ । ଶ୍ରୀକୃଷ୍ଣଙ୍କ ବଂଶ; ଯଦୁବଂଶ—1. The race
Hari bamsa of Srikrushna. ୨ । ଶ୍ରୀକୃଷ୍ଣଙ୍କ ବଂଶଧରଗଣ—2. The descendants of Srikrushna. ୩ । ମହାଭାରତର ପରିଶିଷ୍ଟ ବ୍ୟାସକୃତ ଗ୍ରନ୍ଥ ବିଶେଷ—3. Name of a book which is supplemen. to the Mahābhārata. [ଦ୍ର—ଏଥିରେ ଶ୍ରୀକୃଷ୍ଣଙ୍କ ବଂଶଧର ଓ ସେମାନଙ୍କ କାର୍ଯ୍ୟକଳାପ ବର୍ଣ୍ଣିତ ହୋଇଅଛି] ୪ । ବ୍ୟାସ ରଚିତ ହରିବଂଶକୁ ଅବଲମ୍ବନ କରି ଓଡ଼ିଆରେ ରଚିତ ପଦ୍ୟଗ୍ରନ୍ଥ—4. The title of an Oriya poem which follows the original Sanskrit Haribamsa. [ଦ୍ର—ଓଡ଼ିଆରେ ବ୍ୟାସ ରଚିତ ହରିବଂଶର ଅନୁବାଦ ଓ ଅନ୍ୟ ଗ୍ରନ୍ଥକୁ ଅବଲମ୍ବନ କରି ପଦ୍ୟ ଗ୍ରନ୍ଥ ମଧ୍ୟ ରଚିତ ହୋଇଅଛି]

ହରିବ୍ୟାସି—ଦେ. ବି—'ନିମ୍ବାର୍କ' ବା ନିମାଇତ ବୈଷ୍ଣବ ସମ୍ପ୍ରଦାୟର
Haribyāsi ଅନ୍ତର୍ଗତ ହରିବ୍ୟାସ ନାମକ ଜଣେ ବୈଷ୍ଣବଙ୍କ ପ୍ରବର୍ତ୍ତିତ ଉପ ସମ୍ପ୍ରଦାୟ ବିଶେଷ—Name of sub-sect of the Nimbārka sect of Baisnabast

ହରି ଭକ (ଗ) ତ—ଗ୍ରା. ବି. ପୁଂ—ହରିଭକ୍ତ (ଦେଖ)—
Hari bhaka (ga) ta Haribhakta (See)

ହରି ଭକ (ଗ) ତି—ଗ୍ରା. ବି—ହରିଭକ୍ତି (ଦେଖ)—
Hari bhaka (ga) ti Haribhakti (See)

ହରି ଭକ୍ତ—ସଂ. ବଣ. ପୁଂ (ଷଷ୍ଠୀ ତତ୍)—ବିଷ୍ଣୁଙ୍କ ପ୍ରତି ଭକ୍ତିଯୁକ୍ତ—
Haribhakta Devoted to God. ବି—ହରିଙ୍କଠାରେ ମନପ୍ରାଣ ଅର୍ପଣ କରିଥିବା ବ୍ୟକ୍ତି; ହରି ସେବକ—A devotee of Hari; a devout worshipper of God. [ଦ୍ର—ଯେଉଁ ଲୋକର ହରିଙ୍କଠାରେ ଭକ୍ତି ଥାଏ ଓ ଯେଉଁ ବ୍ୟକ୍ତି ସର୍ବଭାବରେ ଈଶ୍ୱର ବିଦ୍ୟମାନ ଥିବା ଭାବନ୍ତି, ତାଙ୍କୁ ହରିଭକ୍ତ ବୋଲାଯାଏ—ବ୍ରହ୍ମବୈବର୍ତ୍ତ ପୁରାଣ ଦେଖ.]

ହରି ଭକ୍ତି—ସଂ ବି (ଷଷ୍ଠୀ ତତ୍)—ଈଶ୍ୱରଭକ୍ତି; ବିଷ୍ଣୁଭକ୍ତି; ହରିଙ୍କ
Hari bhakti ଠାରେ ଭକ୍ତି—Devotion to God.

ହରିଭକ୍ତିପ୍ରଦ—ସଂ ବଣ.ପୁଂ.—ଯାହା (ଯେଉଁ କାର୍ଯ୍ୟ, ଅଚରଣ, ଗ୍ରନ୍ଥ ବା
Haribhaktiprada ସମାଜ) ମନୁଷ୍ୟମାନଙ୍କ ହୃଦୟରେ ହରିଭକ୍ତିର ଉଦ୍ରେକ କରେ—(any act, book or association) Which begets a spirit of devotion to Hari in the minds of persons.

ହରିଭକ୍ତିପ୍ରଦାୟକ
ହରିଭକ୍ତିପ୍ରଦାୟୀ —ଅନ୍ୟରୂପ

ହରିଭକ୍ତିପ୍ରଦା
ହରିଭକ୍ତିପ୍ରଦାୟିକା } —ସ୍ତ୍ରୀଲିଙ୍ଗ ରୂପ
ହରିଭକ୍ତିପ୍ରଦାୟିନୀ

ହରିଭକ୍ତି ବିଳାସ—ସଂ.ବି (ନାମ)—ହରିଭଜନ ଓ ବୈଷ୍ଣବଙ୍କ କର୍ତ୍ତବ୍ୟ
Haribhakti bilāsa ଏବଂ ଶାସ୍ତ୍ରୀୟ ବ୍ରତ ଉତ୍ସବାଦି ସମ୍ବନ୍ଧୀୟ ପ୍ରାମାଣ୍ୟ ସଂସ୍କୃତ ଗ୍ରନ୍ଥବିଶେଷ—The title of an authoritative Sanskrit treatise dealing with the duties of a Baishnaba) (e.g. fasts, festivals, hymns etc

ହରି ଭଜନ—ସଂ.ବି (ଷଷ୍ଠୀ ତତ୍)—ସର୍ବଦା ହରିଙ୍କ ନାମ ସ୍ମରଣ ଓ
Haribhajana ଗାୟନ—Chanting of and devotion to the name of Hari constantly.

হরি ভজন **हरिभजन** ଦେ. ବି—୧ । କୌଣସି ବ୍ୟକ୍ତିଙ୍କ ଦ୍ୱାରା ହରିନାମ ଉଚ୍ଚାରଣ—1. Utterance of the name of Hari by a single person. (ଦ୍ର—ସାଧାରଣତଃ ଜଣେ ଲୋକଙ୍କର ଏକାକୀ ବସି ହରିଙ୍କ ନାମ ଉଚ୍ଚାରଣ ଓ ଗାନ କରିବାକୁ 'ହରିଭଜନ' ଓ ବହୁ ଲୋକଙ୍କର ଖୋଳ କରତାଳ ସହିତ 'ହରିନାମ ଗାନ'କୁ 'ହରିସଂକୀର୍ତ୍ତନ' ବୋଲାଯାଏ ।) ୨ । ହରିଙ୍କ ନାମଯୁକ୍ତ ସ୍ତୁତି ବା ଗୀତ—2. A hymn containing the name of Hari. ୩ । ପୁରୁଷଙ୍କ ନାମ—3. A name given to males.

ହରି ଭଜିବା—ଦେ. କ୍ରି—୧ । ହରିଙ୍କ ନାମ ଉଚ୍ଚାରଣ କରିବା—
Hari bhajibā 1. To utter the name of Hari.
হরিভজা **हरिभजना** ୨ । ଭକ୍ତିପୂର୍ବକ ହରିଙ୍କଠାରେ ଶରଣ ନେବା—2. Tāking shelter of Hari.

ହରିଭଦ୍ର—ସ. ବି—ହରିବାଳୁକ (ଦେଖ)—
Haribhadra Haribāluka (See).

ହରିଭାବୀ—ସ. ବିଣ (ହରି+ଭାବ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—
Haribhābi ହରିଙ୍କ ସମ୍ବନ୍ଧେ ଭାବନାଶୀଳ; ଯେ ସର୍ବଦା (ହରିଭାବିନୀ—ସ୍ତ୍ରୀ) ହରିଙ୍କ ବିଷୟ ଭାବନା କରୁଥାଏ; ହରିଭକ୍ତ (ମୁଗ୍ଧବୋଧ ବ୍ୟାକରଣ)—Always bent on contemplating God.

ହରିଭୁକ—ସ ବି (ହରି=ବେଙ୍ଗ+ଭୁଜ୍ ଧାତୁ=ଖାଇବା+କର୍ତ୍ତୃ.
Haribhuk କ୍ୱିପ୍; ହରିଭୁକ୍, ଶବ୍ଦ ୧ମା. ୧ବ)—ସର୍ପ (ଶବ୍ଦରତ୍ନାବଳୀ)—Snake.

ହରିମନ୍ଥ—ସ. ବି—୧ । ଗଣିକାରିକା; ଅଗବଥୁ (ଶବ୍ଦ ଚନ୍ଦ୍ରିକା)—
Harimantha Premna Serratifolia (tree)
୨ । ଚଣକ; ଚଣା (ରାଜନିର୍ଘଣ୍ଟ)—2. The chicken pea. ୩ । ଦେଶ ବିଶେଷ (ଭରତ)—3. Name of a country.

ହରିମନ୍ଥକ (ଜ)—ସ. ବି—(ହରିମନ୍ଥ ଦେଶରେ ଏହା ପ୍ରଚୁର ଜନ୍ମ-
Harimanthaka(ja) ଥିବାରୁ) ୧ । ଚଣକ (ଅମରକୋଷ, ଭରତ)—1. The chicken pea. ୨ । ବୁଟ—2. Gram. ୩ । କୃଷ୍ଣମୁଗ (ହେମଚନ୍ଦ୍ର) (ଦେଖ)—3. Krushna mudga (See)

ହରି ମନ୍ଦିର—ସ. ବି—(୬ଷ୍ଠୀ ତତ୍)—୧ । ବିଷ୍ଣୁ ମନ୍ଦିର; ଯେଉଁ
Hari mandira ମନ୍ଦିରରେ ବିଷ୍ଣୁ ବିଗ୍ରହ ପ୍ରତିଷ୍ଠିତ ଓ ପୂଜିତ ହୁଅନ୍ତି—1. A temple for the worship of Bishnu. ୨ । ବୈଷ୍ଣବମାନଙ୍କ ଲଲାଟରେ ଅଙ୍କିତ ତିଳକ ରେଖା ବିଶେଷ—2. A sort of mark painted on the forehead of Baishnabas. [ଦ୍ର—ହରିମନ୍ଦିର ତିଳକ କପାଳେ—ପ୍ରାଚୀ. ପ୍ରତାପ. ଶର୍ଶସେଣା ।]

ହରିମନ୍ଦିର ତିଳକ—ସ. ବି—ହରିମନ୍ଦିର (୨) (ଦେଖ)—
Harimandira tilaka Harimandira (2) (See)
[ହରିମନ୍ଦିର ଚିତା—ଦେ. ରୂପ]

ହରି ମନ୍ଦିରା—ଦେ. ବି—ହରିମନ୍ଦିର (୨) (ଦେଖ)—
Harimandirā Harimandira (2) (See)
[ହରିମନ୍ଦିର ଚିତା—ଅନ୍ୟରୂପ] [ଦ୍ର—ଏଅବ ସ ଦନେ ନଅଣ ଗଇବା, ତୃତୀୟେକେ ହରିମନ୍ଦିର ଚି—ଇଗ]

হরিমন্দির তিলক **हरिमन्दिर तिलक**

ହରିମନ୍ଦିରା କାଟିବା—ଦେ. କ୍ରି—୧ । କପାଳରେ ହରିମନ୍ଦିର ତିଳକ
Harimandirā kātibā ରେଖା ଅଙ୍କିତ କରିବା—1. To
হরিমন্দির তিলক কাটা paint Harimandira figure
हरिमन्दिर तिलक करना on the forehead. ୨ । (ଲକ୍ଷଣାର୍ଥ) ଚିତା କାଟିବା; କୌଣସି ବ୍ୟକ୍ତିଙ୍କୁ ଠକିବା—2. (Figurative) To cheat a person.

ହରିମନ୍ଦିରା ଦେବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର କପାଳରେ (ଯଥା
Harimandirā debā ଗୁରୁ ଶିଷ୍ୟର କପାଳରେ) ହରିମନ୍ଦିର
হরিমন্দিরতিলক দেওয়া ତିଳକ ଅଙ୍କିତ କରିବା—1. To paint
हरिमन्दिरतिलकदेना Harimandira figure on the forehead of another. ୨ । (ଲକ୍ଷଣାର୍ଥ) ଚିତେ କାଟିବା; କୌଣସି ବ୍ୟକ୍ତିଙ୍କୁ ଠକିବା—2. (figurative) To cheat a person.

ହରି ମୁଦ୍ଗ—ସ. ବି—ଏକ ପ୍ରକାର ମୁଗ; ଶାଗୁଆ ମୁଗ—A species
Hari mudga of moonga pulse of green colour.

ହରି ମେଧ—ସ. ବି—୧ । ଅଶ୍ୱମେଧ ଯଜ୍ଞ (ତ୍ରି. ଶ)—1. Horse
Hari medha sacrifice. ୨ । ବିଷ୍ଣୁଙ୍କର ଗୋଟିଏ ନାମ (ତ୍ରି. ଶ)—2. A name of Bishnu.

ହରିୟ—ସଂ. ବି—ପୀତବର୍ଣ୍ଣ ଘୋଟକ (ହେମଚନ୍ଦ୍ର)—
Hariya A horse of yellow colour.

ହରିୟଲ୍—ଦେ. ବି—ହରିଅଲ୍ (ଦେଖ)—
Hariyal Harial (See)

ହରିୟା—ଦେ. ବି—ହରିଆ (ଦେଖ)—
Hariyā Hariā (See)

ହରି ଯାନ (ବାହନ)—ସଂ. ବି (୬ଷ୍ଠୀ ତତ୍)—ଗରୁଡ଼—
Hari jāna (bāhana) Garurda; the carrier of Hari.

ହରିୟାଲ (ଲ)—ଦେ. ବି—ହରିଅଲ (ଲ) (ଦେଖ)—
Hariyāl (l) Hariāl (l) (See)

ହରିୟୂପୀୟା—ସଂ. ବି (ନାମ)—ବେଦୋକ୍ତ ମହାଜନପଦ ବା ମହାଦେଶ-
Hariyūpiyā ବିଶେଷର ନାମ; ମାନବ ଜାତିର ଆଦ୍ୟ ଜନ୍ମଭୂମି—Name of a continent mentioned in the Bedas and said to be the original birth-place of man. [ଦ୍ର—ପ୍ରତ୍ନତତ୍ତ୍ୱବିତ୍ ଅଧିକାଂଶ ପଣ୍ଡିତମାନେ ଏହାକୁ ଅଧୁନାତନ ୟୁରୋପ (Europe) (ଲାଟିନ୍ ନାମ ୟୁରୁପା) ମହାଦେଶ ଥିବା ଅନୁମାନ କରନ୍ତି—ଜ୍ଞାନେନ୍ଦ୍ର ଚନ୍ଦ୍ର, ବଙ୍ଗଳା ଅଭିଧାନ]

ହରିର୍‌ନୁ (ଲୁ) ଟ୍—ଦେ. ବି—ହରିଲୁଟ୍ (ଦେଖ)—
Harir-nu (lu) t Harilut (See)

ହରି ରାମ—ଦେ. ବି. ପୁଂ—ପୁରୁଷଙ୍କ ନାମ—
Hari rāma A name given to males.
ସଂ. ବି—ଏକ ଉତ୍ତାରେ ହରିଙ୍କର ଦୁଇଟି ନାମ—
Two names of Hari uttered one after another.
[ହରେରାମ—ଦେଶଜ ରୂପ]

ହରିର୍ନାମ—ଦେ. ବି—(ସଂ. ହରେର୍ନାମ)—ହରେର୍ନାମ (ଦେଖ)—
Harirnāma Harernāma (See)

ହରି ନ୍ (ଲ୍) ଟ୍—ଦେ. ବି—ହରିଲୁଟ୍ (ଦେଖ)—
Harirnu (rlu)ṭ Harilut (See)

ହରିଲୁଟ୍ (ଠ୍)—ଦେ. ବି (ସଂ. ହରି ଓ ଲୁଣ୍ଠନ)—ଉତ୍ସବ ବିଶେଷ; ହରି
Harilut (ṭh) ସଂକୀର୍ତ୍ତନ ପରେ ହରିଙ୍କ ଉଦ୍ଦେଶ୍ୟରେ ନିବେଦିତ ପ୍ରସାଦ (ଲିଆଖୁଆ, ନଡ଼ିଆ, ଖଇ ଆଦି) ଭୂମିରେ ବୁଣା ହେବା ପରେ ତାକୁ ସମବେତ ଭକ୍ତଗଣଙ୍କର ଆନନ୍ଦ କୋଳାହଳ କରି ଓ ହରିବୋଲ ପକାଇ ଗୋଟାଇ ପରସ୍ପର ଉପରେ ପଡ଼ି ଛଡ଼ାଛଡ଼ି ହୋଇ ଗ୍ରହଣ କରିବା ରୂପ ଉତ୍ସବ—A festival consisting of strewing the sweet offerings offered to Hari on the ground after finishing the chanting of Nāma Saṁkīrttana and the assembled people picking up as much as each can in the crowd.

ହରି ଲୋକ—ସଂ. ବି (୬ଷ୍ଠୀ ତତ୍)—ବିଷ୍ଣୁଲୋକ; ବୈକୁଣ୍ଠ (ହି. ଶ)—
Hari loka The paradise of the Hindus.

ହରି ଲୋଚନ—ସଂ. ବିଣ. ପୁଂ (ବହୁବ୍ରୀହି, ହରି=ହରିତ ଅଟେ
Hari lochana ଲୋଚନ ଯାହାର)—ସବୁଜ ଅକ୍ଷିଅ—(a person) Having green eyes. ବି—୧ । କୁଳୀର; କଙ୍କଡ଼ା
[ହରିଲୋଚନା—ସ୍ତ୍ରୀ] (ହିଂସ୍ର ଶେଷ)—1. Crab. ୨ । ପେଚକ (ଶବ୍ଦକଳ୍ପଦ୍ରୁମ)—2, Owl.

ହରିଶ୍—ଦେ. ବି—ହରିଶ୍ଚନ୍ଦ୍ରଙ୍କ ଡାକନାମ—Nickname of
Hariś Hariśchandra.

ହରିଶଙ୍କର—ସ. ବି—ବିଷ୍ଣୁ ଓ ଶିବ; ହରିହର—God Bishṇu
Hariśankara and God Śiba. ଦେ.ବି. ପୁଂ—ପୁରୁଷଙ୍କ ନାମ—A name given to males.

ହରି ଶବଦ—ଦେ. ବି (ସଂ. ହରିଶବ୍ଦ)—ହରିଧ୍ୱନି; ହରିବୋଲ; ହରିଙ୍କ
Hari śabada ନାମ ଉଚ୍ଚାରଣ—The utterance of the name of Hari. [ଉ—ଲଙ୍କରେ ପୁଣି ହରିଶବଦ—ଭଗ; ଅର୍ଥାତ୍ ଲଙ୍କାବାସୀ ନାସ୍ତିକ ରାକ୍ଷସମାନଙ୍କ ମୁଖରୁ
[ହରିଶବ୍ଦ—ସ. ରୂପ] ହରିଶବଦ ଶୁଣିବା ଆଶା କରାଯାଏ ନାହିଁ]

ହରି ଶୟନ—ସ. ବି—୧ । ବିଷ୍ଣୁ ବା ହରିଙ୍କର ନିଦ୍ରା—1, The sleep
Hari śayana of Bishṇu or Hari. ୨ । ଯେଉଁ ସମୟରେ ହରି ନିଦ୍ରା ଯାଆନ୍ତି—2. The time when Bishṇu is said to be in bed. ୩ । ଅଷାଢ଼ମାସର ଶୁକ୍ଳଦ୍ୱାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ କାଳ (ଯେଉଁ ସମୟରେ ବିଷ୍ଣୁ ନିଦ୍ରା ଯାଆନ୍ତି)—3. A period of 4 months from the 12th day of the bright lunar fortnight of Ashārḍha to the 12th day of the bright fortnight of Kārttika. ୪ । ଅଷାଢ଼ ମାସର ଶୁକ୍ଳ ଏକାଦଶୀ—4. The 11th day of the bright lunar fortnight of Ashārḍha [ଦ୍ର—ଏହା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କର ଶୟନଯାତ୍ରା ନାମକ ଗୋଟିଏ ଯାତ୍ରା ଦିବସ ଅଟେ ଓ ଏହି ଦିନଠାରୁ ଚାତୁର୍ମାସ୍ୟ ବ୍ରତାରମ୍ଭ ହୁଏ । ପୁରାଣମାନଙ୍କ ମତରେ ବିଷ୍ଣୁ ଅଷାଢ଼ ଶୁକ୍ଳ ଏକାଦଶୀ ଦିନ ଶୋଇବାକୁ ଯାଆନ୍ତି, ଭାଦ୍ର ମାସ ଶୁକ୍ଳ ଏକାଦଶୀ ଦିନ ପାର୍ଶ୍ୱ ପରିବର୍ତ୍ତନ କରନ୍ତି ଓ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ନିଦ୍ରାଯାଇ ଦ୍ୱାଦଶୀଦିନ ନିଦ୍ରାରୁ ଉଠନ୍ତି—ମତ୍ସ୍ୟପୁରାଣ, ବାମନ ପୁରାଣ, ଗରୁଡ଼ ପୁରାଣ ଓ ଭବିଷ୍ୟ ପୁରାଣ]

ହରିଶୟନ ଏକାଦଶୀ—ସ. ବି—ଅଷାଢ଼ ଶୁକ୍ଳ ଏକାଦଶୀ—The 11th
Hariśayana ekādaśī day of the bright lunar fortnight of Āshārḍha.

ହରିଶୟନ ଯାତ୍ରା—ଦେ. ବି—ପୁରୀ ଜଗନ୍ନାଥ ଦେବଙ୍କର ଅଷାଢ଼ ଶୁକ୍ଳ
Hariśayana jātrā ଏକାଦଶୀ ଦିନ କରାଯିବା ଯାତ୍ରା—A festival observed on the occasion of Hariśayana Ekādaśī in the temple of Jagannātha of Puri. [ଦ୍ର—ଭୁବନେଶ୍ୱର ଲିଙ୍ଗରାଜଙ୍କର ବା ଶିବଙ୍କର ଶୟନଯାତ୍ରା (ଶୟନ ଚତୁର୍ଦ୍ଦଶୀ) ଅଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଓ ଉତ୍ଥାପନ ଯାତ୍ରା (ଶିବୋତ୍ଥାପନ) କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ସମାହିତ ହୁଏ]

ହରି ଶର—ସ.ବି. ପୁଂ (ବହୁବ୍ରୀହି; ହରି ହୋଇଅଛନ୍ତି ଶର ଯାହାଙ୍କର)—
Hari śara ଶିବ (ଶିବ କଳ୍ପଦ୍ରୁମ)—Śiba. [ଦ୍ର—ତ୍ରିପୁର ଦହନାର୍ଥ "ହରି" ମହାଦେବଙ୍କ ହସ୍ତସ୍ଥିତ ଧନୁରେ ଶର ରୂପେ ସଜ୍ଜିତ ହୋଇଥିବାରୁ ଶିବଙ୍କର ଏହି ନାମ ହୋଇଅଛି]

ହରି ଶରଣ—ଦେ. ବି. ପୁଂ—୧ । ପୁରୁଷଙ୍କ ନାମ—1. A name
Hari śaraṇa given to males. ୨ । (ବାକ୍ୟ) ଘରୋଇ ପତ୍ରର ଶିରୋଦେଶରେ ଲେଖାଯିବା ବାକ୍ୟ [ଏହାର ଅର୍ଥ
[ହରିଶରଣଂ—ସ. ରୂପ] ହରିଙ୍କଠାରେ ଶରଣାଗତ ହୋଇ ଏ ପତ୍ର ଆରମ୍ଭ କଲି]— 2. A formula written as the heading of private letters (invoking the name of Hari as the writer's refuge). [ଦ୍ର—କେହି କେହି ହରିଭରସା, ଶ୍ରୀହରିଃ, ହରିଃ, ହରିଶରଣଂ, ଶ୍ରୀହରି, ଶ୍ରୀହରିଶରଣ ଇତ୍ୟାଦି ଲେଖନ୍ତି]

ହରିଶାଣ—ଦେ. ବି—ଅନ୍ତଗଛ ପରି ଏକପ୍ରକାର ମଧ୍ୟମାକାର ବନ୍ୟବୃକ୍ଷ—
Harisāṇa A wild tree of middle stature like the custard apple tree, the leaves of which are used in polishing ivory and horn articles.

[ଦ୍ର—ଏଥିର ପତ୍ରର ପିଠି ପାଖରେ ଟାଣୁଆ ଲୋମମାନ ଥାଏ । ଏହି ପତ୍ରର ପିଠିପାଖ ଶିଙ୍ଗର ଓ ବାଇଡ଼ାଙ୍କର ଉପର ମାନଙ୍କ ଉପରେ ଘଷିଲେ ସେମାନ ଫାଳିଆ ହୁଏ]

ହରିଶ୍ଚନ୍ଦ୍ର—ସଂ. ବି (ନାମ) (ନିପାତନ ସିଦ୍ଧ; ସଂ. ହରିଃ+ଚନ୍ଦ୍ର; ବ୍ୟାକ-Hariśchandra ରଣର ବିଧି ଅନୁସାରେ ଏହା "ହରିଚନ୍ଦ୍ର" ହେବା ଉଚିତ) ଏଥିର ଅର୍ଥ—ହରିଙ୍କ ପରି ଚନ୍ଦ୍ର, ବା ରମଣୀୟ)—ସୂର୍ଯ୍ୟବଂଶୀୟ ଜଣେକ ରାଜା —Name of a king of the Solar race.

[ଦ୍ର—ଏ ତ୍ରେତାଯୁଗର ସୂର୍ଯ୍ୟବଂଶୀୟ ଅଷ୍ଟାବିଂଶ ରାଜା । ଏହାଙ୍କର ପିତା ତ୍ରିଶଙ୍କୁ, ଏହାଙ୍କର ପୁତ୍ର ରୋହିତାଶ୍ୱ ଓ ରାଣୀ ଶୈବ୍ୟା । ଏ ଅତି ଧର୍ମନିଷ୍ଠ, ଗୁଣବାନ୍ ଓ ଦାତା ଥିଲେ । ଥରେ ସ୍ୱର୍ଗରେ ବିଶ୍ୱାମିତ୍ର ବଶିଷ୍ଠଙ୍କଠାରୁ ହରିଶ୍ଚନ୍ଦ୍ରଙ୍କ ଧର୍ମନିଷ୍ଠା ଓ ଦାତୃତ୍ୱର ପ୍ରଶଂସା ଶୁଣି ଏହା ପରୀକ୍ଷା କରିବା ପାଇଁ ହରିଶ୍ଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହେଲେ; ଏବଂ ଏହାଙ୍କୁ ରାଜ୍ୟ ସହିତ ସର୍ବସ୍ୱଧନ ମାଗିବାରୁ ଏ ଅକୁଣ୍ଠିତ ଚିତ୍ତରେ ବିଶ୍ୱାମିତ୍ରଙ୍କୁ ସମସ୍ତ ଦାନ କରି ଏକବସ୍ତ୍ର ହୋଇ ସ୍ତ୍ରୀ ଓ ପୁତ୍ର ସହିତ ରାଜ୍ୟତ୍ୟାଗ କଲେ । ତଥାପି ବିଶ୍ୱାମିତ୍ର ଏତିକରେ ସନ୍ତୁଷ୍ଟ ନ ହୋଇ ଏହାଙ୍କଠାରୁ 'ଦାନର ଦକ୍ଷିଣା' ପାଇବା ପାଇଁ ଅଳି କଲେ । ବିଶ୍ୱାମିତ୍ରଙ୍କୁ ଦକ୍ଷିଣା ଦେବାପାଇଁ ଧନ ସଂଗ୍ରହ କରିବାର ଅନ୍ୟ ଉପାୟ ନ ଥିବାରୁ ହରିଶ୍ଚନ୍ଦ୍ର ନିଜର ସ୍ତ୍ରୀ ଶୈବ୍ୟାଙ୍କୁ ଦାସୀରୂପେ ଓ ଏକମାତ୍ର ପୁତ୍ର ରୋହିତାଶ୍ୱଙ୍କୁ ଦାସରୂପେ ଜଣେ ବ୍ରାହ୍ମଣଙ୍କୁ ବିକ୍ରି କଲେ ଓ ନିଜେ ଗୋଟିଏ ଚଣ୍ଡାଳ ନିକଟରେ ଦାସତ୍ୱ ଗ୍ରହଣ କରି, ଏହିପରି ଦାସତ୍ୱଲବ୍ଧ ଧନ ଆଣି ବିଶ୍ୱାମିତ୍ରଙ୍କୁ ଦକ୍ଷିଣା ଦେଲେ । ଶ୍ମଶାନରେ ଶବସତ୍କାର କରିବାପାଇଁ ଆସିବା ବ୍ୟକ୍ତିମାନଙ୍କଠାରୁ ଶୁଳ୍କ (ଟିକସ) ଅସୁଲ କରିବାର ଭାର ଏହାଙ୍କ ସ୍ୱାମୀ ଚଣ୍ଡାଳ ହରିଶ୍ଚନ୍ଦ୍ରଙ୍କଠାରେ ଅର୍ପଣ କରିଥିଲେ; ତେଣୁ ଏ ଅଗତ୍ୟା ଶ୍ମଶାନରେ ରହି ସେ କାର୍ଯ୍ୟ କରୁଥାଆନ୍ତି । ଏଣେ ଶୈବ୍ୟା ରୋହିତାଶ୍ୱ ସହିତ ବ୍ରାହ୍ମଣ ଘରେ ଦାସୀ ବୃତ୍ତି କରି ଅତି ଦୁଃଖରେ କାଳଯାପନ କରୁଥାଆନ୍ତି, ଓ ଏହି ଅବସ୍ଥାରେ ହରିଶ୍ଚନ୍ଦ୍ରଙ୍କ ସଙ୍ଗେ ସ୍ତ୍ରୀଙ୍କର ଓ ପୁତ୍ରଙ୍କର ବହୁମାସ ସାକ୍ଷାତ ନ ଥାଏ । ଏହିରୂପେ ବହୁଦିନ ଗତ ହେବା ପରେ ରୋହିତାଶ୍ୱ ସର୍ପଦଂଶନରେ ପ୍ରାଣତ୍ୟାଗ କଲେ । ଶୈବ୍ୟା ପୁତ୍ରର ଶବକୁ ସତ୍କାର କରିବାପାଇଁ ନିଶାରାତ୍ରରେ ଶ୍ମଶାନକୁ ନେଲେ । ପ୍ରଥମେ ସ୍ୱାମୀ ଓ ସ୍ତ୍ରୀ କେହି କାହାରିକୁ ଚିହ୍ନି ପାରିଲେ ନାହିଁ । ଶ୍ମଶାନରେ ଶୁଳ୍କ ଦେବାପାଇଁ ଶୈବ୍ୟାଙ୍କର ଅର୍ଥସଙ୍ଗତି ନ ଥିଲା । ତଥାପି ଚଣ୍ଡାଳର ନିର୍ଦ୍ଧାରିତ ଶୁଳ୍କ ଦେବାପାଇଁ ହରିଶ୍ଚନ୍ଦ୍ର ଶୈବ୍ୟାଙ୍କୁ ଜିଦ କରିବାରୁ ଶୈବ୍ୟା ଶୋକାଭିଭୂତା ହୋଇ ନିଜର ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କରି ରୋଦନ କଲେ; ହରିଶ୍ଚନ୍ଦ୍ର ଶୈବ୍ୟାଙ୍କୁ ଓ ଶୈବ୍ୟା ହରିଶ୍ଚନ୍ଦ୍ରଙ୍କୁ ଚିହ୍ନିଲେ । ଏକମାତ୍ର ପୁତ୍ର ମୃତ ହେବାରୁ ମାତାପିତା ଦୁହେଁ ମଧ୍ୟ ପୁତ୍ରର ଶବ ସଙ୍ଗେ ଚିତାଗ୍ନିରେ ଝାସ ଦେଇ ଇହଲୋକର ପାପତାପ ଦୁଃଖଶୋକରୁ ମୁକ୍ତ ହେବା ପାଇଁ ଚିତାଗ୍ନି ଜଳାଇଲେ । ଏହି ଅବସ୍ଥାରେ ଏହାଙ୍କର ଧର୍ମନିଷ୍ଠତାରେ ପ୍ରୀତ ହୋଇ ବିଶ୍ୱାମିତ୍ର ସେହି ଶ୍ମଶାନରେ ଉପସ୍ଥିତ ହେଲେ ଓ ବର-ଦାନପୂର୍ବକ ରୋହିତାଶ୍ୱଙ୍କୁ ଜୀଆଇଁ ଦେଲେ ଓ ହରିଶ୍ଚନ୍ଦ୍ରଙ୍କୁ ରାଜ୍ୟ ଫେରାଇ ଦେଲେ ।]

ଦେ. ବି. ପୁଂ (ନାମ)—ପୁରୁଷଙ୍କୁ ଡାକିବା ନାମ—
হরিশ্চন্দ্র हरिश्चन्द्र A name given to males.

ହରିଶ୍ଚନ୍ଦ୍ର ପୁର—ସଂ. ବି (ଷଷ୍ଠୀ ତତ୍)—ରାଜା ହରିଶ୍ଚନ୍ଦ୍ରଙ୍କ ରାଜଧାନୀ; Hariśchandra pura ସୌଭପୁର—The capital of King Hariśchandra of the Treta age.

ହରିଶ୍ଚନ୍ଦ୍ର ମୁଖୋପାଧ୍ୟାୟ(ମୁଖର୍ଜି)—ଦେ: ବି—ଜଣେ ପ୍ରସିଦ୍ଧ ସ୍ୱର୍ଗତ ବଙ୍ଗୀୟ Hariśchandra Mukhopādhyāya (mukharji) ବ୍ରାହ୍ମଣ—A famous Bengalee Brāhmaṇa.
হরিশ্চন্দ্রমুখোপাধ্যায় हरिश्चन्द्रमुखोपाध्याय

[ଦ୍ର—ଏହାଙ୍କର ଜନ୍ମ ଖ୍ରୀ ୧୮୨୪—ମୃତ୍ୟୁ ୧୮୬୧ । ଏହାଙ୍କ ପିତା ସାମାନ୍ୟ ଅତି ଗରିବ ଥିଲେ । ହରିଶ୍ଚନ୍ଦ୍ର ସ୍ୱୀୟ ପ୍ରତିଭା ଓ ଅଧ୍ୟବସାୟ ବଳରେ ସାମାନ୍ୟ ଶିକ୍ଷାଲାଭ କରି କଲିକତାରେ ସରକାରୀ ସାମରିକ ହିସାବ ପରୀକ୍ଷା ବିଭାଗରେ ପ୍ରଥମେ ଦଶଟଙ୍କା ଦରମାରେ କିରାନି ଚାକିରି କଲେ; ସେଠାରେ ନିଜର ଅଧ୍ୟବସାୟ ଓ ଶକ୍ତିର ପରିଚୟ ଦେଇ ସେ କ୍ରମଶଃ ଉନ୍ନୀତ ହୋଇ ଶେଷରେ ମାସିକ ଚାରିଶତ ଟଙ୍କା ବେତନରେ ସେହି ବିଭାଗରେ ସହକାରୀ ସାମରିକ ପରୀକ୍ଷକ(Assistant military auditor) କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏ କଲିକତାର ଇଂରାଜୀ ସମ୍ବାଦପତ୍ର 'ହିନ୍ଦୁ ପାଟ୍ରିଅଟ୍' (Hindu patriot) ର ସମ୍ପାଦକତ୍ୱ ଗ୍ରହଣ କରି ନିଜ ଲେଖନୀର କ୍ଷମତା ଦ୍ୱାରା ତତ୍କାଳୀନ ବଡ଼ଲାଟଙ୍କୁ ମୁଗ୍ଧ କରାଇଥିଲେ । ୧୮୫୭ ସାଲରେ ସିପାହି ବିଦ୍ରୋହ ସହିତ ବଙ୍ଗବାସୀମାନଙ୍କର ସହାନୁଭୂତି ନ ଥିବା ବିଷୟ ଏ ମହାଶୟ ଉକ୍ତ ପତ୍ରିକାରେ ପ୍ରମାଣିତ କରିଥିଲେ । ନୀଳକର ସାହେବ (Indigo planters) ମାନଙ୍କଦ୍ୱାରା ପ୍ରଜାମାନଙ୍କପ୍ରତି କରାଯାଉଥିବା ଅତ୍ୟାଚାରବିରୁଦ୍ଧରେ ଏ ଲେଖନୀ ଚାଳନ କରି ପ୍ରଜାମାନଙ୍କ ଦୁଃଖର ତଦନ୍ତ କରିବାପାଇଁ ଗଭର୍ଣ୍ଣ-ମେଣ୍ଟ ନିଯୁକ୍ତ ନୀଳକର-କମିଶନ୍(Indigo commision) ଙ୍କ ନିକଟରେ ସାକ୍ଷ୍ୟ ଦେଲେ । ନୀଳକର ସାହେବମାନେ ଏହାଙ୍କ ନାମରେ 'ଅପବାଦ ରଟନା' କରିଥିବା ଅଭିଯୋଗ କରି ଫଉଜଦାରୀ ଓ ଦେୱାନୀ ନାଲିସ କରି ଡିକ୍ରୀ ପାଇ ଏହାଙ୍କ ମୃତ୍ୟୁ ପରେ ଏହାଙ୍କର ସମସ୍ତ ସମ୍ପତ୍ତି ନିଲାମ କରାଇଦେଲେ । ଏହାଙ୍କ ସ୍ମରଣାର୍ଥ ବ୍ରିଟିଶ୍ ଇଣ୍ଡିଅନ୍ ସଭା (The British Indian Association) ଗୃହର ଗୋଟିଏ ଅଂଶରେ 'ହରିଶ୍ଚନ୍ଦ୍ର ଲାଇବ୍ରେରୀ' ନାମକ ଗୋଟିଏ ପୁସ୍ତକାଳୟ ସ୍ଥାପିତ ହୋଇଅଛି ଓ ଫ୍ରାମ୍‌ଜୀ ବୋମାନ୍‌ଜୀ ନାମକ ଜଣେ ପାର୍ସୀ ପ୍ରାଚୀର ଆଲୋକ ଓ ଛାୟାମାନ (Lights and shades of the East) ନାମକ

ପୁସ୍ତକରେ ଏହାଙ୍କ ଜୀବନଚରିତ ଲେଖିଅଛନ୍ତି—ସୁବଳଚନ୍ଦ୍ର ।

ଏହାଙ୍କର ଲେଖାଗୁଡ଼ିକ ହରିଶ୍ଚନ୍ଦ୍ର ଗ୍ରନ୍ଥାବଳୀ ନାମରେ ବଙ୍ଗବାସୀ ପତ୍ରିକାର କର୍ତ୍ତୃପକ୍ଷ ପୁସ୍ତକାକାରରେ ପ୍ରକାଶ କରି ଅଛନ୍ତି ।]

ହରିଶ୍ଚନ୍ଦ୍ର ସାହୁ—ଦେ॰ ବି (ନାମ)—ଜଣେ ପ୍ରସିଦ୍ଧ ସ୍ୱର୍ଗତ ହିନ୍ଦି କବି, Harischandra sāhu ଭାରତେନ୍ଦୁ ହରିଶ୍ଚନ୍ଦ୍ର—Late famous Hindi writer and author. [ବି—ଜନ୍ମ ଖ୍ରୀ॰ ୧୮୫୦—ମୃତ୍ୟୁ ୧୮୮୫ । ଏହାଙ୍କ ପିତା ଗୋପାଳଚନ୍ଦ୍ର ସାହୁ ବନାରସରେ ବାସ କରୁଥିଲେ । ଏ ହିନ୍ଦିରେ ଅନେକଗୁଡ଼ିଏ କବିତା, ଗ୍ରନ୍ଥ, ସାମୟିକ ପ୍ରସଙ୍ଗ ଓ ସମାଲୋଚନା ଲେଖି ହିନ୍ଦୀଭାଷୀମାନଙ୍କ ନିକଟରେ ସୁପରିଚିତ ହୋଇଥିଲେ । ଏହାଙ୍କ ପଦ୍ୟ ଓ ଗଦ୍ୟଗ୍ରନ୍ଥମାନଙ୍କ ସଂଖ୍ୟା ଶହ ଅଧିକ ହେବ । ହିନ୍ଦିଭାଷାରେ ଏହାଙ୍କ ରଚିତ 'ସୁନ୍ଦରୀ ତିଳକ' 'ବଚନବଚନସୁଧା', 'ପ୍ରସିଦ୍ଧ ମହାତ୍ମାଙ୍କ ଜୀବନ' ଆଦି ଗ୍ରନ୍ଥ ଉଲ୍ଲେଖଯୋଗ୍ୟ । ଏ 'ହରିଶ୍ଚନ୍ଦ୍ରିକା' ନାମରେ ଗୋଟିଏ ହିନ୍ଦି ସମ୍ବାଦପତ୍ରର ଅନେକ ବର୍ଷ ସମ୍ପାଦକତା କରିଥିଲେ । ହିନ୍ଦି ସମ୍ବାଦ ପତ୍ରର ସମ୍ପାଦକମାନେ ଏହାଙ୍କୁ 'ଭାରତେନ୍ଦୁ' ଉପାଧି ଦେଇଥିଲେ । ଏହାଙ୍କର ଅନେକଗୁଡ଼ିଏ ହିନ୍ଦିଗ୍ରନ୍ଥ ବିହାର ଓଡ଼ିଶା ଓ ଉତ୍ତର ଭାରତରେ ହିନ୍ଦି ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେଉଅଛି । ସୁବଳଚନ୍ଦ୍ର]

ହରିଶ୍ଚନ୍ଦ୍ରି—ଦେ॰ବି(ନାମ)—ରାଜା ହରିଶ୍ଚନ୍ଦ୍ରଙ୍କ ଭକ୍ତ ସମ୍ପ୍ରଦାୟ ବିଶେଷ—Harischandri Name of a religious sect which is devoted to the mythological king Harischandra.

ହରିଷ—ସଂ ତ—ହର୍ଷ ଶବ୍ଦର ଅନ୍ୟ ଆକାର (ଶବ୍ଦକଳ୍ପଦ୍ରୁମ)—Harisha The alternative form of the word Harsha. (delight)

ହରିଷେଣ—ସ ବି॰ ପୁଂ—୧। (ନାମ) ଇକ୍ଷ୍ୱାକୁ ବଂଶୀୟ ଜଣେ ଚକ୍ରବର୍ତ୍ତୀ-Harishena ବିଶେଷ—1. Name of a pre Buddhist emperor of India of Ikshwāku dynasty. ୨। (ନାମ) ଜଣେ ବିଖ୍ୟାତ ଜୈନପଣ୍ଡିତ (ବିଶ୍ୱକୋଷ)—2. Name of a famous Jaina Pandit. [ବି—ଏ ୯୮୯ ସମ୍ବତ ବା ୯୩୨ ଖ୍ରୀଷ୍ଟାବ୍ଦରେ 'ଜୈନବୃହତ୍କଥା ଯୋଗମାଳା' ଗ୍ରନ୍ଥ ରଚନା କରିଥିଲେ—ବିଶ୍ୱକୋଷ] ୩। (ନାମ) ବାରାଣସୀ ବାସୀ ଜଣେ ଉଚ୍ଚଶିକ୍ଷିତ ପଣ୍ଡିତ—3. A learned author of Benares. [ବି—ଗ୍ରହଗୀତ ସମ୍ବନ୍ଧେ ଗୋଟିଏ ସଂସ୍କୃତ ଗ୍ରନ୍ଥ ଏ ରଚନା କରିଥିଲେ—ବିଶ୍ୱକୋଷ] ୪। କାକାଟକ ବଂଶୀୟ ଦେବସେନଙ୍କ ପୁତ୍ର ମହାରାଜ (ବିଶ୍ୱକୋଷ)—4. Name of another Emporer, son of Debasena.

ହରିସ୍—ଦେ॰ ବି—ହରିଶ୍ଚନ୍ଦ୍ରର ଡାକନାମ—Haris Nicknane of Harischandra.

ହରି ସଭା—ଦେ॰ ବି (ମ॰ ଷ॰ ଲୋ)—ହରିନାମ ସଂକୀର୍ତ୍ତନ ଓ ହରିଭକ୍ତିର Hari sabhā ପ୍ରଚାର ଏବଂ ଆଲୋଚନାର୍ଥ ବୈଷ୍ଣବମାନଙ୍କ ସଭା—हरिसभा A society or meeting held to chant the हरिसभा name of Hari and discuss religious subjects.

ହରି ସଂକୀର୍ତ୍ତନ—ସ॰ ବି॰ (୬ଷ୍ଠୀ ତତ୍)—୧। ବାରମ୍ବାର ହରିନାମ Hari samkirttana ଉଚ୍ଚାରଣ—1. Repeated utterance of Hari. ୨। ଖୋଳ କରତାଳ (ଝାଞ୍ଜ ମୃଦଙ୍ଗ) ବାଦନ ସହକାରେ ବହୁ ଲୋକଙ୍କଦ୍ୱାରା ହରିନାମ ଗାନ—2. Chanting of the hymns of Hari accompanied by music of drums aud cymbals. [ବି—ହରି ସଂକୀର୍ତ୍ତନ ବ୍ୟତୀତ କଳିଯୁଗରେ ଦାନ, ବ୍ରତ ତପସ୍ୟା, ଯଜ୍ଞ, ଶ୍ରାଦ୍ଧ ବା ପିତୃ ତର୍ପଣ ନିଷ୍ଫଳ ଅଟେ ।]

ହରି ସୁତ—ସଂ ବି—୧। ହରିଙ୍କ ପୁତ୍ର—1. Son of Hari. ୨। Hari suta ହରିଷେଣ (ଦେଖ)—2. Harishena (See)

ହରି ସ୍ତବ (ସ୍ତୁତି, ସ୍ତୋତ୍ର)—ସଂ ବି (୬ଷ୍ଠୀ ତତ୍)—ଶ୍ରୀ ହରିଙ୍କ ଉଦ୍ଦେ-Hari staba (stuti, stotra) ଶ୍ୟରେ ଅନୁଷ୍ଠିତ ବା ଉଚ୍ଚାରିତ ପ୍ରାର୍ଥନା—A hymn to Hari.

ହରି ହଟା—ଦେ॰ ବି—୧। ହରିହାଟ (ଦେଖ)—1. Harihāta Hari hatā (See). ୨। (ଲକ୍ଷଣାର୍ଥ) ଗୋଳମାଳ; କୋଳାହଳ—2. (figurative) Noise; ado.

ହରି ହୟ—ସଂ ବି (ବହୁବ୍ରୀହି; ହରି=ଶ୍ୟାମ ଅଟନ୍ତି ହୟ=ଘୋଡ଼ା Hari haya ଯାହାଙ୍କର)—୧। ଇନ୍ଦ୍ର (ଅମର କୋଷ)—1. God Indra. ୨। ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—2. The sun ୩। କାର୍ତ୍ତିକେୟ (ଶବ୍ଦକଳ୍ପଦ୍ରୁମ)—3. God Kārttikeya. ୪। ଗଣେଶ (ଶବ୍ଦକଳ୍ପଦ୍ରୁମ)—4. God Ganesa.

ହରି ହର—ସ॰ ବି—୧। ବିଷ୍ଣୁ ଓ ଶିବ—1 Bishnu and Siba. Hari hara ୨। ସଂଯୁକ୍ତ ବିଷ୍ଣୁ ଓ ଶିବ ମୂର୍ତ୍ତି—2. A form of Divinity consisting of Bishnu and Siba together. [ବି—ଏକଦା ଋଷିଗଣ ଋଷି ଓ ଦେବତାମାନଙ୍କୁ ବିଷ୍ଣୁ ବୁଝାଇଥିଲେ ଯେ, ହରି ଓ ହର ଏକାତ୍ମକ ଅଟନ୍ତି ଓ ଏଥିର ପ୍ରମାଣ ସ୍ୱରୂପ ଡାହାଣପାଖ ବିଷ୍ଣୁ ମୂର୍ତ୍ତି ବାମପାଖ ଶିବ ମୂର୍ତ୍ତି ବିଶିଷ୍ଟ ରୂପ ସେମାନଙ୍କୁ ଦେଖାଇଥିଲେ । ଏହାଙ୍କ ବିଷୟ ବାମନ ପୁରାଣ ୬୯ ଓ ୭୦ ମ ଅଧ୍ୟାୟରେ ଏବଂ ଦେବୀ ପୁରାଣ ୧୨ ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।] ଦେ ବି॰ ପୁଂ—ପୁରୁଷଙ୍କ ନାମ—A name given to mal s. हरिहर हरिहर

ହରିହର ଆତ୍ମା—ଦେ॰ ବି—ହରିହରାତ୍ମା (ଦେଖ)—Harihara ātmā Hariharātmā (See)

ହରିହର କବି—ଦେ॰ ବି (ନାମ)—"ସୁଚିତ୍ର ରାମାୟଣ" ନାମକ ଓଡ଼ିଆ Harihara kabi ଗ୍ରନ୍ଥର ରଚୟିତା ପ୍ରସିଦ୍ଧ କବି (ଭାରତୀ ଓ·

ସା, ଇତିହାସ)—Author of 'Suchitra Rāmāyana.

ହରିହର କ୍ଷେତ୍ର — ସଂ. ବି (ନାମ)—ପାଟଣାପୁର (ଅଧୁନିକ ନାମ ପାଟନା) Haribara kshetra ନଗରନିକଟସ୍ଥ ଭାଗୀରଥୀର ଉତ୍ତର କୂଳରେ [ହରିକ୍ଷେତ୍ର, ଦେବାଟକ୍ଷେତ୍ର—ଅନ୍ୟରୂପ] ଅବସ୍ଥିତ ତୀର୍ଥବିଶେଷ— Name of a sacred place of pilgrimage near Patna where the Sonepur fair is held (in a place where the river Ganduki falls into the river Ganges.)
[ଦ୍ର—ଏହା ଗଙ୍ଗା ଓ ଗଣ୍ଡୁକୀ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ। ଏଠାରେ କାର୍ତ୍ତିକପୂର୍ଣ୍ଣିମାରେ ସ୍ନାନ କରିବାପାଇଁ ବହୁ ଲକ୍ଷ ଲୋକ ସମବେତ ହୁଅନ୍ତି ଓ ଏଠାରେ ପକ୍ଷକାଳ ରହିବାକୁ ହୁଏ। ବରାହ ପୁରାଣରେ ଲେଖାଅଛି ଯେ ଏକଦା ହରି ଗୋଧନ ସକଳଙ୍କୁ ନେଇ ଏହି କ୍ଷେତ୍ରକୁ ଯାଇଥିଲେ, ସେଠାରେ ଶୂଳପାଣି ହର ନନ୍ଦୀ ସହିତ ଗୋଧନମାନଙ୍କୁ ରକ୍ଷା କଲେ ଓ ସେହି ଦିନଠାରୁ ସେଠାରେ ଅବସ୍ଥାନ କରୁଅଛନ୍ତି ବୋଲି ଏ କ୍ଷେତ୍ରର ନାମ ହରିହର କ୍ଷେତ୍ର ହୋଇଅଛି। ଦେବଗଣ ମଧ୍ୟ ଏଠାରେ ବିଚରଣ କରନ୍ତି। ଏହାର ଅନ୍ୟ ନାମ ଦେବଘାଟ ଓ ହରିହର ଛତ୍ର।]

ହରିହର ଚତୁରଙ୍ଗ—ଦେ. ବି (ନାମ)—ହସ୍ତଲିଖିତ ପୁସ୍ତକ ବିଶେଷ— Harihara chaturanga Name of a book.
[ଦ୍ର—ଓଡ଼ିଶାର ସ୍ୱାଧୀନ ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ଗୋଦାବରୀ ମିଶ୍ର ନାମରେ ଜଣେ ପଣ୍ଡିତଙ୍କ ଦ୍ୱାରା ଏ ପୁସ୍ତକ ପ୍ରଣୀତ। ଏଥିରେ ରଥ, ଅଶ୍ୱ, ହସ୍ତୀ, ପଦାତିକ ଓ ଧନୁର୍ବେଦ ବିଷୟ ବର୍ଣ୍ଣିତ ହୋଇଅଛି—ଜଗବନ୍ଧୁ-ପ୍ରାଚୀନ ଉତ୍କଳ]

ହରିହର ଛତ୍ର—ଦେ. ବି (ସଂ. ହରିହର କ୍ଷେତ୍ର; ଏହା ହରିହର କ୍ଷେତ୍ରରେ ହେଉଥିବାରୁ)—ବିହାରର ପାଟନା Harihara chhatra ନିକଟସ୍ଥ ଗଙ୍ଗାନଦୀର ଅପର ପାରରେ ସୋନପୁର ହରିହର ଛତ୍ର ନାମକ ସ୍ଥାନରେ ବର୍ଷକେ ଥରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଦଶ ହିନ୍ଦି ହରିହର ଛତ୍ର ଦିନ କାଳ ବସୁଥିବା ଗୋଟିଏ ମେଳା—The annual fair held at Sonepur near Patna for 10 days from the full moon day of Kārttika.
[ଦ୍ର—ଏହି ଉପଲକ୍ଷରେ ଏଠାରେ ବହୁ ଲକ୍ଷ ଲୋକ ସମବେତ ହୁଅନ୍ତି ଓ ସହସ୍ର ସହସ୍ର ଘୋଡ଼ା, ହାତୀ ଓ ବହୁ ଲକ୍ଷ ଟଙ୍କା ମୂଲ୍ୟର ପଣ୍ୟ ଓ ବାଣିଜ୍ୟ ପଦାର୍ଥମାନ ଏଠାରେ କିଣାବିକା ହୁଏ। ବିହାରୀମାନେ ଏହି ଉତ୍ସବକୁ 'ଛତ୍' ଉତ୍ସବ କହନ୍ତି। ପାଟନା ଗଙ୍ଗାର ଦକ୍ଷିଣ ତୀରରେ ଅବସ୍ଥିତ, ଓ ହରିହର ଛତ୍ର ଗଙ୍ଗାର ଉତ୍ତର ତୀରରେ ଗଣ୍ଡକୀ ଓ ଗଙ୍ଗାନଦୀର ସଙ୍ଗମସ୍ଥଳରେ ସାରଣ ଜିଲ୍ଲାରେ ଅବସ୍ଥିତ। ଏଠାରେ ହରିହରନାଥ ନାମକ ମହାଦେବ ମୂର୍ତ୍ତି ଅଛନ୍ତି। ଏଠାକୁ ରାଜା ମହାରାଜଙ୍କଠାରୁ ଯୋଗୀ ସନ୍ନ୍ୟାସୀ ପର୍ଯ୍ୟନ୍ତ ସବୁଶ୍ରେଣୀର ବ୍ୟକ୍ତି ଆସନ୍ତି। ଏପରି ବଡ଼ ଜନସମାଗମ (ମେଳା) ଉତ୍ତର ଭାରତରେ ଅନ୍ୟ କୁତ୍ରାପି ଦୃଷ୍ଟ ହୁଏ ନାହିଁ]

ହରିହର ପୁର—ଦେ. ବି (ନାମ)—୧। ଜଗତସିଂହପୁର; କଟକ ଜିଲ୍ଲାର Haribara pura ପୂର୍ବଭାଗସ୍ଥ ପ୍ରଗନା ଓ ଗ୍ରାମର ନାମ—Name of a pergauna and village in the eastern part of Cuttack District.
[ଦ୍ର—ଏହି ଗ୍ରାମରେ ପୂର୍ବେ ଇଂରେଜମାନଙ୍କର ଗୋଟିଏ ବାଣିଜ୍ୟକୋଠି ଥିଲା। ନିକଟରେ ଦେଖାଯାଉଥିବା ଗୋଟିଏ ସ୍ତୂପକୁ ଲୋକେ ଉକ୍ତ ବାଣିଜ୍ୟକୋଠିର ଭଗ୍ନାବଶେଷ ବୋଲି କହନ୍ତି। ଏଠାରେ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଥାନା, ପୋଷ୍ଟଅଫିସ, ଡାକ୍ତରଖାନା, ରେଜିଷ୍ଟ୍ରେସନ୍ ଅଫିସ୍, ହାଟ ଓ ବାଇକମିଶି ସବଡିଭିଜନ୍ ଅଫିସ୍ ଅଛି। ଓଡ଼ିଶାରେ ନନ୍‌କୋଅପରେସନ୍ ଆନ୍ଦୋଳନର ଫଳରେ ଏହି ସ୍ଥାନ ନିକଟରେ କଂଗ୍ରେସ କର୍ମୀମାନଙ୍କଦ୍ୱାରା 'ଅଲକାଶ୍ରମ' ନାମରେ ଗୋଟିଏ ସ୍ୱରାଜ୍ୟାଶ୍ରମ ଓ ବୟନ-ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହି ଗ୍ରାମର ବର୍ତ୍ତମାନ ନାମ ଜଗତସିଂହପୁର। ଏହା କାଠଯୋଡ଼ି ନଦୀର ଗୋଟିଏ କ୍ଷୁଦ୍ର ଶାଖା ଅଲକାନଦୀର କୂଳରେ ଅବସ୍ଥିତ। ଏହି ଗ୍ରାମ କଟକଠାରୁ ୨୭ ମାଇଲ୍ ପୂର୍ବରେ ଅବସ୍ଥିତ। ଦେୱାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ରଙ୍କ କଠୋର ଅଧ୍ୟବସାୟ ଓ ସ୍ୱାର୍ଥତ୍ୟାଗ ଫଳରେ ସମ୍ପ୍ରତି ଏଠାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠିତ ହୋଇଅଛି।]
୨। ମୟୂରଭଞ୍ଜର ପୂର୍ବ ରାଜଧାନୀ—2. Name of the ancient capital of Mayurbhanj State.
[ଦ୍ର—ହରିହରପୁର ବା ହରିପୁର ଗଡ଼। ଏହା ମୟୂରଭଞ୍ଜର ବର୍ତ୍ତମାନ ରାଜଧାନୀ ବାରିପଦାଠାରୁ ୧୦ ମାଇଲ ଦକ୍ଷିଣ-ପୂର୍ବରେ ଅବସ୍ଥିତ ଥିଲା। ପ୍ରାଚୀନ ସମୃଦ୍ଧିର ବହୁ ଭଗ୍ନାବଶେଷ ଏଠାର ଜଙ୍ଗଲ ମଧ୍ୟରେ ରହିଅଛି। ମୟୂରଭଞ୍ଜର ମହାରାଜ ହରିହର ଭଞ୍ଜ ଶକାବ୍ଦ ୧୩୨୨ (ଖ୍ରୀଷ୍ଟାବ୍ଦ ୧୪୦୦) ରେ ଏ ନଗର ବସାଇଥିଲେ ଓ ତାଙ୍କ ନାମରେ ଏ ନଗରର ନାମକରଣ ହୋଇଥିଲା। ଶ୍ରୀ ଚୈତନ୍ୟ ଦେବ ଏହି ହରିପୁର ବାଟେ ଓଡ଼ିଶାକୁ ଆସିଥିଲେ। ଏହିଠାରେ ସଙ୍କୀର୍ତ୍ତନ କରୁ କରୁ ଚୈତନ୍ୟ ଦେବ ପ୍ରେମବିହ୍ୱଳ ହୋଇ ଦଶାପ୍ରାପ୍ତ ହୋଇଥିଲେ। ସେ ସମୟରେ ଏ ନଗର ସମୃଦ୍ଧିମନ୍ତ ଥିଲା। ଚୈତନ୍ୟ ଦେବଙ୍କର ଓଡ଼ିଶାରେ ୧୮ ବର୍ଷ ଅବସ୍ଥାନ କାଳରେ ଭଞ୍ଜ ନରେଶମାନେ ଗଜପତି ଥିଲେ। ଚୈତନ୍ୟ ଦେବଙ୍କ ତିରୋଭାବର କେତେ ବର୍ଷ ପରେ ମୟୂରଭଞ୍ଜ ନୃପତି ବୈଷ୍ଣବଧର୍ମ ଅବଲମ୍ବନ କଲେ। ଦେବବିଗ୍ରହ ଧ୍ୱଂସକାରୀ କଳାପାହାଡ଼ ଏ ନଗର ଆକ୍ରମଣ କରି ରାଜବଂଶକୁ ଅନେକ ଦୁର୍ଗ ଧ୍ୱଂସ କରିଥିଲା ଓ ରାଜ-ପରିବାର ଏହି ଆକ୍ରମଣର ଅତ୍ୟାଚାରରୁ ରକ୍ଷା ପାଇବା ନିମନ୍ତେ ପର୍ବତ ଗହ୍ୱରରେ ଆଶ୍ରୟଗ୍ରହଣ କରିଥିଲେ।

ଉତ୍ତରରେ ମୟୂରଭଞ୍ଜକୁ ମୁସଲମାନ୍‌ମାନେ ଆକ୍ରମଣ କରିବାରେ ଲାଗିଲେ । ବଙ୍ଗରୁ ବିତାଡ଼ିତ ହୋଇ ଦାଉଦ୍ ଖାଁ ଏଠାର ସୁଦୃଢ଼ ଦୁର୍ଗରେ ଆଶ୍ରୟ ନେଇଥିଲେ । ସେ ଅକବରଙ୍କ ସେନାପତି ଟୋଡ଼ର ମଲ୍ଲଙ୍କଦ୍ୱାରା ପରାଜିତ ହୋଇ କଟକ ଅଭିମୁଖେ ଯାତ୍ରା କଲେ । ଦାଉଦ୍ ଖାଁଙ୍କ ପରାଜୟ ପରେ ଓଡ଼ିଶା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା । ଦାଉଦ ଖାଁଙ୍କର ହରିହରପୁରରେ ଆଶ୍ରୟ ନେବା ସମୟରେ ମୟୂରଭଞ୍ଜର ତଦାନୀନ୍ତନ ମହାରାଜ ବୈଦ୍ୟନାଥ ଭଞ୍ଜ ଚୈତନ୍ୟଙ୍କ ପରବର୍ତ୍ତୀ ରସିକାନନ୍ଦ ଠାକୁରଙ୍କ ଠାରୁ ବୈଷ୍ଣବଧର୍ମ ଗ୍ରହଣ କଲେ ଓ ସେହି ସମୟରୁ ରାଜ୍ୟର ପ୍ରଜାମାନେ ମଧ୍ୟ ବୈଷ୍ଣବଧର୍ମ ଗ୍ରହଣ କଲେ । ବୈଦ୍ୟନାଥ ଭଞ୍ଜଙ୍କ ପରବର୍ତ୍ତୀ ମହାରାଜମାନେ ହରିହରପୁରରେ ଅନେକ ବିଷ୍ଣୁ ମନ୍ଦିର ନିର୍ମାଣ କରାଇ ଥିଲେ ଓ ତାଙ୍କ ପରବର୍ତ୍ତୀ ବିକ୍ରମାଦିତ୍ୟ ସେଠାରେ ରାଧାମୋହନଙ୍କର ଏକ ବୃହତ୍ ମନ୍ଦିର ତୋଳାଇଲେ । ଅଲିବର୍ଦ୍ଦି ଖାଁ ମୟୂରଭଞ୍ଜ ଆକ୍ରମଣ କରି ବହୁ ଚେଷ୍ଟା ପରେ ମୟୂରଭଞ୍ଜକୁ ତାଙ୍କ ଶାସନାଧୀନ କଲେ । ତତ୍ପରେ ମରହଟ୍ଟା-ବର୍ଗୀମାନେ ମୟୂରଭଞ୍ଜ ଆକ୍ରମଣ କରି ସମୃଦ୍ଧିମନ୍ତ ହରିହରପୁର ନଗରୀର ଧ୍ୱଂସ ସାଧନ କଲେ । ବର୍ତ୍ତମାନ ହରିହରପୁରରେ ମରହଟ୍ଟା ଲୁଣ୍ଠନର ଚିହ୍ନ ସ୍ୱରୂପ ଭଗ୍ନାବଶେଷମାନ ବିଦ୍ୟମାନ । ବହୁ ୧୮୦୧ ସାଲ ପର୍ଯ୍ୟନ୍ତ ମୟୂରଭଞ୍ଜର ରାଜାମାନେ ଆପଣାକୁ ହରିହରପୁରର ରାଜା ବୋଲି ପରିଚିତ କରାଉଥିଲେ । ହରିହରପୁର ବର୍ତ୍ତମାନ ଜଙ୍ଗଲରେ ପରିଣତ ହୋଇଅଛି । ଏହି ଜଙ୍ଗଲ ମଧ୍ୟରେ ଦକ୍ଷିଣ ପୂର୍ବ ଦିଗରେ ରସିକ ରାୟଙ୍କ ସୁନ୍ଦର ମନ୍ଦିରର ଭଗ୍ନାବଶେଷ ଅଛି । ଏ ମନ୍ଦିର ନିକଟରେ ରାଣୀ ହଂସପୁର ଓ ଦରବାର ଗୃହର ଭଗ୍ନାବଶେଷ ଓ ଜଗନ୍ନାଥ ମନ୍ଦିରର ଭଗ୍ନାବଶେଷ ଅଛି । ଏଥିରେ ଥିବା ଜଗନ୍ନାଥ ମୂର୍ତ୍ତି ପ୍ରତାପପୁରକୁ ସ୍ଥାନାନ୍ତରିତ ହୋଇଅଛନ୍ତି । ହରିହରପୁରର ଦକ୍ଷିଣସୀମାରେ ମହିଷମର୍ଦ୍ଦିନୀ ଓ କୋଟବାସିନୀ ଦେବୀଙ୍କ ମୂର୍ତ୍ତି ଅଛି । ବିଶ୍ୱକୋଷ]

ହରିହର ଭେଟ—ଦେ. ବି—୧ । ହରିଙ୍କ ସହିତ ଶିବଙ୍କର ଭେଟ— Harihara bheṭa The meeting of Hari with Śiba. ୨ । ଶିବ ଚତୁର୍ଦ୍ଦଶୀ (ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ)ର ରାତ୍ରି ଶେଷରେ ମହାଦେବଙ୍କ ପ୍ରତିମା ଓ ବିଷ୍ଣୁଙ୍କ ପ୍ରତିମା ଦ୍ୱୟଙ୍କର ପରସ୍ପର ଭେଟ ହେବାରୂପ ଉତ୍ସବ—3. The ceremony of the meeting of the images of Hari and Śiba towards the last part of the Śibarātri night.

(ରାଜା) ହରିହର ମର୍ଦ୍ଦରାଜ ଦେବ—(ନାମ) ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ (Rājā) Harihar Mardarāja Deba ଆଠଗଡ଼ର ସ୍ୱର୍ଗତ ରାଜା—Name of the late Raja Harihar Mardaraj Deb of Khallikote and Athagad of Ganjam district.

[ଦ୍ର—ସ୍ୱର୍ଗତ ରାଜା ଶ୍ରୀ ହରିହର ମର୍ଦ୍ଦରାଜଦେବ (ମେହେରବାନ୍-ଇ—ଦୋସ୍ତାନ୍, ରାଜାସାହେବ ଖଲ୍ଲିକୋଟ ଆଠଗଡ଼, ଗଞ୍ଜାମ, ଓଡ଼ିଶା) । ଏ ମହାତ୍ମା ୧୮୭୨ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୧୦ ତାରିଖ ଦିନ ଖଲ୍ଲିକୋଟ ଆଠଗଡ଼ର ସାହେବ ମେହେର୍‌ବାନ୍-ଇ—ଦୋସ୍ତାନ୍ ରାଜା ନାରାୟଣ ମର୍ଦ୍ଦରାଜ ଦେବଙ୍କର ପାଟକୁମାର ରୂପେ ଖଲ୍ଲିକୋଟ ରାଜ-ପ୍ରାସାଦରେ ଭୂମିଷ୍ଠ ହୋଇଥିଲେ । ନିତାନ୍ତ ବାଲ୍ୟବୟସରେ କୁମାର ହରିହର ପିତୃହୀନ ହେବାରୁ ରାଜ୍ୟଟି ୧୮୮୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସରକାରଙ୍କ ଖାସ୍ ପରିଚାଳନାରେ ରହିଥିଲା ।

ଏକଦା ଅଯୋଧ୍ୟାର ସୂର୍ଯ୍ୟବଂଶୀୟ ରାଜପରିବାରର ଗେଣ୍ଡୁ ରାଣା ଓ ଝାଞ୍ଜିନ ରାଣା ନାମକ ଦୁଇ ସହୋଦର ଉତ୍କଳକୁ ଆସିଥିଲେ । ଜ୍ୟେଷ୍ଠଙ୍କଦ୍ୱାରା ଖଲ୍ଲିକୋଟ ଏବଂ କନିଷ୍ଠଙ୍କଦ୍ୱାରା ଆଠଗଡ଼ ରାଜ୍ୟ ପ୍ରତିଷ୍ଠିତ ହୋଇଥିବା ବିଷୟ ରାଜବଂଶାବଳୀରୁ ଜଣାଯାଏ । ସେମାନଙ୍କ ବଂଶଧର-ମାନେ ଉକ୍ତ ଦୁଇ ରାଜ୍ୟକୁ ଯଥାକ୍ରମେ ଅଧିକାର କରି ଆସୁଥିଲେ । ଆଠଗଡ଼ ରାଜ୍ୟର ପୂର୍ବତନ ରାଜା ବାଳୁକେଶ ଦେବଙ୍କ ରାଜସଭାରେ ଉତ୍କଳର ପ୍ରସିଦ୍ଧ ଅମର କବି, କବିସୂର୍ଯ୍ୟ ବଳଦେବ ରଥ ଆଶ୍ରୟ ଲାଭ କରି ଉକ୍ତ ରାଜାଙ୍କ ନାମରେ ସ୍ୱରଚିତ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଓ ବହୁ ସଙ୍ଗୀତ ରଚନା କରି ତାଙ୍କୁ ଅମର କରାଇ ଅଛନ୍ତି ।

ରାଜା ନାରାୟଣ ପ୍ରଥମେ ଖଲ୍ଲିକୋଟ ରାଜ୍ୟର ଅଧିପତି ଥିଲେ । ତାଙ୍କ ଆମଳରୁ ଏହି ରାଜବଂଶ ବିଶେଷ ଖ୍ୟାତି ଲାଭ କରି ଆସିଅଛି । ଆଠଗଡ଼ର ବାଳୁକେଶ ଦେବଙ୍କ ପୁତ୍ରଙ୍କ ରାଜତ୍ୱ ସମୟରେ ଆଠଗଡ଼ ରାଜ୍ୟ ବାକି ରାଜସ୍ୱ ନିମନ୍ତେ ନିଲାମରେ ଉଠିବାରୁ, ରାଜା ନାରାୟଣ ତାକୁ ନିଲାମରେ ଖରିଦ କଲେ ଓ ସେହି କାଳରୁ ଆଠଗଡ଼ ରାଜ୍ୟ ଖଲ୍ଲିକୋଟ ସହିତ ଯୁକ୍ତ ହେଲା । ତାଙ୍କର ସୁଯୋଗ୍ୟ ସନ୍ତାନ ରାଜା ହରିହର ମିଷ୍ଟର ଏଫ୍. ଜେ. ବି. ମିନ୍‌ଚିନ୍ ସାହେବଙ୍କ ଠାରୁ ଟେମ୍ପୋ ଇଷ୍ଟେଟ୍ କ୍ରୟ କଲେ । ରାଜା ହରିହରଙ୍କ ଦାୟାଦରୂପେ ବର୍ତ୍ତମାନ ସ୍ୱନାମଧନ୍ୟ ରାଜା ଶ୍ରୀ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ବାହାଦୁର ୧୯୩୫ ଖ୍ରୀଷ୍ଟାବ୍ଦରେ ବଡ଼ୁଳ ରାଜ୍ୟ କ୍ରୟ କରି ଖଲ୍ଲିକୋଟ, ଆଠଗଡ଼ ଏବଂ ବଡ଼ୁଳ ରାଜ୍ୟମାନଙ୍କ ଅଧୀଶ୍ୱରରୂପେ ବିଦ୍ୟମାନ । ଖଲ୍ଲିକୋଟ ଓ ଆଠଗଡ଼ର ଆୟତନ ୫୪୦ ବର୍ଗମାଇଲ ଏବଂ ତହିଁର ବର୍ତ୍ତମାନ ମଫସଲ ବାର୍ଷିକ ଆଦାୟ ଜମା ୭ ଲକ୍ଷ ଟଙ୍କା । ପେଶକସ୍ ଓ ସେସ୍ ରୂପେ ସରକାର ବାହାଦୁରଙ୍କୁ ଏହି ଉଭୟ ରାଜ୍ୟର ଦେୟ ଏକଲକ୍ଷ ପଚିଶ ହଜାର ଟଙ୍କା । ଉଭୟ ରାଜ୍ୟର ଗ୍ରାମ ସଂଖ୍ୟା ୪୧୫ । ବଡ଼ୁଳ ରାଜ୍ୟର ଆୟତନ ପ୍ରାୟ ୭୫ ବର୍ଗମାଇଲ; ପ୍ରଜାଙ୍କଠାରୁ ଆଦାୟ ରାଜସ୍ୱର ପରିମାଣ ପ୍ରାୟ ସତୁରି ହଜାର ଟଙ୍କା । ଏ ରାଜ୍ୟପାଇଁ ସରକାରଙ୍କୁ ଦେୟ ପେଶକସ୍ ବାରହଜାର ଟଙ୍କା ମାତ୍ର ।

ସ୍ୱର୍ଗୀୟ ହରିହର କୁମାରାବସ୍ଥାରେ ଜଣେ ବିଖ୍ୟାତ ପଣ୍ଡିତଙ୍କଠାରୁ ସଂସ୍କୃତ ଶିକ୍ଷା କରି ପାରଳାରେ ଓ ତତ୍ପରେ ମାନ୍ଦ୍ରାଜରେ ଇଂରାଜୀ ଭାଷା ଅଧ୍ୟୟନ କରିଥିଲେ । କିଶୋର

ବୟସରେ ନିଜର ସଦ୍‌ଗୁଣାବଳି ହେତୁରୁ ତଦାନୀନ୍ତନ ଦାକ୍ଷିଣାତ୍ୟର ରାଜକୁମାରମାନଙ୍କ ମଧ୍ୟରେ ହରିହର ବିଶେଷ ଖ୍ୟାତି ଅର୍ଜନ କରିଥିଲେ ।

୧୮୮୩ ଖ୍ରୀଷ୍ଟାବ୍ଦରେ ଏକୋଇଶ ବର୍ଷ ବୟସରେ ସାବାଳକ ହୋଇ କୁମାର ହରିହର ରାଜ୍ୟାଭିଷିକ୍ତ ହେଲେ । ୧୮୯୪ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ ରାଜ୍ୟର ତଦାନୀନ୍ତନ ଷ୍ଟେଟ୍‌ରାଜ୍ୟ (ସ୍ୱର୍ଗୀୟ ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ସାନଭାଇ) ବୃନ୍ଦାବନଚନ୍ଦ୍ର ଭଞ୍ଜ ଦେବଙ୍କ ଜ୍ୟେଷ୍ଠା କନ୍ୟାମଣିଙ୍କ ସହ ରାଜା ହରିହରଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେଲା । ମାତ୍ର ଅଳ୍ପ କେତେକ ମାସ ପରେ ରାଜା ହରିହର ବିପତ୍ନୀକ ହେଲେ ଓ ୧୮୯୫ ଖ୍ରୀଷ୍ଟାବ୍ଦରେ ପ୍ରୋକ୍ତ ଷ୍ଟେଟ୍‌ରାୟଙ୍କର ଦ୍ୱିତୀୟା କନ୍ୟା ପ୍ରାତଃସ୍ମରଣୀୟା ଶ୍ରୀମତୀ କନକମଞ୍ଜରୀଙ୍କ ପାଣିଗ୍ରହଣ କଲେ । ରାଜା ହରିହର ଯେଉଁପରି ନାନାଦିଗରେ ସ୍ୱଦେଶର ଶିକ୍ଷା, କୃଷି ଓ ବାଣିଜ୍ୟ ଇତ୍ୟାଦିର ଉନ୍ନତିପାଇଁ ମନ, ଧନ ଅକାତର ଭାବରେ ଢାଳି ଥିଲେ, ରାଣୀ କନକମଞ୍ଜରୀ ମଧ୍ୟ ତାଙ୍କର ସୁକୁମାର ମନୋବୃତ୍ତିଗୁଡ଼ିକୁ ସେହିପରି ନାରୀଜାତିର କଲ୍ୟାଣ ପାଇଁ ନିୟୋଜିତ କରିଥିଲେ । ତାଙ୍କ ପ୍ରଣୀତ 'ବାଳିକାପାଠ' ନାମକ ବାଳିକା-ପାଠ୍ୟପୁସ୍ତକ ନାରୀଜାତିର ଅଶେଷ କଲ୍ୟାଣ ସାଧନ କରୁଅଛି । ସ୍ୱର୍ଗତ କବିବର ରାଧାନାଥ ଉକ୍ତ ପୁସ୍ତକ ସମ୍ବନ୍ଧରେ ମତ ଦେଇଥିଲେ ଯେ, ବାଳିକା ବିଦ୍ୟାଳୟରେ ପାରିତୋଷିକ ଦେବା ସକାଶେ ଏପରି ସୁନ୍ଦର ପୁସ୍ତକ ଓଡ଼ିଆ ଭାଷାରେ ଦ୍ୱିତୀୟ ନାହିଁ ।

ରାଜା ହରିହର ଖଲ୍ଲିକୋଟ ଗଡ଼ର ପଶ୍ଚିମ ଦିଗକୁ ଏକ ମାଇଲ୍ ଦୂରରେ 'ନିର୍ମଳଝର' ନିକଟରେ ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ପ୍ରତିଷ୍ଠିତ କରି, ଉକ୍ତ ଝର୍ଣ୍ଣରର ଜଳ ସାହାଯ୍ୟରେ ନାନାପ୍ରକାର ଫସଲ ଆବାଦ କରାଉଥିଲେ । 'ନିର୍ମଳଝର' କବିଙ୍କ ଚକ୍ଷୁର ଚିରନ୍ତନୀୟ ଆନନ୍ଦପ୍ରଦ ଓ ଯୋଗୀଙ୍କ ସାଧନକ୍ଷେତ୍ର । ରାଜା ହରିହର ଉକ୍ତ ନିର୍ଝରର ସୌନ୍ଦର୍ଯ୍ୟ ବୃଦ୍ଧି ମାନସରେ ନାନା ବିଚିତ୍ର କୌଶଳ ଉଦ୍ଭାବନ କରି ସେଠାରେ ଗୋଟିଏ ଉଦ୍ୟାନବନ ନିର୍ମାଣ କରାଇଥିଲେ । ଓଡ଼ିଆଙ୍କ ଜାତୀୟ ଉନ୍ନତିର ସବୁ ଦିଗକୁ ତାଙ୍କର ବିଶେଷ ଦୃଷ୍ଟି ଥିଲା । ଓଡ଼ିଆ ଜାତିର ଉନ୍ନତିପାଇଁ ରାଜା ହରିହରଙ୍କର ବହୁତୋମୁଖୀ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । ତାଙ୍କର ଅଭ୍ୟୁଦୟ ବେଳକୁ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠିତ ହୋଇ ନ ଥିଲା ଓ ଦେଶରେ ପତ୍ରପତ୍ରିକାର ନିତାନ୍ତ ଅଭାବ ଥିଲା । ଖଣ୍ଡବିଖଣ୍ଡିତ ଓଡ଼ିଶାର ବିଭିନ୍ନ ଅଂଶମାନଙ୍କୁ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ସରକାରମାନେ ନିଜ ନିଜର ଅଙ୍ଗସୌଷ୍ଠବରେ ନିୟୋଜିତ କରି ସାରିଥିଲେ । ଖଣ୍ଡ-ବିଖଣ୍ଡିତ ଉତ୍କଳଭାଷୀ ଅଞ୍ଚଳମାନଙ୍କୁ ଏକଶାସନାଧୀନ କରିବା ଦାବି ଭାରତସରକାର ଓ ବ୍ରିଟିଶ୍ ସରକାରଙ୍କଠାରେ ଉପସ୍ଥାପିତ କରିବାକୁ କେହି ବାହାରି ନ ଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦ ତାଙ୍କ ଜୀବନର ଗୋଟିଏ ସ୍ମରଣୀୟ ବର୍ଷ । ଏହି ବର୍ଷ ସେ ତାଙ୍କ ରମ୍ଭା ପ୍ରାସାଦ ସମ୍ମୁଖରେ ନବନିର୍ମିତ ଶାମିଆନା ତଳେ ଏକ ବିରାଟ ବେଦିକା ଉପରେ ଉତ୍କଳର ତଦାନୀନ୍ତନ କୃତିସନ୍ତାନମାନଙ୍କୁ ଘେନି ବିଭିନ୍ନ ପ୍ରଦେଶମାନଙ୍କରେ ଥିବା ଖଣ୍ଡବିଖଣ୍ଡିତ ଓଡ଼ିଆ ଅଞ୍ଚଳମାନଙ୍କ ଏକୀକରଣସ୍ୱରୂପ ମହାଯଜ୍ଞର ଅଗ୍ନି ପ୍ରଜ୍ୱଳିତ କରାଇ ଥିଲେ । ଆଜି ତାହା ଉତ୍କଳସମ୍ମିଳନୀ ରୂପେ ପରିଣତ । ରମ୍ଭା ରାଜପ୍ରାସାଦ ସମ୍ମୁଖରେ ଆଜିମଧ୍ୟ ସେହି ପବିତ୍ର ବେଦିକା ହରିହରଙ୍କ ସ୍ୱଦେଶ ପ୍ରେମର ସ୍ମୃତିକୁ ଉଜ୍ଜୀବିତ ରଖି ବିଦ୍ୟମାନ ଅଛି । ଏହି ଅନୁଷ୍ଠାନରେ ତାଙ୍କର ଦୁଇଜଣ କର୍ମଚାରୀଙ୍କ କାର୍ଯ୍ୟକୁଶଳତା ପ୍ରଶଂସନୀୟ । ଜଣେ ହରିହରଙ୍କ ସ୍ଥାପିତ ପ୍ରଜାବନ୍ଧୁ ପ୍ରେସ୍‌ର ମ୍ୟାନେଜର୍ ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ଅନ୍ୟ ଜଣକ ରମ୍ଭା ରାଜପ୍ରାସାଦର ତତ୍ତ୍ୱାବଧାରକ ନୀରବ ଦେଶକର୍ମୀ ଶ୍ରୀଯୁକ୍ତ ଜୟକୃଷ୍ଣ ଚମ୍ପତିପଟ୍ଟନାୟକ । ଏହି ଉଦ୍ୟମ ପରେ ହରିହରଙ୍କ ଉଦ୍ୟମ, ପ୍ରେରଣା ଓ ଆର୍ଥିକ ସାହାଯ୍ୟରେ ପାରଳାଖେମୁଣ୍ଡିର ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ବି. ଏ. ଙ୍କ ସଭାପତିତ୍ୱରେ ୧୯୦୨ ଖ୍ରୀଷ୍ଟାବ୍ଦରେ ପ୍ରଥମ ଗଞ୍ଜାମ ଉତ୍କଳ ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ସେହି ସମ୍ମିଳନୀରେ ଉତ୍କଳର ବହୁ ଅଞ୍ଚଳ (କଟକ, ପୁରୀ, ବାଲେଶ୍ୱର)ରୁ ବହୁ ଜାତୀୟ କର୍ମୀ ଯୋଗ ଦେଇଥିଲେ । ସ୍ୱର୍ଗତ ମଧୁସୂଦନ ଦାସ ସି. ଆଇ. ଇ, ଫକୀରମୋହନ, ବିଶ୍ୱନାଥ, ରାମଚନ୍ଦ୍ର ଦାସ, ଗୋପବନ୍ଧୁ ଓ ଗଞ୍ଜାମର ବହୁ ନୀରବ କର୍ମୀ ମଧ୍ୟ ଏଥିରେ ମନ ପ୍ରାଣ ଢାଳି ଦେଇଥିଲେ । ଏ ସମ୍ମିଳନୀରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବ୍ରହ୍ମପୁରର ଶ୍ରୀ କୃଷ୍ଣଚନ୍ଦ୍ର ସାହାଣୀ, ଶ୍ରୀବସ୍ତି ପଣ୍ଡା ଓ କଟକର ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ, ଶ୍ରୀ ଶଶିଭୂଷଣ ରାୟ, ଶ୍ରୀ ରଘୁନାଥ ରାଓ ଜୀବିତ ଅଛନ୍ତି । ଉତ୍କଳଭାଷୀ ବିଚ୍ଛିନ୍ନ ଅଞ୍ଚଳମାନ ଏକ ଶାସନାଧୀନ ହେବା ପ୍ରସ୍ତାବ ପ୍ରଥମେ ଉକ୍ତ ସମ୍ମିଳନୀରେ ଗୃହୀତ ହୋଇ ପରବର୍ଷଠାରୁ ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଅଧିବେଶନ ମାନଙ୍କରେ ତାହା ପୁନଃପୁନଃ ଗୃହୀତହେଲା ।

ଦେଶରେ ସ୍ତ୍ରୀଶିକ୍ଷାବିସ୍ତାର ଦିଗରେ ତାଙ୍କର ବିଶେଷ ଦୃଷ୍ଟି ଥିଲା ଏବଂ ସେହି ହେତୁରୁ ସେ ପ୍ରଥମେ ନିଜ ରାଜ୍ୟ ମଧ୍ୟରେ ଖଲ୍ଲିକୋଟ, ରମ୍ଭା ଓ କୋଦଳାଣୀ ପ୍ରଭୃତି ସ୍ଥାନମାନଙ୍କରେ ବାଳିକା-ବିଦ୍ୟାଳୟମାନ ସ୍ଥାପନ କରିଥିଲେ । ସେ କଟକର ରେଭେନ୍‌ସା ବାଳିକାବିଦ୍ୟାଳୟର ଛାତ୍ରୀମାନଙ୍କ ବ୍ୟବହାର ଲାଗି ହଜାରେ ଟଙ୍କାର ଘୋଡ଼ା ଓ ଗାଡ଼ି ଓ ଅର୍ଥ ସାହାଯ୍ୟ ପ୍ରଦାନ କରିଥିଲେ । ଠିକ୍ ଏହି ସମୟରେ ସରକାର ବାହାଦୁରଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରହ୍ମପୁରର କ୍ୱିନେଣ୍ଡସ୍ କଲେଜକୁ ଅର୍ଥାଭାବ ହେତୁ ସରକାର ଉଠାଇଦେବାର ପ୍ରୟାସ କରିଥିଲେ । ଗଞ୍ଜାମର କେତେଜଣ ଜମିଦାରଙ୍କ ସାହାଯ୍ୟରେ କଲେଜଟି କେତେକାଳ ବଞ୍ଚିରହିବା ପରେ ପୁଣି ଅର୍ଥକୃଚ୍ଛ୍ରତା ଘଟିବା

ଫଳରେ କଲେଜ୍‌ର ଅବସ୍ଥା ଟଳମଳ ହୋଇଥିଲା । ରାଜା ହରିହର ସେତେବେଳେ ନିଜର ଆର୍ଥିକ ଅସୁବିଧା ପ୍ରତି ଭ୍ରୂକ୍ଷେପ ନ କରି ଲକ୍ଷାଧିକ ମୁଦ୍ରା କଲେଜ୍‌କୁ ସାହାଯ୍ୟ ଦେଇଥିଲେ । ସେହିଦିନଠୁଁ ଏହା ଖଲ୍ଲିକୋଟ କଲେଜ୍ ନାମରେ ସୁପରିଚିତ । ବର୍ତ୍ତମାନ ସୁଦ୍ଧା ଏହି କଲେଜ୍ ଖଲ୍ଲିକୋଟ ଇଷ୍ଟେଟ୍‌ରୁ ବାର୍ଷିକ ଅର୍ଥ ସାହାଯ୍ୟ ଲାଭକରି ଆସୁଅଛି । ଡାଏମଣ୍ଡ ଜୁବିଲି ହଲ୍ ନାମକ ବ୍ରହ୍ମପୁରର ଟାଉନ୍ ହଲ୍ଟି ରାଜା ହରିହରଙ୍କ ପ୍ରଦତ୍ତ ଅର୍ଥସାହାଯ୍ୟରେ ନିର୍ମିତ ହୋଇ ଗଞ୍ଜାମର ଅଶେଷ ଉପକାର ସାଧନ କରୁଅଛି ।

ଦେଶରେ ସଂସ୍କୃତ ଶିକ୍ଷାର ପ୍ରସାର ଲାଗି ରାଜା ହରିହରଙ୍କର ମଧ୍ୟ ବିଶେଷ ଦୃଷ୍ଟି ଥିଲା । ସେ ସଂସ୍କୃତ ଚତୁଷ୍ପାଠୀମାନ ସ୍ଥାପନ କରାଇ ପଣ୍ଡିତ ଓ ସାହିତ୍ୟ ସେବକମାନଙ୍କୁ ଯଥେଷ୍ଟ ଅର୍ଥ ସାହାଯ୍ୟ କରୁଥିଲେ । ସ୍ୱର୍ଗତ ଫକୀରମୋହନ ସେନାପତି ତାଙ୍କ ଓଡ଼ିଆ ମହାଭାରତର ଆଦିପର୍ବ ରାଜା ହରିହରଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶ କରିଥିଲେ । ସ୍ୱର୍ଗତ ବିଶ୍ୱନାଥକର, ଭାଷାକୋଷର ସଂଗ୍ରାହକ ଓ ଅନ୍ୟାନ୍ୟ ଅନେକ ସାହିତ୍ୟିକ ତାଙ୍କଠାରୁ ସାହାଯ୍ୟ ପାଉଥିଲେ ଓ ବହୁବାର ତାଙ୍କ ଆତିଥ୍ୟଲାଭ କରିଥିଲେ ।

୧୯୦୩ ଖ୍ରୀଷ୍ଟାବ୍ଦରେ ରାଜା ହରିହର ରମ୍ଭାଠାରେ ଗୋଟିଏ (ଛାପାଖାନା) ପ୍ରେସ୍ ସ୍ଥାପନ କରି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରଜାବନ୍ଧୁ, ଉତ୍କଳ ମଧୁପ, ଏବଂ ସଂସ୍କାରକ ନାମରେ ତିନି ଖଣ୍ଡି ସାପ୍ତାହିକ ଓ ମାସିକ ପତ୍ର ପ୍ରକାଶ କରାଇ, ଦେଶମିଶ୍ରଣ ଆନ୍ଦୋଳନରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଦେଶବିଦେଶରୁ ବହୁ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ କବିଗୁରୁ ରାଧାନାଥଙ୍କର 'ମଙ୍ଗଳମାଳିନୀ ନୀଳାମ୍ବୁ ଚିଲିକା' କୂଳସ୍ଥିତ ନିଜର ରମ୍ଭା ରାଜପ୍ରାସାଦକୁ ଆହ୍ୱାନ କରି ସେମାନଙ୍କୁ ସତ୍କାରରେ ପ୍ରୀତ କରାଇ ହରିହର ସେମାନଙ୍କଠାରେ ଦେଶମିଶ୍ରଣ ପ୍ରସ୍ତାବ ଉପସ୍ଥାପିତ କରୁଥିଲେ ।

ସଦାଶୟ ସରକାର ବାହାଦୁର ତାଙ୍କ ସ୍ୱଦେଶପ୍ରେମର ମହତ୍ତ୍ୱ ଉପଲବ୍ଧି କରି ତାଙ୍କୁ ୧୮୯୮ ଖ୍ରୀଷ୍ଟାବ୍ଦ ମେ ମାସ ୨୧ ତାରିଖରେ ରାଜା ଉପାଧି ପ୍ରଦାନ କରିଥିଲେ । ରାଜ୍ୟ ପ୍ରାପ୍ତିର ବହୁବର୍ଷ ପର୍ଯ୍ୟନ୍ତ ସେ ପୁତ୍ରସନ୍ତାନ ଲାଭ କରି ନ ପାରି ଅତ୍ୟନ୍ତ ଦୁଃଖିତ ଥିଲେ । ୧୯୦୦ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନ ରାଜା, କୁମାର ଶ୍ରୀ ରାମଚନ୍ଦ୍ର ତାଙ୍କର କ୍ରୋଡ଼ ମଣ୍ଡନ କଲେ । ଜନ୍ମର ପଞ୍ଚମ ବର୍ଷରେ କୁମାରଙ୍କ ନାମକରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ କରାଇ ରାଜା ହରିହର ଉତ୍କଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏହା ତାଙ୍କର ବିରାଟ ଘଟଣାମୟ ଜୀବନର ଶେଷ ଅଭିନୟ । ଏହି କାର୍ଯ୍ୟର ଦୁଇବର୍ଷ ପରେ ରାଜା ହରିହର ୧୯୦୯ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ନିଜର ପରିବାର ତଥା ଦେଶବାସୀଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲେ ।

ରାଜାବାହାଦୁର ଶ୍ରୀ ରାମଚନ୍ଦ୍ର ସୁଯୋଗ୍ୟ ପିତାଙ୍କର ସୁଯୋଗ୍ୟ ଦାୟାଦରୂପେ ସ୍ୱର୍ଗତ ରାଜା ହରିହରଙ୍କର ଚିରପୋଷିତ ଆଶା ଓ ଆକାଂକ୍ଷା ସ୍ମରଣ ରଖି ୧୯୩୨ ସାଲରେ ସରକାରଙ୍କଦ୍ୱାରା ଆହୂତ ହୋଇ ଲଣ୍ଡନରେ ଗୋଲଟେବଲ ବୈଠକରେ ଯୋଗଦାନ ପୂର୍ବକ ନୂଆ ଓଡ଼ିଶା ପ୍ରଦେଶ ଗଠନଲାଗି ବ୍ୟବସ୍ଥା କରି ଆସିଲେ । ତେଣୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ମୃତି ସହିତ ରାଜାବାହାଦୁରଙ୍କ ନାମ ଚିରଦିନ ଜଡ଼ିତ ରହିଥିବ । ଲଣ୍ଡନରେ ରାଜା ବାହାଦୁରଙ୍କ କର୍ମସଚିବ ଶ୍ରୀଯୁକ୍ତ ଜଗନ୍ମୋହନ ପଟ୍ଟନାୟକଙ୍କ ସ୍ୱଦେଶପ୍ରେମ ଉଲ୍ଲେଖଯୋଗ୍ୟ । ଦେଶମିଶ୍ରଣ ବିଷୟରେ ରାଜା ବାହାଦୁରଙ୍କୁ ସାହାଯ୍ୟ କରିବା କାର୍ଯ୍ୟରେ ତାଙ୍କର ତତ୍ପରତା ଅତୀବ ପ୍ରଶଂସନୀୟ । ପୃଥକ୍ ପ୍ରଦେଶର ଦାବି ଗୋଲଟେବଲ ବୈଠକରେ ଉପସ୍ଥାପିତ ହେବା ବିଷୟରେ ଶ୍ରୀଯୁକ୍ତ ଜଗନ୍ମୋହନ, ରାଜା ବାହାଦୁରଙ୍କର କର୍ମପନ୍ଥା ସୁଗମ କରିବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ ।

ରାଜାବାହାଦୁର ବାଲ୍ୟବୟସରୁ ପିତୃହୀନ ହୋଇ ଥିବାରୁ ରାଜ୍ୟ ସରକାରଙ୍କ ଶାସନରେ ପରିଚାଳିତ ହେଲା । ସେ ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କଠାରୁ ପ୍ରାଥମିକ ମାତୃଭାଷା ଶିକ୍ଷା ଲାଭ କରି, ମାନ୍ଦ୍ରାଜର ଯୁଇଙ୍ଗ୍‌ଟନ୍ ଏବଂ ଖ୍ରୀଷ୍ଟିଅନ୍ କଲେଜ୍‌ରେ ଉଚ୍ଚ ଇଂରାଜୀ ଶିକ୍ଷା ପ୍ରାପ୍ତ ହେଲେ । ରାଜମାତା କନକମଞ୍ଜରୀଙ୍କ ତତ୍ତ୍ୱାବଧାନରେ ଓ କୋର୍ଟ ଅଫ୍ ୱାର୍ଡ଼ସ୍‌ଙ୍କ ପରିଚାଳନାରେ ୧୯୧୦ ମସିହା ମେ ମାସ ଦଶ ତାରିଖ ଦିନ ତାଙ୍କର ଶୁଭ କର୍ଣ୍ଣବେଧ ଓ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା । ୧୯୨୦ ଖ୍ରୀଷ୍ଟାବ୍ଦରେ ଅଧ୍ୟୟନ ଶେଷକରି ରାମଚନ୍ଦ୍ର ତା ୧୬।୧୧।୨୧ ରିଖ ଦିନ ରାଜ୍ୟ ଲାଭ କଲେ । ସେହି ସମୟରୁ ସେ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ସଭାପତିରୂପେ ନିଜର ସଦ୍‌ଗୁଣାବଳି ହେତୁ ଲୋକପ୍ରୀତିଭାଜନ ହୋଇ ୧୯୩୭ ସାଲ ପର୍ଯ୍ୟନ୍ତ ୧୪ ବର୍ଷ ବାରମ୍ବାର ଜିଲ୍ଲା ବୋର୍ଡ଼ର ସଭାପତି ନିର୍ବାଚିତ ହୋଇଥିଲେ । ରାଜା ବାହାଦୁର ତାଙ୍କ କର୍ମକାଳ ମଧ୍ୟରେ ଦେଶର ବିବିଧ ଦାବି ସରକାରଙ୍କଠାରେ ଉପସ୍ଥିତ କରି ତିରିଶ ଲକ୍ଷ ଟଙ୍କା ସାହାଯ୍ୟ ଆଣି, ଗଞ୍ଜାମର ନାନା ସ୍ଥାନରେ ଅନେକଗୁଡ଼ିଏ ପୋଲ, ସଡ଼କ ପ୍ରସ୍ତୁତ କରାଇ ଜନସାଧାରଣଙ୍କର ଚିରସ୍ମରଣୀୟ ହୋଇଅଛନ୍ତି ।

ବିଭିନ୍ନ କ୍ଷେତ୍ରରେ ତାଙ୍କର କୃତିତ୍ୱ ଅତୀବ ପ୍ରଶଂସନୀୟ । କ୍ରୀଡ଼ା କୌତୁକ ଓ ଶିକାରରେ ସେ ଯେପରି ଦକ୍ଷ, ଭାଗ୍ୟତା ରକ୍ଷା ଦିଗରେ ମଧ୍ୟ ସେହିପରି ସେ ଜଣେ ବିଶିଷ୍ଟ କର୍ମୀ । ଇଉରୋପ ଭ୍ରମଣ କରି, ଭିନ୍ନ ଭିନ୍ନ ଦେଶର ଉନ୍ନତ ସ୍ୱାୟତ୍ତଶାସନ ଅନୁଷ୍ଠାନ ଓ ସମବାୟ ସହଯୋଗ ସମିତିମାନଙ୍କର କର୍ମପନ୍ଥା ନିଜେ ପର୍ଯ୍ୟବେକ୍ଷଣ କରି ସେହି-

ପନ୍ଥାମାନ ଅବଲମ୍ବନ କରି ସେ ମାତୃଭୂମିର ଉନ୍ନତିପାଇଁ ନାନା ବ୍ୟବସ୍ଥା କଳ୍ପନା କରିଅଛନ୍ତି । ତାଙ୍କର ସାହିତ୍ୟାନୁରାଗ ପ୍ରଶଂସନୀୟ । ଉତ୍କଳର ପ୍ରଖ୍ୟାତନାମା କବିମାନଙ୍କୁ ସେ ଅକାତର ଅର୍ଥ ସାହାଯ୍ୟ ପ୍ରଦାନ କରି, ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରାଇଅଛନ୍ତି । ସେ କବି ଚନ୍ଦ୍ରାମଣି, କବିସୂର୍ଯ୍ୟ ଗ୍ରନ୍ଥାବଳୀର ସମ୍ପାଦକ ପଣ୍ଡିତ ନୀଳମଣି ଦାଶ ପ୍ରଭୃତିଙ୍କୁ ଉତ୍ସାହଦାନଦ୍ୱାରା ମାତୃଭାଷାର ପ୍ରଭୁତ ମଙ୍ଗଳ ସାଧନ କରିଅଛନ୍ତି । ରାଜା ବାହାଦୁର ଭାଷାକୋଷର ଜଣେ ବିଶିଷ୍ଟ ପୃଷ୍ଠପୋଷକ । ତାଙ୍କର ବିବିଧ ସଦ୍‌ଗୁଣ ସନ୍ଦର୍ଶନରେ ପ୍ରୀତ ହୋଇ ବ୍ରିଟିସ୍ ସରକାର ତାଙ୍କୁ ୧୯୨୯ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ବ୍ୟକ୍ତିଗତ ରାଜା ଉପାଧି ଓ ପରେ ୧୯୩୪ ମସିହାରେ ତାଙ୍କୁ ବଂଶାନୁକ୍ରମିକ ରାଜା ଉପାଧିରେ ସମ୍ମାନିତ କରିଥିଲେ । ଗତ ୧୯୩୭ ଖ୍ରୀଷ୍ଟାବ୍ଦରେ ପୁଣି ସରକାର ତାଙ୍କର ସାଧାରଣ କର୍ମ କ୍ଷେତ୍ରରେ କର୍ମ କୁଶଳତା ଉପଲବ୍‌ଧି କରି ତାଙ୍କୁ ରାଜା ବାହାଦୁର ଉପାଧି ପ୍ରଦାନ କରିଅଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସଂଗଠନ ସମ୍ପର୍କରେ ନାନା ବିଷୟ ଅନୁସନ୍ଧାନ କରି ସେ ସରକାରୀ ଓ'ଡ଼ନେଲ୍ କମିଟିଙ୍କ ସମ୍ମୁଖରେ ପ୍ରଦେଶ ଗଠନ ସପକ୍ଷରେ ଯେଉଁ ପାଣ୍ଡିତ୍ୟ ପୂର୍ଣ୍ଣ ଅକାଟ୍ୟ ଯୁକ୍ତିପୂର୍ଣ୍ଣ ସାକ୍ଷ୍ୟ ପ୍ରଦାନ କରିଥିଲେ, ତାହା ଜାତୀୟ ଇତିହାସରେ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । କେବଳ ଏତିକି କରି ନୀରବ ନ ଥାଇ ସେ ପାର୍ଲିଅମେଣ୍ଟାରି କମିଟି ଆଗରେ ଓଡ଼ିଆମାନଙ୍କର ସମୟୋପଯୋଗୀ ଦାବୀମାନ ଉପସ୍ଥାପିତ କରିବାକୁ ନାନା ଅସୁବିଧା ଓ କଷ୍ଟଭୋଗ କରି ଦେଶର ଅଶେଷ କଲ୍ୟାଣ ସାଧନ କରିଅଛନ୍ତି । ନିଜ ରାଜ୍ୟରେ ପ୍ରଜାମାନଙ୍କର ଶ୍ରୀବୃଦ୍ଧି ନିମିତ୍ତ ସେ କୂଳ୍ୟାମାନ ଖୋଳାଇ ଜଳାଭାବ ଦୂରୀକରଣର ବ୍ୟବସ୍ଥା କରିଅଛନ୍ତି ।

ରାଜାବାହାଦୁର ପୂର୍ବେ ମାନ୍ଦ୍ରାଜ କାଉନ୍‌ସିଲ୍ ମେମ୍ବର ଥିଲେ । ପ୍ରଥମେ ଓଡ଼ିଶାର ଆଡ଼ଭାଇସରି କମିଟିର ଓ ପରେ ଆସେମ୍ବ୍ଲିର ମେମ୍ବର ରୂପେ ସେ ଦେଶର ଜଣେ ବିଶିଷ୍ଟ କର୍ମୀ ବୋଲି ସର୍ବଜନ ସୁପରିଚିତ । କ୍ଷମା ଓ ସହନଶୀଳତା ତାଙ୍କ ଚରିତ୍ରର ବିଶେଷତ୍ୱ; ତାଙ୍କ ସମ୍ପର୍କରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ଏହା ଉତ୍ତମରୂପେ ହୃଦୟଙ୍ଗମ କରି ପାରିଛନ୍ତି । ରାଜା ବାହାଦୁରଙ୍କର ସ୍ୱଦେଶ ପ୍ରେମ, ସଙ୍ଗୀତ ଓ ସାହିତ୍ୟାନୁରାଗ ତଥା ବିନୟ ଇତ୍ୟାଦି ଅସାଧାରଣ ସଦ୍‌ଗୁଣାବଳି ସର୍ବଥା ପ୍ରଶଂସନୀୟ । ଉତ୍କଳ ଇତିବୃତ୍ତରେ ତାଙ୍କର ଗୁଣାବଳି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

"ପୁଚ୍ଛେ ଯଣପି ଲୋକେଷୁ ବିଶ୍ରୁତାନାଂ ବିଶୁଦ୍ଧତା" ଏହି ଆପ୍ତବଚନର ସତ୍ୟତା ପ୍ରତିପାଦନ ନିମିତ୍ତ ରାଜାବାହାଦୁର ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଗୁଣାବଳି ଏଥିରେ ସନ୍ନିବିଷ୍ଟ ହେଲା ।

ସନ୍ଦର୍ଭ ଲେଖକ—
ଭକ୍ତଚନ୍ଦ୍ର କାଳୀଚରଣ ପଟ୍ଟନାୟକ

ହରିହର ରଥ—ଦେ. ବି (ନାମ)—ପୁରୀ ସହର ନିବାସୀ ଜନୈକ ସଂସ୍କୃତ ପଣ୍ଡିତ—The late Sanskrit-knowing pandit of Puri town.
Harihara Ratha
[ଦ୍ର—ଏ ମହାଶୟ ବେଣୀସଂହାର ଓ ଶକୁନ୍ତଳା ପ୍ରଭୃତି କେତେକ ନାଟକ ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରିଥିଲେ ଓ କେତେକ ଓଡ଼ିଆ ନାଟକ ପ୍ରଣୟନ କରିଥିଲେ—ଭାରତୀ. ଉ. ସା. ଇତିହାସ ।]

ହରିହରାତ୍ମକ—ସଂ. ବି—୧ । ହରିହର କ୍ଷେତ୍ର (ଦେଖ)—1. Harihara kshetra (See). ୨ । ଗରୁଡ଼ (ଶବ୍ଦରତ୍ନାବଳୀ)—2. The mythological king of birds. ୩ । ଶିବ ବାହନ ବୃଷ (ଶବ୍ଦରତ୍ନାବଳୀ)—3. The bull which is said to carry Śiba on his back. ବିଣ. ପୁଂ—ଯାହାଙ୍କ ଆତ୍ମାରେ ହରି ଓ ହର ବିଦ୍ୟମାନ—Whose soul is pervaded by Hari and Hara.
Hariharātmaka
[ସ୍ତ୍ରୀ. ହରିହରାତ୍ମିକା—ସ୍ତ୍ରୀ. ବିଣ]

ହରିହରାତ୍ମା—ଦେ. ବି (ସଂ. ହରିହର ଓ ଆତ୍ମା; ହରି ଓ ହରଙ୍କର ସଂଯୁକ୍ତ ମୂର୍ତ୍ତି ପରି ଦୁଇଜଣଙ୍କ ଅଭିନ୍ନ ମନ ଥିବାରୁ)—୧ । ଦୁଇଜଣଙ୍କର ଅଭିନ୍ନପ୍ରଣୟ; ଅଭେଦ୍ୟପ୍ରୀତି; ଏକାତ୍ମ୍ୟ; ଅଚ୍ଛେଦ୍ୟ ବନ୍ଧୁତା— Very intimate friendship between two persons. ୨ । (ଦ୍ୱିବଚନ) ଯେଉଁ ଦୁଇବନ୍ଧୁଙ୍କ ମଧ୍ୟରେ ଅଚ୍ଛେଦ୍ୟ ବନ୍ଧୁତା ବା ଅଭିନ୍ନ ପ୍ରୀତି ଥାଏ—2. Two friends who are tied to each other by an unbreakable tie of friendship. ୩ । ଯେଉଁ ଦୁଇଜଣଙ୍କର ମନ ଏକ—3. Two friends of one mind.
Hariharātmā
हरिहरात्मा
अभेदमेल

ହରି ହାଟ—ଦେ. ବି—ଖୋଳ କରତାଳ ସହିତ ବହୁଜନଙ୍କ ସମବେତ ହରିନାମ ସଂକୀର୍ତ୍ତନ ବିଶିଷ୍ଟ ଉତ୍ସବ—A festival consisting of several parties of singers chanting the name of Hari.
Harihāṭa
हरिहाट
महोत्सब

ହରୀତକୀ—ସଂ. ବି—୧ । (ହରି + ଇ ଧାତୁ = ଗମନ କରିବା = କର୍ତ୍ତରି କ୍ତ + ସ୍ତ୍ରୀ. ଈ; କିଂବା ୨ । ହୃ ଧାତୁ = (ସ୍ୱାର୍ଥ୍ୟରେ) ହରଣ କରିବା + କର୍ତ୍ତୃ. ଇ + ତକ୍ = ଯାଉ; କିମ୍ବା ୩ । ହରି = ପାଣ୍ଡୁର ବର୍ଣ୍ଣ + ଇ ଧାତୁ = ମିଳିତ ହେବା + ଅର୍ଥ କରଣ. କ + କ + ଈ; କିଂବା ୪ । ହର = ଶିବ + ଇତ = ହରିତ = ଶିବଙ୍କ ଭବନ କୈଳାସରେ ଜାତ, ହରିତ + କ + ଈ)—ହରିଡ଼ା ନାମକ ବୃକ୍ଷ ଓ ଫଳ Terminālia Chebula, the black myrobalan (tree and fruit).
Haritakī
हरड़ा, हरीतकी, हर्रकी, हत्तकि
हड, हर्रे; हर्रा
ପା. ହଲଲେ ଜାବଲି; ହଲିଲେ ଜର୍ଦ୍ଦ; ହଲିଲେ ସିହା ।
ମ. ହରିଡ଼ା
ଆ. ହଲିଲ୍ ଜଅସ୍ ଫର୍;
ହଲିଲଜଅସୱଦ୍ ।
ତେ. କରକକେଟ୍ଟୁ
ତା. କଡୁକ୍କାଇ ।
ସଂ. ପର୍ଯ୍ୟାୟ—
ହରୀତକୀ, ଅଭୟା, ପଥ୍ୟା,
[ଦ୍ର—ଏହିଗଛ ନାତିଦୀର୍ଘ ନାତି କ୍ଷୁଦ୍ର, ଏହା ଭାରତର ପ୍ରାୟ ସର୍ବତ୍ର ଜଙ୍ଗଲରେ;

କାୟସ୍ଥା, ପୂତନା, ଅମୃତ, ଅମୃତା, ହୈମବତୀ, ଅବ୍ୟଥା, ଚେତକୀ, ଶ୍ରେୟସୀ, ଶିବା, ବୟଃସ୍ଥା, ବିଜୟା, ଜୀବନ୍ତୀ, ରୋହିଣୀ, ବୟସ୍ଥା, ସୁଧା, କନ୍ୟା, ରସାୟନଫଳା, ଚେତନକୀ, ପ୍ରପଥ୍ୟା, ଜୀବପ୍ରିୟା, ଜୀବନିକା, ଭିଷଗ୍‌ବରା, ଭିଷକ୍‌ପ୍ରିୟା, ପ୍ରାଣଦା, ଜୀବ୍ୟା, ଦେବୀ, ପଥ୍ୟା ।

ଜନ୍ମେ । ପାହାଡ଼ିଆ ଜାଗାରେ ଜନ୍ମିବ । ଗଛ ଶୀଘ୍ର ଓ ବୁଢ଼ିଆ ହୁଏ । ପ୍ରତିବର୍ଷ ଗଛରୁ ପୁରୁଣା ପତ୍ର ଝଡ଼ିପଡ଼େ । ଏହାର ପତ୍ର ଉପରେ ପାଞ୍ଚଟି ଶିରା । ଏହାରଫଳ ମୃଦଙ୍ଗ ପରି, ଦୁଇମୁଣ୍ଡ ସରୁ ଓ ମଝି ମୋଟ । କେତେ ଜାତୀୟ ହରୀତକୀ ଅଣ୍ଡାକାର ଓ କେତେକ ଗୋଲ । ଫଳ ଶୀତଦିନେ ପାଚେ । ଜଳବାୟୁ ଓ ମୃତ୍ତିକା ଗୁଣରେ ଏହାର ଫଳ ½ ଇଞ୍ଚ ଠାରୁ ୩ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଏ ଏବଂ ¼ ଇଞ୍ଚ ଠାରୁ ୧ ଇଞ୍ଚ ପର୍ଯ୍ୟନ୍ତ ମୋଟ ହୁଏ । ଏହି ଗଛର ଡାଳରୁ ଏକପ୍ରକାର ଅଠା ବାହାରେ । ହରଡ଼ାଗଛର କାଠ ଖୁବ୍ ଟାଣୁଆ । ଏ ଫଳର ସ୍ୱାଦ କଷା, ଓ ଏହାର ଶସ ଈଷତ୍ ହଳଦିଆ । ଏହା ଭିତରର ମଞ୍ଜି ରୁଡ଼ରୁଡ଼ିଆ ଅର୍ଥାତ୍ ଅମସୃଣ ଏହାକୁ ପାଣିରେ ବଟୁଆଇ ଚମଡ଼ାକୁ କଷିବାକୁ ହୁଏ । ଏଥିରେ ଫିଟିକିରି ମିଶାଇ ହଳଦିଆ ଓ ହୀରାକସ ମିଶାଇ କାଳିଆ ରଙ୍ଗ ତିଆରି କରାଯାଇ ଲୁଗା ଓ ସୂତାଆଦି ରଙ୍ଗାହୁଏ ।

ବୈଦ୍ୟକମତରେ ହରଡ଼ା ମଧୁର, କଟୁ, ଅମ୍ଳ, ତିକ୍ତ ଓ କଷାୟ ଏହି ୫ ରସଯୁକ୍ତ । ଏଥିରେ କଷାୟ ରସ ଅଧିକ । ଏଥିରେ ଲବଣ ରସ ନାହିଁ । ଏହା ମଧୁର, ତିକ୍ତ ଓ କଷାୟ ବୋଲି ପିତ୍ତନାଶକ, କଟୁତିକ୍ତ କଷାୟ ବୋଲି କଫନାଶକ, ଅମ୍ଳ ବୋଲି ବାୟୁନାଶକ । ହରଡ଼ା ଫଳର ମଜ୍ଜାରେ ମଧୁର ରସ, ସ୍ନାୟୁରେ ଅମ୍ଳରସ, ବୃନ୍ତରେ ତିକ୍ତରସ, ତ୍ୱକ୍‌ରେ କଟୁରସ ଓ ଅସ୍ଥିରେ କଷାୟରସ ଅଛି । ଏହା ରୁକ୍ଷ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପ୍ତିକର, ମେଧାଜନକ, ମଧୁରବିପାକ, ରସାୟନ, ଚକ୍ଷୁର ହିତକର, ଲଘୁ, ଆୟୁଷ୍କର, ବୃଂହଣ ଓ ମଳଭେଦକ ।

ଏହା ଶ୍ୱାସ, କାସ, ପ୍ରମେହ, ଅର୍ଶ, କୁଷ୍ଠ, ଭଗନ୍ଦର, ଶୋଥ ଉଦରରୋଗ, କୃମି, ସ୍ୱରବିକୃତି, ଗ୍ରହଣୀ, ମଳବଦ୍ଧତା, ବିଷମଜ୍ୱର, ଗୁଳ୍ମ, ଆଧ୍ମାନ (ପେଟଫମ୍ପା), ତୃଷ୍ଣା, ହିକ୍କା, କଣ୍ଡୂ, ହୃଦ୍‌ରୋଗ, କାମଳ, ଶୂଳ, ଆନାହ, ପ୍ଳୀହା, ଯକୃତ୍, ଅଶ୍ମରୀ, ମୂତ୍ରକୃଚ୍ଛ୍ର ଓ ମୂତ୍ରାଘାତ ରୋଗରେ ଉପକାରକ ।

ଆୟୁର୍ବେଦ ମତରେ ହରଡ଼ା ପରି ପ୍ରଶସ୍ତ ବସ୍ତୁ ପୃଥିବୀରେ ନାହିଁ; ଏହା ମାତାପରି ହିତକାରିଣୀ । ମାତ୍ରା, ଅନୁପାନ, ପଥ୍ୟ ଓ ପ୍ରୟୋଗପ୍ରଣାଳୀ ଓ ଋତୁଭେଦରେ ଏହିଫଳ ସେବନ କଲେ ବହୁ ରୋଗରେ ଏହା ଆଶୁଫଳପ୍ରଦ ହୁଏ । ଏହାର ଅନ୍ୟନାମ ଅମୃତ ଓ ଅଭୟା ।

ହରୀତକୀ ୭ପ୍ରକାରର ଯଥା—ବିଜୟା, ରୋହିଣୀ, ପୁତନା, ଅମୃତା, ଅଭୟା, ଜୀବନ୍ତୀ ଓ ଚେତକୀ ।

୧ । ବିଜୟା—ଏ ଫଳର ଆକୃତି ଅଲାବୁ ବା ଲାଉ ପରି ଗୋଲ । ଏହା ସବୁ ହରଡ଼ା ମଧ୍ୟରେ ଶ୍ରେଷ୍ଠ, ଏହା ସୁଖସେବ୍ୟ, ସୁଲଭ୍ୟ ଓ ସର୍ବରୋଗରେ ହିତକର । ଏହା ଅନତିରକ୍ତ ପୀତବର୍ଣ୍ଣ ।

୨ । ରୋହିଣୀ—ଏ ଫଳର ଆକାର ସମ୍ପୂର୍ଣ୍ଣ ଗୋଲ । ଏହା ବ୍ରଣ ରୋଗରେ ଉପକାରକ ।

୩ । ପୂତନା—ଏଥିର ଆକାର ସୂକ୍ଷ୍ମ ଓ ମଞ୍ଜିବଡ଼; ପ୍ରଲେପ କାର୍ଯ୍ୟରେ ପ୍ରଯୋଜ୍ୟ ।

୪ । ଅମୃତା—ଏହା ମାଂସଳ ଅର୍ଥାତ୍ ଶସ୍ୟବହୁଳ ଓ କ୍ଷୁଦ୍ରବୀଜବିଶିଷ୍ଟ । ଭେଦ ବା କୋଷ୍ଠ ପରିଷ୍କାର କାର୍ଯ୍ୟରେ ପ୍ରଯୋଜ୍ୟ ।

୫ । ଅଭୟା—ଏ ଫଳ ୫ ଗୋଟି ରେଖାବିଶିଷ୍ଟ; ନେତ୍ରରୋଗରେ ପ୍ରଶସ୍ତ ।

୬ । ଜୀବନ୍ତୀ—ଏହା ସ୍ୱର୍ଣ୍ଣ ବର୍ଣ୍ଣ; ସର୍ବରୋଗ ବିନାଶକ ।

୭ । ଚେତକୀ—ଏହା ତିନିଗୋଟି ରେଖା ବିଶିଷ୍ଟ । ଏହା ଚୂର୍ଣ୍ଣାର୍ଥ ବ୍ୟବହାର୍ଯ୍ୟ । ଏହା ଅତି ଭେଦକ । ଚେତକୀ ହରୀତକୀ ଶୁକ୍ଳ ଓ କୃଷ୍ଣ ଭେଦରେ ୨ପ୍ରକାର । ଶୁକ୍ଳବର୍ଣ୍ଣ ଚେତକୀ ଦୁଇ ଅଙ୍ଗୁଳ ପରିମିତ । କୃଷ୍ଣଚେତକୀ—୧ଅଙ୍ଗୁଳ ପରିମିତ । ମନୁଷ୍ୟ, ପଶୁ, ପକ୍ଷୀ ଆଦି ଜୀବ ଚେତକୀ ହରଡ଼ା ଗଛର ଛାଇକୁ ଆସିଲେ ମଳତ୍ୟାଗ କରିପକାନ୍ତି; ଏହି ହରଡ଼ାକୁ ହାତରେ ଧରିଲେ ଝାଡ଼ାହୁଏ । ତୃଷାର୍ତ୍ତ, ସୁକୁମାର, କୃଶ ଓ ଔଷଧଦ୍ୱେଷୀ ବ୍ୟକ୍ତିମାନଙ୍କ ସୁଖ ବିରେଚନାର୍ଥ ମାତ୍ରା ଓ ଅନୁପାନ ଭେଦରେ ଚେତକୀ ହରଡ଼ାର ଚୂର୍ଣ୍ଣ ବ୍ୟବହୃତ ହୁଏ ।

ସବୁ ହରଡ଼ା ମଧ୍ୟରେ ବିଜୟା ଶ୍ରେଷ୍ଠ । କେଉଁ ହରଡ଼ାକୁ ଖାଇଲେ, କେଉଁ ହରଡ଼ାକୁ ଆଘ୍ରାଣ କଲେ, କେଉଁ ହରଡ଼ାକୁ ସ୍ପର୍ଶ କଲେ, କେଉଁ ହରଡ଼ାକୁ ଦର୍ଶନ କଲେ ଭେଦ (ଝାଡ଼ା) ହୁଏ ।

ଯେଉଁ ହରଡ଼ା ନୂତନ, ସ୍ନିଗ୍ଧ, କଠିନ, ଗୋଲାକାର ଓ ଭାରି, ଯାହାକୁ ପାଣିରେ ପକାଇଲେ ବୁଡ଼ିଯାଏ ତାହା ପ୍ରଶସ୍ତ ଗୁଣକର । ଯେଉଁ ହରଡ଼ା ୨ କରଷ ଓଜନ ତାହା ସର୍ବଶ୍ରେଷ୍ଠ ।

ହରଡ଼ା ଚୋବାଇକରି ଖାଇଲେ ଅଗ୍ନିବୃଦ୍ଧି, ପେଷିକରି ଖାଇଲେ ମଳଶୋଧନ, ସିଝାଇକରି ଖାଇଲେ ମଳସଂଗ୍ରହ, ଭାଜି ଖାଇଲେ ତ୍ରିଦୋଷନାଶ ହୁଏ; ଖାଦ୍ୟ ସଙ୍ଗେ ଖାଇଲେ ବୁଦ୍ଧି, ବଳ ଓ ଇନ୍ଦ୍ରିୟ ପ୍ରକାଶ ଏବଂ ମୂତ୍ର ପୁରୀଷ ନିର୍ଗମ ହୁଏ । ଆହାର ପରେ ହରଡ଼ା ସେବନ କଲେ ତ୍ରିଦୋଷ ନାଶ ଓ ଅନ୍ନ ଓ ପାନ ଜନିତ ସମସ୍ତ ପୀଡ଼ା ଦୂରହୁଏ ଓ ମୁଖ ଶୁଦ୍ଧି ହୁଏ । ହରଡ଼ାକୁ ଲୁଣ ସଙ୍ଗେ ଖାଇଲେ ପିତ୍ତନାଶ, ଘିଅ ସଙ୍ଗେ ଖାଇଲେ ବାତ ନାଶ ଓ ଗୁଡ଼ ସଙ୍ଗେ ଖାଇଲେ ସର୍ବରୋଗ ନାଶହୁଏ ।

ବର୍ଷାଋତୁରେ ହରଡ଼ା ଚୂନାକୁ ସୈନ୍ଧବଲୁଣ ସଙ୍ଗେ, ଶରତ୍‌କାଳରେ ଚିନିସଙ୍ଗେ, ହେମନ୍ତରେ ଶୁଣ୍ଠିଚୂନା ସଙ୍ଗେ, ଶୀତରେ ପିପ୍ପଳୀଚୂନା ସଙ୍ଗେ, ବସନ୍ତରେ ମହୁ ସଙ୍ଗେ ଓ ଗ୍ରୀଷ୍ମରେ ଗୁଡ଼ ସଙ୍ଗେ ସେବନ କଲେ ଏହା ରସାୟନ ହୁଏ, ଅର୍ଥାତ, ସେବନକାରୀ ବ୍ୟକ୍ତି ଦୀର୍ଘଜୀବୀ, ସବଳ, ନୀରୋଗ

ସାର୍ଥବାନ୍ ହୁଅନ୍ତି । ଏହି ପ୍ରକାର ସେବନକରିବାରେ ବ୍ୟବହୃତ ହରିତାକୁ ବୃନ୍ତ ହରିତକୀ ବୋଲିଯାଏ ।

ପଥଶ୍ରାନ୍ତ, ଦୁର୍ବଳ, କୃଶ, ରୂକ୍ଷତାବିଶିଷ୍ଟ, ପିତ୍ତାଧିକ୍ୟପ୍ରଧାନ, ଗର୍ଭିଣୀ ଓ ରକ୍ତମୁକ୍ତବ୍ୟକ୍ତି ବ୍ୟକ୍ତିମାନଙ୍କ ପକ୍ଷରେ ହରିତା ସେବନ ନିଷିଦ୍ଧ । ହରିତା ବାହାଡ଼ା ଅଁଳାର ସମାହାରକୁ ତ୍ରିଫଳା କହନ୍ତି; ତ୍ରିଫଳାର କ୍ୱାଥ କୋଷ୍ଠଶୁଦ୍ଧିକର ଓ ଜ୍ୱର ନାଶକ । ପରୀକ୍ଷାଦ୍ୱାରା ଦେଖାଯାଇଅଛି ଯେ ପ୍ରତିଦିନ ଗୋଟିଏ ହରିଡ଼ାର, ୨ଟି ବାହାଡ଼ାର ଓ ୩ଟି ଅଁଳାର ଶାଳଙ୍ଗ୍ୟ ଅଂଶକୁ ୪।୨ ଘଣ୍ଟା ଛଟାକିଏ ପାଣିରେ ବତୁରାଇ, ତତ୍ତ୍ୱ ପାଣିକୁ ଛାଣି ଶାଳପେଟରେ ପିଇଲେ କୋଷ୍ଠଶୁଦ୍ଧି ହୁଏ ।

କଞ୍ଚା କଷି ହରିଡ଼ାକୁ ଗଛରୁ ଛିଣ୍ଡାଇ ଶୁଖାଇ କରି ରଖାଯାଇଥାଏ ଓ ତାହା ଔଷଧରେ ଲାଗେ । ତାକୁ କଂଗୀ ହରିଡ଼ା କହନ୍ତି ।

କେହି କେହି ଓ ବିଶେଷତଃ ସନ୍ନ୍ୟାସୀମାନେ ଭୋଜନାନ୍ତେ ମୁଖବାସାର୍ଥ ଓ ମୁଖଶୋଧନାର୍ଥ ହରିଡ଼ାର ଶସକୁ ଗୁଅପରି ଚଳରେ ଯାଚନ୍ତି ।

ହରୀସା—ସ ବ (ହୃ ଧାତୁ+କର୍ମ ଇଷ୍+ଅ)—ମାଂସବ୍ୟଞ୍ଜନବିଶେଷ—A kind of meat curry.
ଆସ
[ଦ୍ର—ବଡ଼ ବଡ଼ ମାଂସଖଣ୍ଡକୁ ଗୋଟିଏ ବଡ଼ ହାଣ୍ଡିରେ ପ୍ରଚୁର ଜଳ, ଘିଅ, ହିଙ୍ଗୁ, ଲବଙ୍ଗ, ଅଳେଇଚ, ଅଦା, ଶୁଣ୍ଠି, ଲୁଣ, ଲଙ୍କା ଓ ଗୋଲମରିଚ ଦେଇ ସିଝାଇ ସେଥିରେ ଚାଉଳ ଓ ଗହମ ପକାଇ ଜମ୍ବୀର ଲେମ୍ବୁ ରସ ଦେଇ ସମସ୍ତକୁ ଉତ୍ତମରୂପେ ସିଦ୍ଧ କରି ଝୋଳ ଥାଉ ଥାଉ ନିଆଁରୁ ଓହ୍ଲାଇ ଏହି ମାଂସ ତରକାରୀ ପ୍ରସ୍ତୁତ କରାଯାଏ । ଏହା ବଳକର, ବାତପିତ୍ତାପହ, ଗୁରୁ, ଶୀତୋଷ୍ଣ, ଶୁକ୍ରକର ଓ ସ୍ନିଗ୍ଧ-ସ୍ୱଭାବପ୍ରକାଶ ।]

ହରୁ—ଗ୍ରା° ବ—ହର ଓ ହରିର ଡାକନାମ—Nickname for calling Hara and Hari.
Haru

ହରୁଆ—ଦେ. ବଣ. ପୁଂ (ସଂ ହାରକ; ହାସ)—୧ । ଯେ ହରାଏ—1. Losing; one who loses. ୨ । ଯେ ହରଣ କରେ; ହାରକ; ହରଣକାରୀ—2. One who steals, stealing. ଗ୍ରାଦେ (ଗଡ଼ଜାତ) ବ ଓ ବଣ—ହଳୁଆ (ଦେଖ)—Halua (See). ଗ୍ରାଦେ (ଗଡ଼ଜାତ) ବ—ପଶୁମାନଙ୍କର ହୁରିଡ଼ି—The sound made by beasts.
Haruā हाराने हराया करनेवाला
(ହରେଇ—ସ୍ତ୍ରୀ)

ହରୁଆଁ—ଗ୍ରାଦେ (ବଣାଇ ଗଡ଼ଜାତ)ବ—ଗଗ୍ର—
Haruāṅ A brass water pitcher.

ହରୁହରଦମ୍—ଗ୍ରାଦେ (ସମ୍ବଲପୁର) ଅ—ସର୍ବଦା; ଅବିଶ୍ରାନ୍ତଭାବରେ—
Haruhar-dam Constantly; uninterruptedly.

ହରେ—ସଂ ଅ (ହରି ଶବ୍ଦର ସମ୍ବୋଧନ)—ହେ ହରି !(ହରି বা ଈଶ୍ୱରଙ୍କ ସମ୍ବୋଧନ)—Oh Hari ! (exclamation used in invoking Hari).
Hare

ହରେଇବା—ଦେ° କ୍ରି—ହରାଇବା (ଦେଖ)—
Hareibā Harāibā (See)
हारान हराना

ହରେଇ—ଦେ. ବ. ସ୍ତ୍ରୀ—ହରୁଆର ସ୍ତ୍ରୀଲିଙ୍ଗ—
Harei Feminine form of Haruā.

ହରେକ—ଦେ°ବି°ଦେ. ସର୍ବନାମ ଓ ବଣ (ଫା ହର୍‌ଏକ୍)୧ । ପ୍ରତ୍ୟେକ—1. Every; each ବିଭିନ୍ନ; ଭିନ୍ନଭିନ୍ନ; ନାନା—2. Various; several; different. ୩ । ସମସ୍ତେ—3. All.
Harek

ହରେକ୍ କିଶମ୍—ଦେ°ବିଦେ° ବ (ଫା)—୧ । ପ୍ରତ୍ୟେକପ୍ରକାର—1. Every sort or kind. ୨ । ନାନାପ୍ରକାର—2. Various sorts. ବଣ—୧ । ପ୍ରତ୍ୟେକପ୍ରକାରର 1. Of every sort. ୨ । ନାନାପ୍ରକାରର—2. Of various sorts. ୩ । ବିଭିନ୍ନପ୍ରକାରର—3. Of different kinds.
Harek kisam
হরেকরকম हरेककिसम

ହରେକ୍ ରକମ୍—ଦେ°ବିଦେ. ବ, ଓ ବଣ (ଫା)—ହରେକ୍ କିଶମ୍ (ଦେଖ)
Harek rakam Harek kisam (See).
হরেকরকম हरेककिसम ବ—ପ୍ରତ୍ୟେକ ବସ୍ତୁ—Every thing.

ହରେକୁଷ୍ଣ[ଷ୍ଟଁ,ଷ୍ଣଁ]—ଗ୍ରା. ବ.ଓ ଅ(ସ ହରେ କୃଷ୍ଣ)— ହରେ କୃଷ୍ଣ (ଦେଖ)
Harekushaṅ(shṭaṅ. shṇaṅ) Harekrushṇa (See)
হরেকিষ্ট(ষ্টঁ) हरेकीष्णा

ହରେ କୃଷ୍ଣ—ସ ଅ (ସ ହରି ଓ କୃଷ୍ଣ ଦୁଇ ଶବ୍ଦର ସମ୍ବୋଧନ)—୧ । ହେ ହରି ! ହେ କୃଷ୍ଣ !—1.Oh Hari ! Oh Krushṇa ! ୨ । ହରିଙ୍କୁ ସମ୍ବୋଧନ 2. Invocation to Hari. ୩ । ହରିଙ୍କର ଦୁଇଟି ଭିନ୍ନ ନାମ ଉଚ୍ଚାରଣପୂର୍ବକ ଡାକ—3. Invocation to Hari by two names. ୪ । ମନ୍ଦ କଥା ବା ମନ୍ଦ କଥା ଶ୍ରବଣଜନିତ ପାପ ଖାଳନାର୍ଥ ବ୍ୟବହୃତ ଅବ୍ୟୟ 4. An exclamation used by a person to wash away the sin of hearing any bad or sinful matter.
Harekrushṇa
হরেকৃষ্ণ हरेकृष्णा
ଦେ. ବ. ପୁଂ—ପୁରୁଷର ନାମ—A name given to males.

ହରେକୃଷ୍ଣ ଦାସ—ଦେ. ବ (ନାମ)—ଓଡ଼ିଶାର ଜଣେକ ସ୍ୱର୍ଗତ ଦେଶହିତୈଷୀ ବ୍ୟକ୍ତି—A late patriot of Orissa. [ଦ୍ର—ଏ ଓଡ଼ିଆ ଗଡ଼ଜାତସମୂହର ପ୍ରଥିତଯଶା ସ୍ୱପନଦ୍ରଷ୍ଟା ଥାଇ, ଓଡ଼ିଶାର ଦେଶହିତକର କାର୍ଯ୍ୟରେ ଦେଶହିତୈଷୀ ସ୍ୱର୍ଗତ ମଧୁସୂଦନଙ୍କର ଜଣେ ଘନିଷ୍ଠ ସହକର୍ମୀ ଥିଲେ ।
Harekrushṇa Dāsa

ଏହାଙ୍କର ଗଡ଼ଜାତରେ କାର୍ଯ୍ୟ କରୁଥିବା ସମୟରେ ଅନୁଗୁଳ ଓ ସମ୍ବଲପୁର ସରକାରଙ୍କ ଖାସ୍ ଶାସନକୁ ଆସିଥିଲା । ଏହାଙ୍କ ଜନ୍ମସ୍ଥାନ ଯାଜପୁର ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମ । ୧୮୭୭ ମସିହାରେ ଏହାଙ୍କର ମୃତ୍ୟୁ ହୋଇଥିଲା ।]

ହରେକୃଷ୍ଣପୁର—ଦେ.ବି (ନାମ)—ପୁରୀ ସହରଠାରୁ ୩ ମାଇଲ ଦୂରବର୍ତ୍ତୀ ଓଡ଼ିଶାର ଗୋଟିଏ ରାଜପ୍ରତିଷ୍ଠିତ ବ୍ରାହ୍ମଣଶାସନ—Name of a Brāhmana village near the town of Puri, established by an ancient king of Orissa. [ଦ୍ର—ଏହି ଗ୍ରାମ ବାଟେ ବେଙ୍ଗଲ୍ ନାଗପୁର ରେଲ୍ ଲାଇନ୍ ଯାଇଅଛି ଓ ଏହି ଗ୍ରାମର ଜନକ ଯୋଗସ୍ତ ରେଲ୍ ଲାଇନ୍‌ର ଦକ୍ଷିଣପାଖରେ ଅବସ୍ଥିତ ଓ ଏହା ଅତ୍ୟନ୍ତ ଗମ୍ଭୀର ।]

Harekrushnapura

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ—ସଂ. ଅ—

Hare Krushna Hare Krushna Krushna Krushna Hare Hare.

(ହରେ ରାମ ହରେ ରାମ ରାମ ରାମ ହରେ ହରେ—ଅନ୍ୟ ପଦ)—ରାମ, ହରି ଓ କୃଷ୍ଣଙ୍କ ନାମର ସମ୍ବୋଧନ ବଚନରେ କଳ୍ପିତ ଷୋଡ଼ଶନାମବିଶିଷ୍ଟ ଶ୍ଳୋକାକାରରେ ରଚନା; କଳିଯୁଗରେ ତାରକ ବ୍ରହ୍ମନାମ, ମନ୍ତ୍ରଶ୍ଳୋକର ପ୍ରଥମ ପଦ Half of a couplet used by a devotee invoking God (Hari) in three names and laid down to be the formula in which God(Hari) is to be invoked in the present (Kali) age.

ହରେଣୁ—ସଂ. ବି. ସ୍ତ୍ରୀ—୧ । ରେଣୁକା ନାମକ ଗନ୍ଧଦ୍ରବ୍ୟ (ଅମରକୋଷ) Harenu 1.A scented herb;Piper Athrautiacum. ୨ । ତାମ୍ରବର୍ଣ୍ଣାମୃଗୀ—2. A copper coloured female deer. ୩ । କୁଳଯୋଷିତ୍ (ମେଦିନୀ)—3. A house-wife; a family woman. ୪ । ଗ୍ରାମର ସୀମା ବିଚ୍ଛିନ୍ନକାରିଣୀ ଲତା—4.A creeper which divides the boundaries of 2 villages. ପୁଂ—୧ । ସତୀଲ (ମେଦିନୀ); କଳାୟ—1. A kind of grain. ୨ । ବଡ଼ଚଣା ହରେକୃଷ୍ଣ,ଦ୍ରବ୍ୟଗୁଣ)—2. Big species of Cicer Arietenum. ୩ । ମଟର—3. Pea. ୪ । ଲଙ୍କା ଦ୍ୱୀପ—4. The island of Ceylon.

ହରେଣୁକ—ସଂ ବି (ହରେଣୁ+କ)—ମଟର; (ରାଜନିର୍ଘଣ୍ଟ)—Pea.

Harenuka

ହରେଣୁକା—ସଂ. ବି (ହରେଣୁକ+ଆ)—ରେଣୁକା ନାମକ ଗନ୍ଧଦ୍ରବ୍ୟ—

Harenukā A scented herb; Piper Aurantiacum.

ହରେ ରାମ୍—ଦେ. ଅ (ସଂ. ହରେରାମ)—ହରେରାମ (ଦେଖ)—

Harerām Harerāma (See).

ହରେରାମ—ଦେ. ଅ—୧ । ହରି ଓ ରାମ ଶବ୍ଦଦ୍ୱୟର ସମ୍ବୋଧନ ଅକାର—

Harerām 1. (interjection) Oh Hari! Oh Rama! exclamation uttered in invoking the name of Hari by two of His names.

ହରେରାମ हरेराम

୨ । 'ହରେକୃଷ୍ଣ' ପରି ଭକ୍ତଙ୍କ ନାମଦ୍ୱୟର ଉଚ୍ଚାରଣ—2. Invocation of the name of Hari. ୩ । ମନ୍ଦ କଥା ବା ପାପ କଥା ଶ୍ରବଣଜନିତ ପାପକ୍ଷାଳନାର୍ଥ ଲୋକଙ୍କ ଦ୍ୱାରା ବ୍ୟବହୃତ ଅବ୍ୟୟ—3. Interjection used to wash away the sin attached to a person on hearing any sinful or bad thing.

ହରେ ରାମଚନ୍ଦ୍ର—ଦେ. ଅ—ହରି ଓ ରାମଙ୍କ ସମ୍ବୋଧନ; ହରେ ରାମ (ଦେଖ)—

Hare rāmachandra Harerāma (See)

हरे रामचन्द्र हरे राम

ହରେ ହରେ—ସ. ଅ(ହରି ଶବ୍ଦର ସମ୍ବୋଧନ)—ହେ ହରି ! ହେ ହରି ! (ହରିଙ୍କ ନାମର ଦୁଇଥର ଉଚ୍ଚାରଣସୂଚକ ଭାବ)—Invocation to Hari

Hare hare

ହରୋବଟୋ—ପ୍ରାଦେ (କଳଙ୍ଗିରପାଟଣା) ବି ଓ ବିଣ—ହରବର—

Harobato Troubled; involved in difficulty

ହରୋତରୋ—ପ୍ରାଦେ (ସମ୍ବଲପୁର) ବିଣ—ବିରକ୍ତ—

Harotaro Vexed.

ହର୍କତ(ଇତ୍ୟାଦି)—ବୈଦେ. ବି ଓ ବିଣ—ହର୍‌କତ୍ (ଦେଖ)—

Harkat(etc) Harkat [See]

ହର୍କଟିଆ—ଦେ. ବିଣ—ହର୍‌କଟିଆ (ଦେଖ)—

Harkatiā Har-katiā [See]

(ହର୍କଟେଇ—ସ୍ତ୍ରୀ)

ହର୍କରା—ବୈ ଦେ. ବି—ହର୍‌କରା (ଦେଖ)—

Harkarā Har-karā [See]

ହର୍କିଶମ—ବୈଦେ. ବି—ହର୍‌କିଶମ୍ (ଦେଖ)—

Harkisam Har-kisam [See]

ହର୍କୁ(ର୍କ୍ୟୁ)ଲିସ—ବୈଦେ. ବି (ଗ୍ରୀକ୍ ନାମ)—ଜଣେ ପ୍ରସିଦ୍ଧ ଗ୍ରୀସ୍ ଦେଶୀୟ ପୌରାଣିକ ବୀର—

Harku(rkyu)lis

हर्क्युलिस हर्कुलिस Hercules the Great; hero of the Greek mythology. [ଦ୍ର—ଏ ଜୁପିଟର୍ ଦେବଙ୍କ ଆଜ୍ଞାରେ ଇୟୁରିସ୍ଥିୟସ୍ ନାମକ ଜଣେ ରାଜାଙ୍କ ଆଜ୍ଞାବହ ହୋଇ ତାଙ୍କ ଆଜ୍ଞାରେ ୧୨ ଗୋଟି ମହାଅସାଧ୍ୟ କାର୍ଯ୍ୟ ସାଧନ କରିଥିଲେ ଏବଂ ଦେବଦାନବ ଯୁଦ୍ଧରେ ଦେବତାମାନଙ୍କ ପକ୍ଷରେ ଲଢ଼ିଥିଲେ । ଏହାଙ୍କ ସ୍ତ୍ରୀଙ୍କ ପ୍ରେରିତ ଗୋଟିଏ ବିଷାକ୍ତ ପୋଷାକ ପିନ୍ଧି ଏ ମୃତ୍ୟୁମୁଖରେ ପତିତ ହେଲେ ଏବଂ ମୃତ୍ୟୁ ପରେ ସ୍ୱର୍ଗକୁ ଗଲେ ।]

ହର୍ଗଉରା(ରୀ)—ଦେ. ବି—ହର୍‌ଗଉରା (ଦେଖ)—

Hargaurā(ri) Har-gaurā (See)

ହର୍ଗିଜ୍—ବୈଦେ. ଅ—ହର୍‌ଗିଜ୍ (ଦେଖ)—

Hargij Har-gij (See)

ହର୍ଘଡ଼ି—ଦେ. ଅ—ହର୍‌ଘଡ଼ି (ଦେଖ)—

Harghardi Har-ghardi (See)

ହର୍ଜ(ର୍ଜା)—ବୈଦେ. ବ—ହରଜ (ଦେଖ)—
Harj[rjā] Haraj [See]

ହର୍ଟିକଲ୍‌ଚର୍—ବୈଦେ. ବ(ଇଂ)—ଉଦ୍ୟାନ କୃଷି; ଫୁଲ ବଗିଚା ଓ
Hartikal-char ଫଳ ବଗାଏର ଗାଛ ବୃକ୍ଷ ଉତ୍ପାଦନ—
हर्टी कलचर हर्टिकलचर Horticulture.

ହର୍ଣ୍ଣ୍ ବୈଦେ. ବ (ଇଂ=ଶିଙ୍ଘ, ଶୃଙ୍ଗ)—ମଟର ଗାଡ଼ିରେ ବା
Harnn ଟ୍ରେନ୍ ଗାଡ଼ିରେ ଥିବା ଶିଙ୍ଗା, ଯାହାକୁ
ବଜାଇଲେ ଅଗରେ ଯାଉଥିବା ଲୋକେ ସାବଧାନ
ହୁଅନ୍ତି—The horn of a motor or bicycle.

ହର୍ଣ୍ଣବାବ୍ର—ବୈଦେ. ବଣ (ଫା)—ହର୍‌ନବାବ (ଦେଖ)—
Harnnabābi Har-nabābi (See)

ହର୍ଣ୍ଣିଅ—ବୈଦେ. ବ—ହର୍‌ନିଅ (ଦେଖ)—
Harnniā Har-niā (See)

ହର୍ତନ୍—ବୈଦେ. ବ—ହର୍‌ତନ୍ (ଦେଖ)—
Hartan Har-tan (See)

ହର୍ତା—ସ ବଣ. ଓ ବ ପୁଂ (ହୃ ଧାତୁ+କର୍ତ୍ତୃ ତୃ, ୧ମା. ୧ବ)—ହରଣ-
Hartā କର୍ତ୍ତା, ବିନାଶକ—Destroying.
[ହର୍ତ୍ତ୍ରୀ—ସ୍ତ୍ରୀ]

ହର୍ତା(ର୍ତ୍ତା)କର୍ତା(ର୍ତ୍ତା)—ସ ବଣ, ପୁଂ—ବିନାଶକ ଓ ସର୍ଜକ—
Hartā(rttā)kartā(rttā) Destroying and creating.
(ହର୍ତା କର୍ତା ଦୈବ ବିଧାତା, ହର୍ତା କର୍ତା ବିଧାତା—ଅନ୍ୟରୂପ)
ସ ବ. ପୁଂ—୧। ସୃଷ୍ଟିର ବିନାଶକର୍ତ୍ତା ଓ ସୃଜକ—
1. Destroyer and creator of creation.
୨। (ଲକ୍ଷଣାର୍ଥ) ସର୍ବମୟ ପ୍ରଭୁ—2. All in all; a master who has every power; an all-powerful person.

ହର୍ତ୍ତା—ସ ବଣ. ପୁଂ (ହୃ ଧାତୁ+କର୍ତ୍ତୃ ତୃ, କର୍ତ୍ତୃ ରେ ୧ମା୧ବ)
Harttā ୧। ହରଣକର୍ତ୍ତା; ଯେ ହରଣ କରେ—
(ହର୍ତ୍ତ୍ରୀ—ସ୍ତ୍ରୀ) 1. One who takes away. ୨। ଅପହାରକ—2. One who steals away. ୩। ଗ୍ରହଣକାରୀ—3. Taking; accepting.
୪। ସଂହାରକ, ବିନାଶକ—Killing; destroying.
୫। ବହନକାରୀ—5. Carrying. ବ—ସୂର୍ଯ୍ୟ (ଗ୍ରାମ୍ୟ ପୁରାଣୋକ୍ତ ସୂର୍ଯ୍ୟଙ୍କ ନାମ)—Name of the Sun god.

ହର୍ତ୍ତା କର୍ତ୍ତା ଦୈବ ବିଧାତା—ସ ବଣ. ଓ ବ ବିନାଶକାରୀ, ରକ୍ଷଣକାରୀ ଓ
Harttā karttā daiba bidhātā ସୃଷ୍ଟିକାରୀ—
(ହର୍ତ୍ତା କର୍ତ୍ତା ବିଧାତା—ଅନ୍ୟରୂପ) Destroyer, preserver and creator.

ହର୍ତାଲ—ଦେ. ବ—ହରତାଳ (ଦେଖ)—
Hartāla Haratāla (See)

ହର୍ତାଲି—ଦେ. ବଣ—ହରତାଳି (ଦେଖ)—
Hartāli Haratāli (See)

ହର୍ତାଲିକା—ଦେ. ବ—ହରତାଳିକା (ଦେଖ)—
Hartālikā Haratālikā (See)

ହର୍ତ୍ତ୍ରୀ(ର୍ତ୍ରୀ)—ସ ବଣ (ହର୍ତ୍ତୃ+ଈ)—ହର୍ତ୍ତାର ସ୍ତ୍ରୀଲିଙ୍ଗ—
Harttrī[rtrī] Feminine form of Harttā.

ହର୍ଦ(ର୍ଦ୍ଦ)—ଗ୍ରା. ବ (ସ. ହ୍ରଦ)—ହ୍ରଦ (ଦେଖ)—
Harda[rdda] Hrada (See)

ହର୍ଦଫା—ବୈଦେ. ଅ—ହର୍‌ଦଫା (ଦେଖ)—
Hardaphā Har-daphā (See)

ହର୍ଦ(ର୍ଦ୍ଦ)ମ—ବୈଦେ. ଅ—ହର୍‌ଦମ୍ (ଦେଖ)—
Harda(rdda)m Har-dam etc (See)

ହର୍ଦ(ର୍ଦ୍ଦ)ର—ବୈଦେ. ବ—ହର୍‌ଦର୍ (ଦେଖ)—
Hardu[rdda] Hardar (See)

ହର୍ଦି(ର୍ଦ୍ଦି)ବା—ଦେ. କ୍ରି—ହତାଶ ହେବା
Hardir(ddi)bā To despair
हताशहओया हताशहोना

ହର୍ଦୁଆର—ଗ୍ରା. ବ (ନାମ)—ହରଦ୍ୱାର (ଦେଖ)—
Harduāra Hardwara (See)

ହର୍ନ୍—ବୈଦେ. ବ.(ଇଂ. ହର୍ନ୍)—ପଥିକଙ୍କୁ ସାବଧାନ କରିବା ପାଇଁ
Harn ମଟରଗାଡ଼ି, ସାଇକେଲର ଚାଳକ ଯେଉଁ ଶିଂଘା
हर्न बଜାନ୍ତି—Horn sounded by the driver of a
हर्न cycle or a motar car.

ହର୍ନ୍ ଦେବା—ଦେ କ୍ରି—(ପଥିକଙ୍କୁ ସଚେତ କରିବା ପାଇଁ ମଟର ଓ
Harn debā ସାଇକେଲର ଚାଳକ) ଶିଂଘାଦ୍ୱାରା ଧ୍ୱନି କରିବା—
हर्न देओया To sound the horn (said of the driver
हर्नदेना of a motor or cycle).

ହର୍ନବାବ୍ର—ବୈଦେ. ବଣ—ହର୍‌ନବାବ (ଦେଖ)—
Harnabābi Har-nabābi (See).

ହର୍ନିଆଁ(ଅ)—ବୈଦେ. ବ.—ହର୍‌ନିଆଁ (ଦେଖ)—
Harniān(a) Har—niān (See).

ହର୍ନିମା(ମ୍ୟା)ନ—ବୈ ଦେ. ବ. (ଇଂ. ନାମ)—ଭାରତ ହିତୈଷୀ
Har imā(myā)n ଜଣେକ ସୁରତ ବିଲାତି ସାହେବ—
हार्नीमाम Mr. Horniman, [ତ୍ତ—ଏ ଭାରତବାସୀଙ୍କ
हर्नमान ମଙ୍ଗଳାର୍ଥ ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ସମ୍ବନ୍ଧେ କେତେଗୁଡ଼ିଏ
ଅପ୍ରିୟ ସତ୍ୟ କହୁଥିବାରୁ ଭାରତ ଗଭର୍ଣ୍ଣମେଣ୍ଟ ଏହାଙ୍କୁ
ଭାରତବର୍ଷକୁ ଆସିବାକୁ ନିଷେଧ କରିଥିଲେ ।]

ହର୍ପ(ର୍ଫ)—ବୈଦେ. ବ—ହରପ୍ (ଦେଖ)—
Harp (rph) Harap (See)

ହର୍ଫସଲ—ବୈଦେ. ବ—ହର୍‌ଫସଲ (ଦେଖ)—
Harphasala Har-phasala (See).

ହର୍ବକ (ଖ) ତ୍—ବୈଦେ. ଅ—ହର୍‌ବକ (ଖ) ତ୍ (ଦେଖ)—
Harbaka (kha)t Har—baka (kha) t (See).

ହର୍ବର୍—ବୈଦେ. ବଣ ଓ ବ—ହର୍‌ବର୍ (ଦେଖ)—
Harbar Har-bar (See).

ହର୍ବରିଆ—ଦେ. ବଣ—ହର୍‌ବରିଆ (ଦେଖ)—
Harbariā Har-bariā (See)

ହର୍ବୋଲା—ଦେ. ବ—ହର୍‌ବୋଲା (ଦେଖ)—
Harbolā Har-bolā (See)

ହର୍ମ (ର୍ମ୍ମ)—ସ.ବ.—(ହୃଧାତୁ=ହରଣ କରିବା+କର୍ତ୍ତୃ'ଅର୍ମନ୍; ହର୍ମନ୍
Harma (rmma) ଶବ୍ଦ ୧ମା, ୧ବ)—ଜୃମ୍ଭଣ ; ହାଇମାରିବା (ଶବ୍ଦ ରତ୍ନାବଳୀ I)—Yawning.

ହର୍ମଉ (ହୁ) ଶୁଲ୍—ବୈଦେ. ବଣ—ହର୍‌ମଉ (ହୁ) ଶୁଲ୍ (ଦେଖ)
Harmau (hu) sul Har-mau(hu)sul (See)
[ହର୍ମୌଶୁଲ୍—ଅନ୍ୟରୂପ]

ହର୍ମଣି (ଣି)—ଦେ. ବ—ହରମଣି (ଦେଖ)—
Harmaṇi (ni) Haramaṇi (See).

ହର୍ମନିଅମ୍—ବୈଦେ ବ—ହର୍‌ମନିଅ (ଦେଖ)—
Harmaniam Har-maniā See).
[ହର୍ମନିଆ—ଅନ୍ୟରୂପ]

ହର୍ମିତ—ସ. ବ—(ହର୍ମ+ଇତ)—୧ । ଜୃମ୍ଭିତ; ହାଇ ମାରୁଥିବା—
Harmita 1. Yawning. ୨ । ଦଗ୍ଧ (ମେଦିନୀ)—2. Burnt.
୩ । କ୍ଷିପ୍ତ (ମେଦିନୀ)—3. Maddened.

ହର୍ମ୍ମୁଟ—ସ. ବ—(ହର୍ମ+ଉଟ)—୧ । ସୂର୍ଯ୍ୟ [ଶବ୍ଦକଳ୍ପଦ୍ରୁମ]—
Harmmuṭa 1. The sun. ୨ । କଚ୍ଛପ [ଶବ୍ଦକଳ୍ପଦ୍ରୁମ]—
2. The tortoise.

ହ (ହୋ) ର୍ମୋନ୍—ବୈଦେ ବ—[ବିଜ୍ଞାନ ପରିଭାଷା]— ଶରୀରସ୍ଥିତର
Ha (ho) rmon ଗଣ୍ଡରୁ ବା ରସଗ୍ରନ୍ଥି (gland) ରୁ ନିର୍ଗତ ସ୍ରାବ
—Hormone

ହର୍ମ୍ୟ (ର୍ମ୍ମ୍ୟ)—ସ. ବ (ହୃଧାତୁ+କର୍ତ୍ତୃ'ଯ;ମ ଆଗମ; ଯାହା ମନକୁ ହରଣ
Harmya (rmmya) ବା ମୁଗ୍ଧ କରେ)—ପ୍ରସ୍ତର, କାଷ୍ଠ, ଇଷ୍ଟକାଦି ନିର୍ମିତ ଧନୀମାନଙ୍କ ଅଟ୍ଟାଳିକା ବାସଭବନ; ପ୍ରାସାଦ ; ବଡ଼ କୋଠା ଅଟ୍ଟାଳିକା—Palatial building; mansion; big building.
[ଦ୍ର—ରାଜାଙ୍କ ଛଡ଼ା ଅନ୍ୟ ଧନୀମାନଙ୍କ ପ୍ରାସାଦକୁ ହର୍ମ୍ୟ ବୋଲାଯାଏ—ଭରତମଲ୍ଲିକ]

ହର୍ମ୍ୟ (ର୍ମ୍ମ୍ୟ) ତଳ—ସ. ବ (ଷଷ୍ଠୀ ତତ୍)—ଅଟ୍ଟାଳିକାର ମେଝିଆ—
Harmya (rmmya) tala The floor of a mansion.

ହର୍ମ୍ୟ (ର୍ମ୍ମ୍ୟ) ପୃଷ୍ଠ—ସ. ବ. (ଷଷ୍ଠୀତତ୍)—କୋଠାର ଛାତ—
Harmya (rmmya) pṛushṭha The roof of a mansion.

ହର୍ମ୍ୟ (ର୍ମ୍ମ୍ୟ) ଶିଖର—ସ. ବ—କୋଠାର ଶିରୋଦେଶ—
Harmya (rmmya) sikhara The top of a building.

ହର୍ମ୍ୟ (ର୍ମ୍ମ୍ୟ) ରୂଢ଼—ସ. ବଣ. ପୁଂ (୨ୟ. ତତ୍)—କୋଠା ଉପରେ
Harmya (rmmya) ruḍha ଚଢ଼ିଥିବା—Having ascended to the roof of a building.
[ହର୍ମ୍ୟାରୂଢ଼ା—ସ୍ତ୍ରୀ]

ହର୍ମ୍ୟୋ (ର୍ମ୍ମ୍ୟୋ) ପରି—ସ. ଅ (ହର୍ମ୍ୟ+ଉପରି)—କୋଠା ଉପରେ—
Harmyo (rmmyo) pari On the roof or top of a building.

ହର୍ମ୍ୟୋ (ର୍ମ୍ମ୍ୟୋ) ପରିସ୍ଥ—ସ. ବଣ—କୋଠା ଉପରେ ଅବସ୍ଥିତ—
Harmyo (rmmyo) paristha Situated or standing on the roof or top of a building.

ହର୍ଯ୍ୟ ଧାତୁ—ସ.—୧ । କ୍ଳାନ୍ତ ହେବା—1. To be tired.
Harj (root) ୨ । ଗତି କରିବା—2. To move.

ହର୍ଯ୍ୟା (ର୍ଯ୍ୟା)—ବୈଦେ. ବ—ହରଜ୍ (ଦେଖ)—
Harjā (rjā) Haraj (See).

ହର୍ଯ୍ୟକ୍ଷ—ସ. ବ (ହରି=ହରିଦ୍‌ବର୍ଣ୍ଣ ଅଟେ ଅକ୍ଷି ଯାହାର, ବହୁବ୍ରୀହି)—
Harjyaksha ୧ । କେଶରୀ; ସିଂହ (ଅମର)—1. Lion.
୨ । କୁବେର (ଜଟାଧର)—2. The god of wealth.

ହର୍ଯ୍ୟତ—ସ. ବ—(ହୃ ଧାତୁ+କର୍ତ୍ତୃ. ଅତ)—୧ । ଘୋଟକ (ମୁଗ୍ଧବୋଧ
Harjyata ବ୍ୟାକରଣ)—1. Horse. ୨ । ଅଶ୍ୱମେଧୀୟ ଅଶ୍ୱ (ଉଣାଦିକୋଷ)—2. A horse set apart or dedicated for being offered as a victim in a sacrifice.

ହର୍ଯ୍ୟଶ୍ୱ—ସ. ବ (ବହୁବ୍ରୀହି; ହରି=ହରିଦ୍‌ବର୍ଣ୍ଣ ଅଶ୍ୱ ଯାହାଙ୍କର)—
Harjyaswa ୧ । ବାସବ; ଇନ୍ଦ୍ର—1. Indra; the god of the gods. ୨ । (ନାମ) ପଞ୍ଚାଳର ଜଣେକ ନୃପ—2. Name of a king of Panchāla country. [ଦ୍ର—ଏହାଙ୍କର ୫ଗୋଟି ପୁତ୍ର ଜନ୍ମ ହେଲାରୁ ଏହି ୫ ଜଣଙ୍କ ଦ୍ୱାରା ରାଜ୍ୟ ସୁଶାସିତ ହେବାର ଆଶା କରି ଏ ଅଞ୍ଚଳ ପୁତ୍ର ଅଶା କଲେ ନାହିଁ । ଫଳତଃ ଏହି ୫ ପୁତ୍ରଙ୍କ ଦ୍ୱାରା ରାଜ୍ୟ ସୁଶାସିତ ହୋଇ ରାଜ୍ୟର ନାମ ପଞ୍ଚାଳ ହେଲା ।

ହର୍‌ରଙ୍ଗ—ଦେ. ବ—ହର୍‌ରଙ୍ଗ (ଦେଖ)—
Harranga Har-ranga (See).

ହର୍‌ରଙ୍ଗି—ଦେ. ବଣ—ହର୍‌ରଙ୍ଗି (ଦେଖ)—
Harrangi Har-rangi (See).
[ହର୍‌ରଙ୍ଗିଆ—ଅନ୍ୟରୂପ]

ହର୍ରା—ଦେ. ବ ଓ ବଣ—ହର୍‌ରା (ଦେଖ)—
Harrā Har-rā (See).

ହର୍ରୋଜ - ବୈଦେ. ଅ—ହର୍‌ରୋଜ୍ (ଦେଖ)—
Harroj Har-roj (See).

ହର୍ସ୍ ଗାର୍ଡ୍ (ର୍ଡ୍)—ବୈଦେ.ବ (ଇଂ)—ରାଜାଙ୍କର ପାର୍ଶ୍ୱରର ଅଶ୍ୱସେନା
Hars gard (rd) Horse guard.
हर्स गार्ड हर्सगार्ड

ହର୍ସ୍ ପାୱାର୍—ବୈ ଦେ. ବ—ଗୋଟିଏ ଅଦର ଟାଣିବା ଶକ୍ତିର ପରିମାଣ
Hars pāwār ବିଶେଷଣ—Horse power.
हर्स्‌पावार हर्सपावार

ହର୍ସ୍ ରେସ୍—ବୈଦେ. ବ(ଇଂ)—ବାଜି ମରାଯାଇ ଦଉଡ଼ିବା ଘୋଡ଼ା ଦୌଡ଼
Hars res —Horse race.

ହର୍ଷାଇବା—ଦେ. କି (ସ, ହର୍ଷ)—ହୃଷ୍ଟ କରିବା —
Harsāibā To cause delight or joy.

ହର୍ଷାଲ—ବୈଦେ. ଅ—ହର୍‌ଶାଲ୍ (ଦେଖ)—
Harsāl Har-sāl (See)

ହର୍ଷାଲ (ଲ)—ବୈଦେ· ବିଶ—ହର୍‌ଶାଲ (ଦେଖ)—
Harsālā (li) Har-sālā (See).
[ହର୍ଷାଲଅ—ଅନ୍ୟରୂପ]

ହର୍ଷ—ସ. ବି (ହୃଷ୍ ଧାତୁ=ହୃଷ୍ଟ ହେବା+ଭାବ. ଅ)—୧ । ଅହ୍ଲାଦ;
Harsha ଆନନ୍ଦ—1. Joy; delight; gaiety. ୨ । ସୁଖ—
2. Pleasure. ୩ । ଇଷ୍ଟ ଶ୍ରବଣଜନିତ ସୁଖ—
[ମହାଭାରତ—3. Pleasure derived from hearing joyous news. ୪ । କନ୍ଦର୍ପଙ୍କ ପିତା (ବାମନ ପୁରାଣ)—4. Name of the father of God Cupid.
(ବିଶ—ହୃଷ୍ଟ, ହର୍ଷିତ, ହର୍ଷକ) ଗ୍ରା. ବିଶ (ସ. ହ୍ରସ୍ୱ)—ହ୍ରସ୍ୱ (ଦେଖ)-
Hraswa (See).

ହର୍ଷ 'ଇ'—ଗ୍ରା, ବି—(ସ. ହ୍ରସ୍ୱ 'ଇ'ର ଅଶୁଦ୍ଧ ଉଚ୍ଚାରଣ)—ହ୍ରସ୍ୱ ଇ
Harsha i' The short vowel i.

ହର୍ଷ 'ଉ'—ଗ୍ରା. ବି—(ସ. ହ୍ରସ୍ୱ 'ଉ' ର ଅଶୁଦ୍ଧ ଉଚ୍ଚାରଣ)—ହ୍ରସ୍ୱ 'ଉ'
Harsha 'u' The short vowel u.
ହ୍ରସ୍ୱ ଉ ह्रस्व उ

ହର୍ଷକ—ସ· ବିଶ ପୁଂ (ହୃଷ ଧାତୁ+କର୍ତ୍ତୃ. ଅକ)—ହର୍ଷକାରକ;
Harshaka ହର୍ଷୋତ୍ପାଦକ—Delightful; causingjoy.
[ହର୍ଷିକା—ସ୍ତ୍ରୀ]

ହର୍ଷଣ—ସ: ବି—(ହୃଷ୍ ଧାତୁ+ଭାବ. ଅନ)—୧ । ହର୍ଷ; ଅହ୍ଲାଦ,
Harshaṇa ପୁଲକ—1. Delight; joy. ୨ । (ହୃଷ୍ ଧାତୁ ଣିଚ୍+ଭାବ. ଅନ)- ଅହ୍ଲାଦ ଜନ୍ମାଇବା—
2. Delighting; causing joy. ୩ । (+କର୍ତ୍ତୃ. ଅନ) (ଜ୍ୟୋତିଷ) ବିଷ୍କମ୍ଭାଦି ସପ୍ତବିଂଶତି ଯୋଗାନ୍ତର୍ଗତ ଚତୁର୍ଦ୍ଦଶ ଯୋଗ—3. (Astrology) One of the 27. astrological conjunctions. [ଦ୍ର—ଏଥିରେ ଜାତ ବ୍ୟକ୍ତି ପୃଥ୍ବୀଭୋଗୀ, ଯୁଦ୍ଧପଟୁ, ଶାନ୍ତ ଓ ଜନପ୍ରିୟ ହୁଅନ୍ତି] ୪ । ଚକ୍ଷୁରୋଗ ବିଶେଷ—
4. A sort of eye disease. ୫ । ଶ୍ରାଦ୍ଧବିଶେଷ—
5. A kind of offering of cakes to one's deceased ancestors. ୬ । ଶ୍ରାଦ୍ଧଦେବ—6. The Deity presiding over śrāddha.
ସ· ବିଶ—ପୁଂ—ଅହ୍ଲାଦଉତ୍ପାଦକ; ଆନନ୍ଦଜନକ—
Joyful; delightful; producing joy.

ହର୍ଷଣୀ—ସ. ବିଶ. ସ୍ତ୍ରୀ—ହର୍ଷଣର ସ୍ତ୍ରୀ ଲିଙ୍ଗ—Feminine form
Harshaṇi of Harshaṇa. ବି,—ଭାଙ୍ଗ; ବିଜୟା—
A concoction prepared from the leaves of Gañjā.

ହର୍ଷ ଦେବ—ଦେ. ବି (ନାମ)—କାଶ୍ମୀରର ଜଣେ ରାଜା—Name
Harsha deba of a king of Kashmir. [ଦ୍ର—ଏ ପ୍ରସିଦ୍ଧ ସଙ୍ଗୀତ ରତ୍ନାବଳୀ ଗ୍ରନ୍ଥର ରଚୟିତା; ଖ୍ରୀ: ୧୧୧୩ରୁ ୧୧୨୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।]

ହର୍ଷ ପ୍ରକାଶ—ସଂ. ବି (୬ଷ୍ଠୀ ତତ୍)—ଆନନ୍ଦ ପ୍ରକାଶ—
Harsha prakāśa Giving vent to delight; expression of joy.

ହର୍ଷପ୍ରଫୁଲ୍ଲ—ସଂ. ବିଶ. ପୁଂ—ହର୍ଷୋତ୍‌ଫୁଲ୍ଲ (ଦେଖ)—
Harsha praphulla Horshotphulla (See).
[ହର୍ଷପ୍ରଫୁଲ୍ଲା—ସ୍ତ୍ରୀ] (ବି—ହର୍ଷପ୍ରଫୁଲ୍ଲତା)

ହର୍ଷବର୍ଦ୍ଧକ—ସଂ ବିଶ. ପୁଂ—ଯାହା ଆନନ୍ଦ ବଢ଼ାଏ—
Harshabarddhaka Increasing delight.
[ହର୍ଷବର୍ଦ୍ଧିକା—ସ୍ତ୍ରୀ]

ହର୍ଷ ବର୍ଦ୍ଧନ—ସଂ. ବି (୬ଷ୍ଠୀ ତତ୍)—୧ । ଅହ୍ଲାଦର ବୃଦ୍ଧି ପାଇବା—
Harsha barddhana 1. Increase of delight
୨ । (ନାମ) ଶିଳାଦିତ୍ୟ ରାଜା—
2. Name of a king. [ଦ୍ର—ବାଣଭଟ୍ଟ ଏହାଙ୍କର ସଭାପଣ୍ଡିତ ଓ ସଭାକବି ଥିଲେ ।] ବିଶ—ଯାହା ହର୍ଷ ବୃଦ୍ଧି କରାଏ—Increasing delight.
[ଦ୍ର—କେତେକ ଦିନ ପୂର୍ବେ ନବଭାରତ ପତ୍ରିକାରେ ପ୍ରକାଶିତ "ଉତ୍କଳରେ ହର୍ଷାବ୍ଦର ବ୍ୟବହାର" ନାମକ ପ୍ରବନ୍ଧରେ ନାନା ଯୁକ୍ତି ଦ୍ୱାରା ମୁଁ ପ୍ରମାଣ କରିଥିଲି ଯେ, ହର୍ଷାବ୍ଦର ଅସ୍ତିତ୍ୱ ସନ୍ଦେହ ଜନକ ବିଷୟ ଓ ଉତ୍କଳରେ ହର୍ଷାବ୍ଦ ଆଦୌ ପ୍ରଚଳିତ ହୋଇ ନ ଥିଲା । କିନ୍ତୁ ଉତ୍କଳର କେତେକ ବିଶିଷ୍ଟ ଐତିହାସିକ ମୋର ମତ ଗ୍ରାହ୍ୟ ନୁହେଁ ବୋଲି ମତ ପୋଷଣ କରନ୍ତି । ତେଣୁ, ମୋର ମତକୁ ଦୃଢ଼ କରିବାପାଇଁ ମୁଁ ପୂର୍ବୋକ୍ତ ପ୍ରମାଣମାନଙ୍କ ବ୍ୟତୀତ ନିମ୍ନରେ ଆଉ କେତୋଟି ପ୍ରମାଣ ଦେଲି ।

ଭାରତର ପୂର୍ଣ୍ଣାଙ୍ଗ ଓ ସତ୍ୟମୂଳକ ଇତିହାସ ଆଜି ପର୍ଯ୍ୟନ୍ତ ମିଳି ନାହିଁ । ତେଣୁ, ଯେଉଁ ପ୍ରାଚୀନ ନରପତିମାନଙ୍କ ସମ୍ବନ୍ଧରେ ବିଶେଷ ସମ୍ବାଦ ମିଳିଅଛି, ସେମାନେ ଭାରତର ଅତୀତ ଇତିହାସର ଗଭୀର ଅନ୍ଧକାର ମଧ୍ୟରେ କ୍ଷୀଣ ଆଲୋକ ରେଖା ସ୍ୱରୂପ ବିଦ୍ୟମାନ । ଇତିହାସ ପାଠ କରି ହମସ୍ତଙ୍କର ଧାରଣା ଜନ୍ମିଛି ଯେ, ହର୍ଷବର୍ଦ୍ଧନ ଭାରତର ଶେଷ ସ୍ୱାଧୀନ ଓ ବିକ୍ରମଶାଳୀ ହିନ୍ଦୁ ନରପତି, ଶେଷ ହିନ୍ଦୁସାମ୍ରାଜ୍ୟର ପ୍ରତିଷ୍ଠାତା । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ହର୍ଷବର୍ଦ୍ଧନଙ୍କ ପରେ ମଧ୍ୟ ପାଳବଂଶୀୟ ଧର୍ମପାଳ, ଗୁର୍ଜର ପ୍ରତିହାର ବଂଶୀୟ ଭୋଜ ଓ ମହେନ୍ଦ୍ରପାଳ, କାଳଚୁରୀରାଜ ଗାଙ୍ଗେୟଦେବ ଓ କର୍ଣ୍ଣଦେବ ଓ ଚୌହାନବଂଶୀୟ ପୃଥ୍ୱୀରାଜ ଆର୍ଯ୍ୟାବର୍ତ୍ତ ବା ଉତ୍ତରଭାରତରେ ବିଶାଳ ହିନ୍ଦୁ ସାମ୍ରାଜ୍ୟମାନ ପ୍ରତିଷ୍ଠା କରିଥିଲେ । ଏତଦ୍‌ବ୍ୟତୀତ୍ ଦାକ୍ଷିଣାତ୍ୟର ଚାଲୁକ୍ୟ, ଗଙ୍ଗ, ଓ ଚୋଳମାନଙ୍କ ବିଶାଳ ସାମ୍ରାଜ୍ୟର ଗୌରବମୟ ଇତିହାସ ଅଦ୍ୟାପି ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି । ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ତାଙ୍କର ସାମ୍ରାଜ୍ୟ ଲୁପ୍ତ ହୋଇଥିଲା; କିନ୍ତୁ ପୂର୍ବୋକ୍ତ ପ୍ରତ୍ୟେକ ରାଜବଂଶର ସାମ୍ରାଜ୍ୟ ପ୍ରାୟ ଏକ ଶତାବ୍ଦୀ ବା ଦୁଇ ଶତାବ୍ଦୀ ପର୍ଯ୍ୟନ୍ତ ବିଦ୍ୟମାନ ଥିଲା । ତେଣୁ, ହର୍ଷଙ୍କୁ ଶେଷ ହିନ୍ଦୁ ସାମ୍ରାଜ୍ୟର ପ୍ରତିଷ୍ଠାତା ବୋଲି କହିବା ଆଦୌ ସଙ୍ଗତ ନୁହେଁ ।

ଦ୍ୱିତୀୟତଃ ହର୍ଷବର୍ଦ୍ଧନଙ୍କୁ ସମଗ୍ର ଉତ୍ତରାପଥ, ଆର୍ଯ୍ୟାବର୍ତ୍ତ ବା ଉତ୍ତର ଭାରତର ଏକଚ୍ଛତ୍ରାଧିପତି ବୋଲି କହିବା,

ସଂପୂର୍ଣ୍ଣ ଭ୍ରାନ୍ତ ! ସେ ପୁଲକେଶୀ ସୋମବଂଶୀୟ ଯଯାତି, ପାଲବଂଶୀ ଧର୍ମପାଳ, ଭୋଜ ପ୍ରଭୃତିଙ୍କଠାରୁ ଅଧିକ କ୍ଷମତାଶାଳୀ ଥିବାର କୌଣସି ପ୍ରମାଣ ନାହିଁ । ହର୍ଷଙ୍କର ପ୍ରଶସ୍ତିକାର ହର୍ଷଙ୍କ ଶାସିତ ସାମ୍ରାଜ୍ୟ ବା ବିଜିତ ରାଜ୍ୟମାନଙ୍କର କୌଣସି ବର୍ଣ୍ଣନା ଦେଇ ନାହାନ୍ତି । ସେ ଭାରତୀୟ ପ୍ରାଚୀନ ପ୍ରଶସ୍ତିକାରଙ୍କର ପଦାଙ୍କ ଅନୁସରଣ କରି ଗତାନୁଗତିକ ଭାବରେ ତାଙ୍କୁ ଅସମୁଦ୍ର କ୍ଷିତୀଶ ବୋଲି ବର୍ଣ୍ଣନା କରିଅଛନ୍ତି-ଯଥା—ଦେବସ୍ୟ ଚତୁଃସମୁଦ୍ରାଧିପତେଃ, ସକଳ-ରାଜଚକ୍ର-ଚୂଡ଼ାମଣି ଶ୍ରେଣୀ ଶାଣକୋଣ-କଷଣ ନିର୍ମଳୀକୃତ-ଚରଣନଖମଣେଃ, ସର୍ବଚକ୍ରବର୍ତ୍ତିନାଂ ଧୌରେୟସ୍ୟ × × ।

ଭାରତରେ ଯେ କୌଣସି ଶିଳାଲେଖ ବା ତାମ୍ରଶାସନ ପାଠ କଲେ ଏପରି ଅସଂଖ୍ୟ କଠୋର-ଶବ୍ଦ-ରଚନାପୂର୍ଣ୍ଣ କଳ୍ପନାରଞ୍ଜିତ ପ୍ରଶସ୍ତିମାନ ଦେଖାଯାଏ । ତେଣୁ ବାଣଭଟ୍ଟଙ୍କ ହର୍ଷଚରିତ ଉପରେ ନିର୍ଭର କରି ସତ୍ୟମୂଳକ ଇତିହାସ ଲେଖିବା ସମ୍ଭବପର ନୁହେଁ । ହର୍ଷଙ୍କ ସମସାମୟିକ ଓ ପରବର୍ତ୍ତୀ କାଳର ଲେଖାମାନ ପାଠକଲେ ମଧ୍ୟ ଜଣାଯାଏ ଯେ, ହର୍ଷଙ୍କ ରାଜ୍ୟ ଗାଙ୍ଗେୟ ଉପତ୍ୟକା ମଧ୍ୟରେ ଆବଦ୍ଧ ଥିଲା । ଦାକ୍ଷିଣାପଥପତି ଦ୍ୱିତୀୟ ପୁଲକେଶୀଙ୍କର କ୍ଷମତା ନର୍ମଦା ବା ରେବା ନଦୀ ପର୍ଯ୍ୟନ୍ତ ବ୍ୟାପି ଥିଲା ଓ ନର୍ମଦାର ଦକ୍ଷିଣ ଦିଗରେ ହର୍ଷଙ୍କର ଦିଗ୍‌ବିଜୟର ସୀମା ଥିଲା ଓ ଦ୍ୱିତୀୟ ପୁଲକେଶୀ ହର୍ଷଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଯଥା—

ଅପରିମିତ ବିଭୂତି ସ୍ଫୀତ ସାମନ୍ତସେନା
ମୁକୁଟ ମଣିମୟୂଖାକ୍ରାନ୍ତ ପାଦାରବିନ୍ଦଃ
ଯୁଧିପତିତଗଜେନ୍ଦ୍ରାନୀକବୀଭତ୍ସଭୂତୋ
ଭୟ ବିଗଳିତ ହର୍ଷୋ ଯେନ ଚାକାରି ହର୍ଷଃ ।

(୨୩ଶ ଶ୍ଳୋକ)

ଭୁବମୁରୁଭିରନୀକୈଃ ଶାସତୋ ଯସ୍ୟରେବା
ବିବିଧ ପୁଳିନଶୋଭା ବନ୍ଧ୍ୟ ବିନ୍ଧ୍ୟୋପକଣ୍ଠ ।

(୨୪ଶ ଶ୍ଳୋକ)

(ଦ୍ୱିତୀୟ ପୁଲକେଶୀଙ୍କ ଆଇହୋଲ ପ୍ରଶସ୍ତି)

ନର୍ମଦା ନଦୀର ଉତ୍ତର ତୀରବର୍ତ୍ତୀ ଲାଟ, ମାଳବ ଓ ଗୁର୍ଜ୍ଜର ରାଜ୍ୟ ମଧ୍ୟ ପୁଲକେଶୀଙ୍କର ଅଧୀନତା ସ୍ୱୀକାର କରିଥିଲେ । ଯଥା :—

ପ୍ରତାପୋପନତାଯସ୍ୟ ଲାଟ ମାଳବ ଗୁର୍ଜ୍ଜରାଃ
ଦଣ୍ଡୋପନତ ସାମନ୍ତ ଚର୍ଯ୍ୟାବର୍ଯ୍ୟାଇବା ଭବନ୍

(୨୨ ଶ ଶ୍ଳୋକ)

ପଶ୍ଚିମରେ ବଲ୍ଲଭୀରାଜ୍ୟ ହର୍ଷଙ୍କ ସାମ୍ରାଜ୍ୟଭୁକ୍ତ ଥିବା ଐତିହାସିକମାନଙ୍କର ମତ । କିନ୍ତୁ ବଲ୍ଲଭୀ ରାଜ ପ୍ରଥମେ ହର୍ଷଙ୍କଦ୍ୱାରା ପରାସ୍ତ ହୋଇ କିଛିକାଳ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । କିନ୍ତୁ ଅଳ୍ପ କେତେକ ବର୍ଷ ପରେ ଦଦ୍ଦଙ୍କ ସାହାଯ୍ୟରେ ହର୍ଷଙ୍କୁ ପରାସ୍ତ କରିଥିଲେ ବୋଲି ଏ ବିଷୟ ନୌସରି (ଭୃଗୁକଚ୍ଛ)ରୁ ପ୍ରାପ୍ତ ଗୋଟିଏ ତାମ୍ରଶାସନରୁ ଜଣାଯାଏ । ଯଥାଃ — ପରମେଶ୍ୱର ଶ୍ରୀ ହର୍ଷଦେବାଭିଭୂତ ବଲ୍ଲଭୀପତି ପରିତ୍ରାଣୋପାର୍ଜ୍ଜିତାନାଶୋଭିତାନଂ ଶ୍ରୀଦଦ୍ଦଃ ।

ସିନ୍ଧୁ, ରାଜପୁତାନା, କପିଶା, ଗାନ୍ଧାର, ପଞ୍ଜାବ ପ୍ରଭୃତି ସ୍ୱାଧୀନ ଥିବା ବିଷୟ ହର୍ଷଙ୍କର ଅନ୍ୟ ଏକ ସ୍ତାବକ ହୁଏନ୍‌ସାଙ୍ଗଙ୍କ ବର୍ଣ୍ଣନା ପାଠକଲେ ସ୍ପଷ୍ଟ ଜଣାପଡ଼େ । ତେଣୁ, ପଶ୍ଚିମରେ ଶତଦ୍ରୁ ନଦୀ ପର୍ଯ୍ୟନ୍ତ ତାଙ୍କର କ୍ଷମତା ବିସ୍ତୃତ ହୋଇଥିବା ସୁନିଶ୍ଚିତ ।

ଉତ୍କଳ ଓ କୋଙ୍ଗଦରାଜ୍ୟ ହର୍ଷଙ୍କ ଦ୍ୱାରା ବିଜିତ ହୋଇଥିଲେ ମଧ୍ୟ ହର୍ଷଙ୍କ ଅଧୀନତା ଆଦୌ ସ୍ୱୀକାର କରି ନ ଥିଲେ । ତେଣୁ ହର୍ଷବର୍ଦ୍ଧନ ଦୀର୍ଘ ୩୦ ବର୍ଷ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ସୁଦ୍ଧା ବୃଦ୍ଧବୟସ୍ର, ବିଦ୍ରୋହୀ କୋଙ୍ଗଦ ଉତ୍କଳକୁ ଜୟ କରିବାପାଇଁ ପୁନର୍ବାର ରାଜତ୍ୱର ଶେଷ ଭାଗରେ ଯୁଦ୍ଧଯାତ୍ରା କରିଥିଲେ । କିନ୍ତୁ ଏହାର ଫଳ ମଧ୍ୟ ଅନିଶ୍ଚିତ । ବଙ୍ଗ ଦେଶର ରାଜା ଶଶାଙ୍କ ତାଙ୍କର ପ୍ରଧାନ ଶତ୍ରୁ ଥିଲେ । କିନ୍ତୁ ଶଶାଙ୍କଙ୍କ ମୃତ୍ୟୁ ପରେ ତାଙ୍କର ରାଜ୍ୟ କାମରୂପରାଜ ଭାସ୍କର ବର୍ମନଙ୍କଦ୍ୱାରା ଅଧିକୃତ ହୋଇଥିବା, କର୍ଣ୍ଣସୁବର୍ଣ୍ଣରୁ ପ୍ରାପ୍ତ ତାଙ୍କର ନିଧାନପୁର ତାମ୍ରଶାସନରୁ ସ୍ପଷ୍ଟ ଜଣାଯାଏ । ତେଣୁ ବଙ୍ଗଦେଶ ମଧ୍ୟ ହର୍ଷଙ୍କ ସାମ୍ରାଜ୍ୟଭୁକ୍ତ ହୋଇ ନ ଥିଲା । କାମରୂପର ରାଜା ଆସାମ ଓ ଗୌଡ଼ ବା ବଙ୍ଗ ଦେଶର ଶାସକ ଥିଲେ । ହର୍ଷବର୍ଦ୍ଧନ ନେପାଳ ଜୟ କରି ସେଠାରେ ତାଙ୍କର ପ୍ରଚଳିତ ଅବ୍ଦ ଚଳାଇଥିବା କନିଂହାମ, ଫ୍ଲିଟ, ଯାକୋବି ପ୍ରଭୃତି ଐତିହାସିକଙ୍କର ମତ । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ହର୍ଷଙ୍କ ପ୍ରଶସ୍ତିକାର ବାଣଭଟ୍ଟ ହୁଏନ୍‌ସାଙ୍ଗ୍ ହର୍ଷ ନେପାଳ ଜୟ କରିଥିବାର କେଉଁଠାରେ ଲେଖି ନାହାନ୍ତି । ବାଣଭଟ୍ଟ ଗୋଟିଏ ସ୍ଥାନରେ ହର୍ଷଙ୍କ ହିମାଚ୍ଛାଦିତ ଗୋଟିଏ ପର୍ବତ-ବିଜୟ ବର୍ଣ୍ଣନା କରିଅଛନ୍ତି । ଏହାର ମଧ୍ୟ ଦୁଇ ଅର୍ଥ ଅଛି ଯଥା —

"We have taken tribute from an inaccessible land of snowy mountains".

ଅନ୍ୟାପଟେ—

"Siva has obtained the h nd of Durga the daughter of the Himalavas"— "English translation of Harsacharita."

ଏହା ପାଠ କରି କେଉଁ ଯୁକ୍ତି ବଳରେ ବୁଝାଯାଇ ପାରେ ଯେ ହର୍ଷ ନେପାଳ ଜୟ କରିଥିଲେ । ଏଥିରେ ନେପାଳର ସୂଚନା ପର୍ଯ୍ୟନ୍ତ ନାହିଁ । ପୁନଶ୍ଚ ସେମାନେ କହନ୍ତି ନେପାଳର କିମ୍ବଦନ୍ତୀ ଓ ବଂଶାବଳୀରୁ ଜଣାଯାଏ ଯେ ଜଣେ ଭାରତୀୟ ରାଜା ନେପାଳ ଜୟ କରିଥିଲେ; ଏହାକୁ ହର୍ଷ ବୋଲି କହିବାର କୌଣସି କାରଣ ନାହିଁ । କାରଣ ସମୁଦ୍ରଗୁପ୍ତଙ୍କ ପ୍ରୟାଗପ୍ରଶସ୍ତିରୁ ସ୍ପଷ୍ଟ ଜଣାଯାଏ, ସେ ସମତଟ, କାମରୂପ ଓ ନେପାଳ ପ୍ରଭୃତି ସୀମାନ୍ତ ରାଜ୍ୟ ଜୟ କରିଥିଲେ । ତେଣୁ, ସମୁଦ୍ରଗୁପ୍ତଙ୍କୁ କିମ୍ବଦନ୍ତୀର ବା ବଂଶାବଳୀର ଭାରତୀୟ ରାଜାଙ୍କ ସହିତ ତୁଳନା କରିବା ସର୍ବାପେକ୍ଷା ଯୁକ୍ତି-

ଯୁକ୍ତ ଓ ଶ୍ରାବସ୍ତୀ । ତାହାହେଲେ ନେପାଳ ହର୍ଷଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ନ ଥିଲା ।

ଏହି ସମସ୍ତ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ, ହର୍ଷବର୍ଦ୍ଧନ ସମଗ୍ର ଆର୍ଯ୍ୟାବର୍ତ୍ତର ଅଧିପତି ନ ଥିଲେ । ତାଙ୍କର ରାଜ୍ୟ ଅଧୁନାତନ ଯୁକ୍ତପ୍ରଦେଶ, ବିହାରର ପଶ୍ଚିମାଂଶ ଓ ଶରତ୍, ନଦୀର ପୂର୍ବବର୍ତ୍ତୀ ଅଂଶ ନେଇ ଗଠିତ ହୋଇଥିଲା । ଏହାର ଉତ୍ତରରେ ହିମାଳୟର ତରାଇ ଅଞ୍ଚଳ ବିଦ୍ୟମାନ ଥିଲା ।

ହର୍ଷଚରିତରୁ ଜଣାଯାଏ ଯେ, ତାଙ୍କର ପିତା ଥାନେଶ୍ୱର ରାଜ୍ୟର ରାଜା ଥିଲେ । ହୁଏନ୍‌ସାନ୍‌ଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ, ମଗଧ, କନୌଜ ଓ ପ୍ରୟାଗ ଅଞ୍ଚଳ ତାଙ୍କର ସାମ୍ରାଜ୍ୟଭୁକ୍ତ ଥିଲା । ତାଙ୍କର ବଂଶଖେରା ଓ ମଧୁବନ ତାମ୍ରଶାସନଦ୍ୱୟରୁ ଜଣାଯାଏ ଯେ, ସେ ଯଥାକ୍ରମେ ଅହିଚ୍ଛତ୍ର ଓ ଶ୍ରାବସ୍ତିଭୁକ୍ତିରେ ଗ୍ରାମ ପ୍ରଦାନ କରିଥିଲେ । ସମସ୍ତ ଦିଗରୁ ବିଚାର କଲେ ଏହା ନିଃସନ୍ଦେହରେ ସ୍ଥିର କରି ଯାଇପାରେ ଯେ, ଗାଙ୍ଗେୟ ଉପତ୍ୟକାର ଉତ୍ତରାଂଶହିଁ ହର୍ଷଙ୍କ ସାମ୍ରାଜ୍ୟଭୁକ୍ତ ଥିଲା ଓ ସେ ସମଗ୍ର ଆର୍ଯ୍ୟାବର୍ତ୍ତର ଅଧିପତି ନ ଥିଲେ ।

ବର୍ତ୍ତମାନ ତଥାକଥିତ 'ହର୍ଷାବ୍ଦ'ର ବିଷୟ ବିଚାର କରାଯାଉ । କିଲ୍‌ହର୍ଣ୍ଣ ଓ ଫ୍ଲିଟ୍‌ପ୍ରମୁଖ ପଣ୍ଡିତମାନେ 'ହର୍ଷାବ୍ଦ' ବୋଲି ଗୋଟିଏ ଅବ୍ଦ ଭାରତରେ ଚଳୁଥିବାର ମତ ପୋଷଣ କରନ୍ତି । କିଲ୍‌ହର୍ଣ୍ଣ ଭାରତର ନାନାସ୍ଥଳରୁ ଆବିଷ୍କୃତ ସହସ୍ର ସହସ୍ର ଲେଖମାନଙ୍କ ମଧ୍ୟରୁ କେବଳ ୨୦ଟିରେ ହର୍ଷାବ୍ଦ ବ୍ୟବହୃତ ହୋଇଥିବା ଅନୁମାନ କରନ୍ତି; ଲେଖମାନଙ୍କ ନାମ—

(୧) ହର୍ଷଙ୍କର ଦୁଇଟି ଲେଖ, (୨) ନେପାଳରୁ ପ୍ରାପ୍ତ ୧୧ଟି ଲେଖ, (୩) ମଗଧରାଜ ଆଦିତ୍ୟସେନଙ୍କର ଗୋଟିଏ ଲେଖ, (୪) ଦୁଇଟି ପ୍ରତିହାର ଲେଖ, (୫) ପଞ୍ଜାବର କୌଣସି ଏକ ଅଜ୍ଞାତ ସ୍ଥାନରୁ, ମଧ୍ୟପ୍ରଦେଶରୁ, ଖଜୁରାହୋରୁ, କର୍ଣ୍ଣାଲ ଜିଲ୍ଲାର ପେହୋ ନାମକ ସ୍ଥାନରୁ ଓ ଥାନେଶ୍ୱର ନିକଟବର୍ତ୍ତୀ ପାଞ୍ଜୌର ନାମକ ସ୍ଥାନରୁ ପ୍ରାପ୍ତ ୪ଟି ଲେଖ ।

ନେପାଳରୁ ପ୍ରାପ୍ତ ୧୧ଟି ଲେଖରେ ବ୍ୟବହୃତ ଅବ୍ଦ ବିଷୟରେ ନିଜେ କିଲ୍‌ହର୍ଣ୍ଣ ସାହେବ ସନ୍ଦେହ ପ୍ରକାଶ କରିଅଛନ୍ତି । କାରଣ ହର୍ଷଙ୍କ ନେପାଳ ବିଜୟ ବିଷୟରେ ଆଦୌ ସନ୍ତୋଷଜନକ ପ୍ରମାଣ ନାହିଁ । ଲେଭି ସାହେବ ଏହା କୌଣସି ଲୌକିକାବ୍ଦ ହୋଇପାରେ ବୋଲି ମତ ଦେଇଛନ୍ତି ।

ପ୍ରତିହାର ଲେଖଦ୍ୱୟରେ ବ୍ୟବହୃତ ଅଙ୍କକୁ ୧୫୫ ଓ ୧୫୮ ବୋଲି ପାଠକରି କିଲ୍‌ହର୍ଣ୍ଣ ଏହା ହର୍ଷାବ୍ଦ ବୋଲି ସ୍ଥିର କରିଥିଲେ । କିନ୍ତୁ ଭଣ୍ଡାରକର ଏହା ୯୫୫ ଓ ୯୫୮ ବିକ୍ରମସମ୍ୱତ୍ ବୋଲି ନିଃସନ୍ଦେହ ଭାବରେ ପ୍ରମାଣ କରିଛନ୍ତି । ତେଣୁ ଏହା ମଧ୍ୟ ହର୍ଷାବ୍ଦ ନୁହେଁ; ହର୍ଷଙ୍କ ୨ଟି ଲେଖରେ ବ୍ୟବହୃତ ଅବ୍ଦ ହର୍ଷାବ୍ଦ ହୋଇପାରେ 'ବା ଅନ୍ୟାନ୍ୟ ରାଜାମାନଙ୍କ ରାଜତ୍ୱସମ୍ୱତ୍ 'ଶ୍ରୀ ପ୍ରବର୍ଦ୍ଧମାନ ବିଜୟରାଜ୍ୟ ସମ୍ୱତ୍ସର' ହୋଇପାରେ । ଅବଶିଷ୍ଟ ୫ଟି ଲେଖରେ ହର୍ଷାବ୍ଦର ନାମ ପର୍ଯ୍ୟନ୍ତ ନାହିଁ । ଏହା ଗୁପ୍ତାବ୍ଦ ବା ଅନ୍ୟ କୌଣସି ଅବ୍ଦ ହୋଇପାରେ ବା ପ୍ରତିହାର ଲେଖମାନଙ୍କ ପରି କିଲ୍‌ହର୍ଣ୍ଣଙ୍କ ପାଠ ମଧ୍ୟ ଅଶୁଦ୍ଧ ହୋଇପାରେ । ହର୍ଷାବ୍ଦର ଅସ୍ତିତ୍ୱ ମଧ୍ୟ ସନ୍ଦେହର ବିଷୟ । ତେଣୁ, ପୂଜ୍ୟପାଦ ପଣ୍ଡିତ ବିନାୟକ ମିଶ୍ର ପ୍ରବଳ ପ୍ରତାପ ଭୌମନୃପତିମାନେ, ଅପ୍ରମାଣିତ, ଭାରତର ଅନ୍ୟତ୍ରାପି ଅବ୍ୟବହୃତ, ହର୍ଷାବ୍ଦ ବ୍ୟବହାର କରୁଥିଲେ ବୋଲି ସ୍ଥିରକରି ଉତ୍କଳ ଇତିହାସକୁ ବିଶୃଙ୍ଖଳିତ କରିଛନ୍ତି । ମୋର ଦୃଢ଼ ବିଶ୍ୱାସ, ଭୌମ ନୃପତି ଓ ସେମାନଙ୍କର ସମସାମୟିକ ଭଞ୍ଜ, ଶୈଳୋଦ୍ଭବ, ତୁଙ୍ଗ ବଂଶୀୟ ନୃପତିମାନଙ୍କ ଦ୍ୱାରା ବ୍ୟବହୃତ ଅବ୍ଦ ଗୁପ୍ତାବ୍ଦ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ ।

[ସନ୍ଦର୍ଭ ଲେଖକ—
ଶ୍ରୀ କେଦାରନାଥ ମହାପାତ୍ର ବି.ଏ., ଡିପ୍. ଇଡ୍.]

ହର୍ଷ ବିକସିତ—ସଂ. ବିଣ.ପୁଂ [୩ୟା ତତ୍; ହର୍ଷ ହେତୁ ବିକସିତ]—ହର୍ଷୋତ୍ଫୁଲ୍ଲ (ଦେଖ)—
Harsha bikasita — Harshotphulla (See)
(ହର୍ଷବିକଶିତା ସ୍ତ୍ରୀ)

ହର୍ଷ ବିକାଶ—ସଂ. ବି (ମ. ପ. ଲୋ)—୧ । ହର୍ଷଜନିତ ପ୍ରଫୁଲ୍ଲତା—
Harsha bikāsa — 1. Gaiety due to joy.
୨ । [୬ଷ୍ଠୀ ତତ୍]—ଆନନ୍ଦର ବିକାଶ—2. Exhibition of delight.

ହର୍ଷମାଣ—ସଂ. ବିଣ [ହୃଷ୍ ଧାତୁ + କର୍ତ୍ତୃ ଶାନଚ (ଆନ)]—୧ । ହୃଷ୍ଟମାନସ; ହର୍ଷଯୁକ୍ତ—1. Delighted.
Harshamāṇa
(ହର୍ଷମାଣା—ସ୍ତ୍ରୀ) ୨ । ପ୍ରୀତମାନସ—2. Pleased.

ହର୍ଷୟିତ୍ନୁ—ସଂ. ବିଣ [ହୃଷ ଧାତୁ + କର୍ତ୍ତୃ ଇତ୍ନୁ]—୧ । ହର୍ଷଶୀଳ—
Harshayitnu — 1. Of a joyful temperament; merry. ୨ । ଯାହା ଆହ୍ଲାଦ ଦିଏ—2. Delightful.
ବି—୧ । ପୁତ୍ର [ମେଦିନୀ]—1. Son. ୨ । ସ୍ୱର୍ଣ୍ଣ [ମେଦିନୀ]—2. Gold.

ହର୍ଷ ସୂଚକ—ସଂ. ବିଣ [୬ଷ୍ଠୀ ତତ୍]—ଆନନ୍ଦସୂଚକ; ଯାହାଦ୍ୱାରା ହର୍ଷ ସୂଚିତ ହୁଏ—Indicative of delight.
Harsha sūchaka

ହର୍ଷ ସ୍ୱନ (ଧ୍ୱନି, ରାବ)—ସଂ. ବି (ମ. ପ. ଲୋ)-ଆହ୍ଲାଦଜନିତ ଉଚ୍ଚଧ୍ୱନି;
Harsha swana (dhwani, rāba) କଳକଳା ନାଦ—Loud sound made by a person in a paroxysm of joy.

ହର୍ଷା(ର୍ଷେ)ଇବା—ଦେ. କ୍ରି—ହୃଷ୍ଟ କରାଇବା—
Harshā(rshe)ibā — To cause delight.
ହୃଷ୍ଟ କରା हर्षाना

ହର୍ଷାର୍ଣ୍ଣବ—ସଂ. ବି (ରୂପକ କର୍ମଧା)—ସମୁଦ୍ର ପରି ଅସୀମ ଆନନ୍ଦ—
Harshārṇṇaba — Great joy compared to the ocean; a sea of joy.

ହର୍ଷିଣୀ—ସଂ. ବି (ହର୍ଷ + ଇନ୍ + ସ୍ତ୍ରୀ: ଈ)—ବଂଶଦାମଞ୍ଜରୀ; ଗଞ୍ଜାଇ—
Harshiṇī — The spike of the flowers of the

ସଂ ପର୍ଯ୍ୟାୟ—ଭଙ୍ଗା, ମାଦନୀ, ସଂବିଦାମଞ୍ଜରୀ । ear of the Ganja plant (Indian hemp).

ହର୍ଷିତ – ସଂ. ବଣ (ହର୍ଷ + ସଂଜ୍ଞାର୍ଥେ ଇତ)—ଆହ୍ଲାଦିତ— Harshita (ହର୍ଷିତା—ସ୍ତ୍ରୀ) Delighted.

ହର୍ଷୁଳ—ସଂ. ବଣ. ପୁଂ (ହୃଷ୍ ଧାତୁ=ହୃଷ୍ଟ ହେବା + କର୍ତ୍ତୃ ଉଳ)—ହର୍ଷଶୀଳ—Merry; gay; Harshula (ହର୍ଷୁଳା—ସ୍ତ୍ରୀ, ବଣ) delightful. ସଂ. ବି. ପୁ.—୧। ମୃଗ (ସିଦ୍ଧାନ୍ତ କୌମୁଦୀ) —1. Deer. ୨ । କାମୁକ ବ୍ୟକ୍ତି (ସିଦ୍ଧାନ୍ତ କୌମୁଦୀ)—A lustful person. ୩ । ନାୟକ—3. A gallant.

ହର୍ଷୁଳା—ସଂ. ବଣ. ସ୍ତ୍ରୀ (ହର୍ଷୁଳ + ଆ)—ହର୍ଷୁଳର ସ୍ତ୍ରୀଲିଙ୍ଗ— Harshula Feminine of Harshula ସଂ. ବି. ସ୍ତ୍ରୀ—ଯେଉଁ କନ୍ୟାର ବା ସ୍ତ୍ରୀର ଓଠରେ ଦାଢ଼ୀ ଉଠିଥାଏ (ହୃ. ଶ)—A bearded woman or girl. [ଦ୍ର—ଏ କନ୍ୟା ଶାସ୍ତ୍ର ଅନୁସାରେ ବିବାହାଯୋଗ୍ୟ- ହ. ଶ

ହର୍ଷୋଚ୍ଛ୍ୱାସ—ସଂ. ବି (ମ. ପ. ଲୋ,—ହର୍ଷ + ଉଚ୍ଛ୍ୱାସ)—ହର୍ଷଜନିତ Harshochhwāsa ଆନନ୍ଦପ୍ରବାହ—Wave of delight.

ହର୍ଷୋତ୍ଫୁଲ୍ଲ—ସଂ. ବଣ. ପୁଂ (ଅସ୍ୱ। ତତ୍; ହର୍ଷ + ଉତ୍ଫୁଲ୍ଲ)— Harshotphulla ୧। ଅହ୍ଲାଦିତ—1. Delighted. (ହର୍ଷୋତ୍ଫୁଲ୍ଲା—ସ୍ତ୍ରୀ) ୨। ଆନନ୍ଦ ଯୋଗୁଁ ବିକସିତ— (ହର୍ଷୋତ୍ଫୁଲ୍ଲତା—ବି) 2. Swollen with delight.

ହର୍ଷୋଦୟ—ସଂ. ବି (୬ଷ୍ଠୀ ତତ୍; ହର୍ଷ + ଉଦୟ)—ଆନନ୍ଦର Harshodaya ଆବିର୍ଭାବ; ଅହ୍ଲାଦର ସଞ୍ଚାର— Rise of joy.

ହଲ୍—ସଂ. ବି—ସ୍ୱରହୀନ ବ୍ୟଞ୍ଜନବର୍ଣ୍ଣ; ଶୁଦ୍ଧ ବ୍ୟଞ୍ଜନ ବର୍ଣ୍ଣ— Hal A consonant without a vowel sound.

ହଲ୍(ଲ୍) (ଧାତୁ)—ସଂ—୧ । ଭୂମି କର୍ଷଣ କରିବା (ବିଶ୍ୱକୋଷ)— Hal (l)(root) 1. To till the soil. ୨। ବିଲେଖନ କରିବା; ଗାର ପକାଇବା (ବିଶ୍ୱକୋଷ)—2. To scratch.

ହଲ —ବୈଦେ. ବି—(ଇଂ)—୧। ଦାଲାଣ; ବହୁଲୋକଙ୍କ ସମାଗମ ପାଇଁ Hal ଯଥେଷ୍ଟ ପ୍ରଶସ୍ତ ଗୃହ—1. Hall. ୨। (ନାମ) ଇଂଲଣ୍ଡର हल् ୟର୍କସାୟାର୍‌ର ଗୋଟିଏ ପ୍ରଧାନ ବନ୍ଦର—2. Hull, the हौल name of a port town in York shire. ପ୍ରାଦେ (ସମ୍ବଲପୁର)—ବି—ହଳ—Plongh.

ହଲ୍‌କରା—ପ୍ରାଦେ. (ଗଡ଼ଜାତ) ବି—ଡାକବାହକ; ହରକରା— Hal-kara Post man.

ହଲ୍‌କା—ପ୍ରାଦେ. (ଗଡ଼ଜାତ) ବି—ଲହରୀ—Wave; tide. ବଣ— Hal-kā ୧। ଲଘୁ; ଓଜନିଆ ନୁହେଁ; ହାଲୁକା—1. Light; not heavy. ୨। ନ୍ୟୂନ—2. Deficient. ବୈଦେ. ବି (ଆ)(ଅ—ହଲ୍‌କା =ମଣ୍ଡଳ, ବୃତ୍ତ, ପରିଧି)—ରାଜସ୍ୱ ବା ଶାସନବିଭାଗର ହଲକା ଅଧୀନ ଇଲାକା—Circle or jurisdiction for हलका revenue or administrative purpose.

ହଲ୍‌କାମ୍‌ରା(ରା)—ବୈଦେ. ବି—(ଇଂ. କାମେରା)—ଦାଲାଣ; ପ୍ରଶସ୍ତ ଓ Hal-kām-rā(rā) ଲମ୍ବା ଗୃହ—A holl; a lang and wide (ହଲ୍‌ଘର—ଅନ୍ୟରୂପ) room. हलकामरा हौलकमरा

ହଲ୍‌ଚଲ୍ (ଇତ୍ୟାଦି)—ଦେ. ବଣ ଓ ବି—ହଲଚଲ ଇତ୍ୟାଦି(ଦେଖ)— Hal-chal (etc) Halachala etc. (See)

ହଲ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ହଲିବା—To shake (intransitive); to swing to and fro. Hal-bā

ହଲ୍‌ବା(ୱା)ଇ—ପ୍ରାଦେ(ଗଡ଼ଜାତ),ବି—(ଭୁଲ-ହ. ହଲୱାଇ)-ହାଲୁଇ; Hal bā(wā)i ମୁଦିଆ; ଯେ ମିଠାଇ ତିଆରି କରି ବିକେ— (ହଲୁଅଇ—ଅନ୍ୟରୂପ) Confectioner.

ହଲ ଚଲାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଦୋହଲାଇବା; ହଲାଇବା Hal-chalāibā To shake (intransitive).

ହଲ୍‌ବେଠି (ଭେଟି)—ପ୍ରା ଦେ (ସମ୍ବଲପୁର)ବି—ପ୍ରତିବର୍ଷ ମାଫିଦାରଙ୍କ Hal-bethi (bheti) ବା ଗଉନ୍ତିଆମାନଙ୍କ ଜମି ଚାଷ କରିବା ପାଇଁ ପ୍ରଜାର ଗୋଟିଏ ହଳ ମାଗଣା ଯୋଗାଇବା ବେଠି— Ploughing by each rayat of his Mafidar's or Gauntiās land on bethi system.

ହଲ୍‌ମାର୍କ(ର୍କା)—ବୈଦେ. ବି—(ଇଂ)—ରୁପାର ବା ସୁନାର ବିଶୁଦ୍ଧ Hal mārk(rkā) ଥିବାର ନିଦର୍ଶନ ସ୍ୱରୂପ ସୁନା ବା ରୁପା हलमार्का ଖଣ୍ଡ ଉପରେ ମରୁଯାଇଥିବା ସରକାରୀ ଛପା ବା ମୋହର। हलमार्का Hall mark on gold or silver.

ହଲ୍‌ୱା—ପ୍ରାଦେ. (ଗଡ଼ଜାତ) ବି (ଭୁଲ. ହ. ହଲ୍‌ୱା, ଅ. ହଲ୍‌ୱା)— Hal-wā ଘିଅରେ ଗହମ ମଇଦା ଫୁଟାଇ ତହିଁରେ ଗୁଡ଼ ବା ଅଟା (ହଲୁଅ—ଅନ୍ୟରୂପ) ଗୁଡ଼ ତାହା ଠିକ ଏ ଲାଲ ହେଲେ ତହିଁରେ ପାଣି ଢାଳ ପରେ ମିଠା ସଂଯୋଗକରି ତିଆର କରିବା ମିଷ୍ଟାନ୍ନ; ଏକ ପ୍ରକାର ମହନଭୋଗ—Halwa; jelly made by adding water and sugar to coars wheaten flour fried in ghee.

ହଲ୍‌ଲିବା—ପ୍ରାଦେ (ପାଟଣା) କ୍ରି—ଗୋଳମାଳ କରିବା; ଗୋଳିଆ Hal-libā କରିବା—To make noise; to cause confusion.

ହଲ୍‌ହଲ୍—ପ୍ରାଦେ [ସମ୍ବଲପୁର] ବଣ—ଗରମ— Hal-hal Hot.

ହଲ୍‌ହଲିବା—ପ୍ରାଦେ (ଗଡ଼ଜାତ) କ୍ରି—ହଲିବା (ଅକର୍ମକ)— Hal-halibā To shake. (intransitive).

ହଳ—ସ. ବି (ହଲ୍ ଧାତୁ=କର୍ଷଣ କରିବା + କରଣ ଅ)—୧ । ଭୂମି Hala କର୍ଷଣ ଯନ୍ତ୍ର; ଲଙ୍ଗଳ—1. A plough. [ଦ୍ର—ହଳର ଉକ୍ତ ଉକ୍ତ ଅଙ୍ଗ ପାଇଁ ଲଙ୍ଗଳ ତଳେ ଟୀକା ଦେଖ—

ଯୁଗ ସହିତ ଲଙ୍ଗଳ, ଯୁଆଳି ଓ ବଳଦ ଆଦି ସମ୍ବଳିତ କୃଷିଯନ୍ତ୍ରକୁ ହଳ ବୋଲାଯାଏ । ହଳଦ୍ୱାରା ଭୂମି କର୍ଷଣ

କରିବା ପାଇଁ ଥରକେ ଦୁଇଟି ବଳଦ ଦରକାର; କିନ୍ତୁ ଯେଉଁ ଗୃହୀର ଗୋଟିଏ ହଳ ଅଛି, ସର୍ବଦା ନିର୍ଦ୍ଦିଷ୍ଟ ଦୁଇଟି ବଳଦ ଦ୍ୱାରା ହଳ ବୁଲାଇଲେ ସେ ବଳଦକୁ ବାଧିଯାଏ। ଏଥିପାଇଁ ଧର୍ମଶାସ୍ତ୍ରମାନଙ୍କରେ ଉପଦେଶ ଅଛି ଯେ, ଯେଉଁ ବ୍ୟକ୍ତିର ଗୋଟିଏ ହଳ ଅଛି, ସେ ହଳେ ବଳଦ ଅପେକ୍ଷା ଅଧିକ ବଳଦ ପାଳିବ ଓ ସମୟାନୁକ୍ରମେ ଭିନ୍ନ ଭିନ୍ନ ଯୁଗ୍ମ ଦ୍ୱାରା ହଳ ବୁଲାଇବ। ଧାର୍ମିକ ବ୍ୟକ୍ତି ଗୋଟିଏ ହଳ ପାଇଁ ଆଠ ହଳ (୮ଟି) ବଳଦ ପାଳିବେ। ଜୀବିକାର୍ଥୀ ବ୍ୟକ୍ତି ଛଅ ହଳ (୬ଟି) ବଳଦ ପାଳିବେ। ନୃଶଂସ ବ୍ୟକ୍ତି ଦୁଇ ହଳ (୪ଟି) ବଳଦ ପାଳିବ ଓ ବ୍ରହ୍ମଘାତୀ ହଳେ (୨ଟି) ବଳଦ ପାଳିବ। ଆଜିକାଲି ଦୁଇଟି ବଳଦ ଦ୍ୱାରା ଲୋକେ ହଳ ବୁଲାନ୍ତି; କିନ୍ତୁ ହାରୀତ ଧର୍ମଶାସ୍ତ୍ର ଅନୁସାରେ ୮ଟି ବୃଷ ଲଗାଇ ହଳ କରିବ; ଯେଉଁମାନେ ଜୀବିକାର୍ଜ୍ଜନ ପାଇଁ ହଳ କରନ୍ତି ସେମାନେ ୬ଟି ବୃଷ ଦ୍ୱାରା ହଳ କରିବେ। ୪ଟି ବୃଷ ଦ୍ୱାରା ହଳ କରିବା ବ୍ୟକ୍ତି ନୃଶଂସ ଓ ୨ଟି ବୃଷ ଦ୍ୱାରା ହଳ କରିବା ବ୍ୟକ୍ତି ବ୍ରହ୍ମହା; ଗାଈ ଲଗାଇ ହଳ କରିବା ନିଷିଦ୍ଧ। ଅଠଗୋଟି ବୃଷ ଦ୍ୱାରା ଚାଳିତ ହଳକୁ ଧର୍ମହଳ ବୋଲାଯାଏ। [ଅଙ୍ଗିର ଚତୁର୍ଥକ ହାରୀତ।] ହଳରେ ଲଗିବା ବୃଷ ଦ୍ୱାରା କେତେ ଗୁଳନା ନିଷିଦ୍ଧ। ଏହା କଲେ ପ୍ରାଜାପତ୍ୟବ୍ରତ ଅଚରଣ କରିବ ଓ ଗାଈ ଦ୍ୱାରା ହଳ କଲେ ତାହାର ଦ୍ୱିଗୁଣ ପ୍ରାୟଶ୍ଚିତ୍ତ କରିବା ଉଚିତ (ଉଦ୍ଧତତ୍ତ୍ୱ) (ବିଶ୍ୱକୋଷ)] । ୨ । ବଳଦେବଙ୍କ ଦ୍ୱାରା ବାହିତ ଅସ୍ତ୍ର— 2. Plough borne by Baladeba. ୩ । (ବ୍ୟାକରଣ) ହକାରାଦି ସମସ୍ତ ବ୍ୟଞ୍ଜନବର୍ଣ୍ଣ— 3. Consonants.

ଯোড়া ହল ଦେ. ବି—୧ । (କେତେ ହଳ ଅଦ ପାଇଁ) ବଳଦ ଅଦ ପଶୁଙ୍କ ଯୁଗ୍ମ; ଏକ ଯୋଡ଼ା—1. A pair of animals for a plough or cart. ୨ । ଦୁଇସଂଖ୍ୟକ—2. Two in number. ୩ । ପଶୁ ଦମ୍ପତି—3. A couple of beasts. ୪ । ପଶୁ ଦମ୍ପତିଙ୍କ ଯୌନ ମିଳନ—4. Crossing or sexual intercourse of a couple of beasts. ୫ । ହଳାହଳ; ବିଷ—5. Poison. (ଦ୍ର— କେବଳ ଶତ ହଳ ଅନଳ,ସନ୍ଧ୍ୟାପରୁ ଏ ଗଗନମଣ୍ଡଳ, ମଣ୍ଡନମାନଙ୍କ ରେ ଏ ଘେନ, ନୁହନ୍ତି ହିତ ଯେ—ଯାନକୃଷ୍ଣ ରସକଲ୍ଲୋଳ) । ଦେ. ବିଣ— ୧ । ଯୁଗ୍ମ—1. A pair of. ୨ । ଦୁଇସଂଖ୍ୟକ— 2. Numbering two. (ଯଥା—ହଳେ ବଳଦ, ଦୁଇ ହଳ ମଇଁଷି ।) ପ୍ରାଦେ (ବାମଣ୍ଡା) ବି—ବଳଦ— Bullock; ox.

ହ଼ଲ—ପ୍ରାଦେ (ଗଡ଼ଜାତ) ବି—ହଳ; ଯୋଡ଼ି; ଏକତ୍ର ବନ୍ଧା ହୋଇଥିବା
Hala ଦୁଇଗୋଟି ବଳଦ ବା ଯୋଡ଼ିଏ—A pair of beasts tied together.

ହଳ ଓଡ଼େ—ଦେ. ବି—ଏକ ଓଡ଼ ବା ଏକଥର ଭୂମିରୁ ହଳଦ୍ୱାରା କର୍ଷଣ
Hala orde Tilling or ploughing of a land
এক চাষ एक चाष once only. [ଦ୍ର— ଏଠାରେ ହଳ ଓଡ଼ (ଦୋଅଡ଼); ହଳ ଛଅ ଓଡ଼; ହଳ ଗୁଡ଼ ଓଡ଼ ଅାଦିର ପ୍ରୟୋଗ ହୁଏ ।]

ହଳକ—ଦେ. ବି (ପ୍ରା. ହିଅଅ., ସଂ ହୃଦୟ)—୧ । ସାହସ—
Halak 1. Courage. ୨ । ଧୈର୍ଯ୍ୟ—
হলক हलक 2. Patience. ଦେ'ଦେ.
[ହଳ୍‌କ—ଅନ୍ୟରୂପ] ବି. [ଅ. ହଲ୍‌କ]—ଗଳାର ନଳୀ; କଣ୍ଠ—Throat.

(ଅମୁକର) ହଲ[ଳ]କ ପାଇବା—ଦେ. କି—୧ । [କୌଣସି କାର୍ଯ୍ୟ
Hala(l)ka pāibā କରିବାପାଇଁ] ସାହସ ଯୁଟିବା ।
হলক পাওয়া हलक पाना 1. Having the boldness or courage (to undertake a particular work). (ଯଥା—ଏତେ ଉଚ୍ଚା ଗଛରେ ଚଢ଼ିବାକୁ ମୋର ହଳକ ପାଉ ନାହିଁ ।)

[ଅମୁକର] ହଳକ ଶୁଖିଯିବା—ଦେ. କି. (ଅ.ହଲ୍‌କ =କଣ୍ଠନାଳୀ)—
Halak śukhi jibā ୧ । ସାହସର ଲୁପ୍ତ ହେବ;
হলক শুখে যাওয়া हलक सूख जाना ସାହସର ଲୋପ— 1. Loss of courage for the doing of a thing. ୨ । ଧୈର୍ଯ୍ୟ ଲୁପ୍ତ ହେବା; ଧୈର୍ଯ୍ୟଚ୍ୟୁତ ଘଟିବା—2. Loss of patience.

ହଳକ—ଦେ· ବି—୧ । ହଳେ, ହଳଏ; ହଳକ; ଏକହଳ ବା ଏକ
Halaka ଯୋଡ଼ା ମାତ୍ର—1. One pair
এক যোড়া एक जोड़ा only. ଦେ· ବିଣ— ଦୁଇ ସଂଖ୍ୟକ — Consisting of one pair only; numbering two.

ହଳ କକୁଦ—ଯ ବି (୬ଷ୍ଠୀ ତତ୍; ହଳ+କକୁଦ)—ଲଙ୍ଗଳ ମୁଣ୍ଡା;
Hala kakud ଲଙ୍ଗଳର ଫଳ (ହ. ଶ)—The base or protruding lower part of a plough.

ହଳ କମା(ମେ)ଇ—ଦେ. ବି—୧ । ହଳ ବୁଲାଇବା ଲୋକ ଯେଉଁ
Hala kamā(me)i ଦିନ ହଳ ବୁଲା କାମରେ ଅନୁପସ୍ଥିତ
হালকামাই हलकमाही ହୁଏ—1. The day on which a ploughman does not attend to his daily work of ploughing. ୨ । ଦୈନିକ ହଳ ବୁଲାଇବା କାର୍ଯ୍ୟ କରୁଥିବା ହଳିଆର ଏକ ଦିନ ପାଇଁ ଅନୁପସ୍ଥିତ—2. Absence of the plough-man for a day from his ploughing work. (ଯଥା—ଅମ ହଳିଆର ଗତ ମାସରେ ଛଅଟା ବା ଗୁଡ଼ ଦିନ ହଳକମେଇ ହୋଇଥିଲା ।)]

ହଳ କମା(ମେ)ଇ କରିବା—ଦେ.କି—ଏକ ଦିନ ହଳ ବୁଲାଇବା କାର୍ଯ୍ୟରୁ
Halakamā(me)i karibā ଅନୁପସ୍ଥିତ ହେବା—
হালকামাইকরা हलकमाइकरना To be

absent from ploughing work for a day.

ହଳ କର—ଦେ: ବି (ସଂ ହଳ+କର=ଖଜଣା; ସଂସ୍କୃତ ଶବ୍ଦଦ୍ୱୟର
Hala kara — ଅଧୁନିକ ବ୍ୟବହାର)—ପ୍ରତ୍ୟେକ ଲଙ୍ଗଳ
হালকর — हलकर — ଉପରେ ବସାଯିବା ଟିକସ—
A tax assessed on every plough.

ହଳ କରିବା—ଦେ. କ୍ରି—ହଳ ବୁଲାଇବା; ଲଙ୍ଗଳଦ୍ୱାରା ଚାଷ କରିବା.
Hala karibā — To plough land
হালকরা — हलकरना, जोतना

ହଳ କର୍ମ—ସଂ.ବି (ହଳ+କର୍ମ)—କ୍ଷେତ୍ରରେ କୃଷି କରିବା କାର୍ଯ୍ୟ;
Hala karma — କୃଷିକର୍ମ—Agricultnre; the act of ploughing.

ହଲକା—ବୈଦେ. ବି (ଅ. ହଲ୍‌କା=ଚକ୍ର, ମଣ୍ଡଳ; Circle)—
Halakā — ୧ । ଶାସନ ସୌକର୍ଯ୍ୟାର୍ଥ ନିର୍ଦ୍ଦିଷ୍ଟ ଏକ
এলাকা — हलका — କର୍ମଚାରୀଙ୍କ ଅଧୀନ ଇଲାକା—
1. An administrative circle under a public officer; jurisdiction of an officer. ୨ । ହାତୀପଲ—2. A herd of elephants. ୩ । ସେନାଦଳ—3. A body or company of soldiers. ୪ । ଅଶ୍ୱାଦିଙ୍କର ଗଳବେଷ୍ଟନୀ— 4. Halter (put round the neck of a horse.) ପ୍ରାଦେ (ପାଟଣା) ବି—ମାଛର ପାଣି ଉପରୁ ଶୂନ୍ୟକୁ ଡେଇଁଲାବେଳେ ସୃଷ୍ଟି କରିବା ବୃତ୍ତାକାର ଲହରୀ—The circnlar wave produced by a fish when it springs up from water.

ହଲକାବନ୍ଦି—ବୈଦେ. ବି (ଅ)—ପୃଥକ୍ ପୃଥକ୍ ଗାଁଗୁଡ଼ିକୁ ବା ହଲକା
Halakā bandi — ଗଠନ—Formation of groups
এলাকাবন্দি — हलकाबंदी — or villages into circles.

ହଳ କାମ—ଦେ. ବି (ହଳ+କାମ)—ହଳକର୍ମ; ହଳ ଚାଷ କର୍ମ—
Hala kāma — Agriculture ; ploughing
চাষের কাজ — ह˜ काम — operations.
(ଉ—ହଳ କାମ ସାରି ଚଷା ମଝି ଅଳନ୍ଦରେ, ନାନା-ରଙ୍ଗେ ଗୀତ ଗାଇ ବାଦ୍ୟକଲେ ଘରେ—ମଧୁସୂଦନ-ଛନ୍ଦମାଳା ।)

ହଲକାର—ଦେ, ବି—ହୋଲ୍‌କାର; ଇନ୍ଦୋର ରାଜ୍ୟର ମହାରାଷ୍ଟ୍ରୀୟ
Halakāra — ରାଜାଙ୍କ ବଂଶୋପାଧି—The family-
হোলকার — होलकार — title of the Ruling Chief of the Indore state; Holkar.

ହଳକା[କୁ]ହଳ—ଦେ. କ୍ରି· ବିଣ—ହଳ ହଳ କରି; ଏକ ହଳ
Halakā(ku)hala — ଲେଖାଏଁ—In pairs, by
এক এক যোড়া — जोड़ाका जोड़ा — pairs.
[ଯଥା—ପୁଲିସ ଗାଆଁବାଲାଙ୍କୁ ହଳକାହଳ ବାନ୍ଧି-ପଠାଇଲେ ।]

ହଳଗ୍ରାହୀ—ସଂ.ବି. ପୁଂ. (ହଳ+ଗ୍ରହ୍ ଧାତୁ+କର୍ତ୍ତୃ ଇନ୍; ୧ମା ୧ବ)—
Halagrāhī — ଯେଉଁ ବ୍ୟକ୍ତି ହଳ ବୁଲାଇବା ପାଇଁ ଲଙ୍ଗଳକୁ ଆପଣା ମୁଠା ଦ୍ୱାରା ଧରେ—Ploughman.

ହଲଚଲ[ଚହଲ, ଚହଲ]—ଦେ· ବିଣ [ଫ. ଦୋଳନ; ଓ ହଲିବା ଓ
Halachal(cha-al; chahal) — ସଂ ଚଳ ଧାତୁରୁ]—
হলচল, নড়চড়া — हलचल — ୧ । ଇତସ୍ତତଃ ସଞ୍ଚାଳିତ—1. Moved to and fro. [ଉ—ତେଣିକି କାନରେ ପଡ଼ିଲେବ ହଲଚଲ ହେବାର କୁହେ—ଫକୀରମୋହନ—ଲେଖକ ।]—୨ । ଇତସ୍ତତଃ ଗମନଶୀଳ; ଚଗଲବଗଲ—2. Moving to and fro. ୩ । ଖଳବଳ; ଅସ୍ଥିର—3, Restless. ୪ । (ଲକ୍ଷଣାର୍ଥ)-ନିର୍ଦ୍ଦିଷ୍ଟ ସୀମାର ବା ସ୍ଥାନର ବା ନିୟମର ବ୍ୟତିକ୍ରମ କରିବା (ବ୍ୟକ୍ତି)—4 [figurative] Going beyond prescribed limits or rule or place. ଦେ· ବି—୧ । ଅସ୍ଥିରତା—1 Restlessness. ୨ । ନିର୍ଦ୍ଦିଷ୍ଟ ନିୟମର ବ୍ୟତିକ୍ରମ—2· Transgression of any rule. ୩ । କମ୍ପନ—3. Shaking.

ହଲଚଲ ହେବା—ଦେ. କ୍ରି=୧ । ଅସ୍ଥିର ହେବା—1. To be
Halachala hebā — restless. ୨ । ମତରୁ ସ୍ଥିର ନ ରହିବା—2. To be fickle not to be constant.
ହଲଚହଲ ହେବା, ହଲଚହଲ ହେବା —ଅନ୍ୟରୂପ
নড়চড়া হওয়া — हलचल होना
୩ । ଇତସ୍ତତଃ ଗମନ ହେବା; ଚଗଲ ବଗଲ ହେବା-3. To move to and fro. ୪ । [କଥାରୁ] ବିଚଳିତ ହେବା—4. To deviate [from one's promise] ୫ । [ଲକ୍ଷଣାର୍ଥ]—ନିର୍ଦ୍ଦିଷ୍ଟ ସୀମାକୁ ବା ସ୍ଥାନକୁ ବା ନିୟମକୁ ବ୍ୟତିକ୍ରମ କରିବା—5[figurative] To go beyond the prescribed limit; rule or place. (ଯଥା—ସରକାର ଯେଉଁ ନିୟମ ବାନ୍ଧି ଦେଇ ଅଛନ୍ତି, ସେଥିରୁ ଟିକିଏ ହଲଚଲ ହେବାର ଯୋ ନାହିଁ ।)

ହଲଚଲିଆ—ଦେ. ବିଣ. ପୁଂ—୧ । ସ୍ୱଭାବତଃ ଅସ୍ଥିର—
Halachaliā — 1. Restless by naturo ୨ । ଯେଉଁ ବ୍ୟକ୍ତି ନିଜର ସତ୍ୟରୁ ବା ପ୍ରତିଜ୍ଞାରୁ ବିଚଳିତ ହୁଏ—2. Deviating from one's word or promise.
ହଲଚହଲିଆ, ହଲଚହଲିଆ —ଅନ୍ୟରୂପ
ହଲଚଲେଇ, ହଲଚହଲେଇ, ହଲଚହଲେଇ — ସ୍ତ୍ରୀ ୩ । ଅସ୍ଥିରମନା—3. Fickle-minded. ୪ । ପରିବର୍ତ୍ତନଶୀଳ—4. Constantly changing.
অস্থির — हलचलिआ

ହଳ ଚିନା—ଦେ- ବି—ଦେ ବି—ହଳକର [ଦେଖ]—
Hala chinā — Hala kara [See] (ଉ—

—ହାତୁ ବଡ଼ନ ଦେଇ ଖଣେ ସତ୍ସ୍ୱଗ,
ଚଣ୍ଡହଳରନା ବେଠି ସବୁ ଲଭେ ଅଗ—
ପୀତାମ୍ବର ନୃସିଂହପୁରାଣ ।]

ହଳଜୀବୀ—ସଂ. ବି· ପୁଂ—କୃଷିଦ୍ୱାରା ଜୀବିକାନିର୍ବାହକାରୀ ବ୍ୟକ୍ତି; କୃଷକ—
Hala jibi An agriculturist.

ହଲ ଟହ(ଥ)ଲ୍—ଦେ. ବି (ସଂ. ହୋଲ ଓ ପା —ଟହଲ୍=ଭ୍ରମଣ)—
Hala ṭaha(a)l ୧ । ଯା ଅସ; ଇତସ୍ତତଃ ଭ୍ରମଣ କରିବା—
(ହଲଟଲ୍—ଅନ୍ୟରୂପ) 1. Walking to and fro;
এদিক সেদিক ঘুরা हल टहल sauntering.
୨ । ଲଙ୍ଗଫଙ୍ଗ; କାର୍ଯ୍ୟ ବା ପ୍ରୟୋଜନ ନ ଥାଇ ଇତସ୍ତତଃ ବୁଲିବା; ଲଙ୍ଗରପଙ୍ଗର ହେବା—2. Walking to and fro without any necessity; idle saunter.
ଦେ· ବିଣ—ବୃଥା ଇତସ୍ତତଃ ଗମନଶୀଳ—Moving to and fro; idly sauntering.

ହଲ ଟହ(ଥ)ଲିଆ—ଦେ· ବିଣ. ପୁଂ—୧ । ବୃଥା ଇତସ୍ତତଃ ଯା ଅସ
Hala ṭāha(a)liā କରୁଥିବା—1. Moving to and fro.
(ହଲଟଲିଆ—ଅନ୍ୟରୂପ) ୨ । ବିନା ପ୍ରୟୋଜନରେ ଇତସ୍ତତଃ
ହଲଟହଲେଇ } ସ୍ତ୍ରୀ ଯାଉଥିବା ଅସୁଥିବା—2. Walking
ହଲଟଲେଇ } to and fro without any
যে এদিক্ সেদিক্ বৃথা ঘুরে বেড়ায় necessity. ୩ । ବୃଥା
हलटहलकरनेवाला ଟାଦବୁଲନରେ ସମୟ ନେଷଣକାରୀ—
3. Idly sauntering away time; wasting time by idle saunter.

ହଲଣା—ପ୍ରାଦେ (ସିଂହଭୂମ) ବି—୧ । ବଡ଼ ଘଲମ—1. Big
Halaṇā earthen pan. ୨ । ଗୁଡ଼ିଆ ଯେଉଁ ହାଣ୍ଡିରେ ମୁଢ଼ି ପାଇଁ ଅଉଷେଚ ଚାଉଳକୁ ଲୁଣପାଣିରେ ବତୁରାଇ ଚୁଲି ଉପରେ ବସାଏ ।—2. The deep earthen pot in which a confectioner heats the salted rice on the oven for preparing Murdhi (fried rice).

ହଲ(ଲା)ଣ୍ଡ—ଦେ. ବି· (ନାମ)—ଇଉରୋପର ରାଜ୍ୟ ବିଶେଷ—
Hala(lā)ṇḍ Holland, a kingdom of Europe.
হলণ্ড [ବି—ଏହାର ପୂର୍ବରେ ଜର୍ମାନୀ, ପଶ୍ଚିମରେ ଓ
हलंड ଉତ୍ତରରେ ଉତ୍ତର ମହାସାଗର, ଦକ୍ଷିଣରେ ବେଲ୍‌ଜିଅମ୍ ଓ ଜର୍ମାନୀ । ଏହାର ରାଜଧାନୀ ଅମଷ୍ଟାରଡ଼ମ୍ । ଏ ଦେଶର ଉତ୍ତର ଓ ପଶ୍ଚିମ ଉପକୂଳ ସମୁଦ୍ରର ତଳ ଅପେକ୍ଷା ନୀଚ ଥିବାରୁ ବନ୍ଧ ଦ୍ୱାରା ସମୁଦ୍ର ପାଣିକୁ ଅଟକାଇ ରଖା ଯାଇଅଛି । ଏହି ଦେଶବାସୀଙ୍କୁ ଓ ଭାଷାକୁ 'ଡଚ୍' (Dutch) ବୋଲାଯାଏ । ବର୍ତ୍ତମାନ (୧୯୪୦ ରେ) ଜର୍ମାନୀ ଏହାକୁ ଆକ୍ରମଣ କରିଅଛି ।

ହଳ ଦଣ୍ଡ—ସଂ. ବି (୬ଷ୍ଠୀ ତତ୍) —ଈଷ—The beam of a
Hala daṇḍa plough.

ହଳଦା—ପ୍ରାଦେ (ଗଡ଼ଜାତ) ବି—ହଳଦିଆ ବର୍ଣ୍ଣର କାଷ୍ଠବିଶିଷ୍ଟ
Haladā ନାତିବୃହତ୍ ଅରଣ୍ୟ ତରୁ—Dispyros
हलदु Montānā (tree). [ବି—ଏହାର କାଠରେ କବାଟ ଓ ଖଟ ଆଦି ହୁଏ ।]

ହଳଦା(ଦେ)ଇବା—ଦେ: କ୍ରି—ହଳଦିଆବର୍ଣ୍ଣରେ ରଞ୍ଜିତ କରିବା—
Haladā(de)ibā To dye yellow. (ଉ—ଆଉ ସେତେ
হলদে রঙ্ করা ଲାଗି ହଳଦାଇ ଦେଲା—ଫୁଲ ଗଣ୍ଡି
पीला रंग करना ଲଗ୍ନ ଆଣି ।—ଉପେନ୍ଦ୍ର. ଲାବଣ୍ୟବତୀ ।

ହଳଦି(ଦୀ)—ଦେ. ବି—[ସଂ. ହରିଦ୍ରା, ହଳଦୀ (ରାଜନିର୍ଘଣ୍ଟ)—
Haladi(dī) ପ୍ରା—ହଳଦୀ] —ହରିଦ୍ରା (ଦେଖ)—
হলুদ हलदी Haridrā (See).

ହଲ(ଲ୍)ଦି—ପ୍ରାଦେ (ସମ୍ବଲପୁର ଓ ଖଡ଼ିଆଳ) ବି. ହଳଦି—
Hala(l)di Turmeric; Corcuma Longa. (Kirtikar). ଦେ. ବି (ନାମ) ମେଦିନୀପୁରର ନଦୀବିଶେଷ —Name of a river in Midnapur. [ବି—ଏହା ହୁଗୁଳି ବା ଭାଗୀରଥୀ ନଦୀର ଉପନଦୀ । ଏ ଉପନଦୀ କସାଇ ଓ ଟେଙ୍ଗରାଖାଲୀ ନାମ ଦ୍ୱୟର ସଂଯୋଗରେ ଉତ୍ପନ୍ନ ହୋଇଅଛି । ଉତ୍ତରରେ ରୂପନାରାୟଣ ନଦୀ ଓ ଦକ୍ଷିଣରେ ରସୁଲପୁର ନଦୀ ସହିତ କେନାଲ ଦ୍ୱାରା ଏହା ସଂଯୁକ୍ତ ହୋଇଅଛି—ବଙ୍ଗକୋଷ)

ହଳଦିଆ—ଦେ. ବିଣ—(ସଂ· ହରିଦ୍ରାଭ)—୧ । ହରିଦ୍ରାବର୍ଣ୍ଣବିଶିଷ୍ଟ—
Haladiā 1. Yellow. ୨ । ହରିଦ୍ରାରଞ୍ଜିତ—2. Dyed
হলদে with turmeric. ୩ । ହଳଦିସ୍ୱାଦଯୁକ୍ତ—
पीला 3. Having the taste of turmeric. ୪ । ଯେଉଁ ବ୍ୟଞ୍ଜନରେ ଉପଯୁକ୍ତ ପରିମିତ ହଳଦି ଅପେକ୍ଷା ବେଶି ହଳଦି ଦିଆଯାଇଥାଏ — 4. (Curry) In which more than the requisite quantity of turmeric has been administered. (ଉ—କଦେଇ ! ଘିଅ ହେଲା ଲୁଣେଇ, ବ୍ୟଞ୍ଜନ ହେଲା ହଳଦିଆ, ଗୁଡ଼ୀଳ ହେଲା କଳଦିଆ—ଶିଶୁ ଗୀତ ।) ୫ । (ସଂ ହଳ + ଦା ଧାତୁରୁ)—ଯେଉଁ ଜମିକୁ ହଳ ଦିଆ ଯାଇଥାଏ; ଯେଉଁ ଜମିରେ ହଳ ବୁଲିଥାଏ; ହଳଦ୍ୱାରା କର୍ଷିତ—Ploughed land.
ଦେ. ବି (ସଂ ହରିଦ୍ରା)—୧ । ପୀତକାମଳ ରୋଗ— 1. Jaundice. [ବି—ଏହି ରୋଗରେ ଆଖି, ଦେହର ଚର୍ମ, ମୂତ୍ର ଓ ପୁରୀଷ ହରିଦ୍ରାଭ ଦେଖାଯାଏ । ରୋଗୀ ଯେଉଁଆଡ଼କୁ ଚାହାନ୍ତି ସେ ଜଗତର ସବୁ ପଦାର୍ଥ ତାଙ୍କୁ ହଳଦିଆ ଦେଖାଯାଏ ।] ୨ । (ନାମ) ଖୋରଧାର ଗୋଟିଏ ଗ୍ରାମ—2. The name of a village in Khurda. [ବି—ଏଠାରେ ଉତ୍କଳର ରାଜବଂଶୀୟ 'ଭଞ୍ଜ' ଉପାଧିଧାରୀ ଗୃହଏ ପରିବାର ବାସ କରନ୍ତି ।] ୩ । (ସଂ ହଳ + ଦା ଧାତୁରୁ]—ଜମିକୁ ହଳ ଦେବା ବା ଜମିରେ ହଳ ବୁଲାଇବା କର୍ମ—3. The ploughing of a field.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ, ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବଂଧୁ' ନ ମିଳିଲେ 'ବନ୍ଧୁ' ଖୋଜିବେ; 'ଅଙ୍କ୍ୟା' ନ ପାଇଲେ 'ଅଙ୍କା' ଦେଖିବେ; ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ପ୍ରାଦେ (ପୁରୀ) ବି—ଓଲଉଠା; ବିସୂଚିକା—Cholera.

ହଲ(ଲ୍)ଦିଆ—ପ୍ରାଦେ (ସମ୍ବଲପୁର) ବିଣ—ହଳଦିଆ (ଦେଖ)—
Hala(l)diā Haladiā (See)

ହଳଦିଆ ଗର୍‌ଗର୍—ପ୍ରାଦେ. (ସମ୍ବଲପୁର) ବିଣ—ହଳଦି ଗର୍‌ଗର୍
Haladiā gar-gar (ଦେଖ)—Haladi gar-gar (See)

ହଳଦିଆ ଜୁଆର—ଦେ. ବି—ବସନ୍ତ ଋତୁରେ ଚିଲିକାରେ ହେବା
Haldiā juāra ଅଳ୍ପଉଚ୍ଚ ଜୁଆର—Low flow tide appearing in the Chilka lake during spring.

ହଳଦିଆ ଜୁଇ—ଦେ. ବି—(ସଂ. ହେମ ପୁଷ୍ପିକା)—ହେମ ପୁଷ୍ପିକା; ହରିଦ୍ରାଭ
Haladiā jui ଜୁଇ ଫୁଲ—Jasminum Humile.
स्वर्णजुई सोनजुही, गुडहर

ହଳଦିଆ ତେଲି—ଦେ. ବି—(ଏମାନେ ହଳଦିର ବ୍ୟବସାୟ ଓ ଚାଷ
Haladiā teli କରୁଥିବାରୁ)—ତେଲି ଜାତିର ଶାଖାବିଶେଷ—
হলুদে তিলি A subsection of the Teli caste.
कोइरी [ଦ୍ର—ଏମାନେ ବୈଶ୍ୟ । କୃଷି ଓ ବାଣିଜ୍ୟ ଏମାନଙ୍କର କୌଳିକ ବ୍ୟବସାୟ । ହଳଦି ଚାଷ କରୁଥିବାରୁ ଏମାନଙ୍କର ହଳଦି ମୁଣ୍ଡା ସନ୍ତକ । ବାଣିଜ୍ୟ ଦ୍ୱାରା ପ୍ରଚୁର ଧନ ଅର୍ଜନ କରି ଧନୀ ହୋଇ ଥିବାରୁ ଏମାନେ ଓଡ଼ିଶାରେ 'କୁବେର ପୁତ୍ର' ନାମରେ ଅଭିହିତ । ପ୍ରାଚୀନ କାଳରେ ଏମାନେ ବୋଇତରେ ବାଣିଜ୍ୟ କରୁଥିଲେ ଓ ତଦ୍ଦ୍ୱାରା ପ୍ରଚୁର ଧନ ଅର୍ଜନ କରି ଧନକୁବେର ଆଖ୍ୟା ମଧ୍ୟ ପାଇଥିଲେ । ଦର୍ପଣୀ ଜିଲ୍ଲାର ପ୍ରାଚୀନ ତେଲିରାଜାମାନଙ୍କର ଯେଉଁ ଗଡ଼ ଥିଲା, ତାହାର ଭଗ୍ନାବଶେଷ ଏଥିର ସାକ୍ଷୀରୂପେ ଦଣ୍ଡାୟମାନ ରହିଅଛି । କୋଣାର୍କ ନିକଟରେ ଥିବା 'ତେଲିକୁଦ' ମଧ୍ୟ ଏମାନଙ୍କ ପୂର୍ବ ବିଭବର ଅନ୍ୟତମ ସାକ୍ଷୀ । ଜଗନ୍ନାଥ ମହାପ୍ରଭୁଙ୍କର ଯେଉଁ ଛତିଶା ନିଯୋଗ ଅଛନ୍ତି, ତନ୍ମଧ୍ୟରୁ ଧୂପ ସମୟରେ ମଶାଲ ଧରିବା ତେଲିମାନଙ୍କର ନିଯୋଗର କର୍ମ ଅଟେ । ପୂର୍ବେ କୋଲୁମାନେ ତେଲ ପେଡ଼ି ଜଗନ୍ନାଥ ମନ୍ଦିରକୁ ତେଲ ଯୋଗାଉ ଥିଲେ ଓ ତେଲିମାନେ ମଶାଲ ଧରିବା ସେବା କରୁଥିଲେ । ଏଥିଯୋଗୁଁ ରାଜ ଦରବାରରୁ ଏମାନଙ୍କୁ ଜମି ଓ ଜାଗିର ମିଳୁଥିଲା ।

ତେଲିମାନଙ୍କର କେତେକ ମହତ୍ କାର୍ଯ୍ୟ ଯୋଗୁଁ ସେମାନଙ୍କୁ ରାଜଦରବାରରୁ ମହାପାତ୍ର, ସାହୁ, ପୃଷ୍ଟି (ପୁଷ୍ଟି) ଓ ପାଣି ପ୍ରଭୃତି ଉପାଧି ମିଳିଥିଲା । କୌଣସି କୌଣସି ଅଞ୍ଚଳରେ ବ୍ରାହ୍ମଣମାନେ ଏମାନଙ୍କର ଶୁଦ୍ଧିଶ୍ରାଦ୍ଧ ଓ ହୋମାଦି କାର୍ଯ୍ୟ ସମ୍ପାଦନ କରନ୍ତି ଓ ଏମାନଙ୍କ ଘରେ ଜଳଯୋଗ ମଧ୍ୟ କରନ୍ତି । ଏମାନଙ୍କ ମଧ୍ୟରୁ କେତେକ ଦେବାଳୟ ସ୍ଥାପନ କରିଅଛନ୍ତି ଓ ଅଭ୍ୟାଗତମାନଙ୍କୁ ଭୋଜନାଦି ଦେବାର ବନ୍ଦୋବସ୍ତ ମଧ୍ୟ କରିଅଛନ୍ତି ।

ଥରେ ଓଡ଼ିଶା ମହାରାଜ ଖୋର୍ଦ୍ଧାଠାରୁ ପୁରୀକୁ ବିଜେ କରିବା ସମୟରେ ଦେଖିଲେ ଯେ, କୋଲୁମାନଙ୍କ ମଧ୍ୟରୁ କେତେକ କୃଷିକାର୍ଯ୍ୟରେ ରତ ହୋଇଛନ୍ତି । ଏହି ହେତୁରୁ ସେମାନଙ୍କୁ ଜଗନ୍ନାଥମନ୍ଦିରକୁ ତେଲ ଯୋଗାଇବା କାର୍ଯ୍ୟରୁ ମହାରାଜ ବାରଣ କଲେ ଓ ଯେଉଁମାନେ ମଶାଲ ଧରୁଥିଲେ, ସେମାନଙ୍କୁ ତେଲ ପେଡ଼ିବାକୁ ଆଦେଶ ଦେଲେ । ସେହିଦିନଠାରୁ ତେଲିମାନେ ତେଲ ପେଡ଼ି ଶ୍ରୀମନ୍ଦିରରେ ମଶାଲ-ଧରି ସେବା କରି ଆସୁଅଛନ୍ତି ।

ଏମାନଙ୍କ ଛଡ଼ା ଆଉ କେତେକ ତେଲି ବଙ୍ଗ, ତେଲିଙ୍ଗ ଓ ପଶ୍ଚିମାଞ୍ଚଳରୁ ଆସି ଓଡ଼ିଶାର ଉତ୍ତର ଅଞ୍ଚଳରେ ବସତି ସ୍ଥାପନ କରି ରହିଅଛନ୍ତି । ଉତ୍ତର ଅଞ୍ଚଳ ଏମାନଙ୍କର ପ୍ରାଥମିକ ବସତି ହୋଇଥିବାରୁ ଏମାନଙ୍କୁ ଉତ୍ତରୀତେଲି କୁହାଯାଏ । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ଖୁବ୍ କମ୍ ଓ ପ୍ରାଚୀନକାଳରୁ ବାସ କରୁଥିବା ତେଲିଙ୍କ ସଂଖ୍ୟା ଖୁବ ବେଶୀ ।—ସନ୍ଦର୍ଭ ଲେଖକ—ଲକ୍ଷ୍ମୀନାରାୟଣ ସାହୁ ଏମ୍.ଏ]

ହଳଦିଆ ପତ୍ର—ଦେ. ବି—(ସଂ ହରିଦ୍ରା+ପତ୍ର)—ବାଲ୍ୟବିବାହିତା
Haladiā patra କନ୍ୟାର ପିତୃ ଗୃହରେ ପ୍ରଥମ ରଜୋଦର୍ଶନ ହେଲେ ଯେଉଁ ହଳଦିବୋଳା ତାଳ ପତ୍ରରେ ଏ ସମ୍ବାଦ ସ୍ୱାମୀଙ୍କ ଗୃହକୁ ପ୍ରେରିତ ହୁଏ—A palm leaf besmeared with turmeric paste in which the news of the first menses of a girl-wife staying at her father's house before puberty is written and sent to her husband's family.

ହଳଦିଆ ପତ୍ର ପଠାଯିବା (ହିବା)—ଦେ ବି—ବାଲ୍ୟ ବିବାହିତା କନ୍ୟାର
Haladiā patra paṭhā jibā ପିତୃ ଗୃହରେ ପ୍ରଥମ ରଜୋଦର୍ଶନ ହେଲେ ଏହି ସମ୍ବାଦ ହଳଦିଲଗା ତାଳପତ୍ରରେ ଲେଖାଯାଇ, ପିତୃଗୃହରୁ ସ୍ୱାମୀଗୃହକୁ ପ୍ରେରିତ ହେବା—The sending of news of the first menses of a girl-wife by her father's men by means of a palm leaf dyed with turmeric, to her husband's place.

ହଳଦିଆ ବସନ୍ତ—ଦେ. ବି.—୧ । ହଳଦି ବସନ୍ତ (ଦେଖ)—
Haladiā basanta 1. Haladibasanta (See)
হলুদেবসন্ত हल्दीबसन्त ୨ । ବର୍ଷାୟୁ ଶ୍ୱେତ ଶାକବିଶେଷ—
2. A kind of annual pot herb.
[ଦ୍ର—ଏହା ଭଙ୍ଗାକୋଠା, ଭଙ୍ଗା କାନ୍ଥ ଓ ଇଟାଗଦାରେ ଜନ୍ମେ । ଏଥିର ଫୁଲ ଶ୍ୱେତ ଓ ହଳଦିଆ; ଫୁଲର ଦୁଇଟା ବଡ଼ ଓ ଦୁଇଟା ଶ୍ୱେତ କେଶର ଥାଏ । ଏ ଗୁଳ୍ମର ଡାଙ୍ଗ ଲାଲ ମସୃଣ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍ଗ	ଇଅ	ଉଅ	ଦ୍ଧ
୨		ଊ	ଋ	ଳ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଜ୍ଞ	ନ୍ଧ

ହଳଦିଆ ବେମାର (ରୋଗ)—ଦେ. ବି—ପିତ୍ତବାମଳ ରୋଗ—
Haladiā bemāri (rogā) Jaundice.
হলুদরোগ पांडु

ହଳଦିଆ ଭଞ୍ଜ—ଦେ. ବି—ପୁରୀଜିଲ୍ଲାର ଖୋରଧା ସବଡିଭିଜନ୍‌ର ହଳଦିଆ
Haladiā bhañja ଗ୍ରାମବାସୀ ଭଞ୍ଜ ଉପାଧିଧାରୀ କ୍ଷତ୍ରିୟ—
A Kshatriya of the Bhanja family of Haladia village in Khurda Sub-division of Puri district.

ହଳଦିଆ ମାଗୁରା—ଦେ. ବି—ମୋଟା ଧାନ୍ୟବିଶେଷ—
Haladiā māgurā A species of yellow-chaffed paddy growing where water stands throughout the rainy season.
[ଦ୍ର—ବର୍ଷା ଋତୁ ଯାକ ଯେଉଁ ବିଲରେ ପାଣି ଜମା ହୋଇ ରହେ, ସେ ବିଲରେ ଏ ଧାନ ଫସଲ କରାଯାଏ ।]

ହଳଦିଆ ଶାଆଳ (ଶାଳ)—ଦେ. ବି—ହଳଦିଆ ବର୍ଣ୍ଣ ଶକଳ ମତ୍ସ୍ୟ—
Haladiā śā-āla [śāla] A big variety of śāla fish.
হলদেশাল शालमछली

ହଳଦି ଉ(ଓ)ପାଡ଼ିବା—ଦେ. କ୍ରି—ଦେହରେ ବୋଳା ଯାଇଥିବା
Haladi u(o)pārdibā ବଟା ହଳଦି ଟିକିଏ ଶୁଖିଗଲା ପରେ ସେହି ଲେପକୁ ହାତରେ ମଳିକରି ଦେହରୁ ଛଡ଼ାଇ ଦେବା—To scrape or rub off the dried turmeric paste from the body.
[ହଳଦି ଉ(ଓ) ପଡ଼ା—କ୍ର. ରୂପ] after it dries up a little.
হলুদমুছিয়েফেলা हलदीछुड़ाना

ହଳଦି କାଠୁଆ—ଦେ. ବି—୧ । ଯେଉଁ କାଠର ପାତ୍ରରେ ବଟା ହଳଦି
Haladi kāṭhuā ରଖାଯାଏ—1. A cup-shaped wooden pot used for keeping turmeric paste for use.
হলুদের বারকোষ कठमालो
୨ । (ନାମ) ଭୁବନେଶ୍ୱରସ୍ଥ କେଦାରଗୌରୀ ନାମକ ଜଳକୁଣ୍ଡର ଉତ୍ତର ପାଖରେ ଥିବା ଈଷତ୍ ହଳଦିଆ ଜଳ ବିଶିଷ୍ଟ ଗୋଟିଏ କୁଣ୍ଡ—2. Name of a spring-water-tank adjoining the Mukteśwara temple in Bhubaneśwara. [ଦ୍ର—ଏହା ମୁକ୍ତେଶ୍ୱରଙ୍କ ଦେଉଳର ପଶ୍ଚିମକୁ ଲାଗିଛି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏଥିରୁ ବୋହିଯିବା ପାଣି (ଯାହା କେଦାରଗୌରୀ କୁଣ୍ଡରେ ଯାଇ ପଡ଼େ) ଅତି ନିର୍ମଳ ଓ ସ୍ୱଚ୍ଛ; କିନ୍ତୁ ଏ କୁଣ୍ଡର ପାଣି ହରିଦ୍ରାଭ ଓ ଅବ୍ୟବହାର୍ଯ୍ୟ ।]

ହଳଦି କୋଡ଼ି—ଦେ. ବି—ହଳଦି କିଆରି କୋଡ଼ିବା ନିମନ୍ତେ
Haladi kordi ଏକ ଇଞ୍ଚ ପ୍ରସ୍ଥବିଶିଷ୍ଟ କୋଡ଼ି—A narrow spade for loosening earth between two rows of plants in the turmeric field.
হলুদতোলাকোদাল हलदीकोड़ी

ହଳଦି ଗରଗର (ଗର୍ଗର୍; ଗାରୁ ଗାରୁ)—ଦେ. ବିଣ—(ପ୍ର. ହରିଦ୍ରା ଓ
Haladi gara gara (gargar, gāru gāru) ଜର୍ଜର)—
হলুদেগরগর हलदीहलदी
୧ । ବିଶେଷ ପରିମାଣରେ ହଳଦି ବୋଳା ହୋଇଥିବାରୁ ଅତ୍ୟନ୍ତ ହଳଦିଆ ଦେଖା ଯାଉଥିବା (ଦେହ)—1. Excessively annointed with turmeric paste. [ଉ—ହଳଦି ଗରଗର, ବର୍ଣ୍ଣିତ କଳେବର—ସଙ୍ଗୀତ ।] ୨ । ହଳଦିଆ ରଙ୍ଗରେ ବିଶେଷ ଭାବରେ ରଞ୍ଜିତ—2. Excessively dyed with yellow. [ଦ୍ର—ହଳଦି ଲଗାଇଥିବା ପିଲାଙ୍କୁ ବାହାରିବା ଓ ହରିଦ୍ରାରଞ୍ଜିତା ସ୍ତ୍ରୀଙ୍କୁ ଅଭିନନ୍ଦନ କରିଥିବା ବ୍ୟକ୍ତିଙ୍କ ଲୁଗାପଟା ଓ ପଇତା ହଳଦି ଗରଗର ହୋଇଥାଏ ।]

ହଳଦି ଗୁଣ୍ଡ (ଣ୍ଡା)—ଦେ. ବି—ଚୂର୍ଣ୍ଣୀକୃତ ହଳଦି—Turmeric
Haladi gunda(ndā) powder.
হলুদগুঁড়ো हलदीबुकनी

ହଳଦି ଗୁଣ୍ଡା (ଗୁଁଡ଼ା)—ପ୍ରାଦେ (ଦକ୍ଷିଣ ଅଞ୍ଚଳ) ବି—ବିବାହାଦି ଉପଲକ୍ଷରେ
Haladi gundā(gunrdā) ବନ୍ଧୁମାନଙ୍କୁ ପ୍ରେରିତ ନିମନ୍ତ୍ରଣରେ ଗୁଆସହିତ ବଣ୍ଟାଯିବା ହଳଦି ଗୁଣ୍ଡା—Turmericpowder sent with areca nuts to relations for invitation for marriage and other social festivities. [ଦ୍ର—ଏହାକୁ ଗୁଆଗୁଣ୍ଡା ମଧ୍ୟ କହନ୍ତି ।]

ହଳଦିଗୁଣ୍ଡି—ଦେ. ବି—ହଳଦିଆ ଧାନ୍ୟବିଶେଷ—Name of
Haladi gundi yellow variety of paddy.
হলদেগুঁড়ি ধান [ଦ୍ର—ଏହାର ଦାନା ଛୋଟ ଛୋଟ ଓ ସୁଗନ୍ଧଯୁକ୍ତ ।]

ହଳଦି ଘାଟ(ଟି)—ଦେ. ବି (ନାମ)—ରାଜପୁତାନା ଅନ୍ତର୍ଗତ ମେବାରର
Haladighāṭa(ṭi) ପ୍ରସିଦ୍ଧ ଗିରିପଥ ଓ ଯୁଦ୍ଧକ୍ଷେତ୍ର—Name of a famous-mountain pass and battle-field in Mewar. [ଦ୍ର—ଏଠାରେ ରାଣା ପ୍ରତାପସିଂହ ଅକବରଙ୍କ ସେନାପତି ମାନସିଂହଙ୍କ ଦ୍ୱାରା ପରାସ୍ତ ହୋଇ ଥିଲେ । ପ୍ରତାପଙ୍କ ଘୋଡ଼ା ଆହତ ହେବାରୁ, ଅକବରଙ୍କ ପକ୍ଷାବଲମ୍ବୀ ପ୍ରତାପଙ୍କ ଭାଇ ଶାକ୍ତସିଂହ ତାଙ୍କୁ ଗୋଟିଏ ଘୋଡ଼ା ଦେବାରୁ ପ୍ରତାପ ପଳାଇଗଲେ ଓ ପରେ ଯୁଦ୍ଧରେ ଜୟୀ ହୋଇ ମେବାର ରାଜ୍ୟକୁ ଜିଣି ଉଦୟପୁରରେ ୧୫୮୦ ଖ୍ରୀଷ୍ଟାବ୍ଦରେ ରାଜଧାନୀ ସ୍ଥାପନ କଲେ ।]

ହଳଦି ଠେସିବା—ପ୍ରାଦେ (ବୌଦ୍ଧ) କ୍ରି—ହଳଦିକୁ ବାଟିବା ବା ଗୁଣ୍ଡ
Haladi ṭhesibā କରିବା—To make powder or paste of turmeric.

ହଳଦି ତେଲ—ଦେ. ବି—ହଳଦି ମାଲପା (ଦେଖ)
Haladi tela হলুদতেল हलदीतेल Haladimālapā (See).

ହଳଦି ପାଣି—୧ । ବଟା ହଳଦିମିଶ୍ରିତ ଜଳ—1. Water mixed
Haladi pāni with turmeric paste.
হলুদ জল हलदी पानी
୨ । ଚନ୍ଦନଯାତ୍ରାର ଶେଷ ଦିନ ଲୋକଙ୍କର

ହଳଦି ମିଶା ପାଣିରେ ସ୍ନାନରୂପ ଉତ୍ସବ—2. A festive bath with water mixed with turmeric paste on the last day of Chandana jātrā.
୩। କ୍ଷତ୍ରିୟମାନଙ୍କ ବିବାହ ଉତ୍ସବରେ ବର ପକ୍ଷର ଓ କନ୍ୟା ପକ୍ଷର ବ୍ୟକ୍ତିମାନଙ୍କର ହଳଦିମିଶା ପାଣିରେ ସ୍ନାନ ଉତ୍ସବ—2. A festive bath with water mixed with turmeric paste during the marriage in Kshatriya families.

ହଳଦି ପାଣି ଦେବା—ଦେ. କ୍ରି—ଘରଛପର ଶେଷରେ ଅମ୍ବ ଡାଳକୁ ହଳଦିପାଣିରେ ବୁଡ଼ାଇ ଚାଳରେ ଛିଞ୍ଚିବା। ଓ ପରେ ସେହି ପାଣିକୁ ଘରମାନଙ୍କରେ ଛିଞ୍ଚି ସେହି ଅମ୍ବ ଡାଳକୁ ଚାଳରେ ଖୋସିଦେବା—To sprinkle turmeric water with the help of a mango twig on the eaves of a newly thatched house.
Haladi pāṇi debā
হলুদ জল ছিটান

ହଳଦି ପାଣିରେ ଗୋଡ଼ ଧୋଇବା—ଦେ. କ୍ରି—ମୃତବ୍ୟକ୍ତିଙ୍କ ଦଶାହ ଦିନ ଅସ୍ଥିପୂ କ୍ଷାନ୍ତ କୁଟୁମ୍ବଙ୍କ ଭୂଠରୁ ଅସି କଣ୍ଠ ଦ୍ୱାରରେ ହଳଦମିଶା ପାଣିରେ ଗୋଡ଼ ଧୋଇବା—(Kinsmen) To wash the feet on the tenth day of a person's death after coming back form the bathing ghat at the sudder door of the deceased.
Haladi pāṇire goḍa dhoibā
(ହଳଦିଆ ପାଣିରେ ଗୋଡ଼ ଧୋଇବା—ଅନ୍ୟରୂପ)
হলুদ জলে পা ধোয়া
ପ୍ରାଦେ—(ଗଞ୍ଜାମ) କ୍ରି—ଜୋଇଁ ସର୍ବପ୍ରଥମେ ନିମନ୍ତ୍ରିତ ହୋଇ ଶ୍ୱଶୁରଘରକୁ ଯିବା (ସେତେବେଳେ ହଳଦି ପାଣିରେ ତାଙ୍କ ଗୋଡ଼ ଧୁଆ ହେବାରୁ)—(a son-in-law) To go to his father-in-law's house for the first time (where he washes his feet with turmeric water).

ହଳଦି ବଟା—ଦେ. ବି [ଦେହରେ ଲଗାଇବା ପାଇଁ ବା ତିଅଣରେ ପକାଇବା ପାଇଁ) ଖଣ୍ଡ ହଳଦିକୁ ପାଣି ମିଶାଇ ବାଟିବା—Bruising of turmeric into paste for anointing the body or for curry.
Haladi baṭā
হলুদ বাটা
पीसा हलदी

ହଳଦି ବସନ୍ତ—ଦେ. ବି (ସ. ହରିଦ୍ରା ଓ ବସନ୍ତ)—୧ । ହଳଦିଆ ରଙ୍ଗର ପାଟ ଲୁଗା—1. Yellow silk cloth.
Haladi basanta
হলদেবসন্ত
বসন্তবৌরী
বেবেবউ
বসন্তবউটি
হলুদাবসন্ত
পাপিয়া
पीला रेशम कपड़ा
୨ । ବର୍ଣ୍ଣିକାଗତ୍ସ ଶାଖାଗ୍ରସ୍ତ ବର୍ଗର ହଳଦିଆ ପକ୍ଷି ବିଶେଷ—2. Barliet bird.
[ଦ୍ର—ଏମାନେ ତିନି ପ୍ରକାରର—
୧ । ବଡ଼ ହଳଦିବସନ୍ତ—ଦୀର୍ଘରେ ୧୨ ଅଙ୍ଗୁଳ; ଏମାନଙ୍କ ଦେହ ଚୋଗା ହଳଦିଆ ଓ ବେକଠାରୁ ମୁଣ୍ଡ ପର୍ଯ୍ୟନ୍ତ ନାଲିଆ କଳଙ୍କଣା । ଏମାନଙ୍କର ଧ୍ୱନି ଓଡ଼ିଆରେ "ସୀତା। ଚୋର ଲେ !" କୁ ବଙ୍ଗାଳୀମାନେ "ଗୃହସ୍ଥେର ଖୋକା ହଉକ୍" ବାକ୍ୟ ସଙ୍ଗେ ତୁଳନା କରନ୍ତି ।
हलदीवसंत अंगुल;

ଓଡ଼ିଶାରେ ପ୍ରବାଦ ଅଛି ଯେ, ବାଲ୍ୟକାଳରେ ଜନକ ମନ୍ଦିରରେ ସୀତା ଏହି ଚଢ଼େଇଙ୍କୁ ଦେଖି ହଳଦି ଲଗାଇବା ବେଳେ ଖୁବ ଅଳୁଆ ହୋଇ ବାନ୍ଧିବାରୁ ମୁହୂର୍ତ୍ତକ ଏ ଚଢ଼େଇଟିକ ଧରି ଅଣିଦେଲେ ଓ ଏ ପକ୍ଷୀକୁ ସୀତା ଧରିବାରୁ ତାଙ୍କ ହାତର ହଳଦି ଓ ଅକ୍ଷିର କଜଳ ଯଥାକ୍ରମେ ଏହାର ଦେହରେ ଓ ମୁଣ୍ଡରେ ଲାଗିଯିବାରୁ ଏହାର ବଂଶଧର ମାନେ ଏହି ବର୍ଣ୍ଣ ଧାରଣ କଲେ । ଏ ପକ୍ଷୀ "ସୀତା ! ଚୋର ଲେ !" ଏହି ଧ୍ୱନି କରି ସୀତାଙ୍କୁ ଉତ୍ତର ଦେବାରୁ ସୀତା ତୁଷ୍ଟ ହୋଇଗଲେ । ଏହାର ଆଉ ଏକ ପ୍ରକାର ଡାକ "କୁକ୍ କୁକ୍ କୁକ୍!"—Cyanops Asiatica.
୨ । ଛୋଟ ହଳଦିବସନ୍ତ—ଲମ୍ବ ୮ ଅଙ୍ଗୁଳ; ଡଣ୍ଟି କଳା, ମୁଣ୍ଡ କୃଷ୍ଣାଭ ରକ୍ତବର୍ଣ୍ଣ; ଗ୍ରୀଷ୍ମକାଳରେ ରବେ "କୁକ୍ କୁକ୍ କୁକ୍ !"
ছোটবসন্তবউটি গয়লাস্থড়ী
Antholoema Halmatocappalia.
୩ । ଏହା ଲମ୍ବରେ ୧୩।୧୪ ଅଙ୍ଗୁଳ, ପରସ୍ପରାକ୍ତ ଓ ବଟ ଫଳ ଖାଏ । ଏହାର ଡାକ "କୁଟୁର୍ କୁଟୁର୍।" Thereiceryx Zeylanicas]

ହଳଦି ବାଟିବା—ଦେ. କ୍ରି—ଖଣ୍ଡ ହଳଦିକୁ ପାଣିରେ ବତୁରାଇ ଶିଳରେ ବାଟି ଲେପ ପ୍ରସ୍ତୁତ କରିବା—To bruise turmeric into paste.
Haladi baṭibā
হলুদ বাটা
हलदी पीसना

ହଳଦି ବେସ(ସ୍ୱ)ର—ଦେ, ବି—ତିଅଣରେ ପକାଇବା ପାଇଁ ବ୍ୟବହୃତ ବଟା ହଳଦି ବା ଗୁଣ୍ଡା ହଳଦି ଓ ସୋରିଷ-ବଟା ବା ଗୁଣ୍ଡା—Turmeric and mustard paste on powder used in preparing curry.
Haladi besa(swa)ra
হলুদ বাটনা
तरकारीका पीसा मसाला

ହଳଦି ବୋଳିବା—ଦେ. କ୍ରି—ଦେହରେ ବହଳ କରି ବଟା ହଳଦି ଲେପିବା—To anoint the body thickly with turmeric paste.
Haladi boḷibā
হলুদ মাখা
हलदी लगाना

ହଳଦି ମଳ(ଳୁ)କୁ(ଖୁ)ଟି (ସ ହରିଦ୍ରା+ମଳ+ଖଣ୍ଡ)—ଦେହରେ ବଟା ହଳଦି ବୋଳା ହେବା ପରେ ତାହା ଶୁଖି ଗଲେ ଦେହରେ ହାତ ଘଷି ତାହାକୁ ଛଡ଼ାଇଲେ ଦେହରୁ ଖସିପଡ଼ିବା ମଳମିଶ୍ରିତ ହଳଦି—Dried rolls of turmeric paste rubbed off from the body of a person who has been anointed with turmeric paste.
Haladi maḷa(ḷu)ku(khu)ṭi
হলুদের ছাল
हलदी मैल

ହଳଦି ମାଲପା—ଦେ.ବି (ସମ୍ବଲପୁର)—ଦେହରେ ଲଗାଯିବା ଓ ତିଅଣରେ ବ୍ୟବହୃତ ଦୁଇଟି ପଦାର୍ଥ ହରିଦ୍ରା ଓ ତେଲ—Turmeric
Haladi mālapā
হলুদতেল
हलदीतेल

paste and oil used in curry and to anoint on the body.

ହଳଦି ମୁର୍କୁଟି—ପ୍ରାଦେ (ଗଞ୍ଜାମ) ବି—ହଳଦି ମଲକୁଟି (ଦେଖ)—
Haladi murkuti Haladi malakuti (See)

ହଳଦି ମୁ(ମୁଁ)ଡ଼ି—ପ୍ରାଦେ (ଖଡ଼ିଆଳ) ବି—ହଳଦିର ଗଣ୍ଠି—The
Haladi mu(muñ)rdi joints of the roots of turmeric.

ହଳଦି ଲଗା(ଗେ)ଇବା—ଦେହରେ ବଟା ହଳଦି ପତଳା କରି ବୋଳିବା—
Haladi lagā(ge)ibā To lay turmeric paste
হলুদলাগান हलदीलगाना thinly over
the body. [ଦ୍ର—ଦେହରେ ବଟା ହଳଦିକୁ ପତଳା କରି ବୋଳି କିଛିକ୍ଷଣ ଅପେକ୍ଷା କରି ତହିଁରେ ପବନ ବାଜି ତାହା ଶୁଖିଗଲେ ତାକୁ ହାତଦ୍ୱାରା ଉପାଡ଼ିଲେ ଦେହରେ ବସିଥିବା ମଇଳା ସହିତ ହଳଦି ମଲକୁଟି ଦେହରୁ ଖସିପଡ଼େ ଓ ଦେହର ବର୍ଣ୍ଣ ସୁନ୍ଦର ହଳଦିଆ ଦେଖାଯାଏ । କେହି କେହି ସ୍ତ୍ରୀଲୋକ ହଳଦି ଲଗାଇ ଗାଧୋଇଥାନ୍ତି । ହଳଦି ଲଗାଯିବା ଦ୍ୱାରା ଦେହରେ ଯେଉଁ ରଙ୍ଗ ହୁଏ ତାହା ପ୍ରାୟ ବାର ଘଣ୍ଟା ପର୍ଯ୍ୟନ୍ତ ରହେ । କିନ୍ତୁ ଉଦ୍ୟାଗ ଲୁଗାପଟା ହଳଦିଆ ହୋଇଯାଏ । ହଳଦି ଲଗାଇଥିବା ଶିଶୁକର ଓ ସ୍ତ୍ରୀମାନଙ୍କର ଯେଉଁମାନେ ସଞ୍ଚରରେ ଆସନ୍ତି, ସେମାନଙ୍କ ଲୁଗାପଟା ଓ ଦେହ ହଳଦିରଞ୍ଜିତ ହୋଇଯାଏ । ଦେହର ଦାହ ନାଶ କରିବା ଓ ଦେହର ମଳ ଓ ଦୁର୍ଗନ୍ଧ ନିବାରଣ କରିବା ବିଷୟରେ ବଟା ହଳଦି ଠାରୁ ଅନ୍ୟ ସହଜଲଭ୍ୟ ଓ ବୈଶଜ୍ୟ ପଦାର୍ଥ ନାହିଁ । ଆମ ଦେଶର ରକ୍ଷଣଶୀଳ ପରିବାରର ସ୍ତ୍ରୀମାନେ ପ୍ରତିଦିନ ବା ସପ୍ତାହରେ ଥରେ ଦୁଇ ଥର ହଳଦି ଲଗାନ୍ତି ଓ ପ୍ରତିଅଁ, ପର୍ବ, ଛୁଟିବାର ଆଦିରେ ହଳଦି ଲଗାଇ ସ୍ନାନ କରନ୍ତି । ଋତୁସ୍ନାନ ସମୟରେ ସ୍ତ୍ରୀମାନେ ମଧ୍ୟ ସର୍ବାଙ୍ଗରେ ହଳଦି ଲଗାଇ ସ୍ନାନ କରନ୍ତି । ଶିଶୁମାନଙ୍କ ଦେହରେ ମଧ୍ୟ ହଳଦି ଲଗାଯାଏ । କିନ୍ତୁ ଆଧୁନିକ ଶିକ୍ଷିତସମାଜର ସ୍ତ୍ରୀମାନେ ଏହି ହଳଦି ଲଗାଇବା ପ୍ରଥାକୁ ବନ୍ଦ କରି ତତ୍ ପରିବର୍ତ୍ତେ ସାବୁନ୍, ପମେଟମ, ପାଉଡର୍, ବାସନା ତେଲ, ଏସେନ୍ସ ଆଦି ବହୁ ବ୍ୟୟସାଧ୍ୟ ଓ ବିଦେଶୀ ପ୍ରସାଧନ ବସ୍ତୁ ବ୍ୟବହାର କରୁଅଛନ୍ତି । ହଳଦି ଲଗାଇବା ପରେ ଦେହରେ ଉକ୍ତ ବର୍ଣ୍ଣକୁ ବହୁ ବେଶିକାଳ ସ୍ଥାୟୀ କରିବା ପାଇଁ ତହିଁ ସଙ୍ଗେ ମାଲପା, ଲେମ୍ବୁ ରସ ଆଦି କେହି କେହି ମିଶାନ୍ତି । ହଳଦି ଲଗାଇବା ଦ୍ୱାରା ଦେହର କାନ୍ତିବୃଦ୍ଧି ହୁଏ ଓ ହଳଦିଦ୍ୱାରା ଗୌରାଙ୍ଗୀ ସ୍ତ୍ରୀମାନଙ୍କ ଦେହ ମନୋହର ଚମ୍ପକ ଓ କେତକୀ ଫୁଲର ବର୍ଣ୍ଣ ଧାରଣ କରେ । ବିଶେଷତଃ ଉଷ୍ଣପ୍ରଧାନ ଦେଶରେ ହଳଦିଦ୍ୱାରା ଶରୀରର ଶୀତଳତା ବଢ଼େ; ତେଣୁ, ଦେହକୁ ଶୀତଳ ରଖିବାପାଇଁ ଆମ ଦେଶରେ ସ୍ତ୍ରୀମାନେ ଏହାର ବ୍ୟବହାର କରି ଆସିଅଛନ୍ତି । ଦାକ୍ଷିଣାତ୍ୟର ପୁରୁଷମାନେ ଗ୍ରୀଷ୍ମକାଳରେ ଦେହର ଶୀତଳତା ସମ୍ପାଦନାର୍ଥ ହଳଦି ଲଗାନ୍ତି ।]

ହଳ ଦେବା—ଦେ· କ୍ରି—୧ । ହଳ ବୁଲାଇବାପାଇଁ ହଳକୁ ହଳ
Hala debā ପଠାଇବା—1. To send ploughs to
হাল দেওয়া cultivate a plot of land. ୨। ହଳକୁ ହଳ
हलदेना ଦ୍ୱାରା ଚଷ କରିବା—2. To plough up a land.

ହଳଦ୍ଦୀ—ସ· ବି—(ହଳଦ୍=କୃଷକ+ଦେ ଧାତୁ=ପାଳନକରିବା+
Haladdī କର୍ମ, ଅ+ସ୍ତ୍ରୀ ଈ)—ହଳଦୀ (ଗ୍ରନ୍ଥକର୍ତ୍ତା)—
Turmeric.

ହଳଧର—ସ· ବି· ପୁଂ—(ହଳ+ଧୃ ଧାତୁ=ଧରିବା+କର୍ତ୍ତୃ· ଅ; ହଳ ଏହାଙ୍କର ପ୍ରଧାନ ଅସ୍ତ୍ର ଥିବାରୁ)—୧ । ହଳୀ;
Haladhara ବଳରାମ—1. Balarāma. ୨ । ହାଳିକ; କୃଷକ—
2. A cultivator.
ସ· ବିଣ—ହଳକୁ ଧାରଣ କରିଥିବା (ବ୍ୟକ୍ତି)—Holding a plough. ଦେ· ବି ପୁଂ (ନାମ)—୧ । ଲୋକଙ୍କୁ ଦିଆଯିବା ନାମ—1. A name given to males. ୨। ହଳିଆ;ହଳଚଷେଇ ଯାଉଥିବା ବ୍ୟକ୍ତି—2.A ploughman. [ଭ—ହଳଧର କହେ ଜଳଧରକୁ ଚନ୍ଦ୍ରଧର କିଅଁ ମଲେ ? ସ୍ୱର୍ଗରୁ ପଡ଼ିଲେ ପଞ୍ଚ ପାଣ୍ଡବେ ମାର ବନବାସ ଗଲେ —ପ୍ରହେଳିକା ବା ନାଆଁ ଦିଅ]

ହଳଧରଗୋତ୍ରୀ ବ୍ରାହ୍ମଣ—ଦେ. ବି—ବଳଭଦ୍ର ଗୋତ୍ରୀ (ଦେଖ)—
Haladhara gotrī brāhmaṇa Balabhadra gotrī (See)

ହଳଧର ଦାସ—ଦେ. ବି (ନାମ)—ନୈକ ସଂସ୍କୃତଜ୍ଞ ଓଡ଼ିଆ ପଣ୍ଡିତ—
Haladhara dāsa The name of a Sanskritist Oria.
[ଦ୍ର—ଏ ଜାତିରେ କରଣ ଓ ବୈଷ୍ଣବଧର୍ମାବଲମ୍ବୀ ଥିଲେ । ପୁରୁଷୋତ୍ତମ କ୍ଷେତ୍ର ଏହାଙ୍କର ଜନ୍ମଭୂମି । ସଂସ୍କୃତରେ ଏ ହଳଧର ବାଚକ ନାମକ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏ ମଧ୍ୟ ମୂଳସଂସ୍କୃତରୁ ଓଡ଼ିଆ ଭାଷାରେ ଅନୁବାଦ କରି ଅଧ୍ୟାତ୍ମ ରାମାୟଣ ଲେଖିଥିଲେ—ତାରଣୀ ଓ ସା. ଇତିହାସ]

ହଳ ନ(ଲ)ଙ୍ଗଳ—ଦେ. ବି (ସମାହାର)—(ସ. ହଳ+ଲଙ୍ଗଳ)—
Hala na(la)ngala ହଳ ବା ଲଙ୍ଗଳ—Plough

ହଳନ୍ତ—ସ. ବି—(ହଲ୍ ଅନ୍ତ ଅନ୍ତରେ ଯାହାର)—୧ । ବ୍ୟଞ୍ଜନ
Halanta ବର୍ଣ୍ଣ—Consonant. ସ. ବିଣ—ବ୍ୟଞ୍ଜନାନ୍ତ—1. Ending with a consonant. ୨। ହସନ୍ତ ଯୁକ୍ତ;ସ୍ୱରଯୋଗହୀନ (ବ୍ୟଞ୍ଜନ)—2.(consonant) Unaccompanied by a vowel. [ଦ୍ର—ବ୍ୟଞ୍ଜନ ବର୍ଣ୍ଣ ତଳେ (୍) (ଯଥା—'ସ୍', 'ତ୍') ଚିହ୍ନ ଦେଲେ ଏହା ସ୍ୱରହୀନ ବା ହଳନ୍ତ ବର୍ଣ୍ଣ ବୋଲି ବୁଝାଯାଏ]
ଦେ. ବି—ହଳନ୍ତ ଚିହ୍ନ (ଦେଖ)—Halanta chihna (See)

ହଳନ୍ତ ଚିହ୍ନ—ସ. ବି—(ହଳନ୍ତ+ଚିହ୍ନ)—ବ୍ୟଞ୍ଜନବର୍ଣ୍ଣ ତଳେ ଗୋଟିଏ
Halanta chihna ବଙ୍କା ବା ଛିଟା ଗାର (ଯଥା—(୍)—
An oblique dash drawn below a consonant denoting its vowel-less or original

pronunciation. [ଦ୍ର—ଏହା ଉକ୍ତ ବ୍ୟଞ୍ଜନର ସ୍ୱରଯୋଗହୀନ ଉଚ୍ଚାରଣର ପରିଚାୟକ । ଯଥା—କ୍, ଖ୍,ଗ୍]

ହଲନ୍ତ ବର୍ଣ୍ଣ—ସଂ. ବି—(ହଲନ୍ତ+ବର୍ଣ୍ଣ)—
Halanta barnna ୧ । ସ୍ୱରହୀନ ବ୍ୟଞ୍ଜନବର୍ଣ୍ଣ—1. A consonant without any vowel sound. ୨ । ହଲନ୍ତ ଚିହ୍ନ ଯୁକ୍ତ ବ୍ୟଞ୍ଜନ—2. A consonant having the halanta sign below it.

ହଳଣ୍ଡା—ପ୍ରାଦେ (ଗଡ଼ଜାତ) ବି—ହଳଦା (ଦେଖ)
Halandā Haladā (See)

ହଲପ୍—ବୈଦେ ବି.—(ଅ. ହଲଫ୍)—୧ । ଶପଥ—1. Oath ଏହା
Halap ଈଶ୍ୱର ବା ଇଷ୍ଟ ଦେବଙ୍କ ନାମ ଧରି ବା ପୂଜ୍ୟ ବସ୍ତୁକୁ
हलप् हलफ् ସ୍ପର୍ଶ କରି କରାଯିବା ଶପଥ ।] ୨ । ଅଦାଲତରେ ସାକ୍ଷ୍ୟ ଦେବା ପୂର୍ବରୁ ସତ୍ୟ କହିବା ପାଇଁ, ଈଶ୍ୱରଙ୍କର ବା ଇଷ୍ଟଦେବତାଙ୍କର ବା ଧର୍ମର ନାମ ଧରି ବା ଧର୍ମପୁସ୍ତକ ବା ଗଙ୍ଗାଜଳ, ତମ୍ବା, ତୁଳସୀ, ଶାଳଗ୍ରାମ ବା ଦେବତାଙ୍କ ମାଳଚୁଳ ସ୍ପର୍ଶ କରି ବୋଲିବା ନିର୍ଦ୍ଧାରିତ ବାକ୍ୟ—2. A formula of oath or solemn affirmation uttered by a witness in court.

ହଲପ୍ ଉଠା(ଠେ)ଇବା—ଦେ. କ୍ରି—ହଲପ୍ କରିବା (ଦେଖ)
Halap uṭhā(ṭhe)ibā Halap karibā (See)
हलपकरा हलफउठाना

ହଲପ୍ କରିବା—ଦେ.କ୍ରି—ଶପଥ କରିବା; ସ୍ୱରୂପ ପ୍ରମାଣେ କହିବା—
Halap karibā To state something on oath; to take oath
हलपकरा हलफकरना

ହଲପ୍ ଛୁ(ଛୋ)ଇଁବା—ଦେ.କ୍ରି—ଶପଥ କରିବ । ଉପଲକ୍ଷରେ ଦେବତାଙ୍କ
Halap chhu(chho)iñbā ମହାପ୍ରସାଦ, ମାଳଚୁଳ, ଧର୍ମପୁସ୍ତକ,
हलपछोयाँ हलफछूना ଗଙ୍ଗାଜଳ, ତମ୍ବା, ତୁଳସୀ, ଶାଳଗ୍ରାମ ଆଦି ସ୍ପର୍ଶ କରିବା—To touch holy things before making a statement on oath.
(ହଲପ ଛୁଅଁଇବା—ପ୍ରଯୋଜକରୂପ)

ହଲପ୍ ଦେବା—ଦେ କ୍ରି—(କଚେରିଅ) ୧ । ଅନ୍ୟ ବ୍ୟକ୍ତିକୁ ଶପଥ
Halap debā ବାକ୍ୟ ବୋଲାଇବା; ହଲପ୍ ପଢ଼ାଇବା—
हलप् देओया हलफदेना 1. To administer oath to a person. [ଦ୍ର—ପିଅଦାମାନେ ହଲପ୍ ବାକ୍ୟ ଉଚ୍ଚାରଣ କରନ୍ତି ଓ ସାକ୍ଷୀମାନେ ଉକ୍ତ ବାକ୍ୟକୁ ପିଅଦାର କଥା ଅନୁସାରେ କହି ଯାଆନ୍ତି ।] ୨ । ହଲପ୍ ମାନିବା(ଦେଖ)—
2. Halap mānibā (See).

ହଲପ୍ ଧରିବା—ଦେ. କ୍ରି—ହଲପ୍ ଛୁଇଁବା (ଦେଖ)
Halap dharibā Halap chhuiñbā (See)

ହଲପ୍ ନାମା—ବୈଦେ. ବି (ଫା)—(କଚେରିଅ)—ସାକ୍ଷୀ ଅଦାଲତରେ
Halap nāmā ସାକ୍ଷ୍ୟ ଦେବା ପୂର୍ବରୁ ଯେଉଁ ଶପଥ ବାକ୍ୟ ବୋଲନ୍ତି,
हलप् नामा ତାହା ଯେଉଁ କାଗଜରେ ଲେଖାଥାଏ—A paper
हलफनामा on which the formula for a witness taking oath is written and which a witness reads out before beginning his deposition.

ହଲପ୍ ନେବା—ଦେ. କ୍ରି—(କଚେରିଅ)—ଶପଥ ଗ୍ରହଣ କରିବା; ହଲପ
Halap nebā କରିବା ପାଇଁ ଶପଥ ବାକ୍ୟ ଉଚ୍ଚାରଣ କରିବା—
To take oath;
हलपलओया हलफलेना mula of oath.

ହଲପ୍ ପଢ଼ା(ଢ଼େ)ଇବା—ଦେ. କ୍ରି—(କଚେରିଅ) ହଲପ୍ ଦେବା—(୧) (ଦେଖ)
Halap paṛhā(ṛhe)ibā Halap debā(1)(See)

ହଲପ୍ ପଢ଼ିବା—ଦେ. କ୍ରି—(କଚେରିଅ) ଅଦାଲତରେ ସାକ୍ଷ୍ୟ ଦେବା
Halap paṛhibā ବ୍ୟକ୍ତିକୁ ଉଚ୍ଚାରଣ କରିବାପାଇଁ ଲିପିବଦ୍ଧ ଶପଥ ବାକ୍ୟକୁ ପାଠ କରିବା—To read the formula for taking oath.
हलप पढ़ा हलफ नामा पढ़ना

ହଲପ୍ ମାନିବା—ଦେ. କ୍ରି—(କଚେରିଅ)—ଅପର ପକ୍ଷ ନିକଟ ହଲପ
Halap mānibā କରି ବା ବିଶେଷ ହଲପ ଧରି ଯାହା କହିଯିବେ ତହିଁରେ ଏକପକ୍ଷ ବାଧ୍ୟ ହେବେ ବୋଲି ସ୍ୱୀକାର କରି ଅଦାଲତରେ ଅପର ପକ୍ଷକୁ ସାକ୍ଷୀ ମାନିବା—To call upon the other side to make a statement on
हलपमाना हलफमानना special oath.

ହଲ ପଟାଏ—ଦେ. ବି—କ୍ଷେତରେ ଏକ ଓଳି ଚାଷ—
Hala paṭāe Tilling a plot once.
एकचाष ऐकचाष

ହଲ ପଟାଏ ଦେବା—ଦେ. କ୍ରି—ଭୂମିକୁ ଥରେ ମାତ୍ର ଚଷିବା; ଓଳେ
Hala paṭāe debā ଚଷିବା—To till a field once only.
[ଦ୍ର—ଏହିପରି ହଳ ଦୁପଟା ଦେବା, ହଳ ତିନପଟା ଦେବ ଇତ୍ୟାଦି ହୁଏ]
एकचाषदेओया ऐकचाषकरना

ହଲପାନ(ନି) ଇ(ଏ)ଜାହାର—ବୈଦେ. ବି (କଚେରିଅ) (ଫା ହଲପାନ
Halapān(ni) i(e)jāhār ଏଜ୍‌ହାର୍)—ଅଦାଲତରେ ଶପଥ ପୂର୍ବକ କହିବା କଥା—
ହଲପାନ୍ ଇଜାହାର }
ହଲପାନ୍ ଏଜାହାର } ଅନ୍ୟରୂପ Statement made on oath; statement on oath.
ହଲପାନ ଜମା(ବା)ନବନ୍ଦି }
हलपानएजहार हलफानएजहार

ହଲପି—ଦେ. ବିଣ. ଓ ବି. ପୁଂ—୧ । ଯେଉଁ ବ୍ୟକ୍ତି ହଲପ କରି ମିଛ
Halapi କହେ—1. A person who lies on oath;
[ହଲପିଆ—ଅନ୍ୟରୂପ] perjurer ୨ । ଯେଉଁ ବ୍ୟକ୍ତି ସବୁ
(ହଲପୀ, ହଲପେଇ—ସ୍ତ୍ରୀ) କଥାରେ ବା ସାମାନ୍ୟ କଥାରେ ସର୍ବଦା ହଲପ କରିବାକୁ ମୁସ୍ତେଇ ହୁଏ—(ଏପରି ବ୍ୟକ୍ତି ମିଛ କହନ୍ତି ବୋଲି ସାଧାରଣ ବିଶ୍ୱାସ)—2. A person who is always eager to take oath even in
हलपी हलफी petty matters.

ହଲ(ଲା) ପୁ(ପୋ)ଡ଼ି—ପ୍ରାଦେ (ଜୟପୁର) ବି—ଦୋଳ ପୂର୍ଣ୍ଣିମାର
Hala(lā) pu(po)ṛdi ପୂର୍ବ ରାତ୍ରି; ଅଗ୍ନିଦେବ; ଅଗ୍ନ୍ୟୁତ୍ସବ—
[ମଲା ପୁ(ପୋ)ଡ଼ି—ଅନ୍ୟରୂପ] The night previous

to Dolapurnnimā on which bonfires are made.

ହଳ ଫିଟା – ଦେ. ବ—କ୍ଷେତର କର୍ଷଣ କରିବା ପରେ କମ୍ପା କର୍ଷଣକାର୍ଯ୍ୟ
Hala phitā ସ୍ଥଗିତ ରଖିବା ସମସ୍ତ ହେଲେ ବଳଦଙ୍କୁ ଜୁଆଳରୁ ମୁକ୍ତ କରିବ —Unyoking of the oxen of a plough. ଦେ ବଣ—ଗୃହ କାର୍ଯ୍ୟ ସ୍ଥଗିତ ରଖି ଯେଉଁ ସମୟରେ ବଳଦଙ୍କୁ ଜୁଆଳରୁ ମୁକ୍ତ କରାଯାଏ—(the time) When plough-bullocks are unyoked.

ହଳ ଫିଟା(ଟେ)ଇବା—ଦେ. କ୍ରି—ହଳରେ ନିଯୁକ୍ତ ବଳଦଙ୍କୁ ଜୁଆଳରୁ
Hala phitā(te)ibā ମୁକ୍ତ କରିବା—To unyoke the
হালখোলা हलखोलना oxen of a plough.

ହଳ ଫିଟାଇବା ବେଳ—ଦେ. କ୍ରି—ଠିକ୍ ଦ୍ୱିପ୍ରହର ଗଡ଼ିଯିବା ବେଳ—
Hala phitāibā bela Noon tide; the time just
(ହଳଫିଟା ବେଳ, ହଳଫିଟିବା ବେଳ—ଅନ୍ୟରୂପ) mid-day.
[ଦ୍ର—ଯେଉଁ ସମୟରେ ଚାଷୀ କୃଷିକର୍ମ ସ୍ଥଗିତ ରଖି ହଳ ଫିଟାଏ ତାକୁ ହଳଫିଟା ବେଳ ବୋଲାଯାଏ । ସନ୍ଧ୍ୟାବେଳେ ମଧ୍ୟ ଚଷା ହଳ ଫିଟାଏ; କିନ୍ତୁ ଏହି ଶବ୍ଦ କେବଳ ଦ୍ୱିପ୍ରହର ଗଡ଼ିଯିବା ବେଳ ପ୍ରତି ବ୍ୟବହୃତ ହୁଏ]
হালখোলারসময়,লাঙ্গলছাড়ারসময় हलखोलनेकासमय

ହଳବଳ—ଦେ. ବ ଓ ବିଣ—୧ । ହଳଚଳ (ଦେଖ)—
Halabala 1. Halachal (See)
୨ । ହଳହଳ (ଦେଖ)—2. Halahala (See)

ହଳ ବଳଦ—ଦେ. ବ— ସଦ୍ବରତ)—୧। କୃଷି କରିବାପାଇଁ ଅବଶ୍ୟକ
Hala balada ହଳ ଓ ବଳଦ—1. Plough and
হালবলদ हलबैल bullocks for cultivation. ୨। ହଳଆ ବଳଦ; ହଳରେ ଲଗିବାପାଇଁ ମଣ ହୋଇଥିବା ବଳଦ—
2. Plough-ox; ox trained to the plough

ହଳବଳିଆ—ଦେ. ବିଣ. ପୁଂ—୧ । ଅସ୍ଥିର—1. Restless. ୨ ।
Hala baliā ଅସ୍ଥିର ମନା (ବ୍ୟକ୍ତି)—2. Fickle; not
(ହଳବଳୀ; ହଳବଳେଇ—ସ୍ତ୍ରୀ) अस्थिर हलबलिया constant.

ହଳବା—ପ୍ରାଦେ (ବସ୍ତର) ବ. (ସଂ. ହଳବାହ; ଭୁଲ ଓଡ଼ିଆ ହଳୁଆ)—
Halabā ବସ୍ତର ରାଜ୍ୟର ଅଧିବାସୀ କୃଷକ ଜାତି ବିଶେଷ—
A class of husbandmen living in the Bastar State. [ଦ୍ର—ଏମାନଙ୍କ ସଂଖ୍ୟା ୧ ଲକ୍ଷ ୭୫ ହଜାର । ତହିଁ ମଧ୍ୟରୁ ୧ ଲକ୍ଷ ୨୧ ହଜାର ବସ୍ତର ରାଜ୍ୟର ଅଧିବାସୀ । ଏମାନେ କୃଷକ । ଏମାନଙ୍କ ମାତୃଭାଷା ହଲବୀ ଅଟେ । ଏମାନେ ରଇଲ ଗୀତ, ଚଇତପରବ ଗୀତ, ମୁହଁ ମାଗଣା ଗୀତ, ଛେରତା, ଲେଜା ଗୀତ, ଏହିପରି ନାନାପ୍ରକାର ଗୀତ ବୋଲନ୍ତି । ବାଳକମାନେ ଗୀତ ବୋଲନ୍ତି ଓ ଯୁବକମାନେ ଗୀତରେ ତହିଁର ପ୍ରତ୍ୟୁତ୍ତର ଦିଅନ୍ତି । ଏହି ଗୀତମାନ ବୋଲି ବୋଲି ଗାୟକ ଗାୟିକାମାନେ ଗ୍ରାମ ଗ୍ରାମ ବୁଲନ୍ତି ଓ ବହୁ ବହୁ ଅର୍ଥ ସଂଗ୍ରହ କରନ୍ତି । ଚେଇ ପରବ ଗୀତର ସ୍ୱର ଉତ୍ତମ ଅଟେ, କିନ୍ତୁ ହଲବାମାନେ ଏହା ଗାଆନ୍ତି । ରଇଲ ଗୀତର ଗାୟକ ଗାୟିକାମାନେ 'ଗେସରା' ନାମକ ହଳଦିଆ ଫୁଲକୁ ସମ୍ବୋଧନ କରି ଗୀତ ଗାଆନ୍ତି । ଗେସରା ଫୁଲ ଦଅ-ଦେଇ ହୋଇ ଯେଉଁ ପ୍ରୀତିବନ୍ଧୁତା ସ୍ଥାପିତ ହୁଏ ତାହା ଚିରସ୍ଥାୟୀ । ଏ ବନ୍ଧୁମାନେ ପରସ୍ପର ନାମ ଧରି ନ ଡାକି 'ଗେସରା' ବୋଲି ଡାକନ୍ତି । ରଇଲ ଗୀତରେ ଗାୟକ ଗାୟିକାମାନେ ପ୍ରଶ୍ନୋତ୍ତର ଛଳରେ ଗୀତ ବୋଲନ୍ତି । ବିବାହ ଉତ୍ସବରେ ବାଳକ ବାଳିକାଙ୍କ ମଧ୍ୟରେ ଜଣଜଣ ହୋଇ ବା ଦଳବଦ୍ଧ ହୋଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରଇଲ ଗୀତ ବୋଲାଯାଏ—ମଡର୍ଣ୍ଣ ରିଭ୍ୟୁ ୧୯୩୮ ଜୁଲାଇ ସଂଖ୍ୟା]

ହଲବୀ—ପ୍ରାଦେ (ବସ୍ତର) ବ—ବସ୍ତର ଅଞ୍ଚଳରେ ହଲବାମାନଙ୍କ
Halabī କଥିତ ମରହଟ୍ଟି ଭାଷାର ଭାଷା—A dialect of the Marahatti language spoken by the Halbis in Bastār State. [ଦ୍ର—ସର୍ ଗ୍ରୀୟର୍ସନ୍ ଏ ଭାଷାକୁ ମରହଟ୍ଟୀ, ଓଡ଼ିଆ ଓ ଛତିଶଗଡ଼ୀ ଭାଷାମାନଙ୍କ ମିଶ୍ରିତ ଭାଷା ବୋଲି ଲେଖି ଅଛନ୍ତି ।]

ହଳ ବୁଲା—ଦେ. ବ—କ୍ଷେତରେ ହଳ ଦ୍ୱାରା କରାଯିବା କୃଷିକର୍ମ—
Hala bulā Ploughing; tilling of land.
লাঙ্গলদেওয়া हलजोत

ହଳ ବୁଲା(ଲେ)ଇବା—ଦେ. କ୍ରି—କ୍ଷେତକୁ ହଳ ଦ୍ୱାରା କର୍ଷଣ କରିବା—
Hala bulā[le]ibā To plough a field
চাষদেওয়া हलजोतना

ହଳ ବୁଲିବା—ଦେ. ବ—ହଳଦ୍ୱାରା କ୍ଷେତ କର୍ଷଣ ହେଉଥିବା—
Hala bulibā A field being cultivated;
চাষহওয়া हलजोत ploughing of a field.

ହଳଭୂତି—ସଂ. ବ—୧ । (ହଳ+ଭୂ ଧାତୁ+ଭାବ ତି)—କୃଷିକର୍ମ—
Halabhūti Agriculture; husbandry.
୨ । ଶଙ୍କରାଚାର୍ଯ୍ୟଙ୍କ ଏକ ନାମ (ହ୍ଵ. ଶ.)—
2. A name of Sankarāchārjya.

ହଳଭୃତ୍—ସଂ ବ (ହଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ
Halabhrut କ୍ୱିପ୍)—ହଳଧର (ଦେଖ)—
Haladhara (See)

ହଳଭୃତି—ସଂ. ବ (ହଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ ତି)—
Halabhruti ୧। ଋଷିବିଶେଷ—1. Name of a sage.
[ଦ୍ର—ଅନ୍ୟନାମ—ଏହାଙ୍କର ଉପବର୍ଷ, କୃତକୋଟି, ଅୟାଚିତ—ବିକାଣ୍ଡ ଶେଷ ।] ୨ । କୃଷିକର୍ମ—(ଶବ୍ଦକଳ୍ପଦ୍ରୁମ) 2. Agriculture; cultivation.

ହଳ ଭେରାଏ—ଦେ. ବ—ହଳ ପଟାଏ; ହଳଓଡ଼େ—Tilling or
Hala bherāe ploughing of a land once only.
একচাষ एकचास

ହଳ ମଜୁରୀ(ମୂଲ)—ଦେ.ବ—କୌଣସି ବ୍ୟକ୍ତିର ହଳଦ୍ୱାରା ଅନ୍ୟ ବ୍ୟକ୍ତିର
Hala majuri(mūla) ଜମି ଚଷା ହେଲେ ପ୍ରଥମ ବ୍ୟକ୍ତି ଦ୍ୱିତୀୟ

ହାଲ ମଜୁରି ବ୍ୟକ୍ତିଠାରୁ ହଳର ବ୍ୟବହାର ପାଇଁ ସେହି ଧନ ବା
हल मजुरी ଭଡ଼ା ପାଏ—Hire paid to the owner of a plough for the use of his plough and bullocks in another's field.

ହଳମୁଚୀ—ସଂ. ବ—ଗୁଳ୍ମ ବିଶେଷ—(ହରେକୃଷ୍ଣ ଦ୍ରବ୍ୟଗୁଣ)—
Hala muchī A herb; Enhydra Hingcha.
(ହଳମୋଚିକା—ଅନ୍ୟରୂପ)

ହଳ ମୁଷଳ—ସଂ. ବ—(ହଳ + ମୁଷଳ)—ବଳଦେବଙ୍କର ଦୁଇଟି
Hala mushala ଶସ୍ତ୍ର :—ଲଙ୍ଗଳ ଓ ଠେଙ୍ଗା—Plough and cudgel borne by Balarāma.

ହଳର ହ(ଚ)ଳର—ଦେ. ବଣ—୧। ଢିଲା ହୋଇ ହଲୁଥିବା; ଯଥା
Halar ha(cha)lar (ଛୁଞ୍ଚି ଇତ୍ୟାଦ) ଛିଦ୍ରରେ ଦୃଢ଼ରୂପେ
(ହଲ ହଲ—ଅନ୍ୟରୂପ) ନ ବନ୍ଧ ଢିଲା ବା ଇତସ୍ତତଃ ଚଳନ୍ତ
হলহল ହେଉଥାଏ—1. Slackened (e. g. a pin in a
हलर हलर, हलहल big hole); not tightly set; shaking on account of slackness. ୨।
ଶିଥିଳବନ୍ଧନ—2. Loosened; slackened.
(ଯଥା—ମୋ ଦାନ୍ତଗୁଡ଼ାକ ହଳର ହଳର ହେଉଛି)

ହଳରାକ୍ଷ—ସଂ. ବ—ଅଳ୍ପ; ଛୋଟ ବୃକ୍ଷ ବିଶେଷ—A sort of
Halarāksha small tree. [ଦ୍ର—ଏହା ଉଷ୍ଣ ରସ,
ভুজিতখড়, তরবট্ট ଶୀତବୀର୍ଯ୍ୟ, ଉଷ୍ଣର ହିତକର; ପିତ୍ତ, ଦାହ,
तरवड्ड, आबेर ମୁଖରୋଗ, କୁଷ୍ଠ, କଣ୍ଡୁ, କ୍ରିମି, ଶୂଳ ଓ ବ୍ରଣ ରୋଗରେ ଉପକାରୀ ।]

ହଳସାଇଁ—ଦେ. ବ—(ସଂ. ହଳ + ସ୍ୱାମୀ)—ବଳରାମ; ହଳଧର—
Halasāiṅ A name of Balarāma, step-brother of
হলধর Srikrushna. [ଦ୍ର—ଏରୂପେ ପାଷ୍ଟ ହୁଇ ବଳରାମଙ୍କ
हलसाई ଗୃହେ, ବୋଇଲେ ଦୁଇକଥା ପେଢ଼ିବା ହଳସାଇଁ ।
ପୀତାମ୍ବର- ନୃସିଂହ ପୁରାଣ ।]

ହଳସି—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବ—(ହଳ-ଈଷ)—ଈଷା;
Halasi ଈଷ—The diagonal shaft joining the plough with the yoke.

ହଳ ହଡ଼ା—ଦେ. ବ—(ସହଚର)—ହଳ ଓ ବଳଦ ପ୍ରଯୋଜନୀୟ ବଳଦ
Hala hardā —Plough and bullocks necessary
হালবলদ for the same. (ଯଥା—ମୋର ହଳହଡ଼ା ନ ଥିବାରୁ
हलबैल ମୁଁ ଜମି ଚଷି ନ ପାରି ପ୍ରଜାଙ୍କୁ ଲଗାଇଦେଲି) ।

ହଳ ହଳ—ସଂ. ବ—(ହଳ ଧାତୁ + ଅ)—ହଳାହଳ (ଦେଖ)—
Hala hala Hlāhala (See) ଦେ. କି. ବିଣ—୧ । ହଳ-
জোড়াজোড়া ବା ହଳ; ଯୋଡ଼ା ଯୋଡ଼ା ହୋଇ ବହୁ ଯୋଡ଼ା—
जोड़ाका जोड़ा 1. In pairs. (ଯଥା—ପଶୁମାନଙ୍କ ସଙ୍ଗମ ଋତୁରେ ସେମାନେ ହଳ ହଳ ହୋଇ ବୁଲନ୍ତି) । ୨ ।
ହଳକା ହଳ; ହଳେ ଲେଖାଏଁ—2. In separate pairs. (ଯଥା—ବଳଦମାନଙ୍କୁ ହଳ ହଳ ଛନ୍ଦିଦିଅ) ।
୩ । ବହୁ ସଂଖ୍ୟକ—3. Too many; in packs
(ଯଥା—ବଣରେ ବାଘଗୁଡ଼ାକ ହଳ ହଳ ହେଉଛନ୍ତି) ।

ହଲ୍‌ହଲ୍—ଦେ. ବଣ—(ସଂ. ହଳ ଧାତୁ)—୧ । ଶିଥିଳ ବନ୍ଧନ—1
Hala hala Loose. ୨ । ଢିଲା—2. Slack. ୩ ।
হল্‌হলে ବିଚଳିତ; କମ୍ପିତ—3. Shaking; shaky ୪ ।
हलरहलर ଲହ ଲହ (ଦେଖ)—4. Laha laha (See)

ହଳହଳା—ସଂ. ବ—ଆନନ୍ଦ କୋଳାହଳ—Hilarious ado. ଦେ.ବ
Halāhala (ସଂ. ହଳ ହଳ) ହଳାହଳ, ଉଗ୍ରବିଷ —Very fatal
হলাহল **उग्रविष** poison.

ହଳହଳା—ପ୍ରାଦେ. (ସମ୍ବଲପୁର) ବ ଓ ବଣ - ଅତିଶୟ ଗରମ—
Hala halā Very hot.

ହଳହଳା ବିଷ—ଦେ. ବ. (ସଂ.ହଳାହଳ)—୧। ହଳାହଳ—1. Very
Halahalā bisha fatal poison. ୨ । ହଳାହଳପରି ଅଗ୍ରାହ୍ୟ
হলাহল বিষ ବା ଅଖାଦ୍ୟ ବସ୍ତୁ—Unacceptable and
हलाहल विष uneatable article like fatal poison.
(ଯଥା—ବୃଥିଙ୍କ ଅଗ୍ନିଶିଖା ବା ଦେବସ୍ୱ ହଳାହଳ ବିଷ ଅଟେ । [ଅର୍ଥାତ୍ ଏହାକୁ ଯେ ଖାଇବ, ସେ ମରିବ]) ।

ହଳହଳିଆ—ପ୍ରାଦେ. (ମେଦିନୀପୁର) ବ—ସାପ ବିଶେଷ ସାପ—
Halahaliā A species of nonpoisonous snake.
Tropidonotus Stolatus.

ହଲହଲିଆ [ୟା]—ଦେ. ବଣ—୧ । ଢିଲା—1. Slack. ୨ ।
Halahaliā (yā) ବିଚଳିତ; କମ୍ପମାନ—2. Shaking.
୩ । ଲମ୍ବା—3. Very thin and long.
হলহলে **हलहलिया**
নতনতে **लकलकिया** ଦେ. ବ—ଲମ୍ବା ବସ୍ତୁ—
A thin and long thing. [ଦ୍ର—ଲୋକେ ଗାଳ ଦେଲାବେଳେ କହନ୍ତି—'ରହିଥା' ବୋଟେଇଁ ଗୋଟାଏ ହଲହଲିଆ ପୂରେଇ ଦେବି=ଭଲେ କଷଣ ବା ହତ କରିବି ।]

ହଳା—ସଂ. ଅ (ହ୍ଵା + ଲ ଧାତୁ=ଗ୍ରହଣ କରିବା + କର୍ତ୍ତୃ ଅ, ସ୍ତ୍ରୀ ଆ)—
Halā (ନାଟ୍ୟୋକ୍ତିରେ ସଖୀପ୍ରତି ସମ୍ବୋଧନ ବଚନ)—
ହଇଲୋ !—(interjection used in addressing a female companion) Hallo! ସ ବ—୧ । ସଖୀ
(ଜଟାଧର)—1. A female companion. ୨ ।
ମଦ୍ୟ—(ଅନେକାର୍ଥ କୋଷ)—2. Wine.
୩ । ପୃଥିବୀ—(ଅନେକାର୍ଥ କୋଷ)—3. The world.
୪ । ଜଳ—(ଅନେକାର୍ଥ କୋଷ)—4. Water.
ধানেরআঁটি **आँटी** ଦେ. ବ—କ୍ଷେତରୁ କଟା ହୋଇଥିବା ଧାନଗଛମାନଙ୍କର ବିଡ଼ା—Sheaf of harvested paddy-stalks. (ଦ୍ର—ଏ ହିବାଏ ଫି ଘରୁ ଧାନକଟା ସମୟରେ ଗୋଟି ଏଲେଖାଁଏ ହଳା ପାଏ—ପଦ୍ମାବତୀମୋହନ ଛମାଣଆଠଗୁଣ ।

ହଲ୍ଲା—ଦେ. ବି—୧ । ହଲ୍ଲା (ଦେଖ)—1. Hallā (See). ୨ । Halā ଦୋହୋଲ୍ଲଇବା; ହଲ୍ଲଇବା—2. Shaking. ହଲ୍ଲା ହଲ୍ଲା ୩ । ଗ୍ଭଳନ—3. Movement; moving. ୪ । ହଲିବା [ଦେଖ]—4. Halibā ନଡ଼ାନ ହଲନା (See). ଦେ. ବିଣ—୧ । [ହଲେଇ—ସ୍ତ୍ରୀ—ବିଣ] ହଲୁଥିବା—1. Swinging, ୨ । ଶ୍ଳଥ ହୋଇଥିବା—2. Slackened; loose. ୩ । ଯେ ହଲ୍ଲଏ—3. Wagging or shaking. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ଲଙ୍ଗୁଡ଼ହଲ ଜୀବ, କାନହଲ କୁକୁର ଇତ୍ୟାଦି ।] ପ୍ରାଦେ (ବଲ୍ଲଙ୍ଗୀର ପାଟଣା) ବି—୧। ଢେଉ—1, Wave. ୨ । (କ୍ରିୟା) ହେବା କ୍ରିୟାର ବୃତ୍ତିମାନସାମିପ୍ୟ ଅତୀତକାଳ ତୃତୀୟ ପୁରୁଷ ଏକବଚନ) – ହେଲା; ହୋଇଛି (It, she or he) 2. Has been. ସ ବି ଓ ଅ—ହଲା (ଦେଖ) – Halā (See)

ହଲ୍ଲ(ଲେ)ଇବା—ଦେ. କ୍ରି (ସଂ. ହଲ୍ ଧାତୁ (=ହଲିବା)ର ଣିଜନ୍ତରୂପ) Halā(le)ibā —୧ । ଦୋହୋଲ୍ଲଇବା—1. To swing; ନଡ଼ାନ, হেলান ହଲାନା, ହଲବାନା,ଝୁଲନା to shake. [ଭ—ହଲେଇ ଗାଇଲ ଗଛର ଫଳ—ଉଗ ।] ୨ । ଇତସ୍ତତଃ ଗ୍ଭଳନ କରିବା—2. To move to and fro; to wag. ୩ । ଢୁଗାଇବା, ଦୃଢ଼ ପଦାର୍ଥକୁ ଶ୍ଳଥ କରିବା—3. To slacken. ୪ । (ଲକ୍ଷଣାର୍ଥ) ଠକା ଅର୍ଥ ଅଦାୟ କରିବା ପାଇଁ ଧମକାଇବା—4. (figurative) To threaten a person to wring out some money from him. (ଯଥା—ତାକୁ ହଲେଇଦେଲେ କିଛି ପଇସା ମିଳିବ ।)

ହଲ୍ଲ(ଲେ)ଇ ମାର—ଦେ. ଅ—ସବାରିବେହେରାଙ୍କ ଡାକବିଶେଷ— Halā(le)i mārā A term used by palki-bearers [ଦ୍ର—ଏ ଡାକଦ୍ୱାରା ଖ୍ଲେଇ କାନ୍ଧେଇଥିବା ବେହେରା-ମାନଙ୍କ ଅଙ୍ଗ ସଞ୍ଚାଳନ ଓ ବଳପ୍ରକାଶ କରିବାକୁ ଅବର ବେହେରାମାନେ ଡାକନ୍ତି ।]

ହଲ୍ଲ(ଲେ)ଇହେବା—ଦେ. କ୍ରି—୧ । ଅଙ୍ଗାଦିକୁ ଇଚ୍ଛେ ସଂଚାଳନ କରିବା Halā(le)i hebā —1. To swing one's limbs ନାଡ଼ାନ ହଲାନା or ornaments voluntarily. [ଭ—ସାଅନ୍ତୁଙ୍କ ଘର ଝିଅ, ହଲେଇ ହୁଅନ୍ତି ନାକ ଫୁଲ-ଗୁଣା, ଦେଖେଇ ହୁଅନ୍ତି ଦନ୍ତ—ଉଗ ।] ୨। କଥାର ଭଙ୍ଗିରେ ବା କଥା କହିବା ଛଳରେ ବା ନିଜର ବାହାଦୁରି ବା ସୌନ୍ଦର୍ଯ୍ୟ ଦେଖାଇବା ପାଇଁ ମୁଖକୁ ଓ କାନନାକରେ ପିନ୍ଧିଥିବା ନୋଳ ବସୁଣି ଆଦି ଅଳଙ୍କାରକୁ ଇତସ୍ତତଃ ଗ୍ଭଳନ କରିବା । 2.To move one's face, and consequently the rings worn on the nose and ears, in different directions with a view to exhibit one's pride, excellence, beauty or ornaments. ୩। ଅଙ୍ଗ ଗ୍ଭଳନ ଓ ଅଙ୍ଗାଳନପୂର୍ବକ କଥା କହିବା—3.To boast arrogantly by moving one's mbs. (ଉ—ଖୋଇଲି ଖେଇଲି ନୋହୁଲି ବଛ, ହଲେଇ ହଉଛ ଗୁହାଳ ଖୋଚ୍ଛ—ଉଗ—ସ୍ୱର୍ଗୀୟ ସ୍ୱାମୀଙ୍କ ରଚିତା ସ୍ତ୍ରୀପ୍ରତି ଅକ୍ଷେପବାଣୀ] [ଦ୍ର—କୌଣସି ବାଳକ ବା ସ୍ତ୍ରୀ ଗୁରୁଜନଙ୍କ ନିକଟରେ ଅସ୍ତବ୍ୟସ୍ତପୂର୍ବକ କୌଣସି କଥା କହିଲେ ବା ଉତ୍ତବାଦ କଲେ ତାକୁ ଲୋକେ କହନ୍ତି—ଦେଖ, ସେ କେତେ ହଲେଇ ହୋଇ କଥା କହୁଛି ।

ହଲ୍ଲ ଉଠା(ଠେ)ଇବା—ଦେ· କ୍ରି—ହଲ୍ଲା ଉଠାଇବା [ଦେଖ]— Halā uṭhā(ṭhe)ibā Hallā uṭhāibā (See)

ହଲାକତ – ପ୍ରାଦେ [ଗଡ଼ଜାତ]—ବି [ଅ ହଲାକତ =ହତ୍ୟା; ମୃତ୍ୟୁ]— Halākat ୧ । କଷ୍ଟ—1. Hardship. ୨ । ବ୍ୟସ୍ତବ୍ୟସ୍ତ; ହରବର—2. Harassment.

ହଲ୍ଲ କରିବା—ଦେ. କ୍ରି—ହଲ୍ଲା କରିବା (ଦେଖ)— Halā karibā Hallā karibā (See)

ହଲଚଲ—ଦେ. ବି ଓ ବିଣ—ହଲଚଲ (ଦେଖ)— Halā chalā Hala chala (See) হলাচলা, নড়াচড়া ହଲଚଲ

ହଲ୍ଲାଟୁଲା କରିବା—ପ୍ରାଦେ (ଗଡ଼ଜାତ) କ୍ରି—ବ୍ୟସ୍ତବ୍ୟସ୍ତ କରିବା— Halāṭulā karibā To harass.

ହଲ୍ଲାଟୁଲା ହେବା—ପ୍ରାଦେ (ଗଡ଼ଜାତ) କ୍ରି—୧ । ବ୍ୟସ୍ତବ୍ୟସ୍ତ ହେବା— Halāṭulā hebā 1. To be harassed. ୨ । ଉଦା ଭାବରେ ହଲଚଲ ହେବା—2. To saunter about aimlessly.

ହଲ୍ଲ ପଟା—ଦେ. ବିଣ—ହରବର ବା ବିପଦରେ ପଡ଼ିଥିବା— Halāpaṭā In trouble or difficulty. ଦେ. ବି— মুস্কিল, হয়রান ୧। ଦୁଃଖ—1. Botheration. ୨। ହର-ହୈରାନ,परेशान ବର;ହରଗଞ୍ଜ—2. Trouble; harassment. ୩ । ଟଣାଓଟରା—3.The state of being drawn hither and thither.

ହଲ୍ଲାପଟା କରିବା—ଦେ· କ୍ରି—କୌଣସି ବ୍ୟକ୍ତିକୁ ହଇରାଣ କରିବା— Halāpaṭā karibā To trouble or harass a হয়রানকরা हैरानकरना person.

ହଲ୍ଲାପଟାରେ ପଡ଼ିବା—ଦେ. କ୍ରି—ହଇରାଣ ହେବା— Halāpaṭāre paṛibā To be troubled or bothered. [ହଲ୍ଲାପଟା ହେବା—ଅନ୍ୟରୂପ] হয়রানহওয়া हैरानीमेपडना

ହଲ୍ଲାପଟିଆ—ଦେ. ବିଣ—୧। କଷ୍ଟଯୁକ୍ତ (କାର୍ଯ୍ୟ)—1.Troublesome. Halāpaṭiā ୨। (ପୁଂ ଓ ସ୍ତ୍ରୀ) ଯେ ଅନ୍ୟ ବ୍ୟକ୍ତିକୁ ହଲ୍ଲାପଟା গোলমেলে କରେ—2. Putting another to trouble. हैरानकरनेवाला

ହଲା ବଧାର (ବାହୁଅ)—ଦେ.ବି—୧। ଧାନକଟାଲମାନଙ୍କର ବିଲରୁ ଧାନ Halā badhāra (bāhiā) କାଟି ଅଣି ନିଜ ନିଜର ଉଲାମାନଙ୍କ ହଲାମୁଲୁଲା ପୂର୍ବରୁ ଏକତ୍ର ରଖିଥିବା ଗଦା—1.Heaps of paddy-sheaves made by different reapers

in the threshing floor before they get their share as wages cut of the same.
ধানের আঁটির গাদা बोझाकाढ़ेर

ହଳା ବଧାର କରିବା—ଦେ. କ୍ରି—ଧାନକଟାଳମାନେ ବଲରୁ ଧାନକାଟି
Halābadhāra karibā ହଳା ବାନ୍ଧ ଖଳାକୁ ଅଣିବାପରେ
ହଳାବଧାରିବା } ହଳା ମୁକୁଳା ହେବା ପୂର୍ବରୁ (ଅର୍ଥାତ୍
ହଳାବାହୁଅ କରିବା } ଅନ୍ୟରୂପ କଟାଳମାନେ ତାଙ୍କ ପ୍ରାପ୍ୟ ଅଂଶ
ହଳା ବାହ୍ୟା କରିବା } ପାଇବା ପୂର୍ବରୁ) ଚଳଚି ସକାଶେ
ନିଜ ନିଜର କଟା ହଳାବଣ୍ଡାମାନଙ୍କୁ ଏକତ୍ର ଗଦା ମାରିବା—To make or arrange the sheaves (cut by a particular reaper) into one heap before they are counted by the owner.
ধানেরআঁটি গাদাকরা बोझाढेरकरना

ହଳା ବାଡେଇବା—ଦେ. କ୍ରି—ଧାନକୁ ପୃଥକ୍ କରିବାପାଇଁ ହଳାକୁ
Halā bārdeibā ବେଙ୍ଗଲା ନ ପକାଇ ତମା ଗୋଡରେ ନ ମକଚ ହଳାର ମୂଳପାଖକୁ ଧରି ଗୋଟିଏ ପଟା ଉପରେ ହଳାର ଅଗ ଭାଗକୁ ପିଟିବା—To strike the upper end of a sheaf of paddy on a log of wood to separate the grains from the straw.
ধানআছড়ান बोझाझारना

ହଳା ବାନ୍ଧିବା—ଦେ. କ୍ରି—ଧାନଗଛକୁ ବଲରୁ କାଟିବା ସମୟେ ଧାନ-
Halā bāndhibā ଗଛମାନଙ୍କୁ ଏକଜ କରି ଗଡ଼ା ବାନ୍ଧିବା—To tie paddy plants or stalks into sheaves after reaping.
ধানেরআঁটিবাঁধা बोझाबांधना

ହଳା ବିଡ଼ା—ଦେ. ବି—(ଏକାର୍ଥକ ସବ୍ଦରେ)—ଗୋଟିଏ ହଳା—
Halā birdā One sheaf or bundle of paddy.
ধানেরআঁটি आंटी

ହଳା ବେଙ୍ଗୁଳା—ଦେ. କ୍ରି—ବେଙ୍ଗଲା ପକାଇବାପାଇଁ ଧାନହଳା
Halā bengulā ମାନଙ୍କୁ ମେଉର ଚାରିପାଖରେ ବୃତ୍ତାକାରରେ ସଜ୍ଜିତ କରି ରଖି ବନ୍ଧା ହୋଇଥିବା ହଳାର ବନ୍ଧନୀ କାଟିବା —The arrangement of the sheaves of paddy in circles round the threshing post and cutting their ligatures for having them trodden by bullocks.

ହଳା ବେଙ୍ଗୁଲିବା—ଦେ. କ୍ରି—ବେଙ୍ଗଲା ପକାଇବାପାଇଁ ଧାନହଳା
Halā bengulibā ମାନଙ୍କୁ ମେଉ ଚାରିପାଖରେ ସ୍ତର ସ୍ତର କରି ବୃତ୍ତାକାରରେ ସଜାଇ ହଳାପାକର ବନ୍ଧନୀକୁ କାଟିବା—To arrange the paddy sheaves in circles round the threshing post and cutting the ligatures before having them trodden by bullocks.

ହଳା ମକଚା (ମଳା)—ଦେ. ବି—ଧାନହଳାରୁ ଧାନ ଅଲଗା କରିବାକୁ
Halā makachā (malā) ତାକୁ ବେଙ୍ଗଲା ନ ପକାଇ ହଳା ବନ୍ଧା ହୋଇ ଥିବା ଅବସ୍ଥାରେ ତାହାର ଅଗକୁ ଗୋଡରେ ଦଳିବା କର୍ମ—The act of treading on the ears of paddy with the feet to separate the grains therefrom (instead of having them trodden by bullocks.

ହଳା ମକଚିବା (ମଳିବା)—ଦେ. କ୍ରି—ଧାନ ଅଲଗା କରିବାପାଇଁ
Halā makachibā (malibā) ଧାନହଳାକୁ ମନୁଷ୍ୟ ଗୋଡରେ ଚକଟିବା—To tread on the sheaves of paddy to separate the paddy grains from the ears.

ହଳା ମୁକୁଳ (ଳା)—ଦେ. ବି—କଟାଳମାନେ ବଲରୁ ଧାନହଳାମାନଅଣି
Halā mukula(lā) ଖଳାରେ ବାହୁଅ କରିବା ପରେ କ୍ଷେତସ୍ୱାମୀ
ধানকাটা মজুরির ভাগ যাহাদ্বারা যাহা କଟା ହୋଇଥିବା ହଳାମାନ ଗୁମାର କରି କଟାଳମାନଙ୍କୁ ସେମାନଙ୍କ ପାରିଶ୍ରମିକ ବା ମୂଲ ସ୍ୱରୂପ ହଳାର ଅଂଶ (ଯଥା—କୋଡ଼ିଏ କାଟିଥିବା ୧୦ଟା ହଳା ବା ସାଧାରଣ ମୂଲ୍ୟ କାଟିଥିବା ୧୬ଟା ହଳା ମଧ୍ୟରୁ ପାରିଶ୍ରମିକ ସ୍ୱରୂପ ଗୋଟିଏ ହଳ) ଦେବାରୂପ କାର୍ଯ୍ୟ—The act of counting the paddy sheaves cut by different reapers and giving them a definite share out of the number of sheaves according to customary rate.

ହଳା ମୁକୁଳ(ଳା)କରିବା—ଦେ. କ୍ରି—କଟାଳମାନଙ୍କର କଟା ହଳାକୁ
Halā mukula (lā)karibā ଗୁମାର କରି ସେଥିର ପାରିଶ୍ରମିକ
[ହଳ ମୁକୁଳା(ଳେ)ଇବା—ଅନ୍ୟରୂପ] ତାକୁ ଦେବା—To give the shares of the sheaves to the reapers as remuneration.
ধানকাটা মজুরি দেওয়া बोन देना

ହଳାୟୁଧ—ସଂ. ବି. ପୁଂ—(ବହୁବ୍ରୀହି; ହଳ+ଆୟୁଧ)—ବଳରାମ;
Halāyudha ବଳଦେବ (ଶ୍ରୀକୃଷ୍ଣଙ୍କ ଭାଇ)—Balarāma; elder step-brother of Srikrushna ଦେ. ବି. —(ନାମ) ବଙ୍ଗରାଜ ଲକ୍ଷ୍ମଣ ସେନଙ୍କ ମନ୍ତ୍ରୀ ଓ ବ୍ରାହ୍ମଣ ସର୍ବସ୍ୱ ଓ ପଣ୍ଡିତ ସର୍ବସ୍ୱ ଗ୍ରନ୍ଥର ସଂକଳୟିତା—Name of a minister of king Lakshmana Sen of Bengal.
[ଦ୍ର—ଉତ୍କଳ ଦେଶ ପ୍ରଚଳିତ "ପଣ୍ଡିତ ସର୍ବସ୍ୱ" ନାମକ ସ୍ମୃତିଗ୍ରନ୍ଥ ଏହି ହଳାୟୁଧଙ୍କ ଦ୍ୱାରା ରଚିତ ହୋଇଥିଲା। ଅଠମଲ୍ଲିକର ରାଜା ଶ୍ରୀ ବଶୋରଚନ୍ଦ୍ର ଦେବଙ୍କ ପ୍ରକାଶିତ ପଣ୍ଡିତ ସର୍ବସ୍ୱ ଗ୍ରନ୍ଥର ଭୂମିକାରେ ଦେୱାନ ପଣ୍ଡିତ ଶ୍ରୀ ବାମଦେବ ମିଶ୍ର ଏମ୍. ଏ. ପ୍ରମାଣ କରି ଅଛନ୍ତି ଯେ, ହଳାୟୁଧ ଉତ୍କଳୀୟ ବ୍ରାହ୍ମଣ ଥିଲେ ଏବଂ ବଙ୍ଗ ଦେଶରେ ନିଜର ପାଣ୍ଡିତ୍ୟ ପ୍ରକର୍ଷ ହେତୁରୁ ତତ୍କାଳୀନ ରାଜା ଲକ୍ଷ୍ମଣ ସେନଙ୍କର ମନ୍ତ୍ରିତ୍ୱ ଲାଭ କରିଥିଲେ।]

ହଲାଲ୍(ଲ୍)—ବୈଦେ. ବି (ଅ ହଲଲ୍=ଧର୍ମଶାସ୍ତ୍ର ଅନୁସାରେ ଉଚିତ
Halāl(l କର୍ମ)—୧। ମୁସଲମାନମାନଙ୍କଦ୍ୱାରା କୋରାନ୍-
[ହଳାଲ୍—ହଳାଲ୍] ଲିଖିତ ମନ୍ତ୍ରୋଚ୍ଚାରଣପୂର୍ବକ ପଶୁ ପକ୍ଷୀ
হলাল हलाल ଅବଧ କଣ୍ଠ କାଟିବାରୂପ ବଳଦାନ-
1. Sacrifice or act of cutting the throats

of birds and beasts by a Muslim after pronouncing Koranic formula. ୬ । ମୁସଲମାନ୍ ଧର୍ମଶାସ୍ତ୍ର ଅନୁସାରେ ଈଶ୍ୱରଙ୍କୁ ବଳି ଦେଇ ଖାଇବାଗାଇଁ ପ୍ରଶସ୍ତ ପଶୁ ଓ ପକ୍ଷୀ—2. Sacred birds and beasts which should be eaten after being offered as sacrifice according to the Koran. ୩ । କୋରାନ୍ ଲିଖିତ ମନ୍ତ୍ରୋଚ୍ଚାରଣ ପୂର୍ବକ ବଳିଦଅ ଯାଇଥିବା ପଶୁର ଓ ପକ୍ଷୀର ମାଂସ—3. The meat of birds and beasts sacrificed according to the Koran. ବିଣ—୧ । ମୁସଲମାନ ଶାସ୍ତ୍ର ଅନୁସାରେ ବଳ ଦେବା ଓ ଖାଦ୍ୟ ନିମନ୍ତେ (ବିପରୀତ—ହରାମ୍) ପ୍ରଶସ୍ତ (ପଶୁପକ୍ଷୀ)—1. (Brids and beasts) Sacred for eating and offering as sacrifice according to Koranic texts. ୨ । ମୁସଲମାନ୍‌ମାନଙ୍କ ଧର୍ମଶାସ୍ତ୍ର ଅନୁସାରେ ଉଚିତ (କର୍ମ) 2. (act) Conforming to the precepts of the Koran.

ହଲାଲ୍ (ଲ୍) କରବା ଦେ. କ୍ରି—କୋରାନ୍ ଲିଖିତ ମନ୍ତ୍ରପାଠ ପୂର୍ବକ Halār(l) karibā ପଶୁ ପକ୍ଷୀଙ୍କ ତଣ୍ଡିରେ ଛୁରି ଦେଇ ମାରିବା—হলাল করা To kill birds and beasts by uttering हलाल करना Koranic texts by cutting their throats.

ହଲାଲ୍ (ଲ୍) ଖୋର୍—ବୈଦେ. ବିଣ—(ଅ) ମୁସଲମାନ୍ ଶାସ୍ତ୍ରମତରେ Halār(l)khor ପବିତ୍ର ଓ ହଲାଲ କରାଯାଇଥିବା ପଶୁ ପକ୍ଷୀଙ୍କ (ବିପରୀତ—ହରାମ୍ ଖୋର୍) ମାଂସାହାରୀ (ବ୍ୟକ୍ତି)—(A person হলালখোর par taking of the meat of beasts and हलालखोर bisd killed according to Koranic rites. ବି—୧। (ହିନ୍ଦୁମାନଙ୍କ ବ୍ୟବହୃତଶବ୍ଦ)—ମୁସଲମାନ୍—1. (term used by Hindus) A Mahomedan. [ଦ୍ର—ମୁସଲମାନ୍‌ମାନଙ୍କ ଦୃଷ୍ଟିରେ ହଲାଲ୍ ପବିତ୍ର କାର୍ଯ୍ୟ; ମାତ୍ର ହିନ୍ଦୁମାନଙ୍କ ଦୃଷ୍ଟିରେ ଏହା ଗ୍ଲାନି ସ୍ୱରୂପ ବିବେଚିତ ହୁଏ । ୨ । ପବିତ୍ର ମାଂସ ଖାଦକବ୍ୟକ୍ତି—2. A person who partakes of meat duly offered to God and sacrificed.

ହଲାହ—ସଂ. ବି—ଚିତ୍ରିତାଶ୍ୱ (ହେମଚନ୍ଦ୍ର); ଛିଟଛିଟିକିଆ ଘୋଡ଼ା—Halāha A horse of variegated colour

ହଲାହଳ—ସଂ. ବି—(ହଳ+ଅ+ହଲ୍ ଧାତୁ=କର୍ଷଣ କରିବା+ Halāhala କର୍ତ୍ତୃ. ଅ—ହଳାଦର ଯାହା ଦେହ ମଧ୍ୟକୁ ଚର୍ଷି- ହାଳାହଳ, ହାଳାହଳ, ହାହଳ } ଅନ୍ୟରୂପ ପକାଏ)—୧ । କାଳକୂଟ ବିଷ—1 A very acute mortal poison. [ଦ୍ର—ଦେବାସୁରଙ୍କ ଦ୍ୱାରା ସମୁଦ୍ର-ମନ୍ଥନରୁ ଶେଷରେ ବାହାରିଥିବା ଉଗ୍ରବିଷ । ଏହାକୁ ମହାଦେବ ପାନ କରିବାରୁ ଏହାର ଦାହରେ ତାଙ୍କ କଣ୍ଠ ନୀଳ ହୋଇଯାଇଥିଲା] । ୨ । କୃଷ୍ଣସର୍ପ (ମେଦିନୀ)—2. Brahma sarpa. ୩ । ଅଞ୍ଜନା (ମେଦିନୀ)—3. Anjinā. ୪ । ବୃଦ୍ଧ ବିଶେଷ (ତ୍ରିକାଣ୍ଡ ଶେଷ)—4. Name of a Buddhist saint. ୫ । ମାରାତ୍ମକ ବିଷ—5. Mortal poison. ୬ । ତାଳପତ୍ର ପରି ପତ୍ର-ବିଶିଷ୍ଟ ବିଷାକ୍ତ ବୃକ୍ଷ ବିଶେଷ (ଭାବପ୍ରକାଶ)—6. Name of very poisonous tree. [ଦ୍ର—ଏଥିର ଫଳ ଓ ଚେରର ଗଣ୍ଠି ଗାଈର ଚରଣଭଳି; ଏ ଗଛପାଖରେ ଅନ୍ୟ ଗଛ ଉଧାଏ ନାହିଁ ଓ ଏ ଗଛର ଗନ୍ଧ ଶୁଙ୍ଘିଲେ ମନୁଷ୍ୟ ମରିଯାଏ (ଭ ପ୍ର)] । ୭ । ହଳାହଳ ପରି ଅଖାଦ୍ୟ ବସ୍ତୁ—7. Any thing uneatable like mortal poison.

ହଲାହଲି—ଦେ.ବି—ବହୁବାର ହଲାଇବା; ବହୁବାର ଚାଳିତ କରିବା—Halāhali Repeatedly moving a thing; the নড়ানড়ি, হেলন চলন act of wagging several times. हलाहली

ହଳି—ସଂ. ବି—(ହଲ୍ ଧାତୁ=କର୍ଷଣ କରିବା+କର୍ମ. ଇ)—୧ । Hali ହଳକୃତ ରେଖା—1. Furrow. ୨। (ହଲ୍ ଧାତୁ+ଭାବ. ଇ)—କୃଷି; ଚାଷ—2, Agriculture; cultivation. ୩। (ହଲ୍ ଧାତୁ+କରଣ ଇ)—ବୃହତ୍ ହଳ—Big plough. ଦେ. ବି—(ନାମ; ଅଦରାର୍ଥ)—ହଳଧରର ଡାକ ନାମ—A nickname for Haladhara.

ହଳିଆ—ଦେ. ବି—(ଅନାଦରାର୍ଥ)—୧ । ହଳଧରର ଡାକ ନାମ—Haliā 1. Nickname of Haladhara. ୨ । হলু हली ହଳ କାମରେ ନିଯୁକ୍ତ ଚାକର ବା ମୂଲିଆ—2. A লাঙ্গলে servant or labourer engaged for plou- हलबाह ghing. [ଦ୍ର—ହଳିଆ ୧୨ ଜଣ, ଏମାନେ ଭାଇ-ମାମିଆ, ନାଉରେ ନାଉରୀ; ଛଟଳଣ ପାଣ—ପଦ୍ମଚରଣଯୋଗୀ, ଛମାଣ ଅଠଗୁଣ୍ଠ] । ୩ । ଚାଳକ; ଚଷା —3. Cultivator. ଦେ. ବିଣ—(ସଂ. ହାଳକ)—୧ । ହଳକାମରେ ନିଯୁକ୍ତ (ପଶୁ ଓ ଲୋକ)—1. Engaged in the operation of ploughing. [ଦ୍ର—ସେହି ଠିକାରେ ହଳିଆ ବଳଦ ଓ ଗୃହପରିଜନ ଙ୍କି ଅପଣା ଗୃହରେ ଲାଗିଗଲେ—ପଦ୍ମଚରଣଯୋଗୀ, ଗଳ୍ପସ୍ୱଳ୍ପ] ୨ । ହଳକାର୍ଯ୍ୟ ସମ୍ବନ୍ଧୀୟ—2. Relating to ploughing or agriculture. ୩ । ଚଷାଣିଆ; ଚଷାପରି ଅଭଦ୍ର ଆ—3. Churlish. ପ୍ରାଦେ. (ଗଡ଼ଜାତ; ମେଦିନୀପୁର) ବି—ହଳ କାମରେ ନିଯୁକ୍ତ ବଳଦ—Plough-bullock.

ହଳିଆ—ପ୍ରାଦେ. (ଖଡ଼ଅଳ) ବି. ପୁଂ—କୃଷିକାମ ପାଇଁ ନିଯୁକ୍ତ ଅସ୍ଥାୟୀ Haliā ନୌକର—Petty or temporary servant (ବିଲିଏନ୍—ସ୍ତ୍ରୀ) engaged for ploughing. [ଦ୍ର—ଏ ନୌକରମାନେ ମାଲିକଠାରୁ ପ୍ରଥମେ ଅଗ୍ରୀମ ପେଷ୍ଟି (ଅଗଭୁରା ଧନ)

କେଉ କଉର ଅନୁସାରେ କଉର ସମ୍ପ୍ରଯୋଗରେ କାମ କରନ୍ତି । ଏ ସେମାନଙ୍କୁ ବାହାବନ୍ଧା କହନ୍ତି ।

ହଳିଆ କୋଠିଆ—ଦେ. ବ—(ସହଚର)—ହଳଅ ଓ କୋଠିଅ; Halia kothia ଯେଉଁ ଗୃହର ବା ମୂଲଅ ହଳକାମ କରେ ସର্দার লাঙ্গলে ଓ ସେହି ଚାକର ହଳଅଗୃହକଙ୍କ ମଧ୍ୟରେ ସର୍ଦ୍ଦାର— हलवाहाघरामा Servants or labourers engaged for ploughing and the head-servant over the ploughmen.

ହଳିଆ ଚାକର—ଦେ. ବ—ଯେଉଁ ବ୍ୟକ୍ତିକୁ ହଳକାମ କରିବା ପାଇଁ Halia chākara ଚାକର ସ୍ୱରୂପ ନିଯୁକ୍ତ କରାଯାଏ—A লাঙ্গলে চাকর whole time servant retained for हलवाह नौकर ploughing or agriculture.

ହଳିଆ ଜାଗିର (ବେତା)—ଦେ. ବ—ହଳଅ ବ୍ୟକ୍ତିଙ୍କୁ ଦୈନିକ ମୂଲ Haliā jāgiri (betā) ବା ଦରମା ଛଡ଼ା ଦିଆ ଯାଇଥିବା ଜମି— হেলে চাকরান Land given to a ploughman over हलवाहापरबरीश and above his daily wages or pay.

ହଳିଆ ଡିହ—ଦେ. ବ—ହଳଅ ବଳଦଙ୍କୁ ହଳଅ ପେଲେ ହଳ ବୁଲାଇବା Haliā diha ବେଳେ ହଳଅ ପାଞ୍ଚଣର ମୁଣ୍ଡ ଦ୍ୱାରା ମାରିବା ନିଷ୍ଠୁର হেলেখোঁচা ଡହ ବା ଜୁଲୁ ଡହ ପର ନିଷ୍ଠୁର ମାଡ଼—A cruel हलवाहाडिह push or poking given to plough-bullocks by a ploughman with the butt end of a ploughing cudgel.

ହଳିଆ ପାଞ୍ଚଣ—ଦେ. ବ—ହଳ କରିବା ବେଳେ ବଳଦଙ୍କୁ ଅଡାଇବା Haliā pānchana ପାଇଁ ହଳଅର ବ୍ୟବହାର କରିବା ମୋଟ হেলেচাবুক ପାଞ୍ଚଣ—A cudgel or stick used by a हलवाहापैना ploughman to goad plough-bullocks.

ହଳିଆ ବରତନ (ବର୍ତ୍ତନ)—ଦେ. ବ—ହଳଅ ଜାଗିର ଏହିବର୍ତ୍ତିରେ Haliā baratana (barttana) ବର୍ଷରେ ନିର୍ଦ୍ଦିଷ୍ଟ ବାର୍ଷିକ হালচাষীরবেতন ଦରମା—A definite sum of money हवाहाकादरमाहा given to a ploughman after the completion of a year's work (over and above the daily wages or salary.

ହଳିଆ ବ୍ରାହ୍ମଣ—ଦେ. ବ—ମାସ୍ତାନ ବ୍ରାହ୍ମଣ (ଦେଖ)— Haliā brāhmana Māstāna brāhmana (See).

ହଳଏ—ଦେ. ବଣ ଓ ବ—ହଳେ; ଏକହଳ ବା ଏକଯୋଡ଼ା ମାତ୍ର— Haie One pair of. একযোড়া एकहल

ହଳକ—ଦେ. ବ ଓ ବଣ—(ଅବଧାରଣାର୍ଥକ) ଏକ ହଳ ବା ଏକ ଯୋଡ଼ା ମାତ୍ର; Halika କେବଳ ମାତ୍ର—A pair only, two only. [ଯଥା— একযোড়া ଧୋବା ମଇଳ, ଏଖାଲି କରନ୍ତ ହଳକ—ଲୋଗ] एकहल

ହଳିନୀ—ସ. ବଣ ସ୍ତ୍ରୀ—(ହଳନ୍+ସ୍ତ୍ରୀ ଈ)—୧ । କୃଷକୀ—1. The Halinī wife of a cultivator. ୨ । ଲଙ୍ଗଲୀ; ଲଙ୍ଗୁଲିଆ ଗୁଳ୍ମ (ବୈଦ୍ୟକ)—2. Wolfsbane; Aconitum Napellus. ୩ । ଅଗ୍ନିଶିଖା କରଣୀ ଗୁଳ୍ମ (ବୈଦ୍ୟକ)—3. Gloreosa Superba plant.

ହଳିପ୍ରିୟ—ସ. ବ—(ହଳିନ୍=ବଳରାମ+ପ୍ରିୟ; ୬ଷ୍ଠୀ ତତ୍)—କଦମ୍ବ Halipriya ବୃକ୍ଷ—Kadamba tree.

ହଳିପ୍ରିୟା—ସ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—୧ । ରେବତୀ; ବଳରାମଙ୍କ Halipriyā ସ୍ତ୍ରୀ—1. The wife of Balarāma. ୨ । ସୁରାସ; ମଦିରା; ମଦ (ରାଜନିର୍ଘଣ୍ଟ)—2. Wine.

ହଳିବା—ଦେ, କ୍ରି—(ସ. ହଲ ଧାତୁ)—୧। ଇତସ୍ତତଃ ଚାଳିତ ହେବା— Halibā 1. To move to and fro. ୨ । ଦୋହଲିବା; হেলন, নড়া ଇତସ୍ତତଃ ଝୁଲିବା—2. To swing to and fro. हिलना ୩ । ଶ୍ଳଥ ହେବା—3. To become slack or loose. ୪ । ଦୋହଲିବା; କମ୍ପିତ ହେବା—4. To shake. ୫ । ନିଜ ଦେହକୁ କାର୍ଯ୍ୟରେ ଚାଳିତ କରିବା— 5. To move one's limbs. [ଯଥା—ସେ ଜମା କାମରେ ହଲିବାକୁ ନାହିଁ]

ହଳିବା (ଲା) ପାଣିକି(କୁ) ଗୋଡ଼ ନ ବଢ଼ା(ଢେ) ଇବା—ଦେ କ୍ରି— Halibā(lā) pāniki(ku) gorda na bardhā (rdhe) ibā (ଲକ୍ଷଣାର୍ଥ) ସାମାନ୍ୟ ମାତ୍ର ଅଶାନ୍ତ ବା ଗୋଳମାଳରେ ସମ୍ପର୍କ ରଖିବା—Not to put one's legs into troubled water. [ଦ୍ର—ଏହା ଅତ୍ୟନ୍ତ ଶାନ୍ତ ପ୍ରକୃତିର ଲୋକର [ହଲିବା (ଲା) ପାଣିରେ ଗୋଡ଼ ନଦେବା—ଅନ୍ୟରୂପ] ଲକ୍ଷଣ] কাঁচা আলে পা না দেওয়া ফ্যাসমে नहीं फंसना

ହଳିମା—ସ. ବ ସ୍ତ୍ରୀ—ସ୍କନ୍ଦଙ୍କ ମାତୃକା ବିଶେଷ (ହି. ଶ)— Halimā Name of one of the foster-mothers of Skanda.

ହଳିଲ—ଦେ. ବଣ—ହଲୁଥିବା; ଦୋହଲୁଥିବା—In motion; Halilā hanging. [ଯଥା—ସେ ହଲିଲା ପାଣିକି ଗୋଡ଼ ନଡା हलाईआ ଦେବ ନାହିଁ]

ହଲିହଲିଆ—ପ୍ରାଦେ (ଗଞ୍ଜାମ) ବଣ—ଢିଲାଢିଲା—Slack; loose. Halihalia [ଯଥା—ହଲିହଲିଆ କାମ]

ହଇହଳିକା—ଦେ. ବ (ବୈଦ୍ୟକ—ଝୋଟିକୁଟା (ଦେଖ)— Haihalikā Jhoti kuta (See)

ହଳୀ—ସ. ବଣ. ପୁଂ=(ହଳ+ଅସ୍ତି ଅର୍ଥରେ ଇନ୍, ହଳିନ୍ ଶବ୍ଦ; ପୁ. Haī ୧ମା. ୧ବ)—୧ । ହଳଧର; କୃଷକ; ଚଷା; କୃଷୀବଳ— [ହଳିନୀ—ସ୍ତ୍ରୀ ବଣ] 1. A cultivator. ୨ । ବଳରାମ— 2. The elder step brother of Krushna ୩ । ଲାଙ୍ଗଳୀ ଗୁଳ୍ମ [ରାଜନିର୍ଘଣ୍ଟ]; ଲଙ୍ଗଳିଆ ଗୁଳ୍ମ— 3. Wolfs bane. ୪ । ଅଗ୍ନିଶିଖା କରଣୀ ଗୁଳ୍ମ— 4. A plant; gloriose Superba.

ହଳୀନ—ସ. ବ—୧ । ଶାକ ବିଶେଷ [ଶବ୍ଦ ଚନ୍ଦ୍ରିକା]—A kind of Halīna herbarious plant. ୨ । ଶାଗୁଆନ ଗଛ— 2. The teak wood tree.

ହଳୀନକ—ସ. ବ—କ୍ଷୀରବୃକ୍ଷ [ଦେଖ]— Hainaka Kshirabruksha (See).

ହଳୀମ—ସଂ. ବ—କେତକୀ [ହେ. ଶ]—
Halima The yellow flowered Pandanus tree.

ହଳୀମକ—ସ.ବ—(ହଲ ଧାତୁ=ବିଲେଖନ କରିବା+କର୍ତ୍ତୃ.ଇମନ୍,ଏହି
Halimaka ରୋଗରେ ଦେହରେ ଦାଗ ଦେଖାଯିବାରୁ)—ରୋଗ-ବିଶେଷ; ପାଣ୍ଡୁରୋଗର ବୃଦ୍ଧିଜନିତ ରୋଗବିଶେଷ; କାମଳ ରୋଗ—A disease; malignant devolopment of jaundice. [ଦ୍ର—ଏଥିରେ ଦେହର ବର୍ଣ୍ଣ ଶ୍ୟାମ, ହରିତ୍ ଓ ପୀତ ହୁଏ, ବଳର ଓ ଉତ୍ସାହର କ୍ଷୟ ହୁଏ, ସ୍ତ୍ରୀମାନଙ୍କୁ ଦେଖିଲେ ଏ ରୋଗୀଙ୍କର ବିରକ୍ତି ଜାତହୁଏ। ଦେହ ଲୁଣ୍ଠାଇ ହୁଏ; ଶ୍ୱାସ, ତୃଷ୍ଣା, ଶୋଥ, ଅରୁଚି ଓ ଭ୍ରମ ଜନ୍ମେ। ଦେହରେ ଲମ୍ବ ଓ ମୋଟା ଦାଗମାନ ଦେଖାଯାଏ—ଭାବପ୍ରକାଶ]

ହଳୀଶା(ଷା)—ସ ବ [ସ୍ତ୍ରୀ ଲିଙ୍ଗ; ହଳ+ଈଶା[ଷା]; ସ୍ୱରସନ୍ଧିର
Halisā(shā) ନିୟମାନୁସାରେ 'ହଲେଶା' ନ ହୋଇ ହଳୀଶା(ଷା) ହୋଇଥିବାରୁ ନିପାତନ]—ଲଙ୍ଗଳର ଦଣ୍ଡ; ହଳର ଈଷ—The beam or shaft of a plough.

ହଳୀଶା(ଷା) ଲାଙ୍ଗଳୀଶା (ଷା)—ସ.ବ [ଏକାର୍ଥକ ସହଚର; ନିପାତନସିଦ୍ଧ
Halisā(shā)lāngalisā(sā) ପଦ]—ଲଙ୍ଗଳର ଈଷ—The beam or shaft of a plough. ଦେ ବ [ଲକ୍ଷଣାର୍ଥ] ସାଧାରଣ ନିୟମର ବ୍ୟତିକ୍ରମ ବା ନିପାତନ-ଜନିତ ଘଟଣା—(figurative) An extraordinary or exceptional matter.

ହଳୁଆ—ଦେ. ବଣ [ସ ହାଳିକ]—୧। ହଳିଆ (୧) [ଦେଖ]—
Haluā 1. Halia 1 (See) ୨। ହଳସମ୍ବନ୍ଧୀୟ—
হলিয়া हलका 2. Relating to plough. ୩। କୃଷିସମ୍ବନ୍ଧୀୟ—3. Agricultural. ୪।
বাতান बरदाईहुई ଋତୁମତୀ [ଗାଈ]—
গোয়াঁরগোবিন্দ बागर 4. [a cow] In her menses. ୫। ଚଷାଣ୍ଡିଆ; ଅଶାଳୁଆ—5. Churlish; rude. ଦେ: ବ—୧। ହଳଅ—1. Ploughman. ୨। ଗାଈର ଋତୁ—2. The menses of a cow. ୩। କୃଷକ; ଚଷା—3. Husbandman. ୪। ଗୋରୁମାନଙ୍କର କାମୋନ୍ମତ୍ତ ଅବସ୍ଥା—4. The rut of a cow.

ହଳୁଆ—ପ୍ରାଦେ (ଗଡ଼ଜାତ) ବ—ବ୍ରାହ୍ମଣଜାତିବିଶେଷ; ମାସ୍ତାନ ବ୍ରାହ୍ମଣ-
Haluā Mastāna Brāhmana.

ହଳୁଆ ପଡ଼ିବା—ଦେ କି—୧। (ଗାଈ) ଋତୁମତୀ ହେବା; ହଳିଆର ହେବା—
Haluā pardibā 1. To be in the menses
বাতান बरदाना (said of a cow)
୨। [ଗାଈ] ବୃଷ ଦ୍ୱାରା ସହବାସ କରାଯିବା—2. To be cohabited or crossed by a bull [said of a cow]. ୩। (ପଶୁ ବା ମନୁଷ୍ୟେତର ପ୍ରାଣିସମ୍ବନ୍ଧ)—ସଙ୍ଗମରେ ରତ ହେବା—3. To pair; to mate [said of animals].

ହଳୁଆ ବ୍ରାହ୍ମଣ—ପ୍ରାଦେ [ଗଞ୍ଜାମ] ବ—ହଳସଂଯୋଗୀ ବ୍ରାହ୍ମଣ;
Haluā brāhmana ମାସ୍ତାନ ବ୍ରାହ୍ମଣ—Māstāna Brāhmana. [ଦ୍ର—ଏମାନେ ହୋଟେଲ୍ କରନ୍ତି, ଦାସକାଠି ବାଦ୍ୟ ବଜାନ୍ତି, ଘରିବ ଘର ଗୃହ କରନ୍ତି।]

ହଳୁହାର—ସଂ. ବ—ଯେଉଁ ଘୋଡ଼ାର ଅଣ୍ଡକୋଷ କଳା ଓ
Haluhāra ମୁଣ୍ଡରେ ଦାଗ ଥାଏ (ହେ. ଶ)—A horse with black testicle and mark on the head.

ହଳେ—ଦେ. ବ ଓ ବଣ—୧। ଏକ ହଳ ମାତ୍ର—1. One pair
Hale only. ୨। ଯୋଡ଼ିଏମାତ୍ର—2. Two
একযোড়া पेकहल only.

ହଳେ—ପ୍ରାଦେ (ଗଡ଼ଜାତ) ବ ଓ ବଣ—ଏକ ଯୋଡ଼ା—
Hale One pair; a pair of.

ହଳେଇ—ଦେ. ବଣ. ସ୍ତ୍ରୀ—ହଳୁଆର ସ୍ତ୍ରୀଲିଙ୍ଗ—
Halei Feminine orm of Halua

ହଳେ ଫସୋ—ପ୍ରାଦେ (ସମ୍ବଲପୁର) ବଣ—ଢିଲା—
Halo phaso Loose; slack.
[ଢିଲ୍ଫୋର—ଅନ୍ୟରୂପ]

ହଲ୍ଟ—ବୈଦେ. ବ (ଇଂ)—କାର୍ଯ୍ୟୋପଲକ୍ଷେ ଗସ୍ତ କରୁଥିବା
Halt କର୍ମଚାରୀଙ୍କର କୌଣସି ମୁକାମରେ ଏକ ବା
হল্ট होल्ट ଅଧିକ ଦିନ ରହଣି—
Halting of an officer during tour. ବୈଦେ ଅ (ଇଂ)—ଡ୍ରିଲ୍ କରୁଥିବା ଛାତ୍ରଙ୍କୁ ଓ ସୈନିକମାନଙ୍କୁ ଠିଆ ହେବା ପାଇଁ ସେନାପତିଙ୍କର ଡାକ—Halt! [Used in drill by the drill master or by the commander directing the marching students or soldiers to halt].

ହଲ୍ଟର୍—ବୈଦେ. ବ [ଇଂ]—ଘୋଡ଼ାର ଓ ଗାଈ ଗାଇବା ଲୋକର
Haltar ବେକ ଗୃହପାଶରେ ବେଢ଼ାଯିବା ଚମଡ଼ାର
হল্টর होल्टर ପଟି ବା ଦଉଡ଼ି—
Halte

ହଲ୍ଟିଙ୍ଗ୍—ବୈଦେ. ବ (ଇଂ)—୧। ଗସ୍ତ କରିବା ଉପଲକ୍ଷରେ
Halting କର୍ମଚାରୀମାନଙ୍କର କୌଣସି ସ୍ଥାନରେ ରହଣି—
হলটিঙ্গ हल्टिंग 1. Halting of an officer during tour. ୨। ହଲ୍ଟିଙ୍ଗ୍ ଚାର୍ଜ୍ (ଦେଖ) 2. Halting chārj [See]

ହଲ୍ଟିଙ୍ଗ୍ ଚାର୍ଜ୍(ଫିସ୍)—ବୈଦେ. ବ (ଇଂ)—ଗସ୍ତ କରୁଥିବା କର୍ମଚାରୀ
Halting chārj[phis] କାର୍ଯ୍ୟୋପଲକ୍ଷରେ କୌଣସି
হলটিঙ্গচার্জ हल्टिंग चारज ସ୍ଥାନରେ ରହଣିକଲେ ସେଥି ପାଇଁ ଦୈନିକ ଯେଉଁ ଭତ୍ତା ପାଆନ୍ତି—Halting charge; halting fees of touring officers.

ହଳ୍ଦି—ପ୍ରାଦେ (ମେଦନୀପୁର) ବି—ହଳଦୀ—
Haldi Turmeric.

ହଲ୍ୟ—ସଂ. ବିଣ (ହଳ=ଲଙ୍ଗଳ+ଯ)—୧ । ହଳସମ୍ବନ୍ଧୀୟ—
Halya 1. Relating to plough. ୨ । କୃଷି
ସମ୍ବନ୍ଧୀୟ—2. Relating to agriculture. ୩ ।
ହଳକୃଷ୍ଟ—(Land) Cultivated with plough.
ସଂ. ବି—୧ । କୃଷିକ୍ଷେତ୍ର—1. A ploughed up
field. ୨ । ବୈରୂପ୍ୟ; ବିରୂପତା (ଶବ୍ଦକଳ୍ପଦ୍ରୁମ)—
2. Haggard appearance.

ହଲ୍ୟା—ସଂ. ବି (ହଳ+ଯ+ସ୍ତ୍ରୀ. ଆ)—ହଳସମୂହ—
Halyā A number of ploughs.

ହଲ୍ଲକ—ସଂ. ବି—୧ । ରକ୍ତୋତ୍ପଳ (ଅମର)—1. Red lotus.
Hallaka ୨ । କ୍ରୋଧୋକ୍ତି—2. Expression of an
an ry person.

ହଲ୍ଲନ—ସଂ. ବି—୧ । ଚଳାୟିତ, ଲୁଳନ (ଜଟାଧର)—
Hallana 1. Moving. ୨। ବିଛ ଲେଉଟାଇବା—
2. Turning on the sides.

ହଲ୍ଲା—ଦେ ବି (ସଂ. ହଲ୍ଲକ=କ୍ରୋଧୋକ୍ତି)—୧ । ଆର୍ତ୍ତନାଦ—
Halla 1. A loud cry made in distress.
হল্লা हल्ला ୨। ଘୋର୍ଘୋଷ; ଚିତ୍କାର; ହୁଲ୍ଲିଡ଼—2. A loud cry;
uproar; hue and cry. ୩ । କୋଳାହଳ;
ଉଚ୍ଚୈଃସ୍ୱରରେ ଗୋଳମାଳ—3. Loud noise; ado.
୪ । କୌଣସି ବ୍ୟକ୍ତି ହଜିଗଲେ ତାହାର ମୁରବୀ ବା
ଆତ୍ମୀୟମାନେ ତାକୁ ଖୋଜାଇବା ପାଇଁ ତାହାର ଚେହେରା
ଓ ବିବରଣ ବର୍ଣ୍ଣନା କରି ଥାନାରେ ଯେଉଁ ଇତ୍ତାହାର
ଦିଅନ୍ତି ଓ ଯାହା ପୁଲିସ କର୍ମଚାରୀ ଦେଶର ସମସ୍ତ
ଥାନାମାନଙ୍କରେ ଘୋଷଣା କରନ୍ତି । (ଏହା ମଧ୍ୟ ଲୁଚିଥିବା
ଅପରାଧୀ ସମ୍ବନ୍ଧରେ କରାଯାଏ)—4 The information
lodged with police of the missing of a
person with his description and the
proclamation of the police of this fact
in all the police stations; police hue and
cry. ୫ । ହାଲହୁଳି (ଦେଖ)—5. Hāla huḷi (See).
୬ । ଯୁଦ୍ଧ ସମୟର ଉଚ୍ଚଡାକ—6. Warcry.

ହଲ୍ଲା ଉଠା(ଠେ)ଇବା—ଦେ. କ୍ରି—୧ । ହଲ୍ଲା ମତାଇବା (ଦେଖ)—
Hallā uṭhā(ṭhe)ibā 1. Hallā matāibā (See) ୨ ।
হল্লা উঠান ହଲ୍ଲା କରିବା (ଦେଖ)—2 Hallā karibā (See)
हल्ला उठाना

ହଲ୍ଲା କରିବା—ଦେ କ୍ରି—୧ । ଚିତ୍କାର କରିବା—1. To shout
Hallā karibā out; to make a loud cry. ୨। ବିପଦରେ
হল্লা করা ଆର୍ତ୍ତନାଦ କରିବା—2. To raise a hue and
हल्ला करना cry in distress; to raise an alarm. ୩।
ଘୋର୍ଘୋଷ କରିବା; ଉଚ୍ଚୈଃସ୍ୱରରେ ଗୋଳମାଳ କରିବା—
3. To make a noise. ୪ । ହଜିଥିବା ବ୍ୟକ୍ତି ବା
ଲୁଚିଥିବା ଅପରାଧୀକୁ ଖୋଜାଇବା ପାଇଁ ଥାନାରେ ଓ
ଦେଶସାରା ତାହାର ବର୍ଣ୍ଣନା ଘୋଷଣା କରିବା—4. To
publish a hue and cry regarding a
missing person or an absconder. ୫ ।
କୌଣସି ବିଷୟ ସର୍ବସାଧାରଣରେ ଘୋଷଣା କରିବା—
5. To publish a matter broadcast.

ହଲ୍ଲା ମତା(ତେ, ଚ୍ଚା, ଚେ)ଇବା—ଦେ. କ୍ରି—୧। ହଲ୍ଲା କରିବା (ଦେଖ)
Hallā maṭā(ṭe,chā, che)ibā Hallā karibā (See)
হল্লা মাতান, হল্লা মচান ୨ । କୌଣସି ବିଷୟକୁ ଉଚ୍ଚୈଃସ୍ୱରରେ
हल्ला मचाना ଘୋଷଣା କରିବା—2.To publish a matter
aloud.

ହଲ୍ଲୀଷ (ସ)—ସଂ. ବି—(ହେଲା=ସ୍ତ୍ରୀମାନଙ୍କର ଭାବ ବିଶେଷ; ଲୀଳା+
Hallisha(sa) ଲଷ୍ ବା ଲସ୍ ଧାତୁ=ନୃତ୍ୟବିଶେଷ,ଚତୁର୍ଦ୍ଦ ପ୍ରଦର୍ଶନ
କରିବା+ଅଧି ଅ,ନିପାତନ)—୧। ସ୍ତ୍ରୀମାନଙ୍କ ସହ ନର୍ତ୍ତନ
—(ତ୍ରିକାଣ୍ଡ ଶେଷ)—1. Dance with females;
ball-dance ୨ । ଜଣେ ପୁରୁଷକୁ ଅଠଜଣ ସ୍ତ୍ରୀ
ଗୁରିପାଖେ ବେଢ଼ି କରିବା ଏକ ପ୍ରକାର ନାଚ—2. A
dance made in a ring formed by 8
women with a man in the centre. ୩ ।
ଗୀତନର୍ତ୍ତନକଳିତ ଏକାଙ୍କଯୁକ୍ତ ଉପରୂପକ (ନାଟକ)—
3. A kind of drama with one act accompanied by song & dance. [ଦ୍ର—ଏଥିରେ
ଗୋଟିଏ ମାତ୍ର ପୁରୁଷପାତ୍ର ଓ ଅଠୋଟି କମ୍ବା ଦଶଟି ସ୍ତ୍ରୀ ପାତ୍ର
ଥାଆନ୍ତି । ଉଦାହରଣ—କେଳୀରୈବତକ—ମହାରାଜ ବିକ୍ରମ
ଦେବ—ଉତ୍କଳସାହିତ୍ୟ ପତ୍ରିକାରେ ପ୍ରକାଶିତ ନାଟ୍ୟକଳା
ପ୍ରବନ୍ଧ ।]

ହଲ୍ଲୀଷ(ସ)କ—(ହଲ୍ଲୀଷ [ସ]+ସ୍ୱାର୍ଥେକ)—୧ । ସ୍ତ୍ରୀମାନଙ୍କର ମଣ୍ଡଳବ
Hallisha(sa)ka ନୃତ୍ୟ (ଜଟାଧର, ହେମଚନ୍ଦ୍ର)—1. A
dance of females in a ring; a ring-dance
of females. ୨ । ଏକ ପୁରୁଷ ସହିତ ବହୁ ସ୍ତ୍ରୀ-
ମାନଙ୍କର ମଣ୍ଡଳାକାର ନୃତ୍ୟ; ରାସକ୍ରୀଡ଼ା । (ଯଥା—
ଶ୍ରୀକୃଷ୍ଣଙ୍କ ଗୋପୀଗଣ ସହ)—2. A ring dance of
females round a male(e.g. of Śrīkrushna
with the Gopis).

ହୱାଲ୍—ବୈଦେ. ବି (ଅ. ହୱାଲ୍=ଜିମ୍ମା)—ହବାଲ୍ (ଦେଖ)—
Hawāl Habāl [See]

ହୱାଲ୍ ଦାର୍—ବୈଦେ. ବି (ଅ. ହୱାଲ୍+ପା.ଦାର୍)—ହାଲ୍ ଦାର୍
Hawāl-dār (ଦେଖ)—Hāl-dār (See)

ହୱାଲତ୍—ବୈଦେ. ବି (ଅ)—ହୁଆଲତ୍ (ଦେଖ)—
Hawālat Huālat (See)

ହୱାଲତି—ବୈଦେ. ବିଣ (ଅ)—ହୁଆଲତି (ଦେଖ)—
Hawāliti Huālati (See)

ହଷ୍ଟେଲ୍—ବୈଦେ. ବି (ଇଂ)—ଛାତ୍ରାବାସ; ବୋର୍ଡ଼ିଙ୍ଗ୍—
Hastel Hostel, boarding.
হোস্টেল हॉस्टेल

ହସ୍ (ଧାତୁ)—ସ—୧ । ହସିବା; ହାସ୍ୟ କରିବା—1. To laugh.
Has (root) ୨ । ଉପହାସ କରିବା—2. To laugh at; to deride. ୩ । ପ୍ରସ୍ଫୁଟିତ ହେବା—3. To be full blown. ୪ । ପ୍ରକାଶିତ ହେବା—4. To be published; to appear.

ହସ୍‌ପା(ପି)ଟା(ଟା)(ଲ)ଲ୍—ବୈଦେ. ବ [ଇଂ ହସ୍‌ପିଟାଲ୍]—ସାଧାରଣ
Has-pā[pi]tā[ṭā]l[l] ଡାକ୍ତରଖାନା; ହାସ୍‌ପାତାଲ—
হাস্পাতাল अस्पताल Hospital.
[ଦ୍ର—ହସ୍ପିଟାଲରେ ଯେଉଁ ରୋଗୀମାନଙ୍କୁ ସ୍ଥାନ ଦିଅଯାଇ ଚିକିତ୍ସା କରାଯାଏ, ସେମାନଙ୍କୁ In-patients (ଘରରୋଗୀ) ବୋଲାଯାଏ । ଯେଉଁ ରୋଗୀମାନେ ସେଠାରୁ ଆସି ଚିକିତ୍ସିତ ହୋଇ ବା ଔଷଧ ନେଇ ଯେଝା ଘରକୁ ଚାଲି ଯାଆନ୍ତି, ତାଙ୍କୁ Out patients (ବାହାର ରୋଗୀ) ବୋଲାଯାଏ । ହସ୍‌ପାଟାଲରେ ଦୁଇ ଶ୍ରେଣୀ ରୋଗୀଙ୍କର ଚିକିତ୍ସାର ବନ୍ଦୋବସ୍ତ ଥାଏ । କିନ୍ତୁ ଡିସ୍ପେନ୍‌ସରି [dispensary] ରେ କେବଳ ବାହାର ରୋଗୀଙ୍କ ଚିକିତ୍ସାର ବନ୍ଦୋବସ୍ତ ଥାଏ ଓ ରୋଗୀମାନଙ୍କ ପାଇଁ ଔଷଧର ବ୍ୟବସ୍ଥା କରାଯାଏ ।]

ହସ୍‌ପିଟ(ଟା)ଲ୍ ଅ(ଆ)ସିଷ୍ଟାଣ୍ଟ—ବୈଦେ· ବ (ଇଂ)—ହାସ୍‌ପିଟାଲ
Haspita[ṭā]l a[ā]sishṭāṇṭ ଆସିଷ୍ଟାଣ୍ଟ (ଦେଖ)—
Haspiṭāl āsishṭaṇṭ [See].

ହସ୍‌ବା—ପ୍ରାଦେ (ଗାଡଣା ଦକ୍ଷିଣ ଅଞ୍ଚଳର ପ୍ରଚଳିତ ଭାଷା) କ୍ରି-ହସିବା-
Has-bā To laugh.

ହସ୍‌ଲିଆ—ପ୍ରାଦେ (ଗାଡଣା ଦକ୍ଷିଣ ଅଞ୍ଚଳର ପ୍ରଚଳିତ ଭାଷା) କ୍ରି—
Has-liā (ସେ) ହସିଲା—(He) Laughed.

ହସ—ସ.ବ (ହସ୍ ଧାତୁ=ହାସ୍ୟ କରିବା+ଭାବ ଅ)—ହାସ୍ୟ
Hasa (ଅମର)—Laugh; laughter. ଦେ. ବ—
হাসি हसी ହାସ୍ୟ କରିବା କର୍ମ—Laughing.

ହସ ଉଠିବା—ଦେ. ବ—ହାସ୍ୟର ରୋଳ ଉଠିବା—
Hasa Uṭhiba An uproar of laughter.
হাসিউঠা हँसीउठना

ହସକ—ସ ବଣ. ପୁଂ (ହସ୍ ଧାତୁ+କର୍ତ୍ତୃ ଅକ)—ହାସ୍ୟକାରୀ—
Hasaka Laughing.
(ହସିକା—ସ୍ତ୍ରୀ]

ହସ କଉତୁକ (କୌତୁକ)—ଦେ. ବ (ସ, ହସ+କୌତୁକ)—
Hasa kautuka[kautuka] ହାସ୍ୟ ଓ କୌତୁକ—
হাসিতামাসা हँसीखेल Laughter and amusements; merriment and laughter.

ହସ କଉତୁକି—ଦେ.ବଣ, ପୁଂ—ଯେ ସର୍ବଦା ହାସ୍ୟରେ ଓ କୌତୁକରେ
Hasa kauṭuki ରତ—Fond of laugh and
(ହସକଉତୁକିଆ—ଅନ୍ୟରୂପ amusement.
(ହସକଉତୁକୀ—ସ୍ତ୍ରୀ)
হঁসোর खेलबाड

ହସ କଥା—ସ.ବ (ହସ+କଥା)—୧ । ହାସ୍ୟୋଦ୍ଦୀପକ ବିଷୟ—
Hasa kathā 1. A matter for laughing at.
হাসিকথা हँसीकाबात ୨ । ଯେଉଁ କଥା ଶୁଣିଲେ ହସ ମାଡ଼େ—2. A laugh-provoking talk or speech.

ହସ କାନ୍ଦ [କାନ୍ଦଣା]—ଦେ. ବ (ଚପଳାର୍ଥକ ସହଚର)—୧ ।
Hasa kānda(kāndaṇā) ଅନବଚ୍ଛିନ୍ନ ହାସ୍ୟ
হাসিকান্না हँसीहलाई ଓ ଦୁଃଖଜନିତ କ୍ରନ୍ଦନ—
1. Laughing and weeping. ୨ । ପ୍ରଥମେ ହସିବା ଓ ପରେ କାନ୍ଦିବା ଓ ତତ୍ପରେ ହସିବା କ୍ରମ—
2. Laughing and weeping alternately.
[ଦ୍ର—ଲୌକିକ ବିଶ୍ୱାସ ଯେ, କହୁକହୁଁ ପିଲାଏ ହସିଲେ ପରେ ପୁଣି କାନ୍ଦିବାକୁ ହୁଏ ସେତେ ହସ ତେତେ କାନ୍ଦଣା—ଛଗ ।]

ହସକୁଳା(ଗ୍‌,ଡ଼ା)—ଦେ· ବଣ. ପୁଂ (ସ. ହର୍ଷାକୁଳ)—୧ । ଯେଉଁ ବ୍ୟକ୍ତି
Hasa kulā(rā, ṛā) ସବୁବେଳେ ହସେ; ହସୁରା—
(ହାସ୍ୟକୁଡ଼ା—ଅନ୍ୟରୂପ) 1. Given to laughing.
ହସକୁଳି } ୨ । ହର୍ଷଯୁକ୍ତ; ଆନନ୍ଦିତ—2. Joy ful. ୩ । କୌତୁକ-
ହସକୁଡ଼ୀ } ପ୍ରିୟ 3. Fond of amusement. ୪ । ସର୍ବଦା
ହସକୁଳୀ } -ସ୍ତ୍ରୀ ହସିବାସ୍ୟ ଯୁକ୍ତ—4. Always smiling.
হাসিখুসি हँसोर

ହସ ଖୁସି -ଦେ. ବ (ସହଚର)—ଆନନ୍ଦ ଓ ଆନନ୍ଦଜନିତ ହାସ୍ୟ—
Hasa khusi Pleasure and laugh.
হাসিখুসি हँसीखुसी

ହସ ଖେଳ(ଳ)—ଦେ. ବ [ସହଚର]—ହାସ୍ୟ ଓ କ୍ରୀଡ଼ା—
Hasa khela(ṛa) Laughter and play.
হাসিখেলা हँसीखेल

ହସ ଗପ—ଦେ. ବ—୧ । ହସ ଓ ଗଳ୍ପ—1. Laugh and talk.
Hasa gapa ୨ । ହାସ୍ୟୋଦ୍ଦୀପକ ଗଳ୍ପ—
হাসিগল্প हँसीकहानी 2. A tale which provokes laughter.

ହସ ଚୁପିବା—ଦେ. କ୍ରି—ହସମାଡ଼ିଲେ ତାହା ବାହାରରେ ପ୍ରକାଶ ନ
Hasa chāpiba କରିବାକୁ ଚେଷ୍ଟା କରିବା—
(ହସ ଚୁପି ରଖିବା—ଅନ୍ୟରୂପ) To suppress a laugh.
হাসিচপা हँसीरोकना

ହସଛେ—ପ୍ରାଦେ (ଗାଡଣା ଦକ୍ଷିଣ ଅଞ୍ଚଳର ପ୍ରଚଳିତ ଭାଷା)—କ୍ରି
Hasachhe [ସେ] ହସୁଅଛି—(he, she) Is laughing.

ହସ ତ(ତା)ମ(ମା)ସା—ଦେ. ବ(ସହଚର)—୧। ହସ କଉତୁକ [ଦେଖ]
Hasa ta(tā)ma[mā]sā 1. Hasakautuka (See)
হাসিতামাসা हँसीतमासा ୨ । ହସଖେଳ[ଦେଖ]—
2. Hasa khela (See)

ହସନ୍—ସ. ବଣ. ପୁଂ (ହସ୍ ଧାତୁ=ହସିବା+କର୍ତ୍ତୃ (ଶତୃ) ଅତ୍;
Hasan [ହସତ୍ ଶବ୍ଦ ୧ମା. ୧ବ)—ଯେ
(ହସନ୍ତୀ—ସ୍ତ୍ରୀ) ହସୁଥାଏ; ହାସ୍ୟଯୁକ୍ତ—Laughing.

ବୈଦେ. ବ (ଫା. ହୁସେନ୍)—ହୁସେନ୍‌ର ଡାକ ନାମ—
Nickname of Hussen.

ହସନହା(ହେ)ନା—ବୈଦେ. ବ (ଅ.ହୁସ୍ନହାନା)—ଫୁଲଗଛବିଶେଷ—
Hasan-hā (he)nā A kind of flowering shrub.
হস্নাহানা **हुस्नहेना** [ବ୍ର—ଏହା ଗଛମାନ ହାମୁଡ଼ା ହୁଏ। ଏହା ବହୁ ଶାଖାଯୁକ୍ତ ହୁଏ। ଏଥିରେ ଗେଣ୍ଡା ଗେଣ୍ଡା ଫୁଲ ଧରେ, ଫୁଲ ରାତ୍ରରେ ଫୁଟି ସୌରଭ ଗୃହଅଙ୍ଗେ ବିସ୍ତାର କରେ। ଫୁଲମାନ ସରୁଆ, ୧କ ଇଞ୍ଚ ଲମ୍ବ, ଶାଗୁଆ ଓ ହଳଦିଆମିଶା ବର୍ଣ୍ଣ; ଏହାର ଅକୃତ ଚଲମ ଘର ।]

ହସନ—ସଂ. ବ (ହସ୍ ଧାତୁ=ହାସ୍ୟ କରିବା+ଭାବ ଅନ)—ହାସ୍ୟ;
Hasana ହସିବା—Laughing.

ହସନୀ—ସଂ. ବି. ସ୍ତ୍ରୀ (ହସ୍ ଧାତୁ=ହାସ୍ୟ କରିବା+କର୍ତ୍ତୃ. ଅନ+ସ୍ତ୍ରୀ ଈ)—ଭୁମ୍ବେଇ—Fire pot; brazier.
Hasanī

ହସନୀମଣି—ସଂ ବ (ହସନୀ+ମଣି)—ଅଗ୍ନି (ବିକାଶ୍ରେଷ୍ଠ)—
Hasanīmaṇi Fire.

ହସନ୍ତ—ସଂ ବ ଓ ବିଣ—ହଳନ୍ତ (ଦେଖ)—
Hasanta Halanta (See)

ହସନ୍ତ ଚିହ୍ନ—ସଂ ବ—ହଳନ୍ତ ଚିହ୍ନ (ଦେଖ)—
Hasanta chihna Halanta chihna (See)

ହସନ୍ତିକା—ସଂ ବି. ସ୍ତ୍ରୀ (ହସନ୍ତୀ+କ+ସ୍ତ୍ରୀ ଆ)—୧। ଅଙ୍ଗାରଧାନୀ
Hasantikā ଭୁମ୍ବେଇ—1. A fire-pot. ୨। ମଲ୍ଲିକାବିଶେଷ (ମେଦିନୀ)—2. A species of Jasminum Sambac.

ହସନ୍ତୀ—ସଂ ବ. ସ୍ତ୍ରୀ (ହସତ୍+ସ୍ତ୍ରୀ ଈ)—୧। ଅଙ୍ଗାରଧାନିକା;
Hasantī ଭୁମ୍ବେଇ (ଅମର)—1. A fire pot; brazier.
୨। ମଲ୍ଲିକାବିଶେଷ (ମେଦିନୀ)—2. A species of Jasmine ୩। ଶାକିନୀବିଶେଷ (ମେଦିନୀ)—
3. A class of witches

ହସ ମାଡ଼ିବା—ଦେ. କ୍ରି—ହସିବା ପାଇଁ ମନ ହେବା—
Hasa mārdibā Being on the point of
হাসি পাওয়া **हँसीआना** laughing

ହସ ମାରିଦେବା—ଦେ. କ୍ରି—ହସ ଚପିବା (ଦେଖ)—
Hasa māridebā Hasa chāpibā (See)
(ହସ ମାରିବା—ଅନ୍ୟରୂପ)
হাসি চাপা **हँसी रोकना**

ହସ ମାସ ପଶିବା—ଦେ. କ୍ରି (ବ୍ୟଙ୍ଗ୍ୟ)—ସର୍ବଦା ଅତ୍ୟନ୍ତ ହସିବା—
Hasa māsa pasibā To laugh too much
হাসীর মাস আসা **हँसीके दिन आना** or always.
[ଦ୍ର—କୌଣସି ବ୍ୟକ୍ତି ଏକାଦିକ୍ରମେ ହସିଲେ ଲୋକେ କହନ୍ତି—ତାକୁ ହସ ମାସ ପଶିଛି !]

ହସ ମୁହଁ—ଦେ. ବ (ସଂ ହସ ଓ ମୁଖ)—ସହାସ୍ୟ ମୁଖ—
Hasa muhān Laughing face.
হাসি মুখ **हँसमुख**

ହସ ମୁହାଁ—ଦେ. ବିଣ. ପୁଂ—୧। ହାସ୍ୟବଦନଯୁକ୍ତ (ବ୍ୟକ୍ତି)—
Hasa muhān 1. Having a smiling face.
(ହସମୁହାଁ—ସ୍ତ୍ରୀ)
হাসি মুখো পুং হাসিমুখী স্ত্রী
हँस मुख पुं **हँस मुखी स्त्री**

ହସ ରଅ(ଭ,ହ)ସ—ଦେ. ବ [ସଂ ହସ ଓ ରଭସ; ସନ୍ଧିର]—
Hasa ra-a(bha, ha)sa ହସ କଉତୁକ [ଦେଖ]—
(ହସରସ—ଅନ୍ୟରୂପ) Hasa kautuka (See)
হাসি তামাসা **हँसी खेल**

ହସ ରଅ(ଭ,ହ)ସା—ଦେ. ବିଣ. ପୁଂ—ହସ କଉତୁକ (ଦେଖ)—
Hasra-a, [bha, ha]sā Hasakautuki (See)
[ହସରଅ(ଭ,ହ)ସିଆ—ଅନ୍ୟରୂପ]
[ହସରଅ(ଭ,ହ)ସୀ. ହସରଅ[ଭ,ହ]ସେଇ—ସ୍ତ୍ରୀ]
হাসি খুসি **हँसेर खेलबाड़े**

ହସର ପ[ପ]ସର—ଦେ. ବଣ—ବିନା କାର୍ଯ୍ୟରେ କୌଣସି ସ୍ଥାନରେ
Hasara pa(pba)sara ଇତସ୍ତତଃ ଯିବା ଆସିବା କରୁଥିବା—
ফপল দালালি করে বেড়ান **हसरपशर** Walking to and fro without any purpose. ଦେ. ବ—ହସରପସର; ଖୁରକୁ ଚମ ପଟ୍ଟରେ ଘଷାଇବାର ଶବ୍ଦ —
The sound of stropping a razor.

ହସରା—ଦେ. ବଣ. ପୁଂ—ହସୁରା (ଦେଖ)—
Hasarā Hasurā [See]
[ହସରୀ—ସ୍ତ୍ରୀ]

ହସରେ ଉଡ଼ା(ଡ଼େ) ଇବା—ଦେ . କ୍ରି—ବକ୍ତାର ବାକ୍ୟକୁ ଉପହାସକରି
Hasare urḍā (ṛde) ibā ବକ୍ତାକୁ ଅପ୍ରତିଭ ବା ଅଗ୍ରାହ୍ୟ କରିବା
হেসে উড়িয়ে দেওয়া **हँसीमें उड़ा देना** To laugh in derision at a speaker

ହସଲ—ପ୍ରାଦେ (ଗଞ୍ଜାମ) ବ. ଓ ବିଣ—ଅସଲ—
Hasala Capital

ହସ ଲାଗିବା—ଦେ. କ୍ରି—ଏକାଧିକ ବହୁଲୋକଙ୍କ ମଧ୍ୟରେ ହାସ୍ୟରୋଳ
Hasa lagibā ଉଠିବା—Laugh going on in a
হসলাগা **हँसीलगना** gathering

ହସ ହସ—ଦେ. ବିଣ [ସଂ. ସହାସ୍ୟ]—୧। ହାସ୍ୟଯୁକ୍ତ—1. Laughing
Hasa hasa ୨। ଈଷଦ୍ହାସ୍ୟ ଯୁକ୍ତ—2. Smiling. [ଉ—
হাসিমুখ **हँसता हुआ** ତା ଦେଖି ଯୁଧିଷ୍ଠିର ହୋଇ ହସ ହସ—
କୃଷ୍ଣସିଂହ. ମହାଭାରତ. ସଭା)

ହସା—ଦେ. ବ [ସଂ ହସ୍ ଧାତୁ, ହସ]—୧। ହାସ୍ୟ; ହସିବା—
Hasā 1. Laughing; laugh. ୨। ଈଷଦ୍ହାସ୍ୟ
হাসা **हँसी** 2. Smile. (ଉ—ଦେଖିଲୁଟି କୃଷ୍ଣ-
हँसीमुख ବଦନହାସୀ ମନ୍ଦ ସୁନ୍ଦର ମଧୁର ହସା—କବିସୂର୍ଯ୍ୟ. ସଙ୍ଗୀତ।) ୩। ଲୋକହସା; ଉପହାସ—3. Derision, ridicule. (ଉ—ଶର ଶଯ୍ୟା ଶବଦକୁ ତ ଏହି ଦଶା, ହେଲେ ଶତ୍ରୁମୁଖେ ଥାଇବା କିନା ହସା—କୃଷ୍ଣସିଂହ.)
ମହାଭାରତ. ବନ୍ତ

ଦେ. ବଣ. ପୁଂ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା= ବଦହସା) ହସୁଦ୍ର; ଯେ ହସେ—Laughing.

ହସା(ସେ)ଇବା—ଦେ. କ୍ରି—(ସଂ. ହସ୍ ଧାତୁ=ହସିବାର ଣିଜନ୍ତରୂପ)
Has (se)ibā —ହସିବା ପାଇଁ ବାଧ କରିବ—To
हँसाना cause a person to laugh. [ଦ୍ର—ପଣ୍ଡିତାଙ୍କର
हँसाना ନେତିଗଣଙ୍କ ଥରେ ଥରେ ବା ହସାଇବ—ଲକ୍ଷ୍ମ ପ୍ରେମସୁଧାକର] [ଦ୍ର—ହସାଇବା ଶବ୍ଦ ସଙ୍ଗେ 'ଖେଳାଇବା' 'ରଙ୍ଗାଇବା' ସହଚରରୂପେ ବ୍ୟବହୃତ ହୁଏ। ଯଥା— ଅଧୁନାତନ କଣ୍ଡର ଗାର୍ଡନ୍ ସଭ ଅନୁସାରେ ପିଲାମାନଙ୍କୁ ହସାଇ ଖେଳାଇ ବିଦ୍ୟା ଶିକ୍ଷା ଦିଆଯାଏ।
ଯେଉଁ ଶ୍ରୋତା ଶ୍ରୋତାମାନଙ୍କୁ ହସାଇ ରସାଇ ଦେବା କରେ ସେ ଗୁଣର ଶ୍ରୋତାଙ୍କ ପ୍ରିୟପାତ୍ର ହୁଏ।]

ହସା(ସେ)ଇରସା (ସେ)ଇ[ଖେଳାଇ]—ଦେ. ଅସମାପିକା କ୍ରିୟା'ବ୍ୟୟ— Hasā(se)i rasā(se)i [khelāi] ମୁଦ୍ରା କରି; ପ୍ରଫୁଲ୍ଲତା
हँसाके हँसाके [खेलाके] ଉତ୍ପାଦନପୂର୍ବକ—
हँसा रसा [खेला]कर By producing glee; in a delightful manner.

ହସା(ସେ)ଇ ହସା(ସେ)ଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ
Hasā(se)i hasā(se)i māribā ହାସ୍ୟୋଦ୍ଦୀପକ କଥାଦ୍ୱାରା
हंसिये हंसिये मारा ଅତ୍ୟନ୍ତରୂପେ ହସାଇବା—To cause
हँसा हँसाकर मारना a person to laugh inordinately; to provoke a person to repeated laughing.
ହସା(ସେ)ଇ ହସା(ସେ)ଇ ପେଟ ବଥେଇ ଦେଇବା } ଅନ୍ୟରୂପ
ହସା(ସେ)ଇ ହସା(ସେ)ଇ ଅନ୍ତ ଛିଣ୍ଡାଇଦେବା }

ହସାହସି—ଦେ. ବି ଓ ବଣ—୧। ସମବେତ ବହୁବ୍ୟକ୍ତିଙ୍କର ହାସ୍ୟ—
Hasāhasi 1. Laughing of many persons
हँसाहँसि assembled in a place. ୨। ବହୁବାର ହସିବା
हंसउलि କ୍ରିୟା—2. The act of laughing many times. ୩। ପରସ୍ପର ମଧ୍ୟରେ ହସ କୌତୁକ ଯୁକ୍ତ କଥୋପକଥନ—3. Conversation accompanied with mutual laugh. [ଦ୍ର—ଦୁହେଁ ସେ ପତ୍ରରେ ହସାହସି ହେଲେ, ବାଲ୍ୟକାଳ ବୃତ୍ତି କଥାଗୋଷ୍ଠୀ ହେଲେ। କୃଷ୍ଣସିଂହ ମହାଭାରତ ଦ୍ରୋଣ।]

ହସି—ଦେ. ବି—(ସଂ. ହସିତ)—(ବଙ୍ଗଳାରୁ ଅନୁକରଣ)—ହାସ୍ୟ; ହସ
Hasi हासि हँसि Laugh.

ହସିଆ-ଦେ. ବଣ-[ଅପ୍ରଚଳିତ]-ହାସ୍ୟଯୁକ୍ତ; ହାସ୍ୟମୟ—Laughing.
Hasia ଦେ. କ୍ରି—(ଅନୁଜ୍ଞା, କର୍ତ୍ତା 'ତୁ' ସଙ୍ଗେ ଯୁକ୍ତ)-(verb
हँसेआ imperative) Do thou come here laughing.
हंसकर आव [ଦ୍ର—ହସିଅରେ। ଫୁଲକସିଅ ଚୁମ୍ବରେ ମଧୁମାଗିଅ—ଅଧୁନାତନ ସଙ୍ଗୀତ] ପ୍ରାଦେ (ଗଞ୍ଜାମ) ବି (ଭୁଲ, ଏହି ଅର୍ଥରେ ହୁଡ଼ୀ ହସିଆ)—ଦାଆ—Sickle.

ହସଅର୍ଣ୍ଣ(ର୍ଣ୍ଣ)ବ—ଗ୍ରା. ବି ଓ ବଣ—(ସଂ. ହାସ୍ୟାର୍ଣ୍ଣବ)—୧। ହାସ୍ୟାର୍ଣ୍ଣବ
Hasarna(rna)ba (ଦେଖ)—1. Hāsyārṇaba
हास्यार्णव (See) ୨। ହାସ୍ୟର ଢେଉ—2. A wave of
हास्यार्णव laughter.

ହସି ଉଠିବା—ଦେ. କ୍ରି—୧। ହଠାତ୍ ହସିଦେବା—1. To burst
Hasi uṭhibā suddenly into loud laughter.
हँसउठा [ଦ୍ର—ଠାକୁର ବଇ ହସି ଉଠନ୍ତି ପୁଣି—ଗାଡ଼ି ଉପରେ
हँस उठना ଗୀତ] ୨। (ଲକ୍ଷଣାର୍ଥ) ଉଦ୍ଭାସିତ ହେବା; ବିକଶିତ ହେବା—2. (figurative) To be fullblown.
୩। (ଲକ୍ଷଣାର୍ଥ) ସାଜ ସଜ୍ଜା ଓ ଆଲୋକାଦିଦ୍ୱାରା ଅତ୍ୟନ୍ତ ଶୋଭାଯୁକ୍ତ ହେବା—3. (figurative) To shine with fittings and lights.

ହସିକା—ସ. ବଣ. ସ୍ତ୍ରୀ (ହସକ+ସ୍ତ୍ରୀ ଅ, କିମ୍ବା ହସ+ଇକ+ଅ)—
Hasikā ୧। ହାସ୍ୟକର୍ତ୍ତ୍ରୀ (ଶବ୍ଦ କଳ୍ପଦ୍ରୁମ)—1. Laughing (female) ୨। ହାସ୍ୟଯୁକ୍ତା—2. Smiling.

ହସି ଖୁସି—ଦେ. ବ—(ସଂ. ହସିତ ଓ ଅ, ଖୁସି)—୧। ହସ ଖୁସିକ;
Hasi khusi ହସଖେଳ (ଦେଖ)—1. Hasa
हासिखुसि khela (See) ୨। ହାସ୍ୟ ଓ ଆନନ୍ଦ 2. Laugh
हँसीखुशी and delight.

ହସି ଖେଳି କୌଣସି କାର୍ଯ୍ୟ କରିବା-ଦେ.କ୍ରି—ବେଶ ସ୍ଫୁର୍ତ୍ତି ଓ ଆନନ୍ଦ
Hasi kheli kauṇasi kārjya karibā ସହିତ କୌଣସି
हेसे खेले काय करा କାର୍ଯ୍ୟ କରିବା—To do any
हँस खेल कर काम करना work smilingly or with pleasure. [ଦ୍ର—ହସିଖେଳି ସେହି ଗାଁକୁ ସମସ୍ତ, ଜୀବନ ମଣନ୍ତି ମନୋହରମୟ—ଗ୍ରାମ୍ୟଗାଥା ଚଳକା।]

ହସିତ—ସ. ବଣ. ପୁଂ—(ହସ୍ ଧାତୁ=ହସିବା+କର୍ତ୍ତୃ. ତ)-୧। ହସ-
Hasita ହାସ; ହାସ୍ୟଯୁକ୍ତ, ସହାସ୍ୟ—1. Laughing. ୨। ସ୍ମିତ—2. Smiling. ୩। ଫୁଲ୍ଲ; ପ୍ରସ୍ଫୁଟିତ; ବିକଶିତ—
[ହସିତା—ସ୍ତ୍ରୀ] 3. Fullblown (flower). ୪। (ହସ୍ ଧାତୁ =ଉପହାସ କରିବା+କର୍ମ. ତ) ଯେଉଁ ଯାହାକୁ ଉପହାସ କରନ୍ତି, ଉପହସିତ—4. Laughed at; scoffed at
ସ. ବି. (ହସ୍ ଧାତୁ=ହସିବା+ଭାବ ତ) ୧। ହସ—
1. Laugh. [ଦ୍ର—ହସିତ ଛଅ ପ୍ରକାର; ହାସ୍ୟରସରେ ଟୀକା ଦେଖ] ୨। ଅଳ୍ପମାତ୍ର ଦାନ୍ତ ଦେଖାଯିବା ଭଳି ହସ—2. Laugh in which the teeth are partially seen. ୩। ଉପହାସ—3. Ridicule; derision.

ହସିବା—ଦେ. କ୍ରି (ସଂ. ହସ ଧାତୁ)—୧। ହାସ୍ୟ କରିବା; ମନକୁ
Hasibā ଆନନ୍ଦକୁ ମୁଖଭଙ୍ଗୀଦ୍ୱାରା ପ୍ରକାଶ କରିବା—1. To
[ହସା (ସେ) ଇବା—ଣିଜନ୍ତ] laugh. [ଦ୍ର—ପୁଷ୍ପଶ୍ରୀର

[ହରସ୍ୱତ—ଚାହଦା] ଶ୍ରୀ ସମୁରେ ଦେଲେ ହସି—କୃଷ୍ଣସିଂହ ମହାଭାରତ ସଭ] ୨ । କୌଣସି ବ୍ୟକ୍ତିକୁ ଉପହାସ କରିବା —2. To laugh at a person. [ଦ୍ର—ଉଦ୍‌ବର୍ତ୍ତୀ ଜାଣି ଚାଳକୁ ଯେ ହସେ, ହସି ସେ ତା ପଛେ ଅସ ଲୁଚ ବସେ—ସୁଧାକର. ବରୋର] ୩ । (ଫୁଲ) ପ୍ରସ୍ଫୁଟିତ ହେବା; ଫୁଟିବା - 3. To be full blown (said of flowers). ୪ । (ଲକ୍ଷଣାର୍ଥ) ଉଜ୍ଜ୍ୱଳ ଦେଖାଯିବା; ଦୀପ୍ତି ପାଇବା—4. (figurative) To look bright; to shine. (ଯଥା—ଧୋବାଘରେ ପଡିବାରୁ ଏ ଲୁଗା ହସୁଛି) ୫ । (ଲକ୍ଷଣାର୍ଥ) ଶୋଭାଯୁକ୍ତ ହେବା—5 (figurative) To be splendid· (ଦ୍ର—ହସିଲ ସୁନ୍ଦର ନଭ ତାରକା ଶୃଙ୍ଖଳ—ଗୋଲକ ଚନ୍ଦ୍ରରେଖା) ୬। (ଲକ୍ଷଣାର୍ଥ) ଜଳନ୍ତା ଚୁଲି ଉପରେ ବସିଥିବା ପାକ ହାଣ୍ଡି ତଳରେ ଲାଗିଥିବା ହାଣ୍ଡି କାଳିର ଫୁଲମାନ ଜଳି ଲାଗି ଦୀପ୍ତ ହେବା—6. (figurative) (said of an earthen pot to whose back particles of soot adhere) To be ignited at the bottom while, over fire.[ଯଥା—ହାଣ୍ଡି ହସୁଛି ।] [ଦ୍ର - ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଗୋଟିଏ ଲୌକିକ ବିଶ୍ୱାସ ପ୍ରଚଳିତ ଅଛି ଯେ, ଯେଉଁ ବ୍ୟକ୍ତିର ଘରେ ହାଣ୍ଡି ହସେ, ସେ ପରିବାରରେ ଶୀଘ୍ର ବିବାହାଦି କୌଣସି ମଙ୍ଗଳ କର୍ମ ହୁଏ । ଫଳତଃ ହାଣ୍ଡିର ତଳ ହାଣ୍ଡିକାଳିରେ ଅଶୃଙ୍ଖଳ ହୋଇ ଧୂଅ ହୋଇ ନ ଥିଲେ ସେହି ତଳରେ ନିଆଁ ଧରେ ତାହା ଜଳନ୍ତ ଦିଶେ] ୭ । (ଲକ୍ଷଣାର୍ଥ) ପ୍ରଦୀପରେ ସଳିତାରେ ଫୁଲ ବା ଗୁଲ ଯୁକ୍ତ ହେବା—7. (figurative) (said of the wick of an oil lamp) To have blazing soots formed on the body of the wick [ଦ୍ର—ଦୀପ ହସିବାର ଦେଖାଗଲେ ସେହି ଘରବାରରେ ଶୀଘ୍ର ମଙ୍ଗଳ ଉତ୍ସବ ହେବ ବୋଲି ସ୍ତ୍ରୀମାନେ ବିଶ୍ୱାସ କରନ୍ତି) (ଦ୍ର—ଅନ୍ତରରେ ଅନୁଭୂତ ଆନନ୍ଦକୁ ମୁଖଭଙ୍ଗୀ ଦ୍ୱାରା ପ୍ରକାଶ କରିବାକୁ ହସିବା କହନ୍ତି ଏହା ଈଷଦ୍ଧାସ୍ୟ (ମୃଦୁ ହସ) ଠାରୁ ଅଟ୍ଟହାସ୍ୟ (ହୋ ହୋ ହୋଇ ହସିବା) ପର୍ଯ୍ୟନ୍ତ ନାନାପ୍ରକାର ହାସ୍ୟ ଦ୍ୱାରା ପ୍ରକାଶିତ ହୁଏ ।]

ହସିଲ ହସିଲ—ଦେ. ବିଣ — ଦରହାସ ଯୁକ୍ତ; ହସ ହସ; ଈଷଦ୍ଧାସ୍ୟ ଯୁକ୍ତ
Hasilā Hasilā —Smiling.
হাসাহাসা हंसहंसकर
(ଦ୍ର—ହସିଲ ହସିଲ ହୋଇ ହଳଧର ଅସିଲ—ଭକ୍ତ. ଭୋଇ ଚନ୍ଦ୍ରଗୁଣ ବୃନ୍ଦସା)

ହସି ହସି ନୋ(ଲୋ)ଟର କୋଟର ହେବା—ଦେ. କ୍ରି—ଅତ୍ୟଧିକ
Hasi basi no (lo)tara kotarā hebā ପରିମାଣରେ ଉଦ୍ଦାମ

ହସିହସି ପେଟ ଦରଜ ହେବା
ହସିହସି ଅନ୍ତ ଚମକ ଯିବା } ଅନ୍ୟରୂପ]
ହସିହସି ଅନ୍ତ ଛିଣ୍ଡିଯିବା

ଭାବ ହସିବାଦ୍ୱାରା ଅଜ୍ଞାନ ବା ଅସ୍ଥିର ହେବା— To be beside one's self with fits of inordinate laughing.
হেসে হেসে পেট দরজ হওয়া
हसहसकरलोटपोटहोना

ହସୁଆ —ଦେ. ବିଣ ପୁଂ—୧ । ହସୁରା (ଦେଖ)—1. Hasurā (See) Hasuā ୨ । ଯେ ଅନ୍ୟ ଲୋକଙ୍କୁ ହସାଇବାରେ—2. One [ହସେଇ, ହସେଇ—ସ୍ତ୍ରୀ] who provokes laughter হাস্যামোদী हंसोर in others.

ହସୁରା—ଦେ. ବିଣ ପୁଂ—(ଭୁଲ, ବାଳୁଆ, ହସୁର, ପାତୁରା ଇତ୍ୟାଦି)— Hasurā ୧। (ସଦାର୍ଥ) ଅତ୍ୟନ୍ତ ହାସ୍ୟରତ; ଯେ ସଦା ହସେ; [ହସୁରୀ—ସ୍ତ୍ରୀ] ହେସେଲ; ହେସେଲା—1. Given to laugh- [ରଙ୍ଗରତ—ଚାହଳ] ing; addicted to laughing. ୨ । হেসড়ো ହାସ୍ୟଯୁକ୍ତ; ସହାସ୍ୟ—2. Smiling; laughing. हंसोर [ଦ୍ର—ଏହା ମଧ୍ୟ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ହାସ୍ୟର ପ୍ରକାର ବୁଝାଏ । ଯଥା—ଦରହସୁରା, ଉଚ୍ଚହସୁରା]

ହସୁରା ମୁହଁ—ଦେ. ବି—ସହାସ୍ୟ ମୁଖ; ସସ୍ମିତ ବଦନ—
Hasurā muhañ Smiling face.
হাসিমুখ हंसमुख

ହସୁରା ମୁହାଁ—ଦେ. ବିଣ. ପୁଂ—୧ । ସସ୍ମିତବଦନଯୁକ୍ତ—1. Hav- Hasurā muhāñ ing a smiling face. ୨ । ସରସ [ହସୁରା(ରୀ) ମୁହାଁ—ସ୍ତ୍ରୀ] ମୁହାଁ—2. Having a smiling হাসিমুখো हंसमुहा or pleased exterior.

ହସ୍ତ—ସଂ. ବି—(ହସ ଧାତୁ = ହାସ୍ୟ କରିବା + କର୍ତ୍ତୃ. ତ, ପ୍ରା. ହତ୍ଥ)—
Hasta ୧ । ହାତ; କହୁଣିଠାରୁ ଅଙ୍ଗୁଳିର ଅଗ ପର୍ଯ୍ୟନ୍ତ ଅଙ୍ଗ—
ସଂ. ପର୍ଯ୍ୟାୟ— 1. Hand [ଦ୍ର—କହୁଣିଠାରୁ ଅଙ୍ଗୁଳି
କର, ପାଣି, ଭୁଜ, ଅଗ ପର୍ଯ୍ୟନ୍ତ ଅଂଶକୁ ହସ୍ତ ବୋଲଯାଏ, କହୁଣି
ପଞ୍ଚଶାଖ, ଶୟ, ଶୟୁ, ଠାରୁ କାନ୍ଧ ଉପର ପର୍ଯ୍ୟନ୍ତ ଅଂଶକୁ ବାହୁ
ଭୁଜାଦଲ, କୁଳ ବୋଲଯାଏ । କିନ୍ତୁ ଭାଷାରେ ବାହୁଯୁକ୍ତ ହସ୍ତକୁ ମଧ୍ୟ ହସ୍ତ ବୋଲି ବ୍ୟବହାର କରାଯାଏ] ୨ । ହସ୍ତୀଶୁଣ୍ଢ; ହାତୀର ଶୁଣ୍ଢ (ଏହା ହସ୍ତୀର ହାତପରି କାମରେ ଲାଗୁଥିବାରୁ; ହସ୍ତ ଥିବାରୁ ହାତୀର ନାମ ହସ୍ତୀ—2. The trunk of an elephant. ୩ । ୨୪ ଅଙ୍ଗୁଳି ପରିମିତ ଦୈର୍ଘ୍ୟ—3. A cubit; a unit of length; 24 fingers; about 1½ ft.[ଦ୍ର—ଅଠଗୋଟି ଯବଧାନର ଓସାର ଏକ ଅଙ୍ଗୁଳି ହୁଏ । ଏହିପରି ୨୪ ଅଙ୍ଗୁଳି = ୧ ହାତ—ଭଣ୍ଡ ଢକ୍କ ।] ୪ । ହସ୍ତା ନକ୍ଷତ୍ର; ଜ୍ୟୋତିଷୋକ୍ତ ତ୍ରୟୋଦଶ ନକ୍ଷତ୍ର—4. The 13th asterism. ୫। ଗୁଚ୍ଛ (କେଶ ଶବ୍ଦର ପରବର୍ତ୍ତୀ ହେଲେ)- 5. Tuft (of hair).

ହସ୍ତକ—ଦେ. ବି—୧ । ନାଚ କରିବା ସମୟରେ ହସ୍ତାଦିର ଭଙ୍ଗୀରେ Hastaka ନାଚୁଆ ଦ୍ୱାରା ଗୀତର ଭାବପ୍ରକାଶ—
ভাবভঙ্গি बताव 1. Mode of expressing the purport of a song by figures made with the hands by a dancer. (ଦ୍ର—ମୁଖଭଙ୍ଗୀ ଓ ହସ୍ତକରୁ ମନୁଷ୍ୟଙ୍କ ମନର ଭାବ ଭାବ

ଅବସ୍ଥା ସୁନ୍ଦର ବୃକ୍ଷାପ୍ରକୃତି—ଭୂଷାଦିକ୍ ଉଜ୍ଜଳ ଲଭନ୍ତାର।) ୨। ହାତ—2. Hand. (ଯ—ତାଙ୍କ ହସ୍ତର ହସ୍ତକଜ୍ଜଳ, କର୍ମଣନମାନଙ୍କୁ ଧର—ଆନନ୍ଦରସଭଙ୍ଗ୍ଲୋକ।)

ହସ୍ତ କଣ୍ଡୁ—ଦେ॰ ବ (ଲକ୍ଷଣାର୍ଥ)—କାର୍ଯ୍ୟ କରିବା ପାଇଁ ବା ଲେଖିବା
Hasta kardu ପାଇଁ ମ ରେ ହାତ ଅତ୍ୟଧିକ ଉତ୍ସୁକତା—
हस्तकण्डू, হাতনিস্পিস্ हस्तकंडु Inordinate desire for the exercise or use of one's hand; (metaphorically) an itching felt in one's hands

ହସ୍ତକିତ—ସ ବଣ॰ ପୁଂ (ହସ୍ତ+ଯୁକ୍ତାର୍ଥେ ଇତ)-ହସ୍ତଯୁକ୍ତ (ଶବ୍ଦକୋଷ)
Hastakita Having hand or hands.
(ହସ୍ତକିତା—ସ୍ତ୍ରୀ).

ହସ୍ତ କଣ୍ଡୂୟନ—ସ ବ (୬ଷ୍ଠୀ ତତ୍; ହସ୍ତ+କଣ୍ଡୂୟନ)—୧। ହାତ
Hasta kandūyana ଚଲ୍ କରିବା—1. Itching of the hands. ୨। ହାତକୁ କୁଣ୍ଡେଇବା—2. Scratching of the itching hands.

ହସ୍ତ କୁଶଳ—ସ ବଣ॰ ପୁଂ (୭ମୀ ତତ୍; ହସ୍ତ+କୁଶଳ)—ହସ୍ତ-
Hasta kuśala ଚାଳନରେ ଦକ୍ଷ—Skilful in the
(ହସ୍ତକୁଶଳା—ସ୍ତ୍ରୀ) use of one's hands; dexterous in handicrafts.
ହସ୍ତକୁଶଳତା, ହସ୍ତକୌଶଳ } —ବ

ହସ୍ତକୃତ—ସ ବଣ (୩ୟା ତତ୍; ହସ୍ତ+କୃତ)—୧। ହସ୍ତଦ୍ୱାରା କରା
Hastakṛuta ଯାଇଥିବା—1. Manufactured; made with the hands; being the handiwork of. ୨। ହସ୍ତଗତ (ଦେଖ)—2. Hastagata (See)

ହସ୍ତକ୍ଷେପ(କ୍ଷେପଣ)—ସଂ ବ (୬ଷ୍ଠୀ ତତ୍)—୧। କୌଣସି କାର୍ଯ୍ୟରେ
Hastakshepa(kshepaṇa) ହାତ ଦେବା; କାର୍ଯ୍ୟକୁ ଆରମ୍ଭ କରିବା—1. Doing of any work; taking of a work in hand; undertaking to do a work. ୨। (ଲକ୍ଷଣାର୍ଥ) ଅନ୍ୟ କୃତ କାର୍ଯ୍ୟରେ ହାତ ଚଳାଇବା; ଅନ୍ୟ କୃତ କାର୍ଯ୍ୟର ଚର୍ଚ୍ଚା କରିବା—2. Interference with the work done by another.

ହସ୍ତଗ—ସଂ ବଣ (ହସ୍ତ+ଗମ ଧାତୁ+କର୍ତ୍ତୃ ଅ)—ହସ୍ତଗତ (ଦେଖ)—
Hastaga Hastagata (See)

ହସ୍ତ ଗଣ୍ଠି—ଦେ. ବ (ସଂ ହସ୍ତ ଓ ଗ୍ରନ୍ଥି)—ହସ୍ତଗ୍ରନ୍ଥି (ଦେଖ)—
Hasta ganṭhi Hastagranthi (See)
হাতগাঁঠ हस्तग्रंथि

ହସ୍ତଗତ—ସଂ ବଣ (୨ୟା ତତ୍; ହସ୍ତ+ଗତ)—୧। ଅଧୀନର
Hastagata ଅଧିକାରକୁ ଆଗତ—1. Brought under one's control. ୨। ଅଧିକୃତ—2. Possessed; taken possession of. ୩। ଅଧିକାରରେ ପ୍ରାପ୍ତ—3. Come into one's possession. ୪। ହସ୍ତରେ ପ୍ରାପ୍ତ—4. Got into one's hands. ୫। ପ୍ରାପ୍ତ—5 Received. ୬। (ଲକ୍ଷଣାର୍ଥ) ଲାଞ୍ଚଦ୍ୱାରା ଟଙ୍କାଦ୍ୱାରା ବଶ ଯାଇଥିବା—6 (figurative) Suborned; gained over. (ଯଥା—ଅପରାଧୀର ସାକ୍ଷୀଙ୍କୁ ହସ୍ତଗତ କରିବା।)

ହସ୍ତଗିର—ବୈଦେ. ବଣ (ଅ)—ହସ୍ତକୁଶଳ—
Hastagir Dexterous in handicraft.
हस्तगिर हस्तकुशल

ହସ୍ତ ଗ୍ରନ୍ଥି—ସଂ ବ (ହସ୍ତ+ଗ୍ରନ୍ଥି)—ବୋହଳାଳରେ ବରକନ୍ୟାର ଓ
Hasta granthi କନ୍ୟାଙ୍କର ଦୁଇ ହାତକୁ ଏକତ୍ର ବନ୍ଧନ କରିଯିବା ପାଇଁ ଦିଆଯିବା କୁଶଗଣ୍ଠି—Knot made of Kuśa grass by which the hands of the bride and bridegroom are tied on the marriage altar.

ହସ୍ତ ଗ୍ରହ(ଗ୍ରହଣ)—ସଂ ବ (୬ଷ୍ଠୀ ତତ୍)—ଅନ୍ୟର ହସ୍ତକୁ ଧରିବା
Hasta graha(grahaṇa) (ଶବ୍ଦକୋଷ)—Holding of the hand of another.

ହସ୍ତ ଗ୍ରାହ୍ୟ—ସଂ ବଣ (୩ୟା ତତ୍, ହସ୍ତ+ଗ୍ରାହ୍ୟ)—ହସ୍ତ ଦ୍ୱାରା
Hasta grāhya ଗ୍ରହଣୀୟ—Fit to be taken by the hands.

ହସ୍ତ ଚାଳନ(ନା)—ସ ବ [୬ଷ୍ଠୀ ତତ୍; ହସ୍ତ+ଚାଳନ(ନା)]—୧।
Hasta chālana[nā] ହାତକୁ ଏଣେତେଣେ ଚଳାଇବା—1. Moving of the hands. ୨। ହସ୍ତର ବ୍ୟାୟାମ—2. Exercise of the hands.

ହସ୍ତ ଚ୍ୟୁତ—ସ ବଣ (୫ମୀ ତତ୍; ହସ୍ତ+ଚ୍ୟୁତ)—୧। ହସ୍ତରୁ ଖସିଥିବା;
Hasta chyuta ହସ୍ତରୁ ଭ୍ରଷ୍ଟ—1. Slipped out of one's hands. ୨। (ଲକ୍ଷଣାର୍ଥ) ଅଧିକାରଚ୍ୟୁତ—2. [figurative] Slipped out of one's control.

ହସ୍ତଜୋଡ଼ି—ସ ବ (ବୈଦ୍ୟକ)—କରଜୋଡ଼ ଗଛକୁ—Name of a
Hastajyordi plant. [ବ—ଏହା ମହାକନ୍ଦ
করযোড়া हाताजुडी ଜାତବିଶେଷ ଏହା ଔଷଧ ଓ ବଶୀକରଣ—ଗ୍ରହକର୍ଷଣ।]

ହସ୍ତ ତାଳ—ସ ବ (ହସ୍ତଦ୍ୱୟ ତାଳ; ସ. ଶ; ଲେ)—କରତାଳି—
Hasta tāla Clapping.

ହସ୍ତତ୍ର—ସ.ବ (ହସ୍ତ+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ ଅ)—ଦସ୍ତାନା;
Hastatra ହସ୍ତତ୍ରାଣ—A protector for the hand; glove.

ହସ୍ତ ଦକ୍ଷିଣ—ସ. ବଣ॰ ପୁଂ—ଦକ୍ଷିଣହସ୍ତ ଯୁକ୍ତ (ଶବ୍ଦକୋଷ)—
Hasta dakshiṇa Having the right hand
(ହସ୍ତ ଦକ୍ଷିଣା—ସ୍ତ୍ରୀ)

ହସ୍ତ ଦୀପ (ପ୍ରଦୀପ)—ସ. ବ—(ମ॰ ପ. ଲୋ, ହସ୍ତଧୃତ ଦୀପ)-ହାତରେ
Hasta dipa(pradipa) ଧରିଯିବା ଦୀପ—Hand-lamp.

ହସ୍ତ ଧାରଣ—ସ. ବ—(୬ଷ୍ଠୀତତ୍; ହସ୍ତ+ଧାରଣ)—୧। ହାତ ଧରିବା,
Hasta dhāraṇa ବର ଗ୍ରହଣ; ଅନ୍ୟର ହାତ ଧରିବା—1.

Holding the hands of another person. ୨ । ମାରଣୋଦ୍ୟତ ବ୍ୟକ୍ତିର ହାତ ଧରି ପକାଇ ତାକୁ ନିବାରଣ କରିବା—2. Preventig a person who is about to strike, by holding his hands.

ହସ୍ତ ନୈପୁଣ୍ୟ—ସ. ବି—(ଷଷ୍ଠୀତତ୍, ହସ୍ତ+ନୈପୁଣ୍ୟ)—୧ । ହସ୍ତ
Hasta naipunya ଚାଳନାରେ ଦକ୍ଷତା; ହସ୍ତ ଲାଘବ—1. Dexterity in the use of the hands. ୨ । ହାତର କାରିଗରି—2. Skill or dexterity in handicraft; craftmanship.

ହସ୍ତ ପତ୍ର—ଦେ. ବି—(ଆଧୁନିକ ପ୍ରୟୋଗ, ଇଂରେଜୀରୁ ଅନୁବାଦ)—
Hasta patra ହାଣ୍ଡବିଲ (ଦେଖ)—Hāndbil (See).
হাণ্ডবিল हस्तपत्र

ହସ୍ତ ପଦ୍ମ—ଦେ. ବି—(ବଣିଆ ଶବ୍ଦ)—ରତ୍ନଚୁଡ଼ା (ଦେଖ)—
Hasta padma Ratnachurdā (See).

ହସ୍ତ ପୁଚ୍ଛ—ସ. ବି—ହସ୍ତାବୟବ ବିଶେଷ; କୋରକାକୃତ ହସ୍ତର
Hasta puchchha ଅଙ୍ଗୁଳିଗଣ—The fingers of the
(ଅନ୍ୟ ସ. ନାମ—କଳୁଷ) hand contracted into the
হাতের পোছা shape of a bud.

ହସ୍ତ ପୃଷ୍ଠ—ସ. ବି—(ଷଷ୍ଠୀତତ୍)—ହାତ ପାପୁଲି; କରତଳର ପିଠିପାଖ
Hasta prushtha The back of the palm.

ହସ୍ତ ପ୍ରସାରଣ—ସ. ବି—(ଷଷ୍ଠୀତତ୍; ହସ୍ତ+ପ୍ରସାରଣ)—ହାତକୁ
Hasta prasārana ମେଲାଇବା; ହସ୍ତକୁ ବିସ୍ତୃତ କରଣ—The extending of the hands.

ହସ୍ତ ପ୍ରାପ୍ତ—ସ. ବଣ—(ତୃତୀୟାତତ୍)—ହସ୍ତଗତ (ଦେଖ)—
Hasta prāpta Hastagata (See).

ହସ୍ତପ୍ରାପ୍ୟ—ସ. ବଣ (ତୃତୀୟାତତ୍) ହସ୍ତଦ୍ୱାରା ପ୍ରାପଣୀୟ; ହାତ ପାଆନ୍ତା—
Hasta prāpya Attainable by the hands.

ହସ୍ତବଳୟ—ସ. ବି—ହାତରେ ପିନ୍ଧାଯିବା ଗହଣା—
Hasta balaya বালা बाजा Bracelet.

ହସ୍ତ ବଳା—ଦେ. ବି ଓ ବଣ—ହାତବଳା; ଗୋଟିଏ ଦ୍ରବ୍ୟ ଗଢ଼ିବା
Hasta balā ପୂର୍ବରୁ ହସ୍ତକୁଶଳତା ପରୀକ୍ଷା କରିବା ପାଇଁ କାରିଗର ପ୍ରଥମେ ଯେଉଁ ବସ୍ତୁ ଗଢ଼େ—A sample which an artist makes as a trial before preparing the actual article. [ଯ—ତୋଟେ ଅଗ ଗଢ଼ିବ ବୋଲି କୁଶଧରୁ, ହସ୍ତବଳା କରି ଗଢ଼ିଲା ଅବସର— କୃଷ୍ଣସିଂହ ମହାଭାରତ ।

ହସ୍ତ ବଳିବା—ଦେ. କ୍ରି—ହାତବଳିବା (ଦେଖ)—
Hasta balība Hāta balibā (See)

ହସ୍ତ ବଲ୍ଲରୀ—ସ ବି—(ଷଷ୍ଠୀତତ୍; ହସ୍ତ+ବଲ୍ଲରୀ)—ଅଙ୍ଗୁଳି—Finger.
Hasta ballari (ଯ—ତାହା ହସ୍ତକ ହସ୍ତବଲ୍ଲରୀ, ଉରମିଣ୍ଡିକମାନଙ୍କୁ ଧରି—ଗୋପୀକୃଷ୍ଣ, ଉତ୍କଳମଙ୍ଗଳ) ।

ହସ୍ତବାନ୍—ସ ବଣ ପୁ—(ହସ୍ତବତ୍; ହସ୍ତ+ଅସ୍ତି ଅର୍ଥେ ବତ୍)—୧
Hastabān ଯାହାର ହାତ ଅଛି—1. Having hands ୨ । (ହସ୍ତବତୀ—ସ୍ତ୍ରୀ) ଲଘୁହସ୍ତ— . Skiful in the use of the hands; dexterous. ସ. ବି—ତସ୍କର; ଦ୍ୟୂତକର (ଶବ୍ଦକୋଷ) A cheat; a gambler.

ହସ୍ତ ବାମ—ସ. ବଣ. ପୁ—ବାମହସ୍ତ ଯୁକ୍ତ (ଶବ୍ଦକୋଷ)—
Hasta bāma Having the left hand.
(ହସ୍ତବାମା—ସ୍ତ୍ରୀ)

ହସ୍ତ ବାରଣ—ସଂ.ବି—(ଷଷ୍ଠୀତତ୍; ହସ୍ତ=ହାତ+ବାରଣ=ନିବାରଣ
Hasta bārana —୧ । କର ଚାଳନାଦ୍ୱାରା ନିଷେଧନ; କରଦ୍ୱାରା ନିବାରଣରୂପ ସଙ୍କେତ—1 A sign made by the hands indicating to a person to desist. ୨ । ମାରଣୋଦ୍ୟତ ବ୍ୟକ୍ତିକୁ ହାତଦ୍ୱାରା ବାଧା ପ୍ରଦାନ— 2. Preventing a person by the hands from striking.

ହସ୍ତ ବିମ୍ବ—ସଂ. ବି—(ହସ୍ତ+ବିମ୍ବ)—୧ । ପ୍ରସାଧନ; ଚନ୍ଦନାଦିଦ୍ୱାରା
Hasta bimba ଦେହକୁ ବିଲେପନ ବିଶେଷ । ଗନ୍ଧଦ୍ରବ୍ୟ ଚୂର୍ଣ୍ଣ ବିଶେଷ । (ଶବ୍ଦକଳ୍ପଦ୍ରୁମ)—1. A sort of toilet powder or paste. ୨ । କରର ପ୍ରତିବିମ୍ବ—2. The reflection or image of the hands.

ହସ୍ତବୁଜ୍(ଦ, ଜି, ଦି—ଦେ. ବି—(ଫା. ହସ୍ତ=ବର୍ତ୍ତମାନତା+
Hastabuj(d, ji, di) ବୁଜ୍=ଅଜାତ)—୧ । ବର୍ତ୍ତମାନର ଓ
ହସ୍ତବୁଦ୍ (ଦ) } ଅନ୍ୟରୂପ] ପୂର୍ବର ହିସାବ—1. Account of
ହସ୍ତ ବୁଦ } the past and present. ୨ ।
হস্তবুজ ଆଦାୟ ହେବା ପ୍ରାପ୍ତି ଜମା—2. Realisable fixed
हस्तबुज rental. ୩ । ଜମିଦାରୀର ମୋଟ ଆୟ—3. The total income of a zamindary. ଯଥା— ଯେଉଁ ଜମିଦାରୀରେ ଜମିଦାର ପ୍ରଜାମାନଙ୍କଠାରୁ ମଧ୍ୟସତ୍ୱାଧିକାରୀ (ଯଥା—ସରବରାହକାର)ଙ୍କ ଦ୍ୱାରା ଖଜଣା ଅସୁଲ ନ କରି ନିଜେ ବା ଗୁମାସ୍ତାଦ୍ୱାରା ପ୍ରଜାଙ୍କଠାରୁ ଖଜଣା ଅସୁଲ କରନ୍ତି—(a zemindari) Which is in the khas possession of the superior landlord, as distinguished from that of which he is in possession through tenure holders or Sarbarakars.

ହସ୍ତବୁଜ୍(ଜି,ଦି) ଜମିଦାରୀ (ମାହାଲ)—ଦେ. ବି—ଯେଉଁ ଜମିଦାରୀରେ
Hastabuj (ji, di) jamidāri (māhal) ସରବରାହ ବା
হস্তবুজ মহল ସରବରାହକାର ନ ଥାଇ ନିଜେ ଜମିଦାର ବା ତାଙ୍କ
हस्तबुज जमिन्दारी ଲୋକ ରାୟତ୍ ପ୍ରଜାଙ୍କଠାରୁ ଖଜଣା ଅସୁଲ କରନ୍ତି—The zemindari of which the Zamindar realises rent direct from the rayats and not through middlemen.

ହସ୍ତ ମୈଥୁନ—ସଂ ବି—(ହସ୍ତ+ମୈଥୁନ)—ହସ୍ତ ଦ୍ୱାରା ଲିଙ୍ଗଚାଳନ
Hasta maithuna ପୂର୍ବକ ରେତଃ ପାତନ—Masterbation.

ହସ୍ତଯନ୍ତ୍ର—ସଂ ବି - (ସ, ଷ. ତତ୍, ହସ୍ତଚାଳନ ଯନ୍ତ୍ର, ହସ୍ତ+ଯନ୍ତ୍ର)—
Hasta jantra ହସ୍ତଦ୍ୱାରା ଚାଳିତ ପୂର୍ବକାଳର ଯୁଦ୍ଧାସ୍ତ୍ରବିଶେଷ —An ancient weapon of war used by the hand. [ଯ—ଘରେ ହସ୍ତଯନ୍ତ୍ର ଭୁଷଣ୍ଡୀ ମୁଷଳ— କୃଷ୍ଣସିଂହ ମହାଭାରତ ବନ ।]

ହସ୍ତରେ—ବେ ଅ—ହସ୍ତେ (ଦେଖ)—
Hastare হাতে **हाथमें** Haste (See).

ହସ୍ତ ରେଖା—ସଂ. ବି—(ଷ. ତ. ଲୋ. ହସ୍ତ+ରେଖା)—କରତଳରେ
Hasta rekhā ଦେଖାଯିବା ଶୁଭାଶୁଭଜ୍ଞାପକ ରେଖାମାନ—The lines seen on the palm and utilised in palmistry in foretelling the future of a person.

ହସ୍ତ ଲଘୁତା(ଲାଘବ)—ସଂ. ବି—(୬ଷ୍ଠୀ ତତ୍; ହସ୍ତ+ଲଘୁତା)—ହସ୍ତ-
Hasta laghutā (lāghaba) ଶୁଳନରେ ଦକ୍ଷତା ବା ନୈପୁଣ୍ୟ—Dexterity or skill in the exercise or use of one's hands.

ହସ୍ତ ଲିଖିତ—ସଂ. ବିଣ—(ତୃତୀୟା ତତ୍, ହସ୍ତ+ଲିଖିତ)—ହାତଦ୍ୱାରା
Hasta likhita ଲେଖା ଯାଇଥିବା—In the handwriting (ବିପରୀତ—ମୁଦ୍ରିତ) of; written by.

ହସ୍ତଲିଖିତ ପୁସ୍ତକ—ସଂ ବି—(ହସ୍ତ+ଲିଖିତ+ପୁସ୍ତକ)—ହାତଲେଖା
Hastalikhita pustaka ବହି—Manuscript book.

ହସ୍ତ ଲିଖିତ ପୋଥି—ଦେ. ବି—(ସଂ ହସ୍ତଲିଖିତ+ଓ. ପୋଥି)—ହାତ-
Hastalikhita pothi ଲେଖା ତାଳପତ୍ର ପୁସ୍ତକ—Palm
হস্তলিখিত পুথি **हस्तलिखित पुस्तक** leaf munuscript.

ହସ୍ତ ଲିପି(ଲେଖା)—ସଂ ବି—(୬ଷ୍ଠୀ ତତ୍, ହସ୍ତ+ଲିପି)—୧ । ହସ୍ତାକ୍ଷର;
Hasta lipi (lekha) ହାତଲେଖା—1. Handwriting. ୨ । କୌଣସି ବ୍ୟକ୍ତିଙ୍କ ହାତଦ୍ୱାରା ଲେଖା ହୋଇଥିବା ଚିଠି ବା ଚିଠି—2. A writing or document written by a person. ୩ । ହାତ ସୁଧାରିବା ପାଇଁ ତାଳପତ୍ରରେ ଓ କାଗଜରେ ଅଭ୍ୟାସ କରି ଲେଖାଯିବା ଲେଖା —3. Writing written for handwriting exercise. ୪ ବେ ବି—ଛାପାଖାନାକୁ ପଠାଯିବା ହାତ-
হস্তলিপি ଲେଖା ପୁସ୍ତକ ବା କାଗଜ;କପି—Manuscript sent
कॉपी to the press for being printed.

ହସ୍ତ ସିଦ୍ଧି—ସଂ ବି—(ହସ୍ତ+ସିଦ୍ଧି)—୧ । କରଦ୍ୱାରା ସାଧନ—1.
Hasta siddhi Doing a thing with the hands. ୨ । ହସ୍ତ ନୈପୁଣ୍ୟ (ଦେଖ)—2. Hasta naipunya (See). ୩ । ଦରମା; ମୂଲ—3. Salary; wages.

ହସ୍ତ ସୂତ୍ର—ସଂ ବି—(୬ଷ୍ଠୀତତ୍, ହସ୍ତ+ସୂତ୍ର)—୧ । ବଳୟ; ହାତଖଡୁ
Hasta sūtra (ହେମଚନ୍ଦ୍ର)—1. Bracelet. ୨ । କୌତୁକ-ସୂତ୍ର;ବିବାହକାଳରେ ବରଙ୍କ ଓ କନ୍ୟାଙ୍କ ହାତରେ ବନ୍ଧାଯିବା ସୂତ୍ର; ମଙ୍ଗଳ ସୂତ୍ର—2 A thread worn on the wrist by the bride and bridegroom during marriage. [ବି—ବିବାହ ସଂସ୍କାରରେ ମଙ୍ଗଳାର୍ଥ ଏହି ସୂତ୍ର ବରଙ୍କର ଓ କନ୍ୟାଙ୍କର ଯଥାକ୍ରମେ ଦକ୍ଷିଣ ଓ ବାମ ହସ୍ତରେ ବାନ୍ଧିବାକୁ ହୁଏ । ନାନ୍ଦୀମୁଖ ଶ୍ରାଦ୍ଧ ପୂର୍ବେ ଗଉଡ଼ଥିବା କଇ ୩ ଜଣ ସଧବା ସ୍ତ୍ରୀଲୋକ ବରଙ୍କର ଓ କନ୍ୟାଙ୍କ ର ମସ୍ତକକୁ ବସ୍ତ୍ରାଚ୍ଛାଦନ କରି ମସ୍ତକରେ ଅଖଣ୍ଡ ସୂତା(ଅବିବାହିତା କନ୍ୟାଙ୍କ ଦ୍ୱାରା କଟା ହୋଇଥିବା ସୂତା) ୩, ୫ ବା ୭ ଥର ବେଷ୍ଟନ କରନ୍ତି । ଉକ୍ତ ବେଷ୍ଟିତ ସୂତାକୁ ବରଙ୍କ ଓ କନ୍ୟାଙ୍କର ପାଦ ତଳେ ଗଳାଇଅଣି ତାକୁ ହଳଦୀ ଦ୍ୱାରା ରଞ୍ଜିତ କରନ୍ତି । ପରେ ଏହି ସୂତାକୁ ବରଙ୍କ ଡାହାଣ ହାତରେ ଓ କନ୍ୟାଙ୍କ ବାମ ହାତରେ ଦେଉଁଏ ଦୁବ ସହିତ ବାନ୍ଧି ଦିଅନ୍ତି । ଏହି ହସ୍ତସୂତ୍ର ମାଙ୍ଗଳିକ ବିବାହର ଦ୍ରବ୍ୟ ଅଟେ । ଶାଡମଙ୍ଗଳା ପରେ ଏ ହସ୍ତ ସୂତ୍ର ହାତରୁ କାଢ଼ି ଦିଆଯାଏ—ବଣକୋଷ ।

ହସ୍ତହୋମ—ସ.ଶ୍ରୀ—(୬ଷ୍ଠୀ ତତ୍)—ସ୍ରୁବ ପରିବର୍ତ୍ତେ ହାତଦ୍ୱାରା ଅଗ୍ନିରେ
Hasta homa ଆହୁତିଦାନ—Offering of ghee unto the Homa-fire with the hands of instead with a wooden spoon.

ହସ୍ତା—ସ ବି—[ହସ୍ତ+ସ୍ତ୍ରୀ ଆ]—ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର ମଧ୍ୟରୁ
Hastā ତ୍ରୟୋଦଶ ନକ୍ଷତ୍ର—The thirteenth asterism. [ବି—ଏହା ହସ୍ତାକୃତି ଓ ପଞ୍ଚତାରାବିଶିଷ୍ଟ । ଏହାର ଅଧିଦେବତା ସୂର୍ଯ୍ୟ । ଏ ନକ୍ଷତ୍ରରେ ଜନ୍ମିଲା ମନୁଷ୍ୟ ଦାତା, ଯଶସ୍ୱୀ, ମନସ୍ୱୀ, ଦେବବ୍ରାହ୍ମଣ ପୂଜକ, ସମୃଦ୍ଧିଶାଳୀ ଓ ଜାତକ୍କ ହୁଏ—କୋଷ୍ଠୀପ୍ରଦୀପ । ନକ୍ଷତ୍ର ତଳେ ଟୀକା ଦେଖ ।]

ହସ୍ତାଏକ୍—ପ୍ରାଦେ (ସମ୍ବଲପୁର) ବି—ହଂସଜାତି ପକ୍ଷୀ—
Hastāek Grey laggoose.

ହସ୍ତାକ୍ଷର—ସ ବି—[ମ. ପ. ଲୋ. ହସ୍ତ ଲିଖିତ ଅକ୍ଷର]—୧ ।
Hastākshara କୌଣସି ବ୍ୟକ୍ତିଙ୍କ ହାତଲେଖା—1. Handwriting of a person. ୨ । ସ୍ୱହସ୍ତଦ୍ୱାରା ଲିଖିତ ଅକ୍ଷର—2. One's own handwriting. ବେ. ବି—ହାତଲେଖାକୁ ସୁନ୍ଦର କରିବାକୁ ଅଭ୍ୟାସ କରିଯିବା ପାଇଁ ପୁନଃ ପୁନଃ ଲେଖାଯିବା ଅକ୍ଷର—Handwriting exercise.

ହସ୍ତାକ୍ଷର ପଦ୍ଧତି(ରୀତି)—ସ ବି (୬ଷ୍ଠୀ ତତ୍; ହସ୍ତାକ୍ଷର+ପଦ୍ଧତି)—
Hastākshara paddhati(rīti) ପ୍ରତ୍ୟେକ ବ୍ୟକ୍ତିଙ୍କର ହସ୍ତାକ୍ଷର ଲେଖିବାର ସ୍ୱତନ୍ତ୍ର ଢଙ୍ଗ ଯଦ୍ଦ୍ୱାରା ତାହା ଅନ୍ୟ ବ୍ୟକ୍ତିଙ୍କ ଲେଖାଠାରୁ ବାରି ହୋଇପଡ଼େ)—Peculiarity or mode of one's handwriting.

ହସ୍ତାଙ୍ଗୁଳି—ସ ବି (୬ଷ୍ଠୀ ତତ୍, ହସ୍ତ+ଅଙ୍ଗୁଳି)—କରାଙ୍ଗୁଳି; ହାତର
Hastānguli ଅଙ୍ଗୁଳି—The fingers of the hand.

ହସ୍ତାନା—ଦେ. ବି—(ଫା. ଦସ୍ତାନା)—ଦସ୍ତାନା—
Hastānā Gloves.
দস্তানা **दस्ताना**

ହସ୍ତାନ୍ତର—ସ ବି (କର୍ମଧା,ଅନ୍ୟ+ହସ୍ତ)—୧ । ଅନ୍ୟ ବ୍ୟକ୍ତିର ହାତ—
Hastāntara 1. Another person's hand. ୨ । ଅନ୍ୟ ବ୍ୟକ୍ତିର ଅଧିକାର—2. The possession of another person. ୩ । ବସ୍ତୁ ଓ ଦାନାଦି ଦ୍ୱାରା ସମ୍ପତ୍ତିର ଅଧିକାର ପରିବର୍ତ୍ତନ—3. Transfer of

property by sale, gift etc. ଦେ. ବଣ—ହସ୍ତାନ୍ତରିତ (ଦେଖ)—Hastāntarita (See)

ହସ୍ତାନ୍ତର ଆଇନ୍—ଦେ. ବ (କଟରଥ) (ହସ୍ତାନ୍ତର+ଆଇନ୍)—ସମ୍ପତ୍ତି Hastāntara āin ହସ୍ତାନ୍ତର ସମ୍ବନ୍ଧୀୟ ବିଧି, ପ୍ରଣୀତ ଓ ବିବାଦ হস্তান্তর আইন हस्तान्तर कानून ଯେଉଁ ଆଇନ ଦ୍ୱାରା ନିଷ୍ପତ୍ତି ହୁଏ—The Transfer of Property Act. [ଦ୍ର—ବର୍ତ୍ତମାନ ଭାରତରେ ସମ୍ପତ୍ତି ହସ୍ତାନ୍ତର ସମ୍ବନ୍ଧେ ୧୮୮୨ ସାଲରେ ଭାରତୀୟ ୪ ଆଇନ୍ ଚଳୁଅଛି ।]

ହସ୍ତାନ୍ତର କରିବା—ଦେ. କ୍ରି—(କଟରଥ) ସମ୍ପତ୍ତିକୁ ବିକ୍ରି, ଦାନ ବା Hastāntara karibā ପଟ୍ଟା ଦ୍ୱାରା ଅନ୍ୟ ବ୍ୟକ୍ତିର ଅଧିକାରକୁ হস্তান্তর করা हस्तान्तर करना ଦେବା—To transfer a property (by sale, gift, lease etc.)

ହସ୍ତାନ୍ତର ଯୋଗ୍ୟ—ଦେ.ବଣ (କଟରଥ)—ଯେଉଁ ସମ୍ପତ୍ତି ବା ସ୍ୱତ୍ୱ Hastāntara jogya ଆଇନ୍ ଅନୁସାରେ ହସ୍ତାନ୍ତରିତ କରା হস্তান্তর যোগ্য हस्तान्तरयोग्य ଯାଇପାରେ—Transferable (property or right).

ହସ୍ତାନ୍ତରିତ—ସଂ. ବଣ—[ହସ୍ତାନ୍ତର+ଇତ]—୧। ଅପରର ଅଧିକାରକୁ Hastāntarita ପ୍ରଦତ୍ତ (ସମ୍ପତ୍ତି)—1. (property) Transferred to another. ୨। ଅନ୍ୟର ହସ୍ତଗତ; ସ୍ୱତ୍ୱରୁ ଅପସାରିତ—2. Gone over to the possession of another.

ହସ୍ତାବରଣ—ସଂ.ବ—[୬ଷ୍ଠୀତତ୍; ହସ୍ତ+ଆବରଣ]—୧। ଦସ୍ତାନା—1. Hastābaraṇa Gloves. ୨। ହାତକୁ ରକ୍ଷା କରିବା ପାଇଁ ପିନ୍ଧାଯିବା ଲୁହା ଦସ୍ତାନା—2. Mailed glove.

ହସ୍ତାବର୍ତ୍ତନ—ସଂ ବ [୬ଷ୍ଠୀ ତତ୍; ହସ୍ତ+ଆବର୍ତ୍ତନ)—୧। ହାତ Hastābarttana ଦ୍ୱାରା ଆଲୋଡ଼ନ ବା ଘାଣ୍ଟିବା—1. Agitating or shaking with the hands. ୨। ହାତ ଘୁରାଇବା; ହସ୍ତଘୂର୍ଣ୍ଣନ; ହାତକୁ ବୁଲାଇବା—2. Swinging round of the hands; moving one's hands in circles. ୩। ହାତ ଦ୍ୱାରା ସ୍ପର୍ଶ—3. Touching with the hands. ୪। ହାତ ଝୁଲାଇବା—4. Hanging down one's hands.

ହସ୍ତାବଲମ୍ବନ—ସଂ ବ—[୬ଷ୍ଠୀ ତତ୍, ହସ୍ତ+ଅବଲମ୍ବନ]— Hastābalambana ୧। ହସ୍ତ ଗ୍ରହଣ; ଅନ୍ୟର ହାତକୁ [ହସ୍ତାବଲମ୍ବ—ଅନ୍ୟରୂପ] ଧରିବା—1. Holding the hand of another. ୨। କୌଣସି କାର୍ଯ୍ୟ କରିବାରେ ସାହାଯ୍ୟ ଲାଭ କରିବା ପାଇଁ ଅନ୍ୟର ହାତକୁ ଧରିବା—2. Holding the hand of another as a help for doing a thing.

ହସ୍ତାବାପ—ସଂ. ବ—[୬ଷ୍ଠୀ ତତ୍, ହସ୍ତ+ଆବାପ]—ଧନୁ ମାରିବା Hastābāpa ଲୋକଙ୍କ ଅଙ୍ଗୁଠିକୁ ରକ୍ଷା କରିବା ପାଇଁ ବ୍ୟବହୃତ ଚମଡ଼ାର ଖୋଳ—A leathern cap used on the fingers by an archer. [ଭ—ଧନୁ ହସ୍ତାବାପ ଯେ ଦୁହିଙ୍କି କାଟିଲେ, ଦୁଇ ପାର୍ଷ୍ଣି ସାରଥିଙ୍କର ପ୍ରାଣ ନେଲେ—କୃଷ୍ଣସିଂହ ମହାଭାରତ ଦ୍ରୋଣ] ସଂ ବଣ—ହସ୍ତ ଦ୍ୱାରା ନିଗଡ଼ିତ (ଶବ୍ଦକୋଷ)—Held tightly with the hand or hands; clasped.

ହସ୍ତାଭରଣ—ସଂ. ବ—(୬ଷ୍ଠୀ ତତ୍; ହସ୍ତ+ଆଭରଣ)— Hastābharaṇa ହାତରେ ପିନ୍ଧାଯିବା ଅଳଙ୍କାର—Ornament for the hand.

ହସ୍ତାମଳକ—ସଂ. ବ—(ମ. ପ. ଲୋ; ହସ୍ତ ଧୃତ ଆମଳକ)—୧। ଅପଣା Hastāmalaka ହାତରେ ଧରାଯାଇଥିବା ଅଁଳା କୋଳି—1. Embelic myrobalan fruit held in the hand. [ଦ୍ର—ଏଣିକି ବେଦାନ୍ତରେ ଦୃଷ୍ଟାନ୍ତ ଛଳରେ ବ୍ୟବହୃତ। ହାତରେ ଗୋଟିଏ ଅଁଳା କୋଳି ଧରା ଯାଇଥିଲେ ତତ୍ ବିଷୟକ ସମସ୍ତ ତଥ୍ୟ ଧାରଣକାରୀ ଜାଣି ପାରନ୍ତି ଓ ତାଙ୍କ ପଳର ସବୁ ଦିଗ ତାଙ୍କ ଦୃଷ୍ଟିଗୋଚର ହୁଏ। ସେହିପରି ଯେଉଁ ବିଷୟର ସବୁଦିଗ ଓ ସବୁତଥ୍ୟ ଆଲୋଚନାକାରୀ ଜାଣି ପାରନ୍ତି ତାକୁ ହସ୍ତାମଳକ ସଙ୍ଗେ ତୁଳନା କରାଯାଏ।] ୨। କରାୟତ୍ତ ବସ୍ତୁ—2. A thing in one's possession or under one's control. ୩। ପ୍ରତ୍ୟକ୍ଷ ବିଷୟ—3. Anything which is perceived by the senses. ୪। ଶଙ୍କରାଚାର୍ଯ୍ୟକୃତ ଅଦ୍ୱୈତବାଦ ବିଷୟକ ଗ୍ରନ୍ଥ ବିଶେଷ—4. The title of a philosophical work by Śankarāchārjya.

ହସ୍ତାର୍ପଣ—ସଂ. ବ—(ହସ୍ତ+ଅର୍ପଣ)—୧। କୌଣସି ବ୍ୟକ୍ତି ବା Hastārpaṇa ବସ୍ତୁ ଉପରେ ନିଜର ହାତକୁ ରଖିବା—1. Laying one's hands on any person or thing. ୨। କୌଣସି କାର୍ଯ୍ୟ କରିବାକୁ ଆରମ୍ଭ—2. Beginning to do a work; undertaking a work. ୩। (୭ମୀ ତତ୍)—କୌଣସି ବସ୍ତୁକୁ ଅନ୍ୟ ବ୍ୟକ୍ତିଙ୍କ ହସ୍ତରେ ଦେବା—3. Consignment of a thing to a person.

ହସ୍ତାଲିଙ୍ଗନ—ସଂ. ବ.—(୬ଷ୍ଠୀ ତତ୍)—କର ମର୍ଦ୍ଦନ—Shake-Hastāliṅgana hand.

ହସ୍ତାହସ୍ତି—ସଂ ଅ (ହସ୍ତ+ହସ୍ତ+ଇ); ହସ୍ତମାନଙ୍କ ଦ୍ୱାରା ପ୍ରହାର ପୂର୍ବକ Hastāhasti ଯୁଦ୍ଧ)—ହାତାହାତି; ଦୁଇ ଜଣଙ୍କ ମଧ୍ୟରେ হাতাহাতি हाथाबाँही ପରସ୍ପର ହାତ ଦ୍ୱାରା ଯୁଦ୍ଧ—Hand to hand fighting.

ହସ୍ତିକ—ସଂ. ବ—(ହସ୍ତିନ୍ ଶବ୍ଦ+ସମୂହାର୍ଥେ କ)—ହସ୍ତିସମୂହ— Hastika A number of elephants.

ହସ୍ତିକକ୍ଷ—ସଂ. ବ—ଏକପ୍ରକାର ବିଷାକ୍ତ କୀଟ (ହ. ଶ)— Hasti kaksha A kind of poisonous insect.

ହସ୍ତିକକ୍ଷ୍ୟ—ସଂ. ବି—(ବହୁବ୍ରୀହି; ହସ୍ତି+କକ୍ଷ+ଯ)—୧ । ସିଂହ—
Hasti kakshya (ଶବ୍ଦକଳ୍ପଦ୍ରୁମ)—1. Lion. ୨ । ବ୍ୟାଘ୍ର
(ବୈଦ୍ୟକଳ୍ପଦ୍ରୁମ)—2. Tiger.

ହସ୍ତିକନ୍ଦ(ପତ୍ର)—ସଂ. ବି—(ବୈଦ୍ୟକ) ବୃହତ୍ କନ୍ଦବିଶେଷ—A
Hasti kanda(patra) kind of root bulb;
Raphanus sativus.
ସଂ.ପର୍ଯ୍ୟାୟ—[ଦ୍ର—ଏହା କଟୁ, ଉଷ୍ଣ ଓ କଫ, ବାତ, ହୃତ୍ ଦୋଷ,
ସ୍ଥୂଳକନ୍ଦ, ଅଚ୍ଛକନ୍ଦକ, ଶ୍ରମ, କୁଷ୍ଠ, ବିଷ, ବିସର୍ପ ନାଶକ,
ବୃହତ୍ ପତ୍ର, ହସ୍ତିକର୍ଣ୍ଣ, ଶୁକ୍ରବର୍ଦ୍ଧକ; (ରାଜନିର୍ଘଣ୍ଟ) । ଏହା
ସ୍କନ୍ଧକର୍ଣ୍ଣିକ, ହୃଦ୍‌ଦୋଷାରି, କୋଙ୍କଣ ଦେଶରେ ଜନ୍ମେ ।]
କୁଷ୍ଠହନ୍ତ୍ରୀ, ଚିରବାସୀ,
ନଗାଶୟ, ଗଜକନ୍ଦ,
ନାଗକନ୍ଦ (ରାଜନିର୍ଘଣ୍ଟ)

ହସ୍ତିକରଞ୍ଜ—ସଂ. ବି—ବଡ଼ କରଞ୍ଜ, ମହାକରଞ୍ଜ, —
Hasti karañja Pongamia Indica. (tree).
ହସ୍ତିକରଞ୍ଜକ }
ହସ୍ତିଚାରିଣୀ } ଅନ୍ୟରୂପ
ହସ୍ତିରୋହଣକ }

ହସ୍ତିକର୍ଣ୍ଣ—ସଂ. ବି—୧ । ହାତୀର କାନ—1. The ear of an
Hasti karṇṇa elephant. ୨ । ଏରଣ୍ଡ—2. The
castor oilseed plant; Clerodendrum Hastala [ଦ୍ର—ଏହାର ପତ୍ର ହସ୍ତିର କର୍ଣ୍ଣପରି ବଡ଼
ଥିବାରୁ ।] ୩ । ପଳାଶ ଭେଦ—3. A species
of Palāśa; Butea Supurba. ୪ । ଗଣଦେବତା
ଭେଦ—4. Name of one of a class of
Dieties. ୫ । ହସ୍ତିକନ୍ଦ—5 A kind of root
bulb. ୬ । ରକ୍ତୈରଣ୍ଡ—6 The red variety of
castor oil seed plant. ୭। କଚୁ; ସାରୁ (ହି.ଶ)—
7. Arum.

ହସ୍ତି କର୍ଣ୍ଣକ—ସଂ. ବି—ପଳାଶ ଭେଦ (ଶବ୍ଦରତ୍ନାବଳୀ)—
Hasti karṇṇaka A species of Palāśa.

ହସ୍ତିକା—ସଂ. ବି—ପ୍ରାଚୀନ ତନ୍ତ୍ରୀ ବାଦ୍ୟବିଶେଷ (ହି. ଶ)—A
Hastikā kind of stringed instrument used in
ancient times.

ହସ୍ତିକୋଳି—ସଂ. ବି—ବଦରୀ ଭେଦ—
Hasti koḷi A species of Jujube.
ସଂ.ପର୍ଯ୍ୟାୟ—ଗୋପଘୋଣ୍ଟା, ଘୋଣ୍ଟା, ବଦରୀଚ୍ଛଦା—ରତ୍ନମାଳା

ହସ୍ତିଗିରି—ସଂ. ବି—(ନାମ) କାଞ୍ଚୀଦେଶ—
Hastigiri The country of Kāñchi in S. India.

ହସ୍ତି ଘୋଷା(ଘୋଷାତକୀ, ପର୍ଣ୍ଣ ପର୍ଣ୍ଣିକା)—ସଂ. ବି— ମହା କୋଷାତକୀ
Hasti ghoshā (ghoshātakī, parṇṇa, parṇṇikā)
ସଂ.ପର୍ଯ୍ୟାୟ— ବୃହଦ୍ ଘୋଷା; ବଡ଼ ତରଡ଼ା; ମଧୁର ତରଡ଼ା—
ଝିଙ୍ଗା, ମହତ୍ପୁଷ୍ପା, A species of luffa; Luffa Aegyptica.
ମହାକୋଷାତକୀ, [ଦ୍ର—ଏହା ସ୍ନିଗ୍ଧ, ସାରକ, ପିତ୍ତ ଓ ବାୟୁ
ସର୍ପିଛତ୍ରା, ମହାଫଳା, ଧାମାର୍ଗବ, ନାଶକ, ମଦନବିନୋଦ ।]
ଘୋଷକ ।

ହସ୍ତିଘ୍ନ—ସଂ. ବିଣ—ହସ୍ତିନାଶକ—Killing elephants. ସଂ.
Hastighna ବି—ମନୁଷ୍ୟ (ଶବ୍ଦକଳ୍ପଦ୍ରୁମ)—Man

ହସ୍ତିଚାରିଣୀ—ସଂ. ବି—ହସ୍ତିକରଞ୍ଜ (ଦେଖ)—
Hasti chāriṇī Hasti karañja.(See)

ହସ୍ତି ଚାଳକ—ସଂ. ବି. ପୁ—(ହସ୍ତିନ+ଚାଳକ) ମାହୁନ୍ତ—
Hastichāḷaka The driver of an elephant.

ହସ୍ତିଚାଳନ—ସଂ ବି—ହାତୀକୁ (ମାହୁନ୍ତର) ଚଳାଇବା—
Hastichaḷana Driving of an elephant.

ହସ୍ତିଜିହ୍ୱା—ସଂ ବି—ଶରୀରସ୍ଥ ଦଶନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ—One
Hastijihwā of the ten veins of the body. [ଦ୍ର—
ଏହା ଦକ୍ଷିଣ ଅକ୍ଷିର ଗୋଟିଏ ନାଡ଼ୀ (ହି ଶ)]

ହସ୍ତିଦନ୍ତ—ସଂ ବି—(ଷଷ୍ଠୀତତ୍)—୧ । ହାତୀଦାନ୍ତ—1. Tusk of
Hastidanta elephant; ivory. ୨ । ମୂଳକ; ମୂଳା—2.
Radish. ୩ । ଦ୍ରବ୍ୟରକ୍ଷାର୍ଥ ଭିତ୍ତିଗାତ୍ରସ୍ଥକୀଳକ;
ନାଗଦନ୍ତ କାଠି—3. A peg driven into a
wall for hanging articles.

ହସ୍ତିଦନ୍ତକ (ଦନ୍ତୀ)—ସଂ. ବି—ମୂଳକ; ମୂଳା [ଶବ୍ଦମାଳା]—
Hasti dantaka (dantī) Radish.

ହସ୍ତିଦନ୍ତଫଳା—ସଂ ବି—ଏର୍ବାରୁ (ରାଜନିର୍ଘଣ୍ଟ);
Hastidantaphaḷā କାକୁଡ଼—Cucumber.

ହସ୍ତିଦ୍ୱୟସ—ସଂ ବି—(ହସ୍ତି+ଦ୍ୱୟସ)—ଗଜ ପରିମାଣ—
Hastidwayasa A measurement of elephants.

ହସ୍ତିନଖ—ସଂ. ବି—୧। (ହସ୍ତୀର ନଖପରି କ୍ରମନିମ୍ନ ବା କ୍ରମୋଚ୍ଚ ଥିବାରୁ
Hasti nakha ଦୁର୍ଗଦ୍ୱାରକୁ ଅବରୋଧ କରିବାପାଇଁ କ୍ରମନିମ୍ନ ବା)
କ୍ରମୋନ୍ନତ ମୃତ୍କୂଟ ବା ମୃତ୍ତିକାସ୍ତୂପ (ଅମର); ବୁରୁଜ—।
(ଯାହା ଉପରେ ଠିଆ ହୋଇ ବିପକ୍ଷଙ୍କ ପ୍ରତି କାଣ୍ଡ ମରି
ଯାଏ)—1. A sloping mound of earth in
front of the gate of a fort. ୨। ହାତୀର ନଖ—
2. The nail of the feet of an elephant

ହସ୍ତିନ—ସଂ. ବି (ହସ୍ତିନ୍+ଅ)—ହସ୍ତିନା (ଦେଖ)—
Hastina Hastinā (See)

ହସ୍ତିନ (ନା, ନୀ) ପୁର—ସଂ. ବି [ନାମ]—ହସ୍ତିନା (ଦେଖ)—
Hastina(nā, nī) pura Hastinā (See)

ହସ୍ତିନା—ସଂ. ବି (ନାମ)—[ହସ୍ତିନ୍=ହସ୍ତୀ ନାମଧାରୀ ରାଜାଙ୍କ ପୁର)
Hastinā ଚନ୍ଦ୍ରବଂଶୀୟ ହସ୍ତୀ ନାମକ ରାଜାଙ୍କ ନିର୍ମିତ ରାଜଧାନୀ;
ଅଧୁନାତନ ଦିଲ୍ଲୀର ପ୍ରାଚୀନ ନାମ (କୁରୁ ପାଣ୍ଡବଙ୍କ ରାଜଧାନୀ)—
The ancient name of modern Delhi.
ସଂ ପର୍ଯ୍ୟାୟ— [ଦ୍ର—ଅଧୁନାତନ ପଣ୍ଡିତମାନେ ସ୍ଥିର କରି
ନାଗାହ୍ୱ; ଗଜାହ୍ୱ; ଅଛନ୍ତି ଯେ, ଏହା ଅଧୁନାତନ ଦିଲ୍ଲୀ ନଗରୀର
ଗଜାହ୍ୱୟ, ନାଗସାହ୍ୱୟ ୨୮ କ୍ରୋଶ ଦୂରରେ ଥିଲା—(ହି. ଶ)
ଗଜସାହ୍ୱୟ ।

ହସ୍ତିନା ବାରୁଣା—ଦେ. ବ—(ସଂ ହସ୍ତିନାପୁର ଓ ବାରୁଣାବତ)—୧ । Hastinā bārunā ଅତୁଳ ବଇଭ ବା ଐଶ୍ୱର୍ଯ୍ୟ—1. Immeasurable wealth. ୨ । ହସ୍ତିନାପୁର ବା ବାରୁଣା· ନଗରର ସମୃଦ୍ଧ ସାମ୍ରାଜ୍ୟ ବା ନଗର—2. A country or town as the Hastināpura and the Bārunābata of old. [ଯଥା—ହସ୍ତିନା ବାରୁଣା ତ ରହୁ ନାହିଁ, ଏ ସମ୍ପତ୍ତି କେତେ ଦନ ରହିବ ?]

ଅତୁଳ ବିଭବ

हस्तिनावारुणा

ହସ୍ତିନାସା—ସଂ. ବ (୬ଷ୍ଠୀ ତତ୍)—ହାତୀର ଶୁଣ୍ଢ (ହି. ଶ)—
Hastināsā The trunk of an elephant.

ହସ୍ତିନୀ—ସଂ. ବ ସ୍ତ୍ରୀ (ହସ୍ତିନ୍+ସ୍ତ୍ରୀ ଈ)—୧ । କରଣୀ; ହାତୁଣୀ; ମାଈ ହାତୀ—1. A female elephant; a she-elephant. [ଦ୍ର—ବୈଦ୍ୟଶାସ୍ତ୍ରାନୁସାରେ ଏହାର ଦୁଗ୍ଧ ମଧୁର, ବୃଷ୍ୟ, ଗୁରୁ, କଷାୟ, ସ୍ନିଗ୍ଧ, ସ୍ଥୈର୍ଯ୍ୟକର, ଶୀତଳ, ଚକ୍ଷୁଷ୍ୟ, ବଳବର୍ଦ୍ଧକ ।]
Hastini

ସଂ. ପର୍ଯ୍ୟାୟ—
କରେଣୁ, ରେଣୁକା,
କରେଣୁକା, ଧେନୁକା,
ବାସା, ବାସିତା, କରଣୀ
ବଶା, କଣ୍ଟମୁଗ, ପୁଷ୍କରେଣୀ,
କଣ୍ଠ, ବସା, ଗଣିକା,
ଗଜଯୋଷିତ୍, ଇଭ୍ୟା, ମାତଙ୍ଗୀ,
ପଦ୍ମା ।

ଏହାର ଦଧି—କଷାୟ, ଲଘୁ, ଉଷ୍ଣ, ଶୂଳହର, ରୁଚପ୍ରଦ, ଦୀପ୍ତିଦ, ସ୍ଥାର୍ଯ୍ୟବର୍ଦ୍ଧକ, ବଳପ୍ରଦ ।
ଏହାର ନବନୀତ—କଷାୟ, ଶୀତଳ, ଲଘୁ, ତକ୍ତ, ବଷ୍ଟମ୍ଭୀ, ପିତ୍ତ କଫ କୃମି ନାଶକ ।
ଏହାର ଘୃତ—କଫ ପିତ୍ତ କୃମି ବିଷ ନାଶକ, କଷାୟ, ବଷ୍ଟମ୍ଭୀ, ଅଗ୍ନିକର—ରାଜନିର୍ଘଣ୍ଟ ।]
୨ । ଚତୁର୍ବିଧା ସ୍ତ୍ରୀ ଜାତି ମଧ୍ୟରୁ ଏକପ୍ରକାର—2. One of the 4 classes in to which females are divided. (ଦ୍ର—ଏହାଙ୍କ ଲକ୍ଷଣ—ସ୍ଥୂଳାଧର, ସ୍ଥୂଳନିତମ୍ବଭାଗା, ସ୍ଥୂଳାଙ୍ଗୁଳି, ସ୍ଥୂଳକୁଚ, ସୁଶୀଳା, କାମୋତ୍ସୁକା, ଗାଢ଼ ରତିପ୍ରିୟା, ନିତମ୍ବନୀ। ଖଳୁ ହସ୍ତିନୀସ୍ୟାତ୍—ରତିମଞ୍ଜରୀ] ୩ । ହସ୍ତିବିଳାସିନୀ; ସୁଗନ୍ଧିତ ଦ୍ରବ୍ୟବିଶେଷ (ଶବ୍ଦଚନ୍ଦ୍ରିକା)—3. A kind of medicinal scent. ୪ । ହସ୍ତିଶୁଣ୍ଢାବୃକ୍ଷ (ଦେଖ)—4. Hastisundā brukshya (See)

ହସ୍ତିପ—ସଂ. ବ ପୁଂ. (ହସ୍ତିନ୍+ପା ଧାତୁ=ପାଳିବା+କର୍ତ୍ତୃ ଅ)—୧ । ହାତୀଅଳ; ହସ୍ତିଶୃଳକ; ମାହୁନ୍ତ—1. The driver of an elephant. ୨ । ଗଜାରୋହୀ ଯୋଦ୍ଧା—2. A warrior fighting on an elephant.
Hastipa

ସଂ. ପର୍ଯ୍ୟାୟ—
ଗଜାରୋହ, ହସ୍ତ୍ୟାରୋହ
ଅଧୋରୁଣ, କଷାଘ ।

ହସ୍ତିପକ—ସଂ. ବ—(ହସ୍ତିପ+ସ୍ୱାର୍ଥେକ)—ହସ୍ତିପ (ଦେଖ)—
Hastipaka Hastipa (See)

ହସ୍ତିପକା—ଦେ. ବ (ସଂ. ହସ୍ତିପ କ)—ହସ୍ତିପ (୨) ଦେଖ—
Hastipakā Hastipa (2) (See)
[ଦ୍ର—ଭରତର କୃମୀ ହସ୍ତିପକା; ଜଳେ ପ୍ରକାଶ ଜସ୍ୟ ପତାକା—ଦୀନକୃଷ୍ଣ. ରସକଲ୍ଲୋଳ]

हस्तिप हस्तिपका

ହସ୍ତିପର୍ଣ୍ଣୀ—ସଂ.ବ—୧ । ମୋଟା ପତ୍ରଥିବା ଲତା (ରତ୍ନମାଳ)—1. A creeper with big leaves. ୨ । କର୍କଟୀ—(ରାଜନିର୍ଘଣ୍ଟ)—2. Cucumber.
Hastiparni

ହସ୍ତିପିପ୍ପଳି—ସଂ. ବ—ଗଜ ପିପଳି (ଦେଖ)—
Hastipippali Gajapippali (See)

ହସ୍ତିପ୍ରମେହ (ମେହ)—ସଂ. ବ—ଏକ ପ୍ରମେହ ରୋଗ—A kind of gonorrohea;
Hasti prameha (meha)
[ଦ୍ର—ଏ ରୋଗରେ ମୂତ୍ର ସଙ୍ଗେ ହସ୍ତୀମଦ ପରି ବସ୍ତୁ ବନା ବେଗରେ ସୂତାପରି ପଡେ ଓ ରହିରହି ପ୍ରସ୍ରାବ ହୁଏ (ହି. ଶ)]

ହସ୍ତିବାରୁଣୀ—ସଂ.ବ—କରଞ୍ଜୀ; ଗିଲ (ଗୁଳ୍ମ)—A thorny plant. [ଦ୍ର—ଏହା ତ୍ରମୂଳକାରକ, ତିକ୍ତ କଷାୟ, କଟୁ, ବପାକ, ଉଷ୍ଣବୀର୍ଯ୍ୟ, ପିତ୍ତ, ଅର୍ଶ, କୃମି, କୁଷ୍ଠ, ପ୍ରମେହ ଓ ବମନ ନାଶକ]
Hastibāruni

ସଂ. ପର୍ଯ୍ୟାୟ—
କରଭଞ୍ଜିକା, ମର୍କଟୀ, ଉଦବୀର୍ଯ୍ୟ,
ଷଡ଼ଗ୍ରନ୍ଥ, ବାୟସୀ, କରଞ୍ଜୀ ।

ହସ୍ତିବାହ—ସଂ.ବ—(ହସ୍ତିନ+ବହ ଧାତୁ+କରଣ. ଅ)—ହାତୀଅଙ୍କୁଶ; ଗଜଶୃଳନ ଦଣ୍ଡ ବା ଅଙ୍କୁଶ—A hooked iron stick used in driving an elephant.
Hastibāha

ହସ୍ତିବିଷାଣୀ—ସଂ. ବ—କଦଳୀ (ରାଜନିର୍ଘଣ୍ଟ)—
Hastibishāni Plantain.

ହସ୍ତିମଦ—ସଂ. ବ (ମ· ପ, ଲେ ବା ୬ଷ୍ଠୀ ତତ୍, ହସ୍ତି+ମଦ)—କାମମତ୍ତ ହସ୍ତୀର ଗଣ୍ଡଦେଶସ୍ଥ ଦୁଇପାଶର ଛିଦ୍ରରୁ ବୋହିବା ଉତ୍କଟ ଗନ୍ଧଯୁକ୍ତ ଜଳୀୟ ରସ—A strong something juice flowing from the temples of an elephant in rut.
Hasti mada

ସଂ. ପର୍ଯ୍ୟାୟ—
ମଦ, ଗଜମଦ, ଗଜବାନ,
କୁମ୍ଭମଦ, ବନ୍ୟମଦ, ଦାନବାରି,
ବାନ, ଦ୍ୱିପମଦ ।

[ଦ୍ର—ଏହା ସ୍ନିଗ୍ଧ, ତକ୍ତ, କେଶ୍ୟ, ଅପସ୍ମାର, ବିଷ, କୁଷ୍ଠ, କଣ୍ଡୁ ବ୍ରଣ, ଦଦ୍ରୁ ଓ ସୋଫନାଶକ (ରାଜନିର୍ଘଣ୍ଟ)

ହସ୍ତିମଲ୍ଲ—ସଂ. ବ (ହସ୍ତିନ୍+ମଲ୍ଲ)—୧ । ରଣହସ୍ତୀ—1. An elephant used in war. ୨ । ଐରାବତ ହସ୍ତୀ—2. The elephant of Indra. ୩ ଗଣେଶ—3. A name of a Ganesa. ୪ । ପାତାଳବାସୀ ଶଙ୍ଖ ନାଗ—4. Name of a white serpent of the nether world. ୫ । ମହାମଲ୍ଲ—5. A great athlet. ୬ । ଭଗ୍ନସ୍ତୂପ—6. A broken mound. ୭ । ଧୂଳି ବର୍ଷଣ—7. Raining of dust ୮ । ପାଉଁଶ ଗଦା (ହି. ଶ)—8. A mound of ashes.
Hastimalla

ହସ୍ତିମାଂସ—ସଂ ବ (୬ଷ୍ଠୀ ତତ୍; ହସ୍ତିନ୍+ମାଂସ)—ହାତୀର ମାଂସ—
Hastimāmsa The meat of elephant.
[ଦ୍ର—ବୈଦ୍ୟଶାସ୍ତ୍ର ମତେ ଏହା ଅମ୍ଳ, ଲବଣ, ମଧୁରରସ, ଗୁରୁପାକ, ସ୍ନିଗ୍ଧ, ଦୁର୍ଜର, ଅଗ୍ନିମାନ୍ଦ୍ୟ ଜନକ, ପୁଷ୍ଟିକର,

ବାତଶ୍ଳେଷ୍ମଜନକ, କିନ୍ତୁ ସୁଶ୍ରୁତ ମତରେ ବାତଶ୍ଳେଷ୍ମନାଶକ)

ହସ୍ତିମୁଖ—ସଂ. ବି ପୁଂ (ବହୁବ୍ରୀହି)—ଗଜାନନ; ଗଣେଶ—
Hastimukha Ganesa

ହସ୍ତିମୂର୍ଖ—ଦେ. ବିଣ ଓ ବି—ମହାମୂର୍ଖ; ଗଜମୂର୍ଖ; ଅତି ନିର୍ବୋଧ(ବ୍ୟକ୍ତି)—
Hasti mūrkha A very foolish or dunce person;
हस्तिमूर्ख गधा a big dunce.

ହସ୍ତିମୂତ୍ର—ସଂ. ବି—(୬ଷ୍ଠୀ ତତ୍, ହସ୍ତିନ୍+ମୂତ୍ର)—ହାତୀର ମୂତ୍ର—
Hasti mūtra The urine of elephant.
(ଦ୍ର—ବୈଦ୍ୟଶାସ୍ତ୍ରମତେ ଏହା କଷାୟ‌ତିକ୍ତଲବଣରସ, ଉଷ୍ଣବୀର୍ଯ୍ୟ, ବାୟୁ ନାଶକ ଏବଂ କୁଷ୍ଠ, ଶ୍ୱାସ, ଶୂଳ ଓ ଭୂତାବେଶରେ ଉପକାରକ ; ଏହାକୁ ଦେହରେ ଲଗାଇଲେ କଣ୍ଡୁ, ଦଦ୍ରୁ ଓ ବିସର୍ପ ରୋଗର ଉପଶମ ହୁଏ ।]

ହସ୍ତିଯୂଥ—ସଂ. ବି—(୬ଷ୍ଠୀତତ୍)—ହାତୀଙ୍କ ପଲ୍ଲ—
Hasti jūtha A herd of elephants.

ହସ୍ତିରୋହଣକ—ସଂ. ବି—ହସ୍ତିକରଞ୍ଜ (ଦେଖ)—
Hasti rohanaka Hasti karañja (See)

ହସ୍ତିଲୋଧ୍ରକ—ସଂ. ବି—ଲୋଧ୍ର (ରାଜନିଘଣ୍ଟୁ) (ଦେଖ)—
Hasti lodhraka Lodhra (See).

ହସ୍ତିଶାଳା—ସଂ. ବି (ଷଷ୍ଠୀ ତତ୍)—ଯେଉଁ ଘରେ ହାତୀ ବନ୍ଧାଯାଆନ୍ତି;
Hasti śālā ପିଲ୍‌ଖାନା; ହାତୀଶାଳ—A house for stabling elephants.

ହସ୍ତିଶୁଣ୍ଡ—ସଂ. ବି—(୬ଷ୍ଠୀତତ୍) ହାତୀର ଶୁଣ୍ଡ ବା ଥୋର ପାହାର—
Hasti śunda The trunk of an elephant.

ହସ୍ତିଶୁଣ୍ଡା(ଣ୍ଡୀ)—ସଂ ବି—ହାତୀଶୁଣ୍ଡା ଗୁଳ୍ମ—Helistropium
Hasti śundā(ndī) Indicum (plant).
ହସ୍ତିଶୁଣ୍ଡି[ଣ୍ଡୀ] / ହସ୍ତିଶୁଣ୍ଡୀ[ଣ୍ଡି] —ଅନ୍ୟରୂପ]
ଅନ୍ୟ ସଂ ନାମ—ହସ୍ତିନୀ, ଶୁଣ୍ଡୀ, ଧୂସର ପତ୍ରିକା, ଭୂରୁଣ୍ଡୀ, ଧୂସରପତ୍ରୀ]
हातीशुंडी
हाती शुंड
ମ. ନେଳବେଳ
ତେ. ତେଳ୍ଲମଠଣୀ
[ଦ୍ର—ଏହା ଓଦାଳିଆ ପଡ଼ିଆ ଜାଗାରେ ଜନ୍ମିବା ବନ୍ୟ, କ୍ଷେତ, ଖରଲୋମଶ ବର୍ଷାୟୁଃ ଶାକବିଶେଷ, ଫୁଲ ନେଳିଆ; ମଞ୍ଜରୀରେ ଦୁଇ ଧାଡ଼ି ଫୁଲ ଧରେ; ମଞ୍ଜରୀର ଅଗ ହାତୀ ଶୁଣ୍ଡ ପରି ବଙ୍କ ହୋଇଥାଏ । ଏହା କଟୁ, ଉଷ୍ଣବୀର୍ଯ୍ୟ, ସନ୍ନିପାତ ଓ ଜ୍ୱରନାଶକ ଏବଂ ବାହ୍ୟ ଓ ଅଭ୍ୟନ୍ତର ପ୍ରୟୋଗରେ ସର୍ପ ଓ ବୃଶ୍ଚିକାଦିଙ୍କ ବିଷନାଶକ ।] ଦେ. ବି—ହାତୀଶୁଣ୍ଡା ରୋଗ; ଯେଉଁ ବାତଜରରେ ପୁରୁଷଙ୍କ ଲିଙ୍ଗକୁ ବକ୍ତ୍ର ଗଢ଼ ତାହା (ହସ୍ତିଶୁଣ୍ଡ ପରି) ସ୍ଥୂଳ ହୋଇଯାଏ । — Elephantiasis of the penis; tumour on the penis.

ହସ୍ତିଶ୍ୟାମାକ—ସଂ. ବି ୧ । ହାତିଆ ଶୁଆଁ; ଶସ୍ୟବିଶେଷ; ଏକପ୍ରକାର ବଡ଼ ଶୁଆଁ ଧାନ—
Hasti śyāmāka
हतियाश्यामा काला सावाँ 1. A kind of wild grain.
[ଦ୍ର—ଏହା ଧାତୁଶୋଷକ, ପିତ୍ତଶ୍ଳେଷ୍ମନାଶକ, ବାୟୁବର୍ଦ୍ଧକ ଓ ରୁକ୍ଷ, ଏବଂ ଶ୍ୟାମା ଧାନର ଅନ୍ୟଗୁଣବିଶିଷ୍ଟ—ସ୍ୱଜନକୁଳ ।] ୨ । ବାଜରା ଶସ୍ୟ [ହିଂ ଶ]—
2. Indian maize.

ହସ୍ତିଷଡ୍‌ଗବ—ସଂ. ବି—(୬ଷ୍ଠୀତତ୍)—ଏକସ୍ଥାନସ୍ଥିତ ୬ଟି ହାତୀ—
Hasti shadgaba A collection of six elephants (Apte).

ହସ୍ତିହସ୍ତ—ସଂ ବି [ଷଷ୍ଠୀ ତତ୍; ହସ୍ତିନ୍+ହସ୍ତ]—ହାତୀର ଶୁଣ୍ଡ—
Hasti hasta The trunk of elephant

ହସ୍ତୀ—ସଂ ବି. ପୁଂ [ହସ୍ତିନ୍ ଦେ ୧ମା ୧ବ] ହାତୀ; କରୀ; ଭାରତରେ ଓ
Hasti ଅଫ୍ରିକାରେ ମିଳୁଥିବା ବୃହଦାକାର
[ହସ୍ତିନୀ—ସ୍ତ୍ରୀ] ଓ ଶୁଣ୍ଡଯୁକ୍ତ ପଶୁ—1. The
हाती हस्थी हाथी elephant.
ସଂ. ପର୍ଯ୍ୟାୟ—ଇଭ, କରୀ, ଅନେକପ, ଅନ୍ତଃସ୍ୱେଦ, କଟକୀ, କଟୀ, କରଟୀ, କରଭୀ, କରେଣୁ, କର୍ଣ୍ଣିକୀ, କୁଞ୍ଜର, କୁମ୍ଭୀ, ଗଜ, ଜଳକଙ୍କ, ଜଳକାଙ୍କ୍ଷ, ଦୀର୍ଘମାରୁତ, ଦନ୍ତାବଳ, ଦନ୍ତୀ, ଦ୍ୱିରଦ, ଦ୍ୱିରଦନ, ଦ୍ୱିପ, ଦ୍ରୁମାର, ନାଗ, ନର୍ଦ୍ଦର, ପଞ୍ଚନଖ, ପଦ୍ମୀ, ପିଣ୍ଡପାଦ, ପୀଲୁ, ପୁଷ୍କରୀ, ପେଚଲ, ପେଚକୀ, ବରାଙ୍ଗ, ବାରଣ, ବଲ୍ଲୋମକଳ୍ପ, ବିଷାଣୀ, ଭଦ୍ର, ମତଙ୍ଗ, ମତଙ୍ଗଜ, ମହାବଳ, ମହାମଦ, ମହାମୃଗ, ମାତଙ୍ଗ, ରଜକୀ, ରୁଗାବ, ଲତାଲକ, ଲଙ୍ଗୀ, ଶୂର୍ପକର୍ଣ୍ଣ, ଶଣ୍ଡାଳ, ଷଷ୍ଟିହାୟନ, ସାମଯୋନି, ସିନ୍ଦୁରତିଳକ, ସାମଜ, ସିନ୍ଧୁର, ସ୍ତମ୍ବେରମ, ସ୍ତରମ ।]
[ଦ୍ର—ପ୍ରାଚୀନ ଭାରତୀୟମାନେ ହସ୍ତୀମାନଙ୍କୁ ଚାରି ଶ୍ରେଣୀରେ ବିଭକ୍ତ କରୁଥିଲେ । ଯଥା—
୧ । ଭଦ୍ର—ଉଚ୍ଚ ୭ ହାତ, ଦୀର୍ଘ ୮ ହାତ, ଉଦରର ପରିଧି ୧୦ ହାତ । ଏମାନେ ବର୍ତ୍ତୁଳାକାର, ବଳବାନ ଓ ସମାନ ପ୍ରତ୍ୟଙ୍ଗବିଶିଷ୍ଟ । ଏମାନଙ୍କ ଦନ୍ତର ବର୍ଣ୍ଣ ଈଷତ୍ ହଳଦିଆମିଶା ଫିକା ନାଲି ।
୨ । ମନ୍ଦ୍ର—ଉଚ୍ଚତା ଓ ଉଦର ପରିଧି ଭଦ୍ରଠାରୁ ହାତେ ଲେଖାଏଁ କମ୍; ଦୀର୍ଘତାରେ ଭଦ୍ରର ସମାନ । ଏମାନେ ସ୍ଥୂଳୋଦର, ସିଂହଦୃଷ୍ଟି, ବୃହଚ୍ଚର୍ମ, ବୃହଦ୍‌ଗଳଦେଶ, ଦୀର୍ଘମୁଣ୍ଡ ଓ ଦୀର୍ଘାବୟବ ।
୩ । ମୃଗ—ଏମାନେ ଉଚ୍ଚତା, ଦୈର୍ଘ୍ୟ ଓ ଉଦରପରିଧିରେ ଭଦ୍ରଠାରୁ ହାତେଲେଖାଏଁ କମ୍ । ଏମାନଙ୍କ କଣ୍ଠ, ଦନ୍ତ, କର୍ଣ୍ଣ, ଶୁଣ୍ଡ କ୍ଷୁଦ୍ରତର, ଚକ୍ଷୁ ସ୍ଥୂଳ ଓ ଅଧର ଖର୍ବ ।
୪ । ମିଶ୍ର ବା ମିଶ୍ର ମାତଲୀ—ଉକ୍ତ ପୂର୍ବୋକ୍ତ ତିନିପ୍ରକାରର ହସ୍ତୀଙ୍କର କୌଣସି କୌଣସି ଲକ୍ଷଣଯୁକ୍ତ ।
ମତାନ୍ତରରେ ପୂର୍ବୋକ୍ତ ଅଷ୍ଟଦିଗ୍‌ହସ୍ତୀଙ୍କ ନାମାନୁସାରେ ଶାସ୍ତ୍ରକାରମାନେ ହାତୀଙ୍କୁ ଆଠ ଶ୍ରେଣୀରେ ବିଭକ୍ତ କରିଅଛନ୍ତି ।

୧ । ଐରାବତ—ପାଣ୍ଡୁର, ଦୀର୍ଘ, ଅଳ୍ପ ଲୋମଯୁକ୍ତ ଶୁଭ୍ରଦନ୍ତ ।

୨ । ପୁଣ୍ଡରୀକ—କୋମଳଦେହ, ତୀକ୍ଷ୍ଣଦନ୍ତ, ଅତ୍ୟନ୍ତ ଜଳପ୍ରିୟ ।

୩ । ବାମନ—କର୍କଶଦେହ, ଖର୍ବ, ଲୋମଶ, ହ୍ରସ୍ୱ-ପୁଚ୍ଛ ଓ ହ୍ରସ୍ୱକର୍ଣ୍ଣ ।

୪ । କୁମୁଦ—ଦୀର୍ଘ, କୃଦନ୍ତ, ସ୍ଥୂଳଗଣ୍ଡ, ମଳପୂର୍ଣ୍ଣ-ଦେହ; ଅତ୍ୟନ୍ତ କୋପନସ୍ୱଭାବ ।

୫ । ପୁଷ୍ପଦନ୍ତ—ଅନୂପଦେଶଜାତ, ହ୍ରସ୍ୱପୁଚ୍ଛ ଓ ଶୀଘ୍ରଗାମୀ ।

୬ । ସାର୍ବଭୌମ—ମରୁପ୍ରଦେଶବିଚରଣକାରୀ, ଦୀର୍ଘକାୟ, କର୍କଶଦେହ । (ଏମାନଙ୍କଠାରୁ ଗଜମୁକ୍ତା ମିଳେ ।)

୭ । ସୁପ୍ରତୀକ—ଦୀର୍ଘଶୁଣ୍ଡ, ସ୍ଥୂଳଗଣ୍ଡ; ସର୍ବଦା ଯୁଦ୍ଧପ୍ରିୟ, ହସ୍ତିନୀରତ ।

୮ । ଅଞ୍ଜନ—ସ୍ନିଗ୍ଧଦେହ, ଉନ୍ନତମୁଖ, ସ୍ଥୂଳଦନ୍ତ; ଜଳାଭିଳାଷୀ ।

ବର୍ତ୍ତମାନ ଭାରତର ହସ୍ତିବ୍ୟବସାୟୀମାନେ ହାତୀଙ୍କୁ ପାଞ୍ଚ ଶ୍ରେଣୀରେ ବିଭକ୍ତ କରିଅଛନ୍ତି ।

୧ । ବେଗଦର—ଯେଉଁ ହାତୀର କାନ ଉପରେ ଧଳା ଛିଟ ଥାଏ । ଏମାନେ ଦୀର୍ଘକାୟ ଓ ବଡ଼ ବଡ଼ ଦନ୍ତ-ବିଶିଷ୍ଟ ।

୨ । ମୁଣ୍ଡ—ବଳିଷ୍ଠବପୁ, କୃଷ୍ଣବର୍ଣ୍ଣ, ପୀତବର୍ଣ୍ଣ ନୟନ-ବିଶିଷ୍ଟ; ଏମାନେ ଦୁର୍ଦ୍ଧର୍ଷ ।

୩ । ମୃଗ—ଈଷତ୍ ଭାବ କୃଷ୍ଣବର୍ଣ୍ଣ ହସ୍ତୀ ।

୪ । ମୀର୍ଗ—ପାଂଶୁବର୍ଣ୍ଣ ଓ ସହଜରେ ସାଧ୍ୟ ।

୫ । ଗଜଭୂପ୍—ସର୍ବାପେକ୍ଷା ଦୀର୍ଘକାୟ ଓ ଶାନ୍ତ-ପ୍ରକୃତିକ (ଗଣେନ୍ଦ୍ର) ।

ଭାରତବର୍ଷର ଜଙ୍ଗଲମାନଙ୍କରେ ଓ ବ୍ରହ୍ମଦେଶରେ ବନ୍ୟହାତୀ ଥାଆନ୍ତି । ଗଭର୍ଣ୍ଣମେଣ୍ଟ ଏବଂ ରାଜାମାନେ 'ଖେଦା' କରି ହାତୀମାନଙ୍କୁ ଧରି ତାଙ୍କୁ ପୋଷ ମଣାଇ, ନାନା କାର୍ଯ୍ୟରେ ଲଗାନ୍ତି ଓ ଏମାନଙ୍କ ପିଠିରେ ଚଢ଼ନ୍ତି । ଏମାନେ ପୂର୍ବେ ଯୁଦ୍ଧରେ ବ୍ୟବହୃତ ହେଉଥିଲେ ।

ଆଫ୍ରିକାର ଜଙ୍ଗଲରେ ଓ ମରୁଭୂମିରେ ଥିବା ହାତୀମାନେ କ୍ଷୁଦ୍ରକାୟ ଓ ସହଜରେ ସାଧ୍ୟ ହୁଅନ୍ତି ନାହିଁ । ବ୍ରହ୍ମଦେଶରେ ମିଳୁଥିବା ଶ୍ୱେତଚର୍ମ ଯୁକ୍ତ ହସ୍ତୀକୁ ବୌଦ୍ଧ-ମାନେ ପୂଜା କରନ୍ତି ଓ ଏହା ସେ ଦେଶରେ ରାଜପୂଜିତ ଅଟେ ।

ପୁରାଣ ମତରେ ପୃଥିବୀର ଆଠ ଗୋଟି ଦିଗରୁ ଆଠଗୋଟି ହସ୍ତୀ (ଦିଗ୍‌ବାରଣ) ଟେକି ଧରି ଅଛନ୍ତି । ଉକ୍ତ ହସ୍ତୀ-ମାନଙ୍କର ଗୋଟିଏ ଲେଖାଏଁ ହସ୍ତିନୀ ମଧ୍ୟ ଅଛନ୍ତି । ଇନ୍ଦ୍ରଙ୍କର ବାହନ ଐରାବତ ହସ୍ତୀ ।

ହାତୀମାନେ ଦଳବଦ୍ଧ ହୋଇ ବନରେ ବୁଲନ୍ତି । ଗୋଟିଏ ବୃଦ୍ଧ ହସ୍ତୀ ସେ ଦଳର ନେତା ଥାଏ । ହସ୍ତୀମାନେ ଫଳ ପତ୍ର ଡାଳ ଚୂଲ ଖାଇ ବଞ୍ଚନ୍ତି । ଜଙ୍ଗଲ ନିକଟସ୍ଥ କ୍ଷେତମାନଙ୍କରେ ଏମାନେ ରାତ୍ରରେ ପଶି ବିଶେଷ ନଷ୍ଟ କରନ୍ତି । ୨ । ଚନ୍ଦ୍ରବଂଶୀୟ ସୁହୋତ୍ର ରାଜାଙ୍କ ପୁତ୍ର—2. Name of a king of the Lunar dynasty who founded the ancient Hastināpura (the modern Delhi). [ଦ୍ର—ଏ ହସ୍ତିନାପୁରକୁ ନିର୍ମାଣ କରାଇଥିଲେ । (ବିଷ୍ଣୁପୁରାଣ ୪ର୍ଥ ଅଂଶ, ୧୮ ଅଧ୍ୟାୟ) ଏହାଙ୍କର ତିନିପୁତ୍ର—ଅଜମୀଢ଼, ପୁରୁମୀଢ଼, ଦ୍ୱିମୀଢ଼ ।] ୩ । ଅଜାମୋଦା—(ରାଜନିର୍ଘଣ୍ଟ); ବଣ—ଜୁଆଣୀ 3. Pimpinella Involucrata; Ligusticum Ajwan.

୪ । (ନାମ)—ଧୃତରାଷ୍ଟ୍ରଙ୍କ ଏକପୁତ୍ର (ମ୍ଭ. ଶ)—4. Name of a son of Dhrutarāshtra.

[ଦ୍ର—ହସ୍ତୀ ଶବ୍ଦ 'ହସ୍ତିନ୍' ଶବ୍ଦର ୧ମା ୧ବଚନ ଅଟେ । ଏଥିପାଇଁ ଏହି ଶବ୍ଦ ଏକୁଟିଆ ବ୍ୟବହୃତ ହେଉଥିବେଳେ ହସ୍ତୀ ଲେଖାଯାଏ । କିନ୍ତୁ ଏହା ସଙ୍ଗେ ସମାସରେ ଅନ୍ୟ ଶବ୍ଦ ଯୁକ୍ତ ହେଲେ ଏହା "ହସ୍ତି" ରୂପ ଧାରଣ କରେ—ଯଥା—ହସ୍ତିକର୍ଣ୍ଣ, ହସ୍ତିଦନ୍ତ । ସବୁ ଇନ୍ ଭାଗାନ୍ତ ଶବ୍ଦମାନଙ୍କର ସମାସରେ ଏହିପରି ଆକୃତି ହୋଇଥାଏ]

ହସ୍ତେ—ସ.ଅ.—ସ୍ୱୀକାର ସୂଚକ—An interjection indicating
Haste consent. ଦେ.ଅ. ୧ । କରଅରେ; ଦ୍ୱାରା; ମାରଫତେ—ହସ୍ତେ, হাতে দ্বারা 1. Through; per. (ଯଥା—ତାଙ୍କ ହସ୍ତେ, ମୁଁ ଟ ୧୦୯କା ପଠାଇଲି ।) ୨ । ଦ୍ୱାର; ଦେଇ—2. By. (ଯଥା—ଏହାଙ୍କ ହସ୍ତେ ଏ କାର୍ଯ୍ୟ ହୋଇ ପାରିବ ନାହିଁ ।) ୩ । ନିକଟରେ; ଠାରେ; ଅଧିକାରରେ—3. With; in the possession of. [ଯଥା—ମୋ ହସ୍ତେ ଧନ ନାହିଁ ।]

ହସ୍ତେକରଣ—ସଂ. ବି—(ଅଲୁକ୍ ସମାସ)—ପାଣିଗ୍ରହଣ; ବିବାହ
Hastekarana (ଶବ୍ଦକଳ୍ପଦ୍ରୁମ)—Marriage.

ହସ୍ତୋଦକ—ସଂ. ବି—(ମ.ପ. ଲୋ: ହସ୍ତଧୃତ ଉଦକ,ହସ୍ତ+ଉଦକ)—
Hastodaka ହାତରେ ଧରା ହୋଇଥିବା ଜଳ—Water held in one's hands.

ହସ୍ତ୍ୟ—ସଂ. ବିଣ—(ହସ୍ତ+ଯ)—୧ । ହସ୍ତଦ୍ୱାରା କୃତ—1. Done
Hastya by the hands; manufactured. ୨ । ହସ୍ତ ଦ୍ୱାରା ଦତ୍ତ—2. Given away by the hands.

ହସ୍ତ୍ୟଧ୍ୟକ୍ଷ—ସଂ. ବି—(୬ଷ୍ଠୀ ତତ୍, ହସ୍ତିନ୍=ହାତୀ+ଅଧ୍ୟକ୍ଷ=
Hastyadhyaksha ତତ୍ତ୍ୱାବଧାରକ ।)—ଗଜାଧ୍ୟକ୍ଷ; ରାଜାଙ୍କର ହାତୀ ମାନଙ୍କ ତତ୍ତ୍ୱ ନେବା ପାଇଁ ନିଯୁକ୍ତ ବ୍ୟକ୍ତି—An officer engaged to look after the elephants of a king.

ହସ୍ତ୍ୟଶନ—ସଂ. ବି—ଲୋବାନ୍ ଗଛ (ହି. ଶ)—The tree from
Hastyaśana which olibanum is got.

ହସ୍ତ୍ୟଶ୍ୱ—ସଂ.ବି. (ଦ୍ୱନ୍ଦ୍ୱ, ହସ୍ତିନ୍=ହାତୀ+ଅଶ୍ୱ)—ହାତୀ ଓ ଘୋଡ଼ା—
Hastyaśwa Elephant and horse.

ହସ୍ତ୍ୟାଜୀବ—ସଂ. ବଣ—(ବହୁବ୍ରୀହି, ହସ୍ତିନ୍=ହାତୀ+ଆଜୀବ=ଜୀବିକା)
Hastyājiba ହସ୍ତି ବ୍ୟବସାୟୀ—A trader in elephants.

ହସ୍ତ୍ୟାୟୁର୍ବେଦ—ସଂ. ବି—(ହସ୍ତିନ୍=ହାତୀ+ଆୟୁର୍ବେଦ)—ହସ୍ତି-
Hastyāyurbeda ଚିକିତ୍ସାଶାସ୍ତ୍ର—A treatise on the treatment of the diseases of elephants.
[ଦ୍ର—ଗରୁଡ଼ ପୁରାଣ ୨୦୨ ଅଧ୍ୟାୟରେ ହସ୍ତୀମାନଙ୍କର ଚିକିତ୍ସା ବିଷୟ ଲିଖିତ ହୋଇଅଛି ।]

ହସ୍ତ୍ୟାରୋହ—ସଂ. ବି—(ହସ୍ତିନ୍=ହାତୀ+ଆରୋହ)—ହସ୍ତିପକ;
Hastyāroha ମାହୁନ୍ତ—A driver of an elephant.

ହସ୍ତ୍ୟାରୋହୀ—ସଂ. ବି. ପୁଂ—(ହସ୍ତିନ୍=ହାତୀ+ଆରୋହୀ)—୧। ହାତୀ
Hastyārohi ପିଠିରେ ଚଢ଼ିଥିବା ବ୍ୟକ୍ତି—A rider on an elephant. ୨। ଗଜାରୋହୀ ସୈନ୍ୟ—2. The division of an army which fights on elephants.
(ହସ୍ତ୍ୟାରୋହିଣୀ—ସ୍ତ୍ରୀ)

ହସ୍ନହାନା—ବୈଦେ. ବି(ଫା)—ଗୁଳ୍ମବିଶେଷ—Mexican jasmine;
Hasnāhānā the lady of the night; Cestrum Hersutum or Cestrum Nocturm (Hains).
হাস্নাহেনা
हुस्नहेना [ଦ୍ର—ଏହାର ଫୁଲ ଅଳ୍ପ ସବୁଜ ବର୍ଣ୍ଣ ଓ ନଳଦଅ ଓ ୧ଇଞ୍ଚ ଲମ୍ବ, ଓ ସରୁ, ରାତିରେ ଫୁଲରୁ ସୁବାସ ବାହାରେ ।]

ହସ୍ପାତାଲ୍—ବୈଦେ. ବି—(ଇଂ. ହସ୍‌ପିଟାଲ୍)—ହସ୍‌ପାତାଲ; ଡାକ୍ତର-
Haspātāl ଖାନା; ଡାକ୍ତରଖାନା, ଯେଉଁଠାରେ ରୋଗୀଙ୍କୁ (ହସ୍ପିଟାଲ୍—ଅନ୍ୟରୂପ) ରଖାଯାଇ ସେବା କରାଯାଏ—A
হাসপাতাল hospital for indoor patients.
अस्पताल

ହସ୍ୟାନ୍ନ(ର୍ଣ୍ଣ)ବ—ଗ୍ରା. ବି—(ସଂ. ହାସ୍ୟାର୍ଣ୍ଣବ)—ହାସ୍ୟାର୍ଣ୍ଣବ (ଦେଖ)—
Hasyānna(rṇṇa)ba Hasyārṇṇaba (See).
হাস্যার্ণব ବଣ—(ହାସ୍ୟାସ୍ପଦର ଅଶୁଦ୍ଧ ବ୍ୟବହାର)—ହାସ୍ୟାସ୍ପଦ
हास्यार्नव Causing laughter; laughable.

ହସ୍ର—ସଂ. ବି.—(ହସ୍ ଧାତୁ=ଉପହାସ କରିବା+କର୍ମ. ର)—ମୂର୍ଖ—
Hasra Dunce; an illiterate person.

ହ ହ—ଦେ. ଅ.—'ହ' ର ଦ୍ୱିରୁକ୍ତି; ବଳଦଙ୍କୁ ଅଟକାଇବାର ଡାକ—
Ha ha Repetition of the interjection Ha! ପ୍ରାଦେ.
হ হাঁ হাঁ (ପୁରୀ) 'ହ' ବା 'ହଁ'ର ଦ୍ୱିରୁକ୍ତି; 'ହ' (ଦେଖ)—
Repetition of the interjection Ha!

ହହଳ—ସଂ. ବି.—ହଳାହଳ (ଶବ୍ଦଚନ୍ଦ୍ରିକା)—
Hahala Mortal poison.

ହହା—ସଂ. ବି.—ହାହା ନାମକ ଗନ୍ଧର୍ବ (ଶବ୍ଦମାଳା)—
Hahā A class of divine songsters.

ହହିଏ—ଗ୍ରା. ଅ.—ହଇହେ (ଦେଖ)—
Hahie Haihe (See).
(ହହେ—ଅନ୍ୟରୂପ)

ହା(ଧାତୁ)—ସଂ.—୧। ତ୍ୟାଗ କରିବା—1. To abandon. ୨।
Hā (root) ଗତି କରିବା—2. To move.

ହା—ସଂ. ଅ—(ସ. ହା; ଅବ୍ୟୟ)—୧ ବିଷାଦସୂଚକ (ଅମର)—
Hā (Interjection) Oh; Ah! indicating sorrow. ୨। ଯନ୍ତ୍ରଣା ବା ଅର୍ତ୍ତିସୂଚକ (ଅମର)—2. Indicating distress or pang. ୩। ଶୋକସୂଚକ(ଅମର) —3. Indicating grief. ୪। ନିନ୍ଦା ବା କୁତ୍ସା ସୂଚକ (ମେଦିନୀ)—4 Indicating disparagement. ଦେ. ଅ—ଆନନ୍ଦସୂଚକ—Interjection
হা हा expressing joy ଦେ. ବି—୧। ହାଇ ମାରିବାର
হা আহা ଶବ୍ଦ—1. The sound of yawning. ୨। ପାଟିକୁ ଆଁ କରି ଜୋର୍‌ରେ ପୂର୍ବକ ନିଶ୍ୱାସ ମାରିବାର ଶବ୍ଦ—2. The sound of exhalingbreath by opening
হা হাফী the mouth. ୩। ହାଫା କରିବା ଶବ୍ଦ; ହାଫା (ଦେଖ)—3. Hāphā (See). ପ୍ରାଦେ (ସମ୍ବଲପୁର)ବି—କଟୁ ଅସ୍ୱାଦ; ପିତା ଅସ୍ୱାଦ—Bitter taste.

ହା ଅନ୍ନ ହା ଅନ୍ନ କରିବା (ହେବା)—ଦେ.କ୍ରି—ଦରିଦ୍ରାର ବ୍ୟକ୍ତି ଖାଦ୍ୟ
Hā anna hā anna kariba (heba) ପାଇଁ ବ୍ୟାକୁଳ ହୋଇ
হাঅন্ন হাঅন্ন করা ଚିତ୍କାର କରିବା—To raise a cry of
हा अन्न हा अन्न करना distress in hunger.

ହା ଅ—ଗ୍ରା.ଅ—ଅହୋ; ହାୟ (ଦେଖ)—Alas! Hāya (See).(ଯଥା
Hā-ā हाय हाय ହାଅରେ କପାଳ! ହାଅରେ ବିଧାତା!)—

ହାଆଟି—ପ୍ରାଦେ. (ଗଡ଼ଜାତ) ଅ—(ନିର୍ଦ୍ଦେଶାର୍ଥକ) ହେଇଟି—Oh
Hā-āṭi there! (used in pointing out a thing).

ହାଆଡୁ ଉ(ବୁ)ଡୁ—ଦେ. ବି—ହାଡୁଉଡୁ (ଦେଖ)—
Hā-ādu-u(bu)ḍu Hāḍu uḍu (See).
(ହାଡୁଡୁ—ଅନ୍ୟରୂପ) হাডুডু कबड्डी

ହାଇ—ଦେ. ବି—(ସ. ହାଫିକା)—୧। ଜୃମ୍ଭା—1. Yawn, (ଜୃ—
Hāi କୃଷ୍ଣ ବଦନେ ଉଠେ ହାଇ, ଯଶୋଦା ଜୃମ୍ଭେ ଦେଖଇ
হাই जम्हाई ଗୁହ୍ଁ—ଜଗନ୍ନାଥ ଭାଗବତ ।] ୨। ଶୋକଜନିତ ଦୀର୍ଘନିଶ୍ୱାସ—2. Sigh of grief. ୩। ଶୋଚାର୍ତ୍ତି ବା ଅତ୍ୟାଚାରିତ ବ୍ୟକ୍ତିର ଅତ୍ୟାଚାରୀ ବ୍ୟକ୍ତିପ୍ରତି ଅଭିଶାପ-ସମ୍ବଳିତ ଦୀର୍ଘନିଶ୍ୱାସ—3. Sighing accompanied by curse uttered by an oppressed against an oppressor. [ଦ୍ର—ଗରିବର ହାଇ, ମଣିଷର ହାଇ, ଯହିଁ ପଡ଼ଇ ତହିଁ ମିଳାଇ ଯାଇ—ଢଗ ।] ଦେ.ଅ—(ସ.ହା) ଅହୋ ! ହାୟ !—Alas ! Oh ! [ଯଥା—ହାଇ ରେ କପାଳ ! ହାଇରେ ବିଧାତା!] ବୈଦେ.ବଣ—(ଇଂ;ଅନ୍ୟଶବ୍ଦ
হাই हाई ପୂର୍ବେ ଯୁକ୍ତ ହୁଏ)—ଉଚ୍ଚ—High. (ଯଥା—ହାଇସ୍କୁଲ୍)

ହାଇଆ—ଦେ. ବଣ. ପୁଂ—ଯେ ସର୍ବଦା ହାଇ ମାରିବାରେ ଅଭ୍ୟସ୍ତ—
Hāiā Given to yawning.
बार बार जम्हाइ लेनेवाला (ହାଇଆ—ଅନ୍ୟରୂପ)

ହାଇ ଇଙ୍ଗ୍ଲିସ୍ ସ୍କୁଲ୍—ବୈଦେ. ବି (ଇଂ)—ଉଚ୍ଚଶ୍ରେଣୀର ଇଂରାଜୀ
Hāi inglis skul ବିଦ୍ୟାଳୟ—High English school.
হাই ইংলিশ স্কুল [ଦ୍ର—ଏହାର ଇଂ ସାଙ୍କେତିକ—H. E.
हाइ इङ्गलिश स्कूल school.]

ହାଇ ଇସ୍କୁଲ୍ (ସ୍କୁଲ୍)—ବୈଁଦେ.ବ—(ଇଂ)—ଉଚ୍ଚଶ୍ରେଣୀର ଇଂରାଜ
Hāi iskul (skul) ବିଦ୍ୟାଳୟ—High English
हाईस्कूल School. [ଦ୍ର—ହାଇ ଇଙ୍ଗ୍ଲିସ୍ ସ୍କୁଲର ସଂକ୍ଷିପ୍ତ
हाइस्कुल ଉଚ୍ଚାରଣ ।]

ହାଇ ଉଠିବା(ଆସିବା)—ଦେ. କ୍ରି—ବାରମ୍ବାର ହାଇର ଉଦ୍ରେକ—'
Hāiuṭhibā(āsibā) Repeated yawning
हाईउठा जम्हाई उठना

ହାଇଏ—ଦେ. ବ—ଗୋଟିଏ ମାତ୍ର ଜୃମ୍ଭା —
Hāie One yawn only.
এক হাই एकजम्हाई

ହାଇଁ—ପ୍ରାଦେ.(ବଲାଙ୍ଗିର ପାଟଣା) ସର୍ବନାମ—ସେହି—
Hāiṅ That.

ହାଇଁ ଠାନେ—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି. ବଣ—ସେଠାରେ—
Hāiṅ ṭhāne There; at that place.

ହାଇଁ ପାଇଁ—ଦେ. ବଣ—୧ । ବ୍ୟସ୍ତ; ବ୍ୟଥିତ—1. Distressed.
Hāiṅ pāiṅ [ଢ଼—ନ ଖାଇ ଅପରେ ପର ଖାଇବାକୁ ଭୁଞ୍ଜା
হাইঁপাইঁ ସିନା ହାଇଁପାଇଁ—ଚକାଂସ ଗୀତଲହରୀ।] ୨ ।
आइपाई ଲାଳାୟିତ—Hankering.

ହାଇ କାଇ—ଦେ. ବ—୧ । ଚପଳତା ବା ଅସ୍ଥିରତା ପ୍ରକାଶ—1.
Hāi kāi Expression of haste or restlessness.
হাইঁপাইঁ ୨। ଚଞ୍ଚଳ୍ୟ—2. Restlessness. ଦେ. ବଣ—
चंचलता ୧। ଚଞ୍ଚଳ ବା ଅସ୍ଥିର—1. Restless. ୨ । ହାଇଁ ପାଇଁ
(ଦେଖ)—2. Hāiṅpāiṅ (See).

ହାଇକୋର୍ଟ(ର୍ଟ)—ବୈଁଦେ. ବ (ଇଂ)—ଇଂରେଜଙ୍କ ଶାସନରେ ଭାରତର
Hāikoṭ(rṭ) ବଡ଼ ବଡ଼ ପ୍ରଦେଶର ରାଜଧାନୀମାନଙ୍କରେ ପ୍ରତିଷ୍ଠିତ
হাইকোর্ট ଉଚ୍ଚତମ ବିଚାରାଳୟ—High Court of Judica-
हाइकोर्ट ture. [ଦ୍ର—ଏଥିରେ ଅନେକଗୁଡ଼ିଏ ଜଜ ଥାଆନ୍ତି । ଏମାନଙ୍କୁ ଜଷ୍ଟିସ୍ (Justice) ବୋଲାଯାଏ । ତାଙ୍କ ମଧ୍ୟରେ ପ୍ରଧାନ ଜଜଙ୍କୁ ଚିଫ୍ ଜଷ୍ଟିସ୍ (Chief Justice) ବୋଲାଯାଏ । ସାଧାରଣ ମକଦ୍ଦମା ଏମାନେ ଯୋଡ଼ ଯୋଡ଼ ହୋଇ ବିଚାର କରିବାକୁ ବସନ୍ତି । ଏ ଯୋଡ଼ିଙ୍କୁ ଡିଭିଜନ୍ ବେଞ୍ଚ୍ (Division Bench) ବୋଲାଯାଏ । ଗୁରୁତର ଆଇନ୍ ସମସ୍ୟା ବିଚାର କରିବାକୁ ଦୁଇଜଣଙ୍କ ଅପେକ୍ଷା ଅଧିକ ଜଜ ବସନ୍ତି । ଏହାକୁ ଫୁଲ୍ ବେଞ୍ଚ୍ (Full Bench) କହନ୍ତି । ସ୍ପେସଲ୍ ବେଞ୍ଚ୍ (Special Bench) ସାମାନ୍ୟ ସାମାନ୍ୟ ମୂଲ୍ୟର ମକଦ୍ଦମା ଓ ଉଦ୍ଧୃତ ମକଦ୍ଦମା ବିଚାର କରିବାକୁ ଜଣେ ଜଜ୍ ବସନ୍ତି । ଏହାକୁ ସିଙ୍ଗଲ୍ ବେଞ୍ଚ (Single Bench) କହନ୍ତି । ହାଇକୋର୍ଟର ସିରସ୍ତାଦାରଙ୍କୁ ରେଜିଷ୍ଟ୍ରାର୍ (Registrar) କହନ୍ତି । ହାଇକୋର୍ଟର ଅନେକଗୁଡ଼ିଏ ବିଚାର ବିଭାଗ ଅଛି ।—ଯଥା—୧ । ଅରିଜିନାଲ (Original). ୨ । ଅପିଲ୍ (Appellate), ୩ । ସଂଶୋଧନ (Revisional). ୪ । ନୌବିଭାଗ—(Admiralty). ୫ । ବିବାହ ବିଭାଗ—(Matrimonial) ଇତ୍ୟାଦି । ପାଟଣା ହାଇକୋର୍ଟରୁ ଦୁଇଜଣ ଜଜ୍ କଟକକୁ ୩ ମାସରେ ଥରେ ଆସି, ଓଡ଼ିଶାର ମକଦ୍ଦମାମାନ ବିଚାର କରନ୍ତି । ଏହାକୁ ସର୍କିଟ୍ କୋର୍ଟ (Circuit Court) କହନ୍ତି । ଏହି ଶବ୍ଦ ସମ୍ପର୍କରେ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ବ୍ୟବହାର ହେଉଅଛି, ଯଥା—ରେଜିଷ୍ଟ୍ରାର୍, ଟ୍ରାନ୍ସ୍ଲେଟର୍, ରୁଲ୍, ସର୍କୁଲର୍, ଜଜ୍, ଜଷ୍ଟିସ୍ ।]

ହାଇକୋର୍ଟ ଓକିଲ(ବକିଲ)- ବୈଁଦେ. ବ—(ଇଂ. ହାଇକୋର୍ଟ+ଫା
Hāikoṭ okila (Bhakil) ଓକିଲ)—ହାଇକୋର୍ଟରେ ଓକାଲ-
হাইকোর্ট উকিল ତିଖାନା କରିବାକୁ କ୍ଷମତାପ୍ରାପ୍ତ ଓକିଲ—
हाईकोर्ट वकिल Vakil of the High Court.
[ଦ୍ର—ବି. ଏଲ୍ ପାସ୍ କରିବା ଓକିଲ୍ ଜିଲ୍ଲା କୋର୍ଟରେ ଅନେକବର୍ଷ ଓକାଲତି କଲାପରେ, କିମ୍ବା କୌଣସି ହାଇକୋର୍ଟଅ ଉକିଲଙ୍କ ନିକଟରେ ନିର୍ଦ୍ଦିଷ୍ଟକାଳ ଆର୍ଟିକେଲ୍ଡ କ୍ଲର୍କ (articled clerk) କାର୍ଯ୍ୟ କରିବା ପରେ ଓ ହାଇକୋର୍ଟ ଜଜ୍‌ମାନଙ୍କ ନିକଟରେ ଗୋଟିଏ ପରୀକ୍ଷାରେ ପାସ୍ କରିବା ପରେ ୫୦୦ଟଙ୍କା ଷ୍ଟ୍ରେସମ୍ ଦାଖଲ କରି 'ଭକିଲ' ସନନ୍ଦ ପାଆନ୍ତି ।]

ହାଇକୋଟିଆ—ଦେ. ବଣ—୧ । ହାଇକୋର୍ଟରେ ସ୍ବୀକୃତ
Hāikoṭiā କରୁଥିବା—1. Serving in the High
হাইকোটিয়া Court. ୨ । ହାଇକୋର୍ଟରେ ଓକିଲାତି
हाईकोटका କରୁଥିବା—2. (Lawyer) Practising in the
High Court. ୩ । ହାଇକୋର୍ଟ ସମ୍ବନ୍ଧୀୟ—
Relating to the High Court.

ହାଇ କ୍ଲାସ୍ ଇଙ୍ଗ୍ଲିସ୍ ସ୍କୁଲ—ବୈଦେ ବ—(ଇଂ)—ଯେଉଁ ବିଦ୍ୟାଳୟରେ
Hāi klās ingli-skul ଉଚ୍ଚ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ
হাই ইংলিস্ স্কুল ଶିକ୍ଷା ଦିଆଯାଏ—High class English
हाइक्लास इंलिस स्कुल School.

ହାଇଚର୍ଚ୍ଚ (ଚ୍)—ବୈଁଦେ. ବ—(ଇଂ)—ଚର୍ଚ୍ଚ ଅଫ୍ ଇଂଲଣ୍ଡର
Hāi Charch (rchch) ଗୋଟିଏ ଶାଖା ବା ସମ୍ପ୍ରଦାୟ—
হাইচার্চ High church; abranch or sect of the
हाईचर्च Church of England.

ହାଇଛାଇ—ଦେ. ବ—ସୁଖ ଦୁଃଖ; ଭଲ ମନ୍ଦ—Pleasure and
Hāi chhāi pain, good or bad.
ভাল মন্দ आच्छा बुरा
[ଢ଼—ହାଇ ଛାଇ ନ ଲଗଇ ଚନ୍ଦ୍ର ମଉଥିନ ।
ପ୍ରାଚୀ ବ୍ରହ୍ମନିରୂପଣ ଗୀତା]

ହାଇ ଛାଡ଼ିବା—ଦେ. କ୍ରି—ହାଇ ମାରିବା (ଦେଖ)—
Hāi chhārḍibā Hāi māribā (See)
হাই তোলা जम्हाइ लेना

ହାଇ ଜମ୍ପ—ବୈଁଦେ. ବ (ଇଂ)—ଭୂପୃଷ୍ଠରୁ ଉଚ୍ଚକୁ ଡେଇଁବା—
Hāi jamp High jump.

ହାଇଜା—ଗ୍ରା. ବ—ହଇଜା; ଝାଡ଼ାବାନ୍ତି; ବିସୂଚିକା—
Haijā Cholera.
ওলাওঠা हैजा

ହାଇ୍ ଟାଇଡ୍—ବୈଦେ. ବ (ଇଂ)—ପୂର୍ଣ୍ଣିମାରେ ଓ ଅମାବାସ୍ୟାରେ
Hāi ṭāiḍ ସମୁଦ୍ରରେ ଉଠିବା ଉଚ୍ଚତମ ଜୁଆର—
হাই টাইড হাই ঢাইড High tide.

ହାଇଡ ପାର୍କ୍—ବୈଦେ. ବ (ନାମ) (ଇଂ)—ଇଂଲଣ୍ଡର ରାଜଧାନୀ
Hāiḍ pārk ଲଣ୍ଡନ ନଗରୀର ଗୋଟିଏ ଅଂଶ, ଯେଉଁଠାରେ
ବଡ଼ଲୋକ ଓ ଧନୀମାନେ ବାସ କରନ୍ତି—Hyde park
হাইডপার্ক हाइडपार्क of London town.

ହାଇଡ୍ରୋକ୍ଲୋରିକ୍ ଏସିଡ୍—ବୈଦେ; ବ (ଇଂ)—ହାଇଡ୍ରୋଜେନ୍ ଓ
Hāidroklorik esid କ୍ଲୋରାଇନ୍ ନାମକ ଉପାଦାନଦ୍ୱୟରୁ
ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଜଳୀୟ ପଦାର୍ଥ—
Hydrochloric acid.

ହାଇଡ୍ରୋଜେନ—ବୈଦେ. ବ (ଇଂ)—ଜଳର ଗୋଟିଏ ଉପାଦାନ
Hāidrojen ବାଷ୍ପ; ଜଳଜାତ ବାଷ୍ପ—Hydrogen.
হাইড্রোজেন हाइड्रोजेन

ହାଇଦର—ବୈଦେ. ବ (ଅ)—ମୁସଲମାନଙ୍କ ନାମ—
Hāidar A name given to Mahommedans.
হাইদর हाइदर

ହାଇଦର୍ ଅ(ଆ)ଲି—ବୈଦେ. ବ (ନାମ) (ଅ)—ମହୀଶୂରର ଜଣେ
Hāidar a(ā)li ସ୍ୱର୍ଗତ ସୁଲତାନ—(Hayder Ali); A late
হাইদরআলি हाइदरअलि Sultan of Mysore.
[ବି—ଏ ପ୍ରଥମେ ମହୀଶୂର ରାଜାଙ୍କ ସୈନ୍ୟଦଳଭୁକ୍ତ
ହୋଇ ଗୋଟିଏ ଚାକିରି କରିବା ପରେ ସେନାପତି ହୋଇ-
ଥିଲେ । ସେ ୧୭୬୧ ଖ୍ରୀ. ରେ ମହୀଶୂର ରାଜାଙ୍କୁ ଗାଦିରୁ
ତଡ଼ି ଆପେ ମହୀଶୂରର ସିଂହାସନରେ ବସିଲେ ଓ ଦାକ୍ଷି-
ଣାତ୍ୟର ନିଜାମଙ୍କ ସଙ୍ଗେ ଇଂରେଜଙ୍କ ବିପକ୍ଷତାରେ ସନ୍ଧିରେ
ଆବଦ୍ଧ ହେଲେ । କିନ୍ତୁ ଏ ଦୁହିଙ୍କୁ ଇଂରେଜମାନେ ପରାସ୍ତ
କଲେ । ପରେ ଏହାଙ୍କ ସଙ୍ଗେ ଇଂରେଜଙ୍କର ୧୭୬୯ ଖ୍ରୀ.ରେ
ସନ୍ଧି ହେଲା । କିନ୍ତୁ ଉକ୍ତ ସନ୍ଧିର ସର୍ତ୍ତ ଅନୁସାରେ ଇଂରେଜ
ମାନେ ହାଇଦରଙ୍କୁ ମରହଟ୍ଟାଙ୍କ ବିରୋଧରେ ସାହାଯ୍ୟ
କଲେ ନାହିଁ । ପ୍ରଥମ ମରହଟ୍ଟା ଯୁଦ୍ଧରେ ଏ ଇଂରେଜମାନଙ୍କ
ବିରୋଧରେ ମରହଟ୍ଟାମାନଙ୍କୁ ସାହାଯ୍ୟ କରିଥିଲେ । ତତ୍ପରେ
ଏହାଙ୍କ ସଙ୍ଗେ ଇଂରେଜମାନଙ୍କର ଦ୍ୱିତୀୟ ମହୀଶୂର ଯୁଦ୍ଧ
(୧୭୮୦ ଖ୍ରୀ.) ହୋଇଥିଲା । ଏହାଙ୍କର ୧୭୮୨ ସାଲରେ
ମୃତ୍ୟୁ ହେବାରୁ ଏହାଙ୍କ ପୁତ୍ର ଟିପୁ ସୁଲ୍ତାନ୍ ମହୀଶୂରର
ସିଂହାସନରେ ବସିଲେ । ଏହାଙ୍କ ନାମ ଅନୁସାରେ
ଦକ୍ଷିଣର ହାଇଦରାବାଦ ରାଜ୍ୟର ନାମକରଣ ହୋଇଅଛି]

ହାଇଦରାବାଦ୍—ବୈଦେ. ବ (ନାମ)—୧ । ଦାକ୍ଷିଣାତ୍ୟର ମୁସଲମାନ୍
Haidarābād ନିଜାମଙ୍କ ଶାସିତ ମିତ୍ରରାଜ୍ୟ ଓ ତହିଁର ରାଜଧାନୀ—
[ହାଇଦ୍ରାବାଦ୍—ଅନ୍ୟରୂପ] 1. Name of the Indian
হাইদ্রাবাদ State of Deccan governed by His
हाइद्राबाद Exalted Highness the Nizam and its
capital; Hyderabad.
[ବି—ଏହା ପ୍ରାଚୀନ ଗୋଲକୁଣ୍ଡା ଓ ବ୍ରାହ୍ମଣୀ (ବାହ୍ମନୀ)
ରାଜ୍ୟ ଥିଲା । ଏହାର କ୍ଷେତ୍ରଫଳ ୮୨୬୯ ବର୍ଗମାଇଲ୍,
ଲୋକସଂଖ୍ୟା ୧୯୩୧ ସାଲର ସେନ୍ସସ୍ ଅନୁସାରେ ୧କୋଟି
୪୪ ଲକ୍ଷ । ଏହାର ଉତ୍ତରରେ ଓ ପୂର୍ବରେ ମଧ୍ୟପ୍ରଦେଶ;
ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶ; ପଶ୍ଚିମରେ ବମ୍ବେଇ ପ୍ରଦେଶ ।
ଏହାର ଅଧୀଶ୍ୱରଙ୍କୁ 'ନିଜାମ୍ ଉଲ୍ ମୁଲ୍କ୍' ବୋଲାଯାଏ ।
ଏହି ରାଜ୍ୟ ଶାସନାର୍ଥ ୧୧୬ ବର୍ଷରେ ରହିଛି । ଏହି
ରାଜ୍ୟ ମଧ୍ୟରେ ଇଂରେଜ ଶାସିତ ୪ଗୋଟି ସେନାନିବାସ
ବା ଛାଉଣୀ ଅଛି] ୨ । ଅଯୋଧ୍ୟାବର୍ତ୍ତିର ସିନ୍ଧୁ ପ୍ରଦେଶର
ସିନ୍ଧୁ ନଦ ଉପରେ ଥିବା ଗୋଟିଏ ପ୍ରଧାନ ନଗର ଓ
ଜିଲ୍ଲାର ନାମ—2. Name of a city in Sindh
on the Indus river,

ହାଇପର୍ବୋଲା—ବୈଦେ. ବ (ଇଂ) (ଗଣିତ ଓ ଜ୍ୟାମିତି)—ଗୋଟିଏ
Hāipar bolā ଚୁଙ୍ଗୀକୁ ଲମ୍ବଭାବରେ ଗୋଟିଏ ସରଳ ରେଖା
হাইপর্‌বোলা ଦ୍ୱାରା କାଟିଲେ ତହିଁରୁ ଉତ୍ପନ୍ନ
हाइपरबोला ହେବା ବିପରୀତ ବକ୍ର କ୍ଷେତ୍ରଦ୍ୱୟ—
Hyperbolā.

ହାଇପି ସାଇପି ହେବା—ଦେ. କ୍ରି—୧ । କୃତ ବା ଅଜ୍ଞାତ କାର୍ଯ୍ୟ ପାଇଁ
Hāipi sāipi hebā ବିଶେଷ ଅନୁଶୋଚନା କରିବା—
হাহুতাশ করা पश्चात्ताप करना 1. To regret
much for a past action; to repent.
(ଉ—କେଙ୍କାରୂପୀ ଆମ ସଜନୀ ନାମାଙ୍କି ବିଷ୍ଣୁ କରି ଦେଲା
ବେଳେ, ଧାନ ପୂର୍ବ ଅଠ ଗୁଲବାରୁ କେତେ ହାଇପି ସାଇପି
ହେଲେ—ଏକାଦଶୀ ବେଶ, ଅବସର ସଙ୍ଗୀ ।] ୨ ।
ହାଇଁପାଇଁ ହେବା—2. To hanker for doing
হাই পাইঁ হওয়া लालायित होना any thing
୩ । କୌଣସି ଅପ୍ରାପ୍ତ ବସ୍ତୁ ପାଇବା ପାଇଁ ଲାଳାୟିତ ହେବା—
3. To have a hankering for a thing.

ହାଇ ପାରିବା—ପ୍ରାଦେ (ସମ୍ବଲପୁର) କ୍ରି—ହାଇ ମାରିବା —
Hāi pāribā To yawn.

ହାଇପୋଡର୍ମିକ୍ ପିଚକାରୀ—ଦେ. ବ (ଇଂ ହାଇପୋଡର୍ମିକ୍+ଓ,
Hāipodarmik pichakāri ପିଚକାରୀ)—ଯେଉଁ
(ହାଇପୋଡର୍ମିକ୍ ସିରଞ୍ଜ—ବୈଦେଶିକ ରୂପ) ପିଚକାରୀ ଦ୍ୱାରା ଜଳୀୟ
হাইপোডর্মিক্ পিচকারী ଔଷଧ ରୋଗୀର ଚର୍ମ ତଳକୁ ଭର୍ତ୍ତି କରାଯାଏ-
हाइपोडर्मिक पिचकारी Hypodermic syringe.

ହାଇଫେନ୍—ବୈଦେ. ବ (ଇଂ)—(ଅଧୁନିକ ଲେଖାରେ ଇଂରାଜୀ ପ୍ରଥାର
Hāiphen ଅନୁକରଣରେ ବ୍ୟବହୃତ)—ଦୁଇଟି ଶବ୍ଦ ବା ବର୍ଣ୍ଣ
(ହାଇଫନ୍—ଅନ୍ୟରୂପ) ସଂଯୋଜକ କ୍ଷୁଦ୍ର ଚିହ୍ନ; (-)—
হাইফেন हाइफेन Hyphen.

ହାଇବାଇ ହେବା—ଦେ· କ୍ରି—ହାଇଁପାଇଁ ହେବା (ଦେଖ)—
Hāibāi hebā Hāiǹpāiǹ hebā (See)

ହାଇମରିଚ୍ଚ—ପ୍ରାଦେ (ବାଲେଶ୍ୱର) ବ—ଲୁଣ୍ଡପୋଡ଼ା ଗୁଳ୍ମ—
Hāi marichā Toddalia Aculeata (thorny
shrub).

ହାଇ ମାରିବା—ଦେ. କ୍ରି—୧ । ଜୃମ୍ଭଣ କରିବା; ପାଟି ମେଲ୍ଲକରି ପାଟି
Hāi māribā ବାଟେ ନିଶ୍ୱାସ ଛାଡ଼ିବା—To yawn.
हाईतोला जँभाईलेना (ଉ—ମୂହୂର୍ତ୍ତ୍ତୁ ହାଇ ମାରି ଫୁଟିବ ଫୁଟିଇ—ରାଧାନାଥ ମହାଯାତ୍ରା ।) ୨ । (ଲକ୍ଷଣାର୍ଥ) ପରଶ୍ରୀକାତର ହେବା; ପରର ସୁଖ ଦେଖି ଦୁଃଖରେ ଦୀର୍ଘନିଃଶ୍ୱାସ ମାରିବା—2. To sigh at another's weal. (ଉ—କି ମାରି ପରଭୁ ହାଇ ରୋ। କର କାଖ ଯେଉଁ ଅଛନ୍ତି ସଂସାରେ ସବୁ ଏ ରଙ୍ଗିଣୀ ଭାଇ—ବାଳକୃଷ୍ଣ, ଫୁଲ ବଉଳବେଣୀ ।) ୩ । ପ୍ରବଳ ପରାକ୍ରମୀ ଅତ୍ୟାଚାରୀର ଅତ୍ୟାଚାରକୁ ଦମନ କରିବା ପାଇଁ ସମର୍ଥ ନ ହୋଇ (ଦୁର୍ବଳ ବ୍ୟକ୍ତି) ଈଶ୍ୱରଙ୍କୁ ସାକ୍ଷୀ ରଖି ଦୀର୍ଘନିଃଶ୍ୱାସ ତ୍ୟାଗ କରିବା—3. To emit sighs by invoking God to witness the oppressions of an all powerful oppressor.

ହାଇରେ—ଦେ. ଅ (ସ. ହା)—ଶୋକାର୍ଥକ ଅବ୍ୟୟ—(ଯାହାକୁ ସମ୍ବୋଧନ
Hāire କରାଯାଏ, ସେହି ଶବ୍ଦ ସଙ୍ଗେ ଲାଗେ)—Alas ! Oh !
हायरे हायरे (ଯଥା—ହାଇ ରେ ବିଧାତା ! ହାଇ ରେ କପାଳ !)

ହାଇରେ କପାଳ(ବିଧାତା)—ଦେ. ଅ—ଖେଦରେ ବା ଶୋକରେ
Haire kapāla(bidhātā) ବିଧାତାକୁ ବା କପାଳକୁ ନିନ୍ଦା କରି
हायरे कपाल हायरे कपाल ଉଚ୍ଚାରଣ କରିବା ପଦ—(interjection) Alas, my luck!

ହାଇଲାଣ୍ଡ—ବୈଦେ· ବି (ନାମ) (ଇଂ)—ସ୍କଟ୍‌ଲାଣ୍ଡର ପାର୍ବତ୍ୟପ୍ରଦେଶ—
Hāiland The Highlands of Scotland.
हाइल्याण्ड हाईलैंड

ହାଇ ଲେବ(ଭ)ଲ୍ କେନାଲ୍ (ନାଳ)—ବୈଦେ. ବି (ଇଂ)—ଓଡ଼ିଶା
Hāi leba(bha)lkenāl(nāla) ରାଜଧାନୀ କଟକରୁ ୭ ମାଇଲ ଦୂରବର୍ତ୍ତୀ ଚଉଦୁଆରଠାରୁ ବିରୂପା ନଦୀର ଅନିକଟରୁ ବାହାରି, ମେଦିନୀପୁରର ଗେଓଁଖାଲି ପର୍ଯ୍ୟନ୍ତ ଖୋଳା ହୋଇଥିବା କାଳ, ଯାହାବାଟେ ଓଡ଼ିଶାରୁ ବୋଟ ଓ ଡଙ୍ଗା ମେଦିନୀପୁରକୁ ଯାତାୟାତ କରେ)—The High-level canal of Orissa.

ହାଇ(ଇଁ) ସାହାସ—ଦେ. ବି (ସ. ଦୁଃସାହସ)—ଦୁଃସାହସ—
Hāi(iñ) sāhāsa Foolhardiness.
दुःसाहस दुःसाहस

ହାଇ(ଇଁ)ସାହାସା(ସାହାସିଆ)—ଦେ. ବିଣ. ପୁଂ ଓ ସ୍ତ୍ରୀ—ଦୁଃସାହସିକ—
Hāi(iñ)sāhāsā(sāhāsia) Foolhardy; rash.
[ହାଇ(ଇଁ) ସାହାସୀ(ସାହାସେଣି)—ସ୍ତ୍ରୀ]

ହାଇହାଇ କରିବା—ଦେ. କ୍ରି—ହାୟ୍ ହାୟ୍ କରିବା, ଶୋକ କରିବା—
Hāi hāi kariba To bewail.
हायहायकरना हाय हाय करना

ହାଇ(ଯ୍)ହିଲ୍—ବୈଦେ.ବି (ଇଂ)—ସ୍ତ୍ରୀମାନଙ୍କ ବ୍ୟବହୃତ ଉଚ୍ଚ ଏଡ଼ିଥିବା
Hāi hi[hi]l ଜୋତା—High-heeled shoes for
हाईहिल हाईहिल females.

ହାଉ—ଦେ. ଅ (ଧ୍ୱନ୍ୟନୁକରଣ,ସ.ହା; ହାହାକାର)—ଶଙ୍କିତ ବା ତ୍ରସ୍ତ
Hāu ବ୍ୟକ୍ତିର ଡାକ; ହଠାତ୍ ବିପଦ ଓ ଆଶଙ୍କାଗ୍ରସ୍ତ
हाउ हाय ହେଇଥିବା ବ୍ୟକ୍ତିର କାତରୋକ୍ତି ଧ୍ୱନି । (ଯଥା—ନିଆଁ ଲାଗିଲେ, ବାଘ ହାବୁଡ଼ିଲେ, ଡକାଏତ ଆକ୍ରମଣ କଲେ)—A sound of alarm made by a person who is bewildered and beset with sudden danger.
हठात् फडसे ଦେ. କ୍ରି.ବିଣ [ସ. ହଠାତ୍]—୧ । ହଠାତ୍—1. All at once. [ଯଥା—ବାରୁଦରେ ହାଉକିନା ନିଆଁ ଲାଗିଗଲା ।] ୨ । ହଠାତ୍ ଓ ଅତି ତୀବ୍ରଭାବରେ—2. All at once and very sharply. ଯଥା—ଧାନ୍ୟଆ ଲଙ୍କାମରିଚରେ ମୋ ପାଟି ହାଉକିନା ଜଳି ଉଠିଲା] ଦେ. ବି—୧ । ଶୋକଜନିତ ହାହାକାର ବା ହେଲ—1. The sound uttered by people in grief. [ଯଥା—ଗୃହସ୍ୱାମୀ
हाय हाय ମରିଯିବାରୁ ତାଙ୍କ ଘରେ ଗୋଟାଏ ଗୋଟାଏ ହାଉ ଉଠୁଛି]—୨ । ଗ୍ରୀଷ୍ମ ଉତ୍ତପ୍ତ ଧାତୁ ବା ପାତ୍ର ବା ମାଟି ଉପରେ ପାଣି ଛିଞ୍ଚିଲେ ସେଥିରୁ ଉଠିବା ଉତ୍ତପ୍ତ ବାଷ୍ପ ବା ବାମ୍ଫ—2 Hot vapour rising from a parched ground or hot metal or pot when sprinkled with water.
(ଯଥା—ଜ୍ୟୈଷ୍ଠମାସରେ ପିଚାପାଣିଆ ବର୍ଷା ହେଲା ଭୂଇଁରୁ ଗୋଟାଏ ହାଉ ଉଠେ) ୩ । ଶୋକ ବା ଭୟଜନିତ ଶଙ୍କିତ ବା ଉଦ୍‌ବେଗ; ଦର—3. A restlessness produced by grief or fright. [ଉ—ଏ ବାଣୀ ଶୁଣି ସେ ମନ୍ତ୍ରିମଣି ହୃଦେ ପଶିଲା ହାଉ—ମଥୁରାମଙ୍ଗଳ]
[ଦ୍ର—ହିନ୍ଦି ଭାଷାରେ 'ହାଉ' ଶବ୍ଦ ଶିଶୁମାନଙ୍କୁ ଡରାଇବା ପାଇଁ ଓଡ଼ିଆ ଭାଷାରେ ବ୍ୟବହୃତ 'କୋକ', 'କୋକମିନା' 'ଅନ୍ଧାରଗୁଡ଼ି' ଆଦି ଶବ୍ଦ ପରି କଳ୍ପିତ ଭୟଙ୍କର ଭୟଙ୍କର ଜୀବ ଅର୍ଥରେ ବ୍ୟବହୃତ ହୁଏ] ୪ । ଶୋକଜନିତ ଦୀର୍ଘନିଶ୍ୱାସ—4. A sigh of grief. ୫ । ହାଉଆ—(ଦେଖ)—Hāuā (See) [ଉ—ଏ ହାଉ ସୁଗନ୍ଧ, ଦେବଙ୍କୀ ଭୁଷମ ଅନ୍ଧଅମୋଦ—ପ୍ରାଚୀ ଉଷବାରିଧି ।]

ହାଉଆ—ବୈଦେ. ବି—(ଫା, ହୱା)—୧ । ପବନ; ବାୟୁ—1. Air.
Hāuā ୨ । ଜଳବାୟୁ—2. Climate. ୩ । (ଲକ୍ଷଣାର୍ଥ)
हाओया ସମ୍ପର୍କ—3. (figurative) Connection. ୪ ।
हवा (ଲକ୍ଷଣାର୍ଥ) ପ୍ରଭାବ— 4. (figurative) Influence.
[ଯଥା ତାଙ୍କ ଦେହରେ ସାହେବଙ୍କ ହାଉଆ ବାଜିଛି ।]

ହାଉଆ ଆ(ଅ)ବାଜ୍—ବୈଦେ. ବି—(ଫା.—ହବା+ଅବାଜ୍)—ଫାଙ୍କା
Hāuā ā(a)bāj ଅବାଜ୍, ଶୁନ୍ ଅବାଜ୍; ବନ୍ଧୁକରେ ଗୁଳି ନ ଦେଇ
हावाआओयाज ଫାଏର୍ କଲେ ହେଉଥିବା ଶବ୍ଦ ହୁଏ—Blank
हवाआवाज firing.

ହାଉଆ କଥା—ଦେ. ବ—୧ । ଅମୂଳକ ବିବରଣ—1. Unfounded
Hāuā kathā report. ୨ । ଶୁଣା କଥା—2. Hear-
শুনা কথা वाहियातबात say matter.

ହାଉଆ କରିବା—ଦେ. କ୍ରି—ବିଞ୍ଚିବା—To fan.
Hāuā kariba হাওয়া করা हवा करना

ହାଉଆ ଖାଇବା—ଦେ. କ୍ରି—ବାୟୁ ସେବନ କରିବ ; ଦେହରେ
Hāuā khāibā ବାୟୁ ଲଗିଲେ ଖର କମ୍ପନ୍ଦୁ ଥିବା ଓ ବାୟୁ
হাউয়া খাওয়া ବହୁଥିବା ସ୍ଥାନରେ ବସିବା ବା ବୁଲିବା—To
हवाखाना take an airing.

ହାଉଆ ଗାଡ଼ି—ଦେ. ବ—(ଯେଉଁ ଗାଡିରେ ଘୋଡ଼ାଆଦି ଲାଗି ନ
Hāuā gārdi ଥିବାରୁ ତାହା ବାୟୁଦ୍ୱାରା ବା ଶୂନ୍ୟରେ ଚଳୁଛି
হাওয়াগাড়ি ବୋଲି ଲୋକେ ମନେକରନ୍ତି।)—୧ । ପବନଦ୍ୱାରା
हवागाडि ଚାଳିତ ଗାଡ଼ି—1. Vehicle propelled by
wind. ୨ । ମଟର୍ ଗାଡ଼ି—2. Motor car. ୩ ।
ସାଇକେଲ୍—3. Bicycle.

ହାଉଆ ଚକି (କ୍କି) ଦେ. ବ (ଫା.—ହୱା+ସଂ. ଚକ୍ର)—୧ । ପବନ
Hāuā chaki (kki) ଦ୍ୱାରା ଚାଳିତ ଅଟାପେଷା କଳ—
হাওয়া চাকি 1. Wind mill. ୨ । କାଗଜର ଦୃଢ଼ି—
हवाचकि 2. Paper kite.

ହାଉଆ ଛାଡ଼ିବା—ଦେ. କ୍ରି—ବାୟୁ ଗମନାଗମନ ପଥରୁ ଅବରୋଧ ଦୂର
Hāuā chhārdibā କରି ଦେବା ; କରିବା—To let in
হাওয়া ছেড়েদেওয়া air; not to obstruct the free flow
हावा छोड़ना of air.

ହାଉଆ ଜାହାଜ—ବୈଦେ.ବ—(ଫା.—ହୱା+ଜହାଜ୍)—ଅକାଶ-
Hāuā jahāja ଯୋଗ—Aeroplane ; air-ship,
হাওয়া জাহাজ हवाई जहाज

ହାଉଆ ଡଗ୍ରୀ(କ୍ରୀ)—ବୈଦେ. ବ—(ଉଚରଅ—(ଫା.—ହୱା+ଇଂ
Hāuā digrī (krī) ଡିକ୍ରୀ)—ଡିଗ୍ରୀ ହୋଇଥିବା ଟଙ୍କା କୌଣସି
হাওয়াডিক্রি ନିର୍ଦ୍ଦିଷ୍ଟ ସମ୍ପତ୍ତିରୁ ଅଦାୟ ନ ହୋଇ ଦେଣଦାରଙ୍କ-
हवाडीग्री ଠାରୁ ଅଦାୟ ହେବା ପାଇଁ କରା ଯାଇଥିବା ଡଗ୍ରୀ—
Personal decree or money decree.

ହାଉଆଦାର୍—ବୈଦେ. ବ—(ଫା)—ଯହିଁରେ ପବନ ଚଳାଚଳ
Hāuādār ହୁଏ—Having free circulation of air
হাউয়াদার্ हवादार

ହାଉଆ ନିଲାମ (ମି)—ବୈଦେ. ବ—(ଉଚରଅ)—(ଫା)—ଜାଇଦ
Hāuā nilāma (m) ଉପରେ ଡଗ୍ରୀ ହୋଇଥିବା ଟଙ୍କା ଅଦାୟ
হাওয়া নিলাম ପାଇଁ ବନ୍ଧକ ନ ଥିବା ଭୂସମ୍ପତ୍ତିର ଅଦାଲତରେ
हवानिलाम ନିଲାମ—Sale by auction of properties
attached in execution of a money decree
and not of a mortgage decree.

ହାଉଆ ବଦଳ(ଲ)—ବୈଦେ. ବ. (ଫା. ହୱା+ଅ. ବଦଲ୍=ପରି-
Hāuā badala(li) ବର୍ତ୍ତିନ)—ସ୍ଥାନାନ୍ତରକୁ ଯିବା ଦ୍ୱାରା
হাওয়াবদলা हवाबदल ଜଳବାୟୁ ପରିବର୍ତ୍ତନ—Change of
climate.

ହାଉଆ ବଦଳା(ଲେ)ଇବା—ଦେ. କ୍ରି—ଏକ ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟ
Hāuā badalā(le)ibā ପକ୍ଷରେ ହିତକର ନ ହେଲେ ଶରୀରର
হাওয়াবদলান हवाबदलाना ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସେ ସ୍ଥାନରୁ
ଅନ୍ୟ ସ୍ଥାନକୁ ଯିବା—To have a change of
climate; to go to a place for change.

ହାଉଆ ବନ୍ଧୁକ—ବୈଦେ. ବ—(ଫା. ହୱା+ଅ. ବନ୍ଦୁକ୍)—
Hāuā bandhuka ପବନର ବେଗ ଦ୍ୱାରା ଚାଳିତ ବନ୍ଧୁକ—
হাওয়াবন্দুক तुफङ्ग Air-gun

ହାଉଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଖାଇବା ପାଇଁ ହିଂସ୍ର ଜନ୍ତୁର
Hāuñ ମୁହଁବ୍ୟାଦାନ; ଅଁ—1. Opening of the mouth
হাঁ হাঁ wide for eating a victim (said of a
wild animal). ୨। (ଶିଶୁରଞ୍ଜନ ବାକ୍ୟ) ଭୋଜନ—
2. (Nursery) Eating; meal.

ହାଉଁକରି(କନି, କନା,ଦସ୍, ଧସ୍)—ଦେ. କ୍ରି, ବଣ—ହାଁହୁଁକରି (ଦେଖ)
Hāuñ kari(kini, kinā, das, dhas) Hāñuñ kari
(See)

ହାଉଁ କରିବା—ଗ୍ରା.କ୍ରି—(ଶିଶୁରଞ୍ଜନ ବାକ୍ୟ)-ହାଁହୁଁକରିବା -(ଦେଖ)
Hāuñ kariba Hāñuñ kariba (See)

ହାଉ ଖସିବା (ପଶିବା)—ଦେ. ବ—ହୃଦୟରେ ଡର ପଶିବା; ଉଦ୍‌ବେଗ
Hāu khasibā (pasibā) ବା ଶଙ୍କା ଜାତହେବା—Sudden
terror or consternation. [ଦ୍ର—ଜାଣ ହୃଦୟରୁ
ভাবনাঢোকা ॄ उद्वेग ଖସି ପଡ଼େ ହାଉ—କବିସୂର୍ଯ୍ୟ ସଙ୍ଗୀତ]
(ହାଉ ଏସି ପଡ଼ିବା, ହାଉପଶିଯିବା)—ଅନ୍ୟରୂପ

ହାଉ ଜାଉ—ଦେ. ବ—ଗଣ୍ଡଗୋଳ; ହଟ୍ଟଗୋଳ; ଘୋର୍‌ଘୋଷ—
Hāu jāu হট্টগোল होहल्ला Ado; noise
ଦେ. ବଣ—୧ । ଗାଲୁ ଗାଲୁ; ବେଶି ସଂଖ୍ୟାରେ ଇତସ୍ତତ;
হাউচাউ खदबद ବକ୍ଷିପ୍ତ ବା ଶୁଳିତ—1. In great
numbers; abounding. (ଯଥା—କଟକ ସହରରେ
ଚାରୁ ଗୁଡ଼ାକ ହାଉ ଯାଉ ହେଉଛନ୍ତି) । ୨ । ଅସ୍ତବ୍ୟସ୍ତ;
ব্যতিব্যস্ত तबाह ଅଥି ବରକ୍ତ; ବବ୍ରତ—2. Disturbed
[ଯଥା—ତୁମେ ପିଲମାନେ ମତେ ବେଢ଼ି ଏପରି ହାଉଜାଉ
କଲେ, ମୁଁ ମିଠେଇ ନ ବାଣ୍ଟି ପଳେଇବି]—୩। ଅତି ବ୍ୟସ୍ତ;
ବ୍ୟସ୍ତ ସମସ୍ତ—3. Pestered. [ଯଥା—ଖରା ଦିନେ
ଚଟକରଅ ଗୁଳୁଗୁଳରେ ଦେହରୁ ଝାଳ ବୋହି ଓ ଦେହସାରା
ଘିମିରି ଫଳିଯିବାରୁ ମଣିଷ ହାଉ ଯାଉ ହୋଇ ଯାଅନ୍ତି।]
୪ । ହୈ ଚୈ (ଦେଖ)—Hai chai (See). ୫ ।
(ଲକ୍ଷଣାର୍ଥ) ସମ୍ପର୍କ; ସମ୍ପର୍କ—5. Relationship;
contact.

ହାଉଡ଼ା—ଦେ. ବ (ନାମ)—ହାବୁଡ଼ା; କଲିକତାର ବିପରୀତ ପାରରେ
Hāurdā ଗଙ୍ଗା କୂଳରେ ଥିବା ନଗର ଓ ଜିଲ୍ଲା—Howrah;
হাওড়া हावडा (District and town on the opposite
side of Calcutta [ଦ୍ର—ଏଠାରେ ଗଙ୍ଗାନଦୀ
ଉପରେ ଗୋଟିଏ ଭାସମାନ ସେତୁ (ପୋଲ) ଅଛି ।

ଏଠାରେ ବେଙ୍ଗଲ ନାଗପୁର ରେଲୱେ ଓ ଇଷ୍ଟ ଇଣ୍ଡିଅନ୍ ରେଲୱେର ଗୋଟିଏ ସମ୍ମିଳିତ ବଡ଼ ଷ୍ଟେସନ୍ ଅଛି । ଦେ. ଣ ପୁଂ (ସ. ହାବ; ଯେଉଁ ବ୍ୟକ୍ତି ହାବ (ହାଉଡ଼ୀ—ସ୍ତ୍ରୀ) ବା ଇଙ୍ଗିତ ଦ୍ୱାରା ଭାବ ପ୍ରକାଶ କରେ)—
ହাবা, হাবু **बौका** ୧ । ବୋବା—1. Dumb; mute. [ଉ—ହାଉଡ଼ା କଥା ହାଉଡ଼ା ମାଥ ଜାଣେ—ଫକୀର ମୋହନ ଛମାଣ ଆଠଗୁଣ ।] ୨ । ଖନା—2. Faltering in speech. [ଉ—ସବୁ କହେ ହାଉଡ଼ାଟା ମଧ୍ୟ ଆଁ କରି ଦଏ—ଢଗ]— ୩ । ଓଳୁ; ନିର୍ବୁଦ୍ଧିଆ—
3. Foolish; stupid; idiotic.

ହାଉଡ଼ା ପାରି—ଦେ ବି—କଲିକତାର ବିପରୀତ ପାର; ଗଙ୍ଗାର ଅପର
Haurda pari ପାର, ଯେଉଁ ପାରରେ ହାଉଡ଼ା ଅବସ୍ଥିତ—
হাওড়াপার **हावड़ापार** The Howrah side of the river Ganges (opposite to Calcutta).

ହାଉଡ଼ି—ଦେ. ବି—(ଧ୍ୱନ୍ୟନୁକରଣ, ଢଙ୍କା ହାକ୍କା)—ହାକୁଟି—
Haurdi ঢেকুর **डकार** Belching.

ହାଉଡ଼ି ମାରିବା—ଦେ. କ୍ରି—ହାକୁଟି ମାରିବା (ଦେଖ)
Haurdi mariba Hakuti mariba (See)
ঢেকুর তোলা **डकार करना**

ହାଉଡୁ ଉ(ବୁ)ଡୁ—ଦେ. ବି—ଡୁଡୁ (ଦେଖ)—
Haudu-u(bu)du হাডুডুডু **कबड्डी** Dudu (See)
(ହାଉଡୁଡୁ—ଅନ୍ୟରୂପ)

ହାଉଦା—ବୈଦେ. ବି—(ଅ. ହାଓ୍ୱାଦା)—(ସ. ନାମ କରଣକ)—୧।
Hauda ହାତୀ ପିଠିରେ ମନୁଷ୍ୟଙ୍କ ବସିବା ପାଇଁ ବନ୍ଧାଯିବା ଗଦି
হাওদা **हौदा** ଓ ବନ୍ଧନଯୁକ୍ତ ଆସନ—1. A stuffed and armed seat or cushion or litter with railings, put over the back of an elephant. [ଉ—ହାଉଦା ଅମାରୀ ଅଙ୍କୁଶ ଶିକୁଳି, ଝୋପର ଘଣ୍ଟଥା ଘଣ୍ଟିମାଳ । ବ୍ରଜନାଥ—ସମର ତରଙ୍ଗ ।] ୨ । (ଇଂ.
চৌবাচ্চা **चबच्चा** ହାଇଡ୍ରେ)—୨ । ପାଣି ସଞ୍ଚୟ କରି ରଖିବା ପାଇଁ ଇଟାରେ ଓ ଚୂନରେ ପ୍ରସ୍ତୁତ କୁଣ୍ଡ; ଚହବଚ୍ଚ—2. A reservoir for storing water.

ହାଉଦା କଷିବା—ଦେ. କ୍ରି—ହାତୀ ପିଠିରେ ହାଉଦାକୁ ପକାଇ ତାକୁ
Hauda kashiba ରଜ୍ଜୁ ଆଦି ଦ୍ୱାରା ଦୃଢ଼ ସଲଗ୍ନ କରିବା—
To set the cushion on the back of the
হাওদা কষা **हौदाकसना** elephant tightly.

ହାଉ ପଶିବା—ଦେ. ବି—କୌଣସି ଆକସ୍ମିକ ଭୟପ୍ରଦଯୋଗ୍ୟ ଦୃଶ୍ୟ ଦେଖିବାରୁ
Hau pasiba ମନରେ ଗୋଟିଏ ଭୟ ପଶିଯିବା—The state of having a terror left in the mind after a sudden fright; alarm. [ଉ—ଘର [ହାଉ ପଶିଯିବା—ଅନ୍ୟରୂପ] ଯୋଡ଼ ଗଲ ବୋଲି ଗୋଟିଏ ଭାବ ଶୁଣିଲକ୍ଷଣି ମୋ ଦେହରେ ଗୋଟିଏ ହାଉ ପଶିଗଲା]
ভাবনা ঢোকা **दहशतहोना**

ହାଉ ପୂର(ରେ)ଇବା—ଦେ. କ୍ରି—୧ । ଆକସ୍ମିକ ବିପଦ ଘଟିଯିବାପରେ
Hau pura (re) ib ଆପଣା ମନକୁ ଭୟଭୀତ କରିବା—
1. To continue to have the terror in one's mind even after a sudden fright is over. ୨ । କୌଣସି ଶୋକଜନକ ଘଟଣା ଘଟିବା ପରେ ଆପଣା ମନରେ ସର୍ବଦା ସେହି ହାହାକାର ବା ଘର୍ଘ ନିଶ୍ୱାସକୁ ସ୍ଥାନ ଦେବା—2. To continue to cherish the sightng till long after the matter for sigh is gone.
হা হুতাশ করা **हायतौबाना**

ହାଉମରିଚିଆ—ପ୍ରାଦେ. (ଗଡ଼ଜାତ) ବି—ଗୁଣ୍ଡ ଯୋଡ଼ା ଗୁଳ୍ମ—
Haumarichia Toddalia Aculeata (thorny shrub).
[ଉ—ଏହାର ପତ୍ରକୁ ମକଚିଲେ ତହିଁରୁ ମରିଚ ପରି ଗନ୍ଧ ବାହାରେ । ଏହି ପତ୍ର ଚୂନ ଆଦିରେ ପକାନ୍ତି । ପତ୍ରକୁ ପେଟ ବାଗରେ ପକାଇଲେ ଘାଅ ଶୁଖେ) ପିଠିଆଉଁଆ ପକାଇଲେ କଥ ଆଦି ଯାଏ]

ହାଉୟା(ଆ)ଛଡ଼ି ମାରିବା—ପ୍ରାଦେ. (ବାଲେଶ୍ୱର) କ୍ରି—ପବନ ଯେଉଁ
Hauya(a) chhardi mariba ଆଡ଼କୁ ବହୁଥାଏ ସେଥିରୁ ଗୁଡ଼ିକୁ ଅନ୍ୟ ଆଡ଼କୁ କୌଶଳରେ ନେଇ ଉଡ଼ାଇବା—To take the paper kite from the direction of the wind tactfully to another direction.

ହାଉୟା(ଆ)ଛଡ଼ିଯିବା—ପ୍ରାଦେ (ବାଲେଶ୍ୱର) କ୍ରି—ପବନ ନ ବହିବା
Hauya(a)chhardi jiba ଯୋଗୁଁ କମା ପବନ ବହୁଥିବା ଦିଗରୁ ଗୁଡ଼ି ଅନ୍ୟ ଆଡ଼କୁ ଯିବା ଯୋଗୁଁ, ଗୁଡ଼ିର ଦେହରେ ଆଉ ପବନ ନ ଲାଗିବାରୁ ତହିଁ ଫଳରେ ଗୁଡ଼ି ତଳକୁ ଖସି ପଡ଼ିବା—(a paper kite) To come down to the ground for want of a current of wind.

ହାଉୟା(ଆ) ଧରିବା—ପ୍ରାଦେ. (ବାଲେଶ୍ୱର) କ୍ରି—ଗୁଡ଼ି ଦେହରେ
Hauya(a) dhariba ପବନ ବାଜିବାରୁ ତାହା ଉଡ଼ିବାକୁ ସମର୍ଥ ହେବା—(a paper kite) To be able to soar high by the effect of wind.

ହାଉର୍ ହାଉର୍ ହେବା—ପ୍ରାଦେ (ସମ୍ବଲପୁର) କ୍ରି—(ଖାଇବସିବା
Haur haur heba ବେଳେ) ଅଧିକ ଖାଇବାକୁ ଦିଅ ବୋଲି ବାରମ୍ବାର ମାଗିବା—To repeatedly ask for more food being served on the plate.

ହାଉଳ ଖା(ପା,ବା,ମା) ଉଳ ହେବା—ଦେ. କ୍ରି—(ସଂ. ଆକୁଳ)—୧।
Haula cha(pa,ba,ma) ula heba କୌଣସି ବସ୍ତୁ ପାଇଁ ଆକୁଳ ବିକୁଳି হওয়া ବ୍ୟସ୍ତ ଓ ବ୍ୟଗ୍ରତା ସହ ଇତସ୍ତତଃ ଖୋଜି- **व्यग्र होना** ହେବା । ଧନ୍ଦି ହେବା—1 To eagerly search after a thing. ୨ । ଅତ୍ୟନ୍ତ ଅଳୁଳ ଓ ବିକଳ ହେବା, ଚଞ୍ଚଳ ବିକଳ ହେବା— To be restles

with anxiety or pain ୩ । ପାଗଳପରି ଇତସ୍ତତଃ ଘୂରିବୁଲିବା—3. To wander like a madman; to move madly about. ୪ । ହାଉଳିଖାଇବା; ଉଦ୍ଦେଶ୍ୟହୀନ ଭାବରେ ଇତସ୍ତତଃ ଗମନ କରିବା—4. To move here and there aimlessly

ହାଉଲ୍‌ଦାର୍—ବୈଦେ. ବି—ହାବିଲ୍‌ଦାର୍ (ଦେଖ)—
Hāul-dār Hābil-dār (See).

ହାଉଳା—ଦେ. ବିଣ. ପୁଂ—(ସଂ. ବାତୁଲ)—୧ । ଯେଉଁ ଲୋକ
Hāulā ଶୀଘ୍ର ପୂର୍ବକଥା ଭୁଲିଯାଏ; ଯେଉଁ ବ୍ୟକ୍ତିର କଥା ମନେ
(ହାଉଳୀ—ସ୍ତ୍ରୀ) ରହେ ନାହିଁ—1. Forgetful (person). ୨ । ଯେ ସବୁ କଥା ପାସୋରି ପକାଏ—2. Oblivious. ୩ । କାର୍ଯ୍ୟକଳାପରେ ଅସଂଯତ—3. Unsystematic or uncontrolled in action. [ଦ୍ର—ହାଉଳା ଲୋକ ଏକ ସ୍ଥାନରେ ଗୋଟିଏ ଜିନିଷ ରଖି, ଅନ୍ୟ ସ୍ଥାନ ଖୋଜେ; କାର୍ଯ୍ୟସ୍ଥଳକୁ ଗଲାବେଳେ ସବୁ କେତେକ ଆବଶ୍ୟକ ପଦାର୍ଥ ସଙ୍ଗରେ ନେବାକୁ ଭୁଲିଯାଏ; ଯାହାକୁ ଯାହା କବୁଲ୍ ଦେଇଥାଏ, ତାହା ପାସୋରି ପକାଏ ।]

ହାଉଲା—ବୈଦେ ବି—(ଚଳିତ) (ଅ· ହୱାଲ)—୧ । ଜିମ୍ମାଦାରୀ—
Hāulā 1. Custody. ୨ । ବଙ୍ଗଦେଶର ବାଖରଗଞ୍ଜ
হাওলা, হাওয়াল্ ଜିଲ୍ଲାରେ ପଡ଼ିଆ ଭୂମିକୁ ଆବାଦ କରିବା ପାଇଁ
हवाला ଆବାଦକାରୀଙ୍କୁ ପଟ୍ଟା ଦିଆଯିବା ତାଲୁକ ବା ମଧ୍ୟସ୍ୱତ୍ୱ—2. An undertenure in Backergunj district in Bengal granted for reclamation of waste land. [ଦ୍ର—ଏହି ମଧ୍ୟସ୍ୱତ୍ୱ ବା ହାଉଲା ନେଇଥିବା ବ୍ୟକ୍ତି (ହାଉଲଦାର୍) ପୁଣି ଅନ୍ୟ ଲୋକଙ୍କୁ ଦରପଟ୍ଟା ଦେଲେ ସେସ୍ୱତ୍ୱକୁ 'ନିମ୍ ହାଉଲା' ବୋଲାଯାଏ ।]
দাঁড় कन्धार ୩ । ନୌକାର ଅହୁଲା—3. Oar.

ହାଉଲା(ଲେ)ଇବା—ଦେ.କ୍ରି—୧ । ଡଙ୍ଗାକୁ ଚଳାଇବା ପାଇଁ ଅହୁଲା
Hāulā(le)ibā ପକାଇବା—1. To row a boat; to ply
দাঁড়ফেলা বা টানা the oar. ୨ । କୌଣସି କାର୍ଯ୍ୟର ଗତି
कन्धार चलाना ବା ବେଗକୁ କମାଇବା—2. To slow down the pace or motion of any thing.

ହାଉ(ୱା)ଲତ—ବୈଦେ, ବି—(ଅ· ହୱାଲତ୍, ନଜରବନ୍ଦୀ; ହବାଲା=
Hāu(wa)lāt ମାରଫତଦାରୀ, ଜିମାଦାରୀ)—୧ । ଅଳ୍ପଦିନ ପାଇଁ
হাওলাত ବିନା ସୁଧରେ ଦିଆଯିବା ଋଣ—1. Loan
हथफेर हवालात advanced without interest for short periods. ୨ । ଚାକରମାନଙ୍କ ଦରମା ମିଳିବା ପୂର୍ବରୁ ସେମାନଙ୍କର ଆବଶ୍ୟକ ପଡ଼ିଲେ, ସେମାନଙ୍କୁ ଦିଆଯିବା ଉଧାର ଧନ (ଯାହା ଦରମା ମିଳିଲେ ସେ ମଜୁରୁ କଟାଯାଏ।)—2. Advance made to a
হাওলাত servant towards his pay. ୩ । ରାଜ୍ୟପ୍ରାପ୍ତ
अगाऊ କର୍ମଚାରୀଙ୍କୁ ଆବଶ୍ୟକ ସରକାରୀ ବ୍ୟୟ ଚଳାଇବା ପାଇଁ ଦିଆଯିବା ଟଙ୍କା (ପରେ ହିସାବ ମୁତାବକ ଯାହା ଯାହାର ବିଲ୍ ମଞ୍ଜୁର୍ କରାଯାଏ।)—Advance made to officers to meet current expenses. ୪ । ଜମା; ଡିପୋଜିଟ୍—4 Deposit; money deposited in trust. ୫ । ତହବିଲରୁ ଟଙ୍କା ସରିଗଲେ ତହବିଲର ଭାରପ୍ରାପ୍ତ କର୍ମଚାରୀ ସେଉଁ ଟଙ୍କା ଉଧାର ଦେଇ କାର୍ଯ୍ୟ ଚଳାଇଥାଏ—(ଯାହା ପରେ ତହବିଲକୁ ଟଙ୍କା ଆସିଲେ ପୂର୍ଣ୍ଣ ହୁଏ।)—5. Advance made by a person in charge of cash to meet any urgent expense ୬ । ହାଜତ—6. Hajat; confinement of an undertrial person. ୭ । ହାଜତ ଘର—7. Lock-up ୮ । ନଜରବନ୍ଦୀ—8. Surveilance.

ହାଉଲାତି—ବୈଦେ· ବିଣ—(ଅ ହୱାଲତ୍; ହବାଲ)—ହାଉଲାତ ବା
Hāulāti ଉଧାର କରାଯାଇଥିବା (ଧନ)—Advanced
হাওলাতি हाथफेरी money.

ହାଉଲାଦାର୍—ବୈଦେ. ବି (ଅ)—ବାଖରଗଞ୍ଜଜିଲ୍ଲାର ହାଉଲା ନାମକ
Hāuladār ମଧ୍ୟସ୍ୱତ୍ୱକୁ ଜମିଦାରଙ୍କଠାରୁ ପଟ୍ଟା ନେଇଥିବା ମଧ୍ୟ ସ୍ୱତ୍ୱାଧିକାରୀ—An under tenure-holder in Backerganj. [ଦ୍ର—ଏହାର ଅଧସ୍ତନ ମଧ୍ୟସ୍ୱତ୍ୱାଧିକାରୀଙ୍କୁ ନିମ୍ ହାଉଲଦାର ବୋଲାଯାଏ]
হাওলাদার हवालादार

ହାଉଳା ବାଉଳା—ଦେ. ବିଣ. ପୁଂ (ସଂ. ବାତୁଲ)—୧ । ବାତୁଲ—
Hāulā bāulā 1. Mad. ୨ । ବାତୁଳପ୍ରାୟ—2. Mad
[ହାଉଳୀ ବାଉଳୀ—ସ୍ତ୍ରୀ] denedo.
পাগলা हाउलाबाउला

ହାଉଳି—ଦେ.ବିଣ—ନାନାଶ୍ରେଣୀର ବା ପ୍ରକାରର ମିଶା (ଧାନଚାଉଳଆଦି)
Hāuli Mixed; of many sorts; medley. ଦେ· ବି—
୧ । ପୂର୍ଣ୍ଣରୂପେ ନିଦ୍ରା ଭାଙ୍ଗି ନ ଥିବା ଅବସ୍ଥାରେ ଶଯ୍ୟାଉପରୁ ଉଠି ହଠାତ୍ ଖୋଜ ହୋଇ ଦରଣ୍ଡି ହେବା ବା ବାଉଳା ହେବା—1. Grovelling or groping when one has not fully shaken off his sleep. ୨। ବାଉଳା ହେବା; ବାଉଳା ହୋଇ ଖୋଜ ହେବା—2. Groping after a thing in forgetfulness. ୩ । ଅଗ୍ନିର ଉତ୍ତାପ (ଗୋପୀନାଥ ନନ୍ଦ)—3. Heat of fire. ୪ । ଗଣ୍ଡଗୋଳ; ଗୋଳମାଳ; ମୁଖଭଙ୍ଗି; ହୁଲ୍ଲର—4. Noise; ado. [ଉ—ମା ହିଁ ଅଳ୍ପ ହାଉଳିରେ ଗାଁ ଲୋକେ ଧାଇଁ ପଡ଼ିଲେ—କୁନ୍ତଳାକୁମାରୀ. ନଅଭୁଣ୍ଡୀ] ପ୍ରାଦେ. (ସମ୍ବଲପୁର,ଗଡ଼ଜାତ) ବି.—ଚକ୍‌ଚିକ୍‌କେଞ୍ଚଲ—A kind of lizard with a smooth skin and red tail.
মেশামেশি

ହାଉଳିଆ—ପ୍ରାଦେ. (ଯାଜପୁର) ବିଣ—ଅବ୍ୟବସ୍ଥିତ—Unmethodical. [ଯଥା—ହାଉଳିଆ ଲୋକ]
Hāuliā

ହାଉଳ ଖାଇବା—ଦେ. କ୍ରି—କଷ୍ଟ ନିଦରୁ ଉଠି ହଠାତ୍ ଖାଇ ହୋଇ Hāuli khāiba ବା ବାଉଳା ହୋଇ ବିଛଣାରେ ବା ଭୂମିରେ ଦଉଡ଼ି ହେବା—1. To grope on the bed or ground on being suddenly awaken from deep sleep. [ଢ଼—ମାଇକିନିଆମାନେ ନିଦବାଉଳାରେ ହାଉଳ ଖାଇ ଦେହ ଲୁଗା ଦେଇ+ + +ଗଛ ମୂଳରେ ବସି ଅଛନ୍ତି—ଫକୀର ମୋହନ, ଛମାଣ ଆଠଗୁଣ୍ଠ] ୨। ଦଳ ଦଳ ହୋଇ ଇତସ୍ତତଃ ବୁଲିବା—2. To move in crowds at random; to wonder aimlessly in crowds. [ଯଥା—ଶ୍ରାବଣମାସରେ ମେଘ ହାଉଳି ଖାଉଥାଏ] ୩। ଭୟରେ ବାଉଳା ବା ଅସ୍ଥିର ହେବା—3. To become restless through fear. ୪। ଲୁଣ୍ଠିତ ହେବା; ଗଡ଼ଗଡ଼ାଇ ହେବା—4. To wallow or roll on the ground.
হাতড়ান टटोलना

ହାଉଳି ଚାଉଳ—ନାନା ପ୍ରକାର ମିଶା ଚାଉଳ—Rice consisting Hāuli chāula of many varieties mixed together. [ଦ୍ର—ଏହାପରି ହାଉଳିଧାନ ହୁଏ]
মেশামেশিচাল कईरंगकाचावल

ହାଉଳି ବାସନ—ଦେ. ବି—୧। ମାଳୋଇ ବାସନ; ନାନା କାରିଗରଙ୍କ Hāuli bāsana ତିଆରି ନାନା ପ୍ରକାର ବାସନ—1. Utensils of various makes. ୨। ମାଲୋଇ ବାସନ; ଯେଉଁ ବାସନ ଏକ କାରିଗରର ହାତର କମା ଫରମାସି ବା ଉତ୍କୃଷ୍ଟ ଧରଣରେ ନୁହେ—2. Utensils which are neither excellent nor made to order nor of one maker. [ଦ୍ର—ଏହାପରି ହାଉଳି କଂସା, ଗିନା, ଥାଳ ଛାଲ ଅଛି ହୁଏ]
মেশামেশিবাসন तरहतरहकेबरतन

ହାଉଳି ମାଉଳି—ଦେ. ବିଣ—୧। ଉଦ୍ଦେଶ୍ୟ ବହୀନ ହୋଇ ଇତସ୍ତତଃ Hāuli māuli ଗମନ—1. Moving at random. ୨। କିଂକର୍ତ୍ତବ୍ୟବିମୂଢ଼—2. Dumb founded ୩। କିଂକର୍ତ୍ତବ୍ୟବିମୂଢ଼ ହୋଇ ଦଉଡ଼ିଥିବା—3. Groping in bewilderment.
কিংকর্ত্তব্যবিমূঢ় किंकर्त्तव्यविमूढ़

ହାଉଲେ—ଦେ. କ୍ରି ବିଣ—(ସଂ ଲଘୁ କ, ପ୍ରା. ଲହୁଅ; ଅପର ହାଉଁଯ୍ୟ— Hāule ହାଉଲେ)—୧। ଅସ୍ତେ; ଧୀରେ; ଧୀରଭାବରେ— Slowly. [ଢ଼—ହାଉଲେ ହାଉଲେ, ପାହୁଲେ ପାହୁଲେ—ଢଗ] ୨। ଲଘୁ ଭାବରେ—2. Lightly; slightly.
[ହାଉଲେ ହାଉଲେ—ଅନ୍ୟରୂପ]
আস্তেআস্তে हौले

ହାଉସ୍—ବୈଦେ. ବି (ଇଂ)—୧। ଘର; ବାସସ୍ଥାନ—1. House. Haus ୨। ପାଣି ରଖିବାପାଇଁ ପକ୍କା ଗଉଚଡ଼ା—2. A water reservoir of masonry ୩। ବଡ଼ ବଡ଼ ମହାଜନଙ୍କ କାରବାର—ଦୋକାନର ଘର—3. Business house of big merchants.
হাউস हाउस

ହାଉସ୍ ଅଫ୍ କମନ୍ (କମନ୍ସ)—ବୈଦେ. ବି (ଇଂ)—ଜନସାଧାରଣଙ୍କ Hāus af kaman (kamans) ଭୋଟଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଗଠିତ ବିଲାତ ପାର୍ଲାମେଣ୍ଟର ବା ଶାସନସମିତିର ଶାଖାଦ୍ୱୟ ମଧ୍ୟରୁ ଏକତର—The House of Commons.
হাউসঅফকমনস हाउसअफकमनस
[ଦ୍ର—ଏହାର ସଭ୍ୟସଂଖ୍ୟା ୬୧୫। ଏମାନଙ୍କୁ ବର୍ଷକେ ୫୦୦ ପାଉଣ୍ଡ ଲେଖାଏଁ ଭତ୍ତା ମିଳେ। ସ୍ୱ ସ୍ୱ ନିର୍ବାଚନ କ୍ଷେତ୍ରରେ ବୁଲିବାପାଇଁ ସଭ୍ୟମାନେ ବିନାଭଡ଼ାରେ ରେଳରେ ମଧ୍ୟ ଯିବା ଆସିବା କରି ପାରନ୍ତି]

ହାଉସ୍ ଅଫ ଲର୍ଡସ୍—ବୈଦେ. ବି (ଇଂ)—ଇଂଲଣ୍ଡର ଜମିଦାର ଓ Hāus af lards ଧର୍ମଯାଜକଙ୍କଦ୍ୱାରା ଗଠିତ ପାର୍ଲାମେଣ୍ଟର ଶାଖା The House of Lords. (ଦ୍ର—ଏ ସଭାରେ ପିଅର୍ ବା ଇଂଲଣ୍ଡର ଜମିଦାର ବଂଶର ଜ୍ୟେଷ୍ଠ ପୁତ୍ରମାନେ ଓ ୨୪ ଜଣ ଇଂଲଣ୍ଡର ବିଶପ୍ ଓ ୨୮ ଜଣ ଆୟର୍ଲଣ୍ଡର ଲର୍ଡ୍ ସ୍ଥାନ ପାଆନ୍ତି ଓ ୧୬ ଜଣ ଲର୍ଡ୍ ଯାବଜ୍ଜୀବନ ନିର୍ବାଚିତ ହୁଅନ୍ତି]
হাউসঅফলর্ডস हाउसअफलर्ड्स

ହାଉସ—ପ୍ରାଦେ° (ପୁରୀ) ବି—(ଅ. ହଉସ ଉତ୍ସାହ)—ଉତ୍ସାହ— Hāusa Courage
উৎসাহ हौस

ହାଉହାଉ—ଦେ. ଅ (ଧ୍ୱନ୍ୟନୁକରଣ, ତୁଳ ଇଂ. ହାଉଲ୍)—୧। ବହୁ Hāuhāu ଲୋକଙ୍କ ଏକତ୍ର ପାଟି କରିବା ବା ଗୋଳ କରିବା— 1. Making a row. (ଢ଼—ଗୁରୁଅଡ଼େ ଲାଗିଥିଲ ବୃଥା ହାଉହାଉ—ମଧୁସୂଦନ କବିତା) ୨। ଉଚ୍ଚ ସ୍ୱରରେ ଅର୍ଥହୀନ ରବ—2. Howling. ୩। ହଠାତ୍ ସମ୍ମୁଖରେ ବିପଦ ଉପସ୍ଥିତ ହେବାରୁ ବିପନ୍ନ ଲୋକଙ୍କ ପାଟି ଶବ୍ଦ ମାଡ଼ିଯିବାଯୋଗୁ ସେମାନଙ୍କ କରିବା ହାଉହାଉ ଶବ୍ଦ— 3. The confused sound of dismay made by persons in bewiderment or terror on a sudden calamity. ଦେ. କ୍ରି. ବିଣ—୧। ହାଉହାଉ; ଖୁବ୍ ଶୀଘ୍ର ଦାହ୍ୟ ପଦାର୍ଥ (ଯଥା—କୁଟା, ଖୋଳ, କଳା ଛଣ) ରେ ନିଆଁ ଲାଗିଯିବା ପ୍ରକାରେ—1. In the manner of a big fire furiousty raging and devouring combustible things very quickly. ୨। ନିଆଁ ଭୟଙ୍କର ରୂପେ ଓ ଶିଖା ସହିତ ଜଳିବା ପ୍ରକାରେ—2 Furiously blazing (ଯଥା— କୁଟାଗଦାରେ ନିଆଁ ହାଉହାଉ ହୋଇ ଜଳୁଛି) ୩। ଧାନୁଆ ଲଙ୍କା ମରିଚ ଖାଇଲେ ଲାଗିବା ମାଡ଼ରେ କମ୍ବା ନିଆଁ ଅଞ୍ଚ ଦେହରେ ଲାଗିଲେ ଅନୁଭୂତ ହେବା ଜଳାପୋଡ଼ା— Acute burning sensation, such as is produced by eating very pungent things or when the skin is burnt by fire.

[ଯଥା—ଦେହରେ ନାଇଁଟି କି ଏପିଉ ବୋଲଲରୁ ଦେହ
ହାଉହାଉ ହାଉ ହାଉ ହୋଇ ଗୋଡ଼ଲା ।]

ହାଉ ହାଉଆ ଦେ. ବଣ. (ପୁଂ ଓ ସ୍ତ୍ରୀ)—ଯେଉଁ ଲୋକ ଖୁବ ପାଟି
Hāu hāuā କରି କଥା କହେ; ଅତି ବଡ଼ ପାଟିଆ—Having
গোলমেলে भोमाशंख a very loud voice.

ହାଉହାଉ ହେବା—ଦେ. କ୍ରି—୧ । ବହୁ ଲୋକ ଗୋଳମାଳ କରିବା—
Hāu hāu heba 1. (Many persons) To make a
হাউহাউকরা row or noise. ୨ । ଭୟରେ କିଂକର୍ତ୍ତବ୍ୟ-
हल्लामचाना ବିମୂଢ଼ ହୋଇ ଗୋଳମାଳ କରିବା—2. To utter loud and unmeaning sounds in terror.
୩ । ବହୁ ଲୋକ ବୃଥା ବାକ୍ୟ ବ୍ୟୟ କରିବା—3. (Many persons) To howl in vain.

ହାଏ—ଦେ. ଅ—(ସଂ. ହା)—ହା ! ହାୟ ! ହାଇ ! Alas !
Hāe ପ୍ରାଦେ (ସମ୍ବଲପୁର) ଅ—ହାଉ ! ହେଉ ! Hush !
হায় हाय

ହାଏଁଡ—ପ୍ରାଦେ (ସମ୍ବଲପୁର) ବ—ହାଣ୍ଡି—Earthen pot.
Hāeñd

ହାଏଣ୍ଡ ଫୋର୍—ପ୍ରାଦେ (ସମ୍ବଲପୁର) ବ—ଦରସିଝା ପିଠା—
Hāeñd-phor Par-boiled cake.

ହାଏଣ୍ଡ—ପ୍ରାଦେ (କଳିଙ୍ଗ ଭାଷା) ବ—ହାଣ୍ଡି—
Hāeṇḍ An earthen pot.

ହାଏର୍ ଗୁହାଏର୍—ପ୍ରାଦେ (ସମ୍ବଲପୁର) ବ—ହାରି ଗୁହାରି (ଦେଖ)
Hāer guhāer Hāriguhāri (See)

ହାଏର୍ ଗୁହେର୍—ପ୍ରାଦେ (ଗଡ଼ଜାତ) ବ.—ହାରିଗୁହାରି (ଦେଖ)
Hāer guher Hāri guhāri (See)

ହାଏରେ କପାଳ (ବିଧାତା)—ଦେ. ଅ.—ହାଇରେ କପାଳ (ଦେଖ)—
Hāere kapāla (bidhātā) Ah ! my luck ! as ill-
হায়রে কপাল हायरे कपाल luck would have it.

ହାଏଲ୍ ହୁକ(କୁ)ମ୍—ପ୍ରାଦେ (ସମ୍ବଲପୁର) ବ.—ହାଲ ଚାଲ—News.
Hāel huka(ku)m

ହାଃ—ଦେ. ଅ—(ସଂ. ହା)—୧ । ବିସ୍ମୟ, ଖେଦ, ଶୋକ ବା ଯାତନା-
Hāh ସୂଚକ ଧ୍ୱନି—1. An exclamation of wonder,
हा हा grief or distress; Ah ! Oh ! ୨ । ହର୍ଷସୂଚକ ଧ୍ୱନି—2. An exclamation joy. Hah !
୩ । ଘୃଣାର୍ଥକ—3. An exclamation of disgust or hatred. ଦେ. ବି—(ଇଂରାଜୀ)—
୧ । 'ହାଲ'ର ସାଙ୍କେତିକ—1. The abbreviation for 'Hāl'. ୨ । ହାଜର୍ ଓ ହାଜିରା ଶବ୍ଦର ସାଙ୍କେତିକ—
2. The abbreviation for Hājar and Hājirā.

ହାଁ—ଦେ. ଅ—(କଥିତ ଭାଷାରେ ହଁ ର ଆକାର) —୧ । ହଁ—1. Yes.
Hañ ୨। (ଉପସ୍ଥିତ ବା ଆଗରେ ଥିବା ବା ସମ୍ମୁଖରେ ବିପରୀତ
হাঁ হাঁ ଦିଗରୁ ଆସୁଥିବା ବ୍ୟକ୍ତିଙ୍କୁ ସାବଧାନ କରିବାପାଇଁ
ସମ୍ବୋଧନ—2. An exclamation used in warning a person coming from the opposite side or who is present or in front. Hallo ! ୩ । ବାକ୍ୟଶେଷରେ ବକ୍ତାଙ୍କ
हैं हें ଧମକାଣ—3. A word indicating threat at the end of a speech. ୪ । ପୂର୍ବେ ବୋଲୁଥାଉ ସ୍ଥଗିତ ରହିଥିବା କଥାର ସ୍ରୋତକୁ ପୁନର୍ବାର ଚଳାଇବାର ଅର୍ଥରେ ବ୍ୟବହୃତ ଧ୍ୱନି—4. An expression used in resuming the thread of a narrative which had been stopped for a time.
୫ । ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ବ୍ୟକ୍ତିଙ୍କୁ ନିବୃତ୍ତ କରିବା ପାଇଁ ସଙ୍କେତ—5. An exclamation used in stopping or preventing a person coming to attack. ପ୍ରାଦେ (ଗଡ଼ଜାତ) ଅ—କ୍ରୋଧ ଓ ସ୍ୱୀକାର ସୂଚକ ଶବ୍ଦ—An interjection indicating rage and consent.

ହାଁଇଁଆଁ—ଦେ. ବଣ—୧ । ଯେଉଁ ବ୍ୟକ୍ତି ଖାଇବା ପାଇଁ ହାଇଁ ପାଇଁ
Hāñiñāñ ବା ଲାଳାୟିତ ହୁଏ—1. Eagerly hankering
হেঙলা भूखा to lat. ୨ । ବଡ଼ପାଟିଆ—2. Of loud
হেঁকোড়েকো भोमाशंख tone.

ହାଁଇଁଅନ୍ତ—ଦେ. ବଣ—ହୟାନ୍ତ (ଦେଖ)—
Hāñiñānta Hayānta (See).

ହାଁଇଁଆଁ ପାଟି—ଦେ. ବ—୧ । ବଡ଼ପାଟି; ଉଚ୍ଚୈଃସ୍ୱର—Loud
Hāñiñāñ pāṭi voice. ୨ । ସୁବିଶାଳ ବ୍ୟାଦାନଯୁକ୍ତ ମୁଖ
হাঁকডাক भोमाशंख —2. Wide yawning mouth.
ହାଁଇଁଆ ପାଟିଆ (ପୁଂ) } ବଣ
ହାଁଇଁଆଁ ପାଟିଉଲି (ସ୍ତ୍ରୀ) }

ହାଁଇଁ ପାଇଁ—ଦେ. ବ—କାମ କରିବାକୁ ବା ଖାଇବାକୁ ଲାଳସା—
Hāñiñ pāñiñ Eagerness or hankering after a
হাইঁপাই work or food. ଦେ. ବଣ—୧ । କାମ କରିବାକୁ ବା
लालसा ଖାଇବାକୁ ଲାଳାୟିତ ବା ଆତୁର—1. Hankering after a work or food. ୨ । କୌଣସି କାର୍ଯ୍ୟ କରି ନ ପାରି ଦୁଃଖିତ—2. Sorry not being able to do any work. [ଯଥା—ତମ ସୁଖ ଦେଖି ସେମାନେ ହାଁଇଁ ପାଇଁ—ଫକୀରମୋହନ. ଛମାଣ ଆଠଗୁଣ୍ଠ]

ହାଁଇଁ ପାଇଁଆଁ—ଦେ. ବଣ—ଲାଳାୟିତ—
Hāñiñ pāñiñāñ Hankering.
লালায়িত लालायित

ହାଁଇଁ ପାଇଁ ହେବା—ଦେ. କ୍ରି—୧ । (ଖାଇବାକୁ, ପାଇବାକୁ ବା
Hāñiñ pāñiñ heba କରିବାକୁ) ଲାଳାୟିତ ହେବା—1. To
লালায়িত হওয়া hanker after a thing, food or work.
लालायितहोना ୨ । ଅଭାବ ବା ଅପ୍ରସ୍ତୁତ ବସ୍ତୁ ପାଇବାକୁ ଉଦ୍‌ବିଗ୍ନ ହେବା—2. To hanker after a thing which one has not get. ୩ । ଅତୁରଥ ହେବା —3. To be excessively eager after a thing.

ହାଁଇଁସାହାସ—ଦେ. ବ—(ସଂ. ଦୁଃସାହସ)—ଦୁଃସାହସ—
Hañiñsahasa Fool hardiness.
दुःसाहस दुःसाहस

ହାଁଇଁ ସାହାସା—ଦେ. ବଣ. ପୁଂ—୧ । ଦୁଃସାହସଯୁକ୍ତ (କାର୍ଯ୍ୟ)—1
Hañiñ sahasa Fool hardy (act); rash. ୨ ।
(ହାଁଇଁ ସାହାସିଆ—ଅନ୍ୟରୂପ) ଦୁଃସାହସିକ (ବ୍ୟକ୍ତି)—2
ହାଁଇଁ ସାହାସୀ } ସ୍ତ୍ରୀ Foolhardy (person); eager
ହାଁଇଁ ସାହାସେଇ } to undertake more than
दुःसाहसी दुःसाहसी what one is capable of doing.

ହାଁଇଁହାଁଇ—ଦେ ଅ—ହାଁଇଁପାଇଁ (ଦେଖ)—
Hañiñ hañiñ Haiñpañiñ (See)

ହାଉଁ—ଦେ. ଅ (ଶିଶୁବାକ୍ୟ)—୧ । ଶିଶୁମାନଙ୍କଦ୍ୱାରା ବାଘଅଦଙ୍କ
Hañuñ ଧ୍ୱନିର ଅନୁକରଣ—1 (Nursery term) Copying of the roar of tiger by children.
[ଦ୍ର—ଶିଶୁମାନେ ବାଘର ଅନୁକରଣ କରି ମୁହଁରେ ଲୁଗା ପକାଇ 'ହାଉଁ ହାଉଁ' ଧ୍ୱନି କରି କନିଷ୍ଠ ବ୍ୟକ୍ତିକୁ ଆକ୍ରମଣ କରିବାର ଛଳନା କରନ୍ତି ।] ୨ । ଭୋଜନ;
हाँउँ खाना ଖାଇବା—2. Eating.

ହାଉଁଆ—ଦେ. ବଣ—୧ । ବଡ଼ ପାଟିଆ—1 Of loud voice;
Hañuñan loud-voiced. ୨ । ବ୍ୟାଦାନଯୁକ୍ତ ମୁଖ ବଶିଷ୍ଟ—
हेँकोडेको भोमाँशंख 2. Having a wide gaping mouth.

ହାଉଁଆଗୁଣ୍ଡା—ଦେ. ବ—ପାଟିରେ ପୁରାଇବାପାଇଁ ବଳାଯିବା ବଡ଼
Hañuñañ gunda ଗୁଣ୍ଡା—A big ball of food ready to be taken at one gulp.
बड़डेला बड़ाकौर

ହାଉଁଆଁପାଟି—ଦେ. ବ—୧। ବଡ଼ପାଟି;ଉଚ୍ଚୈସ୍ୱର—1. Loud voice
Hañuñañ pati ୨ । ବୃହତ୍ ମୁଖ—2. A big gaping
बड़मुख भोमाशङ्ख mouth

ହାଉଁଆଁ ତୁଣ୍ଡା(ତୁଣ୍ଡିଆ)—ଦେ. ବଣ—୧ । ବଡ଼ ପାଟିଆ; ଉଚ୍ଚଭାଷୀ—
Hañuñañ tunda 1. Having a loud voice.
बड़मुखो भोमाशंख ୨ । ବଡ଼ ମୁଖ ବିବରଯୁକ୍ତ—2. Big-mouthed.
ହାଉଁଆଁ ତୁଣ୍ଡୀ(ତୁଣ୍ଡେଇ) } —ସ୍ତ୍ରୀ
ହାଉଁଆଁ ପାଟୀ (ପାଟେଇ) } (ହାଉଁଆଁ ପାଟିଆ—ଅନ୍ୟରୂପ)

ହାଉଁକରି—(କିନା, କିନି, ଦସ୍, ଧସ୍)—ଦେ. କ୍ରି. ବଣ—ଶୀଘ୍ର
Hañuñ kari(kina, kini, das, dhas) ଅଧାଉଁକୁ ମାଡ଼ି
शीघ्रगीर झटसे ଭଳି ଅତ୍ତିବ ସହିତ ଖାଇବା ପ୍ରକାରରେ—
(Eating) With avidity or gusto.

ହାଉଁକରିବା—ଦେ. କ୍ରି—(ଶିଶୁ ବଚନ)—ଖାଇବା—
Hañuñ kariba (Nursery) To eat.
हाँउँकरना खाना

ହାଁକିବା—ଦେ. କ୍ରି—ହାଙ୍କିବା (ଦେଖ)—
Hañkiba Hankiba (See)

ହାଁକୁ—ପ୍ରାଦେ—(ବଲାଙ୍ଗିର ପାଟଣା; କଳାହାଣ୍ଡି ପ୍ରଚଳିତ ଭାଷା)—
Hañku ସେପାଖକୁ—To that side.

ହାଁଜି ହାଁଜି—କ୍ରିଦେ. ଅ—କୌଣସି ବ୍ୟକ୍ତିଙ୍କ କଥାରେ ସବୁବେଳେ
Hañji hañji ହଁ ଭରିବା—To ditto to a person
हाँजि हाँजि हाँजि हाँजि always.

ହାଁଟୁ(ଠୁ)—ପ୍ରାଦେ (ସିଂହଭୂମି) ବ—ଆଣ୍ଠୁ—
Hañtu (thu) Knee.

ହାଁଡ଼ି—ପ୍ରାଦେ (ସମ୍ବଲପୁର) ବ—ହାଣ୍ଡି—The earthen pot
Hañrdi used for cooking purposes.

ହାଁଡ଼ି(ଡ଼ି)ଆ—ପ୍ରାଦେ (ସମ୍ବଲପୁର) ବ—ହାଣ୍ଡିଆ (ଦେଖ)—
Hañrdi(di)a Handia (See).

ହାଁଡ଼ୁଆ—ପ୍ରାଦେ (ଗଡ଼ଜାତ) ବ—ବାଉଁଶକଅଁଳଦ୍ୱାରା ପ୍ରସ୍ତୁତ ଅଚାର
Hañrdua —A pickle prapared from tender bamboo-shoots.

ହାଁଣିଁ—ପ୍ରାଦେ (ବଲାଙ୍ଗିପୋଟଣା—ବଂଗାଳି ଭାଷା) ବ—ହାଣ୍ଡି—
Hañniñ An earthen pot for cooking

ହାଁଥି—ପ୍ରାଦେ (ସମ୍ବଲପୁର) ବ—(ସଂ. ହସ୍ତୀ) (ଭୁଲ. ହ. ହାଥୀ)—
Hañthi ହାତୀ—Elephant.
ହାଁଥେଣି } —ସ୍ତ୍ରୀ
ହାଁଥୁଣୀ }

ହାଁଥିଧରସା—ପ୍ରାଦେ (ସମ୍ବଲପୁର) ବ—୧ । ହାତୀଦାଣ୍ଡ; ଜଙ୍ଗଲରେ
Hañthi dharasa ହାତୀମାନଙ୍କ ପଥ—1. Elephant-track in jungles. ୨ । ଛାୟାପଥ—2. The milky way.

ହାଁଦେରେ—ପ୍ରାଦେ. (ବଲାଙ୍ଗିର ପାଟଣା) ଅ—ଅରେ !
Handere Hullo !

ହାଁଥୁଲ—ପ୍ରାଦେ. (ସମ୍ବଲପୁର) ବ—ହାତୁଡ଼ି—
Hañthul Hammer.

ହାଁପଣ—ଦେ. ବ—(ଧ୍ୱନ୍ୟନୁକରଣ, ଏହାକୁ ଚଳାଇଲେ ବା ଭୂମିରେ
Hañpana ଆଘାତ କଲେ ହପ ହପ ଶବ୍ଦ ହୁଏ ବୋଲି ଏହି ନାମକରଣ)—କୁଲା; ସୂର୍ପ—Winnowing fan.
कूला सूप

ହାଁପିବା—ଦେ. କ୍ରି—୧ । ବହୁ ପରିଶ୍ରମ ଯୋଗୁ ଘନ ଘନ ଶ୍ୱାସ
Hañpiba ପକାଇବା—1. To gasp. ୨ । ବେଦମ୍ ହେବା
[ହାଁପିଯିବା—ଅନ୍ୟରୂପ] 2. To be out of breath.
हाँपाना हाँपना

ହାଁପୁର୍ଡ଼—ପ୍ରାଦେ. (ସମ୍ବଲପୁର) ବ—ହାପୁରୁ—
Hañpurd Sipping liquid food with gulping sound.
हापरान सुड़क

ହାଁରେ—ଦେ. ଅ (ସମ୍ବୋଧନ ପଦ)—ହଇରେ (ଦେଖ)—
Hañre Haire (See)
[ହାଁ ରେ—ସ୍ତ୍ରୀକ ପଦ]

ହାଁ ରେ ହାଁ—ଦେ॰ ଅ—କେଳୁଣୀମାନଙ୍କର ନାଚ କର ଗୀତ ବା ଛାନ୍ଦର
Hañ re hañ ବୋଲିବା ଶେଷରେଅପର ଅଛୀସ୍ର କେଳାକୁ ଲକ୍ଷ୍ୟ
[ହାଁ ଲୋ ହାଁ—ସ୍ତ୍ରୀ ଙ୍କ ପ୍ରତି] କର ବୋଲିବା ପଦ ବା ଭୂଅ—
[ହାଁ ଲୋ ହାଁ ହାଁ ହାଁ ହାଁ—ଅନ୍ୟ ଅକାର ସ୍ତ୍ରୀଙ୍କ ପ୍ରତି] A con-
[ହାଁ ରେ ହାଁ ହାଁ ହାଁ ହାଁ—ଏକନ ପୁରୁଷଙ୍କ ପ୍ରତି] cluding exclamation after doggerels uttered by a Keluṅi woman while dancing and aimed at her male partner.

ହାଁସ—ପ୍ରାଦେ॰ (ଭଦ୍ରକ ଭାଷା) ବି—ହଂସ—
Hañs Swan.

ହାଁସପାତାଲ—ବୈଦେ. ବି (ଇଂ)—ଡାକ୍ତର ଖାନା—
Hañspātal Hospital.

ହାଁ ସାହାସ—ଦେ. ବି—ହାଁଇଁ ସାହାସ (ଦେଖ)—
Hañ sahāsa Hañiñ'sahāsa (See)

ହାଁସାହାସା—ଦେ॰ ବଣ. ପୁଂ—ହାଁଇଁସାହାସା (ଦେଖ)—
Hañsahāsa Hañiñsahāsa (See)
[ହାଁ ସାହାସିଆ—ଅନ୍ୟରୂପ]
[ହାଁ ସାହସୀ, ହାଁ ସାହାହେଇ—ସ୍ତ୍ରୀ]

ହାଁସିଆ (ଇତ୍ୟାଦ)—ବୈଦେ. ବି (ଅ) (କଟରିଆ)—ହାସିଆ ଇତ୍ୟାଦ
Hañsia (etc) (ଦେଖ)—Hāsiā etc. (See)

ହାଁ ହାଁ—ଦେ. ଅ—୧ । ସାବଧାନ ! ହୁସିଅର୍ ! (ସମ୍ମୁଖରେ ବିପରୀତ
Hañ hañ ଦଗରୁ ଆସୁଥିବା ବ୍ୟକ୍ତି କାଳେ ବାରୁଡ଼ି ପିବେ
हाँ हाँ ଏଥିପାଇଁ ତାଙ୍କୁ ସାବଧାନ କରିବା ପାଇଁ ଉଚ୍ଚାରିତ
हां हां ଡାକ)—1. (Interjection) Take care ! (an exclamation used to warn a person coming from the opposite direction (lest he clash with the speaker). ୨ । (କୌଣସି ବ୍ୟକ୍ତିଙ୍କୁ ସାବଧାନ କରାଇବାରେ ବ୍ୟବହୃତ) ହୁସିଅର୍ !—2. (In cautioning a person) Take care ! Beware ! ୩ । (ଆକ୍ରମଣକାରୀ ବା କଳହକାରୀ ବ୍ୟକ୍ତିଙ୍କୁ ବାରଣ ବା ନିଷେଧାର୍ଥକ ସମ୍ବୋଧନ) ବନ୍ଦ କର ! ଥାଉ—3.(Interjection) Stop you ! (an expression indicative of preventing a person who is about to strike or is quarrelling). ୪ । (କୌଣସି ବ୍ୟକ୍ତି ଡାକଲେ ତାଙ୍କୁ ଉତ୍ସୁକ୍ୟ ସହିତ ଜବାବ ଦେବାରେ ବ୍ୟବହୃତ) ହଁ ହଁ—4. (Interjection used in eagerly responding to a call) Yes, I am here ! ୫ । (କାର୍ଯ୍ୟରେ ଲାଗିଥିବା ବ୍ୟକ୍ତିଙ୍କୁ ଉତ୍ସାହ ଦେବାରେ ବ୍ୟବହୃତ)କାମରେ ଲାଗ—5. (Interjection used in encouraging persons engaged in some work) Go on ! Hurry on ! ୬ । ସମ୍ଭୋଗ କାଳରେ କାମୋନ୍ମତ୍ତ ସ୍ତ୍ରୀମାନଙ୍କର ଉଚ୍ଚାରିତ ଅସ୍ପଷ୍ଟ ଧ୍ୱନି ବିଶେଷ—6. Half uttered sounds uttered by lustful young ladies in the course of coition or orgasm. [ଦ୍ର—ହଁ। ହାଁ।, ହୁଁ ହୁଁ, ହିଁ। ନାଁ, ମଲି, ଇତି ଭ୍ରମାତୁ ନବ ଭୁଲାଇବ। ବଙ୍କ ପ୍ରେମସୁଧାନିଧି ।]

ହାକ୍‌ତି—ପ୍ରାଦେ॰ (ଉତ୍ତରାଂଚଳ) ବି—ହାଲୁଚ—
Hāk-ti Belching.

ହାକ୍‌ବା—ପ୍ରାଦେ. (ବଲାଙ୍ଗିର ପାଟଣା) କ୍ରି (କଳାହାଣ୍ଡି ପ୍ରଚଳିତ ଭାଷା)—
Hāk-bā ଡାକିବା—To call.

ହାକ—ଦେ. ବି—(ସଂ. ହକ୍କାର)—୧ । ହାକରା; ନିମନ୍ତ୍ରଣ—1.
Hāka Invitation. ୨ । ଡାକରା; ଆହ୍ୱାନ—2. Call.
हाँक ୩ । ଉଚ୍ଚୈଃସ୍ୱରରେ ଡାକ—3. Calling aloud;
हाक halloo. [ଦ୍ର—ଏହି ଶବ୍ଦ ଡାକ ଓ ବୋଲ ଶବ୍ଦ ପରେ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ; ଯଥା ଡାକହାକ; ବୋଲ ହାକ]

ହାକଣା—ପ୍ରାଦେ (ଗଞ୍ଜାମ)ବି—(ସଂ. ହକ୍କାର)—ଡାକ; ଧ୍ୱନି; ଆହ୍ୱାନ-
Hākaṇā ଡାକ ବା ଧ୍ୱନି (ଗୋପୀନାଥ ନନ୍ଦ)—Call; hallooing.

ହାକନ୍ଦ—ଦେ॰ ବି (ସଂ. ଆକ୍ରନ୍ଦ)—ଦାରୁଣ ଯୁଦ୍ଧ—
Hākanda हाकंद लडाइ Bitter fight.

ହାକ ଦେବା—ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି—ଡାକିବା—
Hāka debā To call.

ହାକରା—ଦେ. ବି—(ସଂ. ହକ୍କାର)—୧ । ଡାକ; ଆହ୍ୱାନ—1. Call.
Hākarā ୨ । ହକରା (ଦେଖ)—2. Hakarā (See).
हाँक ପ୍ରାଦେ (ସାକ୍ଷୀଗୋପାଳ) ବି—କନ୍ୟାର ରଜସ୍ୱଳା ହେବା ପରେ
बुलाहट ଗଣାପୋଛ ସରିବା ଉତ୍ତାରେ ବରଘରୁ କନ୍ୟା ନିକଟକୁ ପଠାଯିବା ସଙ୍ଗୋଲା—Formal invitation to the wife accompanied with presents, sent from the husband's side to the child wife after she has her first menses and after the astrological calculations are done.

ହାକରା ପାଲି—ଦେ. ବି—ହକରାପାଲି (ଦେଖ)—
Hākarā pāḻi Hakarā pāḻi (See).

ହାକା—ପ୍ରାଦେ (ଗଡ଼ଜାତ) ବି—(ସଂ. ହକ୍କାର)—ଘାଟରେ ବା ମଞ୍ଚରେ
Hākā ଧନୁ ବା ବନ୍ଧୁକ ଧରି ଜଗି ବସିଥିବା ଶିକାରୀମାନଙ୍କ ନିକଟକୁ ବନ୍ୟଜନ୍ତୁମାନଙ୍କୁ ଶୁଦ୍ଧଅଡ଼ୁ ଘୁରୁଡ଼ାଇ ଆଣିବା ସାଦ—Beat; hunting by means of beating a certain area of jungle and driving in the beasts within that area to the hunters. [ଦ୍ର—ଯେତେବେଳେ ହାକାବାଲା ଲୋକମାନେ (beaters) ଶୁଦ୍ଧଅଡ଼ୁ ଘେର ସେହି ସୀମା ମଧ୍ୟରେ ଥିବା ଜନ୍ତୁମାନଙ୍କୁ ଶିକାରୀଙ୍କ ପାଖକୁ ଘୁରୁଡ଼ାଇ ଆଣନ୍ତି ସେହି ଲୋକମାନେ ଉଚ୍ଚଧ୍ୱନି (ହକ୍କାର) କରନ୍ତି; ଏହି କାରଣରୁ ଏ ଶବ୍ଦର ବ୍ୟବହାର

ହୋଇଅଛି ।] ପ୍ରାଦେ (ବଲାଙ୍ଗିର ପାଟଣା) ବ—ପରିଧି (ଦେଖ)—Paridhi (See)

ହାକା କରିବା—ପ୍ରାଦେ (ବାମଣ୍ଡା) କ୍ରି—ଭାର୍ଡ଼ି ଚହଲେଇବା (ଦେଖ) Hākā kariba Bhārḍi chahaleibā (See)

ହାକାଣ୍ଡ—ପ୍ରାଦେ (ଉତ୍ତର ବାଲେଶ୍ୱର) ବ—ଠାକୁରଙ୍କ ପୋଖରୀ—Hākāṇḍa A tank of belonging to an idol.

ହାକାବାଲା—ପ୍ରାଦେ. (ଗଡ଼ଜାତ)—ଯେଉଁ ଲୋକମାନେ ଶିକାରୀଙ୍କ Hāka bālā ପାଖକୁ ବନ୍ୟଜନ୍ତୁଙ୍କୁ ଘେରି ଘେରି ହୁଣ୍ଡାଇ ଅଣନ୍ତି—Beaters.

ହାକାର—ଦେ. ବ—(ସଂ. ହୁଙ୍କାର)—ଉଚ୍ଚୈଃସ୍ୱରରେ ଦେବତାଙ୍କ Hākāra ନାମରେ ଜେଜେକାର—Loud acclamations in the name of a Deity. [ଉ—ହେଠ ଯେ ବଦନ ଟେହାଇ କର ଧାନ ପିଣ୍ଡା ଅଗଣାରୁ ଝୁଣ୍ଟି, ଶିରେଖାଇ ତାହା ହାକାର କରଣ ଧୋଇଛ ଅଣେ ଅଷ୍ଟି । ଧର୍ମପୁରାଣ]

ହାକି ଡାକି—ଦେ· କ୍ରି ବଣ—୧ । ଉଚ୍ଚୈଃସ୍ୱରରେ—1. Loudly. Hāki dāki ୨। ପ୍ରକାଶ୍ୟରେ—2. Openly. [ଉ—ଭୂମ୍ଭକୁ ହେଁକେ ଡେକେ ମାରିବୁ ଯେ କହୁଛୁଁ ହାକି ଡାକି—ଗୀତାମୃତ— ବୁଲାଉଲାକର ନ୍ୟୂନପୁରାଣ ।]

ହାକିବା—ଦେ. କ୍ରି—(ସଂ· ହୁଙ୍କାର)—୧ ।ଡାକିବା—1. o call. Hākibā ୨। ଉଚ୍ଚୈଃସ୍ୱରରେ ଅହ୍ୱାନ କରିବା—2.To call out; हाँका to halloo. [ଉ—ଡାକହାକ କହୁରୁ ସଦଳ୍କୁ, ତରିବାର बुलाना ନହେଁ ସତକଥା କହିବାକୁ ଲୋ କୋଇଲି—ବାଲକୃଷ୍ଣ ଅଡାଳ କୋଇଲି ।] ୩ । ନିମନ୍ତ୍ରଣ କରିବା—3. To invite. [ଦ୍ର—ଏହା ଡାକିବା ଶବ୍ଦ ପୂର୍ବେ ବା ପରେ ଏକାର୍ଥକ ସହଚରରୂପେ ବ୍ୟବହୃତ ହୁଏ । ଯଥା ଡାକିବା ହାକିବା, ହାକିବା ଡାକିବା; କିନ୍ତୁ କେବଳ ଭାଷାରେ ଏହି ଅର୍ଥରେ କେବଳ ହାକିବା ଶବ୍ଦ ବ୍ୟବହୃତ ହୁଏ ନାହିଁ ।]

ହାକିବା ଡାକିବା—ଦେ. କ୍ରି—(ଏକାର୍ଥକ ସହଚର ଶବ୍ଦ)—୧ । Hākibā dākibā ଉଚ୍ଚୈଃସ୍ୱରରେ ଡାକିବା—1. To call हाँकाडाका aloud. ୨ । ଡାକିବା ଓ ନିମନ୍ତ୍ରଣ କରିବା—2. बुलाना पुकारना To call and invite. ୩ । ପ୍ରକାଶ୍ୟରେ କହିବା—3. To speak out openly.

ହାକିନୀ—ସଂ. ବ—ଡାକିନୀ; ଦୁର୍ଗାଙ୍କ ଅନୁଚରୀବିଶେଷ; ଯୋଗିନୀ; Hākini ଡାକିନୀ—One of the female demi gods; a class of companions of Goddess Durgā. [ଦ୍ର—ଏ କୁଳକଦମ୍ବେଶ୍ୱର ପୁରାଣୋକ୍ତ ୬୪ ଯୋଗିନୀଙ୍କ ମଧ୍ୟରେ ଏକତମା ।]

ହାକିନୀ ଶକ୍ତି—ସଂ. ବ—ତନ୍ତ୍ର ବା ଯୋଗଶାସ୍ତ୍ରୋକ୍ତ ଶରୀରସ୍ଥ ଷଟ୍‌ଚକ୍ର Hākinī śakti ମଧ୍ୟରେ ଅଧିଷ୍ଠିତା ଶକ୍ତି ବିଶେଷ—Name of a Deity or spirit inside the human body who can be realised by 'joga'.

ହାକିମ—ବୈଦେ. ବ—(ଅ. ହକିମ୍)—୧ । ହକିମ୍ (ଦେଖ)— Hākima 1. Hakim (See) ୨ । (ଅ. ହାକିମ୍)—ନ୍ୟାୟା- हाकिम ଧୀଶ; ବିଚାରପତି—2. Judge; court of justice. हाकीम ୩। କର୍ତ୍ତୃପକ୍ଷ—3. Authorities. ୪। ସର୍ବୋଚ୍ଚ କର୍ମଚାରୀ—4. The highest official; a high official; presiding officer; head of an office. ୫ । କ୍ଷମତାପ୍ରାପ୍ତ କର୍ମଚାରୀ—5. A person in authority. ୬। ଶାସନଭାରପ୍ରାପ୍ତ କର୍ମଚାରୀ; ଶାସନକର୍ତ୍ତା—6. Ruler; officer in charge of administration. ୭ । ସରକାରୀ କର୍ମଚାରୀ—7. Public servant. ୮ । ପ୍ରଭୁ; ସ୍ୱାମୀ—8. Lord; master. ୯। ତାସ୍ ଖେଳର ସାହେବ ଓ ଗଞ୍ଜପା ଖେଳର ରଜା ଚିହ୍ନ ଥିବା ପତ୍ର—9. The king-card of the game of cards and of Gañjapā.

ହାକିମ ଟିପ—ପ୍ରାଦେ—(ଗଞ୍ଜାମ) ବ—ଗଞ୍ଜପା ବା ତାସ୍ ଖେଳର ରଜା- Hākima ṭipa ତାସ୍—The king of cards.

ହାକିମ ଯାଏ, ହୁକୁମ ଯାଏ ନାହିଁ—ଦେ· ପ୍ରବଚନ—କାଳକ୍ରମେ ହାକିମ Hākima jāe hukuma jāenāhin ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି ହୁଅନ୍ତି ବା ମୃତ ହୁଅନ୍ତି, କିନ୍ତୁ ତାଙ୍କ ପ୍ରଦତ୍ତ ହୁକୁମର ପରିବର୍ତ୍ତନ ଘଟେନାହିଁ—(a proverb) An officer may go out but the order stands.

ହାକିମ ହୁକୁ(କ)ମା—ଦେ· ବ—(ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)— Hākima huku(ka)mā ନାନା ଶ୍ରେଣୀର ହାକିମମାନେ— हाकिमहुकुमा Officers of various grades. हाकीम हुकुमा

ହାକିମତ୍—ବୈଦେ. ବ. (ଅ; ବହୁବଚନ)—ହାକିମ ମାନେ— Hākimāt हाकिमात हाकीमात Officials.

ହାକିମି—ବୈଦେ· ବ(ଅ)—୧ । ହାକିମଙ୍କ କର୍ମ ବା ଅଧିକାର— Hākimi 1. The state or position of a 'hākima' हाकिमि हाकिमी ୨ । ପ୍ରଭୁତ୍ୱ; ଅଧିକାର—2. Authority; mastery. ୩ । ହକିମୀ; ଚିକିତ୍ସକତ୍ୱ—3. The state of being a Unani physician. ବଣ— ୧ । ହାକିମ ସମ୍ବନ୍ଧୀୟ—1. Relating to a 'Hākima' ୨ । ହକିମ ସମ୍ବନ୍ଧୀୟ—2. Relating to Hakim.

ହାକୁ—ପ୍ରାଦେ (ପାଟଣା) ଅ.—ସେ ଅଡ଼କୁ (ଯାଅ)— Hāku (go) To that side.

ହାକୁଆ —ଦେ. ବଣ. ପୁଂ—୧ । ଯେ ଡାକେ—1. One who calls Hākua out. ୨ । ଯେଉଁ ଭୃତ୍ୟ ବା ପିଅଦା ଲୋକଙ୍କୁ [ହାକେ (କୋ) ଇ ସ୍ତ୍ରୀ] ହାକିମଙ୍କ ନିକଟକୁ ଡାକି ଆଣିବାକୁ आह्वानकारी हाँकपारा ନିଯୁକ୍ତ ଥାଏ—2. A peon or servant whose duty it is to call connected persons to an authority.

ହାକୁଚ (ଚି) କଣ୍ଟା—ଦେ. ବ—ବାସକାଦି ବର୍ଗର ବନ୍ୟ କଣ୍ଟକମୟ Hākucha(chi) kaṇṭā କ୍ଷୁପ ବିଶେଷ—Acanthus Ilicifolius. हाकुचकाँटा [ଦ୍ର—ଏହାର ପତ୍ର ବନ୍ଧୁକିବି, କଣ୍ଟାଳ; बावची, ଫୁଲ ନାଲ, ବର୍ଷାଦିନେ ଫୁଟେ; କେଶର ୪ଟା, ଉଚ୍ଚଧରୁ हाकुच ୨ଟା ବଡ଼ ଓ ୨ଟା ଛୋଟ । ଏ ଗଛ ଜଳା ଭୂମିରେ ଓ ପାଣି କୂଳରେ ଜନ୍ମେ; ଏ ଗୁଳ୍ମ ୨ ଠାରୁ ୫ ଫୁଟ ପର୍ଯ୍ୟନ୍ତ ବଢ଼େ; ଏ ଗୁଳ୍ମର କଣ୍ଡ ନାଳ ।]

ହାକୁଚ ମଞ୍ଜି—ଦେ. ବ. (ସଂ. ବାକୁଚ)—ବାକୁଚ (ଦେଖ)
Hakucbi mañji Bākuchi (See)

ହାକୁଟି—ଦେ. ବ—(ସଂ ହିକ୍କା: ଉଦ୍ଗାର)—୧ । ଉଦ୍ଗାର; ଏଉଡ଼;
Hākuṭi ଢେକୁର, ଢেকা, হেকচি ଢେଉଡ଼; ଭୋଜନାନ୍ତେ ଉଦର ମଧ୍ୟରୁ ବହିର୍ଗତ ବାୟୁ—1. Belching.
ডঁকার, ঢক্কার ୨ । ହିକ୍କ—2. Hiccough.

ହାକୁଟି ଉଠିବା [ଉଠା(ଠେ)ଇବା]—ଦେ ବ—ଉପର୍ଯ୍ୟପରି ଉଦ୍ଗାର
Hākuṭi uṭhiba[uṭhā(ṭhe)iba Repeated belchings.
ঢেকুরউঠ ডঁকার উঠনা

ହାକୁଟି ମାରିବା—ଦେ. କ୍ରି—୧। ମୁଖ ଦ୍ୱାରା ଉଦ୍ଗାର ବା ହିକ୍କା ଛାଡ଼ିବା—
Hākuṭi māribā 1. To belch. [ଉ—ପ୍ରକଟି ଦାନ୍ତ ଢେକুরতোলা ডকারকরনা ପାଟି ମାରଇ ହାକୁଟି । ରାଧାନାଥ ମହାଯାତ୍ରା]—୨ । (ଲକ୍ଷଣାର୍ଥ) ଭୋଜନାନ୍ତେ ନିଶ୍ଚିନ୍ତହୋଇ କାଳ ଯାପନ କରିବା—2. (Figurative) To pass time in ease after meal.

ହାକୁଡ଼—ପ୍ରାଦେ. (ବାଲେଶ୍ୱର ଓ ଯାଜପୁର) ବ—(ସଂ. କକୁଦ)—
Hākurda ଗୋରୁଙ୍କ କାନ୍ଧ ଉପରେ ଥିବା ଟୁଲ; କକୁଦ—
হাকুর, ঝুটী কিলোর The hump on the shoulder of kine. [ଉ—ହାକୁଡ଼ଟି ଗୋଟିଏ ପାଣି କଣାରୁ ପରି ପିଠି ଅଡ଼କୁ କାଇଁ ହେଉଛି ।—ଫକୀର ମୋହନ ଛମାଣ ଆଠଗୁଣ୍ଠ]

ହାକୁଡ଼ି ଖାଇବା—ଦେ. କ୍ରି (ସଂ ଅକୁଳ)—୧ । (ଷଣ୍ଢ) ହମ୍ବାରିବା—
Hākurdi khāibā 1. To bellow or roar (said
(ষাঁড়ের ডাক) of a bull). ୨ । (ନଦୀ) ବୃଦ୍ଧି ପାଇ ଦୁଇ
হোক্কাই করনা କୂଳକୁ ପାଣି ଉଚ୍ଛୁଳାଇବା—2. To inundate the two banks (said of a river in flood).

ହାକୁଳି ବିକୁଳି—ଦେ. ବଣ—(ସଂ. ଅକୁଳ ଓ ବିକଳ)—୧ । ଉଦ୍ବେଳ
Hākuḷi bikuḷi ବିକଳ; ଜ୍ୱାଳାରେ ଅସ୍ଥିର—1. Restless
হাকুলিবিকুলি আকুল বিকুল through pain. ୨ । ହାଉଳ ଚାଉଳ (ଦେଖ)—2. Hāuḷ chāuḷ (See)

ହାକୁ ହାକୁ—ଦେ ଅ—୧ । ହାଉ ହାଉ (ଦେଖ)—1. Hāu hāu
Hāku hāku হাউ হাউ হায়হায (See)
୨ । ଚର୍ମରେ ଲଙ୍କା ମରିଚ ଅବା ଲାଗି ଯୋଡ଼ିବାର ଜ୍ୱାଳା—2. Acute burning sensation in the skin.

ହାକେଣୀ - ଗ୍ରା. ବ. ସ୍ତ୍ରୀ—୧ । ହାକିଣୀ (ଦେଖ)—1. Hākiṇī
Hākeṇī (See). ୨ । ଗ୍ରାମଦେବୀ ବିଶେଷ—2. Name of
হাকিনী a village Goddess. [ଉ—ହାକେଣୀ, ଭାରେଣୀ
হাকিনী ଯେ ମଙ୍ଗଳଚଣ୍ଡୀ ଶ୍ରୀମା—ପୀତାମ୍ବର ନୃସିଂହ ପୁରାଣ ।]

ହାଗା—ପ୍ରାଦେ (କଟକ) ବ—ହଗା; ଝାଡ଼ା—Passing of
Hāgā stools.

ହାଗିବା—ପ୍ରାଦେ (କନ୍ଧଙ୍କର ପାଠଣା) କ୍ରି—ଝାଡ଼ା ଫେରିବା—
Hāgibā To pass stools; to defecate.

ହାଙ୍ଗା (ଇତ୍ୟାଦି)—ଦେ. ଚଣ—ହାଙ୍ଗୁଆ ଇତ୍ୟାଦି (ଦେଖ)—
Hāṅā (etc) Hāṅuā etc. (See).

ହାଙ୍କ—ଦେ. ବ—(ସଂ ହୁଙ୍କାର ବା ହୁଙ୍କାର)—୧ । ହାକ ; ଉଚ୍ଚୈଃ-
Hāṅka ସ୍ୱରରେ ଡାକ ; ଚିତ୍କାର—1. Loud call. ୨ ।
হাঁক ହୁଙ୍କାର (ଦେଖ)—2. Huṅkāra (See). ପ୍ରାଦେ—
हाक (ଉତ୍ତର ବାଲେଶ୍ୱର) ବ—ଉଚ୍ଚସ୍ୱର—Loud voice.

ହାଙ୍କ ଛିଡ଼(ଣ୍ଡି)ଯିବା—ଦେ. ବ—ଦୁଇ ଜଣଙ୍କର ଉଚ୍ଚୈଃସ୍ୱରରେ
Hāṅka chhirdi (ṇḍi) jibā ବାଦାନୁବାଦ—Loud
হাঁকাহাঁকি হওয়া interchange of words between
हाँक कढ़िना 2 persons. [ଯଥା—ଶାଶୁ ଏ ଗାମୁଛ ମୁଁଲେଇବାକୁ ୨ ଘଣ୍ଟା ହେଲା ଦୋକାନୀ ସଙ୍ଗେ ମୋର ହାଙ୍କ ଛିଣ୍ଡି ଗଲାଣି ।]

ହାଙ୍କପାଙ୍କ—ଦେ. ବ—ବ୍ୟାକୁଳତା ; ଅତି ବ୍ୟସ୍ତତା—(ଗୋପୀନାଥ
Hāṅka pāṅka ନନ୍ଦ)—The state or condition of
হাঁকপাঁক being much perturbed ; distress.
व्याकुलता ବଣ—ଅତି ବ୍ୟସ୍ତ ; ବ୍ୟାକୁଳ—(ଗୋପୀନାଥ ନନ୍ଦ)—Much disturbed ; distressed.

ହାଙ୍କା—ଦେ. ବ—୧ । ହୁଙ୍କାର (ଗୋପୀନାଥ ନନ୍ଦ) (ଦେଖ)—
Hāṅkā Huṅkāra (See). ୨ । ହାଙ୍କିବା (ଗୋପୀନାଥ
হাঁক हुंकार ନନ୍ଦ) (ଦେଖ)—2. Hāṅkibā (See)

ହାଙ୍କିବା—ଦେ. କ୍ରି—(ସଂ ହୁଙ୍କାର)—୧ । ଗାଡ଼ି ଚଳାଇବାବେଳେ
Hāṅkibā ଗାଡ଼ିଚାଳକ ଉଚ୍ଚୈଃସ୍ୱରରେ ଚିତ୍କାର କରେ)—ବଳଦ ବା
(ହାଙ୍କିଦେବା—ଅନ୍ୟରୂପ)—ଗାଡ଼ିର ଘୋଡ଼ାକୁ ଚାଳନ କରିବା ;
(ହଙ୍କାଇବା—ପ୍ରଯୋଜକରୂପ) ହଙ୍କାଇବା—1. To drive a
হাঁকা vehicle (said of the driver). ୨ । କୌଣସି
हाँकना କଥା ଉଚ୍ଚୈଃସ୍ୱରରେ କହିବା—2. To speak out loudly. [ଯଥା—ମୁଁ ମୋ ମନ କଥା ଗୁରୁପଦ କବିର ଉପରେ ହାଙ୍କି ଦେଲି ।] ୩ । ଉଚ୍ଚୈଃସ୍ୱରରେ ଗାଳିଦେବା ; ତାଡ଼ନା କରିବା—3. To chide or rebuke loudly. ୪ । ଧମକାଇ କରି ବା ମାଡ଼ ଦେଇ ଘଉଡ଼ାଇଦେବା—4. To drive away a person from a place by threatening or beating. ୫ । ଉଚ୍ଚୈଃସ୍ୱରରେ ଚିତ୍କାର କରି ଡାକିବା—5. To halloo ; to bawl. [ଉ—ତୁ ହାଙ୍କିବୁ ଯେବେ, ଶୁଣିଣ ସ୍ୱୟେ ବଳୟେ କରିବେ । ପ୍ରାଚୀ କାଳ ଚରିତ ।]
ପ୍ରାଦେ (ସିଂହଭୂମ) କ୍ରି—ଠେଲିଦେବା ; ମୁହେଁ ମୁହେଁ ଅମାନ୍ୟ କରିବା ; (ଭୃତ୍ୟ) ପ୍ରଭୁଙ୍କୁ ଜବାବ୍ ଦେବା—To show arrogance ; to show insubordination to one's master.

ହାଙ୍କୁଡ଼ (ର)—ପ୍ରାଦେ (ଯାଜପୁର) ବ—(ସଂ କକୁଦ)—ଷଣ୍ଢର
Hāṅkurda (ra) ଟୁଲ—Hump of a bull.

ହାଙ୍କୁଡ଼ି ଖାଇବା—ପ୍ରାଦେ (ଯାଜପୁର) କ୍ରି—(ଷଣ୍ଢ) ହମ୍ବାରିବା—
Hāṅkūrdi khāibā To roar (said of a bull).

ହାଙ୍କୁଡ଼ିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ଗୁରୁଣ୍ଡିବା—
Hāṅkurdibā To crawl on the ground.

ହାଙ୍ଗୁଣୀ—ପ୍ରାଦେ (କଟକ) ବି—ଗୁହ୍ୟଦ୍ୱାର—
Hāng-ṇi Anus.

ହାଙ୍ଗ୍‌ମ୍ୟାନ (ମେ, ମ୍ୟା) ନ୍‌—ବୈଦେ. ବି—(ଇଂ)—ଅପରାଧୀଙ୍କୁ ଫାସି
Hāng-mā (me, myā) n କାଠରେ ଝୁଲାଇବା ପାଇଁ
ହ୍ୟାଙ୍ଗ୍‌ମ୍ୟାନ୍‌ ହ୍ୟାଙ୍ଗମ୍ୟାନ ନିଯୁକ୍ତ ବ୍ୟକ୍ତି—Hang man.

ହାଙ୍ଗ(ଙ୍ଗା)ମା—ବୈଦେ. ବି—(ଫା. ହଙ୍ଗାମାହ୍‌; ମୂଳ ସଂ. ସଙ୍ଗମ;
Hāṅga(ṅgā)mā ଅସାମୀ—ହଙ୍ଗମ=ଜନତା)—୧। ବେଙ୍ଗାମି
ହାଙ୍ଗାମା ବିବାଦ; କଳହ—1. Quarrael; dispute. ୨।
ହାଙ୍ଗାମା ବଚସା; ବାଗ୍‌ଯୁଦ୍ଧ—2. Wordy quarrel. ୩।
ଗୋଳମାଳ—3. Noise; row. ୪। ଅଳି—
Importunity.

ହାଙ୍ଗମା କରିବା (କାଡିବା, ଲଗା [ଗେ] ଇବା)—ଦେ. କ୍ରି—୧।
Hāṅgamā karibā (kārdhibā, lagā[ge]ibā
ହାଙ୍ଗାମା କରା ବିବାଦ କରିବା—1. To dispute. ୨। କଳ
হাঙ্গামা করনা ହ କରିବା—2. To quarrel.
୩। ଅପରାଧ ସୂଚକ ଗୋଳମାଳ କରିବା—3. To set
up a criminal row. ୪। (ଶିଶୁ ବା ବାଳକ
ବାଳିକା) କୌଣସି ଦ୍ରବ୍ୟ ପାଇଁ ଅଳି ହୋଇ ଅଳି
କରିବା—4. To importune for any thing
(said of wayward children).

ହାଙ୍ଗମାବାଜ୍—ବୈଦେ. ବିଣ (ଫା. ହାଙ୍ଗମାବାଜ୍‌)—୧। କଳହପ୍ରିୟ-
Hāṅgamābāj 1. Quarrelsome. ୨। ବିବାଦପ୍ରିୟ—
2. Fond of dispute. ୩। ଗୋଳମାଳ ପ୍ରିୟ—
ହାଙ୍ଗାମାବାଜ হাঙ্গামাবাজ 3. Fond of row or affray.

ହାଙ୍ଗମା ହୁଜ(ଜ୍ଜ)ତ୍ (ତି)—ବୈଦେ. ବି—(ଫା. ହଙ୍ଗାମାହ୍‌ ଓ
Hāṅgamā huji(jji)t(ti) ହୁଜ୍ଜତ୍‌; ସହଚର ଶବ୍ଦ)—
[ହାଙ୍ଗମା ହୁଜୁ(ଜ୍ଜୁ)ତ୍—ଅନ୍ୟରୂପ] ୧। ବିବାଦ ବିସମ୍ବାଦ; କଳ
ହ କଳିଗର—1. Dispute and quarrel. ୨। ମାରପିଟ
ଦାଙ୍ଗା—2. Affray; show or use of criminal
ହାଙ୍ଗାମାହୁଜ୍ଜତ হাঙ্গামাহুজ্জত force.

ହାଙ୍ଗର—ସଂ. ବି—(ହାଁ=ଅନୁକରଣ ଶବ୍ଦ, ମୁଖ ବିସ୍ତାର ସୂଚକ ଶବ୍ଦ
Hāṅgara +ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ ଅ, ମୁଖ ବିସ୍ତାର
ସଂ. ପର୍ଯ୍ୟାୟ— ଓ ଶବ୍ଦ କରି ଯେ ଅନ୍ୟ ଜନ୍ତୁକୁ ଗ୍ରାସ
ମକର, ଅବଗ୍ରାହ, କରେ)—ମଗର; ବାଲିଆ ଜାତୀୟ ଗଣ୍ଡ ଦନ୍ତ
ନକ୍ରରାଜ, ଅବହାର, ବୃହଦାକାର ସମୁଦ୍ରଗାମୀ ହିଂସ୍ର ମତ୍ସ୍ୟବିଶେଷ
ଅବହାରକ Shark; Carcharias Gangeticus.
हाङ्गर, हाङर, मगर, मकर হাঙ্গর
[ବି—ଏହା ଲମ୍ବରେ ୫।୬ ହାତ ପର୍ଯ୍ୟନ୍ତ ବଢ଼େ। ଏହା ବାଳିଆ
ମାଛ ପରି ଓ ଏହାର ଦାନ୍ତପାଟିରେ ଥିବା କରତଦାନ୍ତ
ପରି ଦାନ୍ତଯୁକ୍ତ ଗାଲିମାନ ଏତେ ଦୃଢ଼ ଯେ, ତଦ୍ଦ୍ୱାରା
ସେ ମନୁଷ୍ୟ ଦେହକୁ ଅଳ୍ପକ୍ଷଣ ମଧ୍ୟରେ ଦୁଇ ଗଡ଼ କରି
କାଟିଦିଏ। ଏହାର ଦେହରେ ଅତି କ୍ଷୁଦ୍ର କାତି ଥାଏ।
ଏହାର ଦେହ ମୂଳରୁ ପରି ମୁଣ୍ଡ ଅଳ୍ପ ମୋଟ ହୋଇ ଲାଞ୍ଜ
ଅଡ଼କୁ କ୍ରମଶଃ ସରୁ ହୋଇ ଯାଇଥାଏ। ଏହା ସମୁଦ୍ରରେ
ଓ ଲୁଣିପାଣିରେ ରହେ। ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ
ମାସରେ ଏହା କଲିକତା ନିକଟବର୍ତ୍ତୀ ଗଙ୍ଗା ଜଳରେ
ଦେଖାଯାଏ। ଏହା ଚିଲିକାରେ ମଧ ଦେଖାଯାଏ। ହାଙ୍ଗର
ଦୁଇ ପ୍ରକାର। ୧—ଖଣ୍ଡା ମଗର (ଏହାର ମୁହଁର ଉପର
ଓଠରୁ ଗୋଟିଏ ପାନିଆ ଭଳି ଦୁଇ ଅଂଶିଆ କରତ ବାହାର
ଥାଏ। ୨—ମୁଣ୍ଡା ମଗର ଏହାର ଉପର ପାଟି ତଳପାଟି
ଅପେକ୍ଷା ଅଗକୁ ବାହାରିଥାଏ। ଏହି ମୁଣ୍ଡା ମଗରମାନେ
ମନୁଷ୍ୟଙ୍କୁ ଆକ୍ରମଣ କରି ଗିଳି ଯାଆନ୍ତି। ସମୁଦ୍ରରେ ଏମାନେ
ଦଳବଦ୍ଧ ହୋଇ ଜାହାଜ ପଛରେ ଗୋଡ଼ାଇବା ଓ ଜାହାଜ
ଲଙ୍ଗର ହେବା ସ୍ଥାନରେ ବିଚରଣ କରିବା ଦେଖାଯାଏ ଓ
ଜାହାଜରୁ ମନୁଷ୍ୟ ପାଣିରେ ପଡ଼ିଗଲେ ହାଙ୍ଗର ତାଙ୍କୁ
ଖାଇଯାଆନ୍ତି। ଏକ ଏକ ଜାତୀୟ ହାଙ୍ଗର ୩୦।୪୦ ଫୁଟ
ଲମ୍ବ ହୁଅନ୍ତି। ଭାରତବର୍ଷରେ ଚାରି ଅବଦରେ ଓ ସଜାଇ
ବାଙ୍କୁଁଶର ମୁହଁରେ ହାଙ୍ଗର ମୁହଁ ଅଙ୍କିତ ହୋଇଥାଏ।
ବାଲି (କଳସି) ର ମୁହଁରେ ଚଢ଼ି ହୋଇଥିବା ହାଙ୍ଗରର
ଉପର ମୁହଁର ପାଟି ଶୁଣ୍ଢ ପରିକ୍ରମରୁ ବଙ୍କା ହୋଇ
ଉଠିଥାଏ।]

ହାଙ୍ଗର ପାଟିଆ (ମୁହାଁ)—ଦେ. ବିଣ—ହାଙ୍ଗରର ମୁଖପରି ଆକାର
Hāṅgara paṭiā (muhāṅ) ବିଶିଷ୍ଟ; ମଗର ମୁହାଁ—Shark
faced. (ଯଥା—ହାଙ୍ଗରମୁହାଁ। ବାଲି)
हाङ्गरमुखो হাঙ্গরমুহাঁ

ହାଙ୍ଗାମ୍ (ମା) (ଇତ୍ୟାଦି)—ବୈଦେ. ବି—ହାଙ୍ଗମା ଇତ୍ୟାଦି (ଦେଖ)
Hāṅgam (mā) (etc) Hāṅgamā etc. (See)

ହାଙ୍ଗାମି—ବୈଦେ. ବିଣ. ପୁଂ ଓ ସ୍ତ୍ରୀ—(ଫା)—ହାଙ୍ଗମାବାଜ୍ (ଦେଖ)
Hāṅgāmi Hāṅgamābāj (See)
[ହାଙ୍ଗାମିଆଁ—ଅନ୍ୟରୂପ]

ହାଙ୍ଗାର୍—ବୈଦେ. ବି (ଇଂ)—ଏରୋପ୍ଲେନ୍ ବା ଉଡ଼ାଜାହାଜ ରହି-
Hāṅgār ବାର ଘର—Hangar; a place where
aeroplanes are stabled.

ହାଚ୍‌କିବା—ପ୍ରାଦେ. (ଗଡଜାତ) କ୍ରି—ଝିଙ୍କିବା—
Hāch-kibā To drag; to pull with a jerk.

ହାଚ୍‌କିବା ଖାଚ୍‌କିବା—ପ୍ରାଦେ. (ଗଡଜାତ) କ୍ରି—ଟଣାଓଟରା କରିବା—
Hāch-kibā khāch-kibā To pull with jurks.

ହାଚ୍‌କି କଚୁଡ଼ି ହେବା—ପ୍ରାଦେ (ସମ୍ବଲପୁର) କ୍ରି—ଛେଚଡ଼ା
Hāch-ki kachārdi hebā ହେବା; ଝିଙ୍କିବା ଓ ଦଚଡ଼ା
ଖାଇବା—To be jerked and jolted. [ଉ—
ସଡ଼କରେ କେତେ ଶାଳ ଗାଡ଼ିରେ ଚଢ଼ି ହାଚକି କଚୁଡ଼ି
ହେଉଛନ୍ତି]

ହା (ହାଁ) ଛୁ(ଚ୍ଛି)ଅ—ଦେ. ଅ (ଧ୍ୱନ୍ୟନୁକରଣ)—ଶିଶୁର ଛିଙ୍କିଲେବେଳେ
Hā (hāṅ) chhi (chchhi) a ଅଶୁଭ ନିବାରଣାର୍ଥ ଉଚ୍ଚାରିତ
ବଚନ—A word uttered to avert evil
छिहेछअ হাঁচি from a sneezing child.

ହାଁ ଛୁ (ଛୁ)—ଦେ. ଅ—(ଧ୍ୱନ୍ୟନୁକରଣ)—ଛିଙ୍କିବାର ଅନୁକରଣ
Ha' chhu (chchhu) ଶବ୍ଦ—The sound of sneez—
হেচছিঅ, हाछी

ହାଜତ—ବୈଦେ. ବ (ଅ)—(କଚରଥ)—୧ । ବିଚାରଶେଷ ପୂର୍ବରୁ
Hājat ଅଭିଯୁକ୍ତ ବ୍ୟକ୍ତିକୁ ଅଟକାଇ ରଖାଯିବା କାରାଗୃହ—
1. Hājat; prison for under-trial accused; lock-up. ୨ । ବିଚାରାଧୀନ ମୁଦାଲାର କାରାବାସ—
2. Detention or confinement of an under-trial prisoner in the lock-up. [ଦ୍ର—ଏହି ଶବ୍ଦ ଇଂରାଜୀରେ ମଧ୍ୟ ବ୍ୟବହୃତ ହୋଇଅଛି]
হাজত हाजत

ହାଜତ ଘର—ଦେ. ବ (କଚରଥ)—ବିଚାର ଶେଷ ପୂର୍ବରୁ ଅସାମୀକୁ
Hājat ghara ଯେଉଁଘରେ ଅବରୁଦ୍ଧ କରି ରଖାଯାଏ—
হাজতঘর हाजतघर Undertrial prison; lock-up

ହାଜତ ଦେବା—ଦେ. କ୍ରି (କଚରଥ)—ବିଚାର ଶେଷ ନହେବାଯାଏ ଅସା
Hājat debā ମୀକୁ ହାଜତରେ ରହିବାକୁ ଆଦେଶ ଦେବା—
To order an undertrial prisoner to be kept in confinement or in the lock-up.
হাজতদেওয়া हाजतदेना

ହାଜତି—ବୈଦେ. ବଣ (କଚରଥ) (ଫା)—୧ । ହାଜତ ସମ୍ବନ୍ଧୀୟ—1.
Hājati Relating to Hājat. (ଯଥା—ହାଜତି ଅସାମୀ)
হাজতী ୨ । ହାଜତରେ ଅବରୁଦ୍ଧ—2. Confined in the lock-up.
हाजती

ହାଜତି ଆସାମୀ(ମୁଦାଲା)—ବୈଦେ. ବ (କଚରଥ) (ଫା)—ବିଚାର
Hājati āsāmi (mudālā) ପୂର୍ବରୁ ଅଟକ ବା ଅବରୁଦ୍ଧ
হাজতি আসামী କରାଯାଇଥିବା ମୁଦାଲା—Undertrial prisoner.
हाजती आसामी

ହାଜର୍—ବୈଦେ. ବଣ—(ଅ ହାଜର୍) (କଚରଥ)—୧ । ଉପସ୍ଥିତ
Hājar —1. Present. ୨ । ଅବସ୍ଥିତ; ବର୍ତ୍ତମାନ—2.
হাজির Existing. ୩ ଅଦାଲତକ ବା ହାକିମଙ୍କ ସମ୍ମୁଖରେ
हाजिर ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ—3. Attending court on the fixed date. ୪ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ—4. Ready to do any act.

ହାଜର୍ ଆସାମୀ (ମୁଦାଲା)—ବୈଦେ. ବ (ଫା)—(କଚରଥ)—ହାଜରା
Hājar āsāmi (mudālā) ଆସାମୀ (ଦେଖ)—Hājarā āsāmi (See).

ହାଜର୍ ଆସିବା—ଦେ. କ୍ରି (କଚରଥ)—ହାଜର୍ ହେବା (ଦେଖ)—
Hājar āsibā Hājar hebā (See).
হাজির হওয়া हाजिर आना

ହାଜର୍ କରା(ରେ)ଇବା (କରିବା)—ଦେ.କ୍ରି. (କଚରଥ)—କୌଣସି
Hājar karā[re] ibā [karibā] ବ୍ୟକ୍ତିକୁ ବା ବସ୍ତୁକୁ କୌଣସି
হাজির করা ହାକିମଙ୍କ ସମ୍ମୁଖରେ ଉପସ୍ଥାପିତ କରିବା—To
हाजिर करना produce a person or thing before a person in authority.

ହାଜର୍ ଚୋର—ଦେ. ବ. (କଚରଥ)—ଯେଉଁ ଚୋର ସ୍ୱୟଂ ସ୍ୱଇଁ
Hājar chora ଯାଇ ହାକିମଙ୍କ ନିକଟରେ ଉପସ୍ଥିତ ହୁଏ—A
হাজারি চোর thief who surrenders himself in
हाजिर चोर court. [ଦ୍ର—ହାଜର୍ ଚୋରକୁ ମୁଣ୍ଡଚାଞ୍ଚ ମାଫ୍ ଜଗ ।]

ହାଜର୍ ଜବାବ—ବୈଦେ.ବଣ (ଫା) (କଚରଥ)—୧। ଉତ୍ତର ଦେବାକୁ
Hājar jabāb ପ୍ରସ୍ତୁତ—1. Ready to give reply. ୨ ।
হাজির জবাব ଉପସ୍ଥିତବୁଦ୍ଧି ବିଶିଷ୍ଟ; ପ୍ରତ୍ୟୁତ୍ପନ୍ନମତି—2.
हाजिर जबाब Having presence of mind. ୩ । ସଙ୍ଗେ (ହାଜର ଜବାବ—ବ) ସଙ୍ଗେ ଉତ୍ତର ଦେବାରେ ନିପୁଣ—3. Skilful in giving prompt reply.

ହାଜର୍(ରି) ଜାମିନ୍(ନୀ)—ବୈଦେ. ବ. (ଅ. ହାଜର୍+ଜମାନତ୍
Hājar[ri] jāmin[ni] (କଚରଥ)—୧ । କୌଣସି ଆସାମୀର
হাজির জামিন ବା ପକ୍ଷରୀ ବା ସାକ୍ଷୀର ନିର୍ଦ୍ଦିଷ୍ଟ ତାରିଖରେ
हाजिर जामिन ଅଦାଲତରେ ଉପସ୍ଥିତ ହେବାପାଇଁ ତାଠାରୁ ନିଆଯିବା ଜାମିନ—1. Security taken from a person for his appearance in a court on a fixed date. ୨ । କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ କରାଇବା ପାଇଁ ଦାୟିତ୍ୱ ନେବା ବ୍ୟକ୍ତି—2. A person who stands surety for the appearance of a person in court on a fixed date.

ହାଜର୍ ଦେବା—ଦେ. କ୍ରି (କଚରଥ)—୧ । ହାଜିରା ଦେବା (ଦେଖ)—
Hājar debā 1 Hājirā debā (See). ୨ । ହାଜର୍ ହେବା 2. Hājar hebā (See).

ହାଜର୍ ପା(ବା) ସ୍—ବୈଦେ.ବଣ (ଅ ହାଜର୍+ଫା. ପ୍ରତ୍ୟୟ ବାସ୍)—
Hājar-pā (bā) s ୧ । କାହାରି ନିକଟରେ ଉପସ୍ଥିତ (ବ୍ୟକ୍ତି)
1. (a person)Constantly in attendance on some person. ୨ । ମନୁଷ୍ୟଙ୍କ ସଙ୍ଗେ ସବୁବେଳେ ଯାଇ ମେଳ ହେଉଥିବା (ବ୍ୟକ୍ତି)—2. Very social (person): constantly going to the people
হাজিরপাস हाजिरबाश and mixing with them.

ହାଜର୍ ପା (ବା)ସୀ—ବୈଦେ. ବ—(ଫା)—୧ । ସର୍ବଦା କୌଣସି
Hājar-pā (bā) si ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତି—1.
হাজিরপাসী Constant attendance on a person.
हाजिरबासी ୨ । ଲୋକଙ୍କ ସଙ୍ଗେ ସର୍ବଦା ମିଳାମିଶି ରହିବା—
2. Constant mixing with the people.

ହାଜର୍ ହେ !—ବୈଦେ. ଅ—(ଅ. ବାକ୍ୟ) (କଚରଥ)—ନିର୍ଦ୍ଦିଷ୍ଟ
Hājar-he ! ତାରିଖରେ ଅସାମୀ ବା ପକ୍ଷ କଚେରୀରେ ଉପସ୍ଥିତ
হাজিরহৈ ଅଛି କି ନାହିଁ, ଏହା ଜାଣିବା ନିମନ୍ତେ ସେହି ବ୍ୟକ୍ତିର
हाजिरहै नाम ଧରି ଚପରାଶୀର ଡାକ—(Interjection used by the court-peon calling aloud the name of the person whose presence is required in court on the date). Is (such or such a person) in attendance ?

ହାଜର୍ ହେବା—ଦେ. କ୍ରି (କଟିଜ୍ଜ)—୧ । ଉପସ୍ଥିତ ହେବା—
Hājar heba 1. To be present ; to attend.
হাজির হওয়া [ଭି—ଜାଇବେଲ ବୃନ୍ଦ ଶ୍ରମୁଖରେ ହାଜର—ହେବା
हाजिर होना ବଧ ତାଙ୍କୁ ନାହିଁଟି ଗୋଚର । ରାଧାନାଥ ଦରବାର ।]
୨ । ସ୍ୱୟଂ ଉପସ୍ଥିତ ହେବା—2. To appear in person.

ହାଜରା—ବୈଦେ. ବିଣ(ଅ)(ଚଳନ୍ତି)—ହାଜର ହୋଇଥିବା; ଉପସ୍ଥିତ
Hājarā Present; attending. ବି—୧। ହାଜିରା (ଦେଖ)—
হাজিরা 1. Hājirā (See). ୨। ବଙ୍ଗଦେଶରେ ପ୍ରଚଳିତ ବଂଶୋ-
हाजिरा ପାଧି ବିଶେଷ—2. A family title in Bengal.

ହାଜ(ଜି)ରା ଆସାମୀ (ମୁଦାଲା)—ବୈଦେ ବି—(ଫା) (ଚଳନ୍ତି)—
Hāja(ji)rā āsāmī (mudālā) ୧ । ହାକିମଙ୍କ ନିକଟ
হাজির আসামী ଉପସ୍ଥିତ ମୁଦାଲା—1. An accused attend-
हाजिर आसामी ing the court. ୨। ପୁଲିସ ରିପୋର୍ଟ ସଙ୍ଗେ
ସଙ୍ଗେ ଅଦାଲତକୁ ଚାଲାଣ ଦିଆଯାଇଥିବା ମୁଦାଲା—2. An accused who is being sent up to court along with the police reporto

ହାଜ(ଜି)ରା ଡାକିବା—ଦେ. କ୍ରି—ହାଜିରା ବହି ଧରି ସେଥିରେ ଥିବା
Hāja(ji)rā ḍākibā ଲୋକମାନଙ୍କର ନାମ ଜଣଜଣକର
হাজিরা ডাকা ଉଚ୍ଚୈଃସ୍ୱରରେ ଡାକିବା—To call out the
हाजिरि लेना attendance roll.

ହାଜ(ଜି)ରା ଦେବା—ଦେ. କ୍ରି—ହାଜିରା ଡାକିବାବେଳେ ହାଜିରାରେ
Hāja(ji)rā debā ନାମ ଲେଖାଥିବା ବ୍ୟକ୍ତି ସେଠାରେ ଉପସ୍ଥିତ
হাজিরা দেওয়া ହୋଇ 'ମୁଁ ଉପସ୍ଥିତ ଅଛି' ଏହା କହିବା—To respond to the call of one's name at roll
हाजिरी देना call.

ହାଜ(ଜି)ରା ନେବା—ଦେ. କ୍ରି—୧ । ହାଜିରା ବହି ଧରି ହାଜର
Hāja (ji)rā nebā ହୋଇଥିବା ବ୍ୟକ୍ତିମାନଙ୍କ ନାମ ଡାକିବା-
হাজিরা লওয়া 1. To call the attendace roll. ୨ ।
ହାଜିରା ପକାଇବା (ଦେଖ)—2. Hājirā pakāibā
हाजिरी लेना (See).

ହାଜ(ଜି)ରା ପକା(କେ)ଇବା—ଦେ, କ୍ରି—ହାଜିରା ଡାକିବା ବେଳେ
Hāja(ji)rā pakā(ke)ibā ଉପସ୍ଥିତ ବ୍ୟକ୍ତିମାନଙ୍କ ନାମ ହାଜିରା
ବହିରେ ଚିହ୍ନିବା—To mark or note the names of the persons present at the roll call.
হাজিরা লওয়া हाजिरी लीखना

ହାଜ(ଜି)ରା ପୁସ୍ତକ (ବହି, ରେଜିଷ୍ଟରୀ)—ଦେ. ବି (ଅ. ହାଜିରା, ସ
Hāja(ji)rā pustaka(bahi, regishṭarī) ପୁସ୍ତକ,ଅ. ବହି,
ଇଂ. ରେଜିଷ୍ଟର୍)—ଯେଉଁ ପୁସ୍ତକରେ କର୍ମଚାରୀ ବ୍ୟକ୍ତି ବା ଛାତ୍ର
ମାନଙ୍କ ନାମ ଲେଖାଯାଇ ପ୍ରତିଦିନ ହାଜିରା ନିଆଯାଏ—
হাজিরাবহি हाजिरीबही Attendance register.

ହାଜରା ମୁଦେଇ—ବୈଦେ. ବି (ଅ) (ଚଳନ୍ତି)—ହାକିମଙ୍କ ନିକଟରେ
Hājarā mudei ଫେରାଦ ଦେବାପାଇଁ ଉପସ୍ଥିତ ବାଦୀ—The plaintiff or complainant present in court.
হাজরিবাদী हाजरमुदेई

ହାଜରି—ପ୍ରାଦେ. (ଖଡ଼ିଆଞ୍ଚଳ) ବି—ଉପସ୍ଥିତି—
Hājari Arrival; presence; attendance.

ହାଜିର୍ (ରି)—ବୈଦେ. ବିଣ(ଚଳନ୍ତି)—(ଅ. ହାଜିର୍)—ଉପସ୍ଥିତ—
Hājir (ri) Present; attending; in attendance.
ବି—(ଅ. ହାଜିର) ଉପସ୍ଥିତି—Attendance;
হাজির हाजिरी presence.

ହାଜିରା—ବୈଦେ. ବିଣ (ଅ) (ଚଳନ୍ତି)—ଉପସ୍ଥିତ—Present;
Hājirā attending. ବି—୧ । କର୍ମକ୍ଷେତ୍ରରେ ଉପସ୍ଥିତି—
1. Presence or attendance at the required place ୨ । ହାଜିରା ବହି—2. Attendance register. ୩ । ବଙ୍ଗଦେଶର ପ୍ରଚଳିତ ବଂଶୋପାଧି ବିଶେଷ—3. A family-title in Bengal.
হাজিরা हाज़ीरा

ହାଜିରି—ବୈଦେ. ବି (ଅ. ହାଜିରି)—୧ । ହାଜର; ଉପସ୍ଥିତି—
Hājiri 1. Presence. ୨ । ସାହେବମାନଙ୍କର ଜଳଯୋଗ—
2. Taking of tiffin or refreshment by Europeans. ୩ । ହାଜିରା ବହିରେ ଲିଖିତ ଉପସ୍ଥିତ ହେବାର ଚିହ୍ନ—3. Mark in the attendance register noted in respect of a person presentat roll call. ବିଣ—ହାଜର ; ଉପସ୍ଥିତ—
হাজিরি दद्र Present, attending.

ହାଜୀ—ବୈଦେ.ବି(ଅ)—ଯେଉଁ ମୁସଲମାନ୍ ମକ୍କାକୁ ଯାଇ ସେଠାରେ
Hājī ହଜ୍ ବା ତୀର୍ଥୋଚିତ କର୍ତ୍ତବ୍ୟ ସମ୍ପନ୍ନ କରିଥାଆନ୍ତି—Hājī;
a Mahomedan who has accomplished his
হাজী हाजी pilgrimage to Mecca.

ହାଞ୍ଚି—ପ୍ରାଦେ. (ମେଦିନୀପୁର) ବି—(ଭୁଲ, ବ ହାଁଚି)—ଛିଙ୍କ—
Hañchi Sneezing.

ହାଞ୍ଚିବା—ପ୍ରାଦେ (ମେଦିନୀପୁର) କ୍ରି (ଭୁଲ. ବ. ହାଁଚ୍)—ଛିଙ୍କିବା—
Hañchibā To sneeze.

ହାଞ୍ଜି ହାଞ୍ଜି କରିବା (ହେବା)—ବୈଦେ. କ୍ରି (ଫା—ହାଁ=ହଁ, ଜୀ=
Hāñji hāñji karibā (hebā) ଦେ ମହାଶୟ !)—୧ ।
କୌଣସି ବ୍ୟକ୍ତିଙ୍କ ମନକୁ ଖୁସି କରିବାପାଇଁ ତାଙ୍କ କଥାରେ ସବୁବେଳେ ହଁ କରିବା, ଅର୍ଥାତ୍, ସେ ଯାହା କହିବେ ତାହା, ଠିକ୍ ହେଉ ବା ବେଠିକ୍ ହେଉ, ଠିକ୍ ଅଛି ବୋଲି କହିବା; ଏକଳ ବା ତଦୋ କରିବା—1. To ditto what a person says in respect of the correctness or otherwise of what he says; to fawn; to cringe; to flatter in a servile way. ୨ । କୌଣସି କାର୍ଯ୍ୟ କରିବାକୁ ଦୃଢ଼ସଙ୍କଳ୍ପ ନ କରି ଇତସ୍ତତଃ କରିବା—2.To hesitate
হাঁজিহাঁজিকরা हाँजीहाँजीकरना to do a thing

ହାଟ୍—ବୈଦେ. ବି (ଇଂ)—ଟୋପର; ସାହେବମାନଙ୍କ ପିନ୍ଧିବା ପଲମ
Haṭ ଅବୃତର ଚଉଡ଼ା ଫରିକାଲ ଟୋପି—Hat.
টুপী, হ্যাট हैट

ହାଟ୍ କୋଟ୍—ବୈଦେ. ବ (ଇଂ; ସହରର ପରଧେୟ ବସ୍ତୁ)—ମୁଣ୍ଡରେ ପିନ୍ଧା Hat kot ଯିବା ସାହେବ ଟୋପର ଓ ଦେହରେ ପିନ୍ଧାଯିବା ସାମନା ଅଙ୍ଗେ ଖୋଲା, କୋଟାମ ହାତ କୁର୍ତ୍ତା—Hat and coat.
ହ୍ୟାଟକୋଟ ହैटकोट

ହାଟ୍ପିନ୍—ବୈଦେ. ବ (ଇଂ)—ମେମ୍ମାନଙ୍କ ମୁଣ୍ଡରେ ପିନ୍ଧାଯିବା Hat pin ଟୋପି ମୁଣ୍ଡରୁ ଖସି ନ ପଡ଼ିବ ବୋଲି ମୁଣ୍ଡର ବାଳ ସଙ୍ଗେ ବା ଜଣ୍ଟି ସଙ୍ଗେ ହାଟ୍କୁ ସଂଲଗ୍ନ କରି ରଖିବାକୁ ଯେଉଁ ଲମ୍ବ ମୁନିଆ କାଠି ହାଟ୍‌ର ଏପାଖ ସେପାଖ ଫୁଟି
ହ୍ୟାଟପীন हैटपीन ଥାଏ—Hatpin.

ହାଟ—ଦେ. ବ—(ସଂ. ହଟ୍ଟ)—୧ । ହଟ୍ଟ; ପଣ୍ୟ ବସ୍ତୁ ବିକ୍ରୟ ପାଇଁ ନାନା Hāṭa ସ୍ଥାନରୁ ଆସି ଅନେକ ବେପାରୀଙ୍କର ଏକତ୍ର ହେବା ସ୍ଥାନ
ହাট हट 1. Market; fair.
[ଦ୍ର—ହାଟ ଓ ବଜାରମଧ୍ୟରେ ପ୍ରଭେଦ ଏହିକି, ହାଟ ନିର୍ଦ୍ଦିଷ୍ଟ ସମୟରେ ବା ସପ୍ତାହର ନିର୍ଦ୍ଦିଷ୍ଟ ବାର (ଦିନ) ରେ ବସେ, କେତେକ ସ୍ଥଳରେ ପ୍ରତିଦିନ ସନ୍ଧ୍ୟାବେଳେ ବା ସକାଳେ ହାଟ ବସେ ଓ କିଛି ସମୟ ପରେ ଭାଙ୍ଗିଯାଏ, ନାନାସ୍ଥାନରୁ ଲୋକେ ପଣ୍ୟ ଦ୍ରବ୍ୟମାନ ଆଣି ହାଟରେ ପସରା ମେଲାଇ ବସି ବିକନ୍ତି ଓ କେତେକ ସମୟ ପରେ ହାଟ ଭାଙ୍ଗିଯାଏ ଓ କ୍ରେତା ବିକ୍ରେତାମାନେ ଯେଯାହା ଘରକୁ ଫେରି ଯାଆନ୍ତି; ହାଟରେ ଅସ୍ଥାୟୀ ବା ଛୋଟ ଦୋକାନମାନ ମେଲା ପଡ଼ାରେ ବା ଗଛତଳେ ବସେ; କିନ୍ତୁ ବଜାରରେ ସ୍ଥାୟୀ ଦୋକାନମାନ ସବୁବେଳେ ବିଦ୍ୟମାନ ଥାଏ । ହାଟରେ ସାଧାରଣତଃ ନିତ୍ୟ-ପ୍ରୟୋଜନୀୟ ଅଳ୍ପ ମୂଲ୍ୟର ପଦାର୍ଥମାନ ମିଳେ, କିନ୍ତୁ ବଜାରରେ ସ୍ୱଳ୍ପ ମୂଲ୍ୟର ଦ୍ରବ୍ୟଠାରୁ ବହୁମୂଲ୍ୟର ସୌଖିନ୍ ଦ୍ରବ୍ୟପର୍ଯ୍ୟନ୍ତ ସବୁ ଦ୍ରବ୍ୟ ସର୍ବଦା କିଣିବାକୁ ମିଳେ । ବଜାରର ଦୋକାନୀମାନେ ଜମିଦାରଙ୍କୁ ଜମିପାଇଁ ବା ଘରପାଇଁ ଖଜଣା ବା ଭଡ଼ା ଦିଅନ୍ତି । କିନ୍ତୁ ହାଟକୁ ଆସିବା ବିକ୍ରେତାମାନେ ଦ୍ରବ୍ୟର ପରିମାଣ ଅନୁସାରେ ଜମିଦାରଙ୍କ ତରଫରୁ ହାଟ-ଦଣ୍ଡ ଅବା 'ତୋଲା' କାଂଶି'ଦିଅନ୍ତି । ହାଟରେ ବହୁଜନଙ୍କର ସମାଗମ ହୁଏ । ଯେଉଁ ଗାଁର ବା ପାଟଣାର ସ୍ତ୍ରୀଲୋକ ମାନେ ହାଟକୁ ଯାଇ ପଣ୍ୟ ବିକି କରନ୍ତି ସେମାନଙ୍କୁ ହାଟୁଆଣୀ ବୋଲାଯାଏ । ଭଦ୍ରକୁଳବଧୂ ହାଟକୁ ଗଲେ ତାହାର ମର୍ଯ୍ୟାଦା-ହାନି ଘଟେ; ଏଥିପାଇଁ ପ୍ରବଚନ ଅଛି ଯେ, 'ପାଣି ନାଶଯାଏ ଘାଟେ, ସ୍ତ୍ରୀ ନାଶଯାଏ ହାଟେ' । 'କାଠ ଛଡ଼, ବୋହୂ ଯିବେ ହାଟକୁ'—ବ୍ୟଙ୍ଗୋକ୍ତି ଯୁକ୍ତ ପ୍ରବଚନ—ଯେଉଁ ବଧୂ ହାଟରେ ପ୍ରକାଶ୍ୟ ସ୍ଥାନକୁ ଯାଆନ୍ତି ଓ ସେଠାରେ ଯାହାଙ୍କୁ ଅପାମର ସାଧାରଣ ଦେଖନ୍ତି, ତାଙ୍କର ଯଦି ବାଟରେ ଯିବାବେଳେ ତାଙ୍କ ସଙ୍ଗେଥିବା ବ୍ୟକ୍ତି-ମାନେ ପଥିକମାନଙ୍କୁ ଅଡ଼େଇ ଯିବାକୁ ସାବଧାନ କରନ୍ତି, ଏହିପରି ହାସ୍ୟାସ୍ପଦ ପରିସ୍ଥିତିରେ ଏକ ପ୍ରବଚନ ବୋଲି ଯାଏ । ଏଥିରେ ସମାର୍ଥବୋଧକ ପ୍ରବଚନ—'ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ' । 'ହାଡ଼ ଗଳିଯାଉଅଛି, ପିମ୍ପୁଡ଼ି ଗଳିବାକୁ ବାଟ ନାହିଁ ।' 'ଓଢ଼ଣା ପଡ଼ୁଛି ନାକ ଏରକ, ଭୁଣ୍ଡ ଶୁଖୁଅଛି ଚଉପାଢ଼ିକି ।']

୨ । (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟର ସାଧାରଣରେ ପ୍ରଷ୍ଟ ହେବା ; ହଟା—2. (figurative) Publication of any secret or private matter. ୩ । (ଲକ୍ଷଣାର୍ଥ) ଘୋଟଘାଟ; ଗୋଳମାଳ ; ଗଣ୍ଡଗୋଳ; ହଟ୍ଟଗୋଳ—3. (figurative) Ado ; noise ; uproar ; row; golmal. [ଯଥା—ସେଠାରେ ହାଟ ଲଗିଛି ।] ୪ । (ଲକ୍ଷଣାର୍ଥ) ଯେଉଁଠାରେ ବହୁ-ଲୋକ ବା ଦ୍ରବ୍ୟ ସମବେତ ହୁଅନ୍ତି—4. (figurative) Rendezvous ; a place of gathering. [ଉ—ଠିକର ପଡ଼ୁଛୁ ଠାବେ ଠାବେ ନେଇ ଦେଖି ଏ ଚନ୍ଦ୍ରମା ହାଟ । ରାଧାନାଥ—ପାର୍ବତୀ ।]

ହାଟ ଆଣିବା—ଦେ. କ୍ରି—ହାଟରୁ ଦ୍ରବ୍ୟ କିଣିଆଣିବା—To purchase articles from a market.
Hāṭa āṇibā
ହাটকরা ପ୍ରାଦେ (ଗଞ୍ଜାମ) ବ—ବଜାରରୁ ସଉଦା ବା ପଣ୍ୟ
हाटमोलाना ଆଣିବା—To bring commodities from the bazar.

ହାଟ ଇଜ(ଜା)ରା—ଦେ. ବ (ସ. ହଟ୍ଟ+ପା. ଇଜାରା)—ହାଟ ବସିବା Hāṭa ija (jā) rā ବେଳେ ହାଟକୁ ଆସିବା ବିକ୍ରେତାମାନଙ୍କ
ହাট ইজারা ଠାରୁ ତୋଳା ବା ଶୁଳ୍କ ଅଦାୟ କରିବାର
हाटईजारा ଅଧିକାର (ଯାହା ହାଟର ଭୂସ୍ୱାମୀ କୌଣସି ବ୍ୟକ୍ତିକୁ ପଟ୍ଟା ଦିଅନ୍ତି)—Farming or leasing out of a market.

ହାଟ ଇଜ(ଜା)ରାଦାର୍—ଦେ. ବ—ହାଟର ପଟ୍ଟାଦାର୍ ; ଜମିଦାରଙ୍କ Hāṭa ija (jā) rādār ଠାରୁ ନିର୍ଦ୍ଦିଷ୍ଟ ଜମାରେ ହାଟତୋଳା
ହাটইজরাদার্ ବା ଶୁଳ୍କ ଅସୁଲ କରିବା ପାଇଁ ପଟ୍ଟା ନେବା
हाटईजारादार ବ୍ୟକ୍ତି—The lessee or farmer of a market.

ହାଟ ଇଜ(ଜା)ରା ଦେବା—ଦେ. କ୍ରି—(ଜମିଦାର) ହାଟରୁ ଶୁଳ୍କ Hāṭa ija (jā) rā debā ବା ତୋଳା ଅସୁଲ କରିବାର
ହাটইজারা দেওয়া ଅଧିକାର ଜଣେ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାଳପାଇଁ
हाटईजारादेना ପଟ୍ଟାଦେବା—To farm or lease out a market to a person.

ହାଟ ଇଜ(ଜା)ରା ନେବା—ଦେ. କ୍ରି—ହାଟତୋଳା ବା ଶୁଳ୍କ Hāṭa ija (jā) rā nebā ଅସୁଲ କରିବାର ପଟ୍ଟା ଜମିଦାରଙ୍କ-
ହাট ইজারা লওয়া ଠାରୁ ନିର୍ଦ୍ଦିଷ୍ଟ ଜମାରେ ନେବା—To
हाट ईजारा लेना take a market on lease or farm from the Zamindar.

ହାଟ ଉଠା (ଠେ) ଇବା—ଦେ. କ୍ରି—୧ । ହାଟ ଭାଙ୍ଗିବା (ଦେଖ)— Hāṭa uṭhā (ṭhe) ibā 1. Hāṭa bhāṅgibā (See).
ହাটভাঙ্গা ୨ । ହଟା କରିବା ; କୌଣସି ବିଷୟ ପ୍ରଷ୍ଟ
हाटऊठाना କରିବା—2. To publish or proclaim any
হাট করে দেওয়া matter ; to broadcast a thing.
फैलाना

ହାଟକ—ସଂ. ବ—(ହଟ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ ଅକ)—୧ । Hāṭaka ସ୍ୱର୍ଣ୍ଣ ; ସୁନା—1. Gold. ୨ । ମହାଭାରତର ସପ୍ତ-

ପର୍ବୋକ୍ତ ଗୁହ୍ୟକର ବାସସ୍ଥାନ ନଗର ଓ ଦେଶବିଶେଷ—2. Name of a country and town of ancient India, the place of residence of Guhyaka. ସ୍ୱର୍ଣ—ହାଟକ ନିର୍ମିତ ; ସ୍ୱର୍ଣ୍ଣମୟ—Golden.

ହାଟକମୟ—ସଂ. ବିଣ (ହାଟକ+ମୟ)—ସ୍ୱର୍ଣ୍ଣମୟ—
Hāṭakamaya Golden.

ହାଟକ ଲୋଚନ—ସଂ. ବି (ନାମ)—ହିରଣାକ୍ଷ ଦୈତ୍ୟ (ହି. ଶ)
Hāṭaka lochana The demon Hiraṇāksha.

ହାଟ କରିଦେବା—ଦେ. କ୍ରି—କୌଣସି ଗୁପ୍ତ ବିଷୟକୁ ପ୍ରକଟ କରିବା—
Hāṭa kari debā To proclaim any secret matter.
হাট করে দেওয়া फैलाना

ହାଟ କରିବା—ଦେ. କ୍ରି—୧ । ହାଟରୁ ପ୍ରୟୋଜନୀୟ ପଣ୍ୟ ଦ୍ରବ୍ୟ କିଣିବା—1. To purchase one's necessary articles from a market.
Hāṭa kariba
হাটকরা
हाटकरना
୨ । ହାଟକୁ ନିଜର ବିକ୍ରେୟ ପଣ୍ୟଦ୍ରବ୍ୟ ନେଇ ବିକିବା—2. To sell one's commodities in a market. ୩ । ଗୋଟିଏ ନୂତନ ହାଟ ପ୍ରତିଷ୍ଠିତ କରିବା—3. To open or start a fair. ୪ । ବ୍ୟବସାୟ କରିବାପାଇଁ ହାଟକୁ ଯିବା—4. To go to a market for business. ୫ । (ଲକ୍ଷଣାର୍ଥ) ପ୍ରକଟ କରିବା ; କୌଣସି ବିଷୟ ସ୍ପଷ୍ଟ କରିବା—5. (figurative) To proclaim or publish any matter. ୬ । (ଲକ୍ଷଣାର୍ଥ) (ହାଟରେ ବହୁଜନ ସମାଗମଯୋଗୁଁ ସର୍ବଦା ଗୋଳମାଳ ହେଉଥିବାରୁ) ଗୋଳମାଳ କରିବା; ହଟ୍ଟଗୋଳ କରିବା—6. (figurative) To make a noise ; to set up a row.
হাটকরে দেওয়া फैलाना
লণ্ডভণ্ডকরা हाट करना

ହାଟକୀୟ—ସଂ. ବିଣ—(ହାଟକ+ଈୟ)—ସ୍ୱର୍ଣ୍ଣ ନିର୍ମିତ—
Hāṭakiya Golden.

ହାଟକେଶ—ସଂ. ବି—ହାଟକେଶ୍ୱର (ଦେଖ)—
Hāṭakesa Hāṭakeśwar (See).

ହାଟକେଶ୍ୱର—ସଂ. ବି (ନାମ)—(ହାଟକଦେଶ ପ୍ରତିଷ୍ଠିତ ଈଶ୍ୱର)—
Hāṭakeśwara ଗୋଦାବରୀ ତୀରସ୍ଥ ଶିବଲିଙ୍ଗ ବିଶେଷ (ବାମନପୁରାଣ ୬୨ ଅଧ୍ୟାୟ)—Name of an image of Śiba on the Godābari river in South India. ଦେ. ବି—ପୁରୀ ଜିଲ୍ଲାର ଖୋର୍ଦ୍ଧାରୁ ୫ କୋଶ ଦୂରରେ ଅବସ୍ଥିତ ଉଷ୍ଣ ପ୍ରସ୍ରବଣ ବିଶିଷ୍ଟ ଅଟ୍ରୀ ଗ୍ରାମରେ ଥିବା ଶିବଲିଙ୍ଗ ଓ ଗ୍ରାମ—Name of a village and image of Śiba near a hotspring near Khurda in the Puri district. [ଭି—ହାଟକେଶ୍ୱରର ଉଷ୍ଣ ପ୍ରସ୍ରବଣ ଋଷି ବାମଦେବର ବଡ଼େ—ରାଧାନାଥ, ପାର୍ବତୀ]

ହାଟ ଘାଟ—ଦେ. ବି (ସହଚର ଶବ୍ଦ. ସଂ. ହଟ୍ଟ ଓ ଘଟ୍ଟ)—ବହୁଲୋକଙ୍କ ସମାଗମ ସ୍ଥାନମାନ—Public places; places where people gather.
Hāṭa ghāṭa
হাটঘাট हाटघाट

ହାଟ ଘୁଘୁ—ଦେ. ବି—ହାଟରେ ସମବେତ ବହୁଲୋକଙ୍କ କଥାବାର୍ତ୍ତାରୁ ଉତ୍ପନ୍ନ ଅବ୍ୟକ୍ତ ଦୁ ଦୁ ଶବ୍ଦ—Indistinct noise arising from the congregation of people in the market. ଗ୍ରାଦେ (ପୁରୀ) ବି (ବ୍ୟଙ୍ଗାର୍ଥ) ହାଟରେ ବିକ୍ରୀ ହେଉଥିବା ଖାଦ୍ୟ ପଦାର୍ଥମାନଙ୍କ ମଧ୍ୟରୁ ଉତ୍କୃଷ୍ଟ ପଦାର୍ଥ, ମାଛ—(Ironical; Best artide found in the market) Fish.
Hāṭa ghu ghu
হটগোল हाटहल्ला

ହାଟଚାଲି (ଚାଲିଆ)—ଦେ ବି—ହଟ୍ଟ ମଣ୍ଡପ; ହାଟକୁ ଆସିବା ଦୋକାନୀମାନଙ୍କ ପଣ୍ୟ ଦ୍ରବ୍ୟମାନଙ୍କୁ ଖରାବର୍ଷାରୁ ରକ୍ଷା କରିବାପାଇଁ ନିର୍ମିତ ମେଲା ଚାଳଘର—Open sheds built in a market; market stalls.
Hāṭa chāli (chālia)
হাটচালা हाटघर

ହାଟଜମା—ଦେ. ବି—ହାଟଥିବା ଜମିର ଜମିଦାର ହାଟର ଇଜାରାଦାର ବା ଦଣ୍ଡିଆଠାରୁ ଯେଉଁ ନିର୍ଦ୍ଦିଷ୍ଟ ବାର୍ଷିକ ଜମା ନିଅନ୍ତି—Fixed annual rent paid by the farmer or leasee of a market to the land-owner.
Hāṭa jamā
হাটজমা हाटजमा

ହାଟ ଝଡ଼ା—ଦେ. ବି—ରୁଗ୍ଣ ବା ପୁଅଦୋଷଗ୍ରସ୍ତ ପିଲାଙ୍କୁ ଗାଧୋଇ ଦେବା ପାଣିରେ ମିଶାଇବା ପାଇଁ ଔଷଧ ବଣିଆମାନେ ସେମାନଙ୍କ ହାଟ (ଦୋକାନ) ଉଠାଇବା ବେଳେ ଭୂମିରେ ପଡ଼ିଥିବା ଯେଉଁ ସବୁ ଧୂଳି, ଜଡ଼ିବୁଟିର ଗୁଣ୍ଡ ଓ ବାଳି ଆଦି ସଂଗ୍ରହ କରନ୍ତି—Sweepings from the floor an apothecary's shop collected by the apothecary and mixed with the bath-water of invalid rickety babies. [ଦ୍ର—ହାଟଝଡ଼ାକୁ ପାଣିରେ ମିଶାଇ ସେ ପାଣିରେ ରୁଗ୍ଣ ପିଲାଙ୍କୁ ଗାଧୋଇ ଦେଲେ ପିଲାଙ୍କର ସୁସ୍ଥ ହେବା ଲୋକେ ବିଶ୍ୱାସ କରନ୍ତି ।]
Hāṭa jhaṛdā

ହାଟ ଟୋଟା—ଦେ. ବି—ଯେଉଁ ଆମ୍ବ ଆଦି ଗଛର ଟୋଟାର ଛାୟାରେ ହାଟ ବସେ—A mango tope under which a fair is held.
Hāṭa toṭā
হাটটোটা हाटबाड़ी

ହାଟ ତୋଳା—ଦେ. ବି—ହାଟକୁ ଜିନିଷ ବିକି କରିବାକୁ ଆସିଥିବା ବ୍ୟକ୍ତିମାନଙ୍କଠାରୁ ହାଟର ଇଜାରାଦାର ବା ଦଣ୍ଡିଆ ବା ଜମିଦାରଙ୍କ ପକ୍ଷରୁ ଲୋକଙ୍କ ଆଦାୟ କରିବା ପଣ୍ୟଦ୍ରବ୍ୟର ନିର୍ଦ୍ଦିଷ୍ଟ ଅଂଶ (ଯଥା—ଚୋକେଇଏ ବାଇଗଣରୁ ଏକ ସେର, ଶହେ ଆମ୍ବରୁ ୪ପୁଞ୍ଜା, ସଗଡ଼େ ପଦାର୍ଥରୁ ୫ସେର ଇତ୍ୟାଦି) A fixed part of the commodities brought to a market for sale which is realised by the land-owner or his licencee. [ଦ୍ର—ହାଟକୁ ବିକି କରିବାକୁ ଆସିଥିବା ଦ୍ରବ୍ୟର ଅଂଶକୁ ହାଟତୋଳା ବୋଲାଯାଏ, କିନ୍ତୁ ତହିଁ ପରବର୍ତ୍ତିରେ ଆଦାୟ କରାଯିବା ନଗଦ ପଇସାକୁ ପଣି ବୋଲାଯାଏ । କିନ୍ତୁ ହାଟତୋଳା ଶବ୍ଦ ହାଟପଣି ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ]
Hāṭa toḷā
হাটতোলা हाटबट्टी

ହାଟ ଦଣ୍ଡିଆ—ଦେ. ବି—ଯେଉଁ ବ୍ୟକ୍ତି ହାଟର ଜମିଦାର ବା ଇଜରଦାରଙ୍କ ପକ୍ଷରୁ ପଣ୍ୟ ବିକ୍ରେତାମାନଙ୍କଠାରୁ ହାଟ ତୋଳା ବା ହାଟପଣି ଅଦାୟ କରନ୍ତି—A person who is entrusted with the realisation of market rate from the stall-keepers.
Hāṭa daṇḍiā
হাটদণ্ডিআ हाटकापैकार

ହାଟ ଦର (ଭାଉ)—ଦେ. ବି—କୌଣସି ଦ୍ରବ୍ୟର ପ୍ରଚଳିତ ଦାଣ୍ଡଭାଉ—Market rate or market price of any commodity.
Hāṭa dara(bhāu)
হাটেরদর हाटकादर

ହାଟ ନିଲାମ—ଦେ. ବି—(ଜମିଦାର) ହାଟ ଇଜାରାକୁ ଅର୍ଥାତ୍ ହାଟ ତୋଳା ଅସୁଲ କରିବା ଅଧିକାରକୁ ପ୍ରକାଶ୍ୟ ଭାବରେ ନିଲାମ ଡାକରେ ବିକ୍ରି କରିବା—Auction sale of the lease or farm of a market.
Hāṭa nilāma
হাটনিলাম हाटनिलाम

ହାଟ ନିଷାପ—ଦେ. ବି—ବରେଇ ପାଟକ; ଯେଉଁ ଜାତିସମ୍ବନ୍ଧୀୟ ସାମାଜିକ ପ୍ରଶ୍ନ ବା ଅନ୍ୟ ସମସ୍ୟା ଜାତିଭାଇଙ୍କ ନିକଟରେ ମୀମାଂସା ହୋଇ ନ ପାରେ ତାକୁ ହାଟରେ ସମାଗତ ବହୁ ସ୍ଥାନରୁ ଆଗତ ବହୁ ଜାତୀୟ ବ୍ୟକ୍ତିଙ୍କ ଆଗରେ ପକାଇ ମୀମାଂସା କରାଯିବା ନିୟମ—The mode of adjudication of a social question or any other delicate point [which could not be settled by the caste panchayat) by the people assembled at a market. [ଦ୍ର—ଯେଉଁ ସାମାଜିକ ବିବାଦମାନ ଜାତିଆଣ ସଭାରେ ବା ଗ୍ରାମ ସଭାରେ ମୀମାଂସିତ ହୋଇ ନ ପାରେ, ପକ୍ଷମାନେ ହାଟକୁ ଯାଇ ହାଟରେ ସମବେତ ଜନତାଙ୍କ ଆଗେ ତାହା ଉପସ୍ଥାପିତ କରନ୍ତି ଓ ସେଠାରେ ସମବେତ ଅନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଯାହା ମତ ଦିଅନ୍ତି ତାହା ସେମାନେ ଗ୍ରହଣ କରନ୍ତି]
Hāṭa niṣāpa
হাটবিচার हाटनिसाप

ହାଟପଣି—ଦେ. ବି—ହାଟକୁ ପଣ୍ୟ ବିକିବାକୁ ଆଣିଥିବା ବିକ୍ରେତାମାନଙ୍କଠାରୁ ଜମିଦାର ବା ଇଜାରାଦାରଙ୍କ ତରଫରୁ ଅଦାୟ କରାଯିବା (ଦ୍ରବ୍ୟର ଅଂଶ ପରିବର୍ତ୍ତେ) ନିର୍ଦ୍ଦିଷ୍ଟ ଶୁଳ୍କ—Tax or fixed cash realised from persons who bring commodities to a market for sale.
Hāṭa paṇi
হাটতোলা हाटबट्टी

ହାଟ ପାଳି—ଦେ. ବି—ହାଟ ବସିବାର ନିର୍ଦ୍ଦିଷ୍ଟ ଦିବସ—The week day on which a market sits.
Hāṭa pāli
হাটেরপালি् हाटकादिन
[ଉ—ସଖି ! କ ଖାଇବେ ମନ ! ହାଟ ପାଳିକି ଚଳିଲୁ ଶୁଖୁଆ ବେଲଆ ବାଇଗଣ । ପାଲ୍ଲବାଙ୍କ ଗୀତ ।]

ହାଟ ବଜାର—ଦେ. ବି—(ସହଚର ଶବ୍ଦ)—(ହି. ହାଟ ଓ ପା. ବାଜାର୍)—ଅସ୍ଥାୟୀ ହାଟ ଓ ସ୍ଥାୟୀ ବଜାର—Market and bazar (ଦ୍ର—ହାଟର ଦୋକାନମାନ ଅସ୍ଥାୟୀ ଓ ଉଠାଦୋକାନ ଅଟେ; କିନ୍ତୁ ବଜାରର ଦୋକାନମାନ ସ୍ଥାୟୀଦୋକାନ ଓ ତାହା ହାଟର ଦୋକାନ ପରି ହାଟପାଳି ଦିନ ବସେ ନାହିଁ ବା ଉଠେ ନାହିଁ]
Hāṭa bajāra
হাটবাজার हाट बाजार

ହାଟ ବସା(ସେ)ଇବା—ଦେ. କ୍ରି—୧ । କୌଣସି ସ୍ଥାନରେ ନୂଆ କରି ଗୋଟିଏ ହାଟ ସ୍ଥାପନ କରିବା—1. To start or open a new market at a place. ୨ । ହାଟପାଳି ଦିନ ହାଟରେ କ୍ରୟ ବିକ୍ରୟ ଆରମ୍ଭ କରିବା—2. To start the transactions of a market on a market day. ୩ । (ଲକ୍ଷଣାର୍ଥ) ହାଟ କରିବା; କୌଣସି ଗୁପ୍ତ କଥାକୁ ବ୍ୟକ୍ତ କରିବା—3. (figurative) To publish or promulgate any secret matter. ୪ । ବହୁ ଲୋକଙ୍କୁ ଏକ ସ୍ଥାନରେ ଭୁଣ୍ଡ କରିବା—4. To gather a big crowd at a place. [ଉ—ଏବେ ଶାଳ ଗୋଲଗାରେ ଗୃହଶାଳ ସାତ ବହୁଁର ମଧ୍ୟେ ଗୋଷ୍ଠ ବସାଇଲେ ହାଟ । ପାଲ୍ଲବାଙ୍କ ଗୀତ ।]
Hāṭa basā(se)ibā
হাট বসান हाट बैठाना

ହାଟ ବସିବା—ଦେ. କ୍ରି—୧ । ନୂଆ ହୋଇ ହାଟ ପ୍ରତିଷ୍ଠିତ ହେବା—1. The opening or starting of a new market. ୨ । ହାଟରେ କ୍ରୟ ବିକ୍ରୟ କାର୍ଯ୍ୟ ଚାଲିବା—2. The holding of a market; transactions being conducted in a market. [ଉ—କାହିଁ ବସିଛି ହାଟ । ମଧୁସୂଦନ, ଛନ୍ଦମାଳା ।] ୩ । ହାଟରେ କ୍ରୟ ବିକ୍ରୟ କାର୍ଯ୍ୟ ଆରମ୍ଭ ହେବା—3. Opening and starting of the transactions in a market. ୪ । (ଲକ୍ଷଣାର୍ଥ) କୌଣସି ବିଷୟ ସର୍ବସାଧାରଣରେ ବ୍ୟକ୍ତ ହେବା; ହାଟ ବସିବା—4 (figurative) Publication of any secret matter. [ଉ—ଭୁଜ ବଜାରେ ବସେ ଏକୁ ହାଟ । ଉପେନ୍ଦ୍ର ଭଞ୍ଜ ।] ୫ । (ଲକ୍ଷଣାର୍ଥ) କୌଣସି ପଦାର୍ଥର ବହୁ ସଂଖ୍ୟାରେ କୌଣସି ସ୍ଥାନରେ ଭୁଣ୍ଡ ହେବା—5. (figurative) The gathering of anything in profusion at a place. (ଯଥା—ନାଗର ଯାତ୍ରା ଦିନ ଟସିଙ୍ଗ ମହାଦେବ ମନ୍ଦିରମାନଙ୍କ ମେଳାରେ ଉପଜାତୀର ଓ ରୂପର ହାଟ ବସେ ।]
Hāṭa basibā
হাট বসা हाट बैठना

ହାଟ ବାଟ—ଦେ. ବି (ନିରର୍ଥକ ସହଚର ଶବ୍ଦ; ଅଶ୍ଳୀଳ ଅର୍ଥ ସରୁ ବାହାର ହାଟକୁ ଯିବାକୁ ହେଲେ ବାଟ ବା ରାସ୍ତା ଦେଇ ଯିବାକୁ ହୁଏ)—୧ । ସଉଦା କରିବାକୁ ବା ବଣିବାକୁ ହାଟକୁ ଯିବା—1. Marketing. [ଉ—ଅପେ ହାଟ ଅପେ ବାଟ ଅପରେଣ ଭୂଷା । ପ୍ରାଚୀ. ବ୍ରହ୍ମକଳ୍ପପଶ ଗୀତା ।] ୨ । ହାଟରେ କ୍ରୟ ବିକ୍ରୟ—2. Transactions done in a market.
Hāṭa bāṭa
হাটবাট हाटबाट, हाटबाई

ହାଟ ବାହୁଡ଼ା—ଦେ. ବି—ହାଟରେ ଜିନିଷ ବିକି ବା ହାଟରୁ ଜିନିଷ କିଣି ଘରକୁ ଫେରି ଆସିବା—Returning from a market after selling
Hāṭa bāhuṛā
হাটথেকে ফেরা

হাট বাজার or purchasing. ଯଥା—ସେଉଁ ବ୍ୟକ୍ତି ହାଟରୁ କଣା ବିକା କରି ଘରକୁ ଫେରେ ଅସୁଥାଏ—(a person) Returning from a market after doing the marketing.

ହାଟ ଭାଙ୍ଗିବା—ଦେ° କ୍ରି—୧ । (ହାଟର କେତା ବିକେତାମାନେ) Hāṭa bhāṅgibā ହାଟପାଳ ଦିନ ହାଟର କ୍ରୟ ବିକ୍ରୟ ଶେଷ হাট ভাঙ্গা କରି ହାଟରୁ ଫେରି ଅସିବା—1. To leave हाट उठाना the market after concluding the day's transactions; to close the transactions of a market at the close of the fixed time. ୨ । ଗୋଲମାଲ କରି ବା ହାଟକୁ ଅସିବା হাটভাঙ্গা ବ୍ୟକ୍ତିମାନଙ୍କ ଉପରେ ଯୁଲମ କରି ସେ ସ୍ଥାନରେ हाट तोड़ना ଭବିଷ୍ୟତରେ ହାଟ ନ ହେବାର କାରଣ ହେବା—2. To close down a market; to bring about the closing down of a market. ଦେ. କ୍ର—ହାଟ ଭାଙ୍ଗିଯିବା (ଦେଖ) . Hāṭa bhāṅgijibā (See)

ହାଟ ଭାଙ୍ଗିଯିବା—ଦେ. କ୍ର—୧ । ହାଟର କାରବାର ଶେଷ ହେବା ପରେ Hāṭa bhāṅgijibā ହାଟକୁ ଅସିଥିବା ବ୍ୟକ୍ତିମାନଙ୍କ ପରସ୍ପର ଅବ ନେଇ ଯେଝା ଘରକୁ ଗୁଳିଯିବା—1. The closing or conclusion of the transactions of a market; the breaking up of a fair. ୨ । ଅତ୍ୟାଚାର ବା ଅଭରକୁ ତୋଳା ଅଦାୟ ବା ଶାନ୍ତିଭଙ୍ଗ ଅବ ଯୋଗୁ ଲୋକେ ହାଟକୁ ନ ଅସିବାରୁ ହାଟଟି ବନ୍ଦ ହୋଇଯିବା—2. The closing down or discontinuance of the holding of a market at a place (owing to oppression or insecurity). হাটভেঙ্গেযাওয়া हाटउठजाना

ହାଟମୁଣ୍ଡେଇ—ଦେ. ବ (ସ. ହଟ୍ଟମୁଣ୍ଡ) — ହାଟଚାଲି (ଦେଖ) — Hāṭamunḍei Hāṭachāḷi (See)

ହାଟ (ହାଟର) ଭିତରେ (ମଧ୍ୟେ) ବ୍ରହ୍ମଜ୍ଞାନ—ଦେ. ପ୍ରବଚନ— Hāṭa (āṭara) bhitare (madhye) brahmajñāna ୧ । ବହୁ ଲୋକଙ୍କ ଗଣ୍ଡଗୋଳ ମଧ୍ୟରେ ଅଧ୍ୟାତ୍ମ ତତ୍ତ୍ୱ ବ୍ୟାଖ୍ୟା କରିବା ଉପ ପଣ୍ଡଶ୍ରମ—An analogy applied to a cases where a person wants to preach metaphysics to the throng assembled at হাটেরমাঝে ব্রহ্মজ্ঞান हाटकेभितरमे ब्रह्मज्ञान a fair. [ଦ୍ର—ହାଟରେ ନାନା ଦେଶରୁ ନାନା ଉଦ୍ଦେଶ୍ୟରେ ସମବେତ ବହୁଲୋକ ସମାଗମ ହେବାରୁ ସଦା ଗଣ୍ଡଗୋଳ ହୁଏ । ସେଠାରେ ବ୍ରହ୍ମଜ୍ଞାନ ସମ୍ବନ୍ଧରେ ବା ଅଧ୍ୟାତ୍ମ ତତ୍ତ୍ୱ ବିଷୟରେ ବକ୍ତୃତା ବା ଉପଦେଶ ଦେଲେ ତାହା ଲୋକେ ଏ ହଟ୍ଟଗୋଳରେ ସ୍ଥିର ହୋଇ ଶୁଣି ପାରନ୍ତି ନାହିଁ । ଏପରି ଅବସ୍ଥାରେ ହାଟମଧ୍ୟରେ ବ୍ରହ୍ମଜ୍ଞାନ ଉପଦେଶ ଦେବାର ପ୍ରୟାସ ବୃଥା ମାତ୍ର ।] ୨ । ପ୍ରକାଶ୍ୟ ଭାବରେ ବହୁଲୋକଙ୍କ ଉପସ୍ଥିତିରେ କୌଣସି ଗୁପ୍ତ ରହସ୍ୟ ପ୍ରକାଶ କରିବା ସ୍ଥଳେ ପ୍ରଯୋଜ୍ୟ ପ୍ରବଚନ—2. An analogy used when a person speaks out any secret matter publicly.

ହାଟରିବା—ପ୍ରାଦେ. (ଗଞ୍ଜାମ) କ୍ରି—ଡାକ ଛାଡ଼ି ଶବ୍ଦ କରିବା— Hāṭarabā To utter a loud shout.

ହାଟ ରୁ(ରୋ)ଷମ—ଦେ. ବ—(ସ. ହଟ୍ଟ ଓ ଅ. ରୁସୁମ୍)—୧। ହାଟପାଣି Hāṭa ru(ro)shama (ଦେଖ)—Hāṭapāni (See) ୨ । ହାଟଜମା (ଦେଖ)—2. Hāṭajamā (See) ୩ । ହାଟର ଠିକାଦାର ବା ଇଜାରଦାରଙ୍କ ନିର୍ଦ୍ଧାରିତ ଜମା ଛଡ଼ା ଜମିଦାରଙ୍କୁ ଦେବା ସଲାମୀ ବା ଭେଟି—3. Perquisite or present made to a zamindar by a lessee of a market over and above the fixed rent. হাটতোলা हाटरुसम

ହାଟରେ ପକା(କେ)ଇବା—ଦେ. କ୍ରି—୧ । ବିଚାରପାଇଁ ପାଟକ କରିବା; Hāṭare pakā(ke)ibā ଜାତିଗଣ ସମ୍ପର୍କରେ ବା ଗ୍ରାମ୍ୟ ବା ଗ୍ରାମାଧୀନ ପଞ୍ଚାୟତର ଦ୍ୱାରା ଅମୀମାଂସିତ ବିଷୟର ଅପକ୍ଷପାତ ଓ ସର୍ବବାଦୀସମ୍ମତ ମୀମାଂସା ପାଇଁ ତାହା ହାଟରେ ସମବେତ ନାନା ଅଞ୍ଚଳରୁ ଅଗତ ନାନା ଜାତିର ବ୍ୟକ୍ତିମାନଙ୍କ ନିକଟରେ ମୀମାଂସାର୍ଥ ଉପସ୍ଥାପିତ କରିବା—1. To lay a difficult social question for decision before the people assembled at a market. ୩ । (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟକୁ ସର୍ବସାଧାରଣରେ ଉଚ୍ଚୈଃସ୍ୱରରେ ପ୍ରକାଶ କରିବା; ପ୍ରକଟ କରିବା—3. (figurative) To publish aloud any হাটেফেলা हाटमेदेना secret.

ହାଟରେ ପଡ଼ିବା—ଦେ. କ୍ରି—୧ । (କୌଣସି ବିଚାର୍ଯ୍ୟ ବିଷୟ) Hāṭare paṛibā ପାଟକରେ ମୀମାଂସାର୍ଥ ଉପସ୍ଥାପିତ হাটেপড়া हाटकोलावहोना ହେବା—1. (a difficult social question) To be laid before the people assembled at a market for decision. ୨ । ଗୁପ୍ତ ବିଷୟ ସର୍ବସାଧାରଣରେ ପ୍ରକାଶିତ ବା ଘୋଷିତ ହେବା—2. To be published broad-cast.

ହାଟରେ ପଡ଼ି ବାଟ(ଦାଣ୍ଡ)ରେ ଗଡ଼ାଗଡ଼ା(ଡ଼ି)ଇବା—ଦେ. କ୍ରି Hāṭare paṛi bāṭa[dāṇḍa]re gaṛa gaṛā[ṛe]ibā হাটেপড়েবাটেযাওয়া फैलजाना (କୌଣସି ବିଷୟ) ଦେଶଭମାମ ସର୍ବତ୍ର ଗୁପ୍ତ ହେବା—[any matter] To become an open secret or common knowledge throughout the land. (ଯଥା—ଅମୁକ ବଡ଼ଲୋକଙ୍କ ଘରର କଥାମାନ ହାଟରେ ପଡ଼ି ବାଟରେ ଗଡ଼ାଗଡ଼ା ହେଉଛି ।)

ହାଟ ଲାଗିବା—ଦେ. କ୍ର—୧ । ହାଟରେ କ୍ରୟ ବିକ୍ରୟ କାର୍ଯ୍ୟ ଚାଲୁଥିବା— Hāṭa lāgibā 1. The conduct of the transactions

in a market. ୨ । ହାଟ ଲଗିବା; କୌଣସି ବିଷୟ ଦେଶ ତମାମ ପ୍ରଚାର ହେବା—2. The publication of any matter; a matter being made public. ୩ । (ଲକ୍ଷଣାର୍ଥ) ହାଟର କାମ ଚଳିବାପରି ସଂସାର ଚଳିବା—3.(figurative) The going on of the world (which is compared to a fair).

ହାଟ ହୋଇଯିବା—ଦେ. କ୍ରି—ସର୍ବତ୍ର ପ୍ରଚାରିତ ହେବା—
Hata hoi jiba To be published broadcast.
রটেযাওয়া **फैलजाना** (ଉ—ସେହି ଦିନ ମଧ୍ୟରେ ଦେଶସାରା ହାଟ ହୋଇଗଲା, ଧୂଳିଆ ବାବାଙ୍କୁ ପ୍ରଭୁଙ୍କର ସ୍ୱପ୍ନ ହୋଇଛି—ଫକୀରମୋହନ ଗଳ୍ପସ୍ୱଳ୍ପ ।)

ହାଟୁଆ—ଦେ. ବିଣ—ହାଟସମ୍ବନ୍ଧୀୟ—Relating to a market.
Hatua ବି. ପୁଂ—୧ । ଯେଉଁ ବ୍ୟକ୍ତି ପଣ୍ୟଦ୍ରବ୍ୟ ବିକ୍ରୟ
[ହାଟେ(ଟୋ)ଇ—ସ୍ତ୍ରୀ] କରିବାକୁ ହାଟକୁ ଆଣେ—
হাটুআ; হেটো **हटवया, हटवार, हटुवा** 1. A person who brings commodities to a market for sale; a stall-holder in a market. (ଉ—ହାଟରେ ହାଟୁଆ କେତେ ବସନ୍ତି—ପ୍ରାଚୀ. ପରିଚେଗୀତା ।) ୨ । ଯେଉଁ ବ୍ୟକ୍ତି ସଉଦା କିଣିବା ପାଇଁ ହାଟକୁ ଆସନ୍ତି—2. A person who visits a market for marketing. ୩ । ହାଟୁଆକୁଳ (ଦେଖ)—3. Hatua kula [See] ପ୍ରାଦେ [ଗଞ୍ଜାମ] ବି—୧ । ବଡ଼; ସାନ କଳସୀ (ଗୋପୀନାଥ ନନ୍ଦ)—1. A small pitcher. ୨ । ମୃତ୍ପାତ୍ରବିଶେଷ (ଗୋପୀନାଥ ନନ୍ଦ) ସାନ ଅଟିକା—2. A sort of small earthen pot.

ହାଟୁଆ କୁଳ [ଜାତି, ପାଟକ]—ଦେ. ବି.—ଓଡ଼ିଶାର କେତେକ ଶୂଦ୍ର
Hatua kula[jati, pataka] ଜାତି, (ଯେଉଁ
হেটো জাত **बनिया जाति** ମାନଙ୍କର କୁଳସ୍ତ୍ରୀମାନେ ପଣ୍ୟବିକ୍ରୟାର୍ଥ ହାଟକୁ ବା ବାଣ୍ଟକୁ ବାହାରନ୍ତି)—Certain castes of Śūdras in Orissa whose females come out to the public and to the market to sell articles. [ଦ୍ର—ପାଟକ ଶବ୍ଦ ଟୀକା ଦେଖ । ଏମାନଙ୍କର ସଂଖ୍ୟା ୩୬ ଥିବାରୁ ଏମାନଙ୍କୁ ଛତିଶି ପାଟକ କୁହାଯାଏ । ଏମାନଙ୍କୁ 'ବୈଷ୍ଣବଜାତିଆ ଜାତି' ମଧ୍ୟ ବୋଲାଯାଏ । ଏମାନଙ୍କ ମଧ୍ୟରେ ସାମାଜିକ ନିୟମ ଖୁବ୍ କଡ଼ା । ଏମନ୍ତ କି, ଏମାନଙ୍କୁ କୌଣସି ଅସ୍ପୃଶ୍ୟ ବ୍ୟକ୍ତି ଛୁଇଁ ଦେଲେ ଏମାନେ ସମାଜରେ ପତିତ ହୁଅନ୍ତି । ଏମାନଙ୍କର ଜାତିଆଣ ସଭାରେ ସାମାନ୍ୟ ସାମାନ୍ୟ ସାମାଜିକ ଦୋଷ ପାଇଁ ମଧ୍ୟ ଗୁରୁ ଦଣ୍ଡ ଦିଆଯାଏ । ଏ ହାଟୁଆଜାତିଙ୍କ ପ୍ରତ୍ୟେକଙ୍କର ଗୋଟିଏ ଲେଖାଏଁ ସାମାଜିକ ସାନ୍ତି (ପଣ୍ଡ) ଅଛି ।]

ହାଟୁଆ ଭଣ୍ଡାରୀ—ଦେ. ବି—ଚମମୁଣ୍ଡିଆଙ୍କଠାରୁ ନିକୃଷ୍ଟ ଶ୍ରେଣୀର ଭଣ୍ଡାରୀ
Hatua bhandari —An inferior caste of barbers. [ଦ୍ର—ଏମାନେ ଖୁର ଅଣ୍ଟିରେ ବନ୍ଧାଇ ମୁଠିରେ ଧରନ୍ତି । ଏମାନଙ୍କର ଅନ୍ୟ ନାମ 'କଳାମୁଠିଆ ଭଣ୍ଡାରୀ' ।]

ହାଟୁଆରି—ଦେ. ବି—୧ । ହାଟୁଆ ଜାତି ବାସ କରୁଥିବା ଗ୍ରାମ—
Hatuari 1. A village inhabited by Hatua castes.
হাটুরা, হাটুরিযা, হাটুরে **बनियाकागाँव** ୨ । ହାଟୁଆ କୁଳ (ଦେଖ)—2. Hatua kula [See] ବିଣ—୧ । ହାଟୁଆ କୁଳ ସମ୍ବନ୍ଧୀୟ—1. Relating to the Hatua castes. ୨ । ହାଟସମ୍ବନ୍ଧୀୟ—2. Relating to market. ୩ । ହାଟକୁ ଲୋକ ଓ ପଣ୍ୟଦ୍ରବ୍ୟ ବହନକାରୀ (ଡଙ୍ଗା, ଗାଡ଼ି ଆଦି)—3. (boat or vehicle) Conveying or carrying people or things to and from a fair.

ହାଟୁଆରି ଡଙ୍ଗା—ଦେ. ବି—ଯେଉଁ ଡଙ୍ଗାରେ ହାଟକୁ ଯାଉଥିବା
Hatuari danga ଲୋକଙ୍କୁ ଓ ହାଟକୁ ନିଆ ଯାଉଥିବା
হাটুরে নৌকা **हाटकी नाव** ପଣ୍ୟମାନଙ୍କୁ ବାଟରେ ପଡ଼ିବା ନଦୀରେ ପାରି କରାଯାଏ—A boat which ferries market-going persons or commodities across a river which lies on the road.

ହାଟୁଆଳ—ଦେ: ବି—ହାଟଦଣ୍ଡିଆ (ଦେଖ)—
Hatuala Hatadandia (See).

ହାଟୁପାଟୁ ହେବା—ଦେ. କ୍ରି—ଅନୁପାଟୁ ହେବା; କ୍ଷୁଧାରେ ଓ ତୃଷ୍ଣାରେ
Hatupatu heba ଅତି ଅସ୍ଥିର ଓ ମ୍ରିୟମାଣ ହୋଇ ପାଟ
আটুপাটু হওয়া **लाहुबातु होना** ପାଟୁ ପାଟୁ କରିବା—To be dying with hunger and thirst.

ହାଡ଼—ଦେ. ବି (ସଂ. ହଡ୍ଡ)—୧ । ଅସ୍ଥି—1. Bone. [ଦ୍ର—ଏହି
Harda ଦେହମଧ୍ୟସ୍ଥ ଦୃଢ଼ତମ ଉପାଦାନ ଅଟେ । ହାଡ଼କୁ
হাড় **हड्डी, हाड़** ମାଂସ ବେଢ଼ିଥାଏ । ଶରୀରର ଭିନ୍ନ ଭିନ୍ନ ସ୍ଥାନର ବା ଅଂଶର ନାମ ଅନୁସାରେ ହାଡ଼ର ଭିନ୍ନ ଭିନ୍ନ ନାମ ଦିଆଯାଏ । ଯଥା—ମେରୁ ହାଡ଼, ବେଖଁଶିରି ହାଡ଼, ପଞ୍ଜରା ହାଡ଼, କଣ୍ଠ ହାଡ଼, ନଳି ହାଡ଼, ଠେଙ୍ଗୁ ହାଡ଼, ଖପୁରି ହାଡ଼, ଚକି ହାଡ଼ ଇତ୍ୟାଦି ।

ଜଗନ୍ନାଥ ଶିଷ୍ୟଙ୍କ ପ୍ରାଚୀନ ଉତ୍କଳ ଗ୍ରନ୍ଥରେ ନିମ୍ନଲିଖିତ ହାଡ଼ମାନଙ୍କର ନାମ ଉଲ୍ଲେଖ ଅଛି । ଯଥା—ଅସ୍ଥି ହାଡ଼, ଇନ୍ଦ୍ର ହାଡ଼, ଗୁଣ୍ଡ ହାଡ଼, ବଜ୍ର ହାଡ଼, ଗୁହର ହାଡ଼, ମାଣିକ୍ୟ ହାଡ଼, ଖଞ୍ଜଣୀ ହାଡ଼, ନିହୁଞ୍ଜ ହାଡ଼ ।

ଛୋଟ ଛୋଟ ଜୀବ (ଯଥା—ମାଛ, ବେଙ୍ଗ ଇତ୍ୟାଦି) ବା ଚଢ଼େଇଙ୍କ ସରୁ ହାଡ଼କୁ କଣ୍ଟା ବୋଲାଯାଏ (ଯଥା—

ମାଛ କଣ୍ଟା, ସାପ କଣ୍ଟା) । ପ୍ରାଣୀଙ୍କ ଦେହର ହାଡ଼ମାନ ଖଣ୍ଡ ଖଣ୍ଡ ଅଟେ, ମାଂସ ଏମାନ ପେଶି ଦ୍ୱାରା ଏକତ୍ର ଗ୍ରଥିତ ହୋଇଥାଏ ।] ୨ । (ଲକ୍ଷଣାର୍ଥ) ମନୁଷ୍ୟର ମନ ବା ହୃଦୟ—2. (figurative) Heart or mind. (ଯଥା—ଏ କଥା ଶୁଣି ମୋ ହାଡ଼ ଜଳିଗଲା ।)

ହାଡ଼ କଙ୍କାଳ—ଦେ. ବ (ସଂ. ହଡ୍ଡ ଓ କଙ୍କାଳ)—ମାଂସହୀନ ଅସ୍ଥିମାତ୍ର—
Hārda kankāla Skeleton; bone shorn of
হাড়কাঁকাল अस्थिकंकाल flesh.

ହାଡ଼ କଙ୍କାଳ ମାଳ(ଳା)—ଦେ.ବିଣ—ଦୁର୍ବଳ ବା ଅନଶନକ୍ଲିଷ୍ଟ; ଯେଉଁ
Hārda kankāla māla(lā) ବ୍ୟକ୍ତିର ଦେହରେ ଅସ୍ଥି ମାତ୍ର
হাড়কাঙ্কালের মালা অବଶିଷ୍ଟ ଥାଏ—1. (a person)
अस्थि कंकाल मात्र, हडावल Reduced to skeleton; (a person) having nothing but skeleton left. ବ—ଅସ୍ଥିକଙ୍କାଳଚୟ ମାଂସ—ହୀନ ଅସ୍ଥିମାନଙ୍କ ଥାଟ Skeleton.

ହାଡ଼କଞ୍ଚି—ଦେ. ବ—ହାଡ଼ୁଚ କଣ୍ଟା ଗଛ—
Hārdakanchi Acanthus Illicifolius (plant).

ହାଡ଼କଟା—ଦେ. ବ —୧ । ହାଡ଼ ଓ ଶିଂଘ ଅବ କାଟି ନାନାପ୍ରକାର
Hārdakatā ବ୍ୟବହାର୍ଯ୍ୟ ବସ୍ତୁ (ଯଥା—ବାଡ଼, ଛୁରି-
হাড়কাটা हाडकटा ବେଣ୍ଟ, କଠାଉ ଚୁଳ, ପଶାକାଠି ଅବା ତିଆର କରିବା ଶୂଦ୍ର ଜାତି—1. Bone-cutter; a caste of Śudras who work on bones and horns. ୨ । କଂସାଇ—2. Butcher.

ହାଡ଼ କଡ଼ କଡ଼ ହେବା [ଡାକିବା]—ଦେ. କ୍ରି—ହାଡ଼ ଜଳିବା (ଦେଖ)
Hārda karda karda hebā [dākibā] Hārda
(ହାଡ଼ କଡଡ଼ବା—ଅନ୍ୟରୂପ) jalibā [See].

ହାଡ଼ କଣ୍ଟା ରହିବା [ହୋଇ(ହୋ)ଇବା]—ଦେ. କ୍ରି. [ସଂ. ହଡ୍ଡ ଓ
Hārda kantā rahibā [hoba[ho]libā] କଣ୍ଟକ]—
হাড় কাঁটা থাকা अस्थिमात्र ରୋଗ ବା ବାର୍ଦ୍ଧକ୍ୟ
[ହାଡ଼ କଣ୍ଟା ହେବା—କ୍ରିୟାରୂପ] ଯୋଗୁଁ ଲୋକର ଅସ୍ଥି-କଙ୍କାଳ ମାତ୍ର ରହିବା—Being reduced to skeleton owing to disease or old age.

ହାଡ଼କାଠ—ଦେ. ବ—ହାଡ଼ୁଚ କଣ୍ଟା ଗଛ—Acanthus Illici-
Hārda kātha folius (plant).

ହାଡ଼କୁ ମାଟିରେ ମିଶା(ଶେ)ଇବା—ଦେ. କ୍ରି—ଅତ୍ୟନ୍ତ ପରିଶ୍ରମ ବା
Hārdaku mātire misā(se)iba ଶ୍ରମସାଧ୍ୟ କାର୍ଯ୍ୟ କରିବା
হাড় মাটিকরা —To perform works of excessive
हाडको मिट्टी करना labour.

ହାଡ଼ ଖସିବା (ଖସିଯିବା)—ଦେ. କ୍ରି—(ଅଘାତାଦ ଦ୍ୱାରା) ଅସ୍ଥି
Hārda khasibā(khasijiba) ସ୍ଥାନ ଚ୍ୟୁତ ହେବା—
হাড় খসেযাওয়া Dislocation of a bone.
हाड उखड़जाना

ହାଡ଼(ଡ଼ି)ଗ(ଗା)ଡ଼ିଆ—ଦେ. ବ—ଗ୍ରାମର ମଲା ଗୋରୁ ଯେଉଁ ଖାତରେ
Harda(rdi)ga(gā)rdia ପଡ଼ନ୍ତି—The pit into which
হাড়ভাগাড় the carcases of dead cattle of a
पशुओंकीमृतघटी village are thrown.

ହାଡ଼ଗଣ୍ଠି—(ଯୋଡ଼) ଦେ.ବ—(ସଂ. ହଡ୍ଡ ଗ୍ରନ୍ଥି) ଓ ଦୁଇଟି ହାଡ଼ର
Hārda ganthi (jorda) ଯୁକ୍ତ ହୋଇଥିବା ସ୍ଥାନ ବା ଗ୍ରନ୍ଥି—
হাড়ের গাঁইঠ हड्डिकीगाँठ Bone joint.

ହାଡ଼ଗିଲା - ଦେ· ବ—ଏକ ପ୍ରକାର କୂଳେଚର ପକ୍ଷୀ—A species
Hārda gilā of wading birds; the adjutant
হাড়গিলা crane, the gigantic crane; Leptoptilus
हाडगिला Dubius. [ବି—ଏମାନେ ଦେଖିବାକୁ ବଗପରି, କିନ୍ତୁ ଉଚ୍ଚରେ ୬ଫୁଟ ପର୍ଯ୍ୟନ୍ତ ହୁଅନ୍ତି । ଏମାନଙ୍କ ମୁଣ୍ଡରେ ପର ନାହିଁ; ଥଣ୍ଟ ବଡ଼ ଓ ସ୍ଥୂଳ । ଏମାନଙ୍କ କଣ୍ଠରେ ଗୋଟିଏ ଚମର ଥଳି ଝୁଲୁଥାଏ । ଏମାନଙ୍କର ପକ୍ଷ ଓ ଲାଞ୍ଜ କଳାମିଶା ଶାଗୁଆ; ଲାଞ୍ଜ ଅଧ ଶେତ ବା ଧୂଷର; ପେଟ ଓ ଗଳା ଧଳା । ଏମାନେ ବର୍ଷା, ଶରତ୍ ଓ ଶୀତ-କାଳରେ ଦଳଦଳ ବୁଲି ସାପ, ମାଛ, ବେଙ୍ଗ ଓ ଗେଣ୍ଡା ଖାଆନ୍ତି । ଏମାନେ ମାଂସାଶୀ । ଏମାନେ ସାପକୁ ମାରି ଖାଆନ୍ତି ।]

ହାଡ଼ଗୁଣ୍ଡା—ଦେ. ବ—ଅସ୍ଥିଚୂର୍ଣ୍ଣ; ଭୂମିରେ ସାର ଦିଆଯିବା ପାଇଁ ଗୁଣ୍ଡା
Harda gundā କରି ଯାଉଥିବା ହାଡ଼—Bone meal
হাড়গুঁড়ো हड्डिकी बुकनी used as manure.

ହାଡ଼ ଗୁଣ୍ଡା କରିବା—ଦେ. କ୍ରି—୧ । ହାଡ଼କୁ ଛେଚି ବା ପେଷି ଚୂନା
Hārda gundā karibā କରିବା—1. To make
হাড় গুঁড়াকরা bone into powder. ୨। (ଲକ୍ଷଣାର୍ଥ) ଅତ୍ୟନ୍ତ
हड्डिचुकना ପ୍ରହାର କରିବା—2. To beat excessively.

ହାଡ଼ ଗୋଡ଼—ଦେ. ବ—(ସବୁରର ଶବ୍ଦ)—୧ । ଦେହର ଅସ୍ଥିମାନ—
Hārda gorda 1. The bones of the body. ୨ ।
হাড়গোড় ହାତ ଗୋଡ଼—2. The hands and the legs.
हड्डि ୩ । ହାଡ଼ ଓ ଗୋଡ଼—3. Bone and leg.

ହାଡ଼ଗୋଡ଼ ଚୂନାକରିବା - ଦେ. କ୍ରି—ପ୍ରହାର ଦ୍ୱାରା ଦେହର ଓ
Hārda gorda Chūnā karibā ଗୋଡ଼ର ହାଡ଼ମାନଙ୍କୁ
(ହାଡ଼ ଗୋଡ଼ ଭାଙ୍ଗିବା—ଅନ୍ୟରୂପ) ଭାଙ୍ଗିଦେବା; ଅତ୍ୟନ୍ତ
হাড়গোড়চুনাকরা, হাড়গোড় ভাঙ্গা ପ୍ରହାର ଦେବା—To
हड्डीतोड़ना beat a person so as to break his bone and legs.

ହାଡ଼ ଚମ—ଦେ. ବ—(ସଂ. ହଡ୍ଡ+ଚର୍ମ)—୧ । ଅସ୍ଥି ଓ ଚର୍ମ—
Hārda chama 1. Bone and skin. ୨ । (ରୋଗୀ ବା
হাড়চামড়া ବୃଦ୍ଧ ବା ଅନାହାରକ୍ଲିଷ୍ଟ ବ୍ୟକ୍ତିର) ମାଂସ ନ ଥିବା
हड्डीचमडा ଚର୍ମବେଷ୍ଟିତ କଙ୍କାଳ—2. Bone without flesh; skeleton covered by the skin of famished or very old persons.

ହାଡ଼ ଚିଡ଼ା—ଦେ. ବିଣ. ପୁଂ—ହାଡଜଳା (ଦେଖ)—
Hārda chirdā Hārda jalā (See).
[ହାଡ ଚିଡ଼ା(ଡ଼େ)ଇ—ସ୍ତ୍ରୀ]
ହାଡ଼ଚିଡ଼ା(ଡ଼େ)ଇବା—ଦେ. କ୍ରି—ହାଡ ଜଳାଇବା (ଦେଖ)
Hārda chirdā(rde)ibā Hārda jalāibā (See)
ହାଡ଼ ଜଳା—ଦେ. ବିଣ (ସଂ. ହଡ୍ଡ ଓ ଜ୍ୱଲ ଧାତୁ)—୧ । ଯେଉଁ
Hārda jalā କଥାଦ୍ୱାରା ମନୁଷ୍ୟର ହାଡ ଜଳେ; ଅତ୍ୟନ୍ତ
हाड़जला ବିରକ୍ତି ଉତ୍ପାଦକ(ବାକ୍ୟ)—1. (any word) Which
देहजलानेवाला produces much annoyance. ୨ । ପୁଂ.
[ହାଡ଼ ଜଳେଇ—ସ୍ତ୍ରୀ] ଅତ୍ୟନ୍ତ ବିରକ୍ତିକାରୀ (ବ୍ୟକ୍ତି)—2. Much
हाड़जलानिया देहयलानेवाला annoying (person).
ହାଡ଼ ଜଳା(ଳେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ବିରକ୍ତ
Hārda jalā (le) ibā ବା କ୍ରୁଦ୍ଧ କରାଇବା—To enrage
हाड़ज्वलान or annoy a person.
देहजलाना
ହାଡ଼ ଜଳିବା—ଦେ. କ୍ର—ଅତ୍ୟନ୍ତ ବିରକ୍ତ ଓ କ୍ରୁଦ୍ଧ ହେବା—
Hārda jaliba Being much enraged or annoyed.
[ହାଡ଼ ଜଳିଯିବା—ଅନ୍ୟରୂପ] [ଦ୍ର—କ୍ରୋଧାଗ୍ନି ଦ୍ୱାରା ଦେହର
ହାଡ଼ ସୁଦ୍ଧା ଜଳ ଉଠିବା କାଳ୍ପନିକ ଅତ୍ୟୁକ୍ତି ଅଟେ]
हाड़जला देहजलना
ହାଡ଼ ଯୋଡ଼ିଦେବା(ଯୋଡ଼ିବା)—ଦେ. କ୍ରି—ଭାଙ୍ଗି ଯାଇଥିବା ଅସ୍ଥି-
Hārda jordidebā(jordibā) ଖଣ୍ଡମାନଙ୍କୁ ବସାଇବା—
हाड़ जोड़ा To cause broken bones to be joined
हड्डी जोड़ देना together; to set fractured or dislocated bones.
ହାଡ଼ ପଚା(ଚେ)ଇବା—ଦେ. କ୍ରି (ଲକ୍ଷଣାର୍ଥ)—ଏମନ୍ତ ଅତିରିକ୍ତ ପ୍ରହାର
Hārda pachā(che)ibā ଦେବା, ଯଦ୍ୱାରା ହାଡ଼ ସୁଦ୍ଧା
हाड़ व्यथा करे देओया ଦରଜ ଓ ବେଦନାଯୁକ୍ତ ହୋଇଯାଏ—
हड्डी पचाना (figurative) To beat excessively (so as to produce pain in the bones).
ହାଡ଼(ଡ଼ି) ପଡ଼ିଆ—ଦେ. ବି—ଗ୍ରାମର ଯେଉଁ ଗଡ଼ିଆରେ ମଲା ଗୋରୁ-
Hārda(rdi) pardiā ମାନଙ୍କୁ ପକାଇ ଦିଅନ୍ତି—The field
हाड़ भागाड़ in a village into which dead cattle
माल मुदुघटि are thrown.
ହାଡ଼ ଫୁଟି—ଦେ. ବି—୧ । ଏକପ୍ରକାର ଛୋଟ ଛୋଟ ବା କ୍ଷୁଦ୍ର ବସନ୍ତ
Hārda phuti ରୋଗ—1. Chicken pox; a mild
पानि बसन्त variety of small pox; Varicella;
कोदवा horn pox.
[ଦ୍ର—ଏହା ବସନ୍ତ ରୋଗ ପରି ଭୟଙ୍କର ଓ ମାରାତ୍ମକ ନୁହେଁ । ଏଥିରେ ଦେହରେ ଜଳପୂର୍ଣ୍ଣ ଫୋଟକମାନ ବାହାରି ତା'ପରେ ଦିନ ମଧ୍ୟରେ ମିଳାଇ ଯାଏ । ଏହା ଆକ୍ରମଣ କରିବା ପୂର୍ବରୁ ଜ୍ୱର ହୁଏ ଓ ଏଥିରେ ମନୁଷ୍ୟର ଦେହ ମଧ୍ୟରେ ଖୁବ୍ ପୀଡ଼ା ହୁଏ ଓ ଦେହର ହାଡ଼ମାନ ଶୁଳେଇ ହେଲା ପରି ଜଣାଯାଏ । ଏଥିପାଇଁ ଏହାର ନାମ ହାଡ଼ଫୁଟି ହୋଇଅଛି ।] ପ୍ରାଦେ. (ବାଲେଶ୍ୱର) ୨—ହାଡ଼ ଭଙ୍ଗା (ଦେଖ)—Hārda bhangā (See)
ହାଡ଼ ବା(ବେ)ଇ—ଦେ. ବି. ସ୍ତ୍ରୀ (ସଂ. ହଡ୍ଡ ମାଳଣ)—୧ । ଯୋଗିନୀ-
Hārda bā(be)i ବିଶେଷ; (ଅତି ଦୁଷ୍ଟା) ଠାକୁରାଣୀ ବା ଗ୍ରାମ-
हाड़बाई ଦେବୀବିଶେଷ—1. Name of a popular
ग्रामकी देवी Goddess (alleged to have wicked propensities). [ଦ୍ର—ଏ ଅପଦେବତା ବା ଭୂତଯୋନି-ବିଶେଷ । ଏହାଙ୍କର କୌଣସି ବ୍ୟକ୍ତିଠାରେ ଆବେଶ ହେଲେ, କିମ୍ବା କୌଣସି ବ୍ୟକ୍ତିର ଗୃହରେ ଏହାଙ୍କର ଅବେଶ ହେଲେ, ସେ ବ୍ୟକ୍ତି ଉପରେ କିମ୍ବା ସେ ଘରେ ନାନାବିଧ ଅଶ୍ୱର୍ଯ୍ୟକର ଦୈବୀ ଘଟଣା ବା ନୈସର୍ଗିକ କାଣ୍ଡମାନ ସଙ୍ଘଟିତ ହୁଏ । ଯଥା—ଘର ମଧ୍ୟରେ କେହି ନାହିଁ, ହଠାତ୍ ଢେଲା, ମଳମୂତ୍ର, ଖପର, ଡାଲି ଆଦି ଆସି ପଡ଼େ । ଯେତେ ସାବଧାନ ହେଲେ ମଧ୍ୟ ସେମାନ ଶୂନ୍ୟରୁ ଆସି ଏପରି ଭାବରେ ପଡ଼େ ଯେ, କେଉଁଠାରୁ ପଡ଼ିଲା ତାହା ସହଜରେ ଜାଣି ହୁଏ ନାହିଁ । ଖାଇବାପାଇଁ ପ୍ରସ୍ତୁତ ଦ୍ରବ୍ୟ ମଧ୍ୟରେ ଏବଂ ରନ୍ଧନ ପାତ୍ର ମଧ୍ୟରେ ମଧ୍ୟ ବିଷ୍ଠା ମିଶିଯିବା ବା ବୋଲା ହେବା ଦେଖାଯାଏ । ତାଙ୍କୁ ଘୋଡ଼ାଇ ରଖିଲେ ମଧ୍ୟ ପାକ ଉପରୁ ମଇଳା ବାହାରେ । ଏହିପରି ଯେଉଁ ଘରେ ହାଡବାଇ ପ୍ରବେଶ କରନ୍ତି ସେ, ଘରର ଅଧିବାସୀମାନଙ୍କୁ ଅତ୍ୟନ୍ତ ନିର୍ଯ୍ୟାତନ ସହିବାକୁ ପଡ଼େ । ଲୋକଙ୍କର ବିଶ୍ୱାସ ଯେ, ଗୁଣିଆମାନେ ମନ୍ତ୍ରପନ୍ତ ବଳରେ ଏ ଦେବୀଙ୍କୁ କୌଣସି ବ୍ୟକ୍ତିଙ୍କ ଘରକୁ ପେଷନ୍ତି ଏବଂ ମନ୍ତ୍ର ପ୍ରଭାବରେ ମଧ୍ୟ ଦେବୀଙ୍କୁ ପ୍ରତ୍ୟାହାର କରନ୍ତି ।

କଟକ ନଗରର ଭାଷାକୋଷ ଲେନ୍ ନିକଟସ୍ଥ ଫ୍ୟାରି ମୋହନ ସେନ୍ ଗଳିରେ ୧୯୬୯ ମାର୍ଚ୍ଚ-ଏପ୍ରେଲ ମାସରେ ଏପରି ଘଟଣା ଘଟିଥିବା ଏ ଗ୍ରନ୍ଥକାର ସ୍ୱଚକ୍ଷୁରେ ଦେଖିଛନ୍ତି ଏପରି କି, ଅଜ୍ଞାନ୍ତ ପରିବାରର ବ୍ୟକ୍ତିମାନେ ଅନ୍ୟ ଲୋକଙ୍କ ଘରକୁ ନିମନ୍ତ୍ରିତ ହୋଇ ଖାଇବାକୁ ଗଲେ ସୁଦ୍ଧା ସେଠାରେ ସେମାନଙ୍କ ଖାଇବା ପତ୍ରରେ ବିଷ୍ଠା ପଡ଼ିବା ଦେଖାଗଲା । ଅନ୍ୟ ଲୋକ ସେ ସ୍ଥାନକୁ ଆସି ହାଡବାଇ ଦେବୀଙ୍କୁ ନିନ୍ଦା କଲେ ତାହା ଉପରେ ମଧ୍ୟ ଢେଲା, ବିଷ୍ଠା ଆଦି ଆକସ୍ମିକ ଭାବରେ ପଡ଼ିବା ଦେଖା ହୋଇଥିଲା । କେତେ ମାସ ପରେ ଜଣେ ଗୁଣିଆ ଆସି ତାଙ୍କ କର୍ମ ଅନୁଷ୍ଠାନ କରିବାରୁ ଏ ନିର୍ଯ୍ୟାତନ ବନ୍ଦ ହେଲା ।] ୨ । ହାଡ଼ଫୁଟି ରୋଗର ଅଧିଷ୍ଠାତ୍ରୀ ଦେବୀ—2. The Goddess presiding over chicken pox. [ଦ୍ର—ରୁପାଇ ହାଡବାଇ, କମ୍ପାଇ ମହାମାୟୀ, ଜମାଇ ଅନନ୍ତାଇ ପଟୋଳୀ ପଟବାଇ । ଶୀତଳା,ମଙ୍ଗ. ନୃସିଂହପୁରାଣ ।]
(ତାକୁ) ହାଡ଼ବାଈ ଲଗିବା—ଦେ. ବି—୧ । (ଲକ୍ଷଣାର୍ଥ) କ୍ରୋଧରେ
Hārdabāi lagibā ଉନ୍ମତ୍ତବତ୍ କ୍ଷିପ୍ତ ହେବା—1. (figura-
घाड़े भूत चापा भूत लगना tive) Being maddened

with rage. ୨ । ହାଡ଼ବାଈ ଠାକୁରାଣୀଙ୍କର କୌଣସି ବ୍ୟକ୍ତିଙ୍କ ଦେହରେ ବା ଗୃହରେ ଅବସ୍ଥାନ ହେବା—2. (a person or house) Being possessed by the spirit of the Goddess Hārdabāi.

ହାଡ଼ଭଙ୍ଗା—ଦେ· ବି (ସଂ. ହଡ୍ଡ ଓ ଭଙ୍ଗ)—୧ । ଅଘାତ ଆଦି Hārda bhangā ଦ୍ୱାରା ଅସ୍ଥି ଭଗ୍ନ ହେବା— হাড়ভাঙ্গা हड्डिटूटा 1. Breaking or rupture of bone; bone fracture. ୨ । ପଦଅଇର; ଘଟବିର; ଗୁରକୋଣିଆ ପଦବଲ୍ଲି ବନ୍ୟ ଲତାବିଶେଷ—2. Vitis Quadrangularis, Cissus Quadrangularis; Vitis Vinifera (Kirtikar)

ସଂ. ଅସ୍ଥିଶୃଙ୍ଖଳା, ଅସ୍ଥିସଂହାରୀ, ବଜ୍ରବଲ୍ଲୀ, ଗ୍ରନ୍ଥିମାନ, ଅସ୍ଥିସଂହାର, হাড়োচ, হাড ভাঙ্গা, হাড় জোড়া, হাড় জোড়, হাড মোড়া; हड़सङ्कारी, हरजोडी(ड़), हरसंहारि, खारबुट्टी, हरसङ्कर, हाडसंहारा ତେ. ନଲ୍ଲଦ, ନଲ୍ଲେର, ନଲ୍ଲେରୁ ତା. ପିରଣ୍ଡାଇ

[ବି—ଏହାର ପଦମାନ ୩।୬ ଅଙ୍ଗୁଳ ଓ ଚେପଟା ଗୁରକୋଣିଆ; ଖଣ୍ଡ ଖଣ୍ଡ ହୋଇ ଏକତ୍ର ଗିଳିଲା ପରି ଲାଗିଥାଏ । ପଦମାନଙ୍କର ଗୋଟିଏ ପାଖରେ ପତ୍ର ଓ ଅନ୍ୟ ପାଖରେ ଚେର ଲମ୍ବିଥାଏ । ଉକ୍ତ ଚେରମାନ ଅନ୍ୟ ଗଛ ଆଦିକୁ ଆଙ୍କୁଡ଼ େଇ କରି ଧରେ । ଏହା ଭଙ୍ଗା ହାଡ଼ମାନଙ୍କର ମାଳ ପରି ଦେଖା ଯିବାରୁ ଏହାର ଏହି ନାମ ହୋଇଅଛି । ଏହାକୁ ବାଟି ବାନ୍ଧିଲେ ଭଙ୍ଗା ହାଡ଼ ଯୋଡ଼ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବାତଶ୍ଳେଷ୍ମାନାଶକ, ଭଗ୍ନ ଅସ୍ଥିର ସଂଯୋଜକ, ଉଷ୍ଣସ୍ପର୍ଶ, ସାରକ, କୃମିଘ୍ନ, ଅର୍ଶୋନାଶକ, ନେତ୍ରରୋଗରେ ଉପକାରୀ, ରୁକ୍ଷ, ସ୍ୱାଦୁ, ବଳକର, ପାଚକ ଓ ପିତ୍ତଜନକ । ଏହାର ତ୍ୱକ୍(ଛେଲି)ବକଳିତ କାଣ୍ଡର ଚୂର୍ଣ୍ଣ ଓ ଭୁଷ ସହିତ ଶିମ୍ବି ଧାନ୍ୟକୁ ପେଷି ତିଳ ତେଲରେ ପାକ କଲେ ତଦ୍ଦ୍ୱାରା ବାତ ରୋଗର ଉପଶମ ହୁଏ ।] ଦେ. ବଣ—୧ । [ଅତ୍ୟୁକ୍ତି] ଯେଉଁ ପରିଶ୍ରମ ଦ୍ୱାରା ହାଡ଼ ଭାଙ୍ଗିଯାଏ; ଅତ୍ୟଧିକ କାୟିକ [ପରିଶ୍ରମ]— 1. Excessive and bone-breaking (labour). ୨ । ଅତ୍ୟନ୍ତ କଷ୍ଟକର [ପ୍ରହାର]; ଯେଉଁ ପ୍ରହାର ଦ୍ୱାରା ହାଡ଼ ଭାଙ୍ଗିଯାଏ —2. Excessive or cruel (beating). ୩ । ଅତ୍ୟନ୍ତ ଶ୍ରମସାଧ୍ୟ; ଯେଉଁ କାର୍ଯ୍ୟ କରିବାକୁ ଅତିରିକ୍ତ ପରିଶ୍ରମ କରିବାକୁ ପଡ଼େ— 3· (work) Involving excessive bodily exertion. ୪ । [ଲକ୍ଷଣାର୍ଥ] ମର୍ମଭେଦୀ (ବାକ୍ୟ)— 4. (figurative) Cutting (words); cutting to the quick. ଗ୍ରାଦେ [ବାଲେଶ୍ୱର] ବି— ଏକଜାତୀୟ ପୋକ—A species of insect. [ବି—ଏମାନେ ଶାଗୁଆ ବର୍ଣ୍ଣ (ସମ୍ଭବତଃ ପର, ମାଛ ଏମାନଙ୍କ ଦେହରେ ଲୋମ ନାହିଁ । ଏମାନେ ଶିଂଘରେ ଓ ନାଲିଡ଼ଉରେ ବଂଶି ବସନ୍ତି ।]

ହାଡ଼ଭଙ୍ଗା କଥା—ଦେ. ବି (ଲକ୍ଷଣାର୍ଥ) —ମର୍ମଭେଦୀ ବାକ୍ୟ— Hārda bhangā kathā Cutting words; words হাড়ভাঙ্গাকথা देहजलनेवालीबात which cut to the quick.

ହାଡ଼ଭଙ୍ଗା ପରିଶ୍ରମ (ମିହନତ, ମେହନତ, ମେହେନତ)—ଦେ. ବି— Hārdabhangā parisrama (mibanta, mebanta, mebenata) ଅତ୍ୟନ୍ତ କାୟିକ ପରିଶ୍ରମ—Excessive bodily labour; (metaphorical) bone-breaking exertion. হাড়ভাঙ্গাপরিশ্রম जीतोडपरिश्रम

ହାଡ଼ଭଙ୍ଗା ପାହାର (ମାଡ଼)—ଦେ. ବି—ଅତି କଷ୍ଟକର ପ୍ରହାର— Hārdabhangā pābāra (mārda) Excessive or হাডভাঙ্গামার हाड़तोड़वापाहार very cruel beating.

ହାଡ଼ଭଙ୍ଗା ଶୀତ(ଜାଡ଼)—ଦେ. ବି—ମର୍ମଭେଦୀ ଶୀତ; ଅତ୍ୟନ୍ତ Hārdabhangā sīta(jārda) କ୍ଲେଶଦାୟକ ଶୀତ. (ଯେଉଁ ଶୀତ ହାଡ଼କୁ ସୁଦ୍ଧା ଭେଦ ଯାଏ ବା ଭାଙ୍ଗି ପକାଏ)— Extreme or excessive chill; piercing cold. হাড়ভাঙ্গাশীত हाड़तोडनेवालाशीत

ହାଡ଼ ଭାଙ୍ଗିବା—ଦେ·କ୍ରି—୧ । ହାଡ଼ଗୋଡ଼ ଚୂନା କରିବା (ଦେଖ)— Hārda bhāngibā 1. Hārda gordа chunā karibā (See) ୨ । ଅତିରିକ୍ତ ପରିଶ୍ରମ କରିବା—2. To do excessive labour. ଦେ· ବି—ଅଘାତାଦି ଦ୍ୱାରା ଅସ୍ଥିର ଭଙ୍ଗ—Bone fracture. হাড়ভাঙ্গা हाड़तोडना

ହାଡ଼ ମାଉଁସ—ଦେ. ବି (ସଦତର ଶବ୍ଦ)—ଅସ୍ଥି ଓ ମାଂସ— Hārda māunsa Bone and flesh. (ଯଥା—ତା ଦେହରେ ହାଡ଼ ମାଉଁସ ହୋଇ ପାଞ୍ଚପଲ ହୁଏ ବା ନ ହୁଏ, ଅଥଚ হাড়মাস हाड़मांस ସେ ବୁଦ୍ଧିରେ ସଂସାରକୁ କିଣନ୍ତି)

ହାଡ଼ ମାଳ—ଦେ. ବି (ସଂ. ହଡ୍ଡ ଓ ମାଳା)—୧ । ଅସ୍ଥିମାଳା; ଖଣ୍ଡଖଣ୍ଡ Hārda māla ଅସ୍ଥି ଦ୍ୱାରା ଗୁନ୍ଥା ହୋଇଥିବା ମାଳା (ଯାହା କାଳୀ ଠାକୁରାଣୀ ଗଳାରେ ଧାରଣ କରନ୍ତି—1. A necklace of bones strewn together. ୨ । ଅସ୍ଥିକଙ୍କାଳ ମାଳ; ଅତି ଶୀର୍ଣ୍ଣଶୀର୍ଣ୍ଣ ଅବସ୍ଥା—2. State of being reduced to skeleton. ୩ । (ସ୍ୱର୍ଣ୍ଣହାର ପରିହିତ ଧନୀଙ୍କ ପ୍ରତି ଗରିବଲୋକଙ୍କ ବ୍ୟବହୃତ ବ୍ୟଙ୍ଗ)— ହାରମାଳ; ସୁନାର ହାର—3. (ironical pronunciation) Gold necklace. হাড়মালা हाड़माला

ହାଡ଼ ରସ (ସା)—ଦେ. ବି—(ସଂ· ହଡ୍ଡ ଓ ରସ)—୧ । ଅସ୍ଥି ମଧ୍ୟରେ Hārda rasa (sā) ଥିବା ମଜ୍ଜା ବା ତରଳ ବସ୍ତୁ—1. Bone-marrow. ୨ । (ଲକ୍ଷଣାର୍ଥ) ବହୁକାଳ ଅତିସାର ଦ୍ୱାରା ଅକାଳ୍ୟ ରୋଗୀର ମୁମୂର୍ଷୁ ଅବସ୍ଥାରେ ଝାଡ଼ା ସଙ୍ଗେ ବହିର୍ଗତ ହେବା ପଜବତ୍ ଘନ ଚକ୍କାର ଦୁର୍ଗନ୍ଧମୟ ରସ— (figurative) A pulpy pus-like and ver

offensive reddish matter evacuated by a person in the last stage of chronic dysentery. [ଦ୍ର - ଅତିସାର ରୋଗୀର ହାଡ଼ରସା ଗଳିଲେ ବା ହାଡ଼ରସା ବୋହିଲେ ଲୋକେ ତାହାର ଅଶୁ ମୃତ୍ୟୁକୁ ପ୍ରତୀକ୍ଷା କରନ୍ତି] ୩ । ପ୍ରସବ ହେବା ପରେ ପ୍ରସୂତିଙ୍କ ପ୍ରସବ ଦ୍ୱାରରୁ କାଏ ଦିନ ପର୍ଯ୍ୟନ୍ତ ବୋହୁଥିବା ନାଲି ରଙ୍ଗର ସ୍ରାବ (ଡାକ୍ତର ଗୋକୁଳଶୋର. ପ୍ରସୂତି ଚର୍ଯ୍ୟା)—3. Loch'a. [ଦ୍ର—କ୍ରମେ କ୍ରମେ ଏହି ସ୍ରାବ ଫିକା ଓ କେତେ ଦିନ ପରେ ଧଳା ରଙ୍ଗର ହୁଏ]
হাড়েররস हाडरस

ହାଡ଼ରସା ଗଳିବା (ବୋହିବା)—ଦେ. କ୍ରି—ଅତିସାରର ମାରାତ୍ମକ ଅବ-
Hārdarasā galibā (bohibā) ସ୍ଥାରେ ପୂଜବତ୍ ଦୁର୍ଗନ୍ଧ ସ୍ରାବ ହେବା—Last stage of chronic dysentery in which pulpy pus is evacuated.
হাড়রসাবেরুন हाड़रसनिकलना

ହାଡ଼ରସା ନିକାଳିଦେବା (ନିକାଳିବା, ବୁହାଇବା, ବାହାର କରିବା)—
Hārdarasā nikālidebā (nikālibā, buhāibā, bāhāra karibā)—ଦେ. କ୍ରି (ଅତ୍ୟୁକ୍ତି)—ଅତ୍ୟନ୍ତ ପ୍ରହାର କରିବା; ଏପରି ପ୍ରହାର ଦେବା, କି ଯଦ୍ଦ୍ୱାରା ଦେହର ହାଡ଼ [ହାଡ଼ରସା ନିକଳିବା; ହାଡ଼ରସା ବାହାରିବା—କ. ରୂପ] ଯାକ ଭାଙ୍ଗି ଯାଇ ଦେହରୁ ମଜ୍ଜା ବାହାରି ପଡ଼େ—To beat a
হাড়রসাবাহিরকরা हाडरसनिकालदेना person to pulp.

ହାଡ଼ରା—ଦେ. ବିଣ—୧ । ଅତି ଟାଣୁଆ (ମାଟି)—1. Very hard
Hārdarā (soil). ୨ । ବୁଢ଼ା ଓ ସ୍ୱଳ୍ପ ପତ୍ର ଯୁକ୍ତ (ଗଛ)—2. Old and leafless (tree) ୩ । (ପୁଂ) ହାଡ଼ୁଆ [ହାଡ଼ରୀ—ସ୍ତ୍ରୀ] (ଦେଖ)—3. Hārduā (See)
পাথুরে कड़ा, हडीला

ହାଡ଼ରୁ ମାଉଁସ ଖାଇବା (ରେକେଟିବା)—ଦେ. କ୍ରି—୧ । ମାଂସଯୁକ୍ତ
Hārdaru mauñsa khāibā (reketibā) ଅସ୍ଥିରୁ ଦନ୍ତଦ୍ୱାରା ମାଂସକୁ ପୃଥକ୍ କରି ଖାଇବା (ଯେପରି କୁକୁର କରେ) [ହାଡ଼ରୁ ମାଉଁସ ରେକେଟି ଖାଇବା—ଅନ୍ୟରୂପ] 1. To chew away the flesh adhering to pieces of bone (as a dog). ୨ । (ଲକ୍ଷଣାର୍ଥ) ଅତ୍ୟନ୍ତ କଷ୍ଟ ଦେବା; ଅତି ଉତ୍ପୀଡ଼ିତ କରିବା—2. (figurative) To annoy or oppress extremely.
হাড়থেকেমাংসখাওয়া हाडसेमांसखाना

ହାଡ଼ରୁ ମାଉଁସ ମିଳା(ଲେ)ଇଯିବା(ପଡ଼ିବା)—ଦେ. କ୍ରି (ଲକ୍ଷଣାର୍ଥ)—
Hārdaru mauñsa milā(le)ijibā (pardibā) ଅତ୍ୟନ୍ତ ଉତ୍ପୀଡ଼ନ ବା ଅତ୍ୟାଚାରର ଭୋଗ କରିବା—(figurative) To be subjected to much annoyance or
হাড়থেকেমাসমলিয়েযাওয়া हाडसेमांसमिलाना oppression.

ହାଡ଼ରୁ ରସ ନିକାଳିବା (ବୁହାଇବା, ବାହାରକରିବା)—ଦେ. କ୍ରି—
Hārdaru rasa nikālibā (buhāibā, bāhārakaribā) ହାଡ଼ରସା ନିକାଳିଦେବା (ଦେଖ)—Hārdarasā nikālidebā (See)
[ହାଡ଼ରୁ ରସ ନିକଳିବା (ବୋହିବା, ବାହାରିବା)—ବିଶେଷ୍ୟ ରୂପ]

ହାଡ଼ ରେକ(କେ)ଟା—ଦେ. ବି—ମାଂସହୀନ ହାଡ଼କୁ ଚୋବାଇବା କର୍ମ
Hārda reka(ke)tā —The act of chewing a
হাড়চর্ব্বণ हाडचबाना meatless bone.

ପ୍ରାଦେ [ଗଡ଼ହାଡ଼] ବି—ହେଟା—Hyena.

ହାଡ଼ ରେକ(କେ)ଟିବା—ଦେ. କ୍ରି—ମାଂସହୀନ ଅସ୍ଥିକୁ ଦାନ୍ତ ଦ୍ୱାରା
Hārda reka(ke)tibā ଚୋବାଇବା—To chew a meatless bone.

ହାଡ଼ ଶିଙ୍କୁଳା—ପ୍ରାଦେ (କୋରାପୁଟ) ବି (ସଂ. ନାମ—ଅସ୍ଥି ଶୃଙ୍ଖଳା)—
Hārda sinkulā ହାଡ଼ଭଙ୍ଗା ୨ [ଦେଖ]—Hārdabhangā 2 [See]. [ଦ୍ର—ହାଡ଼ ଭାଙ୍ଗିଗଲେ ବା ମକଚି ହୋଇଗଲେ ଏହାକୁ ବାଟି ଭଙ୍ଗା ସ୍ଥାନରେ ଲଗାଇ କନା ବାନ୍ଧିଦେଲେ ୮।୧୦ ଦିନ ମଧ୍ୟରେ ହାଡ଼ ଯୋଡ଼ି ହୋଇଯାଏ । ଏ ଗଛର ପତ୍ରକୁ ଚଟଣି ଓ ଭଜା କରି ଖାଆନ୍ତି । ବାତ ରୋଗ ଏହାଦ୍ୱାରା ଉପଶାନ୍ତ ହୁଏ ।)

ହାଡ଼ ଶୂଳା—ଦେ. ବି—୧ । ଅସ୍ଥି ଶୂଳ—1. Aching of the
Hārda sūlā bones. ୨ । (ଲକ୍ଷଣାର୍ଥ)
হাড়জ্বলা हाडशूल ହାଡ଼ ଜଳା।—2. (figurative) Extreme annoyance. ବିଣ—ମର୍ମଭେଦୀ (ବାକ୍ୟ)—Heart-rending; heart-piercing; cutting to the quick.

ହାଡ଼ଶୂଳା(ଲେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ହାଡ଼ ଜଳିବା—
Hārda sūlā(le)ibā 1. Extreme annoyance. [ହାଡ଼ ଶୂଳା(ଲେ)ଇଦେବା—ଅନ୍ୟରୂପ] ୨ । ଅସ୍ଥିଶୂଳ—2.
হাড় কনকনকরা Aching of the bones.
हाड़ में शूलहोना

ହାଡ଼ ସାର—ଦେ. ବିଣ—ଅସ୍ଥିମାଂସସାର; ଅସ୍ଥି କଙ୍କାଳ ବିଶିଷ୍ଟ—
Hārda sāra Reduced to skeleton.
হাড়সার हाड़सार

ହାଡ଼ ହାଡ଼ (ହାଡ଼ୁଆ)—ଦେ. ବିଣ—୧ । ଅଧିକ ଅସ୍ଥି ମିଶ୍ରିତ (ମାଂସ)
Hārda hārda (hārduā) 1. (meat) Consisting
হাড় হাড় largely of bones. ୨ । ହାଡ଼ୁଆ; ଅସ୍ଥିମୟ—
हाडमय 2. Bony. ଦେ. ବି—ନଗଦ ଧନ—Hard cash.

ହାଡ଼ା—ଦେ. ବି—ଅସ୍ଥି ଚର୍ମାବଶିଷ୍ଟ ଦେହ—A body reduced
Hārdā to skeleton. ବିଣ—୧ । ଅସ୍ଥିଚର୍ମାବଶିଷ୍ଟ—
হাড়সার 1. Reduced to skeleton. ୨ । ହାଡ଼ୁଆ—
हाडमात्र हड़ीला 2. Bony.

ହାଡ଼ି—ଦେ. ବି. ପୁଂ—(ସଂ. ହଡ୍ଡିକ, ହଡ଼ିକା—୧ । ଚଣ୍ଡାଳ ଜାତି;
Hārdi ମନୁଷ୍ୟମାନଙ୍କର ମଳ ଓ ରାସ୍ତାର ମଇଳା ପରିଷ୍କାରକାରୀ, (ହାଡ଼ିଆଣୀ—ସ୍ତ୍ରୀ) ଗୋମାଂସ ଖାଦକ ଘୃଣ୍ୟ ଅସ୍ପୃଶ୍ୟ ଜାତି; ମେହେନ୍ତର ଜାତି; ମଳାପକର୍ଷୀ ଜାତି—1. A low untouchable caste whose work is to sweep nightsoil and the public roads. [ଦ୍ର—ଆମ ଦେଶରେ ହାଡ଼ିମାନେ ଗ୍ରାମର ଓ ନଗରର ଆବର୍ଜନା ସଫା କରନ୍ତି । ହାଡ଼ିଆଣୀମାନେ ପାଇଖାନା ସଫା କରନ୍ତି ଓ ହାଡ଼ିମାନେ ବସ୍ତାମାନ ଗାଡ଼ିରେ ବା ଭାରରେ

ନେଇ ଦୂରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତନ୍ତି । ହାଡ଼ିମାନେ ମଧ୍ୟ ବାହାଦ ଛତ୍ରବରେ ବାଜା ବଜାନ୍ତି ଓ ଯେଉଁ ବ୍ୟକ୍ତିର ଶବ ଉଠାଇ ନେବାକୁ କେହି ନ ଆସନ୍ତି, ତାଙ୍କ ଶବ ନେଇ ଯାଆନ୍ତି । କେଉଁ କେଉଁ ଦେଶରେ ହାଡ଼ିମାନଙ୍କର ଶ୍ରେଣୀ-ବିଶେଷ ଶୂକର ପାଳନ କରନ୍ତି । କେଉଁ କେଉଁ ଶ୍ରେଣୀ ତାଳ ଗଛରୁ ତାଳ କାଟନ୍ତି ଓ ଖଜୁରି ଗଛରୁ ତାଡ଼ି ସଂଗ୍ରହ କରନ୍ତି । ବଙ୍ଗ ଦେଶରେ ହାଡ଼ିଆଣୀମାନେ ନବ-ଜାତ ଶିଶୁର ନାହିନାଡ଼ କାଟନ୍ତି । ହାଡ଼ିମାନେ ମୁର୍ଦ୍ଦାର କାଢ଼ନ୍ତି ଓ ସହରରେ ପାଇଖାନା ଓ ନର୍ଦ୍ଦମା ସଫା କରନ୍ତି । ମେଦିନୀପୁର ଅଞ୍ଚଳରେ ଏମାନେ ସବାରି ବୋହିଥାନ୍ତି ।

ଏମାନଙ୍କ ସମାଜରେ ବାଲିକା ବିବାହ, ଯୁବତୀ ବିବାହ ଓ ବିଧବା ବିବାହ ପ୍ରଚଳିତ । ଏମାନଙ୍କ ଜାତିର 'ପଣ୍ଡିତ' ଆଖ୍ୟାଧାରୀ ବ୍ୟକ୍ତି ବିବାହାଦିରେ ଏମାନଙ୍କ ପୌରୋହିତ୍ୟ କରନ୍ତି । ବଙ୍ଗଦେଶର ହାଡ଼ିମାନେ ଶାକ୍ତ । ଉତ୍ତର ବଙ୍ଗରେ ଅନେକ ଅଞ୍ଚଳରେ ଏମାନେ ମହା ସମାରୋହରେ କାଳୀ ପୂଜା କରନ୍ତି । କେହି କେହି ପଣ୍ଡିତ କହନ୍ତି ଯେ, ଏମାନଙ୍କ ପୂର୍ବପୁରୁଷମାନେ ଶାକ୍ତ ବୌଦ୍ଧ ତାନ୍ତ୍ରିକ ଥିଲେ ଓ ଏମାନଙ୍କ ମଧ୍ୟରେ ଅନେକ ସିଦ୍ଧ ପୁରୁଷ ଥିଲେ । ବଙ୍ଗଦେଶ ପ୍ରଚଳିତ ରାଣୀ ମୟନାବତୀ ଓ ରଜା ଗୋବିନ୍ଦଚନ୍ଦ୍ରଙ୍କ ଗଳ୍ପରେ ହାଡ଼ିପା ନାମକ ଜଣେ ସିଦ୍ଧପୁରୁଷ ଏ ଦୁହିଙ୍କ ଗୁରୁ ଥିବା ବର୍ଣ୍ଣିତ ।

କ୍ରମଶଃ ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସ୍ପୃଶ୍ୟତା ବର୍ଜନ ଆନ୍ଦୋଳନର ଫଳରେ ଏମାନଙ୍କ ସମାଜରେ ଶିକ୍ଷା, ସଭ୍ୟତା, ମଦ୍ୟ ଓ ଗୋମାଂସ ବର୍ଜନ ପ୍ରବେଶ କରୁଅଛି; କେତେଗୁଡ଼ିଏ ଯୁବକ ଉଚ୍ଚ ଶିକ୍ଷା ଲାଭ କରୁଅଛନ୍ତି; ଏମାନଙ୍କ ପାଇଁ ସ୍ଥାନେ ସ୍ଥାନେ ସ୍ୱତନ୍ତ୍ର ବିଦ୍ୟାଳୟମାନ ଖୋଲି ଯାଉଅଛି ଓ ଅନେକସ୍ଥଳରେ ସାଧାରଣ ବିଦ୍ୟାଳୟ-ମାନଙ୍କରେ ଉଚ୍ଚ ବର୍ଣ୍ଣର ଛାତ୍ରମାନଙ୍କ ସଙ୍ଗେ ଏକ ଶ୍ରେଣୀରେ ଓ ଏକାସନରେ ଏ ଜାତିର ଛାତ୍ରମାନେ ଶିକ୍ଷାଲାଭ କରୁଅଛନ୍ତି ।] ୨ । ଅତି ନୋଂରା ଓ ଅପରିଷ୍କୃତ ବ୍ୟକ୍ତି; ଘୃଣା-ଜନକ ବ୍ୟକ୍ତି—2. A person of very nasty habits. ୩ । ଅତି ଭୀରୁ ବ୍ୟକ୍ତି—3. A very coward person. ୪ । ହାଡ଼ିବନ୍ଧୁର ଡାକ ନାମ—4. Nickname for Hārdibandhu. ୫ । (ସ୍ତ୍ରୀ ଓ ପୁଂ) ଅପତ୍ରିଆଣୀ ସ୍ତ୍ରୀ ଓ ପୁରୁଷଙ୍କ ନାମ—5. A name given to a girl and boy whose elder brother or sister has died before her or his birth.

ବିଣ—୧ । ଘୃଣାକର—1. Of nasty habits. ୨ । କୌଣସି ବିଷୟ ପ୍ରତି ଡରକୁଳା—2. Timid; of fearful nature. (ଯଥା—ସେ ମାଡ଼କୁ ହାଡ଼ି = ଅର୍ଥାତ୍ ସେ ମାଡ଼ ଖାଇବାକୁ ଭୀରୁ ହୁଏ ।)

ହାଡ଼ିଆ—ଦେ. ବି ପୁଂ—୧ । ହାଡ଼ିବନ୍ଧୁର ଡାକନାମ—1. Nick name of Hārdibandhu. ୨ । ହାଡ଼ିଆବୀର (ଦେଖ)—2. Hārdiabira (See)
Hārdia
ହାଡି ହାଡିଆ

ହାଡ଼ିଆଣୀ—ଦେ. ବି. ସ୍ତ୍ରୀ—(ପୁଂ ହାଡ଼ି)—୧ । ହାଡ଼ିର ସ୍ତ୍ରୀଲିଙ୍ଗ; ହାଡ଼ି ଜାତିର ସ୍ତ୍ରୀ; ମେହେନ୍ତରାଣୀ; ଚଣ୍ଡାଳୁଣୀ—1. A woman of the sweeper caste. [ଦ୍ର—ବଙ୍ଗଦେଶରେ ହାଡ଼ିଆଣୀମାନେ ନବଜାତ ଶିଶୁର ନାଭି ଛେଦନ କରନ୍ତି] ୨ । (ସଂ ଗୃହଗୋଧିକା) ପଲ୍ଲୀ; ଗୃହ ଗୋଧିକା; ଝିଟିପିଟି—2. The house gecko; the common house lizard; Hemidactylus. [ଦ୍ର—ହାଡ଼ିଆଣୀ ଅସ୍ପୃଶ୍ୟା ଥିବାରୁ ଓ ଦେହରେ ପଲ୍ଲୀ ପଡ଼ିଲେ ସ୍ନାନ କରିବାର ବିଧି ଥିବାରୁ ପଲ୍ଲୀର ଏହି ନାମ ହୋଇଅଛି] ୩ । କାମରୂପ କାମାକ୍ଷାର ପ୍ରସିଦ୍ଧା ତନ୍ତ୍ରସିଦ୍ଧା ଚଣ୍ଡାଳୁଣୀର ନାମ—3. Name of a Hārdi woman famed to be versed in Tāntra. [ଦ୍ର—ଅନେକ ଝଡ଼ା ଫୁଙ୍କା ମନ୍ତ୍ରରେ 'ଚଣ୍ଡୀ ହାଡ଼ିଆଣୀ'ର ନାମୋଲ୍ଲେଖ କରାଯାଏ]
Hārdiāṇi
हाड़िनी
हाडिआनी
टिकटिकि
गिरगिट
हाड़िनी
हाडिआणी

ହାଡ଼ିଆଣୀ ଖଟିବା—ଦେ. କ୍ରି—ହାଡ଼ିଆଣୀର ପାଇଖାନା ସଫା କରିବା କର୍ମ
Hārdiāṇī khaṭibā— The cleansing of a privy or latrine by a sweeper woman.
মেঁথরাণীখাটা हाडिआणीखटना

ହାଡ଼ିଆଣୀ ଚଉଠି—ପ୍ରାଦେ (ଗଡ଼ଜାତ)—ବି. ଗଣେଶ ଚତୁର୍ଥୀ (ଦେଖ)
Hārdiāṇi chauṭhi —Gaṇeśa chaturthī (See).

ହାଡ଼ିଆଣୀ ଛୁଆଁ—ଦେ, ବିଣ - ୧ । ମେହେନ୍ତରାଣୀକୁ ସ୍ପର୍ଶ କରିବା ଯୋଗୁ ଅପବିତ୍ରୀକୃତ (ବ୍ୟକ୍ତି)—(a person) Contaminated by the touch of a sweeper woman. ୨। ଉପରେ ପଲ୍ଲୀପତନ ଯୋଗୁଁ ଅପବିତ୍ରୀକୃତ (ବ୍ୟକ୍ତି)—2. (a person) Contaminated by the touch of a houselizard.
हाड़ीआणी छूत
[ଦ୍ର—ଏ ପଦ ବିଶେଷ୍ୟରୂପେ ମଧ୍ୟ ଚଳେ]

ହାଡ଼ିଆ ବୀର—ଦେ, ବି—ତାନ୍ତ୍ରିକ ପ୍ରୟୋଗ ଦ୍ୱାରା ମନୁଷ୍ୟ ଦେହରେ ଅବିଷ୍ଟ କରାଯିବା ଭୂତର ନାମ—Name of an evil spirit which is made, by employment of 'Tantric' black art, to passess a subject.
Hārdia bira
भूत ভূত

ହାଡ଼ିଘର ପଶା—ଦେ, ବିଣ. ପୁ—୧ । ଯେଉଁ ବ୍ୟକ୍ତି ପେଟ ଜ୍ୱାଳାରେ ବା ଅନ୍ୟ ଲୋଭରେ ନିଜ ଜାତି ହରାଇ (ହାଡ଼ିଘରପଶୀ—ସ୍ତ୍ରୀ) ହାଡ଼ି ଜାତିରେ ପ୍ରବେଶ କରେ—1. (a person) Who enters into the Hārdi society out of the pale of his own society for want of food or for
Hārdi ghara pasā
হাড়িঘরে ঢোকা
हाड़ीघर पैठनेवाला

for other reasons. ୨। (ଗାଳି) ଯେଉଁ ବ୍ୟକ୍ତି ନିଜ ଜାତି ହରାଇ ଅନ୍ତ ଜାତ ଜାତିରେ ପ୍ରବେଶ କରେ—2. (a term of abuse) A person who loses his caste.

ହାଡ଼ି ଘରେ ପଶିବା—ଦେ. କ୍ରି—୧। ଖାଇବା ବା ଅନ୍ୟ ଲୋଭରେ ନିଜର ଉଚ୍ଚ ଜାତି ହରାଇ ହାଡ଼ିଘରେ ଖାଇବା ବା ହାଡ଼ି ଜାତିରେ ପ୍ରବେଶ କରିବା—
Hārdi ghare pasibā
হাড়িঘরে ঢোকা
हाड़िघर पैठना 1. To leave one's society and enter into Hārdi society. ୨। (ଲକ୍ଷଣାର୍ଥ)—(ଗାଳିରେ ବ୍ୟବହୃତ)—2. (figurative) A term used in course of abuse. [ଦ୍ର—ହାଡ଼ିଘରେ ପଶି ସେଠ ପୂରିଲ ନାହିଁ—ନ୍ୟାୟ—ସେଠ ବଡ଼ଲରେ ବା ଖାଇବା ଲୋଭରେ ହାଡ଼ିଘରେ ପଶିବା ଲୋକର ହାଡ଼ିଘରେ ପଶି ସୁଦ୍ଧା ସେଠ ନ ପୂରିଲେ ବା ସାଧ ନ ମେଣ୍ଟିଲେ ବା ଧନାଦି ଲୋଭରେ ନୀଚ କାର୍ଯ୍ୟ କରି ସୁଦ୍ଧା ଉକ୍ତ ଲୋଭ ବା ତୃଷ୍ଣା ନ ମେଣ୍ଟିଲେ ଏହି ଉକ୍ତିଟି ବ୍ୟବହୃତ ହୁଏ।]

ହାଡ଼ି ଘୋଷରା—ଦେ. ବି—ଯେଉଁ ବ୍ୟକ୍ତିର ଶବକୁ ଶ୍ମଶାନକୁ ନେବାକୁ କେହି ଆତ୍ମୀୟ ନିକଟରେ ନ ଥାନ୍ତି ଓ ମହାମାରୀ ଆଦି ସମୟରେ ଯେଉଁମାନେ କଳୁଷିତ ଅବସ୍ଥାରେ ମରିଯାଆନ୍ତି ସେମାନଙ୍କ ଶବକୁ ଦଉଡ଼ିଦ୍ୱାରା ଟାଣି ମେହେନ୍ତରମାନଙ୍କ ଦ୍ୱାରା ଶ୍ମଶାନକୁ ଘୋଷାରି ନେବା
Hārdi ghosharā
মুদ্দাফরাসটানা
हाड़िघसीटा —The dragging of a corpse of a person dying homeless and friendless with a rope to the cremation ground or burial ground by sweepers.

ହାଡ଼ିଛୁଆଁ ଦେ.ବିଣ—ଯେଉଁ ବ୍ୟକ୍ତି ଅସ୍ପୃଶ୍ୟ ହାଡ଼ିକୁ ସ୍ପର୍ଶ କରିବାରୁ ଅଶୁଦ୍ଧ ହୋଇଥାଏ ଓ ଯେଉଁ ଅଶୁଦ୍ଧି ବିନା ସ୍ନାନରେ ଓ ବିନା ପ୍ରାୟଶ୍ଚିତ୍ତରେ ଦୂର ହୁଏ ନାହିଁ—
Hārdi chhuān
হাড়িছোঁয়া
हाड़ीछूत Contaminated by the touch of an untouchable Hārdi

ହାଡ଼ିଞ୍ଜ—ବୈଦେ. ବି—(ଇଂ; ନାମ)—ହାର୍ଡିଞ୍ଜ (ଦେଖ)—
Hārdinj Hardinj (See)

ହାଡ଼ିପ(ପା)—ଦେ. ବି—(ସଂ. ହଡ଼୍ଡିପ)—୧। ହାଡ଼ି (ଦେଖ)—
Hārdipa(pā) Hārdi (See) ୨। ହାଡ଼ି ବା ନୀଚଜାତୀୟ ବୌଦ୍ଧ ଯୋଗସାଧକ ବିଶେଷ; ବୌଦ୍ଧତାନ୍ତ୍ରିକ ସିଦ୍ଧପୁରୁଷ ବିଶେଷ—2. Name of a Buddhist who had attained suceess in joga; name of a Buddhist saint. [ଦ୍ର—ଏହାଙ୍କର ନାମ ଅନ୍ୟ ଦେଶରେ ଯୋଗୀମାନେ ବୋଲିବା 'ଗୋବିନ୍ଦଚନ୍ଦ୍ର' ଗୀତରେ ଉଲ୍ଲେଖ ଅଛି। ଏ ରାଜା ଗୋବିନ୍ଦଚନ୍ଦ୍ରଙ୍କ ଗୁରୁ ଥିଲେ।]
হাড়িপা
हाडीप

ହାଡ଼ି ପାଣ—ଦେ. ବି—(ଦ୍ୱନ୍ଦ୍ୱଚର ଶବ୍ଦ)—ହାଡ଼ି ଓ ପାଣ ଆଦି ଅସ୍ପୃଶ୍ୟ ନୀଚ ଜାତି—Persons of low untouchable castes.
Hārdi pāna
হাড়ি ডোম
हाड़ीदुसाध [ଦ୍ର—ଏହିପରି ହାଡ଼ି ବାଉରି, ହାଡ଼ି ଚମାର, ହାଡ଼ି କଣ୍ଡରା, ହାଡ଼ି ଡମ ଆଦି ଶବ୍ଦମାନଙ୍କର ପ୍ରୟୋଗ ହୁଏ।]

ହାଡ଼ି ପୁଅ—ଦେ. ବି—୧। ହାଡ଼ି ଜାତିର ସନ୍ତାନ; ହାଡ଼ି ସନ୍ତାନ; ହାଡ଼ି ଜାତୀୟ ବ୍ୟକ୍ତି—1. A person of the Hārdi caste; an offspring of Hārdi parents. ୨। ଏକପ୍ରକାର ଗାଳି—2. A term of abuse.
Hārdi pua
হাড়িপো হাড়ির ছেলে
हाड़ीका लड़का

ହାଡ଼ି ବାଇଦ (ବାଜା)—ଦେ. ବି—ବିବାହାଦି ଉତ୍ସବ ଉପଲକ୍ଷରେ ହାଡ଼ିମାନଙ୍କ ବଜାଇବା ଢୋଲ, ନାଗରା, ଢେଙ୍କା ମହୁରୀ, ଡ୍ରମ୍ ଆଦି ବାଦ୍ୟ—Drums etc beaten by Hārdis during festivals.
Hārdi bāida(bājā)
মুচিবাদ্য
हाड़ीबाजा

ହାଡ଼ିରେ ଯିବା—ଦେ. କ୍ରି—ହାଡ଼ି ଘରେ ପଶିବା (ଦେଖ)—
Hārdire jibā Hārdi ghare pasibā (See)

ହାଡ଼ୁ—ଦେ. ବି—ହାଡ଼ିବନ୍ଧୁର ଆଦରାର୍ଥକ ଡାକ ନାମ—Fond nickname of Hārdibandhu. ଗ୍ରାଦେ (ସମ୍ବଲପୁର, ଅସ୍ପୃଶ୍ୟ ଜାତି ବ୍ୟବହୃତ ଭାଷା) ବି-ଗୁଡ଼—Molasses.
Hārdu
হাড়ি
हाड़ि

ହାଡ଼ୁଆ—ଦେ· ବିଣ—୧। ଅସ୍ଥିମୟ—1. Full of bones; bony. ୨। ହାଡ଼ପରି ଟାଣ—2. Hard as bone ୩। ହାଡ଼ପରି ସରୁ ଅଥଚ ଟାଣ—3. Slender and hard as bone. ୪। ଅସ୍ଥିସାର (ମାଂସ)—4. (meat) Consisting chiefly or mixed mostly with bone. [ହାଡ଼େ (ଢ଼ୋ) —ସ୍ତ୍ରୀ] ୫। ପୁ—ଅସ୍ଥିସାର ବା କଙ୍କାଳସାର (ବ୍ୟକ୍ତି); ମାଂସହୀନ (ବ୍ୟକ୍ତି)—Bony; (a person) who is a bundle of bones. ୬। କଙ୍କାଳମାତ୍ରାବଶିଷ୍ଟ—6. Reduced to skeleton. ବି—ହାଡ଼ିବନ୍ଧୁର ଆଦରାର୍ଥକ ଡାକନାମ—Nickname for Hārdibandhu. ଗ୍ରାଦେ (ସମ୍ବଲପୁର) ବି—କ୍ଷୀଣକାୟ ବ୍ୟକ୍ତି—An emaciated person.
Hārdua
হেড়ো
हाड़मय, हड़हा, हड़ीला

ହାଡ଼ୁ ଆଳୀ—ଦେ. ବିଣ—ହାଡ଼ଯୁକ୍ତ (ମାଂସ)—(Meat) Consising chiefly of or mixed mostly with bone. ବି—ପୁଷ୍ପବିଶିଷ୍ଟ ଗଛ ବିଶେଷ; ବୃକ୍ଷବିଶେଷ—1. Ligustrum Robustum; Lingustrum Roxburghii (Haines).
Hārduāli
হাড়ি যাল
हाड़युक्त

ହାଡ଼ୁ ଡୁ (ଢୁ, ଡୁ) ଡୁ—ଦେ. ବି (ଧ୍ୱନ୍ୟନୁକରଣ; ଏଥିରେ ଖେଳାଳିମାନେ 'ହା ଡୁ ଡୁ ଡୁ ଡୁ' ଶବ୍ଦ ଉଚ୍ଚାରଣ କରୁଥିବାରୁ)—ଡୁଡୁ [ହାଡୁଡୁ—ଅନ୍ୟରୂପ] କବ (ବା) ଡ୍ଡୀ (ଦେଖ)—Dudu (See).
Hādu u (bu, du) du
হাডুডুডু

ହାଡୁବାହାର—ବି' ଦେ. ବ—(ଇଂ. ହାର୍‌ବର୍) – ଜାହାଜମାନଙ୍କ
Hārdu bāhāra ରହିବା ସ୍ଥାନ; ବନ୍ଦର—Harbour. [ଉ—
बन्दर × × × ଛଳ ପାଞ୍ଚଣା ହାଡୁବାହାରୁ ଲଙ୍ଗର ଉଠେଇ
बंदरगाह ଦେଲୁଁ । ଫକୀରମୋହନ ଗଳ୍ପସ୍ୱଳ୍ପ ।]

ହାଡ୍ରେ ହାଡ୍ରେ—ଦେ· କ୍ରି. ଵଣ—୧ । କୌଣସି ବ୍ୟକ୍ତି ପ୍ରତି ମନେ
Hārde hārde ମନେ ଅତ୍ୟନ୍ତ ବିରକ୍ତ ହେବା ରୂପେ—
हाड़हाड़े 1. Very much (annoyed with a person)·
हाड़हाड़ [ଯଥା—ସେ ମତେ ସବୁବେଳେ ହାଡ୍ରେ ହାଡ୍ରେ ଚିଡ଼ୁଛି ।] ୨ ଦେହର ଅତି ଲୁକ୍କାୟିତ ବା ଗୁପ୍ତସ୍ଥାନମାନଙ୍କରେ—2. In the most secret or concealed parts of the body. [ଯଥା—ଏ ମାଡ଼ ପିଲାର ହାଡ଼ ହାଡ଼େ ଭେଦିଲା ।] ୩ । ହୃଦୟର ଅନ୍ତରତମ ପ୍ରଦେଶରେ—3. In the recesses of the heart. [ଯଥା—ତାଙ୍କ ବାଣୀଙ୍କ ଗାଳି ମୋ ହାଡେ ହାଡେ ଭେଦିଗଲା ।]

ହାଡ୍ରେ ହାଡ୍ରେ ଚିଡ଼ିବା (ଜଳିବା)—ଦେ. କ୍ରି—ଅତ୍ୟନ୍ତ ବିରକ୍ତ
Hārde hārde chirdibā (jalibā) ହେବା—To be very much teased or annoyed.

ହାଣ—ଦେ· ବ —(ସଂ· ହନନ)—୧ । ହଣା ; ହଣାହେବା ; ଅସ୍ତ୍ରଶସ୍ତ୍ର-
Hāna ଦ୍ୱାରା କଟାହେବା—Cutting ; being cut with
हाना a sharp weapon. ୨ । ତୀକ୍ଷ୍ଣ ଅସ୍ତ୍ରଦ୍ୱାରା ହତ୍ୟା—
वध 2. Murder or slaughter with a sharp
मार weapon. ୩ । ଅସ୍ତ୍ରଶସ୍ତ୍ରଦ୍ୱାରା କଠୋର ପ୍ରହାର—3. Hard beating with weapons. [ଉ—ବର୍ତ୍ତନ ପାରଲେ କେହି ଅମର୍ଷି ସମ୍ମୁଖେ ସେ ଭ୍ରମରୁଧିରବର୍ଷି ସେନାହଣିହାଣେ । ରାଧାନାଥ – ମହାଯାତ୍ରା]
ପ୍ରାଦେ (ବାଲେଶ୍ୱର ପାଠଣ ବ—ଶିକାର—Hunting.

ହାଣି କାଟ—ଦେ. ବ—(ଏକାର୍ଥକ ସହଚର ଶବ୍ଦ)—ସଂ. ହନନ+
Hāna kāta କର୍ତ୍ତନ)—୧ । ହଣାକଟା ; ହଣା ଓ କଟା—
हानाकाटा 1. Cutting. ୨ । ଯୁଦ୍ଧରେ ଶସ୍ତ୍ରାଦିଦ୍ୱାରା
मारकाट ହତ୍ୟା—2, Slaughter with weapons in war.

ହାଣକାଟ ମୁଣ୍ଡ—ପ୍ରାଦେ (ଯାଜପୁର) ବ—ଯେଉଁ ବ୍ୟକ୍ତି କର୍ମର
Hānakāta munda ଭାବରେ ଫଳ ପ୍ରତି ଆସ୍ଥା ନ ରଖି କାର୍ଯ୍ୟ କରେ—One who does work without any fear of consequence.

ହାଣକୁ ନେଲା ପରି (ଭଳି, ଭଳିଆ) ହେବା—ଦେ. କ୍ରି—କୌଣସି
Hānaku nelā pari (bhali, bhaliā) hebā ବ୍ୟକ୍ତିକୁ
हाड़िकाठे नेओया मतन हओया ହତ୍ୟା କରିବାକୁ ନିଆ
खिंचातानि होना ଯାଉଅଛି ବୋଲି ଜାଣିଲେ ସେଠାକୁ ଯିବାକୁ ଉକ୍ତ ବ୍ୟକ୍ତି ଯେପରି ଅନିଚ୍ଛା ଦେଖାଏ, ସେହିପରି ଦେବା; କୌଣସି ସ୍ଥାନକୁ ଯିବା ପାଇଁ ଅତ୍ୟନ୍ତ ଅନିଚ୍ଛା ପ୍ରକାଶ କରିବା ବା ପଶ୍ଚାତ୍‌ପଦ ହେବା—To shrink from advancing to a place (of slaughter); to exhibit unwillingness to go to a place.

ହାଣ ଖା(ପା)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ଦ୍ୱାରା ହଣା ହୋଇ ହତ
Hāna khā(pā) iba ହେବା—To be killed by being cut with a weapon. [ଉ—ପୃଷ୍ଠେ ହାଣ ଖାଇ ହେଲେ ସେହି ସିନା ବୃଥା ଅପଯଶ ଭାଗୀ—
हतहओया मारा जाना ରାଧାନାଥ. ପାର୍ବତୀ ।]

ହାଣ ଘା(ଘାଆ)—ଦେ. ବ—ହଣା ଘାଅ; ଅସ୍ତ୍ରାଘାତ ଜନିତ କ୍ଷତ; କଟା
Hāna ghā(ghā-ā) ଘାଅ—Cutting wound. [ଉ—କଟା ଘାଅ ଅପେକ୍ଷା ହଣା ଘାଅ ବୃହତ୍ତର।]
काटाघा काटाघाव

ହାଣନ—ଦେ. ବ (ସଂ. ହନନ)—୧ । ପ୍ରହାର—1. Beating.
Hānana ୨ । ହନନ (ଗୋପୀନାଥ ନନ୍ଦ) (ଦେଖ)—
हानन मार 2. Hānana (See)

ହାଣ ମାର—ଦେ. ବ (ସହଚର ଶବ୍ଦ)—୧। ହଣା ଓ ମାରଣ;ହତ୍ୟା—
Hāna·māra 1. Slaughter; slaying and killing. ୨ । ଯୁଦ୍ଧରେ ଅସ୍ତ୍ରାଦିଦ୍ୱାରା ହତ୍ୟା—2. Slaughter in a battle. ୩ । ପଡ଼ିଆ ଜମିକୁ ହାଣି ସମତୁଲ କରିବା। 3. Earth-cutting and levelling of a ground.
मारकाट मारकाट

ହାଣ ମୁଣ୍ଡ (ହାଁ)—ଦେ. ବ—୧ । ଯେଉଁସ୍ଥାନ (ଯଥା—ଯୁଦ୍ଧ ଭୂମି) ରେ
Hāna munda (hañ) ସମ୍ମୁଖ ଯୁଦ୍ଧରେ ଲୋକେ ହାଣ ଖାଉଥାଆନ୍ତି—1. A place where people are cut to death. ୨ । ଯୁଦ୍ଧର ସମ୍ମୁଖ ଭୂମି—2. The front of battle. ୩। (ଲକ୍ଷଣାର୍ଥ) ଅତି ବିପଦସଙ୍କୁଳ ସ୍ଥାନ—3.(figurative) A very dangerous place. ୪ । (ଲକ୍ଷଣାର୍ଥ) ଯେଉଁଠାକୁ ଗଲେ ମୃତ୍ୟୁ ନିଶ୍ଚିତ—4. (figurative) A place where the risk to life is imminent. ୫ । (ଲକ୍ଷଣାର୍ଥ) ଅତି ଦାୟିତ୍ୱପୂର୍ଣ୍ଣ ସ୍ଥାନ—5.(figurative) A place of grave responsibility. ୬ । ନଦୀର ବା ଜଳ ଅଟକ ରହିଥିବା ବନ୍ଧର ଯେଉଁ ସ୍ଥାନରେ ମାଟି କଣା ହୋଇ ପାଣି ଅତି ବେଗରେ ବୋହୁଥାଏ—6. A place or breach in an embankment where the rush of water is very great. ୭ । ଯେଉଁ ସ୍ଥାନରେ ବନ୍ଧ ହଣା ହୋଇଥାଏ—7. A place
खाँडारमुख मारकाटकीजगह where a bundh is cut.

ହାଣମୁହଁକୁ ଦେବା (ପେଲିଦେବା)—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ
Hāna muhañku debā (pelidebā) ହତ୍ୟା ସ୍ଥାନକୁ (ଯଥା—ଯୁଦ୍ଧଭୂମିକୁ) ପ୍ରେରଣ କରିବା ବା ଠେଲିଦେବା—1. To send or push a person to a place of slaughter. ୨ । (ଲକ୍ଷଣାର୍ଥ) ଅତି ବିପଦସଙ୍କୁଳ

ସ୍ଥାନକୁ ପଠାଇବା—2. (figurative) To send a person to a place of utmost danger.
খাঁড়ারমুখেপাঠান मृत्युमुँहमेंदेना

ହାଣ ମୁହଁକୁ ନେଲାପରି (ଭଲି, ଭଳିଆ) ହେବା—ଦେ. କ୍ରି—ହାଣକୁ Hāṇa mubaṅku nelā pari (bhali, bhalia) heba ନେଲାପରି ହେବା (ଦେଖ)—Hāṇaku nelāpari hebā (See)

ହାଣି ଦେବା (ପକା[କେ]ଇବା)—ଦେ କ୍ରି—୧। ଶୀଘ୍ର ହାଣିବା— Hāṇi debā (pakā [ke] iba 1. To kill or cut at once or quickly. ୨। ସମ୍ପୂର୍ଣ୍ଣ ରୂପେ ହାଣିବା— 2. To cut asunder; to cut off; to cut completely. ୩। ହାଣିବା କାର୍ଯ୍ୟ ଶେଷ କରିବା; ହାଣି ସାରିବା—3 To finish cutting. ୪। (ଲକ୍ଷଣାର୍ଥ) ହୃଦୟକୁ ବ୍ୟାକୁଳ କରିବା—4 (figurative) To cut to the quick. [ହି-ସମ୍ବୋଧନ ବାଣ ରବିଙ୍କ ଦେଲେ ହୃଦୟେ ହାଣି—ରାଧାନାଥ. ଚନ୍ଦ୍ରଭାଗା] ୫। (ଗଡ଼ିଆଳଙ୍କ ଭାଷା) ଶଗଡର ପଛରେ ଦୁଇଦଣ୍ଡାର ମୁଣ୍ଡିକୁ ମୁଠାଦ୍ୱାରା ଧରି ସଗଡ଼ର ଗତିକୁ ହଠାତ୍ ବୁଲାଇ ଦେବା— 5. To turn suddenly the motion of a bullock cart by applying force to the posterior handles of the 2 beams of a cart.
হেনেদেওয়া, হেনেফেলা मारदेना

ହାଣିବା—ଦେ. କ୍ରି (ସ. ହନ୍ ଧାତୁ)—୧। ଧାରୁଆ ଶସ୍ତ୍ରଦ୍ୱାରା କାଟିବା Hāṇibā 1. To cut with a sharp weapon. (ଯଥା—ମାଛ ହାଣିବା, ଗଛ ହାଣିବା ଇତ୍ୟାଦ)—୨। ଧାରୁଆ ଶସ୍ତ୍ରଦ୍ୱାରା ବଧ କରିବା ବା ମାରି ପକାଇବା—2. To kill with a sharp weapon. (ଯଥା—ବୋଦ ହାଣିବା, ମେଣ୍ଢା ହାଣିବା ଇତ୍ୟାଦ) ୩। (ଲକ୍ଷଣାର୍ଥ) (ହାଣିବାବେଳେ କଣ୍ଢେଇକୁ ଉଠାଇବା ପରି) ମୁଣ୍ଡକୁ ବେକର ତଳକୁ ପିଠି ଅଡ଼କୁ ଲଗାଇବା—3. (figurative) To make the back part of one's head touch the back. (ଯଥା—କଣ ମୁଣ୍ଡକୁ ହାଣିଦେଇ ମାଛକୁ ଚାହିଁ ବସିଛି) ୪। (ଲକ୍ଷଣାର୍ଥ) କଷ୍ଟୁର କଥା କହିବା; ବାକ୍ୟ-ବାଣ ପ୍ରୟୋଗ କରିବା—4. (figurative) To speak cruel or harsh words. (ଯଥା—ତାକୁ ମୁହେଁ ମୁହେଁ ଗୁରପଦ ହାଣିଦେଲି।) ୫। (ଲକ୍ଷଣାର୍ଥ) କୌଣସିବ୍ୟକ୍ତିକୁ ମୁହେ ମୁହେଁ ଅପ୍ରିୟ ସତ୍ୟ କହିବା—5. (figurative) To speak a person plain truth to his face. ୬। (ଲକ୍ଷଣାର୍ଥ) (ସବାରି ତାକରେ ଅଗରେ ଥିବା ବେହେରାମାନଙ୍କ ବ୍ୟବହୃତ ଡାକ 'ଦେ ହାଣିଦେ') ସବାରିର ବାଉଁଶରେ ବଳ ପ୍ରୟୋଗ କରି ସବାରିକୁ ଅଗକୁ ଠେଲିବା—6. (figurative) (used by palki-bearers) To push a palky towards the front by applying force to the pole from behind. ୭। (ଲକ୍ଷଣାର୍ଥ) (ବ୍ୟଙ୍ଗ୍ୟ) ଅଧମାତ୍ରାରେ ଭୋଜନ କରିବା—7. To eat voraciously. (ଯଥା-ଟୋକାଟା ସେତେ ପଖାଳ ହାଣି ଦେଇ ଏଣେତେଣେ ବୁଲୁଛି) ୮। (ସାପ) ଦାନ୍ତଦ୍ୱାରା ଦୃଢ଼ରୂପେ ପ୍ରାଣୀକୁ କାମୁଡ଼ିବା— 8. To bite furiously with the fangs (said of a serpent); to strike with the fangs. (ଯଥା—ସାପ ଉପରେ ମୋ ଗୋଡ ପଡ଼ିବାରୁ ସେ ମୋତେ ଲଗେ ଲଗେ ଦୁଇଥର ହାଣିଦେଲା।) ପ୍ରାଦେ— (ବାଲେଶ୍ୱର) କ୍ରି—ଉପରୁ ଖୁବ୍ ଜୋରରେ ଗୋଳ୍ ମାର ଅନ୍ୟ ଗୁଡ଼ିର ସୂତାକୁ ପେଞ୍ଚ କରାଇ ଉକ୍ତ ଗୁଡ଼ିକୁ କାଟିଦେବା— To cut the thread of another paper-kite by forcibly striking it with one's kite string.
হানা কাটা काटना

ହାଣିବା କାଟିବା—ଦେ. କ୍ରି (ସହଚର ଶବ୍ଦ)—ହାଣ କାଟ କରିବା— Hāṇibā kāṭibā To cut.
হাঁনা কাটা मारना काटना

ହାଣିବା ମାରିବା—ଦେ. କ୍ରି (ସହଚର ଶବ୍ଦ)—ହାଣ ମାର କରିବା— Hāṇbiā māribā To cut and kill.
হানা মারা काटना, मारना

ହାଣୁଆ—ଦେ. ବିଣ—୧। ଅତି କଷ୍ଟୁର ବା ମର୍ମଭେଦୀ (କଥା)— Hāṇuā 1. Cutting to the quick.
মর্ম্মঘাতী कठोर (ଯଥା—ତା ହାଣୁଆ କଥା
ঘাতক घातक ଯୋଗେ ସମସ୍ତେ ତା ଉପରେ ବିରକ୍ତ ହୁଅନ୍ତି।) ୨। ହତ୍ୟାକାରୀ; ଘାତକ (ବ୍ୟକ୍ତି)— 2. Cutting; killing. (ଯଥା—ସେ ଜଣେ ହାଣୁଆ ଲୋକ।) ୩। ଯେଉଁ ଦେଶକୁ ବା ସ୍ଥାନକୁ ଗଲେ ମନୁଷ୍ୟର ହାଣ ଖାଇବା ସୁନିଶ୍ଚିତ— 3. (a country or place) Where one is sure to be killed. (ଯଥା—ହାଣୁଆ ରାଇଜ, ହାଣୁଆ ମୁଲକ।)

ହାଣ୍ଟଣ—ଦେ. ବ (ସ ଭ୍ରମଣ; ଭ୍ରମଣ)—୧। ପଦବ୍ରଜରେ ଭ୍ରମଣ— Hāṇṭaṇa 1. Travelling; walking. ୨। ଅତ୍ୟଧିକ
হাঁটন घुमाव ଭ୍ରମଣ—2. Excessive walking. ୩। ଏଣେ ତେଣେ ବୁଲା— 3. Wandering; roving.

ହାଣ୍ଟ(ଣ୍ଟୋ)ର(ଳ,ଳା)—ଦେ. ବ (ଧ୍ୱନ୍ୟନୁକରଣ)—ହାଉଲି; ବ୍ୟାଘ୍ର Hāṇṭa(ṇṭo)ra(la, lā) ଓ ସିଂହ ଅଥ ଷଣ୍ଢଙ୍କ ଗର୍ଜନ ଶବ୍ଦ—
গর্জ্জন गर्जन Roar of a tiger or lion; bellowing of a bull.

ହାଣ୍ଟ(ଣ୍ଟୋ)ର(ଳ, ଳା) ଛାଡ଼ିବା [ପକା(କେ)ଇବା]—ଦେ. କ୍ରି— Hāṇṭa(ṇṭo)ra(la, lā)chhārdibā[pakā(ke)ibā] ହଣ୍ଟାଳିବା (ଦେଖ)—Hanṭālibā (See)

ହାଣ୍ଟ(ଣ୍ଟୁ,ଣ୍ଟୋ)ର(ଳି)ବା—ଦେ. କ୍ରି—ହଣ୍ଟାଳିବା (ଦେଖ) — Hāṇṭa(ṇṭu, ṇṭo)ri[li]bā Hanṭālibā [See]

ହାଣ୍ଟ[ଣ୍ଟୁ, ଣ୍ଟୋ]ରି(ଲି)ଆ—ଦେ. ବି—ହଣ୍ଟାଳିଆ (ଦେଖ)—
Hanta[ntu,nto]ri(li) a Hantalia [See]

ହାଣ୍ଟିବା—ଦେ. କ୍ରି (ସଂ ହୁଣ୍ଡ୍, ହିଣ୍ଡ୍, ହେଣ୍ଡ୍ ଧାତୁ=ଗମନ କରିବା)
Hantiba (ଶବ୍ଦାନୁକରଣ) ୧। ପଦବ୍ରଜରେ ଚାଲିବା—
[ହଣ୍ଟା(ଣ୍ଟୋ)ଇବା—ପ୍ରଯୋଜକରୂପ] 1. To walk; to travel on foot.
ହାଁଟା ଘୁମନା
୨। ଅଧିକ ଭ୍ରମଣ କରିବା—2. To travel or walk much. ୩। ଏଣେତେଣେ ବୁଲିବା—3. To wander about. ପ୍ରାଦେ [ଗଡ଼ଜାତ] କ୍ରି—ହଣ୍ଟାଳିବା (ଦେଖ)——Hantaliba [See]

ହାଣ୍ଟୁ—ପ୍ରାଦେ (ସିଂହଭୂମ) ବି. (ଭୁଲ ବି ହାଁଟୁ)—ଅଣ୍ଟୁ—
Hantu (ହାଁଟୁ—ଅନ୍ୟରୂପ) Knee.

ହାଣ୍ଠୁ—ପ୍ରାଦେ (ସମ୍ବଲପୁର) ବି—ଅଣ୍ଟୁ—
Hanthu Knee.

ହାଣ୍ଡ୍—ବୈଦେ (ଇଂ)ବି—୧। ଘଡ଼ିରେ ବା ଘଣ୍ଟାରେ ଘଣ୍ଟା, ମିନିଟ୍
Hand ଓ ସେକେଣ୍ଡ୍ ସୂଚକ କଣ୍ଟାମାନ—1. The hands
ହ୍ୟାଣ୍ଡ ହୈଂଡ of a clock or watch.
[ଯଥା—ଅୱାର୍ ହାଣ୍ଡ୍, ମିନିଟ୍ ହାଣ୍ଡ୍, ସେକେଣ୍ଡ୍ ହାଣ୍ଡ୍]
୨। ହସ୍ତ; ହାତ—2. Hand. (ଯଥା—ଶେକ୍‌ହାଣ୍ଡ୍), ସେକେଣ୍ଡ୍ ହାଣ୍ଡ୍)

ହାଣ୍ଡ୍‌କଫ୍—ବୈଦେ. (ଇଂ) ବି—ଚୋର ଆଦିଙ୍କ ହାତରେ ପିନ୍ଧାଯିବା
Hand kaph ହାତକଡ଼ି—Handcuff.
ହାତକଡି ହାଥକଡ଼ି

ହାଣ୍ଡ୍‌କର୍‌ଚିଫ୍—ବୈଦେ. ବି (ଇଂ)—ହାତ ପୋଛିବା ପାଇଁ କୁର୍ତ୍ତାର
Handkar chiph ପକେଟ୍‌ରେ ରଖାଯିବା ଛୋଟ ରୁମାଲ—
ହ୍ୟାଣ୍ଡ୍‌କରଚିଫ ହୈଂଡକରଚିଫ Handkerchief.

ହାଣ୍ଡ୍‌କାର୍ଟ୍—ବୈଦେ (ଇଂ) ବି—ହାତ-ଠେଲା ବା ହାତ-ଟଣା ଗାଡ଼ି—
Handkart Hand cart.
ହ୍ୟାଣ୍ଡ୍‌କାର୍ଟ ହୈଂଡକାର୍ଟ

ହାଣ୍ଡ୍‌ଗ୍ରେନେଡ୍—ବୈଦେ. (ଇଂ) ବି—ହାତରେ ଧରି ଶତ୍ରୁ ଉପରକୁ
Hand grened ଫୋପାଡ଼ିବା ପାଇଁ ବ୍ୟବହୃତ ବିସ୍ଫୋରକ
ହ୍ୟାଣ୍ଡ୍‌ଗ୍ରେନେଡ ହୈଂଡଗ୍ରେନେଡ ଦ୍ରବ୍ୟପୂର୍ଣ୍ଣ ବାଣ—
Hand grenade.

ହାଣ୍ଡନୋ(ଲୋ)ଟ୍—ବୈଦେ. ବି (ଇଂ. ହାଣ୍ଡ୍‌ନୋଟ୍)—ଉତ୍ତମର୍ଣ୍ଣମାନେ
Hand no(lo)t ଟଙ୍କା ସୁଝିବା ପାଇଁ କରାର କରି
ହ୍ୟାଣ୍ଡନୋଟ୍ ହୈଂଡନୋଟ ମହାଜନଙ୍କୁ ଖାତକଙ୍କ
ଲେଖିଦେବା ଦଲିଲ—Handnote; I O U. (ଦ୍ର—ଏଥିରେ ଷ୍ଟାମ୍ପ୍ କାଗଜ ଦରକାର ହୁଏ ନାହିଁ। ସାଧା କାଗଜରେ ଖାତକ ରସିଦ ଟିକଟ୍ ମାରି ଲେଖି ଦିଅନ୍ତି—ମୁଁ ଏ ଟଙ୍କା ଅମୁକ (ମହାଜନ)ଙ୍କ ଉତ୍ତମର୍ଣ୍ଣମାନେ (କେବଳ ଅସଲ କିମ୍ବା ଅସଲ ଓ ସୁଧ) ଅଦାୟ ଦେବି। ହାଣ୍ଡନୋଟ୍‌ରେ ମିଆଦ ଲେଖା ହୁଏ ନାହିଁ; କିନ୍ତୁ ଏହା ତିନି ବର୍ଷରେ ତମାଦି ହୁଏ। ପ୍ରମିସେରି ନୋଟ୍‌ରେ ମହାଜନଙ୍କୁ କିମ୍ବା ମହାଜନ ଯାହାଙ୍କୁ ବରାଦ କରିବେ, ତାଙ୍କୁ ଏ ଟଙ୍କା ଦେବାକୁ ଖାତକ ଲେଖିଥାଅନ୍ତି। ହାଣ୍ଡ୍‌ନୋଟ୍‌ରେ ଉତ୍ତମର୍ଣ୍ଣମାନେ ସୁଝିବା ଲେଖା ଥାଏ। ପ୍ରମିସେରି ନୋଟ୍‌ରେ ସାକ୍ଷୀ ପଡ଼ନ୍ତି ନାହିଁ। ବାଣିଜ୍ୟ ବ୍ୟବସାୟ ଉପଲକ୍ଷରେ ସେଉଁ ହାଣ୍ଡ୍‌ନୋଟ୍ ଲେଖାଯାଏ ତାକୁ ହୁଣ୍ଡି କହନ୍ତି।)

ହାଣ୍ଡ୍‌ପମ୍ପ୍—ବୈଦେ. ବି (ଇଂ)—ହାତଦ୍ୱାରା ଚାଳିତ କୂଅ ଆଦିରୁ ପାଣି
Hand pamp ଉଠାଇବା କଳ—Hand pump.
ହ୍ୟାଣ୍ଡପମ୍ପ ହୈଂଡପମ୍ପ

ହାଣ୍ଡ୍ ପ୍ରେସ୍—ବୈଦେ. ବି (ଇଂ)—ହାତରେ ଚଳାହୋଇ ଛପା
Hand pres ହେବା କଳ—Hand press.
ହ୍ୟାଣ୍ଡପ୍ରେସ ହୈଂଡପ୍ରେସ

ହାଣ୍ଡ୍ ବା(ବ୍ୟା, ବେ)ଗ୍—ବୈଦେ. ବି (ଇଂ ହାଣ୍ଡ୍‌ବ୍ୟାଗ୍)—ନିଜର
Hand ba(bya be)g ହାତରେ ଝୁଲାଇ ବୋହିନେବା ପାଇଁ ବ୍ୟବହୃତ ଛୋଟ ବାକ୍ସ ବା ଥଳି— Hand bag.
ହାଁଣ୍ଡବାଁଗ ହୈଂଡବେଗ

ହାଣ୍ଡବାରୋ—ବୈଦେ. ବି (ଇଂ)—ଭାର ଜନିଷକୁ ଏଣ୍ଡୁତୁ ବହିବାକୁ
Hand baro ବ୍ୟବହୃତ ଦୁଇ ଚକିଆ ଠେଲାଗାଡ଼ି—
ହ୍ୟାଣ୍ଡବାରୋ ହୈଂଡବାରୋ Hand barrow.

ହାଣ୍ଡ୍ ବିଲ୍—ବୈଦେ. ବି (ଇଂ)—କୌଣସି ବିଷୟର ବିଜ୍ଞାପନ ବହୁ
Hand bil ଲୋକଙ୍କୁ ବାଣ୍ଟିବାପାଇଁ ଛପା ହୋଇଥିବା ଛୋଟ
ହାଣ୍ଡବିଲ ହୈଂଡବିଲ କାଗଜ—Hand bill.

ହାଣ୍ଡ୍ ବୁକ୍—ବୈଦେ. ବି (ଇଂ)—କୌଣସି ବିଶେଷ ବିଷୟ ଅଲୋଚିତ
Hand buk ହୋଇଥିବା ଛୋଟ ପୁସ୍ତକ—Hand book.
ହ୍ୟାଣ୍ଡବୁକ୍ ହୈଂଡବୁକ

ହାଣ୍ଡ୍ ମିଲ୍—ବୈଦେ. ବି (ଇଂ)—ହାତଦ୍ୱାରା ଚଳାଯିବା ଚକ—
Hand mil Hand mill

ହାଣ୍ଡ୍ ମେସିନ୍—ବୈଦେ. ବି (ଇଂ)—ହାତରେ ଚଳାଯିବା କଳ—
Hand mesin Hand machine.
ହାଣ୍ଡମେସିନ ହୈଂଡମୈଶୀନ

ହାଣ୍ଡ୍ ରାଇଟିଙ୍ଗ୍—ବୈଦେ. ବି—(ଇଂ)—୧। ହସ୍ତାକ୍ଷର—1. Hand
Hand raiting writing ୨। ଅପଣା ହସ୍ତାକ୍ଷରକୁ ସୁନ୍ଦର
ହାଣ୍ଡରାଇଟିଙ୍ଗ୍ କରିବା ପାଇଁ ପିଲାମାନଙ୍କ ଅଭ୍ୟାସ କରିବା ଲେଖା।
ହୈଂଡରାଇଟିଂ 2. Handwriting exercises by students.

ହାଣ୍ଡ୍‌ଲ୍ ବୈଦେ. ବି—(ଇଂ)—୧। ଛୁରି ଆଦିର ବେଣ୍ଟ—1.
Handl Handle of a knife etc. ୨। ଲୁହାକଲମ୍ ଗୁଞ୍ଜାଯିବା
ହ୍ୟାଣ୍ଡଲ ପାଇଁ କାଠର ବେଣ୍ଟ ବା କାଠି; ପେନ ହୋଲ୍ଡର୍—
ହୈଂଡଲ 2. Penholder

ହାଣ୍ଡ୍ ଲାମ୍ପ—ବୈଦେ. ବି—(ଇଂ)—ହାତରେ ଧରି ଚଳ ପ୍ରଚଳ ହେବା
Hand lamp ପାଇଁ ବ୍ୟବହୃତ କାଚର ପ୍ରଦୀପ—Hand-lamp
ହ୍ୟାଣ୍ଡଲାମ୍ପ ହୈଂଡଲୈଂପ

ହାଣ୍ଡ୍‌ସ—ବୈଦେ (ଇଂ). ବି—ଏକ ହାତ ଦ୍ୱାରା ଚଳାଯାଇ ପାରିବା
Hāṇḍ sa ହାତ କରତ; ହାତକରତ—Hand saw.
ହ୍ୟାଣ୍ଡସ ହଁଣ୍ଡସ

ହାଣ୍ଡା—ପ୍ରାଦେ (ମେଦନାପୁର) ବି—ହାଣ୍ଡି—Earthen cooking
Hāṇḍā pot. ପ୍ରାଦେ (ଗଡ଼ଜାତ) ବି—ହାଣ୍ଡୁଅ ଦେଖ—
Hāṇḍuā (See)

ହାଣ୍ଡି—ଦେ· ବି—(ସଂ ହାଣ୍ଡୀ, ହାଣ୍ଡିକା, ଭାଣ୍ଡ)—୧ । ମାଟିର ଓସାରିଆ-
Haṇḍi ମୁହଁ ପାକପାତ୍ର—1. Wide-mouthed earthen
ହାଣ୍ଡି pot for cooking. [ଦ୍ର—ଓସାରିଆ ମୁହଁ ପାକପାତ୍ରକୁ
ହାଁଡୀ ସାଧାରଣତଃ ହାଣ୍ଡି କହିଥାଆନ୍ତି; ତଳୁ ୧୨ ଫୁଟ୍ ଠାରୁ ୨ ଫୁଟ୍ ବ୍ୟାସ ବିଶିଷ୍ଟ ମୁହଁ ଥିବା ପାତ୍ରକୁ ହାଣ୍ଡି ବୋଲାଯାଏ; ସେଥିରୁ ବଡ଼ ପାତ୍ରକୁ ନଉତି ବୋଲାଯାଏ ଓ ଛୋଟ ପାତ୍ରକୁ ଅଟିକା ବୋଲାଯାଏ ।

ସବୁଠାରୁ ବଡ଼ ହାଣ୍ଡିକୁ ନଉତା, ନଉତି, ତା ଅପେକ୍ଷା ଛୋଟକୁ ହାଣ୍ଡି, ତହିଁରୁ ଛୋଟକୁ ତାଡ଼ିଅ, ତହୁଁ ଛୋଟକୁ ଅଟିକା, ତହୁଁ ଛୋଟକୁ ଓଳି ଓ ତହୁଁ ଛୋଟକୁ ବଡ଼ା କହନ୍ତି । ଯେଉଁ ଆକାରରେ ବା ହାଣ୍ଡିରେ ଯେତେ ଓଜନର ଚାଉଳ ରାନ୍ଧିଲେ ତାହା ଉତୁରି ନ ପଡ଼େ, ସେହି ପରିମାଣ ଅନୁସାରେ ହାଣ୍ଡିର ନାମ ହୁଏ ଯଥା—ପାଅକିଆ ହାଣ୍ଡି, (ଯହିଁରେ ପାଏ ଚାଉଳର ଭାତ ରନ୍ଧା ଯାଇ ପାରିବ) । ଏହିପରି ସେରକିଆ, ଦସେରିଆ, ଅଧସେରିଆ ହାଣ୍ଡି ଇତ୍ୟାଦି । ହାଣ୍ଡିର ମୁହଁରେ ଘୋଡ଼ାଇବା ପାଇଁ ପଲମ, ତେଲଛୁଣି, ପିହାଣ ଓ ସରା ଆଦି ବ୍ୟବହୃତ ହୁଏ ।

ହାଣ୍ଡି ଆଦି ପ୍ରଥମେ କଞ୍ଚା ମାଟିରେ ଗଢ଼ାଯାଏ । ପରେ ବହୁତ ଶୁଖିଲା ହାଣ୍ଡିକୁ କୁମ୍ଭାରମାନେ 'ଶାଳ'ରେ ପୋଡ଼ନ୍ତି; ତତ୍ପରେ ତାହା ବ୍ୟବହାରଯୋଗ୍ୟ ହୁଏ । ଅନ୍ନମହାପ୍ରସାଦ ରନ୍ଧାଯିବା ବଡ଼ ପାତ୍ରକୁ ହାଣ୍ଡି ବୋଲାଯାଏ ଓ ଛୋଟ ପାତ୍ରକୁ କୁଡ଼ୀଅ ବା କୁଡ଼ୁଅ ବୋଲାଯାଏ (କୁଡ଼ୁଅ ତଳେ ଟୀକା ଦେଖ) ।

ଭିନ୍ନ ଭିନ୍ନ ହାଣ୍ଡିର 'ଅଭିପ୍ରେତ' ବ୍ୟବହାର, ଆକାର, ତହିଁରେ ରଖାଯିବା ବସ୍ତୁ ଓ ହାଣ୍ଡିର ଅବସ୍ଥା ଅନୁସାରେ ହାଣ୍ଡି ପୂର୍ବେ ଅନ୍ୟ ଶବ୍ଦମାନ ବ୍ୟବହୃତ ହୁଏ ଯଥା—ଅଥାଳ ହାଣ୍ଡି, ଅନୁଡ଼ି ହାଣ୍ଡି, ଅନ୍ନ ହାଣ୍ଡି, ଅମୃତ ହାଣ୍ଡି, ଆଇଁଶ(ଶି) ହାଣ୍ଡି, ଆଖୁଶାଳ ହାଣ୍ଡି, ଇ(ଏ)ମାଲ ହାଣ୍ଡି, ଉଣ୍ଡୁଡ଼ା ହାଣ୍ଡି, ଉଗୁଡ଼ା ହାଣ୍ଡି, କଞ୍ଚା ହାଣ୍ଡି, କଣା ହାଣ୍ଡି, କଳା ହାଣ୍ଡି, କାଳିକା ହାଣ୍ଡି, କୁକୁର ହାଣ୍ଡି, ଖିରି ହାଣ୍ଡି, ଗୁଡ଼ ହାଣ୍ଡି, ଗୋବରପାଣି ହାଣ୍ଡି, ଘୋରୁ ହାଣ୍ଡି, ଚନ୍ଦ ହାଣ୍ଡି, ଚୂଅ ହାଣ୍ଡି ଚୁଅଁ ହାଣ୍ଡି, ଚୁଲିକିଆ ହାଣ୍ଡି, ଜଳଜଳା ହାଣ୍ଡି, ଝିରି ହାଣ୍ଡି, ଟଇଲ ବା ଟେଇଲ ହାଣ୍ଡି, ଟେଣ୍ଡା ହାଣ୍ଡି, ଦଗଧ ବା ଦଗ୍ଧ ହାଣ୍ଡି, ଦଦରା ହାଣ୍ଡି, ଦଶଭୁଠ ହାଣ୍ଡି ବା ଦଶ ହାଣ୍ଡି, ଦୁଃଖୀଶ୍ୟାମ ହାଣ୍ଡି, ଦୁଧ ହାଣ୍ଡି, ଧାନ ଉଷୁଅଁ ହାଣ୍ଡି, ନବ(ରେ)ଇଁଶ ହାଣ୍ଡି, ନୂଆ ହାଣ୍ଡି, ପଣା ହାଣ୍ଡି, ପରଶା ହାଣ୍ଡି, ପାଅ(ଇ)କିଆ ହାଣ୍ଡି, ପାଗଛଡ଼ା ହାଣ୍ଡି, ପାଗ ହାଣ୍ଡି, ପାଣ ହାଣ୍ଡି, ପିଠ[ଠୋ]ଉ ହାଣ୍ଡି, ପିଣ୍ଡ ହାଣ୍ଡି, ପିତଳ ହାଣ୍ଡି, ପୃଥକ ହାଣ୍ଡି, ପେଜପାଣି ହାଣ୍ଡି, ବାଉଳ(ଳ) ହାଣ୍ଡି, ବାଇ ହାଣ୍ଡି, ବାଲିଜଳା ହାଣ୍ଡି, ବିସର୍ଜନହାଣ୍ଡି, ଭଜାଭଜି ହାଣ୍ଡି, ଭାତ ହାଣ୍ଡି, ଭାର ହାଣ୍ଡି, ଭଲେ(ଲ) ହାଣ୍ଡି, ମଙ୍ଗୁଳା ହାଣ୍ଡି, ମଠ ଣ୍ଡି, ମାଛ ହାଣ୍ଡି, ମାଛ-ଗୋବର ହାଣ୍ଡି, ମାଡ଼ ହାଣ୍ଡି, ମାଷ(ଛୁ)ହାଣ୍ଡି, ମୁଣ୍ଡିକିଆ ବା ମୁଣ୍ଡକିଆ ହାଣ୍ଡି, ଲପାପୋଛ ହାଣ୍ଡି, ସଜ ହାଣ୍ଡି, ସମାଦ(ଧି) ହାଣ୍ଡି ଇତ୍ୟାଦି ।

ହାଣ୍ଡି ଶବ୍ଦଯୁକ୍ତ ପ୍ରଚଳିତ ଉକ୍ତି, ପ୍ରବଚନ ଓ ନ୍ୟାୟ—

ଅମୃତ ହାଣ୍ଡିରେ ବିଷ ଢାଳିବା,
ହାଣ୍ଡିଏ[କ] ଅମୃତରେ ବିଷ ଢାଳିବା—ନ୍ୟାୟ ।
ହାଣ୍ଡିଏ(କ) ଭାତରୁ ଗୋଟିଏ ଚିପିବା—ନ୍ୟାୟ ।
ସହସ୍ର ହାଣ୍ଡିକୁ (ଙ୍କ) ଏକ ଠେଙ୍ଗା—ନ୍ୟାୟ
ହାଣ୍ଡି ଉଠରେ ସରିଯିବା—ନ୍ୟାୟ ।
ହାଣ୍ଡି ମୁହଁରେ ବା ଭାରହାଣ୍ଡିରେ ଉଣ୍ଡୁଡ଼ା
ଦେବା—ନ୍ୟାୟ
ହାଣ୍ଡିରେ ଖାଏ, ଗୋଡରେ ପଡ଼ିଲେ ଗାଧୋଇଯାଏ—
ବ୍ୟଙ୍ଗ
ହାଣ୍ଡିର ଗନ୍ଧ ସରିଯିବା—ନ୍ୟାୟ
ହାଣ୍ଡିକ ମୁହଁ ସରିଯିବା—ନ୍ୟାୟ ।
ଯିମିତି ହାଣ୍ଡି ସିମିତି ସରା—ନ୍ୟାୟ
ହାଣ୍ଡିର ସରା ଗଣ୍ଠଗଣ୍ଠ—ନ୍ୟାୟ ।]

୨ । ହାଣ୍ଡି ଆକାରର ଧାତୁପାତ୍ର; ହଣ୍ଡା—
2. Wide-mouthed metal pot. [ଦ୍ର—ଯେଉଁ ଧାତୁରେ ବା ପଦାର୍ଥରେ ହାଣ୍ଡି ତିଆରି ହୁଏ ତହିଁର ନାମ ଅନୁସାରେ ହାଣ୍ଡିର ନାମ ହୁଏ, ଯଥା—ପିତଳ ହାଣ୍ଡି, ତମ୍ବା ହାଣ୍ଡୀ, କାଚ ହାଣ୍ଡି । ଧାତୁର ବଡ଼ ହାଣ୍ଡିକୁ ହଣ୍ଡା ଓ ଛୋଟ ହାଣ୍ଡିକୁ ହାଣ୍ଡୀ କହନ୍ତି ।

୩ । ମୃତକ ଓ ସୂତକ ଅଶୌଚରେ ସାଧାରଣତଃ ଏକାଦଶ ଦିନ ପାକାର୍ଥ ବ୍ୟବହୃତ ନୂତନ ହାଣ୍ଡି—
3. The new set of earthen pots used on the 11th day of the impurity after a death or brith. ୪ । ମୃତକ ଓ ସୂତକ ଅଶୌଚ ଉପଲକ୍ଷ ପୁରୁଣା ହାଣ୍ଡିମାନ ପାକଶାଳାରୁ ଅନ୍ତର କରି ନୂଆ ହାଣ୍ଡିରେ ପାକ କରାଯିବାରୂପ କର୍ମ—4. The act of replacing the old cooking pots by new ones some days after a death or birth in the family. [ଦ୍ର—କୌଣସି ପରିବାରରେ ବା କୁଟୁମ୍ବରେ କେହି ମଲେ ବା ଜନ୍ମ ହେଲେ ପରିବାରଙ୍କୁ ଅଶୌଚ ଲାଗେ ଏବଂ ମୃତ ବ୍ୟକ୍ତିଙ୍କ ବୟସ ଅନୁସାରେ ଓ କୁଟୁମ୍ବିତାର ଦୂରତ୍ୱ ଅନୁସାରେ ୩ଦିନ ଠାରୁ ୧୧ଦିନ ପର୍ଯ୍ୟନ୍ତ

ଅଶୌଚ ପାଳନ ହୁଏ । ଅଶୌଚ ପରେ ପୁରାତନ ପାକହାଣ୍ଡି-ଗୁଡକ ପାକଶାଳାରୁ ବାହାର କରାଯାଇ ଗ୍ରାମପ୍ରାନ୍ତ ବଣାରେ ଫୋପଡ଼ା ହୁଏ ଓ ଘର ଲିପା ପୋଛା ହେବା ପରେ ଏକ ସଙ୍ଗ ନୂଆ ହାଣ୍ଡି ଦ୍ୱାରା ପାକ କରାଯାଏ । ମୃତକ ଅଶୌଚରେ ବର୍ଜିତ ହାଣ୍ଡିକୁ ବାଇଜ ହାଣ୍ଡି ବା ଜଳଜଳା ହାଣ୍ଡି କହନ୍ତି ।] ୫ । (ଲକ୍ଷଣାର୍ଥ) (ଏହାର ଆକାର ସଙ୍ଗେ ହାଣ୍ଡିର ସାଦୃଶ୍ୟ ଥିବାରୁ) ଉଦର; ପେଟ—5. (figurative) Belly. ୬ । ଗାଡ଼ିର ଚକର ମଝିରେ ଥିବା ଗୋଲ ମୁଣ୍ଡା କାଠ (ଯହିଁର କେନ୍ଦ୍ରର ଛିଦ୍ର ବାଟେ ଅକ୍ଷ ଗଳିଥାଏ ଓ ଯହିଁରୁ ଅରମାନ ପରିଧିକୁ ଲାଗିଥାଏ) ଭୁମ୍ବ—6. The hub or nave of a wheel. ୭ । ନଡ଼ିଆ, ତାଳ ଓ ଖଜୁରୀ ଗଛର ଗଣ୍ଡି ଭୂମିରୁ ଛାଡ଼ିବା ଅବସ୍ଥାରେ ତାହାର ବେକ ଭାଗ, ଯାହା ହାଣ୍ଡିପରି ଭୂମି ଉପରେ ଦେଖାଯାଏ—7. The trunk or neck of a cocoanut or palm tree while leaving the ground. [ଦ୍ର—ଏହିର ଅବସ୍ଥାରେ 'ଗଛ ହାଣ୍ଡି ଛାଡ଼ିଲାଣି' ବା ହାଣ୍ଡି ଉଠିଲାଣି' କହନ୍ତି ।] ୮ । ପାକ; ରୋଷେଇ—8. Cooking. (ଯଥା—ସେ ଜନ୍ୟା ଏ ଘରର ହାଣ୍ଡିରେ ଗୁଣ୍ଡୁଳ ପକାଇଛି ।) ୯ । ଅନ୍ନ ହାଣ୍ଡି; ଅନ୍ନ ମହାପ୍ରସାଦ ରଖାଯିବା ବଡ଼ ଉଚ୍ଚ ଥିଆ—9. Big and tall earthen pots for keeping 'Mahāprasāda' rice of Puri. [ଦ୍ର—ସାଧାରଣ ହାଣ୍ଡି ହର୍ବ ବୃତ୍ତାକାର ଅଟେ ଓ ବୃତ୍ତାର୍ଦ୍ଧର ବ୍ୟାସପାଖ ହାଣ୍ଡିର ମୁହଁ ଅଟେ; କିନ୍ତୁ ମହାପ୍ରସାଦ ହାଣ୍ଡି ସାଧାରଣ ହାଣ୍ଡି ଅପେକ୍ଷା ଢେଙ୍ଗା ।

ହାଣ୍ଡି ଅଛୁଆଁ—ଦେ. ବଣ—ହାଣ୍ଡି ବାହାର (ଦେଖ)—
Hāṇḍi achhuāṅ Hāṇḍi bāhāra (See)

ହାଣ୍ଡି ଅଣକ—ଦେ. ବ—(ସହଚର ରଣକ)—ପାକାର୍ଥ ବ୍ୟବହୃତ ହାଣ୍ଡି ଓ Hāṇḍi aṇaka ହାଣ୍ଡିରେ ପାକ କରାଯାଇଥିବା ପଦାର୍ଥକୁ ହାଁଡ଼ିହାତା ଗୋଳାଇବା ବା ଢାଙ୍କିବା ବା ପରଶିବା ପାଇଁ **हाण्डिऔरिका** ବ୍ୟବହୃତ ଅଣକ—The cooking pot and the wooden spoon or ladle used in handling its contents.

ହାଣ୍ଡି ଅଲଗା (ଭିନ୍ନ, ଭିନ୍ନେ)—ଦେ. ବ—୧ । ଏକାନ୍ନବର୍ତ୍ତୀ ବ୍ୟକ୍ତିମାନଙ୍କ Hāṇḍi alagā (bhinna, bhinne) ପୃଥକାନ୍ନ ହେବା—Separation in mess of members of a joint family. **हाँड़िभिन्न, पृथकअन्न** ୨ । ସ୍ତ୍ରୀମାନଙ୍କର **हाँड़िअलग** ଋତୁପ୍ରକାଶ; ହାଣ୍ଡି ବାହାର; (ଋତୁମତୀ ସ୍ତ୍ରୀମାନଙ୍କର ପାକଶାଳାରେ ପ୍ରବେଶ ନିଷେଧ ଥିବାରୁ)—2. Menstruation of a female. ବଣ—୧ । ପୃଥକାନ୍ନ ହୋଇଥିବା—1. Separated in mess. ୨ । ଋତୁମତୀ ହୋଇଥିବା (ସ୍ତ୍ରୀ)—2. [a woman] Menstruated; in her menses

ହାଣ୍ଡି ଅଲଗା (ଭିନ୍ନେ,ପୃଥକ) କରିବା—ଦେ.କ୍ରି—ଏକାନ୍ନରେ ରହୁଥିବା Hāṇḍi alagā (bhinne) kariba ବ୍ୟକ୍ତିମାନେ ପୃଥକାନ୍ନ **हाँड़िभिन्नकरना** ହେବା To be separated in mess **हाँड़ि अलग करना**

ହାଣ୍ଡି ଅଲଗା ହେବା—ଦେ. କ୍ରି—୧ । (ସ୍ତ୍ରୀ)ଋତୁମତୀହେବା—To be Hāṇḍi alagā heba in her menses. ୨ । ହାଣ୍ଡି ଅଲଗ **होचपड़ा** କରିବା (ଦେଖ)—2. Hāṇḍi alagā kariba (See) **हाँड़ी अलग होना**

ହାଣ୍ଡିଆ—ଦେ. ବଣ—୧ । ହାଣ୍ଡି ସମ୍ବନ୍ଧୀୟ—1. Relating to Hāṇḍia Hāṇḍi (ଯଥା—ଜଳାହାଣ୍ଡିଆ ତାଳ) ୨ । ହେଡେ ହାଣ୍ଡି ସଦୃଶ ଆକାରବିଶିଷ୍ଟ—2. Of the shape of a **हाँड़ीका** Hāṇḍi ପ୍ରାଦେ (ଗଡ଼ଜାତ) ବ—ମଦ୍ୟବିଶେଷ—A sort of intoxicating drink made by fermenting boiled rice; rice-beer [ଭ—ନିଂହଭୂମି କୋଲ୍ହ ଦମ୍ପତି ସକଳ ହାଣ୍ଡିଆ ହାଣ୍ଡିରେ ଧରି ଚହଁ ମେଲ । କେଶବମିଶ୍ର. ବୈତରଣୀ]

[ଦ୍ର—ଏହା କୋଲ୍ହମାନଙ୍କର ଉପାଦେୟ ପାନୀୟ । ଉତ୍ସବାଦିରେ କୋଲ୍ହମାନେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଏହା ଦିଅନ୍ତି ।

ପ୍ରଥମେ ଦରଫୁଟା ଭାତକୁ ଚଟେଇ ଉପରେ ଖେଳାଇ ଦିଅନ୍ତି । ପବନ ବାଜି ତହିଁରୁ ସେକ ଶୁଖିଗଲେ ତାକୁ ପୁଣି ହାଣ୍ଡିରେ ପୂରାଇ ଏକପ୍ରକାର ଲଭିଙ୍କ ଧଳା ଚୂନା ତହିଁରେ ମିଶାଇ ତାକୁ ଘନ ଘନ ପର୍ଯ୍ୟନ୍ତ ସଡ଼ାନ୍ତି । ତାହା ସଡ଼ିଗଲେ ସେଥିରେ ପୁଣି ପାଣି ପୂରାଇ ତାକୁ ଠକଟକର ସେଉଁ ତୋରାଣି ହୁଏ ତାକୁ ହାଣ୍ଡିଆ କହନ୍ତି । ଏହା ମାଦକ । କୋଲ୍ହ ଭାଷାରେ ହାଣ୍ଡିଅକୁ 'ଡିଅଙ୍ଗ' ବୋଲନ୍ତି ।]

ହାଣ୍ଡି ଅଟିକା—ଦେ.ବ (ସହଚର ଶବ୍ଦ)—ବଡ଼ହାଣ୍ଡି ଓ ସାନହାଣ୍ଡି—Hāṇḍi aṭikā Earthen pots, big and small. **हाँड़ितिजेल** **बड़ीहाँड़ीछोटीहाँड़ी**

ହାଣ୍ଡିଅ ତାଳ—ଦେ. ବ—ବଡ଼ ଓ ଗାଢ଼ କୃଷ୍ଣବର୍ଣ୍ଣ ତାଳ ଫଳ—Hāṇḍiā tāla A very big and fully black variety **हँड़ेताल** **बड़ाताल** of palm fruit.

ହାଣ୍ଡିଆ ଦଉଡ଼ି—ପ୍ରାଦେ. (ଅଳ) ବ—ଓଳିଅରେ ଯେତେ ଶସ୍ୟ ସମ୍ଭା-Hāṇḍia daurḍi ହିବ ତାହାର ଅନୁପାତରେ ପରିଧିର ମାପ ଅନୁସାରେ ବ୍ୟବହୃତ ହେବା ମୋଟ ଦଉଡ଼ି—Jute ropes used for straw packets for storing paddy and other grains. [ଦ୍ର—ଓଳିଅ ବାନ୍ଧିବା ବେଳେ କୋଳ ଏବଂ ଘୋଡ଼ିକୁ ଭୂଇଁରେ ବିଛାଇ ସାରି ତା ଉପରେ ହାଣ୍ଡିଆ ଦଉଡ଼ିକୁ ରଖି ତା ଉପରେ କୁଟାର ଗୋଲାକୃତ ପୁଳାକୁ ରଖନ୍ତି, ତା ଉପରେ ଧାନ ଗଦା କରନ୍ତି । ତହିଁରେ ହାଣ୍ଡିଅକୁ ଉପରକୁ ଉଠାଇ ଦେଲେ ଓଳିଅର ପରିଧି ନିର୍ଦ୍ଧାରିତ ହୁଏ । ସେହି ଅନୁପାତରେ ଓଳିଅରେ ଧାନ

ପୂର୍ଣ୍ଣ କରନ୍ତି; ଔଳଥ ବନ୍ଧା ହେଲେ ହାଣ୍ଡିଆ ଭାଙ୍ଗିକି କାଢ଼ି ଆଣନ୍ତି ।]

ହାଣ୍ଡିଉଠା ଚୋର—ଦେ. ବ—ଛୁଟିଳା ଚୋର—
Handi uthā chora Pilferer; petty thief.
ছিটকাচোর উঠাইগীর

ହାଣ୍ଡିଉଠା ପଣ(ପଣିଆଁ)—ଦେ. ବ—ଛୁଟିଳାଚୋର—
Handiuthā pana(panian) Pilfering; stealing petty articles.
ছিটকাচোরী হাথলপকী

ହାଣ୍ଡି ଉଠିବା—ଦେ. ବ—ନଡ଼ିଆ ଓ ତାଳ ଆଦି ଗଛର ଗଣ୍ଡ ବା ଚେକ
Handi uthibā ଭୂଇଁରୁ ଉଠିବା ଅବସ୍ଥା—The coming out of bulbous neck of palm and cocoanut trees from the ground. [ବି—ହାଣ୍ଡି ଉଠିବା ପରେ ବର୍ଷକୁ ବର୍ଷ ଭିତରୁ ହାଣ୍ଡିର ଗୋଲ ପାଖରୁ ପୁରୁଣା ବାହୁଙ୍ଗାମାନ ଖସି ପଡ଼ୁଥାଏ ଓ ଗଛର ଗଣ୍ଡି କ୍ରମଶଃ
হাঁড়িওঠা হঁড়াউঠনা ଟେକଙ୍ଗରେ ବଢ଼ୁଥାଏ ।]

ହାଣ୍ଡିଏ—ଦେ. ବ—୧ । ଏକହାଣ୍ଡି ପରିମାଣ ମାତ୍ର—1. One potful;
Handie only. ୨ । ଏକହାଣ୍ଡି ପରିମାଣ—2. A potful; quantity which will fill up one Handi.
ଣ—୧ । ଏକହାଣ୍ଡି ପରିମିତ—1. Measuring one potful; a potful of. ୨ । ବହୁ ପରିମିତ—2. A large quantity of. (ଯଥା—ସକାଳୁ ଉଠି ଦେଖିଲି ବେଳକୁ ଦବ ଗୋଟାଏ କଙ୍କଡ଼ା ବାହାରିଲେ
একহাঁড়ি একহাণ্ডী ହାଣ୍ଡିଏ ଝାଡ଼ା ଫେରନ୍ତି।)

ହାଣ୍ଡିଏ କୁଡ଼ି(ଡ଼ୁ)ଆଏ—ପ୍ରାଦେ. (ପୁରୀ) ବ—ଏକହାଣ୍ଡି ମହାପ୍ରସାଦ
Handie kurdi(rdu)āe ଅନ୍ନ ଓ ଏକ କୁଡ଼ୁଆ ମହାପ୍ରସାଦ ତିଅଣ—One big potful of Mahāprsaāda rice and one small potful of Mahāprasāda curry. (ବି—ଅନେକ ରାଜା ଓ ବଡ଼ଲୋକ ଜଗନ୍ନାଥଙ୍କଠାରେ ଏବଂ ଲିଙ୍ଗରାଜଙ୍କଠାରେ ପ୍ରତିଦିନ କିମ୍ବା ପ୍ରତି ଏକାଦଶୀ ବା ପ୍ରତି ସକାଳୁ ହାଣ୍ଡିଏ (ଅନ୍ନ) କୁଡ଼ୁଆଏ (ତିଅଣ) ଭୋଗ ହେବାପାଇଁ ଜମି ସେମାନଙ୍କ ନିଜ ନିଜ ପଣ୍ଡାମାନଙ୍କ ନାମରେ ଦେଇ ରଖିଅଛନ୍ତି)।

ହାଣ୍ଡିକ—ଦେ. ଣ—ଏକହାଣ୍ଡି ପରିମିତ—
Handika One potful of.
একহাঁড়ী একহাণ্ডী

ହାଣ୍ଡିକ(କୋ)ଣରେ ସଢ଼ିବା—ଦେ.କ୍ରି—(ପ୍ରାଚୀନ ସମାଜର ବଧୂ ଅନ୍ତଃ-
Handika(ko)nare sadhibā ପୁରେ ସ୍ତ୍ରୀଲୋକମାନେ) କୌଣସି ଆଡ଼େ ନଯାଇ କେବଳ ହାଣ୍ଡିଶାଳରେ ପଡ଼ି ରୋଷେଇ କରିବାରେ ବ୍ୟସ୍ତ ଥାଇ ଅନୁନ୍ନତ ଅବସ୍ଥାରେ ରହିବା—To rot in the corner of the kitchen (said of the women of our society who observe
হেঁশেলকোণেপচা রসোঁইঘরমেঁসড়না purdah.

ହାଣ୍ଡି କରିବା—ଦେ. କ୍ରି—ନୂଆ ହାଣ୍ଡି କରିବା; ଅଶୌଚ ପରେ
Handi kariba ପାକରୁ ପୁରୁଣା ହାଣ୍ଡି ଗୁଡ଼ିକ କାଢ଼ି ନୂତନ ହାଣ୍ଡି ଦ୍ୱାରା ପାକ କରିବା—To cook with a new set of earthen pots after a birth or death in the family. [ଭି—ହାଣ୍ଡି କରନ୍ତି ମଲେହୁ ଶ୍ରାଦ୍ଧ—କବିସୂର୍ଯ୍ୟ. ହାସ୍ୟ କଲ୍ଲୋଳ]
হাঁড়ীকাটা হাণ্ডীবদলনা

ହାଣ୍ଡି କଳା—ଦେ. ବ—ଚୁଲି ଉପରେ ପାକାର୍ଥ ବସାଯିବା ହାଣ୍ଡିର
Handi kalā ପିଠିରେ ପଡ଼ିଥିବା ଧୂଆଁ ଓ ଅଙ୍ଗାରକଣମାନଙ୍କ ସ୍ତର—Layer of soot deposited on the back of earthen cooking pots set on the oven.
হাঁড়িরকালা হাণ্ডীকাকালা

ହାଣ୍ଡି କଳା ନ ପଡ଼ୁଣୁ—ଦେ. କ୍ରି. ଣ—(ଲକ୍ଷଣାର୍ଥ) ଅଳ୍ପଦିନ—
Handi kalā na pardunu (figurative) Shortly after; in no time (literally; before a cooking pot is covered with a layer of soot.)

ହାଣ୍ଡି କାଠ—ଦେ. ବ—ପାକସାମଗ୍ରୀ (ଚାଉଳ, ମୁଗ, ମସଲାଆଦି)
Handi kātha ବ୍ୟତୀତ ରାନ୍ଧିବା ପାଇଁ ଅବଶ୍ୟକ ଦୁଇ ବସ୍ତୁ (ଯଥା—
হাঁড়িকাঠ ହାଣ୍ଡି ବା ପାକପାତ୍ର ଓ ଜାଳ)—Earthen
হাণ্ডী লকড়ী pot and fuel required for cooking food.

ହାଣ୍ଡି କା (କି) ହାଣ୍ଡି—ଦେ. କ୍ରି. ଣ—୧। ହାଣ୍ଡି ହାଣ୍ଡି; ବହୁହାଣ୍ଡି
Handi kā (ki) handi ପରିମିତ—1. In potfuls.
হাঁড়িহাঁড়ি ୨ । ବହୁପରିମାଣରେ—2. Profusely. [ଯଥା—
হাণ্ডীকাহাণ্ডি ତା ଉପର ଦେଇ ହାଣ୍ଡିକି ହାଣ୍ଡି ରକ୍ତ ବୋହି-ଗଲା ।] ୩ । ଏକ ହାଣ୍ଡି ପରେ ଅନ୍ୟ ହାଣ୍ଡି ପରିମିତ ଖାଦ୍ୟ ଏକାଦିକ୍ରମେ—3. Potfuls after potfuls. [ଯଥା—ସେ ଦିନକ ଭିତରେ ହାଣ୍ଡିକା ହାଣ୍ଡି ପିଠା ଖାଇ ପାର କରିଦେଲା ।] ଣ—୧ । ବହୁହାଣ୍ଡି ପରିମିତ—1 Many potfuls of. ୨ । ପ୍ରଚୁର—2. Profuse.

ହାଣ୍ଡି କୁ(କ)ଣ୍ଡେ(ଣ୍ଢେ)ଇ—ଦେ.ବ—(ଭିନ୍ନାର୍ଥକ ଦ୍ୱିତ୍ୱ ସମାସ; କଂସା
Handi ku(ka)nde(ndhe)i ହାଣ୍ଡି ଓ କୁଣ୍ଡ)—୧ । ଗୃହର
হাণ্ডিকুঁড়ি ବ୍ୟବହାର ପାଇଁ ଅବଶ୍ୟକ ପାକପାତ୍ର ଯଥା (ହାଣ୍ଡି,
হাঁড়িকুণ্ডী ମାଠିଆ, ଅଟିକା, ପାଣି ଇତ୍ୟାଦି)—1. Various pots and utensils of a household. ୨ । ଗୃହର ସବୁପ୍ରକାର ପାକପାତ୍ର—2. Pots anp all other cooking vessels of a household.

ହାଣ୍ଡି ଖ (ଖୁ) ଡ଼ ଖ (ଖୁ)ଡ଼ [ଖୁଡ଼ୁଖୁଡ଼ୁ] କରିବା—ଦେ. କ୍ରି—
Handi kha (khu) rda kha (khu) rda [khurdu khurdu] kariba ହାଣ୍ଡି ଧଡ଼ ଧଡ଼ କରିବା—(ଦେଖ)
Handi dhard dhard kariba (See)
[ଭି—ଶବ୍ଦଟିରୁ ଖୁଡ଼(ଡ଼ୁ)ଖୁଡ଼ (ଡ଼ୁ) ଅନୁକାରର ଶବ୍ଦ ଅଟେ ।]

ହାଣ୍ଡି ଖପର—ଦେ ବ—ଭଙ୍ଗା ହୋଇଥିବା ହାଣ୍ଡିର ଅଂଶମାନ—
Hāṇḍi khaparā Potsherds.
খোলকুঁচি हाण्डि खबटा

ହାଣ୍ଡିଖାଇ—ଦେ. ବିଣ. ସ୍ତ୍ରୀ—(ଗାଳି)—ଯେଉଁ ସ୍ତ୍ରୀଲୋକ ଏପରି
Hāṇḍi khāi ଲୋଭୀ ଓ ଲଳଚେଇ ଯେ, ସେ ହାଣ୍ଡିରୁ କାଢ଼ି
(ହାଣ୍ଡିଖିଆ—ପୁଂ) ଅନ୍ୟ ପାତ୍ରରେ ଖାଇବା ଯାଏଁ ସମ୍ଭାଳି ହୋଇ
হাঁড়িখাকি ରହି ନ ପାରି ହାଣ୍ଡିରେ ପାକ ହୋଇଥିବା ଅନ୍ନ-
छिपाकर खानेवाली ବ୍ୟଞ୍ଜନାଦି ହାଣ୍ଡିରେ ଥାଉଁ ଥାଉଁ ଲୁଚେଇ
କରି ସେଥିରୁ ଖାଇଯାଏ— (a term of abuse)
(a woman) Who secretly eats cooked food from the cooking pots ; gluttonous ; greedy (woman).

ହାଣ୍ଡି ଖିଆ—ଦେ. ବ—ହାଣ୍ଡିରେ ଥିବା ଅନ୍ନାଦିକୁ ଗୋପନରେ
Hāṇḍi khiā ଖାଇବା—Eating from the cooking
হাঁড়িখাওয়া pots. ବିଣ. ପୁ—ଯେଉଁ ପୁରୁଷ ଏପରି ଲୋଭୀ
छिपाकर हाड़ियें खाना ଓ ପେଟୁ ଯେ ସେ ହାଣ୍ଡିରୁ ଖାଦ୍ୟ
হাঁড়িখেকো ଖାଇଯାଏ—Gluttonous ; greedy (man)
छिपाकर खानेवाला (ହାଣ୍ଡିଖାଇ—ସ୍ତ୍ରୀ)

ହାଣ୍ଡି ଗଢ଼ା—ଦେ. ବ—କାଦୁଅରୁ ଚକ୍ର ଓ ପିଟଣାରେ ବାଡ଼େଇ କୁମ୍ଭ
Hāṇḍi gaṛhā ହାଣ୍ଡି ତିଆରି କରିବା—Making of
হাঁড়িগড়া pots out of clay. [ଦ୍ର—କଞ୍ଚା ହାଣ୍ଡିକୁ ଖରାରେ
हाँडबनावट ଶୁଖାଇ ଭଟ୍ଟିରେ ପୋଡ଼ିବାରେ ପୋଡ଼ି କୁମ୍ଭାରମାନେ
ପୋଡ଼ା ହାଣ୍ଡି ତିଆରି କରନ୍ତି ।]

ହାଣ୍ଡି ଗଣା—ଦେ. ବିଣ. ପୁ—ହାଣ୍ଡିଗଣିଆ; ଯେଉଁ ବ୍ୟକ୍ତି ଅତ୍ୟନ୍ତ ଲୋଭୀ
Hāṇḍigaṇā ଥିବାରୁ କାଳେ ପାଚକ ରନ୍ଧା ହୋଇଥିବା
(ହାଣ୍ଡିଗଣିଆଁ—ଅନ୍ୟରୂପ) ପଦାର୍ଥ [ଯଥା—ମାଛ ଖଣ୍ଡ,
[ହାଣ୍ଡିଗଣୀ, ହାଣ୍ଡିଗଣେଇ—ସ୍ତ୍ରୀ] ମାଂସଖଣ୍ଡ]କୁ ଖାଇଯିବ,
হাঁড়িগুনা मक्खीचूस ଏଥିପାଇଁ ଖାଦ୍ୟଦ୍ରବ୍ୟକୁ
ହାଣ୍ଡିରେ ଥିବା ଅବସ୍ଥାରେ ଖଣ୍ଡ ଖଣ୍ଡ କରି ଗଣେ ଓ
କେତେକଣକୁ କେତେ ଖଣ୍ଡ ଦିଆଗଲା, ତାହା ହିସାବ କରି
ଅବଶିଷ୍ଟ କେତେ ରହିଲା, ପାଚକଠାରୁ ତହିଁର ହିସାବ ନିଏ-
A person who is so miserly that he counts or often examines the contents of the cooking pots before they are served and who takes account of the contents from the cook from time to time

ହାଣ୍ଡି ଗରଭ(ଗର୍ଭ)—ଦେ. ବ—ହାଣ୍ଡି ପେଟ (ଦେଖ)—
Hāṇḍi garabha(garbha) Hāṇḍipeṭa (See).

ହାଣ୍ଡି ଗରମ—ଦେ. ବ—ହାଣ୍ଡି ଗରମ; ମଥାରେ ଶୀତ ଓ ପେଟରେ
Hāṇḍi garama ଗରମ ହେବା ଅବସ୍ଥା; ଅମଗରମି—
পেট গরম पेट गरम The state of the abdomen being hot and the head being cold.

ହାଣ୍ଡି ଗାଣ୍ଡି—ଦେ. ବ—ହାଣ୍ଡିର ଗୋଲାକାର ତଳଭାଗ ବା ପୃଷ୍ଠ—
Hāṇḍi gāṇḍi The rounded buttom or
হাঁড়ির তলা हाड़िपेन(पे'दी) back of an earthen pot
[ଦ୍ର—ହାଣ୍ଡିର ଉପରଭାଗକୁ ହାଣ୍ଡିମୁହଁ, ହାଣ୍ଡିର ମଧ୍ୟ ଭାଗକୁ ହାଣ୍ଡିପେଟ ଓ ହାଣ୍ଡିମୁହଁର ପରିଧିକୁ ହାଣ୍ଡିଫନ କହନ୍ତି]

ହାଣ୍ଡିଗିଲା—ଦେ.ବିଣ.ପୁଂ (ଗାଳି)—ଯେଉଁ ବ୍ୟକ୍ତି ହାଣ୍ଡିଏ ଖାଦ୍ୟ ଖାଇ
Hāṇḍigilā ପାରେ—(a term of abuse
পেটুক एक हाण्डी खानेवाला Very gluttonous
[ହାଣ୍ଡିଗିଲି, ହାଣ୍ଡିଗିଲେଇ—ସ୍ତ୍ରୀ] or greedy (person);
a person who can eat a cooking pot ful of food at a time; gourmand.

ହାଣ୍ଡି ଘୋଡ଼ା(ଢ଼େ)ଇବା—ଦେ. କ୍ରି—ହାଣ୍ଡି ଉପରେ ଅନ୍ୟ ହାଣ୍ଡି ବା
Hāṇḍi ghoṛā(ṛe)ibā ଅନ୍ୟ ଘୋଡ଼ାଇବା ଢାଙ୍କଣ
হাঁড়ি ঢাকা দেওয়া हाण्डी ढाँकना ଢାଙ୍କିବା—
To cover an earthen pot with a lid or other earthen pot.

ହାଣ୍ଡି ଚଞ୍ଚା—ଦେ. ବ—କୃଷ୍ଣକଣ୍ଠ ବର୍ଗର ପକ୍ଷିବିଶେଷ—The
Hāṇḍi chañchhā crowtit; the Indian
হাঁড়ি চাঁছা tree pie; Deudrocitta Rufa.
[ଦ୍ର—ଏହାର ମୁଣ୍ଡ ଧୂସର, ପକ୍ଷପ୍ରାନ୍ତ କୃଷ୍ଣ, ଚଞ୍ଚୁ କଳା, ନାସିକା ଲୋମାବୃତ । ଏମାନେ ପ୍ରାୟ ଭୂଇଁକୁ ଓହ୍ଲାନ୍ତି ନାହିଁ; 'ଗୋଟ୍ରୁ ଗୋଟ୍ରୁ' ରବ କରନ୍ତି । ଏହିହେତୁ ଏମାନଙ୍କ ନାମ କୁଟୁରୁ ବା କୁଟୁରି [ବ. କୋଟରୀ], କେଉଁ କେଉଁ ଅଞ୍ଚଳରେ ଟଙ୍କା ଚୋରଣୀ [ବ.ଟାକାଚୋର] କହନ୍ତି । (ଯୋଗେଶଚନ୍ଦ୍ର) । ଏହାର ବର୍ଣ୍ଣ ହାଣ୍ଡିରୁ ଚଞ୍ଚା ହେବା କଳା ପରି ଥିବାରୁ ଏହି ନାମ ହୋଇଅଛି ।]

ହାଣ୍ଡି ଚଢ଼ା(ଢ଼େ)ଇବା——ଦେ. କ୍ରି—୧ । ପାକାର୍ଥ ପାକପାତ୍ରକୁ ଚୁଲି ଉପରେ ବସାଇବା—
Hāṇḍi chaṛhā(ṛhe)ibā
হাঁড়ি চড়ান हांडि चढाना 1. To set the
(ହାଣ୍ଡି ଚଢ଼ିବା—ଅଶେଷ୍ୟ ଅକାର) cooking pot on
fire ୨ । ରୁନ୍ଧେଇ କରିବା, ଖାଦ୍ୟ ପାକ କରିବା;
ରାନ୍ଧିବା—2. To cook the food.

ହାଣ୍ଡି ଛାଡ଼—ଦେ.ବ—୧। ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ରଗ୍ରହଣ ସମୟରେ ଜ୍ୟୋତିଷ-
Hāṇḍi chhāṛa ଶାସ୍ତ୍ରର ଉପଦେଶ ଅନୁସାରେ ଗ୍ରହଣ ଲାଗି-
ଥିବାଠାରୁ ମୁକ୍ତ ହେବାଯାଏଁ ନିର୍ଦ୍ଧାରିତ ସମୟ ପାକକର୍ମର ବନ୍ଦହେବା
—1. The stoppage of cooking for certain period on the occasion of an eclipse.
[ଦ୍ର—ପୁରାଣ ମତରେ ରାହୁ ବା କେତୁ ଚନ୍ଦ୍ରକୁ ବା ସୂର୍ଯ୍ୟଙ୍କୁ ଛୁଇଁବାରୁ ଗ୍ରହଣ ହୁଏ । ରାହୁ ଓ କେତୁ ଅସୁର ବା ଚଣ୍ଡାଳ ଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ର ଚଣ୍ଡାଳଛୁଆଁ ହୁଅନ୍ତି । ଚନ୍ଦ୍ର ସୂର୍ଯ୍ୟ ଚଣ୍ଡାଳ ଛୁଆଁ ହେବାରୁ ଜଗତର ଲୋକେ ମଧ୍ୟ ଚଣ୍ଡାଳ ଛୁଆଁ ହୁଅନ୍ତି । ଅତଏବ ଏପରି ଅପବିତ୍ର ଅବସ୍ଥାରେ ପାକପାତ୍ର ଛୁଇଁବା ବା ଖାଦ୍ୟାଦି ପାକ କରିବା

କରିବ । ଏଥିଯୋଗୁଁ ପଞ୍ଜିକା ଅନୁସାରେ ରବି, ଶ୍ରବଣ ନକ୍ଷତ୍ରଠାରୁ ମୋକ୍ଷ ହେବାର କର୍କଟ ସମୟ ପର୍ଯ୍ୟନ୍ତ ଶାସ୍ତ୍ରରେ 'ହାଣ୍ଡିଛଡ଼' ହେବା ବିଧାନ ଅଛି । ଦୋଷ ହେବା ପରେ ମୋକ୍ଷ ସ୍ନାନ କରି ତତ୍ପରେ ପାକହାଣ୍ଡିକୁ ସ୍ପର୍ଶ ଓ ବ୍ୟବହାର କରଯାଏ ।]

୨ । ହାଣ୍ଡିବାହାର [ଦେଖ]—2. Handi bahara (See)

ହାଣ୍ଡି ଛଡ଼ିବା—ଦେ· କି [ହାଣ୍ଡି ଉଠିବା ବିଶେଷ୍ୟର କ୍ରିୟାରୂପ, ତାଳ, Handi chhardiba ନଡ଼ିଆ, କୌଣସି ବୃକ୍ଷର ବେକ ଭୂମିରୁ ଉପରକୁ ଉଠିଯିବା—(said of a growing palm tree)—(the neck) To become separated from the ground.

ହାଣ୍ଡି ଛୁଆଁ—ଦେ· ବି [ସ ଭାଣ୍ଡ+ସ୍ପର୍ଶନ]—୧ । ଘରବାଲୁ ଆସିଥିବା Handi chhuan ନବାଗତା ବଧୂର ବିବାହର ଚତୁର୍ଥ ଦିନ ପ୍ରଥମେ ବୌଭାତ ଚତୁର୍ଥीभोज ପାକ ହାଣ୍ଡିକୁ ଛୁଇଁ ପାକ କରିବା ଓ ସେହି ପକ୍ୱାନ୍ନକୁ ଘରବାଲର ବ୍ୟକ୍ତିଗଣ, କୁଟୁମ୍ବ ଓ ବନ୍ଧୁମାନଙ୍କ ଭୋଜନ କରିବା ରୂପ କର୍ମ -1. The ceremony of the newly come daughter-in-law's first cooking in the family mess on the 4th day of marriage. [ବି—ଏହି ଉପଲକ୍ଷରେ କୁଟୁମ୍ବ ଓ ବନ୍ଧୁମାନେ ନିମନ୍ତ୍ରିତ ହୋଇ ନବବଧୂଙ୍କ ନୂତନ ପାକରେ ପକ୍ୱାନ୍ନ ଭୋଜନ କରନ୍ତି ।] ୨ । ଋତୁମତୀ ସ୍ତ୍ରୀଙ୍କର ଋତୁର ଚତୁର୍ଥ ଦିନ ଶୁଦ୍ଧସ୍ନାନ କରିବା ପରେ ପାକଶାଳାରେ ପାକ କରିବାରୂପ କର୍ମ—2. The act of a হাণ্ডিছোঁয়া हांडीछूना menstruated woman first cooking meals after her purificatory bath on the 4th day after the menses.

ହାଣ୍ଡି ଛୁ(ଛୋ)ଇଁବା—ଦେ· କି (ସ ଭାଣ୍ଡ+ସ୍ପୃଶ ଧାତୁ)—୧ । Handi chhu(chho)inba (ଘରବାଲକୁ ନବାଗତା ବଧୂ) ଚତୁର୍ଥୀ ଦିନ ପ୍ରଥମେ ପାକଶାଳାରେ ପ୍ରବେଶ କରି ପାକ କରିବା——1. To cook for the first time হাণ্ডিছোঁয়া हांडीछूना in the family-mess (said of a newly come bride) on the 4th day of marriage. ୨ । [ଋତୁସ୍ନାତା ସ୍ତ୍ରୀ] ଋତୁର ଚତୁର୍ଥ ଦିନ (ବା ସ୍ଥଳବିଶେଷରେ ପଞ୍ଚମ ଦିନ) ପାକଶାଳାରେ ପ୍ରବେଶ କରି ପାକ କରିବା—2. To cook after the menstrual period of impurity is over and after having the purificatory bath (said of a woman after her menses.

ହାଣ୍ଡି ଜଳା—ଦେ·ବି—ହାଣ୍ଡିରଦେହରେ ଥିବା କ୍ଷୁଦ୍ର ଛିଦ୍ର (ଯାହା ଖାଲି Handi jala ଆଖିକୁ ଦିଶେ ନାହିଁ, ମାତ୍ର ପାଣି ପୂରାଇଲେ ଯେଉଁ ବାଟେ ପାଣି ଝରେ—The invisible and leak'ng বালিকাণা हाण्डीछेद pores in some earthen pots.

ହାଣ୍ଡି ଟେଙ୍ଗ (ଙ୍ଗେ) ଡ଼ା—ଦେ· ବି—ପାକଶାଳାର ଏକ କୋଣରେ Handi tenga (nge) rda ହୋଇଥିବା ପିଣ୍ଡିରେ କରାଯାଇଥିବା ଗୋଲକାର ମଲା ବା ଗାତ (ଯହିଁ ଉପରେ ହାଣ୍ଡିମାନ ଥୁଆଗଲେ ତାହା ଟଳ ହେ ନାହିଁ ବା ଅଢେଇ ହୋଇ ଯାଏନାହିଁ)—Niche or hole made in a raised platform in a corner of the cookroom to put the round-bottomed earthen pots on it, so that the pot does not list or হাঁড়িটেঙ্গরা मोढ़ा heel on one side.

ହାଣ୍ଡି ତେଲ(ଲା)ଉଣି (ତେଲୁଣି; ତେଲାଣି; ପଲମ)—ଦେ. ବି— Handi tela(la)uni teluni; telani;palama) (ସବୁଠର ଶବ୍ଦ)—ହାଣ୍ଡି ଓ ହାଣ୍ଡିର ମୁହଁରେ ଘୋଡ଼ାହେବାପାଇଁ ଠିକଣା ମୃତ୍ ପାତ୍ର—An earthen pot and a pan to তেলানি हाण्डीढांक cover its mouth.

ହାଣ୍ଡି ଧଡ଼(ଡ଼ା)ଧଡ଼(ଡ଼ା)(ଧୁଡ଼ଧୁଡ଼) କରିବା—ଦେ.କି—ଏକ ସ୍ଥାନରେ Handi dhard(rda) dhard(rda) (dhurdu dhurdu) kariba ରଖା ଯାଇଥିବା ଗୁଡ଼ାଏ ହାଣ୍ଡିକୁ ଦରାଣ୍ଡିବା ବା ହାଣ୍ଡିରେ ହାତ ବା ମୁହଁ ପୁରାଇବା ସମୟରେ ହାଣ୍ଡିମାନଙ୍କର ପରସ୍ପର ସହିତ ବାଜିବା ଯୋଗୁ ଧଡ଼୍‌ଧଡ଼୍ ଶବ୍ଦ ଉତ୍ପାଦନ କରାଇବା—To cause the earthen pots to clash against each other and emit a 'dhard dhard' sound when some one or animal tries to grope in the dark or thrust one's hand or mouth into the pots. [ପ୍ର—କାଳଆ ବଳଦ ଘରରେ ! ହାଣ୍ଡି କୁଣ୍ଡେଇ ସମ୍ଭାଳଥିବ, ହାଣ୍ଡି ଧଡ଼୍ ଧଡ଼୍ ଦଳରେ—ଗ୍ରୀଷ୍ମ-ବଞ୍ଚନ ଗୀତ] [ବି—ଧଡ ଧଡ ଶବ୍ଦ ଅପେକ୍ଷା ଧୁଡ଼(ଡ଼ୁ) ଧୁଡ଼୍ (ଡ଼ୁ) କ୍ଷୁଦ୍ରତର ଶବ୍ଦ ଅଟେ ।] হাড়ীধড়ধড়করা हाण्डीहड़बड़ाना

ହାଣ୍ଡି ଧରା—ଦେ. ବିଣ—ଯେଉଁ ବ୍ୟକ୍ତି ପରିବେଷଣାର୍ଥ ଅନ୍ନ ବ୍ୟଞ୍ଜନାଦି- Handi dhara ପୂର୍ଣ୍ଣ ହାଣ୍ଡିକୁ ଧରେ—(A person) Holding a pot (containing curry etc) in order হাঁড়ীধরা परोसनेवाला to serve out of it.

ହାଣ୍ଡି ନଉତି (ନୌତି)—ଦେ· ବି—(ସବୁଠର ଶବ୍ଦ)—ମଧ୍ୟମ ହାଣ୍ଡି Handi nauti (nauti) ଓ ଅଧିକ ହାଣ୍ଡି—Medium sized and big earthen pots. হাঁড়ীওহাঁড়া छोटीबड़ीहाण्डी

ହାଣ୍ଡି ନ ଛୁଇଁବା—ଦେ.କି—ଋତୁମତୀ ହେବା; ହାଣ୍ଡିବାହାର ହେବା— Handi na chhuinba [ବି—ଋତୁମତୀ ସ୍ତ୍ରୀ ଋତୁସ୍ନାନ କରିବା ପୂର୍ବରୁ ରଜୋଦର୍ଶନର ୪ ଦିନ କାଳ ପର୍ଯ୍ୟନ୍ତ ପାକ ହାଣ୍ଡିକୁ ସ୍ପର୍ଶ କରନ୍ତି ନାହିଁ] । To be in her menses. হাঁড়ীনাছোঁয়া हाण्डीनछूना

ହାଣ୍ଡି ପରି ମୁହଁ କରିବା—ଦେ. କ୍ରି—ଭ୍ରୂଭଙ୍ଗୀ କରିବା—
Hāndi pari muhan kariba To frown; to have a frowning or scowling face.
হাড়িরমতনমুখকরা हाण्डीकेजैसेमुखकरना

ହାଣ୍ଡିପିଠା—ଦେ. ବଣ—ଅତି କ୍ରୋଧୀ (ବ୍ୟକ୍ତି) (ଯେଉଁ ବ୍ୟକ୍ତି କ୍ରୋଧରେ
Hāndi piṭa ପାକହାଣ୍ଡି ଯାକ ପିଟିକରି ଭାଙ୍ଗି ପକାଏ)—
বদরাগী हांडी फोड़ने वाला Very angry [person].

ହାଣ୍ଡି ପିଠି—ଦେ. ବ (ସ ଭଣ୍ଡପୃଷ୍ଠ)—ହାଣ୍ଡିର ବାହାର ପାଖ—
Hāndipiṭhi The outside or exterior of
হাঁড়িরপিঠ हांड़िकेबाहार an earthen pot.

ହାଣ୍ଡିପିଣ୍ଡି—ଦେ. ବ—ପାକଶାଳାର ଏକ କୋଣରେ ପାକହାଣ୍ଡିମାନ
Hāndi pindi ରଖିବାପାଇଁ ଟେକଣ୍ଡାମାନ ଥିବା ପିଣ୍ଡି ବା
হাঁড়িরপিঁড়ি हांड़ीपीड़ी ମାଟିର ବେଦ—A raised earthen platform on which earthen pots are set down in a corner of the kitchen.

ହାଣ୍ଡି ପୃଥକ—ଦେ. ବ—ହାଣ୍ଡି ଭିନେ (ଦେଖ)
Hāndi pruthak Hāndi bhine (See)
(ହାଣ୍ଡି ପୃଥକ୍—ଗ୍ରାମ୍ୟ ରୂପ)

ହାଣ୍ଡି ପେଟ—ଦେ. ବ—ହାଣ୍ଡିର ଅନ୍ତଃସ୍ଥଳ—
Hāndi peṭa The inside of an earthen pot.
হাঁড়ীর পেট हाण्डिकापेट (ହାଣ୍ଡି ପେଟା—ବଣ)

ହାଣ୍ଡି ପୋଡ଼—ଦେ.ବ—କଞ୍ଚାହାଣ୍ଡିର କୁମ୍ଭାରଶାଳରେ ଭଟାରେ ପୋଡ଼ା
Hāndi porda ଯାଇଥିବାର ପ୍ରକାର—The manner or
হাড়িপোড় quality of an earthen pot having been
हाडिकापकाव well burnt in the potter's oven.
(ଯଥା—ଅମ ଗାଆଁ କୁମ୍ଭାରର ଭଟାରେ ହାଣ୍ଡିପୋଡ଼ ଭଲ ହୁଏ ନାହିଁ ।)

ହାଣ୍ଡି ପୋଡ଼ିବା—ଦେ. ବ—କୁମ୍ଭାର ସ୍ୱହାକୃତ ଭଟାରେ କଞ୍ଚା ହାଣ୍ଡି-
Hāndi pordibā ମାନ ପୂରାଇ ସେ ସବୁକୁ ଅଗ୍ନିଦ୍ୱାରା ଦଗ୍ଧ
হাঁড়ী পোড়া କରିବା—To burn the earthen pots in
हाण्डि पकाना the potter's oven.

ହାଣ୍ଡି ଫନ—ଦେ. ବ—ହାଣ୍ଡିର ମୁହଁର ମୋଟା ପଟ୍ଟି—The
Hāndi phanda circular rim of an earthen pot.
হাঁড়ীর ফান্দ (ବି—ଏହି ଅଂଶ ହାଣ୍ଡିର ଅନ୍ୟ ଅଂଶ ଅପେକ୍ଷା
हाण्डिकाकाना ମୋଟ ଓ ଏହାକୁ ଧରି ହାଣ୍ଡିକୁ ଚୁଲ୍ଲୀ ବା ଚୁଲି ଉପରୁ ଉଠାଇବାକୁ ହୁଏ ।)

ହାଣ୍ଡି ଫୁଟା—ଦେ. ବ—୧। (ଏହା ଫୁଟ୍ ଫୁଟ୍ ଶବ୍ଦ କରେ ବୋଲି)
Hāndi phuṭa ହାଣ୍ଡି ସମ୍ଭାର ; ଭଜନ ବଘାରିବା ପାଇଁ ଚୁଲି
সম্বরা, পাঁচফোড়ন ଉପରେ ସ୍ଥାପିତ ହାଣ୍ଡିରେ ଘିଅ ବା ତେଲ
पाँचफोड़न ଦେଇ ସେ ତେଲ ତାତିଲାପରେ ସେଥିରେ ପକାଯିବା ସୋରିଷ, ଲଙ୍କାମରିଚ, ମେଥି, ପାନମହୁରୀ, କଳାଜିରା ଓ ଆଉଅଦି ମସଲା—1. Mustard seed, chilly etc used in seasoning curry by throwing them into boiling oil or ghee.
୨। କଟକ। (ଦେଖ)—2. Kaṭaka (See).

ହାଣ୍ଡି ବଜା(ଜେ)ଇବା—ଦେ. କ୍ରି—ହାଣ୍ଡିରେ ଅଘାତ କରି ଶବ୍ଦ
Hāndi bajā(je) iba ଉତ୍ପାଦନ କରିବା ; ହାଣ୍ଡି ଦରକ
হাণ্ডী বাজান ଫଟା, ଏହା ପରୀକ୍ଷା କରିବା ପାଇଁ ହାଣ୍ଡିର ପିଠିରେ
हाण्डि बजाना ଅଙ୍ଗୁଳିଦ୍ୱାରା ଅଘାତ କରି ତହିଁରୁ ଶବ୍ଦ ଉତ୍ପାଦନ କରିବା—To strike an earthen pot with the palm or fingers so that it can be known from the sound whether the pot is cracked or sound.

ହାଣ୍ଡି ବାହାର—ଦେ. ଣେ—ଋତୁମତୀ (ସ୍ତ୍ରୀ)—
Hāndi bābara Menstruated ; in her menses.
ହାଣ୍ଡି ଛୁଆର }
ହାଣ୍ଡି ଘର } —ଗ୍ରାମ୍ୟରୂପ
ছোঁচ্‌পড়া ऋतुमती

ହାଣ୍ଡି ବାହାର ହେବା—ଦେ. କ୍ରି—(ଋତୁମତୀ ସ୍ତ୍ରୀ ଋତୁକାଳରେ ପ୍ରଥମ
Hāndi bābara beba ଏବେ ପାକଶାଳାରେ ପ୍ରବେଶ ନ
ছোঁচপড়া କରିବା ଯୋଗୁଁ)—(ସ୍ତ୍ରୀ) ଋତୁମତୀ ହେବା—To be
ऋतुमती होना in her menses; to be in the menstrual period.

ହାଣ୍ଡିଭଙ୍ଗା—ଦେ. ବ—୧। ହାଣ୍ଡି ଉପରେ ଯଷ୍ଟି ଅଘାତପୂର୍ବକ
Hāndi bhangā ତାହାକୁ ଖଣ୍ଡ ଖଣ୍ଡ କରିବା କର୍ମ—1.
হাঁড়ি ভাঙ্গা Breaking an earthen pot into pieces
हाण्डी भांगना by striking blows on it. ୨। ଏକପ୍ରକାର କ୍ଷୁଦ୍ର ଜାତୀୟ ମାଛ—2. A kind of small fish; millers thumb; Uranidea Gobia. [ବି—ଏମାନେ ଲମ୍ବରେ ୮।୧୦ ଅଙ୍ଗୁଳ ପର୍ଯ୍ୟନ୍ତ ବଢ଼ନ୍ତି । ଶରୀରର ଅନୁରୂପ ତୁଳନାରେ ଏମାନଙ୍କର ମୁଣ୍ଡ ବଡ଼ ଓ ଗାଲରେ ଦୁଇଟି ଦନ୍ତୁରି କଣ୍ଟା ଥାଏ ।]

ହାଣ୍ଡି ଭାଙ୍ଗିବା—ଦେ. କ୍ରି—୧। (ଲକ୍ଷଣାର୍ଥ) ଅନ୍ନାଦି ଖାଇବା ପାଇଁ
Hāndi bhāngibā ପାକଶାଳାରେ ଯାଇ ଅନ୍ନ ବା ଉତ୍ପାତ
হাড়ি ভাঙ্গা କରିବା—1. (figurative) To importune
हाण्डीमांगना for food at the cooking room. ୨। (ଲକ୍ଷଣାର୍ଥ) ଅତି କ୍ରୁଦ୍ଧ ହୋଇ ଅତ୍ୟାଚାର କରିବା—2. (figurative) To commit oppression in anger. ୩। (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟକୁ ଉଚ୍ଚୈଃସ୍ୱରରେ ପ୍ରକାଶ୍ୟ ସ୍ଥାନରେ ପ୍ରକାଶ କରିବା—3 (figurative) To publish a secret. (ଯଥା—ସେ ହାଟରେ ତାଙ୍କ ଘରକଥା ଯାଇ ହାଣ୍ଡି ଭାଙ୍ଗୁଛି ।)

ହାଣ୍ଡିଭିନେ (ନ୍ନ, ନ୍ନେ)—ଦେ. ବ—ଅଲଗା ଚୁଲେଇ; ପୃଥଗନ୍ନ-
Hāndi bhine (nna, nne) ବର୍ତ୍ତିତା; ଏତାଲବର୍ତ୍ତୀ
হাঁড়ি ভিন্ন ବ୍ୟକ୍ତିମାନଙ୍କର ପୃଥଗନ୍ନ ହେବା—Separation
हाण्डी अलग in mess (of hitherto joint persons); being separate in mess.

ହାଣ୍ଡିମଙ୍ଗଳଣ(ନ) (ମଙ୍ଗ[ଙ୍ଗୁ]ଳା)—ଦେ. ବି—ବିବାହାଦିର ପୂର୍ବ ଦିନ
Hāṇḍi mangaḷaṇa (na) (manga [ṅgu] ḷā) ବା
ହାଁଡ଼ିମଙ୍ଗଳା' ମଙ୍ଗଳକୃତ୍ୟ ଦିନ ମଙ୍ଗଳ ପାକ କରିବାକୁ ଖାଦ୍ୟ ରାନ୍ଧିବା
कड़ाहि पूजन ପାଇଁ ପାକଶାଳାରେ ନୂଆ ହାଣ୍ଡିରେ ସିନ୍ଦୂରଅଧିକ
ଲଗାଇ ସ୍ତ୍ରୀ ଲୋକମାନଙ୍କର ହୁଳହୁଳି ପକାଇ ପାକ ଆରମ୍ଭ
କରିବା ରୂପ ମଙ୍ଗଳକର୍ମ ସ୍ତ୍ରୀ-ଅଧୂର ବିଶେଷ—The
ceremony of setting up a new earthen
pots (after smearing vermilion on them)
for cooking meals for a marriage feast.

ହାଣ୍ଡି ମଙ୍ଗୁଳିବା—ଦେ. କ୍ରି—ବିବାହାଦିରେ ପାକଶାଳାରେ ପାକ
Hāṇḍi manguḷibā କରିବା କାର୍ଯ୍ୟର ଅନୁକୂଳ କରିବା ପାଇଁ
ହାଁଡ଼ି ମଙ୍ଗଳା କେତେଗୋଟି ହାଣ୍ଡିରେ ସିନ୍ଦୂର ଲଗାଇ (କେତେ-
कड़ाही पूजा करना ଗୁଡ଼ିଏ ଅଦ୍ୟ ସ୍ତ୍ରୀଲୋକ) ହୁଳହୁଳି ପକାଇବା
—To set up the first set of earthen pots
with some ceremony for cooking the
food for a marriage. ୨। (ଲକ୍ଷଣାର୍ଥ) [ଛୁଆଁ
ଲୋକ, ଅର୍ଥାତ୍ ଯେଉଁ ଲୋକ ଦାଣ୍ଡକୁ ଯାଇ ଫେରି ଆସି
ଲୁଗା ପାଲଟି ନ ଥାଏ କିମ୍ବା ଯେଉଁଲୋକ ବାଡ଼ିରେ
ପିନ୍ଧି ଶୋଇଥିବା ଲୁଗାକୁ ବଦଳ ନ ଥାଏ କିମ୍ବା ଯେଉଁ
ଲୋକ ଅସ୍ପୃଶ୍ୟ ବ୍ୟକ୍ତି ବା ଋତୁମତୀ ସ୍ତ୍ରୀକୁ ଛୁଇଁ
ଲୁଗା ପାଲଟି ନ ଥାଏ] ପାକ ହାଣ୍ଡିକୁ ଛୁଇଁବା —2.
(figurative) To touch or lay hands on
the cooking pots (said of a person who
has become contaminated by touch).
[ଦ୍ର—ଏପରି କଲେ ପାକ ହାଣ୍ଡି ସାକ ମାରି ହୋଇଯାଏ।]

ହାଣ୍ଡି ମଳା—ଦେ. ବି—୧। ହାଣ୍ଡି ଟେଙ୍ଗଡ଼ା (ଦେଖ)—1. Hāṇḍi
Hāṇḍi maḷā tengaṛā (See). ୨। ଅଗାଣ୍ଡିଆ ହାଣ୍ଡିକୁ
ହାଁଡେ ସମତଳ ଭୂମି ଉପରେ ଥୁଅ କରି ରଖିବା ପାଇଁ ଭୂମିରେ
हाँडड़ी बिड़ा ସ୍ଥାପିତ ହେବା କୁଟା, କନା, କଦଳୀପଟ୍ଟ ବା ଦଉଡ଼ା
ଆଦିର ଗୋଲାକାର ଶୂନ୍ୟଗର୍ଭ ମୁଣ୍ଡୁଳା—2. A
hollow ringed cushion (made of straw,
rags, rope etc) to set round-buttomed
pots stably on the ground.

ହାଣ୍ଡି ମସଲା—ଦେ. ବି—ହାଣ୍ଡିଫୁଟା (ଦେଖ)—
Hāṇḍi masalā Hāṇḍi phuṭā (See)

ହାଣ୍ଡି ମାଠିଆ—ଦେ. ବି (ସହଚର ଶବ୍ଦ)—ହାଣ୍ଡି ଓ ଘଟ; ମାଟିର ପାକ-
Hāṇḍi māṭhiā ପାତ୍ର ଓ ଜଳପାତ୍ର (ହାଣ୍ଡିର ମୁହଁ ବଡ଼ ଓ
ହାଁଡି କଳସୀ ମାଠିଆର ମୁହଁ ସରୁ)—Earthen pots for
हाण्डी कलसी cooking and narrow-necked pit-
chers for water.

ହାଣ୍ଡିମାର(ରୁ)—ଦେ. ବି—ଅସ୍ପୃଶ୍ୟ ବ୍ୟକ୍ତିର ପାକପାତ୍ରକୁ ଛୁଇଁବା
Hāṇḍi mārā (ru) ହେତୁ ଅଶୁଦ୍ଧ ହୋଇଥିବା ହାଣ୍ଡି—
ହାଁଡ଼ିମାରା Cooking pots defiled by the touch of
हाँड़िछूत an untouchable person. ବିଣ. ସ୍ତ୍ରୀ—ହାଣ୍ଡି
ବାହାର (ଦେଖ)—Hāṇḍi bāhāra (See)-

ହାଣ୍ଡି ମୁହଁ—ଦେ. ବି—୧। ହାଣ୍ଡିର ଯେଉଁ ଖୋଲା ଅଂଶ ଉପରଆଡ଼କୁ
Hāṇḍi muhaṅ ଥାଏ—1. The mouth of an
ହାଁଡ଼ିମୁଖ earthen pot. ୨। ହାଣ୍ଡିପରି କୃଷ୍ଣବର୍ଣ୍ଣ ଓ ଅସୁନ୍ଦର
हाँडिका मुहँ ମୁହଁ—2. A face as black and ugly as
an earthen pot.

ହାଣ୍ଡିମୁହାଁ—ଦେ. ବିଣ—ଯେଉଁ ବ୍ୟକ୍ତିର ମୁହଁ ହାଣ୍ଡିପରି କଳା,
Hāṇḍi muhāṅ ଫୁଲିକା ଓ ଅସୁନ୍ଦର—(a person) Having
[ହାଣ୍ଡିମୁହାଁ—ସ୍ତ୍ରୀ] a black, ugly and swollen face.
ହାଁଡ଼ିମୁଖୋ **हाँडिमुहाँ**

ହାଣ୍ଡିରେ ଖାଇବା—ଦେ. କ୍ରି—(କଳାର୍ଥକ)—ହାଣ୍ଡିରୁ ଅନ୍ନ ବ୍ୟଞ୍ଜନ
Hāṇḍire khāibā ପାତ୍ରାନ୍ତରରେ ବାଢ଼ି ନ ଆଣି ସେହି
ହାଁଡ଼ି ଖାଓୟା ହାଣ୍ଡିରୁ ଗୋପନରେ ଖାଇବା—To secretly
छिपाकर खाना eat rice and curry from the cook-
ing pot (instead of taking it out on a
plate). [ଦ୍ର—ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ
ଗାଧୋଇ ଯାଏ—ପ୍ରବଚନ—
ଯେଉଁ ବ୍ୟକ୍ତି ଗୋପନରେ ସ୍ୱାନାଗ୍ରହ କରେ, ମାତ୍ର
ଲୋକଙ୍କୁ ଦେଖାଇବା ପାଇଁ ଶୁଦ୍ଧ ଆଗ୍ରହବନ୍ତ ହୁଏ, ତାହା
ପକ୍ଷ ଏହି ପ୍ରବଚନ ପ୍ରଯୁଜ୍ୟ ହୁଏ।]

(ଅମୁକର) ହାଣ୍ଡିରେ ଚାଉଳ ପକା(କେ)ଇବା—ଦେ' କ୍ରି—(ଲକ୍ଷଣାର୍ଥ)
Hāṇḍire chāuḷa pakā(ke)ibā (କୌଣସି ବାଳିକା)
ପତି ପତ୍ନୀ ନିର୍ବନ୍ଧଥାକା କୌଣସି ପୁରୁଷକୁ ବିବାହିତା ହେବା
जहाँ भावी था वहाँ होना ପାଇଁ ପ୍ରଜାପତିଙ୍କ ଦ୍ୱାରା ପୂର୍ବରୁ ସ୍ଥିରକୃତ
ହୋଇଥିବା - (figurative) To have one's rice
thrown in the cooking pot of another
(said of a girl going to be married to a
particular man.)
[ଦ୍ର —ହିନ୍ଦୁମାନଙ୍କର ବିଶ୍ୱାସ ଏହି ଯେ, ବିବାହସମ୍ବନ୍ଧ
ମନୁଷ୍ୟକୃତ ନୁହେଁ; ତାହା ପ୍ରଜାପତିଙ୍କ ଘଟଣ କ ଓ ତାହା
କନ୍ୟାର ଜନ୍ମ ପୂର୍ବରୁ ବିଧାତା ସ୍ଥିର କରି ଆଥନ୍ତି।
ବିଧାତାଙ୍କ ନିୟମ ଅନୁସାରେ ଯେଉଁ କନ୍ୟା ତାହାର
ଚାଉଳ ବା ଖାଦ୍ୟ ଯେଉଁ ବରର ହାଣ୍ଡିରେ ବା ପାକ-
ହାଣ୍ଡିରେ ପୂର୍ବ ଜନ୍ମରେ ପକାଇଥାଏ, ସେ କନ୍ୟା ଅବଶ୍ୟ
ସେହି ବରକୁ ବିବାହ କରେ। ଏଥିପାଇଁ ଲୋକେ କହନ୍ତି
'ସେ ପିଲାଟି ଅମୁକର ହାଣ୍ଡିରେ ଚାଉଳ ପକାଇଛି' ଅର୍ଥାତ୍
ସେ କନ୍ୟାଟି ଏହି ବର ଛଡ଼ା ଅନ୍ୟ କୌଣସି ବରକୁ
ବିବାହିତା ହେବ ନାହିଁ।]

ହାଣ୍ଡି(ଣ୍ଡେ)ଲ—ବୈଦେ. ବି (ଇଂ)—ହାଣ୍ଡଲ୍ (ଦେଖ) –
Hāṇḍi (ṇḍe)l Hāṇḍ-l (See)

ହାଣ୍ଡିଶାଳ—ଦେ. ବି—(ହ ଣ୍ଡି ଓ ଶାଳା) –ରୋଷଣା ଘର; ପାକଶାଳା;
Hāṇḍi śāla ରୁଷେଇ ଘର—Cookroom; kitchen.
ହେଁସେଲ,ହାଁଶାଲ [ଦ୍ର—ପିତାଙ୍କୁ ଅନ୍ନାତୁର,ମାଏ ହାଣ୍ଡିଶାଳ—ଦେଖ

ରନ୍ଧାଇଁବାର ଗୃହ ଦେଖିବ ଯେ ହେବ କୁଶଳ । କୃଷ୍ଣସିଂହ ମହାଭାରତ ଉଦ୍‌ଯୋଗ]

ହାଣ୍ଡି ସଜ—ଦେ. ବ— ପାକଶାଳାରେ ଭାତ ଡାଲି ଛଅଣ ଆଦି ରନ୍ଧା ରନ୍ଧି Hāndi saja ସାମଗ୍ରୀ ରଖା ହେବା ପାଇଁ ବ୍ୟବହୃତ ଏକ ସେଟ୍ହାଁଡ଼ିସାଜ ବଡ଼ ଓ ସାନ ହାଣ୍ଡି—A set of earthen pots (big and small) used for cooking various kinds of food (rice, dal and curry etc). हांडीकासेट

ହାଣ୍ଡି ସ(ଶ)ରା—ଦେ. ବ (ସହଚର ଶବ୍ଦ) (ସଂ, ଭାଣ୍ଡ+ସରାବ; ଶରାବ) Hāndi sa(śa)rā ହାଣ୍ଡି ଓ ଢାଙ୍କୁଣି ପାଲମ— হাঁড়ি সরা हाण्डी सराह Earthen pot and its small cover

ହାଣ୍ଡି ସରାଇ—ପ୍ରାଦେ (ସମ୍ବଲପୁର) ବ (ସହଚର ଶବ୍ଦ)—ହାଣ୍ଡି କୁଣ୍ଡେଇ, Hāndi sarāi ନାନାପ୍ରକାର ମୃତ୍‌ଭାଣ୍ଡ—Various earthenwares.

ହାଣ୍ଡି ହସିବା—ଦେ. ବ— ଚୂଲିରୁ କାଢ଼ିଥିବା ହାଣ୍ଡି ଉପରେ ବସିଥିବା ହାଣ୍ଡିର Hāndi hasibā ପିଠିରେ ବା ଗାଣ୍ଡିରେ ଲାଗିଥିବା କଳାରେ হাঁড়িহাসা ମଦା ମଦା ହୋଇ ନିଆଁ ଲାଗିବା (ତାହା ହାଣ୍ଡିର ହସିବା ସଙ୍ଗେ ସଙ୍ଗେ ତୁଳନା କରାଯାଏ)— हाँडीहंसना The soots on the back of a cooking pot becoming ignited in patches while the pot is on a brisk fire. [ଦ୍ର—ଫଳତଃ ପାକାର୍ଥ ବ୍ୟବହୃତ ହାଣ୍ଡିର ପିଠି ଅଦରୁ କଳାଗାର ଉତ୍ତମରୂପେ ପୂର୍ବରୁ ଧୂଆ ହୋଇ ନ ଥିଲେ ତାହା ଚୂଲିରୁ ନିଆଁ ଉପରେ ବସିଲାବେଳେ ସେ କଳାର କଣିକାମାନଙ୍କରେ ନିଆଁ ଲାଗି ତାହା ନିଆଁରେ ଦାଉ ଦାଉ କରେ। ଲୋକେ ଏହାକୁ 'ହାଣ୍ଡି ହସିବା' କହନ୍ତି ଓ ଯାହା ଘରେ ହାଣ୍ଡି ହସିବା ଦେଖାଯାଏ, ସେହି ପରିବାରରେ ଶୀଘ୍ର ବିବାହାଦି କୌଣସି ଶୁଭାନୁଷ୍ଠାନ ଘଟିବ ବୋଲି ଲୋକେ ବିଶ୍ୱାସ କରନ୍ତି ।]

ହାଣ୍ଡି ହାଣ୍ଡି—ଦେ. କ୍ରି. ବଣ ଓ ବଣ— ହାଣ୍ଡିକା ହାଣ୍ଡି (ଦେଖ)— Hāndi hāndi Hāndikā hāndi (See)

ହାଣ୍ଡୁଆ—ପ୍ରାଦେ (ଗଡ଼ଜାତ ଓ ସିଂହଭୂମି) **ବ—** ବାଉଁଶ କରଡ଼ରେ Hāndua ପ୍ରସ୍ତୁତ ବ୍ୟଞ୍ଜନ ବିଶେଷ—A kind of curry prepared from tender shoots of bamboo. [ଦ୍ର—ବାଉଁଶ କରଡ଼ ଚୂନା ଚୂନା ହୋଇ କଟାଯାଇ ଗୋଟିଏ ମାଟିଆ ଘଡ଼ିରେ ରଖାଯାଏ ଓ ତହିଁରେ ବହୁ ଗୋଳା ହୁଏ । ବହୁ ଗୋଳା ହୋଇଥିବା ଦ୍ରବ୍ୟକୁ କରଡ଼ ଓ ତାହା ଶୁଖିଗଲେ ତାକୁ ହାଣ୍ଡୁଆ କହନ୍ତି; ଏହା ବହୁକାଳ ପର ରଖା ହୁଏ ।]

ହାଣ୍ଡୁଲା ମହି(ଇ)—ପ୍ରାଦେ (ଗଞ୍ଜାମ) **ବ—** କୋଳମଇ (ଦେଖ)— Hāndulā mahi(i) Kolimai (See).

ହାଣ୍ଡୋଲା—ଦେ. ବ— ଗ୍ରାମଦେବତାମାନଙ୍କ ପାଇଁ କୁମ୍ଭାରଙ୍କ Hāndolā ଦ୍ୱାରା ପୋଡ଼ାମାଟିର ଛୋଟ ମନ୍ଦିର— A small burnt earthen temple for vilage Deities.

ହତ୍—ଦେ ଅ—୧ । (ବାରଣାର୍ଥକ; ନିଷେଧାର୍ଥକ) ଅତ୍; ଥାତ୍— Hat 1. Interjection, used in prohibiting ধাৎ, ধেৎ हत् or preventing. ୨ । ଅସନ୍ତୋଷସୂଚକ—2. interjection, used in expressing dissatisfaction. ୩ । ହାତ୍ ହାତ୍ [ଦେଖ]—Hāt Hāt (See). ପ୍ରାଦେ [[ସମ୍ବଲପୁର] ଅ—ଅବଜ୍ଞାର୍ଥକ—ଦୂର୍—Fie.

ହାତ୍ ଉପର୍—ଦେ. ଅ [ଯୁବକ ସଂଘାଧ୍ୟକ୍ଷମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍‌ସମ୍ବନ୍ଧୀୟ Hāt-upar ଆଦେଶ ବଚନ) ହାତ ଉପରକୁ କରଥା— (a word of drill recently introduced) Hands up

ହାତ୍‌କମର୍—ଦେ. ବ (ଯୁବକ ସଂଘାଧ୍ୟକ୍ଷମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍‌ସମ୍ବନ୍ଧୀୟ Hāt-kamar ଆଦେଶବଚନ)—କମର ଉପରେ ହାତ ରଖ- (a word of drill) Hands hip!

ହାତ୍‌ଛନ୍ଦ—ଦେ. ବ [ଯୁବକ ସଂଘାଧ୍ୟକ୍ଷମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍‌ସମ୍ବନ୍ଧୀୟ Hat-chhand ଆଦେଶବଚନ]—ଏକ ହାତକୁ ଅନ୍ୟ ହାତଦ୍ୱାରା ଛନ୍ଦିଦିଅ—(drill) Hands-clasp !

ହାତ୍‌ଛାଡ଼୍—ଦେ. ବ (ଯୁବକ ସଂଘାଧ୍ୟକ୍ଷମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍‌ସମ୍ବନ୍ଧୀ Hāt-chhārd ଆଦେଶବଚନ)—ହାତକୁ ତଳକୁ ଝୁଲାଅ- (drill) Hands down !

ହାତ୍‌ଡ଼ି—ପ୍ରାଦେ (ସମ୍ବଲପୁର) **ବ—** ହାତୁଡ଼ି— Hāt-rdi Hammer.

ହାତ୍‌ତେରି[ତେରିକା(କି,କେ)]—ଦେ.ଅ— ଧତ୍‌ତେରି । [ଅସନ୍ତୋଷ ବା Hāt-teri(terika[ki,ke) ଘୃଣାର୍ଥକ] ଛିଃ !— ধাৎতেরি धततेरि Interjection used in expressing disgust or hatred.

ହାତ୍(ଥ୍)ରସ୍—ଦେ. ବ [ନାମ]—ଇଷ୍ଟ ଇଣ୍ଡିଆନ୍ ରେଲ୍‌ୱେର Hāt-(th-)ras କଲିକତାରୁ ଦିଲ୍ଲୀ ବାଟେ ପଞ୍ଜାବକୁ হাতরস हथरस ଯାଇଥିବା ରେଳ ଲାଇନ୍‌ର ଗୋଟିଏ ଷ୍ଟେସନ—Hathras; a junction in the East-Indian-Railway main line from Calcutta to the Punjab, from where a branch line goes towards Mathurā and another towards Bereli. (ଦ୍ର—ଏହା ଯୁକ୍ତପ୍ରଦେଶର ଅଲିଗଡ଼ ଜିଲ୍ଲାର ଗୋଟିଏ ବାଣିଜ୍ୟକେନ୍ଦ୍ର ନଗର । ଏହା ଆଗ୍ରାର ଉତ୍ତରକୁ ୨୯ ମାଇଲ୍ ଓ ଅଲିଗଡ଼ର ଦକ୍ଷିଣକୁ ୨୧ ମାଇଲ୍ ଦୂର । ଏଠାରୁ ମଥୁରାକୁ ଗୋଟିଏ ଛୋଟ ଶାଖାଲାଇନ୍ ଓ ବେରେଲିକୁ ଅନ୍ୟ ଗୋଟିଏ ଲାଇନ୍ ବାଟେ ଯିବାକୁ ହୁଏ । ଏଠାରେ ଗଙ୍ଗା କେନାଲରୁ ଅଲିଗଡ଼କୁ ଖୋଳା ହୋଇଥିବା କେନାଲ ଅଲିଗଡ ରାସ୍ତାକୁ ଭେଦ କରୁଅଛି ।]

ହାତ୍‌ଲି—ପ୍ରାଦେ (ସମ୍ବଲପୁର) ବି—ଗ୍ରୀଷ୍ମକାଳରେ ଅଳ୍ପ ଜଳ ଥିବା
Hāt-li ନଦୀଗର୍ଭରେ ଡଙ୍ଗା ଚଳିବାକୁ ଯଥେଷ୍ଟ ଗଭୀର ପାଣି ନ ଥିଲେ, ନଦୀଗର୍ଭକୁ ଖୋଳିବା ପାଇଁ ବ୍ୟବହୃତ କାଠର କୋଡ଼ି ବା ଫାଳ୍‌ଡ଼ା—A wooden spade for digging river-beds where the depth of water is too shallow for boats to ply during summer.

ହାତ୍‌ଲୁଭି—ପ୍ରାଦେ (ସମ୍ବଲପୁର) ଋଣ ଓ ବି—ଛୁଟିକା ଚୋର—
Hāt-lubhi Pilfererer.

ହାତ୍‌ଶା—ଦେ. ବି—ହତ୍‌ଶା (ଦେଖ)—
Hāt-śa Hat-śā (See)

ହାତ୍ ହାତ୍—ଦେ. ଅ—ବାରଣାର୍ଥକ ଧ୍ୱନି; ବିଲେଇ, କୁଆ, କୁକୁର,
Hāt hāt ଗୋରୁ ଆଦି କୌଣସି ଖାଦ୍ୟପଦାର୍ଥ
ଧେଏଧେଏ ହତ୍‌ହତ୍ ଖାଇବାକୁ ଉପକ୍ରମ କଲେ ତାଙ୍କୁ ଘଉଡ଼ାଇବା ପାଇଁ ଉଚ୍ଚାରିତ ଧ୍ୱନି—Interjection used in driving or scaring away a cat, dog or cattle setting upon something to eat.

ହାତ—ଦେ. ବି (ସଂ. ହସ୍ତ; ପ୍ରା. ହତ୍ଥ)—୧। ହସ୍ତ; କର; ଭୁଜ—
Hāta 1. Hand. (ଦ୍ର—କହୁଣିଠାରୁ ମଣିବନ୍ଧ (କଚଟି) ପର୍ଯ୍ୟନ୍ତ ଅଂଶକୁ ପ୍ରକୋଷ୍ଠ ଓ ଖୁଅଠାରୁ ଅଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶକୁ ହାତ ବୋଲାଯାଏ।

ସାଧାରଣତଃ ଖୁଅଠାରୁ ଅଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶକୁ ଲୋକେ ହାତ ବୋଲି କହନ୍ତି; କିନ୍ତୁ କହୁଣିଠାରୁ ଅଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶ ହାତ ବା ହସ୍ତ ଅଟେ। ହାତର ଭିନ୍ନ ଭିନ୍ନ ଅଂଶର ନାମ। ଯଥା—ଅଙ୍ଗୁଠି ବା ଅଙ୍ଗୁଳି, ପଞ୍ଝା ବା ପଞ୍ଝା, ଲେଡ଼ି ବା ଲେଡ଼ି, ପାପୁଲି ବା ପଇଠ, ଗଣ୍ଡୁଷ, କଚଟି ବା ମଣିବନ୍ଧ, ହାତଗଣ୍ଠି (କଚ୍ଚି, ବନ୍ଧା, କବଜା), ହାତ ଭଣ୍ଡା, କହୁଣି, ବାହା ବା ବାହୁ, ଖୁଅ (ବା ଡେଣା ବା ହାତଗଣ୍ଠିଆ), କାନ୍ଧ, ମୁଠା।

ହାତର ଭିନ୍ନ ଭିନ୍ନ ଅଂଶରେ ପିନ୍ଧାଯିବା ଅଳଙ୍କାର ମାନଙ୍କର ନାମ ଯଥା—

ଅଙ୍ଗୁଠିରେ—ମୁଦି; କରପୃଷ୍ଠରେ—କରପଦ୍ମ; କଚଟି ବା ମଣିବନ୍ଧରେ—ଖଡ଼ୁ, କଳଅର ବା କଲିଅର, ପଇଞ୍ଚି ବା ପଇଞ୍ଚି, ଶିକୁଳି, ବଟଫଳ, ଅଗୁଲି ଓ (ଲୁହାର) ହାରଣି;

ହାତର ଭଣ୍ଡାରେ—ଚୁଡ଼ି, କାଚ (ଧାତୁନିର୍ମିତ ବା କାଚର ସରୁ ସରୁ ପଟି);

ବାହୁରେ—ବାଜୁ ବା ବାଜ, ବାଜୁବନ୍ଧ ବା ବାହୁଟି, ବାଙ୍କଡ଼େଇଁଥିଆ ବା ବାଙ୍କଡ଼ଇଁଚ, ବଦ, କପୁରବାଳିଆ, ତାଡ଼, ରତ୍ନଣିଆ।

ହାତର ଭିନ୍ନ ଭିନ୍ନ ଅଂଶଦ୍ୱାରା ପ୍ରହାରର ନାମ ଯଥା—

୧। ଗୋଟିଏ ଅଙ୍ଗୁଠି ଦ୍ୱାରା—ଟାକରା, ଥୁ(ଥୋ)ପା, ଥୁ(ଥୋ)ପି, ଟୁକରା ବା ଠୋକରା, କଣ୍ଡ; ଦୁଇଟି ଅଙ୍ଗୁଠି ଦ୍ୱାରା ମାଂସକୁ ଜୋରରେ ଚିପିବ.=ଚିମୁଟା, ଚିମୁଟି; ବୁଢ଼ାଅଙ୍ଗୁଠି ଓ ବକ୍ରୀକୃତ ତର୍ଜନୀଅଙ୍ଗୁଠି ଦ୍ୱାରା ଚିମୁଟାର ନାମ ମୁଣ୍ଡିଆ।

୨। ଅଙ୍ଗୁଠି ସମେତ ବିସ୍ତୃତ କରତଳ ଦ୍ୱାରା [ସଂ. ଚପେଟ] ଧୀରରେ ଆଘାତ—ଥାପଡ଼ା, ଚଟକଣି, ଚାପୁଡ଼ି।

ଜୋରରେ ଆଘାତ—ଚାପୁଡ଼ା, ଚାପୋଡ଼ା ବା ଜାବଡ଼ା, ଚଟକଣା।

୩। ପାଣିକୃତ କରତଳ ଦ୍ୱାରା ଧୀର ଆଘାତ= ଫୁଟୁକି।

୪। ବୁଦ୍ଧାଙ୍ଗୁଷ୍ଠି ବା ମୁଠାଦ୍ୱାରା ଆଘାତ—
(କ) ମୁଠାର କାଣି ଅଙ୍ଗୁଠି ପାଖ ଦ୍ୱାରା—ଭିଧା;
(ଖ) ମୁଠା ହୋଇଥିବା ଅଙ୍ଗୁଠିମାନଙ୍କ ପୃଷ୍ଠ ଦ୍ୱାରା— ଭୁସା, ଭୁସି;
(ଗ) ମୁଠାର ବୁଢ଼ା ଅଙ୍ଗୁଠି ପାଖ ଦ୍ୱାରା—ମୁଥ;
(ଘ) ମୁଠାର ବୁଢ଼ା ଅଙ୍ଗୁଠି ପାଖ ଦ୍ୱାରା ମୁହଁରେ ଆଘାତ—ମୁଣ୍ଡୀ,

୫। ବିସ୍ତୃତ କରତଳ ବା ପଞ୍ଝା ଦ୍ୱାରା ଅନ୍ୟର ବିସ୍ତୃତ ଅଙ୍ଗୁଠିମାନଙ୍କୁ ଚାପିବା—ପଞ୍ଜା, ପଞ୍ଝା।

୬। ଲେଡ଼ି ଦ୍ୱାରା ଠେଲି ଆଘାତ—ଲେଡ଼ା।

୭। (କ) ବୁଢ଼ା ଅଙ୍ଗୁଠି ଓ ତର୍ଜନୀ ବା ମଝି ଅଙ୍ଗୁଠିର ବିସ୍ତୃତ କରିବା ଦ୍ୱାରା ରଚିତ ଅର୍ଦ୍ଧଚନ୍ଦ୍ର ଦ୍ୱାରା ବେକକୁ ପଛଆଡ଼ୁ ଠେଲି—ଗଲଥା,
(ଖ) ଏହିପ୍ରକାରରେ ବେକର ଅଗଆଡ଼ୁ ବା ତଣ୍ଟିଆଡ଼ୁ ଧକ୍କା—ତଣ୍ଟିଆ।

୮। କହୁଣିଦ୍ୱାରା ଠେଲି—କହୁଣିଆ, କହୁଣି।

୯। ବାହୁ ଓ ଭୁଜ ଦ୍ୱାରା ଠେଲି—ଧକ୍କା।

ଏହା ଛଡ଼ା ହାତର ଅଙ୍ଗୁଠିମାନ ଦ୍ୱାରା କାନମୋଡ଼ ନାକମୋଡ଼ା, ଚୁଟିଝିଙ୍କା, ବାଳଧରା, ଆଖିରେ ଅଙ୍ଗୁଠି ଗେଞ୍ଜିବା, ଗୁହ୍ୟଦ୍ୱାରରେ ଅଙ୍ଗୁଳି ମାରିବା (ଅଙ୍ଗୁଳା) ଇତ୍ୟାଦି ଆଘାତ କରାଯାଏ।

ହାତ ଶବ୍ଦଯୁକ୍ତ ପ୍ରବାଦ,ନ୍ୟାୟ, ପ୍ରବଚନ ଆଦି;-ଯଥା—
୧। ହାତରେ ଶଙ୍ଖା, ଦର୍ପଣ ଯାଏ କାହିଁ ?—ନ୍ୟାୟ।
୨। ସୁନାମୁହଁଆ ହାତରୁ ଠାକରାଏ ଖାଇଲେ ଗଙ୍ଗାସ୍ନାନ ଫଳ ପାଇ—ଲୋକ (ବ୍ୟଙ୍ଗ)
୩। ହାତରେ ନ ମାରି ଭାତରେ ମାରିବା—ନ୍ୟାୟ
୪। ହାତ ପଶୁ ପଶୁ ବାହା ପଶିବା—ନ୍ୟାୟ
୫। ହାତକୁ ଖାଇ ଘୋଡ଼ା ଆଗରେ ଡେଇଁବା—ନ୍ୟାୟ
୬। (ଟେକା) ହାତକୁ ଖସିଲେ ଅଣବାହୁଡ଼—ନ୍ୟାୟ
୭। ଜେଜିର ହାତର ପାପ ଖାଇବ ହାତକୁ ଲାଗେନାହିଁ —ନ୍ୟାୟ

୮ । ଏ ହାତ କଥା ସେ ହାତକୁ ଅଗୋଚର—ନ୍ୟାୟ
୯ । ଏକ ହାତ ଅମୃତ ଭୁଞ୍ଜନ୍ତି, ଏକ ହାତ ଗରଳ ପୋଛନ୍ତି—ନ୍ୟାୟ ।
୧୦ ଏକା ହାତରେ ତାଳି ବାଜେ ନାହିଁ—ନ୍ୟାୟ
୧୧ । ହାତ ଅଳସେ ନଣନ୍ଦ କଳା—ନ୍ୟାୟ
୧୨ । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା—ନ୍ୟାୟ
୧୩ । ହାତରେ ପାଞ୍ଚ ମଙ୍ଗଳବାର—ନ୍ୟାୟ ।]

୨ । ୨୪ ଅଙ୍ଗୁଳ ପାର୍ଶ୍ୱ ମାପ ବିଶେଷ—2. Cubit; a unit of measure of the breadth of 24 fingers.

[ଦ୍ର—ଲୁଗା ଅଦରେ କହୁଣିର ଅଗଠାରୁ ମଝି ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ବିସ୍ତୃତ କର ମାପିବା ଅଂଶକୁ ବା ଦୈର୍ଘ୍ୟକୁ ଏକହାତ ବୋଲାଯାଏ ଓ ହାତର ଅଙ୍ଗୁଠିମାନଙ୍କୁ ମୁଠା କରଦେଇ ମାପିଲେ କହୁଣିର ଅଗଠାରୁ ମୁଠା ହୋଇଥିବା କାଣି ଅଙ୍ଗୁଠିର ମଝି ହାଡ଼ ପର୍ଯ୍ୟନ୍ତ ଦୈର୍ଘ୍ୟକୁ ମୁଠୁଣି ବୋଲାଯାଏ । ଏକହାତ=୨୪ଅଙ୍ଗୁଳ=୧୮ ଇଞ୍ଚ୍=୨ଖୁଣ୍ଟ । ଏକ ମୁଠୁଣି=୧୮ ଅଙ୍ଗୁଳ=୧୨ ଖୁଣ୍ଟ । ୮୦୦୦ ହାତ=୧ କ୍ରୋଶ]

୩ । ଶିଳ୍ପୀର କୃତ ହସ୍ତ; କାରୁ—3. The skilful hand of an artist manufacture; art. (ଯଥା—ଏହା ଗୋରହାତର ଫାଲସ୍ କାମ)
୪ । ଅଧିକାର—4. Control. (ଯଥା—ଏ କଥାରେ କାହାର ହାତ ନାହିଁ) ୫। ଶକ୍ତି; ବଳ; କାର୍ଯ୍ୟକାରକତ୍ୱ; ସମତା—5. Power; agency; potency. (ଯଥା—ତା ହାତରେ ଏ କାମ ହୋଇ ପାରବ ନାହିଁ) ୬ । କର୍ମରେ ଦକ୍ଷତା; କୁଶଳ—6. Skill. (ଯଥା—ସଣ ବାଲ ହାତ; ଓସ୍ତାଦହାତ ୭ । ଖେଳାଳମାନଙ୍କର ଥରେ ଖେଳ; ଖେଳର ଥର; ବାଜ—7. Playing of a game once; one time. (ଯଥା—ଆସିଲ, ହାତେ ତାସ ଖେଳିବା) ୮ କୁର୍ତ୍ତାର ଅସ୍ତିନ୍ (କୁର୍ତ୍ତାର ଯେଉଁ ଅଂଶକୁ ପିନ୍ଧାଳଙ୍କ ହାତ ଅଧିକାର କରିଥାଏ)—8. Sleeve of a coat or shirt. ୯ । ଅଧିକାର; ଦଖଲ—9. Possession. (ଯଥା—ଏବେ ସେ ଏ ସମ୍ପତ୍ତି ମୋ ହାତକୁ ଆସିଲା) ୧୦। ସମ୍ପର୍କ—10. Connection. ୧୧ । ପ୍ରଭାବ—11. Influence. ବିଣ—
୧ । ହାତରେ ପିନ୍ଧା ଯିବା—1. Worn on the hand. (ଯଥା—ହାତମୁଦି) ୨ । ଶିଳ୍ପୀର ହସ୍ତ ରଚିତ—2. Manufactured by. (ଯଥା—ସେ ସବୁ ହାତ କାମ) ୩ । ହାତରେ ଥିବା; ହସ୍ତ ସମ୍ବନ୍ଧୀୟ—3. Relating to the hand. (ଯଥା—ହାତ ଅଙ୍ଗୁଠି)

ହାତ ଅକ୍ଷର—ଦେ. ବି (ସଂ. ହସ୍ତ+ଅକ୍ଷର)—୧ । କୌଣସି ବ୍ୟକ୍ତିଙ୍କ
Hāta akshara ହସ୍ତାକ୍ଷର—1. Any person's handwriting. ୨ । ହସ୍ତଲିଖିତ ଲେଖା—2. Manuscript writing (as opposed to printed
হাতেরঅক্ষর हस्ताक्षर matter.

ହାତ ଅପହଞ୍ଚ—ଦେ. ବି—୧ । କୌଣସି ବସ୍ତୁର ହାତ ନ ପାଇବା
Hāta apahañcha ସ୍ଥାନରେ ଅବସ୍ଥିତ—1 The position of any thing at a place which can not be reached by the hands; being out of the reach of the hands. ୨ । ଧନାଦ ହସ୍ତଗତ ନ ହେବା ଅବସ୍ଥା—2. The state of a thing not
নাগালেরবাহির हाथअपहुँच reaching one hands.

ହାତ ଅଳସ—ଦେ. ବି—(ସଂ. ହସ୍ତ+ଅଳସ୍ୟ)—୧ । ହସ୍ତର ଅଳସ୍ୟ
Hātā alasa—1. The idleness of the hand. (ଯଥା,
হাতের আলস্য —ହାତ ଅଳସେ ନଣନ୍ଦ କଳା) ୨ । ଅଳସ୍ୟ
हाथ आलस युକ୍ତ ବ୍ୟକ୍ତିର ହସ୍ତ—2. The band of an idle person.

ହାତ ଅଙ୍ଗୁଠି(ଳି)—ଦେ. ବି—(ସଂ. ହସ୍ତ+ଅଙ୍ଗୁଳ)—ହସ୍ତର ଅଙ୍ଗୁଳି
Hāta āṅguṭhi(ḷi) —The fingers of the hand.
হাতের অংটি [ଦ୍ର—ଏମାନଙ୍କର ନାମ ଯଥା-୧ । ବୁଢ଼ା ଅଙ୍ଗୁଠି—
हाथ आंगूठी ସଂ. ଅଙ୍ଗୁଷ୍ଠ; ଇଂ. Thumb.) ୨ । ତର୍ଜ୍ଜନୀ ଅଙ୍ଗୁଠି (ପ୍ରୟୋଗ—ଗୋଡ଼ ଅଙ୍ଗୁଠି[ଳି]) (ସଂ. ତର୍ଜ୍ଜନୀ; ଇଂ. Index finger). ୩ । ମଝି ଅଙ୍ଗୁଠି (ସଂ. ମଧ୍ୟମା; ଇଂ. Middle finger). ୪ । ପଣତ ବା ମୁଦ ଅଙ୍ଗୁଠି (ସଂ. ଅନାମିକା; ଇଂ Ring finger.) ୫ । କାଣି ଅଙ୍ଗୁଠି (ସଂ. କନିଷ୍ଠା ଇଂ. Little finger.)

ହାତ ଉଞ୍ଚ(ଚା, ଚେ, ଚେ, ଞ୍ଚା, ଞ୍ଚେ)ଇବା—ଦେ. କ୍ରି—କୌଣସି
Hāta uchā (chchā, che, chche, ñchā, ñche)ibā
হাত তোলা ବ୍ୟକ୍ତିକୁ ପ୍ରହାର କରିବା ପାଇଁ ହାତକୁ ଉପରକୁ
हाथ उठाना ଉଠାଇ ମାରିବାକୁ ଉଦ୍ୟତ ହେବା—To lift one's hand to strike a person.

ହାତ ଉଛୁଳା—ପ୍ରାଦେ (ଚଉଦ୍ୱାର) ବି ଓ ବିଣ—ଏକ କାର୍ଯ୍ୟରେ ବନ୍ଦ
Hāta uchhulā ରହିବା ଯୋଗୁଁ ଅନ୍ୟ କାର୍ଯ୍ୟ କର ନ ପାରିବା, ହାତ ବାନ୍ଧି ରହିବା—Being engaged in a work, so as not to be able to put one's hands to any other work. ଦେ· ବି—କୌଣସି ବସ୍ତୁ ପାଇବା ପାଇଁ ଅଳି—Importunity for getting something.

ହାତ ଉଠା(ଠେ)ଇବା—ଦେ. କ୍ରି—୧ । ନମସ୍କାର ବା ସଲାମ୍ କରିବା
Hāta uṭhā (ṭhe)ibā ପାଇଁ ହାତ ଟେକିବା—1. To
হাত উঠান raise one's hand to make obeisance. ୨ ।
हाथ उठाना କୌଣସି ବ୍ୟକ୍ତିକୁ ମାରିବା ବା ପ୍ରହାର କରିବା—2. To strike a person. ୩ ।ହାତ ଉଞ୍ଚାଇବା (ଦେଖ) 3. Hāta uchāibā (See) ୪ । ସଭା ସମିତିରେ ଉପସ୍ଥିତ ବ୍ୟକ୍ତିମାନଙ୍କର କୌଣସି ଉପସ୍ଥାପିତ ପ୍ରସ୍ତାବ ସମ୍ବନ୍ଧେ ନିଜନିଜର ଅନୁମତ ବା ପ୍ରତିକୂଳ ମତ ପ୍ରକାଶ

କରିବା ଉପଲକ୍ଷରେ ନିଜ ନିଜର ଗୋଟିଏ ହାତକୁ ଉପରକୁ ଟେକିଦେବା (ଏପରି କଲେ ଟେକା ହୋଇଥିବା ହାତମାନଙ୍କ ସଂଖ୍ୟା ଗଣନା କରାଯାଇ ଏ ପ୍ରସ୍ତାବର ପକ୍ଷରେ ବା ବିପକ୍ଷ କେତେଜଣ ଅଛନ୍ତି, ତାହା ସହଜରେ ଜଣାପଡ଼େ—To raise one's hand in voting at a meeting.
হাত ওঠান, হাত তোলা

ହାତ ଉଧାର(ରି)—ଦେ. ବି—ଅଳ୍ପ ସମୟ ସକାଶେ ଅନ୍ୟଠାରୁ ମୌଖିକ କଥାବାର୍ତ୍ତାରେ ନେବା ଋଣ—A short term loan on verbal promise to pay. ଦେ. ବିଣ—ଅଳ୍ପ ସମୟ ସକାଶେ ମୌଖିକ ଚୁକ୍ତିରେ ଋଣ କରା ଯାଇଥିବା (ଧନ) —(amount) Borrowed for a shrot term on verbal promise.
Hāta udhāra(ri)
হাতকরজা, হাতফিরি
हाथउधार

ହାତ ଏଡ଼ିବା[ଏଡ଼ା(ଡ଼େ)ଇବା]—ଦେ. କ୍ରି—କୌଣସି ବ୍ୟକ୍ତିର ଅଧିକାରରୁ ବା ହାତରୁ ନିଜକୁ ବଞ୍ଚାଇବା—To evade the hands or clutches of another. (ଯଥା—ଏ ଭୂମଣ୍ଡଳରେ ଯମ ହାତ ଏଡ଼ିବା କାହାରି ଶକ୍ତି ନାହିଁ ।)
Hāta erḍibā[erḍā(rḍe)ibā]
হাতএড়ানো
हथसे बचना

ହାତ ଓଠ ଧରିବା—ଦେ. କ୍ରି—କୌଣସି ବ୍ୟକ୍ତିର ହାତକୁ ଓ ଓଷ୍ଠକୁ ଧରି ନେହୁରା ହେବା ବା ବିନୀତ ପ୍ରାର୍ଥନା କରିବା—To solicit a favour of a person by taking hold of his hand and lip.
Hāta oṭha dharibā
মিনতি করা
हाथ वठ धरना

ହାତକ—ଦେ. ବି—୧ । ଏକହାତ ମାତ୍ର—1. One cubit only. ୨ । ଗୋଟିଏ ହସ୍ତ ମାତ୍ର—2. One hand only. (ଯଥା—ତାର ହାତକ ହାତ ହେଲା) ୩ । ଏକ ହାତ ପରିମାଣ ବା ବିସ୍ତୃତି—3 The measure or contents or expanse of one cubit (ଯଥା—ହାତକ ୨୪ ଅଙ୍ଗୁଳ ବା ୨ ବିଘତ ।) ବିଣ—ଏକ ହାତ ପରିମିତ—Measuring one cubit only. (ଯଥା—ହାତକ ଯାଗାରେ ଜଣକରୁ ବେଶି ବସି ପାରିବେ ନାହିଁ ।)
Hātaka
একহাত মাত্র
एकहाथ

ହାତ କଟା—ଦେ. ବିଣ (ପୁଂ)—୧ । ଯେଉଁ ବ୍ୟକ୍ତିର ହାତ କଟାଯାଇଅଛି—1. Armless; having the hands cut off. ୨ । ଯେଉଁ ଜାମାର ଅସ୍ତିନ ନ ଥାଏ—2. Sleeveless (coat). ୩ । ଭୂଲ- କଳଣାରୁ ନିଜ ହାତରେ ଚରଖାଦ୍ୱାରା କଟାଯାଇଥିବା (ସୂତା); ଚରଖା କଟା (ସୂତା)—3. Hand-spun (thread). (ହାତକଟୀ—ସ୍ତ୍ରୀ) (କଳକଟା—ର ବିପରୀତ)
Hāta kaṭā
হাতকাটা
हाथकटा

ହାତ କଡ଼ି—ଦେ. ବି—ଅପରାଧୀଙ୍କ ଦୁଇ ହାତକୁ ଛନ୍ଦିବାପାଇଁ ବ୍ୟବହୃତ ଶିକୁଳି—Hand cuff; manacles. [ବି—ଏଥିର ଦୁଇ ମୁଣ୍ଡରେ ଯେଉଁ ଘରା ଥାଏ, ସେ ଘରରେ ଅପରାଧୀର ଦୁଇ ହାତର କଣ୍ଠିକୁ ପୂରାଇ ଚାବି ପକାଇ ଦେଲେ ତାହା ଫିଟେ ନାହିଁ ।]
Hāta karḍi
হাতকড়ি
हातकड़ि

ହାତ କଣ୍ଡୁ—ଦେ. ବି—(ସଂ. ହସ୍ତ+କଣ୍ଡୁ)—ହାତ ଗଲୁ (ଦେଖ)—Hātagalu (See).
Hāta kandu

ହାତ କଥା—ଦେ. ବି—କୌଣସି ବ୍ୟକ୍ତିର ଅଧୀନ କାର୍ଯ୍ୟ—Anything under one's control. [ଜି—ନ ପାରିଲେ ତାହା, ସାର- ସେଯେ ଥିବା ତ ନିଜ ହାତ କଥା । ରାଧାନାଥ. ମହାଯାତ୍ରା ।]
Hāta kathā
হাতের কথা
हाथकी बात

ହାତକ(କୁ) ଦି(ଦୁଇ)ହାତ କରିବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ହସ୍ତାନ୍ତରିତ କରିବା—1. To transfer a thing from one person to another. ୨ । (ବିବାହ ବେଳେ ବରର ଡାହାଣ ହାତ ଓ କନ୍ୟାର ଡାହାଣ ହାତ ଏକତ୍ର କରାଯାଇ ଗଣ୍ଠି ପଡୁଥିବାରୁ)—କୌଣସି ବ୍ୟକ୍ତିକୁ ବିବାହିତ କରାଇବା—2. To cause a person to get married. [ଦ୍ର—ବିବାହିତ ହେବାକୁ କ୍ଷମ କରାଇବା ଅର୍ଥରେ ଦୁଇ ହାତକୁ ଗୃହସ୍ଥ କରାଇବା ମଧ୍ୟ ବୋଲାଯାଏ ।]
Hātaka(ku) di(dui)hāta karibā
হাতকে দুহাত করা
एक हाथसे दोसरा हाथ करना

ହାତକ(କୁ) ଦି (ଦୁଇ)ହାତ ହେବା—ଦେ. କ୍ରି—ବିବାହିତ ହେବା—To become married.
Hātaka(ku)di(dui)hāta hebā
হাতকে দুহাত হওয়া
शादीहोना

ହାତ କନା—ପ୍ରାଦେ (ଗଞ୍ଜାମ) ବି—(ଅଧୁନିକ ପ୍ରୟୋଗ; ଇଂରାଜୀରୁ ଅନୁକୃତ) ରୁମାଲ—Handkerchief.
Hāta kanā

ହାତ କପାଳ—ଦେ. ବି—(ମନୁଷ୍ୟର କପାଳ ବା ଭାଗ୍ୟ ଯାହାଙ୍କ ହାତରେ)—ଶିବ; ମହାଦେବ —The God Siba. [ଉ—ଅରେ ହାତ ଗଢ । ହାତ- କପାଳ ଦେବ କି ଏ ସମଚ୍ଛ ? ବଇଦେହୀ. କବିତା ।]
Hāta kapāla
হাতকপাল
महादेव

ହାତ କରତ—ଦେ. ବି—ଯେଉଁ ଛୋଟ କରତକୁ ଜଣେ ମନୁଷ୍ୟ ଏକା ହାତରେ ଚଳାଇ ପାରେ—Hand-saw.
Hāta karata
হাতকরাত
आरी

ହାତ କରିବା (କରି ନେବା)—ଦେ. କ୍ରି—୧ । ଅଧୀନକୁ ଆଣିବା; କରଗତ କରିବା—1. To bring under one's control. [ଉ—× × × ଲୁବ୍ଧା ଗୃହରିବାକର ସମସ୍ତଙ୍କୁ ହାତ କରି ×××× ସରକାରରୁ ବାହାଲ ହୋଇ ଅଛିଲା । ଫକୀରମୋହନ ଗଳ୍ପସ୍ୱଳ୍ପ ।] ୨ । କୌଶଳଦ୍ୱାରା କୌଣସି ବ୍ୟକ୍ତିକୁ କରାୟତ୍ତ କରିବା—2. To suborn a person. ୩ । ହସ୍ତଗତ କରିବା; କୌଣସି ବସ୍ତୁକୁ ନିଜର ଅଧିକାରକୁ ଆଣିବା—3. To bring a thing into one's possession. ୪ । କୌଣସି ଦ୍ରବ୍ୟକୁ କୌଶଳପୂର୍ବକ ହସ୍ତଗତ କରିବା—4. To possess a thing by hook
Hāta karibā(kari nebā)
হাতকরা
हाथ करना

or crook. ୩ । (କଚେରିଆ ଭାଷା) ଅପର ପକ୍ଷର ସାକ୍ଷୀଙ୍କୁ ନିଜର ଅନୁକୂଳରେ ଆଣିବା—5. To gain over a witness of one's opponent.

ହାତ କଳ—ଦେ. ବି—ଯେଉଁ କଳକୁ ମନୁଷ୍ୟ ହାତଦ୍ୱାରା ଚଳାଇ Hāta kaḷa ପାରେ—Hand-machine; a machine হাত কল हाथकल driven by hand power.

ହାତ କଷା (କଷୋଟ, କଷୋଟି, କଷୋଟିଆ)—ଦେ. ବିଣ—କୃପଣ—Hāta kashā (kasboṭa, kashoṭi, kashoṭiā) কঞ্জুষ हाथकट Closefisted; miserly; stingy.

ହାତ କାଟିବା—ଦେ. କ୍ରି—୧ । ଛୁରୀ, ପନିକିଆ ଇତ୍ୟାଦିଦ୍ୱାରା ନିଜର ହାତକୁ Hāta kāṭiba କାଟି ପକାଇବା—1. To cut one's হাত কেটেফেলা hand with a knife or other हाथ काटना instrument. ଦେ. ବ—ଚୋଡ଼ିଅବ ମୋଡ଼ିବା ବା ଘଷିବା ବା ଦେହର କୌଣସି ସ୍ଥାନ ଚିପିବାବେଳେ ଘଷୁଥିବା ବ୍ୟକ୍ତିର ହାତର ପ୍ରୟୋଜନାତିରିକ୍ତ କର୍କଶତା ବା ବଳ ଘଷାହେଉଥିବା ବ୍ୟକ୍ତିଙ୍କୁ କଷ୍ଟ ଦେବା—Feeling of discomfort owing to the force of the hands of the person who does the massage. (ଯଥା—ଅସ୍ତେ ଅସ୍ତେ ମୋଡ଼୍, ତୋ ହାତ ବଡ଼ କାଟୁଛି ।)

ହାତକାଟି ଲେଖିବା—ଦେ. କ୍ରି—ନିଜେ ସ୍ୱାକ୍ଷର କରିବା—To sign Hāta kāṭi lekhiba one's name. স্বাক্ষর করা दस्तखत करना

ହାତ କାଢ଼ିବା—ଦେ. କ୍ରି—ଫୁଲ ଉଡ଼ାଇବା (ଦେଖ)—Hāta kārḍhiba Phula urḍaiba (see).

ହାତ କଣ୍ଡୁ—ଦେ. ବି—(ବ୍ୟଙ୍ଗ୍ୟ)—(ସ ହସ୍ତ ଓ କଣ୍ଡୁ)—ହସ୍ତଦ୍ୱାରା Hāta kaṇḍu କରଣୀୟ କୌଣସି କର୍ମ କରିବା ପାଇଁ ଉତ୍କଣ୍ଠା হাত চুলকানি ବା ଅସ୍ଥିରତା—Restlessness or eagerness to perform a thing. हाथ खुजलाहट

ହାତ କା (କୁ) ବୁଡ଼ା (ରା)—ଦେ. ବିଣ. ପୁ—୧ । ଅକାମିକା (ଲୋକ); Hāta kā (ku) burḍā (ra) ଅକର୍ମଠ—(ହାତ କା (କୁ) ବୁଡ଼ୀ (ରୀ) ସ୍ତ୍ରୀ)—1. A good-for-nothing অকর্মা person. ୨ । ଚୋଡ଼ିଆ ବା ଅଳସୁଆ (ବ୍ୟକ୍ତି)—कोढ़िआ 2. Idle; loafing (person)

ହାତ କାମ—ଦେ. ବି—୧ । କାରିଗରର ହସ୍ତକର୍ମିତ ଶିଳ୍ପକାର୍ଯ୍ୟ—Hāta kāma 1. Manufacture; handwork. (କଳକାମ—ବିପରୀତ) ୨ । କଳଦ୍ୱାରା ତିଆରି ନ ହୋଇ ହାତ হাতেরকাষ ଦ୍ୱାରା ତିଆରି ହୋଇଥିବା କାମ—2. Hand हाथकाम made work.

ହାତକୁ ଆସିବା—ଦେ କ୍ରି—୧ । ହସ୍ତଗତ ହେବା; ମିଳିବା—Hātaku āsibā 1. To be got or received. হাতেআসা ୨ । ବଶୀଭୂତ ହେବା—To come under one's हाथमे आना clutches or control.

ହାତ କୁଣ୍ଡାଇହେବା (ଗଲୁ କରିବା)—ଦେ. ବି—୧ । କୌଣସି କାର୍ଯ୍ୟ Hāta kuṇḍāiheba (galu kariba) ସ୍ୱହସ୍ତରେ କରିବା হাত চুলকানি হওয়া ପାଇଁ ଅତ୍ୟନ୍ତ ଲାଳାୟିତ ହେବା—हाथ खुजलाना 1. Having hankering to do a thing with one's own hands. ୨ । (ଲୌକିକ ବିଶ୍ୱାସ) ଧନ ପ୍ରାପ୍ତିର ଲକ୍ଷଣ ଦେଖାଯିବା—2. (popular belief) The itching of the palm indicating the receipt of some money. [ଦ୍ର—ଲୋକେ କୁଣ୍ଡାଇ ହେବା ଅଚିରାତ୍ ଧନପ୍ରାପ୍ତିର ସୂଚନା ବୋଲି ଲୋକେ ବିଶ୍ୱାସ କରନ୍ତି ।]

ହାତକୁ ହାତ—ଦେ. କ୍ରି. ବିଣ—୧ । ଏକ ହାତରୁ ଅନ୍ୟ ହାତକୁ Hātaku hāta (ହସ୍ତାନ୍ତରିତ)—1. (transferred) From হাতে হাতে hand to hand. ୨ । ଏକମୁଠାରେ; ନଗଦ—हाथके हाथ, हाथों हाथ 2. In cash. ୩ । ତତ୍କ୍ଷଣାତ୍—3. Immediately; at once.

ହାତ ଖ(ଖୁ)ଜ୍ ବ(ବୁ)ଜ୍—ଦେ. ବି—୧ । କାର୍ଯ୍ୟ କରିବା ପାଇଁ ହାତର Hāta kha(khu)j ba(bu)j ଅସ୍ଥିରତା; ହସ୍ତ କଣ୍ଡୁ—হাত চুলকানি, হাত নিসপিস, 1. Restlessness of the হাত সড়সড়করা hand to do a work. ୨ । ଅସ୍ଥିର ହସ୍ତ—हाथ खुजलाहट 2. Restless or active hands. (ହାତ ଖୁଜୁବୁଜୁ—ଅନ୍ୟରୂପ)

ହାତ ଖଜବଜିଆ—ଦେ. ବିଣ, ପୁଂ—ଯେଉଁ ବ୍ୟକ୍ତି ଭୁକ ହୋଇ ବସି Hāta khajabajiā ନ ପାରି ସର୍ବଦା ହାତକୁ ଏଣେ ତେଣେ [ହାତ ଖୁଜ୍(ଜୁ)ବୁଜିଆ—ଅନ୍ୟରୂପ] ଚଳାଉ ଥାଏ—Restless; হাত নিসকিসে having hands which will not हाथ खुजलीवाला keep quiet. [ହାତ ଖଜବଜୀ, ହାତ ଖଜବଜେଇ, ହାତ ଖୁଜ୍(ଜୁ)ବୁଜୀ, ହାତ ଖୁଜ୍(ଜୁ)ବୁଜେଇ—ସ୍ତ୍ରୀ]

ହାତ ଖଡୁ—ଦେ. ବି—ହସ୍ତବଳୟ—Bracelet. Hāta khardu হাতখাড়ু, বালা बाला

ହାତ ଖଣ୍ଡିଆ—ଦେ. ବିଣ. ପୁଂ (ସ. ଖଣ୍ଡିତ ହସ୍ତ)—ଯେଉଁ ବ୍ୟକ୍ତିର Hāta khanḍiā ହାତର କେତେକ ଅଂଶ ନ ଥାଏ—হাত কাটা Handless (person); a person who हाथ कट्टा has not got any part of his hand. (ହାତ ଖଣ୍ଡୀ—ସ୍ତ୍ରୀ)

ହାତ ଖାଲି—ଦେ. ବି—୧ । ରିକ୍ତ ହସ୍ତ; ଶୂନ୍ୟ ହସ୍ତ; କପର୍ଦ୍ଦକ Hāta khāli ଶୂନ୍ୟତା—1. Pecuniary want; penniহাত খালি less condition. ୨ । କାର୍ଯ୍ୟରେ ବ୍ୟାପୃତ ନ हाथखाली ଥିବା ଅବସ୍ଥା—2. State of unemployment. ୩ । କାର୍ଯ୍ୟରେ ଅବସର—3. Leisure.

ହାତ ଖେଞ୍ଚ୍—ଦେ. ବି—ଅର୍ଥ ନ ଅଣ୍ଟିବା; ଅର୍ଥାଭାବ; ଦରକାରକୁ ନ Hāta khench ଅଣ୍ଟିବା ଅବସ୍ଥା—Penniless condi- টানাটানি हाथ खालीसा tion; want.

ହାତ ଗଢ଼ା—ଦେ. ବିଣ—୧ । ସ୍ୱହସ୍ତ ନିର୍ମିତ—1. Made by Hāta gardhā one's hand. ୨ । କୌଣସି କାରିଗରର হাতগড়া କର୍ମିତ—2. Manufactured by a certain हाथसे बनाहुआ artist.

ହାତ ଗଣ୍ଠି—ଦେ. ବି (ସଂ. ହସ୍ତ ଓ ଗ୍ରନ୍ଥି)—୧ । କରଟି; ମଣିବନ୍ଧ—
Hāta ganthi 1. Wrist. ୨ । ବିବାହବେଳରେ କନ୍ୟା-
হাতের গাঁট, কব্জি ପିତାଙ୍କର ବରକୁ କନ୍ୟା ଦାନ କରିବା ସମୟରେ
हाथ गाँठी(ठ) କନ୍ୟାର ଡାହାଣ ହାତର ଲେଡ଼ଉପରେ ବରର
ଡାହାଣ ହାତର ଲେଡ଼କୁ ରଖି ପୁରୋହିତଙ୍କର ଓ କନ୍ୟା
ପିତାଙ୍କର ମନ୍ତ୍ରୋଚ୍ଚାରଣ ପୂର୍ବକ କୁଶକୁ ଗଣ୍ଠି ପକାଇ ବାନ୍ଧିବା
ରୂପ କର୍ମ—2. The marriage knot; the ceremony of tying the right palm of the
हस्तग्रन्थि bride to that of the bridegroom by a
हस्तग्रंथि Kusa-string tied in a knot by muttering some formulas.
[ବି—ଏହାହିଁ ବିବାହ ବନ୍ଧନର ଚିହ୍ନ । ହାତଗଣ୍ଠି ନ ପଡ଼ିବା ଯୋଗୁଁ ବିବାହ ସମ୍ପାଦିତ ହୋଇ ନ ଥାଏ ଓ ହାତଗଣ୍ଠି ପଡ଼ି ସାରିଲାରୁ ବିବାହ କ୍ରିୟା ସମ୍ପନ୍ନ ହେଲା ବୋଲି ବିବେଚିତ ହୁଏ । ପୁରୋହିତ ବର କନ୍ୟାଙ୍କ ହାତଗଣ୍ଠି ପକାନ୍ତି ଓ କନ୍ୟାକର୍ତ୍ତାଙ୍କ ସମ୍ପ୍ରଦାନମନ୍ତ୍ର ପାଠ ଓ ଯୌତୁକ ଦାନ କରିବା ବାକ୍ୟ ଉଚ୍ଚାରଣ କରନ୍ତି; ତତ୍ପରେ ବର କନ୍ୟାକୁ ଗ୍ରହଣ କରିବାର ବାକ୍ୟ ଉଚ୍ଚାରଣ କରନ୍ତି; ତତ୍ପରେ କାଲି ହାତଗଣ୍ଠିକୁ ପୁରୋହିତ ବା କୌଣସି ଅବିବାହିତା ବାଳିକା ଆସି ମୋଚନ କରନ୍ତି ।]

ହାତ ଗଣ୍ଠି ପଡ଼ିବା—ଦେ. କ୍ରି—ବର ଓ କନ୍ୟାଙ୍କର ହସ୍ତଦ୍ୱୟ ବିବାହ-
Hāta ganthi pardiba ବେଦୀରେ କୁଶ ଦ୍ୱାରା ବନ୍ଧା ହେବା-
হাত গাঁট পড়া ବିବାହ କର୍ମ ସମ୍ପାଦିତ ହେବା—The per-
हाथ गाँठ पड़ना formance of marriage by the tying of the marriage-knot.

ହାତ ଗତ—ଦେ. ବିଣ (ସଂ. ହସ୍ତଗତ)—୧ । ହସ୍ତଗତ; କରଗତ
Hata gata (ବ୍ୟକ୍ତି)—1. Brought under control;
হাত গত suborned. ୨ । ଅଧୀନ—2. Under one's
हस्त गत control. ୩ । ଅଧିକାରକୁ ଆଗତ—3. Brought into one's possession.

ହାତ ଗଳା(ଲେ)ଇବା—ଦେ. କ୍ରି—କୌଣସି ଛିଦ୍ରରେ ଆପଣା ହସ୍ତକୁ
Hāta gala(le)iba ପୁରାଇବା To thrust one's hand
হাত ঢুকান हाथ घुसाना (ହାତଗଳିବା—କ୍ରି.ରୂପ) into a hole,

ହାତ ଗଲୁ -ଦେ. ବି—୧ । ହାତକାଣ୍ଡୁ; କୌଣସି କାମ କରିବାପାଇ
Hāta galu ଅତ୍ୟଧିକ ଆଗ୍ରହ ବା ଉତ୍ସୁକତା—1. Excessive
হাত চুলকানি eagerness to do a thing. ୨ । କରତଳ
हाथ खुजलाहट କୁଣ୍ଡାଇ ହେବା—2. Itching sensation felt in the plam. [ବି—ଲୌକିକ ବିଶ୍ୱାସ ଅଛି ଯେ, ହାତର ଲେଡ ବା ତଳ କୁଣ୍ଡାଇ ହେଲେ ଅଚିରାତ୍ କିଛି ଧନଲାଭ ହୁଏ ।]

ହାତ ଗୁଞ୍ଜା—ଦେ, ବି—ଅନ୍ୟା ଗୁଞ୍ଜା; ଉତ୍କୋଚ—Illegal
Hata gunja ঘুষ घूष gratification; bribe.

ହାତ ଗୁଣ—ଦେ. ବି (ସଂ. ହସ୍ତଗୁଣ)—ବ୍ୟକ୍ତିବିଶେଷଙ୍କ ଅନୁକୂଳତା ବା
Hāta guna ଉପଦ୍ରବତାପଣ—The special potency of
হাতের গুণ हाथगुण particular person's hands.
[ବି—ଲୋକେ ବିଶ୍ୱାସ କରନ୍ତି ଯେ, ବୈଦ୍ୟଙ୍କ ହାତଗୁଣରେ ରୋଗୀର ଭଲ ବା ମନ୍ଦ ଘଟେ; ପଶୁସ୍ୱାମୀଙ୍କ ହାତ ଗୁଣରେ ଘୋଡ଼ା, ଗାଈ ଆଦି ପଶୁ ଉଧାନ୍ତି ବା ମରିଯାଆନ୍ତି; କୃଷି ରୋପଣକର୍ତ୍ତାଙ୍କ ହାତ ଗୁଣରେ ଗଛମାନେ ଫଳବାନ୍ ବା ବାଞ୍ଝ ହୁଅନ୍ତି ଓ ପାଚକପାଚିକାଙ୍କ ହାତଗୁଣରେ ରନ୍ଧଣା ସୁସ୍ୱାଦୁ ବା ଅସ୍ୱାଦ୍ୟ ହୁଏ ।]

ହାତ ଗୋଡ଼—ଦେ ବି—(ସହଚର ଶବ୍ଦ)—୧ । ହସ୍ତ ଓ ପଦ—
Hāta gorda 1. Hand and leg. ୨ । ଦେହର ଅଙ୍ଗ
হাত পা ପ୍ରତ୍ୟଙ୍ଗମାନ—2. The various limbs of the
हाथपैर body. [ଯଥା—ସେ ଘୋଡ଼ାରୁ ପଡ଼ି ହାତଗୋଡ଼ ଭାଙ୍ଗି କରି ଗୋଇଛି ।] ୩ । କଥାର ଅନ୍ତ: ବା କଥାର
মাথা মুণ্ড ଠିକଣା; ଉତ୍ପତ୍ତି; କଥାର ଅର୍ଥବୋଧକତା—3. The
सिरपैर haed and tail of any speech; the meaning of any speech. (ଯଥା—ମୁଁ ତା କଥାର ହାତଗୋଡ଼ କିଛି ପାଇଲି ନାହିଁ ।) ୪ । ଆଗ-ଗୋଡା; ମୂଳ ଓ ଶେଷ—4. Beginning and end.

(ତାର) ହାତ ଗୋଡ଼ କଥା କହିବା—ଦେ. ବି—ଅତ୍ୟନ୍ତ ଅସ୍ଥିରତା
Hāta gorda katha kahiba ପ୍ରକାଶ—Exhibition of
হাত চোখ কথাকহা हाथ पैर बोलना restlessness

ହାତଗୋଡ଼ ଚଳିବା—ଦେ. ବି—କାର୍ଯ୍ୟ କରିବା ପାଇଁ ଦେହିକ
Hāta gorda chaliba ସାମର୍ଥ୍ୟ—Physical ability.
হাতপা চলা हाथ पाव चलना to do any work.

ହାତ ଗୋଡ଼ ଜଳା (ପୋଡ଼ା)—ଦେ. ବି—ହସ୍ତ ପଦର ଦାହ ରୋଗ—
Hāta gorda jala (porda) A disease; burning
হাত পা জ্বালা हाथपैर जलना of the hands and feet.

ହାତଗୋଡ଼ ଧରା—ଦେ ବି—୧ । ତୋଷାମଦ—1. Flattery.
Hāta gorda dhara ୨ । ବିନୀତ ପ୍ରାର୍ଥନା—2. Suppli
হাতেপায়ে ধরা हाथपैर धरना cation.

ହାତଗୋଡ଼ ଧରିବା—ଦେ. କ୍ରି.—ଗୋଡ଼ହାତ ଧରିବା (ଦେଖ)—
Hāta gorda dhariba Gorda hāta dhariba (See)
হাতেপায়ে ধরা हाथपैर धरना (जोड़ना)

ହାତଗୋଡ଼ ବନ୍ଧା—ଦେ. ବିଣ—ପରାଧୀନତା ଯୋଗୁଁ ଅକ୍ଷମ ବା ଉପାୟ-
Hāta gorda bandha ହୀନ—Powerless owing to
হাতপা বাঁধা one's subordination or subserviency.
हाथपैर बँधा ବି—୧ । କୌଣସି ବିପଦରେ ନିଜର ଅନାୟତ୍ତ ବା ଉପାୟହୀନ ହେବା ଅବସ୍ଥା—1. The state of having no resources. ୨ । ପରର ଅଧୀନତା ଯୋଗୁଁ କୌଣସି କାର୍ଯ୍ୟ କରିବାକୁ ଅକ୍ଷମତା—2. Utter powerlessness to do a thing. ୩ । ନିଜର ସ୍ୱାଧୀନତା ଖର୍ବତ୍ୟ—3. Loss of one's freedom of action.

(ମୋର) ହାତଗୋଡ଼ ରହିବା (ରହିଯିବା)—ଦେ. ବି—କ୍ଲାନ୍ତିଯୋଗୁଁ
Hāta gorda rahiba (rahijiba) ହାତରେ ଓ ଗୋଡ଼ର
হাতপা না চলা କାର୍ଯ୍ୟ କରିବାର ଶକ୍ତି ରହିତ ହେବା—Loss

हाथपैर गिरना of the power of movement owing to over exertion.

ହାତ ଘଷର (ଘଷା, ଘଷିଆ)—ଦେ. ବଣ—୧ । ଯେଉଁ ବସ୍ତୁ ସର୍ବଦା Hāta ghasharā (ghashā, ghashiā) ବ୍ୟବହୃତ ହୋଇ ହାତଘଷା ଓ ହାତହାତ ବଦଳିବାର ଘଷିହୋଇ ଯାଇଛି ବା हाथघिषा ଘଷର ହୋଇଥାଏ—1. (a thing) Worn out
ହାତ ଘଷୀ } ସ୍ତ୍ରୀ by constant handling. ୨ ।
ହାତ ଘସେଇ } (ପୁଂ)—ଯେଉଁ ଜନ୍ତୁ (ବିଲେଇ, କୁକୁର ଆଦି ଗାଯେଁଷା ଗୃହପାଳିତ ଜନ୍ତୁ) ସର୍ବଦା ମନୁଷ୍ୟଙ୍କ ପାଖେ ଚଳପ୍ରଚଳ हाथपोसा ହେବାରୁ ଓ ମନୁଷ୍ୟମାନେ ସେମାନଙ୍କୁ ସର୍ବଦା ଅଉଁସିବାରୁ ମନୁଷ୍ୟଙ୍କୁ ଡରନ୍ତି ନାହିଁ—2. (domestic animals which have) Turned quite familiar and fearless of human contact by costant mixing with men.

ହାତ ଚକି—ଦେ. ବି (ସଂ ହସ୍ତ+ଚକ୍ର)—ଲେଡ଼ି—The middle Hāta chaki of the hollow of the palm.
হাতের তেলো तरहथी

ହାତ ଚଟୁଆ—ପ୍ରାଦେ—(କଟକ ବାଲେଶ୍ୱର) ବି—ହାତଚକି Hāta chaṭuā (ଦେଖ)—Hāta chaki (See).

ହାତ (ହାତରେ) ଚଢ଼ିବା—ଦେ. କ୍ରି—କାହାର ଅଧିକାରକୁ ଆସିବା ; Hāta (hātare) chaṛhibā ପ୍ରାପ୍ତ ହେବା—To be হাতে আসা received or got ; to come to the हाथमें आना possession of.

ହାତ ଚଳା—ଦେ. ବି (ସଂ ହସ୍ତ ଚଳନ)—୧ । ବ୍ରାହ୍ମଣମାନଙ୍କର ଅନ୍ନ-Hāta chalā ଭୋଜନାରମ୍ଭ ପୂର୍ବରୁ ମନ୍ତ୍ରୋଚ୍ଚାରଣପୂର୍ବକ ଚକ୍ଷୁ হাতচলা ହେବା—1. Sipping of a few drops of खाना आरंभ water by uttering some 'mantra's before beginning to eat.

୨ । ଭୋଜନ ଆରମ୍ଭ—2. The beginning of হাতচালান eating. ୩ । ହସ୍ତଚାଳନ; କାର୍ଯ୍ୟରେ ବା ଯୁଦ୍ଧରେ हाथ चलना ହସ୍ତକୁ ଚାଳିତ କରିବା—3. The movement of the bands in work or fight.

ହାତ ଚଳା (ଳେ) ଇବା (ଚାଳିବା)—ଦେ. କ୍ରି—୧ । ବ୍ରାହ୍ମଣମାନେ Hāta chalā (le) ibā (chālibā) ପଙ୍କ୍ତିଭୋଜନ ସ୍ଥଳ- হাতচালান ଲକ୍ଷରେ ଭୋଜନାରମ୍ଭ ପୂର୍ବରୁ ସମସ୍ତେ ଯୁଗପତ୍ हाथ चलाना ଚକ୍ଷୁମନ୍ତ୍ର ବୋଲି ଗଣ୍ଡୂଷମାତ୍ର ଜଳ ଆଚମନ କରିବା—1. To sip a few drops of water after uttering some formulas before beginning to eat during a caste dinner of Brahmaṇas. [ଦ୍ର—ପଙ୍କ୍ତିଭୋଜନବେଳେ ସମସ୍ତଙ୍କ ପତ୍ରରେ ଭାତ, ଡାଲି, ଘିଅ ଇତ୍ୟାଦି ସାରିବାପରେ 'ମହାଜନ-ମାନେ ହାତ ଚଳାନ୍ତୁ' ବା 'ମହାଜନମାନଙ୍କର ହାତ ଚଳୁ' ବୋଲି ସେମାନଙ୍କ ମଧ୍ୟରୁ ଜଣେ ଡାକିଦେଲେ ସମସ୍ତେ ହାତ ଚଳାନ୍ତି ବା ଚକ୍ଷୁ କରି ଭୋଜନ ଆରମ୍ଭ କରନ୍ତି ।]

୨ । (ବହୁଲୋକ) ଯୁଗପତ୍ ଖାଇବାକୁ ଆରମ୍ଭ କରିବା—(Many persons simultaneously) To begin to eat. ୩ । ହାତ ଚଳାଇବା (ଦେଖ)—Hāta chalāiba (See). ୪ । କ୍ଷିପ୍ରତା ସହିତ କାର୍ଯ୍ୟ କରିବା—4. To hurry on with a work.

ହାତ ଚଳାଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ପ୍ରହାର କରିବା—Hāta chalāibā To strike or beat a person.
হাত চালান हाथ चलाना

ହାତ ଚଳିବା (ଚାଳିବା)—ଦେ. ବି—୧ । ଭୋଜନକ୍ରିୟାର ଆରମ୍ଭ Hāta chalibā (chālibā) ହେବା—1. The beginning of the operation of eating. ୨ । হাতচলান
हाथचलना ପଙ୍କ୍ତି ଭୋଜନରେ ଚକ୍ଷୁ କରିବା—2. The sipping of a few drops of water before meal. ୩ । କାର୍ଯ୍ୟରେ ବା ଯୁଦ୍ଧରେ ହସ୍ତ ଚାଳିତ ହେବା—3. The moving of the hands in work or fight.

ହାତ ଚାଖଣ୍ଡ—ଦେ. ବି (ସହଚର ଶବ୍ଦ)—ହାତ ଓ ଅର୍ଦ୍ଧହାତ ପରିମାଣ—Hāta chākhaṇḍa A cubit and half cubit; হাতচাখণ্ড cubit and span; (lineal measure).
हाथबिता

ହାତ ଚାଟି ଖାଇବା—ଦେ. କ୍ରି—୧ । ପୂର୍ଣ୍ଣ ସନ୍ତୋଷପୂର୍ବକ ପୂର୍ଣ୍ଣ ଭୋଜନ Hāta chāṭi khāibā କରିବା—1. To have হাতচেটে খাওয়া हाथचाटकर खाना one's fill with complete satisfaction. ୨ । ଖାଦ୍ୟ-ପାତ୍ରରେ କିଛୁ ଅବଶିଷ୍ଟ ନ ରଖିବା—3. To leave nothing in the plate after a hearty dinner.

ହାତ ଚିଟି(ଠି)—ଦେ. ବି—୧ । କୌଣସି ବ୍ୟକ୍ତିଙ୍କର ସ୍ୱହସ୍ତଲିଖିତ ପତ୍ର Hāta chiṭi(ṭhi) —1. A letter written in a হাতের লেখা person's handwriting.
हाथ चिठि ୨ । ହାତଚିଠା (ଦେଖ)—2. Hāta chithā (See)

ହାତ ଚିଠା—ଦେ. ବି—୧ । ମହାଜନଙ୍କଠାରୁ ଖାଉଟିଙ୍କର ବା ଖୁଚୁରା Hāta chiṭhā ବେପାରୀମାନଙ୍କର ପଣ୍ୟଦ୍ରବ୍ୟମାନ କିଣି ନେବା হাতচিঠা हाथचिठा ସମୟରେ ପଣ୍ୟଦ୍ରବ୍ୟର ତାଲିକା, ମୂଲ୍ୟ ଓ ଦର ଏବଂ ବେପାରୀ କେତେ ଟଙ୍କା ଦେଲେ ଓ କେତେ ତାଙ୍କ ଠାରେ ବାକି ରହିଲା, ଏମାନ ଯେଉଁ ଚିଠା କାଗଜରେ ଲେଖା ହୁଏ ଓ ଯହିଁରେ ଖାତକ ଦସ୍ତଖତ କରନ୍ତି—1. A draft memo or note prepared during a transaction between a big merchant and a petty trader who takes commodities from the latter partly on cash and partly on credit. ୨ । ଟଙ୍କା ଆଦି ପାଇବାର ରସିଦ—2. A receipt for money or articles received. ୩ । ହାଣ୍ଡ୍ନୋଟ୍—3. Handnote.

ହାତ ଛଡ଼ା—ଦେ. ଣ—(ସ. ହସ୍ତଚ୍ୟୁତ)—୧ । ହସ୍ତ ଚ୍ୟୁତ—
Hāta chbarda 1. Got away from one's hand.
୨। ଅଧିନତାରୁ ବହିର୍ଗତ—2. Got away or removed from one's control. ୩ । ଅଧିକାରଚ୍ୟୁତ—
3. Taken away from one's possession.
হাতছাড়া हाथसेनिकलाहुआ

ହାତ ଛନ୍ଦା—ଦେ. ବି—ବିବାହ—Marriage.
Hāta chbanda [ଦୃ—× × × କନ୍ୟାଟିଏ ଠିକ କରିଛୁ, ଆଜ୍ଞା ହେଲେ ହାତଛନ୍ଦା କରେଇ ଦେବି—ଫକୀରମୋହନ-
বিয়ে सादी ଗଳ୍ପସ୍ବଳ୍ପ]

ହାତ ଛୁ(ଛୋ)ଇଁବା—ଦେ. କ୍ରି—ହାତ ଲଗାଇବା; କୌଣସି ବ୍ୟକ୍ତିକୁ
Hāta chhu(chho) iṅba ପ୍ରହାର କରିବାପାଇଁ ତା ଦେହରେ ହସ୍ତ ସ୍ପର୍ଶ କରିବା—To touch a person's body
হাতছোয়াঁ हाथसे छुना for striking blows.

ହାତ ଜମିବା(ଜମିଯିବା)—ଦେ. ବି—କୌଣସି କାର୍ଯ୍ୟରେ ସିଦ୍ଧହସ୍ତତା-
Hāta jamibā (jamijibā) ଲାଭ—Attainment of
হাত সফাই হওয়া proficiency in a work.
हाथ बैठना(जमना)

ହାତ ଯୋଡ଼ିବା—ଦେ. କ୍ରି—୧ । ଦୁଇ କରତଳକୁ ଏକତ୍ର କରି
Hāta jordiba ପ୍ରାର୍ଥନା କରିବା—1. To pray with folded palms. ୨ । କ୍ଷମା ପ୍ରାର୍ଥନା କରିବା—
2. To solicit pardon. ୩ । ନମସ୍କାର କରିବା—
3. To make obeisance. ୪ । ମିନତି କରିବା—
হাতজোড়করা हाथ जोड़ना 4. To solicit.

ହାତ ଟେକା—ଦେ. ବି—୧ । ଅନୁଗ୍ରହ ପୂର୍ବକ ଦଅଯିବା ସାମାନ୍ୟ
Hāta ṭekā ଦାନ—1. A small gift given as a matter of favour. (ଯଥା—ସେ ମତେ ହାତଟେକା କରି ଦଅଣା ପଇସା ଦେଲି) ୨ । ପ୍ରଣାମ; ନମସ୍କାର—
2. Obeisance. ଦେ.ଣ—ଅନୁଗ୍ରହ ପ୍ରଦତ୍ତ—
হাত তোলা हाथ उठाइ Given as a favour.

ହାତ ଟେକିଆ—ଦେ. ଣ—ପରର ଅନୁଗ୍ରହଦ୍ୱାରା ପ୍ରଦତ୍ତ ଧନ ଉପରେ
Hāta ṭekiā ନିର୍ଭର କରୁଥିବା (ବ୍ୟକ୍ତି)—(Person) Depending upon the charity of others.
হাততোলা हाथउठाइ

ହାତ ଟେକିବା—ଦେ. କ୍ରି—୧ । ନମସ୍କାର ବା ସମ୍ଭ୍ରମ କରିବା ନିମନ୍ତେ
Hāta ṭekiba ବା ଏମାନ ପ୍ରଦର୍ଶନ କରିବାପାଇଁ ହାତକୁ ଉପରକୁ ଉଠାଇବା—1. To raise or lift one's hands to make or accept another's obeisance. ୨ । ଭୋଟ୍ ଦେଲାବେଳେ ହାତ ଉଠାଇବା
2. To lift up one's hands in voting. ୩ । ଅନ୍ୟକୁ ଆଶୀର୍ବାଦ କରିବାପାଇଁ ହସ୍ତୋତ୍ତୋଳନ କରିବା—
3. To raise one's hands to bless a person.
হাতউঠান हाथउठाना

ହାତ ଟେକିକରି ଦେବା—ଦେ. କ୍ରି—ଅପଣା ଖୁସିରେ କୌଣସି
Hāta ṭekikari debā ବ୍ୟକ୍ତିକୁ ଧନ ଦାନ କରିବା—
To bestow some money on a person out of one's free wish.
হাত উঠিয়ে দেওয়া हाथउठाकर देना

ହାତ ଠାର—ଦେ. ବି—ହାତ ଓ ଅଙ୍ଗୁଳିମାନଙ୍କ ସଙ୍କେତ ଦ୍ୱାରା ମନର
Hāta ṭhāra ନାନାପ୍ରକାର ଭାବ ପ୍ରକାଶ କରିବା—Manual signs used as cyphers to express thought; mode of expressing thoughts by manual
হাতছানী हाथइसारा signs.

ହାତ ଠାରିବା—ଦେ. କ୍ରି—୧ । ହାତଦ୍ୱାରା ଇଙ୍ଗିତ କରିବା—
Hāta ṭhāriba 1. To beckon with the hand.
୨ । ହାତଠାରଦ୍ୱାରା ମନର ଭାବ ପ୍ରକାଶ କରିବା—
2. To express one's wishes by manual
হাতছা(শা)নীদেওয়া हाथइसाराकरना signs.

ହାତ ତଳିଆ—ଦେ. ଣ—୧ । ଆଶ୍ରିତ (ବ୍ୟକ୍ତି)—1. Dependant
Hāta taḷiā on another. ୨ । ଅଧୀନ ବ୍ୟକ୍ତି; ଅଧିକାରର ବଶୀଭୂତ ବ୍ୟକ୍ତି—2. Being a creature of another; being under the control of another. ୩ । ନିମ୍ନସ୍ତରର ପଦସ୍ଥ (ବ୍ୟକ୍ତି)—
হাতধরা अधीन 3. Subordinate to a person.

ହାତ ତାଳି—ଦେ. ବି (ସ. ହସ୍ତ+ତାଳ)—କରତାଳ; ଦୁଇ କରତଳର
Hāta tāḷi ପରସ୍ପର ଅଘାତଦ୍ୱାରା ଉତ୍ପାଦିତ ଶବ୍ଦ—
হাততালি हाथताली Hand-clapping.

ହାତତାଳି ଦେବା (ମାରିବା)—ଦେ. କ୍ରି—To clap the hands.
Hāta tāḷi debā (māribā) [ଦୃ—ପରକୁ ଉପହାସ କରିବା ବେଳେ ବା ସଭାରେ ବକ୍ତାଙ୍କୁ ପ୍ରଶଂସା କରିବା ବେଳେ ବା କୌଣସି ଲୋକଙ୍କ ଦ୍ୱାରା କୌଣସି ପ୍ରସ୍ତାବ ଅନୁମୋଦିତ ହେବାବେଳେ ଲୋକେ ହାତତାଳି ମାରନ୍ତି ।]
হাততালী দেওয়া; হাততালী মারা हाथताली देना

ହାତ ଦାନ—ଦେ. ବି—କଉଡ଼ିଖେଳରେ ଖେଳାଳି କଉଡ଼ିମାନଙ୍କୁ ମୁଠାଇ
Hāta dāna ଧରି ଭୂଇଁରେ ପକାଇ ଦେଲାରୁ କଉଡ଼ିମାନଙ୍କର ଚିତ୍ ବା ପିଠି ବାଗରେ ପଡ଼ିବା ଅନୁସାରେ ଗଣା ହେବା ଦାନ—The result of a throw of cowries in a game of cowries according to the cowries falling on the ventral or the dorsal side. [ଦୃ—ଏକ କଉଡ଼ି ଚିତ୍ ହେଲେ=ଦଶ ବା କଣି, ଦୁଇ=ଦୁଗା, ତିନି=୩, ଚାରି=୪, ୫=ପଚଶ,
হাতদান हाथदान ଛଅ=୩୦ ଓ ୧୨]

ହାତ ଦୁହାଁ—ଦେ. ବି—ବାଛୁରୀ ମରଯାଇଥିବା ଗାଈଠାରୁ ବିନା ବାଛୁ-
Hāta duhañ ରୀରେ ଦୁଧ ଦୋହିବା—Milching a cow (whose calf is dead) without engaging a calf. ଣ—ଯେଉଁ ଗାଈକୁ ବିନା ବାଛୁରୀରେ ଦୁହିଁଯାଏ—(a cow) Which can be milched
হাতদোআ हाथदुहा without a calf.

ହାତ ଦେଖା—ଦେ. ବି—୧ । ନାଡ଼ ପରୀକ୍ଷା କରିବା; ରୋଗ ନିର୍ଣ୍ଣୟାର୍ଥ ରୋଗୀର ନାଡ଼ ଦେଖିବା—1. Feeling of the pulse of a patient. ୨ । ସାମୁଦ୍ରିକ ଶାସ୍ତ୍ର ଅନୁସାରେ ମନୁଷ୍ୟର ଶୁଭାଶୁଭ ଜାଣିବାପାଇଁ ହସ୍ତର ରେଖାମାନ ଦେଖିବା; ଭାଗ୍ୟ ଗଣନା କରିବାପାଇଁ କୌଣସି ବ୍ୟକ୍ତିଙ୍କ କରତଳସ୍ଥ ରେଖାମାନଙ୍କ ପରୀକ୍ଷା—Examination of the lines on the palm of a person to ascertain his or her future by palmistry.
Hāta dekhā
হাতদেখা **हाथदेखना**

ହାତ ଦେଖାଇବା—ଦେ. କ୍ରି—୧ । ରୋଗ ନିର୍ଣ୍ଣୟାର୍ଥ ନାଡ଼ ପରୀକ୍ଷା କରିବାପାଇଁ (ରୋଗୀ) ବୈଦ୍ୟଙ୍କୁ ହାତ ଦେଖାଇବା; ବୈଦ୍ୟଙ୍କଦ୍ୱାରା ନିଜର ନାଡ଼ ପରୀକ୍ଷା କରାଇବା—1. To let one's hands to be seen by a physician to feel the pulse; to have one's pulse felt by a physician. ୨ । ହସ୍ତରେଖାମାନ ଦେଖି ଶୁଭାଶୁଭ ନିର୍ଣ୍ଣୟାର୍ଥ ସାମୁଦ୍ରିକ ଶାସ୍ତ୍ରଜ୍ଞଙ୍କୁ ନିଜର କରତଳକୁ ଦେଖାଇବା—2. To show one's palms to a palmist. ୩ । (ରେଲ, ମଟର ଆଦିର ଚାଳକ ଓ ଗାର୍ଡ୍) ରେଲ ଆଦିର ଗତିକୁ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ସଙ୍କେତ କରିବାପାଇଁ ହାତକୁ ଉଠାଇବା—3. To show or raise one's hands as signal for a railway train or motor car. ୪ । (ସହରରେ ଜନତା ବହୁଳ ଛକ ମାନଙ୍କରେ ଯାନାଦିର ଗମନାଗମନକୁ ନିୟନ୍ତ୍ରିତ କରିବାପାଇଁ ନିୟୋଜିତ ପ୍ରହରୀ ମାନେ) ଭିନ୍ନ ଭିନ୍ନ ସଙ୍କେତ ପ୍ରୟୋଗ ପୂର୍ବକ ହାତ ଉଠାଇବା 4. (said of the policemen on duty at points of traffic-congestion in towns) To show the hand to control the passing vehicles.
Hāta dekhāibā
হাতদেখান **हाथदिखाना**

ହାତ ଦେଖିବା—ଦେ. କ୍ରି—୧ । [ବୈଦ୍ୟ] ରୋଗୀର ନାଡ଼ ପରୀକ୍ଷା କରିବା—1. (a physician) To examine the pulse of a patient. ୨ । (ସାମୁଦ୍ରିକଶାସ୍ତ୍ରଜ୍ଞ) କୌଣସି ବ୍ୟକ୍ତିଙ୍କ କରତଳସ୍ଥ ରେଖା ପରୀକ୍ଷା କରିବା—2. (a palmist) To examine the palm of a person.
Hāta dekhibā
হাত দেখা **हाथ देखना**

ହାତ ଦେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ଆରମ୍ଭ କରିବା—1. To begin to do a work. ୨ । କୌଣସି କାର୍ଯ୍ୟ କରିବାକୁ ଅଗ୍ରସର ହେବା—2. To undertake a work; to take a work in hand. ୩ । କୌଣସି ବସ୍ତୁକୁ ବା ଦେହକୁ ହାତଦ୍ୱାରା ସ୍ପର୍ଶ କରିବା; ହାତ ଲଗାଇବା—3 To touch (the body of a person or a thing) with one's hand ୪ । ପ୍ରତିଜ୍ଞା ବା ସତ୍ୟ କରିବା ଉପଲକ୍ଷରେ କୌଣସି ବ୍ୟକ୍ତିଙ୍କ ହାତରେ ନିଜର ହାତକୁ ରଖିବା; ଦୃଢ଼ ଜବାବ ଦେବା—4. To give one's hand to a person as a solemn pledge for keeping one's promise. ୫ । ହସ୍ତଦ୍ୱାରା କୌଣସି ବସ୍ତୁକୁ ଅବଲମ୍ବନ କରିବା—5. To take hold of a thing. (ଯଥା—କୂଅ ଜଳରେ ହାତ ଦେଇ ଦେଇ ମୁଁ କୂଅ ଉପରକୁ ଉଠି ଆଇଲି) ୬ । ଶପଥ କରିବା ପାଇଁ ଅନ୍ୟର ପାଦକୁ ବା ଦେହକୁ ବା ମୁଣ୍ଡକୁ ବା ନିଜର ପଇତାକୁ ହାତ ଦ୍ୱାରା ଛୁଇଁବା—6. To touch another's leg or body or head or one's sacred thread while taking oath. ୭ । କୌଣସି ପଦାର୍ଥକୁ ସ୍ପର୍ଶ କରିବା—7. To touch any thing. (ଉ—ସବୁ ତୋର, କଲୁ କାହିଁରେ ହାତ ଦବୁ କହୁଁ—ଜଗ)। ୮ । ନିଜର ଦେହର କୌଣସି ଅଙ୍ଗରେ ନିଜର ହାତକୁ ସ୍ଥାପନ କରିବା—8, To place one's hand on any part of one's own body.
Hāta debā
হাত দেওয়া **हाथ देना**

[ଦ୍ର—କାନରେ ହାତ ଦେବା :—

୧ । କୌଣସି ଅପ୍ରାସଙ୍ଗିକ କଥା ଶୁଣି ଅବାକ୍ ହେବା ।

୨ । କୌଣସି ଅଶ୍ରାବ୍ୟ ବା କଠୋର ଶବ୍ଦ କାନରେ ନ ପଶିବ ବୋଲି ନିଜ କାନକୁ ହାତଦ୍ୱାରା ବନ୍ଦ କରିବା ।

ଖ । ମଥାରେ ବା ମୁଣ୍ଡରେ ହାତ ଦେବା ବା ଦେଇ ବସିବା ।

୧ । ଅତ୍ୟନ୍ତ ଚିନ୍ତାରେ କିଂକର୍ତ୍ତବ୍ୟବିମୂଢ଼ ହେବା ।

୨ । ଦୁର୍ଭାବନା କରି ବସିବା ।

ଗ । ଓଠରେ ହାତ ଦେବା—ଚୁପ୍ ହେବା ନିମନ୍ତେ ଉପସ୍ଥିତ ବ୍ୟକ୍ତିଙ୍କୁ ସଙ୍କେତ କରିବାକୁ ନିଜର ମୁଦ୍ରିତ ଓଷ୍ଠଦ୍ୱୟରେ ହସ୍ତ ସ୍ଥାପନ କରିବା ।

ଘ । ଅନ୍ୟର ମୁହଁରେ (ପାଟିରେ) ହାତ ଦେବା :—କୌଣସି ବ୍ୟକ୍ତିକୁ କଥା କହିବାକୁ ନ ଦେବା ପାଇଁ ତା ମୁଖରେ କରତଳକୁ ସ୍ଥାପନ କରିବା; କରତଳ ଦ୍ୱାରା ଅନ୍ୟ ବ୍ୟକ୍ତିର ମୁଖକୁ ବୁଜିବା ।

ଙ । ମସ୍ତକରେ ହାତ ଦେବା :—ଆଶୀର୍ବାଦ କରିବା ପାଇଁ ଅନ୍ୟ ବ୍ୟକ୍ତିଙ୍କ ମସ୍ତକରେ କରତଳକୁ ସ୍ଥାପନ କରିବା ।

ଚ । ଛାତିରେ ହାତ ଦେବା :—ହୃତପିଣ୍ଡର ସ୍ପନ୍ଦନକୁ ଜାଣିବା ପାଇଁ କୌଣସି ବ୍ୟକ୍ତିର ଛାତିରେ କରତଳ ସ୍ଥାପନ କରିବା ।

ଛ । ନାକରେ ହାତ ଦେବା :—୧ । ନାକରେ ଦୁର୍ଗନ୍ଧ ନ ପଶିବ ବୋଲି ନିଜର ନାକକୁ ବୁଜିବା ।

୨ । ଶ୍ୱାସ ବହୁଥିବା ନ ଥିବା ବିଷୟ ପରୀକ୍ଷା କରିବା ପାଇଁ ଅନ୍ୟ ବ୍ୟକ୍ତିର ନାସାରନ୍ଧ୍ରରେ ଅଙ୍ଗୁଳି ଲଗାଇବା ।]

ହାତଧର ଗୋଡ଼ ଧର—ଦେ. ବ—କୌଣସି ବ୍ୟକ୍ତିଙ୍କ ହସ୍ତପଦାଦ
Hāta dharā gorda dharā ଧାରଣପୂର୍ବକ ଅନୁନୟ
হাত পায়ে ধরা ବା ସବିନୟ ପ୍ରାର୍ଥନା—
हाथ पैर धरना Humble solicitation or prayer by holding tbe hands and feet of another person.

ହାତ ଧରିବା—ଦେ. କ୍ରି—୧ । ମିନତି କରିବା ବା କ୍ଷମାର୍ଥ ହେବା ବା
Hāta dhariba ସମାପ୍ରାର୍ଥନା ପାଇଁ ଅନ୍ୟର ହସ୍ତକୁ
হাতে ধরা हाथ धरना ଧାରଣ କରିବା-
1. To take hold of a person's hand in supplication or in asking forgiveness or tendering apology. ୨ । ସ୍ତ୍ରୀକୁ ବା ପୁରୁଷକୁ ବିବାହ କରିବା; ପାଣିଗ୍ରହଣ କରିବା—2. To marry a person. (ଉ—ବ୍ରହ୍ମାଣ୍ଡ ନାଥ ହାତ ଧର ଅନାଥ ର ଶୁଭୁଅଛି ଜଗତେ—ଉଞ୍ଜ. ବୈଦେହୀଶ ବିଳାସ ।)

ହାତ ଧୁଆ—ଦେ. ବ—୧ । ମଇଳା ବା ଅଇଣ୍ଠା ହାତକୁ ଧୋଇବା—
Hāta dhuā 1. Washing of unclean hand.
হাত ধোয়া हाथ धुलाई ୨ । ଖାଇସାରିବା ପରେ ଯେଉଁ ବାସନ (କୁଣ୍ଡ)ରେ ହାତ ଧୋଇବାକୁ ହୁଏ—2. A pan or bowl in which a person washes his or her hand after meal ୩ । ଗୋରୁଙ୍କ ଶବକୁ ଘରୁ ଉଠାଇ ନେଇ ଦଣ୍ଡାରେ ପକାଇବା ପାଇଁ ପାଣେବାଡ଼ ଆଦିଙ୍କୁ ଯେଉଁ ପାରିଶ୍ରମିକ ଦିଆଯାଏ—3. Wages or remuneration paid to the Mehtars etc who remove the carcase of dead cows from the owner's house.

ହାତ ଧୋଇ ବସିବା—ଦେ. କ୍ରି (ଲକ୍ଷଣାର୍ଥ)—୧ । କୌଣସି କାର୍ଯ୍ୟରୁ
Hāta dhoi basibā ଆପଣାର ସମସ୍ତ ସମ୍ପର୍କ ତୁଟାଇବା—
(ହାତ ଧୋଇଧାଇ ବସିବା—ଅନ୍ୟରୂପ) 1. (figurative
হাত ধুয়ে বসা हाथ धो बै To wash one's hand clean of any matter; to cut off all connections from any matter. ୨ । ନିଜ ଉପରେ ନ୍ୟସ୍ତ କୌଣସି କାର୍ଯ୍ୟ ସମ୍ପନ୍ନ କରି ସାରି ନିଶ୍ଚିନ୍ତ ହୋଇ ବସିବା—2. To sit quiet after finishing one's assignea work.

ହାତ ନଡକା (ନଡନଡ)—ଦେ. ବଣ—ଯାହାର ହାତ ଇତସ୍ତତଃ
Hāta nardakā(narda narda) ଭଲକୁ ଝୁଲୁଥାଏ—
With the hands hanging to and fro. [ଉ—ଯାଉଥିଲ ମଞ୍ଚ, ହାତ ନଡକା ଗୋଡ଼ ନଡକା, ଦେଖି ଅଇଲ ପରପଞ୍ଚ—ଶିଶୁରଞ୍ଜନ ପଦ ।]

ହାତ ନଡ଼ବଡ଼(ନୁଡୁବୁଡୁ)—ଦେ. ବ—ହାତ ଲଡ଼ବଡ଼ (ଦେଖ)—
Hāta nardabarda(nurduburdu) Hāta lardabarda (See).

ହାତ ନଡ଼ବଡ଼ି—ଦେ. ବ ଓ ବଣ—ହାତ ଲଡ଼ବଡ଼ି (ଦେଖ)—
Hāta nardabardi Hāta lardabardi (See)

ହାତ ନଡ଼ବଡ଼ିଆ (ନୁଡୁବୁଡିଆ)—ଦେ. ବଣ. ପୁଂ ଓ ସ୍ତ୍ରୀ—୧ । ଯେ
Hāta narda bardiā (nurdu burdiā) ଛଟିକା ଚୋର
ছিঁচকে চোর ହେବାରେ ଅଭ୍ୟସ୍ତ—1. Pil fering. ୨ ।
उठाइगिरा, अंटीबाज ଛଟକା ଚୋର ସମ୍ବନ୍ଧୀୟ—2. Relating
ହାତ ନଡ଼ବଡ଼ୀ (ନୁଡୁବୁଡ଼ୀ) } ସ୍ତ୍ରୀ to stealing; pil
ହାତ ନଡ଼ବଡ଼େଇ (ନୁଡୁବୁଡ଼େଇ) } fering

ହାତ ନଡ଼ବଡ଼ିଆ(ନୁଡୁ ବୁଡିଆ)ପଣ(ଖୋଇ)—ଦେ. ବ—ଛଟକା ଚୋର
Hāta nardabardiā(nurdu burdiā) pana (khoi)
ছিঁচকে চুরী ହେବା ଅଭ୍ୟାସ—Pilfering habit.
अंटीबाजी

ହାତ ନ ପାଇବା—ଦେ. କ୍ରି—୧ । କୌଣସି ବସ୍ତୁ ଅତି ଉଚ୍ଚରେ
Hāts na pāibā ଥିବାରୁ ସେ ସ୍ଥାନକୁ ହାତ ବଢ଼ାଇଲେ ତାହା
হাত না পাওয়া ହସ୍ତଗତ ହୋଇ ନ ପାରିବା—1. Being
हाथ न पहुंचना unable to reach one's hands to a thing which is beyond the
(ହାତ ପାଇବା—ବିପରୀତ) reach. ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବାକୁ ସାହସ ନ ହେବା—2. (figurative) Not having the courage to do a thing.

ହାତ ନିଉଛୁଣା ମାଟି କରିବା—ଦେ. କ୍ରି—(କୌଣସି ବ୍ୟକ୍ତିକୁ) ତୁଚ୍ଛ
Hāta niuchhunā māti karibā ଜ୍ଞାନ କରିବା—To disregard or slight a person.

ହାତ ପଅ(ଉ,ହ,ହୁ)ଞ୍ଚ—ଦେ. ବଣ—୧ । ହାତ ପାଇବା ସ୍ଥାନରେ
Hāta pa-a (u, ha, hu) ñcha ଅବସ୍ଥିତ—1. Situated
হাতের নাগাল within the reach of one's hands.
हात पहुंच ହାତ ପଇଠ ହୋଇଥିବା; ହସ୍ତଗତ ହୋଇଥିବା—
[ହାତ ଅପଅ(ଉ,ହ,ହୁ)ଞ୍ଚ—ବିପରୀତ] 2. Brought under one's control or possession. ବ—ହାତ ପାଇବା ସ୍ଥାନରେ ଅବସ୍ଥିତ—The state of a thing being within the reach of one's hands.

ହାତ ପଇ(ଏ)ଠ(ପୈଠ)—ଦେ. ବ—(ସଂ ହସ୍ତ+ପ୍ରବିଷ୍ଟ)—ଧନାଦିର
Hāta pai(e)tha(paitha) ହସ୍ତଗତ ହେବା ଅବସ୍ଥା—
হাতেআসা State of some money coming to one's
हाथमें आना hands. [ଉ—ପୁନର୍ବାର ହାତ ପୈଠ ହେବା ସହଜ ନୁହେଁ ।ପଙ୍କାରମୋହନ—ଛମାଣ ଅଠଗୁଣ ।]

ହାତ ପଇଠି (ପୈଠି)—ଦେ. ବ—(ସଂ ହସ୍ତ+ପୃଷ୍ଠ)—କର ପଇଠି;
Hāta paithi (paithi) କର ପୃଷ୍ଠ, ପାପୁଲି—The
হাতের পিঠ करहथी back of the palm.

ହାତ ପକା(କେ)ଇବା—ଦେ କ୍ରି—୧ । ଅନ୍ୟ ବ୍ୟକ୍ତିଙ୍କ ଉପରେ ହସ୍ତ
Hāta pakā(ke)iba ରଖିବା—1. To place one's
হাত রাখা hands on another's body. ଯଥା—ସେ ।
हाथ रखना ଅମୁକ ଲୋକର କାନ୍ଧରେ ହାତ ପକାଇ ରହିଛି)—୨ ।
(ଲକ୍ଷଣାର୍ଥ) କୌଣସି ବସ୍ତୁକୁ ଅଧିକାର କରିବା; ହସ୍ତଗତ
କରିବା—2. (figurative) To take possession of a thing. (ଯଥା—ସେ ଗୋଟିଏ ଭଲ
ଘରବାରରେ ହାତ ପକାଇଛି)—୩ । ଦୁଇଜଣଙ୍କର ହାତର
ପଞ୍ଝାଦ୍ୱାରା ବଳ କଷାକଷି ହେବା—3. (two persons)
To test each other's strength by mutual grappling of the palms. ୪। (ବ୍ୟଙ୍ଗ୍ୟ)
କୌଣସି ସ୍ତ୍ରୀକୁ ବା ପୁରୁଷକୁ ଅବୈଧ ପ୍ରଣୟ ଦ୍ୱାରା ବଶୀଭୂତ
କରିବା—4 (ironical) To secure the illicit love of a person. ୫ । ହସ୍ତଦ୍ୱାରା ଅଘାତ କରିବା-
5. To strike with the hands. (ଯଥା—ମୃଦଙ୍ଗ
ଦୁଇ ପିଠିରେ ହାତ ପକାଇବା—ଉଗ)

ହାତ ପଙ୍ଖା—ଦେ ବି—୧ । ଯେଉଁ ବିଞ୍ଚଣାକୁ ମନୁଷ୍ୟ ନିଜେ ଚାଳନ
Hāta pankha କରି ବିଞ୍ଚିହୁଏ—1. Hand-fan. ୨ । ଯେଉଁ
[କଳ ପଙ୍ଖା—ବିପରୀତ] ପଙ୍ଖା ମନୁଷ୍ୟର ହାତଦ୍ୱାରା ଚାଳିତ ହୁଏ;
হাতপাখা हाथ पखा ହାତଟଣା ପଙ୍ଖା—
Hand-driven fan or punkha.

ହାତ ପଚା(ଚେ)ଇବା—ଦେ. କ୍ରି—ହରଗଉରୀ ଫୁଲକୁ ବା ପତ୍ରକୁ
Hāta pachā(che)iba କମ୍ପା ମେହେନ୍ଦି ପତ୍ରକୁ ବାଟି ତାହା
হাত রাংগা हाथ रंगना ହାତରେ ବଚ୍ଛଣ
ଲେପି କରତଳ ଓ ଅଙ୍ଗୁଠି ଅଦିକୁ ରଞ୍ଜିତ କରିବା—
To dye one's palms and fingers with bruised Henna and some other leaves.

ହାତ ପତର(ପତ୍ର)—ଦେ. ବି—ଛାଡ଼ପତ୍ର; ବିବାହ ବନ୍ଧନ ଛେଦନ କରିବା
Hāta patara(patra) ଉପଲକ୍ଷରେ ସ୍ତ୍ରୀଙ୍କ ଉପରେ
ছাড়পত্র तलाक स୍ୱାମୀଙ୍କର ଉତ୍ତରଦାୟିତ୍ୱରେ
ରହୁ ଦାବ ନାହିଁ ବୋଲି ସ୍ୱାମୀ ସ୍ତ୍ରୀଙ୍କୁ ଯେଉଁ ଦଲିଲ ଖଣ୍ଡି
ଲେଖିଦିଅନ୍ତି—Deed of divorce.

ହାତ ପତା(ତେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କ
Hāta patā(te)iba କୌଣସି ପଦାର୍ଥ ଅଛି ପାଳ-
हाथ पसारना ଲୁଚରେ ମାଗିବା—1. (figurative)
To extend one's palm to beg something of a person. ୨ । (ଲକ୍ଷଣାର୍ଥ) କେହିବ୍ର ହେବା,
হাত পাতা ପ୍ରାର୍ଥନା କରିବା—
2. (figurative) To supplicate. ୩ ।
କୌଣସି ବ୍ୟକ୍ତିଙ୍କ କୌଣସି ବସ୍ତୁ ମାଗିବା ପାଇଁ ବା
କୌଣସି ପଦାର୍ଥ ଗ୍ରହଣ କରିବାକୁ କରତଳକୁ ପ୍ରସାରିତ
କରି ଦେଖାଇବା—3. To extend one's palm to ask for a thing or to get a thing.

ହାତ ପଦ୍ମ—ଦେ. ବି—ଡଉପୃଷ୍ଠରେ ପିନ୍ଧାଯିବା ପ୍ରସ୍ଫୁଟିତ ପଦ୍ମାକାରବିଶିଷ୍ଟ
Hāta padma ଅଳଙ୍କାର—An ornament
কর পদ্ম हाथपान, हाथ फूल (shaped like
a full blown lotus) worn on the back of the palm. [ଦ୍ର—ଏହା ଗୋଟିଏ ଗୋଲକାର ଧାତୁ
ଖଣ୍ଡ ଓ ଏହା ଏକଦିଗରେ ଅଙ୍ଗୁଠିମାନଙ୍କ ସଙ୍ଗେ ଓ ଅନ୍ୟ
ଦିଗରେ ମଣିବନ୍ଧ ସଙ୍ଗେ ଶିକୁଳି ଦ୍ୱାରା ସଂଯୁକ୍ତ
ହୋଇଥାଏ ।

ହାତ ପ(ପା)ମ୍ପ—ବୈଦେ. ବି (ଇଂ.ପମ୍ପ) ଯେଉଁ ପାଣିଉଠାଇବା କଳ—
Hāta pa(pā)mp ହାତରେ ଚାଳିତ ହୁଏ—
হাতপাম্প हाथपंप Hand-pump

ହାତ ପଶିବା—ଦେ. ବି—୧ । କୌଣସି ଛିଦ୍ରରେ ବାହୁର ପ୍ରବେଶ—
Hāta pasiba 1. The thrusting of one's
হাত ঢোকা हाथ घुसना hands to a
hole or opening. [ଦ୍ର—ହାତ ପଶୁ ପଶୁ ବାହା
ପଶେ—ଦେ. ପ୍ରବଚନ—ଏହାର ତାତ୍ପର୍ଯ୍ୟ ଏହି ଯେ, ଦର-
ମେଲ କବାଟର ଫାଙ୍କରେ ପ୍ରଥମେ ହାତ ପୁରାଇବା ବ୍ୟକ୍ତି
କ୍ରମଶଃ ଠେଲି ଠେଲି ବାହୁ ପର୍ଯ୍ୟନ୍ତ ପୂରାନ୍ତି; ସେହିପରି
ପ୍ରଥମେ ସାମାନ୍ୟ ସମ୍ପର୍କମାନରୁ ଆରମ୍ଭ କରି କ୍ରମେ କ୍ରମେ
ପୂର୍ଣ୍ଣ ଅଧିକାର ଲାଭ କରିବା ସ୍ଥଳରେ ପ୍ରଯୁଜ୍ୟ ପ୍ରବଚନ
ବା ନ୍ୟାୟ ।] ୨ । କୌଣସି ବସ୍ତୁର ହାତ ଦ୍ୱାରା
ବ୍ୟବହାର—2. The use of a thing by the hand. (ଯଥା-ଲଙ୍କାମରିଚ ଗଛରେ ନୂଆ ହୋଇ ହାତ
ପଶୁଛି ।)

ହାତ ପାଆନ୍ତ(ନ୍ତା, ନ୍ତି)—ଦେ. ବି—ହାତକୁ ବଢ଼ାଇଲେ ହାତ ପହଞ୍ଚିବା
Hāta pāanta(ntā, nti) ସୀମା ମଧ୍ୟରେ କୌଣସି
(ହାତପାଅନ୍ତ୍ଅ—ଲଣ ରୂପ) ଦ୍ରବ୍ୟର ଅବସ୍ଥିତି—
হাতের নাগাল हाथपहुंच Situation of a
thing within the reach of a person's hands.

ହାତ ପାଇବା—ଦେ. ବି—କୌଣସି ବସ୍ତୁକୁ ହାତ ବଢ଼ାଇଲେ ତାହାର
Hāta pāiba ହସ୍ତଗତ ହେବାର ସୀମା ମଧ୍ୟରେ
হাত পাওয়া हाथ पाना ଅବସ୍ଥିତି—
Being within the reach of one's hands.

(ମୁଣ୍ଡକୁ) ହାତ ପାଇବା—ଦେ. ବି—ନିଜର ସାଂସାରିକ କାର୍ଯ୍ୟ ନିଜେ
(mundaku) Hāta pāiba ପରିଚାଳନ କରିବାକୁ
ସମର୍ଥ ହେବା; ନିଜକୁ ପୋଷିବାକୁ ନିଜେ ସମର୍ଥ ହେବା-
Becoming able or fit to look after one's worldly affairs.

ହାତ ପାଞ୍ଚ—ଦେ. ବି—ହାତରେ ପାଞ୍ଚ (ଦେଖ)—
Hāta pāncha Hātare pāncha (See)
(ହ.ତର ପାଞ୍ଚ—ଅନ୍ୟରୂପ)
হাতে পাঁচ

ହାତ ପାପୁଲି - ଦେ. ବ—କରପୃଷ୍ଠ—
Hāta pāpuli The back of the palm.
হাতেরপিঠ तरहथी

ହାତପାହାନ୍ତ(ନ୍ତା, ନ୍ତି)—ଦେ. ବ—ହାତପାଅନ୍ତ (ଦେଖ)—
Hāta pahānta(ntā,nti) Hātapā-ānta (See)
[ହାତପାହାନ୍ତଅ—ବଣ. ରୂପ]

ହାତ ପାହାରୁଣି—ଦେ. ବ—ଧାନ କୁଟିବାର କାଠର ବଡ଼ ହେମାନଦସ୍ତା;
Hāta pāhāruṇi ଉଦୁଖଳ—The big wooden
উদুখল खल mortar used for husking paddy
[ବ୍ର—ଏଥିରେ ଧାନ କୁଟିବା ପାଇଁ ବ୍ୟବହୃତ ପାହାରକୁ
(ହାତପାହୁରୁଣୀ—ଅନ୍ୟରୂପ) ମୁଷଳ କହନ୍ତି ।

ହାତ ପାହାରୁଣି ମୁଷଳ—ଦେ. ବ [ପାହାରୁଣିର ଦୁଇଟି ଅଙ୍ଗ]
Hāta pāhārnṇi mūshala ଉଦୁଖଳ ଓ ମୁଷଳ—
উদুখলমুষল खलमूसल The wooden
mortar and the pestle for husking paddy.

ହାତ ପୁରା(ରେ)ଇବା—ଦେ. କ୍ରି—୧ । କୌଣସି ଛିଦ୍ର ବା ପାତ୍ର
Hāta purā(re)iba ମଧ୍ୟରେ ହାତକୁ ପ୍ରବିଷ୍ଟ କରାଇବା—
হাতঢ়ুকান हाथघुसाना 1. To thrust one's hands into a hole or a pot (ଢ଼—ବେଇଲେ ବେ, କଇଲେ ହାତପୁରେଇ ବ୍ୟାଇବ—ଛଗ ।] ୨ । କୌଣସି କାର୍ଯ୍ୟକୁ ନିଜ ହାତରେ ନେବା—2. To undertake any work. ୩ । କାର୍ଯ୍ୟ ଅରମ୍ଭ କରିବା —3. To begin a work. ୪ । କୌଣସି କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରିବା—4. To meddle with any work.

ହାତ ପୁରା(ରେ)ଇ ବି(ବେ)ଆଇବା (ବ୍ୟାଇବା)—ଦେ. କ୍ରି—ପ୍ରସବ କର
Hāta purā(re)i bi(be)āiba (byāibā) ପାରୁ ନ ଥିବା
হাত পুরিয়ে প্রসব করান ପ୍ରସୂତିର ପ୍ରସବ ଦ୍ୱାର ବାଟେ (ଧାତ୍ରୀ) ହସ୍ତ
हाथ घुसाकर पैदा कराना ପ୍ରବେଶ କର ଗର୍ଭସ୍ଥ ଶିଶୁକୁ ବାହାର କର ଆଣିବା—To bring out the baby from the womb of a woman who is in labour pain and who has not strength enough to eject the contents

ହାତ ପୋଛ(ଖାଲି)—ଦେ. ବ—୧ । ଅର୍ଥଶୂନ୍ୟ ହସ୍ତ; ରିକ୍ତ ହସ୍ତତା—
Hāta pochh(khāli) 1. Penniless condition. ୨ ।
হাত খালি ହାତରେଥିବା ଧନ ସମସ୍ତ ବ୍ୟୟିତ ହେବା ଅବସ୍ଥା—
हाथ खाली 2. The condition of a person having spent the last pie he had got.
ଦେ. ବଣ—୧ । ଅର୍ଥଶୂନ୍ୟ (ବ୍ୟକ୍ତି)—1. Penniless (person). ୨ । ଅର୍ଥଶୂନ୍ୟ (ଅବସ୍ଥା)—2. Penniless (condition).

ହାତ ପୋଛା—ଦେ. ବ—କ୍ଷୌର କରିବା ସରେ ବାମ ହାତରେ ଲାଗିଥିବା
Hāta pochhā ରୁକ୍ଷ ଓ ମଇଳା ଇତ୍ୟାଦିକୁ ପୋଛିବା ପାଇଁ
হাত মুছা ক্ষুর ଭଣ୍ଡାରୀମାନଙ୍କ ବ୍ୟବହୃତ ଦନ୍ତୁରୀ କ୍ଷୁର—
हाथ पोछा अस्तुरा A blunt razor used by the barbers to remove the stumps which they put on the left hand while shaving.

ହାତ ପୋଡ଼ା—ଦେ. ବ—ହସ୍ତଜ୍ୱାଳା ରୋଗ—The burning of
Hāta porḍā the hands; a disease consisting
হাত জালা of a burning sensation in the hands.
हाथ जलना

ହାତ ଫାଟି ପଡ଼ିବା—ଦେ. ଚ—ଅତ୍ୟନ୍ତ ଗୁରୁଭାର ବହନ ବା ରକ୍ତ
Hāta phāti parḍibā ଯୋଗୁଁ ହାତରେ ଅସହ୍ୟ ବେଦନା
হাত ফেটে পড়া (ଯେତେ ଯେପରି ହାତ ଫାଟିଯିବ) ଅନୁଭୂତ
हाथ फटजाना ହେବା—Feeling of extreme pain (as of bursting) in the arms due to carrying a heavy load or aching.

ହାତ ବଜା(ଜେ)ଇବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର ଦେହକୁ ବା
Hāta bajā(je)iba କୌଣସି ବସ୍ତୁକୁ ହାତ ଦ୍ୱାରା ସ୍ପର୍ଶ କରିବା
হাত লাগান —1. To touch anything or body.
हाथ लगाना (ଯଥା—ଏ ଘଣ୍ଟାରେ କେହି ହାତ ବଜାଇଲେ ଘଣ୍ଟାଟି ବନ୍ଦ ହୋଇଯିବ ।) ୨ । ହାତ ମାରିବା (ଦେଖ - 2. Hāta māribā (See)

ହାତ ବଢ଼ା(ଢ଼େ)ଇବା—ଦେ. କ୍ରି—ଉଚ୍ଚହୋଇଥିବା ଦ୍ରବ୍ୟକୁ ଧରିବା
Hāta barḍhā(rḍhe)iba ପାଇଁ ହାତକୁ ଊର୍ଦ୍ଧ୍ୱକୁ ଟେକିବା—
হাত বাড়ান To raise one's hand to catch a
हाथ बढाना thing on high. [ବ୍ର—ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା—ନ୍ୟାୟ । ଅସାଧ କାର୍ଯ୍ୟ କରିବାକୁ ଆଶା କରିବା ରୂପ ଦୁରାଶା କରିବା ସ୍ଥଳରେ ଏହି ନ୍ୟାୟର ଉଦାହରଣ ଦିଆଯାଏ ।]

ହାତ ବଳା—ଦେ. ବ—୧ । କାରିଗରମାନେ ନିଜର ସିଦ୍ଧହସ୍ତତା
Hāta balā ଲାଭ କରିବା ପାଇଁ ପ୍ରଥମେ ଛବି ବା ଚିତ୍ର ବା ମୂର୍ତ୍ତି
হাত পাকা ଗଢ଼ିବାର ଯେଉଁ ଅଭ୍ୟାସ କରନ୍ତି; ଛବି ଅଦ
हाथ पक्का करना ଆଙ୍କିବା ଅଭ୍ୟାସ—1. The practising of neophytes in painting and sculpture; exercise of art by a neophyte. (ଢ଼—ଅନୁମାନେ ଅସେ ଆଗେ ବଧି ସାଧି ପଦେ, ଛନ୍ଦେ, ହାତବଳା । ରାଧାନାଥ, ଯଯାତି ।) [ବ୍ର—କାରିଗର ଶିକ୍ଷା କରିବା ବ୍ୟକ୍ତିମାନେ ନିଜ ନିଜର ହାତକୁ ପକ୍କା ବା ସିଦ୍ଧ କରିବା ପାଇଁ ଅଗ କର ଗୁଡ଼ିଏ ଛବି ବା ମୂର୍ତ୍ତି ଗଢ଼ନ୍ତି ଓ ସେଥିରେ ଯେ ଯେ ଦୋଷ ରହିଲା, ତାହା ଦେଖି ଭବିଷ୍ୟତରୁ ସେମାନେ ସେ ଦୋଷମାନ ପରିହାର କରନ୍ତି । ହାତବଳା ଛବି ଓ ମୂର୍ତ୍ତିମାନ ଅବଶ୍ୟ ନାନା ଦୋଷଯୁକ୍ତ ହୋଇଥାଏ ଓ ସିଦ୍ଧହସ୍ତ କାରିଗରଙ୍କ ରଚିତ ମୂର୍ତ୍ତି ଅପେକ୍ଷା ଏହା ନିକୃଷ୍ଟ ହୁଏ ।] ୨ । ସିଦ୍ଧହସ୍ତତା ଲାଭ କରିବା ପାଇଁ କାରିଗରଙ୍କ ଦ୍ୱାରା ପ୍ରଥମେ ଗଢ଼ା ହେବା ମୂର୍ତ୍ତି ବା ଛବି—2. Any picture or image done by an artist for practising ୩ । ହଠାତ୍ ଅନ୍ୟକୁ

ପ୍ରହାର କରିବା—3. Suddenly striking another. ୪। ମାଡ଼ ଦେବାକୁ ହାତ ପ୍ରସାରିତ କରିବା—4. Extending one's hands to strike. ବିଣ—କୃତ୍ରିମ ଲବ୍ଧ କରିବା ନିମନ୍ତେ ଚିତ୍ରିତ (ଚିତ୍ର) ବା ଗଠିତ (ମୂର୍ତ୍ତି)—(picture or image) Made by a sculptor or painter to attain a practised hand.

ହାତ ବଳା(ଳେ)ଇବା—ଦେ. କ୍ରି—୧। ସିଦ୍ଧହସ୍ତ ହେବା ପୂର୍ବରୁ
Hāta balā (le) ibā (ଶିଳ୍ପୀ) ଚିତ୍ର ଅଙ୍କିବା ବା ମୂର୍ତ୍ତି ଅଦ ଗଢ଼ିବାରେ ହାତକୁ ଦୋରସ୍ତ କରିବା ବା ଅଭ୍ୟାସ କରିବା; ହାତ ସାଧିବା—1. To practise by making works of art before one becomes a skilled artist; to exercise the hands to earn proficiency. ୨। ଅନ୍ୟକୁ ମାଡ଼ ମାରିବାପାଇଁ ହସ୍ତକୁ ପ୍ରସାରିତ କରିବା; ହାତ ଉଞ୍ଚାଇବା—2. To raise one's hand to strike a person. ୩। ଅନ୍ୟକୁ ମାଡ଼ ମାରିବା—3. To strike another.
हात पाकाम हाथपक्काकरना हाथ साधना

ହାତ ବଳିବା—ଦେ. କ୍ରି—ଶିଳ୍ପ କାର୍ଯ୍ୟରେ ସିଦ୍ଧହସ୍ତ ହେବାପାଇ
Hāta balibā ଅଭ୍ୟାସ କରିବା—To practise exercise on art. ବି—୧। ଶିଳ୍ପୀର ପ୍ରଥମ ଅଭ୍ୟାସ—1. Excers on art. ୨। ହାତଯିବା (ଦେଖ)—2. Hāta jibā (See) (ଯଥା—ପିଲାଟିକୁ ମାରିବାକୁ ମୋ ହାତ ବଳୁନାହିଁ)
হাঁত পাকান हाथपक्काकरना

ହାତ ବସିବା—ଦେ. ବି—କର୍ମ କରି କରି ସିଦ୍ଧହସ୍ତତା ଲାଭକରିବା—
Hāta basibā Acquisition of proficiency by constant exercise.
হাতপাকা हातबैठना

ହାତ ବାକସ (ବାକ୍ସ, ବାକୁସ)—ଦେ. ବି—୧। ହସ୍ତ ବାକ୍ସ, ଯେଉଁ
Hāta bākasa (bāksa, bākusa) ବାକ୍ସକୁ ହାତରେ ଉଠାଇ ହୁଏବେଳେ ନେଇଥିଣ କରାଯାଇ ପାରେ—1. Hand-box; a box which can be carried by one's hand. [ବି—ଏଥିର ଉପର ଡାଳାର ମଝିରେ ହାତସା ଲାଗିଥାଏ] ୨। ଯେଉଁ ବାକସ ସବୁବେଳେ ବଡ଼ଲୋକମାନଙ୍କ ପାଖରେ ଥାଏ ଓ ଯହିଁରେ ଚଳନ୍ତି ଟଙ୍କାପଇସା ଓ ଅନ୍ୟ ପ୍ରୟୋଜନୀୟ କାଗଜପତ୍ରାଦି ରହେ—2. Cash box for daily use.
হাতবাক্স हाथबाकस

ହାତ ବାନ୍ଧି ବସିବା—ଦେ. କ୍ରି—କର୍ମହୀନ ବା ବେକାର ହେବା—
Hāta bāndhi basibā To be unemployed or idle; to be without any employment.
হাত বেঁধে বসা हात बांधके बैठना
(ଉ—ହାତାବର ନୋଚ୍ଚ ଦେଖ ଚଳ; ହାତ ବାନ୍ଧି ନ ବସନ୍ତୁ ଶିଳ୍ପୀ ସମାଜ ସେ ବୋଇଲେ—ବାଳକୃଷ୍ଣ ଅଧୀଳ ବୋଇଲେ।)

ହାତ ବାରସୀ(ବାର୍ସୀ)—ଦେ. ବି—୧। ବଢ଼େଇ ସର୍ବଦା ନିଜ ପାଖରେ
Hāta bārasi(bārsi) ଅପଣାର ମନୋମତ ଯେଉଁ ବାଇଶୀଖଣ୍ଡି ରଖିଥାଏ—
हातबाइस हाथबसला
1. A small adze which suits a carpenter and of which he is fond and which he always carries with him; a carpenter's favourite adze. ୨। (ଲକ୍ଷଣାର୍ଥ) ସାହାଯ୍ୟକାରୀ ବ୍ୟକ୍ତି; ଯେଉଁ ବ୍ୟକ୍ତି ଦ୍ୱାରା କୌଣସି ବ୍ୟକ୍ତି ଅପଣାର କାର୍ଯ୍ୟ ସାଧନ କରାଇ ନିଅନ୍ତି—2. (figurative) One's helper; a person whom a person uses as a tool for getting his works done. ବିଣ—କୌଣସି ବ୍ୟକ୍ତିର ପ୍ରତ୍ୟକ୍ଷ ସାହାଯ୍ୟକାରୀ—Renderer of direct help to a person.

ହାତ ବିନ୍ଧା(ବଥା)—ଦେ. ବି—ହସ୍ତ ବ୍ୟଥା ରୋଗ—
Hāta bindhā(bathā) Aching or pain in the hands or arms.
হাত ব্যথা हाथपोड़ा

ହାତ ବୁଣା—ଦେ. ବି—୧। ଲୁଗାକୁ ହାତ ଦ୍ୱାରା ତନ୍ତରେ ବୁଣିବା—
Hāta buṇā 1. Hand weaving of a cloth. (କଳବୁଣା—ବିପରୀତ) ୨। ମୋଜାକୁ ହାତରେ ବୁଣିବା—
হাতবোনা हाथबुनावट
2. The knitting of stockings by the hand. ବିଣ—ହସ୍ତଦ୍ୱାରା ବୟନ କରା ଯାଇଥିବା—Hand woven; hand knit.

ହାତ ବୁଲା(ଲେ)ଇବା—ଦେ. କ୍ରି—୧। ଏଣେତେଣେ ହସ୍ତକୁ ବା ବାହୁକୁ
Hāta bulā(le)ibā ସଞ୍ଚାଳନ କରିବା—1. To move one's hand about.
হাতবুলান हाथ घुमाना
୨। ହାତଦ୍ୱାରା ଏଣେତେଣେ ବାଗୁଣ୍ଡିବା—2. To grope about with the hands. ୩। କୌଣସି ଅଙ୍ଗ ଉପରେ କରତଳକୁ ଇତସ୍ତତଃ ସଞ୍ଚାଳିତ କରିବା—3. To move the palm over any part of the body. ୪। ଦେହକୁ ଅଉଁସିବା—4. To massage the body. ୫। ଛୋଟ ପଦାର୍ଥକୁ ଚୋରି କରିବା—5. To pilfer. ୬। କୌଣସି ବ୍ୟକ୍ତିକୁ ଠକାଇ ବା ଫୁସୁଲାଇ କିଛି ଧନ ବା ପଦାର୍ଥ ନେବା—6. To take some money or thing from a person by cheating or wheedling him. ୭। ଘରେ ପଶି ଚୋରି କରିବା—7. To steal from a house. (ଯଥା—ଚୋର ତା ଘରେ ହାତ ବୁଲେଇଦେଇ ଗଲେ ସେ, ତାହା ଜାଣି ପାରିବା ଘରେ ନାହିଁ।) ୮। (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣରୂପେ ମନୋଯୋଗୀ ହେବା—8. (figurative) To be very attentive to a work. (ଉ—ଭୁଲାଇତ ସବାଙ୍କେ ସେ ବୁଲାଇବେ ହାତ, ହେବେ ତହିଁ କୃତକାର୍ଯ୍ୟ ସେ ଅମୃତହସ୍ତା—ଚନ୍ଦ୍ରାମଣି କନ୍ୟାଭିହାସ୍ୟ।)

ହାତ ବୋତାମ—ଦେ. ବ (ସ ହସ୍ତ ଓ ଇଂ ବଟନ୍)—ଜାମାର ଅଗ୍ରର
Hāta botāma ଅସ୍ତିନ୍‌ର କଫ୍‌ରେ ଲାଗିଥିବା ବୋତାମ—
হাতবোতাম हाथबोताम Sleeve button.

ହାତ ବୋଳିବା—ଦେ. କ୍ରି—୧ । ମଇଳା ଲାଗିଥିବା ହାତକୁ ମଇଳା
Hāta bolibā ଛଡ଼ାଯିବା ପାଇଁ କରତଳକୁ ନେଇ
হাতবুলান हाथपोछना ଲୁଗାରେ ବା କାନ୍ଥ ଆଦିରେ
ପୋଛିଦେବା—1. To rub one's dirty palm on a wall or cloth to cleanse it. ୨ । କୌଣସି ବ୍ୟକ୍ତିଠାରୁ ଧନାଦି ନେଇ ଠକାଇବା—2. To cheat or wheedle out something from a person. ୩ । କୌଣସି ବ୍ୟକ୍ତିଠାରୁ ମାଗି କରି ଧନ ନେବା—4. To beg money from a person. ୫ । କୌଣସି ବ୍ୟକ୍ତିଙ୍କୁ ଧନ ମାଗିବା—5. To ask money of a person.

ହାତବ୍ୟ—ସ ବଣ. ପୁଂ—(ହା ଧାତୁ=ତ୍ୟାଗ କରିବା+କର୍ମ ତବ୍ୟ)—
Hātabya ତ୍ୟକ୍ତ ହେବା ଯୋଗ୍ୟ—Fit to
(ହାତବ୍ୟା—ସ୍ତ୍ରୀ) be given up or abandoned.

ହାତ ଭଣ୍ଡା—ଦେ. ବ—କହୁଣିଠାରୁ କବଜି ପର୍ଯ୍ୟନ୍ତ ହାତର ମାଂସଳ
Hāta bhaṇḍā ଅଂଶ (ଯାହା ଆକାରରେ କଦଳୀ-
হাতেরডিমে हाथपहुँचा ଭଣ୍ଡା ପରି ଦେଖାଯାଏ)-
The calf of the hand.

ହାତ ଭରତି(ଭର୍ତି)କରିବା—ଦେ. କ୍ରି—ହାତ ପୁରାଇବା (ଦେଖ)—
Hāta bharati (bharti) karibā Hāta purāibā (See)

ହାତ ଭାଙ୍ଗି ହେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଆନନ୍ଦରେ
Hāta bhāngi hebā ଉତ୍ଫୁଲ୍ଲ ହେବା—
আহ্লাদেআঠখানা হওয়া आनंदसेफुलना 1. To feel overjoyed, to be overwhelmed with joy.
(ଉ-ବଧୂ ସଙ୍ଗେ ହାତ ଭାଙ୍ଗି ହେଉଛନ୍ତି ଯଶୋଦା ତୋତେ ଦେଖିକ—ଗୋପାଳକୃଷ୍ଣ ନବାଳୁସଙ୍ଗ ।) ୨ । ଅତି ଅଗ୍ରହ ସହକାରେ କାମନା କରିବା; ଲାଳାୟିତ ହେବା—
2. To hanker after.

ହାତ ମଉଜା(ମୋଜା)—ଦେ. ବ—ଦସ୍ତାନା; ହାତରେ ପିନ୍ଧାଯିବା
Hāta maujā(mojā) ମୋଜା—Gloves.
হাত মোজা हाथ मोजा

ହାତ ମାଟି—ଦେ. ବ—୧ । ଝାଡ଼ା ଫେରି ସାରିବା ପରେ ବାମ ହସ୍ତ
Hāta māṭi ସାହାଯ୍ୟରେ ଜଳ ଦ୍ୱାରା ଗୁହ୍ୟଦ୍ୱାର ଧୋଇବା
হাত মাটি (ଛଅଣ୍ଡ ହେବା) ପରେ ହାତରେ ଲାଗିଥିବା ମଳ
हाथ मिट्टी ଆଦିକୁ ସଫା କରି ଧୋଇଦେବା ପାଇଁ ହାତରେ
ମାଟି ଲଗାଇବା କର୍ମ—1. The act of smearing the palm of the left hand with clay to cleanse it after it has been used in washing the anus after evacuation. [ଉ—ହିନ୍ଦୁ-ଶାସ୍ତ୍ର ଅନୁସାରେ ମଳୋତ୍ସର୍ଗ ପରେ ଗୁହ୍ୟ ଦ୍ୱାରରେ ୭ ଥର, କରତଳମାନଙ୍କରେ ୭ ଥର, ପାଦତଳମାନଙ୍କରେ ୫ ଥର ଲେଖାଏଁ ମାଟି ଲଗାଇ ଧୋଇବା କର୍ତ୍ତବ୍ୟ ।] ୨ । ଛଅଣ୍ଡିବା ପରେ ହାତକୁ ସଫା କରିବା ପାଇଁ ଆବଶ୍ୟକ ମୃତ୍ତିକା—
2. Earth required for cleansing the palm after washing the anus after evacuation.

ହାତ ମାଟି କରିବା—ଦେ. କ୍ରି—ଛଅଣ୍ଡିବା ପରେ ହାତରେ ମାଟି ବୋଳି
Hāta māṭi karibā ହାତକୁ ପରିଷ୍କାର କରିବା—To smear
হাত মাটি করা the palms with clay in order to
हाथ मिट्टी करना wash them after evacuation.

ହାତ ମାରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କ ସତର୍କ କରାଇବା
Hāta māribā ବା ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କ
হাত মারা ଦେହରେ ହାତକୁ ଧୀର ଭାବରେ ଛୁଆଇଁ ଦେବା—
हाथ मारना 1. To touch another's body to draw his attention or to warn him. ୨ । ଅନ୍ୟ ବ୍ୟକ୍ତିଙ୍କର କୌଣସି ଅଙ୍ଗକୁ ଅଉଂସିବା—2. To massage any limb of another. ୩ । (ଲକ୍ଷଣାର୍ଥ) ଛୋଟ ପଦାର୍ଥ ଚୋରି କରି ନେବା—3. (figurative) To pilfer; to steal. ୪ । (ଲକ୍ଷଣାର୍ଥ) କେହି ଜଗୁଆଳ ନ ଥିଲାବେଳେ କୌଣସି ପଦାର୍ଥ ଆତ୍ମସାତ୍ କରିବା—4. (figurative) To appropriate some thing to one's self when there is no one to watch. ୫ । ଗୋପନରେ ପରଦାର ସଙ୍ଗେ ସମ୍ଭୋଗ କରିବା—5. To enjoy another's wife in secret.

ହାତ ମୁଠା—ଦେ. ବ—(ସ ହସ୍ତ ଓ ମୁଷ୍ଟି)—୧ । ମୁଷ୍ଟିବଦ୍ଧ କରତଳ
Hāta muṭhā —1. Fisted palm. ୨ । (ଲକ୍ଷଣାର୍ଥ)
হাতের মুঠো କାହାର ଅଧିକାର ବା ଅଧୀନତା—2. (Figurative)
हाथमुट्ठी One's control or possession or authority.
(ଯଥା—ତୋହର ବଂଶର ପୁଅ ଏଣିକି ଅଉ ବାପାଙ୍କ ହାତ ମୁଠା ଭିତରେ ରହିବ ନାହିଁ ।)

ହାତ ମୁଠା ଭିତରେ (ମୁଠାରେ)—ଦେ. ଅ—କାହାର କରାୟତ୍ତ
Hāta muṭhā bhitare (muṭhāre) ଅବସ୍ଥାରେ—
হাতের মুঠোর ভিতর Within one's control. [ଉ—
मुट्ठीमें ହାତର ମୁଠାରେ, ଥିବା ପରକାରେ, ଧରିଅଛୁ ତୋତେ ମୁହିଁ—ମଧୁସୂଦନ. କୁସୁମାଞ୍ଜଳି ।]

ହାତ ମୁଠା ମୁଠା କରିବା—ଦେ. କ୍ରି—୧ ।(ଅପସ୍ମାରଆଦି ମୂର୍ଚ୍ଛା-
Hāta muṭhā muṭhā karibā ରୋଗଗ୍ରସ୍ତ ବ୍ୟକ୍ତିଙ୍କ ହାତ
হাত মুঠো মুঠো করা ମାରିବା ସମୟରେ ଚେତନାଶୂନ୍ୟ ହେଲେ)
हाथ सीकुड़ना ଅଚ୍ଛ ପଦାର୍ଥ ମୁଠାଇଲା ପରି କରତଳକୁ ଗୁଡ଼ିବା—
1. To close the palm into a fist in a convulsive fit (said of a senseless patient while

in a fit). ୨ । (ଭୟାକ୍ରାନ୍ତ ବ୍ୟକ୍ତି) ଭୟରେ ହାତକୁ ମୁଠିବା—2. To close the fist in a fright. ୩ । (ଲକ୍ଷଣାର୍ଥ) ଭୟାକ୍ରାନ୍ତ ହେବା —3. (figurative) To be frightened or terrified. ୪ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା—4. (figurative) To show signs of unwillingness to do any work.

ହାତ ମୁଦି—ଦେ. ବି—(ସଂ. ହସ୍ତ ଓ ମୁଦ୍ରିକା)—ହାତର ଅଙ୍ଗୁଠିରେ
Hāta mudi ପିନ୍ଧାଯିବା ମୁଦ୍ରିକା—Ring for a finger of
হাতের আংটি the hand. [ଦ୍ର—ହାତମୁଦିରେ ବସିଥିବା
हाथ अङ्गूठी ପଥର ବା ଧାତୁ ଅନୁସାରେ (ଯଥା—ହୀରାମୁଦି, ନୀଳମୁଦି, ମାଣିକମୁଦି, ଅଧୁଲି ମୁଦି ଇତ୍ୟାଦି), ମୁଦିର ବ୍ୟବହାର ଅନୁସାରେ(ଯଥା—ବନ୍ଧମୁଦି,ସିଲ୍‌ମୁଦି,ଛାପାମୁଦି), ମୁଦିର ଉପକରଣ ଅନୁସାରେ (ରୂପାମୁଦି, ସୁନାମୁଦି, ଗଣ୍ଡାମୁଦି, କାଠକଡ଼ା ମୁଦି) ଓ ମୁଦିର ପ୍ରକାର ଓ ଆକାର ଅନୁସାରେ (କୁର୍ମମୁଦି, ସାପମୁଦି), ମୁଦିମାନଙ୍କର ଭିନ୍ନ ଭିନ୍ନ ନାମକରଣ ହୁଏ ।]

ହାତ ଯଶ—ଦେ.ବି—(ସଂ ହସ୍ତ ଓ ଯଶଃ)—କୌଣସି କାର୍ଯ୍ୟରେ ଫଳ-
Hāta jaśa ଲାଭ ହେଲେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ କୃତିତ୍ୱ
ହାତ ଦଶ } ଗ୍ରାମ୍ୟରୂପ ସମ୍ବନ୍ଧେ ପ୍ରଚଳିତ ସୁନାମ;କୌଣସି ବ୍ୟକ୍ତିଙ୍କର
ହାତ ଯଶ } ସିଦ୍ଧହସ୍ତତା ବିଷୟରେ ପ୍ରଚଳିତ ସୁନାମ—
হাত যশ Good name of a person for the skill of
हाथ यश his hand; reputation of a particular person's skill. (ଯଥା—ଆପଣ ଏ ରୋଗୀକୁ ଭଲ କରିଦେଲେ ଆପଣଙ୍କର ହାତଯଶ ରହିବ ।)

(ମୋର)ହାତ ଯିବା(ବଳିବା,ଚଳିବା)—ଦେ.କ୍ରି—(କୌଣସି ନିଷ୍ଠୁର ବା
Hāta jibā (baḷibā, chaḷibā ଅନ୍ୟାୟ କାର୍ଯ୍ୟ କରିବାକୁ
হাতসরা କୌଣସି ବ୍ୟକ୍ତିଙ୍କର) ପ୍ରବୃତ୍ତି ବା ଇଚ୍ଛା ଜାତ ହେବା—
हाथ उठना The arising in one's mind of the desire to do an unworthcy or cruel act [ଯଥା—ଏତେ ସୁନ୍ଦର ଶିଶୁଟିକୁ ମାରିବାକୁ ତୁମ ହାତ କିପରି ଗଲା ?]

ହାତର କଥା—ଦେ. ବି—୧ । ନିଜର କର୍ତ୍ତୃତ୍ୱାଧୀନ ବିଷୟ—1. A
Hātara kathā matter within one's control.
হাতের কথা ୨ । ନିଜକୃତ ବିଷୟ—2. A matter of one's
हाथकी बात doing. ୩ । ନିଜର ଅଧିକାର ବା ସ୍ୱାମିତ୍ୱଭୁକ୍ତ ବିଷୟ—3. A matter under one's jurisdiction or authority. ୪ । ଶକ୍ତି ଦ୍ୱାରା ସାଧନୀୟ ବିଷୟ; ସାଧ୍ୟ ବିଷୟ—4. Anything within one's capacity or power.

ହାତର କାମ—ଦେ. ବି—୧ । ହାତର କଥା (ଦେଖ)
Hātara kāma 1. Hātara kathā (See)
হাতের কায ୨ । ନିଜର କୃତ କାର୍ଯ୍ୟ—2. A work done
हाथका काम by one's self. ୩ । କୌଣସି କାରିଗର ହାତ ଗଢ଼ା ହୋଇଥିବା କାର୍ଯ୍ୟ—3. Handiwork of an artist; manual work. ୪ । ଯାହା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ଦ୍ୱାରା ସମ୍ପାଦିତ ହୋଇ ନ ପାରେ—4. Anything which cannot be accomplished by any other person.

ହାତ ରନ୍ଧା(ରାନ୍ଧଣା, ରୁଷାଇ, ରୁଷେଇ)—ଦେ. ବି (ସଂ. ହସ୍ତ ଓ ରନ୍ଧନ)
Hāta randhā(rāndhaṇā, rushāi, rushei)
হাতে রান্ধা —୧ । ସ୍ୱହସ୍ତ ଦ୍ୱାରା ନିଜର ଖାଦ୍ୟ ଦ୍ରବ୍ୟର ପାକ—
हाथ रसोई 1. Cooking of one's meal by one's self; cooking for one's self. ୨ । କୌଣସି ବ୍ୟକ୍ତିଙ୍କ ହସ୍ତ ଦ୍ୱାରା କୃତ ପାକ—2. Cooking done by a particular person. (ଯଥା—ଆଜି ବଡ଼-ବୋହୂଙ୍କ ହାତରନ୍ଧାର ପାକ ପଡ଼ିଛି ।) ୩ । କୌଣସି ବ୍ୟକ୍ତିଙ୍କ ହସ୍ତ ଦ୍ୱାରା ପାକ କରା ଯାଇଥିବା ଖାଦ୍ୟ—3. Food cooked by a particular person. (ଯଥା—ସାଆନ୍ତାଣୀଙ୍କ ହାତରନ୍ଧା ନ ଖାଇଲେ ଦିନ ମୋ ପେଟ ପୁରେ ନାହିଁ) ଦେ. ବିଣ—କୌଣସି ବ୍ୟକ୍ତିଙ୍କ ଦ୍ୱାରା ପକ୍ୱ (ଖାଦ୍ୟ)—(food) Cooked by a particular person.

ହାତର ଲେଖା—ଦେ. ବି—(କୌଣସି ବ୍ୟକ୍ତିଙ୍କ) ହସ୍ତାକ୍ଷର—
Hātara lekhā (a person's) Handwriting.
হাতের লেখা ବି ଓ ବିଣ—ହାତ ଲେଖା (ଦେଖ)
हाथका लेख Hāta lekhā (See)

ହାତର ଲୋକ—ଦେ. ବି—୧ । ନିଜର ବଶୀଭୂତ ବ୍ୟକ୍ତି—
Hātara loka 1. A person who is one's own
হাতের লোক creature. ୨ । ନିଜର ଅଧୀନ ବ୍ୟକ୍ତି—
हाथका आदमी 2. A person under one's control. ୩ । ନିଜର ଅଧୀନତାରେ କାର୍ଯ୍ୟ କରୁଥିବା ବ୍ୟକ୍ତି; ଅଧସ୍ତନ ବ୍ୟକ୍ତି—3. One's subordinate.

ହାତରୁ—ଦେ. କ୍ରି. ବିଣ—୧ । ନିଜ ବ୍ୟୟରେ—1. Out of one's
Hātaru pocket; at one's own cost. [ଦ୍ର—ହାତରୁ
হাত থেকে ଖାଇ ଘୋଡ଼ା ଅଗରେ ଦୌଡ଼ିବା—ନ୍ୟାୟ ।
हाथसे ଅର୍ଥାତ୍, ନିଜ ବ୍ୟୟରେ ଭୋଜନ କ୍ରିୟା କରି ଅନ୍ୟ ବ୍ୟକ୍ତିଙ୍କ ଚଢ଼ିଥିବା ଘୋଡ଼ାର ଅଗରେ ସହିସ ଭଳି ଦଉଡ଼ିଲା ପରି ଘରୁ ଖାଇ ପର କାମ କରିବା ସ୍ଥଳରେ, ଅର୍ଥାତ୍, ଅବୈତନିକ ରୂପେ ପର ପାଇଁ ଶ୍ରମସାଧ୍ୟ କାମ କରିବା ସ୍ଥଳରେ ଏ ନ୍ୟାୟ ଲାଗେ ।] ୨ । ନିଜର କର୍ତ୍ତୃତ୍ୱରୁ (ବହିର୍ଭୂତ ହେବା ବା ଖସିଯିବା)—2. (to slip) Out of one's control. (ଯଥା—ସେ ଲୋକଟା ମୋ ହାତରୁ ଖସିଗଲା ।) ୩ । ନିଜର ଅଧିକାରରୁ—3. Out of one's possession. (ଯଥା—ମୋ ହାତରୁ ଧନ ସବୁ ଗଲାରୁ ମତେ ସମସ୍ତେ ଅନାଦର କଲେ ।)

ହାତରୁ ଖସିବା(ଛୁଟିବା)—ଦେ. କ୍ରି—୧ । ନିଜର ଅଧିକାରରୁ ଚ୍ୟୁତ ହେବା—1. To slip out of one's control. ୨ । ନିଜର ହସ୍ତରୁ ଚ୍ୟୁତ ହେବା—2. To slip out of one's hands. [ଦ୍ର—ହାତରୁ ଖସିଲେ ଅଣବାହୁଡ଼ (ଭୂ)—ପ୍ରବଚନ । ଅର୍ଥାତ୍, ଯେଉଁ ସର ଅନ୍ୟ ବ୍ୟକ୍ତିକୁ ଠେକା ଫୋପାଡ଼ିବାକୁ ଯାଇ ଠେକାଟି ଆପଣା ହାତରୁ ଛୁଟି ଯିବା ପରେ ତାକୁ ଫେରାଇ ଆଣିବା ଆପଣାର ଶକ୍ତିର ଅଗୋଚର ହୁଏ, ସେହିପରି ପରର ଅନିଷ୍ଟ କରିବା ପାଇଁ ଉପାୟ ପ୍ରୟୋଗ କରି ସାରି ପରେ ସହସ୍ର ଚେଷ୍ଟା କଲେ ମଧ୍ୟ ତାହା ପ୍ରତ୍ୟାହାର କରାଯାଇ ନ ପାରେ । ଏଥିର ସମାର୍ଥକ ଇଂ. ପ୍ରବଚନ—A thing done cannot be undone.]
Hātaru khasibā(chhuṭibā)
হাত থেকে খসে যাওয়া
हाथसे खिसलना

ହାତରୁ ଖାଇବା—ଦେ. କ୍ରି—ନିଜର ଖାଦ୍ୟବ୍ୟୟ ନିଜେ ଚଳାଇବା—To meet one's own fooding expenses.
Hātaru khāibā
হাত থেকে খাওয়া
हाथसे खाना

ହାତରେ—ଦେ. ଅ (ବିଶେଷ୍ୟର ସପ୍ତମୀ ବା ଅବ୍ୟୟ ବିଭକ୍ତି)—୧ । ହସ୍ତରେ—1. In the hand. (ଯଥା—ମୁଁ ହାତରେ ପିଠା ଦେଲେ ଜନ ଜଣ ବୋଧ—ଭଗ ।) ୨ । ନିଜର ଅଧିକାରରେ—2. In one's own possession. ୩ । (ଅମୁକର) ପରାମର୍ଶ ଦ୍ୱାରା ଚାଳିତ ହେବା ଅବସ୍ଥାରେ—3. In the state of being guided by the advice of. (ଯଥା—ରାଜା ମନ୍ତ୍ରିମାନ ୧୬ ଜଣ ଦେବାନଙ୍କ ହାତରେ ଅଛନ୍ତି ।) ୪ । ନିଜ କର୍ତ୍ତୃତ୍ୱରେ—4. Under one's control or mastery. [ଦ୍ର—ଭଣ୍ଡାର ହାତରେ ପଡ଼ିଛି ଚୁଙ୍ଗ, ଯେପରି ଚିଲର ବେଣୀକ ରୁଚି—ଭଗ ।] ୫ । ନିଜର କର୍ତ୍ତୃତ୍ୱର ବଶୀଭୂତ ହୋଇ—5. Under one's authority or disposal. (ଯଥା—ମୋ ହାତରେ ମନ୍ତ୍ରିମାନ ୧୦ ଜଣ ଲୋକ ଅଛନ୍ତି ।) ୬ । (ଅମୁକର) ହାତ ଦ୍ୱାରା ମାପିଲେ—6. Measured by the hand of. [ଦ୍ର—ଯେଝା ହାତରେ ଯେ ଚଉଦ ଯା—ପ୍ରବଚନ—ଅର୍ଥାତ୍, ପ୍ରତ୍ୟେକ ବ୍ୟକ୍ତିର ଶରୀରକୁ ଗୃହୀଁ ଦେହ ଅନୁପାତରେ ତାହାର ହସ୍ତପଦାଦି ଅଙ୍ଗ ପ୍ରତ୍ୟଙ୍ଗ ଈଶ୍ୱର ଗଢ଼ି ଥାଆନ୍ତି ଓ ପ୍ରତ୍ୟେକ ବ୍ୟକ୍ତିର ଉଚ୍ଚତା ତାହାର ନିଜର ହାତରେ ମାପିଲେ ଚଉଦ ହାତ ଥିବା ଦେଖାଯାଏ । କୌଣସି ସମାଜରେ ସମସ୍ତେ ନିଜନିଜକୁ ବଡ଼ ଲୋକ ବା ନେତା ବୋଲି ଜ୍ଞାନ କଲେ ଏ ପ୍ରବଚନ ବ୍ୟବହୃତ ହୁଏ । ଯେବେ ପ୍ରତ୍ୟେକ ବ୍ୟକ୍ତି ମନେ ମନେ ଭାବନ୍ତି ଯେ, "ମୋ ହାତରେ ମୁଁ ଚଉଦ ହାତ" ଅର୍ଥାତ୍, ଏଠାରେ ମୋଠାରୁ କେହି ବଡ଼ ନାହିଁ, ଅତଏବ ଏମାନଙ୍କ ମଧ୍ୟରେ ମୋର ନେତା ହେବା ଭଳି ଲୋକ କେହି ନାହିଁ, ତେବେ ଏ ପ୍ରବଚନ ବୋଲାଯାଏ ।] ୭ । ଦେହ; ଦ୍ୱାରା—7. By; by the agency of. ୮ । ଜରିଆରେ—8. Through; per. (ଯଥା—ମୋ ହାତରେ ଚୋ ମୁଣ୍ଡ ଅଛି) ୯ । ନିକଟରେ; ନିକଟସ୍ଥ ସ୍ଥଳରେ—9. With or near a person; in the possession of. [ଦ୍ର—ହାତରେ କଥାଇ ମୂଲର ଥାଏ, ଦେଖୁଥିଲେ ଚେଷ୍ଟା ଫୁଲର ଥାଏ—ଭଗ] ୧୦ । ଅପେକ୍ଷାରେ; ତୁଳନାରେ—10. In comparison with; when compared with. (ଦ୍ର—ତାକୁ ହନୁମାନ ହାତରେ ସେ କ ସାର ?—ମାଳତୀ. ସିଦ୍ଧାନ୍ତ ପ୍ରୟାଣ) ୧୧ । (ଅମୁକର) ସମ୍ମୁଖରେ ବା ଉପସ୍ଥିତିରେ—11. In the presence of; before.
Hātare
হাতে
हाथमें

ହାତରେ ଅରଜିବା(ଅର୍ଜିବା)—ଦେ. କ୍ରି—(ଲକ୍ଷଣାର୍ଥ)—ନିଜ କୃତ କାର୍ଯ୍ୟର ବା ଦୋଷର ଫଳ ସ୍ୱରୂପ କୌଣସି ଫଳ ଭୋଗ କରିବା—(figurative) To reap the fruit of one's own action; to reap what one has sown.
Hātare arajibā (arjibā)
হাতে অর্জন করা
हातसेअरजना

(ମୋ) ହାତରେ କାମ ଥିବା—ଦେ. ବି—୧ । ନିଜେ କୌଣସି କାର୍ଯ୍ୟରେ ନିଯୁକ୍ତ ଥିବା—1. Being engaged or busy in any work. ୨ । ନିଷ୍ପନ୍ନ କରିବାକୁ କେତେକ କାର୍ଯ୍ୟ ବାକିଥିବା—2. The state of a portion of any work still remaining to be done.
Hātare kāma thibā
হাতে কাজ থাকা
हातमेंकामरहना

ହାତ ରେଖା—ଦେ. ବି (ସଂ. ହସ୍ତରେଖା)—ଜନ୍ମରୁ ସନ୍ନିବିଷ୍ଟ କରତଳ ରେ ଦୃଷ୍ଟ ରେଖାମାନ; କରରେଖା—The lines on the palm of the hand (which are taken into consideration by palmists). [ଦ୍ର—ଏହି ସବୁ ରେଖାଦ୍ୱାରା ସାମୁଦ୍ରିକ ଶାସ୍ତ୍ରମତରେ ମନୁଷ୍ୟର ଶୁଭାଶୁଭାଦିର ଗଣନା କରାଯାଏ]
Hāta rekhā
হাতের রেখা
हातरेखा

ହାତରେ ଚଢ଼ିବା—ଦେ. କ୍ରି—ହସ୍ତଗତ ହେବା—To come to one's hands.
Hātare chaṛhibā
হাতে আসা
हाथमेंआना

ହାତରେ ଚାନ୍ଦ ପାଇବା—ଦେ. କ୍ରି—ବହୁକାଳରୁ ଇପ୍ସିତ ବସ୍ତୁ ପ୍ରାପ୍ତ ହେବା—To get a long cherished thing.
Hātare chānda pāibā
হাতে চাঁদ পাওয়া
हातमेंचांदपाना

(ଜଣକର) ହାତରେ (ନିଜର) ଚୁଟିଦେବା—ଦେ. କ୍ରି—ନିଜଉପରେ କର୍ତ୍ତୃତ୍ୱ କରିବାର ଅଧିକାର ଅନ୍ୟ ଜଣକୁ ଅର୍ପଣ କରିବା—To cause another person to exercise control or mastery over one's self.
Hātare chuṭi debā
হাতে টিকি দেওয়া
हातमेंचोटीदेना

(ନିଜର) ହାତରେ (ଅନ୍ୟବ୍ୟକ୍ତିର) ଚୁଟି ରଖିବା—ଦେ. କ୍ରି—କୌଣସି ବ୍ୟକ୍ତି ଦୁଅପଣାର ସମ୍ପୂର୍ଣ୍ଣ ଅଧୀନ
Hātare chuṭi rakhibā

କରି ରଖିବା—To keep a person under one's complete control.

টীকিহাতেরাখা **चोटीहाथमेंरखना**

ହାତରେ ଚୁଟି ରହିବା—ଦେ. କ୍ରି—ଏକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଅଧୀନ ହୋଇ
Hātare chuṭi rahibā ଅନ୍ୟ ବ୍ୟକ୍ତିର ଅବସ୍ଥିତ ହେବା
হাতেটিকি থাকা অବସ୍ଥା—(One person) Being the
हाथमें चोटी रहना master over the destiny of another. [ବ୍ର—ମନୁଷ୍ୟଙ୍କ ହସ୍ତେ ଅଛ ସମସ୍ତଙ୍କ ଚୁଟି (ହାତରେ ଚୁଟି ପଡ଼ିବା—ଅନ୍ୟରୂପ) ପ୍ରାଚୀ ବ୍ରହ୍ମନିରୂପଣ ଗୀତା]

(ମୋର) ହାତରେ ଥିବା—ଦେ.କ୍ରି—୧। ହାତରେ ରହିବା (ଦେଖ)—
Hātare thibā 1. Hātare rahibā (See) ୨। (କୌଣସି କାର୍ଯ୍ୟ) (ମୋ ଦ୍ୱାରା) ସାଧନୀୟ ହେବା—2. (any work) To be accomplishable (by me). ୩। କୌଣସି କାର୍ଯ୍ୟ ଅସମ୍ପନ୍ନ ବା ଅର୍ଦ୍ଧସମ୍ପନ୍ନ ଅବସ୍ଥାରେ ଥିବା—3. To be pending (with me); to remain unaccomplished or half-
হাতেথাকা **हाथमें रहना** accomplished.

ହାତରେ ପଡ଼ିବା—ଦେ. କ୍ରି—(କୌଣସି ବସ୍ତୁ, କୌଣସି ବ୍ୟକ୍ତିଙ୍କର)
Hātare paṛibā କରଗତ ହେବା—1. To come under one's clutches or hold. ୨। ଅପଣାର କର୍ତ୍ତୃତ୍ୱାଧୀନତାକୁ ଆସିବା—2. To come under one's sway or possession. ୩। ଅପଣାର ଅଧିକାରକୁ ବା ଦଖଲକୁ ବା ସ୍ୱାମିତ୍ୱକୁ ଆସିବା—3. To come under one's sway or possession. ୪। ହାବୁଡ଼େ ପଡ଼ିବା (ଦେଖ)—4. Hāburḍe
হাতেপড়া **हाथमेंआना** paṛibā (See)

ହାତରେ ପାଇବା—ଦେ. କ୍ରି—୧। (କୌଣସି ବ୍ୟକ୍ତି ବା ବସ୍ତୁକୁ) ଅପ-
Hātare pāibā ଣାର ଅଧୀନ ବା ବଶୀଭୂତ କରି ପାଇବା—1. To get a thing under one's control or disposal. ୨। ନିଜର ନିକଟରେ ବା ସମ୍ମୁଖରେ ପ୍ରାପ୍ତ ହେବା—2. To get a thing at hand.
হাতেপাওয়া **हाथमेंपाना**

ହାତରେ ପାଞ୍ଚ—ଦେ. ବି—୧। ଅବଶିଷ୍ଟ ସମ୍ପଳ—1. One's
Hātare pāñcha remaining property. ୨। ଅସମୟର ସମ୍ବଳ; ଶେଷ ଭରସା—2. One's last resource. ୩। (ତାସ୍ ଖେଳ) ଶେଷପିଟିରେ ଖେଳାଳିକୁ ମିଳିବା ତାସ—3. Trump card. [ବ୍ର—ତାସ ଖେଳରେ ଯେଉଁ ପକ୍ଷର ଖେଳାଳି ଶେଷ ପିଟିକି ତାସ ଉଠାନ୍ତି ତାହାଙ୍କର ହାତରେ ପାଞ୍ଚ ହୁଏ ଓ ସେଥିପାଇଁ ସ୍ତାବୁ ଖେଳରେ ତାଙ୍କୁ ଅଧିକ ୫ଟି ନମ୍ବର ବେଶି ଦିଆଯାଏ। ଯାହାଙ୍କୁ ଖେଳରେ ଅଧିକ ନମ୍ବର ବେଶି ମିଳି ନ ଥାଏ ତାହାଙ୍କର ଅଶାଥାଏ ଯେ, ତାଙ୍କର ହାତରେ ପାଞ୍ଚ ରହିଗଲେ ତାଙ୍କର ଜିତାପଟ ହୋଇ ପାରେ।] ୪। ଉପ-

ଯୋଗ ଅବଶ୍ୟକ ବା ବିପଦ ପାଇଁ ସଞ୍ଚିତ ଶେଷ ଉପାୟ—
4. A thing kept for moments of danger
হাতেরপাঁচ **हाथमेंपांच** or necessity

ହାତରେ ବସିବା—ଦେ. କ୍ରି—(ଅଳଙ୍କାରବିଷୟ) ହାତକୁ ଚପିବା ବା କଷି
Hātare basibā ହେବା—To press the hand (said of a tightly fitting ornament)
হাতে বসে যাওয়া **हाथमें बैठाना**

ହାତରେ ମଣି(ନି)ଷ କରିବା—ଦେ. କ୍ରି—୧। ନିଜେ ଯତ୍ନ ଓ ଲାଳନ
Hātare maṇi(ni)sha karibā ପାଳନ କରି ଶିଶୁକୁ ଭଲ ମଣିଷରେ ପରିଣତ କରିବା—1. To bring up a child to be a good man. ୨। ଶୈଶବାବସ୍ଥାରୁ ସାବାଳକ ହେବା ପର୍ଯ୍ୟନ୍ତ କୌଣସି ଶିଶୁକୁ ପାଳିବା—2. To bring up a child from infancy to
হাতে মানুষকরা **हाथमें मानुस करना** adolescence.

ହାତରେ ମାରିବା—ଦେ. କ୍ରି—୧। ହସ୍ତଦ୍ୱାରା ପ୍ରହାର କରିବା—
Hātare māribā 1. To beat with the hands. ୨। କୌଣସି ବ୍ୟକ୍ତିଙ୍କୁ ସ୍ୱୟଂ ବଧ କରିବା—2. To kill a person with one's hands. [ବ୍ର—ହାତରେ ନ ମାରି ଭାତରେ ମାରିବା—ନ୍ୟାୟ।

କୌଣସି ବ୍ୟକ୍ତିଙ୍କୁ ଦଣ୍ଡ ଦେବାକୁ ହେଲେ ତାଙ୍କୁ ନିଜ ହାତରେ ବଧ ବା ପ୍ରହାର ନ କରି ତାହାର ଦାନାପାଣି ବା ଅନ୍ନ ସ୍ଥାନ ବନ୍ଦ କରିଦେଲେ ସେ ସହଜରେ ଜବ୍ଦ ହୋଇ ମରେ। ସେହିପରି କୌଣସି ବ୍ୟକ୍ତିର ମସ୍ତାନ ସମ୍ବନ୍ଧରେ ଅନିଷ୍ଟ ନ କରି ପରୋକ୍ଷ ଭାବରେ ତାର ଗୁରୁତର ଅନିଷ୍ଟ କରିବା ସ୍ଥଳରେ ଏହି ନ୍ୟାୟର ଉଦାହରଣ
হাতেমারা **हाथमें मारना** ଦିଆଯାଏ।]

ହାତରେ ରଖିବା—ଦେ. କ୍ରି—୧। (ଧନାଦି) ନିଜର ନିକଟରେ ଗଚ୍ଛିତ
Hātare rakhibā ରଖିବା—1. To save money; to keep some money in one's hands. ୨। (କୌଣସି ମନୁଷ୍ୟକୁ) ନିଜର କର୍ତ୍ତୃତ୍ୱରେ ରଖିବା—2. To keep a person under one's control.
হাতেরাখা **हाथमेंरखना**

ହାତରେ ରହିବା—ଦେ. କ୍ରି—୧। କୌଣସି ବ୍ୟକ୍ତିର କର୍ତ୍ତୃତ୍ୱରେ
Hātare rahibā ରହିବା—1. To be under the control of a person. ୨। (ଧନ) କୌଣସି ବ୍ୟକ୍ତି ପାଖରେ ସଞ୍ଚିତ ହେବା—2. (Money) To remain with a
হাতে থাকা হাতে রহা **हाथमे रहना** person.

ହାତ ଲଗା(ଗେ)ଇବା—ଦେ. କ୍ରି—୧। କୌଣସି ବ୍ୟକ୍ତିକୁ ପ୍ରହାର
Hāta lagā(ge)ibā କରିବାପାଇଁ ବା ଦେହରେ ହସ୍ତ ସ୍ପର୍ଶ
হাতলাগান କରିବା—1. To touch a person's body to
हाथलगाना strike blows. ୨। କୌଣସି ଦ୍ରବ୍ୟରେ ହସ୍ତ ସ୍ପର୍ଶ କରିବା—2. To touch a thing with one's hand. ୩। କୌଣସି ବ୍ୟକ୍ତିର ଦେହରେ ହାତ ସ୍ପର୍ଶ

କରିବା—3. To touch another's body with one's hands.
୪ । ଆଶୀର୍ବାଦାର୍ଥ କୌଣସି ବ୍ୟକ୍ତିଙ୍କ ଦେହକୁ ବା ମୁଣ୍ଡକୁ ଅଙ୍ଗ୍ରିବା ବା ସ୍ପର୍ଶ କରିବା— 4. To touch or rub a person's body or head in order to bless him.
୫ । କୌଣସି ବ୍ୟକ୍ତିଙ୍କ ଚିକିତ୍ସା ବା ଆରୋଗ୍ୟ କରିବା ପାଇଁ ତାଙ୍କ ଦେହକୁ ସ୍ପର୍ଶ କରିବା— 5. To touch a person's body with a view to cure or treat him. ୬ । କୌଣସି କାର୍ଯ୍ୟାରମ୍ଭ କରିବା—6. To begin to do a work.

ହାତ ଲଘୁପଣ – ଦେ. ବି(ସଂ. ହସ୍ତ + ଲଘୁତା)—ଚୋରିବୃତ୍ତି; ଚୌର୍ଯ୍ୟ— Hāta laghu pana Theft; stealing. চুরী चोरी (ହାତ ଲଘୁପଣିଆ—ଅନ୍ୟରୂପ)

ହାତ ଲଡ଼କା(ଲଡ଼ବଡ଼)—ଦେ. ବିଣ—ହାତ ନଡ଼କା (ଦେଖ)— Hāta lardakā (larda barda) Hāta nardakā (See)

ହାତ ଲଡ଼ବଡ଼ (ଲୁଡ଼ୁ ବୁଡ଼ୁ)—ଦେ. ବି—ଛୋଟ ପଦାର୍ଥ ଚୋରି; Hata larda barda (lurdu burdu) ଚୌର୍ଯ୍ୟ—1. Pilfering; stealing of petty things. হাত লড়বড় ୨ । হাত নড়বড়ি, ହାତ ଖଜ୍ ବଜ୍(ଦେଖ)—2. Hāta khaj baj गुहचोरी (See). ବିଣ—ଚୋରି କରିବା (ପ୍ରକୃତି); ଚୌର୍ଯ୍ୟ ସମ୍ବନ୍ଧୀୟ—Theivish; stealing (habit).

ହାତ ଲଡ଼ବଡ଼ି—ଦେ. ବି—୧ । ଛୋଟ ଚୋରି; ଛିଟିକା ଚୋରି—1. Hāta larda bardi Stealing; pilfering. ୨ । ଚୌର୍ଯ୍ୟ হাতনড়বড়ি ছিচকেচুরী ପ୍ରକୃତି—2. Stealing (habit). ছোটী चोरी ବିଣ—ଚୋର ପରି—Thievish. [ଯଥା— ହାତଲଡ଼ବଡ଼ି ଲୋକ]

ହାତ ଲଡ଼ବଡ଼ିଆ (ଲୁଡ଼ୁ ବୁଡ଼ିଆ)—ଦେ. ବିଣ—୧ । ଛିଟିକା ଚୋରି Hāta larda bardiā (lurduburdiā) ସମ୍ବନ୍ଧୀୟ (ପ୍ରକୃତି)—
ହାତ ଲଡ଼ବଡ଼ୀ(ଲୁଡ଼ୁବୁଡ଼ୀ)
ହାତ ଲଡ଼ବଡ଼େଇ(ଲୁଡ଼ୁବୁଡ଼େଇ) } ସ୍ତ୍ରୀ 1. Stealing; thievish [ଯଥା—ହାତ ଲଡ଼ବଡ଼ିଆ ଲୋକ] ୨ । ପୁଂ. হাত নড়বড়ে, ছিচকে চোর गुहचोर, अंटीबाज ଚୌର୍ଯ୍ୟ ସ୍ୱଭାବ ଯୁକ୍ତ; ଛିଟିକା ଚୋରି କରିବାରେ ଅଭ୍ୟସ୍ତ—2. Thievish; naturally inclined to stealing. [ଯଥା—ହାତ ଲଡ଼ବଡ଼ିଆ ଲୋକ ।]

ହାତ ଲାଗିବା—ଦେ. ବି—୧ । ହାତ ଛୁଇଁବା; କୌଣସି ପଦାର୍ଥକୁ Hāta lāgibā ହସ୍ତଦ୍ୱାରା ସ୍ପର୍ଶକରଣ—1. Touching of হাত লাগা a thing by the hand. ୨। କୌଣସି ବ୍ୟକ୍ତିର हाथ लगना ଦେହକୁ ଅନ୍ୟ ବ୍ୟକ୍ତିଦ୍ୱାରା ସ୍ପର୍ଶ କରିବା—2 Touching of a person's body by another's hands. ୩। ବୈଦ୍ୟଙ୍କ ଦ୍ୱାରା ରୋଗୀର ଚିକିତ୍ସାରମ୍ଭକରଣ— 3. Beginning of the treatment of a patient by a physician.

ହାତ ଲେଖା—ଦେ. ବି (ସଂ. ହସ୍ତ+ଲେଖ)—୧ । ହସ୍ତାକ୍ଷର— Hāta lekhā 1. Handwriting. (ଛାପା, ଟାଇପ୍—ବିପରୀତ) ୨ । ହସ୍ତଲିଖିତ ଲେଖା— (ଛାପା - ବିପରୀତ) 2. Manuscript writing. হাতের লেখা हाथ लेख ବିଣ (ସଂ. ହସ୍ତ+ ଲିଖିତ)—୧ । ସ୍ୱହସ୍ତଲିଖିତ—1. Written by one's hand. ୨। ହସ୍ତଲିଖିତ (ପୋଥି ଆଦି)— 2. Manuscript (writing); handwritten.

ହାତ ଲେଖା ଖାତା (ବହି)—ଦେ. ବି—୧ । ଯେଉଁ ଖାତାରେ Hāta lekhā khātā (bahi) ହସ୍ତାକ୍ଷର ଅଭ୍ୟାସ କରାଯାଏ— হাতের লেখা খাতা हाथलिखी कौपी 1. Handwriting exercise book. (ଛାପା ବହି—ବିପରୀତ) ୨ । ହାତରେ ଲେଖା ହୋଇଥିବା ପୁସ୍ତକ; ପାଣ୍ଡୁଲିପି- 2. Manuscript.

ହାତ ଲେଡ଼ି—ଦେ. ବି—କରତଳର କେନ୍ଦ୍ରସ୍ଥ ଗାଲୁଆ ଅଂଶ— Hāta lerdi The hollow of the palm. হাতের তেলো तरहथी

ହାତ ଶଙ୍ଖା—ଦେ. ବି (ସ୍ତ୍ରୀଲୋକଙ୍କର) ହାତରେ ପିନ୍ଧାଯିବା ଶଙ୍ଖା— Hāta sankhā Conch-shell bracelets worn হাতের শাঁখা हातकीलहटी on the wrists (by females). [ପ୍ର—ହାତ ଶଙ୍ଖା ଦରପଣ ଯାଏ ବା ହାତ ଶଙ୍ଖା ଦରପଣ ଯାଏ କଅଁ ?—ପ୍ରବଚନ— ଯେଉଁ ସ୍ତ୍ରୀଲୋକ ନିଜ ହାତରେ ଦର୍ପଣଖଣ୍ଡଗଣ-ଖଚିତ ଶଙ୍ଖା ପିନ୍ଧିଥାଆନ୍ତି, ସେ ସେହି ଶଙ୍ଖାରେ ଥିବା ଦର୍ପଣକୁ ଚାହିଁଲେ ନିଜର ମୁହଁ ଦେଖିପାରନ୍ତି ; ଏପରି ସ୍ଥଳରେ ତାଙ୍କ ମୁହଁ ଦେଖିବା ପାଇଁ ତାଙ୍କର ଅନ୍ୟ ଦର୍ପଣ ଲୋଡ଼ା ହୁଏ ନାହିଁ; କୌଣସି ବିଷୟ ଜାଣିବାର ଉପାୟ ନିଜ ପାଖରେ ବିଦ୍ୟମାନ ଥାଇ ଥାଇ ଭଲୁ ବ୍ୟକ୍ତିଙ୍କୁ ଉପାୟାନ୍ତର ଲୋଡ଼ିବା ଅବଶ୍ୟକ ହୁଏ ନାହିଁ । ଏପରି ସ୍ଥଳରେ ଏହି ପ୍ରବଚନ ଲାଗେ ।]

ହାତ ସଫା (ସଫାଇ, ସଫେଇ) ଦେ. ବି (ସଂ. ହସ୍ତ+ଫା. ସଫାଇ)— Hāta saphā(saphāi, saphei) ୧ । ସିଦ୍ଧହସ୍ତତା; হাতসাফাই हाथसफाइ 1. Skilfulness; dexterity. ୨ । ସୂକ୍ଷ୍ମ କାରୁକାର୍ଯ୍ୟ— 2. Very fine work of art. ୩ । (ବ୍ୟଙ୍ଗ୍ୟ)— ଧୂର୍ତ୍ତତା—3. (ironical) Cunning; craftiness. ଦେ. ବିଣ—୧ । ସିଦ୍ଧହସ୍ତ [ବ୍ୟକ୍ତି]— 1. Dexterous; skilful in hand work. ୨ । (ବ୍ୟଙ୍ଗାର୍ଥ)—ଧୂର୍ତ୍ତ—2. Shrewd; crafty.

ହାତସା—ଦେ. ବ (ସ. ହସ୍ତ)—ପାଣ୍ଡ ଓ ଡେକ୍‌ଚିର ଦସ୍ତଳ ଅଥବା ଧରିବା ପାଇଁ ଅର୍ଦ୍ଧବୃତ୍ତାକାର ଧାତୁ ଅବବ ବଳୟ—
Hātasa
হাতল हत्‌ता Handle of a drawyer or pan.

ହାତ ସାଫି(ସାଫିଆନା)-ଦେ. ବ—ହାତ ସଫା (ଦେଖ)—
Hāta sāphi(sāphiānā) Hāta saphā (See)
হাতসাফাই हाथसफाई

ହାତ ସାଧିବା(ସାଧନ କରିବା)—ଦେ. କ୍ରି (ସ. ହସ୍ତ+ସାଧନ)—
Hāta sādhibā(sādhana kariba) କୌଣସି
হাত সাধন করা (পাকান) हाथ साधना ହସ୍ତ-କରଣୀୟ କାର୍ଯ୍ୟରେ କୁଶଳ ହେବା ପାଇଁ ବାରମ୍ବାର ଉକ୍ତ କର୍ମକୁ ଅଭ୍ୟାସ କରିବା—To repeatedly exercise the hand to earn proficiency in a handiwork.

ହାତ ସିଅଁ (ସିଲାଇ, ସିଲେଇ)—ଦେ. ବ—(ସିଲେଇ କଳଦ୍ୱାରା
Hāta siāũ (silāi, silei ସିଲେଇ ନ କରି) ହାତଦ୍ୱାରା
[କଳ ସିଲ(ଲେ)ଇ—ବପରୀତ] ସେଇଁବା ବା ସିଲେଇ କରିବା—
হাত সেলাই Hand sewing; sewing by the hand.
हाथसिलाई ବଣ—ହାତଦ୍ୱାରା ସିଅଁ ହୋଇଥିବା—Hand-sewn.

ହାତ ସୁଖ—ଦେ. ବ—୧ । ସ୍ପର୍ଶସୁଖ—1. Happiness or
Hāta sukha pleasure derived from the touch
হাতের সুখ of a thing. ୨ । ଅନ୍ୟ ବ୍ୟକ୍ତିକୁ ମାଡ଼ ଦେବା
हाथसुख ବ୍ୟକ୍ତିଦ୍ୱାରା ଅନୁଭୂତ ସୁଖ—2. The pleasure derived by a person who beats another. [ଦୃ—ମାର ଘମ ଲସ୍ମଣ ହାତସୁଖ କର । କୃଷ୍ଣସିଂହ ମହାଭାରତ ବନ ।]

ହାତସୁଖ କରିବା (କରିନେବା)—ଦେ. କ୍ରି—୧ । ହସ୍ତଦ୍ୱାରା କୋମଳ
Hāta sukha Karibā)(Kari nebā) ପଦାର୍ଥର (ଯଥା—
হাতের সুখ করেনওয়া ଶିଶୁଙ୍କ ବା ସ୍ତ୍ରୀଙ୍କ କୋମଳ ଦେହର) ସ୍ପର୍ଶସୁଖ
हाथसुखकरलेना ଅନୁଭବ କରିବା—1. To enjoy the pleasure of touching soft things with one's hand. ୨ । ଅନ୍ୟ ଲୋକକୁ ମାଡ଼ମାରି ସୁଖ ଅନୁଭବ କରିବା—2. To enjoy the pleasure of beating another person.

ହାତ ହତିଆର (ହତ୍ୟାର)—ଦେ. ବ—(ସ ହସ୍ତ ଓ ଦେଶ=ଶସ୍ତ୍ର)—
Hāta hatiāra(hatyāra) ୧ । ହାତଦ୍ୱାରା ବ୍ୟବହୃତ ଅସ୍ତ୍ର-
হাতহতের ଶସ୍ତ୍ର—1. Weapons used by the hand.
हाथ हथियार [ଦୃ—ଘେନ ନିଜ ହାତ ହତିଆର, ମିଳିବ ସକଳେ ଯାଇ କଲ୍ପା ପଡ଼ିଆରେ । ଉକାଶ—କଟକ ବିଜୟ ନାଟକ] ୨ । ଶିଳ୍ପୀର ପ୍ରୟୋଜନୀୟ ଯନ୍ତ୍ରାଦ—2. The instruments or implements of an artisan.

ହାତ ହଲା(ଲେ)ଇବା—ଦେ. କ୍ରି—୧ । ହସ୍ତକୁ ଅସମ୍ମତି ବା ନିଷେଧ-
Hāta halā(le)ibā ସୂଚକ ଇତସ୍ତତଃ ସଞ୍ଚାଳନ କରିବା—1.
হাতনড়ান, হাতদোলান To wave the hand in token
हाथहिलाना of denying or refusing. ୨ । ଚାଲିବା-ବେଳେ ହାତକୁ ଉଭୟ ପାର୍ଶ୍ୱରେ ଝୁଲାଇ ଇତସ୍ତତଃ ଚାଳନ କରିବା—2. To swing one's hanging hands while walking. [ଦୃ—ଏପରି କରିବା ଗର୍ବ ପ୍ରକାଶର ଲକ୍ଷଣ] ୩ । ଅଙ୍ଗଚାଳନ-ପୂର୍ବକ କଥା କହୁଥିବାବେଳେ ହସ୍ତକୁ ଇତସ୍ତତଃ ନାନା ପ୍ରକାରେ ସଞ୍ଚାଳନ କରିବା—3. To wave one's hands in various modes while vigorously speaking something. [ଦୃ—ଏହା କ୍ରୋଧ, ଅସ୍ଥିରତା, ଗର୍ବ ବା ରସିକତାର ଚିହ୍ନ ।] ୪ । ଦୂରଦୂରାରୁ ହାତ ଭାବ ପ୍ରକାଶ କରିବା ପାଇଁ ହାତ ହଲାଇବା—4. To wave the hands as manual signs.

ହାତ ହେବା—ଦେ. କ୍ରି—୧ । କର୍ତ୍ତୃତ୍ୱାଧୀନ ହେବା—1. To come
Hāta hebā under the control of a person. ୨ ।
হাতেআসা (ସାକ୍ଷୀଆଦି) ବିପକ୍ଷ ପକ୍ଷର ଅଧୀନ ହେବା—2.
हाथमेंआना (a witness) To be gained over or suborned by the opposite side. ୩ । ହସ୍ତଗତ ହେବା—3. To come to one's hands. ୪ । ଅଧିକାରଭୁକ୍ତ ହେବା—4. To come under one's possession.

ହାତାହାତି—ଦେ. ବ—(ସ ହ୍ୟ।ହସ୍ତି)—୧ । ଏକ ହସ୍ତରୁ ଅନ୍ୟ
Hātā hāti ହସ୍ତକୁ ହସ୍ତାନ୍ତରକରଣ—Transfer of any
হাতবদলান thing from hand to hand. ଦେ. କ୍ରି ବଣ—
हाथाहाथ (ସ ହସ୍ତାହସ୍ତି) ଦୁଇଜଣଙ୍କ ମଧ୍ୟରେ ହାତଦ୍ୱାରା ଯୁଦ୍ଧ ଓ
হাতাহাতি ପରସ୍ପର ଆକ୍ରମଣ ଓ ପ୍ରହାର—Mutual fight
हाथाबाहीं, हाथापाइँ with the hands; hand-to-hand-fight.

ହାତି(ତୀ)—ଦେ. ବ—(ସ. ହସ୍ତୀ, ପ୍ରା. ହତ୍ଥୀ; ଭୁଲ ସଂ. ହସ୍ତକୁ=ହାତ)
Hāti(ti) —୧ । ଅତି ବୃହତ୍ ଶାକାହାରୀ ଚତୁଷ୍ପଦ ଜନ୍ତୁ—1. Elephant; Elephas Maximus. [ଦୃ—ହାତି ଭାରତବର୍ଷର, ବ୍ରହ୍ମଦେଶର ଓ ଆଫ୍ରିକାର ଜଙ୍ଗଲରେ ବାସ କରନ୍ତି । ଭାରତୀୟ ହାତିଙ୍କ ଅପେକ୍ଷା ଆଫ୍ରିକାର ହାତି ଅଧିକ ଓ ସାନ । ବର୍ତ୍ତମାନ ଯୁଗରେ ପୃଥିବୀରେ ଦେଖାଯିବା ସମସ୍ତ ସ୍ଥଳଚର ଜୀବମାନଙ୍କ ମଧ୍ୟରେ ଅବୃତରେ ହାତି ସର୍ବାପେକ୍ଷା ବୃହତ୍ତମ ଜନ୍ତୁ । ଏ ଜାତରେ ୧୧ ଫୁଟ୍ ପର୍ଯ୍ୟନ୍ତ ଓ ଲମ୍ବରେ ୧୮ଫୁଟ୍ ପର୍ଯ୍ୟନ୍ତ ବଡ଼େ । ଏହାର ଗୋଡ଼ ଗୁଡ଼ିକ ଗୋଟିଏ ଗୋଟିଏ ଲେଖାଏଁ ସ୍ତମ୍ଭପରି । ହାତିର ଉଲ୍ଲେଖ ଯୋଗ୍ୟ ବିଶେଷ ଗୁଣ ଏହାକୁ, ତାହା ଖସକ୍ତ ସହେ ଛୁଆଣି ହେବା ହିଁ କରପର ପଞ୍ଝର ଉପରକୁ ମାଡ଼ଥିବା ଅନେକ ପ୍ରସ୍ତ ମୋଟା ହାଡ ସଦୃଶ ଦୃଢ଼ ମାଂସ ଖଣ୍ଡରେ ଗଠିତ । ହାତ ଯେତେବେଳେ ଚଲେ ଗୋଡ଼ ସବାର

ଗଲେ; ସେତେବେଳେ ସେ ହାତୀର ସ୍ତରଗୁଡ଼ିକ ଯାକ ହୋଇ ଥାଏ ଓ ଗୋଡ଼ ଉଠାଇଲା ବେଳେ ସେଗୁଡ଼ିକ ଢିଲା ହୋଇଥାଏ । ଏଥିପାଇଁ କହନ୍ତି ଯେ "ହାତୀ ଗୋଡ଼ଭାଙ୍ଗିଲେ ଠିଆ ହୋଇ ନ ମରେ" । ଏହାର ଲାଙ୍ଗୁଡ଼ ସରୁ ଓ କ୍ଷୁଦ୍ର ଓ ତହିଁର ଅଗରେ କେତେଏ ବାଳ ଥାଏ । କାନ ଦୁଇଟି କୁଲାପରି; ଦେହ ପାଣ୍ଡୁର ମିଶା କଳା । ଦେହରେ ଖୁବ ଅଳ୍ପ ଲୋମ; ମୁଣ୍ଡ ମଧ୍ୟ ବଡ଼ । ଏହାର ନାକ ଓ ଉପର ଓଠ ସର୍ପ ହୋଇ ତଳକୁ ଲମ୍ବିଥାଏ । ସେହି ଲମ୍ବ ନାକକୁ ଶୁଣ୍ଢ କହନ୍ତି । ଏହା ହାତର ହସ୍ତ ବା କରର କାର୍ଯ୍ୟ କରୁଥିବାରୁ ଏ ଜୀବକୁ ସଂସ୍କୃତରେ ହସ୍ତୀ ଓ କରୀ କହନ୍ତି । ଓଡ଼ିଆରେ ହାତୀଶୁଣ୍ଢକୁ ଥୋଡ ବା ଥୋଡ଼ (ଥୋର)-ଟାହାର କହନ୍ତି । ସେହି ଶୁଣ୍ଢରେ ଦୁଇଟି ଛିଦ୍ର ଥାଏ । ହାତୀ ସେହି ଶୁଣ୍ଢବାଟେ ପାଣି ଶୋଷିନେଇ ତାହା ଅଣି ପୁଣି ଶୁଣ୍ଢଦ୍ୱାରା ପାଟି ଭିତରେ ପୂରାଏ; ସେ ଶୁଣ୍ଢକୁ ଡାଳର ଚାରିପାଖେ ଗୁଡ଼ାଇ କରି ଝିଙ୍କି ଡାଳକୁ ଭାଙ୍ଗେ ଓ ଶୁଣ୍ଢଦ୍ୱାରା ପାଟି ପାଖକୁ ଖାଦ୍ୟ ଅଣେ, କୌଣସି ପଦାର୍ଥକୁ ଧରେ ଓ ଟେକି ଅତି କ୍ଷୁଦ୍ର ବସ୍ତୁ (ଯଥା—ଛୁଞ୍ଚି, ପାହୁଲାଆଦି) ଉଠାଇ ପାରେ । ସେହି ଶୁଣ୍ଢ ବାଟେ ହାତୀ ନିଶ୍ୱାସ ନିଏ ଓ ପାଣିରେ ବୁଡ଼ିଲାବେଳେ ସେ ଶୁଣ୍ଢର ଅଗକୁ ପାଣି ଉପରକୁ ଟେକି ଥାଏ । ସେହି ଶୁଣ୍ଢରେ ସେ ପାଣି ଓ ଧୂଳି ଶୋଷିନେଇ ତାହା ପୁଣି ନିଜ ଦେହକୁ କିମ୍ବା ପାଖରେ ଠିଆହେବା ବ୍ୟକ୍ତିମାନଙ୍କ ଉପରକୁ ଫିଙ୍ଗେ । ସେ ଶୁଣ୍ଢଦ୍ୱାରା ବଡ଼ ବଡ଼ ବରଡାଳ ଭାଙ୍ଗି ତାହା କୋଡ଼ିଏ ହାତ ଦୂରକୁ ଫୋପାଡ଼ି ପାରେ । ଶୁଣ୍ଢ ଓ ତଳପାଟିର ସଙ୍ଗମ ସ୍ଥଳରୁ ଅଣ୍ଡିରା ହାତୀଙ୍କର ଦୁଇଟି ଦାନ୍ତ ପଦାକୁ ବୋଜଅ ଓ ଉପରମୁହାଁ ହୋଇ ବାହାରି ଥାଏ । ବଡ଼ ବଡ଼ ହାତୀଙ୍କର ଗୋଟିଏ ଗୋଟିଏ ଦାନ୍ତର ଓଜନ ୧ ବା ୧୨ ମହଣ ହେବା ଦେଖା ଅଛି । (ମାଈ ଓ ମାଖନା ହାତୀଙ୍କର ଦାନ୍ତ ଉଠେ ନାହିଁ) । ଏ ବଡ଼ ଦାନ୍ତକୁ ହାତୀଦାନ୍ତ ବୋଲାଯାଏ । ଦାନ୍ତଦ୍ୱାରା ହାତୀମାନେ ପରସ୍ପର ଯୁଦ୍ଧ କରି ପରସ୍ପର ଦେହରେ ଦାନ୍ତ ଭୁଷାଭୁଷି ହୁଅନ୍ତି ଓ ଶତ୍ରୁର ଦେହରେ ଏ ଦାନ୍ତକୁ ଫୁଟାଇ ମାରି ଖାଆନ୍ତି । ଏ ଦୁଇ ଦାନ୍ତ ଛଡ଼ା ହାତୀଙ୍କର କଳଦାନ୍ତ ଅଛି । ସେ କଳଦାନ୍ତ-ମାନ ପାଟି ଭିତରେ ଥାଏ ।

ନିବିଡ଼ ଜଙ୍ଗଲ ଓ ପାହାଡ଼ିଆ ସ୍ଥାନରେ ହାତୀମାନେ ପଲ ବାନ୍ଧି ରହନ୍ତି ଓ ପ୍ରତ୍ୟେକ ପଲରେ ଗୋଟିଏ ବଡ଼ ଅଣ୍ଡିରା ଦନ୍ତାହାତୀ ଦଳପତି ଥାଏ ଓ ସେ ଦଳକୁ ବାଟ କଢ଼ାଏ । ଆଗେ ଗଡ଼ଜାତରେ ହାତୀ ଧରିବାପାଇଁ ଭୁଇଁ ତଳେ ଲୋକେ ଖୋପ ଖୋଳୁଥିଲେ ଓ ଖୋପ ଉପରେ ପତଳା ଆବରଣ ବିଛାଉଥିଲେ । ହାତୀମାନେ ସେ ବାଟରେ ଯିବା ବେଳେ ଖୋପ ଭିତରକୁ ଖସି ପଡୁଥିଲେ । ଏଥିପାଇଁ ଦେଖାଅଛି ଯେ, ହାତୀଙ୍କ ଅନୁଭବୀ ଦଳପତି ଆପଣା ଶୁଣ୍ଢରେ ଗୋଟିଏ ୧୦।୧୨ ଫୁଟ୍ ଶାଳ ଗଛର ଗଣ୍ଡି ଧରି ଚାଲୁଥାଏ ଓ ଚାଲିଲା ବେଳେ ସେ ଖଣ୍ଡିକୁ ଆଗରେ ଭୂମିରେ ମାରି ମାରି ଅଗ୍ରସର ହେଉଥାଏ । ହାତୀପଲ ଜଙ୍ଗଲରେ ଦଳବଦ୍ଧ ହୋଇ ବିଚରଣ କରନ୍ତି ଓ ସେମାନେ ଫଳ, ଗଛର ଡାଳପତ୍ର, ଶସ୍ୟ ଓ ଅଖୁ ଆଦି ଖାଇ ଯାଆନ୍ତି । ଜଙ୍ଗଲ ନିକଟରେ ଥିବା ଧାନ ବିଲର ଓ ଆଖୁ-କ୍ଷେତ ଆଦିରେ ବଣ ହାତୀମାନେ ପଶି ସେ କ୍ଷେତକୁ ଖାଇ ଓ ମାଡ଼ି ଦଳିଦେଇ ଖଣ୍ଡଖଣ୍ଡ କରି ପକାନ୍ତି । ଜଙ୍ଗଲମାନଙ୍କରେ ଅବହମାନକାଳରୁ ବଣ ହାତୀ ପଲଙ୍କ ଯିବା ଆସିବାର ରାସ୍ତାମାନ ଅଛି । ସେ ରାସ୍ତାମାନଙ୍କୁ ହାତୀଦଣ୍ଡା (ହାତୀଦାଣ୍ଡ) ବୋଲାଯାଏ । ଉକ୍ତ ହାତୀଦଣ୍ଡାମାନ ଲମ୍ବରେ ଶତ ଶତ କ୍ରୋଶ ଥିବା ଦେଖାଅଛି । ସେ ଦଣ୍ଡାଗୁଡ଼ିକ ଚଉଡ଼ାରେ ୨୦ ଫୁଟ୍ ଓ ଉଚ୍ଚତାରେ ୨୦ ଫୁଟ୍ । ଏଥି ମଧ୍ୟରେ ଥିବା ଗଛ ବୃକ୍ଷକୁ ହାତୀମାନେ ଏପରି ସଫା କରି ଥାଆନ୍ତି ଯେ, ସେ ଦଣ୍ଡାମାନ ଦେଖିଲେ ଜଣାଯାଏ, ସତେ ଯେପରି ତାହାର ତଳକୁ କେହି ବ୍ୟକ୍ତି ଓଳାଇ କରି ପରିଷ୍କାର କରିଅଛି । ସେହି ହାତୀଦଣ୍ଡାଗୁଡ଼ିକରେ ହାତୀମାନେ ଏକ ରାଜ୍ୟର ଜଙ୍ଗଲରୁ ଅନ୍ୟ ରାଜ୍ୟର ଜଙ୍ଗଲକୁ ଯିବା ଆସିବା କରନ୍ତି । ସେହିଦଣ୍ଡାରେ ହାତୀମାନଙ୍କ ହାବୁଡ଼ରେ କେହି ପଥିକ ପଡ଼ିଗଲେ ତାହାର ଜୀବନ ସଙ୍କଟ ଉପସ୍ଥିତ ହୁଏ । ହାତୀମାନେ ଗାଧୋଇ-ବାକୁ ସୁଖ ପାଆନ୍ତି ଓ ବଡ଼ ଜଳାଶୟରେ ସେମାନେ ପଶି ସ୍ନାନ କଲା ବେଳେ ସେ ପାଣିକୁ ଗୋଳ କରି ତହିଁରେ ଥିବା ପଦ୍ମ ବନକୁ ମାଡ଼ି ଦଳି ନଷ୍ଟ କରି ଦିଅନ୍ତି । ହାତୀମାନଙ୍କର ମୈଥୁନ (ସଙ୍ଗମ) ସମୟରେ ଅଣ୍ଡିରା ହାତୀମାନେ ମତ୍ତ (ମସ୍ତ) ହୁଅନ୍ତି । ମସ୍ତ ହେଲା ବେଳେ ସେମାନଙ୍କର ଦୁଇପାଖ ଗଣ୍ଡ (କାନ ଓ କପାଳ ମଝି) ସ୍ଥଳରେ ଦୁଇଟି କଣା ଫିଟିଯାଏ ଓ ସେହି କଣା ବାଟେ ମତ୍ତ ହାତୀଙ୍କ ଦେହରୁ ମଦ (ରସ) ଝରେ । ସେ ସମୟରେ ଅଣ୍ଡିରା ହାତୀମାନେ ବାୟା ହୋଇ ଅତି ଦୁର୍ଦ୍ଦାନ୍ତ ହୋଇ ପଡ଼ନ୍ତି । ଗୃହପାଳିତ ହାତୀ ଓ ହାତୁଣୀମାନଙ୍କ ସଙ୍ଗମ ଦେଖାଯାଏ ନାହିଁ । ତେଣୁ, ଗୃହ-ପାଳିତ ଘୋଡ଼ା, ଗୋରୁ, ମଇଁଷି ଆଦିଙ୍କ ପରି ଗୃହପାଳିତ ହାତୀଙ୍କର ବଂଶବୃଦ୍ଧି ହେବା ଦେଖାଯାଏ ନାହିଁ । ଏତେ ବଡ଼ ଜୀବର ଆଖି ଦୁଇଟି ମନୁଷ୍ୟର ଆଖିଠାରୁ କିଞ୍ଚିତ୍ ବଡ଼ । ଏମାନଙ୍କ ଚମଡ଼ା ଅତ୍ୟନ୍ତ ମୋଟ ଓ ହାତୀଙ୍କ ଗଣ୍ଡିର ଚମଡ଼ାରେ ଗୁଳି ବାଜିଲେ ସେମାନେ ଘାଇଆ ହୁଅନ୍ତି, କିନ୍ତୁ ମରି ଯାଆନ୍ତି ନାହିଁ । କେବଳ ସେମାନଙ୍କ କପାଳର ମଝି ଜାଗାରେ ଗୁଳି ବାଜିଲେ ସେମାନେ ମରନ୍ତି (ହାତୀଙ୍କ ଗଣ୍ଡିରେ ଓ ଗର୍ଭରେ ଗୁଳି ବାଜିଲେ ସେମାନେ ନ ମରି ବିକଳ ହୋଇ ବୁଲିବା ବିଷୟ କବିସୂର୍ଯ୍ୟଙ୍କ ଯଶୋଧରମ୍ଭୁର 'ଗ' ଗୀତରେ (ଯଥା—'ଗଣ୍ଡି ଗର୍ଭେ ଗୁଳି ଗଲା ମରି ଗଜ ବିବେକ ଦେଲା ଯଉଛି') ବର୍ଣ୍ଣିତ ହୋଇଅଛି । ହାତୀମାନେ ବୁଢ଼ା ହେଲେ ଓ ଦୁଇଟି ହାତୀ ଯୁଦ୍ଧ କରୁ କରୁ

ସେମାନଙ୍କର ଦାନ୍ତ ଛୋଟ ପଡ଼େ । ବଣରେ ପଡ଼ିଥିବା ହାତୀ-ଦାନ୍ତକୁ ଲୋକେ ଗୋଟାଇ ଆଣନ୍ତି । ହାତୀଦାନ୍ତର କଣ୍ଠହାର, ଖେଳ ଓ ଦ୍ୱାର ଉତ୍କୃଷ୍ଟ ପଶାକାଠି, ପଶା ଗୋଟି, ପଲଙ୍କ, ବୁଣେଇ, ପାନଅ, କଠାଉ ଚୂଳ, କାଙ୍କି, ଫରୁଆ ଆଦି ତିଆରି ହୁଏ । ହାତୀ ହାଡ଼ ଶେତା ଧଳା; ସେଥିରେ ମଧ୍ୟ ଅନେକ ଜିନିଷ ତିଆରି ହୁଏ । ହାତୀ ଦାନ୍ତ ଓ ହାଡ଼ ବହୁମୂଲ୍ୟ ଅଟେ । ହାତୀ ଦାନ୍ତ ସେର ୫ ରୁ ୯ ଟଙ୍କାରେ ବିକ୍ରି ହୋଇଥାଏ । ହାତୀ ମରିଗଲେ ମଲା ହାତୀର ଦାନ୍ତ ଓ ହାଡ଼ ବହୁମୂଲ୍ୟରେ ବିକାଯାଏ । ଏଥିପାଇଁ ପ୍ରବଚନ ଅଛି 'ହାତୀ ବଞ୍ଚିଲେ ଲକ୍ଷେ ଟଙ୍କା, ମଲେ ଲକ୍ଷେ ଟଙ୍କା' । ହାତୀ ବଳବାନ୍ ଓ ବୃହତ୍ତମ ସ୍ଥଳଚର ଜୀବ ଥିବାରୁ ଭାରତବାସୀମାନେ ସେମାନଙ୍କୁ ବଣରୁ ଧରି ତାଙ୍କୁ ମଣି (ସିକସ୍ତା) କରି ନାନା କାର୍ଯ୍ୟରେ ଲଗାନ୍ତି । ପୂର୍ବେ ହାତୀମାନେ ଯୁଦ୍ଧର ଗୋଟିଏ ଅଙ୍ଗ ଥିଲେ ଓ ଗୋଟିଏ ହାତୀ ଉପରେ ୮।୧୦ ଜଣ ସଶସ୍ତ୍ର ଯୋଦ୍ଧା ଅବସ୍ଥାନ କରି ଯୁଦ୍ଧ କରୁଥିଲେ ଓ ଚତୁରଙ୍ଗ ବଳରେ ହାତୀ ବା ହସ୍ତ୍ୟା-ରୋହୀ ସେନା ଦ୍ୱିତୀୟ ସ୍ଥାନ ଅଧିକାର କରୁଥିଲା । ବର୍ତ୍ତମାନ ଯୁଦ୍ଧ ସମୟରେ ଆବଶ୍ୟକ ଅତି ବଡ଼ ତୋପ ଓ ବଡ଼ ବଡ଼ ମୂର୍ତ୍ତି କାଠମାନ ଅସମତଳ ଭୂମିରେ ହାତୀଙ୍କ ଦ୍ୱାରା ଟଣା ହୋଇ ସ୍ଥାନାନ୍ତରକୁ ନିଆ ହୋଇଥାଏ । ଗଡ଼ଜାତର ଅସମତଳ ଓ ଜଙ୍ଗଲମୟ ଦେଶରେ ହାତୀ ଉପରେ ରାଜା ଓ ବଡ଼ ଲୋକମାନେ ଚଢ଼ି ଯିବା ଆସିବା କରନ୍ତି । ହାତୀ ମଧ୍ୟ ଖୁବ୍ ସାବଧାନତା ସହକାରେ ବାଲିଆରି ନଈରେ ପଶି ପାରି ହୁଏ ଓ ଯେଉଁ ନଦୀଗର୍ଭରେ ଭୁଷା ବାଲି ଥାଏ, ତାହା ହାତୀ ଆଗରୁ ବାରି କରି ସେ ବାଟେ ନ ଯାଇ ଫେରି ଆସି ଅନ୍ୟ ବାଟେ ଯାଏ । ଅତି ଅସାଧ୍ୟ ପର୍ବତ, ପାହାଡ଼, ଏମନ୍ତ କି, ଯେଉଁଠାକୁ ମନୁଷ୍ୟ ଯିବାକୁ ଡରନ୍ତି, ସେଠାକୁ ହାତୀ ଅବଲୀଳାକ୍ରମେ ଯିବା ଆସିବା କରି ପାରେ । ଗୃହ-ପାଳିତ ଶିକ୍ଷିତ ହାତୀମାନଙ୍କ ଉପରେ ଚଢ଼ି ଶିକାରୀମାନେ ବଣକୁ ଯାଇ ବନ୍ଧୁକ ଦ୍ୱାରା ବାଘ ଶିକାର କରନ୍ତି ।

ବଣହାତୀମାନଙ୍କୁ ପୂର୍ବେ ଖୋପ ଖୋଳି ଲୋକେ ଧରୁଥିଲେ; ହାତୀମାନଙ୍କ ଚଳପ୍ରଚଳ ହେବା ଜଙ୍ଗଲରେ ହାତୀଙ୍କ ବୁଡ଼ିପିବା ଭଳି ଗଭୀର ଖଣି ଗାତମାନ ଖୋଳି ତା ଉପରେ ବାଉଁଶ କଣ୍ଟା, ଘାସ ଓ ଡାଳମାନ ଘୋଡ଼ାଇ ଦେଉଥିଲେ ଓ ତହିଁ ପାଖରେ ହାତୀଙ୍କ ଖାଦ୍ୟ ପଦାର୍ଥମାନ ରଖୁଥିଲେ । ଜଙ୍ଗଲରେ ଏହିପରି ୧୦।୧୨ ଟା ଖୋପ ଖୋଳା ହେଉଥିଲା । ହାତୀମାନେ ଚରିବାକୁ ଆସିଲେ ସେମାନେ ସେହି ଖୋପ ଭିତରେ ପଡ଼ି ଖୋପ ମଧ୍ୟରୁ ଉପରକୁ ଉଠି ଆସି ପାରନ୍ତି ନାହିଁ । ୬।୭ ଦିନ ସେଠାରେ ଅନାହାରରେ ପଡ଼ି କ୍ଳାନ୍ତ ହେଲେ, ଲୋକେ ଯାଇ ସେ ଖୋପରେ କୌଶଳକ୍ରମେ ପଶି ହାତୀକୁ ବାନ୍ଧିକରି ପୋଷା ହାତୀଙ୍କ ସାହାଯ୍ୟରେ ଖୋପରୁ ଉଠାଇ ଆଣି ସିକସ୍ତା ବା ମଣି କରି ପୋଷ ମଣାଉଥିଲେ; କିନ୍ତୁ ବର୍ତ୍ତମାନ ଏ ରୀତିରେ ହାତୀ ଧରା ନ ହୋଇ 'ଖେଦା' ଦ୍ୱାରା ହାତୀମାନେ ଧରା ଯାଉଅଛନ୍ତି । ଯେଉଁ ବାଟେ ହାତୀପଲ ଯାଆନ୍ତି ସେହି ବଣ୍ଟାର ଖଣ୍ଡିଦୂର ପର୍ଯ୍ୟନ୍ତ ଜଙ୍ଗଲ ସଫା କରି ବଡ଼ ବଡ଼ କାଠ ଖୁଣ୍ଟମାନ ପୋତି ଗୋଟିଏ ଗୋହିରୀ ବାଟ ତିଆରି କରାଯାଏ । ସେହି ବାଟରେ ହାତୀଙ୍କର ଲୋଭନୀୟ ନାନାବିଧ ଖାଦ୍ୟ (ଯଥା—ଧାନଚୂଲା, ଆଖୁ, କଦଳୀ, କଣ୍ଟାରୁ, ପାଚିଲା ଓ କଞ୍ଚା କଦଳୀ ଇତ୍ୟାଦି) ଖଣ୍ଡିଦୂର ଛଡ଼ା ଛଡ଼ା କରି ରଖାଯାଏ । ହାତୀମାନେ ସେହିସବୁ ଖାଦ୍ୟର ଲୋଭରେ ସେହି ଗୋହିରୀ-ବାଟେ ମାଡ଼ନ୍ତି । ଗୋହିରୀର ଶେଷ ମୁଣ୍ଡରେ ବଡ଼ ବଡ଼ ଖୁଣ୍ଟମାନ ପୋତାଯାଇ ୪୦।୫୦ଟି ହାତୀଙ୍କର ଏକତ୍ର ରହି-ପାରିବା ଭଳି ଗୋଟିଏ ବଡ଼ ଖୁଆଡ଼ ବା ଅଟେଇ ତିଆରି ହୋଇଥାଏ । ଅଟେଇର ବାଡ଼ରେ ପୋତା ହୋଇଥିବା ଖୁଣ୍ଟମାନ ପରସ୍ପରକୁ ଲଗାଲଗି ହୋଇ ପୋତା ହୋଇ ଖୁବ୍ ମଜଭୁତ କାମୁଡ଼ାରେ ଭିଡ଼ା ହୋଇଥାଏ ଏବଂ ସେ ଖୁଣ୍ଟମାନଙ୍କରେ ବଡ଼ ବଡ଼ ମୁନିଆଁ କଣ୍ଟା ମରା ଯାଇଥାଏ; (ହାତୀମାନେ ସେ ବାଡ଼କୁ ଭାଙ୍ଗିବାକୁ ବସିଲେ ବାଡ଼ ଦେହରୁ ବାହାରିଥିବା ମୁନିଆଁ କଣ୍ଟାମାନ ହାତୀଙ୍କ ଶୁଣ୍ଢରେ, ମୁଣ୍ଡରେ ଓ ଗୋଡ଼ରେ ଫୁଟିଯାଏ); ଅତଏବ ହାତୀମାନେ ସେ ବାଡ଼କୁ ଭାଙ୍ଗି ବା ମାଡ଼ିଦେଇ ପଳାଇ ଯାଇ ପାରନ୍ତି ନାହିଁ । ଏହି ଅଟେଇ ବା ଖୁଆଡ଼କୁ 'ଖେଦା' ବୋଲାଯାଏ । ଗୋହିରୀରୁ ସେ ଖେଦାକୁ ଆସିବା ବାଟର ଉର୍ଦ୍ଧ୍ୱଭାଗରେ ଦଉଡ଼ି ଦ୍ୱାରା ବାଟ ବନ୍ଦ କରିବା ପାଇଁ ଦୁଇଟି ଖୁବ୍ ବଡ଼ କବାଟ ଦଉଡ଼ି ଦ୍ୱାରା ବନ୍ଧାଯାଇ ଝୁଲାଇକରି ରଖା ହୋଇଥାଏ । ଲୋକ-ମାନେ ଗୋହିରୀର ବାହାରେ ଓ ଅଟେଇର ବାହାରେ ଓ ଗଛ ଉପରେ ଜଗି ରହି ଥାଆନ୍ତି । ଖେଦା ଭିତରେ ମଧ୍ୟ ନାନାପ୍ରକାର ଲୋଭନୀୟ ଖାଦ୍ୟ ରଖା ହୋଇଥାଏ । ହାତୀ-ପଲ ପୂର୍ବୋକ୍ତ ଗୋହିରୀ ବାଟେ ଖାଦ୍ୟ ଖାଇ ଖାଇ ଆସି ସେ ଖେଦାରେ ପଶିଯାଆନ୍ତି । ଖେଦାର ଅଧ୍ୟକ୍ଷ ଯେତେବେଳେ ଦେଖନ୍ତି ଯେ, ଯଥେଷ୍ଟସଂଖ୍ୟକ ହାତୀ ସେ ଖେଦା ଭିତରେ ପଶିଗଲେଣି, ସେ ତତ୍କ୍ଷଣାତ୍ ଇସାରା ଦିଅନ୍ତି; ଇସାରା ଦେବା ମାତ୍ରେ ପ୍ରବେଶ ଦ୍ୱାରର ଉର୍ଦ୍ଧ୍ୱରେ ଅଟକା ହୋଇଥିବା କବାଟର ଦଉଡ଼ିକୁ ଗଛ ଉପରେ ଜଗିଥିବା ଲୋକେ କାଟିଦିଅନ୍ତି ଓ ତହିଁ କବାଟ ପଡ଼ିଯାଇ ଖେଦାର ବାଟ ରୁଦ୍ଧ ହୋଇଯାଏ । କବାଟ ପଡ଼ିଯିବାର ଗୋଳମାଳରେ ହାତୀଙ୍କର ଚୈତନ୍ୟ ଉଦୟ ହୁଏ । ଯେଉଁ ହାତୀମାନେ ଖେଦାରେ ପଶି ନ ଥାନ୍ତି ସେମାନେ ଲେଉଟିକରି ଗୋହିରୀ ବାଟେ ପଳାଇ ଯାଆନ୍ତି ଓ ଯେଉଁମାନେ ଖେଦାରେ ପଶିଥାଆନ୍ତି ସେମାନେ ବାଟ ନ ପାଇ ଖେଦା ମଧ୍ୟରେ ଗଣ୍ଡଗୋଳ ଆରମ୍ଭ କରନ୍ତି ଓ ଖେଦାର ବାଡ଼କୁ ଆପଣା ଆପଣା ମୁଣ୍ଡଦ୍ୱାରା ପେଲିବାକୁ ଚେଷ୍ଟା କରନ୍ତି । ବାଡ଼କୁ ଠେଲିବାବେଳେ ସେଥିରେ ଥିବା ମୁନିଆଁ କଣ୍ଟା ହାତୀଙ୍କ ମୁଣ୍ଡରେ ବେଧି ହୋଇ ହାତୀମାନେ ରକ୍ତବୁହା ହୁଅନ୍ତି । ଖେଦାର ଦ୍ୱାରପାଖେ ପଦାରେ ବେଢ଼ି

କରିଥିବା ଲୋକେ ବନ୍ଧୁକ ଓ ବାଦ୍ୟର ଶବ୍ଦ କରି ଖେଦା ଭିତରେ ଥିବା ହାତିଙ୍କୁ ଡରାନ୍ତି । ହାତିମାନେ ଯାବତ୍‌ପର୍ଯ୍ୟନ୍ତ ଚିତ୍କାର ଓ ବଳପ୍ରକାଶ ଓ ତର୍ଜନ ଗର୍ଜନ କରି ଖେଦାରୁ ମୁକ୍ତ ହେବା ନିମନ୍ତେ ଚେଷ୍ଟା କରନ୍ତି, ଏହି ସମୟରେ ଦେହ ମାଡ଼ ରକ୍ତବୁହା ହୋଇ ଓ ଖାଇବାକୁ ନ ପାଇ ତା ମଧ୍ୟରେ ୩।୪ ଦିନ ପଡ଼ି ରହିବା ପରେ କ୍ଳାନ୍ତ ହୋଇପଡ଼ନ୍ତି । ସେତେବେଳେ ଦେଖାଯାଏ ଯେ, ହାତିଙ୍କର ପୂର୍ବର ବଳ ଭାଙ୍ଗିଗଲାଣି, ସେହି ସମୟରେ ଶିକ୍ଷିତ ହାତି ଓ ହାତୁଣୀଙ୍କୁ ଖେଦା ମଧ୍ୟରେ ପୂରାଯାଏ; ସେହି ଶିକ୍ଷିତ ହାତି ଓ ହାତୁଣୀମାନେ ବନ୍ଦୀ ହାତିଙ୍କ ସଙ୍ଗେ ମିଳାମିଶା କରନ୍ତି । ଗୋଟିଏ ଲେଖାଏ ହାତିଙ୍କୁ ଦୁଇଟି ଶିକ୍ଷିତ ହାତୀ ବା ହାତୁଣୀ ଦୁଇକଡ଼ରୁ ଦୁଇଆଡ଼ୁ ଚିପି ରଖନ୍ତି ଏବଂ ଇତ୍ୟବସରରେ ସୁଯୋଗ ପାଇ ଲୋକେ ଏ ନୂଆ ହାତିଙ୍କ ଗୋଡ଼ରେ ଓ ବେକରେ ଶିକୁଳି ଓ ଦଉଡ଼ି ବାନ୍ଧି ସେ ଦଉଡ଼ି ଓ ଶିକୁଳିକୁ ଶିକ୍ଷିତ ହାତିଙ୍କ ଗୋଡ଼ ଓ ବେକ ସଙ୍ଗେ ଛନ୍ଦିଦିଅନ୍ତି ଓ ଏହିପରି ସବୁ ହାତିଙ୍କୁ ବାନ୍ଧି ଗୋଟି ଗୋଟି କରି ବାହାରକୁ ଆଣନ୍ତି । ବାହାରକୁ ଆଣିବାବେଳେ ପ୍ରତି ବଣୁଆ ହାତିର ଦୁଇକଡ଼ରୁ ଦୁଇଟି ଶିକ୍ଷିତ ହାତି ବା ହାତୁଣୀ ଚିପିକରି ଧରି ଥାଆନ୍ତି ଓ ଦଉଡ଼ିରେ ଛନ୍ଦା ହୋଇ ଥାଆନ୍ତି । ଏମନ୍ତ କି, ନୂଆ ହାତି ସ୍ୱାଧୀନଭାବରେ ଗତି କରି ପାରେ ନାହିଁ । ଏହିପରି ହାତିମାନଙ୍କୁ ବାହାରକୁ ଆଣି ସେମାନଙ୍କୁ ଶିକ୍ଷିତ ହାତିଙ୍କ ଦ୍ୱାରା ସରସ୍ତା କରନ୍ତି । ଅଭ୍ୟାସର ବିଷୟ ଯେ, ସାଧାରଣତଃ ବଣହାତିମାନେ ଏକ ମାସ ମଧ୍ୟରେ ଶିକ୍ଷିତ ହୋଇ ମାହୁନ୍ତଙ୍କ ଡାକ ମାନି ବଶବର୍ତ୍ତୀ ହୋଇ ଯାଆନ୍ତି । ବର୍ତ୍ତମାନ ଗଡ଼ଜାତରେ ଓ ବ୍ରହ୍ମଦେଶରେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ଖେଦା ଦ୍ୱାରା ହାତି ଧରା ଯାଉ- ଅଛନ୍ତି ।

ହାତି ଏପରି ବିଶାଳକାୟ ଜୀବ । ତାହାର ପିଠି ସମତଳ ନ ଥିବାରୁ ହାତିର ଖାଲି ପିଠିରେ ମନୁଷ୍ୟଙ୍କ ବସିବାର ସୁବିଧା ହୁଏ ନାହିଁ । ଏଥିପାଇଁ ପିଠିରେ ଝୁଲ ଓ ଖାଲି ଆଦିକୁ ଗଚ୍ଛକରି ଶୋଳପରିତ ନରମା ଜିନିଷ ଭର୍ତ୍ତି କରା ଯାଇଥିବା ଗୋଟିଏ ଗଦି (ଲଦନ) ପକାଯାଇ ତା ଉପରେ ପଲଙ୍କ ବା ବିମାନ ଆକାରର ଗୋଟିଏ ଛତ୍ରଯୁକ୍ତ ବା ଖୋଲା ଆସନ [ହାଉଦା, ଅମାରି] ଉଡ଼ାଯାଏ । ରାଜା ଓ ବଡ଼ଲୋକ ଆଦିଙ୍କ ବସିବାପାଇଁ ଏ 'ହାଉଦା ବା ଅମାରି' ବ୍ୟବହୃତ ହୁଏ; କିନ୍ତୁ ସାଧାରଣତଃ ହାତି ଉପରେ ଲୋକଙ୍କର ବସି ଯା ଆସ କରିବା ପାଇଁ ଆଗରେ ଓ ପଛରେ ଲୁହାର ବାଡ଼ ଥିବା ଆସନ ବା କଠଲି ଉଡ଼ାଯାଏ । ସେହି ଲୁହାର ବାଡ଼କୁ ଆଉଜି ବା ଧରିକରି ଆରୋହଣକାରୀ ବସନ୍ତି । ହାତିର ପିଠି ଉପରେ ଲଦନ ରଖାଯାଇ ହାତି ପେଟବାଟେ ପୁରାଯିବା ଦଉଡ଼ି ଦ୍ୱାରା ସେ ଲଦନକୁ ହାତି ପିଠିରେ ଉତ୍ତମରୂପେ ଉଡ଼ାଯାଏ । ତା ଉପରେ ଗୋଟିଏ ଝୁଲ (ବା ଚଉକୋଣିଆ ମୋଟ ରଙ୍ଗିନ ଚାଦର)

ପକାଯାଇ ତହିଁ ଉପରେ କଠଲି ବା ଅମାରି ଉଡାଯାଏ । ଏହି କଠଲି ବା ଅମାରି ହାତିର ବେକଆଡ଼େ ଓ ଲାଞ୍ଜଆଡ଼େ ଦଉଡ଼ିଦ୍ୱାରା ଦୃଢ଼ରୂପେ ଲଦନ ବା ଗଦି ସଙ୍ଗେ ବନ୍ଧାଯାଏ । ହାତି ଉପରେ ପଡ଼ିବା ଝୁଲ ହାତିର କଡ଼ ପାଖରେ ତଳକୁ ଝୁଲୁଥାଏ ଓ ଭୂଇଁଠାରୁ ୧।୨ ହାତ ଉଚ୍ଚ ପର୍ଯ୍ୟନ୍ତ ଝୁଲୁଥାଏ । ଶୋଭାଯାତ୍ରାରେ ହାତି ଉପରେ ବହୁମୂଲ୍ୟର ଝୁଲ ଓ ସ୍ୱର୍ଣ୍ଣ ରୌପ୍ୟର ହାଉଦା କସାଯାଏ । ଗୋଟିଏ ଗୋଟିଏ କାରୁକାର୍ଯ୍ୟମଣ୍ଡିତ ଓ ଜରିଖଚିତ ମଖମଲି ଝୁଲର ଦାମ ଲକ୍ଷେ ଟଙ୍କା ଓ ଗୋଟିଏ ଗୋଟିଏ ସୁନା ରୂପାର ଛତ୍ରଯୁକ୍ତ ହାଉଦାର ମୂଲ୍ୟ ଦଶ ଲକ୍ଷ ଟଙ୍କା ଥିବା ଶୁଣା ଅଛି । ହାତିର ମୁଣ୍ଡରେ ଓ ଶୁଣ୍ଢରେ ସିନ୍ଦୁର, ଖଡ଼ି ଆଦି ଦ୍ୱାରା ନାନାପ୍ରକାରର ଚିତ୍ର ମଧ କରାଯାଏ । କଠଲି, ଅମାରି ବା ହାଉଦା ଉପରେ ରାଜା ଆଦି ବିଜେ କରନ୍ତି ଓ ହାତିର ଚାଳକ ମାହୁନ୍ତ ହାତିର ବେକ ଉପରେ ଦୁଇ ପାଖରେ ଗୋଡ଼ ଲମ୍ବାଇ ବସେ । ମାହୁନ୍ତ ତାହାର ଗୋଡ଼କୁ ହାତିର କାନ ପାଖେ ଚାଳିତ କରି ଓ ନାନାପ୍ରକାରର ଡାକ ଡାକି ଓ ହାତିର ମୁଣ୍ଡ ଉପରେ ଲୌହ ଅଙ୍କୁଶ (ଅଙ୍କୁଶ ବା ଗଜବାଗ)ର ଅଗ୍ରଭାଗକୁ ଖେଞ୍ଚି ଓ ବେଳେ ବେଳେ ଦୁଷ୍ଟ ହାତିଙ୍କୁ ଠେଙ୍ଗା ପରି ମୂନିଆଁ ଖିଲରେ ମାରି ନିୟନ୍ତ୍ରିତ କରେ ।

ହାତି ଭାରତବର୍ଷରୁ ପ୍ରଥମେ ଗ୍ରୀକ୍‌ମାନେ ଇଉରୋପକୁ ନେଲେ । ଏଥିପୂର୍ବେ ମାଲବାର୍ ଉପକୂଳରୁ ବାଣିଜ୍ୟାର୍ଥ ଇଉରୋପକୁ ହାତିଦାନ୍ତ ନିଆଯାଉଥିଲା । ହାତିର ଗୋଟିଏ ସଂସ୍କୃତ ନାମ ଇଭ ଓ ହାତିଦାନ୍ତର ଇଂରାଜୀ ଶବ୍ଦ ଆଇଭରି (Ivory) ଏହି ଇଭ ଶବ୍ଦରୁ ଜାତ । ଇଂରାଜୀ ଏଲିଫାଣ୍ଟ (Elephant) ଶବ୍ଦର ସଂ. ଇଭ ଶବ୍ଦ ସଙ୍ଗେ ସମ୍ପର୍କ ଅଛି ।

ଶିକ୍ଷିତ ହାତିମାନେ ମାହୁନ୍ତର ଡାକକୁ ମାନି ନାନାପ୍ରକାର କାର୍ଯ୍ୟ କରନ୍ତି । ଶିକ୍ଷିତ ହାତିମାନେ ଶୋଭାଯାତ୍ରାରେ ମସାଲ ଧରିବା, ରାଜାଙ୍କ ପାଲିଙ୍କି ପାଖେ ରହି ଚଅଁର ଓ ଅଲଟ ପକାଇବା, ରାଜାଙ୍କ ଉପରେ ସୁବର୍ଣ୍ଣ କଳସରେ ଜଳ ଢାଳି ଅଭିଷେକ କରିବା ଦେଖାଅଛି । ଏମାନେ ମାହୁନ୍ତର ଓ ସ୍ୱାମୀର ଅତ୍ୟନ୍ତ ଭକ୍ତ ଥିବା ଦେଖାଯାଏ । ହାତି- ମାନଙ୍କୁ ନିୟନ୍ତ୍ରିତ କରିବାରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ ଯଥା—

ଅଗଢ଼୍ ! ଅଗଲ୍ ! ଅଗାଡ୍ ! ଓ ଅଗେତ୍ !—ଆଗକୁ ଚାଲ୍ । ଚପ୍ !—ପାଣିଖା । ଚେଇ ! ବା ଚୈ !—ଚାଲ୍ । ମଇଲ୍ !—ଚାଲ୍ । ଝବେ !—ଶୋ, ଭୂମିରେ ଦେହକୁ ଲମ୍ବାଇ କରି ପଡ଼୍ । ତରେବଟ୍ !—ପଛ ଗୋଡ଼କୁ ପାରିକରି ବସ୍ । ଖୁଲେ !—ମାହୁନ୍ତର ହାତି ଉପରକୁ ଉଠିଯିବା ପାଇଁ ଆଗ ଗୋଡ଼କୁ ବଙ୍କା କରି ଉଠା, କମ୍ବା ପଛରୁ ଲାଙ୍ଗୁଡ଼ ଧରି କେହି ବ୍ୟକ୍ତି ଅମାରି ଉପରୁ ଉଠି ଆସିବା ପାଇଁ ପଛ ଗୋଡ଼କୁ ବଙ୍କା ବା ସମକୋଣ ପରି

କରନ୍ତେ । ଧତ୍ !=ଠିଆହୋ, ଅଟକି ଯା । ପିଛେ !=ପଛକୁ ହଟ୍ । ଧତ୍‌ରେ ମଇଲ୍ ଧତ୍ !=ଅସମ ଭୂମିରେ ସାବଧାନ ହୋଇ ଚାଲ୍ । ବଇଠ୍ !=ଆଣ୍ଠୋଇ ପଡ଼ ବସ୍ । ଦିଉ !=ଛାଡ଼ । ଏ କାର୍ଯ୍ୟ (ଯଥା—ବାଡ଼ପାଖର ଗଛ ଆଡ଼କୁ ମୁହଁ ବଢ଼ାଇବା) କରନ୍ତି ।

ହାତୀ ଉପରେ ଅମାରି ଆଦି କଷା ହେବା ପରେ ହସ୍ତ୍ୟାରୋହୀଙ୍କର ହାତୀ ଉପରକୁ ଉଠିଯିବା ପାଇଁ ମାହୁନ୍ତର ଆଦେଶରେ ହାତୀ ଅଣ୍ଟା ମାଡ଼ି ବସେ ଓ ତାର ଅମାରି ଦେହକୁ ଗୋଟିଏ ନିଶୁଣି (ସିଡ଼ି) ଲଗାଯାଇ ସେହି ନିଶୁଣି ଦ୍ୱାରା ରଜା ଆଦି ହସ୍ତ୍ୟାରୋହୀ ବିଶିଷ୍ଟ ବ୍ୟକ୍ତି ହାତୀର ଉପରକୁ ଉଠନ୍ତି; କିନ୍ତୁ ମାହୁନ୍ତ ହାତୀର ବକ୍ରୀକୃତ ଆଗ ଗୋଡ଼ ବାଟେ ହାତୀର କାନ୍ଧ ଉପରକୁ ଅବଲୀଳାକ୍ରମେ ଚଢ଼ିଯାଏ ।

ହାତୀର ଚାଳକକୁ ମାହୁନ୍ତ ବୋଲଯାଏ ଓ ତାକୁ ସାହାଯ୍ୟ କରିବାପାଇଁ ନିଯୁକ୍ତ ଚାକରକୁ ମେଣ୍ଟ (ଇଂ. ମେଟ୍—Mate) ବୋଲଯାଏ ।

ହାତୀର ରବ ଦୁଇ ପ୍ରକାର ଯଥା—୧ । ଜଳଦ ଗମ୍ଭୀର ଗର୍ଜନ । ୨ । ତୂରୀ ପରି ଧ୍ୱନି ବା ପେଁକାଳି । ହାତୀ ଶେଷୋକ୍ତ ଧ୍ୱନି କଲେ ହାତୀ ପେଁ କାଳୁଛି ବୋଲଯାଏ ।

ପୂର୍ବେ ଅନେକ ଦେଶରେ ରାଜାମାନେ ଅପରାଧୀକୁ ଭୂମି ତଳେ ଶୁଆଇ ତା ଉପରେ ହାତୀ ମଡ଼ାଇ ମାରି ପକାଉଥିଲେ ।

ପୋଷା ହାତୀ ଉପରେ ମାହୁନ୍ତ ଚଢ଼ି ବଣକୁ ଯାଇ ହାତୀର ଶୁଣ୍ଢ ଦ୍ୱାରା ବରଡାଳମାନ ଭଙ୍ଗାଇ ହାତୀ ଉପରେ ଘରକୁ ଲଦି କରି ଆଣେ ଓ ତାହା ହାତୀ ଖାଏ । ହାତୀ ମଧ୍ୟ କଅଁ ଗଛର କନ୍ଦା ଖାଏ । ପୋଷା ହାତୀକୁ କୁଟା ପିଣ୍ଡୁଳାରେ ଗୁଡ଼ାଇ ଧାନ ଓ ଚାଉଳ ଆଦି ଖାଇବାକୁ ଦିଆଯାଏ । ଗୋଟିଏ ହାତୀ ପ୍ରତିଦିନ ଏକ ଗାଡ଼ି ବରଡାଳ ଓ ୨୦।୨୫ ଗଉଣି ଧାନ ଖାଇପାରେ । ଏଥିପାଇଁ ହାତୀ ପୋଷିବା ବହୁ ବ୍ୟୟ ସାଧ୍ୟ । କୌଣସି ବ୍ୟକ୍ତିର ଭରଣ ପୋଷଣ ପାଇଁ ବହୁ ବ୍ୟୟ ହେଲେ, ଲୋକେ କହନ୍ତି ଯେ, ମୁଁ ଘରେ ହାତୀ ପୋଷିଛି ।

ହାତୀମାନେ ବଡ଼ ଜୀବ ଥିବାରୁ ସାଧାରଣ ଜୀବଙ୍କ ପ୍ରତି ବ୍ୟବହୃତ ଭାଷା ତାଙ୍କ ସମ୍ବନ୍ଧେ ବ୍ୟବହୃତ ନହୋଇ ଗୋଟିଏ ହାତୀକୁ 'ଘରେ ହାତୀ' କହନ୍ତି । ହାତୀ 'ମରିଯିବା, ନକହି ହାତୀ 'ବସିଯିବା' କହନ୍ତି ।

ହାତୀ ଧୀର ମନ୍ଥର ଗତି କଲାବେଳେ 'ପାହୁଲିବା' ବା ପଦଶବ୍ଦ ପକାଇବା', ସାଧାରଣ ଚାଲି ଚାଲିଲେ 'ଚାଲିବା', ଦ୍ରୁତ ଗତିରେ ଚାଲିଲେ 'ପଲସିବା' ଓ ଅତି ଦ୍ରୁତ ଗତିରେ ଚାଲିଲେ 'ଧପାଇବା ବା ହପାଇବା' କହନ୍ତି ।

ଜଙ୍ଗଲରେ ଜୀବମାନଙ୍କ ମଧ୍ୟରେ କେବଳ ମାଈ ସିଂହ ହାତୀ ଅପେକ୍ଷା ବଳୁଆ ଓ ହାତୀକୁ ଜୀବନରେ ମାରିପାରେ ।

ହାତୀର କପାଳ ବିଦାରିତ ହେଲେ ତାହା ମଧ୍ୟରୁ ଉତ୍କୃଷ୍ଟ ମୁକ୍ତା (ଗଜମୁକ୍ତା) ନିର୍ଗତ ହୁଏ ବୋଲି ଆମର ପୁରାଣାଦିରେ ବର୍ଣ୍ଣିତ ଅଛି । ହାତୀମାନଙ୍କ ଦେହ ମେଘର ବର୍ଣ୍ଣପରି କଳାମିଶା ପାଣ୍ଡୁର; କିନ୍ତୁ ବ୍ରହ୍ମଦେଶରେ କ୍ୱଚିତ୍ ଏକ ପ୍ରକାର ହାତୀ ଦେଖା ଯାଆନ୍ତି, ସେମାନଙ୍କ ଦେହ ଧଳା । ଏହି ଶ୍ୱେତ ହସ୍ତୀକୁ ବ୍ରହ୍ମ ଦେଶରେ ରାଜା ଓ ବୌଦ୍ଧ ଓ ଜୈନମାନେ ପୂଜା କରନ୍ତି ।

ହାତୀମାନଙ୍କର ବୁଦ୍ଧିର ବିଚକ୍ଷଣତା ଓ ଦାଉସାଧିବା ବିଷୟରେ ନାନା ଗଳ୍ପ ଅଛି । ହିନ୍ଦୁ ପୁରାଣ ମତରେ ପୃଥିବୀର ଅଠଦିଗକୁ ୮ଗୋଟି ହାତୀ (ଦିଗ୍‌ହସ୍ତୀ) ଟେକି ଧରି ଅଛନ୍ତି ଓ ସେମାନଙ୍କର ଗୋଟିଏ ଲେଖାଏଁ ହାତୁଣୀ ଅଛନ୍ତି । ପୁରାଣୋକ୍ତ ଐରାବତ ହସ୍ତୀ କ୍ଷୀରସିନ୍ଧୁ ମନ୍ଥନ ସମୟରେ ସମୁଦ୍ରରୁ ଜାତ ହୋଇଥିଲା ଓ ସେ ଇନ୍ଦ୍ରଙ୍କର ବାହନ ଅଟେ । ମହାଦେବଙ୍କ ପୁତ୍ର ଗଣେଶଙ୍କର ଉତ୍ତରକୁ ମୁଣ୍ଡ କରି ଶୋଇଥିବା ଅବସ୍ଥାରେ ତାଙ୍କ ଉପରେ ଶନି ଗ୍ରହଙ୍କ କ୍ରୂର ଦୃଷ୍ଟି ପଡ଼ିବାରୁ ତାଙ୍କର ମସ୍ତକ ଛିନ୍ନ ହେଲା ଓ ପୋଡ଼ିଗଲା । ପରେ ଶିବ ସେଠାରେ ଉପସ୍ଥିତ ହୋଇ ସେଠାରେ ପଶ୍ଚିମକୁ ମୁଣ୍ଡ କରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟିଆଣି ଗଣେଶଙ୍କ ଗଣ୍ଡିରେ ଯୋଡ଼ି ଦେଲାରୁ ପାର୍ବତୀଙ୍କ ଗେହ୍ଲାପୁଅ ଗଣେଶ ସେହିଦିନ ଠାରୁ 'ଗଜବଦନ' ହୋଇଗଲେ । ବିଷ୍ଣୁ ପୁରାଣରେ ଲେଖା ଅଛି, ଗୋଟିଏ କୁମ୍ଭୀର ହାତୀ ସଙ୍ଗେ ସଙ୍ଘାତ କରି ପରେ ତାକୁ ଗଭୀର ପାଣିକୁ ନେଇ ମାରି ପକାଇବାକୁ ବସିଲା । ଏହି ସମୟରେ ହାତୀ ଭଗବାନଙ୍କୁ ସ୍ମରଣ କରିବାରୁ ଭଗବାନ ସୁଦର୍ଶନ ଚକ୍ର ପେଶି କୁମ୍ଭୀରକୁ ଛେଦି ଗଜକୁ ଉଦ୍ଧାର କଲେ । ପୌରାଣିକ ଚିତ୍ରମାନଙ୍କରେ ହାତୀ ଲକ୍ଷ୍ମୀଙ୍କ ଉପରେ କଳସ ଢାଳୁଥିବା ଦେଖାଯାଏ ଓ ହାତୀ ଲକ୍ଷ୍ମୀଙ୍କ ବାହାନ ବୋଲି କେହି କେହି କହନ୍ତି ।

କାହାଣୀରେ ଅଛି ଯେ, ପୂର୍ବେ ରାଜ୍ୟର ରାଜା ମରିଗଲେ ଓ କେହି ରଜା ହେବାକୁ ସ୍ୱର୍ଗତ ରାଜାଙ୍କ ମୃତ୍ୟୁ ପୂର୍ବରୁ ସ୍ଥିର ହୋଇ ନ ଥିଲେ ପାତ୍ରମନ୍ତ୍ରୀମାନେ ରାଜାଙ୍କ ପାଟହାତୀକୁ ଗୋଟିଏ ଜଳପୂର୍ଣ୍ଣ ସୁବର୍ଣ୍ଣ କଳସ ଦେଇ ରାଜ୍ୟ ତମାମ ବୁଲିବାକୁ ପଠାଉଥିଲେ । ହାତୀ ସେ କଳସକୁ ଶୁଣ୍ଢରେ ଟେକି ଧରି ଯାଉଥିଲା ଓ ଯେଉଁ ବ୍ୟକ୍ତିଙ୍କ ମୁଣ୍ଡରେ ସୁବର୍ଣ୍ଣ କଳସକୁ ଢାଳୁଥିଲା, ପାତ୍ରମନ୍ତ୍ରୀମାନେ ତାହାଙ୍କୁ ଆଣି ରାଜଗାଦିରେ ବସାଉଥିଲେ ।

କବିମାନେ ଯୁବତୀ ସ୍ତ୍ରୀଙ୍କ ମନ୍ଥର ଗତିକୁ ହାତୀଙ୍କ ଧୀର ମନ୍ଥର ଗତି ସଙ୍ଗେ ତୁଳନା କରି ନାୟିକାମାନଙ୍କୁ ମନ୍ଥର-ଗମନା, ଗଜଗମନା ଆଦି ବିଶେଷଣରେ ବିଶେଷିତ କରନ୍ତି ।

ଠିଆ ହୋଇ ବିଶ୍ରାମ ନେଲାବେଳେ ହାତୀ ଆଗକୁ ପଛକୁ ଦୋହଲୁଥାଏ । ଏହାକୁ ହାତୀ ଝୁଲିବା କହନ୍ତି । ଶିଶୁମାନଙ୍କୁ ସ୍ତ୍ରୀଲୋକମାନେ କୋଳରେ ବସାଇ

ଝୁଲାଇବା ବେଳେ 'ହାତି ଝୁଲିବା' ସମ୍ବନ୍ଧେ ଶିଶୁରଞ୍ଜନ ଗୀତ ବୋଲନ୍ତି ।

ହାତିମାନଙ୍କର ଗୋଡ଼ ଅତ୍ୟନ୍ତ ମୋଟା ଥିବାରୁ ଗୋଦର ଗୋଡ଼କୁ ପାଶ୍ଚାତ୍ୟମାନେ ହାତି ଗୋଡ଼ ସଙ୍ଗେ ତୁଳନା କରି ଶ୍ଳୀପଦ (ଗୋଦର) ରୋଗକୁ ଇଂରାଜୀରେ (Elephantiasis) ହାତିଆ ରୋଗ ବୋଲି ନାମ ଦେଇ ଅଛନ୍ତି ଓ ଯାବନିକ ଭାଷାରେ ଗୋଦର ଗୋଡ଼କୁ ଫୀଲପାଓ (ହାତିଗୋଡ଼) ବୋଲାଯାଏ । ଶ୍ଳୀପଦ ରୋଗଗ୍ରସ୍ତ ବର୍ଦ୍ଧିତା-ଣ୍ଡ ପୁରୁଷଲିଙ୍ଗକୁ ହାତି ଶୁଣ୍ଢ ସଙ୍ଗେ ତୁଳନା କରି ସେ ରୋଗକୁ ଲୋକେ ହାତିଶୁଣ୍ଢା ରୋଗ କହନ୍ତି ।

ଜୈନମାନେ ହାତି ପୂଜା କରନ୍ତି ଓ ଜୈନ ମନ୍ଦିର [ଯଥା—କଲିକତାରେ ପରେଶନାଥ ମନ୍ଦିର]ରେ ଓ ବ୍ରହ୍ମ ଦେଶରେ ହାତିଙ୍କ ମୂର୍ତ୍ତିମାନ ପୂଜିତ ହୁଏ ।

ଉପେନ୍ଦ୍ର ଭଞ୍ଜ ହାତୀର ପ୍ରସବ ସମ୍ବନ୍ଧରେ ଲେଖି ଅଛନ୍ତି ଯେ—ହାତୁଣୀ ଚର୍ମାବରଣ ଯୁକ୍ତ ଗୋଲାକାର ପିଣ୍ଡ ଗୋଟିଏ ପ୍ରସବ କରେ; ପରେ ଉକ୍ତ ପିଣ୍ଡକୁ ନିଜର ଦାନ୍ତରେ ବିନ୍ଧି ବିନ୍ଧି ତହିଁର ଉପରର ଚର୍ମାବରଣକୁ ଫଟାଇ ଦିଏ; ତାପରେ ତହିଁରୁ ହାତିଛୁଆ ବାହାରେ ।

ହାତିମାନଙ୍କର ଶ୍ରେଣୀ ବିଭାଗ ସମ୍ବନ୍ଧେ ହସ୍ତୀ ଶବ୍ଦ ତଳେ ଟୀକା ଦ୍ରଷ୍ଟବ୍ୟ :—

ହାତି ଶବ୍ଦ ଯୁକ୍ତ କେତେଗୁଡ଼ିଏ ପ୍ରବଚନ, ପ୍ରବାଦ ନ୍ୟାୟ ଓ ବାକ୍ୟ ପ୍ରଚଳିତ ଅଛି ।

୧ । ହାତି ପାଡ଼ିବ ପାଡ଼ିବ, ଫୁସ୍—ପ୍ରବଚନ = ବହ୍ୱାରମ୍ଭେ ଲଘୁ କ୍ରିୟା ।

୨ । ହାତି କଇଥ ଖାଇବା—ନ୍ୟାୟ = ବାହାରେ ପରିବର୍ତ୍ତନ ନ ହୋଇ ଅନ୍ତର୍ଦ୍ଦେଶ ଶୂନ୍ୟ ହେବା ।

୩ । ହାତି କଳରୁ (ଥୋଡ଼ରୁ) କଣେ(ପୁଳାଏ,ଥୋଡ଼େ) ଖସିଲେ ବା ଖସି ପଡ଼ିଲେ ପିମ୍ପୁଡ଼ିଙ୍କ ଯୁଗେ (ଖଦେବରଷ) —ନ୍ୟାୟ ।

୪ । ହାତି ଲୋ (ବେକ) ରେ ଘଣ୍ଟି ବାନ୍ଧିବା—ନ୍ୟାୟ

୫ । ହାତି ଗଲ ଯାଏ ପିମ୍ପୁଡ଼ି ନ ଗଲେ ବା ହାତି ଗଲ ଯାଉଛି ପିମ୍ପୁଡ଼ିକି ବାଟ ନାହିଁ —ପ୍ରବଚନ ।

୬ । ହାତି ଗାଧୁଆ ବା ଗାଧୋଇବା—ନ୍ୟାୟ

୭ । ହାତି ଗୋଡ଼ତଳେ ପିମ୍ପୁଡ଼ି ନ ମରେ—ଅନୁଭବ ସତ୍ୟ ।

୮ । ହାତିକୁ ହାତି ଉଠାଏ—ନ୍ୟାୟ ।

୯ । ତୋର ହାତି ଘୋଡ଼ା ଝୁଲନ୍ତୁ ବା ଝୁଲୁଥାଅନ୍ତୁ—ଆଶୀର୍ବାଦ ବଚନ ।

୧୦ । ହାତି ଗଲି ଗଲି ଯେତେ, ଘୋଡ଼ା ଦଉଡ଼ି ଦଉଡ଼ି ସେତେ—ଅନୁଭବ ଓ ନ୍ୟାୟ ।

୧୧ । ହାତିଚଢ଼ାଠଉଁ ସମ୍ଭବ ନାହିଁ—ପ୍ରବଚନ ।

୧୨ । ହାତି ଜୀଇଁଥିଲେ କଉଡ଼ି, ମଲେ କଉଡ଼ି; ବା ହାତି ଜୀଇଁଥିଲେ ଲକ୍ଷେ ଟଙ୍କା, ମଲେ ଲକ୍ଷେ ଟଙ୍କା; ବା ହାତି ଜୀଇଁଲେ ମଲେ ଏକାକଥା—ପ୍ରବଚନ ।

୧୩ । ହାତି ଦାନ୍ତରେ ସୁନା ଚୁଆଣି ହେବା-ନ୍ୟାୟ ।

୧୪ । ଘୋଡ଼ା (ହାଥୀ) ପର୍ ହାଉଦା, ହାଥୀ (ଘୋଡ଼ା) ପର୍ ଜୀନ୍; ଚଲ୍ ନ ଯାଓ ଚଲ୍ ନ ଯାଓ ଜଆରନ୍ ହେଷ୍ଟିନ୍—ହିନ୍ଦୀ ପ୍ରବାଦ ।

୧୫ । ହାତିପରି ଜୀବର ମଶାକୁ (ମାଛିକୁ) ଡର—ପ୍ରବଚନ ।

୧୬ । ହାତି ବନସ୍ତରେ ଥିଲେ ରଜାଙ୍କର—ପ୍ରବଚନ ।

୧୭ । ହାତି ମୁତିଦେଲେ ପିମ୍ପୁଡ଼ିଙ୍କ ପହଁରାଏ ବା ହାତି ମୂତ ପିମ୍ପୁଡ଼ିଙ୍କ ପହଁରାଏ—ଅନୁଭବ-ନ୍ୟାୟ ।

୧୮ । ହାତିପରି ଜୀବର ଅକ୍ଷି ସାନ ବା ହାତିର ଆଖି ସାନ—ଅନୁଭବ, ଲୋକ ବିଶ୍ୱାସ ।

୧୯ । ହାତିଶାଳ ଭାଙ୍ଗିଗଲେ କଅଣ ମେଣ୍ଢା କୁଡ଼ିଆକୁ ଯୋଗ୍ୟ ହୁଏ ନାହିଁ ? ବା ଭଙ୍ଗା ହାତିଶାଳ ସଙ୍ଗେ ଘୋଡ଼ାଶାଳ ସମାନ ହୁଏ ନାହିଁ—ପ୍ରବଚନ ।

୨୦ । ଗାଈଏ ଗଲେ ହାତିଏ ଆଣିବା—ପ୍ରବଚନ ।

୨୧ । ହାତି ଉପରେ ଧଂସା—ପ୍ରବଚନ ।

୨୨ । ହାତିର ଖିଅକଥା ମାହୁନ୍ତକୁ ଲାଗେ—ପ୍ରବଚନ

୨୩ । ହାତି କାନରେ କହିବା—ନ୍ୟାୟ ।

୨୪ । ହାତିପରି ଜନ୍ତୁ (ଜୀବ) ଅଙ୍କୁଶରେ ଆୟତ୍ତ—ଅନୁଭବ ବଚନ ।

୨୫ । ହାତିହାରି ନ ମରାଇ ହାତିଥଳ ହାତରେ ମରାଇବା—ନ୍ୟାୟ ।

ହାତି ଶବ୍ଦଯୁକ୍ତ ଶିଶୁରଞ୍ଜନ ଗୀତ—

୧ । ହାତି ନେ, ଘୋଡ଼ା ନେ, ମୋ ପେଁଏଁ ଢାଳ ବଢ଼େଇ ଦେ; ସାପ ଥିଲେ ବାହାରି ଯା !, ବେଙ୍ଗ ଥିଲେ କଟର କଟର ହଉଥା !

୨ । ଝୁଲ୍ ହାତି ! ଝୁଲ୍; ବାଅ ପାଣି ଖାଇ ଫୁଲ୍ ।

୩ । ଝୁଲ୍ ହାତି ! ଝୁଲ୍ରେ; ବାଅ ପାଣି ଖାଇ ଫୁଲ୍ରେ ।

୪ । ହାତି ଝୁଲୁଥାଏ ରଜା ବଗିଚାରେ କଅଁକଦା ଖାଇବାକୁ, କଣ୍ଢେଇ ଝୁଲଇ ମାଆଙ୍କ କୋଳରେ ଦୁଧକଲେ ଖାଇବାକୁ ।

୫ । ହାତିପରି ଜୀବ ଛାର ମାହୁନ୍ତକୁ ଠୁଲେ ନ ଡରନ୍ତା ସେହି, ମନ ମାନିଅଛି ବୋଲି ସେ ରହିଛି ଅଙ୍କୁଶ ଶିକୁଳି ସହି ।

୬ । ହାତି ! ପାହୁଣ୍ଡ (ପାହୁଲ) ପକାଏ ଧୀରି ।]

୨ । ଶୂଦ୍ରଙ୍କ ବଂଶୋପାଧି ବିଶେଷ—2. A family-title of some Sūdras. ୩ । (ହାତିପରି) ବୃହତ୍କାୟ ବ୍ୟକ୍ତି—3. A very corpulent or fat person. [ଉ—ଦ୍ୱିତୀୟାର ଶଶି ଲେଖାପରି ଦଶି ଗଲେଣି ସେ ଇନ୍ଦ୍ରନୀଳ ହାତି । କବିସୂର୍ଯ୍ୟ, କିଶୋର ଚମ୍ପୂ ଦ ଗୀତ ।

୩ । (ହାତପର) ଧୀରଗତି ବଶିଷ୍ଟ ବ୍ୟକ୍ତି—4. A slowly walking person. ୫ । ଧୀରସ୍ଥିର ସ୍ୱଭାବବିଶିଷ୍ଟ ବ୍ୟକ୍ତି—5. A person of quiet nature. ୬ । ଗୋଟିଏ ହାତୀଉପରେ ଲଦାହେବା ପରିମିତ ବୋଝ—6. A load which can be carried on one elephant. (ଯଥା—ସେ ସୁତାର ଗଲେ ହାତିଏ ଆଣେ) ୭ । (ହାତଗଡ଼ର) ବଗ; ପାର୍ଶ୍ୱ—7. Side (ଯଥା—ସେ ପୋଖରୀଟି ଆମ ଘରର ବାଁ ହାତରେ ଅଛି) ୮ । ସତରଞ୍ଜି ବା ନ୍ୟାସୁବଳ ଖେଳରେ ଯେଉଁ ଗୋଟିକୁ ହାତି ବୋଲି କଳ୍ପନା କରାଯାଏ (ଯାହାକୁ ଗଜବଳ ବୋଲାଯାଏ)—8. The ball representing the bishop in the game of chess. ୯ । ଆସାମ ଦେଶର ବଂଶୋପାଧି ବିଶେଷ—9. A family titlle in Assam. ବଣ—୧ । ହାତୀରେ ଲଦା ହେବା ପରିମିତ (ବୋଝ)—1. Elephant-load of (anything); suffcient for the load of an elephant. (ଯଥା—ସେ ଭାର ହାତି ଜିନଷ ଆଣିଛି) ୨ । ହାତି ସମ୍ବନ୍ଧୀୟ—(ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ଯଥା—ହାତିଶାଳ, ହାତି ଦାନ୍ତ, ହାତି ଅଙ୍କୁଶ)—2. Relating to the elephant. ୩ । ହାତ ସମ୍ବନ୍ଧୀୟ—3. Relating to the hand. (ଯଥା—ସ୍ୱହାତ କାମ, ପର ହାତ କାମ) ୪ । କୌଣସି ବଗରେ ଅବସ୍ଥିତ—4. Situated on any side. (ଯଥା—ସେ ଘର ବାଆଁହାତ ଗୋଟିଏ ପୋଖରୀ ଅଛି) ୫ । (ଏତେ) ହାତ ପରିମିତ—5. Measuring so many cubits. (ଯଥା—ନଅହାତ ଲୁଗା ମୋତେ ଅଣ୍ଟେ ନାହିଁ) କ୍ରି. ବଣ—ବାମ ବା ଦକ୍ଷିଣ ହସ୍ତର ବଗରେ ବା ଆଡ଼ରେ—To the (right or left hand) side. (ଯଥା—ଭୁବନର ବାଆଁହାତ ଗଲେ ସମୁଦ୍ର କୂଳରେ ପହଞ୍ଚିବ)

ହାତଅନ୍ଦ(ନ୍ଧ)—ଦେ. ବ—(ସଂ. ହସ୍ତିସ୍କନ୍ଧ)—ଚାଅଗୁଳିଆ ବା ଲମ୍ବ-Hāti anda (ndha) ଗୁଳିଆ ଘରର ଦୁଇ ଶେଷ ଭାଗର କାନ୍ଥ-
চাঁদ ওয়ারী The gable end of a thatched house;
पाख the gables at the end of a gabled roof.

ହାତି ଅମାରୀ—ଦେ. ବ—ହାତି ହାଉଦା (ଦେଖ)—
Hāti amāri The saddle of an elephant; howdah.
হাতির হাউদা हाथीका हाउदा

ହାତିଆ—ଦେ. ବଣ—(ସ. ହସ୍ତ)—୧ । ଏତେ ହାତ ଲମ୍ବ—1. So
Hātiā many cubits long. (ଯଥା—ଦଶହାତିଆ ଲୁଗା)
হাতলম্বা ୨ । ଏତେଜଣଙ୍କ ହାତ ସମ୍ପାଦନୀୟ ବା ସମ୍ପାଦିତ—
हाथका 2. Performable or done by so many persons. (ଯଥା—ପାଞ୍ଚହାତିଆ କାମ ଛିଡ଼ି ଯାଏ । ୩ । ହସ୍ତଯୁକ୍ତ; ହସ୍ତସମ୍ବନ୍ଧୀୟ—3. Relating to hand; having hands. (ଯଥା—ଦଶ ହାତିଆ ଅମୃତ ହାତିଆ ଜଣେ) ୪ । (ବାମ ବା ଦକ୍ଷିଣ) ହସ୍ତର ଦିଗ ସମ୍ବନ୍ଧୀୟ 4. Relating to the right hand or left hand side. (ଯଥା—ବାଁଆ ହାତିଆ ସଡ଼କ ସେ ଗାଁଆଁମୁଣ୍ଡ ବାଟେ ଯାଇଛି) ୫ । ହାତୀପରି ଆକାରବିଶିଷ୍ଟ; ଖୁବ ବଡ଼—5. Very big. (ଯଥା—ହାତିଆ କାଙ୍କଡ଼) ୬ । ହାତିପରି ସ୍ଥୂଳ ଚର୍ମ ଉତ୍ପାଦକ (ଯାଦୁ)—6. Thick-skinned (ring worm). (ଯଥା—ହାତିଆ ଯାଦୁରେ ଚା ଦେହ ପୂର୍ଣ୍ଣ) ବ—ହାତିଆଳ (ଦେଖ)—Hātiāla (See).

ହାତିଆ କାଙ୍କଡ଼(ଣ)—ଦେ· ବ—(ଏହା ସାଧାରଣ କାଙ୍କଡ଼ଠାରୁ ବଡ଼ Hātiā kānkarda (na) ଥିବାରୁ ସଂ. ନାମ-ବନ୍ଧ୍ୟାକର୍କୋଟକୀ)—
[ସ· ନାମ— କାକଡ଼ପରି ଏକ ପ୍ରକାର ବଡ଼ ଫଳ—A sort of
ବନ୍ଧ୍ୟାକର୍କୋଟକୀ, cucurbitaceous fruit; Memordica
ଦେବୀ, କନ୍ୟା, Dioicicamale. [ବୁ—ବୈଦ୍ୟକ ମତରେ
ଯୋଗେଶ୍ୱରୀ, ଏହା ଲଘୁ, ବ୍ରଣଶୋଧକ, ଭୀଷଣ ଏବଂ ଦର୍ପ
ନାଗାରୀ, ନକ୍ରଦମନୀ, ସର୍ପବିଷ, ବିସର୍ପ ଓ ବିଷନାଶକ—ଦ୍ରବ୍ୟଗୁଣ
ବିଷକଣ୍ଟକିନୀ] ଅଭିଧାନ]
কাংকরোল बांझ खखसा

ହାତିଆ ଗୁଣ୍ଡୁରି—ପ୍ରାଦେ (ଗଡ଼ଜାତ) ବ—ଗୁଣ୍ଡୁରିପରି ଏକପ୍ରକାର ବଡ଼
Hātia gunduri ପକ୍ଷୀ—A big variety of Gunduri bird.

ହାତିଆ ଘାସ—ଦେ. ବ—ଧଳଣୀ ପତ୍ର ପରି ଚଉଡ଼ାପତ୍ରିଆ ଏକ
Hātiā ghāsa ପ୍ରକାର ଘାସ—A kind of broad-
হাতিয়া ঘাস bladed grass; elephant grass.
हाथी घास [ବୁ—ଏହା ଗାଈ ଗୋରୁଙ୍କ ଖାଦ୍ୟ; କୃଷି କଲେ ବହୁତ ଗଛ ହୁଏ । ଧଳଣୀ ପତ୍ରର ସୂଚକ ଅଛି, ମାତ୍ର ଏହା ସୁଗନ୍ଧହୀନ ।]

ହାତି ଅଙ୍କୁଶ(ଶା, ଶି)—ଦେ. ବ (ସ. ହସ୍ତୀ ଓ ଅଙ୍କୁଶ)—୧ । ଗଜବାଙ୍କ;
Hāti ānkusa(śā, śi) ହାତୀକୁ ଚାଳିତ କରିବା ପାଇଁ
ডাঙ্গশ ବ୍ୟବହୃତ ବକ୍ରାଗ୍ର ଲୌହ ଦଣ୍ଡ—1. A hooked
हाथी अङ्कुस iron rod used in goading or driving elephants. ୨ । ଏକ ପ୍ରକାର କଣ୍ଟକଯୁକ୍ତ ଲତାଳିଆ ଗଛ—2. A sort of thorny plant having hooked thorns; Pisonia Aculeata. [ବୁ—ଏହା ବୃକ୍ଷରେ ୨୦ ହାତ ପର୍ଯ୍ୟନ୍ତ ବଢ଼ି ଅନ୍ୟ ଗଛରେ ମାଡ଼େ ଓ ଏହାର କଣ୍ଟାମାନ ହାତି ଅଙ୍କୁଶ ଭଳି ବଙ୍କା ।]

ହାତିଆ ଦା(ଯା)ଦୁ—ଦେ. ବ (ସ. ହସ୍ତୀ+ଦଦ୍ରୁ)—(ଏଥିରେ ଆକ୍ରାନ୍ତ
Hātiā da(jā)du ଶରୀରର ଚର୍ମ ହାତୀର ଚର୍ମ ପରି ମୋଟା
হাতিয়া দাদ ହେବାରୁ)—ଏକ ପ୍ରକାର ଦୁଃସାଧ୍ୟ ଦଦ୍ରୁ—
हाथिआ दाद A sort of ring worm; sceloderma; scelerema.

ହାତିଆଳ—ଦେ. ବ (ସ· ହସ୍ତିପାଳ)—ହସ୍ତିପାଳ; ହାତି ମାହୁନ୍ତ;
Hātiāla ହସ୍ତିଚକ—The driver of an elephant.
হাতিয়ার(ল) फिलवान, महावत

ହାତିଆ ଲଉ—ଦେ. ବି—ଲମ୍ବ ଓ ସରୁ ଲଉ—A long and
Hātiā lau slender species of gourd.
[ହାତି ଦାନ୍ତ(ଦାଁତ) ଲଉ—ପ୍ରାଦେ. ଉତ୍ତର‌ାଞ୍ଚଳ ରୂପ]

ହାତିଆ ଶୁଆଁ—ଦେ. ବି (ସ- ହସ୍ତି ଶ୍ୟାମାକ)—ଏକ ପ୍ରକାର ଶୁଆଁ
Hātiā śuāṅ ଧାନ—A sort of big 'Śuāṅ' grain.
হাতিয়া শ্যামা [ଦ୍ର—ବୈଦ୍ୟକ ମତରେ ଏହା ରୁକ୍ଷ, ଧାତୁ-
हाथीआ सोआँ, काला सावाँ ଶୋଷକ, ପିତ୍ତଶ୍ଳେଷ୍ମ ନାଶକ, ବାୟୁବର୍ଦ୍ଧକ ଓ ଶ୍ୟାମାକ ଧାନ୍ୟର ଅନ୍ୟାନ୍ୟ ଗୁଣ-ବିଶିଷ୍ଟ ।]

ହାତିଏ—ଦେ. ବିଣ—୧ । ଗୋଟିଏ ହାତିରେ ଲଦା ହେବା ବୋଝ
Hātie ପରିମିତ—1. An elephant-load of. ୨ ।
প্রচুর . ବହୁ ପରିମିତ—2. Large; much. ବି—ଏକ
एक हाथी ହସ୍ତିରେ ଲଦା ହେବା ଭଳି ପଦାର୍ଥ ବା ଧନ—1. An elephannt-load of things or property. ୨ । ବହୁ ଧନ—2. Great riches.
(ଯଥା—ସେ ଘରିଏ ଗଲେ ହାତିଏ ଆଣେ ।)

ହାତି କଠଲା—ଦେ ବି—ହାତି ଉପରେ ଲଦନ ଓ ଝୁଲ ପକା ସାରିବା
Hāti kaṭhalā ପରେ ସାଧାରଣ ଲୋକଙ୍କ ଚଢ଼ିବା ପାଇଁ ତା ଉପରେ ବସାଯିବା ଆଗରେ ପଛରେ ଲୁହାର ବାଡ଼ାଯୁକ୍ତ
हाथी हौदा ଆସନ—A seat with railing in front and back which is put on an elephant for ordinary riding. [ଦ୍ର—ଏଥିରେ ବସିବା ଲୋକେ ଏହି କଠଲାର ଲୁହାବାଡ଼କୁ ଧରି ବା ଆଉଜି କରି ବସନ୍ତି ଓ ଏହି ବାଡ଼ ଯୋଗୁଁ ହାତି ଉପରୁ ହଠାତ୍ ଚଢ଼ାଳମାନେ ଖସି ପଡ଼ନ୍ତି ନାହିଁ ।]

ହାତି କ(କା)ନା ଗଛ—ପ୍ରାଦେ. (ଗଡ଼ଜାତ) ବି—ହସ୍ତିକର୍ଣ୍ଣ ୩ (ଦେଖ)
Hāti ka(kā)nā gachha Hasti karṇṇa 3 (See)

ହାତି କ(କା)ନା (କାନିଆଁ)ପଲାଶ—ପ୍ରାଦେ. (ଗଡ଼ଜାତ) ବି—ହସ୍ତିକର୍ଣ୍ଣ
Hāti ka(kā)nā (kāniāṅ)palāśa ୩ (ଦେଖ)
Hasti karṇṇa 3 (See)

ହାତି କଳଶ ଢାଳିବା—ଦେ. ବି—ହଠାତ୍ ଭାଗ୍ୟୋଦୟ ହେବା—
Hāti kalasa dhāḷibā The dawning of an
হাতী কলসী ঢালা unthought of piece of good
हाथी कलस ढलना fortune.
[ଦ୍ର—ପୂର୍ବେ ଅରାଜକ ଦେଶରେ ପାତ୍ର ମନ୍ତ୍ରୀମାନେ ପାଟ-ହାତିର ଶୁଣ୍ଢରେ ଜଳପୂର୍ଣ୍ଣ ଗୋଟିଏ ସୁନାର କଳସ ଧରାଇ ହାତିକୁ ରାଜ୍ୟ ତମାମ ବୁଲାଉଥିଲେ । ହାତି ଯାହାଙ୍କ ମୁଣ୍ଡରେ କଳସକୁ ଢାଳି ଦେଉଥିଲା ତାହାଙ୍କୁ ସମସ୍ତେ ରାଜା ବୋଲି ଜବାବଦ କରି ସିଂହାସନରେ ଅଭିଷିକ୍ତ କରୁଥିଲେ ।]

ହାତି କଷା—ଦେ. ବି—ହାତିର ପିଠିରେ ଲଦନ ବା ହାଉଦା ଥୋଇ
Hāti kashā ଉଢ଼ ଚଢ଼ିବା ପାଇଁ ହାତିକୁ ପ୍ରସ୍ତୁତ କରିବା—
হাতী সাজান Equipment of an elephant ready
हाथी कसाई for riding by putting the howdah on it.

ହାତି କଷିବା—ଦେ. କ୍ରି—ହାତି ଉପରେ ଅମାରି ବା ହାଉଦା ପକେଇବା—
Hāti kashibā To put or attach a hawdah
হাতী কষা on the back of an elephant.
हाथी कसना

ହାତି କାନ—ଦେ. ବି—ହସ୍ତି କର୍ଣ୍ଣ (ଦେଖ)
Hāti kāna Hasti karṇṇa (See)

ହାତି କାନିଆ(ଆଁ)—ଦେ. ବିଣ(ସ. ହସ୍ତିକର୍ଣ୍ଣ)—ହାତିର କାନପରି ବଡ଼—
Hāti kāniā(āṅ) As big as elephant's ear.
(ହାତି କାନ—ଅନ୍ୟରୂପ) ବି (ସ. ନାମ ଭୋଳ ସମୁଦ୍ରକା)—
হাতী কানিয়া ଏକ ପ୍ରକାର ଶ୍ରେଷ୍ଠ ବନ୍ୟ ଲତା—A sort
हाथी कर्ण of wild creeper; Leea Macrophylla.
[ଦ୍ର—ଏହାର ପତ୍ର ହାତିକାନ ପରି ବଡ଼ । ବର୍ଷା ଋତୁରେ ଏ ଲତା ଜନ୍ମେ; ଅନ୍ୟ ସମୟରେ ଦେଖାଯାଏ ନାହିଁ । ଏହାର ଫୁଲ ଛନ ଅଙ୍ଗୁଳିଆ ଲତାର ଫୁଲ ପରି । ଏହିପରି ପତ୍ର ବିଶିଷ୍ଟ ବର୍ଷାଯୁକ୍ତ ୧୨ ହାତ ଉଚ୍ଚ ଗଛ ମଧ୍ୟ ଅଛି ।]

ହାତି କାନ୍ଧରେ ବସିବା(ଚଢ଼ିବା)—ଦେ. କ୍ରି—୧ । ହାତିର ବେକ
Hāti kāndhare basibā (chaṛhibā) ଉପରେ (ମାହୁନ୍ତ)
হাতির কাঁধে বসা ବସିବା—1. To sit on the shoulder
हाथीका कंधापर बैठना of an elephant (said of the driver). ୨। (ଲକ୍ଷଣାର୍ଥ) ମହତ୍ ଲୋକଙ୍କ ଆଶ୍ରୟ ଧରିବା; କୌଣସି ବଡ଼ ଲୋକଙ୍କଠାରେ ଶରଣାପନ୍ନ ହେବା—2. (figurative) To take the shelter of a great person.

ହାତି(କି)କୁ ସିରସ୍ତା କରିବା—ଦେ. କ୍ରି—ନୂଆ ହୋଇ ଧରା ହୋଇଥିବା
Hāti(ki)ku sirastā karibā ହାତିକୁ ମଣ କରିବା—
হাতীকে সায়েস্তা করা To train a newly caught
हाथीको सुधारना elephant.

ହାତି ଖେଦା—ଦେ. ବି—୧ । ବନ୍ୟ ହସ୍ତୀଙ୍କ ଦଳ; ଖେଦାଏ ହାତି—
Hāti khedā 1. Herd of wild elephants.
হাতী খেদা हाथी खेदा ୨ । ବଣୁଆ ହାତିଙ୍କୁ ଧରିବାପାଇଁ ଜଙ୍ଗଲ ମଧ୍ୟରେ ଘେରବନ୍ଦ କରାଯାଇ ଚାରିଆଡ଼େ ଖୁବ୍ ମଜବୁତ୍ ଖୁଣ୍ଟମାନ ପୋତା ଯାଇଥିବା ଅଡ଼ୈଇ ବା ଖୁଆଡ଼—2. A barricade or enclosure set up in the forest surrounded by strong timber pallisades to catch elephants; Khedda. [ଦ୍ର—ଏହି ଶବ୍ଦ ଇଂରାଜୀରେ ମଧ୍ୟ ଖେଦା [khedda] ରୂପେ ଚଳୁଅଛି ।] ୩ । ବଣୁଆ ହାତିଙ୍କୁ ଖେଦା ଦ୍ୱାରା ଧରିବା ରୀତି—3. The mode of catching wild elephants by the kheddā system. [ଦ୍ର—ହାତି ଶବ୍ଦ ତଳେ ଟୀକା ଦେଖ ।]

ହାତି ଖୋଜ—ଦେ. ବି—ହାତୀର ପଦଚିହ୍ନ—The foot steps of
Hāti khoja an elephant.
হাতীর পায়ের দাগ हाथीपैरकाचिह्न

ହାତି ଖୋଜିଆ—ଦେ. ବିଣ—ହାତି ଖୋଜପରି ଗୋଲ ଓ ବଡ଼ ଆକାର-
Hāti khojiā ବିଶିଷ୍ଟ—Big and circular like the
হাতীপেয়ে हाथीपैरकाजैसे foot steps of an elephant.

ହାତିଖୋଜିଆ ଆଳୁ—ଦେ. ବି—ହାତି ଖୋଜପରି ବଡ଼ ଓ ଗୋଲ ପିଣ୍ଡ-
Hātikhojiā ālu ବିଶିଷ୍ଟ ଏକପ୍ରକାର ଦେଶୀ ଆଳୁ—
হাতীপেয়ে আলু आलु A sort of circular big yam.

ହାତି ଖୋଜିଆ ଗଛ—ଦେ. ବି—ମଣ୍ଡୁକପର୍ଣ୍ଣୀ (ଦେଖ)—
Hātikhojia gachha Mandukaparnni (See)

ହାତି ଗରଜନ (ଗର୍ଜନ)—ଦେ. ବି—(ସଂ. ହସ୍ତୀ ଓ ଗର୍ଜନ)—ହାତିର
Hāti garajana (garjana) ଗମ୍ଭୀର ଗର୍ଜନ—The
grave roar of an elephant.
হাতীর গর্জন हाथीगर्जन

ହାତି ଗାଧୁଆ—ଦେ. ବି—ହସ୍ତି ସ୍ନାନ—The bath of an
Hāti gadhua হস্তীস্নান हाथीकास्नान elephant.
[ବ୍ର—ହାତି ଗାଧୁଆ ନ୍ୟାୟ—ନ୍ୟାୟ । ହାତି ଗାଧୋଇ ସାରି ପୁଣି ପଲ୍ଲୁଣରେ ମଶା, ମାଛିଙ୍କୁ ଦେହରେ ବସାଇ ନ ଦେବାପାଇଁ ଶୁଣ୍ଢଦ୍ୱାରା ନିଜ ଦେହରେ ଧୂଳି ପକାଏ । ସେହି ପରି କୌଣସି ପରିଶ୍ରମ ସ୍ଥଳରେ ଏହି ନ୍ୟାୟ ଲାଗେ]

ହାତି ଗିରଦା (ଜା)—ପ୍ରାଦେ (ଗଡ଼ଜାତ) ବି—ହାତିଖେଦା ୨ (ଦେଖ)
Hāti girada (ja) Hātikheda 2 (See)

ହାତି ଘୋଡ଼ା—ଦେ. ବି—(ସଂ. ହସ୍ତୀ+ଘୋଟକ)—ହସ୍ତୀ ଓ ଘୋଟକ
Hāti ghorda Elephant and horse.
হাতী ঘোড়া हाथीघोड़ा

ହାତିଘୋଡ଼ା ଝୁଲିବା—ଦେ. ବି—(ଲକ୍ଷଣାର୍ଥ)—ଅତୁଳାତୁଳ ସମ୍ପତ୍ତି
Hāti ghorda jhuliba ବା ବିଭବର ଉଦୟ ହେବା ଓ ତନ୍ନିମିତ୍ତ ଘରେ ହାତିଘୋଡ଼ା ବନ୍ଧାହେବା—(figurative) Increase of prosperity and consequent maintenance of elephants and horses by
হাতী ঘোড়া ঝুলা हाथीघोड़ाझूलना a person.

ହାତି ଚଲା(ଲେ)ଇବା—ଦେ. କ୍ରି—(ସଂ. ହସ୍ତୀ+ଚଳ ଧାତୁ ଣିଚ
Hāti chala (le)iba ଚଳ ଧାତୁ)—ମାହୁନ୍ତ ରୂପେ ହସ୍ତୀକୁ ଚାଳନ କରିବା—To drive an elephant.
হাতীচালান हाथी चलाना

ହାତି ଚାଲି—ଦେ. ବି—(ସଂ. ହସ୍ତୀ+ଚଳନ)—ହସ୍ତୀର ଗତି—
Hāti chāli The movement of an elephant.
[ବ୍ର—ଏହା ୩ ପ୍ରକାର ଯଥା—
୧ । ଧୀର ଚାଲି—ପାହୁଲିବା ବା ପାହୁଣ୍ଡ ପକାଇବା ।
୨ । ଛନ୍ଦପେଷା କ୍ଷୁଦ୍ର ଗତି-ପଲ୍ଲଣିବା ।
୩ । ଖୁବ ଜୋର୍‌ରେ ଗତି—ହପାଳିବା ବା ଧପାଳିବା ।
ହାତି ଚାଲି ଚାଲି ଯେତେ, ଘୋଡ଼ା ଦଉଡ଼ି ଦଉଡ଼ି ସେତେ
—ପ୍ରବଚନ
ହାତିର ଅବୟବ ଅନୁସାରେ ତାହାର ପାହୁଣ୍ଡ ଘୋଡ଼ାଠାରୁ ଅଧିକ ଥିବାରୁ ହାତି ଚାଲି ଚାଲି ଯେତିକି ସମୟରେ ଯେତେ ପଥ ଅତିକ୍ରମ କରେ ଘୋଡ଼ା ଦଉଡ଼ି ସେ ସେତିକି ପଥ ଯାଏ । ସେହିପରି ବଳବାନ୍ ଲୋକ ସାଧାରଣତଃ ଯେତିକି ସମୟରେ ଯେତେ କାମ କରେ, ଦୁର୍ବଳ ବ୍ୟକ୍ତି ସେହି ସମୟରେ ବହୁ ଚେଷ୍ଟା କରି ତାହାହିଁ କରେ । ଏହି ଉପଲକ୍ଷେ ଏ ଉଦାହରଣ ଦିଆଯାଏ ।]
হাতীর চলন हाथीचाल

ହାତି ଚୋକ—ବୈଦେ. ବି—(ଇଂ ଆର୍ଟିଚୋକ୍)—ସୂର୍ଯ୍ୟମୁଖି ତୁଲ୍ୟ
Hāti chok ବୃକ୍ଷବିଶେଷର ଗଣ୍ଠିରୁ ବାହାରିବା ଆଳୁପରି ଏକ ପ୍ରକାର ଖାଦ୍ୟ—Artichoke; (tuberous) potato-like scales of the plant Helianthus Tuberosa. [ବ୍ର—ଏହା ବିଲାତରୁ ଆମଦାନି ହୋଇ ଏ ଦେଶରେ ଫଳ ଓ ତୋରକାରି ରନ୍ଧାଯାଇ ଖିଆଯାଏ ।]
হাতীচোক आरटीचोक

ହାତି ଛୁଆ—ଦେ. ବି—(ସଂ. ହସ୍ତୀ ଓ ଶିଶୁ)—ହସ୍ତୀ ଶାବକ—
Hāti chhua The young of an elephant.
হাতীর বাচ্চা हाथीबच्चा

ହାତି ଝୁଲ—ଦେ. ବି—ହାତିର ଲଦନ ଉପରେ ଘୋଡ଼ାଯିବା ଚୌକୋଣିଆ
Hāti jhula ମୋଟା ଆସ୍ତରଣ—The square trapping put on an elephant. (ବ୍ର—ଏହା ହାତିର କଡ଼ରେ ଭୂମିରୁ ୧½ ଫୁଟ ଉଚ୍ଚରେ ଝୁଲୁଥାଏ ।)
হাতীর ঝালর हाथीझुल

ହାତି କ(କୁ) ଟିପିବା—ଦେ. କ୍ରି—(ମାହୁନ୍ତ) ହାତିକୁ ଆଗକୁ ଚଳାଇବା
Hāti ki(ku) tipiba ପାଇଁ ତା ମୁଣ୍ଡରେ ଗୋଡ଼ ଓ ଅଙ୍କୁଶ ମାରିବା—To goad an elephant to advance
ডাঙ্গশমারা हाथीकोअङ्कुशमारना

ହାତି ଟୋପ (ଟୋପର)—ଦେ. ବି—ବଣହାତିଙ୍କୁ ଧରି ହେବାପାଇଁ
Hāti topa (topara) ବଣରେ ଖୋଳାଯିବା ବଡ଼ ଗର୍ତ୍ତ—Big holes dug in the ground to entrap
হাতীটোপ हाथीबझानेकागड्ढा elephants.
(ବ୍ର—ଏହାର ମୁହଁରେ ବାଉଁଶ ଗୁଣ୍ଡା, ଘାସଚେକା, ଡାଳ ଆଦି ବିଛାଯାଇ ଏହାର ମୁହଁ ଲୁଚା ହୋଇଥାଏ ଓ ତହିଁ ଉପରେ ହାତିଙ୍କ ଖାଦ୍ୟ ରଖା ଯାଇଥାଏ । ହାତି ଏଠାକୁ ଚରିବାକୁ ଆସିଲେ ଏଠାରେ ଗର୍ତ୍ତ ଥିବା ଜାଣି ନ ପାରି ତହିଁ ଉପରେ ଗୋଡ଼ ଦେବାମାତ୍ରେ ଖାଲରେ ଗଳିପଡ଼ିଓ ଉଠିପାରେ ନାହିଁ । ସେଠାରେ ଅନାହାରରେ ୨।୪ ଦିନ ପଡ଼ି ରହିବା ପରେ ତାକୁ ଲୋକେ ନାନା କୌଶଳରେ ଦଉଡ଼ି ଦ୍ୱାରା ବାନ୍ଧି ଅନ୍ୟ ଶିକ୍ଷିତ ହାତିଦ୍ୱାରା ଉପରକୁ ଉଠାଇ ଆଣି ପୋଷ ମନାନ୍ତି ।)

ହାତି ଥୋଡ଼(ର)—ଦେ. ବି—(ସଂ. ଅଧର+ପ୍ରହାର, ଫଳତଃ ଏହା
Hāti thorda (ra) ହସ୍ତୀର ଓଠର ଓଠ ଓ ଏହାଦ୍ୱାରା ହସ୍ତୀ ପ୍ରହାର କରେ)—
ହାତିଥୋଡ଼ ପାଇ(ହା)ର } ଅନ୍ୟରୂପ ।
ହାତିଥୋର ପାହାର

ହସ୍ତିଶୁଣ୍ଡ; ହାତିର ଶୁଣ୍ଡ—The trunk of elephant.
হাতীর শুঁড় हाथीशुंड

ହାତି ଦଣ୍ଡା (ଦାଣ୍ଡ, ଦାଣ୍ଡି)—ଦେ. ବି—(ସଂ ହସ୍ତୀ ଓ ଦଣ୍ଡ)—Hāti daṇḍā (dāṇḍa, dāṇḍi) ୧ । ଘଞ୍ଚ ଅରଣ୍ୟରେ ହସ୍ତିଯୂଥମାନଙ୍କର ଗମନାଗମନ ପାଇଁ ହସ୍ତୀମାନଙ୍କ ଦ୍ୱାରା ପରିଷ୍କୃତ ବହୁଶତ କ୍ରୋଶ ଲମ୍ବ ମାର୍ଗ—1. A wide open track made by elephants in the dense forest running to hundreds of miles. ୨ । ହାତିପଲମାନଙ୍କ ଶୋଭା ପରି ଆକାଶରେ ଦକ୍ଷିଣ ପଶ୍ଚିମ କୋଣରୁ ଉତ୍ତର ପୂର୍ବ କୋଣକୁ ଲମ୍ବ ହୋଇ ଦେଖାଯିବା ଧଳା ମେଘର ଖଣ୍ଡମାନ—2. A long track of isolated fleecy clouds (resembling the track of a herd of elephants) extending from the south-west to the north-east in the sky seen at times (this indicates that soon it will be raining). [ଦ୍ର—ଏହା ଦେଖାଗଲେ ଶୀଘ୍ର ବର୍ଷା ହେବ ବୋଲି ସୂଚିତ ହୁଏ ।] ୩ । ଛାୟାପଥ—3. The milky way.
হাতী রাস্তা, हाथी का रास्ता

ହାତିଦନ୍ତା ବାଇଗଣ—ପ୍ରାଦେ (ଗଡଜାତ) ବି—ଏକପ୍ରକାର ଧଳା ଓ ଲମ୍ବା ବାଇଗଣ—A species of white long brinjal.
Hātidantā baigaṇa

ହାତି ଦଳା(ଲେ)ଇବା(ମର୍ଦ୍ଦା[ର୍ଦ୍ଦେ]ଇବା)— ଦେ. କ୍ରି—(ପୂର୍ବେ ରାଜାମାନଙ୍କଦ୍ୱାରା ଅପରାଧୀମାନଙ୍କୁ ଦିଆଯିବା ଦଣ୍ଡ ବିଶେଷ) ଅପରାଧୀ ଉପରେ ହାତିକୁ ଚଢାଇ ହାତିର ଗୋଡଦ୍ୱାରା ତାକୁ ଦଳାଇ କରି ମାରିଦେବା—To kill a person by causing him to be trodden on by an elephant.
Hāti daḷā (le) ibā (mardā[rde]ibā)
হাতিতে দলান हाथीसे पिसवाना

ହାତି ଦଳିବା—ଦେ. ବି—ହାତିର ମନୁଷ୍ୟ ଉପରେ ପାଦ ପକାଇ ଚକଟି ଦେବା—The treading by an elephant of a man.
Hāti daḷibā
হাতিদলা हाथीपिचाई

ହାତି ଦାନ୍ତ—ଦେ. ବି—(ସଂ. ହସ୍ତିଦନ୍ତ)—ଅଣ୍ଡିରା ହାତିର ଗାଲପାଟିରୁ ବାହାରିଥିବା ଦୁଇଟି ଲମ୍ବ ଦାନ୍ତ—Tusks of an elephant; ivory.
Hāti dānta
হাতির দাঁত हाथीदांत
[ଦ୍ର—ଯେଉଁ ହାତିର ଦାନ୍ତ ବା ବଡ଼ ଦାନ୍ତ ଥାଏ ତାକୁ ଦନ୍ତା ହାତି କହନ୍ତି ।

ହାତିଦାନ୍ତ ଦେଖିବାକୁ ଚିକ୍କଣ ଓ ଏହାକୁ କାଟିକରି ଏଥିରେ ନାନାପ୍ରକାର ଯଷ୍ଟି, ଛୁରିବେଣ୍ଟ, ପଶାକାଟି, ପଶାଗୋଟି, କୁଣ୍ଢେଇ, ପଲଙ୍କରେ ଦିଆଯିବା ପାଟିଆ ଆଦି ତିଆରି ହୁଏ । ଏହାର ସେର ୪ ୧୨ ଠାରୁ ୪୩୦ ପର୍ଯ୍ୟନ୍ତ ବିକାଯାଏ । ହାତିଦାନ୍ତରେ ଘୁଣ ଲାଗି ହେବା—ନ୍ୟାୟ-ହାତିଦାନ୍ତ ପରି ବହୁମୂଲ୍ୟ ବସ୍ତୁ ଉପରେ ଘୁଣ ପରି ମଣ୍ଡାହେଲା ପରି ଦୁଇଟି ବହୁମୂଲ୍ୟ ପଦାର୍ଥର ବା ସୁଗୁଣର ଏକତ୍ର ସମାବେଶ ହେବା ଦେଖାଗଲେ ଏ ନ୍ୟାୟ ଲାଗେ ।]

ହାତିଦାନ୍ତ ପଲଙ୍କ—ଦେ. ବି—(ସଂ. ହସ୍ତିଦନ୍ତ ଓ ପର୍ଯ୍ୟଙ୍କ)—ଯେଉଁ ପଲଙ୍କର ବାଡ଼ଆଦିରେ ହାତିଦାନ୍ତର ପାଟିଆ ଛୁଆଣି ବା ଖଚିତ ହୋଇଥାଏ—A bedstead set with layers of thin ivory.
Hātidānta palaṅka
হাতির দাঁতের পালঙ্ক हाथीदांत पलङ्ग

ହାତି ଦେବା ଛତି ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ ବହୁମୂଲ୍ୟବାନ୍ ଉପହାର ଦେବା—1. To give great gifts to a person. ୨ । କୌଣସି ବ୍ୟକ୍ତିକୁ ବହୁମୂଲ୍ୟବାନ୍ ବସ୍ତୁ ପାରିତୋଷିକ ଦେବାପାଇଁ ଅଙ୍ଗୀକାର କରିବା—2. To promise to give great gifts to a person.
Hāti debā chhati debā
হাতি ঘোড়া দেওয়া हाथी घोड़ा देना

ହାତି ଧରା—ଦେ. ବି—ବଣ ହାତିକୁ ପୋଷିବା ପାଇଁ ନାନା ଉପାୟରେ ଜଙ୍ଗଲରୁ ଧରିବା—Catching of wild elephants. [ଦ୍ର—ଦୁଇ ପ୍ରକାରେ ବଣହାତି ଧରାଯାଆନ୍ତି—୧ । ହାତିଙ୍କ ଚଳିବା ସ୍ଥାନରେ ସ୍ଥାନେ ସ୍ଥାନେ ଭୂମିରେ ବଡ଼ ଗଭୀର ଗାତ (ଝୋପ) ଖୋଳି ତା ଉପରେ ବାଉଁଶ ଖଣ୍ଡ, ଘାସ ଚେକା ଘୋଡ଼ାଇ ଦିଆ ହୋଇଥାଏ; ହାତି ବୁଲୁ ବୁଲୁ ଖାତରେ ପଡ଼ିଗଲେ ଆଉ ଉଠିପାରେ ନାହିଁ । ତା ପରେ ଶିକ୍ଷିତ ପୋଷା ହାତିଙ୍କୁ ନେଇ ଝୋପରେ ପଡ଼ିଥିବା ବଣ ହାତିକୁ ଉଠାଇ ଆଣି ଲୋକେ ବଶ କରନ୍ତି ।
Hāti dharā
হাতি ধরা हाथीखेदा

୨ । ବଣରେ ଅବିଚ୍ଛିନ୍ନମାନଙ୍କଠାରୁ ପଡିଥିବା ହାତିଦାଣ୍ଡରୁ ସରୁଆ ବାଟ କାଟି ଖଣ୍ଡିଦୂର ପର୍ଯ୍ୟନ୍ତ ଆଣି ସେଠାରେ ବଡ଼ ବଡ଼ କାଠର ଖୁଣ୍ଟଦ୍ୱାରା ଗୋଟିଏ ଖୁଆଡ଼ ତିଆରି କରାଯାଏ; କଠା ହୋଇଥିବା ବାଟରେ ହାତିଙ୍କର ଲୋଭନୀୟ ଖାଦ୍ୟ ରଖାଯାଇଥାଏ । ହାତିପଲ ସେ ଖାଦ୍ୟକୁ ଦେଖି ଲୋଭରେ କ୍ରମଶଃ ଅଗ୍ରସର ହୋଇ ସେ ଖୁଆଡ଼ରେ ପଶିଗଲେ ଖୁଆଡ଼ର ବାଟକୁ ଜଗିଥିବା ଲୋକେ ଅଡ଼କାଠ ବା ଝୁଲନ୍ତବାଟ ଦେଇ ବନ୍ଦ କରନ୍ତି ଓ ସେଥିରେ ବନ୍ଦୀହେବା ହାତିମାନଙ୍କୁ ଶିକ୍ଷିତ ହାତିମାନଙ୍କ ସାହାଯ୍ୟରେ ଆୟତ୍ତ କରନ୍ତି । ଏହି ଖୁଆଡ଼କୁ ଖେଦା ବୋଲାଯାଏ ।]

ହାତି ନେଦ (ଦା)—ଦେ. ବି—(ସଂ. ହସ୍ତୀ+ଲଣ୍ଡ)—ହସ୍ତୀବିଷ୍ଠା—The dung balls of elephants.
Hāti neda (dā)
হাতির নাদ(দা) हाथीलीद

ହାତି ପଲ (ଲ୍ଲ, ଲ୍ହ, ହ୍ଲ)—ଦେ. ବି—(ସଂ. ହସ୍ତୀ+ପାଲ=ପଂକ୍ତି) ବନ୍ୟ ହସ୍ତୀମାନଙ୍କର ସଙ୍ଗବଦ୍ଧ ଦଳ—Horde or herd of wild elephants. [ଦ୍ର—ପ୍ରତ୍ୟେକ ପଲରେ ଗୋଟିଏ ବୃଦ୍ଧ ବଳବାନ୍ ଦନ୍ତାହାତି ଅଧିପତି ଥାଏ; ସେ ଆଗେ ଆଗେ ଯାଉଥାଏ ଓ ଦଳର ଅନ୍ୟ ହାତିମାନେ ତାହାର
Hāti pala (lla, lha, hla)
হাতির পাল हाथीदल

ପଛେ ପଛେ ଯାଉଥାଅନ୍ତି । ହାତି କୁଅ ଓ ହାତୁଣୀମାନେ ପଲର କେନ୍ଦ୍ରରେ ଥାଅନ୍ତି ଓ ତାଙ୍କ ଚାରିପାଖେ ଅନ୍ୟ ବୟସ୍କ ହାତୀମାନେ ଘେରିଥାଆନ୍ତି ।]

ହାତି ପଲସିବା—ଦେ, ବି—ହାତୀର ଦ୍ରୁତଗତି (ଚାଲିବା ଓ ଧପାଇବାର ମଧ୍ୟବର୍ତ୍ତୀ ଗତି)—Swift motion of an elephant (midway between walking and running).
Hāti palāsibā
হাতির দৌড়
हाथीका दौड़
[ଦ୍ର—ହାତୀମାନେ ଚଲେ ଠିକା ଦେଖ ।]

ହାତି ପାଞ୍ଜର—ପ୍ରାଦେ (ପାଟଣା) ବି—ବନ୍ୟ ବୃକ୍ଷ ବିଶେଷ—Name of a wild tree.
Hāti pāñjara
(ହାତିବାଡ଼ ଗଛ—ଅନ୍ୟରୂପ)

ହାତି ପାହୁଣ୍ଡ(ଲ)—ଦେ. ବି—ଚାଲିବାବେଳେ ହାତୀର ଥରେ ପଦକ୍ଷେପ—One step of an elephant whilst walking.
Hāti pābuṇḍa(la)
হাতীর পদক্ষেপ
हाथीका डग

ହାତି ପାହୁଣ୍ଡ(ଲ) ପକା(କେ)ଇବା—ଦେ. ବି—ହାତୀର ଧୀର ମନ୍ଥରଗମନ—The walking of an elephant in slow measured paces.
Hāti pahuṇḍa(la) pakā(ke)ibā
হাতীর ধীর চাল
हाथीका धीरे धीरे चलना

ହାତି ପେଏଁକାଳ(ଳ)—ଦେ. ବି - ହସ୍ତୀର ତୂରୀବତ୍ ଧ୍ୱନି—The trumpet-like sound made by an elephant.
Hāti pe-eṅkāla(ḷi)
[ହାତିପେଁକାଳ(ଳ)—ଅନ୍ୟରୂପ]
হাতীর ডাক
हाथीकी चिहकारी
[ଦ୍ର—ଦୂରରୁ ବଣହାତିମାନେ ପୋଷା ହାତୀଙ୍କର ଗନ୍ଧ ବା ଉପସ୍ଥିତି ବାରିଲେ ଓ ପୋଷା ହାତିମାନେ ବଣ-ହାତୀଙ୍କର ଗନ୍ଧ ବା ଉପସ୍ଥିତି ବାରିଲେ ଉଭୟେ ପେଏଁକାଳ ମାରନ୍ତି । ସେହି ପେଏଁକାଳ ଶୁଣି ବଣହାତିମାନେ ପୋଷା ହାତିଙ୍କ ଥିବା ସ୍ଥାନକୁ ଅଗ୍ରସର ହୁଅନ୍ତି । ସେହି ସମୟରେ ପୋଷା ହାତିଙ୍କ ନିକଟରେ ଥିବା ଲୋକଙ୍କ ଜୀବନ ବିପନ୍ନ ହୁଏ ।]

ହାତି ପେଏଁକାଳ ମାରିବା—ଦେ. ବି—ହସ୍ତୀର ତୂରୀ ବଜାଇବା ପରି ଶବ୍ଦ କରିବା—An elephant's emitting a trumpeting sound.
Hāti pe-eṅkāla māribā
ହାତି ପେଁକାଳ ମାରିବା
ହାତିପେଏଁକାଳିବା —ଅନ୍ୟରୂପ
ହାତି ପେଁକାଳିବା
হাতী ডাকা
हाथी चिहकार मारना

ହାତି ପେଟ—ଦେ. ବି—୧ । ହାତିର ଗର୍ଭ—1. The belly of an elephant. ୨ । (ଲୁଳନାର୍ଥକ) ବଡ଼ ପେଟ; ଥଲ୍ଲ ପେଟ—2. Pot-belly. ୩ । (ଲୁଳନାର୍ଥକ) ଯେଉଁ ମନୁଷ୍ୟର ଗର୍ଭରେ ବହୁତ ଖାଦ୍ୟ ପଶେ—3. The belly of a man who eats much (compared to the belly of an elephant) ୪ । [ଲକ୍ଷଣାର୍ଥ] ଯେଉଁ ବ୍ୟକ୍ତିର ପେଟରେ ବା ମନରେ ଅନେକ ଗୁପ୍ତ କଥା ପଶେ କିନ୍ତୁ ବାହାରେ ନାହିଁ—4. (figurative) The mind of a person who hears many things but divulges nothing.
Hāti peṭa
হাতীর ভুঁড়ি
हाथी पेट

ହାତି ପୋଷିବା— ଦେ. କ୍ରି (ସଂ ହସ୍ତି ପୋଷଣ)—୧ । ଗୋଟିଏ ହାତିକୁ ରଖିବା ପାଇଁ ତାହାର ଖାଦ୍ୟ ଦେଇ ଚଳାଇବା 1. To maintain an elephant. ୨ । (ଲକ୍ଷଣାର୍ଥ) ଯେଉଁ ବ୍ୟକ୍ତିକୁ ପୋଷଣ କରିବା ବହୁ ବ୍ୟୟସାପେକ୍ଷ, ସେପରି ବ୍ୟକ୍ତିର ଭରଣପୋଷଣ କରିବା - 2. (figurative) To maintain a person, to maintain whom is very costly. [ଯଥା—ଆଜିକାଲି ପିଲାଙ୍କୁ କଲେଜ୍‌ରେ ପଢ଼ାଇବା ଅର୍ଥ ଘରେ ହାତି ପୋଷିବା]
Hāti poshibā
হাতী পোষা
हाथी पोसना

ହାତିବଡୁଆ—ଦେ. ବି—ଆସାମ ଦେଶର ବ୍ରାହ୍ମଣମାନଙ୍କ ବଂଶୋପାଧି ବିଶେଷ – A family-title amongst the Assamese Brāhmaṇas.
Hātibarḍua
হাতি বড়ুয়া
हाथी बड़ुया

ହାତିବନ୍ଧ—ଦେ. ବି—ହାତିଅନ୍ଦ (ଦେଖ)— Hātianda (See)
Hātibanda

ହାତି ବଳ—ଦେ. ବି (ସଂ ହସ୍ତି ବଳ)— ୧ । ପ୍ରାଚୀନ ହିନ୍ଦୁମାନଙ୍କର ଚତୁରଙ୍ଗ ସେନା ମଧ୍ୟରୁ ହସ୍ତ୍ୟାରୋହୀ ସେନା—1. The division of the army of ancient India consisting of elephant-riders. ୨ । ସତରଞ୍ଜ ଖେଳରେ ଗୋଟିବିଶେଷ—2. A sort of ball in the game of chess (corresponding to the Bishop in the English game). (ଦ୍ର—ଏହା କୋଣାକୋଣରେ ଚାଳିତ ହୁଏ ।) ୩ । ହାତିର ବଳ ପରି ଖୁବ୍ ବଳ—3. Great strength like that of an elephant; the strength of an elephant.
Hāti bala
হাতীর বল
हाथी बल

ହାତି ବସିବା—ଦେ. ବି—ହାତି ଉପରେ ମନୁଷ୍ୟର ଚଢ଼ିବା ପାଇଁ ମାହୁନ୍ତର ଆଦେଶ ଅନୁସାରେ ପୋଷା ହାତି ଅଣ୍ଠେଇବା—The kneeling down of an elephant to enable a rider to get on it.
Hāti basibā
হাতীবসা
हाथी बैठाई

ହାତି ବସିଯିବା—ଦେ.ବି—ହାତି ମରିଯିବା—(euphemism)The dying of an elephant.
Hāti basijibā
হাতী মরে যাওয়া
हाथीबैठजाना
(ଦ୍ର—ହାତି ବଡ଼ ଜୀବ ଥିବାରୁ ଏହାର 'ମରିଯିବା' ନ କହି 'ବସିଯିବା' କହନ୍ତି ।

ହାତିବାଣ୍ଡା—ପ୍ରାଦେ (ଗଡ଼ଜାତ ଓ ଗଞ୍ଜାମ) ବି (ସଂ ହସ୍ତିମେଢ୍ର)—ହାତି ଲିଙ୍ଗ ପରି ବଡ଼ ଫଳବିଶିଷ୍ଟ ଏକପ୍ରକାର ଗଛ—A kind of big wild tree having fruits resembling the penis of an elephant.
Hātibāṇḍā

ହାତ ବୋଇତ—ଦେ· ବ [ସ. ହସ୍ତୀ + ବହିତ୍ର]—ସମୁଦ୍ରରେ ହାତିଙ୍କୁ
Hāti boita ବୋହିନେବା ସକାଶେ ପ୍ରସ୍ତୁତ ଜାହାଜ—
ହাতী বহা জাহাজ **हाथी बोट** A ship to carry elephants on it in the ocean.
[ଦ୍ର—ଖାରବେଳ ଯେଉଁ 'ହାତି ବୋଇତ'ମାନ ପାଣ୍ଡ୍ୟ ରାଜାଙ୍କଠାରୁ ଅଧିକାର କରିଥିଲେ ସେମାନ ଅର୍ଣ୍ଣବଗାମୀ ଥିଲା । କଳିଙ୍ଗ ବଣିକମାନେ ଏହି ବୋଇତ ଚଳାଉ ଥିଲେ—ସୁପ୍ରସିଦ୍ଧ ଉତ୍କଳ ଇତିହାସ ।]

ହାତ ମାହୁଁନ୍ତ (ମାହୁନ୍ତ)—ଦେ ବ—ହାତିଆଳ; ହସ୍ତୀପକ; ହସ୍ତୀଚାଳକ;
Hāti māhuñta (māhunta) ଯେଉଁ ବ୍ୟକ୍ତି ହାତି କାନ୍ଧ
হাতীরমাহুত ଉପରେ ବସି ହସ୍ତୀକୁ ଚାଳିତ କରେ—The
फीलवान, हाथीवान driver of an elephant.

ହାତି ମେଠ (ଣ୍ଟ)—ଦେ. ବ—(ସ. ହସ୍ତୀ ଓ ଇଂ ମେଟ)—ହାତିର
Hāti meṭa (ṇṭa) ଖାଇବା ଓ ଗାଧୋଇବା ଅବସରେ ହାତି
হাতীর মেট ମାହୁନ୍ତକୁ ସାହାଯ୍ୟ କରିବା ନିମନ୍ତେ ନିଯୁକ୍ତ ଭୃତ୍ୟ—
हाथीमेट A mate or attendant kept for helping the elephant-driver in looking after an elephant.

ହାତି ମେଦ—ଦେ· ବ—ହାତିର ପିଣ୍ଡାକାର ବିଷ୍ଠା—
Hāti meda The dung of an elephant.
হাতীর লাদ **हाथीलीद**

ହାତି ରଜା—ଦେ· ବ. ପୁଂ—(ସ· ହସ୍ତିରାଜ)—ହସ୍ତୀଯୂଥର ନେତା ଦନ୍ତା
Hāti rajā ହାତି—A male tusker who leads a
হাতীপালের রাজা herd of wild elephants.
हाथीराजा

ହାତି ରସ—ଦେ. ବ—(ସ. ହସ୍ତିରସ)—ମତ୍ତ ହସ୍ତୀର ଗଣ୍ଡରୁ ବୋହିବା
Hāti rasa ମଦଜଳ—The juicy exudation coming
(ହାତିର ରସ—ଅନ୍ୟରୂପ) out of the temples of a
হাতীর রস **हाथी की मठी** male elephant in rut.

ହାତି ରସ ଦେବା—ଦେ.କ—ମତ୍ତ ହସ୍ତୀର ଗଣ୍ଡରୁ ମଦସ୍ରାବ ହେବା—
Hāti rasa debā An elephant in rut emitting juice from its temples.
ହାତି ରସ ଫିଟିବା
ହାତି ରସ ବୋହିବା
ହାତି ରସା(ସେ)ଇବା
ହାତି ରସିବା
} ଅନ୍ୟରୂପ
হাতীর রস বহা **हाथीमठी चूना**

ହାତିରାମ୍—ଦେ.ବ. ପୁଂ—୧। (ବ୍ୟଙ୍ଗ୍ୟ)—ହାତିପରି ସ୍ଥୂଳକାୟ ବ୍ୟକ୍ତି—
Hātirām 1. (ironical) Fat or corpulent person.
হাতীরাম ୨ । ହାତିପରି ଗମ୍ଭୀର ସ୍ୱଭାବ ବ୍ୟକ୍ତି—2. A person of
हाथीराम calm temperament. ୩ । ହାତିପରି ଧୀର ମନ୍ଥର ଗମନଶୀଳ ବ୍ୟକ୍ତି—3. A person of slow gait (compared to an elephant).

ହାତି ଲଣ୍ଡ (ଲେଦ, ଲେଦା, ଲେଦି)—ଦେ. ବ—ହାତି ଲେଦ; ହାତିର
Hāti laṇḍa (leda, ledā, ledi) ବିଷ୍ଠା, ହସ୍ତୀର ବୃହତ୍
হাতীর মেদ ହସ୍ତୀପିଣ୍ଡ—Big balls of elephant-dung.
हाथी का लिद

ହାତି ଲଦନ—ଦେ. ବ—ଖୋଳ ଓ କୁଟାଆଦି ପୂର୍ଣ୍ଣ ଅଖାର ସୁର-
Hāti ladana ତୋଣିଆ ଗଦି (ଯାହା ହାତି ଉପରେ ପକାଯାଏ)
হাতীর গদি —A pack-saddle put on the back of
हाथी की गदी an elephant. [ଦ୍ର—ହାତିର ପିଠିରେ ପ୍ରଥମେ ଲଦନ ଉଡ଼ା ହେବା ପରେ ତହିଁ ଉପରେ କଠାଲ ବା ହାଉଦା ସ୍ଥାପିତ ହୋଇ କଷାଯାଏ । ଲଦନର ପୃଷ୍ଠ ସମଭୂଲ ହୋଇଥାଏ; କିନ୍ତୁ ଲଦନର ଗର୍ଭକୁ ହାତିର ମେରୁହାଡ଼ ଲାଗିବା ଅଂଶରେ ଶୂନ୍ୟ କରି ଛିଅର କରାଯାଇ ଥାଏ ।]

ହାତି ଶାଳ—ଦେ· ବ—(ସ. ହସ୍ତିଶାଳା)—ପୋଷା ହାତିଙ୍କ ରହିବା
Hāti śāḷa ପାଇଁ ବ୍ୟବହୃତ ବଡ଼ ଘର—A big shed for
হাতীশাল housing an elephant. [ଦ୍ର—ହାତିଶାଳ
हाथीसार, हाथीखाना ଭାଙ୍ଗିଗଲେ ବି ମେଣ୍ଢା ଶାଳକୁ ଯୋଗ୍ୟ ନୁହେଁ—ପ୍ରବଚନ । ହାତିପରି ବଡ଼ ଜୀବର ଶାଳ ଭାଙ୍ଗିଗଲେ ତାହା ସିନା ହାତିର ରହିବା ପାଇଁ ଯୋଗ୍ୟ ହୁଏନାହିଁ; କିନ୍ତୁ ତହିଁରେ ଅନାୟାସରେ ବହୁ ମେଷ ରହି-ପାରନ୍ତି । ଧନଶାଳୀ ବ୍ୟକ୍ତିଙ୍କର ବିଭବ କ୍ଷୟ ହେଲେ ଭଳୁ କ୍ଷୟପ୍ରାପ୍ତ ଅବସ୍ଥା ଧନୀ ବ୍ୟକ୍ତିଙ୍କ ଚଳାଚଳ ପକ୍ଷରେ ଯଥେଷ୍ଟ ହୁଏନାହିଁ, କିନ୍ତୁ ତାହା ଗରିବ ଲୋକଙ୍କ ଚଳାଚଳ ପକ୍ଷରେ ଯଥେଷ୍ଟ ହୁଏ; ଏହି ସ୍ଥଳରେ ଏ ପ୍ରବଚନର ପ୍ରୟୋଗ କରାଯାଏ ।]

ହାତି ଶୁଣ୍ଢ(ଣ୍ଢ)—ଦେ.ବ—(ସ.ହସ୍ତିଶୁଣ୍ଡ)—ହସ୍ତୀର ଥୋର ପାହାର—
Hāti śuṇḍa (ṇḍha) The trunk of an elephant.
হাতীশুঁড় **हाथीका सूड**

ହାତିଶୁଣ୍ଢା(ଣ୍ଢା)—ଦେ. ବଣ—ହସ୍ତିଶୁଣ୍ଡ ପରି ଆକୃତି ବିଶିଷ୍ଟ—
Hāti śuṇḍā (ṇḍhā) Resmbling an elephant's
হাতী শুঁড়ো trunk in shape. ବଣ—୧ । (ଏହାର ଆକୃତି
हाथीसूंडा ହାତିଶୁଣ୍ଢପରି ଅନୁମିତ ହେବାରୁ) ଜଳସ୍ତମ୍ଭ; ସମୟ
হাতী শুঁড়, হাতীশুঁড়া ସମୟରେ ଆକାଶରୁ ଭୂମି ଉପରକୁ ବା
हाथीमा सूंड ଜଳରାଶି ମଧ୍ୟକୁ ଲମ୍ବିଥିବା ବିଶାଳ ଜଳସ୍ତମ୍ଭ—
1. Water spout (a natural phenomenon)
[ଦ୍ର—ଏହା ସାଧାରଣତଃ ନଦୀର ବା ସମୁଦ୍ରର ବା ଜଳାଶୟର ଜଳରାଶି ଉପରେ ଆକାଶରୁ ଲମ୍ବିବା ଦେଖା-ଯାଏ । ଏହି ଜଳସ୍ତମ୍ଭ ଦ୍ୱାରା ମେଘକୁ ବହୁ ପରିମାଣରେ ଜଳ ଉଠିଯାଏ । ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ, ଐରାବତ ହସ୍ତୀ ପୃଥିବୀକୁ ଶୁଣ୍ଢ ବଢ଼ାଇ ପାଣି ପିଉଅଛି । ଏଥି ପାଇଁ ଏହି ନାମ ହୋଇଅଛି । ସମୟ ସମୟରେ ଏଁ ଜଳସ୍ତମ୍ଭ ଶୁଖିଲା ଭୂମି ଉପରେ ଦେଖାଯାଏ ଓ ଏ ପ୍ରକାର ଜଳସ୍ତମ୍ଭ ଦ୍ୱାରା ଶୁଖିଲା ଭୂମି ଉପରେ ଗୁଡ଼ାଏ ଜଳ ଅଜାଡ଼ି ହୋଇ ପଡେ । ୨ । ପୁରୁଷର ଲିଙ୍ଗରୁ ଉକ୍ତଗଡ଼ ଲିଙ୍ଗର

ହାତିଶୁଣ୍ଢ ପରି ଫୁଲିଯିବା ରୋଗ; ଲିଙ୍ଗର ଶ୍ଳୀପଦ ରୋଗ—
2. Elephantiasis of the penis; tumour of the male organ. ୩ । ହସ୍ତୀଶୁଣ୍ଢା (ଦେଖ)—
3. Hasti Śuṇḍā (See).

ହାତି ସରି—ଦେ. ବି—୧ । ହାତି ଦଣ୍ଡା (ଦେଖ)—1. Hāti
Hāti sari daṇḍā (See). ୨ । ହାତିପଲଙ୍କ ବିଚରଣ
হাতীর পায়ের দাগ କରିଥିବା ଭୂମି ଉପରେ ପଡ଼ିଥିବା ହାତିଙ୍କ
हाथीका रास्ता ପାଦଚିହ୍ନର ଏକାଦିକ୍ରମ ରେଖା—2. The
lines of foot steps left by a horde of wild elephants in the jungle.

ହାତି ସିରସ୍ତା—ଦେ. ବି—ଧରା ହୋଇ ଆସିଥିବା ବଣ ହାତିକୁ ପଣ
Hāti sirastā କରିବା—Training or breaking of
হাতী সায়েস্তা a newly caught wild elephant.
हाथी सुधार

ହାତି ହପାଲ—ଦେ. ବି—ହାତିର ଦ୍ରୁତତମ ଗତି—The swiftest
Hāti hapāla trot of an elephant.
হাতীর দৌড় हाथीका दौड़

ହାତି ହପାଲିବା—ଦେ. ବି—ହାତିର ଅତି ଦ୍ରୁତ ବେଗରେ ଚାଲିବା—
Hāti hapālibā The swift running of an
হাতী দৌড়া हाथीकादौड elephant.

ହାତି ହାଉଦା—ଦେ. ବି—(ସଂ. ହସ୍ତୀ ଓ ଅ. ହାଉଦାହ୍; ସଂ. ନାମ
Hāti hāudā କରଣ୍ଡକ)—ହାତିର ପିଠିରେ ଗଦି ଓ ଝୁଲ
হাতী হাওদা ପଡିବା ପରେ ତା ଉପରେ ଲଗାଯିବା ବିବିଧ କାରୁକାର୍ଯ୍ୟ-
हाथी हौदा ମଣ୍ଡିତ (ସ୍ଥାନେ ସ୍ଥାନେ ଚନ୍ଦ୍ରାତପ) ଆସନ—
Howda; cushioned and sometimes canopied chair put on the back of an elephant. [ଦ୍ର—ଏହି ଆରବୀ ହାଉଦା ଶବ୍ଦ ଇଂରାଜି ଭାଷାରେ ଚଳିଲାଣି । ଶୋଭାଯାତ୍ରାରେ ଓ ରାଜା, ମହାରାଜା ଓ ବରିଷ୍ଠ ବ୍ୟକ୍ତିମାନଙ୍କର ହାତି ଉପରେ ଚଢ଼ିବା ଉପଲକ୍ଷରେ ହାତି ଉପରେ 'ହାଉଦା' କଷାଯାଏ । ସାଧାରଣ ବ୍ୟକ୍ତିଙ୍କ ଚଢ଼ିବା ପାଇଁ 'କଠଲ' କଷାଯାଏ । ଗୋଟିଏ ଗୋଟିଏ ହାଉଦାର ଓଜନ ୨।୪ ମହଣ ଏବଂ ତହିଁ ଉପରେ ସୁନାର ଓ ରୂପାର ପାତିଆ ସବୁ ମଡ଼ା ହୋଇଥାଏ ଓ ବହୁ ମୂଲ୍ୟର ପଥର ଓ ଜରିର ଛବି ବା ଗୃହ ଥାଏ । ଗୋଟିଏ ଗୋଟିଏ ହାଉଦାର ମୂଲ୍ୟ ବହୁଲକ୍ଷ ଟଙ୍କା ଥିବା ଦେଖା ଯାଇଅଛି ।]

ହାତୁ—ଦେ. ଅ—ହାତ (ଦେଖ)—Hāt (See). କ୍ରି. ବିଣ—ହାତରୁ
Hātu (ଦେଖ)—Hātaru (See).

ହାତୁଆ—ଦେ. ବି—ବିହାର ପ୍ରଦେଶର ଜମିଦାରି ବିଶେଷ—(ଦ୍ର—ଏ
Hātuā ଜମିଦାରିର ଭୂସ୍ୱାମୀଙ୍କ ଉପାଧି ରାଜା)—Hātwa, the
হাতুয়া name of an estate in Bihar of which the
हथुआ proprietor is styled Rāja. ବିଣ ପୁଂ—(ଅନ୍ୟ
(ହାତେ [ତୋ]ଇ—ସ୍ତ୍ରୀ—ବିଣ) ଶବ୍ଦ ପରେ ଯୁକ୍ତ ହୁଏ—ଯଥା
হাতওয়ালা —ମାରହାତୁଆ; ଫୁର୍ତ୍ତି ହାତୁଆ) ହସ୍ତ ବିଶିଷ୍ଟ—
हाथवाला (suffixed to another word)—Handed (as in Brisk-handed).

ହାତୁଁ—ଦେ. କ୍ରି ବିଣ—ହାତରୁ (ଦେଖ)—
Hātuñ Hātaru (See).
(ହାତରୁ—ଗ୍ରାମ୍ୟରୂପ)

ହାତୁଡ଼ା—ଦେ, ବି—(ସଂ. ହସ୍ତ)—୧ । ବଡ଼ ହାତୁଡ଼ି, ଯାହା ଦ୍ୱାରା
Hāturḍā କମାରଶାଳରେ ତତା ହୋଇଥିବା ଲୁହାକୁ ପିଟା
বড়হাতুড়ি हथौड़ा ଯାଏ—1. Sledge-hammer; a big hammer, [ଦ୍ର—ତପ୍ତ ଲୌହ ଖଣ୍ଡକୁ ସଣ୍ଢାସି ଦ୍ୱାରା ନିଆଁରୁ ବାହାର କରି ଆଣି ଜଣେ ଲୋକ ସଣ୍ଢାସିରେ ଉକ୍ତ ଲୌହ ଖଣ୍ଡକୁ ଦୃଢ଼ରୂପେ ଧରି ନେହି ଉପରେ ସ୍ଥାପିତ କରିଥାଏ ଓ ଅନ୍ୟ ଜଣେ ଲୋକ ଠିଆ ହୋଇ ହାତୁଡ଼ାର ବେଣ୍ଟକୁ ଦୁଇ ହାତରେ ଧରି ଉକ୍ତ ଲୁହାକୁ ପିଟେ । ଛୋଟ ହାତୁଡ଼ାକୁ ହାତୁଡ଼ି ବୋଲାଯାଏ ଓ ଅତି ଛୋଟ ହାତୁଡ଼ିକୁ ଚୁଟିଆ ବୋଲାଯାଏ ।] ୨ । ଖାଉଜାଲ—
2. A kind of small long fishing net. [ଦ୍ର—ଏ ଲମ୍ବ ଜାଲର ଦୁଇ ପ୍ରାନ୍ତରେ ଥିବା କାଠି ହସ୍ତକୁ ଦୁଇ ଜଣ ଲୋକ ଖିଅ ଦେବା ଭଳି ହାତରେ ଧରି ମାଛ ଧରନ୍ତି । ଏ ଜାଲର ଧଡ଼ି ହସ୍ତର ମଝିରେ ମଝିରେ ଖଣ୍ଡିଏ ଲେଖାଏଁ କାଠି ଲଗା ଯାଇଥାଏ ।]

ହାତୁଡ଼ି—(ହାତୁଡ଼ା+କ୍ଷୁଦ୍ରାର୍ଥେ ଇ)—ଛୋଟ ବା ମଧ୍ୟ ବଳିଆ ହାତୁଡ଼ା—
Hāturḍi Medium-sized or small hammer.
হাতুড়ী हथौडी

ହାତୁଡ଼ିଆ—ଦେ. ବିଣ—୧ । ଯେଉଁ ବ୍ୟକ୍ତି କମାରଶାଳରେ ହାତୁଡ଼ି
Hāturḍiā ଧରି ଲୁହାକୁ ପିଟେ—1. A person who
হাতুড়ি পেটা plies the hammer in a smithy.
हथौड़िया ୨ । (ବଙ୍ଗଳାରୁ ଅନୁକୃତ) (ସଂ.ହତ୍ୟା) ଅନାଡ଼ି; ବୈଦ୍ୟ-ଶାସ୍ତ୍ରରେ ଅନଭିଜ୍ଞ; ଅଶିକ୍ଷିତ (ଚିକିତ୍ସକ)—2. Quack. (physician), ଦେ. ବି—୧ । ଅନାଡ଼ି ବା ଅଶିକ୍ଷିତ
হাতুড়ে, হাতুড়িয়া ବୈଦ୍ୟ; କୁବୈଦ୍ୟ-1. A quack. ୨ । ଯେଉଁ
नीम हकीम, कठवैद्य ବୈଦ୍ୟ ବୈଦ୍ୟଶାସ୍ତ୍ର ଅନୁସାରେ ଚିକିତ୍ସା ନ କରି ଟୁଣ୍ଢା ଟୁଣ୍ଢକ ଓ ଚେର ମୂଳ ଆଦି ପ୍ରୟୋଗ କରନ୍ତି—
2. A person who administers herbal medicines, not to be found in medical books

ହାତୁଣୀ—ଦେ. ବି. ସ୍ତ୍ରୀ (ସଂ. ହସ୍ତିନୀ; ପ୍ରା. ହତ୍ଥିଣୀ)—ମାଈ ହାତି—
Hātuṇī She-elephant.
হাতিনী [ଭୁ—ପାଣ୍ଡବ କୁରି ହାତୀ, ହାତୁଣୀ ଦ୍ରୌପଦୀ ।
हथिनी, हथनी କୃଷ୍ଣସିଂହ. ମହାଭାରତ. ଉଦ୍ୟୋ ।]

ହାତୁରା—ଦେ. ବି—ହାତୁଡ଼ା (ଦେଖ)—Hāturḍā (See)
Hāturā ଦେ. ବିଣ. ପୁଂ—ହାତୁଆ (ଦେଖ)
(ହାତୁରୀ—ସ୍ତ୍ରୀ. ବିଣ) Hātuā (See)
(ଯଥା—ମାର ହାତୁରା ।)

ହାତୁଲ୍—ଗ୍ରାଦେ (ବଲଙ୍ଗିର ପାଟଣା) ବି—ହାତୁଡ଼ା (ଦେଖ)
Hātul   Hāturdā (See)

ହାତୁ(ତୁଁ) ହାତ୍—ଦେ. କ୍ରି. ବଣ—ହାତକୁ ହାତ (ଦେଖ)
Hātu(tun) hāt   Hātaku hāta (See)

ହାତେ—ଦେ. ବଣ—୧ । ଏକ ହସ୍ତ ଲମ୍ବ—1. One cubit long.
Hāte
ଏକ ହাত
एक हाथ
[ପ୍ର—ହାତେ ମାପି ଗୁଣଗେ ଗୁଲକ—ପ୍ରବଚନ । ଗୁଲୁଥିବା ବ୍ୟକ୍ତି ପ୍ରଥମେ ହାତେ ପରିମିତ ସ୍ଥାନକୁ ମାପ କରି ମପା ହୋଇଥିବା ସୀମା ମଧ୍ୟରୁ ଗୁଣଗେ ପଛଘିଚ ସ୍ଥାନରେ ଗୋଡ଼ ପକାଇଲେ ତାହାର କୌଣସି ଅପଦ ଘଟେ ନାହିଁ; ଭବିଷ୍ୟତ ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବା ବା ଅଯୁକ୍ତ ଗୃହଁ କ୍ୟସ୍ତ କରିବାକୁ ଉପଦେଶ ଦିଆଯିବା ସ୍ଥଳରେ ଏ ପ୍ରବଚନର ଉଦାହରଣ ଦିଆଯାଏ ।] ୨ । ଏକ ହାତ ମାତ୍ର ଲମ୍ବ ବା ଦୀର୍ଘ ମାତ୍ର—2.Only one cubit long. କ୍ରି. ବଣ—ଥରେ ମାତ୍ର (ଖେଳ)—Once; (to play) one round (of a game). (ଯଥା—ଆସ, ହାତେ ଖେଳଦେବା ।) ବିଶ ବି ବଣ-ଏକହାତ ପରିମିତ (ଦୀର୍ଘ ବା ଲମ୍ବ)—One cubit only. [ଉ—ହାତେ ଲମ୍ବ କାଉଁକ ଶିଷା, ଦେଖି ମନୁଥିବେ ସାଇ ପଡ଼ଶା—କୃଷି ବଚନ ।] ବି—ଏକ ହାତ ମାତ୍ର ଦୈର୍ଘ୍ୟ ବା ପ୍ରସ୍ଥ ବା ଉଚ୍ଚତା—Breadth or length or height of one cubit only. (ଯଥା—ଏ ବେଞ୍ଚର ଓସାର ଅଟେ ହାତେ ।) ଅ—୧ । ଦ୍ୱାରା; ଦେଇ—1. By.
হাতে
हाथसे
[ଉ—ଶ୍ରୀକୃଷ୍ଣଙ୍କ ହାତେ କ ବୁଝିଥିଲୁ ଏତେ କଥା । କୃଷ୍ଣସିଂହ. ମହାଭାରତ. ସଭା ।] ୨ । ଜିମ୍ମାରେ—2. In charge of. [ଉ—ସେଥିପାଇଁ ଦଶରଥ ମହା ଆନନ୍ଦରେ ରାମ ଲକ୍ଷ୍ମଣଙ୍କୁ ଡକାଇ ଅଣି ବିଶ୍ୱାମିତ୍ରଙ୍କ ହାତେ ସମର୍ପଣ କରି ଦେଲେ । ମାଳକଣ୍ଠ. ପିଲଙ୍କ ରାମାୟଣ ।] ୩ । ମାରଫତରେ—3. Per (bearer); through.

ହାତେଇବା—ଦେ. କ୍ରି—୧ । ହସ୍ତ ଦ୍ୱାରା ଦେଖିବା ବା ଧରିବା—
Hāteibā   1. To handle. ୨ । ହସ୍ତ ଦ୍ୱାରା ପରୀକ୍ଷା କରିବା
হাতান
हाथ लगाना
—2. To examine by handling. ୩ । ହସ୍ତଗତ କରିବା; ଅତ୍ମସାତ୍ କରିବା—3. To appropriate; to bring a thing into one's hands.

ହାତେରି—ଦେ ଅ—ହାତ୍ (ଦେଖ)—Hāt (See)
Hāteri   [ହାତେରିକା(ବ, ବେ)—ଅନ୍ୟରୂପ]

ହାତେରେ—ଗ୍ରା. ଅ—ହାତରେ (ଦେଖ)
Hātere   Hātare (See)

ହାତେ ଲମ୍ବ(ମ୍ବା)—ଦେ. ବଣ—ଲମ୍ବରେ ଏକ ହାତ ପରିମିତ—
Hāte lamba(mbā)   One cubit long. ବି—ଏକ
এক হাত লম্বা
एकहाथ लम्बा
ହାତ ପରିମିତ ଦୈର୍ଘ୍ୟ—Length of one cubit. [ପ୍ର—ଏହାପର ହାତେ ଉଚ(ଚ୍ଚ), ହାତେ ଚଉଡ଼ା, ହାତେ ଓସାର, ହାତେ ମୋଟ(ଟା), ହାତେ ଗଣ୍ଡର ଅଦ ହୁଏ ।]

ହାତେ ହାତ୍—ଦେ. ବଣ ଓ କ୍ରି. ବଣ—ହାତେ ହାତେ (ଦେଖ)
Hāte hāt   Hāte hāte (See)

ହାତେ ହାତେ—ଦେ. ବଣ—୧ । ସଦ୍ୟଃପ୍ରାପ୍ତ (ଫଳ)—1.Instantaneous (result); immediate. ୨ ।
Hāte hāte
হাতে হাতে
हाथेहाथ
ନଗଦ (ଟଙ୍କା ବା ନେଣ ଦେଣ); ନଗଦା ନଗଦ—2. Cash (money or transaction). କ୍ରି. ବଣ—୧ । ହାତକୁ ହାତ; ହାତକା ହାତ; ସଦ୍ୟଃ;
हाथों हाथ
ସଙ୍ଗେ ସଙ୍ଗେ—1. Immediately; instantaneously. (ଯଥା—ସେ ହାତେ ହାତେ ଫଳ ପାଇଗଲା ।) ୨ । ଏ ହାତରୁ ସେ ହାତ (ଟଙ୍କା ଦେବା ନେବା); ନଗଦ; ନଗଦା ନଗଦ; ଦସ୍ତ ବଦସ୍ତ (ଟଙ୍କା ଦେବା ବା କାରବାର କରିବା)—2. In cash; from one hand to another. (ଯଥା—ଏ ଜମିର ଚରସମନ ରେଜିଷ୍ଟ୍ରିଖାନାରେ ମୁନ୍ସବ କାସ୍ନାକୁ ହାତେ ହାତେ ଦେଇ ଦେଲେ ।)
হাতে হাতে
हाथसे
୩ । ନିଜେ ନିଜେ; ସ୍ୱୟଂ (କାମ କରିବା); ସାକ୍ଷାତ୍ —3. Personally; directly. (ଯଥା—ମୁଁ ହାତେ ହାତେ ବୁଝ କରେଁ ।) ୪ । ଚୋରି ମାଲ ସହିତ ବା ଚୋରି କରୁଥିବା ଅବସ୍ଥାରେ; ଚୋରର ହାତରେ ମାଲ ରହିଥିବା ଅବସ୍ଥାରେ (ଚୋରକୁ ଧରିବା)—4. (to catch a thief) Red-handed; on the spot. (ଯଥା—ଆମ ଘରେ ଯେଉଁ ଚୋର ପଶିଥିଲା ସେ ହାତେ ହାତେ ଧରା ପଡ଼ିଗଲା ।) ୫ । ଏକ ହାତ ଲେଖାଏଁ (ବହୁତ୍ୱ ବୋଧାର୍ଥକ)—5. One cubit each. (ଯଥା—ଗଲା ବର୍ଷ ଏ ପୋଖରୀରେ ଛଡ଼ା ହୋଇଥିବା ମାଛସାକ ହାତେ ହାତେ ବଢ଼ିଛନ୍ତି ।)

ହାତ୍ତେରି—ଦେ. ଅ—୧ । ହାତ୍ (ଦେଖ)—1. Hāt (See)
Hātteri   ୨ । ଘୃଣା ବା ଅସୂୟା ବା ଅହଙ୍କାରସୂଚକ ଅବ୍ୟୟ—
[ହାତେରିକା(ବ, ବେ)—ଅନ୍ୟରୂପ] 2. An interjection
হাতেরি
हात्तेरा
used in expressing disgust or revenge; Fie ! (ଯଥା—ହାତ୍ତେରିକେ, ମୋ କଥା ମାନିଲ ନାହିଁ, ଏବେ ବଟଡ଼ାଏ ଖାଇଲୁ ! ଭଲ ହେଲା ।)

ହାତ୍ର—ସଂ. ବି—(ହା ଧାତୁ=ତ୍ୟାଗ କରିବା + କର୍ମ. ତ୍ର)—୧ ବେତନ;
Hātra   ଦରମା (ସିଦ୍ଧାନ୍ତ କୌମୁଦୀ)—1. Salary; pay. ୨ । (+କରଣ ତ୍ର) ପ୍ରମଥନ; ମନ୍ଥିବା (ସଂକ୍ଷିପ୍ତ ସାର)—2. Agitating; disturbing. ୩ । (+ଭାବ. ତ୍ର) ମରଣ (ସଂକ୍ଷିପ୍ତସାର)—3. Death. ୪ । (+କର୍ତ୍ତୃ ତ୍ର) ରାକ୍ଷସ (ସଂକ୍ଷିପ୍ତସାର)—4. Demon. ୫ । (+ଭାବ. ତ୍ର) ଅଘାତ କରିବା; କ୍ଷତ କରିବା—5. Injuring (Apte); hurting. ୬ । (+କରଣ ତ୍ର) ମାରଣ; ବଧ—6. Killing (Apte); murder.

ହାତ୍ୟନ୍ଦ (ନ୍ଧ)—ଦେ. ବି—ହାତିଅନ୍ଦ (ଦେଖ)—
Hātyanda (ndha)   Hātianda (See)

ହାତ୍ୟାଳ—ଦେ. ବି—ହାତିଅଳ (ଦେଖ)—
Hātyāla   Hātiāla (See)

ହାଥ୍—ଦେ. ଅ—ହାତ୍ (ଦେଖ)—
Hāth Hāta (See)

ହାଥ—ଦେ. ବି—[ସଂ ହସ୍ତ; ପ୍ରା. ହତ୍ଥ, ହାତ୍ଥ; ମୂଳ. ସଂ. ମସ୍ତକରୁ ଓଡ଼ିଆ
Hātha ମଥା; ବାସ୍ତୁକରୁ ଓଡ଼ିଆ ବଥୁଆ (ଶାଗ)]—ହସ୍ତ; ହାତ—
हात Hand. [ଉ—ବୋଇଲି ମୋର ହାଥଧର, ତୋ ଘରେ
হাত ନ କରିବ ଗୋସା—ଭୂପତି. ପ୍ରେମ ପଞ୍ଚାମୃତ]

ହାଥି (ଇତ୍ୟାଦି)—ଦେ. ବି—ହାତି ଇତ୍ୟାଦି (ଦେଖ)—
Hāthi (etc) Hāti etc. (See)

ହାଥି ଧର୍‌ସା—ପ୍ରାଦେ. (ସମ୍ବଲପୁର) ବି—ହାତିଦଣ୍ଡା (ଦେଖ)—
Hāti dhar-sā 1. Hāti daṇḍā (See) ୨ । ଛାୟାପଥ—
2. The milky way.

ହାଦ୍—ପ୍ରାଦେ (ଜୟପୁର) ଅ—ହେଇଟି—Here! Oh here!
Hād [ଉ—ହାଦ୍ । ମାଳଭୂଁଟା ଗଲା]
(ହେଦ୍—ଅନ୍ୟରୂପ)

ହାଦେ—ଦେ. ଅ—୧ । (ପ୍ରାଚୀନ ବ୍ୟବହାର) ନିଶ୍ଚେ—Certainly.
Hāde [ଉ—ଶ୍ରୀରାମ ଲକ୍ଷ୍ମଣ ହାଦେ ସେ ଦୁଇ ଭାଇ ଧନୁ ଧରିଲେ
ପୃଥିବୀ ଜିଣି ପାରଇ—ବିଶ୍ୱନାଥ. ବିଚିତ୍ର ରାମାୟଣ] ୨ ।
ଶୀଘ୍ର—2. Soon. ୩ । ହଠାତ୍—3. At once;
immediately. ୪ । ଅକସ୍ମାତ୍—4. All on a
sudden; suddenly. ୫ । ଅବଲୀଳାକ୍ରମେ; ସହ-
निश्चय निश्चय ଜରେ—5. Easily.

ହା ଧିକ୍—ସଂ. ଅ—(ପ୍ରା. ହଦ୍ଧ)—୧ । ଛି ! ଧିକ ! (ନିନ୍ଦା ଓ ଦ୍ୱେଷା-
Hā dhik ର୍ଥକ)—1. Fie (in hatred). ୨ । ଅହା ହାୟ
(ଅନୁତାପାର୍ଥକ)—2. Alas ! (in repentance) ୩।
ହାଇରେ ! ଆହା ! (ଶୋକ ଓ ଦୁଃଖାର୍ଥକ)—3. Alas
(in sorrow or grief).

ହାନ—ସଂ. ବି—(ହା ଧାତୁ=ତ୍ୟାଗ କରିବା+ଭାବ ଅନ)—୧ ।
Hāna ତ୍ୟାଗ (ଛାଡ଼ିବା)—1. Abandonment. ୨। କ୍ଷତି—
2. Injury. ୩ । ବିକ୍ରମ—3. Power; might.
ସଂ. ବିଣ (+କର୍ମ ତ) ତ୍ୟକ୍ତ—Abandoned.

ହାନି—ସଂ. ବି—(ହା. ଧାତୁ=ତ୍ୟାଗ କରିବା+ଭାବ ତି)—୧ । ଅପ-
Hāni କାର; ବାଧା—1. Harm; detriment; prejudice.
୨ । ନଷ୍ଟି; କ୍ଷତି; ନୋକସାନ—2. Loss; damage;
injury. ୩ । କମିଯିବା—3. Diminishing; aba-
tement. ୪ । ନାଶ—4. Destruction. ୫ ।
ଅପଚୟ—5. Waste. ୬ । ଦୋଷ; ତ୍ରୁଟି—
6. Fault; defect; short coming. ୭ । ବିଫଳ—
7. Want of success; failure. ୮ । ଗତି-8. Move-
ment.

ହାନି କଥା—ଦେ. ବି—୧ । ହାନିଜନକ ବିଷୟ—1. A matter
Hāni kathā of loss. ୨ । କ୍ଷତିକର ବିଷୟ—2. Losing
concern. ୩ । ଅନିଷ୍ଟକର—3. Prejudicial
हानिकथा हानिकीबात matter.

ହାନି କର (କାରକ)—ସଂ. ବିଣ—(ହାନି+କୃ ଧାତୁ+କର୍ତ୍ତୃ ଅ)—
Hāni kara (kāraka) ଅପକାରକ; ଯାହା କ୍ଷତି କରଏ—
Causing loss or damage; detrimental;
prejudicial.

ହାନି କରିବା—ଦେ. କ୍ରି—୧ । କ୍ଷତି କରିବା—1. To cause loss;
Hāni kariba to damage ୨ । ଅପକାର କରିବା—
हानिकरा हानिकरना 2. to injure.

ହାନି ଜନକ—ସଂ. ବିଣ—ହାନିକର (ଦେଖ)—
Hāni janaka Hānikara (See)

ହାନିବଲ୍—ବୈଦେ. ବି—(ନାମ)—ରୋମ ସାମ୍ରାଜ୍ୟର ବିରୋଧୀ ପ୍ରାଚୀନ
Hānibal ସ୍ପେନ୍ ରାଜ୍ୟର କାର୍ଥେଜ୍ ନଗରର ଜଣେ ପ୍ରବଳ
ସେନାପତି—Name of a famous general of
Carthage who was an enemy of the,
हानिबल हानिबल ancient Roman Empire।
[ଦ୍ର—ଖ୍ରୀ. ପୂ ୨୪୭ରେ ଏହାଙ୍କର ଜନ୍ମ । ଏହାଙ୍କ ପିତା
ହାମିଲ୍‌କାର ଜଣେ ପ୍ରସିଦ୍ଧ ସେନାପତି ଥିଲେ । ଏ ରୋମ୍‌କୁ
ଆକ୍ରମଣ କରିବାରୁ ରୋମୀୟ ସେନାପତି ସିପିଓ ଏହାଙ୍କର
ଗତିରୋଧ କରିବାକୁ ଅସମ ହେଲେ ଓ ହାନିବଲ୍ ରୋମ୍
ନଗରର ଦ୍ୱାରଦେଶ ପର୍ଯ୍ୟନ୍ତ ଅଗ୍ରସର ହେବାରୁ ସିପିଓ
ଅନ୍ୟବାଟେ ଗୁପ୍ତଭାବରେ ହାନିବଲ୍‌ଙ୍କ ନିଜ ରାଜଧାନୀ
କାର୍ଥେଜ୍‌କୁ ଆକ୍ରମଣ କଲେ ଓ ହାନିବଲ୍ ରୋମ୍‌ରୁ ଫେରି
ସ୍ୱଦେଶକୁ ଶତ୍ରୁ ହସ୍ତରୁ ରକ୍ଷା କରିବାକୁ ଚେଷ୍ଟା କରି
ପରାସ୍ତ ହେଲେ ଓ ଖ୍ରୀ. ପୂ ୧୮୨ ଅବ୍ଦରେ ଶତ୍ରୁ ହସ୍ତରୁ
ନିଷ୍କୃତି ପାଇବାପାଇଁ ବିଷ ପାନ କରି ପ୍ରାଣତ୍ୟାଗ କଲେ]

ହାନିବା—ପ୍ରାଦେ. (ସମ୍ବଲପୁର) କ୍ରି—ହାଣିବା—
Hānibā To cut.

ହାନି (ନେ) ମା (ମ୍ୟା, ମେ) ନ୍—ବୈଦେ. ବି (ନାମ)—ହାନିମାନ୍;
Hāni (ne) mā (myā, me) n 'ହୋମିଓପାଥି' ଚିକିତ୍ସାର
ପ୍ରବର୍ତ୍ତକ ସ୍ୱର୍ଗତ ଜର୍ମାନ୍ ମହାପୁରୁଷ—
Hahneman—the founder of
the Homeopathic system of
treatment.
[ଦ୍ର—ଚିକିତ୍ସାରେ ନବଯୁଗପ୍ରବର୍ତ୍ତକ ପୁଣ୍ୟଚରିତ୍ର ଖ୍ରୀଷ୍ଟୀଅନ୍
ଫେଡ଼ରିକ୍‌ସାମୁଏଲ୍ ହାନେମାନ୍ ୧୭୫୫ ଖ୍ରୀଷ୍ଟାବ୍ଦର ଅପ୍ରେଲ
ମାସ ୧୦ ତାରିଖରେ ଜର୍ମାନିର ଅନ୍ତଃପାତି ସାକ୍ସନ୍ ରାଜ୍ୟର
ମାଇସେନ୍ ନଗରରେ ଗୋଟିଏ ଦରିଦ୍ର ମୂର୍ତ୍ତି ଓ ପାତ୍ରଅଙ୍କନ
ଚିତ୍ରକାରଙ୍କ ଘରେ ଜନ୍ମଗ୍ରହଣ କରିଥିଲେ । ସେ ଅତି
କଷ୍ଟରେ ଲେଖାପଢ଼ା ଶିଖିଥିଲେ । ସେ ନିଜ ହାତର ତିଆରି
ମାଟି ଦୀପ ଜାଳି ରାତିରେ ପାଠ ପଢ଼ୁଥିଲେ । ସେ ଗ୍ରୀକ୍
ହିବ୍ରୁ, ଅରବି, ଲାଟିନ୍, ଇଟାଲିକ୍, ସ୍ପାନିଶ୍, ସିରିଅନ୍,
ଫରାସୀ, ଜର୍ମାନ, ଇଂରାଜୀ ପ୍ରଭୃତି ଭାଷାରେ ଏବଂ ଚିକିତ୍ସା ଓ
ରସାୟନ ବିଦ୍ୟାରେ ସୁପଣ୍ଡିତ ଥିଲେ । ୨୪ ବର୍ଷ ବୟସରେ
ସେ ଏମ୍. ଡି, ଉପାଧି ପାଇଥିଲେ । ୧୭୮୨ ଖ୍ରୀଷ୍ଟାବ୍ଦରେ

ଲୁମାସ୍ ହେନ୍‌ରିଏଟା କୁଚ୍ଲାର୍ ନାମ୍ନୀ ରୂପଗୁଣସମ୍ପନ୍ନା ଜଣେ ଜର୍ମାନ୍ ରମଣୀଙ୍କୁ ବିବାହ କରିବାର କିଛିଦିନ ପରେ ଡ୍ରେସ୍‌ଡେନ୍ ହାସପାତାଲରେ ପ୍ରଧାନ ଅସ୍ତ୍ରଚିକିତ୍ସକରୂପେ କାର୍ଯ୍ୟ କଲେ; ପରେ ଲାଇପ୍‌ଜିଗ୍ ନଗରର ସନ୍ନିକଟସ୍ଥ ଗୋଟିଏ କ୍ଷୁଦ୍ର ପଲ୍ଲୀଗ୍ରାମରେ ଅବସ୍ଥାନ କରି ଚିକିତ୍ସାବୃତ୍ତି ଅବଲମ୍ବନ କଲେ । ଦଶ ବର୍ଷ କାଳ ବହୁ ପ୍ରତିପତ୍ତି ସହ ଡାକ୍ତରି କରିବା ପରେ ସେ ବୁଝିପାରିଲେ ଯେ, ଅନୁମାନରେ ରୋଗ ନିର୍ବାଚନ କରି ଅନେକସ୍ଥଳରେ ଆନୁମାନିକ ଔଷଧ ପ୍ରଦାନ କଲେ ସେଥିରେ ଭୟଙ୍କର ଅନିଷ୍ଟ ଘଟେ; ଏପରି କି, ଶେଷରେ ଅନେକ ରୋଗୀଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଘଟିଥାଏ । ସେ ଦୁଃଖିତ ହୋଇ ଶେଷରେ ଏହିପରି ଭ୍ରମପୂର୍ଣ୍ଣ ଚିକିତ୍ସା ଦ୍ୱାରା ଅସଦୁପାୟରେ ଅର୍ଥୋପାର୍ଜ୍ଜନ ଲାଳସା ପରିତ୍ୟାଗ କରି, କିପରି ଏହି କାଳ୍ପନିକ ଚିକିତ୍ସାପ୍ରଥା ଦୂର କରି ପ୍ରକୃତ ଚିକିତ୍ସାର ପଥ ଆବିଷ୍କାର କରି ପାରିବେ, ଏହି ଚିନ୍ତାରେ ନିମଗ୍ନ ରହିଲେ । ସେହି ସମୟ ତାଙ୍କର ଅତି ଦୁଃସମୟ ଥିଲା ଓ ସେ ନାନାପ୍ରକାର ବିପଦ୍‌ଗ୍ରସ୍ତ ହୋଇ ପଡ଼ିଥିଲେ । ରସାୟନ ଶାସ୍ତ୍ର ଓ ନାନାପ୍ରକାର ବୈଜ୍ଞାନିକ ପୁସ୍ତକାଦି ଅନୁବାଦ କରିବାଦ୍ୱାରା ସେ ଅତି କଷ୍ଟରେ ପରିବାର ପ୍ରତି-ପାଳନ କରୁଥାଆନ୍ତି । ୧୭୯୦ ଖ୍ରୀଷ୍ଟାବ୍ଦରେ କାଲେନ ସାହେବ ପ୍ରଣୀତ ଇଂରାଜୀ ମେଟେରିଆମେଡ଼ିକା ଗ୍ରନ୍ଥ ଜର୍ମାନ୍ ଭାଷାରେ ଅନୁବାଦ କରିବା ସମୟରେ 'ସିଙ୍କୋନା' ନାମକ ଔଷଧରେ ଜ୍ୱରନାଶକ ଗୁଣ ଥିବାର ଯେଉଁ ବ୍ୟାଖ୍ୟା ହୋଇଅଛି ସେଥିରେ ସେ ତୃପ୍ତ ହେଲେ ନାହିଁ । ସିଙ୍କୋନା ଖାଇଲେ ଜ୍ୱର କାହିଁକି ଆରୋଗ୍ୟ ହୁଏ, ଏହି ଚିନ୍ତାରେ ସେ ଅଭିଭୂତ ହୋଇପଡ଼ିଲେ । ସିଙ୍କୋନା ଖାଇଲେ ଜ୍ୱର ଆରୋଗ୍ୟ ହୁଏ, ଏହି ସୂତ୍ରକୁ ଅନୁଧାବନ କରି ସୁସ୍ଥଶରୀରରେ ଅଧିକମାତ୍ରାରେ ସିଙ୍କୋନା ଖାଇ ସେ ଅବିଳମ୍ବରେ ବୁଝିଲେ ଯେ, ଏହା ବାସ୍ତବିକ ମାଲେରିଆ (ବା କମ୍ପଜ୍ୱର ସଦୃଶ ଜ୍ୱର) ଉତ୍ପାଦନ କରେ, ଓ ସେଥିପାଇଁ ସିଙ୍କୋନାହିଁ କମ୍ପଜ୍ୱରର ଔଷଧ । ସେତେବେଳେ ସେ ଭାବିଲେ ଯେ, ସିଙ୍କୋନା ପରି ଅନ୍ୟାନ୍ୟ ଔଷଧରେ ମଧ୍ୟ ରୋଗ ଉତ୍ପାଦକ ଓ ରୋଗନାଶକ, ଏହି ଉଭୟବିଧ ଗୁଣ ଥାଇପାରେ । ଏହି ପର୍ଯ୍ୟବେକ୍ଷଣରୁ ତାଙ୍କର ହୃଦୟରେ ହୋମିଓପାଥିକ ଚିକିତ୍ସାର ମୂଳମନ୍ତ୍ର ସମଃ ସମଂ ଶମୟତି [Similia Similibus Curanter] ଉଦୟ ହେଲା । ସେହିଦିନଠାରୁ ସେ ଛଅ ବର୍ଷକାଳ ଅବିଶ୍ରାନ୍ତ ଗବେଷଣାରେ ନିମଜ୍ଜିତ ହୋଇ ନିଜର ଜୀବନକୁ ନାନା-ପ୍ରକାରରେ ବିପନ୍ନ କରି ନିଜେ ବହୁତ ଔଷଧ ପରୀକ୍ଷା କରି ପ୍ରମାଣ କରିବାକୁ ସମର୍ଥ ହୋଇ ମଧ୍ୟ ଅଧିକସଂଖ୍ୟାରେ ରୋଗୀଙ୍କୁ ଉକ୍ତ ଉକ୍ତ ଔଷଧ ସେବନ କରାଇ ସାଫଲ୍ୟଲାଭ କରି ଦେଖିଲେ ଯେ, ହୋମିଓପାଥି ସତ୍ୟ ଉପରେ ଦୃଢ଼ପ୍ରତିଷ୍ଠିତ ଅଟେ—କଳ୍ପନା ବା ଅନୁମାନ ଏହାର ଭିତ୍ତି ନୁହେଁ । ସୁଧୀଶ୍ରେଷ୍ଠ ନିଉଟନ ଯେପରି ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାରପୂର୍ବକ ଉକ୍ତ ଶକ୍ତିକୁ ଜଡ଼ବିଜ୍ଞାନର ମେରୁଦଣ୍ଡ କରି ଯାଇଅଛନ୍ତି, ସିଙ୍କୋନା କାହିଁକି କମ୍ପଜ୍ୱର ନାଶ କରେ—ଏହି ପ୍ରଶ୍ନ ସମାଧାନ କରିବାକୁ ଯାଇ ଛଅ ବର୍ଷକାଳ ଏହି ବିଷୟରେ ଗଭୀର ଗବେଷଣା କରି ୧୭୯୬ ଖ୍ରୀଷ୍ଟାବ୍ଦରେ ହୁଫେଲାଣ୍ଡ୍‌ସ୍ ଜର୍ଣ୍ଣାଲ୍ ନାମକ ଚିକିତ୍ସାଜଗତର ଶ୍ରେଷ୍ଠ ପତ୍ରିକାରେ ହାନିମାନ୍ ଗୋଟିଏ ପ୍ରବନ୍ଧ ପ୍ରକାଶ କଲେ । ତାଙ୍କର ଏହି ନୂତନ ମତ ପ୍ରଚାର ହେବାମାତ୍ରେ ଚାରିଆଡ଼େ ହୁଲସ୍ଥୂଳ ପଡ଼ିଗଲା । କେତେଗୁଡ଼ିଏ ବିଜ୍ଞ ଲୋକ ତାଙ୍କ ଶିଷ୍ୟ ହେଲେ; କିନ୍ତୁ ଅନେକ ନୀଚମନା ସ୍ୱାର୍ଥପର ଔଷଧଜୀବୀ ତାଙ୍କର ଓ ତାଙ୍କ ମତର ଘୋର ବିରୋଧୀ ହୋଇ ଉଠିଲେ । ଯେ ଅଗ୍ନିମନ୍ତ୍ରରେ ଦୀକ୍ଷିତ, ତାହାଙ୍କର ନିନ୍ଦାରେ ବା ପ୍ରଶଂସାରେ କଅଣ ଯାଏ ଆସେ ? ୧୮୦୫ ଖ୍ରୀଷ୍ଟାବ୍ଦରେ ସେ Fragmenta de viribus ନାମକ ପୁସ୍ତକ ଲାଟିନ୍ ଭାଷାରେ ମୁଦ୍ରିତ କଲେ । ସୁସ୍ଥଶରୀରରେ ସତେଇଶଟି ଔଷଧ ସେବନ କରିବାରୁ ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଇଥିଲା, ତାହାସବୁ ସେ ଏଥିରେ ଲେଖି ଯାଇଛନ୍ତି । ଏହାହିଁ ହେଉଛି ପ୍ରଥମ ହୋମିଓପାଥିକ୍ ମେଟେରିଆ ମେଡ଼ିକା ବା ଭେଷଜଲକ୍ଷଣ ସଂଗ୍ରହ ଗ୍ରନ୍ଥ ଅଟେ । ୧୮୧୦ ଖ୍ରୀଷ୍ଟାବ୍ଦରେ ତାହାଙ୍କର ଅର୍ଗାନନ୍ [ବା ଆରୋଗ୍ୟ ସାଧନ] ନାମକ ବଡ଼ ଗ୍ରନ୍ଥ ପ୍ରକାଶିତ ହେଲା । ଏହି ଅମୂଲ୍ୟ ପୁସ୍ତକରେ ଯେପରି ପ୍ରଭୂତ ପାଣ୍ଡିତ୍ୟ ଓ ଅକାଟ୍ୟ ଯୁକ୍ତି ସହିତ ସଦୃଶବିଧାନତତ୍ତ୍ୱ ବିବୃତ ଓ ସମର୍ଥିତ ହୋଇଅଛି, ସେହିପରି ରକ୍ତ-ମୋକ୍ଷଣାଦି ବର୍ବର ଚିକିତ୍ସାପ୍ରଥା ତହିଁରେ ତୀବ୍ର ଭାଷାରେ ସମାଲୋଚିତ ହୋଇଅଛି; ସୁତରାଂ ତାଙ୍କ ଶତ୍ରୁମାନେ କ୍ରୋଧରେ ଅଧୀର ହୋଇପଡ଼ିଲେ । ପରେ ୧୮୧୨ ଖ୍ରୀଷ୍ଟାବ୍ଦରେ ବହୁ ନିର୍ଯାତନ ପରେ ସେ ନିଜ ଗୁଣରେ ଲାଇପ୍‌ଜିଗ୍ ବିଶ୍ୱବିଦ୍ୟାଳୟରେ ସଦୃଶବିଧାନଶାସ୍ତ୍ରାଧ୍ୟାପକ [Teacher of Homeopathy] ପଦରେ ଅଧିଷ୍ଠିତ ହୋଇ ଯୁବକ ଛାତ୍ର ଓ ପ୍ରବୀଣ ଚିକିତ୍ସକମାନଙ୍କୁ ତାଙ୍କ ଆବିଷ୍କୃତ ନବମନ୍ତ୍ରରେ ଦୀକ୍ଷିତ କରିବାରେ ଲାଗିଲେ ।

କେତେକାଳ ପରେ ବିପକ୍ଷ ଦଳ ନାନାରକମ ଚକ୍ରାନ୍ତ କରି ଅବଶେଷରେ ଜର୍ମାନୀର କୁଳତିଳକଙ୍କୁ ଲାଇପ୍‌ଜିଗ [Leipzig] ହସ୍ପିଟାଲରୁ ତଡ଼ାଇଲେ । ସେହି ସମୟରୁ କୋଠେନ୍ ନଗରରେ ସେ ୧୪ ବର୍ଷ କାଳ ଅବସ୍ଥାନ କଲେ । ସେଠାର ରାଜବଂଶୀୟ ସାମନ୍ତଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କଲେ । ହାନିମାନ ସେଠାରେ ବିପୁଳ ସମ୍ମାନ ସହିତ ରାଜବୈଦ୍ୟ ପଦରେ ନିଯୁକ୍ତ ହେଲେ । ତାଙ୍କର ଲୀଳାସ୍ଥଳ ଏହି କୋଠେନ୍ ନଗରରେ ସହସ୍ର ସହସ୍ର ନିରାଶ୍ରୟ ଜଟିଳ ରୋଗୀ-ବ୍ୟକ୍ତିଙ୍କୁ ରୋଗମୁକ୍ତ କରି ସର୍ବବିଧ ରୋଗର ପ୍ରକୃତ ନିଦାନ [ବା ମୂଳ କାରଣ ବା ତତ୍ତ୍ୱ] ଆବିଷ୍କାର କରିଥିଲେ ।

ସେ ୧୮୨୮ ଖ୍ରୀଷ୍ଟାବ୍ଦରେ ଅର୍ଗାନନ୍ ଡସିକ୍ (ପୁରାତନ ବ୍ୟାଧି) ନିରାକରଣ ନାମକ ପୁସ୍ତକ ପ୍ରଣୟନ କରି ତାଙ୍କର ଯଶଃସୌରଭକୁ ନିଜ ସଭ୍ୟଜଗତରେ ପରିବ୍ୟାପ୍ତ କରାଇ ଥିଲେ । ତେତେବେଳେ ଡାକ୍ତରମାନଙ୍କ ପ୍ରଚଳିତ ରୀତି ଅନୁସାରେ ହୋମିଓପାଥିକ୍ ଔଷଧ ଅଧିକ ମାତ୍ରାରେ ବ୍ୟବସ୍ଥା କରୁଥିଲେ । ଦେଖିଲେ ସେଥିରେ ରୋଗ ଦୂରୀଭୂତ ହେଲା କିନ୍ତୁ ଔଷଧ ସେବନର କୁଲକ୍ଷଣ ପରିର ପୀଡ଼ା ବୃଦ୍ଧିପ୍ରାପ୍ତ ହେଲା । ଶେଷରେ ତାହା ଅନିଷ୍ଟର ସମ୍ଭାବନାରେ ସେ ଔଷଧର ମାତ୍ରା କମାଇବାରେ ଲାଗିଲେ । ଅବଶେଷରେ ସୂକ୍ଷ୍ମାଂଶରେ ବିଭକ୍ତ ଔଷଧର କାର୍ଯ୍ୟକାରିତା ଦେଖି ସେ ବିସ୍ମିତ ହେଲେ । ତେତେବେଳେ ସେ ସିଦ୍ଧାନ୍ତ କଲେ କଲେ ଯେ, ବିମର୍ଦ୍ଦନାଦି କ୍ରିୟାଦ୍ୱାରା କୌଣସି ପଦାର୍ଥ ସୂକ୍ଷ୍ମରୁ ସୂକ୍ଷ୍ମତର ଅଂଶରେ ବିଭାଜିତ ହେଲେ, ଏହା ସ୍ଥୂଳ ଭାବ (ଜଡ଼ାଂଶ) ପରିହାରପୂର୍ବକ ବିଦ୍ୟୁତ୍ ସଦୃଶ ସଚଳଭାବ ଧାରଣ କରେ; ଅର୍ଥାତ୍, ଉକ୍ତ ପଦାର୍ଥଟି ସେତେବେଳେ ନୂତନ ରୂପ ବା ଶକ୍ତି ଦେଖାଏ ଓ ଏହି ଶକ୍ତିରେ ଶରୀର-ମଧ୍ୟରେ ବିଦ୍ୟୁତ୍ ସଦୃଶ ଅଣୁ ପ୍ରବେଶପୂର୍ବକ ଶୀଘ୍ର ରୋଗ ନିବାରଣ କରିବାକୁ ସମର୍ଥ ହୁଏ ।

୧୮୩୧ ଖ୍ରୀଷ୍ଟାବ୍ଦରେ ତାଙ୍କର ପତ୍ନୀବିୟୋଗ ହୋଇଥିଲା । ଅଶୀ ବର୍ଷ ବୟସରେ ଦ୍ୱିତୀୟଥର ମେଲାନିନାମ୍ନୀ ଫରାସି ଦେଶର ଜନୈକ ମହିଳାଙ୍କୁ ବିବାହ କରି ଜୀବନର ଅବଶିଷ୍ଟାଂଶ ଫ୍ରାନ୍ସ ଦେଶର ରାଜଧାନୀ ପାରି ନଗରୀରେ ଆଠ ବର୍ଷ କାଳ ଜୀବନ ଯାପନ କରି ୧୮୪୩ ଖ୍ରୀଷ୍ଟାବ୍ଦର ଜୁଲାଇ ମାସ ୨ ତାରିଖରେ ସେ ଇହଲୀଳା ସମ୍ବରଣ କଲେ ।

ସନ୍ଦର୍ଭଲେଖକ—କଟକ ଉତ୍କଳ ହୋମିଓପାଥିକ୍ ମେଡ଼ିକାଲ୍ କଲେଜ୍‌ର ପ୍ରିନ୍‌ସିପାଲ୍

ଡାକ୍ତର ନଟବର ମହାନ୍ତି H. M. D., F. H. A.]

ହାନି ଲାଭ—ଦେ. ବି—[ବିପରୀତାର୍ଥକ ସହଚର ଶବ୍ଦ]—୧ । କ୍ଷତି ଓ
Hāni lābha ଲାଭ—1. Loss and profit. ୨ । ହାନି
हानिलाभ **हानिलाभ** ବା ଲାଭ—2. Loss or profit.
[ଉ—ଭୁମ୍ଭର ହାନିଲାଭ ଯହିଁ, ଅମ୍ଭର ଲାଗଇ ତହିଁ—ଭୂପତି. ପ୍ରେମ ପଞ୍ଚାମୃତ]

ହାନୁକ—ସଂ. ବି ଓ ବିଣ. ପୁଂ.—(ହନ୍ ଧାତୁ + କର୍ତ୍ତୃ ଉକ)—ଘାତୁକ
Hānuka Murderer; murderous

ହାଣ୍ଡୁଲ—ପ୍ରାଦେ [ଗଞ୍ଜାମ] ବି—ହାଣ୍ଡୋଲା—
Hāndul Litter.

ହାଣ୍ଡୁଲା (ଇତ୍ୟାଦି)—ହାଣ୍ଡୋଲା ଇତ୍ୟାଦି (ଦେଖ)—
Hāndulā (etc) Hāndolā etc (See)

ହାଣ୍ଡେ—ଗ୍ରା. ଅ—ହାଣ୍ଡେ (ଦେଖ)—Hāde (See).
Hānde

ହାଣ୍ଡୋଳ—ଦେ. ବି—(ସଂ. ଆନ୍ଦୋଳନ)—୧ । ଗୋଳମାଳ—
Hāndola 1. Ado. ୨ । କଳହ—2. Quarrel.
आन्दोलन ୩ । ଇତସ୍ତତଃ ସଞ୍ଚାଳନ; ଆନ୍ଦୋଳନସଂକ୍ଷୋଭ—
आन्दोलन 3. Moving to and fro; agitation; perturbation. ଗ୍ରା. ବି (ନାମ)—ହିନ୍ଦୋଳ ରାଜ୍ୟର ଡାକ ନାମ; ଓଡ଼ିଶାର ଗଡ଼ଜାତ ବିଶେଷ—Popular nickname of Hindol, an Orissan State. ବିଣ (ସଂ ଆନ୍ଦୋଳିତ) ବିକ୍ଷୋଭିତ; ଇତସ୍ତତଃ ସଞ୍ଚାଳିତ—Agitated. [ଉ—ନିଷ୍ଠେ ମୀନ ଚଳୁଥିଲା, ଜଳ ହାଣ୍ଡୋଳ କରିଦେଲା । ଜଗନ୍ନାଥ ଭାଗବତ ।]

ହାଣ୍ଡୋଲା—ଦେ. ବି—(ସଂ. ଆନ୍ଦୋଳିକା, ଏହାକୁ ବାହକମାନେ
Hāndolā ବୋହିଲାବେଳେ ଏହା ଆନ୍ଦୋଳିତ ହେଉଥିବାରୁ)—
दोला, डूली ୧ । ଶିବିକା ବା ଡୋଲା—1. A dooly; a
खरखरिया, डोली palki; a covered litter; a chair carried by bamboos on the shoulders of bearers. [ଦ୍ର—ହାଣ୍ଡୋଲା, ଡୋଲି, ଖଟିଆ, ପାଲିଙ୍କି, ସବାରି, ଏ ସମସ୍ତ ଯାନର ଆଗରେ ଓ ପଛରେ ଲାଗିଥିବା ବାଉଁଶ ଦଣ୍ଡକୁ ମନୁଷ୍ୟମାନେ କାନ୍ଧରେ ଧାରଣ କରି ନିଅନ୍ତି । ଡୋଲି ଓ ଖଟିଆ ଶ୍ରେଷ୍ଠ ଓ ସାଧାରଣ ଯାନ । ହାଣ୍ଡୋଲା ରାଜ ପରିବାରର ସ୍ତ୍ରୀମାନଙ୍କୁ ବହନ କରିବାରେ ବ୍ୟବହୃତ ହୁଏ ।] ୨ । (ସଂ. ଆନ୍ଦୋଳନ) ମାନସିକ ଆନ୍ଦୋଳନ ବା ଅସ୍ଥିରତା; ଚିନ୍ତା—2. Anxiety; mental agitation or perturbation. [ଉ—ସ୍ପୃହା ନ ହେଉ ତାଙ୍କର ଯେ, ଭାବନା ସତ୍ୟବନ୍ତର, ହାଣ୍ଡୋଲାରେ ଯାଇ ମାତାଙ୍କୁ କହିଲେ କିପରି ହେବ କୁମର ଯେ । କୃଷ୍ଣନାଥ ବଡଜେନା ରାମାୟଣ ।] ୩ । (ସଂ ଆନ୍ଦୋଳନ) କର୍ତ୍ତବ୍ୟକାର୍ଯ୍ୟ ସ୍ଥିର କରିବାର ଅସମର୍ଥତା—3. Inability to arrive at a definite conclusion; hesitancy. ୪ । ହାଣ୍ଡୋଲା (ଦେଖ)—4. Hāndolā (See).

ହାଣ୍ଡୋଳା(ଳେ)ଇବା—ଦେ. କ୍ରି—(ସଂ. ଆନ୍ଦୋଳନ) ୧ । ଇତସ୍ତତଃ
Hāndolā(le)ibā ଆନ୍ଦୋଳିତ କରିବା—1. To rock to
दोलाना and fro. ୨ । ଆନ୍ଦୋଳିତ କରିବା; ଘାଣ୍ଟିବା;
हिलाना, डोलवाना ଘୁଙ୍ଗୁଳାଇବା—2. To agitate. ୩ । (ପବନ) ଇତସ୍ତତଃ ବହିବା—3. To blow on all sides (said of wind). (ଯଥା—ଏଠାରେ ପବନ ଭାରି ହାଣ୍ଡୋଳେଇବାରୁ ଚୁଲି ଲାଗିପାରୁ ନାହିଁ)

ହାଣ୍ଡୋଳି—ଦେ ବି—(ସଂ ଆନ୍ଦୋଳନ)—ମାନସିକ ଆନ୍ଦୋଳନ—
Hāndoli Mental agitation ବିଣ—(ସଂ ଆନ୍ଦୋଳିତ)
तोला पाड़ा ୧ । ଆନ୍ଦୋଳିତମନାଃ; ଚିନ୍ତିତ—1. Perturbed;
चिन्ता anxious. ୨ । ବିଷମ ସମସ୍ୟାରେ ପତିତ—2. In the horns of a dilemma; hesitating.

ହାଣ୍ଡୋଳିବା—ଦେ. କ୍ରି—(ସଂ ଆନ୍ଦୋଳନ) ୧ । ଇତସ୍ତତଃ ଆନ୍ଦୋଳିତ
Hāndolibā ବା ଚାଳିତ କରିବା; ଦୋହଳାଇବା—To rock to
आन्दोलन करानं and fro. ୨ । ଘାଣ୍ଟିବା—2. To agitate.
हिलाना, डोलवाना ୩ । ଇତସ୍ତତଃ ଆନ୍ଦୋଳିତ ହେବା—3.

ଆନ୍ଦୋଳିତ ହওয়া To rock to and fro. ୪ । (ପବନ) **हिलना, डोलना** ଇତସ୍ତତଃ ବୋହିବା —4. To blow on all sides.

ହାନ୍ଦୋଳ ହେବା—ଦେ. କ୍ରି—୧ । ଆନ୍ଦୋଳିତ ହେବା—1. To be Handoli hebā agitated. ୨ । ମନରେ ଇତସ୍ତତଃ ଚଳିତ ଆନ୍ଦୋଳିত হওয়া ହୋଇ କର୍ତ୍ତବ୍ୟ ସ୍ଥିର କରି ନ ପାରିବା—2. **हिलना** To be between the horns of a dilemma. ୩ । ଇତସ୍ତତଃ ସଂଚାଳିତ ହେବା—3. To be moved to and fro.

ହାନ୍ଦ୍ର—ସ ବି—(ହନଧାତୁ+ଭାବ ଦ୍ର) ମରଣ (ଉଣାଦିକୋଷ)— Håndra Death

ହାପ(ଇତ୍ୟାଦି)—ବୈଦେ. ବି ଓ ବିଣ (ଇଂ)—ହାଫ୍ ଇତ୍ୟାଦି (ଦେଖ) Hāp (etc) Hāph etc (See)

ହାପ୍ରା—ପ୍ରା ଦେ (ଖଡ଼ଅଲ) ବି—ହାପୁରା (ଦେଖ)— Hāpra Hāpurā (See)

ହାପ୍ରିବା—ପ୍ରାଦେ (ଖଡ଼ଅଲ) କ୍ରି-ହାପୁରିବା ; ତରଳ ବସ୍ତୁକୁ ହାତ ଦ୍ୱାରା Hāpriba ଦୁଇ ଓଠ ସାହାଯ୍ୟରେ ମୁହଁ ଭିତରକୁ ଟାଣିନେବା— To sip liquid food by the lips

ହାପ୍ସି କଚୁଡ଼ି ହେବା—ପ୍ରାଦେ. (ସମ୍ବଲପୁର) କ୍ରି—କୋଧରେ ବା Hāp-si kachardi hebā ଦୁଃଖରେ ବାଡ଼େଇ ହୋଇ କଷ୍ଟ ହେବା- To strike one's lembs on the ground being overpowered with grief or anger.

ହାପ—ପ୍ରା. ଦେ—(ଗଞ୍ଜାମ) ବି—ଏକ ପ୍ରକାର ଡାବଲପୁଅ ଖେଳ— Hāpa A kind of game played by boys with a stick and a small peg. [ଦ୍ର—ଗୋଟିଏ ସାନ ଗାତରେ ପିଲ ବା କ୍ଷୁଦ୍ର କାଷ୍ଠଖଣ୍ଡ ରଖି ତାକୁ ବାଡ଼ିଦ୍ୱାରା ଦୂରକୁ ଫୋପାଡ଼ିଲେ ତାକୁ ଅନ୍ୟ ଦଳର ଖେଳାଳି ପ୍ରତିଘାତ କରି ଫେରାଇ ଦିଏ । ଏହିପରି କରୁ କରୁ ଯେଉଁ ପକ୍ଷର ଖେଳାଳି ସେ ପିଲକୁ ଅଘାତ କରି ନ ପାରେ ସେ ହାରେ । ଗୋପିନାଥ ନନ୍ଦ ।]

ହାପର୍—ପ୍ରାଦେ (ଖଡ଼ଅଲ) ବି—ଅପସ୍ମାର ରୋଗ— Hāpar Epilepsy.

ହାପର—ପ୍ରାଦେ (ଉତ୍ତର ବାଲେଶ୍ୱର ଓ ଗଞ୍ଜାମ) ବି—୧ । (ସଂ ଖର୍ପର) Hāpara ସ୍ୱର୍ଣ୍ଣକାରର ଅଗ୍ନିକୁଣ୍ଡ; ଉମେଇ—1. The oven of a goldsmith. ୨ । (ସ ଭସ୍ତ୍ରା) ଭସ୍ତା; ଭାତି—2. Bellows. ୩ । ଧାତୁ ଅବର୍ତ୍ତନ ପାତ୍ର; କୋଇ—3. Goldsmith's crucible; melting pot. ପ୍ରାଦେ- (ସମ୍ବଲପୁର ଓ ଗଡ଼ଜାତ) ବି-ଅପସ୍ମାର ରୋଗ—Epilepsy. ବୈଦେ ବି—(ଅ. ହଫର୍) କର୍ଦ୍ଦମମୟ ଗାତ, हफर **हफर** ଯେଉଁ ଗାତରେ ଅଖୁମଞ୍ଜି (ପବ) ପୋତିଲେ ସେଥିରୁ ଗଛମାନେ ବାହାରେ ଓ ପରେ କ୍ଷେତରେ ପୋତା ଯାଏ— Holes of mud for putting small lengths of sugarcane to cause them to sprout.

ହାପର ମଲ୍ଲି(ଲ୍ଲି)—ଦେ. ବି (ସ. ଭଦ୍ରବଲ୍ଲୀ)—ଉଗୋତ୍ର ବର୍ଗର Hāpara mali(lli) ଲତାଜାତୀୟ କ୍ଷୁପ ବିଶେଷ—Vallaris ସ. ନାମ—ଭଦ୍ରବଲ୍ଲୀ, Heynei. [ଦ୍ର—ଏହାର ପତ୍ର ଅଭିମୁଖୀ ଓ ସୂକ୍ଷ୍ମ ଶିରା ବିଶିଷ୍ଟ; ଫୁଲ ଧଳା, ଶୀତଭୀରୁ, ଭୂମିମଣ୍ଡ, ଅଷ୍ଟପାଦିକା । ସୁଗନ୍ଧ ଓ ଫେଣ୍ଟା ଫେଣ୍ଟା; ଶୀତ ଓ ଗ୍ରୀଷ୍ମ- हापरमालि କାଳରେ ଫୁଲ ଧରେ; ଫଳ ଲମ୍ବା— **मदनमाली** ଯୋଗେଶ ଚନ୍ଦ୍ର । ଏହା ବ୍ରଣ, ଉଦ୍ବେଷ୍ଟ ଓ ନାଡ଼ୀବ୍ରଣରେ ଉପକାରୀ । ବୈଦ୍ୟକ ।]

ହାପଗ୍ରା—ପ୍ରାଦେ (ଗଡ଼ଜାତ) ବି—(ଧ୍ୱନ୍ୟନୁକରଣ)—୧। କ୍ଷେତରେ ଶସ୍ୟ Hāpra ଓ ଫଳ ଖାଇଯିବା ବନ୍ୟ ଜନ୍ତୁମାନଙ୍କୁ ତଡ଼ିବାଇବା ପାଇଁ କୃଷକମାନେ କ୍ଷେତରେ ଦ୍ୱିଫାଳ ହୋଇଥିବା ଯେଉଁ ଗୋଟାଏ ଲମ୍ବା ବାଉଁଶ ପୋତି ଥାଆନ୍ତି-1. A long thick bamboo split in two and driven into the ground in a field in order to scare away wild animals from injuring the crops. [ଦ୍ର—ଫଟା ହୋଇଥିବା ବାଉଁଶର ଗୋଟିଏ ଫାଳରେ ଦଉଡ଼ି ଲଗାଇ ଥାଏ; ଭିଡ଼ ମଧ୍ୟରେ ଥିବା ବ୍ୟକ୍ତି ଦଉଡ଼ିବନ୍ଧା ଫାଳରେ ଦଉଡ଼ିକୁ ଟିକି ଛାଡ଼ି ଦିଅନ୍ତି ଓ ଦଉଡ଼ିକୁ ଛାଡ଼ି ଦେବା ଯୋଗୁଁ ବାଉଁଶର ଏକଫାଳ ଅନ୍ୟ ଫାଳରେ ବାଜି ଗୋଟାଏ ଉଚ୍ଚ ଶବ୍ଦ ଜାତ ହୁଏ ଓ ସେ ଧ୍ୱନି ଶୁଣି ଫସଲ ଖାଇବାକୁ ଆସିଥିବା ଜନ୍ତୁମାନେ କ୍ଷେତ ଛାଡ଼ି ପଳାଇ ଯାଆନ୍ତି ।] ୨ । ହାପର ଦ୍ୱାରା କରାଯିବା ଧ୍ୱନି—2. The sound made by a split bamboo to scare away wild animals coming to a field to destroy crops.

ହାପଲ୍—ପ୍ରାଦେ (ଗଞ୍ଜାମ) ବି—୧ । କରତଳ ଦ୍ୱାରା ଫୁଟୁକି; କରତଳ- Hāpal ସ୍ଫୋଟ—1. Clap; clapping with the hollowed palm. ୨ । ଅଙ୍ଗୁଠିର ଅଘାତ ଦ୍ୱାରା ଫୁଟୁକି—2. Snapping of the fingers.

ହାପଲ୍ ମାରିବା—ପ୍ରାଦେ (ଗଞ୍ଜାମ) କ୍ରି—୧ । କରତଳ ଦ୍ୱାରା ଫୁଟୁକି Hāpal māribā ମାରିବା—1. To clap; to make a টুসকী, টুসী clapping sound with the hollowed palm struck on a fleshy part **टुसकी मारना** of the body. ୨ । ଅଙ୍ଗୁଠି ଦ୍ୱାରା ଫୁଟୁକି ମାରିବା— 2. To snap with the fingers.

ହାପ(ବ)ସୀ—ବୈଦେ. ବି (ଅ. ହାବ୍ଶୀ; ଇଂ. ଆବିସିନିଅ) Hāp(ba)si —୧ । କାଫ୍ରି—1. A Kaffir or Negro. हाबसी ୨ । ଆବିସିନିୟା ଦେଶବାସୀ—2. An Abyssi- **हबसी** nian. ୩ । (କାଫ୍ରିମାନେ କୃଷ୍ଣବର୍ଣ୍ଣ ଥିବାରୁ)— (ହାପ୍ସୀ, ହାବ୍ସୀ—ଅନ୍ୟରୂପ) କୃଷ୍ଣଚର୍ମୀ ଲୋକ—3. A black-skinned man.

ହାପିଜ୍—ବୈଦେ. ବ (ଅ)—ହାଫିଜ୍ (ଦେଖ)
Hāpij Hāphij (See)

ହା(ହାଁ)ପିବା—ଦେ. କି (ଧ୍ୱନ୍ୟନୁକରଣ ବା ସ. ହାଫିକା=ହାଇ)—
Hā(hāñ)piba ୧ । ହାମିବା; ଅତ୍ୟଧିକ ପରିଶ୍ରମ ଯୋଗୁଁ ଘନଘନ
हाँपान ଶ୍ୱାସ ନେବା ଛାଡ଼ିବା.—1. To gasp after
हाँपना exertion. ୨ । ରୁଦ୍ଧଶ୍ୱାସ ହେବା—2. To be out of breath. ପ୍ରାଦେ (ସମ୍ବଲପୁର) କ୍ରି—ହାରିଯିବା—To be defeated. (ଯଥା—ଖେଳରେ ହାପିବା ।)

ହାପି ଯିବା—ପ୍ରାଦେ (ଯାଜପୁର) କ୍ରି—କାମ କରିବାକୁ ଭୁଲିଯିବା—
Hāpi jiba To miss an opportunity of doing some work.

ହାପୁ - ଦେ· ବ (ଧ୍ୱନ୍ୟନୁକରଣ; ଡାଲି ପାଣିଆ ହୋଇ ଥିବା ଯୋଗୁ
Hāpu ଏହାକୁ ହାପୁଡ଼ି କରି ଖାଇବା ବେଳେ 'ହାପ୍ ହାପ୍' ଧ୍ୱନିରୁ
हापुरा ଉତ୍ପନ୍ନ)—୧ । (ଶିଶୁ ବୋଧ ବଚନ) ମୁଗ ଆଦିର
दाल ପାଣିଆ ଡାଲି ତିଅଣ—1. Soup made of split
आफिं peas, moong etc. ୨ । (ସ. ଅହିଫେନ)—
अफीम ଅପୁ; ଅଫିମ—2. Opium.

ହାପୁଆ—ପ୍ରାଦେ (ଉତ୍ତରଅଞ୍ଚଳ) ବଣ—ଅଫିମ ଖୋର; ଅଫିମା; ଅପୁଆ—
Hāpuā Addicted to the habit of taking opium.

ହାପୁଡ଼ା(ଡ଼ା)—ଦେ. ବ (ଧ୍ୱନ୍ୟନୁକରଣ)—୧ । ପାଣିଆ ଖାଦ୍ୟ (ଡାଲି,
Hāpurdā(rā) ଯାଉ, କାଞ୍ଜି)କୁ ହାତର ପୋଷରେ ନେଇ ମୁହଁ
हापुरा ଓଷ୍ଠ ଦ୍ୱାରା ଶବ୍ଦ ଉତ୍ପାଦନ ପୂର୍ବକ ପାଟିରେ ଶୋଷି କରି
सुरुक ଖାଇବା; ହାପୁଡ଼ିବା କାର୍ଯ୍ୟ—1. The act of sipping liquid food with a slight smacking sound by taking it with the hollowed fingers and puttnig it into the mouth. [ଦ୍ର—ସୋଡ଼ିବା ଜନିତ ଶବ୍ଦ ହାପୁଡ଼ି ଶବ୍ଦ ଅପେକ୍ଷା ଉଚ୍ଚତର ।] ବଣ—ଥରେ ହାପୁଡ଼ି ହେବା ପରିମିତ (ଡାଲି ଆଦି)—(liquid food) Sufficient for one sip.

ହାପୁଡ଼ା(ଡ଼େ, ଡ଼ା, ଡ଼େ)ଇବା—ଦେ· କ୍ରି (ହାପୁଡ଼ିବା କ୍ରିୟାର ଣିଜନ୍ତ
Hāpurdā(rde, rā, re)iba ରୂପ—(The causative
हापरान form of 'Hāpurdibā)-ଅନ୍ୟ ଲୋକ ଦ୍ୱାରା
सुरुकाना ହାପୁଡ଼ିବା କ୍ରିୟା କରାଇବା—To cause another person to sip liquid food with a smacking sound.

ହାପୁଡ଼ା(ଡ଼ା)ଏ—ଦେ. ବଣ—୧ । ଏକା ଥରକେ ହାପୁଡ଼ି ହେବା
Hāpurdā(rā)e ପରିମିତ—1. Sufficient for one sip.
एक हापुरा ୨ । ଅତି ସାମାନ୍ୟ ପରିମିତ—2. Little in
एक सुरुक quantity. (ଉ—ମାଗି ଅଣିଲି ତିଅଣ ହାପୁଡ଼ାଏ । ଉଗ ।) ଦେ. ଡି—୧ । ଏକ ହାପୁଡ଼ା—1. One sip only. ୨ । ଅତି ଅଳ୍ପ ପରିମାଣ—2. A little.

ହାପୁଡ଼ା(ଡ଼ା) ହାପୁଡ଼ି(ଡ଼ି)—ଦେ. ବ—ବହୁବାର ବା ଉପର୍ଯ୍ୟୁପରି
Hāpurdā(rā) hāpurdi(ri) ହାପୁଡ଼ି କରି ଖାଇବା—
हाप्रा हापरि Sipping many times or repeated-
सुरुका सुरुकी ly.

ହାପୁଡ଼ି(ଡ଼ି)ବା—ଦେ. କ୍ରି (ଧ୍ୱନ୍ୟନୁକରଣ)—ପାଣିଆ ଖାଦ୍ୟକୁ ଶବ୍ଦ
Hāpurdi(ri)ba ଶୋଷଣ କରି ଖାଇବା—
हापरा(ना) सुरुकना To sip liquid food with a smacking sound. (ଉ—ତେବୁ ବୋଲଇ ଭଲ ମନ୍ଦର ତିଅଣ ହାପୁଡ଼ି ଭୁଞ୍ଜଇ ସନ୍ତୋଷ କରି ପ୍ରାଣ—କୃଷ୍ଣସିଂହ ମହାଭାରତ ସଭା ।)

ହାପୁତ୍ରିକା—ସ ଙ—ପକ୍ଷି ବିଶେଷ; ଖଞ୍ଜନପକ୍ଷୀ—The watgtail
Hāputrikā bird; Motacella Hodgsoni.
(ହାପୁତ୍ରୀ—ଅନ୍ୟରୂପ)
(ଅନ୍ୟ ସଂ ନାମ—ଖଞ୍ଜନିକା, ଭୂଲିକା, ସର୍ପୀ, ଷ୍ଟୋଟିକା ରାଜଭଟ୍ଟିକା, ଗୋଭଣ୍ଡୀର, ପଙ୍କଖାଇ)
ଖୁୟା ଶାଳିକ खंजन

ହାପୁଲେ—ପ୍ରାଦେ (ବାଲେଶ୍ୱର) ବଣ—ମେଞ୍ଚାଏ; ପୁଳାଏ—
Hāpule A lump of.

ହାପୁ ହାପୁ ହେବା—ଦେ. କ୍ରି (ଧ୍ୱନ୍ୟନୁକରଣ)—ଲଙ୍କାମରିଚ ଖାଇବା
Hāpu hāpu heba ଯୋଗୁଁ ପାଟି ଜଳିବାରୁ ପାଟିକୁ
हापु हापु करा हाफ हाफ करना ବାରଂବାର ମେଲି କରି ପୁଣି ବୁଜି ହାପୁ ହାପୁ ଶବ୍ଦ ଉତ୍ପାଦନ କରିବା—To produce a smacking sound by emitting breath with the lips and shutting them alternately to alleviate the burning sensation due to taking some pungent thing. ୨ । ଅଫିମ ଖାଇବାରେ ଅଭ୍ୟସ୍ତ ବ୍ୟକ୍ତିଙ୍କର ଅଫିମ ଖାଇବାର ନିର୍ଦ୍ଦିଷ୍ଟ ବେଳ ଗଡ଼ିଗଲେ ଯେ ଯେଉଁପରି ପାଟି ଘାଣ୍ଟ ଘାଣ୍ଟ କରନ୍ତି ଓ ବିକଳ ହୁଅନ୍ତି, ସେହିପରି ହେବା—2. To repeatedly open and shut the mouth with a gony like an opium eater when his fixed time of the day for taking the drug is passed without taking the drug. ୩ । (ଲକ୍ଷଣାର୍ଥ) ବିକଳ ହେବା; ବ୍ୟସ୍ତତାର ଚିହ୍ନ ପ୍ରକାଶ କରିବା—(figurative) To give vent to agony.

ହାପୋଲ—ଦେ. ବ—ହାମ୍ପୋଲ (ଦେଖ)—Hāmpola [See]
Hāpola (ଉ—ଶିଖଣ୍ଡୀର ପିଠିରେ ମାରଣ ହାପୋଲ—କୃଷ୍ଣସିଂହ ମହାଭାରତ ଉଦ୍ଯୋଗ ।)

ହାପୋଲି (ଇତ୍ୟାଦି)—ଦେ. ବ—ହାମ୍ପୋଲି ଇତ୍ୟାଦି (ଦେଖ)—
Hāpoli [etc] Hāmpoli etc [See]

ହାପ୍ଫା—ଦେ. ଅ—ହାଫା (ଦେଖ)—
Happhā Hāphā [See].

ହାପ୍ରା—ପ୍ରାଦେ (ସମ୍ବଲପୁର) ବ—ହାପୁରା (ଦେଖ)—
Hāpra Hāpurā (See).

ହାପ୍ରିବା—ପ୍ରାଦେ (ସମ୍ବଲପୁର) କ୍ରି—ହାପୁରିବା (ଦେଖ)—
Hāpribā Hāpuribā (See).

ହାଫ୍—ବୈଦେ. ଣ ଓ ବଣ (ଇଂ)—ଅର୍ଦ୍ଧ—Half. [ଦ୍ର—ଏହି
Hāph ଇଂରାଜୀ ଶବ୍ଦ ସଙ୍ଗେ ଅନେକଗୁଡ଼ାଏ ଇଂରାଜୀ ଓ
हाफ **हाफ** ଦେଶୀୟ ଶବ୍ଦ ଲାଗି ଭାଷାରେ
ଚଳୁଅଛି; ଯଥା ହାଫ୍ ସ୍କୁଲ, ହାଫ୍ ମୋଜା ।]

ହାଫ୍ ଇଅର୍—ବୈଦେ. ବ (ଇଂ)—ଅର୍ଦ୍ଧ ବର୍ଷ; ଛଅ ମାସ; ଷଣ୍ମାସ—
Hāph-iar Half year.
হাফইয়ার **हाफइयर**

ହାଫ୍ ଇଅର୍ଲି—ବୈ. ବଣ—ଷାଣ୍ମାସିକ—Half yearly.
Hāph-iarly (ଯଥା—ହାଫ୍ ଇଅର୍ଲି ପରୀକ୍ଷା ।)
হাফইয়ারলি **हाफइयरली**

ହାଫ୍ ଇସ୍କୁଲ(ସ୍କୁଲ)—ବୈଦେ. ବ (ଇଂ ହାଫ୍ ସ୍କୁଲ୍)—ଶନିବାର ଦିନ
Hāph-iskul(skul) ବା କୌଣସି ଉପଲକ୍ଷରେ
হাফ'ঈস্কুল **फ स्कूल** ପ୍ରଥମ ୨।୩ ଘଣ୍ଟା ପାଠ
ହେବା ପରେ ବିଦ୍ୟାଳୟର ଛୁଟି ହୋଇଯିବା—
Half school.

ହାଫ୍ ଇଷ୍ଟ(ଷ୍ଟା)କିନ୍—ବୈଦେ.ବ (ଇଂ.ହାଫ୍ ଷ୍ଟକିଙ୍ଗ)—ଅଧା ମୋଜା-
Hāph ishts(shtā) in ଯେଉଁ ଗୋଡ଼ ମୋଜା ଗୋଡ଼ଗଣ୍ଠିର
হাফ ঈষ্টাকিন **हाफ स्टौकिंग** ଅଧ ପର୍ଯ୍ୟନ୍ତ ଉଠିଥାଏ—
Half stockings; socks.

ହାଫ୍ କଚି(ଚେ)ରି—ବୈଦେ. ବ (ଇଂ ହାଫ୍ ଓ ଫା. କଚହରି)—
Hāph kachi(che)ri କୌଣସି ଘଟନା ଉପଲକ୍ଷେ କେତେକ
হাফ কাছারি **हाफ कचहरी** ଘଣ୍ଟା କାମ
ହୋଇସାରିବା ପରେ କଚେରିର କର୍ମ ବନ୍ଦ ହେବା—
A court or office getting a half holiday
on a special occasion.

ହାଫ୍ ଗିନି(ସଭରିନ୍, ସଭରେନ)—ବୈଦେ. ବ (ଇଂ)—ଇଂଲଣ୍ଡ
Hāph gini(sabharin, sabharen) ପ୍ରଚଳିତ ଗିନି
হাফ গিনি **हाफ गिनी** ବା ସଭରିନ୍ ନାମକ
ସ୍ୱର୍ଣ୍ଣ ମୁଦ୍ରାର ଅର୍ଦ୍ଧ ମୂଲ୍ୟର ସ୍ୱର୍ଣ୍ଣ ମୁଦ୍ରା—Half gunea;
half sovereign.

ହାଫ୍ ଛୁଟି—ଦେ. ବ—୧ । ଅଧା ଛୁଟି; କଚେରିର ବା ସ୍କୁଲର କେତେକ
Hāph chhuṭi ଘଣ୍ଟା କାର୍ଯ୍ୟ ହେବା ପରେ ବନ୍ଦ ହେବା—
হাফ ছুটি **हाप छुटी** 1. Half holiday.
୨ । କାର୍ଯ୍ୟ କରିବା ସମୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳରୁ
ଅର୍ଦ୍ଧେ ସମୟ ଛୁଟି; ଅଧାଦିନ ଛୁଟି—2. Exemption
from duty for half a day.

ହାଫ୍ ଟିକ(କେ)ଟ୍—ବୈଦେ. ବ (ଇଂ)—୧ । ଅଧା ଟିକେଟ୍; ପୂର୍ବ
Hāph ṭika(ke)ṭ ଟିକେଟର ଅଧା ମୂଲ୍ୟର ଟିକେଟ୍—1. Half-
হাফ টিকিট ticket. (ଦ୍ର—୧୨ ବର୍ଷରୁ ଛୋଟ ପିଲାମାନଙ୍କ
हाफ टिकिट ପାଇଁ ଅଧା ମୂଲ୍ୟରେ
ରେଳ ଅଫିସ ଟିକେଟ ଦିଆଯାଏ ଓ ସେଥିପାଇଁ ଅଗେ
ଖଣ୍ଡେ ଟିକେଟ ଚିରା ହୋଇ ଅଧା ଟିକେଟ ମିଳୁଥିଲା;
ଆଜିକାଲି ଅଧା ଦାମରେ ଗୋଟାଏ ପୂରା ଟିକେଟ ମିଳୁଛି ।]
୨ । ରିଟର୍ଣ୍ଣ ଟିକେଟର ଗୋଟିଏ ଫାଳ—2. The left
or right half of a return ticket. ୩ ।
ପ୍ଲାଟଫର୍ମ ଟିକେଟର ଗୋଟିଏ ଫାଳ—3. The left or
right half of a platform ticket.

ହାଫ୍ ଟୋନ୍—ବୈଦେ. ବ (ଇଂ)—ବିନ୍ଦୁ ବା ସମାନ୍ତର ସୂକ୍ଷ୍ମରେଖା
Hāph-ṭon ସମଷ୍ଟି ଦ୍ୱାରା ରଚିତ ଆଲେଖ୍ୟ ଚିତ୍ର ବା ଛବି; ଯେଉଁ
ଛବିରେ ଆଲୋକର ଉଜ୍ଜ୍ୱଳବର୍ଣ୍ଣ ଓ ଛାୟାର କୃଷ୍ଣବର୍ଣ୍ଣ ଗୁଡ଼ାଏ
ପତଳା ବା ଗାଢ଼ ସୂକ୍ଷ୍ମରେଖା ଦେଖାଦେବା ଦ୍ୱାରା ବାରି ହୁଏ—
A halftone (drawing or picture); drawing
or picture in which light and shade are
distinguished by fine points or parallel
হাফটোন **हाफटोन** lines.

ହାଫ୍ଟୋନ୍ ପ୍ରେସ—ବୈଦେ. ବ (ଇଂ)—ଯେଉଁ ଛାପାକଳରେ ହାଫ୍-
Hāph-ṭon pres ଟୋନ୍ ବ୍ଲକ୍ରୁ ଛାପା ହୋଇ ଯାଇପାରେ—
হাফটোনপ্রেস **हाफटोनप्रेस** Halftone press.

ହାଫ୍ଟୋନ୍ ବ୍ଲକ୍—ବୈଦେ. ବ (ଇଂ)—ହାଫ୍ଟୋନ୍ ଚିତ୍ରମାନଙ୍କୁ
Hāph-ṭon blak କାଗଜରେ ଛପିବାପାଇଁ ତିଆର କରିଥିବା
ଧାତୁର ଛାଞ୍ଚ—Halftone block. [ଦ୍ର—ଏହି ବ୍ଲକ୍ରୁ
ହାଫ୍ଟୋନ୍ ଚିତ୍ରମାନ କାଗଜରେ ଛପି ହୋଇପାରେ ।]
হাফটোনব্লক **हाफटोनब्लक**

ହାଫ୍ ନୋଟ—ବୈଦେ. ବ (ଇଂ)—କରେନ୍ସୀ ନୋଟ୍ର ଅଧଖଣ୍ଡେ—
Hāph-noṭ Halfnote; half of a currency note.
[ଦ୍ର—କରେନ୍ସୀ ନୋଟ୍କୁ ଡାକରେ ଦୂରସ୍ଥ ବ୍ୟକ୍ତିଙ୍କ
ନିକଟକୁ ପଠାଇବାକୁ ହେଲେ କାଳେ ବାଟରେ ତାହା
ହଜିଯିବ, ଏଥିପାଇଁ ଉକ୍ତ ନୋଟ୍ର ପୂର୍ବାର୍ଦ୍ଧକୁ ଚିର ପ୍ରଥମେ
ପଠାଇବାକୁ ହୁଏ ଓ ତହିଁର ପ୍ରାପ୍ତି ରସିଦ ଆସିଲେ ଅପରାର୍ଦ୍ଧ
ପଠାଇବାକୁ ହୁଏ । କାରଣ, ହାଫ୍ନୋଟ୍ ଯାହାର ହାତରେ
ପଡ଼ିବ, ସେ ତାକୁ ଭଙ୍ଗାଇ ପାରିବ ନାହିଁ । କିନ୍ତୁ ନୋଟ୍ର
ମାଲିକ ଅବଶିଷ୍ଟ ହାଫ୍ନୋଟଖଣ୍ଡି ସରକାରଙ୍କୁ ଦେଖାଇ
ଆଉ ହାଫ୍ନୋଟ୍ ଖଣ୍ଡିକ ହଜିଥିବା ବିଷୟ ଏତଲା ଦେଇ
ପାରିବେ ଓ ସରକାରଙ୍କଠାରେ ଯାମିନ୍ ଦେଇ ତାଙ୍କ
ନିକଟରେ ଥିବା ହାଫ୍ନୋଟ୍କୁ ଭଙ୍ଗାଇ ସରକାରଙ୍କଠାରୁ
হাফনোট **हाफनोट** ଟଙ୍କା ଆଣି ପାରିବେ]

ହାଫ୍ ପା(ପ୍ୟା,ପେ)ଣ୍ଟ—ବୈଦେ. ବ (ଇଂ)—ଆଣ୍ଠୁଠାରୁ ଅଣ୍ଟା ପର୍ଯ୍ୟନ୍ତ
Hāph pā (pyā,pe)nṭ ଲମ୍ବିଥିବା ପାଇଜାମା—
হাফপ্যান্ট **हाफपैंट** Half pant.

ହାଫ୍ ପେ—ବୈଦେ. ବ (ଇଂ)—ଅଧା ଦରମା; କୌଣସି ବ୍ୟକ୍ତିଙ୍କ
Hāph pe ନିର୍ଦ୍ଧାରିତ ବେତନର ଅର୍ଦ୍ଧେ—
হাফপে **हाफपे** Half pay.

ହାଫ୍ ପେ ଛୁଟି—ଦେ. ବ—ଅଧା ଦରମାରେ ମିଳିବା ଛୁଟି—
Hāph pe chhuṭi Leave on half pay.
হাফপেছুটী **हाफपेछुटी**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ; ଅତଏବ ୧ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗଇ' ନ ମିଳିଲେ 'ଗାଈ' ଖୋଜିବେ; 'ମୂତ' ନ ମିଳିଲେ 'ମୂତ୍ର' ଖୋଜିବେ, 'ବଂଧୁ' ନ ମିଳିଲେ 'ବନ୍ଧୁ' ଖୋଜିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ହାଫ୍‌ପେନି—ବୈଦେ. ବି (ଇଂ)—ଇଂଲଣ୍ଡ ପ୍ରଚଳିତ ଏକ ପେନିର Hāph-peni ଅର୍ଦ୍ଧ ମୂଲ୍ୟର ମୁଦ୍ରା—Half penny.
हाफपेनि **हाफपेनि**

ହାଫ୍ ପ୍ରାଇସ୍—ବୈଦେ. ବି—(ଇଂ) ଅଧାମୂଲ୍ୟ; ଅର୍ଦ୍ଧମୂଲ୍ୟ; ପଣ୍ୟ Hāph-prāis ଦ୍ରବ୍ୟର ପ୍ରକୃତ ବା ସାଧାରଣ ମୂଲ୍ୟର ଅଧା ମୂଲ୍ୟ—Half price. [ଦ୍ର—ଦୋକାନୀମାନେ ଦୋକାନ ସଫା କରିବାପାଇଁ ଦୋକାନର ଜିନିଷମାନଙ୍କୁ ବା ଦାଗ ଲାଗିଥିବା ଜିନିଷମାନଙ୍କୁ ଅଧା ମୂଲ୍ୟରେ ବିକି ଥାଆନ୍ତି]
हाफप्राइस **हाफप्राइस**

ହାଫ୍ ବୁଟ୍—ବୈଦେ. ବି (ଇଂ)—ଯେଉଁ ବୁଟ ଯୋତାର କନ୍ଥ ଗୋଡ଼ର Hāph-but ଭଣ୍ଡା ପର୍ଯ୍ୟନ୍ତ ନ ଉଠି ବେଲାଗଣ୍ଠି ପର୍ଯ୍ୟନ୍ତ ଉଠିଥାଏ—
हाफबुट **हाफबुट** Half boots.

ହାଫ୍ ମାର୍ଜିନ୍—ବୈଦେ. ବି (ଇଂ)—ଲମ୍ବ ଭାଗରେ ଅଧେ ଭଙ୍ଗା Hāph mārjin ହୋଇଥିବା ଗୋଟିଏ କାଗଜର ବା ପୃଷ୍ଠାର ଅଲେଖା ରଖାଯିବା ଫାଳ—Half margin. [ଦ୍ର—ପାଣ୍ଡୁଲିପି ଆଦି ଲେଖିବା ବେଳେ କାଗଜର ପୃଷ୍ଠାକୁ ବାମ ଓ ଡାହାଣ ଏପରି ଦୁଇ ଭାଗରେ ଅଧଭଙ୍ଗୁଣିଆ କରାଯାଇ ତହିଁର ଗୋଟିଏ ଫାଳରେ ବା ଅଂଶରେ ଲେଖାଯାଏ ଓ ଆର ଫାଳକ ଅଲେଖା ରଖାଯାଏ । ଅଲେଖା ଫାଳରେ ଟୀକା ବା ମନ୍ତବ୍ୟ ଆଦି ପରେ
हाफमार्जिन **हाफमार्जिन** ଲେଖାଯାଇ ପାରେ]

ହାଫ୍‌ମାଷ୍ଟ୍—ବୈଦେ.ବି—(ଇଂ)—ଜାହାଜର ମାସ୍ତୁଲର ଉଚ୍ଚ ଭାଗ ଅଧା Hāph-māsht ଠାରେ ଥିବା ଅଂଶ—Half mast.
हाफमाष्ट् [ଦ୍ର—ପାଶ୍ଚାତ୍ୟ ସଭ୍ୟତା ପ୍ରାପ୍ତ ଦେଶମାନଙ୍କରେ ରାଜ-
हाफमाष्ट ପରିବାରର ବା ବଶିଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁ ଉପଲକ୍ଷରେ ଶୋକ ପ୍ରକାଶ କରିବାର ସୂଚକରୂପେ ମାସ୍ତୁଲର ଅଗରେ ଉଡ଼ୁଥିବା ପତାକାକୁ ହାଫ୍‌ମାଷ୍ଟ୍‌କୁ ଖସାଇ ଆଣିବାକୁ ହୁଏ ।]

ହାଫ୍ ମୋ(ମୌ)ଜା—ବୈଦେ. ବି—(ଇଂ ହାଫ୍ ଓ ଫା ମୋଜହ୍)— Hāph mo(mau)jā ଯେଉଁ ମୋଜା ଗୋଡ଼ ଭଣ୍ଡାର ଅଧାଯାକେ
हाफमोजा ଚଢ଼ିଥାଏ—Half stockings; socks. [ଦ୍ର—
हाफमोया ଏହାକୁ ପୁରୁଷମାନେ ବ୍ୟବହାର କରନ୍ତି ।]
(ଫୁଲ୍ ମୋଜା—ବିପରୀତ)

ହାଫ୍ ରେସନ୍—ବୈଦେ.ବି (ଇଂ)—ଅସମୟରେ ବା ଅବରୁଦ୍ଧ ଅବସ୍ଥାରେ Hāph resan ବା ବିପଦକାଳରେ ଖାଦ୍ୟଦ୍ରବ୍ୟ ଅନଟନ ହେଲେ ସୈନ୍ୟ
हाफरेसन ମାନଙ୍କୁ ନିର୍ଦ୍ଦିଷ୍ଟ ଖୋରାକର ଅଧାରେଟ୍‌ରେ ଦିଆଯିବା
हाफरेसन ଖୋରାକ—Half ration. (ଦ୍ର—କେତେକ ସ୍ଥଳରେ ଦଣ୍ଡ ସ୍ୱରୂପ ମଧ୍ୟ ସୈନ୍ୟମାନଙ୍କୁ ହାଫ୍ ରେସନ୍ ଦିଆଯାଏ ।)

ହାଫ୍ ସ୍କୁଲ୍—ବୈଦେ. ବି—(ଇଂ)—ହାଫ୍ ଇସ୍କୁଲ୍ (ଦେଖ)— Hāph skul Hāph iskul (See).

ହାଫ୍ ଷ୍ଟକିଙ୍ଗ୍—ବୈଦେ. ବି—(ଇଂ)—ହାଫ୍ ମୋଜା (ଦେଖ)— Hāph staking Hāph-mojā (See).

ହାଫ୍‌ହଣ୍ଟିଙ୍ଗ୍—ବୈଦେ. ବିଣ—(ଇଂ)—୧ । ଯେଉଁ ୱାଚ୍‌ର ବା Hāph-hanting ପକେଟ୍ ଘଡ଼ିର ମୁହଁ ଢାକଣ ଧାତୁମୟ
हाफ हन्टिङ्ग ଘୋଡ଼ଣିରେ ମୁଦା ନ ଯାଇ ମଝିରେ ଗୋଟିଏ
हाफहन्टिंग ଗୋଲ ଅଂଶରେ କାଚ ଦିଆଯାଇଥାଏ—1. Half-bunting (watch). ୨ । ଯେଉଁ ଜୋତା ବା ବୁଟ୍ ବାନ୍ଧିବାକୁ ଫିତା ଥାଏ ଓ କଡ଼ରେ ରବର ମଧ୍ୟ ଥାଏ—2. Half-hunting (shoes and boots). [ଦ୍ର—ଇଂରାଜୀ ହଣ୍ଟିଙ୍ଗ୍ (Hunting)ର ଅର୍ଥ ଶିକାର । ଶିକାରରେ ନିଯୁକ୍ତବ୍ୟକ୍ତିମାନଙ୍କର ବୁଟ୍ ବା ଜୋତା ଗୋଡ଼ରୁ ସହଜରେ ଖସିପିବ ନାହିଁ ବୋଲି ଯେଉଁ ଜୋତାରେ ବା ବୁଟ୍‌ରେ ଫିତା ବନ୍ଧା ହୋଇଥାଏ, ତାକୁ ହଣ୍ଟିଙ୍ଗ୍ ଜୋତା ବା ବୁଟ୍ ବୋଲାଯାଏ ଓ ଶିକାରୀମାନଙ୍କ ବ୍ୟବହୃତ ୱାଚ୍‌ର ମୁହଁରେ କାଚର ଢାଙ୍କୁଣି ଥିଲେ ତାହା ଭାଙ୍ଗିଯାଇ ପାରେ, ଏଥିପାଇଁ ଉକ୍ତ ଘଡ଼ିର ମୁହଁରେ ଧାତୁମୟ ଢାଙ୍କୁଣି ଥାଏ । ଏପରି ୱାଚ୍‌କୁ ହଣ୍ଟିଙ୍ଗ୍ ୱାଚ୍ ବୋଲାଯାଏ ।]

ହାଫା—ଦେ.ଅ—(ସଂ ହାଫିକା=ହାଇ, ଜମ୍ଭା ଧ୍ୱନ୍ୟନୁକରଣ; ଲୁଗା-Hāphā ପୁଡ଼ାକୁ ଆଁ ହୋଇଥିବା ପାଟିରେ ମାଡ଼ି ଦେଇ ହଠାତ
हाफा **हाफा** ଛାଡ଼ି ଅଣିଲାବେଳେ ଶୁଣାଯିବା ଧ୍ୱନିରୁ)—ଆଖିରେ ସାମାନ୍ୟ ଗୁଣ୍ଡଆଦି ପଡ଼ିଲେ କିମ୍ବା ଆଖିରେ ଜ୍ୱାଳା ହେଲେ ଲୁଗାର ଗୋଟିଏ କ୍ଷୁଦ୍ର ପୁଡ଼ା କରି ତାକୁ ହାତରେ ଧରି ସେହି ପୁଡ଼ାକୁ ଆଁ ହୋଇଥିବା ପାଟିରୁ ନିର୍ଗତ ଶ୍ୱାସରେ ମାଡ଼ିବାର ତାହା ଉଷୁମ ଥାଉଁ ଥାଉଁ ତାକୁ ଆଣି ଆଖିରେ ମାଡ଼ିବା—To press a ball of cloth into an aching eye after putting it on the mouth and yawning cr blowing unto it. [ଦ୍ର—ଏହିପରି କରିବାର 'ହାଫା' କଲେ ଦେଖାଯାଏ ଯେ, ଆଖିର ଜ୍ୱାଳାର ଅନେକ ପରିମାଣରେ ଉପଶମ ହୁଏ ।]

ହାଫା କରିବା—ଦେ. କ୍ରି—ଲୁଗା ପୁଡ଼ାକୁ ଆଁ ହୋଇଥିବା ପାଟିରୁ Hāphā kariba ନିର୍ଗତ ହେଉଥିବା ନିଶ୍ୱାସରେ ମାଡ଼ି ତାକୁ
हाफा देओया ଆଖି ଜ୍ୱାଳା ହେଉଥିବା ଆଖି ଉପରେ ମାଡ଼ିବା—
हाफा करना To press a ball of cloth on the aching eye after yawning or blowing into it.

ହାଫିକା—ସ. ବି—(ହାଫ୍—ଧ୍ୱନ୍ୟର୍ଥକ+କ+ଆ)—ଜୃମ୍ଭା; ହାଇ— Hāphikā Yawning.
(ଅନ୍ୟ ସ—ଜୃମ୍ଭା, ଜୃପଯୁଷ୍ଟିକା)

ହାଫିଜ୍—ବୈଦେ.ବି—(ଆ)—୧ । ଯେଉଁ ମୁସଲମାନ ସମସ୍ତ କୋରାନ୍ Hāphij ଗ୍ରନ୍ଥକୁ କଣ୍ଠସ୍ଥ କରିଥାଆନ୍ତି—1. A Mahomedan

`	ଇ	ଉ	ଋ,ଌ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ହ୍ନ
୵	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଵ	ହ୍ବ

হাফেজ who has committed the whole of the
हाफिज Koran into memory. ୨ । ସ୍ତ୍ରୀ. (ନାମ; ଆରବୀ ଅର୍ଥ ରକ୍ଷକ, ତତ୍ତ୍ୱାବଧାରକ) ମୁସଲମାନବିଶେଷଙ୍କ ନାମ—2. A name given to Mahomedan. ୩ । ପାରସ୍ୟ ଦେଶୀୟ ପ୍ରଧାନ କବି ଶାମସୁଦ୍ଦିନ୍ ହାଫିଜଙ୍କର ଡାକ ନାମ—3. Nick-name of the Persian poet Samsuddin Hafiz.

ହାଫି(ପ୍ରି)ବା—ପ୍ରାଦେ (ସମ୍ବଲପୁର) କ୍ରି—ହାପୁରିବା—
Hāphi(pri)bā To gulp or suck up a liquid food with a sound.

ହାଫିସ୍ (ସି)—ବୈଦେ.ବି—(ଇଂ ଅଫିସ୍‌ର ଅଶୁଦ୍ଧ ଉଚ୍ଚାରଣ)—ଅଫିସ;
Hāphis(si) କାର୍ଯ୍ୟାଳୟ—Office.
আপিস ऑफिस

ହାଫୁ—ଦେ. ବି—୧ । ହାପୁ (ଦେଖ)—1. Hāpu (See).
Hāphu ୨ । (ଶିଶୁ ବଚନ, ଧ୍ୱନ୍ୟନୁକରଣ) ଓଠ ଲଗାଇବା ବା
হাপু ফুক ଉଷ୍ଣ ଖାଦ୍ୟକୁ ଫୁଙ୍କିବା—2. Blowing air with the lips for cooling hot food or putting out the light of a lamp.

ହାଫୁ କରିବା—ଦେ. କ୍ରି—(ଶିଶୁ ବଚନ)—୧ । ଜଳୁଥିବା ଦୀପକୁ
Hāphu kariba ଫୁଙ୍କି ଲିଭାଇବା—1. To blow out
হাপু করা a lamp, ୨ । ଉଷ୍ମ ଖାଦ୍ୟକୁ ଶୀତଳ କରିବା ପାଇଁ
फुकना ଫୁଙ୍କିବା—2. To blow air into a hot food to cool it. ୩ । ଶିଶୁର ଆଖିକୁ ଫୁଙ୍କିବା—3. To blow unto the eyes of a child. [ଦ୍ର—କୌତୁକ ଦେଖିବାକୁ ବୟସ୍କମାନେ ଶିଶୁମାନଙ୍କୁ ନିକଟକୁ ଡାକି ସେମାନଙ୍କ ମୁହଁ ସାମନାରେ ଆପଣାର ମୁହଁକୁ ରଖି ପଚାରନ୍ତି—
ପ୍ରଶ୍ନ—ତୋତେ ହାଲୁ ଦିବୁ ? ଉତ୍ତର—ହଁ
ପ୍ରଶ୍ନ—ଅମ୍ ଖାଇବୁ ? ଉତ୍ତର—ହଁ
ପ୍ରଶ୍ନ—ବାଘ ଦେଖିଲେ ତ ଡରିବୁ ନାହିଁ ? ଉ—ନାଁ;
ଶିଶୁ ଏହା କହିବା ମାତ୍ରେ ବୟସ୍କ ବ୍ୟକ୍ତି ଶିଶୁର ଆଖିକୁ 'ହାଫୁ' କରି ଦିଅନ୍ତି ଓ ଶିଶୁ ଯଥାଶକ୍ତି ଚେଷ୍ଟା କଲେ ସୁଦ୍ଧା ତା ଆଖି ବନ୍ଦ ହୋଇଯାଏ ଓ ବୟସ୍କ ବ୍ୟକ୍ତି କହନ୍ତି—ତୁ ତ ଡରିଲୁ (ଅତଏବ ତୋତେ ତୋଠାକୁ ନେବ ନାହିଁ ।)]

ହାଫୁର—ପ୍ରାଦେ (ସମ୍ବଲପୁର) ବି—(ସଂ. ଅପସ୍ମାର, ତୁଳ ଇଂ ଏପିଲେପସୀ)
Haphur ଅପସ୍ମାର ରୋଗ—Epilepsy.

ହାବ୍‌କିବା—ପ୍ରାଦେ. (ଗଡ଼ଜାତ) କ୍ରି—କାମୁଡ଼ିବା—
Hāb-kibā To bite.

ହାବ୍‌ଡ଼ା(ଇତ୍ୟାଦି)—ଦେ. ବି—ହାବୁଡ଼ା ଇତ୍ୟାଦି (ଦେଖ)—
Hāb-rdā (etc) Hāburdā etc (See)

ହାବଡ଼ୁଡ଼ୁ—ଦେ. ବି—ଡୁଡୁ (ଦେଖ)—
Hāb-duudu Dudu (See).

ହାବଡ଼ିବା—ପ୍ରାଦେ (ସମ୍ବଲପୁର) କ୍ରି—ହାବୁଡ଼ିବା (ଦେଖ)
Hab-rdibā Hāburdibā (See).

ହାବ୍‌ସ—ପ୍ରାଦେ (ଗଡ଼ଜାତ) ବି—କଚଡ଼ା—
Hāb-sa Fall with a thud.

ହାବ୍‌ସି କଚଡ଼ହେବା—ପ୍ରାଦେ (କଟିଅଳ) କ୍ରି—ନିଜେ ନିଜେ କୋଡ଼ି-
Hāb-si kachardi hebā କଚଡ଼ି ହୋଇ ଶୋକ କରିବା—
To weep or wail by striking one's limbs on the ground.

ହାବ୍‌ସି ଦେବା—ପ୍ରାଦେ—(ଗଞ୍ଜାମ) କ୍ରି—କଚାଡ଼ି ଦେବା—
Hāb-si debā To dash a thing down.

ହାବ୍‌ସିବା—(କଟିଅଳ) କ୍ରି—କଚାଡ଼ିବା—
Hāb-sibā To dash a thing with a thud.

ହାବ୍‌ସି ହେବା—ପ୍ରାଦେ (ସମ୍ବଲପୁର) କ୍ରି—କ୍ରୋଧରେ ବା ଶୋକରେ
Hāb-si hebā ତଳେ ଛଟପଟ ହେବା—To strike one's limbs in the ground in a paroxysm of anger or grief.

ହାବ—ସଂ. ବି—(ହୁ ଧାତୁ=ଆହ୍ୱାନ ଦେବା+ଅଧିକରଣ ଅ, ଏଥିଦ୍ୱାରା
Hāba ଅନୁରାଗୀମାନେ କାମାନଳରେ ଆହୂତ ହୁଅନ୍ତି ବୋଲି)—୧ । ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବଜନିତ ବିଳାସ ବା ଲୀଳା; ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବଜ ଓ ଶୃଙ୍ଗାରୋଦ୍ଦୀପକ କ୍ରିୟା ବା ଚେଷ୍ଟା; ବିଳାସ ବିଭ୍ରମ—[ଦ୍ର—ଯୁବାନୋ ଯେନ ଦୃଷ୍ଟେନ ନାଗରମର୍ଦ୍ଦନାନଳେ, ଅତୋନିରୁଚ୍ୟତେ ହାବ ସ୍ତେ ବିଳାସାଦୟୋମତାଃ)—1. Amorous gestures or movements of lustful women. ୨ । ସ୍ତ୍ରୀମାନଙ୍କର ଛଳକଳୁଷ୍ଟାଳ ଛଟା—2. Coquetry; blandishments of love. [ଦ୍ର—ଗ୍ରୀବାଭଙ୍ଗୀ, ଭ୍ରୂଭଙ୍ଗୀ, ନେତ୍ରଭଙ୍ଗୀ, ମୁଖଭଙ୍ଗୀ, ଅଙ୍ଗଭଙ୍ଗୀ, ଗମନଭଙ୍ଗୀ, ଆଦି ହାବ ଅଟେ । ଏହା ସ୍ତ୍ରୀମାନଙ୍କର ଯୌବନଜ, ଅଲଙ୍କାରଜ ବିକାର । ଏହା ଦଶବିଧ । ଯଥା—ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଳ, କିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିବୋକ, ଲଳିତ (ଅମର, ଭରତ) ।] ୩ । (ହ୍ୱେ ଧାତୁ=ଆହ୍ୱାନ କରିବା+ଭାବ ଅ)—ଆହ୍ୱାନ—3. Calling.

ହାବଡ଼ାଇବା—ପ୍ରାଦେ (ଗଡ଼ଜାତ) କ୍ରି—ଭେଟିବା; ହାବୁଡ଼ିବା—
Habardaibā To meet, to come across; to encounter.
(ହାବଡ଼ିବା—ଅନ୍ୟରୂପ)

ହାବ ଭାବ—ଦେ. ବ (ସହଚର ଶବ୍ଦ; ସ. ହାବ ଓ ଭାବ)—
Hāba bhāba ୧ । ଅବାକ, ଇଙ୍ଗିତ, ଚେଷ୍ଟା, ଭୂଷଣ, କେଶ-
हावभाव ବନ୍ଧ ପ୍ରକାର ହାସ୍ୟ ମନର ଭାବ ପ୍ରକାଶ ରୂପ କ୍ରିୟା
हावभाव —1. Gestures; airs. ୨ । ଚଳାଚଳ; ଆଚରଣ
—2. Mode or manner of behaving one's self. ୩ । ଶୃଙ୍ଗାରସୂଚକ ଚେଷ୍ଟା—3. Dalliance; blandishment; coquetry.

ହାବଲ୍ଲି—ପ୍ରାଦେ (ସମ୍ବଲପୁର) ବ (ଭୁଲ· ହ୍ର· ହବେଲୀ)—ଘରାଘର—
Hāballi A building.

ହାବା—ଦେ. ବଣ. ପୁଂ (ସ. ଅବାକ୍)—୧ । ବାକ୍‌ଶକ୍ତିହୀନ; ମୂକ;
Hābā ଘୁଙ୍ଗା—1. Dumb (person). ୨ । ଯେଉଁ ବ୍ୟକ୍ତି
(ହାବାଡ଼ୀ, ହାବୀ—ସ୍ତ୍ରୀ) ମୁହଁଫିଟା ନୁହେଁ (ଅର୍ଥାତ୍ ଯେ କଥା
हाबा କହିବାକୁ ସଙ୍କୋଚ ବୋଧ କରେ); ଲାଜକୁଳା—
बौक, गूंगा 2. (a person) Who is not pushing or forward in speech. ୩ । ନିର୍ବୋଧ; ଓଲ୍ଳୁ; ଓଲମା; ଅଚଭୁର—3. Stupid; foolish. ୪ । ପାଗଳ ପ୍ରାୟ ଯେ ଗୋଟାଏ ଆଡ଼କୁ ଚାହିଁ ରହିଥାଏ—4. Idiotic; gaping. ବ. ପୁଂ—୧ । ଘୁଙ୍ଗା ଲୋକ—1. A mute or dumb person. ୨ । ଅଚଭୁର ବ୍ୟକ୍ତି; ଓଲ୍ଳୁ ଲୋକ; ଓଲମା ଲୋକ—2. A fool; a dunce. ୩ । ପାଗଳା-3. An idiot. ବୈଦେ. ବ (ଅ. ହୱା)—ପବନ ପରି ଦ୍ରୁତ ଗତି (ଗୋପୀନାଥ ନନ୍ଦ)—Very quick motion like that of air.

ହାବା ଗା(ଗେ, ଗୋ)ବା—ଦେ· କ୍ରି. ବଣ—୧ । ହେବା ଗେବା;
Hābā gā (ge, go)bā ଏଠେଇଁ ସେଠେଇଁ ହାତ ମାରି
हाबा गोबा ଦେହରେ ତେଲ ବୋଲା ହେବା ପ୍ରକାରେ—
इधर उधर 1. (smearing oil over one's body) In an irregular or uneven manner.
[ଉ—ତେଲ ଲଗେଇବ ହାବା ଗେବା, ଖାଇ ବସିବ ଆଗ । ଶୋଇ ପଡ଼ିଥିବ ଚିତ ହୋଇ, ମାଡ଼ି ବସିଥିବ ନାଗ—ଢଗ ।] ୨ । ଢିଲମଢିଲ, ହେଳାବଶ୍ତ ବା ଅସୁନ୍ଦର ରୂପେ (କାମ କରିବା)—2. (doing an act) In a slipshod or slovenly manner. ବଣ—୧ । ଘୁଙ୍ଗା ଓ ନିର୍ବୁଦ୍ଧିଆ—1. Dumb and dunce. ୨ । ସରଳ ଓ ନିର୍ବୋଧ—2. Simple and foolish; idiotic.

ହାବାଡ଼ି—ଦେ. ବଣ (ପୁଂ ଓ ସ୍ତ୍ରୀ)—୧ । ହାବା; ଘୁଙ୍ଗା—1. Dumb;
Hābārdi mute. ୨ । ନିର୍ବୋଧ—2 Stupid; foolish;
हाबा बौक idiotic.
(ହାବାଡ଼ିଆ—ଅନ୍ୟରୂପ)

ହାବିବା—ଦେ. କ୍ରି (ସମ୍ଭବତଃ ଅ· ହାୱା=ପବନ ପରି ଗତି କରିବା)—
Hābibā ଏକ ସ୍ଥାନରୁ ଅନ୍ୟତ୍ର ଶୀଘ୍ର ଗମନ କରିବା
(ଅହାବିବା—ବିପରୀତ) (ଗୋପୀନାଥ ନନ୍ଦ)—To move
শিগ্‌গির যাওয়া swiftly from one place to another.
जलदीजाना

ହାବିଲ୍‌ଦାର୍—ବୈଦେ. ବ (ଅ. ହାୱାଲ=ରକ୍ଷଣ; ହାୱାଲ୍‌ଦାର
Hābil-dār =ରକ୍ଷକ)—୧ । କ୍ଷୁଦ୍ର ଦେଶୀୟ ପଦାତିକ
হাবিল্‌দার্ ଦଳର ଦେଶୀୟ ଅଧିପ—1. Havildar, an
हाबिलदार Indian corporal of a body of Indian foot soldiers; a sepoy-sergeant. ୨ । ଜିଲ୍ଲାର ପୁଲିସ ସାହେବଙ୍କ ଅଧୀନରେ ଥିବା ମିଲିଟେରୀ ପୁଲିସର ଜମାଦାର—2. Havildar of a company of military police under civil police. [ଦ୍ର—ଏହି ଅବସ୍ଥା ନେ ଇଂରାଜୀରେ ବ୍ୟବହୃତ ହେଉଅଛି ।]

ହାବିଲି—ବୈଦେ. ବ (ଅ. ହାୱା=ପବନ; ଶୂନ୍ୟ; ଉୱାଇ=ଯାହା
Hābili ୧ । ଶୂନ୍ୟରେ ଉଡ଼ିଯାଏ)—୧। ଆକାଶଗାମୀ ଅଗ୍ନିବାଣ
हाअ(उ)इ हवाई —1. A kind of firework; rocket.
[ଦ୍ର—ଏଥିର କାଣ୍ଡଦେଶରେ ଅଗ୍ନି ଯୋଗ କଲେ ଏହା ଦ୍ରୁତ ଗତିରେ ଆକାଶକୁ ଛୁଟିଯାଏ । ଏହାର ତଳ ପାଖରେ ଗୋଟିଏ ଲମ୍ବା ସରୁ ବାଉଁଶ ଲଗିଥାଏ । ଜାହାଜ ସମୁଦ୍ରରେ ବିପନ୍ନ ହେଲେ ଓ ଅବରୁଦ୍ଧ ଦୁର୍ଗବାସୀମାନେ ବିପନ୍ନ ହେଲେ ଦୂରବର୍ତ୍ତୀ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିପନ୍ନ ବ୍ୟକ୍ତିମାନେ ହାବିଲି ଛାଡ଼ନ୍ତି ଓ ତାହା ଦେଖି ଲୋକେ ବିପନ୍ନ ବ୍ୟକ୍ତିମାନଙ୍କ ଅବସ୍ଥିତିର ବିଷୟ ଠଉରାଇ ତାଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହୁଅନ୍ତି ।]
୨ । (ଲକ୍ଷଣାରେ) ହାବିଲିପରି ଦ୍ରୁତଗତିଶୀଳ ଓ ଅସ୍ଥିର ବ୍ୟକ୍ତି—2. (Figurative) A restless and quickly moving person (compared to a rocket). ୩ । (ଅ. ହବେଲି) ରାଜା ଓ ନବାବ୍ ଆଦିଙ୍କ
हावेलि ବାସସ୍ଥାନ ; ରାଜପ୍ରାସାଦ—3. Palace of kings;
हवेली royal premises. ୪ । ରାଜପ୍ରାସାଦର ହତା—4. The compound of a palace. [ଯଥା—କଟକହାବିଲି (କଟକ ସହରର ଉତ୍ତର ପଶ୍ଚିମ ଅଂଶର ସଲଗ୍ନ ପ୍ରଗଣାର ନାମ ଓ କଟକ ମହଲର ଚତୁଃସୀମାର ଅନ୍ତର୍ଗତ ଅଞ୍ଚଳ)] ପ୍ରାଦେ (ଅଳ) ବ—ଶଗଡ଼ଚକର ଚକର ଅର—The spokes of a cart-wheel.

ହାବିଲି ଗଞ୍ଜ—ଦେ.ବ—ଅନେକ ହାବିଲି ଗଞ୍ଜା ହୋଇଥିବା ଅଗ୍ନିବାଣ
Hābili gañja A cluster of rockets attached to
হাঅই থাক a firework, which, when ignited,
हवाइ गंज lets off simultaneously dozens of rockets.

ହାବିଲି ଛାଡ଼ିବା—ଦେ. କ୍ରି—ହାବିଲି ବାଣକୁ ନିଆଁ ଲଗାଇବା ଦ୍ୱାରା
Hābili chārdibā ଶୂନ୍ୟକୁ ଛାଡ଼ିବା—To let off
হাউই ছাড়া हवाइ छोड़ना rockets into the air.

ହାବିଲଦାର—ବୈଦେ·ବ.(ଅ ହାୱାଲ୍‌ଦାର୍)—ହାବିଲ୍‌ଦାର୍ (ଦେଖ)
Hābilidāra Hābil-dār—(See)—
হাবিলদার हाबिलदार

ହାବସ୍ (ସି)—ବୈଦେ. ବି—(ଇଂ ସ୍ଲାଭ; ଜାହାଜଅ ଭାଷା)—
Hābis (si) ୧ । ଉତ୍ତୋଳନ; ଉପରକୁ ଉଠାଇବା—(ଯଥା— ହାବିস **हाबिस** ଲଙ୍ଗରକୁ ହାବସ୍ କରିବା ।) 1. Lifting. ୨ । ବୋଇତ ବା ଜାହାଜର ମଙ୍ଗରେ ଥିବା ଚକକୁ ବୁଲାଇ ଜାହାଜର ଗତିକୁ ଅଟକାଇବା କର୍ମ— 2. Stopping the motion of a boat or ship by turning the wheel at the helm. ୩ । ଜାହାଜର ଓ ବୋଇତର ଗତି ବନ୍ଦ କରି ଜାହାଜକୁ ଅଭିପ୍ରେତ ପାଖକୁ ଲାଗେଇବା କର୍ମ—3. Directing or regulating the position of a ship by stopping her motion. ୪ । ଜାହାଜକୁ ଚଳାଇବା ପାଇଁ ଲଙ୍ଗରର ଉତ୍ତୋଳନ—4. Weighing up or heaving of the anchor of a ship (in order to start). ୫ । (ଫା) ଅବସିନିଆ ଦେଶ—5. Abyssinia. ୬ । ଅବସିନିଆ ଦେଶବାସୀ ବ୍ୟକ୍ତି—6. An Abyssinian. ବୈଦେ. ବିଣ—ଅବସିନିଆଦେଶ ସମ୍ବନ୍ଧୀୟ- Pertaining to Abyssinia; abyssinian.

ହାବୁ—ଦେ ବିଣ ଓ. ବି.—ହାବା—(ଦେଖ)—
Hābu Hābā (See)—
(ହାବୁଅ—ଅନ୍ୟ ବିଣ ଓ ବି ରୂପ) ପ୍ରାଦେ (ଗଞ୍ଜାମ) ଅ—ସେ
हाबु, हाबा **बोका, गूंगा** ଅଡ଼କୁ—To that direction.

ହାବୁକା—ଦେ. ବି—୧ । ବାହୁ ଓ ହାତ ଦ୍ୱାରା ମରାଯିବା ଧକ୍କା—
Hābukā 1. Vigorous push given by the arms and hands. [ଉ—କେଶାକର୍ଷଣ ହାବୁକା ଗଡ଼ଗଡ଼ା ଗୁପୋଡ଼ ବିଡା କଡ଼ ଲେଙ୍ଗା ନାକମୋଡ଼ା କହୁଣୀ କୋରଡ଼ା ପାଞ୍ଚୋଇ ଠେଙ୍ଗା ବଡ଼ି (ମାଡ଼ର ପ୍ରକାର)]
धाका **धक्का** ୨ । ପାଣିରେ ଠିଆ ହୋଇ ଦୁଇ ହାତ ଓ ବାହାଦ୍ୱାରା ପାଣିକୁ ଧକ୍କା ମାରିବା—2. Pushing the water with the arms and hands. ୩ । ହାତରେ ଓ ବାହୁରେ ଧକ୍କା ମାରିବା ଦ୍ୱାରା ଜାତ ଜଳର ଢେଉ । 3. Wave resulting from push given to the water by the arms and hands. ୪ । ଜଳରେ ଜାତ ଢେଉ—4. Wave of water. ୫ । ଅସ୍ତ୍ର ବିଶେଷ- 5. A kind of weapen. [ଉ— ନାରାୟଣ ତା ଦେଖି ଦିଲେ ହାବୁକାଟ, ମାରନ୍ତେ ପାଳକସ୍ତ ଶିର ହୋଇଲେକ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।]—

ହାବୁକା (କେ) ଇବା—ଦେ. କି—୧ । ଧକେଲିବା; ମନୁଷ୍ୟକୁ ହାତ
Hābukā(ke)ibā ଓ ବାହୁ ଦ୍ୱାରା ବଳପୂର୍ବକ ଧକ୍କା ମାରିବା—

ହାବୁକା ଦେବା } —ଅନ୍ୟରୂପ
ହାବୁକା ମାରିବା }

1. To vigorously push a person by the arms. and hands.

धाका देओया **धक्का देना**

୨ । ପାଣିକୁ ବାହୁଦ୍ୱାରା ବଳପୂର୍ବକ ଅଫ୍ଲୋଡ଼ନ କରିବା—2. To give pushes to the water with one's arms and hands. ୩ । (ପାଣି) ଢେଉ ଦ୍ୱାରା ଅଫ୍ଲୋଡ଼ିତ ହେବା— 3. To rise in waves or billows (said of water).

ହାବୁଗିଲା—ଦେ. ବିଣ—ଅତର୍କ୍ୟ; ଭୀରୁ; ଡରୁଆ—
Hābugilā Coward; timid.
ভীতু **डरपोक**

ହାବୁଡ୍ ଜାବୁଡ୍ କରି ଧରିବା—ଦେ. କି—ହଠାତ୍ ଆସି ଗୋଟାଏ
Hāburd jāburd kari dharibā ବ୍ୟକ୍ତିକୁ ବା ବସ୍ତୁକୁ ଅଧିକାର କରି ତାକୁ ଖୁବ୍ ଜୋରରେ ଚାପି ଧରିବା— To take hold of a thing or person suddenly and to hold it tightly.
আঁকড়েধরা **जोरसेपकड़ना**

ହାବୁଡ଼—ଦେ. ବି—(ସଂ ଅବର୍ତ୍ତି ?)—୧ । ଦୁଇଜଣଙ୍କର ବା ଦୁଇ
Hāburda ବସ୍ତୁର ବିପରୀତ ଦିଗରୁ ହଠାତ୍ ଭେଟ—1. Sudden meeting of two persons or things from opposite sides. ୨ । ଦୁଇ ଜଣଙ୍କର ଭେଟ ବା ମିଳନ—2. Meeting of two persons. ୩ । ଅବରୋଧ; ଅଧିକାର—3. Control; power. [ଉ— ମୋର ହାବୁଡ଼ୁଁ ଯିବ କାହିଁ—କବିସୂର୍ଯ୍ୟ. ସଙ୍ଗୀତ]
हाबुड़ **टक्कर**

ହାବୁଡ଼ ପଡ଼ିବା—ଦେ. କି—ହାବୁଡ଼ି ପଡ଼ିବା (ଦେଖ)—
Hāburda pardibā Hāburdi pardibā (See)

ହାବୁଡ଼ା—ଦେ. ବି—୧ । ବିପରୀତ ଦିଗରୁ ଆସୁଥିବା ଦୁଇଟି ବସ୍ତୁର ବା
Hāburdā ବ୍ୟକ୍ତିଙ୍କର ସଂଘର୍ଷ—1. Sudden impact or
হাবুড়া clash of two things or persons proceed-
हाबड़ा ing from opposite directions; collision.
मुठभेड़ ୨ । ଏକ ବସ୍ତୁ ଆସି ଅନ୍ୟ ବସ୍ତୁ ସଙ୍ଗେ ବାଜିଯାଇ ହଠାତ୍ ଅଟକି ଯିବା—2. Sudden stopping of a thing by coming against another thing. ୩ । ଦୁଇ ବସ୍ତୁର ବା ବ୍ୟକ୍ତିଙ୍କର ଅପ୍ରତ୍ୟାଶିତ ମିଳନ—3. Unexpected meeting of two things or persons. ୪ । କେଳାମାନଙ୍କର ହାବୁଡ଼ା ଖେଳ—4. A sort of movements of the arms by the wandering Kelās or gypsies by striking the arms on each flank. [ଉ—ଶଅବୁଣୀଙ୍କର ଢାମୁଡାଳ ନାଚ କେଳାର ହାବୁଡ଼ା ଖେଳ—କନକଗୋର କହିଣୀ] [ଉ—ଏଥିରେ କେଳାମାନେ ଅପଣାର ବାହୁର ତଳକୁ ଅପଣା ପାର୍ଶ୍ୱରେ ଜୋର୍ ପୂର୍ବକ ସଶବ୍ଦ ଅଘାତ କରନ୍ତି] ୫ । (ନାମ)କଲିକତାର ଅପରପାର୍ଶ୍ୱରେ ଥିବା ଗଙ୍ଗା ବା ହୁଗୁଲି ନଦୀର ତୀରବର୍ତ୍ତୀ ନଗର ଓ ଜିଲ୍ଲା—5. Howrah, name of a district and town on the bank of the Ganges or the Hooghly opposite to Calcutta.

[ଦ୍ର—ଏହି ସ୍ଥାନରେ ମଫସଲର ନାନା ଦିଗରୁ ଆସୁଥିବା ଡଙ୍ଗାମାନ ହାବୁଡ଼ୁଥିବାରୁ ସମ୍ଭବତଃ ଏହି ନାମ ହୋଇଅଛି ।

ହାବୁଡ଼ା ବଙ୍ଗ ପ୍ରଦେଶର ବର୍ତ୍ତମାନ ବଙ୍ଗଳର ଅନ୍ତର୍ଗତ ଗୋଟିଏ ଜିଲ୍ଲା । ଏହାର କ୍ଷେତ୍ରଫଳ ୫୩୦ ବର୍ଗମାଇଲ୍ । ଏ ଜିଲ୍ଲାର ଦୁଇଟି ସବ୍‌ଡିଭିଜନ୍ ବା ମହକୁମା-ହାବୁଡ଼ା ଓ ଉଲୁବାଡ଼ିଆ । ଏହି ଜିଲ୍ଲାର ସଦର ସବ୍‌ଡିଭିଜନ୍‌ର ରାଜଧାନୀ ହାବୁଡ଼ା । ଏହା ବେଙ୍ଗଲ୍ ନାଗପୁର ଓ ଇଷ୍ଟ ଇଣ୍ଡିଅନ୍ ରେଲର ଶେଷ ମୁଣ୍ଡ ଷ୍ଟେସନ । ଏହା ଗୋଟିଏ ବାଣିଜ୍ୟ ସ୍ଥଳୀ, ହୁଗଲୀ ନଦୀ ଉପରେ ଅବସ୍ଥିତ । କଲିକତା ସଙ୍ଗେ ଗୋଟିଏ ଭାସମାନ ପୋଲଦ୍ୱାରା ଏହା ସଂଯୁକ୍ତ ହୋଇଅଛି]

ପ୍ରାଦେ.(ଗଡ଼ଜାତ)ବି—ମୋଟା ବା ଗୋଟାଳିଆ ଅଗ୍ରବିଶିଷ୍ଟ କାଣ୍ଡ ବିଶେଷ—An arrow with a thick end [ଦ୍ର—ଏହା ପଦାର୍ଥରେ ବାଜିଲେ ତାକୁ ଭେଦିବ ନାହିଁ] ଦେ. ଅ.—୧ । କେଳାମାନଙ୍କର ହାବୁଡ଼ା ଖେଳିବା ବେଳେ ମୁହଁରେ ଉଚ୍ଚାରଣ କରିବା ପଦ—1 An exclamation uttered by a Kelā while playing Hāburdā. ୨ । ସବାରି ବେହେରାମାନଙ୍କର ଡାକବିଶେଷ—2. A kind of exclamation uttered by the palki bearers while carrying it [ଦ୍ର—ସବାରିର ଗତି କରୁଥିବା ବେଳେ ବାଟ ପାଖରେ ଥିବା କୌଣସି ଉଚ୍ଚ ବସ୍ତୁର (ଯଥା—ପାଖରେ ଥିବା ଗଛର ବା କାଠର) ସବାରିର ଦେହରେ ବାଜିବାର ଆଶଙ୍କା ଥିଲେ କିମ୍ବା ସବାରିର ବିପରୀତ ଦିଗରୁ ଆସୁଥିବା କୌଣସି ଯାନର ବା ଜନ୍ତୁର ବା ବସ୍ତୁର ହାବୁଡ଼ ଯିବାର ଉପକ୍ରମ ହେଲେ ଅଗରେ ଥିବା ବେହେରାମାନେ ଏ ଶବ୍ଦ ଉଚ୍ଚାରଣ କରି ପଛର ବେହେରାମାନଙ୍କୁ ସାବଧାନ କରି ଦଅନ୍ତି]

ହାବୁ(ବୋ)ଡ଼ା(ଡ଼େ)ଇ ଦେବା—ଦେ. କ୍ରି—୧। ହଠାତ୍ ଆଣି ଉପସ୍ଥିତ କରାଇ ଦେବା—1. To produce suddenly. ୨ । ଗୋଟାଏ ବଡ଼ ବସ୍ତୁକୁ ଆଗରେ ରଖି ଅନ୍ୟ ବସ୍ତୁର ଗତିକୁ ଅଟକାଇ ଦେବା—2. To stop the motion or progress of a thing by suddenly putting an obstacle in front.
Hābu(bo)rda (rde)i debā
हाबडान पहुँचादेना

ହାବୁ(ବୋ)ଡ଼ା(ଡ଼େ)ଇବା—ଦେ କ୍ରି—(ହାବୁଡ଼ିବା କ୍ରିୟାର ଣିଜନ୍ତରୂପ) ୧। ଦୁଇଟି ବସ୍ତୁକୁ ବା ବ୍ୟକ୍ତିଙ୍କୁ ଆଣି ଏକଜ କୁଟାଇବା— To cause two persons or things to meet together. ୨ । କୌଣସି ବ୍ୟକ୍ତିଙ୍କ ନିକଟରେ କୌଣସି ବସ୍ତୁକୁ ବା ବ୍ୟକ୍ତିକୁ ଆଣି ଉପସ୍ଥିତ କରାଇବା;ପହଞ୍ଚାଇ ଦେବା—To produce a person or thing before a person. ୩। ଦୁଇଜଣ ଲୋକଙ୍କୁ ପରସ୍ପର ସମ୍ମୁଖବର୍ତ୍ତୀ କରାଇବା—3. To cause two persons to comfront each other. ୪ । ସାମନାରେ ଗୋଟିଏ ବାଧା ରଖି ଦେଇ ଅଟକାଇ ଦେବା - 4. To stop the motion of a moving thing by putting an obstacle before it.
Hābu(bo)rdā(rde)ibā
हाबडान पहुँचाना, जोटवाना

ହାବୁଡ଼ା ଇଷ୍ଟ(ଷ୍ଟି,ଷ୍ଟେ)ସନ୍—ଦେ.ବି—ବେଙ୍ଗଲ୍ ନାଗପୁର ଓ ଇଷ୍ଟ-ଇଣ୍ଡିଆନ୍ ରେଲରେ କଲିକତାକୁ ଆସିବା ବ୍ୟକ୍ତିମାନଙ୍କର ଓହ୍ଲାଇବା ଜଙ୍କସନ୍ ଷ୍ଟେସନ୍—The Howrah terminal railway station of the B. N. and E. I. Railways. (ହାବୁଡ଼ା ଷ୍ଟେସନ—ଅନ୍ୟରୂପ)
Hāburdā ishta(shti,shte)san
हावडाइष्टेसन हावड़ास्टेसन

ହାବୁଡ଼ା କାଣ୍ଡ—ପ୍ରାଦେ(ଗଡ଼ଜାତ) ବି—ହାବୁଡ଼ା (ଶର) (ଦେଖ)
Hāburdā kānda   Hāburdā (śara) (See)

ହାବୁଡ଼ା(ଡ଼ି) ଖାଇବା—ଦେ କ୍ରି—୧ । ବିପରୀତ ଦିଗରୁ ଆସୁଥିବା ଦୁଇଟି ବ୍ୟକ୍ତି ବା ଜନ୍ତୁ ପରସ୍ପର ସହିତ କିମ୍ବା ଗୋଟିଏ ବ୍ୟକ୍ତି ବା ବସ୍ତୁ ଅନ୍ୟ ଗୋଟିଏ ବ୍ୟକ୍ତି ବା ବସ୍ତୁ ସହିତ ଜୋର୍‌ରେ ଆଘାତ କରିବା—1. To collide. ୨ । ବିପରୀତ ଦିଗରୁ ଆସୁଥିବା ଦୁଇ ବ୍ୟକ୍ତି, ଜନ୍ତୁ ବା ଦଳ ପରସ୍ପରକୁ ଭେଟିବା—2. To meet or encounter each other (said of two persons or animals or groups coming from opposite directions.) [ଦ୍ର—ଗଉଡ଼ମାନଙ୍କ ମଧ୍ୟରେ ବିଶ୍ୱାସ ଅଛି ଯେ, କଳାଶଯ୍ୟରୁ ପଲେ ଗୋରୁଙ୍କର ବା ମଇଁଷିଙ୍କର ପାଣି ପିଇ ଉଠି ଆସୁଥିବା ଅବସ୍ଥାରେ ବିପରୀତ ଦିଗରୁ ପଲେ ଗୋରୁ ବା ମଇଁଷି ଯାଇ ସେମାନଙ୍କ ସଙ୍ଗେ ହାବୁଡ଼ା ଖାଇଲେ ଉଭୟ ଦଳରେ ଗର୍ଭିଣୀ ଗାଈଙ୍କର ବା ମଇଁଷିଙ୍କ ଗର୍ଭ ନଷ୍ଟ ହୋଇଯାଏ ।]
Hāburdā(rdā) khāibā
हाबुडा खाओया टक्करखाना

ହାବୁଡ଼ା ଖେଳ—ଦେ. ବି—କେଳାମାନଙ୍କର କ୍ରୀଡ଼ାବିଶେଷ—A sort of play played by a Kelā by striking his arms on the flanks with a sound and singing songs with cadence. (ଦ୍ର—ଏଥିରେ କେଳା ନିଜର ବାହୁ ଦୁଇଟିକୁ ନିଜର କକ୍ଷାଳରେ ସଶବ୍ଦ ଆଘାତ ପ୍ରଦାନ କରି ସେହି ଆଘାତଶବ୍ଦର ତାଳ ଅନୁସାରେ ହାବୁଡ଼ା ଗୀତ ବୋଲେ ଓ ନାଚେ ।
Hāburdā khelā
हाबुड़ा खेला

ହାବୁଡ଼ା ଖେଳିବା—ଦେ. କ୍ରି—(କେଳା) ହାବୁଡ଼ା ଗୀତ ବୋଲି ଆପଣା କକ୍ଷାଳରେ ବାହୁକୁ ବାଡ଼େଇ ଗୀତ ବୋଲିବା—To strike one's arms on one's flanks and sing songs (said of a Kelā).
Hāburdā khelibā
हाबुड़ाखेला

ହାବୁଡ଼ା ଗୀତ—ଦେ. ବି—କେଳାମାନଙ୍କର ହାବୁଡ଼ା ଖେଳିବା ସମୟରେ ଆପଣାର କଡ଼ରେ ବାହୁକୁ ସଶବ୍ଦ ଆଘାତ କରି ସେହି ଶବ୍ଦର ତାଳ ଅନୁସାରେ ବୋଲିବା ଗୀତ—Doggerels sung by the Kelās while playing the hāburdā. [ଦ୍ର—କେଳାମାନଙ୍କ ହାବୁଡ଼ା ଖେଳ ସମୟରେ ବୋଲିବା ପଦ ଓ ଗୀତମାନ । (ଏହିପରି
Hāburdā gita
हाबुड़ागान

ନାନା ପଦ ଓ ଗୀତ ବୋଲି ଲୋକରଞ୍ଜନ କରି ହେଲା ମନେ ଘର ମାଗନ୍ତି ।)—୧ । ହାବୁଡ଼ା । ହାବୁଡ଼ା । ହାବୁଡ଼ା । ୨ । ହାବୁଡ଼ିଲା, ବହୁ ବୁଡ଼ା ଖାଇ ବଗିଡ଼ିଲା । ଦଶର ସାଙ୍ଗରେ ବାଳ ଧରାଧରି, ଘଇତା ସାଙ୍ଗେରେ ଚେଡ଼ିଲା ।

୩ । ହବଡ଼ ହବଡ଼ ବେଙ୍ଗା ! ସାଠିଏ ଠେଙ୍ଗା ବେଙ୍ଗା, ତୋ ଗାଈକ ଲେଙ୍ଗା ।]

ହାବୁଡ଼ା ଝଟକା—ଦେ. କି. ବଣ (ଓଡ଼ିଆ ହାବୁଡ଼ା ଓ ସ ଝଟିତ)— Hāburḍā jhaṭakā ୧ । ଅପ୍ରତ୍ୟାଶିତ ଭାବରେ (ଭେଟ ହଠাৎ संयोगसे ହେବା)—1. (To meet) Unawares. ୨ । କଦବା; କେତେକେତେବେଳେ; ଅନିଶ୍ଚିତଭାବରେ (ଆସିବା ବା ମିଳିବା)—2. (to meet) At times; without any certainty. (ଯଥା—ତାଙ୍କ ସଙ୍ଗେ ମୋର ବର୍ଷକେ ଦୁଇ ଏକଥର ହାବୁଡ଼ାଝଟକା ଦେଖା ସାକ୍ଷାତ ହୁଏ ।)

ହାବୁଡ଼ା ପଡ଼ିବା—ଦେ. କି—୧ । ହାବୁଡ଼ିବା—1. To collide. Hāburḍā parḍibā ୨ । ହଠାତ୍ ଆସି ହାବୁଡ଼ିଯିବା ହাবুড়া হাবুড়ি হওয়া टकरखाना 2. To suddenly হাবুড়ে পড়া संयोगसे मिलना come in contact. ୩ । ଅବୁଡ଼ା ପଡ଼ିବା; ବହୁ ଲୋକ ଆସି ଏକ ସ୍ଥାନରେ ରୁଣ୍ଡ ହୋଇ ପରସ୍ପର ହାବୁଡ଼ିବା—3 (many persons) To come in contact with each other simultaneously at a place.

ହାବୁଡ଼ାପାଇ ରେ !—ଦେ. ଅ—ସବାରବେହେରାମାନଙ୍କ ଡାକ— Hāburḍā pāi re ! One of the hallooings of pālki bearers.

ହାବୁଡ଼ା ବାଜେ
ହାବୁଡ଼ା ଲଗାରେ
ହାବୁଡ଼ା ଲାଗେ
ହାବୁଡ଼ା ହାବୁଡ଼
ହାବୁଡ଼ ଗଲା ରେ
ହାବୁଡ଼ ଯିବ ରେ
ହାବୁଡ଼ା ଲଗା
—ଅନ୍ୟରୂପ

ହାବୁଡ଼ା ପାରି—ଦେ. ବ—ଗଙ୍ଗା ବା ହୁଗୁଳୀ ନଦୀର ଅପର ପାରରେ Hāburḍā pāri କଲିକତାର ବିପରୀତ କୂଳରେ ଥିବା ଗାଁ, হাবড়াপার हावड़ापार ଗଙ୍ଗାର ଯେଉଁ ପାରରେ ହାବୁଡ଼ା ନଗର ଅବସ୍ଥିତ, ସେହି ପାରି—That side of the Ganges on which Howrah stands. (ଯଥା—ଶିବପୁର ଇଞ୍ଜିନିଅରିଙ୍ଗ୍ କଲେଜ୍ ହାବୁଡ଼ା ପାରିରେ ଅବସ୍ଥିତ ।)

ହାବୁଡ଼ା ପୋଲ—ଦେ.ବ—ହାବୁଡ଼ା ଷ୍ଟେସନ୍ ଓ କଲିକତାର ହ୍ୟାରିସନ୍ Hāburḍā pola ରୋଡ଼ର ମୁଣ୍ଡକୁ ଯୋଗ କରିଥିବା হাওড়া পোল हावड़ापुल ହୁଗୁଳୀ ବା ଗଙ୍ଗା ନଦୀ ଉପରେ ନିର୍ମିତ ଭାସମାନ ପୋଲ—The floating pontoon bridge over the Hoogbly river connecting Howrah with Calcutta. [ଦ୍ର—ଏହା ଅତି ବୃହତ୍ । ଏଥିରେ ସର୍ବଦା ଲକ୍ଷ ଲକ୍ଷ ଲୋକ, ଗାଡ଼ି, ଘୋଡ଼ା, ମଟର୍ ଗାଡ଼ି ଓ ଲରି ଯାତାୟାତ କରେ । ପୋଲର ଫୁଟାର ବାଟେ ଛୋଟ ଡଙ୍ଗା ଓ ଷ୍ଟିମର୍ ଗଳିପାରେ । କିନ୍ତୁ ବଡ଼ ବଡ଼ ଜାହାଜ ଯିବା ପାଇଁ ତାହା ଦିନକେ ଥରେ ଖୋଲାଯାଏ ।]

ହାବୁଡ଼ା ବାଜିବା(ଲାଗିବା)—ଦେ. ବ—ବିପରୀତ ଦଗରୁ ଆସୁଥିବା ଦୁଇ Hāburḍā bājibā(lāgibā) ବ୍ୟକ୍ତିଙ୍କର, ଜନ୍ତୁଙ୍କର ବା হাবুড়া লাগা टक्कर लगना ଦ୍ରବ୍ୟର ଜୋର୍ ରେ ସଂଘର୍ଷ— Violent clash or collision between two persons, animals or things advancing from opposite directions.

ହାବୁଡ଼ା ଶର—ଦେ. ବ—ଓଡ଼ିଆ ଭାଷାର ପୁରାଣମାନଙ୍କରେ ଉଲ୍ଲେଖ Hāburḍā śara ଥିବା ଭୁଲାଗ୍ର ଶରବିଶେଷ— Name of a sort of blunt-edged arrow mentioned in the Oriya Purāṇas.

ହାବୁଡ଼ା ହାବୁଡ଼ି—ଦେ. ବ—ଦୁଇ ବସ୍ତୁର ବା ବ୍ୟକ୍ତିର ବିପରୀତ ଦିଗରୁ Hāburḍā hāburḍi ଆସି ପରସ୍ପର ଜୋର୍ ରେ ସଂଘର୍ଷ— হাবড়া হাবড়ি Mutual forcible contact of two टकराटकरी things or persons from opposite directions.

ହାବୁଡ଼ି ପଡ଼ିବା(ଯିବା)—ଦେ. କି—ହଠାତ୍ ଆସି ଉପସ୍ଥିତ ହେବା- Hāburḍi parḍibā(jibā) To appear suddenly. হাবড়া टपक पड़ना

ହାବୁଡ଼ିବା—ଦେ. କି—୧ । ଅପ୍ରତ୍ୟାଶିତ ଭାବରେ ହଠାତ୍ ଦୁଇଟି Hāburḍibā ବସ୍ତୁ ପରସ୍ପର ସଙ୍ଗେ ଜୋର୍ ଖାଇବା—(Two things) 1. To come in contact with each other suddenly and with force. ୨ । ଅଟକି ଯିବା; ଲାଗିବା; ବାଜିବା—2. To come in contact with. (ଯଥା—ଜାହାଜ ତଳେ ଗୋଟାଏ ପାହାଡ଼ ହାବୁଡ଼ି ଗଲା) ୩ । ପୂର୍ବରୁ ଜଣା ନଯାଇ ହଠାତ୍ ଆସି ଉପସ୍ଥିତ ହେବା—3. To suddenly appear at a place unannounced. ୪ । ଭେଟିବା; ସମ୍ମୁଖରେ ଉପସ୍ଥିତ ହେବା—4. To meet, to come হারডা टकराना across; to encounter.

ହାବୁଡ଼ୁ ଉଡ଼ୁ—ଦେ. ବ—ଡ ଡୁ (ଦେଖ)— Hābuḍu uḍu Ḍuḍu (See) [ହାବୁଡୁ ଡୁ, ହାବୁଡୁବୁଡ଼ୁ—ଅନ୍ୟରୂପ] হাডুডুডু कबड्डी

ହାବୁଡ଼ୁ ଖାଇବା—ଦେ. କି—ହାବୁଡ଼ା ଖାଇବା (ଦେଖ)— Hāburḍu khāibā Hāburḍā khāibā (See)

ହାବୁଡୁବୁ ହେବା—ଦେ. କି—(ବଙ୍ଗଳାରୁ ଅନୁକୃତ, ପ୍ରା ବୁଡ୍, ଦ— Hābuḍubu heba ହାବୁଡୁବୁ=ପାଣିରେ ଭସିଲ ଟୁବେଇ ହେବା)—୧ । ଭସେଇଟୁବେଇ ହେବା—

1. To and rise and sink alternately in water. ୨ । (ଲକ୍ଷଣାର୍ଥ) ଇତସ୍ତତଃ କରିବା ସ୍ଥିର କରି ନ ପାରି ମନରେ ଇତସ୍ତତଃ କରିବା—2. (figurative) To hesitate; not to be able to
हाबुड बुकरा दुबीधाकरना decide one thing or other.

ହାବୁଡ଼୍ ବାଜିବା—ଦେ. ବ—ହାବୁଡ଼ା ବାଜିବା (ଦେଖ)—
Hāburdu bājibā Hāburdā bājibā (See)

ହାବୁଡ଼େ ପଡ଼ିବା (ଚଢ଼ିବା)—ଦେ. କ୍ରି—୧ । ଭେଟ ହେବା; ସାମନାରେ
Hāburde pardibā (chardhibā) ଦୃଷ୍ଟିଗୋଚର ହେବା—
सामनेपडा 1. To met be by; to encounter. (ଯଥା—
मेँटहोना ମଞ୍ଚାରେ ସନ୍ତପାଳ କରି ଜଗିବାର ଶିକାରର ହାବୁଡ଼େ ପଡ଼ିଲା
हाते आसा हस्तगतहोना ନାହିଁ ।) ୨। ହସ୍ତଗତ ହେବା—2. To be got by. (ଯଥା—ଏତେ ଧନ ଚେଷ୍ଟା କରି କରୁ ଧନ ମୋ ହାବୁଡ଼େ ପଡ଼ିଲା ନାହିଁ) ୩ । ଅଧୀନତାରେ ଆସିବା; ବଶୀଭୂତ ହେବା—3. To come under the control of. [ଦୃ—ଖାଇ କରଷ ଯାଚ, ଅଣ୍ଟିଲ ନାହିଁ କର-କମଳ କନଷ୍ଟୁ ଗୋବର୍ଦ୍ଧନ, ପଡ଼ିଲୁ ତା ହାବୁଡ଼େ, ପୁଣି କାହିଁ ତ ଏଡ଼େ ଭଲକରୁଣ୍ଡପଣେ ଅପମାନ । କବିସୂର୍ଯ୍ୟ ସଙ୍ଗୀତ ।]

ହାବେଲି—ଦେ. ବ—ହାବିଲି (ଦେଖ)—Hābili (See).
Hābeli [ଦୃ—ବଲ୍ଲୀକ କଳଜ ଇନ୍ଦ୍ର, କୋଦଣ୍ଡ ହାବେଲି—
हाअई हवाई ଭଞ୍ଜ ବୈଦେହୀଶବିଳାସ ।]

ହାବୋଡ଼—ଦେ. ବ—୧ । ହାବୁଡ଼ (୩) (ଦେଖ)—1. Hāburdā
Hābordā (3) (See). [ଦୃ—ହାବୋଡ଼େ ପଡ଼ିଲେ ମୋହର
तीर शर —ଭୂପତି ପ୍ରେମ ପଞ୍ଚାମୃତ ।] ୨ । ବାଣ; ଶର—2. Arrow. [ଦୃ—ନାଗେଶ୍ୱର କଡ଼ି ନାମ ହାବୋଡ଼ ବାଜେ । ପ୍ରାଚୀ. ଭଷା ଅଭିଳାଷ ।] ୩ । ଆଘାତ; ଦେହରେ ବାଜିବା—3. Striking.

ହାବୋଡ଼ା (ଇତ୍ୟାଦି)—ଦେ. ବ—ହାବୁଡ଼ା ଇତ୍ୟାଦି (ଦେଖ)—
Hābordā (etc) Hāburdā etc. (See)

ହାବୋଡ଼ିବା—ଦେ. କ୍ରି—୧ । ଦୈବାତ୍ ଓ ହଠାତ୍ ଭେଟିବା—1.
Hābordibā To meet accidentally. [ଦୃ—
हाबुड़ेपड़ा ହାବୋଡ଼ ଯିବ ସେ ଅକସ୍ମାତ ଅସି—ରାଧାନାଥ
'एकाएक मेँट होना ଦରବାର ।] ୨ । ହାବୁଡ଼ିବା (ଦେଖ)—
(ହାବୋଡ଼ି ଯିବା—ଅନ୍ୟରୂପ) 2. Hāburdibā (See)
[ଦୃ—ହରଣ ଶିଶୁକୁ ପଥେ ତର୍ଜିଣ ଯେପରି ହାବୋଡ଼ । ରାଧାନାଥ. ମହାଯାତ୍ରା ।] ୩ । ସମ୍ମୁଖରେ ଉପସ୍ଥିତ ହେବା—3. To come to one's front. [ଦୃ—ହାବୋଡ଼େ ଅସି ସେ ନ ଦେଇ ଖବର । ରାଧାନାଥ ଦରବାର ।]

ହାମ୍‌କ(କା)ଲମ୍—ବୈଦେ. ବ—(ଅ. କଚେରୀ ଭଷା)—୧। ବିଚାର—
Hām-ka(kā)lam 1. Trial. ୨ । ମକଦ୍ଦମାର ରାୟ—
हामकालम हामकलम 2. Judgment.

ହାମ୍‌କାଲି—ବୈଦେ. ବଣ—(ଅ. ହାମ୍ କାଲେବ୍; କଚେରୀ ଭଷା)—
Hām-kāli ସମଜାତୀୟ (ମକଦ୍ଦମା)—Analogous (suits).
(ହାମ୍ କାଲେବ୍—ଅନ୍ୟରୂପ) हामकालि हामकाली

ହାମ୍‌କାଲି ନଥି—ବୈଦେ ବ—(ଅ) (କଚେରୀ ଭଷା)—ହାମକାଲି
Hām-kāli nathi ବିଚାର କରି ଯାଇଥିବା ମକଦ୍ଦମାମାନଙ୍କ ନଥି—
(ହାମକାଲେବ୍ ନଥି—ଅନ୍ୟରୂପ) Records of analogous
हामकाली नथी हामकाली नथी suits.

ହାମ୍‌କାଲି ବିଚାର—ଦେ. ବ—(ଅ. ହାମକାଲି, ସ. ବିଚାର; କଚେରୀ)
Hām-kāli bichāra ଏକ ଶ୍ରେଣୀର ଅଧିକ ମକଦ୍ଦମାର ଏକତ୍ର
(ହାମ୍ କାଲେବ୍ ବିଚାର—ଅନ୍ୟରୂପ) ବିଚାର—Joint trial of
हामकालि विचार हामकाली विचार analogous suits.

ହାମ୍ କାଲି ମକଦ(ଦ୍ଦ)ମା—ବୈଦେ. ବ— (ଅ. ହାମକାଲେବ+ଫା,
Hām-kāli makada(dda)mā ମୁକଦ୍ଦମା; କଚେରୀ ଭଷା)—
(ହାମ୍ କାଲେବ୍ ମକଦମା—ଅନ୍ୟରୂପ) ଏକ ଶ୍ରେଣୀର ଅର୍ଥାତ
हामकालि मकद्दमा ସମଜାତୀୟ ବିଷୟ ମୀମାଂସିତ ହେବା ପାଇଁ
हामकालीमुकद्दमा ଦାଏର୍ ହୋଇଥିବା ଭିନ୍ନ ଭିନ୍ନ ମକଦ୍ଦମା—
Analogous suits.

ହାମ୍ ଡ଼ା(ଡ଼େ)ଇବା—ଦେ. କ୍ରି—ହାମୁଡ଼ାଇବା (ଦେଖ)—
Hām-rdā (rde)ibā Hāmurdāibā (See)

ହାମଡ଼ିବା—ଦେ. କ୍ରି—ହାମୁଡ଼ିବା (ଦେଖ)—
Hām-rdibā Hāmurdibā (See).

ହାମ୍ ଡେନ୍—ବୈଦେ. ବ—(ନାମ) (ଇଂ)—ଇଂଲଣ୍ଡରେ ପ୍ରଜାମାନଙ୍କ
Hām-den ସ୍ୱତ୍ୱରକ୍ଷା କରିବା ପାଇଁ ବାହାରିଥିବା ଜଣେ ଇତିହାସ-
हामडेन हामडेन ପ୍ରସିଦ୍ଧ ବୀରପୁରୁଷ—(English man) Hamden.

ହାମ୍ ଦରଦି(ଦୀ)—ବୈଦେ. ବଣ (ଫା)—ଯେ ଅନ୍ୟ ଙ୍କ (ଦରଦ୍)
Hām daradi(di) କଷ୍ଟ ସହେ ବା ସହାନୁଭୂତି ଦେଖାଏ—
हाम्‌दरदि हामदर्द Feeling for another.
[ଦୃ—ବନ୍ଧୁ ବାନ୍ଧବ ହାମ୍ ଦରଦୀ ପାଞ୍ଚ ଜଣ କେତେ ଥର କହିଲେଣି—ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ହାମ୍‌ବଡ଼ା—ବୈଦେ. ବଣ (ହି. ହାମ୍+ବଡ଼ା; ମୁଁ ବଡ଼ ଅଟେ)—
Hām-bardā ଗର୍ବିତ; ଅହଙ୍କାରୀ; ଯେ ବିଷୟରେ ସେ, ମୋଠାରୁ
हाम्‌बड़ा କେହି ବଡ଼ ବା ଯୋଗ୍ୟ କ୍ଷମତାଶାଳୀ ବ୍ୟକ୍ତି ନାହାନ୍ତି
मैं बड़ा —Proud; self exalted arrogant (person).

ହାମ୍‌ବଡ଼ା ନୀ(ନି)ତି—ଦେ. ବ—୧ । ଆତ୍ମ ବଡ଼ିମା—1. Bragging
Hām-bardā ni(ri)ti self-exaltation.
हाम्‌बड़ा नीति ୨ । ଅହଙ୍କାର—2. Arrogance; pride.
मैं बड़ा नीति

ହାମ୍‌ବର୍ଗ—ବୈଦେ. ବ (ନାମ) (ଇଂ)—ଏଲ୍‌ବ ନଦୀର ମୁହାଣ
Hām-barg ନିକଟରେ ଥିବା ଜର୍ମାନୀର ଗୋଟିଏ ବାଣିଜ୍ୟପ୍ରଧାନ
हामबर्ग हामबर्ग ବନ୍ଦର—Ham-burg.

ହାମ୍‌ରାଇ(ଏ)—ବୈଦେ. ଅ (କଟକଥା) (ଅ. ହାମ୍‌ରାହ=ମାରଫତରେ)
Hām-rāi(e) —୧ । ଜରିଅରେ; ମାରଫତରେ (ପଠାଯିବା)—
हामराइ 1. (sent) Through. [ଦ୍ର—ଦୁଇଜଣ ଗୌଡ଼-
मारफत ଦାଉ ହାମରାଏ ଯାଉ, ମାଇକା ସକାଶେ କଟକ ଗୃଜଣ
ଦେଖିଗଲା—ଫକୀରମୋହନ, ଛମାଣ ଆଠଗୁଣ ।] ୨ ।
ସଙ୍ଗରେ-2. With; in the company of. ବୈଦେ.
ଯ—୧ । ସାହଚର୍ଯ୍ୟ—1. Company. ୨ । ବଡ଼
ଲୋକଙ୍କ ଗହଣ—2. Retinue of a big person.
୩ । ମାର୍‌ଫତ୍; ଜରିଆ—3. Agency. ବୈଦେ. ବଣ
—୧ । ବଡ଼ ଲୋକଙ୍କ ସଙ୍ଗେ ଯାଉଥିବା—1. Accompanying a rich man. ୨ । ମାରଫତରେ ବା ଜରିଅରେ ପଠାଯିବା—2. Sent through a person.

ହାମ୍‌ରାଏ ଘୋଡ଼ା—ଦେ. ବାକ୍ୟ ପ୍ରବଚନ (ହ. ହାମ୍=ମୁଁ, ରାଏ=
Hām rāe ghordā ରାଜା+ଘୋଡ଼ା)—ଦାୟିତ୍ୱଜ୍ଞାନ ନ ଥିବା
ହାମ୍‌ରାଏ ଘାଡ
ହାମ୍‌ରାଏ ଘୋଡ଼ା ଘାଡ } ଅନ୍ୟରୂପ
ବ୍ୟକ୍ତି—(A proverb used to apply to) An
दायित्वहीन व्यक्ति बेजबाबदेह irresponsible person.
[ଦ୍ର—ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ ଅଛି—ଘୋଡ଼ାଟିକୁ ପଢି ଶିଖାଇବି ବୋଲି ଜଣେ ବହୁଫକ ରାଜାଙ୍କଠାରୁ ଘୋଡ଼ାଟିଏ ଆଣିଲା ଓ ଘୋଡ଼ାକୁ ପଢ଼ାଇବା ପାଇଁ ରାଜାଙ୍କଠାରୁ ବରାବର ଟଙ୍କା ଅଣୁଥାଏ; କେହି ପଚାରିଲେ କହେ 'ହାମ୍ ରାଏ ଘୋଡ଼ା' ଅର୍ଥାତ୍ ମୁଁ କେଉଁଠେଇଁ ? ରାଜା କେଉଁଠେଇଁ ? ପୁଣି ଘୋଡ଼ା କଥା ପଚାରୁଛ କିଏ ? ଏହାପରେ କିଛିଦିନ ଗଲା ଉତ୍ତାରୁ ଘୋଡ଼ାଟି ମରିଗଲା । ତାକୁ ଲୋକଟି ରାଜାଙ୍କ ପାଖେ କାନ୍ଦି କାନ୍ଦି କହିଲା ଯେ—ସେ ବହୁ ପରିଶ୍ରମ କରି ଘୋଡ଼ାକୁ ପଢ଼ାଇ ଶିଖାଇଥିଲା, ତାର ସବୁ ପରିଶ୍ରମ ନଷ୍ଟ ହେଲା ।]

ହା(ହ୍ୟା)ମ୍‌ଲେଟ୍—ବୈଦେ.ବ (ନାମ) (ଇଂ)—ଇଂଲଣ୍ଡର କବି ସେକ୍‌ସ୍-
Hā(hyā)m-let ପିଅରଙ୍କ ଲିଖିତ ନାଟକର ନାମ ଓ ତାକୁ ନାଟକରେ
হ্যামলেট্ ବର୍ଣ୍ଣିତ ନାୟକ ଡେନ୍‌ମାର୍କର ରାଜପୁତ୍ରଙ୍କ ନାମ—
हामलेट Hamlet, the prince of Denmark in Shakespeare's play of the same name.
[ଦ୍ର—ଏହାଙ୍କ ମାତା ପିତୃବ୍ୟଙ୍କ ସଙ୍ଗେ ପାପ ପ୍ରଣୟ କରି ଏହାଙ୍କ ପିତାଙ୍କୁ ବିଷ ପ୍ରୟୋଗ କରି ମାରି ପକାଇଥିଲେ । ଯୁବରାଜ ହାମ୍‌ଲେଟ୍ ବାଳକ ଥିବାରୁ ପିତୃବ୍ୟ ସିଂହାସନ ଅଧିରୋହଣ କଲେ । କିନ୍ତୁ ମୃତ ପିତାଙ୍କର ପ୍ରେତାତ୍ମା ହାମ୍‌ଲେଟ୍‌ଙ୍କୁ ଦେଖା ଦେଇ ପ୍ରକୃତ ଘଟଣାମାନ କହିଲେ । ହାମ୍‌ଲେଟ୍ ମାତାଙ୍କୁ ଓ ପିତୃବ୍ୟଙ୍କୁ ସେମାନଙ୍କର ମହାପାପ ସ୍ମରଣ କରାଇ ଅନୁତାପାନଳରେ ଅଭିଭୂତ କରାଇଥିଲେ ।]

ହାମ୍ ଶବା(ୱା)ରି—ବୈଦେ. ବଣ (ଫା. ହାମ୍ ଶହର=ସମନଗରକ,
Hām śabā(wā)ri ଏକ ନଗରରେ ବାସ କରୁଥିବା ବ୍ୟକ୍ତି
हाम् सवारि ଏମାନେ ପରସ୍ପରର ସହାନୁଭୂତି ଥିବାରୁ ଅନୁଭବରୁ)—
हमदर्दी ଯେଉଁ ବ୍ୟକ୍ତି ସର୍ବଦା ପ୍ରଭୁଙ୍କ ନିକଟରେ ଉପସ୍ଥିତ
(ହାମ୍‌ଦରଦୀ, ହାମ୍‌ଶୁଆର—ଅନ୍ୟରୂପ) ଥାଇ ବିପଦ ଆପଦରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥାଏ—(a person) Who is always at hand and ready to help the master in danger.

ହାମ—ପ୍ରାଦେ (କଟକ ସହର) ସର୍ବନାମ (ତୁଳ- ହ. ଅହମ୍; ପ୍ରା. ଅହ୍ମେ,
Hāma ହମ୍ଭେ; ହନ୍ଦି ହାମ୍)—ଆମ୍ଭର—Mine.
[ଦ୍ର—ଏହାପରି ହାମକୁ=ଆମ୍ଭକୁ
ହାମଠାରୁ=ଆମ୍ଭଠାରୁ
ହାମ ପାଖେ=ଆମ୍ଭ ନିକଟରେ
ହାମେ=ଆମ୍ଭେ
ବ୍ୟବହୃତ ହୁଏ ।]

ହାମ(ମୁ)କୁଡ଼ା—ଦେ. ବ (ବଙ୍ଗଳାରୁ ଅନୁକୃତ)—ହାମୁଡ଼େଇ ଗୃଲିବା—
Hāma(mu)kurdā Crawling.
হামাগুড়ি দেওয়া घुटियोंचलना

ହାମଡ଼ା(ଡ଼େ)ଇବା—ଦେ. କ୍ରି—ହାମୁଡ଼ାଇବା (ଦେଖ)
Hāmardā(rde)ibā Hāmurdāibā (See)

ହାମଡ଼ା—ଦେ. ବ—କଟକ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲରେ
Hāmardā ଥିବା ବୃକ୍ଷ ବିଶେଷ—A kind of wild tree growing in the sea-shore forests of Cuttack district, the root of which is boiled and eaten by poor people. [ଦ୍ର—ଏହାର ମୂଳକୁ ହରଣପୁର ଓ ବରୁଣପୁର ଆଦି ଅଞ୍ଚଳର ଗରିବ ଲୋକେ ସିଝାଇକରି ଅନାବୃଷ୍ଟି ସମୟରେ ଖାଆନ୍ତି । ଦୈନିକ ସମାଜ]

ହାମଡ଼ିବା—ଦେ କ୍ରି—ହାମୁଡ଼ିବା (ଦେଖ)
Hāmardibā Hāmurdibā (See)

ହାମର୍—ପ୍ରାଦେ (ସମ୍ବଲପୁର ଓ କଟକ ସହର) ସର୍ବନାମ—ଆମ୍ଭର—
Hāmar My.

ହାମରିଚ—ପ୍ରାଦେ (ଗଡ଼ଜାତ) ବ—ହାଉ ମରିଚଅ (ଦେଖ)
Hāmaricha Hāu marichia (See)

ହାମ ସୁଆରି—ପ୍ରାଦେ (ଯାଜପୁର) ବ—ରକ୍ଷକ; ପାଳକ—
Hāma suāri Patron; protector.

ହାମା ଗୁଡ଼ି—ଦେ. ବ (ବଙ୍ଗଳାରୁ ଅନୁକୃତ; ହମ୍ବା=ଗାଈର;
Hāmāgurdi ବୋବାଳି; ହମା=ଗାଈ+ଗୋଡ
হামাগুড়ি ठेहुनिया ଗାଈ ପରି ଗୃରି ଗୋଡ଼ରେ ଗୃଲିବା)—ଦୁଇ ଅଣ୍ଟୁକୁ ଓ ଦୁଇ ହାତକୁ ତଳେ ଭରା ଦେଇ ଗୃଲିବା—Crawling on all fours.

ହାମାଗୁଡ଼ି ଖାଇବା(ଦେବା)—ଦେ· କ୍ରି (ବଙ୍ଗଳାରୁ ଅନୁକୃତ)—
Hāmāgurdi khāibā(debā) ହାମୁଡ଼େଇ ଗୃଲିବା—
হামাগুড়ি দেওয়া, হামা দেওয়া To crawl on all
ठेहुनिया देना fours.

ହାମାନ(ମ)—ବୈଦେ. ବ (ପା. ହାୱାନ୍)—ଲୁହାର ଖଲ—
Hāman(m)　Iron mortar for pounding
হামাম্　हमाम　dry things.

ହାମାନ(ମ)ଦ(ଦି)ସ୍ତା—ବୈଦେ· ବ [ସହରରେ] (ପା. ହାୱାନ=
Hāmān(m)da(di)stā　ଖଣ୍ଡି, ଉଦୁଖଳ+ଦସ୍ତା=
হামামদিস্তা　हिमानदस्ता, इमामदस्ता　ମୂଷଳ) ଶୁଷ୍କ ଦ୍ରବ୍ୟ ଚୂର୍ଣ୍ଣ କରିବା ପାଇଁ ବ୍ୟବହୃତ ଲୁହାର ଖଲ ଓ ପୁଆ
Iron mortar and pestle for pounding dry things.

ହାମାର୍—ପ୍ରାଦେ (ମେଦିନୀପୁର) ବ—ଅମାର; ଧାନ କୋଠି—
Hāmār　Granary.

ହାମାର—ବୈଦେ. ବ (ହିନ୍ଦ ହମାରା, ବ ଅମାର)—ଆମ୍ଭର—Ours.
Hāmara　[ଦ୍ର—ଓଡ଼ିଶାରେ ହିନ୍ଦୀନିଶା ସଙ୍ଗୀତର ହେବାର
আমার　हमारा　ଶୁଣି କବିସୂର୍ଯ୍ୟ ବଳଦେବରଥଙ୍କ ଚମ୍ପୂର 'ହ' ଗୀତରେ—ପ୍ରେମରେ ବହ୍ଳଳ ହୋଇ "ହର ହାମାର ଏତ ପ୍ରାନେର୍ବନ ଗୋ" ବୋଲି ଲେଖିଅଛନ୍ତି ।]

ହାମାଲ—ବୈଦେ. ବ—(ଅ)—୧ । ଗର୍ଭସ୍ଥ ଭ୍ରୂଣ—1. Foetus.
Hāmal　୨ । ଗର୍ଭଧାରଣ—2. Pregnancy.
হামাল　हामल

ହାମି—ବୈଦେ. ବଣ—(ଅ)—୧ ।ସହାୟକ —1. Supporting.
Hāmi　୨ । ଦାୟୀ—2. Responsible. ୩ । ଦାବିଦାର—
হামি　हामि　3. Claiming. ବ—୧ । କୌଣସି ବିଷୟରେ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ବ୍ୟକ୍ତି—1. A person who is ready to take the responsibility of some thing. ୨ । ପୃଷ୍ଠପୋଷକ ବା ସହାୟକ ବ୍ୟକ୍ତି—2. Patron; supporter. ୩ । କୌଣସି ବିଷୟରେ ଦାବିଦାର ବ୍ୟକ୍ତି—3. A claimant. ୪ । ପ୍ରକାଶ୍ୟଭାବରେ ହାକିମଙ୍କ ଆଗରେ ଠିଆ ହେବା ମୁଦେଇ—4. A complainant who claims relief openly or publicly. ୭ । କୌଣସି ଦ୍ରବ୍ୟ ବନ୍ଧା ଦେବା (ନଦେ)—7. Pawning and pledging.

ହାମିର୍—ବୈଦେ· ବ (ନାମ)—ଜନୈକ ପ୍ରସିଦ୍ଧ ରାଜପୁତ ବୀର—
Hāmir　A famous Rajput warrior.
হামির　हम्मीर

ହାମି ହେବା—ଦେ. କ୍ରି—୧ । କୌଣସି ବିଷୟରେ ଦାୟିତ୍ୱ ଗ୍ରହଣ
Hāmi heba　କରିବା—1. To take or accept the
হামি হওয়া　जवाबदेहहोना　responsibility of some· thing. ୨ । କୌଣସି ବିଷୟରେ ଦାବିଦାରରୂପେ ଠିଆହେବା—2. To stand up openly as a claimant.

ହାମୁ—ଦେ. ବ—(ଖାଇବାବେଳେ ପିଲାଙ୍କୁ ହାଇଁ ହାଇଁ କରିବାରୁ)—
Hāmu　୧ । ଅନ୍ନ—1. Boiled rice. ୨ । ଖାଦ୍ୟ—
হামু　2. Meal. ୩ । (ଶିଶୁ ଭାଷା) ଭୋଜନ କରିବା;
भोजन　ହାଇଁ—3. Taking of meal.

ହାମୁ କରିବା—ଦେ. କ୍ରି—(ଶିଶୁ ଭାଷା)—ଖାଇବା—
Hāmu kariba　To take food.
হামুকরা　भोजन करना

ହାମୁଡ଼ା—ଦେ. ବ—(ସ. ହମ୍ବା=ଗୋରୁଙ୍କ ଧ୍ୱନି+ ଗୋଡ଼=
Hāmurdā　ହାମାଗୁଡ଼ି, ହମ୍ବା ଦେଇ ଓ ମୁଣ୍ଡ ।)— ୧ ।
হামড়ি　ହାମୁଡ଼ିବା ; ଦୁଇ ଅଣ୍ଟୁ ଓ ଦୁଇ ହାତଦ୍ୱାରା ଭୂମିରେ
ठेहुनिया　ପଶୁ ପରି ଚାଲିବା – 1. Crawling on all fours.
୨ । ଅଣ୍ଟୁ ମାଡ଼ି ବସିବା – 2. Kneeling down.

ହାମୁଡ଼ା(ଡ଼େ)ଇ ପଡ଼ିବା—ଦେ. କ୍ରି—ହାମୁଡ଼ି ପଡ଼ିବା (ଦେଖ)—
Hāmurdā(rde)i pardibā　Hāmurdi pardibā (See).

ହାମୁଡ଼ା (ଡ଼େ) ଇବା—ଦେ. କ୍ରି—୧ । ହାମୁଡ଼ିବା ; ଅଣ୍ଟୁ ଓ ହାତଦ୍ୱାରା
Hāmurdā (rde) ibā　ଚାଲିବା—1. To crawl with
হামড়ান　the knees and hands. ୨ । ହାମୁଡ଼ିବାର
ठेहुनिया देना　ଣିଜନ୍ତରୂପ; ଅନ୍ୟ ବ୍ୟକ୍ତିକୁ ହାମୁଡ଼ିବା ପାଇଁ ବାଧ୍ୟ କରିବା—2. To cause another to crawl on all fours. ୩ । ଅନ୍ୟ ବ୍ୟକ୍ତିକୁ ଅଣ୍ଟୁଆଇବା ; ଅନ୍ୟକୁ ଅଣ୍ଟୁମାଡ଼ି ବସିବାକୁ ବାଧ୍ୟ କରିବା—3. To cause a person to kneel down.

ହାମୁଡ଼ି ପଡ଼ିବା—ଦେ. କ୍ରି—କୌଣସି କାର୍ଯ୍ୟ କରିବା ପାଇଁ ସମସ୍ତଙ୍କ
Hāmurdi pardibā　ଅଗରୁ ଅସି ସେ କାର୍ଯ୍ୟକୁ ଅବୋରିବା—
হামড়েপড়া　1. To forestall others and undertake to do a work. ୨ । ହାମୁଡ଼ାଇବା ଅବସ୍ଥାରେ
হুড়মুড়করেপড়া　ପଡ଼ିବା ; ଦୁଇ କରତଳ ଓ ଦୁଇ ଅଣ୍ଟୁ ଭୂମିରେ
हमाहमी करना　ଲାଗିବା ଅବସ୍ଥାରେ ପତିତ ହେବା—2. To fall down on the ground on all fours. [ଦ୍ର—× × × କାନ୍ଧରେ ଦୁଇ ହାତ ଭରାଦେଇ ଓଲ୍ଲାଇଁ ଓଲ୍ଲାଇଁ ହାମୁଡ଼ି ପଡ଼ଗଲେ । ଫକୀର ମୋହନ—ଛମାଣ ଆଠଗୁଣ୍ଠ ।]

ହାମୁଡ଼ିବା—ଦେ. କ୍ରି—୧ । ଦୁଇ ଅଣ୍ଟୁରେ ଓ ଦୁଇ କରତଳରେ
Hāmurdibā　ଭରାଦେଇ ଭୂମିରେ ଅବସ୍ଥାନ କରିବା—
হামড়া　1. To kneel down on all fours on the
ठेहुनियादेना　ground. ୨ । ଦୁଇ ଅଣ୍ଟୁ ଓ ଦୁଇ ହାତରେ ଭରାଦେଇ ଭୂମିରେ ଗତି କରିବା—2. To crawl with the knees and the palms on the ground.

ହାମୁଡ଼ି ହାମୁଡ଼ି—ଦେ· କ୍ରି· ବଣ—ଦୁଇ ଅଣ୍ଟୁ ଓ ଦୁଇ ହାତରେ
Hāmurdi hāmurdi　ଭରାଦେଇ—By resting on the
হামড়ে হামড়ে　two knees and the two palms.
ठेहुनिया देकर　[ଦ୍ର—ତେବେ ଚମ୍ପା ହାମୁଡ଼ି ହାମୁଡ଼ି ଚାଲିଲେ ଉପର ଦରଜା । ଫକୀର ମୋହନ ଛମାଣ ଆଠଗୁଣ୍ଠ ।]

ହାମୁରି—ପ୍ରାଦେ (ବଲାଙ୍ଗିର ପାଟଣା)—ବ—ବାଛୁରି—
Hāmuri　Calf.

ହାମେ—ପ୍ରାଦେ (କଟକ ସହର) ସର୍ବନାମ —(ସ. ଅହଂ,ପ୍ରା, ଅହ୍ମେ;ଭୁଲ,
Hāme　ହି. ହମ୍)—ଅମ୍ଭେ—I. ପ୍ରାଦେ (ସମ୍ବଲପୁର)

ସର୍ବନାମ—ଅମ୍ଭେମାନେ—We.
আমি ‌ हम

ହାମେଶା—ବୈଦେ. କ୍ରି. ବଣ—(ଫା. ହମେଶା)—ସର୍ବଦା—
Hāmeśā ‌ Always.
হামেশা ‌ हमेशा

ହାମେହାଲ୍—ବୈଦେ. ବ. (କଚିତ୍ ଅ) (ଅ. ହାମେହାଲ୍—ଅବିରତ
Hāme hāl ଭାବେ)—ସମସ୍ତ ଘଟଣା ବା ଅବସ୍ଥା—Every
হামেহাল matter; all matters; every matter or
हरेक अवस्था circumstance. କ୍ରି. ବଣ—୧ । ସବୁ
ଅବସ୍ଥାରେ—1. In all conditions. ୨ । ସର୍ବଦା
—2. Always. ୩ । ଅବିରତ—3. Constantly.

ହାମ୍ପଣ—ପ୍ରାଦେ. (ସମ୍ବଲପୁର) ବ (ଧ୍ୱନ୍ୟନୁକରଣ)—ହାଁପଣ; କୁଲା—
Hāmpaṇa ‌ Winnowing fan.

ହାମ୍ପି(ମ୍ଫି)ବା—ଦେ. କ୍ରି (ସଂ. ହାଫିକା=ହାଇ)—୧ । ଧଇଁସଇଁବା;
Hāmpi(mphi)bā ପରିଶ୍ରମକ୍ଲାନ୍ତ ହୋଇ ଘନ ଘନ ନିଶ୍ୱାସ
হাঁপা, হাইফাই করা, হাঁসফাঁস করা ଛାଡ଼ିବା—1. To gasp
हाँपना as a result of exhaustion. ୨ । ଅଣନିଶ୍ୱାସି
ହେବା—2. To be out of breath.

ହାମ୍ପି(ମ୍ଫି)ଯିବା—ଦେ. କ୍ରି—(ସଂ. ହାଫିକା=ହାଇ)—ଅତ୍ୟନ୍ତ
Hāmpi(mphi)jibā ପରିଶ୍ରମ କରି ଧଇଁସଇଁବା—To gasp
হাঁসফাঁস হওয়া, হাইফাই হওয়া for breath owing to
हाँपजाना ‌ exhaustion.

ହାମ୍ପି (ମ୍ଫି) ହେବା—ଦେ. କ୍ରି—(ଧ୍ୱନ୍ୟନୁକରଣ)—ଧଇଁସଇଁ ହେବା
Hāmpi (mphi) hebā ଧଇଁସଇଁ ହେବା—To gasp of
breath. [ଦ୍ର—କୁକୁରମାନେ ଗ୍ରୀଷ୍ମକାଳ ଦିନ
ଦ୍ୱିପ୍ରହର ବେଳେ ଓ ଧଇଁ ଅମାନେ ଶ୍ୱାସବେଗ ଧଇଲାବେଳେ
হাম্পান ‌ हाँपना ‌ ହାମ୍ପି ହୁଅନ୍ତି]

ହାମ୍ପୁଡ଼ା—ଗ୍ରା. ବ—ରମ୍ପୁଡ଼ା (ଦେଖ)—
Hāmpurḍā ‌ Rāmpurḍā (See)

ହାମ୍ପୁଡ଼ା କାମୁଡ଼ା—ଗ୍ରା. ବ (ଉଚ୍ଚରେ)—ରମ୍ପୁଡ଼ା କାମୁଡ଼ା (ଦେଖ)—
Hāmpurḍā kāmurḍā Rāmpurḍā kāmurḍā (See)

ହାମ୍ପୁଡ଼ିବା—ଗ୍ରା କ୍ରି—ରମ୍ପୁଡ଼ିବା (ଦେଖ)—
Hāmpurḍibā ‌ Rāmpurḍibā (See)
ପ୍ରାଦେ (ଯାଜପୁର) କ୍ରି—ହାପୁଡ଼ିବା—To sip.

ହାମ୍ପୁଡ଼ି କାମୁ(ମ୍ପୁ)ଡ଼ି ହେବା—ଗ୍ରା. କ୍ରି—ରମ୍ପୁଡ଼ି କାମୁ(ମ୍ପୁ)ଡ଼ି
Hāmpurḍi kāmu (mpu) rḍi hebā ହେବା (ଦେଖ)—
Rāmpurḍi kāmu (mpu)rḍi hebā (See)

ହାମ୍ପୋଡ଼ା—ଦେ. ବ—(ସଂ. ହମ୍ପ୍ ବା ହନ୍ ଧାତୁ=ବଧ କରିବା)—
Hāmporḍā ଆଘାତ ପୂର୍ବକ ଦୂରକୁ ଫିଙ୍ଗିଦେବା—To
throw to a distance by striking.

ହାମ୍ପୋଡ଼ିବା—ଦେ. କ୍ରି—(ସଂ. ହନ୍ ବା ହମ୍ପ୍ ଧାତୁ=ବଧ କରିବା)
Hāmporḍibā ୧ । ଜୋର୍‌ରେ ଆଘାତପୂର୍ବକ ବସ୍ତୁକୁ ଦୂରକୁ
ଫିଙ୍ଗିଦେବା; ଏପରି ଜୋର୍‌ରେ ଆଘାତ କରିବା, ଯେପରି
କି, ଆଘାତିତ ବସ୍ତୁ ସେହିଧକ୍କାରେ ବହୁଦୂରରେ ଯାଇପଡ଼ିବା—
1. To cause a thing to fly off to a great distance by giving it a strong stroke or push. [ଦ୍ର—ବନରେ ମୃଗ ଅବ ଯେ ପଡ଼ଇ ଅଗେ, ବେନି ହାତେ ହାମ୍ପୋଡ଼ ଘୁଞ୍ଚଇ ବେଗେ ବେଗେ—ସାରଳାଦାସ ମହାଭାରତ. ଅଦି] ୨ । ହାତ ଗୋଡ଼ ଆଦିକୁ ଜୋର୍‌ରେ ଛାଟିବା; ହାତ ପିଟି ଦେବା—2. To spread out (the limbs) with force. [ଦ୍ର—ଅରେ ଅରେ ବୋଲି ହାମ୍ପୋଡ଼ିଲି ବେନିବାହୁ—ସାରଳା
ধাক্কাদিয়েছুঁড়েফেলা ‌ मारकरफेकना ‌ ମହାଭାରତ. ବନ]

ହାମ୍ପୋଡ଼ି ହେବା—ଦେ. କ୍ରି—ଆଘାତ ଦ୍ୱାରା ଦୂରକୁ କ୍ଷିପ୍ତ ହେବା—
Hāmporḍi hebā ‌ To be thrown away to a
great distance by a strong stroke. (ଦ୍ର—
ହାମ୍ପୋଡ଼ି ହୋଇଣ କେ ପଡ଼ିଲା ମୋଡ ଯାଇ—ପୀତାମ୍ବର
ছিটকেপড়া ‌ फेकाजाना ‌ ନୃସିଂହ ପୁରାଣ]

ହାମ୍ପୋଲ (ଲା, ଲି)—ଦେ. ବ - କୌତୁକରେ ବା ସ୍ନେହରେ କରତଳ
Hāmpola (lā, li) ଦ୍ୱାରା ଅନ୍ୟର ଦେହରେ ମରାଯିବା ମୃଦୁ
ଆଘାତ ବା ଚାପୁଡ଼ି; ପ୍ରେମ ଚାପୁଡ଼ି—Patting by the
থাবড়া ‌ थपकी ‌ palm in affection or fun.

ହାମ୍ପୋଲି ଠୁ(ଠୁଁ)କିବା—ଦେ. କ୍ରି—କରତଳ ଦ୍ୱାରା ଧୀରେ ଧୀରେ
Hāmpoli ṭhu (ṭhuṅ)kibā ପ୍ରେମ ଚାପୁଡ଼ି ମାରିବା—
To pat slowly and fondly. [ଦ୍ର—ଲଳିତେ
ହାମ୍ପୋଲି ଠୁକୁ ଚେତନା କରିଲି—ଉପେ. ଲାବଣ୍ୟବତୀ]
থাবড়ান ‌ थपकीदेना

ହାମ୍ପୋଲିବା—ଦେ. କ୍ରି—୧ । ହାମ୍ପୋଲି ମାରିବା (ଦେଖ)—
Hāmpolibā ‌ Hāmpoli māribā (See)
୨ । ବାଦ୍ୟ ଯନ୍ତ୍ରକୁ ବଜାଇବା—2. To sound or
play on a musical instrument. [ଦ୍ର—
ନାଚନ୍ତି ଶିବଗଣେ ଡମ୍ବରୁ ହାମ୍ପୋଲି—ସାରଳା
বাজান ‌ थपकीदेना ‌ ମହାଭାରତ. ସଭା]

ହାମ୍ପୋଲି ମାରିବା—ଦେ. କ୍ରି—କରତଳ ଦ୍ୱାରା ଧୀରେ ଧୀରେ ସସ୍ନେହ
Hāmpoli māribā ଚାପୁଡ଼େଇବା ବା ଥାପୁଡ଼ି ମାରିବା—
To pat with the palm fondly and slowly
[ଦ୍ର—ମାରନ୍ତେ ହାମ୍ପୋଲି, କି କର ଅନାଏ ବଦନ ତାଳ—
চাপড়ান ‌ थपकदेना ‌ ଉପେ. ସୁବର୍ଣ୍ଣରେଖା]

ହାମ୍ବଡ଼ା (ଇତ୍ୟାଦି—ଦେ. ବଣ (ହୁଙ୍କାରୁ ଅନୁକୃତ)—ହାମ୍ବଡ଼ା ଇତ୍ୟାଦି
Hāmbarḍā (etc) (ଦେଖ)—Hāmbarḍā etc (See)

ହାମ୍ବର୍—ପ୍ରାଦେ (ସମ୍ବଲପୁର) ସର୍ବନାମ—ଆମ୍ଭର; ଆମ୍ଭମାନଙ୍କର—
Hāmbar ‌ My; mine; ours; our.

ହାମ୍ବର୍ଗ—ବୈଦେ. ବ (ନାମ)—ହାମବର୍ଗ୍ (ଦେଖ)—
Hāmbarg ‌ Hām-barg [See].

ହାମ୍ବୀ(ମ୍ମୀ)ର—ଦେ. ବ—୧ । ରାଗିଣୀବିଶେଷ—1. Name of a
Hāmbi (mmi) ra ‌ musical tune.
হাম্বীর ‌ हम्मीर ‌ [ଦ୍ର—ଏହା ସମ୍ପୂର୍ଣ୍ଣ, କଲ୍ୟାଣ
ଏଥିରେ କଡ଼ 'ମ'ର ବ୍ୟବହାର ଅଧିକ । ଏହା ରାତିର

ପ୍ରଥମ ପ୍ରହରରେ ଗେୟ] ୨ । ମେବାରର ଜଣେ ରାଣା—
2. Name of a king of Mewar who recovered Chitor from the Mahomedans.
[ଦ୍ର—ଏ ମୁସଲମାନମାନଙ୍କ କବଳରୁ ଚିତୋରକୁ ପୁନରୁଦ୍ଧାର କରି ଭାରତ ଇତିହାସରେ ଯଶସ୍ୱୀ ହୋଇଅଛନ୍ତି ।]

ହାମ୍ବୁ(ମ୍ବୋ)ଡ଼ା (ଇତ୍ୟାଦି)—ଦେ. ବି—ହାମୁଡ଼ା ଇତ୍ୟାଦି (ଦେଖ)—
Hāmbu(mbo)rdā (etc) Hāmurdā etc (See)

ହାମ୍ବୁ(ମ୍ବୋ)ଡ଼ିବା—ଦେ. କ୍ରି—ହାମୁଡ଼ିବା [ଦେଖ]—
Hāmbu(mbo)rdibā Hāmurdibā (See).

ହାୟ[ଇତ୍ୟାଦି]—ଦେ. ଅ—ହାଇ ଇତ୍ୟାଦି [ଦେଖ]—
Hāya (etc) Hāi etc (See).

ହାୟଦରାବାଦ—ବୈଦେ. ବି (ନାମ)—ହାଇଦରାବାଦ (ଦେଖ)—
Hāyadarābād Hāidarābād (See).

ହାୟନ—ସଂ. ବି (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ ଅନ, ଯ ଆଗମ)—୧ । ବତ୍ସର; ବର୍ଷ (ଅମର)
Hāyana
1. Year. [ଦ୍ର—ଏହି ଶବ୍ଦରୁ 'ଅଗ୍ରହାୟଣ' ଶବ୍ଦ ହୋଇଅଛି ।] ୨ । ବ୍ରୀହିଭେଦ; ଧାନ୍ୟବିଶେଷ (ମେଦିନୀ)—2. A sort of grain or paddy. ୩ । ଅଗ୍ନିଶିଖା (ମେଦିନୀ)—3. The flame of a fire.

ହାୟା—ବୈଦେ ବି (ଅ)—୧ । ଲଜ୍ଜା (ଗୋପୀନାଥ ନନ୍ଦ)—
Hāyā (ଦ୍ର—ଏହି ଶବ୍ଦରୁ ବେହାୟା ହୋଇଅଛି—
हाया हाया 1. Shame. ୨ । ଶରମ—2. Modesty.

ହାୟାଁ—ଦେ ବିଣ—୧ । ଯେଉଁ ବ୍ୟକ୍ତି ଖାଇବାକୁ ହାଇଁ ପାଇଁ ହୁଏ;
Hāyāñ ହେଲା—1. (a person) Who always shows
हाँतहाँत करनेवाला hankering for food.
हाभाते ୨ । ଅତି ବଡ଼; ହୟାନ୍ତ—2. Very big. gigantic. ୩ । ଭୟଙ୍କର—3. Terrific; terrible.

ହାୟାଙ୍କାର—ଗ୍ରା. ବିଣ (ସଂ ଭୟଙ୍କର) ଅତି ଭୟଙ୍କର—
Hāyāṅkāra Very terrible; terrific.

ହାୟାନ୍ତ—ଦେ. ବିଣ—ହୟାନ୍ତ (ଦେଖ)—
Hāyānta Hayānta (See).
(ହାୟାନ୍ତିଆ—ଅନ୍ୟରୂପ)

ହାର—ଦେ.ବି (ସଂ. ହୃ ଧାତୁ ଣିଚ ହାର ଧାତୁ) ୧ । ଯୁଦ୍ଧରେ ପରାଜୟ
Hār —1. Defeat in battle. ୨ । ଖେଳରେ ପରାଜୟ—
ହାର हार 2. Defeat in a game.

ହାର(ରି)କ(କେ)ନ ଲଣ୍ଠ(ଣ୍ଠ)ନ—ବୈଦେ.ବି—ହରିକେନ ଲଣ୍ଠନ (ଦେଖ)
Hār(ri)ki(ke)n lanṭa(nṭha)n Hariken lanṭan (See).

ହାର ଜିଣ (ଣା, ତ, ତା, ଦ, ଦି)—ଦେ.ବି—(ବିପରୀତାର୍ଥକ ଶବ୍ଦର
Hār jiṇ (ṇā, t, tā, d, di) ଯୋଗ)—୧ । ପରାଜୟ ଓ ଜୟ
1. Defeat and victory. ୨ । ବାଜି—
हारजित हारजीत 2. Wager.

ହାର ଜିଣ (ଣା, ତ, ତା, ଦ, ଦି) ପକା(କେ)ଇବା (ମାରିବା)—ଦେ.
Hār jiṇ(ṇā, t, tā, d, di) pakā(ke)ibā (māribā)
ବାଜିରାଖି କ୍ରି—ବାଜି ମାରି ଖେଳିବା ବା ବାଜି ରଖିବା—To
दांव लगाना offer stake for playing a game; to play by laying wager.

ହାର୍ମ(ମୋ)ନିଅମ—ବୈଦେ. ବି—(ଇଂ. ହାର୍ମୋନିଅମ୍) ଅନେକ-
Hār-ma(mo)niam ଗୁଡ଼ିଏ ବଂଶୀର ଛିଦ୍ର ବା ଜିଭ ଖଞ୍ଜି ସେହି
[ହାର୍ମ(ମୋ)ନିଅ—ଅନ୍ୟରୂପ] ଜିଭ ବାଟେ ଗୋଟିଏ ଭିତରୁଆର
हारमनियम ପବନକୁ ନାନା ସ୍ୱରରେ ବାହାର କରି ବଜାଇବା ବାଦ୍ୟ
हारमोनीयम Harmonium, ଯନ୍ତ୍ର ବିଶେଷ—[ଦ୍ର—ଏଥିରେ ବାଁଆ ହାତରେ ଭାତି (Bellows)କୁ ଚଳାଇ ଗୋଟିଏ କୋଠରିରେ ଗୁଡ଼ିଏ ପବନ ପୂର୍ଣ୍ଣ କରାଯାଏ ଓ ସେହି କୋଠରି (air-chamber)ରୁ ବାହାରକୁ ପବନ ବାହାରି ଯିବାକୁ ଅନେକଗୁଡ଼ିଏ ଛିଦ୍ର ଥାଏ ସେହି ଛିଦ୍ରମାନଙ୍କ ଦ୍ୱାର-ଦେଶରେ ବଂଶୀର ଜିଭ (reed) ସଂଯୁକ୍ତ ଚିକିଅମାନ ଏପରି ଖଞ୍ଜାହୋଇଥାଏ ଯେ, ସେ ଚିକିଅମାନଙ୍କ ଲାଞ୍ଜକୁ ଡାହାଣ ହାତର ଅଙ୍ଗୁଠିରେ ଚିପି ଦେଲେ ସେ ଚିକିଅମାନ ଛିଦ୍ର ମୁହଁରୁ ଗୋଟି ଗୋଟି ହୋଇ ଉଠିଗଲାବେଳେ ଭିତରକୁ ଲକ୍ଷ୍ୟ କରିବା ଯାଇ ପବନ ବାହାରି ଗୋଟିଏ ଲେଖାଏଁ ଧ୍ୱନି ହୁଏ । ସେ ବଂଶୀର ଜିଭମାନ ଏପରି ମାପ ମୁତାବକ ଖଞ୍ଜା ହୋଇଥାଏ ଯେ, ଗୋଟିଏ ଛିଦ୍ରବାଟେ ଏକ ପ୍ରକାର ଧ୍ୱନି ବାହାରେ । ସେ ଧ୍ୱନିମାନ ଯଥାକ୍ରମେ ହିନ୍ଦୁ ସଙ୍ଗୀତର ସପ୍ତସ୍ୱର [ସା, ରି, ଗା, ମା, ପା, ଧା, ନି; ଇଂ Octave (ଅକ୍‌ଟେଭ୍)] ସଙ୍ଗେ ମିଳେ । ହାର୍ମୋନିଅମ୍‌ରେ ଏକାଧିକ ସପ୍ତକ ଓ ସପ୍ତକର କଡ଼ି ମଧ୍ୟମ ସ୍ୱରମାନ ଖଞ୍ଜା ହୋଇଥାଏ ।

ହାର୍ମୋନିଅମ୍ ବଜାଇବାକୁ ହେଲେ ବାଁଆ ହାତରେ ଭାତିକୁ ଚାଳିବାକୁ ହୁଏ ଓ ଯେଉଁ ସ୍ୱର ବାହାର କରିବାକୁ ହେବ ସେହି ସ୍ୱର ସମ୍ପର୍କୀୟ ଚିକିଅର ଲାଞ୍ଜକୁ ଡାହାଣ ହାତର ଭିନ୍ନ ଭିନ୍ନ ଅଙ୍ଗୁଠିଦ୍ୱାରା ଆଘାତ କରାଯାଏ । ହାର୍ମୋନିଅମ୍ ବଜାଇ ତହି ସଙ୍ଗେ ସଙ୍ଗେ ଗତ ବା ଗୀତ ଅଭ୍ୟାସ କରାଯାଇ ବୋଲାଯାଏ । ସିଦ୍ଧହସ୍ତ ବ୍ୟକ୍ତିର ହାତରେ ବାଜିବା ହାର୍ମୋନିଅମର ସ୍ୱରମାନଙ୍କ ସଙ୍ଗେ ସିଦ୍ଧ ଗାୟକଙ୍କର ନିଜର ଗଳାର ସ୍ୱରକୁ ମିଶାଇ ଗାଇଲା-ବେଳେ ତାହା ଅତି ମଧୁର ଶୁଣାଯାଏ । ହାରମୋନିଅମ ଯନ୍ତ୍ର ବଂଶୀର ନିୟମକୁ ଅନୁସରଣ କରି ନିର୍ମିତ । ବଂଶୀର ଛିଦ୍ର ତଳେ ଗୋଟିଏ ଜିଭ ବା ପାତିଆ ଥିବାରୁ ସେ ବାଟେ ପବନ ଗଲେ ବା ଛିଦ୍ରକୁ ଫୁଙ୍କିଲେ ତହିରୁ ଧ୍ୱନି ଜାତ ହୁଏ; ଜନ୍ତୁ ହାରମୋନିଅମ ଅନେକଗୁଡ଼ିଏ ବଂଶୀର ଧାରାବାହିକ ସମାବେଶ ମାତ୍ର ।]

ହାର୍ମ(ମୋ)ନିଅମ୍ ଚାବି (ପରଦା)—ଦେ.ବି—ହାରମନିଅମ୍‌ର ଭିନ୍ନ ଭିନ୍ନ
Hārma(mo)niam chabi (paradā) ଛିଦ୍ରର ମୁହଁକୁ ଲାଗିଥିବା
हारमनियम चाबि ଚିକିଅ—The keys of a harmonium

हारमोनियम चाबि —[ତ୍ର—ଏ ଚିକିଅର ମୁଣ୍ଡ ଡଡ଼ସମ୍ପୃକ୍ତ ଛିଦ୍ରର ମୁହଁକୁ ବୁଜି ରଖି ।ଏ ଓ ଚିକିଅର ଲମ୍ବରେ ଅଙ୍ଗୁଠି ଚିପ ମାରଲେ ଛିଦ୍ରର ମୁହଁ ପାଖରୁ ଚିକିଅର ମୁଣ୍ଡ ହଟିଯାଇ ସେଥିବାଟେ ପବନ ବାହାରି ଆସେ ଓ ଭଲ ଭଲ ଅଭିପ୍ରେତ ସ୍ୱର ବହିର୍ଗତ ହୁଏ ।]

ହାର ମ(ମୋ)ନଅ(ୟ)ମ ରଡ୍—ବୈଦେ. ବ—(ଇଂ) ହାରମୋନିଅମର Hār-ma(mo)nia(ya)am ri ଭଲ ଭଲ ଛିଦ୍ର ତଳେ ଲଗା। [ହାରମନୟମ ରଡ(ଡ୍,ଡ଼)—ଦେ.ରୂପ] ଯାଇଥିବା ବଂଶୀର ଛିଦ୍ରମାନ हारमनियम रिड़ —The reeds of a harmonium. **हारमनियम रीड़** [ତ୍ର—ଏମାନ ଧାତୁର ପାତିଆ; ଏହି ପାତିଆ ଛିଦ୍ରଯୁକ୍ତ ଧାତୁଖଣ୍ଡ ଉପରେ ଝୁଲୁଲା ହୋଇ ଏପରି ଲଗାଯାଇ ଥାଏ ଯେ, ସେହି ପାତିଆ ବାଟେ ପବନ ବାହାରଲେ ଧ୍ୱନ ଜାତ ହୁଏ ।]

ହାର ମନଅମ୍ ଷ୍ଟପ୍—ବୈଦେ ବ—ଇଂ—ହାରମୋନଅମର ବାୟୁପୂର୍ଣ୍ଣ Hār-maniam shṭap କୋଠରୁ ଛିଦ୍ରକୁ ପବନ ଆସିବା हारमनियम ष्टप् ବାଟ ଯେଉଁ କଳଦ୍ୱାରା ନିୟନ୍ତ୍ରିତ ହୁଏ—The **हारमोनियमस्टप** stops of a harmonium—[ତ୍ର— ଏହି ଷ୍ଟପକୁ ପଦାକୁ ଟାଣି ଆଣିଲେ ଛିଦ୍ର ନିକଟକୁ ପବନ ଅସେ ଓ ଷ୍ଟପକୁ ଭିତରକୁ ଠେଲି ଦେଲେ ଛିଦ୍ରପାଖକୁ ବାଦ୍ୟଦ୍ୱାରା ଉତ୍ପନ୍ନ ପବନ ଅସେ ନାହିଁ ।]

ହାର୍ମା—ବୈଦେ. ବଣ.ପୁଂ (ଫା. ହରମ୍—ଶାସ୍ତ୍ରବିରୁଦ୍ଧ)—୧ । ଦୁଷ୍ଟ- Hār-mā 1. Wicked; naughty. [ହାର୍ମୀ—ସ୍ତ୍ରୀ] ୨ । ଅସ୍ଥିର—2. Restless. अस्थिर **नटखट**

ହାର୍ ମାନିବା—ଦେ. କି—ନିଜର ପରାଜୟ ସ୍ୱୀକାର କରିବା— Hār mānibā To admit one's defeat. हार माना **हार मानना**

ହାର୍ମା ପଣିଆଁ[ପଣିଆଁ,ଗିରି]—ଦେ. ବ—ଦୁଷ୍ଟପଣ; ଦୁଷ୍ଟାମି— Hār-mā paṇa[paniañ, giri] Wickedness; हारामजादगि **नटखटपन, हारामजादगी** naughtiness.

ହାର—ସଂ. ବ [ହୃ ଧାତୁ=ହରଣ କରିବା,(ମନକୁ) ମୁଗ୍ଧ କରିବା+କର୍ତ୍ତୃ Hāra ଅ)—୧ । କଣ୍ଠଲମ୍ବି ବକ୍ଷୋଭୂଷଣ; ମାଳ— 1. Necklace. ୨ । ମାଳା; ପୁଷ୍ପାଦ ଗୁନ୍ଥା ହୋଇଥିବା ଲମ୍ବ ମାଳ—2. Garland. ୩ । ମୁକ୍ତାବଳୀ; ମୁକ୍ତା- ମାଳା (ଅମର)—3. A necklace or string of pearls. ୪ । (+ଅଧିକରଣ ଅ) ଯୁଦ୍ଧ (ମେଦନୀ)— 4. War; fight. ୫ । (+ଭାବ. ଅ) ହରଣ— 5. Taking away. ୬ । (ଗଣିତ) ଏକ ରାଶିକୁ ଅନ୍ୟ ରାଶି ଦ୍ୱାରା ଭାଗ କରିବା କିମ୍ବା; ବିଭାଗ— 6. [arithmetic] Division. ବଣ (ପୁଂ)—୧ । (ହାରୀ—ସ୍ତ୍ରୀ) (ହରି+ଅ)—ହରିସମ୍ବନ୍ଧୀୟ (ଭାଗବତ)— 1. Relating to Hari or God; divine. ୨ । (ହୃ ଧାତୁ+କର୍ତ୍ତୃ ଅ)—ହାରକ; ହରଣକର୍ତ୍ତା— 2. Taking away; stealing, kidnapping. ୩ । ମନୋହର (ଶ୍ରୀଧର ସ୍ୱାମୀ)—3. Charming. ୪ । ବିଭାଜକ—4. Dividing. ଦେ. ବ—୧ । ପରାଜୟ हार **हार** 1. Defeat. (ତ୍ର—ଏଥିରେ ହାର ହାହାର, ପରଷିବାକୁ ଅଗ ବାହାର—ଅଭିମନ୍ୟୁ ବଦଗଧଚନ୍ତାମଣୀ ।) ୨ । (ସ୍ତ୍ରୀ) ହାରମଣିର ଡାକନାମ हारा **हरा** 2. Nickname of Hārāmaṇi. ବୈଦେ. ବ [ଅ]—୧ । ରେଟ—1. Rate (of interest). (ଯଥା—ସୁଧର ହାର) ୨ । ଅନୁପାତ— 2. Ratio. (ଯଥା—ଭାରତବର୍ଷରେ ଶିକ୍ଷିତଙ୍କ ହାର ଶତକଡ଼ା ୫·୨ ବା ୫; ଅର୍ଥାତ୍ ୧୦୦ ଜଣ ଭାରତବାସୀଙ୍କ ମଧ୍ୟରେ ୫ ଜଣରୁ କିଛି ବେଶି ଲୋକ ଶିକ୍ଷିତ ଅଛନ୍ତି ।)

ହାର ଉଲାଗି—ଦେ. ବ—ପିନ୍ଧା ଯାଇଥିବା ହାରକୁ ଦେହରୁ କାଢ଼ି Hāra ulāgi ପକାଇବା—Putting off of a हार खोला **हार निकालना** necklace or garland. [ହାରଲଗି—ଦେଶଜ]

ହାରକ—ସଂ ବଣ, ପୁଂ (ହୃ ଧାତୁ+କର୍ତ୍ତୃ ଅକ)—୧ । ହରଣକର୍ତ୍ତା— Hāraka 1. Stealing; kidnapping; taking (ହାରିକା—ସ୍ତ୍ରୀ) away. ୨ । ବହନକର୍ତ୍ତା— 2. Carrying. ୩ । ଦ୍ୟୂତକାର—3. Gambling. ବ—୧ । କପଟ; ଶଠ—1. A cheat. ୨ । ଚୋର; ଚୋର—2. A thief. ୩ । ଯେ ଜବରଦସ୍ତ ମନୁଷ୍ୟ ଆଦିଙ୍କୁ ହରଣ କରି ନିଏ—3. A kidnapper. ୪ । ଗଦ୍ୟଭେଦ (ମେଦନୀ)—4. A kind of style of prose. ୫ । ବିଜ୍ଞାନଭେଦ (ମେଦନୀ)—5. A sort of specialised knowledge. ୬ । ୬ । ଶାଖୋଟ ବା ଶାହାଡ଼ା ଗଛ—6. Asper tree. ୭ । (ଗଣିତ) ଭାଜକ ଅଙ୍କ—7. [arithmetic]. The number which divides another number. ଦେ.ବ—ଯୁଦ୍ଧରେ ବା ଖେଳରେ ପରାଜୟ हार **हार** Defeat in battle or game. (ଯଥା—ତାଙ୍କର ଖେଳରେ ହାରକ ହେଲା । ବଣ—ପରାଜିତ—Defeated (ଯଥା—ତାର ଖେଳରେ ହାରକ ପକ୍ଷ ହେଲା ।)

ହାରକ ପ(ପା)ଟ—ଦେ. ବ—ଯେଉଁ ପକ୍ଷ ବା ଦଳ ପରାଜିତ ହୁଏ— Hāraka paksha(ṭa) Defeated side or party हेरो दल **पराजित पक्ष** (in a battle or game).

ହାର କରିବା—ଦେ. କି—୧ । ହାର ଗଢ଼ିବା; ମାଳ ପ୍ରସ୍ତୁତ କରିବା— Hāra karibā 1. To make or construct a हार तयारि क **हार बनाना** necklace. (ଯଥା—ବଣିଆ ମୋ ସାଆନ୍ତାଣୀଙ୍କ ପାଇଁ ଗୋଟିଏ ମନମୋହନିଆ ହାର କରୁଛି) ୨ । (ଫୁଲ ଆଦିକୁ ସୂତା ଦ୍ୱାରା) ମାଳ ଗୁନ୍ଥିବା—2. To string a garland

of flowers etc. with thread. ୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ଆଦରପୂର୍ବକ ସର୍ବଦା ପାଖରେ ରଖିବା—3. (figurative) To keep a person tied to one's sleeves in fondness or affection. (ଉ—ହାର କରି ଗଲେ ଥିବ ବହୁରେ—ସଙ୍ଗୀତ) ୪ । [ଲକ୍ଷଣାର୍ଥ] ଅତି ଗେଲବସର କରିବା—4. (figurative) To fondle or cherish a person. [ଯଥା—କୋଡପୋଷ ପିଲାକୁ ମାଆ ହାର କରନ୍ତି ।] ୫ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କ ଉପଦେଶକୁ କୃତଜ୍ଞତା ବା ଆଦର ସହିତ ଗ୍ରହଣ କରିବା—5. (figurative) To accept a person's advice with gratitude or fondness. (ଯଥା—ମୁଁ ଅମୁକ ବନ୍ଧୁଙ୍କ ଉପଦେଶକୁ ହାର କରିଛି ।) ୬ । [ଲକ୍ଷଣାର୍ଥ] ସର୍ବଦା ସ୍ମରଣ କରିବା ବା ଘୋଷି ହେବା—6. (figurative) To always cherish in memory. [ଦ୍ର—ଏହା ଭଲ ଓ ମନ୍ଦ ଅର୍ଥରେ ବ୍ୟବହୃତ ହୁଏ । (ମନ୍ଦ ଅର୍ଥ)—ମୁଁ କେଉଁ ଦିନ ସବେ ଗାଳି ଦେଇଥିଲି ବୋଲି, ସେ ମୋ କଥାକୁ ହାର କରି ବସିଛି । [ଭଲ ଅର୍ଥ] ମୁଁ ତାଙ୍କର ସେ ଦିନର ଉପକାରକୁ ହାର କରିଛି ।]

ହାର ଗୁଟିକା—ସଂ ବି [ଷଷ୍ଠୀ ତତ୍]—ମାଳାର ଦାନା—
Hāra guṭikā The balls or beads of a garland.

ହାର ଗୁନ୍ଥା—ଦେ· ବି—(ସ ହାର ଗ୍ରନ୍ଥନ)—ହାରର ଦାନାମାନଙ୍କୁ ସୂତ୍ର
Hāra gunthā ହାର ଗୁନ୍ଥିବା—The stringing of a necklace or garland.
हारगाँथा हारगुंथना

ହାର ଗୁନ୍ଥା(ନ୍ଥେ)ଇବା—ଦେ. କି—(ହାର ଗୁନ୍ଥିବାର ଣିଜନ୍ତ ରୂପ—
Hāra gunthā (nthe)ibā (The causative form of Hāra gunthibā). ପାଠର ଅନ୍ୟଙ୍କ ଦ୍ୱାରା ହାରଗୁନ୍ଥା କାମ କରାଇବା To cause a person to string together the beads of a necklace or garland.
हारगाँथाना हारगुथवाना

ହାର ଗୁନ୍ଥିବା—ଦେ. କି—(ସଂ ହାର ଓ ଗ୍ରନ୍ଥ ଧାତୁ)—ହାରର ଭିନ୍ନ
Hāra gunthibā ଭିନ୍ନ ଅଂଶ ବା ଗୋଟିମାନଙ୍କୁ ସୂତାଦ୍ୱାରା ଗୁନ୍ଥିବା ବା ଏକତ୍ର ସମାବଦ୍ଧ କରିବା—To string beads into a garland or necklace.
हारगाँथा हारगुंथना

ହାର ଘି(ଘେ)ନିବା [ନା(ଲା)ଇବା, ପିନ୍ଧିବା, ମର୍ଦ୍ଦା(ର୍ଦ୍ଦେ)ଇବା]—
Hāra ghi (ghe)nibā [nā(lā)ibā, pindhibā, mardā(rde)ibā] ଦେ. କି—ଆପଣାର ଅଙ୍ଗରେ ହାର ପରିଧାନ ବା ଧାରଣ କରିବା—To wear a necklace or a garland.
हारपरा हारपहनना

ହାର ପକା(କେ)ଇବା—ଦେ· କି—୧ । ହାର ଘିନିବା (ଦେଖ)=
Hāra pakā(ke)ibā 1. Hāra ghinibā (See)
୨ । ହାର ପିନ୍ଧାଇବା (ଦେଖ)—2. Hāra pindhāibā (See)
हारपरा हारपहनना

ହାର ପିନ୍ଧା(ନ୍ଧେ)ଇବା—ଦେ. କି—ଅନ୍ୟକୁ ହାର ପରିହିତ କରାଇବା-
Hāra pindhā(ndhe)ibā To adorn another with a necklace or garland.

ହାର ପଟ (କ୍ଷ)—ଦେ· ବି—ହାରକ ପକ୍ଷ (ଦେଖ)—
Hāra paṭa (ksha) Hāraka paksha (See)

ହାର ଫଳକ—ସଂ. ବି ପାଞ୍ଚ ନରିଆ ହାର (ହ. ଶ)—
Hāra phaḷaka A five-stringed necklace.

ହାରଭୂରା—ସ. ବି—ଦ୍ରାକ୍ଷା; ଅଙ୍ଗୁର (ହୁ. ଶ)—
Hārabhūrā Grape.

ହାର(ରା)ମ୍ ଜାଦା(ଜାଦା)—ବୈଦେ. ବି. ପୁଂ (ଅ)—ହାରାମ୍ ଜାଦ୍
Hār(rā)m jādā(jiādā) (ଦେଖ)—Hārām-jād(See)

ହାର ମାଳ—ଦେ· ବି—(ଏକାର୍ଥକ ସହଚର)—୧ । ହାର ବା ମାଳା=
Hāra māḷa 1. Garland or necklace. ୨ । ବହୁସଂଖ୍ୟକ ହାର—2. Many garlands or necklaces.
हारमाला हारमाला

ହାର ଯଷ୍ଟି—ସ. ବି (ଷଷ୍ଠୀ ତତ୍)—ହାରର ମାଳ (ହ. ଶ)—
Hāra jashṭi String of a necklace.

ହାର ଲଗା(ଗେ)ଇବା—ଦେ କି—୧ । ହାର ଘିନିବା (ଦେଖ)—
Hāra lagā(ge)ibā 1. Hāra ghinibā (See)
୨ । ହାର ପିନ୍ଧାଇବା (ଦେଖ)—2. Hāra. pindhāibā (See).

ହାର ଲଗି—ଦେ. ବି—ହାରଦ୍ୱାରା ଅଳଂକରଣ; ହାର ପରିଧାନ—
Hāra lagi Wearing of a necklace. ଦେ.ବିଣ—ହାର
हारपरा हारपहनाई ହେଉଥିବା—Wearing a necklace.
(ହାର ଲଗି—ବ୍ୟବସ୍ତୃତ)

ହାର ସ୍ଥଳ—ଦେ.ବି—ହାର ପଡିବାର ସ୍ଥାନ; ହୃଦୟ—The heart;
Hāra sthaḷa breast; bosom. [ଉ—ହାରସ୍ଥଳେ ରଖିଥିବ ଭଲେ ନିତି—କବିସୂର୍ଯ୍ୟ. କବିତା]
हारेरस्थान हारकीजगह

ହାର ହା(ହୂ)ରା—ସ. ବି—କପିଳ ଦ୍ରାକ୍ଷା (ରାଜନିର୍ଘଣ୍ଟ)—
Hāra hā (hū)rā Brown grape.
[ହାରହୂରକା—ଅନ୍ୟରୂପ]

ହାରହୂର—ସଂ ବି—ମଦ୍ୟ (ହେମଚନ୍ଦ୍ର)—
Hārahūara Wine.

ହାରହୂରା—ସଂ. ବି—ଦ୍ରାକ୍ଷା (ହଳାୟୁଧ)—
Hārahūarā Grape.

ହାରା—ସଂ. ବିଣ—ହାରର ସ୍ତ୍ରୀ ଲିଙ୍ଗ—Feminine of 'Hāra'
Hārā ଦେ. ବି—୧ । ହାର; ମାଳ—1. Necklace, garland. [ଉ—ଭୁଜପଞ୍ଜରେ ମୋ ହୃଦୟ ପର୍ଣ୍ଣମୟ ହାରାରେ—କବିସୂର୍ଯ୍ୟ ସଙ୍ଗୀତ] ୨ । ସ୍ତ୍ରୀ)—ହାରାମଣିର

ହାରାମଣି—୨. Nickname of 'Hārāmaṇi'
ହଳ—୧ ।(ବଙ୍ଗଳାରୁ ଅନୁକୃତ) ଅପହୃତ—1. Stolen. ୨ । ହଜିଥିବା—2. Lost. [ଦ୍ର—ଏ ଅର୍ଥରେ ଏ ଶବ୍ଦ ବଙ୍ଗଳା; କିନ୍ତୁ ଏହା ଓଡ଼ିଆ ଭାଷାରେ କ୍ରମଶଃ ବ୍ୟବହୃତ ହୋଇ ଲାଗିଣି । ଯଥା—ହାରାଧନ; ହାରାମଣି ।]

ହାରା ଧନ—ଦେ.ବି—(ବଙ୍ଗଳାରୁ ଅନୁକୃତ; ସଂ. ହୃତଧନ) ୧ । ଅପ-
Hārā dhana ହୃତ ଧନ—1. Stolen property. ୨ । ହଜିଥିବା ଧନ—2. Missing property. ୩ । (ପୁଂ)—ଲୋକଙ୍କୁ ଦିଆଯିବା ନାମ—3. A name
हाराधन हीयाहुआधन given to males.

ହାରବ—ସଂ. ବି—ଖେଦବଚକ ଲୋକର ହାହାକାର; ହାହାକାର;
Hārāba ହାୟ୍ ହାୟ୍ ଶବ୍ଦ—Lamentation; wailing exclamation. [ଜ—ହାରବରେ ଅଛି ପୁର ହେ ବଣୀଧାରୀ—କବିସୂର୍ଯ୍ୟ. ସଙ୍ଗୀତ]

ହାରବଲ୍ (ଲ)—ବୈଦେ.ବି (ତୁର୍କୀ ହରବଲ୍)—୧ । ସେନାର ଅଗ୍ର
Hārābal (la) ଭାଗ; ସିପାହୀମାନଙ୍କର ଯେଉଁ ଦଳ ସେନାଙ୍କ ଆଗରେ ରହନ୍ତି—1. The advance guard of an army; vanguard; the front line of an army. ୨ । ଡକାଇତମାନଙ୍କର ଯେଉଁ ଦଳ ଲୁଟି କରିବା ବ୍ୟକ୍ତିମାନଙ୍କର ଦଣ୍ଡଧର ଆଗରେ ରହନ୍ତି ଓ ଶତ୍ରୁଙ୍କୁ ଜଗନ୍ତି—2. The advance guard of a body of robbers or dacoits.

ହାରାବଳୀ—ସଂ,ବି—(ଷଷ୍ଠୀତତ୍, ହାର+ଅବଳୀ=ସମୂହ)—୧। ହାର
Hārābali ସମୂହ; ହାର ଶ୍ରେଣୀ—1. A collection of garlands or necklaces. ୨ । ବହୁ ସୋରି ଥିବା ହାର—2. Many-stringed necklace. ୩ । (ନାମ) ସଂସ୍କୃତ ଗ୍ରନ୍ଥକାର ପୁରୁଷୋତ୍ତମକୃତ କୋଷ ବା ଅଭିଧାନ—3. The title of a Sanskrit ditctionary by one Purushcttama.

ହାରାମ୍—ବୈଦେ. ବିଣ—(ଅ ହରାମ)—୧ । କୋରାନ୍ ବିରୁଦ୍ଧ;
Hārām ଶାସ୍ତ୍ର ନିଷିଦ୍ଧ (ପଦାର୍ଥ, ଖାଦ୍ୟ ବା କର୍ମ)—
(ହଲାଲ୍—ବିପରୀତ) 1 (thing, food or act) Prohia
हाराम bited by the Koran or the Scripture
हराम of the Mahomedans. ୨ । ଅପବିତ୍ର (ଖାଦ୍ୟ ବା ପଦାର୍ଥ)—2 Unholy ; impure (food or thing.) [ଦ୍ର—ଟଙ୍କା କରଜ ଦେଇ ସୁଧ ନେବା, ଜୀବକୁ ହଲାଲ୍ ନ କରି ଖାଇବା ଆଦି ମୁସଲମାନ ଧର୍ମଶାସ୍ତ୍ର ଅନୁସାରେ ହାରାମ୍ ଅଟେ ।] ବି—୧ । (ମୁସଲମାନଙ୍କ ଅସ୍ପୃଶ୍ୟ ଜନ୍ତୁ)—ଶୂକର—1. Hog. ୨ । ଧର୍ମଶାସ୍ତ୍ର ଅନୁସାରେ ନିଷିଦ୍ଧ ବସ୍ତୁ—2. Any prohibited thing. ୩ । ବ୍ୟଭିଚାର—3 Adultery. ୪ । ପାପ—4. Sin. ୫ । ଅଧର୍ମ—5. Impiety. [ଦ୍ର—ମୁସଲମାନ୍‌ମାନଙ୍କ ଧର୍ମଶାସ୍ତ୍ର ବା କୋରାନରେ ଯେଉଁ ଖାଦ୍ୟ ନିଷିଦ୍ଧ (ଯଥା, ହଲାଲ୍ ହୋଇ ନ ଥିବା ଜୀବର ମାଂସ), ଯେଉଁ ଧନାର୍ଜନ ନିଷିଦ୍ଧ (ଯଥା—ଋଣ ଦିଆଯାଇଥିବା ଧନ ପାଇଁ ସୁଧ ଗ୍ରହଣ), ଯେଉଁ କର୍ମ ନିଷିଦ୍ଧ (ଯଥା, ବ୍ୟଭିଚାର, ସୁରାପାନ), ଯେଉଁ ଦ୍ରବ୍ୟର ବ୍ୟବହାର ନିଷିଦ୍ଧ (ଯଥା, ମଦ୍ୟ), ଯେଉଁ ବସ୍ତୁ ବା ଜୀବ ଅପବିତ୍ର (ଯଥା—ଶୂକର) ଓ ଯେଉଁ କର୍ମ ପାପଜନକ, ସେ ସବୁକୁ ହରାମ୍ ବୋଲାଯାଏ । ଯେ ହରାମ୍ ଦ୍ରବ୍ୟ ବ୍ୟବହାର ବା ଧନ ଅର୍ଜନ ବା କର୍ମ କରେ ତାକୁ ହରାମ୍ ଖୋର୍ ବୋଲାଯାଏ ।]

ହାରାମ୍‌କାର୍—ବୈଦେ. ବିଣ—(ଅ. ହରାମ୍+ଫା. କାର୍)—
Hārām kār ୧ । ଶାସ୍ତ୍ର ନିଷିଦ୍ଧ କର୍ମକାରୀ—1. Doing
हारामकार forbidden acts. ୨ । ବ୍ୟଭିଚାରୀ (ହି. ଶ)—
हरामकार 2. Adulterous.

ହାରାମ୍‌କାରୀ—ବୈଦେ.ବି—(ଅ. ହରାମ୍+ଫା କାରୀ) ୧ । ନିଷିଦ୍ଧକର୍ମ
Harām kāri କରଣ—1. The doing of forbidden
हारामकारी acts. ୨ । ବ୍ୟଭିଚାର—2. Adultery.
हरामकारी ୩ । ପାପ—3. Sin.

ହାରାମଖୋର୍—ବୈଦେ. ବିଣ ପୁଂ—(ଅ ହରାମ୍+ଫା. ଖୋର୍)—
Hārām-khor ୧ । ନିଷିଦ୍ଧ ଖାଦ୍ୟ ଭୋଜନକାରୀ (ପୁରୁଷ)—
हारामखोर 1. (a male) Partaking of prohibited
हरामखोर food. ୨ । କୋରାନ୍ ଅନୁସାରେ ନିଷିଦ୍ଧ ସୁଧ ଗ୍ରହଣକାରୀ (ବ୍ୟକ୍ତି)—2. (a person) Enjoying or taking interest on money lent. ୩ ।
(ହାରାମ୍ ଖୋରଣୀ—ସ୍ତ୍ରୀ) ମୋଫତ୍‌ଖୋର୍ (ହି. ଶ)—3. Living on the earning of others ୪ । ପାପଲବ୍ଧ ଧନ ଅର୍ଜନକାରୀ ବା ଭୋଗକାରୀ—4. Earning or living on the money earned by sin. ୫ । ଅଲସୁଆ—5. Idle.

ହାରାମ୍‌ଖୋରୀ—ବୈଦେ. ବି (ଅ ହରାମ୍+ଫା ଖୋରୀ)—୧ । ନିଷିଦ୍ଧ
Hārām khori ଦ୍ରବ୍ୟ ଭୋଜନ କରିବା ଅବସ୍ଥା ବା ଅଭ୍ୟାସ—
हारामखोरी 1. Habitual partaking of prohibited
हरामखोरी food. ୨ । ପାପାର୍ଜିତ ଧନର ଭୋଗ—2. Enjoyment of the earnings of sin.

ହାରାମ୍‌ଜାଦ୍ (ଦା)—ବୈଦେ.ବିଣ.ପୁ—(ଅ ହରାମ୍+ଫା. ଜାଦା=ଜାତ
Hārām jād (dā) ବ୍ୟକ୍ତି ; ତୁଲ ନବାବ୍‌ଜାଦା=ନବାବଙ୍କ
(ହାରାମ୍ ଜାଦଥ—ଦେ. ରୂପ) ପୁତ୍ର) ୧ । ବ୍ୟଭିଚାରୋତ୍ପନ୍ନ; ଜାରଜ—1. Illegitimate; bastard. ୨ ।
(ହାରାମ୍ ଜାଦୀ—ସ୍ତ୍ରୀ) ବଜ୍ଜାତ୍ ; ନୀଚୋଦ୍ଭବ—2. Low-born, base-born. ୩ । ଶାସ୍ତ୍ର ନିଷିଦ୍ଧ ବିବାହୋତ୍ପନ୍ନ (ସନ୍ତାନ)—3. (Child) Born of a prohibited marriage. ୪। ପାଜି; ଦୁର୍ବୃତ୍ତ; ଦୁଷ୍ଟ—4 Wicked; wanton ; debased. ୫ । ଶାସ୍ତ୍ରନିଷିଦ୍ଧ କର୍ମକାରୀ

(ବ୍ୟକ୍ତି)—5. (Person) Doing prohibited
হারামজাদা हरामजादा acts.

ହାରାମ୍‌ଜାଦୀ—ଵିଦେ. ବି—(ଅ ହରାମ୍ ଜାଦ୍‌ଗୀ) ୧ । ଦୁଷ୍ଟାମି—
Hārām-jādi 1. Wickedness. ୨। ବର୍ଣ୍ଣସଙ୍କରତ୍ୱ
2. Illegitimacy. ବିଣ—ସ୍ତ୍ରୀ (ଅ ହରାମ୍‌ଜାଦୀ)—
ହାରାମ୍‌ଜାଦାର ସ୍ତ୍ରୀଲିଙ୍ଗ—The feminine of
হারামজাদী हरामज़ादी 'Hārām jādā'.

ହାରାମ୍ ପିଲ୍ଲା(ବଚ୍ଚା)—ଦେ, ବି—(ହିନ୍ଦିରୁ ଅନୁକୃତ, ଗାଳିରେ ବ୍ୟବହୃତ)
Hārām pillā(bachchā) ବର୍ଣ୍ଣସଙ୍କର; ଜାରଜ ସନ୍ତାନ—
হারমের বাচ্চা हरामकापिल्ला A bastara.

ହା ରାମ—ସଂ. ଅ—(ଶୋକାର୍ଥକ)—(ରାମଚନ୍ଦ୍ରଙ୍କ ବନ ଗମନ ପରେ
Hā-rāma ଦଶରଥଙ୍କର ଖେଦୋକ୍ତି) ଅହା ରାମଚନ୍ଦ୍ର !—Alas !
my Rāmachandra! (ଉ—ହାରାମ ହାରାମ କହି
ଵକଳ—ମଧୁସୂଦନ ଶ୍ରୀରାମ ବନବାସ ।

ହାରା ମଣି ମାଣିକ—ଦେ. ବି—୧। ଅପହୃତ ମଣି—1. Stolen gem.
Hāramaṇi (māṇika) ୨। ହଜିଥିବା ମଣି—2. Missing.
হারামণি gem ୩ । ସ୍ତ୍ରୀଲୋକଙ୍କୁ ପ୍ରଦତ୍ତ ନାମ—A name
खोयाहुआमणि given to females.

ହାରାମି—ଵିଦେ. ବି—(ଅ. ହରାମ୍)—ଶାସ୍ତ୍ର ନିଷିଦ୍ଧ କାର୍ଯ୍ୟ କରିବା—
Hārāmi Doing of prohibited act. ବିଦେ.ବିଣ—୧ ।
হারামি ବ୍ୟଭିଚାରୋତ୍ପନ୍ନ—1. Born out of wedlock
हरामी ୨ । ପାପି; ଦୁଷ୍ଟ (ହି. ଶ)—3. Wicked

ହାରାହାରି—ଦେ. ବି—(ସଂ. ହରଣ=ଭାଗ କରଣ)—୧ । ବହୁସଂଖ୍ୟକ
Hārāhāri ପଦାର୍ଥର ମୂଲ୍ୟ ଆଦିକୁ ମିଶାଇ ଯୋଗଫଳକୁ
হারাহারি ପଦାର୍ଥର ସଂଖ୍ୟାଦ୍ୱାରା ହରଣ କରି ପ୍ରତି ପଦାର୍ଥର ମୂଲ୍ୟ
हाराहारी ସ୍ଥିର କରିବା ରୂପ ଗଣନା; ମୋଟା ମୋଟି ହିସାବ;
ବଣ୍ଟନୀ; ମଥୋଟ—1. Calcutation on the
average; reteable calculation. ୨। (କଚେରୀ)
—ଦେଣଦାରଙ୍କଠାରୁ ପ୍ରାପ୍ୟ ମହାଜନମାନଙ୍କ ଦେଣାର
ପରିମାଣ ହିସାବ କରି ଦେଣଦାରଠାରୁ ମିଳିଥିବା ସମ୍ପତ୍ତିର
ମୂଲ୍ୟକୁ ମୋଟ କରି ସମ୍ପତ୍ତିର ଅନୁପାତକୁ ଦୃଷ୍ଟି ପ୍ରତ୍ୟେକ
ମହାଜନଙ୍କ ଦେଣାକୁ ବଣ୍ଟନୀ କରିବାରୂପ କର୍ମ;
ଦେଣଦାରଙ୍କର ଦେୟ ଟଙ୍କା ସର୍ବସମେତ କେତେ ଓ
ତାଙ୍କର ସମ୍ପତ୍ତିର ସର୍ବସମେତ ମୂଲ୍ୟ କେତେ, ଏହା ସ୍ଥିର
କରି ଦେଣାର ଅନୁପାତରେ ମହାଜନମାନେ ଟଙ୍କାରେ ବା
ଶତକଡ଼ା କେତେ ପାଇବେ,ଏଥିର ନିରୂପଣ—2.(Court
language) Rateable distribution of the
assets of a debter amongst the creditors
୩ । ହାର୍ ଜିତ୍; ଯଥାକ୍ରମେ ବା ବାରବାର ହାରିବା ଓ
ଜିତିବା—3. Successive defeats and victories.
ବିଣ—୧ । ଅନୁପାତକ—1. Rateable
୨ । ମୋଟାମୋଟି ବଣ୍ଟନୀ ଅନୁସାରେ ଗଣନା କରାଯିବା—
2. Average. [ଦ୍ର—କୌଣସି ବିଦ୍ୟାଳୟର
ହାରାହାରି ଛାତ୍ରସଂଖ୍ୟା ସ୍ଥିର କରିବାକୁ ହେଲେ ପ୍ରତି
ମାସରେ କେତେ ପିଲା ସ୍କୁଲରେ ଥିଲେ ତାହା ୧୨ ମାସର
ମୋଟ କରି ତାକୁ ୧୨ରେ ହରଣ କଲେ ଭାଗଫଳ ଯାହା
ପଡ଼େ ତାହା ହାରାହାରି ଛାତ୍ରସଂଖ୍ୟା ।] କ୍ରି. ବିଣ—
ଅନୁପାତ ହିସାବରେ; ମଥୋଟରେ—On the
average. [ଦ୍ର—ପୃଥିବୀର ଅନ୍ୟ କେତେକ ସଭ୍ୟ
ଦେଶମାନଙ୍କ ଅବସ୍ଥା ସଙ୍ଗେ ଭାରତର ଅବସ୍ଥା ତୁଳନା
କରିବାରେ ନିମ୍ନଲିଖିତ ହାରାହାରି ତାଲିକା ସାହାଯ୍ୟ
କରୁଅଛି (ସହକାର ପତ୍ରିକା)—

ଲୋକ ସଂଖ୍ୟା ଅନୁପାତ;

ହଜାରକ ମଧ୍ୟରେ	ଲଣ୍ଡନ	ଆମେରିକା	ଜାପାନ	ଭାରତବର୍ଷ
ଶିକ୍ଷିତଙ୍କ ହାର	୯୩୫ଜଣ	୯୫୫ଜଣ	୯୭୮ଜଣ	୫୨ଜଣ
ଜନ୍ମହାର	୨୧	୨୨	୨୪	୩୭
ମୃତ୍ୟୁର ହାର	୧୨	୧୦	୧୫	୨୫
ଶିଶୁ ମୃତ୍ୟୁ	୭୨	୫୪	୧୦୫	୧୮୫
ହାରାହାରି ପରମାୟୁ	୫୦ବର୍ଷ	୫୬ ବର୍ଷ	୪୭ ବର୍ଷ	୨୫ବର୍ଷ
ପ୍ରତ୍ୟେକ ଲୋକର				
ହାରାହାରି ଧନ	୩୫୦୦ଟଙ୍କା	୭୬୪୦ଟଙ୍କା	୬୮୭୦ଟଙ୍କା	୨୭୮ଟଙ୍କା
ପ୍ରତ୍ୟେକ ଲୋକର				
ହାରାହାରି ଏକଦିନର ଆୟ	ଟ°୷	ଟ୭୷	ଟ୪୶	ଟ°/୭

ହାରାହାରି ଉପସ୍ଥାନ ସଂଖ୍ୟା—ଦେ. ବି—୧୨ ମାସର ପ୍ରତି କାର୍ଯ୍ୟ-
Hārāhāri upasthāna saṁkhyā ଦିବସରେ
হারাহারিউপস্থান সংখ্যা ଯେତେ ପିଲା ବିଦ୍ୟାଳୟରେ
हाराहारि उपस्थान संख्या ଉପସ୍ଥିତ ହୋଇ ଥାଆନ୍ତି,
ସେହି ଦୈନିକ ଉପସ୍ଥାନ ସଂଖ୍ୟାକୁ ମୋଟ କରି
ଯୋଗଫଳକୁ ଉକ୍ତ ମାସର କାର୍ଯ୍ୟ-ଦିବସମାନଙ୍କ ସଂଖ୍ୟାରେ
ହରଲେ ଯାହା ଫଳ ପଡ଼େ—Average attendance
in a school. [ଦ୍ର—ମାସରେ ସ୍କୁଲ ଖୋଲା ଥିବା
ଦିନମାନଙ୍କର ଉପସ୍ଥାନ ସଂଖ୍ୟାକୁ ମୋଟ କରି ଉକ୍ତ ମାସର
କାର୍ଯ୍ୟ ଦିବସମାନଙ୍କ ସଂଖ୍ୟା ଦ୍ୱାରା ହରଲେ ଭାଗଫଳରୁ
ଦୈନିକ ଉପସ୍ଥାନର 'ହାରାହାରି' ଜଣାପଡ଼େ ।
୧୨ ମାସର ଉପସ୍ଥାନ ସଂଖ୍ୟାକୁ ମୋଟ କରି
ଯୋଗଫଳକୁ ୧୨ ରେ ହରିଲେ ମାସିକ ହାରାହାରି
ଉପସ୍ଥାନସଂଖ୍ୟା ଜଣାପଡ଼େ ।
ଏହିପରି କସୋଟରେ ବିଦ୍ୟାଳୟର ହାରାହାରି
ଛାତ୍ର ସଂଖ୍ୟା average roll number, ହାରାହାରି
ଛାତ୍ରଦତ୍ତ ବେତନ average realisation of
schooling fees, ହାରାହାରି ଚାନ୍ଦା ଅସୁଲ—
average subscription ଆଦି ଗଣନା କରାଯାଏ ।]

ହାରାହାରି କରିବା—ଦେ. କ୍ରି—୧ । ମୋଟା ମୋଟି ବା ମଥୋଟ
Hārā hāri karibā ହିସାବ କରିବା—1. To make an
হারাহারি করা average calculation. ୨ । ବଣ୍ଟନୀ
हाराहारि करना ହିସାବରେ ବହୁ ଲୋକଙ୍କ ମଧ୍ୟରେ ବାଣ୍ଟିଦେବା

2. To make rateable distribution amongst many; to distribute rateably. ୩। ଭାଗାଭାଗି କରିବା; ଏକ ପଦାର୍ଥକୁ ବହୁଲୋକ ବାଣ୍ଟି ନେବା—3. To have a thing apportioned amongst many.

ହାରାହାରି ମକଦ(ଦ୍ଦ)ମା—ଦେ. ବି—(ଚଳିତ)—ଜଣେ ଲୋକ ବାଧ୍ୟ Hārāhāri makada(dda)mā ହୋଇ ତାହାର ନିଜର ଦେୟ ହାରାହାରି মকদ্দমা ଓ ଅନ୍ୟ ସହକାରୀମାନଙ୍କ ଦେୟ ସମୁଦାୟ हाराहारी मुकदमा ଟଙ୍କା ଦେଇସାରି ସେ ଟଙ୍କାରୁ ନିଜର ଦେୟ ଟଙ୍କା ବାଦ୍ ଦିଅଯାଇ ଅବଶିଷ୍ଟ ଟଙ୍କା ଅନ୍ୟ ଲୋକଙ୍କଠାରୁ ଯାହା ଅଦାୟ ପାଇବା ଉଚିତ, ତାହା ଅଦାୟ କରିବା ପାଇଁ ଅନ୍ୟ ଦେଣଦାରମାନଙ୍କ ନାମରେ ଯେଉଁ ମକଦମା ଦାଏର କରେ—Suit for rateable contribution brought by a person who has been obliged to pay money jointly due from him and from some others, for getting back the sum rateably due from the other persons. [ଦୃ—ମନେ କରନ୍ତୁ, ମୋ ଉପରେ ଓ ମୋର ଅନ୍ୟ ୩ ଭାଇଙ୍କ ଉପରେ ଜଣେ ମହାଜନଙ୍କର ଏକ ହଜାର ଟଙ୍କା ପାଇଁ ଗୋଟିଏ ଋଣମାମଲା ଡିକ୍ରୀ ହୋଇଅଛି। ମହାଜନ ଡିକ୍ରୀଜାରି କରି ଏହି ସମୁଦାୟ ଏକ ହଜାର ଟଙ୍କା ଅଦାୟ କରିବା ପାଇଁ କେବଳ ମୋ ସମ୍ପତ୍ତିକୁ ନିଲାମରେ ଆଣିଲେ। ଅତଏବ ମୋ ନିଜର ସମ୍ପତ୍ତି ରକ୍ଷା କରିବା ପାଇଁ ମୁଁ ବାଧ୍ୟ ହୋଇ ଡିକ୍ରୀ ହୋଇଥିବା ଏକ ହଜାର ଟଙ୍କା ମହାଜନଙ୍କୁ ଦେଲି। କିନ୍ତୁ ଏ ଟଙ୍କାରେ ମୋର ଦେୟ ଅଢ଼େଇ ଶହ ଟଙ୍କା ଓ ମୋର ଅନ୍ୟ ୩ ଭାଇଙ୍କ ଦେୟ ୭୫୦ ଟଙ୍କା। ମୁଁ ଦେଇଥିବା ହଜାରେ ଟଙ୍କାରୁ ସେମାନଙ୍କ ଦେୟ ଟ ୭୫୦ ପାଇବା ପାଇଁ ୩ ଭାଇଙ୍କ ନାମରେ ଯେଉଁ ମକଦମା ଦାଏର କରିବି ତାକୁ ହାରାହାରି ମକଦମା ବୋଲାଯିବ।]

ହାରା ହେବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ହଜିବା—To Hārā heba be missing; to be lost. (ଯଥା ମୋର ଗୋଟିଏ ଟଙ୍କା ହାରା ହୋଇଛି।]

ହାରି—ସଂ.ବି—(ହୃ ଧାତୁ ଣିଚ + କର୍ତ୍ତୃ ଇ)—୧। ପଥିକ ସନ୍ତାନ (ମେଦିନୀ) Hāri 1. The offspring of a traveller. ୨। ପ୍ରବାସୀ ବ୍ୟକ୍ତିର ଜାରଜ ସନ୍ତାନ—2. The illegitimate offspring of an absent person. ୩। ପଥିକ ଶ୍ରେଣୀ—3. A group of travellers. ୪। (+ ଭାବ. ଇ) ଦ୍ୟୁତାଦିରେ ପରାଜୟ (ମେଦିନୀ)—4. Defeat in gambling. ବିଣ—ମନୋହର; ସୁନ୍ଦର—Charming; handsome. ଦେ. ବି—(ସଂ. ହୃ ଧାତୁ हार ଣିଚ୍ ହାରି ଧାତୁ)—୧। ଅକୃତକାର୍ଯ୍ୟ ହେବା; ମନୋ- असफलता ବାଞ୍ଛାର ଅସିଦ୍ଧି—1. Failure; foil; unfulfil- नालिश, फरीयाद ment of one's plans. ୨। କର୍ତ୍ତୃପକ୍ଷଙ୍କ ହାରା ନିକଟରେ ଗୁହାରି; ଫେରାଦ; ଅଭିଯୋଗ—2. Complaint. ବିଣ—୧। ଊଣା; ନ୍ୟୂନ—1. Less; smaller; younger. [ଉ—କେହି କୁହେ ବୟସରେ ଭାରି, କେହି କୁହେ ବୟସରେ ହାରି। ପାଳକୃଷ୍ଣ—ଉଦରକଲ୍ଲୋଳ।] ୨। ପରାଜିତ—2. Defeated. ଗ୍ରା. ଅ—ହାରିକି হেরো हाराहुआ (ଦେଖ)—Hāriki. (See)

ହାରିଆ—ଦେ. ବିଣ. ପୁଂ—ହାର ପରିଧାନ କରିଥିବା (ବ୍ୟକ୍ତି)—Hāriā (a person) Wearing necklace. (ହାରେଇ—ସ୍ତ୍ରୀ) হারপরা हारपहननेवाला

ହାରିକଣ୍ଠ—ସଂ. ବିଣ. ପୁଂ—(ବହୁବ୍ରୀହି, ହାରି=ମନୋହର ଅଟେ କଣ୍ଠ Hārikanṭha ଯାହାର)—୧। ମନୋହର ସ୍ୱରବିଶିଷ୍ଟ—1. (ହାରିକଣ୍ଠୀ—ସ୍ତ୍ରୀ) Having a sweet voice; having melodious voic . ୨। (ହାର + ଇନ୍=ହାରିନ୍ = ହାରଯୁକ୍ତ ଅଟେ କଣ୍ଠ ଯାହାର)—ଯାହା କଣ୍ଠରେ ହାର ପଡ଼ିଛି—2. Wearing a necklace. ବି—କୋକିଳ—The Indian cuckoo.

ହାରିକା—ସଂ ବିଣ. ସ୍ତ୍ରୀ—ହାରକ + ଆ—ହାରକର ସ୍ତ୍ରୀଲିଙ୍ଗ— Hārika Feminine of Hāraka. ଗ୍ରା ଅ—୧। ହେରିକା (ଦେଖ)—Herikā (See) ୨। ହାରିକା (ଦେଖ)— 2. Harikā (See)

ହାରିକି—ଗ୍ରା (ଉତ୍ତର) ଅ – ଠାରୁ; ଅପେକ୍ଷା; ହାଲକି— Hāriki চেয়ে, থেকে से Than.

ହାରିକେନ୍ (ଇତ୍ୟାଦି)—ବୈଦେ. ବି—ହରିକେନ୍ ଇତ୍ୟାଦ (ଦେଖ) Hāriken (etc) Hariken etc. (See)

ହାରି ଗୁହାରି—ଦେ. ବି (ଏକାର୍ଥକ ସହଚର ଶବ୍ଦ)—୧। ଫେରାଦ Hāri guhāri ଫେରାଦ; କର୍ତ୍ତୃପକ୍ଷଙ୍କ ବା ପ୍ରଭୁଙ୍କ ନିକଟରେ ଉପ- নালিশফরিয়াদ ସ୍ଥାପିତ ଅଭିଯୋଗ—1. Complaint lodहारी गुहारी ged before an authority. উদ্ধারকর্তা [ଉ—ପ୍ରଜା ପାଇଁ ଅବାରିତ ସମ୍ରାଟଙ୍କ ଦ୍ୱାର विपद्से रक्षा करनेवाला ଶୁଣିବାକୁ ପ୍ରଜାଙ୍କର ହାରି ବା ଗୁହାରି —ଚନ୍ଦ୍ରାମଣି ବିକ୍ରମାଦିତ୍ୟ।] ୨। କୌଣସି ବ୍ୟକ୍ତିକୁ ବିପଦରୁ ବା ପରାଜୟରୁ ରକ୍ଷା କରିବା ବ୍ୟକ୍ତି—2. A person who saves one from danger or defeat. ୩। ବିପନ୍ନର ଗୁହାରି ଶୁଣି ପ୍ରତିକାର କରିବା ବ୍ୟକ୍ତି—3. A person who redresses one's wrongs after hearing his complaint. (ଯଥା—ତାର ହାରି ଗୁହାରି କେହି ନାହିଁ।)

ହାରି ଗୁହାରିଆ—ଦେ. ବିଣ—ଅଭିଯୋଗକାରୀ (ବ୍ୟକ୍ତି); ପ୍ରତୀକାରାର୍ଥ Hāri guhāriā କର୍ତ୍ତୃପକ୍ଷଙ୍କ ନିକଟ ଆବେଦନକାରୀ—Com- অভিযোগকারী, ফরিয়াদী plainant; applying to the अभियोगकारी, फरियादी authorities for redress.

ହାରି ଜିଣ(ଣା, ଣି, ତ, ତା, ତି, ଦ, ଦା, ଦି,—ଦେ. ବି— Hāri jiṇa(ṇā, ṇi, t, tā, ti, d, dā, di) ହାର୍ ଜିଣ୍ (ଦେଖ)—Hār-jiṇ (See)

[ଉ—ସଙ୍ଗ ମେଳେ ନାହିଁ କାମ୍ ହାରିଜଣ(ତ) ନାହିଁ କା
କାମ୍—ପ୍ରଚଳିତ ।]

ହାରିଣିକ—ସଂ. ବିଂ. ପୁଂ (ହରିଣ+ଇକ)—୧ । ହରିଣ ଘାତକ—
Hāriṇika 1. A person who kills deer.
୨ । ବ୍ୟାଧ; ଶିକାରୀ—2. A huntsman; hunter.

ହାରିଣୀ—ସଂ. ଣେ. ସ୍ତ୍ରୀ (ହାରିନ୍+ସ୍ତ୍ରୀ. ଈ)—ହାରୀର ସ୍ତ୍ରୀ ଲିଙ୍ଗ—
Hāriṇi Feminine of 'Hāri'.
[ଦ୍ର—ଏ ଶବ୍ଦ ପ୍ରାୟଶଃ ଅନ୍ୟ ଉପପଦସହ ବ୍ୟବହୃତ ହୁଏ
ଯଥା—ମନୋହାରିଣୀ ।]

ହାରିତ—ସଂ. ବି (ହରିତ+ଅ)—୧ । ହରଡ଼ ଚଢ଼େଇ (ଦେଖ)
Hārita 1. Hararda chardhei. (See)
୨ । ହରିଦ୍ୱର୍ଣ୍ଣ—2. Emerald colour. ୩ । ଶୁକ ପକ୍ଷୀ—
3. The parrot. ୪ । ହାରିତସ (ଦେଖ)—
4. Hāritasa (See) ୫ । ଏକ ନଗଣ ଓ ଦୁଇ ଗୁରୁ
ବର୍ଣ୍ଣ ବିଶିଷ୍ଟ ବର୍ଣ୍ଣବୃତ୍ତ ବିଶେଷ (ହ୍ର. ଶ) – 5. Name of
Sanscrit metre. ବିଣ (ହୃ ଠାରୁ ଣିଚ୍ ହାର ଧାତୁ+
କର୍ମ. ତ)—୧ । ପରାଜିତ—1. Defeated; van-
quished. ୨ । ଅପହୃତ—2. Stolen. ୩ । ଶ୍ୟାମ—
3. Green. ୪ । ହଜିଥିବା (ହ୍ର. ଶ)—4. Missing.
୫ । ବଞ୍ଚିତ (ହ୍ର. ଶ)—5. Defrauded. ୬ । ମୋହିତ;
ମୁଗ୍ଧ (ହ୍ର. ଶ)—6. Charmed; enchanted. ୭ ।
ହରଣ କରି ଯାଇଥିବା (ହ୍ର. ଶ)—7. Caused to be
stolen or taken away.

ହାରିତକ—ସଂ ବି (ହରିତ+ଅ+କ)—ଶାକ (ଶବ୍ଦ ରତ୍ନାବଳୀ)—
Hāritaka Green vegetable used as salad.

ହାରିତସ—ଦେ. ବି (ସଂ. ହାରୀତ)—୧ । ବ୍ରାହ୍ମଣମାନଙ୍କ ଗୋତ୍ରପ୍ରବର୍ତ୍ତକ
Hāritasa ମୁନି ବିଶେଷ—1. One of the sages who
হারিত gave name to a family of Brāhmaṇas.
হারিত ୨ । ବ୍ରାହ୍ମଣମାନଙ୍କ ଗୋତ୍ର ବିଶେଷ—2. Name of
a clan or family amongst the Brāhmaṇas.
[ଦ୍ର—ଗୋତ୍ରନାମ କହିଲା ବେଳେ ଗୋତ୍ରପ୍ରବର୍ତ୍ତକ
ଋଷିଙ୍କ ନାମରେ ଚୋଟିଏ 'ସ' ଲଗାଇ କହିବାର ରୀତି
ଚଳି ଆସିଅଛି । କାରଣ, ସଂସ୍କୃତରେ 'ଅମୁକ—ସଗୋତ୍ରଃ
ଶର୍ମାନ୍' ଇତ୍ୟାଦି ବୁଝାଯାଏ ।]

ହାରିତସ ଆଚାର୍ଯ୍ୟ—ଦେ.ବି—ହାରିତ ଗୋତ୍ରଜ ଓ ଆଚାର୍ଯ୍ୟ ବଂଶୋପାଧି-
Hāritasa ācharjya ଧାରୀ ବ୍ରାହ୍ମଣ—A Brāhmaṇa
having the family-title of Ācharjya and
descended from sage Hārita.

ହାରିଦ୍ର—ସଂ. ବିଣ (ହରିଦ୍ରା+ରଞ୍ଜନାର୍ଥ ଅର୍ଥରେ. ଅ)—୧ । ହରିଦ୍ରା-
Hāridra ରଞ୍ଜିତ (ମେଦିନୀ)—1. Smeared with
turmeric. ୨ । ହଳଦିଆ—2. Yellow. ବି—୧ ।
ହରିଦ୍ରାବର୍ଣ୍ଣ—1. Yellow colour. ୨ । ହରିଦ୍ରାବିଷ;
ହଳଦୀ ପରି ମୂଳବିଶିଷ୍ଟ ବିଷ ଭେଦ—2. A sort of
vegetable poison resembling the turm-
eric ୩ । କଦମ୍ବ ବୃକ୍ଷ (ମେଦିନୀ)—3. Neuclea
Kadamba (tree). ୪ । ଏକ ପ୍ରକାର ପ୍ରମେହ
ରୋଗ (ହ୍ର. ଶ) – 4. A kind of gonorrohea.
[ଦ୍ର—ଏ ରୋଗରେ ହଳଦିଆ ପ୍ରସ୍ରାବ ହୁଏ—ହ୍ର. ଶ)

ହାରି ଫେରାଦି—ପ୍ରାଦେ (ଯାଜପୁର) ବି—ହାରି ଗୁହାରି (ଦେଖ)
Hāri pherādi Hāri guhāri (See)

ହାରିବା—ଦେ. କ୍ରି (ସଂ. ହୃ ଧାତୁ ଣିଚ୍ ହାର ଧାତୁ)—୧ । (ଅକର୍ମକ)
Hāriba ଯୁଦ୍ଧରେ, ପ୍ରତିଦ୍ୱନ୍ଦ୍ୱିତାରେ, ମକଦ୍ଦମାରେ ବା କ୍ରୀଡ଼ାରେ
[ହରାଇବା—ପ୍ରଯୋଜକ ରୂପ] ଅନ୍ୟଦ୍ୱାରା ପରାଜିତ ହେବା—
[ଜିଣି(ତି)ବା—ବିପରୀତ] 1. To be defeated or van-
হারা হারনা quished in battle, in rivalry, in
litigation or in game. [ଉ—ମୁଁ ହାରିଲି ହେଉ
ଏଥିକି ଗୋ । କବିସୂର୍ଯ୍ୟ. ସଙ୍ଗୀତ]
୨ । (ଅକର୍ମକ) ଅତି ଶୀର୍ଣ୍ଣ ଓ ଦୁର୍ବଳ ହୋଇ ପଡ଼ିବା;
ହାଲିଆ ହେବା—2. To become lean and
weak. ୩ । ନିଜର ପରାଜୟ ସ୍ୱୀକାର କରିବା—
3. To admit of having been defeated.
হারান ୪ । (ସକର୍ମକ) ପରାଜିତ ହୋଇ ବାଜି ମାରିଥିବା ସମ୍ପତ୍ତିକୁ
হারনা ବା ପଣକୁ କେତାକୁ ଛାଡ଼ିଯିବା; ହରାଇବା—4. To forfeit
a stake or wager after losing a game.
[ଉ—ସବୁତ ହାରି ଆମ୍ଭେ ତାହାଙ୍କୁ ଦେଲୁଁ । କୃଷ୍ଣସିଂହ.
ମହାଭାରତ ବନ ।] ୫ । (ସକର୍ମକ) ଛାଡ଼ିବା; ତ୍ୟାଗ
କରିବା—5. To give up; to abandon. [ଉ—
ସିଦ୍ଧକଲେ କଲେ ଜଳପାନ, ତପଗେ ହାରିଲେ ଜୀବନ ।
ଜଗନ୍ନାଥ. ଭାଗବତ ।] ୬ । (ସକର୍ମକ) କୌଣସି ପଦାର୍ଥ
ବା ଗୁଣ ହରାଇବା; କୌଣସି ପଦାର୍ଥରୁ ଚ୍ୟୁତ ହେବା—
6. To lose; to be devoid of. [ଉ—ଏତେ
ଧର୍ମବନ୍ତ ଯେ ହୋଇଣ ଅଧର୍ମ, ଖେଳ ବେଳେ ଜିଣ ହାରିଲ
ବହୁ ତମ । କୃଷ୍ଣସିଂହ. ମହାଭାରତ ବନ ।] ୭ । ଅତି କ୍ଳାନ୍ତ-
କ୍ଳାନ୍ତ ହେବା; ଥକିଯିବା—7. To be fatigued.

ହାରିବା ଜିଣି(ତି)ବା—ଦେ. କ୍ରି—ପରାଜିତ ହେବା ଓ ଜୟଲାଭ
Hāriba jiṇi(ti)ba କରିବା— To be defeated
and to be victrious. ବି—ହାରଜିତ;
ପରାଜୟ ଓ ଜୟ—Defeat and victory.
হারাজিতা হারনাজিতনা

ହାରି ଯିବା—ଦେ. କ୍ରି—୧ । ସମ୍ପୂର୍ଣ୍ଣରୂପେ ପରାସ୍ତ ହେବା—
Hāri jiba 1. To be utterly vanquished.
[ଉ—ଗାଲବଙ୍କର ବୁଦ୍ଧିତା ଦେହ ଅତି ଚୋର, ହାରିବେ
ସବୁକଲେ ଦେହକୁ ଅପସରି । କୃଷ୍ଣ ସିଂହ ମହାଭାରତ
ସଭା ।] ୨ । ଖେଳରେ ପରାଜିତ ହୋଇ ପଣକୁ ପ୍ରତିଦ୍ୱନ୍ଦ୍ୱୀଙ୍କ
ଠାରେ ଛାଡ଼ିଯିବା—2. To forfeit the stake
after losing a game. ୩ । ଅତି କ୍ଷୀଣ ଓ ଦୁର୍ବଳ

ହୋଇ ପଡ଼ିବା—3. To be reduced; to become lean and weak. ୪ । ଦବଯିବା; ମାନସିକ ଦୁର୍ବଳ ହୋଇଯିବା—4. To be dispirited or disheartened. ୫ । କ୍ଲାନ୍ତ ହେବା—5. To be fatigued.
হেরেযাওয়া हारजाना

ହାରଶ—ଗ୍ରା. ବି—(ସଂ ଅର୍ଶସ୍)—ଅର୍ଶ ରୋଗ—
Hārisa Piles (disease)
হারিস बवासिर

ହାରି—ସଂ.ବିଣ. ପୁଂ—(ହୃ ଧାତୁ + କର୍ତ୍ତୃ ଇନ୍; ହାରିନ୍ ଶବ୍ଦ ୧ମା ୧ବ)
Hari ୧ । ମନୋହର—1. Charming; pleasing (ହାରିଣୀ—ସ୍ତ୍ରୀ) ୨ । ଅପହାରକ; ହରଣକାରୀ—2. Stealing. ୩ । ଯେ ନେଇଯାଏ—3. Taking away. ୪। ବାହକ; ବହନକାରୀ—4. Bearing; carrying. ୫ । ନାଶକାରୀ—5. Destroying. ୬ । ପରାଜୟକାରୀ—୬. Vanquisbing. ୭ । ଅଦାୟକାରୀ—(ହି. ଶ)—7. Realising. [ଦ୍ର—ଏହା ପ୍ରାୟ ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଓ ପ୍ରକୃତିପ୍ରତ୍ୟୟରେ ଉପସର୍ଗ ଓ ଉପପଦମାନଙ୍କ ସଙ୍ଗେ ଯୁକ୍ତ ହୁଏ । ଯଥା—ମନୋହାରୀ, ଦେହହାରୀ, ବ୍ୟବହାରୀ, ଅପହାରୀ ଇତ୍ୟାଦ ।] ୮ । (ହାର + ଅସ୍ତ୍ୟର୍ଥରେ ଇନ୍, ହାରିନ୍ ଶବ୍ଦ ୧ମା ୧ ବ)— ହାରଧାରୀ; ଯେ ହାର ପିନ୍ଧିଥାଏ—8. Wearing necklace. ଗ୍ରାଦେ (ପାଠଣା) ବି—ସ୍ତ୍ରୀଲୋକ—Woman.

ହାରିତ—ସଂ. ବି—(ହରିତ + ଅ)—୧ । ହାରୀତ (ଦେଖ)—
Harita 1. Hārita (See). ୨ । ସ୍ମୃତି ଶାସ୍ତ୍ରକର୍ତ୍ତା ମୁନି ବିଶେଷ—2. Name of a Hindu lawgiver. [ଦ୍ର—ଏ ଜାବାଲ ଋଷିଙ୍କ ପୁତ୍ର ଥିଲେ—ହି ଶ ।] ୩ । କୈତବ; ଠେକ (ମେଦିନୀ)—3 Fraud; cheating ୪ । ଚୋର; ଡକାଇତ (ହି ଶ)—4. Robber; dacoit. ୫ । ଚୌର୍ଯ୍ୟ (ହି ଶ)—5. Robbery

ହାରିତକ—ସଂ ବି—(ହାରିତ + କ)—ହରଡ଼ ଚଢ଼େଇ (ଦେଖ)—
Hāritaka Hararda chardhei (See)

ହାରୁଆ—ଦେ. ବିଣ ପୁ—୧। ପରାଜିତ—1. Defeated; vanquished.
Hārua ୨। ଯେ ବାରମ୍ବାର ଯୁଦ୍ଧରେ ଓ ଖେଳରେ [ହାରୁଣୀ—ସ୍ତ୍ରୀ] ହାରେ—2. (a person) Who is repeatedly defeated in a game or battle; always losing. ୩ । ହାର ପରିଧାନ କରିଥିବା [ଲୋକ]—3. Wearing a necklace.
হারুয়া, হেরো हारनेवाला

ହାରୁକ—ସଂ. ବିଣ ପୁ—(ହୃ ଧାତୁ + କର୍ତ୍ତୃ ଉକ)—ହାରକ [ଦେଖ]—
Hāruka Hāraka (See)
(ହାରୁକା—ସ୍ତ୍ରୀ)

ହା ରେ !—ଦେ. ଅ—[ଖେଦ, ଶୋକ ଓ ଅନୁତାପାର୍ଥକ]—ହାୟ
Hā re ! (ଦେଖ)—Hāy (See)
হায় রে हाय रे

ହାରେକ—ଗ୍ରାଦେ (ପାଠଣା କେତେକ ଅଞ୍ଚଳରେ ପ୍ରଚଳିତ) ଅ—ଥରେ—
Hārek Once.

ହାର୍କି(ର୍କେ)ନ୍—ବୈଦେ. ବି—(ଇଂ)—ହରିକେନ୍ (ଦେଖ)—
Hārki(rke)n Hariken [See)

ହାର୍ଜିନ୍ (ଣା, ତ୍, ତା, ତି, ଦ, ଦି)—ହାର୍‌ଜିନ୍ (ଦେଖ)—
Harjin (nā, t, tā, ti, d, di) Hār-jin (See)

ହାର୍ଟ୍—ବୈଦେ. ବି - (ଇଂ)—ହୃଦୟ; ହୃତ୍‌ପିଣ୍ଡ—
Hārt Heart.
হার্ট हार्ट

ହାର୍ଟ୍ ଡିଜି (ସି) ଜ୍—ବୈଦେ ବି.—(ଇଂ ହାର୍ଟ୍‌ଡିଜିଜ୍)—ହୃଦ୍‌ରୋଗ;
Hārt diji (si) j ହୃତ୍‌ପିଣ୍ଡର ଦୁର୍ବଳତା ଓ ଛାତି ଦମ୍ ଦମ୍ ହେବାରୂପ ମାରାତ୍ମକ ରୋଗ—Heart disease.
হার্ট ডিজিজ हार्टडिजिज

ହାର୍ଟ୍ ଫେଲ୍—ବୈଦେ ବି—(ଇଂ)—ହୃତ୍‌ପିଣ୍ଡରେ ହଠାତ୍ ରକ୍ତ-
Hārt phel ସଞ୍ଚାଳନ ଓ ସ୍ପନ୍ଦନ ବନ୍ଦ ହେବା ରୋଗ ଓ ତନ୍ନିବନ୍ଧନ ମୃତ୍ୟୁ—Heart failure.
হার্ট ফেল हार्टफेल

ହାର୍ଟ୍ ଫେଲ୍ କରିବା (ହେବା)—ଦେ. କ୍ରି—ହୃତ୍‌ପିଣ୍ଡର ସ୍ପନ୍ଦନ ବନ୍ଦ
Hārt phel kariba (heba) ହୋଇ ମୃତ୍ୟୁ ଘଟିବା—Death by heart failure.
হার্ট ফেল করা हार्टफेल होना

ହାର୍ଡି(ଡ଼ି,ଡେ,ଡ଼େ) ଞ୍ଜ୍—ଦେ. ବି—(ନାମ)—୧। ପ୍ରଥମ ଲର୍ଡ଼ ହାର୍ଡ଼ିଞ୍ଜ;
Hardi(di,de,rde) j ଲର୍ଡ଼ ହେନେରୀ ହାର୍ଡ଼ିଞ୍ଜ; ଭାରତର ଜନୈକ
হাড়িঞ্জ हार्डिंज ଗଭର୍ଣ୍ଣର ଜେନେରାଲ୍—Lord Hardinge, a Govenor General of India. [ଦ୍ର—ଏହାଙ୍କର ଜନ୍ମ ଖ୍ରୀ. ୧୭୮୫। ଏ ୧୮୪୪ ସାଲରେ ଭାରତକୁ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ଦ୍ୱାରା ଗଭର୍ଣ୍ଣର୍ ଜେନେରାଲ୍‌ରୂପେ ପ୍ରେରିତ ହୋଇଥିଲେ । ଭାରତକୁ ଆସିବା ପୂର୍ବରୁ ଯୁଦ୍ଧରେ ଏହାଙ୍କର ଗୋଟିଏ ହାତ କଟି ଯାଇଥିଲା । ଏ ଶିଖମାନଙ୍କୁ ପରାଜିତ କରି ରଣଜିତ୍ ସିଂହଙ୍କ ପୁତ୍ର ଦଲୀପ ସିଂହଙ୍କ ସଙ୍ଗେ ସନ୍ଧି କରି ଅନେକଗୁଡ଼ିଏ ରାଜ୍ୟ ବ୍ରିଟିଶ ଭାରତ ରାଜ୍ୟଭୁକ୍ତ କରିଥିଲେ । ଖ୍ରୀ; ୧୮୪୮ ରେ ଏ ବଡ଼ଲାଟ ପଦ ତ୍ୟାଗ କରି ବିଲାତକୁ ଫେରିଲେ ଓ ୧୮୫୨ ସାଲରେ ଇଂଲଣ୍ଡର ପ୍ରଧାନ ସେନାପତି ହେଲେ । ୧୮୫୬ ରେ ଏହାଙ୍କର ମୃତ୍ୟୁ ହେଲା ।] ୨ । ଦ୍ୱିତୀୟ ଲର୍ଡ଼ ହାର୍ଡ଼ିଞ୍ଜ—2. Lord Hardinge the Second. [ଦ୍ର—ଏ ପ୍ରଥମୋକ୍ତ ହାର୍ଡିଞ୍ଜଙ୍କର ପୌତ୍ର । ଏ ୧୯୧୦ ସାଲରେ ଭାରତକୁ ଗଭର୍ଣ୍ଣର୍ ଜେନେରାଲ୍ ହୋଇ ଆସିଥିଲେ । ଓଡ଼ିଶା ପରିଦର୍ଶନ କରିବାକୁ ଆସିଥିବା ବଡ଼ଲାଟଙ୍କ ମଧ୍ୟରେ ଏ ଦ୍ୱିତୀୟ । ଏହାଙ୍କ ପୂର୍ବରୁ ଲର୍ଡ଼ କର୍ଜନ ଓଡ଼ିଶାକୁ ଆସିଥିଲେ । ଏହାଙ୍କ ଅମଳରେ ଓଡ଼ିଶା ବଙ୍ଗପ୍ରଦେଶରୁ ବହିଷ୍କୃ

ହୋଇଥିଲା ଓ ବିହାର ଓଡ଼ିଶା ପ୍ରଦେଶ ଗଠିତ ହୋଇ ଓଡ଼ିଶା ସେହି ପ୍ରଦେଶଭୁକ୍ତ ହେଲା ।]

ହାର୍ଣ୍ଣି (ର୍ନି)ଆ—ବୈଦେ. ବି (ଇଂ)—ହାର୍‌ନିଆ (ଦେଖ)—
Hārṇṇi (rni)ā Hār-niā (See).

ହାର୍ଦ୍ଦ (ର୍ଦ, ର୍ଦ୍ୟ, ର୍ଦ୍ଦ୍ୟ)—ସଂ.ବି—(ହୃଦ୍ ଶବ୍ଦ+ଅ)—୧ । ସୌହାର୍ଦ୍ଦ୍ୟ
Hārdda (rda, rdya, rddya) ହୃଦ୍ୟତା; ପ୍ରଣୟ; ସ୍ନେହ; ପ୍ରେମ (ଅମର)—1. Love; affection; attachment. ୨ । ମମତା; କୋମଳହୃଦୟତା; ଦୟା—2. Kindness; compassion; softness of heart, ବିଣ—୧ । ହୃଦୟ ସମ୍ବନ୍ଧୀୟ—1. Relating to the heart; cardiac. ୨ । ହୃଦ୍ଗତ—2. Internal; mental. ୩ । ହୃଦ୍ୟ; ମନୋରମ—3. Agreeable.

ହାର୍ଦ୍ଦି(ର୍ଦି)କ—ସଂ. ବିଣ—(ହୃଦ୍+ଇକ)—୧ । ହୃଦୟ ସମ୍ବନ୍ଧୀୟ—
Hārddi(rdi)ka 1. Relating to the heart; cardiac. ୨ । ଆନ୍ତରିକ—2. Heart felt;cordial;internal. [ହାର୍ଦ୍ଦି(ର୍ଦି)କତା—ବି]

ହାର୍ଦ୍ଦି(ର୍ଦି)କ୍ୟ—ସଂ. ବି—(ହାର୍ଦ୍ଦିକ+ଭାବ. ଯ)—୧ । ମିତ୍ରତା;ସୁହୃଦ୍‌-
Hārddi(rdi)kya ଭାବ—1. Friendship. ୨ । ଆନ୍ତରିକତା—2.Cordiality.

ହାର୍ଦ୍ଦୀ—ସଂ. ବିଣ ପୁଂ (ହାର୍ଦ୍ଦ+ଇନ୍=ହାର୍ଦ୍ଦିନ୍; ୧ମା. ୧ବ)—
Hārddī ୧ । ସ୍ନେହଯୁକ୍ତ—1, Loving; affectionate. ୨ । ମାୟାଯୁକ୍ତ; ମମତାଯୁକ୍ତ—2. Compassionate.

ହାର୍ମ୍‌ଜାଦା—ବୈଦେ. ବିଣ. ପୁଂ (ଅ)—ହାରମ୍‌ଜାଦା (ଦେଖ)—
Hārm-jādā Hārām-jādā (See)
(ହାର୍ମ୍‌ଜାଦୀ—ସ୍ତ୍ରୀ) [ହାର୍ମ୍‌ଜାଦ୍‌ଗୀ (ଗି)—ବି.]

ହାର୍ମ୍‌ଜାଦୀ—ବୈଦେ. ବି (ଅ)—ହାରମ୍‌ଜାଦୀ (ଦେଖ)—
Hārm-jādī Hārām-jādī (See)

ହାର୍ମ୍ନି—ବୈଦେ. ବି (ଇଂ)—ହାର୍‌ମନି (ଦେଖ)—
Hārmni Hār-mani (See)

ହାର୍ମ(ର୍ମୋ)ନିଅମ୍—ବୈଦେ. ବି (ଇଂ)—ହାର୍‌ମନିଅମ (ଦେଖ)—
Hārma(rmo)niam Hār-maniam (See)

ହାର୍ମା—ବୈଦେ. ବିଣ (ଫା)—ହାର୍‌ମା (ଦେଖ)—
Hārmā Hār-mā (See)

ହାର୍ଯ୍ୟ—ସଂ.ବିଣ ପୁଂ—(ହୃ.ଧାତୁ+କର୍ମ.ଯ)—୧ । ହର୍ତ୍ତବ୍ୟ;ଅପହରଣୀୟ
Hārjya 1. Fit to be stolen or removed or
(ହାର୍ଯ୍ୟା—ସ୍ତ୍ରୀ) kidnapped. ୨ । ବହନ ଯୋଗ୍ୟ; ବାହ୍ୟ; ବହନୀୟ 2. Bearable; fit to be borne or carried. ୩ । ଗ୍ରାହ୍ୟ;ଗ୍ରହଣୀୟ—3. Fit to be taken;acceptable ୪ । ତ୍ୟାଜ୍ୟ; ବର୍ଜନୀୟ—4. Fit to be abandoned or relinquished ୫ । (ଗଣିତ) ଭାଜ୍ୟ;ବିଭାଜ୍ୟ;ଅନ୍ୟ ସଂଖ୍ୟା ଦ୍ୱାରା ବିଭାଜିତ ହେବାର ଯୋଗ୍ୟ (ରାଶି)—5.(Arithmetic)Divisible (number). ବି—୧ । ବିଭୀତକ ବୃକ୍ଷ; ବାହାଡ଼ା ଗଛ—1, Beleric Myrobalan ୨। (ଗଣିତ) ହରଣୀୟ ଅଙ୍କ (ଲୀଳାବତୀ)—2. (Arithmetic) The number to be divided by another number.

ହାର୍ଯ୍ୟା—ସଂ ବିଣ ସ୍ତ୍ରୀ (ହାର୍ଯ୍ୟ+ଆ)—ହାର୍ଯ୍ୟର ସ୍ତ୍ରୀ ଲିଙ୍ଗ—Feminine
Harjyā of Hārjya ସଂ.ବି—ଏକପ୍ରକାର ଚନ୍ଦନ (ହେ·ଶ)—A kind of sandal wood.

ହାଲ୍—ବୈଦେ· ବି (ଅ)—୧ । ଅବସ୍ଥା—1. Condition;state.
Hāl ୨ । ବର୍ତ୍ତମାନ ଅବସ୍ଥା—2. Present condition.
हाल হাল ୩ । ବୃତ୍ତାନ୍ତ—3. Account; description. ୪ । ବର୍ତ୍ତମାନ କାଳ—4. The present time. ୫ । ବେହାଲ୍ ଅବସ୍ଥା; ଦୁଃଖଜନକ ଅବସ୍ଥା—5, Miserable condition. (ହାଲ୍—ବୈଦେ. ବିଣ) ବିଣ—୧ । ଚଳିତ [ବର୍ଷ]—1. Current (year). ୨ । ଚଳିତ ସନ ସମ୍ବନ୍ଧୀୟ—2. Relating to the current year. ୩ । ଆଧୁନିକ—3. Modern. କ୍ରି. ବିଣ—ଅତି ଅଳ୍ପ ଦିନ ହେଲା—Recently. [ଦ୍ର—ଏହି ଶବ୍ଦର କଟକଅ ସାଙ୍କେତିକ । ହା, ହାଲ ।] ବୈଦେ (ଇଂ) ପ୍ରାଦେ [ଗଞ୍ଜାମ] ବି-[ଇଂ ହଲ୍]-ବଡ଼ ଲମ୍ବ କୋଠରି; ଦାଲାଣ—A hall. [ଦ୍ର—ଗଞ୍ଜାମୀମାନେ ଅ ସ୍ଥାନରେ ଆ ଉଚ୍ଚାରଣ କରିବା ଦେଖାଯାଏ । ଯଥା—କାଲେଜ୍ ।]

ହାଲ୍କା—ଦେ. ବିଣ (ସଂ ଲଘୁକ; ପ୍ରା, ହଲ୍ଲକ)—୧ । ଲଘୁଭାର;
Hāl-kā ହାଲୁକା; ଲଘୁ; ଯାହା ଭାର ନୁହେ (ପଦାର୍ଥ)—
हालका হালকা 1. Light; not heavy. ୨ । ସୁସ୍ଥ (ଦେହ)—2. Healthy; hale. ୩ । ଧୈର୍ଯ୍ୟହୀନ [ବ୍ୟକ୍ତି]—3. Impatient. ୪ । ଚପଳ; ଅଗମ୍ଭୀର (ମନ)—4. Light(heart);not serious; not grave. ୫ । ସାହସହୀନ; ଅସାହସୀ;ଡରୁଆ(ମନୁଷ୍ୟ)—5 Timid; courageless. ୬ । ଚିନ୍ତାମୁକ୍ତ [ମନ]-6. (mind) Freed from anxiety; care-free.
হালের হালকা ବୈଦେ.ବିଣ[ଅ ହାଲ୍‌କା]—୧ । ବର୍ତ୍ତମାନ ସମୟର; ଆଧୁନିକ—1. Of the present time. ୨ । ଅଳ୍ପ ଦିନର—
हलका হলকা 2. Recent; late.
ବି [ଫା ହଲ୍‌କା]—୧ । ହଲକା; ଗ୍ରାମମଣ୍ଡଳୀ; ଶାସନ ସୁବିଧା ପାଇଁ ଗଠିତ ଗ୍ରାମସମୂହ; ତାଲୁକ—1. A circle; an administrative group of villages formed for facility of administration; an estate including many villages. ୨ । ଗ୍ରାମର ବାସ୍ତୁବନ୍ଧ; ଗ୍ରାମର ଚତୁଃସୀମା ନିର୍ଦ୍ଦେଶକ ରେଖା—2. A village circuit; the boundary line which demarcates and includes all

the lands and dwellings of a village or hamlet[Wilson] ୩ । ଶାସନାର୍ଥ ଗଠିତ ସୀମା, ଇଲକା—3. Administrative jurisdiction.

ହାଲ୍‌କାମ୍‌ଡ଼ା(ଡ଼୍‌)—ବୈଦେ. ବ (ଇଂ ହଲ୍‌, କାମେରା) ୧ । ହାକିମ-
Hāl-kāmardā[rā] ମାନଙ୍କ ଖାସ୍‌ କାମ୍‌ଡ଼ା; ଯେଉଁ ଘରେ
ହାଲ କାମରା ख़ास कमरा ହାକିମମାନେ କଚେରିସମୟ ମଧ୍ୟରେ ଅବସର ନିଅନ୍ତି—
1. Camera; private room attached to an office into which the officer retires for
हल दालान rest or refreshment
୨ । ବଡ଼ ହଲ୍‌ ବା ଦାଲାଣ—2. Big hall.

ହାଲ୍‌କିବା—ପ୍ରାଦେ (ସମ୍ବଲପୁର) କ୍ରି—[କୁକୁର] କାମୁଡ଼ିବା—
Hal-kibā To bite (said of a dog).

ହାଲ୍‌କେଇବା—ଦେ. କ୍ରି—ଲଘୁ କରିବା; ହ୍ରାସ କରିବା—
Hāl-keibā To lighten.
ହାଲକାନ हलका करना

ହାଲ୍‌ ଖଜଣା (ଜମା)—ବୈଦେ. ବ (ଫା)—(ଜମିଦାରୀ ସିରସ୍ତା)—
Hāl khajanā (jamā) ହାଲସନ ପାଇଁ ପ୍ରାପ୍ୟ ରାଜସ୍ୱ—
ହାଲଜମା हालजमा Rent due for the current year.

ହାଲ୍‌ ଖାତା—ବୈଦେ·ବ(ଫା)—(ଜମିଦାରୀ ଓ ମହାଜନୀ ସିରସ୍ତା)—୧ ।
Hāl khatā ଯେଉଁ ଖାତାରେ ଚଳନ୍ତି ହିସାବମାନ ଲେଖାଯାଏ—
1. A book in which the current accounts are entered. ୨ । ଚଳନ୍ତି ବର୍ଷାରମ୍ଭରେ ଲେଖାଯିବା ନୂତନ ଖାତା—2. Current year's account-book; new book opened for the current
ହାଲଖାତା हालखाता year.

ହାଲ୍‌ଚାଲ୍‌—ବୈଦେ. ବ—(ଅ ହାଲ୍‌ ଓ ସଂ ଚଲ ଧାତୁ; ଏକାର୍ଥକ
Hāl-chāl ସହଚର ଶବ୍ଦ)—୧ । ଅବସ୍ଥା ଓ ବିବରଣ—
1. Condition and description. ୨ । ସବିଶେଷ ବିବରଣ—2. Detailed account. ୩ । ସମ୍ବାଦ—
3. News. ୪ । ଅଧୁନାତନ ଅବସ୍ଥା ବା ପରିସ୍ଥିତି—
4. Present condition; current state.
ହାଲଚାଲ हालचाल

ହାଲ୍‌ଦାର—ବୈଦେ. ବ ପୁଂ—(ଅ ହୱାଲା=ଜମା; ଫା ଦାର୍‌=
Hāl-dār ନେବା ବ୍ୟକ୍ତି; ଅ ହୱାଲଦାର୍‌=ଜମାଦାର୍‌)—୧ ।
ହୁଅଲ୍‌ଦାର୍‌; ଭାରତରେ ମୁସଲମାନ୍‌ ରାଜତ୍ୱ କାଳରେ ସୁବାଦାରଙ୍କ ଅଧୀନତାରେ ନିଯୁକ୍ତ ଗ୍ରାମର ଖାଜଣାସ୍ତ ରାଜସ୍ୱ ଗୁମାସ୍ତା ବା କରଣ—1.The village accountant or official under the Subadar during the Mahomedan rule of India. [ଦ୍ର—ଏ କର୍ମଗତ ଉପାଧି ବର୍ତ୍ତମାନ ବଂଶୋପାଧିରେ ପରିଣତ ହୋଇଅଛି] ୨ । ପ୍ରାଚୀନ କାଳର ହାଲ୍‌ଦାର୍‌ ପଦପ୍ରାପ୍ତ କର୍ମଚାରୀମାନଙ୍କ ବଂଶଧରମାନଙ୍କର ଆଧୁନିକ ବଂଶୋପାଧି—2. Family-title of the descendants of the ancient
ହାଲଦାର हावलदार Haldārs.

ହାଲ୍‌ଦାରି—ଦେ. ବ—ହାଲ୍‌ଦାର୍‌ର କାର୍ଯ୍ୟ—
Hāl-dāri The act or post of a Haldar.
ହାଲଦାରି हवलँदारी

ହାଲ୍‌ ନିକାଶ (ସି) (ଚୁକ୍ତି)—ଦେ.ବ—(ମହାଜନୀ ଓ ଜମିଦାରୀ ସିରସ୍ତା)
Hāl-nikās (si) (chukti) ଚଳନ୍ତି ଅସୁବିଧାପୂର୍ବ ବା ଦେଣା-ପାଉଣା ହିସାବରେ ଶେଷ ମୀମାଂସା—Clearing off
ହାଲ ନିକାଶ हालचुक्ति of the current account.

ହାଲ୍‌ପା—ଦେ. ବ—୧ । କୋହଲ; ବର୍ଷା ଓ ପବନ ହେତୁ ଶୀତ
Hāl-pā ବୋଧ ହେବା ପାଗ—1. Cold and rainy and stormy weather. ୨ । ଶୀତର ଅନୁଭୂତି—
2. The feeling of cold. ବ—ଶୀତ ଓ ବର୍ଷାଯୁକ୍ତ
ହାଲପା ठण्डा (ପାଗ)—Cold and rainy (weather)

ହାଲ୍‌ପା ପାଗ—ଦେ. ବ—ଯେଉଁ ପାଗରେ ବର୍ଷା ଓ କୋହଲ ଅତ
Halpā-pāga ଯୋଗୁ ଭାରି ଶୀତ କରେ—Very cold
ହାଲପା ठण्डा मौसुमी weather.

ହାଲ୍‌ପି ଯିବା—ଦେ କ୍ରି—ଶୀତରେ ଥରିବା—
Hāl-pi jibā To shiver in cold.
ହାଲପେଷାଓୟା ठण्डासे कांपना

ହାଲ୍‌ ବାକି(କେ)ୟା [ବାକି]—ବୈଦେ. ବଣ (ଫା)—[ଜମିଦାରୀ ଓ
Hāl baki(ke)yā (bāki) ମହାଜନୀ ସିରସ୍ତା]—୧ । ଚଳନ୍ତି ବର୍ଷର ଓ ପୂର୍ବବର୍ଷମାନଙ୍କ ଦେୟ ବା ପ୍ରାପ୍ୟ—1. Due or payable for the current and for the past years. ୨ । ବର୍ତ୍ତମାନ ହିସାବ କରିଯିବାରୁ କୌଣସି ବ୍ୟକ୍ତି ଉପରେ ପାଉଣା ପ୍ରାପ୍ୟ—2. Amounts found due to a person on taking account now. ବ—୧ । ଚଳନ୍ତି ବର୍ଷର ପ୍ରାପ୍ୟ ଓ ବାକିକର ପ୍ରାପ୍ୟ ଧନାଦି—1. Amounts due or payable for the current as well as for the past years
ହାଲବକେୟା ୨ । ଅଦ୍ୟାବଧି ସୁଦ୍ଧା ପାଉଣା ସବୁ ହିସାବର ମୋଟ ବାକି
हालबकाया 2. Total dues found on taking account.

ହାଲ୍‌ୱା—ବୈଦେ. ବ—ହାଲୁଅ (ଦେଖ)—
Hal-wā Hālua (See).

ହାଲ୍‌ୱା(ବା)ଇ—ବୈଦେ. ବ—ହାଲୁଇ (ଦେଖ)—
Hāl-wā(bā)i Hālui (See).

ହାଲ୍‌(ଲି)ଶା—ଦେ. ବ (ସଂ ହଲ; ଏହାର ଆକୃତି ହଲ ପରି ଥିବାରୁ).
Hāl-(li)sā ନୌକାର କର୍ଣ୍ଣ—The helm of a boat,
ହାଲ गलही, पतवार rudder.

ହାଲ୍‌ ସନ—ବୈଦେ· ବ [ଫାରସୀ; ଅ)—ଚଳନ୍ତି ବର୍ଷ—
Hal sana Current year; present year.
ହାଲ ସନ हाल सन

ହାଲ୍‌ସାକି(ଖି)ନ୍‌[ନି]—ବୈଦେ. ବ. (ଫାରସୀ; ଅ. ହାଲ୍‌ସାକିନ୍‌)—
Hāl sā ki(khi)n(ni) କୌଣସି ବ୍ୟକ୍ତିର ବର୍ତ୍ତମାନ
ହାଲ ସାକିନ हाल साकीन ବାସସ୍ଥାନ—
Present habitation or residence of a Person. ବଣ—ଅମୁକ ସ୍ଥାନର ବର୍ତ୍ତମାନ ଅଧିବାସୀ—

At present resident of. [ତ୍ର—ପ୍ରଥିବ ସାଙ୍କେତିକ । ହା—ସା । ଜମା । ଛା—ସା । ଯଥା—'ଶ୍ରୀ ଅମୁକ । ଛା—ସା । କଅଗାଁ'ର ଅର୍ଥ କ ଅଗାଁରେ ବର୍ତ୍ତମାନ ବହିହାଲ ହୋଇ ବାସ କରୁଥିବା ଅମୁକ ।]

ହାଲ୍ ହଇ(ଉ)କତ୍—ବୈଦେ.ବ—(ଅ. ହାଲ୍ = ଅବସ୍ଥା ଓ ହକକତ୍ = ବୃତ୍ତାନ୍ତ)—କୌଣସ ବ୍ୟକ୍ତିର ବା ସ୍ଥାନର ବା ବସ୍ତୁର ଅବସ୍ଥାର ବା ଉପସ୍ଥିତ ପରିସ୍ଥିତିର ସବିଶେଷ ବୃତ୍ତାନ୍ତ—
Hāl hai (u) kat
ହାଲ୍ ହକକ(ଥ)ତ୍ } ଅନ୍ୟରୂପ—
ହାଲ୍ ହକୀକତ୍
ହାଲ୍ ହରକତ୍
Detailed description of the present condition of a person, place or thing.
हाल हकिकत हाल हक़ीकत

ହାଲ୍ ହଉଆଲ୍ (ହୱାଲ୍, ହୁଅଲ୍)—ବୈଦେ. ବ—(ଅ.ହାଲ୍ = ଅବସ୍ଥା ଓ ହୱାଲ୍ = ଇମ୍; ଏଠାରେ ହାଲ୍ ଶବ୍ଦ ସଙ୍ଗେ ନିରର୍ଥକ ହୋଇ ଶବ୍ଦରୂପେ ହଉଆଲ୍ ବ୍ୟବହୃତ)—ହାଲ୍ ଚାଲ୍ (ଦେଖ)
Hāl hauāl (hawāl, huāl)
हालचाल हालचाल Hāl-chāl (See).

ହାଲ—ସଂ. ବ—(ହଲ + ଅସ୍ତ୍ର ଅର୍ଥରେ ଅ)—୧ । ବଳରାମ—(ହଳାୟୁଧ ଶେଷ)—1. The step-brother of Srikrushna. ୨ । ଶାଳବାହନ ରାଜା (ହେମଚନ୍ଦ୍ର)—2. King Sālibāhana. ୩ । (+ସ୍ୱାର୍ଥେ ଅ) ହଲ (ମେଦିନୀ)—3. Plough
Hāla

ହାଲ—ଦେ. ବ—୧ । (ସ ବଳୟ) ଗାଡ଼ିଚକର ଲୁହାର ବେଢ଼; ଚକ୍ର-ଯାନର ଚକର ପାହୁଅ ଗୁଡ଼ ଚାରିପାଖେ ଘେରିଥିବା ଲୁହାର ପତଳା ବେଢ଼; ଝାମ—1. The iron rim round the wheel of a cart, coach or other vehicle. ୨। (ସ. ହଲ) କୌଖାର କର୍ଣ୍ଣ—2. The helm of a boat. ୩। (ତୁଳ. ଇଂ.ହାଓଲ୍; ସ. ହଲ-ହଲା)—ହୁଲ୍ଲଡ଼; କୋଳାହଳ—3. Row; shout; howl. [ଭ୍ର—ସାରା ଫଉଜ ପଡ଼ିଗଲା ହାଲ, ଚଉଠାରେ ପାରୁଅ ପଲପଲ । ବ୍ରଜନାଥ. ସମରତରଙ୍ଗ ।] ୪। ମେଳ—4. Rising; riot. [ଭ୍ର—ଠାବେ ଠାବେ ମିଳି କରିବା ହାଲ, ତାକୁ ନ ପଇ ହେବେ ବଇବଲ । ବ୍ରଜନାଥ. ସମର ତରଙ୍ଗ ।] ବୈଦେ.ବ, ବଣ ଓ କ୍ରି.ବଣ—ହାଲ୍ ଇତ୍ୟାଦ (ଦେଖ)—Hāl etc (See) [ଦ୍ର—ହାଲ୍ ତଳେ ଥିବା ସମସ୍ତ ଶବ୍ଦ 'ହାଲ' ଯୁକ୍ତ ହୋଇ ଲେଖାଯାଏ କିନ୍ତୁ 'ହାଲ୍' ରୂପେ ଉଚ୍ଚାରିତ ହୁଏ]
Hāla
हाल
हाल, हलका
हाल
माँझ
हौला होल
हल्ला

ହାଲ ଉ(ଓ)ଲି—ଦେ. ବ (ସ. ହଲହଲା = ଆନନ୍ଦଜନିତ କୋଳାହଲ = ଆନନ୍ଦ)—ହାଲ ହୁରି (ଦେଖ) Hāla huri (See)
Hāla u(o)li

ହାଲକ—ଦେ. ବ (ସଂ. ହୃଦୟ; ଫା. ହଲ୍କ; ଜମା ଅ. ହଲକ୍ = ଗଳନଳୀ, କଣ୍ଠ)—୧ । ହୃଦୟ; ଅନ୍ତଃକରଣ—1. Heart. ୨ । ଧୈର୍ଯ୍ୟ; ସାହସ—2. Courage. ୩ । ଦମ୍—3. Patience.
Hālaka
हलक
हलक

ହାଲକ—ସଂ. ବ—୧ । ପୀତ-ହରିଦ୍ବର୍ଣ୍ଣ ଅଶ୍ୱ (ହେମଚନ୍ଦ୍ର)—1. A horse of yellow and green colour. ୨ । ହରିଦ୍ବର୍ଣ୍ଣ ଅଶ୍ୱ—2. A horse of greenish colour.
Hālaka

(ମୋର) ହାଲକ ପାଇବା—ଦେ. ବ—କୌଣସି କାର୍ଯ୍ୟ କରିବାକୁ ସାହସ ବଳିବା—Having the heart or courage to do any act.
Hālaka pāibā

(ମୋର) ହାଲକ ବଢ଼ିବା—ଦେ. ବ—ସାହସ ବୃଦ୍ଧି ହେବା—Increase of courage.
Hālaka bardhibā

(ମୋର) ହାଲକ ଶୁଖିବା—ଦେ. ବ—ଦମ୍ ବା ହେମତ୍ ଭାଙ୍ଗିଯିବା—Losing of patience or heart. (ହାଲକ ଶୁଖିଯିବା, ହାଲକ ପଡ଼ିଯିବା—ଅନ୍ୟରୂପ)
Hālaka sukhibā

ହାଲ କଷିବା(ଭିଡ଼ିବା)—ଦେ. କ୍ରି—ଶଗଡ଼ର ପହିଅର ଗୁଡ଼ ପାଖରେ ଝାମ ବା ଲୁହାର ବଳୟକୁ ସଂଯୋଗ କରିବା—To attach the iron rim round the wheel of a vehicle.
Hāla kashibā(bhirdibā)
ହାଲ ଚଢ଼ା(ଢେ)ଇବା } ଅନ୍ୟରୂପ
ହାଲ ପିନ୍ଧା(ନ୍ଧେ)ଇବା
हाल कषा, हाल चढ़ान, हाल परान
हाल लगाना
[ଦ୍ର—ହାଲମାନ ଲମ୍ବ ଓ ସିଧା ଥାଏ । ତାହାର ଦୁଇ ମୁଣ୍ଡକୁ ଜୁଆଁଇ ସଂଲଗ୍ନ କରି ଅଗ୍ନି ଉତ୍ତାପରେ ତରଳାଇ ଯୋଡ଼ ଦେଲେ ତାହା ବଳୟାକୃତି ହୁଏ । ଗରମ ଥାଉଁ ଥାଉଁ ତାକୁ ଶଗଡ଼ଚକ ଉପରେ ଭଡ଼ ଦିଆଯାଏ ଓ ତାହା ଶୀତଳ ହେଲେ ସଙ୍କୁଚିତ ହୋଇ ଚକକୁ ଜାବୁଡ଼ି ଧରେ ।]

ହାଲକୁ—ଦେ. ଅ—୧ । ବର୍ତ୍ତମାନ; ଏବେ; ଆଜିକାଲି—1. At present; now a days. [ଭ୍ର—ନେଡଃଶ ବଡ଼ ହାଲକୁ ପ୍ରଥମେ ଯୁଗଲସଣୀ, ହାଲକୁ ପ୍ରଥମେ ପତ୍ରରେ ଛପାହୁଏ ଲଗିଛି । ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ୨ । ଅଳ୍ପଦିନ ହେଲା—2. Recently. ୩ । ଚଳନ୍ତିବର୍ଷ—3. This year.
Hālaku
एखन हालमें

ହାଲତ୍—ବୈଦେ. ବ (କଚରଅ) (ଅ)—ଅବସ୍ଥା—Condition. [ଭ୍ର—ଅପଣା କଚରୀ ଯାଗାରେ ବସି ସରକାରୀ କାମ ଅଞ୍ଜାମ କରୁଥିବା ହାଲତ୍—ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ଅ—ହାଲତେ (ଦେଖ)—Hālate (See)
Hālat
हालत
हालत

ହାଲତେ—ବୈଦେ. ଅ (କଚରଅ) (ଅ. ହାଲତ୍‌ମେଁ)—(ଅମୁକ) ଅବସ୍ଥାରେ—In the state or condition of; while in such a state.
Hālate
हालते हालतमें

ହାଲପ(ପା)—ଦେ. ବ—ଅତି ଶୀତଳ ପବନ—Very cold wind
Hālapa(pā) ଦେ. ବଣ—ଅତି ଶୀତଳ (ପବନ; ଋତୁ)—Very cold (wind; weather).
हालपा ठंढा हवा

ହାଲ ଶଗଡ଼—ଦେ. ବି—ଯେଉଁ ଶଗଡ଼ର ପହିଆରେ ହାଲ ଲାଗିଥାଏ—
Hāla śagarda A cart with iron-rimmed wheel.
হাল শকট হাল ছকড়া

ହାଲ(ଲା)ହଲ—ସଂ. ବି (ହଲାହଲ+ସ୍ୱାର୍ଥେ. ଅ)—୧ । ହଳାହଳ;
Hāla(lā)hala ଉଗ୍ରବିଷ—1. A very deadly poison.
୨ । ଏକ ପ୍ରକାର ବିଷ—2. A kind of poison.
୩ । ଏକ ପ୍ରକାର କୀଟ—3. A kind of insect.

ହାଲ ହଲି—ସଂ. ବି—ସୁରା—Spirituous liquor
Hāla hali (Apte).

ହାଲ ହାଲି—ଦେ. ବି—ହଲହଲା (ଦେଖ)
Hāla hāla Halabalā (See)

ହାଲ(ଲୋ)ହୁ(ହୋ)ରି(ଲି)—ଦେ. ବି (ସଂ. ହଲହଲା=ଅନନ୍ତ
Hāla(lo)hu(ho)ri(li) କୋଳାହଳ; ସଂ. ହଲ୍ଲକ=
হুলর, হাল হোল, হালাহু(হো)ল ক্ষোধোল্ক; ସଂ. ହୁଲ୍ଲୋଳ)
होहल्ला, हालहूल ୧ । ହୁଲ୍ଲା; କୋଳାହଳ; ଗୋଳମାଳ; ହୁଲୁରୁ;
ହୋହା; ଘୋଡ଼ଘୋ—1. Ado; hubbub; great
noise. [ଉ—କେତେ ମଲେ ସେ ହେଲେ କାହିଁ କେ,
ପଡ଼ି ବୁଣିବ ଉଠା ହାଲହୋଳି । ବ୍ରଜନାଥ. ସମର
ତରଙ୍ଗ ।] ୨ । ବହୁଲୋକଙ୍କ ଆର୍ତ୍ତନାଦ; ବିପଦ
କାଳରେ ବହୁବ୍ୟକ୍ତିଙ୍କର ଧ୍ୱନିଜନିତ ରବ ବା ବୋବାଳ—
2. Loud sound or combined or confused
wailings of many persons in distress.
[ଉ—ହାଲହୋଳ ହେଉଗଲା ଲଙ୍କା ନଗରେ । ସାରଳା.
ଲଙ୍କା ରାମାୟଣ ।]

ହାଲ(ଲୋ)ହୁ(ହୋ)ରି(ଲି) ଛା(ପା)ଡ଼ିବା(ପକା[କେ]ଇବା)—ଦେ. କ୍ରି—
Hāla(lo)hu(ho)ri(li) chhā(pā)rdibā(pakā[ke]ibā)
হালাহুলো করা (ବହୁ ଲୋକ) କୋଳାହଳ ଧ୍ୱନି କରିବା—
होहल्ला करना, हालहूल करना To raise a great
up roar or hubbub.

ହାଲ ହୁ(ହୋ)ରି(ଲି) ପଡ଼ିବା —ଦେ. ବି—ଦୁଃଖର ବା ବହୁ ଲୋକଙ୍କ
Hāla hu(ho)ri(li) pardibā ମଧ୍ୟରେ କୋଳାହଳ
হুলর পড়া, হালাহোল পড়া होहल्ला होना ଜାତ ହେବା—
The raising of a loud noise by many
persons in distress. (ଉ—ସମସ୍ତେ
ଗାଡ଼ିଲେ ବୋବାଳି, ଗାମେ ପଡ଼ିଲା ହାଲହୋଳ—ରାମଦାସ
ଦାର୍ଢ୍ୟତାଭକ୍ତି ।

ହାଲା—ସଂ.ବି. ସ୍ତ୍ରୀ—[ହା ଧାତୁ=(ଲଜ୍ଜା) ତ୍ୟାଗ କରିବା+କରଣ ଅଳ
Halā +ଆ; ଯାହାର ପ୍ରଭାବରେ ମନୁଷ୍ୟ ଲଜ୍ଜା ତ୍ୟାଗ କରେ]
—୧ । ମଦ୍ୟ (ଅମର)—1. Wine. ୨ । ତାଳାଦିର
ନିର୍ଯ୍ୟାସ; ତାଡ଼ି (ଶବ୍ଦକଳ୍ପଦ୍ରୁମ)—2. Toddy. ୩ ।
ଆପଣା ସ୍ତ୍ରୀଙ୍କର କନିଷ୍ଠା ଭଗିନୀ; ଶାଳୀ—3. The
younger sister of one's wife (Apte).

ହାଲ(ଲ୍ଲା)କ—ବୈଦେ. ବିଣ—(ଅ ହାଲକ୍)—୧ । କ୍ଲାନ୍ତ—1.
Hāla(llā)k Fatigued. ୨। ନଷ୍ଟ—2. Destroyed;
হালাক हलाक damaged.

ହାଲର(ଲ)ଇତ୍ୟାଦି—ବୈଦେ. ବି—ହଲର ଇତ୍ୟାଦି (ଦେଖ)—
Hālār(l) (etc) Hālar etc (See).

ହାଲାହ—ସଂ. ବି—ଚିତ୍ରବର୍ଣ୍ଣ ଘୋଟକ (ଶବ୍ଦରତ୍ନାବଳୀ)—A horse
Halāha of veriegated colour.

ହାଲାହଲ—ସଂ. ବି—(ହଲାହଲ+ସ୍ୱାର୍ଥେ ଅ)—୧ । ହଳାହଳ
Halābala (ଦେଖ)—1. Halāhala (See) ୨ । କୀଟ-
ଅନ୍ୟ ସଂ ନାମ—ଅଞ୍ଜଳିକା, ବିଶେଷ (ଶବ୍ଦକଳ୍ପଦ୍ରୁମ); ଡାହାଣୀ-
କୁଣ୍ଡଳି କୀଟକ ଘୋଡ଼ା ବା ଡାହାଣୀଆ ଘୋଡ଼ା—2. A kind of
leaf insect; Phyllium Siccifolium. [ଉ—
ଏ କୀଟ ଶାମଳାର ଗୋଟିଏ ଗୋଡ଼କୁ ସମସ୍ତେ ସମସ୍ତେ
ଅଞ୍ଜଳି କଲପରି ଟେକି ଧରିଥାଏ ।] ୩ । ଏକପ୍ରକାର
ଝିଟିପିଟି—3. A kind of lizard (Apte).

ହାଲାହଲ ଧର—ସଂ. ବି—ସର୍ପ (ଶବ୍ଦରତ୍ନାବଳୀ)—
Hālābala dhara Serpent.

ହାଲ ହଲା—ଦେ. ବି—୧ । ଅଞ୍ଜଳିକା; କୀଟବିଶେଷ; ଡାହାଣୀ ଘୋଡ଼ା
Halābalā 1. A kind of leaf insect. ୨ । କ୍ଷୁଦ୍ର
ମୂଷିକ; ଚୁଁଚିଆ ମୂଷା—2. A small variety of
mouse. ୩ । ଗେରିକା; ଗେରୁ—3. Red ochre;
red chalk.

ହାଲାହଲି(ଲୀ)—ସଂ. ବି—ମଦ୍ୟ (ଶବ୍ଦକଳ୍ପଦ୍ରୁମ)—
Hālahali(lī) Wine; spirituous liquor (Apte).

ହାଲି —ଦେ. ବିଣ—(ଅ. ଖାଲୀ=ଶୂନ୍ୟ, ଶୂନ୍ୟଗର୍ଭ)—୧ । ଖାଲି
Hāli —1. Empty. ୨ । କାର୍ଯ୍ୟ ବା ଅବଲମ୍ବନ ରହିତ—
খালি 2. Unemployed. ୩ । ନିରାଶ୍ରୟ—3. Shelterless.
खालि ବି—୧ । କାର୍ଯ୍ୟାଭାବ; ଅବଲମ୍ବନ ରାହିତ୍ୟ—1. Want of
employment. ୨। ନୌକାର କର୍ଣ୍ଣ—2. The helm
of a boat. ଅ—ହାଲିକି(ଦେଖ)—Hāliki (See)

ହାଲି—ବୈଦେ ବିଣ —(ଜଟରଆ) (ଅ. ହାଲ୍)—୧ । ନୂତନ;
Hāli ନବୋତ୍ପନ୍ନ; ଅଳ୍ପଦିନ ହେଲା ଜାତ ବା ଅଗତ—1.
হালি Recent; newly born. ବି—ବର୍ତ୍ତମାନକାଳ; ହାଲ୍—
हालका 2. The present. ପ୍ରାଦେ (ଉତ୍ତର ବାଲେଶ୍ୱର) ବିଣ
(ଅ. ହରିତ୍) ଶାଗୁଆ—Green.

ହାଲୁଆ—ବୈଦେ. ବିଣ—(ଅ. ହାଲକ୍=କ୍ଲାନ୍ତ, ହତ; କମ୍ପ
Hālia ହାଲ୍=ଅବସ୍ଥା; ଭୁଲ ସଂ ଅଲ୍ ଧାତୁ=ବାରଣ,
হাল্লাক, আলা ଭୂଷଣ, ପର୍ଯ୍ୟାପ୍ତି; ଏଥିରୁ କ୍ଲାନ୍ତ ଅର୍ଥ ଆସିଥାଇ ପାରେ)
थका —୧ । କ୍ଲାନ୍ତ; ପରିଶ୍ରାନ୍ତ—1. Fatigued. [ଉ—
ତାହାଙ୍କୁ ଖୋଜି ଖୋଜି ହୋଇଲି ହାଲୁଆ । କୃଷ୍ଣସିଂହ
ମହାଭାରତ ବନ ।] ୨ । ଗ୍ରସ୍ତ; ଭୟଗ୍ରସ୍ତ—2.
Frightened; terrified. ୩ । ଚନ୍ତାଭାବ ଅଧିକ;
ଚକିତ - 3. Very anxious; uneasy. [ଉ—

ପୁବେ ଯାଇ କର୍ଣ୍ଣଙ୍କୁ ବହୁ ଭିଅରିଲେ, କ ଘେଇବାରୁ ମୁହଁ ହାଲିଅ ହୋଇଲା । କୃଷ୍ଣସିଂହ ମହାଭାରତ ଶାନ୍ତି ।] ୪ । ଶକ୍ତିହୀନ—4. Powerless. ୫ । ଦୁର୍ବଳ—5. Weak. ୬ । ହେଡାଲ୍; ଶୀର୍ଣ୍ଣ—6. Lean; reduced. ୭ । ଅସ୍ତ ବ୍ୟସ୍ତ; କିଂକର୍ତ୍ତବ୍ୟବିମୂଢ଼—7. Disturbed; agitated; perturbed; confused.

ହାଲିଅ ମାରିବା—ଦେ. କ୍ରି—୧ । କ୍ଲାନ୍ତ ହେବା—1. To feel
Hālia māribā tired. ୨ । କ୍ଲାନ୍ତି ଅପନୋଦନାର୍ଥ ବିଶ୍ରାମ
বিশ্রামকরা କରିବା—2. To take rest after labour.
थकजाना

ହାଲିକ—ସଂ. ବି. ପୁଂ—(ହଳ+ଖାବକାର୍ଥେ ଇକ)—୧ । ହଳିଆ; ଯେ
Hālika ଚାଷ କରେ—1. Ploughman. ୨ । ଚଷା; କୃଷକ
(ହାଲିକା—ସ୍ତ୍ରୀ) —2. Agriculturist; cultivator. ୩ । ହଳଆ ଗୁଲି—3. A servant kept for ploughing. ବିଣ—ହଳ ସମ୍ବନ୍ଧୀୟ—Relating to the plough.

ହାଲିକ ବ୍ରାହ୍ମଣ—ପ୍ରାଦେ (ଗଞ୍ଜାମ) ବି—ହଳୁଆ ବ୍ରାହ୍ମଣ; ମାସ୍ତାନ ବ୍ରାହ୍ମଣ
Hālika brāhmaṇa —Māstāna Brahmaṇa (See)

ହାଲିକ—ଦେ. ବିଣ (ଅ· ହାଲ୍କା=ବର୍ତ୍ତମାନ କାଳର)—୧। ହାଲ୍‌ର;
Hālika ଅଧୁନାତନ କାଳର—1. Modern; of the present
(ହାଲିକାର—ଅନ୍ୟରୂପ) time. ୨ । ଅଳ୍ପଦିନର—2. Recent.
হালের हालका

ହାଲିକି—ଗ୍ରା. ଅ (୫ମୀ ବିଭକ୍ତିର ଚିହ୍ନ, ତୁଳନାର୍ଥ)—ଠାରୁ; ଅପେକ୍ଷା—
Hāliki Than. (ଯଥା—ସେ ମୋ ହାଲିକି ବଡ଼)
চেয়ে, থেকে से

ହାଲିମ—ବୈଦେ. ବି (ଫା ହାଲିମ୍)—ସର୍ଷପାଦି ବର୍ଗର କ୍ଷୁଦ୍ରଜାତ ଶାକ
Hālima ବିଶେଷ—Common cress; Lepidium
ସଂ.ଚନ୍ଦ୍ରଶୂର,] Sativum; Gynandropsis Pentaphylla.
ଚନ୍ଦ୍ରିକା, [ଦ୍ର—ଏହାର ଫୁଲ ଧଳା ଓ ଛୋଟ, ଦଳ ଦୁଇଟି; ଛୁଇଁ
ଚର୍ମହନ୍ତ୍ରୀ,] ତେଣ୍ଟା; ବଗିଚାରେ ଚାଷ ହୁଏ । (ଯୋଗେଶଚନ୍ଦ୍ର)
ପଶୁମେହନ କାରିକା,] ଏହା ବଳ ଓ ପୁଷ୍ଟିପ୍ରଦ ଓ ହଜ୍ମା, ବାତ,
ନନ୍ଦିନୀ, କାରବୀ,] ଶ୍ଳେଷ୍ମା ଓ ଅତିସାର ରୋଗରେ ହିତକର,
ଭଦ୍ରା, ସିତା,] ବାତରକ୍ତ ନାଶକ । ମାଷା ୩ ମଷା । ଏହାର
ବାସପୁଷ୍ପା, ସୁବାସରା] ଅଭାବରେ ଶୋରିଷ ଦିଆଯାଏ । ଏ ଗଛ ସମସ୍ତ
হালিম চান্দস্থর ଅଣ୍ଡିଆ ମହାଦେଶରେ ଜାତହୁଏ । ଏଥିରୁ ବାକରୁ
हालिं हालिम,चंसूर ଏକ ପ୍ରକାର ସୁଗନ୍ଧିତ ତୈଳ ବାହାରେ ।
ଆ. ହବ୍ବୁର୍ ରସାଦ୍] ଗଡ଼ଣୀ ଓ ଚର୍ମ ରୋଗରେ ଏ ତୈଳର
ବଜ୍ରୁଲ୍ ଖାଙ୍ଖାର୍ ବ୍ୟବହାର ହୁଏ ।
ଫା. ହାଲିମ୍,
ଛୁଗ୍‌ମେଡାରା ତେଜକ୍
ତେ· ଅଦତ୍ୟାଲୁ
ତା. ଅଲକେବାଇ
ଗୁ. ଅସଲିଓହାଲିମ

ହାଲୀ—ସଂ. ବି (ହା ଧାତୁ=(ଲଜ୍ଜା) ତ୍ୟାଗ କରିବା+ଅଧିକରଣ ଅଲ+
Hāli ଈ)—କନିଷ୍ଠା ଶାଳିକା; ସ୍ତ୍ରୀଙ୍କ ସାନ ଭଉଣୀ
(ହେମଚନ୍ଦ୍ର)—One's wife's younger sister.

ହାଲୁ—ସଂ· ବି (ହା ଧାତୁ=ତ୍ୟାଗ କରିବା+କର୍ମ. ଅଲୁ)—୧ । ଦନ୍ତ
Hālu (ତ୍ରିକାଣ୍ଡଶେଷ)—Tooth. ୨ । ବଦନ—
2. Face.

ହାଲୁଆ—ବୈଦେ. ବି (ଅ ହଲୱା; ସ.ନାମ—ଲପସିକା; ଭୁଲ. ଇଂ ଜେଲି)
Hālua —ମହନଭୋଗ; ସୁଜିକୁ ଘିଅରେ ଭାଜି ତହିଁରେ
হালুয়া हलवा ମିଠା, ଦୁଧ ବା ପାଣି ଦିଆଯାଇ
ସିଦ୍ଧ ହେବା ପରେ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ—Halwa;
jelly. [ଦ୍ର—ଏହା ଇଂରେଜି ଭାଷାରେ ମଧ୍ୟ
ବ୍ୟବହୃତ ହେଉଅଛି ।] ପ୍ରାଦେ (ସମ୍ବଲପୁର) ବି—
ବଡ଼—Big.

ହାଲୁଆ ଗୁଣ୍ଡା—ପ୍ରାଦେ (ସମ୍ବଲପୁର)—ବି—ଫାଲୁଅ ଗୁଣ୍ଡା; ବଡ଼ ଗୁଣ୍ଡା
Hālua guṇḍā (ଖାଦ୍ୟ)—Big mouthful;
(of food)

ହାଲୁଇ—ବୈଦେ. ବି (ଅ. ହଲୱାଇ—ଗୁଡ଼ିଆ; ମିଷ୍ଟାନ୍ନକାର;
Hālui ଅବରକ ଅର୍ଥ—ଯେ ହାଲୁଆ ତିଆରି କରେ)—
(ହାଲୁଇକାର—ଅନ୍ୟରୂପ) ପଶ୍ଚିମା ଗୁଡ଼ିଆ—
হালুইকার हलवाई An upcountry
confectioner.

ହାଲୁଇ ଦୋକାନ—ବୈଦେ· ବି(ଅ)—ପଶ୍ଚିମା ଗୁଡ଼ିଆର ପୁର ମିଠାଇ
Hālui dokāna ଦୋକାନ—The shop of an up-
হালুই দোকান हलवाई दुकान country
confectioner.

ହାଲୁଏ—ଗ୍ରା. ବିଣ—ପୁଳାଏ—A lump of. (ଉ—ଅଲପେଲେଷ୍ଟ ।
Hālue ଗାଲରୁ ହାଲୁଏ ମାଉଁସ
একহালা थोड़ा ଖାଇବ—ସତ୍ୟକାର ପଞ୍ଜିକା ।)

ହାଲୁକ (ଇତ୍ୟାଦି)—ଦେ. ବି – ହାଲକ ଇତ୍ୟାଦି (ଦେଖ)—
Hāluka (etc) Hālaka etc (See).

ହାଲୁକା—ଦେ· ବିଣ—ହାଲ୍‌କା (ଦେଖ)—
Hālukā Hal-kā (See).
(ହାଲୁକାପଣ—ବି)

ହାଲୁକା(କେ)ଇବା—ଦେ, କ୍ରି—ଲଘୁ କରିବା—
Hālukā(ke)ibā To lighten.
হালকান हलका करना

ହାଲୁକା ଗୁଡି—ପ୍ରାଦେ (ବାଲେଶ୍ୱର) ବି—ଯେଉଁ ଗୁଡ଼ି ଉଡ଼ାଇବା
Hālukā gurḍi ବେଳେ ସୂତା ଉପରେ ଖୁବ୍ କମ୍ ଟାଣ
ବା ଜୋର୍ ପଡ଼େ—

ହାଲ(ରି)ଲି—ଦେ. ବି—ହାଲହୁରି (ଦେଖ)—
Hālu(ri)li Hālahuri (See)
[ହାଲୁହୁ(ହୋ)ଲ(ର)—ଅନ୍ୟରୂପ]

ହାଲୁର୍—ଦେ. ବି. ଓ ବିଣ—ହାଲୋର୍ [ଦେଖ]—
Hālur Hālor (See)

ହାଲୁ ହାଲୁ—ଦେ. ଣ—୧ । ଭୟ ଯୋଗୁଁ ହୃତ୍‌କମ୍ପଯୁକ୍ତ—
Hālu hālu 1. With heart palpitating
বুকু দুর দুর दिल दहला due to fear.
୨ । ଭୟ କମ୍ପିତ—2. Trembling through
বুকু দুর দুর दिल दहलाई fear. ବ—
ଭୟଜନିତ କମ୍ପ—Trembling or shivering due to fear.

ହାଲୁ ହାଲୁ ପଡ଼ିବା—ଦେ. କି—ହାଲୁ ହାଲୁ ହେବା [ଦେଖ]—
Hālu hālu pardibā Hālu hālu heba (See).

ହାଲୁ ହାଲୁ ହେବା—ଦେ. କି—ହୃତ୍‌କମ୍ପିବା; ଭୟତ୍ରସ୍ତ ହେବା; ଭୟରେ
Hālu hālu hebā କମ୍ପିବା—To shiver or
বুকু কাঁপা दिल दहलना tremble in fear.
ବ—୧ । ହୃତ୍‌କମ୍ପ ହେବା; ହୃଦୟ ଭୟରେ କମ୍ପିବା—
1. Palpitation or throbbing of the heart through fear. ୨। ଭୟରେ ଦେହ (ନିତମ୍ବ) କମ୍ପିବା
2. Trembling or shivering of the body (buttocks) through fear.

ହାଲେ—ପ୍ରାଦେ (ଖଡ଼ିଆଳ)ଅ.—୧ । ଆଶ୍ଚର୍ଯ୍ୟସୂଚକ ଶବ୍ଦ—1. An
Hāle exclamaton denoting astonishment.
୨ । ଏହିକ୍ଷଣି—2. Just now; at once; immediately.

ହାଲେ—ବୈଦେ. କ୍ରି ଣ—(ଅ ହାଲ୍=ବର୍ତ୍ତମାନ)—ଅଳ୍ପଦିନ
Hāle হালে हालमें ହେଲା; ଏବେ—Recently.

ହାଲେଇ (ଇତ୍ୟାଦି) ବୈଦେ. ବ.—ହାଲୁଇ ଇତ୍ୟାଦି ଦେଖ—
Hālei (etc) Hālui etc (See)

ହାଲୋ—ଦେ. ଅ—(ହ ହଲା; ସ୍ତ୍ରୀଲୋକମାନଙ୍କ ପ୍ରତି ସମ୍ବୋଧନରେ
Hālo ବ୍ୟବହୃତ)—ହଇଲୋ(ଦେଖ)—Hailo (See). ବୈଦେ
হাঁলো,হালো ব ବ—(ଇଂ)—ହାଁ ହେ !—Hallo !
হ্যালো हेलो

ହାଲୋଇ (ଇତ୍ୟାଦି)—ବୈଦେ. ବ—ହାଲୁଇ ଇତ୍ୟାଦି (ଦେଖ)—
Hāloi (etc) Hālui etc (See)

ହାଲୋର୍(ଲ୍)—ଦେ. ବ—(ସଂ ଅଲୋକ; ଭୁଲ ଇଂ ହାଲୋ) —୧ ।
Hālor (l) ଉଜ୍ଜ୍ୱଳ ଅଲୋକ ବୃତ୍ତି—1. Halo of light. ୨ ।
আলোক (ସଂ ହୁଲ୍ଲୋଳ)—ହାଲହୁରି (ଦେଖ)—2. Hālohuri
आलोक (See) ଣ—୧ । ଉଜ୍ଜ୍ୱଳ ଅଲୋକମୟ—
1. Brilliantly shining; very lustrous; resplendent.

ହାଲୋର(ଲ)ମୟ—ଦେ. ଣ—(ସଂ ଅଲୋକମୟ)—ସାତ୍ତ୍ୱିମୟ—
Hāor (l)-maya Resplendent; brilliant; with a
আলোকময় आलोकमय halo of light.

ହାଲୋ(ଲୌ)ରି(ଳି)—ଦେ. ବ—ହାଲହୁରି (ଦେଖ)—
Hālo (lau)ri (li) Hālahuri (See)

ହାଲୋଲିଆ—ଦେ ଣପୁଂ-(ସଂ କୋଳାହଳକାରୀ; ସଂ ହଲହଲା=
Hālolia ଅନନ୍ଦଜନିତ କୋଳାହଳ)—୧। ହୁଲହୁଳିଆ;କୋଳାହଳକାରୀ
ହାଲୋଲେଇ—ସ୍ତ୍ରୀ] —1. Boisterous ୨ । ବିପଦବେଳରେ
হুলোরিয়া ଅର୍ତ୍ତନାଦକାରୀ—2. Making loud wailing
हल्ला करनेवाला cry in distress.

ହାଲ୍କା (ଇତ୍ୟାଦି)—ଦେ ବଣ—ହାଲ୍‌କା ଇତ୍ୟାଦି ଦେଖ—
Hālka (etc) Hāl-ka etc (See)

ହାଲ୍ପା (ଇତ୍ୟାଦି)—ଦେ.ବ ଓ ଣ—ହାଲ୍‌ପା ଇତ୍ୟାଦି (ଦେଖ)—
Hālpā (etc) Hāl-pā etc (See)

ହାଲ୍ୱା—ବୈଦେ. ବ (ଅ) ହାଲୁଆ (ଦେଖ)—
Hālwā Hāluā (See)

ହାଲ୍ୱି—ବୈଦେ. ବ (ଅ) ହାଲୁଇ (ଦେଖ)—
Hālwi Hālui (See)

ହାଓା (ଇତ୍ୟାଦି)—ବୈଦେ. ବ—ହାଉଆ ଇତ୍ୟାଦି (ଦେଖ)
Hāwā (etc) Hāuā etc (See)

ହାୱାଲି—ଦେ.ବ—ଏକ ପ୍ରକାର ବନ୍ୟଗଛ—
Hāwāli Thespesia Populnea Corra (wild tree)

ହାସ୍—ଦେ. ଅ—ମନୁଷ୍ୟର ଖାଦ୍ୟାଦିକୁ ଆକ୍ରମଣ କରୁଥିବା କୁଅ,
Hās ବିରାଡ଼ି ଆଦିକୁ ଘୁଉଡ଼ାଇବାର ଶବ୍ଦ—Interjection
[ହାସ୍ ହାସ୍—ଅନ୍ୟରୂପ] used in scaring away crows or cats setting on food etc.

ହାସ୍ପା(ପି)ତା(ଟ,ଟା)ଲ(ଲ୍)—ବୈଦେ. ବ—(ଇଂ ହସ୍‌ପିଟାଲ୍)—
Hās-pā(pi) tā (ta, tā)l(l) ଯେଉଁ ଡାକ୍ତରଖାନାରେ
হাস্পাতাল ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯାଏ; ଚିକିତ୍ସାଗାର—
अस्पताल Hospital for treatment of indoor patients [ଦ୍ରି—ଯେଉଁ ଡାକ୍ତରଖାନାରେ ରୋଗୀ (Indoor patients)ଙ୍କୁ ଆଶ୍ରୟ ଦିଆଯାଇ ସେମାନଙ୍କର ଚିକିତ୍ସା କରାଯିବାର ବନ୍ଦୋବସ୍ତ ଥାଏ,ତାହାକୁ ହାସ୍ପାତାଲ୍ (Hospital) ଓ ଯେଉଁ ଡାକ୍ତରଖାନାକୁ ଅସିବା ରୋଗୀ (outdoor patients)ଙ୍କ ରୋଗ ପରୀକ୍ଷା କରାଯାଇ ଔଷଧର ବ୍ୟବସ୍ଥା କରାଯାଇ ବା ଔଷଧ ଦିଆଯାଇ ଯେଉଁ ଘରକୁ ବିଦାୟକରି ଦିଆଯାଏ, ତାକୁ ଡିସ୍‌ପେନ୍‌ସରି (Dispensary) ବୋଲଯାଏ ।
ଯେଉଁ ଶ୍ରେଣୀର ବା ସ୍ଥଳର ରୋଗୀ ଯେଉଁ ହସ୍‌ପାତାଲ୍‌ରେ ଚିକିତ୍ସା ପାଆନ୍ତି ସାଧାରଣତଃ ସେହି ନାମ ଅନୁସାରେ ହସ୍‌ପାତାଲ୍‌ମାନଙ୍କର ନାମକରଣ ହୁଏ—ଯଥା ଜେନେରଲ୍ ହାସ୍ପାତାଲ୍, ସିଭିଲ୍ ହାସପାତାଲ, ମିଲିଟାରୀ ହାସପାତାଲ, ପୁଲିସ୍ ହାସପାତାଲ, ଜେଲ୍ ହାସପାତାଲ, କଲେଜ ହାସ-ପାତାଲ, ପିଲଗ୍ରିମ ହାସପାତାଲ, କଲେଜ୍ ହାସପାତାଲ ଇତ୍ୟାଦି]

ହାସ୍‌ପିଟାଲ୍ ଆସିଷ୍ଟାଣ୍ଟ—ବୈଦେ. ବ (ଇଂ)—ଅସିଷ୍ଟାଣ୍ଟ ସର୍ଜନ ପାଖରେ
Hās-pitāl āsishtānt ଚାକିରେ ନିଯୁକ୍ତ ଡାକ୍ତର—Hos-
হস্পিটাল আসিষ্টান্ট pital Assistant; a doctor under
अस्पतालअसिस्टेण्ट an Assistant Surgeon. [ଦ୍ରି—ଏମାନେ କନିଷ୍ଠ ସରକାରୀ ଡାକ୍ତର । ଜିଲ୍ଲାର ପ୍ରଧାନ ସରକାରୀ ଡାକ୍ତର ସିଭିଲ୍ ସର୍ଜନ, ତାଙ୍କ ତଳେ ଅସିଷ୍ଟାଣ୍ଟ ସର୍ଜନ୍ ଓ ତାଙ୍କ ତଳେ ହସ୍ପିଟାଲ୍ ଅସିଷ୍ଟାଣ୍ଟ ଥାଆନ୍ତି । ଏମାନେ ଦେଶୀୟ ବା ଭାରତୀୟ ଡାକ୍ତର ଅଟନ୍ତି ।

ହାସ୍ଲତ—ବୈଦେ. ବଣ (ଅ)—ହାସିଲାତ୍ (ଦେଖ)—
Has-lat Hasilat (See)

ହାସ—ସଂ.ବ—(ହସ ଧାତୁ=ହସିବା + ଭାବେ ଅ)—୧। ହାସ୍ୟ; ହସ—
Hāsa 1. Laughter. ୨। ହସିବା କର୍ମ—2. Laughing. ୩। ହାସ୍ୟରସ—3. The sentiment producing laughter. ୪। ପରିହାସ—4. Jest. ୫। ଉପହାସ—5. Ridicule.

ହାସ ମଲ୍ଲି—ସଂ. ବ—ପ୍ରସ୍ଫୁଟିତ ମଲ୍ଲିଫୁଲ—A full blown Jasmine flower.
Hāsa malli
(ହାସମଲ—ଦେ. ରୂପ)

ହାସକ—ସଂ. ବଣ (ପୁଂ ହାସ୍ ଧାତୁ ଣିଚ=ହାସି ଧାତୁ+କର୍ତ୍ତୃ ଅକ)—
Hāsaka ହାସ୍ୟଉତ୍ପାଦନକାରୀ; ଯେ ହସାଏ (ହି.ଶ)—Causing
(ହାସିକା—ସ୍ତ୍ରୀ) or provoking laughter. ସଂ. ବ. ପୁଂ—
ବିଦୂଷକ—A buffoon; jester (Apte).

ହାସକର—ସଂ. ବଣ.ପୁଂ—(ହାସ+କୃ ଧାତୁ+କର୍ତ୍ତୃ ଅ)—ଯେ ବା ଯାହା
Hāsa kara ହାସ୍ୟ ଉତ୍ପାଦନ କରେ (ହି.ଶ)—Causing or
(ହାସକରୀ—ସ୍ତ୍ରୀ) provoking laughter.

ହାସନ—ସଂ. ବ—(ହସଧାତୁ ଣିଚ=ହାସି ଧାତୁ+ଭାବ. ଅନ)—
Hāsana ହସାଇବା (ହି.ଶ)—Provocation of laughter.

ହାସନିକ—ସଂ. ବ. ପୁଂ—(ହାସନ+ଇକ) ବନୋଦର ବା କ୍ରୀଡ଼ାର
Hāsanika ସହଚର—Boon companion.
(ହାସିନିକା—ସ୍ତ୍ରୀ)

ହାସଲ୍—ବୈଦେ. ବ (ଫରସୀ) (ଅ. ହାସିଲ୍=ପ୍ରାପ୍ତ)—୧। ପାଇବା;
Hāsal ପ୍ରାପ୍ତି—1. Getting; receipt. ୨। ଲାଭ—
2. Profit; gain. ୩। ଉପାର୍ଜନ; ଅର୍ଜନ—
3. Acquisition; earning. [ଉ—ମେଘ ବଳୁତ ଇଲମ ହାସଲ କରି ନେଇଛି] ୪। ଫଳ;ଜମିର ଉତ୍ପନ୍ନଦ୍ରବ୍ୟ—
4. Produce of land; fruit. ୫। ଫଳପ୍ରାପ୍ତି—
5. The getting of a result or fruit. ୬। ସମ୍ପାଦନ—6. Accomplishment; achievement ୭। ଅଦାୟ;ଅସୁଲ—7. Realisation. ବଣ—
୧। ପ୍ରାପ୍ତ; ଲବ୍ଧ—1. Got; gained. ୨। ଉପାର୍ଜିତ—
2. Earned; acquired. ୩। ନିଜର ପରିଶ୍ରମାଦିର ଫଳରୂପେ ପ୍ରାପ୍ତ—3. Got as a result or fruit of one's labour. ୪। ଫଳପ୍ରଦ; ଫଳନ୍ତ—
4. Fruitful; fruit-producing. ୫। ଫଳପ୍ରସୂ—
5. Productive. ୬। ସମ୍ପନ୍ନ—6. Accomplished; achieved. ୭। ଲାଭଜନକ—7. Profitable.
হাসিল হাছিল ୮। ଅଦାୟ ହୋଇଥିବା—8. Realised.

ହାସଲ୍ କରିବା—ଦେ. କ୍ରି (ଫରସୀ)—୧। (ଧନ ବା ସମ୍ପତ୍ତି, ଫଳ,
Hāsal kariba ଫସଲ) ପାଇବା—1.To get(property etc.)
୨। (ଧନ ବା ସମ୍ପତ୍ତି) ଅର୍ଜନ କରିବା—2. To earn or aquire (wealth). ୩। (ବେପାର ଆଦି) ଲାଭ କରିବା—3. To aquire (learning). ୪। (ଜମି ଆଦି) ଚାଷ ବା ଆବାଦ କରିବା—4. To reclaim or bring (land) under cultivation. ୫। [ହାକିମଙ୍କଠାରୁ ହୁକୁମ ଆଦି] ପାଇବା; ପ୍ରାପ୍ତ ହେବା—
5. To get or receive (order from an authority) ୬। ଅନ୍ୟ ବ୍ୟକ୍ତିଠାରୁ ହସ୍ତାନ୍ତର ଦ୍ୱାରା ପ୍ରାପ୍ତ ହେବା; ହସ୍ତଗତ କରିବା—6. To get on transfer from another. (ଯଥା—ମୁଁ ଖଞ୍ଜା ଖରଚ କରି ମାଡ଼ାପିସ ଖାନାରୁ ସହୁମୋକଦ୍ଦମର ନକଲ ହାସଲ କରିଅଛି)
୭। ଅଦାୟ କରିବା—7.To realise.
হাসিলকরা হাসিলকরনা

ହାସଲ୍ ହେବା—ଦେ. କ୍ରି (ଫରସୀ)—୧। ପ୍ରାପ୍ତ ହେବା—
Hasal heba 1. To be got. ୨। ଉପାର୍ଜିତ ହେବା—
2. To be aquired or earned. ୩। ଆବାଦ ହେବା—3. To be reclaimed or cultivated.
୪। ସଫଳ ହେବା—4. To be accomplished.
হাসিলহওয়া হাসিলহোনা

ହାସଲାତ୍—ବୈଦେ. ବଣ (ଫରସୀ) (ଅ)—ହାସିଲାତ୍ (ଦେଖ)—
Hasalat Hasilat (See)

ହାସଲି—ବୈଦେ. ବଣ (ଫରସୀ) (ଅ—ହାସିଲ୍)—୧। ହାସଲ କରାଯାଇଥିବା; ପ୍ରାପ୍ତ—1. Got. ୨। ଅର୍ଜିତ—
Hasali
2. Aquired; earned. ୩। ଫଳରୂପେ ପ୍ରାପ୍ତ—
3. Achieved.
হাসিল হাসিলকিয়াহুআ

ହାସଲି ଜମି—ଦେ. ବ—୧। ଫଳୋତ୍ପାଦକ ଜମି—1. Land yielding crops; fruit-producing land.
Hāsali jami
୨। ଆବାଦୀ ଜମି—2. Arable land.
হাসিলজমি হাসিলকীহুইজমিন

ହାସାଃ—ସଂ. ବ (ହସ୍ ଧାତୁ+ଅସ୍; ହସସ୍ ଶବ୍ଦ, ୧ମା. ୧ବ)—
Hāsāh (ବୈଦିକ ଶବ୍ଦ) ଚନ୍ଦ୍ର—(A vedic word) The moon.

ହାସିଅ—ବୈଦେ. ବ (ଫରସୀ) (ଅ ହାସିୟହ୍=ଧଡ଼ି; କନାର)—
Hāsia ୧। ଲୁଗା ଆଦିର ଧଡ଼ି—1. Border of a cloth.
୨। କାଗଜର ପାଖ ବା ଦାଢ଼—2. Edge or margin of a paper. ୩। ପୃଷ୍ଠାର ବା କାଗଜର ପାଖରେ ଲେଖିବା ନୋଟ—3. Marginal notes ବଣ—
୧। ହାସିଅ ସମ୍ବନ୍ଧୀୟ—1 Marginal. ୨। ହାସିଅରେ ଲିଖିତ—2. Marginally noted. (ଯଥା—ହାସିଅ ସାକ୍ଷୀ)
হাসিয়া হাশিয়া

ହାସିଅ ଛାଡ଼ିବା—ଦେ. କ୍ରି (ଫରସୀ)—ଦଲିଲର ଦୁଇପାର୍ଶ୍ୱରେ ସ୍ଥାନ
Hāsia chhardiba ଛାଡ଼ି ଲେଖିବା—To leave margins in the paper while writing a deed.
হাসিয়াছাডা হাঁসিয়াছোড়না

ହାସିଆତ୍ ରେଜିଷ୍ଟରି—ବୈଦେ. ବ (କଚରଥ) (ଅ ହାସିଯତ୍ ଓ ଇଂ
Hāsiāt rejishṭarī ରେଜିଷ୍ଟର)—କୋ ଅପରେଟିଭ୍ ସୋସାଇଟି ଅଫିସ୍‌ରେ ରଖାଯିବା ଏକପ୍ରକାର ରେଜିଷ୍ଟର ବହି—A kind of register maintained in the office of a Co-operatve Society.
হাসিয়াৎরেজিষ্টরী हैसियातरेजीष्टरी

ହାସିଆ ଦସ୍ତ(ସ୍ତ)ଖତ୍—ବୈଦେ. (ଅ+ଫା.)ବ—[କଚରଥ]—
Hāsiā dasa(sta)ka (kha)t ୧ । ଦଲିଲର ପାର୍ଶ୍ୱଦେଶରେ କରାଯାଇଥିବା ସ୍ୱାକ୍ଷର—
[ହାସିଆ ଦସ୍ତ (ସ୍ତ) ଖ—ଅନ୍ୟରୂପ] 1. Signature on the margin of a document. ୨ । ଦଲିଲର ପାର୍ଶ୍ୱଦେଶରେ ସାକ୍ଷୀମାନଙ୍କ ସ୍ୱାକ୍ଷର—2. The signatures of attesting witnesses on the margin of a deed.
হাসিয়াদস্তখত हासियादस्तखत

ହାସିଆ ନ୍ନ (ର୍ଣ୍ଣ)ବ—ଗ୍ରା. ବ ଓ ବଣ (ସ. ହାସ୍ୟାର୍ଣ୍ଣବ)—ହାସ୍ୟାର୍ଣ୍ଣବ
Hāsiā nna (rṇṇa)ba (ଦେଖ)—Hāsyārnnaba(See)
হাস্যার্ণব हसियार्नब

ହାସିଆ ପଡ଼ିବା—ଦେ. କି (କଚରଥ)—ଦଲିଲର ସମ୍ପାଦନ ସମ୍ବନ୍ଧ
Hāsiā paṛibā ସାକ୍ଷୀ ରୂପେ ଦଲିଲର ପାର୍ଶ୍ୱରେ ଦସ୍ତଖତ୍
হাসিয়া পড়া କରିବା—To attest a document; to
हैसिया पडना sign a document at the margin as attesting witness.

ହାସିଆ ଲି(ଲେ)ଖିତ—ଦେ. ବଣ (କଚରଥ) (ଅ. ହାସିଅତ୍ ଓ ସ. ଲିଖିତ)—ଦଲିଲର ପାର୍ଶ୍ୱରେ ଯେଉଁମାନଙ୍କ
Hāsiā li(le)khita ନାମ ଲେଖା ହୋଇଥାଏ—(persons)
হাসিয়া লিখিত Whose names appear on the mar-
हासिया लिखित gin of a document; noted in the margin; marginally noted.

ହାସିଆ ସାକ୍ଷୀ—ଦେ. ବ (କଚରଥ) (ଅ. ହାସିଅତ୍ ଓ ସଂ. ସାକ୍ଷୀ)—
Hāsiā sākshī ଯେଉଁ ସାକ୍ଷୀମାନେ ଦଲିଲର ପାର୍ଶ୍ୱରେ ଦଲିଲ-
হাসিয়া সাক্ষী ସମ୍ପାଦକର ସାକ୍ଷୀ ରୂପେ ଦସ୍ତଖତ୍ କରି ଥାଆନ୍ତି—
हाशियेका गवाह Attesting witnesses; witnesses whose names or signatures or marks appear in the margin of a deed.

ହାସିକା—ସଂ.ବ(ହସ୍ ଧାତୁ+ଭାବ,ଇକ+ଅ)—୧ । ହାସ୍ୟ(ହେମଚନ୍ଦ୍ର)
Hāsikā 1. Laughter. ୨। ହାସ୍ୟରସ—2. The sentiment producing laughter. ୨ । (ହସ୍ ଧାତୁ ଣିଚ, ହାସି ଧାତୁ+କର୍ତ୍ତୃ. ଅକ+ସ୍ତ୍ରୀ. ଅ) ବହୁରୂପିକା; ଚଳନ ଗୃହଣ ବା ଅଙ୍ଗଭଙ୍ଗୀ ଦ୍ୱାରା ହାସ୍ୟୋଦ୍ରେକକାରିଣୀ ଦାସୀ—3. A woman who by her movements causes people to laugh; a female jester. ୪ । (ବୈଦିକ) ଚନ୍ଦ୍ର—4. (vedic) The moon. ୫ । ହସ କୌତୁକ—5. Mirth; merriment (Apte).

ହାସିମ୍ ଖାଁ—ଦେ. ବ (ନାମ)—ଓଡ଼ିଶାର ପ୍ରଥମ ମୋଗଲ୍ ସୁବାଦାର୍—
Hāsim khān Name of the first Moghal
হাসিম্ খাঁ Subadar or Governor of Orissa.
हासीम खाँ

ହାସୀ—ସଂ. ବଣ(ହାସିନ୍ ଶବ୍ଦ ;ହସ୍ ଧାତୁ+କର୍ତ୍ତୃ.ଇନ୍; କିମ୍ବା ହାସ+
Hāsī ଇନ୍; ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୁଏ; ଯଥା—
(ହାସିନୀ—ସ୍ତ୍ରୀ) ଉଚ୍ଚହାସୀ; ଦରହାସିନୀ)—୧ । ହାସ୍ୟ କରୁଥିବା —1. Laughing. ୨ । ଶ୍ୱେତ (ହ. ଶବ୍ଦସାଗର)—2. White.

ହାସୁ—ଦେ. ଅ—ହାସ୍ (ଦେଖ)
Hāsu Hās (See)
(ହାସୁ ହାସୁ—ଅନ୍ୟରୂପ)

ହାସ୍ତିକ—ସଂ. ବ (ହସ୍ତିନ୍+ସମୂହାର୍ଥେ କ)—୧ । ହସ୍ତି ସମୂହ;
Hāstika ହାତୀପଲ—1. A herd of elephants. ୨ । ହସ୍ତ୍ୟାରୋହ; ହାତୀରେ ଚଢ଼ିଥିବା ବ୍ୟକ୍ତି—2. An elephant rider; a rider on an elephant. ୩ । ମାହୁନ୍ତ—3. The driver of an elephant (Apte). ବଣ—ହସ୍ତି ସମ୍ବନ୍ଧୀୟ—Relating to the elephant.

ହାସ୍ତିନ—ସଂ. ବ (ହସ୍ତିନ୍+ଅ)—୧ । ହସ୍ତି ସମ୍ବନ୍ଧୀୟ—
Hāstina 1. Relating to the elephant. ୨ । (ହସ୍ତ+ଇନ) ହସ୍ତ ସମ୍ବନ୍ଧୀୟ—2. Relating to the hand. ବ—୧ । (ହସ୍ତିନ୍+ଅ) ଗଜପରିମାଣ—(କ୍ୱଚିତ୍ ପ୍ରୟୋଗ) 1. A measure of an elephant. ୨ । (ହସ୍ତିନ+ଅ) ହସ୍ତିନାପୁର—2. The ancient capital of the Pāṇḍaba kings of India. [ବି—ହସ୍ତିନ ନାମକ ରାଜା ଏହି ନଗର ପ୍ରତିଷ୍ଠା କରିଥିବାରୁ ଏହିପରି ନାମ ହୋଇଅଛି ।]

ହାସ୍ତିନ ପୁର—ସ. ବ—ହସ୍ତିନାପୁର (ହେମଚନ୍ଦ୍ର)—The ancient
Hāstina pur capital of the Pāṇḍaba kings of India.

ହାସ୍ୟ—ସ ବ (ହସ୍ ଧାତୁ+ଭାବ. ଯ)—୧ । ହସ—
Hāsya 1. Laugh; laughter. ୨ । ହସିବା କର୍ମ—2. Laughing. ୩ । ରସବିଶେଷ; କୌତୁକୋଦ୍ଭବ ରସ—3. A sentiment producing laughter. [ବି—ଯାହା ଦେଖିଲେ ବା ଶୁଣିଲେ ଲୋକ ନ ହସି ରହି ପାରେ ନାହିଁ ତାହା ହାସ୍ୟରସ । ଯଥା—ବିକୃତାକାର, ବିକୃତ ବେଶ, ବିକୃତ ବାକ୍ୟ ଓ ବିକୃତ ଚେଷ୍ଟା । ରସ ତଳେ ଟୀକା ଦେଖ ।

ହାସ୍ୟ ୬ ପ୍ରକାର ଥିବା ପ୍ରାଚୀନ ଗ୍ରନ୍ଥକାରମାନେ ବର୍ଣ୍ଣନା କରିଅଛନ୍ତି । ଯଥା—

ଜ୍ୟେଷ୍ଠମାନଙ୍କର ୧ ସ୍ମିତ, ଓ ୨ ହସିତ । ମଧ୍ୟମାନଙ୍କର ୩ ବିହସିତ ଓ ୪ ଅବହସିତ । ଅଧମମାନଙ୍କର ୫ ଅପହସିତ ଓ ୬ ଅତିହସିତ ।

୧ ସ୍ମିତ—ନୟନର ଈଷଦ୍‌ବିକାଶ ଓ ସ୍ପନ୍ଦିତାଧରଯୁକ୍ତ ହାସ୍ୟ।
୨ । ହସିତ—ହସିବାବେଳେ ଦାନ୍ତ ଈଷଦ୍‌ଲକ୍ଷ୍ୟ ଦେଖାଯିବା ହସ।
୩ । ବିହସିତ—ମଧୁରସ୍ୱରଯୁକ୍ତ ହସ।
୪ । ଅବହସିତ—ସ୍କନ୍ଧ ଓ ଶିରଃକମ୍ପଯୁକ୍ତ ହାସ୍ୟ।
୫ । ଅପହସିତ—ଚକ୍ଷୁରେ ଅଶ୍ରୁ ଦେଖାଯିବା ହାସ୍ୟ।
୬ । ଅତିହସିତ—ହସିପ୍ରାଣ ହସ।]
୪ । ପରିହାସ; ଥଟ୍ଟା—4. Jesting. ୫ । ଉପହାସ—5. Ridicule. ବିଣ [+କର୍ମ. ଯ] ଉପହସନୀୟ—Laughable; ridiculous.

ହାସ୍ୟ କଥା—ସଂ ବି—୧ । ହାସ୍ୟମୟ ବିଷୟ—1. A matter full of laughter. ୨ । ହାସ୍ୟୋଦ୍ରେକକାରୀ ବିଷୟ—2. A matter provoking laughter.
Hāsya kathā

ହାସ୍ୟ କର—ସଂ ବିଣ—ହାସ୍ୟଜନକ; ହାସ୍ୟଉତ୍ପାଦକ—Comic; comical, causing or producing laughter; making people laugh.
Hāsya kara

ହାସ୍ୟ କରିବା—ଦେ. କ୍ରି—୧ । ହସିବା—1. To laugh. ୨ । ଉପହାସ କରିବା—2. To laugh at, to ridicule.
Hāsya kariba
हास्य करना हंसी करना

ହାସ୍ୟ କୌତୁକ—ସଂ. ବି (ଦ୍ୱନ୍ଦ୍ୱ)—ହସ କୌତୁକ; ହସ ତାମସା—Hilarity; laughter and amusement; merriment.
Hāsya kautuka

ହାସ୍ୟଚ୍ଛଟା—ସଂ ବି (ହାସ୍ୟ+ଛଟା; ୬ଷ୍ଠୀ ତତ୍; ସନ୍ଧିଯୋଗୁ ଚ୍ଛ)—୧ । ହସିବାର ଢଙ୍ଗ—1. Mode of laughter; manner of laughing. ୨ । ହାସ୍ୟଜନିତ ଶୋଭା—2. Grace due to a person's laugh. ୩ । ଶୋଭାଯୁକ୍ତ ହାସ୍ୟ—3. Graceful laughter.
Hāsyachchhaṭā

ହାସ୍ୟ ଜନକ—ସଂ. ବିଣ—ଯେ ବା ଯାହା ହାସ୍ୟ ଉଦ୍ରେକ କରାଏ—Laugh-inducing; provoking or causing laughter.
Hāsya janaka

ହାସ୍ୟ ତରଙ୍ଗ—ସଂ ବି (ଷଷ୍ଠୀ ତତ୍)—୧ । ତରଙ୍ଗ ବା ଢେଉ ପରି ଉପର୍ଯ୍ୟୁପରି ଉଠୁଥିବା ହସ; ହାସ୍ୟର ସୁଅ—1. Wave of laughter. ୨ । (ନାମ) ସଂସ୍କୃତ ନାଟିକାବିଶେଷର ନାମ—2. Name of a Sanscrit drama.
Hāsya taraṅga

ହାସ୍ୟ ଧ୍ୱନି—ସଂ ବି (ମ. ପ. ଲୋ; ହାସ୍ୟଜନିତ ଧ୍ୱନି)—ଉଚ୍ଚହାସ୍ୟଜନିତ ଶବ୍ଦ—The sound of loud laughter.
Hāsya dhwani

ହାସ୍ୟ ପରିହାସ—ସଂ ବି (ଦ୍ୱନ୍ଦ୍ୱ)—ହସ ଓ ଥଟ୍ଟା—Laugh and jesting.
Hāsya paribāsa

ହାସ୍ୟ ପ୍ରଦୀପ୍ତ (ପ୍ରଫୁଲ୍ଲ)—ସଂ. ବିଣ (ତୃତୀୟା ତତ୍)—ହସ ଯୋଗୁଁ ବିକସିତ ବା ଶୋଭମାନ [ମୁଖ]—(face) Lit up with laughter; brimming with laughter.
Hāsya pradīpta (praphulla)

ହାସ୍ୟ ପ୍ରିୟ—ସଂ. ବିଣ. ପୁଂ [ବହୁବ୍ରୀହି; ହାସ୍ୟ ପ୍ରିୟ ଯାହାର]—ଯେ ହସିବାକୁ ଭଲ ସୁଖ ପାଏ—Fond of laughter, comical.
Hāsya priya
(ହାସ୍ୟପ୍ରିୟା—ସ୍ତ୍ରୀ)

ହାସ୍ୟ ବଦନ—ସଂ ବି ଓ ବିଣ.ପୁଂ [ମ.ପ. ଲୋ]—ହାସ୍ୟମୁଖ (ଦେଖ)—Hāsya mukha (See).
Hāsya badana
[ହାସ୍ୟବଦନା—ସ୍ତ୍ରୀ]

ହାସ୍ୟମୟ—ସଂ. ବିଣ [ହାସ୍ୟ+ମୟ] ୧ । ହାସ୍ୟଯୁକ୍ତ—1. Full of laughter; comical. ୨ । ହସୁଥିବା—2. Laughing.
Hāsya maya
[ହାସ୍ୟମୟୀ—ସ୍ତ୍ରୀ]

ହାସ୍ୟ ମୁଖ—ସଂ. ବି [ମ. ପ. ଲୋ]—ହାସ୍ୟଯୁକ୍ତ ବଦନ; ହସ ହସ ମୁହଁ—Laughing face.
Hāsya mukha
ବିଣ. ପୁଂ [ବହୁବ୍ରୀହି; ହାସ୍ୟ ଅଛି ମୁଖରେ ଯାହାର]—ହସମୁହାଁ; ହସୁରାମୁହାଁ—Having a laughing or smiling face.
(ହାସ୍ୟମୁଖୀ—ସ୍ତ୍ରୀ)

ହାସ୍ୟ ରଞ୍ଜିତ—ସଂ. ବିଣ (ତୃତୀୟା ତତ୍)—ହାସ୍ୟପ୍ରଦୀପ୍ତ [ଦେଖ]—Hāsya pradīpta (See)
Hāsya rañjita

ହାସ୍ୟ ରସ—ସଂ. ବି—କାବ୍ୟରସବିଶେଷ; ଯାହା ଦେଖିଲେ, ପଢ଼ିଲେ ବା ଶୁଣିଲେ ମନୁଷ୍ୟ ନ ହସିକରି ରହି ପାରେ ନାହିଁ—The sentiment of laughter in literature. (ଦ୍ର—ରସ ତଳେ ଟୀକା ଦେଖ।)
Hāsya rasa

ହାସ୍ୟରସାତ୍ମକ—ସଂ. ବିଣ—ହାସ୍ୟରସଯୁକ୍ତ; ଯହିଁରେ ହାସ୍ୟରସ ଅଛି—Abounding in the sentiment of laughter.
Hāsya rasātmaka
(ହାସ୍ୟରସାତ୍ମିକା—ସ୍ତ୍ରୀ)

ହାସ୍ୟରସାତ୍ମକ ନାଟକ—ସଂ. ବି—ଯେଉଁ ନାଟକରେ ହାସ୍ୟରସ ପ୍ରଧାନ ଅଟେ—A comedy; a comical play.
Hāsya rasātmaka nāṭaka

ହାସ୍ୟ ରସିକ—ସଂ. ବିଣ.ପୁଂ—ହାସ୍ୟ ରସରେ ନିପୁଣ; ଯେ ଲୋକମାନଙ୍କୁ ହସାଇ ପାରେ—Capable of causing people to laugh.
Hāsya rasika
(ହାସ୍ୟରସିକା—ସ୍ତ୍ରୀ)
(ହାସ୍ୟରସିକତା—ବି)

ହାସ୍ୟ ଲହରୀ—ସଂ. ବି—ହାସ୍ୟତରଙ୍ଗ (ଦେଖ)—Hāsya taraṅga (See)
Hāsya lahari

ହାସ୍ୟ ସଂବରଣ (ସମ୍ବରଣ)—ସଂ. ବି—(୬ଷ୍ଠୀ ତତ୍)—ହାସ୍ୟକୁ ସଂଯତ କରିବା; ଉକର ଉଠୁଥିବା ହସକୁ ସମ୍ଭାଳିନେବା—Restraining of one's rising laughter.
Hāsya sambaraṇa (sambaraṇa)

ହାସ୍ୟ ସଂବରଣ (ସମ୍ବରଣ) କରିବା—ଦେ. କ୍ରି—ହସ ମାଡ଼ିଲେ ତାହାକୁ
Hāsya sambaraṇa (sambaraṇa) kariba

ସମ୍ଭାଳିବା ବା ଗୁପିବା—To control one's laughter; to restrain one's self from laughing.
হাস্য সংবরণ করা हँसी रोकना

ହାସ୍ୟ—ଇତ୍ୟାଦ ବୈଦେ.ବ ଓ ବଣ—(ବଚରଥ)—ହାସିଅ ଇତ୍ୟାଦ (ଦେଖ)—
Hāsyā (etc) Hāsiā etc (See).

ହାସ୍ୟାନ (ନ୍ନ) ବ—ତ୍ରା. ବ—(ସ. ହାସ୍ୟାର୍ଣ୍ଣବ)—ହାସ୍ୟାର୍ଣ୍ଣବ (ଦେଖ)—
Hāsyāna (nna) ba Hāsyārṇṇaba (See)
ବଣ—୧ । ହାସ୍ୟାସ୍ପଦ (ବ୍ୟକ୍ତି)—1. Ridiculous; laughed at; being the butt end of laughter. ୨ । ହାସ୍ୟଜନକ (କଥା)—2. Causing or producing laughter. ୩ । ଉପହାସାସ୍ପଦ—3 Subject to ridicule.
হাস্যার্ণব हास्यार्णव

ହାସ୍ୟାନ (ନ୍ନ, ର୍ଣ୍ଣ) ବ କରିବା—ଦେ. କ୍ରି—କୌଣସି କଥାକୁ ବା ବ୍ୟକ୍ତିକୁ ଉପହାସରେ ଉଡ଼ାଇ ଦେବା—To laugh at a person or a thing.
Hāsyāna (nna, rṇṇa) ba kariba
হাস্যার্ণব করা हास्यार्णवकरना

ହାସ୍ୟାର୍ଣ୍ଣବ—ସ. ବଣ - (ସମୁଦ୍ର ସଙ୍ଗେ ତୁଳନୀୟ ହାସ୍ୟ)—୧ । ବହୁଲୋକଙ୍କ ହାସ୍ୟ—
Hāsyārṇṇaba ହାସ୍ୟଲହରୀ ;
1. The laughter of many persons. ୨ । ହାସ୍ୟତରଙ୍ଗ—2. Wave of laughter; hilarity ; mirth. ୩ । (ନାମ) ଜଗଦୀଶଙ୍କ ରଚିତ ହାସ୍ୟୋଦ୍ଦୀପକ ସଂସ୍କୃତନାଟକ ବିଶେଷ—3. A Sanscrit comical drama or burlesque by Jagadisa. ଦେ. ବଣ—ହାସ୍ୟାନବ (ଦେଖ)—
Hāsyānaba (See).

ହାସ୍ୟାଲାପ—ସ. ବ—(ମ, ପ. କ୍ଲୋ)—ହାସ୍ୟଯୁକ୍ତ କଥୋପକଥନ ;
Hāsyālāpa ରସାଳାପ—Comical conversation.

ହାସ୍ୟାସ୍ପଦ—ସ. ବଣ—୧ । ଯାହା ଦେଖିଲେ ହସମାଡ଼େ—
Hāsyāspada 1. Provoking laughter. ୨ । ଉପହସନୀୟ—2. Ridiculous

ହାସ୍ୟୋଦ୍ଦୀପକ—ସ. ବଣ—(୬ଷ୍ଠୀ ତତ୍)—ଯାହା ଶୁଣିଲେ ବା ଦେଖିଲେ ହସମାଡ଼େ—Comical; burlesque.
Hāsyoddīpaka
(ହାସ୍ୟୋତ୍ପାଦକ—ଅନ୍ୟରୂପ)

ହା ହତାଶ—ପ୍ରାଦେ (ଗଡ଼ଜାତ) ବିଣ—ଅତ୍ୟନ୍ତ ନିରାଶ—
Hā hatāsa Very much disappointed

ହା ହତୋଽସ୍ମି—ସ. ବାକ୍ୟ (ପୁରୁଷପକ୍ଷରେ)—(ଏଥିର ଅର୍ଥ ଅହା ! ମୁଁ ମଲି—(ଖେଦ ବା ଶୋକାର୍ଥକ ବାକ୍ୟ)
Hā hato (a) smi
ଅହା ! ମୋର ସର୍ବନାଶ ହେଲା—(Interjection) Alas ! I am done for.
(ସ୍ତ୍ରୀପକ୍ଷରେ—ହା ହତାସ୍ମି)

ହା ହନ୍ତ—ଦେ.ଅ—(ବିସ୍ମୟ ସୂଚକ) ଦୁଃଖ ବିସ୍ମୟସୂଚକ ଅବ୍ୟୟ—ଅହା
Hā hanta Alas ! [ଉ—ହାହାର ପୌଷ ମାସ ହା ବଣ ନାଶ, ହା ହନ୍ତ କ ବିଷମ ଅସାମଞ୍ଜସ୍ୟ । ନନ୍ଦକଶୋର—ନର୍ମରଣୀ ।]

ହାହ [ହା] ଳ—ସ. ବ—ହଳାହଳ (ବିଷଭିନ୍ନାଦିଳି) [ଦେଖ]—
Hā ha (hā) la Halāhala (See).

ହା ହା—ସ. ଅ— [ହା=ଧ୍ୱନି+ହା, ଧାତୁ=ତ୍ୟାଗ କରିବା+ କ୍ୱିପ୍]—୧। ହାୟ୍ ହାୟ୍ ; ଅହା । (ଖେଦ ବା ଶୋକଜନିତ ଧ୍ୱନି)—1. (Interjection)Alas ! (in lamentation). [ଉ—ମୋର ସୁନା ଭାଗେ ଏହୁ ଚିନ୍ତା ହା ହା ! ମୋହର ଭାଗ୍ୟେ ଏ ପଚ । ଗୁଧାନାଥ—ପାର୍ବତୀ ।] ୨ । ଅନୁତାପଜନିତ ଧ୍ୱନି—2. Alas ! (in regret) ୩ । (ବିସ୍ମୟଜନିତ ଧ୍ୱନି) ଓହୋ—3. Ha Ha ! (in wonder). ବ—[ହା ଶବ୍ଦ+ହା. ଧାତୁ= ତ୍ୟାଗ କରିବା+କ୍ୱିପ୍]—ଦେବଗନ୍ଧର୍ବ ବିଶେଷ—A class of Divine songsters.
Hā hā
[ବ୍ୟ—ଦେବତାମାନଙ୍କ ସ୍ତବରେ ନିଯୁକ୍ତ ଗନ୍ଧର୍ବମାନଙ୍କ ମଧ୍ୟରୁ ହାହା ଏକ ଶ୍ରେଣୀର ଅଟନ୍ତି । କେତେକ ଦେବ-ଗନ୍ଧର୍ବମାନଙ୍କ ଶ୍ରେଣୀ ଯଥା—ହାହା, ହୁହୁ, ବିଶ୍ୱାବସୁ, ତୁମ୍ବୁରୁ, ଚିତ୍ରରଥ; ଏମାନେ ଦେବତାମାନଙ୍କର ଉପାସନା କରି ଗୀତ ଗାଆନ୍ତି] ଦେ. ଅ—୧ । ସ୍ମରଣାର୍ଥକ ଧ୍ୱନି—1·An exclamation of rememberance [ଉ—ହାହା ଭଜନସ୍ଥ ରସ, କେଳେ ନାଚ କରୁଥିବ ସେ ହରସ—ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ] ୨ । ବିସ୍ମୟ ବା ସନ୍ତୋଷାର୍ଥକ ଧ୍ୱନି—2. An exclamation of satisfaction or wonder. (ଉ—ହାହା ଶୋଭନ ସ୍ୱପ୍ନକେଭୁ ନାମ ତାହାକୁ—ଭଞ୍ଜ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ହାହୋ—ପ୍ରାଦେ. (ସମ୍ବଲପୁର) ଅ—ଅହେ !—
Hāho Oh !

ହାହାଁ—ଦେ. ଅ—ହାଁ ହାଁ (ଦେଖ)—
Hā hān̄ Hān̄ hān̄ (See)

ହାହାଃ—ସଂ. ବ—(ହାହସ୍ ଶବ୍ଦ)—ଗନ୍ଧର୍ବ ବିଶେଷ—
Hā hāh A class of divine songsters.

ହାହା କରିବା—ଦେ.କ୍ରି—ଶୋକରେ ବା ଖେଦରେ ହାହା ଧ୍ୱନି କରିବା
Hāhā kariba —To lament or wail in distress.
হাহা করা [ଉ—ମୁକ୍ତିଟ ଯାଉ ଦେଖି ସବୁ ପ୍ରାଣୀ ଦୁଃଖୀ, ହୋଇ ହାହା କରି ବୁଲିଲେ ବେଳ ଅଛି । କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।]
हाहा करना

ହାହାକାର—ସ. ବ—(ହାହା+କୃ. ଧାତୁ+ଘଞ ଅ)—୧ । ଶୋକଧ୍ୱନି
Hāhā kāra —1. Loud lamentation; cry of distress. [ଉ—ଅନ୍ନ ପାଇଁ ଦେଶେ ହାହାକାର—ଅନାହାରେ କେତେ ଲୋକ ଯାନ୍ତି ଯମପୁର ଲୋ କୋଇଲି—ବାଳକୃଷ୍ଣ ଅକାଳ କୋଇଲି ।] ୨ । ଯୁଦ୍ଧ କଳରବ (ଶବ୍ଦ କଳ୍ପଦ୍ରୁମ) 2. Noise or consternation of battle.

ହାହାକାର ମୟ—ସ. ବ — ହାହାକାରରବ ପୂର୍ଣ୍ଣ; ଶୋକପୂର୍ଣ୍ଣ—
Hāhākāra maya Sorrowful; full of a lamentation; lamentable.
(ହାହାମୟ—ଅନ୍ୟରୂପ)
হাহাকারময় हाहाकारमय

ହାହା ପଦ(ଶବଦ)—ଦେ. ବି—ଖେଦସୂଚକ ହାହାକାର ଧ୍ୱନି—
Hāhā pada(śabada) Exclamation giving vent to
हाहाशब्द grief e. g. (Alas !) [ଉ—ଅସୁରେ ଦେଖି ହାହା
हाहा शब्द ପଦେ, ବଳ ଗର୍ଜି ଘୋରନାଦେ । ଜଗନ୍ନାଥ ଭାଗବତ ।]
[ହାହା ଧ୍ୱନି(ଶବ୍ଦ, ରବ)—ସଂ. ରୂପ

ହାହାହା—ପ୍ରାଦେ (ଖଡ଼ିଅଳ) ଅ—(ଧ୍ୱନ୍ୟନୁକରଣ)—ଉଚ୍ଚ ହାସ୍ୟର
Hāhāhā ଶବ୍ଦ—The sound of loud laughter.

ହାହା ହୁହୁ—ସଂ. ବି—(ଦ୍ୱନ୍ଦ୍ୱ)—ଦୁଇଟି ଶ୍ରେଣୀର ଗନ୍ଧର୍ବ—
Hāhā hu hu Two classes of divine choristers.

ହା ହୁତାଶ—ଦେ. ବି—(ସଂ. ହାହାତୋସ୍ମି=ଅହା ! ମଲି)—୧ ।
Hā hutāśa ବିପନ୍ନ ବା ଦୁଃଖଗ୍ରସ୍ତ ବ୍ୟକ୍ତିର ଆର୍ତ୍ତସ୍ୱର—1.
हा हुताश Cry of distress ୨ । ବିପନ୍ନ ବ୍ୟକ୍ତିର
हाहताश ଖେଦୋକ୍ତି—2. Exclamation of grief of a person in distress. ୩ । ଅହା ! ମୋର ସର୍ବନାଶ ହେଲା, ଏହି ଦୁଶ୍ଚିନ୍ତା—3. The utter anxiety of a person who is in trouble.
ବିଣ—ବିପନ୍ନ ହୋଇ ଆର୍ତ୍ତସ୍ୱର କାଢ଼ୁ—Uttering cry of distress.

ହାହୁତାଶ କରିବା—ଦେ. କ୍ରି—୧ । ଦୁଃଖରେ ଆର୍ତ୍ତନାଦ କରିବା—1.
Hā hutāśa kariba To utter a cry of distress.
हा हुताश करा ୨। ଶୋକ ବା ଖେଦ କରିବା—2.To lament.
हाहताशकरना

ହା ହୁତାଶ ହେବା—ଦେ. କ୍ରି—ବିଦେରେ ଆର୍ତ୍ତନାଦ କରିବା—To
Hāhutāśa hebā wail or lament in grief.
हा हुताश करा हाहताशहोना

ହାନ୍ନି(ନ୍ନେ)ମା(ମେ, ମ୍ୟା)ନ୍—ବୈଦେ. ବି—(ନାମ)—ହୋମିଓ-
Hāhni (hne) mā (me, myā)n ପାଥିକ୍ ଚିକିତ୍ସା ପ୍ରଣାଳୀର
हानिम्यान ପ୍ରବର୍ତ୍ତକ ପ୍ରସିଦ୍ଧ ସ୍ୱର୍ଗତ ଜର୍ମାନ୍ ଡାକ୍ତର—Samuel
हानेमैन Christian Fredrich Hahnemann, the late German discoverer of Homeopathy. [ଦ୍ର—ପାଶ୍ଚାତ୍ୟ ଦେଶରେ ଅଲୋପାଥିକ୍ ଚିକିତ୍ସକଗଣ ଯେତେବେଳେ ଚିକିତ୍ସାବିଜ୍ଞାନକୁ ଏକଘରିଆ କରି ରୋଗର ମୌଳିକ କାରଣ ଅନୁସନ୍ଧାନ କରିବା ପରିବର୍ତ୍ତେ ରୋଗୀମାନଙ୍କ ଉପରେ ଯଥେଚ୍ଛାଚାର ଅଧିକାର ବିସ୍ତାର କରିବାରେ ପ୍ରବୃତ୍ତ ଥିଲେ, ସେତେବେଳେ ଇଉରୋପ ମହାଦେଶର ବିଜ୍ଞାନକେନ୍ଦ୍ର ଜର୍ମାନୀ ଦେଶର ସାକ୍ସନି ପ୍ରଦେଶରେ ସାମୁଏଲ ହାନ୍ନେମାନ୍ ନାମକ ଜଣେ କ୍ଷଣଜନ୍ମା ପ୍ରତିଭାଶାଳୀ ମନୀଷୀ ୧୭୫୫ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୦ ତାରିଖରେ ଜନ୍ମଗ୍ରହଣ କଲେ । ବାଲ୍ୟକାଳରୁ ଏହି ମନୀଷୀ ସହସ୍ର ସହସ୍ର ଘାତ ପ୍ରତିଘାତ ସହ୍ୟ କରି, ନାନା ବାଧାବିଘ୍ନ ଅତିକ୍ରମ କରି ନିଜର ଅସାମାନ୍ୟ ପ୍ରତିଭା ବଳରେ ଚିକିତ୍ସାଜଗତରେ ବିପ୍ଳବ ଆନୟନ କରିଥିଲେ । ବାଲ୍ୟାବସ୍ଥାରେ ଗ୍ରୀକ୍ ଓ ମାତୃଭାଷା ଶିକ୍ଷା କରି ସେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଚେଷ୍ଟା କରିଥିଲେ; ମାତ୍ର ପିତାଙ୍କର ଆର୍ଥିକ ଅବସ୍ଥା ସଚ୍ଛଳ ନ ଥିବାରୁ ବାଧ୍ୟ ହୋଇ ଲେଖା ପଢ଼ା ବନ୍ଦ କରିଥିଲେ । କଲେଜର ଅଧ୍ୟାପକମାନେ ହାନ୍ନେମାନଙ୍କ ପ୍ରତିଭାର ପରିଚୟ ପାଇ ବିନା ବେତନରେ ତାଙ୍କୁ ପଢ଼ାଇବାକୁ ରାଜି ହୋଇଥିଲେ । କିଛିକାଳ ଅଧ୍ୟୟନ କରି ସେ ଲିପ୍‌ଜିଗ୍ ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସେଠାରେ ପରୀକ୍ଷଣ (experiment) କାର୍ଯ୍ୟ ପାଇଁ ସୁବିଧା ନ ଥିବାରୁ ସେ ଲିପ୍‌ଜିଗ୍‌ରୁ ଯାଇ ଭିଏନାର୍ ଚିକିତ୍ସାଳୟରେ ଅଧ୍ୟୟନ କଲେ । ଲିପ୍‌ଜିଗ୍‌ରେ ପଢ଼ୁଥିବା ସମୟରେ ସେ କେତେଗୁଡ଼ିଏ ଇଂରାଜୀ ଗ୍ରନ୍ଥ ଜର୍ମାନ୍-ଭାଷାରେ ଅନୁବାଦ କରିଥିଲେ । ବାଳକ ହାନ୍ନେମାନ ନିଜର ଅଧ୍ୟବସାୟ ଓ ପ୍ରତିଭା ବଳରେ ଭିଏନାର୍‌ର ପ୍ରଧାନ ଚିକିତ୍ସକ କୋୟାରିନ୍‌ଙ୍କର ପ୍ରଧାନ ପାର୍ଶ୍ୱଚର ଓ ପ୍ରିୟପାତ୍ର ହୋଇ ପାରିଥିଲେ ।

ଅଧ୍ୟୟନକାଳ ଶେଷ ହୋଇ ଯିବାରୁ ହାନ୍ନିମାନ୍ ତାଙ୍କ ଶିକ୍ଷାଗୁରୁ କୋୟାରିନଙ୍କ ଯତ୍ନରେ ଟ୍ରାନସିଲ୍‌ଭାନିଆ ପ୍ରଦେଶର ଶାସନକର୍ତ୍ତାଙ୍କର ଚିକିତ୍ସାଗାରର ଓ ପୁସ୍ତକାଗାରର ଅଧ୍ୟକ୍ଷ ପଦରେ ନିଯୁକ୍ତ ହେଲେ । ଏହିଠାରେ ତାଙ୍କ ଦୁଃଖଦଶାର ଅବସାନ ହେଲା ଏବଂ ବହୁକାଳର ପୋଷିତ ଆଶା ପୂର୍ଣ୍ଣ ହେବାର ସୂଚନା ମିଳିଲା । ଏହି ପୁସ୍ତକାଗାରର ସୁଯୋଗ ପାଇ ସେ ଗ୍ରୀକ୍, ଲାଟିନ୍, ଇଂରେଜୀ, ଫ୍ରେଞ୍ଚ୍, ଇଟାଲିଅନ୍, ହିବ୍ରୁ, ସିରିୟାନ୍ ଓ ସ୍ପାନିଶ୍ ଭାଷା ମାନ ଶିକ୍ଷା କରି ପାରିଥିଲେ । ମାତ୍ର ଏହି ସମ୍ମାନଜନକ ପଦବୀରେ ସେ ବେଶିଦିନ ରହି ପାରିଲେ ନାହିଁ । ଏମ୍. ଡି ଉପାଧି ପାଇବାକୁ ତାଙ୍କୁ ଏନଲାର୍ଜେନକୁ ଯିବାକୁ ପଡ଼ିଲା । ସେଠାରେ ଉପାଧି ପାଇଁ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ସେ ଉଦ୍ଭିଦ ବିଜ୍ଞାନ ବିଷୟରେ ଗବେଷଣା କଲେ । ୧୭୭୯ ଖ୍ରୀଷ୍ଟାବ୍ଦରେ ୨୪ ବର୍ଷ ବୟସରେ ସେ ଏମ୍. ଡି. ଉପାଧି ଲାଭ କଲେ । ତତ୍ପରେ ସେ ହେଟଷ୍ଟାଡ଼ ସହରରେ ଚିକିତ୍ସା ବ୍ୟବସାୟ ଆରମ୍ଭ କଲେ ଏବଂ ତହିଁର ଅଳ୍ପଦିନ ମଧ୍ୟରେ ଅନ୍ୟ ଏକ ପ୍ରଦେଶର ରାଜକୀୟ ଚିକିତ୍ସକ ପଦରେ ନିଯୁକ୍ତ ହେଲେ । ଏହି ସମୟରେ ଜଣେ ଔଷଧ ବିକ୍ରେତା ହେସିଲରଙ୍କ କନ୍ୟା ହେନ୍ରୀଏଟା କୁଚ୍‌ଲର୍‌ଙ୍କୁ ସେ ବିବାହ କଲେ । ଯୋଷୋ ନାମକ ସ୍ଥାନରେ ଚିକିତ୍ସକ କାର୍ଯ୍ୟ କରୁଥିବା ସମୟରେ ରସାୟନ-ବିଦ୍ୟା, ଉଦ୍ଭିଦ୍‌ବିଦ୍ୟା ଓ ଔଷଧ ପ୍ରସ୍ତୁତ କରିବା ପ୍ରଣାଳୀ ସମ୍ବନ୍ଧରେ ସେ ଗଭୀର ଜ୍ଞାନ ଅର୍ଜନ କରିଥିଲେ; ସେଠାରୁ ସେ ଡ୍ରେସ୍‌ଡେନ୍ ସହରରେ ଯାଇ ପହଞ୍ଚିଲେ; ଏହି ସହରର ରାଜକୀୟ ଚିକିତ୍ସାଳୟରେ ପ୍ରତିନିଧି ଚିକିତ୍ସକ ହୋଇ ଭେଷଜ ଶାସ୍ତ୍ରାଭିଜ୍ଞ ଡାକ୍ତର ୱାଗ୍‌ନର୍‌ଙ୍କ ନିକଟରେ ମନୋଯୋଗ-ପୂର୍ବକ ଭେଷଜ ଗୁଣ ଶିକ୍ଷା କଲେ । ମହାମତି ହାନ୍ନେମାନ୍ ନିଜର ଦୁର୍ବାରମସ୍ତିଷ୍କ ଓ ଗଭୀର ଅଧ୍ୟବସାୟ ବଳରେ ଉକ୍ତ ପ୍ରବୀଣ ଅଧ୍ୟାପକଙ୍କ ପ୍ରିୟ ଶିଷ୍ୟ ହୋଇ ପାରିଥିଲେ ଏବଂ ଚିକିତ୍ସାଳୟର ସମସ୍ତ ଭାର ସ୍ୱୟଂ ଗ୍ରହଣ କଲେ । କ୍ରମେ କ୍ରମେ ସେ ଚିକିତ୍ସା ବିଦ୍ୟାରେ ଖ୍ୟାତି ଅର୍ଜନ କଲେ ।

ଏହିପରି ପ୍ରାୟ ଦଶ ବର୍ଷକାଳ ବହୁ ଗବେଷଣା ଓ ସୁଖ୍ୟାତି ସହ ଡାକ୍ତରୀ ବ୍ୟବସାୟ କରିବା ପରେ ତତ୍କାଳୀନ ଚିକିତ୍ସାବିଧାନ ପ୍ରତି ମନୀଷୀ ହାନିମାନ୍‌ଙ୍କର ଅଶ୍ରଦ୍ଧା ଜନ୍ମିଲା । ସେ କ୍ରମେ କ୍ରମେ ଆଲୋପାଥିକ୍ ଚିକିତ୍ସାର ଅସାରତା ଓ ଅପକାରିତା ବୁଝି ପାରିଲେ । ତେଣୁ ସେ ଏହି କଳ୍ପନାମୂଳକ ଚିକିତ୍ସା ପରିତ୍ୟାଗ କରି ରସାୟନ ଶାସ୍ତ୍ର ଆଲୋଚନା କରି ତଦ୍ଦ୍ୱାରା ଜୀବନ ଯାପନ କରିବାକୁ ସଂକଳ୍ପ କଲେ । ସେହି ସମୟରେ ରସାୟନ ବିଦ୍ୟାର କେତେଗୁଡ଼ିଏ ମୂଳ ଗ୍ରନ୍ଥକୁ ନିଜର ସ୍ୱାଧୀନ ମତ ଅନୁସାରେ ବ୍ୟାଖ୍ୟା ଓ ସଂଶୋଧନ କରି ସେ ଗ୍ରନ୍ଥକାରମାନଙ୍କର ଭ୍ରମ ଦେଖାଇ ଦେଇଥିଲେ । ସେହି ସଂଶୋଧିତ ଗ୍ରନ୍ଥଗୁଡ଼ିକ ଅନେକ ସ୍ଥାନରେ ମୂଳଗ୍ରନ୍ଥ ଅପେକ୍ଷା ଅଧିକ ମୂଲ୍ୟବାନ୍ ବୋଲି ବୈଜ୍ଞାନିକ ଜଗତ୍‌ରେ ଆଦୃତ ହେଲା । ଏହି ସମୟରେ ସେ 'ଭିନେଗାର୍' (ମଦର କାଞ୍ଜି) ପ୍ରସ୍ତୁତ କରିବା ପ୍ରଣାଳୀ, ଔଷଧର ବିଶୁଦ୍ଧତା ଓ ଅବିଶୁଦ୍ଧତା ଓ ରାସାୟନିକ ପଦାର୍ଥ ଓ ମଦ୍ୟ ପରୀକ୍ଷା ପ୍ରଣାଳୀ, ପୋଟାସିଅମ୍ ଦ୍ୱାରା ସୋଡ଼ା ପ୍ରସ୍ତୁତ କରିବା, ମଦ ଦୂଷିତ ହେବାର କାରଣ, ପାରଦକୁ ତରଳ କରିବାର ପ୍ରଣାଳୀ ଇତ୍ୟାଦି ଆବିଷ୍କାର କରିଥିଲେ । ୧୭୮୪ ଖ୍ରୀଷ୍ଟାବ୍ଦରେ ସେ ସ୍କ୍ରୋଫୁଲା (ଗଣ୍ଡମାଳା) ଓ ତାହାର ଚିକିତ୍ସା (Scrofula and its treatment) ନାମକ ଖଣ୍ଡିଏ ପୁସ୍ତକ ଲେଖିଥିଲେ । ଏହି ପୁସ୍ତକ ଖଣ୍ଡିକ ପଢ଼ିଲେ ସ୍ପଷ୍ଟ ବୁଝାଯାଏ ଯେ, ସେତେବେଳର ପ୍ରଚଳିତ ଚିକିତ୍ସା ବିଧାନ ପ୍ରତି ତାଙ୍କର ଘୋର ଅଶ୍ରଦ୍ଧା ଜନ୍ମିଥିଲା । ଏହି ସମୟରେ ପ୍ରାଚ୍ୟ ପାଶ୍ଚାତ୍ୟ ଜଗତର ବହୁ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରିବା ଫଳରେ ତାଙ୍କ ମନରେ ଦୃଢ଼ ଧାରଣା ଜନ୍ମିଲା ଯେ, ପ୍ରଚଳିତ ସର୍ବବିଧ ଚିକିତ୍ସା ପ୍ରଣାଳୀ କଳ୍ପନା-ମୂଳକ ଅଟେ ଓ ଏଥିରେ ରୋଗର ପ୍ରକୃତ ଔଷଧ ନିର୍ବାଚିତ ହୋଇ ନାହିଁ । ସେହି ସମୟଠାରୁ ସେ ପ୍ରଚଳିତ ଚିକିତ୍ସା ପ୍ରଣାଳୀର ଆମୂଳ ପରିବର୍ତ୍ତନ ପାଇଁ ବଦ୍ଧପରିକର ହେଲେ; ୧୭୯୦ ଖ୍ରୀଷ୍ଟାବ୍ଦରେ କଲେନ୍ ସାହେବଙ୍କ ପ୍ରଣୀତ ମେଟେରିଆ ମେଡିକା (ଭୈଷଜ୍ୟ ବିଦ୍ୟା) ଗ୍ରନ୍ଥକୁ ଜର୍ମାନ୍ ଭାଷାରେ ଅନୁବାଦ କଲେ । ସେହି ଗ୍ରନ୍ଥରେ ସିନ୍‌କୋନା ନାମକ ଔଷଧ ଜ୍ୱରନାଶକ ବୋଲି ଯେଉଁ ବ୍ୟାଖ୍ୟା ପଢ଼ିଲେ ସେଥିରେ ସେ ଏକମତ ହୋଇ ପାରିଲେ ନାହିଁ । ବିଶିଷ୍ଟ ଭାବରେ ଔଷଧର ବିରୁଦ୍ଧଭାବାପନ୍ନ ଗୁଣାବଳୀ ଗଭୀର ଭାବରେ ଆଲୋଚନା କରିବା ପରେ ତାଙ୍କ ମନରେ ଦୃଢ଼ ଧାରଣା ହେଲା ଯେ, ସୁସ୍ଥଶରୀରରେ ସିନ୍‌କୋନା କମ୍ପ ସହ ଜ୍ୱରର ଲକ୍ଷଣ ପ୍ରକାଶ କରେ; ଏହି ଧାରଣାର ସତ୍ୟତା ଉପଲବ୍ଧି କରିବା ପାଇଁ ସେ ନିଜ ଶରୀରରେ କୁଇନାଇନ୍‌ର ଫଳ ପରୀକ୍ଷା କଲେ । ସେ ପ୍ରଥମେ ୪ ଡ୍ରାମ୍ କୁଇନାଇନ୍ ପାନ କରି ଦେଖି ପାରିଲେ ଯେ, ପାଳି-ଜ୍ୱରରେ ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଏ, ସେହି ସବୁ ଲକ୍ଷଣ ତାଙ୍କ ଦେହରେ ପ୍ରକାଶ ପାଇଲା । ସେହି ଦିନରୁ ତାଙ୍କ ମନରେ ଧାରଣା ହେଲା ଯେ, କୁଇନାଇନ୍ ସୁସ୍ଥ ବ୍ୟକ୍ତିର ଦେହରେ ଯେଉଁ ସବୁ ଲକ୍ଷଣ ପ୍ରକାଶ କରେ, ତାହାର ପ୍ରୟୋଗ ଦ୍ୱାରା ପୁଣି ସେହି ଲକ୍ଷଣମାନଙ୍କର ଆରୋଗ୍ୟ ହୁଏ ।

ଔଷଧର ପ୍ରକୃତ ଗୁଣ ପରୀକ୍ଷା କରିବା ପାଇଁ ସେ ନିଜେ ନାନାପ୍ରକାର ବିଷ ସେବନ କରି, ଗରଳ-ବିଜ୍ଞାନ ଅଧ୍ୟୟନ କରି, ବନ୍ଧୁବାନ୍ଧବଙ୍କ ଶରୀରରେ ମଧ୍ୟ ଔଷଧର ଫଳ ପରୀକ୍ଷା କରିବାରେ ଲାଗିଲେ । ଏହିପରି ୬ ବର୍ଷକାଳ ନାନାପ୍ରକାର ପରୀକ୍ଷା ଓ ଗବେଷଣା କରି 'ସମଃ ସମଂ ସମୟତେ' (Similia Similibus Curantur-Like things are cured by the like) ସମଫଳ ଉତ୍ପାଦକ ପଦାର୍ଥ ଦ୍ୱାରା ସମଲକ୍ଷଣ ବିଶିଷ୍ଟ ରୋଗ ଆରୋଗ୍ୟ ହୁଏ, ଏହି ତଥ୍ୟ ଆବିଷ୍କାର କଲେ । ବୈଜ୍ଞାନିକ ନିଉଟନ୍ ଆତ ଗଛରୁ ଫଳ ଖସିପଡ଼ିବାର କାରଣ ଅନୁସନ୍ଧାନ କରୁ କରୁ ଯେଉଁପରି ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ, ଯୁଗଜନ୍ମା ମାନବ-ବନ୍ଧୁ ହାନିମାନ୍ ସେହିପରି 'ସିନ୍‌କୋନା ସେବନରେ କାହିଁକି କମ୍ପଜ୍ୱର ହୁଏ'? ଏଥିର କାରଣ ଅନୁସନ୍ଧାନ କରୁ କରୁ 'ସମନ୍ତ' ବା ହୋମିଓପାଥି (Homeopathy) ରୂପ ଅପୂର୍ବ ସତ୍ୟର ସନ୍ଧାନ ପାଇଲେ ।

୧୭୯୬ ଖ୍ରୀଷ୍ଟାବ୍ଦରେ ପ୍ରଥମେ ହୋମିଓପାଥି ସମ୍ବନ୍ଧୀୟ ତାଙ୍କର ଆବିଷ୍କାରଗୁଡ଼ିକ ହୁଫେଲାଣ୍ଡ୍‌ସ୍ ଜର୍ଣ୍ଣାଲ୍ (ପତ୍ରିକା)ରେ ମେଡିସିନ୍ ଅଫ୍ ଏକ୍ସ୍‌ପେରିଏନ୍ସ୍ (Medicine of Experience) ନାମକ ସନ୍ଦର୍ଭରେ ସେ ପ୍ରକାଶ କଲେ । ତହିଁର କିଛିଦିନ ପରେ ତାଙ୍କର ମେଟେରିଅ ମେଡ଼ିକା ପିଉରା (Materia Medica Pura) ନାମକ ଖଣ୍ଡିଏ ଗ୍ରନ୍ଥର ପ୍ରଥମ ଖଣ୍ଡ ମୁଦ୍ରିତ ଓ ପ୍ରକାଶିତ ହେଲା । ଏହି ପୁସ୍ତକରେ ଓ ପ୍ରବନ୍ଧାଦିରେ ସେ ଦୃଢ଼ଭାବରେ ଘୋଷଣା କଲେ ଯେ, ହୋମିଓପାଥିକ୍ ଚିକିତ୍ସା ଯେ କେବଳ କେତେକ ରୋଗରେ ଉପକାରୀ, ତାହା ନୁହେଁ; ସମସ୍ତ ପ୍ରକାର ରୋଗର ଚିକିତ୍ସା ପାଇଁ ଏହି ବିଧାନ ସର୍ବୋତ୍କୃଷ୍ଟ । ତାଙ୍କର ଏହି ଅଭିନବ ମତ ପ୍ରଚାରିତ ହେବା ପରେ ଖୃଷ୍ଟଅଦେଶ୍ରେ ଗୋଟାଏ ବିପ୍ଳବର ସୂତ୍ରପାତ ହେଲା । ତାହାର ଫଳରେ ଅନେକ ସୁବିଜ୍ଞ ଆଲୋପାଥିକ୍ ଡାକ୍ତର ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଏଥିର ୫ ବର୍ଷ ପରେ ତାଙ୍କର ବିଖ୍ୟାତ ହୋମିଓପାଥିକ୍ ବିଜ୍ଞାନ ଗ୍ରନ୍ଥ 'ଅର୍ଗାନନ୍ (Organon) ପ୍ରକାଶିତ ହେଲା । ସେଥିରେ ସେ ତାଙ୍କର ନବାବିଷ୍କୃତ ଚିକିତ୍ସା ମତର ସମ୍ୟକ୍ ଆଲୋଚନା କଲେ । ଏହି ସମୟରେ ମଧ୍ୟ ସେ Fragmenta de Veritas (ସତ୍ୟର ଅଂଶମାନ) ନାମକ ପୁସ୍ତକ ଲାଟିନ୍ ଭାଷାରେ ପ୍ରକାଶ କଲେ । ସୁସ୍ଥ ବ୍ୟକ୍ତିଙ୍କ ଦେହରେ ୨୭ଟି ଔଷଧ ପ୍ରୟୋଗ କରି ଯେଉଁ ସବୁ ଲକ୍ଷଣ ପାଇଥିଲେ ତାହାହିଁ ସେହି ବହିରେ ସେ ଲିପିବଦ୍ଧ କଲେ । ଏହାହିଁ ପ୍ରଥମ ହୋମିଓପାଥିକ୍ 'ମେଟେରିଅ ମେଡ଼ିକା' ବା ଭେଷଜ ବିଜ୍ଞାନ ଗ୍ରନ୍ଥ ।

୧୭୯୨ ଖ୍ରୀଷ୍ଟାବ୍ଦରେ ହାନେମାନ୍ ଫରେଞ୍ଜିୟାନ୍ ଫରେଷ୍ଟର ଅନ୍ତର୍ଗତ ଜର୍ଜସ୍ଥାନର ବାତୁଳାଶ୍ରମରେ ଚିକିତ୍ସକ ପଦ ଗ୍ରହଣ କଲେ । ପୂର୍ବ ପ୍ରଚଳିତ ଚିକିତ୍ସା ପ୍ରଣାଳୀ ବିରୁଦ୍ଧରେ ପ୍ରଚାର କରି ଲକ୍ଷଣ ସଦୃଶ ଔଷଧମାନ ପ୍ରୟୋଗ କରି ବାତୁଳମାନଙ୍କର ଚିକିତ୍ସା କରିବା ଦ୍ୱାରା ସେ ଆଶାନୁରୂପ ଫଳଲାଭ କଲେ । ଏହି ମନୀଷୀଙ୍କ ଚେଷ୍ଟାରେ ପୃଥିବୀରୁ ବାତୁଳମାନଙ୍କର ପ୍ରଚଳିତ ପାଶବ ଚିକିତ୍ସା ପ୍ରଥାର ମୂଳୋତ୍ପାଟନ ହେଲା । ତା ପରେ ସେ ଲିପ୍‌ଜିଗ୍ ବିଶ୍ୱବିଦ୍ୟାଳୟର ସମମତ ଶାସ୍ତ୍ରାଧ୍ୟାପକ (Teacher of Homeopathy) ନିଯୁକ୍ତ ହେଲେ । ଏହି ସୁଯୋଗ ପାଇ ସେ ଛାତ୍ରମାନଙ୍କୁ ନିଜ ମତରେ ଦୀକ୍ଷିତ କରିବାରେ ଲାଗିଲେ । ଅର୍ଗାନନ୍ ଓ ହୋମିଓ ଚିକିତ୍ସା ସମ୍ବନ୍ଧୀୟ ପ୍ରକାଶିତ ପୁସ୍ତକର ଅକାଟ୍ୟ ଯୁକ୍ତିରେ ଓ ତାଙ୍କ ଅଭିନବ ଚିକିତ୍ସାପ୍ରଣାଳୀରେ ଉଦାମାନ୍ତନ ଡାକ୍ତର ଔଷଧ ବ୍ୟବସାୟୀମାନଙ୍କର ହୃତ୍‌କମ୍ପ ଜାତ ହେଲା । ନିଜନିଜ ବ୍ୟବସାୟର ବିପୁଳ କ୍ଷତି ହେବ ବୋଲି ଜାଣି ସେମାନେ ପ୍ରମାଦ ଗଣିଲେ; ତେଣୁ ସେମାନେ ଏକତ୍ର ମିଳିତ ହୋଇ ମହାତ୍ମା ହାନେମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଆରମ୍ଭ କଲେ । ଉକ୍ତ ସମୟରେ ଜର୍ମାନୀରେ ଆଇନ ପ୍ରଚଳିତ ଥିଲା ଯେ, ଚିକିତ୍ସକମାନେ କେବଳ ଔଷଧର ବ୍ୟବସ୍ଥା ଦେବେ, ମାତ୍ର ଔଷଧ ବିକ୍ରୟ କରି ପାରିବେ ନାହିଁ । ସେହି ସୁବିଧା ପାଇ ସ୍ୱାର୍ଥାନ୍ଧ ଡାକ୍ତର ଓ ଔଷଧ ବ୍ୟବସାୟୀମାନେ ତାଙ୍କ ନାମରେ ଏହି ଅଭିଯୋଗ କଲେ ଯେ, ସେ ଔଷଧ ବିକ୍ରୟ ନ କରି ସେ କେବଳ ବିତରଣ କରୁଛନ୍ତି । ରାଜାଙ୍କର ଆଦେଶ ହେଲା, ଯେ ହାନେମାନ୍ ଔଷଧ ତିଆରି କରି ପାରିବେ ନାହିଁ, କି ବିତରଣ କରି ପାରିବେ ନାହିଁ ! ତେଣୁ ସେ ସେଠାରୁ ସମସ୍ତ ସହାନୁଭୂତିର ଆଶା ବିସର୍ଜନ କରି ହାମ୍ବର୍ଗ ପ୍ରଦେଶକୁ ଯାତ୍ରା କଲେ । ତାଙ୍କ ନିକଟରେ ଯାହା କିଛି ଅର୍ଥ ସଞ୍ଚିତ ଥିଲା, ସେ ସମସ୍ତ ପଥ ମଧ୍ୟରେ ବ୍ୟୟିତ ହୋଇଗଲା । ଏହି ସମୟରେ ଅର୍ଥାଭାବରୁ ସେ ଦିନବେଳେ ବହି ଲେଖୁଥାଆନ୍ତି ଏବଂ ରାତିରେ ରନ୍ଧନକାର୍ଯ୍ୟ ଆଦିରେ ତାଙ୍କ ସ୍ତ୍ରୀଙ୍କୁ ସାହାଯ୍ୟ କରୁଥାଆନ୍ତି । ସେଠାରୁ ସେ ଡେମାରୁନ୍ ପ୍ରଦେଶକୁ ଗଲେ । ମାତ୍ର ସେଠାରେ ମଧ୍ୟ କିଛି ସୁବିଧା କରି ନ ପାରି ସ୍ୱଦେଶକୁ ଫେରିଆସିଲେ । ଏଥର ଚିକିତ୍ସକମାନେ ତାଙ୍କର ଅଧିକତର ଦୁର୍ବ୍ୟବହାରଣ କଲେ । ତେଣୁ ସେ ପୁଣି କେମାରୁନ୍‌କୁ ଚାଲିଗଲେ । ଏହି ସମୟରେ ଜର୍ମାନୀରେ ଆରକ୍ତ ଜ୍ୱର (Scarletina fever) ପ୍ରବଳଭାବରେ ଘୋଟିବାରୁ ହାନେମାନ୍ ବେଲେଡୋନାକୁ ଏହି ରୋଗର ଔଷଧରୂପେ ପ୍ରୟୋଗ କରି ଆଶ୍ଚର୍ଯ୍ୟ ଫଳ ପାଇଲେ । ଏହା ଦେଖି ଆଲୋପାଥିକ୍ ଡାକ୍ତରମାନେ ମଧ୍ୟ ଗୋପନରେ ସେହି ଔଷଧର ବ୍ୟବସ୍ଥା ଦେବାରେ ଲାଗିଲେ । ଏହି ସମୟରେହିଁ ତାଙ୍କୁ ହୋମିଓପାଥିକ୍ ଚିକିତ୍ସା ପ୍ରଣାଳୀର ବିଶେଷତ୍ୱ ଦେଖାଇବା ପାଇଁ ସୁଯୋଗ ମିଳିଲା ।

ତାପରେ ଲିପ୍‌ଜିଗ୍‌ରେ ସେ ପ୍ରକାଶ୍ୟ ଭାବରେ ହୋମିଓପାଥିକ୍ ଚିକିତ୍ସା ଆରମ୍ଭ କଲେ । ତାଙ୍କର ମେଟେରିଆ ମେଡିକା ଗ୍ରନ୍ଥ ଛଅ ଖଣ୍ଡରେ ପ୍ରକାଶିତ ହେଲା । ଉକ୍ତ ପୁସ୍ତକର ପ୍ରକାଶ ହେବା ପରେ ଅନେକ ଲୋକ ତାଙ୍କର ଉପଦେଶ ଶୁଣିବାକୁ ଆସିଲେ । ସେଠାରେ ସେ ଆଉ କେତେ ଖଣ୍ଡି ପୁସ୍ତକ ପ୍ରଣୟନ କଲେ । ଏହି ସମୟରୁ ସେ ଜଣେ ସୁଦକ୍ଷ ଡାକ୍ତର ବୋଲି ଦେଶରେ ପରିଚିତ ହେଲେ; ମାତ୍ର ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ପୁଣି ଚାଲିଲା ଓ ପୁଣି ରାଜାଙ୍କର ଆଦେଶ ହେଲା ଯେ, ସେ ଔଷଧ ତିଆରି କରି ପାରିବେ ନାହିଁ । ଅନ୍ତେ ଅନ୍ତେ ତାଙ୍କ ନିର୍ବାସନ ଆଦେଶ ପ୍ରଚାରିତ ହେଲା । ନୂତନ ସତ୍ୟର ପ୍ରଚାର ପାଇଁ ଯୁଗେ ଯୁଗେ ମହାତ୍ମାମାନେ ଯେଉଁପରି ସ୍ୱାର୍ଥାନ୍ଧ ଲୋକଙ୍କ ହସ୍ତରେ ନିର୍ଯ୍ୟାତନ ସହ୍ୟ କରିଛନ୍ତି, ମହାତ୍ମା ହାନେମାନଙ୍କ ଭାଗ୍ୟରେ ତାହାହିଁ ଘଟିଲା । ସେ ଶେଷରେ ସତ୍ୟ ପାଇଁ ଜୀବନ ଉତ୍ସର୍ଗ କଲେ । ୭୨ ବର୍ଷ ବୟସରେ ଚିରଦିନ ପାଇଁ ତାଙ୍କୁ ନିର୍ବାସିତ କରାଇ ଆଲୋପାଥିକ୍ ଡାକ୍ତରମାନେ କ୍ରୋଧ ଶାନ୍ତ କଲେ । ମାତ୍ର ସତ୍ୟର ଉପାସକ ହାନେମାନ୍ ସ୍ୱୀୟ କର୍ତ୍ତବ୍ୟପଥରୁ ଟଳେ ମାତ୍ର ଘୁଞ୍ଚିଲେ ନାହିଁ । ସେ ଅନ୍‌ହାଲ୍‌କଥେନ୍ ସହରରେ ଯାଇ ଉପସ୍ଥିତ ହେଲେ । ସେଠାର ଶାସକ ଡ୍ୟୁକ୍ ଫର୍ଡିନାଣ୍ଡ ହୋମିଓପାଥିକ ଚିକିତ୍ସା ବ୍ୟବସାୟ କରିବା ପାଇଁ ତାଙ୍କୁ ଖଣ୍ଡିଏ ସନନ୍ଦ ପ୍ରଦାନ କଲେ ଏବଂ ସୁଖସ୍ୱଚ୍ଛନ୍ଦରେ ଉକ୍ତ ବ୍ୟବସାୟ କରିବାପାଇଁ ତାଙ୍କର ସମସ୍ତପ୍ରକାର ବନ୍ଦୋବସ୍ତ କରିଦେଲେ ଓ ଅଳ୍ପ ଦିନ ପରେ ହାନିମାନଙ୍କୁ କାଉନସିଲର୍ ଅଫ୍ ଷ୍ଟେଟ୍ (Councillor of State) ଉପାଧି ଦେଲେ । ଏହି ସମୟରେ ଇଉରୋପର ଚାରିଆଡ଼ୁ ଅସଂଖ୍ୟ ରୋଗୀ ତାଙ୍କ ପାଖକୁ ଚିକିତ୍ସା ପାଇଁ ଆସିଲେ । ୧୮୨୭ ଓ ୧୮୨୮ ଖ୍ରୀଷ୍ଟାବ୍ଦରେ ଯଥାକ୍ରମେ ଇଂଲଣ୍ଡର ଖ୍ୟାତ ଡାକ୍ତର କୋୟେନ୍ ଓ ଆମେରିକାର ସୁପ୍ରସିଦ୍ଧ ଡାକ୍ତର ହେରିଙ୍ଗ୍ ହୋମିଓପାଥିକ୍ ଚିକିତ୍ସାପ୍ରଣାଳୀର ଅସାରତା ପ୍ରମାଣ କରିବା ପାଇଁ ହାନିମାନଙ୍କ ନିକଟକୁ ଆସିଥିଲେ; କିନ୍ତୁ ଯୁକ୍ତିରେ ପରାସ୍ତ ହୋଇ ଓ ନିଜର ଭ୍ରମ ବୁଝିପାରି ଶେଷରେ ସେ ଦୁଇଜଣ ବଡ଼ ହୋମିଓପାଥିକ ଡାକ୍ତର ପାଲଟିଗଲେ । ଏହି ଦୁଇଜଣ ଡାକ୍ତର ଇଂଲଣ୍ଡରେ ଓ ଆମେରିକାରେ ହୋମିଓପାଥିର ପ୍ରଚାର କଲେ । ୧୮୨୮ ଖ୍ରୀଷ୍ଟାବ୍ଦରେ ହାନିମାନ (Chronic disease) ପୁରାତନ ରୋଗ ବୋଲି ଗୋଟିଏ ଗ୍ରନ୍ଥ ୪ ଖଣ୍ଡରେ ସମାପ୍ତ କରି ପ୍ରକାଶ କଲେ ।

୧୮୩୦ ଖ୍ରୀଷ୍ଟାବ୍ଦରେ ହାନିମାନଙ୍କର ହୃଦୟରେ ଦାରୁଣ ଆଘାତ ଦେଇ ତାଙ୍କର ପ୍ରଥମା ସହଧର୍ମିଣୀ ପ୍ରାଣତ୍ୟାଗ କଲେ । ୧୮୩୫ ରେ ସେ ପୁନର୍ବାର ବିବାହ କଲେ । ଏହି ବିବାହର ଘଟଣା ଅତି ଅଦ୍ଭୁତ । କୁମାରୀ ମେଲେନ୍ ଡି ହାର୍ଭେଲିକାମ୍ପି ଜଣେ ଫରାସୀ ରମଣୀ ଯକ୍ଷ୍ମା

ରୋଗରେ ବହୁକାଳ ଯନ୍ତ୍ରଣା ଭୋଗି ବହୁ ଡାକ୍ତରଙ୍କ ହାତରୁ ହତାଶ ହୋଇ ଫେର ଶେଷରେ ହାନିମାନଙ୍କ ଶବଭୁକ୍ତ ଅରୋଗ୍ୟଲାଭ କର ତାଙ୍କୁ ବିବାହ କରିବାର ଇଚ୍ଛା ପ୍ରକାଶ କଲେ । ହାନିମାନ୍ ସେଥିରେ ରାଜି ହେଲେ । ଅଳ୍ପ ଦିନ ପରେ ସ୍ତ୍ରୀଙ୍କୁ ସଙ୍ଗରେ ନେଇ ସେ ପାରୀ ନଗରରେ ଯାଇ ଉପସ୍ଥିତ ହେଲେ; ଶତାଧିକ ଔଷଧ ନିଜ ଦେହରେ ପ୍ରୟୋଗ କର ସେ କ୍ରମାଗତ ପୀଡ଼ାଗ୍ରସ୍ତ ହୋଇ ଶେଷରେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ୮୯ବର୍ଷ ବୟସରେ ସେ ମୂତ୍ରକୃଚ୍ଛ୍ର ରୋଗରେ ଆକ୍ରାନ୍ତ ହେଲେ; ଏହି ରୋଗରୁ ଆଉ ଆରୋଗ୍ୟଲାଭ କରି ପାରିଲେ ନାହିଁ । ୧୮୪୪ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୨ତାରିଖରେ ଚିକିତ୍ସାଜଗତକୁ ଗଭୀର ଅନ୍ଧକାରରେ ଆବୃତ କରି ସେ ଚିରକାଳ ପାଇଁ ଇହଜଗତରୁ ବିଦାୟ ନେଲେ ।

ହାନିମାନଙ୍କ ଜନ୍ମଭୂମିରେ ତାଙ୍କର ପ୍ରସ୍ତରମୟୀ ମୂର୍ତ୍ତି ସ୍ଥାପିତ ହୋଇଅଛି । ଉକ୍ତ ମୂର୍ତ୍ତିର ଚାରିପାଖେ ବେଲଜିୟମ୍ ଓ ଡଲଫେଲସ୍‌ପ୍ରଭୃତି ବୃକ୍ଷ ଶୋଭାପାଇ ସେ ସ୍ଥାନର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଅଛି । ତାହାର ଚତୁର୍ଦ୍ଦିଗରେ ତତ୍କାଳୀନ ପ୍ରଧାନ ପ୍ରଧାନ ହୋମିଓ ଚିକିତ୍ସକମାନଙ୍କର ନାମ ମଧ୍ୟ ଉତ୍କୀର୍ଣ୍ଣ କରା ଯାଇଅଛି ।

ସନ୍ଦର୍ଭ ଲେଖକ—ଡାକ୍ତର ନଟବର ମହାନ୍ତି ଏଚ୍. ଏମ୍ ବି, ଏଫ୍.ଏଚ୍. ଏ, ପ୍ରିନ୍‌ସିପାଲ୍, ଉତ୍କଳ ହୋମିଓପାଥିକ୍ ମେଡ଼ିକାଲ୍ କଲେଜ୍.—କଟକ ।]

ହି (ଧାତୁ)—ସ.—୧ । ଗମନ କରିବା—1. To go. ୨ । ବୃଦ୍ଧି
Hi (root) ପାଇବା; ବଢ଼ିବା—2. To be increased; to grow. ୩ । ପ୍ରେରଣ କରିବା—3. To send.

ହି—ସ. ଅ—(ହି ଧାତୁ=ଗମନ କରିବା+କର୍ତ୍ତି ଡ)—୧ । ହିଁ; ନିଶ୍ଚୟ-
Hi 1. Certainly. (ଯଥା—ବିପନ୍ନର ସାହାଯ୍ୟ କରିବାହିଁ ମନୁଷ୍ୟତା) ୨ । ଅବଧାରଣାର୍ଥକ—2. Interjection used in ascertainment.(ଯଥା-ଏହାହିଁ ମୁଁ ସ୍ଥିର କଲି) ୩ । ହେତ୍ୱର୍ଥକ—3.In reasoning. ୪ । ପ୍ରଶ୍ନାର୍ଥ.—4.In questioning. ୫। ସମ୍ଭ୍ରମାର୍ଥକ-5.In respect. ୬ । ଅସୂୟାର୍ଥକ—6. In envy.୭ । ପାଦ ପୂରଣେ ର୍ଥକ-7. In concluding a sentence.୮। ବ୍ୟଗ୍ରତାର୍ଥକ-8. In anxiety. ୯ । ଶୋକାର୍ଥକ—9. In grief.

ହି ଦେ.ଅ-ଦାନ୍ତକୁ ଅଳ୍ପ ଦେଖାଇ ଉଚ୍ଚହାସ୍ୟ କରିବାର ଶବ୍ଦ—
हि The sound of laughing by slightly exhibitng the teeth.

ହିଅ(ଆ)ର୍ । ହିଅ(ଆ)ର୍ !—ବୈଦେ.ଅ (ଇଂ;ଅଧୁନିକ ସଭା ସମିତିରେ
Hia(ā)r hia(ā)r ଇଂରାଜମାନଙ୍କ ଅନୁକରଣରେ ବ୍ୟବହୃତ ଶବ୍ଦଦ୍ୱୟ)—[ବକ୍ତାଙ୍କ ବକ୍ତୃତାର କୌଣସି ଅଂଶକୁ ପ୍ରଶଂସା କରି ଅନ୍ୟ ସମସ୍ତ ଶ୍ରୋତାମାନଙ୍କ ମନୋଯୋଗ ଆକର୍ଷଣ କରିବାପାଇଁ ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ଶ୍ରୋତାଙ୍କ ଦ୍ୱାରା ଉଚ୍ଚାରିତ ଶବ୍ଦଦ୍ୱୟ । ଏଥିର ମର୍ମ]—ବକ୍ତାଙ୍କର ବକ୍ତୃତାର ଏହି ଅଂଶକୁ ଆପଣମାନେ ମନୋଯୋଗ ପୂର୍ବକ ଶୁଣନ୍ତୁ—
হিয়ারাহিয়ার हिअरहिअर Hear hear !

ହିଅ(ଆ)ରିଙ୍ଗ୍—ବୈଦେ. ବ (କଚେରିଥି) (ଇଂ)—ମକଦ୍ଦମାର ଶୁଣାଣି;
Hia(ā)ring ହାକିମଙ୍କ ଦ୍ୱାରା ମକଦ୍ଦମାର ବିଚାର—Hearing or trial of a case. [ଦ୍ର—ଗଞ୍ଜାମରେ ଏହି ଶବ୍ଦ
হিয়ারিঙ্গ हिअरिङ्ग ହେରିଙ୍ଗ୍ ବୋଲି ଉଚ୍ଚାରିତ ହୁଏ]

ହିଅ(ଆ)ରିଙ୍ଗ୍ ଫି(ଫିସ୍)—ବୈଦେ.ବ(କଚେରିଥି)(ଇଂ)—ଶୁଣାଣି ହେଉ
Hia(ā)ring phi(phis) ଥିବା ମକଦ୍ଦମାର ଜବାବ ସୁଆଲ କରିଥିବା ଯୋଗୁ ଜିତିବା ପକ୍ଷର ଉକିଲଙ୍କ ଫି ପାଇଁ ହାରିବା ପକ୍ଷଙ୍କ ଉପରେ ହାକିମଙ୍କଦ୍ୱାରା ଡିଗ୍ରୀ ହୋଇଥିବା ଟଙ୍କା—Hearing fee of a case decreed by a court, to be paid to the winning side by the
হিয়ারঙ্গফি हिअरिङ्गफि losing side.

ହିଆ—ଦେ. ବ (ସ ହୃଦୟ; ପ୍ରା. ହିଅଅ)—୧ । ହୃଦୟ; ଅନ୍ତଃକରଣ—
Hiā 1. Heart; mind. [ଉ—ଏହା ଶୁଣି ସ୍ତ୍ରୀ ହୋଇଲେ ମୋର ହିଆ—କୃଷ୍ଣସିଂହ.ମହାଭାରତ ବନ] ୨ । ବକ୍ଷସ୍ଥଳ; ଛାତି; ଛାତି; ହୃଦ୍‌ଦେଶ—2. Breast; chest. [ଉ—ବୁଝ୍ କୁହିଥା, ମାଗୁଣ କାଶଅ, ହିଅରେ ନ ଥାଏ ବାଳ; ଏ ତିନଙ୍କି ପରତେ ନ ଯିବ ଖାଇଁଥିବ ଯେତେକାଳ—ଢଗ] ୩ । ଧୈର୍ଯ୍ୟ—3. Patience [ଉ—ଯଶୋଦା ନ ଜାଣଇ ଏହା, କେମନ୍ତେ ଧରିବନ୍ତି ହିଆ—ଜଗନ୍ନାଥ. ଭାଗବତ] ସର୍ବନାମ—୧ । (ସ. ଇଦମ୍, ପ୍ରା. ଇହଅ)—ଏହା; ତାହା; (କୌଣସି ବସ୍ତୁର ନାମ ମନେ ନ ପଡ଼ିଲେ ତହିଁ ସ୍ଥଳରେ ବ୍ୟବହୃତ ସର୍ବନାମ)—1. This thing; that thing, (used in respect of a thing which slips of one's recollection at the moment). ୨ । ଅଶ୍ଳୀଳ ଶବ୍ଦ ବା ବାକ୍ୟ ମୁହଁରେ ନ ଧରି ତତ୍‌ପରିବର୍ତ୍ତରେ ବ୍ୟବହୃତ ଶବ୍ଦ--2. (Euphemism for any obscene expression which a person does not like to utter) That thing. [ଯଥା—ମୁଁ ତାକୁ ଏତେ ଖୋସାମତ କଲି ଯେ ସେ ଶୁଣିଲା ନାହିଁ ମୁ ଅଉ ତା ପାଖକୁ ନ ଅସିଲେ ସେ ମୋର 'ହିଆ' କରି ହୋଇବ] [ଦ୍ର—ଏହିପରି ସ୍ଥଳରେ କେହି କେହି 'ଅମୁକ, ଅମୁକେଇ, ଅମୁକ ନେଇ ସମୁକ, ଫଲଣା ଇତ୍ୟାଦି ଶବ୍ଦ ବ୍ୟବହାର କରନ୍ତି]

ହିଆଡ଼େ—ପ୍ରାଦେ. (ଗଡ଼ଜାତ) ସର୍ବନାମ—ସେହିଆଡ଼େ—
Hiārde. There; in that direction.

ହିଆଲି—ଦେ. ବିଣ (ପ୍ରାଚୀନ ବ୍ୟବହାର) (ସ. ହୃଦୟ ଓ ଆଳୟ)—
Hiāli ହୃଦ୍ୟ; ଆନନ୍ଦଜନକ; ମନୋହର—Charming; pleasing. ପ୍ରାଦେ. (ଉତ୍ତର ବାଲେଶ୍ୱର) ବ—
মনোহর मनोहर ହିଁଆଳି (ଦେଖ)—Hiñāli (See)

ହିଉଗୋ—ବୈଦେ. ବ (ନାମ)—ଫରାସୀ ରାଷ୍ଟ୍ର ବିପ୍ଳବ ଯୁଗର ଭିକ୍ଟର୍
Hiugo ହିଉଗୋ ନାମକ ଜଣେ ପ୍ରସିଦ୍ଧ ଫରାସୀ ଗ୍ରନ୍ଥକାର ଓ ଔପନ୍ୟାସିକ—Victor Hugo,a famous author and novelist of the French Revolution
হিউগো हुगो (ହ୍ୟୁଗୋ—ଅନ୍ୟରୂପ) age.

ହିଉମ—ବୈଦେ. ବି (ନାମ)—ଡେଭିଡ୍ ହିଉମ୍ ନାମକ ଜଣେ ସ୍ୱର୍ଗତ
Hium ଇଂରାଜ—The late David Hume.
[ବି—ଏ ଭାରତକୁ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କର ରାଜକର୍ମଚାରୀ ରୂପେ ଆସି ଭାରତବାସୀଙ୍କର ରାଜନୈତିକ ଅଧିକାର ଲାଭ ଉଦ୍ଦେଶ୍ୟରେ ଇଣ୍ଡିଅନ ନାସନାଲ୍ କଂଗ୍ରେସ୍ (Indian National Congress)ର ପ୍ରତିଷ୍ଠା କରିବା ପାଇଁ ଭାରତବାସୀଙ୍କୁ ପ୍ରବର୍ତ୍ତାଇ ଥିଲେ ଓ କାଳକ୍ରମେ ବର୍ଷେ
ହିଉম **हिउम** କଂଗ୍ରେସର ସଭାପତି ନିର୍ବାଚିତ ହୋଇଥିଲେ]

ହିଉମ ପାଇପ—ବୈଦେ. ବି—(ଏହି ପାଇପ୍ର ଆବିଷ୍କର୍ତ୍ତା ଓ ନିର୍ମାତା
Hium pāip ହିଉମ୍ ନାମକ ସାହେବଙ୍କ ନାମରୁ)—ସିମେଣ୍ଟ କଙ୍କ୍ରିଟରେ ନିର୍ମିତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି ଚଳାଇବା ପାଇଁ ଲୁହା ନଳ ପରିବର୍ତ୍ତରେ ବ୍ୟବହୃତ ନଳ-
ହିউমপাইপ **हिउमपाइप** Hume pipe for water supply.

ହିଏ—ପ୍ରାଦେ. (ଖଡ୍ଡଅଞ୍ଚଳ) କ୍ରି—ହୁଏ—
Hie Is; becomes.

ହିଂ(ହିଁ)କା (ଇତ୍ୟାଦି)—ଗ୍ରା. ବି (ସଂ. ହିକ୍କା)—ହିକ୍କା (ଦେଖ)—
Him(hiṅ)kā etc. Hikkā (See). [ବି—ହିଙ୍ଗୁଳ, ହିଙ୍ଗୁ, ହିଙ୍ଗୁ (ଇତ୍ୟାଦି), ହିଙ୍ଗୁଳ (ଇତ୍ୟାଦି), ହିଙ୍ଗୁଳା(ଇତ୍ୟାଦି), ହିଣ୍ଡିଡ଼ (ଡ଼ା, ଡ଼ୀ), ହିନ୍ତାଳ, ହିନ୍ତାଳ, ହିନ୍ଦୀ, ହିନ୍ଦୁ ଇତ୍ୟାଦି ଶବ୍ଦମାନଙ୍କର ହିଂଗଳ, ହିଁଗଳ ଆଦି ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁ ବିଶିଷ୍ଟ ଆକାରମାନ ଏ ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ଏଠାରେ ଦିଆଗଲା ନାହିଁ]

ହିଂଗ୍—ପ୍ରାଦେ. (ସମ୍ବଲପୁର) ବି—ହେଙ୍ଗୁ—(ଭୁଲ. ହି. ହିଂଗ୍)
Hiṁg Asafoetida.

ହିଂସକ—ସଂ. ବିଣ ପୁଂ—(ହିଂସ୍ ଧାତୁ=ବଧ କରିବା+କର୍ତ୍ତୃ.ଅକ)—
Hiṁsaka ୧ । ହିଂସାକାରକ ; ହିଂସ୍ର—1. Mischi-
(ହିଂସିକା—ସ୍ତ୍ରୀ) evous ; seeking to hurt or kill.
୨ । ଘାତକ—2. Murderous. ୩ । ବିଦ୍ୱେଷକାରୀ; ଈର୍ଷାଯୁକ୍ତ—3. Malicious ; spiteful. ବି—୧ । ହିଂସ୍ର ଜନ୍ତୁ—1. Wild or murderous animal. ୨ । ଶତ୍ରୁ—2. Enemy. ୩ । ଅଥର୍ବବେଦବେତ୍ତା ବ୍ରାହ୍ମଣ (ଶବ୍ଦରତ୍ନାବଳୀ)—3. A Brāhmaṇa versed in the 'Atharba Beda'.

ହିଂସ (ସୁ) କା—ଦେ. ବିଣ. ପୁ—(ସଂ. ହିଂସକ ; ହିଂସୁକ) ବିଦ୍ୱେଷ-
Hiṁsa (su) kā କାରୀ ; ହିଂସୁକ ; ଈର୍ଷାଯୁକ୍ତ—
[ହିଂସ (ସୁ) କୀ—ସ୍ତ୍ରୀ] Malicious ; spiteful.
ହিংসুটে **ईर्षाकरनेवाला**

ହିଂସନ—ସଂ. ବି—(ହିଂସ୍ ଧାତୁ=ବଧ କରିବା+ଭାବ ଅନ)—
Hiṁsana ୧ । ବଧ ; ଘାତ ; ହନନ—1. Slaughter ; killing ; murdering. ୨ । ପରର ଅନିଷ୍ଟ ସାଧନ—(ଯଥା—ଚୌର୍ଯ୍ୟ)—2. Injuring others. ୩ । ପରର ଅନିଷ୍ଟ ସାଧନେଚ୍ଛା—3. Desire to injure others ; mischievous intention. [ବି—ଏହା ଦୁଇ ପ୍ରକାର ଯଥା—ପ୍ରାଣିବଧ କରିବା, ପ୍ରାଣିପୀଡ଼ନ କରିବା ।] ୪ । ଈର୍ଷା ; ବିଦ୍ୱେଷ—4. Spite ; malice. ୫ । ଅପକାର—5. Grudge.

ହିଂସା—ସଂ. ବି—(ହିଂସ୍ ଧାତୁ+ଭାବ ଅ+ଆ)—୧ । ହିଂସନ
Hiṁsā (ଦେଖ)—1. Hiṁsana (See). ୨ । ହିଂସା ଇତ୍ୟାଦି (ଦେଖ)—2. Hiṁsā etc (See).
ବୈଦେ. ବି—ହିଁସା ଇତ୍ୟାଦି (ଦେଖ)—Hiṅsā etc (See).

ହିଂସା କରିବା—ଦେ. କ୍ରି—୧ । ବଧ କରିବା—1. To kill.
Hiṁsā kariba ୨ । ପୀଡ଼ା ଦେବା—2. To injure or
হিংসাকরা give pain. ୩ । ଈର୍ଷା କରିବା; ଅପକାର
हिंसाकरना କରିବା ; ବିଦ୍ୱେଷ କରିବା—3. To be spite-
ঈর্ষা করা ful; to grudge ; to envy. ୪। (ବୈଦେ—
ईर्षा करना ଫା. ହିସ୍ସା)—ସମ୍ପତ୍ତିଅଂଶର ବିଭାଗ କରିବା—
To partition a property.
হিস্সাকরা **हिसाकरना**

ହିଂସା କର୍ମ—ସଂ. ବି—ଅଥର୍ବବେଦୋକ୍ତ ମନ୍ତ୍ରସାହାଯ୍ୟରେ କୃତ
Hiṁsā karma ମାରଣ, ଉଚ୍ଚାଟନ, ସ୍ତମ୍ଭନ, ମୋହନ, ବଶୀକରଣାଦି କର୍ମ ; ତାନ୍ତ୍ରିକ କର୍ମ; ଅଭିଚାର (ଅମର)—Acts of injuring others by the employment of the black art (mentioned in the Atharba Beda).

ହିଂସା ପ୍ରଣୋଦିତ—ସଂ. ବିଣ (ବହୁ ତତ୍)—ହିଂସା ବା ବିଦ୍ୱେଷଦ୍ୱାରା
Hiṁsā praṇodita ପ୍ରଯୋଜିତ—Goaded or prompted by spite or malice.

ହିଂସା-ମୂଳକ—ସଂ. ବିଣ—(ବହୁବ୍ରୀହି)—ଯେଉଁ କାର୍ଯ୍ୟର ମୂଳରେ
Hiṁsā mūlaka ହିଂସା ଅଛି—Originating from malice or mischievous intent.

ହିଂସାରୁ—ସଂ. ବି—(ହିଂସ୍ ଧାତୁ+କର୍ତ୍ତୃ ଆରୁ)—ବ୍ୟାଘ୍ର (ତ୍ରିକାଣ୍ଡ
Hiṁsāru ଶେଷ)—Tiger.

ହିଂସାଳୁ—ସଂ. ବିଣ—(ହିଂସ୍ ଧାତୁ+ଶୀଳାର୍ଥେ ଆଳୁ)—୧ ।
Hiṁsālu ହିଂସାଶୀଳ ; ହିଂସ୍ର—1. Envious or spiteful. ୨ । ହନନଶୀଳ—2. Murderous.

ହିଂସାଳୁକ—ସଂ. ବି.ପୁଂ—(ହିଂସାଳୁ+ସଂଜ୍ଞାର୍ଥେ କ)—ହିଂସ୍ର
Hiṁsāluka କୁକୁର (ହାରାବଳୀ)—Ferocious dog.
ବିଣ—ହିଂସାଳୁ (ଦେଖ)—Hiṁsālu (See).

ହିଂସାହିଂସି—ଦେ. ବି—୧ । ପରସ୍ପର ମଧ୍ୟରେ ହିଂସା—
Hiṁsāhiṁsi 1. Mutual grudge ; spite.
୨ । ହିଂସା ପ୍ରତିହିଂସା—2. Spite and revenge.
ঈর্ষাদ্বেষ **ईर्षाद्वेष**

ହିଂସିତ—ସଂ. ବିଣ—(ହିଂସ୍ ଧାତୁ+କର୍ମ ତ)—୧ । ହତ—
Hiṁsita 1. Killed; slaughtered. ୨ । ହିଂସାପ୍ରାପ୍ତ; ଯାହାକୁ ହିଂସା କରାଯାଇଅଛି—2. Injured.

ହିଂସିବା—ଦେ. କ୍ରି—ହିଂସା କରିବା—(ଦେଖ —Himsā kariba
Himsiba (See). [ହି—ପରେ ଯେଉଁ ପକ୍ଷି ଙ୍କରେ ନଖ ଥାଏ, ତାହାକୁଡ଼ି କସିଣ ହିଂସନ୍ତ ସରଏ । କୃଷ୍ଣସିଂହ—
हिंसाकरा हिंसाकरना ମହାଭାରତ-ଶଲ୍ୟ ।]

ହିଂସେକ—ଦେ. ବି—ହିଂସକ ; ପରଦ୍ୱେଷୀ—Oppressive ;
Himseka envious. [ହି—କପଟୀ ଲମ୍ପଟୀ ଯେ ଲୋକେ ସାଜନ୍ତି ପରେ ସେ ହିଂସେକ । ଯଶୋବନ୍ତ ପ୍ରେମଭକ୍ତି
हिंसक ईर्षा करनेवाला ବ୍ରହ୍ମଗୀତା ।]

ହିଂସ୍ୟ—ସଂ. ବିଣ ପୁଂ—(ହିନସ୍ ଧାତୁ+କର୍ମ ଯ)—୧ । ବଧ୍ୟ—
Himsya 1. Deserving to be killed. ୨ । ହିଂସାର ଉପଯୋଗୀ—2. Deserving to be
(ହିଂସ୍ୟା—ସ୍ତ୍ରୀଲିଙ୍ଗ) injured.

ହିଂସ୍ର—ସଂ. ବିଣ. ପୁ—(ହିନ୍ସ୍ ଧାତୁ+ଶୀଳାର୍ଥେ ର)—୧ । ହନ୍ତା;
Himsra ପ୍ରାଣଘାତୀ—1. Murderous. ୨ । ହିଂସାଶୀଳ;
[ହିଂସ୍ରା - ସ୍ତ୍ରୀ] ଅନିଷ୍ଟକାରକ—2. Mischievous ; malignant. ୩ । କ୍ରୂର—3. Cruel. ବି—୧ । ଶିବଙ୍କର ଘୋର ରୂପ—1. A fierce incarnation of Śiba. ୨ । ଶିବ ; ହର—2. Śiba. ୩ । ଭୀମସେନ (ଉଣାଦକୋଷ)—3. Bhimasena (See).

ହିଂସ୍ରକ—ସଂ. ବେଣ—(ହିଂସ୍ର+ସ୍ୱାର୍ଥେ କ)—ହିଂସ୍ର (ଦେଖ)—
Himsraka Himsra (See). ବି—ହିଂସ୍ର ପଶୁ—
[ହିଂସ୍ରିକା—ସ୍ତ୍ରୀ] Ferocious animal.

ହିଂସ୍ରକ ଜନ୍ତୁ—ସଂ. ବି—ବ୍ୟାଘ୍ରାଦି ପ୍ରାଣଘାତକ ଜୀବ—Ferocious
Himsraka jantu animal ; rapacious animal.
ହିଂସ୍ରକ ଜୀବ
ହିଂସ୍ର ପଶୁ
ହିଂସ୍ର ଜନ୍ତୁ } —ଅନ୍ୟରୂପ
ହିଂସ୍ର ଜୀବ
ହିଂସ୍ର ପଶୁ

ହିଂସ୍ରକ ପ୍ରକୃତି—ସଂ. ବି—(କର୍ମଧା)—ପରର ଅନିଷ୍ଟ କରିବା ପ୍ରକୃତି-
Himsraka prakruti Malignant or rapacious
ହିଂସ୍ରକ ସ୍ୱଭାବ ପୁଂ } nature; Malicious nature.
ହିଂସ୍ର ପ୍ରକୃତି ପୁଂ ଓ ସ୍ତ୍ରୀ } ଅନ୍ୟ ବିଣ ରୂପ] ବିଣ—ପୁଂ ଓ ସ୍ତ୍ରୀ (ବହୁବ୍ରୀହି) ହିଂସାଶୀଳ—
ହିଂସ୍ର ସ୍ୱଭାବ ପୁଂ
ହିଂସ୍ର ସ୍ୱଭାବା, ହିଂସ୍ରକ ସ୍ୱଭାବା—ସ୍ତ୍ରୀ ବିଣରୂପ] Rapacious by nature.

ହିଂସ୍ରା—ସ. ବିଣ—(ହିଂସ୍ର+ଆ)—ହିଂସ୍ରର ସ୍ତ୍ରୀ ଲିଙ୍ଗ—Feminine
Himsrā of Himsra. ବି—୧ । ଏଳାବଳୀ; ଏଳବାଳୁକା (ମେଦିନୀ, ହେମଚନ୍ଦ୍ର)—1. A scented herb. ୨ । କାକାଦନୀ; କଣ୍ଟେଇ କୋଳି (ମେଦିନୀ, ହେମଚନ୍ଦ୍ର)—2. Prickly night shade. ୩ । ମାଂସୀ; ଜଟାମାଂସୀ—3. Indian spikenard. ୪ । ଗବେଡୁକା; ଗବେଧୁକା; ଦେଧାନ (ଶବ୍ଦଚନ୍ଦ୍ରିକା)—4. A wild grain; Coix Barbata. ୫ । ନାଡ଼ (ଶବ୍ଦଚନ୍ଦ୍ରିକା)—5. Pulse. ୬ । ଶିରା (ଶବ୍ଦଚନ୍ଦ୍ରିକା)—
6. Vein.]

ହିଂସ୍ରିକା—ସ. ବିଣ. ସ୍ତ୍ରୀ—ହିଂସ୍ରକର ସ୍ତ୍ରୀଲିଙ୍ଗ—Feminine of
Himsrikā Himsraka. ଦେ. ବିଣ. ପୁଂ—୧ । ହିଂସ୍ର
(ହିଂସ୍ରିଣୀ—ସ୍ତ୍ରୀ) (ଦେଖ)—1. Himsra (See). ୨ ।
हिंसुटे ଈର୍ଷାଯୁକ୍ତ; ଦ୍ୱେଷଯୁକ୍ତ—2. Malicious; envious;
ईर्षाकरनेवाला spiteful.

ହିଃ - ଦେ. ଅ—ଅନ୍ୟ ବ୍ୟକ୍ତିକୁ ଉପହାସ କରି ଉଡ଼ାଇ ଦେବାର ଶବ୍ଦ—
Hih (Interjection) (Used in scoffing a person)
हिः आः Heigh !

ହିଁ—ଦେ. ଅ—(ସଂ. ହି)—୧ । (ଅବଧାରଣ ବା ନିଶ୍ଚୟାର୍ଥକ)
Hiñ ନିଶ୍ଚୟ—1. (Interjection) Certainly; undoubtedly.
ही ही tedly. [ହି—ଏ ପଥେ ଅଛହିଁ ଦୁବନ । ଭୃଙ୍ଗ—ପ୍ରେମପଞ୍ଚାମୃତ ।] ୨ । କେବଳ—2. Only. ୩ । ସୁଦ୍ଧା—3. Even. [ହି—ଯାଉ ସ୍ୱପ୍ନ ଜାଗ୍ରତ ନାହିଁ, ସୁଷୁପ୍ତି ହେଉଦହିଁ ନ ଯାଇ । ଜଗନ୍ନାଥ ଭାଗବତ ।] ୪ । ଏବଂ; ମଧ୍ୟ—4. Also; and. [ହି—ପିତା ମାତାହିଁ ଭ୍ରାତୃଜନ, ପତି ତନୟ ଗୁରୁଜନ । ଜଗନ୍ନାଥ ଭାଗବତ । ୫ । ସମ୍ଭବତଃ—5. Perhaps. ବି—ଦାନ୍ତକୁ ଈଷତ୍
हीं हीं ମେଲାଇବାର ଅନୁନାସିକ ହାସ୍ୟ କରିବା ଶବ୍ଦ—Nasal sound of laughter by slightly opening the teeth.

ହିଁଆଳି(ଲି)—ପ୍ରାଦେ (ମେଦିନୀପୁର) ବି—(ବଙ୍ଗଳାରୁ ଗୃହୀତ; ସ.
Hiñāli (li) ପ୍ରହେଳିକା)—୧ । ପ୍ରହେଳିକା; ପହଳି; ଢାଗ୍ ଢଗ
1. Riddle. ୨ । ଗୂଢ଼ାର୍ଥକ ପ୍ରଶ୍ନ; ସମସ୍ୟା—
2. Conondrum.

ହିଁଚୁଡ଼ା—ପ୍ରାଦେ (ମେଦିନୀପୁର) ବି—ପଣସକଠା—
Hiñchurda Young jack fruit.

ହିଁସ୍—ପ୍ରାଦେ (ସମ୍ବଲପୁର ଓ କଳାହାଣ୍ଡିର ଗାଁ‌ଣ୍ଠା) ବି—(ସ.ଈର୍ଷା)—
Hiñs ଈର୍ଷା ୧ (ଦେଖ) Irshā 1 (See).

ହିଁସା—ବୈଦେ. ବି (ଅ.ହିସ୍ସା)—କୌଣସି ବସ୍ତୁରେ ବା ବ୍ୟବସାୟରେ
Hiñsā ଅଂଶ—Share. ଦେ. ବି—ହିଂସନ (ଦେଖ)—
हिस्सा हिस्सा Himsana (See).

ହିଁସାଦାର—ବୈଦେ. ବି—(ଅ. ହିସ୍‌ସାଦାର୍)—୧ । ଭାଗଦାର;
Hiñsādār ସମ୍ପତ୍ତିରେ ଅଂଶୀଦାର—1. Shareholder;
हिस्यादार cosharer. ୨ । ବ୍ୟବସାୟରେ ଅଂଶୀଦାର—2.
हिस्सेदार Partner in business.

ହିଁସାଦାରି—ବୈଦେ ବି(ଅ)—୧ । ସମ୍ପତ୍ତିରେ ଭାଗଦାର ହେବା ଅବସ୍ଥା—
Hiñsā dāri 1. Coparcenery. ୨ । ବ୍ୟବସାୟରେ ଭାଗଦାରି—
हिस्यादारि हिस्सेदारा 2. Partnership.

ହିଁସ୍ୟା—ପ୍ରାଦେ (ଯାଜପୁର) ବି—ହିଁସା (ଦେଖ)—Hiñsā (See)
Hiñsya

ହିଁହିଁ—ଦେ. ଅ—ଦାନ୍ତକୁ ଈଷତ୍ ବାହାରପୂର୍ବକ ଧ୍ୱନିକରି ହସିବାର
Hiñ hiñ ଶବ୍ଦ—(Interjection) The sound of

हिँ हिँ हीँहीँ laughing audibly by slightly showing the teeth. [ଦ୍ର—ହିଁ ହିଁ ଅପେକ୍ଷା ଉଚ୍ଚତର ତାହାକୁ ହେଁ ହେଁ କୋଲଯାଏ।]

ହିଁହିଁକା—ଦେ. ଅ—ଶିଶୁମାନଙ୍କର ପରସ୍ପର ବକ୍ରୋକ୍ତି ଭାବରେ
Hiñhiñkā ଛୁଗୁଲିଇବାର ଧ୍ୱନି—(Interjection) Used by children ironically scoffing at each other. [ଦ୍ର—ଜଣେ ପିଲା ଅନ୍ୟ ଜଣେ ପିଲାକୁ ଧରିବାକୁ ଗୋଡ଼ାଇ ଗୋଡ଼ାଇ ତାକୁ ଧରି ନ ପାରିଲେ ଦ୍ୱିତୀୟ ପିଲା ବକ୍ରୋକ୍ତି ଭାବରେ ଏହା କହୁଥାଏ । ଯଥା—ହିଁହିଁକା ମତେ ଧରିଲୁ ?]

ହିଁହିଁୟା—ଦେ. ବଣ. ପୁଂ—(ଅନାଦର ବା କନ୍ଦାସୂଚକ)—ଯେଉଁ
Hiñhiñyā ବ୍ୟକ୍ତି ସବୁବେଳେ ହିଁ ହିଁ ହୋଇ ହସୁଥାଏ—
(ହେଁହେଁଇ—ସ୍ତ୍ରୀ) Given to constantly laughing
ये हिँहिँ करे हीँही करनेवाला loudly.

ହିଁ ହିଁ ହେବା—ଦେ. କ୍ରି—ଅନୁଚିତ ରୂପେ ସର୍ବଦା ହିଁ ହିଁ ହୋଇ
Hiñ hiñ hebā ହସିବା—To constantly laugh
हिँ हिँ करा हाँ हाँ करना loudly and improperly.
(ହିଁ ହିଁ ଚିଁ ଚିଁ ହେବା—ଅନ୍ୟରୂପ)

ହିକ୍‌ମତ୍—ବୈଦେ. ବ (ଆ. ହିକ୍‌ମତ୍=ଜ୍ଞାନ; ଗୁରୁତ୍ୱ)—୧। ଜ୍ଞାନ—
Hik-mat 1. Knowledge. ୨। ପଟୁତା; ଗୁଣୁତ୍ୱ—
हिक्‌मत् 2. Art; shrewdness; skill. ୩। ବିଦ୍ୟା—
हिकमत 3. Learning; arts. ୪। ମାନସିକ ପ୍ରଖରତା—4. Sharpness of intellect. ୫। ତାନ୍ତ୍ରିକ ମନ୍ତ୍ରସନ୍ଧାନ ଅନୁସାରେ; ମାରଣ, ବଶୀକରଣ, ସ୍ତମ୍ଭନ, ମୋହନ ଆଦି ବିଦ୍ୟା—5. The black art; employment of magic in subduing or injuring persons. ୬। ଅଦ୍ଭୁତ ଫଳପ୍ରଦ ମନ୍ତ୍ର—6. Mystic incantations producing wonderful results. ୭। ଅଦ୍ଭୁତ ଫଳପ୍ରଦ ଔଷଧ ବା ଦ୍ରବ୍ୟ—7. Any article or medicine producing wonderful results.

ହିକ୍‌ମତ୍ କରିବା—ଦେ.କ୍ରି—ଔଷଧ କରିବା; ମନ୍ତ୍ରଯନ୍ତ୍ର ପ୍ରୟୋଗ କରିବା—
Hik-mat karibā To employ black art or mys-
हिक्‌मत्‌ करा tic formulae towards a person.
हिकमतसे करना

ହିକ୍‌ମତ୍‌ବାଜ୍—ବୈଦେ. ବଣ (ପା)—୧ । ମନ୍ତ୍ରସନ୍ଧଜ୍ଞ—
Hik-mat-bāj 1. Magician; skilled in Tantric
हिक्‌मत्‌बाज् art; skilled in the black art.
हिकमतबाज ୨ । ଚତୁର—2. Shrewd. ୩। କୌଶଳୀ—3. Artful; skilful.

ହିକ୍‌ମତି—ବୈଦେ. ବ (ପା)—୧ । ହିକ୍‌ମତ୍ (ଦେଖ)
Hikmati 1. Hikmat (See)
हिक्‌मति ୨ । ମନ୍ତ୍ରସନ୍ଧାନର ପ୍ରୟୋଗ—2. Employment
हिकमती of black magic. ବଣ—୧। ହିକ୍‌ମତ୍ ସମ୍ବନ୍ଧୀୟ—1. Relating to the black art.
हिकमती २ । ହିକ୍‌ମତ୍‌ବାଜ (ଦେଖ)—2. Hik-mat-bāj (See)

ହିକ୍‌ମତିଆ—ଦେ. ବଣ. ପୁଂ—ହିକ୍‌ମତ୍‌ବାଜ୍ (ଦେଖ)
Hik-matia Hik-mat-bāj (See)
(ହିକ୍‌ମତେଇ—ସ୍ତ୍ରୀ)

ହିକ୍‌ମିତ୍—ବୈଦେ. ବ (ଆ)—ଦର୍ଶନ ଶାସ୍ତ୍ର—
Hik-mit Philosophy.
हिक्‌मित् दर्शन शास्त्र

ହିକା-ଦେ. ବ (ସଂ. ହିକ୍କା)—ହିକ୍କା (ଦେଖ)
Hikā Hikkā (See)

ହି(କ୍ରେ)କୁଆ—ଗ୍ରା. ବ (ସଂ. ହିକ୍‌କା)—ହିକ୍‌କା—Hiccough.
Hi(he)kuā [ଦ୍ର—କାଶ, ଶ୍ୱାସ, ହିକୁଆ ଯେ ଅଗାଧି ଧୁଆଡ଼ି ।
हिका हिचकी ପୀତାମ୍ବର କୃଷିଂହ ପୁରାଣ ।]

ହିକେ(କ୍କେ)ଇବା—ଦେ. କ୍ର (ସଂ. ହିକ୍‌କା)—ହିକ୍‌କା ମାରିବା; ହୃଦୟରୁ
Hike(kke)ibā ଉଦରବାୟୁ ବାହାର ଅସି ନ ପାରିବା ଯୋଗୁଁ ରୁକ୍
हिँ चकि उँठा, हेँ कटि मारा ଶ୍ୱାସ ଛାଡ଼ିବା—To hiccough.
हिचकना (ହିକେଇ ହେବା—ଅନ୍ୟରୂପ)

ହିକ୍କ (ଧାତୁ)—ସ—୧ । ହିଂସା କରିବା—1. To kill; to injure.
Hikk (root) ୨ । ଶ୍ୱାସବାୟୁରୋଧ ଜନିତ ଶବ୍ଦ କରିବା—2. To hiccough. ୩ । କୂଜନ କରିବା; ଅବ୍ୟକ୍ତ ଶବ୍ଦ କରିବା - 3. To utter an indistinct sound

ହିକ୍କା—ସଂ. ବ (ହିକ୍‌କ=ଧ୍ୱନି ବିଶେଷ+ଅ; କମ୍ବା ହିକ୍‌କ ଧାତୁ=
Hikkā କୂଜନ କରିବା+ଭାବ ଅ+ଆ; ଭୁଲ.ଇଂ ହିକ୍‌କପ୍)-
୧ । ହାଲୁଚି—1. Belching. ୨ । ରୋଗୋପସର୍ଗ-ବିଶେଷ; ଉଦରଶ୍ୱାସବାୟୁର ସାମୟିକ ନିର୍ଗମନ ରୂପ ରୋଗ—2. Hiccough resulting in gasping of the wind enclosed in the stomach. [ଦ୍ର—ଶରୀର ମଧ୍ୟରୁ ବାୟୁ ନାକଦ୍ୱାର ବା ପାଟି ଦ୍ୱାର ଯାଇ ତାହା ନାଭିରେ ବା ହୃଦୟରେ ଅଟକି ସରଳ ଭାବରେ ନାକ ବାଟେ ବା ମୁଖ ବାଟେ ବାହାରି ନ ଆସିବାରୁ ହିକ୍‌କା ଉଠେ ଓ ହିକ୍‌କା ରୋଗ ଜାତ ହୁଏ । ଏହା ଅତିକ୍ଷଣସ୍ଥିତ ହେଲେ ଶୀଘ୍ର ଦୁରାରୋଗ୍ୟ ଓ ମାରାତ୍ମକ ହୋଇ ଉଠେ । ହିକ୍‌କାରେ ଉଦ୍ଧ ବାୟୁ ପାଟି ବାଟେ ପଦାକୁ ସରଳ ଭାବରେ ବାହାରି ପାରେ ନାହିଁ । ହାଲୁଚିରେ ଉଦ୍ଧ ବାୟୁ ପାଟି ବାଟେ ବାହାରି ଆସେ । ଫଳତଃ ଉଦ୍ଧ ବା ଅସମ୍ପୂର୍ଣ୍ଣ ହାଲୁଚିହିଁ ହିକ୍‌କା ଅଟେ ।

ବୈଦ୍ୟଶାସ୍ତ୍ର ଅନୁସାରେ ହିକ୍‌କାକୁ ୫ ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

ଅନ୍ନଜା—ଅତି ମାତ୍ରା ଭୋଜନ ଜନିତ ।

ଯମଳା—ଶିରଃ ଓ ଗ୍ରୀବା କମ୍ପଯୁକ୍ତ ।

କ୍ଷୁଦ୍ରା—ସାମୟିକ ଉପସ୍ଥିତ ହୋଇ କିଛି ଦିନେ ବନ୍ଦ ହୋଇଯିବା ହିକ୍‌କା ।

ଗମ୍ଭୀରା—ନାଭି ଦେଶରୁ ଉଠୁଥିବା ଓ ଗମ୍ଭୀର ଶବ୍ଦଯୁକ୍ତ ଓ ଅନେକ ଉପଦ୍ରବଯୁକ୍ତ ହିକ୍‌କା ।

ମହତୀ ବା ମହା ହିକ୍‌କା—ମର୍ମସ୍ଥାନ (ଯଥା—ହୃଦୟ, ବସ୍ତି, ଶିରଃ, ନାଭି ଆଦି)ମାନଙ୍କରୁ ଉଠି ସର୍ବଦା ଦେଖା ଯାଉଥିବା; ଏହା ଅସାଧ୍ୟ ।
ଏହି ରୋଗ କୁପିତ କଫରୁ ଓ ବାୟୁରୁ ଜାତ ହୁଏ ।]

ହିକ୍କା ଉଠିବା—ଦେ. କ୍ରି—୧ । ଋଦ୍ଧବାୟୁ ଜନିତ ହିକ୍‌କା ବା ଅସମ୍ପୂର୍ଣ୍ଣ
Hikkā uṭhibā ବା ଅପରିଣତ ହାଙ୍କୁଟି ଉପସ୍ଥିତ ହେବା—
হেঁচ্‌কি উঠা हिचकी उठना 1. Hiccough.
୨ । ମୃତ୍ୟୁ ପୂର୍ବରୁ ଅଣଗୁଣ ପବନ ଉଠିବା—
2. Hiccough on the eve of death; gasping before death.

ହିଗୁଡ଼ି—ଦେ. ବି—ଏକ ପ୍ରକାର ଖେଳ—
Higurḍi A kind of game.
[ଉ—ବାଗୁଡ଼ି ହିଗୁଡ଼ି ଆଦି ନାନା ଖେଳ ଖେଳନ୍ତି ମନ ବଳାଇ । ଅଭିମନ୍ୟୁ ବଧଙ୍କୁ ଚନ୍ଦ୍ରାମଣି ।]

ହିଙ୍କା—ଗ୍ରା. ବି (ସଂ. ହିକ୍‌କା)—ହିକ୍‌କା (ଦେଖ)
Hinkā Hikkā (See)
[ହିଂ(ହେଂ)କା—ଅନ୍ୟରୂପ]

ହିଙ୍କାର—ସ. ବି (ହିଂ=ଧ୍ୱନି+କୃ ଧାତୁ+କର୍ତ୍ତୃ ଅ)—ବ୍ୟାଘ୍ର (ଶବ୍ଦକଳ୍ପଦ୍ରୁମ)—Tiger.
Hinkāra

ହିଙ୍ଗ୍‌ଡ଼ା—ଦେ. ବି (ସ ହିଙ୍ଗୁ)—ହିଙ୍ଗୁ ସଦୃଶ, କିନ୍ତୁ ଗୁଣରେ ଓ ଗନ୍ଧରେ
Hing-rḍā ନିକୃଷ୍ଟତର ନିର୍ଯ୍ୟାସବିଶେଷ—
হিং हिंग Asafoetida of European commerce. [ଦ୍ର—ଏହାର ଗୁଳ୍ମର ନାମ Ferula Foetida.] ପ୍ରାଦେ (ଗଞ୍ଜାମ) ବି—ନାଡ଼ିହିଙ୍ଗୁ (ଦେଖ)
Nārḍi hingu (See).

ହିଙ୍ଗଳ—ଦେ. ବି (ସ ହିଙ୍ଗୁଳ)—ହିଙ୍ଗୁଳ—
Hingaḷa Vermilion; cinnabar.
[ହିଂ(ହେଁ)ଗଳ—ଅନ୍ୟରୂପ]
হিঙ্গুল हिंगुल

ହିଙ୍ଗ(ଙ୍ଗୁ)ଳ ରଙ୍ଗ—ଦେ. ବି—୧ । ହିଙ୍ଗୁଳଜାତ ବର୍ଣ୍ଣ; ଗାଢ଼ ରକ୍ତବର୍ଣ୍ଣ
Hinga(ngu)ḷa ranga 1. Vermillion colour.
হিঙ্গুল রং हिंगुल रंग scarlet colour;
୨ । ଗଞ୍ଜପା ତାସର ରଙ୍ଗବିଶେଷ; ବଗିଚ ରଙ୍ଗ—
2. One of the colours of the cards of 'Gañjapā' game.

ହିଙ୍ଗ(ଙ୍ଗୁ)ଳ ଶିଳ—ଦେ. ବି (ସ ହିଙ୍ଗୁଳ ଓ ଶିଳା)—ଚିତ୍ରକାରମାନେ
Hinga(ngu)ḷa śiḷa ଯେଉଁ ଶିଳରେ ହିଙ୍ଗୁଳ ବାଟନ୍ତି—
হিঙ্গুল শিল हिंगुल शील A slab of stone in which painters pestle cinnabar for painting.

ହିଙ୍ଗା—ଦେ. ବିଣ—୧ । ହେଙ୍ଗା; ଅକାମିକା (ବ୍ୟକ୍ତି)—
Hingā 1. Worthless; goodfornothing.
[ହିଂ(ହେଁ)ଗା—ଅନ୍ୟରୂପ] ୨ । ଅକାମିକା ଓ ଅହଙ୍କାରୀ (ବ୍ୟକ୍ତି)—
অকর্মণ্য बेकार 2.Worthless and boastful (person);worthless and egoistic.

ପ୍ରାଦେ (ବଲାଙ୍ଗିର ପାଟଣା) ବି—ଖଡ଼ ଘରର ରୁଅ—The slanting rafters of a thatched house.

ହିଙ୍ଗିଡ଼ି—ଦେ. ବି—ଏକପ୍ରକାର ଖେଳ—Name of an out door
Hingirḍi game. (ଉ—ଗୋବର୍ଦ୍ଧନଧର ମେଳ କରି ହିଙ୍ଗିଡ଼ି ଖେଳରେ ଘୋଡ଼ା ମଡ଼ାଇଦେଇ ଏହାଙ୍କୁ ମାରି ପକାଇଲେ—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।)

ହିଙ୍ଗୁ—ସଂ. ବି (ହିମ+ଗମ ଧାତୁ=ଗମନ କରିବା+କର୍ତ୍ତୃ ଡୁ, କମ୍ବା
Hingu ହିନ୍ ଧାତୁ+କର୍ତ୍ତୃ ଗୁ; ଯାହା ଅଗ୍ନିମାନ୍ଦ୍ୟାଦି ରୋଗକୁ ହନନ ବା ନାଶ କରେ)—୧ । ହେଙ୍ଗୁ—
1. Asafoetida; Ferula Marthex; Marthex Assafoetida(Kirtikar)
[ଦ୍ର—ଏହା ଧାନ୍ୟାଦିବର୍ଗରେ ଶାକବିଶେଷର ମୂଳ (Ferula Alliacce)ରୁ ପ୍ରାପ୍ତ ଗାଢ଼ଗନ୍ଧ ନିର୍ଯ୍ୟାସ ସବୁ ଶୁଖାଇ ପ୍ରସ୍ତୁତ ହେବା ଦ୍ରବ୍ୟ । ଏହି ଗଛ ପାରସ୍ୟର ଖୋରାସାନ, ହିମାଳୟର ପଶ୍ଚିମ ପ୍ରାନ୍ତ ଓ ଅଫଗାନସ୍ଥାନରେ ଜନ୍ମେ । ହିଙ୍ଗୁ ଗଛର ମୂଳକୁ କାଟି ଦେଲେ ସେଥିରୁ କ୍ଷୀର ପରି ଏକପ୍ରକାରନିର୍ଯ୍ୟାସ ବାହାରେ ଏହା ପ୍ରଥମେ ଧଳା ଓ ସ୍ୱଚ୍ଛ ଥାଏ; ପରେ ପୀତମିଶ୍ରିତ ପାଟଳବର୍ଣ୍ଣ ହୋଇ ଶୁଖିଯାଏ ।
ହିଙ୍ଗୁ ସଦୃଶ, କିନ୍ତୁ ଗନ୍ଧରେ ଓ ଗୁଣରେ ନିକୃଷ୍ଟ ନିର୍ଯ୍ୟାସ ଅନ୍ୟ ଏକପ୍ରକାର ଗୁଳ୍ମରୁ ଜାତ ହୁଏ, ତାକୁ ହିଙ୍ଗଡ଼ା କହନ୍ତି । ଶବ୍ଦକଳ୍ପଦ୍ରୁମ ମଧ୍ୟ ଏକପ୍ରକାର ହିଙ୍ଗୁ (ଯୋଗେଶଚନ୍ଦ୍ର) । ଏହା ହୃଦ୍ୟ, କଟୁ, ଉଷ୍ଣ ଏବଂ କୃମି, ବାତ, କଫ, ବିବନ୍ଧ (କୋଷ୍ଠବଦ୍ଧତା), ଆଧ୍ମାନ (ପେଟଫମ୍ପା), ଶୂଳ, ଗୁଳ୍ମ ଓ ବାତରୋଗନାଶକ; ତୀକ୍ଷ୍ଣ; ପାଚକ; ରୁଚ୍ୟ; ବହ୍ନିଦୀପକ, ପିତ୍ତବର୍ଦ୍ଧକ ଓ ଅଜୀର୍ଣ୍ଣ ରୋଗରେ ଉପକାରକ । ଏହା ରେଚକ ଓ ଉତ୍ତେଜନାସାରକ ।
ସ୍ତ୍ରୀଲୋକମାନଙ୍କ ହିଷ୍ଟିରିଆ ବା ମୂର୍ଚ୍ଛାରୋଗରେ ହେଙ୍ଗୁ-ଅର୍କ ବ୍ୟବହାର କଲେ ଉପକାର ହୁଏ । ଶିଶୁମାନଙ୍କର

ଅନ୍ୟ ସଂ ନାମ—ସହସ୍ରବେଧୀ, ସହସ୍ରବେଧ୍ୟ, ସହସ୍ରଭେଦୀ, ଜତୁକ, ବାହ୍ଲୀକ, ଜତୁ, ଗୃହିଣୀ, ରାମଠ, ରମଠ, ଜନ୍ତୁଘ୍ନ, ପିଣ୍ୟାକ, ମଧୁର, ବାହ୍ଲୀ, କେଶର, ଉଗ୍ରଗନ୍ଧ, ଭୂତାରି, ଜନ୍ତୁନାଶକ, ସୂପାଙ୍ଗ, ରକ୍ଷୋଘ୍ନ, ଉଗ୍ରବୀର୍ଯ୍ୟ, ଅଗୂଢ଼ଗନ୍ଧ, ଜାରଣ, ଭେଦନ, ଘାତ୍ର, ଅଗୁଢ଼ଗନ୍ଧ, ଅତ୍ୟୁଗ୍ର, ଉଗ୍ରଗନ୍ଧ, ପିଣ୍ଡଣ୍ୟ, ଭୂତନାଶନ, ରୁକ୍ଷଘ୍ନ, ସୂପଧୂପନ, ସୂପଭୂଷଣ, ସୂପାଙ୍ଗ,
হীং, হীংগ্‌, বস্‌
हिंग, हिंगु, बस
ଫା. ଅଙ୍ଗୁଜା, ଅଞ୍ଜା
ଆ. ତୁଲ୍‌ଛିତ୍‌, ହିଲ୍‌ଟେଟ୍‌
ତେ. ଇଙ୍ଗୁଗୁ; ଇଙ୍ଗୁର
ମ. ଇଙ୍ଗୁ
ତା. ଲେମ୍ବୁ, ପିରଞ୍ଜାମ୍
ମା. ଅଙ୍ଗୁ, ହିଙ୍ଗୁ
ଲ. ଫୋଏଟିଡ଼ା
ବ୍ର. ସାଇସ୍ୟେଙ୍ଗା

ଝୁଡ଼କମ୍ପ ଓ କଣ୍ଠଶ୍ୱାସରେ ଏହା ଉପକାରୀ । ଦେହ ପୋଡ଼ିଗଲେ ଏହାକୁ ପାଣିରେ ଘଷି ଲଗାଇ ଦେଲେ ଜ୍ୱାଳା କମିଯାଏ ଓ ଘା ଶୀଘ୍ର ଶୁଖିଯାଏ । ଅଧିକପରିମାଣରେ ହେଙ୍ଗୁ ସେବନ କଲେ ଜରାୟୁ ନଷ୍ଟ ହୁ

ଏହା ବିଶେଷତଃ ଶୂଳ, ଅଜୀର୍ଣ୍ଣ ଓ କୋଷ୍ଠବଦ୍ଧତା ରୋଗର ଔଷଧରୂପେ ସଚରାଚର ବ୍ୟବହୃତ ହୁଏ । ଆମ ଦେଶରେ ଏହାକୁ ବଡ଼ିରେ ମିଶାନ୍ତି ଓ ତିଅଣରେ ବଘାରନ୍ତି । ମାରୱାଡ଼ୀମାନେ ତିଅଣରେ ଓ ଡାଲିରେ ବହୁପରିମିତ ହିଙ୍ଗୁ ବ୍ୟବହାର କରନ୍ତି । ଡାକ୍ତରମାନେ କୋଷ୍ଠକାଠିନ୍ୟ ରୋଗରେ ହିଙ୍ଗୁମିଶ୍ରିତ ଅର୍କ ଓ ପାଣି ଖୁଆନ୍ତି ଓ ଗୁହ୍ୟଦ୍ୱାର ବାଟେ ପିଚକାରୀ ଦିଅନ୍ତି । କେତେକ ବ୍ୟକ୍ତିଙ୍କୁ ଏହାର ଗନ୍ଧ ଅସହ୍ୟ ହୁଏ ।]

ଅନ୍ୟ ସଂ. ବଂଶପର୍ଣ୍ଣୀ; ବେଣୁପତ୍ରୀ; ପିଣ୍ଡା, ଶିବାଟିକା; ବଂଶଦଳା; ଗାଠକା; ଗାଣ୍ଠିପତ୍ରିକା
ବାଁଶପାତା ଘାସ

୨ । ବଂଶପତ୍ରୀ (ଭାବ—ପ୍ରକାଶ); ଏକପ୍ରକାର ଘାସ; ବାଉଁଶପତ୍ରରୂପ ଘାସ—2. A kind of grass with leaves like the bamboo leaves. [ଦ୍ର—ଏହା ହିଙ୍ଗୁପତ୍ରୀ ତୁଲ୍ୟ ଗୁଣଦାୟକ । ଏହା ମଧୁରରସ, ଶୀତଳ, ରୁଚିକର ଓ ପିତ୍ତରକ୍ତଦୋଷନାଶକ ଓ ପଶୁମାନଙ୍କର ଦୁଗ୍ଧବର୍ଦ୍ଧକ ।]

ହିଙ୍ଗୁ ନାଡ଼ିକା—ସ. ବି—ନାଡ଼ୀହିଙ୍ଗୁ ; ଏକପ୍ରକାର ହିଙ୍ଗୁ—
Hingu nardika A sort of asafoetida. [ଦ୍ର—ଏହା କଟୁରସ, ଉଷ୍ଣବୀର୍ଯ୍ୟଦ,କଫ ଓ ବାୟୁ ଜନିତ ବେଦନା ନାଶକ, ମଳବଦ୍ଧତା, ଆନାହ ଓ ଅଜୀର୍ଣ୍ଣ ରୋଗରେ ଉପକାରୀ ।]

ଅନ୍ୟ. ସ ନାମ—ନାଡ଼ୀ ହିଙ୍ଗୁ, ପଲାଶାଖ୍ୟ, ଜନ୍ତୁକା, ବ୍ରମଠୀ, ବଂଶପତ୍ରୀ, ପିଣ୍ଡାହ୍ୱ, ସୁବାର୍ଣ୍ଣା,
ନାଡ଼ୀହିଂଗୁ
କଲାପତିହୀଂଗ
ମ. ନାଡ଼ୀଇଙ୍ଗୁ
ତା. କଲହର୍
ତେ. ଚଇହିଙ୍ଗ, କାରୁଇଙ୍ଗବା
ଅ. କନଖାର୍

ହିଙ୍ଗୁନିର୍ଯ୍ୟାସ—ସ. ବି – ୧ । ହିଙ୍ଗୁ ଗଛର ଚେରର ରସ ବା ଅଠା—
Hingu nirjyasa 1. The asafoetida juice; the juice of the root of the asafoetida plant, ୨ । ନିମ୍ବବୃକ୍ଷ (ଅମର) —2. the Neem tree.

ହିଙ୍ଗପତ୍ର—ସ. ବି—ଇଙ୍ଗୁଦୀ ବୃକ୍ଷ (ରାଜନିର୍ଘଣ୍ଟ)—Terminalia Catapha (Kirtikar.)
Hingu patra

ହିଙ୍ଗୁପତ୍ରୀ—ସ. ବି—(ଏହାର ପତ୍ର ହିଙ୍ଗୁ ଗୁଳ୍ମର ପତ୍ର ସଦୃଶ ଥିବାରୁ)—
Hingu patri ଏକପ୍ରକାର ତୃଣ; ବାଉଁଶପତ୍ରରୂପ ଘାସ ପରି ଏକପ୍ରକାର ଘାସ—A srot of grass ; Balamites Ruxburghi. [ଦ୍ର—ଏହା କଟୁତିକ୍ତ ରସ, ରୁଚ୍ୟ, ତୀକ୍ଷ୍ଣ, ଉଷ୍ଣ, ପାଚନ ଏବଂ ହୃଦ୍‌ରୋଗ, ବସ୍ତିରୋଗ, ମଳବଦ୍ଧତା, ଶ୍ଳେଷ୍ମା, ବାୟୁ ଓ ଗୁଳ୍ମ ନାଶକ ଓ କୃମିନାଶକ; ଏହା ଦେବୋଷରେ ବଗଗ୍ରଯାଏ ଏବଂ ଏହାର ଗନ୍ଧ ଈଷତ୍ ହିଙ୍ଗୁ ଗନ୍ଧ ପରି । ବଂଶପତ୍ରୀଠାରୁ ଏହା ପୃଥକ୍ ଅଟେ ।]

ଅନ୍ୟ ସ—ହିଙ୍ଗୁପତ୍ରୀ, ଲୁବଣୀ, ପୃଥ୍ଵୀକା, ପୃଥୁ, ପୃଥିକା, କବରୀ, ହିଙ୍ଗୁପତ୍ରୀ, କାର୍ଷିକା, କାଶ୍ମୀ, କାଶ୍ମୀକା, ପାର୍ଥିକା, ଦାରୁପତ୍ରୀକା, ଜାରବା, ଦାରୁପତ୍ରୀ, ହିଙ୍ଗୁପଲ)
ବଂଶପତ୍ରତୃନ, ରାଧୁନୀ

ହିଙ୍ଗୁପର୍ଣ୍ଣୀ—ସ. ବି—ବଂଶପତ୍ରୀ (ରତ୍ନମାଳା)—A kind of grass
Hingu parnni with leaves like bamboo leaves.

ହିଙ୍ଗୁଳ (ଳ, ଲୁ)—ସ. ବି—(ହିଙ୍ଗୁ+ଗ୍ଲ. ଧାତୁ=ଗ୍ରହଣ କରିବା+
Hingula (li, lu) କର୍ତ୍ତୃ ଅ. ଇ, ଉ, ଏହା ହିଙ୍ଗୁର ବର୍ଣ୍ଣ ଗ୍ରହଣ କରିଥିବାରୁ)—ହେଙ୍ଗୁଳ ; ପାରଦବହୁଳ ଘୋର ଲୋହିତ ବର୍ଣ୍ଣ ଖନିଜପଦାର୍ଥ ବିଶେଷ—Cinnabar; sulphate of mercury. [ଦ୍ର—ଏହା ଗୋଟିଏ ଉପରସ ; ଏହାକୁ ବାଟି ଚିତ୍ରକରମାନେ ରଙ୍ଗ ତିଆର କରନ୍ତି ଓ ଗଞ୍ଜପା ଖାରର ଗୋଟିଏ ରଙ୍ଗର ତାସ ଏଥିରେ ଚିହ୍ନିତ ହୁଏ । ଏହା ଶାସ୍ତ୍ରବିଧିମତେ ଶୋଧିତ ହୋଇ ଊର୍ଦ୍ଧ୍ୱପାତନ ନିୟମ ଅନୁସାରେ ଡମ୍ବରୁ ଯନ୍ତ୍ରରେ ପାକ କରାଯାଇ ଔଷଧରେ ବ୍ୟବହୃତ ହୁଏ । ଶୋଧିତ ହିଙ୍ଗୁଳ ମଧୁର-କଟୁ-ତିକ୍ତ-କଷାୟରସ, ଉଷ୍ଣବୀର୍ଯ୍ୟ, ତ୍ରିଦୋଷନାଶକ ଏବଂ ଜ୍ୱର, ପ୍ଲୀହା, କାମଳା, ଆମବାତ, ନେତ୍ର ରୋଗ, କଫ, ପିତ୍ତ, ହୃଲ୍ଲାସ, କୁଷ୍ଠ ଓ ବିଷଦୋଷ ନାଶକ; ରୂପ ଓ ନାମ ଭେଦରେ ହିଙ୍ଗୁଳ ୩ ପ୍ରକାର ଯଥା—୧ । ଚର୍ମାର—ଶ୍ୱେତବର୍ଣ୍ଣ । ୨ । ଶୁକ ତୁଣ୍ଡକ—ଈଷତ୍ ପୀତବର୍ଣ୍ଣ । ୩ । ହଂସପାଦ—ଜବା (ମନ୍ଦାର) ପୁଷ୍ପ ସଦୃଶ ଲୋହିତବର୍ଣ୍ଣ । ଏଥିମଧ୍ୟରେ ହଂସପାଦ ହିଙ୍ଗୁଳ ସର୍ବୋତ୍କୃଷ୍ଟ ଏବଂ ଔଷଧରେ ଓ ରଙ୍ଗରେ ବ୍ୟବହୃତ ହୁଏ । ହିଙ୍ଗୁଳକୁ ମେଣ୍ଢୀଦୁଧ, ଅମ୍ଳ ରସ ଓ ଅଦାରସରେ ୭ ଥର ଲେଖାଏଁ ବଢ଼ୁଆର ସିଞ୍ଚାଇଲେ ଏହା ଶୋଧିତ ହୁଏ ଓ ଶୋଧିତ ହିଙ୍ଗୁଳ ଔଷଧରେ ଲାଗେ ।

ଅନ୍ୟ ସ ନାମ—ଦରଦ, ମ୍ଳେଚ୍ଛ, ଚର୍ମାଙ୍ଗ, ଚୂର୍ଣ୍ଣପାରଦ, ରକ୍ତ, ମର୍କଟଶୀର୍ଷ; ହଂସପାଦ, ଢୁରୁବନ୍ଧ, ଇଙ୍ଗୁଳ, ରକ୍ତପାରଦ, ବର୍ବର, ସୁରଙ୍ଗ, ସୁଗର, ରଞ୍ଜନ, ରଞ୍ଜକ, ଚର୍ମାରକ, ମଣିରାଗ, ରସୋଦ୍ଭବ, ରସଗର୍ଭ
ହୀଂଗୁଲ
ହିଂଗୁଳ
ସିଙ୍ଗଫ୍
ଆ. ଜଞ୍ଜଫର୍
ତେ. ହଙ୍ଗଳିକାମୁ
ଶିଂଗରଫ, ଇଂଗୁର

ଶୋଧିତ ହିଙ୍ଗୁଳକୁ ନିମ୍ବୁରସରେ ମର୍ଦ୍ଦନ କରି ତାହାକୁ ଗୋଟିଏ ହାଣ୍ଡିରେ ପୁରାଇ ନିଆଁରେ ବସାଇ ଉକ୍ତ ହାଣ୍ଡି ଉପରେ ଗୋଟିଏ ଜଳପୂର୍ଣ୍ଣ ହାଣ୍ଡି ରଖାଯାଏ ଓ ଉପରେ ଥିବା ହାଣ୍ଡିର ପାଣି ଗରମ ହୋଇଗଲାରୁ ତାକୁ ଢାଳ ପୁଣି ଥଣ୍ଡା ପାଣି ତହିଁରେ ପୁରାଯାଏ । ଏହିପରି (ଡମ୍ବରୁ ଯନ୍ତ୍ରରେ) ପାକ କଲେ ଉପର ହାଣ୍ଡିର ତଳଦେଶରେ ପାରଦସବୁ ବସିଯାଏ; ଉକ୍ତ ପାରଦ ବିଶୁଦ୍ଧ ପାରଦ ଅଟେ ।]

ହିଙ୍ଗୁଳ ବର୍ଣ୍ଣ—ସଂ. ବି—ହିଙ୍ଗୁଳ ପରି ଗାଢ଼ ରକ୍ତବର୍ଣ୍ଣ—
Hingula barnna Vermilion colour.
(ହିଙ୍ଗୁଳ ରଙ୍ଗ—ଅନ୍ୟରୂପ)

ହିଙ୍ଗୁଳ ଶୋଧନ—ସଂ.ବି—ମେଣ୍ଢାଦୁଧ, ଟଙ୍କାରସ ଓ ଅଦାରସ୍ୱାରା ୭ଥର Hingula Sodhana ଭାବନା ଦେଇ ହିଙ୍ଗୁଳକୁ ଔଷଧାର୍ଥେ ଶୁଦ୍ଧ କରିବା—Refining of cinnabar for medicinal purpose.

ହିଙ୍ଗୁଳା—ସଂ. ବି—ବାମନ ପୁରାଣୋକ୍ତ ଦେଶ ବିଶେଷ—Name Hingula of a country mentioned in the (ହେଙ୍ଗୁଳା—ଦେ. ରୂପ) 'Bāmana Purāṇa'. [ଦ୍ର—ଏଠାରେ ଦୁର୍ଗାଙ୍କର ଚର୍ଚ୍ଚିକା ନାମ୍ନୀ ଅବତାର ଅଧିଷ୍ଠିତ। (ବାମନ ପୁରାଣ)।] ଦେ. ବି—ହିଙ୍ଗୁଳାଇ (ଦେଖ)—Hingulāi (See). [ଦ୍ର—ସ୍ୱାହା ସହିତସ୍ୱ ହିଙ୍ଗୁଳାଙ୍କ କରେ। ରାଧାନାଥ—ନନ୍ଦକେଶରୀ।] ବିଣ—ହିଙ୍ଗୁଳବର୍ଣ୍ଣ ବିଶିଷ୍ଟ; ଗାଢ଼ ରକ୍ତବର୍ଣ୍ଣ—Of vermilion colour.

ହିଙ୍ଗୁଳା (ଳେ) ଈ—ଦେ. ବି—(ସଂ ହିଙ୍ଗୁଳ; ଏହାଙ୍କର ଅଗ୍ନିରବର୍ଣ୍ଣ Hingulā (le) i ହିଙ୍ଗୁଳ ରଙ୍ଗ ଥିବାରୁ)—୧। ଓଡ଼ିଶାର ଗଡ଼ଜାତ ତାଳଚେରରେ

ହିଙ୍ଗୁଳା ଠାକୁରାଣୀ
ହିଙ୍ଗୁଳା ଦେବୀ } —ଅନ୍ୟରୂପ ପୂଜିତା ଗୋପାଳପ୍ରସାଦ
ହେଙ୍ଗୁଳା (ଳେ)ଈ ଗ୍ରାମରେ ଅଧିଷ୍ଠିତା ଅଗ୍ନି-
हिंगुलाई ରୂପ ଧାରିଣୀ ଦେବୀ ବିଶେଷ—1. A Goddes
हिंगुलामाई worshipped in the shape of fire in the Orissan State of Talcher. [ଦ୍ର—ବସନ୍ତକାଳରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀଠାରୁ ତାଳଚେର ରାଜ୍ୟର ଗୋପାଳପ୍ରସାଦ ଗ୍ରାମରେ ପ୍ରତିଷ୍ଠିତା ହିଙ୍ଗୁଳା ଦେବୀଙ୍କ ଯାତ୍ରା ଉତ୍କଳପ୍ରସିଦ୍ଧ। ଗୋପାଳପ୍ରସାଦ ଗ୍ରାମର ଭୂଗର୍ଭରେ ପଥରକୋଇଲାର ଖଣି ଥିବାରୁ ସେହି ଖଣିରୁ (ଖଣିର ପଥର କୋଇଲାରୁ) ଉଠୁଥିବା ବାଷ୍ପ (Coal gas) ରେ ଅଗ୍ନି ସଂଯୁକ୍ତ ହୋଇ ସ୍ୱତଃ ତାହା ଜଳ ଉଠେ। ଏଣୁ ସାଧାରଣ ଲୋକେ ଏହାକୁ ହିଙ୍ଗୁଳାଈଙ୍କ ଆବିର୍ଭାବ ବୋଲି କହିଥାଆନ୍ତି। ଦେବୀଙ୍କ ପୂଜା ସଙ୍ଗେ ସଙ୍ଗେ ଏହି ଅଗ୍ନିରେ ଜୀବନ୍ତ ଛାଗ, ମେଷ, କୁକ୍କୁଟ ପ୍ରଭୃତି ଓ ଶାଢ଼ୀ, ଘିଅ, ଗଞ୍ଜମୁଣ୍ଡ ଓ ନାନାଦ ବଳିରୂପେ ନିକ୍ଷେପ କରିବା ପ୍ରଥା ବହୁକାଳରୁ ଚାଲିଆସୁଅଛି। ଏହି ଯାତ୍ରାରେ ବାମଣ୍ଡା, ପାଲଲହଡ଼ା, ଅନୁଗୁଳ, ଢେଙ୍କାନାଳ ଇତ୍ୟାଦି ସ୍ଥାନମାନଙ୍କରୁ ୮।୧୦ ହଜାର ନରନାରୀ ରୁଣ୍ଡ ହୁଅନ୍ତି (ଶଶିଭୂଷଣ ଉତ୍କଳ ରତ୍ନଚନ୍ଦ୍ର)। ଏହି ବିଷୟ କବି ରାଧାନାଥ ତାଙ୍କ ପ୍ରଣୀତ ମହାଯାତ୍ରା କାବ୍ୟର ଷଷ୍ଠ ସର୍ଗରେ ସୂଚନା କରିଅଛନ୍ତି। ଗୋପାଳପ୍ରସାଦଗ୍ରାମ ନିକଟରେ ସିଙ୍ଗଡ଼ା ନଦୀ ପ୍ରବାହିତା। କିଂବଦନ୍ତୀ ଅଛି ଯେ, ଏଠାରେ ଅକସ୍ମାତ୍ ଅନଳର ଆବିର୍ଭାବ ହୋଇ ହିଙ୍ଗୁଳାଦେବୀଙ୍କର ଅଧିଷ୍ଠାନ ହୁଏ। (ରାଧାନାଥ ଗ୍ରନ୍ଥାବଳୀ ଟୀକା)] ୨। (ସଂ. ହିଙ୍ଗୁଳାକ୍ଷୀ) ଆସାମ ଜ୍ୱାଳାମୁଖୀ ତୀର୍ଥରେ ପୂଜିତା ଦେବୀଙ୍କ ନାମ—2. Name of a popular Goddess worshipped in Jwālāmukhi in Assām.

ହିଙ୍ଗୁଳା(ଳେ)ଇବା—ଦେ. କ୍ରି—୧। ହିଙ୍ଗୁଳ ରଙ୍ଗରେ ରଙ୍ଗ କରିବା—Hingulā(le)ibā 1. To paint with the vermiहिंगुल से चित्र करना हिंगुल लगाना lion colour. ୨। ରଙ୍ଗ (ହେଙ୍ଗୁଳାଇବା—ଅନ୍ୟରୂପ) କରିବା—2. To paint.

ହିଙ୍ଗୁଳାକ୍ଷୀ—ସଂ. ବି. ସ୍ତ୍ରୀ—ଜ୍ୱାଳାମୁଖୀ ତୀର୍ଥରେ ପୂଜିତା ଦେବୀ ବିଶେଷ Hingulākshi—Name of a Goddess worshipped in Jwālāmukhi in Assam.

ହିଙ୍ଗୁଳା ପୀଠ—ଦେ. ବି—ତାଳଚେର ରାଜ୍ୟର ସିଙ୍ଗଡ଼ା ନଦୀ କୂଳରେ Hingulā piṭha ଗୋପାଳପ୍ରସାଦ ଗ୍ରାମରେ ହିଙ୍ଗୁଳାଇ (ହେଙ୍ଗୁଳା ପୀଠ—ଅନ୍ୟରୂପ) ଠାକୁରାଣୀଙ୍କର ଅଧିଷ୍ଠିତ ସ୍ଥାନ—The shrine of Goddess Hingulā in the village of Gopālaprasāda in Talcher state of Oirssa [ଦ୍ର—ସହିତ ହିଙ୍ଗୁଳାପୀଠେ ଜଳ ଉଠେ ଯଥା ଅଚମ୍ବିତେ ବହ୍ନିଶିଖା ନଦୀସ କାଳୀଥେ ରାଧାନାଥ ମହାଯାତ୍ରା।]

ହିଙ୍ଗୁଳା ଯାତ୍ରା (ଯାତ)—ଦେ. ବି—ତାଳଚେର ରାଜ୍ୟର ଗୋପାଳପ୍ରସାଦ Hingulā jātrā (jāta) ଗ୍ରାମରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ

ହେଙ୍ଗୁଳା(ଳେ)ଈ ଯାତ୍ରା
ହେଙ୍ଗୁଳା ଯାତ୍ରା } ଅନ୍ୟରୂପ ଅଗ୍ନିରୂପେ ପୂଜିତା ହିଙ୍ଗୁଳାଇ ଠାକୁରାଣୀଙ୍କ ଉତ୍ସବ—A festival held in a village named Gopālaprasāda in Talcher on the 14th day of the bright fortnight of the month of Chaitra in honour of Goddess 'Hingulāi'.

ହିଙ୍ଗୁଳି—ସ. ବି—ହିଙ୍ଗୁଳ (ଜଟାଧର) (ଦେଖ)—Hinguli Hingula (See) ବିଣ—ହିଙ୍ଗୁଳିଆ (ଦେଖ)—Hingulia (See)

ହିଙ୍ଗୁଳିଆ—ସ. ବିଣ—୧। ହିଙ୍ଗୁଳ ସମ୍ବନ୍ଧୀୟ—1. Relating to Hingulia cinnabar. ୨। ହିଙ୍ଗୁଳ ରଞ୍ଜିତ—2. Painted with vermilion. ୩। ହିଙ୍ଗୁଳ ବର୍ଣ୍ଣ ବିଶିଷ୍ଟ; ଲାଲ—3. Scarlet.

ହିଙ୍ଗୁଳିକା—ସ. ବି—କଣ୍ଟକାରୀ (ଶବ୍ଦ ଚନ୍ଦ୍ରିକା)—Hingulikā Solanum Xanthocarpum (plant).

ହିଙ୍ଗୁଳିବା—ଦେ. କ୍ରି—(ସ. ହିଙ୍ଗୁଳ)—ହିଙ୍ଗୁଳରେ ରଙ୍ଗ କରିବା—Hingulibā To paint with vermilion. [ହେଙ୍ଗୁଳିବା—ଅନ୍ୟରୂପ] हिंगुल से चित्र करना हिंगुललगाना

ହିଙ୍ଗୁଳୀ—ସଂ. ସ—୧। ବାଇଗଣ (ଅମର)—1. Brinjal. ୨। Hinguli ବୃହତୀ (ଭାବପ୍ରକାଶ), ବହୁକଣ୍ଟୀ; ବେଙ୍କୋଳ—[ହେଙ୍ଗୁଳୀ—ଦେ ରୂପ] 2. Solanum Indicum.

ହିଙ୍ଗୁଶିରଟିକା—ସଂ. ବ—ବଂଶପତ୍ରୀ (ରତ୍ନମାଳା)—Hingusiraṭikā A kind of grass with leaves like bamboo leaves.

ହିଚ୍କି—ପ୍ର ଦେ (ସମ୍ବଲପୁର) ବି—(ସଂ ହିକ୍କା, ଭୁଳ; ହି. ହିଚକି)—Hich-ki ହିକ୍କା ରୋଗ—Hiccough.

ହିଚ୍‌କି କଚୁଡ଼ି—ପ୍ରାଦେ (ସମ୍ବଲପୁର) ବିଣ—ହାଚବି କଚୁଡ଼ି (ଦେଖ)
Hich-ki kachardi —Hacbaki kachardi (See)

ହିଚ୍‌କିବା—ପ୍ରାଦେ (ଗଡ଼ଜାତ)—କ୍ରି—୧ । ଡରିବା—1. To fear.
Hich-kiba ୨ । ଅମେଳ ହେବା—2. To disagree.

ହିଚ୍‌କିବା—ପ୍ରାଦେ (ସମ୍ବଲପୁର) କ୍ରି—ଝୁଣ୍ଟି ପଡ଼ିବା—
Hich-kiba To stumble.

ହିଚ୍‌କିରା—ପ୍ରାଦେ (ସମ୍ବଲପୁର) ବିଣ—ଅପମାନିତ; ଲଜ୍ଜିତ—
Hich-kira Insulted; put to shame.

ହିଚ୍‌ଖିଚାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଟାଣିବା—
Hich-khichaiba To draw; to drag.

ହିଜ୍‌ରା(ରି)—ବୈଦେ. ବିଣ—(ଅ. ହିଜ୍‌ରା=ମକ୍କାଠାରୁ ହଜରତ୍ Hij-ra (ri) ମହମ୍ମଦଙ୍କର ମଦିନାକୁ ପଳାୟନ ରାତ୍ରିରେ ପ୍ରସ୍ଥାନ)—
[ହିଜିରି(ରା)ସନ—ଅନ୍ୟରୂପ] ମକ୍କାଠାରୁ ହଜରତ୍ ମହମ୍ମଦଙ୍କର ପ୍ରସ୍ଥାନ
ହିଜରି ଦିବସର ପରେଠାରୁ (୬୨୨ ଖ୍ରୀଷ୍ଟାବ୍ଦ ୧୬ ଜୁଲାଇ)ଠାରୁ
हीजरी ଗଣନା ଆରମ୍ଭ ହୋଇଥିବା ମୁସଲମାନମାନଙ୍କର ଅବ୍ଦ ବା ବର୍ଷ (ଏହି ଅବ୍ଦ=୧୨ଟି ଚାନ୍ଦ୍ରମାସ=୩୫୪ ୱ୍ୟ ଦିନ)
—The Mahomedan calender year. [ଦ୍ର—ସନ ତଳେ ଟୀକା ଦେଖ ।]

ହିଜ୍‌ଲି(ଲି)—ଦେ. ବି—(ନାମ)—ମେଦିନୀପୁର ଜିଲ୍ଲାର ହିଜଲୀ ନାମକ
Hij-li (li) ନଦୀ—Name of a river in Midnapur.

ହିଜଡ଼ା—ଦେ. ବି. ପୁଂ—୧ । ହେଞ୍ଜଡ଼ା; ପୁରୁଷତ୍ୱ ଓ ପୁରୁଷ ଲକ୍ଷଣହୀନ
Hijarda ପୁରୁଷ; ନପୁଂସକ; ଖୋଜା—1. A eunoch; a
হিজড়া male hermaphrodite. ୨ । ସ୍ତ୍ରୀ ଓ ପୁରୁଷ ଲକ୍ଷଣ
हीजडा ବିଶିଷ୍ଟ ପୁରୁଷ (ଯାହାର ସ୍ତନ ଓ ଶ୍ମଶ୍ରୁ ଥାଏ)—2. A male with female characteristics; a female having male characteristics.
ବିଣ—୧ । ନିର୍ଲଜ୍ଜ—1. Shameless; immodest.
୨ । ହେଞ୍ଜଡ଼ା ୧ (ଦେଖ)—2. Henjarda 1 (See)

ହିଜଡ଼ା—ଦେ. ବି ଓ ବିଣ—(ପୁଂ ଓ ସ୍ତ୍ରୀ)—୧ । ହିଜଡ଼ (ଦେଖ)—
Hijarda 1. Hijarda (See). ୨ । ହିଜଡ଼ୀ (ଦେଖ)—
2. Hijardi (See).

ହିଜଡ଼ୀ—ଦେ. ବି ସ୍ତ୍ରୀ—(ସଂ. ସ୍ତ୍ରୀନଷ୍ଟା)—ହେଞ୍ଜଡ଼ୀ; ସ୍ତ୍ରୀଚିହ୍ନହୀନା ନାରୀ;
Hijardi ଅପୁଷ୍ପୀ ସ୍ତ୍ରୀ; ଯେଉଁ ନାରୀର ଋତୁ ଅଛି ଯୌବନ ଲକ୍ଷଣ
হিজড়ী ପ୍ରକାଶିତ ହୁଏ ନାହିଁ—A female hermaphro-
हीजड़ी dite; a woman whose menses do not appear and who shows some male characteristics. ବିଣ. ସ୍ତ୍ରୀ—୧ । ନିର୍ଲଜ୍ଜା—1. Shameless; immodest (female). ୨ । ହେଞ୍ଜଡ଼ୀ ୧ । (ଦେଖ)—2. Henjardi (See).

ହିଜ୍ର(ଜ୍)ରତ—ବୈଦେ.ବି—(ଅ)—ମହମ୍ମଦଙ୍କର ମକ୍କା ଛାଡ଼ି ଖ୍ରୀ୬୨୨ରେ
Hija(j-)rat ମଦିନାକୁ ପ୍ରସ୍ଥାନ—The departure of the
হিজরত Prophet Mahammad in 622 A. D. from
हजरत Mecca to Madina. [ଦ୍ର—ଏହିଦିନଠାରୁ ହିଜ୍‌ରି ସନର ଗଣନା ଆରମ୍ଭ କରାଯାଇଅଛି ।]

ହିଜିରି(ରା)—ବୈଦେ. ବି—(ଅ)—ହିଜରା (ଦେଖ)—
Hiji-i(ra) Hij-ra (See).

ହିଜିଲି ବାଦାମ—ପ୍ରାଦେ (ମେଦିନୀପୁର) ବି—ଲଙ୍କା ଆମ୍ବ—
Hijili badama Cashew nut; Anacardium
হিজলী বাদাম Occidentale (tree and its flowered
हीजली बादाम fruit).

ହିଜ୍ଜ—ସଂ. ବି—ହିଞ୍ଜଳ (ଦେଖ)—
Hijja Hinjala (See).
(ହିଜ୍ଜଳ—ଅନ୍ୟରୂପ)
(ହିଜଳ—ଦେ. ରୂ)

ହିଞ୍ଚିଡ଼ିବା—ଦେ. କ୍ରି—ଝିଙ୍କିବା—
Hinchirdiba To drag; to haul.
হিঁচড়ান खींचना

ହିଞ୍ଜଡ଼—ଦେ. ବି ଓ ବିଣ—ହିଜଡ଼ (ଦେଖ)—
Hinjarda Hijarda (See).

ହିଞ୍ଜଡ଼ା—ଦେ. ବି ଓ ବିଣ—(ପୁଂ ଓ ସ୍ତ୍ରୀ)—୧ । ହିଜଡ଼ (ଦେଖ)—
Hinjarda 1. Hijarda (See). ୨ । ହିଜଡ଼ୀ (ଦେଖ)—
2. Hijardi (See)

ହିଞ୍ଜଡ଼ୀ—ଦେ. ବି ଓ ବିଣ—ସ୍ତ୍ରୀ—ହିଜଡ଼ୀ (ଦେଖ)—
Hinjardi Hijardi (See).

ହିଞ୍ଜଳି—ଦେ. ବି—ହିଞ୍ଜିଳ (ଦେଖ)—
Hinjali Hinjili (See)

ହିଞ୍ଜଳ—ଦେ. ବି—(ସଂ. ହିଜ୍ଜଳ; ଇଜ୍ଜଳ)—ଜମ୍ବୁକାଦିବର୍ଗର ନାତିବୃହତ୍
Hinjala ତରୁ—Barring tonia Acutangulia;
ପ—ଇଜ୍ଜଳ, ହିଜ୍ଜଳ, Barringtona Racemosa tree.
ନଦୀକୂଳ, ଅମ୍ବୁଜ, ପିଚ୍ଛିଲ, [ଦ୍ର—ଏ ଗଛ ଜଳକୂଳରେ ଜନ୍ମେ;
ଜଳାକାନ୍ତ, ଧଳଦ, କାନ୍ତ, ଏହାର ପତ୍ର ଏକୋତ୍ତର; ଫଳ ଅରକ୍ତ;
ଜଳଦ, ଦୀର୍ଘପତ୍ରକ. କେଶର ରକ୍ତବର୍ଣ୍ଣ; ଗ୍ରୀଷ୍ମକାଳରେ
ଜଳାଜ, ରକ୍ତକାର୍ମୁକ, ଫୁଟେ; ମଞ୍ଜରୀ ଦୀର୍ଘ; ବସନ୍ତକାଳରେ
ଦୀର୍ଘପତ୍ରିକା । ପତ୍ର ଝଡ଼ିପଡ଼େ । ଫଳଗୁଡ଼ିକ ବଡ଼ିଙ୍ଗାଫଳ
হিজল, সমুদ্রফল ଅନୁରୂପ ବିଶିଷ୍ଟ (ଯୋଗେଶଚନ୍ଦ୍ର) । ଏହା
ईजर, समुद्दर फल କଟୁରସ, କ୍ଷୁଧାସ୍ଫେ, ମଳସଂଗ୍ରାହକ, କଫପିତ୍ତ-
ईज्जल हाज्जल ବାତକ, ବାୟୁବେଗ ନାଶକ, ଭୂତାବେଶର
ମ. ପଣ୍ଡିବୃ ଓ ଗ୍ରହାବେଶର ଶାନ୍ତିକାରକ; ଏହା ପବନ ଓ
ତା. ତାବେଗଣଟିଲେ ବିଷାପହ] ୨ । ନପୁଂସକ—2. Eunoch
ତେ. କାନପୁ [ଦ୍ର—ସବୁଜାତିରେ ଅଣ୍ଟିର ମାଇ ଅଛନ୍ତି,
ସେଥିମଧ୍ୟରେ ତ ଗୋଟାଏ ଗୋଟାଏ ହିଞ୍ଜଳ ଦେଖାଯାଏ
ପଞ୍ଚାରମୋହକ, ଛମାଣ ଅଠଗୁଣ୍ଠ ।]

ହିଞ୍ଜଳ କାନ୍ଥି—ଦେ. ବି (ନାମ)—ମେଦିନୀପୁରରେ ହିଜଳ ନାମରେ
Hinjalakanthi ଗୋଟିଏ ନଦୀଥିବାରୁ)—ମେଦିନୀପୁରର
ଗୋଟିଏ ସବ୍‌ଡିଭିଜନ୍ ଓ ନଗର—Contai; a Sub-division and town in the district of Midnapur.

ହିଞ୍ଜିଡ଼ା—ଦେ. ବ ଓ ବଣ—ହିଜଡ଼ (ଦେଖ)—
Hiñjirda Hijarda (See)
(ହିଞ୍ଜିଡ଼ୀ—ସ୍ତ୍ରୀ)

ହିଞ୍ଜିରିବା—ପ୍ରାଦେ. (ଗଡ଼ଜାତ) କ୍ରି—୧ । ଝୁରିବା—
Hiñjiriba 1. To pine after. (ଉ—ମାତୃକୋଳସ୍ଥାନ ହୋଇ କେତେକାଳ ପର୍ଯ୍ୟନ୍ତ ହିଞ୍ଜିରି ହିଞ୍ଜିରି ଶିଶୁଟି କ୍ଷୀଣ ଓ ଶକ୍ତିହୀନ ହୋଇପଡ଼େ—ଗଡ଼ଜାତ ବାସିନୀ ।) ୨ । (ବଳଙ୍ଗିର ପାଟଣା) କ୍ରି—ଶୁଖିଯିବା—2. To become dry. ୩ । (ସମ୍ବଲପୁର) କ୍ରି—ଶୀର୍ଣ୍ଣ ହେବା—3. To wither; to become emaciated. (ଯଥା—ମୁଁ ସେ କଥା ଭାବି ଭାବି ହିଞ୍ଜିରି ଗଲିଣି ।)

ହିଞ୍ଜିଲି—ଦେ. ବ (ସ ହିଙ୍ଗଳୀ=ବାଇଗଣ; ଏହାର ପତ୍ର ବାଇଗଣପତ୍ର
Hiñjili ଅନୁରୂପ ବିଶିଷ୍ଟ ଥିବାରୁ; କମ୍ବା ହିଙ୍ଗୁଳ କାନ୍ତି ଅଞ୍ଚଳରୁ
हिंगलि ପ୍ରଥମେ ଏହା ଆମଦାନି ହୋଇଥିବାରୁ)—ଦକ୍ଷିଣ ଦେଶ,
हिंगली ମେଦିନୀପୁର, ବଙ୍ଗଦେଶର ଯଶୋହର ଓ ନଦିଆ ଅଞ୍ଚଳରୁ ଏ ଦେଶକୁ ଅଣାଯାଇ ଅଳ୍ପଦିନ ହେଲା ଚାଷ କରାଯାଉଥିବା ଏକ ପ୍ରକାର ତମାଖୁ ବା ଧୂଆଁ ପତ୍ର—A mild species of tobacco recently introduced into Orissa from Bengal and the Deccan. [ଦ୍ର—ଏହାର ପତ୍ରର ବର୍ଣ୍ଣ କଳା; ଅନ୍ୟ ଦେଶୀ ଧୂଆଁପତ୍ର ପରି ଏହା ମାଟିରେ ପୋତା ଯାଇ ଖରାରେ ଶୁଖାଯାଏ ନାହିଁ; ଏହା ଗଛରୁ କଟା ହୋଇ ଘରେ ଟଙ୍ଗାଯାଇ ପବନ ବାଜି ଶୁଖିଯାଏ । ଏହାର ପିଇବା ଧୂଆଁ କଡ଼ା ନୁହେଁ ।]

ହିଞ୍ଜୀର—ସ. ବ (ହନ୍ ଧାତୁ + କ୍ବିପ୍. ଈର + ଅ, କର୍ତ୍ତରି)—
Hiñjira ହସ୍ତିପଦବନ୍ଧନ; ହାତୀବନ୍ଧା ଦଉଡ଼ି ବା ଶିକୁଳି—The chain or rope for the elephant's legs.

ହିଞ୍ଜୁଳ—ସ. ବ—ହିଞ୍ଜଳ (ଦେଖ)
Hiñjula Hiñjala (See)

ହିଟ୍—ବୈଦେ. ବ (ଇଂ. କ୍ରିକେଟ୍ ଖେଳରେ ବ୍ୟବହୃତ)—
Hit ୧ । କ୍ରିକେଟ୍ ବଲ୍‌ର ୱିକେଟ୍‌ରେ ଆଘାତ—
हिट्, हिट 1. Hit; hitting of the wicket by a cricket ball. ୨ । ବଲ୍‌କୁ ବ୍ୟାଟ୍ ଦ୍ୱାରା ଆଘାତ—2. Hitting of the ball by the bat.

ହିଟ୍ କରିବା—ଦେ. କ୍ରି—(କ୍ରିକେଟ୍ ବଲ୍) ୱିକେଟ୍‌ରେ ବାଜିବା—
Hit kariba To hit (said of a ball hitting the
हिट करा हिट करना wicket).

ହିଟ୍ଲର୍—ଦେ. ବ (ନାମ)—ପ୍ରଜାତନ୍ତ୍ର ଶାସିତ ଅଧୁନିକ ଜର୍ମାନୀର
Hitlar ଡିକ୍ଟେଟର୍ ବା ଭାଗ୍ୟନିୟନ୍ତା—Herr Hitler of
हिट्‌लर्, हिटलर Germany.
[ଦ୍ର—ଏହାଙ୍କ ନେତୃତ୍ୱରେ ଜର୍ମାନମାନେ ଜୁଗୋସ୍ଲାଭିକିଆ, ପୋଲାଣ୍ଡ, ନରୱେ, ବେଲ୍‌ଜିଅମ୍ ଆଦି ରାଜ୍ୟକୁ ଆକ୍ରମଣ ଓ ଅଧିକାର କରିବାରୁ ଏଥିର ପ୍ରତିକାରାର୍ଥ ଇଂଲଣ୍ଡ ଓ ଫ୍ରାନ୍ସ ୧୯୩୯ ସାଲରେ ଏହାଙ୍କ ସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ଏ ପରେ ଫ୍ରାନ୍ସକୁ ପରାଜିତ କରିବାରୁ ଫ୍ରାନ୍ସ ଏହାଙ୍କ ସଙ୍ଗେ ସନ୍ଧି କଲା । ବର୍ତ୍ତମାନ (୧୯୪୦ ଜୁନ୍) ଇଂରେଜଙ୍କର ଏହାଙ୍କ ସଙ୍ଗେ ଯୁଦ୍ଧ ଚାଲିଛି ।]

ହିଟାଇବା—ପ୍ରାଦେ (ଗଡ଼ଜାତ ଓ ଖଡ଼ିଆଲ) କ୍ରି—୧ । ଫିଟାଇବା—
Hitaiba 1. To open. ୨ । (ଭଞ୍ଜଭୂମି) ଅଣିବା; କାଢ଼ିବା; କରିବା—2. To bring forth.

ହିଟି ପଡ଼ିବା—ପ୍ରାଦେ (ପାଟଣା) କ୍ରି—ପଡ଼ିଯିବା—
Hiti pardiba To fall down.

ହିଟିବା—ପ୍ରାଦେ (ପାଟଣା) କ୍ରି—୧ । ଝୁଣ୍ଟିବା—1. To stumble.
Hitiba ୨ । ଖସି ପଡ଼ିବା—2. To slip down.
ପ୍ରାଦେ (ଖଡ଼ିଆଲ) କ୍ରି—ଫିଟିବା; ମୁକ୍ତହେବା—To be opened; to be released.

ହିଡ଼୍ (ଧାତୁ)—ସ—୧ । ଗତି କରିବା—1. To move.
Hird (root) ୨ । ଅନାଦର କରିବା—2. To slight.

ହିଡ଼(ଡ଼ି)ମି(ମୋ)ଚ(ଚି)—ଦେ. ବ (ସ. ହିଲମୋଚିକା) ହୋମ-
Hird(rdi)mi(mo)cha(chi) ଗ୍ରନ୍ଥାଦି ବର୍ଗର ଜଳଜ ଲତା
(ହିଡ଼ହିଡ଼େଇ—ଅନ୍ୟରୂପ) ତିକ୍ତ ଶାକ ବିଶେଷ—A salad
ସ. ବ୍ରାହ୍ମୀ, ହିଲମୋଚିକା, herb; Enhydra Hingcha;
ହିଲମୋଚୀ, ହେଲ୍ଚୀ, Enhydra Heloncha;
ଶଙ୍ଖଧରା, ଅମୃତା, ମତ୍ସ୍ୟାକ୍ଷୀ, Enhydra Fluctuans
ମନ୍ନୀ, ରକ୍ତାଙ୍ଗୀ, କ୍ଷତଘ୍ନୀ (Kirtikar).
हिंचा,हेलेञ्चा,हिंचेशाक [ଦ୍ର—ଏହା ତିକ୍ତ ରସ, ଶୀତଳ,
हरहुच, हुरहुँच ସାରକ ଏବଂ ଶୋଥ, କୁଷ୍ଠ, କଫ ଓ ପିତ୍ତ ନାଶକ । ଏହି ଚର୍ମ ଓ ଚର୍ମ ରୋଗରେ ହିତକର ।]

ହିଡ଼—ଦେ. ବ [ସ. ଅଳ(ଲୀ)]—୧ । କ୍ଷେତ୍ରର ବା ଖେତର
Hirda ସୀମାବନ୍ଧ—1. The boundary ridge of a
आलि, आल्, आड़ि cultivated field. [ଦ୍ର—ଏହାଦ୍ୱାରା
आरि, आड, मेड ବିଲରେ ପାଣିକୁ ଅଟକାଇ ରଖାଯାଏ ।]
୨ । ମାଟିର ଛୋଟ ବନ୍ଧ—2. A small earthen ridge. ୩ । ଦାନ୍ତମାନ ଯେଉଁ ମାଂସମୟ ବନ୍ଧ ଉପରେ ସ୍ଥିତ; ଦାନ୍ତର ମୂଳ; ଦାନ୍ତର ମାଢ଼ି—3. The gum; the ridge in the mouth on which the teeth stand. ପ୍ରାଦେ (ଗଞ୍ଜାମ) ବ—ପୁଷ୍କରିଣୀର ହୁଡ଼ା ବା ଚତୁଃପାର୍ଶ୍ୱସ୍ଥ ବନ୍ଧ—The embankments on the 4 sides of a tank.

ହିଡ଼ କଟା—ଦେ. ବ (ସ. ଅଳ ଓ କର୍ତ୍ତନ)—ପ୍ରତିବର୍ଷ କ୍ଷେତ୍ରର
Hirda kati ହିଡ଼ର ପାର୍ଶ୍ୱସ୍ଥ ଘାସ ଓ ମାଟିକୁ ଚାଞ୍ଛିବା—
आलछँटा Annual scraping of the edges of the
मेड छँटाई ridges of a paddy field.

ହିଡ଼(ଡ଼ି) କାଉଁଚିଆ—ଦେ. ବଣ—୧ । ଅସମତଳ (ପଥ ବା ଜମି)—
Hirda(rdi) kauchia 1. Rugged; rough (path or
हेटे ट्यांरा land). ୨ । କ୍ରମଶଃ ଉଠାଣି ଓ ଗଡ଼ାଣି; ଉଚ୍ଚାବଚ—
उँचानीचा 2. Undulating.

ହିଡ଼ ଦେବା (ବାନ୍ଧିବା)—ଦେ. କ୍ରି—ମାଟି ଦ୍ୱାରା କିଆରିର ଚାରିପାଖେ
Hirda debā (bāndhibā) ହିଡ଼ ପ୍ରସ୍ତୁତ କରିବା—To
আলি দেওয়া raise or make a ridge round a field.
मेड़ बाँधना [ଉ—ହେମ ନଈଁପଡ଼ି ହିଡ଼ ବାନ୍ଧୁଅଛି। ଫକୀର
[ହିଡ଼ ପକା(ଙ୍କେ)ଇବା ଅନ୍ୟରୂପ) ମୋହନ. ଛମାଣ ଆଠଗୁଣ।]

ହିଡ଼(ଡ଼ି) ମୁଣ୍ଡା—ଦେ. ବି (ସ. ଅଳି ଓ ମୁଣ୍ଡ)—ହିଡ଼ର ଉପରଭାଗ—
Hirda(rdi) mundā The crest of a ridge.
আলমাথান [ଉ—ଘୁଅକୁ ଖାଇଲା ହିଡ଼ମୁଣ୍ଡାରେ, ପିମ୍ପୁଡ଼ି
मेड़के उपर ଖାଇଲେ କାନ ମୁଣ୍ଡରେ। ଶିଶୁ ଗୀତ।]

ହିଡ଼ମ୍ବ—ସଂ. ବି (ନାମ)—ହିଡ଼ିମ୍ବ (ଦେଖ)
Hirdamba Hirdimba (See)

ହିଡ଼ମ୍ବା—ସଂ. ବି. ସ୍ତ୍ରୀ (ନାମ)—ହିଡ଼ିମ୍ବା (ଦେଖ)
irdambā Hirdimbā (See)

ହିଡ଼ ହିଡ଼ା—ଦେ. ବିଣ ପୁଂ—ରକୁଣା; ମାଗିଖିଆ (ଗୋପୀନାଥ ନନ୍ଦ)
Hirda hirdā —Hanker ng after food; begging
মেগে খেকো माँगनेवाला food from others.
[ହିଡ଼ ହିଡ଼ା(ହିଡ଼ିଇ—ସ୍ତ୍ରୀ]

ହିଡ଼ିମ୍ବ—ସଂ. ବି. ପୁଂ (ନାମ)—୧। ଭୀମ ଓ ମହାକାୟ ରାକ୍ଷସ ବିଶେଷ
Hirdimba —1. A demon killed by Bhīma
(ହିଡ଼ିମ୍ବାସୁର—ଅନ୍ୟରୂପ) and whose sister Bhīma married. [ବି—ଜତୁ ଗୃହରେ ଅଗ୍ନି ଲଗାଇ ପାଣ୍ଡବମାନେ ବାରଣାବତରୁ ପଳାଇଯିବା ବେଳେ ବନ ମଧ୍ୟରେ ଅନ୍ୟ ପୁତ୍ରମାନଙ୍କ ସଙ୍ଗେ କୁନ୍ତୀ ନିଦ୍ରା ଗଲେ ଓ ଭୀମ ଜଗି ବସିଲେ। ସେ ବଣରେ ବାସ କରୁଥିବା ନରମାଂସଭୋଜୀ ହିଡ଼ିମ୍ବାସୁର କ୍ଷୁଧାର୍ତ୍ତ ହୋଇ ପାଣ୍ଡବମାନଙ୍କୁ ବଧ କରିବାକୁ ତାହାର ଭଗିନୀ ହିଡ଼ିମ୍ବାକୁ ପାଣ୍ଡବମାନଙ୍କ ଶୋଇବା ସ୍ଥାନକୁ ପଠାଇଲା। କିନ୍ତୁ ହିଡ଼ିମ୍ବା ପାଣ୍ଡବମାନଙ୍କ ନିକଟକୁ ଆସି ଭୀମଙ୍କୁ ଦେଖି ତାଙ୍କ ରୂପରେ ଓ ବଳରେ ମୁଗ୍ଧ ହୋଇ ତାଙ୍କ ପ୍ରଣୟ ପ୍ରାର୍ଥନା କଲା ଓ ହିଡ଼ିମ୍ବ ରାକ୍ଷସର କବଳରେ ପାଣ୍ଡବମାନେ ନ ପଡ଼ିବେ ବୋଲି ଭୀମଙ୍କୁ ସତର୍କ କଲା। ତତ୍ପରେ ଭଗିନୀର ଫେରିବାର ବିଳମ୍ବ ଦେଖି ହିଡ଼ିମ୍ବ ନିଜେ ସେ ସ୍ଥାନରେ ଉପସ୍ଥିତ ହୋଇ ଭଗିନୀକୁ ଭୀମଙ୍କଠାରେ ଆସକ୍ତା ହେବାର ଦେଖି ମାରିବାକୁ ବସିଲା। ଭୀମ ଏହା ଦେଖି ସେ ରାକ୍ଷସ ସଙ୍ଗେ ଯୁଦ୍ଧ କରି ତାକୁ ବଧ କଲେ ଓ ହିଡ଼ିମ୍ବାକୁ ପତ୍ନୀରୂପେ ଗ୍ରହଣ କଲେ। ମହାଭାରତ—ଆଦି]
୨। ହିଡ଼ିମ୍ବ ରାକ୍ଷସର ବାସ କରୁଥିବା ବନ ବିଶେଷ—
2. Name of a jungle where the demon Hirdimba lived.

ହିଡ଼ିମ୍ବଜିତ୍ (ଭିତ୍)—ସଂ. ବି—ହିଡ଼ିମ୍ବାସୁରର ନିହନ୍ତା ଭୀମ—
Hirdimba jit (bhit) Bhīma, the slayer of demon
[ହିଡ଼ିମ୍ବ ନିସୂଦନ—ଅନ୍ୟରୂପ] Hirdimba.

ହିଡ଼ିମ୍ବା—ସ. ବି ସ୍ତ୍ରୀ—(ନାମ)—ହିଡ଼ିମ୍ବ ରାକ୍ଷସର ଭଗିନୀ—
Hirdimbā The sister of the demon Hirdimba.
(ହିଡ଼ିମ୍ବାବତ୍—ଅନ୍ୟରୂପ) [ବି—ଏ ଭୀମଙ୍କ ପ୍ରତି ପ୍ରଣୟାସକ୍ତା ହେବାରୁ ଭୀମ ମାତା ଓ ଭ୍ରାତାମାନଙ୍କ ପରାମର୍ଶରେ ଏହାକୁ ପତ୍ନୀରୂପେ ଗ୍ରହଣ କଲେ। ହିଡ଼ିମ୍ବା ଭୀମଙ୍କୁ ପୃଷ୍ଠରେ ନେଇ ନାନାଅଦ୍ଭୁତ ଶୂନ୍ୟରେ ଭ୍ରମଣ କରି ରମ୍ୟ ସ୍ଥାନମାନଙ୍କରେ ଭ୍ରମଣ କଲା ଓ ଭୀମଙ୍କ ଔରସରେ ହିଡ଼ିମ୍ବାର ଘଟୋତ୍କଚ ନାମରେ ପୁତ୍ର ଜନ୍ମ ହେଲା—ମହାଭାରତ. ଆଦି] ୨।
ହନୁମାନଙ୍କ ସ୍ତ୍ରୀ—2. Name of the wife of the Hanumān.

ହିଡ଼ିମ୍ବା ପତି—ସଂ.ବି ପୁଂ—(ଷଷ୍ଠୀ ତତ୍) ହନୁମାନ ଶବ୍ଦରତ୍ନାବଳୀ)—
Hirdimbā pati The great monkey hero; the devoted servant of Ramachandra. ୨।
ଭୀମସେନ—2. Bhīmasena.

ହିଡ଼ିମ୍ବା ରମଣ—ସ. ବି ପୁଂ (ଷଷ୍ଠୀ ତତ୍)—୧। ହନୁମାନ (କିଷ୍କିନ୍ଧା
Hirdimbā ramana ଦେଶ)—1. The great monkey hero. ୨। ଭୀମ—2. Bhīma.

ହିଣ୍ଡ୍ (ଧାତୁ)—ସ—୧। ଗମନ କରିବା—1. To go. ୨। ରମଣ
Hind (root) କରିବା—2. To copulate. ୩। ଲେଖିବା—
3. To writ ୪। ଘୃଣା କରିବା—4. To hate.
୫। ଉପହାସ କରିବା—5. To scoff; to ridicule.

ହିଣ୍ଡନ—ସଂ. ବି—(ହିଣ୍ଡ୍ ଧାତୁ+ଭାବ ଅନ)—୧। ଭ୍ରମଣ; ଗମନ—
Hindana (ମେଦିନୀ)—1. Going; walking. ୨। ସୁରତ;
ରମଣ (ମେଦିନୀ)—2. Copulation. ୩। ଲେଖନ
(ଭରତ)—3. Writing

ହିଣ୍ଡି (ଇତ୍ୟାଦି)—ଦେ. ବି—ହେଣ୍ଡି ଇତ୍ୟାଦି (ଦେଖ)—
Hindi (etc) Hendi etc. (See)

ହିଣ୍ଡିଆ (ଇତ୍ୟାଦି)—ଦେ. ବି ପୁଂ—ହେଣ୍ଡିଆ ଇତ୍ୟାଦି (ଦେଖ)—
Hindiā (etc) Hendiā etc (See)

ହିଣ୍ଡିକ—ସଂ. ବି ପୁଂ—୧। ଗଣକ; ଦୈବଜ୍ଞ; ଲଗ୍ନାଚାର୍ଯ୍ୟ (ହାରାବଳୀ);
Hindika ଫଳିତଜ୍ୟୋତିଷ —1. An astrologer. ୨। ସ୍ତୁତି
ପାଠକାଚାର୍ଯ୍ୟ; ଭାଟମାନଙ୍କ ସରଦାର—2. The master
of the heralds or min strels.

ହିଣ୍ଡିବା—ପ୍ରାଦେ (ଜୟପୁର) କ୍ରି—ଘୁରି ବୁଲିବା; ଏଣେତେଣେ ବୁଲିବା
Hindibā To rove about, to wander.

ହିଣ୍ଡିବାଦାମ—ଦେ. ବି—ଆଣ୍ଡାମାନ ଦ୍ୱୀପରେ ଜାତ ନିର୍ଯ୍ୟାସ ଉତ୍ପାଦକ
Hindi bādāma ବୃହତ୍ ବୃକ୍ଷ ବିଶେଷ—Name of a big
tree found in the Andaman island.
[ବି—ଏ ବୃକ୍ଷର ନିର୍ଯ୍ୟାସରୁ ଏକ ପ୍ରକାର ମୂଲ୍ୟବାନ ଅଠା
(ଗୋନ୍ଦ) ହୁଏ ଓ ଏ ଫଳ-ବୀଜରୁ ବହୁତ ତେଲ ହୁଏ; ଏ
ତେଲ ବାଦାମ ତେଲ ରୂପେ ଘିଅ ଆଦି ସଙ୍ଗେ ମିଶାଯାଇ
হিণ্ডিবাদাম हिजडीबादाम ବଜାରରେ ବିକ୍ରି ହୁଏ—(ହି. ଶ)

ହିଣ୍ଡି ମାରିବା—ଦେ. କ୍ରି—ହେଣ୍ଡି ମାରିବା (ଦେଖ)—
Hindi māribā Hendi māribā (See)

ହିଣ୍ଡିର—ସଂ. ବି—(ହିଣ୍ଡ୍ ଧାତୁ+କର୍ତ୍ତୃ ଇର)—ହିଣ୍ଡୀର (ଦେଖ)
Hindira Hindīra (See)

ହିଣ୍ଡୀ—ସଂ. ବ ସ୍ତ୍ରୀ—(ହିଣ୍ଡ୍ ଧାତୁ+କର୍ତ୍ତୃ ଅ+ଈ)—ଦୁର୍ଗା (ହିଡାଣ୍ଡ
Hindī ଦେଖ)—Goddess Durgā.

ହିଣ୍ଡୀ ପ୍ରିୟତମ—ସଂ. ବ ପୁଂ—(୬ଷ୍ଠୀ ତତ୍)—ଶିବ; ମହାଦେବ (ଦେ
Hindīpriyatama ରତ୍ନାବଳୀ)—God Śiba.

ହିଣ୍ଡୀର—ସଂ.ବ—(ହିଣ୍ଡ୍ ଧାତୁ+କର୍ତ୍ତୃ ଈର)—୧ । ସମୁଦ୍ର ଫେନ [ଅମର]
Hindira 1. The foam of the sea. ୨ । ଏକପ୍ରକାର ସାମୁଦ୍ରିକ ଜୀବର ଅସ୍ଥି (ଅମର)—2 Cuttlefish bone ୩ । ବାଇଗଣ; ବାଇଗଣ (ମେଦିନୀ)—3 Brinjal. ୪ । ପୁରୁଷ (ମେଦିନୀ)—4. A male; a man. ୫ । ରୁଚକ (ଜଣାଦ କୋଷ); ଗାଜମ୍ବର; ଟଗ—5. Citron. ୬ । ଡାଳିମ୍ବ ଗଛ (ହି. ଶ)—6. Pomegranete tree.

ହିଣ୍ଡୁକ—ସଂ ବ—(ହିଣ୍ଡ୍ ଧାତୁ+କର୍ତ୍ତୃ ଉକ)—ଶିବ (ହି ଶ)—
Hinduka Śiba

ହିନ୍ଦୋଳ—ଦେ. ବ—ହିନ୍ଦୋଳ (ଦେଖ)—
Hindola Hindola See)

ହିତ—ସ. ବଣ (ଧା ଧାତୁ=ପୋଷଣ କରିବା+ କର୍ମ ତ)—୧ ।
Hita କଲ୍ୟାଣକର; ଉପକାରକ—1. Beneficial. (ହିତା—ସ୍ତ୍ରୀ) ୨ । ମଙ୍ଗଳପ୍ରଦ—2. Auspicious. (ଅହିତ—ବିପରୀତ) ୩ । ପଥ୍ୟ—3. Beneficient; fit to be taken. ୪ । ଅନୁକୂଳ—4. Propitious; favourable. ୫ । ଉପଯୁକ୍ତ; ଯୋଗ୍ୟ—5. Befitting; suitable; fit. ୬ । ପ୍ରିୟ—6. Dear; beloved; liked. ବ (ହି ଧାତୁ+ଭାବ ତ)—୧ । ଶୁଭ; ମଙ୍ଗଳ; କଲ୍ୟାଣ—1. Weal; wellbeing; welfare. ୨ । ଉପକାର—2. Good; benefit; good service. ୩ । ଗମନ; ଗତି—3. Going; motion. ୪ । ପ୍ରାପ୍ତି—4. Acquisition; getting.

ହିତକ—ସ. ବ. ପୁଂ—(ହିତ+କ)—୧ । ଶିଶୁ (ରାଜନିର୍ଘଣ୍ଟ)—
Hitaka 1. Child. ୨ । ଶିଶୁକାଠ—2. Sissoo wood. ୩ । ପଶୁ ଶାବକ (ହି. ଶ)—3. The young one of any beast.

ହିତ କଥା—ସଂ. ବ (କର୍ମଧା)—ସତ୍‌ପରାମର୍ଶ; ମଙ୍ଗଳଜନକ ବାକ୍ୟ ବା
Hita kathā ଉପଦେଶ—Good counsel; beneficial or good advice. ଦେ. ବ—୧ । ଶୁଭଜନକ ବିଷୟ—1. Beneficial matter. ୨ । ଉତ୍ତମ କାର୍ଯ୍ୟ—2 Good work.

ହିତକର—ସଂ. ବଣ (ହିତ+କୃ ଧାତୁ+ଭାବ ଅ)—୧ । ଉପକାରକ;
Hitakara କଲ୍ୟାଣକର; ମଙ୍ଗଳଜନକ—
(ହିତକରୀ—ସ୍ତ୍ରୀ) 1. Beneficial. ୨ । ଅନୁକୂଳ—2. Favourable; propitious. ୩ । ହିତକାରୀ; ଉପକାରୀ—3. Rendering good service.

ହିତ କରିବା—ଦେ. କ୍ରି—ଉପକାର କରିବା; ମଙ୍ଗଳ ସାଧନ କରିବା—
Hita kariba To benefit; to render good
হিত করা हित करना service.

ହିତକା—ଗ୍ରା. ବଣ. (ସଂ ହିତକାରୀ)—ମଙ୍ଗଳ ସାଧକ—
Hitakā Doing good. [ହି—ବେଳେ ଭଗବତ ଭକ୍ତ ହିତକା, ଦ୍ୱାଦଶ ସ୍କନ୍ଧରୁ କଲି ମୁଁ ଟୀକା—ପ୍ରାଚୀ. ଷରଚେଗୀତା ।]

ହିତ କାମ—ସଂ. ବଣ. ପୁଂ (ବହୁବ୍ରୀହି; ହିତ ଅଟେ କାମ=ଇଚ୍ଛା
Hita kāma ଯାହାର)—ହିତକାମୀ (ଦେଖ)—
(ହିତକାମା—ସ୍ତ୍ରୀ) Hitakāmī (See).

ହିତ କାମନା—ସଂ ବ [ସ. ପ. ସ୍ନେ ବା ୬ଷ୍ଠୀ ତତ୍]—୧ । ହିତେଚ୍ଛା;
Hita kāmanā ମଙ୍ଗଳ ବା ଉପକାର କରିବାର ଇଚ୍ଛା—1. Desire to do good. ୨ । ପରୋପକାର କରିବା ଇଚ୍ଛା—2. Benevolence.

ହିତକାମୀ—ସଂ ବଣ. ପୁଂ [ହିତକାମିନ୍ ଶବ୍ଦ ୧ମା ୧ବ]—ଆଶୀର୍ବାଦକ;
Hita kāmī ହିତେଚ୍ଛୁ; ଯେ ମଙ୍ଗଳ କାମନା କରେ—
[ହିତକାମିନୀ—ସ୍ତ୍ରୀ] Wishing for the welfare of a person.

ହିତକାରୀ—ସଂ ବଣ. ପୁଂ [ହିତକାରିନ୍ ଶବ୍ଦ, ୧ମା ୧ବ]—ଯେ
Hitakārī ହିତ କରେ; ଉପକାରକ—
[ହିତକାରିଣୀ—ସ୍ତ୍ରୀ] Rendering good; beneficient. ବ—ଉପକାରକ ବ୍ୟକ୍ତି—Benefactor.

ହିତ ଚିନ୍ତକ—ସଂ ବ ଓ ବଣ [୬ଷ୍ଠୀ ତତ୍]—କୌଣସି ବ୍ୟକ୍ତିର
Hita chintaka ମଙ୍ଗଳ କାଙ୍କ୍ଷାକାରୀ ବ୍ୟକ୍ତି—Wellwisher.

ହିତ ଚିନ୍ତନ(ଚିନ୍ତା)—ସଂ ବ—କୌଣସି ବ୍ୟକ୍ତିର ମଙ୍ଗଳକାମନା—
Hita chintana[chintā] Good wishes for a person.

ହିତତା—ସଂ ବ [ହିତ+ଭାବ ତା]—ଉପକାରିତା—
Hitatā Beneficialness.

ହିତ ପ୍ରଣୀ—ସଂ ବ.ପୁଂ [ହିତ+ପ୍ରଣିନ୍,୧ମା ୧ବ]—ଚର (ଶବ୍ଦରତ୍ନାବଳୀ)
Hita praṇi —A messenger; spy; informer.

ହିତବଚନ (ବାକ୍ୟ)—ସଂ ବ—୧ । ହିତୋପଦେଷ୍ଟା—
Hita bachana (bākya) 1. Good advicer. ୨ । ଯେଉଁ ବାକ୍ୟ ଦ୍ୱାରା ମନୁଷ୍ୟର ଉପକାର ହୁଏ—2. Beneficial or sound advice.

ହିତ ବାଞ୍ଛା—ସଂ ବ—ହିତକାମନା (ଦେଖ)—
Hita bānchhā Hita kāmanā (See).

ହିତବାଦୀ—ସଂ. ବଣ (ହିତବାଦିନ୍ ଶବ୍ଦ; ହିତ+ବଦ୍ ଧାତୁ କହିବା
Hitabādī +କର୍ତ୍ତୃ ଇନ୍; ୧ମା. ୧ବ)—
(ହିତବାଦିନୀ—ସ୍ତ୍ରୀ) ହିତକଥନଶୀଳ; ହିତଭାଷୀ; ଯେଉଁ ବ୍ୟକ୍ତି ହିତ କଥା କହେ; ସତ୍ ପରାମର୍ଶଦାତା—Giving good advice.

ହିତ ବୋଧ—ସଂ. ବି—ମଙ୍ଗଳ ସମ୍ବନ୍ଧେ ଜ୍ଞାନ—
Hita bodha Understanding of good.

ହିତ ଭାଷଣ—ସଂ. ବି (୬ଷ୍ଠୀ ତତ୍)—ହିତ ବାକ୍ୟର କଥନ—
Hita bhāshana Giving of good advice.

ହିତଭାଷୀ—ସଂ. ବିଣ [ହିତଭାଷିନ୍ ଶବ୍ଦ; ହିତ+ଭାଷ ଧାତୁ=କହିବା
Hita bhāshi +କର୍ତ୍ତୃ ଇନ୍; ୧ମା. ୧ବ]—ହିତବାଦୀ
(ହିତଭାଷିଣୀ - ସ୍ତ୍ରୀ) (ଦେଖ)—Hitabādi (See).

ହିତ ସାଧକ—ସଂ. ବିଣ. ପୁଂ—ଯେ ହିତ ସାଧନ କରେ; ହିତକାରକ—
Hita sādhaka Rendering good service;
(ହିତସାଧିକା—ସ୍ତ୍ରୀ) beneficient.

ହିତ ସାଧନ(ନା)—ସଂ. ବି (୬ଷ୍ଠୀ ତତ୍)—ମଙ୍ଗଳ ସାଧନ; ହିତ ବା
Hita sādhana (nā) ଉପକାର କରଣ—
Rendering of good or beneficial service.

ହିତା—ସଂ. ବିଣ. ସ୍ତ୍ରୀ—(ହିତ+ଆ)—ହିତର ସ୍ତ୍ରୀଲିଙ୍ଗ—Feminine
Hitā of Hita. ସଂ. ବି—ରକ୍ତବାହୀ ଶିରା ବିଶେଷ (ହି ଶ)—
A class of veins ଗ୍ରା. ବିଣ—(ପ୍ରାଚୀନପଦ୍ୟ)—
(ସଂ ହିତ) ହିତକର; ପଥ୍ୟ—Beneficial (ଯଥା—
ଗୋମୂତ୍ରେ ଦେଲେ ଠିଅଛତା, ଯେ ପ୍ରଭୁ ଗୋବ୍ରାହ୍ମଣ
ହିତା—ଜଗନ୍ନାଥ ଭାଗବତ)

ହିତାକାଂକ୍ଷା—ସଂ ବି (୬ଷ୍ଠୀତତ୍)—ହିତକାମନା [ଦେଖ]—
Hitākāmkshā H takāmanā [See].
[ହିତାକାଙ୍କ୍ଷା—ଅନ୍ୟରୂପ]

ହିତାକାଂକ୍ଷୀ—ସଂ. ବିଣ. ପୁଂ—(ହିତକାଂକ୍ଷିନ୍ ଶବ୍ଦ, ୧ମା. ୧ବ; ହିତା-
Hitākāmkshi କାଂକ୍ଷା+ଇନ୍)—ହିତକାମୀ; ଯେ ଅନ୍ୟର
ମଙ୍ଗଳ କାମନା କରେ—Wishing one's welfare.
[ହିତାକାଙ୍କ୍ଷୀ—ଅନ୍ୟରୂପ]
[ହିତାକାଂକ୍ଷିଣୀ, ହିତାକାଙ୍କ୍ଷିଣୀ—ସ୍ତ୍ରୀ]

ହିତାନୁଷ୍ଠାତା—ସଂ ବିଣ. ପୁଂ (ହିତ+ଅନୁ+ସ୍ଥା ଧାତୁ+କର୍ତ୍ତୃ ତୃ;
Hitānushthātā ହିତାନୁଷ୍ଠାତୃ ଶବ୍ଦ, ୧ମା. ୧ବ)—
(ହିତାନୁଷ୍ଠାତ୍ରୀ—ସ୍ତ୍ରୀ) ହିତ ସାଧକ [ଦେଖ]—
Hita sādhaka (See).

ହିତାନୁଷ୍ଠାନ—ସଂ. ବି—(ହିତ+ଅନୁଷ୍ଠାନ)—ହିତସାଧନ; କଲ୍ୟାଣ
Hitānusthāna ସାଧନ—1. The rendering of good
Service. ୨। ହିତକର ଅନୁଷ୍ଠାନ—2. Beneficial institution. ୩। ହିତକର କାର୍ଯ୍ୟ—3.
Beneficial work.

ହିତାବଳୀ—ସଂ. ବି—(ହିତ+ଅବଳୀ)—ଔଷଧ ଗୁଳ୍ମ ବିଶେଷ -
Hitābali Name of a herb. [ଗୁ—ଏହା ପାଚକ, ତିକ୍ତ;
ଅନ୍ୟ ସଂ ନାମ— ପ୍ଳୀହା, ଗୁଳ୍ମ, ଜ୍ୱର, କୃମି, କୁଷ୍ଠ, ଅଶ୍ମୁରୀ ଶର୍କ୍କ-
ହୃଦ୍‌ଗାନ୍ଧୀ, କୁଷ୍ଠଘ୍ନ, ଓ କଣ୍ଠୁନାଶକ (ରାଜନିର୍ଘଣ୍ଟ) ।]
ଗ୍ରନ୍ଥି, ଅଙ୍ଗାର କୁଷ୍ଠକ,
ଅଙ୍ଗାର ଗ୍ରନ୍ଥି, ଗ୍ରନ୍ଥିଲ

ହିତାବହ—ସଂ. ବିଣ—ହିତକାରୀ (ହି.ଶ)—
Hitābaha (ହିତାବହା—ସ୍ତ୍ରୀ) Beneficial.

ହିତାର୍ଥ—ସଂ. ବି—ମଙ୍ଗଳ ଉଦ୍ଦେଶ୍ୟ—Beneficial aim. ବିଣ—
Hitārtha. (ବହୁବ୍ରୀହି) ମଙ୍ଗଳ ବା ଶୁଭ ଉଦ୍ଦେଶ୍ୟ ଯୁକ୍ତ—
Aiming at one's walfare. ଦେ. କ୍ରି ବିଣ—
(ସଂ. ହିତାର୍ଥଂ) ହିତାର୍ଥେ (ଦେଖ)—Hitarthe
(See)

ହିତାର୍ଥୀ—ସଂ. ବିଣ. ପୁଂ—(ଉପପଦ ତତ୍ପୁରୁଷ; ହିତଅଟେ ଅର୍ଥ=
Hitārthi ଉଦ୍ଦେଶ୍ୟ ଯାହାର; ହିତ+ଅର୍ଥ+ଇନ୍; ହିତାର୍ଥିନ୍
(ହିତାର୍ଥିନୀ—ସ୍ତ୍ରୀ) ଶବ୍ଦ; ୧ମା ୧ବ)—ହିତକାମୀ (ଦେଖ)—
Hitakāmi (See).

ହିତାର୍ଥେ—ଦେ. କ୍ରି. ବିଣ—(ସଂ ହିତାର୍ଥଂ; ହିତାର୍ଥାୟ)—ମଙ୍ଗଳାର୍ଥେ;
Hitārthe ମଙ୍ଗଳ ଉଦ୍ଦେଶ୍ୟରେ—Aiming at one's
हितार्थे welfare; for the good of. (ଯଥା—ସେ ଦେଶର
हितकेलिये ହିତାର୍ଥେ ପ୍ରାଣ ତ୍ୟାଗ କଲେ)

ହିତାହିତ—ସଂ ବି—(ଦ୍ୱନ୍ଦ୍ୱ)—୧ । ହିତ ଓ ଅହିତ; ମଙ୍ଗଳ ଓ
Hitāhita ଅମଙ୍ଗଳ—. Weal and woe. ୨ । ଉପକାର
ଓ ଅପକାର—2.Benefit and harm. ବିଣ—୧।
ଉତ୍ତମ ଓ ମନ୍ଦ—1. Good and evil. ୨।
ପଥ୍ୟାପଥ୍ୟ—2. Beneficial and injurious to
health.

ହିତାହିତଜ୍ଞ—ସଂ. ବିଣ. ପୁଂ—ହିତାହିତ ବିବେଚକ (ଦେଖ)—
Hitāhitajña Hitāhita bibechaka (See)
(ହିତାହିତଜ୍ଞା—ସ୍ତ୍ରୀ)

ହିତାହିତ ଜ୍ଞାନ—ସଂ. ବି—୧ । ହିତାହିତ ବିବେଚନା (ଦେଖ)—
Hitābita jñāna 1. Hitāhita bibechanā (See)
୨ । ମନୁଷ୍ୟ ଯେଉଁ ଈଶ୍ୱରପ୍ରଦତ୍ତ ମାନସିକ ଶକ୍ତିଦ୍ୱାରା କର୍ତ୍ତବ୍ୟ
ଓ ଅକର୍ତ୍ତବ୍ୟ ବୁଝିପାରେ—2. Conscience.

ହିତାହିତ ବିଚାର—ସଂ ବି—(ଦ୍ୱନ୍ଦ୍ୱ, ୭ମୀ ତତ୍) ହିତ ବା ଭଲ କାର୍ଯ୍ୟ
Hitāhita bichāra ଓ ଅହିତ ବା ମନ୍ଦକାର୍ଯ୍ୟ ସମ୍ବନ୍ଧେ ବିଚାର—
Discrimination between good and evil.

ହିତାହିତ ବିବେକ—ସଂ.ବି—(ଦ୍ୱନ୍ଦ୍ୱ; ୭ମୀତତ୍)-କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ
Hitāhita bibeka ବା ଧର୍ମାଧର୍ମ ସମ୍ବନ୍ଧେ ବିଚାର ବା ବିବେଚନା
(ହିତାହିତ ବିବେକୀ—ବିଣ ପୁଂ) —Conscience.
(ହିତାହିତ ବିବେକିନୀ—ବିଣ. ସ୍ତ୍ରୀ)

ହିତାହିତ ବିବେଚକ—ସଂ ବିଣ ପୁଂ—୧ । ହିତାହିତଜ୍ଞ; ଯେ
Hitāhita bibechaka ହିତାହିତ ବିବେଚନା କରେ—1.
(ହିତାହିତ ବିବେଚିକା—ସ୍ତ୍ରୀ) Discriminating between
what is beneficial and what not. ୨ ।
କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାରଶୀଳ; ବିବେକବାନ—
2. Conscientious.

ହିତାହିତ ବିବେଚନା—ସଂ. ବି—୧ । କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସମ୍ବନ୍ଧେ
Hitābitā bibechanā ବିବେଚନା—1. Discrimination

between good and evil. ୨। ବିବେକ; ଭଲମନ୍ଦ ବୁଝିପାରିବାର ଈଶ୍ୱରଦତ୍ତ ପ୍ରବୃତ୍ତି—2. Concience. ୩। ଭଲ ଓ ମନ୍ଦକାର୍ଯ୍ୟ ସମ୍ବନ୍ଧେ ବିଚାର—3. Consideration of what is good and what is not good.

ହିତେ—ଦେ. ଅ—(ପ୍ରାଚୀନପଦ୍ୟ) ସକାଶେ ; ପାଇଁ—For. [ଉ—
Hite ଅଜ୍ଞା ଅଜ ଯେତେ ଅଛିବେ ପ୍ରାତେ, ତବ ଶ୍ରୀମୁଖ ଦରଶନ ହିତେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]
जन्ये वास्ते

ହିତେଚ୍ଛା—ସ. ବ—ହିତ କାମନା (ଦେଖ)—
Hitechchha Hita kamana (See).

ହିତେଚ୍ଛୁ—ସ. ବଣ. ପୁଂ ଓ ସ୍ତ୍ରୀ—ହିତକାମୀ (ଦେଖ)—
Hitechchhu Hita kami (See).

ହିତେଚ୍ଛୁକ—ସ. ବଣ. ପୁଂ—ହିତକାମୀ (ଦେଖ)—
Hitechchhuka Hita kami (See).
[ହିତେଚ୍ଛୁକା—ସ୍ତ୍ରୀ]

ହିତେ ବିପରୀତ ଘଟିବା (ଫଳିବା, ହେବା)—ଦେ. ବ—[ପ୍ରବଚନ]—
Hite biparita ghatiba (phaliba, heba) ଭଲ କରିବାକୁ ଯାଇ ମନ୍ଦଫଳ ଘଟିବା—A thing turning out to be evil though done with the best intentions.
हिते विपरीत हओया हित करनेसे अहित होना

ହିତେ ବିପରୀତ ବୁଝିବା—ଦେ. କ୍ରି—ହିତ କହିବା ବା କରିବା
Hite biparita bujhiba ବ୍ୟକ୍ତିର ବାକ୍ୟକୁ ବା ଅର୍ଥକୁ ମନ୍ଦ ବା ଅହିତ ବୋଲି ଜ୍ଞାନ କରିବା—To misunderstand a matter spoken or done with the best of motives.
हिते विपरीत बुझा हितमें अहित समझना

ହିତୈଷଣା—ସଂ ବ—(ହିତ+ଏଷଣା=ଇଚ୍ଛା)—ହିତେଚ୍ଛା ; ହିତ
Hitaishana କାମନା ; ପରର ଉପକାର କରିବାର ପ୍ରବୃତ୍ତି—Benevolence ; good wish.

ହିତୈଷିଣୀ—ସ. ସ୍ତ୍ରୀ (ହିତୈଷିନ୍+ସ୍ତ୍ରୀ. ଈ)—ହିତୈଷୀର ସ୍ତ୍ରୀ-
Hitaishini ଲିଙ୍ଗ—Feminine of Hitaishi.
[ଦ୍ର—ବାମଣ୍ଡାର ଭୂତପୂର୍ବ ନରପତି ସ୍ୱର୍ଗୀୟ ସର୍ ବାସୁଦେବ ସୁଢ଼ଳ ଦେବଙ୍କ ଅନୁକୂଲ୍ୟରେ ଦେବଗଡ଼ ରାଜଧାନୀରୁ ପୂର୍ବେ 'ସମ୍ବଲପୁର ହିତୈଷିଣୀ' ନାମରେ ଖଣ୍ଡିଏ ଓଡ଼ିଆ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶିତ ହେଉଥିଲା । ଏଥିରେ ଦେଶର ସମ୍ବାଦଛଡ଼ା ସାହିତ୍ୟ ବିଷୟକ ଚର୍ଚ୍ଚା ହେଉଥିଲା । ସର୍ ବାସୁଦେବ ନିଜେ ମଧ୍ୟ ଏଥିରେ ପ୍ରବନ୍ଧ ମାନ ଲେଖୁଥିଲେ । ତାଙ୍କ ଅନ୍ତେ ତାଙ୍କର ସୁଯୋଗ୍ୟ ପୁତ୍ର ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଅନୁକୂଲ୍ୟରେ ମଧ୍ୟ ଏହା କେତେକ ବର୍ଷ ଚଳିଲା । ସ୍ୱର୍ଗୀୟ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦକତ୍ୱରେ ଏ ପତ୍ରିକା ବିଶେଷ ଉନ୍ନତି ଲାଭ କରିଥିଲା ।]

ହିତୈଷିତା—ସଂ. ବ—(ହିତୈଷିନ୍+ଭାବ ତା)—ପରୋପକାରିତା; ହିତ
Hitaishita କାମନା କରିବାର ଅବସ୍ଥା—The state of wishing the well being of others.

ହିତୈଷୀ—ସଂ.ବଣ.ପୁଂ—(ହିତ+ଇଷ୍ ଧାତୁ+କର୍ତ୍ତ ଇନ୍=ହିତୈଷିନ
Hitaishi ଶବ୍ଦ, ୧ମା. ୧ବ)—୧ । ହିତକାମୀ; ହିତାକାଂକ୍ଷୀ—1. Well wishing; seeking good. ୨ । ପରୋପକାର ସାଧନେଚ୍ଛୁ—2.Desirous of benefitting others; benevolent. [ଦ୍ର—ଏ ଶବ୍ଦର ପାର୍ସୀ ପ୍ରତିଶବ୍ଦ—ଖୈରଖାହ୍] ବି. ପୁଂ—ହିତେଚ୍ଛୁ ବ୍ୟକ୍ତି—A person desirous of rendering good service toothers.

ହିତୋକ୍ତି—ସଂ. ବ—(କର୍ମଧା)—ହିତବଚନ (ଦେଖ)—
Hitokti Hitabachana (See)

ହିତୋପଦେଶ—ସଂ ବ—୧ । ସତ୍ ପରାମର୍ଶ; ହିତ ବଚନ—Good
Hitopadesa advice. ୨ । (ନାମ) ବିଷ୍ଣୁ ଶର୍ମାଙ୍କ ପ୍ରଣୀତ ଗଦ୍ୟପଦ୍ୟାତ୍ମକ ସଂସ୍କୃତ ଗ୍ରନ୍ଥ ବିଶେଷ—2. Name of a Sanskrit work in prose or poetry (like the Aesop's fables) inculcating sound moral lessons. [ଦ୍ର—ଏହି ଗ୍ରନ୍ଥ ୪ ଗୋଟି ଭାଗରେ ବା ଅଧ୍ୟାୟରେ ବିଭକ୍ତ । ଯଥା—ମିତ୍ରଲାଭ, ସୁହୃଦ୍ ଭେଦ, ବିଗ୍ରହ ଓ ସନ୍ଧି । ଏହା ନୀତିଶାସ୍ତ୍ର ମଧ୍ୟରେ ଗଣ୍ୟ । ଏଥିରେ ଜନ୍ତୁ ଓ ମନୁଷ୍ୟମାନଙ୍କ କଥୋପକଥନ ଓ ଅନୁଭବ ଛଳରେ ଗୂଢ଼ ଉପଦେଶ ପୂର୍ଣ୍ଣ ଗଳ୍ପ ଲିପିବଦ୍ଧ ହୋଇଅଛି ।]

ହିଦାଏତ୍—ବୈଦେ. ବ—(କଚେରି) (ଅ. ହିଦାୟତ୍=ପଥ ପ୍ରଦର୍ଶନ)
Hidaet ୧ । ଅବସ୍ଥା; ବିଧି—1. Regulation; rule. [ହିଦାଡ୍(ଦ୍)—ଦେ. ରୂପ] ୨ । କୁଲଦାଦ୍; ଯେଉଁ ଲେଖାରେ ପୂର୍ବର ଘଟନା ବା ବିଧି ବ୍ୟବସ୍ଥା ଆଦି ଲିପିବଦ୍ଧ ହୋଇଥାଏ—2. A writing or document recording the history or rules regarding some matter. ୩। ଅଦେଶ (ହିଂଶ)—3. Order. ୪ । ନିର୍ଦ୍ଦେଶ (ହିଂଶ)—4. Indication.୫ ।(ନାମ) ପୁଂ—ମୁସଲମାନମାନଙ୍କ ନାମ—A name given to Mahomedan males.
हिदायत हिदायत

ହିନ୍ତି ବି(ମି)ନ୍ତି—ପ୍ରାଦେ (ସମ୍ବଲପୁର) ବ—(ହୀନତା ଓ ବିନତି)—
Hin-ti bi(mi)n-ti ବିନୟ; ନମ୍ରତା—Humility.

ହିନ୍(ନେ,ନି)ହୟାତ—ବୈଦେ. ବ—(କଚେରି)—୧ । (ଅ. ହିନେ-
Hin(ne,ni)hayat ହୟାତ୍, ହୀନ୍ ହୟାତ୍=ଜୀବନକାଳ) ମଉଜ୍ଜାଣ ଜାଗିର; ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଭରଣ ପୋଷଣାର୍ଥ ରାଜାଙ୍କ ଦ୍ୱାରା ତାଙ୍କ ଜୀବନକାଳ ପର୍ଯ୍ୟନ୍ତ ଦିଆ ଯାଇଥିବା ସମ୍ପତ୍ତି—1. Jaigir or property granted by the king for the
जायगिर हानहयात
ହିନ୍ହୟାତ୍ ଜାଗିର } ପ୍ରଥମ
ହିନ୍ହୟାତ୍ ମାଫି } ଅର୍ଥରେ ଅନ୍ୟରୂପ

maintenance of a respectable person or family for his life time. ୨। ଜୀବିତକାଳ 2. Life time.

ହିନ୍(ନି)ହିନା—ପ୍ରାଦେ(ସମ୍ବଲପୁର) ବି—(ଧ୍ୱନ୍ୟନୁକରଣ, ତୁଳନା କର Hin(ni)hina ଏହି ଅର୍ଥରେ ହିନ୍ଦୀ—ହିନ୍‌ହିନାହଟ୍) ଅଶ୍ୱର ହ୍ରେଷା; The neighing of a horse.

ହିନ୍(ନି)ହିନାଇବା—ପ୍ରାଦେ (ସମ୍ବଲପୁର) କ୍ରି—(ଘୋଡ଼ା) ହ୍ରେଷାରବ Hin(ni)hināiba କରିବା—To neigh. (ତୁଳନାକର ହିନ୍ଦୀ ଏହି ଅର୍ଥରେ ହିନ୍‌ହିନାନା)

ହିନିଖଣ୍ଡିଆ—ଦେ. ବିଣ—୧। ଅକାମିକା—1. Worthless. ୨। Hini khaṇḍiā ଦୁର୍ବଳ—2. Weak. [ଦ୍ର—ବାଳକାଇ ଅକେଜୋ कमजोर ଗଣ୍ଡକୁ ହିନିଖଣ୍ଡିଆ ବାହାଣ। ଛଗ।]

ହିନୁ—ପ୍ରାଦେ (ବଲାଙ୍ଗିର ପାଟଣା) ସର୍ବନାମ—ସେଠାକୁ— Hinu To that place.

ହି(ହୀ)ନ୍ତାଳ—ସଂ. ବିଣ—(ହୀନ=ଅଧମ+ତାଳ; କପାତଳ ସିଦ୍ଧ)— Hi(hī)ntāḷa ତାଳାଦି ବର୍ଗର ଖର୍ଜୁର ଗଣର ବୃକ୍ଷବିଶେଷ; ଗୁଅ ଜାତୀୟ ସମୁଦ୍ର ଉପକୂଳରେ ଜାତ ବୃକ୍ଷବିଶେଷ; ହେନ୍ତାଳ—Phoenix Paludosa. [ଦ୍ର—ସମୁଦ୍ର ନିକଟବର୍ତ୍ତୀ ବନରେ (ଗଙ୍ଗାର ମୁହାଣ ସୁନ୍ଦର ବଣରେ, ମହାନଦୀର ମୁହାଣ ପାରାଦୀପ ଆଦି ସ୍ଥାନରେ ସମୁଦ୍ର ଉପକୂଳରେ) ଏ ଗଛ ଜନ୍ମେ। ଏହି ଗଛ ୩ ଇଞ୍ଚ ମୋଟ ହୁଏ ଓ ୧୦।୧୨ ହାତ ଉଚ୍ଚ ହୁଏ (ଯୋଗେଶ୍ଚନ୍ଦ୍ର)। ସମୁଦ୍ର ଉପକୂଳସ୍ଥ ପ୍ରଦେଶରେ ନଦୀ ମୁହାଣରେ ଏହାର ଘୋର ଜଙ୍ଗଲ ବଢ଼ିଥାଏ। ଏହି ଗଛକୁ ଲୋକେ କାଠ ଘରର ଖୁଣ୍ଟ କରନ୍ତି ଓ ଏ ଖୁଣ୍ଟ ବହୁଦିନ ସ୍ଥାୟୀ ହୁଏ। ଏଥିପାଇଁ ପ୍ରଚଳିତ ଅଛି—

'ଘୋଡାଶାଳ, ଉଖିତାଳ,
ଖୁଅ ହିନ୍ତାଳ, ଗଣ୍ଡି ବେତାଳ,
ଘରଣୀ ଚେତାଳ,
ତେବେ ସେ ଘରଯାଏ ଅପାରକାଳ।'

ସାତଜାତୀୟ ତୃଣରାଜ ମଧ୍ୟରୁ ଏହା ଏକତମ (ସାତ ତୃଣରାଜ ଯଥା—ଗୁବାକ, ତାଳ, ହିନ୍ତାଳ, ତାଡ଼ୀ, କେତକୀ, ଖର୍ଜୁର, ନାରିକେଳ)। ଜଙ୍ଗଲର ଉପକଣ୍ଠରେ ଥିବା ସନ୍ତମନ୍ତିଆ ଜମିରେ ମଧ୍ୟ ଏ ଗଛ ଜନ୍ମେ (ହି.ଶ)। ବୈଦିକ ମତରେ ଏହା ମଧୁରାମ୍ଳରସ, କଫକୃତ୍, ପିତ୍ତଦାହନାଶକ, ଶ୍ରମତୃଷ୍ଣାପହାରୀ, ଶିଶିର, ବାତଦୋଷକୃତ୍ (ରାଜନିର୍ଘଣ୍ଟ)।

ଅନ୍ୟ ସଂ. ନାମ— ଦୁର୍ଗରୋହ, ହିନ୍ତାଳ, ସ୍ଥୂଳତାଳ, ବକପତ୍ର, ବୃହଦ୍ଦଳ, ସ୍ଥିରପତ୍ର, ଦ୍ୱିଧାଲେଖ୍ୟ, ଛିଦ୍ରପତ୍ର] ଅସ୍ଥିରବୃନ୍ତିକ, ଗର୍ଭସ୍ରାବୀ, ମାଳତାଳ, ସ୍ରାବଣ, ବହୁକଣ୍ଟକ, ତାଳସାର, ବୃହତ୍ତାଳ, ହିମଦ୍ଧାସକ
হিন্তাল, হাংতাল
हिंताल
ତେ, ହିନ୍ତାଳୁ
ପା. ତାଲ୍
ଅ. ତାର୍

ହିନ୍ଦ୍—ବୈଦେ. ବି. (ପା)—ଭାରତବର୍ଷ; ହିନ୍ଦୁସ୍ଥାନ—India, Hind Hindustan. [ଦ୍ର—ଏ ଶବ୍ଦ ପ୍ରକୃତରେ 'ସିନ୍ଧୁ' हिन्द् हिन्द् ଶବ୍ଦର ପାରସୀ ଉଚ୍ଚାରଣ। ପ୍ରାଚୀନକାଳରେ ଭାରତୀୟ ଆର୍ଯ୍ୟ ଓ ପାରସିକ ଆର୍ଯ୍ୟମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା। ଯାଜକମାନେ ଯଜ୍ଞ ସମ୍ପାଦନାର୍ଥେ ଏ ଦେଶରୁ ସେ ଦେଶକୁ ଓ ସେ ଦେଶରୁ ଏ ଦେଶକୁ ଯିବା ଆସିବା କରୁଥିଲେ। ଶାକଦ୍ୱୀପର ମଗ ବ୍ରାହ୍ମଣମାନେ ପାରସ୍ୟର ଉତ୍ତରପୂର୍ବଭାଗରୁ ଆସିଥିଲେ। ୫୦୦ ଖ୍ରୀଷ୍ଟାବ୍ଦ ପୂର୍ବେ ପ୍ରଥମ ଦାରାଙ୍କ ରାଜତ୍ୱ କାଳରେ ସିନ୍ଧୁ ନଦର ପାର୍ଶ୍ୱବର୍ତ୍ତୀ ପ୍ରଦେଶ ପାରସିକମାନେ ଅଧିକାର କରିଥିଲେ। ପ୍ରାଚୀନ ପାରସିକ ଭାଷାରେ ସଂସ୍କୃତ 'ସ' ଅକ୍ଷରର ଉଚ୍ଚାରଣ 'ହ' ଥିଲା। ତୁଳନା କର ସଂ. ସପ୍ତ, ପାରସୀ 'ହପ୍ତ।' ଏହି ନିୟମରେ ସିନ୍ଧୁର ଉଚ୍ଚାରଣ ହିନ୍ଦୁ ବା ହିନ୍ଦ୍ ହୋଇଥିଲା। ଧୀରେ ଧୀରେ ହିନ୍ଦ୍ ଶବ୍ଦ ସମଗ୍ର ଭାରତ ପ୍ରତି ପ୍ରଯୁକ୍ତ ହେଲା। ପାରସିକ ଧର୍ମଶାସ୍ତ୍ର ଅବେସ୍ତାରେ ବେଦର ସପ୍ତସିନ୍ଧୁ 'ହପ୍ତହିନ୍ଦ' ନାମରେ ଉଦ୍ଧୃତ ହୋଇଅଛି। ପ୍ରାଚୀନ ଯୁନାନୀମାନେ ପାରସ୍ୟରୁ ଆସିବାରୁ ସେମାନେ 'ହିନ୍ଦ୍'କୁ 'ଇଣ୍ଡ୍' ଉଚ୍ଚାରଣ କଲେ ଓ ଏହି ଇଣ୍ଡ୍ ଶବ୍ଦରୁ ଭାରତର ପାଶ୍ଚାତ୍ୟ ନାମ ଇଣ୍ଡିକା ବା ଇଂରାଜୀ ଇଣ୍ଡିଆ ହେଲା— (ହି.ଶ)]

ହିନ୍ଦୀ—ବୈଦେ. ବିଣ (ଅ ଓ ପା ହିନ୍ଦ୍=ଭାରତବର୍ଷ; ଏ ଶବ୍ଦ ସଂ. Hindī 'ସିନ୍ଧୁ' ଶବ୍ଦରୁ ଜାତ)—ଭାରତୀୟ ହିନ୍ଦୁସ୍ଥାନ ସମ୍ବନ୍ଧୀୟ हिन्दी हिन्दी —Indian. ବି—ଉତ୍ତର ପଶ୍ଚିମ ଭାରତବାସୀ ହିନ୍ଦୁମାନଙ୍କ ବ୍ୟବହୃତ ସଂସ୍କୃତମୂଳକ ଭାଷା The Hindi language. [ଦ୍ର—ଉତ୍ତର ଭାରତରେ ଚଳୁଥିବା ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଏକ ନୁହେଁ। ହିନ୍ଦୁମାନେ ହିନ୍ଦୀ ଭାଷା ଓ ମୁସଲମାନ୍‌ମାନେ ଉର୍ଦ୍ଦୁ ଭାଷା ବ୍ୟବହାର କରନ୍ତି। ହିନ୍ଦୀ ଭାଷା ସଂସ୍କୃତ ମୂଳକ ଓ ସଂସ୍କୃତଶବ୍ଦବହୁଳ। ଉର୍ଦ୍ଦୁ ଭାଷା ଆରବୀ ଓ ଫାର୍ସୀ ମୂଳକ ଏବଂ ଆରବୀ ଓ ଫାର୍ସୀ ଶବ୍ଦ ବହୁଳ। ହିନ୍ଦୀ ଭାଷା ଦେବନାଗରାକ୍ଷରରେ ଲେଖାଯାଏ ଉର୍ଦ୍ଦୁ ଭାଷା ଆରବୀ ଓ ଫାର୍ସୀ ଅକ୍ଷରରେ ଲେଖାଯାଏ।

ଭାରତରେ ଯୁକ୍ତ ପ୍ରଦେଶ (United Provinces; The Provinces of Agra and Oudh), ବିହାର (Bihar), ପଞ୍ଜାବ (Panjab) ପ୍ରଦେଶରେ ଏ ଭାଷା ଅନେକ ହିନ୍ଦୁଙ୍କର ମାତୃଭାଷା ଓ କଚେରୀ ଭାଷା ରୂପେ ବ୍ୟବହୃତ।

ଏହି ଭାଷା ଭାରତର ସବୁ ଅଞ୍ଚଳର ଲୋକେ ଅଳ୍ପ ବହୁତ ବୁଝି ପାରନ୍ତି ଓ ଭାରତର ⅔ଅଂଶବାସୀ ବ୍ୟକ୍ତି ଏଭାଷା କହି ପାରନ୍ତି। ଏହା ଭାରତର ସର୍ବଜନବୋଧ ଭାଷା (Lingua Franca) ଅଟେ।

ଏହି ହିନ୍ଦୀ ଭାଷାକୁ ଓ ଦେବନାଗରାକ୍ଷରକୁ ଭାରତର ସର୍ବତ୍ର ଚଳାଇବା କାରଣ ମହାତ୍ମା ଗାନ୍ଧୀ ପ୍ରମୁଖ ନେତାଏ ଭାରତ ନେତା ଚେଷ୍ଟା କରି ଭାରତର ସର୍ବ ପ୍ରଦେଶରେ 'ହିନ୍ଦୀ ପ୍ରଚାରିଣୀ ସଭା' ମାନ ପ୍ରତିଷ୍ଠିତ କରିଅଛନ୍ତି।

ତୁଳସୀ ଦାସଙ୍କ ରାମାୟଣ ଓ ରୂଆମାନ ହିନ୍ଦୀ ଭାଷାରେ ରଚିତ। ହିନ୍ଦୀ ସାହିତ୍ୟରେ ମୌଳିକ ଗ୍ରନ୍ଥ ଓ ରଚନା ଅପେକ୍ଷା ସଂସ୍କୃତ ଓ ଇଂରାଜୀ ଆଦିରୁ ବହୁ

ଅନୁବାଦ-ଗ୍ରନ୍ଥ ପ୍ରକାଶିତ ହୋଇ ଏ ଭାଷାର ଓ ସାହିତ୍ୟର କଳେବର କ୍ରମଶଃ ପୁଷ୍ଟ ହେଉଅଛି ।

ସ୍ଥୂଳତଃ କହିବାକୁ ଗଲେ ଭାରତର ଭୂତ୍ତ୍ୱବର୍ଷ ବା ଆର୍ଯ୍ୟାବର୍ତ୍ତ ବା ହିନ୍ଦୁସ୍ଥାନ (ବିନ୍ଧ୍ୟ ପର୍ବତର ଉତ୍ତରରେ ଥିବା ଭାରତ)ରେ ହିନ୍ଦୁମାନଙ୍କ ଦ୍ୱାରା ହିନ୍ଦୀ ଭାଷା ବ୍ୟବହୃତ ଓ ଏହି ହିନ୍ଦୀ ଭାଷାର ଅନେକଗୁଡ଼ିଏ ପ୍ରାଦେଶିକ ଭାଷା ଅଛି । ଓଡ଼ିଆମାନଙ୍କ ମଧ୍ୟରେ ଅଧିକାଂଶ ପୁରୁଷ ହିନ୍ଦୀ ବୁଝି ପାରନ୍ତି । ଏହି ଭାଷା ଗାରଭିବ୍ୟଞ୍ଜକ ବୋଲି ଓଡ଼ିଆମାନେ ଭାବନ୍ତି । ଏପରିକି, କ୍ରୋଧ ହେଲାବେଳେ, ପ୍ରୌଢ଼ି କଲାବେଳେ ଆମ୍ଭମାନଙ୍କ ମୁହଁରୁ ଦୁଇପଦ ହିନ୍ଦୀ ଭାଷା ବାହାରିପଡ଼େ । ଏହି ଭାଷାକୁ ହିନ୍ଦୁସ୍ଥାନୀ, ଖୋଲ୍‌ଟା, ଖୋଲଟ ମଧ୍ୟ ବୋଲାଯାଏ ।

ମୁସଲମାନ୍‌ମାନେ ସର୍ବପ୍ରଥମେ ଉତ୍ତର ଭାରତ ଅଧିକାର କଲେ ଏବଂ ଦିଲ୍ଲୀ, ଆଗ୍ରା, ଜୌନପୁର ଏମାନଙ୍କ ରାଜଧାନୀ ହେଲା । ଅତଏବ ଉତ୍ତର ଭାରତରେ ପ୍ରଚଳିତ ଭାଷାକୁ ମୁସଲମାନ୍‌ମାନେ ହିନ୍ଦୁଈ ବା ହିନ୍ଦୀ ନାମରେ ଡାକିଲେ । ମୁସଲମାନ୍ ଆଗମନ ପୂର୍ବରୁ ସମଗ୍ର ଉତ୍ତର ଭାରତରେ କାବ୍ୟଭାଷାରୂପେ ଶୌରସେନୀ ବା ନାଗର ଅପଭ୍ରଂଶରୁ ବିକଶିତ ଭାଷାର ପ୍ରଚାର ଥିଲା । ମୁସଲମାନ୍‌ମାନେ ଆସି ଦିଲ୍ଲୀ ଓ ମିରଟର ଆଖପାଖରେ ପ୍ରଚଳିତ ଭାଷାକୁ ଆପଣାର କରିନେଲେ ଓ ତାହାର ପ୍ରଚାର ବଢ଼ାଇଲେ । ଏହାପରେ ଏହି ଭାଷା ଦେଶର ବହୁ ଅଂଶର ଶିଷ୍ଟସମାଜରେ ପ୍ରଚଳିତ ଭାଷା ହେଲା । କବି ଖୁସ୍‌ରୋ ଏହି ଭାଷାରେ ପଦ୍ୟ ରଚନା କଲେ, ଯହିଁରେ କାବ୍ୟଭାଷା ବା ବ୍ରଜ ଭାଷାର ବହୁତ ଆଭାସ ଥିଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଦିଲ୍ଲୀ ଓ ମିରଟ ଅଞ୍ଚଳରେ ପ୍ରଚଳିତ ଭାଷା (ଖଡ଼ୀବୋଲୀ, ଯାହା ପ୍ରଥମେ ଗୋଟିଏ ପ୍ରାଦେଶିକ ଭାଷା ଥିଲା) ସାହିତ୍ୟ ପାଇଁ ମୁସଲମାନ୍‌ମାନେହିଁ ପ୍ରଥମେ ଗ୍ରହଣ କଲେ । ମୁସଲମାନ୍‌ମାନେ ତ ଖଡ଼ୀବୋଲୀକୁ ଶିଷ୍ଟସମାଜର ଭାଷାରୂପେ ଗ୍ରହଣ କଲେ, କିନ୍ତୁ ମୁସଲମାନ୍ ଓ ମୋଗଲଙ୍କ ଶାସିତ ଉତ୍ତରଭାରତରେ ସାଧାରଣ ସାହିତ୍ୟିକ ଭାଷା ରୂପେ ବ୍ରଜଭାଷା (ବ୍ରଜସ୍ଥାନୀ ଭାଷା ମଧ୍ୟ ଯହିଁର ଅନ୍ତର୍ଗତ ଥିଲା) ଓ ଅବଧୀ (ଅଯୋଧ୍ୟା ପ୍ରଚଳିତ ଭାଷା) ରହିଲେ । ଇତି ମଧ୍ୟରେ ମୁସଲମାନ୍‌ମାନେ ଖଡ଼ୀବୋଲୀକୁ ଆରବୀ ଓ ଫାରସୀ ଶବ୍ଦମାନଙ୍କ ଦ୍ୱାରା ଅଳଙ୍କୃତ କରି ଲଟିଲେ ଓ ତହିଁରୁ ଉର୍ଦ୍ଦୁ ଭାଷା ଉତ୍ପନ୍ନ ହେଲା । ଏପରିକି, ଧୀରେ ଧୀରେ ମୁସଲମାନ୍‌ମାନେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟିକ ଭାଷାର ଓ ସାହିତ୍ୟର ସୃଷ୍ଟି କଲେ, ଯହିଁରେ ବିଦେଶୀ ଭାବର ଓ ସଂସ୍କୃତିର ପ୍ରାଧାନ୍ୟ ରହିଲା । ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ଏହି (ଉର୍ଦ୍ଦୁ) ସାହିତ୍ୟ ପଦ୍ୟମୟ ହୋଇ ରହିଲା । ପରନ୍ତୁ ଶିଷ୍ଟ ସମାଜର କଥୋପକଥନ ଭାଷା ରୂପେ ଖଡ଼ୀ ବୋଲୀର ପ୍ରଚାର ଉତ୍ତର ଭାରତର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ବ୍ୟାପିଲା । ଯେତେବେଳେ ଇଂରାଜମାନେ ଭାରତକୁ ଆସିଲେ, ସେମାନେ ଏହି ଖଡ଼ୀ ବୋଲୀକୁ ଶିଷ୍ଟ ସମାଜରେ ପ୍ରଚଳିତ ହେଉଥିବା ଦେଖିଲେ; ଅତଏବ ନିଜର ସୁବିଧା ପାଇଁ ଇଂରାଜମାନଙ୍କ ଧ୍ୟାନ ଏହି ଖଡ଼ୀବୋଲୀ ପ୍ରତି ଆକୃଷ୍ଟ ହେଲା ଏବଂ ଏମାନେ ଏହି ବୋଲୀରେ ଗଦ୍ୟ ସାହିତ୍ୟର ଅବତାରଣା ପାଇଁ ଯତ୍ନ କଲେ । କିନ୍ତୁ ତତ୍‌ପୂର୍ବରୁ ମୁସଲମାନ୍‌ମାନେ ତ ଆପଣା ପାଇଁ 'ଉର୍ଦ୍ଦୁ' ନାମକ ସ୍ୱତନ୍ତ୍ର ସାହିତ୍ୟିକ ଭାଷାର ପ୍ରତିଷ୍ଠା କରସାରିଥିଲେ । ଏହି କାରଣରୁ ଗଦ୍ୟ ସାହିତ୍ୟ ପାଇଁ ଗୋଟିଏ ସର୍ବଜନସ୍ୱୀକୃତ ଭାଷାର ବ୍ୟବହାର ଅସଂଭବ ବୋଧ ହେଲା । ଅତଏବ କଲିକତାର ଫୋର୍ଟ୍ ୱିଲିଅମ୍ କଲେଜ୍‌ର ପ୍ରୋତ୍ସାହନରୁ 'ଖଡ଼ୀବୋଲୀ'ର ଦୁଇଟି ଆକାରରେ ଗଦ୍ୟ ସାହିତ୍ୟର ନିର୍ମାଣ ଆରମ୍ଭ ହେଲା । ଯଥା—ଉର୍ଦ୍ଦୁ ଓ ହିନ୍ଦୀ । ଏହି ପ୍ରକାରେ ହିନ୍ଦୀ ଗଦ୍ୟ ସାହିତ୍ୟରେ ଖଡ଼ୀବୋଲୀ ଗୃହୀତ ହେଲା; କିନ୍ତୁ ବହୁକାଳ ବ୍ରଜଭାଷା ପଦ୍ୟର ଭାଷା ହୋଇ ରହିଲା । କବୀଶ୍ୱର 'ଭାରତେନ୍ଦୁ' ହରିଶ୍ଚନ୍ଦ୍ରଙ୍କ କାଳ ପର୍ଯ୍ୟନ୍ତ ଏହି ଅବସ୍ଥା ରହିଲା । ପରେ ହିନ୍ଦୀ ସାହିତ୍ୟସେବକମାନଙ୍କ ଧ୍ୟାନ ଗଦ୍ୟ ଓ ପଦ୍ୟ, ଏ ଉଭୟ ପାଇଁ ଏକମାତ୍ର ଭାଷା ଚଳାଇବା ଦିଗକୁ ଗଲା । ଅଧିକାଂଶ ଲୋକ 'ଖଡ଼ୀବୋଲୀ'ରେ ରଚିତ ପଦ୍ୟ ଉପରେ ଜୋର ଦେଲେ ଓ କେତେକାଳ କେବଳ 'ଖଡ଼ୀବୋଲୀ'ରେ ହିନ୍ଦୀ କବିତା ଲେଖାଗଲା । ଏହି ପ୍ରକାରେ ହିନ୍ଦୀ ସାହିତ୍ୟ ଉପରେ ୩ଟି 'ବୋଲୀ' ବା ଭାଷା ପଡ଼ିଗଲା:—ଖଡ଼ୀବୋଲୀ, ବ୍ରଜଭାଷା ଓ ଅବଧୀ । ହିନ୍ଦୀ ସାହିତ୍ୟ ଜାଣିବା ପାଇଁ ଏହି ୩ ଭାଷାରେ ଅଭିଜ୍ଞତା ଆବଶ୍ୟକ । ସାହିତ୍ୟିକ 'ଖଡ଼ୀବୋଲୀ'ର ହିନ୍ଦୀ ଓ ଉର୍ଦ୍ଦୁ, ଦୁଇ ଶାଖା ହୋଇ ଯିବାରୁ ସାଧାରଣ କଥୋପକଥନରେ ବ୍ୟବହୃତ ମିଳିତ ଭାଷାକୁ ଇଂରାଜମାନେ 'ହିନ୍ଦୁସ୍ଥାନୀ' ଭାଷା ଆଖ୍ୟା ଦେଲେ—ହିନ୍ଦୀ ଶବ୍ଦସାଗର ।]

ହିନ୍ଦୀ ପ୍ରଚାରିଣୀ ସଭା—ଦେ. ବି—ଭାରତରେ ସର୍ବତ୍ର ହିନ୍ଦୀ ଭାଷା ପ୍ରଚାରିତ Hindi prachāriṇī sabhā କରି ଏହାକୁ ଭାରତର ସର୍ବଜନ-ବ୍ୟବହୃତ ଭାଷାରୂପେ ଦୃଢ଼ ଭିତ୍ତିରେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ସଙ୍ଘ—The Society formed to promulgate and popularise the Hindi language as the Lingua Franca of India.

ହିନ୍ଦୀ ରେବ(ବା)ନ୍ଦ—ବୈଦେ. ବି—(ଫା)—ରେଉଚିନି (ଦେଖ)—Hindi reba(wa)nd Reuchini (See)

ରେବନଚନୀ हिंदिरेवंद, रेवंदचिनि

ହିନ୍ଦୁ—ଦେ. ବି—ବେଦ ମତରେ ଧର୍ମକର୍ମ ସାଧନ କରୁଥିବା ଓ ବେଦୋକ୍ତ Hindu ଆଚାର ପାଳନ କରୁଥିବା ଜାତି; ଭାରତୀୟ ଆର୍ଯ୍ୟଜାତି—The religious sect professing the tenets of and following the conduct laid down in the Bedas. [ଦ୍ର—ସଂସ୍କୃତ 'ସିନ୍ଧୁ' ଶବ୍ଦରୁ ଏଶବ୍ଦ

ଅଗତ । ଗ୍ରୀକ୍‌ଭାଷାରେ ସିନ୍ଧୁ ନଦର ନାମ ଇଣ୍ଡସ୍, ହିବ୍ରୁ ଭାଷାରେ ଭାରତର ନାମ ହୃନ୍=ଗୌରବାନ୍ୱିତ ଶବ୍ଦ, ଜେଣ୍ଡ୍ ଭାଷାରେ ଭାରତର ନାମ ହନ୍ଦବ୍ ଓ ଗ୍ରୀକ୍ ଭାଷାରେ ଇଣ୍ଡୋଷ୍, ଇଣ୍ଡସ୍, ଓ ପୁସ୍ତୁ ବା ପାରସ୍ୟର ଭାଷାରେ ହିନ୍ଦ୍ । ହିନ୍ଦ୍ ଦେଶର ଅଧିବାସୀ ମାନଙ୍କୁ ଗ୍ରୀକ୍ ଓ ଯବନଧର୍ମାବଲମ୍ବୀମାନେ ହିନ୍ଦୁ ବୋଲି ଡାକିଲେ ।

କେହି କେହି କହନ୍ତି ଯେ, ସଂସ୍କୃତ ସିନ୍ଧୁ ଶବ୍ଦରୁ ହିନ୍ଦୁ ଶବ୍ଦର ଉତ୍ପତ୍ତି ହୋଇଅଛି; କିନ୍ତୁ ମେରୁତନ୍ତ୍ର ନାମକ ଗ୍ରନ୍ଥରେ ଶିବପାର୍ବତୀ ସମ୍ବାଦରେ 'ହୀନଞ୍ଚ ଦୂଷୟତ୍ୟେବ ହିନ୍ଦୁ ଇତ୍ୟୁଚ୍ୟତେ ପ୍ରିୟେ' ଅର୍ଥାତ୍, ଯେଉଁମାନେ ହୀନ ବ୍ୟକ୍ତିମାନଙ୍କୁ ଘୃଣା କରନ୍ତି ସେହିମାନଙ୍କୁ ହିନ୍ଦୁ ବୋଲାଯାଏ—ଏହିଭଳି ବ୍ୟୁତ୍ପତ୍ତି ଦଆଯାଇଅଛି ।

ପାରସୀ ବା ପୁସ୍ତୁମାନେ ସିନ୍ଧୁ ନଦୀର ନାମକୁ ହିନ୍ଦ ବୋଲି ଉଚ୍ଚାରଣ କରୁଥିଲେ ଓ ସିନ୍ଧୁନଦକୂଳବାସୀ ଆର୍ଯ୍ୟମାନଙ୍କୁ ହିନ୍ଦୁ ନାମରେ ଡାକିଲେ ଓ ସିନ୍ଧୁର ପୂର୍ବବର୍ତ୍ତୀ ଦେଶମାନଙ୍କୁ ହିନ୍ଦ୍ ବା ହିନ୍ଦୁସ୍ଥାନ ନାମ ଦେଲେ ।

ହିନ୍ଦୁମାନଙ୍କର ନବ୍ୟତର ଗ୍ରନ୍ଥାନୁସାରେ 'ଆର୍ଯ୍ୟ' ଶବ୍ଦର ଅର୍ଥ—ଶିଷ୍ଟ, ମାନ୍ୟ ଓ ସତ୍‌କୁଳୋଦ୍ଭବ । ଋଗ୍‌ବେଦସଂହିତାରେ—ହିନ୍ଦୁଧର୍ମାବଲମ୍ବୀ ଲୋକମାନେହିଁ ଆର୍ଯ୍ୟ ବୋଲି ଲକ୍ଷିତ ହୋଇଅଛି ।

ଋଗ୍‌ବେଦର ଅନ୍ୟତ୍ର ଆର୍ଯ୍ୟ ଓ ଦସ୍ୟୁ ଶବ୍ଦ ଯେଉଁ ଯେଉଁ ଅର୍ଥରେ ଲେଖା ହୋଇଅଛି, ତାହା ବିବେଚନା କରି ଦେଖିଲେ ଆର୍ଯ୍ୟ ଶବ୍ଦ ସମସ୍ତ ହିନ୍ଦୁ ଜାତିକୁ ବୁଝାଉ ଥିଲା ବୋଲି ଅନୁମିତ ହୁଏ । ଅଥର୍ବ ବେଦସଂହିତାରେ ସମସ୍ତ ଲୋକଙ୍କ ଶୂଦ୍ର ଓ ଆର୍ଯ୍ୟ, ଏହି ଦୁଇ ଭାଗରେ ବିଭକ୍ତ ଯାଇଅଛି ।

ଶତପଥ ବ୍ରାହ୍ମଣରେ ଓ କାତ୍ୟାୟନ ପ୍ରଣୀତ ଶ୍ରୌତସୂତ୍ରରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ, ଏହି ବର୍ଣ୍ଣତ୍ରୟହିଁ ଆର୍ଯ୍ୟ ଥିବା ଲେଖା ଅଛି ।

ଆର୍ଯ୍ୟ ଶବ୍ଦର ଅର୍ଥ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣ । ଚତୁର୍ଥ ବର୍ଣ୍ଣର ନାମ ଶୂଦ୍ର । ବୋଧହୁଏ ଶୂଦ୍ର ବର୍ଣ୍ଣ ଆର୍ଯ୍ୟ ବଂଶୀୟ ନୁହନ୍ତି ।

ଆର୍ଯ୍ୟମାନେ ଭାରତ ବର୍ଷକୁ ଆସି ଶୂଦ୍ର ନାମକ ଅନାର୍ଯ୍ୟ ଜାତିବିଶେଷକୁ ଆପଣାର ସମାଜଭୁକ୍ତ କରି ନେଇଥିଲେ । ମନୁସଂହିତା ୨।୨୨ ରେ ହିନ୍ଦୁମାନଙ୍କର ଆବାସ ଭୂମି ଆର୍ଯ୍ୟାବର୍ତ୍ତ ବୋଲି ଉଲ୍ଲିଖିତ ହୋଇଅଛି ।

ମନୁ ସଂହିତା ଦ୍ୱିତୀୟ ଅଧ୍ୟାୟରେ ଲେଖାଅଛି ଯେ, ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟାଚଳ, ପୂର୍ବରେ ପୂର୍ବ ସମୁଦ୍ର ଓ ପଶ୍ଚିମରେ ପଶ୍ଚିମ ସମୁଦ୍ର, ଏହି ଚତୁଃସୀମାବଦ୍ଧ ଭୂଭାଗର ନାମ ପଣ୍ଡିତମାନେ ଆର୍ଯ୍ୟାବର୍ତ୍ତ ବୋଲି ଜାଣନ୍ତି । ଏହି ବଚନ ରଚନା ସମୟରେ ଆର୍ଯ୍ୟ ଶବ୍ଦ ହିନ୍ଦୁମାନଙ୍କର ଜାତିଗତ ସାଧାରଣ ନାମ ଥିଲା ବୋଲି କହିବାକୁ ହେବ । ଆର୍ଯ୍ୟାବର୍ତ୍ତ ଆର୍ଯ୍ୟମାନଙ୍କର, ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ, ଏହି ତିନି ବର୍ଣ୍ଣର ନିବାସ ଭୂମିଥିଲା, ଏହା ମନୁସଂହିତାରେ ସୁସ୍ପଷ୍ଟ ରୂପେ ପ୍ରକଟିତ ହୋଇଅଛି । (ପ୍ରକୃତିବାଦ) । ଆର୍ଯ୍ୟ ଶବ୍ଦର ଅର୍ଥ ସଭ୍ୟ ଓ ଶ୍ରେଷ୍ଠ । ଇଂରାଜ, ରୋମ୍, ଗ୍ରୀକ୍, ଜର୍ମାନ୍ ପ୍ରଭୃତି ପାଶ୍ଚାତ୍ୟ ସଭ୍ୟ ଜାତିମାନେ ନିଜକୁ ଆର୍ଯ୍ୟ ବୋଲି ଗୌରବ କରନ୍ତି । ଏହି ଆର୍ଯ୍ୟନାମ ଭୁଲି ଆମ୍ଭେମାନେ ବିଦେଶୀଙ୍କଠାରୁ ହିନ୍ଦୁ ନାମ ଗ୍ରହଣ କରିଅଛୁଁ । ହିନ୍ଦୁ ଶବ୍ଦର ଅର୍ଥ ଫାର୍ଶୀ ଭାଷାରେ ଗୋଲାମ ଓ ଦସ୍ୟୁ । ପ୍ରକୃତରେ ବୈଦିକଧର୍ମାବଲମ୍ବୀ ଭାରତବାସୀ ଓ ସେମାନଙ୍କ ବଂଶଧରମାନେ ଆର୍ଯ୍ୟ ଅଟନ୍ତି । ମୁସଲମାନ୍ ଓ ଅମୁସଲମାନଙ୍କ ମଧ୍ୟରେ ପ୍ରଭେଦ ଜ୍ଞାପନାର୍ଥେ ମୁସଲମାନମାନେ ଭାରତୀୟ ଆର୍ଯ୍ୟଙ୍କୁ ହିନ୍ଦୁ ନାମ ଦେଇଥିଲେ ।

(ମାନବବନ୍ଧୁ ଆର୍ଯ୍ୟ ବେଦ ଶାସ୍ତ୍ରୀଙ୍କ ସମ୍ପାଦିତ ଆର୍ଯ୍ୟ ସମାଜର ବଙ୍ଗଳା ମୁଖପତ୍ର ଆର୍ଯ୍ୟ ଗୌରବ, ୧ମବର୍ଷ ୧୧ଶ ସଂଖ୍ୟା) ।

ସଂସ୍କୃତ ସାହିତ୍ୟରେ ଏ ଶବ୍ଦର ପ୍ରଥମ ଉଲ୍ଲେଖ ଶିବରହସ୍ୟ ଓ ମେରୁତନ୍ତ୍ରରେ ଦେଖାଯାଏ—

ହିନ୍ଦୁଧର୍ମ ପ୍ରଲୋପ୍ତାରଃ ଭବିଷ୍ୟନ୍ତି କଲୌଯୁଗେ—

ଶିବ ରହସ୍ୟ

ପଞ୍ଚଖାନାଃ ସପ୍ତମୀରା ନବସାହା ମହାବଲାଃ
ହିନ୍ଦୁଧର୍ମ ପ୍ରଲୋପ୍ତାରୋ ଜାୟନ୍ତେ ଚକ୍ରବର୍ତ୍ତିନଃ ।
ହୀନଞ୍ଚ ଦୂଷୟତ୍ୟେବ ହିନ୍ଦୁରିତ୍ୟୁଚ୍ୟତେ ପ୍ରିୟେ ।
ପୂର୍ବାମ୍ନାୟେ ନବଶତଂ ଷଡ଼ଶୀତିଃ ପ୍ରକୀର୍ତ୍ତିତାଃ—

ମେରୁତନ୍ତ୍ର

ସମ୍ଭବତଃ ଉକ୍ତ ଅଂଶ ଦୁଇଟି ପ୍ରକ୍ଷିପ୍ତ । ଯଦି ହିନ୍ଦୁଧର୍ମ ବୋଲି କୌଣସି ଭାରତୀୟ ଧର୍ମ ଥାଆନ୍ତା, ତାହେଲେ ବେଦ ପୁରାଣ ପ୍ରଭୃତି ଗ୍ରନ୍ଥରେ ତାହାର ଉଲ୍ଲେଖ ହୋଇଥାଆନ୍ତା । ଅଧୁନା ମଧ୍ୟ ଭାରତର କୌଣସି ପ୍ରାଦେଶିକ ଭାଷାରେ ମୌଳିକ ଶବ୍ଦରୂପେ 'ହିନ୍ଦୁ' ବା 'ହିନ୍ଦୀ' ଶବ୍ଦର ସନ୍ଧାନ ମିଳେ ନାହିଁ ।

କିନ୍ତୁ ଭାରତ ବାହାରେ ଅନେକ ଭାଷାରେ ଏ ଶବ୍ଦର ସୂଚନା ମିଳେ । 'କୋରାନ୍'ରେ ହିନ୍ଦୁ ଶବ୍ଦର ପରୋକ୍ଷ ବ୍ୟବହାର ଦେଖାଯାଏ । 'ଅହଦ୍' ନାମକ ଆରବୀ ଗ୍ରନ୍ଥରେ ହଜରତ୍ ମହମ୍ମଦଙ୍କ ଜାମାତା କହିଛନ୍ତି "ଅଭ୍ରାବ ରହାନ୍-ଅଲ୍‌ହିନ୍ଦ୍" ଅର୍ଥାତ୍ ହିନ୍ଦୁସ୍ଥାନର ସୁଗନ୍ଧ ଅତି ମନୋରମ ।

ଗ୍ରୀକ୍ ଭାଷାରେ 'ହିନ୍ଦ' ଶବ୍ଦର ଅର୍ଥ 'କୃଷ୍ଣବର୍ଣ୍ଣ' । ଭାରତବାସୀଙ୍କ ଦେହର ବର୍ଣ୍ଣ ଗ୍ରୀକ୍‌ମାନଙ୍କ ତୁଳନାରେ ଅବଶ୍ୟ କଳା । ସମ୍ଭବତଃ ଭାରତବର୍ଷ କୃଷ୍ଣକାୟ ଲୋକଙ୍କର ବାସଭୂମି ବୋଲି ଏହି ଦେଶକୁ ଗ୍ରୀକ୍‌ମାନେ 'ହିନ୍ଦ୍' ବା 'ଇଣ୍ଡ୍' ଆଖ୍ୟା ଦେଇଥିଲେ ।

ପୁନଶ୍ଚ ପାରସୀ କବି ହାଫିଜ ତାଙ୍କର ଗୋଟିଏ ମଧୁର କବିତାରେ 'ରୂପସୀ ଭାରତବାସିନୀ'ର କପୋଳରେ ଥିବା ତିଳଚିହ୍ନ ପାଇଁ ସମରଖନ୍ଦ ଓ ବୁଖାରା ରାଜ୍ୟ ଦାନ କରି ପାରନ୍ତି ବୋଲି ଲେଖିଛନ୍ତି । (ଅଗର୍ ଆଁ ତୁର୍କ୍-ଶୀରାଜୀ ବଦସ୍ତ୍ ଆରଦ୍ ଦିଲେମାଗ୍ ବଖାଲେ ହିନ୍ଦ୍‌ବସ୍ ବକ୍ଷମ୍ ସମର୍‌ଖନ୍ଦ୍ ଓ ବୁଖାରା,") ପୁଣି ପାରସୀ ଭାଷାରେ ଦେଶାତୀର୍ ନାମକ ଗ୍ରନ୍ଥରେ ଉଲ୍ଲେଖ ଅଛି—ଅକ୍ନୁନ ବିରହମାନେ ବ୍ୟାସନାମ ଆଜ୍ ହିନ୍ଦ୍ ଆମଦ ବସ୍‌ଦାନା କେ ଅକଲ ଚୁନାସ୍ତ—" (୬୫ ଅବ ଜରଥୁସ୍ତ୍ର); ଅର୍ଥାତ, ବ୍ୟାସଦେବ ହିନ୍ଦ୍ (ଭାରତବର୍ଷ)ରୁ ଜରଥୁସ୍ତ୍ର ଦେଶକୁ ଆଗମନ କରିଅଛନ୍ତି । ଏଥିରୁ ମନେହୁଏ, ସମ୍ଭବତଃ ବ୍ୟାସଦେବଙ୍କର ସମୟରେ ଭାରତବର୍ଷ ପାରସ୍ୟ ଦେଶରେ ହିନ୍ଦ୍ ନାମରେ ଅଭିହିତ ହେଉଥିଲା ।

ପାରସୀ ଭାଷାରେ ହିନ୍ଦ୍ ଶବ୍ଦର ଅର୍ଥ ପରସ୍ୱାପହାରୀ । "ଗୟସୁଲ ଲୋଗାତ" ନାମକ ପାରସୀ ଭାଷାକୋଷରେ ହିନ୍ଦ୍ ଶବ୍ଦର ଅର୍ଥ—ହିନ୍ଦୁ ଦର୍ ମହାୱରେ ଫାର୍‌ସିଗ୍ ଇସାନ୍ ଦୁଜଦ୍ ବ ରାହଜାନ୍ ମୀଆରଦ୍ (ଅର୍ଥାତ, ହିନ୍ଦୁ ଶବ୍ଦର ଅର୍ଥ ଦୁର୍ଜନ, ବିଧର୍ମୀ ଓ ବାଟମାରଣା) । ସମ୍ଭବତଃ ସୀମାନ୍ତବାସୀ ଭାରତୀୟମାନେ ପାରସ୍ୟ ଦେଶକୁ ଯାଇ ଲୁଣ୍ଠନ କରୁଥିଲେ ଏବଂ ଉଭୟ ଦେଶର ଧର୍ମ ବିଭିନ୍ନ ବୋଲି ପାରସିକମାନେ ଭାରତୀୟମାନଙ୍କୁ ପରସ୍ୱାପହାରୀ ଓ କାଫେର୍ (ବିଧର୍ମୀ) ବୋଲି ଉଲ୍ଲେଖ କରିଅଛନ୍ତି ।

ଶବ୍ଦକଳ୍ପଦ୍ରୁମରେ ଗୟସୁଲ ଲୋଗାତ ଅଭିଧାନରେ ପ୍ରଦତ୍ତ ଅର୍ଥ ପରି ହିନ୍ଦୁ ଶବ୍ଦର ଅର୍ଥ 'ହୀନଂ ଦୂଷୟତି' (ହୀନଜାତୀୟ ଘାତକ ବୋଲି ଲେଖାଅଛି) ।

ଅନେକ ପଣ୍ଡିତ ମନେ କରନ୍ତି, ହିନ୍ଦୁସ୍ଥାନ ସିନ୍ଧୁସ୍ଥାନର ଅପଭ୍ରଂଶ । ସେମାନଙ୍କ ମତରେ ସମ୍ଭବତଃ ଗ୍ରୀକ୍‌ମାନେ ପ୍ରଥମେ ସିନ୍ଧୁପ୍ଲାବିତ ଦେଶକୁ ଆସିଥିଲେ ବା ସିନ୍ଧୁ ନଦୀ ସହିତ ବିଶେଷରୂପେ ପରିଚିତ ଥିଲେ । ତେଣୁ ସେମାନେ ସେହି ଦେଶବାସୀମାନଙ୍କୁ ସିନ୍ଧୁସ୍ଥାନୀ ବୋଲି ଡାକୁଥିଲେ ।

'ସ' ବର୍ଣ୍ଣ ସ୍ଥାନରେ 'ହ' ଉଚ୍ଚାରଣ 'ସପ୍ତାହ' ସ୍ଥାନରେ 'ହପ୍ତା' 'ସପ୍ତମ' ସ୍ଥାନରେ 'ହପ୍ତମ୍' ପରି ହୋଇ ସିନ୍ଧୁସ୍ଥାନ ପରିବର୍ତ୍ତେ ହିନ୍ଦୁସ୍ଥାନ ହୋଇଅଛି ।

ଅଲଫ୍ ଲାଇଲା (Arabian Nights) ର ନାୟକ ସିନ୍ଦବାଦ୍ ପାରସୀମାନଙ୍କ ସହିତ ବିଶେଷ ପରିଚିତ ଥିଲେ । ଭାରତୀୟ ବଣିକ୍ ଓ ଧର୍ମପ୍ରଚାରକମାନେ ସମସ୍ତ ପ୍ରାଚ୍ୟ ଦେଶ ଓ ଅନେକଗୁଡ଼ିଏ ପ୍ରତୀଚ୍ୟ ଦେଶ ସହିତ ସମ୍ପର୍କ ରଖୁଥିଲେ । ଗ୍ରୀକ୍ ଓ ମୁସଲମାନ୍‌ମାନେ ସିନ୍ଧୁ-ତୀରବାସୀମାନଙ୍କ ସଙ୍ଗେ ବିଶେଷଭାବରେ ପରିଚିତ ଥିଲେ । ଭାରତର ବହିଃସ୍ଥ ଏହି ସମସ୍ତ ଦେଶ ଭାରତକୁ ହିନ୍ଦ୍ ଆଖ୍ୟା ଦେଇଥିବା ଜଣା ଯାଉଅଛି । ସୁତରାଂ ସେତେବେଳେ ଅତୀତକାଳ ପରି ହିନ୍ଦୁ ଶବ୍ଦ ହିନ୍ଦୁଧର୍ମକୁ ନ ବୁଝାଇ ଭାରତଖଣ୍ଡକୁ ବୁଝାଉଥିଲା । କେବଳ ଐତିହାସିକ ମଧ୍ୟଯୁଗରୁ ଏହି ଶବ୍ଦ ଧର୍ମ ବୁଝାଇବାରେ ପ୍ରଯୁକ୍ତ ହୋଇ ଆସିଅଛି ।

(ଲେଖକ—ଯୋଗେନ୍ଦ୍ରଚନ୍ଦ୍ର ଦାସ କଟକ ।)

ଭାରତବର୍ଷରେ ଉପନିବେଶ କରି ବାସ କରିଥିବା ଆର୍ଯ୍ୟ ଜାତିର ଯେଉଁ ବଂଶଧରମାନେ ପ୍ରବର୍ତ୍ତିତ ବା ପଲ୍ଲବିତ ଆର୍ଯ୍ୟ ଧର୍ମର ସଂସ୍କାରକୁ ଓ ସାମାଜିକ ବ୍ୟବସ୍ଥାକୁ ମାନିକରି ଚଳୁଛନ୍ତି, ଅର୍ଥାତ୍ ଯେଉଁମାନେ ବେଦ, ସ୍ମୃତି, ପୁରାଣକୁ ଅଥବା ଏ ୩ଟି ମଧ୍ୟରୁ ଗୋଟିକୁ ମାନି ଚଳନ୍ତି, ସେମାନଙ୍କୁ ହିନ୍ଦୁ ବୋଲାଯାଏ । ଏହି ନାମ ପ୍ରାଚୀନ ପାରସିକମାନେ ସର୍ବପ୍ରଥମେ ଭାରତୀୟ ଆର୍ଯ୍ୟମାନଙ୍କୁ ଦେଇଥିଲେ ଓ ସେମାନଙ୍କଠାରୁ ଏହା ପୃଥିବୀରେ ପ୍ରଚଳିତ ହେଲା । ପ୍ରାଚୀନ ଭାରତୀୟ ଆର୍ଯ୍ୟମାନେ ଆପଣାର ଧର୍ମକୁ 'ବର୍ଣ୍ଣାଶ୍ରମ ଧର୍ମ' ନାମ ଦେଇଥିଲେ । ଏମାନେ ଭାରତର ଆଦିମ ଅଧିବାସୀ ଅନାର୍ଯ୍ୟ ଦ୍ରାବିଡ଼ୀୟମାନଙ୍କୁ ଆପଣା ସମାଜରେ ମିଶାଇ ନେବାପାଇଁ ପ୍ରକାଶ କଲେ ଯେ, ଏମାନେ ଅମୁକ ଋଷି ବା ଅମୁକ ରାଜାଙ୍କ ସନ୍ତତି ଅଟନ୍ତି । ପରେ ଭାରତକୁ ଆସି ବସତି କରିଥିବା ଶକ, ହୂଣ ଓ ଯବନମାନଙ୍କୁ ମଧ୍ୟ ବଶିଷ୍ଠଙ୍କ ଗାଈଙ୍କଠାରୁ ଉତ୍ପନ୍ନ ବୀରମାନଙ୍କ ବଂଶଧର ଅଥବା ପତିତ କ୍ଷତ୍ରିୟ ବୋଲି ଆର୍ଯ୍ୟମାନେ ମାନିନେଲେ । ପ୍ରାଚୀନକାଳରେ ଆର୍ଯ୍ୟ ସଭ୍ୟତାର ୨ଟି କେନ୍ଦ୍ର ଥିଲା; ଯଥା—ଭାରତ ଓ ପାରସ୍ୟ । ଏମାନଙ୍କ ମଧ୍ୟରେ ପ୍ରଭେଦ ଅତି ଅଳ୍ପ ଥିଲା । ହୂଣମାନେ ପ୍ରଥମେ ପାରସିକ ସଭ୍ୟତାକୁ ଗ୍ରହଣ କଲେ; ତତ୍ପରେ ଭାରତକୁ ଆସି ସେମାନେ ଭାରତୀୟ ସଭ୍ୟତାକୁ ଗ୍ରହଣ କରି ଭାରତୀୟ ଆର୍ଯ୍ୟମାନଙ୍କ ସଙ୍ଗେ ମିଳିତ ହେଲେ । ଶକମାନେ ମଧ୍ୟ ଆର୍ଯ୍ୟ ଜାତିର ଗୋଟିଏ ଶାଖା ଥିଲେ । ପରେ ଯେତେବେଳେ ପାରସ୍ୟବାସୀମାନେ ମୁସଲମାନ୍ ଧର୍ମ ଗ୍ରହଣ କଲେ, ସେତେବେଳେ ସେମାନେ ହିନ୍ଦୁ ଶବ୍ଦ ସଙ୍ଗେ କାଫିର୍, କୃଷ୍ଣ-ବର୍ଣ୍ଣ, ଲୁଟେରା ଆଦି ଅର୍ଥର ଯୋଜନା କଲେ । କିନ୍ତୁ ଯେତେ ଦିନ ପାରସିକମାନେ ଆର୍ଯ୍ୟଧର୍ମର ଅନୁସରଣ କରିଥିଲେ ସେତେ ଦିନ ସେମାନେ ହିନ୍ଦ୍ ନିବାସୀ ଅର୍ଥରେ ହିନ୍ଦୁ ଶବ୍ଦ ବ୍ୟବହାର କରୁଥିଲେ । ଏହି ଶବ୍ଦର ଏହି ଅର୍ଥ ପାରସ୍ୟରେ ମୁସଲମାନ୍ ଧର୍ମର ପ୍ରଚାରର ବହୁ ପୂର୍ବରୁ ଚଳି ଆସିଥିଲା । ପରେ ମୁସଲମାନ ଧର୍ମର ପ୍ରଚାର ପରେ ହିନ୍ଦୁ ଶବ୍ଦର ମନ୍ଦ ଅର୍ଥ ପ୍ରଚାରିତ ହେଲା । ମେରୁ-ତନ୍ତ୍ର ଆଦି କେତେକ ଆଧୁନିକ ଗ୍ରନ୍ଥରେ ହିନ୍ଦୁ ଶବ୍ଦ ସଂସ୍କୃତ ଭାଷାରୁ ଆସିଛି ବୋଲି ପ୍ରମାଣ କରିବାକୁ ଯେଉଁ ପ୍ରକୃତି-ପ୍ରତ୍ୟୟର କଳ୍ପନା ହୋଇଅଛି, ତାହା କାଳ୍ପନିକ ଅଟେ—

ହିନ୍ଦୁ ଶବ୍ଦସାଗର ।]

ବିଣ—ହିନ୍ଦୁମାନଙ୍କ ସମ୍ବନ୍ଧୀୟ—Relating to the Hindus or ancient Indians.

ହିନ୍ଦୁଆନି—ଦେ. ବି (ବଙ୍ଗଳାରୁ ଅନୁକୃତ)—ହିନ୍ଦୁଙ୍କ ଧର୍ମ କର୍ମ ଓ **Hinduāni** ଆଚାର ବ୍ୟବହାର—The conduct

हिन्दुयानि   हीदुपन   of a Hindu.
(ହିନ୍ଦୁଅଣ, ହିନ୍ଦୁଗିରି, ହିନ୍ଦୁପଣିଆଁ—ଅନ୍ୟରୂପ)

ହିନ୍ଦୁକୁଶ୍—ଦେ. ବି—ଭାରତର ଉତ୍ତରପଶ୍ଚିମ ଓ ଅଫଗାନିସ୍ତାନର ଉତ୍ତରରେ ଥିବା ପର୍ବତଶ୍ରେଣୀ—
Hindukuś
हिन्दुकुस हिन्दुकुश The Hindukush mountain range.
[ଦ୍ର—ଏହି ପର୍ବତଶ୍ରେଣୀର ପୂର୍ବ ମୁଣ୍ଡ ହିମାଳୟର କାରକୋରମ୍ ପର୍ବତଶ୍ରେଣୀର ପଶ୍ଚିମ ମୁଣ୍ଡରେ ମିଳିଅଛି । ଏହି ବାଟେ ମଧ୍ୟଏସିଆ ଅଡ଼ୁ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିବା ଅନୁମିତ ହୁଏ । ଏହି ପର୍ବତଶ୍ରେଣୀର ଉତ୍ତରରେ ପାମୀର ମାଳଭୂମି । ଏଥିରୁ କାବୁଲ ନଦୀ ବାହାରି ପୂର୍ବକୁ ଆସି ସିନ୍ଧୁ ନଦରେ ମିଶିଅଛି ଓ ହେଲମାଣ୍ଡ ନଦୀ ଦକ୍ଷିଣକୁ ଯାଇ ଅଫଗାନିସ୍ତାନ ବାଟେ ଇରାନର ଗୋଟିଏ ହ୍ରଦରେ ପଡ଼ିଅଛି ଓ ଶିରଦରିଆ ଏବଂ ଆମୁଦରିଆ ନାମରେ ଦୁଇଟି ନଦୀ ଉତ୍ତରଆଡ଼କୁ ଯାଇ ରୁଷିଆର ଆରାଲ୍ ହ୍ରଦରେ ପଡ଼ିଅଛି । ଏହି ପର୍ବତଶ୍ରେଣୀର ଉଚ୍ଚତମ ଶୃଙ୍ଗର ଉଚ୍ଚତା ୧୮୦୦୦ ଫୁଟରୁ ଅଧିକ । ଚିତ୍ରାଲ୍ ନଗର ଏହି ପର୍ବତର ପୂର୍ବଦେଶରେ ଅବସ୍ଥିତ । ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ଉତ୍ତର ପଶ୍ଚିମ ସୀମା ଚିତ୍ରାଲ୍ ପର୍ଯ୍ୟନ୍ତ ବିସ୍ତୃତ ।]

ହିନ୍ଦୁଧର୍ମ—ଦେ. ବି (ସ. ପ. ଲୋ)—ହିନ୍ଦୁମାନଙ୍କ ଆଚରିତ ବେଦୋକ୍ତ ଧର୍ମ; ଭାରତୀୟ ଆର୍ଯ୍ୟ ଧର୍ମ—
Hindudharma
हिन्दुधर्म   हिंदुधर्म   Hinduism, the vedic religion of the Aryans of India.
[ଦ୍ର—କାଳକ୍ରମେ ଭାରତୀୟ ଆର୍ଯ୍ୟଧର୍ମରେ ନାନା ପରିବର୍ତ୍ତନ ଘଟିଅଛି । ବୈଦିକଯୁଗର ଆରମ୍ଭରେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତିଭେଦ ନ ଥିଲା ଓ ପରେ ଗୁଣକର୍ମ ବିଭାଗ ଅନୁସାରେ ଆର୍ଯ୍ୟମାନେ ୩ ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ)ରେ ବିଭକ୍ତ ହେଲେ ଓ ଅନାର୍ଯ୍ୟମାନେ ଶୂଦ୍ରରୂପେ ହିନ୍ଦୁଧର୍ମର ସୀମାନ୍ତର୍ଭୁକ୍ତ ବର୍ଣ୍ଣ ହେଲେ । ତତ୍ପରେ ଅନୁଲୋମ ଓ ପ୍ରତିଲୋମ ବିବାହ ଓ ଭିନ୍ନ ଭିନ୍ନ ବଂଶାନୁଗତ କର୍ମବିଭାଗ ଦ୍ୱାରା ଭିନ୍ନ-ଭିନ୍ନ ଉପଜାତି ବା ଯାତିକ ସୃଷ୍ଟି ହେଲେ । ବେଦବହିର୍ଭୂତ ଧର୍ମବିଶ୍ୱାସକୁ ବର୍ତ୍ତମାନ ଲୋକେ 'ସନାତନ ହିନ୍ଦୁଧର୍ମ' ନାମ ଦେଇଅଛନ୍ତି ଓ ଯେଉଁମାନେ ବେଦୋକ୍ତ କ୍ରିୟାକାଣ୍ଡକୁ ମାନି ଚଳୁ ଅଛନ୍ତି ସେମାନଙ୍କୁ 'ସନାତନ ହିନ୍ଦୁ' ବୋଲି ନାମ ଦେଇଅଛନ୍ତି । ପରନ୍ତୁ ବେଦର ଏକେଶ୍ୱର-ବାଦକୁ ମାନି ଚଳୁଥିବା ବ୍ୟକ୍ତିମାନେ ଆପଣାକୁ 'ଆର୍ଯ୍ୟ-ସମାଜ' ଓ 'ବ୍ରାହ୍ମଧର୍ମ' ଭୁକ୍ତ ବୋଲି ପ୍ରଚାର କରୁ-ଅଛନ୍ତି । ସ୍ଥୂଳରେ ପ୍ରତ୍ୟେକ ହିନ୍ଦୁ ପରଲୋକ, ପୁନର୍ଜନ୍ମ ଓ ଏକମାତ୍ର ଈଶ୍ୱରଙ୍କର ତ୍ରିମୂର୍ତ୍ତି [ବ୍ରହ୍ମା (ସୃଷ୍ଟିକର୍ତ୍ତା), ବିଷ୍ଣୁ (ପାଳନ କର୍ତ୍ତା) ଓ ଶିବ (ସଂହାରକର୍ତ୍ତା) ରୂପେ] ସ୍ୱୀକାର କରନ୍ତି । ଏକବାକ୍ୟରେ କହିବାକୁ ଗଲେ ଯେଉଁମାନେ ବେଦକୁ ବ୍ରହ୍ମାଙ୍କ ବାକ୍ୟ ବୋଲି ସ୍ୱୀକାର କରନ୍ତି ସେମାନେ ହିନ୍ଦୁ । ପ୍ରତ୍ନତତ୍ତ୍ୱବିତ୍‌ମାନେ ସ୍ଥିର କରି ଅଛନ୍ତି ଯେ, ପ୍ରାଚୀନ ହିନ୍ଦୁମାନଙ୍କର ସଭ୍ୟତା ଅତି ଉଚ୍ଚ ଥିଲା ଓ ଧର୍ମ, ବିଜ୍ଞାନର ଭିନ୍ନ ଭିନ୍ନ ଶାଖା, ଶିଳ୍ପ ଓ ଅଧ୍ୟାତ୍ମ ବିଦ୍ୟାରେ ହିନ୍ଦୁମାନେ ଅତ୍ୟନ୍ତ ଉନ୍ନତି କରିଥିଲେ ଓ ପାଶ୍ଚାତ୍ୟ ଜାତିମାନେ ହିନ୍ଦୁମାନଙ୍କଠାରୁ ନାନା ବିଦ୍ୟା ଗ୍ରହଣ କରିଥିଲେ । ହିନ୍ଦୁ ଧର୍ମର ମୂଳରେ ଏକେଶ୍ୱର ବାଦ ରହିଅଛି । ବିଶ୍ୱ ବ୍ରହ୍ମାଣ୍ଡର ଏକମାତ୍ର କର୍ତ୍ତା ପରଂବ୍ରହ୍ମ ଅଟନ୍ତି ଓ ବିଶ୍ୱର ଭାବତୀୟ ଶକ୍ତି ସେହି ନିରାକାର ବ୍ରହ୍ମ ବା ଏକେଶ୍ୱରଙ୍କ ରୂପ ବା ଅବତାର ବୋଲି ହିନ୍ଦୁମାନେ ପ୍ରଥମେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ପରେ ବହୁ ଦେବ-ଦେବୀଙ୍କ ଆରାଧନା କଲେ । ପଣ୍ଡିତମାନେ କହନ୍ତି ଯେ, ପ୍ରଥମେ ସାକାର ଉପାସନା ସାଧନ ନ କଲେ ନିରାକାର ବ୍ରହ୍ମଙ୍କୁ ଧାରଣା କରିଯାଇ ନ ପାରେ । ଏଥିପାଇଁ ନିରାକାର ଈଶ୍ୱରଙ୍କୁ ଧାରଣା କରିବାପାଇଁ ସାକାର ଉପାସନା ଗୋଟିଏ ପାବଚ୍ଛ ବା ମାର୍ଗ ଅଟେ ।]

ହିନ୍ଦୁମୁସଲ(ଲ)ମାନ୍—ଦେ ବି—(ସହଚର ଶବ୍ଦ)—ଭାରତବାସୀ ପ୍ରଧାନ ଦୁଇ ସମ୍ପ୍ରଦାୟ; ହିନ୍ଦୁ ଓ ମୁସଲମାନ—The Hindus and the Mahomedans
Hindu musal(l)mān
हिन्दुमुसलमान   हिंदुमुसलमान

ହିନ୍ଦୁରାଜ୍ୟ—ଦେ. ବି—ହିନ୍ଦୁରାଜାଙ୍କ ଶାସିତ ରାଜ୍ୟ—
Hindu rājya   Hindu kingdom.
हिन्दुराज्य   हिंदुराज्य

ହିନ୍ଦୁଶାସ୍ତ୍ର—ଦେ. ବି—ହିନ୍ଦୁମାନଙ୍କ ଧର୍ମଶାସ୍ତ୍ର—The religous books or scriptures of the Hindus.
Hindu śāstra
[ଦ୍ର—ଏହା ୪ ଭାଗରେ ବିଭକ୍ତ—
୧ । ଶ୍ରୁତି – ବେଦ ଓ ବେଦାନ୍ତ ।
୨ । ସ୍ମୃତି—ମନୁଆଦିଙ୍କ ରଚିତ ସଂହିତାମାନ ।
୩ । ପୁରାଣ—ସୃଷ୍ଟିର ପ୍ରାଚୀନ ଇତିହାସମାନ ।
୪ । ତନ୍ତ୍ର—ଯୋଗ ସାଧନର ଉପାୟ ନିର୍ଦ୍ଦେଶକ ଗ୍ରନ୍ଥମାନ ।]

ହିନ୍ଦୁସଭା—ଦେ. ବି – ହିନ୍ଦୁମାନଙ୍କର ଉନ୍ନତି ନିମନ୍ତେ ଆଧୁନିକ ଭାରତର ନାନା ସ୍ଥାନରେ ପ୍ରତିଷ୍ଠିତ ସଭା—Modern associations set up for the improvement of the Hindus.
Hindu sabhā
हिन्दुसभा   हिंदुसभा

ହିନ୍ଦୁସଭ୍ୟତା—ଦେ. ବି—ହିନ୍ଦୁ ବା ଆର୍ଯ୍ୟମାନଙ୍କଦ୍ୱାରା ଭାରତରେ ପ୍ରତିଷ୍ଠିତ ସଭ୍ୟତା—The civilization introduced by the Hindus to India.
Hindu sabhyatā
(ଦ୍ର—ହିନ୍ଦୁମାନେ ବୈଦିକ ଓ ପୌରାଣିକ ଯୁଗରେ ନାନା ବିଷୟରେ ଯେଉଁ ଉନ୍ନତି କରିଥିଲେ ତାହା ଆଧୁନିକ ପାଶ୍ଚାତ୍ୟ ସଭ୍ୟତା ଅପେକ୍ଷା ଅଧିକ ପରି-ମାଣରେ ଆଧ୍ୟାତ୍ମିକ ଉନ୍ନତି ଉପରେ ପ୍ରତିଷ୍ଠିତ ହୋଇ ଥିଲା ଓ ବୈଷୟିକ, ବୈଜ୍ଞାନିକ ଓ ରାଜନୀତିକ ଉନ୍ନତି ବିଷୟରେ ମଧ୍ୟ ସେମାନେ ପଶ୍ଚାତ୍‌ପଦ ନ ଥିଲେ) ।

ହିନ୍ଦୁସମାଜ—ଦେ. ବି—ହିନ୍ଦୁଧର୍ମାବଲମ୍ବୀମାନଙ୍କର ସଙ୍ଘ ; ଭାରତବାସୀ Hindu samāja ସମସ୍ତ ହିନ୍ଦୁମାନେ—The Hindu society ; all the Hindus of India.
हिन्दू समाज हिंदु समाज

ହିନ୍ଦୁସାମ୍ରାଜ୍ୟ—ଦେ. ବି—ପ୍ରାଚୀନଭାରତର ହିନ୍ଦୁ ରାଜାମାନଙ୍କଦ୍ୱାରା Hindu Sāmrājya ପ୍ରତିଷ୍ଠିତ ସାମ୍ରାଜ୍ୟ—The Hindu empires of ancient India.
हिन्दू साम्राज्य
हिन्दु साम्राज्य [ଦ୍ର—ପୌରାଣିକ ଯୁଗରେ (ଖ୍ରୀଷ୍ଟପୂର୍ବ ୩୦୦୦ ଅବ୍ଦଠାରୁ ଖ୍ରୀଷ୍ଟପୂର୍ବ ୫୦୦ ପର୍ଯ୍ୟନ୍ତ) ହିନ୍ଦୁ ସାମ୍ରାଜ୍ୟ ଦକ୍ଷିଣରେ କୁମାରିକା ଅନ୍ତରୀପ, ଉତ୍ତରରେ କୈଳାସ ପର୍ବତ ଓ ମାନସସରୋବର, ପୂର୍ବରେ ବ୍ରହ୍ମଦେଶ ଓ ପଶ୍ଚିମରେ ପାରସ୍ୟ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଦିଲ୍ଲୀ ବା ହସ୍ତିନାପୁର ହିନ୍ଦୁ ସମ୍ରାଟଙ୍କର ରାଜଧାନୀ ଥିଲା ।
ବୌଦ୍ଧଧର୍ମ ହିନ୍ଦୁଧର୍ମର ଗୋଟିଏ ଶାଖା ପରି । ଖ୍ରୀଷ୍ଟପୂର୍ବ ୫୦୦ ଠାରୁ ଖ୍ରୀଷ୍ଟାବ୍ଦ ୬୫୦ ପର୍ଯ୍ୟନ୍ତ ବୌଦ୍ଧ ସାମ୍ରାଜ୍ୟ ଭାରତରେ ପ୍ରତିଷ୍ଠିତ ହୋଇଥିଲା ଓ ଖ୍ରୀଷ୍ଟାବ୍ଦ ୬୫୦ ଠାରୁ ୧୨୦୦ ପର୍ଯ୍ୟନ୍ତ ଭାରତରେ ହିନ୍ଦୁସାମ୍ରାଜ୍ୟ ପୁନଃ ପ୍ରତିଷ୍ଠିତ ହୋଇଥିଲା । ଖ୍ରୀଷ୍ଟାବ୍ଦ ୧୨୦୦ ଠାରୁ ୧୫୦୦ ପର୍ଯ୍ୟନ୍ତ ପଠାଣ ସାମ୍ରାଜ୍ୟ, ଖ୍ରୀଷ୍ଟାବ୍ଦ ୧୫୦୦ ଠାରୁ ୧୭୫୦ ପର୍ଯ୍ୟନ୍ତ ଭାରତରେ ମୋଗଲ୍ ସାମ୍ରାଜ୍ୟ ଥିଲା ଓ ୧୭୫୦ ଠାରୁ ଆଜି ପର୍ଯ୍ୟନ୍ତ ଇଂରାଜ ସାମ୍ରାଜ୍ୟ କ୍ରମଶଃ ପ୍ରତିଷ୍ଠିତ ହୋଇ-ଅଛି । ୧୮୫୭ ଠାରୁ ଆଜିପର୍ଯ୍ୟନ୍ତ ଭାରତୀୟ ଇଂରାଜ ସାମ୍ରାଜ୍ୟ ଉତ୍ତରରେ ହିମାଳୟ, ଦକ୍ଷିଣରେ କୁମାରିକା ଅନ୍ତରୀପ ପୂର୍ବରେ ବ୍ରହ୍ମଦେଶ ଓ ପଶ୍ଚିମରେ ଅଫଗାନିସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ।]

ହିନ୍ଦୁସ୍ତା(ସ୍ଥା)ନ—ବୈ଼ଦେ. ବି—(ଫା. ହିନ୍ଦୁ+ଫା. ସ୍ତାନ୍=ସଂ. ସ୍ଥାନ; Hindustā(sthā)na ହିନ୍ଦୁମାନଙ୍କ ବାସସ୍ଥାନ ବା ଦେଶ)—
हिन्दुस्थान ୧ । ଭାରତବର୍ଷ—1. India. ୨ । ଆର୍ଯ୍ୟାବର୍ତ୍ତ;
हिन्दुस्तान ଦକ୍ଷିଣରେ ବିନ୍ଧ୍ୟ ପର୍ବତ, ଉତ୍ତରରେ ହିମାଳୟ, ପୂର୍ବରେ ବ୍ରହ୍ମଦେଶ ଓ ପଶ୍ଚିମରେ ଅଫଗାନିସ୍ଥାନ ଦ୍ୱାରା ବେଷ୍ଟିତ ଦେଶ—2. Hindustan; the northern half of India. ୩ । ଭାରତବର୍ଷର ଉତ୍ତରୀୟ ମଧ୍ୟଭାଗ, ଯାହା ଦିଲ୍ଲୀଠାରୁ ପାଟଣା ପର୍ଯ୍ୟନ୍ତ ଓ ଦକ୍ଷିଣରେ ନର୍ମଦାତଟ ପର୍ଯ୍ୟନ୍ତ ବିସ୍ତୃତ ଓ ଯାହାକୁ ପଞ୍ଜାବ, ବଙ୍ଗ, ଓଡ଼ିଶା ଓ ମହାରାଷ୍ଟ୍ରବାସୀମାନେ ହିନ୍ଦୁସ୍ଥାନ ବୋଲି କହନ୍ତି (ହି.ଶ)—3. The middle country of North India.

ହିନ୍ଦୁସ୍ତା(ସ୍ଥା)ନୀ—ଦେ. ବଣ –୧ । ହିନ୍ଦୁସ୍ଥାନ ସମ୍ବନ୍ଧୀୟ—1. Hindustā(sthā)ni Relating to Hindustan.
हिन्दुस्थानी ୨। ହିନ୍ଦୁସ୍ଥାନର ବା ଭାରତର ଉତ୍ତରାଂଶର ଅଧିବାସୀ—
हिंदुस्तानी 2. Inhabiting Hindustan. ୩ । ହିନ୍ଦୁସ୍ଥାନବାସୀଙ୍କ ଦ୍ୱାରା କଥିତ (ଭାଷା) (ହିନ୍ଦୀ ତଳେ ଟୀକା ଦେଖ)—3. (Language) Spoken or used by the inhabitants of Hindustan. ବି—୧ । ହିନ୍ଦୁସ୍ଥାନବାସୀ ବ୍ୟକ୍ତି—1. Inhabitant of Hindustan. ୨ । ହିନ୍ଦୀଭାଷା—2. The Hindi language. [ଦ୍ର—ଆର୍ଯ୍ୟାବର୍ତ୍ତ ଉତ୍କଳର ଉତ୍ତର ପଶ୍ଚିମରେ ଥିବାରୁ ହିନ୍ଦୁସ୍ଥାନୀମାନଙ୍କୁ ଆମ୍ଭେମାନେ ପଶ୍ଚିମା ବୋଲି ତାଙ୍କୁ ଓ ସେମାନଙ୍କ ଭାଷା ଖୋଲ୍ଟା (=ଓଲଟା ବା ଆମ୍ଭମାନଙ୍କର ଅବୋଧ) ଥିବାରୁ ହିନ୍ଦୁସ୍ଥାନୀମାନଙ୍କୁ ଆମ୍ଭେମାନେ ଖୋଲ୍ଟା (ବ. ଖୋଟ୍ଟା) କହୁଁ ।] ୩ । ଉର୍ଦ୍ଦୁଭାଷା—3. The Urdu language. [ଦ୍ର—ହିନ୍ଦୀ ଶବ୍ଦ ତଳେ ଟୀକା ଦେଖ ।]

ହିନ୍ଦୋଳ—ସଂ. ବି—(ଅବ୍ୟୟ ହି ଶବ୍ଦ+ଦୁଲ୍ ଧାତୁ=ଝୁଲିବା+ଭାବ Hindola ଅ; ଅଥବା ହିଲ୍ଲୋଳ+ଭାବ ଅ)—୧ । ଦୋଳନ; ଝୁଲିବା;ଦୋଳ ଖେଳିବା—1. Swinging; rocking. ୨ । ଶ୍ରାବଣ ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ବିଷ୍ଣୁମୂର୍ତ୍ତିଙ୍କର ଯାତ୍ରା; ଝୁଲଣ ଯାତ୍ରା—2. A festival observed in the bright fortnight of 'Srābaṇa' consisting of rocking of the images of Rādhā and Krushṇa in a swing. [ଦ୍ର—ଏଥିରେ ରାଧାକୃଷ୍ଣ ମୂର୍ତ୍ତିଙ୍କୁ ଦୋଳିରେ ବସାଇ ଦୋଳ ଖେଳାଇବାକୁ ହୁଏ ।] ୩ । ଦୋଳା; ଦଉଡ଼ିଦ୍ୱାରା ଉର୍ଦ୍ଧ୍ୱରୁ ଝୁଲି ଯାଇଥିବା ଆସନ (ଯହିଁରେ ଲୋକଙ୍କୁ ବସାଇ ଦୋଳ ଦହଣ୍ଟାଇବାକୁ ହୁଏ); ଝୁଲି—3. A swing, ୪ । ହିନ୍ଦୁ ସଙ୍ଗୀତର ୬ ରାଗ ମଧ୍ୟରୁ ଏକତମ—4. One of the 6 principal strains or tunes in Hindu music. [ଦ୍ର—ରାଗତଳେ ଟୀକା ଦେଖ ।] [ଦ୍ର—ଏହା ଗାନ୍ଧାର ରାଗର ପୁତ୍ରରୂପେ କଳ୍ପିତ । କେତେ ପଣ୍ଡିତଙ୍କ ମତରେ ଏହା ଓଡ଼ବ ଜାତୀୟ ରାଗ ଓ ଏହା ପଞ୍ଚମ ଓ ଗାନ୍ଧାର ରାଗ ବର୍ଜିତ । ଏହା ବସନ୍ତ ଋତୁର ମଙ୍ଗଳବାର ରାତ୍ରି ୨୨ଦଣ୍ଡଠାରୁ ୨୯ଦଣ୍ଡ ପର୍ଯ୍ୟନ୍ତ ସମୟରେ ଗେୟ । ଋଷିଙ୍କ ଅଛି ଯେ, ଯେବେ ଏହି ରାଗ ଠିକ୍ ମତେ ଗୀତ ହୁଏ ତେବେ ଏଥିର ପ୍ରଭାବରେ ହାନ୍ଦୋଳା ବା ଦୋଳା ସ୍ୱୟଂ ସ୍ୱୟଂ ଗତି କରେ । ହନୁମାନଙ୍କ ମତରେ ଏଥିର ସ୍ୱରଗ୍ରାମ-ସା ଗା ମା ପା ନି ସା ନି ପା ମା ଗା ସା । ଚନ୍ଦ୍ରକଳୀ,ଭୂପାଳୀ,ମାଳଶ୍ରୀ, ପଟମଞ୍ଜରୀ ଓ ଲଳିତା ରାଗିଣୀମାନ ଏ ରାଗର ସ୍ତ୍ରୀ; ଏବଂ ପଞ୍ଚମ, ବସନ୍ତ, ବିହାଗ, ସିନ୍ଧୁଡ଼ା ଓ ସୋରଠ ରାଗମାନ ଏ ରାଗରେ ପୁତ୍ର, ଓ ସିନ୍ଦୁରିଆ, ଗାନ୍ଧାରୀ, ମାଳସୀ ଓ ତ୍ରିବେଣୀରାଗିଣୀମାନ ଏ ରାଗର ପୁତ୍ରବଧୂରୂପେ କଳ୍ପିତ—(ହି. ଶ) ।] ଦେ. ବି—ଓଡ଼ିଶାର ଗୋଟିଏ ଗଡ଼ଜାତ—Name of one of the Orissa States [ଦ୍ର—ଏହାର ରାଜଧାନୀ ହିନ୍ଦୋଳ । ଏହି ରାଜ୍ୟରେ ରସୋଲ ଗୋଟିଏ ପ୍ରଧାନ ଗ୍ରାମ । ହିନ୍ଦୋଳରେ ଭଲ କମଳାଲେମ୍ବୁ ମିଳେ ।

ହିନ୍ଦୋଳ ପ୍ରଥମରୁ ଉଜସ୍ୱ ରାଜ୍ୟ ଥିଲା । କେମନ୍ତି ରାଜବଂଶୀୟ ଜଣେ ରାଜା ଏ ଉକ୍ତ ରାଜ୍ୟ ଏକତ୍ର କରି ରାଜା ହୋଇଥିଲେ ।

୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ହରିଚନ୍ଦନଙ୍କ ରାଜତ୍ୱକାଳରେ ଭରତ ଦେବ ସେନାମଣି ଏ ରାଜ୍ୟ ସ୍ଥାପନ କରିଥିଲେ । କେତେକ ପୁରୁଷଯାଏ ଏ ରାଜାମାନଙ୍କ ଉପାଧି 'ଦେବ ସେନାମଣି' ବା 'ଦେବ ମହାପାତ୍ର' ଥିଲା । ବର୍ତ୍ତମାନ 'ମର୍ଦ୍ଦରାଜ ଜଗଦେବ' ହୋଇଅଛି । ଏରାଜାମାନଙ୍କର 'ବର୍ତ୍ତ୍ରୀ' ସନ୍ତକ—ଜଗଦେବ ପ୍ରାଚୀନ ଇତିହାସ ।]

ହିନ୍ଦୋଳକ—ସଂ. ବି (ହିନ୍ଦୋଳ+କ)—୧ । ଝୁଲା; ଝୁଲିବାର ଆସନ; Hindoḷaka ଦୋଳ—1. A swing. ୨ । ଦୋଳା; ଡୋଲି; ଅନ୍ୟ ସଂ. ନାମ—ହିନ୍ଦୋଳା, ମନୁଷ୍ୟମାନଙ୍କ କାନ୍ଧରେ ବୁହାଯିବା ଦୋଲା, ପ୍ରେଙ୍ଖା, ହିନ୍ଦୋଳକା, ଏକପ୍ରକାର ଯାନ; ହାନ୍ଦୋଲା— ଦୋଲକା, ହିନ୍ଦୋଲି । 2. A chair carried by bamboos on the shoulders of bearers; a dooly.

ହିନ୍ଦୋଳା(ଳୀ)—ସଂ. ବି (ହିନ୍ଦୋଳ+ଅ; +ଇ)— Hindoḷā(ḷi) ହିନ୍ଦୋଳକ (ଦେଖ) (ହିନ୍ଦୋଳକା—ଅନ୍ୟରୂପ) Hindoḷaka (See)

ପ୍ରାଦେ (ସିଂହଭୂମ) ବି—ପଣାସଂକ୍ରାନ୍ତିର ଚଡ଼କ ପୂଜାରେ ବ୍ୟବହୃତ ଦୋଳ—Swing used by the players during Chaitra sankranti.

ହିପ୍ ହିପ୍ ହୁରେ—ବୈଦେ.ଅ (ଇଂ)—ଆନନ୍ଦ ପ୍ରକାଶାର୍ଥ ଓ କିଛିକି Hip hip hurre ଅବଖେଳରେ ଜୟଲାଭ ଉପଲକ୍ଷରେ ବହୁଲୋକଙ୍କ ହିପ୍ ହିପ୍ ହୁର୍‌ରେ } ଅନ୍ୟରୂପ ମିଳିତ ଧ୍ୱନି—Hip Hip ହିପ୍ ହିପ୍ ହୁରେ } Hurrah ! हिप्‌ हिप्‌ हुर्रे [ଦ୍ର—ହିପ୍ ହିପ୍ ହୁର୍‌ରେ ଗାଅରେ କଳ- हिप्‌ हिप्‌ हुर्रे ଯୁଗୀଅ ଶୁରେ । ମଧୁସୂଦନ (ବ୍ୟଙ୍ଗ କବିତା)]

ହିପାଜ(ଜି)ତ୍—ବୈଦେ. ବି (ଅ. ହିଫାଜତ୍)—୧ । ରକ୍ଷଣାବେକ୍ଷଣ; Hipāja(ji)t ଯତ୍ନପୂର୍ବକ କୌଣସି ଦ୍ରବ୍ୟର ରକ୍ଷଣ; ଜଗାରଖା- হেপাজত্ 1. Careful preservation of a thing. हिफाजत ୨ । ଯତ୍ନପୂର୍ବକ ରକ୍ଷିବା ପାଇଁ କୌଣସି ବ୍ୟକ୍ତିଙ୍କ [ଗର୍ ହିପାଜ(ଜି)ତ୍—ବେପରୱା] ଜିମ୍ମାଦାରୀ—2. Custody. ୩ । ଯତ୍ନତା; ଯତ୍ନ—3. Care. ୪ । ଯତ୍ନପୂର୍ବକ କୌଣସି ବସ୍ତୁର ତତ୍ତ୍ୱ ନେବା - 4. Careful looking after a thing; taking care of a thing. ୫ । ଆୟାସ; ସୁଖ ସ୍ୱାଚ୍ଛନ୍ଦ୍ୟ—5. Comfort; luxury. ୬ । କୌଣସି ବ୍ୟକ୍ତିଙ୍କର ଶୁଶ୍ରୂଷା—6. Tending; nursing.

ହିପାଜ(ଜି)ତ୍(ତି) କରିବା(ନେବା)—ଦେ. କ୍ରି—୧ । କୌଣସି ବସ୍ତୁର Hipāja(ji)t(ti) karibā(nebā) ବା ବ୍ୟକ୍ତିର ଯତ୍ନ ନେବା— হেপাজত্ করা 1. To take care of any thing or हिफाजत करना person. ୨ । ଯତ୍ନପୂର୍ବକ ରକ୍ଷଣାବେକ୍ଷଣ କରିବା ବା ସାଇତିବା—2. To preserve with care. ୩ । (ଦୃଦ୍ଧ, ରୋଗୀ, ଶିଶୁଙ୍କୁ) ଯତ୍ନପୂର୍ବକ ସେବା ଶୁଶ୍ରୂଷା କରିବା—3. To tend with care; to nurse with care (an infant, old man or sick man).

ହିପାଜ(ଜି)ତ୍(ତି)ରେ ରଖିବା—ଦେ. କ୍ରି—୧ । କୌଣସି ବସ୍ତୁକୁ ଯତ୍ନ- Hipāja(ji)t(ti)re rakhibā ପୂର୍ବକ ସାଇତିବା— হেপাজতে রাখা 1. To preserve with care हिफाजतसे रखना ୨ । ଅଯତ୍ନରେ ରଖିବା ବା ପାଳିବା; କୌଣସି ବ୍ୟକ୍ତିର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ରଖି ତାଙ୍କର ସେବା ଶୁଶ୍ରୂଷା କରିବା—2. To tend or bring up with care and comfort. ୩ । ଯତ୍ନପୂର୍ବକ ରଖିବା ପାଇଁ ନିଜର ଜିମ୍ମା ନେବା—3. To take into one's custody.

ହିପାଜ(ଜି)ତି—ବୈଦେ. ବିଣ (ଫା)—ଜିମ୍ମାରେ ରକ୍ଷା ପାଇଥିବା— Hipāja(ji)ti Taken into custody; kept in custody. হেপাজতি ଦେ. ବି—ହିପାଜତ୍ (ଦେଖ) हिफाजती Hipājat (See)

ହିପାଜ(ଜି)ତିଆ—ଦେ.ବିଣ—ଯେଉଁ ବ୍ୟକ୍ତି କୌଣସିଦ୍ରବ୍ୟକୁ ଯତ୍ନପୂର୍ବକ Hipāja(ji)tiā ରଖେ—Careful in preserving a হেপাজতি हिफाजत करनेवाला thing.

ହିଫାଜ(ଜି)ତ୍(ତି)(ଇତ୍ୟାଦି)—ବୈଦେ ବି ଓ ବିଣ— Hiphāja(ji)t(ti) (etc) ହିପାଜତ୍ ଇତ୍ୟାଦି (ଦେଖ) Hipājat etc. (See)

ହିବ୍ (ଧାତୁ)—ସ—ପ୍ରୀତ କରିବା— Hib (root) To please.

ହିବା—ବୈଦେ. ବି (କଚେରୀ) (ଅ. ହିବହ୍=ଦାନ)—ଦାନ— Hibā হিবা, দান हिब्बा Gift; donation.

[ଦ୍ର—ମୁସଲମାନ୍ ଆଇନ୍ ଅନୁସାରେ ଦାନ ୩ ପ୍ରକାରର—

୧ । ଦାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଦାତାଙ୍କ ଜୀବନକାଳରେ ଦତ୍ତ ସମ୍ପତ୍ତି ଭୋଗ କରିବା ପାଇଁ କରାଯିବା ଦାନ (ଅ. ହିବହ୍) ।

୨ । ଦାତାଙ୍କ ମୃତ୍ୟୁ ପରେ ଗ୍ରହୀତାଙ୍କର ଦତ୍ତ ସମ୍ପତ୍ତି ପାଇବା ସର୍ତ୍ତରେ ଦାନ ବା ଉଇଲ (ଅ. ୱସିଅତ୍) ।

୩ । ଈଶ୍ୱର ସେବା ଓ ଦରିଦ୍ର ସେବା ନିମନ୍ତେ ସମ୍ପତ୍ତି ଉତ୍ସର୍ଗ କରିବା (ଅ. ୱାକ୍‌ଫ୍) ।

ହିବା ପୁଣି ୩ ଶ୍ରେଣୀରେ ବିଭକ୍ତ—

କ—ହିବା=ଯେଉଁ ଦାନରେ କୌଣସି ସର୍ତ୍ତ ନ ଥାଏ (Unconditional gift)

ଖ—ହିବା ବିଲ୍ ଏୱାଜ୍=ଗ୍ରହୀତାଙ୍କଠାରୁ ଦତ୍ତ ସମ୍ପତ୍ତି ବଦଳରେ ଅନ୍ୟ ସମ୍ପତ୍ତି ବା ଜରସମନ୍ ଗ୍ରହଣ

କରି ଦାତାଙ୍କୁ କରିବା ଦାନ (ବା ବଦଳ)—**A** gift for consideration.

(ଗ)ହିବା ବା ସର୍ତ୍ତ୍ ଉଲ୍ ଏବାଜ୍=ଭବିଷ୍ୟତରେ ଗ୍ରହୀତା କେତେକ ସର୍ତ୍ତ ପାଳନ କରିବେ ବୋଲି ନିର୍ଦ୍ଦେଶ କରାଯାଇ ଯେଉଁ ଦାନ କରାଯାଏ—A conditional or contingent gift.

ବୈଦେ. ବି. ସ୍ତ୍ରୀ (ହିବ୍ରୁ)—ବାଇବଲ୍ ଓ କୋରାନ ଲିଖିତ ବୃତ୍ତାନ୍ତ ଅନୁସାରେ ପୃଥିବୀର **ଆଦିମ** ନାରୀ—
ଈବ୍ **ହବା୍** Eve; the first woman of the creation.

ହିବା କରିବା—ଦେ. କ୍ରି (ଉଚ୍ଚାରଣ)—୧ । କୌଣସି ସମ୍ପତ୍ତିକୁ ଦାନ
Hibā karibā କରିବା—1. To make a gift of any
ହେବା କରା property. ୨ । କୌଣସି ବ୍ୟକ୍ତିକୁ ଦାନପତ୍ର
हिब्बा करना ଦ୍ୱାରା ସମ୍ପତ୍ତି ଦାନ କରିବା—2. To make a gift of any property to any person by **a** deed of gift.

ହିବା ନାମା—ବୈଦେ. ବି (କଚେରୀ) (ଅ. ହିବ୍ବହ୍+ଫା=
Hibā nāmā ନାମାହ୍)—ଦାନପତ୍ର; ଦତ୍ତ ପତ୍ର; ଦାନର
হিবানামা ନିଦର୍ଶନ ସ୍ୱରୂପ ଦାତାଙ୍କଦ୍ୱାରା ଗ୍ରହୀତା ପକ୍ଷରେ
हिब्बानामा ସମ୍ପାଦିତ ଦଲିଲ—A deed of gift.

ହିବୁକ—ସ. ବି (ଜ୍ୟୋତିଷ)—ଲଗ୍ନର ଚତୁର୍ଥ ସ୍ଥାନ—
Hibuka (astrology) The 4th house counted from the Lagna. (ଯଥା—ସୁତ ହିବୁକ ଯୋଗ ।)

ହିବ୍ରୁ(ବ୍ରୁ)—ବୈଦେ.ବି (ଇଂ. ହିବ୍ରୁ; ହେବ୍ରୁ: ଇବ୍ରୀ)—୧ । ବାଇବଲ୍
Hibru(bru) ଲିଖିତ ଅବ୍ରାହାମ୍ ଓ ତାଙ୍କ ପୁତ୍ର ଯାକୁବ୍‌ଙ୍କ
হিব্রু हिब्रू ବଂଶଧରଗଣ; ଇହୁଦୀ; ଇଜ୍ରାଏଲୀୟ ବ୍ୟକ୍ତି—
1. Hebrew; an appellation of Abraham and his descendants through Jacob; an Israelite; a Jew. ୨ । ଇହୁଦୀ ବା ଇହୁଦୀମାନଙ୍କ ମାତୃଭାଷା—2. The Hebrew language; the mother tongue of the Jews.
[ଦ୍ର—ଏହି ଭାଷାରେ ଖ୍ରୀଷ୍ଟାନ୍ ଧର୍ମଶାସ୍ତ୍ର ବାଇବଲ୍ ପ୍ରଥମେ ଲିଖିତ ହୋଇଥିଲା । ଏହି ଭାଷାରୁ ଇଂରାଜୀ ଆଦି ଭିନ୍ନ ଭିନ୍ନ ଭାଷାରେ ଅନୁବାଦିତ ବାଇବଲ୍‌ରେ ଲେଖା ଥିବା ବ୍ୟକ୍ତି ଓ ସ୍ଥାନମାନଙ୍କର ନାମମାନ ହିବ୍ରୁ ଭାଷାର ମୂଳ ନାମ ନୁହେଁ; ଇଂରାଜୀ ଆଦି ଜାତିଙ୍କ ଉଚ୍ଚାରଣର ବିଶେଷତ୍ୱ ଅନୁସାରେ ଉକ୍ତ ଶବ୍ଦମାନ ମୂଳଶବ୍ଦମାନଙ୍କଠାରୁ ପୃଥକ୍ ହୋଇଅଛି । ପୁଣି ଇଂରାଜୀରୁ ବଙ୍ଗଳା ଓ ଓଡ଼ିଆରେ ଅନୁବାଦିତ ବାଇବଲ୍‌ରେ ଉକ୍ତ ନାମମାନ ଆହୁରି ବିକୃତ ଆକାର ଧାରଣ କରିଅଛି ।]

ହିମ—ସଂ. ବି (ହି ଧାତୁ=ବୃଦ୍ଧି ପାଇବା, ପ୍ରେରଣ କରିବା, ଗମନକରିବା
Hima +ସଂଜ୍ଞାର୍ଥେ. ମ)—୧ । ଶୀତକାଳ—
1. The winter. ୨ । ହେମନ୍ତକାଳ (ମାର୍ଗଶିର ଓ ପୌଷ ମାସ, ମତାନ୍ତରରେ କାର୍ତ୍ତିକ ଓ ମାର୍ଗଶିର)—2. The two months of early winter. ୩ । ଶିଶିର; କାକର—3. Dew. ୪ । ବରଫ; ତୁଷାର—4. Ice ; snow; frost. ୫ । ଶୀତଳତା; ଥଣ୍ଡା; ଶୈତ୍ୟ—5. Cold; chill. ୬ । ଚନ୍ଦନପଙ୍କ; ଘୋରା ଚନ୍ଦନ [ଏହା ଶୀତଳ ଗୁଣବିଶିଷ୍ଟ ଥିବାରୁ, (ମେଦିନୀ)] । 6. Sandal paste. ୭ । ପଦ୍ମକାଷ୍ଠ (ରାଜନିର୍ଘଣ୍ଟ)—7. Prunus Padam. ୮ । ରଙ୍ଗ ଧାତୁ (ରାଜନିର୍ଘଣ୍ଟ)—8. Tin. ୯ । ମୌକ୍ତିକ; ମୁକ୍ତା; ମୋତି (ରାଜନିର୍ଘଣ୍ଟ)—9. Pearl. ୧୦ । ନବନୀତ (ଶବ୍ଦଚନ୍ଦ୍ରିକା); ଲହୁଣୀ—10. Butter. ୧୧ । ଚନ୍ଦନ ବୃକ୍ଷ (ହେମଚନ୍ଦ୍ର)—11. Sandal wood tree. ୧୨ । କର୍ପୂର (ରାଜନିର୍ଘଣ୍ଟ)—12. Camphor. ୧୩ । ହିମଗିରି; ହିମାଳୟ ପର୍ବତ (ଶବ୍ଦକଳ୍ପଦ୍ରୁମ)—13. The Himalayan mountains. ୧୪ । ଚନ୍ଦ୍ରମା (ହି. ଶ)—14. The moon. ୧୫ । କମଳ; ପଦ୍ମ (ହି. ଶ)—15. Lotus. ୧୬ । ପୃଥିବୀର ପୌରାଣିକ ବର୍ଷ (ଦେଶ)ମାନଙ୍କ ମଧ୍ୟରୁ ଏକ (ହି. ଶ)—One of the mythological divisions of the world. ୧୭ । ଔଷଧ ଦ୍ରବ୍ୟକୁ ରାତିସାରା ପାଣିରେ ବତୁରାଇ ସକାଳେ ତହିଁରୁ ଛଣା ହେବା ପାଣି; ଥଣ୍ଡା କ୍ୱାଥ (ହି. ଶ)—17. Water sifted early in the morning after some herbs are put in it throughout the night. ବିଣ—୧ । ଶୀତଳ;
(ହିମା—ସ୍ତ୍ରୀ.ବିଣ) ଥଣ୍ଡା—1. Cold; cool. ୨ । ହେମାଳିଆ—2. Chilly.

ହିମ ଋତୁ—ସ.ବି—ହିମକାଳ (ଦେଖ)—
Himarutu Himakāla (See).

ହିମକ—ସ, ବି—ତାଳୀଶ ପତ୍ର (ହି. ଶ)—
Himaka Tālisapatra (See).

ହିମ କଣ(ଣା)—ସ. ବି (୬ଷ୍ଠୀ ତତ୍)—୧ । ବରଫର ଅତି କ୍ଷୁଦ୍ର ବିନ୍ଦୁ—
Hima kaṇa(ṇā) 1. Small particle of snow. ୨ । କାକରର ଅତି କ୍ଷୁଦ୍ର ବିନ୍ଦୁ—2. Small particle of dew.

ହିମ କଟିବନ୍ଧ—ଦେ. ବି (ଭୌଗୋଳିକ ପରିଭାଷା)—ଉତ୍ତରମେରୁଠାରୁ
Hima kaṭibandha କୁମେରୁ ବୃତ୍ତ ପର୍ଯ୍ୟନ୍ତ ଓ ଦକ୍ଷିଣ
হিমকটিবন্ধ शीतकटिबंध ମେରୁଠାରୁ କୁମେରୁ ବୃତ୍ତ ପର୍ଯ୍ୟନ୍ତ ଭୂଗୋଳକକୁ ବେଢ଼ିଥିବା କାଳ୍ପନିକ ପଟ୍ଟୀ—The north and south frigid zones of the globe. [ଦ୍ର—ଉତ୍ତର ଓ ଦକ୍ଷିଣ ମେରୁଠାରୁ ବିଷୁବ ରେଖା ଆଡ଼କୁ ଯଥାକ୍ରମେ ଦକ୍ଷିଣ ଓ ଉତ୍ତରକୁ ୨୩½ ଡିଗ୍ରୀ ଲେଖାଏଁ ବ୍ୟାପି ପୃଥିବୀ ଗୋଲକକୁ ବେଢ଼ିଥିବା କାଳ୍ପନିକ ଶୀତପ୍ରଧାନ ଭୂଭାଗକୁ ହିମକଟିବନ୍ଧ କୁହାଯାଏ;

ଏହି କଟିବନ୍ଧ ସବୁ ଋତୁରେ ତୁଷାରାବୃତ ରହିଥାଏ ଓ ଏଥିରେ ସବୁ ଋତୁରେ ବରଫ ପଡ଼େ ।

ଉତ୍ତର ହିମକଟିବନ୍ଧର ଉତ୍ତର ସୀମା ଉତ୍ତର ମେରୁ ଓ ଦକ୍ଷିଣ ସୀମା ବିଷୁବରେଖାର ୬୬॥ ଡିଗ୍ରି ଉତ୍ତରରେ ଯାଇଥିବା ବୃତ୍ତ (Arctic circle) ଅଟେ ।

ଦକ୍ଷିଣ ହିମକଟିବନ୍ଧର ଦକ୍ଷିଣ ସୀମା ଦକ୍ଷିଣ ମେରୁ ଓ ଉତ୍ତର ସୀମା ବିଷୁବରେଖାର ୬୬॥ ଡିଗ୍ରି ଦକ୍ଷିଣରେ ଥିବା ବୃତ୍ତ (Antarctic circle) ଅଟେ ।]

ହିମ କପୂର—ଦେ. ବି—ହିମ କର୍ପୂର (ଦେଖ)—
Hima kapūra Himakarpūra (See).
हिमकपूर हिमकपूर

ହିମ କର—ସଂ. ବି—(ବହୁବ୍ରୀହି; ହିମ=ଶୀତଳ ଅଟେ କର=କିରଣ
Hima kara ଯାହାର)—୧। ଚନ୍ଦ୍ର—1. The moon. ୨। କର୍ପୂର (ରାଜନିର୍ଘଣ୍ଟ)—2. Camphor. ବିଣ—(ବହୁବ୍ରୀହି; ହିମ+କର)—୧। ଶୀତଳ କିରଣ ବିଶିଷ୍ଟ—1. Having cool rays. ୨। (ହିମ+କୃ ଧାତୁ+କର୍ତ୍ତୃ. ଅ)—ଶୀତଳସ୍ପର୍ଶ—2. Cool; cold. ୩। (ସ୍ତ୍ରୀ ଟ୍) ଚନ୍ଦ୍ରକିରଣ—3. Moon light. [ଉ—ତୁମ୍ଭ ସମା ଅଙ୍କରେ, ଯେବେ ବସେ ପଲଙ୍କରେ, ସେ ହିମକରେ— ଭଞ୍ଜ ପ୍ରେମ ସୁଧାନିଧି]

ହିମକର ଶେଖର—ସଂ. ବି—(ବହୁବ୍ରୀହି, ହିମକର ଶେଖରରେ ଯାହାର)
Himakara śekhara ଶିବ; ମହାଦେବ—God Śiba.

ହିମ କର୍ପୂର (କର୍ପୂରକ)—ସଂ. ବି—ଏକପ୍ରକାର ନିକୃଷ୍ଟ କର୍ପୂର—
Hima karpūra (karpūraka) A sort of inferior camphor. [ଉ—ବୈଦ୍ୟକ ମତରେ ଏହା ଶୁକ୍ର, ବୃଷ୍ୟ, ଶୀତସ୍ପର୍ଶ, କଟୁରସ ଓ ପିପାସା, ଦାହ, ମୋହ ଏବଂ ଘର୍ମନାଶକ]

ହିମ କାକର (କାଲ)—ଦେ. ବି—ହେମ କାକର; ଅତ୍ୟନ୍ତ ଶୀତଳ;
Hima kākara (kāla) ହିମଶୀତଳ— Very cold; chilly; frigid. [ଉ—ବାସେ । ପାଣିରେ ବୁଡ଼ିଲେ ମାସେ, ପାଣି ହେଲା ହିମକାକର, ବାସେ ହେଲେ ବୁଢ଼ା ମାକଡ଼—ଶିଶୁରଞ୍ଜନ ଗୀତ]

ହିମ କାଳ—ସଂ. ବି—ହେମନ୍ତ ଋତୁ; କାର୍ତ୍ତିକ ଓ ମାର୍ଗଶିର, ମତାନ୍ତରରେ
Hima kāla ମାର୍ଗଶିର ଓ ପୌଷମାସ; ଶୀତଋତୁର ପୂର୍ବବର୍ତ୍ତୀ ଋତୁ—The 1st two months of winter.

ହିମ କିରଣ—ସଂ. ବି—(କର୍ମଧା)—ଚନ୍ଦ୍ରକିରଣ—
Hima kiraṇa The rays of the moon.

ହିମ କୂଟ—ସଂ. ବି—(ବହୁବ୍ରୀହି) ୧। ଶିଶିର ଋତୁ (ରାଜନିର୍ଘଣ୍ଟ)—1.
Hima kūṭa The winter. ୨। ହିମାଳୟ—2. The Himalayas. ୩। ପର୍ବତ ବିଶେଷ—3. Name of a mountain.

ହିମ ଗିରି—ସଂ. ବି—ହିମାଳୟ ପର୍ବତ—
Hima giri The Himalaya mountains.

ହିମ ଗିରି ସୁତା—ସଂ. ବି. ସ୍ତ୍ରୀ—୧। ପାର୍ବତୀ—Pārbatī;
Hima giri sutā the consort of Śiba. ୨। ଗଙ୍ଗା ନଦୀ—2. The river Ganges.

ହିମଗୁ—ସଂ. ବି (ବହୁବ୍ରୀହି)—ଚନ୍ଦ୍ରମା (ହି. ଶ)—
Himagu The moon.

ହିମ ଗୃହ—ସଂ. ବି (କର୍ମଧା)—ଯେଉଁ ଗୃହର ବା ପ୍ରକୋଷ୍ଠର
Hima gṛuha ମଧ୍ୟରେ ଖୁବ ଥଣ୍ଡା ଅନୁଭୂତ ହୁଏ (ହି. ଶ.)—A room which is very cold.

ହିମଜ—ସଂ. ବିଣ—୧। ହିମରୁ ଜାତ—1. Born of cold or
Himaja snow. ୨। ହିମାଳୟରୁ ଜାତ—2. Born (ହିମଜା—ସ୍ତ୍ରୀ) of or produced from the Himalayas. ବି° ପୁଂ. ହିମାଳୟ ଗିରିର ପୁତ୍ର; ମୈନାକ ପର୍ବତ—Name of a mythological mountain said to be the son of the Himalayas.

ହିମଜା—ସଂ ବିଣ. ସ୍ତ୍ରୀ—(ହିମଜ+ଆ)—ହିମଜର ସ୍ତ୍ରୀଲିଙ୍ଗ—
Himajā Feminine of Himaja. ବି. ସ୍ତ୍ରୀ—ପାର୍ବତୀ—Goddess Pārbatī.

ହିମଜ୍ଝଟି—ସଂ. ବି—କୁହୁଡ଼ି; କୁହୁଡ଼ି (ହାରାବଳୀ)—The fog.
Himajjaṭi (ହିମଝଟି—ଅନ୍ୟରୂପ)

ହିମତ(ନ୍ତ)(ଇତ୍ୟାଦି)—ବୈଦେ. ବି—ହିମ୍ମତ୍ ଇତ୍ୟାଦି (ଦେଖ)
Himat(nt) (etc) Himmat etc (See).

ହିମତି(ନ୍ତି)—ବୈଦେ. ବିଣ—ହିମ୍ମତି (ଦେଖ)
Himati(nti) (ହିମତିଆ—ଅନ୍ୟରୂପ) Himmati (See)

ହିମତେ(ନ୍ତେ)ଇ—ଦେ. ବିଣ—ହିମ୍ମତେଇ (ଦେଖ)
Himāte(nte)ī Himmateī (See).

ହିମ ତୈଳ—ସଂ. ବି—୧। କର୍ପୂର ତୈଳ (ରାଜନିର୍ଘଣ୍ଟ)—
Hma taila 1. Camphor oil; oil extracted from camphor. ୨। କର୍ପୂର ମିଶା ଯାଇ ପ୍ରସ୍ତୁତ ତୈଳ [ହି. ଶ] 2. Oil prepared by mixing camphor in it.

ହିମଦ(ଦି)ସ୍ତା—ବୈଦେ. ବି—ହିମାନ୍‌ଦସ୍ତା (ଦେଖ)—
Himada(di)stā Himān dastā (See).

ହିମ ଦୀଧିତି—ସଂ. ବି—(ବହୁବ୍ରୀହି; ହିମ ଅଟେ ଦୀଧିତି=କିରଣ ଯାହାର)
Hima dīdhiti ଚନ୍ଦ୍ର—The moon.

ହିମ ଦୁଗ୍ଧା—ସଂ. ବି—କ୍ଷୀରିଣୀ (ଦେଖ)—
Hima dugdhā Kshiriṇī (See).

ହିମ ଦ୍ୟୁତି—ସଂ. ବି—(ବହୁବ୍ରୀହି; ହିମ=ଶୀତଳ ଅଟେ ଦ୍ୟୁତି ଯାହାର)
Hima dyuti ଚନ୍ଦ୍ର—The moon.

ହିମ ଦ୍ରୁମ—ସଂ ବି—ମହାନିମ୍ବ (ରାଜନିର୍ଘଣ୍ଟ); ମହାଲ ଗଛ—
Hima druma Helia Azadirachta (tree).

ହିମ ଧାତୁ—ସଂ. ବି—(ବହୁବ୍ରୀହି)—ହିମାଳୟ ପର୍ବତ (ହେମଚନ୍ଦ୍ର)—
Hima dhātu The Himalayas.

ହିମ ନିବାରକ—ସଂ. ବଣ (ନିଷ୍ପତ୍ତିଗତ)—୧ । ଶୀତ ନିବାରକ; ଯାହା
Hima nibāraka ଯୋଗୁଁ ପ୍ରାଣୀ ଶୀତରୁ ରକ୍ଷା ପାଆନ୍ତି—1. Proctecting one from cold or chill. ୨ । ଯାହା ହିମପାତରୁ ରକ୍ଷା କରେ—2. Protecting one from snowfall; shielding from snow or frost.

ହିମ ନିବାରଣ—ସଂ. ବି—୧ । ହିମପାତରୁ ରକ୍ଷା କରିବା—1. Prote-
Hima nibāraṇa ction from snowfall. ୨। ଶୀତରୁ ରକ୍ଷା କରଣ—2. Protection from cold.

ହିମନ୍ତ ଇତ୍ୟାଦି)—ଦେ. ବି—ହିମ୍ମତ୍ ଇତ୍ୟାଦି (ଦେଖ)—
Himanta (etc) Himmat etc (See).
ଦେ. ବି—(ସଂ. ହେମନ୍ତ)—ହେମନ୍ତ ଋତୁ—The 1st two months of winter. ଉ—କରହେ ହେମନ୍ତ ମଳକ ସିକ୍ତିତ କରିଲ ହିମନ୍ତ ଅନୁଭବକର । ଭଞ୍ଜ ବୈଦେହୀଶ ବିଳାସ ।]
हिमन्त

ହିମନ୍ତ ପର୍ବତ—ଦେ. ବି—ହିମାଳୟ ପର୍ବତ—The Himalayas
Himanta parbata ‍[ଉ—ବଳ ହିମନ୍ତ ପର୍ବତ ପ୍ରବଳ ବାତ
हिमालय पर्व्वत ଜନକ ହେବାରୁ ସାଞ୍ଜୁ ଓଳିତ ଉପଖବଶେ ।
हिमालय ଭଞ୍ଜ. ବୈଦେହୀଶବିଳାସ ।]

ହିମ ପାତ—ସଂ. ବି—(ନିଷ୍ପତ୍ତିଗତ)—ତୁଷାରପାତ; ବରଫ ପଡ଼ିବା;—
Hima pāta Snowfall.

ହିମ ପଡ଼ିବା—ଦେ. ବି—ବରଫ ପଡ଼ିବା; ତୁଷାରପାତ—
Hima paṛibā The falling of snow; snowfall.
हिम पड़ा पालापड़ना

ହିମ ପ୍ରସ୍ଥ—ସଂ. ବି—ହିମାଳୟ (ହେମଚନ୍ଦ୍ର)—
Hima prastha The Himalayas.

ହିମବତ୍ ସୁତ—ସଂ. ବି. ପୁଂ—(ନିଷ୍ପତ୍ତିଗତ)—ମୈନାକ ପର୍ବତ—
Himabat suta Maināka; a mythological mountain.

ହିମବତ୍ ସୁତା—ସଂ. ବି. ସ୍ତ୍ରୀ—ପାର୍ବତୀ—
Himabat sutā Goddess Pārbatī.

ହିମବତୀ—ସଂ.ବଣ. ସ୍ତ୍ରୀ—(ହିମବତ୍ + ସ୍ତ୍ରୀ ଈ)—ହିମବାନ୍‌ର ସ୍ତ୍ରୀଲିଙ୍ଗ—
Himabatī Feminine of 'Himabān'. ବି. ସ୍ତ୍ରୀ—ମେନା; ହିମାଳୟଙ୍କ ସ୍ତ୍ରୀ—Mena, the wife of the Himalayan mountain. [ଉ—ଏହାଙ୍କ ଗର୍ଭରୁ ପାର୍ବତୀ ଜନ୍ମ ହୋଇଥିଲେ ।]

ହିମବନ୍ତ—ଦେ ବି—(ସଂ. ହିମବତ୍ ଶବ୍ଦର ପୁ.୧ମା. ବହୁବଚନେ ହିମବନ୍ତଃ)
Himabanta —୧। ହିମବାନ୍; ହିମାଳୟ ପର୍ବତ—1. The
हिमवन्त Himalāyas. [ଉ—ଉଗ୍ର ମୂର୍ତ୍ତିମନ୍ତ ସନ୍ଦର ହିମବନ୍ତ
हिमवन्त ପ୍ରାପି ଧରଣୀ ହିମବନ୍ତ ସେ । ଭଞ୍ଜ. ବୈଦେହୀଶବିଳାସ ।]
୨ । ପର୍ବତ ବିଶେଷ—2. Name of a mountain. [ଉ—ଉତ୍ତର ହିମବନ୍ତ ନାମେ ପର୍ବତ । କୃଷ୍ଣସିଂହ—ମହାଭାରତ ଅଦି ।]

ହିମବନ୍ତ ଦୁଲଣା(ଣୀ)[ଦୁହିତା (ତୀ)]—ଦେ. ବି. ସ୍ତ୍ରୀ—ପାର୍ବତୀ—
Himabanta dulaṇā (ṇī) [duhitā(tī)]
हिमवन्त दुहिता हिमवन्त दुहिता The Goddess Pārbatī.

ହିମବର୍ଷୀ—ସଂ. ବଣ—(ହିମ + ବୃଷ ଧାତୁ + ଇନ୍ = ହିମ ବର୍ଷିନ୍, ୧ମା
Hima barshī ୧ବ)—ତୁଷାର ବର୍ଷଣକାରୀ—Raining or
(ହିମବର୍ଷିଣୀ—ସ୍ତ୍ରୀ) showering snow.

ହିମବଳ—ସଂ. ବି—ହେମବଳ; ମୌକ୍ତିକ (ଶବ୍ଦ କଳ୍ପଦ୍ରୁମ)—
Himabala Pearl.

ହିମବାନ୍—ସଂ. ବଣ. ପୁଂ—(ହିମବତ୍ ଶବ୍ଦ; ୧ମା. ୧ବ); ହିମ + ଅସ୍ତି
Himabān ଅର୍ଥରେ ବତ୍)—୧ । ହିମଯୁକ୍ତ; ତୁଷାରମୟ—1.
(ହିମବତୀ—ସ୍ତ୍ରୀ) Snowy. ୨ । ଅତି ଶୀତଳ—2. Very cool. ବି—ହିମାଳୟ ପର୍ବତ—The Himalayas

ହିମବାଲୁକ—ସଂ. ବି—କର୍ପୂର (ଵାଚସ୍ପତ୍ୟ)—
Hima bāluka Camphor.

ହିମବାଲୁକା—ସଂ. ବି—କର୍ପୂର (ଅମର)—
Himabālukā Camphor.

ହିମ ଭାନୁ(ମୟୂଖ, ରଶ୍ମି, ରୁଚି)—ସଂ. ବି (ବହୁବ୍ରୀହି; ହିମ ଅଟେ ଭାନୁ
Hima bhānu(mayūkha, raśmi, ruchi) ଯାହାର)—ଚନ୍ଦ୍ର—The moon.

ହିମ ମଣ୍ଡଳ—ଦେ. ବି (ଭୂଗୋଳ ପରିଭାଷା)—ହିମ କଟିବନ୍ଧ (ଦେଖ)
Hima maṇḍala Hima kaṭibandha (See).
हिम मंडल हिम मण्डल

ହିମର୍ତ୍ତୁ—ସଂ. ବି (ହିମ + ଋତୁ; ସନ୍ଧି ଯୋଗେ ଅ + ଋ = ରେଫ)—
Himarttu ହିମକାଳ (ଦେଖ) Himakāla (See).

ହିମ ଲଗା(ଗେ)ଇବା—ଦେ. କ୍ରି—ଦେହରେ ଥଣ୍ଡା ଲାଗିବା ଭଳି
Hima lagā(ge)ibā ଅନାବୃତ ଦେହରେ ହିମ ପଡୁଥିବ
हिम लागान ସ୍ଥାନକୁ ଯିବା—To cause one's person
ठण्डा लगाना to catch cold or chill by going out bare-bodied.

ହିମ ଲାଗିବା—ଦେ. ବି—ଦେହରେ ଥଣ୍ଡା ଲାଗିବା—
Hima lāgibā The catching of chill.
हिम लागा ठण्डा लगना

ହିମ ଶର୍କରା—ସଂ. ବି—ଯାବନାଳୀ (ଵାଚସ୍ପତ୍ୟ)—
Hima śarkarā Sugar made for maize.

ହିମ ଶୀତଳ—ସଂ. ବଣ (ମ. ପ. ଲୋ)—ହିମ ସଦୃଶ ଶୀତଳ; ହିମ ପରି
Hima śītala ଥଣ୍ଡା—Ice-cold; cold as snow;
(ହିମ ଶୀତଳା—ସ୍ତ୍ରୀ) (ହିମଶୀତଳତା—ବି) very cold.

ହିମ ଶୀର୍ଣ୍ଣ—ସଂ. ବଣ (ଷଷ୍ଠୀ ତତ୍)—୧ । ହିମ ବା ଶୀତ ଦ୍ୱାରା କ୍ଷୀଣ
Hima śirṇṇa —1. Emaciated by cold.
(ହିମ ଶୀର୍ଣ୍ଣା—ସ୍ତ୍ରୀ) ୨ । ହିମପାତ ଯୋଗୁଁ ଶୀର୍ଣ୍ଣ—2. Emaciated by snow falling of one's self. ୩ । ହିମ ଋତୁ ଯୋଗୁଁ ଯାହାର ଦେହ ଶୀର୍ଣ୍ଣ ହୋଇଥାଏ—3. Emaciated as a result of cold ‘ather.

ହିମ ଶୈଳ—ସଂ. ବ (ମ. ପ. ଲୋ; ହିମଯୁକ୍ତ ଶୈଳ)—ହିମାଳୟ ପର୍ବତ
Hima śaila —The Himalayas.

ହିମ ଶୈଳଜ—ସଂ. ବଣ—ହିମାଳୟରୁ ଜାତ; ହିମାଳୟ ଜାତ—
Hima śailaja Born of or produced from the
(ହିମ ଶୈଳଜା—ସ୍ତ୍ରୀ) Himalayas.
ସଂ. ବ—ମୈନାକ ପର୍ବତ—The Maināka mountain.

ହିମ ଶୈଳଜା—ସଂ. ବଣ. ସ୍ତ୍ରୀ—ହିମ ଶୈଳଜର ସ୍ତ୍ରୀ ଲିଙ୍ଗ—
Hima śailajā Feminine of Himaśailaja.
ବ. ସ୍ତ୍ରୀ—ପାର୍ବତୀ—Goddess Pārbati.

ହିମ ସଂହତି—ସଂ. ବ (୬ଷ୍ଠୀ ତତ୍)—ବରଫ; ତୁଷାର ରାଶି; ଜମାଟ
Hima sambati ତୁଷାର—Snow; massed ice.

ହିମ ସାଗର—ସଂ. ବ—ଦେହର ତାପ ବା ଦାହ ଶାନ୍ତ ପାଇଁ ମାଲିସ
Hima sāgara ରୂପରେ ବ୍ୟବହୃତ ଆୟୁର୍ବେଦୋକ୍ତ ତୈଳ-ବିଶେଷ—Name of a medicinal oil. ଦେ. ବ—
୧ । ହେମ ସାଗର ୧ (ଦେଖ)—1. Hema sāgara
1. (See). ୨ । ପାଷାଣ ଭେଦକ—2. Coleus; Ambonicus Sclaginella.

ହିମ ହାସକ—ସଂ. ବ—୧ । ହିନ୍ତାଳ (ଶବ୍ଦ ରତ୍ନାବଳୀ) (ଦେଖ)
Hima hāsaka 1. Hintāla (See)
୨ । ଏକ ପ୍ରକାର ଖର୍ଜୁର (ହି. ଶବ୍ଦସାଗର)—
2. A kind of date palm.

ହିମା—ସଂ. ବ (ହିମ+ଆ)—୧ । ଚୂର୍ଣ୍ଣେଲା; ଗୁଜରାଟ (ରାଜନିର୍ଘଣ୍ଟ)—
Himā 1. Small cardamom. ୨ । ରେଣୁକା; ସୁଗନ୍ଧ ଦ୍ରବ୍ୟ ବିଶେଷ (ରାଜନିର୍ଘଣ୍ଟ)—2. A kind of scented herb. ୩ । ଭଦ୍ରମୁସ୍ତକ; ମୁଥା (ରାଜନିର୍ଘଣ୍ଟ)
—3. A variety of grass root-bulb. ୪। ନାଗର ମୁସ୍ତକ; ନାଗର ମୁଥା (ରାଜନିର୍ଘଣ୍ଟ)—4. Another larger variety of grass root. ୫ । ପୃକ୍କା ଶାଗ (ରାଜନିର୍ଘଣ୍ଟ); ପିଡ଼ଙ୍ଗ—5. A kind of potherb; Trigonella Corniculata. ୬ । ଚଣକ; ଚଣା (ରାଜନିର୍ଘଣ୍ଟ)—6. A sort of pulse; Panicum Maliaccum.

ହିମାଂଶୁ—ସଂ. ବ (ବହୁବ୍ରୀହି; ହିମ ଅଟେ ଅଂଶୁ ଯାହାର)—
Himāmśu ୧ । ଶୀତରଶ୍ମି; ଚନ୍ଦ୍ର (ଅମର)—1. The moon. ୨ । କର୍ପୂର (ରାଜନିର୍ଘଣ୍ଟ)—2. Camphor.

ହିମାଂଶ୍ୱାଭିଖ୍ୟ—ସଂ. ବ [ହିମାଂଶୁ+ଅଭିଖ୍ୟା, ବହୁବ୍ରୀହି, ହିମାଂଶୁ
Himāmśwabhikhya (ଚନ୍ଦ୍ର) ତର ଅଭିଖ୍ୟା=ଶୋଭା ଯାହାର]—ରୌପ୍ୟ (ହେମଚନ୍ଦ୍ର)—Silver.

ହିମାଗମ—ସଂ. ବ (ହିମ+ଆଗମ, ୬ଷ୍ଠୀ ତତ୍)—୧ । ହେମନ୍ତ
Himāgama (ରାଜନିର୍ଘଣ୍ଟ); ହିମକାଳ—1. The 1st two months of winter. ୨ । ଶିଶିର; ଶୀତକାଳ—
2. The winter. ୩ । ଶୀତ ଋତୁର ଆରମ୍ଭ—
3. The approach of winter season.

ହିମାଙ୍କ—ସଂ. ବ—କର୍ପୂର (ହି. ଶ)—
Himānka Campho..

ହିମାଙ୍ଗ—ସଂ. ବ (କର୍ମଧା; ହିମ+ଅଙ୍ଗ)—୧ । ଶୀତଳସ୍ପର୍ଶ ବା
Himānga ତାପଶୂନ୍ୟ ଦେହ—1. Cold or frigid body.
[ହିମାଙ୍ଗୀ—ସ୍ତ୍ରୀ. ବଣ] ୨ । ମୃତ୍ୟୁର ଲକ୍ଷଣ ବିଶେଷ; ମୃତ୍ୟୁ ପୂର୍ବରୁ ଦେହ ହୋଇ ପାରୁଥିବା—2. Death-coldness; coldness of the body of a dying person.
ବଣ. ପୁଂ (ବହୁବ୍ରୀହି)—୧ । ଯାହାର ଦେହ ଥଣ୍ଡା—
1. Cool-bodied. ୨ । ମୃତ—2. Dead.

ହିମାଚଳ—ସଂ. ବ (ମ. ପ. ଲୋ)—ହିମାଳୟ—
Himāchala The Himalayas.

ହିମାଦ୍ରି—ସଂ. ବ (ମ. ପ. ଲୋ; ହିମଯୁକ୍ତ ଅଦ୍ରି)—ହିମାଳୟ ପର୍ବତ
Himādri —The Himalayan mountains.

ହିମାଦ୍ରିଜ—ସଂ. ବଣ—ହିମ ଶୈଳଜ (ଦେଖ)
Himādrija Hima śailaja (See)
ସଂ. ବ—ମୈନାକ ପର୍ବତ—The Maināka mountain.

ହିମାଦ୍ରିଜା—ସଂ. ବଣ—ହିମାଦ୍ରିଜର ସ୍ତ୍ରୀଲିଙ୍ଗ—Feminine of
Himādrijā Himādrija. ବ—୧ । ପାର୍ବତୀ—
1. Goddess Pārbati. ୨ । କ୍ଷୀରିଣୀ (ରାଜନିର୍ଘଣ୍ଟ) (ଦେଖ)—2. Kshīriṇī (See)

ହିମାଦ୍ରି ତନୟା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍; ହିମାଦ୍ରି+ତନୟ+ଆ)—
Himādri tanayā ୧ । ପାର୍ବତୀ—1. Goddess Pārbati. ୨ । ଗଙ୍ଗା—2. The river Ganges.

ହିମାନ(ମ)ଦ(ଦି)ସ୍ତା—ବୈଦେ. ବ—(ଅ; ହାବନ୍ ଓ ଦସ୍ତା)—
Himān(m)-da(di)stā କୌଣସି ପଦାର୍ଥ ଛେଚିବା ପାଇଁ ବ୍ୟବହୃତ ହାମାନଦସ୍ତା ଲୁହାର ଖଲ ଓ ପୁଆ—Iron pestle and mortar.
हीमामहस्ता

ହିମାନୀ—ସଂ. ବ—(ହିମ+ବହୁଅର୍ଥରେ ଈ; ଅନ ଆଗମ)—୧ । ହିମ-
Himānī ସଂହତି; ବରଫ (ଅମର)—Mass of ice; snow.
୨ । ଯାବନାଳ ସର୍କରା—2. Sugar made from maize.

ହିମାବତୀ—ସଂ. ବ—୧ । ଯାବନାଳ ସର୍କରା (ରାଜନିର୍ଘଣ୍ଟ)—1.
Himābati Sugar made from maize. ୨ । ସ୍ୱର୍ଣ୍ଣକ୍ଷୀରୀ (ଅମର); ଅଗରାବୃକ୍ଷ—2. Gamboje Thistle. [plant).

ହିମାବ୍ଜ—ସଂ. ବ—୧ । ଉତ୍ପଳ (ରାଜନିର୍ଘଣ୍ଟ); କଇଁ—
Himābja 1. Nymphean lotus; water lily. ୨ । ନୀଳକମଳ (ହି.ଶ); ନୀଳୋତ୍ପଳ—2. The blue water lily.

ହିମାଗ୍ର—ସଂ. ବ—କର୍ପୂର (ହି. ଶ)
Himāgra Camphor.

ହିମାରତି—ସଂ. ବ—(୬ଷ୍ଠୀ ତତ୍; ହିମ+ଅରାତି)—୧ । ଅଗ୍ନି (ଶବ୍ଦ
Himārati କଳ୍ପଦ୍ରୁମ)—1. Fire. ୨ । ସୂର୍ଯ୍ୟ (ଶବ୍ଦକଳ-

ଦ୍ରୁମ)—2. The sun. ୩ । ଚିତ୍ରକଗୁଳ୍ମ; ଧଳାଚିତା (ଶବ୍ଦକଳ୍ପଦ୍ରୁମ)—3. A shrub; Plumbago Zeylanica. ୪। ଅର୍କବୃକ୍ଷ (ଶବ୍ଦକଳ୍ପଦ୍ରୁମ)—4. Calotropis Gigantia (plant).

ହିମାର୍ତ୍ତ—ସଂ. ବିଣ ପୁଂ (୩ୟା ତତ୍)—ହିମ କ୍ଳେଶିତ; ହିମଦ୍ୱାରା କ୍ଳେଶ-
Himārtta ପ୍ରାପ୍ତ—Suffering from the effects of cold or snow.
[ହିମାର୍ତ୍ତା—ସ୍ତ୍ରୀ] [ହିମାର୍ତ୍ତି—ବି]

ହିମାଳ—ଦେ. ବିଣ—(ସଂ ହୈମଲ)—୧ । ହେମାଳ; ଅତି ଶୀତଳ—
Himāla 1. Very cool. ୨ । ଅତି ଶୀତଳସ୍ପର୍ଶ—
ହେମାল हेमाँल 2. Very cold to the touch.
[ହିମାଳ(ଳ)ଆ—ଅନ୍ୟ ରୂପ]

ହିମାଳୟ—ସଂ. ବି (୬ଷ୍ଠୀ ତତ୍; ହିମ+ଆଳୟ)—୧ । ଶୁକ୍ଳ ଖଦିର—
Himālaya 1. The brown catechu. ୨ । ଭାରତର ଉତ୍ତର ସୀମାରେ ଅବସ୍ଥିତ ଅତ୍ୟୁଚ୍ଚ ପର୍ବତମାଳା—2. The Himalayan range.
[ଦ୍ର—ପୁରାଣ ମତରେ ହିମାଳୟ ପର୍ବତମାନଙ୍କର ରାଜା । ଏହାର ଶିଖର ଦେଶ ଚିରତୁଷାରାବୃତ; ଏ ପିତୃଗଣଙ୍କ କନ୍ୟା ମେନା ବା ମେନକାଙ୍କ ପାଣିଗ୍ରହଣ କରିଥିଲେ ଓ ମେନାଙ୍କ ଗର୍ଭରୁ ପୁତ୍ର ମୈନାକ ନାମକ ପର୍ବତ ଓ କନ୍ୟାଦ୍ୱୟ, ଗଙ୍ଗା ଓ ପାର୍ବତୀ ଜନ୍ମଗ୍ରହଣ କରିଥିଲେ । ଏହି ପର୍ବତର ପୂର୍ବପ୍ରାନ୍ତ ଦକ୍ଷିଣଆଡ଼କୁ ବଙ୍କେଇ ହୋଇ ଯାଇ ବ୍ରହ୍ମଦେଶରେ ଆରାକାନ ପର୍ବତମାଳା ରୂପରେ ବଙ୍ଗୋପସାଗରକୁ ଲାଗିଅଛି ଓ ଏଥିର ପଶ୍ଚିମପ୍ରାନ୍ତ ଦକ୍ଷିଣ ଆଡ଼କୁ ବଙ୍କେଇ ହୋଇ ହିନ୍ଦୁକୁଶ, ସୁଲେମାନ ଓ ବେଲୁଚିସ୍ଥାନର କୀର୍ଥାର ପର୍ବତମାଳାରୂପରେ ଆରବ ଉପସାଗରକୁ ଲାଗିଅଛି । ଏହାର ଅନେକ ଶୃଙ୍ଗ ମଧ୍ୟରୁ ଧବଳଗିରି (୨୬୮୨୮ ଫୁଟ୍), କାଞ୍ଚନ ଜଙ୍ଘା (୨୮୧୫ ଫୁଟ୍), ନନ୍ଦାଦେବୀ (୨୫୬୦୦ ଫୁଟ୍), ନଙ୍ଗା ପର୍ବତ (୨୬୬୨୯ ଫୁଟ୍), କାମେତ୍ (୨୫୪୪୧ ଫୁଟ୍), ଗଡ୍‌ୱିନ୍ ଅଷ୍ଟେନ୍ (୨୮୨୭୮ ଫୁଟ୍) ଓ ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ୍ ବା ଗୌରୀଶଙ୍କର (୨୯୦୦୨ ଫୁଟ୍)ମାନ ପ୍ରଧାନ ।

ହିମାଳୟର ଉତ୍ତରରେ ତିବ୍ବତ ଦେଶର ଅଧିତ୍ୟକା ବା ମାଳଭୂମିରେ ହିନ୍ଦୁପୁରାଣ ବର୍ଣ୍ଣିତ ମାନସରୋବର ଓ କୈଳାସ ପର୍ବତ (ଉଚ୍ଚତା ୨୨୦୦୦ ଫୁଟ୍) ଅବସ୍ଥିତ । ଏହି କୈଳାସ ପର୍ବତରେ ମହାଦେବଙ୍କର ଆବାସ ଥିବା ପୁରାଣ ପ୍ରସିଦ୍ଧ । ମାନସରୋବରରୁ ସିନ୍ଧୁନଦ ବାହାରି ପଶ୍ଚିମକୁ ଯାଇ ଭାରତର ଉତ୍ତର ପଶ୍ଚିମ କୋଣବାଟେ ଦକ୍ଷିଣକୁ ବୁଲି ସିନ୍ଧୁ ପ୍ରଦେଶର କରାଚି ନିକଟରେ ଆରବ ଉପସାଗରରେ ପଡ଼ିଅଛି ଓ ବ୍ରହ୍ମପୁତ୍ର ନଦୀ ପ୍ରଥମେ ସାମ୍ପୋ ନାମରେ ବାହାରି ପୂର୍ବକୁ ଯାଇ ଭାରତର ଉତ୍ତର ପୂର୍ବ-କୋଣବାଟେ ଦକ୍ଷିଣକୁ ବୁଲି ବଙ୍ଗ ପ୍ରଦେଶର ସୁନ୍ଦରବଣରେ ବଙ୍ଗୋପସାଗରରେ ପଡ଼ିଅଛି । ମାନସରୋବରରୁ ଶତଦ୍ରୁ ନଦୀ ବାହାରି ହିମାଳୟ ଭେଦ କରି ପଞ୍ଜାବରେ ସିନ୍ଧୁନଦ ସଙ୍ଗେ ମିଶିଅଛି । ହିମାଳୟର ଦକ୍ଷିଣପାର୍ଶ୍ୱରୁ ସିନ୍ଧୁନଦର ଅନ୍ୟ କେତୋଟି ଶାଖା । (ଝେଲମ୍, ଚେନାବ୍, ରାବୀ) ବାହାରି ପଞ୍ଜାବରେ ସିନ୍ଧୁନଦ ସଙ୍ଗେ ମିଶିଅଛି । ହିମାଳୟର ଦକ୍ଷିଣ ପାର୍ଶ୍ୱରୁ ଯମୁନା ନଦୀ ବାହାରି ପ୍ରୟାଗଠାରେ ଗଙ୍ଗାନଦୀ ସଙ୍ଗେ ମିଶିଅଛି । ବଦ୍ରୀନାଥର ଉତ୍ତରରୁ ଗଙ୍ଗାନଦୀ ଅଳକାନନ୍ଦା ନାମରେ ବାହାରି ଶ୍ରୀନଗର ଓ ହରିଦ୍ୱାର ବାଟେ ଦକ୍ଷିଣ ପୂର୍ବକୁ ବହି ଯୁକ୍ତପ୍ରଦେଶ, ବିହାର ଓ ବଙ୍ଗପ୍ରଦେଶ ବାଟେ ଯାଇ ବଙ୍ଗୋପସାଗରରେ ପଡ଼ିଅଛି । ଗଙ୍ଗାର ଶାଖାନଦୀମାନ (ଗୋମତୀ, ଗଣ୍ଡକୀ, ଘୋଗ୍ରା, କୁଶୀ) ମଧ୍ୟ ହିମାଳୟର ଦକ୍ଷିଣପାର୍ଶ୍ୱରୁ ବାହାରି ଗଙ୍ଗାନଦୀ ସହିତ ମିଶିଅଛି ।

କାଶ୍ମୀର, ନେପାଳ, ସିକିମ ଓ ଭୁଟାନ ରାଜ୍ୟମାନ ହିମାଳୟର ଦକ୍ଷିଣ ପାର୍ଶ୍ୱର ପାଦଦେଶରେ ଅବସ୍ଥିତ । ଏହି ପର୍ବତରେ ଅନେକଗୁଡ଼ିଏ ଅତି ମନୋରମ ଗ୍ରୀଷ୍ମାବାସ ଅଛି । ତହିଁ ମଧ୍ୟରୁ ଦାର୍ଜିଲିଙ୍ଗ ବଙ୍ଗର ଲାଟଙ୍କ ଗ୍ରୀଷ୍ମନିବାସ ଓ ସିମଲା ଭାରତର ବଡ଼ଲାଟଙ୍କ ଗ୍ରୀଷ୍ମନିବାସ । ହିମାଳୟକୁ ଅତିକ୍ରମ କରି ପଶ୍ଚିମବାଟେ ଅଫଗାନସ୍ଥାନ, ଉତ୍ତର ଓ ପୂର୍ବବାଟେ ତିବ୍ବତକୁ ଯିବା ପାଇଁ କେତେଗୁଡ଼ିଏ ଗିରିସଂକଟ ଅଛି । ଏଥିମଧ୍ୟରୁ ପଶ୍ଚିମରେ ବୋଲାନ, ଖାଇବାର ଓ ମାଲାକାନ୍ଦ, ଉତ୍ତରରେ କାରାକୋରମ ଓ ଉତ୍ତରପୂର୍ବରେ ଲେହିତ ଗିରିସଂକଟ ପ୍ରଧାନ ଅଟେ ।

ହିମାଳୟର ଉତ୍ତରପଶ୍ଚିମ କୋଣରେ ଥିବା ସଂକଟମାନଙ୍କ ବାଟେ ଆର୍ଯ୍ୟମାନେ ବୈଦିକ ଯୁଗରେ ଭାରତରେ ପ୍ରବେଶ କରିଥିଲେ ଓ ପରେ ଶକ, ଗ୍ରୀକ୍, ପଠାଣ ଓ ମୋଗଲମାନେ ଏହିସବୁ ଗିରିସଂକଟ ବାଟେ ଭାରତରେ ପ୍ରବେଶ କରି ନିଜ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ ।

ପୁରାଣରେ ଏହି ହିମାଳୟ ପର୍ବତ ଦେବତା, ଯକ୍ଷ, ଗନ୍ଧର୍ବ ଓ କିନ୍ନରମାନଙ୍କର କ୍ରୀଡ଼ାଭୂମି ଥିବା ବର୍ଣ୍ଣିତ ହୋଇଅଛି ।

ହିମାଳୟ ଅଧିବାସୀ ବନ୍ୟଜାତିମାନେ ମଙ୍ଗୋଲୀୟ ଅଟନ୍ତି । ସେମାନେ ଶ୍ରମସହିଷ୍ଣୁ ଓ ପାହାଡ଼ିଆ ସ୍ଥାନରେ ଭାର ବୋଝମାନ ଉଠାଇବାରେ ପାରଙ୍ଗମ । ଲେପଚା, ଗୁରୁଖା, ନେପାଳି, ଭୋଟିଆ ଆଦି ଅନେକ ଅରଣ୍ୟଜାତି ହିମାଳୟରେ ବାସ କରନ୍ତି ।

ହିମାଳୟ ପର୍ବତଶ୍ରେଣୀର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ସ୍ଥାନମାନଙ୍କ ଉଚ୍ଚତା ଅନୁସାରେ ନାନା ଦେଶର ଜଳବାୟୁ ପରି ଭିନ୍ନ ଭିନ୍ନ ପ୍ରକାରର ଜଳବାୟୁ ଅନୁଭୂତ ହୁଏ ଓ ନାନା ଜଳବାୟୁସୁଲଭ ବୃକ୍ଷଲତା ଓ ଫଳଆଦି ଜନ୍ମେ । ହିମାଳୟରେ ଅସଂଖ୍ୟ ଔଷଧିଗୁଳ୍ମ ଜାତ ହୁଏ ।]

ହିମାଳୟ ପଥେ—ଦେ. ବି. (ନାମ)—ପଣ୍ଡିତ କୁଳମଣିଦାଶ
Himālaya pathe କାବ୍ୟତୀର୍ଥଙ୍କ ପ୍ରଣୀତ ଖଣ୍ଡିଏ ସୁଖପାଠ୍ୟ ଭ୍ରମଣବୃତ୍ତାନ୍ତ ପୁସ୍ତକ—The title of a book of travel by Pandit Kulamani Das. [ଦ୍ର—ଏ ପୁସ୍ତକର ପ୍ରକାଶ ଦ୍ୱାରା ଓଡ଼ିଆ ସାହିତ୍ୟରେ ଭ୍ରମଣ-ବିଷୟକ ପୁସ୍ତକର ଅଭାବ ବହୁ ପରିମାଣରେ ଦୂରୀଭୂତ

ହୋଇଅଛି । ପଣ୍ଡିତ ମହାଶୟ ୧୯୮୧ ଖ୍ରୀଷ୍ଟାବ୍ଦ ଗ୍ରୀଷ୍ମ-କାଳରେ ଉତ୍ତରଭାରତରେ ଅନେକ ସ୍ଥାନ ବୁଲି ନିଜ ଆଖିରେ ଯାହା ଯାହା ଦେଖିଥିଲେ, ଶୁଦ୍ଧ ସାହିତ୍ୟିକ ଭାଷାରେ ସେସବୁ ପ୍ରବନ୍ଧାକାରରେ ଲିପିବଦ୍ଧ କରି ପ୍ରକାଶ କରିଅଛନ୍ତି । ଏ ପୁସ୍ତକରେ କାଶୀ, ସାରନାଥ, ଲକ୍ଷ୍ନୌ, ହରଦ୍ୱାର, ହିମାଳୟର ପ୍ରତ୍ୟନ୍ତ ପ୍ରଦେଶ, କାଙ୍ଗାଡ଼ିଗୁରୁକୁଳ, ଡେରାଦୁନ, ଅଯୋଧ୍ୟା ପ୍ରଭୃତି ପ୍ରସିଦ୍ଧ ସ୍ଥାନମାନଙ୍କର ଏପରି ସୁନ୍ଦର ବର୍ଣ୍ଣନା କରାଯାଇ ଅଛି ଯେ ଏହା ପାଠ କରିବାକୁ ଆରମ୍ଭ କଲେ ଶେଷ ନ କରି ପୁସ୍ତକ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । ଐତିହାସିକ, ପୌରାଣିକ, ଭୌଗଳିକ ତଥା ପ୍ରାକୃତିକ ଚିତ୍ର ଅଙ୍କନରେ ପଣ୍ଡିତ ମହାଶୟ କିପରି ସିଦ୍ଧହସ୍ତ, ତାହା ଏ ପୁସ୍ତକ ପାଠଦ୍ୱାରା ଉତ୍ତମରୂପେ ଜଣାଯାଏ । ଯେଉଁମାନଙ୍କର ବିଦେଶ ଭ୍ରମଣରେ ସୁବିଧା ନାହିଁ ସେମାନେ ଏ ପୁସ୍ତକ ପାଠ କଲେ ସ୍ଥାନବିଶେଷ ସମ୍ବନ୍ଧରେ ଅବଶ୍ୟ ଜ୍ଞାତବ୍ୟ ବହୁତ କଥା ଜାଣିପାରିବେ । ପକ୍ଷାନ୍ତରରେ ଏ ପୁସ୍ତକ ପାଠ କରି ଏଥି ମଧ୍ୟରେ ଆମ୍ଭମାନଙ୍କ ମଧ୍ୟରୁ ଅନେକେ ବିଦେଶ ଭ୍ରମଣ ପାଇଁ ପ୍ରଲୋଭିତ ହୋଇଅଛନ୍ତି । କେନ୍ଦୁଝର ରାଜ୍ୟର ରାଜା ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜ-ଦେବଙ୍କ ଅର୍ଥାନୁକୂଲ୍ୟରେ ଏହା ପ୍ରକାଶିତ ହୋଇଅଛି ଏବଂ ପାଟଣା ବିଶ୍ୱବିଦ୍ୟାଳୟ ଏ ପୁସ୍ତକକୁ ବର୍ତ୍ତମାନ ମାଟ୍ରିକୁଲେଶନ୍ ପରୀକ୍ଷାର ଓଡ଼ିଆ ଗଦ୍ୟ ପାଠ୍ୟପୁସ୍ତକ-ରୂପେ ମନୋନୀତ କରିଅଛନ୍ତି ।]

ହିମାଳୟ ସୁତା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—ପାର୍ବତୀ—
Himālaya sutā Goddess Pārbatī

ହିମାଳୟା—ସଂ. ବି—ଭୂମ୍ୟାମଲକୀ (ରାଜନିର୍ଘଣ୍ଟ); ଭୁଇଁ ଅଁଳା—
Himālayā Phyllanthus Niruri (herb),

ହିମାଶ୍ରୟା—ସଂ. ବି. ସ୍ତ୍ରୀ—(ବହୁବ୍ରୀହି; ହିମ=ତୁଷାର ଅଟେ ଆଶ୍ରୟ
Himāsrayā ଯାହାର)—ସ୍ୱର୍ଣ୍ଣଜୀବନ୍ତୀ (ରାଜନିଘଣ୍ଟ) (ଦେଖ) —
Swarṇṇa jivanti (See)

ହିମାହ୍ୱ—ସଂ. ବି—(ବହୁବ୍ରୀହି; ହିମ=ତୁଷାର+ଅହ୍ୱା—ନାମ ଯାହାର)
Himāhwa —୧ । କର୍ପୂର (ଶବ୍ଦକଳ୍ପଦ୍ରୁମ)—1. Camphor.
୨ । ପୌରାଣିକ ଜମ୍ବୁଦ୍ୱୀପର ବର୍ଷ ବା ଦେଶ ବିଶେଷ —
2. Name of a country of the mythological Jambudwipa.

ହିମାହ୍ୱୟ—ସଂ. ବି—(ହିମ+ଅହ୍ୱୟ)—କର୍ପୂର (ହିକାଣ୍ଡଶେଷ)—
Himāhwaya Camphor.

ହିମିକା—ସଂ. ବି—(ହିମ+କ+ସ୍ତ୍ରୀ ଆ)—୧ । ହିମକଣା—
Himikā 1. Particles of snow ୨ । ଶିଶିର—2. Dew
୩ । ତୃଣୋପରି ପତିତ ହିମ—3. Drops of snow fallen on grass. ୪ । କୁଜ୍ଝଟିକା; କୁହୁଡ଼ି—
4. Fog.

ହିମେଳୁ—ସଂ. ବିଣ—(ହିମ+ଏଳୁ)—ହିମାର୍ତ୍ତ; ହିମକ୍ଳେଶିତ (ଶବ୍ଦ-
Himelu କଳ୍ପଦ୍ରୁମ)—Troubled or oppressed with cold

ହିମେଶ—ସଂ. ବି (୬ଷ୍ଠୀ ତତ୍)—ହିମାଳୟ ପର୍ବତ (ହ. ଶ)—
Himeśa The Himalayas.

ହିମୋତ୍ତରା—ସଂ. ବି—କପିଳ ଦ୍ରାକ୍ଷା (ରାଜନିର୍ଘଣ୍ଟ)—
Himottarā A sort of grape; brown grape.

ହିମୋତ୍ପନ୍ନ—ସଂ. ବିଣ (୫ମୀ ତତ୍)—ହିମରୁ ଜାତ—
Himotpanna Born of cold or ice.

ହିମୋତ୍ପନ୍ନା—ସଂ. ବିଣ, ସ୍ତ୍ରୀ—ହିମୋତ୍ପନ୍ନର ସ୍ତ୍ରୀ ଲିଙ୍ଗ—Feminine of
Himotpannā himotpanna. ବି—ଯାବନାଳୀ (ରାଜ-ନିର୍ଘଣ୍ଟ)—Sugar made from maize.

ହିମୋଦ୍ଭବ—ସଂ. ବିଣ (ବହୁବ୍ରୀହି; ହିମରୁ ଉଦ୍ଭବ ହୋଇଅଛି ଯାହାର)—
Himodbhaba ହିମୋତ୍ପନ୍ନ (ଦେଖ)—Himotpanna(See)
[ହିମୋଦ୍ଭୂତ—ଅନ୍ୟରୂପ] [ହିମୋଦ୍ଭବା, ହିମୋଦ୍ଭୂତା—ସ୍ତ୍ରୀ]

ହିମୋଦ୍ଭବା—ସଂ. ବିଣ—ହିମୋଦ୍ଭବର ସ୍ତ୍ରୀ ଲିଙ୍ଗ—Feminine of
Himodbhabā himodbhaba. ବି—ଶଠୀ (ରାଜନିର୍ଘଣ୍ଟ)
Zingiber Zeodaria; Curcuma Zeodaria.

ହିମ୍ମତ୍—ବୈଦେ. ବି (ଆ)—୧ । ସାହସ—1. Courage;
Himmat bravery. ୨ । ପୌରୁଷ; ସାହସ—
হিম্মত 2. Manliness. ୩ । କୌଣସି କଠିନ ବା କଷ୍ଟସାଧ୍ୟ
हिम्मत କର୍ମ କରିବାକୁ ମନର ବଳ—3. Strength of mind to do a hard or irksome work.

ହିମ୍ମତ୍ କରିବା—ଦେ. କ୍ରି—କୌଣସି କଠିନ ବା କଷ୍ଟସାଧ୍ୟ କାର୍ଯ୍ୟ
Himmat karibā କରିବାକୁ ମନରେ ସାହସ ବାନ୍ଧିବା—
হিম্মত করা To have the courage to do a work;
हिम्मत करना to gird up one's loins to do any work.

ହିମ୍ମତ୍ ଦେବା—ଦେ. କ୍ରି—କୌଣସି କାର୍ଯ୍ୟ କରିବାକୁ କୌଣସି
Himmat debā ବ୍ୟକ୍ତିକୁ ଉତ୍ସାହିତ କରିବା—
হিম্মত দেওয়া To encourage a person to do a
हिम्मत देना work.

ହିମ୍ମତ୍ ବାଜ୍—ବୈଦେ. ବିଣ (ପୁଂ ଓ ସ୍ତ୍ରୀ) (ଆ)—ସାହସୀ—
Himmat bāj Courageous.
হিম্মতবাজ हिम्मतबाज

ହିମ୍ମତ୍ ବାନ୍ଧିବା—ଦେ. କ୍ରି—ହିମ୍ମତ୍ କରିବା (ଦେଖ)
Himmat bāndhibā Himmat karibā (See)
হিম্মত করা हिम्मत बांधना

ହିମ୍ମତ୍ ବାଲା—ବୈଦେ. ବିଣ. ପୁଂ (ଆ)—ହିମ୍ମତ୍‌ବାଜ୍ (ଦେଖ)
Himmat bālā Himmatbāj (See)
(ହିମ୍ମତ୍‌ବାଲୀ—ସ୍ତ୍ରୀ)

ହିମ୍ମତି—ବୈଦେ. ବିଣ (ପୁଂ ଓ ସ୍ତ୍ରୀ) (ଆ)—୧ । ସାହସିକ—
Himmati 1. Courageous. ୨ । ବୀର—2. Heroic;
হিম্মতি हिम्मती brave; manly.

ହିମ୍ମତିଆ—ଦେ. ବିଣ. ପୁଂ (ଆ. ହିମ୍ମତୀ)—ହିମ୍ମତି (ଦେଖ)
Himmatiā Himmati (See)
(ହିମ୍ମତେଇ—ସ୍ତ୍ରୀ)

ହିମ୍ୟ—ସଂ. ବିଣ (ହିମ+ଯ)—୧ । ହିମଜାତ; ହିମଭବ (ହିକାଣ୍ଡ-ଶେଷ)—1. Born of cold or snow.
Himya
୨ । ଶୀତଳ—2. Cold.

ହିର୍‌ଗିଡ଼ାଇବା—ପ୍ରାଦେ (ସମ୍ବଲପୁର) କ୍ରି—(କୌଣସି ବ୍ୟକ୍ତିକୁ) **Hir-girḏāiba** ଜବରଦସ୍ତି ଟାଣି ନେବା—To drag (a person) by force.

ହିରଲା—ପ୍ରାଦେ (କଟକ) ବି—ହରଡ଼ା— **Hir-lā** Myrobalan.

ହିର୍(ରି)ହିରେଇ—ଦେ. ବି—ହିର୍ଡ଼ମିଚ୍ (ଦେଖ)— **Hir-(ri) hirei** Hirḏ-michā (See)

ହିର (ଇତ୍ୟାଦି)—ଗ୍ରା. (ଇତରବ୍ୟବହୃତ) ବି—ହିର୍ଡ଼ ଇତ୍ୟାଦି (ଦେଖ) **Hira (etc)** Hirḏa etc (See). ସଂ ବି—ଲୁଗା ଅଦର ପଟ୍ଟୀ (ହି.ଶ)—A strip of cloth.

ହିରକାଶୀଶ—ସଂ. ବି—ହିରାକସ (ଦେଖ)— **Hirakāśīsa** Hirākasa (See).

ହିରଙ୍ଗୁ—ସଂ ବି— ରାହୁ (ଶବ୍ଦକଳ୍ପଦ୍ରୁମ)— **Hirangu** The ascending node

ହିରଣ(ଣ୍)—ସଂ. ବି—(ହୃ. ଧାତୁ=ହରଣ କରିବା + କର୍ମ ଅନ୍-କ୍ତାଗମ) **Hiraṇa (ṇ)** ୧ । କାଞ୍ଚନ ; ସ୍ୱର୍ଣ୍ଣ; ସୁନା (ମେଦିନୀ)—1. Gold. ୨ । ରେତଃ; ବୀର୍ଯ୍ୟ; ଶୁକ୍ର (ମେଦିନୀ)—2. Semen; virile. ୩ । ବରାଟକ; କଉଡ଼ି (ମେଦିନୀ)—3. Shell-money.

ହିରଣକଶିପୁ—ଦେ. ବି—(ନାମ)—(ସଂ. ହିରଣ୍ୟ କଶିପୁ)— **Hiraṇakaśipu** ହିରଣ୍ୟ କଶିପୁ (ଦେଖ)—Hiraṇya kaśipu (See). হিরণ্যকশিপু हिरण्यकशिपु

ହିରଣମୟ—ଗ୍ରା. ବି—(ସଂ ହିରଣ୍ମୟ)—ହିରଣ୍ମୟ (ଦେଖ)— **Hiraṇamaya** Hiraṇmaya (See) হিরন্ময় हिरण्मय

ହିରଣାକ୍ଷ—ଦେ. ବି—(ନାମ)—(ସଂ. ହିରଣ୍ୟାକ୍ଷ)—ହିରଣ୍ୟାକ୍ଷ **Hiranāksha** (ଦେଖ)—Hiraṇyāksha (See). হিরণাক্ষ हिरण्याक्ष

ହିରଣ୍ମୟ—ସଂ ବିଣ—(ହିରଣ୍=ସ୍ୱର୍ଣ୍ଣ + ବିକାରାର୍ଥେ ମୟ)—୧ । **Hiraṇmaya** ସ୍ୱର୍ଣ୍ଣମୟ; ସ୍ୱର୍ଣ୍ଣନିର୍ମିତ—1. Golden ; (ହିରଣ୍ମୟୀ—ସ୍ତ୍ରୀ ବିଣ) made of gold ୨ । ସ୍ୱର୍ଣ୍ଣାଭ—2. Of golden colour. ବି—(ପୁରାଣ) ୧ । ଭାରତବର୍ଷାଦି ନବବର୍ଷାନ୍ତର୍ଗତ ବର୍ଷ ବା ଦେଶ ବିଶେଷ (ହିକାଣ୍ଡ ଶେଷ)—1. One of the 9 countries or continents mentioned in the Hindu Purāṇas. [ଏହା ଶ୍ୱେତ ଓ ଶୃଙ୍ଗବାନ୍ ପର୍ବତ ମଧ୍ୟରେ ଅବସ୍ଥିତ—ହି. ଶ] । ୨ । ବ୍ରହ୍ମା—2. One of the Hindu Trinity; the Creator. ୩ । ପରବ୍ରହ୍ମ-3. The Divine Soul pervading the universe. ୪ । ହିରଣ୍ମୟ ବର୍ଷର ରାଜା ଅଗ୍ନୀଧ୍ରଙ୍କ ପୁତ୍ର (ଭାଗବତ)—4. Name of a son of king Agnidhra.

ହିରଣ୍ମୟ କୋଷ—ସ. ବି—(ଦର୍ଶନ ଶାସ୍ତ୍ର) ସୂକ୍ଷ୍ମଦେହ ବିଶେଷ; ଆତ୍ମାର **Hiraṇmaya kosha** ସପ୍ତ ଆବରଣ ମଧ୍ୟରୁ ଏକତମ—(Philosophy) One of the seven coverings or sheaths of the soul

ହିରଣ୍ୟ—ସଂ. ବି—(ହୃ. ଧାତୁ=ନେବା + କର୍ମ ଅନ୍ୟ)—୧ । କନକ; **Hiraṇya** ସ୍ୱର୍ଣ୍ଣ ; ସୁନା—1. Gold. ୨ । ଧୁସ୍ତୁର (ଅମର); ଧତୁରା—2. Thorn apple; Stramonium. ୩ । ରେତଃ (ମେଦିନୀ)—3. Semen. ୪ । ବରାଟକ; କଉଡ଼ି (ମେଦିନୀ)—4. Shell money. ୫ । ଦ୍ରବ୍ୟ; ବସ୍ତୁ (ମେଦିନୀ)—5. Thing. ୬ । ମାନଭେଦ; ପରିମାଣ ବିଶେଷ (ମେଦିନୀ)—6. A unit of measure. ୭ । ପରବ୍ରହ୍ମ—7. The Supreme Soul. ୮ । ଅକୁପ୍ୟ (ଦେଖ)—8. Akupya (See). ୯ । ରଜତ (ଶବ୍ଦ ରତ୍ନାବଳୀ)—9. Silver. ୧୦ । ଧନ (ଶବ୍ଦ ରତ୍ନାବଳୀ)—10. Property. ୧୧। ସ୍ୱର୍ଣ୍ଣ ପାତ୍ର (ଆପ୍ତେ)—11. Any vessel of gold (Apte). ୧୨ । ବହୁମୂଲ୍ୟ ଧାତୁ (ଆପ୍ତେ)—12. Any precious metal (Apte). ୧୩ । ହିରଣ୍ମୟ ବର୍ଷ (ହି. ଶ)—13. Hiraṇmaya barsha (See). ୧୪ । ଜ୍ଞାନ (ହି. ଶ)—14. Knowledge. ୧୫ । ଜ୍ୟୋତିଃ (ହି. ଶ)—15. Lustre. ୧୬ । ଅମୃତ (ହି. ଶ)—16. Nectar. ଦେ. ବି—ହିରଣ୍ୟ କଶିପୁ (ଦେଖ)—Hiraṇya Kaśipu (See).

[ସ୍ୱର୍ଣ୍ଣ ଅର୍ଥରେ ବୈଦିକ ପର୍ଯ୍ୟାୟ,— ହେମ, ଚନ୍ଦ୍ର, ରୁକ୍ମ, ଅୟଃ, ହିରଣ୍ୟ, ପେଶ, କୃଶନ, ଲୋହ, କନକ, କାଞ୍ଚନ, ଭର୍ମ, ଅମୃତ, ମରୁତ୍, ଦତ୍ତ, ଜାତରୂପ (ବେଦ ନିଘଣ୍ଟୁ)]

ହିରଣ୍ୟ କଶିପୁ—ସଂ ବିଣ [ବହୁବ୍ରୀହି; ସ୍ୱର୍ଣ୍ଣମୟ ତକିଆ ବା ଗଦିବିଶିଷ୍ଟ **Hiraṇya kaśipu** [ହି. ଶ]—Having a pillow or cushion of gold. ସ. ବି [ନାମ; ହିରଣ୍ୟ=ସ୍ୱର୍ଣ୍ଣ ଅଟେ କଶିପୁ=ଶଯ୍ୟା ଯାହାର]—କଶ୍ୟପ ମୁନିଙ୍କ ଔରସରେ ଦିତିଙ୍କ ଗର୍ଭରୁ ଜାତ ଓ ନୃସିଂହ ଅବତାରରେ ବିଷ୍ଣୁଙ୍କ ଦ୍ୱାରା ହତ ପ୍ରସିଦ୍ଧ ଦୈତ୍ୟ—Name of a demon, son of Kaśyapa killed by Bishṇu in his Nrusimha incarnation. [ଦ୍ର—ଏହାଙ୍କ ସହୋଦର ହିରଣ୍ୟାକ୍ଷ । ଏହାଙ୍କର ଭାର୍ଯ୍ୟା କୟାଧୁ । ଏହାଙ୍କର ୪ ଗୋଟି ପୁତ୍ର—ସଂହ୍ଲାଦ, ଅନୁହ୍ଲାଦ, ହ୍ଲାଦ ଓ ପ୍ରହ୍ଲାଦ ବା ପ୍ରହ୍ଲାଦ । ଏହାଙ୍କ କନ୍ୟା ସିଂହିକା । ବିଷ୍ଣୁଙ୍କ ଦ୍ୱାରା ହତ ମଧୁକୈଟଭ ପୁନରପି ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ ନାମରେ ଜନ୍ମ ହୋଇଥିଲେ ।

ହିରଣ୍ୟାକ୍ଷ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ହେବାରୁ ବିଷ୍ଣୁଙ୍କ ଦ୍ୱାରା ନିହତ ହେଲେ । ହିରଣ୍ୟକଶିପୁ କଠୋର ତପଃ ସାଧନ କରି ବ୍ରହ୍ମାଙ୍କଠାରୁ ବର ପାଇଥିଲେ ଯେ, ସେ ଅସ୍ତ୍ର ଦ୍ୱାରା ଅବଧ ହେବେ ଓ ଭୂତଳରେ, ଜଳରେ ବା ସ୍ଥଳରେ, ଦିବା-

ଘରେ ବା ରାତ୍ରିକାଳରେ ଏହାଙ୍କ ମୃତ୍ୟୁ ହେବ ନାହିଁ । ସେ ଏହି ବରଦୃପ୍ତ ହୋଇ ଅତ୍ୟନ୍ତ ଯଥେଚ୍ଛାଚାରୀ ହୋଇ ଉଠିଲେ । ଏହାଙ୍କ କନିଷ୍ଠ ପୁତ୍ର ପ୍ରହ୍ଲାଦ ପରମବୈଷ୍ଣବ ଥିଲେ, କିନ୍ତୁ ହିରଣ୍ୟକଶିପୁ ବିଷ୍ଣୁଦ୍ୱେଷୀ ଥିଲେ । ଶିଶୁ ପ୍ରହ୍ଲାଦ ସର୍ବଦା ବିଷ୍ଣୁଙ୍କର ଆରାଧନା କରିବାରୁ ହିରଣ୍ୟକଶିପୁ ଶିକ୍ଷକମାନଙ୍କୁ ଆଦେଶ ଦେଲେ ଯେ ପ୍ରହ୍ଲାଦ ହରିନାମ ତ୍ୟାଗ କରୁ; କିନ୍ତୁ ପ୍ରହ୍ଲାଦ ତାହା ନ କରିବାରୁ ହିରଣ୍ୟକଶିପୁ ପ୍ରହ୍ଲାଦଙ୍କ ପ୍ରାଣନାଶ କରିବାକୁ ତାଙ୍କୁ ସର୍ପ ଦ୍ୱାରା ଦଂଶନ, ଅଗ୍ନିରେ ନିକ୍ଷେପ, ଜଳରେ ମଜ୍ଜନ, ହସ୍ତିପଦ ଦ୍ୱାରା ଦଳନ ଓ ଅସ୍ତ୍ରାଘାତ କରାଇଲେ; ତଥାପି ଭକ୍ତ ପ୍ରହ୍ଲାଦଙ୍କର ମୃତ୍ୟୁ ହେଲା ନାହିଁ । ଏହା ଦେଖି ହିରଣ୍ୟକଶିପୁ ଅଧୈର୍ଯ୍ୟାନ୍ୱିତ ହୋଇ ପୁତ୍ରଙ୍କୁ ପଚାରିବାରୁ ପୁତ୍ର କହିଲେ ଯେ, ତାଙ୍କୁ ହରି ରକ୍ଷା କଲେ । ହରି କାହାନ୍ତି ବୋଲି ପିତା ପଚାରିବାରୁ ପୁତ୍ର କହିଲେ 'ହରି ସର୍ବଦା ସର୍ବତ୍ର ବିଦ୍ୟମାନ' । ପିତା ପଚାରିଲେ 'ତୋ ହରି ଏହି ସ୍ଫଟିକ ସ୍ତମ୍ଭରେ ଅଛନ୍ତି କି ?' ପୁତ୍ର କହିଲେ 'ହଁ' । ଏହା ଶୁଣି ହିରଣ୍ୟକଶିପୁ ସେହି ସ୍ତମ୍ଭକୁ ପଦାଘାତରେ ଭଙ୍ଗି ଦେବାରୁ ତହିଁ ମଧ୍ୟରୁ 'ନରସିଂହ'ରୂପଧାରୀ ବିଷ୍ଣୁ ବାହାରି ହିରଣ୍ୟକଶିପୁଙ୍କୁ ଆପଣା ଜଙ୍ଘ ଉପରେ ରଖି ଦିବସ ଓ ରାତ୍ରିର ସନ୍ଧି (ସନ୍ଧ୍ୟା) କାଳରେ ସ୍ୱୀୟ ନଖଦ୍ୱାରା ତାହାଙ୍କ ବକ୍ଷ ବିଦାରଣ କରି ମାରି ପକାଇଲେ; କିନ୍ତୁ ପରେ ଦେଖାଗଲା ଯେ, ତାହାଙ୍କ ବିଦୀର୍ଣ୍ଣ ହୃତ୍ପିଣ୍ଡ ମଧ୍ୟରୁ 'ହରି ହରି' ଶବ୍ଦ ବାହାରୁ ଥିଲା ।]

ହିରଣ୍ୟ କଶିପୁହା—ସଂ. ବି. ପୁଂ—(ହିରଣ୍ୟକଶିପୁ+ହନ୍ ଧାତୁ= Hiranya kaśipuhā ବଧ କରିବା+କର୍ତ୍ତୃ କ୍ୱିପ୍)—ବିଷ୍ଣୁ—A name of Bishṇu.

ହିରଣ୍ୟ କାମଧେନୁ—ସଂ. ବି—ସ୍ୱର୍ଣ୍ଣମୟ କାମଧେନୁ; ଷୋଡ଼ଶ ଦାନାHiranya kāmdhenu ନ୍ତର୍ଗତ ମହାଦାନ ବିଶେଷ—One of the 16 great gifts prescribed in the Hindu Śāstras. [ଦ୍ର—ସ୍ୱର୍ଣ୍ଣରେ ଗୋଟିଏ ଗାଈ ଓ ଗୋଟିଏ ବାଛୁରି ତିଆରି କରାଇ ତାଙ୍କୁ ମହାବସ୍ତ୍ରମାନଙ୍କଦ୍ୱାରା ମଣ୍ଡିତ କରି, ନାନା ଫଳପୁଷ୍ପ ଛତ୍ର ଚାମର ବ୍ୟଜନାଦି, କୌଶେୟ ବସ୍ତ୍ର ଓ ମିଷ୍ଟାନ୍ନାଦି ସହିତ ଶୀଳକୁଳରୂପଗୁଣାନ୍ୱିତ ବ୍ରାହ୍ମଣଙ୍କୁ ଦାନ କରିବାକୁ ହୁଏ ;ଏଥିର ଫଳ ପରଲୋକରେ ସ୍ୱର୍ଗଧାମ ପ୍ରାପ୍ତି—ମତ୍ସ୍ୟପୁରାଣ ।]

ହିରଣ୍ୟ ଗର୍ଭ—ସଂ. ବି—(ବହୁବ୍ରୀହି; ହିରଣ୍ୟ=ସ୍ୱର୍ଣ୍ଣ ଅଟେ ଗର୍ଭ= Hiranya garbha ଉତ୍ପତ୍ତି ସ୍ଥଳ ଯାହାଙ୍କର; ପୁରାଣ ମତରେ । ଗୋଟିଏ ସ୍ୱର୍ଣ୍ଣବର୍ଣ୍ଣ ଅଣ୍ଡରୁ ଜାତ ହୋଇଥିବାରୁ)—୧ । ବ୍ରହ୍ମା—1. Brahmā; the Creator. ୨ । ଷୋଡ଼ଶ ମହାଦାନାନ୍ତର୍ଗତ ଦ୍ୱିତୀୟ ଦାନ—2. The second of the 16 great gifts prescribed in the Hindu Śāstras [ଦ୍ର—ଗୋଟିଏ ସ୍ୱର୍ଣ୍ଣମୟ କୁଣ୍ଡରେ ସ୍ୱର୍ଣ୍ଣପଦ୍ମ ସ୍ଥାପନ କରି ତହିଁରେ ରତ୍ନାଦି ପୂର୍ଣ୍ଣ କରି ତାହା ଉପରେ ଗୋଟିଏ ସ୍ୱର୍ଣ୍ଣର ଢାଙ୍କୁଣି ଘୋଡ଼ାଇ, ସ୍ୱର୍ଣ୍ଣର ଦଣ୍ଡ ଓ କମଣ୍ଡଳୁକୁ 'ହିରଣ୍ୟଗର୍ଭ'ଙ୍କ ନାମଯୁକ୍ତ ମନ୍ତ୍ର (ଓଁ ହିରଣ୍ୟ ଗର୍ଭାୟ ବିଶ୍ୱଗର୍ଭାୟ ନମଃ) ଉଚ୍ଚାରଣ ପୂର୍ବକ ଏହି 'ହିରଣ୍ୟଗର୍ଭ'ର ଦଶକର୍ମ (ଗର୍ଭାଧାନ, ପୁଂସବନାଦି) ସମ୍ପାଦନ କରି ଗୁରୁଙ୍କୁ ବା ବ୍ରାହ୍ମଣଙ୍କୁ ଛତ୍ର ଚାମର ଉପାନହାଦି ସହିତ ଦାନ କରିବା ରୂପ ଦାନ କର୍ମ (ମତ୍ସ୍ୟପୁରାଣ) ।] ୩ । ବିଷ୍ଣୁସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ—3. One of the epithets of Bishṇu. (ଯଥା—ହିରଣ୍ୟଗର୍ଭୋ, ଭୂଗର୍ଭୋ ମାଧବୋ ମଧୁସୂଦନଃ-ବିଷ୍ଣୁସହସ୍ରନାମ) ୪ । ସୂକ୍ଷ୍ମଶରୀର ସମଷ୍ଟ୍ୟୁପହିତ ଚୈତନ୍ୟ; ପ୍ରାଣାତ୍ମା; ସୂତ୍ରାତ୍ମା (ବେଦାନ୍ତସାର)—4. (Philosophy) The inmost consciousness underlying the ethereal body. ୫ । ଶାଳଗ୍ରାମ ଶିଳାବିଶେଷ 5. Name of a kind of Śālagrāma. ଦେ.ବି—ଲିଙ୍ଗ ମୂର୍ତ୍ତିଶୂନ୍ୟ ଶିବଶକ୍ତି—The Sakti without the Śiba linga.

ହିରଣ୍ୟଦ—ସଂ, ବିଣ ପୁଂ—(ହିରଣ୍ୟ+ଦା ଧାତୁ+କର୍ତ୍ତୃ ଅ)—ଯେ Hiraṇyada ହିରଣ୍ୟ ବା ସୁବର୍ଣ୍ଣ ଦାନ କରେ—Giving (ହିରଣ୍ୟଦା—ସ୍ତ୍ରୀ ବିଣ) gold. ବି—ସମୁଦ୍ର (ଶବ୍ଦକଳ୍ପଦ୍ରୁମ)—The ocean.

ହିରଣ୍ୟଦା—ସଂ ବିଣ ସ୍ତ୍ରୀ—ହିରଣ୍ୟଦର ସ୍ତ୍ରୀଲିଙ୍ଗ—Feminine of Hiraṇyadā Hiraṇyada. ବି. ସ୍ତ୍ରୀ—ପୃଥିବୀ (ଶବ୍ଦକଳ୍ପଦ୍ରୁମ) The earth.

ହିରଣ୍ୟନାଭ—ସଂ ବି—(ବହୁବ୍ରୀହି; ହିରଣ୍ୟ+ନାଭି; ଯାହା ନାଭିରେ Hiraṇya nābha ହିରଣ୍ୟ ଅଛି)—ମୈନାକ ପର୍ବତ (ହେମଚନ୍ଦ୍ର)—The mythological mountain Maināka.

ହିରଣ୍ୟବ—ସଂ ବି—(ହିରଣ୍ୟ+ବ)—ଦେବଧନ; ଦେବସ୍ୱ (ଶବ୍ଦ-Hiraṇyaba କଳ୍ପଦ୍ରୁମ)—Property of a Deity.

ହିରଣ୍ୟ ବର୍ଣ୍ଣ—ସଂ ବିଣ—(ବହୁବ୍ରୀହି, ହିରଣ୍ୟ ପରି ବର୍ଣ୍ଣ ଯାହାର)—Hiraṇya barṇṇa ସ୍ୱର୍ଣ୍ଣପରି ବର୍ଣ୍ଣ ବିଶିଷ୍ଟ—Of golden (ହିରଣ୍ୟ ବର୍ଣ୍ଣା—ସ୍ତ୍ରୀ) colour.

ହିରଣ୍ୟ ବର୍ଣ୍ଣା—ସଂ ବିଣ—ହିରଣ୍ୟ ବର୍ଣ୍ଣର ସ୍ତ୍ରୀଲିଙ୍ଗ—Feminine of Hiraṇya barṇṇā Hiraṇya barṇṇa ବି—ନଦୀ (ହେମଚନ୍ଦ୍ର)—River.

ହିରଣ୍ୟବାହ—ସଂ ବି—(ହିରଣ୍ୟ+ବହ୍ ଧାତୁ+କର୍ତ୍ତୃ ଅ)—ଶୋଣ Hiraṇya bāha ନଦ (ଭରତ)—The river Śoṇa.

ହିରଣ୍ୟବାହୁ—ସଂ ବି—(ବହୁବ୍ରୀହି)—୧ । ଶିବ (ଶବ୍ଦକଳ୍ପଦ୍ରୁମ)—1. Hiraṇya bāhu God Śiba. ୨। ଶୋଣନଦ (ଅମର)—2. The river Śoṇa.

ହିରଣ୍ୟରେତାଃ—ସଂ. ବି—(ବହୁବ୍ରୀହି; ହିରଣ୍ୟ+ରେତସ୍; ହିରଣ୍ୟ-Hiraṇyaretāḥ ରେତସ୍ ୧ମା ୧ବ)—୧ । ଅଗ୍ନି (ଅମର)—1. Fire. [ଦ୍ର—ଶିବଙ୍କ ତ୍ୟକ୍ତ ବୀର୍ଯ୍ୟକୁ ଅଗ୍ନି ପାନ କରି

ତାହାଙ୍କର ତେଜରେ ସମ୍ଭାଳ ନ ପାର କୁହିଲା ଦେବାଙ୍କୁ ତାହା ସମର୍ପଣ କଲେ ଓ ସେହିଦନଠାରୁ ଅଗ୍ନି ଉଦରରେ ୫ ହଜାର ବର୍ଷ କାଳ ବୁଲିଲେ ଓ ତଦବଧି ତାଙ୍କର ମାଂସ, ଅସ୍ଥି, ମେଦ, ମଜ୍ଜା, ଚର୍ମ, ରୋମ, ରକ୍ତ, କେଶ ସମସ୍ତ ହିରଣ୍ମୟ ହେଲା । ଏଥିପାଇଁ ପାବକଙ୍କର ନାମ ହିରଣ୍ୟ ରେତାଃ । (ବାମନପୁରାଣ)] ୨ । ଚିତ୍ରକ ବୃକ୍ଷ (ଅମର); ଧଳାଚିତା ଗଛ—2 Plambago Zeylanica (plant) ୩ । ଶିବ [ଶବ୍ଦରତ୍ନାବଳୀ]—3. God Siba. ୪ । ସୂର୍ଯ୍ୟ [ମେଦିନୀ]—4. The sun.

ହିରଣ୍ୟାକ୍ଷ—ସଂ, ବି—[ନାମ]—ହିରଣ୍ୟକଶିପୁଙ୍କ ଯାଆଁଳା ଭାଇ—
Hiraṇyāksha Name of the twin brother of Hiraṇyakasipu. [ବି—ଏ ବ୍ରହ୍ମାଙ୍କ ବରରେ ଅତ୍ୟନ୍ତ ଅତ୍ୟାଚାରୀ ହୋଇ ଉଠିବାରୁ ଶେଷରେ ବରାହରୂପ ଧାରଣ କରି ବିଷ୍ଣୁ ଏହାଙ୍କୁ ବଧ କରିଥିଲେ । ହିରଣ୍ୟାକ୍ଷ ଦେବତାମାନଙ୍କୁ ପରାସ୍ତ କରି ପୃଥିବୀକୁ ନେଇ ପାତାଳରେ ପ୍ରବେଶ କରିଥିଲେ ଓ ବିଷ୍ଣୁ ତାଙ୍କୁ ମାରି ପୃଥିବୀକୁ ଉଦ୍ଧାର କଲେ—ଗରୁଡ଼ପୁରାଣ ।]

ହିରଣ୍ୟାଶ୍ୱ—ସ. ବି—ସ୍ୱର୍ଣ୍ଣମୟ ଅଶ୍ୱଦାନ; ଭୁଜା ପୁରୁଷାଦ ଷୋଡ଼ଶ ମହା-
Hiraṇyāśwa ଦାନାର୍ଗତ ଦାନ ବିଶେଷ—One of the 16 great gifts mentioned in the Purāṇas. [ବି—ସ୍ୱର୍ଣ୍ଣମୟ ଅଶ୍ୱ ନିର୍ମାଣ କରି ତାହା ଧନ, ରତ୍ନ, ବସ୍ତ୍ର, ମିଷ୍ଟାନ୍ନ, ଛତ୍ର ପ୍ରଭୃତି ସହ ବ୍ରାହ୍ମଣଙ୍କୁ ଦାନ କରିବା ରୂପ କର୍ମ—ଏହାର ଫଳ ବିଷ୍ଣୁ ଲୋକପ୍ରାପ୍ତି—ମତ୍ସ୍ୟପୁରାଣ ।]

ହିରଣ୍ୟାଶ୍ୱରଥ—ସ, ବି—ସ୍ୱର୍ଣ୍ଣମୟ ଅଶ୍ୱ ସହିତ ରଥ ଦାନ; ଷୋଡ଼ଶ
Hiraṇyāśwaratha ମହାଦାନାନ୍ତର୍ଗତ ଦାନ ବିଶେଷ—One of the 16 great gifts prescribed in the Śāstras. [ବି—ଚାରିଟି ସ୍ୱର୍ଣ୍ଣମୟ ଅଶ୍ୱ ଲାଗିଥିବା ସ୍ୱର୍ଣ୍ଣ ରଥକୁ ଛତ୍ର, ମର, ଚଉସଜ୍ଜା, କୌଷେୟବସ୍ତ୍ର, ମିଷ୍ଟାନ୍ନାଦି ସହିତ ବ୍ରାହ୍ମଣଙ୍କୁ ଦାନ କରିବା ରୂପ ଦାନ—ଏଥିର ଫଳ ଶିବ ଲୋକପ୍ରାପ୍ତି—ଗରୁଡ଼ ପୁରାଣ ।]

ହିରା କଶ(ଷ)—ଦେ· ବି (ସ. ହରିତ୍ କାଶୀଶ, ହିରାକାଶୀଷ; ଏହାର ବର୍ଣ୍ଣ
Hirā kasa(sha) ହରିତ୍ ବା ଶାଗୁଆ ଥିବାରୁ)—ଲୌହ ଓ ଗନ୍ଧକ ମିଶ୍ରିତ ଉପରସ ବିଶେଷ—Copperas; green vitriol; sulphate of iron; Ferri Sulphus.
ସ. ନାମ—କାଶୀଶ, ହରିତ୍କାଶୀଶ, ହିରକାଶୀଶ, ଧାତୁକାଶୀଶ, ପାଂଶୁକାଶୀଶ ।
হিরাকশ
हीराकसीस
ମ. ହିରାକଶ୍
ଫା· କାକେଜରଦ୍
ଅ. ଜାକ୍ଅସଫର୍
ଗଞ୍ଜାମ. ଅନ୍ନଭେଦୀ
[ବି—ଈଷତ୍ ପୀତବର୍ଣ୍ଣ କାଶୀଶକୁ ପୁଷ୍ପକାଶୀଶ କହନ୍ତି । କାଶୀଶ ଶବ୍ଦ ଅମର ଓ ମେଦିନୀରେ ନାହିଁ; ହେମଚନ୍ଦ୍ର ଓ ରତ୍ନକୋଷରେ ଏ ଶବ୍ଦ ଅଛି । ସମ୍ଭବତଃ ଏହା ବୈଦେଶିକ ଥିବାରୁ ଏହି ଶବ୍ଦ ଉତ୍ପନ୍ନ ହୋଇଅଛି । ଭାରତବର୍ଷରେ ଏହା ଯଶଲମୀରୁ ଓ ଖଣିରୁ ମିଳେ । ଏହାର ବର୍ଣ୍ଣ ଶାଗୁଆ । ବର୍ତ୍ତମାନ ପାଶ୍ଚାତ୍ୟ ବିଜ୍ଞାନ ସାହାଯ୍ୟରେ ଏହା ଲୌହ ଓ ଗନ୍ଧକ ରାସାୟନିକ ମିଶ୍ରଣରେ ପ୍ରସ୍ତୁତ ହେଉଅଛି । ଏହା ସ୍ୟାଇ ଓ ରଙ୍ଗ ତିଆରି ପାଇଁ ବ୍ୟବହୃତ ହୁଏ । ଏହା ଅମ୍ଳ ତିକ୍ତରସାଯୁକ୍ତ, ଉଷ୍ଣବୀର୍ଯ୍ୟ ଓ କେଶର ହିତକର । ଏହା ବଶାକ୍ତ ଏବଂ ବାୟୁ, କଫ, ନେତ୍ରକଣ୍ଡୁ, ମୂତ୍ରକୃଚ୍ଛ୍ର, ଅଶ୍ମରୀ ଓ ଶ୍ୱିତ୍ର ରୋଗରେ ହିତକର ।]

ହିରାଟ୍—ଦେ. ବି (ନାମ)—ଅଫଗାନିସ୍ଥାନର ଗୋଟିଏ ନଗର (ଏହା
Hirāṭ କାବୁଲ ନଗରର ପଶ୍ଚିମକୁ ପ୍ରାୟ ୫୦୦ ମାଇଲ ଦୂର)—
হিরাট Name of a town in Afganistan.
हराट

ହିରିଙ୍ଗ(ଙ୍ଗୁ)—ବୈଦେ (ଇଂ) ପ୍ରାଦେ (ଗଞ୍ଜାମ) ବି (ଇଂରାଜୀ)—
Hiring(ṅgu) ମକଦ୍ଦମାର ଶୁଣାଣି—The hearing or trial of a case.

ହିରୀ—ଗ୍ରା (ପଦ୍ୟ) ବି (ସ. ହ୍ରୀ ଉଚ୍ଚାରଣ ଦୋଷ)—ହ୍ରୀ (ଦେଖ)
Hirī হ্রী ह्रिरी Hrī (See)
[ଉ—ସେ ଗୁଣ୍ଡ ହୋଇଥିବେ ଯେ ତହିଁ, ଦର୍ଶନେ ହିରୀ ଦଶରେ ଥୋଇ, ମୁଣ୍ଡ ମୁକୁଟ ଲୋଟାଇ ମହା ବିକ୍ରମ ବଳେ ଯେ । ଉଞ୍ଜ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।]

ହିରୁଆଁ—ପ୍ରାଦେ (ଲରିଆ ଭାଷା) ବି—କୋଳଥ—
Hiruāñ Horse gram.

ହିଲ (ଧାତୁ—ସଂ. ବି—୧ । ହାବ କରିବା; ଭଙ୍ଗୀ କରିବା—
Hil (root) 1. To make gestures or movements of the face. ୨ । ଆଉଜି ପଡ଼ିବା—2. To lean to; to incline to. ୩ । ଦୋହୋଲିବା—3. To move to and fro; to rock to and fro.

ହିଲ(ଲ)ମ୍ ଢିଲମ୍(ଢିଲା)—ଦେ. କ୍ରି· ବଣ (ସଂ. ହେଳା ଓ ଅ. ଢିଲ)
Hila(la)m ḍhilam(ḍhilā) —ଅଯତ୍ନ ପୂର୍ବକ (କାମ କରିବା)
হেলা ঢেলা —(to do anything) Carelessly.
हिलाढिला ବି—ହେଳାଉଁ ହେଳା (ଦେଖ)—
Helauñ helā (See)
ବଣ—ଅଯତ୍ନକୃତ (କର୍ମ)—Carelessly done (work).

ହିଲ(ଲ) ମୋଚିକା(ମୋଚୀ)—ସଂ. ବି—ହିଡ଼୍ମିଚ୍ (ଦେଖ)
Hila(la) mochikā(mochī) Hiṛd-michā (See)

ହିଲା(ଲ୍ଲା)—ବୈଦେ. ବି (ଅ. ହିଲ୍ଲା)—୧ । ହଲ୍ଲା (ଦେଖ)
Hilā(llā) হল্লা हल्ला 1. Hallā (See)
হিল্লা ୨ । (ଅ. ହିଲ୍) ଆଶ୍ରୟ—2. Shelter.
आश्रय ୩ । ଅବଲମ୍ବନ; ଉପାୟ—3· Resource.

ହିଲା—ପ୍ରାଦେ (ଗଡ଼ଜାତ) ବି—ବାହାନା—
Hilā Feigning; pretence; excuse.
(ହିଲା ହବାଲା—ଅନ୍ୟରୂପ)

ହିଲ୍ଲ—ସଂ. ବି—ଜଳଚର ପକ୍ଷୀ (ଶବ୍ଦ ଚନ୍ଦ୍ରିକା); ଜଳହଂସ—
Hilla A species of fresh water duck; a teal (a quatic bird).

ହିଲ୍ଲୋଳ—ସଂ. ବି (ହିଲ୍ ଧାତୁ=ଦୋହଲିବା + ଭାବ. ଓଲ)—
Hillola ୧ । ଆନ୍ଦୋଳନ; ଦୋଳନ; ଇତସ୍ତତଃ ଦୋହଲିବା—
1. Rocking to the fro; movement.
୨। ତରଙ୍ଗ; ଢେଉ—2. Wave. ୩ । ଦୋହଲାଇବା—
3. Rocking. ୪ । ହଁଗୀତରେ ରାଗିଣୀ ବିଶେଷ—
4. Name of a musical tune. [ବି—ଏହା ହିନ୍ଦୋଳ ରାଗର ନାମାନ୍ତର । ହିଲ୍ଲୋଳ ରାଗର ରାଗିଣୀ—ମାୟୂରୀ, ଦୀପିକା, ଦେଶକାରୀ, ପାହିଡ଼ା ବା ପାହାଡ଼ୀ, ବରାଡ଼ି, ମୋରହାଟି ।] ୫ । ଷୋଡ଼ଶ ବନ୍ଧାନ୍ତର୍ଗତ ରତିବନ୍ଧ ବିଶେଷ—5. One of the 16 postures assumed during coition.
[ବି—ଏହି ବନ୍ଧର ଲକ୍ଷଣ—
ଉରୂ କୃତ୍ୱା ସ୍ତ୍ରିୟଃ ପାଦୌ କରାଭ୍ୟାଂ ଧାରୟେତ୍ କଟୌ
ଯଥେଷ୍ଟଂ ତାଡ଼ୟେଦ୍ ଯୋନିଂ ବନ୍ଧୋ ହିଲ୍ଲୋଳସଂଜ୍ଞକଃ ।
ରତିମଞ୍ଜରୀ ।]

ହିଲ୍ୱଲା—ଫା. ବି ସ୍ତ୍ରୀ—ମୃଗଶିରା ନକ୍ଷତ୍ରର ଶିରୋଦେଶସ୍ଥ ପଞ୍ଚସଂଖ୍ୟ
Hilwalā ତାରକା (ଶଙ୍କରହାଟଲୀ)—Five very small stars at the top of the constellation Mrugaśirā.
[ବି—ଏ ପାଞ୍ଚଟି ତାରା ମଧ୍ୟରୁ କେବଳ ୩ ଗୋଟି ତାରା ଖାଲି ଆଖିରୁ ଦେଖାଯାଏ, ନକ୍ଷତ୍ର ଚଳେ ଠିକା ଦେଖ]

ହିସ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ସାପ ଆଦିଙ୍କର ଶୁ ଶୁ ଶବ୍ଦ—
Hish (ତୁଳନାକର ଇଂ. ହିସ୍)—1. Hissing sound ୨ । ଛି ! ଘୃଣାର୍ଥକ ଅବ୍ୟୟ —2. Interjection expressing contempt.
ফোঁস হিস

ହିଷ୍ଟ(ଷ୍ଟି, ଷ୍ଟେ, ଷ୍ଟୋ)ରି—ବୈଦେ. ବି (ଇଂ. ହିଷ୍ଟୋରି)—ଇତିହାସ—
Hishta(shti, shte, shto)ri History.
[ହିଷ୍ଟ୍ରି—ଅନ୍ୟରୂପ]
হিষ্টি हिष्ट्री

ହିଷ୍ଟ(ଷ୍ଟି, ଷ୍ଟେ)ରିଆ—ବୈଦେ. ବି (ଇଂ ହିଷ୍ଟେରିଆ)—ଯୁବତୀମାନଙ୍କର
Hishta(shti,shte)riā ମୂର୍ଚ୍ଛାରୋଗ ବିଶେଷ; ଗାଣ୍ଡିଲ୍ୟବାତ; ଯୁବତୀମାନଙ୍କ ମୃଗୀରୋଗ—Hysteria. [ବି—ଏହା ସାଧାରଣତଃ ଯୁବତୀ ଓ ବନ୍ଧ୍ୟାମାନଙ୍କୁ ଧରେ; ସନ୍ତାନାଦି ଜନ୍ମ ହେବା ପରେ ଏହା ବନ୍ଦ ହୋଇଯାଏ । ଏହି ରୋଗଗ୍ରସ୍ତା ସ୍ତ୍ରୀ କଳ୍ପନା କରନ୍ତି ଯେ, ତାଙ୍କର ତଣ୍ଟିପାଖରେ ଅଣ୍ଡାପରି ଗୋଟାଏ ଜିନିଷ ପେଟ ଭିତରୁ ଉଠିଆସି ଲାଗି ଯାଇଛି । ଏଥିପାଇଁ ସେମାନେ କିଛି ଖାଇ ପାରନ୍ତି ନାହିଁ ଓ ମଝିରେ ମଝିରେ ବହୁକ୍ଷଣ ପର୍ଯ୍ୟନ୍ତ ମୂର୍ଚ୍ଛିତା ହୁଅନ୍ତି । ଏହା ମାନସିକ ଓ ଶାରୀରିକ ରୋଗ ବୋଲି ଡାକ୍ତରମାନେ କହନ୍ତି ।]
হিষ্টিরিয়া हीष्टिरिओ

ହିସା (ସ୍ସା)—ବୈଦେ. ବି (ଆ. ହିସ୍ସା)—ଭାଗ; ଅଂଶ; ହିସ୍ସା—
Hisā (ssā) Share.
হিস্যা हिस्सा

ହିସା(ସ୍ସା)ଦାର - ବୈଦେ. ବି(ଅ)—ହିସାଦାର; ଭାଗିଦାର—
Hisā(ssā) dār Partner; cosharer.
হিস্যাদার हिस्सादार

ହିସା(ସ୍ସା)ଦାରି—ବୈଦେ. ବି (ଅ)—ଭାଗିଦାରି—
Hisā(ssā)dāri Partnership; coparcenary.
হিস্যাদারী हिस्सादारी

ହିସାବ—ବୈଦେ. ବି (ଆ ହିସାବ)—୧ । ଆୟ ବ୍ୟୟାଦିର ଗଣନା ବା
Hisāba ଧାରାବାହିକ ବିବରଣ—1. Account; statement of income and expense; systematical writing of account. ୨ । ପରିମାଣ—
2. Amount; quantity. ୩ । ଲେଖା—
3. Writing. ୪ । ଗଣନା—4. Calculation; reckoning. ୫ । ଦର—5. Rate. (ଯଥା—ଟଙ୍କାକୁ ୨୦ଟା ହିସାବରେ ଆମ୍ବ କିଣିଲି) ୬। ଅଙ୍କ; ଗଣିତ
6. Arithmetic. ୭ । ନିୟମ—7. Rule.
୮ । ଶୃଙ୍ଖଳା; ଧାରାବାହିକତା—8. Order; system.
୯ । ବିଚାର; ବିବେଚନା—9. Thinking; thought: consideration. [ଯଥା—ତୋ ହିସାବରେ ସଂସାର ରେ ଅଛି କେହି ତୋ ଠାରୁ ବୁଦ୍ଧିଆ ନାହାନ୍ତି]
হি(হে)সাব हिसाब

ହିସାବ ଅମେଳ—ଦେ. ବି—ଆୟବ୍ୟୟ ସଙ୍ଗେ ତହବିଲ ବାକିର ଅସା-
Hisāba amela ମଞ୍ଜସ୍ୟ—The disagreement of the cash balance with the debit and credit entries in an account.

ହିସାବ କରିବା—ଦେ. କ୍ରି—୧ । କୌଣସି ବିଷୟ ସମ୍ବନ୍ଧେ ଆୟବ୍ୟୟ
Hisāba karibā ବା ଦେୟ ପ୍ରାପ୍ୟ ଆଦି ଗଣନା କରିବା—
1. To cast an account; to calculate the debit and credit sides of transaction.
୨ । ଦେଣାପାଉଣା—2. Dues and liabilities.

ହିସାବ କିତାପ(ବ)—ବୈଦେ. ବି (ଅ)—୧ । ହିସାବ ବହି (ଦେଖ)
Hisāba kitāpa(ba) 1. Hisāba bahi (See)
হি(হে)সাব কিতাপ ୨ । ଦେଣା ପାଉଣା—2. Dues and liabilities.
हिसाब किताब

ହିସାବ ଗୋଲମାଲ—ଦେ. ବି—ନିୟମିତ ଭାବରେ ଲେଖା ହୋଇ ନ
Hisāba golamāla ଥିବା ଆୟବ୍ୟୟାଦିର ବିବରଣ; ହିସାବରେ
হিসাব গোলমাল ଭୁଲ—Confusion in accounts.
हिसाब गोलमाल

ହିସାବ ଚଢ଼ା(ଢେ)ଇବା—ଦେ. କ୍ରି—ହିସାବ ବହିରେ ହିସାବ
Hisāba chardha(rdhe)ibā ଲେଖିବା—To enter an
হি(হে)সাব চড়ান account in a book.
हिसाब चढ़ाना

ହିସାବ ଚୁକା(କେ)ଇ ଦେବା—ଦେ. କ୍ରି—ପରସ୍ପର ପ୍ରାପ୍ୟ ବା
Hisāba chukā(ke)i debā ଦେୟକୁ ହିସାବ କରି ମିଟାଇ

[ହିସାବ ଚୁକା(କେ)ଇବା—ଅନ୍ୟରୂପ] ପରିଶୋଧ କରିବା—
হিসাব চুকান, হিসাব চুকিয়ে দেওয়া To finally settle
हिसाब चुकादेना or clear off one's accounts with another person.

ହିସାବ ଚୁକ୍ତି—ଦେ. ବି—ହିସାବ ନିକାଶ; ପରସ୍ପରର ଦେୟ ଓ ପ୍ରାପ୍ୟ
Hisāba chukti ହିସାବ କରିବା ପରେ ଛାଡ଼ି ଦେବା ଓ ନେବା
হিসাব চুক্তি .—Final settlement of accounts.
हिसाब चुक्ति (ହିସାବ ଚୁକ୍ତି—ଗ୍ରାମ୍ୟ ରୂପ)

ହିସାବ ଦୁ(ଦୋ)ରସ୍ତ—ବୈଦେ. ବି (ଅ. ହିସାବ୍ ଓ ଫା. ଦୁରୁସ୍ତ୍) —
Hisāba du(do)rasta ୧ । ଠିକ୍ ହିସାବ ବା ଗଣନା—
হিসাব দুরস্ত 1. Correct reckoning. ୨। ହିସାବର ଠିକ୍
हिसाब दुरुस्त ମତେ ଲେଖନ—2. Correct accounting.

ହିସାବ ଦେଖିବା(ଯୋଡ଼ିବା)—ଦେ; କ୍ରି—ନାନା ପ୍ରକାର ହିସାବ
Hisāba dekhibā(jordibā) ଅଣି ଏକତ୍ର ଯୋଗ କରିବା—
হিসাব দেখা To make up an account by adding
हिसाब जोड़ना up many items.

ହିସାବ ଦେବା—ଦେ. କ୍ରି—ଆୟ ବ୍ୟୟର ହିସାବ ମୁହଁରେ ବା
Hisāba debā ଲେଖି କରି କୌଣସି ବ୍ୟକ୍ତିଙ୍କୁ ଦେବା—
হিসাব দেওয়া To render accounts to a person.
हिसाब देना

ହିସାବ ନବିଶ୍—ବୈଦେ. ବି (ଫା)—ହିସାବ୍ ଲେଖିବା କର୍ମଚାରୀ—
Hisāba nabis An account clerk; a clerk
হিসাব নবিশ্ who writes up accounts.
हिसाब नवीश

ହିସାବ ନିକାଶ(ଶି)—ବୈଦେ. ବି (ଅ)—୧ । ଆୟବ୍ୟୟର ବିବରଣ
Hisāba nikāsa(si) ବୁଝାଇଦେବା—1. Rendering of account. ୨ । ଦୁଇଜଣଙ୍କ ମଧ୍ୟରେ ଆୟବ୍ୟୟର ଗଣନା କରାଯିବା ପରେ ଦେଣାନେଣାର ବନ୍ଦ ହେବା—2. Closing up of account. ୩ । ଆୟ ସଙ୍ଗେ ବ୍ୟୟ ମିଳ ଯାଇ କିଛି ବାକି ନ ରହିବା—3. Squaring up of
হিসাব নিকাশ हिसाबनिकाश accounts.

ହିସାବ ନେବା—ଦେ. କ୍ରି—କୌଣସିବ୍ୟକ୍ତିଠାରୁ ଆୟବ୍ୟୟର ହିସାବ
Hisāba nebā ବୁଝି ନେବା—To take accounts from
হিসাব লওয়া हिसाबलेना a person.

ହିସାବ ପତର(ପତ୍ର)—ଦେ.ବି—(ସଙ୍କର ଶବ୍ଦ)—୧ । ହିସାବ କିତାପ
Hisāba patara(patra) (ଦେଖ)—1. Hisāb kitāp (See). ୨ । ଯେଉଁ ତାଳପତ୍ରରେ ହିସାବ ଲେଖାଯାଏ—
2. A palm leaf in which accounts are
হিসাবপত্র हिसाबकिताब noted.

ହିସାବ ବହି (ଖାତା)—ବୈଦେ. ବି (ଫା)—ଯେଉଁ ବହିରେ ବା
Hisāba bahi (khātā) ଖାତାରେ ହିସାବ ଲେଖାଯାଏ—
হিসাববহি हिसाबबही Account book.

ହିସାବ ବାକି—ବୈଦେ. (ଅ+ଫା)—୧ । ହିସାବ ଅନୁସାରେ
Hisāba bāki କୌଣସି ବ୍ୟକ୍ତିଠାରୁ ହେଉଥିବା ପ୍ରାପ୍ୟ—
1. Amount found due from a person after
হিসাববাকী हिसाबबाकी taking account.
୨ । ହସ୍ତବଳ ବାକି—2. Cash balance.

ହିସାବ ବୁଝ(ଝୋ)ଟ୍—ଦେ. ବି—ଦୁଇଜଣଙ୍କ ମଧ୍ୟରେ ହିସାବ ବୁଝା-
Hisāb bujha(jho)t ବୁଝି—Rendering of accounts between two persons.

ହିସାବ ବୁଝ(ଝୋ)ଟ୍ କମିସନ୍—ଦେ. ବି—(ଉଚ୍ଚରଣ)—ହିସାବ ବୁଝିବା
Hisāba bujha(jho)t kamisan ମକଦ୍ଦମାରେ ପ୍ରତିବାଦୀଠାରୁ
হিসাব বোঝা কমিসন হিସାବ ବୁଝିନେବା ପାଇଁ କୌଣସି ବ୍ୟକ୍ତି
हिसाब बुझौवल कमीशन (କମିଶନର)ଙ୍କ ପ୍ରତି ଅଦାଲତଙ୍କ ଆଦେଶ ବା ହୁକୁମନାମା—A writ or commission issued to a person by a court for taking accounts from a defendant.

ହିସାବ ବୁଝ(ଝୋ)ଟ୍ କମିସନର୍—ଦେ. ବି—(ଉଚ୍ଚରଣ)—ପ୍ରତିବାଦୀ-
Hisāba bujha(jho)t kamisanar ଠାରୁ ହିସାବ ବୁଝି
হিসাব বোঝা কমিশনার ନେବା ପାଇଁ ଅଦାଲତଙ୍କ ନିଯୁକ୍ତ ବ୍ୟକ୍ତି
हिसाब बुझनेवाला कमिस्नर —A commissioner appointed to take accounts from a defendant.

ହିସାବ ବୁଝ(ଝୋ)ଟ୍ ମକଦ୍ଦମା—ଦେ. ବି—(ଉଚ୍ଚରଣ)—
Hisāba bujha(jho)t makadamā ଧନାଦିର ଭାଗପ୍ରାପ୍ତ
হিসাব বোঝা মকদ্দমা କୌଣସି ବ୍ୟକ୍ତି ଅପୋଷରେ ହିସାବକୁ
हसाबबुझौवल मुकदमा ବା ମାଲିକଙ୍କୁ ହିସାବ ବୁଝାଇ ଦେଇ ନ ଥିଲେ ଅଦାଲତଙ୍କ ସମ୍ମୁଖରେ ହିସାବ ବୁଝାଇ ଦେବାପାଇଁ ଉକ୍ତ ବ୍ୟକ୍ତି ନାମରେ କରାଯିବା ମକଦ୍ଦମା—Account suit; a suit for accounts.

ହିସାବ ବୁଝା—ଦେ. ବି—ହିସାବ ବୁଝଟ୍ (ଦେଖ)—
Hisāba bujhā Hisāba buj hat (See)

ହିସାବ ବୁଝା(ଝେ)ଇବା—ଦେ. କ୍ରି—ଆପଣା ନିକଟରେ ଥିବା ହସ୍ତବଳ
Hisāba bujhā(jhe)ibā ଓ ଆୟ ବ୍ୟୟର ହିସାବ ମାଲିକଙ୍କୁ
হিসাব বোঝান ବୁଝାଇ ଦେବା—To render and explain
हिसाब बुझाना accounts.

ହିସାବ ବୁଝି ନେବା—ଦେ. କ୍ରି—କୌଣସି ବ୍ୟକ୍ତିଠାରୁ ସମ୍ପୂର୍ଣ୍ଣରୂପେ
Hisāba bujhi nebā ହିସାବ ପରୀକ୍ଷା କରିନେବା (ଯେପରିକି,
হিসাব বুঝে লওয়া ତାଠାରେ ଆଉ କିଛି ହିସାବ ବାକି ନ ରହେ)—
हिसाबबुझलेना To take accounts finally from a person.

ହିସାବ ବୁଝିବା—ଦେ. କ୍ରି—ଆୟ ବ୍ୟୟର ଭାରପ୍ରାପ୍ତ ବ୍ୟକ୍ତିଠାରୁ
Hisāba bujhibā ହିସାବକୁ ପରୀକ୍ଷା କରିବା—
হিসাব বুঝা हिसाब बुझना To examine accounts.

ହିସାବ ମଜୁରା—ବୈଦେ. (ଅ. ଫା) ବି (ଉଚ୍ଚରଣ)—ଦୁଇଜଣଙ୍କର
Hisāba majurā ଦେୟର ଓ ପ୍ରାପ୍ୟର ହିସାବ ଅନୁସାରେ
হিসাব মজুরা हिसाबमुजरा ଜଣଙ୍କର ଦେୟରୁ ନଗଦ

ନ ଦେଇ ତାହା ଅପର ବ୍ୟକ୍ତିଠାରୁ ପ୍ରାପ୍ୟ ଧନରେ ମଜୁରୁ କରିବା—Setting off of dues etc. in an account (instead of making cash payment).

ହିସାବ ମି(ମେ)ଳ—ଦେ. ବି—୧। ଅପର ହିସାବ ସଙ୍ଗେ ବ୍ୟୟର
Hisāba mi(me)la ହିସାବର ଠିକ୍‌ଭାବେ ମିଳିଯିବା—
হিসাবমিল **हिसाबमेल** 1. Tallying of accounts, ୨। ହିସାବରେ ଲେଖା ଥିବା ଜମା-ଖରଚ ତହବିଲବାକି ସଙ୍ଗେ ଠିକ୍ ହେବା—2. Tallying of the cash b lance with the receipts and expenditure.

ହିସାବ ମି(ମେ)ଳ କରିବା—ଦେ. କ୍ରି—ହିସାବ ଦ୍ୱାରା ଆୟ ବ୍ୟୟ ସଙ୍ଗେ
Hisāba mi(me)la karibā ତହବିଲର ସାମଞ୍ଜସ୍ୟ
[ହିସାବମି(ମେ)ଳା(ଳେ)ଇବା—ଅନ୍ୟରୂପ] ପ୍ରତିପାଦନ
হিসাব মিলান **हीसाब मिलाना** କରିବା ବା ପରୀକ୍ଷା କରିବା—To square up the accounts.

ହିସାବି—ବୈଦେ. ବଣ (ଅ)—୧। ହିସାବ ସମ୍ବନ୍ଧୀୟ—1. Relating
Hisābi to account. ୨। ମିତବ୍ୟୟୀ—2. Prudent;
[ହିସାବିଆ—ଦେଶଜରୂପ] economical. ୩। ଯେଉଁ ବ୍ୟକ୍ତି (ଗରହିସାବ; ବେହିସାବ—ବିପରୀତ) ଆୟବ୍ୟୟ ଗଣି ଚଳନ୍ତି ସବୁ
হিসাবী ବିଷୟରେ ସତର୍କ—3. Careful in every thing.
हीसाबी ୪। ଯେଉଁ ବ୍ୟକ୍ତି ଆଗ ପଛ ଭାବି କାର୍ଯ୍ୟ କରେ—4. Calculating (person). ୫। ଯେଉଁ ବ୍ୟକ୍ତି ଠାରେ ହିସାବ ଲେଖିବାର ଭାର ଥାଏ—5.(a person Entrusted with the writing of accounts.

ହି ହି—ସ. ଅ—ଅହ୍ଲାଦଜନକ ଅନୁକରଣ ଶବ୍ଦ (ଶବ୍ଦକଳ୍ପଦ୍ରୁମ)—
Hi hi (Interjection) An exclamation of joy.
ଦେ. ଅ—ହିଁ ହିଁ (ଦେଖ)—Hi hin̄ (See)

ହି(ହିଁ)ହିଁ—ଦେ.ଅ—ଧ୍ୱନିପୂର୍ବକ ଦାନ୍ତକୁ ଅଳ୍ପ ବିକଶିତ କରି ହସିବା କର୍ମ-
Hi(hin̄)hin̄ Sound of a moderately loud laugh
হিঁ হিঁ with slight exhibition of the teeth.
हीं हीं [ବ୍ୟୁ—ହିଁ ହିଁ ଠାରୁ ହିଁହିଁ ଉଚ୍ଚତର ଶବ୍ଦ।]

ହି(ହିଁ)ହିଁଆ—ଦେ. ବଣ—ଯେଉଁ ଲୋକ ସବୁବେଳେ ଉଚ୍ଚ ହାସ୍ୟ କରେ-
Hi(hin̄)hin̄yā Given to loud laughter.
हीं हीं करने वाला যে হিঁহিঁ করে হাসে

ହି(ହିଁ)ହିଁ ହେବା—ଦେ. କ୍ରି—ଉଚ୍ଚ ହାସ୍ୟ କରିବା—
Hi(hin̄)hin̄ hebā To laugh loudly.
হা হা করে হাসা, হি হি করে হাসা **हीं हीं करना**

ହୀ—ସ (ଧ୍ୱନ୍ୟନୁକରଣ)—୧। ଉଚ୍ଚହାସ୍ୟର ଶବ୍ଦ—1. Sound of
Hī loud laugh. ୨। ବିସ୍ମୟାର୍ଥକ (ଅମର)—2. An exclamation of wonder. ୩। ଦୁଃଖାର୍ଥକ (ମେଦିନୀ)—3. Exclamation of sorrow. ୪। ହେତ୍ୱର୍ଥକ (ମେଦିନୀ)—4. Exclamation of reason. ୫। ବିଷାଦାର୍ଥକ (ମେଦିନୀ)—5. Exclamation of grief. ୬। ଶୋକାର୍ଥକ (ହେମ ରତ୍ନାବଳୀ)—6. Exclamation of lamentation.

ହୀନ—ସ. ବଣ ପୁଂ (ହା ଧାତୁ=ତ୍ୟାଗ କରିବା+କର୍ମ ତ; ଅନ୍ୟ ଶବ୍ଦ
Hīna ପରେ ଯୁକ୍ତ ହେଲେ ତୃତୀୟା ତତ୍ପୁରୁଷ ସମାସ ହୁଏ)—
(ହୀନା—ସ୍ତ୍ରୀ) ୧। ବିରହିତ—1. Deprived of. (ଯଥା—ଗୁଣହୀନ, ବୁଦ୍ଧିହୀନ।) ୨। ପରିତ୍ୟକ୍ତ; ବର୍ଜିତ—2. Abandoned by. (ଯଥା—ସ୍ୱଜନହୀନ, ବନ୍ଧୁହୀନ) ୩। ଶୂନ୍ୟ—3. Empty of. (ଯଥା—ଜଳହୀନ ହ୍ରଦ) ୪। ଊନ 4. Wanting in; deficient in. (ଯଥା—ଲକ୍ଷ୍ମୀହୀନ; କୃତହୀନ) [ବ୍ୟୁ—ଏହାର ସମାନାର୍ଥକ ଇଂରାଜୀ ପ୍ରତ୍ୟୟ ଲେସ୍ (Less) ଯଥା—Powerless, friendless] ୫। (ଏକାକୀ ବ୍ୟବହୃତ ହେଲେ)ନିକୃଷ୍ଟ—5. Inferior. ୬। (ଏକାକୀ ବ୍ୟବହୃତ) ନୀଚ; ଅଧମ—6. Bad; wretched; mean; low; base. [ଉଦା—ନ ଧରିବା ହୀନ ଖୋଇ ଗୋ ! ସବୁ କଥା ନେଇ ପର ଆଗେ କହି, ହେବା କାହିଁ କାହିଁ ତେଜ୍ୟା ଗୋ। ବାଳକୃଷ୍ଣଙ୍କୁ ଲକଙ୍ଗଲବା।] ୭। (ଏକାକୀ ବ୍ୟବହୃତ) ନିନ୍ଦିତ;ନିନ୍ଦନୀୟ—7. Blameworthy. ଦେ. ବ (ପୁଂ ଓ ସ୍ତ୍ରୀ)—ଅପତ୍ରିଅଣୀ ଲୋକଙ୍କୁ ଦିଆଯିବା ନାମ—A name given to males and females whose elders died before the former were born.

ହୀନ ଅବସ୍ଥା—ଦେ. ବି—୧। ହୀନତା। (ଦେଖ)
Hīna abasthā 1. Hīnastā (See)
হীন অবস্থা ୨। ହୀନାବସ୍ଥା। (ଦେଖ)
हीन अवस्था, बुरी हालत 2. Hīnābasthā (See)
(ହିନ ଅବସ୍ତା, ହିନ ଅବସ୍ଥା—ଗ୍ରାମ୍ୟ ରୂପ)

ହୀନ କପାଳ—ଦେ. ବ (ସ. ହୀନ ଓ କପାଳ)—ମନ୍ଦ ଭାଗ୍ୟ—
Hīna kapāla Ill luck; bad luck.
হীন কপাল **मन्द भाग्य**

ହୀନ କପାଳିଆ—ଦେ. ବଣ. ପୁଂ—ମନ୍ଦ ଭାଗ୍ୟ; ଦୁର୍ଭାଗ୍ୟ—
Hīna kapālia Ill-fated; unlucky.
[ହୀନ କପାଳୀ, ହୀନ କପାଳେଇ—ସ୍ତ୍ରୀ]
হীন কপালে, পোড়া কপালে **मन्द भाग्य**
(ହିନ କପାଳିଆ—ଗ୍ରାମ୍ୟ ରୂପ)

ହୀନ କର୍ମ—ସ. ବ (କର୍ମଧା)—୧। ନୀଚ କର୍ମ—1. Menial work.
Hīna karma ୨। ନିନ୍ଦିତ କର୍ମ—2. Blameworthy
(ହୀନ କରମ—ଦେ. ରୂପ) act. ୩। ମନ୍ଦ ଭାଗ୍ୟ—3. Ill luck.

ହୀନ କର୍ମୀ—ସ. ବଣ (ବହୁବ୍ରୀହି; ହୀନ+କର୍ମନ୍; ୧ମା. ୧ବ)—
Hīna karmā ୧। ନିନ୍ଦିତ କର୍ମକାରୀ—1. Performing
(ହୀନ କରମା—ଦେ. ରୂପ) blameworthy acts.
୨। ମନ୍ଦଭାଗ୍ୟ—2. Unfortunate; luckless.
[ହୀନ କରମା, ହୀନ କର୍ମୀ—ଗ୍ରା. ରୂପ]

ହୀନ କୁଳ—ସଂ. ବି—ନୀଚ କୁଳ—
Hina kula Low caste; low family.

ହୀନ ଗନ୍ଧ ବର୍ଗ—ସଂ. ବି—କଳକାଣ୍ଟକୀ ଆଦ ୨୩ ଗୋଟି ଔଷଧ
Hina gandha barga ଦ୍ରବ୍ୟ (ହରେକୃଷ୍ଣ ଦ୍ରବ୍ୟଗୁଣ)—
A collection of 23 medicinal herbs.

ହୀନ ଚେତାଃ—ସଂ. ବିଣ (ବହୁବ୍ରୀହ; ହୀନ+ଚେତସ୍; ୧ମା. ୧ବ)—
Hina chetah ନୀଚ ମନାଃ—Low-minded.

ହୀନ ଜାତି—ସଂ. ବି—ଅଧମ ବା ନୀଚ ଜାତି—
Hina jati Low caste.

ହୀନତା(ତ୍ୱ)—ସଂ. ବି (ହୀନ+ଭବ. ତା, ତ୍ୱ)—୧ । କ୍ଷୁଦ୍ରତା—
Hinata(twa) 1.Littleness. ୨। ନୀଚତା—2. Lowness; meanness. ୩ । ଶୂନ୍ୟତା—3. Emptiness. ୪ । ଊନତା—4. Deficiency.

ହୀନ ତେଜାଃ—ସଂ. ବିଣ (ବହୁବ୍ରୀହ; ହୀନ+ତେଜସ୍; ୧ମା. ୧ବ)—
Hina tejah ୧ । ହୀନପ୍ରଭ (ଦେଖ)—1. Hinaprabha (See). ୨ । ଦୁର୍ବଳ—2. Weak.

ହୀନ ଦୃଷ୍ଟି—ସଂ. ବି (କର୍ମଧା; ହୀନ+ଦୃଷ୍ଟି)—୧ । ନୀଚ ନଜର—
Hina drushti 1. Mean view. ୨ । ପରଶ୍ରୀକାତରତା—
ହୀନ ଦୁଷ୍ଟି / ହୀନ ଦୁରୁଷ୍ଟି } ଗ୍ରାମ୍ୟ ରୂପ 2. Envy at another's weal. ୩ । କୃପଣତାଯୁକ୍ତ ଦୃଷ୍ଟି—
3. Miserly view. ୪ । କୃପଣତା—4. Miserliness.

ହୀନ ଦୃଷ୍ଟିଆ—ଦେ. ବିଣ. ପୁଂ—୧ । ପରଶ୍ରୀକାତର—1. Envi-
Hina drushtia ous. [ଦ୍ର—ଏହି ଲୋକମାନେ ପରର ଶ୍ରୀ
(ହୀନ ଦୃଷ୍ଟେଇ—ସ୍ତ୍ରୀ) ବା ପରକୁ ବେଶୀ ଦ୍ରବ୍ୟାଦି ଦଅଯିବା କଥା
ହୀନ ଦୁଷ୍ଟିଆ / ହୀନ ଦୁରୁଷ୍ଟିଆ } ଗ୍ରା. ରୂପ ସହି ପାରନ୍ତି ନାହିଁ ।] ୨ । କୃପଣ—
2. Very miserly.
हीन दृष्टि हीननजर वाला

ହୀନ ପକ୍ଷ—ସଂ. ବି—୧ । ଦୁର୍ବଳ ପକ୍ଷ—1. Weak party or
Hina paksha side. ୨ । ତର୍କରେ ପ୍ରମାଣାଦି ଦ୍ୱାରା ସିଦ୍ଧ ହୋଇ ନ ପାରିବା ବିଷୟ (ହ. ଶ) 2. Anything not established by evidence etc in argument. ୩ । ମକଦମାରେ ବା ଯୁଦ୍ଧରେ ହାରିଥିବା ପକ୍ଷ—3. The defeated party in a case or war. ୪ । ପ୍ରମାଣବିଷୟରେ ଦୁର୍ବଳ ମକଦମା (ହ. ଶ) —4. Weak case.

ହୀନ ପ୍ରକୃତି—ସଂ. ବି—(କର୍ମଧା; ହୀନ+ପ୍ରକୃତି)—ନୀଚ ପ୍ରକୃତି—
Hina prakruti Low nature. ବିଣ ପୁଂ ଓ ସ୍ତ୍ରୀ—
(ବହୁବ୍ରୀହ)—୧ । ନୀଚ ସ୍ୱଭାବ ବିଶିଷ୍ଟ—1. Of mean nature. ୨ । କ୍ଷୁଦ୍ରାଶୟ—2. Low-minded.

ହୀନପ୍ରଭ—ସ. ବିଣ. ପୁଂ—(ବହୁବ୍ରୀହ; ହୀନ+ପ୍ରଭା)—୧ । କ୍ଷୀଣ-
Hina prabha ଜ୍ୟୋତି; ସ୍ୱଳ୍ପଦୀପ୍ତି ବିଶିଷ୍ଟ—1. Shorn of
(ହୀନପ୍ରଭା—ସ୍ତ୍ରୀ) splendour. ୨। ଦୀପ୍ତିହୀନ—2. Lustreless.

ହୀନପ୍ରାଣ—ସ. ବିଣ ପୁଂ—(ବହୁବ୍ରୀହ; ହୀନ+ପ୍ରାଣ)—୧ । ନୀଚାନ୍ତଃ-
Hina prana କରଣ—1. Low or mean minded.
(ହୀନପ୍ରାଣା—ସ୍ତ୍ରୀ) ୨। ଦୁର୍ବଳ—2. Weak. ୩ । ଶକ୍ତିହୀନ—
3. Powerless.

ହୀନବର୍ଣ୍ଣ—ସ. ବି—ନୀଚଜାତି—Low caste. ସ. ବିଣ. ପୁଂ—
Hina barnna ନୀଚଜାତି ବିଶିଷ୍ଟ—Of low caste.
(ହୀନବର୍ଣ୍ଣା—ସ୍ତ୍ରୀ ବିଣ)

ହୀନ ବଳ(ବୀର୍ଯ୍ୟ)—ସ.ବିଣ—(ବହୁବ୍ରୀହ; ହୀନ+ବଳ, ବୀର୍ଯ୍ୟ)—୧ ।
Hina bala(birjya) ଦୁର୍ବଳ—1.Weak. ୨। ଶକ୍ତିଶୂନ୍ୟ—
2. Powerless. ୩ । ଯାହାର ବଳ କମିଯାଇଅଛି—
3. Shorn of strength.

ହୀନବସ୍ତା(ସ୍ଥା)—ଗ୍ରା. ବି—(ସ. ହୀନବସ୍ଥା) - ହୀନସ୍ତା (ଦେଖ)—
Hinabasta(stha) Hinasta (See). ବି ଓ ବିଣ—
हीनअवस्था ହଟହଟା (ଦେଖ)—Hatahata (See).
बुरी हालत

ହୀନ ବାଦ—ସ. ବି (କର୍ମଧା)—୧ । ମିଥ୍ୟା ତର୍କ (ହ. ଶ)—1. False
Hina bada argument. ୨ । ମିଥ୍ୟା ସାକ୍ଷ୍ୟ (ହ.ଶ)—
2. False evidence; perjury.

ହୀନବାଦୀ—ସ. ବିଣ. ପୁଂ—(ହୀନ+ବଦ୍ ଧାତୁ+କର୍ତ୍ତୃ ଇନ୍; ୧ମା
Hina badi ୧ବ)—୧ । ବାକ୍ୟ ବର୍ଜିତ; ମୂକ (ହେମଚନ୍ଦ୍ର)
(ହୀନବାଦିନୀ—ସ୍ତ୍ରୀ) —1. Dumb. ୨ । ବିରୁଦ୍ଧାର୍ଥବାଦୀ; ଯେଉଁ ବ୍ୟକ୍ତି ପୂର୍ବେ କହିଥିବା କଥାର ବିରୁଦ୍ଧ କଥା କହେ (ନାରଦ)—2. (A person) Who speaks a thing different from what he told before. ୩ । ମିଥ୍ୟା ସାକ୍ଷୀ—3.A false witness. ୪ । ମକଦମାରେ ହାରିଯାଇ ଥିବା ବାଦୀ ବା ମୁଦେଇ (ହ.ଶ)— 4. A plaintiff or complainant who has his case dismissed.

ହୀନବିଷ -ସ. ବିଣ—(ବହୁବ୍ରୀହ)—୧ । କ୍ଷୀଣ ବିଷଯୁକ୍ତ; ସ୍ୱଳ୍ପଗରଳ
Hina bisha ବିଶିଷ୍ଟ—1. Slightly poisonous. ୨ । ନିର୍ବିଷ—2. Having no poison; non venemous.

ହୀନବୁଦ୍ଧି—ସ. ବି—(କର୍ମଧା)—୧ । ନୀଚ ବୁଦ୍ଧି; ନୀଚ ମନ; ନୀଚ ମତ
Hina budhi —1. Low or mean mind. ୨ । ମନ୍ଦ ବୁଦ୍ଧି—2.Evilmindedness. ୩। କ୍ଷୀଣ ବୁଦ୍ଧି— 3. Stupidity. ୪। ନିର୍ବୋଧତା—4. Folly. ୫ । କ୍ଷୁଦ୍ରବୁଦ୍ଧି—5. Humble intellect. ବିଣ— (ବହୁବ୍ରୀହ)—୧ । ନୀଚମନାଃ—1. Low-minded. ୨ । ନିର୍ବୋଧ—2. Stupid. ୩ । କ୍ଷୁଦ୍ରଚେତାଃ; କ୍ଷୀଣବୁଦ୍ଧି ବିଶିଷ୍ଟ—3. Of low understanding.

ହୀନ ବୃତ୍ତି—ସ. ବି—(କର୍ମଧା; ହୀନ+ବୃତ୍ତି)—ନୀଚ ବୃତ୍ତି; ଜଘନ୍ୟ
Hina brutti ବ୍ୟବସାୟ—Low occupation. ବିଣ— (ବହୁବ୍ରୀହ)—୧ । ଜଘନ୍ୟ ଉପାୟରେ ଜୀବିକା ନିର୍ବାହ-

କାର୍ଯ୍ୟ—1. Earning livelihod by blameworthy means. ୬। ନୀଚପ୍ରକୃତିକ—2. Of mean nature.

ହୀନ ବେଶ—ସଂ. ବି—(କର୍ମଧାରୟ) ମଳିନ ବେଶ; ହୀନ ବେଶ—
Hīna beṡa Poor dress. ବିଣ. ପୁଂ—(ବହୁବ୍ରୀହି)—
(ହୀନବେଶା—ସ୍ତ୍ରୀ) ହୀନବେଶଧାରୀ—Poorly dressed.

ହୀନ ଭାଗ୍ୟ—ସଂ.ବି—(କର୍ମଧା; ହୀନ+ଭାଗ୍ୟ)—ମନ୍ଦ ଭାଗ୍ୟ—Ill luck.
Hīna bhāgya ବିଣ ପୁଂ [ବହୁବ୍ରୀହି] ମନ୍ଦଭାଗ୍ୟ—Unlucky.
[ହୀନଭାଗ୍ୟା—ସ୍ତ୍ରୀ]

ହୀନ ମତି—ସଂ. ବି ଓ ବିଣ ପୁଂ ଓ ସ୍ତ୍ରୀ—ହୀନବୁଦ୍ଧି (ଦେଖ)—
Hīna mati Hīna buddhi (See)

ହୀନମାନ—ଦେ. ବିଣ—ହୀନମାନିଅ (ଦେଖ)—Hīnamānia(See)
Hīnamāna [ଉ—ନପଢ଼ିଲା କେତେ୍ତ ହୀନମ ହୀନମାନ—
କୃଷ୍ଣସିଂହ ମହାଭାରତ—ବନ] ବି—୧। ଅପମାନ—
1. Dishonour. ୨। ଦୁର୍ଦ୍ଦଶା—2. Wretched condition. ୩। ଅନ୍ୟୋକୃତ ନିକୃଷ୍ଟ ବ୍ୟବହାର—
[ହିନମାନ—ଗ୍ରାମ୍ୟରୂପ] 3. Inferior treatment. ୪।
ଅନାଦର; ମନ୍ଦ ବ୍ୟବହାର—4. Bad treatment,
অপমানিত অপমানিত disregard.

ହୀନମାନ କରିବା—ଦେ. କ୍ରି—୧। ମନ୍ଦ ବ୍ୟବହାର କରିବା—1. To
Hīnamāna kariba treat badly. ୨। ଅନ୍ୟର ତୁଳନା
[ହୀନିମାନ କରିବା—ଗ୍ରାମ୍ୟରୂପ] ରେ ନିକୃଷ୍ଟ ବ୍ୟବହାର କରିବା—
2. To treat in an inferior manner.
অপমানকরনা অপমানকরা

ହୀନମାନ ହେବା—ଦେ. କ୍ରି—୧। ମନ୍ଦ ବ୍ୟବହାର ପାଇବା—
Hīnamāna hebā 1. To be treated badly.
(ହୀନିମାନ ହେବା—ଗ୍ରାମ୍ୟରୂପ) ୨। ଅନ୍ୟ ବ୍ୟକ୍ତିର ତୁଳନାରେ
ନିକୃଷ୍ଟ ବ୍ୟବହାର ପାଇବା—2. To get inferior
অপমানিত হওয়া অপমানিতহোনা treatment.

ହୀନମାନିଅ(ଆଁ)—ଦେ. ବିଣ ପୁଂ—୧। ମନ୍ଦବ୍ୟବହାର ପ୍ରାପ୍ତ—
Hīnimānia(āñ) 1. Badly treated. ୨। ଦୁର୍ଦ୍ଦଶା ଗ୍ରସ୍ତ
[ହିନମାନିଅ(ଆଁ)—ଗ୍ରାମ୍ୟରୂପ] 2. In wretched condition.
(ହୀନମାନୀ—ସ୍ତ୍ରୀ) ୩। ଅପମାନିତ—3. Slighted; disrespected; disregarded. ୪। ଅନ୍ୟମାନଙ୍କ ତୁଳନାରେ
ନିକୃଷ୍ଟ ବ୍ୟବହାର ପ୍ରାପ୍ତ—4. Getting inferior treatment when compared to others.
୫। ମନ୍ଦ; ନିକୃଷ୍ଟ—5. Bad; inferior
অপমানিত অপমানিত

ହୀନ ମୂଲ୍ୟ—ସ. ବି—ଅଳ୍ପ ଦାମ (ସାନ୍ଧ୍ରବଲ୍ୟ)—
Hīna mūlya Small price.

ହୀନ ଯାନ—ସ. ବି—ବୌଦ୍ଧଙ୍କ ସମ୍ପ୍ରଦାୟଭେଦ; ଅନ୍ଧ ବୌଦ୍ଧମତାବଲମ୍ବୀ
Hīna jāna ସମ୍ପ୍ରଦାୟ; ବୌଦ୍ଧ ସମ୍ପ୍ରଦାୟର ଅଧମ ଶାଖା—
A sect of orthodox Buddhists.

[ବି—ଭଗବାନ ବୁଦ୍ଧଙ୍କ ପ୍ରବର୍ତ୍ତିତ ଅବ ଧର୍ମମତାବଲମ୍ବୀମାନେ ପ୍ରଥମେ ଶ୍ରାବକଯାନ ଓ ପ୍ରତ୍ୟେକ ବୌଦ୍ଧ ବୁଦ୍ଧଯାନ ନାମରେ ଖ୍ୟାତ ଥିଲେ। ସେମାନଙ୍କ ମତରେ ଯେଉଁମାନେ ଭଗବାନ ବୁଦ୍ଧଙ୍କ ଏବଂ ତାଙ୍କର ଶିଷ୍ୟାନୁଶିଷ୍ୟଗଣଙ୍କ ମୁଖରୁ ଧର୍ମୋପଦେଶ ଶୁଣିଥିଲେ ସେହିମାନେହିଁ ନିର୍ବାଣ ଲାଭର ଅଧିକାରୀ। ପରବର୍ତ୍ତୀ କାଳରେ କେତେକ ବୌଦ୍ଧାଚାର୍ଯ୍ୟ ଘୋଷଣା କଲେ ଯେ, ସମସ୍ତ ଜଗତ୍ ନିର୍ବାଣ ଲାଭର ଅଧିକାରୀ ଏବଂ ସମସ୍ତେ ଏହି ନିର୍ବାଣ ଧର୍ମରେ ସାକ୍ଷିତ ହୋଇ ପାରନ୍ତି। ସେମାନଙ୍କର ଏହି ମହୋଦ୍ଦେଶ୍ୟ ପାଇଁ ସେମାନେ ମହାଯାନ ନାମରେ ଖ୍ୟାତ ହେଲେ ଏବଂ ହୀନ ବା ସଙ୍କୀର୍ଣ୍ଣ ସୀମା ମଧ୍ୟରେ ନିର୍ବାଣତତ୍ତ୍ୱକୁ ଆବଦ୍ଧ ରଖିଥିଲେ ବୋଲି ପୂର୍ବୋକ୍ତ ଅବ ବୌଦ୍ଧ ସଂପ୍ରଦାୟ ଗଣ ହୀନଯାନ ନାମରେ ଖ୍ୟାତହେଲେ। ସମ୍ରାଟ୍ କନିଷ୍କଙ୍କ ସମୟରେ ବୌଦ୍ଧ ସମାଜରେ ହୀନଯାନ ଓ ମହାଯାନ ଏହି ଦୁଇ ଗୋଟି ପ୍ରଧାନ ବିଭାଗର ନାମକରଣ ହୋଇଥିଲା।

ଏହି ହୀନଯାନ ଶାଖାର ପ୍ରଚାର ସିଂହଳ, ବ୍ରହ୍ମଦେଶ ଓ ଶ୍ୟାମ ଅବ ଦକ୍ଷିଣ ଅସିଆରେ ହୋଇଥିବାରୁ ଏହାର ଅନ୍ୟ ନାମ 'ଦକ୍ଷିଣଶାଖା'। ଯାନ ଶବ୍ଦର ଅର୍ଥ ନିର୍ବାଣ ଅଡ଼କୁ ବା ମୋକ୍ଷ ଅଡ଼କୁ ବହନ କରି ନେବା ଯାନ ବା ରଥ। ହୀନଯାନ ସମ୍ପ୍ରଦାୟର ସିଦ୍ଧାନ୍ତ ବୁଦ୍ଧ ଦେବଙ୍କ ଉପଦେଶକୁ ଅନୁସରଣ କରୁଥିଲା। ପରେ ମହାଯାନ ଶାଖାରେ ନ୍ୟାୟ, ଯୋଗ, ତନ୍ତ୍ର ଅବ ପ୍ରବେଶଲାଭ କରିବାରୁ ଏହା ଜଟିଳ ହୋଇ ପଡ଼ିଲା। ହି. ଶ]

ହୀନ ଯୋଗ—ସଂ ବିଣ ପୁ:—(ବହୁବ୍ରୀହି) ଯୋଗଭ୍ରଷ୍ଟ (ହି.ଶ)—
Hīna joga Slipped from the path of joga. ସଂ. ବି
—(ଆୟୁର୍ବେଦ) ଉଚିତ ପରିମାଣ ଅପେକ୍ଷା ଅଳ୍ପ ଉପାଦାନରେ
ଔଷଧର ମିଶ୍ରଣ (ହି.ଶ)—Mixing of less quantities of ingredients in a medicine than is proper.

ହୀନ ଯୋନି—ସ. ବି (କର୍ମଧା)—ନୀଚଜାତି—Low caste. ବିଣ.ପୁଂ ଓ
Hīnajoni ସ୍ତ୍ରୀ (ବହୁବ୍ରୀହି)—ନୀଚକୁଳଜାତ—Of low birth.

ହୀନ ରସ—ସ. ବି—ଏକ ରସର ବର୍ଣ୍ଣନ ସମୟରେ ବିରୁଦ୍ଧ ରସର ପ୍ରସଙ୍ଗ
Hīna rasa ରୂପ କାବ୍ୟଦୋଷବିଶେଷ (ହି. ଶ)—A defect in composition where a contrary sentiment is expressed to the sentiment described.

ହୀନ ଶକ୍ତି—ସଂ. ବି—(କର୍ମଧା)—କ୍ଷୀଣ କ୍ଷମତା—Slight strength
Hīna ṡakti or power. ବିଣ.ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ହୀନବଳ
(ଦେଖ)—Hīnabaḷa (See)

ହୀନ ସଖ୍ୟ—ସଂ. ବି—ନୀଚ ବ୍ୟକ୍ତି ସହିତ ମିତ୍ରତା—
Hīna sakhya Friendship with low persons.

ହୀନ ସେବା—ସ. ବି—(କର୍ମଧା)—ନୀଚ ବ୍ୟକ୍ତିର ସେବା—Service
Hīna sebā rendered to a mean person. [ଉ—

-ଥିବାଙ୍କ ଲେକେ ଦଅନ୍ତି କହନ୍ତି, ମନୁଷ୍ୟକୁ ହୀନସେବା ଦୀଠେ ବନ—ରାଧାନାଥ, ଦରବାର)

ହୀନସ୍ତା(ସ୍ଥା)—ଗ୍ରା. ବ (ସ. ହୀନ ଓ ଅବସ୍ଥା)—ଦୁର୍ଦ୍ଦଶା—
Hinastā(sthā) Evil condition. ବ ଓ ବଣ—
ଦୁର୍ଦ୍ଦଶା **दुर्दशा** ହତହତା; (ଦେଖ)—
Hataһata (See)

ହୀନସ୍ତିଆ—ଗ୍ରା. ବଣ ପୁଂ (ସ. ହୀନାବସ୍ଥା)—୧ । ଯେଉଁ ଲୋକ ଭଲେ
Hinastiā ହୀନସ୍ତା ହୁଏ—1. One who is in a
(ହୀନସ୍ତେଇ—ସ୍ତ୍ରୀ) bad plight. ୨ । ଯେଉଁ ଲୋକ
ଦୁର୍ଦ୍ଦଶାଗ୍ରସ୍ତ **दुर्दशायुक्त** ଅନ୍ୟକୁ ହୀନସ୍ତା କରେ—
ଦୁର୍ଦ୍ଦଶାକାରୀ **दुर्दशा घटानेवाला** 2. One who puts another in a bad plight.

ହୀନା—ସ. ବଣ—ହୀନର ସ୍ତ୍ରୀଲିଙ୍ଗ—Feminine of Hina.
Hinā ଛୋଟନଜୁରେ **हीननजरवाला** ଦେ. ବଣ. (ପୁଂ ଓ ସ୍ତ୍ରୀ)—୧ । ହୀନବୁଦ୍ଧିଶ—1.Of low mind.
୨ । ହୀନବୁଦ୍ଧିଶ—2. Of evil disposition. ୩ । କୃପଣ—3. Miserly. ୪ । ବ୍ୟୟକୁଣ୍ଠ—4. Parsimonious.
हीना हीने ବ (ପୁଂ ଓ ସ୍ତ୍ରୀ)—ହୀନର ଡାକନାମ —Nickname for calling Hina.

ହୀନାଙ୍ଗ—ସଂ. ବଣ. ପୁଂ [ବହୁବ୍ରୀହି; ହୀନ+ଅଙ୍ଗ]—୧ । ବିକଳାଙ୍ଗ—
Hinānga 1-Defective in limb; mutilated.
(ହୀନାଙ୍ଗୀ—ସ୍ତ୍ରୀ) ୨ । ଯାହାର କୌଣସି ଅଙ୍ଗ ନ ଥାଏ—
2. Wanting in some limbs.

ହୀନାଙ୍ଗୀ—ସଂ. ବଣ—ସ୍ତ୍ରୀ (ହୀନାଙ୍ଗ+ସ୍ତ୍ରୀ ଈ)—ହୀନାଙ୍ଗର ସ୍ତ୍ରୀଲିଙ୍ଗ—
Hināngi Feminine of Hinānga.
ବ (ସ୍ତ୍ରୀ)—କ୍ଷୁଦ୍ର ପିପୀଲିକା (ହେମଚନ୍ଦ୍ର)—
The tiny ant.

ହୀନାବସ୍ଥା—ସଂ ବ [କର୍ମଧା; ହୀନ+ଅବସ୍ଥା]—୧ । ମନ୍ଦ ଅବସ୍ଥା—
Hinābasthā 1. Wretched condition.
[ହୀନଅବସ୍ଥା—ଗ୍ରା. ରୂପ] ୨ । ନୀଚ ଅବସ୍ଥା—
2. Low condition. ୩ । ଦରିଦ୍ରାବସ୍ଥା—
3. Penurious condition.

ହୀନାର୍ଥ—ସଂ ବଣ. ପୁଂ [ବହୁବ୍ରୀହି]—୧ । ବ୍ୟର୍ଥମନୋରଥ—
Hinārtha 1. Unsuccessful. ୨ । ଯାହା ଲାଭଜନକ ନୁହେ [ହି. ଶ]—2. Profitless.

ହୀନିତ—ସଂ ବ (ଗଣିତ; ହୀନ+ଇତ)—ବିୟୋଗ ଚିହ୍ନ; (—)—
Hinita The sign of minus; (—)

ହୀନିମାନ (ଇତ୍ୟାଦି) ଗ୍ରା. ବଣ—ହୀନମାନିଆ [ଦେଖ]—
Hinimāna (etc) Hinamānia (See)
(ହୀନମାନିଆ—ଅନ୍ୟରୂପ) ବ—ହୀନମାନ ଇତ୍ୟାଦି (ଦେଖ)—
(ହୀନମାନୀ—ସ୍ତ୍ରୀ. ବଣ) Hinamāna etc (See)

ହୀନିସ୍ଥା—ପ୍ରାଦେ (ପାଟଣା) ବ - ଅପମାନ—
Hinisthā Insult.

ହୀନୋପମା—ସଂ ବ—(କର୍ମଧା)—ବଡ଼ ଉପମେୟ ପାଇଁ ଛୋଟଥିବା ଉତ୍କୃଷ୍ଟ
Hinopamā ଉପମାନ (ହି ଶ)—Comparision of great things with small.

ହୀନ୍ତାଳ—ଦେଶ୍ୟ (ହିନ୍ତାଳର ରୂପାନ୍ତର)—ହିନ୍ତାଳ[ଅମରଟୀକା] (ଦେଖ)
Hintāla Hintāla (See)

ହୀୟମାନ—ସଂ ବଣ [ହା ଧାତୁ=ତ୍ୟାଗକରିବା+କର୍ମ ଅନ]—ଯାହା
Hiyamāna ହ୍ରାସପ୍ରାପ୍ତ ହେଉଅଛି; ଯାହା କ୍ଷୟ ପାଉଅଛି—
[ହୀୟମାନା—ସ୍ତ୍ରୀ] Diminishing; waning.

ହୀର—ସଂ ବ (ହୃ ଧାତୁ=ହରଣକରିବା+କର୍ତ୍ତୃ ଅ; ନିପାତନ]—୧ ।
Hira ୧ । ଶିବ (ମେଦିନୀ)—1. God Siba.
୨ । ହାର [ଜଟାଧର]—2. Garland. ୩ । ବଜ୍ର; ଇନ୍ଦ୍ରଙ୍କ ଅସ୍ତ୍ର; ବଜ୍ର [ଶବ୍ଦକଳ୍ପଦ୍ରୁମ; ମେଦିନୀ]—
3. The weapon of Indra; thunder. ୪ । ହୀରକ; ହୀର (ଶବ୍ଦକଳ୍ପଦ୍ରୁମ)—4. Diamond. ୫ । ସର୍ପ [ହେମଚନ୍ଦ୍ର]—5. Serpent. ୬ । ସିଂହ[ଶବ୍ଦକଳ୍ପଦ୍ରୁମ]
6. Lion. ୭ ।ମୋତିମାଳା [ହି. ଶ]—7. A string of pearls. ୮ । [ନାମ] ନୈଷଧକାର ଶ୍ରୀହର୍ଷ କବିଙ୍କ ପିତାଙ୍କର ନାମ [ନୈଷଧ ୧ମ ସର୍ଗ]—
Name of the father of the poet Sriharsha.
୯ । ବର୍ଣ୍ଣବୃତ୍ତବିଶେଷ (ହି ଶ) 9, Name of a metre.
[ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଭଗଣ, ସଗଣ, ନଗଣ ଜଗଣ, ଓ ରଗଣ ଥାଏ (ହି ଶ] ।

ହୀରକ—ସଂ ବ [ହୀର+ସ୍ୱାର୍ଥେ କ]-ବହୁମୂଲ୍ୟ ଖଣିଜ ରତ୍ନବିଶେଷ—
Hiraka Diamond.

ଅନ୍ୟ ସଂ ନାମ— ବଜ୍ର, ହୀର, ଦଧୀଚ୍ୟସ୍ଥି, ଚନ୍ଦ୍ର, ବଜ୍ରକ, ସୂଚୀମୁଖ, ବରାରକ, ମଣିବର, ରତ୍ନମୁଖ୍ୟ ଓ ବଜ୍ରର ଅନ୍ୟ ସମସ୍ତ ନାମ
हीरा, हीरे
हीरा
ଫା: ଇଲ୍ମାସ୍
ଲେ. ବଜ୍ରୁମ୍

[ଦ୍ର—ରତ୍ନ ତଳେ ଟୀକା ଦେଖ । ଏହା ସାଧାରଣତଃ ଶ୍ୱେତବର୍ଣ୍ଣ ଓ ଅତ୍ୟୁଜ୍ଜ୍ୱଳ ପରିଦୃଷ୍ଟ । ଏହା ଶ୍ୱେତ (ବ୍ରାହ୍ମଣଜାତି), ରକ୍ତ (କ୍ଷତ୍ରିୟ ଜାତି), ପୀତ [ବୈଶ୍ୟଜାତି] ଓ କୃଷ୍ଣ (ଶୂଦ୍ର ଜାତି) ଭେଦରେ ୪ ପ୍ରକାର । ଶାସ୍ତ୍ର ଅନୁସାରେ ହୀରକର ସ୍ତ୍ରୀ, ପୁଂ ଓ ନପୁଂସକ ଭେଦ ମଧ୍ୟ ଅଛି । ସୁଗୋଲ ପରିମାଣ, ବୃହଦ୍‌ବୃତ୍ତ ହୀରକ ପୁରୁଷ ଜାତୀୟ ଓ ସର୍ବଶ୍ରେଷ୍ଠ । ଷଟ୍‌କୋଣ ଯୁକ୍ତ ଓ ରେଖା ବିନ୍ଦୁ ବିଶିଷ୍ଟ ହୀରକ ସ୍ତ୍ରୀ ଜାତୀୟ । ଏହା ସ୍ତ୍ରୀମାନଙ୍କର କାନ୍ତି ବର୍ଦ୍ଧକ ଓ ସୁଖଦ । ତ୍ରିକୋଣ ବିଶିଷ୍ଟ ଦୀର୍ଘାକାର ହୀରକ ନପୁଂସକ । ଏହା ଅକର୍ମଣ୍ୟ ଓ ତେଜୋହୀନ ।

ହୀରକ ଦକ୍ଷିଣ ଭାରତର ଗୋଲକୁଣ୍ଡା ଅଞ୍ଚଳରେ ଖଣିରୁ ମିଳେ । ଅନ୍ୟଦିଗରେ ମଧ୍ୟ ହୀରାଖଣି ଅଛି । ପୂର୍ବେ ସମ୍ବଲପୁରରେ ହୀରା ମିଳୁଥିଲା ଓ ତାହା ଇଂରେଜପରେ ଜଣାଥିଲା । ଏଥିପାଇଁ ସମ୍ବଲପୁରର ଗୋଟିଏ ନାମ ହୀରାଖଣ୍ଡ । ବିରାଟ ଦେଶରୁ ମିଳିବା ହୀରକକୁ ବୈରାଟକ, ରାଜପଟ୍ଟ ଓ ରାଜାବର୍ତ୍ତ ବୋଲାଯାଏ ।

ହୀରକୁ କଣ୍ଟକାରୀର ମୂଳ ମଧ୍ୟରେ କଳ୍କିତ କରି ୭ ଥର ଗଜପୁଟ ପାକ କଲେ କିମ୍ବା ଅଶ୍ୱମୂତ୍ରରେ ବା ଭେକ ମୂତ୍ରରେ ଥରେ ମର୍ଦ୍ଦନ କରି ୭ଥର ପୁଟ ଦଗ୍ଧ କଲେ ଏହା ଶୋଧିତ ଓ ମାରିତ ହୁଏ । ଅଶୋଧିତ ହୀରକ କୁଷ୍ଠ, ପାର୍ଶ୍ୱବେଦନା, ପଙ୍ଗୁତ୍ୱ ଓ ପାଣ୍ଡୁରୋଗ ଉତ୍ପାଦନ କରେ । ଶୋଧିତ ଓ ମାରିତ ହୀରା ପରମାୟୁ, ବଳ, ବୀର୍ଯ୍ୟ, କାନ୍ତି, ଶୁକ୍ର ଓ ସୁଖ ବୃଦ୍ଧି କରେ ଓ ସମସ୍ତ ରୋଗ ନଷ୍ଟ କରେ । ଏହା ଉତ୍କୃଷ୍ଟ ରସାୟନ ଓ ବଶୀକାରୀ ।

ଏହା ସୁନା ଇତ୍ୟାଦି ଅପେକ୍ଷା ଦୃଢ଼ତର । ହୀରାଦ୍ୱାରା କାଚ ଉପରେ ଗାର ପକାଇଲେ କାଚ କାଟି ହୁଏ । ସାଧାରଣତଃ ହୀରାକୁ ଅଳଙ୍କାରରେ ବସାଇ ଧନୀମାନେ ପିନ୍ଧନ୍ତି । କଥିତ ଅଛି ଯେ, ନିଜ ହାତର ମୁଦରେ ବସିଥିବା ହୀରକ ଖଣ୍ଡକୁ ବିପତ୍ତିଗ୍ରସ୍ତ କେହି କେହି ଧନୀ ଚୁଚୁମି ଚୁଚୁମି ମରିଯାଇ ଅଛନ୍ତି । ଏହା ବିଶୁଦ୍ଧ କୋଇଲା (Pure carbon) ର ଅବସ୍ଥାଭେଦ ବୋଲି ରାସାୟନିକ ବିଶ୍ଳେଷଣ ପ୍ରକ୍ରିୟାଦ୍ୱାରା ଦେଖା ଯାଇଅଛି ।

ପୃଥିବୀବିଖ୍ୟାତ କୋହିନୂର ନାମକ ହୀରା ଦକ୍ଷିଣ ଗୋଲକୁଣ୍ଡାର ଖଣିରୁ ମିଳିଥିଲା ।

ରସାୟନ ଶାସ୍ତ୍ର ଅନୁସାରେ ହୀରା କୋଇଲାର ରୂପାନ୍ତର ଓ ଏହା ପ୍ରାକୃତିକ ଅବସ୍ଥାରେ ଖଣିରୁ ମିଳେ । କୌଣସି ପ୍ରକାର ଉତ୍କୃଷ୍ଟ ବସ୍ତୁକୁ ହୀରାସଙ୍ଗେ ତୁଳନା କରାଯାଏ ।]

ହୀରକ ଖଚିତ—ସଂ. ବି—[ତୃତୀୟା ତତ୍ପୁରୁଷ]—ଯେଉଁ ଅଳଙ୍କାର ଆଦିରେ Hiraka khachita ଏକ ବା ବହୁ ହୀରାଖଣ୍ଡ ବସାଯାଇ ଅଛି—Set with diamond ; diamond-set.

ହୀରକ ଖଣ୍ଡ—ସଂ. ବି—[ଷଷ୍ଠୀ ତତ୍] ଖଣ୍ଡେ ହୀରା ; ହୀରାରୁ ଖଣ୍ଡେ—Hiraka khanda A bit of diamond.

ହୀରକ ଜୁବିଲି—ଦେ. ବି—(ସଂ. ହୀରକ ଓ ଇଂ. ଜୁବିଲି)—କୌଣସି Hiraka Jubili ରାଜା ୫୦ ବର୍ଷ ରାଜତ୍ୱ କଲେ କିମ୍ବା ଦମ୍ପତି ୫୦ ବର୍ଷ ଦାମ୍ପତ୍ୟ ଜୀବନ ଅତିବାହିତ କଲେ ସେହି ଉପଲକ୍ଷରେ ଅନୁଷ୍ଠିତ ଆନନ୍ଦସୂଚକ ଉତ୍ସବ—Diamond Jubilee (on the occasion of a king completing 50 years of reign and a couple completing 50 years of married life)

हीरक जुबिली हारक जीवंती

[ଦ୍ର—ମହାରାଣୀ ଭିକ୍ଟୋରିଆଙ୍କର ହୀରକ ଜୁବିଲି ଉତ୍ସବ ୧୮୮୭ ସାଲରେ ବ୍ରିଟିଶ୍ ସାମ୍ରାଜ୍ୟରେ ସର୍ବତ୍ର ପ୍ରତିପାଳିତ ହୋଇଥିଲା । ଏହିପରି ୨୫ ବର୍ଷ ରାଜତ୍ୱ ବା ଦାମ୍ପତ୍ୟ ଜୀବନ ଉପଲକ୍ଷରେ ଉତ୍ସବକୁ ସିଲ୍‌ଭର୍ ଜୁବିଲି କୁହାଯାଏ ।]

ହୀରକାଙ୍ଗୁରୀୟ—ସଂ ବି—(ମ. ପ. ଲୋ; ହୀରକ+ଅଙ୍ଗୁରୀୟ)—Hirakānguriya ହୀରାବସା ମୁଦି; ହୀରକ ଖଚିତ ମୁଦ୍ରିକା—(ହୀରକାଙ୍ଗୁରୀୟକ—ଅନ୍ୟରୂପ) Diamond ring ; a ring set with diamond. [ଦ୍ର—ଶୁଣାଅଛି ଯେ, ହାତରେ ପିନ୍ଧାଯାଇଥିବା ହୀରାମୁଦିକୁ ଚୁଚୁମି ଅନେକ ବିପନ୍ନ ବଡ଼ଲୋକ ଆତ୍ମହତ୍ୟା କରିଥାଆନ୍ତି ।]

ହୀରା—ସଂ. ବି—(ହୃ ଧାତୁ=ହରଣ କରିବା+କର୍ତ୍ତୃ ଈ+ଆ)—Hirā ୧ । ଲକ୍ଷ୍ମୀ (ମେଦିନୀ)—1. The Goddess of wealth and prosperity. ୨ । ତୈଳାମ୍ବୁକ; ଅସରପା ; ତୈଳପାୟିକା—(ମେଦିନୀ)—2. Cockroach. ୩ । ପିପୀଲିକା (ହେମଚନ୍ଦ୍ର)—3. Ant. ୪ । କାଶ୍ମରୀ [ରାଜନିର୍ଘଣ୍ଟ]; ଗମ୍ଭାରୀଗଛ—4. Gmelina Arborea (a timber tree).

ଦେ. ବି—(ସଂ. ହୀରକ) ୧ । ହୀରକ—1. Diamond. ୨ । [ଅନ୍ୟ ଶବ୍ଦ ସଙ୍ଗେ (ଯଥା-ନାରୀ ହୀରା) ଓ ଅନ୍ୟ ଶବ୍ଦ ପ୍ରସଙ୍ଗରେ (ଯଥା—ସେ ମନୁଷ୍ୟଙ୍କ ମଧ୍ୟରେ ହୀରା) ବ୍ୟବହୃତ ହେଲେ] ଶ୍ରେଷ୍ଠବସ୍ତୁ ବା ମନୁଷ୍ୟ—2. (When used with reference to other things or persons) A very excellent thing or person. ୩ । (ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ ଦିଆଯିବା ନାମ—3. A name given to females.

हीरा
হীরা

ହୀରା କଣି—ଦେ. ବି—(ସ. ହୀରକ ଓ କଣ)—ହୀରାର କ୍ଷୁଦ୍ର ଖଣ୍ଡ—A Hirā kani small bit of diamond. [ଦ୍ର—ହୀରାଦ୍ୱାରା କାଚ କାଟି ହେଉଥିବାରୁ କାଚ କାଟିବା ପାଇଁ ଅଗରେ ହୀରାକଣି ବନ୍ଧା ଯାଇଥିବା ଶଳାକା ବ୍ୟବହୃତ ହୁଏ ।] ୨ । ଏକ ପ୍ରକାର ସରୁଧାନ—2. A species of fine paddy.

হীরের টুক্‌রা
হীরাকন

ହୀରା ଖଣ୍ଡ—ଦେ. ବି—୧ । ସମ୍ବଲପୁରର ନାମାନ୍ତର—1. A name of Hirā khanda Sambalpur. [ଦ୍ର—ପୂର୍ବେ ଏଠାରେ ମିଳୁଥିବା ହୀରା ଇଉରୋପରେ ପ୍ରସିଦ୍ଧ ଥିଲା । ପ୍ରଥମେ ସମ୍ବଲପୁରର ନାମ ହୁମାଖଣ୍ଡ ଥିଲା । ପରେ ରାଜା ବଳରାମ ଦେବଙ୍କ ଅଧୀନତାରେ ଏହା ଅଠର ଗଡ଼ଜାତର ଚକ୍ରବର୍ତ୍ତୀ ରାଜାଙ୍କର 'ହୀରାଖଣ୍ଡ' ହୋଇଥିଲା ।] ୨ । ସମ୍ବଲପୁର ଜିଲ୍ଲାରେ ମହାନଦୀରେ ଥିବା ଗୋଟିଏ ଦ୍ୱୀପ—2. Name of an island in the bed of the Mahanadi in the district of Sambalpur. [ଦ୍ର—ଏହାର ଦୈର୍ଘ୍ୟ ୪ ମାଇଲ । ଏଠାରେ ନଦୀରୁ ହୀରା ଆମଦାନି କରାଯାଉଥିଲା । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ହୀରାଙ୍ଗ—ସଂ. ବି—(ବହୁବ୍ରୀହି; ହୀର=ବଜ୍ର; ହୀରକ ପରି ଦୃଢ଼ ଅଙ୍ଗ Hirānga ଯାହାର)—ଇନ୍ଦ୍ରଙ୍କ ବଜ୍ରାସ୍ତ୍ର (ଶବ୍ଦମାଳା)—Indra's thunderbolt.

ହୀରା ନୀଳା ମୋତି ମାଣିକ(କ୍ୟ)—ଦେ. ବି—(ସହଚର ଶବ୍ଦଗଣ)—Hirā nilā moti mānikā(kya) ୧ । ଚାରି ପ୍ରକାରର ରତ୍ନ; (ହୀରକ, ନୀଳମଣି, ମୁକ୍ତା ଓ ମାଣିକ୍ୟ)—1. Four kinds of gems

हीरा नीला मुक्ता माणिक
হীরা নীলা মোতি মাণিক

(viz, diamond, emerald, pearl, and ruby).
୨ । ଅସଂଖ୍ୟ ଧନରତ୍ନ—2. Countless gems and riches. (ଯଥା—ରଜା ଘରେ ହୀରା ନୀଳା ମୋତି ମାଣିକ ଭରତି ହୋଇଛି)

ହୀରାବଜ୍ରଧର ଦେଓ—ପାଟଣାର ଜଣେକ ପୂର୍ବତନ ରାଜା—
Hira Bajradhara Deo — Name of a former Raja of the Patna State

ହୀରାମନ୍—ଦେ. ବି—(ସମ୍ଭବତଃ ହରିତ୍=ଶାଗୁଆ ଓ ମଦନ=ଶାରୀ ପକ୍ଷୀ ରୁ)—ଶୁକପକ୍ଷୀ ଜାତୀୟ ପୂର୍ବଭାରତୀୟ ଦ୍ୱୀପପୁଞ୍ଜରୁ ଏ ଦେଶକୁ ଅଣାଯାଇ ପୋଷା ଯାଉଥିବା ଏକ ପ୍ରକାର ପକ୍ଷୀ—Parakeet; a species of parrot of the East Indies; Eclectus Pectoralis.
Hirāmān
ହୀରାମନ୍ ତୋତା } ଅନ୍ୟରୂପ
ହୀରାମ(ମୋ)ହନ୍
हीरामन्
हीरेमन्
हीरामोहन्
तोता
[ଦ୍ର—ଏହାର ଅଣ୍ଟି ସବୁ ଜାତୀୟ ହରିତ୍ ବା ଶାଗୁଆ ଓ ଡେଣାର ମୂଳ ପାଖରେ ଆମ୍ବ ଆକାର ନାଲି ଚିହ୍ନ ଥାଏ; ଲାଙ୍ଗୁଡ଼ ଛୋଟ; ସ୍ତ୍ରୀ ପକ୍ଷୀର ସମସ୍ତ ଶରୀର ଲାଲବର୍ଣ୍ଣ । ଏମାନେ ଦେଶୀ ଶୁଆଙ୍କ ପରି ପଦ ଧରନ୍ତି ନାହିଁ; କିନ୍ତୁ ତୀକ୍ଷ୍ଣ କେଁ କେଁ ଧ୍ୱନି କରନ୍ତି । ଏମାନଙ୍କ ଆକୃତି ଆମ ଦେଶର ନାହାକା ଶୁଆଙ୍କ ପରି ବଡ଼ ।]

ହୀଲ—ସଂ. ବି—ରେତଃ (ଶବ୍ଦକଳ୍ପଦ୍ରୁମ)—
Hīla — Semen virile.

ହୀଲୁକ—ସଂ ବି—ଗୌଡ଼ୀୟମଦ୍ୟ (ଶବ୍ଦଚନ୍ଦ୍ରିକା)—
Hīluka — A kind of wine.

ହୀହୀ—ସଂ—(ଧ୍ୱନ୍ୟନୁକରଣ)ଅ—୧ । ଉଚ୍ଚହାସ୍ୟ ଧ୍ୱନି; ଉଚ୍ଚହାସ୍ୟର ରୋଳ ବା ସ୍ରୋତ—1. A continued gush of loud laugh. ୨ । ହାସ୍ୟ (ମେଦିନୀ) —2. Laughter. ୩ । ବିସ୍ମୟ (,,) —3. Wonder.
Hīhī
ହୀ ହୀଁ } ଦେ. ରୂପ
ହୀଁ ହୀଁ

ହୁ(ଧାତୁ)—ସଂ.—୧ । ହୋମ କରିବା—1. To offer ghee unto fire. ୨ । ଖାଇବା—2. To eat.
Hu (root)

ହୁ—ଦେ. ଅ—୧ । ହଠାତ୍; ହଠାତ୍—1. Suddenly. ୨ । ଅଗ୍ନି ପ୍ରବଳ ବେଗରେ ବ୍ୟାପିବା ପ୍ରକାର—2. The mode of blazing fire spreading swiftly. ୩ । ନିଶ୍ଚୟାର୍ଥକ ବା ଅବଧାରଣାର୍ଥକ, ଯେ, ସେ, କେ ଶବ୍ଦମାନଙ୍କ ପରେ ଯୁକ୍ତ ହୁଏ (ଯଥା—କେହୁ, ସେହୁ, ଯେହୁ)—3. An adjunct joined to the prononus je, se, & ke, indicating certainty. ପ୍ରାଦେ—(ଗଡ଼ଜାତ)ଅ—କୋଳାହଳ—Tumult; ado.
Hu
(ହୁତ୍—ଅନ୍ୟରୂପ)
हुट् हु

ହୁଅ—ଦେ. କ୍ରି—(ସଂସ୍କୃତ-ଭବ)—ସଂସ୍କୃତ ଭୂ ଧାତୁ ଓ ଅ 'ହେବା' ବା 'ହବା' କ୍ରିୟାର ଅନୁଜ୍ଞା ଏକବଚନ ଓ ବହୁବଚନରେ ତୁମ୍ଭେ ଓ ତୁମ୍ଭେମାନେ କର୍ତ୍ତାସଙ୍ଗେ ବ୍ୟବହୃତ କ୍ରିୟାରୂପ—(you) Be; form of the verb To be in the imperatve mood, singular and plural.
Hua
हओ होओ

ହୁଅଇ—ଦେ. କ୍ରି (ସ. ଭବତି)—ହୁଏ; ସଂସ୍କୃତ ଭୂ ଧାତୁର ତୃତୀୟ ପୁରୁଷ ଏକ ବଚନରେ ବ୍ୟବହୃତ ରୂପ—(He, she, it) Is.
Huai
हय होय

ହୁଅନ୍ତି—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନ କାଳର ତୃତୀୟ ପୁରୁଷ ସମ୍ମାନାର୍ଥ ଏକ ବଚନ (ସେ), ତୃତୀୟ ପୁରୁଷ ବହୁବଚନ (ସେମାନେ), ଦ୍ୱିତୀୟ ପୁରୁଷ ସମ୍ମାନାର୍ଥ ଏକ ବଚନ (ଆପଣ), ଦ୍ୱିତୀୟ ପୁରୁଷ ସମ୍ମାନାର୍ଥ ବହୁବଚନ (ଆପଣମାନେ) କର୍ତ୍ତା ପରେ ଲାଗିବା କ୍ରିୟା—Form of the verb 'To be' in the present tense with 3rd person singular (honorific) He, 3rd person plural (honorific) They, 2nd person singular (honorific) you, 2nd person plural (honorific) you.
Huanti
हयेन
होतेहैं

ହୁଅସି—ଦେ. କ୍ରି (ପ୍ରାଚୀନ ବ୍ୟବହାର) (ସ. ଭବସି)—'ହୁଅ'ର ପ୍ରାଚୀନ ଆକାର—The old from of imperati:e 'be'.
Huasi
हओ होताहै
[ଦ୍ର—ବଳରାମ ଦାସ, ଜଗନ୍ନାଥ ଦାସ, ସାରଳା ଦାସ କୃଷ୍ଣସିଂହ ଆଦିଙ୍କ ରଚିତ ଗ୍ରନ୍ଥରେ ମଧ୍ୟମ ପୁରୁଷ ଏକ ବଚନ ହେଲେ ଏହି 'ସି' ଯୁକ୍ତ କ୍ରିୟାର ରୂପ ବହୁସ୍ଥାନରେ ଦେଖାଯାଏ ।]

ହୁଆଙ୍ଗ—ଦେ. ବି—ଅନାର୍ଯ୍ୟ ଜାତି ବିଶେଷ—Name of an aboriginal tribe.
Huan a
हुयाङ्

ହୁଆଲ୍—ବୈଦେ. ବି (ଅ. ହାଲ୍)—୧ । ଅବସ୍ଥା—1. Condition; state. ୨ । ଗତି—2. Movement. ୩ । ସଂବାଦ—3. News. ୪ । ବୃତ୍ତାନ୍ତ—4. Facts.
Hual
हाल
अहवाल

ହୁଅଲ୍‌ଦାର୍—ବୈଦେ. ବି. ପୁଂ (ଫା. ହୱାଲ୍‌ଦାର୍)—
Hual-dār
(ହୁଅଲ୍‌ଦାରଣୀ—ସ୍ତ୍ରୀ)
୧ । ହାଲ୍‌ଦାର୍ (ଦେଖ)—1. Hāl-dār (See)
୨ । ହାବିଲ୍‌ଦାର୍ (ଦେଖ)—2. Hābil-dār (See)

ହୁଅଲ୍‌ଦାରୀ—ବୈଦେ. ବି—ହାଲ୍‌ଦାରୀ (ଦେଖ)
Hual-dāri — Hāl-dāri (See)

ହୁଅଲତ୍—ବୈଦେ. ବି (ଅ. ହୱାଲତ୍)—୧ । ହାଉଲାତ୍ (ଦେଖ) 1. Hāulāt (See)
Hualat
हाओलात्
अगाऊ, हवालत
୨ । ଯୁଦ୍ଧର ଖରଚ ଚଳାଇବା ପାଇଁ ଖରଚର ପୂର୍ବରୁ ପ୍ରାପ୍ତ କର୍ମଚାରୀଙ୍କ ହାତ ଉଚ୍ଚନ୍ତିକରୁ ଅଗଭୁରା ଦିଆଯିବା ଧନ—2. Advance.
[ଦ୍ର—ଏ ଟଙ୍କା ପ୍ରଥମେ ଉକ୍ତ କର୍ମଚାରୀଙ୍କ ନାମରେ 'ହୁଅଲତ୍' ବୋଲି ଲେଖା ହୁଏ । ପରେ ସେ ଖରଚର ବିଲ୍ ବା ହିସାବ ଓ ଭାଉଚର ବା ରସିଦ ଆଦି ଦାଖଲ କଲେ ଏ ଟଙ୍କା ତାଙ୍କର 'ହୁଅଲତ୍' ଜମା ଖାରଜ ହୋଇ 'ଖରଚ' ତଳେ ହିସାବ ଚଢ଼େ ।]

ହୁଅଲତ୍ ଖାତା(ବହି)—ବୈଦେ· ବ—ଯେଉଁ ଖାତାରେ ହୁଅଲତ୍ Huālat khātā(bahi) ନେବା ବ୍ୟକ୍ତିଙ୍କ ନାମ ଓ ହୁଅଲତ ଟଙ୍କାର ହাওলাত খাতা ପରିମାଣ ଲେଖାଯାଏ—A book showing अगाऊ खाता the sums advanced to different persons.

ହୁଅଲତ୍ ଦେବା—ଦେ. କ୍ରି—ପରେ ଖରଚର ହିସାବ ଦେବା ପାଇଁ Huālat debā· କୌଣସି ବ୍ୟକ୍ତିଙ୍କୁ ଅଗଉଡ଼ି ଧନ ଦେବା— হাওলাত দেওয়া To advance money to a person अगाऊ देना on the understanding that he will submit bills duly later on.

ହୁଅଲତ୍ ନେବା—ଦେ. କ୍ରି—ପରେ ହିସାବ ଦେବା ପାଇଁ ତହବିଲରୁ Huālat nebā ଅଗଉଡ଼ି ଟଙ୍କା ଅଣିବା—To take an হাওলাত লওয়া advance from a fund with a अगाऊ लेना view to submit due accounts later on.

ହୁଅଲତି—ବୈଦେ. ବଣ—୧ । ହୁଅଲତ ସମ୍ବନ୍ଧୀୟ— Huālati 1. Relating to 'Huālat'. হাওলাতি ୨ । ହୁଅଲତ ରୂପେ ଯାଇଥିବା— अगाऊका 2. (money) Advanced.

ହୁଆ ହୁଆ—ଦେ· (ଧ୍ୱନ୍ୟନୁକରଣ) ଅ—ବିଲୁଆମାନଙ୍କର ହୁକେ ହୁକେ Huā huā ଧ୍ୱନି—The howling sound of jackals. হুকাহুয়া हुआँहुआँ

[ଦ୍ର—ସୂର୍ଯ୍ୟ ମଣ୍ଡଳକୁ ଗ୍ରହଣ କରିଲା, ବୋବାଇଲେ ଅନ୍ଧେ ହୋଇ ହୁଆ ହୁଆ—ବ୍ରଜସିଂହ ସତ୍ୟାନ୍ତରେଚ. ବଗ୍ରୀଟ]

ହୁଆ ହୁଟା—ପ୍ରାଦେ· (ଢେଙ୍କାନାଳ) ବ—୧ । କଳିକଜିଆ—1. Quarrel. Huāhuṭā ୨ । ଗାଳି—2. Abuse; reproach. ୩ । ଗୋଳମାଳ—3. Noise; uproar.

ହୁଇଟ୍ନି—ଦେ.ବ (ନାମ)—ଆମେରିକା ଯୁକ୍ତରାଜ୍ୟବାସୀ ଜଣେକ ପ୍ରାଚ୍ୟ-Huiṭ-ni ବିଷୟଜ୍ଞଙ୍କ ସ୍ୱର୍ଗତ ପଣ୍ଡିତ—W. D. Whitney, a হুইটনী ह्विटनी late American Orientialist scholar. (ହ୍ୱିଟ୍ନି—ଅନ୍ୟରୂପ) [ଦ୍ର—ଏ ଖ୍ରୀ. ୧୮୨୭ରେ ଜନ୍ମ ଗ୍ରହଣ କରି ୧୮୯୪ ରେ ପ୍ରାଣତ୍ୟାଗ କରିଥିଲେ । ଏ ସଂସ୍କୃତରେ ଅତି ବିଦ୍ୱାନ୍ ଥିଲେ ଓ ଏହାଙ୍କ ରଚିତ ସଂସ୍କୃତ ବ୍ୟାକରଣ ବର୍ତ୍ତମାନ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଜଗତରେ ପ୍ରାମାଣିକ ଗ୍ରନ୍ଥରୂପେ ପରିଗଣିତ । ଆମେରିକାରେ ପ୍ରତିଷ୍ଠିତ ପ୍ରାଚ୍ୟ ସମିତିର ଏ ପୃଷ୍ଠପୋଷକ ଓ ସଭାପତି ହୋଇଥିଲେ । ସେଞ୍ଚୁରି ଡିକ୍ସନାରୀ (Century Dictionary) ନାମକ ପ୍ରକାଣ୍ଡ ଇଂରାଜୀ ଅଭିଧାନର ଏ ପ୍ରଧାନ ସମ୍ପାଦକ ଥିଲେ ।

ହୁଇଲ୍—ବୈଦେ. ବ (ଇଂ.ହ୍ୱିଲ୍)—ଚକ— Huil হুইলি ह्वील Wheel. (ହ୍ୱିଲ୍—ଅନ୍ୟରୂପ) [ଦ୍ର—ଏହି ଇଂରାଜୀ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ । କିନ୍ତୁ ଅନ୍ୟ ଶବ୍ଦ ଯୁକ୍ତ ଏହି ଶବ୍ଦ ଇଂରାଜୀ ଭାଷାରୁ ଅବିକଳ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—ଫ୍ଲାଇହୁଇଲ୍ (fly wheel),କଗ୍ ହୁଇଲ୍ (Cog wheel)]

ହୁଇ ହୁଟି—ପ୍ରାଦେ (ଢେଙ୍କାନାଳ,ଧ୍ୱନ୍ୟନୁକରଣ) ଅ—ହୁକେହୁକେ; ବିଲୁଅଙ୍କ Huihuṭi ରବ—The howling of jackals.

ହୁଉଁ ହୁଉଁ—ଦେ. ଅ—କୁମ୍ଭାଟୁଆ ଆଦି ପକ୍ଷୀମାନଙ୍କର ରବ ବା ଶବ୍ଦ— Hu-uñ hu-uñ The cooing of birds such as Kumbhāṭua. (ଉ—ତାଳ ବାଡ଼ୁଙ୍ଗାରେ ଲୁଚି କୁମ୍ଭାଟୁଆ କରୁଥିଲା ହୁଉଁ ହୁଉଁ—ନନ୍ଦକିଶୋର. କର୍ଣ୍ଣବିରଣୀ)

ହୁଉ କ(କି)ରି (କିନା, କିନି, ଦସ୍, ଧସ୍)—ଦେ· କ୍ରି ବିଣ—୧। ହଠାତ୍; Hu ka(ki)ri (kinā; kini das dhas) ହଠାତ୍— 1. Suddenly. ୨ । ହଠାତ୍ ଅତି ଶୀଘ୍ର ଭାବରେ (ନିଆଁ ଜଳିଉଠି ବ୍ୟାପିବା ପ୍ରକାରରେ)—2. Furiously (said of a fire raging and spreading rapidly). (ଯଥା—ଘାସ ଗଦାରେ ନିଆଁ ଲାଗି ହୁଉକିନା हुट करे हुहुकरके ଜଳି ଉଠିଲା)

ହୁଏ—ଦେ. କ୍ରି—(ସଂ ଭବତି, ପ୍ରା ହୋଇ)—ହୁଅଇ (ଦେଖ)— Hue Huai (See) ଅ—(ବଙ୍ଗଳାରୁ ଅନୁକୃତ)— हय় ସମ୍ଭବତଃ—× × × ହୁଏ ତାହାଙ୍କର କାର୍ଯ୍ୟରେ ଗଣ୍ଡଗୋଳ ହୁଏ, हो हे ହୁଏ ଚିନ୍ତା—ଫକୀର ମୋହନ· ଛମାଣ ଅଠଗୁଣ୍ଠ] ପ୍ରାଦେ— (ସାଉଣା) ଅ—ହିଁ—Yes.

ହୁଏଂସାଂ—ବୈଦେ. ବ (ନାମ)—ହୁଏନ୍‌ସା (ଦେଖ)— Huemsām Huen-sā (See)

ହୁଏତ—ଦେ· ଅ—(ଓଡ଼ିଆରେ ଅଧୁନିକ ପ୍ରୟୋଗ, ବଙ୍ଗଳାରୁ ଅନୁକୃତ) Hueta ୧ । ସମ୍ଭବତଃ—1. Probably; may be. ୨ । ନଚେତ୍, କିମ୍ବା, କମ୍ବା ଆଦି ଶବ୍ଦର ଅନୁପୂର୍ବିକପ୍ରୟୋଗ 2. A word used relatively before nor, or; either. (ଯଥା—ହୁଏତ ରାମ କିମ୍ବା ଶ୍ୟାମ ସେଠାକୁ ଯିବେ) ୩ । ବୋଧହୁଏ—It seems; meseems.

ହୁଏନ୍‌ସା(ସାଂ)—ବୈଦେ. ବ (ଚୀନ ଦେଶୀୟ ନାମ)—ଜଣେ ବିଖ୍ୟାତ Huen-sā(sām) ଚୀନ ଦେଶୀୟ ପର୍ଯ୍ୟଟକଙ୍କ ନାମ—Name of a celebrated Chinese traveller Huen [ହୁଏନ୍ ଥାଙ୍ଗ୍ (ନ୍)—ଅନ୍ୟରୂପ] Thsang. [ଦ୍ର—ଏ ଭାରତବର୍ଷରେ ଖ୍ରୀ' ୬୨୭ଠାରୁ ୬୪୪ ପର୍ଯ୍ୟନ୍ତ ଅବସ୍ଥାନ କରି ଭାରତରେ ବୌଦ୍ଧଧର୍ମ ପୁସ୍ତକମାନ ଅନ୍ୱେଷଣ କରି ଭାରତର ଇତିହାସ ଓ ଭୂଗୋଳ ଅଧ୍ୟୟନ କରିଥିଲେ । ଏହାଙ୍କ ଚୈନିକନାମର ଉଚ୍ଚାରଣ 'ହୁଇୟେନସିୟୁ' । ଏ ଭାରତ ବିଷୟକ ଯେଉଁ ବୃତ୍ତାନ୍ତମାନ ଲିପିବଦ୍ଧ କରିଯାଇ ଅଛନ୍ତି ତାହା ଭାରତର ପୁରାତତ୍ତ୍ୱ ଜାଣିବାପାଇଁ ବିଶେଷ ସାହାଯ୍ୟ କରେ । ଏହାଙ୍କ ପୁସ୍ତକର ନାମ 'ସିୟୁକି' । ଏହାଙ୍କର ଭାରତକୁ ଆସିବା ସମୟରେ ବୌଦ୍ଧଧର୍ମାବଲମ୍ବୀ ହର୍ଷବର୍ଦ୍ଧନ ରାଜା ଦ୍ୱିତୀୟ ଶିଳାଦିତ୍ୟ ନାମ ଗ୍ରହଣ କରି ଆର୍ଯ୍ୟାବର୍ତ୍ତରେ ରାଜତ୍ୱ କରୁଥିଲେ । ଏ ଗୟା ନିକଟସ୍ଥ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ୫ ବର୍ଷ ହିନ୍ଦୁ ଦର୍ଶନ ଶାସ୍ତ୍ର ଓ ବୌଦ୍ଧ ଦର୍ଶନ ଶାସ୍ତ୍ର ଶିକ୍ଷା କରିଥିଲେ । ଏହାଙ୍କ ସମୟରେ

ଭାରତରୁ ବୌଦ୍ଧ ଧର୍ମର ପ୍ରଭାବ ହ୍ରାସ ହୋଇ ଆସୁଥିଲା । ଏ ଭାରତବାସୀଙ୍କୁ ଖୁବ୍ ପ୍ରଶଂସା କରି ଅଛନ୍ତି । ଏ ଓଡ଼ିଶା ଦେଶ ଓଡ଼୍ରଗାର ତଥା ଭାରତର ପ୍ରଧାନ ବନ୍ଦର ତାମ୍ରଲିପ୍ତ ବିଷୟ ବର୍ଣ୍ଣନା କରି ଅଛନ୍ତି । ଏହାଙ୍କ ସମୟରେ ଭାରତ ୧୩୮ ଗୋଟି ରାଜ୍ୟରେ ବିଭକ୍ତ ଥିଲା ଓ ତହିଁ ମଧ୍ୟରୁ ୧୧୦ ଗୋଟି ରାଜ୍ୟରେ ଏ ଛଳେ ପରିଭ୍ରମଣ କରିଥିଲେ । ଉତ୍କଳୀୟ ବା ଓଡ଼ିଶାବାସୀଙ୍କୁ ମଧ୍ୟ ଏ ପ୍ରଶଂସା କରି ଅଛନ୍ତି । ଉକ୍ତ ଦେଶର କ୍ଷେତ୍ରଫଳ ୧୫୦ ମାଇଲ୍ ଥିବା ଏ ଉଲ୍ଲେଖ କରି ଅଛନ୍ତି ।]

ହୁଏଲ୍—ବୈଦେ. ବି (ଇଂ)—ତିମି ମାଛ—Whale.
Huel ପ୍ରାଦେ (ଗଞ୍ଜାମ) ବି—ଗାତ—Hole.
তিমি মাছ হ্বেল (ହ୍ୱେଲ୍—ଅନ୍ୟରୂପ)

ହୁଏଲ୍ ବୋନ୍—ବୈଦେ. ବି (ଇଂ)—ତିମି ମାଛର ହାଡ଼—
Huel bon Whale bone.
তিমির হাড় হ্বেল বোন (ହ୍ୱେଲ୍ ବୋନ୍—ଅନ୍ୟରୂପ)

ହୁଏଲର—ବୈଦେ. ବି (ଇଂ)—ତିମି ମାଛ ଧରିବାରେ ନିଯୁକ୍ତ ଜାହାଜ
Huelar A whaler; a ship engaged in catching whales.
হুয়েলার হ্বেলর (ହ୍ୱେଲର୍—ଅନ୍ୟରୂପ)

ହୁଓ—ଦେ. ବି ଓ ଅ—ହୋ (ଦେଖ)
Huo Ho (See)

ହୁଓ ମଡା(ଡେ)ଇବା—ଦେ. କ୍ରି—ହୋ ମଡାଇବା (ଦେଖ)
Huo matā(te)ibā Ho mataibā (See)

ହୁଂ—ସଂ. ଅ—ହୁମ୍ (ଦେଖ)—Hum (See)
Hum ପ୍ରାଦେ—ହୁଁ (ଦେଖ)—Hun̄ (See)

ହୁଁ—ଦେ. ଅ (ସଂ ହୁମ୍)—୧ । ହଁ (ସ୍ୱୀକାର ବୋଧକ)—1. (Interjection indicating assent) Yes.
Hun̄ (ହୁଁଉଁ—ଅନ୍ୟରୂପ) ୨ । ହଁ; ସମ୍ମତି ସୂଚକ—2. An interjection indicating agreement.
हुँ हूँ
୩ । (କଥା କହୁଥିବା ବ୍ୟକ୍ତିଙ୍କୁ କଥା କହିଯିବା ନିମନ୍ତେ ଉତ୍ସାହିତ କରିବାରେ ଓ କଥକଙ୍କ ଉକ୍ତିକୁ ଶ୍ରୋତାଙ୍କର ଶୁଣୁଥିବାର ଦର୍ଶନ ସ୍ୱରୂପ ଶ୍ରୋତାଙ୍କ ଦ୍ୱାରା ବ୍ୟବହୃତ ଅବ୍ୟୟ) ହୁଁ, ମୁଁ ଶୁଣୁଅଛି—3. (interjection) 'Yes !' 'then !' (used by the hearer in the course of attending to a speaker's talk or in responding to a course of speech.) [ଉ—କଥା ସୁନ୍ଦର ହୁଁକୁ—ରଗ] ୪ । ପୂର୍ବେ ବୋଲାଯାଇ ବନ୍ଦ କରି ଯାଇଥିବା କଥାକୁ ଆରମ୍ଭ କରିବା ପାଇଁ କଥକଙ୍କୁ ଅନୁରୋଧ ସୂଚକ ଧ୍ୱନି—4. (interjection used in requesting a person to continue a subject which had been stopped short) ହୁଁ, ତା ପରେ କଅଣ ହେଲା କହ !—Please go on ! ୫ । ଅବଜ୍ଞା ସୂଚକ—5. Interjection denotting derision. [ଉ—ତାଙ୍କୁ ଅବଜ୍ଞା କରି ଗମ୍ଭୀର ସ୍ୱରରେ କହିଲା ହୁଁ—ଫକୀରମୋହନ. ଛମାଣ ଆଠଗୁଣ] ୬ । (ଅମୁକଙ୍କ) ଛଡ଼ା; ବ୍ୟତୀତ—6. Except; besides. [ଉ—ମୁଁ ଭାବୁରେ ଭକ୍ତ ଦ୍ୱାରେ ଥିବାକୁ, କଷ୍ଟକୁ ହିଁ ଆନ ନ ଜାଣନ୍ତି । ଜଗନ୍ନାଥ. ଭାଗବତ ।] ୭ । କ୍ରୋଧ ବା ସାମର୍ଥ୍ୟ ପ୍ରକାଶକ ଧ୍ୱନି; ହୁଙ୍କାର—7. Interjection; uttered in anger or in giving vent to one's strength. ୮ । ଉଚ୍ଚକୁ ଡିଆଁ ଦେଲେ ଉଚ୍ଚାରିତ ଶବ୍ଦ—8. Sound uttered by one going to spring up with force. ୯ । କପୋତ ଓ ହୁଁ ହୁଁ ପେଚାମାନଙ୍କ ଧ୍ୱନି—9. The sound or cooing of doves and owls. ୧୦ । ନିକଟରେ ଡାକୁଥିବା ବ୍ୟକ୍ତିଙ୍କୁ ଅନାଗ୍ରହ ବା ଅଳ୍ପ ସ୍ୱରରେ ଜବାବ ଦେବାର ଧ୍ୱନି—1. An interjection used in responding to a call of a person near by. ୧୧ । ସ୍ମରଣାର୍ଥକ—11. Interjection indicating recollection of some thing past. ୧୨ । (ନିଷେଧାର୍ଥକ) ଉହୁଁ; ଉଁହୁଁ—12. Interjection used in preventing. ୧୩ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା—ଆଜହୁଁ ବେଳହୁଁ (ଅମୁକ ସମୟଠାରୁ—13. Since. [ଉ—କେମନ୍ତ ! ଗୃହହୁଁ ମୁଁ ଯିବି । ଭୂପତି. ପ୍ରେମ ପଞ୍ଚାମୃତ ।] ୧୪ । (ଅନ୍ୟ ସର୍ବନାମ ଶବ୍ଦ ସଙ୍ଗେ ଯୁକ୍ତ ଯଥା—ତହୁଁ, ତାହୁଁ, କାହୁଁ, ଯାହୁଁ) ଠାରୁ; ଅପେକ୍ଷା—14. Than. [ଉ—ମନହୁଁ ବେଗ ଶରୀ ଧରି—ଭୂପତି ପ୍ରେମପଞ୍ଚାମୃତ ।] ୧୫ । ଆଗରେ କାନ୍ଧେଇଥିବା ପାଲିଙ୍କି ବୋହୁମାନଙ୍କର ଚାଲିବା ଆରମ୍ଭ କରି ତାକ ତାକିବାର ପ୍ରଥମ ଡାକ—15. A sound made by Pālki bearers in the beginning of their march. [ଦ୍ର—ନିଜ ମନକୁ ଗୁଣ୍ ଗୁଣ୍ କରି ସଙ୍ଗୀତାଳାପ କରିବା ସମୟରେ ଲୋକେ ଏହି ଶବ୍ଦକୁ ଦୀର୍ଘ କରି କହିବାର ଉଚ୍ଚାରଣ କରନ୍ତି ।

ଅନାଦର ଓ ଭୟ ପ୍ରଦର୍ଶନ କଲାବେଳେ ଲୋକେ ଏହି ଶବ୍ଦକୁ ଦୀର୍ଘ କରି ଥରେ ଉଚ୍ଚାରଣ କରନ୍ତି । ଯଥା—ହୁଁ । ଦେଖିବା ତୁ ତୋଠାକୁ କିପରି କେତେ ?]

ହୁଁ କ(କି)ରି—ଦେ. କ୍ରି. ବିଣ—ହୁଁକାର ଉଚ୍ଚାରଣ ପୂର୍ବକ (ବିକ୍ରମ
Hun̄ ka(ki)ri ଦେଖାଇବା)—(To show one's
[ହୁଁକନା (କ)—ଅନ୍ୟରୂପ] strength) By uttering the
হুঁ করে हुंकरके sound of Hun̄.

ହୁଁ କରିବା(ମାରିବା)—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର କଥାରେ ବା
Hun̄ karibā (maribā) ପ୍ରସ୍ତାବରେ ରାଜିହେବା; ସମ୍ମତ
হু করা ହେବା—1. To agree to what another is
हूँ करना saying. ୨ । କଥା ବା କାହାଣୀ କହୁଥିବା ବ୍ୟକ୍ତିଙ୍କୁ କଥା କହିବା ନିମନ୍ତେ ଉତ୍ସାହିତ କରିବା ଓ ଶ୍ରୋତା ମନୋଯୋଗପୂର୍ବକ କଥିତ ବିଷୟ ଶୁଣୁଅଛନ୍ତି ଏହା ଜଣାଇବା ପାଇଁ ମଝିରେ ମଝିରେ ହୁଁ ଶବ୍ଦ ଉଚ୍ଚାରଣ

କରିବା—2. To utter the sound of Huñ while attending to a person's conversation or story. ପ୍ରାଦେ (ଗଡ଼ଜାତ) କି—ସ୍ୱୀକାର ଜଣ ହୁଁ କରିବା—To utter the exclamation Huñ in token of agreement or disagreement.

ହୁଁ ଚୁଁ—ଦେ. ବି—୧ । କୌଣସି କଥାର ବା ଆଦେଶର ଲଙ୍ଘନସୂଚକ
Huñ chuñ ବା ଅସମ୍ମତିସୂଚକ ଭାବର ପ୍ରକାଶ—1.
হুঁচুঁ Expression of dissent from or disobedience
হুঁ।না to an order. ୨। ହଲଚଲ; ଇତସ୍ତତଃ ଚଳନ ବା ଗତି — 2. Slight movement to and fro. ୩ । ସାମାନ୍ୟ ମାତ୍ର ଶବ୍ଦ—3. Slight sound. ବିଣ—ଯେଉଁ ବ୍ୟକ୍ତି କଥା ବା ଆଦେଶକୁ ଲଙ୍ଘନ କରେ ବା ଅସମ୍ମତି ପ୍ରକାଶ କରେ—Expressing dissent from or disapproval of or disobedience to an order.

ହୁଁ ଚୁଁ କରିବା—ଦେ. କି—୧ । ପ୍ରଭୁଙ୍କ ଆଦେଶ ପ୍ରତି ଅବଜ୍ଞାସୂଚକ
Huñ chuñ karibā ଉତ୍ତର ଦେବା—1. To retort to
হুঁচুঁ করা one's master's order. ୨ । କଥାକୁ ବା ଆଦେଶକୁ
हूँचूँ करना ଲଙ୍ଘିବା—2. To disobey or disregard an order. ୩। ଅସମ୍ମତିସୂଚକ ଲକ୍ଷଣ ପ୍ରକାଶ କରିବା —3. To give vent to one's disapproval or disagreement. ୪ । ହଲ୍ ଚଲ୍ ହେବା; ଇତସ୍ତତଃ ଚଳିତ ହେବା—4. To move slightly to and fro.

ହୁଁ ଚୁଁ ହେବା—ଦେ. କି—୧ । ସାମାନ୍ୟ ମାତ୍ର ଇତସ୍ତତଃ ଚଳିତ ହେବା
Huñchuñ hebā —1. To move slightly to and fro
হুঁচুঁ হওয়া ୨। ଆଦେଶକୁ ସାମାନ୍ୟମାତ୍ର ଲଙ୍ଘନ କରିବା—2 To
हूँचूँ होना slightly disobey an order. ୩। ସାମାନ୍ୟ ମାତ୍ର ଶବ୍ଦ କରିବା —3 To make a slightly audible sound.

ହୁଁଟ—ପ୍ରାଦେ (ଭଞ୍ଜଭୂମି) ବି—ଓଟ—
Huñṭ Camel.

ହୁଁଡାର—ପ୍ରାଦେ (ଗଡ଼ଜାତ) ବି—ଗଧିଆ—
Huñdāra Wolf; hyena.
(ହୁଣ୍ଡାର—ଅନ୍ୟରୂପ)

ହୁଁ ବ(ମ, ମେ)ର ଭାଇ—ଗ୍ରା. ଅ (ସଂ. ହୁମ୍ ଓ ହିନ୍ଦୀ ମେରା=
Huñ ba(ma, me)rā bhāi ମୋର+ଭାଇ=ହେ ଭାଇ)—
[ହୁଁ ବ(ମ, ମେ, ମ୍)ର ଭାଇରେ(ଲୋ)—ଅନ୍ୟରୂପ] ସବାରି-ବେହେରାଙ୍କର ଡାକବିଶେଷ—A halloo uttered by the palki-bearers.
[ଦ୍ର—ସବାରି ବେହେରାମାନେ ସବାରି କାନ୍ଧେଇ ଅଗ୍ରସର ହେବା ବେଳେ ପ୍ରଥମେ 'ହୁଁ' ଧ୍ୱନି କରନ୍ତି । ତା ପରେ 'ହୁଁ ମେର ଭାଇ' ଡାକ ତା ପରେ କ୍ରମଶଃ ଗତିବୃଦ୍ଧି ସଙ୍ଗେ ସଙ୍ଗେ ନାନା ଅର୍ଥବ୍ୟଞ୍ଜକ ଡାକମାନ ଡାକନ୍ତି ।]

ହୁଁ ହାଁ—ଦେ. ଅ (ସହଚର ଶବ୍ଦ)—୧ । ସମ୍ମତିସୂଚକ ଧ୍ୱନିଦ୍ୱୟ—
Huñ hāñ 1. Two sounds indicating consent
হুঁ হাঁ हाँ हूँ or approval. ୨ । ସବାରି ବେହେରାଙ୍କ ଡାକ ବିଶେଷ—2. A halloo uttered by palki-bearers. [ଦ୍ର—ପ୍ରଥମ ବେହେରା 'ହୁଁ' ଧ୍ୱନି କରିବା ପରେ ଦ୍ୱିତୀୟ ବ୍ୟକ୍ତି 'ହାଁ' ଧ୍ୱନି କରେ ।] ୩ । ହୁଁ ହାଁ ଚଢ଼େଇ ଦମ୍ପତିଙ୍କର ଧ୍ୱନିଦ୍ୱୟ—3. The two responding sounds of a pair of Huñ Hāñ birds. ପ୍ରାଦେ (ଗଡ଼ଜାତ) ଅ—ଶିଶୁର ଶବ୍ଦ—Sound utterrd by infants.

ହୁଁ ହାଁ ଚଢ଼େଇ - ଦେ ବି- ଏକ ପ୍ରକାର ପାର୍ବତ୍ୟ ଓ ଜଙ୍ଗଲୀ ପେଚା-
Huñ hāñ chaṛhei ଜାତୀୟ ବଡ଼ ଚଢ଼େଇ—A kind of
হুম হুমে পাখী big owl making a very ferocious
हुहुआ hooting sound in the night.
[ଦ୍ର—ଏମାନେ ଗଭୀର ରାତ୍ରିରେ ଜଙ୍ଗଲରେ ପରସ୍ପରଠାରୁ କିଛି ଦୂରରେ ବା ନଈର ଏପାରି ସେପାରିରେ ଥାଇ ରାବ କରନ୍ତି । ଗୋଟିଏ ଚଢ଼େଇ 'ହୁଁ' ବୋଲି ସାର୍ଦ୍ଧ ଗମ୍ଭୀର ରାବ କରେ ଓ କ୍ଷଣକ ପରେ ଅନ୍ୟ ପକ୍ଷୀ 'ହାଁ' ବୋଲି ରାବ ଦିଏ ।]

ହୁଁ ହୁଁ ଦେ. ଅ—୧ । ସମ୍ମତିସୂଚକ ହୁଁ ଧ୍ୱନିର ଦ୍ୱିତ୍ୱ—
Huñ huñ 1. Doublet of 'Huñ'. ୨ । ପାର ଓ
হুঁ হুঁ हूँहूँ କପୋତାଦି ପକ୍ଷୀମାନଙ୍କର ଉଚ୍ଚାରିତ ଧ୍ୱନି— 2. The cooing sound of doves and pigeous. [ଦ୍ର—ବନ୍ୟ ପାରୁଙ୍କର ହୁଁ ହୁଁ ଆରମ୍ଭ, ବେଲୁରେ ହୁଁକ ବିହିତ ଲଭ । ଉଜ୍ଜ. ବୈଦେହୀଶବିଳାସ ।] ୩ । ସମ୍ଭୋଗ କାଳରେ ମତ୍ତତା ଯୋଗୁଁ କାମୁକା ସ୍ତ୍ରୀମାନଙ୍କର ଉଚ୍ଚାରିତ ମଧୁର ଅସ୍ପଷ୍ଟ ଶବ୍ଦ ବିଶେଷ—3. A sound uttered by lustful young women during orgasm. [ଦ୍ର—ହାଁ ହାଁ ହୁଁ ହୁଁ ନାଁ ନାଁ ମଲି ଇତି ରାବରୁ ଦିଶ ଭୁଲାଇବ । ଉଜ୍ଜ. ପ୍ରେମସୁଧାନିଧି ।]

ହୁକ୍—ବୈଦେ. ବି (ଇଂ. ହୁକ୍)—ବକ୍ରାଗ୍ର ଧାତୁର କଣ୍ଟା; ଧାତୁର
Huk ଅଙ୍କୁଶ—A hook.

ହୁକ୍ମତ(ତି)—ବୈଦେ. ବି ଅ. ହୁକୁମତ୍)—ହୁକୁମତ୍ (ଦେଖ)
Huk-mat(ti) Hukumat (See)

ହୁକ୍ ହୁକ୍ (ଇତ୍ୟାଦି)—ଦେ. ଅ—ହୁକୁ ହୁକୁ (ଦେଖ)
Huk-huk (etc) Huku huku (See)

ହୁ କ(କି)ରି(କିନା, କିନି)—ଦେ. କି. ବିଣ—ହୁଉ କରି (ଦେଖ)
Hu ka(ki)ri(kinā, kini) Hu-u kari (See)

ହୁକା—ବୈଦେ. ବି (ଫା. ହୁକ୍କା)—୧ । ଗୁଡ଼ାଖୁ ଧୂଆଁ ପିଇବା ପାଇଁ
Hukā ବ୍ୟବହୃତ ନଳଯୁକ୍ତ ଯନ୍ତ୍ର; ଗୁଡ଼ଗୁଡ଼ି—1. A hookāh;
হুকা हुक्का hubble bubble; a pipe for smoking tobacco.

୨ । ଅଫିମ ବା ମଦକ ଧୂଆଁ ପିଇବା ପାଇଁ ବ୍ୟବହୃତ ନଳଯୁକ୍ତ ଯନ୍ତ୍ର—2. A pipe for smoking opium. [ଦ୍ର—ଧୂଆଁପତ୍ରର ଧୂଆଁ କଡ଼ା ଥିବାରୁ ଧୂଆଁପତ୍ରକୁ ଗୁଣ୍ଡ କରି ସେଥିରେ ଗୁଡ଼ ଓ କେତେକ ମସଲା ମିଶାଇ ଗୁଡ଼ାଖୁ (ବଂ. ତାମାକ୍) ନାମକ ଏକ ପ୍ରକାର କାଦୁଅ ଦ୍ରବ୍ୟ ପ୍ରସ୍ତୁତ କରାଯାଏ । ଏହି ଗୁଡ଼ାଖୁକୁ ଗୋଟିଏ ମାଟିର କାହାଳି ବା ଚିଲମ୍ (ବଂ. କଲ୍‌କେ, ଚିଲମ୍) ଭିତରେ ରଖି ତହିଁରେ ଅଙ୍ଗାର ବା ଅଙ୍ଗାର ଗୁଣ୍ଡି ନିର୍ମିତ ପିଠା (ଟିକିଆ) ଦେଇ ଅଗ୍ନି ସଂଯୋଗ କରାଯାଏ । ସେହି ଚିଲମ୍‌ର ତଳେ ବା ଗାଣ୍ଡି ଅଢ଼େ ଗୋଟିଏ ଛିଦ୍ର ଥାଏ । ସେହି ଚିଲମକୁ ଗୋଟିଏ ନଳ (ବଂ. ନଲ୍) ଉପରେ ବସାଇବାକୁ ହୁଏ । ସେ ନଳର ନିମ୍ନମୁଣ୍ଡ ବା ନାଡ଼ଗୁ ଗୋଟିଏ ଫମ୍ପା ନଡ଼ିଆ (ବଂ. ଖୋଲ୍, ମାଲା) ମଧ୍ୟରେ ଥିବା ପାଣିରେ ବୁଡ଼ି ଥାଏ । ସେହି ନଡ଼ିଆର ଅଧପାଏ ପାଣି ପୂର ଯାଇଥାଏ ଓ ନଡ଼ିଆର ଗୋଟିଏ ପାର୍ଶ୍ୱରେ ଗୋଟିଏ କଣା କରାଯାଇ ଥାଏ । ସେହି ଛିଦ୍ରରେ କେହି କେହି ମୁହଁ ଲଗାଇ ଧୂଆଁ ଶୋଷନ୍ତି ଓ କେହି କେହି ସେହି ଛିଦ୍ରରେ ଖଣ୍ଡିଏ ସରୁ ଶ୍ରେଷ୍ଠ ନଳ (ବଂ. ସଟ୍‌କା) ଗୁଞ୍ଜି ସେହି ନଳକୁ ଚୁଚୁମିଲେ ନଡ଼ିଆରେ ପାଣି ନ ଥିବା ଉପର ଅଂଶରେ ଚିଲମରେ ଥିବା ଗୁଡ଼ାଖୁ ପୋଡ଼ି ଯାଇ ତହିଁର ଧୂଆଁ ନଳ ବାଟେ ଆସି ନଡ଼ିଆରେ ଥିବା ପାଣି ଉପରକୁ ଗୁଡ୍‌ଗୁଡ୍ ଶବ୍ଦ କରି ଉଠି ଆସେ ଓ ନଡ଼ିଆର ପାର୍ଶ୍ୱସ୍ଥ ଛିଦ୍ର ବାଟେ ତାହା ପାଟିକୁ ଆସେ । ଏତଦ୍ଦ୍ୱାରା ଗୁଡ଼ାଖୁ ଧୂଆଁର ମିଷ୍ଟ ସ୍ୱାଦ ମନୁଷ୍ୟ ଭୋଗ କରେ । ହୁକା ଟାଣିବା ବେଳେ ଚିଲମର ଧୂଆଁ ନାଳଗୁ ବାଟେ ନଡ଼ିଆର ପାଣି ଭିତର ଦେଇ ଉଠିବା ବେଳେ ଗୁଡ୍‌ଗୁଡ୍ ଶବ୍ଦ ହୁଏ ।

ହୁକା ସାଧାରଣତଃ ୨ ପ୍ରକାରର—୧ । ନଡ଼ିଆ ହୁକା—ଏହାର ଗାଣ୍ଡି ନ ଥିବାରୁ ଏହାକୁ ତଳେ ରଖି ଦେଲେ ଏହା ଢଳି ପଡ଼େ । ଏଥିପାଇଁ ଗୋଟିଏ ନଡ଼ିଆ ସମ୍ଭାଳିବା ଭଳି ପାତ୍ର ଆକୃତିର ବଇଠକ ଦରକାର ହୁଏ । ୨ । ଅଲବଲ୍ଲା ହୁକା—ଏଥିରେ ନଡ଼ିଆ-ଜଳାଧାର ପରିବର୍ତ୍ତେ ଧାତୁ-ନିର୍ମିତ ସମତଳ ଆଧାର ବ୍ୟବହୃତ ହୁଏ ଓ ଏଥିରେ ସଟ୍‌କା ପରିବର୍ତ୍ତେ ଗୋଟିଏ ଲମ୍ବ ଓ ନମନୀୟ ନଳ ଲାଗିଥାଏ । ନଡ଼ିଆ ହୁକାକୁ ମନୁଷ୍ୟ ହାତରେ ନ ଧରିଲେ ଧୂମପାନ କରି ପାରନ୍ତି ନାହିଁ, କିନ୍ତୁ ଅଲବଲ୍ଲା ହୁକାକୁ ତଳେ ଥୋଇ ଖଣ୍ଡିଏ ଦୂର ଛଡ଼ାରେ ବସି ବା ଶୋଇ ଧୂମପାନ ସୁଖ ଉପଭୋଗ କରାଯାଏ ।

ଅଫିମକୁ ପୋଡ଼ା ପିଜୁଳି ପତ୍ର ସଙ୍ଗେ ନିଆଁରେ ରାନ୍ଧି 'ମଦକ' ବା 'ଗୁଲି' ନାମକ ଗୁଳା (ସଂ. ଗୋଳକ) ତିଆରି କରାଯାଏ । ଏହି ଗୁଲି ଖାଇବା ପାଇଁ ଯେଉଁ ହୁକା ବ୍ୟବହୃତ ହୁଏ ତହିଁର ଚିଲମ୍ ଗୁଡ଼ାଖୁ ଚିଲମ ପରି ଛଣାକାର ନ ହୋଇ ତାହାର ସରୁଆ ମୁହଁରେ ଗୋଟିଏ ମାତ୍ର ଛିଦ୍ର ଥାଏ ଓ ସଟ୍‌କା ପରିବର୍ତ୍ତରେ ଗୋଟିଏ ଲମ୍ବ ସିଧା ନଳ ସେଥିରେ ଲାଗିଥାଏ । ମଦକର ଗୋଟିଏ ଛୋଟ ବା ଗୁଳାକୁ ଚିଲମର ଅଗର ଛିଦ୍ର ଉପରେ ରଖି ତହିଁରେ ଲମ୍ବ ଟିକିଆ ଦ୍ୱାରା ଅଗ୍ନି ସଂଯୋଗ କଲା ବେଳେ ଗୁଲି ଖାଇବା ଲୋକ ବଡ଼ ସଟ୍‌କାରେ ମୁହଁ ଲଗାଇ ଶୋଷି ନିଏ ଓ ମଦକରୁ ନିର୍ଗତ ଧୂଆଁ ସେ ନଳ ବାଟେ ପାଟିକୁ ଯାଏ ।

ହୁକାର ଭିନ୍ନ ଭିନ୍ନ ଅଙ୍ଗ ଓ ଉପକରଣ :—

୧ । କାହାଳି, ଚିଲମ (ବଂ. କଲ୍‌କେ, କଲିକା) ଧାତୁରା ଫୁଲ ଆକୃତି ବିଶିଷ୍ଟ, ତଳେ ଛିଦ୍ର ଥିବା ମାଟିର ପାତ୍ର ।

୨ । ଠିକରି (ବଂ. ଠିକ୍‌ରି), ଚିଲମର ନିମ୍ନସ୍ଥ ଛିଦ୍ରର ମୁହଁରେ ଦିଆଯିବା ଗୋଡ଼ି ବା ଖପରା । ଏହା ଥିବାରୁ ଚିଲମର ଛିଦ୍ର ମଧ୍ୟରୁ ଗୁଡ଼ାଖୁ ବା ନିଆଁ ପଶିଯାଏ ନାହିଁ ।

୩ । ଟିକିଆ (ବଂ. ଟିକିୟା), ଅଙ୍ଗାରଗୁଣ୍ଡ ସଙ୍ଗେ ପେଜ ମିଶାଇ ଶୁଖା ଯାଇଥିବା ପିଠା । ଏଥିରେ ଚଞ୍ଚଳ ନିଆଁ ଧରେ ଓ ଚିଲମରେ ଗୁଡ଼ାଖୁ ରଖି ତା ଉପରେ ଖଣ୍ଡି କେତେ ଟିକିଆ ରଖି ନିଆଁ ଲଗାଇ ଦେଲେ ଶୀଘ୍ର ସମୁଦାୟ ଟିକିଆରେ ନିଆଁ ଲାଗି ଗୁଡ଼ାଖୁ ପୋଡ଼ି ଯାଏ ।

୪ । ନଳ, ନଳି, ନଳଗୁ (ବଂ. ନଲିଚା, ନଲ୍‌ଚେ), ଗୋଟିଏ କାଠର ସରୁ ନଳ । ଏହାର ମୁଣ୍ଡପାଖକୁ ଚିଲମର ନିମ୍ନସ୍ଥ ଛିଦ୍ରରେ ଗୁଞ୍ଜିବାକୁ ହୁଏ ଓ ତଳ ପାଖଟି ନଡ଼ିଆରେ ପଶି ଥାଏ ।

୫ । ନଡ଼ିଆ (ବଂ. ଖୋଲ, ମାଲା), ଗୋଟିଏ ନଡ଼ିଆ ଭିତରୁ ଶସ୍ୟାଦି କୋରା ହୋଇ ତାହାର ଠିକ୍ ମୁଣ୍ଡ ଉପରେ ଗୋଟିଏ ଛିଦ୍ର କରା ଯାଇଥାଏ । ସେହି ଛିଦ୍ର ବାଟେ ନଳର ନିମ୍ନ-ମୁଣ୍ଡକୁ ଭର୍ତ୍ତି କରାଯାଏ ଓ ଉକ୍ତ ନଡ଼ିଆ କୁମ୍ଭାର ପାର୍ଶ୍ୱରେ ଗୋଟିଏ ଛିଦ୍ରରେ ଓଠ ଲଗାଇ ବା ସଟ୍‌କା ଦ୍ୱାରା ଧୂଆଁ ଟାଣିବାକୁ ହୁଏ ।

୬ । ସଟ୍‌କା, ସିଟ୍‌କା (ବଂ. ସଟକା, ନଲ), ନଡ଼ିଆ କୁମ୍ଭାର ପାର୍ଶ୍ୱସ୍ଥ ଛିଦ୍ରରେ ଲାଗିଥିବା ଶ୍ରେଷ୍ଠ ନଳ । ଏହାକୁ ମୁହଁରେ ଧରି ଶୋଷିଲେ ନଡ଼ିଆ କୁମ୍ଭା ମଧ୍ୟରେ ଜମା ହୋଇଥିବା ଧୂଆଁ ପାଟିକୁ ବାହାରି ଆସେ ।

୭ । ଢାଙ୍କୁଆ (ବଂ. ଢାକ୍‌ନା) ହୁକାର ଚିଲମରେ ଥିବା ଅଗ୍ନିଯୁକ୍ତ ଗୁଡ଼ାଖୁର ଧୂଆଁ ପବନରେ ଉଡ଼ି ନ ଯିବା ପାଇଁ ଚିଲମ ଉପରେ ଘୋଡ଼ା ଯିବା ଗୋଟିଏ ଛିଦ୍ରଯୁକ୍ତ ଆବରଣ ।

୮ । ଗଜ, ଶିକ (ବଂ. ଗଜ, ଛିଁଚ୍‌କେ)—ହୁକାର ନଳର ବା ଚିଲମର ଛିଦ୍ର ମଇଳା ଦ୍ୱାରା ବନ୍ଦ ହୋଇ ଯାଇଥିଲେ ତାହା ସଫା କରିବା ପାଇଁ ବ୍ୟବହୃତ ଲୁହାର ମୋଟ ତାର ବା ଶିକ ।

୯ । ଗୁଡ଼ାଖୁ (ବଂ. ତାମାକ୍)—ଗୁଡ଼ ଓ ସୁବାସିତ ମସଲା ମିଶା ଧୂଆଁପତ୍ର ଗୁଣ୍ଡ ।]

ପ୍ରାଦେ (ମେଦିନୀପୁର) ବି—ହୁକା—Ant hill.

ହୁକା ଖାଇବା(ଟାଣିବା, ପିଇବା)—ଦେ. କ୍ରି—ହୁକା ଦ୍ୱାରା ଧୂମ ପାନ
Hukā khāibā(ṭānibā, pi-ibā) କରିବା—To smoke
হুঁকা টানা हुक्का पीना with a hubble bubble.

ହୁକା ଗୁଲ—ଦେ. ବି—ହୁକାରେ ବ୍ୟବହୃତ ହୋଇଥିବା ଦଗ୍ଧ ଗୁଡ଼ାଖୁ—
Hukā gula Burnt tobacco-mixture after
হুঁকার গুল राख it is used in a hookāh.

ହୁକା ପାଣି—ଦେ. ବି—ହୁକାରେ ବ୍ୟବହୃତ ଜଳ, ଯାହାର ମଧ୍ୟ ଦେଇ
Hukā pāni ଗୁଡ଼ାଖୁ ଧୂଆଁ ବାହାର ଆସି ଥାଏ—The used
হুঁকোর জল हुक्का पानी water of a hookāh.

ହୁକା ବଇଠକି(ବଇଠି) ଦେ. ବି—ଅଗାଣ୍ଡିଆ ହୁକାକୁ ସ୍ଥିର କରି
Hukā baiṭhaki(baiṭhi) ରଖିବା ପାଇଁ ବ୍ୟବହୃତ ବଇଟି-
[ହୁକା ବୈଠକ(ବୈଠି)—ଅନ୍ୟରୂପ] ଲଗା ଆଧାର—
হুঁকোর বৈঠক A stand for keeping the Hookāh
हुक्काबैठकी erect.

ହୁକା ବର୍‌ଦାର—ବୈଦେ. ବି—(ଫା)—ବଡ଼ଲୋକଙ୍କସଙ୍ଗେ ହୁକା
Hukā bar-dār ବହନ କରିବା ଭୃତ୍ୟ—A servant
হুঁকা বরদার carrying the hookāh in the retinue of
हुक्का बरदार a rich person.

ହୁକି ଟୋଲା—ଦେ. ବି—(ନାମ)—କଟକ ଜିଲ୍ଲାରେ ଅବସ୍ଥିତ ମହାନଦୀ
Hukiṭolā ମୁହାଣ ଫଲ୍‌ସ୍‌ପଏଣ୍ଟ ବତିଘର ନିକଟସ୍ଥ ବସତି—
Name of a village near the Falsepoint light house at the mouth of the Mahānadī river inthe Cuttack district.

ହୁକୁମ୍—ବୈଦେ. ବି—(ଆ. ହୁକ୍‌ମ୍)—୧ । ଆଜ୍ଞା; ଆଦେଶ—1.
Hukum হুকুম্ हुक्म Order; command.
[ପ୍ର—ହାକିମ ବଡ଼ ନୁହେଁ ହୁକୁମ ବଡ଼—ପ୍ରବଚନ। ଏଥିର ଅର୍ଥ—ହାକିମ ତୁମ ଆମପରି ଜଣେ ସାଧାରଣ ଲୋକ ଅଟନ୍ତି, କିନ୍ତୁ ତାଙ୍କର କ୍ଷମତା ବଳରେ ସେ ଯେଉଁ ଆଦେଶ ଦିଅନ୍ତି ତାହାହିଁ ବଡ଼ ଅଟେ ।]
୨ । ମୀମାଂସା—2. Decision. ୩ । ବିଚାରର ଫଳ—3. The result of judgement; judicial decision. [ପ୍ର—ହାକିମ ଫେରେ, ତ ହୁକୁମ ଫେରେ ନାଁ—ପ୍ରବଚନ। ଏଥିର ଅର୍ଥ—ଏକ ହାକିମ ବଦଳ ହେଲେ ବା ମୃତ ହେଲେ ତାଙ୍କ ସ୍ଥାନରେ ଅନ୍ୟ ହାକିମ ଆସନ୍ତି, କିନ୍ତୁ ପ୍ରଥମ ହାକିମଙ୍କ ପ୍ରଦତ୍ତ ହୁକୁମ ଅପରିବର୍ତ୍ତିତ ରହେ ।] ୪ । ବିଚାର ଫଳର ଲିପି—4. Decree. ୫ । କୌଣସି ଦେବାନୁଗୃହୀତ ମନୁଷ୍ୟଙ୍କ ଦ୍ୱାରା ପ୍ରଚାରିତ ହେବା ଦେବାଦେଶ—5. An order of a Deity conveyed through a favoured person; Divine command. [ପ୍ର—ରୋଗ ଇତ୍ୟାଦି ଭଲ ହେବାପାଇଁ, କିମ୍ବା ନିଜର ବାଞ୍ଛାସିଦ୍ଧିପାଇଁ ଲୋକେ ଦେବତାଙ୍କୁ ଅନୁସରଣ କରନ୍ତି । ଉକ୍ତ ଦେବତା ପ୍ରାର୍ଥୀ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ଦିଅନ୍ତି, କିମ୍ବା ଉକ୍ତ ଦେବତାଙ୍କର ବିଶେଷ ଅନୁଗ୍ରହ ଥିବା ବ୍ୟକ୍ତିଙ୍କୁ ଦେବତା ତାଙ୍କ ଆଦେଶ ଜଣାନ୍ତି ଓ ଉକ୍ତ ବ୍ୟକ୍ତି ଦେବତାଙ୍କ ଆଦେଶକୁ ପ୍ରାର୍ଥୀଙ୍କୁ ଜଣାନ୍ତି ।] ୬ । ଦେବାଦେଶପ୍ରାପ୍ତ ଔଷଧ—6. A medicine got by a Divine command. ୭ । ତାସ୍ ବା ଗଞ୍ଜପା ଖେଳରେ ରଜା, ରାଣୀ ଆଦି ବେଶୀ ଦରର ତାସ୍—7. King and queen cards and other cards of higher value in the game of cards or gañjapā.

ହୁକୁମ୍ ଅମାନ୍ୟ—ଦେ. ବି—କୌଣସି ଆଦେଶକୁ ନ ମାନିବା—
Hukum amānya Disobedience of an order.
হুকুম অমান্য हुक्म अमान्य

ହୁକୁମ୍ କରିବା—ଦେ. କ୍ରି—୧ । ଆଦେଶ ଦେବା—1. To give
Hukum karibā or issue an order. ୨ । ଆଜ୍ଞା
হুকুম করা ପାଳନ କରିବା—2. To carry out an order.
हुक्म करना

ହୁକୁମ୍ ଚଳା(ଲେ)ଇବା—ଦେ. କ୍ରି—୧ । ଆଦେଶ ଦେବା—1. To
Hukum chalā(le)ibā pass an order. ୨ । ହୁକୁମ
হুকুম চালান ପ୍ରଚାର କରିବା—2. To promulgate an
हुक्म चलाना order.

ହୁକୁମ୍ ଜାରି—ବୈଦେ. ବି (ଫା) (ଜଡ଼ିତ ଅ)—୧ । ଆଜ୍ଞା ପ୍ରଚାର—
Hukum jāri 1. Promulgation of an order. ୨ ।
হুকুম জারি ହାକିମଙ୍କ ପ୍ରଦତ୍ତ ଆଦେଶର ସାଧାରଣରେ ପ୍ରଚାର-
हुक्मजारी କରଣ ବା ଜ୍ଞାପନ—2. Conveying or publishing of an order passed by an authority. ୩ । ନିଃସନ୍ଦେହରେ ସର୍ବଥା ଆଜ୍ଞା ଅନୁସାରେ କାର୍ଯ୍ୟ ହେବାର ଅବସ୍ଥା—3. The state of an order being carried out without fail.

ହୁକୁମ୍ ତାବେ—ବୈଦେ. ବିଣ—(ଫା) (ଜଡ଼ିତ ଅ)—୧ । କୌଣସି
Hukum tābe ବ୍ୟକ୍ତିଙ୍କ ଆଜ୍ଞାର ଅଧୀନ—1. Subservient
হুকুম তাঁবে to a person's order. ୨ । ଅଧସ୍ତନ; ଅଧୀନ—
हुक्म बरदार 2. Subordinate.

ହୁକୁମ୍ ତାମିଲ୍—ବୈଦେ. ବି—(ଅ)—ଆଦେଶ ପାଳନ—
Hukum tāmil Carrying out of an order.
হুকুম তামিল हुक्म तामिल

ହୁକୁମ୍‌ଦାର—ବୈଦେ. ବି—(ଅ)—ଆଜ୍ଞାବହ ଭୃତ୍ୟ; ଅର୍ଦ୍ଦଳୀ—
Hukum-dār An orderly.
হুকুমদার हुक्म बरदार

ହୁକୁମ୍ ଦେବା—ଦେ. କ୍ରି—୧ । ଆଦେଶ ପ୍ରଦାନ କରିବା—1. To
Hukum debā give an order. ୨ । ପ୍ରାର୍ଥନାକାରୀଙ୍କୁ
হুকুম দেওয়া ଦେବାଦେଶ ଜଣାଇବା—2. To convey
हुक्म देना a Deity's order to a devotee.

ହୁକୁମ୍ ନବିଶ୍—ବୈଦେ. ବି—(ଫା) (ଜଡ଼ିତ ଅ)—ଯେଉଁ କର୍ମଚାରୀ
Hukum nabis ହାକିମଙ୍କ ପ୍ରଦତ୍ତ ଆଦେଶମାନଙ୍କୁ ଲିପିବଦ୍ଧ
হুকুমনবিশ କରି ରଖନ୍ତି—A clerk whose duty it is
हुक्म नवीश to record and register orders passed.

ହୁକୁମ୍ ନାମା—ବୈଦେ. ବ (ଲଚରଅ)(ଫା)—ଆଦେଶ ପତ୍ର; ଆଜ୍ଞାପତ୍ର; ଅାଦେଶ ଲିପି—A written order; a warrent.
Hukum-nāmā
হুকুমনামা हुक्मनामा

ହୁକୁମ୍ ବଜା(ଜେ)ଇବା—ଦେ, କ୍ରି—ଅାଦେଶ ପାଳନକରିବା—To carry out an order.
Hukumbajā(je)ibā
হুকুমবাজান हुक्मबजाना

ହୁକୁମ୍ ବଜାୟ୍—ବୈଦେ. ବ—(ଅ. ହୁକ୍‌ମ ଓ ଫା ବଜାୟ୍)—୧ । ଅାଦେଶ ପାଳନ—1. Carrying out of an order. ୨ । ପୂର୍ବ ପ୍ରଦତ୍ତ ବା ପ୍ରଥମ ପ୍ରଦତ୍ତ ଅାଦେଶର ଅପରିବର୍ତ୍ତନ—2. Confirmation of an order previously passed.
Hukum bajāy
হুকুম্‌বজায় हुक्मबजाय

ହୁକୁମ୍ ବର୍ ଦାର୍—ବୈଦେ. ବଣ (ଅ)—୧ । ଅାଜ୍ଞା ପାଳନକାରୀ—1. Carrying out an order. ୨। ଅାଦେଶାନୁବର୍ତ୍ତୀ—2. Obedient; subservient. ବ—୧ । ଅାଜ୍ଞାପାଳକ ଭୃତ୍ୟ—1 An obedient servant. ୨ । ହାକିମଙ୍କ ହୁକୁମ ଅନୁସାରେ ଯେଉଁ ଚାକର ଏଣେ ତେଣେ ଯାଆସ କରେ—2 An orderly.
Hukum bar-dār
হুকুমবরদার हुक्मबरदार

ହୁକୁମ୍ ବର୍ ଦାରି—ବୈଦେ. ବ(ଅ)—ଅାଜ୍ଞାନୁବର୍ତ୍ତିତା—The state of carrying out orders; subserviency.
Hukum bar-dāri
হুকুমবরদারি हुक्मबरदारि

ହୁକୁମ୍ ବହି—ବୈଦେ. ବ(ଅ)—ଯେଉଁ ପୁସ୍ତକରେ ହାକିମଙ୍କ ପ୍ରଦତ୍ତ ହୁକୁମମାନ ଧାରାବାହିକରୂପେ ଲିପିବଦ୍ଧ ହୁଏ—Order book
Hukum bahi
হুকুমবই हुक्मबहि

ହୁକୁମର ଚାକର—ଦେ. ବ—ଅାଜ୍ଞାପାଳନକାରୀ ଭୃତ୍ୟ—A servant whose duty is to carry out orders
Hukumara chākara
হুকুমের চাকর हुक्मकानौकर

ହୁକୁମ ରଦ୍ (ଦ୍)—ବୈଦେ.ବ (ଲଚରଅ)—(ଅ)—ପ୍ରଦତ୍ତ ଅାଦେଶର ଖଣ୍ଡନ—Nullification or setting aside of an order
Hukuma rad(dd)
হুকুমরদ हुक्मरद्द

ହୁକୁମ ଲେଉଟା(ଟେ)ଇବା—ଦେ.କ୍ରି—କୌଣସି ହୁକୁମ ହେଲାପରେ ତାକୁ ରଦ୍ଦ କରିବା—To undo an order
Hukuma leuṭā(ṭe)ibā
হুকুমরদ্দকরা हुक्मरद्दकरना

ହୁକୁମ ଲେଉଟିବା—ଦେ· ବ—ହୁକୁମ ହେଲାପରେ ତା ଫେରିଯିବା—Upsetting of the order.
Hukuma leuṭibā

ହୁକୁମ ସାଦରହେବା—ଦେ. କ୍ରି—ଅାଦେଶ ପ୍ରଚାରିତ ହେବା—The issue of an order.
Hukuma sādar hebā
हुक्मजारीहोना হুকুম হওয়া

ହୁକୁମତ୍ (ତି)—ବୈଦେ ବ—(ଅ ହୁକୂମତ୍)—୧ । ପ୍ରଭୁତ୍ୱ—1. Mastery. ୨ । ଅଧିକାର—2. Authority ୩ । ସ୍ୱତ୍ୱ; ଶାସନ—3. Reign; dominion; administration ୪ । ଯେଉଁ ଅଧିକାର ବଳରେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ଉପରେ ଅାଦେଶ ଜାରୀକରେ ବା ପ୍ରଭୁତ୍ୱ କରେ—4. Position of authority.
Hukumat(ti)
হুকুমত্‌ हुकुमत

ହୁକୁମତି କରିବା (କାଢ଼ିବା)—ଦେ. କ୍ରି—ଅାପଣାର ପ୍ରଭୁତ୍ୱ ବା ଅଧିକାର ସର୍ବସାଧାରଣରେ ଦେଖାଇ ଦେବା—To show off one's authority; to boast of one's position of authority
Hukumati karibā (kāṛhibā)
[ହୁକୁମତି ଜାହିରକରିବା, ହୁକୁମତି ଜାହିର(ରି)କରିବା—ଅନ୍ୟରୂପ]
হুকুমত্‌করা हुकुमतकरना

ହୁକୁମା—ଦେ. ବ—ଇତ୍ୟାଦି ଅର୍ଥରେ ହାକିମ୍ ଶବ୍ଦର ପରେ ସହଚର ଶବ୍ଦରୂପେ ବ୍ୟବହୃତ ଶବ୍ଦ—A word used after the word 'Hākim' to denote etcetera. (ଯଥା—ହାକିମ୍ ହୁକୁମା)—
Hukumā
হাকিম हिकाम

ହୁକୁହୁକା—ଦେ. ବଣ. ପୁଂ—(ଯେଉଁ ବ୍ୟକ୍ତି) କୌଣସି କାର୍ଯ୍ୟ କରିବାକୁ ଅାଗ୍ରହାତିଶଯ୍ୟ ପ୍ରକାଶ କରେ—Showing much hankering to do a thing.
Hukuhukā
নিশ্‌পিশে अगुआ (ହୁକୁହୁକେଇ—ସ୍ତ୍ରୀ)

ହୁକୁହୁକୁ—ଦେ (ଧ୍ୱନ୍ୟନୁକରଣ) ଅ—୧ । ହାଇଁ ପାଇଁ; କୌଣସି କାର୍ଯ୍ୟ କମନ୍ତେ ଅାଗ୍ରହାତିଶଯ୍ୟ ବା ଉଦ୍‌ବିଗ୍ନତା-ପ୍ରକାଶ—1. Hankering after any thing; eagerness to do a thing. ୨ । ଅନଭିଜ୍ଞ ବ୍ୟକ୍ତିର କାର୍ଯ୍ୟ କରିବା ପାଇଁ ଅାଗ୍ରହାତିଶଯ୍ୟ—2 Eagerness of a biginner or a novice. ୩ । ନଦୀ ପାଣିର ସ୍ରୋତ ବୋହି ଯିବାର ଧୀର ଶବ୍ଦ—3. The gliding sound of the flowing river—current. (ଉ—ନଈପାଣି ହୁକୁହୁକୁ, କଏ ନେଇ ଗଲା ଚଲମାଳକୁ, ମୋ ଗଳାମାଳା ମାଣିକକୁ, ତେଲାଙ୍କ—ଗୀତ ।) ୪ । ପେଚାର ରାବ—4. The hooting of the Owl.
Hukuhuku
হাঁই পাঁই अगुआ

ହୁକୁହୁକୁ ହେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କମନ୍ତେ ଅାଗ୍ରହାତିଶଯ୍ୟ ବା ଉଦ୍‌ବିଗ୍ନତା ପ୍ରକାଶ କରିବା—1. To hanker after a thing. ୨ । (ନଦୀର ପାଣି) ବୋହିବା ସମୟରେ ଧୀର ଶବ୍ଦ କରିବା—2. To make a gliding sound (said of the current of a river).
Huku huku hebā
নিশ্‌পিশকরা अगुआहोना

ହୁକେ—ଦେ· (ଧ୍ୱନ୍ୟନୁକରଣ) ଅ—ରାତିରେ ପ୍ରତି ପହରର ଅନ୍ତରରେ ବିଲୁଅମାନଙ୍କ ସମ୍ମିଳିତ ବୋବାଳି ଧ୍ୱନି—The howling of jackals in the night at intervals of 3 hours since evening. [ଉ—ହୁକେ—ହୁକେ—ହୋ ! ବିଲୁଅ ଡାକିଲେ ଠିକ୍ ଅଧରାତି । ଫକୀର ମୋହନ, ଛମାଣ ଅାଠଗୁଣ୍ଠ]
Huke
হুকাহুয়া हुक्का हुक्काँहुआ
ହୁକେହୁ(ହୋ),ହୁକେହୁକେ, ହୁକେ ହୁକେ ହୁ (ହୋ) } ଅନ୍ୟରୂପ

ହୁକ୍କା (ଇତ୍ୟାଦି) ବୈଦେ· ବ—ହୁକା ଇତ୍ୟାଦି (ଦେଖ)—Hukā etc (See).
Hukkā (etc)

ହୁଗ୍‌ଲ—ପ୍ରାଦେ (ଖଡ଼୍ଜାଅଞ୍ଚଳ) ବିଣ—ଢିଲ—Slack; loose.
Hug-la

ହୁ(ଭ)ଗ୍‌ଲିବା—ପ୍ରାଦେ (ଖଡ଼୍ଜାଅଞ୍ଚଳ) କ୍ରି—ଢିଲ ହେବା—To be
Hu(bha)g-libā slack; to be loosened.

ହୁଗାଳିବା—ଦେ. କ୍ରି—୧ । ହୁଗୁଳିବା କ୍ରିୟାର ଣିଜନ୍ତରୂପ;
Hugāliba ହୁଗୁଳାଇବା; ଶ୍ଳଥ କରାଇବା—To slacken;
ହଲହଲକରା to loosen. ୨ । (ହୁଗୁଳିବାର ସକର୍ମକରୂପ)
ନିକାଲନା ବେଣ୍ଟରୁ କଟୁରି, କୁରାଢ଼ି ଆଦିକୁ ହୁଗୁଳା କରିବା—
2. To loosen an instrument or weapon from its handle.

ହୁଗୁଳା—ଦେ. ବିଣ—୧ । ଶିଥିଳ; ଶ୍ଳଥ; ଢିଲ—1. Loose;
Hugulā slack. ୨ । ଯାହା ଠିକ୍‌ରୂପେ ଛିଦ୍ରରେ ବସି ନ
ଥାଏ—2. Not fitting tightly. ୩ । ଯେଉଁ
ଅଳଙ୍କାର ବା ପୋଷାକ ଦେହରେ ଠିକ୍ ହୋଇ ନ ବସେ—
3. Loose (garment or ornament). ୪ । ଯାହା
ହଲହଲେ ढिला ହଲ ହଲ ହେଉଥାଏ—4. Shaky.

ହୁଗୁଳା(ଳେ)ଇବା—ଦେ. କ୍ରି—(ହୁଗୁଳିବାର ସକର୍ମକ ରୂପ)—ଶ୍ଳଥ
Hugulā(le)ibā କରିବା; ଶିଥିଳ କରିବା; ଶିଥିଳାଇବା;
ହୁଗାଳିବା—To loosen, to slacken.
ହଲହଲ କରା ढिलाकरना

ହୁଗୁଳି—ଦେ. ବିଣ (ନାମ)—୧ । ଗଙ୍ଗା ନଦୀର ଯେଉଁ ଶାଖା କଲିକତା
Huguli ବାଟେ ବଙ୍ଗୋପସାଗରକୁ ଯାଇଅଛି—1. The name
of the branch of the Ganges flowing along Calcutta. ୨ । ବଙ୍ଗ ପ୍ରଦେଶର ବର୍ଦ୍ଧମାନ
ଡିଭିଜନର ଗୋଟିଏ ଜିଲ୍ଲା ଓ ସବ୍‌ଡିଭିଜନ୍ ଓ ହୁଗୁଳି ନଦୀର
କୂଳସ୍ଥ ନଗରର ନାମ—2. Name of a district,
subdivision and town on the river Hoogly in the Burdwan division of the
Bengal Presidency. [ବି—ଏହି ଜିଲ୍ଲାର ୩ଟି
ଗୋଟି ସବ୍‌ଡିଭିଜନ୍ ଅଛି । ଯଥା—ହୁଗୁଳି, ଶ୍ରୀରାମପୁର ଓ
ଆରାମବାଗ । ଏହି ଜିଲ୍ଲାର ରାଜଧାନୀ—ଚୁଞ୍ଚୁଡ଼ା] ଦେ.
ବିଣ—(ବ୍ୟଙ୍ଗ) ଯେଉଁ ବଢ଼େଇର କାମମାନ ଖାପ ଖାଇ
ହୁଗୁଳା ହୁଏ—A carpenter whose handi-
ହୁଗଲି हुगुलि works do not fit well.

ହୁଗୁଳି ପଡ଼ିବା—ଦେ. କ୍ରି—(ଖିଲାଆଦି) ଛିଦ୍ରରୁ ଶିଥିଳ ହୋଇ
Huguli pardibā ବାହାରି ଯିବା—To come out of
a hole by becoming loose (said of pegs
ହଲହଲେ হওয়া निकलपड़ना etc. fitted to a hole).

ହୁଗୁଳିବା—ଦେ. କ୍ରି—୧ । ହୁଗୁଳା ହେବା; ଗଣ୍ଠିରୁ ବା ବନ୍ଧନରୁ ଶ୍ଳଥ
Hugulibā ହେବା—1.To be slackened; to become
[ହୁଗୁଳିଯିବା—ଅନ୍ୟରୂପ] slack. ୨ । ଛିଦ୍ରରୁ ଶ୍ଳଥହେବା—
ହଲହଲ হওয়া 2.To become loosened from the hole or
निकलना socket. ୩ । ଖସିଯିବା; ସ୍ଥାନରୁ ଚ୍ୟୁତ ହେବା—
3. To be dislocated. (ଉ—ସେ ସବାଶୁ ତାହାର
ହାଡ଼ ହୁଗୁଳିଲା—କୃଷ୍ଣସିଂହ ମହାଭାରତ—ବନ)

ହୁଗୁଳି ମ(ମା)ହାରଣା—ଦେ ବି(ବଙ୍ଗ)—ଯେଉଁ ବଢ଼େଇର କାରିଗରି
Huguli ma(mā)hāranā କାମ ମାନ ହୁଗୁଳା ହୁଏ—
(ironical) A carpenter whose handiworks
ढिलाकरनेवालामिस्त्री do not fit well.

ହୁଙ୍କା—ଦେ. ବି—(ସଂ. ଶଙ୍କୁ)—ଉଈ ବଲ୍ମୀ; ଉଈମାନଙ୍କ ନିର୍ମିତ
Hunkā ମାଟିର ଉଚ୍ଚ ସ୍ତୂପ—Ant-hill, mound raised
উইঢিপি दीवरामीर by white ants. [ଉ—ଉଈହୁଙ୍କା
ଚୋଳା ପାଣ୍ଡି ଗୋ ! ଅନ୍ଧ ସବୁ ମାଂସ ଉଜାର ଖାବନେ,
ଛୁଟି, ପଇଡ଼, ଭୃଙ୍ଗ, ଉଇ ଗୋ—ବାଳକୃଷ୍ଣ, ଫୁଲ ବଉଳ
ବେଣୀ] ବୈଦେ (ପ୍ରା) ବି—ହୁକା (ଦେଖ)—
Hukā (See).

ହୁଙ୍କା ଗୋସା(ସେ)ଇଁ—ଦେ. ବି—ସିଦ୍ଧ ପୁରୁଷମାନଙ୍କ ତପସ୍ୟା କରୁଥିବା
Hunkā gosā(se)iñ ସ୍ଥାନରେ ହୁଙ୍କା ଜନ୍ମେ—ଏହିପରି
ଅନୁମାନ କରି ସାଧାରଣ ଲୋକେ ଯେଉଁ ହୁଙ୍କାକୁ ପୂଜା
କରନ୍ତି—Ant hill worshipped as the seat
of some departed saint on which has
grown a big ant hill.

ହୁଙ୍କା ଛତୁ—ଦେ. ବି—ହୁଙ୍କା ଉପରେ ଯେଉଁ କ୍ଷୁଦ୍ର କ୍ଷୁଦ୍ର ଛତୁ
Hunkā chhatu ଉଠିଥାଏ—A species of mushroom
উইছাতু मीफुक्त growing on ant hills.

ହୁଙ୍କାପିଟା—ଦେ. ବି—ହୁଙ୍କାକୁ ପିଟି ବା ଭାଙ୍ଗି ସେ ମାଟିକୁ ଚାରିପାଖେ
Hunka pitā ଭୂମି ଉପରେ ଖେଳାଇବା—Breaking up
উইঢিপি ভাঙ্গা of an anthill and strewing the
दीवरा (मीर) तोड़ाइ earth around. ବିଣ—୧ । ଯେଉଁ
ବ୍ୟକ୍ତି କୌଣସି ପ୍ରଭେଦ ନ କରି ସମସ୍ତଙ୍କୁ ଏକାପରି
ଅତ୍ୟାଚାର କରି ଶାସନ କରେ—1. (A person)
Ruling with an iron hand without
distinction (lit. early a person who levels
up anthills). ୨ । ଅତ୍ୟାଚାରୀ—2. Oppressive.

ହୁଙ୍କା ମାଟି—ଦେ. ବି—ଉଈହୁଙ୍କାର ମୃତ୍ତିକା—The earth from
Hunkā māti an anthill.
উইমাটি दीवरामिट्टी

ହୁଙ୍କାର—ସଂ. ବି—(ହୁମ୍=ଅନୁକାର ଶବ୍ଦ+କୃ ଧାତୁ+ଭାବ ଅ)—
Hunkāra ୧ । ବଳ ପ୍ରକାଶ ପୂର୍ବକ ହୁଁ ଶବ୍ଦ—1. A
sound (hoom) uttered by one making a
big effort. [ବି—ମାନବ ଭାରୀ ବୋଝ ସ୍ଥାନରୁ ସ୍ଥାନାନ୍ତରକୁ
ନେଉଥିବାବେଳେ ହୁଙ୍କାର କରେ ଓ ବୀରମାନେ ଯୁଦ୍ଧ
କରିବାବେଳେ ମଧ୍ୟ ହୁଙ୍କାର କରନ୍ତି ।] ୨ । ଯୋଦ୍ଧାର ବା
ବୀରର ଭୀଷଣ ଯୁଦ୍ଧ ଗର୍ଜନ—2. The war-roar of
a warrior. ୩ । କପୋତର ହୁଁ ହୁଁ ଶବ୍ଦ—3.
The hooting or cooing of doves. ୪ ।
ବନ୍ୟ ବରାହର ଧ୍ୱନି—4. The roar of a boar.
୫ । ଗର୍ଜନ—5. Roar.

ହୁଙ୍କାର କରିବା—ଦେ. କ୍ରି—ବଳ ପ୍ରକାଶ ପୂର୍ବକ 'ହୁମ୍' 'ହୁମ୍' ରବ
Hunkāra karibā ଉଚ୍ଚାରଣ କରିବା—To make a

ହୁଙ୍କାର କରା 'hum' sound while making a big effort.
हुंकार करना

ହୁଙ୍କାରିବା—ଦେ. କ୍ରି—୧ । ହୁଙ୍କାର କରିବା—1. To make a
Huṅkāribā 'hum' sound while making a big
ହୁଙ୍କାର କରା effort. [ଦ୍ର—ଭୁଜଙ୍ଗ ଫିଙ୍ଗିଦେଲା ସେ ଭୁଜ
हुंकारना ହୁଙ୍କାରି । ରାଧାନାଥ, ବେଣୀ ସଂହାର ।] ୨ । ହୁଙ୍କାର
ପୂର୍ବକ ଉଠୁଙ୍କିବା—2. To make an effort or
to raise one's self with a Hum sound. ୩ ।
ଉଙ୍କାରିବା; କୌଣସି କଥାର ବା ପ୍ରସ୍ତାବର ସୂତ୍ରପାତ
କରିବା—3. To introduce or hint a
proposal; to make the first hint regarding a matter.

ହୁଙ୍କିବା—ଦେ. କ୍ରି—୧ । ଟଳିବା; ଟିକିଏ ମାତ୍ର ଚଳିତ ହେବା—1.
Huṅkibā To move a little. ୨ । ଉଠୁଙ୍କିବା—2.
ନଡ଼ା To raise one's self up with an effort.
टससे मस होना

ହୁଙ୍କୃତ(ତି)—ସଂ. ବି—(ହୁମ୍+କୃତ; କୃତି)—ହୁଙ୍କାର (ଦେଖ)—
Huṅkṛuta(ti) Huṅkāra (see).

ହୁଙ୍ଗ(ଙ୍ଗୁ)ଲା—ଦେ. ବଣ. ପୁଂ—ଫାଙ୍ଗୁଲା (ଦେଖ)—
Huṅg-(ṅgu)lā Phāṅgulā (See).
(ହୁଙ୍ଗୁଲି—ସ୍ତ୍ରୀ)

ହୁଙ୍ଗ(ଙ୍ଗୁ)ଲା(ଲେ)ଇବା—ଦେ. କ୍ରି—ଘୁଙ୍ଗାଳିବା (ଦେଖ)—
Huṅg(ṅgu)lā(le)ibā Ghuṅgālibā (See).
(ହୁଙ୍ଗାଳିବା—ଅନ୍ୟରୂପ)

ହୁଙ୍ଗ(ଙ୍ଗି)ବା—ପ୍ରାଦେ (ସମ୍ବଲପୁର) କ୍ରି—କାତୁଡ଼ି ମାରିବା—
Huṅg-(ṅgi)bā To sting.

ହୁଙ୍ଗା—ଦେ. ବଣ. ପୁଂ—ଘୁଙ୍ଗା (ଦେଖ)—
Huṅgā Ghuṅgā (See).
(ହୁଙ୍ଗୀ—ସ୍ତ୍ରୀ)

ହୁଙ୍ଗାହୁଙ୍ଗି—ପ୍ରାଦେ. (ଖଡ଼ଜାତ) ବି—ଅନ୍ୟୋନ୍ୟରେ ଭୁଷାଭୁଷି—The
Huṅgā huṅgi act of thrusting each other; mutual poking. ବଣ—ଅନ୍ୟୋନ୍ୟରେ ଭୁସାଭୁସି ହେଉଥିବା—Poking each other.

ହୁଙ୍ଗି ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଭୁସିଦେବା—1. To
Huṅgi debā poke. ୨ । ବଥକୁ ଫୋଡ଼ିବା—2. To
(ହୁଙ୍ଗିବା—ଅନ୍ୟରୂପ) pierce a boil with a pointed needle or pin.

ହୁଙ୍ଗିବା—ପ୍ରାଦେ (ଖଡ଼ଜାତ, ସମ୍ବଲପୁର) କ୍ରି—ଭୁସିବା—
Huṅgibā To poke.

ହୁଙ୍ଗୁଡ଼ି—ପ୍ରାଦେ. (ବାଲେଶ୍ୱର) ବି—(ଧ୍ୱନ୍ୟନୁକରଣ) ଘୁଙ୍ଗୁଡ଼ି
Huṅgurḍi (ଦେଖ)—Ghuṅgurḍi (See). [ଦ୍ର—
××× ଶୌରିବାର ହୁଇଜଣଙ୍କ କାହର ହୁଙ୍ଗୁଡ଼ି
ଭାବ ଏହୁ ଭ୍ରମପ୍ରମାଦର କାରଣ ଅଟେ । ପଦ୍ମାକରମୋହନ
ଉମାଶ. ଅଠଗୁଣ ।]

ହୁଙ୍ଗୁଲା ପୁ(ଫୁ)ଙ୍ଗୁଲା—ଦେ. ବଣ. ପୁଂ—ଫାଙ୍ଗୁଲା (ଦେଖ)—
Huṅgulā pu(phu)ṅgulā Phāṅgulā (See)
[ହୁଙ୍ଗୁଲିପୁ(ଫୁ)ଙ୍ଗୁଲି—ସ୍ତ୍ରୀ]

ହୁଚକା—ପ୍ରାଦେ (ଖଡ଼ଜାତ) ବି—ଥର; ବାର—
Huchkā Time.

ହୁଚକି—ପ୍ରାଦେ (ଖଡ଼ଜାତ) ବି—୧ । ହକ୍କା—1. Hiccough. ୨ ।
Huch-ki ହାକ୍ଟି (ଦେଖ)—2. Hāk-ṭi (See).

ହୁଚୁର୍ଣ୍ଣା(ର୍ଣ୍ଣା)—ପ୍ରାଦେ. (ସମ୍ବଲପୁର) ବି—ବାହୁଢ଼୍ଠୋକ—The act of
Huchurṇṇā(rṇṇā) patting one's own arm.

ହୁଜୁକ୍(ଗ୍)—ବୈଦେ. ବି—(ଉର୍ଦ୍ଦୁ ହୁଜକ୍=ଜାକଜମକ)—୧ ।
Hujuk(g) ଜାକଜମକ—1. Splendour. ୨ । ଗୋଳ-
हुजूक ଯୋଗ; ଗୋଳ—2. Ado; row. ୩ । କ୍ଷଣସ୍ଥାୟୀ
टेकमटक ଗୁଜବ—3. Short-lived rumour.

ହୁଜୁକ୍(ଗ୍) ମତା(ତେ)ଇବା—ଦେ. କ୍ରି—ଗୋଳଯୋଗ ଜାତ କରିଇବା
Hujuk(g)matā(te)ibā (ବଙ୍ଗଳାରୁ ଅନୁକୃତ) To set up
हुजुम मातान होहल्ला मचाना a row.

ହୁଜ(ଜି)ତ୍—ବୈଦେ. ବି—(ଆ. ହୁଜ୍ଜତ୍)—ହୁଜ୍ଜତ୍ (ଦେଖ)—
Huja(ji)t Hujjat (See).

ହୁଜ(ଜି)ତି—ବୈଦେ. ବଣ (ଆ)—ହୁଜ୍ଜତି (ଦେଖ)—
Huja(ji)ti Hujjati (See).
[ହୁଜ(ଜୁ)ତିଆ—ଦେ. ରୂପ]

ହୁଜୁତି—ପ୍ରାଦେ. (ଯାଜପୁର) ବି—ଅଳି (ଦେଖ)—Aḷi (See).
Hujuti (ଯଥା—ପିଲାଟା ଖାଲି ହୁଜୁତି ଲଗାଉଛି)

ହୁଜୁର୍ (ଇତ୍ୟାଦି)—ବୈଦେ. ଅ ଓ ବି (ଆ)—ହଜୁର୍ ଇତ୍ୟାଦି
Hujur (etc) Hajur etc (See).

ହୁଜ୍ଜ(ଜ୍ଜି, ଜ୍ଜୁ)ତ୍—ବୈଦେ. ବି—(ଆ—ହୁଜ୍ଜତ୍)—୧ । କଳି ତକରାର
Hujja(jji; jju)t —1. Quarrel. ୨ । ବାଗ୍‌ବିତଣ୍ଡା—2.
हुज्जत Wordy wrangle. ୩ । ତର୍କ—3. Argument
हुज्जत

ହୁଜ୍ଜ(ଜ୍ଜି, ଜ୍ଜୁ)ତି—ବୈଦେ. ବଣ(ଆ)—୧ । କଳିହୁଡ଼ା; କଳହପ୍ରିୟ—
Hujja(jji, jju)ti 1. Quarrelsome. ୨ । ବାଦ୍‌ବିତଣ୍ଡାକାରୀ
[ହୁଜ୍ଜ(ଜ୍ଜି, ଜ୍ଜୁ)ତିଆ—ଦେରୂପ] —2. Wrangling. ୩ ।
3. Argumentative; given to argument.

ହୁଞ୍ଚୁଡ଼ା—ଦେ. ବି—ବଳାତ୍କାରରେ କୌଣସି ବସ୍ତୁକୁ ଅନ୍ୟଠାରୁ ଛଡ଼ାଇ
Huñchurḍā ଛଡ଼ାଇ ନେବା—Forcible snatching
छिनान झपट away of a thing from another.

ହୁଞ୍ଚୁଡ଼ିବା—ଦେ. କ୍ରି—କୌଣସି ବସ୍ତୁକୁ ବଳାତ୍କାରରେ ଅନ୍ୟଠାରୁ ଛଡ଼ାଇ
Huñchurḍibā ଛଡ଼ାଇ ନେବା—To snatch away a
छिनाइया लओया thing with violence from another.
झपटलेना [ଦ୍ର—ହୁଞ୍ଚୁଡ଼ି ସେ ଶକ୍ତି ଗାର କେଲା ବାମ ହାତେ—
ରାଧାନାଥ ବେଣୀ ସଂହାର ।

ହୁଟ୍—ଦେ. ଅ—୧ । (ଅବଜ୍ଞାର୍ଥକ, ନିଷେଧାର୍ଥକ) ଦୂର୍; ଧୂତ୍—
Huṭ 1. Interjection indicating disregard and

ଧ୍ୟେୟ ହଟ prevention. ୨ । (ସ. ଝଟିତି) ହଠାତ୍—
ହଟ୍ ଝଟସେ 2. Suddenly; soon.

ହୁଟ୍ କଥା—ଦେ. ବି—ସାମାନ୍ୟ କଥା ବା ବିଷୟ—
Hut katha A slight matter.
ତୁଚ୍ଛ କଥା छोटीबात

ହୁଟ୍ କନା (ନି, ରି)—ଦେ. କ୍ରି ବିଣ—ଝଟ୍; ହଠାତ୍—
Hut kinā (ni; ri) Suddenly; all at once.
[ହୁଟ୍‌ବ(ଧ)ସ—ଅନ୍ୟରୂପ]
हुट्करे झटसे

ହୁଡ୍ ବୈଦେ. ବି—(ଇଂ)—ମଟର୍‌କାର୍ ଓ ଗାଡ଼ି ଆଦିର ଉପରର
Hud ଘୋଡ଼ାଟୋପ—Hood of a motorcar or carriage.
हुड हुड

ହୁଡ଼କା—ଦେ. ବି—ହୁଡ଼ୁକା (ଦେଖ)—
Hud-kā Hurduka (See)

ହୁଡ଼ହୁଡ଼—ସ. ବି—(ହୁଡ୍ ଧାତୁ ଦ୍ୱିତ୍ୱ + ଅ)—୧ । ସଞ୍ଚିତ —
Hurd hurda 1. Collection; heap; coming together. ୨ । ଜନତା; ଭିଡ଼—2. Crowd.

ହୁଡ଼(ଧାତୁ)—ସ.—୧ । ସଞ୍ଚୟ କରିବା; ଏକତ୍ର କରିବା—1. To
Hurd(root) gather together; to heap up.
୨ । ଗମନକରିବା—2. To move. ୩ । ମଗ୍ନହେବା
ମଜ୍ଜନ କରିବା—3. To sink; to dive. ୪ । ଆଘାତ
କରିବା—4. To strike. ୫ । ଏକତ୍ର ହେବା; ସମବେତ ହେବା—5 To be gathered at one place.

ହୁଡ଼—ସ. ବି—(ହୁଡ୍ ଧାତୁ+କର୍ତ୍ତୃ ଅ)—୧ । ଭେଡ଼ା; ମେଷ; ମେଣ୍ଢା
Hurda (ହେମଚନ୍ଦ୍ର, ଶବ୍ଦକଳ୍ପଦ୍ରୁମ)—1. Ram; sheep. ୨ । ଚୌର୍ଯ୍ୟ ନିବାରଣାର୍ଥ ଭୂମିନିହିତ ଲୌହମୟ ତୀକ୍ଷ୍ଣ ଶଙ୍କୁ—2. Iron nails or pins driven into the ground to prevent thieves entering a place. ୩ । ଲୌହଦଣ୍ଡ—3. Iron cudgel. ୪ । ଲଗୁଡ଼ (ମହାଭାରତ)—4. A cudgel; stick. ୫ । ଲୁହାର ଗଦା—5. A big iron club. ୬ । (+ ଅଧିକରଣ ଅ) ସୈନ୍ୟାଶ୍ରୟ ସ୍ଥାନ; ବୁରୁଜ—6. A room or shelter for soldiers ୭ । (+କର୍ମ ଅ) ରଥୋପରି ଦଣ୍ଡକ (ମଳମୂତ୍ର) ତ୍ୟାଗାର୍ଥ କାଷ୍ଠ (ମହାଭାରତ)—7. A bar of wood in a car on which the rider can ease himself. ୮ । (+ଭାବ ଅ) ଜନତା—8. Crowd. ୯ । ସୈନ୍ୟସଂଘ—9. A body of soldiers; army. ଦେ. ବି—୧ । ଯୁଆ ଖେଳରେ ରଖାଯିବା ବାଜି; ପଣ—1. A stake in a game of hazards. [ଉ—ଖେଳରେ ହୁଡ଼ ଯାହା କରିବ ସେ ଧନୁ—କୃଷ୍ଣସିଂହ ମହାଭାରତ. ସଭା] ୨ । ପଶାଖେଳରେ ବା କଉଡ଼ି ଖେଳରେ ଅସଙ୍ଗତ ଦାନ ପଡ଼ିବାଯୋଗୁ ଖେଳାଳୀର ଦାନ ମାରିଯିବା ଓ ହାରିବାକୁ ଯାଉଥିବା ଖେଳ କଥା ହେବା ବା ଘଟିବା—2. An unfavourable turn of the dice in a game leading to the defeat of a player. ୩ । ଜଆଖେଳରେ ମର ଯିବା ଜିତ ବା ରଖାଯିବା ପଣ—3. Wager. [ଉ—ଅଛ ଅଛିବେ କଣ୍ଠର ଗୁଣି ତୋଷ ହୋଇ; ବାଲାମଣି ହୁଡ଼ ରଖୁଥିବ ସତ ପାଇଁ—ଭକ୍ତ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ]
ଭୁଲ ୪ । ଭ୍ରମ; ଭ୍ରାନ୍ତି; ଭୁଲ—4. Mistake; blunder.
ଭୁଲ [ଉ—ବୋଧିଲେହେ ଅଷ୍ଟାଦୁର୍ଗ କାହା;ବୁଦ୍ଧି ହୁଡ଼ରୁ ନ ହେଲ ଏଥା—ଲବଣ୍ୟବତୀ] ୫ । ବିସ୍ମରଣ—2. Forgetting; oblivion. ୬ । ଦୋଷ—6. Fault; defect. ୭ । ଧ୍ୱଂସ; ଲୋପ—7. Destruction. ୮ । ଅପରିଷ୍କାରତା—8. Uncleanliness. ପ୍ରାଦେ (ଗଞ୍ଜାମ) ବି—ଖେଳରେ ହାର ଜିତ—Winning and defeat in a game.

ହୁଡ଼କ—ପ୍ରାଦେ. (ସିଂହଭୂମି) ବି—କବାଟର ଭିତର ଅଗଡ଼ର ଖିଲଣି—
Hurdak Wooden bar used in shutting a door from inside.

ହୁଡ଼ କରିବା—ଦେ. କ୍ରି—୧ । ହୁଡ଼ ମାରିବା (ଦେଖ)—
Hurda kariba Hurda mariba (See)
୨ । ଭ୍ରମ କରିବା—2. To commit a mistake. ୩ । ବାଜି ରଖିବା—3 To lay a wager. [ଉ—ଖେଳଲ ପଶା ତାଙ୍କ ସଙ୍ଗତେ ହୁଡ଼ କର—କୃଷ୍ଣସିଂହ
बाजि राखा दावरखना ମହାଭାରତ—ଆଦି]

ହୁଡ଼କା—ସଂ. ବି—(ହୁଡ୍ ଧାତୁ+କର୍ତ୍ତୃ ଅକ + ଆ)—ପତି ସଂସର୍ଗ
Hurdakā ତ୍ୟାଗିନୀ ସ୍ତ୍ରୀ—A woman who has given up cohabitatoin or does not live with her husband
ଦେ. ବି—ହୁଡ଼ୁକ (ଦେଖ)—Hurduka (See)

ହୁଡ଼କ୍କ—ସଂ. ବି—(ହୁଡ୍ ଧାତୁ+କର୍ମ ଅକ୍କ)—୧ । ବାଦ୍ୟଭେଦ—
Hurdakka (ମେଦିନୀ)—1. A kind of musical instrument. ୨ । ଦାତ୍ୟୂହ; ଡାହୁକପକ୍ଷୀ (ମେଦିନୀ) 2. A water fowl. ୩ । ମଦମତ୍ତ ବ୍ୟକ୍ତି (ମେଦିନୀ)—3. Intoxicated person. ୪ । ଦଣ୍ଡକ; ଲୌହଦଣ୍ଡ (ଶବ୍ଦରତ୍ନାବଳୀ)—4. Iron bar. ୫ । କବାଟ ଖିଲିବାର କାଷ୍ଠ ବା ଲୌହ ଦଣ୍ଡ; ଅର୍ଗଳ—5. A bar used in shutting the door. ୬ । ମତ୍ତ ବ୍ୟକ୍ତି—6. Infuriated or maddened person. ୭ । କବାଟ ବନ୍ଦ କରିବାପାଇଁ ବ୍ୟବହୃତ ବକ୍ରାଗ୍ର ଲୌହ ଶଲାକା; ଚିକିଣ—7. A door-hook. ୮ । ଛୋଟ ଢୋଲ; ଦ୍ୱିମୁଖ (ହେ. ଶ)—8. A small two faced drum. ୯ । ଲୁହାର ଶିକୁଳି ବନ୍ଧାଯାଇ ଥିବା ଦଣ୍ଡ (ହେ. ଶ)—9. A bar set with iron rings. ବିଣ. ପୁଂ—୧ । ମଦମତ୍ତ—1. Intoxicated; arro-

(ହୁଡ଼ୁକ୍କା—ସ୍ତ୍ରୀ) gant. ୨ । ମତ୍ତ—2. Maddened; infuriated.

ହୁଡ଼ ମାରିବା (ରଖିବା)—ଦେ. କ୍ରି—ଖେଳରେ ପଣ ରଖିବା—To
Hurda māribā (rakhibā) put stakes at
বাজিরাখা **बाजीरखना** gambling. [ଉ—ହୋଇଲେ ସେହୁ କେବଳ ହୁଡ଼ ମରମର । କୃଷ୍ଣସିଂହ. ମହାଭାରତ ଅଦ]

ହୁଡ଼ ହେବା—ଦେ. କ୍ରି—ଭୁଲ ହୋଇଯିବା—To be forgotten.
Hurda hebā [ଉ—ମୋ ବୋଲ କରଣ ଗୋଟିଏ ସ୍ତ୍ରୀ ଗଢ଼,
ভুল হওয়া ଦର୍ଶନେ ଦେହ ବୁଦ୍ଧି ଯିବ ହେବ ହୁଡ଼
भुलहोना କୃଷ୍ଣସିଂହ ମହାଭାରତ. ଅଦ]

ହୁଡ଼ା—ଦେ. ବି—(ସଂ. ହୁଡ଼୍ ଧାତୁ=ସଂହତ ହେବା)—୧ ।
Hurdā ପୋଖରୀର ବା ବିଲର ମାଟିର ଉଚ୍ଚ ବନ୍ଧ—1. Earthen
আড়ি **भींडा** embankment or big ridge of a
লম্বা ঢিপি **छरकी** tank or field. ୨ । ମାଟିର ଲମ୍ବ ସ୍ତୂପ—2. A long earthen mound. ୩ । ମଶାଣିହୁଡ଼ା;
শ্মশানঢিপি **खाडा** ଶ୍ମଶାନସ୍ଥ ମୃତ୍ତିକା ସ୍ତୂପ—3. A big earthen mound in the cremation ground [ଦ୍ର—ଶ୍ମଶାନରେ ଶବକୁ ପୋଡ଼ିବା ପାଇଁ ବା ପୋତିବା ପାଇଁ ଗାତମାନ ଖୋଳାଯାଏ । ସେ ଗାତରୁ ବାହାରିଥିବା ବା ବଳ ଢେଉବା ମାଟି ଜମା ହୋଇ ଯେଉଁ ମୃତ୍ତିକା ସ୍ତୂପ ହୁଏ ତାକୁ ହୁଡ଼ା ବୋଲାଯାଏ । ଅତଏବ ଶ୍ମଶାନ ଅର୍ଥରେ ମଧ୍ୟ 'ମଶାଣିହୁଡ଼ା' ବା 'ହୁଡ଼ା' ଶବ୍ଦର ବ୍ୟବହାର ହୁଏ ।] ୪ । ଶ୍ମଶାନ—4. Cremation ground. ୫ ।
মাটিরঢেলা **मिट्टीकागोला** ମୃତ୍ତିକା ପିଣ୍ଡ—5. A ball of earth. ୬ । ମୁହଁ ହୁଡ଼ିବା; ଭର୍ତ୍ସନା; ଗାଳି—
গালি **गाली** 6. Abuse; rebuke. ଦେ. ବିଣ. ପୁଂ—
গালিমুখো **गालीदेनेवाला** ୧। ଯେଉଁ ଲୋକ ମୁହଁ ହୁଡ଼େ ବା କୁବାକ୍ୟ (ହୁଡ଼ୁଇ—ସ୍ତ୍ରୀ) କହେ—1. Abusive; calling names.
হুড়ানে **कन्नाकरनेवाला** ୨ । ଯେଉଁ ଲୋକ ଖେଳରେ ଅନ୍ୟକୁ ଠକେ—2. (a person) Using unfair means in a game. ପ୍ରାଦେ (ଗଡ଼ଜାତ ଓ ଉତ୍ତର ବାଲେଶ୍ୱର) ବି—ଢେଲା; ଲୋଷ୍ଟ୍ର—A clod of earth used in throwing at others.

ହୁଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ହୁର୍ଚ୍ଛ୍ ଧାତୁ=ଠକିବା; ପ୍ରତାରଣା
Hurdā(rde)ibā କରିବା; ସଂ. ହୁର, ହୁର=ପ୍ରତାରକ)—
হুড়ান **कन्नाकरना** 1. To cheat. ୨ । ପ୍ରତିଦ୍ୱନ୍ଦ୍ୱୀକୁ ଖେଳରେ ଧୋକାଇବା—2. To use unfair means in a game. ୩ । ହିସାବରେ ଗୋଳମାଳ କରି
হুড়ান **बेईमानीकरना** କୌଣସି ବ୍ୟକ୍ତିକୁ ତାହାର ପ୍ରାପ୍ୟରୁ ବା ଲାଭରୁ ବଞ୍ଚିତ କରିବା—3. To cheat or defraud a person by false accounting. ପ୍ରାଦେ (ସମ୍ବଲପୁର) କ୍ରି—ଉଡ଼ାଇବା (ଦେଖ)—Urdāiba (See).

ହୁଡ଼ାକୁ ଯା !—ଦେ.ବାକ୍ୟ—(ଗାଳିରେ ବ୍ୟବହୃତ) ତୁ ମର୍—(A term
Hurdāku jā of abuse or curse) May you go to
মরে যা **मरजा** sleep in the cremation ground; i.e. May you die.

ହୁଡ଼ାକୁ ଯିବା—ଦେ. କ୍ରି—୧ । ଦିପାଖସ୍ଥପାଣି ଯିବା; ଝାଡ଼ା
Hurdāku Jibā ଫେରିବାକୁ ଯିବା—1. To go out
ঘাটেবসতেযাওয়া to answer the call of nature
टट्टीजाना ୨ । ମରିବା—2. To die.

ହୁଡ଼ା ବାନ୍ଧିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି.—ମାନସିକ କରି
Hurdā bāndhibā ଠାକୁରଙ୍କ ନିକଟରେ ଢେଲା ବାନ୍ଧିବା—To tie a dry clod of earth before an Idol in token of one's vow to offer some bhog when a particular desire of his is fulfilled by that Deity.

ହୁଡ଼ାହୁଡ଼ି—ଦେ. ବି—୧ । ବୋଲାବୋଲି; ପରସ୍ପର କୁବାକ୍ୟରେ
Hurdā hurdi ଗାଳି ଦିଆଦେଇ—1. Mutual recri
হুড়াহুড়ি mination; mutual calling of bad names.
হুড়োহুড়ি ୨। ପରସ୍ପର ଠେଲାଠେଲି—2. Mutual pushing;
गलागाली jostling [ଉ—ଅତ୍ୟନ୍ତ ଭୟେ ରଣ ଛାଡ଼ି ପଳାନ୍ତି
হুড়াহুড়ি ପଡ଼ି ହୁଡ଼ାହୁଡ଼ି । ଜଗନ୍ନାଥ ଭାଗବତ ।] ୩। ମରାମରି—
धक्काधक्कि 3. Mutual beating; affray.

ହୁଡ଼ି—ଦେ. ବି—(ସଂ. ହୁଡ଼୍ ଧାତୁ=ସଂହତ କରିବା)—୧ । ହୁରି;
Hurdi ଉଚ୍ଚୈଃସ୍ୱରରେ ଡାକ—1. Hallooing. ୨। ଗୋ-
জোরে ডাক ଳ; ଗୋଳମାଳ; କୋଳାହଳ—2. Uproar.
जोरसे पुकार [ଉ—ମୁହୂର୍ତ୍ତେ ଚୌଦିଗେ ପଡ଼ିଗଲା ହୁଡ଼ି । ରାଧାନାଥ ନନ୍ଦିକେଶ୍ୱରୀ ।] ୩ । ଛୋଟ ପାହାଡ଼—3.
ছোট পাহাড় Hillock. [ଉ—ଗଲେଣି ହୁଡ଼ି-ଚୂଡ଼ାକୁ
पहाडी ଉଡ଼ି ବହୁତେ ବାଉ ଛାଡ଼ି—ଅଜୟଚନ୍ଦ୍ର. ଶେଷ ବନ୍ଦୀ । ୪।
(ଜାହାଜିଆ ଭାଷା) ସମୁଦ୍ର ଉପକୂଳରେ ବାଣିଜ୍ୟ କରିବାରେ ବ୍ୟବହୃତ ଛୋଟ ଜାହାଜ—4. (nautical) A small ship carrying on trade along the sea-coast.

ହୁଡ଼ି କରିବା—ପ୍ରାଦେ. (ବାଙ୍କି) କ୍ରି—ଦୁଇଜଣଙ୍କର ଦୁଇଟି ବଳଦକୁ
Hurdi karibā ଭାଗ କରି ହଳ କରିବା; ସାଥିରଥ କରିବା—To use two bullocks belonging to two persons in ploghing by turns each other's fields.

ହୁଡ଼ିବା—ଦେ. କ୍ରି—(ସଂ. ହୁଡ଼ୁକ୍କ=ମଦମତ୍ତ ବ୍ୟକ୍ତି)—୧ । ଭୁଲ
Hurdibā କରିବା—1. To commit mistake. [ଉ—
ভুল করা ପ୍ରମୋଦରେ ଜଣେ ବିପଦେ ହୁଡ଼ିଲେ । କୃଷ୍ଣସିଂହ
भुलकरना ମହାଭାରତ ଅଦ ।] ୨ । କୁବାକ୍ୟ କହିବା;
গালি দেওয়া ଗାଳିଦେବା; ଗୋଧିବା; ଭର୍ତ୍ସନା କରିବା—To
गालीदेना call names; to abuse. [ଉ—ଏରୂପ ବଚନରେ ମୋତେ କପାଁ ହୁଡ଼ । କୃଷ୍ଣସିଂହ ମହାଭାରତ ବନ ।] ୩ ।

ଭ୍ରମରେ କୌଣସି କଥା ଛାଡ଼ିଯିବା—3. To leave out a thing by oversight. [ଉ—ବାହୁଡ଼ି ଭ ହୁଡ଼ିବ ନ ଏତେ ଶୁଭ ଯୋଗ—ଲକ୍ଷ ବୈଦେହୀଶବିଳାସ ।] ୪ । ପାସୋରିବା; ବିସ୍ମରିବା; ଦେଖି ନ ପାରିବା; ଭୁଲିଯିବା—4. To forget. [ଉ—ଭୂମମାନଙ୍କାରେ ହୁଡ଼ିଲ ସବୁ ଶୋକ, ମାର ଏବେ କର୍ଣ୍ଣଙ୍କୁ ସ୍ମରଣ ନାୟକ—କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।] ୫ । କୌଣସି ବ୍ୟକ୍ତିଙ୍କୁ ଅସମାନ ଦେବା—5. To slight a person. ୬ । (ଧର୍ମ, ସତ୍ୟ ବା ପ୍ରତିଜ୍ଞା) ଲଙ୍ଘନ କରିବା—9. To break (one's duty or promise) [ଉ—ଯୁଧିଷ୍ଠିର ନାମ ଲେଖି ଭୂମୁରେ ପଡ଼ି, କେତେବେଳେ ଯାଆନ୍ତି ନାହିଁ ଧର୍ମ ହୁଡ଼ି—କୃଷ୍ଣସିଂହ ମହାଭାରତ, ବନ ।] ୭ । ବାଜି ମାରିବା—7. To lay stake or wager in a game [ଉ—ଖେଳେ ହୁଡ଼ିଥିବା ପଦାର୍ଥ ହାରିଦେଲେ—କୃଷ୍ଣସିଂହ ମହାଭାରତ ବନ ।] ୮ । ଭୂମିରେ ଲେଟିବା—8. To roll on the ground. [ଉ—ମୁଣ୍ଡେ ହୁଦସ୍ତେ କରତାଡ଼, ପଡ଼ନ୍ତି ମହୀତଳେ ହୁଡ଼ି—ଜଗନ୍ନାଥ ଭାଗବତ ।] ୯ । (କର୍ତ୍ତବ୍ୟ) ପାଳନ କରିବାକୁ ଭୁଲିଯିବା 4. To forget to do (one's duty). ୧୧ । (କର୍ତ୍ତବ୍ୟ)ପାଳନ ନ କରିବା—10. Not to carry out (one's duty) [ଉ—ଠୁଳରେ ସଭିଏ ଖାଇ ଗୋ, ଠେଁସା ଠେଁସି ହୋଇ କର୍ତ୍ତବ୍ୟ ହୁଡ଼ିଲେ ଡୁବିବ ଭାରତ ନାବ ଗୋ—ବାଳକୃଷ୍ଣ ଫୁଲ ବଉଳବେଣୀ ।]

ହୁଡ଼ୁକ—ଦେ. ବି—(ସଂ. ହୁଡ଼ୁକ୍କ)—୧ । କବାଟ ଘଞ୍ଚିବା ପାଇଁ Hurduka ବ୍ୟବହୃତ କାଷ୍ଠ ବା ଲୌହଦଣ୍ଡ ବା ଅର୍ଗଳ—1. ହୁଡ଼କୋ An iron or wooden bar used for shutting ହୁଦ୍ଦୁକ the door ୨ । କବାଟକୁ ବନ୍ଦ କରିବା ପାଇଁ ବ୍ୟବହୃତ ବଙ୍କାଗ୍ର ଲୁହାର ଶଲାକା; ଚିଙ୍କିଅ—2. A hooked iron bar used in fastening doors.

ହୁଡ଼ୁକା—ଦେ. ବି. ସ୍ତ୍ରୀ—(ସ. ହୁଡ଼ୁକ୍କା) ୧ । ପଳେଇ ସ୍ତ୍ରୀ; ଯେଉଁ ସ୍ତ୍ରୀ Hurdukā ପତି ସଂସର୍ଗ ତ୍ୟାଗ କରି ବାପ ଘରକୁ ପଳାଇଯାଏ—I. A woman who does not like to live with her husband and flees away to her father's house. ୨ । ଯେଉଁ ସ୍ତ୍ରୀ ପତି ସଙ୍ଗେ ରହେ ନାହିଁ—2. A woman who forsakes her husband. ୩ । ହୁଡ଼କ (ଦେଖ)—3. Hurdaka (See).

ହୁଡ଼ୁକି—ଦେ. ବି. ସ୍ତ୍ରୀ—ହୁଡ଼ୁକା ୧ ଓ ୨ (ଦେଖ)—Hurduki Hurdukā 1 & 2 (See).

ହୁଡ଼ୁ(ଡ୍ଡୁ)କ୍କ—ସ. ବି—(ହୁଡ଼ୁକ୍=ଅନୁକରଣ ଶବ୍ଦ+କୈ. ଧାତୁ Hurdu(ddu)kka ଶବ୍ଦ କରିବା+ଅ)—ହୁଡ଼ୁକ୍କ (ଦେଖ)—Hurdakka (See).

ହୁଡ଼ୁତ—ସ. ଅ—ବୃଷର ଶବ୍ଦ (କାତୀଶବ୍ଦ); ଷଣ୍ଢର ହେମ୍ବାଳ—Hurdut The bellowing of a bull.

ହୁଡ଼ୁପୀ—ପ୍ରାଦେ (ଗଞ୍ଜାମ) ବି—କଣ୍ଟେଇ କୋଳି (ଦେଖ)—Hurdupi Kaṇṭai koli (See).

ହୁଡ଼(ଡ୍ଡୁ)ମ(ମ୍ବ)ଗେହ୍ମୀ—ଦେ.ବିଣ ଓ ସ୍ତ୍ରୀ—(ଅଶ୍ଳୀଳ ଗାଳି; ସ.ହୁଡ଼ୁକ୍କା Hurd(rdu)m(mb)gehī =ପତି ସଂସର୍ଗ ତ୍ୟାଗିନୀ ସ୍ତ୍ରୀ) ବାଟପୀ—खानकी Adulteress (a trem of indecent abuse. व्यभीचारिणी

ହୁଡ଼ୁମ—ଦେ. ବି—(ସ. ହୁଡ଼ୁମ୍ବ)—ହୁଡ଼ୁମ୍ବ (ଦେଖ)—Hurduma Hurdumba (See).

ହୁଡ଼ୁମା—ଦେ. ବିଣ. ପୁଂ—୧ । ଦୁରୁମା; ଅତଦୁଷ୍ଟ—1. Very Hurduma wicked- ୨ । କାଣ୍ଡଜ୍ଞାନଶୂନ୍ୟ—(ହୁଡ଼ୁମୀ—ସ୍ତ୍ରୀ) 2. (a person) Careless of conse- ଦୁଷ୍ଟ quences. ୩ । ଦୁଃସାହସିକ—3. Foolhardy; ଝୁଡ଼ very rash.

ହୁଡ଼ୁମ୍ବ—ସ. ବି—(ହୁଡ଼ୁ ଧାତୁ+କର୍ମ ଅମ୍ବ)—୧ । ଭୃଷ୍ଟଚିପିଟକ; Hurdumba ଚୂଡ଼ାଭଜା (ଶବ୍ଦମାଳା, ଶବ୍ଦକଳ୍ପଦ୍ରୁମ, ବୈଦ୍ୟକ) —Fried pressed paddy. ୨ । ମୁଢ଼ୀ—हुड़म्ब,हुड्म्ब 2. Fried rice. [ଦ୍ର—ଧାନକୁ ଥରେ ଉଷାଇଁଲେ हुड़ुम्ब ସେଥିରୁ ଉଷୁନା ଚାଉଳ ହୁଏ । ଧାନକୁ ଦୁଇଥର ଉଷାଇ ମ. ହୁଡୁଚା ଚାକୁ ଶୁଖାଇ କୁଟିଲେ ଯେଉଁ ଚାଉଳ ବାହାରେ ସେ ଛାକା. ହୁରୁମ୍ ଚାଉଳକୁ ଭାଜିଲେ ମୁଢ଼ୀ ବଡ ବଡ ହୁଏ । ଦୁଇଥର ଉଷୁଅଁ ଧାନକୁ ହାଣ୍ଡିରେ ଭାଜି ଭଜାହୋଇଥିବା ସଉଷ ଧାନକୁ କୁଟିଲେ ଚୂଡ଼ା ହୁଏ ଓ ଚୂଡ଼ା ଟିକଏ ଓଦା ଥାଉଁ ଥାଉଁ ଚୂଡ଼ାକୁ ଭାଜିଲେ ହୁଡ଼ୁମ୍ବ ହୁଏ । ଅମ ଦେଶରେ କେଉଟ କେଉଟୁଣୀମାନେ ଚୂଡ଼ା ଓ ହୁଡ଼ୁମ୍ବ ତିଆର କରନ୍ତି ଓ ଗୁଡ଼ିଆ ଗୁଡ଼ିଆଣୀମାନେ ମୁଢ଼ି ତିଆର କରନ୍ତି । ବଙ୍ଗ ଦେଶରେ ଜୁଆର (ବଡ଼େଇ)ମାନେ ଚୂଡ଼ା ଓ ହୁଡ଼ୁମ୍ବ କରନ୍ତି । ହୁଡ଼ୁମ୍ବ ମୁଢ଼ିଠାରୁ ଫୁଲିଥାଏ ଓ ଏହା ମୁଢ଼ି ଅପେକ୍ଷା ଲଘୁପାକ । ସଜ ହୁଡ଼ୁମ୍ବ ଚୋବାଇଲାବେଳେ ମଡ଼ୁ ମଡ଼ୁ ଶବ୍ଦ ହୁଏ । ବୈଦ୍ୟ ଶାସ୍ତ୍ରରେ ରୋଗୀକୁ ହୁଡ଼ୁମ୍ବ ଦେବାର ବ୍ୟବସ୍ଥା ଅଛି ।]

ହୁଡ଼ୁହୁଡ଼ା—ପ୍ରାଦେ (ମେଦନୀପୁର) ବି—(ସ. ହୁଡ଼ୁହୁଡ଼ା)—ଅବତ୍ୟଭକ୍ଷା; Hurdu hurdā ଅଣସୋରିଷିଆ (ବନ୍ୟଶାକ ବିଶେଷ)—Cleome Viscosa (plant), [ଦ୍ର—ଏହା ତିନି ପ୍ରକାର—ଏକ ଜାତିର ଫୁଲ ହଳଦିଆ, ଏକ ଜାତିର ଫୁଲ ଅରଗୁ ଓ ଏକ ଜାତିର ଫୁଲ ଧଳା ।]

ହୁଣ୍ଡ (ଧାତୁ)—ସ—୧। ରାଶି କରିବା; ଗଦା କରିବା—1. To heap Hunḍ (root) up; to gather together. ୨ । ଏକତ୍ର ହେବା—2. To be gathered at one place.

ହୁଣ୍ଡ—ସ. ବି (ହୁଣ୍ଡ ଧାତୁ+କର୍ତ୍ତୃ ଅ)—୧। ବ୍ୟାଘ୍ର (ଶବ୍ଦକଳ୍ପଦ୍ରୁମ)—Hunda 1. Tiger. ୨ । ଗ୍ରାମ୍ୟଶୂକର (ଶବ୍ଦ କଳ୍ପଦ୍ରୁମ)—2. A hog. ୩ । ମୂର୍ଖ (ଶବ୍ଦକଳ୍ପଦ୍ରୁମ)—

3. Dunce; illiterate person. ୪ । ରାକ୍ଷସ (ଶବ୍ଦକଳ୍ପଦ୍ରୁମ)—4. Demon. ୫ । ଗୁଆଁର; ନିର୍ବୋଧ ବ୍ୟକ୍ତି—5. A fool; simpleton. ୬। ମେଣ୍ଢା (ହି.ଶ) 6. Sheep. ୭ । ଶସ୍ୟର ବାଳ (ହି. ଶ)—7. The horns on grains. ୮ । (ମହାଭାରତୋକ୍ତ) ବର୍ବର ଜାତି ବିଶେଷ (ହି. ଶ)—8. Name of a tribe of barbarians of ancient India.

ହୁଣ୍ଡା—ଦେ. ବିଣ ପୁଂ—(ସଂ. ହୁଣ୍ଡ)—୧ । ମୂର୍ଖ—1. Illiterate.
Hunḍā ୨ । ଓଲୁ; ନିର୍ବୋଧ; ନିର୍ବୁଦ୍ଧିଆ; ସ୍ଥୂଳବୁଦ୍ଧି; ଓଲମା—(ହୁଣ୍ଡୀ—ସ୍ତ୍ରୀ) 2 Foolish; stupid; thoughtless. ୩ ।
হোঁতকা, হুণ্ডা ଗୁଆଁର—3. Fool hardy; rash. ୪ । ମୋଟା;
गँवार ମୋଟକା; ସ୍ଥୂଳକାୟ—4. Fat. ୫ । ସ୍ଥୂଳକାୟ ଓ ନିର୍ବୁଦ୍ଧି—5. Fat and foolish. ବି—୧ । ଓଲୁ ବ୍ୟକ୍ତି—1. A fool. ୨ । ମୂର୍ଖ—2. A dunce.
গোঁয়ার ୩ । ଗୁଆଁର ବ୍ୟକ୍ତି—3. A foolhardy person.
गँवार [ଉ—କାଣ୍ଡଜ୍ଞାନଶୂନ୍ୟ କାଣ୍ଡପୃଷ୍ଠ ହୁଣ୍ଡା—ରାଧାନାଥ ଦରବାର] ୪ । ହେଟାବାଘ; ଗଧିଆ—4. Hyena
নেকড়েবাঘ wolf. ୫ । ଯେଉଁ ବ୍ୟକ୍ତି ଆଗପଛ ନ ଭାବି କୌଣସି
भेड़िया କାମ କରେ—5. Thoughtless person; a person who acts without foresight. ୬ । ସ୍ଥୂଳକାୟ ଓ ନିର୍ବୋଧ ବ୍ୟକ୍ତି—6. A stout and foolish person.

ହୁଣ୍ଡା ତମସୁକ—ଦେ. ବି—ଲେଖା ତମସୁକ ପରିବର୍ତ୍ତେ ମହାଜନକୁ
Hunḍā tamasuka ଦିଆଯିବା ସାଦା ବା ଅଲେଖା ଷ୍ଟାମ୍ପ—Blank stamp given to a creditor in the
হুণ্ডা তমসুক सादातमस्सुक place of a written bond.

ହୁଣ୍ଡାପଣ—ଦେ. ବି—୧। ମୂର୍ଖପଣ; ନିର୍ବୋଧତା—1. Foolishness
Hunḍāpaṇa folly. ୨ । ଆଗପଛ ନ ବିଚାରି କାମ କରିବା ଅବସ୍ଥା—2. Foolhardiness; thoughtlessness; absence of forethought or foresight
হুণ্ডামি गँवारपन (ହୁଣ୍ଡାପଣିଆଁ—ଅନ୍ୟରୂପ)

ହୁଣ୍ଡାମି—ଦେ. ବି—(ବଙ୍ଗଳାର ଅନୁକରଣ)—ହୁଣ୍ଡାପଣ (ଦେଖ)—
Hunḍāmi Hunḍāpaṇa (See)
[ଦ୍ର—କେତେ ଆଧୁନିକ ଲେଖକ ଏ ଶବ୍ଦକୁ ଲେଖାରେ ବ୍ୟବହାର କରୁଥିବା ଦେଖାଯାଏ । ଏହିପରି ଚଗଲାମି, ଦୁଷ୍ଟାମି, ଭଣ୍ଡାମି ଆଦି ଶବ୍ଦ ଓଡ଼ିଆରେ କ୍ରମଶଃ ଚଳିବା ଦେଖାଯାଉଛି । ଦୁଷ୍ଟାମି ଶବ୍ଦ ଓଡ଼ିଆରେ ସର୍ବବାଦ ସମ୍ମତ ହୋଇ ଚଳିଗଲଣି ।]

ହୁଣ୍ଡା ମୂଲ—ଦେ. ବି—କୌଣସି ଦ୍ରବ୍ୟକୁ ଓଜନ ନ କରାଯାଇ ବା
Hunḍā mūla ଉକ୍ତ ପଦାର୍ଥର ଉତ୍କୃଷ୍ଟତା ଓ ନିକୃଷ୍ଟତା ପରୀକ୍ଷା ନ
থাউকো দাম କରାଯାଇ ନିରୂପିତ ହେବା ମୂଲ୍ୟ—A fixed price
हुंडादाम set on an article without reference to its weight or quality.

ହୁଣ୍ଡାର(ଲ)—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବି—ହେଟା; ଗଧିଆ—
Hunḍār(l) Wolf; hyena.

ହୁଣ୍ଡାଲ—ପ୍ରାଦେ (ସିଂହଭୂମି) ବି—ହେଟା—Wolf; hyena. ପ୍ରାଦେ
Hunḍāla (ସମ୍ବଲପୁର ଓ ଗଡ଼ଜାତ) ବି—ଚିତାବାଘ—Leopard; spotted tiger. [ଉ—ମହାବଳଶାଳୀ ଜଗିଲେ ଯେ ସ୍ଥାନେ ହିଂସ୍ରକ ଅଟେ ହୁଣ୍ଡାଲ—ବଳଭଦ୍ର ଦେବ ଚଂପୂରିକା ।]

ହୁଣ୍ଡାଳିଆ—ଦେ. ବିଣ—ହୁଣ୍ଡା ବ୍ୟକ୍ତିର ଆଚରଣ ସୁଲଭ (କାର୍ଯ୍ୟ)—
Hunḍālia (Action) Befitting a fool.
হুণ্ডামি गँवारकेजैसे

ହୁଣ୍ଡି—ବୈଦେ. ବି—(ଫା)—ବାଣିଜ୍ୟ ବ୍ୟବସାୟ ଉପଲକ୍ଷରେ
Hunḍi ସ୍ଥାନାନ୍ତରରେ କୌଣସି ବ୍ୟକ୍ତିକୁ ଟଙ୍କା ଦିଆଯିବା ପାଇଁ
হুণ্ডি हुंडी ବରାଦ ଚିଠି—A bill of exchange. [ଦ୍ର—ବାଣିଜ୍ୟ ବ୍ୟବସାୟରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନଗଦ ଟଙ୍କା ପଠାଇବାର ସବୁବେଳେ ସୁବିଧା ନ ଥାଏ ଓ ସେଥିପାଇଁ ବହୁତ ଖରଚ ଲାଗେ । ଏଥିପାଇଁ ଜଣେ ବ୍ୟବସାୟୀଙ୍କର ଏକ ସ୍ଥାନରୁ (ଯଥା—କଟକରୁ) ଅନ୍ୟ ସ୍ଥାନକୁ (ଯଥା ବମ୍ବେଇକୁ) କିଛି ଟଙ୍କା ପଠାଇବାକୁ ହେଲେ ନଗଦ ଟଙ୍କା ଲୋକ ଦ୍ୱାରା ବା ମନି ଅର୍ଡ଼ର କରି ପଠାଇଲେ ବେଶୀ ଖରଚ୍ଚ ଲାଗିବ, ଏଥିପାଇଁ ଉକ୍ତ ଦୂରବର୍ତ୍ତୀ ସ୍ଥାନରେ (ଯଥା, ବମ୍ବେଇରେ) ଓ ଏଠାରେ (ଯଥା, କଟକରେ) ଯାହାଙ୍କର କାରବାର ଚଳୁଅଛି ଏପରି ଜଣେ ବ୍ୟବସାୟୀଙ୍କ ନିକଟରେ ଉକ୍ତ ଟଙ୍କାକୁ ପ୍ରେରଣେଚ୍ଛୁ ବ୍ୟକ୍ତି ଜମା ବା ଡିପୋଜିଟ୍ କରି ଦିଅନ୍ତି ଓ ଉକ୍ତ ଟଙ୍କାକୁ ଡିପୋଜିଟ୍ ନେଇଥିବା ବ୍ୟବସାୟୀ ତାଙ୍କର ଦୂରଦେଶ (ବମ୍ବେଇ)ରେ ଥିବା ଗୁମାସ୍ତାଙ୍କ ନିକଟକୁ ହୁଣ୍ଡି ବା ବରାଦ ଚିଠି ଏହି ମର୍ମରେ ଲେଖି ଦିଅନ୍ତି ଯେ, ଟଙ୍କା ପ୍ରେରଣକାରୀ କିମ୍ବା ତାଙ୍କର ଗୁମାସ୍ତାଙ୍କୁ ଦୂର ଦେଶରେ (ବମ୍ବେଇରେ) ଏତିକି ଟଙ୍କା ଏହି ବରାଦଚିଠି ଦେଖିବା ମାତ୍ରକେ ଦେବ । ଏତଦ୍ୱାରା ପ୍ରଥମ ମହାଜନ କେତେଗୁଡ଼ିଏ ଖରଚ୍ଚରୁ ରକ୍ଷା ପାଆନ୍ତି ଓ ଏଥିଯୋଗୁଁ ପ୍ରଥମ ମହାଜନ ଦ୍ୱିତୀୟ ମହାଜନଙ୍କୁ କିଛି କମିସନ୍ ଦିଅନ୍ତି । ହୁଣ୍ଡିର ଆଉ ଗୋଟିଏ ସୁବିଧା ଏହି କି, କେତେକ ହୁଣ୍ଡିକୁ ଦୂରସ୍ଥାନରେ ଦେଖାଇବା ମାତ୍ରେ ଦେଖିବା ବ୍ୟକ୍ତି ଉକ୍ତ ହୁଣ୍ଡିରେ ବରାଦ ହୋଇଥିବା ଟଙ୍କାକୁ ହୁଣ୍ଡି ଦେଖାଇବା ବ୍ୟକ୍ତିଙ୍କୁ ନଗଦ ସଙ୍ଗେ ସଙ୍ଗେ ଦେବେ । ଏହାକୁ ଦର୍ଶନୀହୁଣ୍ଡି କହନ୍ତି । କେତେକ ହୁଣ୍ଡିକୁ ଦୂର ସ୍ଥାନର ବ୍ୟକ୍ତି ଦେଖିବାର ୨୧ ବା ୪୧ ବା ୬୧ ଦିନ ମିଆଦରେ ଟଙ୍କା ଦିଅନ୍ତି । ଏହାକୁ ମୁଦତୀ ହୁଣ୍ଡି ବା ମିଆଦୀ ହୁଣ୍ଡି ବୋଲାଯାଏ । ଏହି ହୁଣ୍ଡି ଯେଉଁ କାଗଜରେ ଲେଖାଯାଏ ସେ କାଗଜରେ ନିର୍ଦ୍ଦିଷ୍ଟ ମୂଲ୍ୟର ସରକାରୀ ଷ୍ଟାମ୍ପ୍ (Stamp) ଲଗାଯାଏ । ଅର୍ଥାତ୍ ପ୍ରତ୍ୟେକ ହୁଣ୍ଡି ପାଇଁ ସରକାରଙ୍କୁ ଷ୍ଟାମ୍ପ ରୂପେ କିଛି ଦେବାକୁ ପଡ଼େ । ଏହି ଫାରସୀ ଶବ୍ଦ ଓଡ଼ିଆରେ ଓ ଇଂରାଜୀରେ ମଧ୍ୟ ଚଳୁଅଛି ।]

ହୁଣ୍ଡିଆନ୍—ଦେ. ବଣ—ଯେଉଁ ଲୋକ ହୁଣ୍ଡି ଦ୍ୱାରା ଅନ୍ୟ ସ୍ଥାନରୁ ଟଙ୍କା Hundian ପାଇବା ପାଇଁ ଉକ୍ତ ହୁଣ୍ଡି ଧଳକୁ ଗ୍ରହଣ କରେ—The হুণ্ডিয়ান हुंडीलेनेवाला person in whose favour a Hundi or bill of exchange is drawn.

ହୁଣ୍ଡି କମିସନ୍ (ନି)—ବୈଦେ. ବ—(ଫା· ହୁଣ୍ଡି+ଇଂ କମିସନ୍)— Hundi kamisan(ni) ହୁଣ୍ଡି ଦ୍ୱାରା ଟଙ୍କା ଦୂରସ୍ଥାନକୁ ପଠାଇବା ନିମନ୍ତେ ବ୍ୟବସାୟୀଙ୍କ ଦ୍ୱାରା ଦୂର ଦେଶକୁ হুণ্ডি কমিসন हुंडी कमीशन ପଠାଇବା ଯୋଗୁଁ ଉକ୍ତ ବ୍ୟବସାୟୀଙ୍କୁ ପୁରସ୍କାର ସ୍ୱରୂପ ଯେଉଁ ଟଙ୍କା ଦିଅଯାଏ—Commission paid by a person remitting money by a bill of exchange.

ହୁଣ୍ଡି କରିବା—ଦେ. କ୍ରି—୧ । ଦୂର ଦେଶକୁ ଅପଣାର ଟଙ୍କାକୁ ହୁଣ୍ଡି Hundi kariba ଦ୍ୱାରା ପ୍ରେରଣ କରିବା—1. To remit হুণ্ডি করা हुंडीभेजना money to a distant place by means of a bill of exchange. ୨ । ହୁଣ୍ଡି ଦେବା (ଦେଖ)—2. Hundi deba (See).

ହୁଣ୍ଡି କାରବାର—ଦେ. ବ—ହୁଣ୍ଡି ସୂତ୍ରରେ କମିଶନ ଗ୍ରହଣ କରିବା Hundi kārabāra ବ୍ୟବସାୟ—Hundi business; হুণ্ডিকারবার हुंडीकारबार the business of getting commission on accepting money for a hundi.

ହୁଣ୍ଡି ଦେବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କଠାରୁ ଏକ ସ୍ଥାନରେ ଟଙ୍କା Hundi deba ଗ୍ରହଣ କରି ଅନ୍ୟସ୍ଥାନରେ ଉକ୍ତ ଟଙ୍କା ପାଇବା হুণ্ডি দেওয়া ପାଇଁ କାଗଜ ଖଣ୍ଡିଏ ଲେଖି (ଟଙ୍କା ରଖିବା ବ୍ୟକ୍ତି) हुंडीदेना ଓସାକିଟ କରିବାଲୋକଙ୍କୁ ଦେବା—To give a bill of exchange to a depositor.

ହୁଣ୍ଡି ବାଲା—ବୈଦେ· (ଫା) ବ—ହୁଣ୍ଡି ଦ୍ୱାରା କାରବାର ଚଳାଉଥିବା Hundi bālā ମହାଜନ—A merchant carrying on হুণ্ডিওয়ালা हुंडीवाला hundi business.

ହୁଣ୍ଡି ଭଙ୍ଗା(ଙ୍ଗେ) ଇବା—ଦେ. କ୍ରି—ଦୂର ଦେଶରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ Hundi bhangā(nge)iba ହୁଣ୍ଡିକୁ ଦେଇ ତାଙ୍କଠାରୁ ବଦଳ হুণ্ডি ভাঙ্গান ଟଙ୍କା ନଗଦ ବୁଝିନେବା ବା ଆଦାୟ କରିବା— हुंडीभंगाना To encash a bill of exchange.

ହୁଣ୍ଡି ମିଆଦ୍(ଦି)—ବୈଦେ. (ଫା) ବ—ହୁଣ୍ଡି ଦେଖିବା ଲୋକର ହୁଣ୍ଡି Hundi miād(di) ଦେଖାଇବା ଲୋକଙ୍କୁ ବଦଳ ଟଙ୍କା ଦେବା ପାଇଁ হুণ্ডিমেয়াদ ହୁଣ୍ଡିରେ ଯେଉଁ ସମୟ (୩୧ ଦିନ, ୬୧ଦିନ, ୯୧ଦିନ) हुंडीमियाद ନିର୍ଦ୍ଦିଷ୍ଟ ଥାଏ—The time fixed for payment of the money covered by a bill of exchange some days after the presentation of the bill.

ହୁଣ୍ଡୀ—ଦେ. ବଣ ଓ ବ–୧। ହୁଣ୍ଡାର ସ୍ତ୍ରୀଲିଙ୍ଗ—1.The feminine Hundi of Hunda. ୨ । ହୁଣ୍ଡା (ଦେଖ)—2, Hunda (ହୁଣ୍ଡେଇ—ଅନ୍ୟରୂପ) (See). ବୈଦେ. ବ—ହୁଣ୍ଡି ଇତ୍ୟାଦ হুণ্ডী गँवारिन (ଦେଖ)—Hundi etc (See)

ହୁତ୍—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଧୁତ୍; କୌଣସି ବ୍ୟକ୍ତିକୁ ବା Hut ଜନ୍ତୁକୁ ଘଉଡ଼ିବା ବ୍ୟକ୍ତିଦ୍ୱାରା ଉଚ୍ଚାରିତ ଧ୍ୱନି—1. (ହୁତ୍‌ ହୁତ୍—ଅନ୍ୟରୂପ) (Interjection) Exclamation ধুৎ हत uttered by a person driving away a person or animal from a place. ୨ । ହୁହୁ (ଦେଖ)—2. Hubu (See). ପ୍ରାଦେ (ଉତ୍ତରଅଞ୍ଚଳ) ଅ (ହୁଁ—ଅନ୍ୟରୂପ) ବାରଣାର୍ଥକ; ନିଷେଧାର୍ଥକ—Interjection used in prohibiting or preventing.

ହୁତ୍ କରିବା—ଦେ. କ୍ରି—୧ । ଘଉଡ଼ିବା—1. To drive away Hut kariba ୨ । ଭୟାରଣ ପୂର୍ବକ ତଡ଼ିବା—2. To scare ধুৎ করা हुत करना away.

ହୁତ—ସଂ. ବଣ—(ହୁ ଧାତୁ = ହୋମ କରିବା + କର୍ମଣି ତ)—୧ । ମନ୍ତ୍ରୋ- Huta ଚ୍ଚାରଣ ପୂର୍ବକ ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ (ହୁତା – ସ୍ତ୍ରୀ) ପ୍ରକ୍ଷିପ୍ତ (ଘୃତାଦ)—1. (Ghee etc) Offered unto the fire in the name of a Deity. ବ —୧ । ଅଗ୍ନିରେ ମନ୍ତ୍ରୋଚ୍ଚାରଣ ପୂର୍ବକ ପ୍ରକ୍ଷିପ୍ତ ଘୃତାଦ— 1. Ghee etc offered unto fire. ୨ । (ଅଧିକରଣ ତ) ହୋମାଗ୍ନି—2. The sacrificial fire ୩। (+ଭାବେ ତ) ହୋମ—3. Sacrifice or offering of ghee etc into fire. ୪ । ଶିବ (ହ୍ରୁ ଶ)—4. Siba.

ହୁତ ବହ—ସଂ. ବ—(ହୁତ = ଘୃତାଦ + ବହ୍ ଧାତୁ + କର୍ତ୍ତୃ ଅ)—ଅଗ୍ନି Huta baha (ହେମଚନ୍ଦ୍ର)—Fire.

ହୁତ ଭକ୍ଷ —ସଂ. ବ (ହୁତ + ଭକ୍ଷଧାତୁ + କର୍ତ୍ତୃଅ)—ଅଗ୍ନି (ହ୍ର. ଶ)— Huta bhaksha Fire.

ହୁତଭୁକ୍ ସଂ. ବ—(ହୁତ୍ = ଘୃତାଦ + ଭୁଜ ଧାତୁ = ଖାଇବା + କର୍ତ୍ତୃ Huta bhuk କ୍ୱିପ୍, ହୁତଭୁଜ୍ ଶବ୍ଦ ୧ମା ୧ବ)—୧ । ଅଗ୍ନି (ଅମର)—1. Fire. ୨ । ଧଳାଚିତାଗୁଳ୍ମ; ଚିତ୍ରକ ବୃକ୍ଷ (ଅମର)—2. Plumbago Zeylanica (a plant).

ହୁତଭୁକ୍‌ପ୍ରିୟା—ସଂ. ବ—ସ୍ତ୍ରୀ—ଅଗ୍ନିଭାର୍ଯ୍ୟା; ସ୍ୱାହା (ଅମର)—The Hutabhuk-priyā mystic syllable Swāhā (personified as the wife of the Fire-god).

ହୁ (ହୋ)ତଲା—ପ୍ରାଦେ (ଉତ୍ତରଅଞ୍ଚଳ) ବଣ ଓ ବ—ଗୋଟିଏ ହାତରେ Hu(ho)talā ଧର ହେବା ବା ପରିମିତ (ବସ୍ତୁ)—As much as can be held by one hand.

ହୁତ ଶେଷ—ସଂ. ବ—ହୋମରେ ଆହୁତି ଦଅଯିବା ପରେ ବଳ ପଡ଼ିଥିବା Huta śesha ସାମଗ୍ରୀ—Things remaining after offering unto the fire.

ହୁତାଗ୍ନି—ସଂ. ବ – ହୋମାଗ୍ନି—Sacrificial fire. ବଣ (ବହୁବ୍ରୀହି) Hutāgni —୧ । ଅଗ୍ନିହୋତ୍ରୀ—1. Performing the Agni hotra. ୨ । ହୁତହୋମ—2. (a person) Who has performed a Homa

ହୁତା—ସଂ. ବିଣ—(ହୁତ+ସ୍ତ୍ରୀ. ଆ)—ହୁତର ସ୍ତ୍ରୀଲିଙ୍ଗ—Feminine
Hutā of Huta. ଦେ. ବିଣ—କୌଣସି କାର୍ଯ୍ୟରେ ନିଯୁକ୍ତ (ବ୍ୟକ୍ତି) - (Person) Employed in any work. ବି—୧। ସମ୍ପର୍କ; କାର୍ଯ୍ୟ ସଙ୍ଗେ ସମ୍ବନ୍ଧ—1. Connection with any work. ୨। ଦାୟିତ୍ୱ—2. Responsibility.

ହୁତାବଶିଷ୍ଟ—ସ.ବିଣ—ହୋମରୁ ବଳି ପଡ଼ିଥିବା—Remaining after
Hutābasishta the offering unto fire.

ହୁତାବଶେଷ—ସ. ବି—ହୁତ ଶେଷ(ଦେଖ)—Hutasesha (See)
Hutābasesha

ହୁତାଶ—ସଂ. ବି—(ହୁତ=ଘୃତ+ଅଶ୍ ଧାତୁ+କର୍ତ୍ତୃ ଅ)—୧।
Hutāsa ହୁତଭୁକ୍; ଅଗ୍ନି; ହୁତାଶନ—1. Fire. ୨। ତିନି ସଂଖ୍ୟା (ଜ୍ୟୋ. ଶା)—2. The number three. ୩। ଚିତ୍ରକଗଛ (ବୈ. ଶା)—3. Plumbago Zeylanica plant. ଦେ. ବିଣ—(ସଂ ହା ହତୋଽସ୍ମି କିମ୍ବା ହତାଶ)—୧। ହତାଶ—1. Desperate; hopeless. ୨। କ୍ରୋଧରେ ପ୍ରଜ୍ୱଳିତ—2. Burning with rage. ୩। ବିପଦରେ ବା ଶୋକରେ ଆର୍ତ୍ତନାଦକାରୀ—3. Uttering cry of grief or of distress. ୪। କାଣ୍ଡଜ୍ଞାନ ଶୂନ୍ୟ—4. Unmindful or careless of consequence. ବି—୧। ବିପନ୍ନ ବ୍ୟକ୍ତିର ଖେଦ ସୂଚକ ଶବ୍ଦ ବା ଆର୍ତ୍ତନାଦ—1. Cry of distress or grief. ୨। ହତାଶ ଅବସ୍ଥା—2. Desperation; hopelessness.

ହୁତାଶନ—ସଂ. ବି—(ବହୁବ୍ରୀହି; ହୁତ=ଘୃତ ଅଟେ ଅଶନ= ଭୋଜନ ଯାହାର)—୧। ଅଗ୍ନି—1. Fire.
Hutāsana ୨। ଶିବ (ଦେବ ବହୁବ୍ରୀହି)—2. God Siba.

ହୁତାଶନେ—ଗ୍ରା. କ୍ରି. ବିଣ—ହୁ ହୁ ହୋଇ—Raging or bur-
Hutāsane ning briskly (said of fire); in a
हुहु करे हुहुकार blazing manner. [ଯଥା—ଅନଳ ଯେସନେ ହୁତାଶନେ ଜଳୁଥାଇ — ପ୍ରାଚୀ. ଚିନ୍ତାମଣି ଗୀତା]

ହୁତାଶିଆ—ଦେ. ବିଣ ପୁଂ—(ସଂ. ହତାଶ)—୧। ହତାଶ;
Hutāsiā ଅଶାହତ ହେବାରୁ କାଣ୍ଡଜ୍ଞାନ ଶୂନ୍ୟ—
हुताशलागा हताश 1. Desperate; disregardful of consequences. ୨। (ସଂ; ହୁତାଶ=ଅଗ୍ନି; ଅଗ୍ନିପରି) ଅତ୍ୟନ୍ତ କ୍ରୋଧୀ—2. Very angry; of a violent disposition;

ହୁତାଶି ହେବା—ଦେ କ୍ରି (ସଂ ହାହତୋଽସ୍ମି)—୧। ହାକଳହେବା—
Hutāsi heba ବହୁଗଣ୍ଡ ହେବା; ଉଡ଼ଳ ବଡ଼ଳ ହେବା—1. To be much perplexed. ୨। ବିପନ୍ନହେବା 2. To be in danger. ୩। କିଂକର୍ତ୍ତବ୍ୟ ବିମୂଢ଼ ହେବା—3. To become bewildered or upset. ୪। ହତାଶ ହେବା—4. To become desperate.
हुताशि हओया अस्तव्यस्तहोना

ହୁତାହୁତି—ଗ୍ରାଦେ (ପାଟଣା) ବିଣ—କ୍ରମଶଃ ପରବର୍ତ୍ତୀ; ପରମ୍ପରା—
Hutāhuti Succeeding. କ୍ରି ବିଣ—କ୍ରମଶଃ ପରେ ପରେ In succession.

ହୁତା ହେବା—ଦେ. କ୍ରି—୧। କୌଣସି କାର୍ଯ୍ୟରେ ନିଜକୁ ନିଯୁକ୍ତ
Huta heba କରିବା—1. To engage one's self in any work. ୨। କୌଣସି କାର୍ଯ୍ୟ କରିବାକୁ ଅଗ୍ରସର ହେବା—2. To come forward to do any work. ୩। କୌଣସି ବିଷୟପାଇଁ ଦାୟିତ୍ୱ ଗ୍ରହଣ କରିବା—3. To undertake the responsibility for any work. ୪। ଦାୟୀ ହେବା—4. To be-
ରତ হওয়া नियुक्तहना come responsible for any work.

ହୁତି—ସ. ବି—(ହୁ ଧାତୁ+ଭାବ ତି) —ହବନ; ହୋମ—Sacrifice;
Huti vedic ritual consisting of offering of ghee to the Deities through fire. ଦେ. ବି—୧। ହୁତା (ଦେଖ)—1. Huta (See) ୨। (ସ. ଭବତି) ହୋଉ; ହେବାକଥା; କୌଣସି କାର୍ଯ୍ୟ ହେବାର ଅବସ୍ଥା—2. The state of an act being done. ୩। କାର୍ଯ୍ୟ ସଫଳ ହେବାର ନିଶ୍ଚୟତା—3. Certainty of a work being accomplished. ୪। କାର୍ଯ୍ୟ ସମ୍ପାଦିତ ହେବାର ଦୃଢ଼ ଜବାବ—4. Promise or assurance of a work being performed

ହୁତି ନ ହୁତି—ଦେ. ବି—(ସ. ଭବତି ନ ଭବତି) - ୧। ହୋଇ ନ
Huti na huti ହୋଇ; ହେବା ନ ହେବା; କୌଣସି କାର୍ଯ୍ୟର ହେବା ବା ନ ହେବା—1. To be or not to be. ୨। କୌଣସି କାର୍ଯ୍ୟ ହେବାର ବା ନ ହେବାର ଜବାବ—2. Promise or assurance that anything will or will not be done. (ଯଥା —ମୁଁ ତାର ବନ ହେଲା ତାଙ୍କ ପାଖରେ ଅନୁସରଣ କଲି, ମାତ୍ର ସେ ମତେ ହୁତି ନ ହୁତି କିଛି କହିଲେ ନାହିଁ)
হওয়া না হওয়া होना न होना

ହୁ ଦ(ଧ)ସ୍—ଦେ. କ୍ରି ବିଣ —ହୁଉକରି (ଦେଖ)—
Hu da(dha)s Hu-u kari (See)

ହୁଦା(ଡା)—ବୈଦେ. ବି—(ଅ. ଓହ୍‌ଦା=ପଦସ୍ଥ, ପଦସ୍ଥସୂଚକ
Hudā(ddā) ଚିହ୍ନ)—୧। ଚପରାଶୀ ମାନଙ୍କର ପୋଷାକରେ ଲାଗିଥିବା ପଦସୂଚକ ଧାତୁଫଳକ ବା ନିଦର୍ଶନ ବା ଚିହ୍ନ—1. Badge; a metal plate worn on the dress of peons. ୨। ଅଧିକାର ପରିଚାୟକ ଚିହ୍ନ—2. A badge of authority. ୩। ଅଧିକାର; ଆଧିପତ୍ୟ—3 Authority; mastery, domination. ୪। ଔଚିତ୍ୟ—4. Propriety. ଗ୍ରାଦେ—(ପାଟଣା) ବି—ଦଳ; ଗୋଷ୍ଠୀ; ସମୂହ—Band; flock; company. ଗ୍ରାଦେ (ବଣାଇ) ବି—ହଳ—Plough ଗ୍ରାଦେ. (ଖଡ଼ଅଳ) ବି—୧। ବାଡ଼ିର ଅଗ୍ରଭାଗ—1. The pointed end of a stick. ୨। ବାଡ଼ିର

ଅଗଦ୍ୱାରା ଖୋଚା—2. A push or poking with the end of a stick.

ହୁଦା ମାରିବା—ପ୍ରାଦେ· (ଖଣ୍ଡଅଳ) କ୍ରି—ବାଡ଼ିର ଅଗ୍ରଭାଗଦ୍ୱାରା ଠେଲି
Hudā māribā ଦେବା—To push by the point of a stick.

ହୁନ୍—ପ୍ରାଦେ. (ଭଞ୍ଜଭୂମି) ସର୍ବନାମ—ସେ—
Hun He; she.

ହୁନ୍‌କେ—ପ୍ରାଦେ. (ଭଞ୍ଜଭୂମି) ସର୍ବନାମ—ତାହାର—
Hun-ke His.

ହୁନ୍‌ମନ୍—ପ୍ରାଦେ (ଭଞ୍ଜଭୂମି) ସର୍ବନାମ—ସେମାନେ—
Hun-man They.

ହୁନ—ଦେ· ବି—(ସଂ. ଧନ; ହୂଣ, ହୁନ=ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରାବିଶେଷ)
Huna ୧ । ଧନ; ସମ୍ପତ୍ତି—1. Riches. ୨ । ନଗଦ ଧନ—2. Cash. ୩ । ସଞ୍ଚିତ ଧନ; ଗଚ୍ଛିତ ଧନ; ପୁଞ୍ଜିଭୂତ ଧନ—3. Hoard. ପ୍ରାଦେ (ଉତ୍ତର ବାଲେଶ୍ୱର) ବି—ଅଳ୍ପମୂଲ୍ୟର ବସ୍ତୁ—A thing of low price.

ହୁନର୍ (ଇତ୍ୟାଦି)—ବୈଦେ. ବି—(ଫା ହୁନର୍=କଳା, କାରିଗରି)
Hunar(etc) ହୁନର୍ (ଇତ୍ୟାଦି) (ଦେଖ)—
Hundar (etc) (etc)

ହୁନରି—ବୈଦେ. ବିଣ ପୁଂ ଓ ସ୍ତ୍ରୀ—(ଫା)—ହୁନରିଆ (ଦେଖ)—
Hunari Hundariā (See)
(ହୁନରିଆ—ଅନ୍ୟରୂପ)

ହୁନାଁର୍—ପ୍ରାଦେ (ପାଟଣା, କହ୍ଲାଲ ଭାଷା) ବି (ସଂ.ହୁଣ୍ଡ)—ହେଟାବାଘ—
Hunānr Hyena wolf.

ହୁନୁ—ପ୍ରାଦେ (ପାଟଣା, କହ୍ଲାଲ୍ ଅଞ୍ଚଳ ଭାଷା) ବି—ମାଙ୍କଡ଼—
Hunu Monkey.

ହୁନର୍—ବୈଦେ. ବି—(ଫା. ହୁନର୍=ଦକ୍ଷତା, କଳା, କାରିଗରି)—
Hundar ୧ । କୁଶଳତା; ଦକ୍ଷତା—1. Skill. ୨ । କୌଶଳ—2. Tact. [ଉ—କାହିଁ ସେ ହୁନର ଯେ ହୁନର ବଳେ ପୁରୁଷ ହେବ ରମଣୀ । ରାଧାନାଥ-ଯଯାତି ।) ୩ । ଭେଲକି; ମାୟା; କୁହୁକ—3. Magic. [ଉ—କ୍ରମେ ଜନ୍ମ ଜନରେ ଅଦଭୁତ ହୁନରେ ପଶିଲା ତାକ ଜଗତର । ମଧୁସୂଦନ· ନୱପ୍ରଭା ।] ୪ । ରଇ; ରଙ୍ଗ—4. Sportiveness. ୫ । ଆମୋଦପ୍ରମୋଦ—5. Amusements. ୬ । ସୁଅଙ୍ଗ—6. Farce. ୭ । ଜଗର; ଜିଦ—7. Importunity. ୮ । ଆଡ଼ମ୍ବର—8. Show. ୯ । ଚତୁରତା—9.
ହুনর हुनर Cleverness.

ହୁନର କରିବା (କାଢ଼ିବା)—ଦେ· କ୍ରି—୧ । ସୁଅଙ୍ଗ ଲଗାଇବା—
Hundara karibā (kārdhibā) To bring out a
(ହୁନର ଲଗା[ଗ]ଇବା—ଅନ୍ୟରୂପ) show; to make a farce. ୨ । କୁହୁକ ଦେଖାଇବା—2. To exhibit magical show. ୩ । କୌଶଳ ଦେଖାଇବା—3. To show one's skill. ୪ । ଜିଦ ଧରିବା; ଜଗର କରିବା—4. To importune.
হুনর করা हुनर दिखाना

ହୁନରିଆ—ଦେ. ବିଣ ପୁଂ ଓ ସ୍ତ୍ରୀ—(ଫା. ହୁନର୍=ଦକ୍ଷ)—
Hundariā ୧ । ଛଇଳ—1. Sportive; fond of
[ହୁନରି, ହୁନରେଇ—ସ୍ତ୍ରୀ] sport. ୨ । ସୁଅଙ୍ଗିଆ—2. Showy; fond of show. ୩ । ଜଗରିଆ—3. Importunate. ୪ । କୌଶଳୀ; ଦକ୍ଷ—4. Skilful. ୫ । କୁହୁକିଆ—5. Skilful in
ভাঁড় हुनरमंद (ହୁନର—ଅନ୍ୟରୂପ) magic.

ହୁପ୍—ବୈଦେ. ବି—(ଇଂ. ହୋପ୍)—୧ । ଆଶା—1. Hope.
Hup ୨ । ସାହସ; ହିମ୍ମତ୍—2. Courage; bravery. ୩ । (ଫା· ହୁବ୍)—ହୋବ୍; ସ୍ମରଣ—3. Recollection; remembrance. ୪ । [ଇଂ. ହୁଫ୍]—ପଶୁମାନଙ୍କ ଖୁରା—Hoof of beasts
হোপ, হুপ होप

ହୁପା—ପ୍ରାଦେ (ଝାଡ଼ଖଣ୍ଡ) ବିଣ—୧ । ଅତି ସାହସୀ—1. Very
Hupā (ppā) courageous. ୨ । ଅମାନିଆ—2. Disobedient.
ପ୍ରାଦେ (କଣିକା) ବି—ମଇଁଷି ପଲଙ୍କ ଚଲାମଲା ଯୋଗୁ ଭୂମିରେ ଯେଉଁ ଗହ୍ୱରିଆ ଗାତମାନ ପଡ଼ିଯାଏ—Holes made on the surface of the ground by the trampling of herds of domestic buffaloes.

ହୁବ୍—ବୈଦେ ବି (ଅ. ହୁବ୍, ହୁବ୍—ଅନୁରାଗ, ଉତ୍ସାହ)—୧ । ହୋବ
Hub ସ୍ମରଣ; ଖିଆଲ—1 Recollection; memory; remembrance. ୨ । ବଳ; ହିମ୍ମତ୍; ଆତ୍ମପ୍ରତ୍ୟୟ—2. Courage; confidence in one's strength. (ଯଥା—ଏକଥା ତୁମ୍ଭକୁ କହିବାକୁ ମୋର ହୁବ୍ ପଡ଼ିଲା ନାହିଁ ।)

ହୁବ୍ କରିବା—ଦେ. କ୍ରି—ସ୍ମରଣ କରିବା—To remember; to
Hub karibā স্মরণ করা याद्करना recollect.

ହୁବ୍ ପଡ଼ିବା(ପାଇବା)—ଦେ. ବି—୧ । ସାହସର ଯଥେଷ୍ଟତା—
Hub paṭibā (pāibā) 1. Abundance of courage. ୨ । ଆତ୍ମ ପ୍ରତ୍ୟୟର ଉଦ୍ଭବ—2. Dawning of self-confidence.

ହୁବ୍ ହେବା—ଦେ. କ୍ରି—୧ । ସ୍ମୃତ ହେବା—1. To be remem-
Hub hebā bered. ୨ । ମନରୁ ପାସୋରି ନ ଯିବା—
মনে হওয়া याद्होना 2. Not to slip out from one's memory.

ହୁବ୍(ବେ)ହୁ—ବୈଦେ, ବିଣ—(ଅ. ହୁବହୁ=ଅବିକଳ)—୧ ।
Hub (be)hu ଅବିକଳ; ତଦ୍ରୂପ—1. Exact copy
হুবহু हूबहू of; exactly similar. ୨ । ସର୍ବାଙ୍ଗରେ
[ହୁବ୍(ବେ)ହୁବ୍—ଅନ୍ୟରୂପ] ସମାନ—2. Similar in all respects. ୩ । ଆଦର୍ଶାନୁରୂପ—3. Exactly corresponding to the model.

ବଣ—ଅବିକଳ ଅନୁରୂପ ନକଲ—Exact copy; exact reproduction. କ୍ରି· ବଣ—ଅବିକଳରୂପେ—In an exactly similar manner.

ହୁବୁକା—ଦେ. ବ—୧ । ଚମକିବା (ଗୋପୀନାଥ ନନ୍ଦ)—1. Starting up. Hubuka ୨ । ହୁବୁଡ଼ିବା (ଗୋପୀନାଥନନ୍ଦ)—2. Shying. ୩ । ଉପରକୁ ଡେଇଁବା,—3. Springing up. चमक चमक

ହୁବୁକିବା—ଦେ. କ୍ରି—୧ । ଚମକିବା (ଗୋପୀନାଥ ନନ୍ଦ)—1. To start up. Hubukiba ୨ । ହୁବୁଡ଼ିବା (ଗୋପୀନାଥନନ୍ଦ)—2. To shy; to be startled. ୩ । ଉପରକୁ ଡେଇଁବା (ଗୋପୀନାଥ ନନ୍ଦ)—3. To spring up. चमकान चमकना

ହୁ ବେଗେ—ପ୍ରାଦେ (ସମ୍ବଲପୁର) କ୍ରି ବଣ—୧ । ହଠାତ—1. All on a sudden. Hu bege ୨ । ଅତି ଶୀଘ୍ର—2. Very soon. ୩ । ତତ୍‌କ୍ଷଣାତ—3. Immediately; all at once.

ହୁଭୁରିବା—ପ୍ରାଦେ (ପାଟଣା) କ୍ରି—ଗାଳିଦେବା—To call names. Hubhuriba

ହୁମ୍—ସଂ. ଅ—ସମ୍ମତି, ସ୍ମୃତି, ଅପାକୃତି, ଅର୍ଥପ୍ରଶ୍ନ, ଅଭ୍ୟନୁଜ୍ଞା, ତର୍କ, ବିତର୍କ ଆଦି ସ୍ଥଳରେ ଉଚ୍ଚାରିତ ଧ୍ୱନି—(Interjection) An exclamation uttered in consenting, recollecting, questioning, allowing, arguing and guessing. Hum ପ୍ରାଦେ (ସମ୍ବଲପୁର) ବ—ହୋମ—Offering unto fire. ଦେ. ଅ—ହୁଁ (ଦେଖ)—Huñ (See). ପ୍ରାଦେ (ଗଡ଼ଜାତ; ଧ୍ୱନ୍ୟନୁକରଣ) ଅ—କୌଣସି ଭାରି କାମରେ ଲାଗିଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପାଇଁ ଉଚ୍ଚାରିତ ଧ୍ୱନି—An exclamation uttered by a Persen to encourage others engaged in a laborious task. [ବ୍ରି—ଏ ଶବ୍ଦ ଶୁଣିଲେ ସମସ୍ତେ ଜୋର୍ ଲଗାଇ କାମ କରନ୍ତି ।]

ହୁମ୍‌କି—ଦେ. ବ—୧ । ଭୟ ପ୍ରଦର୍ଶନ (ଗୋପୀନାଥ ନନ୍ଦ)—1. Threat; frightening. Hum-ki ୨ । ଗାଳିଗୁଲଜ—2. Abuse threatening abuse. ହୁମ୍‌କି धमकी

ହୁମ୍‌ଜୁଲି—ପ୍ରାଦେ. (ଗଡ଼ଜାତ) ବଣ—ସମାନସ୍ଥିତ—Of the same or similar status or position. Hum-juli

ହୁମ୍‌ଡାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଝୁଣ୍ଟିବା—To trip while walking; to stumble. Hum-rdaiba

ହୁମ୍‌ଦୁମ୍—ଦେ. ଅ—୧ । ବାଳକମାନେ ଦୌଡ଼ ଧାପଡ଼ ଓ ଚଳ ଅଚଳ ହୋଇ ଇତସ୍ତତଃ ହେବା ଦ୍ୱାରା ଉତ୍ପନ୍ନ ଗୋଳମାଳ—1. Boisterous noise by restless and moving children. ୨। ଦୌଡ଼ଧାପଡ଼—2. Brisk running. Hum dum ହୁମ୍ ହୁମ୍ धुम

ହୁମ୍ ଫଟ୍ ସ୍ୱାହା—ସଂ, ମନ୍ତ୍ରାଂଶ—ଦେବତା ପୂଜା ସମୟରେ ଉଚ୍ଚାରିତ ମନ୍ତ୍ର ବିଶେଷ—A mystic formula used during worship. Hum phat swaha

ହୁମ୍ ବ(ମ,ମେ)ରା ଭାଇ—ଗ୍ରା. ଅ—ହୁଁ ବରାଭାଇ (ଦେଖ) Hu n ba(ma,me)ra bhai Huñ bara bhai (See). [ହୁଂ ବ(ମ, ମେ)ରା ଭାଇରେ(ଲେ)—ଅନ୍ୟରୂପ]

ହୁମ୍‌ରାବା—ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି—(ଶିଶୁ) ସ୍ତନ୍ୟ ପାନ କରିବା ପାଇଁ ଆରମ୍ଭ କରିବା—To begin to suck (said of an infant). Hum-raba

ହୁମ୍ ହୁମ୍—ଗ୍ରା. ବଣ—ଅତିରିକ୍ତ ଆଗ୍ରହାନ୍ୱିତ; ଲାଳାୟିତ—Over eager; hankering Hum hum लालायित लालायित

ହୁମ (ଇତ୍ୟାଦି)—ଗ୍ରା· ବ—ହୋମ ଇତ୍ୟାଦି (ଦେଖ) Huma (etc) Homa etc (See)

ପ୍ରାଦେ (ସମ୍ବଲପୁର) ବ. ବାଳିକାଙ୍କ କ୍ରୀଡ଼ା ବିଶେଷ; ହୁମୋ (ଦେଖ)—A kind of game of girls.

ହୁମ ଯୁମ—ପ୍ରାଦେ (ବାଲେଶ୍ୱର) ବକ୍ରି—ଆଗୁଆ—Forward. Huma Juma [ବ୍ରି—ଘର ଉପକାର କରିବାକୁ ଯେପରି ହୁମ୍‌ଯୁମ୍, ଉପରେ ପଡ଼ି କଳିଆ କରିବାକୁ ସେହିପରି ମଜବୁତ୍ ଫକୀର ମୋହନ. ଛମାଣ, ଆଠଗୁଣ୍ଠ]

ହୁମା—ଦେ.ବ—ଗଞ୍ଜାମର ଗୋଟିଏ କ୍ଷୁଦ୍ର ଜମିଦାରି ଓ ନଗରର ନାମ—Name of a small zamindary and town in Ganjam. Huma हुमा ୨ । ସମ୍ବଲପୁର ସହରଠାରୁ ଅଠକୋଶ ଦୂରରେ ଅବସ୍ଥିତ ଓ ପ୍ରସିଦ୍ଧ ଶିବଲିଙ୍ଗଙ୍କ ମନ୍ଦିର ବିଶିଷ୍ଟ ଗ୍ରାମ—2. Name of a village 15 miles from Sambalpur. [ବ୍ରି—ଏ ଗ୍ରାମ ଧାମା ଥାନାର ଇଲାକାରେ; ଏଠାରେ ମହାନଦୀ କୂଳକୁ ଲାଗି ଗୋଟିଏ ପ୍ରସିଦ୍ଧ ଶିବମନ୍ଦିର ଅଛି । ଏ ମନ୍ଦିରର ଗର୍ଭଗୃହ ଗୋଟିଏ ଭୂଗର୍ଭସ୍ଥ ସୁଡ଼ଙ୍ଗଦ୍ୱାରା ମହାନଦୀ ସଙ୍ଗେ ସମ୍ପୃକ୍ତ ଓ ସେହିବାଟେ ମହାନଦୀ ପାଣି ଗର୍ଭଗୃହ ଭିତରକୁ ଯିବା ଆସିବା କରେ ଓ ଦେଉଳରୁ ପାଦୁକ ପାଣି, ଫୁଲ, ବେଲପତ୍ରୀ ନଦୀକୁ ବହି ଆସେ । ଉକ୍ତ ମନ୍ଦିରର ସୁଡ଼ଙ୍ଗ ସଲଗ୍ନ ମହାନଦୀରେ ଗୋଟିଏ ଗଣ୍ଡ (ସୁଗଭୀରଜଳ) ଅଛି । ସେ ଗଣ୍ଡରେ ବଡ଼ ବଡ଼ ମାଛ ଓ କଇଁଛ (କୂର୍ମ) ଅଛନ୍ତି । ଯାତ୍ରୀମାନେ କୂଳରେ ଆଇ ପାଣିକୁ ଚିଠାଇ, ଖଇ ଆଦି ପକାଇଲେ ମାଛ ଓ କୂର୍ମମାନେ କୂଳ ନିକଟକୁ ଆସି ସେମାନ ଖାଆନ୍ତି । ମନ୍ଦିରର ଅନତିଦୂରରେ ହୁମା ଗ୍ରାମ ଅବସ୍ଥିତ । ଏ ଶିବଲିଙ୍ଗ ପାତାଳଫୁଟା ବା ପାତାଳି ଲିଙ୍ଗ ଅଟନ୍ତି ।] ବୈଦେ. ବ. (ଫା)—୧ । ହୁଁ ହାଁ ଚଢ଼େଇ (ଦେଖ)—1 Huñhañ chardhei (See) ୨ । କଳ୍ପିତ ପକ୍ଷିବିଶେଷ—A bird of the folk-tales [ବ୍ରି—ପ୍ରସିଦ୍ଧି ଅଛି ଯେ ଏ ହାଡ଼ ଖାଇ ବଞ୍ଚେ ଓ ଯାହାଙ୍କ ଉପରେ ଏ ପକ୍ଷୀର ଛାୟା ପଡ଼ିଯାଏ ସେ ବାଦସାହା ହୁଏ—ହି. ଶ]

ହୁମା ଖଣ୍ଡ—ଦେ. ବ—ପଞ୍ଚଦଶ ଶତାବ୍ଦୀରେ ସମ୍ବଲପୁର ରାଜ୍ୟର ନାମ—The name of the state of Sambalpur in the 15th century A. D Huma khanda

ହୁମାଗୁଞ୍ଜୁ—ପ୍ରାଦେ (ଖଡ଼ଆଳ) ବି—ଉଲ୍ଲୁକ ବିଶେଷ; ଏକ ପ୍ରକାର
Humāgunju ପେଚା—A species of owl. [ଦ୍ର—ଏ ଉଲ୍ଲୁକଠାରୁ କିଞ୍ଚିତ୍ ବଡ଼ ।]

ହୁମଡେଇଁ—ଦେ.ବି ଓ ବିଣ ସ୍ତ୍ରୀ [ଗାଳି]—ଯେଉଁ ସ୍ତ୍ରୀ ସର୍ବଦା ଘରେ ନ
Humadeiñ ରହି ଗ୍ରାମରେ ଯାହାରେ ତା ଘରେ ସର୍ବଦା ବୁଲିବାକୁ ସୁଖପାଏ—(a term of abuse) A woman who likes to loaf about in the houses of villagers.

ହୁମାୟୁନ୍—ବୈଦେ. ବି—(ନାମ)—ଦିଲ୍ଲୀର ଦ୍ୱିତୀୟ ମୋଗଲ୍ ସମ୍ରାଟ୍
Humāyun ବାବରଙ୍କ ପୁତ୍ର ଓ ଅକବରଙ୍କ ପିତା—The 2nd
हुमायून of the Moghal emperors, son of Bābar
हुमायूँ and father of Akbar. [ଦ୍ର—ଖ୍ରୀଷ୍ଟୀୟ ୧୫୩୦ ଅବ୍ଦରେ ବାବରଙ୍କ ମୃତ୍ୟୁପରେ ସେ ଦିଲ୍ଲୀର ସିଂହାସନ ଅଧିକାର କରି ୧୫୫୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କର ଅନ୍ୟ ତିନି ଭାଇ ଥିଲେ ଭିନ୍ନ ଭିନ୍ନ ଦେଶ ଜାଗିର ସ୍ୱରୂପ ପାଇଥିଲେ । କଥିତ ଅଛି ଯେ ଏହାଙ୍କର ପିତାଙ୍କର ସାଂଘାତିକ ପୀଡ଼ିତ ଥିବା ଅବସ୍ଥାରେ ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ ଯେ, ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ଜୀବନ କ୍ଷୟପ୍ରାପ୍ତ ହେଲେ ଅନ୍ୟଜଣକ ବଞ୍ଚିଯିବ । ଏପରି ଅବସ୍ଥାରେ ବାବର ନିଜ ଜୀବନକୁ ଉତ୍ସର୍ଗ କରି ପୁଅଙ୍କ ବଞ୍ଚିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ଫଳତଃ ହୁମାୟୁନ୍ ଆରୋଗ୍ୟ ଲାଭକଲେ । କିନ୍ତୁ ବାବର ସେହି ରୋଗରେ ପ୍ରାଣତ୍ୟାଗ କଲେ । ହୁମାୟୁନଙ୍କ ଅମଳରେ ବିହାରର ଜଣେ ଜାଗିର୍‌ଦାର ସେର୍‌ସାହା ବିଦ୍ରୋହୀ ହୋଇ ଏହାଙ୍କୁ ୧୫୩୯ ସାଲରେ ପରାସ୍ତ କରିବାରୁ ଏ ପାରସ୍ୟକୁ ପଳାଇଗଲେ ଓ ସେରସାହା ୧୫୪୦ରୁ ୧୫୪୫ ପର୍ଯ୍ୟନ୍ତ ଦିଲ୍ଲୀ ସିଂହାସନ ଅଧିକାର କଲେ । ସେରସାହା ରାଜପୁତମାନଙ୍କ ସଙ୍ଗରେ ଯୁଦ୍ଧ କରି ହତ ହେବାରୁ ତାଙ୍କ ପୁତ୍ର ଇସ୍‌ଲମ୍ ବା ସେଲିମ୍ ସାହା ୧୫୪୫ରୁ ୧୫୫୨ ପର୍ଯ୍ୟନ୍ତ ରାଜତ୍ୱ କଲେ । ସେଲିମ୍ ସାହାଙ୍କ ପରେ ତାହାଙ୍କର ଭାଇ ମହମ୍ମଦ୍ ଅଦଲ୍‌ସାହା ୧୫୫୨ରେ ସିଂହାସନ ଆରୋହଣ କଲେ । ଅଦଲ୍‌ସାହା ଅତ୍ୟନ୍ତ ବିଳାସପ୍ରିୟ ଥାଇ ରାଜକାର୍ଯ୍ୟ ହିମୁନାମକ ଜଣେ ନୀଚବଂଶୀୟ ହିନ୍ଦୁଙ୍କ ଉପରେ ନ୍ୟସ୍ତ କରିଥିଲେ । କେତେକ ଅଫଗାନ୍ ରାଜା ଓ ଅଦଲ୍‌ସାହାଙ୍କ ଶଳା ଇବ୍ରାହିମ୍ ଖାଁ ଅଦଲ୍‌ସାହାଙ୍କ ବିରୁଦ୍ଧରେ ବିଦ୍ରୋହୀ ହେଲେ ଓ ଦିଲ୍ଲୀ ଏବଂ ଆଗ୍ରା ଅଧିକାର କରି ଆପଣାକୁ ସିକନ୍ଦରସାହା ସମ୍ରାଟ୍ ବୋଲି ଘୋଷଣା କଲେ । ଏହି ସୁଯୋଗରେ ହୁମାୟୁନ୍ ପାରସ୍ୟ ରାଜାଙ୍କ ସାହାଯ୍ୟରେ ଗୁଡ଼ିଏ ସୈନ୍ୟ ସଂଗ୍ରହ କରି ପଞ୍ଜାବ ଆକ୍ରମଣ କରି ୧୫୫୫ ସାଲରେ ସିର୍‌ହିନ୍ଦ୍ ନାମକ ସ୍ଥାନରେ ତାଙ୍କୁ ପରାସ୍ତ କରି ଦିଲ୍ଲୀ ଓ ଆଗ୍ରା ଅଧିକାର କରି ସମ୍ରାଟ୍ ହେଲେ ଓ ୧୫୫୬ ସାଲରେ ପ୍ରାଣତ୍ୟାଗ କଲେ । ତାଙ୍କ ପରେ ତାଙ୍କର ୧୩ ବର୍ଷ ବୟସ୍କ କୁମାର ଅକବର ଦିଲ୍ଲୀର ସମ୍ରାଟ୍ ହେଲେ । ହୁମାୟୁନଙ୍କର ରାଜ୍ୟରୁ ବିତାଡ଼ିତ ହୋଇ ବିଦେଶରେ ବାସ କରୁଥିବା ଅବସ୍ଥାରେ ଅମରକୋଟ୍ ଠାରେ ଖ୍ରୀ ୧୫୪୨ ରେ ଅକବର ଜନ୍ମ ଗ୍ରହଣ କରିଥିଲେ ।]

ହୁ(ହୁଁ)ମାରିବା—ପ୍ରାଦେ (ଖଡ଼ଆଳ) କ୍ରି—ସ୍ନେହ କରିବା—
Hu(ba) māribā To love.

ହୁମୁର୍ଡେ—ପ୍ରାଦେ (ପାଟଣା) କ୍ରି· ବିଣ—ଦଣ୍ଡେ; ମୁହୂର୍ତ୍ତମାତ୍ର—
Humurde One moment only.

ହୁମୁ ହୁମୁ ହେବା—ପ୍ରାଦେ (ସାଜପୁର) କ୍ରି—ଅତ୍ୟନ୍ତ ରାଗାନ୍ୱିତ
Humu humu hebā ହେବା—To be very angry.

ହୁମୋ—ପ୍ରାଦେ (ସମ୍ବଲପୁର) ବି—ବାଳିକାମାନଙ୍କର ଏକ ପ୍ରକାର
Humo ଖେଳ—A kind of outdoor game amongst girls. [ଦ୍ର—ଏଥିରେ ବାଳିକା ଓ ଯୁବତୀମାନେ ଦୁଇ ଦଳରେ ବାଣ୍ଟି ହୋଇ ପରସ୍ପର ଠାରୁ ଖଣ୍ଡିଏ ଦୂର ଛଡ଼ା ଧାଡ଼ିବାନ୍ଧି ଠିଆ ହୁଅନ୍ତି । ପ୍ରଥମେ ଦଳେ ଗୀତ ବୋଲି ବୋଲି ଅପର ଦଳ ଆଡ଼କୁ ଅଗ୍ରସର ହୋଇ ପୁଣି ନିଜ ସ୍ଥାନକୁ ଲେଉଟି ଯାଆନ୍ତି । ତତ୍ପରେ ଅପର ଦଳ ଗୀତ ବୋଲି ବୋଲି ସେହିପରି କରନ୍ତି ।

ହୁମୋ ଗୀତ—

ହୁମୋ ନନ ନନ ଦଶ ବୋଇଲି ରେ
ହୁମୋ ନନ ନନ ଦଶ ବୋଇଲି ରେ,
ନ ଖାଇଁ ନ ପିଇଁ ଗୁଆ ପନସରେ
ନ ଯାଉ ତୁମ୍ଭର ଦେଶ,
ବୋଇଲି ରେ, ନ ଯାଉ ତୁମ୍ଭର ଦେଶ ।
ହୁମୋର ବେଣ୍ଟିଆ ବୋଇଲି ରେ ହୁମୋର ଗଣ୍ଠିଆ
ମୋ ଗଣ୍ଠିଆକୁ କେ ମାଇଲା
ରକତ ହୋଇଲାରେ, ରକତ ହୋଇଲା ।]

ହୁମ୍ପା—ଦେ. ବିଣ—୧ । ଯେ ସମସ୍ତଙ୍କୁ ଠେଲି କରି କଥା କହେ;
Humpā ଅଗବୋଲା (ଗୋପୀନାଥ ନନ୍ଦ)—1. Forward
आगबोला (person). ୨ । ଯାହାଠାରେ ଶିଷ୍ଟାଚାର ଓ ଭଦ୍ରତା
अलगटेटा ନାହିଁ (ଗୋପୀନାଥ ନନ୍ଦ)—2. Devoid of manners.

ହୁର୍‌କୁଣ୍ଡିବା—ପ୍ରାଦେ (ସମ୍ବଲପୁର) କ୍ରି—ମୁଣ୍ଡିଆ ମାରିବା; ମୁଣ୍ଡରେ
Hur-kundibā ଭୁଷିବା—To butt with the head; to ram.

ହୁର୍‌କୁଲ୍‌ବା—ପ୍ରାଦେ (ଖଡ଼ଆଳ) କ୍ରି—ଗୁଞ୍ଜିବା—
Hur-kul-bā To thrust a thing into other things.

ହୁର୍‌ଗୁନବା—ପ୍ରାଦେ (ସମ୍ବଲପୁର) କ୍ରି—ଚିନ୍ତା କରିବା; ଝୁରିବା—
Hur gunibā To think; to pine after.

ହୁର(ରୁ)ଜୁର୍—ଦେ. ବି—୧। ଅତ୍ୟାଚାର—1. Oppression. ୨।
Hur (ru) jur ଲୁଟପାଟ—2. Looting; plundering;
लूटपाट depredation. ୩ । ସର୍ବନାଶ ଓ ଧ୍ୱଂସ ଘଟାଇବା—
लूटखसोट 3. Devastating.

ହୁର୍ (ରୁ) ଜୁର୍ (ରୁ) କରିବା—ଦେ. କ୍ରି—୧ । ଅତ୍ୟାଚାର କରିବା—1. Hur(ru) jur(ru) karibā To oppress. ୨ । ଲୁଟପାଟ ଲୁଟপাট করা କରିବା—2. To plunder. ୩ । ସର୍ବନାଶ ଓ लूटखसोट करना ଧ୍ୱଂସ କରିବା—3. To devastate; to depredate.

ହୁର୍ (ରୁ)ଜୁରିଆ - ଦେ.ବିଣ ପୁଂ—୧। ଅତ୍ୟାଚାରୀ—1. Oppresive. Hur(ru)juriā ୨। ଲୁଟପାଟକାରୀ—2. Plundering. [ହୁର୍ (ରୁ)ଜୁରେଇ -ସ୍ତ୍ରୀ] ୩ । ବିଧ୍ୱଂସକାରୀ— অত্যাচারী लूटनेखसोटनेवाला 3. Depredatory devastating.

ହୁର୍ (ରୁ) ଦ(ଦୁ) ଙ୍ଗ(ଙ୍ଗା)—ଦେ. ବିଣ ପୁଂ—୧ । ଅସ୍ଥିର (ବ୍ୟକ୍ତି) Hur(ru)da(du)ṅg(ṅgā) 1. Restless. ୨ । ହୃଷ୍ଟପୁଷ୍ଟ; ଓ ସବଳ—2. Stout and strong. ୩ । ଡେଙ୍ଗା 3. Tall. ୪ । ଅଣାଡ଼ୁଆ; ହୁଣ୍ଡା ଅବିଚାରକ— 4. Foolhardy; rash. ୫ । ଦୁଷ୍ଟ—5. Wicked. হুড়হুঙ্গো हुड़दंगा

ହୁର୍ (ରୁ)ମତ୍—ବୈଦେ. ବି (ଅ)—୧ । ଇଜ୍ଜତ୍; ମହତ; ସମ୍ମାନ— Hur(ru)mat 1. Dignity; honour; respect. ୨ । হুরমত हुरमत ସତୀତ୍ୱ—2. Chastity.

ହୁର୍ମତ୍ ଦାର୍—ବୈଦେ. ବିଣ (ଫା)—ହୁରମତିଆ (ଦେଖ)— Hur-mat-dār Hurmatiā (See)

ହୁର୍ମତ ଦାବୀ—ବୈଦେ. ବି (ଇତରିଆ)—ଇଜ୍ଜତ ଦାବୀ; ମାନହାନି Hur-mat dābi ପାଇଁ ଦାବି—Claim of damage for ইজ্জৎদাবী इज्जतदावी loss of honour.

ହୁର୍ମତ୍ ଦାବୀ ମକଦମା—ବୈଦେ. ବି (ଇତରିଆ)—ନଷ୍ଟ ସମ୍ମାନର Hur-mat dābi makadamā କ୍ଷତିପୂରଣାର୍ଥ ଦାଏର କରାଯିବା ମକଦମା—Case or suit claiming damages for loss of honour; defamation ইজ্জৎ দাবী মোকদ্দমা हुरमतदावीमुकदमा suit.

ହୁର୍ମତ୍ ନେବା (ମାରିବା)—ଦେ. କ୍ରି—୧ । ଇଜ୍ଜତ୍ ନେବା; ସମ୍ମାନ Hur-mat nebā (māribā) ନାଶ କରିବା—1. To dishonour a person; to disgrace. ୨ । ବଳପୂର୍ବକ ସ୍ତ୍ରୀର ସତୀତ୍ୱ ନାଶ କରିବା—2. To deflour a lady, ইজ্জৎলেওয়া हुरमतलेना to commit rape.

ହୁର୍ମତ୍ ରଖିବା—ଦେ. କ୍ରି—ସମ୍ମାନ ବଞ୍ଚାଇ ରଖିବା; ବେଇଜ୍ଜତରୁ Hur-mat rakhibā ରକ୍ଷା କରିବା—To save a person from disgrace or dishonour. ইজ্জৎরাখা हुरमतरखना

ହୁର୍ମତି—ବୈଦେ. ବିଣ (ପୁଂ ଓ ସ୍ତ୍ରୀ, ଫା)—ହୁରମତିଆ (ଦେଖ)— Hur-mati Hur-matiā (See)

ହୁର୍ମତିଆ—ଦେ. ବିଣ—ହୁରମତ୍ ଦାର୍; ସମ୍ଭ୍ରାନ୍ତ; ମାନ୍ୟ— Hur-matiā Respectable; honourable. (ହୁରୁମତେଇ—ସ୍ତ୍ରୀ) ইজ্জৎদার हुरमतदार

ହୁର୍ମା(ଇତ୍ୟାଦି)—ଦେ. ବିଣ—ହୁରୁମା (ଇତ୍ୟାଦି) (ଦେଖ)— Hur-mā (etc) Hurumā etc. (See)

ହୁର୍ମୁଖିଆ —ପ୍ରାଦେ. (ବଲାଙ୍ଗିର ପାଟଣା) ବିଣ ପୁଂ—୧। ଅବଧୂତିଆ; Hur-mukhiā ଉଦାସୀନ—1. Indifferent [ହୁରମୁଖିଏନ—ସ୍ତ୍ରୀ] ୨ । ଯେ ଆଗପଛ ନ ବିଚାରି କାର୍ଯ୍ୟକରେ 2. Acting without calculation.

ହୁର୍ରେ—ବୈଦେ. ଅ(ଇଂ)—ଆନନ୍ଦସୂଚକ ଧ୍ୱନି—(Interjection Hur-re Hurrah! an exclamation of joy. হুররে हुर्रे

ହୁର୍ସିବା—ପ୍ରାଦେ. (ସମ୍ବଲପୁର) କ୍ରି—ହୁଙ୍ଗିଦେବା (ଦେଖ)— Hur-sibā Huṅgidebā (See) [ହୁରସୁଲବା—ଅନ୍ୟରୂପ]

ହୁର୍ହୁତ୍—ପ୍ରାଦେ (ବାଲେଶ୍ୱର) ଅ (ଧ୍ୱନ୍ୟନୁକରଣ)—ଡକାଇତମାନେ Hur-hut ଚୋରିକରି ପଳାଇଯିବା ବେଳେ ଲୋକଙ୍କୁ ଭୟ ଦେଖାଇବାପାଇଁ ସେହି 'ହୁରହୁତ୍' ଧ୍ୱନି କରନ୍ତି—A loud sound made by dacoits while decamping after commissiou of the offence.

ହୁର୍ହୁରିଆ —ପ୍ରାଦେ (ଗଡ଼ଜାତ) ବିଣ—୧ । ଚଞ୍ଚଳ ସ୍ୱଭାବାପନ୍ନ— Hur-huriā 1. Qick-minded. ୨ । ଦୁଷ୍ଟ— 2. Wicked. ୩ । ବାଲସ୍ୱଭାବ୍ୟ ବିଶିଷ୍ଟ—3. Childish.

ହୁରବ—ସଂ. ବି (ହୁ=ଧ୍ୱନି ଅଟେ ରବ ଯାହାର)—ଶୃଗାଳ— Huraba Jackal.

ହୁରା—ଗ୍ରା. ବି - (ଉତ୍ତର ବ୍ୟବହୃତ)—୧ । ହୁଡ଼ା (ଦେଖ)— Hurā 1. Hurḍā (See) ୨ । ହୁଲା (ଦେଖ)— 2. Hulā (See)

ହୁରା ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି—ମୁନିଆଁ ବାଉଁଶ ଦ୍ୱାରା Hurā māribā ଗେଞ୍ଜିବା—To poke with a pointed rod.

ହୁରି—ଦେ. ବି—(ସଂ. ହୋଲା; ହୋଲକା) —୧ । ହୋଲକା (ଦେଖ Huri 1. Holākā (See). ୨ । ହୃଷୀକେଶର ଡାକନାମ— হোলী 2. Name for calling Hrushikesa. ବୈଦେ. हली ବି—୧ । (ଫା)—ହୁଲିର;ଉଚ୍ଚୈଃସ୍ୱରରେ ଡାକହକାର— 1. Hallooing; hue and cry. [ଉ—ମୃଗଙ୍କୁ ବ୍ୟାଘ୍ର ବୋଲି ଡର, ପଡ଼ିଲା ଗୋଧି ମଧ୍ୟେ ହୁରି—ରୂପଶ୍ରୀ ପ୍ରେମପଞ୍ଚାମୃତ] ବୈଦେ. ବି(ଅ)—ସ୍ୱର୍ଗର ପରୀ—2. Houri; fairies of heaven of Mahomedans.

ହୁରିଆ—ଦେ. ବିଣ. ପୁଂ—୧ । ଯେ ଉଚ୍ଚୈଃସ୍ୱରରେ ହୁରି କରେ— Huriā 1. Hallooing. [ଉ—ବଡ଼ୁର ବୋଇଲେ ଭୁଅନ୍ତୁ ତ ହୁରିଅ—କୃଷ୍ଣସିଂହ ମହାଭାରତ. ସଭା] ୨ । ଲୁଣ୍ଠିଅଗ୍ର—2. Dacoit. ୩ । ରାଜାଙ୍କ ନଗରରେ ଜଗୁଥିବା ପାରଦ—3. Palace guard. [ଉ—ଦ୍ୱେଷକେତ ହୁରିଅ ଠୁଳ, ବାଇ ଯାଉଥିବୁ ବୋଲି କଲେ ସେ ଗୋଳ—ପ୍ରାଚୀ· ନଳଚରିତ] ପ୍ରାଦେ—(ଗଡ଼ଜାତ ଓ ସମ୍ବଲପୁର)

ବି—ପରିହାସ—Jesting. ବିଣ—ପରିହାସୀ; ଇଙ୍ଗିତ-ଅଳ—(relative) Fit to jest or cut jokes with.
हल्ये ठट्ठा करनेवाला

ହୁରିଆ କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଥଟ୍ଟା ପରିହାସ କରିବା—
Huriā kariba To jest; to cut jokes.

ହୁରି କରିବା [ଛାଡ଼ିବା, ପାଡ଼ିବା, ପକା(କେ)ଇବା]—ଦେ. କ୍ରି—
Huri karibā [chhārḍibā, pārḍibā, pakā(ke)ibā]
ଉଚ୍ଚୈଃସ୍ୱରରେ ଚିତ୍କାର କରିବା—To halloo; to raise a hue and cry. [ଉ—'ଶୁଣି ଶୁଣି' ହୁରି ଛାଡ଼ନ୍ତି ସରବେ ଶୁଣନ୍ତୁ କେ ତରସ୍ଥାୟୀ—ନନ୍ଦକିଶୋର ଶର୍ମିଷ୍ଠା]
[ହୁରି ଉଠିବା (ପଡ଼ିବା)—ବିଶେଷ୍ୟରୂପ]
हुलिकरा, चिंत्कार करा हल्ला मचाना

ହୁରି ଖେଳ—ଦେ. ବି—ହୋଲି ଖେଳ (ଦେଖ)—
Huri khela Holi khela (See)
(ହୁରିଖେଳିବା—କ୍ରି)

ହୁରି ଗୀତ—ଦେ. ବି—ହୋଲି ଗୀତ [ଦେଖ]
Huri gita Holi gitā (See).

ହୁରିଜୁରି—ଦେ. ବି—ଜବରଦସ୍ତି ଗ୍ରହଣ—
Huri juri Coercion; forcible taking

ହୁରିବା—ପ୍ରାଦେ (ଖଡ଼ିଆଳ ଓ ପାଟଣା) କ୍ରି—ଗାଳିଦେବା—
Huribā To rebuke; to call names.
୨ । (ସମ୍ବଲପୁର) କ୍ରି—ଗାତଆଦିରେ ବାଉଁଶ ପୂରାଇବା—2. To thurst a bamboo into a hole.

ହୁରି ହଟା—ଦେ. ବି—(ସହଚର ଶବ୍ଦ)—ହରିହଟା ୨ (ଦେଖ)—
Huri hatā Hari hatā 2 (See

ହୁରି ହା(ହୁ)ଲର—ଦେ. ବି (ସହଚର ଶବ୍ଦ)—ଗୋଳମାଳ; ଉଚ୍ଚୈଃସ୍ୱରରେ ଡାକ ଓ ଘୋଷା—
Huri hā(hu)lara
হোহা हो हल्ला Uproar; great row.
[ଉ—ଗ୍ରାମଯାକ ହୁରି ହାଲର ପଡ଼ିଗଲା । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ହୁରୁକୁ—ଦେ. ବି—ମିଛ କଥାରେ ଭୟ ଜନ୍ମାଇବା—Frightening
Huruku on false pretexts.
মিথ্যা ভয় झूठा भय

ହୁରୁ(ରୁ)ଗୁନିବା—ପ୍ରାଦେ. [ସମ୍ବଲପୁର] କ୍ରି—ଝୁରିବା—
Huru(r)gunibā To pine after some thing.

ହୁରୁଟ୍ଟକ—ସଂ. ବି—ହାତୀର ଅଙ୍କୁଶ (ହି. ଶ)—
Huruttaka An elephant's goad.

ହୁରୁଡ଼(ଡ଼ୁ)ହୁରୁଡ଼(ଡ଼ୁ) ବେଙ୍ଗା—ଦେ. ଅ—ହାବୁଡ଼ା ଖେଳିବା ସମୟରେ
Hururd(rdu)hururd(rdu)bengā କେଳାମାନଙ୍କ ବୋଲିବା ଗୀତର ଘୋଷା—Refrain of songs or couplets sung by the 'Kelās' while playing 'Hāburdā'. [ଉ—ହୁରୁଡ଼୍ ହୁରୁଡ଼୍ ବେଙ୍ଗା, ତୋ ଶାଶୁର ଲେଙ୍ଗା, ସାଠିଏ ଟଙ୍କା ଦେଙ୍ଗା—କେଳା ଗୀତ ।]

ହୁରୁଡ଼ା—ଦେ. ବି—୧ । ହୁରୁଡ଼ାଇବା କର୍ମ—1. The act of
Hururdā 'Hururdaiba'. ୨ । ଶବ୍ଦ ଓ ଅଙ୍ଗଚାଳନପୂର୍ବକ ଜନ୍ତୁ ଆଦିଙ୍କୁ ତଡ଼ିବା—2. Scaring away of animals by sounds etc.
হোহা করা हुररा
ବିଣ—୧ । ପୂର୍ବରୁ ଜନ୍ତୁମାନଙ୍କୁ ହୁରୁଡ଼ାଇବା ଯୋଗୁଁ ଭୀତ ଓ ଡରୁଆ ହୋଇଥିବା (ଜନ୍ତୁ)—1. (animals which have become) Timid and wary, having once been scared away. [ଦୃ—ପୋଖରୀରେ ଥରେ ଜାଲ ପଡ଼ିଥିଲେ ସେ ପୋଖରୀରେ ବାକି ରହି ଯାଇଥିବା ମାଛଯାକ ହୁରୁଡ଼ା ହୋଇ ଯାଆନ୍ତି । ଏକାଧିକଥର ଶିକାରୀର ବନ୍ଧୁକର ଅବାଜ୍ ଶୁଣି ବନର ଜନ୍ତୁମାନେ ହୁରୁଡ଼ା ହୋଇ ଯାଆନ୍ତି ।] ୨ । ଡମକା; ଯେଉଁ ଜନ୍ତୁ ସାମାନ୍ୟ କଥାରେ ଚମକେ—2. Shying (animal); likely to bolt. (ଯଥା—ହୁରୁଡ଼ା ଘୋଡ଼ା, ହୁରୁଡ଼ା ବଳଦ ।) ପ୍ରାଦେ (ଖଡ଼ିଆଳ) ବି—ଗାଳି—Abusive language. ପ୍ରାଦେ (ଗଡ଼ଜାତ) ବି—ଜଙ୍ଗଲ ପାଖରେ ଫସଲ (ଗୁଣ୍ଡି, ବାଇଗଣ, ହରଡ଼ ଆଦି) ବିଲରେ ବାଘ, ମିରିଗ ଆଦି ଜନ୍ତୁଙ୍କୁ ରାତିରେ ହୁରୁଡ଼ାଇବା ନିମନ୍ତେ ଗୋଟିଏ ବାଉଁଶରେ ଚୁନ ବୋଳା କମା ପାଳ ଆଦିରେ ମଣିଷର ମୁଣ୍ଡ ଓ ମୂର୍ତ୍ତି ତିଆରି କରି କିଆରି ମଝିରେ ବାଉଁଶ ଉପରେ ଉଚ୍ଚ କରି ରଖାଯିବା ପଦାର୍ଥ—2. A figure-head kept in corn fields to scare away animals in the night; scarecrow. [ଉ—ଜନ୍ତୁମାନେ ରାତିରେ ଏହାକୁ ମନୁଷ୍ୟ ଭ୍ରମ କରି ଶସ୍ୟ ଖେଇବାକୁ ଆସନ୍ତି ନାହିଁ ।]

ହୁରୁଡ଼ା(ଡ଼େ)ଇବା—ଦେ. କ୍ରି (ସଂ. ହେଡ଼୍ ଧାତୁ=ଗତି, ଅନାଦର କରିବା; ହୁଡ଼୍ ଧାତୁ=ଗତି କରିବା;
Hururdā(rde)ibā
খেদান हुररना
ହୁରୁଡ଼ିବାର ଣିଜନ୍ତ ରୂପ)—ଜନ୍ତୁମାନଙ୍କୁ ଶବ୍ଦ କରି ବା ଭୟ ଦେଖାଇ ତଡ଼ିବା; ଘଉଡ଼ିବା—To scare or drive away animals by shouting and chasing.

ହୁରୁଡ଼ିବା—ଦେ କ୍ରି (ସଂ. ହୁଡ଼୍ ଧାତୁ=ଗତି କରିବା)—୧ । ଉଚ୍ଚ
Hururdibā ଧ୍ୱନି ଶୁଣି ଭୟ ପାଇ ପଳାଇବା—1. To flee away on hearing a loud sound.
চমকে পালান हुररना
୨ । (ଘୋଡ଼ା, ବଳଦ ଆଦି) ଚମକିବା; ଚମକି କରି ଦଉଡ଼ିବା—2. To shy; to bolt. ପ୍ରାଦେ (ଖଡ଼ିଆଳ) କ୍ରି—୧ । ଗାଳି ଦେବା—1. To abuse, to call bad names. ୨ । ତଡ଼ିବା—2. To drive away.

ହୁରୁଦ—ଗ୍ରା. ବି (ସଂ. ହୃଦୟର ଅଶୁଦ୍ଧ ଉଚ୍ଚାରଣ)—ହୃଦୟ (ଦେଖ)
Huruda Hrudaya (See)
(ହୁରୁଦୟ—ଅନ୍ୟରୂପ) হৃদি हिरदय

ହୁରୁଦିବା—ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି—କଳହ କରିବା—
Hurudibā To quarrel.

ହୁରୁପୁନବା—ପ୍ରାଦେ (ଗାଟଣା) କ୍ରି—ଚନ୍ତା କରିବା—
Hurupuniba To think.

ହୁରୁମ୍ —ପ୍ରାଦେ (ସମ୍ବଲପୁର) ବ—ହୁଡ଼ୁମ୍ବ (ଦେଖ)
Hurum Hurdumba (See)

ହୁରୁମ—ପ୍ରାଦେ (ଖଡଅଲ, ସ ହୁଡ଼ୁମ୍ବ) ବ—୧ । ଗୁଲଭଜା—1.
Huruma Fried rice. ୨ । ଲଅ—2. Fried paddy.
୩ । ରାସ୍ତା ସଡ଼କରେ ପକାଯିବା ମାଟିମିଶା କଙ୍କର—
3. Gravels mixed with soil used in spreading metal on roads

ହୁରୁମା—ଦେ, ବଣ. ପୁଂ—୧ । ଜାଣ୍ଡଜ୍ଞାନଶୂନ୍ୟ; ଅଖାଡ଼ୁଆ—1.
Hurumā Rash; foolhardy. ୨ । ଦୁଷ୍ଟ—2. Wicked;
(ହୁରୁମୀ—ସ୍ତ୍ରୀ) wanton. ୩ । ଖଳ୍‌ବଳିଆ; ଅସ୍ଥିର—3 Restless.
ହୁଣ୍ଡା ହୁଡ୍ଡ

ହୁରୁମା ପଣ—ଦେ. ବ—୧ । ଅସ୍ଥିରତା—1. Restlessness. ୨
Hurumā pana ଦୁଷ୍ଟପଣ—2. Wickedness. ୩ ।
[ହୁରୁମା ପଣିଅ(ଅ)—ଅନ୍ୟରୂପ] ଅଖାଡ଼ୁପଣ—3. Foolhar-
ଅସ୍ଥିରତା ହୁଡ୍ଡପନ diness; rashness.

ହୁରୁମାସ—ଦେ. ବ—କାର୍ଯ୍ୟକରଣାର୍ଥ ଆଦେଶ; ଫରମାସି [ଗୋପୀନାଥ
Hurumāsa ନନ୍ଦ]— Order for doing
[ହୁଭୁମାସ ଫରମାସ—ଅନ୍ୟରୂପ] some work.

ହୁଲ୍ କର—ପ୍ରାଦେ—[କେନ୍ଦ୍ରାପଡ଼ା] ବ—ଗଣ୍ଡଗୋଳ; ହୁରର—
Hul-kar Ado; hue and cry.

ହୁଲ୍‌କାର୍—ଦେ. ବ—ହୋଲ୍‌କାର (ଦେଖ)
Hulkār Holkāra (See)

ହୁଲ୍‌ଗୁଜିଆ—ପ୍ରାଦେ (ଖଡ଼ଅଲ) ବଣ—୧ । ଅଧୀର—1. Impa-
Hul-gujiā tient. ୨ । ସନ୍ଦେହୀ—2. Doubtful; suspicious.

ହୁଲ୍‌ଗୁଲା—ପ୍ରାଦେ (ପାଟଣା ଓ ବଣ—ଢିଲା; ଢିଲା—
Hul-gula Slack; loose.

ହୁଲ୍‌ହୁଲା—ପ୍ରାଦେ (ଗଡ଼ଜାତ) ବ—ଏକ ପ୍ରକାର ହୁଁହାଁ ଚଢ଼େଇ—
Hul-hula A species of 'huñ hañ' bird.

ହୁଲ(ଲ୍)ସ୍ଥୁଲ(ଲ୍)—ଦେ. ବ ଓ ବଣ—ହୁଲସ୍ଥୁଳ (ଦେଖ)
Hul(l)sthul(l) Hula sthūla (See). [ଉ—
ଲଙ୍କାରେ ଭାରି ହୁଲ୍ ସ୍ଥୁଲ୍ ପଡ଼ିଗଲା । ମାଳବଶ୍ର.
ପିଲଙ୍କ ରାମାୟଣ]

ହୁଲ୍(ଧାତୁ)—ସ.—ଗତି କରିବା—To move.
Hul (root)

ହୁଲ—ଦେ. ବ. (ସ. ଶଲ)—୧ । ସୂକ୍ଷ୍ମାଗ୍ରଭାଗ; ମୁନ—1. A fine
Hula point. ୨ । ବିରୁଡ଼ି, ମହୁମାଛି ଓ ବଣ ଅଙ୍କ
हूल नोक ନାହୁଡ଼—2. Sting of bees, wasps and
हूल सूंग scorpions. ୩ । ଧନୁର ଅଗ୍ରଭାଗ—3. The
हूल नोक end of a bow. [ଉ—ଧନୁ ହୁଲେ ଟେକିଣ
ତାହାକୁ ଆଣିଲେ. କୃଷ୍ଣସିଂହ. ମହାଭାରତ ଅଦି] ୪ ।
ଶରର ଅଗ୍ରଭାଗ—4. The barb of an arrow.

ହୁଲ—ପ୍ରାଦେ (ସିଂହଭୂମି) ବ—ହୁଆପଥର—Hailstone.
Hula

ହୁଲକୁ—ପ୍ରାଦେ (ଗଡ଼ଜାତ) ବ—(ସଂ. ହୋଲାକା)—ଦୋଳ
Hulaku ସମୟରେ ଗଡ଼ଜାତର କେତେକ ନୀଚ ଶ୍ରେଣୀର
ଲୋକଙ୍କର (ପୁରୁଷ—ସ୍ତ୍ରୀ, ଭାଇ—ଭଉଣୀ) ମିଶି ପରସ୍ପର
ଅସଭ୍ୟ ଭାବରେ ଗାଳି ଦିଅଦେଇ ହେବା— Calling vulgar names mutually among the low caste people in the Orissa States during Dola festival. [ଉ—ଏମାନଙ୍କର ବିଶ୍ୱାସ ଯେ
ନ କଲେ ସେମାନଙ୍କୁ ବାଘ ଖାଇଯିବ।]

ହୁଲକୁ ଯିବା—ପ୍ରାଦେ (ବୌଦ୍ଧ) କ୍ରି—ଫାଲ୍ଗୁନ ମାସରେ ଅଶ୍ଳୀଳ ଗୀତ
Hulaku jibā ଗାଇ ବୁଲିବା—To sing in decent songs during Dola.

ହୁଲ ଫୁଟା(ଟେ)ଇବା—ଦେ. କ୍ରି—୧ । ନାହୁଡ଼ରେ ମାରିବା—
Hula phutā(te)ibā 1. To sting. ୨ । ଶରର
हुलफुटान सुंगदोना ତୀକ୍ଷ୍ଣାଗ୍ରଦ୍ୱାରା ଭେଦ କରିବା—2. To pierce with the fine point of an arrow.

ହୁଲର୍—ବୈଦେ. ବ—(ଅ, ହୁଲ. ଇଂରାଜ ଶବ୍ଦ)—୧ । ଚିତ୍କାର;
Hular ହୁରି; ଉଚ୍ଚଧ୍ୱନି—1. Halloo; loud sound.
हुलाहुलि होहल्ला; हुल्लड ୨ । କୋଳାହଳ; ଗୋଳ—
2. Noise; uproar. ୩ । ବିପନ୍ନର ଆର୍ତ୍ତସ୍ୱର—
3. The loud sound of a person in distress.

ହୁଲର୍ କରିବା(ଛାଡ଼ିବା)—ଦେ. କ୍ରି—ଉଚ୍ଚୈଃସ୍ୱରରେ ଚିତ୍କାର
Hular kariba(chhardibā କରିବା; ହୁରି ଛାଡ଼ିବା—
हुलाहुलि करा हुल्लड़करना To halloo; to raise a
[ହୁଲର୍ ପକା(କେ)ଇବା - ଅନ୍ୟରୂପ] hue and cry.

ହୁଲରିଆ—ଦେ, ବଣ. ପୁଂ.—ହୁରିଆ; ଯେ ଉଚ୍ଚଧ୍ୱନି କରେ—
Hulariā Hallooing; raising loud cry; raising
चोंचाने हुल्लडबाज (ହୁଲସ୍ତ୍ରୀ,ହୁଲରେଇ—ସ୍ତ୍ରୀ) a hue and cry

ହୁଲସ୍ଥୂଳ—ଦେ.ବ (ବଙ୍ଗଳାରୁ ଅନୁକୃତ; ସଂ, ହୁଲ ହୁଲୀ ଓ ସ୍ଥୂଳ)—
Hula sthūla ୧ । କୋଳାହଳ; ହୁଲର; ଗଣ୍ଡଗୋଳ
हुलस्थूल् हुल्लड गୋଳ; ହଟ୍ଟଗୋଳ; ଗୋଳମାଳ —
1. A great stir; ado; row. ୨ । ଗଣ୍ଡଗୋଳମୟ
ମାରପିଟ—2. Rowdyism. ୩ । ଆଡ଼ମ୍ବର—
3. Grandeour. ବଣ—ଗଣ୍ଡଗୋଳ ପୂର୍ଣ୍ଣ—
Noisy; full of ado.

ହୁଲସ୍ଥୂଳ କାଣ୍ଡ(ବ୍ୟାପାର)—ଦେ. ବ—(ବଙ୍ଗଳାରୁ ଅନୁକୃତ)—
Hula sthūla kānd (byāpāra) ୧ । ଭୁମୁଳକାଣ୍ଡ—1.
हुलस्थूलकाण्ड An affair of much ado; a great row.
धूमधाम ୨ । ମହା ଆଡ଼ମ୍ବର ପୂର୍ଣ୍ଣ କାର୍ଯ୍ୟ—2. A grand affair.

ହୁଳହୁଳା—ଦେ. ବ—(ସ. ହୁଳହୁଳୀ)—ହୁଳହୁଳି (ଦେଖ)—
Hulahulā Hulahulī (See).

ହୁଲହୁଲି—ଦେ. ବି—ହାଲହୁଲି (ଦେଖ)—
Hula huli Hālahuli (See).

ହୁଲହୁଲି—ପ୍ରାଦେ (ଖଡ଼ଜାତ) ବି—ମନ୍ଦ ମନ୍ଦ ପବନ—Gentle
Hulahuli breeze. ଅ—ସ୍ତ୍ରୀ ଲୋକମାନଙ୍କର ମଙ୍ଗଳ କାର୍ଯ୍ୟରେ କରିବା ହୁଳହୁଳି ଶବ୍ଦ—Sound of 'Hula huli' made by the females during social ceremonies.

ହୁଲହୁଲିଆ—ପ୍ରାଦେ (ଖଡ଼ଜାତ) ବି—ଶାକ ଗୁଳ୍ମ ବିଶେଷ—A
Hulahuliā species of potherb. [ଦ୍ର—ଲୋକମାନେ ଏହାର ଶାଗ ଖାଆନ୍ତି ।]

ହୁଳହୁଳି—ସଂ. ବି—(ଧ୍ୱନ୍ୟନୁକରଣ)—ଶୁଭକାର୍ଯ୍ୟ ଉପଲକ୍ଷରେ
Hulahulī ସ୍ତ୍ରୀମାନଙ୍କ ଜିହ୍ୱାଦ୍ୱାରା କୃତ ମୁଖବାଦ୍ୟ; ଉଲୁଧ୍ୱନି—A sound made by women wagging the tongue inside the mouth while emitting a shrill sound. [ଦ୍ର—ଆମ ଦେଶରେ ଆନନ୍ଦ ଉତ୍ସବରେ ପୁରୁଷମାନେ 'ହରିବୋଲ' ଓ ସ୍ତ୍ରୀମାନେ ହୁଳହୁଳି ଦିଅନ୍ତି ।] ଦେ. ବି—ଦେବୀ ବିଶେଷ—Name of a popular Goddess. [ଉ—ଡାକେଣୀ, ଝେପଣୀ ଯେ ରଙ୍ଗିଣୀ ହୁଳହୁଳି, ଏ ସର୍ବ ଦେବୀଙ୍କି ଯେ ଯୋଗଣ ହୋଇ କେଳି—କୃଷ୍ଣସିଂହ ମହାଭାରତ ଅଦି ।] ପ୍ରାଦେ (ଗଡ଼ଜାତ) ବି—ଶୁଭ ବା ମାଙ୍ଗଳିକ କାର୍ଯ୍ୟ; ବିବାହାଦି—Festive functions (e. g. marriage).

ହୁଳହୁଳି ଦେବା—ଦେ କ୍ରି—ମୁଖରେ ଉଲୁ ଧ୍ୱନି କରିବା—To
Hulahulī debā make a vibrating shrill sound with the tongne.
[ହୁଳହୁଳି ପକା(କେ)ଇବା—ଅନ୍ୟରୂପ]
উলুদেওয়া उलुध्वनिकरना

ହୁଳା—ଦେ. ବି—(ସଂ. ଉଲ୍କ=ଜ୍ୱାଳା)—୧ । ଅଗ୍ନିର ଜ୍ୱାଳା;
Hulā ଅଗ୍ନିଶିଖା; ଜ୍ୱଳନ୍ତ ଅଗ୍ନିର ଶିଖା—1. Flame of fire.
শিখা, হলকা ୨ । ତପ୍ତ ପଦାର୍ଥରୁ ଉଠୁଥିବା ଭୀଷଣ ଉତ୍ତାପ—2.
लपट Great heat emitted by a hot thing. ୩ ।
মসাল ମଶାଲ; ବଳୁଡ଼—3. Torch. [ଉ—ତାହା ଶୁଣିଣ
मसाल ଲୋକେ ଲଗାଇଣ ହୁଳା, କୀଚକକୁ ଅନ୍ୱେଷଣ କଲେ ସେ ସଂଚୋଳା—କୃଷ୍ଣସିଂହ ମହାଭାରତ ବିରାଟ ।] ୪ ।
বড় ବରଗଡ଼ା, ପାଳ, ନଡ଼ିଆପତ୍ର ଆଦିର ବଡ଼ା ବନ୍ଧା ହୋଇ
उल्क ନିଆଁ ଲଗାଯାଇଥିବା ଅଗ୍ନିଦଣ୍ଡ; ବଳିଆ; କାଠଅଗ୍ନି—4. A bundle of straw or cocoanut leaves made into a firebrand. [ଉ—ସବେଂ ପଶ୍ଚିମ ବନେ ଖେଳ ହସ୍ତରେ ଥିବା ହୁଳା ଜାଳ । ଭୁପତି ପ୍ରେମ ପଞ୍ଚାମୃତ ।]

ହୁଳା—ପ୍ରାଦେ (ବଲାଙ୍ଗିର ପାଟଣା) ବି—ମଣ୍ଡା; ଥାଲବାଳ—Pit made
Hulā around a tree to water it. ପ୍ରାଦେ (ଖଡ଼ଜାତ) ୧ । ଦଳ; ଥଳ—1. Flock; batch. ୨ । ଶୁଖିଲା ବାଉଁଶ କାଠିଗୁଡ଼ିଏ ଏକତ୍ର ବିଡ଼ା ବନ୍ଧାଯାଇ ତହିଁରେ ନିଆଁ ଲଗାଯିବା ହୁଳା—2. Torch made of bamboo sticks tied together.

ହୁଳାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଉପହାସରେ ତାଳି ମାରିବା—
Hulāibā To clap in ridicule or jest.

ହୁଳା ଉଠିବା—ପ୍ରାଦେ (ଖଡ଼ଜାତ) ବି—ଗରମ ବୋଧ ହେବା—
Hulā uṭhibā The feeling of heat.

ହୁଳାସ—ଦେ. ବି (ସଂ. ଉଲ୍ଲାସ)—ଉଲ୍ଲାସ; ଆନନ୍ଦ—
Hulāsa Delight; joy.
উল্লাস हिलोस

ହୁଳାହଳା—ପ୍ରାଦେ (ଖଡ଼ଜାତ) ଅ—ଦଳଦଳ ହୋଇ—
Hulāhalā In crowds; in batches.

ହୁଳାହୁଳି—ଦେ. ବି—(ସଂ. ହୁଳହୁଳି)—ହୁଳହୁଳି (ଦେଖ)—
Hulāhuli Hula huli (See) [ଉ—ଯେନ ଉତ୍ତମ ଘାପାବଳି, ପଥେ କାହିଁଏ ହୁଳାହୁଳି । ଜଗନ୍ନାଥ ଭାଗବତ ।]

ହୁଳାହୁଳି—ପ୍ରାଦେ (ସମ୍ବଲପୁର) ବି—ହୁଳହୁଳି (ଦେଖ)—
Hulāhulī Hulahulī (See).

ହୁଳି—ଦେ. ବି—ନଦୀରେ ଥିବା ଛୋଟ ଛୋଟ ମତ୍ସ୍ୟ ବିଶେଷ
Huli (ଗୋପୀନାଥ ନନ୍ଦ)—A species of small fish found in rivers. ପ୍ରାଦେ (ବାମଣ୍ଡା) ବି—ଛୋଟ ପାହାଡ଼—Hillock.

ହୁଳି—ଦେ. ବି—(ସଂ. ହୋଡ଼)—ଛୋଟ ଡଙ୍ଗା; ସାନ ଓ ସରୁ ଲମ୍ବାଆ
Huli ଡଙ୍ଗା—A small narrow boat; a long canoe. (ହୁଳି ଡଙ୍ଗା—ଅନ୍ୟରୂପ) [ଦ୍ର—ଏହା ଖଣ୍ଡିଏ କାଠରେ ତିଆରି;
ডোঙ্গা ଲମ୍ବ ୫ । ୬ ହାତ; ଏଥିରେ ଜଣେ କିମ୍ବା ଦୁଇ ଜଣ
डोंगी. ମନୁଷ୍ୟ ବସି ପାରନ୍ତି ।]

ହୁଳି(ଳି)ଆ—ବୈଦେ ବି—(କଟକିଆ) (ଅ ହୁଲିୟାହ୍—ମନୁଷ୍ୟର
Huli(li)ā ଦେହରେ ଥିବା ବିଶିଷ୍ଟ ଚିହ୍ନ)—୧ । ଫେରାର୍ ଅସାମୀର
হুলিয়া ବା ଫେରାର ଯାଇଥିବା ବା ହଜିଥିବା ବ୍ୟକ୍ତିର ଅନୁସନ୍ଧାନାର୍ଥ
हुलिया ଦେଶରେ ସର୍ବତ୍ର ପୁଲିସ ଦ୍ୱାରା ଘୋଷଣା ପ୍ରଚାର—1. Promulgation of a 'hue-and-cry' proclamation by the police for finding out an absconder or a missing person. ୨ । ପଳାଇଥିବା ବ୍ୟକ୍ତିକୁ ଖୋଜିବା ପାଇଁ ପୁଲିସରେ ଦିଆଯିବା ଏତଲା—2. Information lodged with the police to find out a lost person. ୩ । ପଳାଇ ଯାଇଥିବା ବା ହଜିଥିବା ବ୍ୟକ୍ତିର ଦେହର ବିଶିଷ୍ଟ ଚିହ୍ନମାନ (ଯାହା ସମ୍ବାଦଦାତା ପୁଲିସ କର୍ମଚାରୀଙ୍କୁ ଜଣାନ୍ତି) 3. Description of the peculiar features of a missing or absconding person supplied to the police by an informant.

ହୁଲିଆ କରିବା—ଦେ. କ୍ରି (କଟକିଆ)—୧ । ହଜିଥିବା ବ୍ୟକ୍ତିର
Huliā karibā ଲକ୍ଷଣ ବା ଚିହ୍ନମାନ ପ୍ରକାଶ ପୂର୍ବକ ଥାନାରେ

ହୁଲିୟା କରା ଇଜାହାର ଦେବା—1. To lodge information with the police for finding out
हुलिआकरना a missing or absconding person. ୨। ହଜିଥିବା ବା ଲୁଚିଥିବା ବ୍ୟକ୍ତିକୁ ବା ଫେରାର ଅସାମୀକୁ ଧରିବା ପାଇଁ ଦେଶର ସର୍ବତ୍ର ଘୋଷଣା ପ୍ରଚାର କରିବା—2. To publish a hue-and-cry proclamation throughout the country for a missing or absconding person.

ହୁଲିଆ ଜାରି—ବୈ ଦେ. ବି—(କଚରିଆ) ; (ଅ+ଫା)—ହଜିଥିବା ବା ଫେରାର୍ ବ୍ୟକ୍ତିକୁ ଧରିବା ପାଇଁ ଘୋଷଣା ପ୍ରଚାର—
Huliājāri Publication of a hue-and-cry proclamation for finding out a missing or absconding person.
হুলিয়াজারি
हुलियाजारी

ହୁଲି କରିବା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) କ୍ରି—ବଡ଼ ପାଟି କରିବା—To make a loud sound
Huli kariba

ହୁଳୁ(ଳୁ)—ଦେ. ବି—(ଫ. ହୁଲ ହୁଳୀ, ଉଲ୍ଲୁଳ)—ହୁଲ ହୁଳୀ (ଦେଖ) Hulahuli (See)
Hulu(lu)
ହୁଳୁ(ଲୁ)ଧ୍ୱନି } ଅନ୍ୟରୂପ
ହୁଳୁ ହୁଳୀ

ହୁଳୁଙ୍ଗା—ପ୍ରାଦେ (ସିଂହଭୂମି) ବିଣ—ଶ୍ଳଥ; ହୁଗୁଳା—Loose; slackened.
Hulungā

ହୁଲୁଣି—ପ୍ରାଦେ (ବାଲେଶ୍ୱର ପ୍ରାନ୍ତ) ବି—ମଧ୍ୟ ଚଳଣ ହାଣ୍ଡି—Medium-sized earthen cooking pot.
Huluṇa

ହୁଲୁର(ରୁ)ଶିଙ୍ଗା(ଘା)—ଦେ. ବି. (ନାମ)—ଅନୁଗୁଳ ଗଡ଼ଜାତର ପ୍ରାଚୀନ ରାଜଧାନୀ—The ancient capital of the former Angul State.
Hulur(ru) Singā(nghā)

ହୁଲୁର(ରୁ) ହୁଲୁର(ରୁ) ହେବା—ଦେ.କ୍ରି—୧। ହୁଗୁଳା ହୋଇ ହଲିବା—
Hulur(ru)hulur(ru)hebā 1. To shake in a slack manner. ୨। କମ୍ପିବା—2. To shiver; to tremble. [ଯଥା—ଲଢ଼େଇକୁ ଯିବା କଥା ଶୁଣି ତା ବୁକୁ ହୁଲୁ ହୁଲୁ ହେଉଅଛି]
হলহলে হওয়া हलहल होना

ହୁଲୁସା(ସେ)ଇବା—ଦେ,କ୍ରି (ସଂ. ଉଲ୍ଲସିତ) ୧। ଉଲ୍ଲସିତ କରିବା—
Hulusā(se)iba 1. To gladden. ୨। ମାଟିକୁ ଉଖୁରେଇ କରି ହୁଗୁଳା କରିବା—2. To loosen the earth.
উল্লসিত করা हुलसाना

ହୁଲୁସିବା—ଦେ. କ୍ରି—(ସଂ, ଉଲ୍ଲସିତ) ୧। ଉଲ୍ଲସିତ ହେବା—1. To be delighted ୨। ରୋମାଞ୍ଚିତ ହେବା—2. To be horripilated.
Hulusiba
উল্লসিত হওয়া हुलसना

ହୁଲୁହୁଲିଆ—ଦେ· ବିଣ—ଫମ୍ପା; ଉସୁସିଆ—Light, loose.
Hulu hulia হলহলে भुरभुरी

ହୁଲୋର(ଲ)—ବୈଦେ· ବି—(ଅ)—ହୁଲର୍—୧। ହୁଲର୍ (ଦେଖ)
Hulor(l) 1. Hular (See). ୨। ହାଲୋର୍ (ଦେଖ)—2. Halor (See)

ହୁଲ୍ଲ—ସଂ. ବି—ଏକପ୍ରକାର ନୃତ୍ୟ (ହ୍ରଣ)—A kind of dance.
Hulla

ହୁଲ୍ଲିଧୁକା—ପ୍ରାଦେ (ସମ୍ବଲପୁର) ବି—ଶୀତଳ ଧୀର ପବନ—Cold mild wind.
Hullidhukā

ହୁସ୍—ବୈଦେ. ବି—(ଫା. ହୋସ୍=ଜ୍ଞାନ; ଚୈତନ୍ୟ; ତୁଳ. ସଂ. Hus ହଂସ=ଚୈତନ୍ୟ)—୧। ଜ୍ଞାନ; ବିଚାର ଶକ୍ତି—1. Discretion. ୨। ହୋସ୍; ଚୈତନ୍ୟ—2. Consciousness; sense. ୩। ସ୍ମରଣଶକ୍ତି—3 Recollection. ୪। ଶୈଶବ ବୟସ ବୃଦ୍ଧି ସଙ୍ଗେ ଜାତ ହେଉଥିବା ଜ୍ଞାନ—4. Discretion attained by a child when he grows up. ଦେ. ଅ—ହୁସ୍କିନା (ଦେଖ) Hus-kinā (See), ପ୍ରାଦେ (ସମ୍ବଲପୁର) ବି—ପିଲାଙ୍କ ଖେଳ ବିଶେଷ—A kind of game amongst boys
হুঁস होस

ହୁସ୍କିନା[ନି]—ଦେ. ଅ—୧। ହୁ କରି; ହଠାତ୍—1. Suddenly.
Huskinā[ni] ୨। ଭୁସ୍‌କିନା; ହଠାତ୍ ଜୋର୍‌ରେ ଉଚ୍ଚରୁ ପଡ଼ିବା ଶବ୍ଦ—2. Sound produced by sudden heavy fall from a high place.
[ହୁସ୍ ଦ(ଧ)ସ୍—ଅନ୍ୟରୂପ]
হুস্ করে एकाएक

ହୁସ୍ ପାଇବା—ଦେ. ବି·(ବୟୋବୃଦ୍ଧି ସଙ୍ଗେ) ବିଚାର ଶକ୍ତି ଜାତ ହେବା-
Hus pāibā Attainment of discretion.
হুস্ পাওয়া होस

ହୁସ୍‌ଭର୍(ରି)—ବୈଦେ. କ୍ରି. ବିଣ [ଫା. ହୋସ୍‌ଭର୍]—ଜାଣିଶୁଣି; ଜ୍ଞାନତଃ—Knowingly; consciously.
Husbhar(ri)
(ହୁସ୍‌ଭରରେ—ଅନ୍ୟରୂପ) (ଯଥା-ମୁଁ ହୁସ୍‌ଭର୍‌ଏ କାମ କରି ନାହିଁ)
জানত হোসভর

ହୁସ୍ ହୁସ୍—ପ୍ରାଦେ (ଗଡ଼ଜାତ; ଧ୍ୱନ୍ୟନୁକରଣ) ଅ—ଧାନ କୁଟିବା ବେଳେ ସ୍ତ୍ରୀମାନଙ୍କ ଉଚ୍ଚାରିତ ଧ୍ୱନି—
Hus hus The hissing sound produced by females while husking paddy.

ହୁସ୍ ହେବା—ଦେ. ବି—୧। ଚୈତନ୍ୟଲାଭ ହେବା—
Hus hebā 1. Regaining of consciousness or sense.
হুঁস হওয়া होस
୨। ସ୍ମରଣ ହେବା; ମନେ ପଡ଼ିବା—2. Recollection; revival in memory

ହୁସିଅର୍—ବୈଦେ· ବିଣ [ଫା ହୋସିୟାର୍]—୧। ସତର୍କ; ସାବଧାନ—1. Careful. [ଉ—ସେ କଠିନ ହିଙ୍କାଳିକିରୁ କସ୍ତୁରି, ଲାଭ ଲାଗି ଅଗ୍ରେ ହୁଅ ହୁସିଅର—ଗୋପାଳ ଦରବାର।] ୨। ଜାଗରୂକ—2. Watchful; cautious. ୩। ବିଚକ୍ଷଣ; ଚତୁର—3. Clever. ୪। ପ୍ରାପ୍ତବ୍ୟବହାର; ନିଜର କାର୍ଯ୍ୟ ବୁଝିବାକୁ ସମର୍ଥ [ସୁବର୍ଣ୍ଣ]—4. Able to manage one's affairs; major. ୫। ଯେଉଁ ବ୍ୟକ୍ତି ଆଗ ପଛ ଭାବି କାମ କରେ—5. Prudent. ୬ [ସତର୍କ କରିବା ପାଇଁ ବ୍ୟବହୃତ
Husiār
হুঁসিয়ার होशियार

ବାକ୍ୟ] ସାବଧାନ ହୁଅ ! ସାବଧାନ ହୁଅ !—(interjection) Take care !

ହୁସିଆର୍‌ଭର୍ (ରି)—ବୈଦେ. କ୍ରି. ବଣ [ଫା ହୋସିଅର୍‌ଭର୍]—Husiār-bhar(ri) ୧ । ସାବଧାନତା ସହକାରେ- [ହୁସିଅର୍‌ଭରରେ—ଅନ୍ୟରୂପ] 1. Carefully. ୨ । ଖବ୍ ହୁଁସିୟାର ହইয়া हशियारिसे ସତର୍କ ହୋଇ—2. Very watchfully.

ହୁସିଆର୍—ବୈଦେ. ବ (ଫା. ହୋସିଅସ)—୧ । ସାବଧାନତା—Husiāri 1. Carefulness. ୨ । ଚତୁରତା—ହুঁসিয়ারি}. 2. Cleverness. ୩ । ସତର୍କତା—3. Watchfulness; caution. होशियारी

ହୁସେନ୍—ବୈଦେ. ବ (ଅ. ହୁସୈନ୍)—ହୋସେନ୍ (ଦେଖ) Husen Hosen (See)

ହୁସେର୍—ପ୍ରାଦେ (ଉତ୍ତରାଞ୍ଚଳ) ବଣ—ହୁସିଆର୍—Huser Careful; clever.

ଅ—(ସାବଧାନ କରିବା ପାଇଁ ବ୍ୟବହୃତ ଶବ୍ଦ) ସାବଧାନ ! —(interjection) Take care !

ହୁସ୍ସେ—ବୈଦେ.ଅ (ଅ)—ମୁସଲମାନ୍‌ମାନଙ୍କର ଯୁଦ୍ଧରେ ଓ ଜୟ ଧ୍ୱନି-Hus se ବିଶେଷ—An exclamation of joy and হুস্‌সে a war cry amongst the Mahomedans. हाइसे [ଦ୍ର—ତାଜିଅ ଅଖଡ଼ା ଅବ ସେନ ଶୋଭାଯାତ୍ରା ଅବ କରିବା ସମୟରେ ମୁସଲମାନମାନେ 'ହୋସ୍ସେ' 'ବଲିଅର ଅ ହୋସ୍ସେ' ଧ୍ୱନି କରୁ ଥାଆନ୍ତି ।]

ହୁହା—ଦେ. କ୍ରି. ବଣ—ଅତି ଶୀଘ୍ର; ଝଟ୍; ହୁ ହୁ—Hu hā Very soon. হুস্‌হুস্ झटपट

ହୁହୁ (ହୂ)—ସଂ. ବ (ହ୍ୱେ ଧାତୁ=ଆହ୍ୱାନ କରିବା+ଉ; ନିପାତନ) Hu hu(hū) —ଗନ୍ଧର୍ବ ବିଶେଷ (ଶବ୍ଦ ରତ୍ନାବଳୀ)—A class of divine choristers.

ଅ—୧ । ହୁ ହା; ଅତି ଶୀଘ୍ର; କ୍ଷିପ୍ରକାରିତା ସହ—হুস্‌হুস্ 1. Very soon. ୨ । ପବନ ଜୋରରେ ବହିବାର ଶବ୍ଦ झटपटसे —2. The sound of violently blowing wind. ୩ । ନିଆଁ ଖୁବ୍ ବେଗରେ ଜଳିବା ପ୍ରକାରେ—3. In a blazing manner (said of fire). ଦେ. କ୍ରି—ଶୀଘ୍ର ଶୀଘ୍ର; ବେଗେ ବେଗେ—Quickly.

ହୁହୁଙ୍କାର୍—ଦେ. ବ—(ସଂ. ହୁଙ୍କାର)—୧ । ହୁଙ୍କାର (ଦେଖ)—1. Huhunkāra Hunkāra (See). [ଦ୍ର—ଅଗ୍ନି ପବନର ସେବା হুঙ্কার हुंकार ଗର୍ଜି ହୁହୁଙ୍କାର ରଘୁନାଥ ମହାଯାତ୍ରା ।] ୨ । କ୍ରୋଧ ଜନିତ ହୁଙ୍କାର ବା 'ହୁଁ' 'ହୁଁ' ଧ୍ୱନି—2. A suppressed sound made by a person in rage.

ହୁହୁ ଜଳିବା—ଦେ. କ୍ରି—ନିଆଁ ଖୁବ ଜୋର୍ ଭାବରେ ଜଳିବା—To Huhu jaliba burn violently or with blaze. হু হু করে জ্বলা हुहुकर जलना (said of fire).

ହୂ—ସ. ଅ—ଆହ୍ୱାନ, ଅବଜ୍ଞା, ଅହଙ୍କାର, ଶୋକ ଓ ଗର୍ବରେ ଉଚ୍ଚାରିତ Hū ଧ୍ୱନି (ଶବ୍ଦକଳ୍ପଦ୍ରୁମ)—(Interjection) Exclamation uttered betokening irritation, derision, pride; and sorrow.

ହୂଁ—ସ. ବ—କ୍ରୋଧସୂଚକ ତନ୍ତ୍ରୋକ୍ତ ମନ୍ତ୍ର ବିଶେଷ—A mystic Hūn̄ syllable mentioned in the Tantras.

ହୂଙ୍କାର—ସଂ ବ—'ହୂଁ' ରୂପକ ଭୟଙ୍କର ଧ୍ୱନି; ଭୀଷଣ କ୍ରୋଧଯୁକ୍ତ Hūnkara ଧ୍ୱନିବିଶେଷ; ହୁଙ୍କାର (ଦେବୀ ମାହାତ୍ମ୍ୟ)—A furious roar of rage.

ହୂଡ୍ (ଧାତୁ)—ସ—ଗତି କରିବା—Hūḍ (root) To move.

ହୂଣ—ସ. ବ—(ନାମ)—ହୂନ (ଦେଖ)—Hūṇa Hūna (See).

ହୂତ—ସ. ବଣ—(ହ୍ୱେ. ଧାତୁ+କର୍ମ ତ)—ଆହୂତ—Hūta Called. (ହୂତା—ସ୍ତ୍ରୀ)

ହୂତି ସଂ. ବ—(ହ୍ୱେ ଧାତୁ+ଭାବ ତି)—ଆହ୍ୱାନ—Hūti Call.

ହୂନ—ସଂ. ବ—(ନାମ)—(ହ୍ୱେ ଧାତୁ+କର୍ତ୍ତୃ ନ, ନିପାତନ)—୧ Hūna ମ୍ଲେଚ୍ଛଜାତି ବିଶେଷ (ଜଟାଧର)—1. A non-hindu caste. ୨ । ମାନ୍ଦ୍ରାଜ ପ୍ରଦେଶୀୟ ସ୍ୱର୍ଣ୍ଣମୁଦ୍ରା ବିଶେଷ—(ଶବ୍ଦକଳ୍ପଦ୍ରୁମ)—2. A sort of gold coin of Madras. ୩ । ଶକ ଜାତିର ଶାଖା ବିଶେଷ—3. A branch of the Scythians; the Huns [ଦ୍ର—୧ । ହୂନମାନେ ଏକ ପ୍ରାଚୀନ ମଙ୍ଗୋଲୀୟ ଜାତି । ତୁରମାନସାହା ଓ ମିହିରଗୁଲ ନାମକ ଦୁଇଜଣ ସେନାପତିଙ୍କଦ୍ୱାରା ପରିଚାଳିତ ହୋଇ ଏମାନେ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ଶେଷ ଓ ୬ଷ୍ଠ ଶତାବ୍ଦୀର ଆରମ୍ଭରେ ଭାରତକୁ ଆକ୍ରମଣ କରି ଗୁପ୍ତରାଜାମାନଙ୍କୁ ତଡ଼ି ପଞ୍ଜାବରେ ରାଜ୍ୟ ସ୍ଥାପନ କରିଥିଲେ । ଏମାନଙ୍କ ରାଜଧାନୀ ସେକାଳରେ ପଞ୍ଜାବରେ ଝଙ୍ଗ୍ ଜିଲ୍ଲାର ଅଧୁନା ସାହାକୋଟ ବା ସିଆଲ କୋଟ ଥିଲା ।

ମାଳବର ରାଜା ଯଶୋଧର୍ମଦେବ ବା ବିକ୍ରମାଦିତ୍ୟ ମୁଲତାନ ନିକଟସ୍ଥ କୋରୁରଠାରେ ହୂନମାନଙ୍କୁ ପରାସ୍ତ କରିଥିଲେ । ହର୍ଷବର୍ଦ୍ଧନ ବା ୨ୟ ଶିଲାଦିତ୍ୟ ହୂନମାନଙ୍କୁ ପରାସ୍ତ କରି ଖ୍ରୀ: ୬୦୬ଠାରୁ ୬୮ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରେ ରାଜତ୍ୱ କରିଥିଲେ ।

[ଦ୍ର—୨ । ହୂନ ମାନେ ଏକ ପ୍ରାଚୀନ ମଙ୍ଗୋଲୀୟ ଜାତି । ଏମାନେ ପ୍ରଥମେ ଚୀନର ପଶ୍ଚିମସୀମାରେ ଲୁଟପାଟ କରୁଥିଲେ ପରେ ଅତି ପ୍ରବଳ ହୋଇ ଏସିଆରେ ଓ ଇଉରୋପରେ ସଭ୍ୟଦେଶ ମାନଙ୍କୁ ଆକ୍ରମଣ କଲେ । ଚୀନ ଅଞ୍ଚଳ ଆସି ଖ୍ରୀ: ୪୦୦ ଶତାବ୍ଦୀ ପୂର୍ବେ ଏମାନେ ତୁର୍କୀସ୍ଥାନ

ଅଧିକାର କରି ଅକ୍‌ସସ୍ (ସ.ବକ୍ଷୁ) ନଦୀର କୂଳରେ ଆସି ବସତି କଲେ । ଏଠାରୁ ଏମାନଙ୍କର ଏକ ଶାଖା ରୋମ୍ ସାମ୍ରାଜ୍ୟ ଆକ୍ରମଣ କଲେ ଓ ପାରସ୍ୟ ସାମ୍ରାଜ୍ୟରେ ଲୁଟପାଟ କଲେ । କାଳିଦାସଙ୍କ ଅମଳରେ ହୂଣମାନେ ଅକ୍‌ସସ୍ (ସ ବକ୍ଷୁ) ନଦୀକୂଳ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ଓ ଭାରତବର୍ଷ ମଧ୍ୟକୁ ପ୍ରବେଶ କରି ନ ଥିଲେ । କାରଣ, ରଘୁଙ୍କ ଦିଗ୍‌ବିଜୟବର୍ଣ୍ଣନରେ କାଳିଦାସ ହୂଣମାନଙ୍କର ବକ୍ଷୁନଦୀକୂଳରେ ଅବସ୍ଥାନ କରୁଥିବା ଉଲ୍ଲେଖ କରିଅଛନ୍ତି । ବକ୍ଷୁ ନଦୀକୂଳରୁ ହୂଣମାନେ ପାରସ୍ୟକୁ ବାରଂବାର ଆକ୍ରମଣ କରିବାରୁ ପାରସ୍ୟର ସମ୍ରାଟ୍ ବହରାମ୍‌ଗୋର୍ ଖ୍ରୀ ୪୨୫ ରେ ଏମାନଙ୍କୁ ପରାସ୍ତ କରି ବକ୍ଷୁ ନଦୀର ଆର ପାରିକୁ ତଡ଼ିଦେଲେ । ବହରାମଙ୍କ ପୌତ୍ର ଫିରୋଜଙ୍କ ରାଜତ୍ୱରେ ପୁଣି ହୂଣମାନେ ପାରସ୍ୟ ଆକ୍ରମଣ କଲେ । ଏମାନେ କ୍ରମେ କ୍ରମେ ପାରସ୍ୟର ସଭ୍ୟତା ଗ୍ରହଣ କରି ସେଠାରେ ବାସ କଲେ । ଫିରୋଜଙ୍କ ପରାସ୍ତକାରୀ ହୂଣ ସମ୍ରାଟଙ୍କ ନାମ ଖୁସ୍‌ନେବାଜ୍ ଥିଲା । ପାରସ୍ୟରେ ହୂଣମାନେ ସାମ୍ରାଜ୍ୟ ସ୍ଥାପନ କରି ନ ପାରି ଭାରତକୁ ଆକ୍ରମଣ କଲେ । ପ୍ରଥମେ ସେମାନେ ଭାରତରେ ପଶ୍ଚିମ ସୀମାନ୍ତରେ କପିଶା ଓ ଗାନ୍ଧାର (କାନ୍ଦାହାର) ଅଧିକାର କଲେ । ପରେ ମଧ୍ୟଦେଶକୁ ବାରଂବାର ଆକ୍ରମଣ କଲେ । ଏହି ଆକ୍ରମଣର ପ୍ରତିରୋଧ କରିବାକୁ ଯାଇ ଗୁପ୍ତ ସମ୍ରାଟ୍ କୁମାର ଗୁପ୍ତ ନିହତ କଲେ । କୁମାର ଗୁପ୍ତଙ୍କ ପୁତ୍ର ସ୍କନ୍ଦଗୁପ୍ତ ଖୁବ୍ ବୀରତା ସହକାରେ ହୂଣମାନଙ୍କ ସଙ୍ଗେ ଯୁଦ୍ଧ କଲେ । ଖ୍ରୀ ୪୫୦ ରେ ଅନ୍ତର୍ବେଦ ଓ ମଗଧ ଆଦି ଅଞ୍ଚଳ ସ୍କନ୍ଦଗୁପ୍ତଙ୍କ ରାଜ୍ୟଭୁକ୍ତ ଥିଲା । ଖ୍ରୀ ୪୬୫ ରେ ହୂଣମାନଙ୍କ ସଙ୍ଗେ ଯୁଦ୍ଧ କରୁ କରୁ ସ୍କନ୍ଦଗୁପ୍ତ ନିହତ ହେଲେ । ଖ୍ରୀ ୫୧୧ରେ ହୂଣମାନଙ୍କ ପ୍ରତାପୀ ରାଜା ତୁର୍‌ମାନ୍ ସାହା (ସଂ. ତୋରମାଣ) ଗୁପ୍ତ ସାମ୍ରାଜ୍ୟର ପଶ୍ଚିମାଂଶରେ ପୂର୍ଣ୍ଣ ଅଧିକାର ସ୍ଥାପନ କଲେ । ଏହାପରେ ଗାନ୍ଧାର, କାଶ୍ମୀର, ପଞ୍ଜାବ, ରାଜପୁତାନା, ମାଳବ, ଓ କାଠିଆବାଡ଼ ଏହାଙ୍କ ରାଜ୍ୟଭୁକ୍ତ ହେଲା । ତୁର୍‌ମାନ୍‌ଙ୍କ ପୁତ୍ର ମିହିର୍‌ଗୁଲ୍ ସାହା (ସଂ ମିହିରକୁଳ) ଅତି ଅତ୍ୟାଚାରୀ ଓ ଧର୍ମଦ୍ରୋହୀ ଥିଲେ । ପ୍ରଥମେ ଏ ବୌଦ୍ଧ ଥିଲେ, ପରେ ଶୈବ ହେଲେ । ଗୁପ୍ତ ବଂଶୀୟ ନରସିଂହ ଗୁପ୍ତ ଓ ମାଳବର ରାଜା ଯଶୋଧର୍ମ ମିହିର୍‌ଗୁଲ୍‌ଙ୍କ ଦ୍ୱାରା ପରାସ୍ତ ହେଲେ ଓ ଆପଣା ଆପଣା ରାଜ୍ୟ ଛାଡ଼ି କାଶ୍ମୀର ପଳାୟନ କଲେ । ହୂଣମାନେ ଅନ୍ୟାନ୍ୟ ପ୍ରାଚୀନ ଆକ୍ରମଣକାରୀ ଜାତିପରି ଭାରତକୁ ଆସି ଭାରତୀୟ ସଭ୍ୟତା ଗ୍ରହଣ କଲେ । ରାଜପୁତମାନଙ୍କର ହୂଣ ନାମକ ଏକ ଶାଖା ଅଛି । କେତେକ ପଣ୍ଡିତ କହନ୍ତି ଯେ, ରାଜପୁତାନାର ଓ ଗୁଜରାଟର ହୂଣଜାତିମାନେ ହୂଣ ବଂଶଧର ଅଟନ୍ତି—ହି.ଶ]

ହୂମ୍—ସ. ଅ—ପ୍ରଶ୍ନ, ବିତର୍କ, ସମ୍ମତି, କ୍ରୋଧ, ଭୟ, ନିନ୍ଦା, ଅବଜ୍ଞା,
Hūm ଅନୁମତିରେ ବ୍ୟବହୃତ ଧ୍ୱନି (ଅମର,ଭରତ) —(Interjection) An exclamation used in questioning, guessing, agreeing, anger, fear, blame and disregard.

ହୂୟ—ସ. ବ—(ହ୍ୱେ ଧାତୁ+ଭାବ ଅ)—ଆହ୍ୱାନ; ଆବାହନ (ହି. ଶ)
Hūya Calling. (ଯଥା—ଦେବହୂୟ, ପିତୃ ହୂୟ)

ହୂୟମାନ—ସ. ବିଣ ପୁଂ—(ହ୍ୱେ ଧାତୁ+କର୍ମ ଅନ)—ଯାହାକୁ ଆହ୍ୱାନ
Hūyamāna କରି ଯାଉଅଛି—One who is being called.
(ହୂୟମାନା—ସ୍ତ୍ରୀ)

ହୂରବ—ସ. ବ—(ହୂ—ଧ୍ୱନି ଅଟେ ରବ ଯାହାର)—ଶୃଗାଳ
Hūraba (ହେମଚନ୍ଦ୍ର) Jackal.

ହୂର୍ଚ୍ଛ (ଧାତୁ)—ସଂ.—କୁଟିଳ ଗମନ କରିବା—
Hūrchh (root) To move obliquely.

ହୂର୍ଚ୍ଛନ—ସଂ ବ—(ହୂର୍ଚ୍ଛ ଧାତୁ+ଭାବ ଅନ)—କୌଟିଲ୍ୟ—
Hūrchhana Obliqueness.

ହୂହୁ(ହୂ)—ସଂ. ବ—ଗନ୍ଧର୍ବ ଶ୍ରେଣୀ ବିଶେଷ (ଶବ୍ଦ ରତ୍ନାବଳୀ)—
Hū hu(hū) A class of divine choristers.

ହୃ (ଧାତୁ)—ସଂ ୧। ହରଣ କରିବା—1. To steal. ୨ । ଜବରଦସ୍ତି
Hṛu (root) କରିବା—?. To use force or violence. ୩ । ଜବରଦସ୍ତି ଛଡ଼ାଇ ନେବା—3. To snatch away forcibly. ୪ । ଯୁଦ୍ଧ କରିବା—4. To fight.

ହୃଚ୍ଛୟ—ସଂ. ବିଣ ପୁଂ—(ହୃତ୍=ହୃଦୟ+ଶୀ ଧାତୁ=ଶୋଇବା+
Hṛuchhaya କର୍ତ୍ତୃ ଅ)—ହୃଦୟ ଶାୟୀ; ଯେ ହୃଦୟରେ ଶୟନ କରେ—Sleeping or lying in the heart. ବି. ପୁ—କାମଦେବ (ହଳାୟୁଧ)—Cupid.

ହୃଚ୍ଛୂଳ—ସଂ. ବ (୭ମୀ ତତ୍, ହୃତ୍=ହୃଦୟ+ଶୂଳ)—ଛାତିକୁ ମାରିବା';
Hṛuchhūla ହୃଦୟ ଜାତ ଶୂଳ ରୋଗ ବିଶେଷ — Colic felt in the heart.

ହୃଜ୍ଜ—ସ.ବିଣ ପୁଂ-(ହୃତ୍+ଜା ଧାତୁ+କର୍ତ୍ତୃ ଅ)—୧। ହୃଦୟରୁ ଜାତ—
Hṛujja 1. Born of the heart. ୨ । ଛାତିରେ ଜାତ—
(ହୃଜ୍ଜା—ବିଣ ସ୍ତ୍ରୀ) 2. Appearing on the chest. ସ. ବ—ସ୍ତ୍ରୀଙ୍କ ସ୍ତନ; କୁଚ—The breasts of females.

ହୃଣିୟା —ସ. ବ—ହୃଣୀୟ (ସପ୍ତମୁକ୍ତ) (ଦେଖ) —
Hṛuṇiyā Hṛuṇiya (See)

ହୃଣୀ (ଧାତୁ) —ସ.—ଲଜ୍ଜିତ ହେବା—
Hṛuṇī (root) To be ashamed.

ହୃଣୀୟ (ୟା)—ସଂ ବ—(ହୃଣୀ ଧାତୁ+ଭାବ ଯ; +ଅ)—୧ । ଲଜ୍ଜା—
Hṛuṇiya(yā) 1. Shame; modesty. ୨ । ନିନ୍ଦା—2. Blame. ୩ । ଗାଳିମନ୍ଦ—3. Censure; reproach (Apte). ୪। ଅନୁକମ୍ପା—4. Compassion (Apte).

ହୃତ୍—ସଂ. ବ –(ହୃ ଧାତୁ+କର୍ତ୍ତୃ କ୍ୱିପ୍, ତ୍ ଆଗମ, ତ ସ୍ଥାନରେ ଦ; ହୃଦ୍
Hṛut ୧ମା; ୧ବ)—୧ । ହୃଦୟ—1. Heart. ୨ । ମାନସ; ମନ—2. Mind. ୩ । ବକ୍ଷସ୍ଥଳ—3. Breast; chest. ୪। ପାକସ୍ଥଳୀ—4. Stomach. ୫ । ଶରୀରର

ଅଭ୍ୟନ୍ତର—5. Interior of the body M·W.)
ବଣ ପୁଂ ଓ ସ୍ତ୍ରୀ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ—ଯଥା—ଧନହୃତ୍)— ହରଣକାରୀ—Stealing; taking away.

ହୃତ୍କମ୍ପ—ସଂ. ବ—(୬ଷ୍ଠୀ ତତ୍)—୧ । ହୃଦୟର କମ୍ପନ—Hṛut-kampa 1.Trembling of the heart ୨ । ଅତ୍ୟନ୍ତ ଭୟ—2. Fright; excessive fear.

ହୃତ୍ପଦ୍ମ—ସଂ. ବ—(ରୂପକ)—କମଳ ରୂପେ କଳ୍ପିତ ହୃଦୟ—The Hṛut-padma heart compared to a lotus. (ହୃତ୍କମଳ, ହୃତ୍ପଙ୍କଜ, ହୃତ୍ସରୋଜ—ଅନ୍ୟରୂପ)

ହୃତ୍ପିଣ୍ଡ—ସଂ. ବ (୬ଷ୍ଠୀ ତତ୍) [ରୂପକ]—ହୃଦୟ ମଧ୍ୟସ୍ଥିତ ଶୋଣିତାଧାର—The heart. Hṛut-pinḍa

ହୃତ୍ପୀଡ଼ା—ସଂ. ବ—(୬ଷ୍ଠୀ ତତ୍)—୧। ହୃଦୟରେ ଅନୁଭୂତ ପୀଡ଼ା ବା ବ୍ୟଥା—1. Pang felt inside the breast. Hṛut-pirda ୨ । ମାନସିକ ପୀଡ଼ା—2. Mental agony. ୩ । ହୃଦ୍ରୋଗ ଦେଖ)—3. Hṛudroga (See)

ହୃତ୍ସ୍ତମ୍ଭ - ସଂ ବ—[୬ଷ୍ଠୀ ତତ୍]—ହୃତ୍ପିଣ୍ଡର ସ୍ପନ୍ଦନର ସ୍ତମ୍ଭନ—Hrut-stambha Stoppage of the beatings of the heart.

ହୃତ୍ସ୍ଥ—ସଂ. ବଣ ପୁଂ—[୭ମୀ ତତ୍ ; ହୃତ୍ + ସ୍ଥା ଧାତୁ + କର୍ତ୍ତୃ ଅ)—Hṛut-stha ହୃଦୟସ୍ଥ (ଦେଖ)—Hṛudayastha (See). [ହୃତ୍ସ୍ଥା—ସ୍ତ୍ରୀ]

ହୃତ୍ସ୍ପନ୍ଦନ—ସଂ. ବ—(୬ଷ୍ଠୀ ତତ୍)—ହୃତ୍ପିଣ୍ଡରେ ରକ୍ତର ଗମନାଗମନ ଜନିତ ସ୍ପନ୍ଦନ—Heart-beating;pulsation of the heart. Hṛut-sp ndana

ହୃତ—ସଂ. ବଣ—(ହୃ ଧାତୁ + କର୍ମ ତ)—୧ । ଚୋରିତ; ଅପହୃତ—Hṛuta 1. Stolen. ୨ । ଛିନ୍ନ—2. Torn away. ୩। ବଳପୂର୍ବକ ଗୃହୀତ—3. Snatched away; taken forcibly. ୪। ଆନୀତ—4. Brought. ୫। ଆକୃଷ୍ଟ—5. Attracted. ୬। ଅନ୍ୟତ୍ର ବାହିତ—6. Carried away.

ହୃତ ସର୍ବସ୍ୱ—ସଂ.ବଣ ପୁଂ—(ବହୁବ୍ରୀହି; ହୃତ ହୋଇଅଛି ସର୍ବସ୍ୱ ଯାହାର) Hṛuta sarbaswa ଯାହାର ସବୁ ସମ୍ପତ୍ତି ଅପହୃତ ହୋଇଅଛି—(ହୃତ ସର୍ବସ୍ୱା—ସ୍ତ୍ରୀ) A person who has lost all his property by theft, dacoity etc

ହୃଦ୍—ସଂ. ବ—(ହୃ ଧାତୁ + କର୍ତ୍ତୃ କ୍ୱିପ୍ ; ୧ମା; ୧ବ)—ହୃତ୍ (ଦେଖ) Hṛud Hṛut (See).

ହୃଦ୍ଗତ—ସଂ. ବଣ—ହୃଦ୍ଗତ (ଦେଖ)—Hṛud-gata Hṛudgata (See)

ହୃଦ୍ବିମ୍ବ—ସଂ. ବ—ହୃଦ୍ବିମ୍ବ (ଦେଖ)—Hṛud-bimba Hṛud-bimba (See)

ହୃଦ୍ବୋଧ—ସଂ ବ—ହୃଦ୍ବୋଧ (ଦେଖ)—Hṛud-bodha Hṛudbodha (See)

ହୃଦ୍ରୋଗ—ସଂ. ବ—(୬ଷ୍ଠୀ ତତ୍)—ହୃଦ୍ରୋଗ (ଦେଖ)—Hṛud-roga Hṛudroga (See) (ହୃଦ୍ରୋଗୀ—ପୁଂ. ହୃଦ୍ରୋଗିଣୀ—ସ୍ତ୍ରୀ ବଣ)

ହୃଦ—ଦେ. ବ—(ସଂ ହୃଦ୍)—ହୃତ୍ (ଦେଖ)—Hṛuda Hṛut (See)
[ଢ଼—ବ୍ରାହ୍ମଣ ବୋଇଲେ ନ ପଢ଼ି ତୁମ୍ଭେ ବେଦ, ଅଜିତ ବୋଲି କଥା କରଅଛ ହୃଦ—କୃଷ୍ଣସିଂହ ମହାଭାରତ—ବନ]

ହୃଦଙ୍ଗ(ଙ୍ଗା)—ଦେ. ବଣ—ହୁରୁଦଙ୍ଗ୍ (ଦେଖ)—Hṛudanga(ngā) Hurudang (See)

ହୃଦଙ୍ଗିଆ—ପ୍ରାଦେ (ବାଲେଶ୍ୱର) ବଣ—ଦୁଷ୍ଟ—Wicked. Hṛudangiā

ହୃଦଜ—ଦେ. ବଣ. ଓ ବ—(ସ. ହୃଜ୍ଜ)—ହୃଜ୍ଜ (ଦେଖ) Hṛudaja Hṛujja (See)

ହୃଦପଥ—ଦେ. ବ (ସଂ ହୃତ୍ପଥ)—ଛାତି—Breast. Hṛudapatha [ଢ଼—ମଦନ ଥରେ, ହୃଦପଥରେ, ଶୁଅନ୍ତି ଥରେ ଥରେ—ଭଞ୍ଜ. ପ୍ରେମ ସୁଧାନିଧି ।]
हृदयस्थान हृदय उपर

ହୃଦପଦ୍ମ—ଦେ. ବ—ହୃତ୍ ପଦ୍ମ (ଦେଖ)—Hṛut-padma (See) Hṛuda padma हृदिपद्म हृदय पद्म

ହୃଦବୋଧ—ଦେ. ବ—(ସ. ହୃଦ୍ବୋଧ)—ହୃଦ୍ବୋଧ (ଦେଖ) Hṛudabodha हृदबोध हृदयबोध Hṛudbodha (See)

ହୃଦମଣି—ଦେ. ବ (ସଂ. ହୃନ୍ମଣି)—୧ । ହୃଦୟର ହାରର ମଣି—Hṛuda mani 1. The gem in the necklace worn over the breast. ୨ । (ଲକ୍ଷଣାର୍ଥ) ଅତି ପ୍ରିୟ ଲୋକ—2. (figurative) A very dear person.
हृदयमणि हृदयमणि
(ଢ଼—ହୃଦ ମଣିକି କରଇ ବାହାର, ଏତେ ଅନୁଗ୍ରହ କେତେ କାଳ ଥିବ ହୃଦମଣି କହେ ଧୀର । ଭଞ୍ଜ. ପ୍ରେମସୁଧାନିଧି ।)

ହୃଦମ୍ବୁଜ—ସ.ବ. (ରୂପକ; ହୃତ୍ + ଅମ୍ବୁଜ)—ହୃତ୍ପଦ୍ମ (ଦେଖ) Hṛudambuja Hṛut-padma (See)

ହୃଦୟ—ସଂ. ବ—(ହୃ. ଧାତୁ + କର୍ତ୍ତୃ ଅୟ; 'ଦ' ଆଗମ,ନିପାତନ)—ହୃତ୍ (ଦେଖ)—Hṛut (See). (ଦ୍ର—ଏହା ଦୟା, ପ୍ରେମ, ସ୍ନେହ, କଷ୍ଟ, ଚିନ୍ତା, ଶୋକ ଆଦିର ସ୍ଥାନ ବୋଲି କଳ୍ପିତ । ଏହାର ସାଧାରଣ ନାମ କଲିଜା । ଏଠାରେ ଖାଦ୍ୟରୁ ପ୍ରସ୍ତୁତ ଓ ଶୋଧିତ ରକ୍ତ ସଂଗୃହୀତ ହୋଇ ଏଠାରୁ ନାଡ଼ୀମାନଙ୍କ ଦ୍ୱାରା ସମସ୍ତ ଶରୀରକୁ ଯାଏ । ଏ ଯନ୍ତ୍ରର ସର୍ବଦା ସ୍ପନ୍ଦନ ହେଉଥାଏ । ସ୍ପନ୍ଦନ ବନ୍ଦ ହେଲେ ମୃତ୍ୟୁ ହୁଏ ।) ଦେ. ବ—୧ । ଦୟାପ୍ରବଣତା; ପରଦୁଃଖ-କାତରତା—1. Kindness or softness of heart. ୨ । ଧୈର୍ଯ୍ୟ—2. Patience. (ଢ଼—ରାଜ୍ୟ ପାଇ କି ଭାଇମାନଙ୍କର କ୍ଷୟ, କରାଇ ଧରି ନ ପାରିବି ମୁଁ ହୃଦୟ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।) ୩ । ବିବେକ—3. Conscience. ୪ । ଅତ୍ୟନ୍ତ ପ୍ରିୟ ବ୍ୟକ୍ତି—4. Very dear person.
Hṛudaya
हृदय
हृदय

ହୃଦୟ କନ୍ଦର—ସଂ. ବି—(ରୂପକ)—ଅନ୍ତଃକରଣରୂପ ଗୁହା—
Hṛudaya kandara The heart compared to a cave.

ହୃଦୟ କରିବା—ଦେ. କ୍ରି—ବିଚାର କରିବା; ଚିନ୍ତା କରିବା—
Hṛudaya kariba To think; to judge. (ହି—चिन्ताकरा **विचार करना** ସୁଯୋଧନ ହେଉଁ ଉଚ୍ଚବଂଶ ଜୟ, ଦେଉଛ ଅହେ ପାର୍ଥ! କରିଚ ହୃଦୟ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।)

ହୃଦୟ ଗଗନ—ସଂ. ବି—(ରୂପକ)—ହୃଦୟାକାଶ (ଦେଖ)
Hṛudaya gagana Hrudayākāśa (See)

ହୃଦୟ ଗତ—ସଂ. ବିଣ (୨ୟା ତତ୍)—ହୃଦ୍ଗତ (ଦେଖ)
Hṛudayagata Hrudgata (See)

ହୃଦୟ ଗ୍ରନ୍ଥି—ସଂ. ବି—(୬ଷ୍ଠୀ ତତ୍)—ହୃଦ୍‌ବନ୍ଧ; ହୃଦବନ୍ଧନ; ହୃଦ୍
Hṛu aya granthi ପିଣ୍ଡକୁ ଦେହ ମଧ୍ୟରେ ବାନ୍ଧି ରଖିଥିବା କଳ୍ପିତ ଶିରା—Heart-string.
(ହୃଦ୍‌ଗ୍ରନ୍ଥି—ଅନ୍ୟରୂପ)

ହୃଦୟଗ୍ରହ—ସଂ. ବି—(ହୃଦୟ+ଗ୍ରହ ଧାତୁ+କର୍ତ୍ତୃ ଅ)—କଲଜାର
Hṛudayagraha ଶୂଳବେଗ (ହି· ଶ)—Pain or colic felt in the heart.

ହୃଦୟଗ୍ରାହୀ—ସଂ; ବିଣ ପୁଂ—(ହୃଦୟଗ୍ରାହିନ୍ ଶବ୍ଦ; ୧ମା.୧ବ; ହୃଦୟ+
Hṛudayagrāhi ଗ୍ରହ୍ ଧାତୁ+କର୍ତ୍ତୃ. ଇନ୍)—୧ ।
(ହୃଦୟଗ୍ରାହିଣୀ—ସ୍ତ୍ରୀ) ମନୋହର; ମନୋରମ—1 Charming; pleasant. ୨ । ରୁଚିକର—2. Suiting one's taste.

ହୃଦୟଙ୍ଗମ—ସଂ, ବିଣ—(ହୃଦୟଂ=ହୃଦୟକୁ+ଗମ୍ ଧାତୁ=ଯିବା
Hṛudayaṅgama +କର୍ତ୍ତୃ ଅ)—୧ । ବୋଧଗମ୍ୟ—
(ହୃଦୟଙ୍ଗମା—ଅନ୍ୟରୂପ) I. Understood. ୨ । ହୃଦ୍ଗତ—2. Inward; hearty. ୩ । ମନୋହର—3. Pleasing. ୪ । ସଙ୍ଗତ; ଯୁକ୍ତିଯୁକ୍ତ—4. Reasonable.

ହୃଦୟଙ୍ଗମ କରିବା—ଦେ. କ୍ରି—୧ । ହିତ୍ତମରୂପେ ବୁଝିବା—
Hṛudayaṅgama kariba 1. To understand.
হৃদয়ঙ্গমকরা **हृदयंगमकरना** ୨ । ମନରେ ଗ୍ରହଣ କରିବା—2. To realise.

ହୃଦୟ ଚୌର—ସଂ.ବି ଓ ବିଣ—ଯେ ଅନ୍ୟର ମନକୁ ମୋହିତ କରିଥାଏ
Hṛudaya chaura —One's sweetheart; charmer.

ହୃଦୟ ତନ୍ତ୍ରୀ—ସଂ ବି (ରୂପକ କର୍ମଧାରୟ)—୧ । ହୃଦୟରୂପ ବୀଣା; ବୀଣା
Hṛudaya tantri ରୂପେ କଳ୍ପିତ ହୃଦୟ—
1. The heart compared to a lyre. ୨ । ହୃଦୟ ଗ୍ରନ୍ଥି (ଦେଖ)—2. Hṛudaya granthi (See).

ହୃଦୟ ତୋଷୀ—ସଂ. ବି [ହୃଦୟତୋଷିନ୍ ଶବ୍ଦ; ୧ମା ୧ବ. ହୃଦୟ+ତୁଷ୍
Hṛudaya toshi ଧାତୁ+କର୍ତ୍ତୃ. ଇନ୍)—ହୃଦୟାନନ୍ଦକ (ଦେଖ)—
(ହୃଦୟତୋଷିଣୀ—ସ୍ତ୍ରୀ) Hṛudayānandak (See).

ହୃଦୟ ଦର୍ପଣ—ସଂ. ବି (ରୂପକ)—ହୃଦୟରୂପ ଦର୍ପଣ; ଦର୍ପଣରୂପେ
Hṛudaya darpaṇa କଳ୍ପିତ ହୃଦୟ—The heart
(ହୃଦ୍ଦର୍ପଣ—ଅନ୍ୟରୂପ) or mind compared to a mirror.

ହୃଦୟ ଧନ(ନିଧି)—ସଂ ବି (ପୁଂ ଓ ସ୍ତ୍ରୀ)—ପ୍ରାଣଧନ; ପ୍ରାଣନାଥ; ଯାହାକୁ
Hṛudaya dhana (nidhi) ରତ୍ନ ପରି ମନୁଷ୍ୟ ହୃଦୟସହିତ ସ୍ନେହ କରେ—The gem or idol of one's heart.
(ହୃଦ୍ଧନ, ହୃନ୍ନିଧି—ଅନ୍ୟରୂପ)

ହୃଦୟ ନିକେତ(ନିକେତନ)—ସ.ବି—୧ । (ରୂପକ) ହୃଦୟରୂପ ଗୃହ—
Hṛudaya niketa (niketana) The mind, compared to a house. ୨ । (ବହୁବ୍ରୀହି)
(ହୃନ୍ନିକେତନ—ଅନ୍ୟରୂପ) ମନସିଜ; କାମ—2. Cupid.

ହୃଦୟପଟ—ସ. ବି (ରୂପକ)—ଚିତ୍ରରୂପ ପଟ; ଚିତ୍ରପଟ—
Hṛudaya paṭa The heart compared to a canvas of the painter.

ହୃଦୟ ପାଇବା—ଦେ. ବି—ବିଶ୍ୱାସ ଜନ୍ମିବା—Trust being
Hṛudaya paiba begotten. (ହି—ବନ୍ଧୁଙ୍କର বিশ্বাস জন্মা **विश्वास होना** ତୁମ୍ଭେ ଅଟ ଅତି ପ୍ରିୟ; ତୁମ୍ଭଠାରେ ଆମ୍ଭର ପାଇଲ ହୃଦୟ—କୃଷ୍ଣସିଂହ ମହାଭାରତ ଆଦି ।) ଦେ. କ୍ରି—କୌଣସି ବ୍ୟକ୍ତିର ଅଭିପ୍ରାୟ ଜାଣିବା—To know the intention of a person.

ହୃଦୟ ପୀଡ଼ା—ସ. ବି—ହୃଦ୍ରୋଗ (ଦେଖ)—
Hṛudaya pirdā Hṛudroga (See).

ହୃଦୟ ପ୍ରମାଥୀ—ସଂ ବିଣ. ପୁଂ (ହୃଦୟ+ପ୍ର+ମଥ ଧାତୁ+କର୍ତ୍ତୃ ଇନ୍;
Hṛudaya pramāthi ୧ମା. ୧ବ)—୧ । ଯେ ବା ଯାହା
(ହୃଦୟ ପ୍ରମାଥିନୀ—ସ୍ତ୍ରୀ) ମନରେ ଚାଞ୍ଚଲ୍ୟ ଜନ୍ମାଏ—
1. Causing disturbance of mind. ୨ । ମନର ମୋହନକାରୀ—2. Charming; enchanting.

ହୃଦୟ ଫଳକ—ସଂ. ବି (ରୂପକ)—ଫଳକରୂପ ହୃଦୟ; ହୃଦୟପଟ—
Hṛudaya phalaka The mind compared to a plate, slab or slate.

ହୃଦୟବତ୍ତା(ତ୍ତ୍ୱ)—ସଂ.ବି (ହୃଦୟବତ୍+ଭାବାର୍ଥେ ତା) ହୃଦୟର ଉଦାରତା
Hṛudaya battā(ttwa) —Magnanimity of heart.

ହୃଦୟ ବନ୍ଧୁ—ଦେ. ବି—ଘନିଷ୍ଠ ବନ୍ଧୁ; ପ୍ରାଣବନ୍ଧୁ—
Hṛudaya bandhu Intimate friend.
হৃদয়েরবন্ধু **हृदयबंधु**

ହୃଦୟ ବଳ—ସଂ ବି—ମାନସିକ ବଳ ବା ସାହସ; ହିମ୍ମତ—
Hṛudaya baḷa (ହୃଦ୍‌ବଳ—ଅନ୍ୟରୂପ) Moral courage.

ହୃଦୟ ବଲ୍ଲଭ—ସଂ ବି. ପୁଂ (୬ଷ୍ଠୀ ତତ୍)—ହୃଦୟେଶ (ଦେଖ)—
Hṛudaya ballabha Hṛudayeśa (See)
(ହୃଦୟବଲ୍ଲଭା—ସ୍ତ୍ରୀ) ସଂ ବିଣ· ପୁଂ—ପ୍ରିୟତମ (ବ୍ୟକ୍ତି)—
(ହୃଦୟବଲ୍ଲଭୀ—ଦେ. ସ୍ତ୍ରୀ) Dearest (person).

ହୃଦୟବାନ୍—ସଂ ବଣ, ପୁଂ (ହୃଦୟବତ୍ ଶବ୍ଦ; ହୃଦୟ + ଅସ୍ତ ଅର୍ଥରେ ବତ୍ ୧ମା· ୧ବ)—୧ । ପ୍ରଶସ୍ତଚେତାଃ ଉଦାରଚିତ୍ତ—1. Liberal-minded. ୨ । ସଦନ୍ତଃକରଣ—2. Good hearted. ୩ । ବଦାନ୍ୟ—3. Liberal; magnanimous. ୪ । ପ୍ରେମିକ—4. Loving; affectionate; having a loving heart. ୫ । ଦୟାଳୁ—5. Kind-hearted. ୬ । ସ୍ନେହଶୀଳ—6. Affectionate.
Hrudaya·bān
(ହୃଦୟବତୀ—ସ୍ତ୍ରୀ)
(ହୃଦୟବତ୍ତ୍ୱ—ବ)

ହୃଦୟ ବିଦାରକ—ସଂ. ବଣ ପୁଂ. [ହୃଦୟ + ବି + ଦୃ ଧାତୁ + କର୍ତ୍ତ୍ରି ଅକ]—ମର୍ମଭେଦୀ; ଅତ୍ୟନ୍ତ ଦୟା, କରୁଣା ବା ଶୋକ ଉତ୍ପାଦକ—Heart-rending.
Hrudaya bidāraka
[ହୃଦୟବିଦାରିକା - ସ୍ତ୍ରୀ]

ହୃଦୟ ବିମ୍ବ—ସଂ. ବ [ରୂପକ]—ହୃଦ୍‌ବିମ୍ବ [ଦେଖ]—
Hrudaya bimba Hrud-bimba (See).

ହୃଦୟ ବିହାରୀ—ସଂ. ବଣ ପୁଂ—(ହୃଦୟ ବିହାରିନ୍ ଶବ୍ଦ)—ଯେ ସର୍ବଦା କୌଣସି ବ୍ୟକ୍ତିଙ୍କର ପ୍ରେମର ବା ଭାବନାର ବିଷୟୀଭୂତ ହୋଇଥାଏ—Subject of one's constant thoughts.
Hrudaya bihāri
(ହୃଦୟ ବିହାରିଣୀ—ସ୍ତ୍ରୀ)

ହୃଦୟ ବେଦନା (ବ୍ୟଥା)—ସଂ. ବ—ହୃତ୍‌ପୀଡ଼ା (ଦେଖ)—
Hrudaya bedanā (byathā) Hrut-pirdā (See).

ହୃଦୟବେଧୀ—ସଂ. ବଣ. ପୁଂ—(ହୃଦୟ ବେଧିନ୍ ଶବ୍ଦ) ୧ । ହୃଦୟ ବିଦାରକ (ଦେଖ)—1. Hrudaya bidāraka (See). ୨ । ମନକୁ ଅତ୍ୟନ୍ତ ମୋହିତ କରିବା (ବ୍ୟକ୍ତି)—2. Charming.
Hrudaya bedhi
(ହୃଦୟ ବେଧିନୀ—ସ୍ତ୍ରୀ)

ହୃଦୟଭାଗୀ—ସଂ. ବଣ. ପୁଂ—(ହୃଦୟ ଭାଗିନ୍ ଶବ୍ଦ)—ହୃଦୟ ବିହାରୀ (ଦେଖ)—Hrudaya bihāri (See).
Hrudaya bhāgi
(ହୃଦୟ ଭାଗିନୀ—ସ୍ତ୍ରୀ)

ହୃଦୟଭେଦୀ—ସଂ. ବଣ. ପୁଂ—(ହୃଦୟଭେଦିନ୍ ଶବ୍ଦ)—ହୃଦୟ ବିଦାରକ (ଦେଖ)—Hrudaya bidāraka (See).
Hrudaya bhedi
(ହୃଦୟ ଭେଦିନୀ—ସ୍ତ୍ରୀ)

ହୃଦୟ ମଣି—ସଂ. ବ—ହୃଦୟ ଧନ (ଦେଖ)
Hrudaya mani Hrudaya dhana (See).

ହୃଦୟ ମନ୍ଦିର—ସଂ. ବ—(ରୂପକ)—ହୃଦୟରୂପଗୃହ—
Hrudaya mandira The heart compared to a temple or house.

ହୃଦୟ ରତ୍ନ—ସଂ. ବ—ହୃଦୟ ଧନ (ଦେଖ)—
Hrudaya ratna Hrudaya dhana (See).

ହୃଦୟ ରକ୍ତ—ଦେ. ବ—ହୃତ୍‌ପିଣ୍ଡର ରକ୍ତ—
Hrudaya rakta Heart-blood.
হৃদয়ের রক্ত हृदयका लोहू

ହୃଦୟର ସହିତ—ଦେ. କ୍ରି. ବିଣ—ସର୍ବାନ୍ତଃକରଣରେ; ମନରେ କପଟମାତ୍ର ରହିବା ନ ରଖି—Heartily.
Hrudayara sahita
হৃদয়ের সহিত हृदय सहित

ହୃଦୟ ରସାୟନ—ସଂ. ବଣ—(୬ଷ୍ଠୀତତ୍)—ହୃଦୟର ରସାୟନ ବା ମହୌଷଧ ସ୍ୱରୂପ; ଯାହା ହୃଦୟକୁ ବା ମନକୁ ଶୀତଳ ବା ଆନନ୍ଦିତ କରେ—Soothing to the heart; heart-soothing.
Hrudaya rasāyana

ହୃଦୟ ରାଜ୍ୟ—ସଂ. ବ—(ରୂପକ)—ହୃଦୟରୂପ ରାଜ୍ୟ; ରାଜ୍ୟରୂପେ କଳ୍ପିତ ହୃଦୟ—The heart compared to a kingdom.
Hrudaya rājya

ହୃଦୟରେ ନାଚିବା—ଦେ. କ୍ରି—ସର୍ବଦା ମନରେ ପଡ଼ିବା—To be remembered; to be always present in the mind.
Hrudayare nāchibā
(ହୃଦୟରେ ନୃତ୍ୟ କରିବା—ଅନ୍ୟରୂପ)
হৃদয়ে নৃত্যকরা हृदयमे नाचना

ହୃଦୟ ଲକ୍ଷ୍ମୀ—ସଂ. ବ. ସ୍ତ୍ରୀ—(୬ଷ୍ଠୀତତ୍)—ହୃଦୟର ଲକ୍ଷ୍ମୀ ସ୍ୱରୂପା; ଯେଉଁ ସ୍ତ୍ରୀକୁ ସର୍ବଦା ହୃଦୟରେ ପୂଜା କରାଯାଉ ଥାଏ—A female who is the idol of one's heart.
Hrudaya lakshmi

ହୃଦୟ ସଙ୍ଘଟ୍ଟ—ସଂ. ବ—(୬ଷ୍ଠୀତତ୍)—ହୃତ୍‌ପିଣ୍ଡର ଗତିବନ୍ଦତ୍ୱ—
Hrudrya samghatta Stoppage of heat-beat.

ହୃଦୟସ୍ଥ—ସଂ. ବଣ. ପୁଂ—(ହୃଦୟ + ସ୍ଥା ଧାତୁ + କର୍ତ୍ତ୍ରି ଅ)—ହୃଦୟରେ ବା ମନରେ ସ୍ଥିତ; ଭାବନାର ବା ଚିନ୍ତାର ବିଷୟୀଭୂତ—Subject of one's thought.
Hrudayastha
(ହୃଦୟସ୍ଥା—ସ୍ତ୍ରୀ)

ହୃଦୟ ସ୍ଥାନ—ସଂ. ବ—ବକ୍ଷସ୍ଥଳ; ଛାତି; ଭୁଜାନ୍ତର; ବୁକୁ—
Hrudaya sthāna The breast, chest.

ହୃଦୟସ୍ପର୍ଶୀ—ସଂ. ବଣ—(ପୁଂ)—(ହୃଦୟ + ସ୍ପୃଶ୍ ଧାତୁ + କର୍ତ୍ତ୍ରି ଇନ୍, ହୃଦୟ ସ୍ପର୍ଶିନ୍ ଶବ୍ଦ ୧ମା. ୧ବ)—୧ । ମର୍ମସ୍ପର୍ଶୀ; ଚିତ୍ତର ଅତିଶୟ ଆନନ୍ଦକର—1. Very charming. ୨ । ଚିତ୍ତର ଅତିଶୟ ଦୁଃଖକର—2. Heart-rending; piteous.
Hrudaya sparsi
(ହୃଦୟସ୍ପର୍ଶିନୀ—ସ୍ତ୍ରୀ)

ହୃଦୟହାରୀ—ସଂ. ବଣ. ପୁଂ—ମନକୁ ମୋହିତକାରୀ—
Hrudaya bari Charming.
(ହୃଦୟହାରିଣୀ—ସ୍ତ୍ରୀ)

ହୃଦୟ ହୀନ—ସଂ. ବଣ. ପୁଂ—(୩ୟାତତ୍)—ଦୟାମାୟା ଶୂନ୍ୟ—
Hrudaya hina Cruel; devoid of soft sentiments.
(ହୃଦୟ ହୀନା—ସ୍ତ୍ରୀ) (ହୃଦୟହୀନତା—ବ)

ହୃଦୟାକାଶ—ସଂ. ବ—(ରୂପକ)—ଆକାଶରୂପେ କଳ୍ପିତ ହୃଦୟ—
Hrudayākāsa The heart compared to the sky.)

ହୃଦୟାତ୍ମା—ସଂ. ବ—(ହୃଦୟାତ୍ମନ୍ ଶବ୍ଦ · ୧ମା ୧ବ, ହୃଦୟ + ଆତ୍ମନ୍)—କଙ୍କପକ୍ଷୀ (ଶବ୍ଦଚନ୍ଦ୍ରିକା)—A kind of crane.
Hrudayātmā

ହୃଦୟାନନ୍ଦ—ସଂ. ବ(୬ଷ୍ଠୀ ତତ୍)—ହୃଦୟର ଆନନ୍ଦ; ମନର ଖୁସି—Pleasure; joy of heart. ଦେ. ବ. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.
Hrudayānanda

ହୃଦୟାନନ୍ଦକ—ସଂ.ବଣ.ପୁଂ—(ହୃଦୟ+ଆନନ୍ଦକ)—ଯାହା ହୃଦୟରେ
Hrudayānandaka ଆନନ୍ଦ ଜନ୍ମାଏ—Producing joy in the heart; very pleasing.
ହୃଦୟାନନ୍ଦକର, ହୃଦୟାନନ୍ଦ, ହୃଦୟାନନ୍ଦୀ } ଅନ୍ୟରୂପ।
ହୃଦୟାନନ୍ଦକା, ହୃଦୟାନନ୍ଦକରୀ, ହୃଦୟାନନ୍ଦନା, ହୃଦୟାନନ୍ଦିନୀ } ସ୍ତ୍ରୀ

ହୃଦୟାନନ୍ଦ ବିଦ୍ୟାର୍ଣ୍ଣବ—ଦେ. ବି (ନାମ)—ବଙ୍ଗୀୟ ଖ୍ୟାତନାମା
Hrudayānanda bidyārnnaba ସ୍ୱର୍ଗତ ଜନୈକ ଜ୍ୟୋତିଷୀ—Name of a late famous astrologer of Bengal. [ବି—ଏ ଫଳିତ ଓ ଗଣିତ ଜ୍ୟୋତିଷରେ ମହାପଣ୍ଡିତ ଥିଲେ ଓ ସାର୍ବଜନୀ ହୋଇଥିଲେ। ଜ୍ୟୋତିଃସାରସଂଗ୍ରହ ନାମକ ଗ୍ରନ୍ଥ ଏହାଙ୍କ ଦ୍ୱାରା ରଚିତ ହୋଇଅଛି। ଓଡ଼ିଶାର ଶ୍ରୀ ବିଶ୍ୱଗୁରୁଙ୍କ ପରି ଏ ମନ୍ତ୍ରବଳରେ ଚନ୍ଦ୍ରଗ୍ରହଣ ବନ୍ଦ କରି ଦେଇଥିବାର କିମ୍ବଦନ୍ତୀ ଅଛି।]

ହୃଦୟାରାମ—ସଂ. ବଣ. ପୁଂ—(ହୃଦୟ+ଆରାମ; ୬ଷ୍ଠୀତତ୍)—ହୃଦୟାନନ୍ଦକ—
Hrudayārāma Very pleasing; charming.
(ହୃଦୟାରାମା—ସ୍ତ୍ରୀ)

ହୃଦୟାଳୁ—ସଂ. ବଣ—(ହୃଦୟ+ଆଳୁ; ଭୂଳ, ଦୟାଳୁ, ନିଦ୍ରାଳୁ,
Hrudayālu ଶୟାଳୁ)—ହୃଦୟବାନ୍ (ଦେଖ)—
(ହୃଦୟାଳୁତା—ବି) Hrudayabān (See)

ହୃଦୟିକ—ସଂ ବଣ ପୁଂ—(ହୃଦୟ+ଅସ୍ତ୍ୟର୍ଥରେ ଇକ)—
Hrudayika ହୃଦୟବାନ୍ (ଦେଖ)—Hrudayabān (See)
(ହୃଦୟିକା—ସ୍ତ୍ରୀ)

ହୃଦୟୀ—ସଂ. ବଣ ପୁଂ—(ହୃଦୟିନ୍ ଶବ୍ଦ, ହୃଦୟ+ଇନ୍)—ହୃଦୟବାନ୍
Hrudayi (ଦେଖ)—Hrudayabān(See)
(ହୃଦୟିନୀ—ସ୍ତ୍ରୀ)

ହୃଦୟେଶ—ସଂ. ବଣ, ପୁ—(୬ଷ୍ଠୀ ତତ୍; ହୃଦୟର ଈଶ=ପ୍ରଭୁ)—୧।
Hrudayesa ପତି; ଭର୍ତ୍ତା; ସ୍ୱାମୀ (ନିତାନ୍ତଶେଷ)—1. Husband
[ହୃଦୟେଶା, ହୃଦୟେଶ୍ୱରୀ—ସ୍ତ୍ରୀ] ୨। ପ୍ରେମର ପାତ୍ର; ଯେଉଁ ପୁରୁଷଙ୍କ ପ୍ରତି କୌଣସି ସ୍ତ୍ରୀ ବିଶେଷ ଅନୁରକ୍ତା; ଯେଉଁ ପୁରୁଷ କୌଣସି ସ୍ତ୍ରୀଙ୍କ ଚିତ୍ତକୁ ସମ୍ପୂର୍ଣ୍ଣରୂପେ ଅଧିକାର କରିଥାନ୍ତି; ଚିତ୍ତେଶ୍ୱର; ଚିତ୍ତେଶ୍ୱର; ପ୍ରିୟତମ ପୁରୁଷ—2. Sweetheart male; beloved male; lord of a female's heart.
(ହୃଦୟେଶ୍ୱର—ଅନ୍ୟରୂପ)

ହୃଦୟୋନ୍ମାଦକ—ସଂ. ବଣ ପୁଂ—ହୃଦୟପ୍ରମାଥୀ (ଦେଖ)—
Hrudayonmādaka Hrudayapramāthi (See)
[ହୃଦୟୋନ୍ମାଦୀ—ଅନ୍ୟରୂପ]
[ହୃଦୟୋନ୍ମାଦକା, ହୃଦୟୋନ୍ମାଦିନୀ—ସ୍ତ୍ରୀ]

ହୃଦରେ ଗାର କାଟିବା(ପକାଇବା)—ଦେ. କ୍ରି—(କୌଣସି କଥାକୁ)
Hrudare gāra kātibā(pakāibā) ହୃଦୟରେ ଚିରକାଳ ରଖିବା—To preserve a matter in one's heat permanently.
[ବି—ଏ ପ୍ରତିଜ୍ଞା ମୋହର ହୃଦେ ଦେବେ ଅନ୍ତ, ହୃଦରେ ଗାର କାଟି ଥାଇ ଦୁର୍ଯ୍ୟୋଧନ—କୃଷ୍ଣସିଂହ ମହାଭାରତ ଉଦ୍ୟୋଗ—(ହୃଦରେ ଗାର କାଟି ହୋଇଯିବା, ହୃଦୟରେ ଗାର ପଡ଼ିବା—କ୍ରି, ରୂପ)

ହୃଦାକାଶ—ସଂ. ବି—(ରୂପକ)—ଆକାଶରୂପେ କଳ୍ପିତ ହୃଦୟ—
Hrudākāsa The heart compared to the sky

ହୃଦାନନ୍ଦ—ସଂ. ବି—(ହୃଦ+ଆନନ୍ଦ)—ହୃଦୟାନନ୍ଦ (ଦେଖ)—
Hrudānanda Hrudayānanda (See)
ଦେ. ବି ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

ହୃଦାନନ୍ଦକ—ସଂ. ବଣ ପୁଂ—ହୃଦୟାନନ୍ଦକ (ଦେଖ)—
Hrudānandaka Hrudayānandaka (See)
[ହୃଦାନନ୍ଦକର—ଅନ୍ୟରୂପ]
(ହୃଦାନନ୍ଦକା, ହୃଦାନନ୍ଦକରୀ—ସ୍ତ୍ରୀ)

ହୃଦାମ୍ବୁଜ—ଗ୍ରା. ବି—(ସଂ. ହୃଦମ୍ବୁଜ)—ହୃଦ୍‌ପଦ୍ମ (ଦେଖ)—
Hrudāmbuja Hrudpadma (See)

ହୃଦାଶୟ—ସଂ. ବି—(ରୂପକ, ହୃଦରୂପ ଆଶୟ=ଆଧାର)—[ଅଧାର
Hrudāsaya ବା ପୁଷ୍କରିଣୀ ବା ପାତ୍ରରୂପେ କଳ୍ପିତ] ଅନ୍ତଃକରଣ; ମନ—Mind; heart (compared to a reservoir of thoughts).

ହୃଦାସନ—ସଂ. ବି—(ରୂପକ)—ଆସନରୂପେ କଳ୍ପିତ ହୃଦୟ—
Hrudāsana Heart compared to a mat or seat.

ହୃଦି—ସଂ. ବି—(ହୃତ୍ ଓ ହୃଦ୍‌ର ୭ମୀ ବିଭକ୍ତିରେ ରୂପ; ୧ବଚନ)—
Hrudi ହୃଦୟରେ; ଅନ୍ତଃକରଣରେ—In the heart; in the mind. [ଭି—ଅଗାଧ ବୋଧ ଭକ୍ତ ଆଦି, ଯାହା ଚିନ୍ତନ୍ତି ସଦା ହୃଦି—ଜଗନ୍ନାଥ. ଭାଗବତ]
ଦେ. ବି—ହୃଦାନନ୍ଦର ଆଦରସୂଚକ ଡାକନାମ—
Nickname of Hrudānanda.

ହୃଦିକା—ସଂ.ବି (ନାମ)—(ହୃଦ+କ+ସ୍ତ୍ରୀ ଆ)—କୃପାଚାର୍ଯ୍ୟଙ୍କ ମାତା—
Hrudikā Name of the mother of Krupāchārjya.

ହୃଦିଲଗ୍ନ—ସଂ.ବଣ—(ଅଲୁକ୍; ହୃଦି=ହୃଦୟରେ+ଲଗ୍ନ)—ଯାହା ମନରେ
Hrudilagna ଲଗି ଯାଇଥାଏ; ହୃଦୟରେ ମିଳିତ—Joined with or attached to one's heart.

ହୃଦିସ୍ପୃକ୍—ସଂ. ବଣ—(ଅଲୁକ; ହୃଦି=ହୃଦୟରେ+ସ୍ପୃଶ ଧାତୁ=
Hrudispruk ଛୁଇଁବା+କ୍ୱିପ୍; ହୃଦିସ୍ପୃଶ୍ ଶବ୍ଦର ୧ମା, ଏକବଚନ)—୧। ମର୍ମସ୍ପର୍ଶୀ; ହୃଦୟସ୍ପର୍ଶୀ—Touching to the quick. ୨। ମର୍ମଭେଦୀ—2. Heart-rending. ୩। ଅତି ମନୋହର—3. Very charming; enchanting.

ହୃଦୁ(ଦ)ଙ୍ଗ—ଦେ. ବଣ—ହୁରଦଙ୍ଗ (ଦେଖ)—
Hrudu(da)nga Hurdang (See)
[ହୃଦୁଙ୍ଗୀ—ସ୍ତ୍ରୀ] (ହୃଦ[ଦୁ]ଙ୍ଗିଆ—ଅନ୍ୟରୂପ)

ହୃଦ୍ଗତ—ସଂ. ବଣ—(ହୃଦ୍ + ଗମ ଧାତୁ + କର୍ତ୍ତି ତ)—୧ । ହୃଦୟସ୍ଥ; Hṛudgata ମନୋଗତ; ମାନସିକ; ଅନ୍ତରସ୍ଥ—Mental; that which is in the mind. ୨ । ସର୍ବଦା ଚିନ୍ତାର ବିଷୟୀଭୂତ—2. Subject of one's constant thoughts.

ହୃଦ୍ଗୋଲ—ସଂ ବ—ପୌରାଣିକ ପର୍ବତ ବିଶେଷ (ଶବ୍ଦକଳ୍ପଦ୍ରୁମ)—Hṛudgola Name of a mythological mountain.

ହୃଦ୍ଗ୍ରନ୍ଥ—ସଂ. ବ—ହୃଦ୍ରଣ [ରାଜନିର୍ଘଣ୍ଟ] (ଦେଖ)—Hṛudgrantha Hrudbraṇa (See)

ହୃଦ୍ଦେଶ—ସଂ. ବ—୧ । (ରୂପକ) ହୃଦୟରାଜ୍ୟ—1. Mind compa- Hṛudbeśa red to a country. ୨ । (୬ଷ୍ଠୀ ତତ୍) ହୃଦୟସ୍ଥାନ; ଛାତି; ବକ୍ଷ—2. The breast; the chest.

ହୃଦ୍ଧନ—ସଂ. ବ—(୬ଷ୍ଠୀ ତତ୍) ହୃଦୟଧନ (ଦେଖ)—Hṛuddhana Hṛudaya dhana (See)

ହୃଦ୍ବଣ୍ଟକ—ସଂ. ବ—ଜଠର [ଶବ୍ଦଚନ୍ଦ୍ରିକା]—Hṛudbaṇṭaka The belly

ହୃଦ୍ବିମ୍ବ—ସଂ. ବ—[ରୂପକ]—୧ । ବିମ୍ବ ବା ଛବିରୂପେ କଳ୍ପିତ ହୃଦୟ—Hṛudbimba 1. The heart compared to a picture. ୨ । (ମ. ପ. ଲୋ) ହୃଦୟରେ ବା ମନରେ ଯେଉଁ ଛବି ଅଙ୍କିତ ହୋଇ ରହିଥାଏ—2. A picture depicted in the mind; a mental picture.

ହୃଦ୍ବିଳାସୀ—ସଂ. ବ ପୁଂ—(ଉପପଦ ତତ୍ପୁରୁଷ; ହୃଦ୍ବିଳାସିନ୍ ଶବ୍ଦ, Hṛudbilāsi ୧ମା. ୧ବ)— ହୃଦୟବିହାରୀ [ଦେଖ]—[ହୃଦ୍ବିଳାସିନୀ—ସ୍ତ୍ରୀ] Hṛudayabihārī (See)

ହୃଦ୍ବିହାରୀ—ସଂ. ବଣ—[ହୃଦ୍ବିହାରିନ୍ ଶବ୍ଦ ୧ମା. ୧ବ ଉପପଦ Hṛudbihārī ତତ୍ପୁରୁଷ]—ହୃଦୟବିହାରୀ (ଦେଖ)—[ହୃଦ୍ବିହାରିଣୀ—ସ୍ତ୍ରୀ] Hṛudayabihārī (See)

ହୃଦ୍ବୋଧ—ସଂ. ବ—(୭ମୀ ତତ୍)—୧ । ବୁଝିପାରିବା—1. Compre- Hṛudbodha hension. ୨ । ମର୍ମାବଧାରଣ; ମର୍ମ ବୁଝିବା—2. Understanding; realising the import of a matter. ୩ । ମନର ସମସ୍ତ ସନ୍ଦେହ ନିରାକୃତ ହେବା ଜନିତ ସନ୍ତୋଷ—3. Satisfaction due to the removal of all doubts from one's mind.

ହୃଦ୍ବ୍ୟଥା—ସଂ. ବ—(୬ଷ୍ଠୀ ତତ୍)—ହୃତ୍ପୀଡ଼ା (ଦେଖ)—Hṛudbyathā Hṛut-pirḍa (See)

ହୃଦ୍ରଣ—ସଂ. ବ—(ମ. ପ ଲୋ)—ହୃଦୟ ମଧ୍ୟରେ ଉଠିବା ମାରାତ୍ମକ Hṛudbraṇa ବ୍ରଣରୋଗ ବିଶେଷ—A tumour in the heart.

ହୃଦ୍ୟ—ସଂ ବଣ (ହୃଦ୍ + ଯ)—୧ । ମନୋହର—1. Pleasing; Hṛudya charming. ୨ । ରମଣୀୟ—(ହୃଦ୍ୟା—ସ୍ତ୍ରୀ) 2. Lovely; amiable. ୩ । ମନଲାଖି; ରୁଚିକର—3. Suiting to one's taste, fancy or choice. ୪ । ଯାହା ମନକୁ ପାଏ—4. Agreeable. ୫ । ହୃଦ୍ଗ୍ରାହ୍ୟ—5. Grateful. ୬ । ଯାହା ଖାଇବାକୁ ରୁଚିକର (ହୃ. ଶ)—6. Tasteful; savoury. ୭ । ସ୍ୱାଦୁ (ହୃ. ଶ)—7. Sweet. ୮ । ଅନ୍ତରସ୍ଥ; ମାନସିକ (ହୃ. ଶ)—8. Internal; mental. ସଂ ବ—୧ । କପିତ୍ଥ; କଇଥ (ହୃ. ଶ)—1. Woodapple. ୨ । ଧଳା ଜୀରା (ହୃ. ଶ)—2. White cumin seed. ୩ । ଦହି [ହୃ ଶ]—3. Curd; buttermilk. ୪ । ମଧୁ (ହୃ. ଶ) 4. Honey. ୫ । ମହୁଲରୁ ପ୍ରସ୍ତୁତ ମଦ୍ୟ (ହୃ. ଶ) 5. Wine distilled from Mahwa flower. ୬ । ଶତ୍ରୁକୁ ବଶୀଭୂତ କରିବା ପାଇଁ ପ୍ରଯୁକ୍ତ ମନ୍ତ୍ରବିଶେଷ—6. A mystic formula used to bring an enemy under one's control.

ହୃଦ୍ୟ ଗନ୍ଧ—ସଂ ବ (ବହୁବ୍ରୀହି)—୧ । ବେଲ ଗଛ—1. The Hṛudya gandha Marmalus tree. ୨ । ସୂକ୍ଷ୍ମ ଜୀରକ—2. Small cumin seed. ୩ । ସୌବର୍ଚ୍ଚଳ ଲବଣ—3. Sachal salt. (ହୃଦ୍ୟଗନ୍ଧା—ସ୍ତ୍ରୀ. ବଣ) ସଂ ବଣ. ପୁଂ (ବହୁବ୍ରୀହି)—ଯାହାର ଗନ୍ଧ ମନୋହର—Having charming scent.

ହୃଦ୍ୟଗନ୍ଧା—ସଂ ବ – ଜାଇ ଫୁଲ–Jasminum Grandiflorum. Hṛudyagandhā ସଂ ବଣ. ସ୍ତ୍ରୀ—ହୃଦ୍ୟଗନ୍ଧର ସ୍ତ୍ରୀଲିଙ୍ଗ—Feminine of Hṛudyagandha.

ହୃଦ୍ୟତା(ତ୍ୱ —ସଂ ବ [ହୃଦ୍ୟ + ଭାବ ତା,ତ୍ୱ]—୧ । ପ୍ରଣୟ; ପ୍ରେମ—Hṛudyatā(twa) 1. Love; attachment. ୨ । ସଦ୍ଭାବ—2. Amity; good feelings.

ହୃଦ୍ୟା—ସଂ ବଣ. ସ୍ତ୍ରୀ—(ହୃଦ୍ୟ + ଆ)—ହୃଦ୍ୟର ସ୍ତ୍ରୀଲିଙ୍ଗ—Hṛudyā Feminine of Hṛudya ସଂ ବ—୧ । ବୃଦ୍ଧି ନାମକ ଔଷଧ [ହୃ. ଶ]—1. Name of a rare herb. ୨ । ଛାଗୀ; ମାଈ ଛେଳି (ହୃ. ଶ.)—2. Female goat.

ହୃଦ୍ୟାଂଶୁ—ସଂ ବ—୧ । (କର୍ମଧା)—ଚନ୍ଦ୍ର କିରଣ—Hṛudyāmśu 1. Moon light; moon's rays. ୨ । [ବହୁବ୍ରୀହି]—ଚନ୍ଦ୍ରମା (ହୃ. ଶ)—2. The moon.

ହୃଦ୍ରତ୍ନ—ସଂ ବ—ହୃଦୟରତ୍ନ (ଦେଖ)—Hṛudratna Hṛudaya ratna (See)

ହୃଦ୍ରାଜ୍ୟ—ସଂ ବ [ରୂପକ]—ହୃଦୟରାଜ୍ୟ (ଦେଖ)—Hṛudrājya Hṛudaya rājya (See)

ହୃଦ୍ରୋଗ – ସଂ ବ—୧ । କୁମ୍ଭ ରାଶି (ଶବ୍ଦ ସାର୍ଥକ)—Hṛudroga 1. Aquaria (one of the 12 signs of the zodiac). ୨ । କାମ; ମଦନ

(ଭାଗବତ)—2. Cupid. ୩ । ସଂସାରକ କାମନା (ଭାଗବତ)—3. Worldly desire. ୪ । ଅଯୁର୍ବେଦୋକ୍ତ ହୃଦୟ ପୀଡ଼ା ବା ହୃଦୟରେ ଅନୁଭୂତ ବ୍ୟଥା—4. Pain felt in the heart [ଦ୍ର—ଏହା ସାତ ପ୍ରକାରର:– ବାତଜ, ପୈତ୍ତିକ, ଶ୍ଳୈଷ୍ମିକ, ସାନ୍ନିପାତିକ ଓ କୃମିଜନିତ ।] ୫ । ଅଧୁନିକ ଚିକିତ୍ସାଶାସ୍ତ୍ରୋକ୍ତ ହୃତ୍ପିଣ୍ଡର ରୋଗ—5. Heart disease [ଦ୍ର—ଏଥିର ଫଳରେ ହୃଦୟର ସ୍ପନ୍ଦନ ଅନିୟମିତ ହୋଇ ଶେଷରେ ସ୍ଥଗିତ ହୋଇଯାଏ ଓ ମୃତ୍ୟୁ ଘଟେ ।]

ହୃଦ୍ରୋଗ ବୈରୀ—ସଂ ବି—ଅର୍ଜୁନ ବୃକ୍ଷ (ଶବ୍ଦଚନ୍ଦ୍ରିକା)—
Hrudroga bairi Terminalia Arjuna tree.

ହୃଦ୍ରୋଗୀ—ସଂ. ବି. ଓ ବିଣ ପୁଂ (ହୃଦ୍ରୋଗ+ଇନ୍, ୧ମା ୧ବ]—
Hrudrogi ହୃଦ୍ରୋଗଗ୍ରସ୍ତ ବ୍ୟକ୍ତି—A man
[ହୃଦ୍ରୋଗିଣୀ—ସ୍ତ୍ରୀ] suffering from heart disease.

ହୃନ୍ମଣି—ସଂ. ବି—(ହୃଦ୍+ମଣି)—ହୃଦୟ ଧନ (ଦେଖ)—1.
Hrunmani Hrudaya dhana (See). ୨ । ବକ୍ଷୋ—ଦେଶରେ ପରିହିତ ମଣି ଅଳଙ୍କାର—2. A gem worn on the breast.

ହୃଲ୍ଲାସ—ସଂ. ବି—(ହୃଦ୍+ଲସ୍, ଧାତୁ+କରଣ ଅ, ସନ୍ଧି ଦ୍ୱାରା
Hrullāsa ଦ୍+ଲ=ଲ୍ଲ)—ହିକ୍କାରୋଗ (ହେମଚନ୍ଦ୍ର)—
[ଅନ୍ୟ ସଂ ନାମ—ହିକ୍କା, ହେକ୍କା, ପ୍ରତିଶ୍ୟାୟ Hiccough.
ପୀନସ (ହେମଚନ୍ଦ୍ର)]

ହୃଲ୍ଲେଖ—ସଂ. ବି—(ହୃଦ୍+ଲିଖ୍ ଧାତୁ+କର୍ମ ଅ; ସନ୍ଧି ଯୋଗ
Hrullekha ଦ୍+ଲ=ଲ୍ଲ)—୧ । ଜ୍ଞାନ (ରାଜନିର୍ଘଣ୍ଟ)—
1. Knowledge; perception. ୨ । ତର୍କ (ତ୍ରିକାଣ୍ଡଶେଷ)—2. Argument; reasoning. ୩ । ଅନୁତାପ; ଅନୁଶୋଚନା (ସୁବଳଚନ୍ଦ୍ର)—3. Regret; repentance.

ହୃଷ୍(ଧାତୁ)—ସଂ—୧ । ହୃଷ୍ଟ ହେବା; ଆନନ୍ଦିତ ହେବା—
Hrush(root) 1. To be glad; to rejoice. ୨ । ଆନନ୍ଦିତ କରିବା—2. To gladden. ୩ । ଅଲୀକ ବା ମିଥ୍ୟା ପ୍ରଲାପ କରିବା—3. To falsify.

ହୃଷି—ସଂ. ବି (ହୃଷ୍ଧାତୁ+ଭାବ ଇ)—୧ । ହର୍ଷ;ଆନନ୍ଦ (ହି. ଶ)—
Hrushi 1. Joy; delight. ୨ । (+କରଣ ଇ) କାନ୍ତି; ଜ୍ୟୋତିଃ (ହି. ଶ)—2. Lustre. ୩ । (+କର୍ତ୍ତୃ.ଇ) ମିଥ୍ୟାବାଦୀ ବ୍ୟକ୍ତି (ହି. ଶ)—3. A liar. ଦେ. ବି ପୁଂ—ହୃଷୀକେଶର ଡାକ ନାମ — Nickname of Hrushikesa.

ହୃଷିତ—ସଂ. ବିଣ. ପୁଂ—(ହୃଷ୍ ଧାତୁ+କର୍ତ୍ତୃ ତ)—୧ । ପ୍ରୀତ;
Hrushita (ମେଦିନୀ)—1. Pleased. ୨ । ପ୍ରଫୁଲ୍ଲ; ହୃଷ୍ଟ;
(ହୃଷିତା—ସ୍ତ୍ରୀ) ଅହ୍ଲାଦିତ (ମେଦିନୀ)—2. Overjoyed; joyous; rejoicing; delighted. ୩ । ପୁଲକିତ; ହୃଷ୍ଟରୋମା (ମେଦିନୀ)—3. Horripilated; with the furs standing on end. ୪ । ବିସ୍ମିତ (ମେଦିନୀ)—4. Forgetting; oblivious. ୫ । ପ୍ରଣତ (ଧରଣୀ)—5. Humble; bent down. ୬ । ବର୍ମିତ (ଧରଣୀ)—6. Armoured. ୭ । ପ୍ରତିହତ (ହେମଚନ୍ଦ୍ର)—7. Obstructed.

ହୃଷୀ—ସଂ. ବି (ଦ୍ୱିବଚନ)—ଅଗ୍ନି ଓ ସୋମ ଦେବତାଦ୍ୱୟ (ମହାଭାରତ
Hrushi ମୋକ୍ଷଧର୍ମ) — The Fire-god and the Moon-god. ବିଣ. ପୁଂ—(ହୃଷ୍ ଧାତୁ+ଇନ୍;
(ହୃଷିଣୀ—ସ୍ତ୍ରୀ) ୧ମା. ୧ବ)—ହୃଷ୍ଟକାରୀ; ଅହ୍ଲାଦକ—Pleasing.

ହୃଷୀକ—ସଂ. ବି—(ହୃଷ୍ ଧାତୁ+କରଣ ଈକ)—୧ । ଇନ୍ଦ୍ରିୟ
Hrushika (ଅମର)—1. Organ of sense. ୨ । ପଞ୍ଚ ଜ୍ଞାନେନ୍ଦ୍ରିୟ (ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍)—2. The 5 organs of sense. [ଦ୍ର—ହୃଷୀକ ମାନଙ୍କ ଈଶ୍ୱର, ଶ୍ୟାମ ସୁନ୍ଦର କଳେବର। ଜଗନ୍ନାଥ, ଭାଗବତ ।]

ହୃଷୀକେଶ—ସଂ. ବି—(୬ଷ୍ଠୀ ତତ୍; ହୃଷୀକ=ଇନ୍ଦ୍ରିୟମାନଙ୍କର ଈଶ;
Hrushikesa ଇନ୍ଦ୍ରିୟମାନେ ଯାହାଙ୍କର ବଶୀଭୂତ—୧। ନାରାୟଣ, ବିଷ୍ଣୁଙ୍କର ନାମ ବିଶେଷ—1. A name of Bishnu. ୨ । ପୁଷ ମାସ (ହି. ଶ)—2. The month of Pusha. ୩ । ଶ୍ରୀକୃଷ୍ଣ (ହି. ଶ)—3. Srikrushna. ଦେ. ବି—୧ । ପୁରୁଷମାନଙ୍କୁ ଦିଅଯିବା
হৃষীকেশ; हृषीकेश ନାମ—1. A name given to males ୨ । (ନାମ)—ଏକ କ୍ଷୁଦ୍ର ସହର—2. Name of a small town near Hardwar. [ଦ୍ର—ଏହା ହରିଦ୍ୱାରଠାରୁ ୧୪ ମାଇଲ ଦୂର । ଏଠାରେ ଶ୍ରୀରାମଚନ୍ଦ୍ରଙ୍କ ଭ୍ରାତା ଭରତ ତପସ୍ୟା କରିଥିଲେ । ଗଙ୍ଗାଦେବୀ ଏଠାରେ ତ୍ରିବେଣୀ ନାମ ଧାରଣ କରିଅଛନ୍ତି । ଶ୍ରୀରାମଚନ୍ଦ୍ର ଓ ସୀତା ଦେବୀଙ୍କ ମନ୍ଦିର ଏଠାରେ ବିଦ୍ୟମାନ । ମନ୍ଦିର ସମ୍ମୁଖରେ ବ୍ରହ୍ମତୀର୍ଥ ନାମକ କୁଣ୍ଡ ଅଛି । ଏହି କୁଣ୍ଡରେ ସ୍ନାନ କଲେ ଐହିକ ପାପ ଦୂର ହୁଏ ବୋଲି ହିନ୍ଦୁଙ୍କ ବିଶ୍ୱାସ । ମଦନମୋହନ, ତୀର୍ଥଦର୍ଶନ । ସାଧାରଣତଃ ଏହାକୁ ଋଷିକେଶ ବୋଲାଯାଏ ।]

ହୃଷୀକେଶି—ଦେ.ବି ପ୍ରାଚୀନ,ପଦ୍ୟ)—୧ । ଶ୍ରୀକୃଷ୍ଣ—1. Srikrushna
Hrushikesi [ଦ୍ର—ତା ହାତେ ମୋହନ ବଂଶୀ ଶୁଣେ ଥାଇ ବଜାଇ, ଯାଉଥିଲେ ହୃଷୀକେଶି;ଦେଖି ସେ ଅଣୀ—ପ୍ରାଚୀ ରହସ୍ୟମଞ୍ଜରୀ] ୨ । ହୃଷୀକେଶ; ବିଷ୍ଣୁ—2 Bishnu

ହୃଷୁ—ସଂ ବିଣ—[ହୃଷ ଧାତୁ+କର୍ତ୍ତୃ ଉ]—୧ । ହୃଷ୍ଟ; ପ୍ରସନ୍ନ (ହି. ଶ)
Hrushu 1. Delighted. ୨ । ମିଥ୍ୟାବାଦୀ—2. Speaking untruth. ସଂ ବି—୧ । ଅଗ୍ନି (ହି. ଶ)—1. Fire. ୨ । ସୂର୍ଯ୍ୟ (ହି ଶ)—2. The sun. ୩ । ଚନ୍ଦ୍ର (ହି.ଶ) 3. The moon.

ହୃଷ୍ଟ—ସଂ. ବଣ. ପୁଂ—(ହୃଷ୍ ଧାତୁ+କର୍ତ୍ତୃ.ତ)—୧ । ଆହ୍ଲାଦିତ;
Hrushta ଆନନ୍ଦିତ; ଜାତହର୍ଷ; ପ୍ରଫୁଲ୍ଲ—1. Joyful;
(ହୃଷ୍ଟା—ସ୍ତ୍ରୀ) overjoyed; glad; merry. ୨ । ପ୍ରୀତ—2. Pleased. ୩ । ପୁଲକିତ; ରୋମାଞ୍ଚିତ (ବଣ; ମେଦନୀ)—3. Horripilated; (the furs) Standing out. ୪ । ବିସ୍ମିତ (ବଣ, ମେଦନୀ)—4. Astonished. ୫ । ପ୍ରହସିତ (ବଣ, ମେଦନୀ)—5. Laughing; smiling. ୬ । ପ୍ରତିହତ (ହେମଚନ୍ଦ୍ର)— Obstructed. ବି—(ହୃଷ୍ ଧାତୁ+ଭାବ ତ)—ହର୍ଷ; ପୁଲକ; ଆନନ୍ଦ [ଉ—ଯେ ଖାଉଥିବ ସେ ଖାଉଥିବ ହୃଷ୍ଟ ଲଭିବ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ହୃଷ୍ଟଚିତ୍ତ—ସଂ. ବି—(କର୍ମଧା)—ପ୍ରଫୁଲ୍ଲ ଅନ୍ତଃକରଣ—Glad heart.
Hrushta chitta ବଣ. ପୁଂ—(ବହୁବ୍ରୀହି)—ପ୍ରଫୁଲ୍ଲଚେତାଃ;
(ହୃଷ୍ଟଚିତ୍ତା—ସ୍ତ୍ରୀ) ଆନନ୍ଦିତମନାଃ—Gladdened; overjoyed; delighted at heart.

ହୃଷ୍ଟଚେତାଃ—ସଂ. ବଣ—(ବହୁବ୍ରୀହି; ହୃଷ୍ଟ ହୋଇଅଛି ଚେତସ୍=ମନ
Hrushta chetāh ଯାହାର; ହୃଷ୍ଟ ଚେତସ୍, ୧ମା ୧କ)—ପ୍ରଫୁଲ୍ଲାନ୍ତଃକରଣ—Gladdened; rejoicing; overjoyed

ହୃଷ୍ଟପୁଷ୍ଟ—ସଂ. ବଣ. ପୁଂ—(ଦ୍ୱନ୍ଦ୍ୱ)—ପ୍ରଫୁଲ୍ଲ ଓ ସ୍ଥୂଳକାୟ—Hale
Hrushta pushta and hearty; stout and cheer-
(ହୃଷ୍ଟପୁଷ୍ଟ—ଦେ. ରୂପ) ful. ୨ଦେ. ବଣ—ମୋଟା ସୋଟା;
(ହୃଷ୍ଟପୁଷ୍ଟା—ସ୍ତ୍ରୀ) ସବଳ ଓ ସ୍ଥୂଳକାୟ—Stout and strong.

ହୃଷ୍ଟରୁଷ୍ଟ—ସଂ. ବଣ—(କାଳସ୍ୱଭାବାର୍ଥ ପ୍ରତିପନ୍ନ ଶବ୍ଦ; ପ୍ରଥମେ ହୃଷ୍ଟ ଓ
Hrushta rushta. ପରେ ରୁଷ୍ଟ)—୧ । ପ୍ରଫୁଲ୍ଲ ଓ କ୍ରୁଦ୍ଧ—1. At first glad and then become angry. ୨। ଏକକ୍ଷଣରେ ହୃଷ୍ଟ ଓ ପରକ୍ଷଣରେ କ୍ରୁଦ୍ଧ—2. Glad at one moment and angry at the other; alternately pleased and displeased. ୩ । ଅବ୍ୟବସ୍ଥିତଚିତ୍ତ — 3. Capricious; fickle-minded.

ହୃଷ୍ଟଯୋନି—ସଂ. ବି—(ବହୁବ୍ରୀହି)—ଏକପ୍ରକାର ନପୁଂସକ—
Hrushta joni A class of eunochs.

ହୃଷ୍ଟରୋମା—ସଂ. ବଣ—(ବହୁବ୍ରୀହି; ହୃଷ୍ଟ ହୋଇଅଛି ରୋମ ଯାହାର
Hrushta romā ହୃଷ୍ଟ ରୋମନ୍, ୧ମା ୧କ)—ରୋମାଞ୍ଚିତକଳେବର; ପୁଲକଯୁକ୍ତ; ଆନନ୍ଦ ବା ବିସ୍ମୟରେ ଯାହାଙ୍କ ଦେହର ରୋମମାନ ଠାଙ୍କୁରି ଉଠିଅଛି—Horripilated; having the furs of the body standing on the ends owing to joy or astonishment.

ହୃଷ୍ଟି—ସଂ. ବି—(ହୃଷ୍ ଧାତୁ+ଭାବ. ତି)—୧ । ପ୍ରଫୁଲ୍ଲତା; ଆନନ୍ଦ
Hrushti (ଧରଣୀ)—1. Joy; gladness. ୨ । ମାନ (ଧରଣୀ)—2. Self respect. ୩ । ଗର୍ବ—3. Pride. ୪ । ଗର୍ବରେ ଫୁଲିଥିବା—4. Swollen through pride.

ହୃଷ୍ୟକା—ସଂ. ବି—ସଙ୍ଗୀତର ମୂର୍ଚ୍ଛନା ବିଶେଷ—One of the
Hrushyakā modulations of tune in Hindu music. (ଦ୍ର—ଏଥିର ସ୍ୱରଗ୍ରାମ—ପ ଧ ନି ସ ରେ ଗ ମ; ଧ ନି ସ ରେ ଗ ମ ପ ଧ ନି ସ ରେ ଗ—ହି. ଶ ।]

ହେ—ସଂ. ଅ—(ସଂ. ହ୍ୱେ ଧାତୁ=ଆହ୍ୱାନ କରିବା+କରଣ ଏ)—୧ ।
He (ସମ୍ବୋଧନରେ ବ୍ୟବହୃତ ଧ୍ୱନି) ଅହେ ।—1. (Interjection used in addressing a person) Ho! Heigh Ho ! O ! Oh! ୨। ଆହ୍ୱାନାର୍ଥକ—2. Used in calling a person. ୩। ଅସୂୟାର୍ଥକ—3. Used in displeasure or spite. [ଦ୍ର—ସମ୍ବୋଧନସୂଚକ 'ହେ' ଶବ୍ଦର ଅନ୍ୟ ସଂସ୍କୃତ ପ୍ରତିଶବ୍ଦ ପାହି; ପ୍ୟାହି, ଅରେ, ହେ ଅୟେ ଭୋ (ଅମର), ହଂ ହେ, ହଂ ହୋ, ଅରେ ଅୟି (ଭରତ)]

ହେଆର୍ (ଇତ୍ୟାଦି)—ହେୟାର୍ ଇତ୍ୟାଦି (ଦେଖ)—
Heār (etc) Heyār etc (See).

ହେଇ—ଦେ. ଅ—୧ । ହେ (ଦେଖ)—1. He (See). ୨ ।
Hei କୌଣସି ବସ୍ତୁକୁ ବା ବ୍ୟକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ
हे ଦେଖାଇଦେବା ଉପଲକ୍ଷରେ ବ୍ୟବହୃତ ଶବ୍ଦ— 2.
है Exclamation used in pointing out any
এই object to another. [ଦ୍ର—ନିକଟବର୍ତ୍ତୀ ବସ୍ତୁକୁ ବା
यही ବ୍ୟକ୍ତିକୁ ଦେଖାଇବା ସମୟରେ 'ହେ' ର ସ୍ପଷ୍ଟ ଉଚ୍ଚାରଣ କରାଯାଏ; ଦୂରବର୍ତ୍ତୀ ବସ୍ତୁକୁ (ଯଥା ତାରା ଦୂର ପର୍ବତକୁ) ଦେଖାଇବାବେଳେ ହେ ର ଦୀର୍ଘ ସ୍ୱରଯୁକ୍ତ ଉଚ୍ଚାରଣ କରାଯାଏ ।] ୩ । ଏହିମାତ୍ର; ଅଚିରାତ୍, ଅତି ନିକଟ ଭବିଷ୍ୟତ୍‌ରେ—3. Just now; very shortly. (ଯଥା—ମୁଁ ଯାଉଛି, ହେଇ ଆସିଲି ବୋଲି ଜାଣ)
हुये ଗ୍ରା. କ୍ରି (ସଂ. ଭୂ. ଧାତୁ 'ହେବା' କ୍ରିୟାର ଅସମାପିକା
होकर ରୂପ) ହୋଇ—4. Being. ଗ୍ରା. ଅ—ମିଶି; ସମସ୍ତଙ୍କୁ
मिलाकर ମିଶାଇଲେ ବା ଗଣିଲେ—5. Counting all. (ଯଥା ଏଠାରେ ସମସ୍ତେ ହେଇ କେତେଜଣ ହେବେ ।

ହେଇଚି(ଛି)—ଗ୍ରା. କ୍ରି—(ହେବା କ୍ରିୟାର ବର୍ତ୍ତମାନ କାଳ ଉତ୍ତମ ପୁରୁଷ
Heichi(chhi) ମୁଁ ଓ ଅନ୍ୟ ପୁରୁଷ ସେ ଏକବଚନ)—ହୋଇଛି; ହୋଇଅଛି—(He, she; it) Is; has been (I)
हुयेछि, हुयेछे हुआ have been.

ହେଇଚ୍ଛିକା (ଣି)—ପ୍ରାଦେ (କଟକ) କ୍ରି. ବିଣ—ବର୍ତ୍ତମାନ; ଏହିକ୍ଷଣି
Heichhikā(ni) Just now.
(ହେଇଛଣିକା; ହେଇଚୁଣି, ହେଇଚୁଣିକା—ଅନ୍ୟରୂପ)
एकखुनि अवभी

ହେଇଟି(ତି)—ଦେ. ଅ—ସମ୍ମୁଖସ୍ଥ ବା ନିକଟବର୍ତ୍ତୀ ବସ୍ତୁକୁ ବା ବ୍ୟକ୍ତିକୁ
Heiti(ti) ନିର୍ଦ୍ଦେଶପୂର୍ବକ ଦେଖାଇବାରେ ବ୍ୟବହୃତ ଶବ୍ଦ—
Exclamation used in pointing out to another a

thing or person in front or nearby. [ଯଥା=ହେଇଟି, ହେଇ, ସିଇଟି ଉପରେ ତାଳ ନାଚ
এইযে यहिंपर अबुअछु]

ହେଇଠାରୁ—ଗ୍ରା. ସର୍ବ ନାମ—ଏଠାରୁ—
Heithāru From here; hence.
হেথাথেকে . यहांसे

ହେଇଥିଠା—ପ୍ରାଦେ. (ପାଟଣା) କ୍ରି ହୋଇଥାନ୍ତା—
Heithita Would have been; might have been.

ହେଇ ଦେରେ—ପ୍ରାଦେ (ସମ୍ବଲପୁର) କ୍ରି. ଣ (ଇତର ବ୍ୟବହୃତ)—
Hei dere ଏହି ପ୍ରକାରେ; ଏହାପରି—Like this; thus.

ହେଇ ଯିବା—ଗ୍ରା. କ୍ରି—୧। ହୋଇଯିବା; ସମ୍ପନ୍ନ ହେବା—1. To be
Hei jiba accomplished. ୨। ଘଟିବା—2.To happen
୩। (ଅମୁକ ବିଷୟ ପାଇଁ)ସମୟ ଉପସ୍ଥିତ ହେବା—3.To be the proper time for. ୪। ଯଥେଷ୍ଟ ହେବା—
হয়েযাওয়া होजाना 4. To be sufficient; to suffice.

ହେଇଲୋ—ଗ୍ରା. ଅ—ହଇଲୋ (ଦେଖ)—
Heilo Hailo (See)
[ହେଇଲୋ ହେ—ଅଳଂରୂପ]

ହେଉ—ଦେ. କ୍ରି—୧। ହେବା ଧାତୁର ଅନୁଜ୍ଞା ତୃତୀୟ ପୁରୁଷ ଏକବଚନ
Heu (ସେ; ତାହା; ଏହା) କର୍ତ୍ତା ସହିତ ବ୍ୟବହୃତ—1. Let him or her or it be; be it, he or she. ୨। ହେଉଣୁ (ଦେଖ)—2. Heunu(See)ଅ—(ସ୍ୱୀକାରାର୍ଥକ ବାସମ୍ମତି ସୂଚକ)ତଥାସ୍ତୁ;ତାହାହେଉ—(Interjection) Be it so; so be it. [ଦ୍ର—କେତେକ ସ୍ଥଳରେ ଆପଣ ଏଠାକୁ ଆସିବା ହେଉ, ଆପଣ ଏ କାର୍ଯ୍ୟ କରିବା ହେଉନ୍ତୁ (ବା ହୁଅନ୍ତୁ) ଆଦି ବାକ୍ୟର ବ୍ୟବହୃତ ହେବା ଦେଖାଯାଏ। କିନ୍ତୁ ବ୍ୟାକରଣ ଦୃଷ୍ଟିରେ ଏ ବ୍ୟବହାର ଅଶୁଦ୍ଧ। ଏଥିର ଶୁଦ୍ଧ ବ୍ୟବହାର—ଆପଣଙ୍କର ଏଠାକୁ ଆସିବା (କଥା) ହେଉ (—ଘଟୁ)। ଅର୍ଥାତ୍, ଆପଣଙ୍କର ଏଠାକୁ ଆସିବା କଥା ଘଟୁ। ଆପଣ
হউক্ যାଅନ୍ତୁ, ଏ ବାକ୍ୟ ନ କହି କେତେ ସମ୍ମାନାର୍ଥକ ଭାବରେ
हो ଆପଣ ଯିବା ହୁଅନ୍ତୁ (ବା ହେଉନ୍ତୁ) ବୋଲି ଲୋକେ ବ୍ୟବହାର କରନ୍ତି। କିନ୍ତୁ ଏଥିର ଶୁଦ୍ଧ ବ୍ୟାକରଣସମ୍ମତ ଆକାର—ଆପଣଙ୍କର ଯିବା ହେଉ ଓ ଏଥିର ବ୍ୟାକରଣ ସମ୍ମତ ଅର୍ଥ—ଆପଣଙ୍କର ଯିବା କଥା ଘଟୁ]

ହେଉଁ—ଦେ. କ୍ରି—୧। ହେବା ଧାତୁର ବର୍ତ୍ତମାନ କାଳ ଉତ୍ତମ ପୁରୁଷ
Heun ସମ୍ମାନାର୍ଥ ଏକବଚନ (ଅମ୍ଭେ) ଓ ବହୁବଚନ ଅମ୍ଭେମାନେ ସଙ୍ଗେ ବ୍ୟବହୃତ—1. I am; we are; I be we; be.
হই होव ୨। ହେଉଣୁ (ଦେଖ)—2. Heunu (See)

ହେଉଡ଼ି—ଦେ. ବି—(ଧ୍ୱନ୍ୟାନୁକରଣ)—ଢେକୁର—Belching.
Heurdi [ଦ୍ର—ତାତାପିର ମାଂସଯାକ ମଦ୍ୟା ଅନଳରେ ଖାଇସାରି ଭୁଗା ଅତି ଅନଳରେ ପେଟ ଅଇଁସି ହେଉଡ଼ି ମାରିଦେଲେ
ঢেকুর डकार ସାରଳଦାସ- ପିଲଙ୍କ ମହାଭାରତ]

ହେଉଣୁ—ଦେ. କ୍ରି—(ହେବା କ୍ରିୟାର ଭୂତାର୍ଥକ ଅସମାପିକା ରୂପ)
Heunu ହେବା ପୂର୍ବରୁ—(Participle)Occurring before the happening of a thing (ଯଥା—ମୁଁ ସେଠାରେ ଉପସ୍ଥିତ ନ ହେଉଣୁ ସେମାନେ ଚାଲିଗଲେ)
[ହୁଅଣୁ—ଗ୍ରାମ୍ୟରୂପ]
হওয়ায় होनेकेपहले

ହେଉ ତେବେ—ଦେ. ଅ—୧। (ଅବଧାରଣାର୍ଥ) ହେଉ; ଅଚ୍ଛା,ତଥାସ୍ତୁ-
Heu tebe 1. All right. ୨। (ସମ୍ମତିସୂଚକ) ତଥାସ୍ତୁ—
[ହଉତେବେ—ଗ୍ରାମ୍ୟରୂପ] 2. Be it so.
হউকতবে अच्छा

ହେଉଥିଲେ—ଦେ. କ୍ରି—ହେବାକ୍ରିୟାର ସମ୍ମାନାର୍ଥକ ତୃତୀୟ ପୁରୁଷ ଏକ
Heuthile ବଚନ (ସେ) ଓ ବହୁବଚନ ସେମାନେ କର୍ତ୍ତା ସହିତ ଅତୀତକାଳରେ ବ୍ୟବହୃତ—(The past tense form of the verb to be (heba) in the third person singular and plural numbers and denoting respect) He was or they were.
হয়েছিল होतेथे (ଯଥା—ସେମାନେ କଥାଭାଷା ହେଉଥିଲେ)
[ଦ୍ର—ଏହା ମଧ୍ୟ ଆପଣ ଓ ଆପଣମାନେ ସଙ୍ଗେ ବ୍ୟବହୃତ ହୁଏ।]

ହେଉନ୍ତୁ—ଦେ. କ୍ରି—ହୁଅନ୍ତୁ; ହେବାକ୍ରିୟାର ବର୍ତ୍ତମାନ କାଳ ତୃତୀୟ
Heuntu ପୁରୁଷ ସମ୍ମାନାର୍ଥକ ଏକବଚନ (ସେ ମହାଶୟ) ଓ ବହୁ ବଚନ (ସେମାନେ)—Let him or them be. [ଯଥା—ସେମାନେ ହିତେ ଥିବା ହେଉନ୍ତୁ, ଅମ୍ଭେ ଯାଇ ଦେଖା କରିବା] ୨। ହେବା କ୍ରିୟାର ଅନୁଜ୍ଞା ମଧ୍ୟମପୁରୁଷ ମାନ୍ୟାର୍ଥକ ଏକବଚନ (ଆପଣ; ତୁମ୍ଭ) ଓ ବହୁବଚନ ଆପଣମାନେ—2. The imperative form of verb to be in the singular and plural numbers. [ଯଥା—ଆପଣ ଏ କଥାରେ ସ୍ୱୀକୃତ ହେଉନ୍ତୁ] [ଦ୍ର—ହେଉ ତଳେ ଟୀକା ଦେଖ। କେତେ କ୍ରିୟାର ଅସମାପିକାରୂପ ପରେ 'ବା' ଲଗାଇ ହେଉନ୍ତୁ ଯୋଗ କରାଯାଏ; ଯଥା ଆପଣ ଆସିବା ହେଉନ୍ତୁ। କିନ୍ତୁ ଏହା
হউন होवें ଅଶୁଦ୍ଧ ବ୍ୟବହାର]

ହେଉ(ଁ) ହେଉ(ଁ)—ଦେ.ବି—(ହେବା କ୍ରିୟାର ଅସମାପିକା ରୂପର
Heu(un)heu(un) ଦ୍ୱିତ୍ୱ)—୧। (ଅମୁକ ବିଷୟର) ସମାପ୍ତି
হতে হতে, होतेहोते ହେବା ପୂର୍ବରୁ—1. Before the completion of (something). (ଯଥା—ସଭ ହେଉ ହେଉଁ ମୁଁ ଫେରି ଆସିଲି)—୨। (ଅମୁକ କ୍ରିୟା) କରି ଯାଉଥିବା ସମୟରେ—2. During the doing of an act. [ଯଥା—ଆପଣ ଉଭୟଙ୍କର କଥାଭାଷା ହେଉ ହେଉଁ ମୁଁ ଗାଧୋଇ ପଡ଼ିଲି।] ୩। (ଅମୁକ କାର୍ଯ୍ୟ) ସମାପ୍ତ ହେବା ପାଇଁ—3. For anything being done or completed. (ଯଥା—ଯାତ୍ରାବାଲାମାନେ ଯାହା ପାଇଁ ସଜ ହେଉ ହେଉ ଅଧଘଣ୍ଟାଏ ଲାଗିବ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ ; ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଘାଇ' ଖୋଜିବେ; 'ମୂତ' ନ ମିଳିଲେ 'ମୃତ' ଖୋଜିବେ; 'ବଂଧୁ' ନ ମିଳିଲେ 'ବନ୍ଧୁ' ଖୋଜିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗ୍ୟା' ଦେଖିବେ; ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ହେଁ—ଦେ. ଅ—(ସଂ. ହୁଂ)—୧ । (ସ୍ୱତନ୍ତ୍ର ଭାବରେ ବ୍ୟବହୃତ)— (କ) . ଉପହାସାର୍ଥକ—Interjection used in sneering. (ଖ) ଅସୂୟାର୍ଥକ—Interjection used in expressing spite. (ଗ) ହାଁ (ଦେଖ)—Hāṅ (See). ୨ । କ୍ରିୟାର ଭୂତକାଳ ଅନ୍ୟ ପୁରୁଷ ୧ ବଚନରୂପ ପରେ ଯୁକ୍ତ)—(କ) ସୁଦ୍ଧା—Even. [ଉ—ଅଦ୍ଭୁର ଶବଦ ମୋର ଶୁଣିଲେହେଁ ମଲିଟି—କବିସୂର୍ଯ୍ୟ, କଣୋଦ୍ଧ ଚମ୍ପୂ, ଣ. ଗୀତ] (ଖ) ଯେବେ ଅବା; ଯଦି ସ୍ୟାତ୍—Even if. [ଉ—ମୋର କାହିଁ ଥିଲେହେଁ ବଞ୍ଚା । କବିସୂର୍ଯ୍ୟ, କଣୋଦ୍ଧ ଚମ୍ପୂ. ଚ. ଗୀତ] (ଗ)—(କେତେ, ଯେତେ, ତେତେ, କେବେ, ଯେବେ, ତେବେ, କେଣେ, ଥରେ, ବାରେ ସଙ୍ଗେ ବ୍ୟବହୃତ)—ହେଲେ; ସୁଦ୍ଧା—Even. (ଯଥା—ମୋର ସାଙ୍ଗରେ କେଣେହେଁ ଲୋକ ଯିବ ନାହିଁ ।) (ଘ) (କେତେ, ଯେତେ, ସେତେ ସଙ୍ଗେ)—ବାକ୍ୟରେ ଜୋର୍ ଦେବା ପାଇଁ ବ୍ୟବହୃତ—A suffix used to add emphasis to some pronouns. [ଉ—ସଙ୍ଗେ ନ ନେଇ ଗଲୁରବା, କେତେହେଁ ଡାଆର କହିବା ।—ଭୂପତି ପ୍ରେମ ପଞ୍ଚାମୃତ] ୩ । (ସଂଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ଦୁହେଁ, ତିନିହେଁ, ଚାରିହେଁ)—(କ) ଜଣ; ସମସ୍ତେ; ମାନେ; ଯାକ; ସବୁ ସୁଦ୍ଧା ମିଶି; A suffix indicating plural; all; altogether. (ଖ) ପ୍ରତ୍ୟେକ—Each of. ଯଥା, ତିନିହେଁ ବାଦ୍ୟାରେ

Heṅ

ହେଁ ହୈଁ

ମୀ

ହାଁ ହାଁ ହୈଁ ହୈଁ ଧ୍ୱନିକର । ବି—(ଧ୍ୱନ୍ୟନୁକରଣ)—୧ । ଉଚ୍ଚହାସ୍ୟ କରିବା ଶବ୍ଦ—1. Sound of loud laugh. ୨ । ଘୋଡ଼ାଙ୍କର ହ୍ରେଷାରବ—2. Neighing of a horse. ପ୍ରାଦେ (ସମ୍ବଲପୁର) ସର୍ବନାମ—୧ । ଏହା; ଏ—1. This. ୨ । ତାହା; ସେ—2. That; he; she. ୩ । ଏହି ବ୍ୟକ୍ତି—3. This person.

ହେଁଠା—ପ୍ରାଦେ.(ସମ୍ବଲପୁର) ସର୍ବନାମ—(ଅନାଦରାର୍ଥକ)—୧ । ଏଇଟା; ଏହି ବସ୍ତୁଟା—1. This thing. ୨ । ଏହି ବିଷୟଟା—2. This matter. ୩ । ଏହି ବ୍ୟକ୍ତିଟା—3. This person. ପ୍ରାଦେ (ଘାଟଶୀ) ସର୍ବନାମ—ସେହି—That.

Heṅṭā

ହେଁଡୁଆ—ପ୍ରାଦେ (ସମ୍ବଲପୁର) ବି—ହାଣ୍ଡୁଆ (ଦେଖ)

Heṅṛduā — Hāṇḍuā (See)

ହେଁତକି—ପ୍ରାଦେ(ସମ୍ବଲପୁର)ସର୍ବନାମ-୧ । ଏତିକି—1. This much. ୨ । ସେତିକି—2 That much.

Heṅt-ki

ହେଁଥି—ପ୍ରାଦେ (ସମ୍ବଲପୁର) ସର୍ବନାମ—୧ । ଏଥିରେ—1. In this. ୨ । ଏଠାରେ—2. Here. ୩ । ଏହି ବିଷୟରେ—3. In this matter.

Heṅthi

ହେଁଥିର୍ ଲାଗି(ଗେ)-ଦେ.(ସମ୍ବଲପୁର) ଅ-୧ । ଏଥିପାଇଁ—1. For this. ୨ । ସେଥିପାଇଁ—2. For that. ୩ । ସେହି କାରଣରୁ; ଅତଏବ—3. Therefore.

Heṅthir-lāgi(ge)

(ହେଥିର୍ ଲାଗି—ଅନ୍ୟରୂପ)

ହେଁସ—ଦେ. ବି—(ଫା. ହସୀର)—ମୁଡୁଲ୍; ବଡ଼ ତୃଣାସନ—Big mat of grass reed. [ଦ୍ର—ବେରୁହାଁ, ଗୌଦରୀ ଅଥବା କୁଶ, ବେଣା, ତେଲଙ୍ଗା ଓ ସବ୍ରସ୍ ଅଦି ତୃଣକୁ ଶୁଖାଇ ହୋଟ ବା ଛଣପଟ ଦଉଡ଼ା ଦ୍ୱାରା ହେଁସ ବୁଣାଯାଏ । ପ୍ରାୟ ଅଙ୍ଗୁଳ ଛଡ଼ା ଛଡ଼ା ଅଗରେ ଚଟକା (ବାଣିପଥର ବା ଡେଙ୍ଗୁଆଁ ଝୁଲି ଯାଇଥିବା ଗୁଡ଼ାଏ ଦଉଡ଼ି ବା ବାଣିକୁ ଯୋଡ଼ା ଯୋଡ଼ା କରି ଗୋଟିଏ ଲମ୍ବ କାଠ (ବେଁ, ବେଅ) ଉପରେ ଝୁଲାଇ ଏହି ବେରୁହାଁକୁ କେରା କେରା କରି ବେଁ ଉପରେ ଲମ୍ବ ଭାଗରେ ପାରିବାକୁ ହୁଏ ଓ ଅଗରେ ଡେଙ୍ଗୁଆ ଝୁଲିଥିବା ଯୋଡ଼ ଦଉଡ଼ା ବା ବାଣିମାନଙ୍କୁ ଯଥାକ୍ରମେ ଏ ପାଖରୁ ସେ ପାଖକୁ ଅଣିବାକୁ ହୁଏ । ଏହିପରି ଭାବରେ ହେଁସ ବୁଣାଯାଏ । ଗରିବଲୋକେ ଏହି ହେଁସକୁ ଶଯ୍ୟାରୂପେ ବ୍ୟବହାର କରନ୍ତି ଓ ଶୀତଦିନେ ଶୋଇଲାବେଳେ ଘୋଡ଼ି ହୁଅନ୍ତି । ଚଷା, ମୂଲିଆ ଓ ଗରିବ ଲୋକମାନେ ଅବସର ସମୟରେ ହୋଟରେ ଗୁଡ଼ାଏ ବାଣି କାଟି ରଖି ଥାଆନ୍ତି ଓ ଗୁଡ଼ାଏ ବେରୁହାଁ ବା ସବ୍ରସ କାଟି ଆଣି ଶୁଖାଇ କରି ରଖି ଥାଆନ୍ତି । ବର୍ଷାଦିନେ କୃଷି ଧନ୍ଦା ନ ଥିବା ସମୟରେ ଦୁଇଟି ଖୁଣ୍ଟିରେ ପ୍ରାୟ ୧ ଫୁଟ୍ ଉଚ୍ଚ କରି ବେଅଁଟିକୁ ଅଡ଼ ଭାଗରେ ବାନ୍ଧି ସେଥିରେ ଡେଙ୍ଗୁଆ-ଲଗା ବାଣିଗୁଡ଼ିକ ଯୋଡ଼ା ଯୋଡ଼ା କରି ୩/୪ ଅଙ୍ଗୁଳ ଛଡ଼ାରେ ଝୁଲାଇ ଦିଅନ୍ତି ଓ କାମ ନ ଥିଲାବେଳେ ହେଁସ ବୁଣିବା କାମରେ ଲାଗନ୍ତି । କ୍ରମେ କ୍ରମେ ମାସେ ଭିତରେ ମଧ୍ୟରେ ହେଁସଟିଏ ବୁଣା ସରିଯାଏ ।

Heṅsa

ମାହୁର

ଝାଁତଲା ଝାତଲା

ହେଁସର ଲମ୍ବ ୫।୬ ହାତ ଓ ଚଉଡ଼ା ପ୍ରାୟ ୪ ହାତ କରାଯାଏ । ଯେଉଁ ହେଁସକୁ ଯେତେ ଲମ୍ବ କରିବାକୁ ହୁଏ ସେହି ଲମ୍ବର ଦୁଇଗୁଣ ଲମ୍ବ ଗୋଟିଏ ଲେଖାଏଁ ବାଣିକୁ ଡେଙ୍ଗୁଆରେ ଗୁଡ଼ାଇ ଫାସ ଦେଇ ବେଅଁ ଦେହରେ ଉପଯୁକ୍ତ ବ୍ୟବଧାନରେ ଛନ୍ଦି କରି ଯୋଡ଼ାଏ ଲେଖାଏଁ ଝୁଲାଇ ଦିଆଯାଏ ଓ କେରାଏ କୁଶ ବା ବେରୁଆଁକୁ ବେଅଁ ଉପରେ ପାରି ଦେଇ ଗୋଟିଏ ଖଡ଼ ଗୋଟିଏ କରି ଉକ୍ତ ବାଣିପଥର-ମାନଙ୍କୁ ଯଥାକ୍ରମେ ଏ ପାଖରୁ ସେ ପାଖକୁ ଓ ସେ ପାଖରୁ ଏ ପାଖକୁ ଅଣିଲେ ଦୁଇ ବାଣିର ମଧ୍ୟବର୍ତ୍ତୀ କୁଶ କେରାକ ଦୃଢ଼ବଦ୍ଧ ହୋଇ ରହେ । ଏହିପରି କରୁ କରୁ ବାଣି ସରିଗଲେ ଡେଙ୍ଗୁଆଁକୁ ଫାସ ଫିଟାଇ ଦେଲାରୁ ବାଣି ଦଉଡ଼ି ଲମ୍ବ ହୋଇଯାଉଥାଏ ।

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଦ୍ଧ
୨	ଈ	ଊ	ଌ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଂଙ୍କ	ନ୍ତ

ସାଧାରଣତଃ ହେଁସ ମସୃଣ ନ ହୋଇ କର୍କଶ ହୋଇ ଥାଏ ଓ ତା ଉପରେ ଲୁଗା ବା ଅନ୍ୟ କୌଣସି ଆସ୍ତରଣ ନ ପକାଇ ଶୋଇଲେ ଦେହକୁ ବାଧେ। ହେଁସ ବହୁକାଳ-ସ୍ଥାୟୀ ଓ ସ୍ଥୂଳ ବ୍ୟବହାର ସହିପାରେ । ଗରିବ ଲୋକେ ହେଁସରେ ଶୁଅନ୍ତି ଓ ଶୀତକାଳରେ ଘୋଡ଼ାଇ ହୁଅନ୍ତି । ହାଟୁଆମାନଙ୍କ ଜାତିଭାଇମାନଙ୍କ ବଇଠକରେ ହେଁସକୁ ଭୂଇଁରେ ବିଛାଇ ଦିଅନ୍ତି । ହେଁସ ଉପରେ ମଧ୍ୟ ଉଷୁନା ଧାନ ଓ ଅନ୍ୟ ଦ୍ରବ୍ୟମାନ ଖରାରେ ଶୁଖାଯାଏ । ହେଁସର ବ୍ୟବହାର ହେଉ ନ ଥିବାବେଳେ ହେଁସକୁ ଭୂଇଁରୁ ଉଠାଇ ଗୁଡ଼ାଇ-ଦେଇ ଘରକଣରେ କାନ୍ଥକୁ ଡେରିଦେଇ ରଖନ୍ତି, ଅଥବା ଘରର ଚାଳର ଭିତରପାଖରେ ଟାଙ୍ଗିଦିଅନ୍ତି । ଅଶୌଚ ଆଦିର ଶୁଦ୍ଧି ହେବା ସମୟରେ ହେଁସକୁ ନେଇ ପାଣିରେ ଧୋଇ ଖରାରେ ଶୁଖାଇ ଦିଅନ୍ତି । ହେଁସକୁ ଲମ୍ବକରି ଘରେ ପକାଇ ଦେଲେ ତହିଁରେ ପରିବାରର ଆବାଳବୃଦ୍ଧ-ବନିତା ୮।୧୦ ଜଣ ଶୋଇ ପାରନ୍ତି ।

ହେଁସସମ୍ବନ୍ଧୀୟ ପ୍ରବଚନ—

୧ । ଆଲୋ ମୃଭୁସି ! ଶୋଇବା,
ତୁ ତ ମୃଭୁସି, ମୁଁ ତ ମୃଭୁସି, ହେଁସ କାହିଁପାଇଁ ଧୋଇବା ?—ପ୍ରବଚନ ।

୨ । ଘରପରିଗୁଣେ କଲେଇ ଦାସୀ,
ଶୁଅନ୍ତି ହେଁସ କତରା ପାରି – ପ୍ରବଚନ ।

୩ । ଏଣୁ ଅଇଲି, ତେଣୁ ଅଇଲି
ହେଁସକାନି ଧରି (କପାଳେ ଥିଲାକୁ) ପୁଅ ବେଇଲି-ବ୍ୟଙ୍ଗ୍ୟ ପ୍ରବଚନ ।

୪ । ହେଁସ କାନି ଧରି (କୁଣ୍ଥାଇ) ପୁଅ ବେଇବା ନ୍ୟାୟ ।]

ହେଁସ କତରା—ଦେ· ବି (ସହଚର ଶବ୍ଦ)—(ଗରିବ ଲୋକଙ୍କ ଶଯ୍ୟାର୍ଥ
Hen̐sa katarā ବ୍ୟବହୃତ) ହେଁସ ଓ ହେଁସ ଉପରେ
ছেঁড়াচেটা गोंदरा गंदरा चटाई, गोंदरी ଅସ୍ତରଣରୂପେ ବିଛାଯିବା କନ୍ଥା ବା ଖେଦ—Reed mat and rag-quilt used by the poor for bedding.

ହେଁସ କାନି—ଦେ· ବି—ଭୂମିରେ ବିସ୍ତୃତ ହୋଇଥିବା ହେଁସର ଗୋଟିଏ
Hen̐sa kāni ଶେଷ ଅଂଶ—One end of a
মাদুরের ধার चटाई एकभाग mat spread on the ground.
[ଦ୍ର—ହାଟୁଆମାନଙ୍କ ଜାତିଆଣ ସଭାକୁ କମକ୍ଷିତ ଜାତି-ଭାଇମାନେ ହେଁସ ଉପରେ ବସନ୍ତି ଏବଂ ଯେଉଁ ଲୋକ ପତିତ ବା ଜାତିରୁ ଅଟକ ହୋଇଥାଏ ସେ ଜାତି-ଭାଇମାନଙ୍କ ସଙ୍ଗେ ହେଁସକାନିରେ ବସିବା ଅଧିକାରରୁ ଚ୍ୟୁତ ହୁଏ ।]

ହେଁସକାନିଆ (ଆଁ)—ଦେ. ବିଣ—୧ । ହେଁସକାନିସମ୍ବନ୍ଧୀୟ—
Hen̐sakāniā (āñ) 1. Relating to Hen̐sakāni.
୨ । (ଏକ ହେଁସ କାନିରେ ବସିବା ଯୋଗୁଁ) ଏକ ହାଟୁଆ ସମାଜର ସଭ୍ୟରୂପେ ପରିଗଣିତ—
2. Counted as a co-member of the same casteguild,

ହେଁସକାନିଆ ଜାତି—ଦେ . ବି—ଓଡ଼ିଶାର ହାଟୁଆ ପାଟକ; (ଯେଉଁମାନେ
Hen̐sakāniā jāti ଜାତିଆଣ ସଭାରେ ହେଁସକାନିରେ ବସନ୍ତି)—The Hāṭuā castes of Orissa (literally those who sit on mats in their caste-gatherings. [ଦ୍ର—ଏମାନେ ଶୂଦ୍ର ଓ ୩୬ ପାଟକରେ ଗଣନ୍ତି । ସାଧାରଣତଃ ଏମାନେ ଗରିବ ଥିବାରୁ ଏମାନଙ୍କ ଜାତିଆଣ ସଭାରେ ସତରଞ୍ଜି, ଗାଲିଚା, ପାଲି, ଫରାସ୍ ଆଦି ବ୍ୟବହୃତ ହୁଏ ନାହିଁ । ଗ୍ରାମର ୨।୪ ଜଣଙ୍କ ଘରୁ ହେଁସ ମଗାହୋଇଆସି ତାହା ବିଛାହୋଇ ତା ଉପରେ ଜାତିଆଣ ସଭାର ବୈଠକ ହୁଏ ଓ ଯେଉଁ ବ୍ୟକ୍ତି ଜାତିଭାଇଙ୍କୁ ବରାଦକ ପାଇଁ ଡାକିଥାଏ, କିମ୍ବା ଯାହାର ବିବାହାଦି ଉପଲକ୍ଷରେ ଜାତିଭାଇ ଏକତ୍ର ହୋଇଥାଅନ୍ତି ସେ ପ୍ରତ୍ୟେକ ଜାତିଭାଇଙ୍କୁ ଖଣ୍ଡିଏଲେଖାଏ ଧୂଆଁପତ୍ର ଉପହାର ଦିଏ ଓ ଉକ୍ତ ଧୂଆଁପତ୍ରରେ ପ୍ରତ୍ୟେକ ବ୍ୟକ୍ତି ନିଜ ହାତରେ ପିକା କରି ଧୂଆଁ ଖାଆନ୍ତି । ଏହି ପିକାଖିଆରେ ଜାତିଭାଇମାନେ (ଆଧୁନିକ ଭଦ୍ରସମାଜରେ ପାନ, ବିଡ଼ି, ସିଗାରେଟ୍, ଗୁଡ଼ାଖୁ, ଗୁଆ ଆଦି ଦିଆ ଗଲା ପରି) ଆପ୍ୟାୟିତ ହୁଅନ୍ତି ।]

ହେଁସକାନିଆ ଭାଇ—ଦେ. ବି—ହାଟୁଆମାନଙ୍କ ମଧ୍ୟରେ ଏକ ସମାଜଭୁକ୍ତ
Hen̐sakāniā bhāi ଜାତିଭାଇ—A casteman or co-member of the same guild amongst the Hāṭuās of Orissa.

ହେଁସକାନିରୁ ଉଠା(ଠେ)ଇ ଦେବା—ଦେ. କ୍ରି (ହାଟୁଆସମାଜରେ)
Hen̐sakāniru uṭhā[ṭhe]i debā [କୌଣସି ବ୍ୟକ୍ତିକୁ ସମାଜଚ୍ୟୁତ କରିବା; ଜାତିରୁ ଏକଘରିଆ କରିବା—To excommunicate or boycott a person (amongst the Hāṭuās) [ଦ୍ର—ଯେଉଁ ବ୍ୟକ୍ତିକୁ କୌଣସି ହାଟୁଆ ସମାଜ କୌଣସି କାରଣରୁ ଜାତିଚ୍ୟୁତ କରନ୍ତି, ତାକୁ ଜାତି ବଇଠକ ସମୟରେ ଜାତିଭାଇଙ୍କ ବସିବା ନିମନ୍ତେ ବିଛା ହୋଇଥିବା ହେଁସର କାନିରୁ ଜାତିଭାଇମାନଙ୍କ ଆଦେଶ ଅନୁସାରେ ଉଠାଇ ଦିଆଯାଏ ଓ ସେ ପ୍ରାୟଶ୍ଚିତ୍ତାଦି କରି ବା ଅର୍ଥଦଣ୍ଡ ଦେଇ ପୁଣି ସମାଜଭୁକ୍ତ ନ ହେଲେ ତାକୁ ପୁଣି ସେମାନଙ୍କ ସଙ୍ଗେ ଉକ୍ତ ହେଁସକାନିରେ ବସିବାକୁ ଅନୁମତି ମିଳେ ନାହିଁ ।]

ହେଁସ କୁଣ୍ଢା(ଣ୍ଢେ)ଇ ପୁଅ ବେଇବା—ଦେ. କ୍ରି—(ଘରର ପଣ୍ଢାକା ସ୍ତ୍ରୀ) Hensa kundha (ndhe)i pua beiba ଅବୈଧ ଉପାୟରେ [ହେଁସ ଧର ପୁଅ ବେଇବା—ଅନ୍ୟରୂପ] ସନ୍ତାନ ପ୍ରସବ କରିବା To bring forth an illegitimate offspring.

ହେଁସ କୁଣ୍ଢା(ଣ୍ଢେ)ଇ ପେଟରେ ହେବା—ଦେ. କ୍ରି—(ଘରର ପଣ୍ଢାକା Hensa kundha (ndhe) i petare heba ସ୍ତ୍ରୀ) ଅବୈଧ [ହେଁସ ଧର ପେଟରେ ହେବା—ଅନ୍ୟରୂପ] ଉପାୟରେ ଗର୍ଭବତୀ ହେବା—To become pregnant as a result of adultery.

ହେଁସ କୁଣ୍ଢା(ଣ୍ଢେ)ଇ ଶୋଇବା—ଦେ. କ୍ରି—(ଯେଉଁ ବ୍ୟକ୍ତିର ସ୍ୱାମୀ Hensa kundha(ndhe)i soiba ବା ସ୍ତ୍ରୀ ଜୀବିତ ଥାଆନ୍ତି, ସେ) କୌଣସି କାରଣରୁ ନିଜର ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ସହବାସରୁ ବଞ୍ଚିତ ହେବା; ସ୍ୱାମୀଙ୍କ ବା ସ୍ତ୍ରୀଙ୍କ ସଙ୍ଗେ ଏକ ଶଯ୍ୟାରେ ଶୟନ ନ କରିବା—Not to share one's bed with one's husband or wife.

ହେଁସ ଗୁଡ଼ି—ଦେ. ବି—ଭୂମିରେ ବିଛାଯାଇଥିବା ହେଁସର ଗୁଡ଼ା Hensa gurdi ହୋଇଥିବା ଅଂଶ—The part of a spread ଆଧଗୁଟାନ ମାଦୁର mat which remains tucked up. गोंद्रीकामोरा [ଦ୍ର—ଗୋଟିଏ ବଡ଼ ହେଁସର ଅର୍ଦ୍ଧଭାଗରେ ଜଣେବା ଦୁଇଜଣଙ୍କର ଶୋଇବାର ହେଲେ ହେଁସର ସମୁଦାୟ ଅଂଶକୁ ଭୂମିରେ ନ ମେଲଇ ପ୍ରୟୋଜନାନୁରୂପ ଅଂଶକୁ ଭୂମିରେ ବିଛାଇ ଅନ୍ୟ ଅଂଶକୁ ଗୁଡ଼ାଇବାକୁ ହୁଏ ।]

ହେଁସ ଡେଣୁଆ(ଆଁ)—ଦେ.ବି—ହେଁସ ବୁଣିବା ସମୟରେ ହେଁସବାଣିକୁ Hensa denua(an) ଉପର୍ଯ୍ୟୁପରି ଗୁଡ଼ାଇବାପାଇଁ ବ୍ୟବହୃତ ଇଟାର ବା ପଥରର ଖଣ୍ଡମାନ—Roundish bits of brick or stone on which the strings for weaving a mat are twined.

ହେଁସ ବାଣି—ଦେ. ବି—ହେଁସ ବୁଣିବା ପାଇଁ ବ୍ୟବହୃତ ଝୋଟର ବା Hensa bani ଛଣପଟର ସରୁ ଦଉଡ଼ି—Tender strings सुतली used in weaving reed-mats. गोंद्री की रस्सी

ହେଁସ ବୁଣା—ଦେ. ବି—କୁଣ ବା ବେରୁଆ ଏବଂ ବାଣିଦ୍ୱାରା ମାଦୁରର Hensa buna ବୟନ—Weaving of a reed mat. माहुर बोना गोंद्रीकीबुनाई

ହେଁସ ମୁତୁରା—ଦେ. ବିଣ ପୁଂ—ଯେଉଁ ବ୍ୟକ୍ତି ବା ବାଳକ ଟିକରେ Hensa mutura ଶଯ୍ୟାରେ ଶୋଇଥିବା ଅବସ୍ଥାରେ ଅଜ୍ଞାତ [ହେଁସ ମୁତୁରୀ—ସ୍ତ୍ରୀ] ଭାବରେ ହେଁସରେ ପରିସ୍ରା କରିପକାନ୍ତି (ଏହା बिछानाय मुतो ଏକ ପ୍ରକାର ରୋଗ)—(a person) Given to सेजमुतनेवाला passing urine involuntarily on the bed during sleep.

ହେଁସ ହଗୁରା(ହେରୁଆ)—ଦେ. ବିଣ, ପୁଂ—ଅତି ଭୀରୁସ୍ୱଭାବ ବ୍ୟକ୍ତି— Hensa hagura Very timid (person). (ହେଁସ ହଗୁରୀ) (ହେରୁଣୀ)—ସ୍ତ୍ରୀ

ହେଁସା ନେ(ଲେ)ଖାରେ ଟେଁସା—ପ୍ରାଦେ (ବାଲେଶ୍ୱର) ବି ଓ ବିଣ— Hensa ne(le)khare tensa ବହୁଦୂର ସମ୍ପର୍କୀୟ ବନ୍ଧୁ; ବନ୍ଧୁର ବନ୍ଧୁ, ତାଙ୍କ ବନ୍ଧୁ, ଏହିପରି ବହୁଦୂର ସମ୍ପର୍କ ଗଣନାରେ ଯାହାକୁ ବନ୍ଧୁ ଆଖ୍ୟା ଦିଆଯାଇ ପାରେ;ଅଳିଅ ଲେଖାରେ ବାଳଅବନ୍ଧୁ—A very distantly related person.

ହେଁସୁଆଡି—ପ୍ରାଦେ (ସମ୍ବଲପୁର) ବି—ଜଳଜ ତୃଣବିଶେଷ; ମୁନ୍ଦୁସ୍ Hensuati ତୃଣ ହେବା ବେରୁଆଁ—A kind of aquatic reed or grass with which mats are woven.

ହେଁସେ—ଦେ. କ୍ରି ବିଣ—୧ । ଗୋଟାଏ ହେଁସ ଓଦା ହୋଇଯିବାଭଳି Hense (ମୂତିବା)—1.(To pass urine) Enough to wet a whole mat. ୨ । ଶୋଇଲେ ଗୋଟାଏ ହେଁସ ପୂର୍ଣ୍ଣ ହେବାଭଳି ସଂଖ୍ୟକ; ବହୁପରିମିତ (ସନ୍ତାନ-ସନ୍ତତି)—2. Too many (children); enough to fill up a whole mat while sleeping on it. ବିଣ—୧ । ବହୁ ପରିମିତ (ମୂତ୍ର)—1. A large quantity of (urine). ୨ । ବହୁସଂଖ୍ୟକ (ସନ୍ତାନ)—2. A great many (children); a brood or bevy of offsprings. [ଦ୍ର—ବହୁସଂଖ୍ୟକ ସନ୍ତାନ-ପ୍ରସବକାରୀ ଦମ୍ପତିଙ୍କ ସମ୍ବନ୍ଧେ ଲୋକେ କହି ଥାଆନ୍ତି,—ଅମୁକର ହେଁସେ ଛୁଆ)

ହେଁସେ ପିଲାଝିଲା (ପିଲା, ପିଲାପିଲି, ଛୁଆ)—ଦେ. ବି—ବହୁସଂଖ୍ୟକ Hense pilajhila (pila, pilapili, chhua) ସନ୍ତାନ-একশেষ ছেলেপিলে ସନ୍ତତି—A drood of offsprings एकगोंद्री बालबच्चा

ହେଁ ହାଁ—ଦେ. ଅ—(ଧ୍ୱନ୍ୟନୁକରଣ)—ଉଚ୍ଚହାସ୍ୟର ଧ୍ୱନି— Hen han Sound of loud laugh. हाहा हैं हैं

ହେଁ ହେଁ—ଦେ. ଅ—(ଧ୍ୱନ୍ୟନୁକରଣ)—୧ । ଉଚ୍ଚହାସ୍ୟର ଧ୍ୱନି— Hen hen 1. Sound of loud laugh. ୨। ଉପହାସାର୍ଥକ ଅବ୍ୟୟ—2. An exclamation of sneering. ବି—୧ । ଅଶ୍ୱର ହ୍ରେଷା—1. Neighing of a horse, ୨ । ଦୀର୍ଘ ଧ୍ୱନିକରି କାନ୍ଦିବାର ଶବ୍ଦ—2. Sound of a हाँहाँ हे हें हिनहिनाहट) long wail

ହେଁହେଁଇଆଁ—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଉଚ୍ଚହାସ୍ୟ କରେ— Henheinian Given to horse laugh; laughing (ହେଁହେଁଇ—ସ୍ତ୍ରୀ) (ହେଁହେଁୟାଁ—ଅନ୍ୟରୂପ) loudly. যে দাঁত বের করে হাসে हें हें करनेवाला

ହେଁହେଁକା—ଗ୍ରା. ଅ—୧ । ଉପହାସାର୍ଥକ ଅବ୍ୟୟ—1. An excla-Henhenka mation of sneering. ୨ । ପରିହାସାର୍ଥକ हें हें ଅବ୍ୟୟ—2. An exclamation of jesting. [ଯଥା हे हे —ଉକାର ! ସେଇ ସକରେ, ପାଣି ପଶିଗଲା ଭାଲସକରେ, ହେଁହେଁକା—ଶିଶୁବଚନ ।]

ହେଁହେଁ ଫେଁଫେଁ—ଦେ. (ଧ୍ୱନ୍ୟନୁକରଣ) ଅ—(ସହଚର ଶବ୍ଦ)—
Heñ heñ pheñ phen ଉଚ୍ଚୈଃସ୍ୱରରେ ହସିବା ଓ କଥା
হাহা হীহী କହିବା—Loud laugh and speech,
हैं हैं फें फें

ହେଁହେଁ ହେବା—ଦେ. କ୍ରି—୧ । ଉଚ୍ଚହାସ୍ୟ କରିବା—1. To
Heñ heñ hebā laugh loudly. ୨ । (ଘୋଡ଼ା)
হাহা কোরে হাসা · हैं हैं होना, हिनहिनाना ହ୍ରେଷାରବ କରିବା—
2. (a horse) To neigh. ୩ । ଦୀର୍ଘ ଧ୍ୱନି କରି
କାନ୍ଦିବା—3. To bemoan with long sounds.

ହେକାଇତି—ପ୍ରାଦେ (ଯାଜପୁର) କ୍ରି—ଜବରଦସ୍ତି—(ଦେଖ)
Hekāiti Jabardasti (See)

ହେଉ—ପ୍ରାଦେ (ପାଟଣା) ଅ—(କଳାହାଣ୍ଡି ଅଞ୍ଚଳ ପ୍ରଚଳିତ ଭାଷା)—
He u ସେଇଠି—There.

ହେକୁ(କ୍ୟୁ)ବା—ବୈଦେ. ବି—(ଗ୍ରୀକ୍ କବି ହୋମରଙ୍କ ରଚିତ ଇଲିଅଡ୍
Heku(kyu)bā କାବ୍ୟ ବର୍ଣ୍ଣିତ, ଟ୍ରୟ୍‌ର ରାଜା ପ୍ରାୟାମ୍‌ଙ୍କ
হেকুবা हेकुबा ଦ୍ୱିତୀୟପତ୍ନୀ—Hecuba—the second
wife of Priam, king of Troy (described in
Homer's Iliad). [ଦ୍ର—ଏ ସମୟରେ ଓ
ଏହାଙ୍କ ସନ୍ତାନ ସନ୍ତତିଙ୍କ ଶୋକରେ ଏ ବିଶେଷ କାତର
ହୋଇଥିଲେ । ଶେଷକୁ ଦେବ କୁଟରେ ଏ ଗୋଟିଏ
କୁକୁରୀ ପାଲଟି ଗଲେ ।]

ହେକ୍‌ଟର୍—ବୈଦେ. ବି. (ଗ୍ରୀକ୍ ନାମ)—ଗ୍ରୀକ୍ କବି ହୋମରଙ୍କ
Hektar ଲିଖିତ ଇଲିଅଡ୍ କାବ୍ୟ ବର୍ଣ୍ଣିତ ଟ୍ରୟ୍‌ର ରାଜା
হেক্টর हेक्टर ପ୍ରାୟାମ୍ ଓ ରାଣୀ ହେକ୍ୟୁବାଙ୍କ ପୁତ୍ର—
Hector, son of king Priam and queen
Hecuba of Troy. [ଦ୍ର—ଏ ବଡ଼ ବୀର ଥିଲେ ଓ
ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ ଖୁବ୍ ଲଢ଼ିଥିଲେ ଓ ଅଚିଲସ୍‌ଙ୍କ
ସଙ୍ଗେ ଯୁଦ୍ଧ କରି ପଳାଇ ଯାଉଥିବା ଅବସ୍ଥାରେ ଗ୍ରୀକ୍-
ମାନଙ୍କ ଦ୍ୱାରା ଏ ନିହତ ହୋଇଥିଲେ ।]

ହେଗ—ବୈଦେ. ବି (ନାମ)—ହଲାଣ୍ଡ୍‌ର ଅନ୍ତଃପାତୀ ଗୋଟିଏ ନଗର—
Heg Hague, a town in Holland.
হেগ हेग [ଦ୍ର—ଏଠାରେ ଇଉରୋପୀୟ
ଶକ୍ତିପୁଞ୍ଜର ଅନ୍ତର୍ଜାତୀୟ ଅଇନ ସମ୍ବନ୍ଧେ ସନ୍ଧିପତ୍ର
(The Hague Convention ଲିଖିତ ଓ ସ୍ୱାକ୍ଷରିତ
ହୋଇଥିଲା ।]

ହେଙ୍କା—ଗ୍ରା. ବି (ସଂ ହିକ୍କା)—ହିକ୍କା (ଦେଖ)—
Heṅkā Hikkā (See)

ହେଙ୍ଗ(ଙ୍ଗା)ମା (ଇତ୍ୟାଦି)—ବୈଦେ, ବି—ହାଙ୍ଗ୍‌ମା ଇତ୍ୟାଦି (ଦେଖ)—
Heng[ṅgā]mā[etc] Hāṅg-mā etc (See)

ହେଙ୍ଗଲା—ପ୍ରାଦେ (ସିଂହଭୂମି) ବିଣ—ଢ଼ିଲା; ଶ୍ଳଥ—
Henglā Loose; slack.

ହେଙ୍ଗଲା—ଦେ. ବିଣ—୧ । ମୂର୍ଖ (ଗୋପୀନାଥ ନନ୍ଦ)—
Heṅgalā 1. Illiterate. ୨ । ଅସତର୍କ;
গোঁয়ার गँवार ଅସାବଧାନ; ବାଉଳା—
হবালা बावला 2. Careless.

ହେଙ୍ଗା—ଦେ. ବିଣ. ପୁଂ [ଦେଖାଉଛି ବା ଅବଜ୍ଞାରେ ବ୍ୟବହୃତ]—
Heṅgā ଅକର୍ମା ବ୍ୟକ୍ତି—Good for nothing person.
ହେଙ୍ଗୀ } ସ୍ତ୍ରୀ— ପ୍ରାଦେ (ଯାଜପୁର) ବିଣ—ଅଯୋଗ୍ୟ—
ହେଙ୍ଗଣୀ } Unfit. ପ୍ରାଦେ (ସିଂହଭୂମି) ବି—
অকর্মা निकम्मा [ଭୁଲ ଏହି ଅର୍ଥରେ ହୁଏ ଶବ୍ଦ) ମଇ—
The ladder used in levelling a tilled
up plot.

ହେଙ୍ଗି ଦେବା - ପ୍ରାଦେ [ଗଡ଼ଜାତ] କ୍ରି—ଗେଞ୍ଜିଦେବା—
Heṅgi debā To poke.

ହେଙ୍ଗୁ—ଦେ. ବି—(ସଂ. ହିଙ୍ଗୁ) ହିଙ୍ଗୁ (ଦେଖ)—Hiṅgu (See)
Heṅgu [ଦ୍ର—ହେଙ୍ଗୁ ହୋଇ କହିବାରେ ପରିବ, ନାଁ, ମହମହ
হিঙ্গ,হিং ହୋଇ ବାସିବ—ପ୍ରଚଳିତ । ଉଭୟତ୍ର ଅଭିଷ୍ଟ ଅଶା
हींग ଲକ୍ଷ୍ୟ କରି ଏ ବ୍ୟଙ୍ଗ ବଚନ ବ୍ୟବହୃତ ହୁଏ ।]

ହେଙ୍ଗୁ ଅରକ (ଖ)—ଦେ. ବି—ହେଙ୍ଗୁରେ ସ୍ପିରିଟ୍ ଦ୍ରାବକ ମିଶାଯାଇ
Heṅgu araka (kha) ପ୍ରସ୍ତୁତ କରାଯିବା ଏକପ୍ରକାର ଡାକ୍ତରୀ
(ହେଙ୍ଗୁ ଅର୍କ—ଅନ୍ୟରୂପ) ଔଷଧ—Tincture Assafoetida.
হিঙ্গের আরক [ଦ୍ର—ଏହା କୋଷ୍ଠବଦ୍ଧ, ଶ୍ୱାସ ଓ ସ୍ତ୍ରୀଲୋକଙ୍କ
हींगकाअर्क ମୂର୍ଚ୍ଛା ରୋଗରେ ବ୍ୟବହୃତ ହୁଏ ।]

ହେଙ୍ଗୁ ଟା ହବ !—ଗ୍ରା. ଅ—(ବିରକ୍ତି ଓ ଆଶାଭଙ୍ଗଜନିତ ଉପଲକ୍ଷରେ
Heṅgu ṭā haba ବ୍ୟବହୃତ ବଚନ)—ସବୁକାମ ବିଗିଡ଼ି ଗଲା;
(ହେଙ୍ଗୁ ହବ—ଅନ୍ୟରୂପ) ଆଶା ସଫଳ ହେବ ନାହିଁ—(an
exclamation indicating frustration of
any hope) Everything has been spoiled.

ହେଙ୍ଗୁପାଣି—ଦେ. ବି—ହେଙ୍ଗୁମିଶା ଜଳ—Water in which
Heṅgu pāṇi Assafoetida has been dissolved.
হিংজল [ଉ—କୋଶଳା ବଡ଼ ସଂଯୁକ୍ତଂ, ଘୃତ କଦଳୀ ମିଶ୍ରିତଂ,
ହେଙ୍ଗୁପାଣି ସମାଯୁକ୍ତଂ, ଅନ୍ନଂ କରପତ୍ର ଯୋଜିତଂ—ଓଡ଼ିଆ
हींगुपानी ବ୍ୟଙ୍ଗ ଶ୍ଳୋକ ।]
[ଦ୍ର—କଡ଼ି ଉଅର କରାଯିବା ପାଇଁ ବଟା ବଦଳରେ ହେଙ୍ଗୁ-
ପାଣି ମିଶାଯାଏ ।]

ହେଙ୍ଗୁ ବଘାର—ଦେ. ବି—ଡାଲି ବଘାରିବାବେଳେ ହାଣ୍ଡି ମସଲା ସଙ୍ଗେ
Heṅgu bagharā ହେଙ୍ଗୁ ବା ହେଙ୍ଗପାଣି ମିଶାଇବା; ହେଙ୍ଗୁ
হিংয়ে সাঁতলানো ଦ୍ୱାରା ତରକାରୀକୁ ଛୁଙ୍କିବା—Seasoning of
हींग बघार curry with assafoetida. ବିଣ—
ଯେଉଁ ତରକାରୀରେ ବଘାରିବା ସମୟରେ ହେଙ୍ଗୁ ମିଶା
ଯାଇଥାଏ—(Curry) Seasoned with assa-
foetida.

ହେଙ୍ଗୁଳ—ଦେ. ବି—(ସଂ. ହିଙ୍ଗୁଳ)—ହିଙ୍ଗୁଳ (ଦେଖ)—
Heṅgula Hiṅgula (See). [ଦ୍ର—ହେଙ୍ଗୁଳା,
হিঙ্গুল ହେଙ୍ଗୁଳାଇ, ହେଙ୍ଗୁଳାଇବା ହେଙ୍ଗୁଳ, ହେଙ୍ଗୁଳିଆ
हींगुर ଇତ୍ୟାଦି ଶବ୍ଦମାନ ହିଙ୍ଗୁଳା, ହିଙ୍ଗୁଳାଇ ଇତ୍ୟାଦି
ଶବ୍ଦମାନଙ୍କ ତଳେ ଅନ୍ୟରୂପ ବୋଲି ଲେଖାଯାଇଅଛି ।]

ହେଙ୍ଗୁଲା (ଇତ୍ୟାଦି)—ଦେ. ବି—ହିଙ୍ଗୁଳା ଇତ୍ୟାଦି (ଦେଖ)—
Heñgulā (etc) Hiñgulā etc (See).

ହେଙ୍ଗୁଲା ବୋହିବା—ଦେ. କ୍ରି—(ଗ୍ରୀଷ୍ମ ଋତୁରେ ଦ୍ୱିପ୍ରହରବେଳେ)
Heñgulā bohibā ଝାଞ୍ଜି ବୋହିବା—Blowing of very
হল্কা বওয়া hot blasts of air (during the midday
लू चलना of summer season),

ହେଚ୍ଛୁମେ—ପ୍ରାଦେ·(ସମ୍ବଲପୁର)ଅ—(ପାଲ ଅଞ୍ଚଳ ବ୍ୟବହୃତ)—ଅଳ୍ପଦୂରେ
Hechhūme At a short distance.

ହେଜ—ବୈଦେ ବି—(ଅ· ଲିହାଜ୍)—୧ । ସ୍ମରଣ—1. Recollec-
Heja tion. ୨ । ସ୍ମରଣଶକ୍ତି—2. Memory. ୩ ।
লিহাজ ବିବେଚନା; ଅନୁମାନ—3. Guess. ୪ । ପାର୍ଥକ୍ୟ—4.
लिहाज Difference. ୫ । ପାର୍ଥକ୍ୟ ବିଚାର—5. Discri-
mination. [ଉ—କଣ ହେଜ ଅଛିଥାଇ ନ ରଖିଲ
ପାରକ ସ୍ଥିତି ହେଜ—ଭଞ୍ଜ. ବୈଦେହୀଶ ବିଳାସ ।]

ହେଜ କରିବା (ରଖିବା)—ଦେ· କ୍ରି—ସ୍ମରଣ କରିବା—To
Heja karibā (rakhibā) recollect; to refresh
লিহাজকরা लिहाज करना, यादकरना one's memory.

ହେଜଡ଼—ଦେ. ବିଣ. ପୁ—ହେଞ୍ଜଡ଼ା (ଦେଖ)—
Hejarda Heñjardā (See).
(ହେଜଡ଼ୀ—ସ୍ତ୍ରୀ)

ହେଜଡ଼ା—ଦେ. ବିଣ—୧ । ମାଗିଖିଆ; ରଙ୍କ (ଗୋପୀନାଥ ନନ୍ଦ)—
Hejardā 1. Beggar; miserly. ୨ । ହେଞ୍ଜଡ଼ା (ଦେଖ)—
মেগেখেকো मंगतुआ 2. Heñjardā (See).

ହେଜ ରହିବା—ଦେ. କ୍ରି—ମନେ ରହିବା; ଭୁଲି ନ ଯିବା; ବିସ୍ମୃତ
Heja rahibā ନ ହେବା—Not to be forgotten; to
লিহাজ থাকা लिहाज रहना, यादरहना be remembered.

ହେଜ ହେବା—ଦେ· କ୍ରି—ମନେ ପଡ଼ିବା—To occur to one's
Heja hebā mind; to be remembered.
মনে পড়া लिहाज हना याद हना

ହେଜା—ଦେ. ବି—୧ । ସ୍ମରଣ କରିବା—1. Recollection ୨ ।
Hejā ଉଲ୍ଲେଖ—2. Mention. [ଉ—ତେବେ ସେ ତାକୁ
মনে করা କରେ ପୂଜା, ଏମନ୍ତେ ଅଛି ଶାସ୍ତ୍ରେ ହେଜା—ପ୍ରାଚୀ
लिहाज ନିର୍ଗୁଣ ମାହାତ୍ମ୍ୟ । ପ୍ରାଦେ (ଗଞ୍ଜାମ) ବି—ଅନୁମାନ—
Guess.

ହେଜା(ଜେ)ଇବା—ଦେ. କ୍ରି—ହେଜିବା କ୍ରିୟାର ଣିଜନ୍ତରୂପ—The
Hejā(je)ibā causative form of Hejibā. ସ୍ମରଣ
মনে করান କରାଇବା;ମନେ କରାଇ ଦେବା; ଚେତାଇବା—To
लिहाज करवाना remind,

ହେଜାକୁ(ରେ) କହିବା—ପ୍ରାଦେ (ଗଞ୍ଜାମ) କ୍ରି—ଅନ୍ଦାଜରେ କହିବା;
Hejāku(re)kahibā ଅନୁମାନକରି କହିବା—To speak
any thing by guess.

ହେଜା ଲେଖା—ପ୍ରାଦେ (ଖଡ଼ିଅଳ) ବି—ହିସାବ—Account;
Hejā lekhā calculation. ବିଣ—ଅତ୍ୟନ୍ତ ହିସାବୀ—
Very calculating. [ଉ—ହେଜାଲେଖାର ଧନ
ମରେ, ଗୁଜଗୁଜିଆର ମାଇକ୍ଷୀ ମରେ । ଇତି ।]

ହେଜିବା—ଦେ. କ୍ରି—୧ । ଭାବିବା—2. To think. [ଉ—ତ
Hejibā କାର୍ଯ୍ୟ ଭୁମ୍ବର କି ଶକ୍ତି ଭୁମ୍ବର ହେଜ ହେଜ ଅନୁକ୍ଷଣ
(ହେଜହେବା—ଅନ୍ୟରୂପ)—ମଧୁସୂଦନ ଉତ୍କଳ ଗାଥା] ୨ । ସ୍ମରଣ
ভাবা କରିବା—2. To recollect· (ଉ—ଏହି ମହାବାକ୍ୟ
लिहाज करना ମନେ ମନେ ହେଜି ସବୁ ଗୁଣ ଭଜ ଲୋଭ ମଦ
ତେଜି—ଗୋପୀନାଥ ଦରବାର ।) ୩ । ପୂର୍ବ ବିଷୟକୁ
ସ୍ମରଣକୁ ଆଣିବାକୁ ଚେଷ୍ଟା କରିବା—3. To try to
recollect; to refresh one's memory.
(ଉ—ଗଜ ଗଜରବ ହେଜି ଗୋ, ଧୀରଭୃତେ ସଦା ଉତ୍ତମ
କରିବା, ଉତ୍ଫୁଲ୍ଲ ମୀନ ଚେତ ଗୋ—ଗୁରୁ ଲବଙ୍ଗଲତା,
ବାଳକୃଷ୍ଣ)—4. To distinguish; to find out.
[ଉ—ସମୁଦ୍ର ମଧ୍ୟେ ·ମାଟି ପୋତ କେ ହେଜିବ ।
କୃଷ୍ଣସିଂହ ମହାଭାରତ· ଆଦି] ୫ । ଗ୍ରାହ୍ୟ କରିବା;
ଖାତର କରିବା—5. To show regard for; to
care for. (ଉ—ସେ କାଣ୍ଡକୁ ନ ହେଜି ଅରଜୁନ ସୁତ,
ବାନ୍ଧିଲେ ସେହି କାଣ୍ଡମାନଙ୍କୁ ବହୁତ — କୃଷ୍ଣସିଂହ·
ମହାଭାରତ. ଭୀଷ୍ମ ।) ୬ । ଧ୍ୟାନ କରିବା—6 To
meditate. (ଉ—ଏମନ୍ତେ କୃଷ୍ଣରୂପ ହେଜି । ଭାବ
ଗଦ୍‌ଗଦେ ତସ୍ତୁ ବୁଜି । ଜଗନ୍ନାଥ. ଭାଗବତ)
୭ । ଜାଣିବା— 7. To know.
(ଉ—ଯାହା ମାଗିଲ ବର ପୁତ୍ର ସେ କଥା ଅଛଇ ମୁଁ
ହେଜି—ଜଗନ୍ନାଥ· ଭାଗବତ ।) ୮ । ଢୁଣ୍ଡିବା;
ଖୋଜିବା—8. To trace; to find out· [ଉ—
ବସ୍ତୁ ଅବ ପ୍ରକୃଲେ ଅର୍ଦ୍ଧଚନ୍ଦ୍ରର ଛଳେ ଗୁପ୍ତ ହେଜି
ପ୍ରୟୋଗ କଲେ ସେ—ଭଞ୍ଜ. ବୈଦେହୀଶବିଳାସ ।]

ହେଜୁଆ—ଦେ. ବିଣ. ପୁ—ଯେ ପୂର୍ବ କଥାକୁ ସ୍ମରଣ ରଖିପାରେ—
Hejuā Able to remember things of a retentive
মনে রখিতে·পটু यादरखनेवाला memory.
[ହେଜୁ(ଜୋ)ଇ—ସ୍ତ୍ରୀ].

ହେଞ୍ଜ(ଞ୍ଜେ)ଡ଼ା—ଦେ. ବିଣ ପୁଂ—୧ । ହେହେବା; ଯେ ସର୍ବଦା ଉଚ୍ଚ
Heñja(ñje)rdā ହାସ୍ୟ କରେ—1. Given to loud
laugh. ୨ । ନିର୍ଲଜ୍ଜ— . Shameless. ୩ ।
ହେଞ୍ଜଲା (ଦେଖ)—3. Heñjalā (see).
(ହେଞ୍ଜଡ଼ୀ—ସ୍ତ୍ରୀ) হিজড়া बेहाया

ହେଞ୍ଜ(ଞ୍ଜେ)ଲା—ଦେ. ବି ଓ ବିଣ—ପୁଂସତ୍ୱ ବହୀନ ପୁରୁଷ—
Heñja(ñje)lā An impotent person (male)
(ହେଞ୍ଜଲୀ—ସ୍ତ୍ରୀ) দীঞ্জড়া हीजडा

ହେଟ୍—ଦେ· ଅ—୧ । ଗାଡ଼ିର ଘୋଡ଼ାକୁ ଚଳାଇବାବେଳେ ଚାଳକଙ୍କ
Het ଉଚ୍ଚାରିତ ଧ୍ୱନି—1. Sound uttered by a driver
in gading a horse in a carriage. ୨ । ହଟ୍;
ମନୁଷ୍ୟକୁ ବା ଜନ୍ତୁକୁ ପଛକୁ ହଟାଇବାପାଇଁ ଉଚ୍ଚାରିତ
ଶବ୍ଦ—2. A sound uttered while directing
হেট্ हट a person or animal to move back.

ହେଟ୍‌ରେଇବା—ଦେ. କ୍ରି—ପୁନଃ ପୁନଃ ବରକ୍କୁ କଉ କହିବା—
Het-reibā To ply with importunities; to
হেটরান বারম্বারতক্কুকরনা importune.

ହେଟ ହେଟ୍—ପ୍ରାଦେ (ଉତ୍ତରଅଳ) ଅ—ଘୋଡ଼ା ଚଳାଇବା ବେଳେ
Het het ଉଚ୍ଚାରଣ ଶବ୍ଦ—Sound uttered by a driver
while driving a horse.

ହେଟ(ଠ)—ଦେ. ବଣ—(ସ ଅଧଃ; ପାଲି – ହେଟ୍‌ଠା; ପ୍ରା ହେଟ୍‌ଠ=
Heta(tha) ସଂ. ଅଧଃ; ସ ଅଧସ୍ତଃ=ପ୍ରା ଅହୃଟ୍‌ଠ) ୧ । ନତ—
হেঁট 1. Bent. ୨ । ତମ୍ଭକୁ ନତ; ତଳଆଡ଼କୁ ନଇଁଥିବା—
हेठ 2. Bent downwards. [ଭ—ଶିର କର ହେଟ; ନ
ପଞ୍ଜାବୀ. ହେଠ ପୁରଇ ସେଟ; କଶ୍ମୀର ସାଚ୍ଚ ନକାଶି—ଘଟାଶ୍ରୀ
ସ୍. ହେଟେ, ସିନ୍ଧୁ. ହେଟେ) — ଗୀତଲହରୀ]

ହେଟ(ଠ) କରିବା—ଦେ. କ୍ରି—ନୁଆଁଇବା; ତମ୍ଭକୁ ନତ କରିବା—
Heta(tha) karibā To bend downwards; to bow
হেঁট করা हेठा करना down.

ହେଟ(ଠ)ବଦନ (ମୁଖ, ମାଥ)—ଦେ. ବ—ଅଧୋବଦନ; ଅବନତ
Heta(tha) badana (mukha, mātha) ମସ୍ତକ; ଲଜ୍ଜାବି-
[ହେଟ(ଠ)ମୁହିଁ—ଅନ୍ୟରୂପ] ନତ ମସ୍ତକ; ତମ୍ଭକୁ ନତ ମସ୍ତକ—
Face bent downwards; drooping head.
[ଭ—ହୋଇଅଛ ହେଟ ମୁଖ ଯେ; ଭୂମି ଉରେ ସଦ ନଖ
ଯେ—ବୈଷ୍ଣନାଥଂ ଚରିତ ସୁମାଯୁଣୀ) , ବଣ, ପୁଂ—ହେଟ-
হেঁটমাথা हेटबदन ମୁହାଁ (ଦେଖ) —Hetamuhān (See
[ହେଟ(ଠ)ବଦନା, ହେଟ(ଠ)ମୁଣ୍ଡୀ—ସ୍ତ୍ରୀ. ବଣ]

ହେଟ(ଠ)ମୁହାଁ—ଦେ. ବଣ ପୁଂ—୧ । ଅଧୋବଦନ; ଅଧୋମସ୍ତକ;
Heta(tha)muhān ଲଜ୍ଜା ବା ଶୋକରେ ଯାହାର ମୁଣ୍ଡ ତଳକୁ
[ହେଟ(ଠ)ମୁହାଁ—ସ୍ତ୍ରୀ] ହୋଇ ଅଛି—1. With face bowed
down; with a drooping head (due to
shame or grief). ୨ । ଗୋଲାମୁହାଁ—2. One
হেঁটবদন हेठमुँहा who has his face bent down.

ହେଟ(ଠା)—ଦେ. ବ—(ସ, ହେଡ୍ ଧାତୁ=ହେଟ୍‌ଦେବା; ଅବଜ୍ଞା
Hetā(thā) କରିବା; ଏ ମନୁଷ୍ୟକୁ ଦେଖିଲେ ହେଟଦିଏ—
(ହେଟା ବାଘ—ଅନ୍ୟରୂପ) ଓ ଦାନ୍ତ ଦେଖାଏ ବୋଲି; ସ.
ନାମ ତରକ୍ଷୁମୃଗ) ଗଧିଆ ବାଘ—Hyena; Hyena
Striata. ପ୍ରାଦେ (ଯାଜପୁର) ବଣ—ଟେଣ୍ଟା—
Disobedient; refractory. (ଯଥା—ହେଟା ଟୁକର)
ପ୍ରାଦେ (ଗଡ଼ଜାତ) ସର୍ବନାମ—୧ । (ବସ୍ତୁ ବା ବ୍ୟକ୍ତି
ନିର୍ଦ୍ଦେଶକ) ଏଇଟା—1. This. ୨ । (ଅବଜ୍ଞାର୍ଥକ)
ସେଇଟା; ସେଇଠା—2. That (in contempt).
୩ । ସେ ସ୍ଥାନ; ସେଠା—3. That place; there.
নেকড়েবাঘ, হোঁদড় हुंडार,लक्कड़बग्घा
लगड़ भेड़िया

ହେଟା(ଟେ,ଠା,ଠେ)ଇବା—ଦେ. କ୍ରି—୧ । କଥା କହିଲାବେଳେ ଯୋଗ
Hetā(te, thā, the)ibā ଦେଇ ବା ଉତ୍ସାହିତ କରି
যুগিয়ে দেওয়া समालना ବକ୍ତାକୁ ସାହାଯ୍ୟ ଦେବା—
1. To help a speaker; to encourage or
prompt a speaker by supporting him.
୨ । ପଛରୁ ଥାଇ ସାହାଯ୍ୟ କରିବା ବା ଉତ୍ସାହିତ କରିବା—
2. To help or encourage a person from
নোয়ান नवाना behind. ୩ । ନୁଆଁଇବା
ନମ୍ର କରିବା—3. To bend. ୪ । ଯଥେଷ୍ଟ ହେବା;
ଅଣ୍ଟିବା—4. To suffice. (ଯଥା—ଏ ଘରବାଡ଼ି
ଏତେ ଲୋକଙ୍କୁ ହେଟେଇବ ନାହିଁ ।)

ହେଟାଗଡ଼ିଆ—ପ୍ରାଦେ (ଯାଜପୁର) ବଣ—ଅବୁଡ଼ାଖାବୁଡ଼ା; ଅସମତଳ—
Hetāgardiā Rough; of uneven surface.

ହେଟାଗାଣ୍ଡି—ଦେ. ବ (ହେଟାମାନଙ୍କ ଦେହ ତୁଳନାରେ ପିଚ୍ଛ ଓ ଅଗ
Hetāgāndi ଗୋଡ଼ ଅପେକ୍ଷା ପଛ ଗୋଡ ସାନ ଓ ପିଠିର
নেকড়ে পোঁদ लगड़बग्गांड़ ଅଗ ଅପେକ୍ଷା ଶେଷଅଡ଼
କମ୍ପ ଓ ଅସୁନ୍ଦର ଦେଖା ଯାଉଥିବାରୁ)—ହେଟା ପରି
ଅସୁନ୍ଦର ନତ ପିଚ୍ଛ—Low and small buttocks
like those of a hyena.

ହେଟାଗାଣ୍ଡିଆ—ଦେ. ବଣ—ଯେଉଁ ବ୍ୟକ୍ତିର ପିଚ୍ଛ ହେଟାର ଗାଣ୍ଡି ପରି
Hetāgāndiā ଅସୁନ୍ଦର—Having unseemly
(ହେଟାଗାଣ୍ଡେଇ—ସ୍ତ୍ରୀ) and small buttocks like
নেকড়ে পোঁদা लगड़गांडी the hyena.

ହେଟାଗୁ(ଗୋ)ଡ଼ି—ପ୍ରାଦେ (ଗଞ୍ଜାମ) ବ—କେଡ଼ୁଡ଼େଇବା ଦଣ୍ଡ;
Hetāgu(go)rdi ପୂର୍ବକାଳରେ ପ୍ରଚଳିତ ଦଣ୍ଡବିଶେଷ—
A punishment (formerly in vogue) consisting of making a person to bend by
standing like a hyena with the two feet
and the two palms set on the ground
[ବ୍ର—ଏଥିରେ ଦୁଇ ନିଜ ଗୋଡ଼କୁ ଓ ଦୁଇ କରତଳକୁ
ଭୂଇଁରେ ଲଗାଇ ଠିଆ ହେବା ଅବସ୍ଥାରେ ନଇଁ ପଡ଼ିବାକୁ
ହୁଏ । ଏପରି କଲେ ହେଟା ପରି ଅଗଭାଗ ଉଚ୍ଚ
ଓ ପଛଭାଗ ନୀଚ ଦେଖାଯାଏ । ତେଣୁ ଏ ଦଣ୍ଡର ନାମ
ଏପରି ଦିଆ ଯାଇଥିଲା ।]

ହେଟା ଦର—ପ୍ରାଦେ (ବାଲେଶ୍ୱର) ବ — ଅନାଦର —
Hetā dara Disregard; contempt; derision.
(ଭ— × × × ବାହୁଁ ଗୋଟାଏ ଅଛି
ମୋ ତୁଳ୍ୟଲୁ ହେଟାଦର କରିବ, ମାଛେଉଣ୍ଡି କାନ୍ଦିବ—
ତା ତଳେ ସହି ପାରିବ ନାହିଁ—ଫକୀରମୋହନ
ଗଳ୍ପସ୍ୱଳ୍ପ)

ହେଟା ମୁଣ୍ଡ—ପ୍ରାଦେ (ଉତ୍ତରଅଳ) ବଣ (ହେଟାର ମୁଣ୍ଡ ଦାନ୍ତ ଅପେକ୍ଷା
Hetā munda ନତ ହୋଇଥିବାରୁ)—ନତମସ୍ତକ—Down-
(ହେଟାମୁଣ୍ଡିଆ—ଅନ୍ୟରୂପ) faced; with head bowed
down.

ହେଟାମୁଣ୍ଡିଆ—ଦେ. ବଣ—ହେଟା ପରି ଯେଉଁ ପଶୁର ମୁଣ୍ଡ ଦାନ୍ତ
Hetā mundiā ଅପେକ୍ଷା ନତ ହୋଇଥାଏ—
নেকড়েমুখো लगड़मुंडा (aquadruped)

Having the head at a lower level than the shoulder. ବ—ବହୁଶାଖାଯୁକ୍ତ ଗୁଳ୍ମ ବିଶେଷ— A species of plant having many branches; Trichodesma Indicum (Haines.) (ଦ୍ର—ଏହା ୧ ରୁ ୧୪ ଫୁଟ ଯାଏ ଉଚ୍ଚ ହୁଏ; ଫୁଲ ଧଳା ମିଶା ନେଳଅ

ହେଠାର—ପ୍ରାଦେ(ପାଠଣା)ଅ (ମାଳ ଅଞ୍ଚଳ ବ୍ୟବହୃତ ଭାଷା) ସେଥିପାଇଁ—
Heṭāra For that; therfore.

ହେଠାଳୁଲିଆ—ପ୍ରାଦେ (ଖଡ଼ଜାତ) ବ—ବନ୍ୟ ଗୁଳ୍ମ ବିଶେଷ—
Heṭā hulia A wild plant
[ଦ୍ର—ଏହାର ଫୁଲ ଡାଳକୁ ମୁଣ୍ଡ କରଥାଏ ।]

ହେଟି(ଠି)—ଦେ. ଅ—(ନିର୍ଦ୍ଦେଶାର୍ଥ) ହେଇଟି—Look there !
Heṭi(ṭhi) there it is ! [ଭ—ହେଇଟି ଦେଖ, ହେଟି ঐদেখ यहाँ ମାଳେଟି ଭୁଞ୍ଜ ଭୁଠାରେ । ନନ୍ଦକ ଉଦ୍ଧୃତ ସଙ୍ଗୀତ ।] ପ୍ରାଦେ (ଗଡ଼ଜାତ) ସର୍ବନାମ—ସେଠି; ସେଠାରେ—There.

ହେଟିଣି(ନି)—ଗ୍ରା. ଅ ଓ ସର୍ବନାମ—ହେଟି (ଦେଖ)—
Heṭiṇi(ni) Heṭi (See).

ହେଟି(ଠି) ଦେବା—ଦେ. କ୍ରି—(ସ. ହେଟ୍. ଧାତୁ=ଅବଜ୍ଞା କରିବା)—
Heṭi(ṭhi) debā ୧ । ମାନ୍ୟ ବ୍ୟକ୍ତିଙ୍କୁ ଅବଜ୍ଞା କରିବା— অবহেলা করা अनादर करना 1.To disregard; to slight.
[ହେଟି(ଠି)ବା—ଅନ୍ୟରୂପ] ୨ । ଆଦେଶକୁ ଲଙ୍ଘନ କରିବା— —2.To disobey an order. ୩ । (ଭୃତ୍ୟ ବା ପିଲା) ସ୍ୱାମୀଙ୍କ ବା ଗୁରୁଜନଙ୍କ କଥାର ଅବଜ୍ଞାସୂଚକ ଉତ୍ତରଦେବା 2. To give taunting reply to a master's or guardian's commands.

ହେଟେଟେ—ପ୍ରାଦେ (ପାଠଣା) ବଣ—ବେଶୀ—
Heṭete Much.

ହେଠ୍(ଧାତୁ)—ସ.—୧ । ବାଧାଦେବା (ଶବ୍ଦ କଳ୍ପଦ୍ରୁମ)—1. To
Heṭh (root) obstruct; to impede. ୨ । ଅବଜ୍ଞା କରିବା—2. To disregard; to slight.

ହେଠ—ସ. ବ—(ହେଠ୍. ଧାତୁ+ଭାବ ଅ)—୧ । ବାଧା (ମେଦିନୀ)—
Heṭha Obstruction; impediment. ୨ । କ୍ଷତି— 2. Loss; injury. ଦେ ବଣ—ହେଟ (ଇତ୍ୟାଦି) (ଦେଖ)—Heṭa etc (See). (ଭ—କେବେହେଁ ନ କହେ କାଣୀ ହେଠ ବଚନ, ଦେଖିଣ ଭ୍ରମର କୋପ ବାଲ୍ୟବ ମନ । ପ୍ରାଚୀ. ଶଶିରେଣା)

ହେଠାନେ—ପ୍ରାଦେ (ବାଲେଶ୍ୱର ପାଠଣା) ସର୍ବ—ସେ ସ୍ଥାନରେ;
Heṭhāne ସେଠାରେ—In that place; there.

ହେଠୁ(ଠୁଁ)—ଗ୍ରା. ଅ—ଏଠୁଠାରୁ; ଏଠାରୁ—From this place.
Heṭhu(ṭhuñ) হেথা থেকে यहाँसे

ହେଡ୍(ଧାତୁ)—ସ.—୧ । ବେଷ୍ଟନ କରିବା (ଦୁର୍ଗାଦାସ)—1. To en-
Heḍ(root) velop; to surround. ୨ । ବାଡ଼ ଘେରାଇବା;ବାଡ଼ ବୁଲାଇବା—2. To fence round. ୩ । ଘୃଣା କରିବା—3. To hate; to express contempt. ୪ । ଅବଜ୍ଞା କରିବା—4. To disregard; to slight. ବୈଦେ. ବ. (ଇଂ)—୧ । ମସ୍ତକ; ହେଡିଙ୍ଗ—1. Head; item; heading.
হেড্ हेड (ଯଥା—ଏ ଖବରର କେଉଁ ହେଡ଼ରେ ଲେଖାଯିବ?)
୨ । ମସ୍ତିଷ୍କ; ବୁଦ୍ଧି — 2. Brain; intellect. (ଯଥା—ଏ ପିଲାଟାର ଗଣିତରେ ଭଲ ହେଡ଼ ଅଛି) ବଣ—(ଅନ୍ୟ ଶବ୍ଦ ପୂର୍ବ ଯୁକ୍ତ ହୁଏ) ନେତୃ ସ୍ଥାନୀୟ—
Headi principal; chief. (ଦ୍ର—ଏହି ଇଂରାଜୀ ଶବ୍ଦ ଅନ୍ୟ ଇଂରାଜୀ, ଯାବନିକ ଓ ସଂସ୍କୃତୋଦ୍ଭବ ଶବ୍ଦ ପୂର୍ବେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଯଥା—ହେଡ଼ ମାଷ୍ଟର, ହେଡ଼ ମୌଲବୀ ହେଡ଼ ପଣ୍ଡିତ ଇତ୍ୟାଦି)

ହେଡ଼ଅ(ଆ)ଫିସ୍—ବୈଦେ. ବ—(ଇଂ.)—ସଦର ବା ରାଜଧାନୀରେ
Hed a(ā)phis ଥିବା କୌଣସି ବିଭାଗର ସର୍ବୋଚ୍ଚ କାର୍ଯ୍ୟାଳୟ— হেড্ অফিস हेडअफिस Head office.

ହେଡ଼ଅମୀନ୍—ବୈଦେ ବ—(ଇଂ. ହେଡ୍ ଓ ପା. ଅମୀନ୍)—
হেড্ আমিন हेडअमीन ଜମି ମାପିବା କର୍ମଚାରୀମାନଙ୍କ ମଧ୍ୟରେ ପ୍ରଧାନ କର୍ମଚାରୀ—Head amin; head surveyor.

ହେଡ୍ ଆସିଷ୍ଟାଣ୍ଟ—ବୈଦେ. ବ—(ଇଂ)—ଉଚ୍ଚ କର୍ମଚାରୀ ବା ହାକିମଙ୍କ
Hed asishṭānṭ ସିରସ୍ତାଦାର—Head assistant.
হেড্ আসিষ্টাণ্ট हेडअसिस्टेण्ट

ହେଡ୍ ଏକ୍‌ଜାମିନର୍—ବୈଦେ. ବ—[ଇଂ]—ଛାତ୍ରମାନଙ୍କ ପରୀକ୍ଷା
Hed ekjāminar କରିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଧାନ
হেড্ একজামিনর ବ୍ୟକ୍ତି—Head examiner.
हेडएक्यामिनेनन

ହେଡ଼ କନ୍(ନି)ଷ୍ଟବଲ୍—ବୈଦେ. ବ—ଇଂ)—କନଷ୍ଟବଲ୍‌ମାନଙ୍କ
Hed kan(ni)shṭabal ମଧ୍ୟରେ ସର୍ଦ୍ଦାର—Head constable.
হেড্ কনষ্টবল हेड कनिस्टेबिल

ହେଡ୍ କିରାଣୀ (ଣି) —ବୈଦେ ବ—(ଇଂ ହେଡ୍ ଓ ଫା-କିରାଣୀ)—
Hed kirāṇi ni) ହେଡ୍ କ୍ଲର୍କ (ଦେଖ)—Hed klark
হেড্ কেরাণী हेडकिरानी (See)

ହେଡ୍‌କୁଆର୍ଟର (କ୍ୱାର୍ଟର)—ବୈଦେ. ବ—(ଇଂ.)—ହାକିମଙ୍କ ସଦର
Hed kuārṭar (kwārṭar) ମୁକାମ; ରାଜଧାନୀ—Head-
(ହେଡ୍ କ୍ୱାର୍ଟର୍ସ—ଅନ୍ୟରୂପ) quarters.
হেডকার্টর हेडक्वाटर

ହେଡ୍‌କୁଲି—ବୈଦେ, ବ—(ଇଂ ହେଡ୍ ଓ ତୁର୍କୀ. କୁଲି)—କୁଲି
Hed kuli ସର୍ଦ୍ଦାର—Head cooly; head labourer.
হেডকুলি हेडकुलि

ହେଡ୍ କ୍ଲ(କ୍ଲା)ର୍କ—ବୈଦେ. ବ—(ଇଂ)—କାର୍ଯ୍ୟାଳୟରେ କିରାଣୀଙ୍କ
Hed kla(klā)rk ମଧ୍ୟରେ ପ୍ରଧାନ ବ୍ୟକ୍ତି—Head clerk.
হেড ক্লার্ক हेडक्लार्क

ହେଡ୍‌ନୋଟ୍—ବୈଦେ.ବ—(ଇଂ)—ପ୍ରତ୍ୟେକ ଅଧ୍ୟାୟର ବା ନଜିର୍‌ର
Hed noṭ ଆରମ୍ଭରେ ଉକ୍ତ ଅଧ୍ୟାୟରେ ବା ନଜିର୍‌ରେ ଲିଖିତ
হেডনোট ବିଷୟର ସାରାଂଶ ବା ଟୀକା—Headnote of
हेडनोट every chapter or ruling.

ହେଡ୍‌ପଣ୍ଡିତ—ଦେ. ବ—(ଇଂ ହେଡ୍ ଓ ସ. ପଣ୍ଡିତ)—ସ୍କୁଲ ଓ
Hed pandita ଦେଶୀୟ ଭାଷା ଶିକ୍ଷା ଦେବାପାଇଁ ନିଯୁକ୍ତ
ହেডপণ্ডিত ପଣ୍ଡିତମାନଙ୍କ ମଧ୍ୟରେ ପ୍ରଧାନ ପଣ୍ଡିତ—Head-
हेडपंडित pandit.

ହେଡ୍ ପିଅ(ଉ)ନ୍—ବୈଦେ. ବ—(ଇଂ)—ପିଅନମାନଙ୍କ ସର୍ଦ୍ଦାର—
Hed pia(u)n Head peon.
হেডপিওন हेडपिउन

ହେଡ୍‌ବଏ—ବୈଦେ. ବ—(ଇଂ)—୧ । କ୍ଲାସରେ ଯୋଗ୍ୟଭାବରେ
Hed bae ସର୍ବପ୍ରଥମ ସ୍ଥାନ ଅଧିକାର କରିବା ଛାତ୍ର—1. Head
হেডবয় boy in a class. ୨ । କ୍ଲାସର ଅନ୍ୟ ଛାତ୍ରଙ୍କ ପ୍ରତିନିଧି
हेड्‌बाय ରୂପେ ନିଯୁକ୍ତ ଉତ୍ତମ ବାଳକ; ବଡ଼ଛାତ୍ର—2. The monitor of a class.

ହେଡ୍ ବାବୁ—ଦେ. ବ (ଇଂ. ହେଡ୍ ଓ ଦେ. ବାବୁ)—ଅଫିସର ବାବୁ
Hed bābu ବା ଦେଶୀୟ କର୍ମଚାରୀଙ୍କ ମଧ୍ୟରେ ପ୍ରଧାନ କର୍ମଚାରୀ
হেড় বাবু —Head babu of an office.
हेड बाबू

ହେଡ୍ ମୌଲବି(ମୌଲବି)—ବୈଦେ. ବ (ଇଂ. ହେଡ୍ ଓ ଅ. ମୌଲଭୀ)
Hed maulabi(maulabi) ଛାତ୍ରମାନଙ୍କୁ ଆରବୀ,ଉର୍ଦ୍ଦୁ ବା ପାରସୀ
হেড় মৌলবী ଭାଷା ଶିଖାଉଥିବା ଶିକ୍ଷକମାନଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ
हेड मौलवी —Head moulvi.
(ହେଡ୍ ମଉଲ୍‌ବି, ହେଡ୍ ମୌଲ୍‌ବି, ହେଡ୍ ମୌଲ୍‌ବି—ଅନ୍ୟରୂପ)

ହେଡ୍ ମା(ମେ, ମ୍ୟା)ନ୍—ବୈଦେ. ବ (ଇଂ)—୧ । ଗ୍ରାମର ମୁଖିଆ
Hed mā(me, myā)n ବ୍ୟକ୍ତି; ଯେ ଗ୍ରାମବାସୀମାନଙ୍କ ପକ୍ଷରୁ
হেড় ম্যান ପ୍ରତିନିଧି ସ୍ୱରୂପ ସରକାର କର୍ମଚାରୀଙ୍କ ସଙ୍ଗେ ସମ୍ପର୍କ
हेड मेन ରଖନ୍ତି—1. Village headman. ୨ । ଜାତି-
ଭାଇଙ୍କ ମଧ୍ୟରେ ସର୍ଦ୍ଦାର—2. Headman of a caste-guild.

ହେଡ୍ ମାର୍କ—ବୈଦେ. ବ (ଇଂ)—ଛାତ୍ରମାନଙ୍କୁ ପ୍ରଦତ୍ତ ପ୍ରଶ୍ନର ସମ୍ପୂର୍ଣ୍ଣ
Hed mārk ନିର୍ଦ୍ଦୋଷ ଓ ସନ୍ତୋଷଜନକ ଉତ୍ତର ଦେବା
হেড় মার্ক ପିଲା ଯେତେ ନମ୍ବର ପାଇବ; ପ୍ରଶ୍ନୋତ୍ତରାର୍ଥ
हेड मार्क ନିର୍ଦ୍ଦିଷ୍ଟ ପୁରା ନମ୍ବର—Head mark.

ହେଡ୍ ମାଳି—ଦେ. ବ (ଇଂ. ହେଡ୍ ଓ ସ. ମାଳାକାର)—ଉଦ୍ୟାନ
Hed māli ରକ୍ଷକ ମାଳୀମାନଙ୍କର ସର୍ଦ୍ଦାର—Head māli;
হেড় মালি हेड माली head gardener.

ହେଡ୍ ମାଷ୍ଟର୍—ବୈଦେ. ବ. ପୁଂ(ଇଂ)—୧ । ବିଦ୍ୟାଳୟର ପ୍ରଧାନ
Hed māshtar ଇଂରାଜ ଶିକ୍ଷକ—1. Head master of
হেড় মাষ্টার a school. ୨ । ଇଂରାଜ ବିଦ୍ୟାଳୟର ପ୍ରଥମ
हेड मास्टर ଶିକ୍ଷକ—2. Head master.

ହେଡ୍ ମାଷ୍ଟରୀ—ଦେ.ବିଣ—ହେଡ୍ ମାଷ୍ଟରଙ୍କ କର୍ମ—The post
Hed māshtari or work of a head master; head
হেড় মাষ্টারী हेड मास्टरी mastership.

ହେଡ୍ ମିଷ୍ଟ୍ରେସ୍—ବୈଦେ. ବ. ସ୍ତ୍ରୀ (ଇଂ)—ବାଳିକା ବିଦ୍ୟାଳୟର
Hed mishtres ପ୍ରଧାନ ଶିକ୍ଷୟିତ୍ରୀ—Head
হেডমিষ্ট্রেস हेडमिस्ट्रेस mistress

ହେଡ୍ ମିସ୍ତିରୀ (ମିସ୍ତ୍ରୀ)—ବୈ. ଦେ. ବ—(ଇଂ. ହେଡ୍ ଫା. ମିସ୍ତ୍ରୀ)—
Hed mistiri (mistri) ରାଜ ବା କାରିଗରମାନଙ୍କ ସର୍ଦ୍ଦାର—
হেডমিস্ত্রী हेडमिस्त्री Head mason; head mistry.

ହେଡ୍ ଲାଇଟ୍—ବୈଦେ. ବ—(ଇଂ)—ମଟର୍ ବା ରେଳଗାଡ଼ି ଆଦିର
Hed lāit ସାମନାରେ ଥିବା ଖୁବ୍ ଉଜ୍ଜ୍ୱଳ ଆଲୁଅ (ଯାହାଦ୍ୱାରା
হেডলাইট ଅଗର ସବୁପଦାର୍ଥ ସ୍ପଷ୍ଟରୂପେ ଦେଖାଯାଏ)—Head-
हेडलाइट light.

ହେଡ୍‌ଲାଇନ୍(ନି)—ବୈଦେ. ବ—(ଇଂ. ହେଡ୍ ଲାଇନ୍)—ବହିର
Hed lāin(ni) ପ୍ରତ୍ୟେକ ପୃଷ୍ଠାରେ ଲେଖାଥିବା ବିଷୟର
হেডলাইন ଚମ୍ବୁକ ସୂଚନା ଲେଖା ହୋଇଥିବା ଧାଡ଼ି, ଯାହା
हेडलाइन ପୃଷ୍ଠାର ଶିରୋଦେଶରେ ଥାଏ—Head-line.

ହେଡ୍ ସଇ(ହି)ସ (ସୈସ)—ବୈଦେ. ବ—(ଇଂ ହେଡ୍ ଓ ଫା. ସାଇସ)
Hed sai(hi)sa(saisa) ଘୋଡ଼ା ସଇସମାନଙ୍କ ସର୍ଦ୍ଦାର—A
হেডসইস हेडसाइस head groom for horses.

ହେଡ୍ ସ୍ଲୁଇସ୍—ବୈଦେ. ବ—(ଇଂ)—ଆନିକଟ୍‌ରେ ବା କେନାଲ୍‌ରେ
Hed sluis ପାଣି ଯିବାପାଇଁ ନିର୍ମିତ ଫୁକାମାନଙ୍କ ମଧ୍ୟରେ
হেড় শ্লুইস ସବୁଠାରୁ ବଡ଼ ଫୁକାର—Head-sluice of an
हेडस्लुईस anicut.

ହେଡ଼ଜ—ବ—ସ(ହେଡ଼୍. ଧାତୁ + କରଣ. ଅଜ)—କ୍ରୋଧ
Herdaja (ଶବ୍ଦକଳ୍ପଦ୍ରୁମ)—Anger; rage.

ହେଡ଼ା—ଦେ. ବ—(ସ, ହଡ଼ଡ=ହାଡ଼)—୧ । ହାଡ଼ଯୁକ୍ତ ମାଂସ—1
Herdā Meat attached to bone. ୨ । ଗୋମାଂସ—2
গোমাংস Beef. ୩ । ନିକୃଷ୍ଟ ଜନ୍ତୁର ମାଂସ—3. Meat of
हेड़ा, गोमांस an infer; or animal. ୪ । ପଚାମାଂସ—4. Rotten meat.

ହେଡ଼ାଖିଆ—ଦେ. ବଣ. ପୁଂ—୧ । ଗୋମାଂସ ଭୋଜୀ; ଯେଉଁ ବ୍ୟକ୍ତି
Herdā khiā ଗୋମାଂସ ଆହାର କରେ—1. Beef-eating;
(ହେଡ଼ାଖାଈ—ସ୍ତ୍ରୀ) partaking of beef. ୨ । (ଗାଳି) ନଷିଦ୍ଧ
গোখাদক ମାଂସ ଖାଦକ—2. Partaking of forbidden
गोमांसखानेवाला meat. ବ—ଗୋମାଂସ ଖାଦକ ବ୍ୟକ୍ତି—
A beef eater.

ହେଡ଼ାଖିଆ କାମ—ଦେ. ବ—(ଲକ୍ଷଣାର୍ଥ)—ନିକୃଷ୍ଟ, ଜଘନ୍ୟ ଓ
Herdākhiā kāma ନିଷିଦ୍ଧ କାର୍ଯ୍ୟ—(figurative) Re-
গোখাদকী কাজ prehensible and forbidden act.
नीचकाम [କ୍ରି—ଯେଉଁ ବ୍ୟକ୍ତି ପରଦାର ବା ଚୋର ଆଦି କରିଥାଏ
'ସେ ହେଡ଼ାଖିଆ ବା ଗୁହଖିଆ କାମ କଲା'
ବୋଲି ଲୋକେ କହାକହି କହନ୍ତି ।]

ହେଡ଼ାବୁକ୍କ—ସ. ବ—ଅଶ୍ୱ ବିକ୍ରୟକାରୀ (କିଁକାଣ କୋଷ)—A horse-
Herdabukka seller; horse-dealer.

ହେଡ଼ିଙ୍ଗ୍—ବୈଦେ. ବ (ଇଂ)—କୌଣସି ଲେଖାର ଶିରୋନାମା—
Heding Heading.
(ହେଡ଼ଙ୍ଗ—ଅଶୁଦ୍ଧ ରୂପ) হেডিঙ্ हेडिंग

ହେଣ୍ଟରା(ଳା)—ଦେ. ବି—ବାଘର ବା ସିଂହର ହାଣ୍ଟୋଳ; ଗର୍ଜନ—
Hentarā(lā) Roar of a tiger or lion.
গর্জন गर्जन (ହେଣ୍ଟରିବା—କ୍ରିୟା)

ହେଣ୍ଟରା(ରେ)ଇବା—ଦେ. କି (ସ. ହେଡ଼ ଧାତୁ)—୧ । କଥାକୁ ଏଡ଼ି
Hentara(re)iba ଦେବା—1. To disregard a person's word. ୨ । (ଭୃତ୍ୟ ବା ଶିଷ୍ୟ)
হেঁটরান, এড়ান
बेखातिर करना; ଅବଜ୍ଞାସୂଚକ ଉତ୍ତର ଦେବା—2. To give
চেতান a sneering or insubordinate or
बारबार याद करना jeering reply. ୩ । କୌଣସି ଲୋକକୁ
କୌଣସି କାର୍ଯ୍ୟ କରିବାକୁ ବାରଂବାର ଚେତାଇବା—
3. To urge a person repeatedly to do a thing by goading him often.

ହେଣ୍ଟା—ଦେ. ବଣ—ଅମାନିଆ; ବେଖାତିରିଆ (ଭୃତ୍ୟ)—
Hentā Insubordinate.
বেখাতিরে बेखातिरिया

ହେଣ୍ଟା(ଣ୍ଟେ)ଇବା—ଦେ. କି—୧ । ଅଣ୍ଟାଇବା; ପଛଅଡ଼ୁ ପେଲିବା—
Hentā(nte)iba 1. To push on from behind.
পিছনে থাকা ୨ । ସାହାଯ୍ୟ କରିବା—2. To help. ୩ ।
मदद करना ଅଣ୍ଟିବା—3. To suffice. (ଯଥା—୮ ସେର ମୁଗ
যথেষ্ট হওয়া ଡାଲି କଲେ ସବୁ ଜଣଙ୍କୁ ହେଣ୍ଟାଇବ ।)
बस होना

ହେଣ୍ଟାର(ଳ)—ଦେ. ବି—ହାଣ୍ଟୋଳ; ବାଘର ବା ସିଂହର ଗର୍ଜନ—
Hentāra(la) Lion's or tiger's roar.
গর্জন गर्जन

ହେଣ୍ଟାରି(ଳି)ବା—ଦେ. କି—ହାଣ୍ଟୋଳିବା; (ବାଘ, ସିଂହ) ଗର୍ଜିବା—
Hentāri(li)bā To roar (said of a tiger or lion.)
গর্জন করা गर्जन करना

ହେଣ୍ଟିବା—ଦେ. କି (ସ. ହେଡ଼ ଧାତୁ)—ଆଦେଶକୁ ବା କଥାକୁ
Hentiba ଠେଲି ଦେବା; ଅବଜ୍ଞା କରିବା—To disregard
এড়ান बेखातिर करना an order or request.
(ହେଣ୍ଟି ଦେବା—ଅନ୍ୟରୂପ)

ହେଣ୍ଟେଇବା—ପ୍ରାଦେ (ଉତ୍ତର ବାଲେଶ୍ୱର) କି—ହାଣ୍ଟୁଳିବା; ଗର୍ଜନ
Henteibā କରିବା—To roar; to howl.
ଦେ. କି—ହେଣ୍ଟାଇବା (ଦେଖ)—Hentaibā (See)

ହେ(ହ୍ୟା)ଣ୍ଡ (ଇତ୍ୟାଦି)—ବୈଦେ.ବ (ଇଂ)—ହାଣ୍ଡ ଇତ୍ୟାଦି(ଦେଖ)
He(hyā)nd (etc) Hand etc. (See)

ହେଣ୍ଡା—ଦେ. ବି—୧ । କକ୍ଷ ବାଦ୍ୟ; ହାକୁଡ଼ା; ବାହୁର ତଳ ଅଂଶକୁ
Hendā ପାର୍ଶ୍ୱରେ ଆଘାତ କରି କରାଯିବା ଶବ୍ଦ (ଆହ୍ଲାଦ
বগল বাজনা ସୂଚକ)—1. Sound made by striking
काँख बाजा the lower side of the arm on the
•নিষ্কর্মা बेकार flank. ୨ । ପୁଂ—କର୍ମହୀନ ବ୍ୟକ୍ତି—2. Idle
(ହେଣ୍ଡୀ—ସ୍ତ୍ରୀ) person. ୩ । ଖାଇ ପିଇ ଅଡ଼ଭୁଆ ହୋଇ ଏଣେ
ତେଣେ ବୁଲୁଥିବା ବ୍ୟକ୍ତି—3. A loafer. ବଣ. ପୁଂ—
ମୂର୍ଖ—Illiterate.

ହେଣ୍ଡା ମାରିବା—ଦେ. କି—୧ । କକ୍ଷ ବାଦ୍ୟ ବଜାଇବା; ବାହାକୁ
Hendā māriba କଡ଼ରେ ମାରି ଶବ୍ଦ କରିବା—1. To
বগল বাজান make sounds by striking one's
काँख बजाना arms on the flanks.
୨ । (ଲକ୍ଷଣାର୍ଥ) ଆହ୍ଲାଦ ବା ଆନନ୍ଦ ପ୍ରକାଶ କରିବା—
2. (figurative) To give vent to delight.
টোটোকরা ୩ । କର୍ମହୀନ ଓ ନିଶ୍ଚିନ୍ତ ହୋଇ ବୁଲିବା—
बेकार होकर घुमना 3. To loaf about.

ହେଣ୍ଡି—ଦେ. ବି—ହେଣ୍ଡା ୧ (ଦେଖ)
Hendi Hendā 1 (See)
কক্ষবাদ্য काँखबाजा

ହେଣ୍ଡିଆ—ଦେ. ବି. ପୁଂ—୧ । ଯେଉଁ ବ୍ୟକ୍ତି ବାହୁର ତଳକୁ କଡ଼ର
Hendiā ପାର୍ଶ୍ୱରେ ବାଡ଼େଇ ହେଣ୍ଡା କରେ—1. A person
বগল বাজানে who produces sounds by strik-
काँख बजानेवाला ing the arms on the flanks.
୨ । ପୂର୍ବେ ପୁରୀ ଜିଲ୍ଲାର ବ୍ରାହ୍ମଣଶାସନମାନଙ୍କରେ
ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ପ୍ରତ୍ୟୁଷ
ବ୍ରାହ୍ମଣମାନଙ୍କର ପ୍ରାତଃସ୍ନାନପାଇଁ ନିଦ୍ରା ଭଙ୍ଗାଇବା
ଉଦ୍ଦେଶ୍ୟରେ ଯେଉଁ ଶୂଦ୍ର ସେବକ ବାଣ୍ଡରେ ହେଣ୍ଡି
ମାରି ବୁଲିବାକୁ ନିଯୁକ୍ତ ହେଉଥିଲେ—
2. A Śūdra village servant who used to get service-tenure from the Raja for awakening Brahmans of a Brahman village of the Puri district early in the morning in the sacred months of Ashārdha, Kārtika, Māgha and Baiśākha (to enable them to have their morning bath) by loudly striking his arms on the flanks. [ଦ୍ର—ବର୍ତ୍ତମାନ ଏହି ପ୍ରଥା ଆଉ ଚଳୁ ନାହିଁ; କାରଣ,ଏବେ ଶତ ଶତ ବ୍ରାହ୍ମଣଙ୍କ ବସତି ଶାସନମାନଙ୍କରେ ପ୍ରାତଃସ୍ନାୟୀ ଜଣେ ଦୁଇଜଣ ଦେଖା ଯାଆନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ 'ହେଣ୍ଡିଆ ଜାଗିର' ଓ 'ହେଣ୍ଡିଆ ଘର' ଜମିକୁ ହେଣ୍ଡିଆମାନଙ୍କ ବଂଶଧର ଓ ସେମାନଙ୍କ ଉତ୍ତରଦାୟାଦମାନେ ଦଖଲ କରୁ ଅଛନ୍ତି । ବ୍ରାହ୍ମଣମାନେ ନିଦ୍ରାରୁ ଉଠିବା ସମୟରେ ପ୍ରଥମେ ଶୂଦ୍ରଙ୍କ ଯାଟି ଶୁଣିବେ ନାହିଁ, ଏଥିପାଇଁ ଉକ୍ତ ଶୂଦ୍ର ସେବକଙ୍କର ପାଟି ନ କରି ହେଣ୍ଡି ମାରିବାର ବ୍ୟବସ୍ଥା ହୋଇଥିଲା ।]

ହେଣ୍ଡିଆ ଜାଗିର(ହେତା)—ଦେ. ବି—ହେଣ୍ଡିଆମାନଙ୍କ ଭରଣ-
Hendiā jāgiri(hetā) ପୋଷଣାର୍ଥେ ରାଜାଙ୍କ ଦ୍ୱାରା ଦିଆ ଯାଇଥିବା ଜାଗିର—Service lands given to 'Hendiās' by Rajās.

ହେଣ୍ଡି ମାରିବା—ଦେ. କି—ହେଣ୍ଡା ମାରିବା (ଦେଖ)
Hendi māriba Hendā māribā (See)

ହେଣ୍ଡୁଆ—ପ୍ରାଦେ (ସମ୍ବଲପୁର) ବି—ବାଉଁଶ କରଡ଼ିରୁ ବା ଗଜାରୁ
Hendua ପ୍ରସ୍ତୁତ ଖାଦ୍ୟ ବ୍ୟଞ୍ଜନ ବିଶେଷ—
A curry prepared from the tender shoots of bamboo.

ହେତ(ଇତ୍ୟାଦି)—ଦେ. ଅ—ହାତ୍ ଇତ୍ୟାଦି (ଦେଖ)—
Het (etc) Hāt etc. (See)

ହେତ—ପ୍ରାଦେ (ଖଡ଼ିଆଳ) ବି—ସ୍ମରଣ—
Het Recollection; remembrance.

ହେତକି—ପ୍ରାଦେ (ଙ୍କଡ଼ିଆଳ) ସର୍ବନାମ—ସେତିକି; ସେହି ପରିମାଣ
Het-ki That much; so much ବିଣ—ସେହି ପରିମିତ —That much of.

ହେତକେ—ପ୍ରାଦେ (ପାଟଣା) ଅ—ତହିଁପରେ—
Het-ke Then; after that; thereafter.

ହେତ୍ ଚେତ୍—ପ୍ରାଦେ (ଖଡ଼ିଆଳ) ବି—୧ । ବୁଦ୍ଧି; ଜ୍ଞାନ—
Het-chet 1. Knowledge; sense. ୨ । ଚେତନା—
2. Consciousness.

ହେତ୍ ଚେତ୍ ବୁଡ଼ିବା—ପ୍ରାଦେ. (ଖଡ଼ିଆଳ) ବି—ଚେତନା ନାଶହେବା
Het-chet burdibā —Losing of conciousness.

ହେତା—ଦେ· ବି—୧ । ପ୍ରଶସ୍ତ ଜମି (ଗୋପୀନାଥ ନନ୍ଦ)—1. An
Hetā extensive plot of land. ୨ । କୋଠିଅଙ୍କୁ ଓ ଗ୍ରାମ ସେବକଙ୍କୁ ଦିଆଯିବା ଜାଗିର—2. Service-land given to ploughmen and village (communal) servants. ୩ । ପ୍ରତ୍ୟେକ ଗ୍ରାମର ପ୍ରଧାନଙ୍କୁ ସେ ଗ୍ରାମର ପ୍ରତି ଜମାବନ୍ଦି ୨୦ ଏକର ଭୂଇଁରେ ଏକ ଏକର ହିସାବରେ ଭୋଗ କରିବାକୁ ଦିଆଯିବା ଜାଗିର—3. Jagir at the rate of one acre for every 20 acres of assessed lands, granted to the head man of a village. ପ୍ରାଦେ (ସମ୍ବଲପୁର) କ୍ରି—ହୁଅନ୍ତା—Would be. ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ସର୍ବନାମ—ଅମୁକ—Such and such.

ହେତାଇବା—ପ୍ରାଦେ (ଖଡ଼ିଆଳ) କ୍ରି—୧ । ହେତୁ କରିବା; ସ୍ମରଣ
Hetāibā କରିବା—1. To remember; to recollect.
[ହେତିବା—ପ୍ରଥମ ଅର୍ଥରେ ଅନ୍ୟରୂପ] ୨ । ଚେତାଇବା—
2. To remind.

ହେତାର—ପ୍ରାଦେ (ସମ୍ବଲପୁର) ସର୍ବନାମ (ଷଷ୍ଠୀ ବିଭକ୍ତି)—ଏହାର—
Hetār Of this (person or thing). ପ୍ରାଦେ (ଖଡ଼ିଆଳ) ସର୍ବନାମ—ତାହାର—His; her.

ହେତି—ସଂ. ବି—(ହନ ଧାତୁ=ବଧ କରିବା+କରଣ ତି; ନିପାତନ)
Heti ୧ । ଅସ୍ତ୍ର (ଅମର)—1. Weapon. ୨ । (+କର୍ତ୍ତି. ତି) ସୂର୍ଯ୍ୟକିରଣ (ଅମର)—2. Sun's rays. ୩ । ଅଗ୍ନିଶିଖା (ଅମର) 3 Flame of a fire. ୪ । ତେଜୋମାତ୍ର (ଭରତ) 4. Any lustre or ray. ୫ । କାର୍ଯ୍ୟସାଧନୋପାୟ; ସାଧନ (ଶ୍ରୀଧର ସ୍ୱାମୀ); ହେତୁ—5. Expediency; means. ୬ । କାରଗର ଅବକ ଯନ୍ତ୍ର (ହ. ଶ)—6. Implement; tool; instrument. ୭ । ଅସ୍ତ୍ର ଅବିର ଚୋଟ (ହ. ଶ)—7. Stroke of a weapon. ୮ । ଧନୁର ଟଙ୍କାର (ହ. ଶ)—8. Twang of a bow. ୯ । (ନାମ) ରାକ୍ଷସ ବିଶେଷ—9. Name of a demon. [ବି—ଏ ପ୍ରଥମ ରାକ୍ଷସରାଜ ଥିଲେ ଓ ଚୈତ୍ରମାସରେ ସୂର୍ଯ୍ୟଙ୍କ ରଥରେ ରହୁଥିଲେ । ଏ ପ୍ରହେତିଙ୍କ ଭାଇ ଓ ବିଦ୍ୟୁତ୍କେଶଙ୍କ ପିତା ଥିଲେ । (ହିଂ ଶ) [ହି—ରାକ୍ଷସ କୁଳରେ ଜାତ, ହେତି ପ୍ରହେତି ବଂଶ୍ୟାଡ଼ । ବିଶ୍ୱନାଥ ବିରଚିତ ରାମାୟଣ]

ହେତିକି ବେଳେ(ଲେ)—ପ୍ରାଦେ (କଳିଙ୍ଗିର ପାଟଣା) କ୍ରି. ବିଣ—ସେତିକି
Hetiki bele(le) ବେଳେ—Then at time.

ହେତି ପାଶ୍—ବୈଦେ. ବି(ଇଂ)—ତିବ୍ବତ ସୀମାରେ ହିମାଳୟର ଗୋଟିଏ
Heti pās ଗିରିସଙ୍କଟ—Name of a pass of the Himalayas in the border of Tibet. [ବି—ଏହା ୧୫ ହଜାର ଫୁଟ୍ ଉଚ୍ଚତାରେ ଅବସ୍ଥିତ । ଏହା ବରଫରେ ପୂର୍ଣ୍ଣ । ଏ ସଙ୍କଟର ଅତଡ଼ାରୁ ପଦ ସ୍ଖଳିତ ହେଲେ ତଳକୁ ପଡ଼ି ମନୁଷ୍ୟ ବରଫରେ ପୋତି ହୋଇପଡ଼େ ଓ ଏବାଟେ ଚାଲିଲାବେଳେ ଅଣ୍ଟା ଯୋଗୁ ଗୋଡ଼ହାତ ଛଟିଛଟି ହୋଇଯାଏ]

ହେତିବା—ପ୍ରାଦେ (ଙ୍କଡ଼ିଆଳ) କ୍ରି—ସ୍ମରଣ କରିବା; ଚେତିବା—
Hetibā To remember; to recollect.

ହେତୁ—ସଂ ବି (ହି ଧାତୁ=ଗମନକରିବା+କର୍ତ୍ତୃ ତୁ)—୧ । କାରଣ
Hetu (ଅମର)—1. Cause; reason. ୨ । ପ୍ରୟୋଜନ—2. Necessity; use. ୩ । ଅଭିପ୍ରାୟ; ଉଦ୍ଦେଶ୍ୟ—3. Aim; object; intention. ୪ । ବୀଜ—4. Seed. ୫ । ମୂଳ—5. Root; prime cause; origin. ୬ । ଯୁକ୍ତି—6. Reasoning. ୭ । କାବ୍ୟାଲଙ୍କାରବିଶେଷ; କାରଣ ସହିତ କାର୍ଯ୍ୟର ଅଭେଦ କଥନ—7. A rhetorical figure where the cause and effect are spoken as the same. [ବି—ଏ ଅଲଙ୍କାରରେ ହେତୁ ଓ ହେତୁମାନ ଅଭେଦରୂପେ କଥିତ ହୁଏ । ଅର୍ଥାତ୍, କାରଣକୁ କାର୍ଯ୍ୟ ବୋଲି ବୋଲାଯାଏ । ଯଥା—ଘୃତହିଁ ବଳ ଅଟେ—ହ. ଶ ।] ୮ । (ନ୍ୟାୟଶାସ୍ତ୍ର) ପ୍ରମାଣକାରକ ବିଷୟ—8. (logic) Anything which proves a proposition. [ବି—ନ୍ୟାୟଦର୍ଶନରେ ତର୍କର ୫ଟି ଅବୟବ ମଧ୍ୟରେ ହେତୁ ଦ୍ୱିତୀୟ ଅଟେ । 'ଉଦାହରଣର ସାଧର୍ମ୍ୟ ବା ବୈଧର୍ମ୍ୟରୁ ସାଧ୍ୟ ଧର୍ମର 'ସାଧନ' ହେତୁର ଲକ୍ଷଣ ଅଟେ । 'ପର୍ବତ ବହ୍ନିମାନ୍ ଅଟେ' ଏହି ପ୍ରତିଜ୍ଞାର ହେତୁ "କାରଣ, ପର୍ବତ ଧୂମବାନ୍ ଅଟେ"—ହ. ଶ ।] ୯ । (ବୌଦ୍ଧ ଦର୍ଶନ) ମୂଳ କାରଣ—9. (Buddhist philosophy) Root cause. [ବି—ବୌଦ୍ଧ ଦର୍ଶନ ଅନୁସାରେ ମୂଳ କାରଣକୁ ହେତୁ ଓ ଗୌଣ କାରଣକୁ ପ୍ରତ୍ୟୟ

ବୋଲଯାଏ—ହି. ଶ ।] ୧୦ । (ତର୍କବିଜ୍ଞାନ) ଯେଉଁ ବିଷୟର ବଳରେ ଆମ୍ଭେମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହେଉଁ—10. [logic] The basis on which we arrive at a conclusion. [ଦ୍ର—ଏହା ତର୍କବିଜ୍ଞାନର ପାରିଭାଷିକ ଶବ୍ଦ । ଯୁକ୍ତିରେ ଦୁଇଟି ବିଷୟ ସନ୍ନିବିଷ୍ଟ । ଯଥା—ହେତୁ ଓ ସିଦ୍ଧାନ୍ତ । ଯେଉଁ ବିଷୟରେ ଆମ୍ଭେମାନେ ଉପନୀତ ହେଉଁ ତାହା ସିଦ୍ଧାନ୍ତ ଏବଂ ଯାହା ବଳରେ ଉକ୍ତ ସିଦ୍ଧାନ୍ତ ହସ୍ତଗତ ହୁଏ, ତାହା ତତ୍‌ପ୍ରତି ହେତୁ । ହେତୁ ଓ ସିଦ୍ଧାନ୍ତ ପରସ୍ପର ସଂବନ୍ଧାନ୍ୱିତ ।

ହେତୁ ଶବ୍ଦ ଦ୍ୱ୍ୟର୍ଥସୂଚକ । ଏକ ଅର୍ଥରେ ହେତୁ ଶବ୍ଦ ଯଥାର୍ଥ ହେତୁବୋଧକ; ଅନ୍ୟ ଅର୍ଥରେ ହେତୁ ଦୁଇପ୍ରକାର । ଯଥା — ଦୁଷ୍ଟ ହେତୁ ଓ ଯଥାର୍ଥ ହେତୁ । ଯେଉଁହେତୁ ଯେଉଁ ସିଦ୍ଧାନ୍ତ ପ୍ରତିପାଦନ କରିବା ନିମିତ୍ତ ଯଥେଷ୍ଟ, ସେହି ହେତୁ ସେହି ସିଦ୍ଧାନ୍ତର ଯଥାର୍ଥ ହେତୁ । ଯଦି ହେତୁ ଓ ସିଦ୍ଧାନ୍ତ ଏପରି ଦୁଇ ବିଷୟ ହୁଏ ଯେ, ହେତୁକୁ ସ୍ୱୀକାର କରି ସିଦ୍ଧାନ୍ତକୁ ଅସ୍ୱୀକାର କରି ଯାଇ ପାରେ, ତେବେ ଉକ୍ତ ହେତୁ ଦୁଷ୍ଟ ହେତୁ ବା ହେତ୍ୱାଭାସ ମାତ୍ର ।

ଯସ୍ମାଦ୍‌ବିଷାଣୀ ତସ୍ମାଦଶ୍ୱ—ବୈଶେଷିକ ଦର୍ଶନ । ଶୃଙ୍ଗବିଶିଷ୍ଟତା ଗୋରୁର ଉପଯୁକ୍ତ ହେତୁ ହୋଇ ନ ପାରେ; କାରଣ, ଗୋରୁର ଶୃଙ୍ଗ ଅଛି, ମଧ୍ୟ ହରିଣ ମହିଷ ପ୍ରଭୃତିଙ୍କର ଶୃଙ୍ଗ ଅଛି । ସୁତରାଂ ଶୃଙ୍ଗ ଥିଲେ ଗୋରୁ ହେବ, ଏପ୍ରକାର ଯୁକ୍ତି ଅସିଦ୍ଧ ।

ହେତୁ(=Reason) ଓ କାରଣ (=Cause) ଏକାର୍ଥସୂଚକ ନୁହେ । 'ହେତୁ' ଚିନ୍ତାଜଗତ୍ ପ୍ରତି, 'କାରଣ' ବାସ୍ତବ ଜଗତ୍‌ପ୍ରତି ପ୍ରଯୋଜ୍ୟ । କାରଣଶବ୍ଦ ଶକ୍ତି ପରିଚାୟକ । ସିଦ୍ଧାନ୍ତ ହେତୁରେ ଥାଏ; କିନ୍ତୁ କାର୍ଯ୍ୟ କାରଣରୁ ସୃଷ୍ଟି ହୁଏ । ହେତୁ-ସିଦ୍ଧାନ୍ତ ଦେଶସମ୍ବନ୍ଧୀୟ; କାରଣ-କାର୍ଯ୍ୟ କାଳସମ୍ବନ୍ଧୀୟ । ବୀଜ ବୃକ୍ଷର କାରଣ ଅଟେ, ହେତୁ ନୁହେ । ତ୍ରିଭୁଜତ୍ୱ ତ୍ରିକୋଣତ୍ୱର ହେତୁ, ତହିଁର କାରଣ ନୁହେ ।

ପ୍ରୋଫେସର୍
ଶ୍ରୀ ବିପିନବିହାରୀ ଗୁପ୍ତ ଏମ୍. ଏ.]

स्मरण ଯାଦ୍ ଦେ. ବି—୧। ସ୍ମରଣ—1. Recollection. (ଉ—ପଢ଼ନ୍ତି ଶୁଣନ୍ତି ଯାହା ବାରେକମାତର, ଲେଖନ୍ତି ତାହାକୁ ହେତୁ ନୁହେ ତା ବିସ୍ମୃତ—ଚନ୍ଦ୍ରମଣି. ବିକ୍ରମାଦିତ୍ୟ ।] ୨ । ଜ୍ଞାନ—2. Knowledge.

ज्ञान ଜ୍ଞାନ ୩ । ଚୈତନ୍ୟ; ଚେତନା—3. Consciousness; sense. (ଉ—ସ୍ୱପ୍ନ ମନେକଲେ ସମୁଦ୍ରେ ବାନ୍ଧି ସେତୁ, ଅସି ରଖିବେ କି କୁମ୍ଭର ଦେହ ହେତୁ—କୃଷ୍ଣସିଂହ. ମହାଭାରତ ବନ ।) ୪ । ମନୋଯୋଗ—4. Attention. (ଉ—ବେଦ ପଢ଼ିଲେ ହେତୁ ଦେଇ ବେଦର ବ୍ରହ୍ମ ଭେଦ ପାଇ—ପ୍ରାଚୀ. ନଚିକେତୋପାଖ୍ୟାନ ।) ୫ । ହିତାହିତ ବିବେଚନା—

हेतु हेतु 5. Discretion. ଅ—ହେତୁରୁ; କାରଣରୁ—Because of; owing to. (ଉ—ଦୁର୍ବାସାର ବଚନ ନ କରି ବେଦପାଠ, ସେ ହେତୁ ଘଟିଲା ଆସି ସମସ୍ତ ବିପତ୍—ବିଶ୍ୱନାଥ. ବିଚିତ୍ର ରାମାୟଣ ।]

ହେତୁକ—ସଂ. ବି—(ହେତୁ+ସ୍ୱାର୍ଥେ କ) —କାରଣ; ହେତୁ—Cause. Hetuka ବିଣ—(ହେତୁ+କ)—୧ । ହେତୁ ସମ୍ବନ୍ଧୀୟ—1. (ହେତୁକୀ—ସ୍ତ୍ରୀ) Relating to cause. ୨ । (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୋଇ, ଯଥା—ରୋଗ ହେତୁକ)—ଅମୁକ କାରଣରୁ ଉତ୍ପନ୍ନ ବା ଉଦ୍ଭବ—2. Caused by; arising from.

ହେତୁ କରିବା—ଦେ. କ୍ରି—୧ । ସ୍ମରଣ କରିବା; ମନେ କରିବା—1. Hetu karibā To recollect; to refresh one's स्मरणकरा memory. [ଉ—ସେ ଜନ କୃଷ୍ଣ ଅଗ୍ରେ କହି ଯাद्‌करना ଗଲାପରି, ପଣ୍ଡିତ ଉଭାରେ ତା ବୁଝିଲ ହେତୁ କରି । କୃଷ୍ଣସିଂହ ମହାଭାରତ ଆଦି] ୨ । ମନୋଯୋଗ ଦେବା मनोयोगदेओया —2. To attend to. [ଉ—ବସିଲେ ସଦ୍‌ବୃତ୍ତ ଆବୋରି, ଶୁଣ ବିଦୁର ହେତୁ କରି । ଜଗନ୍ନାଥ ଭାଗବତ ।]

ହେତୁତା(ତ୍ୱ)—ସଂ.ବି (ହେତୁ+ଭାବ.ତା,ତ୍ୱ)—ହେତୁର ଧର୍ମ; କାରଣତ୍ୱ Hetutā(twa) —The state of being the cause.

ହେତୁ ଦୋଷ—ସଂ, ବି (ଷଷ୍ଠୀ ତତ୍)—ହେତ୍ୱାଭାସ (ଦେଖ)— Hetu dosha Hetwābhāsa (See).

ହେତୁ ପାଇବା—ଦେ. କ୍ରି—୧ । ସ୍ମରଣପଥାରୂଢ଼ ହେବା; ମନେପଡ଼ିବା— Hetu pāibā 1. Recollection; coming or मनेपड़ा যाद्‌होना recurring to one's mind. (ଯଥା—ମୋର ଏଠାକୁ ଟଙ୍କା ଆଣିବାକୁ ହେତୁ ପାଇଲା ନାହିଁ ।) ୨ । (୮।୯ ବର୍ଷ ବୟସ୍କ ବାଳକ ବାଳିକାଙ୍କ ଠାରେ) ସ୍ମରଣଶକ୍ତିର ବା ବିବେକର ଉଦୟ—2. Dawning of discretion in a boy or girl. (ଯଥା—ମୋ ହେତୁ ପାଇବା ଦିନରୁ ମୁଁ ଦେଖି ଆସୁଛି ଯେ, କଟକରେ ମାରୱାଡ଼ୀମାନେ ଦୋକାନ କରୁଛନ୍ତି ।) କ୍ରି (କନ୍ୟା) ପ୍ରଥମ ଋତୁମତୀ ହେବା— फल देखा ऋतुमती होना To be menstruated. for the first time. (ଯଥା—ତାଙ୍କ କନ୍ୟାଟି ହେତୁ ପାଇଲାଣି ।)

ହେତୁବାଦ—ସଂ. ବି (ଷଷ୍ଠୀ ତତ୍)—୧ । ହେତୁ ବା କାରଣ କଥନ; Hetu bāda କୌଣସି ବିଷୟ ବା ଆଇନ୍ ଲେଖିବା ପୂର୍ବରୁ ହେତୁବାଦୀ—ପୁଂ } ବିଣ ହେତୁବାଦିନୀ—ସ୍ତ୍ରୀ } ଯେଉଁ କାରଣରୁ ବା ଉଦ୍ଦେଶ୍ୟରୁ ତାହା ପ୍ରଣୀତ ହୋଇଅଛି ତହିଁର ବିବରଣ କଥନ—1. Preamble; statement of

reasons. ୨ । ତର୍କବିଦ୍ୟା (ହି. ଣ.)—2. The art of science of Reasoning. ୩ । କୁତର୍କ (ହି. ଣ)—3. Bad argument. ୪ । ନାସ୍ତିକତା (ହି. ଣ)—4. Atheism.

ହେତୁ ବିଦ୍ୟା (ଶାସ୍ତ୍ର)—ସଂ. ବି—ତର୍କଶାସ୍ତ୍ର (ହି. ଣ)—
Hetu bidyā (sāstra) Logic.

ହେତୁମାନ୍—ସଂ. ବିଣ (ହେତୁମତ୍ ଶବ୍ଦ; ହେତୁ+ଅସ୍ତି ଅର୍ଥେ ମତ୍)—
Hetu mān କାରଣ ଯୁକ୍ତ (ଶାଣିଣୀ ସୂତ୍ର)—Having a cause or reason. (ହେତୁମତୀ—ସ୍ତ୍ରୀ)

ହେତୁରୁ (ରେ)—ଦେ. ଅ—(ସଂ. ହେତୋଃ, ହେତୁନା)—କାରଣରୁ; ଲାଗି; ଯୋଗୁଁ; ପାଇଁ—Owing to; for the reason of; on account of. [ଉ—ସୁନ୍ଦରୁ
Heturu (re)
କାରଣେ
कारणसे ତ ଅଙ୍କ ହେତୁରେ ଅର୍ଜୁନଙ୍କ, ସଂଅଲନ୍ତି ମୁହିଁ ତପସ୍ୟା କରିବାକୁ । କୃଷ୍ଣସିଂହ ମହାଭାରତ ବନ ।]

ହେତୁ ହୁଡ଼ା (ରା)—ଦେ. ବିଣ. ପୁଂ—(ଯେ ହେତୁ ବା ଚୈତନ୍ୟରୁ ହୁଡ଼ି ଥାଏ)—୧ । ଅଜ୍ଞାନ; ବେହୋସ୍—1.
Hetu hurdā(rā)
[ହେତୁହୁଡ଼ୀ(ଲ୍ଲୀ)—ସ୍ତ୍ରୀ] Unconscious; senseless. ୨ ।
বেহুঁশ ମତ୍ତ—2. Intoxicated. ୩ । ଭୋଳା—3.
वेहोस Forgetful. [ଉ—ହେତୁହୁଡ଼ା ହୋଇଣ ସେ ଶୃଙ୍ଗାର
মত্ত मत्त ଖେଳେ—ସାରଳା ମହାଭାରତ ଆଦି]

ହେତୁ ହେତୁମଦ୍ଭାବ—ସଂ. ବି—(ଦ୍ୱନ୍ଦ୍ୱ, ଷଷ୍ଠୀତତ୍)—କାର୍ଯ୍ୟ କାରଣ
Hetu hetumadbhāba ଭାବ; କାରଣ ଓ କାର୍ଯ୍ୟର ପରସ୍ପର ସମ୍ବନ୍ଧ (ହି. ଣ)—The relationship of the cause and the effect.

ହେତୁ ହେତୁମଦ୍ଭୂତ କାଳ—ସଂ. ବି—(ବ୍ୟାକରଣ)—ଭୂତ ବା ଅତୀତ
Hetu hetumadbhūta kāla କାଳର ଏକ ଭେଦ, ଯହିଁରେ କାରଣରୂପେ ସୂଚିତ ବିଷୟର ଅଭାବ ଯୋଗୁଁ କାର୍ଯ୍ୟର ଅଭାବ ସୂଚିତ ହୁଏ (ହି.ଣ)—A form of the past tense in which the absence of the result is indicated by the absence of the cause. [ଉଦାହରଣ—ଯେବେ ତୁମେ ସେଠାକୁ ଯାଇଥାଆନ୍ତ, ତେବେ କିଛି ଧନ ପାଇଥାଆନ୍ତ ।]

ହେତୁପମା—ସଂ. ବି—ଉତ୍ପ୍ରେକ୍ଷା (ଅଳଙ୍କାର ବିଶେଷ) (ହି. ଣ)—
Hetūpamā Name of a rhetorical figure.

ହେତେବେଳେ—ପ୍ରାଦେ (ଗଡ଼ଜାତ) ସର୍ବନାମ—(ଇତର ବ୍ୟବହୃତ
Hete bele ଭାଷା)—ସେତେବେଳେ—Then; at that time.

ହେତ୍ୱାଭାସ—ସଂ. ବି—(ହେତୁର ନ୍ୟାୟ ଆଭାସ=ଅନୁରୂପ ଯାହାର)—
Hetwābhāsa (ନ୍ୟାୟଦର୍ଶନ) ଦୁଷ୍ଟତର୍କ; କୁତର୍କ; ତର୍କାଭାସ ଫାକି; ଅସତ୍ ହେତୁ—(Logic) Fallacious reasoning; fallacy. [ଉ—ଏହା ହେତୁପରି ଜଣାପଡ଼େ, ଅଥଚ ପ୍ରକୃତ ହେତୁ ନୁହେଁ । ଯଥା—ଯେଉଁଠାରେ ନିଆଁ ଥାଏ ସେଠାରୁ ଧୂଆଁ ଉଠେ; ପର୍ବତରୁ ଧୂଆଁ ଉଠେ; ଅତଏବ ପର୍ବତରେ ନିଆଁ ଅଛି । ଏହା ୫ ପ୍ରକାର—୧ । ସବ୍ୟଭିଚାର ବା ଅନୈକାନ୍ତିକ । ୨ । ବିରୁଦ୍ଧ । ୩ । ପ୍ରକରଣ ସମ । ୪ । ସାଧ୍ୟସମ । ୫ । କାଳାତୀତ ।]

ହେଥା—ଦେ. (ପ୍ରାଚୀନ ପ୍ରୟୋଗ) ଅ—(ସଂ. ଅତ୍ର; ପ୍ରା; ଏତ୍ଥ)—
Hethā হেথায় इथा ଏଠାରେ—Here.

ହେଥି—ପ୍ରାଦେ (ଗଡ଼ଜାତ) ଅ—ସେଥି; ସେଥିରେ—
Hethi In that.

ହେଥୁ—ପ୍ରାଦେ (ସମ୍ବଲପୁର) ଅ—ଅତଏବ—
Hethu Therefore.

ହେଦା—ଦେ. ବି—ଧୁତୁରା (ହରେକୃଷ୍ଣ ଦ୍ରବ୍ୟଗୁଣ)—
Hedā ধুতুরা धतुरा Thorn apple.

ହେଦେ—ପ୍ରାଦେ (ଗଡ଼ଜାତ) ଅ—ଏହି ଦେଖ !—Oh See ! ପ୍ରାଦେ
Hede (କଳାହାଣ୍ଡି) ସର୍ବନାମ—ଏହି ସ୍ଥାନରେ; ଏଠାରେ—In this place; here.

ହେଦେରେ—ପ୍ରାଦେ (ଗଡ଼ଜାତ) ଅ (ଇତର ବ୍ୟବହୃତ)—ଏହିପରି—
Hedere Like this.

ହେନ୍ ତା (ତି)—ପ୍ରାଦେ (ଦେଶୀୟ) ଅ—ସେପରି—
Hen-tā (ti) Like that; in that way.

ହେନ—ଦେ. ସର୍ବନାମ—(ପ୍ରାଚୀନ ପଦ୍ୟରେ ବ୍ୟବହୃତ; ତୁଳନୀୟ
Hena ଆଧୁନିକ ବଙ୍ଗଳାରେ ଏହି ଅର୍ଥରେ ବ୍ୟବହୃତ ଏହି ଶବ୍ଦ ।)
হেন ୧ । ଏହି—1. This. [ଉ—ହେନ ସମୟେ ଏକଦିନେ,
यह ଶ୍ରବଣ କୂଳେ ମୁନିଜନେ—ଜଗନ୍ନାଥ ଭାଗବତ] ୨ ।
হেন, এমন ଏହିପରି—2. Like this. [ଉ—ହେନ ଅବିବେକ
ईसतरह, ऐसा ଯାହାଁ । ସବନ କରେ । ତ୍ରାଗୀ ଶିଶୁ ଶଙ୍କର ଭୂଷା ଅଭିଳାଷ ।]

ହେନ ତେନ—ପ୍ରାଦେ (ଉତ୍ତର ବାଲେଶ୍ୱର) ଅ—ଇଆଡ଼ୁ ସିଆଡ଼ୁ;
Hena tena ଏଣୁତେଣୁ—In some way or other; in this way or that

ହେନ ସମୟେ—ଦେ. (ପ୍ରାଚୀନ ପ୍ରୟୋଗ) ଅ—ଏହି ସମୟରେ; ଠିକ୍
Hena samaye ଏତିକିବେଳେ—Just at this time.
হেন সময়ে [ଉ—ହେନ ସମୟେ ଉତର ପାହାଡ଼, କହିଲା କନ୍ୟା-
उसी समय ପୁରେ ବଢ଼ିଗଲେ । ଶିଶୁଙ୍କର ଭୂଷା ଅଭିଳାଷ ।]

ହେନା (ନ୍ନା)—ବୈଦେ. ବି (ଆ. ହିନ୍ନା)—୧ । ମଞ୍ଜୁଆତି; ମେହେନ୍ଦି—
Henā(nnā) 1. Alcanna; Tinctoria; alcanet. [ଦ୍ର—
হেনা ଏଥିର କାଠ ଓ ଚେରକୁ ତେଲରେ ସିଝାଇଲେ ତେଲର ରଙ୍ଗ
मेंहदी ଗାଢ଼ ନାଲି ହୁଏ । ଏଥିର ପତ୍ରକୁ ବାଟି ମୁସଲମାନମାନେ ନଖ, ଦାଢ଼ି ଆଦିରେ ଲଗାଇ ନାଲି କରନ୍ତି ।] ୨ । ହସନ୍ ହେନା;
হোসনাহেনা ସୁଗନ୍ଧ ପୁଷ୍ପ ଓ ଗୁଳ୍ମ ବିଶେଷ—2. A kind of
हास्नहेना flowering shrub. [ଦ୍ର—ଏହି ଫୁଲ ପେନ୍ଥା ପେନ୍ଥା ହୋଇ ସନ୍ଧ୍ୟାରେ ଫୁଟେ ଓ ରାତିଯାକ ତାହାର ଚତୁଃପାର୍ଶ୍ୱରେ ଥିବା ସ୍ଥାନମାନଙ୍କୁ ସୁଗନ୍ଧରେ ଆମୋଦିତ କରେ; ଦିନରେ ଫୁଲର ମୁହଁ ବନ୍ଦ ହୋଇଯାଏ ଓ ସୁଗନ୍ଧ ରହେ ନାହିଁ । ଗୋଟିଏ ଫୁଲ ଏକାଦିକ୍ରମେ ୨।୩ ଦିନ ଫୁଟିବା ପରେ ଝଡ଼ିପଡ଼େ ।]

ହେନି—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) (ଓ ଉତ୍ତର ବ୍ୟବହୃତ) କ୍ରି
Heni (ମୁଁ) ହେଲି (ଦେଖ)—(I) Have been.

ହେନେ—ପ୍ରାଦେ (ସମ୍ବଲପୁର) ଅ—୧ । ସେଠାରେ; ତହିଁ; ସିଆଡ଼େ—1.
Hene There; in that quarter. ୨ । ଏଣେ; ଇଆଡ଼େ—
2. Here; in this quarter. ପ୍ରାଦେ (ସମ୍ବଲପୁର) ଅ
—ହେଲେ; ଯଦି ହୁଏ—In case.

ହେଣ୍ଟା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ଅ—ଏପରି; ଏହିପରି—
Hentā In this manner; thus. ସର୍ବନାମ—୧ । ଏହି
—1.This. ୨ । ସେହି—2. That.

ହେଣ୍ଟାଳ—ଦେ. ବି—ହିନ୍ତାଳ (ଦେଖ)—
Hentāla Hintāla (See)

ହେଣ୍ଟାହେଣ୍ଟି—ପ୍ରାଦେ (ବଲାଙ୍ଗିର ପାଟଣା) ଅ—ସେହିପରି—
Hentā henti Like that.

ହେପା—ପ୍ରାଦେ (ଗଞ୍ଜାମ) ବି—୧ । ସ୍ମରଣ; ଖିଆଲ; ହୋଷ—1.
Hepā Recollection; memory. ୨ । ହୋସ୍; ଚୈତନ୍ୟ;
ଜ୍ଞାନ—2. Sense; consciousness. ୩ । ମନୋ-
ଯୋଗ—3. Attention.

ହେପାଜ(ଜି)ତ(ଇତ୍ୟାଦି)—ବୈଦେ. ବି—ହିପାଜତ ଇତ୍ୟାଦି (ଦେଖ)
Hepāja(ji)t(etc) Hipājat etc (See)

ହେପ୍ଲାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଠେଲିବା—
Heplāibā To push forward.

ହେବ୍‌କା—ପ୍ରାଦେ (ଖଡ଼ିଆଲ) ବି—ଧକ୍କା; ଢାକୁଡ଼ା—
Heb-kā Push.

ହେବଲା ହେବ୍‌ଲି—ପ୍ରାଦେ. (ଖଡ଼ିଆଲ) ବି ଓ ବିଣ—ଅନ୍ୟୋନ୍ୟରେ
Heb-lā heb-li ଠେଲାପେଲା—Mutual pushing.

ହେବ୍‌ଲିବା—ପ୍ରାଦେ (ଖଡ଼ିଆଲ) କ୍ରି—ଠେଲିବା; ପେଲିବା—
Heb-libā To push on.

ହେବ—ଦେ. କ୍ରି—(ସ ଭୂ ଧାତୁ; ଭବିଷ୍ୟତ୍ କାଳ—୧ । ହେବା
Heba କ୍ରିୟାର ଭବିଷ୍ୟତ୍ କାଳ ଅନ୍ୟ ପୁରୁଷ ଏକବଚନ (ସେ;
ହବେ ତାହା) କର୍ତ୍ତା ସଙ୍ଗେ ବ୍ୟବହୃତ ଆକାର—1. (He; she;
ହୋଗା it) Will be. ୨ । ମଧ୍ୟମ (ତୁଚ୍ଛ) ପୁରୁଷ ଏକବଚନ (ତୁମ୍ଭେ)
ହବେ ଓ ବହୁବଚନ (ତୁମ୍ଭେମାନେ) କର୍ତ୍ତା ସଙ୍ଗେ ବ୍ୟବହୃତ
ହୋଗା (ଏକବଚନ) ଆକାର—2. (You or ye) Will be. ଅ—
ହୋଗେ (ବହୁବଚନ) ପ୍ରାୟ—Nearly; about. [ଯଥା—
ସେଠାରେ ଶହେ ହେବ ଲୋକ (ଅର୍ଥାତ୍ ପ୍ରାୟ ଶହେ
ହବେ ପ୍ରାୟ: ଲୋକ)ଜମା ହୋଇଥିଲେ]

ହେବା—ଦେ. କ୍ରି—(ସ. ଭୂ ଧାତୁ, ସ୍ତ୍ରୀ ହୋ ଧାତୁ; ଏହାର ଗ୍ରାମ୍ୟ ଓ
Hebā କଥିତ ଭାଷାରେ ବ୍ୟବହୃତ ରୂପ ହବା)—୧ । (କୌଣସି
ହଓୟା କର୍ମ) ସମ୍ପନ୍ନ ହେବା; ନିଷ୍ପନ୍ନ ହେବା—1. (any act)To
ହୋନା be accomplished. (ଯଥା—ବାପାଙ୍କ ଶ୍ରାଦ୍ଧ ହେଲା,
ତାଙ୍କ ବିବାହ ହେଲା) ୨। ଘଟିବା—2.To happen.
[ଜ—ହୋଇନାହିଁ କି ହେବନାହିଁ; ଗାଆଁ ଦେଢ଼ଶର,
ଗାଆଁ ଉଇକୋଡ଼, ମୁଣ୍ଡରେ ଓଢ଼ଣା ଦେଇନାହିଁ, କି ଦବ
ନାହିଁ—ଉଗ] ୩ । ଫଳିବା ବା ଧାରଣ କରିବା—
ହଓୟା 3.To bear (fruit) (ଯଥା—ଗଛରେ ଫଳ ହେଲାଣି)
୪ । ପରିବର୍ତ୍ତିତ ହେବା; ପାଲଟିବା— 4.To become;
ହୋନା to turn to. [ଜ—ଜଳୁ ହୋଇଗଲା ଜଳ—
ରାଧାନାଥ. ମହାଯାତ୍ରା] ୫ । ଅଧୀନ ବା ଅଯତ୍ତ ହେବା—
5. To come under one's control. (ଯଥା—
ତାର ବିଦ୍ୟା ହେଲା,ମାତ୍ର ଗୁଣ ହେଲା ନାହିଁ) ୬। ପ୍ରାପ୍ୟ
ହେବା; ପାଇବା — 6. To become due.
(ଯଥା—ମୋର ଭୂମି ଉପରେ ଛଅଟଙ୍କା ହେଲାଣି)
୭। (କାଳ) ଅତିବାହିତ ହେବା; ଗତ ହେବା—
7. To pass (said of time). (ଯଥା—ତାଙ୍କର
ମରିବା ଅଠକୁ ୪ ଦିନ ହେଲା) । ୮। ପହଞ୍ଚିବା— 8.
To reach; to arrive at. [ଜ—ଏଥି ଅନ୍ତରେସେ
ବର୍ଷଣର ବୃଷ୍ଟି, ଫଳମୂଳ ଧରି ଅଶ୍ରମେ ହେଲେ ଅସି—
କୃଷ୍ଣସିଂହ ମହାଭାରତ—ବନ] ୯ । (କନ୍ୟା) ଜ୍ଞାନ
ପାଇବା; ବରଯୋଗ୍ୟ ହେବା; ରଜସ୍ୱଳା ହେବା—
9. To attain maturity (said of a girl).
(ଯଥା—ତାଙ୍କ କନ୍ୟାଗୁଡ଼ିସାରି ହୋଇଗଲେଣି) ୧୦ ।
ଯୋଗ୍ୟ ହେବା—10. To become fit. (ଯଥା—
ତା ପୁଅ ଗୁଡ଼ିକ ହୋଇ ଗଲେଣି) ୧୧ । ହସ୍ତଗତ
ହେବା—11. To come to the possession of.
(ଯଥା—ତାଙ୍କର ୧ଖଣ୍ଡ ଜମିଦାରୀ ହେଲାଣି) ୧୨ ।(ଫସଲ)
ଜନ୍ମିବା; ଉତ୍ପନ୍ନ ହେବା—12. To grow. (ଯଥା—
ଏବର୍ଷ ମୋ ବାଡ଼ିରେ କୋବି ହେଲା ନାହିଁ) ୧୩ । ସମ-
ବେତ ହେବା—13. To collect together; to
be gathered. (ଯଥା—ଆଜ ସଭାରେ ୫ ଜଣ
ହେଲେଣି) । ୧୪। ଅବସ୍ଥିତ ହେବା; ଉପସ୍ଥିତ ହେବା;
ସ୍ଥିତ ହେବା; ବିଦ୍ୟମାନ ହେବା—14. To be. ୧୫ ।
(ଅନ୍ୟ କ୍ରିୟାରୁ ଉତ୍ପନ୍ନ ବିଶେଷଣ ସଙ୍ଗେ ଯୁକ୍ତ ହୋଇ କର୍ମ
ବାଚ୍ୟ ହୁଏ)—15.To be (passive voice)[ଯଥା—
ଖିଆ ହେବା—To be eaten. ମରାହେବା—To
be killed. ଧରା ହେବା—To be caught]
୧୬ । ଭୂ ଧାତୁର ଭବିଷ୍ୟତ୍ କାଳ ୧ମ ପୁରୁଷ ଏକବଚନ
(ଅମ୍ଭେ) ଓ ବହୁବଚନ (ଅମ୍ଭେମାନେ) କର୍ତ୍ତା ସଙ୍ଗେ ଲାଗିବା
ଆକାର—16. (I, we) Shall be. [ଦ୍ର—ହେବା
କ୍ରିୟା ଅନ୍ୟ ବିଶେଷଣ ଶବ୍ଦ ସଙ୍ଗେ ଭିନ୍ନ ଭିନ୍ନ ଅର୍ଥରେ
ବ୍ୟବହୃତ ହୁଏ । ଯଥା—ସମ୍ପନ୍ନହେବା; କ୍ରୁଦ୍ଧ ହେବା;ବୃଦ୍ଧ
ହେବା; ଆନନ୍ଦିତ ହେବା; ମୃତ ହେବା । ଏହା କ୍ରିୟା-
ବାଚକ ବିଶେଷଣ ଆକାର ସଙ୍ଗେ ମଧ୍ୟ କର୍ମବାଚ୍ୟ ରୂପେ
ବ୍ୟବହୃତ ହୁଏ । [ଯଥା—ଖିଆ ହେବା,ପଢ଼ାହେବା, ତୋଳା
ହେବା ଇତ୍ୟାଦି] । ଏହି କ୍ରିୟା ବିଶେଷ୍ୟ ପଦ ସଙ୍ଗେ
ଉଦ୍ଭୂତ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ।:[ଯଥା—ମୁକ୍ତ
ହେବା; ଦିନ ହେବା; ପ୍ରଭାତ ହେବା ଇତ୍ୟାଦି] ।
ଏହା କର୍ତ୍ତାରୂପେ ବ୍ୟବହୃତ ବିଶେଷ୍ୟ ଓ ସର୍ବନାମ ଯୁକ୍ତ
ହୋଇ ବ୍ୟବହୃତ ହୁଏ । ଯଥା—ମୁଁ ହେଲି; ସେ ହେବ]

ହେବି ଦେ. ବି (ଭଚରଅ) (ଅ ହୃତଦ୍)—ହିବା ଇତ୍ୟାଦି (ଦେଖ)—Hibā etc (See)

ହେବା—ଦେ. କ୍ରି (ସଂସ୍କୃ, ଚ. ଭୂ ଧାତୁ)—୧ । ଥିବା । ୨ । ରହିବା
Hebā [ଦ୍ର—ଓଡ଼ିଆ ହେବା କ୍ରିୟାର ବିଭିନ୍ନ କାଳର ରୂପ ନିମ୍ନରେ ପ୍ରଦର୍ଶିତ ହେଲା । ପ୍ରଥମ ପୁରୁଷ ଏକ ବଚନରେ ଆଦର ଅର୍ଥରେ 'ଅମ୍ଭେ ବା ଆମେ' ଓ ବହୁବଚନରେ 'ଅମ୍ଭେ, ଆମେ ବା ଅମ୍ଭେମାନେ', ଦ୍ୱିତୀୟପୁରୁଷ ଏକବଚନରେ ଆଦର ଅର୍ଥରେ 'ତୁମ୍ଭେ ବା ତୁମେ' ଓ ବହୁବଚନରେ 'ତୁମ୍ଭେ','ତୁମେ' ବା ତୁମ୍ଭେମାନେ', ତୃତୀୟ ପୁରୁଷ ଏକବଚନରେ ଆଦର ଅର୍ଥରେ ସେ ଓ ବହୁବଚନରେ ସେମାନେ ଏବଂ ଦ୍ୱିତୀୟ ପୁରୁଷ ଆଦର ଅର୍ଥରେ ଆପଣ ଓ ଆପଣମାନେ'—ଶେଷୋକ୍ତ ତିନିର ରୂପ ଏକାପରି) ।

୧ । (କ) ବିଶୁଦ୍ଧ ବର୍ତ୍ତମାନ

ପ୍ରଥମ ପୁରୁଷ (ମୁଁ)—ଦ୍ୱିତୀୟ ପୁରୁଷ (ତୁ)—ତୃତୀୟପୁରୁଷ (ସେ)
ଏକବଚନ—(ମୁଁ) ହେଉଛି; ହେଉଅଛି—(ତୁ) ହେଉଛୁ; ହେଉଅଛୁ—(ସେ) ହେଉଛି; ହେଉଅଛି
ବହୁବଚନ—(ଅମ୍ଭେମାନେ) ହେଉଛୁଁ; ହେଉଅଛୁଁ—(ତୁମ୍ଭେମାନେ) ହେଉଛ; ହେଉଅଛ—(ସେମାନେ) ହେଉଛନ୍ତି; ହେଉଅଛନ୍ତି

୧ । (ଖ) ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ

ଏକବଚନ—(ମୁ) ହୁଏଁ—(ତୁ) ହେଉ—(ସେ) ହୁଏ; ହୁଅଇ
ବହୁବଚନ—(ଅମ୍ଭେମାନେ) ହେଉଁ—(ତୁମ୍ଭେ ମାନେ) ହୁଅ—(ସେମାନେ) ହୁଅନ୍ତି

୧ । (ଗ) ସମ୍ଭାବ୍ୟ ବର୍ତ୍ତମାନ

ଏକବଚନ—(ମୁଁ) ହୋଇଥାଅନ୍ତି—(ତୁ) ହୋଇଥାଅନ୍ତୁ—(ସେ) ହୋଇଥାଅନ୍ତା
ବହୁବଚନ—(ଅମ୍ଭେମାନେ) ହୋଇଥାଅନ୍ତୁ—(ତୁମ୍ଭେମାନେ) ହୋଇଥାଅନ୍ତ—(ସେମାନେ) ହୋଇଥାଅନ୍ତେ

୧ । (ଘ) ଅନୁମାନିକ

ଏକବଚନ—ହୋଇଥିବି—ହୋଇଥିବୁ—ହୋଇଥିବ
ବହୁବଚନ—ହୋଇଥିବୁଁ—ହୋଇଥିବେ—ହୋଇଥିବେ

୧ । (ଙ) ଅନୁଜ୍ଞା ଆଦେଶାର୍ଥକ

ଏକବଚନ—ହୁଏଁ—ହୁଅ, ହୋ—ହେଉ
ବହୁବଚନ—(ମୁ) ହେଉଁ—(ତୁ) ହୁଅ—(ସେ) ହୁଅନ୍ତୁ

୨ । (କ) ବିଶୁଦ୍ଧଭୂତ

ଏକବଚନ—(ମୁ) ହେଲି—(ତୁ) ହେଲୁ—(ସେ) ହେଲା
ବହୁବଚନ—ହେଲୁଁ—ହେଲ—ହେଲେ

୨ । (ଖ) ପ୍ରାଗ୍‌ଭୂତ

ଏକବଚନ—ହୋଇଥିଲି—ହୋଇଥିଲୁ—ହୋଇଥିଲା
ବହୁବଚନ—ହୋଇଥିଲୁଁ—ହୋଇଥିଲ—ହୋଇଥିଲେ

(ଗ) ଅନତିଦ୍ୟତନଭୂତ

ଏକବଚନ—ହୋଇ(ଅ)ଛି—ହୋଇ(ଅ)ଛୁ—ହୋଇ(ଅ)ଛି
ବହୁବଚନ—ହୋଇ(ଅ)ଛୁଁ—ହୋଇ ଅଛ—ହୋଇ ଅଛନ୍ତି

୨ । (ଘ) ଅସମ୍ପୂର୍ଣ୍ଣ ଭୂତ

ଏକବଚନ—ହେଉଥିଲି—ହେଉଥିଲୁ—ହେଉଥିଲା
ବହୁବଚନ—ହେଉଥିଲୁଁ—ହେଉଥିଲ—ହେଉଥିଲେ

୨ । (ଙ) ସମ୍ଭାବ୍ୟ ଭୂତ

ଏକବଚନ—ହୋଇଥାଆନ୍ତି—ହୋଇଥାଆନ୍ତୁ—ହୋଇଥାଆନ୍ତା
ବହୁବଚନ—ହେଉଥାଅନ୍ତୁ—ହୋଇଥାଅନ୍ତ—ହୋଇଥାଅନ୍ତେ

୩ । (କ) ବିଶୁଦ୍ଧ ଭବିଷ୍ୟତ୍

ଏକବଚନ—ହେବି—ହେବୁ—ହେବ
ବହୁବଚନ—ହେବୁଁ—ହେବ—ହେବେ

(ଖ) ପ୍ରାଗ୍ ଭବିଷ୍ୟତ୍

ଏକବଚନ—ହୋଇଥିବି—ହୋଇଥିବୁ—ହୋଇଥିବ
ବହୁବଚନ—ହୋଇଥିବୁଁ—ହୋଇଥିବ—ହୋଇଥିବେ

(ଗ) ସମ୍ଭାବ୍ୟ ଭବିଷ୍ୟତ୍

ଏକବଚନ—ହୁଅନ୍ତି—ହୁଅନ୍ତୁ—ହୁଅନ୍ତା
ବହୁବଚନ—ହୁ ନ୍ତୁ—ହୁଅନ୍ତା—ହୁଅନ୍ତେ

(ଘ) ଅସମ୍ପନ୍ନ ଭବିଷ୍ୟତ୍

ପ୍ରାଗ୍‌ଭବିଷ୍ୟତ୍ ରୂପ ପରି

ଅସମାପିକା କ୍ରିୟା—ହୋଇ; ହୁଅନ୍ତେ; ହେବାରୁ; ହେଲାରୁ
କ୍ରିୟାବାଚକ ବିଶେଷ୍ୟ—ହେବା
କ୍ରିୟାବାଚକ ବିଶେଷଣ—ହେବା

ଲେଖକ—ପଣ୍ଡିତ କୁଳମଣି ଦାଶ କାବ୍ୟତୀର୍ଥ ।]

ହେବା କଥା ନୁହେଁ(ନାହିଁ)—ଦେ. ଅବ୍ୟୟ ରୂପେ ବ୍ୟବହୃତ ବାକ୍ୟ—
Hebā kathā nuheṅ (nāhiṅ) ୧ । ବିସ୍ମୟ ସୂଚକ ବାକ୍ୟ—
হবার কথা নয়ে 1. (interjection) (a sentence used in astonishment or wonder) Oh wonder!
[ହବା କଥା ନୁହେଁ—ଗ୍ରାମ୍ୟରୂପ] ୨ । (ଖେଦ ବା ବିରକ୍ତିସୂଚକ) ଏହା ଅତି ଦୁଃଖର ବିଷୟ—2. (Interjection) (denoting sorrow or displeasure) This is a
होनेकी बात नहीं matter of great regret.

ହେବା କରିବା—ଦେ. କ୍ରି (ଭତର ଅ)—ହିବା କରିବା (ଦେଖ)—
Hebā karibā Hibā karibā (See)

ହେବାକୁ—ଦେ. କ୍ରି—ଘଟିବାକୁ; ବିଦ୍ୟମାନ ହେବାକୁ—To be.
Hebāku ଅ—୧ । ହେବାପାଇଁ; ହେବା ନିମନ୍ତେ; ହେବା ସକାଶେ—1. For being; for the purpose of being. (ଯଥା—ସେ ଓକିଲ ହେବାକୁ ଲଅ ପଢ଼ୁଛନ୍ତି)
୨ । ହେବା ସମୟରେ; ହେବା ବେଳକୁ—2. At the time of. (ଯଥା—ମୁଁ ଘରଠାରୁ ବିଦାୟ ହେବାକୁ ଶୀଘ୍ର
হতে হতে होनेका वखत ଆସି ପହଞ୍ଚି ଗଲେ)

ହେବା ଗେ(ଡ଼ି, ଡ଼େ, ଢ଼ି, ଢ଼େ)ବା—ଦେ. ବିଣ—୧ । ଅନିୟମିତ,
Hebā ge (ḍi, ḍe, ḍhi, ḍhe)bā 1. Irregular.
এলোমেলো, আধখেঁচড়া ୨ । ଅବହେଳିତ ଓ ଅସମ୍ପୂର୍ଣ୍ଣ (କାର୍ଯ୍ୟ)—
अनियमित 2. Careless and incomplete; slovenly done (work). [ଭି—ଅପକାର୍ଯ୍ୟଂ ତାତପର୍ଯ୍ୟଂ ଯଦ

କାର୍ଯ୍ୟଂ ହେବା ଗେବା—ଢଗ] ଅ—ଅସମତଳ; ଅବୁଡ଼ା
আবড়াখাবড়া ଖାବଡ଼ା; ଅସମାନ; ଖାଲଢିପ—3. Rough;
आबड खाबड undulating; not level. କ୍ରି. ବଣ—
୧ । ସହୃଦ୍ଭାବ ଭାବରେ (କାମ କରବା)—1. Carelessly. ୨ । ଅସମ୍ପୂର୍ଣ୍ଣ ରୂପେ—2. Incompletely; in a slip shod manner; in a slovenly manner. [ଭ—ତେଲ ଲଗାଇବ ହେବା ଗେବା] ୩ । ଯେନ ତେନ ପ୍ରକାରେଣ—3. Anyhow.

ହେବା ନ ହେବା—ଦେ. ବ—୧ । କାର୍ଯ୍ୟର ସିଦ୍ଧି ବା ଅସିଦ୍ଧି—
Hebā na heba 1. To be or not to be;
হওয়া না হওয়া होना न होना success or
(ହବା ନ ହବା—ଗ୍ରାମ୍ୟରୂପ) failure. ୨ । ସ୍ୱୀକୃତ ବା ଅସ୍ୱୀକୃତ—2. Consent or refusal.

ହେବାନାମା—ବୈଦେ. ବ (ଫା, କଚେରୀ)—ହିବାନାମା (ଦେଖ)—
Hebānāmā Hibānāmā (See)

ହେବାରୁ(ରେ)—ଦେ. ଅ—ହେବା ଯୋଗୁଁ; ହେବା ହେତୁ; (ଅମୁକ) କାରଣରୁ—Owing to. (ଯଥା—
Hebāru(re)
হওয়াতে होनेसे ଅଳ୍ପ ବର୍ଷା ହେବାରୁ ମୁଁ ଘରୁ ବାହାରି ନାହିଁ ।)

ହେବି—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ୍ କାଳ ୧ମ (ଉତ୍ତମ) ପୁରୁଷ,
Hebi ଏକବଚନ ଅନାଦରାର୍ଥକ (ମୁଁ) କର୍ତ୍ତା ସଙ୍ଗେ;
হইব होउंगा ବ୍ୟବହୃତରୂପ—[I] will be; shall be.

ହେବୁ—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ୍ କାଳ ୨ୟ (ମଧ୍ୟମ) ପୁରୁଷ
Hebu ଏକବଚନ ଅନାଦରାର୍ଥକ (ତୁ) କର୍ତ୍ତା ସଙ୍ଗେ
হইবি होगा ବ୍ୟବହୃତ ରୂପ—(Thou) shalt be.

ହେବୁଁ—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ କାଳ ପ୍ରଥମ (ଉତ୍ତମ) ପୁରୁଷ
Hebuṅ ମାନ୍ୟାର୍ଥକ ୧ ବଚନ (ଅମ୍ଭେ) ଓ ବହୁବଚନ
হইব होंगे (ଅମ୍ଭେମାନେ) କର୍ତ୍ତା ସଙ୍ଗେ ବ୍ୟବହୃତ ରୂପ—[I or we) Shall be; will be

ହେବ୍ରୁ(ବ୍ରୁ)—ବୈଦେ. ବ ଓ ବଣ (ଇଂ)—ହିବ୍ରୁ (ଦେଖ)—
Hebru(bru) Hibru [See]

ହେବେ—ଦେ. କ୍ରି (ଭୂ ଧାତୁ ଭବିଷ୍ୟତ କାଳ)—୧ । ୨ୟ ପୁରୁଷ ଅନ
Hebe ମାନ୍ୟାର୍ଥକ ୧ ବଚନ (ଆପଣ) ଓ ବହୁବଚନ
হইবেন होंगे (ଆପଣମାନେ)—1.(You) Shall be. ୨ । ଅନ୍ୟ ପୁରୁଷ ମାନ୍ୟାର୍ଥକ ୧ ବଚନ (ସେ) ଓ ବହୁବଚନ (ସେମାନେ)—2. (He or they) Shall be. ଅ—ହେବ (ଦେଖ)—Heba [See]

ହେମ—ସଂ ବ (ହି ଧାତୁ=ଗମନ କରିବା+କର୍ତ୍ତି ମନ୍; ହେମନ୍, ୧ମା
Hema ୧ବ)—୧ । ସ୍ୱର୍ଣ୍ଣ [ଅମର]—1. Gold. ୨ । ଧୁସ୍ତୁର;ଧାତୁର (ଅମର)—2.The Dhaturā plant. ୩ । କେଶର; କାଫ୍ରାନ୍ (ରାଜ ନିର୍ଘଣ୍ଟ)—3. Saffron. ୪ । ହିମ (ଭରତ); କାକର—4. Dew. ୫ । ହିମ (ଭରତ); ହେମନ୍ତକାଳ—5. Beginning of winter. ୬ । ମାଷ ପରିମାଣ; ଏକ ମଷା ଓଜନ (ବୈଦ୍ୟକ)—6. A unit of weight; one tenth of a Tolā. ୭ । କୃଷ୍ଣବର୍ଣ୍ଣାଶ୍ୱ (ଶବ୍ଦ କଳ୍ପଦ୍ରୁମ)—7. A black horse. ୮ । ବୁଧଗ୍ରହ (ଶବ୍ଦକଳ୍ପଦ୍ରୁମ)—8.The planet mercury. ୯ । ବରଫ (ହି ଶ)—9. Snow. ୧୦ । ସ୍ୱର୍ଣ୍ଣଖଣ୍ଡ (ହି. ଶ)—10. A bit or piece of gold. ୧୧ । କପିତ୍ଥ; କଇଥ (ହି,ଶ)—11. Wood apple. ୧୨ । ନାଗକେଶର (ହି. ଶ)—12. Messua Ferra [tree and flower]. ୧୩ । ବାଦାମୀରଙ୍ଗର ଘୋଡ଼ା (ହି. ଶ)—13. A horse of almond colour. ୧୪ । ବୁଦ୍ଧଦେବ (ହି. ଶ)—14. The Buddha. ଦେ ବ—୧ । (ପୁଂ) ହେମଚନ୍ଦ୍ର, ହେମନ୍ତକୁମାରର ନାମ-
হেম हेम 1. Nickname of Hemachandra, Hemanta Kumāra etc. ୨ । (ସ୍ତ୍ରୀ) ହେମପ୍ରଭା, ହେମଲତା, ହେମନ୍ତକୁମାରୀ, ହୈମବତୀ ଅଦିଙ୍କ ଡାକନାମ—2. Nickname of Hemaprabhā etc. ପ୍ରାଦେ (ଖଡ଼ୁଅଲ) ବ—ହିମ; କାକର—Cold; coolness.

ହେମ କନ୍ଦଳ—ସଂ ବ—ପ୍ରବାଳ; ପୋହଳା (ହେମଚନ୍ଦ୍ର)—
Hema kandala Coral.

ହେମ କାକର—ଦେ.ବଣ—ହେମପରି ଅର୍ଥାତ୍ ବରଫ ପରି ଅତି ଥଣ୍ଡା—
Hema kākara হিমশীতল हिमशीतल Icy; ice-cold. [ଭ—ଦାଦେ ! ପାଣିରେ ବୁଡ଼ିଲେ ମାଏ, ପାଣି ହେଲା ହେମକାକର, ଦାଦେ ହେଲେ ବୁଢ଼ା ମାକଡ଼—ଶିଶୁବେଦ ।]

ହେମ କାନ୍ତି—ସଂ ବ—୧ । (୬ଷ୍ଠୀ ତତ୍) ସୁନାର ପ୍ରଭା—
Hemakānti 1. Lustre of gold. ୨ । [ବହୁବ୍ରୀହି] ଦାରୁହରିଦ୍ରା (ରାଜନିର୍ଘଣ୍ଟ)—2. Berberis Cristata. ୩ । ଅମ୍ବକଷିଆ ଅଦା; ଆମ୍ବ ଅଦା [ହି.ଶ]—3.Curcoma Zeodaria, ବ. ବଣ, ପୁଂ [ବହୁବ୍ରୀହି] ସ୍ୱର୍ଣ୍ଣାଭ; ଯାହା ପରି କାନ୍ତି ଶିଷ୍ଟ—Of golded hue.

ହେମକାର—ସଂ ବ—ସ୍ୱର୍ଣ୍ଣକାର, ସୁନାସ୍ୱଣିଆ [ମତ୍ସ୍ୟପୁରାଣ]
Hemakāra Goldsmith

ହେମ କାର୍କଶୀ—ଦେ ବ [ବୈଦ୍ୟକ] ଏକପ୍ରକାର ଔଷଧ ଗୁଳ୍ମ—
Hema kārkai Name of a medicinal plant. [ଦ୍ର—ଏହାକୁ କେହି କେହି ସାସାଣବେଗ କହନ୍ତି । ଏ ଗୁଳ୍ମର ପତ୍ରକୁ ଘିଅରେ ଭାଜି ଅଥବା ତରକାରୀ କରି ଖାଇଲେ ଅର୍ଶର ଯନ୍ତ୍ରଣା ପ୍ରଶମିତ ହୁଏ । ଏହାର ଅନ୍ୟ ଅନେକ ଗୁଣ ମଧ୍ୟ ଅଛି—ଦ୍ରବ୍ୟକଳ୍ପଦ୍ରୁମ ।]

ହେମ କିଞ୍ଜଳ୍କ—ସଂ ବ-ନାଗକେଶର [ରାଜନିର୍ଘଣ୍ଟ ଦେଖ]
Hemakiñjalka Nāgakeśara [See]

ହେମ କୁମ୍ଭ (କଳସ, ଘଟ)—(ସ ଯ ଲେ)—ସ୍ୱର୍ଣ୍ଣନିର୍ମିତ ଘଡ଼ା—
Hema kumbha [kaḷasa, ghaṭa] A golden pitcher.

ହେମ କୂଟ—ସଂ ବି(ବହୁବ୍ରୀହି; ହେମମୟ ଅଟେ କୂଟ=ଶୃଙ୍ଗ ଯାହାର)—
Hema kūṭa ପୁରାଣୋକ୍ତ ହିମାଳୟର ଉତ୍ତରସ୍ଥ ପର୍ବତ ବିଶେଷ (ଅମର)—Name of a mythological mountain to the north of the Himalyas. [ଦ୍ର—ପୁରାଣ ମତରେ ଏହା କିଂପୁରୁଷ ଓ ଭାରତବର୍ଷ ମଧ୍ୟସ୍ଥ ସୀମା ପର୍ବତ । ଏହାର ୯୦ ସହସ୍ର ଯୋଜନ ଦୈର୍ଘ୍ୟ, ୨ ସହସ୍ର ଯୋଜନ ପ୍ରସ୍ଥ ଓ ୨ ସହସ୍ର ଯୋଜନ ବିସ୍ତାର ଅଟେ ।]

ହେମ କେତକୀ—ସଂ. ବି—ସ୍ୱର୍ଣ୍ଣକେତକୀ; କେତକୀଫୁଲ (ରାଜନିର୍ଘଣ୍ଟ)—
Hema ketakī The yellow-flowered Pandanus Odoratissimus; Pandanus Asiculatus.

ହେମ କେଦାର—ଦେ. ବି—୧ । ଏକପ୍ରକାର ଗନ୍ଧ—
Hema kedāra 1. Name of a sweet scented root of a plant; a kind of achorus root. ୨ । ହେମସାଗର ୨ (ଦେଖ)—2. Hema sāgara 2 (See)
ହେମକେଦାର ଜବଦ୍ୱ

ହେମ କେଳି—ସଂ. ବି—ଅଗ୍ନି [ଶବ୍ଦମାଳା]—
Hema keḷi Fire.

ହେମ କେଶ—ସଂ. ବି—ଶିବ [ଶବ୍ଦ କଳ୍ପଦ୍ରୁମ]—
Hema keśa Śiba.

ହେମକ୍ଷୀରୀ—ସଂ. ବି—ସ୍ୱର୍ଣ୍ଣକ୍ଷୀରୀ ବୃକ୍ଷ, ଅଗରୁ ଗୁଳ୍ମ—
Hema kshīrī Gamboje thistle.

ହେମ ଗନ୍ଧିନୀ—ସଂ. ବି—ରେଣୁକା ନାମକ ଗନ୍ଧଦ୍ରବ୍ୟ [ରତ୍ନମାଳା]—
Hema gandhinī A scented herb.

ହେମଗିରି—ସଂ. ବି—[ସ୍ୱର୍ଣ୍ଣମୟ] ସୁମେରୁ ପର୍ବତ—
Hema giri The mythological gold mountain at the north end of the world.

ହେମ ଗୋରୀ—ଦେ.ବି ଓ ବିଣ ସ୍ତ୍ରୀ—[ସଂ ହେମଗୌରୀ]—କନକଗୋରୀ;
Hema gorī ସୁନାପରି ଶରୀରକାନ୍ତି ବିଶିଷ୍ଟା [ସ୍ତ୍ରୀ]—Fair-skinned woman.

ହେମ ଗୌର—ସଂ. ବିଣ ପୁଂ—୧ । ସ୍ୱର୍ଣ୍ଣପରି ଗୌରବର୍ଣ୍ଣ ଚର୍ମଯୁକ୍ତ—
Hema gaura 1. Fair-skinned like gold.
୨ । କର୍ଣ୍ଣିକାର ବୃକ୍ଷ [ରାଜନିର୍ଘଣ୍ଟ]; ବବୁର ଗଛ—
2. Acacia Arabica tree.

ହେମ ଗୌରାଙ୍ଗ—ସଂ ବିଣ ପୁଂ—ସ୍ୱର୍ଣ୍ଣତୁଲ୍ୟ ଗୌରବର୍ଣ୍ଣାଙ୍ଗ ବିଶିଷ୍ଟ
Hemagaurāṅga [ସୁନ୍ଦରପୁରୁଷ]—Fair-skinned; (ହେମଗୌରାଙ୍ଗୀ—ସ୍ତ୍ରୀ) golden complexioned.

ହେମଘ୍ନ—ସଂ ବି—(ହେମ+ହନ୍ ଧାତୁ+କର୍ତ୍ତୃ. ଅ)—ସୀସାଧାତୁ—
Hemaghna Lead (metal).

ହେମଘ୍ନା—ସଂ .ବି—(ହେମଘ୍ନ+ଆ)—ହଳଦୀ (ହ୍ର.ଶ)
Hemeghnā Turmeric.

ହେମଚନ୍ଦ୍ର—ସ.ବି—୧ । (ସ. ଯ ଲେ)—ସ୍ୱର୍ଣ୍ଣ ନିର୍ମିତ ଚନ୍ଦ୍ର; ସୁନାର ଜହ୍ନ
Hema chandra 1. A gold model of moon. ୨ । ଇକ୍ଷ୍ୱାକୁ ବଂଶୀୟ ବିଶାଳ ରାଜାଙ୍କ ପୁତ୍ର (ହ୍ର.ଶ)—2. Name of a king of the Ikshwāku dynasty.
হেমচন্দ্র हेमचन्द्र
ଦେ. ବି. ପୁଂ—୧ । ପୁରୁଷଙ୍କୁ ଦିଅଯିବା ନାମ—
হেমচন্দ্র हेमचन्द्र 1. A name given to males. ୨ । ଅଭିଧାନ ଚିନ୍ତାମଣି ନାମକ ସଂସ୍କୃତ ଅଭିଧାନ ଗ୍ରନ୍ଥକାର—2. Name of a Sanskrit lexicographer. [ଦ୍ର —ଏହାଙ୍କୁ ଲୋକେ 'ସୁରି ହେମଚନ୍ଦ୍ର' ବୋଲି ଡାକୁଥିଲେ । ଏ ଗୁଜରାଟର ପ୍ରସିଦ୍ଧ ଜୈନ ପଣ୍ଡିତ ଥିଲେ । ଏହାଙ୍କର ଜନ୍ମ ଖ୍ରୀ ୧୦୮୦ ଓ ମୃତ୍ୟୁ ଖ୍ରୀ. ୧୧୭୪ରେ ହୋଇଥିଲା । ଏ ଜଣେ ଦିଗ୍ବିଜୟୀ ପଣ୍ଡିତ ଥିଲେ । ଏ ବୈଶ୍ୟ ଜାତୀୟ ଶ୍ୱେତାମ୍ବର ଜୈନ ଥିଲେ । ଏ ରାଜା କୁମାରପାଳଙ୍କ ଆଶ୍ରୟରେ ଥିଲେ । ଏହାଙ୍କ କୃତ ଅଭିଧାନ ଚିନ୍ତାମଣି, ଅନେକାର୍ଥ କୋଷ, ସିଦ୍ଧ ଶବ୍ଦାନୁଶାସନ, ପ୍ରାକୃତ ବ୍ୟାକରଣ, ପ୍ରାକୃତ ଅଭିଧାନ, ତ୍ରିଷଷ୍ଟି ଶଲାକା, ସଂସ୍କୃତ ବ୍ୟାକରଣ, ଦେଶୀ ନାମ ମାଳା, ଉଣାଦି ସୂତ୍ରବୃତ୍ତି ଗ୍ରନ୍ଥମାନ ଆଜି ସୁଦ୍ଧା ଭାରତରେ ପ୍ରାମାଣିକ ଗ୍ରନ୍ଥରୂପେ ଅଦୃତ ହେଉଅଛି ।]

ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ—ଦେ. ବି• (ନାମ)—ବଙ୍ଗର ଜନୈକ ସ୍ୱର୍ଗତ
Hemachandra bandopādhyāya କବି—Name of a late famous poet of Bengal. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୮୩୮ ଓ ମୃତ୍ୟୁ ୧୯୦୩ ସାଲରେ ହୋଇଥିଲା । ଏ ହୁଗୁଳି ଜିଲ୍ଲାର ବଙ୍ଗୀୟ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ଏ ବି. ଏ., ବି. ଏଲ୍ ପାଶ୍ କରି କିଛି ଦିନ ମୁନ୍ସଫ ହୋଇ ପରେ କଲିକତା ହାଇକୋର୍ଟରେ ଓକାଲତି କଲେ । ବୃଦ୍ଧାବସ୍ଥାରେ ଏ ଚକ୍ଷୁ ହରାଇଥିଲେ । ଏ ମାଇକେଲ୍ ମଧୁସୂଦନଙ୍କ ମେଘନାଦ ବଧ କାବ୍ୟର ଟୀକା କରିଥିଲେ, ଏବଂ ନିଜେ ଅନେକ ସୁଲଳିତ କବିତା ମଧ୍ୟ ରଚନା କରିଥିଲେ । ଏହାଙ୍କ ରଚିତ ଚିନ୍ତା ତରଙ୍ଗିଣୀ, ବୃତ୍ର ସଂହାର କାବ୍ୟ, ବୀରବାହୁ ଓ କବିତାବଳି ଗ୍ରନ୍ଥମାନ ପ୍ରସିଦ୍ଧ । ବଙ୍କିମଚନ୍ଦ୍ର ଏହାଙ୍କୁ ମାଇକେଲ୍ ମଧୁସୂଦନଙ୍କ ସଙ୍ଗେ ସମାନ ବୋଲି ଗଣନା କରିଥିଲେ ।]

ହେମ ଚମ୍ପକ—ଦେ• ବି (ଅଧୁନିକ)—ବିଦେଶୀ ପୁଷ୍ପ ବୃକ୍ଷ ବିଶେଷ—
Hema champaka Magnollia Grandiflora.
ସଂ.ବି—ହଳଦିଆ ଚମ୍ପା ଫୁଲ ଓ ଗଛ—The yellow-flowered Champaka tree and its flower.

ହେମଜ—ସଂ. ବି—ରଙ୍ଗା ଧାତୁ (ହ୍ର. ଶ)—Tin (metal).
Hemaja

ହେମଜାଲ—ଦେ. ବି—ଲତା ବିଶେଷ—A kind of creeper.
Hemajāla

ହେମଜ୍ୱାଳ—ସଂ.ବି. (ବହୁବ୍ରୀହି; ହେମ+ଜ୍ୱାଳା)—ଅଗ୍ନି (ହେମାଳା)—
Hema jwāla Fire.

ହେମ ଝରି—ଓଡ଼. ବି—ସ୍ୱର୍ଣ୍ଣର ଗଡ଼୍ଡୁ ବା ଝାଳ—Golden pitcher.
Hema jhari হেমঝারা सोनेकीझरी

ହେମ(ମ୍ମ)ତ୍ (ଇତ୍ୟାଦି)—ବୈଦେ. ବି(ଅ)—ହିମ୍ମତ୍ ଇତ୍ୟାଦି (ଦେଖ)-
Hema(mma)t(etc) Himmat etc (See).

ହେମତାର—ସଂ. ବି—୧ । ଉଡ଼ୁମ୍ବର ବୃକ୍ଷ (ଶବ୍ଦମାଳା)—1. The
Hema tāra wild fig tree. ୨ । ତୁତିଆ (ହି. ଶ)—
2. Blue vitriol; copper sulphate.

ହେମତି—ବୈଦେ. ବିଣ— (ଅ)—ହିମ୍ମତି (ଦେଖ)—Himmati
Hemati (ହେମତିଆ—ଦେ. ରୂପ) (See).

ହେମ ତୁର୍କୁଣୀ—ପ୍ରାଦେ (ଗଡ଼ଜାତ) ବି—ବନ୍ୟଲତା ବିଶେଷ—A
Hema turkuṇī kind of wild creeper. [ଦ୍ର—ଏହା
ଭୂମିରେ ମାଡ଼େ; ପତ୍ର ତୁଳସୀପତ୍ର । ଏହା ଗୋରୁ ଗାଈଙ୍କ
ପ୍ରତି ଉପକାରୀ ଅଟେ]

ହେମତୁଳା—ସଂ. ବି—ସ୍ୱର୍ଣ୍ଣର ତୁଳାଦାନ; ଦାତାଙ୍କ ସମାନ ଓଜନ ସୁନାର
Hema tulā ଦାନ (ହି. ଶ)—A present of one's
weight of gold to Brāhmaṇas.

ହେମ ଦୁଗ୍ଧକ (ଦୁଗ୍ଧ)—ସଂ. ବି—ଉଡ଼ୁମ୍ବର ବୃକ୍ଷ—(ଅମର)—The
Hema dugdhaka(dugdha) wild fig tree; Ficus
Glomerata. ବିଣ—ପୀତବର୍ଣ୍ଣ କ୍ଷୀରଯୁକ୍ତ—
Having golden juice.

ହେମଦୁଗ୍ଧା—ସଂ. ବି—ସ୍ୱର୍ଣ୍ଣ କ୍ଷୀରୀ(କଣ୍ଟାଧାରା)—Gāmboje thistle
Hema dugdh (a plant).

ହେମଦୁଗ୍ଧୀ—ସଂ. ବି— (ହେମ ଦୁଗ୍ଧିନ୍ ଶବ୍ଦ; ୧ମା. ୧ବ)—୧ । ଯଜ୍ଞ-
Hema dugdhī ଡୁମ୍ବୁର ବୃକ୍ଷ (ଶବ୍ଦ ରତ୍ନାବଳୀ)—
1. Ficus Glomerata; Ficus Gibbosa. ୨ ।
୨ । ସ୍ୱର୍ଣ୍ଣକ୍ଷୀରୀ—(ରାଜ ନିର୍ଘଣ୍ଟ)—2. Gamboje
thistle (a plant).

ହେମ ଧାନ୍ୟକ—ସଂ. ବି—ତିଳ; ରାଶି (ବୈଦ୍ୟକ)—Sesamum
Hema dhānyaka Niger (see i).

ହେମନ୍ତ—ସଂ. ବି—(ହନ୍ ଧାତୁ=ବଧ କରିବା+ମନ୍; ବା,
Hemanta ହେମନ୍+ତ)—ହିମଋତୁ; ଅଗ୍ରହାୟଣ ଓ
ପୌଷମାସାତ୍ମକ ଋତୁ—The 1st two months of
winter. [ଦ୍ର—ଏହା ବର୍ଷର ୬ ଋତୁ ମଧ୍ୟରେ
ଶରତ୍ ଋତୁର ପରେ ଘଟିବା ଋତୁ ଅଟେ ।] ଦେ.ବି—
ହିମାଳୟ हेमन्त ୧ । (ସଂ. ହିମବନ୍ତ) ହିମାଳୟ ପର୍ବତ—
1. The Himalayas. ୨ । ହେମନ୍ତ କୁମାରର
ଡାକ ନାମ—2. Nickname of Hemanta
kumāra. ବୈଦେ. ବି (ଅ) ହିମ୍ମତ୍ (ଦେଖ)
ହିଂଆ: हिम्मत Himmat (See)

ହେମନ୍ତ ନାଥ—ସଂ. ବି—କପିତ୍ଥ (ଶବ୍ଦ ଚନ୍ଦ୍ରିକା)—Wood apple.
Hemantanātha

ହେମନ୍ତ ବାଳୀ(କୁମାରୀ,ବାଳା)—ଦେ.ବି—୧ । ପାର୍ବତୀ—1.Pārbati.
Hemanta bālī (kumārī, bālā) [ଦ୍ର—ମଧୁସୂଦନ
হিমগিরিকন্যা हेमन्तकन्या ପାଳେ ମତ୍ତ ହେମନ୍ତ ବାଳୀ । ଶିଶୁ
ଶଙ୍କର ତୃଷା ଅଭିଳାଷ] ୨ । (ନାମ) ସ୍ତ୍ରୀ ଲୋକଙ୍କ
ଦିଆଯିବା ନାମ—2. A name given to females.

ହେମ ପର୍ବତ—ସଂ.ବି—୧ । ସୁମେରୁ ଗିରି (ହଳାୟୁଧ)—The my-
Hema parbata thological mountain at the
north extremity of the world. ୨ । ଦାନ
ନିମନ୍ତେ ଉତ୍ସୃଷ୍ଟ ସୁନା ଗଦା (ହି. ଶ)—2. A heap of
gold given away to Brāhmaṇas [ଦ୍ର—
ଏହା ମହାଦାନମଧ୍ୟରେ ଏକ ଅଟେ ।

ହେମ ପୁଷ୍ପ—ସଂ ବି—୧ । ଅଶୋକ ବୃକ୍ଷ (ମେଦିନୀ) 1. Asoka
Hema pushpa flower. ୨ । ଜବା ପୁଷ୍ପ;
ମନ୍ଦାର ଫୁଲ (ମେଦିନୀ)—2. The china rose.
୩ । ଚମ୍ପକ ବୃକ୍ଷ (ଶବ୍ଦଚନ୍ଦ୍ରିକା) 3. The
Champaka tree. ୪ । ନାଗକେଶର (ହି. ଶ —
4. Mesua Ferra (tree and flower).

ହେମ ପୁଷ୍ପକ—ସ ବି—୧ । ଚମ୍ପକ ବୃକ୍ଷ (ଅମର)—
Hema pushpaka 1. The Champaka tree;
Michelia Champaka. ୨ । ଲୋଧ୍ର (ରାଜନିର୍ଘଣ୍ଟ)
2. Symplocus Racemosa.

ହେମପୁଷ୍ପିକା—ସ. ବି—ସ୍ୱର୍ଣ୍ଣଯୂଥିକା (ଅମର)—The yellow-
Hema pushpikā flowered variety of Jasminum
Auriculatum.

ହେମ ପୁଷ୍ପୀ—ସଂ. ବି—୧ । ମଞ୍ଜିଷ୍ଠା (ଶବ୍ଦମାଳ)—
Hema pushpī 1. Indian madder
plant; Rubia Cordifolia. ୨ । ସ୍ୱର୍ଣ୍ଣଜୀବନ୍ତୀ-
(ରାଜନିର୍ଘଣ୍ଟ)—2. The yellow variety of
Celtis Orientalls. ୩ । ଇନ୍ଦ୍ରବାରୁଣୀ
(ରାଜନିର୍ଘଣ୍ଟ)—3. Colocynth (creeper).
୪ । ସୁନାରି ଗଛ; ସ୍ୱର୍ଣ୍ଣଳୀ (ରାଜନିର୍ଘଣ୍ଟ)—
4. Cassia Fistula (tree). ୫ । ମୁସଳୀ;
ତାଳ ମୂଳୀ (ରାଜନିର୍ଘଣ୍ଟ)—5. Asparagus
Sarmentosus. ୬ । କଣ୍ଟକାରୀ; ଅଙ୍କୋଳକ
(ରାଜନିର୍ଘଣ୍ଟ)—6. Solanum Xanthocarpum
(plant).

ହେମ ଫଳା—ସଂ. ବି—ସ୍ୱର୍ଣ୍ଣ କଦଳୀ; ଚମ୍ପା କଦଳୀ (ରାଜନିର୍ଘଣ୍ଟ)—
Hema phalā A variety of banana.

ହେମ ବପୁ—ଦେ. ବି, ପୁଂ ଓ ସ୍ତ୍ରୀ—(ସଂ ହେମବପୁଃ)—ହେମଗୌର
Hema bapu Fair-compexioned (person).
(ଦ୍ର—ପୁରୁବରେ ବସାଇ କର୍ପୂର, ଝୁରୁ ସୁନ ଉରେ
ଲଗାଇବା କେଉଁ ଗୁରୁଷ ହେମବପୁର—ଭଞ୍ଜ.
ପ୍ରେମସୁଧାନିଧି ।)

ହେମ ବଳ—ସଂ. ବି—ମୌକ୍ତିକ; ମୁକ୍ତା (ରାଜନିର୍ଘଣ୍ଟ)—
Hema baḷa Pearl.

ହେମ ମୟ—ସଂ. ବିଣ. ପୁଂ (ହେମ+ମୟ)—୧ । ସୁନାରେ ତିଆରି—
Hemamaya 1. Made of gold. ୨ । ସୁନାଲି-
(ହେମମୟୀ—ସ୍ତ୍ରୀ) 2. Golden.

ହେମ ମାଳା—ସଂ. ବି—୧ । ସୁନାର ହାର—1. Gold necklace.
Hema mālā ୨ । (ନାମ) ଯମ ପତ୍ନୀ—2. Name of the wife of God Jama. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ହେମ ମାଳୀ—ସଂ. ବି (ହେମ+ମାଳ+ଇନ୍; ୧ମା. ୧୦)—
Hemamāli ୧ । ସୂର୍ଯ୍ୟ (ଅଭିଧାନ ଗ୍ରନ୍ଥ)—
হেম মালী हेम माली 1. The Sun.
୨ । (ନାମ) ଖର ରାକ୍ଷସର ସେନାପତି (ହି. ଶ)—
2. Name of a general of the army of Khara demon. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ହେମ ଯୂଥିକା—ସଂ. ବି—ସ୍ୱର୍ଣ୍ଣଯୂଥିକା; ସ୍ୱର୍ଣ୍ଣଯୁଈ (ରାଜନିର୍ଘଣ୍ଟ)—
Hema jūthikā The yellow-flowered variety of Jasminum Auriculatum.

ହେମ ରାଗ—ସଂ. ବି (ଷଷ୍ଠୀ ତତ୍)—ସ୍ୱର୍ଣ୍ଣବର୍ଣ୍ଣ—
Hema rāga Golden colour.

ହେମ ରାଗିଣୀ—ସଂ. ବି (ହେମରାଗ+ଇନ୍+ସ୍ତ୍ରୀ ଈ)—ହରିଦ୍ରା
Hema rāgiṇi (ବିଶ୍ୱକୋଷ); ହଳଦୀ—Turmeric.

ହେମରାଜ—ଦେ. ବି (ସଂ ହେମସାଗର)—ହେମସାଗର ୧ (ଦେଖ)—
Hema rāja 1. Hema sāgara 1 (See)

ହେମ ରେଣୁ—ସଂ ବି—୧ । ସୁନାର ଧୂଳି—
Hema reṇu 1. Dust of gold. ୨ । ତ୍ରସରେଣୁ (ହି. ଶ) (ଦେଖ)—2. Trasareṇu (See)
୩ । କୃକଳାସ; ଏଣ୍ଡୁଅ (ମେଦିନୀ)—3. Chameleon.
୪ । ଚନ୍ଦ୍ରୀକେଉଳ (ହି. ଶ.) ଦେଖ —
4. A species of golden house-lizard.

ହେମ ଲତା—ସଂ. ବି—ସ୍ୱର୍ଣ୍ଣଜୀବନ୍ତୀ [ରାଜନିର୍ଘଣ୍ଟ]—Yellow
Hema latā variety of Jibanti.
হেমলতা हेमलता ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକମାନଙ୍କ ନାମ—
A name given to females.

ହେମ ଲମ୍ବ[ଲମ୍ବକ]—ସଂ. ବି—ବାର୍ହସ୍ପତ୍ୟ ୬୦ ସମ୍ବତ୍ସର ମଧ୍ୟରେ
Hema lamba (lambaka) ୩୧ଶ ବର୍ଷର ନାମ [ହି.ଶ]—
Name of the 31st of the 60 years of the planet Jupiter.

ହେମଶ—ପ୍ରାଦେ. [ଗଞ୍ଜାମ] ବି.—୧ । ମନୋଯୋଗ—
Hemaśa 1. Attention. ୨ । ଶ୍ରଦ୍ଧା—
2. Affection; attachment.

ହେମଶଙ୍ଖ—ସଂ. ବି—(ବହୁବ୍ରୀହି)—ବିଷ୍ଣୁ (ବିଶ୍ୱକୋଷ)—
Hema śankha Bishṇu.

ହେମ ଶାକର—ପ୍ରାଦେ. (ଗଡ଼ଜାତ) ବି—ଔଷଧ ଗୁଳ୍ମ ବିଶେଷ—
Hema śākara Name of a medicinal plant.
[ବି—ଏହା ଯୋଖସ୍ତ କୂଳରେ ଓ ପାଣି କୂଳରେ ଜନ୍ମେ; ଏହାର ପତ୍ରକୁ ତେଲରେ ଭାଜି ବାତ ଧରିଥିବା ଅଙ୍ଗରେ ପଡ଼ିଲେ ଉପକାର ହୁଏ]

ହେମ ଶିଖା—ସଂ ବି—ସ୍ୱର୍ଣ୍ଣକ୍ଷୀରୀ (ଶବ୍ଦରତ୍ନାବଳୀ)—
Hema śikhā Gamboje thistle (plant).

ହେମ ସାଗର—ସଂ. ବି—୧ । ଘିଅ କୁଆଁରୀ ପରି ପାର୍ଶ୍ୱଯୁକ୍ତ ଓ ମାଂସଳ
Hema sāgara ଶାକ ବିଶେଷ—1. Kalanchoe Laciri-
ପା. ଜଖମହୃୟାତ୍ ata (herb); Kālanchoe Laciniata
হেমসাগর (Kirtikar) [ବି—ଏହାର ପତ୍ର ମୋଟ, ମାଂସଳ
हेमसागर ଓ ପତ୍ରଧାରରେ କଟାକଟା; ଫୁଲ ଶ୍ୱେତ ଓ ହଳଦିଆ (ସୋରେଶରଙ୍ଗ) ଏହା ବିହାର ଓ ପୂର୍ବବଙ୍ଗରେ ଜନ୍ମେ । ଘଞ୍ଚାଲର ପାହାଡ଼ରେ ଏ ଗଛ ସବୁବେଳେ ଜନ୍ମେ] ୨ । ଫୁଟ୍‌ଫୁଟିକଅ ଗଛପରି ପାର୍ଶ୍ୱଯୁକ୍ତ ଶାକ ବିଶେଷ—2. Bryo phyllum Calycinum. [ବି—ଏହା ଦୁଇହାତ ପର୍ଯ୍ୟନ୍ତ ଉଚ୍ଚ ହୋଇ ବଢ଼େ । ଏହାର ପତ୍ର ମୋଟ, ମାଂସଳ, ଶ୍ଲେଷ୍ମଯୁକ୍ତ ଓ ଅମ୍ଳ । ଓଦା ସ୍ଥାନରେ ଏହାର ପତ୍ରକୁ ରଖିଲେ ପତ୍ର ଦେହରୁ କୁଆଁ ବାହାରି ଅନେକ ଗଛ ହୁଏ; ଫୁଲ ବଡ଼ ବଡ଼ ଓ ବାଇଗଣୀ ରଙ୍ଗ । ଏହା ବର୍ଷାଦିନେ ଫୁଟେ । ଏହି ଗଛ ୨୦୦ ବର୍ଷ ପୂର୍ବେ ମଲକା ଦ୍ୱୀପପୁଞ୍ଜରୁ ଭାରତକୁ ଆଣିତ ହୋଇଥିଲା]

ହେମ ସାର—ସଂ. ବି—ତୁତ୍ଥ; ତୁତିଆ (ରସଚନ୍ଦ୍ରିକା)—
Hema sāra Sulphate of copper.

ହେମ ସୁତା—ସଂ. ବି—ପାର୍ବତୀ (ହି. ଶ)—
Hemasutā Goddes Pārbati.

ହେମ ସୂତ୍ର (ସୂତ୍ରକ)—ସଂ. ବି—ସ୍ୱର୍ଣ୍ଣସୂତା; ଗୋଟ (ଅଳଙ୍କାର ବିଶେଷ)—
Hema sūtra(sūtraka) A gold chain in the shape of a string.

ହେମ ହସ୍ତି ରଥ—ସଂ. ବି—ମହାଦାନ ବିଶେଷ; ଷୋଡ଼ଶ ମହାଦାନାନ୍ତ-
Hema hasti rath ର୍ଗତ ଦାନ ବିଶେଷ—A kind of gift prescribed in the Hindu Śāstras, consisting of a model of a car drawn by elephants, both made of gold.
[ବି—ସ୍ୱର୍ଣ୍ଣର ଗୋଟିଏ ଚତୁଷ୍ଚକ୍ର ବିଶିଷ୍ଟ ରଥ ନିର୍ମାଣ କରି ସେଥିମଧ୍ୟରେ ନାରାୟଣ ଓ ଲକ୍ଷ୍ମୀମୂର୍ତ୍ତି, କୃଷ୍ଣାଜିନ, ତିଳ, ଅଷ୍ଟାଦଶ ଧାନ୍ୟ, ଭାଜନ, ଆସନ, ଚନ୍ଦନ, ଦୀପ, ଛତ୍ର, ଦର୍ପଣ ଓ ପାଦୁକା ସ୍ଥାପନ କରାଯାଏ ।
ଧ୍ୱଜରେ ଗରୁଡ଼ମୂର୍ତ୍ତି ଓ ସାମନାରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଏ । ରଥରେ ସ୍ୱର୍ଣ୍ଣନିର୍ମିତ ଓ ମୁକ୍ତାଦାମଭୂଷିତ ୪ଟି ହାତୀ ଲଗାଯାଏ ଓ ୮ଟି ଚକ, ବିତାନ

ଓ କୌଶେଯ୍ଯ ବସ୍ତ୍ରାଦ ସହିତ ଏହା ବ୍ରାହ୍ମଣକୁ ଦାନ କରାଯାଏ । ଏଥିର ଫଳ ଶିବଲୋକ ପ୍ରାପ୍ତି — ମତ୍ସ୍ୟପୁରାଣ ।]

ହେମା — ଦ°. ବି ପୁଂ — (ହି ଧାତୁ=ଗମନ କରିବା + କର୍ତ୍ତୃ ମନ୍; ହେମନ୍ ଶବ୍ଦ ୧ମା ୧ବ) — ୧ । ବୁଧଗ୍ରହ (ହିକାଣ୍ଡଶେଷ) —
Hemā 1. The planet mercury. ୨ । (ହେମ+ଅ) (ସ୍ତ୍ରୀ) ସୁନ୍ଦରୀ ସ୍ତ୍ରୀ (ଶବ୍ଦକଳ୍ପଦ୍ରୁମ) — 2. A fair woman. ୩। ଅପ୍ସରମାନେ (ଶବ୍ଦକଳ୍ପଦ୍ରୁମ) — 3. The heavenly nymphs. ୪ । ଗୋରୀ: ହେମାଙ୍ଗୀନାରୀ — 4. A woman of fair complexion.ଦେ.ବ.ପୁଂ — ୧।ହେମ କୋଦ୍ୟ ନାମ ବିଶିଷ୍ଟ ପୁରୁଷଙ୍କ ଡାକନାମ — 1. Nick-name of Hemachandra etc. ୨। (ସ୍ତ୍ରୀ) ହେମ-ଶବ୍ଦାଦ୍ୟ ନାମବିଶିଷ୍ଟା ସ୍ତ୍ରୀଙ୍କ ଡାକନାମ — 2. Nickname of Hemamāli etc.

ହେ ମା — ଦେ. ଅ — ୧ । ମାତା ଓ ମାତୃସ୍ଥାନୀୟା ସ୍ତ୍ରୀଙ୍କୁ ସମ୍ବୋଧନ —
He mā 1. Exclamation uttered in addressing one's mother and elderly ladies. [ଦ୍ର — କନ୍ୟା ଓ କନ୍ୟା ସ୍ଥାନୀୟା ସ୍ତ୍ରୀଙ୍କୁ ମଧ୍ୟ ଏହି ସମ୍ବୋଧନ
ଓ ମା ! କରାଯାଏ] ୨। (ବିସ୍ମୟ ବା ଭୟସୂଚକ ଧ୍ୱନି) ମା ଥିଲେ । —
हे ! मा ! 2. An exclamation of wonder or fear.

ହେମାଙ୍ଗ — ସ. ବ ପୁଂ — (ବହୁବ୍ରୀହି; ହେମ=ସୁବର୍ଣ୍ଣବର୍ଣ୍ଣ ଅଙ୍ଗ ଯାହାର)
Hemānga ୧। ହିରଣ୍ୟଗର୍ଭ; ବ୍ରହ୍ମା (ମେଦିନୀ) — 1. Brahmā; the Creator. ୨ । ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ (ମହାଭାରତ) — 2. One of the names of Bishnu. ୩ । ଗରୁଡ଼ (ମେଦିନୀ) — 3. The king of birds. ୪ । ସିଂହ (ମେଦିନୀ) — 4. Lion. ୫ । ହେମାଦ୍ରି; ସୁମେରୁ ପର୍ବତ (ମେଦିନୀ) — 5. The Sumeru mountain. ୬ । ଚମ୍ପକ ବୃକ୍ଷ (ଶବ୍ଦରତ୍ନାବଳୀ) — 6. The Champaka tree. ୭ । (ମ. ପ. ଲେ) ସ୍ୱର୍ଣ୍ଣନିର୍ମିତ ଅଙ୍ଗ ବା ଅବୟବ — 7. Golden limbs. ୮ । ସୁନାପରି ଗୋରାଦେହ — 8. Limbs of golden colour. ବିଣ. ପୁଂ — (ବହୁବ୍ରୀହି) — ହେମ ଗୌର; ସୁନାପରେ ଗୋରା — Fair-skinned; of golden complexion.
(ହେମାଙ୍ଗୀ — ସ୍ତ୍ରୀ. ବିଣ)

ହେମାଙ୍ଗଦ — ସ. ବ (ମ. ପ ଲେ) ୧ । ସୁନାର ବାଜୁ — 1. Golden
Hemāngada armlet. ୨ । (ନାମ) ବସୁଦେବଙ୍କ ଏକ ପୁତ୍ର (ହି. ଶ) — 2. Name of a son of Basudeba. ୩ । (ନାମ) କଳିଙ୍ଗ ଦେଶର ଜଣେ ରାଜା (ହି. ଶ) — 3. Name of a king of Kalinga. ସଂ. ବିଣ. ପୁଂ ସୁନାର ବାଜୁ ପରିଧାନ କାରୀ — Wearing a golden
(ହେମାଙ୍ଗଦା — ସ୍ତ୍ରୀ. ବିଣ) armlet.

ହେମାଙ୍ଗୀ — ସଂ. ବିଣ ପୁଂ — (ହେମାଙ୍ଗିନ୍ ଶବ୍ଦ, ହେମାଙ୍ଗ + ଇନ୍) —
Hemāngi ହେମଗୌର (ଦେଖ) — Hemagaura (See)

ସ. ବିଣ ସ୍ତ୍ରୀ — ସୁବର୍ଣ୍ଣପରି ଗୌରବର୍ଣ୍ଣ ଅଙ୍ଗ ବିଶିଷ୍ଟା (ସ୍ତ୍ରୀ) — Golden-complexion ed (woman).

ହେମାଚଳ — ସଂ. ବ — ସୁମେରୁ ପର୍ବତ —
Hemāchala The Sumeru mountain.

ହେମାଜୁ(ଜୋ)ରି — ପ୍ରାଦେ [ଯାଜପୁର] ବ — ହୁରିଜୁରି [ଦେଖ] —
Hemāju(jo)ri Hurijuri (See)

ହେମାଦ୍ରି — ସ. ବ — ୧ । ସୁମେରୁ ପର୍ବତ (ଅମର) — 1. The
Hemādri mythological mountain at the north end of the worl . ୨। (ନାମ) ଜଣେ କ୍ଷତ୍ରିୟ ରାଜା ଓ ଗ୍ରନ୍ଥକାର — 2. Name of a Kshatriya. king and author. [ଦ୍ର — ଏ ଚତୁର୍ବର୍ଗ ଚିନ୍ତାମଣି, କାମଧେନୁ ଓ କଳ୍ପଦ୍ରୁମ ନାମକ ମୁକ୍ତଗ୍ରନ୍ଥ ରଚନା କରିଥିଲେ । ଏ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରେ ଥିଲେ । ଚତୁର୍ବର୍ଗଚିନ୍ତାମଣି ଗ୍ରନ୍ଥ ଦାନ, ବ୍ରତ, ତୀର୍ଥ, ମୋକ୍ଷବିଷୟ ଓ ପରିଶିଷ୍ଟ, ଏପରି ୫ ଖଣ୍ଡରେ ରଚିତ । ହି. ଶ] ୩ । ସ୍ୱର୍ଣ୍ଣକ୍ଷୀରୀ (କ୍ଷୁଦ୍ରବୃକ୍ଷ ବିଶେଷ) — 3. Gamboje thistle (a plant).

ହେମାଦ୍ରିକା — ସଂ. ବ — ସ୍ୱର୍ଣ୍ଣକ୍ଷୀରୀ (ହି. ଶ)
Hemādrikā Gamboje thistle.

ହେମାଦ୍ରି ଜରଣ — ସଂ. ବ — ସ୍ୱର୍ଣ୍ଣକ୍ଷୀରୀ (ରତ୍ନମାଳା) —
Hemādri jarana Gamboje thistle.

ହେମାନ୍(ମ୍) ଦ(ଦି)ସ୍ତା — ବୈଦେ. ବ — (ଅ) — ହିମାନ୍ ଦସ୍ତା
Hemān(m) da(di)stā (ଦେଖ) — Himān-dastā (See).

ହେମାଭ — ସଂ. ବିଣ. ପୁଂ — (ବହୁବ୍ରୀହି; ହେମ + ଆଭା) — ସ୍ୱର୍ଣ୍ଣାଭ; ସ୍ୱର୍ଣ୍ଣ-
Hemābha ବର୍ଣ୍ଣଯୁକ୍ତ — Golden; gold-coloured.
[ହେମାଭା — ସ୍ତ୍ରୀ]

ହେମା[ମ୍ବା] ରଡ଼ି(ରାବ) — ଦେ. ବ [ସଂ ହମ୍ଭା] — ଗୋରୁଙ୍କ ବୋବାଳି,
Hemā(mbā) rardi(rāba) ହମ୍ବାଧ୍ୱନି — Lowing
हाम्बारव हंमार'मा or bellowing of kine.
[ଉ — ଧାମକୁ ହେମାରବେ ଧେନୁବାର — ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ହେମାଲ୍ — ପ୍ରାଦେ [ସମ୍ବଲପୁର, ଗଡ଼ଜାତ] ବର୍ତ୍ତ ବିଣ-ହେମାଳ [ଦେଖ]
Hemāl Hemāla (See)

ହେମାଳ — ଦେ. ବ — (ସଂ ହିମକାଳ) — ୧ । ହିମକାଳ; ହେମନ୍ତଋତୁ;
Hemāla ମାର୍ଗଶିର ଓ ପୌଷମାସ — 1. The 1st two
হেমাল months of winter. ୨ । (ସଂ. ହୈମଲ) ଅତି
हेमाल, ठंडा ଥଣ୍ଡା ଋତୁ — 2. Cold or chilly weather.
ବିଣ — (ସ. ହୈମଲ) ୧ । ଅତି ଶୀତଳ — 1. Very
(ହେମାଳୀ — ସ୍ତ୍ରୀ ବିଣ) cold;chilly. ୨। (ପୁଂ) ଯାହାର ଦେହ ଅତି ଶୀତଳ ହୋଇଥାଏ — 2. Cold-bodied. ୩ । ଅତ୍ୟନ୍ତ ଶୀତସ୍ପର୍ଶ — 3. Very cold to the touch. ପ୍ରାଦେ (ଗଡ଼ଜାତ) ବିଣ — ଗୋଠର ସବୁଯାକ ଗାଈ..

କୌଣସି ଅକସ୍ମାତ୍ କାରଣରୁ (ଯଥା—ବାଘ ଦେଖି ବା କୌଣସି ଭୟଙ୍କର ଶବ୍ଦ ଶୁଣି) ହୁରୁଡ଼ି, ଲଣ୍ଡଭଣ୍ଡ, ଦମ୍ଭାଗୁଡ଼ ହୋଇ ଏଣେ ତେଣେ ଦଉଡ଼ୁଥିବା—The state of the cattle of a flock shying and running helter skelter owing to some unforeseen cause (e. g. on seeing a tiger or on hearing a terrific roar). ସଂ. ବି— ଗାୟକ ସ୍ୱରର ପୁତ୍ର, ରାଗିଣୀ ବିଶେଷ (ହ. ଶ)—Name of secondary air in music.

ହେମାଳୟ—ସ୍ତ୍ରୀ ବି—ହିମାଳୟ—The Himalayas.
Hemālaya হিমালয় हिमालय

ହେମାଳିଆ—ଦେ. ବିଣ—୧ । ଅତିଶୀତଳ—1. Very cool; Hemālia chilly. ୨ । ଅତି ଶୀତସ୍ପର୍ଶ—2. Very cold হেমালিয়া to touch. ୩ । (ପୁଂ) ଯାହାର ଦେହ ଅତି ଶୀତଳ हेमाल ଲାଗେ—3. Having a cold body. ବି—୧ । [ହେମାଳେ (ଳୋ)ଇ—ସ୍ତ୍ରୀ ବିଣ] ହୋ'ହାଲା; ଗୋଳମାଳ—1. হোহা Ado; confusion. ୨ । ଅରାଜକତାଜନିତ ଗୋଳମାଳ हौहल्ला —2. Confusion due to anarchy. ୩ । ସମସ୍ତେ ମିଶି ଲୁଟପାଟ କରିବା—3. Promiscuous looting.

ହେମାଳିଆ କରିବା—ଦେ. କ୍ରି—୧ । ସମସ୍ତେ ମିଶି ଲୁଟି ତରକୁ କରିବା Hemālia kariba —1. To loot promiscuously. লুটপাটকরা ୨ । ଗୋଳମାଳ କରିବା; ହୋହା କରିବା—2. To लुटपाट करना make an ado.

ହେମାହ୍ୱ—ସଂ. ବିଣ—(ହେମ ଅଛି ଅହ୍ୱା=ନାମ ଯାହାର)—ହେମ Hemāhwa ନାମରେ କଥିତ—Called by the name of Hema. ବି—୧ । ବନ ଚମ୍ପକ (ସ୍ୱଳ ଶବ୍ଦାର୍ଥ)— 1. Wild Champaka tree. ୨ । ଧୁସ୍ତୁର; ଧାତୁରା (ଶବ୍ଦକଳ୍ପଦ୍ରୁମ)—2. The Dhātura plant.

ହେମାହ୍ୱା—ସଂ. ବିଣ—(ହେମାହ୍ୱ+ଆ)—ହେମାହ୍ୱର ସ୍ତ୍ରୀଲିଙ୍ଗ— Hemāhwā The feminine of Hemāhwa. ବି— ୧ । ସ୍ୱର୍ଣ୍ଣ ଜୀବନ୍ତୀ (ସ୍ୱଳଶବ୍ଦାର୍ଥ)—1. Yellow variety of Jibanti herb. ୨ । ସ୍ୱର୍ଣ୍ଣକ୍ଷୀରୀ; ଅଗସ୍ତି ଗୁଳ୍ମ (ବୈଦ୍ୟକ)—2.Gamboje thistle (a plant).

ହେମି—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର ଓ ଉତ୍ତର ବ୍ୟବହୃତ) କ୍ରି— Hemi 'ହେବି' କ୍ରିୟାର ଉଚ୍ଚାରଣ—A slang form of Hebi (I shall be). (ଯଥା—ମୁଇଁ ତ ହେମ୍ନା ହଲେ ଉତ୍ତରିକୁ ଯାଉଥେମି) ।

ହେମିସ୍ଫିଅର୍—ବୈଦେ. ବି—(ଇଂ)—୧ । ଗୋଲାର୍ଦ୍ଧ—1. Hemi- Hemisphiar sphere. ୨ । ଗୋଲକାର ପଦାର୍ଥରୁ ଅଧେ— হেমিস্ফিয়ার 2. Half of a round thing. ୩ । ଭୂଗୋଲର हेमिस्फियर ଅଧେ—3. Half of the globe.

ହେମ୍ନ—ସଂ. ବି—ମଙ୍ଗଳଗ୍ରହ (ହ. ଶ)— Hemna The planet Mars.

ହେମ୍ପାଲ—ପ୍ରାଦେ (ପୁରୀ ଓ ସମ୍ବଲପୁର) ବି—ଭୋଜି; ମହୋତ୍ସବ;ଜନ୍ତାଲ Hempāla —A feast; banquet; big picnic.

ହେମ୍ନା—ସଂ. ବି—ବୁଧଗ୍ରହ (ଜ୍ୟୋତିଷଶାସ୍ତ୍ର)— Hemnā The planet Mercury.

ହେୟ—ସଂ. ବିଣ—(ହା. ଧାତୁ=ତ୍ୟାଗ କରିବା+କର୍ମ ଯ)—୧ । Heya ତ୍ୟାଜ୍ୟ; ଅଗ୍ରାହ୍ୟ—1. Fit to be abandoned or (ହେୟା—ସ୍ତ୍ରୀ) rejected; avoidable. ୨ । ତୁଚ୍ଛ—2. Despicable. ୩ । ଅତି ନୀଚ—3. Very mean. ୪ । ଅତି ମନ୍ଦ—4. Very bad.

ହେୟ କରିବା—ଦେ. କ୍ରି—୧ । ତୁଚ୍ଛ କରିବା; ଘୃଣା କରିବା—1. Heya kariba To treat with contempt. ୨ । ତ୍ୟାଗ হেয়করা କରିବା; ଅଗ୍ରାହ୍ୟ କରିବା; ଗ୍ରହଣ ନ କରିବା—2. To हेय करना reject; to abandon.

ହେୟ ଜ୍ଞାନ—ସଂ. ବି—୧ । ତୁଚ୍ଛଜ୍ଞାନ—1. Slight. ୨ । ଘୃଣା— Heya jñāna 2. Contempt; feeling of disgust. ୩ । ଦେଖାଉର—3. Disregard.

ହେୟଜ୍ଞାନ କରିବା—ଦେ. କ୍ରି—୧ । ଦେଖାଉର କରିବା—1. To Heyajñāna kariba disregard; to slight. ୨ । ଘୃଣା କରିବା—2. To hate. ୩ । ଘୃଣା ଦୃଷ୍ଟିରେ ଦେଖିବା—3. To look down upon with হেযজ্ঞানকরা हेयज्ञानकरना contempt.

ହେୟା—ପ୍ରାଦେ (ଗଡ଼ଜାତ) ସର୍ବନାମ—୧ । ଏହା, ଏହୟା; ଏହତା; Heyā ଏହାକି—1. This. ୨ । ତାହା; ସେହୟା; ସେହୁତା; 2. That.

ସ. ବିଣ. ସ୍ତ୍ରୀ—ହେୟର ସ୍ତ୍ରୀଲିଙ୍ଗ—Feminine of Heya.

ହେୟାର୍—ବୈଦେ. ବି (ଇଂ)—କେଶ; ବାଳ— Heyār হেযার हेयार Hair.
[ଦ୍ର—ଏହି ଶବ୍ଦ ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ମଧ୍ୟ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଯଥା—ହେୟାର୍ ଅଏଲ୍; ହେୟାର୍- ବ୍ରସ୍ ଇତ୍ୟାଦି]

ହେୟାର୍ ଅୟେ(ଏ)ଲ୍—ବୈଦେ. ବି (ଇଂ)—କେଶରେ ଲଗାଇବାପାଇଁ Heyār aye(e)l ବ୍ୟବହୃତ ସୁବାସିତ ତେଲ—Hair oil. হেযারঅযেল हेयारअयेल

ହେୟାର୍ କଟର୍ (କ୍ଲିପର)—ବୈଦେ. ବି (ଇଂ)—(ଗୋଡ଼ା ଅବଳ) Heyār katar(kliper) ବାଳ କାଟିବା ଯନ୍ତ୍ର— হেযারকটর हेयारकटर Hair clipper; hair cutter.

ହେୟାର୍ କିଲ(ଲା)ର୍—ବୈଦେ. ବି (ଇଂ)—କେଶ ବା ଲୋମ ନାଶକ Heyār kila(lā)r ଔଷଧ—Hair killer. হেযারকিলার हेयारकिलर

ହେୟାର୍‌କ୍ଲଥ୍‌—ବୈଦେ. ବି (ଇଂ)—ଘୋଡ଼ା ଆଦିଙ୍କ ବାଳରେ
Heyār klāth ବୁଣା ଲୁଗା—Hair cloth.
হেয়ার ক্লথ हेयार क्लथ

ହେୟାର୍‌ ଡାଇ—ବୈଦେ. ବି (ଇଂ)—ଧଳାବାଳକୁ ରଙ୍ଗାଇବା ଦ୍ରବ୍ୟ;
Heyār ḍāi ମୁଣ୍ଡର କଲପ—Hair die.
হেয়ারডাই हेयारडाई

ହେୟାର୍‌ ପିନ୍‌—ବୈଦେ. ବି (ଇଂ)—ସ୍ତ୍ରୀଲୋକମାନଙ୍କ ଖୋସାରେ
Hayār pin ବା ବେଣୀରେ ମରାଯିବା କଣ୍ଟା—Hair pin.
হেয়ারপীন हेयारपीन

ହେୟାର୍‌ ବ୍ରୁ(ବ୍ର)ଶ୍‌—ବୈଦେ. ବି (ଇଂ)—ମୁଣ୍ଡ କୁଣ୍ଡାଇବାର ବ୍ରୁସ—
Heyār bru(bra)ś Hair brush.
(ହେୟାର ବ୍ରୁସ—ଅନ୍ୟରୂପ)
হেয়াবব্রস हेयारब्रस

ହେୟାର୍‌ ସାହେବ—ବୈଦେ. ବି (ଇଂ)—ଭାରତବାସୀମାନଙ୍କୁ ଇଂରାଜି
Heyār sāheb ଶିକ୍ଷା ଦେବାର ପ୍ରଧାନ ଉଦ୍‌ଯୋଗୀ ଓ କଲିକତା
হেয়ারসাহেব ହିନ୍ଦୁ ବା ହେୟାର୍‌ ସ୍କୁଲର ସ୍ଥାପୟିତା, 'ଡାଭିଡ୍‌
हेयारसाहेब ହେୟାର୍‌' ନାମକ ଜଣେ ସ୍କଟ୍‌ଲଣ୍ଡ୍‌ବାସୀ ସ୍ୱର୍ଗତ ସାହେବ
—The late David Hare, the founder of the Calcutta Hare school.

[ଦ୍ର—ଏ ଖ୍ରୀ: ୧୭୭୫ ରେ ସ୍କଟ୍‌ଲଣ୍ଡ୍‌ରେ ଜନ୍ମଗ୍ରହଣ କରି ୧୮୧୨ରେ କଲିକତାରେ ପ୍ରାଣତ୍ୟାଗ କରିଥିଲେ । ଏ ୧୮୦୦ ଖ୍ରୀଷ୍ଟାବ୍ଦରେ ବିଲାତରୁ ଆସି କଲିକତାରେ ଘଣ୍ଟା ମରାମତି ବ୍ୟବସାୟ କରୁଥିଲେ । ଏ ୧୮୧୭ ସାଲରେ ରାଜା ରାମମୋହନ ରାୟ, ରାଜା ରାଧାକାନ୍ତ ଦେବ ଓ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସର୍‌ ଏଡ୍‌ୱାର୍ଡ୍‌ ହାଇଡ୍‌ ଇଷ୍ଟ୍‌ଙ୍କ ସହାୟତାରେ ଇଂରାଜି ଶିକ୍ଷା ପାଇଁ କଲିକତାରେ ହିନ୍ଦୁସ୍କୁଲ୍‌ ପ୍ରତିଷ୍ଠା କଲେ ଓ ପାଠ୍ୟପୁସ୍ତକ ପ୍ରକାଶାର୍ଥ ସ୍କୁଲ୍‌ବୁକ୍‌ ସୋସାଇଟି ନାମକ ଗୋଟିଏ ସଭା ସ୍ଥାପନ କଲେ । ସେ ଉକ୍ତ ସ୍କୁଲରେ ଶିକ୍ଷକତା କରୁଥିଲେ ଓ ଛାତ୍ରମାନଙ୍କୁ ପୁତ୍ରପରି ସ୍ନେହ ଓ ଆଦର କରୁଥିଲେ । ଏହାପରେ ସେ କଲିକତା ଛୋଟ ଅଦାଲତରେ ଜଜ୍‌ ନିଯୁକ୍ତ ହେଲେ । ସେ ବସନ୍ତ ରୋଗରେ କଲିକତାରେ ପ୍ରାଣତ୍ୟାଗ କଲେ । ତାଙ୍କର ମର୍ମର ପ୍ରସ୍ତର ମୂର୍ତ୍ତି ପ୍ରେସିଡେନ୍‌ସି କଲେଜ୍‌ ଓ ହେୟାର୍‌ ସ୍କୁଲର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଥାପିତ ହୋଇଅଛି । ହିନ୍ଦୁ ସ୍କୁଲକୁ ତାଙ୍କର ସ୍ମରଣାର୍ଥ ହେୟାର୍‌ ସ୍କୁଲ୍‌ ନାମ ଦିଆଗଲା; ଓ ଏ ଯେଉଁ ଗଳିରେ ବାସ କରୁଥିଲେ ସେ ଗଳିର ନାମ ହେୟାର୍‌ ଷ୍ଟ୍ରିଟ୍‌ ଦିଆଗଲା । (ସୁବଳଚନ୍ଦ୍ର)]

ହେୟାର୍‌ ସ୍କୁଲ୍‌—ବୈଦେ. ବି (ଇଂ)—କଲିକତାର ହେୟାର ସାହେବ
Heyār skul ଆଦିଙ୍କ ପ୍ରତିଷ୍ଠିତ ଉଚ୍ଚ ଇଂରାଜୀ ବିଦ୍ୟାଳୟ—
হেয়ারস্কুল हेयारस्कूल Calcutta Hare school.
(ଦ୍ର—ଏହା ବର୍ତ୍ତମାନ ପ୍ରେସିଡେନ୍‌ସି କଲେଜ ସଂଲଗ୍ନ ହୋଇଅଛି)

ହେୟା(ୟାଁ)ଳି—ଦେ. ବି—୧ । ଗୁପ୍ତ କଥା (ଗୋପୀନାଥ ନନ୍ଦ)—
Heyā(yāṅ)ḷi 1. Secret. ୨ । (ବଙ୍ଗଳା ହେୟାଁଲି ସଂ. ପ୍ରହେଳି) ଗାଣ୍ଠି କଥା; ପ୍ରହେଳିକା—2. Riddle; conondrum. ୩ । ପରିହାସ—3. Ironical riddle.
হেয়ঁালি पहलि

ହେଲ୍ଲୋ—ପ୍ରାଦେ. (ଗଡ଼ଜାତ) ଅ—ବଇଠି (ଦେଖ)—
Heyclo Baiṭhi (See)

ହେୟୋ—ବୈଦେ. ଅ (ଇଂ)—ଲୋକଙ୍କୁ ସାବଧାନ କରାଇବା,
Heyo ଧମକାଇବା ଓ ଗାଡି ଚଳାଇବାରେ ବ୍ୟବହୃତ ଧ୍ୱନି—
হেয়ো हेयो (Interjection) Heigh Ho !

ହେର୍‌ (ଧାତୁ)—ସଂ.—ବୃଦ୍ଧି କରାଇବା—
Her (root) To cause increase.

ହେର୍‌କାଣ୍ଡିଆ—ପ୍ରାଦେ. (ଗଡ଼ଜାତ) ବିଣ—୧ । ଗଡ଼ନ୍ତ ଓ ଉଠାଣିଆ
Her-kāṇḍiā (ସ୍ଥାନ)—1. Undulating. ୨ । ଢିପ୍‌ଗାଡ଼ିଆ; ଉଚ୍ଚାନୀଚ; ଅସମତଳ (ସ୍ଥାନ)—2. Rugged; rough (place). ୩ । ଯେଉଁ ସ୍ଥାନରେ ଚଢ଼ିବାର ଉଠିବାକୁ ଓ ଖସିବାକୁ ହୁଏ—3. A locality in which there
হেটেট্যাংরা आबरखाबर are many ups and downs.

ହେର୍‌ତେରିଆ—ପ୍ରାଦେ. (ଗଡ଼ଜାତ) ବି—ଅସ୍ପଷ୍ଟ (ବାକ୍ୟ)—
Her teriā Indistinct (speech).

ହେର୍‌ନା—ପ୍ରାଦେ. (ଖଡ଼ିଅଳ) ବି—ହରିଣ—
Her-nā Stag; deer.

ହେର୍‌ଫେର୍‌—ଦେ. ବି—୧ । ଯା ଆସ—1. Coming and going.
Her-fer ୨ । ଏଣେ ତେଣେ ବୁଲିବା—2. Roving. ୩ । ଇତସ୍ତତଃ ଯାଆସ କରିବା; ଟହଲ—3. Walking to and fro; sauntering. ୪ । ନେଇଥିବା ଦ୍ରବ୍ୟାଦିକୁ ଫେରାଇ ଦେବା—4. Returning of things taken. ୫ । ଅଦଳ ବଦଳ; ପରିବର୍ତ୍ତନ; ବଦଳ—5. Change; exchange. [ଦ୍ର—ହେର୍‌ଫେର୍‌ରେ ଏକସ୍ଥାନରୁ ଗୋଟିଏ ବସ୍ତୁନେଇ ଅନ୍ୟ ସ୍ଥାନରେ ରଖାଯାଏ ଓ ସେପୋକ୍ତ ସ୍ଥାନରେ ଥିବା ବସ୍ତୁକୁ ଆଣି ପ୍ରଥମ ସ୍ଥାନରେ ରଖାଯାଏ । ଯଥା— ଗାଡ଼ିର ଘୋଡ଼ା ଦୁହିଙ୍କୁ, ଶଗଡ଼ର ବା ହଳର ବଳଦ ଦୁହିଙ୍କୁ ଏହିପରି ହେର୍‌ଫେର୍‌ କରାଯାଏ) ୬ । ମନର ପରିବର୍ତ୍ତନ; ମାନସିକ ଅବସ୍ଥାର ପରିବର୍ତ୍ତନ—6. Change of mental condition. ୭ । ଜିନିଷର ଅଦଳ ବଦଳ— 7. Exchange or barter of things. ବିଣ— ୧ । ଅଦଳ ବଦଳ କରାଯାଇଥିବା—1. Exchanged. ୨ । ପରିବର୍ତ୍ତିତ—2. Changed. ୩ । ଆତଯାତ— 3. Coming and going. ୪ । ପରିଭ୍ରମଣ କରୁଥିବା 4. Walking; sauntering.

ହେର୍‌ଫେର୍‌ କରିବା—ଦେ. କ୍ରି—୧ । ଅଦଳ ବଦଳ କରିବା—
Her-pher karibā 1. To exchange.
হের্‌ফের্‌করা हेरफेर करना ୨ । ପରିବର୍ତ୍ତନ କରିବା; ବଦଳାଇବା—2. To change.

ହେର୍‌ଫେର୍‌ ହେବା—ଦେ. କ୍ରି—୧ । ଇତସ୍ତତଃ ଟହଲିବା—
Her-pher hebā 1. To walk or saunter.

ହେରଫେର ହওয়া ୨ । ବ୍ୟାୟାମାର୍ଥ ଦେହ ଚାଳନା କରିବା—
हेरफेर होना, हाथ पैर हिलाना 2. To move one's limbs for exercise.

ହେର(ରେ)ସା – ଦେ.ବଣ.ପୁଂ—(ଯେ ହେରସାରୁ;ଯେ ହେରସାରବ କରେ)—
Her(re)sā ୧ । ଯେ ହେରସାରବ କରେ; ଦରବସା—
(ହେରସୀ—ସ୍ତ୍ରୀ) 1. Given to loud laughing.
বেহায়া हँ हँ करनेवाला ୨ । ଲେହେଲେସା; ଲଜ୍ଜାହୀନ—2. Shameless.
(ହେରସାପଣ, ହେରସାପଣିଆ, ହେରସାଗିରି—ବି)

ହେର—ସଂ ବି—(ହି ଧାତୁ+କର୍ମ ର)—୧ । ଆସୁରୀ ମାୟା (ଶବ୍ଦକଳ୍ପଦ୍ରୁମ)—1. Demonaic illusion.
Hera
୨ । ହରିଦ୍ରା; ହଳଦୀ (ଶବ୍ଦକଳ୍ପଦ୍ରୁମ)—
2. Turmeric. ୩ । ମୁକୁଟଭେଦ (ଶବ୍ଦକଳ୍ପଦ୍ରୁମ)—
3. A sort of crown. ଦେ. (ପ୍ରାଚୀନ ପ୍ରୟୋଗ) କ୍ରି (ହେରିବା କ୍ରିୟାର ଅନୁଜ୍ଞାରୂପ) (ତୁମ୍ଭେ) ଦେଖ—
(Imperative mood) (you) See.

ହେରକ—ସଂ ବି—ଶିବଙ୍କ ଗଣ ବିଶେଷ (ହ. ଶ)—
Heraka Name of a class of attendants of Śiba.

ହେରଣ(ଣା)—ଦେ. ବି (ପ୍ରାଚୀନ ପ୍ରୟୋଗ, ସଂ.ଦୃଶ୍; ପ୍ରା. ହେର ଧାତୁ)—୧ । ଦର୍ଶନ—1. Sight.
Herana(nā)
হেরণ दर्शन, हेरना ୨ । ଦେଖିବା—
2. Seeing

ହେରମ୍ବ—ସଂ ବି (ସଂ ହେ=ଶିବ, ରୁଦ୍ର—ଏହି ଶବ୍ଦର ୭ମୀ ଏକବଚନ ହେ=ରୁଦ୍ରଙ୍କ ନିକଟରେ+ରବ୍ ବା ରମ୍ ଧାତୁ=ଶବ୍ଦ କରିବା, ରହିବା+କର୍ତ୍ତ୍ରି ଅ; କିମ୍ବା ହେର୍ ଧାତୁ=(ସୁଖ) ବୃଦ୍ଧି କରାଇବା+ସଂଜ୍ଞାର୍ଥେ ଅମ୍)—୧ । ଗଣେଶ; ବିନାୟକ (ଅମର)—
Heramba
1. The elephant-headed son of Śiba.
[ଦ୍ର—'ଓଁ ଗଂ' ଏହାଙ୍କ ବୀଜମନ୍ତ୍ର ।] ୨ । ମହିଷ; ମଇଁଷି (ମେଦିନୀ)—2. Buffalo. ୩ । ବୌଦ୍ଧ ବିଶେଷ (ବିଶ୍ୱକୋଷ)—3. Name of a class of Buddhist saints. [ଦ୍ର—ଅନ୍ୟ ଅର୍ଥରେ ଏ ଶବ୍ଦର ଅନ୍ୟ ପର୍ଯ୍ୟାୟ ହେରୁକ, ଚକ୍ର ସମ୍ବର, ଦେବ, ବଜ୍ରକପାଳୀ, ଶୂନ୍ୟ, ଶଶିଶେଖର, ବଜ୍ରଟକ (ବିଶ୍ୱକୋଷ)]

ହେରମ୍ବ ଜନନୀ—ସଂ ବି ସ୍ତ୍ରୀ (୬ଷ୍ଠୀ ତତ୍)—ଦୁର୍ଗା (ଶବ୍ଦରତ୍ନାବଳୀ)—
Heramba janani Goddess Durgā.

ହେରମ୍ବନାଥ—ସଂ ବି—୧ । ଗଣେଶ; ହେରମ୍ବ; ଗଣପତି—
Herambanātha 1. God Ganeśa.
୨ । ଶିବଲିଙ୍ଗ ବିଶେଷ—2. Name of an image of Śiba. ଦେ. ବି.ପୁଂ—ପୁରୁଷଙ୍କ ନାମ—A name given to males.

ହେରମ୍ବ ହଟ୍ଟ – ସଂ ବି (ନାମ)—ଭାରତର ଦକ୍ଷିଣପ୍ରଦେଶସ୍ଥ ଦେଶବିଶେଷ
Heramba hatta (ଶବ୍ଦରତ୍ନାବଳୀ)—
Name of a country in South India.

ହେରା—ଦେ. ବି (ପ୍ରା. ହେର୍ ଧାତୁ; ସଂ ଦୃଶ୍ ଧାତୁ=ଦେଖିବା)—
Herā ୧ । ଦର୍ଶନ; ଦେଖା—1. Seeing;
হেরা दर्शन,(हि)हेरना sight. ୨ । ହେରା ପଞ୍ଚମୀ (ଦେଖ)—2. Herā panchami (See) ପାଦେ (ସମ୍ବଲପୁର; ଗଡ଼ଜାତ) ସର୍ବନାମ—ଏଇଗୁଡ଼ିକ—
These.

ହେରାଇବା—ଦେ. କ୍ରି (ପ୍ରାଚୀନ ପ୍ରୟୋଗ ଓ ପଦ୍ୟ)—୧ । ହେରିବା
Heraibā କ୍ରିୟାର ଣିଜନ୍ତ ରୂପ—1 The
দেখান दिखाना causative form of Heribā. ୨ । ଦେଖାଇବା—2. To show
(ଦ୍ର—ଜାନୀଦାସ ଦୃଷ୍ଟ କାହିଁଲା ଶବେ, ସୌରିକ ହେରାଇ ତାକଙ୍କୁ ବାସେ—ପ୍ରାଚୀ ରତ୍ନାମଞ୍ଜୁଷା ।]

ହେରାଗୋହିରି ସାଇ(ହି)—ଦେ. ବି—ପୁରୀ ସହରର ଗୋଟିଏ ସାହି
Herāgohiri sāi(hi) ବା ଗଳି—One of the lanes of the Puri town. [ଦ୍ର—ଅମୃତରାଣୀ ଲକ୍ଷ୍ମୀଙ୍କ ପ୍ରଥମାକୁ ହେରା ପଞ୍ଚମୀ ଦିନ ଏହି ଗୋହିରି ବା ଗଳି ବାଟେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥିତ ଜଗନ୍ନାଥଙ୍କ ଦେଖିବାକୁ ଯାଉଥିବାରୁ ଏହିପରି ନାମ ହୋଇଅଛି ।]

ହେରା ପଞ୍ଚମୀ (ଯାତ୍ରା) —ଦେ. ବି (ହେରିବା=ଖୋଜିବା, ଦେଖିବା)—
Herā panchami (jātrā) ଅଷାଢ଼ ଶୁକ୍ଳ ପଞ୍ଚମୀ ବା ଷଷ୍ଠୀ ଦିନ ପୁରୀ ଜଗନ୍ନାଥଙ୍କ ଯାତ୍ରାବିଶେଷ—
One of the festivals of Lord Jagannātha held in Puri on the 5th or the 6th day of the bright lunar fortnight of Ashārdha. (ଦ୍ର—ଏ ଦିନ ରଥରେ ଗୁଣ୍ଡିଚା ମନ୍ଦିରକୁ ଯାଇଥିବା ଜଗନ୍ନାଥଙ୍କୁ ବଡ଼ଦେଉଳରୁ ଲକ୍ଷ୍ମୀ ହେରିବାକୁ (ଦେଖିବାକୁ) ଯାଆନ୍ତି ବୋଲି ଏହି ନାମ ହୋଇଅଛି । ଜଗନ୍ନାଥ ତାଙ୍କ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସେନି ଉଦ୍ୟାନ ବିହାର କରିବାକୁ ଯାଇଥିବାରୁ ଓ ଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ରଥଯାତ୍ରାର ପଞ୍ଚମ ଦିନ ଲକ୍ଷ୍ମୀ ଜଗନ୍ନାଥଙ୍କୁ ଦେଖିବାକୁ ଲୁଚିକରି ଗୁଣ୍ଡିଚା ଘରକୁ ଯାଆନ୍ତି ଓ ଲକ୍ଷ୍ମୀଙ୍କ ମନରେ ଜଗନ୍ନାଥଙ୍କ ଉପରେ ଅଭିମାନ ଓ ରାଗ ଥିବାରୁ ଗୁଣ୍ଡିଚାଘରପାଖେ ରଖା ଯାଇଥିବା ଜଗନ୍ନାଥଙ୍କ ନନ୍ଦିଘୋଷ ରଥରୁ ଖଣ୍ଡେ କାଠ ଭାଙ୍ଗିଦେଇ ଆସନ୍ତି । ଜଗନ୍ନାଥ ଲକ୍ଷ୍ମୀଙ୍କୁ କୌଣସି ପ୍ରକାରେ ସାନ୍ତ୍ୱନା ଦେଇ ଓ ବୁଝାସୁଝା କରି ଶୀଘ୍ର ଫେରି ଆସିବେ ବୋଲି ଜବାବ ଦେଇ ବାହୁଡ଼ାରେ ଦଅନ୍ତି । ଏ ଦିନ ଗୁଣ୍ଡିଚା ମଣ୍ଡପରେ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର ବନ୍ଦାପନା ଦେଖିଲେ ବିଶେଷ ପୁଣ୍ୟଲାଭ ହୁଏ ।)

ହେରିଅ ଖେଳିବା—ଦେ. କ୍ରି—(ଜାହାଜଅ ଭଷା)—
Heriā khelibā ସମ୍ମୁଖଅଡ଼ୁ ବହୁଥିବା ପବନକୁ ଅଡ଼େଇ ଦେବାପାଇଁ କୌଶଳ କ୍ରମେ ଝଙ୍ଗା ହେବା ପାଲି ସାହାଯ୍ୟରେ ପବନ ଯେଉଁଅଡ଼ୁ ବହୁଅଛି ସେହି ଅଡ଼କୁ (ଜାହାଜ) ସର୍ପାକାରରେ ଗତି କରିବା—(nautical) (a ship)To take a zigzag course by manoeuvring with the sails against the wind. [ଉ—ଲକ୍ଷାଦ୍ୱୀପ ଅଗମ୍ୟରେ ଯାଉଥିବା ଶତ ଶତ ଜାହାଜ ସମୁଦ୍ର ମଧ୍ୟରେ ହେରିଅ ଖେଳୁଥିଲେ । ଫକୀରମୋହନ ଗଳ୍ପସ୍ୱଳ୍ପ ।]

ହେରିଅ ବସିବା—ଦେ. କ୍ରି (ଜାହାଜଅ ଭଷା)—(ଜାହାଜ) କୌଣସି
Heriā basibā ଦିଗକୁ ବଙ୍କାବଙ୍କରେ ଗତି କରିବା—(nautical) (a ship) To move tortuously towards any direction. [ଉ—ଅମ କାଳିଆ ପ୍ରସାଦ ବାଟ ବଦଳ ପୂର୍ବ ହେରିଅ ବସିଲା ।]

ହେରିଅ ମାରିବା—ଦେ. କ୍ରି—(ଜାହାଜଅ ଭଷା) ଜାହାଜର ଅଗ ପାଖର
Heria māribā ପାଲକୁ ଦଉଡ଼ିଦ୍ୱାରା ଟାଣିକରି ବାନ୍ଧିବା—
হেরিয়ানা (nautical) To tie the front sail of a ship
हेरिया मारना tightly with ropes.

ହେରିକ—ସଂ. ବି—୧ । ଚର; ଦୂତ [ହେମଚନ୍ଦ୍ର]—1. Messenger.
Herika emissary. ୨ । ଭେଦ ବୁଝିବା ପାଇଁ ନିଯୁକ୍ତ ଚର; ଗୁପ୍ତଚର [ହ୍ଲ. ଶ]—2. Spy; informer.

ହେରିକା—ଗ୍ରା. ଅ (ଅନ୍ୟ ବିଶେଷ୍ୟ ପରେ ବ୍ୟବହୃତ ହୁଏ)—ପ୍ରଭୃତି;
Herikā ଇତ୍ୟାଦି—And others; et cetera.
প্রভৃতি [—ସେଠାରେ ସୁଗ୍ରୀବ ହନୁମାନ୍ ହେରିକାଙ୍କୁ ଦେଖି
आदि କହିଲେ, 'ମୁଁ ରାବଣର ଭାଇ ବିଭୀଷଣ'—ଘାଲକଣ୍ଠ. ପିଙ୍ଗଳ ରାମାୟଣ ।]

ହେରିଙ୍ଗ—ବୈଦେ. ବି (ଇଂ. ହେରିଙ୍ଗ)—ପୋହଳା ବା ଏଣ୍ଡୁଲା
Hering ମାଛ ପରି ଏକପ୍ରକାର ସୁଖାଦ୍ୟ କ୍ଷୁଦ୍ର ସାମୁଦ୍ରିକ
হেরিঙ্ ଶଳ୍କୀ ମତ୍ସ୍ୟ—Herring; a kind of sea-
हेरिंग fish; Clapea Harengus.
[ଦ୍ର—ଏମାନେ ଲମ୍ବରେ ୧ ଫୁଟ୍ ପର୍ଯ୍ୟନ୍ତ ବଢ଼ନ୍ତି ଓ ସମୁଦ୍ରରେ ଭେଳା ଭେଳା ହୋଇ ବିଚରଣ କରନ୍ତି । ଗୋଟିଏ ଗୋଟିଏ ଝାଙ୍କରେ ଲକ୍ଷ ଲକ୍ଷ ମାଛ ଥାଆନ୍ତି । ଏମାନେ ଇଉରୋପର ଓ ଆମେରିକାର ଆଟଲାଣ୍ଟିକ୍ ମହାସାଗର ଉପକୂଳରେ ଦେଖା ଯାଆନ୍ତି ଓ ଏହାଙ୍କୁ ମାରି ଲୁଣ ଦେଇ ଶୁଖାଅ କରି ବୋତଲରେ ଓ ଟିଣରେ ମୁଦ କରି ସାହେବମାନେ ବିଦେଶକୁ ଖାଦ୍ୟ ପାଇଁ ରପ୍ତାନି କରନ୍ତି । ଏମାନଙ୍କର ଦେହରେ ଗୋଟିଏ ମାତ୍ର ସମାନ୍ତରାଳ ଶାଖାଯୁକ୍ତ ମେରୁହାଡ଼ ଦେଖା ଥାଏ ।]

ହେରିଙ୍ଗ—ବୈଦେ (ଇଂ) ପ୍ରାଦେ (ଗଞ୍ଜାମ) ବି—ମକଦମାର ଶୁଣାଣି—
Heringu The hearing of a case before a court.

ହେରିବା—ଦେ. କ୍ରି (ପ୍ରାଚୀନ ଓ ପଦ୍ୟରେ ବ୍ୟବହୃତ)—(ସ. ଦୃଶ୍ ଧାତୁ;
Heribā ପ୍ରା. ହେର ଧାତୁ)—୧ । ଦେଖିବା—1. To see.
হেরা हेरना [ଉ—ଠିକରି ଫଡ଼ୁଛି ଠାବେ ଠାବେ ନେତ୍ର ହେରି ଏ ଚନ୍ଦ୍ରମା ହାଟ । ରାଧାନାଥ. ପାର୍ବତୀ ।] ୨ । ଗୁହିବା—2. To look at. [ଉ—ତାହାଙ୍କର ଅପୂର୍ବ ପରାକ୍ରମ ହେରି । କୃଷ୍ଣସିଂହ. ମହାଭାରତ. ଅଦ ।]

ହେରୁକ—ସ. ବି—୧ । ବୁଦ୍ଧଭେଦ (ମେଦିନୀ); ବୋଧିସତ୍ତ୍ୱ ବିଶେଷ—
Heruka 1. Name of the Buddha in one of his previous existence. ୨ । ମହାକାଳ ଶିବଗଣ ବିଶେଷ (ମେଦିନୀ)—2. A class of Mahākāla Śiba's attendants. ୩ । ଶିବଲିଙ୍ଗ ବିଶେଷ (କାଳିକାପୁରାଣ)—3. Name of an image of Śiba. ୪ । ଗଣେଶ (କାଳିକାପୁରାଣ)—4. God Gaṇeśa.

ହେରୁଛି - ପ୍ରାଦେ (ବଲାଙ୍ଗିର ପାଟଣା) କ୍ରି—(ସେ) ଦେଖୁଅଛି—
Heruchhe. (He) Is seeing.

ହେରେଆ— ଦେ. ବିଶ ପୁଂ—ହେରସା (ଦେଖ)—
Hereā Her-sā (See).
(ହେରେଇ—ସ୍ତ୍ରୀ)
(ହେରେଇପଣ, ହେରେଆ ପଣିଆ, ହେରେସାଗିରି—ବି)

ହେରେସେଇବା—ଦେ. କ୍ରି—ହେଁ ହେଁ ହୋଇ ନିର୍ଲଜ୍ଜ ଭାବରେ
Hereseibā ହସିବା; ହେଁ ହେଁ ଫେଁ ଫେଁ ହେବା—
(ହେରେସେଇ ହେବା—ଅନ୍ୟରୂପ) To laugh loudly in a
হিহিকরে হাসা shameless manner.
हें हें फें फें होना

ହେର୍ଣା(ଣ୍ଣା)—ପ୍ରାଦେ (ବଲାଙ୍ଗିର ପାଟଣା) ବି—ହରିଣ—
Hernā(rṇṇā) Deer.

ହେର୍ଷାମୀ—ଗ୍ରା. ବି—(ବଙ୍ଗଳାରୁ 'ପଣ' ସ୍ଥାନରେ 'ମୀ'ର ବ୍ୟବହାର
Hershāmi ଅନୁକୃତ)—ନିର୍ଲଜ୍ଜ—Shamelessness.
বেহায়াপনা निलजपन

ହେଳ (ଧାତୁ)—ସଂ.—୧ । ଅବଜ୍ଞା କରିବା—1. To disregard;
Heḷ (root) to slight. ୨। ଘୃଣା କରିବା—2. To hate. ୩ । କେଳି କରିବା—3. To disport.

ହେଲ୍ଥ୍ (ଇତ୍ୟାଦି)—ବୈ ଦେ. ବି—ହେଲ୍ଥ ଇତ୍ୟାଦି (ଦେଖ)—
Hel.th (etc) Helth etc (See).

ହେଲ୍ ପେଟେଇବା—ପ୍ରାଦେ (ସିଂହଭୂମି) କ୍ରି—ଠେଲିଦେବା—
Hel-peṭeibā To push.

ହେଲ୍ହା—ପ୍ରାଦେ (ସମ୍ବଲପୁର) ବି—ହେଳା; ଅସାବଧାନତା—
Hel-hā Carelessness; negligence.

ହେଳ—ଗ୍ରା. ବି (ସଂ. ହେଳା)—ହେଳା (ଦେଖ)—Heḷā (See)
Heḷa [ଦ୍ର—ବ୍ରାହ୍ମଣ ବୋଇଲେ ମୋ ଭାର୍ଯ୍ୟାର ବଳରେ, ଭୁମର ହେଳ ସଙ୍ଗ ଅଛି ହେଳ ମୋ ହେଳରେ । କୃଷ୍ଣସିଂହ. ମହାଭାରତ ବନ ।]

ହେଲ—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନ ସମୀପ ଭୂତକାଳ
Hela ମଧ୍ୟମ ପୁରୁଷ ଏକବଚନ ଆଦରାର୍ଥକ (ତୁମ୍ଭେ) ଓ ବହୁବଚନ
ହଇଲେ (ତୁମ୍ଭେମାନେ) କର୍ତ୍ତାଙ୍କ ବ୍ୟବହୃତ—(you) Have
हुए been.

ହେଲଇଁ—ଗ୍ରା. କ୍ରି—(ମୁଁ) ହେଲି—
Helaiñ (I) Have been.

ହେଲଉଁ—ପ୍ରାଦେ (କଟକ) କ୍ରି—୧। ହେବା ଯୋଗୁଁ; ହେବାହେତୁ—
Helauñ 1. Because of; having been. (ଯଥା—ମୁଁ ସଙ୍ଗ
हुआसे ଥାଇ ହେଲଉଁ ତୁ ମୋ ସାଙ୍ଗେ କଳି କରୁଛୁ) ୨। ହେବା
होनेसे ପରେ—2. After having been. (ଯଥା—ମୁଁ ସୁସ୍ଥ
ହେଲଉଁ ତୁ ଯିବୁ)

ହେଲଉଁ ହେଲା—ଦେ. ବି—(ସଂ ହେଲା)—୧। ଢିଲମୁଢିଲ;
Helauñ helā କାର୍ଯ୍ୟରେ ଶଇଥିଲ୍ୟ—1. Slackness
ହେଲମ ଢିଲଂ } ଅନ୍ୟରୂପ in work ୨। ଅତ୍ୟନ୍ତ
ହେଲ୍‌ଢିଲି ଅବହେଳା—2. Much disre-
অবহেলা gard or neglect. ୩। ଦୀର୍ଘସୂତ୍ରିତା—3.
ढ़िलापन, हेलाँ Dilatoriness. ୪। ଅତ୍ୟନ୍ତ ହେଳା—4.
হেলাগোছা Much negligence. ବିଣ—୧। ଦୀର୍ଘସୂତ୍ରୀ—
ढ़िला 1. Dilatory. ୨। କାର୍ଯ୍ୟରେ ଶିଥିଳାସ୍ୟ—2. Negl-
gent.

ହେଲକେ—ପ୍ରାଦେ (ପାଟଣା)ଅ—(ମାଳ ଅଞ୍ଚଳ ବ୍ୟବହୃତ)—ନିକଟରେ
Helake —Near by.

ହେଲଣା(ଣା)—ଦେ. ବି—(ସଂ ହେଲନ)—୧। ଘୃଣା—1. Hatred.
Helaṇa(ṇā) ୨। ଅବଜ୍ଞା—2. Disregard.

ହେଲଣି(ନି)—ଦେ. କ୍ରି (ତୁମ୍ଭେ, ତୁମ୍ଭେମାନେ)—ହେବା କ୍ରିୟା ସମ୍ପନ୍ନ କର
Helani (ni) ସାରିଲଣି—(Expressing the comple-
ହଇଲେ tion of the verb expressed by the verb
to be) (you) Have been.
हुए [ଏକ ବଚନ (ତୁମ୍ଭେ) ଓ ବହୁବଚନ (ତୁମ୍ଭେମାନେ) ହେଲ]।

ହେଲନ(ନା)—ସଂ. ବି (ହେଲ ଧାତୁ+ଭାବ ଅନ; +ଆ) ୧। ଅବଜ୍ଞା
Helana(nā) କରିବା—1. Slighting; disregarding. ୨।
କ୍ରୀଡ଼ା କରିବା; ଖେଳ କରିବା (ତୃ. ଶ)—2. Sporting.
୩। ଅପମାନ—3. Insulting (Apte). ୪। କେଳି
—4. Wanton dalliance (Apte) ୫। ଘୃଣା—
5. Contempt (Apte) ୬। ଅବହେଳା (କ୍ଲାନେକ୍)
6. Neglect; negligence.

ହେଲ ମେଳ—ଦେ. ବି—୧। ମିଳାମିଶା—1. Mixing in society.
Hela mela sociability. ୨। ଘନିଷ୍ଠତା—2.
মেলামেশা Intimacy. ୩। ସଙ୍ଗ; ସାହଚର୍ଯ୍ୟ—3. Compa-
मेलजोल nionship.

ହେଲମେଲ ହେବା—ପ୍ରାଦେ (କଟକ) କ୍ରି—କୌଣସି ବ୍ୟକ୍ତିଙ୍କ ସହିତ
Hela mela hebā ସମ୍ପର୍କ ସ୍ଥାପନ ପାଇଁ ମିଳାମିଶା କରିବା
—To establish intimacy with a person.

ହେଳୟା—ସଂ. କ୍ରି. ବିଣ (ହେଳା ଶବ୍ଦର ତୃତୀୟା ବିଭକ୍ତି ଏକ)—୧।
Helayā ଅବଲୀଳାକ୍ରମେ—1. Easily. ୨। କ୍ରୀଡ଼ାଚ୍ଛଳେ—
2. In sport.

ହେଳ(ଳା)ରେ—ଦେ. କ୍ରି. ବିଣ—ଅକ୍ଳେଶରେ; ସହଜରେ—Easily;
Hela (lā)re without trouble. [ଭ—ମନୋରଥକୁ ସିଦ୍ଧ
(ହେଳେ—ଅନ୍ୟରୂପ) କର ତ ହେଳରେ—କୃଷ୍ଣସିଂହ ମହାଭାରତ]
হেলায় बिना परिश्रमसे

ହେଳା—ସଂ. ବି—(ହେଳ୍ ଧାତୁ=ଘୃଣା କରିବା+ଭାବ. ଅ+ଆ)—
Helā ୧। ଅବଜ୍ଞା (ମେହଦା)—1. Disregard; slight.
୨। ଦୀର୍ଘସୂତ୍ରିତା—2. Tardiness; dilatoriness.
୩। ଅବଲୀଳା—3. Ease; facility. ୪। କାର୍ଯ୍ୟ
ବିଷୟରେ ଅଶ୍ରଦ୍ଧା; କାର୍ଯ୍ୟରେ ଶିଥିଳ—4. Negligence.
୫। ଅଯତ୍ନ; ଯତ୍ନ ନେବାର ଅଭାବ—5. Neglect; want of
care. ୬। ଅବହେଳା—6. Negligence. ୭। ଖେଳ;
କ୍ରୀଡ଼ା (ତୃ. ଶ)—7. Play; sport; pastime. ୮।
କେଳ; କାମକ୍ରୀଡ଼ା (ତୃ. ଶ)—8. Dalliance. ୯।
ଯୁବତୀମାନଙ୍କର ଶୃଙ୍ଗାର ଭାବର କ୍ରିୟା-
ବିଶେଷ (ଅଳଙ୍କ); ସୁରତରେ ପ୍ରୌଢ଼େଚ୍ଛା ପ୍ରକାଶ—
9. Giving vent to a strong hankering
after cohabitation on the part of
young females. ୧୦। ସ୍ତ୍ରୀମାନଙ୍କର ଶୃଙ୍ଗାର
ସୂଚକ ଭାବ ବା ଅଙ୍ଗଭଙ୍ଗୀ ବା ଚେଷ୍ଟା—
10. Postures and gestures expressed by
the limbs on the part of amorous women,
courting cohabitation. [ଦ୍ର—ସ୍ତ୍ରୀମାନଙ୍କର
ସୁରତେଚ୍ଛାରୁ ମନରେ 'ଭାବ' ଉତ୍ପନ୍ନ ହୁଏ; ଭାବରୁ 'ହାବ'
ଜାତ ହୁଏ; ହାବରୁ 'ହେଳା' ପ୍ରକାଶିତ ହୁଏ (ଭରତ)]।
୧୧। ଅତି କାମାତୁର ନାରୀମାନଙ୍କର ସୁରତୋତ୍ସବପାଇଁ
ପ୍ରୌଢ଼େଚ୍ଛା—12. Strong sexual desire of
amorous women (Apte). ୧୨। ଚନ୍ଦ୍ରିକା;
ଜ୍ୟୋତ୍ସ୍ନା—12. Moonlight (Apte). ୧୩।
ସଙ୍ଗୀତର ସ୍ୱରରେ ବା କମ୍ପନରେ ବିଶ୍ରାମ—13. Pause
in a note or shaking (Apte) ୧୪। ଅପମାନ
—14. Insult (Apte). ୧୫। ଅସମ୍ମାନ—15. Dis-
respect (Apte). ୧୬। ଘୃଣା—16. Contempt
(Apte). ଦେ. ବି—ବିଳମ୍ବ—Delay. [ଭ—ମୋ
हेला देरी ବାନ୍ଧୁ ଚମ୍ପା ମାଳା ପଡ଼ି ଜଳ ଜଳ, ମଣ୍ଡାଅ କରୁଅଛ ଏଥି
କଥା ହେଳା—କୃଷ୍ଣସିଂହ ମହାଭାରତ ବନ]

ହେଳା—ପ୍ରାଦେ (ଉତ୍ତର) ବି—ହେଳା—Neglect; delay;
Helā negligence. ବିଣ (ପୁଂ)—ଅଳସୁଆ—Idle. ଦେ. କ୍ରି
(ହେଲେଇ—ସ୍ତ୍ରୀ. ବିଣ) —ହେବା କ୍ରିୟାର ବର୍ତ୍ତମାନସମୀପ
ଅତୀତକାଳ ତୃତୀୟ ପୁରୁଷ ଅନାଦରାର୍ଥକ ଏକ ବଚନରେ
(ସେ କର୍ତ୍ତା ସଙ୍ଗେ) ବ୍ୟବହୃତ ଅକାତ; (ସେ ବା ତାହା)

ଘଟିଲା—(He or it) Happened. ଦେ. ଅ—(ପ୍ରଶ୍ନାର୍ଥକ) ଏହା ତୁମ୍ଭର ମନୋମତ ହେଲଟି ?—
ହ'ল হুআ Do you agree ? Are you agreed ?

ହେଲାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଅନ୍ୟର ଅନିଷ୍ଟ କରିବାପାଇଁ
Helāibā ପରୋକ୍ଷରେ ପ୍ରବର୍ତ୍ତାଇବା—To incite another to injure a person, behind his back.

ହେଲାଇଁ—ଦେ. କ୍ରି (ଅସ୍ମେ, ଅସ୍ମେମାନେ)—ହେଲୁଁ (ଦେଖ)
Helāiṅ Heluṅ (See)

ହେଲା(ଲେ)ଇବା—ଦେ. କ୍ରି—୧। ଶ୍ଳଥ କରିବା —1. To slacken.
Helā(le)ibā ୨। କାର୍ଯ୍ୟରେ ତ୍ରୁଟି ବା ହେଲା କରିବା—
হেলা করা 2. To neglect in doing work.
कमी करना

ହେଲା କରିବା—ଦେ. କ୍ରି—୧। କାର୍ଯ୍ୟରେ ତ୍ରୁଟି କରିବା—
Helā karibā 1. To neglect a work. ୨। କାମରେ
হেলা করা ଶଇଳ କରିବା—2. To slacken one's
हेलना ardour or vigour in a work.
୩। ଶ୍ଳଥ କରିବା; ଢିଲାଇବା—3. To slacken.
୪। ବିଳମ୍ବ କରିବା—4. To delay. ୫। ଅବଜ୍ଞା
କରିବା—5. To disregard. ୬। ଧ୍ୟାନ ନ ଦେବା;
ଖାତିର ନ କରିବା—6. Not to mind.

ହେଲା ଦସ୍ତି—ଦେ ବି (ସଂ. ହେଲା ଓ ଫା. ଦସ୍ତି=ପ୍ରଣିଧି)—
Helā dasti ୧। ଦୀର୍ଘସୂତ୍ରିତା—1. Tardiness; dila-
হেলাদস্তি torines. ୨। ଅବହେଳା; ହେଲା—
ढिलापन 2. Negligence. ବିଣ—ହେଲାଦସ୍ତିଆ (ଦେଖ)
Helādastiā (See)

ହେଲା ଦସ୍ତିଆ—ଦେ. ବିଣ—୧। ଦୀର୍ଘସୂତ୍ରୀ—1. Tardy; dil-
Helā dastiā atory. ୨। ଯେ କାର୍ଯ୍ୟରେ ଢିଲା କରେ—
হেলাদস্তিয়া, আলসে 2. Negligent; neglectful.
ढिल्ला ୩। ଦୀର୍ଘସୂତ୍ରିତାଯୁକ୍ତ (କାର୍ଯ୍ୟ)—3. Dilatory (work).

ହେଲାପେଲା—ପ୍ରାଦେ (ଉତ୍ତରଅଞ୍ଚଳ) କ୍ରି. ବିଣ—ଯଥାତଥା; ଯେ କୌଣସି
Helāpelā ପ୍ରକାରେ—Anyhow. [ଉ—ବୁଢ଼ୀ ବେଳକେ
ନାଚ ଘରଁଚା, ହେଲାପେଲା କର ଦିନ ଯାଏତା—ଲୋ ।]

ହେଲା ବୁକ୍କ—ସଂ. ବି—ଅଶ୍ୱ ବିକ୍ରୟୀ (ହାରାବଳୀ)—Horse seller;
Helā bukka a horse dealer (Apte).

ହେଲା ବୁଦ୍ଧି—ଦେ. ବି—ଅବଜ୍ଞା—Disregard. [ଉ—ତାହା-
Helā buddhi ଠାରେ ଲୋକେ ଯେ ହେଲା ବୁଦ୍ଧି କଲେ ।
হেলা বুদ্ধি अवहेलना बुद्धि କୃଷ୍ଣସିଂହ. ମହାଭାରତ ବନ ।]

ହେଲା ବୋଲି ଜାଣିବା—ଦେ. କ୍ରି—(କୌଣସି ବିଷୟ) ଅତି ଶୀଘ୍ର
Helā boli jāṇibā ଘଟିବ ବୋଲି ଜ୍ଞାତ ହେବା—To know that a thing is about to happen.
[ଉ—କହୁଛ ମରିବାକୁ ଯାଉ ମୁଁ କରୁଛୁ, ଏ କଥା ହେଲା ବୋଲି ଜାଣ କମଳାକ୍ଷି । କୃଷ୍ଣସିଂହ. ମହାଭାରତ ବନ ।]

ହେଲା ମାତ୍ରକେ(ମାତ୍ରେ)—ଦେ. କ୍ରି. ବିଣ—ଅକ୍ଲେଶରେ; ଅବଲୀଳା
Helā mātrake(mātre) କ୍ରମେ—Easily. [ଉ—ବଂଶ
ହେଲାକ୍ରମେ } —ଅନ୍ୟରୂପ ଅତ ଯେ ଦୈତ୍ୟବଂଶ, ହେଲା
ହେଲାରେ ମାତ୍ରକେ କଲେ ନାଶ—ପ୍ରାଚୀ
অবহেলে बिना परिश्रमसे ନୃସିଂହ ଚନ୍ଦ୍ରୋଦୟ ।]

ହେଲି—ସଂ. ବି (ହିଲ୍ ଧାତୁ=କଟାକ୍ଷଭଙ୍ଗୀ କରିବା+କର୍ତ୍ତୃ ଇ)—୧
Heli ହେଲା (ଭାବ) (ଦେଖ)—1. Helā (See). ୨। ହେଲୀ (ଦେଖ)—2. Helī (See).

ହେଲି—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଅତୀତ ୧ମ ପୁରୁଷ
Heli ଅନାଦରାର୍ଥକ ୧ ବଚନରେ (ମୁଁ କର୍ତ୍ତା ସଙ୍ଗେ)—
হইলাম हुआ (I) Have been.
ବୈଦେ. ବି (ଇଂ)—
ଅଧୁନାତନ ଅବିଷ୍କୃତ ଧୂମକେତୁର ନାମ—Hailey's
হেলি हेलि comet.

ହେଲିକାସ୍ତ—ସଂ. ବି (ଜ୍ୟୋତିଷ ପରିଭାଷା)—ସୂର୍ଯ୍ୟର ଅତି ନିକଟରେ
Helikāsta ଥିବାରୁ ସୂର୍ଯ୍ୟର ତେଜ ଦ୍ୱାରା ଘୋଡ଼ାଇ ହୋଇ ଯାଇଥିବା ତାରାର ଅଦୃଶିବା ଅବସ୍ଥା—(astronomy) Heliacal setting of a star.

ହେଲିକୋଦୟ—ସଂ ବି (ଜ୍ୟୋତିଷ ପରିଭାଷା)—ସୂର୍ଯ୍ୟଙ୍କ ସଂକ୍ରମଣ
Helikodaya କରିବା ଯୋଗୁଁ କେତେକ ସମୟ ଅଦୃଶ୍ୟ ହେବା ପରେ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ତାରାର ଉଦୟ ହେବାବେଳେ ଦେଖାଯିବା ଅବସ୍ଥା—(astronomy) Heliacal rising of a star

ହେଲିଣି—ଦେ. କ୍ରି—ହେଲି (ଦେଖ)—
Heliṇi Heli (See).

ହେଲିବା—ଦେ. କ୍ରି—୧। ହେଲା କରିବା (ଦେଖ)—
Helibā 1. Helā karibā (See)
୨। ଅବଜ୍ଞା କରିବା—2. To disregard. (ଉ—
ପ୍ରବୋଧୁଁ ପ୍ରବୋଧୁଁ ପ୍ରବୋଧ ହେଲିଣ ବସ୍ତ୍ରାବଳୀ ତଳ
ହେବ—ନନ୍ଦକିଶୋର ଶର୍ମା ।)

ହେଲ ସେଲସ୍—ବୈଦେ. ବି (ନାମ)—ଅବସିନିଆର ରାଜ୍ୟଚ୍ୟୁତ
Heli selis ସମ୍ରାଟ—Name of the defeated king
হেলিসেলিস हेलिसेलिस of Abyssinia who left his kingdom in 1937 being unable to continue fight with Italy. [ଉ—୧୯୩୬ ଖ୍ରୀଷ୍ଟାବ୍ଦରେ ଏହାଙ୍କ ସହିତ ଇଟାଲୀର ଘୋର ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ଏ ପରାଜିତ ହୋଇ ଅବସିନିଆ ଛାଡ଼ି ପଳାଇ ଯାଇଥିଲେ ।]

ହେଲୀ—ସଂ ବି (ହେଡ୍ ଧାତୁ+କର୍ତ୍ତୃ. ଇ; ହିଲ୍ ଧାତୁ+କର୍ତ୍ତୃ. ଇନ୍;
Helī ୧ମା. ୧ବ)—୧। ସୂର୍ଯ୍ୟ (ବିକାଣ୍ଡଶେଷ)—1. The sun.
୨। (+ଭାବ.ଈ) ଆଲିଙ୍ଗନ (ଶବ୍ଦକଳ୍ପଦ୍ରୁମ)—2. Em-

brace· ୩ । କେଳି—3. Amorous dalliance (Apte).

ହେଳୁ—ଦେ. ଵଣ [ସଂ ହେଳା]—୧ । ଶିଥିଳୀକୃତ—
Heḷu 1. Slackened. ୨ । ହେଳାଦସ୍ତିଆ [ଦେଖ]—
ଆଲସେ ଢ଼ିଲା 2. Heḷādastiā (See)
ଚିମାପନା ଢିଲାପନ ବି—୧ । କାର୍ଯ୍ୟଗତିର ଧୀରତା—1. Slowness of the progress of a work.
୨ । ହେଳା (ଦେଖ)—2. Heḷā (See). ୩। କାର୍ଯ୍ୟର ଶିଥିଳତା—3. Slackness or slowness of work.

ହେଲୁ—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଭୂତକାଳ ମଧ୍ୟମପୁରୁଷ
Helu ଅନାଦରାର୍ଥ ଏକ ବଚନ (ତୁ)—(Thou)
হইলি হুআ Hast been.

ହେଲୁଁ—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଅତୀତକାଳ ୧ମ
Heluṅ ପୁରୁଷ ଆଦରାର୍ଥକ (ଆମ୍ଭେ) ଓ ବହୁବଚନ (ଆମ୍ଭେମାନେ)
হলাম, হলুম হুএ [I or we] Have been.

ହେଳୁଆ—ଦେ. ଵଣ ପୁଂ—ହେଳାଦସ୍ତିଆ (ଦେଖ)—
Heḷuā Heḷādastiā (See)
(ହେଳେଇ—ସ୍ତ୍ରୀ)

ହେଲୁଣି—ଦେ. କ୍ରି—୧ । ହେଲୁ (ଦେଖ)—1. Helu (See). ୨ ।
Heluṇi ହେଲୁଁ (ଦେଖ)—2. Heluṅ (See).

ହେଲେ—ଦେ. କ୍ରି ଵଣ—୧। (ସଂ. ହେଳୟା) ଅକ୍ଳେଶରେ; ସହଜରେ;
Hele ଅବଲୀଳା କ୍ରମେ—1. Easily; with very little difficulty. [ଉ—ବାଳକ ବଧ କଲ ହେଲେ, ବନ୍ଧ ବାନ୍ଧିଲ ସିନ୍ଧୁ ଜଳେ—ବଳରାମ ଦାସ—କମଲଲୋଚନ ଚଉତିଶା] ୨। ଟିକିଏ ମାତ୍ର; ଟିକିଏ ସୁଦ୍ଧା—2. Slightly. [ଉ—ରମିଲେ ସେ ତୋ ପଦ ଚନ୍ଦ୍ରକ ଚୁଲାଇଲେ, ଶୁଦ୍ଧ ଦେଲୁ ନାହିଁ ହେଲେ—କବିସୂର୍ଯ୍ୟ ସଙ୍ଗୀତ] ୩। ସାମାନ୍ୟ ଚେଷ୍ଟାରେ—3. With very little effort
অবহেলে বিনাপরিশ্রমসে

ହେଲେ—ଦେ. କ୍ରି—୧ । ହେବା କ୍ରିୟାର ବର୍ତ୍ତମାନ ସମୀପ ଭୂତକାଳ
Hele ମଧ୍ୟମ ପୁରୁଷ ୧ ବଚନ ସମ୍ମାନାର୍ଥକ (ଆପଣ), ବହୁବଚନ
হইলে (ଅପଣମାନେ), ନାମ୍ୟ ପୁରୁଷ ୧ବଚନ ସମ୍ମାନାର୍ଥକ (ସେ) ଓ
হুए ବହୁବଚନେ (ସେମାନେ)—1. [You; ye; he; they]
হওয়ায় Have been. ୨ । (ଅସମାପିକା କ୍ରିୟା) (କ) ହେବାରୁ
1. Being. (ଖ) ହେବା ଉତ୍ତାରୁ—ii. After
होते being. (ଗ) ଯଦି ହୁଅନ୍ତା—iii. If (it) would be. [ଯଥା—ଟଙ୍କାଟିଏ ହେଲେ ମୋ ଖରଚ ଚଳି ଯାଆନ୍ତା] ଅ—୧ । ସୁଦ୍ଧା—1. Even. [ଉ—କେବଳ ମନ୍ତ୍ରୀ ଦେଶରେ ସ୍ୱାର୍ଥ ପଡ଼ୁ; ତେବେ ହେଲେ ଅଧର ଦାନ୍ତ ଥିଲେ ଉଡ଼—କୃଷ୍ଣସିଂହ ମହାଭାରତ ବନ] ୨। ମଧ୍ୟ—
হলেও 2. Also. [ଉ—ଖଳଜନ ବାଣୀ ସତ୍ୟ ଘର ମଣି; ନ ଶୁଣିଲେ ହେଲେ ମୋତେ—କବିସୂର୍ଯ୍ୟ. ସଙ୍ଗୀତ] ୩ । ଥାଉଁ ଥାଉଁ—3. Notwithstanding.
हानेभी [ଉ—ନିବେଦନ କରୁଛୁ, କରକଞ୍ଜ ଧରୁଛୁ, ହେଲେ ହେଉ ଅରୁଚ ଉଦ୍ୟାହାରେ—କବିସୂର୍ଯ୍ୟ, କଶୋଗ୍ରାନ୍ତି ଗୀତ] ୪ । କିନ୍ତୁ; ମାତ୍ର—4. But. [ଉ—ହେଲେ ମୁଁ ତ ଏମାନଙ୍କ ଘର ଅପାଠୁଆ ବଦଳ ହୋଇଛୁ ?—ଫକୀର ମୋହନ ଛମାଣ ଆଠଗୁଣ୍ଠ] ପ୍ରାଦେ (ଯାଜପୁର) ଅ—ଥରେମାତ୍ର—Once only. (ଯଥା—ମୁଁ ବଲଭ୍ଭୁ ଏ ବର୍ଷ ଦୁଇ ହେଲେ ନେଇଛି

ହେଲେଇଁ—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଭୂତକାଳ
Heleiṅ ୧ମ ପୁରୁଷ ଆଦରାର୍ଥକ ଏକବଚନ (ଆମ୍ଭେ) ଓ ବହୁବଚନ (ଆମ୍ଭେମାନେ)—(I and we) Have been.
হইলাম হুए

ହେଲେଇ ଗେଲେ(ଲ୍ହେ,ହ୍ଲେ)ଇ—ପ୍ରାଦେ. (ପାଟଣା) ଵଣ—ଗେଲବସର
Helei gele(lhe, hle)i —Fondled.

ହେଲେଣି—ଦେ. କ୍ରି—ହେଲେ (ଦେଖ)—
Heleṇi Hele (See).

ହେଲେହେଁ—ଦେ. ଅ—ହେଲେ ସୁଦ୍ଧା; ହୋଇଥିଲେ ସୁଦ୍ଧା—
Heleheṅ Even if it were
হইলেও होनेसभी

ହେଲେ ହେଲେ—ଦେ. ଅ—ହେଲେ ସୁଦ୍ଧା—
Helehele Even if.
[ଉ—ହେଲେହେଲେ ସୂର୍ଯ୍ୟ ଦେବତା ତେ ଉଦୟ, ହେଲା ସଭି ମଣିଲ ସବୁରି ହୃଦୟ—କୃଷ୍ଣସିଂହ ମହାଭାରତ ଦ୍ରୋଣ]
হলেও हानेसभी

ହେଲୋ—ଦେ. ଅ—(ସ୍ତ୍ରୀ ମାନଙ୍କୁ ସମ୍ବୋଧନ) ହେ ।
Helo (Interjection used in addressing females)
হ্যাঁলো हेय (ହେଲୋହେ—ଅନ୍ୟରୂପ) Oh !

ହେଲୋଦ—ପ୍ରାଦେ (ବଲାଙ୍ଗିର ପାଟଣା) ବି—ହଳଦୀ—
Heloda Turmeric

ହେଲ୍ଥ—ବୈଦେ. ବି (ଇଂ)—ସ୍ୱାସ୍ଥ୍ୟ—
Helth Health.
হেল্থ हेल्थ

ହେଲ୍ଥ ଅଫିସର—ବୈଦେ. ବି (ଇଂ)—ନଗରର ବା ଜିଲ୍ଲାର ଲୋକଙ୍କ
Helth aphisar ସ୍ୱାସ୍ଥ୍ୟ ସମ୍ବନ୍ଧେ ଦୃଷ୍ଟି ରଖିବାପାଇଁ ନିଯୁକ୍ତ
হেল্থআফিসর हेल्थऑफीसर କର୍ମଚାରୀ—Health-officer.

ହେଲ୍ଥ ଡିପାର୍ଟମେଣ୍ଟ—ବୈଦେ. ବି (ଇଂ)—ପ୍ରଜାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧେ
Helth dipārtment କଠକଣା କରିବା କାର୍ଯ୍ୟ ତତ୍ତ୍ୱାବଧାରଣ କରିବା ସରକାରୀ ବିଭାଗ—Health department
হেল্থডিপার্টমেন্ট हेल्थडिपार्टमेण्ट of the Government.

ହେଷ(ଧାତୁ)—ସଂ—୧ । (ଘୋଡ଼ା) ହ୍ରେଷାଧ୍ୱନି କରିବା—
Hesh (root) 1. To neigh (said of a horse).
୨। (ଗଧ) କୋବାଇବା—2. To bray (said of an ass).

ହେଷ(ଷା)—ସଂ ବି—(ହେଷ୍ ଧାତୁ+ଭାବ ଅ; +ଆ)—୧ । ହ୍ରେଷା;
Hesha(shā) ଘୋଡ଼ାଙ୍କ ହେଁହେଁ ରବ—1. Neighing

of a horse. ୨। ଗଧର ବୋବାଳି—2. Braying (of an ass) (Apte).

ହେଷିନୀ—ସଂ. ବି. ସ୍ତ୍ରୀ—(ହେଷିନ୍+ଈ)—ଘୋଡ଼ୀ—
Heshini A mare.

ହେଷୀ—ସଂ, ବି (ପୁଂ) (ହେଷା+ଇନ୍; ୧ମା ୧ବ)—ଅଶ୍ୱ ଘୋଡ଼ା—
Heshi A horse.

ହେଷ୍ଟିଙ୍ଗସ୍—ବୈଦେ, ବି (ଇଂ) (ନାମ)—୧। ୱାରେନ୍ ହେଷ୍ଟିଙ୍ଗସ୍; ଭାରତର ପ୍ରଥମ ଗଭର୍ଣ୍ଣର୍ ଜେନେରଲ୍—Warren
Heshtings (ହେଷ୍ଟିଂସ୍—ଅଶୁଦ୍ଧ ରୂପ) Hastings; the first Governor General of India.
हेष्टिंग्स् हेस्टींस

[ଦ୍ର—ଏ ଖ୍ରୀ: ୧୭୩୨ ରେ ଜନ୍ମ ଗ୍ରହଣ କରି ୧୮୧୮ ରେ ପ୍ରାଣତ୍ୟାଗ କରିଥିଲେ । ଏ ପ୍ରଥମେ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ଅଧୀନ କରାନୀଗିରି ଚାକିରି ପାଇ ୧୭୫୦ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସିଥିଲେ ଓ କ୍ରମଶଃ ନିଜର ଅଧ୍ୟବସାୟ ଓ ବୁଦ୍ଧିବଳରେ କମ୍ପାନୀଙ୍କ ପକ୍ଷରୁ ୧୭୫୮ ଠାରୁ ୧୭୬୧ ପର୍ଯ୍ୟନ୍ତ ମୁରସିଦାବାଦ୍‌ର ନବାବ୍‌ଙ୍କ ନିକଟରେ ରେସିଡେଣ୍ଟ୍ ହୋଇ ରହିଲେ; ପରେ କଲିକତା କାଉନ୍‌ସିଲ୍‌ର ସଭ୍ୟ ହେଲେ । ୧୭୬୪ ସାଲରେ ଇଂଲଣ୍ଡକୁ ଫେରିଯିବା ବେଳକୁ ଏ ପ୍ରଭୂତ ଅର୍ଥ ସଞ୍ଚୟ କରିଥିଲେ । ପୁଣି ୫ବର୍ଷ ପରେ କୋମ୍ପାନୀ ଏହାଙ୍କୁ ମାନ୍ଦ୍ରାଜ କାଉନ୍‌ସିଲ୍‌ର ସହକାରୀ ସଭାପତି ରୂପେ ୧୭୬୯ ସାଲରେ ଭାରତକୁ ପଠାଇଲେ । ୧୭୬୭ ସାଲରେ ଲର୍ଡ କ୍ଲାଇବ୍ ଭାରତରୁ ବିଦାୟ ଗ୍ରହଣ କଲେ ଓ ହେଷ୍ଟିଙ୍ଗସ୍ ୧୭୭୨ ସାଲରେ କଲିକତା କାଉନ୍‌ସିଲ୍‌ର ସଭାପତି, ଅର୍ଥାତ୍ ବଙ୍ଗଳାର ଲାଟ ହେଲେ । ସେତେବେଳେ କମ୍ପାନୀଙ୍କର ପ୍ରାୟ ୨ କୋଟି ଟଙ୍କା ଋଣ ଥିଲା । ଏ ନିଜର ବୁଦ୍ଧିବଳରେ ବଙ୍ଗ ପ୍ରଦେଶରେ ସୁଶାସନର ଓ ସୁବିଚାରର ବ୍ୟବସ୍ଥା କରି ଦେଶର ଉଦାସୀନତା ଅରାଜକତା ନିବାରଣ କଲେ ଓ କ୍ଲାଇବ୍‌ଙ୍କ ଅର୍ଜିତ ରାଜ୍ୟର ସୀମା ବଢ଼ାଇ କମ୍ପାନୀଙ୍କ ରାଜ୍ୟରେ ଅନେକ ଗୁଡ଼ିଏ ରାଜ୍ୟ ମିଶାଇଲେ । ଏ ବନାରସର ରାଜା ଓ ଅଯୋଧ୍ୟାର ନବାବଙ୍କଠାରୁ ବହୁ କୋଟି ଟଙ୍କା ଆଦାୟ କଲେ, ଓ ମରହଟ୍ଟା, ନିଜାମ ଓ ମହୀଶୂରର ନବାବଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ଏମନ୍ତ କଲିକତା କାଉନସିଲ୍‌ର ଅନ୍ୟ ସଭ୍ୟମାନଙ୍କ ସଙ୍ଗେ ଏହାଙ୍କର ଅମେଳ ହେବାରୁ ଅନେକ ବିଭ୍ରାଟ ଘଟିଲା । ଏହାଙ୍କ ଅମଳରେ କମ୍ପାନୀଙ୍କର ପୁଣି ୩ କୋଟି ଟଙ୍କା ଋଣ ବଢ଼ିଲା । ଶେଷରେ ହେଷ୍ଟିଙ୍ଗସ୍ ୧୭୮୩ ସାଲରେ ଇସ୍ତଫା ଦେଇ ୧୭୮୫ ସାଲରେ ବିଲାତକୁ ଫେରିଗଲେ ଓ ସେଠାରେ ଏହାଙ୍କ ନାମରେ ପାର୍ଲିଆମେଣ୍ଟ୍ ମହାସଭାରେ ଏଡ଼ମଣ୍ଡ୍ ବର୍କ୍ ନାମକ ଜଣେ ସ୍ୱାଧୀନଚେତା ସଭ୍ୟ ଭାରତରେ ଗୁରୁତର ଓ ଜଘନ୍ୟ ଅପରାଧ ଓ ଅତ୍ୟାଚାର କରିଥିବା ଯୋଗୁଁ ଅଭିଯୋଗ ଆଣିଲେ । ଏ ମକଦ୍ଦମାର ବିଚାର ପାଇଁ ୧୭୮୮ ସାଲରୁ ୧୭୯୫ ସାଲ ପର୍ଯ୍ୟନ୍ତ ୭ ବର୍ଷ ଲାଗିଲା । ଭାରତରୁ ଅର୍ଜିତ ଧନ ଅଧିକାଂଶ ମକଦ୍ଦମାରେ ବ୍ୟୟ କରି ହେଷ୍ଟିଙ୍ଗସ୍ ବହୁ ଦୁଃଖ ଭୋଗ କରି ଅଭିଯୋଗରୁ ମୁକ୍ତିଲାଭ କଲେ । କୋମ୍ପାନୀଙ୍କ ପ୍ରଦତ୍ତ ପେନ୍‌ସନ୍ ଭୋଗକରି ଏ ୧୮୧୮ ସାଲରେ ପରଲୋକଗମନ କଲେ ।] ୨ । ଲର୍ଡ ହେଷ୍ଟିଙ୍ଗସ୍; ଭାରତର ଗଭର୍ଣ୍ଣର ଜେନେରଲ୍ ଲର୍ଡ ମଇରାଙ୍କର ଉପାଧି—2. The title of Lord Moira, a Governor General of India. [ଦ୍ର—ଏ ଖ୍ରୀ: ୧୮୧୩ ରୁ ୧୮୨୩ ପର୍ଯ୍ୟନ୍ତ ଭାରତର ଗଭର୍ଣ୍ଣର୍ ଜେନେରଲ୍ ହୋଇଥିଲେ । ଏହାଙ୍କ ସମୟରେ ଭାରତରେ ପ୍ରାଥମିକ ଶିକ୍ଷା ବିସ୍ତାର, ନେପାଳ ଯୁଦ୍ଧ, ପିଣ୍ଡାରୀ ଯୁଦ୍ଧ ହୋଇଥିଲା । ଏହାଙ୍କ ଅମଳରେ ପ୍ରଥମ ବଙ୍ଗଳା ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ।] ୩ । ଇଂଲଣ୍ଡର ସସେକ୍ସ ନାମକ କାଉଣ୍ଟୀର ଗୋଟିଏ ବଡ଼ ଗ୍ରାମ ଓ ବନ୍ଦର—3. Name of a port town in the county of Sussex in England.

ହେସ୍‌ନେ—ପ୍ରାଦେ (ସମ୍ବଲପୁର) ସର୍ବନାମ—ସେମାନେ—
Hes-ne They.

ହେସୁ—ପ୍ରାଦେ (ସମ୍ବଲପୁର) ବି(ମାତଜାତିଙ୍କ ବ୍ୟବହୃତ ଶବ୍ଦ)—ଧାନ—
Hesu Paddy.

ହେହେ—ସଂ ଅ—୧ । ହେ ର ଦ୍ୱିତ୍ୱ; କଥାରେ ଜୋର୍ ଦେବା
Hehe ପାଇଁ ବା ଉଦ୍‌ବେଗ, ବିଷାଦ, ବିସ୍ମୟାଦି ସ୍ଥଳରେ ହେ ସମ୍ବୋଧନର ଦୁଇ ଥର ପ୍ରୟୋଗ—1. A doublet of Oh; Oh ho ! Ho Ho ! ୨ । ହେ (ଦେଖ)—2. He (See)

ହେହୈ—ସଂ ଅ—ସମ୍ବୋଧନ; ହୂତି ବା ଆହ୍ୱାନ (ମେଦିନୀ)—
He hai Exclamation used in addressing and calling. ଦେ. ଅ—ହେ ହୈଓ (ଦେଖ)—He haio (See)

ହେହୈଓ—ଦେ. ଅ—ଘୋଡ଼ାଗାଡ଼ି ଚଳାଇବା ସମୟରେ ଗାଡ଼ି-
He haio ଚାଳକମାନଙ୍କର ଅଶ୍ୱଚାଳନ ଧ୍ୱନି—
हेहेओ हेहैव An exclamation of coachmen while driving horses.

ହୈ—ସଂ. ଅ (ସଂ ହ୍ୱେ ଧାତୁ=ଡାକିବା+ଭାବ ଐ)—୧ । ସମ୍ବୋଧନ
Hai (ମେଦିନୀ)—1. Interjection used in addressing. ୨ । ଆହ୍ୱାନ (ମେଦିନୀ)—2. Interjeetion used in calling. ୩ । ନିଷେଧ—3. Negation. ୪ । ପାଦ ପୂରଣ—4. At the end of a sentence. ୫ । ସତର୍କକରଣ 5. Warning. ଦେ· ଅ—୧ । ହଁ (ସମ୍ମତିସୂଚକ)—
हाँ हाँ 1. (Interjection used to express consent or agreement) Yes !.

୨ । ନିକଟବର୍ତ୍ତୀ ଲୋକଙ୍କୁ ଡାକିବାକୁ ବା ତାଙ୍କ ଦୃଷ୍ଟି ଆକର୍ଷଣ ବା ପ୍ରଶ୍ନ କରିବାକୁ ଅନ୍ୟ ଧ୍ୱନି ପୂର୍ବେ (ଯଥା ଏ, କିହେ, ବେ, ରେ,ଲୋ, ହେ, ହୋ) ବ୍ୟବହୃତ— (ଯଥା—ହେଁଏ, ହେଁହେ, ହେଁକିହେ, ହେଁବେ, ହେଁରେ, ହେଁଲୋ, ହେଁହେ, ହେଁହୋ)—2. Used with another interjection to call a person near by or to draw his attention or to question something. ୩ । (ଦୀର୍ଘ ଉଚ୍ଚାରଣ)—ବୁଲାବିକାମାନଙ୍କର ଡାକ—3. A halloo of hawkers.

ହେ, ଓହେ

ହୋ ହୋ

ହେଁଏ—ଦେ. ଅ—ମାନ୍ୟ ବ୍ୟକ୍ତି (ଯଥା—ପିତା ସ୍ୱାମୀ, ଶ୍ୱଶୁର, ଶାଶୁ, ଭଦ୍ରଲୋକ, ଅପରିଚିତ ଭଦ୍ରଲୋକ)ଙ୍କ ପ୍ରତି ସ୍ତ୍ରୀମାନଙ୍କଦ୍ୱାରା ବ୍ୟବହୃତ ସମ୍ବୋଧନସୂଚକ ଅବ୍ୟୟ—Interjection used to superiors by females.
Haie
ଓହେ, ହାଁହେ
ହୋଓ

ହେଁଓ—ଦେ. ଅ—ହେଁହୋ (ଦେଖ)—Haibo (See).
Haio

ହେଁ କିଏ(ହେ)—ଦେ. ଅ—ନିକଟବର୍ତ୍ତୀ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ଡାକିବା, ଦୃଷ୍ଟି ଆକର୍ଷଣ କରିବା ଓ ପ୍ରଶ୍ନ କରିବା ଉପଲକ୍ଷରେ ବ୍ୟବହୃତ—An interjection used by one in addressing, putting questions to or inviting attention of a superior who is near by.
Hai kie(he)
ଓହେ, ହାଁହେ
ଓ

ହେଁ କିବେ—ଦେ. ଅ—ଅବଜ୍ଞାର୍ଥକ ପ୍ରଶ୍ନସୂଚକ ସମ୍ବୋଧନ—Interjection used in asking an inferior in derision.
Hai kibe
ଓରେ, ହାଁରେ ଅବେ

ହେଁକିରେ—ଦେ. ଅ—ପୁରୁଷଙ୍କ ପ୍ରତି ପ୍ରଯୁକ୍ତ ଅନାଦରାର୍ଥକ ପ୍ରଶ୍ନସୂଚକ ସମ୍ବୋଧନ—An interjection used in asking one's male inferior.
Hai kire
(ହେଁକିଲୋ—ସ୍ତ୍ରୀଙ୍କ ପ୍ରତି)
ହାଁରେ ଅରେ

ହେଁକିହୋ—ଦେ. ଅ—ବହୁ ବ୍ୟକ୍ତିଙ୍କ ବା ସୁପରିଚିତ ଅନ୍ୟ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—Interjection used in addressing a number of people or one's own acquaintance.
Haikibo
ଓହେ, ହାହେ
ଓ

ହେଁଗୋ—ଦେ. ଅ—ସଖୀ ସମ୍ବୋଧନ—An interjection used by a lady to her female companion.
Haigo
ହାଁଗୋ, ଓଗୋ ହୈଗୋ

ହେଁଚୈ—ଦେ. ବି—(ବଙ୍ଗଳାରୁ ଅନୁକୃତ)—୧ । ଘୋଷଣା; ଗୋଳମାଳ—1. Ado; noise. ୨ । ଗଣ୍ଡଗୋଳ; ହାଲୁସାଲୁ—2. Turmoil.
Haichai
ହୈଚୈ ହୋହଲ୍ଲା

ହେଁଜା—ବୈଦେ. ବି—(ଅ, ହେଁଜହ୍)—ହଇଜା (ଦେଖ)—Haijā (See). [ବି—ହଇଜା ରୋଗୀଙ୍କର ଝାଡ଼ା ଓ ବାନ୍ତିକୁ ନେଇ ପୋଖରୀରେ ପକାଇଲେ ଏବଂ ସେହି ପୋଖରୀର ପାଣି ଲୋକେ ପିଇଲେ ତାଙ୍କୁ ହଇଜା ଧରେ । ଅଧିକ ପରିମାଣରେ ଖାଇଲେ ପିଇଲେ ଅଜୀର୍ଣ୍ଣ ଝାଡ଼ା ହୁଏ । ସେହି ଅଜୀର୍ଣ୍ଣ ଝାଡ଼ା ହଇଜା ମଧ୍ୟ ପାଲଟି ଯାଏ । କୋମା ବାସିଲସ୍ (Comma Bacillus) ନାମକ ଏକ ଜାତୀୟ କୀଟାଣୁ କୌଣସି ପ୍ରକାରରେ ଅନ୍ତରେ ପ୍ରବେଶ କଲେ ହଇଜା ହୁଏ । ଘରେ କିମ୍ବା ଘର ନିକଟରେ ହଇଜା ରୋଗୀଙ୍କୁ ଦେଖି ଭୟ କଲେ ସେହି ଭୟରେ ମଧ୍ୟ ହଇଜା ଧରେ । ମଇଳା, ପଚା, କର୍ଦ୍ଦମ, ଘାଣ୍ଟୋଳା ଓ ଖାଲରେ (ଡୁବରେ) ପାଣି ପଚି ଦୁର୍ଗନ୍ଧ ବାହାର ଅନେକ ସମୟରେ ହଇଜା ହୁଏ । ଦୁଧରେ ଗଉଡ଼ମାନେ ପୋଖରୀର ମଇଳା ପାଣି ଅନେକ ସମୟରେ ମିଶାନ୍ତି; ଯଦି ସେହି ପାଣି ବସାକୁ ଧୋଇଥାଏ, ସେହି ଦୁଧ ପିଇଲେ ହଇଜା ହୁଏ । ସେଚିମନୁଷ୍ୟଙ୍କ ଦ୍ୱାରା ଏ ରୋଗ ବ୍ୟାପିବା ବ୍ୟତୀତ ଏହି ରୋଗ ମାଛିମାନଙ୍କ ଦ୍ୱାରା ମଧ୍ୟ ବ୍ୟାପିଯାଏ । ମାଛି ଦୂଷିତ ଖାଦ୍ୟରେ ଓ ରୋଗୀର ମଳମୂତ୍ରରେ ବସି ସେଠାରୁ ଉକ୍ତ ଅତି ଭକ୍ତ କୀଟାଣୁକୁ ନେଇ ସୁସ୍ଥଲୋକମାନଙ୍କ ଖାଦ୍ୟକୁ ଦୂଷିତ କରନ୍ତି ।

ପ୍ରତିଷେଧକ ଉପାୟ—ନିର୍ମଳ ସ୍ଥାନରେ ବାସ କରିବା, ଅଳ୍ପ ପରିମାଣରେ ଲଘୁପାକ ଦ୍ରବ୍ୟ ଆହାର କରିବା, ପେଟ ଖାଲି ନ ରଖିବା, ପଚା ମାଛ ମାଂସ ନ ଖାଇବା ଉଚିତ । ହଇଜା ରୋଗୀଙ୍କର ବାନ୍ତି ଓ ମଳ ମିଶିଥିବା ପାଣି ବ୍ୟବହାର କରିବ ନାହିଁ । ଘର ମଧ୍ୟରେ କୌଣସି ସ୍ୟନ୍ସ୍ୟାନ୍ତିଆ ସ୍ଥାନ ଓ ଗୋବର ପଚି ଦୁର୍ଗନ୍ଧ ହେଉଥିଲେ ସେଠାରେ କିଛି ଜଳାଇ ଚୂନ ଓ ଫିନାଇଲ୍ ମିଶା ପାଣି ପକାଇ ଘରେ ଓ ଘର ଗୁହାଳଶେ ଗନ୍ଧକ ଓ କର୍ପୂର ଧୂଆଁ ଦେବା ଉଚିତ । କଣ୍ଟିଏ ଗୁରଇଷ ଲମ୍ବ ଓ ଚଉଡ଼ା ଖାଣ୍ଡି କିମ୍ବା ପାତିଆ କାଉ ତଳେ ସବୁବେଳେ ରଖିବା ଉଚିତ । ଯୋତା ଓ ମୋଜା ମଧ୍ୟରେ ଗନ୍ଧକ ଚୂର୍ଣ୍ଣ ଛୁଞ୍ଚି ବ୍ୟବହାର କରିବା ଉଚିତ । ହଇଜା ରୋଗୀଙ୍କର ଝାଡ଼ା ବାନ୍ତି ଓ ପରିସ୍ରା ଦୂରକୁ ନେଇ ମାଟି ତଳରେ ପୋତି ପକାଇବ । ଦୁଧ ଗରମ କରି ପିଇବ । ଖାଦ୍ୟ ପଦାର୍ଥରେ ମାଛି ନ ବସିବା ପାଇଁ ସର୍ବଦା ତାକୁ ଘୋଡାଇ ରଖିବା ଉଚିତ । ଗରମ ପାଣିରେ ଗାଧୋଇବ ଏବଂ ଗରମ ପାଣି ପିଇବ । ରୋଗୀଙ୍କ ସେବା କରୁଥିବା ଲୋକମାନଙ୍କର ଗରମ ପାଣିରେ ହାତ ଗୋଡ଼ ଧୋଇବା ଉଚିତ । ଛୋଟ ପିଲାମାନଙ୍କୁ ସବୁବେଳେ ସାବଧାନତା ପୂର୍ବକ ରଖିବ । କଞ୍ଚା ବା ବେଶୀ ପଚସାଇଥିବା ଫଳ ଖାଇବ ନାହିଁ । ଏହି ନିୟମ ସବୁ ପାଳିଲେ ଏବଂ କୁପ୍ରମ୍ ମେଟାଲିକମ (Cuprum metalicum) ୩୦ କିମ୍ବା ୨୦୦ଶକ୍ତି ସାତ ଦିନେ ଓ ପନର ଦିନେ ଥରେ ଲେଖାଏ ଖାଇଲେ ହଇଜାର ଆକ୍ରମଣରୁ ରକ୍ଷା ମିଳେ । ହଇଜା ରୋଗୀଙ୍କୁ ଛୁଇଁ ଛୁଇଁ ଭଲେ ହଇଜା ଡର ନାହିଁ । ଏହି ରୋଗ ଖୁବ୍

ବ୍ୟାପକ ହୋଇ ଏକ ସମୟରେ ଅନେକ ଲୋକ ଆକ୍ରାନ୍ତ ହୁଅନ୍ତି ।

ପ୍ରଧାନ ଲକ୍ଷଣ—

ହଇଜା ପ୍ରଥମରେ ଅଜୀର୍ଣ୍ଣ ତରଳ ଝାଡ଼ା ଆକାରରେ ପ୍ରକାଶ ହୁଏ । ତାହା ସହିତ ମୁଣ୍ଡ ସାମାନ୍ୟ ବଥେ ଓ ଦେହ ବୁଲାଏ ।

ପରେ ସେହି ଅଜୀର୍ଣ୍ଣ ତରଳ ଝାଡ଼ା ଜଳୀୟ ଆକାର ଧାରଣ କରେ । ପ୍ରଥମ ଅବସ୍ଥାରେ ଝାଡ଼ାର ବର୍ଣ୍ଣ ଥାଏ; କିନ୍ତୁ ପରେ ସେହି ବର୍ଣ୍ଣ ଶୀଘ୍ର ଲୋପ ହୋଇ ଚାଉଳ ଧୁଆ ପାଣିପରି, ପେଜପରି କିମ୍ବା ସଫା ପାଣିପରି ଝାଡ଼ା ହୁଏ । ଝାଡ଼ା ଅଧିକ ପରିମାଣରେ ହେଲେ ପେଟରେ କୌଣସି ପ୍ରକାର କଷ୍ଟ ହୁଏ ନାହିଁ; ନହୁବା ପେଟରେ ଅତ୍ୟନ୍ତ କଷ୍ଟ ହୁଏ । କ୍ରମେ କ୍ରମେ ଅଧିକ ପରିମାଣରେ ଜଳୀୟ ପଦାର୍ଥ ବାନ୍ତି ହୁଏ । ଅତିଶଯ୍ୟ ଶୋଷ ହୁଏ । ଶିର ପ୍ରଶିର ଝିମ୍ ଝିମ୍ ହୋଇ ଲୋଷ୍ଟକୋଷ୍ଟ ହୋଇଆସେ । ପରିସ୍ରା ବନ୍ଦ ହୋଇଯାଏ, ଦେହର ବର୍ଣ୍ଣ ନେଳ ହୋଇ ଯାଏ । ହାତର ଓ ଗୋଡ଼ର ଅଙ୍ଗୁଳିମାନଙ୍କ ଚମଡ଼ା ଲୋଷ୍ଟକୋଷ୍ଟ ହୋଇଯାଏ । ଆଖି ଭିତରକୁ ପଶିଯାଏ, ନିଶ୍ୱାସ ପ୍ରଶ୍ୱାସ ଥଣ୍ଡା ଜଣାଯାଏ । ଥଣ୍ଡା ଝାଳ ବହେ । ସ୍ୱର କମିଯାଏ । ରୋଗୀ ଅସ୍ତେ ଅସ୍ତେ କଥା କହେ । ନିଶ୍ୱାସ ମାରିବାକୁ କଷ୍ଟ ହୁଏ । କ୍ରମେ ନାଡ଼ୀ ଦୁର୍ବଳ ହୋଇ ଶେଷରେ ନାଡ଼ୀର ଗତି ବନ୍ଦ ହୋଇଯାଏ । ହିକ୍କା ଉଠେ, ପରିସ୍ରା ବନ୍ଦ ହୋଇ ରୋଗୀ ପ୍ରଳାପ କରେ । ହୃତ୍‌ପିଣ୍ଡର କାର୍ଯ୍ୟ ବନ୍ଦ ହୋଇଯାଏ । ବହୁଦିନରେ ପଡ଼ି ପଡ଼ି ପିଠିରେ ଓ ଠେଙ୍ଗୁରେ ଘାଆ (Bed so ହୋଇଯାଏ । କାନ ମୂଳରେ ପ୍ରଦାହ ହୁଏ; ଆଖିରେ ଘାଆ ହୁଏ । ରକ୍ତ କମିଯିବାର ସବୁ ପ୍ରକାର ଲକ୍ଷଣ ଦେଖାଯାଏ ।

ହଇଜା କେତେ ପ୍ରକାର ଓ ତହିଁର ପ୍ରଭେଦ—

୧ । କଲେରା ଡାଇରିକ୍ (Diarrhoeaic variety)—ଅଧିକ ପରିମାଣରେ ଘନ ଘନ କେବଳ ଝାଡ଼ା ହୁଏ ।

୨ । କଲେରା ଗାଷ୍ଟ୍ରିକ୍ (Gastric Variety)—ପାକସ୍ଥଳୀରେ ଉତ୍ତେଜନା ହୋଇ ଦେହ ବୁଲାଏ ଓ ଅନବରତ ଝାଡ଼ା ବାନ୍ତି ହୁଏ ।

୩ । କଲେରା ଗାଷ୍ଟ୍ରୋ—ଏଣ୍ଟେରିକ୍ (Gastro enteric variety)—ଝାଡ଼ା ଓ ବାନ୍ତି ସମାନ ଭାବରେ ଖୁବ୍ ବେଦନା ସହିତ ହୁଏ ।

୪ । କଲେରା ଶୁଷ୍କ—(Dry variety)—ଏହାର ଲକ୍ଷଣ-ସାଧାରଣ ହଇଜା ପରି ପ୍ରଥମେ ତରଳ ଅଜୀର୍ଣ୍ଣ ଝାଡ଼ାପରି ହୁଏ ନାହିଁ । ରୋଗ ଏକବାରେ ପ୍ରବଳ ଭାବରେ ପ୍ରକାଶ ହୁଏ । କେତେବେଳେ ଥରେ ବା ଦୁଇଥର ଝାଡ଼ା ଓ ବାନ୍ତି ହୋଇ ରୋଗୀ ୨।୩ ଘଣ୍ଟା ମଧ୍ୟରେ ମରିଯାଆନ୍ତି । ଏହାକୁ ନେତ୍ରାଘାତ କହନ୍ତି । କେହି କେହି ରୋଗୀ ଝାଡ଼ାବାନ୍ତି ନ ହୋଇ ଧମ ମରିଯାଆନ୍ତି । ଏପରି ହଇଜା ପ୍ରାୟ ଦେଖାଯାଏ ନାହିଁ ।

୫ । କଲେରା ଆକ୍ୟୁଟ୍ (Acute variety)—ରୋଗୀ ପ୍ରଥମେ ମନେ କରନ୍ତି, ସତେ ଯେପରି ତାଙ୍କର ଜ୍ଞାନ ନାହିଁ । ମୁଣ୍ଡ ଓ ଛାତି ଭାରି ଜଣାଯାଏ । ହାତଗୋଡ଼ ନିସ୍ତେଜ ଜଣାଯାଏ । ପେଟ ଘୁ ଘୁ ଓ ଗଡ଼ଗଡ଼ ହେବା ଆରମ୍ଭ ହୁଏ । ବାନ୍ତି ହୁଏ; ଝାଡ଼ା ବାନ୍ତି ଆରମ୍ଭ ହୁଏ । ଝାଡ଼ା ପିତ୍ତ ମିଶା ଓ ପାଣିପରି ପତଳା ହୁଏ । ଧୀରେ ଧୀରେ ପରିସ୍ରା ବନ୍ଦ ହୁଏ ଓ ନାଡ଼ୀ ଦୁର୍ବଳ ହୋଇଯାଏ; ଆଖି ପଶିଯାଏ; ଗଳା ବସିଯାଏ; ମୁହଁ ଶୁଖିଯାଏ; ଦେହ ନୀଳବର୍ଣ୍ଣ ଦେଖାଯାଏ; ପ୍ରଚୁର ପରିମାଣରେ ଝାଳ ବହେ ।

୬ । କଲେରା ହିମୋରାଜିକ୍ (Haemorrhagiec variety) ରକ୍ତସ୍ରାବୀୟ ହଇଜା—ଏହି ହଇଜାରେ କେବେ କେବେ ପ୍ରଥମରେ ଝାଡ଼ା ସହିତ ରକ୍ତ ଥାଏ । କେବେ କେବେ ପ୍ରଥମରେ ହଇଜା ପରି କେତେବାର ଝାଡ଼ା ବାନ୍ତି ହୋଇ ଶେଷରେ ଝାଡ଼ାରେ ରକ୍ତ ଦେଖାଯାଏ । ଝାଡ଼ାରେ ଲେକ୍ଟିକ୍ ପାଚିଲା ଶୋଲା ଛରଭୂଜର ପରି ଶସ ଦେଖାଯାଏ । କେତେବେଳେ ବା ଗୋଲାପି ରଙ୍ଗର ଝାଡ଼ା ହୁଏ । ଝାଡ଼ା ଅଧିକ ପରିମାଣରେ ହୁଏ । ଝାଡ଼ାର ଅତ୍ୟନ୍ତ ଦୁର୍ଗନ୍ଧ ହୁଏ । କେତେବେଳେ ବା ବେଦନା ହୁଏ ନାହିଁ । ଏହି ଜାତୀୟ ହଇଜାରେ ବହୁ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି । ଯେଉଁମାନେ ଗଞ୍ଜାଇ, ଚରସ୍ ଖାଆନ୍ତି ବା ଅତିରିକ୍ତ ମଦ ପିଅନ୍ତି ସେମାନଙ୍କୁ ଏହିପରି ହଇଜା ଅଧିକ ଆକ୍ରମଣ କରେ ।

୭ । କଲେରା ଇନ୍‌ଫ୍ଲାମେଟର (Inflamatory variety)—ଏହିପରି ହଇଜାରେ ନାଡ଼ୀ ପୂର୍ଣ୍ଣ ଓ ଚଞ୍ଚଳ ଗତି କରେ, ଶରୀର ଗରମ ହୋଇ ଉଠେ; ଆଖି ଓ ମୁହଁ ନାଲିଆ ଦେଖାଯାଏ । ଉପରେ ହଇଜାର କେତୋଟି ପ୍ରକାର ଲୁହାଗଲେ ହେଁ ସାଧାରଣତଃ ଡାକ୍ତରମାନେ ଏହାକୁ ଦୁଇ ଭାଗରେ ବିଭକ୍ତ କରନ୍ତି ।

୧ । କଲେରିନ୍ (Cholerine) ଓ

୨ । ଏସିଅଟିକ୍ କଲେରା (Asiatic cholera).

୧ । କଲେରିନ୍ (Cholerine)

ପ୍ରଥମରେ ଅମ୍ଳ ଓ ଅଜୀର୍ଣ୍ଣ ଯୋଗୁ ତରଳ ଝାଡ଼ା ହୋଇ ଶେଷରେ ଏହି ଜାତୀୟ ହଇଜା ଆରମ୍ଭ ହୁଏ । କୌଣସି ସ୍ଥାନରେ ହଇଜା ହୋଇଥିଲେ ସେଠାରୁ ଭୟ ପାଇ ଆସିବା ବ୍ୟକ୍ତିଙ୍କର ତରଳ ଝାଡ଼ା ହୋଇ ଶେଷରେ ଏହି ଜାତୀୟ ହଇଜାରେ ପରିଣତ ହୁଏ । ଏହି ହଇଜାରେ ପ୍ରଥମେ ସ୍ୱାଭାବିକ ଝାଡ଼ା ହୋଇ କ୍ରମେ ଝାଡ଼ା ପତଳା ହୁଏ । ୫।୬ଥର ଝାଡ଼ା ହେବା ପରେ ପ୍ରକୃତ ହଇଜାରେ ପରିଣତ ହୁଏ । ଅନେକ ସମୟରେ ଦେଖାଯାଏ ଯେ, ହଠାତ୍ ଦୁଇଦିନ ପୂର୍ବରୁ ପେଟ ଖରାପ ହୋଇ ତରଳ ଝାଡ଼ା ହୋଇ ଶେଷରେ ରୋଗ ହଇଜାରେ ପରିଣତ ହୁଏ ।

ପରେ ଅଧିକ ପରିମାଣରେ ଝାଡ଼ାବାନ୍ତି ହୋଇ କେତେ ବେଳେ ଅଙ୍ଗ ଅବଶଭ (Paralytic), କେତେବେଳେ ବା ଲେଗ୍ସ କୋଷ୍ଟ ବା ଶିରାମରି ବା ଅକ୍ଷେପିକ ହେଁଜାର ଅଂଶିକ ଲକ୍ଷଣ ଦେଖାଯାଏ । ଏହି ଜାତୀୟ ହଇଜାରେ ପ୍ରଥମେ ପେଟରେ ଯନ୍ତ୍ରଣା ହୁଏ ନାହିଁ । ପରେ ରୋଗ ବୃଦ୍ଧି ହେଲେ ଯନ୍ତ୍ରଣା ହୁଏ । କାହାର କାହାର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ ନାହିଁ । ଅଧିକ ଝାଡ଼ା ବାନ୍ତି ହେଲେ ଶରୀର ଥଣ୍ଡା ଓ ନୀଳବର୍ଣ୍ଣ ଦେଖାଯାଏ । ନାଡ଼ି ଦୁର୍ବଳ ହୁଏ, କେତେବେଳେ ନାଡ଼ି ମିଳେ ନାହିଁ । ମନେ ରଖିବାକୁ ହେବ ଯେ, ଗ୍ରହଣୀ ରୋଗରେ ବହୁତ ଥର ଝାଡ଼ା ହେଲେ ମଧ୍ୟ ନାଡ଼ି ମିଳେ ନାହିଁ । ଅଥଚ ରୋଗୀର ଏକ ବାରକ୍ ସନ୍ନିପାତ ହୁଏ ନାହିଁ ।

୨ । ଏସିଆଟିକ୍-କଲେରା (Asiatic cholera)

ଏହି ହଇଜା ପ୍ରାୟ ସାଂଘାତିକ (almost fatal) ହୁଏ । ଏଥିରେ ଗୋଟିଏ ଯୋଡ଼ିଏ ଝାଡ଼ା ପରେ ରୋଗୀଙ୍କର ସନ୍ନିପାତ ହୋଇ ଯାଏ । (ହଇଜାର ସାଂଘାତିକ ବିଷ ରକ୍ତରେ ମିଶି ଯିବାରୁ ଏତେ ଶୀଘ୍ର ସନ୍ନିପାତ ହୋଇପାଏ) । କେତେବେଳେ ବା ୭।୮ଟି ଝାଡ଼ା-ବାନ୍ତି ପରେ ସନ୍ନିପାତ ହୁଏ (ଏହିପରି ଯେଉଁ ସନ୍ନିପାତ ହୁଏ ତାହାର କାରଣ :— କ୍ରମାଗତ ଝାଡ଼ା ବାନ୍ତି ହୋଇ ରକ୍ତରୁ ଜଳୀୟ ପଦାର୍ଥ ସବୁ ବାହାରିଯାଏ । ସେଥିପାଇଁ ଶିରା ଭିତରେ ଥିବା ରକ୍ତ ବସିଯାଏ ଏବଂ ରକ୍ତ ଚଳାଚଳ ହୋଇପାରେ ନାହିଁ; ଫଳରେ ନାଡ଼ି କ୍ରମଶଃ ଦୁର୍ବଳ ହୁଏ କିମ୍ବା ଏକ୍‌ଦମ୍ ବନ୍ଦ ହୋଇଯାଏ; ସେଥିପାଇଁ ରୋଗୀଙ୍କର ସନ୍ନିପାତ ହୋଇଯାଏ) । ରୋଗୀଙ୍କର ଆଖି, ମୁହଁ ପଶିଯାଏ; ଝାଳ ବହେ; ରୋଗୀ ଅସ୍ଥିର ହୁଅନ୍ତି; କେବଳ ଥଣ୍ଡା ପବନ ଲୋଡ଼ନ୍ତି ଓ ପାଣି ପିଇବାକୁ ମାଗନ୍ତି; ତାଙ୍କର ନିଶ୍ୱାସ ମାରିବାକୁ କଷ୍ଟ ହୁଏ । କେତେବେଳେ ବା ରୋଗୀ ଚୁପ୍ ହୋଇ ପଡ଼ି ଥାଆନ୍ତି ଓ ମଝିରେ ମଝିରେ ଖୁବ୍ ଜୋରରେ ନିଶ୍ୱାସ (ଅଣନିଃଶ୍ୱାସ ପବନ) ଛାଡ଼ନ୍ତି; ଗଳାର ସ୍ୱର କମିଯାଏ; ରୋଗୀ କଥା ବାର୍ତ୍ତା ଖନେଇ ଖନେଇ କରି କହନ୍ତି; କେଲେ କେଲେ ବା ମଲ୍ଲପରି ନିସ୍ତବ୍ଧ ହୋଇ ପଡ଼ି ରହନ୍ତି (ହଇଜା ରୋଗୀ ମଲ୍ଲପରି ହୋଇ ପଡ଼ିଲେ ମଧ୍ୟ ଭିତରେ ଜ୍ଞାନ ସମ୍ପୂର୍ଣ୍ଣ ଥାଏ ଓ ଅଜ୍ଞାନ ହୁଅନ୍ତି ନାହିଁ); ପରିସ୍ରା ବନ୍ଦ ହୁଏ । ଏହିପରି ଅବସ୍ଥା ରୋଗୀଙ୍କର ହେଲେ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ହୁଏ । ଯଦି ଭଗବାନଙ୍କର ଦୟା ହୁଏ ତେବେ ପ୍ରତିକ୍ରିୟା ଆରମ୍ଭ ହୁଏ ଓ ରୋଗୀ ବଞ୍ଚିଯାଆନ୍ତି ।

ଏସିଆଟିକ୍ କଲେରା ପୁଣି ଦୁଇ ଭାଗରେ ବିଭକ୍ତ—

୧ । ଆକ୍ଷେପିକ (Spasmodic)

୨ । ଅବସାଦକ ବା ପାକ୍ଷାଘାତକ (Paralytic)

ଆକ୍ଷେପିକ କଲେରାର ଲକ୍ଷଣ—ଏହି ହଇଜାରେ ଛାତି, ପିଠି, ହାତରେ ଓ ଗୋଡ଼ରେ ଶିରାମରି ଉଠେ; ହାତ ଗୋଡ଼ର ଅଙ୍ଗୁଳି ବଙ୍କାବଙ୍କା ହୋଇଯାଏ । ରୋଗୀ କଷ୍ଟଯୋଗୁଁ କାନ୍ଦି ଉଠନ୍ତି ଓ ଚିତ୍କାର କରନ୍ତି ।

[ଶିରାମରି ଉଠିବା କାହାକୁ କହନ୍ତି ? ଆମ୍ଭମାନଙ୍କ ଶରୀରରେ ରକ୍ତ ଚଳାଚଳ କରିବାପାଇଁ କେତେଗୁଡ଼ିଏ ମୋଟା ଓ ସରୁ ଶିରା ଅଛି । ହଇଜାର ବିଷ ଶରୀରରେ ପ୍ରବେଶ କଲେ ଜୀବନୀ ଶକ୍ତି (vital force) ସେହି ବିଷକୁ ଶରୀର ଭିତରୁ ବାହାର କରି ଦେବାପାଇଁ ଝାଡ଼ା-ବାନ୍ତି କରାଏ; ଝାଡ଼ାବାନ୍ତି ଅଧିକ ପରିମାଣରେ ହେଲେ ତା ସହିତ ରକ୍ତର ଜଳୀୟ ଅଂଶ ବାହାରି ଯାଏ । ସେତେବେଳେ ରକ୍ତ ଗାଢ଼ ହୋଇ ବସିଯାଏ ଓ ଶିରା ଭିତରେ ଅଟକି ରହିଯାଏ ଓ ରକ୍ତ ଚଳାଚଳର ବାଟ ବନ୍ଦ ହୋଇଯାଏ । ଏହାକୁ ଶିରାମରି ଉଠିବା (spasm) କହନ୍ତି] ଏହି ଶିରାମରି ଉଠିବା ବନ୍ଦ କରିବାକୁ ହେଲେ ରୋଗୀଙ୍କୁ ପ୍ରଚୁର ପରିମାଣରେ ଥଣ୍ଡା ବା ଉଷୁମ ପାଣି ପିଇବାକୁ ଦେବ ।

ଆଲୋପାଥିକ୍ ଡାକ୍ତରମାନେ "ସାଲାଇନ୍" (ଲୁଣପାଣି) ଇନ୍‌ଜେକ୍‌ସନ୍ ଦ୍ୱାରା ଶିରା ବାଟେ ଶରୀର ଭିତରେ ଅନେକ ପରିମାଣରେ ପାଣି ପୂରାନ୍ତି । ଏପରି କରିବା ଯୋଗୁଁ ଜମି ଯାଇଥିବା ରକ୍ତ ଶୀଘ୍ର ତରଳ ହୋଇ ରକ୍ତଚଳାଚଳ ଆରମ୍ଭ ହୁଏ । ଏଥିରେ ଶିରାମରି ଉଠିବା କମିଯାଏ ଓ ରୋଗୀ ସୁସ୍ଥ ହୁଅନ୍ତି । ଯାହା ହେଉ, ଏହି ଜାତୀୟ ହଇଜା ହେଲେ ଉକ୍ତ ଶିରାମରି ଉଠିବା ଛଡ଼ା ଝାଡ଼ାବାନ୍ତି ନ ହୋଇ ସନ୍ନିପାତ ହୁଏ । ହାତର ଓ ପାଦର ନଖ ନୀଳବର୍ଣ୍ଣ ହୁଏ । ପ୍ରଥମରୁ ଅଳ୍ପ ଶିରାମରି ଉଠେ; ନିଶ୍ୱାସ ମାରିବାକୁ କଷ୍ଟ ହୁଏ ଓ ରୋଗୀ ଅତ୍ୟନ୍ତ ଅସ୍ଥିର ହୁଅନ୍ତି । ଝାଡ଼ାବାନ୍ତି ଆରମ୍ଭ ହେବା ପୂର୍ବରୁ ନାଡ଼ୀ ଖୁବ୍ ଜୋର୍‌ରେ ଓ ଚଞ୍ଚଳ ଚାଲେ । ଆଉ କେତେଗୁଡ଼ିଏ ଲକ୍ଷଣ ଥାଏ । ଷ୍ଟେଥେସ୍କୋପ୍ ଦ୍ୱାରା ପରୀକ୍ଷା କଲେ ହୃତ୍‌ପିଣ୍ଡ ଖୁବ୍ ଜୋର୍‌ରେ ଧଡ଼ ଧଡ଼ ହୋଇ ଚାଲିବା ଶୁଣାଯାଏ । ଏହି ଲକ୍ଷଣଗୁଡ଼ିକ ପାକ୍ଷାଘାତକ (paralytic variety) ଜାତୀୟ ହଇଜା ଲକ୍ଷଣର ସମ୍ପୂର୍ଣ୍ଣ ବିପରୀତ । ପାକ୍ଷାଘାତକ (paralytic) ହଇଜାର ଲକ୍ଷଣ ଆକ୍ଷେପିକ (spasmodic ଲେଗ୍ସ କୋଷ୍ଟ ହୋଇ ଶେଷ ହେବା) ଜାତୀୟ ହଇଜା ଲକ୍ଷଣର ସମ୍ପୂର୍ଣ୍ଣ ବିପରୀତ; ଅର୍ଥାତ୍ ଏଥିରେ ରୋଗୀ ପ୍ରଥମରୁ ସ୍ଥିର ହୋଇ ପଡ଼ି ଥାଆନ୍ତି, ଛଟପଟ ଅଧୈର୍ଯ୍ୟ ହୁଅନ୍ତି ନାହିଁ । ଷ୍ଟେଥେସ୍କୋପ୍ ଦ୍ୱାରା ହୃତ୍‌ପିଣ୍ଡ ପରୀକ୍ଷା କଲେ ସ୍ପନ୍ଦନର ଆଘାତ ଅତ୍ୟନ୍ତ ଧୀରେ ଧୀରେ ଶୁଣାଯାଏ, କିମ୍ବା ସମୟ ସମୟରେ ଆଦୌ ଶୁଣାଯାଏ ନାହିଁ । ହୃତ୍‌ପିଣ୍ଡର ବଳ କମ୍ ହେବାରୁ ରକ୍ତ ଚଳାଚଳରେ ବାଧା ପଡ଼େ । ସେଥିପାଇଁ ନିଶ୍ୱାସ ମାରିବାକୁ କଷ୍ଟ ହୁଏ । ଶରୀର ଥଣ୍ଡା ଓ ନୀଳବର୍ଣ୍ଣ ହେବା ପ୍ରଭୃତି ଲକ୍ଷଣସବୁ ପ୍ରକାଶ ହୁଏ । ଅନ୍ତର ଜୀର୍ଣ୍ଣକାରୀ ଶକ୍ତି

ବନ୍ଦ ହୋଇ ଯିବାରୁ ପେଟ ଫାମ୍ପେ । ମୂତ୍ରଯନ୍ତ୍ର କାର୍ଯ୍ୟକାରୀ ନ ହେବାରୁ ପରିସ୍ରା ବନ୍ଦ ହୋଇଯାଏ । ଏହିଠାରେ ମନେ ରଖିବାକୁ ହେବ ଯେ, ପୂର୍ବୋକ୍ତ ଅପେକ୍ଷିକ ଜାତୀୟ ହଇଜାର ପ୍ରଥମ ଅବସ୍ଥାରେ ଆକ୍ଷେପ (ଖେଲିଧରିବା ହେବା) କମିଯାଇ କେତେବେଳେ କେତେବେଳେ ଏହିପ୍ରକାର ପକ୍ଷାଘାତିକ (paralytic) ହଇଜାର ସବୁ ଲକ୍ଷଣ ପ୍ରକାଶ ହୁଏ ।

ହଇଜା ରୋଗୀଙ୍କର ଶୁଭ ଲକ୍ଷଣ—

ସନ୍ନିପାତ ଅବସ୍ଥାରେ ନାଡ଼ୀ ଗୁଲିବା; ଶରୀରରୁ ଏକଦମ୍ ଉତ୍ତାପ କମିଯିବା; ଶୀଘ୍ର ଶୀଘ୍ର ପ୍ରତିକ୍ରିୟା (reaction) ଆରମ୍ଭ ହେବା; ଝାଡ଼ାର ରଙ୍ଗ ପରିବର୍ତ୍ତନ ଓ ବନ୍ଧଳିଆ ହେବା; ଦେହରେ ଗରମ ଆସିବା ଓ ଆଖିର ଓ ମୁହଁର ଜ୍ୟୋତି (ତେଜ) ଆସିବା; ଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ନ ହେବା; ନିଦ ଓ ଶାନ୍ତି ବୋଧ ହେବା; ସନ୍ନିପାତ ଓ ଭଲ ଅଡ଼କୁ ଆସିବାର ମଧ୍ୟବର୍ତ୍ତୀ ସମୟରେ ହିକ୍କା ହେବା ଏବଂ ସନ୍ନିପାତ ଅବସ୍ଥାର ପରେ ହାତକୁ ନାଡ଼ି ଜଣାଯିବା ।

ହଇଜା ରୋଗୀଙ୍କର ଅଶୁଭ ଲକ୍ଷଣ—

ରୋଗୀଙ୍କର ଶୀଘ୍ର ଶୀଘ୍ର ବଳ କମିଯିବା, ରୋଗୀ ଅଜ୍ଞାନ ହେବା, ସନ୍ନିପାତ ହେବା, ଛଟପଟ ହେବା, ଶ୍ୱାସ ମାରିବାକୁ କଷ୍ଟ ହେବା, ନାଡ଼ୀ ନ ମିଳିବା, ଅନେକକ୍ଷଣ ପର୍ଯ୍ୟନ୍ତ ସନ୍ନିପାତ ହୋଇ ରୋଗୀ ପଡ଼ି ରହିଥିବା, ଭଲ୍ଲ ବାନ୍ତି ଓ ଭଲ୍ଲ ଝାଡ଼ା ହେବା, ବହୁ ସମୟ ପର୍ଯ୍ୟନ୍ତ ପିଚ୍ଛ ନ ବାହାରିବା ଓ ପରିସ୍ରା ବନ୍ଦ ହୋଇଯିବା, ସର୍ବଦା ଝିମ୍ପିମଇ ଉଠିବା, ଅନବରତ ଝାଡ଼ାବାନ୍ତି ହେବା; ପ୍ରଳାପ (Delirium); ଅନ୍ତତଃ ପାତ୍ରରେ ପାଣି ଦେଇ ଯେଣି ପାଣି ବାହାରକୁ ବୋଲି ଆସିବା; ଅଜାଣରେ ଝାଡ଼ା ହୋଇଯିବା; ରୋଗୀ କପ୍ତେଲ ହୋଇ ପଡ଼ି ରହିଥିବା, ଇଉରମିଆ (ପରିସ୍ରାର ବିଷାକ୍ତ ପଦାର୍ଥ ରକ୍ତରେ ମିଶିଲେ ଇଉରମିଆ ହୁଏ); ହୃତପିଣ୍ଡର କାର୍ଯ୍ୟ ବନ୍ଦ (Heart-failure) ପ୍ରଭୃତି ହଇଜାର ଅଶୁଭ ଲକ୍ଷଣ ।

ହଇଜାର ଭିନ୍ନ ଭିନ୍ନ ଅବସ୍ଥା :—

୧ମ ଅବସ୍ଥା ବା ଆକ୍ରମଣ ଅବସ୍ଥା

(Stage of invasion)

ପ୍ରଥମରେ ଧୀରେ ଧୀରେ ଅଳ୍ପ ତରଳ ଝାଡ଼ା ପରେ ଅଥାତ୍ ଅଳ୍ପ ଝାଡ଼ା, ବାନ୍ତି ଓ ପେଟରେ ଯନ୍ତ୍ରଣା ପ୍ରଭୃତି ଲକ୍ଷଣ ଉପସ୍ଥିତ ହୁଏ । ପୁଣି କେତେବେଳେ ବା ହଠାତ୍ ଦେଖାଯାଏ—ଅଧିକ ପରିମାଣରେ ଘନ ଘନ ପାଣି ପରି ତରଳ ଝାଡ଼ା ହୁଏ । ଝାଡ଼ାର ରଙ୍ଗ ପ୍ରଥମେ ହଳଦିଆ, ପରେ ଚାଉଳଧୁଆ ପାଣି ପରି ପଡ଼ା ହୁଏ, ପ୍ରବଳ ବାନ୍ତି ହୁଏ । ଗୋଡ ହାତରେ ଝିମ୍ପିମଇ ଉଠିବା ପ୍ରଭୃତି ଲକ୍ଷଣ ସବୁ ବୃଦ୍ଧି ବୃଦ୍ଧି ବଢ଼ିଯାଏ ।

୨ୟ ଅବସ୍ଥା-ପୂର୍ଣ୍ଣ ଭାବରେ ପ୍ରକାଶ ପାଇବା ଅବସ୍ଥା (Stage of full development),

୩ୟ ଅବସ୍ଥା—ସନ୍ନିପାତ ଅବସ୍ଥା (Stage of collapse)

୪ର୍ଥ ଅବସ୍ଥା—ପ୍ରତିକ୍ରିୟା ଅବସ୍ଥା (Stage of reaction),

୫ମ ଅବସ୍ଥା—ପରବର୍ତ୍ତୀ ଉପସର୍ଗମାନ (Stage of seaqel3e)].

ହୈଁତି—ଦେ ଅ—ସମ୍ମତି ଓ ନିଶ୍ଚୟାର୍ଥକ ହଁ ନିଶ୍ଚେ—
Haiti Yes certainly.
हातो हाँ

ହୈଡ଼ିମ୍ବ—ସ ବି, ପୁଂ (ହିଡ଼ିମ୍ବା+ଅପତ୍ୟାର୍ଥେ ପୁଂଲିଙ୍ଗ+ଅ)—
Hairdimba ହିଡ଼ିମ୍ବା ରାକ୍ଷସୀ ଗର୍ଭରୁ ଜାତ ଭୀମଙ୍କ ପୁତ୍ର ଘଟୋତ୍କଚ The son of Bhima by demoness Hirdimba.

ହୈତ—ଦେ. ଅ—(ଶବ୍ଦୋକ୍ତ 'ହ'ର ଦୀର୍ଘ ଉଚ୍ଚାରଣ)—(ନିଶ୍ଚୟାର୍ଥକ
Haita ଅବ୍ୟୟ) ହଁତ; ହଁ, ନିଶ୍ଚୟ—Yes, certainly; Oh yes !
निश्चय हाँ।

ହୈତୁକ—ସଂ. ବିଣ. ପୁଂ—(ହେତୁ+କ)—୧ । ସଦ୍ୟୁକ୍ତି ବ୍ୟବହାରୀ
Haituka (ବ୍ୟକ୍ତି) (ମନ୍ତ୍ର)—1. Using good reasonings or arguments.
(ହୈତୁକୀ—ସ୍ତ୍ରୀ) ୨ । ଯୁକ୍ତିଦ୍ୱାରା ସତ୍କର୍ମରେ ସନ୍ଦେହକାରୀ (ବିଷ୍ଣୁପୁରାଣ) – 2. A person who by reasoning doubts good works. ୩ । ହେତୁ ବା କାରଣ ସମ୍ବନ୍ଧୀୟ—3. Relating to cause. ୪। ଯୁକ୍ତି ସମ୍ବନ୍ଧୀୟ—4. Relating to reasoning

ହୈବେ—ଦେ. ଅ—ଅବଜ୍ଞାର୍ଥକ ସମ୍ବୋଧନ—
Haibe Interjection used in contempt or disregard.
हाँरे अरे

ହୈମ—ସ. ବିଣ—(ହିମ+ସମ୍ବନ୍ଧାର୍ଥେ ଅ)—୧। ହିମୋଦ୍ଭବ, ତୁଷାରୋଦ୍ଭବ—1. Born of or produced by cold or
Haima snow. ୨ । ତୁଷାରାଚ୍ଛାଦିତ—2. Covered with snow. ୩ । ଅତି ଶୀତଳ - 3. Chilly; very cool; cold. ୪ । (ହେମନ୍+ଅ) ସ୍ୱର୍ଣ୍ଣ ନିର୍ମିତ; ହେମଜାତ; ହେମମୟ; ହିରଣ୍ମୟ (ମୁଗ୍ଧବୋଧ)—4. Made of gold. ୫ । ସ୍ୱର୍ଣ୍ଣବର୍ଣ୍ଣ ବିଶିଷ୍ଟ—5. Of golden colour. ବି—୧ । ଭୁଇଁନିମ୍ବ, ଭୂଇଁନିମ୍ବ (ଚିରକଟିକା) 1. Andrographis Paniculata (plant). ୨ । ଶିଶିର—2. Dew; hoar frost.

ହୈମଁ—ଦେ. ଅ—୧ । ସୁପରିଚିତ ନିକଟବର୍ତ୍ତୀ ବ୍ୟକ୍ତିଙ୍କୁ ସମ୍ବୋଧନ
Haimañ କରିବା ବା ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ବୋଧନ —1. Interjection used in drawing the attention of a familiar person near by. ୨। ହଁମ (ଅବଜ୍ଞାରେ ବ୍ୟବହୃତ)—2. (Interjection) Yes, I do not care.

ହୈମ କିରଣ—ସ. ବି—(କର୍ମଧା)—ସ୍ୱର୍ଣ୍ଣବର୍ଣ୍ଣଯୁକ୍ତ ରଶ୍ମି—
Haima kiraṇa Golden ray.

ହୈମ ଦ୍ୟୁତି—ସଂ. ବି—(କର୍ମଧା)—୧। ସ୍ୱର୍ଣ୍ଣମୟ ପ୍ରଭା—1. Golden lustre. ୨। ସ୍ୱର୍ଣ୍ଣର ଉଜ୍ଜ୍ୱଳତା—2. Lustre of gold.
Haima dyuti

ହୈମନ—ସ. ବିଣ—(ହେମନ୍ + ଅ)—୧। ସ୍ୱର୍ଣ୍ଣମୟ—1. Golden. (Apte). ୨। ସ୍ୱର୍ଣ୍ଣ ନିର୍ମିତ—2. Made of gold (Apte). ୩। ସ୍ୱର୍ଣ୍ଣ ସମ୍ବନ୍ଧୀୟ—3. Relating to gold (Apte). ୪। (ହେମନ୍ତ + ଭବାର୍ଥେ ଅ. ତ ଲୋପ) ହିମଜାତ—4. Born of or produced by Hima. ୫। ହୈମନ୍ତିକ; ହିମକାଳୋଦ୍ଭବ—5. Growing in the prime of winter. ବି—୧। ହେମନ୍ତ ଋତୁ (ଶବ୍ଦରତ୍ନାବଳୀ); ମାର୍ଗଶିର ଓ ପୌଷମାସ, ମତାନ୍ତରରେ କାର୍ତ୍ତିକ ଓ ମାର୍ଗଶିର ମାସ—1. The 1st two months of winter. ୨। ମାର୍ଗଶୀର୍ଷ ମାସ (ରାଜନିର୍ଘଣ୍ଟ)—2. The month of Mārgasīra. ୩। ହିମକାଳୋଦ୍ଭବ ଷଷ୍ଟିକ ଧାନ୍ୟ; ଷାଠିଏ ଧାନ; ଲଘୁ ଶାରଦ ଧାନ (ରାଜବଲ୍ଲଭ)—3. A variety of paddy ripening in the beginning of winter; early winter paddy. [ଦ୍ର—ଏହା ମଧ୍ୟ ରୂ ଓ ରୂପ୍ୟ ଅଟେ।]
Haimana
(ହୈମନୀ—ସ୍ତ୍ରୀ)

ହୈମନ୍ତ—ସ ବିଣ (ହେମନ୍ତ + ଭବାର୍ଥେ ଅ)—୧। ହେମନ୍ତଋତୁଜାତ; ହିମଋତୁ ଜାତ—1. Growing in 'Hemante'. ୨। ହେମନ୍ତସମ୍ବନ୍ଧୀୟ—2. Relating to Hemanta. ବି—୧। ହେମନ୍ତ ଋତୁ ; ମାର୍ଗଶିର ଓ ପୌଷମାସ—1. The first two months of winter. ୨। ଶୀତଋତୁ—2. Winter.
Haimanta
(ହୈମନ୍ତୀ—ସ୍ତ୍ରୀ)

ହୈମନ୍ତିକ—ସ. ବିଣ—(ହେମନ୍ତ + ଭବାର୍ଥେ ଇକ)—୧। ହେମନ୍ତ କାଳ ଜାତ—1. Growing in the Hemanta season. ୨। ହେମନ୍ତକାଳୀନ—2. Relating to Hemanta. ୩। ଶାରଦ ଧାନ; ଶାଳି ଧାନ (ଭାବପ୍ରକାଶ)—3. The early winter paddy.
Haimantika
(ହୈମନ୍ତିକୀ—ସ୍ତ୍ରୀ)

ହୈମବତ—ସଂ. ବିଣ.ପୁଂ—(ହିମବତ୍ + ଅ)—ହିମାଳୟ ସମ୍ବନ୍ଧୀୟ—Himalayan. ବି—୧। ଭାରତବର୍ଷ (ତ୍ରିକାଣ୍ଡ ଶେଷ)—1. India. ୨। ବିଷଭେଦ (ହେମଚନ୍ଦ୍ର)—2. A kind of poison.
Haimabata
(ହୈମବତୀ—ସ୍ତ୍ରୀ)

ହୈମବତ ବର୍ଷ—ସ. ବି—ଭାରତବର୍ଷ (ବିଷ୍ଣୁପୁରାଣ); ହିମାଳୟର ଦକ୍ଷିଣବର୍ତ୍ତୀ ଦେଶ—India (bounded by the Himalayas on the north)
Haimabata barsha

ହୈମବତୀ—ସଂ.ବିଣ. ସ୍ତ୍ରୀ—(ହୈମବତ + ସ୍ତ୍ରୀ.ଈ)—ହୈମବତର ସ୍ତ୍ରୀଲିଙ୍ଗ—The feminine of Haimabata ବି. ସ୍ତ୍ରୀ—୧। (ହିମବତ୍ + ଅପତ୍ୟାର୍ଥେ ଅ + ସ୍ତ୍ରୀ ଈ)—ପାର୍ବତୀ; ଉମା (ଅମର)—1. Goddess Pārbatī. ୨। ହରୀତକୀ (ଅମର)—2 Myrobalan. ୩। ସ୍ୱର୍ଣ୍ଣକ୍ଷୀରୀ (ମେଦିନୀ)—3. Gamboje thistle plant. ୪। ଶ୍ୱେତବଚ; ଖୋରାସାନୀ ବଚ (ମେଦିନୀ)—4. The white variety of Acorus Calamus. ୫। ଗଙ୍ଗା (ହିମାଳୟୋଦ୍ଭୂତା ଥିବାରୁ) (ଧରଣୀ)—5. The Ganges. ୬। ରେଣୁକା ନାମକ ଗନ୍ଧଦ୍ରବ୍ୟ (ରାଜନିର୍ଘଣ୍ଟ)—6. A scented herb. ୭। କପିଳ ଦ୍ରାକ୍ଷା (ରାଜନିର୍ଘଣ୍ଟ)—7. Brown grape. ୮। ଅତସୀ (ରାଜନିର୍ଘଣ୍ଟ)—8. Common flax; linseed. ଦେ.ବି ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to females.
Haimabatī

ହୈମମୁଦ୍ରିକ—ସ. ବିଣ—(ବହୁବ୍ରୀହି; ହୈମୀ ମୁଦ୍ରିକା ଅଛି ଯାହାର)—ସ୍ୱର୍ଣ୍ଣ ମୁଦ୍ରିକା ବିଶିଷ୍ଟ; ସୁବର୍ଣ୍ଣମୁଦ୍ରାଯୁକ୍ତ (ମୁଗ୍ଧବୋଧ)—Having golden rings.
Haimamudrika

ହୈମଳ—ସଂ. ବି—(ହିମଳ + ଅ)—ହୈମନ; ହେମନ୍ତଋତୁ (ଶବ୍ଦରତ୍ନାବଳୀ)—The first two months of winter.
Haimala

ହୈମା (ମୀ)—ସଂ. ବିଣ—(ହୈମ + ଆ; ସ୍ତ୍ରୀ ଈ)—ହୈମର ସ୍ତ୍ରୀଲିଙ୍ଗ Feminine of Haima. ବି—ପୀତ ଯୁଥିକା (ଶବ୍ଦ ରତ୍ନାବଳୀ); ସ୍ୱର୍ଣ୍ଣଯୁଈ ଫୁଲ—Yellow variety of Jasminum Auriculatum.
Haimā (mī)

ହୈୟଙ୍ଗବୀନ—ସଂ.ବି—(ହ୍ୟଃ=ଗତକାଲି + ଗୋ + ଉଦ୍ଭବାର୍ଥେ ଈନ, ନିପାତନ ସିଦ୍ଧ)—୧। ସଦ୍ୟଃ ଗୋଦୋହନଭବ ଘୃତ (ଅମର); ଗତକାଲି ଗାଈ ଦୁହାଁ ଯାଇଥିବା ଦୁଧକୁ ମନ୍ଥି ପକାଇ ବସାଦହି କରି ତହିଁରୁ ଆଜି ସକାଳେ ଲହୁଣୀ ବାହାର କରି ସେହି ଲହୁଣୀରୁ ଯେଉଁ ଘିଅ ହୁଏ—1. Ghee prepared from yesterday's milk. ୨। ନବନୀତ; ଲହୁଣୀ (ରତ୍ନମାଳା, ରାଜ ନିର୍ଘଣ୍ଟ)—2. Butter.
Haiṅgabīna

ହୈରିକ—ସଂ. ବି—ଚୌର; ଚୋର (ଧରଣୀ)—Thief.
Hairika

ହୈରେ—ଦେ. ଅ (ପୁରୁଷ ପ୍ରତି)—ଅପଣା ଅପେକ୍ଷା ନୀଚ ବ୍ୟକ୍ତି ପ୍ରତି ପ୍ରଯୁକ୍ତ ସମ୍ବୋଧନ—Interjection used in addressing one's inferior. [ଦ୍ର—କ୍ୱଚିତ୍ ଏହା ଅତି ପରିଚିତ ଆପଣାର ସ୍ନେହପାତ୍ର ସ୍ତ୍ରୀ (ଯଥା—ଶିଷ୍ୟା, ସ୍ତ୍ରୀ, କନ୍ୟା, ସାନ ଭଉଣୀ)ଙ୍କ ପ୍ରତି ମଧ୍ୟ ବ୍ୟବହୃତ ହୁଏ।]
Haire
हाँरे, ওরে
अरे

ହୈହ(ହେ)ୟ—ସ. ବି (ନାମ)—୧। ପ୍ରାଚୀନ ଭାରତର ପଶ୍ଚିମଭାଗସ୍ଥ ଦେଶ ବିଶେଷ—1. Name of an ancient country in western India. ୨। ରାଜା କାର୍ତ୍ତବୀର୍ଯ୍ୟ (ହେମଚନ୍ଦ୍ର) (ଏ ହୈହୟ ଦେଶର ରାଜା ଥିବାରୁ)—2. King Kārttabīrjya of ancient India. ୩। ପ୍ରାଚୀନ ଭାରତର ରାଜବଂଶ ବିଶେଷ—
Haiha(he)ya

3. Name of a royal dynasty of ancient India.

[ଦ୍ର—ମହାଭାରତ, ହରିବଂଶ ଓ ଦେବୀ ଭାଗବତରେ ଭିନ୍ନ ଭିନ୍ନ ସ୍ଥାନରେ ବର୍ଣ୍ଣିତ ଉପାଖ୍ୟାନମାନଙ୍କରୁ ହୈହୟ ବଂଶର ବିବରଣୀ ସଂକଳିତ ହୋଇପାରେ ।

ଦେବୀ ଭାଗବତ ୬ଷ୍ଠ ଅଧ୍ୟାୟ (୧୬ଶ ଠାରୁ ୨୬ଶ ଶ୍ଳୋକରେ) ବର୍ଣ୍ଣିତ ହୋଇଅଛି ଯେ, ଚନ୍ଦ୍ରବଂଶୀୟ ରାଜା ଯଯାତି ତାଙ୍କ ଶ୍ୱଶୁର ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପ ଫଳରେ ବାର୍ଦ୍ଧକ୍ୟ ଲଭିବାରୁ, ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କରି ତାଙ୍କ ଯୌବନକୁ ପିତାଙ୍କୁ ଦେବାକୁ ଯଯାତି ତାଙ୍କ ପୁତ୍ରମାନଙ୍କୁ (ଶର୍ମିଷ୍ଠାଙ୍କ ଗର୍ଭଜାତ ଦ୍ରୁହ୍ୟ, ଅନୁ ଓ ପୁରୁ ଓ ଦେବଯାନୀଙ୍କ ଗର୍ଭଜାତ ତୁର୍ବସୁ ଓ ଯଦୁଙ୍କୁ) କହିଲେ । ଏ ପ୍ରସ୍ତାବରେ ଅନ୍ୟ ପୁତ୍ରମାନେ ରାଜି ହେଲେ ନାହିଁ, କିନ୍ତୁ ପୁରୁ ରାଜି ହୋଇ ପିତାଙ୍କ ବାର୍ଦ୍ଧକ୍ୟ ଗ୍ରହଣ କଲେ ଓ ପିତାଙ୍କୁ ଅପଣା ଯୌବନ ଦେଲେ । ଯଯାତି ପୁରୁଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କର ହସ୍ତିନାପୁର ସିଂହାସନ ପୁରୁଙ୍କୁ ଦେଲେ ଓ ପୁରୁ ପୈତୃକ ବଂଶର ଅଧିକାରୀ ହେଲେ । ତୁର୍ବସୁ ରାଜ୍ୟର ଦକ୍ଷିଣପୂର୍ବ ଅଂଶ ପାଇଲେ, ଯଦୁ ଉତ୍ତରପୂର୍ବାଂଶ, ଦ୍ରୁହ୍ୟ ପଶ୍ଚିମାଂଶ ଓ ଅନୁ ଉତ୍ତରାଂଶ ପାଇଲେ । (ହରିବଂଶ ୧ମ ଅଧ୍ୟାୟ)

ତୁର୍ବସୁ ଅପୁତ୍ରକ ଥିବାରୁ ଅରଣ୍ୟକୁ ଯାଇ ପୁତ୍ରଲାଭାର୍ଥ ନାରାୟଣଙ୍କୁ ପ୍ରାର୍ଥନା କଲେ ।

ଥରେ ସୂର୍ଯ୍ୟଙ୍କ ପୁତ୍ର ରେବନ୍ତ ଇନ୍ଦ୍ରଙ୍କ ଉଚ୍ଚୈଃଶ୍ରବା ଅଶ୍ୱ ଉପରେ ଚଢି ବିଷ୍ଣୁ ଦର୍ଶନାର୍ଥ ବୈକୁଣ୍ଠକୁ ଯାଉଥିଲେ । ଲକ୍ଷ୍ମୀ ସେ ଘୋଡ଼ାକୁ ଦେଖି ଏପରି ତନ୍ମୟା ହୋଇଥିଲେ ଯେ, ସେ ବିଷ୍ଣୁଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ । ବିଷ୍ଣୁ କ୍ରୁଦ୍ଧ ହୋଇ ଲକ୍ଷ୍ମୀଙ୍କୁ ଶାପଦେଲେ । ସେହି ଶାପ ଫଳରେ ଲକ୍ଷ୍ମୀ କେତେକାଳ ଘୋଟକୀ (ହୟୀ) ହୋଇ ପୃଥିବୀରେ ବିଚରଣ କଲେ । ଲକ୍ଷ୍ମୀ ଘୋଟକୀ ରୂପେ ତମସା ଓ ଯମୁନା ସଙ୍ଗମ ସ୍ଥଳରେ ବିଚରଣ କରୁଥିଲେ । ମହାଦେବ ତାଙ୍କର ଏ ଦୁରବସ୍ଥା ଦେଖି ଦୟାର୍ଦ୍ର ହୋଇ ଏ ଦୁଃଖରୁ ଲକ୍ଷ୍ମୀଙ୍କୁ ମୁକ୍ତି ଦେବା ସକାଶେ ବିଷ୍ଣୁଙ୍କୁ ଅନୁରୋଧ କଲେ ଓ ବିଷ୍ଣୁ ସ୍ୱୀକୃତ ହେଲେ । ଏହି ସମୟରେ ତୁର୍ବସୁ ନାରାୟଣଙ୍କ ପରି ଗୋଟିଏ ପୁତ୍ର ଲାଭ କରିବାପାଇଁ ବିଷ୍ଣୁଙ୍କୁ ବର ମାଗିଲେ । ବିଷ୍ଣୁ ଅଶ୍ୱରୂପ ଧାରଣ କରି ଅଶ୍ୱିନୀରୂପିଣୀ ଲକ୍ଷ୍ମୀଙ୍କ ସଙ୍ଗେ ମିଳିତ ହେଲେ । ଏ ସଙ୍ଗମର ଫଳରେ ଗୋଟିଏ କୁମାର ଜନ୍ମଗ୍ରହଣ କଲେ ଓ ସନ୍ତାନଙ୍କ ଜନ୍ମପରେ ଲକ୍ଷ୍ମୀ ଓ ବିଷ୍ଣୁ ଯାଇ ବୈକୁଣ୍ଠରେ ବାସ କଲେ । ବିଷ୍ଣୁ ତୁର୍ବସୁଙ୍କୁ ଏହି କୁମାରଙ୍କୁ ଦାନ କଲେ । ତାଙ୍କୁ ଏକବୀର ନାମ ଦିଆଗଲା । ହୟୀ ଓ ହୟଙ୍କ ସଙ୍ଗମରୁ ଜାତ ହୋଇଥିବାରୁ ତାଙ୍କର ଅନ୍ୟ ନାମ ହୈହୟ ହେଲା । ସେ ତୁର୍ବସୁଙ୍କ ସିଂହାସନ ଅଧିରୋହଣ କଲେ ଓ ତାଙ୍କ ନାମ ଅନୁସାରେ ସେହି ରାଜବଂଶର ନାମ ହୈହୟ ବଂଶ ହେଲା । ଏ ରୈଭ୍ୟଙ୍କ କନ୍ୟା ଏକାବଳୀଙ୍କୁ ବିବାହ କଲେ ଓ ଏ କନ୍ୟାକୁ ହରଣ କରିବାକୁ ଉଦ୍ୟତ କାଳକେତୁ ରାକ୍ଷସକୁ ବଧ କଲେ ।

ଏ ଏକବୀରଙ୍କ ପୁତ୍ର କୃତବୀର୍ଯ୍ୟ ଓ କୃତବୀର୍ଯ୍ୟଙ୍କ ପୁତ୍ର କାର୍ତ୍ତବୀର୍ଯ୍ୟ । (ଧର୍ମରାଜ୍ୟ ନାମକ ଇଂରାଜୀ ପତ୍ରିକାର ୨।୧୨।୩୯ ତାରିଖର ସଂଖ୍ୟାରୁ ସଂକଳିତ) ।]

ହୈହେ—ଦେ. ଅ—ମାନ୍ୟାସ୍ପଦ ସ୍ତ୍ରୀ ବା ପୁରୁଷଙ୍କ ପ୍ରତି ପ୍ରଯୁକ୍ତ Haibe ସମ୍ବୋଧନ—Interjection used to one's ওহে ओजी superiors (males or females).

ହୈହୈ—ଦେ. ଅ—ହଇଁର ଦ୍ୱିତ୍ୱ; ସମ୍ମତିସୂଚକ—Interjection Hai hai used in consent. ବି—ହୈ ଚୈ (ଦେଖ)— হাঁহাঁ हाँजीहाँजी Hai chai (See)

ହୈହୋ—ଦେ. ଅ—୧। ଅପଣାଠାରୁ ମାନ୍ୟତର ଓ ସୁପରିଚିତ ବ୍ୟକ୍ତିଙ୍କ Haibo ପ୍ରତି ସମ୍ବୋଧନ—1. Interjection used familiarly to persons higher than one's self. ୨। ବହୁ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—2. Interjection used in addressing a number of persons. ওহে ओजी

ହୋ—ସ. ଅ (ସମ୍ବୋଧନ; ହ୍ୱେ ଧାତୁ=ଡାକିବା+କରଣ ଓ)— Ho ୧। ସମ୍ବୋଧନ (ମେଦିନୀ)— 1. Interjection used in addressing. ୨। ଆହ୍ୱାନ (ମେଦିନୀ)—2. Interjection used in calling. ୩। ବିସ୍ମୟ (ଅମର)—3. Interjection expressing wonder. ଦେ. ଅ—ବହୁ ଦୂରରୁ ওহে हो କୌଣସି ବ୍ୟକ୍ତିଙ୍କୁ ଡାକିବାରେ ବ୍ୟବହୃତ ଉଚ୍ଚ ଓ ଦୀର୍ଘ ଧ୍ୱନି—Vociferous long sound used in calling aloud from afar. হো हो ଦେ. ବି—୧। କୋଲ୍ହ ଜାତି ଓ ସେମାନଙ୍କର କଥିତ ଭାଷା—1. A non-aryan class and their language. [ଦ୍ର—ଏମାନଙ୍କର ଲିଖିତ ଭାଷା হোহা होहल्ला ନାହିଁ ।] ୨। ଘୋଟଘା; ଗୋଲମାଳ—2. Ado; noise. ୩। ଜଣେ ଲୋକ ଦ୍ୱାରା ଆରମ୍ଭ ହୋଇରେ ବା କାହିଁକି ମୂଳ କାରଣ ନ ବୁଝି ବହୁ ଲୋକଙ୍କର ମାତିଯାଇ କରିବା ଗୋଳମାଳ— 3. Noise or uproar initiated by one person and joined up by many persons without enquiring into or knowing the origin thereof; a wild goose chase. হাহাকার हाय तोबा ୪। ବିପଦଗ୍ରସ୍ତ ସମ୍ମିଳିତ ବହୁ ବ୍ୟକ୍ତିଙ୍କର ଆର୍ତ୍ତନାଦ—4. Sound of distress made by many persons in common danger. ୫। କ୍ଷେତରୁ ଚଢ଼େଇଙ୍କୁ ଓ ବାଡ଼ରୁ হো হো हो हो ମାଙ୍କଡଙ୍କୁ ଘଉଡ଼ାଇବା ଧ୍ୱନି— 5. Sound made in driving or chasing away birds and monkeys from fields etc.

ହଓ ହୋ । ଦେ. କ୍ରି—ହେବା କ୍ରିୟାର ଅନୁଜ୍ଞା ମଧ୍ୟମ ପୁରୁଷ ଏକବଚନ ଅନାଦରାର୍ଥକ (ତୁ) ରୂପ—Imperative form of verb to be;(Thou)Be. [ଦ—ଓଡ଼ିଆରେ କ୍ରିୟାମାନଙ୍କର ଅନାଦରାର୍ଥକ ମଧ୍ୟମ ପୁରୁଷ ଏକବଚନ (ତୁ କର୍ତ୍ତାସଙ୍ଗେ ବ୍ୟବହୃତ) ରୂପ ଧାତୁରୂପମାନଙ୍କର ମୂଳ ବୀଜ ରୂପେ ଗୃହୀତ ହୋଇ ସେଥିରେ ଇଛି, ଇଲା, ଇଥିଲା, ଉଛି, ଉଥିଲା, ଇବ, ଇଥିବ ଆଦି ଅଙ୍ଗମାନ ଲଗି ଭିନ୍ନ ଭିନ୍ନ କାଳ ବୁଝାଏ । ଏହିପରି କେତେ ମୂଳ ବୀଜ:—ଶୋ, ଖା, ଧର, ବସ—ଶ୍ରୀ ପଣ୍ଡିତ ଗୋଲକଚନ୍ଦ୍ର ଦାଶ ।]

ହୋଅ—ଦେ. କ୍ରି (ପ୍ରାଚୀନ ପ୍ରୟୋଗ)—ହୁଅ (ଦେଖ)—Hua (See)
Hoa [ଉ—ଦ୍ୱାରେ କେହୁ ନ ଦେଖୁ ଘରରେ ହୋଅ—ପ୍ରାଚୀ ଗଳଚରିତ ।)

ହୋଅଇ—ଦେ. କ୍ରି (ପ୍ରାଚୀନ ଓଡ଼ିଆ କବିତାରେ ବ୍ୟବହୃତ; ସ୍ଥ ଭୂ ଧାତୁର ଓଡ଼ିଆ ତୃତୀୟ ପୁରୁଷ ଅନାଦରାର୍ଥକ ଏକବଚନ)—ହୁଅଇ; ଅଟେ—Is.
Hoai
ହୟ ହୋତାହୈ
(ଉ—କ୍ଳେଶେ ହୋଅଇ ରସ କ୍ଳେଶ; ସବୁକୁ ନୋହେ ଉପଯୋଗ—ଭୂପତି ପ୍ରେମପଞ୍ଚାମୃତ ।)

ହୋଅନ୍ତି—ଦେ. କ୍ରି (ପ୍ରାଚୀନ ପ୍ରୟୋଗ)—ହୁଅନ୍ତି (ଦେଖ)—Huanti (See)
Hoanti ହୟେନ ହୋତେହୈਂ
[ଦ—ଯଜ୍ଞାଦି ଦାନ ଧର୍ମେ ରତ; ହୋଅନ୍ତି କୃଷ୍ଣ ପରିପନ୍ଥ—ଭୂପତି ପ୍ରେମପଞ୍ଚାମୃତ ।]

ହୋ ଆଡ଼େ—ପ୍ରାଦେ (ଗଞ୍ଜାମ) ଅ—ସି ଅଡ଼େ; ସେହି ଅଡେ—
Ho ārde There; in that part.

ହୋଇ—ଦେ. ଅ—୧ । ହଁ (ସମ୍ମତିସୂଚକ)—1. Yes. (ଉ—ତା ଶୁଣି ବୋଲଇ ହୋଇ ହୋଇ—କୃଷ୍ଣସିଂହ ମହାଭାରତ ବନ ।) ୨ । ବାଟ ଦେଇ; ବାଟେ—2. Through; by the way of. (ଯଥା—ମୁଁ କଟକ ହୋଇ ଆସିଲି ।) ୩ । ମିଶି; ଏକତ୍ର ହୋଇ—3. Altogether. (ଯଥା—ଏଠାକୁ ଆସିଥିବା ଲୋକେ ସମସ୍ତେ ହୋଇ ୧୫ ଜଣ ହେବେ ।) କ୍ରି—ହୋଇବା ବା ହେବା କ୍ରିୟାର ଅସମାପିକା ରୂପ—Being. [ଦ—କୌଣସି କ୍ରିୟାର ଭିନ୍ନ ଭିନ୍ନ କାଳର ଭିନ୍ନ ଭିନ୍ନ ବଚନ ଓ ଭିନ୍ନ ଭିନ୍ନ ପୁରୁଷରେ ବ୍ୟବହୃତ ରୂପ ବା ଆକାରମାନ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ସାଧାରଣତଃ କ୍ରିୟାର ଅସମାପିକା ରୂପ (ଯଥା—ହୋଇ, କରି, ଖାଇ)କୁ ମୂଳ ପିଣ୍ଡ କରି ତହିଁ ସଙ୍ଗେ ଭିନ୍ନ ଭିନ୍ନ କାଳର ଭିନ୍ନଭିନ୍ନ ପୁରୁଷର ଓ ବଚନର ବିଭକ୍ତ୍ୟନ୍ତ ପଦମାନ (inflections) (ଯଥା—ହୋଇ + ଅଛି, ଛି; ହୋଇ + ଲ, ଥିଲ; ହୋଇ + ବ; ଥିବ; ହୋଇ + ପାରେ ଇତ୍ୟାଦି) ଯୋଗ କଲେ ତତ୍ତତ୍କାଳ, ପୁରୁଷ ଓ ବଚନରେ ବ୍ୟବହୃତ ଆକାରମାନ ନିଷ୍ପନ୍ନ ହୁଏ । କେତେକ ସ୍ଥଳରେ ମାତ୍ର ଏଥିର ବ୍ୟତିକ୍ରମ ଦେଖାଯିବ (ଯଥା—'ଯାଇବ' ନ ହୋଇ ଯିବ ହୁଏ ।]
Hoi
ହାଁ ହାଁ
ହ'ୟେ ହୋକର

ହୋଇ ଏ—ଦେ. ଅ—ହୈଏ (ଦେଖ)—
Hoi e Haie (See).

ହୋଇ ଓ—ଦେ. ଅ—ହୈହୋ (ଦେଖ)—
Hoi o Haibo (See).

ହୋଇ କରି—ଦେ. କ୍ରି (ଅସମାପିକା) ଓ ଅ—ହୋଇ (ଦେଖ)—
Hoi kari Hoi [See].

ହୋଇନି—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) କ୍ରି [ଅଶିକ୍ଷିତ ଲୋକଙ୍କ ବ୍ୟବହୃତ—ପ୍ରଥମ ପୁରୁଷ ଏକବଚନରେ ହେଲି ସ୍ଥାନରେ ହେବ ଉଚ୍ଚାରଣ]—(ମୁଁ) ହୋଇନି; (ମୁଁ) ହେଲି—[I] Was.
Hoi ni

ହୋଇବା—ଦେ. (ପଦ୍ୟ) କ୍ରି—୧ । ପହଞ୍ଚିବା—1. To reach; to arrive. [ଉ—ଶବରୀ ବନକାରେ ହୋଇଲେ, ତାର ଆଶ୍ରମ ବୃନ୍ଦ ଦେଖିଲେ । ବିଶ୍ୱନାଥ ବିଚିତ୍ର ରାମାୟଣ] ୨ । ହେବା (କ୍ରିୟା)—2. (verb) To be. ବଣ—ଘଟିଥିବା; ହେବା—Occurred; happened; accomplished. (ଯଥା—ହୋଇବା ଘଟନା)
Hoibā
ହଓୟା
ହୋନା

ହୋଇବେ—ଦେ. (ପଦ୍ୟ) କ୍ରି—୧ । ହେବା କ୍ରିୟାର ଭବିଷ୍ୟତ କାଳ ପ୍ରଥମ ପୁରୁଷ ସମ୍ମାନାର୍ଥକ ଏକବଚନ (ଆପଣ) ଓ ବହୁବଚନ (ଆପଣମାନେ)—ହେବେ—1. You) Will be (respectful) ୨। ହେବା କ୍ରିୟାର ଭବିଷ୍ୟତକାଳ ତୃତୀୟ ପୁରୁଷ ସମ୍ମାନାର୍ଥକ ଏକବଚନ (ସେ) ଓ ବହୁବଚନ (ସେମାନେ) 2. (He, they) Will be. ପ୍ରାଦେ (କଟକ) ଅ—(ଘୃଣା ଓ ଅନାଦରାର୍ଥକ)—ଅବେ; ହେ—Oh ! (in disrespect or hatred.)
Hoibe

ହୋଇମି—ପ୍ରାଦେ (ସମ୍ବଲପୁର, ବାଲେଶ୍ୱର) କ୍ରି (ସ. ଭବିଷ୍ୟାମି; ଇତର ଲୋକ ବ୍ୟବହୃତ)—(ମୁଁ) ହେବି—(I) Will be.
Hoimi

ହୋଇ ରେ—ପ୍ରାଦେ (କଟକ) ଅ (ପୁରୁଷଙ୍କ ପ୍ରତି)—ହଇରେ (ଦେଖ)
Hoire Haire (See)
ହାଁରେ ଓଜୀ
(ହୋଇକରେ—ଅନ୍ୟ ରୂପ; ହୋଇକଲେ, ହୋଇଲେ—ସ୍ତ୍ରୀଙ୍କ ପ୍ରତି)

ହୋଇଲା—ଦେ (ପଦ୍ୟ) କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଅତୀତକାଳ ତୃତୀୟ ପୁରୁଷ ଅନାଦରାର୍ଥକ ଏକ ବଚନ (ସେ,ଏହା, ତାହା)—(he,she,it) Was; became. ବିଣ—ଘଟିଥିବା; ହୋଇଥିବା—Occurred; accomplished; happened. (ଯଥା—ହୋଇଲା କଥାକୁ କୋହଳ କରିବା ।)
Hoilā
ହ'ଲ, ହଇଲ ହୁଆ
ହଓୟା
କିୟା ହୁଆ

ହୋଇ ଲୋ—ପ୍ରାଦେ (କଟକ) ଅ (ସ୍ତ୍ରୀମାନଙ୍କୁ ସମ୍ବୋଧନ)—ହଇଲୋ (ଦେଖ)
Hoi lo Hailo (See)
(ହୋଇଲୋ ହେ—ଅନ୍ୟରୂପ)

ହୋଇ ହେ(ହୋ)—ପ୍ରାଦେ (କଟକ) ଅ (ସମ୍ମାନାର୍ଥକ ଏକ ବା ବହୁ ବ୍ୟକ୍ତିଙ୍କୁ ସମ୍ବୋଧନ)—ହେ—Oh !
Hoi he(ho)

ହୋଇ ହୋଇ—ଦେ. ଅ ଓ ବ—ହଇ ହଇ (ଦେଖ)
Hoi hoi Hai hai (See)
ହାଁ ହାଁ [ଦ୍ର—ଦୁର୍ଯୋଧନ ବାକ୍ୟେ ବୋଲନ୍ତି ହୋଇ ହୋଇ—
हाँ हाँ କୃଷ୍ଣସିଂହ- ମହାଭାରତ. ବନ ।]

ହୋଉ—ଦେ. ଅ—ସମ୍ମତି ବା ସ୍ୱୀକାରାର୍ଥକ ଅବ୍ୟୟ; ହଉ—
Hou হউক अच्छा Be it so.
(ଯଥା—ହୋଉ ଦେବ ! ବୋଲି ସୁଗ୍ରୀବ ସହିତେ ସବୁ ସେନାମାନେ ଘିରେ କର ଦେଲେ । ବିଶ୍ୱନାଥ, ବିଚିତ୍ର ରାମାୟଣ ।]

ହୋଉନ୍—ପ୍ରାଦେ (ଉତ୍ତରଭାଷା) କ୍ରି—ହେଉଅଛି—
Houn Is being done.

ହୋଏ—ଦେ, (ପଦ୍ୟ) କ୍ରି—୧ । ହେବା କ୍ରିୟାର ନିତ୍ୟ ବର୍ତ୍ତମାନ
Hoe କାଳୀୟ ପ୍ରଥମ ପୁରୁଷ ଅନାଦରାର୍ଥକ ଏକବଚନ, (ସେ) ହୁଏ—
হয় होताहै 1. (he, she, it) Becomes; is. [ଦ୍ର—ଯେଉଁ ରାଜା ହୃଦୟରେ ଭୟ ହୋଏ ଜାତ । କୃଷ୍ଣସିଂହ. ମହାଭାରତ ସଭା ।] ୨ । ହେବା କ୍ରିୟାର ଭବିଷ୍ୟତକାଳ ଳୀୟ
হয়, হইবে होगा ପ୍ରଥମ ପୁରୁଷ ଅନାଦରାର୍ଥକ ଏକବଚନ (ଏ, ସେ, ଏହା, ତାହା) ହେବ—2. Will be. [ଦ୍ର—ବାଳା-ରୁଣାଧରୀ କହିଲ ଜାଣି ତାହାଙ୍କ ଚରିତ୍ର, ବାଳାଏ ଏମନ୍ତ ଅଭୁତେ ହୋଏ ସିନା ପ୍ରାପତ—ଉପେନ୍ଦ୍ର.ବୈଦେହୀଶବିଳାସ ।]
ପ୍ରାଦେ (ଖଡ଼ଅଲ) ଅ—ହଁ (ସ୍ୱୀକାର ସୂଚକ)—Yes.

ହୋଏନ୍‌ସା(ସାଂ)—ବୈଦେ. ବ (ନାମ)—ହୁଏନ୍‌ସା (ଦେଖ)
Hoen-sā(sām) Huen-sā (See)
[ହୋଏନ୍ ସାଙ୍ଗ୍(ନ୍)—ଅନ୍ୟରୂପ]

ହୋଏବା—ପ୍ରାଦେ (ଉତ୍ତରଭାଷା) କ୍ରି—ହେବା; ହୋଇବା—
Hoebā To be; to happen.

ହୋଏହୋ—ପ୍ରାଦେ (ଖଡ଼ଅଲ)ଅ—ପ୍ରଶ୍ନ କାରକ ସମ୍ବୋଧନ;ହଇହେ—
Hoe ho Oh !

ହୋଓ—ଦେ. ଅ ଓ ବ—ହୋ (ଦେଖ)—Ho (See)
Ho-o [ଦ୍ର—କ ବଚନବାଦେ ସାଉନ୍ତି ପ୍ରବନ୍ଧ । ଫେଡ଼ ନେଇ ଗୁହାଁ ହୋଓ—ନନ୍ଦକିଶୋର ଛାନ୍ଦବଣୀ ।)

ହୋଁୟୁଦେ—ପ୍ରାଦେ (ଉତ୍ତରଭାଷା) କ୍ରି—ମୁଁ ହୁଅନ୍ତି—I should be.
Honyade

ହୋଗଲା——ପ୍ରାଦେ(ମେଦନୀପୁର ଓ ବାଲେଶ୍ୱର)ବ—(ସଂ.ଏରକା)—
Hogalā ସନ୍ତରା (ଦେଖ)—Santarā (See)

ହୋ(ହୋଁ)ଚଟ୍—ପ୍ରାଦେ(ମେଦନୀପୁର ଓ ବାଲେଶ୍ୱର)—(ସଂ.ଉଦଘାତ)
Ho(hoñ)chaṭ ଠୋକର; ଝୁଣ୍ଟି ପଡ଼ିବା; ପାଦର ଅଗ୍ରଭାଗ ଉଚ୍ଚ
(ହୋଞ୍ଚଟ—ଅନ୍ୟରୂପ) ଜିନିଷରେ ବାଜିବା—Stumbling; a trip in walking.

ହୋ(ହୋଁ)ଚଟ୍ ଖାଇବା—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) କ୍ରି—
Ho(hoñ)chaṭ khāibā ଝୁଣ୍ଟି ପଡ଼ିବା—To stumble
(ହୋଞ୍ଚଟ୍ ଖାଇବା—ଅନ୍ୟରୂପ) at an obstacle; to trip.

ହୋଟ(ଟେ)ଲ୍—ବୈଦେ. ବ—(ଇଂ ହୋଟେଲ୍)—ସାଧାରଣ
Hoṭa(ṭe)l ଭୋଜନାଳୟ; ଯେଉଁଠାରେ ଲୋକେ ପଇସା ଦେଇ
হোটেল होटल ଖାଆନ୍ତି—A hotel. [ଦ୍ର—ଅଧୁନା ହୋଟେଲ୍ ପ୍ରଥା ପାଶ୍ଚାତ୍ୟ ଶିକ୍ଷା ସଙ୍ଗେ ଏ ଦେଶକୁ ଆମଦାନି ହୋଇଥିବାରୁ ଏଥିରେ ସାଧାରଣତଃ ଜାତି ବିଚାର ଓ ଖାଦ୍ୟ ବିଚାର ଓ ଛୁଆଁଛିଁ ବିଚାର ପାଳନ ହୋଇ ନାହିଁ]

ହୋଟ(ଟେ)ଲ୍ ଖାନା—ବୈଦେ. ବ (ଇଂ. ହୋଟେଲ୍ ଓ ଫା. ଖାନା
Hoṭa(ṭe)l khānā ଘର)—୧ । ହୋଟେଲ୍ ଘର—
হোটেলখানা होटलखाना 1. Hotel house.
୨ । ହୋଟେଲ୍—2. Hotel. ୩ । ଯେଉଁଠାରେ ବହୁ ଲୋକଙ୍କ ଖାଦ୍ୟ ପାକ ହୁଏ—3 A place where food is cooked for a number of people.
୪ । ହୋଟେଲରେ ରନ୍ଧା ହୋଇଥିବା ଖାଦ୍ୟ—4. Food cooked in a hotel. [ଦ୍ର—ଆମଦେଶରେ ହୋଟେଲ୍‌ରେ ସାହେବ ଓ ପାଶ୍ଚାତ୍ୟ ସଭ୍ୟ ବାବୁମାନଙ୍କ ପାଇଁ ଆମିଷାହାର ପ୍ରସ୍ତୁତ ହୁଏ ଓ ଜାତି ବିଚାର ନ ଥାଏ ଏଥିପାଇଁ ରକ୍ଷଣଶୀଳ ହିନ୍ଦୁମାନେ ହୋଟେଲ୍‌ର ଖାନା ଖାଇବାକୁ ଘୃଣା କରନ୍ତି । କିନ୍ତୁ ଦାକ୍ଷିଣାତ୍ୟରେ ହିନ୍ଦୁ ହୋଟେଲ୍ ମାନଙ୍କରେ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଏ ।]

ହୋଟ(ଟେ)ଲ୍‌ର ଦାଢ଼ିଆ ପୂଜାହାରି—(ବ୍ୟଙ୍ଗ) ହୋଟେଲର ମୁସଲମାନ
Hoṭa(ṭe)l-ra dāṛhiā pūjāhāri ପାଚକ ବା ବାବୁର୍ଚ୍ଚି—
A Mahomedan cook of a hotel.

ହୋଟ(ଟେ)ଲ୍ ୱା(ବା)ଲା—ବୈଦେ. ବ. ପୁଂ (ଇଂ. ହୋଟେଲ୍ ଓ ଅ.
Hoṭa(ṭe)l wā(bā)lā ୱାଲା)—ହୋଟେଲ୍‌ର ମାଲିକ—
হোটেলওয়ালা होटलवाला Hotel-keeper.
[ହୋଟ(ଟେ)ଲ୍ ୱାଲା—ଅନ୍ୟରୂପ]
[ହୋଟ(ଟେ)ଲ୍ ୱାଲୀ—ସ୍ତ୍ରୀ]

ହୋଟ(ଟେ)ଲିଆ—ଦେ. ବଣ—୧ । ହୋଟେଲ ସମ୍ବନ୍ଧୀୟ—1. Rela-
Hoṭa(ṭe)liā ting to hotel. ୨ । (ପୁ°) ହୋଟେଲରେ
হোটেলিয়া ଖାଇବା ପ୍ରିୟ—2. Fond of taking meals
होटलवाला in a hotel. ବ—୧ । ହୋଟେଲ ରକ୍ଷକ ବା ହୋଟେଲ ସ୍ୱାମୀ—1. A hotel keeper. ୨ । ହୋଟେଲରେ ଖାଇବା ବ୍ୟକ୍ତି—2. Persons who take meals in a hotel.

ହୋଟେଣ୍ଟଟ୍—ଦେ. ବ—ଅଫ୍ରିକାର ଅସଭ୍ୟ ଜାତି ବିଶେଷ—An
Hotentaṭ uncivilized tribe of Africa; Hotentot.

ହୋଡ଼ (ଧାତୁ)—ସଂ. ବ—୧ । ଗତି କରିବା—1. To move. ୨ ।
Hoṛd (root) ଅନାଦର କରିବା—2. To slight; to disregard.

ହୋଡ଼—ସଂ. ବ—(ହୋଡ଼୍ ଧାତୁ + କରଣ. ଅ)—୧। ନୌକାବିଶେଷ;
Hoṛdā କ୍ଷୁଦ୍ର ଡଙ୍ଗା—1. Small boat. ୨ । ବଡ଼ଡଙ୍ଗା;
ଅନ୍ୟ ସଂ – ବୋଇତ—2. A big boat. ୩ । ଭେଳା—
ଳହନ, ବହନ) 3. A raft. ୪ । ଦକ୍ଷିଣ ଭାରତୀୟ ନୌକାବ

(କିଂବାଣ୍ଡଦେଶ); କାୟସ୍ଥମାନଙ୍କର ବଙ୍ଗସ୍ଥିତ ପଦ୍ଧତି ଅନ୍ତର୍ଗତ ପଦ୍ଧତି ବିଶେଷ (କୁଳାର୍ଣ୍ଣବ ଗ୍ରନ୍ଥ)—4. A class of original Kāyasthas belonging to the Southern Rardhiya sect. ୫ । ଗୌଡ଼ଦେଶୀୟ ଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କର ଉପାଧି (ଅଭିଧା ମଙ୍ଗଳ)—5. The title of a class of Bengalee high caste Brahmins. ୬ । (+କର୍ମ ଅ) ଚୋରିତ ଦ୍ରବ୍ୟ; ଚୋରା—6. Stolen property. ଦେ· ବ—୧ । ବାଜି; ପଣ—1. Wager; stake. ୨ । ବାଜି ଲଗାଇ ଖେଳାଯିବା ଖେଳ—2. A game of hazard with wagers. [ଦ୍ର—ଖେଡ଼ି, ହୋଡ଼ି, ଜିତ, ଖେଳ, କାଳାରଙ୍ଗ ଖେଳ । ପ୍ରାଚୀ ରହସ୍ୟ ମଞ୍ଜୁଷା ।]

ପଣ

ଦାବ

ହୋଡ଼ା—ସଂ. ବି. ପୁଂ—(ହୋଡ଼୍. ଧାତୁ=ହରଣ କରିବା+କର୍ତ୍ତୃ ଉ; Hordā ବୋଡୃ, ୧ମା. ୧ବ)—ଚୋର (ଶବ୍ଦକଳ୍ପଦ୍ରୁମ)—A (ହୋଡ୍ରୀ—ସ୍ତ୍ରୀ) thief.

ହୋଡ଼ି (ଧାତୁ)—ସଂ—ହରଣ କରିବା; ଚୋରି କରିବା— Hordi (root) To steal.

ହୋତା—ସଂ. ବଣ. ପୁଂ—(ହୁ. ଧାତୁ=ହୋମ କରିବା+କର୍ତ୍ତୃ ତୃ; Hotā ହୋତୃ, ୧ମା ୧ବ)—ହୋମକାରୀ—Offering ghee (ହୋତ୍ରୀ—ସ୍ତ୍ରୀ) unto the fire. ବ—୧ । ଯେ ହୋମ କରେ; ହୋମକର୍ତ୍ତା ବ୍ୟକ୍ତି—1. A person offering ghee unto the sacrificial fire. ୨ । ଯାଗକାରୀ ବ୍ୟକ୍ତି—2. A person performing a vedic fire-sacrifice. ୩ । ଋଗ୍‌ବେଦବେତ୍ତା ବ୍ୟକ୍ତି—3. A person well-versed in the Rugbeda. ୪ । ବେଦଜ୍ଞ ବ୍ୟକ୍ତି—4. A person versed in the Bedas. ୫ । ହୋମ ବା ଯଜ୍ଞକାଳରେ ଋଗ୍‌ବେଦ ଗାନକାରୀ ପୁରୋହିତ—6. A preist who recites the Rugveda during a Homa. ୬ । ପୁରୋହିତ—6. A priest. ୭ । ମହାଦେବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ଯଜମାନ ବା ହୋମକାରୀ ମୂର୍ତ୍ତି ବା ଅବତାର—7. One of the incarnations of God Siba, as the performer of sacrifices. ୮ । ଯଜମାନ—8. A person who performs a vedic sacrifice with the help of officiating priests. ଦେ. ବ—ବ୍ରାହ୍ମଣମାନଙ୍କର ବଂଶୋପାଧି ବିଶେଷ; ଓଡ଼ା—A family-title of Brāhmaṇas.

ହୋତି—ଦେ· ବ—(କ୍ରିୟାବାଚକ; ସଂ. ଭବତି; ପ୍ରା. ହୋଦି=ହୁଏ)— Hoti ୧ । ହେବା—1. Being; to be. ୨ । ସମ୍ଭାବିତ ହେବା କଥା—2. A thing which will be done. ୩ । ହଁ; ସମ୍ମତି—3. Yes; affirmation. (ଯଥା—ସେ ମୋତେ ହୋତି ନ ହୋତି କିଛି କହୁନାହିଁ ।) ପ୍ରଦେ. (ଗଡ଼ଜାତ) କ୍ରି. ବଣ—(ସଂ. ତତ୍ର; ତଥା)—ସେଠାରେ; ତଥି—There.

ହଓୟା
ହୋନା

ହୋତିଆଣୀ—ପ୍ରାଦେ· (ସମ୍ବଲପୁର) ବି. ସ୍ତ୍ରୀ—ହୋତା ଉପାଧିଧାରୀ Hotiāṇi ବ୍ରାହ୍ମଣଙ୍କ ସ୍ତ୍ରୀ—Title of the wife of a Brāhmaṇa bearing the family-title of Hotā.

ହୋତି ନ ହୋତି—ଦେ, ବ—୧ । ହେବା କିମ୍ବା ନ ହେବା କଥା— Hoti na hoti 1. To be or not to be. ୨ । ହଁ ବା ନାହିଁ—2. Yes or no; affirmation or negation.

ହଓୟା ନା ହଓୟା
होना न होना

ହୋତ୍ର—ସଂ. ବ—(ହୁ. ଧାତୁ+ଭାବ ତ୍ର)—୧ । ହୋମ; ଯଜ୍ଞ—1.A Hotra vedic sacrifice. ୨ । (+କରଣ ତ୍ର) ହବିଃ; ଘୃତ— 2. Ghee.

ହୋତ୍ର ବାହନ—ସଂ. ବ(ନାମ)—ଋଷି ବିଶେଷ—Name of a sage. Hotra bābana [ଦ୍ର—ଉର୍ଦ୍ଦେଶରେ ଯେ ହୋତ୍ର ବାହନ ସୁବାହୁ କୃଷ୍ଣସିଂହ. ମହାଭାରତ ବନ ।]

ହୋତ୍ରା—ସଂ. ବ—(ହୋତ୍ର+ଆ)—ସ୍ତୁତି (ଶବ୍ଦକଳ୍ପଦ୍ରୁମ)— Hotrā Hymn.

ହୋତ୍ରୀ—ସଂ. ବ ଓ ବଣ—୧ । (ପୁଂ)—(ହୋତ୍ର+ଇନ୍, ୧ମା ୧ବ) Hotri —ହୋତା (ଦେଖ)—1. Hotā (See). ୨ । (ସ୍ତ୍ରୀ) —ହୋତାର ସ୍ତ୍ରୀଲିଙ୍ଗ—2. Feminine of Hotā. ୩ । (ସ୍ତ୍ରୀ)—ଶିବଙ୍କର ଅଷ୍ଟମୂର୍ତ୍ତି ମଧ୍ୟରୁ ଗୋଟିଏ; ଯଜମାନରୂପୀ ଶିବଙ୍କ ମୂର୍ତ୍ତି (ଅପଜ୍ଞାନ ଶକୁନ୍ତଳା ।)— 3. An incarnation of Siba in which he is said to have had vedic sacrifice performed.

ହୋତ୍ରୀୟ—ସଂ. ବଣ—(ହୋତ୍ର+ଈୟ)—୧ । ହୋତ୍ର ବା ହୋମ Hotriya ସମ୍ବନ୍ଧୀୟ—1.Relating to Homa. ୨।(ହୋତୃ+ଈୟ)—ହୋତା ସମ୍ବନ୍ଧୀୟ—2. Relating to Hotā ବ—୧ । ହବିର୍ଗେହ; ହୋମଶାଳା (ହେମଚନ୍ଦ୍ର)—1. A room where Homa is performed. ୨ । ହବ୍ୟ ବା ଯଜ୍ଞଘୃତ ରଖିବାର ଗୃହ—2. A room for storing ghee for Homa.

ହୋପା(ପ୍ପା)—ବୈଦେ· ବ (ଅ —ହପ୍ପା (ଦେଖ)— Hopā(ppā) Happā (See) [ହୋପା(ପ୍ପା)ହୋ—ଅନ୍ୟରୂପ]

ହୋବ୍ (ଇତ୍ୟାଦି)—ବୈଦେ· ବ—ହୁବ୍ ଇତ୍ୟାଦି (ଦେଖ)— Hob (etc) Hub etc. (See)

ହୋବ୍‌ହୁ—ବୈଦେ. ବଣ, ବ ଓ କ୍ରି. ବଣ (ଅ)—ହୁବ୍‌ହୁ (ଦେଖ)— Hob-hu Hub-hu (See)

ହୋମ୍—ବୈଦେ. ବ (ଇଂ)—୧ । ଗୃହ—1. Home. ୨ । ଆଶ୍ରୟ Hom ସ୍ଥାନ—2. A shelter. ୩ । ସ୍ୱଦେଶ; ସ୍ୱରାଷ୍ଟ୍ର— 3. One's country. ୪ । ମାତୃଭୂମି—4. Mother-country; motherland.

[ଦ୍ର—ଏହି ଶବ୍ଦଯୁକ୍ତ ଇଂରାଜି ଶବ୍ଦମାନ ଭାଷାରେ

ଚଳନ୍ତି; ଯଥା—ହୋମ୍ ସେକ୍ରେଟେରୀ । ସାହେବମାନେ ବାଇଡ଼କୁ ତାଙ୍କର ହୋମ୍ କହନ୍ତି ।]

ହୋମ୍ ଗଭର୍ଣ୍ଣମେଣ୍ଟ—ବୈଦେ. ବି. (ଇଂ)—(ଇଂରେଜମାନଙ୍କ ଦ୍ୱାରା Hom gabharnnament ବ୍ୟବହୃତ ଓ ସାମ୍ରାଜ୍ୟର ବ୍ରିଟିସ୍ ହোম গভর্ণমেণ্ট্ होमगवर्नमेंट ଉପନିବେଶିକ ଦେଶମାନଙ୍କ ତୁଳନାରେ ବ୍ୟବହୃତ)—ଇଂଲଣ୍ଡ ବା ବ୍ରିଟିସ୍ ସରକାର—The Government of the mother country; Home Government.

ହୋମ୍ ଟୀମ—ବୈଦେ. ବି—ଯେଉଁ ସ୍ଥାନରେ ପ୍ରତିଯୋଗିତା ଦ୍ୱାରା Hom tim କ୍ରିକେଟ୍, ଫୁଟବଲ ଖେଳ-ଲଢ଼େଇ ହେଉଥାଏ ଓ হোমটিম ଅନ୍ୟ ସ୍ଥାନରୁ ଖେଳାଳି ଦଳ ପ୍ରତିଯୋଗିତା କରିବାକୁ होमटीम ଆସି ଥାଆନ୍ତି, ସେଠାରେ ଖେଳିବାକୁ ଉପସ୍ଥିତ ଉକ୍ତସ୍ଥାନର ବା ଉଦେଶର ଖେଳାଳିଙ୍କ ଦଳ—Home team; the team of players belonging to the place or country where a competition game (match) is played.

ହୋମ୍ ଡିପାର୍ଟ୍‌ମେଣ୍ଟ—ବୈଦେ. ବି. (ଇଂ)—ଯେଉଁ ରାଜକୀୟ ବିଭାଗ Hom dipārt-ment ରାଜ୍ୟର ଆଭ୍ୟନ୍ତରିକ ଶାସନ କାର୍ଯ୍ୟ হোমডিপার্টমেন্ট होमडिपार्टमेंट ବୁଝନ୍ତି—Home Department of a Government.

ହୋମ୍ ମେମ୍ବର—ବୈଦେ. ବି. (ଇଂ)—ଯେଉଁ ଉଚ୍ଚ କର୍ମଚାରୀ Hom member ହୋମ୍ ଡିପାର୍ଟ୍‌ମେଣ୍ଟର ଭାର ପ୍ରାପ୍ତ—Home হোম মেম্বর होममेंबर member of the cabinet or Government of a country.

ହୋମ୍ ରୁଲ୍—ବୈଦେ. ବି. (ଇଂ)—ସ୍ୱରାଜ; ଦେଶୀୟ ବ୍ୟକ୍ତିମାନଙ୍କ Hom rul ଦ୍ୱାରା ସ୍ୱରାଜ୍ୟ ଶାସନ—Home rule; Swarāj. হোমরুল होमरूल [ଦ୍ର—ସ୍ୱର୍ଗତା ଆନିବେସାଣ୍ଟ—ଭାରତବାସୀଙ୍କ ସ୍ୱାୟତ୍ତଶାସନ ଦାବୀ କରିବା ପାଇଁ ଭାରତରେ ହୋମ୍ ରୁଲ ଲିଗ୍ ନାମରେ ଗୋଟିଏ ସଙ୍ଘ ସ୍ଥାପନ କରିଥିଲେ । ବର୍ତ୍ତମାନ କଂଗ୍ରେସଙ୍କ ପ୍ରବର୍ତ୍ତିତ 'ସ୍ୱରାଜ' ଆନ୍ଦୋଳନ ସେହି ହୋମ୍‌ରୁଲ ମତର ଚରମ ପରିଣତି ଅଟେ ।]

ହୋମ୍‌ରୁଲ୍ ଲିଗ୍—ବୈଦେ. ବି (ଇଂ)—ଭାରତରେ ସ୍ୱାୟତ୍ତଶାସନ Hom rul lig ପ୍ରତିଷ୍ଠାର ଦାବୀ କରିବା ପାଇଁ ସ୍ୱର୍ଗତା হোমরুললীগ होमरूललीग ଆନିବେସାଣ୍ଟଙ୍କ ପ୍ରତିଷ୍ଠିତ ରାଜନୀତିକ ସଂଘ—Home-rule Leauge started by the late Annie Besant for claiming home-rule for Indian.

ହୋମ୍ ସେକ୍ରେଟେରୀ—ବୈଦେ. ବି—(ଇଂ)—ଯେଉଁ ସେକ୍ରେଟେରୀ Hom sekreteri ବା କର୍ମସଚିବ ହୋମ୍ ଡିପାର୍ଟ୍‌ମେଣ୍ଟର হোমসেক্রেটারী होमसेक्रेटरी ପରିଚାଳନର ଭାରପ୍ରାପ୍ତ ହୋଇ ଥାଆନ୍ତି—Home Secretary.

ହୋମ—ସଂ. ବି (ହୁ ଧାତୁ + ଭାବ. ମ)—ଦେବଯଜ୍ଞ; ମନ୍ତ୍ରୋଚ୍ଚାରଣ Homa ପୂର୍ବକ ଦେବତା ଓ ପିତୃଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞାଗ୍ନିରେ ଘୃତାହୁତି ଦାନରୂପ କର୍ମ—The act or rite of offering ghee unto fire by the recital of mystic formulae. [ଦ୍ର—ପଞ୍ଚ ମହାଯଜ୍ଞ ମଧ୍ୟରୁ ହୋମ ଏକତମ ଅଟେ । ବ୍ରହ୍ମଯଜ୍ଞ=ବେଦାଧ୍ୟୟନ; ପିତୃଯଜ୍ଞ=ତର୍ପଣ; ଦେବଯଜ୍ଞ=ହୋମ; ଭୂତଯଜ୍ଞ=ବୈଶ୍ୱଦେବ; ନୃଯଜ୍ଞ=ଅତିଥି ପୂଜନ । ମନ୍ତ୍ର ଜପ ନ କଲେ ମନ୍ତ୍ର ସିଦ୍ଧ ହୁଏ ନାହିଁ ଓ ଜପ୍ତ ମନ୍ତ୍ର ଉଚ୍ଚାରଣ ପୂର୍ବକ ଆହୁତି ନ ଦେଲେ, ଅର୍ଥାତ୍ ହୋମ ନ କଲେ ଜପ ଫଳପ୍ରଦ ହୁଏ ନାହିଁ ।

ପ୍ରଥମେ ହୋମ କରିବାର ସଂକଳ୍ପ ବାକ୍ୟ ଉଚ୍ଚାରଣ କରି ଯଜ୍ଞଭୂମିକୁ ବା ହୋମ ଭୂମିକୁ ଗୋମୟରେ ଲିପି ସଂସ୍କୃତ କରି ତା ଉପରେ ପୂର୍ବ ଅଗ୍ରକୁ ବା ଉତ୍ତର ଅଗ୍ରକୁ ଅଗ ଥିବା ତିନୋଟି ଲେଖା ଏଁ ରେଖା କାଟି ତହିଁ ଉପରେ ସୁନ୍ଦର କୁଶ ବିଛାଇ କୁଶ ଉପରେ ହୋମ କୁଣ୍ଡ ବା ହୋମ-ବେଦୀ ସ୍ଥାପନ କରିବ ଓ ତହିଁରେ ଅଗ୍ନିଦେବଙ୍କୁ ମନ୍ତ୍ର ଦ୍ୱାରା ଆବାହନ କରି ଅଗ୍ନି ସ୍ଥାପନ କରିବ । ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ କରାଯିବା ହୋମରେ ଭିନ୍ନ ଭିନ୍ନ ନାମଧେୟ ଅଗ୍ନିକୁ ସ୍ଥାପନ କରିବାକୁ ହୁଏ । ତତ୍‌ପରେ ଅଗ୍ନି, ଧର୍ମ, ଓ ଦିଗପାଳ ଆଦି ଦେବତା ଓ ଭୂଃ, ଭୁବଃ, ସ୍ୱଃ ଆଦି ଲୋକଙ୍କ ନାମ ଓ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଗ୍ନିରେ ଘୃତ ଭାଗ ଆହୁତି ଦେବ । ତତ୍‌ପରେ ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ହୋମ କରା ଯାଉଥିବ ତାଙ୍କ ନାମ ଓ ମନ୍ତ୍ର ଉଚ୍ଚାରଣ ପୂର୍ବକ ନିର୍ଦ୍ଦିଷ୍ଟ ସଂଖ୍ୟକ ଆହୁତି ଦେବ । ତତ୍ପରେ ଅନ୍ୟ ଦେବତାମାନଙ୍କୁ ଆହୁତି ଦେଇ ସର୍ବଶେଷରେ ପୂର୍ଣ୍ଣାହୁତି ଦେଇ ନିଜ ଇଷ୍ଟଦେବତାଙ୍କୁ ସ୍ମରଣ କରି ହୋମ ଶେଷ କରିବ । ହୋମ କରିବା ସମୟରେ ଆହୁତି ସଙ୍ଗେ ଆହୁତି-ଦାତାଙ୍କ ଛଡ଼ା ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଚରୁ (ମିଷ୍ଟାନ୍ନ) ଓ ସମିଧ (କାଷ୍ଠ) ଅଗ୍ନିରେ ନିକ୍ଷେପ କରୁ ଥାଆନ୍ତି ।]

ହୋମକ—ସଂ. ବି. ପୁଂ (ହୁ ଧାତୁ + କର୍ତ୍ତୃ ଅକ)—ହୋତା (ଦେଖ) Homaka Hotā (See).

ହୋମ କରିବା—ଦେ. କ୍ରି—ମନ୍ତ୍ରୋଚ୍ଚାରଣପୂର୍ବକ ଅଗ୍ନିରେ ଦେବୋ-Homa karibā ଦ୍ଦେଶରେ ଆହୁତି ଦେବା—হোম করা होम करना To pour ghee unto the sacrificial fire by reciting mystic formulae.

ହୋମ କୁଣ୍ଡ—ସ. ବି—ହୋମାର୍ଥ କୁଣ୍ଡ; ହବନ; ଯେଉଁ କୁଣ୍ଡ ମଧ୍ୟରେ Homa kunda ଅଗ୍ନିସ୍ଥାପନପୂର୍ବକ ଆହୁତି ଦିଆଯାଏ—A tub or receptacle in which the sacrificial fire is ignited and ghee offered.

ହୋମ ଘର—ପ୍ରାଦେ (ଯାଜପୁର) ବି—ଆଶୀର୍ବାଦସବ; ଦ୍ୱିରାଗମନ; Homa ghara ଦ୍ୱିରାଗମନ ଉତ୍ସବ—The ceremony of consummation of marriage.

ହୋମ ଘିଅ—ଦେ. ବି—ହୋମ ଘୃତ; ହୋମ ନିମନ୍ତେ ଅର୍ଥାତ୍ ଆହୁତି Homa ghia ଦେବା ପାଇଁ ଆବଶ୍ୟକ ଘୃତ—হোমের ঘি होमका घी Ghee intended for Homa.

[ବି—ହୋମ ଘିଅ କୁକୁର ଖାଇବା ବା ହୋମ ଘିଅ କୁକୁରକୁ ଦେବା—ଦେ. ପ୍ରବଚନ;ଦେବତାଙ୍କ ଉଦ୍ଦେଶ୍ୟରେ ଲାଗିବା ପାଇଁ ଯେଉଁ ଘିଅ ଅଛିଥାଏ, ତାହା କୁକୁର ପରି ଘୃଣ୍ୟ ଜୀବର ଖାଇବାକୁ, ସତ୍କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପଦାର୍ଥ ଅସତ୍ କାର୍ଯ୍ୟରେ ଲାଗିଲେ, କମ୍ବା ଦେବତାଙ୍କ ଓ ମହତ୍ ବ୍ୟକ୍ତିଙ୍କ ଉପଭୋଗ୍ୟ ବସ୍ତୁକୁ ହୀନ ବ୍ୟକ୍ତି ଉପଭୋଗ କଲେ ଏହି ଉକ୍ତାଖବଚନ ବୋଲଯାଏ ।]

ହୋ ମତା(ତେ)ଇବା—ଦେ.କ୍ରି—ଗୋଟାଏ ଗୋଳମାଳ ସୂତ୍ରପାତ କରିବା
Ho mata(te)iba —To initiate a noise or set up
होहा करा हैाहा मचाना a row.

ହୋମ ଦକ୍ଷିଣା—ସଂ. ବି—ହୋମରେ ମନ୍ତ୍ର ଉଚ୍ଚାରଣ କରିବା ଆଦି
Homa dakshinā କାର୍ଯ୍ୟରେ ନିଯୁକ୍ତ ପୁରୋହିତଙ୍କୁ
[ହୋମଦକ୍ଷିଣା—ଦେ. ରୂପ] ଓ ହୋମ ସମାପନାନ୍ତେ ସେଠାରେ ଉପସ୍ଥିତ ବ୍ରାହ୍ମଣମାନଙ୍କୁ ଦଆଯିବା ଧନ—Cash presents given to priests and Brāhmaṇas on the completion of a Homa.

ହୋମ ଧାନ୍ୟ—ସଂ.ବି—ତିଳ (ଶବ୍ଦକଳ୍ପଦ୍ରୁମ)—
Homa dhānya Sessamum seed.

ହୋମ ଧୂମ—ସଂ. ବି (ମ. ଷ. ଲେ)—ହୋମାଗ୍ନିରୁ ଉଠୁଥିବା ଧୂଆଁ—
Homa dhūma Smoke rising from a sacrificial fire.

ହୋମ ଧେନୁ—ସଂ. ବି (ମ. ଷ. ଲେ)—ଯେଉଁ ଗାଈର ଦୁଧରୁ ପ୍ରସ୍ତୁତ
Homa dhenu ଘୃତ ହୋମରେ ଲାଗେ ଓ ହୋମ ଘିଅ ଯୋଗାଇବା ପାଇଁ ଯେଉଁ ଗାଈ ରଖାଯାଇଥାଏ—
A cow kept for the express purpose of supplying ghee for the Homa.

ହୋମ ପାତ୍ର—ସଂ. ବି—ହୋମ ଉପଲକ୍ଷରେ ଘୃତ ଓ ଜଳ ଆଦି ରଖାଯିବା
Homapātra ପାଇଁ ଓ ଅଗ୍ନିରେ ଦଅ ଯିବାରେ ବ୍ୟବହୃତ ପାତ୍ର [ଯଥା—ସ୍ରୁବ, ସ୍ରୁଚ]—
Spoons and cups used in Homa.

ହୋମ ବେଦିକା(ବେଦୀ)—ସଂ ବି—ମାଟିର ବା ବାଲିର ଯେଉଁ ମଞ୍ଚ
Homa bedikā (bedī) ସଂସ୍କୃତ ବେଦୀ ଉପରେ ଅଗ୍ନି ସ୍ଥାପନପୂର୍ବକ ହୋମ କରାଯାଏ—
An altar made of earth or sand on which Homa is performed.

ହୋମ ଭସ୍ମ—ସଂ ବି—ହୁତ ଭସ୍ମ; ହୋମାଗ୍ନି ଲିଭିଯିବା ପରେ
Homa bhasma ହୋମକୁଣ୍ଡରେ ରହିଯିବା ପାଉଁଶ—
Ashes remaining after the extinction of the Homa-fire.

ହୋମର୍—ବୈଦେ. ବି (ଗ୍ରୀକ୍ ନାମ ହୋମେରସ୍‌ରୁ ଇଂ. ନାମକରଣ)—
Homar ପ୍ରସିଦ୍ଧ ପ୍ରାଚୀନ ଗ୍ରୀକ୍ ମହାକାବ୍ୟ ଇଲିଅଡ୍ ଓ
होमर होमर ଓଡିସୀର ରଚୟିତା ପ୍ରାଚୀନ ଗ୍ରୀକ୍ କବି—Homer, the great author of the Greek epics Iliad and Odyssy.

[ବି—କେହି କେହି ଅନୁମାନ କରନ୍ତି ଯେ ଖ୍ରୀଷ୍ଟପୂର୍ବ ଦଶମ ଶତାବ୍ଦୀରେ ଏ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ଜନ୍ମ ସ୍ଥାନ ଓ ଜନ୍ମ କାଳ ଅଦ୍ୟ ପର୍ଯ୍ୟନ୍ତ ନିଃସନ୍ଦେହରୂପେ ନିର୍ଣ୍ଣୀତ ହୋଇ ପାରି ନାହିଁ । ଏହାଙ୍କ ରଚିତ ଏ ଦୁଇଟି ମହାକାବ୍ୟ ହିନ୍ଦୁମାନଙ୍କ ମହାଭାରତ ଓ ରାମାୟଣ ପରି ପ୍ରକାଣ୍ଡ ଗ୍ରନ୍ଥ । ଏହି ପ୍ରତ୍ୟେକ ଗ୍ରନ୍ଥ ୨୪ଟି ଲେଖାଁଏ ଖଣ୍ଡ(କାଣ୍ଡ ବା ସର୍ଗ)ରେ ବିଭକ୍ତ ।]

ହୋମ ଶାଳ—ଦେ. ବି. (ସଂ. ହୋମଶାଳା)—ଯେଉଁ ଘରେ ହୋମ
Homa sāla କରାଯାଏ—A house in which
(ହୋମଶାଳା—ସଂ. ରୂପ) Homa is performed.

ହୋମ ସାଧନ—ସଂ ବି—୧ । ହୋମ ପାତ୍ର (ଦେଖ)—
Homa sādhana 1. Homapātra (See)
୨ । ହୋମ ସାମଗ୍ରୀ (ଦେଖ)—2. Homa sāmagri (See).

ହୋମ ସାମଗ୍ରୀ—ସଂ ବି—ହୋମ କର୍ମନ୍ତେ ଅବଶ୍ୟକ ସରଞ୍ଜାମ—
Homa sāmagri Materials or articles
(ହୋମସାମିଗ୍ରି—ଗ୍ରାମ୍ୟରୂପ) required for Homa.

ହୋମାଗ୍ନି—ସଂ ବି—ଯଜ୍ଞାଗ୍ନି; ହୋମ ବା ଯଜ୍ଞ ପାଇଁ ସ୍ଥାପିତ ଅଗ୍ନି—
Homāgni Fire set up for Homa.

ହୋମି—ସଂ. ବି (ହୁ ଧାତୁ + କରଣ ମି)—୧ । ଅଗ୍ନି (ମେଦିନୀ)—
Homi 1. Fire. ୨ । ଘୃତ (ମେଦିନୀ) —2. Ghee.
୩ । ଜଳ (ଶବ୍ଦରତ୍ନାବଳୀ)—3. Water.

ହୋମିଓ ପା(ପ୍ୟା)ଥ୍—ବୈଦେ. ବି (ଇଂ)—ହୋମିଓପାଥି ଚିକିତ୍ସା
Homio pā(pyā)th ବ୍ୟବସାୟୀ ଡାକ୍ତର—
होमिओप्याथ होमिवपैथ A Homoeopath.

ହୋମିଓପା(ପ୍ୟା)ଥି—ବୈଦେ. ବି (ଇଂ)—ଜର୍ମାନୀର ଡାକ୍ତର ହାନି-
Homiopā(pyā)thi ମାନଙ୍କ ଦ୍ୱାରା ଅବଲମ୍ବିତ ଚିକିତ୍ସା ପ୍ରଣାଳୀ
होमिओप्याथि होमिवपैथी —Homoeopathy.

[ବି—ଏ ଚିକିତ୍ସା ପ୍ରଣାଳୀର ମୂଳନୀତି ଏହି ଯେ, ଯେଉଁ ଯେଉଁ ବସ୍ତୁର ଅଧିକ ପରିମାଣରେ ବ୍ୟବହାର ବା ସେବନ କଲେ ଯେଉଁ ଯେଉଁ ଲକ୍ଷଣମାନ ପ୍ରକାଶ ହୁଏ, ଔଷଧ ସେହି ଲକ୍ଷଣ ବିଶିଷ୍ଟ ରୋଗମାନ ସେହି ସେହି ବସ୍ତୁର ସାମାନ୍ୟ ମାତ୍ରାରେ ପ୍ରୟୋଗଦ୍ୱାରା ଆରୋଗ୍ୟ ହୁଏ । ହାନି(ନି)ମାନ (ଦେଖ) ନାମକ ସ୍ୱର୍ଗତ ଜର୍ମାନ୍ ଡାକ୍ତର ଏ ଚିକିତ୍ସା ପ୍ରଣାଳୀର ପ୍ରବର୍ତ୍ତକ] ବିଣ = ହୋମିଓପାଥିକ୍ (ଦେଖ)
Homiopāthik (See)

ହୋମିଓ ପା(ପ୍ୟା)ଥିକ୍—ବୈଦେ· ବିଣ (ଇଂ)—ହୋମିଓପାଥି ସମ୍ବନ୍ଧୀୟ
Homio pā(pyā)thik —Homoeopathic.
ବି—ହୋମିଓପାଥି (ଦେଖ)—Homiopāthi (See)
होमिओप्याथिक होमिवपैथिक

ହୋମିଓପାଥିକ୍ ମାତ୍ରା—ଦେ. ବି (ଲକ୍ଷଣାର୍ଥ)—ଅତି ସୂକ୍ଷ୍ମ ମାତ୍ରା ବା
Homiopāthik mātrā ପରିମାଣ—Very small or
[ହୋମିଓପାଥିକ୍ ଡୋଜ୍—ବୈଦେ. ରୂପ] slight dose or quantity; homoeopathic dose.

[ଦ୍ର—ହୋମିଓପାଥିକ୍ ଶାସ୍ତ୍ରରେ ପ୍ରୟୋଗ କରାଯିବା ଔଷଧ ପ୍ରସ୍ତୁତ କରିବାପାଇଁ ମୌଳିକ ବସ୍ତୁକୁ ସମପରିମିତ ସୁଗାର ସାଥରେ ମିଶାଇ ସେଥିରୁ ଅଧେ ଫିଙ୍ଗି ଦେଇ ବାକି ଅଧକରେ ପୁଣି ସମ ପରିମିତ ସୁଗାର ମିଶାଯାଏ। ଏହି ପ୍ରଣାଳୀରେ ଶହେ ଥର ବା ହଜାରେ ଥର ସୁଗାର ମିଶା ହେବା ପରେ ଉକ୍ତ ଦ୍ରବ୍ୟ ଅତି ସ୍ୱଳ୍ପବଳ ହୁଏ ଓ ସେହି ସ୍ୱଳ୍ପବଳ ଦ୍ରବ୍ୟ ଅତି ସାମାନ୍ୟ ମାତ୍ରାରେ ରୋଗୀଙ୍କ ପ୍ରତି ପ୍ରୟୋଗ କରାଯାଏ । ଏଥିପାଇଁ ଅତି ସୂକ୍ଷ୍ମ ମାତ୍ରାକୁ ହୋମିଓପାଥିକ୍ ମାତ୍ରା ବୋଲାଯାଏ]

হোমিওপ্যাথিকমাত্রা होमिओपैथीक मात्रा

ହୋମୀ—ସ. ବି. ପୁଂ (ହୋମ+ଇନ୍; ୧ମା; ୧ବ)—ହୋତା; ହୋମ-
Homī କର୍ତ୍ତା—One who performs Homa.

ହୋମୀୟ—ସ. ବଣ—(ହୋମ+ଈୟ)—ହୋମ ସମ୍ବନ୍ଧୀୟ—
Homīya Relating to Homa.

ହୋମ୍ୟ—ସ. ବି—(ହୋମ+ଯ)—ହୋମ ସାମଗ୍ରୀ; ହୋମୀୟଦ୍ରବ୍ୟ—
Homya Any material or thing required for Homa.

ହୋୟ—ପ୍ରାଦେ (ଉତ୍ତରଖଣ୍ଡ) ଅ—ହଁ—
Hoya Yes.

ହୋୟଦେ—ପ୍ରାଦେ (ଉତ୍ତରଖଣ୍ଡ) କ୍ରି—(ମୁଁ) ହୋଇପାରେ; ଥାଇପାରେ
Hoyade —(I) May be.

ହୋୟେ—ଗ୍ରା. କ୍ରି—(ପ୍ରାଚୀନ ପ୍ରୟୋଗ; ହୁଏ ର ବଦଳ ରୂପ)—ହୁଏ
Hoye (ଦେଖ)—Hue (See). [ଭି—ତନୁ ପ୍ରେମାଶ୍ରିତ ହୋୟେ ଜଘନ—ଉପାଂ. ଶଶିସେଣା]

ହୋରା—ସ. ବି—(ହୋତ୍ ଧାତୁ=ଗମନ କରିବା+କର୍ତ୍ତୃ ଅ+ଆ)—
Horā ୧ । (ଜ୍ୟୋତିଷ)—ଲଗ୍ନ—(astrology) Lagna (See). ୨ । (ଜ୍ୟୋତିଷ) ରାଶ୍ୟର୍ଦ୍ଧ; ରାଶି ପରିମାଣର ଅର୍ଦ୍ଧାଂଶ—2. Half of a Zodiacal sign. ୩ । ରେଖା—3. Line. ୪ । ସାର୍ଦ୍ଧଦଣ୍ଡ ଦ୍ୱୟ ପରିମିତ କାଳ; ୧ ଘଣ୍ଟା; ୬୦ ମିନିଟ୍—4. One hour. ୫ । ହିନ୍ଦୁ ଶାସ୍ତ୍ର ବିଶେଷ (ଏତଦ୍ଦ୍ୱାରା ସମସ୍ତ ଗଣନା କରାଯାଏ—5. Title of a Hindu astronomical science. [ଦ୍ର—ଅର୍ଦ୍ଧରାତ୍ରି (midnight) ର ପରଠାରୁ ହୋରାର ଗଣନା ଆରମ୍ଭ ହୁଏ । ଅହୋରାତ୍ରକୁ ୨୪ ବେଳା ବା ହୋରାରେ ବିଭକ୍ତ କରାଯାଏ । (ବହ୍ନିପୁରାଣ ଗଣଭେଦ ନାମାଧ୍ୟାୟ); ଏହି କାଳ ନିରୂପଣ ଓ ଗଣନା ଅନୁସାରେ ଆଧୁନିକ ପାଶ୍ଚାତ୍ୟ ଜଗତର ଘଣ୍ଟା (Hour) ଗଣନା ହୋଇଥିବା ଅନୁମାନ କରାଯାଏ । କେହି କେହି କହନ୍ତି 'ହୋରା' ଶବ୍ଦ ଗ୍ରୀକ୍ ମାନଙ୍କଠାରୁ ସଂସ୍କୃତରେ ଗୃହୀତ ହୋଇଅଛି]

ହୋରାଇଜ୍(ଜେ)ଣ୍ଟ(ଣ୍ଟା)ଲ୍ ବାର୍—ବୈଦେ. ବି (ଇଂ)—ସ୍କୁଲ ଛାତ୍ର-
Horāija(je)ṇṭa(ṇṭā)l bār ମାନଙ୍କ ଖେଳିବାପାଇଁ ବ୍ୟବହୃତ ଏକପ୍ରକାର ଲୁହାର ଛଡ଼—Horizontal bar.

(ଦ୍ର—ଦୁଇଟି କାଠର ଖୁଣ୍ଟ ପୋତା ହୋଇ ମନୁଷ୍ୟଙ୍କ ଉଚ୍ଚତାକୁ ଦୃଷ୍ଟି ରଖି ଗୋଟିଏ ଲୁହାର ଛଡ଼ ଉକ୍ତ ଦୁଇକାଠ ଭିତରେ ଗଳି ଥାଏ ଓ ସେହି ଛଡ଼କୁ ଅବଲମ୍ବନ କରାଯାଇ ଛାତ୍ରମାନେ ନାନା ପ୍ରକାର ବ୍ୟାୟାମ କ୍ରୀଡ଼ା ପ୍ରଦର୍ଶିତ ହୁଏ ।]

ହୋରା ବିଜ୍ଞାନ (ଶାସ୍ତ୍ର)—ସ. ବି—କାଳ ନିର୍ଣ୍ଣାୟକ ଜ୍ୟୋତିଷ ଶାସ୍ତ୍ର—
Horā bijnāna(śāstra) A science or book for astronomical calculation of time.

ହୋରି—ଦେ· ବି—୧ । ହୁଲ୍ଲଡ଼; ହୁରି; ହଲ୍ଲା; ଗୋଳମାଳ; ଘୋଷଣା—
Hori 1. Halloo; noise. ୨ । ଉଚ୍ଚଡାକ—
হোহা होहल्ला 2. Loud call; vociferation. ୩ । ଦୋଳୋତ୍ସବ—3. The Dola festival. ୪ । (ସଂ. ହୋଲାକା)—ହୋଲକା (ଦେଖ) 4. Holākā (See).

ହୋରିଆ—ପ୍ରାଦେ (ଗଡ଼ଜାତ) ବି—କାହାଣୀରେ ବ୍ୟବହୃତ ଅସୁର
Horiā ଜାତୀୟ ଡକାଇତ—Dacoit amongst demons mentioned in the folktales.

ହୋରିଆ ଲୋ—ପ୍ରାଦେ (ଗଡ଼ଜାତ) ଅ—(ଭୁଲ. ହୋରେ ବାୟା ହୋ !)
Horiā lo —ଚାଷପଡ଼ା ବା ବାୟା ଚଢ଼େଇଙ୍କ ପକ୍ଷୀଙ୍କର ଧାନ ବା ଶସ୍ୟ କିଆରିରେ ପଡ଼ି ଶସ୍ୟ ନଷ୍ଟ କରୁଥିବା ଅବସ୍ଥାରେ ସେମାନଙ୍କୁ ଘଉଡ଼ାଇବା ପାଇଁ ବ୍ୟବହୃତ ଉଚ୍ଚ ଡାକ—Loud exclamation made by persons for scaring away birds from corn fields [ଭି—ହୋରିଆଲୋ, ହୋରିଆଲୋ, ମାଣ୍ଡିଆବୋଛି, ଅର-ଗଲଟି, ଅରୁ ନାହିଁଟି, ଉଡ଼ିଗଲଟି, ହୋରିଆଲୋ—ଶିଶୁଗୀତ ।

ହୋରି ଖେଳ—ଦେ. ବି—ହୋଲି ଖେଳ (ଦେଖ)—
Hori khela Holi khela (See

ହୋରି ଗୀତ—ଦେ. ବି—ହୋଲିଗୀତ (ଦେଖ)—
Hori gita Holi gita (See).

ହୋରେ—ଦେ—(ଧ୍ୱନ୍ୟନୁକରଣ) ଅ—ଧୋରେ (ଦେଖ)—
Hore Dhore (See

ହୋରେ ବାଇଆ(ବାୟା) ହୋ—ଦେ—(ଶିଶୁବଚନ) ଅ—ଧୋଓରେ
Hore bāiā ho ବାୟା ଧୋ (ଦେଖ)—Dho-ore bāyā dho (See).

ହୋ ରେ ମାତିବା—ଦେ. କ୍ରି—୧ । ସୋରାରେ ଯୋଗଦେବା—1. To
Ho re mātibā join in a noise. ୨ । ବୃଥା ଗଣ୍ଡଗୋଳରେ
গোলমালে মাতা ଲିପ୍ତ ହେବା—2. To run after the
हैहामें मत्तहोना wild goose. ୩ । ନିଷ୍ଫଳ ବିଷୟରେ ମାତିବା—3. To be engaged in a fruitless task.

ହୋରେଶ୍—ବୈଦେ. ବି—(ରୋମୀୟ ନାମର ଇଂରାଜୀ ନାମକରଣ)—
Horeś ରୋମ୍ ର ପ୍ରାଚୀନ କବି ବିଶେଷ—Horace. [ଦ୍ର—
হোরেশ ଏ ପ୍ରଥମେ ସୈନିକ ଥିଲେ, କିନ୍ତୁ ଅତ୍ୟନ୍ତ ଭୀରୁ ଥିବାରୁ
हरेश ସୈନ୍ୟ ବୃତ୍ତି ଛାଡ଼ି କବିତା ରଚନାରେ ଲାଗିଲେ ଓ ତତ୍କାଳୀନ ରୋମ୍ ସମ୍ରାଟ୍ଙ୍କ ପ୍ରିୟପାତ୍ର ହେଲେ । ଏ

ଅତ୍ୟନ୍ତ ବଳାସପ୍ରିୟ ଥିଲେ। ଏ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଲୋକ। ଏହାଙ୍କର ଗୀତକା (ଓଡ୍)ମାନ (odds)ପ୍ରସିଦ୍ଧ।]

ହୋଲ୍—ବୈଦେ. ବ—(ଇଂ)—ସମୁଦାୟ—Whole. ବଣ—
Hol ସମୁଦାୟ—Whole. ପ୍ରାଦେ (ବଲାଙ୍ଗିର ପାଟଣା) ବ—
হোল্ होल ଫାଲ୍‌ଗୁନ ମାସ—The month of Fālguna;

ହୋଲ୍ ଟାଇମ୍ ମ୍, ନ୍, ନି)—ବୈଦେ. ବ—(ଇଂ. ହୋଲ୍ ଟାଇମ୍) ୧
Hol ṭāim(mi, n, ni) ସମୁଦାୟ ବେଳ—1. Whole
হোল টাইম time. ୨। ଦିନସାରା ସବୁବେଳ—2. The
होलटाइम whole of a day. ବଣ—ସବୁବେଳ ଅର୍ଥାତ ଦିନର ୨୪ଘଣ୍ଟା ପାଇଁ ନିଯୁକ୍ତ—Engaged for the whole day; engaged for whole time.

ହୋଲ୍ ଟାଇମ୍ ଚାକର—ଦେ. ବ—ଯେଉଁ ଚାକର ପ୍ରଭୁଙ୍କ ପାଖେ ଦିନର
Hol ṭāim chākara ୨୪ଘଣ୍ଟାଯାକ ରହି ଚାକିରି କରେ—A
হোলটাইম চাকর whole time servant.
होल टाईम नौकर

ହୋଲଟାଇମ୍ ଚାକିରି—ଦେ. ବ—ଯେଉଁ ଚାକିରିରେ ଭୃତ୍ୟଙ୍କୁ ଦିନରାତି
Hol ṭāim chākiri ୨୪ଘଣ୍ଟାକାଳ ପ୍ରଭୁଙ୍କ ଆଜ୍ଞାବହ ହୋଇ
হোলটাইম চাকুরি ରହିବାକୁ ପଡ଼େ—Whole time service.
होलटाइम नौकरी

ହୋଲ୍ ଟାଇମ୍ ଟିଉଟର (ଟିଚର୍, ମାଷ୍ଟର୍)—ବୈଦେ ବ—(ଇଂ)—
Hol ṭāim ṭiuṭar (ṭichar, māshṭar) ଯେଉଁ ଶିକ୍ଷକ
(ହୋଲ୍ ଟାଇମ ଶିକ୍ଷକ—ଦେ. ରୂପ) ପିଲାଙ୍କୁ ପଢ଼ାଇବା ଓ ପିଲାଙ୍କ
হোলটাইম টিউটর ସଙ୍ଗେ ସଙ୍ଗେ ସର୍ବଦା ରହିବା ପାଇଁ ରଖା
होलटाईम ट्यूटर ଯାଇଥାଆନ୍ତି—A whole time tutor or teacher.

ହୋଲ୍ ତମାମ୍—ବୈଦେ. କ୍ରି ବଣ—(ଇଂ ହୋଲ୍ ଓ ଫା ତମାମ୍)—
Hol tamām ସମୁଦାୟଯାକ—Throughout the whole;
হোলতমাম होलतमाम the whole.

ହୋଲ—ପ୍ରାଦେ (ମୟୂରଭଞ୍ଜ) ବ—କୁଆପଥର (ଦେଶଜ ଶବ୍ଦ)—
Hola Hailstone.

ହୋଲ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବ—(ଭୁଲ, ସଂ. ସ୍ଥୂଲ=
Hola ଶୁକ୍ର; ରେତଃ)—ମୁଷ୍କ; ଅଣ୍ଡକୋଷ—Testicle.

ହୋଲକା—ସଂ. ବ—ହୋଲକା (ଦେଖ)—
Holaka Holākā (See).

ହୋଲକାର—ଦେ. ବ—ହୋଲ୍‌କାର (ଦେଖ)—
Holakāra Hol-kāra (See).

ହୋଲଗା—ପ୍ରାଦେ (ବାଲେଶ୍ୱର) ବଣ—ଢିଲା—
Holagā Loose; slack.

ହୋଲା—ଦେ. ବ—କ୍ଷୁଦ୍ର ନୌକା ବିଶେଷ—
Holā A kind of small boat.
ଡ଼ିଙ୍ଗି डोंगी

ହୋଲାକ—ସଂ. ବ—(ହୋଡ଼ ଧାତୁ+ଭାବ ଅକ)—ଧୂମସ୍ନାନ ବହନ
Holāka ଗସିତଅଗ୍ନି ଶଯ୍ୟା ତଳେ ରଖି ଶୋଇବା ବ୍ୟକ୍ତିଙ୍କ ଦେହରେ ବସ୍ତ୍ରାବରଣ ପୂର୍ବକ ଗ୍ରହଣ କରାଯିବା ସ୍ୱେଦ ବା ସେକ (ଭାବପ୍ରକାଶ)—Fomentation or fumigatory bath taken by keeping a firepot of burning cowdung cakes below one's bed.

ହୋଲାକା—ସଂ ବ—(ହୋଡ଼ ଧାତୁ+ଅଧିକରଣ ଅକ+ଆ)—ହୋଲି
Holākā ଉତ୍ସବ; ଫାଲ୍‌ଗୁନ ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ଉତ୍ସବ; ଦୋଳଯାତ୍ରା; ମଦନ ଉତ୍ସବ; ବସନ୍ତୋତ୍ସବ (ବାୟୁଭାଗ)—The Dolajātrā festival in the bright lunar fortnight of the month of fālguna. (ବି—ଏ ଉତ୍ସବରେ ରାଧାକୃଷ୍ଣଙ୍କ ମୂର୍ତ୍ତିଙ୍କୁ କେଇ ହିନ୍ଦୁମାନେ ଦୋଳବେଦିରେ ଦୋଳରେ ଖେଳାନ୍ତି ଓ ପରସ୍ପର ଅବିର ଫୋପାଡ଼, ପିଚକାରୀ ମରାମରି ହୁଅନ୍ତି। ଏହା ଫାଲ୍‌ଗୁନ ପୂର୍ଣ୍ଣିମାର ୪ ଦିନ ପୂର୍ବରୁ ଆରମ୍ଭ ହୋଇ ପୂର୍ଣ୍ଣିମା ବାସିଦିନ 'ଯମୁନାଗାଧୁଆ'ରେ ଶେଷ ହୁଏ। କେତେକ ସ୍ଥଳରେ ପୂର୍ଣ୍ଣିମା ପରେ ପଞ୍ଚମୀ ପର୍ଯ୍ୟନ୍ତ ମଧ୍ୟ ଯାତ୍ରାଆଦି ଅନୁଷ୍ଠିତ ହୁଏ। ଏହି ସମୟରେ ଲୋକେ (ବିଶେଷତଃ ପଶ୍ଚିମା ଓ ମାରୁଆଡ଼ୀମାନେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଗୀତ ବୋଲି ଗ୍ରାମଗ୍ରାମାନ୍ତର ବୁଲନ୍ତି। ଦାୟଭାଗରୁ ଦେଖାଯାଏ, ଏ ଉତ୍ସବ ବା ଅଗ୍ରେ ପ୍ରତୀଚ୍ୟ (ପଶ୍ଚିମା)ମାନେ ପ୍ରଥମେ କରୁଥିଲେ ଓ ତାଙ୍କ ଦେଖାଦେଖି ପ୍ରାଚ୍ୟ ଦେଶବାସୀମାନେ ଏହା କର୍ତ୍ତବ୍ୟ ବୋଲି ବିଚାର କରି ଅନୁଷ୍ଠାନ କଲେ। ଏଥିପାଇଁ ଏକ ଅଞ୍ଚଳରୁ ଦେଖି ଅନ୍ୟ ଅଞ୍ଚଳବାସୀମାନେ କୌଣସି ଅଗ୍ରଚଳକୁ ଅବଶ୍ୟ-କର୍ତ୍ତବ୍ୟ ବୋଲି ଗ୍ରହଣ ଓ ପାଳନ କଲେ ତାକୁ 'ହୋଲାକାଧି-କରଣ ନ୍ୟାୟ' ବୋଲାଯାଏ।] ପ୍ରାଦେ (ଉତ୍ତରାଞ୍ଚଳ) ବ—୧। ଫାଲ୍‌ଗୁନ ପୂର୍ଣ୍ଣିମାରେ ଜଳିବା ଅଗ୍ନି—1. Bonfire lighted on the night of the full moon day of Fālguna. ୨। ଫାଲ୍‌ଗୁନ ପୂର୍ଣ୍ଣିମାରେ ଫଗୁ ଖେଳ—2. Mutual sprinkling of Phagu powder and coloured water on the full moon day of Fālguna.

ହୋଲାକାଧିକରଣ ନ୍ୟାୟ—ସଂ. ନ୍ୟାୟ—ଏକ ଦେଶରେ ପ୍ରଚଳିତ
Holākādhikaraṇa nyāya ଆଚାରକୁ ଅନୁକରଣ କରି ଅନ୍ୟ ଦେଶବାସୀମାନେ ତାହା କର୍ତ୍ତବ୍ୟ ବୋଲି ଜ୍ଞାନ କରି ଗ୍ରହଣ ଓ ପାଳନ କରିବା ସ୍ଥଳରେ ବ୍ୟବହୃତ ନ୍ୟାୟ (ଦାୟଭାଗ)—An 'analogy used in cases where a people of one locality copy a custom of another locality.

ହୋଲି(ଲୀ)—ଦେ. ବ—(ସଂ. ହୋଲାକା)—ହୋଲାକା (ଦେଖ)
Holi(lī) Holākā (See).

ହୋଲିକା—ସଂ. ବ—(ହୋଡ଼୍ ଧାତୁ+ଅଧିକରଣ ଅକ+ଆ)—
Holikā ହୋଲାକ—Holāka (See).

ହୋଲି(ରି) ଖେଳ—ଦେ. ବ—ଦୋଳ ଯାତ୍ରା ସମୟରେ ପରସ୍ପର
Holi(ri) khela ପିଚକାରୀ ମରାମରି ଓ ଅବିର ଫୋପଡ଼ା

ହୋଲିଖେଲা हलीखेल ଫୋପଡ଼ ହୋଇ କରୁଥିବା କ୍ରୀଡ଼ା କୌତୁକ—Mutual throwing of red dust and syringing with coloured water during the 'Holi' festival.

ହୋଲି(ରି) ଖେଳିବା—ଦେ. କ୍ରି—ହୋଲି ଉତ୍ସବ ଉପଲକ୍ଷରେ ପରସ୍ପର
Holi(ri) khelibā ଅବିର ଓ ପିଚକାରୀ ମରାମରି ହେବା—
হোলিখেলা हलिखेलना To mutually sprinkle 'Abira' and coloured water on the occasion of 'Holi'.

ହୋଲି ଗୀତ—ଦେ. ବି—ହୋଲି ଉତ୍ସବ ଉପଲକ୍ଷରେ ବୋଲାଯିବା
Holi gita ରାଧାକୃଷ୍ଣ ବିଷୟକ ଆଦିରସାତ୍ମକ (ଅଧିକାଂଶ
হোলিগান होलिगीत ସ୍ଥଳରେ ଅଶ୍ଳୀଳ) ଗୀତ—Songs sung during the Holi festival. [ଦ୍ର—ଏହା ମାରୁଆଡ଼ିମାନଙ୍କ ଦେଶରେ ବିଶେଷ ପ୍ରଚଳିତ ଓ ସେ ଉତ୍ସବରେ ମାରୁଆଡ଼ିମାନେ ଏପରି ଜ୍ଞାନଶୂନ୍ୟ ହୁଅନ୍ତି ଯେ, ସେମାନଙ୍କ ପରିବାରର କୁଳବଧୂମାନେ ମେଳ ବାନ୍ଧି ଅନ୍ତଃପୁରରୁ ବାହାରକୁ ବାହାରି ଇଚ୍ଛାପୂର୍ବକ ଅଶ୍ଳୀଳ ଗୀତମାନ ବୋଲନ୍ତି ଓ ଏହି ଅଶ୍ଳୀଳ ଗାନ ପ୍ରଥା ତାଙ୍କ ଦେଖାଦେଖି ବଙ୍ଗ ଦେଶରେ ଓ ସେଠାରୁ ଆସି କ୍ରମେ କ୍ରମେ ଓଡ଼ିଶାରେ ପଶିଅଛି।)

ହୋଲେ ନାଁ ଡୋଲେ—ଦେ. ଅ—(ତାକୁ) କିଛି ଯାଏ ଆସେ ନାହିଁ—
Hole nān̐ dole It matters little (to him); (he)
ফাটে না ফাটে cares a fig for it; (he) cares a
होले न डोले straw for it. (ଯଥା—ସଂସାରଯାକ ଦୁର୍ଭିକ୍ଷ ପଡ଼ିଛି; ସେ ଘରେ ଗୁଦାମ କରିଥିବାରୁ, ତାର ହୋଲେ ନା ଡୋଲେ)।

ହୋଲ୍‌କାର—ଦେ. ବି. (ନାମ)—ମଧ୍ୟଭାରତର ଇନ୍ଦୋରରେ ରାଜତ୍ୱକାରୀ
Holkāra ମହାରାଷ୍ଟ୍ର ରାଜବଂଶଙ୍କ ଉପାଧି — Family tittle of
হোল্‌কার the Ruling Chiefs of Indore in Central
होलकार India. (ଦ୍ର—ମଲ୍ଲହରରାଓ ହୋଲ୍‌କାର ଏ ରାଜବଂଶର ପ୍ରତିଷ୍ଠାତା ଥିଲେ। ମହାରାଷ୍ଟ୍ରରାଜା ବାଜିରାଓ ଖ୍ରୀ. ୧୭୩୮ ସାଲରେ ମୋଗଲମାନଙ୍କଠାରୁ ମାଲୁଆ (ମାଳବ) ପ୍ରଦେଶ ଜୟ କରି ଇନ୍ଦୋରଠାରେ ମରହଟ୍ଟା ସେନାପତି ମଲ୍ଲହରଙ୍କୁ ଶାସନକର୍ତ୍ତା ନିଯୁକ୍ତ କରିଥିଲେ; କିନ୍ତୁ ମଲ୍ଲହରରାଓ ପରେ ନିଜର ସ୍ୱାଧୀନତା ଘୋଷଣା କଲେ। ଏହାଙ୍କ ମୃତ୍ୟୁପରେ ଏହାଙ୍କ ପୁତ୍ରବଧୂ ଇତିହାସ-ପ୍ରସିଦ୍ଧା ଅହଲ୍ୟାବାଈ ତୁକାଜୀରାଓ ନାମକ ଗୋଟିଏ ନାବାଳକଙ୍କୁ ପୋଷ୍ୟ ପୁତ୍ର ଗ୍ରହଣ କରି ରାଜ୍ୟକୁ ଅତି ଦକ୍ଷତା ଓ ଧର୍ମ ସହକାରେ ପାଳିଲେ। ତୁକାଜୀରାଓଙ୍କର ଅଳ୍ପ ବୟସରେ ମୃତ୍ୟୁହେବାରୁ ତତ୍‌ପରେ ଯଶୋବନ୍ତ ରାଓ ହୋଲ୍‌କାର ରାଜା ହେଲେ। ଏହାଙ୍କ ସଙ୍ଗେ ଇଂରାଜମାନଙ୍କର ଯୁଦ୍ଧ ହେଲା, ଶେଷରେ ଏ ପରାସ୍ତ ହୋଇ ୧୮୦୫ ସାଲରେ ଇଂରାଜମାନଙ୍କ ସଙ୍ଗେ ସନ୍ଧି କଲେ ଏବଂ ଇଂରାଜ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ମିତ୍ରରାଜା ବୋଲି ସ୍ୱୀକାର କଲେ। ଏହାଙ୍କ ବଂଶଧରମାନେ ଅଦ୍ୟ ପର୍ଯ୍ୟନ୍ତ ଏ ଗାଦି ଅଧିକାର କରିଆସିଛନ୍ତି)

ହୋଲ୍ଡ—ବୈଦେ. ବି. (ଇଂ)—ଡେକ୍‌ର ବା ପଟାତଳର ତଳେ ଥିବା
Hold ଜାହାଜର ତଳ ଅଂଶ ବା ପେଟ (ଯେଉଁଠାରେ ମାଲମାଲ
হোল্ড होल्ड ବୋଝାଇ ହୁଏ)—A ship's hold.

ହୋଲ୍‌ଡ(ଡ୍ରା)ର୍—ବୈଦେ. ବି (ଇଂ. ପେନ୍ ହୋଲ୍‌ଡର୍)—ଯେଉଁ
Holda(ḍā)r ହାଣ୍ଡଲ୍‌ରେ ଲୁହା କଲ ଖଞ୍ଜା ହୋଇ ଲେଖା
হোলডার होल्डर ଯାଏ—Penholder.

ହୋଷ୍ଟେଲ୍—ବୈଦେ. ବି (ଇଂ)—ଛାତ୍ରାବାସ—
Hoshtel Hostel.
হোষ্টেল होस्टेल

ହୋଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବି (ଇଂ)—ଛାତ୍ରାବାସର
Hoshtel suparintendent ତତ୍ତ୍ୱାବଧାରକ—Superin-
হোষ্টেল সুপারিন্টেণ্ডেণ্ট tendent of a hostel.
होस्टेलसपरीण्टेंडेंट

ହୋସ (ଇତ୍ୟାଦି)—ବୈଦେ ବି (ଫା)—ହୁସ୍ ଇତ୍ୟାଦି (ଦେଖ)—
Hos (etc) Hus etc (See)

ହୋସ୍ ହବାସ୍—ବୈଦେ. (ଫା), ପ୍ରାଦେ (ଖଡ଼ଆଳ) ବି—ଚୈତନ୍ୟ;
Hos habās ଜ୍ଞାନ; ଚେତା—Sense; consciousness.

ହୋସ୍‌ଲା—ବୈଦେ (ଫା) ପ୍ରାଦେ. (ଖଡ଼ଆଳ) ବି—ସାହସ—
Hos-lā Beldnese; courage; bravery.

ହୋସିଆର୍ (ଇତ୍ୟାଦି)—ବୈଦେ. ବଣ (ଫା)—ହୁସିଆର୍ ଇତ୍ୟାଦି
Hosiār (etc) (ଦେଖ)—Husiār etc (See)

ହୋସିଆରି—ବୈଦେ. ବି (ଫା)—୧। ହୁସିଆରି (ଦେଖ)—
Hosiāri 1. Husiāri (See)
ବୈଦେ. ବି. (ଇଂ)—୨। ମୋଜା ଓ ଗେଞ୍ଜି ବୁଣାଯିବାର କାରଖାନା—2. Hosiery.

ହୋସେ(ସ୍ସେ)—ବୈଦେ. ବି (ଅ)—ହୁସ୍ସେ (ଦେଖ)—
Hose(sse) Husse (See)

ହୋସେନ୍—ବୈଦେ. ବି (ଫା. ନାମ)(ଫା. ହୁସେନ୍)—୧। ମୁସଲମାନଙ୍କ
Hosen ନାମ—1. A name amongst the Mahomedans, ୨। ହଜରତ୍ ମହମ୍ମଦଙ୍କ କନ୍ୟା ଫାତିମା ଜୋହୋରାଙ୍କ ସାନ ପୁଅ—2. The youngest son of Fatmā Johorā the daughter of Mohammed.
হোসেন हुसन

ହୋସେନ୍ ଷା(ସାହା)—ବୈଦେ. ବି (ନାମ)—ବଙ୍ଗର ଜଣେକ ପ୍ରାଚୀନ
Hosen sā(sāhā) ମୁସଲମାନ ରାଜା—Name of an anci-
হোসেনসা ent Mohamedan king of Bengal.
हुसेनसा [1493—1519 A. D.]
[ଦ୍ର—ଏ ପ୍ରଥମେ ହୋସେନ୍ ଖାଁ ନାମରେ ବଙ୍ଗର ସ୍ୱାଧୀନ ହିନ୍ଦୁ ରାଜା ସୁବୁଦ୍ଧିରାୟଙ୍କ ସେନାପତି ଥିଲେ। ଏ ଖ୍ରୀ ୧୪୯୩ରେ ସୁବୁଦ୍ଧିଙ୍କୁ ପରାଜିତ କରି ହୋସେନ୍‌ଷା ନାମରେ

ଅପଣାକୁ ବଙ୍ଗର ରାଜା ବୋଲି ଘୋଷଣା କଲେ ଓ ୧୫୧୯ ପର୍ଯ୍ୟନ୍ତ ରାଜତ୍ୱ କଲେ । ଏହାଙ୍କ ବଂଶଧରମାନେ ୧୫୩୬ ସାଲରେ ସେର୍ ସାହାଙ୍କ ଦ୍ୱାରା ବଙ୍ଗର ସିଂହାସନରୁ ତଡାଗଲେ ।]

ହୋସେ(ସ)ନ୍ ହା (ହି,ହେ)ନା—ବୈଦେ. - ବି(ଫା ହୁସ୍ନହେନା)—
Hose(sa)n hā(hi.he)nā ହେନା ୨ (ଦେଖ)—
Henā 2 (See).

ହୋହା—ଦେ. ବି (ଧ୍ୱନ୍ୟନୁକରଣ)—ବହୁଲୋକଙ୍କ ମିଳିତ ଉଚ୍ଚୈଃସ୍ୱର,
Ho hā ଘୋଉଘା; ଗଣ୍ଡଗୋଳ; ହୁଳ୍ହୁଳ—Noise; uproar hubbub. ଅ—ପକ୍ଷୀ ଓ ମାଙ୍କଡ଼ ଆଦିଙ୍କୁ ତଡ଼ିବାର ଧ୍ୱନି—Interjection used in scaring away
হোহো হৈহা monkeys etc.

ହୋ ହୋ—ଦେ. ଅ—ହୋ ହା (ଦେଖ)—Hohā (See)
Ho ho ବି—୧ । ହୋହା (ଦେଖ)—1. Hobā (See)
୨ । (କୌତୁକରୁ ଅଟ୍ଟହାସ) ଉଚ୍ଚହାସ୍ୟ ଧ୍ୱନି; ହେଁ ହେଁ—
হোহো হৈহা 2. Sound of loud laugh.

ହୋ ହୋ ହସିବା—ଦେ. କ୍ରି—ହୋ ହୋ କେ କରି ଅତି ଉଚ୍ଚୈଃସ୍ୱର
Ho ho hasibā ରେ ହସିବା—To laugh very loudly.
(ହୋ ହୋ ହୋଇ ହସିବା—ଅନ୍ୟରୂପ)
হোহো করে হাসা হৈহা हंसना

ହୋ ହୋ ହେବା—ଦେ. କ୍ରି—(ବହୁଲୋକ) ବଡ଼ପାଟି କରିବା—
Ho ho hebā (a number of persons) To raise a
হোহো করা हैहा करना loud sound.

ହୌ—ସ. ଅ (ସମ୍ବୋଧନ ଓ ଆହ୍ୱାନ)—ହେ—Interjection
Hau used in calling and addressing. ଦେ.ଅ—(ସମ୍ମତିସୂଚକ) ହେଉ; ତଥାସ୍ତୁ—(Interjection) Be it so. କ୍ରି—କରଣୀଆ ଲେଖାରେ ହେବା କ୍ରିୟାର ଅସମାପିକା ରୂପ (ହୋଇ) ର ସଂକ୍ଷିପ୍ତ ଲେଖା ଆକାର (ଏଥିର ଉଚ୍ଚାରଣ 'ହୋଇ' ପରି) ହୋଇ—The written Karaṇi form of Hoi.

ହୌମ୍ୟ—ସଂ. ବଣ—(ହୋମ+ଯୋଗ୍ୟାର୍ଥେ ଯ)—୧ । ହୋମ
Haumya ସମ୍ବନ୍ଧୀୟ—1. Relating to Homa.
୨ । ହୋମଯୋଗ୍ୟ; ହୋମରେବ୍ୟବହୃତ ହେବାଯୋଗ୍ୟ—
2. Fit to be used in Homa.
ବି—ହବନୀୟ ଘୃତ; ହୋମ ଘିଅ—Ghee meant for Homa.

ହୌସ୍—ବୈଦେ. ବ (ଇଂ ହାଉସ୍ ର ଅଶୁଦ୍ଧ ଉଚ୍ଚାରଣ)—ହାଉସ୍
Haus (ଦେଖ)—Hāus (See)

ହ୍ନୁ (ଧାତୁ)—ସଂ.—ଚୋରି କରିବା—
Hnu(root) To steal.

ହ୍ୱନ୍ତି—ଦେ. (ପଦ୍ୟ) କ୍ରି—(ହୁଅନ୍ତି କ୍ରିୟାର ବିକଳ୍ପ ରୂପ) ହୁଅନ୍ତି—
Hwanti The alternate form of the verb Huanti (he or they) Are. [ଉ—ଅତି ବ୍ୟାକୁଳ ହ୍ୱନ୍ତି ମହା ଶୋକେ—ପ୍ରାଚୀ. ନଳଚରିତ]

ହ୍ୱଳ (ଧାତୁ)—ସଂ—୧ । ଚଳନ କରିବା (ଜବ ଚଳତ୍ର)—1. To
Hwal(root) move. [ଦ୍ର—ଏହା 'ବି' ଉପସର୍ଗ ସଙ୍ଗେ ଯୁକ୍ତ ହୋଇ କମ୍ପନ ହୁଏ । ଯଥା—ବିହ୍ୱଳ)
୨ । ହଲିବା—2. To move to and fro.
୩ । କମ୍ପିବା—3. To tremble; to shake.

ହ୍ୱଳନ—ସଂ: ବି—(ହ୍ୱଳ ଧାତୁ+ଭାବ ଅନ)—୧ । ହଲିବା—
Hwalana 1. Shaking. ୨ । ଇତସ୍ତତଃ ଗତିକରିବା—
2. Moving and fro.

ହ୍ୱାଇଟ୍ ହାଉସ୍—ବୈଦେ. ବ (ଇଂ; ଅକ୍ଷରିକ ଅର୍ଥ—ଧଳା ଗୃହ)—
Hwait hāus ଆମେରିକାର ଯୁକ୍ତରାଜ୍ୟର ରାଷ୍ଟ୍ରପତିଙ୍କ ବାସ-ଭବନର ନାମ—The White House, the official residence of the President of the United States of America.

ହ୍ୱାଟ୍‌ନଟ୍—ବୈଦେ. ବ (ଇଂ)—ଗୃହସ୍ଥଙ୍କର ବାସନ ଭୂଷଣ ଓ ଅନ୍ୟ
Hwāt-nat ଘର କରଣା ଛୋଟ ଜିନିସମାନ ସଜାଇ ରଖିବାରେ ବ୍ୟବହୃତ ଖୋଲା ଥାକମାନ—Whatnot.

ହ୍ୱାନ—ସଂ. ବି—(ହ୍ୱେ ଧାତୁ+ଭାବ ଅନ)—ଅହ୍ୱାନ—
Hwāna Call.

ହ୍ୱିଗ—ବୈଦେ. ବ (ଇଂ ନାମ)—ଇଂଲଣ୍ଡର ପ୍ରାଚୀନ ରାଜନୈତିକ ମତା-
Hwig ବଲମ୍ବୀ ଦୁଇଦଳ ମଧ୍ୟରୁ ଏକ; ଉଦାରନୈତିକ ଦଳ; ଅଧୁନାତନ ଲିବରଲ୍ ଦଳ—The whig, a member of the Liberal party in English politics in old times.

ହ୍ୱିପ୍—ବୈଦେ. ବ (ଇଂ)—୧ । ଚାବୁକ—1. Whip. ୨ । କଚୁ-
Hwip ଆନ—2. Coachman. ୩ । ବ୍ୟବସ୍ଥାପକ ସଭା ଆଦିରେ ଓ ପାର୍ଲିଆମେଣ୍ଟରେ ଗୋଟିଏ ଦଳର ମତମାନ ସଂଗ୍ରହ
হ্বিপ କରିବା ପାଇଁ ସେହି ଦଳ ଦ୍ୱାରା ଭାରପ୍ରାପ୍ତ ସଭ୍ୟ—3.
ह्विप Whip (in an Assembly and Parliament)
(ଦ୍ର—କୌଣସି ଗୁରୁତର ପ୍ରଶ୍ନ ବିଷୟରେ ଭୋଟ୍ ନିଆଯିବା ବେଳେ ଆପଣା ଦଳର ସଭ୍ୟମାନଙ୍କୁ ଡାକିଆଣି ଉପସ୍ଥିତ କରାଇବା, ଯେଉଁ ବିଷୟରେ ଯେଉଁ ସମୟରେ ଭୋଟ୍ ନିଆଯିବ, ଏ ବିଷୟ ଦଳର ସଭ୍ୟମାନଙ୍କୁ ଆଗରୁ ଜଣାଇବା, ଭୋଟ୍ ନିଆ ହେବା ସମୟରେ ଆପଣା ଦଳର ସଭ୍ୟ ସେ ସ୍ଥାନ ଛାଡ଼ି ଚାଲି ଯାଇ ନ ପାରିବେ, ଏଥିପ୍ରତି ଦୃଷ୍ଟି ରଖିବା ଓ ଆପଣା ଦଳର ସ୍ୱାର୍ଥରକ୍ଷା ପ୍ରତି ସତର୍କ ଦୃଷ୍ଟି ରଖିବା 'ହ୍ୱିପ୍'ଙ୍କ କର୍ତ୍ତବ୍ୟ ଅଟେ ।)

ହ୍ୱିଲ୍—ବୈଦେ. ବ (ଇଂ)—ଚକ—
Hwil Wheel.
হ্বিল্ ह्विल

ହ୍ୱିସ୍କି—ବୈଦେ. ବ (ଇଂ)—ଇଉରୋପରେ ପ୍ରସ୍ତୁତ ଏକପ୍ରକାର ଉଗ୍ର
Huiski ମଦ୍ୟ; ସୁରା—Whisky.
হুইস্কি ह्विस्कि (ହୁଇସ୍କି—ଅନ୍ୟରୂପ)

ହ୍ୱୃ(ଧାତୁ)—ସଂ—କୁଟିଳ ହେବା—
Hwṛu (root) To be crooked.

ହ୍ୱିସ୍ଲ (ଇତ୍ୟାଦି)—ବୈଦେ. ବ [ଇଂ]—ସିଟି ଇତ୍ୟାଦି [ଦେଖ]—
Hwisl(etc) Siti etc (See)
ହ୍ୱିସଲ ह्विसल

ହ୍ୱେ [ଧାତୁ]—ସଂ—୧ । ଆହ୍ୱାନ କରିବା—1. To call. ୨ । ଶବ୍ଦ
Hwe (root) କରିବା—2. To make a sound.
୩ । ସ୍ପର୍ଦ୍ଧା କରିବା—3. To call to fight; to challenge.

ହ୍ୱେଲ—ବୈଦେ. ବ [ଇଂ] ତିମି ମାଛ—
Hwel Whale.
ହେ୍ୱଲ ह्वेल
[ଦ୍ର—ହ୍ୱେଲ୍ ୮୦।୯୦ ଫୁଟ୍ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଏ ମାଛଙ୍କ ଦେହର ଶଲ ତଳେ ଚର୍ବିର ଖୁବ୍ ବହଳଆ ସ୍ତର ଥାଏ । ଏମାନଙ୍କ ଅଗପାଖେ ଛଡ଼ି ଓ ପେଟ ମଧ୍ୟରେ ପାର୍ଶ୍ୱଦେଶରେ ୨ଟି ଡେଣା ଓ ଲାଞ୍ଜରେ ବଡ଼ ଡେଣା ଥାଏ । ଏ ଜୀବମାନେ ଅଣ୍ଡଜ ନୁହନ୍ତି, ଜରାୟୁଜ ଅଟନ୍ତି । ହ୍ୱେଲ୍ ଛୁଆମାନେ ମାଆଠାରୁ ସ୍ତନ୍ୟପାନ କରନ୍ତି । ହ୍ୱେଲ୍‌ଙ୍କର ଖୁବ୍ ଛୋଟ ଦାନ୍ତ ଅଛି । ଏମାନେ ଛୋଟ ଛୋଟ ମାଛ ଖାଆନ୍ତି । ଗାଲସି ଛଡ଼ା ନିଶ୍ୱାସ ମାରିବା ପାଇଁ ଏମାନଙ୍କ ମୁଣ୍ଡ ଉପରେ ୨ଟି ଛିଦ୍ର ଥାଏ; ଆଖି ଅତି ସାନ; ପୃଥିବୀର ଉତ୍ତରସର୍ବର ସମୁଦ୍ରରେ ବହୁତ ହ୍ୱେଲ୍ ମିଳନ୍ତି । ଏମାନଙ୍କ ଚର୍ବୀରୁ ମହମବତୀ ହୁଏ ଓ ଏମାନଙ୍କ ହାଡ଼ରେ ହାତି ଦାନ୍ତରେ ତିଆରି କରାଯିବା ପରି ଅନେକ ଦ୍ରବ୍ୟ କରାଯାଏ । ଲୋକେ ଜାହାଜରେ ଯାଇ ଡେଙ୍ଗା ମାରି ଏମାନଙ୍କୁ ଶିକାର କରନ୍ତି । ଏମାନଙ୍କ ଅନ୍ତ୍ରରୁ ଅମ୍ବର ନାମକ ସୁଗନ୍ଧଦ୍ରବ୍ୟ ମିଳେ । ଏହି ଅମ୍ବରଗ୍ରିସ (ambergris) ହ୍ୱେଲଙ୍କ ଠାରୁ ବହିର୍ଗତ ହୋଇ ସମୁଦ୍ରରେ ଭାସି ଆସେ ।]

ହ୍ୱେଲ୍‌ବୋନ୍—ବୈଦେ. ବ (ଇଂ)—ତିମି ମାଛର ହାଡ଼—
Hwel-bon Whalebone.
ହେ୍ୱଲ୍‌ବୋନ ह्वेलबोन

ହ୍ୱେଲର—ବୈଦେ.ବ (ଇଂ)—ସମୁଦ୍ରରେ ତିମି ମାଛ ଧରିବାପାଇଁ ଉପଯୁକ୍ତ
Hwelar ଜାହାଜ—A whaler (ship).
ହେ୍ୱଲାର ह्वेलर

ହ୍ମଲ୍ (ଧାତୁ)—ସଂ—୧ । ଗମନ କରିବା—1. To move;
Hmal (root) to cause to move.
୨ । ଚଳିତ ହେବା—2. To move; to be moved.

ହ୍ୟଃ—ସଂ ଅ (ହ୍ୟସ୍ ଶବ୍ଦ; ଗତ+ଅହନ୍; ନିପାତନସିଦ୍ଧ)—ଗତକାଲି
Hyah (ଅମର)—Yesterday.

ହ୍ୟସ୍ତନ—ସଂ ବଣ (ହ୍ୟଃ=ଗତକାଲ+ଭବାର୍ଥେ ତନ)—ପୂର୍ବଦିବସ-
Hyastana ସମ୍ବନ୍ଧୀୟ—1. Relating to yesterday.
(ହ୍ୟସ୍ତ୍ୟ—ଅନ୍ୟରୂପ) ୨ । କାଲିକାର—

ହ୍ୟସ୍ତନୀ } ସ୍ତ୍ରୀ— 2. Of yesterday. ୩ । ଗତ
ହ୍ୟସ୍ତ୍ୟା } କାଲି ଜାତ—3. Produced yesterday. ୪ । ଗତକାଲି ପ୍ରାପ୍ତ—4. Got yesterday.

ହ୍ୟାଟ୍—ବୈଦେ. ବ (ଇଂ ହାଟ୍ ଶବ୍ଦର ଅଶୁଦ୍ଧ ଲେଖା)—ହାଟ୍;
Hyāt ସାହେବୀ ଟୋପି—Hat.
ହ୍ୟାଟ୍ ईट

ହ୍ୟାଣ୍ଡ—ବୈଦେ. ବ (ଇଂ ହାଣ୍ଡ) (ହାଣ୍ଡ ଶବ୍ଦର ଉଚ୍ଚାରଣ ସଙ୍ଗେ
Hyāṇḍ ସମାନ କରିବା ଚେଷ୍ଟାର ଫଳରେ ଲେଖାଯିବା
ହ୍ୟାଣ୍ଡ हैं ଶବ୍ଦ)—ହାଣ୍ଡ (ଦେଖ)—
Hāṇḍ (See) [ଦ୍ର—ଏହିପରି ମାନଙ୍କୁ ମ୍ୟାନ୍; ବାଙ୍କକୁ ବ୍ୟାଙ୍କ୍ ଇତ୍ୟାଦି ଲେଖାଯାଏ, କିନ୍ତୁ ଏହା ଶୁଦ୍ଧ ନୁହେଁ । ପୁଣି କେହି କେହି 'ହାଣ୍ଡ'କୁ ହେଣ୍ଡ ଓ ହିନ୍ଦିରେ 'ହାଣ୍ଡ'କୁ ହୈଣ୍ଡ ଲେଖାନ୍ତି ।]

ହ୍ୟାଣ୍ଡଭାଇସ—ବୈଦେ. ବ (ଇଂ)—ସୁନା ବା ରୁପାକୁ ଘଷାଘଷି
Hyāṇḍ-bhāis କରିବା ସମୟରେ ବଣିଆମାନେ ଯେଉଁ
ହ୍ୟାଣ୍ଡଭାଇସ हैंडवाइस ଯନ୍ତ୍ରରେ ଚପି ଧରନ୍ତି—
Hand-vice of goldsmiths.

ହ୍ୟାଦେ—ପ୍ରାଦେ (ଗାଂଜାମ)—ଅ—ହେଇଟି—
Hyāde Here ! look here !

ହ୍ୟାନି(ନେ)ମା(ମ୍ୟା)ନ—ବୈଦେ.ବ (ନାମ)—ହାନିମାନ୍ (ଦେଖ)—
Hyāni(ne)mā(myā)n Hānimān (See).

ହ୍ରଗ୍(ଧାତୁ)—ସଂ ବ—୧ ।ସମ୍ବରଣ କରିବା—1. To give forth;
Hrag(root) to give up. ୨ । ଲୁଗ୍ଇବା—
2. To hide; to conceal (Apte). ୩ । ଘୋଡ଼ାଇବା—
3. To cover (Apte).

ହ୍ରଣିୟା—ସଂ ବ—ହ୍ରୀଣୀୟା [ଅମର]—
Hraṇiyā Hriṇiyā (See).

ହ୍ରଦ—ସଂ. ବ [ହ୍ରାଦ୍ ଧାତୁ+ଅଧିକରଣ ଅ]—୧ । ଅକୃତ୍ରିମ
Hrada ସୁବୃହତ୍ ଜଳାଶୟ ଅମର]; ସ୍ଥଳବେଷ୍ଟିତ ପ୍ରାକୃତିକ ଜଳଭାଗ—1.A deep lake; a natural lake. [ଦ୍ର—ଚିଲିକା, ହମର, ଅରଲ୍, ମାନସ ପ୍ରଭୃତି ହ୍ରଦ । ହ୍ରଦ ବଡ଼ ହେଲେ ତାକୁ ସାଗର ବୋଲାଯାଏ । ଯଥା କାସ୍ପିଅନ୍ ସାଗର,କୃଷ୍ଣସାଗର, ପ୍ରଭୃତି] କିରଣ; 'ରଶ୍ମି (ବୃମାଣୟ)—2. Ray;pencil of light. ୩ । ଗଭୀର ଗର୍ତ୍ତ—3. A deep hole or cavity (Apte).

ହ୍ରଦଗ୍ରହ—ସ. ବ—(ହ୍ରଦ+ଗ୍ରହ୍ ଧାତୁ+କର୍ତ୍ତୃ ଅ)—କୁମ୍ଭୀର—
Hradagraha Alligator.

ହ୍ରଦିନୀ—ସଂ. ବ—(ହ୍ରଦ+ସମ୍ବନ୍ଧାର୍ଥ ଇନ୍+ଈ)—୧ । ନଦୀ (ଅମର)
Hradinī —1. River. ୨ । ବିଦ୍ୟୁତ୍—2. Lightning (Apte).

ହ୍ରପ୍(ଧାତୁ)—ସ.—୧ । କହିବା—1. To speak; to talk. ୨। Hrap (root) ଶବ୍ଦ କରିବା—2. To sound (Apte).

ହ୍ରସ୍(ଧାତୁ)—ସଂ—୧ । ରବ କରିବା—1. To make a sound. Hras (root) ୨ । ଖର୍ବ ହେବା—2. To diminish; to become small.

ହ୍ରସିତ—ସଂ. ବିଣ—(ହ୍ରସ୍ ଧାତୁ+କର୍ତ୍ତୃ. ତ)—୧ । ଶବ୍ଦିତ— Hrasita 1. Sounded (Apte). ୨। ଖର୍ବୀକୃତ—2. Diminished; lessened.

ହ୍ରସିମା—ସଂ. ବି—(ହ୍ରସ୍ୱ+ଇମନ୍; ନିପାତନ; ହ୍ରସିମନ୍ ଶବ୍ଦ ୧ମା Hrasimā ୧ବ)—୧ । ଲଘୁତା; ହ୍ରସ୍ୱତା; କ୍ଷୁଦ୍ରତା—1. Smallness; littleness; shortness. ୨ । ଖର୍ବତା; ବାମନତ୍ୱ—2. Dwarfness.

ହ୍ରସିଷ୍ଠ—ସଂ. ବିଣ—(ହ୍ରସ୍ୱ+ଅତିଶୟାର୍ଥେ ଇଷ୍ଠ)—୧ । ଅତିଶୟ ହ୍ରସ୍ୱ Hrasishtha —1. Very small or little; infini- (ହ୍ରସିଷ୍ଠା—ସ୍ତ୍ରୀ) tesimal. ୨ । ସର୍ବକ୍ଷୁଦ୍ର—2. Smallest.

ହ୍ରସୀୟାନ୍—ସଂ. ବିଣ—(ପୁଂ)—(ହ୍ରସୀୟସ୍ ଶବ୍ଦ; ହ୍ରସ୍ୱ+ଈୟସ୍ Hrasīyān ୧ମା ୧ବ)—୧ । ଅତିକ୍ଷୁଦ୍ର—1. Very small. (ହ୍ରସୀୟସୀ—ସ୍ତ୍ରୀ) ୨ । କ୍ଷୁଦ୍ରତର—2. Smaller.

ହ୍ରସ୍ୱ—ସଂ. ବିଣ—(ହ୍ରସ୍ ଧାତୁ+କର୍ତ୍ତୃ ବ)—୧ । କ୍ଷୁଦ୍ର; ଛୋଟ—1. Hraswa Small; little. ୨ । ଅନୁଚ୍ଚ; ଗେଡ଼ା; ଖର୍ବ—2. (ହ୍ରସ୍ୱା—ସ୍ତ୍ରୀ) Dwarfish; not high; low in stature. (ଦୀର୍ଘ—ବିପରୀତ) ୩ । ଲଘୁ—3. Light. ୪ । ଏକମାତ୍ରକାଳୋଚ୍ଚାର୍ଯ୍ୟ ସ୍ୱର ସୂଚକବର୍ଣ୍ଣ—4. Short letter. ବି—୧। ବାମନ; ପ୍ରକୃତ ପୁରୁଷ ପ୍ରମାଣରୁ ନ୍ୟୂନ ମନୁଷ୍ୟ—1. A dwarf. ୨ । ଏକମାତ୍ରା କାଳୋଚ୍ଚାର୍ଯ୍ୟ ସ୍ୱର—2. A short vowel. (ଯଥା—ଅ, ଇ, ଉ, ଋ, ଌ) [ଦ୍ର—ଯେଉଁ ବର୍ଣ୍ଣମାନଙ୍କୁ ଉଚ୍ଚାରଣ କରିବାକୁ ଏକମାତ୍ରା ସମୟ ଲାଗେ ତାକୁ ହ୍ରସ୍ୱ; ଦ୍ୱିମାତ୍ରିକ ବର୍ଣ୍ଣମାନଙ୍କୁ ଦୀର୍ଘ ଓ ତ୍ରିମାତ୍ରିକ ବର୍ଣ୍ଣମାନଙ୍କୁ ପ୍ଲୁତ ବୋଲାଯାଏ । ବ୍ୟଞ୍ଜନମାନ ଅର୍ଦ୍ଧମାତ୍ରିକ—ଶବ୍ଦକୋଷ ।] ୩ । ପରିମାଣ ବିଶେଷ—3. A unit of measure or quantity. ୪। ମେଷ, ବୃଷ, କୁମ୍ଭ, ମୀନ ରାଶିଗଣ—4. The zodiacal signs of Mesha, Brusha, Kumbha and Mina. ୫ । ଗନ୍ଧକ ଓ ପାରଦର ରାସାୟନିକ ମିଶ୍ରଣ ବିଶେଷ; ପୁଷ୍ପକାସୀସ—5. Green sulphate of iron (Apte). ୬ । ଗୌରସୁବର୍ଣ୍ଣ ଶାକ (ଶବ୍ଦକୋଷ)—9. A kind of pot herb.

ହ୍ରସ୍ୱ ଇ—ସ. ବି—ଲଘୁପ୍ରାଣ ସ୍ୱର ଇ— Hraswa i The short vowe .

ହ୍ରସ୍ୱ ଉ—ସଂ. ବି—ଲଘୁପ୍ରାଣ ସ୍ୱର ଉ— Hraswa u The short vowel u.

ହ୍ରସ୍ୱ ଋ—ସଂ. ବି—ଲଘୁପ୍ରାଣ ସ୍ୱର ଋ— Hraswa ru The short vowel ru.

ହ୍ରସ୍ୱ ଌ—ସଂ. ବି—ଲଘୁପ୍ରାଣ ସ୍ୱର ଌ— Hraswa lu The short vowel lu.

ହ୍ରସ୍ୱ କୁଶ—ସଂ. ବି—(କର୍ମଧା)—ଶ୍ୱେତକୁଶ (ରାଜନିର୍ଘଣ୍ଟ)— Hraswa kuśa A white variety of the kuśa grass.

ହ୍ରସ୍ୱ ଗବେଧୁକା—ସଂ. ବି—ଗାଙ୍ଗେରୁକୀ (ଅମର); ନାଗବଳା— Hraswa gabedhukā Sida Spinosa plant.

ହ୍ରସ୍ୱ ଗର୍ଭ—ସଂ. ବି—(ବହୁବ୍ରୀହି)—କୁଶ (ରତ୍ନମାଳା)— Hraswa garbha The Kuśa grass.

ହ୍ରସ୍ୱ ଜମ୍ବୁ—ସଂ. ବି—କ୍ଷୁଦ୍ରଜମ୍ବୁ (ରତ୍ନମାଳା)— Hraswa jambu Small variety of black berry.

ହ୍ରସ୍ୱ ତଣ୍ଡୁଳ—ସଂ.ବି—ଯବନାଳ (ରାଜନିର୍ଘଣ୍ଟ); ସରୁଚାଉଳ— Hraswa tandula Fine rice

ହ୍ରସ୍ୱତା(ତ୍ୱ)—ସ.ବି—(ହ୍ରସ୍ୱ+ଭାବ ତା,ତ୍ୱ)—୧। କ୍ଷୁଦ୍ରତା—1. Small. Hraswatā (twa) ness. ୨। ସ୍ୱଳ୍ପପ୍ରାଣତା—2. Shortness of pronunciation. ୩। ହ୍ରାସ—3. Lessening.

ହ୍ରସ୍ୱ ଦର୍ଭ—ସଂ. ବି—ଶ୍ୱେତକୁଶ; ହ୍ରସ୍ୱକୁଶ (ଶବ୍ଦକଳ୍ପଦ୍ରୁମ)— Hraswa darbha White variety of the Kuśa grass.

ହ୍ରସ୍ୱଦା—ସ. ବି—ଶଲ୍ଲକୀ (ରାଜନିର୍ଘଣ୍ଟ); ଲୋବାନ୍ ପରି ଏକ ପ୍ରକାର Hraswadā ସୁଗନ୍ଧ ନିର୍ଯ୍ୟାସ ଗଛ—Boswellia Serrata (tree); Gum Olibanum.

ହ୍ରସ୍ୱ ଦୀର୍ଘ—ସ. ବିଣ—(ଦ୍ୱନ୍ଦ୍ୱ ସହଚର ଶବ୍ଦ)—୧ । ଲଘୁ ଓ ଗୁରୁ; Hraswadīrgha ଲଘୁପ୍ରାଣ ଓ ଦୀର୍ଘପ୍ରାଣ (ବର୍ଣ୍ଣ)—1. Short and long(vowels and letters). ୨। ଗେଡ଼ା ଓ ଡେଙ୍ଗା —2. Dwarf and tall.

ହ୍ରସ୍ୱଦୀର୍ଘ ଜ୍ଞାନ—ସ.ବି—୧। ଛୋଟ ଓ ବଡ଼ ବିଷୟକ ଜ୍ଞାନ—1. Dis- Hraswadīrgha jñāna crimination between small and big. ୨ । ହ୍ରସ୍ୱ ଓ ଦୀର୍ଘ ବର୍ଣ୍ଣ ସମ୍ବନ୍ଧେ ଜ୍ଞାନ—2. Knowledge about short and long letters and sounds.

ହ୍ରସ୍ୱପତ୍ରକ—ସଂ. ବି—ଗିରିଜ ମଧୂକ ବୃକ୍ଷ (କଠାଧର); ପର୍ବତଜାତ Hraswa patraka ମହୁଲ ଗଛ—Mahua; Bassia Latifolia of the mountains.

ହ୍ରସ୍ୱପତ୍ରିକା—ସଂ. ବି—ଅଶ୍ୱତ୍ଥ (ରାଜନିର୍ଘଣ୍ଟ)— Hraswa patrikā Religiosa Ficus tree.

ହ୍ରସ୍ୱ ପର୍ଣ୍ଣ(ପ୍ଲକ୍ଷ)—ସଂ. ବି—କ୍ଷୁଦ୍ରପ୍ଲକ୍ଷ ବୃକ୍ଷ—Small variety of Hraswa parnna(plaksha) Plaksha tree.

ଅନ୍ୟ ସଂ.—ଶୃଙ୍ଗୀତ, ଶୀତବୀର୍ଯ୍ୟକ, ପୃଣ୍ଡ, ମହାବରୋହ, ପୀପରୀ; ଉଦୁର; ମଙ୍ଗଲଛାୟା [ଦ୍ର—ଏହା, କଟୁ, କଷାୟ, ଶୀତ, ରକ୍ତଦୋଷଘ୍ନ ଓ ମୂର୍ଚ୍ଛା, ଭ୍ରମ, ପ୍ରଳାପଘ୍ନ ଅଟେ ।]

ହ୍ରସ୍ୱ ପ୍ରବାସୀ—ସଂ. ବିଣ ଓ ବି.ପୁଂ (ମ. ପ.ଲେ)—ଅଳ୍ପ ସମୟ ବିଦେଶରେ Hraswa prabāsi ରହିବା ବ୍ୟକ୍ତି (ହି. ଶ)—A person (ବିପରୀତ—ଦୀର୍ଘ ପ୍ରବାସୀ) who makes a short sojourn

ହ୍ରସ୍ୱଫଳା—ସଂ. ବ—ଭୂମିଜମ୍ବୁ (ଦ୍ୱନ୍ଦ୍ୱକର୍ଷ)—A small dwarf
Hraswa phalā variety of blackberry.

ହ୍ରସ୍ୱ ବର୍ଣ୍ଣ—ସଂ. ବ—ହ୍ରସ୍ୱ ବା ସ୍ୱଳ୍ପପ୍ରାଣ ବର୍ଣ୍ଣ; ହ୍ରସ୍ୱ ସ୍ୱରବର୍ଣ୍ଣ ଓ ହ୍ରସ୍ୱ
Hraswa barnna ସ୍ୱରବର୍ଣ୍ଣ ଯୁକ୍ତ ବ୍ୟଞ୍ଜନବର୍ଣ୍ଣ—Short letter.

ହ୍ରସ୍ୱ ବାହୁକ—ସଂ. ବଣ ପୁଂ (ବହୁବ୍ରୀହି)—ଖୁଦ୍ ବାହୁ ବିଶିଷ୍ଟ (ବ୍ୟକ୍ତି)
Hraswa bāhuka (ହ୍ରସ୍ୱବାହୁକା—ସ୍ତ୍ରୀ) Short-armed.

ହ୍ରସ୍ୱ ମୂଳ—ସଂ. ବ (ବହୁବ୍ରୀହି)—ରକ୍ତେକ୍ଷୁ (ଶବ୍ଦକର୍ଷ)—
Hraswa mūla The red variety of sugarcane.

ହ୍ରସ୍ୱ ଶାଖା(ଶିଫ)—ସଂ. ବ (ବହୁବ୍ରୀହି)—୧ । ଗୁଳ୍ମ; ଗୁଚ୍ଛଗଛ—
Hraswa sākhā (sipha) 1. Plant. ୨ । ବୁଦା—2. Bush.

ହ୍ରସ୍ୱ ସ୍ୱର—ସଂ. ବ (କର୍ମଧା)—୧ । କ୍ଷୀଣସ୍ୱର—1. Slight and
Hraswa swara tender voice. ୨ । ଲଘୁପ୍ରାଣ ସ୍ୱରବର୍ଣ୍ଣ
(ଦୀର୍ଘସ୍ୱର—ବିପରୀତ) 2. Short vowel. (ଯଥା—ଅ, ଇ, ଉ, ଋ, ଌ)

ହ୍ରସ୍ୱା—ସଂ. ବଣ ସ୍ତ୍ରୀ—(ହ୍ରସ୍ୱ+ଆ)—ହ୍ରସ୍ୱର ସ୍ତ୍ରୀ ଲିଙ୍ଗ—The femi-
Hraswā nine of Hraswa. ବ—୧ । ମୁଦ୍ଗପର୍ଣ୍ଣୀ (ଶବ୍ଦକର୍ଷ)—1. Phaseolus Trilobus. ୨ । ନାଗବଳା (ଶବ୍ଦକର୍ଷ)—2. Sida Spinosa (plant) ୩ । ଭୂମିଜମ୍ବୁ—3. A dwarf variety of blackberry. ୪ । ବାମନ; ଗେଡ଼ି ସ୍ତ୍ରୀ—4. Dwarf woman.

ହ୍ରସ୍ୱାଗ୍ନି—ସଂ. ବ (ବହୁବ୍ରୀହି; ହ୍ରସ୍ୱ ଅଟେ ଅଗ୍ନି ଯାହାର)—ଅର୍କବୃକ୍ଷ
Hraswāgni (ଶବ୍ଦ ଚନ୍ଦ୍ରିକା)—The Calotropis Gigantea plant.

ହ୍ରସ୍ୱାଙ୍ଗ—ସଂ. ବଣ ପୁଂ (ବହୁବ୍ରୀହି)—ବାମନ—Dwarfish. ବ—
Hraswānga Hraswānga ଜୀବକ (ଅମର)—A rare
(ହ୍ରସ୍ୱାଙ୍ଗୀ—ସ୍ତ୍ରୀ ବଣ) herb.

ହ୍ରାଦ୍ (ଧାତୁ)—ସଂ—ଧ୍ୱନି କରିବା—
Hrād (root) To make a sound or cry.

ହ୍ରାଦ—ସଂ. ବ—(ହ୍ରାଦ୍ ଧାତୁ+ଭାବ ଅ)—୧ । ସ୍ୱନ; ରବ; ରବ—
Hrāda 1. Voice; sound. ୨ । ହିରଣ୍ୟକଶିପୁଙ୍କ ସର୍ବକନିଷ୍ଠ ପୁତ୍ରଙ୍କ ନାମ—2. Name of the youngest son of Hiranyakasipu. [ଦ୍ର—ଅନ୍ୟ ପୁତ୍ରଙ୍କ ନାମ ପ୍ରହ୍ଲାଦ, ଅନୁହ୍ଲାଦ ଓ ସଂହ୍ଲାଦ] ୩ । ମେଘଗର୍ଜ୍ଜନ (ହ୍ର. ଶ)—3. Roar of cloud; roar of thunder.

ହ୍ରାଦିନୀ—ସଂ. ବ—(ହ୍ରାଦିନ୍+ଈ)—୧ । ବିଦ୍ୟୁତ୍ (ଅମର)—
Hrādini 1. Lightning. ୨ । ବଜ୍ର (ଅମର)—2. Thunder. ୩ । ନଦୀ (ଶବ୍ଦରତ୍ନାବଳୀ)—3. River. ୪ । ଶଲ୍ଲକୀ (ଶବ୍ଦରତ୍ନାବଳୀ)—4. Boswellia Serrata (tree) ୫ । ରାମାୟଣୋକ୍ତ ନଦୀବିଶେଷ (ହ୍ର. ଶ)—5. Name of a river mentioned in the Ramayana. ସଂ. ବ ସ୍ତ୍ରୀ—ହ୍ରାଦୀର ସ୍ତ୍ରୀ ଲିଙ୍ଗ—Feminine of Hrādi.

ହ୍ରାଦୀ—ସଂ. ବଣ ପୁଂ—(ହ୍ରାଦିନ୍ ଶବ୍ଦ; ହ୍ରାଦ୍ ଧାତୁ+କର୍ତ୍ତୃ ଇନ୍; ୧ମା ଏକ)—୧ । ଶବ୍ଦ ବିଶିଷ୍ଟ—1. Having a sound;
Hrādi making a sound. ୨ । ଗର୍ଜ୍ଜନକାରୀ (ହ୍ର. ଶ)—2. Roaring.

ହ୍ରାସ—ସଂ. ବ—(ହ୍ରସ୍ ଧାତୁ+ଭାବ ଅ)—୧ । କ୍ଷୟ—
Hrāsa 1. Decay. ୨ । ଅଳ୍ପୀଭବ—2. Waning. ୩ । ନ୍ୟୂନତା—3. Shortness; diminution. ୪ । ଶବ୍ଦ (କିରାଣ୍ଡଶେଷ)—4. Sound. ୫ । କୃଷ୍ଣ ପକ୍ଷରେ ଚନ୍ଦ୍ରକଳାର କ୍ରମିକ କ୍ଷୟ—5. The gradual waning of the moon during the dark lunar fortnight.

ହ୍ରାସନ—ସଂ. ବ—(ହ୍ରସ୍ ଧାତୁ; ଣିଚ ହ୍ରାସି ଧାତୁ+ଭାବ ଅନ)—
Hrāsana କମାଇବା—Lessening.

ହ୍ରାସ ପାଇବା (ହେବା, ଲଭିବା)—ଦେ. କ୍ରି—ଅଳ୍ପ ହେବା; କମିଯିବା
Hrāsa pāibā (hebā; labhibā) —To wane; to diminish.
হ্রাসহওয়া ह्रासहोना

ହ୍ରାସ ପ୍ରାପ୍ତ—ସଂ ବଣ (୨ୟା ତତ୍)—୧ । କ୍ଷୟିତ—1. Decayed.
Hrāsa prāpta ୨ । ଅଳ୍ପୀଭୂତ—2. Diminished; waned.

ହ୍ରାସ ବୃଦ୍ଧି—ସଂ. ବ (ବିପରୀତ ସହଚର)—୧ । କମିବା ଓ ବଢ଼ିବା—
Hrāsa bruddh 1. Waxing and waning. ୨ । କ୍ଷୟ ଓ ବର୍ଦ୍ଧନ—2. Diminishing and increasing.

ହ୍ରୀଣୀୟା—ସଂ ବ (ହ୍ରୀ=ଲଜ୍ଜାରୁ ହ୍ରୀଣି ନାମ ଧାତୁ=ଲଜ୍ଜିତ ହେବା
Hriniyā +ଭାବ ଯ+ଅ+ଆ)—୧ । ଲଜ୍ଜା (ଭରତ)—1. Shame; modesty. ୨ । ଘୃଣା (ଭରତ)—2. Aversion; hatred; contempt.

ହ୍ରୀତ—ସଂ. ବଣ.ପୁଂ (ହ୍ରୀ ଧାତୁ+କର୍ତ୍ତୃ ତ; କପାଳନ)—୧ । ଲଜ୍ଜିତ
Hrita (ଶବ୍ଦକଳ୍ପଦ୍ରୁମ)—1. Ashamed. ୨ ।
(ହ୍ରୀତା—ସ୍ତ୍ରୀ) (ହୃ ଧାତୁ+କର୍ମ ତ) ବିଭକ୍ତ (ଶବ୍ଦକଳ୍ପଦ୍ରୁମ)—2. Devided. ୩ । ନୀତ (ଶବ୍ଦକଳ୍ପଦ୍ରୁମ)—3. Taken. ବ—ଅଂଶ—Part; share; portion.

ହୃତି—ସଂ ବ (ହୃ ଧାତୁ+ଭାବ ତି; କପାଳନ)—ହରଣ; ଚୋରି
Hriti (ଶବ୍ଦକଳ୍ପଦ୍ରୁମ)—Stealing.

ହ୍ରୀବେର—ସଂ. ବ—ହ୍ରୀବେର (ଭରତ; ଶବ୍ଦରତ୍ନାବଳୀ) (ଦେଖ)
Hribera Hribera (See)

ହ୍ରୀ (ଧାତୁ) ସଂ—ଲଜ୍ଜିତ ହେବା; ଲାଜ ପାଇବା—
Hri (root) To feel shy.

ହ୍ରୀ—ସଂ ବ. ସ୍ତ୍ରୀ—(ହ୍ରୀ ଧାତୁ+ଭାବ କ୍ୱିପ୍)—୧ । ଲଜ୍ଜା—
Hri 1. Shame; modesty. ୨ । (ନାମ) ଦକ୍ଷ ପ୍ରଜାପତିଙ୍କ କନ୍ୟା ଓ ଧର୍ମଙ୍କ ପତ୍ନୀ (ହ୍ର. ଶ)—2. Name of a daughter of Daksha Prajāpati and wife of Dharma.

ହ୍ରୀଂ (ହ୍ରୂଁ)—ସଂ—ବୀଜମନ୍ତ୍ର ବିଶେଷ—The root of a mystic
Hrin (hrim) formula. (ଦ୍ର—ତନ୍ତ୍ରଶାସ୍ତ୍ର ଅଣାକାର ମତାବଲମ୍ବୀମାନଙ୍କର ୩ ବୀଜମନ୍ତ୍ର ମଧ୍ୟରୁ ଏହା ଗୋଟିଏ; ଏହା ଲଜ୍ଜା ବା ଶକ୍ତିବୀଜ; ଏହା ମଧ୍ୟରେ ବ୍ରହ୍ମା, ଗୁରୁ, କୃଷ୍ଣ ଓ ଜଗନ୍ନାଥଙ୍କ ଧ୍ୟାନ ମନ୍ତ୍ର ।]

ହ୍ରୀକ—ସଂ —ନେଉଳ (ହି. ଶ)—
Hrika Ichneumon.

ହ୍ରୀକା—ସଂ ବ (ହ୍ରୀ ଧାତୁ+ଭାବ. କ+ଅ)—୧ । ଗାସ; ଭୟ—
Hrikā 1. Fright; terror. ୨ । ଲଜ୍ଜା—
2. Shame; modesty.

ହ୍ରୀକୁ—ସଂ ବଣ (ହ୍ରୀ ଧାତୁ+କର୍ତ୍ତୃ କ+ଉ)—୧। ଲଜ୍ଜିତ(ଭିଷଣ ଦବୋଶ)
Hriku 1. Ashamed; ସଲଜ୍ଜ; ଲାଜକୁଳା—
2. Modest; shy; coy. ବ—୧ । ହିଙ୍ଗୁ (ଭଣାଦକୋଷ)—1. Asafaetida. ୨ । ଜତୁ (ଭଣାଦକୋଷ)—2. Lac. ୩ । ତମ୍ବୁ [ଭଣାଦକୋଷ]; ବଙ୍ଗ ଧାତୁ; ଟିଣ; ରଙ୍ଗା—3. Tin (metal) ୪ । ବିଲୁଆ [ହି. ଶ]—4. Cat.

ହ୍ରୀଚ୍ଛ(ଧାତୁ)—ସଂ—ଲଜ୍ଜା କରିବା—
Hrichh (root) To feel modest.

ହ୍ରୀ ଜିତ—ସଂ. ବଣ ପୁଂ—(ଲଜ୍ଜା ଜିତ, ହ୍ରୀ+ଜିତ)—୧ । ଲଜ୍ଜିତ—
Hri jita 1. Ashamed. ୨ । ଲଜ୍ଜାଶୀଳ – 2. Modest.
(ହ୍ରୀଜିତା – ସ୍ତ୍ରୀ)

ହ୍ରୀଣ[ତ]—ସଂ ବଣ [ହ୍ରୀ ଧାତୁ+କର୍ତ୍ତୃ ତ]—ଲଜ୍ଜିତ [ଅମର]—
Hrina(ta) Ashamed.

ହ୍ରୀତି—ସଂ ବ [ହ୍ରୀ ଧାତୁ+ଭାବ ତି]—ଲଜ୍ଜା [ହି. ଶ]—
Hriti Modestyis; shame.

ହ୍ରୀବେର[ଲ]—ସଂ ବ [ହ୍ରୀଯୁକ୍ତ=ଲଜ୍ଜିତ+ବେର=ଅଙ୍ଗ; ଲଜ୍ଜାଯୁକ୍ତ
Hribera[la] ବ୍ୟକ୍ତିର ଅଙ୍ଗ ପରି ଅଙ୍ଗ ଯାହାର; ଏହା ପଦ୍ମ ଅନ୍ୟ ସଂ—ବାଳକ, ମଧ୍ୟରେ ଲୁଚି ରହିଥିବାରୁ]—
ବାଳ, ବର୍ହିଷ୍ଠ, ବାଳା ବାଳା ନାମକ ଗନ୍ଧଦ୍ରବ୍ୟ
ଉଦୀଚ୍ୟ, କେଶ, ଅମ୍ବୁ] [ଅମର]; କୁରୁବେଲ; ସୁଗନ୍ଧ
ବାଳା ବାଲା—Pavonia Odorata.
ସୁଗନ୍ଧବାଲା (a scented herb). [ଦ୍ର—ଏହା ଜବାଦ ଅଃ ଅସାରୁକ ବର୍ଗର ବନ୍ୟ ସୁଗନ୍ଧ କ୍ଷୁପ ବିଶେଷ । ଏହାର ଡେ. ବାଛିକେଲ୍ଭ ପତ୍ର କୋମଳ ଓ ସକୋଣ; ଫୁଲ ଅରକ୍ତ, ବାର ମାସ ଫୁଟେ; ଫଳ ପଞ୍ଚକୋଷ, ବନ୍ଧୁ ଗର୍ଭକୋଷର ଅଗ୍ର ୧୦ ଭାଗରେ ବିଭକ୍ତ (ଯୋଗେଶଚନ୍ଦ୍ର) ।
ଏହା ଶୀତବୀର୍ଯ୍ୟ, ରୁକ୍ଷ, ଲଘୁ, ଅଗ୍ନିଦୀପକ, ପାଚକ, ଏବଂ ହୃଲ୍ଲାସ, ଅରୁଚି, ବିସର୍ପ, ହୃଦ୍ରୋଗ, ଆମଦୋଷ ଓ ଅତିସାର ନାଶକ ।]

ହ୍ରୀବେଳ—ସଂ. ବ—ହ୍ରୀବେର (ଦେଖ) (ଦେଖ)
Hribela (ହ୍ରୀବେଲକ—ଅନ୍ୟରୂପ) Hribera (See)

ହ୍ରୀମାନ୍ – ସ.ବଣ.ପୁଂ—(ହ୍ରୀମତ୍ ଶବ୍ଦ; ହ୍ରୀ+ଅସ୍ତ୍ୟର୍ଥରେ ମତ୍ ୧ମା ୧ବ)
Hriman —୧। ଲଜ୍ଜାଶୀଳ—1. Modest. ୨। ଲଜ୍ଜାଯୁକ୍ତ—
(ହ୍ରୀମତୀ—ସ୍ତ୍ରୀ) 2. Ashamed.

ହ୍ରୀ ମୂଢ଼—ସଂ. ବଣ. ପୁଂ—(ଲଜ୍ଜା ଦ୍ୱାରା ମୂଢ଼)—ଲଜ୍ଜା ଯୋଗୁଁ କିଂକର୍ତ୍ତବ୍ୟ-
Hri mūrdha ବିମୂଢ଼ (ହି. ଶ)—Bewildered
(ହ୍ରୀମୂଢ଼ା—ସ୍ତ୍ରୀ; ହ୍ରୀମୂଢ଼ତା—ବ) through shame.

ହ୍ରୁ (ହ୍ରୂଡ଼)(ଧାତୁ)—ସଂ—ଗତିକରିବା—To move.
Hru (hrūrd (root)

ହ୍ରେପ୍ (ଧାତୁ)—ସଂ.—ଗତି କରିବା—
Hrep (root) To move.

ହ୍ରେପିତ—ସଂ. ବଣ—(ହ୍ରୀ ଧାତୁ ଣିଚ, ହ୍ରେପି ଧାତୁ+ତ)—ଲଜ୍ଜା
Hrepita ପ୍ରାପିତ—Put to shame; ashamed.

ହ୍ରେଷ (ଧାତୁ)—ସ—୧ । ଯିବା; ଗତି କରିବା—1.To move.
Hresh (root) ୨। (ଅଶ୍ୱ) ବୋବାଇବା—2. To neigh
(said of a horse).

ହ୍ରେଷା—ସଂ. ବ—(ହ୍ରେଷ୍ ଧାତୁ+ଭାବ ଅ+ଆ)—ଘୋଡ଼ାର
Hreshā ହେଁ ହେଁ ଶବ୍ଦ; ଅଶ୍ୱଧ୍ୱନି—Neighing of a horse.

ହ୍ରେଷିବା—ଦେ. କ୍ରି—(ପଦ୍ୟ) ସ. ହ୍ରେଷା)—(ଘୋଡ଼ା) ହେଁ ହେଁ
Hreshibā ହେବା—To neigh. [ଦ୍ର—ହ୍ରେଷିଲେ
ଚିଁହି ଚିଁହି କରା ତୁରଙ୍ଗେ, ଗଜେ ଗର୍ଜିଲେ ବୈରବେ ।
ରାଧାନାଥ ମହାଯାତ୍ରା ।]

ହ୍ରେ(ହ୍ରୌ)ଡ଼୍ (ଧାତୁ)—ସ - ଗତି କରିବା—
Hre (brau) rd (root) To move (Apte).

ହ୍ଲଗ୍ (ଧାତୁ)—ସଂ—ସଂବରଣ କରିବା—
Hlag (root) To suppress; to give up (Apte).

ହ୍ଲପ୍ (ଧାତୁ)—ସଂ—କହିବା—
Hlap (root) To speak; to talk (Apte)

ହ୍ଲସ୍ (ଧାତୁ)—ସଂ—ଶବ୍ଦ କରିବା—
Hlas (root) To make a sound (Apte).

ହ୍ଲା—ଦେ. ବ—(କଚରଅ ସାଙ୍କେତିକ)—ହାଲ୍—The abbre-
Hlā viation of Hāl, meaning at present.
हाल हाल

ହ୍ଲାଦ୍ (ଧାତୁ)—ସଂ—୧ । ଅମୋଦିତ ହେବା—1 To be over-
Hlād (root) joyed; to be glad. ୨ । ସ୍ୱନ କରିବା—
2. To make a sound. (ଆ ଓ ପ୍ର ଉପସର୍ଗ ସଙ୍ଗେ ଯୁକ୍ତ ହୋଇ ଏ ଧାତୁରୁ ପଦ ନିଷ୍ପନ୍ନ ହୁଏ;—ଯଥା, ଆହ୍ଲାଦ ପ୍ରହ୍ଲାଦ) ।

ହ୍ଲାଦ—ସଂ. ବ—(ହ୍ଲାଦ୍ ଧାତୁ+ଭାବ ଅ)—୧ । ଆହ୍ଲାଦ; ଆନନ୍ଦ,
Hlāda ପ୍ରମୋଦ—1. Joy; delight. ୨ । (ନାମ) ହିରଣ୍ୟ କଶିପୁଙ୍କର ଏକ ପୁତ୍ର (ହି. ଶ)—Name of a son of Hiranya Kasipu.

ହ୍ଲାଦକ—ସଂ. ବଣ. ପୁଂ—(ହ୍ଲାଦ୍ ଧାତୁ+କର୍ତ୍ତୃ ଅକ)—ଆନନ୍ଦଜନକ
Hlādaka Delightful.
(ହ୍ଲାଦକା—ସ୍ତ୍ରୀ)

ହ୍ଲାଦନ—ସଂ. ବି—(ହ୍ଲାଦ୍ ଧାତୁ+ଭାବ ଅନ)—୧ । ଆନନ୍ଦ; ଆହ୍ଲାଦ—1. Joy delyght. ୨ । (ହ୍ଲାଦ ଣିଚ୍ ହ୍ଲାଦ ଧାତୁ+ଅନ) ଆହ୍ଲାଦ ଜନ୍ମାଇବା—2. Delighting; pleasing.
Hlādana

ହ୍ଲାଦିତ—ସଂ. ବି—(ହ୍ଲାଦ୍ ଧାତୁ+କର୍ମ ତ)—ଆହ୍ଲାଦିତ—
Hlādita Delighted.
(ହ୍ଲାଦିତା—ସ୍ତ୍ରୀ)

ହ୍ଲାଦିନୀ—ସଂ. ବି—ସ୍ତ୍ରୀ—(ହ୍ଲାଦନ୍+ଈ)—୧ । ବିଦ୍ୟୁତ୍—1. Lightning. ୨ । ବଜ୍ର—2. Thunder. ୩ । ନଦୀ ବିଶେଷ—3. Name of a river. ୪ । ଭଗବାନ୍ଙ୍କ ଶକ୍ତିବିଶେଷ—4. The Divine Spark inside the body. [ଦ୍ର—ଏହା ମନୁଷ୍ୟର ଦେହାଭ୍ୟନ୍ତରରେ ଥାଏ ଓ ଯୋଗ ସାଧନ ଦ୍ୱାରା ଏହାକୁ ଜାଗ୍ରତ କରିପାଏ (ତନ୍ତ୍ର)]
Hlādinī
(ଅନ୍ୟରୂପ—ହ୍ରାଦିନୀ)

ହ୍ଲାଦୀ—ସଂ. ବଣ ପୁଂ—(ହ୍ଲାଦନ୍ ଶବ୍ଦ; ହ୍ଲାଦ୍ ଧାତୁ+କର୍ତ୍ତୃ ଇନ୍)—୧ । ଆହ୍ଲାଦ ଯୁକ୍ତ—1. Delighted; joyous. ୨ । ଆନନ୍ଦଜନକ—2 Producing joy or delight.
Hlādī
(ହ୍ଲାଦିନୀ—ସ୍ତ୍ରୀ)

ହ୍ଲୀକା—ସଂ. ବି—(ହ୍ରୀ ଧାତୁ+ଭାବ କ+ଆ))—ଲଜ୍ଜା (ଶବ୍ଦାର୍ଥ କୌମୁଦୀ)—Shame; modesty.
Hlīkā

ହ୍ଲୀକୁ—ସଂ ବି—ହ୍ରୀକୁ (ଉଣାଦି କୋଷ)—ହ୍ରୀକୁ (ଦେଖ)—
Hlīku Hrīku (See).

ହ୍ଲେଷା—ସଂ. ବି—ହ୍ରେଷା (ଶାଲକଣ୍ଠ)—Neighing of a horse.
Hleshā [ଦ୍ର—'ହ୍ଲ' ଆଦ୍ୟରେ ଥିବା ଶବ୍ଦମାନଙ୍କ ପାଇଁ 'ହ୍ର' ଆଦ୍ୟରେ ଥିବା ଶବ୍ଦମାନଙ୍କ ପରେ ଦେଖନ୍ତୁ ।]

କ୍ଷ

'କ୍ଷ' ବର୍ଣ୍ଣ କ ବର୍ଣ୍ଣର ଗୋଟିଏ ଯୁକ୍ତାକ୍ଷର (କ+ଷ) ଅଟେ । ଏହି ଦୃଷ୍ଟିରେ କ୍ଷ ଅକ୍ଷରାଦ୍ୟ ଶବ୍ଦମାନ ଏହି ଭାଷାକୋଷର ବର୍ଣ୍ଣମାଳାକ୍ରମରେ କ ଅକ୍ଷରାଦ୍ୟ ଶବ୍ଦମାନଙ୍କ ପରେ ସନ୍ନିବେଶିତ ହୋଇଅଛି । କ୍ଷ ବର୍ଣ୍ଣାଦ୍ୟ ଶବ୍ଦମାନ ଭାଷାକୋଷ ଦ୍ୱିତୀୟଖଣ୍ଡର ୧୮୭୩ ପୃଷ୍ଠାଠାରୁ ୧୮୮୦ ପୃଷ୍ଠାରେ ସ୍ଥାନ ପାଇଅଛି ।

ସମାପ୍ତ

ଓଁ ତତ୍ସତ୍

ଅସତୋ ମା ସଦ୍ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାମୃତଂ ଗମୟ ।

> ଅନନ୍ତପାରଂ କିଲ ଶବ୍ଦଶାସ୍ତ୍ରଂ, ସ୍ୱଳ୍ପଂ ତଥାୟୁଃ ବହବଶ୍ଚ ବିଘ୍ନାଃ
> ସାରଂ ତତୋ ଗ୍ରାହ୍ୟମପାସ୍ୟ ଫଲ୍ଗୁ, ହଂସୈର୍ଯଥା କ୍ଷୀରମିବାମ୍ବୁମଧ୍ୟାତ୍ ।

ଭାଷାକୋଷ ପାଇଁ ଶବ୍ଦସଂଗ୍ରହାରମ୍ଭ—୧୯୧୩ ମସିହା
ଅକ୍ଷରକ୍ରମରେ ପାଣ୍ଡୁଲିପି ଲେଖା ଆରମ୍ଭ—୧୯୧୯ ମସିହା
ପାଣ୍ଡୁଲିପିର ଲେଖା ସମାପ୍ତ—୧୯୨୬ ମସିହା

ସମ୍ମାର୍ଜନ ଓ ସାଫି ଲେଖା ପରେ ପ୍ରଥମଖଣ୍ଡର ପ୍ରକାଶ ୧୯୩୧ ମସିହ
ଅନ୍ତିମ (ସପ୍ତମ) ଖଣ୍ଡର ପ୍ରକାଶ—୧୯୪୦ ମସିହା

ଭାଷାକୋଷାଶ୍ରମ, ଭାଷାକୋଷ ଲେନ୍, କଟକ ସେପ୍ଟେମ୍ବର ୧୯୪୦ ମସିହା

ସଙ୍କଳକ—ଗୋପାଳଚନ୍ଦ୍ର ପ୍ରହରାଜ
ସହକର୍ମିଣୀ—ଶ୍ରୀମତୀ ପୀତାମ୍ବରୀ ଦେବୀ

Printed by P. Kar at the U. S. Press, Cuttack—31-8-1940—1256.